# A
# COMPREHENSIVE
# ENGLISH-ORIYA DICTIONARY

J. G. PIKE, GORDON S. WILKINS

**1916**

# ଇଂରାଜୀ-ଓଡ଼ିଆ ଅଭିଧାନ

ଜେ· ଜି· ପାଇକ୍,
ଗର୍ଡନ ଏସ୍· ୱିଲ୍କିନ୍ସ୍

**୧୯୧୬**

Electronic version 2009
developed by
**Srujanika**
Jagamara, PO: Khandagiri, Bhubaneswar 751030,
email: srujanika@gmail.com
Copyright © 2009, Srujanika.

ଇଲେକ୍ଟ୍ରନିକ ସଂସ୍କରଣ (୨୦୦୯) ପ୍ରସ୍ତୁତି
**ସୃଜନିକା**, ଜାଗମରା, ଡାକ: ଖଣ୍ଡଗିରି, ଭୁବନେଶ୍ୱର ୭୫୧୦୩୦
(ସ୍ୱତ୍ୱ: ୨୦୦୯ ସୃଜନିକା - କ୍ରିଏଟିଭ କମନ୍ସ୍ ଜି.ପି.ଏଲ୍. ମୁକ୍ତ ସଫ୍ଟୱେର ଲାଇସେନ୍ସ୍ ଜରିଆରେ ବିତରିତ )

This program is **free software**; you can redistribute it and/or modify it **with due acknowledgement to the developers** under the terms of the GNU General Public License as published by the Free Software Foundation (*http://www.gnu.org/*).

This program is distributed in the hope that it will be useful, but WITHOUT ANY WARRANTY; without even the implied warranty of MERCHANTABILITY or FITNESS FOR A PARTICULAR PURPOSE.

See the GNU General Public License for more details.

>>ସୂଚୀ ଓ ବ୍ୟବହାର ପାଇଁ ସୂଚନା ପର ପୃଷ୍ଠାରେ >>

# ବ୍ୟବହାର ପାଇଁ ସଂକ୍ଷିପ୍ତ ସୂଚନା

ତଳେ ଥିବା ବିଷୟ ଓ ଅକ୍ଷର ସୂଚୀ ଉପରେ ଦର୍ଶିକା (କର୍ସର) ଚଳାଇଲେ କେତେ ଜାଗାରେ ତାହାର ହାତ ରୂପ ( ) ବଦଳି ଆଙ୍ଗୁଠି ରୂପ ( ) ନେବ । ସେହି ଜାଗାରେ ମାଉସ୍‌ର ବାମ ବୋତାମ ଦବାଇଲେ ସେହି ବିଷୟ ଥିବା ପୃଷ୍ଠା ଖୋଲିବ । କୌଣସି ଅକ୍ଷର ଉପରେ ଆଙ୍ଗୁଠି ଦର୍ଶିକା ରଖି ମାଉସ ବାମ ବୋତାମ ଦବାଇଲେ ଆଉ ଗୋଟିଏ ଶବ୍ଦସୂଚୀ ପୃଷ୍ଠା ଖୋଲିବ । ସେଥିରେ ନିର୍ବାଚିତ ଅକ୍ଷରରେ ଆରମ୍ଭ ହେଉଥିବା ଶବ୍ଦଗୁଡ଼ିକ ରହିଥିବ । ପ୍ରତିଟି ଶବ୍ଦଯୋଡ଼ି ହେଉଛି ଅଭିଧାନର ନିର୍ଦ୍ଦିଷ୍ଟ ପୃଷ୍ଠାରେ ଥିବା ଆରମ୍ଭ ଓ ଶେଷ ଶବ୍ଦ, ଯାହା ପୃଷ୍ଠାର ଉପରେ ଦିଆଯାଇଥାଏ । ତେଣୁ ଖୋଜୁଥିବା ଶବ୍ଦକୁ ଯିବାକୁ ହେଲେ ତା'ର ଆଗ ଓ ପରର ଶବ୍ଦଯୋଡ଼ି ଉପରେ ମାଉସ ଚିପିବାକୁ ହେବ ।

ଏହି ସୂଚୀ ପୃଷ୍ଠାଟି ଫାଇଲର ଆରମ୍ଭରେ ରହିଛି, ତେଣୁ ଆକ୍ରୋବାଟ ରିଡରର ନେଭିଗେସନ ବା ପୃଷ୍ଠାଚିହ୍ନ (ବୁକ୍‌ମାର୍କ) ସାହାଯ୍ୟରେ ଏଠାକୁ ସହଜରେ ଫେରିଆସିହେବ ।

**(ଆକ୍ରୋବାଟ ରିଡରର ସାହାଯ୍ୟ ବ୍ୟବସ୍ଥାରୁ ଏସବୁ ବିଷୟରେ ଅଧିକ ଜାଣିହେବ)**

CONTENTS

Preface    Addenda and Corrigenda

ALPHABET INDEX

A B C D E F G H I

J K L M N O P Q R

S T U V W X Y Z

## A


A - Abducent
Abduct - Abomination
Aboriginal - Absolutism
Absolutory - Abysmal
Abyss - Accident
Accidental - Accountant
Accountantship - Acknowledge
Acknowledgement - Acting
Actinic - Additive
Addle - Adjust
Adjustable - Adoration
Adore - Adventuress
Adventurous - Aerometer
Aerometry - Afflictingly
Affiction - Against
Agape - Agonistic
Agonize - Air-jacket
Airless - Algebraist
Algid - Alliaceous
Alliance - Almond-oil
Almond-tree - Aluminium
Aluminous - Ambuscade
Ambush - Amphibiology
Amphitheatre - Anarchist
Anarchy - Anglicize
Angling - Annoyance
Annual - Anteprandial
Anterior - Antiquarian
Antiquary - Apocope
Apocrypha - Appealable
Appear - Apposition
Appraise - Apropos
Apt - Archipelago
Architect - Aristocracy
Aristocrat - Arrear
Arrest - As
Asafetida - Asphyxiate
Asphyxiation - Assimilate
Assimilation - Astragal
Astral - Atrociousness
Atrocity - Attributable
Attribute - Auspicious
Auspiciously - Avast
Avatar - Awkwardness
Awl - Azure


## B


B - Backhand
Backing - Backhouse
Baker - Banderole
Bandicoot - Barbarize
Barbarous - Barren
Barrenness - Bath
Bathe - Beaming
Beam-ends - Beautify
Beauty - Befell
Befit - Belie
Belief - Benefactor
Benefactress - Beslaver
Besmear - Bewilder
Bewilderment - Biform
Bifurcate - Binding
Bindingly - Bivouac
Biweekly - Blandness
Blank - Blend
Bless - Block-system
Block-tin - Blowze
Blowzy - Boarder
Boarding - Boiler

Boiling - Bone
Boned - Booted
Booth - Bottle-nose
Bottle-nosed - Bowery
Bowie-knife - Brag
Braggadocio - Bravery
Bravo - Break-up
Breakwater - Briber
Bribery - Bring
Bringer - Broiler
Broke - Brunnette
Brunt - Buggy
Buggy - Bung-hole
Bungle - Burnisher
Burnt - Button-hole
Button-hook - By-word

C
C - Cache
Cachet - Calendonian
Calefaction - Calvinism
Calvinist - Candy
Cane - Canvass
Canvasser - Captiousness
Captivate - Carelessness
Caress - Carrotry
Carry - Cassia
Cassock - Cat
Catachresis - Cathartic
Cathedral - Cavernous
Caviare - Centenarian
Centenary - Cetacea
Cetaceous - Chance
Chancel - Chare
Charge - Chasteness
Chastisable - Chequer
Chequered - Chilliness
Chilling - Choke
Chokebore - Chronologer
Chronologic - Cinque-foil
Cipher - Circumvallation
Circumvent - Clamp
Clan - Clean-handed
Clean-limbed - Click
Client - Closet
Close-time - Coach
Coach-box - Cockerel
Cocket - Cognition
Cognitive - Collation
Collator - Colporteur
Colt - Comfort
Comfortable - Commissioner
Commissure - Commutation
Commutative - Complacence
Complacent - Compounder
Comprehend - Conception
Concern - Condemn
Condemnable - Confer
Conference - Conformation
Conformist - Conically
Conifer - Conscription
Consecrate - Consignment
Consist - Constitutionalism
Constitutionally - Contain
Containable - Continuative
Continue - Contributive
Contributor - Converse
Conversely - Coolly
Coolness - Coquette
Coquettish - Cornet

Cornetcy - Correctness
Corrector - Coruscation
Corvette - Cough
Could - Counterplot
Counterpoise - Court-yard
Cousin - Crack-brained
Cracked - Craven
Craving - Cremator
Crematory - Crinkle
Cripple - Cross
Cross-action - Crucify
Crude - Cryptographic
Cryptography - Cult
Cultivable - Curer
Curfew - Customariness
Customary - Czarina

D
D - Damning
Damp - Dash
Dashing - Deadliness
Dead-lock - Debatable
Debate - Dechristianize
Decidable - Decompound
Deconcentrate - Deep-laid
Deeply - Deficiency
Deficient - Degrading
Degradingly - Delightfulness
Delimit - Demobilise
Democracy - Denial
Denizen - Dependence
Dependency - Depressive
Depressor - Descriptive
Descriptively - Desperado
Desperate - Detail
Detailed - Detruncation
Detrusion - Devourer
Devout - Diamond
Dianoetic - Different
Differentia - Dilapidate
Dilapiated - Diocesan
Diocese - Disadvantageously
Disaffect - Discal
Discard - Discordance
Discordant - Discuss
Discussable - Disgorgement
Disgrace - Dislocate
Dislocation - Dispensation
Dispensatory - Disqualify
Disquiet - Dissipated
Dissipation - Distinctly
Distinctness - Ditch
Ditcher - Divisibly
Division - Doctrine
Document - Dolour
Dolphin - Dotage
Dotard - Down
Down - Drake
Dram - Dreaminess
Dreamland - Drink
Drinkable - Drug
Drugget - Dulcify
Dulcimer - Dusk
Duskily - Dysuria

E
E - Ear
Ear - Eat
Eatable - Edentate
Edge - Effervescent

Effete - Eighteen
Eighteen-mo - Elector
Electoral - Elfin
Elfish - Embankment
Embargo - Embroider
Embroidery - Empire
Empiric - Encaustic
Encave - Endearment
Endeavour - Engaging
Engagingly - Ennoblement
(Ennur) - Enterprise
Enterprising - Envelop
Envelope - Episcopalian
Episcopalianism - Equiponderance
Equiponderant - Erubescence
Erubescent - Estate
Esteem - Eurasian
Eureka - Evident
Evidential - Excellent
Excellently - Excruciate
Excruciating - Exfoliate
Exfoliation - Expansile
Expansion - Expiry
Explain - Expressible
Expression - Extinction
Extinguish - Exude
Exulcerate - Eyry

F
F - Face
Faced - Fadelessly
Fading - Faithful
Faithfully - Falter
Faltering - Farewell
Far-fetched - Fatally
Fate - Fay
Fealty - Feed-pipe
Feed-pump - Femininely
Femininity - Fescue
Festal - Fiction
Fictitious - Fight
Fighter - Filth
Filthily - Finis
Finish - Fish
Fish-carver - Flag
Flag - Flatten
Flatter - Flesh-fly
Flesh-hook - Flock
Flock - Flower
Floweret - Fly-catcher
Fly-fishing - Following
Folly - For
Forage - Foreclosure
Foredate - Forethought
Foretoken - Formerly
Formidable - Fossil
Fossiliferous - Fox-earth
Foxglove - Freak
Freakish - Frequency
Frequent - Frigidity
Frigidly - Frostiness
Frosting - Fugitively
Fugitiveness - Functionary
Fund - Fusil
Fusileer - Fuzz

G
G - Galeated
Galipot - Gammon

Gamut - Gascous
Gas-fitter - Geese
Gelatinate - Genius
Genteel - Gesture
Get - Gimcrack
Gimlet - Glance
Glancingly - Glomerate
Glomeration - Gnaw
Gneiss - Godship
Godson - Goose-flesh
Goose-quill - Grace
Graceful - Grandam
Grand-aunt - Grasp
Graspable - Grazing
Grease - Grief
Grievance - Groan
Groat - Groveller
Grovelling - Guest
Guffaw - Gun-metal
Gunner - Gyve

H

H - Habit
Habitable - Halbert
Halcyon - Hamper
Hamper - Handkerchief
Handle - Harbour
Harbourage - Harmony
Harness - Haunted
Hautboy - Headland
Headless - Heartily
Heartiness - Hedger
Hedge-school - Hellenize
Hell-fire - Herd
Herdsman - Hesitation
Hesperian - High
High-born - Hip
Hip-joint - Hock
Hock - Holly
Hollyhock - Hone
Honest - Hopeless
Hopelessly - Horse-race
Horse-radish - House
House-breaker - Huge
Hugely - Humorously
Homorousness - Hush
Hush-money - Hymnology
Hyperbole - Hysterically

I

I - Ice-house
Icelander - Igneous
Ignis-fatuus - Illuminant
Illuminate - Immaterialism
Immaterialist - Immunity
Immure - Impenetrably
Impenitence - Impingent
Impious - Impossible
Impost - Impromptu
Improper - Inaccessibly
Inaccuracy - Incapability
Incapable - Incognizable
Incognizance - Inconstantly
Incontestable - Inculcate
Inculcation - Indemnity
Indent - Indignantly
Indignation - Inductile
Induction - Inequable
Inequality - Infamy
Infancy - Infirmary

Infirmity - Infrequent
Infrequently - Inhibitory
Inhospitable - Inner
Innervate - Inquisitive
Inquisitively - Insignificant
Insignificantly - Instalment
Instance - Insult
Insulting - Intemperant
Intemperate - Intercommunicate
Intercommunicable - Interlocutory
Interlope - Interrogatively
Interrogatory - Intransitively
Intransmissible - Invalidate
Invalidity - Inviolate
Inviolately - Iris
Irish - Irregularly
Irrelevancy - Isinglass
Islam - Ivy

J
J - Jackass
Jack-boot - Jejunely
Jejuneness - Job-master
Jockey - Joust
Jovial - Juice
Juiceless - Justificative
Justifier - Juxtaposition

K
K - Keep
Keeper - Kill
Killing - Kit
Kitchen - Knock
Knocker - Kumiss

L
L - Lacerable
Lacerate - Lama
Lamb - Landmark
Land-measure - Lardy
Large - Latimist
Latinize - Lavishness
Law - Lazaretto
Lazily - Learn
Learned - Left-off
Leg - Lender
Length - Letter-stamp
Letter-writer - Libeller
Libellous - Lie
Lief - Light-footed
Light-handed - Limn
Limner - Lion
Lioness - Lithoglyph
Lithoglyphics - Loamy
Loan - Lodge
Lodger - Longsighted
Long-spun - Lose
Loser - Lowland
Lowliness - Lumber
Lumber-room - Luxuriantly
Luxuriate - Lyssa

M
M - Mackerel
Mackintosh - Magnifier
Magnify - Majority
Make - Malison
Mall - Manhole
Manhood - Mantis

Mantle - Mare's tail
Margarine - Marksmanship
Markswoman - Marsupium
Mart - Mason-work
Masoolah-boat - Mat
Matador - Matron
Matronliness - Me
Mead - Meddler
Meddlesome - Meet
Meeting - Memorable
Memorably - Menthal
Mention - Meringue
Merino - Metabolism
Metacarpal - Meteor
Meteoric - Mezzatint
Miasma - Mightily
Mightiness - Millet
Mill-horse - Mineralisation
Mineralise - Minus
Minute - Miscellaneous
Miscellany - Miserere
Misericarde - Mispronunciation
Mispunctuate - Mistake
Mistaken - Mnemonic
Mnemonics - Modernist
Modernly - Molecule
Molehill - Money-changer
Moneyed - Monosyllabic
Monosyllable - Mope
Mopish - Mortgagee
Mortice - Motion
Motional - Mourn
Mourner - Muddiness
Muddle - Mumpish
Mumps - Muster
Mustiness - Myxoma

N
N - Narrow
Narrow-gauge - Nautilus
Naval - Nectary
Neddy - Neighbouring
Neighbourliness - Net
Nether - Nick
Nickel - Nisi
Nisi prins - Nog
Nogging - Noology
Noon - Notation
Notch - Noxius
Noxiously - Nutrimental
Nutrition - Nyula

O
O - Objective
Objectively - Obtrusively
Obtuse - Octonocular
Octopetalous - Officer
Official - Omittance
Omnibus - Open-handed
Open-handedness - Oppose
Opposer - Orator
Oratorial - Organ
Organ-builder - Orthophony
Ortive - Outdo
Outdoor - Ovary
Ova - Oversight
Oversleep - Ozone

P
P - Pack

Package - Painfully
Painfulness - Palladium
Pall-bearer - Pancratium
Panda - Pantaloonery
Pantatrophy - Par
Para - Paranymph
Parapet - Parergon
Paresis - Parricide
Parrot - Particularism
Parting - Pass
Passable - Paste
Paste-board - Paternity
Paternoster - Patten
Patter - Pay
Pay - Pear
Pea-rifle - Pectoral
Peculate - Peel
Peel - Pellet
Pellicle - Penetration
Penetrative - Pentameter
Pentangular - Perceptivity
Perch - Perfunctoriness
Perfunctory - Permeate
Permeation - Person
Personable - Peruvian
Pervade - Petrine
Petrogeny - Pheasant
Pheasantry - Phonograph
Phonographer - Physicist
Physics - Piece
Piece-goods - Pilfering
Pilgrim - Pinchingly
Pindaric - Pistil
Pistillaceous - Place
Placeless - Plantable
Plantain - Play
Play-actor - Plenitude
Plenteous - Plum-pudding
Plunder - Poet-laureate
Poetry - Police
Policeman - Polycracy
Polyergic - Pontage
Pontiff - Porcine
Porcupine - Posit
Position - Post-mortem
Post-natal - Pound
Pound - Prairie
Praise - Prechristian
Precinct - Predilection
Predilect - Premeditatedly
premeditation - Presence
Present - Pretended
Pretendedly - Prim
Primacy - Print
Printer - Probate
Probation - Prodigious
Prodigiously - Progeniture
Progeny - Promissory-note
Promontory - Propinquity
Propitiable - Prosperous
Prosperously - Providentially
Province - Pubes
Pubescence - Pullet
Pulley - Pup
Pupa - Purpose
Purposeful - Put
Putage - Pyx

Q
Q - Quarrel
Quarrel - Quest
Question - Quinquangular
Quinquefoliate - Quotient

R
R - Race
Race - Ragged
Raggedness - Rampart
Rampick - Rarefy
Rarely - Rave
Ravel - Readymade
Ready-money - Reast
Reasty - Reciprocally
Reciprocate - Reconcilement
Reconciliatory - Recuperation
Recuperative - Reduce
Reducible - Reflectible
Reflecting - Regal
Regal - Regular
Regularity - Relent
Relenting - Remind
Reminder - Rent-roll
Renunciation - Repository
Repossess - Reputedly
Request - Resolve
Resolved - Resultant
Resumable - Return
Returnable - Revolt
Revolting - Ricketiness
Rickety - Rind
Rinderpest - Roam
Roamer - Roman Catholic
Romance - Rose-vinegar
Rose-water - Rout
Rout - Ruddy
Rude - Run
Runaway - Ryot

S
S - Sack
Sack - Sail
Sailable - Salubriousness
Salutary - Sanguify
Sanguinarily - Saturnalian
Saturnine - Scandalise
Scandal-monger - Schismatic
Scholar - Scoriae
Scorn - Screw-propeller
screw-steamer - Scurf
Scurfy - Sea-monster
Seamster - Secondly
Second-rate - Seed
Seed-corn - Self-sufficient
Self-will - Sensitive plant
Sensorial - Serge
Sergeant - Settle
Settle - Shako
Shakily - Shedding
sheen - Shin
Shin - Shook
Shoot - Shrewish
Shriek - Sidearms
Sideboard - Silky
Sill - Singular
Singularity - Sketch
Sketchable - Slanderer

Slanderous - Sleight
Sleight-of-hand - Slow-worm
Sludge - Smirch
Smirk - Sneakiness
Sneer - Soar
Sob - Solely
Solemn - Somnolently
Somnolescent - Souled
Soulful - Spare
Sparing - Spectacle
Spectacled - Spidery
Spigot - Splint
Splinter - Sprawl
Spray - Squanderer
Squanderingly - Stagnation
Staid - Stand-point
Standstill - Statics
Station - Steep
Steepen - Steward
Stewardship - Stock
Stock - Store
Storehouse - Stranger
Strangle - Strike
Striker - Stubbornness
Stubby - Style
Stylet - Subscribe
Subscriber - Succumb
Such - Sullen
Sullenly - Superadd
Superannuate - Support
Supportable - Surround
Surrounding - Swath
Swathe - Swing
Swinging - Synecdoche
Synod - Systole

T

T - Tackling
Tact - Tamarisk
Tambour - Tarnish
Tarpaulin - Tea
Teach - Teleologic
Teleology - Tend
Tend - Ternate
Terra - Text
Text-book - Theoretic
Theoretically - Thin
Thine - Thousand
Thousandfold - Throng
Throstle - Thunderer
Thundering - Tie
Tier - Timeless
Timelessly - Titan
Titan - Toilsomely
Toilsomeness - Too-too
Top - Tossing
Toss-up - Town-erier
Townhall - Tragic-comedy
Trail - Transfuser
Transfusible - Transporting
Transposable - Treasure-chest
Treasure-house - Trialism
Triangle - Trinitarianism
Trinity - Troop
Trooper - Trumpery
Trumpet - Tuberculosis
Tuberous - Turf
Turfy - Turtle-dove

Turtle-shell - Twitch
Twitter - Tzarina

U
U - Ulna
Ulster - Unavoidableness
Unavoidably - Unclasp
Unclassable - Under
Underbid - Undistinguished
Undisturbed - Unfit
Unfitness - Uninflammable
Uninformed - Unmanliness
Unmanly - Unqualified
Unquenchable - Unsheathe
Unsheltered - Untried
Untrimmed - Upper
Upper - Utility
Utmost - Uxoriousness

V
V - Valiantness
Valid - Variant
Variation - Vehemently
Vehicle - Ventilate
Ventilation - Verminous
Vermivorous - Vicarious
Vice - Vint
Vintage - Vital
Vitalisation - Voluntary
Voluntaryism - Vying

W
W - Waft
Wag - Wallow
Wall-paper - Warp
Warped - Watch
Watchcase - Waterproofing
Water-ram - Wean
Weapon - Weedy
Week - Well-known
Well-mannered - Whatnot
Whatsoever - Whiff
Whig - White-bear
White-faced - Wicket
Wide - Wimple
Win - Winking
Winner - Withdraw
Withdrawal - Wonder
Wonderful - Word
Wordbook - Worldling
Worldly - Wrangle
Wrangler - Writing-book
Writing-desk - Wyvern

X
X - Xyster

Y
Y - Yak
Yam - Yet
Yew - Yuletide

Z
Z - zenith
Zealite - Zymotic

Addenda and Corrigenda

# A COMPREHENSIVE ENGLISH-ORIYA DICTIONARY

J.G. PIKE
GORDON S. WILKINS

Cuttack,
1916

# PREFACE

The compilation of this dictionary was begun in 1899 by the Rev. J.G. Pike of Cuttack. He was assisted by Babu Samson C. Das, B.A., and the general plan of the work was decided by them. Both these gentlemen are now dead.

The present compiler was appointed to the task in 1906, while at Berhampur, Ganjam. His transfers from Berhampur to Cuttack, Cuttack to Russellkonda, Russellkonda to Berhampur, Berhampur to Padampur, and finally Padampur to Cuttack, will somewhat explain the slow progress of work. The difficulty of obtaining suitable pandits, the exigencies of Missionary life, and the necessity for taking furloughs in England, have all conspired to delay the completion of his task.

Thanks are due to Babus Aram Patra, T.C. Rath, Gangadhara Sahu, Baranidhi Patra and Pandit Ram Krishna Panda for help in the preparation of "copy," and to Dr. Hamlen of Balasore, and Babu Visvanath Kar of Cuttack, who have corrected proofs and made many valuable suggestions.

Mr. Pike originally tried to shew in italics the pronunciation of unusual words, but owing to the lack of italicised type this has not been possible on a very large scale. Where it has been attempted the following signs have been used:

Fāte, fär, fat; mē, met; pīne, pin; nōte, not; tūbe, tub.

Cuttack, March, 1916 GORDON S. WILKINS

# A COMPREHENSIVE

# ENGLISH-ORIYA DICTIONARY

## ABBREVIATIONS.

| | | | |
|---|---|---|---|
| *a.* | *adjective.* | *prep.* | *preposition.* |
| *ad.* | *adverb.* | *pret.* | *preterite.* |
| *conj.* | *conjunction.* | *pro.* | *pronoun.* |
| *interj.* | *interjection* | *refl.* | *reflexive.* |
| *n.* | *noun.* | *s.* | *singular.* |
| *p.* | *participle.* | *v.i.* | *verb intransitive.* |
| *pl.* | *plural.* | *v.t.* | *verb transitive.* |
| *pr.* | *predicative.* | = | *equivalent to.* |



**A,** *n.* ଇଂରାଜୀ ବର୍ଣ୍ଣମାଳାର ପ୍ରଥମ ଅକ୍ଷର । — *indef. art.* or *a.* 1. ଏକ, କୌଣସି; 2. ପ୍ରତ୍ୟେକ, *e.g.*, Re 2 a day = every day.

**Aaronic,** Aaronical, *a.* ହାରୋଣ ନାମକ ଯାଜକସମ୍ବନ୍ଧୀୟ ବା ତାଙ୍କଠାରୁ ଉତ୍ପନ୍ନ ଯାଜକ ବଂଶସମ୍ବନ୍ଧୀୟ ।

**Aback,** *ad.* 1. ପଶ୍ଚାତ୍‌ରେ, ପଛଆଡ଼େ, ପଛରେ; 2. ଅନପେକ୍ଷିତରୂପେ । — to be taken aback, ହଠାତ୍ ହତବୁଦ୍ଧି-ହେ, ଅପ୍ରସ୍ତୁତ-ହେ ।

**Abacus,** *n.* 1. ଗଣନାପଙ୍କ୍ତି ବା ଗଣନାଯନ୍ତ୍ର; 2. ସ୍ତମ୍ଭର [ମଥା ।

**Abaft,** *ad.* or *prep.* (ନାବିକ କଥା) ଜାହାଜର ପଶ୍ଚାଦ୍ଭାଗରେ, ପଛରେ ।

**Abandon,** *v.t.* ସମ୍ପୂର୍ଣ୍ଣରୂପେ ପରିତ୍ୟାଗ-କ, ଛାଡ଼ିବାର । — *refl.* ଅପଣାକୁ ଛାଡ଼ି ଦେବାର ।

**Abandoned,** ଦୁଷ୍ଟ, ପାଷଣ୍ଡ, ଅଧମ ।

**Abandonment,** *n.* 1. ପରିତ୍ୟାଗକରଣ, ସମ୍ପୂର୍ଣ୍ଣ ପରିତ୍ୟାଗ; 2. ତ୍ୟକ୍ତାବସ୍ଥା; 3. ଚିନ୍ତାରହିତ ସ୍ୱଚ୍ଛନ୍ଦତା ।

**Abase,** *v.t.* ନୀଚ-କ, ଅବନତ-କ, ହତାଦର-କ ।

**Abasement,** *n.* ଅବନତି, ନୀଚତା, ମାନହାନି ।

**Abash,** *v.t.* 1. ଅପ୍ରସ୍ତୁତ-କ; 2. ଲଜ୍ଜିତ-କ, ଲଜ୍ଜା-ଦେ ।

**Abashment,** *n.* ଲଜ୍ଜାକରଣ, ଲଜ୍ଜା, ଶରମ୍ ।

**Abate,** *v.t.* 1. ନ୍ୟୂନ-କ, ଊଣା-କ, ହ୍ରାସ-କ, ଉପଶମ-କ; 2. ନିବାରଣ-କ । — *v.i.* 1. ବଳରେ ଊଣା-ହେ, ହ୍ରାସ-ହେ; 2. ଉପଶମ-ହେ ।

**Abatement,** *n.* 1. ହ୍ରାସକରଣ, ହ୍ରାସ; 2. ଟଙ୍କାର କଟା, ବାଦ୍‌ସଂଖ୍ୟା ।

Abattis, abatis, *n.* (ସୈନିକ କଥା) ପଥାବରୋଧାର୍ଥେ କଟା ବୃକ୍ଷରାଶି ।

Abattoir, *n.* (French) *a-ba-twar'*, ସରକାରସ୍ଥାପିତ ପଶୁ ହତ୍ୟାଶାଳା, କସାଇଖାନା ।

Abba, *n.* (Syriac) ବାପ, ପିତା ।

Abbacy, *n.* ମହନ୍ତର ଗୌରବ ଅଧିକାର ଓ କ୍ଷମତା ଆଦି ।

Abbess, *n.* ମଠାଧିକାରିଣୀ ।

Abbey, *n.* ମଠ, ଧର୍ମଶାଳା ।

Abbot, *n.* ମଠାଧ୍ୟକ୍ଷ, ମଠାଧିକାରୀ, ମହନ୍ତ ।

Abbotship, *n.* ମଠାଧ୍ୟକ୍ଷର ପଦ ।

Abbreviate, *v.t.* ସଂକ୍ଷେପ-କ, ହ୍ରସ୍ୱ-କ, ଊଣା-କ ।

Abbreviation, *n.* 1. ସଂକ୍ଷେପକରଣ, ସଂକ୍ଷେପ, ସାରାତ୍ମକ; 2. ସଂକ୍ଷିପ୍ତ ଲେଖାର ଧାରା, as pl. for plural.

Abbreviatory, *a.* ସଂକ୍ଷେପକାରକ ।

Abdicant, *n.* ପଦତ୍ୟାଗକାରୀ ।

Abdicate, *v.t.* ସ୍ୱେଚ୍ଛାରେ ତ୍ୟାଗ-କ, ପରିତ୍ୟାଗ-କ । — *v.i.* ସ୍ୱେଚ୍ଛାରେ ଅଧିକାର ପରିତ୍ୟାଗ-କ, ସ୍ୱେଚ୍ଛାରେ ସିଂହାସନ ତ୍ୟାଗ-କ ।

Abdication, *n.* 1. ସ୍ୱେଚ୍ଛାପୂର୍ବକ ଅଧିକାର ବା ରାଜକୀୟ ପଦ ତ୍ୟାଗକରଣ; 2. ପଦତ୍ୟାଗକରଣ ।

Abdomen, *n.* ତଳିପେଟ ।

Abdominal, *a.* ତଳିପେଟସମ୍ବନ୍ଧୀୟ, ତଳିପେଟ ଉପରିସ୍ଥିତ ।

Abdominous, *a.* ଲମ୍ବୋଦର, ତୁନ୍ଦିଲ, ପେଟୁଆ ।

Abducent, *a.* ଅପକର୍ଷକ, ସଂକୋଚକ, ଯଥା,—ସଂକୋଚକ ମାଂସପେଶୀ ।

Abduct, *v.t.* 1. ଭୁଲାଇ କରି ନେବାର, ଫୁସଲାଇ ନେବାର, ହରଣ-କ, ମନୁଷ୍ୟ ଚୋର-କ ; 2. ସଙ୍କୋଚ-କ (ଯେରୂପ ମାଂସପେଶୀ ସଙ୍କୋଚ କରେ) ।
Abduction, *n.* ହରଣ ।
Abductor, *n.* 1. ଯେ ହରଣ କରେ ; 2. ସଙ୍କୋଚକ ମାଂସପେଶୀ ବିଶେଷ ।
Abeam, *ad.* or *pr. a.* (ନାବିକ କଥା) ଆଡରେ ।
Abecedarian, *n.* ବର୍ଣ୍ଣମାଳାର ଶିକ୍ଷକ ବା ଶିକ୍ଷାକାରୀ ।
Abed, *ad.* or *pr. a.* ଶଯ୍ୟାରେ, ବିଛଣାରେ, ଶଯ୍ୟାଗତ ।
Aberrance, *n.* ବିପଥଗମନ, ଭ୍ରାନ୍ତି ।
Aberrant, *a.* 1. ବିପଥଗାମୀ ; 2. ନିୟମବହିର୍ଭୂତ ।
Aberration, *n.* 1. ବିପଥଗମନ; 2. ମତିଭ୍ରମ; 3. ଆକାଶସ୍ଥ ବସ୍ତୁର ପ୍ରକୃତ ଓ ପରିଲକ୍ଷିତ ଅବସ୍ଥାନ ମଧ୍ୟରେ ପ୍ରଭେଦ ।
Abet, *v.t.* କୁପ୍ରବୃତ୍ତି-ଦେ, ସାହାଯ୍ୟ-କ, ଉତ୍ସାହିତ-କ ।— ଏହି ଶବ୍ଦ ବିଶେଷରୂପେ ମନ୍ଦଭାବରେ ବ୍ୟବହୃତ ହୁଏ ।
Abetment, abettal, *n.* ଅପରାଧର ସାହାଯ୍ୟକରଣ, ସହାୟତା, କୁପ୍ରବୃତ୍ତି ।
Abetter, abettor, *n.* ଯେ ସାହାଯ୍ୟ ବା କୁପ୍ରବୃତ୍ତି ଦିଏ, ସହକାରୀ ।— ଏହି ଶବ୍ଦ ବିଶେଷରୂପେ ମନ୍ଦ ଭାବରେ ବ୍ୟବହୃତ ହୁଏ ।
Abeyance, *n.* 1. ଅନିଷ୍ପତ୍ତି ଅବସ୍ଥା, ସ୍ଥଗିତ ଥିବା ; 2. (ଆଇନାନୁସାରେ) ଅଧିକାରୀ ବା ଧାରକର ଅନୁପସ୍ଥିତି ।
Abhor, *v.t.* ଘୃଣାରେ ହଟିବାର, ଅତି ଘୃଣା-କ, ଘିନ୍‌ଘିନ୍-କ ।
Abhorrence, *n.* ଅତ୍ୟନ୍ତ ଘୃଣା, ଦ୍ୱେଷ ।
Abhorrent, *a.* 1. ଘୃଣାଯୁକ୍ତ, ଘୃଣାକାରୀ ; 2. ଘୃଣ୍ୟ, ବିରୁଦ୍ଧ, ଅସଙ୍ଗତ ।
Abhorrently, *ad.* ଘୃଣାଯୁକ୍ତରୂପେ, ଘୃଣାପୂର୍ବକ ।
Abhorring, *n.* 1. ଅତ୍ୟନ୍ତ ଘୃଣା ; 2. ଘୃଣାସ୍ପଦ
Abide, *v.i.* 1. ବାସ-କ, ପ୍ରବାସ-କ ; 2. ସ୍ଥିତ-କ, ରହିବାର ; 3. ଅଟଳଭାବରେ ରହିବାର ।— *v.t.* 1. ଅପେକ୍ଷା-କ ; 2. ସହ୍ୟ-କ ।—abide by a decision, ସ୍ୱୀକାର-କ । abide by a contract, ପାଳନ-କ । abide one's time, ସୁଯୋଗ ଅପେକ୍ଷା-କ ।
Abiding, *a.* ସ୍ଥାୟୀ ।— *n.* 1. ସ୍ଥାୟିତ୍ୱ ; 2. ସ୍ଥିତି ।
Abidingly, *ad.* ନିତ୍ୟନିତ୍ୟ, ଚିରସ୍ଥାୟୀରୂପେ ।
Abigail, *n.* ଦାସୀ, ପରିଚାରିକା ।— (see I. Sam. XXV : 14, 23, 24.)
Ability, *n.* 1. ପାଟୁତା, ସକ୍ଷମତା, ସାମର୍ଥ୍ୟ ; 2. ଗୁଣ, ଶକ୍ତି, ବଳ, ପରାକ୍ରମ, ନିପୁଣତା, ମାନସିକ ଶକ୍ତି ; 3. ଅଧିକାର ।—to the best of one's ability, ଯଥାସାଧ୍ୟ ।
Abiogenesis, *n.* ନିର୍ଜୀବ ପ୍ରକୃତିରୁ ଜୀବନ୍ତ ପ୍ରକୃତି ଉତ୍ପନ୍ନ ହୋଇପାରେ ଏମନ୍ତ ଏକ ମତବିଶେଷ ।
Abiogenist, *n.* ଯେ ଉପରୋକ୍ତ ମତରେ ବିଶ୍ୱାସ କରେ ।
Abject, *a.* ପରିତ୍ୟକ୍ତ, ନୀଚ, ନିକୃଷ୍ଟ, ଅଧମ, ତୁଚ୍ଛ ।— *n.* ଯେ ଅତି ନୀଚ ଅବସ୍ଥାରେ ଥାଏ ।
Abjection, *n.* ନୀଚାବସ୍ଥା, ନୀଚତା, ମନର କ୍ଷୁଦ୍ରତା, ଅଧମତା, ତୁଚ୍ଛତା ।
Abjectly, *ad.* କୁତ୍ସିତରୂପେ, ଦାସତ୍ୱରୂପେ, ଦାସେ ଚିତରୂପେ, ଅଧମରୂପେ ।
Abjectness, *n.* see Abjection.
Abjuration, *n.* 1. ଶପଥପୂର୍ବକ ତ୍ୟାଗକରଣ ; 2. ଦୃଢ଼ ଅସ୍ୱୀକାର
Abjuratory, *a.* 1. ଶପଥପୂର୍ବକ ତ୍ୟାଗସୂଚକ ; 2. ଦୃଢ଼ ଅସ୍ୱୀକାରସୂଚକ
Abjure, *v.t.* 1. ଶପଥପୂର୍ବକ ତ୍ୟାଗ-କ; 2. ଦୃଢ଼ରୂପେ ଅସ୍ୱୀକାର-କ ; 3. ପୂର୍ବ କଥାର ଅନ୍ୟଥା-କ, ପୂର୍ବ ବୋଧର ଅନ୍ୟଥା-କ ।— *v.i.* ଶପଥପୂର୍ବକ ଚିରକାଳ ନିମନ୍ତେ ରାଜ୍ୟ ତ୍ୟାଗ-କ ।
Ablation, *n.* 1. ସ୍ଥାନାନ୍ତରକରଣ ; 2. ଅସ୍ତ୍ରଚିକିତ୍ସାସମ୍ବନ୍ଧୀୟ ଉପାୟ ଦ୍ୱାରା ଦୂରୀକରଣ ।
Ablative, *n.* ଅପାଦାନ, ପଞ୍ଚମୀ ବିଭକ୍ତି ।—*a.* ବିଯୋଗ ପ୍ରକାଶକ ।
Ablaze, *ad.* or *pr. a.* 1. ଜ୍ୱଳନ୍ତାବସ୍ଥାରେ, ଜ୍ୱଳନ୍ତ, ପ୍ରଜ୍ୱଳିତ ; 2. ଉତ୍ତେଜିତ ।
Able, *a.* 1. ପାରଗ, ସକ୍ଷମ, ସମର୍ଥ, ଯୋଗ୍ୟ ; 2. ଗୁଣବାନ୍, ଧୀଶକ୍ତି ସମ୍ପନ୍ନ, ନିପୁଣ, ଦକ୍ଷ, ଶକ୍ତିମାନ, ପରାକ୍ରମୀ ; 3. କ୍ଷମତାପନ୍ନ ।—to be able, ପାରିବାର, ସମର୍ଥ-ହେ ।
Able-bodied, *a.* ସବଳକାୟ, ସୁସ୍ଥଶରୀର, ବଳବାନ, କର୍ମକ୍ଷମ ।
Abloom, *ad.* or *pr. a.* ପୁଷ୍ପିତ, ଫୁଲଯୁକ୍ତ, ପ୍ରସ୍ଫୁଟିତ [ଫୁଲ୍‌ଲା
Abluent, *a.* ଧୌତକରଣକ୍ଷମ, ପ୍ରକ୍ଷାଳକ, ପରିଷ୍କାରକ
Ablution, *n.* ଧୌତକରଣ, ପ୍ରକ୍ଷାଳନ, ସ୍ନାନ ।
Ably, *ad.* ଯୋଗ୍ୟରୂପେ, ପ୍ରବୀଣତାପୂର୍ବକ ।
Abnegate, *v.t.* ଅସ୍ୱୀକାର-କ, ତ୍ୟାଗ-କ ।
Abnegation, *n.* ଅସ୍ୱୀକାର, ତ୍ୟାଗ ।
Abnormal, *a.* ଅନିୟମିତ, ନିୟମଭ୍ରଷ୍ଟ, ଅଦ୍ଭୁତ, ଅସ୍ୱାଭାବିକ ।
Abnormality, abnormity, *n.* 1. ଅନିୟମିତତା, ବିଶୃଙ୍ଖଳତା, ନିୟମଭ୍ରଷ୍ଟତା ; 2. ବିକୃତି ।
Abnormally, *ad.* 1. ଅନିୟମିତରୂପେ, ବିଶୃଙ୍ଖଳରୂପେ ; 2. ବିକୃତରୂପେ ।
Aboard, *ad.* (ନାବିକ କଥା) 1. ନୌକା ବା ଜାହାଜ ଉପରେ ; 2. ପାଖରେ with *close* or *hard*.
Abode, *n.* 1. ବାସ, ସ୍ଥିତି ; 2. ବାସସ୍ଥାନ, ଘର, ବସା ।
Abolish, *v.t.* ଲୋପ-କ, ନଷ୍ଟ-କ, ନିରର୍ଥକ-କ, ବ୍ୟର୍ଥ-କ, ରହିତ-କ, ରଦ୍-କ, ଅନ୍ୟଥା-କ, ଖଣ୍ଡନ-କ ।
Abolishable, *a.* ଲୋପଯୋଗ୍ୟ, ରହିତକରଣୀୟ ।
Abolition, *n.* 1. ଲୋପକରଣ, ରହିତକରଣ ; 2. ଲୋପ, ଖଣ୍ଡନ, ସର୍ବନାଶ ।
Abolitionist, *n.* ଲୋପକାରୀ, ବିଶେଷରେ ଦାସତ୍ୱପ୍ରଥା ଲୋପକାରୀ ।
Abominable, *a.* ଘୃଣାଯୋଗ୍ୟ, ଘୃଣ୍ୟ, ଘୃଣାର୍ହ, ତୁଚ୍ଛ, ଅଶ୍ରଦ୍ଧେୟ, ନ୍ୟକ୍କାରୋତ୍ପାଦକ ।
Abominableness, *n.* ଘୃଣାର୍ହତା, ଘୃଣ୍ୟତା ।
Abominably, *ad.* ଘୃଣ୍ୟରୂପେ, ଜଘନ୍ୟରୂପେ ।
Abominate, *v.t.* ଅତ୍ୟନ୍ତ ଘୃଣା-କ, ଘୃଣା-ଦ ନ୍ୟକ୍କାର-କ ।
Abomination, *n.* 1. ଘୃଣା, ଦ୍ୱେଷ, ନ୍ୟକ୍କାର; 2. ଘୃଣାସ୍ପଦ, ଘୃଣାର ପାତ୍ର ; 3. ଅଶୁଚିତା ।

Aboriginal *a.* ପ୍ରାଥମିକ, ଆଦିମ, ଅସଲ, ଦେଶଜାତ । —*n.* ଆଦିମ ନିବାସୀ, ଦେଶଜାତ ଗଛ ବା ଜନ୍ତୁ ।

Aborigines, *n. pl.* ଆଦିମନିବାସିମାନେ, ଦେଶର ଅସଲ ନିବାସିମାନେ ।

Abort, *v.i.* 1. ଗର୍ଭପାତ-ହେ ; 2. ପ୍ରାଥମିକ ଓ ଅବିକାଶ ଅବସ୍ଥାରେ ଦେଖାଯିବାର, ବିଫଳ-ହେ ।

Abortion, *n.* 1. ଅକାଳପ୍ରସବ ; 2. ଗର୍ଭପାତ, ଗର୍ଭନାଶ, ପେଟଖସା ; 3. ବିଫଳତା, ନିଷ୍ଫଳତା ।

Abortive, *a.* 1. ଅକାଳଜାତ, ଅକାଳିକ, ଅସାମୟିକ, ଅକାଳପକ୍ୱ; 2. ଭ୍ରୂଣହତ୍ୟାକାରୀ, ଭ୍ରୂଣଘ୍ନ, 3. ନିଷ୍ଫଳ, ବିଫଳ । [2. ନିଷ୍ଫଳରୂପେ ।

Abortively, *ad.* 1. ଅପକ୍ୱରୂପେ, ଅକାଳିକରୂପେ ;

Abortiveness, *n.* 1. ଅକାଳପ୍ରସବାବସ୍ଥା; 2. ଗର୍ଭପାତ ।

Abound, *v.i.* (ଉଛୁଳି ଉଠିବାର) । 1. ଯଥେଷ୍ଟ-ହେ, ପ୍ରଚୁର-ହେ, ବହୁତ-ହେ ; 2. with *in* or *with* ପରିପୂର୍ଣ୍ଣ-ଥା, ଯଥା,—ନଦୀ ମାଛରେ ପରିପୂର୍ଣ୍ଣ ଥାଏ ।

About, *prep.* 1. ଚତୁର୍ଦ୍ଦିଗରେ, ଚାରିଆଡେ ; 2. ନିକଟରେ, ସମୀପରେ; 3. ବିଷୟରେ, ସମ୍ବନ୍ଧରେ; 4. ବ୍ୟାପୃତ; 5. ଉଦ୍ୟତ ; *ad.* 1. ପ୍ରାୟ, ଊଣାଧିକ ; 2. ଏଣେତେଣେ, ଇତସ୍ତତଃ, ଚାରିଆଡେ ; 3. କୌଣସି ଆଡକୁ, ଅନ୍ୟ ଆଡକୁ ; 4. ଚକ୍ରଗତିରୂପେ । —bring about, ଘଟାଇବାର, ନିଷ୍ପନ୍ନ-କ । come about, ଘଟିବାର । go about, endeavour, ଚେଷ୍ଟା-କ । face about, ମୁଖ ଫେରାଇବାର ।

Above, *prep.* 1. ଉପରେ, ଊର୍ଦ୍ଧ୍ୱରେ ; 2. ଶ୍ରେଷ୍ଠ ; 3. ଅଧିକ ; 4. ଅତୀତ ; 5. ଆଗେ, ଅଗ୍ରେ । —*ad.* 1. ଉପରେ; 2. ପୂର୍ବେ, ଯଥା,—ପୂର୍ବୋକ୍ତ ।—above all, 1. ସର୍ବୋପରିସ୍ଥ, ସର୍ବପ୍ରଧାନ, ସର୍ବାଗ୍ରେ, ପ୍ରଥମେ ; 2. ବିଶେଷତଃ, ପ୍ରଧାନତଃ । above board, ପ୍ରବଞ୍ଚନା ଛଳ ଓ ଗୋପନରହିତ, ସରଳରୂପେ, ପ୍ରକାଶରୂପେ । above ground, 1. ଜୀବିତ ; 2. କବର ଅପ୍ରାପ୍ତ, ଅପୋତା । above praise, ଅତ୍ୟନ୍ତ ପ୍ରଶଂସନୀୟ । above suspicion, ନିଷ୍କଳଙ୍କ, ଶଙ୍କାଶୂନ୍ୟ, ନିର୍ମଳ । above his work, ଅହଙ୍କାର ବା ଲଜ୍ଜା ହେତୁ କାର୍ଯ୍ୟ କରିବାକୁ ଅନିଚ୍ଛୁକ ।

Abrade, *v.t.* ଘଷି) କ୍ଷୟ-କ, କ୍ଷୟ କରାଇବାର ।

Abradant, *n.* ଘର୍ଷଣ କରିବା ପଦାର୍ଥ, ଯଥା,—ବାଲି, କାଚ ।

Abranchiate, *a.* (ମାଛ ବିଷୟକ ଶବ୍ଦ) । ଗାଲ୍‌ସି ରହିତ ।

Abrasion, *n.* ଘର୍ଷଣ, କ୍ଷୟ, ଘର୍ଷଣରେ ଚର୍ମ ଛଡିଯିବା ।

Abreast, *ad.* or *pr. a.* ପାଖେ ପାଖେ, ପାର୍ଶ୍ୱାପାର୍ଶ୍ୱି । — keep abreast with, ପଶ୍ଚାତରେ ପଡି ନ ରହିବାର : stand abreast, ସମତୁଲ୍ୟ-ହେ ।

Abridge, *v.t.* ସଂକ୍ଷେପ-କ, ଊଣା-କ, ସାରସଂଗ୍ରହ-କ ।

Abridgement, *n.* 1. ସାରସଂଗ୍ରହ, ସଂକ୍ଷେପ, ଚୁମ୍ବକ ; 2. ସଂକ୍ଷିପ୍ତ ଗ୍ରନ୍ଥ ; 3. କମ୍‌କରଣ ।

Abroach, *ad.* or *pr. a.* 1. ଛିଦ୍ରିତ ଓ ନଳଯୁକ୍ତ, said of casks ; 2. ପ୍ରକାଶିତ, ଚଳନ୍ତି.

Abroad, *ad.* or *pr. a.* 1. ଅବାଧାରେ, ସ୍ୱଚ୍ଛନ୍ଦରେ, ଅବନ୍ଧ ; 2. ବାହାରେ ; 3. ବିଦେଶରେ ; 4. ଚତୁର୍ଦ୍ଦିଗରେ, ବିସ୍ତାରିତରୂପେ । —you are all abroad, ତୁମ୍ଭେ ଏ ବିଷୟରେ ଅଜ୍ଞାନ, ତୁମ୍ଭେ ସମ୍ପୂର୍ଣ୍ଣ ହତବୁଦ୍ଧି ହେଲ । to get abroad, ପ୍ରକାଶ ହୋଇ ପଡିବାର ।

Abrogate, *v.t.* 1. ଅନ୍ୟଥା-କ, ରଦ୍-କ, ରହିତ-କ, ଲୋପ-କ ; 2. ବ୍ୟର୍ଥ-କ ।

Abrogation, *n.* ଅନ୍ୟଥାକରଣ, ରଦ୍, ଲୋପ । [କାରୀ ।

Abrogative, *a.* 1. ଅନ୍ୟଥାକରଣଯୋଗ୍ୟ ; 2. ବ୍ୟର୍ଥ-

Abrupt, *a.* 1. ଭଗ୍ନ, ବିଷମ, ଅସମାନ, ଉଚ୍ଚନୀଚ, ଅବଡାଖାବଡା ; 2. ଅକସ୍ମାତ ; 3. ଅସଭ୍ୟ, ଅଶିଷ୍ଟାଚାରୀ, ଅବ୍ୟବହାରିକ ; 4. ଅସଂଲଗ୍ନ, ଅସଂଯୁକ୍ତ । —abrupt leaf, (ଉଦ୍ଭିଦବିଦ୍ୟାରେ) ଯେଉଁ ପତ୍ର ଭଗ୍ନ ବା କଟା ହେବା ପରି ଦେଖାଯାଏ ।

Abruptly, *ad.* 1. ହଠାତ୍, ଅକସ୍ମାତ୍, ଅନପେକ୍ଷିତରୂପେ ; 2. ଅବ୍ୟବହାରିକରୂପେ ।

Abruptness, *n.* 1. ଉଚ୍ଚନୀଚତ୍ୱ : 2. ଆକସ୍ମିକତା, ତ୍ୱରା, ଦ୍ରୁତତା, କଠିନତ୍ୱ ।

Abscess, *n.* ସ୍ଫୋଟକ, ବୃହଦ୍‌ବ୍ରଣ, ଝରପୂର, ପୂଜପୂରଘା ।

Abscission, *n.* ଛେଦନ, କଟା ।

Abscond, *v.i.* ଆତ୍ମଗୋପନ କରି ପ୍ରସ୍ଥାନ-କ, ଲୋକସମୂହର ଦୃଷ୍ଟିରୁ ଅନ୍ତର୍ଦ୍ଧାନ-ହେ, ଲୁଚି ପଳାଇବାର ।

Absconder, *n.* *see* Abscond, ପଳାତକ ।

Absence, *n.* 1. ଅବର୍ତ୍ତମାନ, ଅନୁପସ୍ଥାନ, ଅନୁପସ୍ଥିତି, ଅସାକ୍ଷାତ ; 2. ଅଭାବ ; 3. ଅମନୋଯୋଗ ।

Absent, *a.* 1. ଅନୁପସ୍ଥିତ; 2. ଦୂର; 3. ଅମନୋଯୋଗୀ ; 4. ଚିନ୍ତାମଗ୍ନ । —*refl. v.* ଅନୁପସ୍ଥିତ-ହେ ।

Absentee, *n.* 1. ଅନୁପସ୍ଥିତ ବ୍ୟକ୍ତି; 2. ଯେ ସ୍ୱଦେଶରେ ବା ସ୍ୱକର୍ମରେ ନ ରହେ ; 3. ଯେ ଭୂମ୍ୟଧିକାରୀ ସ୍ୱଦେଶ ଛାଡି ଦୂରରେ ପ୍ରବାସ କରେ ।

Absenteeism, *n.* *see* Absentee, ଉକ୍ତ ଭୂମ୍ୟଧିକାରୀର ଅବସ୍ଥା ବା ଅଭ୍ୟାସ ।

Absently, *ad.* ଅମନୋଯୋଗପୂର୍ବକ । [ବିଶିଷ୍ଟ ।

Absent-minded, *a.* ଅନ୍ୟମନସ୍କ, ଅମନୋଯୋଗୀ, ବିସ୍ମୃତି-

Absinthe, *n.* (French), ତିକ୍ତତାମୟ ମଦ୍ୟ ବିଶେଷ, ନାଗଦଅଣାରେ ମିଶ୍ରିତ ବରଣ୍ଡି ଶରାବ୍ ।

Absolute, *a.* 1. ସ୍ୱାଧୀନ ; 2. ସମ୍ପୂର୍ଣ୍ଣ, ପୂର୍ଣ୍ଣ; 3. ସ୍ୱୟମ୍ଭୂ ; 4. ଅସୀମ; 5. ନିୟମାତିରିକ୍ତ, ନିୟମବହିର୍ଭୂତ; 6. ନିଶ୍ଚିତ; 7. ସ୍ୱେଚ୍ଛାଚାରୀ, ଯଥେଚ୍ଛାଚାରୀ; 8. ସ୍ୱତନ୍ତ୍ର, ଅବମିଶ୍ର, ସ୍ୱାଧୀନଭାବେ ସ୍ଥିତ ; 9. ଚୂଡାନ୍ତସିଦ୍ଧ ।

Absolutely, *ad.* 1. ନିୟମାତିରିକ୍ତରୂପେ; 2. ସମ୍ପୂର୍ଣ୍ଣରୂପେ; 3. ନିଶ୍ଚୟରୂପେ ; 4. ଚୂଡାନ୍ତରୂପେ ।

Absoluteness, *n.* 1. ସ୍ୱାଧୀନତା ; 2. ସମ୍ପୂର୍ଣ୍ଣତା, 3. କୌଣସି ବାହ୍ୟ କର୍ତ୍ତୃତ୍ୱ ଦ୍ୱାରା ଅବାଧିତ ଅବସ୍ଥା, ନିରଙ୍କୁଶ ପ୍ରଭୁତା; 4. ନିଶ୍ଚୟତା ।

Absolution, *n.* 1. ମୁକ୍ତି, ପାପମୋଚନ, କ୍ଷମା, 2. ଯାଜକ ଦ୍ୱାରା ଉଚ୍ଚାରିତ କ୍ଷମା କଥା ।

Absolutism, *n.* *see* Absoluteness, ସ୍ୱେଚ୍ଛାଧୀନ ସରକାରର ଅବସ୍ଥା ବା ଧାରା ସବୁ ।

Absolutory, *a.* କ୍ଷମାଜନକ, ମୋଚନକାରୀ, ମୁକ୍ତକାରୀ ।
Absolvatory, *a.* ମୁକ୍ତିଦେବାକୁ କ୍ଷମତାପନ୍ନ ବା ଉପଯୁକ୍ତ ।
Absolve, *v.t.* 1. କର୍ତ୍ତବ୍ୟକର୍ମ ନିୟମ ବା କର୍ମର ଦାୟିତ୍ୱରୁ ମୁକ୍ତି-ଦେ ; 2. ଅପରାଧ ବା ଦଣ୍ଡରୁ ମୁକ୍ତି-ଦେ ; 3. ମୁକ୍ତି-ଦେ, ପାପ ମୋଚନ-କ, କ୍ଷମା-କ । [ଅନୈକ୍ୟ ।
Absonant, *a.* ପ୍ରକୃତ ସ୍ୱରର ବିପରୀତ, ସ୍ୱରର ଅମେଳକ,
Adsorb, *v.t.* 1. ଶୋଷିବାର ; 2. ଗ୍ରାସ-କ ; 3. ସୂକ୍ଷ୍ମ ନଳସମୂହ ଦ୍ୱାରା ତରଳ ପଦାର୍ଥ ଶୋଷି ନେବାର, ଚୁଷିବାର ; 4. ସମ୍ପୂର୍ଣ୍ଣରୂପେ ଅବଷ୍ଟ-କ, ବ୍ୟାପୃତ କରାଇବାର ।
Absorbable, *a.* 1. ଶୋଷଣଯୋଗ୍ୟ ; 2. ଗ୍ରାସଯୋଗ୍ୟ ।
Absorbability, *n.* ଶୋଷଣଯୋଗ୍ୟତା ।
Absorbed, *a.* 1. ଶୋଷିତ ; 2. ଗ୍ରାସିତ ; 3. ଚିନ୍ତାମଗ୍ନ, ଧ୍ୟାନମଗ୍ନ ।
Absorbedly, *ad.* ଚିନ୍ତାମଗ୍ନରୂପେ ।
Absorbent, *a.* ଶୋଷକ । — *n.* 1. ଯେ ଶୋଷି ପାରେ, ଶୋଷକ ଦ୍ରବ୍ୟ ; 2. କେଶପରି ସୂକ୍ଷ୍ମ ନଳ ।
Absorption, *n.* 1. ଶୋଷଣ ପ୍ରକ୍ରିୟା, ଗ୍ରାସ ; 2. ଲୟ, ମନର ଏକାଗ୍ରତା, ସମ୍ପୂର୍ଣ୍ଣ ମନୋଯୋଗ ; 3. ଲୀନ, ନିର୍ବାଣ ।
Absorptive, *a.* ଶୋଷଣକ୍ଷମ ।
Absorptivity, *n.* ଶୋଷଣଯୋଗ୍ୟତା, ଶୋଷଣକ୍ଷମତା ।
Abstain, *v.i.* ନିବୃତ୍ତ-ହୁ, ନିରସ୍ତ-ହୁ, ବିରତ-ହୁ, କ୍ଷାନ୍ତ-ହୁ । — abstain from food, ଉପବାସ-କ ।
Abstainer, *n.* ଯେ ନିବୃତ୍ତ ହୁଏ, ଯେ ମଦ୍ୟପାନରୁ ବିରତ ହୁଏ ।
Abstemious, *a.* (ମଦ୍ୟପାନରୁ ବିରତଶୀଳ), ପରିମିତାହାରୀ, ପରିମିତଭୋଗୀ, ଅଳ୍ପଭୋଗୀ ।
Abstemiously, *ad.* ପରିମିତାହାରରୂପେ, ମିତାହାର-ସ୍ୱଭରେ ।
Abstemiousness, *n.* ପରିମିତଭୋଗ ।
Abstention, *n.* ନିବୃତ୍ତକରଣ, ନିବୃତ୍ତି, କ୍ଷାନ୍ତି ।
Absterge, *v.t.* ପୋଛି ସଫାକରିବାର, ପରିଷ୍କାର-କ ।
Abstergent, *a.* ପରିଷ୍କାରକ ଗୁଣବିଶିଷ୍ଟ, ରେଚକ ଗୁଣବିଶିଷ୍ଟ । — *n.* ପରିଷ୍କାରକ ଦ୍ରବ୍ୟ, ମଳନାଶକ ଦ୍ରବ୍ୟ, ରେଚକ ଦ୍ରବ୍ୟ ।
Abstersion, *n.* ପରିଷ୍କାରକରଣ ।
Abstersive, *a.* ପରିଷ୍କାରକ ।
Abstinence, *n.* 1. ନିବୃତ୍ତକରଣ, କ୍ଷାନ୍ତି ; 2. ମଦ୍ୟପାନ ତ୍ୟାଗ, ମଦ୍ୟପାନରୁ ବିରତ, ନିଶା ନିଷେଧନ ; 3. ଉପବାସ ।
Abstinent, *a.* 1. ପରିମିତାହାରୀ ; 2. ନିଶା ନିଷେଧକ ।
Abstinently, *ad.* ପରିମିତାହାରରୂପେ, ମିତାହାର-ସ୍ୱଭରେ ।
Abstract, *v.t.* *ab-strakt'*. 1. ଓଟାରି ନେବାର ; 2. ଭାବନାରେ ପୃଥକ୍-କ, ପୃଥକ୍‌ଭାବେ ବିବେଚନା-କ ; 3. ସଂକ୍ଷେପ-କ, ସାରସଂଗ୍ରହ-କ ; 4. ଅପହରଣ-କ । — *ab'strakt*, *a.* 1. ମନରେସ୍ଥାୟୀ ମାତ୍ର ; 2. ଗୁଣବାଚକ ; 3. ପୃଥକ୍‌ଭାବେ ବିବେଚିତ ; 4. ଅସ୍ପଷ୍ଟ, କଠିନ, ଦୁରୂହ, ସୂକ୍ଷ୍ମ ; 5. ଭାଷାରେ ବା ତର୍କରେ ସାଧାରଣ ; 6. ମାନସିକ କଳ୍ପନାଗତ ଓ ଅସାଧ୍ୟ । — abstract nouns or terms, ଗୁଣବାଚକ ନାମ । — *n.* ସାରସଂଗ୍ରହ, ଚୁମ୍ବକ ।
Abstracted, *a.* ଅନ୍ୟମନସ୍କ, ଅମନୋଯୋଗୀ
Abstractedly, *ad.* 1. ଅମନୋଯୋଗିରୂପେ ; 2. ପୃଥକ୍‌ଭାବେ, ମାନସିକ ଯୋଗ ବା ଧ୍ୟାନରେ ମାତ୍ର ।
Abstractedness, *n.* 1. ଅମନୋଯୋଗିତା ; 2. ମନରେ ସ୍ଥିତ, ପୃଥକ୍ ସ୍ଥିତ, ପୃଥଗବସ୍ଥା ।
Abstraction, *n.* 1. ପୃଥକ୍‌କରଣ ବା ପୃଥଗବସ୍ଥା, ମାନସ ବସ୍ତୁର ପୃଥକ୍ କରଣ, ମାନସିକ ଶକ୍ତି ବା କାର୍ଯ୍ୟ ଯଦ୍ୱାରା ମିଶ୍ରିତ ବୋଧ ବା ବିଷୟମାନ ପୃଥକ୍ ହୁଅନ୍ତି ଓ ପୃଥକ୍‌ଭାବରେ ବିବେଚିତ ହୁଅନ୍ତି, ବିଶ୍ଳେଷଣ ; 2. ବିଶ୍ଳେଷଣ ପ୍ରକ୍ରିୟା ଜାତ ଫଳ, ବୋଧ ; 3. ମନର ଭାବ ମାତ୍ର ; 4. ଅନ୍ୟମନସ୍କତା ; 5. ଅପହରଣ ।
Abstractive, *a.* 1. ବିଶ୍ଳେଷଣସମ୍ବନ୍ଧୀୟ ; 2. ମାନସିକ କାର୍ଯ୍ୟ ଦ୍ୱାରା ପୃଥକ୍‌କରଣକ୍ଷମ ।
Abstractly, *ad.* ପୃଥକ୍‌ଭାବେ, ପୃଥକ୍‌ରୂପେ, ସ୍ୱତନ୍ତ୍ରରୂପେ, ଅମିଶ୍ରିତରୂପେ, ଅନ୍ୟାନ୍ୟ ବୋଧରୁ ଅଲଗା ।
Abstractness, *n.* ମନରେ ସ୍ଥିତ ମାତ୍ର, Abstraction.
Abstruse, *a.* ଅସ୍ପଷ୍ଟ, ଗୂଢ, ଗମ୍ଭୀର, କଠିନ, ଦୁରୂହ, ଅସହଜ, ବୋଧାଗମ୍ୟ । [ରୂପେ ।
Abstrusely, *ad.* ନିଗୂଢରୂପେ, ଗମ୍ଭୀରଭାବେ, ଅସ୍ପଷ୍ଟ-
Abstruseness, *n.* ନିଗୂଢତା, ଅସ୍ପଷ୍ଟତା ।
Absurd, *a.* 1. ବୁଦ୍ଧିବିରୁଦ୍ଧ, ନ୍ୟାୟର ବିପରୀତ, ଯୁକ୍ତିବିରୁଦ୍ଧ ; 2. ଅସମ୍ଭବ, ଅନର୍ଥକ, ଅସଙ୍ଗତ, ଅସାମଞ୍ଜସ୍ୟ, ହାସ୍ୟଜନକ ।
Absurdity, *n.* 1. ବୁଦ୍ଧିବିରୁଦ୍ଧତା, ଅସଙ୍ଗତତା ; 2. ମୂଢତା, ହାସ୍ୟାସ୍ପଦ ।
Absurdly, *ad.* ବୁଦ୍ଧିବିରୁଦ୍ଧଭାବରେ, ଅସଙ୍ଗତରୂପେ ।
Absurdness, *n.* see Absurdity.
Abundance, *n.* ବାହୁଲ୍ୟ, ଅଧିକତା, ପ୍ରାଚୁର୍ଯ୍ୟ ; 2. ସମ୍ପତ୍ତି, ଅର୍ଥ ।
Abundant, *a.* ପ୍ରଚୁର, ବହୁତର, ଯଥେଷ୍ଟ ।
Abundantly, *ad.* ବହୁଳରୂପେ, ପ୍ରଚୁରରୂପେ, ସମ୍ପୂର୍ଣ୍ଣରୂପେ, ଯଥେଷ୍ଟରୂପେ ।
Abuse, *v.t.* *a-buz'*, 1. କୁବ୍ୟବହାର-କ, ବିପରୀତ ବ୍ୟବହାର-କ, ଅପବ୍ୟବହାର-କ, ଅଯଥାପ୍ରୟୋଗ-କ ; 2. ନିର୍ଦ୍ଦୟ ଆଚର-କ ; 3. ଗାଳି-ଦେ, ନିନ୍ଦା-କ ; 4. ଭ୍ରଷ୍ଟ-କ । — *n.* *a-bus'*. 1. କୁବ୍ୟବହାର, ଅସଦ୍‌ବ୍ୟବହାର ; 2. ନିଗ୍ରହ, ନିର୍ଦ୍ଦୟ ଆଚାର ; 3. ଗାଳି, ଗାଳିମନ୍ଦ, କଟୂକ୍ତି ; 4. ଭ୍ରଷ୍ଟକରଣ ; 5. ବ୍ୟର୍ଥକରଣ, ଅପପ୍ରୟୋଗ ; 6. ମନ୍ଦାଚାର, ମନ୍ଦ ରୀତି । [କଟୁବକ୍ତା ।
Abuser, *n.* 1. କୁବ୍ୟବହାରକାରୀ ; 2. ଯେ ଗାଳି ଦିଏ,
Abusive, *a.* 1. ନିନ୍ଦକ, କୁବାକ୍ୟବାଦୀ, ଦୁର୍ମୁଖ, କଟୁବାଦୀ ; 2. ଗାଳିପୂର୍ଣ୍ଣ, କ୍ଷତିଜନକ । [ପୂର୍ବକ ।
Abusively, *ad.* 1. କୁବ୍ୟବହାରପୂର୍ବକ ; 2. ଗାଳି-
Abusiveness, *n.* ନିନ୍ଦକତା, ବାଗ୍‌ଦୁଷ୍ଟତା ।
Abut, *v.i.* 1. ନିକଟବର୍ତ୍ତୀ-ହେ, ସୀମାବର୍ତ୍ତୀ-ହେ ; 2. ଲାଗି ଥିବାର ।
Abutment, *n.* 1. ସରହଦ, ସୀମାବର୍ତ୍ତୀ ବସ୍ତୁ ; 2. ସେତୁ ବା ଖିଲାଣ ଶେଷ ଭାଗର ଦୃଢ ଅବଲମ୍ବ । [ଅଗାଧ ।
Abysmal, *a.* 1. ଅତଳସ୍ପର୍ଶ ଗାତସମ୍ବନ୍ଧୀୟ ; 2. ଗମ୍ଭୀର,

Abyss, *n.* (abysm, poetical) 1. ଅତଳସ୍ପର୍ଶ ଗାତ, ଅତଳସ୍ପର୍ଶ ଜଳାଶୟ, ଗଭୀର ଗାତ; 2. ନରକ; 3. ଯାହା ଅତଳସ୍ପର୍ଶ ଅସୀମ ବା ଅସରନ୍ତ ।

Abyssal, *a.* 1. ଅତଳସ୍ପର୍ଶ ଗାତ ତୁଲ୍ୟ; 2. ସମୁଦ୍ରର ଗଭୀର ସ୍ଥାନସମ୍ପର୍କୀୟ ।

Abyssinian, *a.* ଅବିସିନିୟା ଦେଶ ବା ନିବାସିସମ୍ବନ୍ଧୀୟ ।—*n.* 1. ଅବିସିନିୟା ଦେଶନିବାସୀ; 2. ଅବିସିନିୟା ମଣ୍ଡଳୀସ୍ଥ ସଭ୍ୟ ।

Acacia, *n.* ବବୁର ଗଛ ।

Academic, *a.* 1. ଅଥୀନୀ ନଗରସ୍ଥ ବିଦ୍ୟାଳୟସଂକ୍ରାନ୍ତ; 2. ପ୍ଲେଟୋଙ୍କ ଦାର୍ଶନିକ ମତସମ୍ବନ୍ଧୀୟ; 3. ବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟସମ୍ବନ୍ଧୀୟ ।—*n.* 1. ପ୍ଲେଟୋଙ୍କ ମତଧାରୀ ପଣ୍ଡିତ; 2. ବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟର ଛାତ୍ର ।

Academical, *a.* see Academic. —*n. pl.* ବିଦ୍ୟାଳୟର ଛାତ୍ର ବା କର୍ମଚାରୀର ବିଶେଷ ବସ୍ତ୍ର ।

Academician, *n.* ବିଶ୍ୱବିଦ୍ୟାଳୟ ସଭାର ସଭ୍ୟ ।

Academy, *n.* 1. ଗ୍ରୀସ୍ ଦେଶୀୟ ପଣ୍ଡିତ ପ୍ଲେଟୋଙ୍କ ବିଦ୍ୟାଳୟ; 2. ଉକ୍ତ ପଣ୍ଡିତଙ୍କ ଛାତ୍ରସମୂହ; 3. ବିଦ୍ୟାଳୟ; 4. ବିଦ୍ୱତ୍‌ସଭା ।

Acalephæ, *n. pl. a-ka-le-fe* (ବହୁଅଚ) କୋମଳ ମାଂସମୟ ସାମୁଦ୍ରିକ ଜନ୍ତୁ ଶ୍ରେଣୀର ନାମ । sea-nettles, jelly-fish, etc.

Acantha, *n.* ଯବ ଗଛର ବା ପଶୁର କଣ୍ଟା ।

Acanthaceous, *a.* କଣ୍ଟାମୟ ।

Acanthus, *n.* 1. ବୃକ୍ଷବିଶେଷ; 2. (ଗୃହାଦି ନିର୍ମାଣ ବିଦ୍ୟାରେ) ସ୍ତମ୍ଭର ଅଗ୍ରଭାଗରେ ଥିବା ଉକ୍ତ ବୃକ୍ଷର ପତ୍ରସଦୃଶ ଆଭରଣ ବା ଅଳଙ୍କାର ।

Acarpous, *a.* (ଉଦ୍ଭିଦବିଦ୍ୟାରେ) ଅଫଳନ୍ତ ।

Acarus, acaridan, *n.* କ୍ଷୁଦ୍ର ଶ୍ରେଣୀବଦ୍ଧ କୀଟ, ଲୋମ କୀଟ, ଟିକ ଆଦି ।

Acatalectic, *a.* ସମବୃତ୍ତ, ପାଦସମ୍ପୂର୍ଣ୍ଣ (ଶ୍ଳୋକ)

Acaulous, acaulescent, acaulive, acaulose, *a.* (ଉଦ୍ଭିଦବିଦ୍ୟାରେ) ଡେମ୍ଫ ବା ବୃନ୍ତଶୂନ୍ୟ ।

Accede, *v.i.* 1. ରାଜସିଂହାସନକୁ ଆସିବାର, ବିଶେଷରେ ଯେଉଁରୂପେ ଉତ୍ତରାଧିକାରୀ ଆସେ; 2. ସମ୍ମତ-ହେ, ସ୍ୱୀକାର-କ, ସମ୍ମତି ପ୍ରଦାନ-କ, ମାନିବାର ।

Accelerate, *v.t.* 1. ଶୀଘ୍ର ଗତି-କ, ଗତି ବୃଦ୍ଧି-କ, ତ୍ୱରା-କ; 2. ଅଗ୍ରସର-କ, ଅଗ୍ରଗମନ-କ ।

Acceleration, *n.* ଶୀଘ୍ରଗତିକରଣ, ବେଗବୃଦ୍ଧିକରଣାବସ୍ଥା, ଗତିବୃଦ୍ଧି, ତ୍ୱରାକରଣ । [ବୃଦ୍ଧିକାରୀ ।

Accelerative, accelerating, *a.* ବେଗବର୍ଦ୍ଧକ, ଗତି-

Accelerator, *n.* ବେଗ ବୃଦ୍ଧିକାରୀ ଲୋକ ବା ବିଷୟ ।

Acceleratory, a. ବେଗ ବୃଦ୍ଧିଜନକ ।

Accent, *n. ak'sent* 1. ସ୍ୱରର ଉଚ୍ଚାରଣ, କହିବାର ଢଙ୍ଗ ବା ସ୍ୱର; 2. ଗୁରୁ ଉଚ୍ଚାରଣ; 3. ଉଚ୍ଚାରଣ ଚିହ୍ନ: 4. in pl: ଉଚ୍ଚାରିତ ଭାଷା, ବାକ୍ୟ ।—*v.t. ak-sent'* 1. କହିବା ସମୟରେ ଗୁରୁ ଉଚ୍ଚାରଣ-କ; 2. ଉଚ୍ଚାରଣ ଚିହ୍ନ ଲଗାଇବାର ।

Accentual, *a.* ଗୁରୁ ଉଚ୍ଚାରଣସମ୍ବନ୍ଧୀୟ ।

Accentuate, *v.t.* see Accent.

Accentuation, *n.* 1. ଗୁରୁ ଉଚ୍ଚାରଣ; 2. ଯଥାର୍ଥ ଉଚ୍ଚାରଣଚିହ୍ନଯୁକ୍ତକରଣ; 3. ଉଚ୍ଚାରଣ କରିବା ରୀତି ।

Accept, *v.t.* 1. ନେବାର, ଗ୍ରହଣ-କ, ସୁଗ୍ରାହ୍ୟ-କ; 2. ସମ୍ମତ-କ, ସ୍ୱୀକାର-କ, ମାନିବାର; 3. ସ୍ୱାକ୍ଷର ଦ୍ୱାରା (ହୁଣ୍ଡୀ) ଗ୍ରହଣ-କ । [କର, ମନୋଜ୍ଞ ।

Acceptable, *a.* ଗ୍ରାହ୍ୟ, ରମଣୀୟ, ଆନନ୍ଦଜନକ, ତୁଷ୍ଟି-

Acceptableness, acceptability, *a.* ଗ୍ରହଣଯୋଗ୍ୟତା, ସୁଗ୍ରାହ୍ୟତା, ରମଣୀୟତା ।

Acceptably, *ad.* ଗ୍ରାହ୍ୟରୂପେ, ସନ୍ତୋଷଜନକରୂପେ, ମନୋରମ୍ୟରୂପେ ।

Acceptance, *n.* 1. ଗ୍ରହଣ; 2. ସୁଗ୍ରାହ୍ୟତା; 3. ଟଙ୍କା ଦେବାକୁ ଲିଖିତ ଅଙ୍ଗୀକାର, ହୁଣ୍ଡୀ ।

Acceptancy, *n*, see Acceptance.

Acceptation, *n.* 1. ଗ୍ରହଣ, ସମ୍ମତିପୂର୍ବକ ଗ୍ରହଣ; 2. ବାକ୍ୟର ଚଳିତାର୍ଥ ।

Accepter, acceptor, *n.* ଗ୍ରହଣକର୍ତ୍ତା ।

Access, *n.* 1. ପ୍ରବେଶ; 2. ପ୍ରବେଶର ଉପାୟ; 3. ପ୍ରବେଶାଧିକାର; 4. ବୃଦ୍ଧି, ଯଥା,—ରୋଗର ବୃଦ୍ଧି ।

Accessary, *a.* see Accessory.

Accessibility, *n.* ସୁଗମ୍ୟତା ।

Accessible, *a.* 1. ସୁଗମ, ପ୍ରବେଶଯୋଗ୍ୟ; 2. ଆଳାପୀ ।

Accessibly, *ad.* ପ୍ରବେଶଯୋଗ୍ୟରୂପେ, ଅଭିଗମ୍ୟରୂପେ ।

Accession, *n.* 1. ନିକଟ ଆସିବା, ଆଗମନ; 2. ସମ୍ମତି, ଅଙ୍ଗୀକାର; 3. ବୃଦ୍ଧି; 4. ପଦ ବା ସିଂହାସନାଧିରୋହଣ; 5. (ପୀଡାର) ଆକ୍ରମଣ ବା ଆରମ୍ଭ ।

ccessional, *a.* 1. ଆଗମନସମ୍ବନ୍ଧୀୟ; 2. ପଦ ବା ସିଂହାସନାଧିରୋହଣସମ୍ବନ୍ଧୀୟ; 3. ଅତିରିକ୍ତ ।

Accessorial, *a.* ସହାୟକାରୀସମ୍ବନ୍ଧୀୟ, କୁକର୍ମସହାୟକାରୀସମ୍ବନ୍ଧୀୟ ।

Accessory, *a.* 1. ସହାୟକାରୀ, ସାହାଯ୍ୟକାରୀ, ସହାୟ, ଉପକାରୀ; 2. ଅତିରିକ୍ତ ।—*n.* 1. ସହାୟକାରୀ, କୁକର୍ମରେ ସହାୟକାରୀ; 2. ଉପକାରକ ବିଷୟ, ଉପକରଣ, ଆନୁଷଙ୍ଗିକ ବିଷୟ, ଅଭିପ୍ରାୟବର୍ଦ୍ଧକ ବିଷୟ ।—accessory after the fact, ଅପରାଧ ହେଲା ଉତ୍ତାରେ ଯେ ଜାଣିଶୁଣି ଅପରାଧୀକୁ ସାହାଯ୍ୟ କରେ ବା ଲୁଚାଏ । accessory before the fact, ଅପରାଧ ହେବା ସମୟରେ ଯେ ଉପସ୍ଥିତ ନ ଥିଲେ ସୁଦ୍ଧା ଅପରାଧ କରିବାକୁ ଅନ୍ୟକୁ ପରାମର୍ଶ ବା ଆଜ୍ଞା ଦିଏ ।

Accidence, *n.* ବ୍ୟାକରଣର ପ୍ରଥମାଂଶ, ବିଦ୍ୟାର ଉପକ୍ରମ, ଉପକ୍ରମଣିକା ।

Accident, *n.* 1. ପ୍ରାଣୀର ଯେଉଁ ପ୍ରାକୃତିକ ବା ଅପ୍ରାକୃତିକ ଗୁଣ ପ୍ରାଣୀଠାରୁ ମନ ମଧ୍ୟରେ ପୃଥକ୍ କରି ଯାଇ ପାରେ, ଅପ୍ରାକୃତିକ ଅସହଜ ଗୁଣ, ଅସମବାୟିଗୁଣ: 2. ଅନପେକ୍ଷିତ ବା ଅଜ୍ଞାତ କାରଣରୁ ଜାତ ଘଟଣା, ବିଘଟନ, ଦୁର୍ଘଟଣା, ଅକସ୍ମାତ୍ ଘଟଣା, ଦୈବ ଘଟଣା ।

**Accidental**, *a.* 1. ଆକସ୍ମିକ ଘଟନାସମ୍ବନ୍ଧୀୟ, ଆକସ୍ମିକ, ଅନିଶ୍ଚିତ, ଦୈବ ; 2. ଅପ୍ରାକୃତିକ ଅସହଜ ଗୁଣସମ୍ବନ୍ଧୀୟ । *n.* 1. ଅସହଜ ଗୁଣ ; 2. ଅଦୃଷ୍ଟ ଘଟନା, ଦୈବ ଘଟନା ; 3. ସଙ୍ଗୀତ ବଦ୍ୟାରେ ବ୍ୟବହୃତ ଶବ୍ଦ ।

**Accidentally**, *ad.* 1. ଆକସ୍ମିକଭାବେ, ଅକସ୍ମାତ୍, ଅନିଶ୍ଚିତରୂପେ, ଅଦୃଷ୍ଟଭାବେ : 2. ଅସହଜରୂପେ, ଅପ୍ରାକୃତିକରୂପେ ।

**Accipit**[illegible] ଶ୍ୟେନ ବା ବାଜ ଜାତୀୟ ପକ୍ଷୀ ।

**Acclaim**, *v.*[illegible] 1. ଉଚ୍ଚଧ୍ୱନି କରି ପ୍ରଶଂସା-କ ; 2. ଉଚ୍ଚଧ୍ୱନିରେ ପ୍ରକାଶ-କ, ଅଭିବାଦନ-କ ।—*n.* ଉଚ୍ଚଧ୍ୱନିପୂର୍ବକ ପ୍ରଶଂସା, ଜୟଜୟଧ୍ୱନି ।

**Acclamation**, *n.* ଉଚ୍ଚଧ୍ୱନି, ଲୋକଗହଳର ପ୍ରଶଂସାସୂଚକ ବା ସମ୍ମତିସୂଚକ ଧ୍ୱନି ।

**Acclamatory**, *a.* ସମ୍ମତିସୂଚକ ଧ୍ୱନିସମ୍ବନ୍ଧୀୟ, ପ୍ରଶଂସାଧ୍ୱନି ପ୍ରକାଶକ ।

**Acclimatation, acclimatization**, *n.* ବିଦେଶୀୟ ଜଳ ବାୟୁ ସହିବାରେ ସକ୍ଷମକରଣ ବା ସକ୍ଷମାବସ୍ଥା ।

**Acclimate**, *v.t.* see Acclimatize. [ସକ୍ଷମ-କ ।

**Acclimatize**, *v.t.* ବିଦେଶୀୟ ଜଳ ବାୟୁ ସହିବାରେ

**Acclivity**, *n.* କ୍ରମୋନ୍ନତ ଭୂମି, ଉଠାଣ ପଥ ।

**Acclivous**, *a.* କ୍ରମୋନ୍ନତ ।

**Accommodate**, *v.t.* 1. ଉପଯୋଗୀ-କ, ଅନୁସାରେ ଚଳାଇବାର ; 2. ଯୋଗାଇବାର ; 3. ସାହାଯ୍ୟ-କ, ଆଶ୍ରୟ-ଦେ ; 4. ଅନୁଗ୍ରହରେ ଯୋଗାଇବାର ; 5. ମିତ୍ରଭାବେ ନିଷ୍ପତ୍ତି-କ ।

**Accommodating**, *a.* ସାହାଯ୍ୟ କରିବାକୁ ଇଚ୍ଛୁକ, ପ୍ରଣୟୀ, ସମ୍ମତକାରୀ ।

**Accommodation**, *n.* 1. ଉପଯୋଗିତା, ମିଳନ ; 2. ସାହାଯ୍ୟକରଣ, ପ୍ରୟୋଜନୀୟ ପଦାର୍ଥର ଆୟୋଜନ, ବସା ଘର, ବାସସ୍ଥାନ ; 3. କର୍ଜ ।—accommodation bill, ହୁଣ୍ଡୀ । accommodation ladder, ନୌକାରୁ ଜାହାଜ ଉପରକୁ ଚଢିବା ଓ ଜାହାଜରୁ ତଳକୁ ଓହ୍ଲାଇବା ନିମନ୍ତେ ଜାହାଜର ପାର୍ଶ୍ୱରେ ଥିବା ସାନ ସିଡ଼ି ।

**Accommodative**, *a.* ସାହାଯ୍ୟ କରିବାକୁ ପ୍ରସ୍ତୁତ ।

**Accommodator**, *n.* ସାହାଯ୍ୟକାରୀ ।

**Accompanier**, *n.* ସହଗମନକାରୀ ।

**Accompaniment**, *n.* 1. ସଙ୍ଗେ ଯାହା ଯାଏ, ଶୋଭା ନିମନ୍ତେ ଯାହା ଯୋଗ କରା ଯାଏ, ଉପକରଣ : 2. ସ୍ୱରର ଆନୁଷଙ୍ଗିକ ବାଦ୍ୟ । [ବ୍ୟକ୍ତି ।

**Accompanist**, *n.* ଗାୟକର ସଙ୍ଗେ ସଙ୍ଗେ ବାଦ୍ୟ ବଜାଇବା

**Accompany**, *v.t.* 1. ଏକସଙ୍ଗେ ଯିବାଆସିବାର, ସଙ୍ଗ-କ, ସହଗମନ ବା ପଶ୍ଚାଦ୍ଗମନ-କ, ଅନୁସରଣ-କ ; 2. ସ୍ୱରର ଆନୁଷଙ୍ଗିକ ବାଦ୍ୟ ବଜାଇବାର ।

**Accomplice**, *n.* ସଙ୍ଗୀ ବା ଅଂଶୀ, ବିଶେଷରେ କୁକର୍ମରେ ସହଭାଗୀ, ଅପରାଧର ସହଭାଗୀ, ଅପରାଧସହାୟକ ।

**Accomplish**, *v.t.* 1. ସମ୍ପୂର୍ଣ୍ଣ-କ, ସମାପ୍ତ-କ, ଶେଷ-କ : 2. ସମ୍ପାଦନ-କ, ନିର୍ବାହ-କ : 3. ସିଦ୍ଧ-କ ।

**Accomplishable**, *a.* ସାଧନୀୟ, ସମ୍ପାଦନଯୋଗ୍ୟ ।

**Accomplished**, *a.* ଭଦ୍ର ବା ଶିକ୍ଷିତ ବ୍ୟକ୍ତିର ବିଶେଷ ଗୁଣବିଶିଷ୍ଟ, ଗୁଣବାନ୍, ଗୁଣାଲଙ୍କୃତ, ଶିଷ୍ଟାଚାରୀ ।

**Accomplisher**, *n.* ସମ୍ପାଦକ, ନିର୍ବାହକ, ସିଦ୍ଧକାରକ ।

**Accomplishment**, *n.* 1. ପୂର୍ଣ୍ଣକରଣ, ପୂର୍ଣ୍ଣତା, ସିଦ୍ଧି, ସମାପ୍ତି ; 2. ଭଦ୍ର ବା ଶିକ୍ଷିତ ବ୍ୟକ୍ତିର ବିଶେଷ ଗୁଣ ।

**Accompt**, *n.* see Account.

**Accord**, *n*, 1. ଐକ୍ୟମତ, ମେଳ, ଏକତା, ଐକ୍ୟ ; 2. ସ୍ୱେଚ୍ଛାକୃତ ପ୍ରବୃତ୍ତି ବା କାର୍ଯ୍ୟ, in such phrases as of my—of his—of its—of their own accord; 3. ମୀମାଂସା ।—*v.t.* (ଐକ୍ୟ କରାଇବାର) ଦେବାର, ପ୍ରଦାନ-କ ; 2. ମୀମାଂସା-କ ।—*v.i.* ସମ୍ମତ-ହେ, ଐକ୍ୟମତ-ହେ, ଏକଚିତ୍ତ-ହେ, ସଙ୍ଗତ-ହେ ।

**Accordance**, *n.* ଐକ୍ୟ, ମେଳ ।

**Accordant**, *a.* ଏକତା ପରିଚାୟକ, ଏକତାସୂଚକ, ସୁମେଳ, ତୁଲ୍ୟ, ଅନୁରୂପ, ସଦୃଶ ।

**Accordantly**, *ad.* ଏକତାସୂଚକରୂପେ, ସୁମେଳରୂପେ ।

**According**, *ad.* or *p.a.* ତଦ୍ରୂପ, ଅନୁରୂପ, ଅନୁଯାୟୀ, ଅନୁସାରେ ।—according as, ଯେ ପରିମାଣେ, ତୁଲ୍ୟରୂପେ । according to, ଅନୁସାରେ, ମୁତାବକ୍ ।

**Accordingly**, *ad.* ଅନୁସାରେ, ତଦ୍ରୂପେ, ତେମନ୍ତ, ତେଣୁକରି, ଫଳତଃ ।

**Accordion**, *n.* ବାଦ୍ୟଯନ୍ତ୍ର ବିଶେଷ ।

**Accost**, *v.t.* ସମ୍ଭାଷଣ-କ, ସମ୍ବୋଧନ-କ ।

**Accouchement**, *n.* ପ୍ରସବକରଣ ।

**Accoucheur**, *n.* (French) ଧାତ୍ରୀ ସାହାଯ୍ୟକାରୀ ପୁରୁଷ ।—accoucheuse, ଧାଈ ।

**Account**, *n.* 1. ଗଣନା, ହିସାବ ; 2. ଜମାଖର୍ଚ୍ଚବହି । 3. ସଂଖ୍ୟା ; 4. ବିବରଣ, ବ୍ୟାଖ୍ୟା, ବୃତ୍ତାନ୍ତ ; 5. ମୂଲ୍ୟ, ଗୁରୁତ୍ୱ ; 6. ନିମିତ୍ତ, ପକ୍ଷ ; 7. ଅଭିପ୍ରାୟ, ହେତୁ, କାରଣ; 8. ହିସାବ ଦେବା ସମୟ ; 9. ଅବଧାନ, ମନୋଯୋଗ ।—*v.t.* ଗଣନା-କ, ବିଚାର-କ, ବିବେଚନା-କ, ବୋଧ-କ, ଜ୍ଞାନ-କ ।—*v.i.* 1. ହିସାବ-ଦେ ; 2. ହେତୁ ବା କାରଣ-ଦେ ।—account for, ବୁଝାଇବାର ବା କାରଣ ଦର୍ଶାଇବାର । account current, ଚଳନ୍ତି ହିସାବ । call to account, ଦୋଷ ଖଣ୍ଡନ କରିବା ନିମନ୍ତେ ଡାକିବାର, କୈଫିୟତ ମାଗିବାର । on one's own account, ନିଜ ଦାୟିତ୍ୱରେ । send one to one's account, ବଧ-କ । take an account of, ତାଲିକା ପ୍ରସ୍ତୁତ-କ । to make account of, hold in esteem, ଗଣ୍ୟ-କ, ଶ୍ରେଷ୍ଠ ଜ୍ଞାନ-କ, ମାନ୍ୟ-କ, ବହୁମୂଲ୍ୟ ଜ୍ଞାନ-କ । to make no account of, ହେୟଜ୍ଞାନ-କ ; turn to account, କାର୍ଯ୍ୟରେ ଲଗାଇବାର ।

**Accountability, accountableness** *n.* ଦାୟିତ୍ୱାବସ୍ଥା, ଦାୟିତ୍ୱ, ଜବାବ, କର୍ମଭାର, ଆଜ୍ଞାନାଧୀନତା ।

**Accountable**, *a.* ଦାୟୀ, ଜବାବଦାର ।

**Accountably**, *ad.* ଦାୟିତ୍ୱପୂର୍ବକ ।

**Accountant**, *n.* 1. ହିସାବୀ; 2. ହିସାବ ବିଭାଗର କର୍ମଚାରୀ, ଏକାଉଣ୍ଟାଣ୍ଟ ।

Accountantship, *n.* ହୃସାବାର କାର୍ଯ୍ୟ ବା ପଦ ।
Accoutre, *v.t.* (French) *ak-koo-ter.* ସୁବସ୍ତ୍ରା-କ, ସଶସ୍ତ୍ର-କ, ସସଜ୍ଜ-କ, ସଜ୍ଜିତ-କ ।
Accoutrements, *n. pl.* ଯୁଦ୍ଧସଜ୍ଜା, ପରିଚ୍ଛଦ, ଭୂଷଣ ।
Accredit, *v.t.* 1. କ୍ଷମତା-ଦେ; 2. ବିଶ୍ୱାସଯୋଗ୍ୟ କରାଇବାର, ବିଶ୍ୱାସପାତ୍ର-କ; 3. ପ୍ରଚଳିତ-କ, as a new word; 4. ଦୂତାଗ୍ରତପଦରେ ପ୍ରେରଣ-କ, as an envoy.
Accrescent, *a.* ବର୍ଦ୍ଧନଶୀଳ ।
Accretion, *n.* ସ୍ୱାଭାବିକ ବର୍ଦ୍ଧନ, ଅନ୍ୟ ସଙ୍ଗେ ସଂଯୋଗ ଦ୍ୱାରା ବୃଦ୍ଧିକରଣ, ବାହ୍ୟ ବୃଦ୍ଧି ।
Accretive, *a.* see Accretion, ବୃଦ୍ଧିସମ୍ବନ୍ଧୀୟ, ବର୍ଦ୍ଧମାନ, ବୃଦ୍ଧିଶୀଳ ।
Accrue, *v.i.* ସ୍ୱାଭାବିକ ଗୁଣ ହେତୁ ବଢିବାର, ଉତ୍ପନ୍ନ-ହେ ।
Accubation, *n.* ପଲଙ୍କରେ ଶୋଇବା ବା ଅଉଜିବା ।
Accumbent, *a.* ହେଳିତ, ଅଉଜା, ଶୟିତ ।
Accumulate, *v.t.* ଗଦା-କ, ସଞ୍ଚି-କ, ଏକଠା-କ, ଜମା-କ, ସଞ୍ଚୟ-କ ।—*v.i.* ବର୍ଦ୍ଧିତ-ହେ, କ୍ରମେ ବର୍ଦ୍ଧିତ-ହେ, ଜମା-ହେ ।
Accumulation, *n.* ସଞ୍ଚୟକରଣ, ସଞ୍ଚୟ, ସଂଗ୍ରହ, ବୃଦ୍ଧି; 2. ସଞ୍ଚୀକୃତ ଅବସ୍ଥା, ସଞ୍ଚି, ଗଦା ।
Accumulative, *a.* 1. ବୃଦ୍ଧିକାରକ; 2. ଗଦାକୃତ. ପୁଞ୍ଜୀଭୂତ ।
Accumulator, *n.* 1. ଯେ ଗଦା କରେ, ସଞ୍ଚୟକର୍ତ୍ତା, ଜମାକାରୀ; 2. ଯେଉଁ ବୈଦ୍ୟୁତିକ ଯନ୍ତ୍ର ଦ୍ୱାରା ବିଦ୍ୟୁତ ରଖା ଯାଇପାରେ ।
Accuracy, *n.* ଶୁଦ୍ଧତା, ଯାଥାର୍ଥ୍ୟ, ଭ୍ରାନ୍ତିଶୂନ୍ୟତା, ସୂକ୍ଷ୍ମତା ।
Accurate, *a.* (ଯତ୍ନପୂର୍ବକ ପ୍ରସ୍ତୁତ ବା କୃତ). ଶୁଦ୍ଧ, ଠିକ୍, ଯଥାର୍ଥ, ଅବିକଳ ସତ୍ୟ, applied to persons ଅଜ୍ଞାନତା ଓ ହେଳାଶୂନ୍ୟ ।
Accurately, *ad.* ଯଥାର୍ଥରୂପେ, ଠିକ୍‌ରୂପେ, ଭ୍ରାନ୍ତିଶୂନ୍ୟ-[ରୂପେ ।
Accurateness, *n.* see Accuracy.
Accurse, *v.t.* ଅଭିଶାପ-ଦେ, ଶାପ-ଦେ ।
Accursed, accurst, *a.* 1. ଅଭିଶାପାଧୀନ ଅଭିଶପ୍ତ, ନଷ୍ଟ, ଉତ୍ସନ୍ନ, ନପାତିତ; 2. ଘୃଣ୍ୟ, ଘୃଣାର୍ହ ।
Accusable, *a.* ଅପବାଦନୀୟ, ନିନ୍ଦନୀୟ ।
Accusation, *n.* ଅପବାଦ, ଅଭିଯୋଗ, ନିନ୍ଦା ।
Accusative, *a.* or *n.* (ବ୍ୟାକରଣରେ) କର୍ମକାରକ ।
Accusatory, *a.* ଅପବାଦଯୁକ୍ତ, ଅପବାଦପୂର୍ଣ୍ଣ ।
Accuse, *v.t.* 1. ଅଭିଯୋଗ-କ, ଅପବାଦ-ଦେ; 2. ଦୋଷାର୍ପଣ-କ, ଦୋଷ-ଦେ, ନିନ୍ଦା-କ, ଦୁର୍ନାମ ବା ବଦ୍‌ନାମ-କ ।
Accused, *p. a.* ଅଭିଯୁକ୍ତ, ଅପବାଦିତ, ଦୋଷୀକୃତ ।—*n.* ଅସାମୀ, ଅଭିଯୁକ୍ତ ବ୍ୟକ୍ତି, ମୁଦାଲେ ।
Accuser, *n.* ଅପବାଦକ, ଅଭିଯୋକ୍ତା, ମୁଦେଇ, ଫରିଆଦୀ ।
Accustom, *v.t.* ଅଭ୍ୟାସ-କ, ବ୍ୟବହାର ଦ୍ୱାରା ପରିଚିତ କରାଇବାର ।
Accustomed, *p.* and *a.* ବ୍ୟବହାର ଦ୍ୱାରା ପରିଚିତ, ରୀତିମତ, ବ୍ୟବହାର ଅନୁଯାୟୀ, ଅଭ୍ୟସ୍ତ, ପ୍ରଚଳିତ, ଅଭ୍ୟାସଗତ ।
Ace, *n.* 1. ଏକ; 2. ତାସର ଟିକ୍କାଚିହ୍ନ, ଟିକ୍କାଚିହ୍ନିତ ତାସ, ଟିକ୍କା; 3. କ୍ଷୁଦ୍ରବିଷୟ ।—within an ace of, ଅତି ନିକଟ ।
Acentric, *a.* ଅମଧ୍ୟବର୍ତ୍ତୀ, କେନ୍ଦ୍ରବହିର୍ଭୂତ ।
Acephalous, *a.* 1. ମସ୍ତକବିହୀନ, ଅମସ୍ତକ; 2. ଅସ୍ପଷ୍ଟ ମସ୍ତକଯୁକ୍ତ, as certain molluscs; 3. (ଶ୍ଳୋକର) ପ୍ରଥମ ପାଦଶୂନ୍ୟ ।
Acerb, *a.* ଟକ୍ଟା, ପିତ, କଟୁ, କର୍କଶ । [ଭିତରା ।
Acerbity, *n.* ଅମ୍ଳସ୍ୱାଦବିଶିଷ୍ଟ ଟକ୍ଟତା, କଟୁତା, କର୍କଶତା
Acerose, *a.* (ଉଦ୍ଭିଦବିଦ୍ୟାରେ) ସରୁ ଓ ତୀକ୍ଷ୍ଣ ଅଗ୍ରବିଶିଷ୍ଟ ।
Acescence, acescency, *n.* ଅମ୍ଳଶୀଳାବସ୍ଥା, ଅମ୍ଳରେ ପରିବର୍ତ୍ତନ, ଈଷତ୍ ଅମ୍ଳଶୀଳାବସ୍ଥା ।
Acescent, *a.* ଅମ୍ଳରେ ପରିବର୍ତ୍ତକ, ଈଷତ୍ ଅମ୍ଳ ।
Acetic, *a.* ସିର୍କାସମ୍ବନ୍ଧୀୟ, ଅମ୍ଳରସବିଶିଷ୍ଟ ।
Acetic acid, *n.* ସିର୍କାର ଅମ୍ଳରସ, ସିର୍କାମ୍ଳ ।
Acetify, *v.t.* or *i.* ଅମ୍ଳ-କ, ସିର୍କାର ଅମ୍ଳରସରେ ପରିଣତ-କ ।
Acetous, *a.* ଅମ୍ଳଗୁଣବିଶିଷ୍ଟ ।
Ache, *n.* ଅବଶ୍ରାନ୍ତ ବେଦନା ବା ବ୍ୟଥା ।—heart-ache ମନ-ବେଦନା ।—*v.i.* ବ୍ୟଥିତ-ହେ, ବେଦନାଗ୍ରସ୍ତ-ହେ ।
Achievance, *n.* see Achievement.
Achieve *v.t.* 1. କାର୍ଯ୍ୟ ସିଦ୍ଧ ସାଧନ ବା ଶେଷ-କ, ସମ୍ପାଦନ-କ. ସମାପ୍ତ-କ, ସମ୍ପନ୍ନ-କ; 2. ଲାଭ-କ, ଚେଷ୍ଟା ଦ୍ୱାରା ଉପାର୍ଜ୍ଜନ-କ ।
Achievement, *n.* 1. କାର୍ଯ୍ୟସାଧନ, କର୍ମସିଦ୍ଧି; 2. ବୃହତ୍‌କର୍ମ, ଅଦ୍ଭୁତକାର୍ଯ୍ୟ; 3. କୁଳମର୍ଯ୍ୟାଦାର ଚିହ୍ନ, କୁଳପରିଚୟସୂଚକ ଚିହ୍ନ ।
Aching. *n.* see Ache.
Achromatic, *a.* ରଙ୍ଗଶୂନ୍ୟ, ବିଶ୍ଳେଷଣ ନ କରି କିରଣର ପ୍ରେରଣକାରକ ।
Achromatism, *n.* ରଙ୍ଗଶୂନ୍ୟ ଅବସ୍ଥା ବା ଗୁଣ ।
Acicula, *n.* ଜନ୍ତୁ ବା ତୃଣର କଣ୍ଟା ।
Acicular, *a.* ଛୁଞ୍ଚି ପରି ତୀକ୍ଷ୍ଣାଗ୍ରବିଶିଷ୍ଟ ।
Acid, *a.* ଟକ୍ଟା, ଅମ୍ଳ ବା ସିର୍କାର ପରି କଟୁ ।—*n.* ଅମ୍ଳ, ଅମ୍ଳଦ୍ରବ୍ୟ ।
Acidifiable, *a.* ଅମ୍ଳୀକୃତ ହେବାଯୋଗ୍ୟ, ଅମ୍ଳରେ ପରିବର୍ତ୍ତନୀୟ ।
Acidify, *v.t.* ଅମ୍ଳୀକୃତ-କ, ଅମ୍ଳରେ ପରିବର୍ତ୍ତନ-କ ।
Acidity, *n.* ଅମ୍ଳଗୁଣବିଶିଷ୍ଟ, ଅମ୍ଳତା, ଖଟାଗୁଣ ।
Acidulate, *v.t.* ଈଷତ୍ ଅମ୍ଳୀକୃତ-କ ।
Acidulent, *a.* 1. ଅଳ୍ପଅମ୍ଳ, ଅଳ୍ପଖଟା; 2. ଖିଟ୍‌ଖିଟିଆ ।
Acidulous, *a.* 1. ଅଳ୍ପଅମ୍ଳ, ଅଳ୍ପଖଟା; 2. ବ୍ୟଙ୍ଗସୂଚକ ।
Acknowledge, *v.t.* ସତ୍ୟ ବୋଲି ଅଙ୍ଗୀକାର-କ, ସ୍ୱୀକାର-କ, ସମ୍ମତ ସହିତ ଗ୍ରହଣ-କ, ମାନିବାର ।

**Acknowledgment,** *n.* 1. ସ୍ୱୀକାର, ଅଙ୍ଗୀକାର, ଗୁଣ ବୋଲି ସ୍ୱୀକାର; 2. ପ୍ରାପ୍ତିର ସ୍ୱୀକାର, ପାଉତି, ରସୀଦ । 3. (ଆଇନରେ) ଏକରାରନାମା; 4. ପ୍ରତିଦାନ ।
**Acme,** *n.* 1. ଉର୍ଦ୍ଧ୍ୱ ସୀମା, ପ୍ରାଂଶୁ, ପ୍ରାନ୍ତ; 2. ବୃଦ୍ଧିର ସୀମା, ଉନ୍ନତିର ସୀମା ।
**Acne,** *n.* ବ୍ରଣ ।
**Acolyte,** *n.* ...ରୋମାନ କାଥଲିକ ମତରେ ଯାଜକର ପରିଚାରକ ।
**Aconite,** *n.* ବିଷଯୁକ୍ତ ଔଷଧୀୟ ଲତାବିଶେଷ, ବିଷ ।
**Acorn,** *n.* ଓକ୍‌ନାମକ ବୃକ୍ଷର ଫଳ ।
**Acorn-cup,** *n.* ଉକ୍ତ ଫଳର କୋଷ ବା ଆଧାର ।
**Acorn-shell,** *n.* 1. ଉକ୍ତ ଫଳର ଖୋଳପା; 2. କୋମଳ-ଦେହବିଶିଷ୍ଟ ସାମୁଦ୍ରିକ ଜୀବ ଜନ୍ତୁବିଶେଷ ।
**Acosmism,** *n.* ଈଶ୍ୱରଙ୍କଠାରୁ ପୃଥକ୍‌ଭାବେ ଜଗତର ପ୍ରକୃତ ସ୍ଥିତି ବିଷୟ ଅସ୍ୱୀକାରକରଣ ।
**Acotyledon,** *n.* ବୀଜକୋଷ ରହିତ ତୃଣ ।
**Acotyledonous,** *a.* ବୀଜକୋଷ ରହିତ ।
**Acoustic,** *a.* ଶବ୍ଦ ବା ଶ୍ରବଣ ବିଦ୍ୟାସମ୍ବନ୍ଧୀୟ, ଶ୍ରବଣ ସାହାଯ୍ୟକାରୀ ।—*n.* ଶ୍ରବଣ ଯନ୍ତ୍ର ।
**Acoustically,** *ad.* 1. ଶବ୍ଦବିଦ୍ୟା ସମ୍ବନ୍ଧରେ; 2. ଶବ୍ଦବିଦ୍ୟାର ଅନୁରୂପେ ।
**Acoustician,** *n.* ଶବ୍ଦ ବିଜ୍ଞାନବିତ୍ ।
**Acoustics,** *n.* ଶବ୍ଦ ବିଦ୍ୟା ।
**Acquaint,** *v.t.* ଜଣାଇବାର, ଜ୍ଞାତ କରାଇବାର, ପରି- [ଚୟ-ଦେ ।
**Acquaintance,** *n.* 1. ପରିଚୟ, ଜ୍ଞାନ; 2. ପରିଚିତା-ବସ୍ଥା; 3. ପରିଚିତ ବ୍ୟକ୍ତି, ଆତ୍ମୀୟ ।—to make one's acquaintance, ପରିଚୟ କେବାର ।
**Acquaintanceship,** *n.* ପରିଚିତାବସ୍ଥା ।
**Acquainted,** *a.* ଜ୍ଞାତ, ପରିଚିତ ।
**Acquiesce,** *v.i.* ବିନା ବାଧାରେ ପରିତୁଷ୍ଟ ହୋଇ ରହି-ବାର, ପ୍ରତିରୋଧ ବା ଅନୈଚ୍ଛା ନ ଜଣାଇବାର, ସମ୍ମତ-ହେ, ସମ୍ମତ-ଦେ ।
**Acquiescence,** *n.* ସ୍ୱୀକୃତାବସ୍ଥା, ନିର୍ବିରୋଧ ସମ୍ମତି, ଅନୁମତି ।
**Acquiescent,** *a.* ସମ୍ମତଶୀଳ, ରାଜି, ନିର୍ବିରୋଧ ।
**Acquirable,** *a.* ପ୍ରାପ୍ତବ୍ୟ, ଲାଭଯୋଗ୍ୟ, ଉପାର୍ଜନୀୟ ।
**Acquire,** *v.t.* ଉପାର୍ଜନ-କ, ଲାଭ-କ, ବିଶେଷରେ କୌଣସି ଗୁଣାତ୍ମକ ନିତ୍ୟସ୍ଥାୟୀ ବିଷୟ ଲାଭ-କ, କୌଣସି ଚିରସ୍ଥାୟୀ ଅଧିକାର ଲାଭ-କ ।—acquire currency, ଚଳିତ-ହେ ।
**Acquirement,** *n.* 1. ପ୍ରାପ୍ତି, ଲାଭ, ଉପାର୍ଜନ; 2. ଉପାର୍ଜିତ ଗୁଣ ।
**Acquisition,** *n.* 1. ପ୍ରାପଣ, ଉପାର୍ଜନ, ଲାଭ; 2. ଲବ୍ଧଦ୍ରବ୍ୟ, ଉପାର୍ଜିତ ବିଷୟ ବା ବସ୍ତୁ, ପ୍ରାପ୍ତଫଳ ।
**Acquisitive,** *a.* ଲାଭ କରିବାକୁ ଉତ୍ସୁକ, ଲାଭେଚ୍ଛୁ, ଉପାର୍ଜନ କରିବାକୁ ବ୍ୟଗ୍ର ।
**Acquisitively,** *ad.* ଲାଭେଚ୍ଛୁଭାବେ ।
**Acquisitiveness,** *n.* ଲାଭେଚ୍ଛୁଗୁଣ, ଉପାର୍ଜନସ୍ପୃହା ।
**Acquit,** *v.t.* କାହାକୁ ଅପବାଦ ଅପରାଧ ଋଣ ବା ଅନୈଚ୍ଛାରୁ ମୁକ୍ତ-କ, ନିର୍ଦ୍ଦୋଷ-କ, ଖଲାସ-ଦେ ।—acquit one's self, *refl.* ଆଚରଣ-କ, ବ୍ୟବହାର-କ, କାର୍ଯ୍ୟ ନିର୍ବାହ-କ ।
**Acquittal,** *n.* ମୁକ୍ତି, ନିସ୍ତାର, ଖଲାସ, ଅପବାଦ ବା ଅଭି-ଯୋଗରୁ ଖଲାସ, ଆଇନସିଦ୍ଧ ମୁକ୍ତି ।
**Acquittance,** *n.* 1. ଋଣ ମୋଚନ; 2. ଋଣ ମୋଚନର ପ୍ରମାଣକାରୀ କାଗଜ, ମୋଚନପତ୍ର, ଫାରଖତି ।
**Acre,** *n.* ଭୂମିର ପରିମାଣ ବିଶେଷ, ୪୮୪୦ ବର୍ଗଗଜ ।
**Acreable,** *a.* ଉକ୍ତ ପରିମାଣାନୁସାରେ, ଉକ୍ତ ସଂଖ୍ୟା-ନୁସାରେ ପରିମାପିତ ।
**Acreage,** *n.* କୌଣସି ଭୂମିର ଉକ୍ତ ପରିମାଣର ସଂଖ୍ୟା ।
**Acred,** *a.* ଭୂସମ୍ପତ୍ତିର ଅଧିକାରୀ ।
**Acrid,** *a.* ତିକ୍ତ, କଟୁ, ଝାଞ୍ଜ; 2. ବ୍ୟଙ୍ଗସୂଚକ; 3. ଖାଦକ, କର୍କଶ ।
**Acridity, acridness,** *n.* ତିକ୍ତ, ଖଟା ଓ ଝାଞ୍ଜ ଗୁଣ ।
**Acrimonious,** *a.* କଟୁଭାଷୀ, କର୍କଶ, ବ୍ୟଙ୍ଗସୂଚକ, କଟୁ ।
**Acrimoniously,** *ad.* କଟୁଭାବେ, କର୍କଶଭାବେ, କଟୁକ୍ତିଭାବେ ।
**Acrimony,** *n.* ସ୍ୱଭାବର ପ୍ରଖରତା ବା କଠୋରତା, କର୍କଶତା, ଉଗ୍ରତା, ତିକ୍ତତା, କଟୁତା ।
**Acrobat,** *n.* ଦଉଡି ଉପରେ ନୃତ୍ୟକାରୀ ଲୋକ, ବାଜିକର ।
**Acrobatic,** *a.* ବାଜିକରସମ୍ବନ୍ଧୀୟ ବା ତାହାର କାର୍ଯ୍ୟ-ସମ୍ବନ୍ଧୀୟ ।
**Acronychal,** *a.* ରାତ୍ର ଆଗମରେ ଘଟିତ (ଯେଉଁପରି କୌଣସି ନକ୍ଷତ୍ରର ଉଦୟ) ।
**Acropolis,** *n.* 1. ଗ୍ରୀସ୍ ଦେଶର କୌଣସି ନଗରସ୍ଥ ଉଚ୍ଚ ଦୁର୍ଗ; ଆଥେନ୍ସ ନଗରର ଦୁର୍ଗ ।
**Across,** *prep.* and *ad.* ଆଡରେ, ଆଡପାଖେ, ଏକ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱରେ, ପ୍ରସ୍ଥରେ ।—to come across one, ଭେଟିବାର, ଦେଖା ପାଇବାର ।
**Acrostic,** *n.* ଯେଉଁ ପଦ୍ୟରେ ପ୍ରତ୍ୟେକ ଚରଣର ଆଦ୍ୟ ଅକ୍ଷର ଯୋଗ କଲେ କୌଣସି ନାମ ବା କଥା ହୁଏ, ଚିତ୍ରକାବ୍ୟ ।—*a.* ଚିତ୍ରକାବ୍ୟସମ୍ବନ୍ଧୀୟ ।
**Acrostically,** *ad.* ଚିତ୍ରକାବ୍ୟାନୁସାରେ ।
**Act,** *v.i.* ଶକ୍ତି ବ୍ୟୟ କରିବାର, କାର୍ଯ୍ୟ-କ, ଘଟାଇବାର, 2. ଚଳିବାର; 3. ଆଚରଣ-କ ।—*v.t.* 1. ନାଟ୍ୟକ୍ରିୟା ବା ଅଭିନୟ-କ; 2. ସ୍ୱାଙ୍ଗ-କ ।—*n.* 1. କର୍ମ, କ୍ରିୟା, କାର୍ଯ୍ୟ, କରଣ, ପ୍ରକାଶିତ ବଳ, ଶକ୍ତିଜାତ କର୍ମର ଫଳ; 2. ପ୍ରକୃତ ଅବସ୍ଥା, ଯଥାର୍ଥତା, ବାସ୍ତବତା; 3. ଅଭିନୟ କାର୍ଯ୍ୟର ଭାଗ, ଅଙ୍କ; 4. ବିଧି, ଧାରା, ଆଇନ ।—in the act, କାର୍ଯ୍ୟ କରିବା ସମୟରେ, କାର୍ଯ୍ୟ କରୁ । to act for, ଅନ୍ୟର ସ୍ଥାନରେ ବା ବଦଳରେ କର୍ମ-କ । to act up to, ଠିକ୍ ସେହିପରି କାର୍ଯ୍ୟ-କ ।
**Actable,** *a.* ଅଭିନୟଯୋଗ୍ୟ ।
**Acting,** *n.* 1. କର୍ତ୍ତବ୍ୟକର୍ମ ସେବା ବା କାର୍ଯ୍ୟ ସାଧନ; 2. କାମିକ ଅବୈତନିକ ବା ଅନୁପସ୍ଥିତ କର୍ମଚାରୀ ପରି-ବର୍ତ୍ତରେ କାର୍ଯ୍ୟକାରୀ ।—*n.* 1. କାର୍ଯ୍ୟ; 2. ଅଭିନୟ କ୍ରିୟା ।

**Actinic**, *a.* see Actinism, 1. କିରଣସମ୍ବନ୍ଧୀୟ : 2. ସୂର୍ଯ୍ୟର ରାସାୟନିକ କିରଣସମ୍ବନ୍ଧୀୟ ।

**Actinism**, *n.* 1. ଆଲୋକ ବା ଉତ୍ତାପର ବିକିରଣ; 2. ସୂର୍ଯ୍ୟ କିରଣର ରାସାୟନିକ କାର୍ଯ୍ୟର ଗୁଣ, ଏ ଗୁଣ ଆଲୋକ ଚିତ୍ର ନେବାରେ ରାସାୟନିକ ଫଳ ଜନ୍ମାଏ ।

**Action**, *n.* 1. ବଳର ପ୍ରୟୋଗ, ଚଳନର ଅବସ୍ଥା, କରଣ, ଅସ୍ଥିରତା, ଗତି; 2. କାର୍ଯ୍ୟ, କର୍ମ; 3. କର୍ତ୍ତୃତ୍ୱ, କ୍ରିୟା; 4. ବ୍ୟବହାର, ଆଚରଣ; 5. ଅଙ୍ଗଭଙ୍ଗୀ; 6. ଅଭିଯୋଗ, ମକଦ୍ଦମା, ନାଲିଶ; 7. ଯୁଦ୍ଧ; 8. ଯନ୍ତ୍ରର ଚଳନ ବା ଗଠନ ।

**Actionable**, *a.* ଅଭିଯୋଗ୍ୟ, ନାଲିଶଯୋଗ୍ୟ ।

**Active**, *a.* 1. କାର୍ଯ୍ୟପ୍ରକାଶକ, କାର୍ଯ୍ୟକାରୀ, କାର୍ଯ୍ୟରେ ବ୍ୟାପୃତ, କର୍ମରେ ରତ ; 2. ଚଞ୍ଚଳ, ଦ୍ରୁତ, ତେଜସ୍ୱୀ, ସ୍ଫୂର୍ତ୍ତିମାନ୍; 3. ଉଦ୍ୟୋଗୀ, କର୍ମଶୀଳ, ଶ୍ରମୀ; 4. କର୍ମସୂଚକ, ସକର୍ମକ ।—active voice, କର୍ତ୍ତୃବାଚ୍ୟ ।

**Actively**, *ad.* 1. କର୍ମଶୀଳଭାବେ; 2. ଚଞ୍ଚଳରୂପେ, ଦ୍ରୁତରୂପେ; 3. କର୍ତ୍ତୃବାଚ୍ୟାର୍ଥକରୂପେ, କର୍ତ୍ତୃବାଚ୍ୟବୋଧକରୂପେ ।

**Activeness**, *n.* କର୍ମଶୀଳତା, see Activity.

**Activity**, *n.* 1. କର୍ମଶୀଳତା, ବ୍ୟସ୍ତତା; 2. ତେଜସ୍ୱିତା, ସ୍ଫୂର୍ତ୍ତି, ଚଞ୍ଚଳତା, କ୍ଷିପ୍ରତା, ଦ୍ରୁତତା ।

**Actor**, *n.* 1. କର୍ତ୍ତା, କାରକ; 2. ନର୍ତ୍ତକ, ଅଭିନେତା, ନଟ ।

**Actress**, *n.* ନର୍ତ୍ତକୀ, ଅଭିନେତ୍ରୀ, ନଟୀ ।

**Actual**, *a.* 1. ପ୍ରକୃତ, ଯଥାର୍ଥ, ବାସ୍ତବିକ, ନିଶ୍ଚିତ, ଧ୍ରୁବ; 2. ବର୍ତ୍ତମାନ, ବିଦ୍ୟମାନ, ସ୍ଥିତିବିଶିଷ୍ଟ ।

**Actualist**, *n.* ପ୍ରକୃତବାଦୀ, ଯେ ମାୟାବାଦୀ ବା କଳ୍ପନାବାଦୀ ନୁହେ ।

**Actualize**, *v.t.* ପ୍ରକୃତରେ ସ୍ଥାପନ-କ, ଉପଲବ୍ଧି-କ ।

**Actuality**, *n.* ପ୍ରକୃତାବସ୍ଥା, ବାସ୍ତବିକତା, ସତ୍ୟତା ।

**Actually**, *ad.* ପ୍ରକୃତରୂପେ, ବାସ୍ତବିକରୂପେ, ସତ୍ୟରୂପେ ।

**Actuary**, *n.* 1. ଭାଣ୍ଡାର ରକ୍ଷକ ବା ଲେଖକ, ହିସାବ ବହି ରଖିବାର ପ୍ରଧାନ କାର୍ଯ୍ୟକାରୀ; 2. ଜୀବନବୀମାକାର୍ଯ୍ୟାଳୟର ଅଧ୍ୟକ୍ଷ ।

**Actuate**, *v.t.* କର୍ମ କରାଇବାର. ପ୍ରବୃତ୍ତି ଜନ୍ମାଇବାର, ଉତ୍ସାହିତ କରାଇବାର, ଉତ୍ତେଜିତ-କ ।

**Acumen**, *n.* ବୁଦ୍ଧିର ତୀକ୍ଷ୍ଣତା, ତୀକ୍ଷ୍ଣ ବୁଦ୍ଧି, ପ୍ରଖର ବୁଦ୍ଧି, ବିଚକ୍ଷଣତା ।

**Acuminate**, *v.t.* ତୀକ୍ଷ୍ଣ-କ ।—*a.* ତୀକ୍ଷ୍ଣାଗ୍ର, ତୀକ୍ଷ୍ଣ ।

**Acumination**, *n.* 1. ତୀକ୍ଷ୍ଣକରଣ; 2. ତୀକ୍ଷ୍ଣାଗ୍ରଭାଗ ।

**Acute**, *a.* 1. ତୀକ୍ଷ୍ଣାଗ୍ର, ସୂଚ୍ୟଗ୍ର, ତୀକ୍ଷ୍ଣ ; 2. ପ୍ରଖର, ଭେଦକାରୀ, ଚତୁର; 3. ସୂକ୍ଷ୍ମ ଅନୁଭବ ଶକ୍ତିବିଶିଷ୍ଟ; 4. ତୀକ୍ଷ୍ଣ ଶବ୍ଦବିଶିଷ୍ଟ; 5. ଉଗ୍ର, ବିଦାରକ ।—acute accent, ତୀକ୍ଷ୍ଣ ଉଚ୍ଚାରଣର ଚିହ୍ନ । acute angle, ସୂକ୍ଷ୍ମକୋଣ, ଲଘୁକୋଣ ।

**Acutely**, *ad.* 1. ତୀକ୍ଷ୍ଣଭାବେ, ଅତିଶୟରୂପେ; 2. ପ୍ରଖରରୂପେ, ବିଚକ୍ଷଣରୂପେ, ସୂକ୍ଷ୍ମ ଅନୁଭବପୂର୍ବକ, ତୀକ୍ଷ୍ଣ ବୁଦ୍ଧିରେ ।

**Acuteness**, *n.* 1. ତୀକ୍ଷ୍ଣତା; 2. ପ୍ରଖରତା, ତୀକ୍ଷ୍ଣ ବୁଦ୍ଧି, ଚତୁରତା, ସୂକ୍ଷ୍ମ ଭେଦକାରୀ ଶକ୍ତି; 3. ସ୍ୱରର ତୀକ୍ଷ୍ଣତା ।

**Adage**, *n.* ପ୍ରବାଦ, ପଢ଼ଲି, ବହୁ କାଳରୁ ଚଳନ୍ତି କଥା, ଢଗ ।

**Adagio**, *a.* and *ad.* (ବାଦ୍ୟ ବିଦ୍ୟାରେ) ଧୀର, ଧୀରେ ଓ ସୁନ୍ଦରରୂପେ ।—*n.* ଧୀର ଗାନ ।

**Adamant**, *n.* ଦୁର୍ଭେଦ୍ୟ କଠିନ ପଦାର୍ଥ (ବିଶେଷତଃ ଏହା କାବ୍ୟରେ ବ୍ୟବହୃତ) ।

**Adamantine**, *a.* ଉକ୍ତ ପଦାର୍ଥ ନିର୍ମିତ, ଅତିଶୟ କଠିନ, ଦୁର୍ଭେଦ୍ୟ, ଅତି ଦୃଢ଼ ।

**Adamite**, *n.* 1. ଆଦମ ବଂଶୋଦ୍ଭବ ଲୋକ; 2. ପୂର୍ବକାଳୀନ ଏକ ଧର୍ମ ସମ୍ପ୍ରଦାୟ (ଯେଉଁମାନେ ପାପରହିତ ଅବସ୍ଥା ସ୍ଥାପନର ଲକ୍ଷ୍ୟରେ ଉଲଙ୍ଗ ଦେହରେ ବୁଲିଲେ) ।—pre-adamite, ଆଦମର ପୂର୍ବକାଳୀନ ।

**Adamitic**, *a.* ଆଦମ ବା ଉକ୍ତ ସମ୍ପ୍ରଦାୟସମ୍ବନ୍ଧୀୟ ।

**Adam's apple**, *n.* କଣ୍ଠ ।

**Adapt**, *v.t.* 1. ଉପଯୁକ୍ତ-କ, ଉପଯୋଗୀ-କ, ଅନୁସାରେ ଚଳାଇବାର ; 2. ଅଭିନୟ ନିମନ୍ତେ (କୌଣସି କଥା) ପ୍ରସ୍ତୁତ-କ ।

**Adaptability**, *n.* ଯୋଗ୍ୟ ହେବା ଗୁଣ, ଉପଯୋଗୀ ଗୁଣ ।

**Adaptable**, *a.* ଉପଯୋଗିକରଣୀୟ, ଉପଯୁକ୍ତ ହେବା ଯୋଗ୍ୟ ।

**Adaptation**, *n.* 1. ଯୋଗ୍ୟକରଣ; 2. ଉପଯୋଗିତା, ଯୋଗ୍ୟତା; 3. ଉପଯୋଗିକରଣର ଫଳ ।

**Adapter**, *n.* ଯେ ଉପଯୋଗୀ କରେ, ଯାହା ଦ୍ୱାରା ଉପଯୋଗୀ ହୁଏ ।

**Adays**, *ad.* 1. ଦିନରେ; 2. ବର୍ତ୍ତମାନ କାଳରେ, as in now-*adays*,

**Add**, *v.t.* (ଏକତ୍ର ରଖିବାର) 1. ଯୋଗ-କ, ମିଶାଇବାର, ଅନ୍ୟ ସଂଯୋଗ-କ; 2. ଅଧିକ କହିବାର ବା ଲେଖିବାର ।—*v.i.* ବୃଦ୍ଧି-ହେ with *to*; 2. ବୃଦ୍ଧି-କ, ଅଙ୍କ ବୃଦ୍ଧି-କ, ମିଶାଣ-କ ।

**Addable, addible**, *a.* ସଂଯୋଜ୍ୟ, ବର୍ଦ୍ଧନୀୟ ।

**Addendum**, *n.* (*pl.* addenda) ସଂଯୁକ୍ତ କଥା, ଯୋଡ଼ ପତ୍ର, ଉପଗ୍ରନ୍ଥ ।

**Adder**, *n.* ବିଷଯୁକ୍ତ ସର୍ପ, ଇଂଲଣ୍ଡ ଦେଶରେ ଓ ଇଉରୋପ ମହାଦେଶରେ ସାମାନ୍ୟ ବିଷଯୁକ୍ତ ସର୍ପ, କାଳସର୍ପ ।

**Addict**, *v.t.* ନିରନ୍ତର ମନୋନିବେଶ-କ, ଅଭ୍ୟାସ-କ, generally with refl. pro. and in a bad sense, followed by *to*, ରତ-ହେ, ଆସକ୍ତ-ହେ ।

**Addicted**, *a.* ନିତ୍ୟ ଅଭ୍ୟାସକାରୀ; ଅଭ୍ୟସ୍ତ, ରତ, ଆସକ୍ତ, followed by *to*.

**Addictedness, addiction**, *n.* ରତତା, ଆସକ୍ତି, ଆସକ୍ତତା ।

**Addition**, *n.* 1. ଯୋଗକରଣ; 2. ଯୁକ୍ତ ବିଷୟ; 3. ସଂଯୋଗ, ମିଶ୍ରଣ, ମିଶାଣ, ଅଙ୍କବୃଦ୍ଧି; 4. ବୃଦ୍ଧି, ବର୍ଦ୍ଧନ ।

**Additional**, *a.* ସଂଯୁକ୍ତ, ଯୁକ୍ତ, ଅଧିକ ।

**Additionally**, *ad.* ଅଧିକରୂପେ, ବୃଦ୍ଧିଭାବେ, ସଂଯୋଗପୂର୍ବକ ।

**Additive**, *a.* ସଂଯୋଜ୍ୟ, ବର୍ଦ୍ଧନୀୟ ।

**Addle**, *a.* ନଷ୍ଟ, ପଚା, ଗୋଳା, କାଞ୍ଜିଆ (ଡିମ୍ବ ସମ୍ବନ୍ଧରେ ବ୍ୟବହୃତ), ବନ୍ଧ୍ୟା ।—*v.t.* 1. ପଚା ବା ବନ୍ଧ୍ୟା-କ; 2. ଗୋଳମାଳ-ଦେ, ଅପ୍ରସ୍ତୁତ-କ ।

**Addle-headed**, **addle-brained**, *a.* ଶୂନ୍ୟମସ୍ତକ, ଅଳ୍ପବୁଦ୍ଧି, ବୁଦ୍ଧିଭ୍ରଷ୍ଟ ।

**Address**, *v.t.* 1. ଲକ୍ଷ୍ୟ-କ; 2. ପତ୍ର ଲେଖି ପଠାଇବାର; 3. ସମ୍ବୋଧନ-କ; 4. ଶିରୋନାମା-ଦେ; 5. କଥା ବା ପତ୍ର ଦ୍ୱାରା ଆବେଦନ-କ ।—address one's self to, କାର୍ଯ୍ୟରେ ପ୍ରବୃତ୍ତ-ହେ, ମନୋଯୋଗୀ-ହେ, ଉଦ୍ଯୋଗ-କ ।—*n.* 1. ସମ୍ଭାଷଣ; 2. କୌଣସି ବକ୍ତୃତା ବା ଲେଖା ଯାହା ଦ୍ୱାରା ଏକ ବା ଅନେକ ଲୋକ ଅନ୍ୟ ଲୋକମାନଙ୍କୁ ନିଜ ଭାବ ଜଣାନ୍ତି, ପ୍ରବନ୍ଧ, ନିବେଦନପତ୍ର, ବକ୍ତୃତା । 3. ଅଭିନନ୍ଦନପତ୍ର; 4. କଥା କହିବା ରୀତି, କଥୋପକଥନରେ ଆଚାର ବା ବ୍ୟବହାର; 5. ଦକ୍ଷତା, ନିପୁଣତା, ପଟୁତା; 6. ଶିରୋନାମା; 7. *pl.* ବିବାହ ନିମନ୍ତେ ପ୍ରୀତିଚେଷ୍ଟା ।

**Addressee**, *n.* 1. ଆବେଦିତ ବ୍ୟକ୍ତି; 2. ସମ୍ବୋଧିତ ବ୍ୟକ୍ତି; 3. ଶିରୋନାମାଙ୍କିତ ବ୍ୟକ୍ତି ।

**Addresser**, *n.* 1. ଆବେଦନକାରୀ ବ୍ୟକ୍ତି; 2. ସମ୍ବୋଧନକାରୀ ବ୍ୟକ୍ତି, ବକ୍ତା ।

**Adduce**, *v.t.* ଉପସ୍ଥିତ-କ, କୌଣସି ବିଷୟରେ କୌଣସି କଥାକୁ ପ୍ରମାଣସ୍ୱରୂପ ଦେଖାଇବାର, ଉଲ୍ଲେଖ-କ ।

**Adducent**, *a.* ସଙ୍କୋଚକ, ଯଥା,—ସଙ୍କୋଚକ ମାଂସପେଶୀ ।

**Adducer**, *n.* କଥା ବା ପ୍ରସଙ୍ଗ ଉପସ୍ଥିତକାରୀ ବ୍ୟକ୍ତି ।

**Adducible**, *a.* ଉଲ୍ଲେଖଯୋଗ୍ୟ, ପ୍ରସ୍ତାବଯୋଗ୍ୟ ।

**Adept**, *n.* 1. ନିପୁଣ ଚତୁର ବା ସୁଦକ୍ଷ ବ୍ୟକ୍ତି; 2. କୌଣସି ବିଦ୍ୟାରେ ସୁଶିକ୍ଷିତ ବ୍ୟକ୍ତି ।—*a.* ସୁନିପୁଣ, ସମ୍ପୂର୍ଣ୍ଣ ଶିକ୍ଷିତ, ସୁଜ୍ଞାତ ।

**Adequacy**, *n.* ପ୍ରାଚୁର୍ଯ୍ୟ, ପ୍ରଚୁରତା, ବାହୁଲ୍ୟ ।

**Adequate**, *a.* ଦାବୀ ନିମନ୍ତେ ବା ପ୍ରୟୋଜନୀୟ ବିଷୟ ନିମନ୍ତେ ଯଥେଷ୍ଟ, ଯଥେଷ୍ଟ, ଯଥୋଚିତ, ଉପଯୁକ୍ତ; 2. ସମସର, ସମପରିମାଣ, ସମାନ ।

**Adequately**, *ad.* 1. ଯଥେଷ୍ଟରୂପେ; 2. ସମପରିମାଣରେ; 3. ଯଥାର୍ଥରୂପେ ।

**Adhere**, *v.i.* 1. ଏକତ୍ର ଲାଗି ରହିବାର, ସଂଯୁକ୍ତ-ହେ, ସଂଲଗ୍ନ-ହେ; 2. ଅନୁଗତ-ହେ, କୌଣସି ଦଳରେ ମିଳିତ-ହେ; 3. ଦୃଢ଼ଭାବେ ରହିବାର ।

**Adherence**, *n.* 1 ସଂଲଗ୍ନତା, ସଂଲଗ୍ନାବସ୍ଥା; 2. ଆସକ୍ତି ।

**Adherent**, *a.* ସଂଲଗ୍ନ, ସଂଯୁକ୍ତ, ସଂଲଗ୍ନଶୀଳ ।—*n.* ଅନୁଗାମୀ, ସଙ୍ଗୀ, ଦଳଭୁକ୍ତ ବ୍ୟକ୍ତି, ପକ୍ଷାବଲମ୍ବୀ ।

**Adhesion**, *n.* ସଂଲଗ୍ନାବସ୍ଥା, ସଂଲଗ୍ନକରଣ; 2. ଆସକ୍ତି ଭାବ; 3. ସମ୍ମତି ।

**Adhesive**, *a.* 1. ସଂଲଗ୍ନସ୍ୱଭାବ, ଦୃଢ଼ଧାରକ; 2. ପଦାର୍ଥର ଚଟଚଟିଆ, ଅଠାଳିଆ ।

**Adhesively**, *ad.* 1. ସଂଲଗ୍ନଭାବେ, ଧାରକରୂପେ; 2. ଅଠାଳିଆରୂପେ ।

**Adhesiveness**, *n.* 1. ସଂଲଗ୍ନତା, ସଂଲଗ୍ନ ଗୁଣ, ଧାରକ ଗୁଣ; 2. ଅଠାଳିଆ ଗୁଣ; 3. ଅନୁରକ୍ତତା ।

**Adieu**, *interj.* ସ୍ୱସ୍ତି! ଈଶ୍ୱରସହାୟ! ।—*n. pl.* adieus, adieux, ପ୍ରସ୍ଥାନକାଳୀନ ବଚନ ବା କଲ୍ୟାଣ ବଚନ, ବିଦାୟକାଳୀନ ନମସ୍କାର, ମେଲାଣି ।

**Adipose**, **adipous**, *a.* ମେଦପୂର୍ଣ୍ଣ, ମେଦଯୁକ୍ତ, ମେଦସଦୃଶ । [ପଥ ।

**Adit**, *n.* 1. ପ୍ରବେଶପଥ; 2. ଖଣି ଭିତରକୁ ଯିବା ସୁଡଙ୍ଗ

**Adjacence**, **adjacency**, *n.* ନୈକଟ୍ୟାବସ୍ଥା, ନୈକଟ୍ୟ, ସାମୀପ୍ୟ, ଲଗାଲଗି ଅବସ୍ଥା ।

**Adjacent**, *a.* ନିକଟବର୍ତ୍ତୀ, ଲଗାଲଗି, ସମୀପସ୍ଥ ।

**Adjacently**, *ad.* ନିକଟବର୍ତ୍ତୀଭାବେ, ଲଗାଲଗିରୂପେ ।

**Adjectival**, *a.* 1. ବିଶେଷଣସମ୍ବନ୍ଧୀୟ; 2. ବିଶେଷଣ ପଦତୁଲ୍ୟ ।

**Adjective**, *n.* ବିଶେଷଣ ପଦ, ଗୁଣବାଚକ ଶବ୍ଦ, ବିଶେଷଣ ।—*a.* ଗୁଣବାଚକ, ବିଶେଷଣସମ୍ବନ୍ଧୀୟ ।

**Adjoin**, *v.t.* 1. ଯୋଗ-କ, ସଂଯୋଗ-କ, ଲଗାଇ-ଦେ; 2. ସ୍ପର୍ଶ-କ, ଲାଗି ରହିବାର ।—*v.i.* ସଂଲଗ୍ନ-ହେ, ଲଗାଲଗି-ହେ, ଯୁକ୍ତ-ହେ ।

**Adjoining**, *a.* ସଂଲଗ୍ନାବସ୍ଥାରେ ସ୍ଥିତ, ସଂଲଗ୍ନ, ନିକଟବର୍ତ୍ତୀ, ସମୀପବର୍ତ୍ତୀ ।

**Adjourn**, *v.t.* ଅନ୍ୟ ସମୟ ପର୍ଯ୍ୟନ୍ତ ବିଲମ୍ବ-କ, ସ୍ଥଗିତ-କ, ମୁଲତବୀ ରଖିବାର, କିଛିକାଳ ନିବୃତ୍ତ-କ, ମୌକୁଫ ରଖିବାର ।

**Adjournment**, *n.* 1. ସ୍ଥଗିତକରଣ, ମୁଲତବୀ, ଅନ୍ୟ ସମୟ ପର୍ଯ୍ୟନ୍ତ ବିଲମ୍ବକରଣ, ବିଲମ୍ବ; 2. ବିରାମ, ନିବୃତ୍ତି; 3. ଯେଉଁ ସମୟ ପର୍ଯ୍ୟନ୍ତ ସାଧାରଣ ସଭାର କାର୍ଯ୍ୟ ବନ୍ଦ ହୁଏ ।

**Adjudge**, *v.t.* 1. ଅଦାଲତରେ ନିଷ୍ପତ୍ତି-କ, ଦେୟ ସାବ୍ୟସ୍ତ-କ, ଦଣ୍ଡ ସ୍ଥିର-କ, ଦଣ୍ଡାଜ୍ଞା-କ; 2. ନିର୍ଣ୍ଣୟ-କ, ନିଷ୍ପତ୍ତି-କ ।

**Adjudicate**, *v.t.* ଅଦାଲତରେ ବିଚାର କରି ନିଷ୍ପତ୍ତି-କ ।—*v.i.* ବିଚାର ନିମନ୍ତେ ବସିବାର ।

**Adjudication**, **adjudgment**, *n.* ନିଷ୍ପତ୍ତି, ରାଏ ।

**Adjunct**, *n.* 1. ସଂଯୁକ୍ତ ବିଷୟ ବା ଦ୍ରବ୍ୟ, ମିଳିତ ବିଷୟ, ଉପାଙ୍ଗ, ଉପଯୋଗ; 2. ଅନ୍ୟ ସଙ୍ଗେ ମିଳିତ ବ୍ୟକ୍ତି, ସହକାରୀ ।—*a.* 1. ଯୁକ୍ତ, ସଂଯୁକ୍ତ; 2. କୌଣସି ପଦରେ ବା କାର୍ଯ୍ୟରେ ମିଳିତ ।

**Adjunction**, *n.* କୌଣସି ବିଷୟର ଯୋଗ ବା ମିଳନ, ଯୋଗକରଣ ।

**Adjunctive**, *a.* 1. ସଂଯୋଗକାରୀ; 2. ଯୁକ୍ତ; 3. ସାହାଯ୍ୟକାରୀ ।

**Adjuration**, *n.* ଶପଥପୂର୍ବକ କହିବାକୁ ଆହ୍ୱାନକରଣ, ଉତ୍କଟରେ ଓ ଗମ୍ଭୀର ଭାବରେ ଆଦେଶକରଣ, ଶପଥ, ପଣ ।

**Adjuratory**, *a.* ଉକ୍ତ କ୍ରିୟା ସମ୍ବନ୍ଧୀୟ, ଶପଥଯୁକ୍ତ ।

**Adjure**, *v.t.* ଶପଥପୂର୍ବକ କହିବାକୁ ଆହ୍ୱାନ-କ, ଶପଥପୂର୍ବକ ପ୍ରାର୍ଥନା-କ, ଉତ୍କଟରେ ଓ ଗମ୍ଭୀର ଭାବରେ ଆଦେଶ-କ ।

**Adjust**, *v.t.* 1. ନିୟମିତ-କ, ଠିକ୍-କ, ମିଳାଇବାର; 2. ସୁଶୃଙ୍ଖଳକରିବାର, ସଜାଡିବାର; 3. ନିଷ୍ପତ୍ତି-କ, ମୀମାଂସା-କ ।

**Adjustable**, *a.* 1. ମିଳାଇବାଯୋଗ୍ୟ; 2. ନିଷ୍ପତ୍ତି-ଯୋଗ୍ୟ ।

**Adjustment**, *n.* 1. ଠିକ୍‌କରଣ, ଠିକ୍‌କରଣର ଉପାୟ; 2. ନିଷ୍ପତ୍ତି, ମୀମାଂସା ।

**Adjutancy**, ସେନାପତିର ସାହାଯ୍ୟକାରୀ ସୈନିକ କର୍ମ-[illegible] ପଦ ।

**Adjutant**, *n.* 1. ସୈନିକ କର୍ମଚାରୀ ଯେ ସେନାପତିର ସାହାଯ୍ୟ କରେ, ଅଜୁଟାଣ୍ଟ ସାହେବ; 2. ହାଡଗିଲା ପକ୍ଷୀ ।

**Admeasure**, *v.t.* 1. ପରିମାଣ ଆୟତନ ଓ ପରିସର ନିର୍ଣ୍ଣୟ-କ, ମାପ-କ; 2. ବିଭାଗ-କ ।

**Admeasurement**, *n.* 1. ପରିମାଣକରଣ, ମାପକରଣ; 2. ନିଶ୍ଚିତ ପରିମାଣ ବା ମାପ ।

**Administer**, *v.t.* କର୍ମକର୍ତ୍ତା ଅଧ୍ୟକ୍ଷ ବା ପ୍ରଧାନ କର୍ମଚାରୀରୂପେ କାର୍ଯ୍ୟ ନିର୍ବାହ-କ, ଚଳାଇବାର, କରାଇବାର; 2. କାର୍ଯ୍ୟ ନିର୍ବାହର (ଯଥା,—ଆଇନର) ଅଧ୍ୟକ୍ଷତା-କ; 3. ପ୍ରଦାନ-କ, ଦେବାର, ବିତରଣ-କ ।—*v.i.* ମୃତ ବ୍ୟକ୍ତିର ସମ୍ପତ୍ତିତତ୍ତ୍ୱାବଧାରଣର ଭାର ଗ୍ରହଣ-କ ।

**Administration**, *n.* 1. କର୍ମ ନିର୍ବାହକରଣ, କର୍ମନିର୍ବାହ, ପରିଚାଳନା, କର୍ତ୍ତୃତ୍ୱ; 2. ବିତରଣ; 3. ସରକାରର କର୍ମସମ୍ପାଦକ ଦଳ, କର୍ମସମ୍ପାଦକ ବ୍ୟକ୍ତିମାନେ, ଶାସନକର୍ତ୍ତୃବର୍ଗ; 4. ମୃତ ବ୍ୟକ୍ତିର ସମ୍ପତ୍ତିତତ୍ତ୍ୱାବଧାରଣ କାର୍ଯ୍ୟ ।

**Administrative**, *a.* କାର୍ଯ୍ୟନିର୍ବାହକାରୀ, ନିର୍ବାହକ ।

**Administrator**, *n.* 1. କର୍ମନିର୍ବାହକ; 2. ମୃତ ବ୍ୟକ୍ତିର ଦାନପତ୍ରଶୂନ୍ୟ ସମ୍ପତ୍ତିର ତତ୍ତ୍ୱାବଧାରକ ।

**Administratorship**, *n.* 1. କର୍ମନିର୍ବାହକର ପଦ; 2. ମୃତ ବ୍ୟକ୍ତିର ସମ୍ପତ୍ତିତତ୍ତ୍ୱାବଧାରକ ପଦ ।

**Admirable**, *a.* ପ୍ରଶଂସନୀୟ, ପ୍ରଶଂସାଯୋଗ୍ୟ, ଅତ୍ୟୁତ୍ତମ ।

**Admirableness**, *n.* ପ୍ରଶଂସନୀୟତା, ଉତ୍କୃଷ୍ଟତା ।

**Admirably**, *ad.* ପ୍ରଶଂସନୀୟରୂପେ, ବିସ୍ମୟ ବା ଆଦରଜନକରୂପେ, ଅତ୍ୟୁତ୍ତମରୂପେ, ସୁନ୍ଦରରୂପେ, ବିଲକ୍ଷଣରୂପେ ।

**Admiral**, *n.* 1. ଯୁଦ୍ଧ ଜାହାଜସମୂହର କର୍ତ୍ତା ବା ଅଧ୍ୟକ୍ଷ, ପ୍ରଧାନ ନାବ୍ୟ କର୍ମଚାରୀ; 2. ଦୁଇ ପ୍ରକାର ପ୍ରଜାପତିର ନାମ ।

**Admiralship**, *n.* ଯୁଦ୍ଧ ଜାହାଜସମୂହର କର୍ତ୍ତୃପଦ ।

**Admiralty**, *n.* 1. ଯେଉଁ ପଦସ୍ଥ ବ୍ୟକ୍ତିମାନଙ୍କର ସମାଜ ଯୁଦ୍ଧ ଜାହାଜସମୂହର କର୍ମ ନିର୍ବାହ କରେ; 2. ଉକ୍ତ ସମାଜର ସଭାଗୃହ ।

**Admiration**, *n.* ସନ୍ତୋଷ ବା ବିସ୍ମୟପୂର୍ବକ ଦୃଷ୍ଟିକରଣ, ସୁଖଜନକ ବୋଧମିଶ୍ରିତ ବିସ୍ମୟ, ବିସ୍ମୟଜ୍ଞାନ, ଚମତ୍କାରଜ୍ଞାନ, ସୌନ୍ଦର୍ଯ୍ୟ ଭାବନାରେ ଆନନ୍ଦ ।

**Admire**, *v.t.* 1. ସନ୍ତୋଷ ବା ବିସ୍ମୟପୂର୍ବକ ଦୃଷ୍ଟି-କ, ସୌନ୍ଦର୍ଯ୍ୟରେ ଆମୋଦ-କ, ସୁନ୍ଦର ବୋଲି ବୋଧ-କ, ପସନ୍ଦ-କ, ଭଲ ପାଇବାର; 2. ବିଶେଷ ମାନ୍ୟ-କ ।

**Admirer**, *n.* 1. ସନ୍ତୋଷ ବା ବିସ୍ମୟପୂର୍ବକ ଦୃଷ୍ଟିକାରୀ ବ୍ୟକ୍ତି, ସୌନ୍ଦର୍ଯ୍ୟରେ ଆମୋଦକାରୀ ବ୍ୟକ୍ତି; 2. ବିଶେଷ ମାନ୍ୟକାରୀ ବ୍ୟକ୍ତି; 3. ପ୍ରଣୟୀ, ପ୍ରେମିକ ।

**Admiringly**, *ad.* 1. ସନ୍ତୋଷ ବା ବିସ୍ମୟପୂର୍ବକ; 2. ମାନ୍ୟ ବା ମର୍ଯ୍ୟାଦାପୂର୍ବକ ।

**Admissibility**, *n.* ସ୍ୱୀକାରଯୋଗ୍ୟତା, ଗ୍ରହଣୀୟତା ।

**Admissible**, *a.* 1. ପ୍ରବେଶଯୋଗ୍ୟ; 2. ସ୍ୱୀକାର-ଯୋଗ୍ୟ, ଗ୍ରାହ୍ୟ ।

**Admission**, *n.* 1. ପ୍ରବେଶାର୍ଥେ ଅନୁମତି; 2. ପ୍ରବେଶ; 3. ସ୍ୱୀକାର, ଅଙ୍ଗୀକାର ।

**Admit**, *v.t.* 1. ପ୍ରବେଶାର୍ଥେ ଅନୁମତି-ଦେ; 2. ପ୍ରବେଶ କରିବାକୁ-ଦେ; 3. ସ୍ୱୀକାର-କ, ଗ୍ରାହ୍ୟ-କ, ଅଙ୍ଗୀକାର-କ ।—*v.i.* 1. ପ୍ରବେଶ କରିବାକୁ-ଦେ; 2. admit of, ପ୍ରଯୋଜ୍ୟ-ହେ ।

**Admittable**, *a.* 1. ପ୍ରବେଶ୍ୟ; 2. ସ୍ୱୀକାର୍ଯ୍ୟ, ଗ୍ରହଣୀୟ ।

**Admittance**, *n.* 1. ପ୍ରବେଶାର୍ଥେ ଅନୁମତିକରଣ; 2. ପ୍ରବେଶାନୁମତି, ପ୍ରବେଶ ।

**Admittedly**, *ad.* ସ୍ୱୀକାର ବା ଅଙ୍ଗୀକାରପୂର୍ବକ, ସ୍ୱୀକୃତରୂପେ ।

**Admix**, *v.t.* ମିଶ୍ରିତ-କ, ମିଶାଇବାର ।

**Admixtion**, *n.* 1. ଏକତ୍ର ମିଶ୍ରିତକରଣ; 2. ମିଶ୍ରିତ କରିବା ଦ୍ୱାରା ଯୋଗ ।

**Admixture**, *n.* 1. ମିଶ୍ରିତ ବା ମିଳିତ ପଦାର୍ଥ; 2. ମିଶ୍ରଣ ।

**Admonish**, *v.t.* ଚେତନା-ଦେ, ଦୋଷ ବିରୁଦ୍ଧେ ପରାମର୍ଶ-ଦେ, ମୃଦୁ ଭାବେ ଅନୁଯୋଗ-କ, ଧୀରେ ଅନୁଯୋଗ-କ, ଗମ୍ଭୀରଭାବେ ଅନୁଯୋଗ-କ ।

**Admonition**, *n.* ଚେତନା, ସତର୍କୀକରଣ, ଧୀର ବା ଗମ୍ଭୀର ଅନୁଯୋଗ, ଦୋଷ ବିରୁଦ୍ଧେ ପରାମର୍ଶ, ଉପଦେଶ, ଶିକ୍ଷା ।

**Admonitor**, *n.* ଚେତନା ବା ଅନୁଯୋଗ ଯେ ଦିଏ, ସୁପରାମର୍ଶଦାତା ।

**Admonitory**, admonitorial, admonitive, *a.* ଚେତନାଯୁକ୍ତ, ଅନୁଯୋଗପୂର୍ଣ୍ଣ, ଚେତନାଦାୟକ ।

**Ado**, *n.* 1. ଗୋଳମାଳ, ଧୂମ୍‌ଧାମ୍; 2. କଷ୍ଟ, ଶ୍ରମ, ଦୁଃଖ, କ୍ଲେଶ ।

**Adolescence**, adolescency, *n.* କିଶୋର ଅବସ୍ଥାରେ ବୃଦ୍ଧି, କିଶୋରାବସ୍ଥା, ଯୌବନକାଳ ।

**Adolescent**, *a.* 1. କିଶୋର ଅବସ୍ଥାରେ ବର୍ଦ୍ଧନଶୀଳ; 2. ଯୌବନକାଳସମ୍ବନ୍ଧୀୟ ।

**Adopt**, *v.t.* 1. ପୋଷ୍ୟପୁତ୍ର-କ, ପାଳକପୁତ୍ର-କ, ଦତ୍ତକପୁତ୍ର-କ; 2. ସ୍ୱାର୍ଥେଗ୍ରହଣ-କ ।

**Adoptable**, *a.* 1. ପୋଷ୍ୟପୁତ୍ରକରଣୀୟ; 2. ସ୍ୱାର୍ଥେଗ୍ରହଣଯୋଗ୍ୟ ।

**Adoption**, *n.* 1. ପୋଷ୍ୟପୁତ୍ରକରଣ, ପୋଷ୍ୟପୁତ୍ରତ୍ୱ; 2. ସ୍ୱାର୍ଥେଗ୍ରହଣକରଣ, ଗ୍ରହଣ, ଚଳନକରଣ ।

**Adoptive**, *a.* 1. ପୋଷ୍ୟପୁତ୍ରତ୍ୱରୂପେ ନିଯୁକ୍ତ, ପୋଷ୍ୟପୁତ୍ରରୂପେ ଗୃହୀତ, ଗ୍ରହଣଯୋଗ୍ୟ, ଗ୍ରହଣକାରୀ; 2. ଗୃହୀତ ।

**Adorable**, *a.* ପୂଜ୍ୟ, ପୂଜନୀୟ, ଈଶ୍ୱରତୁଲ୍ୟ ଆରାଧ୍ୟ, ବିଶେଷ ପ୍ରେମ ଓ ଆଦରଯୋଗ୍ୟ ।

**Adorableness**, *n.* ପୂଜନୀୟତା, ବିଶେଷ ପ୍ରେମଯୋଗ୍ୟତା ।

**Adorably**, *ad.* ପୂଜନୀୟରୂପେ, ଆରାଧ୍ୟଭାବେ ।

**Adoration**, *n.* ଈଶ୍ୱର ପୂଜା, ଅର୍ଚ୍ଚନା, ଆଦର ଓ ଭକ୍ତିପୂର୍ବକ ପୂଜା, ସମ୍ଭ୍ରମ, ଗମ୍ଭୀର ଭକ୍ତି; 2. ଅତିଶୟ ପ୍ରେମ ।

**Adore**, *v.t.* (ପ୍ରାର୍ଥନାରେ ସମ୍ବୋଧନ-କ, ମିନତି-କ); 1. ଆଦର ଓ ଭକ୍ତିପୂର୍ବକ ପୂଜା-କ, ପ୍ରଗାଢ ଭକ୍ତିରେ ପୂଜା-କ, ଈଶ୍ୱର ତୁଲ୍ୟ ସମ୍ଭ୍ରମ-କ; 2. ଅତିଶୟ ପ୍ରେମ-କ ।

**Adorer**, *n.* 1. ଆଦର ଓ ଭକ୍ତିପୂର୍ବକ ପୂଜକ, ଈଶ୍ୱରତୁଲ୍ୟ ଅନ୍ୟର ପୂଜକ; 2. ପ୍ରେମୀ ।

**Adoringly**, *ad.* ସଭକ୍ତି ପୂଜାପୂର୍ବକ ।

**Adorn**, *v.t.* ଅଲଙ୍କୃତ-କ, ଅଳଙ୍କାର ପରିଧାନ କରିବାର ବା କରାଇବାର, ବିଭୂଷିତ-କ, ସୁଶୋଭିତ-କ, ସୁନ୍ଦର-କ ।

**Adornment**, *n.* 1. ସାଲଙ୍କାରକରଣ; 2. ଭୂଷଣ ।

**Adown**, *prep.* 1. ଉଚ୍ଚସ୍ଥାନରୁ ନୀଚସ୍ଥାନଆଡେ; 2. ଅନୁକ୍ରମେ ।—*ad.* ଅଧଃ, ଭୂମିରେ, ତଳେ ।

**Adrift**, *a.* ଏଣେତେଣେ ଭାସମାନ, ବାୟୁ ବା ସ୍ରୋତର ଇଚ୍ଛାମତେ ଭାସମାନ, ଯଥେଚ୍ଛାକ୍ରମେ ଚାଳିତ ।

**Adroit**, *a.* ଦକ୍ଷ, ନିପୁଣ, ଚତୁର, କ୍ଷିପ୍ର ।

**Adroitly**, *ad.* ଦକ୍ଷରୂପେ, ନିପୁଣରୂପେ, ଚତୁରରୂପେ, କ୍ଷିପ୍ରତାପୂର୍ବକ ।

**Adroitness**, *n.* ଦକ୍ଷତା, ନିପୁଣତା, ଚତୁରତା, କ୍ଷିପ୍ରତା ।

**Adry**, *a.* ତୃଷିତ, ପିପାସିତ । [ମୋଦ-କ ।

**Adulate**, *v.t.* କପଟ ଅନୁରାଗ ଦେଖାଇବାର, ଖୋଶା-

**Adulation**, *n.* ଚାଟୁବାଦ, ଅତିରିକ୍ତ ପ୍ରଶଂସା, ସ୍ତବ ।

**Adulator**, *n.* ଚାଟୁବାଦୀ ଲୋକ, ଖୋଶାମୁଦିଆ ଲୋକ ।

**Adulatory**, *a.* ଚାଟୁବାଦୀ, ଖୋଶାମୋଦକାରୀ, ଖୋଶାମୋଦପୂର୍ଣ୍ଣ, ଅତିରିକ୍ତ ସ୍ତବକାରୀ ।

**Adult**, *a.* 1. ବୟସ୍ଥ, ବୟଃପ୍ରାପ୍ତ, ପ୍ରାପ୍ତବୟସ୍କ, ସିଆଣା; 2. ବୟଃପ୍ରାପ୍ତ ଲୋକର ଉପଯୋଗୀ ବା ସମ୍ବନ୍ଧୀୟ ।—*n.* ବୟଃପ୍ରାପ୍ତ ବ୍ୟକ୍ତି ।

**Adulterant**, *n.* ଦୂଷିତକାରୀ ପଦାର୍ଥ ।

**Adulterate**, *v.t.* ମନ୍ଦ ବା ଭିନ୍ନ ପଦାର୍ଥର ମିଶ୍ରଣ ଦ୍ୱାରା ଅଶୁଦ୍ଧ-କ, କଳୁଷିତ-କ, ଦୂଷିତ କ ।—*a.* 1. ଦୂଷିତ; 2. କୃତ୍ରିମ ।

**Adulteration**, 1. ମନ୍ଦ ପଦାର୍ଥର ମିଶ୍ରଣ; 2. ଅଶୁଦ୍ଧାବସ୍ଥା ।

**Adulterer**, ପରଦାରଗାମୀ, ପାରଦାରିକ, ବ୍ୟଭିଚାରୀ ଲୋକ ।

**Adulteress**, *n.* ପରପୁରୁଷଗାମିନୀ, ବ୍ୟଭିଚାରିଣୀ ।

**Adulterine**, *a.* 1. ବିଜନ୍ମା, ଜାରଜ, ବିଜାତକ; 2. କୃତ୍ରିମ ।—*n.* ଜାରଜ ସନ୍ତାନ ।

**Adulterous**, *a.* 1. ପରଦାର କର୍ମରେ ଦୋଷୀ, ବ୍ୟଭିଚାରୀ; 2. ପରଦାରସମ୍ବନ୍ଧୀୟ ।

**Adultery**, *n.* ପରଦାରଗମନ, ପରଦାର, ବ୍ୟଭିଚାର, ପର ଭାର୍ଯ୍ୟା ବା ସ୍ୱାମି ସଙ୍ଗେ ବିବାହିତ ବ୍ୟକ୍ତିର ସହବାସ ।

**Adultness**, *n.* ବୟଃପ୍ରାପ୍ତ ଅବସ୍ଥା, ସାବାଳଗତ୍ୱ, ସମ୍ପୂର୍ଣ୍ଣ ବୃଦ୍ଧି ।

**Adumbrant**, *a.* ଈଷତ୍ ଛାୟାଦାୟକ ।

**Adumbrate**, *v.t.* ଛାୟାବତ୍ ମୂର୍ତ୍ତି-କ, ଈଷତ୍ ସାଦୃଶ୍ୟ ଦେଖାଇବାର, ଛାୟାରେ ଦର୍ଶାଇବାର, ଆଭାସ-ଦେ ।

**Adumbration**, *n.* ଛାୟାବତ୍ ମୂର୍ତ୍ତିକରଣ, ଫିକା ନକ୍ସା, ଆଭାସ, ଅସମ୍ପୂର୍ଣ୍ଣ ବର୍ଣ୍ଣନା ବା ପ୍ରତିରୂପ, ଈଷତ୍ ସାଦୃଶ୍ୟ, ଛାୟା ।

**Adumbrative**, *a*, ଛାୟାବତ୍ ମୂର୍ତ୍ତି ପ୍ରକାଶକ, ଛାୟା ପ୍ରଦର୍ଶକ, ଈଷତ୍ ସଦୃଶ ।

**Adumtratively**, *ad.* ଛାୟାବତ୍ ମୂର୍ତ୍ତି ପ୍ରକାଶକରୂପେ, ଈଷତ୍ ସାଦୃଶ୍ୟଭାବେ । [ବିଶିଷ୍ଟ ।

**Adust**, *a.* ସୂର୍ଯ୍ୟ ତାପରେ ପୋଡା, କଟୁ, ଦଗ୍ଧ ବର୍ଣ୍ଣ-

**Advance**, *v.t.* 1. ଅଗ୍ରେ ଚଳାଇବାର, ଆଗରେ ଆଣିବାର ବା ରଖିବାର, ପ୍ରସ୍ତାବ-କ; 2. ଉନ୍ନତ-କ, ବୃଦ୍ଧି-କ; 3. ଦାଦନ-ଦେ, ବଇନା-ଦେ; 4. ଯୋଗାଇବାର; 5. ଶୀଘ୍ର କରାଇବାର ।—*v.i.* 1. ଅଗ୍ରେ ଗମନ-କ, ଅଗ୍ରସର-ହେ, ଗମନ-କ, ଅଗ୍ରେ ବଢିଯିବାର; 2. କ୍ରମେ ଉନ୍ନତ-ହେ, ଉଚ୍ଚପଦସ୍ଥ-ହେ; 3. ମୂଲ୍ୟ ବୃଦ୍ଧି-ହେ ।—*n.* 1. ଅଗ୍ରଗମନ; 2. ଉନ୍ନତ, ପଦୋନ୍ନତ; 3. ପ୍ରଥମ ଉଦ୍ୟୋଗ, ପ୍ରସ୍ତାବ; 4. ମୂଲ୍ୟ ବୃଦ୍ଧି, ଲାଭ ବୃଦ୍ଧି; 5. ଦାଦନ, ବଇନା ।—in advance, 1. ଅଗ୍ରେ; 2. ପୂର୍ବେ; 3. ଦାଦନରୂପେ ।

**Advancement**, *n.* 1. ଅଗ୍ରଗମନ; 2. ବୃଦ୍ଧି, ଉନ୍ନତ, ପଦୋନ୍ନତ ।

**Advantage**, *n.* 1. ଉପକାର, ଲାଭ, ଫଳ, ପ୍ରାଧାନ୍ୟ; 2. ସୁଯୋଗ, ସୁବିଧା ।—to take advantage of, 1. ସୁବିଧା କରି ନେବାର; 2. ଠକାଇବାର ।—*v.t.* ଉପକାର-କ, ସହାୟତା-କ, ଲାଭ-କ ।

**Advantageous**, *a.* ଉପକାରୀ, ହିତକର, ଲାଭଜନକ, ଫଳଦାୟକ, କାର୍ଯ୍ୟକର ।

**Advantageously**, *ad.* ଉପକାରରୂପେ, ହିତକରରୂପେ, ଲଭ୍ୟଦାୟରୂପେ, ସୁବିଧାଜନକରୂପେ ।

**Advantageousness**, *n.* ଉପକାରଜନକ ଗୁଣ ବା ଅବସ୍ଥା, ଲଭ୍ୟତା, ଲାଭଜନକତା, ଗୁଣକାରତ୍ୱ ।

**Advent**, *n.* 1. ଆଗମନ, ଉତ୍ତରଣ; 2. ଖ୍ରୀଷ୍ଟଙ୍କ ଆଗମନ, ଅବତାର; 3. ଖ୍ରୀଷ୍ଟଙ୍କ ଜନ୍ମୋତ୍ସବର ପୂର୍ବ ଚାରି ସପ୍ତାହ ।

**Adventitious**, *a.* ବାହାରରୁ ଆଗତ, ଆଗନ୍ତୁକ, ଆକସ୍ମିକ, ଅସମ୍ପର୍କୀୟ, ଅହାର୍ଯ୍ୟ ।

**Adventiously**, *ad.* ଆଗନ୍ତୁକରୂପେ; ଆକସ୍ମିକରୂପେ, ଅସମ୍ପର୍କୀୟଭାବେ ।

**Adventual**, *a.* ଖ୍ରୀଷ୍ଟାଗମନସମ୍ବନ୍ଧୀୟ ।

**Adventure**, *n.* 1. ଦାୟ; 2. ଆପଦଯୁକ୍ତ ସାହସର କର୍ମ, ଦୁଃସାହସର କର୍ମ; 3. ଲାଭାଶାରେ କ୍ରୟବିକ୍ରୟକରଣ; 4. ଅଦ୍ଭୁତ ଘଟନା, ମନୋଯୋଗ୍ୟ ଅନୁଭୂତ ବିଷୟ ।—*v.t.* କ୍ଷତି ସମ୍ଭାବନାରେ ଅର୍ପଣ-କ, ଅଦୃଷ୍ଟର ପରାକ୍ରମରେ ଅର୍ପଣ-କ, ଦାୟଯୁକ୍ତ କର୍ମ-କ ।—*v.i.* ସାହସ-କ, ଦୁଃସାଧ୍ୟ କର୍ମରେ ପ୍ରବୃତ୍ତ-ହେ ।

**Adventurer**, *n.* 1. ଅଦୃଷ୍ଟ କର୍ମରେ ବା ଆପଦଯୁକ୍ତ କାର୍ଯ୍ୟରେ ଯେ ପ୍ରବୃତ୍ତ ହୁଏ, ଦାୟଯୁକ୍ତ କର୍ମ ଯେ ଲୋକେ, ଦୁଃସାହସିକ, ସାହସପୂର୍ଣ୍ଣ ଅସାମାନ୍ୟ ଓ ଅଦ୍ଭୁତ କାର୍ଯ୍ୟମାନରେ ଯେ ଭାଗୀ ହୁଏ; 2. ବ୍ୟବସାୟ ନ ଥାଇ ନିଜ ତାଲକରେ ବା ପ୍ରତାରଣାଯୁକ୍ତ ଉପାୟରେ ଉପଜୀବିକା ନିର୍ବାହ ଯେ କରେ ।

**Adventuress**, *n.* female adventurer, see foregoing under 2.

**Adventurous**, *a.* 1. ଅଦୃଷ୍ଟ କର୍ମରେ ବା ଆପଦଯୁକ୍ତ କାର୍ଯ୍ୟରେ ପ୍ରବେଶୋନ୍ମୁଖ, ସାହସୀ, ନିର୍ଭୟ; 2. କ୍ଷତି ଆଶଙ୍କାପୂର୍ଣ୍ଣ, ଆପଦସଙ୍କୁଳ ।

**Adventurously**, *ad.* ସାହସିକରୂପେ, ନିର୍ଭୟରୂପେ, କ୍ଷତି ଆଶଙ୍କାପୂର୍ବକ ।

**Adventurousness**, ଆପଜ୍ଜନକ କର୍ମରେ ଅଗ୍ରସର ।

**Adverb**, *n.* କ୍ରିୟା ବିଶେଷଣ, ଅବ୍ୟୟ ଶବ୍ଦ ।

**Adverbial**, *a.* କ୍ରିୟା ବିଶେଷଣସମ୍ବନ୍ଧୀୟ ।

**Adverbially**, *ad.* କ୍ରିୟା ବିଶେଷଣରୂପେ ।

**Adversary**, *n.* ବିପକ୍ଷ, ଅରି, ଶତ୍ରୁ, ବୈରୀ, ରିପୁ, (ଧର୍ମପୁସ୍ତକରେ) ଶୟତାନ ।

**Adversative**, *a.* ବିରୋଧସୂଚକ, ବୈପରୀତ୍ୟସୂଚକ, ପ୍ରଭେଦସୂଚକ ।—*n.* ବିରୋଧ ବା ବୈପରୀତ୍ୟ ଅର୍ଥବୋଧକ କଥା ।

**Adverse**, *a.* 1. ପ୍ରତିକୂଳ, ବିପରୀତ, ବିରୁଦ୍ଧ, ବିପକ୍ଷୀୟ; 2. ଦୁଃଖଦାୟକ, ଅନିଷ୍ଟକର, କ୍ଷତିକର, ଅନନୁକୂଳ, ଅମଙ୍ଗଳଜନକ ।

**Adversely**, *ad.* 1. ପ୍ରତିକୂଳଭାବେ, ବିପରୀତରୂପେ; 2. ଦୁର୍ଭାଗ୍ୟରୂପେ, ଦୁଃଖଦାୟକରୂପେ ।

**Adverseness**, *n.* 1. ପ୍ରତିକୂଳତା, ବିପକ୍ଷତା, ବିରୋଧ; 2. ଅକୁଶଳତା ।

**Adversity**, *n.* 1. ଇଷ୍ଟସିଦ୍ଧି ବାଞ୍ଛା ବା କୁଶଳର ପ୍ରତିକୂଳତା କରେ ଯାହା, ଦୁରବସ୍ଥା, ଦୁର୍ଦ୍ଦଶା, ଦୁର୍ଭାଗ୍ୟ; 2. ବିପଦ, ବିପତ୍ତି, ଦୁଃଖ, କ୍ଲେଶ ।

**Advert**, *v.i.* followed by *to*, ମନୋଯୋଗୀ-ହେ, ଅବଧାନ-କ, ଉଲ୍ଲେଖ-କ, ସୂଚନା-କ ।

**Advertence**, *n.* ମନୋଯୋଗ, ଅବଧାନ ।

**Advertency**, *n.* ମନୋଯୋଗିତା, ସତର୍କତା ।

**Advertent**, *a.* ମନୋଯୋଗୀ, ଅବଧାନୀ, ସତର୍କ ।

**Advertise**, *v.t.* ଜ୍ଞାତ-କ, ଜଣାଇବାର, ଇସ୍ତିହାର-ଦେ, ବିଜ୍ଞାପନ-ଦେ ।—*v.i.* ନିଜ ଇଚ୍ଛା ବା ଅଭିପ୍ରାୟ ଇସ୍ତିହାର ଦ୍ୱାରା ପ୍ରକାଶ-କ ।

**Advertisement**, *n.* 1. ବିଜ୍ଞାପନପତ୍ର, ଇସ୍ତିହାର, ବିଜ୍ଞାପନ; 2. ସମ୍ବାଦ ।

**Advertiser**, *n.* ବିଜ୍ଞାପକ, ଇସ୍ତିହାର ଯେ ଦିଏ, ପ୍ରକାଶକ ।

**Advertising**, *a.* ବିଜ୍ଞାପନପୂର୍ଣ୍ଣ, ବିଜ୍ଞାପକ ।

**Advice**, *n.* 1. ପ୍ରସ୍ତାବିତ ମତ, ପରାମର୍ଶ, ମନ୍ତ୍ରଣା, ଉପଦେଶ; 2. ବ୍ୟବସାୟସମ୍ବନ୍ଧୀୟ ସମ୍ବାଦ, ଜ୍ଞାପକ ପତ୍ର, ସମାଚାର ।—to take advice, ଅନ୍ୟ ସଙ୍ଗରେ ପରାମର୍ଶ-କ, ଅଭିଜ୍ଞ ବ୍ୟକ୍ତିର ମତ ନେବାର ।

**Advisability**, advisableness, *n.* ପରାମର୍ଶଯୋଗ୍ୟତା, ଔଚିତ୍ୟ, ଉପଯୁକ୍ତତା ।

**Advisable**, *a*, କରଣୀୟ, ଉଚିତ, ଉପଯୁକ୍ତ, ବାଞ୍ଛନୀୟ, ଅଭିଲଷଣୀୟ ।

**Advisably**, *ad.* ସୁପରାମର୍ଶାନୁସାରେ, ସୁବିବେଚନାପୂର୍ବକ ।

**Advise**, *v.t.* 1. ପରାମର୍ଶ-ଦେ, ଗ୍ରହଣୀୟ ମତ ପ୍ରକାଶ-କ, ମନ୍ତ୍ରଣା-ଦେ, ଚେତାଇବାର; 2. ଜ୍ଞାତ କରାଇବାର, ସମ୍ବାଦ-ଦେ ।—*v.i.* ପରାମର୍ଶ-ନେ ବା ଦେ ।

**Advised**, *a.* ପୂର୍ବରେ ସ୍ଥିରୀକୃତ, ପରାମର୍ଶ ଦ୍ୱାରା ସୂଚିତ, ବିବେଚିତ, used especially with *well* or *ill*, ଯଥା,—ସୁବିବେଚିତ ।

**Advisedly**, *ad.* 1. ଧୀର ଭାବରେ, ବିବେଚନାପୂର୍ବକ, ପରାମର୍ଶପୂର୍ବକ; 2. ଜାଣିଶୁଣିକରି, ଜ୍ଞାତସାରରେ, ଅଭିପ୍ରାୟାନୁସାରେ ।

**Advisedness**, *n.* 1. ପରାମର୍ଶ ପ୍ରାପ୍ତାବସ୍ଥା; 2. ସୁବିବେଚିତ କାର୍ଯ୍ୟ ।

**Adviser**, *n.* ପରାମର୍ଶଦାତା, ମନ୍ତ୍ରୀ । [ମର୍ଶବିଶିଷ୍ଟ ।

**Advisory**, *a.* 1. ପରାମର୍ଶ ଦେବାକୁ ସକ୍ଷମ; 2. ପରା-

**Advocacy**, *n.* 1. ଓକାଲତି, ପରାର୍ଥରେ ନିବେଦନ; 2. ପ୍ରତ୍ୟୁତ୍ତର, ପ୍ରତିବାଦକରଣ, ସମର୍ଥନ ।

**Advocate**, *n.* 1. ପରାମର୍ଶ ବା ସାହାଯ୍ୟ ଦେବା ପାଇଁ ଆହୂତ ବ୍ୟକ୍ତି; 2. ଓକିଲ; 3. ସପକ୍ଷବାଦୀ, ପକ୍ଷସମର୍ଥକ ।—*v.t.* 1. କୌଣସି ବିଷୟ ବା ବ୍ୟକ୍ତି ସପକ୍ଷରେ କହିବାର, ଯୁକ୍ତି ଦ୍ୱାରା ପ୍ରତିବାଦ-କ; 2. ସମର୍ଥନ-କ ।

**Advocateship**, *n.* ଓକିଲର କର୍ମ ବା ପଦ, ଓକାଲତି ।

**Advowson**, *n.* ଖ୍ରୀଷ୍ଟୀୟ ମଣ୍ଡଳୀରେ ବୃତ୍ତିଦାନଯୁକ୍ତ କୌଣସି ପୁରୋହିତପଦ ଦେବାର ଅଧିକାର ।

**Adze**, adz, *n.* ବାଷିଁ ।

**Ædile**, *n.* ରୋମୀୟ ଅଟ୍ଟାଳିକାଦିର ପରିଦର୍ଶକ ଶାସନକର୍ତ୍ତା ।

**Ægis**, *n.* 1. ମିନର୍ଭା ଦେବୀର ଢାଲ, ଫଳକ; 2. ରକ୍ଷାକାରୀ ପଦାର୍ଥ ବା ପରାକ୍ରମ, ଅଭୟକବଚ ।

**Æolian**, *a.* ପୁରାତନ ଗ୍ରୀକ୍ ଓ ରୋମୀୟମାନଙ୍କର ବାୟୁ ଦେବତାସମ୍ବନ୍ଧୀୟ ।

**Æolian harp**, *n.* ବାୟବୀୟ ବାଦ୍ୟ ଯନ୍ତ୍ର ।

**Aërate**, *v.t.* 1. ବାୟୁ ପ୍ରବେଶ କରାଇବାର; 2. ବାୟୁ ଶକ୍ତିର କାର୍ଯ୍ୟ ନିମନ୍ତେ ଅନାବୃତ ରଖିବାର; 3. ଅଙ୍ଗାରାମ୍ଳ ଦ୍ୱାରା ପୂର୍ଣ୍ଣ-କ ।—aerated water ଅଙ୍ଗାରାମ୍ଳ ପୂର୍ଣ୍ଣ ଜଳ ।

**Aeration**, *n.* ବାୟୁ ପ୍ରବେଶକରଣ, ବାୟୁ ବା ଅଙ୍ଗାରାମ୍ଳର ବାଷ୍ପ ଦ୍ୱାରା ପୂର୍ଣ୍ଣକରଣ ।

**Aerator**, *n.* ବାୟୁ ପ୍ରବେଶ କରାଇବା ଯନ୍ତ୍ର ବିଶେଷ ।

**Aerial**, *a.* 1. ବାୟବୀୟ, ବାୟୁପ୍ରାକୃତିକ, ବାୟୁବିଶିଷ୍ଟ; 2. ବାୟୁଜ; 3. ମାରୁତବିହାରୀ, ବାୟୁଗ, ଖେଚର; 4. ଉଚ୍ଚ, ଉନ୍ନତ ।

**Aerially**, *ad.* ବାୟବୀୟରୂପେ ।

**Aerie**, *n.* 1. ଶିକାରୀ ପକ୍ଷିର ବସା; 2. ଶିକାରୀ ପକ୍ଷିର ଛୁଆ ସବୁ; 3. ଉର୍ଦ୍ଧ୍ୱ ବାସସ୍ଥାନ ।

**Aeriferous**, *a.* ବାୟୁବାହକ ।

**Aeriform**, *a.* ବାୟୁବତ୍, ବାୟୁସ୍ୱରୂପ ।

**Aerify**, *v.t.* ବାୟୁ ପ୍ରବେଶ କରାଇବାର, ବାୟୁରେ ପୂର୍ଣ୍ଣ-କ, ବାୟୁ ମିଶ୍ରିତ-କ ।

**Aerolite**, *n.* ଆକାଶୀୟ ପ୍ରସ୍ତର, ଉଲ୍କା ପ୍ରସ୍ତର ।

**Aerological**, *a.* ବାୟୁବିଜ୍ଞାନସମ୍ବନ୍ଧୀୟ ।

**Aerologist**, *n.* ବାୟୁବିଜ୍ଞାନବିତ୍ ।

**Aerology**, *n.* 1. ବାୟୁସମ୍ବନ୍ଧୀୟ ପ୍ରବନ୍ଧ; 2. ବାୟୁବିଜ୍ଞାନ ।

**Aerometer**, *n.* ବାୟୁ ବା ବାଷ୍ପ ପରୀକ୍ଷକ ଯନ୍ତ୍ର, ବାୟୁମାନ ଯନ୍ତ୍ର ।

**Aerometry**, *n.* ବାୟୁ ବା ବାଷ୍ପ ପରିମାପକ ବିଦ୍ୟା ।

**Aeronaut**, *n.* ବେଲୁନରେ ଯେ ଗତି କରେ, ଗଗନଯାତ୍ରୀ, ପବନବିହାରୀ ।

**Aeronautic**, *a.* ଆକାଶ ଯାତ୍ରା ବା ଯାତ୍ରିସମ୍ବନ୍ଧୀୟ ।

**Aeronautics**, *n.* ଆକାଶ ଯାତ୍ରିର ବିଦ୍ୟା, ବେଲୁନ ଦ୍ୱାରା ଆକାଶରେ ଭ୍ରମଣ କରିବା କୌଶଳ ।

**Aerostat**, *n.* ବେଲୁନ, ବ୍ୟୋମଯାନ ।

**Aerostatic, aerostatical**, *a.* ବେଲୁନସମ୍ବନ୍ଧୀୟ ।

**Æsthete**, *n.* 1. ରୁଚିବିଜ୍ଞାନବିତ୍; 2. ଶୋଭା ପ୍ରେମିକ ବ୍ୟକ୍ତି ।

**Æsthetic, æsthetical**, *a.* ରୁଚିବିଜ୍ଞାନସମ୍ବନ୍ଧୀୟ ।

**Æsthetically**, *ad.* ରୁଚିବିଜ୍ଞାନର ମୂଳସୂତ୍ରାନୁସାରେ ।

**Æstheticism**, *n.* 1. ରୁଚିବିଜ୍ଞାନର ମୂଳସୂତ୍ରସମୂହ; 2. ରୁଚିବିଜ୍ଞାନରେ ଅନୁରାଗ ।

**Æsthetics**, *n.* ପ୍ରକୃତି ସୂକ୍ଷ୍ମବିଦ୍ୟା ଓ ଶାସ୍ତ୍ରବିଦ୍ୟାରେ ଥିବା ସୌନ୍ଦର୍ଯ୍ୟସମ୍ବନ୍ଧୀୟ ବିଜ୍ଞାନ, ରୁଚିବିଜ୍ଞାନ ।

**Ætiology**, *n.* କାରଣବିଜ୍ଞାନ, କାରଣ ନିରୂପଣକରଣ ।

**Afar**, *ad.* or pr. *a.* ବହୁଦୂରରେ, ଦୂରରେ, ଅନ୍ତରେ, ଦୂରସ୍ଥ, (from) afar off, ଦୂରରୁ ।

**Affability**, *n.* ଆଳାପୀ ଗୁଣ, ସୁଶୀଳତା, ଶିଷ୍ଟତା, ସୌଜନ୍ୟ । [ଶିଷ୍ଟ ।

**Affable**, ଆଳାପୀ, ଆଳାପ୍ୟ, ଅମାୟିକ, ଅଭିଗମ୍ୟ, ସୁଶୀଳ,

**Affably**, *ad.* ସୌଜନ୍ୟସହ, ସୁଶୀଳରୂପେ ।

**Affair**, *n.* 1. କର୍ତ୍ତବ୍ୟ ବା କୃତ ବିଷୟ, କାର୍ଯ୍ୟ, କର୍ମ, ବିଷୟ; 2. ସାମାନ୍ୟ ଯୁଦ୍ଧ, ହାତାହାତି ଯୁଦ୍ଧ; 3. *pl.* କାର୍ଯ୍ୟ, ଗୁରୁତର ବିଷୟ, ସାଧାରଣ କାର୍ଯ୍ୟ ।

**Affect**, *v.t.* 1. ଆକ୍ରାନ୍ତ-କ, ଅଭିଭୂତ-କ, (ମୋହିତ ବା ବ୍ୟାକୁଳ-କ, ସୁଖ ବା ଦୁଃଖ ଜନ୍ମାଇବାର); 2. ପ୍ରବୃତ୍ତି ଜନ୍ମାଇବାର; 3. ଛଳନା-କ, ଛଦ୍ମ ବେଶ ବା ଗୁଣ ଦେଖାଇବାର; 4. ଭଲ ଜାଣିବାର, ଶ୍ରଦ୍ଧା-କ, ଅନୁରାଗ ଦେଖାଇବାର ।

**Affectation**, affectedness, *n.* ଯାହା ସ୍ୱାଭାବିକ ଓ ପ୍ରାକୃତିକ ନୁହେ ତାହା ଦେଖାଇବାକୁ ଚେଷ୍ଟାକରଣ, କୃତ୍ରିମ ବର୍ତ୍ତନ, ଅସ୍ୱାଭାବିକ ଆଚରଣ ଧାରଣ, ଚଟକ ଲଗାଇବା ନିମନ୍ତେ ଚେଷ୍ଟାକରଣ ।

**Affected**, *a.* 1. ଅନୁରାଗୀ, ପ୍ରବୃତ୍ତ, with *well* or *ill*; 2. ଛଳନାପୂର୍ଣ୍ଣ, କୃତ୍ରିମ, ଅସ୍ୱାଭାବିକ ।

**Affectedly**, *ad.* ଛଳନାପୂର୍ବକ, କୃତ୍ରିମଭାବେ, କପଟଭାବେ, ଅସ୍ୱାଭାବିକ ଆଚରଣ ସହିତରେ ।

**Affecting**, *a.* 1. ଅଭିଭୂତକାରୀ, ଉତ୍ତେଜନାକାରୀ; 2. ହୃଦୟାର୍ଦ୍ରକାରୀ, ଚିତ୍ତାକର୍ଷକ ।

**Affectingly**, *ad.* ଚିତ୍ତାକର୍ଷକରୂପେ ।

**Affection**, *n.* 1. ଅଭିଭୂତାବସ୍ଥା; 2. ଅନୁରାଗ, ସ୍ନେହ, ପ୍ରେମ, ହିତେଚ୍ଛା; 3. ଅଭିଳାଷ, ମନର ଭାବ, ଅନୁଭବବୃତ୍ତି, ଯଥା,—ଅପର ଈର୍ଷା-ଦ୍ୱେଷ ଆଦି; 4. ସ୍ପୃହା, ଲାଳସା; 5. ସ୍ଥାୟୀ ଗୁଣ ବା ସ୍ୱଭାବ; 6. ଶରୀରର କୌଣସି ବିଶେଷ ଅସୁସ୍ଥାବସ୍ଥା ।

**Affectionate**, *a.* 1. ପ୍ରେମପୂର୍ଣ୍ଣ, ପ୍ରେମରେ ଉତ୍ତପ୍ତ, ସ୍ନିଗ୍ଧ, ଅନୁରାଗୀ, ପ୍ରେମୀ, ସ୍ନେହଶୀଳ; 2. ପ୍ରେମପ୍ରକାଶକ ।

**Affectionately**, *ad.* ପ୍ରେମରେ, ପ୍ରେମପୂର୍ବକ, ସ୍ନେହରୂପେ ।

**Affiance**, *n.* (ଅଙ୍ଗୀକୃତ ବିଶ୍ୱସ୍ତତା); 1. ବିବାହସ୍ଥିରୀକରଣ, ବିବାହଚୁକ୍ତି; 2. ନିର୍ଭର, ପ୍ରତ୍ୟୟ, (ବିଶେଷରେ ଈଶ୍ୱରଙ୍କ ସମ୍ବନ୍ଧରେ ବ୍ୟବହୃତ) ।—*v.t.* 1. ବଚନ ଦ୍ୱାରା ନିଶ୍ଚୟ-କ; 2. ବିବାହସମ୍ବନ୍ଧ-କ, ବାଗ୍‌ଦାନ-କ ।

**Affianced**, *a.* and *n.* ବିବାହସମ୍ବନ୍ଧରେ ଆବଦ୍ଧ, ବାଗ୍‌ଦାନକୃତ ।

**Affidavit**, *n.* ଶପଥପୂର୍ବକ ଜ୍ଞାପନପତ୍ର, ଶପଥପତ୍ର, ସ୍ୱୀକୃତିପତ୍ର, ସତ୍ୟପାଠ । [କରଣୀୟ ।

**Affiliable**, *a.* 1. ପୋଷ୍ୟପୁତ୍ରକରଣୀୟ; 2. ଦଳଭୁକ୍ତ-

**Affiliate**, *v.t.* 1. ପୋଷ୍ୟପୁତ୍ର-କ; 2. କୌଣସି ସମାଜରେ ସଭ୍ୟରୂପେ ଗ୍ରହଣ-କ, ଦଳଭୁକ୍ତ-କ; 3. ମୂଳ ସମାଜ ସହିତ ଶାଖା ସମାଜକୁ ଯୁକ୍ତ-କ; 4. ପିତାକୁ ଆଇନାନୁସାରେ ଜାରଜ ସନ୍ତାନ ଅର୍ପଣ-କ ।—*v.i.* ମିଶିବାର ।

**Affiliation**, *n.* 1. ପୋଷ୍ୟପୁତ୍ରକରଣ, ଦତ୍ତକପୁତ୍ରକରଣ; 2. ପିତାକୁ ଜାରଜ ସନ୍ତାନ ଅର୍ପଣ; 3. ମୂଳ ସମାଜ ସହିତ ଶାଖା ସମାଜକୁ ଯୁକ୍ତକରଣ; 4. ମିତ୍ରଭାବ, ସମ୍ପର୍କ ।

**Affinity**, *n.* 1. ବୈବାହିକ ସମ୍ବନ୍ଧ, କୁଟୁମ୍ବିତା, ସମ୍ବନ୍ଧ, (ରକ୍ତସମ୍ପର୍କୀୟ ସମ୍ବନ୍ଧ ନୁହେ); 2. ତୁଲ୍ୟତା, ପ୍ରକାରରେ ବା ସ୍ୱଭାବରେ ସାଦୃଶ୍ୟ; 3. ରାସାୟନିକ ଆକର୍ଷଣ ।

**Affirm**, *v.t.* 1. ନିଶ୍ଚୟରୂପେ କହିବାର, ସତ୍ୟ ବୋଲି ସମର୍ଥନ-କ, ଦୃଢରୂପେ କହିବାର; 2. ହଁ କରି କହିବାର; 3. ସ୍ଥିର ବା ନିଶ୍ଚୟ-କ, ଦୃଢ-କ, ବାହାଲ ରଖିବାର ।—*v.i.* 1. ଗମ୍ଭୀର ଦୃଢବାକ୍ୟ କହିବାର; 2. ଶପଥ ପରିବର୍ତ୍ତେ ଆଇନ୍‌ସିଦ୍ଧ ଦୃଢବାକ୍ୟ କହିବାର, ଏଜାହାର-ଦେ ।

**Affirmable**, *a.* ଦୃଢରୂପେ କଥନୀୟ, ନିଶ୍ଚୟ ଭାବରେ କଥ୍ୟ ।

**Affirmant, affirmer**, *n. a.* ଦୃଢବାକ୍ୟବାଦୀ, ପ୍ରକାଶକ; 2. ଶପଥ ପରିବର୍ତ୍ତେ ଆଇନ୍‌ସିଦ୍ଧ ଦୃଢବାକ୍ୟବାଦୀ ।

**Affirmation**, *n.* 1. ଦୃଢରୂପେ କଥନ, ପ୍ରକାଶକରଣ; 2. ଦୃଢୀକରଣ, ସ୍ଥିରୀକରଣ, ନିଶ୍ଚୟକରଣ; 3. ଶପଥ ପରିବର୍ତ୍ତେ ଗମ୍ଭୀର ଦୃଢବାକ୍ୟ, ଏଜାହାର ।

**Affirmative**, *a.* 1. ଦୃଢ କଥକ, ଦୃଢକାରୀ; 2. ଅସ୍ତ୍ୟର୍ଥକ ।—*n.* 1. ସମ୍ମତିସୂଚକ ବାକ୍ୟ, ଅସ୍ତ୍ୟର୍ଥକ ଶବ୍ଦ; 2. ବାଦାନୁବାଦରେ ଅସ୍ତ୍ୟର୍ଥକ ପ୍ରସ୍ତାବ ।

**Affirmatively**, *ad.* ସମ୍ମତିସୂଚକରୂପେ, ସ୍ୱୀକାରବୋଧକରୂପେ, ଅସ୍ତ୍ୟର୍ଥକରୂପେ ।

**Affix**, *v.t.* *af-fiks'*, ସଂଯୋଗ-କ, ଅନୁବନ୍ଧ-କ, ପ୍ରୟୋଗ-କ, ଲଗାଇବାର, ପଶ୍ଚାତରେ ଲଗାଇବାର, ସଂଲଗ୍ନ-କ ।—*n.* *af'-fiks*, ଅନୁବନ୍ଧ, ପ୍ରୟୋଗ, ପ୍ରତ୍ୟୟ ।

**Afflatus**, *n.* 1. ଐଶ୍ୱରିକ ପ୍ରତ୍ୟାଦେଶ, ଈଶ୍ୱରାବେଶରୁ ଜାତ ମନର ଅଦ୍ଭୁତ ଉଦ୍ଭବ; 2. କବିତ୍ୱଶକ୍ତି, କବିତ୍ୱର ଆବିର୍ଭାବ ।

**Afflict**, *v.t.* ଯନ୍ତ୍ରଣା ଦେ, ପୀଡା-ଦେ, କ୍ଳେଶ-ଦେ, ସନ୍ତାପିଇବାର, କଷ୍ଟ-ଦେ, ଦୁଃଖ-ଦେ ।

**Afflicting**, *a.* କ୍ଳେଶକର, ଦୁଃଖଜନକ ।

**Afflictingly**, *ad.* କ୍ଳେଶକରରୂପେ, ଦୁଃଖଦାୟକରୂପେ ।

**Affliction**, *n.* ଯନ୍ତ୍ରଣାଯୁକ୍ତ ଅବସ୍ଥା, ମାନସିକ ପୀଡା, କ୍ଳେଶ, ଦୁଃଖ, ବିପତ୍ତି ।

**Afflictive**, *a.* ଯନ୍ତ୍ରଣାଯୁକ୍ତ, କ୍ଳେଶକର, ଦୁଃଖଦାୟକ ।

**Affluence**, *n.* 1. ପ୍ରବାହ; 2. ପ୍ରାଚୁର୍ଯ୍ୟ, ବାହୁଲ୍ୟ; 3. ପ୍ରଚୁର ଧନ, ସମ୍ପତ୍ତି, ସମୃଦ୍ଧି, ଧନ ।

**Affluent**, *a.* 1. ସମୃଦ୍ଧିଶାଳୀ, ଧନୀ, ଧନାଢ୍ୟ, ସମ୍ପତ୍ତିଶାଳୀ; 2. ପ୍ରଚୁର; 3. ଅନର୍ଗଳ, ପ୍ରବହମାନ, ପ୍ରଭୂତ ।—*n.* ଉପନଦୀ ।

**Afflux**, *n.* ପ୍ରବାହ, ସ୍ରୋତ, ସମାଗମ ।

**Afford**, *v.t.* 1. ଉତ୍ପାଦନ-କ, ଜନ୍ମାଇବାର; 2. ଦେବାର, ପ୍ରଦାନ-କ; 3. (ଦାନ କ୍ରୟବିକ୍ରୟ ବା ବ୍ୟୟ କରିବାକୁ) ସକ୍ଷମ-ହେ, ପାରଗ ବା ସମର୍ଥ-ହେ ।

**Afforest**, *v.t.* ଭୂମିକୁ ବନ ବା ଜଙ୍ଗଲ-କ ।

**Afforestation**, *n.* ଭୂମିକୁ ବନରେ ପରିଣତକରଣ ।

**Affranchise**, *v.t.* see Enfranchise.

**Affray**, *n.* ମରାମରି, କଳହ, ଦଙ୍ଗା, ଲଢାଇ, ଗୋଳମାଳ ।

**Affright**, *v.t.* ଭୟ ଆଶଙ୍କା ବା ତ୍ରାସ ଦ୍ୱାରା ଅଭିଭୂତ-କ, ଭୀତ-କ, ଡରାଇବାର, (poetical).

**Affront**, *v.t.* 1. ଅପମାନ ଦ୍ୱାରା କ୍ରୋଧାନ୍ୱିତ-କ, ସମ୍ମୁଖରେ ଅମର୍ଯ୍ୟାଦା-କ, ହତମାନ୍ୟ-କ; 2. ଲଜ୍ଜିତ-କ ।—*n.* ପ୍ରକାଶ୍ୟ ଅପମାନ, ଅନୁଭବ କରୁଥିବେ ଅଭିସନ୍ଧି, ଅମର୍ଯ୍ୟାଦା, ଅବଜ୍ଞା, ଅନାଦର, କୌଣସି ଲଜ୍ଜା ବା ଅପମାନଜନକ ବିଷୟ ।

**Affronting**, *a.* ଅପମାନଜନକ, ଅପମାନବ୍ୟଞ୍ଜକ, ନିନ୍ଦକ, ଉପହାସ ।

**Affuse**, *v.t.* ଉପରେ ଢାଳିବାର ।

**Affusion**, *n.* 1. ଉପରେ ଢାଳିବା; 2. ଅବଗାହନ ନିମନ୍ତେ ଶରୀର ଉପରେ ଜଳ ଢାଳିବା ।

**Afield**, *ad.* or *pr. a.* 1. କ୍ଷେତ୍ରଅଭିମୁଖେ; 2. କ୍ଷେତ୍ରରେ ।

**Afire, aflame**, *ad.* or *pr. a.* ପ୍ରଜ୍ୱଳିତ, ଶିଖାବାନ୍, ଅଗ୍ନିମୟ, ଜ୍ୱଳନ୍ତ, ଜ୍ୱଳନ୍ତାବସ୍ଥାରେ ।

**Afloat**, or *pr. a.* 1. ଭାସମାନ, ପ୍ରବାହିତ; 2. ଚଳନ୍ତି, ପ୍ରଚଳିତ ।

**Afoot**, *ad.* or *pr. a.* 1. ପଦବ୍ରଜରେ, ପଦ ଦ୍ୱାରା; 2. ଉଦ୍ୟତ, କ୍ରିୟାରେ ଉପକ୍ରାନ୍ତ ।

**Afore**, *ad.* or *pr. a.* (ନାବିକ କଥା) ଜାହାଜର ଅଗ୍ରଭାଗରେ ।—*prep.* 1. ପୂର୍ବରେ; 2. ଆଗରେ, ଅଗ୍ରରେ; 3. ସମ୍ମୁଖରେ ।

**Aforehand**, *ad.* ପୂର୍ବକାଳରେ, ପୂର୍ବେ, ଆଗରୁ, ଅଗ୍ରେ ।

**Aforementioned**, *a.*
**Aforenamed**, *a.*
**Aforesaid**, *a.*
} ପୂର୍ବକଥିତ, ପୂର୍ବୋଲ୍ଲିଖିତ, ପୂର୍ବୋକ୍ତ ।

**Aforetime**, *ad.* ଗତକାଳରେ, ପୂର୍ବକାଳରେ, ପୂର୍ବରେ ।

**Afoul**, *pr. a.* or *ad.* ଧକ୍କାଧକ୍କି, ଧକ୍କା ଦେବା ଅବସ୍ଥାରେ ।

**Afraid**, *pr. a.* or *p.* ଭୟ ବା ଆଶଙ୍କାରେ ଅଭିଭୂତ, ଭୀତ, ଭୟାକୁଳ, ତ୍ରାସଯୁକ୍ତ, ତ୍ରସ୍ତ, ଶଙ୍କିତ

**Afresh**, *ad.* or *pr. a.* 1. ନୂତନଭାବେ, ପୁନର୍ବାର, ପୁନଶ୍ଚ; 2. ସତ୍ତ୍ୱର ।

**African**, *a.* ଅଫ୍ରିକା ମହାଦେଶସମ୍ବନ୍ଧୀୟ ।—*n.* ଅଫ୍ରିକା ମହାଦେଶନିବାସୀ, କାଫ୍ରି ।

**Africander**, *n.* ବିଦେଶୀୟ ପିତାମାତା ଔରସଜାତ ଦକ୍ଷିଣ ଅଫ୍ରିକାର ନିବାସୀ ।

**Aft**, *a.* or *ad.* ଜାହାଜ ପଛଭାଗର ନିକଟସ୍ଥ, ଜାହାଜର ପଛଭାଗରେ ।

**After**, *a*, 1. ପଶ୍ଚାତ୍, ପଶ୍ଚାତ୍‌ବର୍ତ୍ତୀ; 2. ଜାହାଜର ପଶ୍ଚାତ୍‌ବର୍ତ୍ତୀ ।—*prep.* 1. ଉତ୍ତାରେ, ପରେ; 2. ପଛରେ, ତଳେ; 3. ଅନୁସାରେ, ଅନୁଯାୟୀ; 4. ବିଷୟରେ ।—*ad.* 1. ପରେ, ପରିଶେଷରେ; 2. ପଶ୍ଚାତ୍‌ରେ, ପଛରେ, ଅନୁଧାବନଭାବେ ।—after all, ଶେଷରେ, ଫଳତଃ, ଅନ୍ତତଃ, ସବୁ ବିଷୟ ଧରିଲେ ମଧ୍ୟ, ଏପରି ବା ବାସ୍ତୁ ବଳ ଉତ୍ତାରେ, ନିତାନ୍ତ ପକ୍ଷେ, ତଥାପି । after hours, ଅବକାଶ ସମୟ ।

**After-birth**, *n.* ଫୁଲ, ଜରାୟୁ ଫୁଲ ।

**After-crop**, *n.* ବର୍ଷର ଦ୍ୱିତୀୟ ଫସଲ ।

**After-damp**, *n.* ଅଙ୍ଗାରଜାନ ।

**After-glow**, *n.* ସୂର୍ଯ୍ୟାସ୍ତ ପରେ ପଶ୍ଚିମ ଦିଗର ତେଜ ।

**After-grass, aftermath**, *n.* କଟା ହେଲା ଉତ୍ତାରେ ଘାସର ଦ୍ୱିତୀୟ ଫସଲ ।

**After-growth**, *n.* ଦ୍ୱିତୀୟ ଫସଲ ।

**After-image**, *n.* କୌଣସି ବସ୍ତୁ ଅନ୍ତର ହେଲା ଉତ୍ତାରେ କିଛିକାଳ ପର୍ଯ୍ୟନ୍ତ ଚକ୍ଷୁରେ ଦେଖା ଯିବା ମୂର୍ତ୍ତି ।

**After-life**, *n.* 1. ଭବିଷ୍ୟତ୍‌ଜୀବନ; 2. ଜୀବନର ଶେଷ ଭାଗ; 3. ପାରଲୌକିକ ଜୀବନ ।

**Aftermost**, *a.* ସର୍ବ ପଶ୍ଚାତ୍ ।

**Afternoon**, *n.* ଉପରବେଳା, ଉପରଓଳି, ଅପରାହ୍ନ ।

**After-pains**, *n.* ପ୍ରସବାନ୍ତେ ବେଦନା ।

**After-piece**, *n.* ଅଭିନୟ ଉତ୍ତାରେ ସୁଅଙ୍ଗ, ଅନୁନାଟକ, ପ୍ରହସନ ।

**After-state**, *n.* ପରକାଳାବସ୍ଥା ।

**After-taste**, *n.* ଭୋଜନପାନ ଉତ୍ତାରେ ଆସ୍ୱାଦନ ।

**After-thought**, *n.* 1. ପଶ୍ଚାତ୍ ଚିନ୍ତା, ଅନୁବୋଧ; 2. ଅତି ବିଳମ୍ବରେ ଜାତ ବୋଧ ବା କୌଶଳ ।

**Afterward, afterwards**, *ad.* ପରିଶେଷରେ, ପରେ, ପଛରେ ।

**Again**, *ad.* 1. ବଦଳେ, ପ୍ରତିଶୋଧସ୍ୱରୂପେ; 2. ଦୋହରି, ବାହୁଡ, ପୁନର୍ବାର, ପୁନରାୟ, ପୁଣି, ପୁନଶ୍ଚ, ପୁନଃ; 3. ଅନ୍ୟ ପକ୍ଷରେ, ପକ୍ଷାନ୍ତରେ; 4. ଅଧିକନ୍ତୁ, ଆଉ, ଅଧିକ; 5. ପ୍ରତ୍ୟୁତ୍ତରେ ।—again and again, ଥରକୁଥର, ବାରମ୍ବାର, ଉତ୍ତରୋତ୍ତର ।

**Against**, *prep.* 1. ପ୍ରତିକୂଳରେ, ବିରୁଦ୍ଧରେ, ବିପରୀତରେ, ବିପକ୍ଷରେ; 2. ପାଖେ ପାଖେ, ନିକଟରେ; 3. ଅପେକ୍ଷାରେ, ନିମନ୍ତେ, (ଯଥା—ଦୁଃସମୟ ନିମନ୍ତେ ପ୍ରସ୍ତୁତ)।—against the grain, 1. ଅନିଚ୍ଛାପୂର୍ବକ; 2. କଷ୍ଟରେ । working against time, ସମୟ ସହିତ ପ୍ରତିଯୋଗିତା କରି କାର୍ଯ୍ୟ-କ, ନିରୂପିତ ସମୟରେ ଶେଷ କରିବା ମାନସରେ କାର୍ଯ୍ୟ-କ ।

Agape, *ad.* or *pr. a.* ମୁଖ ମେଲା କରି, ମୁଖ ବ୍ୟାଦାନପୂର୍ବକ, ମୁଖବ୍ୟାଦାନକାରୀ, ଆଁ କରି ଚମକ ଉଠିବା ଅବସ୍ଥାରେ, ଅତ୍ୟନ୍ତ କ୍ରୋଧରେ ବା ଉତ୍ସୁକ ଭାବରେ ମୁଖ ମେଲା କରି ସ୍ଥିର ରହିବା ଅବସ୍ଥାରେ ।

Agate, *n.* 1. ମଣିବିଶେଷ; 2. କ୍ଷୁଦ୍ର ଅକ୍ଷରବିଶେଷ ।

Agave. *n.* ପିଟ୍ଟା ଅଁର ଜାତୀୟ ଗଛ ।

Age, *n.* 1. ଆୟୁ, ବୟସ; 2. ବୃଦ୍ଧାବସ୍ଥା; 3. ବୃଦ୍ଧ ଲୋକମାନେ, ବୟସ୍କ ଲୋକମାନେ; 4. ପ୍ରାପ୍ତବୟସ୍କତା, ସାବାଳକତ୍ୱ; 5. ବହୁକାଳ, କାଳ, ଶତବର୍ଷ, ଯୁଗ, ଶତାବ୍ଦୀ ।—of age, ବୟସ୍କ ।—the age, ବର୍ତ୍ତମାନ କାଳ ।—*v.t.* ସମ୍ପୂର୍ଣ୍ଣରୂପେ ପକ୍ୱ ବା ପ୍ରସ୍ତୁତ-କ, (said of wine)—*v.i.* ବୃଦ୍ଧି-ହେ ।

Aged, *a.* 1. ବୁଢା, ବୃଦ୍ଧ, ପ୍ରାଚୀନ; 2. ବୟସ୍କ; 3. ବହୁକାଳୀନ ।

Agency, *n.* 1. କର୍ମକାରକତ୍ୱ, କର୍ତ୍ତୃତ୍ୱ; 2. କ୍ରିୟା, ଉପାୟ; 3. ଗୁମାସ୍ତାଗିରି, ଗୁମାସ୍ତାଗିରିପଦ; 4. ଗୁମାସ୍ତାର କଚେରି ଘର ।

Agenda, *n. pl.* 1. ସ୍ମରଣାର୍ଥକଲିପି, ସ୍ମାରକ ପୁସ୍ତକ; 2. ସଭାର କରଣୀୟ କାର୍ଯ୍ୟଲିପି ।

Agent, *n.* 1. କର୍ମକର୍ତ୍ତା, କର୍ତ୍ତା, କର୍ତ୍ତୃତ୍ୱ ଶକ୍ତି, କୌଣସି କ୍ରିୟା ଉତ୍ପାଦକ ଦ୍ରବ୍ୟ; 2. କାର୍ଯ୍ୟନିର୍ବାହକ ପ୍ରତିନିଧି, ଗୁମାସ୍ତା ।

Agglomerate, *v.t.* ଜମା-କ ।—*v.i.* ବର୍ତ୍ତୁଳାକାରରେ ବୃଦ୍ଧି ପାଇବାର, ଜମାଟ-ହେ ।

Agglomeration, *n.* 1. ଜମାକରଣ; 2. ଜମାଟ ଅବସ୍ଥା; 3. ରାଶି ।

Agglutinant, *n.* ଅଠା ଅଦ ଯୋଡିବାର ପଦାର୍ଥ ।—*a.* ଅଠାପରି ସଂଯୋଗକାରକ ।

Agglutinate, *v.t.* 1. ଅଠାରେ ସଂଯୋଗ-କ; 2. ଅଠାପରି ସଂଯୁକ୍ତ କରିବାର ବା ଯୋଡିବାର ।

Agglutination, *n.* ଅଠାବତ୍ ଯୋଡା, ଅଠାବତ୍ ସଂଲଗ୍ନତା ।

Agglutinative, *a.* 1. ଅଠାବତ୍ ସଂଯୋଗକାରକ; 2. ଅଠାବତ୍ ଯୋଡାସମ୍ବନ୍ଧୀୟ ।

Aggrandize, *v.t.* 1. ବୃଦ୍ଧି-କ, ବିସ୍ତାର-କ; 2. କ୍ଷମତାରେ ପଦରେ ବା ମର୍ଯ୍ୟାଦାରେ ଉନ୍ନତ-କ, ଉନ୍ନତ-କ ।

Aggrandizement, *n.* 1. ବୃଦ୍ଧି ବା ବିସ୍ତାରକରଣ, ବର୍ଦ୍ଧନ; 2. ମର୍ଯ୍ୟାଦାରେ ଅପଣାର ବୃଦ୍ଧି, ଉନ୍ନତି ।

Aggravate, *v.t.* 1. ଅଧିକ ଭାରି-କ, ଗୁରୁତର-କ; 2. ଅଧିକ ମନ୍ଦ-କ, ଅଧିକ କଷ୍ଟକର-କ, ଉଣା ସହ୍ୟ-କ; 3. ବୃଦ୍ଧି-କ, ବଢାଇବାର; 4. ବିରକ୍ତ-କ, କୁପିତ-କ ।

Aggravating, *a.* 1. ବୃଦ୍ଧିକାରକ; 2. ବିରକ୍ତିଜନକ ।

Aggravatingly, *ad.* ବିରକ୍ତିଜନକରୂପେ ।

Aggravation, *n.* 1. ଅଧିକ ଗୁରୁକରଣ; 2. ଅଧିକ ମନ୍ଦକରଣ; 3. ଗୁରୁତର ଅବସ୍ଥା, ଅଧିକ ମନ୍ଦ ଅବସ୍ଥା, ଦୋଷ ବା ମନ୍ଦତାର ବର୍ଦ୍ଧନ; 4. ବିରକ୍ତିର ହେତୁ; 5. ବିରକ୍ତିକରଣ ।

Aggregate, *v.t.* ଏକତ୍ର-କ, ଏକଠା-କ, ରାଶି-କ, ଜମା-କ ।—*a.* ମୋଟ, ଜମା, ସଞ୍ଚିତ ।—*n.* ସମଷ୍ଟି, ମୋଟ, ରାଶି, ସମୁଦାୟ ।—in the aggregate, ମୋଟରେ, ସର୍ବସୁଦ୍ଧା ।

Aggregately, *ad.* ସର୍ବସୁଦ୍ଧା, ମୋଟରେ ।

Aggregation, *n.* 1. ଏକତ୍ରକରଣ, ଏକଠାକରଣ; 2. ଜମା ଅବସ୍ଥା, ରାଶି, ସମୁଦାୟ ।

Aggress, *v.i.* କଳହ ଲାଗି, ପ୍ରଥମ ଆକ୍ରମଣ-କ, ପ୍ରଥମ ଉପଦ୍ରବ-କ ।

Aggression, *n.* ଅଯାଚିତ ଆକ୍ରମଣ, ପ୍ରଥମ ଆକ୍ରମଣ, ପ୍ରଥମ କ୍ଷତକରଣ, ବଳପୂର୍ବକ ଅପମାନ ବା ଚଢାଉ ।

Aggressive, *a.* 1. ବିରୋଧ ଉତ୍ପାଦକ, ଆକ୍ରମଣଶୀଳ, ଆକ୍ରମଣକାରକ, ଆକ୍ରମଣ କରିବାକୁ ବ୍ୟସ୍ତ; 2. ସ୍ୱାର୍ଥରେ ଉଦ୍ୟୋଗୀ ।

Aggressiveness, *n.* ଆକ୍ରମଣଶୀଳତା ।

Aggressor, *n.* ପ୍ରଥମ ଆକ୍ରମଣକାରୀ, ପ୍ରଥମ ବିରୋଧକାରୀ ।

Aggrieve, *v.t.* କଠୋର ବ୍ୟବହାର-କ, ପୀଡା-ଦେ, ଦୁଃଖ-ଦେ, କ୍ଷତ-କ । [ହତବୁଦ୍ଧି ।

Aghast, *a.* ବିସ୍ମୟାନ୍ୱିତ, ଅକସ୍ମାତ୍ ଭୟ ବା ତ୍ରାସରେ

Agile, *a.* ଚପଳ, ଚଞ୍ଚଳ, ଚଳକ ।

Agilely, *ad.* ଚପଳରୂପେ, ଚଞ୍ଚଳରୂପେ ।

Agility, agileness, *n.* ଚପଳତା, ଚାଞ୍ଚଲ୍ୟ, ଚଳକ, ସତ୍ୱରତା, ଚଳନ ଶକ୍ତି ।

Agist, *v.t.* ମୂଲ୍ୟ ନେଇ ଅନ୍ୟ ଲୋକର ପଶୁ ଚରାଇବାର ।

Agitate, *v.t.* 1. ହଲାଇବାର, ଅସ୍ଥିର-କ, ମନ୍ଥନ-କ; 2. ବ୍ୟାକୁଳ-କ, ଉଦ୍‌ବିଗ୍ନ-କ, ବ୍ୟସ୍ତ-କ; 3. ବାଦାନୁବାଦ-କ, ତର୍କ-କ, ସବୁ କଥା ଧରି ବିଚାର-କ, ଆନ୍ଦୋଳନ-କ; 4. ବକ୍ତୃତା ଓ ଛାପକ ପତ୍ର ଦ୍ୱାରା ସଦସ୍ୟରେ ଲୋକଙ୍କର ମନୋଯୋଗ ଜନ୍ମାଇବାର ।

Agitated, *p.* or *a.* 1. ଅସ୍ଥିର, ଉତ୍ତେଜିତ; ବ୍ୟାକୁଳ, ଉଦ୍‌ବିଗ୍ନ ।

Agitation, *n.* 1. ମନ୍ଥନ; 2. ଅସ୍ଥିରତା, ଆନ୍ଦୋଳନ; 3. ବ୍ୟାକୁଳତା, ଉଦ୍‌ବିଗ୍ନତା; 4. ତର୍କ, ବାଦାନୁବାଦ; 5. ମାନସିକ ଉତ୍ତେଜନା, କମ୍ପନ, ଥରଥର ।

Agitator, *n.* 1. ଆନ୍ଦୋଳନକର୍ତ୍ତା; 2. ରାଜଦ୍ରୋହକାରୀ ।

Aglet, aiglet, *n.* ପୂର୍ବ କାଳରେ ବ୍ୟବହୃତ ଫିତା ବା ଡୋରର ଧାତୁ ନିର୍ମିତ ପ୍ରାନ୍ତ ଭାଗ ।

Agnate, *n.* ପିତୃ ବଂଶୀୟ ପୁରୁଷ ଜ୍ଞାତି ।

Agnomen, *n.* ଦତ୍ତ ଉପନାମ ବା ଉପାଧି ।

Agnostic, *n.* ଭୌତିକ ବିଷୟ ଛଡା ଈଶ୍ୱରଙ୍କ ଜ୍ଞାନ କିମ୍ବା ଅନ୍ୟ କୌଣସି ବିଷୟର ଜ୍ଞାନ ଅଜ୍ଞେୟ ବୋଲି ଯେ ସ୍ୱୀକାର କରେ, ଅଜ୍ଞେୟବାଦୀ, ।—*a.* ଉକ୍ତ ଲୋକସମ୍ବନ୍ଧୀୟ ବା ତାହାର ମତସମ୍ବନ୍ଧୀୟ ।

Agnosticism, *n.* ଉକ୍ତ ଲୋକର ମତ ଅବା ବିଶ୍ୱାସ ।

Ago, *ad.* ପୂର୍ବେ, ଗଲେ ।

Agog, ଉତ୍ସୁକଭାବେ ।

Agoing. *ad.* ଗମନାବସ୍ଥାରେ, ଚଳନାବସ୍ଥାରେ ।

Agonist, *n.* ଗ୍ରୀସ୍ ଦେଶୀୟ ଖେଳରେ ପୁରସ୍କାର ପାଇବା ନିମନ୍ତେ ମଲ୍ଲଯୋଦ୍ଧା, ଯୋଦ୍ଧା, ବୀର ।

Agonistic, *a.* ମଲ୍ଲଯୁଦ୍ଧସମ୍ବନ୍ଧୀୟ ।

**Agonize**, *v.i.* (ମନୁଷ୍ୟ କର୍ତ୍ତୃକ) 1. ପ୍ରାଣପଣ-କ ; 2. ତୀବ୍ର ବେଦନାରେ ଛଟପଟ-ହୋ, ମନୋବ୍ୟଥାରେ ଯନ୍ତ୍ରଣାଗ୍ରସ୍ତ-ହୋ । —*v.t.* ବେଦନାରେ ଛଟପଟ କରାଇବାର, ଯନ୍ତ୍ରଣା-ଦେ ।

**Agonizing**, *a.* ତୀବ୍ର ଯନ୍ତ୍ରଣାଦାୟକ, ଅତି ଯନ୍ତ୍ରଣାଯୁକ୍ତ ।

**Agonizingly**, *ad.* ଅତ୍ୟନ୍ତ ଯନ୍ତ୍ରଣାଦାୟକରୂପେ, ଅତିଶୟ ଯନ୍ତ୍ରଣାପୂର୍ବକ ।

**Agony**, *n.* 1 ମାନସିକ ବା ଶାରୀରିକ ତୀବ୍ର ବେଦନା ଯାହା ଛଟପଟ କରାଏ, ଅତିଶୟ ବ୍ୟଥା, ବେଦନା, ଅତିଶୟ ଯନ୍ତ୍ରଣା, ଦାରୁଣ ଯନ୍ତ୍ରଣା, ଘୋର କଷ୍ଟ ; 2. ମୃତ୍ୟୁ ବେଦନା ; 3. ଗେଥସିମନୀ ନାମକ ବଗିଚାରେ ଖ୍ରୀଷ୍ଟଙ୍କ ଘୋର କଷ୍ଟ ; 4. ପ୍ରାଣପଣ ।

**Agrarian**, *a.* 1. ସାଧାରଣ କ୍ଷେତ୍ର ବା ଭୂମିସମ୍ବନ୍ଧୀୟ ; 2. ଭୂମିର ସମବିଭାଗବିଷୟକ ।—agrarian law, ରୋମ ଦେଶୀୟ ଭୂମିର ସମବିଭାଗବିଷୟକ ବିଧି ।

**Agrarianism**, *n.* ଭୂମିର ସମବିଭାଗବିଷୟକ ମତ ।

**Agree**, *v.i.* 1. ଏକମତ-ହୋ, ଐକ୍ୟରେ ରହିବାର, ମିଳିତ-ହୋ ; 2. ସନ୍ଧି-କ ; 3. ସ୍ଥିର-କ, ବନ୍ଦୋବସ୍ତ-କ ; 4. ସମ୍ମତ-ହୋ, ଅଙ୍ଗୀକାର-କ ; 5. ଅନୁରୂପ-ହୋ, ତୁଲ୍ୟ-ହୋ ; 6. ଉପଯୋଗୀ-ହୋ. (we agree *to* a thing and *with* a person, one thing agrees *with* another).

**Agreeable**, *a.* 1. ଉପଯୋଗୀ, ସଙ୍ଗତ, ଅନୁରୂପ ; 2. ତୁଷ୍ଟିକର, ମନୋରମ, ମନୋହର, ରୁଚିର ; 3. ସମ୍ମତ, ରାଜି, ଖୁସି ।

**Agreeableness**, *n.* 1. ଉପଯୋଗିତା, ଅନୁରୂପତା, ସାଦୃଶ୍ୟ ; 2. ତୁଷ୍ଟିକର ଗୁଣ, ତୁଷ୍ଟିକରତା, ମନୋରମ୍ୟତା ।

**Agreeably**, *ad.* 1. ଉପଯୋଗିରୂପେ, ଅନୁସାରେ, ସଙ୍ଗତରୂପେ ; 2. ତୁଷ୍ଟିକରରୂପେ, ମନୋହରରୂପେ ।

**Agreement**, *n.* 1. ମିଳନ, ମେଳ, ଐକ୍ୟ ; 2. ଅନୁରୂପତା, ସାଦୃଶ୍ୟ ; 3. ନିୟମପତ୍ର, ଚୁକ୍ତି, ବନ୍ଦୋବସ୍ତ ।

**Agricultural**, *a.* କୃଷିକର୍ମ ବା ବିଦ୍ୟା ସମ୍ବନ୍ଧୀୟ ।

**Agriculture**, *n.* 1. କୃଷିକର୍ମ, ଚାଷ ; 2. କୃଷିବିଦ୍ୟା ।

**Agriculturist**, *n.* 1. କୃଷକ, ଚଷା ; 2. କୃଷିବିଦ୍ୟାବିତ୍ ।

**Agrin**, *ad.* or *pr. a.* ବିକଟମୁଖ, ଖତେଇ ହେବା ଅବସ୍ଥାରେ ।

**Aground**, *ad.* or *pr. a.* 1. ଭୂମି ଉପରେ ; 2. ଚଡ଼ାରେ ଅବଦ୍ଧ, ସ୍ଥଗିତ, ଅଲଙ୍ଘ୍ୟ ବାଧା ଦ୍ୱାରା ସ୍ଥଗିତ ।

**Ague**, *n.* କମ୍ପଜ୍ୱର, ଐକାହିକାଦିଜ୍ୱର, ପାଳିଜ୍ୱର ।

**Ague-cake**, *n.* ଜ୍ୱରଜାତ ପିଳ୍ହୋର ବୃଦ୍ଧି ।

**Aguish**, *a.* 1. କମ୍ପଜ୍ୱରପର, କମ୍ପଜ୍ୱରଜନକ ; 2. ଈଷତ୍ ଶୀତ ଓ କମ୍ପନଶୀଳ ।

**Ah**, *interj.* ଯନ୍ତ୍ରଣା ବିଳାପ ବିସ୍ମୟ ଦୟା ଅବଜ୍ଞା ବିରକ୍ତି ହର୍ଷ ବା ମହାହ୍ଲାଦସୂଚକ ଶବ୍ଦ, ଯଥା,—ହାୟ ! ଅହୋ ! ଆହା ! ହା ! ଛି ! ବାହାବା !

**Aha**, *interj.* ଜୟ ଅବଜ୍ଞା ବା ସାମାନ୍ୟ ବିସ୍ମୟସୂଚକ ଶବ୍ଦ, ଯଥା,—ଅହୋ ! ଛି ! ଆଃ !

**Ahead**, *ad.* 1. ଅଗ୍ରେ, ଆଗରେ ; 2. ଅଗ୍ରବର୍ତ୍ତୀରେ, ଅନ୍ୟର ଅଗ୍ରେ ।—ahead of, ଅଗ୍ରବର୍ତ୍ତୀ, ଆଗରେ ।

**Aheap**, *ad.* ରାଶୀକୃତରୂପେ, ଗଦିରେ-ଗଦାରେ ।

**Ahoy**, *interj.* ନାବିକର ଡାକ, ଯଥା,—ଅହୋ, ଅରେ ।

**Aid**, *v.t.* ସାହାଯ୍ୟ-କ, ଉପକାର-କ, ସହାୟତା-କ ।—*v.i.* ସହାୟ ହୋ ।—*n.* 1. ସାହାଯ୍ୟ, ଉପକାର, ସହାୟତା ; 2. ସହାୟ ।—aide-de-camp, *pl.* aides-de-camp, *ād-de-kan*, ସେନାଧ୍ୟକ୍ଷର ସହାୟ ବା ସହଚର ।

**Aidless**, *a.* ସାହାଯ୍ୟରହିତ, ନିଃସହାୟ, ଅସହାୟ, ନିରୁପାୟ ।

**Aigret, aigrette**, *n.* ପକ୍ଷାଦିନିର୍ମିତ ଶିରୋଭୂଷଣ ।

**Ail**, *v.t.* ମାନସିକ ବା ଶାରୀରିକ ଅସୁଖ ଦ୍ୱାରା ଅଭିଭୂତ-କ, ବ୍ୟଥିତ-କ ।—what ails you? ତୁମ୍ଭର କଅଣ ହେଉଛି?—*v.i.* ବ୍ୟଥିତ-ହୋ, ପୀଡ଼ିତ ହୋ, ଅସୁସ୍ଥ-ହୋ ।

**Ailment**, *n.* ପୀଡ଼ା, ରୋଗ, ଅସୁଖ, ଅସୁସ୍ଥତା ।

**Aim**, *v.i.* 1. କୌଣସି ପଦାର୍ଥ ପ୍ରତି ଅସ୍ତ୍ରାଦି ନିଶାଣ-କ, ଲକ୍ଷ୍ୟ-କ, କ୍ଷେପଣ-କ ; 2. ମନସ୍ଥ-କ, ଚେଷ୍ଟା-କ ।—*v.t.* ଲକ୍ଷ୍ୟ-କ, ଯଥା,—କୌଣସି ବସ୍ତୁ ଆଡ଼େ ବନ୍ଧୁକ ଲକ୍ଷ୍ୟ-କ ।—*n.* 1. ନିଶାଣ, ଲକ୍ଷ୍ୟ ; 2. ଅଭିପ୍ରାୟ, ତାତ୍ପର୍ଯ୍ୟ, ଭାବ, ମାନସ, ସନ୍ଧାନ ; 3. ଲକ୍ଷିତ ବିଷୟ ।

**Aimless**, *a.* ଲକ୍ଷ୍ୟଶୂନ୍ୟ, ଅଭିପ୍ରାୟରହିତ ।

**Aimlessly**, *ad.* ଲକ୍ଷ୍ୟଶୂନ୍ୟରୂପେ, ଅଭିପ୍ରାୟରହିତରୂପେ ।

**Aimlessness**, *n.* ଲକ୍ଷ୍ୟଶୂନ୍ୟାବସ୍ଥା, ଅଭିପ୍ରାୟରହିତାବସ୍ଥା ।

**Air**, *n.* 1. ବାୟୁ ; 2. ଆକାଶ, ଶୂନ୍ୟ ; 3. ମନ୍ଦ ପବନ ; 4. ବାଷ୍ପ ; 5. ପ୍ରକାଶ, ପ୍ରଚାର ; 6. ସ୍ୱର, ସୁର ; 7. ଆଚରଣ, ଭଙ୍ଗୀ ; 8. generally *pl.* କୃତ୍ରିମ ଭାବଭଙ୍ଗୀ, ଗର୍ବସୂଚକ ଭଙ୍ଗୀ ।—to take the air, ବାୟୁ ସେବନ-କ, ପବନ ଖାଇବାର ।—*v.t.* 1. ପବନରେ ରଖିବାର ; 2. ବାୟୁ ଗମନାଗମନ କରାଇବାର, ବ୍ୟଜନ-କ ; 3. ପ୍ରକାଶ-କ, ପ୍ରଚାର-କ ; 4. ଶୁଷ୍କ-କ, ଶୁଖାଇବାର ।

**Air-bath**, *n.* 1. ଶରୀରକୁ ବାୟୁରେ ଅନାବୃତକରଣ ; 2. ବାୟୁରେ ଶୁଷ୍କକରଣ ।

**Air-bed**, *n.* ବାୟୁପୂର୍ଣ୍ଣ ଗଦି ।

**Air-bladder**, *n.* 1. ବାୟୁକୋଷ ; 2. ମାଛର ଫୋଟକା ।

**Air-borne**, *a.* ବାୟୁଚାଳିତ ।

**Air-brake**, *n.* ଘନ ବାୟୁ ଦ୍ୱାରା ରେଲ୍ ଗାଡ଼ିର ଗତି ନିବାରକ ଯନ୍ତ୍ର ।

**Air-built**, *a.* ଶୂନ୍ୟରେ ନିର୍ମିତ, ଅମୂଳକ, ଅସାର ।

**Air-cell**, *n.* ବାୟୁକୋଷ ।

**Air-cushion**, *n.* ବାୟୁପୂର୍ଣ୍ଣ ତକିଆ ।

**Air-engine**, *n.* ବାୟୁଚାଳିତ କଳ ।

**Air-gun**, *n.* ବାୟୁବନ୍ଧୁକ, ପବନରେ ମାରିବା ବନ୍ଧୁକ ।

**Airily**, *ad* ସୂକ୍ଷ୍ମଭାବେ, ଲଘୁଭାବେ, ଚଞ୍ଚଳରୂପେ, ପ୍ରଫୁଲ୍ଲରୂପେ ।

**Airiness**, *n.* 1. ବାୟୁମୟତା ; 2. ଅନାବୃତତା ; 3. ଚଞ୍ଚଳତା, ପ୍ରଫୁଲ୍ଲତା, ଆମୋଦପ୍ରିୟତା ।

**Airing**, *n.* 1. ଶୁଷ୍କକରଣ ; 2. ବାୟୁର ଗମନାଗମନକରଣ ; 3. ବାୟୁ ସେବନ ।

**Air-jacket**, *n.* ପାଣିରେ ଭସାଇବା ନିମନ୍ତେ ବାୟୁପୂର୍ଣ୍ଣ ଅଙ୍ଗରଖା ବିଶେଷ ।

**Airless**, *a.* ବାୟୁଶୂନ୍ୟ, ନିର୍ବାତ, ବାୟୁ ଗମନାଗମନରହିତ ।
**Air-plant**, *n.* ବାୟୁପୋଷିତ କ୍ଷୁଦ୍ର ଗଛ ।
**Air-pump**, *n.* ବାୟୁନିକ୍ଷେପକ କଳ ।
**Air-shaft**, *n.* ଖଣିରେ ବାୟୁ ପ୍ରବେଶପଥ ।
**Air-tight**, *a.* ରୁଦ୍ଧବାୟୁ, ବାୟୁର ଅପ୍ରବେଶ୍ୟ ।
**Airy**, *a.* 1. ବାୟୁମୟ, ବାୟୁସମ୍ବନ୍ଧୀୟ; 2. ଗଗନସ୍ପର୍ଶୀ; 3. ବାୟୁରେ ଅନାବୃତ; 4. ବାୟୁତୁଲ୍ୟ, ବାଷ୍ପମୟ, ହାଲୁକା, ସୂକ୍ଷ୍ମ; 5. ଲଘୁ, ଅସାର; 6. ପୁଲକିତ, ପ୍ରଫୁଲ୍ଲ, ଚଞ୍ଚଳ ।
**Aisle**, *il*, *n.* ପ୍ରଧାନଭଜନାଳୟ ବଗ୍ଲଗବାଲ୍ପ ପଥ, ଭଜନାଳୟର ପଥ ।
**Aisled**, *a.* ଉପରୋକ୍ତ ପଥବିଶିଷ୍ଟ ।
**Ait**, *n.* ନଦୀ ବା ହ୍ରଦରେ ଥିବା କ୍ଷୁଦ୍ର ଦ୍ୱୀପ ।
**Aitchbone**, *n.* ବଳଦର ନିତମ୍ବ ଅସ୍ଥି ।
**Ajar**, *ad.* ଅର୍ଦ୍ଧମୁକ୍ତ, ଅଧାଖୋଲା । [କମ୍ପିତାବସ୍ଥାରେ ।
**Ajar**, *ad.* and *pr. a.* ଅମେଳ ଅବସ୍ଥାରେ, ଥରଥର,
**Akimbo**, *pr. a.* or *ad.* କଟିରେ ହାତ ଦେବା ଅବସ୍ଥାରେ, କଟିରେ ହାତ ଦେଇ ।
**Akin**, *a.* 1. ସମ୍ବନ୍ଧୀ, ସ୍ୱଗୋଷ୍ଠୀ, ସ୍ୱକୁଳ, ଜ୍ଞାତୀୟ, ଏକଜାତୀୟ, ରକ୍ତସମ୍ପର୍କୀୟ; 2. ସମଗୁଣ, ତୁଲ୍ୟ ।
**Alabaster**, *n.* ଶୁକ୍ଳପ୍ରସ୍ତରବିଶେଷ, କୋମଳ ଓ ମର୍ମ୍ମର ପରି ଚିକ୍କଣ ପ୍ରସ୍ତରବିଶେଷ ।—*a.* 1. ଉକ୍ତ ପ୍ରସ୍ତର ନିର୍ମ୍ମିତ; 2. ଉକ୍ତ ପ୍ରସ୍ତର ରଙ୍ଗବିଶିଷ୍ଟ ।
**Alack**, *interj.* ଦୁଃଖସୂଚକ ଶବ୍ଦ, ଯଥା,—ହାୟ! ଅହୋ!
**Alack-a-day**, *interj.* ଦୁଃଖ ବା ଅନୁତାପସୂଚକ ଶବ୍ଦ, ଯଥା,—ହାୟ ସେ ଦିନ! ହାୟ୨!
**Alacrity**, *n.* ତତ୍ପର, ଚପଳତା, କ୍ଷୁର୍ତ୍ତି, ହର୍ଷ, ପ୍ରଫୁଲ୍ଲତା, ବ୍ୟଗ୍ରତା, ସତ୍ୱରତା ।
**Alamode**, *ad.* or *pr. a.* ପ୍ରଚଳିତ ରୀତ୍ୟନୁଯାୟୀ, ବ୍ୟବହାରାନୁସାରେ ।
**Alarm**, *n*, 1. ଅସ୍ତ୍ରଧାରଣାର୍ଥେ ଆହ୍ୱାନ; 2. ଅପଦସୂଚକ ଧ୍ୱନି, ଭୟସୂଚକ ଧ୍ୱନି; 3. ହଠାତ୍ ଭୟ, ଆସ, ଶଙ୍କା, ଉଦ୍‌ବେଗ; 4. ଅପଦପ୍ରକାଶକ ଯନ୍ତ୍ର, ଉଜାଗର କରିବା ଯନ୍ତ୍ର, see Alarum.—*v.t.* 1. ଅପଦର ସମ୍ବାଦ -ଦେ; 2. ଅସ୍ଥିର-କ, ହଠାତ୍ ଭୟ ଦେଖାଇବାର, ଡରାଇବାର, ଭୀତ-କ, ହଠାତ୍ ତ୍ରାସଯୁକ୍ତ-କ ।
**Alarm-bell**, *n.* ବିପଦଜ୍ଞାପକ ଘଣ୍ଟା ।
**Alarm-gun**, *n.* ବିପଦଜ୍ଞାପକ ବନ୍ଧୁକ ନିକ୍ଷେପଣ ।
**Alarming**, *a.* ଭୟଜନକ, ଶଙ୍କାଜନକ, ଭୟଙ୍କର ।
**Alarmingly**, *ad.* ଭୟଜନକରୂପେ, ଭୟଙ୍କରରୂପେ ।
**Alarmist** *n.* ବିପଦାଶଙ୍କୀ, ଅପଦ ଅତିରଞ୍ଜନକାରୀ, ଯେ ଅପଦର ଅତିରକ୍ତ ବର୍ଣ୍ଣନାରେ ଆଶଙ୍କା ଜନ୍ମାଏ ।
**Alarum**, *n.* ଉଜାଗର କରିବା ଘଣ୍ଟା ।
**Alas**, *interj.* ଦୁଃଖ ଶୋକ ଦୟା ଚିନ୍ତା ବା ବିପଦାସୂଚକ ଶବ୍ଦ, ଯଥା,—ହାୟ୨! ଅହୋ! ହା!
**Alb**, *n.* ଯାଜକର କଟିବନ୍ଧନରେ ଆବଦ୍ଧ ଶୁକ୍ଳ ପୋଷାକବିଶେଷ ।
**Albatross**, *n.* ବଡ଼ ସାମୁଦ୍ରିକ ପକ୍ଷୀବିଶେଷ ।
**Albeit**, *conj.* (poetical), ଯାହା ହେଉ, ହେଲେହେଁ, ଯଦ୍ୟପି, ଯଦି, ତଥାପି, ତଥାଚ ।
**Albescent**, *a.* ଶୁକ୍ଳବର୍ଣ୍ଣରେ ବର୍ଦ୍ଧନଶୀଳ, ଈଷତ୍ ଶୁକ୍ଳବର୍ଣ୍ଣ ।
**Albino**, *n.* କୌଣସି ବ୍ୟକ୍ତି ବା ପଶୁ ଯାହାର ଚର୍ମ ଓ କେଶ ଅସ୍ୱାଭାବିକରୂପେ ଶୁକ୍ଳ ଏବଂ ଚକ୍ଷୁ ପାଣ୍ଡୁଲବର୍ଣ୍ଣ ଅଟେ ।
**Albion**, *n.* (poetical), ଇଂଲଣ୍ଡ ଦେଶର ପୁରାତନ ନାମ ।
**Albugo**, *n.* ଚକ୍ଷୁରୋଗ, ଫୁଲ ।
**Album**, *n.* 1. ଛବି ରଖିବା ପୁସ୍ତକ; 2. ବନ୍ଧୁ ବା ପ୍ରସିଦ୍ଧ ଲୋକର ସ୍ମରଣୀୟ ଲେଖ ଆଦି ରଖିବା ପୁସ୍ତକ ।
**Albumen**, *n.* ଡିମ୍ବର ଶ୍ୱେତାଂଶ, ଡିମ୍ବର ଶ୍ୱେତାଂଶରେ ଥିବା ପୁଷ୍ଟିଜନକ ଗୁଣଯୁକ୍ତ ଦ୍ରବ୍ୟ, (albumin).
**Albuminous**, *a.* ଉପରୋକ୍ତ ଦ୍ରବ୍ୟସମ୍ବନ୍ଧୀୟ ବା ତାହାର ଗୁଣଯୁକ୍ତ ।
**Alburnum**, *n.* ପଲଶା ।
**Alcalde**, alcaide, *n.* ସ୍ପେନ୍ ଦେଶୀୟ କୌଣସି ନଗରର ପ୍ରଧାନ ଦେଓ୍ୱାନି ବିଚାରକର୍ତ୍ତା । [ଜାତ ।
**Alchemic**, *a.* ଅପରସାୟନ ବିଦ୍ୟାସମ୍ବନ୍ଧୀୟ ବା ତଦ୍ଦ୍ୱାରା
**Alchemist**, *n.* ଅପରସାୟନବିଦ୍ୟାବିତ୍ ।
**Alchemy**, *n.* ଯାହା ଦ୍ୱାରା ଅନ୍ୟାନ୍ୟ ଧାତୁକୁ ସୁବର୍ଣ୍ଣରେ ପରିଣତ କରିବାକୁ ଚେଷ୍ଟା କରାଯାଏ ଏମନ୍ତ ପୁରାତନ ବିଦ୍ୟା, ଅପରସାୟନ ବିଦ୍ୟା ।
**Alchohol**, *n.* (ରସାଞ୍ଜନ, ସାର) ସୁରାସାର, ଶୁଦ୍ଧୀକୃତ ସୁରା, କେତେକ ପ୍ରକାର ମାଦକ ଦ୍ରବ୍ୟର ନିଶା ଗୁଣ ।
**Alchoholic**, *a.* ସୁରାସାରସମ୍ବନ୍ଧୀୟ, ସୁରା ଗୁଣବିଶିଷ୍ଟ ।
**Alchoholism**, *n.* ଅତ୍ୟନ୍ତ ମଦ୍ୟପାନର ଅବସ୍ଥା ।
**Alcoholize**, *v.t.* 1. ସୁରାସାରରେ ପରିଣତ-କ; 2. ସୁରାସାରରେ ପୂର୍ଣ୍ଣ-କ, ସୁରାସାରରେ ମତ୍ତ-କ ।
**Alcove**, *n.* 1. କୋଠରି ସଂଲଗ୍ନ ନିଭୃତ ସ୍ଥାନ; 2. ନିକୁଞ୍ଜ ।
**Alder**, *n.* ବୃକ୍ଷବିଶେଷ ।
**Alderman**, *n.* ନଗରପାଳ ।
**Ale**, *n*, ଯବ ସୁରା ।
**Aleak**, *ad.* ଝରିବା ଅବସ୍ଥାରେ । [ପାର୍ଶ୍ୱସ୍ଥ ।
**Alee**, *ad.* or *pr. a.* ଜାହାଜର ନିର୍ବାତ ପାର୍ଶ୍ୱରେ ବା
**Alegar**, *n.* ଅମ୍ଳଯବ ସୁରା ।
**Ale-house**, *n.* ମଦର ଦୋକାନ ।
**Alembic**, *n.* ଚୁଆଇବା ଯନ୍ତ୍ରବିଶେଷ ।
**Alert**, *a.* 1. ସତର୍କ, ଜାଗ୍ରତ, ହୁସିଆର, ଉଦ୍ୟମୀ; 2. ଚଞ୍ଚଳ, ଚପଳ ।—on the alert, ଜାଗ୍ରତ, ଉଦ୍ୟତ ।
**Alertness**, *n.* 1. ସତର୍କତା; 2. ଚପଳତା ।
**Alewife**, *n.* 1. ମଦ୍ୟବିକ୍ରୟକାରିଣୀ; 2. ମାଛ ବିଶେଷ ।
**Alexandrine**, *n.* ଦ୍ୱାଦଶ ଚରଣଯୁକ୍ତ ପଦ୍ୟ । (କଥ୍ୟାତ ସିକନ୍ଦରଙ୍କ ଜୀବନ ଚରିତ୍ରର କବିତାରୁ ଏ ନାମ ଗୃହୀତ)
**Alexipharmic**, *a.* ରୋଗ ପ୍ରତିକାରକ, ରୋଗନାଶକ, ବିଷନାଶକ, ବିଷଘ୍ନ ।—*n.* ପ୍ରତିକାର, ରୋଗନାଶକ ଔଷଧ, ବିଷଘ୍ନ ଔଷଧ ।
**Algebra**, *n.* ବୀଜଗଣିତ, ଯେଉଁ ଅଙ୍କ ଶାସ୍ତ୍ରରେ ସଂଖ୍ୟା ଆଦି ବୁଝାଇବାକୁ ଚିହ୍ନ ଓ ଅକ୍ଷର ସବୁ ବ୍ୟବହୃତ ହୁଏ ।
**Algebraic**, algebraical, *a.* ବୀଜଗଣିତସମ୍ବନ୍ଧୀୟ ।
**Algebraically**, *ad.* ବୀଜଗଣିତ ପ୍ରକ୍ରିୟାନୁସାରେ ।
**Algebraist**, *n.* ବୀଜଗଣିତ ବିଦ୍ୟାବିତ୍ ।

**Algid**, *a.* ଶୀତଳ ।
**Algidity**, algidness, *n.* ଶୀତଳିତା, ଶୈତ୍ୟ ।
**Algorithm**, *n.* (ଆରବୀ) ଗଣନା ବା ଅଙ୍କବିଦ୍ୟା ।
**Alguazil**, *n.* ସ୍ପେନ୍ ଦେଶୀୟ ଦଣ୍ଡନାୟକ ବା କନ୍‌ଷ୍ଟବଲ ।
**Alias**, *ad.* ଅନ୍ୟଥା, ଅନ୍ୟ, ଅଥବା, ଓରଫ୍ ।—*n.* କୃତ୍ରିମ ନାମ, ଗୃହୀତ ନାମ, ଅନ୍ୟ ନାମ ।
**Alibi**, *n.* ଅପରାଧ ହେବା ସମୟରେ ଅଭିଯୁକ୍ତ ବ୍ୟକ୍ତିର ଅନୁପସ୍ଥିତ ଥିବା ଓଜର, ସ୍ଥାନାନ୍ତରରେ ଥିବା ଆପତ୍ତି ।
**Alien**, *a.* 1. ଅନ୍ୟ ବ୍ୟକ୍ତି ସ୍ଥାନ ବା ବସ୍ତୁସମ୍ବନ୍ଧୀୟ, ବିଦେଶୀୟ, ବିଦେଶୀ, ବିଦେଶସମ୍ବନ୍ଧୀୟ; 2. ଦୂରସ୍ଥ, ବିରୁଦ୍ଧ, ବିପରୀତ ।—*n.* ବିଦେଶୀ ବା ଅପରିଚିତ ବ୍ୟକ୍ତି, ଅନ୍ୟ ରାଜ୍ୟର ପ୍ରଜା । [ଯୋଗ୍ୟତା ।
**Alienability**, *n.* ହସ୍ତାନ୍ତରଯୋଗ୍ୟତା, ସ୍ୱତ୍ୱତ୍ୟାଗ-
**Alienable**, *a.* ହସ୍ତାନ୍ତରକରଣୀୟ, ସ୍ୱତ୍ୱତ୍ୟାଗଯୋଗ୍ୟ, ହସ୍ତାନ୍ତରଯୋଗ୍ୟ ।
**Alienate**, *v.t.* 1. ହସ୍ତାନ୍ତର-କ, ସ୍ୱତ୍ୱହସ୍ତାନ୍ତର-କ; 2. ଦୂରରେ ରଖିବାର, ଅନ୍ତର-କ, ବିଚ୍ଛିନ୍ନ-କ, ସ୍ନେହଭଙ୍ଗ-କ, ସ୍ନେହବର୍ଜିତ-କ, ମନାନ୍ତର-କ, ବିପକ୍ଷ-କ ।
**Alienation**, *n.* 1. ସ୍ୱତ୍ୱତ୍ୟାଗ, ହସ୍ତାନ୍ତରକରଣ; 2. ବିଚ୍ଛେଦକରଣ, ସ୍ନେହଭଙ୍ଗ, ସ୍ନେହବର୍ଜିତ; 3. ବୁଦ୍ଧିର ବିଶୃଙ୍ଖଳ, ମତିଭ୍ରମ ।
**Alienator**, *n.* ସ୍ୱତ୍ୱତ୍ୟାଗକାରୀ, ହସ୍ତାନ୍ତରକାରୀ, ସ୍ନେହଭଙ୍ଗକାରୀ ।
**Alight**, *v.i.* 1. ଓହ୍ଲାଇବାର, ଅବରୋହଣ-କ; 2. ଉତ୍ତରିବାର, ବସିବାର; 3. ଭେଟିବାର । [ଜ୍ୱଳନ୍ତାରେ ।
**Alight**, *pr. a.* or *ad.* ଜ୍ୱଳନ୍ତ, ପ୍ରଜ୍ୱଳିତ, ଜ୍ୱଳନ୍ତା-
**Align**, *v.t.* ସରଳରେଖା ଦ୍ୱାରା ନିୟମିତ-କ, ସରଳରେଖାରେ ରଖିବାର ।
**Alignment**, *n.* 1. ସରଳରେଖା ଦ୍ୱାରା ନିୟମିତକରଣ, ସରଳରେଖାରେ ଠିକ୍‌କରଣ; 2. ଠିକ୍ କରିବା ସରଳରେଖା; 3. ରେଲବାଟ ବା ସାଧାରଣ ବାଟର ନକ୍ସା ।
**Alike**, *pr. a.* ତୁଲ୍ୟ, ସମାନ, ସଦୃଶ, ପରି ।—*ad.* ତୁଲ୍ୟରୂପେ, ସମ ଭାବରେ, ସଦୃଶରୂପେ, ଏକରୂପେ ।
**Aliment**, *n.* ପୁଷ୍ଟିକର ଦ୍ରବ୍ୟ, ପଥ୍ୟ, ଆହାର ।—*v.t.* ପୋଷଣ-କ, ଖୁଆଇବାର, ଆହାର ଯୋଗାଇବାର ।
**Alimental**, *a.* ପୁଷ୍ଟିକର ।
**Alimentary**, *a.* 1. ପଥ୍ୟସମ୍ବନ୍ଧୀୟ, ଆହାରସମ୍ବନ୍ଧୀୟ; 2. ପୁଷ୍ଟିକର; 3. ପାକ ପ୍ରକ୍ରିୟାସମ୍ବନ୍ଧୀୟ ।
**Alimony**, *n.* 1. ସ୍ୱାମିଠାରୁ ଆଇନ୍ ଦ୍ୱାରା ପୃଥକ୍‌କୃତା ସ୍ତ୍ରୀର ଖୋରାକ; 2. ଭରଣପୋଷଣର ଉପାୟ ।
**Aliped**, *n.* ପାଦପକ୍ଷବିଶିଷ୍ଟ ଜନ୍ତୁ, ଯଥା,—ବାଦୁଡ଼ି ।
**Aliquot**, *a.* ସମଭାଜକ, ଯଥା ୨, ୩, ୪, ଓ ୬, ବାର ସଂଖ୍ୟାର ସମଭାଜକ ଅଟେ ।
**Alive**, *pr. a.* 1. ଜୀବିତ, ଜୀଅନ୍ତା, ସଜୀବ; 2. ଅନିବୃତ୍ତ, ଅନିର୍ବାଣ; 3. ଚଳିତ; 4. ପ୍ରଫୁଲ୍ଲ, ଚଞ୍ଚଳ, ତୁଷ୍ଟ; 5. ଗ୍ରହଣକ୍ଷମ, ଅନୁଭବକ୍ଷମ, with *to*; 6. ଭରା ।
**Alkali**, *n. pl.* alkalies or alkalis, କ୍ଷାର ଆଦି ପଦାର୍ଥ ଯାହା କି ଉଦ୍ଭିଦସମ୍ବନ୍ଧୀୟ ହଳଦି ଓ ନୀଳ ବର୍ଣ୍ଣକୁ ନାଲି ଏବଂ ସବୁଜ ରଙ୍ଗ କରେ ପୁଣି ଯାହା ସଙ୍ଗେ ତେଲ ବା ଚର୍ବି ମିଶିଲେ ସାବୁନ ହୁଏ ।
**Alkalify**, *v.t.* କ୍ଷାରପଦାର୍ଥରେ ପରିଣତ-କ ।—*v.i.* କ୍ଷାରପଦାର୍ଥରେ ପରିଣତ-ହେ ।
**Alkaline**, *a.* କ୍ଷାରଗୁଣଯୁକ୍ତ, କ୍ଷାରଧର୍ମକ, କ୍ଷାରବତ୍ ।
**Alkaloid**, *n.* ଔଷଧ କ୍ଷାରଗୁଣବିଶିଷ୍ଟ ଦ୍ରବ୍ୟ, ଉଦ୍ଭିକ୍ଷାର ।
**Alkoran**, alcoran, *n.* କୋରାଣ, ମୁସଲମାନ ଧର୍ମଶାସ୍ତ୍ର ।
**All**, *a.* or *a. pro.* 1. ସମୁଦାୟ, ସକଳ, ତାବତ୍; 2. ସବୁ, ସମସ୍ତ; 3. ପ୍ରତ୍ୟେକ; 4. ଅଶେଷ; 5. ଖାଲି, କେବଳ ।—*ad.* ସମ୍ପୂର୍ଣ୍ଣରୂପେ, ଷୋଳଅଣାରୂପେ ।—all but, ପ୍ରାୟ । all one, ଫଳରେ ସମାନ, ଏକ କଥା । at all, ଅଳ୍ପ ମାତ୍ର, ଆଦୌ ।
**Allah**, *n.* ଆରବୀ ଭାଷାରେ ପରମେଶ୍ୱରଙ୍କର ନାମ ।
**Allay**, *v.t.* 1. ସୁସ୍ଥିର-କ, ଦମନ-କ, ନିବୃତ୍ତ-କ, ଥମାଇବାର, ଶାନ୍ତ-କ, କ୍ଷାନ୍ତ-କ; 2. ଉପଶମ-କ ।
**Allegation**, *n.* ନିଶ୍ଚୟ କଥନ, ଦୃଢ଼ କଥନ, ଏଜାହାର ।
**Allege**, *v.t.* 1. ନିଶ୍ଚୟରୂପେ କହିବାର, ଦୃଢ଼ରୂପେ କହିବାର, ପ୍ରକାଶ-କ; 2. କାରଣସ୍ୱରୂପ ଦର୍ଶାଇବାର, ଓଜର-କ; 3. ସପକ୍ଷ ବା ବିପକ୍ଷରେ କହିବାର ।
**Allegiance**, *n.* 1. ପ୍ରଜା ପ୍ରତି ପ୍ରଜାର ବାଧ୍ୟତା, ପ୍ରଭୁତ୍ୱସ୍ୱୀକାର, ରାଜଭକ୍ତି; 2. ବାଧ୍ୟତା, ବିଶ୍ୱସ୍ତତା ।
**Allegoric**, allegorical, *a.* 1. ଉପମାସମ୍ବନ୍ଧୀୟ; 2. ନିଦର୍ଶନସ୍ୱରୂପ, ଉପମାସଦୃଶ, ରୂପକ ।
**Allegorically**, *ad.* ରୂପକବାକ୍ୟରେ, ରୂପକଭାବେ ।
**Allegorist**, *n.* ରୂପକବାକ୍ୟ ପ୍ରୟୋଗକାରୀ ।
**Allegorize**, *v.t.* ରୂପକବାକ୍ୟରେ ପରିଣତ-କ, ରୂପକଭାବରେ ବ୍ୟାଖ୍ୟା-କ, ରୂପକଭାବରେ ବୁଝିବାର ।—*v.i.* ରୂପକବାକ୍ୟ ପ୍ରୟୋଗ-କ ।
**Allegory**, *n.* ରୂପକବାକ୍ୟ, ଲମ୍ବ ଉପମାଯୁକ୍ତ ବାକ୍ୟ ।
**Allegro**, *n* (in music), ଦ୍ରୁତତର ବାଦ୍ୟ, ସ୍ୱରର ଚଞ୍ଚଳ ଗତି ।
**Alleluiah**, *n.* and *interj.* ସ୍ତୁତ୍ୟର୍ଥକ ଶବ୍ଦ, ସଦାପ୍ରଭୁଙ୍କର ପ୍ରଶଂସା ହେଉ! ଜୟ!
**Alleviate**, *v.t.* ରୂପକଭାବରେ ଲଘୁ-କ, ଊଣା-କ, ଉପଶମ-କ ।
**Alleviation**, *n.* 1. ଲଘୁକରଣ, ଊଣାକରଣ, ଉପଶମ; 2. ଉପଶମକାରୀ ବିଷୟ ।
**Alleviative**, *a.* ଲଘୁକାରକ, ଉପଶମଜନକ ।—*n.* ଉପଶମକାରୀ ବିଷୟ ବା ପଦାର୍ଥ ।
**Alleviator**, *n.* ଉପଶମକାରୀ ଲୋକ ବା ବିଷୟ ।
**Alley**, *n.* 1. ଉଦ୍ୟାନ ପଥ; 2. ଗଳି, ପାର୍ଶ୍ୱ ସଙ୍କୀର୍ଣ୍ଣ ପଥ; 3. ପେଣ୍ଡୁଆଦି ଖେଳିବା ନିମନ୍ତେ ଲମ୍ବ ସଙ୍କୀର୍ଣ୍ଣ ସ୍ଥାନ ।
**All-fools' Day**, *n*, ଏପ୍ରେଲ ମାସର ପ୍ରଥମ ଦିବସ ।
**All-fours**, *n.* ତାସ ଖେଳ ବିଶେଷ ।—on all fours, 1. ହାତ ପାଦରେ, 2. ସବୁ ବିଷୟରେ ସମାନ ।
**All-hail**, *interj.* କୁଶଳ ହେଉ ! ମଙ୍ଗଳ ହେଉ !
**Alliaceous**, *a.* 1. ରସୁଣ ଆଦିସମ୍ବନ୍ଧୀୟ; 2. ରସୁଣ ଗୁଣବିଶିଷ୍ଟ ।

**Alliance**, *n.* 1. ଆବଦ୍ଧ ଅବସ୍ଥା, ବିବାହ ଦ୍ୱାରା ଦୁଇ ପରିବାରର ସମ୍ବନ୍ଧ, ଦେଶ ବା ରାଜ୍ୟ ମଧ୍ୟରେ ସନ୍ଧି ; 2. ସନ୍ଧିବଦ୍ଧ ରାଜ୍ୟସମୂହ ; 3. ସନ୍ଧି, ମେଳ ।

**Allied**, *p.* or *a.* ବିବାହ ବା ସନ୍ଧି ଦ୍ୱାରା ଆବଦ୍ଧ ।

**Alligation**, *n.* (ଏକତ୍ର ବନ୍ଧକରଣ) ଅଙ୍କ ବିଦ୍ୟାରେ ମିଶ୍ରଗଣିତ ।

**Alligator**, *n.* ଗୋମୁହାଁ, କୁମ୍ଭୀର, କହ୍ନର, ମଗର ।

**Alliterate**, *v.i.* ସମ ଅକ୍ଷରରେ ବା ସ୍ୱରରେ ଆରମ୍ଭ-କ, ଅନୁପ୍ରାସ ଦେଖାଇବାର ।

**Alliteration**, *n.* ଅନୁପ୍ରାସ, ଯମକ ଶବ୍ଦ ।

**Alliterative**, *a.* ଅନୁପ୍ରାସସମ୍ବନ୍ଧୀୟ, ଅନୁପ୍ରାସବିଶିଷ୍ଟ ।

**Allocate**, *v.t.* 1. ପୃଥକ୍ କରି ରଖିବାର, ଅଂଶ ବିଭାଗ-କ, ବଣ୍ଟନ-କ; 2. ସ୍ଥାନ ନିର୍ଦ୍ଦିଷ୍ଟ-କ; 3. ସ୍ଥାନରେ ନିଯୁକ୍ତ-କ ।

**Allocation**, *n.* 1. ଅଂଶବିଭାଗ, ବଣ୍ଟନ, ବିତରଣ; 2. ନିଯୋଜନ ।

**Allocution**, *n.* କଥନ ବା ବକ୍ତୃତାର ରୀତି, ବକ୍ତୃତା, ବିଶେଷ ବକ୍ତୃତା ।

**Allodial**, *a.* ନିଷ୍କର ଭୂମିସମ୍ବନ୍ଧୀୟ, ନିଷ୍କର, ଭୂମି ବିଷୟରେ ସ୍ୱାଧୀନ ।

**Allodium**, *n.* ନିଷ୍କର ଭୂସମ୍ପତ୍ତି ।

**Allopathic**, *a.* allopathy ପ୍ରଣାଳୀସମ୍ବନ୍ଧୀୟ ।

**Allopathist**, *n.* allopathy ସୂତ୍ରମତେ ଚିକିତ୍ସାକାରୀ ।

**Allopathy**, *n.* ଔଷଧ ପ୍ରୟୋଗ ଦ୍ୱାରା ଶରୀରରେ ରୋଗର ବିପରୀତ ବିରୁଦ୍ଧ ବା ଭିନ୍ନ ଅବସ୍ଥା ଜନ୍ମାଇବା ଚିକିତ୍ସା ପ୍ରଣାଳୀ, ଇଂରାଜ ସାଧାରଣ ଚିକିତ୍ସା ପ୍ରଣାଳୀ ।

**Allot**, *v.t.* 1. ଗୁଳିବାଣ୍ଟ ଦ୍ୱାରା ଅଂଶ ବିଭାଗ-କ, ବିଭାଗ-କ; 2. ବାଣ୍ଟିବାର, ବଣ୍ଟନ-କ ; 3. ନିର୍ଦ୍ଦିଷ୍ଟ-କ, ନିରୂପଣ-କ ।

**Allotment**, *n.* 1. ବିଭାଗକରଣ, ବଣ୍ଟନ ; 2. ନିର୍ଦ୍ଦିଷ୍ଟ ଅଂଶ, ଭାଗ, ବାଣ୍ଟ, ଭାଗ୍ୟ ; 3. ଅବକାଶ ସମୟରେ ଚଷ କରିବା ପାଇଁ ଦତ୍ତ ଭୂମି ଖଣ୍ଡ ।

**Allotropy**, *n.* ଏକ ବସ୍ତୁର ବିଭିନ୍ନ ଅବସ୍ଥାରେ ସ୍ଥିତ ଭିନ୍ନ ଗୁଣ ବା ସାମର୍ଥ୍ୟ, (ଯେପରି ଅଙ୍ଗାର ଓ ହୀରା ଏକ ମୂଳ ଧାତୁରୁ ଉତ୍ପନ୍ନ ହୁଏ) ।

**Allow**, *v.t.* 1. ଦେବାର; 2. ଅନୁମତି-ଦେ, ନିଷେଧ ନ କରିବାର; 3. ସ୍ୱୀକାର-କ, ଅଙ୍ଗୀକାର-କ; 4. ବାଦ୍-ଦେ; 5. ସମ୍ମତି-ଦେ ; 6. କ୍ଷତିପୂରଣରୂପେ ଦେବାର ।

**Allowable**, *a.* 1. ଦାତବ୍ୟ ; 2. ଅନୁମତିଯୋଗ୍ୟ, ଅନୁମନ୍ତବ୍ୟ ; 3. ସ୍ୱୀକାର୍ଯ୍ୟ ; 4. ବାଦ୍ ଦେବାଯୋଗ୍ୟ ।

**Allowableness**, *n.* 1. ଅନୁମତିଯୋଗ୍ୟତା ; 2. ସ୍ୱୀକାର୍ଯ୍ୟତା, ଗ୍ରାହ୍ୟତା ।

**Allowably**, *ad.* 1. ଅନୁମନ୍ତବ୍ୟରୂପେ; 2. ସ୍ୱୀକାର୍ଯ୍ୟରୂପେ ।

**Allowance**, *n.* 1. ଦାନକରଣ, ଦାନ, ଦତ୍ତଭାଗ, ନିରୂପିତ ଭାଗ, ବେତନ, ଖୋରାକ ; 2. ଅନୁମତି, ସମ୍ମତି ; 3. ସ୍ୱୀକାର ; 4. ଉପେକ୍ଷା; 5. ଦସ୍ତୁରି ।— *v.t.* ଖୋରାକ ଧାର୍ଯ୍ୟ-କ ।

**Allower**, *n.* ଯେ ଦାନ ଅନୁମତି ବା କ୍ଷମତା ଦିଏ ।

**Alloy**, *v.t.* ମନ୍ଦ ମିଶ୍ରିତ-କ, ଖାଦଯୁକ୍ତ କରି ଧାତୁର ଶୁଦ୍ଧତା ଭଙ୍ଗ-କ, ଧାତୁର ମିଶ୍ରଣ-କ ।—*n* 1. ଉତ୍କୃଷ୍ଟ ଧାତୁ ସଙ୍ଗେ ମିଶ୍ରିତ ନିକୃଷ୍ଟ ଧାତୁ, ଖାଦ, ଭେଜାଲ; 2. ଧାତୁମିଶ୍ରଣ; 3. ମିଶ୍ରଧାତୁ ; 4. ଭଲମନ୍ଦର ମିଶ୍ରଣ ।

**Alloyage**, *n.* ଧାତୁମିଶ୍ରଣ ।

**All-saints' Day, all-hallow, all-hallows**, *n.* ନଭେମ୍ବର ମାସର ପ୍ରଥମ ଦିନ ।

**All-souls' Day**, *n.* ରୋମାନ୍ କାଥଲିକ୍ ମତାନୁସାରେ ନଭେମ୍ବର ମାସର ଦ୍ୱିତୀୟ ଦିନ ।

**Allspice**, *n.* ଶୀତଳ ମରିଚ, ଯାମେକା ଦେଶୀୟ ମରିଚ, କବାବଚିନି ।

**Allude**, *v.i.* followed by *to*, ପରୋକ୍ଷଭାବେ ଉଲ୍ଲେଖ-କ, ସଙ୍କେତ ବାକ୍ୟରେ କହିବାର, ଉଦ୍ଦେଶ କରି କହିବାର, ଲକ୍ଷ୍ୟ କରି କହିବାର ।

**Allure**, *v.t.* ଥୋପ ପ୍ରଲୋଭନ ବା ପ୍ରବର୍ତ୍ତନା ଦ୍ୱାରା ଆକର୍ଷଣ-କ, ପ୍ରଲୋଭନ ଦେଖାଇବାର, ପ୍ରଲୋଭିତ-କ, ଫୁସଲାଇ ନେବାର, ଭୁଲାଇବାର ।

**Allurement**, *n.* ଥୋପ ପ୍ରଲୋଭନ ବା ପ୍ରବର୍ତ୍ତନା ଦ୍ୱାରା ଆକର୍ଷଣ ; 2. ଆକର୍ଷଣ, ପ୍ରଲୋଭନ, ଥୋପ ।

**Alluring**, *a.* ଲୋଭଜନକ, ପ୍ରଲୋଭନକାରୀ, ଆକର୍ଷକ, ମୋହଜନକ ।

**Alluringly**, *ad.* ଲୋଭଜନକରୂପେ, ଆକର୍ଷକଭାବେ, ମୋହଜନକରୂପେ ।

**Allusion**, *n.* ପରୋକ୍ଷଭାବେ ଉଲ୍ଲେଖନ, ଉଲ୍ଲେଖନ, ସଙ୍କେତବାକ୍ୟ, ସଙ୍କେତ ।

**Allusive, allusory**, *a*, 1. ପରୋକ୍ଷଭାବେ ଉଲ୍ଲେଖନସମ୍ବନ୍ଧୀୟ ; 2 ସଙ୍କେତବାକ୍ୟବିଶିଷ୍ଟ ।

**Allusively**, *ad.* ସଙ୍କେତବାକ୍ୟରେ ।

**Alluvial**, *a.* ନଦୀ ଦ୍ୱାରା ଆଗତ ମୃତ୍ତିକାସମ୍ବନ୍ଧୀୟ ବା ତାହାର ଗୁଣଯୁକ୍ତ, ଢେଉ ବା ସ୍ରୋତ ଦ୍ୱାରା ସଞ୍ଚିତ, ପଯ୍ୟସ୍ତି ।

**Alluvion**, *n.* 1. ପ୍ଳାବନ; 2. ନଦୀଜଳ ବା ସମୁଦ୍ର ଦ୍ୱାରା ସଞ୍ଚିତ ଭୂମି, ପଯ୍ୟସ୍ତି ଜମି ।

**Alluvium**, *n.* ନଦୀସ୍ରୋତ ବା ବନ୍ୟା ଦ୍ୱାରା ଛାଡ଼ିତ ଭୂମିରୁ ଆଗତ ମାଟି, ପଟୁ ।

**Ally**, *v.t.* ବନ୍ଧୁତା ବିବାହ ସନ୍ଧି ବା ମେଳ ଦ୍ୱାରା ସଂଯୁକ୍ତ-କ, ଚୁକ୍ତି ଦ୍ୱାରା ଯୁକ୍ତ-କ, ନିୟମରେ ବନ୍ଧନ-କ, ଯୋଗ-କ, ଏକତ୍ର-କ, ମେଳ-କ ।—*n.* (*pl.* allies), 1. ବନ୍ଧୁତା ବିବାହ ଆଦି ଦ୍ୱାରା ସଂଯୁକ୍ତ ଲୋକ, ସମ୍ବନ୍ଧୀ, ସଙ୍ଗୀ, ସହାୟ; 2. ସନ୍ଧି ଦ୍ୱାରା ଆବଦ୍ଧ ରାଜା ବା ରାଜ୍ୟ, ମିତ୍ରରାଜ୍ୟ ।

**Alma Mater**, *n.* ମାତୃବିଦ୍ୟାଳୟ ।

**Almanac**, *n.* ପାଞ୍ଜି, ପଞ୍ଜିକା ।

**Almightiness**, *n.* ସର୍ବଶକ୍ତିମାନ୍ ଗୁଣ, ସର୍ବଶକ୍ତିମତ୍ତ୍ୱ, ଅସୀମ ଶକ୍ତି ।

**Almighty**, *a.* ସର୍ବଶକ୍ତିମାନ୍ ।—*n.* ପରମେଶ୍ୱର ।

**Almond**, *n.* 1. ବାଦାମ ଫଳ ; 2. ଜିହ୍ୱା ମୂଳରେ ସ୍ଥିତ ବାଦାମାକୃତ ମାଂସଗ୍ରନ୍ଥି ।

**Almond-cake**, *n.* ବାଦାମ ଫଳରୁ ତେଲ ବାହାର କଲାପରେ ଯେଉଁ ଚକି ରହେ ।

**Almond-oil**, *n.* ବାଦାମ ତେଲ ।

Almond-tree, *n.* ବାଦାମ ଗଛ ।

Almoner, *n.* 1. ଦାନ ବିତରଣକର୍ତ୍ତା ; 2. ଦାନସମ୍ବନ୍ଧୀୟ ଅଧ୍ୟକ୍ଷ ।

Almonry, *n.* ଦାନଶାଳା, ଅତିଥିଶାଳା ।

Almost, *ad.* ପ୍ରାୟ, କିଞ୍ଚିତ୍ ଊଣାମାତ୍ର, ଅଧିକାଂଶରେ ।

Alms, *n.* ଦୟାଦାନ, ଭିକ୍ଷା, ଦାନ ।

Alms-deed, *n.* ଦାନକରଣ, ଦୟାଦାନ, ଭିକ୍ଷା ।

Alms-giver, *n.* ଦାତା, ଭିକ୍ଷାଦାତା ।

Alms-giving, *n.* ଭିକ୍ଷାଦାନକରଣ, ଭିକ୍ଷାଦାନ, ଦୟାଦାନ ।

Alms-house, *n.* ଦରିଦ୍ରାଶ୍ରମ ।

Alms-man, *n.* ଦୟାଦାନ ଦ୍ୱାରା ପ୍ରତିପୋଷିତ ବ୍ୟକ୍ତି, ଭିଖାରୀ ।

Almug, algum, *n.* (Hebrew), ଗଛ ବିଶେଷ, (ହୋଇ ପାରେ ଚନ୍ଦନ ଗଛ) ।

Aloe, *n.* 1. ଘିକୁଆଁର ଗଛ ; 2. *pl.* ମୁସବର, ତିକ୍ତ ରେଚକ ଔଷଧ ।

Aloes-wood, *n.* ଅଗୁରୁ ଆଦି ସୁଗନ୍ଧି କାଷ୍ଠ ।

Aloetic, *a.* ମୁସବରସମ୍ବନ୍ଧୀୟ, ମୁସବର ଗୁଣବିଶିଷ୍ଟ ।

Aloft, *ad.* 1. ଆକାଶରେ, ଶୂନ୍ୟରେ, ସ୍ୱର୍ଗରେ, ଉଚ୍ଚରେ, ଊର୍ଦ୍ଧ୍ୱରେ, ଉପରକୁ; 2. ଜାହାଜର ମାସ୍ତୁଲ ଉପରେ ବା ପାଲ ଦୌଡି ଉପରେ ।

Alone, *a.* 1. ଏକା, ଏକାକୀ; 2. ଏକମାତ୍ର, ଅଦ୍ୱିତୀୟ ।—*ad.* 1. ଏକଲ, ପୃଥକ୍‌ଭାବେ, ଅଲଗା; 2. କେବଳ, ମାତ୍ର ।—to let alone, ଛାଡି-ଦେ, ହସ୍ତକ୍ଷେପ ନ କରିବାର ।

Along, *ad.* 1. ଲମ୍ବାଲମ୍ବି, ପାର୍ଶ୍ୱରେ ; 2. ଆଗେ, ଅଗ୍ରେ; 3. ସଙ୍ଗେ, ସହିତ ; 4. along with ପାଖେ, ଏକତ୍ରରେ ।—*prep.* ପାର୍ଶ୍ୱରେ, ପାଖରେ, ଲମ୍ବାଲମ୍ବିରେ ।

Along, *ad.* followed by *of* (vulgar), ହେତୁରୁ ।

Alongshore, *ad.* or *pr. a.* ତୀରର ପାଖେ, ତୀରର ପାଖେ ସ୍ଥିତ, ତୀରର ଲମ୍ବାଲମ୍ବିସ୍ଥିତ ।

Alongside, *ad.* and *prep.* 1. ପାଖରେ : 2. ପାଖେ, ଜାହାଜର ପାଖେ ।

Aloof, *ad.* ଅଳ୍ପ ଦୂରରେ, ଜାଣିଶୁଣିକରି ଅଲଗାରେ, ପୃଥକ୍‌ଭାବେ, ଅନ୍ତରରେ ।

Aloud, *ad.* 1. ଉଚ୍ଚସ୍ୱରରେ ; 2. ଶୁଣାଯିବା ସ୍ୱରରେ ।

Alp, *n.* ଉଚ୍ଚ ପର୍ବତ ।

Alpaca, *n.* 1. ଉଷ୍ଟ୍ର ଜାତୀୟ ଜନ୍ତୁ ; 2. ଉକ୍ତ ଜନ୍ତୁର ଲୋମରେ ପ୍ରସ୍ତୁତ ଲୁଗା ।

Alpenstock, ପର୍ବତ ଚଢିବା ପାଇଁ ବ୍ୟବହୃତ ଲୁହାମରା ଲମ୍ବ ବାଡି ବିଶେଷ ।

Alpha, *n.* 1. ଗ୍ରୀକ୍ ବର୍ଣ୍ଣମାଳାର ପ୍ରଥମ ଅକ୍ଷର; 2. ପ୍ରଥମ, ଆଦି ।

Alphabet, *n.* (ଗ୍ରୀକ୍ ବର୍ଣ୍ଣମାଳାର ପ୍ରଥମ ଓ ଦ୍ୱିତୀୟ ଅକ୍ଷର), ବର୍ଣ୍ଣମାଳା ।—*v.t.* ବର୍ଣ୍ଣମାଳାକ୍ରମେ ସଜାଇବାର ।

Alphabetic, alphabetical, *a.* 1. ବର୍ଣ୍ଣମାଳାସମ୍ବନ୍ଧୀୟ ; ବର୍ଣ୍ଣମାଳାନୁକ୍ରମିକ ।

Alphabetically, *ad.* ବର୍ଣ୍ଣମାଳାନୁକ୍ରମରେ ।

Alpine, *a.* 1. ଆଲ୍‌ପସ୍ ପର୍ବତସମ୍ବନ୍ଧୀୟ ; 2. ଉଚ୍ଚ ପର୍ବତସମ୍ବନ୍ଧୀୟ, ପର୍ବତମୟ, ଅତି ଉଚ୍ଚ ; 3. ଉଚ୍ଚ ପର୍ବତରେ ଜାତ ।

Already, *ad.* ଏହା ପୂର୍ବରେ, ଏଥିମଧ୍ୟରେ, ଏକ୍ଷଣେ, ଏବେ, ତତ୍କାଳେ ।

Also, *ad.* and *conj.* 1. ସେହିମତେ, ତଦ୍ରୂପ; 2. ଅପର, ଆଉ ମଧ୍ୟ, ଅଥଚ, ପୁନଶ୍ଚ ।

Altar, *n.* 1. ଯଜ୍ଞବେଦି, ବେଦି ; 2. ରୋମାନ୍ କାଥଲିକ୍ ମଣ୍ଡଳୀ ଆଦିରେ ପ୍ରଭୁଙ୍କର ଭୋଜ ରଖିବା ମେଜ, ପ୍ରାର୍ଥନା ସ୍ଥାନ ।

Alter, *v.t.* 1. ପରିବର୍ତ୍ତନ-କ, ବଦଳାଇବାର, ଅନ୍ୟଥା-କ; 2. ଭିନ୍ନ-କ ।—*v.i.* ଭିନ୍ନ-ହେ, ପରିବର୍ତ୍ତିତ-ହେ ।

Alterability, *n.* ପରିବର୍ତ୍ତନୀୟତା, ପରିବର୍ତ୍ତନଯୋଗ୍ୟତା ।

Alterable, *a.* ପରିବର୍ତ୍ତନୀୟ, ପରିବର୍ତ୍ତନଶୀଳ ।

Alteration, *n.* ଅନ୍ୟଥାକରଣ, ପରିବର୍ତ୍ତନ, ଭିନ୍ନତା ।

Alterative, *a.* ପରିବର୍ତ୍ତକ ।—n. ପରିବର୍ତ୍ତକ ଓ ଉପଶମାର୍ଥକ ଔଷଧ ।

Altercate, *v.i.* ବାଗ୍‌ଯୁଦ୍ଧ-କ, ବିବାଦ-କ, ବିତଣ୍ଡା-କ, କଳହ-କ ।

Altercation, *n.* ବାଗ୍‌ଯୁଦ୍ଧ, ବିବାଦ, ବିତଣ୍ଡା, କଳି ।

Alternate, *v.t.* *al'-ter-nāt*, ପାଳି ଅନୁସାରେ-କ, କ୍ରମାଗତ-କ, ବଦଳ-କ ।—*v.i.* ପାଳି ଅନୁସାରେ ଘଟିବାର, ବଦଳ-ହେ, ପୁନଃ ପରିବର୍ତ୍ତିତ-ହେ ।—*a.* *al-ter'-nāt* 1. ପାଳି, ପର୍ଯ୍ୟାୟ, କ୍ରମାଗତ, ପରସ୍ପରାନୁବର୍ତ୍ତୀ, ଅନ୍ୟୋନ୍ୟ ଅନୁଗାମୀ; 2. ଏକ ଛାଡି ଅନ୍ୟ, ଅନ୍ୟତର ।

Alternately, *ad.* 1. ପାଳିଅନୁକ୍ରମେ, ପାଳିଅନୁସାରେ, ପାଳିଏ, ପର୍ଯ୍ୟାୟକ୍ରମେ; 2. ଅନ୍ୟତରରୂପେ ।

Alternation, *n.* ପାଳିଅନୁକ୍ରମ, ବଦଳ, ପର୍ଯ୍ୟାୟକ୍ରମ, ପରସ୍ପରାନୁବର୍ତ୍ତନ ।

Alternative, *a.* 1. ଅନୁକ୍ରମସୂଚକ, ଆନୁକ୍ରମିକ; 2. (ଦୁଇ ମଧ୍ୟରୁ) ଏକମାତ୍ର ସ୍ଥାୟୀ, ଏକମାତ୍ର ପ୍ରାପ୍ୟ, ଏକମାତ୍ର ଗ୍ରହଣୀୟ ବା ଏକମାତ୍ର କରଣୀୟ, ଅନ୍ୟତର, ଉପାୟାନ୍ତର ।—*n.* 1. ଦୁଇ ବିଷୟରୁ ଏକର ପସନ୍ଦକରଣ; 2. ଦୁଇ ବିଷୟ ମଧ୍ୟରେ ଏକର ସାଧ୍ୟତା, ଅନ୍ୟତରୋପାୟ ।

Alternatively, *ad.* 1. ଅନ୍ୟତରୋପାୟରେ : 2. ପାଳିଅନୁକ୍ରମେ, ପାଳି ଅନୁସାରେ, ପର୍ଯ୍ୟାୟକ୍ରମେ ।

Although, *conj.* ହେଲେହେଁ, ଯଦିସ୍ୟାତ୍, ଯଦିଚ, ଯଦ୍ୟପି ।

Altitude, *n.* 1. ଉଚ୍ଚତା, ଊର୍ଦ୍ଧ୍ୱତା ; 2. ଊର୍ଦ୍ଧ୍ୱତମ ସ୍ଥାନ ; 3. ଉନ୍ନତି, ଉଚ୍ଚ ସୀମା ।

Alto, *a.* ଉଚ୍ଚ ।—*n.* (ବାଦ୍ୟସମ୍ବନ୍ଧୀୟ ଶବ୍ଦ), 1. tenor ଠାରୁ ଉଚ୍ଚ, ବାଦ୍ୟରେ ଦ୍ୱିତୀୟ ସ୍ୱର; 2. ଉକ୍ତ ସ୍ୱରରେ ଗାୟକ ବା ଗାୟିକା ।

Altogether, *ad.* ସମ୍ପୂର୍ଣ୍ଣରୂପେ, ସର୍ବତୋଭାବେ, ଷୋଳଅଣାରୂପେ ।

Alto-rilievo, *n.* ପ୍ରସ୍ତରବିଦ୍ୟାରେ ଉନ୍ନତମୂର୍ତ୍ତିର ପ୍ରଦର୍ଶନ ।

Altruism, *n.* ଅନ୍ୟ ପ୍ରତି ବା ଜଗତ୍ ପ୍ରତି ଭକ୍ତି, ନିଃସ୍ୱାର୍ଥତା, ପରହିତୈଷୀତା ।

Altruist, *n.* ପରହିତୈଷୀ ଲୋକ ।

Altruistic, *a.* 1. ନିଃସ୍ୱାର୍ଥତାସମ୍ବନ୍ଧୀୟ ; 2. ଅନ୍ୟ ଜନଙ୍କ ମନୋଯୋଗୀ, ପରୋପକାରୀ, ପରହିତୈଷୀ ।

Alum, *n.* ଫିଟିକିରି ।

Aluminium, *n.* ଶୁକ୍ଳବର୍ଣ୍ଣ ଓ ହାଲୁକା ଧାତୁ ବିଶେଷ ।

**Aluminous**, *a.* ଫିଟକିରିସମ୍ବନ୍ଧୀୟ, ଫିଟକିରିମୟ ।

**Alumnus**, alumna, *n.* ଛାତ୍ର ବା ଛାତ୍ରୀ, କୌଣସି ବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟର ଉପାଧିଧାରୀ ଛାତ୍ର ବା ଛାତ୍ରୀ ।

**Alvine**, *a.* ତଳିପେଟସମ୍ବନ୍ଧୀୟ ।

**Alway**, always, *ad.* ସବୁବେଳେ, ସର୍ବଦା, ନିତ୍ୟ, ଅନବରତ, ନିରନ୍ତର ।

**Am**, ଅଛୁଁ, ଅଛି ।

**Amain**, *ad.* ବଳପୂର୍ବକ, ପ୍ରଚଣ୍ଡରୂପେ, ପ୍ରବଳରୂପେ, ବେଗରେ, ହଠାତ୍, ଝପକରି ।

**Amalgam**, *n.* 1. ପାରଦ ମିଶ୍ରିତ ଧାତୁ ; 2. ମିଶ୍ରଣ, ମିଶ୍ରିତ ଦ୍ରବ୍ୟ ।

**Amalgamate**, *v.t.* 1. ଅନ୍ୟ ଧାତୁ ସଙ୍ଗରେ ପାରା ମିଶାଇବାର ; 2. ମିଶ୍ରିତ-କ ; 3. ମିଶ୍ରଣ କରାଇବାର ।—*v.i.* 1. ମିଶ୍ରଣ-କ ; 2. ମିଳାଇବାର ।

**Amalgamation**, *n.* 1. ମିଶ୍ରଣ ; 2. ମେଳ, ମିଳନ, ସଂଯୋଗକରଣ ; 3. ମିଶ୍ରଣ ଦ୍ୱାରା ଜାତ ଏକ ଜାତୀୟ ପଦାର୍ଥ ।

**Amanuensis**, *pl.* amanuenses, *n.* ଶ୍ରୁତଲେଖକ, ନକଲନବୀସ୍, ଅନୁଲିପି ଲେଖକ ।

**Amaranth**, amaranthus, *n.* (poetic), 1. ଅମ୍ଳାନ ପୁଷ୍ପ ; 2. ଈଷତ୍ ବାଇଗଣିଆ ରଙ୍ଗ ।

**Amaranthine**, *a.* (poetic), ଅମ୍ଳାନ, ଅମର ।

**Amass**, *v.t.* ଗଦା-କ, ରାଶୀକୃତ-କ, ଜମା-କ, ସଞ୍ଚୟ-କ ।

**Amassment**, *n.* 1. ଜମାକରଣ, ; 2. ରାଶି, ସଞ୍ଚୟ ।

**Amateur**, *n.* କୌଣସି ବିଦ୍ୟା ବା ଶିଳ୍ପବିଦ୍ୟାପ୍ରିୟ ଲୋକ, ବିଦ୍ୟାନବୀସ୍, ଶିଳ୍ପବିଦ୍ୟାନବୀସ୍ ।

**Amateurish**, *a.* ଶିଳ୍ପବିଦ୍ୟାନବୀସର କାର୍ଯ୍ୟସୂଚକ, ବ୍ୟବସାୟୀର କାର୍ଯ୍ୟଠାରୁ ଅସିଦ୍ଧ, ସଦୋଷ, କଞ୍ଚା ।

**Amative**, amatory, amatorial, *a.* ପ୍ରେମସମ୍ବନ୍ଧୀୟ, ସ୍ନେହସୂଚକ, ପ୍ରେମଜନକ, ସ୍ନେହୋତ୍ପାଦକ, କାମୁକ, କାମୀ, ରସିକ, କାମୋତ୍ପାଦକ । [ଶୃଙ୍ଗାରେଚ୍ଛା ।

**Amativeness**, *n.* 1. ପ୍ରେମାସକ୍ତି ; 2. କାମୁକତା,

**Amaurosis**, *n.* ଅନ୍ଧତା, ନେତ୍ରରୋଗ ବିଶେଷ ।

**Amaze**, *v.t.* ବିସ୍ମୟାପନ୍ନ-କ, ଚମତ୍କୃତ-କ, ହଠାତ୍ ବିସ୍ମୟ ଭୟ ବା ଆଶ୍ଚର୍ଯ୍ୟ ବୋଧ ଦ୍ୱାରା ପାଗଳ-କ, ପାଗଳ-କ ।—*n.* (poetic), ଆଶ୍ଚର୍ଯ୍ୟବୋଧ, ବିସ୍ମୟ, ପାଗଳପଣ ।

**Amazedly**, *ad.* ଆଶ୍ଚର୍ଯ୍ୟବୋଧପୂର୍ବକ, ବିସ୍ମୟପୂର୍ବକ, ପାଗଳ ଭାବରେ ।

**Amazedness**, *n.* ଚମତ୍କୃତାବସ୍ଥା, ଆଶ୍ଚର୍ଯ୍ୟବୋଧ, ଅତିଶୟ ବିସ୍ମୟ ।

**Amazement**, *n.* 1. ଚମତ୍କୃତାବସ୍ଥା, ଆଶ୍ଚର୍ଯ୍ୟବୋଧ, ବିସ୍ମୟ, ପାଗ୍ଳାମି ; 2. ବିସ୍ମୟକାରକ ବ୍ୟକ୍ତି ବା ବିଷୟ ।

**Amazing**, *a.* ଅତିଚମତ୍କାର, ବିସ୍ମୟକର, ଆଶ୍ଚର୍ଯ୍ୟବୋଧଜନକ, ପାଗ୍ଳାମିଜନକ ।

**Amazingly** *ad.* ଚମତ୍କାରରୂପେ, ବିସ୍ମୟଜନକରୂପେ ।

**Amazon**, *n.* 1. (ଗଳ୍ପ କଥାରେ), ଯୁଦ୍ଧକାରିଣୀ, ଯୋଦ୍ଧ୍ରୀ ; 2. ଅଣ୍ଡିରଚଣ୍ଡୀ ।

**Ambassador**, *n.* ରାଜଦୂତ, ପ୍ରତିନିଧି ।

**Ambassadorial**, *a.* ରାଜଦୂତସମ୍ବନ୍ଧୀୟ ।

**Ambassadress**, *n.* ରାଜଦୂତର ସ୍ତ୍ରୀ ।

**Amber**, *n.* ପୁରାତନ ଗୋଟା ଗଛର ରସ ଯାହା କି ଧାତୁ ଦ୍ରବ୍ୟରେ ପରିଣତ ହୋଇ ଥାଏ ।—*a.* ଉକ୍ତ ଧାତୁମୟ, ଉକ୍ତ ଧାତୁ ସଦୃଶ ।

**Ambergris**, *n.* ତିମିମତ୍ସ୍ୟ ଜାତ ସୁଗନ୍ଧି ଦ୍ରବ୍ୟ ବିଶେଷ ।

**Ambidexter**, *n.* 1. ଦୁଇହାତିଆ, ସବ୍ୟସାଚୀ ; 2. ଉଭୟପକ୍ଷପାତୀ ଲୋକ, ଦ୍ୱିମୁଖା ଲୋକ ।

**Ambidexterity**, *n.* 1. ଦୁଇହାତିଆ ଗୁଣ ; 2. ଧୂର୍ତ୍ତତା ।

**Ambidexterous**, *a.* 1. ଦୁଇହାତିଆଗୁଣବିଶିଷ୍ଟ, ସମାନରୂପେ ଉଭୟ ହସ୍ତଚାଳକ ; 2. ଉଭୟ ପକ୍ଷପାତୀ ।

**Ambient**, *a.* 1. ବେଷ୍ଟନକାରୀ, ପ୍ରଦକ୍ଷିଣକାରୀ ; 2. ପ୍ରଦକ୍ଷିଣଶୀଳ, ବେଷ୍ଟକ ।

**Ambiguity**, *n.* 1. ଅର୍ଥର ଅସ୍ପଷ୍ଟତା, ଅର୍ଥର ଅନିଶ୍ଚିତତା ; 2. ଦ୍ୱ୍ୟର୍ଥବାକ୍ୟ, ସନ୍ଦେହାର୍ଥ, ଅନିଶ୍ଚିତାର୍ଥ ।

**Ambiguous**, *a.* 1. ଦ୍ୱ୍ୟର୍ଥବୋଧକ, ଅସ୍ପଷ୍ଟ, ସନ୍ଦେହଜନକ ; 2. ଅନିଶ୍ଚିତ, ଅନିର୍ଦ୍ଧାରଣୀୟ । [ପୂର୍ବକ ।

**Ambigaously**, *ad* ଦ୍ୱ୍ୟର୍ଥବୋଧକରୂପେ, ସନ୍ଦେହାର୍ଥ-

**Ambit**, *n.* ଘେର, ବେଷ୍ଟନ, ପରିଧି, ସୀମା ।

**Ambition**, *n.* 1. ସମ୍ଭ୍ରମାକାଙ୍କ୍ଷା ; 2. ଉଚ୍ଚପଦ କ୍ଷମତା ବା ଗୌରବର ଅଭିଳାଷ, ଦୁରାକାଙ୍କ୍ଷା ; 3. ଆକାଙ୍କ୍ଷିତ ବିଷୟ ।

**Ambitious**, *a.* 1. ସମ୍ଭ୍ରମାକାଙ୍କ୍ଷାପୂର୍ଣ୍ଣ, ଉଚ୍ଚପଦ କ୍ଷମତା ବା ଗୌରବର ଅଭିଳାଷୀ, ଉଚ୍ଚ ବିଷୟର ଆକାଙ୍କ୍ଷୀ ; 2. ସମ୍ଭ୍ରମାକାଙ୍କ୍ଷାଜାତ, ଦୁରାକାଙ୍କ୍ଷାଜାତ, ସମ୍ଭ୍ରମାକାଙ୍କ୍ଷାସୂଚକ ; 3. ଆଡ଼ମ୍ବରଯୁକ୍ତ ।

**Ambitiously**, *ad.* ସମ୍ଭ୍ରମାକାଙ୍କ୍ଷାପୂର୍ବକ, ବର୍ଦ୍ଧନେଚ୍ଛୁକରୂପେ, ଉଚ୍ଚପଦାଭିଳାଷିରୂପେ ।

**Amble**, *v.i.* 1. ଦୁଲକି ଯିବାର ; 2. ଭଙ୍ଗୀ କରି ଚାଲିବାର ।—*n.* ଘୋଡାର ଦୁଲକି ଚାଲି ।

**Ambler**, *n.* 1. ଯେ ଭଙ୍ଗୀ କରି ଚାଲେ ; 2. ଦୁଲୁକି ଘୋଡା ।

**Ambrosia**, *n.* 1. କଳ୍ପିତ ଦେବାନ୍ନ, ଅମୃତ ; 2. ରସନା ବା ଆଘ୍ରାଣ ଇନ୍ଦ୍ରିୟର ତୃପ୍ତିକର ବସ୍ତୁ ।

**Ambrosial**, *a.* ଅମୃତଗୁଣବିଶିଷ୍ଟ, ଦେବାଦେବୀଗଣର ଯୋଗ୍ୟ, ସୁଗନ୍ଧି, ସୁସ୍ୱାଦ ।

**Ambulance**, *n.* ଯୁଦ୍ଧରେ ଆହତ ସୈନ୍ୟମାନଙ୍କ ସାହାଯ୍ୟ ନିମନ୍ତେ ସହଯାତ୍ରୀ ଚିକିତ୍ସାଶ୍ରମ. ଆହତ ବା ପୀଡିତ ସୈନ୍ୟମାନଙ୍କର ଗାଡି, ଅପଘାତପ୍ରାପ୍ତ ବା ପୀଡିତ ଲୋକମାନଙ୍କର ଗାଡି ।

**Ambulant**, *a.* ଗମନଶୀଳ, ଏଣେତେଣେ ଭ୍ରମଣଶୀଳ ।

**Ambulation**, *n.* ଏଣେତେଣେ ଭ୍ରମଣ, ପ୍ରଦକ୍ଷିଣ ।

**Ambulatory**, *a.* ଭ୍ରମଣକାରୀ, ପ୍ରଦକ୍ଷିଣକାରୀ, ଚଳନକ୍ଷମ ।

**Ambuscade**, *n.* 1. ଶତ୍ରୁ ଆକ୍ରମଣାର୍ଥ ଗୁପ୍ତ ଭାବରେ ସଂସ୍ଥିତ, ଲୁଚି ବସିବା ଅବସ୍ଥା ; 2. ଯେଉଁ ସ୍ଥାନରେ ସୈନ୍ୟମାନେ ଲୁଚି ବସି ଥାନ୍ତି ; 3. ଲୁଚି ବସି ଥିବା ସୈନ୍ୟମାନେ ।—*v.t.* ଗୁପ୍ତ ସ୍ଥାନରୁ ଆକ୍ରମଣ-କ ।—*v.i.* ଆକ୍ରମଣାର୍ଥେ ଲୁଚି ବସିବାର, ଓଗାଳି ବସିବାର ।

Ambush, *n.* ହଠାତ୍ ଆକ୍ରମଣାର୍ଥେ ଗୁପ୍ତ ସ୍ଥାନରେ ସଂସ୍ଥିତ, see Ambuscade.—*v.t.* ହଠାତ୍ ଆକ୍ରମଣ କରିବାକୁ ଗୁପ୍ତ ସ୍ଥାନରେ ସୈନ୍ୟମାନଙ୍କୁ ରଖିବାର ।—*v.i.* ହଠାତ୍ ଆକ୍ରମଣାର୍ଥେ ଲୁଚି ବସିବାର, ଓଗାଳି ବସିବାର ।

Ameer, amir, *n.* 1. ପୂର୍ବ ଦେଶୀୟ କୁଳୀନର ଉପାଧି, ଅଧ୍ୟକ୍ଷ, ଅଧିପତି, ସରଦାର; 2. ଅଫଗାନସ୍ଥାନର ରାଜା ।

Ameliorate, *v.t.* ଅଧିକ ଭଲ-କ, ଉତ୍ତମତର-କ, ଉନ୍ନତ-କ, (ବ୍ୟଥା ବା କଷ୍ଟକୁ) ଉପଶମ-କ ।—*v.i.* ଅଧିକ ଭଲ-ହେ, ଉତ୍ତମରୂପେ ବୃଦ୍ଧି ପାଇବାର ।

Amelioration, *n.* 1. ଉତ୍ତମତରକରଣ, ଉତ୍ତମତରାବସ୍ଥା; 2. ଉପଶମ, ପୂର୍ବାପେକ୍ଷା ଉନ୍ନତି ବା ବୃଦ୍ଧି ।

Ameliorative, *a.* ଉତ୍ତମକାରକ, ଉନ୍ନତିଜନକ, ଉପଶମକାରକ ।

Amen, *interj.* (Heb), ଏମନ୍ତ ହେଉ! ଏବମସ୍ତୁ! ତଥାସ୍ତୁ! ଭବତୁ!—*n.* 1. ଆମେନ୍ ଶବ୍ଦ; 2. ଅନ୍ତରର ସମ୍ମତି; 3. ବିଶ୍ୱସ୍ତ ସାକ୍ଷୀ, ଖ୍ରୀଷ୍ଟ, see Rev. iii 14.

Amenable, *a.* 1. ଅଭିଯୋକ୍ତବ୍ୟ, ଦାୟୀ; 2. ବାଧ୍ୟ, ବଶୀଭୂତ ।

Amenableness, amenability, *n.* 1. ଅଭିଯୋକ୍ତବ୍ୟାବସ୍ଥା, ଦାୟିତ୍ୱ; 2. ବାଧ୍ୟତା, ବଶୀଭୂତତା ।

Amenably, *ad.* ବାଧ୍ୟତାପୂର୍ବକ ।

Amend, *v.t.* 1. ମନ୍ଦତା ଦୂର କରି ଅଧିକ ଭଲ-କ, ଶୁଧାରିବାର, ସଂଶୋଧନ-କ, ଉତ୍ତମରୂପେ ବୃଦ୍ଧି-କ; 2. ପରିବର୍ତ୍ତିତ-କ ।—*v.i.* ମନ୍ଦରୁ ଭଲ-ହେ ।

Amendable, *a.* ସଂଶୋଧନୀୟ, ଶୁଧାରିବାଯୋଗ୍ୟ ।

Amendatory, *a.* ସଂଶୋଧକ, ସଂଶୋଧନକ୍ଷମ ।

Amende, (French), ପ୍ରତ୍ୟାଖ୍ୟାନ ବା କ୍ଷତିପୂରଣ ।—amende honorable, ପ୍ରକାଶ୍ୟ ପ୍ରତ୍ୟାଖ୍ୟାନ ପୂର୍ବକ କ୍ଷତିପୂରଣ ।

Amendment, *n.* 1. ଭଲରୂପେ ପରିବର୍ତ୍ତନ, ସଂଶୋଧନ, ଉପଶମ; 2. ପାଣ୍ଡୁଲିପିର ପ୍ରସ୍ତାବିତ ପରିବର୍ତ୍ତନ, ସଭାର ତର୍କବିତର୍କ ପ୍ରସଙ୍ଗରେ ପ୍ରସ୍ତାବିତ ପରିବର୍ତ୍ତନ; 3. ଦେଶ ଶାସନର ମୂଳ ବ୍ୟବସ୍ଥା ବା ଆଇନର ପରିବର୍ତ୍ତନ ।

Amends, *n.* କ୍ଷତିପୂରଣ, କ୍ଷତିଶୋଧନ, ପ୍ରତିକାର ।

Amenity, *n.* ମନୋଜ୍ଞତା, ମନୋରମ୍ୟତା, ଅବସ୍ଥାର ରମ୍ୟତା, ସୁଖାବହତ୍ୱ, ରମଣୀୟତା ।

Amenorrhœa, *n.* ରଜୋରୋଧ ।

Amentia, *n.* ବାତୁଳତା, ମେଧାରହିତ୍ୟ ।

Amerce, *v.t.* ଅର୍ଥଦଣ୍ଡ-କ, ଜରିମାନା-କ ।

Amerceable, *a.* ଅର୍ଥଦଣ୍ଡନୀୟ ।

Amercement, *n.* ଅର୍ଥଦଣ୍ଡ, ଜରିମାନା ।

American, *n.* ଆମେରିକା ମହାଦେଶ ନିବାସୀ ।—*a.* 1. ଆମେରିକା ଦେଶୀୟ; 2. ୟୁନାଇଟେଡ୍ ଷ୍ଟେଟ୍ସ ସମ୍ବନ୍ଧୀୟ ।

Americanism, *n.* 1. ଆମେରିକା ଦେଶୀୟ ଭାଷାର ବିଶେଷ ରୀତି; 2. ଆମେରିକା ଦେଶୀୟ ବିଶେଷ ରୀତିନୀତି; ଆମେରିକା ଦେଶୀୟ ଲୋକର ଅଧିକାର, ଆମେରିକା ଦେଶୀୟ ରୀତିନୀତିରେ ଆସକ୍ତି ।

Americanize, *v.t.* 1. ଆମେରିକା ଦେଶର ସ୍ୱଭାବକୁ ଗୁଣବିଶିଷ୍ଟ କରାଇବାର; 2. ଆମେରିକା ଦେଶୀୟ ଲୋକର ଅଧିକାରବିଶିଷ୍ଟ କରାଇବାର ।

Amethyst, *n.* ବାଇଗଣିରଙ୍ଗର ମଣି ବିଶେଷ ।

Amiability, *n.* ମନୋରମ ଗୁଣ, ସ୍ୱଭାବର ମାଧୁର୍ଯ୍ୟ, ସୁଶୀଳତା ।

Amiable, *a.* (ସ୍ନେହଯୋଗ୍ୟ), ପ୍ରୀତିକର, ମନୋଜ୍ଞଗୁଣବିଶିଷ୍ଟ, ମନୋରମ ଗୁଣବିଶିଷ୍ଟ, ସୁଶୀଳ, ମାଧୁର୍ଯ୍ୟବିଶିଷ୍ଟ ।

Amiableness, *n.* ମନୋରମ ଗୁଣ, ମନୋରମ୍ୟତା ।

Amiably, *ad.* ପ୍ରୀତିକରରୂପେ, ସୁଶୀଳଭାବେ ।

Amicable, *a.* ମୈତ୍ରଭାବାପନ୍ନ, ପ୍ରଣୟୀ, ହିତୈଷୀ, ଶାନ୍ତ, ସୁମେଳକ, ଅବିରୋଧ । [ଶାନ୍ତଭାବ ।

Amicableness, *n.* ମୈତ୍ରଭାବ, ପ୍ରଣୟିତ୍ୱ, ହିତୈଷିତା,

Amicably, *ad.* ମୈତ୍ରଭାବେ, ପ୍ରଣୟିତ୍ୱରୂପେ, ଶାନ୍ତଭାବେ, ଅବିରୋଧରେ ।

Amice, amict, *n.* 1. ରୋମାନ୍ କାଥଲିକ୍ ପୁରୋହିତର କାନ୍ଧ ଉପରସ୍ଥ ବସ୍ତ୍ରବିଶେଷ; 2. ପୂର୍ବକାଳୀନ ଯାତ୍ରିମାନଙ୍କର ଉତ୍ତରୀୟ ବସ୍ତ୍ରବିଶେଷ । [ଅଭ୍ୟନ୍ତରେ ।

Amid, amidst, *prep.* ମଧ୍ୟରେ, ଭିତରେ, ଅନ୍ତରେ,

Amidships, *ad.* or *pr. a.* ଜାହାଜର ମଧ୍ୟରେ, ଜାହାଜର ମଧ୍ୟଦେଶ ବା ମଧ୍ୟସ୍ଥିତ ।

Amiss, *pr. a.* ଭ୍ରମଯୁକ୍ତ, ମନ୍ଦ, ଅନୁଚିତ, ଦୋଷଯୁକ୍ତ, ଅନୁଚିତ ।—*ad.* ଦୋଷଯୁକ୍ତରୂପେ, ଅନୁଚିତରୂପେ ।—to take amiss, ଅସନ୍ତୁଷ୍ଟ-ହେ, ବିରକ୍ତ-ହେ ।

Amity, *n.* ମିତ୍ରତା, ଐକ୍ୟ, ଦୁଇ ଦେଶ ମଧ୍ୟରେ ମିତ୍ରଭାବ, ହିତେଚ୍ଛା ।

Ammonia, *n.* କ୍ଷାରବିଶେଷ, ନବସାର ।

Ammoniac, ammonical, *a.* ଉକ୍ତ କ୍ଷାରସମ୍ବନ୍ଧୀୟ ।

Ammoniac, *n.* ବୃକ୍ଷର ଶୁଷ୍କ ରସବିଶେଷ ।

Ammonite, *n.* ଚକ୍ରାକାର ପଥରରେ ପରିଣତ ଶଙ୍ଖ, ଶାଳଗ୍ରାମ । [ଦାରୁ ।

Ammunition, *n*, ଯୁଦ୍ଧର ସାମଗ୍ରୀ, ଯଥା,—ଗୁଳି ବାରୁଦ୍-

Amnesty, *n.* (ବିସ୍ମୃତିକରଣ), ପ୍ରଜାମାନଙ୍କର ରାଜବିରୁଦ୍ଧ ଦୋଷର ସର୍ବସାଧାରଣ କ୍ଷମା, କ୍ଷମା ।—*v.t.* କ୍ଷମା-କ ।

Among, amongst, *prep.* ମଧ୍ୟରେ, ସଙ୍ଗରେ ।

Amorous, *a.* 1. ପ୍ରେମିକ, ପ୍ରେମୀ, ସ୍ନେହଶୀଳ, କାମୁକ, କାମୀ; 2. ପ୍ରେମସମ୍ବନ୍ଧୀୟ, ସ୍ନେହସୂଚକ, ସ୍ନେହଜନକ, ପ୍ରେମୋତ୍ପାଦକ, କାମସମ୍ବନ୍ଧୀୟ, କାମସୂଚକ, କାମଜନକ, କାମଜାତ, ରସିକ; 3. ପ୍ରେମାସକ୍ତ, ମୋହିତ, କାମାକୁଳ ।

Amorously, *ad.* ପ୍ରେମଭାବେ, କାମୁକଭାବେ, ରସିକଭାବେ ।

Amorousness, *n.* ପ୍ରେମିଗୁଣ, କାମିତ୍ୱ, ରସିକତା ।

Amount, *v.i.* 1. ଗାଦ ବା ମୋଟ-ହେ; 2. ସମାନ-ହେ ।—*n.* 1. ମୋଟ, ଜମା, ଗାଦ; 2. ତାତ୍ପର୍ଯ୍ୟ, ସାର, ଫଳ ।

Amour, *n.* ଗୁପ୍ତ ପ୍ରଣୟ, ସ୍ତ୍ରୀପୁରୁଷର ଅବୈଧ ବ୍ୟାପାର ।

Amphibious, *a.* 1. ଉଭୟଚର; ଦ୍ୱିବିଧ । [ବାକ୍ୟ ।

Amphibology, *n.* ଦ୍ୱ୍ୟର୍ଥବୋଧକ ବାକ୍ୟ, ସନ୍ଦେହାର୍ଥକ

Amphitheatre, *n.* 1. ଯହିଁରେ ମଲ୍ଲଯୁଦ୍ଧ ଆଦି ହେଉଥିଲା ଏରୂପ ପୂର୍ବକାଳୀନ ଅଣ୍ଡାକୃତି ନାଟ୍ୟଶାଳା. ଅଣ୍ଡାକୃତି ରଙ୍ଗଭୂମି ; 2. ପର୍ବତ ବେଷ୍ଟିତ ଅଣ୍ଡାକୃତି ସମତଳ ଖାଲ ଜମି ।

Ample, *a.* 1. ବୃହତ୍, ବଡ଼, ପ୍ରଶସ୍ତ, ଓସାରିଆ, ବିସ୍ତୃତ ; 2. ସମ୍ପୂର୍ଣ୍ଣ, ଅନିବାରିତ: 3. ପ୍ରଚୁର, ଯଥେଷ୍ଟ ।

Ampleness, *n.* 1. ବୃହତ୍ତ୍ୱ, ପ୍ରଶସ୍ତତା, ପ୍ରସାର ; 2. ପ୍ରାଚୁର୍ଯ୍ୟ, ଯଥେଷ୍ଟତା, ସମ୍ପୂର୍ଣ୍ଣତା, ବାହୁଲ୍ୟ ।

Amplification, *n.* 1. ବୃଦ୍ଧିକରଣ, ବିସ୍ତାର; 2. ବିସ୍ତାରପୂର୍ବକ ବର୍ଣ୍ଣନା ; 3. ବର୍ଦ୍ଧନକାରୀ ବିଷୟ ।

Amplify, *v.t.* 1. ବୃଦ୍ଧି-କ, ବିସ୍ତାର-କ, ବଢ଼ାଇବାର ; 2. ବିସ୍ତାରପୂର୍ବକ କହିବାର, ବିସ୍ତାରପୂର୍ବକ ବର୍ଣ୍ଣନା-କ, ବର୍ଣ୍ଣନାରେ ବାହୁଲ୍ୟ-କ ।—*v.i.* ବାହୁଲ୍ୟ କରି କହିବାର ବା ଲେଖିବାର ।

Amplitude, *n.* 1. ବୃହତ୍ତ୍ୱ, ପ୍ରଶସ୍ତତା, ବିସ୍ତୀର୍ଣ୍ଣତା ; 2. ପ୍ରାଚୁର୍ଯ୍ୟ, ବାହୁଲ୍ୟ । [ପ୍ରଚୁରରୂପେ ।

Amply, *ad.* ପ୍ରଶସ୍ତରୂପେ, ବିସ୍ତାରିତରୂପେ, ସମ୍ପୂର୍ଣ୍ଣରୂପେ,

Amputate, *v.t.* 1. ଛେଦନ-କ ; 2. ଅଙ୍ଗ ଛେଦନ-କ ।

Amputation, *n.* 1. ଛେଦନ ; 2. ଅଙ୍ଗ ଛେଦନ ।

Amuck, amok, *n.* or *ad.* 1. (Malay), only in the phrase *to run amuck*, ପାଗଳ ନ୍ୟାୟ ଦୌଡ଼ି ସମସ୍ତଙ୍କୁ ଆକ୍ରମଣ-କ ; 2. ସମସ୍ତଙ୍କୁ ଆକ୍ରମଣ-କ ।

Amulet, *n.* ବିଘ୍ନନାଶାର୍ଥକ ତାବିଜ, କବଚ ।

Amuse, *v.t.* 1. ମନୋରଞ୍ଜନ-କ, ଆମୋଦିତ-କ, ବିନୋଦିତ-କ ; 2. ହର୍ଷ ଜନ୍ମାଇବାର. ତୁଷ୍ଟ-କ ।

Amusement, *n.* 1. ଆମୋଦିତକରଣ, ଆମୋଦିତ ଅବସ୍ଥା ; 2. ଆମୋଦ, ବିନୋଦନ, ଖେଳା, କ୍ରୀଡ଼ା, ତାମସା, କୌତୁକ ।

Amusing, *a.* 1. ଆମୋଦଜନକ. ମନୋରଞ୍ଜକ, ବିନୋଦକ ; 2. ହର୍ଷଜନକ ।

Amusingly, *ad.* 1. ଆମୋଦଜନକରୂପେ, ବିନୋଦନପୂର୍ବକ ; 2. ହର୍ଷଜନକରୂପେ ।

Amusive, *a.* ଆମୋଦକ୍ଷମ, ହର୍ଷୋତ୍ପାଦକ ।

An, *a.* ଏକ, କୌଣସି, ଗୋଟିଏ ।

Anabaptist, *n.* ପୁନଃ ବାପ୍ତିସ୍ମ ମତାବଲମ୍ବୀ, (ପୂର୍ବକାଳୀନ Baptist ମତାବଲମ୍ବିମାନଙ୍କ ନିନ୍ଦାସୂଚକ ନାମ), ଯେ ଶିଶୁ ବାପ୍ତିସ୍ମ ଅସ୍ୱୀକାର କରି ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କଲାଉତ୍ତାରେ ବାପ୍ତିସ୍ମ (ଅର୍ଥାତ୍ ଡୁବନ) ପାଇବା ଆବଶ୍ୟକ ବୋଲି ସମର୍ଥନ କରେ ।

Anachronism, *n.* 1. କାଳ ନିରୂପଣର ଭ୍ରମ, କୌଣସି ବ୍ୟକ୍ତି ବା ଘଟନାକୁ ଅପ୍ରକୃତ କାଳରେ ରଖିବା ଭ୍ରମ ; 2. ନିର୍ଦ୍ଦିଷ୍ଟ ସମୟର ବହିର୍ଭୂତ ବିଷୟ ।

Anaconda, *n.* ବୃହତ୍ ସର୍ପର ଜାତିବିଶେଷ । [ନ୍ୟୂନତା ।

Anæmia, *n.* ରକ୍ତନ୍ୟୂନତା ବା ରକ୍ତର କେତେକ ମୂଳାଂଶର

Anæmic, *a.* ରକ୍ତନ୍ୟୂନତାସମ୍ବନ୍ଧୀୟ, ରକ୍ତନ୍ୟୂନତାବିଶିଷ୍ଟ ।

Anæsthesi , anæsthesis, *n.* ସ୍ପର୍ଶଶକ୍ତିର ନ୍ୟୂନତା ବା ନାଶ. ଉପାୟଜନିତ ବେଦନାନୁଭବଶକ୍ତିର ରହିତାବସ୍ଥା ବା ରହିତକରଣ ।

Anæsthetic, *a.* ସ୍ପର୍ଶଶକ୍ତିର ନ୍ୟୂନତା ବା ନାଶସମ୍ବନ୍ଧୀୟ, ସ୍ପର୍ଶଶକ୍ତି ବା ଚେତନାର ନାଶକ୍ଷମ, ସ୍ପର୍ଶଶକ୍ତିହାରକ ।—*n.* ସ୍ପର୍ଶଶକ୍ତି ବା ଚେତନାର ନାଶକ ଦ୍ରବ୍ୟ ।

Anæsthetize, *v.t.* ଔଷଧ ଦ୍ୱାରା ଚେତନା ବା ସ୍ପର୍ଶଶକ୍ତି ନାଶ-କ ।

Anagram, *n.* ଯଦ୍ୱାରା ନୂତନ ଶବ୍ଦ ବା ପଦ କରାଯାଏ ଏମନ୍ତ ଶବ୍ଦ ବା ପଦସ୍ଥ ଅକ୍ଷରର ବ୍ୟତିକ୍ରମ । [ବର୍ତ୍ତୀ ।

Anal, *a.* 1. ମଳଦ୍ୱାରସମ୍ବନ୍ଧୀୟ; 2 ଗୁହ୍ୟଦ୍ୱାର ନିକଟ-

Analect, *n.* ଗ୍ରନ୍ଥରୁ ସଙ୍ଗୃହିତ ଉତ୍ତମ ବାକ୍ୟ, generally in the pl.

Analogical, *a.* ସାଦୃଶ୍ୟବିଶିଷ୍ଟ. ସମଭାବବିଶିଷ୍ଟ ।

Analogically, *ad.* ସାଦୃଶ୍ୟବିଶିଷ୍ଟଭାବେ ।

Analogist, *n.* ଉପମା ପ୍ରଯୋଜକ ।

Analogize, *v.t.* ସାଦୃଶ୍ୟ ବା ଉପମା ଦ୍ୱାରା ବ୍ୟାଖ୍ୟା-କ ।

Analogous, *a.* ସାଦୃଶ୍ୟବିଶିଷ୍ଟ, ସଦୃଶ, ତୁଲ୍ୟ ।

Analogously, *ad.* ସାଦୃଶ୍ୟବିଶିଷ୍ଟଭାବେ, ସଦୃଶରୂପେ, ତୁଲ୍ୟରୂପେ ।

Analogue, *n.* ସଦୃଶ ବାକ୍ୟ ବା ବସ୍ତୁ ।

Analogy, *n.* କେତେକ ଭିନ୍ନ କଥା ମଧ୍ୟରେ କୌଣସି ବିଷୟର ସାଦୃଶ୍ୟ, ସାଦୃଶ୍ୟ, ତୁଲ୍ୟତା ।

Analysable, *a.* ବିଶ୍ଳେଷଣଯୋଗ୍ୟ ।

Analyse, analyze, *v.t.* ବିଶ୍ଳେଷଣ-କ, କୌଣସି ମିଶ୍ରିତ ପଦାର୍ଥର ମୂଳାଂଶ ସବୁ ପୃଥକ୍-କ, ସୂକ୍ଷ୍ମରୂପେ ଅନୁସନ୍ଧାନ-କ ।

Analysis, *n.* 1. ମାନସିକ ବା ଇନ୍ଦ୍ରିୟଗୋଚର କୌଣସି ମିଶ୍ରିତ ପଦାର୍ଥର ମୂଳାଂଶ ସବୁର ପୃଥକ୍‌କରଣ, ବିଶ୍ଳେଷଣ, କୌଣସି ବିଷୟର ଭିନ୍ନ ଅଂଶ ପୁଣି ସେହି ଅଂଶର ପରସ୍ପର ସମ୍ପର୍କ ବିଷୟର ଆଲୋଚନା, (ଯୋଗକରଣର ବିପରୀତ) ; 2. ସଂକ୍ଷିପ୍ତ ବିବରଣ, ସାରସଂଗ୍ରହ ।

Analyst, *n.* ବିଶ୍ଳେଷଣକାରୀ, କୌଣସି ପଦାର୍ଥର ଉପାଦାନ ପାଇବା ନିମନ୍ତେ ରସାୟନିକ ପରୀକ୍ଷା ଯେ କରେ ।

Analytic, analytical. *a.* ବିଶ୍ଳେଷଣସମ୍ବନ୍ଧୀୟ, ବିଶ୍ଳେଷକ ।

Analytically, *ad.* ବିଶ୍ଳେଷକରୂପେ, ବିଶ୍ଳେଷଣପୂର୍ବକ ।

Analytics, *n.* ବିଶ୍ଳେଷଣବିଜ୍ଞାନ ।

Anamorphosis, ବିଶେଷ ଆକାରଯୁକ୍ତ ଦର୍ପଣରେ ନିର୍ଦ୍ଦିଷ୍ଟଭାବେ ନ ଦେଖିଲେ କୌଣସି ବସ୍ତୁକୁ ଜାତ ବିକୃତ ଛବି ।

Ananas, *n.* ସନାରସ, ସ୍ୱଚ୍ଛରୂପେଣସ ।

Anapest, *n.* ଛନ୍ଦ ବିଶେଷ ଯହିଁରେ ପ୍ରଥମ ଦୁଇ ଶବ୍ଦ ଲଘୁ ଓ ଶେଷ ଶବ୍ଦ ଗୁରୁ ଅଟେ ।

Anarch, *n.* ରାଜବିପ୍ଳବକାରୀ. ରାଜବିପ୍ଳବ ମତଧାରୀ ।

Anarchic, anarchical. *a.* ଅରାଜକତାସମ୍ବନ୍ଧୀୟ, ଅରାଜକ, ଶାସନରହିତ. ବ୍ୟବସ୍ଥାଶୂନ୍ୟ, ଶାସନବହିର୍ଭୂତ ।

Anarchist, *n.* ଅରାଜକତାର କର୍ତ୍ତା ବା ବର୍ଦ୍ଧନକାରୀ. ରାଜ୍ୟ ମଧ୍ୟରେ ଯେ ବିଦ୍ରୋହ ଉଠାଏ ବା ଗୋଳମାଳ କରାଏ, ରାଜନୈତିକ ବା ସାମ୍ପ୍ରଦାୟିକ ସ୍ଥାପିତ ବିଧି ସବୁ ଧ୍ୱଂସ କରିବାକୁ ଇଚ୍ଛୁକ ଲୋକ, ବିଦ୍ରୋହ ମତଧାରୀ, ରାଜଶାସନ ବିରୋଧୀ ।

**Anarchy, anarchism,** *n.* 1. ଶାସକ ବା ଶାସନକର୍ତ୍ତୃସହିତ୍ୟ, ଅଗ୍ରାଜକତା, ରାଜବିପ୍ଳବ, ବ୍ୟବସ୍ଥା ବା କଥ୍ୟର ଅଭାବ, ରାଜନୀତି ସମ୍ବନ୍ଧୀୟ ଗୋଲମାଲ, ରାଜନୀତିସମ୍ବନ୍ଧୀୟ ବା ସାମ୍ପ୍ରଦାୟିକ ବ୍ୟବସ୍ଥା ସବୁର ଲୋପକରଣ; 2. କୌଣସି ପ୍ରକୃତ କର୍ତ୍ତୃତ୍ୱ ନ ଥାଇ ବ୍ୟକ୍ତିଗତ ସମ୍ପୂର୍ଣ୍ଣ ସ୍ୱାଧୀନତା ଥିଲେ ଲୋକସମାଜର ସିଦ୍ଧାବସ୍ଥା ହୁଏ ବୋଲି ଯେଉଁ ଅନୁମାନ ।
**Anasarca,** *n.* ଶୋଥ, ଜଳସ୍ଫୀତ, ଜଳୋଦର ।
**Anathema,** *n.* 1. ଅଭିଶପ୍ତ ବ୍ୟକ୍ତି ବା ବସ୍ତୁ, ଧ୍ୱଂସ ନିମନ୍ତେ ବର୍ଜିତ ବସ୍ତୁ ; 2. ରୋମାନ୍ କାଥଲିକ୍ ମଣ୍ଡଳୀ ଦ୍ୱାରା ପ୍ରଧାନତଃ ଅପରାଧ ପ୍ରତି ପ୍ରକାଶିତ ଗୁରୁତର ଅଭିଶାପ ; 3. ଯାଜକୀୟ ଅଭିସମ୍ପାତ ; 4. ଅଭିଶାପ ।
**Anathematize,** *v.t.* ଅଭିସମ୍ପାତ-ଦେ, ଅଭିଶାପ-ଦେ, see Anathema.
**Anatomical, anatomic,** *a.* 1. ଶବଚ୍ଛେଦ ବିଦ୍ୟାସମ୍ବନ୍ଧୀୟ; 2. ଶାରୀରବିଧାନସମ୍ବନ୍ଧୀୟ ।
**Anatomically,** *ad.* ଶବଚ୍ଛେଦପୂର୍ବକ, ଶବଚ୍ଛେଦ ବିଦ୍ୟାନୁସାରେ ।
**Anatomist,** *n.* ଶବଚ୍ଛେଦ ବିଦ୍ୟାରେ ନିପୁଣ ବ୍ୟକ୍ତି, ଶବଚ୍ଛେଦ ବିଦ୍ୟାବିତ୍, ଶରୀରର ଗଠନ ପ୍ରଣାଳୀ ବିଷୟରେ ଶିକ୍ଷିତ ଲୋକ ।
**Anatomize,** *v.t.* ଅନୁସନ୍ଧାନାର୍ଥେ ଶବଚ୍ଛେଦ-କ, ଛେଦନ ଦ୍ୱାରା ଅନାବୃତ-କ, ସୂକ୍ଷ୍ମରୂପେ ଅନାବୃତ-କ, ସୂକ୍ଷ୍ମରୂପେ ଅନୁସନ୍ଧାନ-କ ।
**Anatomy,** *n.* 1. ଶବଚ୍ଛେଦ ବିଦ୍ୟା ; 2. ଶବଚ୍ଛେଦ ଦ୍ୱାରା ଶିକ୍ଷିତ ଶରୀରର ଗଠନବିଦ୍ୟା, ଶାରୀରବିଧାନ ; 3. ସୂକ୍ଷ୍ମ ଅନୁସନ୍ଧାନ ; 4. କଙ୍କାଳବତ୍ ମନୁଷ୍ୟ ।
**Ancestor,** *n.* ପୂର୍ବପୁରୁଷ, ପିତୃଲୋକ ।
**Ancestral,** *a.* ପୂର୍ବପୁରୁଷ ସମ୍ବନ୍ଧୀୟ, ପୈତୃକ ।
**Ancestry,** *n.* 1. ପୂର୍ବପୁରୁଷଶ୍ରେଣୀ, କୁଳଶ୍ରେଣୀ; 2. ପୂର୍ବପୁରୁଷଗଣ ସହିତ ସମ୍ପର୍କ, ବଂଶ, କୁଳୀନ ବଂଶ ।
**Anchor,** *n.* 1. ଲଙ୍ଗର; 2. ମନରସ୍ଥିରକାରୀ କୌଣସି ବିଷୟ ।—*v.t.* 1. ଲଙ୍ଗର ଦ୍ୱାରା ଧରିବାର, ଲଙ୍ଗର କରି ରଖିବାର; 2. ଦୃଢ଼ରୂପେ ରଖିବାର, ଦୃଢ଼ରୂପେ ଆବଦ୍ଧ-କ ।—*v.i.* 1. ଲଙ୍ଗର ପକାଇବାର; 2. ସୁସ୍ଥିର-ହେ, ଅଟଳ-ହେ ।
**Anchorage,** *n.* 1. ଲଙ୍ଗର ପକାଇବା ସ୍ଥାନ; 2. ଲଙ୍ଗର ପାତନ, ଲଙ୍ଗର ଦ୍ୱାରା ଆବଦ୍ଧ ଅବସ୍ଥା ; 3. ଲଙ୍ଗର ପକାଇବା ହେତୁ ମାଶୁଲ, ଲଙ୍ଗରଶୁଳ୍କ; 4. ମନର ଆଶ୍ରୟ ବା ବିଶ୍ରାମ ସ୍ଥାନ ।
**Anchoret, anchorite,** *n.* ସଂସାରତ୍ୟାଗୀ ବ୍ୟକ୍ତି, ସନ୍ନ୍ୟାସୀ, ବନବାସୀ, ଋଷି, ତପସ୍ୱୀ, ବୈରାଗୀ ।
**Anchorless,** *a.* ଲଙ୍ଗରଶୂନ୍ୟ, ଅସ୍ଥିର ।
**Anchovy,** *n.* କ୍ଷୁଦ୍ର ମତ୍ସ୍ୟବିଶେଷ ।
**Ancient,** *a.* ପୂର୍ବକାଳୀନ, ପ୍ରାଚୀନ, ପୁରାତନ, ବହୁକାଳସ୍ଥାୟୀ ।—*n.* 1. ପୂର୍ବକାଳୀନ ଲୋକ, generally in *pl.* 2. ବୃଦ୍ଧଲୋକ, ବୁଢ଼ା, ପ୍ରାଚୀନଲୋକ, କ୍ଷମତାଶାଳୀ ଲୋକ ।
**Anciently,** *ad.* ପୂର୍ବକାଳରେ, ପ୍ରାଚୀନସମୟରେ ।
**Ancientness,** *n.* ପୁରାତନାବସ୍ଥା, ପୁରାତନତ୍ୱ, ପ୍ରାଚୀନତା ।
**Ancillary,** *a.* ଉପଯୋଗୀ, ଉପକାରୀ, ସହକାରୀ ।
**Ancle,** see Ankle.
**And,** *conj.* ଆଉ, ଓ, ପୁଣି, ଅଧିକନ୍ତୁ, ଅପର, ଏବଂ, ଅପିଚ ।
**Andiron,** *n.* ଜ୍ୱଳନ୍ତ କାଠ ଧରିବା ନିମନ୍ତେ ଧାତୁନିର୍ମିତ ଅଲମ୍ବ ।
**Androgynal, androgynous,** *a.* ଦୁଇ ଲିଙ୍ଗବିଶିଷ୍ଟ ।
**Anear,** *a.* (poetical), ନିକଟ ।
**Anecdotal,** *a.* ଉପକଥା ବା ଉପାଖ୍ୟାନସମ୍ବନ୍ଧୀୟ ।
**Anecdote,** *n.* କୌଣସି କଥା ବା ଘଟଣାର ସଂକ୍ଷିପ୍ତ ବର୍ଣ୍ଣନ, ଜୀବନଚରିତସମ୍ବନ୍ଧୀୟ କୌଣସି ଘଟଣା ବା ବୃତ୍ତାନ୍ତ, ଉପକଥା, କଥା ଟିଏ, ସଂକ୍ଷିପ୍ତ ବୃତ୍ତାନ୍ତ, ଉପାଖ୍ୟାନ ।
**Anemone,** *n.* ବାୟୁପୁଷ୍ପ ।
**Anent,** *prep.* 1. ବିଷୟରେ, ସମ୍ବନ୍ଧରେ, ସମ୍ପର୍କରେ; 2. ସମ୍ମୁଖରେ ।
**Aneurism,** *n.* ରକ୍ତବାହିନୀ ନାଡ଼ୀର କୌଣସି ଅଂଶର ସ୍ଫୀତ, (ସାଧାରଣରେ ଏକ ଭୟାନକ ରୋଗ) ।
**Anew,** *ad.* 1. ପୁନର୍ବାର, ପୁନଶ୍ଚ, ପୁନରପି, ପୁନଃ; 2. ନୂତନରୂପେ ।
**Angel,** *n.* 1. ସ୍ୱର୍ଗୀୟଦୂତ, ଦେବଦୂତ, ଦିବ୍ୟଦୂତ; 2. ସ୍ୱର୍ଗନିବାସୀ ; 3. ମନ୍ଦ ଆତ୍ମା ; 4. ଅତି ଉତ୍ତମ ଲୋକ, ଅତି ସୁନ୍ଦର ଲୋକ ; 5 ପୂର୍ବକାଳୀନ ସ୍ୱର୍ଣ୍ଣ ମୁଦ୍ରାବିଶେଷ; 6. (in the Bible), ଦୂତ, ଧର୍ମୋପଦେଶକ ।—*a.* ସ୍ୱର୍ଗୀୟ ଦୂତବତ୍ ।
**Angelic, angelical,** *a.* ସ୍ୱର୍ଗୀୟ ଦୂତସମ୍ବନ୍ଧୀୟ, ସ୍ୱର୍ଗୀୟ ଦୂତବତ୍ ।
**Angelica,** *n.* ବୃକ୍ଷବିଶେଷ ।
**Angelically,** *ad.* ସ୍ୱର୍ଗୀୟ ଦୂତପରି ।
**Anger,** *n.* 1. କ୍ରୋଧ, କୋପ, ରୋଷ, ରାଗ, ଅମର୍ଷ; 2. କ୍ରୋଧ ପ୍ରକାଶ ।—*v.t.* କ୍ରୁଦ୍ଧ କରାଇବାର, କୋପ ଜନ୍ମାଇବାର, ରୋଷ ଜନ୍ମାଇବାର, ଚିଡ଼ାଇବାର, ଉତ୍ତେଜିତ-କ ।—*v.i.* କ୍ରୋଧୀ-ହେ ।
**Angina,** *n.* ତଣ୍ଟି ବେଦନା ବା ଘା, ତଣ୍ଟି ବଥା ।
**Angina pectoris,** *n.* ବକ୍ଷଃଶୂଳ, ପ୍ରାଣନାଶକ ରୋଗବିଶେଷ ।
**Angle,** *v.i.* 1. ବନ୍ସୀ ବା ବଡ଼ଶୀ ପକାଇବାର; 2. ପାଇବା ନିମନ୍ତେ ଚତୁର୍ଯ୍ୟକ୍ରମେ ଚେଷ୍ଟା-କ ।
**Angle,** *n.* ଉଭୟ ଦିଗରେ ଲକ୍ଷିତ ଦୁଇ ସରଳ ରେଖାର ସଂଯୋଗ ସ୍ଥାନ, କୋଣ ।
**Angle,** *n.* ଇଂଲଣ୍ଡ ଦେଶର ପୁରାତନ ନିବାସୀ ।
**Angled,** *a.* କୋଣବିଶିଷ୍ଟ ।
**Angler,** *n.* ମାଛ ଧରିବା ପାଇଁ ଯେ ବନ୍ସୀ ପକାଏ ।
**Anglican,** *a.* 1. ଇଂଲଣ୍ଡ ଦେଶସମ୍ବନ୍ଧୀୟ, ଇଂଲଣ୍ଡୀୟ ; 2. ସରକାରସ୍ଥାପିତ ଇଂଲଣ୍ଡୀୟ ମଣ୍ଡଳୀସମ୍ବନ୍ଧୀୟ ।
**Anglicism,** *n.* 1. ଇଂରାଜୀ ଭାଷାର ଧାରା; 2. ଇଂରାଜ ଲୋକର ବିଶେଷ ସ୍ୱଭାବ ।
**Anglicize,** *v.t.* 1. ଇଂରାଜ ଲୋକପରି-କ ; 2. ଇଂରାଜୀ ଭାଷାର ରୀତ୍ୟନୁଯାୟୀ-କ ।

**Angling**, *n.* ବଡ଼ଶୀ ଦ୍ୱାରା ମତ୍ସ୍ୟ ଧାରଣ ।

**Anglomania**, *n.* ଇଂରାଜ ଲୋକ ବା ଇଂରାଜ ରୀତିନୀତି ଓ ବସ୍ତୁଆଦି ପ୍ରତି ବିଦେଶୀ ଲୋକର ଅପରିମିତ ଅନୁରାଗ ।

**Anglophobia**, *n.* ଇଂରାଜ ଲୋକ ବା ଇଂରାଜ ରୀତିନୀତି ଓ ବସ୍ତୁଆଦି ପ୍ରତି ବିଦେଶୀ ଲୋକର ଅପରିମିତ ଘୃଣା ବା ଭୟ ।

**Angrily**, *ad.* କ୍ରୋଧ ବା ରାଗପୂର୍ବକ, ବିରକ୍ତଭାବେ ।

**Angry**, *a.* କ୍ରୋଧାନ୍ୱିତ, କ୍ରୋଧୀ, କ୍ରୁଦ୍ଧ, କୋପାନ୍ୱିତ, କୁପିତ, ରାଗୀ ।

**Anguish**, *n.* ଶାରୀରିକ ବା ମାନସିକ ତୀବ୍ର ଯନ୍ତ୍ରଣା, ଅତିଶୟ ବେଦନା, ଘୋର କଷ୍ଟ, ଦାରୁଣ ଯାତନା, ଶୋକ ।

**Angular**, *a.* 1. କୋଣବିଶିଷ୍ଟ, କୋଣଯୁକ୍ତ, କୋଣାକୃତି; 2. କୋଣ ଦ୍ୱାରା ପରିମିତ; 3. କୋଣସମ୍ବନ୍ଧୀୟ; 4. ଅନାଳାପୀ ଓ ଅନାଦୃତ ରୁକ୍ଷଚରଣବିଶିଷ୍ଟ, ଅନାଳାପୀ, କର୍କଶ; 5. ହାଡ଼ୁଆ; 6. କୋଣ ନିକଟବର୍ତ୍ତୀ ।

**Angularity**, *n.* 1. କୋଣବିଶିଷ୍ଟତା; 2. ଅନାଳାପିତ୍ୱ ।

**Angularly**, *ad.* କୋଣବିଶିଷ୍ଟରୂପେ ।

**Anhungered**, *a.* କ୍ଷୁଧିତ, old English for hungry.

**Anhydrous**, *a.* ଜଳଶୂନ୍ୟ ।

**Anigh**, *ad.* and *perp.* ନିକଟ, ନିକଟରେ, ପାଖରେ ।

**Anight, anights**, *ad.* ରାତ୍ରିଯୋଗେ, ରାତ୍ରିକାଳେ, ନିଶାକାଳେ ।

**Anile**, *a.* ବୃଦ୍ଧା ସ୍ତ୍ରୀସମ୍ବନ୍ଧୀୟ, ବୃଦ୍ଧା ସ୍ତ୍ରୀବତ୍, କ୍ଷୀଣମନା ।

**Anility**, *n.* ବୃଦ୍ଧା ସ୍ତ୍ରୀର ଅବସ୍ଥା, ମନଃକ୍ଷୀଣତା ।

**Animadversion**, *n.* ସମାଲୋଚନା ବା ଭର୍ତ୍ସନା ବଚନ, ଭର୍ତ୍ସନାଯୁକ୍ତ ସମାଲୋଚନା, ସମାଲୋଚନା, ଅନୁଯୋଗ ।

**Animadvert**, *v.t.* 1. ସମାଲୋଚନା ଦ୍ୱାରା ଉଲ୍ଲେଖ-କ; 2. ସମାଲୋଚନା-କ, ଭର୍ତ୍ସନା-କ, ଭର୍ତ୍ସନାଯୁକ୍ତ କଥା କହିବାର. with *on* or *upon*.

**Animal**, *n.* 1. ପ୍ରାଣୀ, ଜୀବ; 2. ପଶୁ, ଜନ୍ତୁ; 3. ପଶୁବତ୍ ମନୁଷ୍ୟ ।—*a.* 1. ଜୀବଜନ୍ତୁସମ୍ବନ୍ଧୀୟ; 2. ପଶୁସମ୍ବନ୍ଧୀୟ, ପଶୁବତ୍; 3. ପ୍ରାଣିର ଅନୁଭବବୃତ୍ତିସମ୍ବନ୍ଧୀୟ, ଶାରୀରିକ ।—animal food, ମାଂସାହାର, ଆମିଷ । animal kingdom, ଜୀବଜନ୍ତୁସମୂହ, ଜାନ୍ତବରାଜ୍ୟ । animal spirits, ସ୍ୱାଭାବିକ ପ୍ରଫୁଲ୍ଲତା ।

**Animalcule**, *n.* (*pl.* animalcula), କୀଟାଣୁ ।

**Animalism**, *n.* ଇନ୍ଦ୍ରିୟସୁଖେଚ୍ଛା, ପଶୁତ୍ୱ ।

**Animality**, *n.* ପଶୁତ୍ୱ, ଜୀବତ୍ୱ, ପ୍ରାଣିର ସ୍ୱାଭାବିକ ଗୁଣସୂଚକ ବିଷୟମାନ ।

**Animalize**, *v.t* 1. ଜୀବଗୁଣବିଶିଷ୍ଟ-କ; 2. ପଶୁବତ୍-କ ।

**Animate**, *v.t.* 1. ଜୀବନ-ଦେ, ସଜୀବ-କ; 2. ଉତ୍ତେଜିତ-କ, ଉତ୍ସାହିତ-କ, ସାହସ-ଦେ ।—*a.* ସଜୀବ, ଜୀବିତ, ଜନ୍ତୁର ଜୀବନବିଶିଷ୍ଟ, ସଚେତନ ।

**Animated**, *a.* 1. ସଚେତନ, ସଜୀବ; 2. ସତେଜ, ପ୍ରଫୁଲ୍ଲ, ଉତ୍ତେଜିତ ।

**Animating**, *a.* 1. ଜୀବନଦାୟକ; 2. ଉତ୍ତେଜକ, ପ୍ରଫୁଲ୍ଲକାରୀ ।

**Animatingly**, *ad.* ଉତ୍ତେଜକରୂପେ, ପ୍ରଫୁଲ୍ଲକାରରୂପେ ।

**Animation**, *n.* 1. ସଜୀବକରଣ, ଜୀବିତାବସ୍ଥା, ଚେତନା; 2. ପ୍ରଫୁଲ୍ଲତା, ସ୍ଫୂର୍ତ୍ତି, ତେଜ ।

**Animism**, *n.* ଭୌତିକ ଜଗତରୁ ଆତ୍ମା ପ୍ରେତ ଭୂତ ଆଦିର ପୃଥକ୍ ସ୍ଥିତ ବୋଲି ଯେଉଁ ମତ ।

**Animosity**, *n.* ବିଦ୍ୱେଷ, ଶତ୍ରୁତା, ହିଂସା ।

**Animus**, *n.* ଅଭିପ୍ରାୟ, ଭାବ, ବିଶେଷତଃ ବିରୋଧ ବା ବିରକ୍ତ ଭାବ, ହିଂସା ।

**Anise**, *n.* ମହୁରି ଗଛ ।

**Aniseed**, *n.* ମହୁରି, ପାନମହୁରି ।

**Anker**, *n.* କ୍ଷୁଦ୍ର ପିପା ।

**Ankle**, *n.* ଗଳାଗଣ୍ଠି, ଗୁଳ୍ଫ ।

**Anklet**, *n.* ବଳା ।

**Anna** *n.* ଟଙ୍କାର ଷୋଳ ଭାଗରୁ ଏକ ଭାଗ, ଅଣା ।

**Annalist**, *n.* କାଳକ୍ରମିକ ବିବରଣ ଲେଖକ, ଇତିହାସ ଲେଖକ ।

**Annals**, *n. pl.* କାଳକ୍ରମିକ ବିବରଣ, ଇତିହାସ ।

**Anneal**, *v.t.* 1. ଟାଣ କରିବା ନିମନ୍ତେ (ଧାତୁ ବା କାଚକୁ) ତାପ ଦେଇ ଧୀରେ ଧୀରେ ଶୀତଳ-କ; 2. ରଙ୍ଗ ଆଦି ସ୍ଥାୟୀ କରିବା ନିମନ୍ତେ ତାପ ଦେବାର ।

**Annex**, *v.t.* 1. ଅନ୍ତେ ସଂଯୋଗ-କ, ଶେଷରେ ଯୋଗ-କ; 2. କାର୍ଯ୍ୟର ଫଳସ୍ୱରୂପ ଯୋଗ-କ; 3. ଆତ୍ମସାତ୍-କ ।

**Annexation**, *n.* 1. ସଂଯୋଜନ, ରାଜ୍ୟ ବା ଭୂମି ଆତ୍ମସାତ୍କରଣ; 2. ସ୍ୱାର୍ଥେ ଗୃହୀତ ବିଷୟ, ଆତ୍ମସାତ୍ କରା ବିଷୟ ।

**Annihilable**, *a.* 1. ବିନାଶ୍ୟ, ଧ୍ୱଂସଯୋଗ୍ୟ; 2. ଲୋପନୀୟ ।

**Annihilate**, *v.t.* 1. ଶୂନ୍ୟ-କ, ସ୍ଥାୟିତ୍ୱ ସର୍ବନାଶ-କ; 2. ଧ୍ୱଂସ-କ, ବିନାଶ-କ, ଉତ୍ପାଟନ-କ; 3. ଲୋପ-କ ।

**Annihilation**, *n.* ଶୂନ୍ୟକରଣ, ଶୂନ୍ୟାବସ୍ଥା, ସମ୍ପୂର୍ଣ୍ଣ ଧ୍ୱଂସ, ଶୂନ୍ୟତା, ସର୍ବନାଶ, ନିର୍ବାଣ, ଶୂନ୍ୟବାଦ ।

**Annihilationist**, *n.* ଶେଷରେ ଦୁଷ୍ଟମାନଙ୍କର ସର୍ବନାଶରେ ବିଶ୍ୱାସକାରୀ ଲୋକ ।

**Anniversary**, *a.* ବାର୍ଷିକ, ସାମ୍ବତ୍ସରିକ ।—*n.* ବାର୍ଷିକ ଦିନ, ବାର୍ଷିକ ଉତ୍ସବ ।

**Annotate**, *v.t.* ଟୀକା ଲେଖିବାର, ଟୀକା ଦ୍ୱାରା ବ୍ୟାଖ୍ୟା-କ, ମନ୍ତବ୍ୟ କଥା ଲେଖିବାର ।

**Annotation**, *n.* ଟୀକା, ଟିପ୍ପଣୀ ।

**Annotator**, *n.* ଟୀକାକାର, ଟିପ୍ପଣୀ ଲେଖକ, ବିବୃତିକାରକ, ବ୍ୟାଖ୍ୟାକାରକ ।

**Announce**, *v.t.* ଜ୍ଞାପନ-କ, ଘୋଷଣା-କ, ପ୍ରଚାର-କ, ସମ୍ବାଦ-ଦେ, ପ୍ରକାଶ-କ ।

**Announcement**. *n.* ଜ୍ଞାପନ, ସମ୍ବାଦ, ଘୋଷଣା, ପ୍ରଚାର ।

**Annoy**, *v.t.* ଅତିଶୟ ଅସୁବିଧା ଘଟାଇବାର, ବ୍ୟସ୍ତ-କ, କ୍ଲେଶ-ଦେ, ବିରକ୍ତ-କ, ଦିକ୍‌ଦାର-କ, ଚିଡ଼ାଇବାର ।

**Annoyance**, *n.* 1. ବ୍ୟସ୍ତକାରୀ ବିଷୟ, ବିରକ୍ତିଜନକ ବିଷୟ, କଣ୍ଟକ; 2. ବ୍ୟସ୍ତକରଣ, ବ୍ୟସ୍ତତା, ବୈରକ୍ତ୍ୟ, ଦିକ୍‌ଦାରି, ବିରକ୍ତି, ଅସନ୍ତୋଷ ।

**Annual**, *a.* 1. ବାର୍ଷିକ, ସାମ୍ବତ୍ସରୀୟ; 2. ବର୍ଷଜୀବୀ ।—*n.* 1. ବର୍ଷଜୀବୀ ବୃକ୍ଷ; 2. ବାର୍ଷିକ ପୁସ୍ତକ ।
**Annually**, *ad.* ବର୍ଷକୁ ବର୍ଷ, ପ୍ରତିବତ୍ସର ।
**Annuitant**, *n.* ବାର୍ଷିକ ବୃତ୍ତିଭୋଗୀ, ସାଲିୟାନାଦାର ।
**Annuity**, *n.* ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ବାର୍ଷିକ ବୃତ୍ତି, ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ବାର୍ଷିକ ବା ଅର୍ଦ୍ଧବାର୍ଷିକ ଦେୟ ଟଙ୍କା ।
**Annul**, *v.t.* 1. ଶୂନ୍ୟ-କ, ବିନାଶ-କ; 2. ନିରର୍ଥକ-କ, ବ୍ୟର୍ଥ-କ, 3. ଲୋପ-କ, ରଦ୍-କ, ରହିତ-କ ।
**Annular**, *a.* 1. ମଣ୍ଡଳାକୃତି, ମୁଦ୍ରିକାକାର; 2. ଚକ୍ରାକାରରେ ସଜ୍ଜିତ ।
**Annulet**, *n.* ମୁଦ୍ରିକା, ଅଙ୍ଗୁରି ।
**Annulment**, *n.* ଶୂନ୍ୟତାକରଣ, ଲୋପ, ରଦ୍ ।
**Annulate, annulated**, *a.* ମଣ୍ଡଳାକୃତିବିଶିଷ୍ଟ ।
**Annunciate**, *v.t.* ପ୍ରକାଶ-କ, ପ୍ରଚାର-କ, ସମ୍ବାଦ-ଦେ ।
**Annunciation**, *n.* 1. ଜ୍ଞାପନ, ଘୋଷଣା; 2. ମାରୀଅକୁ ଯୀଶୁ ଖ୍ରୀଷ୍ଟଙ୍କର ଅବତାର ସମ୍ବାଦ ଦେବା ସମୟରେ ସ୍ୱର୍ଗୀୟ ଦୂତଙ୍କର ସମ୍ଭାଷଣ; 3. ଉକ୍ତ ଘଟଣାର ବାର୍ଷିକ ଦିନ ଅର୍ଥାତ୍ ମାର୍ଚ୍ଚ ମାସର ୨୫ ତାରିଖ ।
**Anodyne**, *n.* 1. ବେଦନାନାଶକ ଔଷଧ, ପୀଡ଼ାହ୍ରାସକ ଔଷଧ; 2. ଆରାମଦାୟକ ବିଷୟ ।—*a.* ବେଦନାନାଶକ, ଆରାମଦାୟକ ।
**Anoint**, *v.t.* 1. ତୈଳାଦି ଲଗାଇ-ଦେ; 2. ତୈଳ ଦ୍ୱାରା ଅଭିଷେକ-କ ।
**Anointed**, *n.* ଅଭିଷିକ୍ତ ବ୍ୟକ୍ତି ।—the Lord's anointed 1. ମଶୀହ, ଖ୍ରୀଷ୍ଟ; 2. ଯିହୁଦୀଲୋକଙ୍କ ପୂର୍ବକାଳୀନ ରାଜଗଣର ଉପାଧି ।
**Anomalistic**, *a.* ଅନିୟମସମ୍ବନ୍ଧୀୟ ।
**Anomalous**, *a.* ଅନିୟମିତ, ନିୟମରହିତ, ନିୟମଭ୍ରଷ୍ଟ, ବେଧାଡ଼ା, ଅସାଧାରଣ, ଅଦ୍ଭୁତ ।
**Anomaly**, *n.* ଅନିୟମ, ଅବ୍ୟବସ୍ଥା, ବିଶୃଙ୍ଖଳା, ବ୍ୟବସ୍ଥାବିରୁଦ୍ଧ ବିଷୟ, ବିଶେଷ ବେଧାଡ଼ା ବିଷୟ ।
**Anon**, *ad.* 1. ଅନନ୍ତର, ତତ୍କ୍ଷଣାତ୍; 2. ଅବିଳମ୍ବେ, ଶୀଘ୍ର; 3. ଅନ୍ୟ କୌଣସି ସମୟରେ, ପୁନଶ୍ଚ ।—ever and anon, ଥରକୁଥର, ସର୍ବଦା ।
**Anonymity, anonymousness**, *n.* ନାମହୀନାବସ୍ଥା, ବେନାମିତ୍ୱ ।
**Anonymous**, *a.* ନାମହୀନ, ଅନାମ, ବେନାମୀ ।
**Anonymously**, *ad.* ବେନାମିରୂପେ, ବିନା ନାମରେ ।
**Another**, *a.* 1. ଅନ୍ୟ, ଭିନ୍ନ; 2. ଆଉ ଏକ; 3. ଅରେକ, ଅପର ।—one another, ଏକଅରେକ, ପରସ୍ପର ।
**Anserine**, *a.* 1. ହଂସ ବା ହଂସଜାତିସମ୍ବନ୍ଧୀୟ; 2. ହଂସପରି ଅଜ୍ଞାନ, ନିର୍ବୋଧ ।
**Answer**, *n.* 1. ଯାହା ପ୍ରତିଶୋଧସ୍ୱରୂପେ କଥିତ ଲିଖିତ ବା କୃତ, ଉତ୍ତର, ପ୍ରତ୍ୟୁତ୍ତର, ପ୍ରତିବାଦ, ଜବାବ୍; 2. ପ୍ରତିଶୋଧ, ପ୍ରତିଦାନ; 3. ମୀମାଂସା, ଫଳ ।—*v.t.* 1. ପ୍ରତ୍ୟୁତ୍ତର-କ, ପ୍ରତିବାଦ-କ; 2. ଉତ୍ତର-ଦେ; 3. ସମ୍ପୂର୍ଣ୍ଣ-କ, ସଫଳ-କ; 4. ପ୍ରତିଶୋଧ-କ; 5. ସମ୍ପନ୍ନ-କ; 6. ମୀମାଂସା-କ, ଅର୍ଥ-କ; 7. ମାନିବାର; 8. ତୁଲ୍ୟ-କ ।—*v.i.* 1. ଉତ୍ତର-ଦେ; 2. ଦାୟୀ-ହେ; 3. ଅନୁରୂପ-ହେ; 4. ସଫଳ-ହେ, ଯଥେଷ୍ଟ-ହେ, ସିଦ୍ଧ-ହେ; 5. ଉପଯୋଗୀ-ହେ; 6. ପରିଶୋଧ-କ ।
**Answerable**, *a.* 1. ଉତ୍ତରଯୋଗ୍ୟ; 2. ଦାୟୀ; 3. ଅନୁରୂପ, ଯୋଗ୍ୟ, ଯଥେଷ୍ଟ, ସମପରିମାଣକ ।
**Answerably**, *ad.* ସମପରିମାଣକରୂପେ, ତୁଲ୍ୟରୂପେ, ଅନୁରୂପେ ।
**Answerless**, *a.* ଉତ୍ତରହୀନ, ଅନୁତ୍ତରଯୋଗ୍ୟ ।
**Ant**, *n.* 1. ପିମ୍ପୁଡ଼ି, ପିପୀଲିକା; 2. (large black), ଜଦା; 3. (large red, tree-) କାଇ; 4. (white), ଉଇ; 5. (winged), ଝିଡ଼ପୋକ ।
**Antagonism**, *n.* ପ୍ରତିଦ୍ୱନ୍ଦିତା, ବିରୋଧ, ବିପକ୍ଷତା, ବୈପରୀତ୍ୟ ।
**Antagonist**, *n.* ପ୍ରତିଦ୍ୱନ୍ଦୀ, ଅରି, ବୈରୀ, ବିପକ୍ଷ ଲୋକ ।
**Antagonistic**, *a.* ପ୍ରତିଦ୍ୱନ୍ଦସୂଚକ, ବିରୋଧୀ, ବିପକ୍ଷ, ବିରୁଦ୍ଧ, ବିରୋଧକାରୀ ।
**Antarctic**, *a.* ଦକ୍ଷିଣ କେନ୍ଦ୍ରସମ୍ବନ୍ଧୀୟ ।
**Anteater**, *n.* ପିମ୍ପୁଡ଼ିଆଦି ପୋକ ଖାଇବା ଜନ୍ତୁବିଶେଷ ।
**Antecede**, *v.t.* ସମୟର ପୂର୍ବେ ଯିବାର, ପୂର୍ବେ ଯିବାର, ପୂର୍ବେ ଘଟିବାର ।
**Antecedence**, *n.* ପୂର୍ବଗମନ, ପୂର୍ବବର୍ତ୍ତିତ୍ୱ ।
**Antecedent**, *a.* 1. ପୂର୍ବଗାମୀ, ପୂର୍ବବର୍ତ୍ତୀ, ପ୍ରାଥମିକ, ପୂର୍ବ; 2. ଅନୁମାନିକ ।—*n.* 1. ଯେ ପୂର୍ବେ ଯାଏ, ପୂର୍ବଗ; 2. ସମ୍ବନ୍ଧବାଚକ ଦ୍ୱାରା ଲକ୍ଷିତ ଶବ୍ଦ, ପୂର୍ବପଦ; 3. *pl.* ମନୁଷ୍ୟର ପୂର୍ବ ଚରିତ୍ର ଓ ଗତ ଘଟନା ।
**Antecedently**, *ad.* ପୂର୍ବରେ, ପୂର୍ବଗାମୀ ସମୟରେ ।
**Antechamber**, *n.* ଉପଶାଳା, ଅଗ୍ରବର୍ତ୍ତୀ କୋଠରି ।
**Antedate**, *v.t.* 1. ପ୍ରକୃତ ତାରିଖରୁ ପୂର୍ବ ତାରିଖ-ଦେ, ପୂର୍ବ ତାରିଖ-ଦେ; 2. ପୂର୍ବରୁ ଗ୍ରହଣ-କ, ପୂର୍ବରୁ ଅନୁଭବ-କ ।
**Antediluvian**, *a.* ଜଳପ୍ଲାବନ ପୂର୍ବବର୍ତ୍ତୀ ।—*n.* ଜଳପ୍ଲାବନ ପୂର୍ବବର୍ତ୍ତୀ ଲୋକ ।
**Antelope**, *n.* କୃଷ୍ଣସାର, କଳା ବାହୁଟିଆ ।
**Antemeridian**, *a.* ପୂର୍ବାହ୍ନ, ସକାଳଓଳିସମ୍ବନ୍ଧୀୟ ।
**Antemetic**, *a.* ବାନ୍ତିନିବାରକ ।—*n.* ବାନ୍ତିନିବାରକ ଔଷଧ ।
**Antemundane**, *a.* ପୃଥିବୀ ସୃଷ୍ଟିର ପୂର୍ବବର୍ତ୍ତୀ ।
**Antenatal**, *a.* ଜନ୍ମ ପୂର୍ବବର୍ତ୍ତୀ, ଜନ୍ମ ପୂର୍ବଗାମୀ ।
**Antenna**, *n.* (*pl.* antennæ), କୀଟାଦିର ସୂକ୍ଷ୍ମ ଶୃଙ୍ଗବିଶେଷ ।
**Antenuptial**, *a.* ବିବାହ ପୂର୍ବବର୍ତ୍ତୀ ।
**Antepast**, *n.* (poetical), ପୂର୍ବାସ୍ୱାଦନ ।
**Antepenult**, *n.* ଶବ୍ଦାନ୍ତ ଅକ୍ଷର ଦୁଇର ପୂର୍ବାକ୍ଷର ।
**Antepenultimate**, *n.* ଶବ୍ଦାନ୍ତ ଅକ୍ଷର ଦୁଇର ପୂର୍ବାକ୍ଷର ।—*a.* ଶବ୍ଦାନ୍ତ ଅକ୍ଷର ଦୁଇର ପୂର୍ବାକ୍ଷରସମ୍ବନ୍ଧୀୟ ।
**Antepileptic**, *a.* ମୃଗୀରୋଗନିବାରକ ।—*n.* ମୃଗୀରୋଗ ନିବାରକ ଔଷଧ ।
**Anteprandial**, *a.* ଖାଇବାର ପୂର୍ବକାଳସମ୍ବନ୍ଧୀୟ, ଖାଇବା ପୂର୍ବଗାମୀ ।

**Anterior**, *a.* 1. ପୂର୍ବଗାମୀ, ପୂର୍ବବର୍ତ୍ତୀ, ପ୍ରାଥମିକ, ପୂର୍ବ ; 2. ଅଗ୍ରବର୍ତ୍ତୀ ।
**Anteriority**, *n.* 1. ପୂର୍ବବର୍ତ୍ତିତ୍ୱ; 2. ଅଗ୍ରବର୍ତ୍ତିତ୍ୱ ।
**Anteriorly**, *ad.* ପୂର୍ବଗାମିରୂପେ, ପ୍ରାଥମିକଭାବେ, ପୂର୍ବରେ ।
**Anteroom**, *n.* ଅଗ୍ରବର୍ତ୍ତୀ କୋଠରୀ, ଉପଶାଳା ।
**Antero-posterior**, *a.* ପଶ୍ଚାତ୍‌ରୁ ଅଗ୍ରଅଭେସ୍ଥିତ ।
**Anthelion**, *n.* ସୂର୍ଯ୍ୟ ସମ୍ମୁଖରେ ଆକାଶସ୍ଥ ଅଲ୍ପପ୍ରଭ ଚକ୍ରବିଶେଷ ।
**Anthelmintic, anthelminthic**, *a.* ଅନ୍ତ୍ରସ୍ଥ କୃମିନାଶକ ।—*n.* କୃମିନାଶକ ଔଷଧ ।
**Anthem**, *n.* ପାଳିକ୍ରମେ ଗାନକରିବା ଧର୍ମ ଗୀତବିଶେଷ, ପାରମାର୍ଥିକ କୀର୍ତ୍ତନବିଶେଷ, ସଙ୍ଗୀତରେ ପରିଣତ ଧର୍ମ ପୁସ୍ତକର କୌଣସି ଅଂଶ । [କୋଷ ।
**Anther**, *n.* ପୁଷ୍ପ କେଶରର ରେଣୁଯୁକ୍ତ ଅଗ୍ରଭାଗ, ପରାଗ
**Ant-hill**, *n.* ଉଇ ହୁଙ୍କା, ବଲ୍ମୀକ ।
**Anthology**, *n.* ପୁଷ୍ପରୂପ କବିତା ସଂଗ୍ରହ, ଗଦ୍ୟରୁ ବା ପଦ୍ୟରୁ ସଂଗୃହୀତ ମନୋହର ପ୍ରକରଣ ।
**Anthracite**, *n.* ଝ'ଣ ପଥୁରିଆ କୋଇଲା ବିଶେଷ ।
**Anthropography**, *n.* ମନୁଷ୍ୟ ବା ମନୁଷ୍ୟଜାତିର ବର୍ଣ୍ଣନା ।
**Anthropoid**, *a.* ମନୁଷ୍ୟବତ୍, (କେତେକ ବାନର ସମ୍ବନ୍ଧରେ ବ୍ୟବହୃତ) ।
**Anthropolatry**, *n.* ମନୁଷ୍ୟର ପୂଜା ।
**Anthropologic, anthropological**, *a.* ମନୁଷ୍ୟବିଜ୍ଞାନସମ୍ବନ୍ଧୀୟ ।
**Anthropology**, *n.* ମନୁଷ୍ୟର ମନ ଓ ଶରୀରର ବିଦ୍ୟା, ମନୁଷ୍ୟବିଜ୍ଞାନ, ମନୁଷ୍ୟର ଶାରୀରିକ ଓ ମାନସିକ ଗଠନ ପ୍ରଣାଳୀର ବିଜ୍ଞାନ ।
**Anthropomorphic**, *a.* 1. ଈଶ୍ୱରଙ୍କୁ ମନୁଷ୍ୟରୂପେ ଦର୍ଶାଇବା କ୍ରିୟାସମ୍ବନ୍ଧୀୟ ; 2. ମନୁଷ୍ୟରୂପୀ, ଅବତାରବାଦସମ୍ବନ୍ଧୀୟ ।
**Anthropomorphism**, *n.* ଈଶ୍ୱରଙ୍କୁ ମନୁଷ୍ୟ ବା ମାନୁଷିକ ଗୁଣବିଶିଷ୍ଟ ବୋଲି ବର୍ଣ୍ଣନା କିମ୍ବା ବୋଧ, ଅବତାରବାଦ ।
**Anthropomorphous**, *a.* ମନୁଷ୍ୟରୂପୀ ।
**Anthropopathy**, *n.* ଈଶ୍ୱରଙ୍କଠାରେ ମନୁଷ୍ୟତ୍ୱର ଆରୋପ ।
**Anthropophagi, androphagi**, *n. pl.* ନରମାଂସ ଭକ୍ଷକଗଣ, ମନୁଷ୍ୟଖିଆ ଲୋକମାନେ, ନରଭୁକ୍ ଲୋକମାନେ ।
**Anthropophagous**, *a.* ମନୁଷ୍ୟଖିଆ, ନରଭୁକ୍ ।
**Anthropophagy**, *n.* ନରମାଂସ ଖାଇବା ଅଭ୍ୟାସ ।
**Antiasthmatic**, *n.* ଶ୍ୱାସକାଶର ପ୍ରତିକାର ।
**Antibilious**, *a.* ପୈତ୍ତିକ ରୋଗନାଶକ ।
**Antic**, *a.* ପରିହାସ୍ୟ, କୌତୁକଜନକ, ଅଦ୍ଭୁତ, ଅସଙ୍ଗତ ।—*n.* 1. ମସ୍କରା; 2. ହାସ୍ୟଜନକ ଅଙ୍ଗଭଙ୍ଗୀ, କୁଦାକୁଦ; 3. ଜସ୍ତସମୀ ।
**Antichrist**, *n.* ଖ୍ରୀଷ୍ଟ ବିରୁଦ୍ଧ କୌଣସି କ୍ଷମତା ବା ବ୍ୟକ୍ତି, ଖ୍ରୀଷ୍ଟଙ୍କ ଓ ତାଙ୍କ ଧର୍ମର କୌଣସି ବଳବାନ୍ ଶତ୍ରୁ, ଖ୍ରୀଷ୍ଟାରି, ଭଣ୍ଡଖ୍ରୀଷ୍ଟ ।
**Antichristian**, *a.* ଖ୍ରୀଷ୍ଟଧର୍ମ ବିପରୀତ ବା ବିରୋଧୀ ।
**Anticipate**, *v.t.* 1. ଅନ୍ୟର ପୂର୍ବେ-କ, ଅନ୍ୟର ପୂର୍ବେ ଗ୍ରହଣ-କ, ପୂର୍ବ କାର୍ଯ୍ୟ ଦ୍ୱାରା ବାରଣ-କ; 2. ଆଗରୁ ଦେଖି ସମ୍ପନ୍ନ-କ; 3. ପୂର୍ବରୁ ଅନୁଭବ-କ, ପୂର୍ବାସ୍ୱାଦନ-କ ; 4. ପ୍ରତୀକ୍ଷା-କ, ଅପେକ୍ଷା-କ ।
**Anticipation**, *n.* 1. ପୂର୍ବେ କରଣ, ପୂର୍ବେ ଗମନ, ପୂର୍ବେ ଗ୍ରହଣ; 2. ପୂର୍ବାସ୍ୱାଦନ, ପୂର୍ବବୋଧ, ପୂର୍ବୋପଲବ୍ଧି ; 3. ଅପେକ୍ଷା ।
**Anticipative**, *a.* ଅପେକ୍ଷାକାରୀ, ଅପେକ୍ଷାସୂଚକ ।
**Anticipatory**, *a.* ଅପେକ୍ଷାସମ୍ବନ୍ଧୀୟ, ଅପେକ୍ଷାସୂଚକ, ପୂର୍ବେ ଗ୍ରାହକ ।
**Anticlimax**, *n.* ବକ୍ତୃତାର କ୍ରମାଗତ ଉନ୍ନତି ବିରୁଦ୍ଧ କଥା, ଆରମ୍ଭଠାରୁ ଶେଷରେ ଲଘୁବିଷୟଯୁକ୍ତ ବାକ୍ୟ ।
**Antidotal**, *a.* 1. ବିଷନାଶକ; 2. ମନ୍ଦତା ନିବାରକ ।
**Antidote**, *n.* 1. ବିଷନାଶକ ଔଷଧ; 2. ମନ୍ଦତାର ପ୍ରତିକାର, ମନ୍ଦ ଗୁଣର ନିବାରକ ଉପାୟ, ପ୍ରତିକାର ।
**Antiemetic**, *a.* ବାନ୍ତିନିବାରକ ।—*n.* ବାନ୍ତିନିବାରକ ଔଷଧ । [ବିରୁଦ୍ଧ ।
**Antiepiscopal**, *a.* ମଣ୍ଡଳୀର ପ୍ରଧାନ ଧର୍ମାଧ୍ୟକ୍ଷର କର୍ତ୍ତୃତ୍ୱ
**Antievangelical**, *a.* ସୁସମାଚାରର ପ୍ରକୃତ ଅଭିପ୍ରାୟର ବିରୁଦ୍ଧ ।
**Antifebrile**, *a.* ଜ୍ୱରନିବାରକ, ଜ୍ୱରନାଶକ ।
**Antilogy**, *n.* ଗ୍ରନ୍ଥକାରର ବାକ୍ୟ ବା ଭାବର ବିରୋଧ ।
**Antimacassar**, *n.* ଚୌକି ଆଦି ସଫା ରଖିବା ଖୋଳକର ଯୋଡଣୀ ।
**Antimonarchic, antimonarchical**, *a.* ରାଜକର୍ତ୍ତୃତ୍ୱର ବିରୁଦ୍ଧ, ରାଜତନ୍ତ୍ରବିରୁଦ୍ଧ ।
**Antimonial**, *a.* ରସାଞ୍ଜନବିଶିଷ୍ଟ, ଅଞ୍ଜନବିଶିଷ୍ଟ ।
**Antimony**, *n.* ସୁରମା, ରସାଞ୍ଜନ ।
**Antinomian**, *n.* ଧର୍ମନୀତିର ବିରୋଧୀ, ଧର୍ମନୀତି ଓ ବିଧିମାନଙ୍କର ପାଳନୀୟ ବୋଲି ଯେ ଅସ୍ୱୀକାର କରେ ।—*a.* ପୂର୍ବୋକ୍ତ ଲୋକସମ୍ବନ୍ଧୀୟ ବା ତାହାର ମତସମ୍ବନ୍ଧୀୟ ।
**Antipapal**, *a.* ପୋପ ବା ତାଙ୍କ ମତର ବିରୁଦ୍ଧ ।
**Antipathy**, *n.* 1. ସ୍ୱାଭାବିକ ଘୃଣା, ଅରୁଚି, ଅଶ୍ରଦ୍ଧା, ସ୍ୱଭାବରେ ବିରୋଧ, ବିରୋଧ; 2. ସ୍ୱାଭାବିକ ଘୃଣାର ପାତ୍ର ।
**Antiphlogistic**, *a.* ପ୍ରଦାହନାଶକ ।
**Antiphony**, *n.* ପର୍ଯ୍ୟାୟକ୍ରମେ ଧର୍ମଗାନ ।
**Antiphrasis**, *n* ପ୍ରକୃତ ଅର୍ଥର ବିପରୀତରେ ଶବ୍ଦର ପ୍ରୟୋଗ, ଶ୍ଳେଷ ।
**Antipodal**, *a.* 1. ଭୂମଣ୍ଡଳର ଅନ୍ୟ ପାର୍ଶ୍ୱସ୍ଥିତ ଦେଶ ବା ଲୋକସମ୍ବନ୍ଧୀୟ; 2. ଠିକ୍ ବିପରୀତ ।
**Antipodes**, *n. pl.* 1. ଭୂମଣ୍ଡଳର ଅନ୍ୟ ପାର୍ଶ୍ୱସ୍ଥିତ ଦେଶ ବା ଲୋକମାନେ; 2. ସମ୍ପୂର୍ଣ୍ଣ ବିପରୀତ ବିଷୟ, ବିପରୀତ ଗୁଣାଦିବିଶିଷ୍ଟ ବ୍ୟକ୍ତି । [କୀୟ ।
**Antiquarian** *a.* ପୁରାତତ୍ତ୍ୱବିତ୍‌ସମ୍ବନ୍ଧୀୟ; ପୁରାବୃତ୍ତସମ୍-

**Antiquary, antiquarian,** *n.* ପୁରାତତ୍ତ୍ୱବିତ୍, ପ୍ରାଚୀନ ବିଷୟର ଅଭ୍ୟାସରେ ଅନୁରାଗୀ ଲୋକ ।
**Antiquated,** *a.* **1.** ଅପ୍ରଚଳିତ, ଅବ୍ୟବହୃତ, ପୁରୁଣାଧରଣ; **2.** ପୁରାତନ ।
**Antique,** *a.* ପୂର୍ବକାଳୀନ, ପୁରାତନ, ପୂର୍ବକାଳୀନ, ଗତକାଳର ସ୍ମାରକ ।—*n.* ପ୍ରାଚୀନ ବସ୍ତୁ, ପ୍ରାଚୀନ ଗ୍ରୀସ୍ ଓ ରୋମ୍ ଦେଶୀୟ ଶିଳ୍ପବିଦ୍ୟାର ପ୍ରଣାଳୀ, ପ୍ରାଚୀନ ଗ୍ରୀସ୍ ଓ ରୋମ୍ ଦେଶୀୟ ଶିଳ୍ପବିଦ୍ୟାନୁସାରେ କୃତ ନକ୍ସା ମୂର୍ତ୍ତି ଆଦି ।
**Antiqueness,** *n.* ପ୍ରାଚୀନତ୍ୱ ।
**Antiquity,** *n.* **1.** ପ୍ରାଚୀନତ୍ୱ; **2.** ପୁରାତନ କାଳ ଲୋକ ବା ସଭ୍ୟତା; **3.** ପ୍ରାଚୀନକାଳର ବସ୍ତୁ, ଯଥା,—ମୂର୍ତ୍ତି ନକ୍ସା ମୁଦ୍ରା ସ୍ତମ୍ଭ ଇତ୍ୟାଦି ଆଦ, usually in *pl.*
**Antiscorbutic,** *a.* ସ୍କର୍ଭି ନାମକ ରୋଗର ନାଶକ ।
**Antiscriptural,** *a.* ଧର୍ମପୁସ୍ତକବିରୁଦ୍ଧ ।
**Antiseptic,** *a.* ପଚନନିବାରକ ।—*n.* ପଚନନିବାରକ ଦ୍ରବ୍ୟ ।
**Antispasmodic,** *a.* ଆକ୍ଷେପନିବାରକ, ଶିରଃଶୋଷ ରୋଗର ନାଶକ ।—*n.* ଆକ୍ଷେପନିବାରକ ଔଷଧ, ଶିରଃଶୋଷ ରୋଗନାଶକ ଔଷଧ ।
**Antistrophe,** *n.* ଗୀତର ଦ୍ୱିତୀୟ ଚରଣ, ଘୋଷା ।
**Antithesis,** *n.* **1.** ବିରୋଧୋକ୍ତି; **2.** ବିରୋଧ, ବୈଲକ୍ଷଣ୍ୟ ।
**Antithetic, antithetical,** *a.* **1.** ବିରୋଧୋକ୍ତିବିଶିଷ୍ଟ; **2.** ବିରୁଦ୍ଧ ।
**Antitrinitarian,** *a.* ପିତା ପୁତ୍ର ପବିତ୍ରାତ୍ମା ଏ ତିନ ଏକ ଈଶ୍ୱର ବୋଲି ଯେ ନାସ୍ତି କରେ ।
**Antitype,** *n.* ନିଦର୍ଶନାନୁରୂପ ବିଷୟ, ନିଦର୍ଶନ ଦ୍ୱାରା ପ୍ରତିବିମ୍ବିତ ବିଷୟ, ଆଦର୍ଶ, ପ୍ରତିବିମ୍ବମୂଳ ।
**Antitypical,** *a.* ପ୍ରତିବିମ୍ବମୂଳସମ୍ବନ୍ଧୀୟ, ନିଦର୍ଶନ ବ୍ୟାଖ୍ୟାକାରକ ।
**Antler,** *n.* ମୃଗ ଶୃଙ୍ଗର ଶାଖା, ହରିଣ ଶିଙ୍ଗର ଡାଳ ।
**Ant-lion,** *n.* ବାଲିକୁଣ୍ଡ ।
**Antonym,** *n.* ଶବ୍ଦାନ୍ତରର ବିପରୀତ ଶବ୍ଦ ।
**Anus,** *n.* ମଳଦ୍ୱାର, ଗୁହ୍ୟ ।
**Anvil,** *n.* କେହ୍ରାଇ, ନିହାଇ ।
**Anxiety,** *n.* **1.** ଉତ୍କଣ୍ଠା, ଉଦ୍‌ବିଗ୍ନତା, ସନ୍ଦେହଜାତ ଅସ୍ଥିରତା ବା ଆଶଙ୍କା, ଅସ୍ଥିରତା; **2.** ଅତ୍ୟନ୍ତ ଇଚ୍ଛା, ବ୍ୟଗ୍ରତା ।
**Anxious,** *a.* **1.** ଉତ୍କଣ୍ଠିତ, ଉଦ୍‌ବିଗ୍ନ, ଅସ୍ଥିର, ଚିନ୍ତିତ, ଭାବିତ, ବ୍ୟସ୍ତ; **2.** ଉତ୍କଣ୍ଠାପୂର୍ଣ୍ଣ; **3.** ଅତ୍ୟନ୍ତ ଇଚ୍ଛୁକ ।
**Anxiously,** *ad.* **1.** ଉତ୍କଣ୍ଠିତରୂପେ, ଉଦ୍‌ବିଗ୍ନରୂପେ; **2.** ବ୍ୟଗ୍ରତାପୂର୍ବକ, ବ୍ୟସ୍ତରୂପେ ।
**Anxiousness,** *n.* ଉତ୍କଣ୍ଠିତାବସ୍ଥା, ଉତ୍କଣ୍ଠା ।
**Any,** *a.* and *pro.* **1.** କୌଣସି, କେହି, କେହିଏ, କିଛି, କିଛିଏ; **2.** ଯେକେହି, ଯେକିଛି ।—*ad.* କିଛିହେଁ, ଅଟେ ।—**at any rate,** ଯାହା ଘଟୁ ପଛେ, ଯାହା ହେଉ, ଯେ କୌଣସି ପ୍ରକାରେ ।
**Anybody,** *n.* କୌଣସି ଲୋକ, କେହି ।
**Anyhow,** *ad.* and *conj.* **1.** କୌଣସିରୂପେ, କୌଣସିମତେ, କୌଣସିପ୍ରକାରେ; **2.** ଯାହା ଘଟୁ ପଛେ, ଯାହା ହେଉ, ଯେ କୌଣସି କାରଣରୁ ।
**Anything,** *n.* and *pro.* **1.** କୌଣସି ବିଷୟ; **2.** ଯେ କୌଣସି ବିଷୟ, ଯେ କିଛି ।—**anything but,** କିଛିହେଁ ନୁହେ, ଆଦୌ ନୁହେ ।
**Anyway, anyways,** *ad.* **1.** କୌଣସିପ୍ରକାରେ, କୌଣସିରୂପେ; **2.** ଯାହା ଘଟୁ ପଛେ, ଯାହା ହେଉ, ତଥାପି ।
**Anywhere,** *ad.* କୌଣସିଠାରେ, ଯେ କୌଣସିଠାରେ, କୌଣସି ସ୍ଥାନରେ ।
**Anywise,** *ad.* କୌଣସିମତେ, କୌଣସିପ୍ରକାରେ ।
**Aorist,** *n.* ଅନିର୍ଦ୍ଦିଷ୍ଟ କାଳବାଚକ କ୍ରିୟାପଦ ।
**Aorta,** *n.* ହୃତ୍‌ପିଣ୍ଡର ବାମ କୋଷଯୁକ୍ତ ରକ୍ତବାହିନୀ ବୃହତ୍ ନାଡୀ, ବୃହତ୍‌ଧମନୀ ।
**Apace,** *ad.* ଶୀଘ୍ରଗତିରେ, ଶୀଘ୍ର, ହଠାତ୍, ବେଗରେ, ବହୁତେ, ତ୍ୱରାରେ ।
**Apart,** *ad.* **1.** ପୃଥକ୍‌ଭାବେ, ପୃଥକ୍, ଦୂରେ; **2.** ଅଲଗା, ପୃଥକ୍‌ରୂପେ; **3.** ଛଡ଼ା; **4.** ଉଭେ; **5.** ଖଣ୍ଡ କରି ।—**to tell apart,** ଚିହ୍ନିବାର ।
**Apartment,** *n.* **1.** କୋଠରି, ପ୍ରକୋଷ୍ଠ; **2.** *pl.* ଭଡ଼ା କୋଠରି ସମୂହ ।
**Apathetic,** *a.* ଉଦାସୀନ, ବିରାଗ, ନିଶ୍ଚିନ୍ତ, ଅମନୋଯୋଗୀ ।
**Apathy,** *n.* ଉଦାସୀନତା, ନିଶ୍ଚିନ୍ତତା, ଅମନୋଯୋଗ, ବୈରାଗ୍ୟ ।
**Ape,** *n.* **1.** ଲାଙ୍ଗୁଳହୀନ ମର୍କଟ, ମାଙ୍କଡ଼, ବାନର, କପି; **2.** ବାନରବତ୍ ଅନୁକାରୀ, ଅନୁକରଣକାରୀ, ନିର୍ବୋଧ ଲୋକ ।—*v.t.* ନିର୍ବୋଧରୂପେ ନକଲ-କ, ଅନୁରୂପ-କ, ବାନରପରି ଅନୁକରଣ-କ ।
**Aperient,** *a.* ମୃଦୁ ବିରେଚକ ।—*n.* ମୃଦୁ ବିରେଚକ ଔଷଧ ।
**Aperture,** *n.* ଛେଦ, ଛିଦ୍ର, ରନ୍ଧ୍ର, ଫାଙ୍କ ।
**Apetalous,** *a.* ପାଖୁଡ଼ାହୀନ ।
**Apex,** *n.* ଅଗ୍ର, ଅଗ୍ରଭାଗ, ଶୃଙ୍ଗ, ଚୂଡ଼ା *pl.* apexes and apices.
**Aphelion,** *n.* ସୂର୍ଯ୍ୟଠାରୁ ଅତିଦୂରସ୍ଥ ଗ୍ରହ କକ୍ଷର ଅଂଶ ।
**Aphis,** *n. pl.* aphides, ଗଛରେ ଲାଗି ଥିବା କୀଟ ।
**Aphonia,** *n.* ସ୍ୱରଭଙ୍ଗ ।
**Aphorism,** *n.* ସଂକ୍ଷିପ୍ତ ମୂଳସୂତ୍ର, ସୂତ୍ର, ମୂଳବାକ୍ୟ ।
**Apiary,** *n.* ମଧୁମକ୍ଷିକାର ରକ୍ଷଣସ୍ଥାନ, ମଧୁମକ୍ଷିକାଳୟ ।
**Apiculture,** *n.* ମଧୁମକ୍ଷିକାର ପାଳନ ।
**Apiece,** *ad.* ପ୍ରତ୍ୟେକେ, ପ୍ରତ୍ୟେକକୁ, ଏକଏ ।
**Apish,** *a.* ବାନରବତ୍, ନିର୍ବୋଧରୂପେ ଅନୁକରଣେଚ୍ଛୁକ, ନିର୍ବୋଧ ।
**Apishness,** *n.* ବାନରତ୍ୱ, ନିର୍ବୋଧତା ।
**Apocalypse,** *n.* **1.** ଗୁପ୍ତ ବିଷୟର ପ୍ରକାଶ; **2.** ଧର୍ମପୁସ୍ତକର ଶେଷ ଗ୍ରନ୍ଥ, ପ୍ରକାଶିତବାକ୍ୟ, ପ୍ରତ୍ୟାଦେଶ ବାକ୍ୟ ।
**Apocalyptic,** *a.* **1.** ପ୍ରକାଶନସମ୍ବନ୍ଧୀୟ, ପ୍ରକାଶକବିଷୟକ; **2.** ଧର୍ମପୁସ୍ତକର ଶେଷ ଗ୍ରନ୍ଥ ସମ୍ବନ୍ଧୀୟ, ପ୍ରକାଶିତବାକ୍ୟସମ୍ବନ୍ଧୀୟ ।
**Apocopate,** *v.t.* ଅନ୍ତ୍ୟାକ୍ଷର ଲୋପ କ ।
**Apocope,** *n.* ଅନ୍ତ୍ୟାକ୍ଷରଲୋପ ।

**Apocrypha**, *n.* ଯେଉଁ ଗୌଣ ଗ୍ରନ୍ଥ ରୋମାନ୍ କାଥଲିକ-ମାନଙ୍କ ଦ୍ୱାରା ପ୍ରଚଳିତ ବାଇବଲ (Bible) ମଧ୍ୟରେ ରଖା ଯାଏ ମାତ୍ର ସାଧାରଣରୂପେ ପ୍ରତ୍ୟାଦେଶ ବାକ୍ୟ ବୋଲି ସ୍ୱୀକାର କରା ନ ଯାଏ ।

**Apocryphal**, *a.* 1. ଉକ୍ତ ଗୌଣ ଗ୍ରନ୍ଥ ସମ୍ବନ୍ଧୀୟ, ଅଶାସ୍ତ୍ରୀୟ ; 2. ଅପ୍ରାମାଣ୍ୟ, କୃତ୍ରିମ ।

**Apodal**, *a.* 1. ପାଦହୀନ ; 2. (ମାଛ) ପେଟର ଡେଣା-ହୀନ ।

**Apogee**, *n.* ପୃଥିବୀଠାରୁ ଚନ୍ଦ୍ରାଦିର କକ୍ଷସ୍ଥ ଦୂରତମ ସ୍ଥାନ ।

**Apollyon**, *n.* see Rev: IX. 11, ଅପଲିୟନ, ବିନାଶ-କାରୀ, ଶୟତାନ ।

**Apologetic**, *a.* 1. ପ୍ରତିବାଦସମ୍ବନ୍ଧୀୟ, ସମର୍ଥକ ; 2. ତ୍ରୁଟି-ସ୍ୱୀକାରଯୁକ୍ତ ।

**Apologetically**, *ad.* 1. ସମର୍ଥକରୂପେ; 2. ତ୍ରୁଟି-ସ୍ୱୀକାରପୂର୍ବକ ।

**Apologetics**, *n. pl.* ଖ୍ରୀଷ୍ଟଧର୍ମର ସତ୍ୟତ୍ୱସମର୍ଥକ ବିଜ୍ଞାନର ଏକ ଅଂଶ ।

**Apologist**, *n.* 1. ପ୍ରତିବାଦକାରୀ, ପକ୍ଷସମର୍ଥନକାରୀ ; 2. ଖ୍ରୀଷ୍ଟ ଧର୍ମର ସତ୍ୟତ୍ୱ ସମର୍ଥନକାରୀ ।

**Apologize**, *v.i.* 1. ତ୍ରୁଟିସ୍ୱୀକାର-କ, କ୍ଷମା ପ୍ରାର୍ଥନା-କ; 2. ଦୋଷ ଲଘୁ କରିବା ନିମନ୍ତେ କହିବାର, ଅନୁକୂଳେ କହିବାର ବା ଲେଖିବାର ।

**Apologue**, *n.* ନୀତିକଥା ।

**Apology**, *n.* 1. କଥିତ ବା ଲିଖିତ ପ୍ରତିବାଦ, ପ୍ରତିବାଦ, ସମର୍ଥନ, ଦୋଷ ଲଘୁକାରକ ଉକ୍ତି; 2. ତ୍ରୁଟିସ୍ୱୀକାର, କ୍ଷମା-ପ୍ରାର୍ଥନା ; 3. ଅପକୃଷ୍ଟ କୌଶଳ ।

**Apophthegm, apothegm**, *n.* ଚୁମ୍ବକ ଓ ଫଳପ୍ରଦ ଉକ୍ତି, ସାରବାକ୍ୟବିଶିଷ୍ଟ ଓ ଶିକ୍ଷାଦାୟକ ସଂକ୍ଷିପ୍ତ ବଚନ ।

**Apoplectic**, *a.* ସଂନ୍ୟାସ ରୋଗସମ୍ବନ୍ଧୀୟ, ସଂନ୍ୟାସ ରୋଗସୂଚକ ।

**Apoplexy**, *n.* ସଂନ୍ୟାସ ରୋଗ, ମଗଜ ରୋଗବିଶେଷ ।

**Apostasy**, *n.* 1. ସ୍ୱଧର୍ମତ୍ୟାଗ ; 2. ସ୍ୱମତତ୍ୟାଗ, ସ୍ୱପକ୍ଷ-ତ୍ୟାଗ ।

**Apostate**, *n.* 1. ସ୍ୱଧର୍ମତ୍ୟାଗୀ; 2. ସ୍ୱମତତ୍ୟାଗୀ, ସ୍ୱପକ୍ଷ-ତ୍ୟାଗୀ ।—*a.* କପଟୀ, ବିଶ୍ୱାସଘାତକ ।

**Apostatize**, *v.i.* ସ୍ୱଧର୍ମ ସ୍ୱମତ ସ୍ୱପକ୍ଷ ବା ସ୍ୱମଣ୍ଡଳୀତ୍ୟାଗୀ-ହେ ।

**A posteriori**, *ad.* or *a.* କାର୍ଯ୍ୟରୁ କାରଣ ନିର୍ଣ୍ଣୟପୂର୍ବକ, ଉପଲବ୍ଧ, ଉପଲବ୍ଧପୂର୍ବକ, opposed to a priori.

**Apostle**, *n.* 1. ବିଶେଷ କାର୍ଯ୍ୟ ସାଧନରେ ପ୍ରେରିତ ବ୍ୟକ୍ତି; 2. ମଙ୍ଗଳସମାଚାର ପ୍ରଚାରାର୍ଥେ ପ୍ରେରିତ ବ୍ୟକ୍ତି, ଖ୍ରୀଷ୍ଟଙ୍କର ବାର ପ୍ରେରିତ ଲୋକମାନଙ୍କ ମଧ୍ୟରେ ଜଣେ, see Matt X. 2-4.

**Apostleship**, *n.* ଖ୍ରୀଷ୍ଟଙ୍କ ପ୍ରେରିତ ବ୍ୟକ୍ତିର ପଦ ।

**Apostolate**, *n.* 1. ଖ୍ରୀଷ୍ଟଙ୍କ ପ୍ରେରିତ ବ୍ୟକ୍ତିର ପଦ କାର୍ଯ୍ୟ ବା ସମ୍ଭ୍ରମ; 2. ପୋପଙ୍କର ସମ୍ମାନ ବା ପଦ ।

**Apostolic, apostolical**, *a.* 1. ଖ୍ରୀଷ୍ଟଙ୍କ ପ୍ରେରିତ ବ୍ୟକ୍ତି-ସମ୍ବନ୍ଧୀୟ ; 2. ଖ୍ରୀଷ୍ଟଙ୍କ ପ୍ରେରିତ ବ୍ୟକ୍ତିଠାରୁ ଆଗତ, ଖ୍ରୀଷ୍ଟଙ୍କ ପ୍ରେରିତ ବ୍ୟକ୍ତିର ଶିକ୍ଷାନୁଯାୟୀ ।

**Apostolic se-**, *n.* ରୋମାନ୍ କାଥଲିକ୍ ପ୍ରଧାନ ଧର୍ମାଧ୍ୟକ୍ଷର ଅଧିକାର ।

**Apostolic succession**, *n.* ଖ୍ରୀଷ୍ଟଙ୍କ ପ୍ରଥମ ପ୍ରେରିତ ବ୍ୟକ୍ତିମାନଙ୍କଠାରୁ ପୁରୁଷାନୁକ୍ରମେ ଆଗତ ଧର୍ମାଧ୍ୟକ୍ଷର ପଦ ।

**Apostolically**, *ad.* ପ୍ରେରିତମାନଙ୍କର ଶିକ୍ଷାନୁସାରେ ।

**Apostrophe**, *n.* 1. ବକ୍ତୃତାରେ ହଠାତ୍ ପରିବର୍ତ୍ତନ, ଶ୍ରୋତାମାନଙ୍କଠାରୁ ଫେରି ଅନୁପସ୍ଥିତ ବା ମୃତ ଲୋକଙ୍କୁ ଉପସ୍ଥିତ ବୋଲି ସମ୍ବୋଧନ, ଉଦ୍ଦେଶରେ ସମ୍ବୋଧନ ; 2. ଅକ୍ଷର ଲୋପ କରିବା ଚିହ୍ନ, ଯଥା, ’ ।

**Apostrophize**, *v.t.* ଉଦ୍ଦେଶରେ ସମ୍ବୋଧନ-କ ।

**Apothecary**, *n.* ଔଷଧ ପ୍ରସ୍ତୁତକାରୀ ବା ବିକ୍ରୟକାରୀ ।

**Apotheosis**, *n.* 1. ଦେବତ୍ୱାରୋପ, କୌଣସି ରାଜା ବା ବିଖ୍ୟାତ ଲୋକଙ୍କୁ ଦେବତାକରଣ ; 2. ଅତିଶୟ ଉତ୍କର୍ଷ-କରଣ ; 3. ମରଣାନ୍ତେ କୌଣସି ବ୍ୟକ୍ତିଙ୍କୁ ସିଦ୍ଧପୁରୁଷ-ରୂପେ ଗଣ୍ୟକରଣ; 4. ସ୍ୱର୍ଗରେ ସ୍ଥିତକରଣ ।

**Appal, appall**, *v.t.* ପ୍ରବଳ ଭୟ ଦ୍ୱାରା ହତାଶ-କ, ତ୍ରାସ ମହାଶଙ୍କା ବା ନିରାଶ ଦ୍ୱାରା ଅଭିଭୂତ-କ, ଭୀତ-କ, ନିରାଶ-କ ।

**Appalling**, *a.* ତ୍ରାସଜନକ, ଶଙ୍କାଜନକ, ନିରାଶଜନକ, ଭୟୋତ୍ପାଦକ ।

**Appallingly**, *ad.* ତ୍ରାସଜନକରୂପେ, ନିରାଶଜନକରୂପେ ।

**Appandage**, *n.* 1. କନିଷ୍ଠ ରାଜପୁତ୍ରର ପ୍ରତିପାଳନାର୍ଥେ ରାଜଦତ୍ତ ଭୂମି ବା ବୃତ୍ତି; 2. ଉପାଙ୍ଗ, ଆନୁଷଙ୍ଗିକ ବିଷୟ ; 3. ଅଧିକୃତ ରାଜ୍ୟ, ଉପନିବେଶ ।

**Apparatus**, *n. pl.* the same, rarely apparatuses, 1. ଅଭିପ୍ରାୟ ସାଧନାର୍ଥ ଉପକରଣ, ଯନ୍ତ୍ର, କଳ, ବୈଜ୍ଞାନିକ ଯନ୍ତ୍ର; 2. ଇନ୍ଦ୍ରିୟର ଉପକରଣମାନ ।

**Apparel**, *n.* (no *pl.*) ପରିଚ୍ଛଦ, ବେଶ, ବସ୍ତ୍ର, ବେଶ-ଭୂଷା ।—*v.t.* ବସ୍ତ୍ରାନ୍ୱିତ-କ, ବସ୍ତ୍ର ପରିଧାନ-କ, ବିଭୂଷିତ-କ ।

**Apparent**, *a.* 1. ଦୃଶ୍ୟ, ପ୍ରକାଶିତ; 2. ସ୍ପଷ୍ଟ, ପ୍ରତ୍ୟକ୍ଷ, ବ୍ୟକ୍ତ; 3. ବାହ୍ୟିକ, ଅପ୍ରକୃତ ।—heir apparent, ଉତ୍ତରାଧିକାରୀ ।

**Apparently**, *ad.* 1. ସ୍ପଷ୍ଟରୂପେ, ପ୍ରତ୍ୟକ୍ଷରୂପେ; 2. ଦୃଶ୍ୟତଃ, ବାହ୍ୟିକରୂପେ, ଦର୍ଶନରେ ମାତ୍ର ।

**Apparition**, *n.* 1. ଦର୍ଶନ, ଆବିର୍ଭାବ ; 2. ଭୂତ, ପ୍ରେତ, ଛାୟା, ଅପଚ୍ଛାୟା ।

**Apparitional**, *a.* ଭୂତସମ୍ବନ୍ଧୀୟ, ଛାୟାସମ୍ବନ୍ଧୀୟ ।

**Apparitor**, *n.* 1. ଅଦାଲତର ପିଅଦା, ଚପରାଶି; 2. ସରକାର ମଣ୍ଡଳୀସ୍ଥ ଅଦାଲତର ଅମଲା ।

**Appeal**, *v.i.* 1. ଉପରସ୍ଥ ଅଦାଲତରେ ପୁନର୍ବିଚାରର ପ୍ରାର୍ଥନା-କ, ଅପୀଲ-କ ; 2. ମଧ୍ୟସ୍ଥ ବା ସାକ୍ଷୀସ୍ୱରୂପ ଅନ୍ୟକୁ ବିଚାର ଭାର-ଦେ; 3. ଶ୍ରୋତାମାନଙ୍କୁ ହୃଦୟଭେଦୀ ଆହ୍ୱାନ-କ ; 4. ମିନତି-କ, ସାହାଯ୍ୟ-ନେ ।—*v.t.* ନିମ୍ନ ଅଦାଲତରୁ ଉପରସ୍ଥ ଅଦାଲତକୁ (ମକଦ୍ଦମା) ଉଠାଇ ଅଣି-ବାର ।—*n.* 1. ଉପରସ୍ଥ ଅଦାଲତରେ ପୁନର୍ବିଚାରର ପ୍ରାର୍ଥନା, ଉପରସ୍ଥ ଅଦାଲତକୁ ମକଦ୍ଦମା ଉଠାଇ ନେବା ବା ଅପୀଲ କରିବା ଅଧିକାର ; 2. ମଧ୍ୟସ୍ଥ ବା ସାକ୍ଷୀସ୍ୱରୂପ ଅନ୍ୟଠାରେ ବିଚାର ଭାରାର୍ପଣ; 3. ଶ୍ରୋତାମାନଙ୍କର ହୃଦୟଭେଦୀ ଆହ୍ୱାନ ବା ସମ୍ବୋଧନ; 4. ମିନତି, ଅକ୍ଷୟ ।

**Appealable**, *a.* ପୁନର୍ବିଚାର ପ୍ରାର୍ଥନାଯୋଗ୍ୟ, ଅପୀଲ-ଯୋଗ୍ୟ ।

**Appear**, *v.i.* 1. ଦୃଷ୍ଟିଗୋଚର-ହେ, ଦୃଶ୍ୟ-ହେ, ଦେଖାଯି; 2. ଉପସ୍ଥିତ-ହେ, ହାଜର-ହେ; 3. ପ୍ରକାଶିତ-ହେ, ସ୍ପଷ୍ଟ-ହେ, ପ୍ରତ୍ୟକ୍ଷ-ହେ; 4. ଅନୁଭୂତ-ହେ, ପ୍ରତୀୟମାନ-ହେ, ବୋଧ-ହେ, ଦିଶିବାର ।

**Appearance**, *n.* 1. ଆବିର୍ଭାବ, ଦର୍ଶନ; 2. ଦୃଶ୍ୟ ବିଷୟ, ଅପୂର୍ବ ଦର୍ଶନ; 3. ସାଦୃଶ୍ୟ, ଅନୁରୂପ; 4. ଉପସ୍ଥିତ, ଆଗମନ, ପ୍ରକାଶ; 5. ମୂର୍ତ୍ତି, ଆକୃତି, ଆକାର ।—to keep up appearances, ବାହ୍ୟିକ ଆଡମ୍ବର ଦ୍ୱାରା ପ୍ରକୃତ ଅବସ୍ଥା ଗୋପନ-କ ।

**Appeasable**, *a.* 1. ସୁସ୍ଥିରକରଣୀୟ, ଶାନ୍ତକରଣୀୟ, ଉପଶମନୀୟ; 2. ନିବୃତ୍ତିଯୋଗ୍ୟ ।

**Appease**, *v.t.* 1. ସୁସ୍ଥିର-କ, ଶାନ୍ତ-କ; 2. ନିବୃତ୍ତ-କ, ଆସ୍- [କ, କ୍ଷାନ୍ତ-କ ।

**Appellant**, *n.* ପୁନର୍ବିଚାର ପ୍ରାର୍ଥୀ, ଆପିଲାଣ୍ଟ ।

**Appellate**, *a.* ପୁନର୍ବିଚାରସମ୍ବନ୍ଧୀୟ, ପୁନର୍ବିଚାର କରିବା ନିମନ୍ତେ କ୍ଷମତାବିଶିଷ୍ଟ ।

**Appellation**, *n.* 1. ନାମ, ସଂଜ୍ଞା, ଆଖ୍ୟା, ପଦବୀ, ଉପାଧି; 2. ନାମକରଣ ।

**Appellative**, *a.* 1. ସାଧାରଣ ନାମସମ୍ବନ୍ଧୀୟ, ସଂଜ୍ଞାବାଚକ; 2. ସାଧାରଣ, ଜାତିବାଚକ ।—*n.* 1. ନାମ, ସାଧାରଣ ନାମ, ସଂଜ୍ଞାବାଚକ ଶବ୍ଦ, ପଦବୀ; 2. ଜାତିବାଚକ ସଂଜ୍ଞା ।

**Append**, *v.t.* 1. ଲଟକାଇବାର, ଲଗାଇବାର; 2. ଅନ୍ତେ ସଂଯୋଗ-କ, ଯୋଗ-କ ।

**Appendage**, *n.* ଉପଯୋଗ, ଉପାଙ୍ଗ, ସହବର୍ତ୍ତୀ ବା ଆନୁଷଙ୍ଗିକ ବିଷୟ, ଅନୁବନ୍ଧ, ଅପ୍ରଧାନ ଭାଗ ।

**Appendant**, *a.* ସଂଯୁକ୍ତ, ସଂଲଗ୍ନ, ଆନୁଷଙ୍ଗିକ ।—*n.* ଆନୁଷଙ୍ଗିକ ବିଷୟ, ଅପ୍ରଧାନ ଭାଗ ।

**Appendix**, *n. pl.* appendixes and appendices, 1. ସଂଯୁକ୍ତ ବିଷୟ, ଆନୁଷଙ୍ଗିକ ବିଷୟ; 2. କ୍ରୋଡପତ୍ର, ଉପଗ୍ରନ୍ଥ, ପରିଶିଷ୍ଟ ।

**Apperception**, *n.* ଅନ୍ତର୍ବୋଧ, ସ୍ୱଜ୍ଞାନ ବୋଧ, ଅଭିଜ୍ଞାନ ।

**Appertain**, *v.i.* ସମ୍ବନ୍ଧ-ହେ, ଅନ୍ତର୍ଗତ-ହେ, ସମ୍ପର୍କ-ହେ ।

**Appetence, appetency**, *n.* 1. ଅଭିଲାଷ, ଲାଳସା, ସ୍ୱାଭାବିକ ଆକାଂକ୍ଷା, ପ୍ରବଳ ସ୍ୱାଭାବିକ ଇଚ୍ଛା; 2. ସ୍ୱାଭାବିକ ପ୍ରବୃତ୍ତି, ସ୍ୱାଭାବିକ ଗୁଣ, ସ୍ୱଭାବ ।

**Appetent**, *a.* ଅଭିଲାଷୀ, ଅଭ୍ୟାକାଂକ୍ଷୀ, ଅଗ୍ରୁତ୍ସୁକ ।

**Appetite**, *n.* 1. ସ୍ୱାଭାବିକ ଅଭିଲାଷ, ଲାଳସା, ଇନ୍ଦ୍ରିୟ ତୃପ୍ତି ନିମନ୍ତେ ପ୍ରବଳ ସ୍ୱାଭାବିକ ଇଚ୍ଛା, ସ୍ପୃହା; 2. ବୁଭୁକ୍ଷା, କ୍ଷୁଧା, ରୁଚି ।

**Appetitive**, *a.* 1. ଅଭିଲାଷୀ, ଆକାଂକ୍ଷୀ; 2. ରୁଚିକର ।

**Appetize**, *v.t.* କ୍ଷୁଧିତ କରାଇବାର, କ୍ଷୁଧା ଜନ୍ମାଇବାର, କ୍ଷୁଧା ବୃଦ୍ଧି-କ, ଇଚ୍ଛା ଉତ୍ତେଜିତ-କ ।

**Appetizer**, *n.* କ୍ଷୁଧା ବର୍ଦ୍ଧକ ବିଷୟ ବା ଦ୍ରବ୍ୟ ।

**Applaud**, *v.t.* 1. କରତାଳି ଆଦି ଦ୍ୱାରା ପ୍ରଶଂସା-କ; 2. ଅତି ପ୍ରଶଂସା-କ, ଗୁଣବର୍ଣ୍ଣନା-କ, ସ୍ତବ-କ, ସ୍ତୁତି-କ ।

**Applause**, *n.* ପ୍ରଶଂସାସୂଚକ କରତାଳୀ, ଉଚ୍ଚୈଃସ୍ୱରରେ ପ୍ରଶଂସା, ଲୋକ ଗହଳର ପ୍ରଶଂସାସୂଚକ ଧ୍ୱନି, ଜୟଧ୍ୱନି ବା ଆନନ୍ଦନାଦ, ଯଥା,—ଜୟ ହେଉ! ବାଃବାଃ! ଶାବାସ୍!

**Applausive**, *a.* ପ୍ରଶଂସାସୂଚକ, ସ୍ତୁତିମୟ ।

**Apple**, *n.* ଗଛ ଓ ଫଳ ବିଶେଷ ।—apple of the eye; 1. ଚକ୍ଷୁର ପିତୁଳା, କନୀନିକା, ଚୋଳାର ସ୍ତୂପ, କଳାକଣା; 2. ପ୍ରିୟତମ ବିଷୟ । apple of discord, ବିବାଦ ଉତ୍ପାଦକ ବିଷୟ । apple of Sodom, ଯେଉଁ ଫଳ ମହାକାଳ ଫଳ ତୁଲ୍ୟ ବାହାରେ ସୁନ୍ଦର ଭିତରେ ପାଉଁଶ ମାତ୍ର ।

**Apple-pie**, *n.* ଆପଲ୍ ଫଳପୂରିତ ପିଷ୍ଟକ ବିଶେଷ ।—apple-pie order, ସୁନିୟମ, ସୁସଜ୍ଜିତ ଅବସ୍ଥା ।

**Appliance**, *n.* 1. ପ୍ରୟୋଗକରଣ, ପ୍ରୟୋଗ; 2. ଉପାୟ, ବ୍ୟବହୃତ କୌଶଳ ଯନ୍ତ୍ର ବା କଳ ।

**Applicability**, *n.* ଉପଯୋଗିତା, ଉପଯୁକ୍ତତା ।

**Applicable**, *a.* ସଂଯୋଜ୍ୟ, ଉପଯୁକ୍ତ, ଯୋଗ୍ୟ ।

**Applicant**, *n.* ପ୍ରାର୍ଥକ, ପ୍ରାର୍ଥୀ, ଆବେଦନକାରୀ, ଦର୍ଖାସ୍ତକାରୀ ।

**Application**, *n.* 1. ଆବେଦନ, ପ୍ରାର୍ଥନା, ଦରଖାସ୍ତ, ନିବେଦନ ପତ୍ର; 2. ମନୋଯୋଗ, ମନୋନିବେଶ, ଯତ୍ନ, ଉଦ୍ଯୋଗ; 3. ଅନ୍ୱେଷଣ, ଖଟାଇବା; 4. ପ୍ରୟୋଗ, ବ୍ୟବହାର; 5. ଶିକ୍ଷା; 6. ପ୍ରଲେପ, ଯୋଗ, ସଂଯୋଗକରଣ ।

**Applicative, applicatory**, *a.* 1. ଯୋଗ ପ୍ରୟୋଗ ବ୍ୟବହାର ବା ପ୍ରାର୍ଥନାସମ୍ବନ୍ଧୀୟ; 2. ପ୍ରଯୋଜ୍ୟ, ବ୍ୟବହାର ଯୋଗ୍ୟ ।

**Apply**, *v.t.* 1. ଯୋଗ-କ, ସଂଲଗ୍ନ-କ, ଲଗାଇବାର; 2. ରଖିବାର, ଥୋଇବାର; 3. ବ୍ୟବହାର-କ, ପ୍ରୟୋଗ-କ, ନିଯୋଜିତ-କ; 4. ଖଟାଇବାର; 5. (ଆପଣାକୁ) ଅଭିନିବିଷ୍ଟ କରାଇବାର; 6. (ଆପଣାକୁ) ଉଦ୍ଯୋଗ ସହିତ ପ୍ରବୃତ୍ତ କରାଇବାର ।—*v.i.* 1. ଖଟିବାର, ସଙ୍ଗତ-ହେ, ଉପଯୋଗୀ-ହେ; 2. ନିବେଦନ-କ, ଆବେଦନ-କ, ସାହାଯ୍ୟାର୍ଥେ ପ୍ରାର୍ଥନା-କ; 3. ଆଶ୍ରୟ ଗ୍ରହଣ-କ, ଆଶ୍ରିତ-ହେ ।

**Appoint**, *v.t.* 1. ସ୍ଥାପନ-କ, ନିୟୋଗ-କ, ନିଯୁକ୍ତ-କ, ନିର୍ଦ୍ଦିଷ୍ଟ-କ, ନିରୂପଣ-କ; 2. ଆଦେଶ-କ; 3. ସ୍ଥିର-କ; 4. ସଜ୍ଜିତ-କ ।—*v.i.* 1. ନିଯୁକ୍ତ-ହେ; 2. ନିର୍ଦ୍ଧାରିତ-ହେ ।

**Appointed**, *a.* 1. ସଂସ୍ଥାପିତ, ନିଯୋଜିତ, ନିଯୁକ୍ତ, ନିୟମିତ; 2. ନିର୍ଦ୍ଦିଷ୍ଟ, ନିର୍ଦ୍ଧାରିତ; 3. ସଜ୍ଜିତ ।

**Appointment**, *n.* 1. ନିୟୋଗ, ନିଯୁକ୍ତି, ନିରୂପଣ; 2. ପଦ, କର୍ମ; 3. ନିୟମ, ଅଙ୍ଗୀକାର, ବନ୍ଦୋବସ୍ତ; 4. ଆଜ୍ଞା, ଅନୁଜ୍ଞା, ଆଦେଶ, ନିର୍ଦ୍ଧାରଣ; 5. ବେତନ, ବୃତ୍ତି; 6. *pl.* ସଜ୍ଜା ।

**Apportion**, *v.t.* ବିଭାଗ-କ, ଯଥାର୍ଥ ଭାଗ-କ ।

**Apportionment**, *n.* ବିଭାଗୀକରଣ, ବିଭାଗ, ଯଥାର୍ଥ ବିଭାଗ ।

**Apposite**, *a.* ଉପଯୁକ୍ତ, ଯୋଗ୍ୟ, ସଙ୍ଗତ, ଉଚିତ, ଠିକ୍, followed by *to*, and said of answers &c.

**Appositely**, *ad.* ଉପଯୁକ୍ତରୂପେ, ଯୋଗ୍ୟରୂପେ, ସଙ୍ଗତରୂପେ, ଉଚିତମତେ, ଠିକ୍‌ରୂପେ ।

**Appositeness**, *n.* ଯୋଗ୍ୟତା, ଉପଯୁକ୍ତତା ।

**Apposition**, *n.* 1. ସଂଯୋଗ, ମେଳ; 2. ସମାନ ବିଭକ୍ତି ହୃଏ, ଏକକାରକ ।

Appraise, *v.t.* 1. ମୂଲ୍ୟ ନିରୂପଣ-କ; 2. ନିର୍ଣ୍ଣୟ-କ, • ବଗ୍ଭର-କ । [ପଣ ।

Appraisement, *n.* ମୂଲ୍ୟ ନିରୂପଣକରଣ, ମୂଲ୍ୟ ନିରୂ-

Appraiser, *n.* ମୂଲ୍ୟ ନିରୂପଣକର୍ତ୍ତା, ମୂଲ୍ୟ ନିର୍ଦ୍ଧାରକ, ମୂଲ୍ୟ ନିରୂପଣ କରିବା ନିମନ୍ତେ ପଟ୍ଟାଦାର ।

Apprectable, *a.* ଗୁଣ ଗ୍ରହଣଯୋଗ୍ୟ, ଉପଲବ୍ଧିଯୋଗ୍ୟ, ବୋଧଗମ୍ୟ, ଇନ୍ଦ୍ରିୟଗୋଚର ।

Appreciably, *ad.* ବୋଧଗମ୍ୟରୂପେ, ଇନ୍ଦ୍ରିୟଗୋଚର-ରୂପେ ।

Appreciate, *v.t.* 1. ମୂଲ୍ୟ ସ୍ଥିର-କ, ଯଥାର୍ଥ ମୂଲ୍ୟ ନିରୂ-ପଣ-କ; 2. ଗୁଣ ଗ୍ରହଣ-କ, ବହୁମୂଲ୍ୟ ଜ୍ଞାନ-କ, ଗୁଣ ନିର୍ଣ୍ଣୟ କ; 3. ଉପଲବ୍ଧି-କ, ଉପଯୁକ୍ତ ବିବେଚନା-କ; 4. ମୂଲ୍ୟ ବୃଦ୍ଧି କରାଇବାର ।—*v.i.* ମୂଲ୍ୟ ବୃଦ୍ଧି-ହ, ଅଧିକ ମୂଲ୍ୟବାନ୍-ହ ।

Appreciation, *n.* 1. ମୂଲ୍ୟ ସ୍ଥିରକରଣ, ଯଥାର୍ଥ ମୂଲ୍ୟ ନିରୂପଣ; 2. ଗୁଣଗ୍ରହଣ, ଗୁଣାଗୁଣ ବୋଧ; 3. ସୂକ୍ଷ୍ମ ବୋଧ; 4. ମୂଲ୍ୟ ବୃଦ୍ଧି ।

Appreciative, appreciatory, *a.* 1. ଗୁଣାଦର ଯଥାର୍ଥ ମୂଲ୍ୟ ନିରୂପଣକାରୀ; 2. ପ୍ରଶଂସାସୂଚକ, ଗୁଣଗ୍ରାହୀ ।

Apprehend, *v.t.* 1. ଧରିବାର, ଧୃତ-କ; 2. ଗ୍ରେପ୍ତାର-କ, ହାଜତରେ ରଖିବାର; 3. ମନ ଦ୍ୱାରା ବୁଝିବାର, ଉପ-ଲବ୍ଧି-କ, ବୋଧ-କ, ଅନୁଭବ-କ, ଅର୍ଥ ବୁଝିବାର, ବୁଝି-ବାର, ବିବେଚନା-କ; 4. ସଂଶୟ-କ, ଭୟ-କ, ଆଶଙ୍କା-କ ।—*v.i.* ଅନୁମାନ-କ, ବୋଧ ପାଇବାର ।

Apprehensible, *a.* ବୋଧଗମ୍ୟ, ଅନୁଭବନୀୟ ।

Apprehension, *n.* 1. ଧୃତକରଣ; 2. ଗ୍ରେପ୍ତାର; 3. ବୋଧକରଣ, ବୋଧଶକ୍ତି, ବୋଧ, ଅନୁଭବ, ଉପଲବ୍ଧି; 4. ସଂଶୟ, ଭୟ, ଆଶଙ୍କା ।

Apprehensive, *a.* 1. ତୀକ୍ଷ୍ଣ ବୁଦ୍ଧିବିଶିଷ୍ଟ; 2. ସଶଙ୍କ, ଶଙ୍କିତ, ସନ୍ଦିଗ୍ଧମନା, ଭୟଶୀଳ, ଆଶଙ୍କାଶୀଳ; 3. ଅମ-ଙ୍ଗଳ ଅପେକ୍ଷୀ; 4. ଅଗ୍ରଜ୍ଞାନସମ୍ପନ୍ନ, ଜ୍ଞାତସାର ।

Apprehensively, *ad.* ଶଙ୍କିତରୂପେ, ଭୟଯୁକ୍ତରୂପେ, ସନ୍ଦିଗ୍ଧଭାବେ, ଅମଙ୍ଗଳ ଅପେକ୍ଷିଭାବେ ।

Apprehensiveness, 1. ତୀକ୍ଷ୍ଣ ବୁଦ୍ଧିବିଶିଷ୍ଟତା; 2. ସଶଙ୍କାବସ୍ଥା; 3. ଅମଙ୍ଗଳ ଅପେକ୍ଷୀ ଅବସ୍ଥା ବା ଗୁଣ ।

Apprentice, *n.* ଶିକ୍ଷା ନବୀସ୍, କାର୍ଯ୍ୟଶିକ୍ଷାର୍ଥୀ, ନବୀସ୍ ।—*v.t.* କାର୍ଯ୍ୟଶିକ୍ଷାର୍ଥେ ନିୟମପତ୍ର ଦ୍ୱାରା ଆବଦ୍ଧ-କ ।

Apprenticeship, *n.* କାର୍ଯ୍ୟଶିକ୍ଷାର ନିରୂପିତ କାଳ, ଶିକ୍ଷାନବୀସୀ ।

Apprise, *v.t.* ସମ୍ବାଦ-ଦେ, ସମାଚାର-ଦେ ଜ୍ଞାତ-କ, ଜ୍ଞାତ କରାଇବାର, ଜଣାଇବାର, followed by *of* before that of which notice is given.

Approach, *v.i.* ନିକଟବର୍ତ୍ତୀ-ହ, ନିକଟକୁ ଆସିବାର, ତୁଲ୍ୟ-ହ ।—*v.t.* ନିକଟକୁ ଆସିବାର, ନିକଟକୁ ଆଣି-ବାର, ନିକଟବର୍ତ୍ତୀ କରାଇବାର, ନିକଟରେ ରଖିବାର ।—*n.* 1. ଆଗମନ, ନିକଟକୁ ଆସିବା; 2. ପ୍ରବେଶାଧିକାର, ପ୍ରବେଶର ସୁବିଧା; 3. ପଥ; 4. ନୈକଟ୍ୟ ।

Approachable, *a.* ନିକଟଗମ୍ୟ, ସୁଗମ୍ୟ ।

Approbatory, *a.* ସନ୍ତୋଷପ୍ରକାଶକ, ସମ୍ମତିପ୍ରକାଶକ ।

Appropriable, *a.* 1. ଗ୍ରହଣୀୟ; 2. ବିଶେଷ କର୍ମାର୍ଥେ ନିରୂପଣୀୟ ।

Appropriate, *v.t.* 1. ସ୍ୱାର୍ଥେ ଗ୍ରହଣ-କ, ଆତ୍ମସାତ୍-କ; 2. ବିଶେଷ କାର୍ଯ୍ୟରେ ପୃଥକ୍ କରି ରଖିବାର ।—*a.* 1. ବିଶେଷ କର୍ମାର୍ଥେ ପୃଥକ୍କୃତ; 2. ଉପଯୁକ୍ତ, ଯଥାର୍ଥ, ସଙ୍ଗତ ।

Appropriately, *ad.* ଉପଯୁକ୍ତରୂପେ, ଯଥାର୍ଥରୂପେ, ସଙ୍ଗତରୂପେ । [ଯୁକ୍ତତା ।

Appropriateness, *n.* ଉପଯୋଗିତା, ଯାଥାର୍ଥ୍ୟ, ଉପ-

Appropriation, *n.* 1. ସ୍ୱାର୍ଥେ ଗ୍ରହଣକରଣ, ଆତ୍ମସାତ୍-କରଣ; 2. ବିଶେଷ କାର୍ଯ୍ୟରେ ପ୍ରୟୋଗ; 3. ବିଶେଷ କାର୍ଯ୍ୟ ନିମନ୍ତେ ନିରୂପିତ ବିଷୟ ।

Approvable, *a.* ପସନ୍ଦଯୋଗ୍ୟ, ଗ୍ରାହ୍ୟ, ଅନୁମୋଦନୀୟ ।

Approval, Approbation, *n.* 1. ପସନ୍ଦକରଣ, ପସନ୍ଦ, ପ୍ରଶଂସା; 2. ଅନୁମୋଦନ, ସମ୍ମତି, ମଞ୍ଜୁରି ।

Approve, *v.t.* 1. ପସନ୍ଦ-କ, ପ୍ରଶଂସା-କ; 2. ଅନୁ-ମୋଦନ-କ, ସମ୍ମତି-ଦେ, ମଞ୍ଜୁର-କ; 3. ପ୍ରମାଣ ଦ୍ୱାରା ସାବ୍ୟସ୍ତ-କ, ପରଖ-କ ।—*v.i.* ସନ୍ତୁଷ୍ଟ-ହ, followed by *of*.

Approver, *n.* 1. ପସନ୍ଦକର୍ତ୍ତା, ଅନୁମୋଦନକାରୀ; 2. ଅଦାଲତରେ ନିଜ ଅପରାଧ ସ୍ୱୀକାର କରି ଯେ ଅନ୍ୟ ଲୋକଙ୍କୁ ଅଭିଯୁକ୍ତ କରେ ।

Approvingly, *ad.* ପସନ୍ଦପୂର୍ବକ, ସନ୍ତୋଷପୂର୍ବକ, ଅନୁ-ମୋଦନପୂର୍ବକ, ସମ୍ମତିପୂର୍ବକ ।

Approximate, *v.t.* ନିକଟକୁ ଆନୟନ-କ, ନିକଟବର୍ତ୍ତୀ କରାଇବାର ।—*v.i.* ନିକଟକୁ ଆସିବାର, ନିକଟବର୍ତ୍ତୀ-ହ, ପ୍ରାୟ ତୁଲ୍ୟ-ହ ।—*a.* ନିକଟ, ନିକଟବର୍ତ୍ତୀ, ପ୍ରାୟ ତୁଲ୍ୟ ।

Approximately, *ad.* ନିକଟ ପରିମାଣରେ, ପ୍ରାୟ, ଊଣାଅଧିକରୂପେ ।

Approximation, *n.* 1. ନିକଟଗମନ; 2. ନୈକଟ୍ୟ, ପ୍ରାୟ ଠିକ୍ ମୂଲ୍ୟ ନିରୂପଣ, ପ୍ରାୟ ଠିକ୍ ସଂଖ୍ୟା ।

Approximative, *a.* ନିକଟବର୍ତ୍ତୀ, ସମୀପବର୍ତ୍ତୀ, ନିକଟ-ଗାମୀ । [ଉପାଙ୍ଗ ।

Appurtenance, *n.* ସମ୍ପର୍କର ବିଷୟ, ସଂଯୁକ୍ତ ଦ୍ରବ୍ୟ,

Appurtenant, *a.* ସମ୍ପର୍କୀୟ, ସମ୍ବନ୍ଧୀୟ, ଉପାଙ୍ଗସମ୍ପର୍କୀୟ ।

Apricot, *n.* ଟାଙ୍କୁଆବର୍ଗୀୟ ଫଳ ବିଶେଷ ।

April, *n.* ଇଂରେଜୀ ବର୍ଷର ଚତୁର୍ଥ ମାସ ।

A priori, *ad.* or *a.* 1. କାରଣରୁ କାର୍ଯ୍ୟ ନିର୍ଣ୍ଣୟପୂର୍ବକ ବା ନିର୍ଣ୍ଣୟ ସମ୍ବନ୍ଧୀୟ, opposite to a posteriori; 2. ଅନୁଭବପୂର୍ବରେ, ପରୀକ୍ଷାପୂର୍ବରେ, ଅନୁମାନିକ ।

Apron, *n.* 1. ବସ୍ତ୍ର ରକ୍ଷାର୍ଥେ ଦେହ ଆଚ୍ଛାଦିତ ଲୁଗା ବା ଚର୍ମ୍ମ ଖଣ୍ଡେ, ବସ୍ତ୍ରରକ୍ଷିଣୀ; 2. ବତକ୍ ହଂସ ପେଟର ମୋଟ ଚର୍ମ୍ମ; 3. ବସିବା ଲୋକର ଗୋଡ଼ ଘୋଡ଼ାଇବା ନିମନ୍ତେ ଘୋଡ଼ାଗାଡ଼ି ଆଗରେ ଥିବା ଚର୍ମ୍ମ ।

Apropos, *ad.* or *a. ap-ro-po*, 1. ସମ୍ବନ୍ଧରେ, ବିଷୟରେ, ପ୍ରସ୍ତାବାନୁସାରେ, ପ୍ରସଙ୍ଗକ୍ରମେ, ପ୍ରସଙ୍ଗୋପ-ଯୋଗୀ; 2. ସଙ୍ଗତରୂପେ, ସୁଯୋଗମତେ, ସୁଯୋଗରେ, ଉଚିତ ସମୟରେ, ସାମୟିକ, ଠିକ୍ ।

**Apt**, *a.* 1. ଉପଯୁକ୍ତ, ଯୋଗ୍ୟ, ସଙ୍ଗତ; 2. ଅଧୀନ, ଶୀଳ; 3. ତତ୍ପର, ପ୍ରସ୍ତୁତ, ଚଞ୍ଚଳ, ଦକ୍ଷ, ନିପୁଣ, ପଟୁ ।

**Aptitude**, *n.* 1. ଉପଯୁକ୍ତ ଅବସ୍ଥା, ଉପଯୁକ୍ତତା, ଉପଯୋଗିତା; 2. ସ୍ୱଭାବ, ଗୁଣ, ପ୍ରବୃତ୍ତି; 3. ଶିକ୍ଷାପଟୁତା, ତତ୍ପରତା, ସ୍ୱାଭାବିକ ଗୁଣ, ପାରଗତା ।

**Aptly**, *ad.* 1. ଉପଯୁକ୍ତରୂପେ, ଯୋଗ୍ୟରୂପେ, ଉଚିତମତେ; 2. ତତ୍ପରରୂପେ ।

**Aptness**, *n.* 1. ଉପଯୁକ୍ତ ଅବସ୍ଥା ବା ଗୁଣ, ଉପଯୁକ୍ତତା, ଯୋଗ୍ୟତା; 2. ସ୍ୱଭାବ, ପ୍ରବୃତ୍ତି; 3. ତତ୍ପରତା ।

**Aqua**, *n.* ଜଳ, ନୀର, ବାରି, ପାଣି ।

**Aquafortis**, *n.* ଅପରିଷ୍କୃତ ସୋରକାତ ଅମ୍ଳ ।

**Aqua vitæ**, *n.* ମଦ୍ୟସାର ।

**Aquarium**, *n.* 1. ଜଳଜ ବୃକ୍ଷ ବା ଜନ୍ତୁ ରଖିବା ନିମନ୍ତେ ଜଳାଧାର ବିଶେଷ; 2. ଉକ୍ତ ଜଳାଧାରମାନ ସଂଗୃହୀତ ହେବା ସ୍ଥାନ ।

**Aquarius**, *n.* କୁମ୍ଭରାଶି, ରାଶିଚକ୍ରର ଏକାଦଶ ରାଶି ।

**Aquatic**, *a.* 1. ଜଳସମ୍ବନ୍ଧୀୟ; 2. ସଜଳ, ଜଳମୟ, ପାଣିଆ; 3. ଜଳଜ, ଜଳଜାତ, ଜଳଚର ।—*n.* 1. ଜଳଜାତ ବୃକ୍ଷ ବା ଜନ୍ତୁ; 2. *pl.* ଜଳକ୍ରୀଡ଼ା, ଯଥା,—ପହଁରିବା ଅଥବା ଟାଣିବା ଆଦି ।

**Aqueduct**, *n.* ନିର୍ମିତ ଜଳପଥ, ଜଳପ୍ରଣାଳୀ ।

**Aqueous**, *a.* ଜଳବତ୍, ଜଳମୟ, ପାଣିଆ ।

**Aquiline**, *a.* ଉତ୍କ୍ରୋଶ ପକ୍ଷୀର ଥଣ୍ଟ ତୁଲ୍ୟ, ବକ୍ର ।

**Arab, Arabian**, *n.* 1. ଆରବ ଦେଶୀୟ ଲୋକ, ଆରବୀ; 2. ଆରବୀୟ ଘୋଡ଼ା; 3. ଦାଣ୍ଡବୁଲା ଅରକ୍ଷିତ ପିଲା ।—*a.* ଆରବ ଦେଶ ବା ଲୋକସମ୍ବନ୍ଧୀୟ ।

**Arabic**, *a.* ଆରବ ଦେଶ ବା ଭାଷାସମ୍ବନ୍ଧୀୟ, ଆରବୀୟ ।—*n.* ଆରବ ଦେଶୀୟ ଲୋକର ଭାଷା ।

**Arable**, *a.* କୃଷିଯୋଗ୍ୟ, ଚାଷୋପଯୋଗୀ, ଆବାଦୀ ।

**Arbalist**, *n.* ପୂର୍ବକାଳୀନ ଆଡ଼ଧନୁ, କଳଧନୁଃ ।

**Arbiter**, *n.* 1. ମଧ୍ୟସ୍ଥ, ମୀମାଂସକ, ସାଳିସୀ, ଭଲଲୋକ; 2. ନିଷ୍ପତ୍ତିକର୍ତ୍ତା ।

**Arbitrament**, *n.* 1. ମଧ୍ୟସ୍ଥକରଣ, ମୀମାଂସାକରଣ; 2. ନିଷ୍ପତ୍ତି, ରାଏ ।

**Arbitrarily**, *ad.* ସ୍ୱେଚ୍ଛାପୂର୍ବକ, ସ୍ୱାଧୀନରୂପେ, ସ୍ୱେଚ୍ଛାଚାରରୂପେ, ସ୍ୱତନ୍ତ୍ରରୂପେ ।

**Arbitrariness**, *n.* ସ୍ୱେଚ୍ଛାଚାରିତା, ସ୍ୱାଧୀନତା ।

**Arbitrary**, *a.* 1. ସ୍ୱତନ୍ତ୍ର, ଯଥେଚ୍ଛ, ସ୍ୱେଚ୍ଛାଚାରୀ, ସ୍ୱେଚ୍ଛାଚାରରୂପେ କୃତ, ସ୍ୱେଚ୍ଛାଧୀନ; 2. ନିଷ୍ଠୁର, ଅବଶ, ନିୟମାନଧୀନ ।

**Arbitrate**, *v.i.* 1. ମଧ୍ୟସ୍ଥ ବା ମୀମାଂସକପର କାର୍ଯ୍ୟ-କ, ମଧ୍ୟସ୍ଥ ହୋଇ ନିଷ୍ପତ୍ତି-କ, ସାଳିସୀ-କ; 2. ସାଳିସମାନଙ୍କଠାରେ ଅର୍ପଣ-କ ।—*v.t.* 1. ସାଳିସସ୍ୱରୂପ ନିଷ୍ପତ୍ତି-କ; 2. ସାଳିସୀ ଦ୍ୱାରା ନିଷ୍ପତ୍ତି-କ । [ସାଳିସୀ ।

**Arbitration**, *n.* ମଧ୍ୟସ୍ଥ ଦ୍ୱାରା ନିଷ୍ପତ୍ତି, ପଞ୍ଚାୟତ,

**Arbitrator**, *n.* ମଧ୍ୟସ୍ଥ, ମୀମାଂସକ, ନିଷ୍ପାଦକ, ସାଳିସୀ, *pl.* ପଞ୍ଚାୟତ ।

**Arbitress**, *n.* 1. ମଧ୍ୟସ୍ଥା ସ୍ତ୍ରୀ; 2. ସ୍ତ୍ରୀ ସାକ୍ଷୀ ।

**Arboreal**, *a.* 1. ବୃକ୍ଷସମ୍ବନ୍ଧୀୟ; 2. ବୃକ୍ଷରେ ସ୍ଥିତ, ବୃକ୍ଷବାସୀ ।

**Arboreous**, *a.* ବୃକ୍ଷସମ୍ବନ୍ଧୀୟ, ଗଣ୍ଡିଯୁକ୍ତ, ଗଣ୍ଡି ଉତ୍ପାଦକ ।

**Arborescent**, *a.* ବୃକ୍ଷବତ୍ ବର୍ଦ୍ଧନଶୀଳ, ବୃକ୍ଷତୁଲ୍ୟ ।

**Arboretum**, *n.* ବିଜ୍ଞାନ ଶିକ୍ଷା ନିମନ୍ତେ ବହୁବିଧ ପ୍ରକାର ବୃକ୍ଷାଦିର ରୋପଣ ସ୍ଥାନ, ବୃହତ୍ ଉଦ୍ୟାନ ।

**Arboriculture**, *n.* ବୃକ୍ଷାଦିର ରୋପଣ ଓ ରକ୍ଷଣ ବିଦ୍ୟା ।

**Arborist**, *n.* ଉଦ୍ୟାନବିଦ୍ୟାଜ୍ଞ, ବୃକ୍ଷବିଦ୍ୟାର୍ଥୀ ।

**Arbour, arbor**, *n.* କୁଞ୍ଜ, ନିକୁଞ୍ଜ, ବୃକ୍ଷଲତାଦିରେ ଆବୃତ ସ୍ଥାନ, ଲତାଗୃହ ।

**Arc**, *n.* ପରିଧିର କୌଣସି ଅଂଶ, ବୃତ୍ତଖଣ୍ଡ ।

**Arcade**, *n.* 1. ଖିଲାଣଶ୍ରେଣୀ, ବୃତ୍ତାଂଶଶ୍ରେଣୀ; 2. ଖିଲାଣ ନିର୍ମିତ ପଥ; 3, ଦୋକାନ ବସିବା ଆଚ୍ଛାଦିତ ପଥ ।

**Arcadian**, *a.* ଗ୍ରୀସ୍ ଦେଶସ୍ଥ ଆର୍କେଡିଆ ନାମକ ସ୍ଥାନସମ୍ବନ୍ଧୀୟ, ଗ୍ରାମ୍ୟ, ମଫସଲିଆ ।

**Arcanum**, *n.* generally used in *pl.* **arcana**, ଗୋପନୀୟ ବିଷୟ, ଗୂଢ଼ ବିଷୟ ।

**Arch**, *n.* 1. ଖିଲାଣ; 2. ଖିଲାଣ ସଦୃଶ ସ୍ଥାନ ।—*v.t.* ଖିଲାଣଯୁକ୍ତ-କ, ଖିଲାଣ୍-କ, ଅର୍ଦ୍ଧ ଗୋଲାକାର-କ ।

**Arch**, *a.* 1. ପ୍ରଧାନ; 2. ସିଆଣା, ଚତୁର; 3. କୌତୁକୀ ।

**Archæology**, *n.* ପୂର୍ବକାଳୀନ ସାହିତ୍ୟାଦି ବିଷୟକ ବିଜ୍ଞାନ ।

**Archaic**, *a.* ପୁରାତନ, ଅପ୍ରଚଳିତ ।

**Archaism**, *n.* ପୁରାତନ ବା ଅପ୍ରଚଳିତ ବାକ୍ୟ, ପ୍ରାଚୀନ ପ୍ରୟୋଗ, ଅପ୍ରଚଳନ ।

**Archangel**, *n.* ପ୍ରଧାନ ସ୍ୱର୍ଗୀୟ ଦୂତ, ପ୍ରଧାନ ଦୂତମାନଙ୍କ ମଧ୍ୟରେ ଏକ ଜଣ ।

**Archbishop**, *n.* ପ୍ରଧାନ ଧର୍ମାଧ୍ୟକ୍ଷ ।

**Archdeacon**, *n.* ପ୍ରଧାନ ଧର୍ମାଧ୍ୟକ୍ଷର ସହକାରୀ ।

**Archdeaconry**, *n.* ପ୍ରଧାନ ଧର୍ମାଧ୍ୟକ୍ଷର ସହକାରୀ ପଦ ଅଧିକାର ବା ବାସସ୍ଥାନ ।

**Archdeaconship**, *n.* ପ୍ରଧାନ ଧର୍ମାଧ୍ୟକ୍ଷର ସହାୟକପଦ ।

**Archduchess**, *n.* ଅଷ୍ଟ୍ରିଆ ଦେଶୀୟା ରାଜକନ୍ୟା ବା ରାଜପୁତ୍ରର ଭାର୍ଯ୍ୟା ।

**Archduchy, archdukedom**, *n.* ଉକ୍ତ ରାଜପୁତ୍ରର ବା ରାଜକନ୍ୟାର ପ୍ରଦେଶ ଓ ପଦ ।

**Archduke**, *n.* ଅଷ୍ଟ୍ରିଆ ଦେଶୀୟ ରାଜପୁତ୍ର ।

**Arched**, *a.* 1. ଖିଲାଣରେ ନିର୍ମିତ; 2. ଖିଲାଣ ଦ୍ୱାରା ଆବୃତ; 3. ଖିଲାଣାକୃତିବିଶିଷ୍ଟ । [ନାଳ ।

**Archer**, *n.* ଧନୁର୍ଦ୍ଧର, ବାଣଯୋଦ୍ଧା, ଧାନୁକୀ, ଧନ୍ୱୀ, ଶର-

**Archery**, *n.* ଧନୁର୍ବିଦ୍ୟା, ଧନୁର୍ବ୍ୟବସାୟ ।

**Archetypal**, *a.* ମୂଳମୂର୍ତ୍ତିସମ୍ବନ୍ଧୀୟ, ଆଦର୍ଶସମ୍ବନ୍ଧୀୟ ।

**Archetype**, *n.* ମୂଳମୂର୍ତ୍ତି, ଆଦର୍ଶ, ନମୁନା ।

**Archiepiscopal**, *a.* ପ୍ରଧାନ ଧର୍ମାଧ୍ୟକ୍ଷସମ୍ବନ୍ଧୀୟ ।

**Archimedean**, *a.* ପୁରାତନ ଗ୍ରୀସ୍ ଦେଶୀୟ ଆର୍କିମିଡିସ ନାମକ ପଣ୍ଡିତସମ୍ବନ୍ଧୀୟ ।—**archimedean screw**, ଜଳ ଉଠାଇବା କଳବିଶେଷ । [ପୁଞ୍ଜ ।

**Archipelago**, *n.* 1. ଉପଦ୍ୱୀପପୂର୍ଣ୍ଣ ସମୁଦ୍ର; 2. ଦ୍ୱୀପ-

**Architect**, *n.* 1. ଗୃହାଦି ନିର୍ମାଣ ବିଦ୍ୟାବିତ୍, ଗୃହାଦିର ନକ୍ସା ଓ କଳ୍ପନାକାରୀ ଲୋକ; 2. କର୍ତ୍ତା, ନିର୍ମାତା ।

**Architectural**, *a.* 1. ଗୃହାଦି ନିର୍ମାଣ ବିଦ୍ୟାସମ୍ବନ୍ଧୀୟ; 2. ଗୃହାଦି ନିର୍ମାଣ ବିଦ୍ୟାର ସୂତ୍ରାନୁଯାୟୀ ।

**Architecture**, *n.* 1. ଗୃହାଦି ନିର୍ମାଣ ବିଦ୍ୟା, ସ୍ଥପତି-ବିଦ୍ୟା, ଗୃହାଦି ନିର୍ମାଣର ନକ୍ସା ବା କଳ୍ପନାବିଦ୍ୟା; 2. ଗୃହାଦି ନିର୍ମାଣର ପ୍ରଣାଳୀ ବିଶେଷ; 3. ଗଠନ ।

**Architrave**, *n.* 1. ପ୍ରଧାନ କଡ଼ିକାଠ; 2. ସ୍ତମ୍ଭର ଉପରସ୍ଥ ପ୍ରଥମ ଭାଗ, ସ୍ତମ୍ଭ ମସ୍ତକର ସୁଶୋଭିତ ଅଂଶ ।

**Archive**, *n.* 1. ଦେଶର ପ୍ରାଚୀନ ଲିପ୍ୟାଦି ରଖିବା ସ୍ଥାନ; 2. ଉକ୍ତ ପ୍ରାଚୀନ ଲିପିମାନ; 3. ସ୍ମରଣାର୍ଥକ ଲେଖା, generally *pl.* କୌଣସି ପରିବାର ଲୋକସମାଜ ନଗର ବା ରାଜ୍ୟର ଇତିହାସ ।

**Archly**, *ad.* 1. ଧୂର୍ତ୍ତାମିଅରୂପେ; 2. କୌତୁକପୂର୍ବକ ।

**Archness**, *n.* 1. ଧୂର୍ତ୍ତାମିଅ ଗୁଣ, ଚତୁରତା; 2. କୌତୁ-କୀ ଗୁଣ ।

**Archon**, *n.* ଅଥେନ୍ସ ନଗରର ଜଣେ ପ୍ରଧାନ ବିଚାରକର୍ତ୍ତା ।

**Archway**, *n.* ଖିଲାଣ ତଳେ ଥିବା ପଥ, ଖିଲାଣ ଦ୍ୱାର ଆବୃତ ପଥ ।

**Archwise**, *a.* ଅର୍ଦ୍ଧ ଗୋଲାକାରବତ୍, ଖିଲାଣପରି ।

**Arctic**, *a.* 1. ଉତ୍ତର କେନ୍ଦ୍ରସମ୍ବନ୍ଧୀୟ, ଉତ୍ତର କେନ୍ଦ୍ରୀୟ, ଉତ୍ତର ଦିଗସ୍ଥ; 2. ଅତିଶୀତଳ, ବରଫମୟ ।

**Arctic circle**, *n.* ଉତ୍ତର କେନ୍ଦ୍ରୀୟ ମଣ୍ଡଳ, ସୁମେରୁ ବୃତ୍ତ ।

**Arcuate**, *a.* ଧନୁରାକୃତି, ଖିଲାଣପରି ବକ୍ର ।

**Arcuation**, *n.* ବକ୍ରକରଣ, ବକ୍ରତା ।

**Ardency**, *n.* 1. ଅତ୍ୟୁତ୍ତାପ; 2. ଉତ୍ତପ୍ତାବସ୍ଥା, ଉତ୍ତେ-ଜିତାବସ୍ଥା, ବ୍ୟଗ୍ରତା ।

**Ardent**, *a.* 1. ଉତ୍ତପ୍ତ, ଅଗ୍ନିବତ୍, ତେଜସ୍ୱୀ; 2. ଅତି-ଶୟ, ଉତ୍ସାହପୂର୍ଣ୍ଣ, ଉଗ୍ର, ଅନୁରାଗୀ, ବ୍ୟଗ୍ର । [ରୂପେ ।

**Ardently**, *ad.* ଉତ୍ତପ୍ତଭାବେ, ଉତ୍ସାହପୂର୍ବକ, ବ୍ୟଗ୍ର-

**Ardour**, *n.* 1. ଉତ୍ତାପ; 2. ଉତ୍ସାହ, ଉଗ୍ରତା, ବ୍ୟଗ୍ରତା, ଅନୁରାଗ ।

**Arduous**, *a.* 1. ଉଚ୍ଚ, ଦୁର୍ଗମ; 2. କଠିନ, କ୍ଳାନ୍ତିଜନକ, ଦୁଃସାଧ୍ୟ, ଦୁଷ୍ପ୍ରାପ୍ୟ, ଦୁଷ୍କର; 3. ପରିଶ୍ରମୀ ।

**Arduously**, *ad.* ପରିଶ୍ରମପୂର୍ବକ ।

**Arduousness**, *n.* କଠିନତା, ଦୁଃସାଧ୍ୟତା ।

**Are**, ଭୂ ଧାତୁର ବର୍ତ୍ତମାନ କାଳସୂଚକ ବହୁବଚନ ଶବ୍ଦ ।

**Area**, *n.* 1. ପ୍ରାନ୍ତର, କ୍ଷେତ୍ର; 2. ରେଖା ବା ସୀମା ଅନ୍ତର୍ଗତ କ୍ଷେତ୍ର; 3. ବାହ୍ୟାଂଶ, କ୍ଷେତ୍ରଫଳ; 4. କୌଣସି ବେଷ୍ଟିତ ସ୍ଥାନ, ଅଗଣା; 5. ନଗରରେ ଥିବା ଘର ସାମ-ନାର ନୀଚ ସ୍ଥାନ ।

**Areca**, *n.* ଗୁଆ ଗଛ, ଗୁଆ ।

**Arefaction**, *n.* ଶୁଷ୍କକରଣ, ଶୁଷ୍କତାର ବୃଦ୍ଧି ।

**Arena**, *n.* ମଲ୍ଲଯୁଦ୍ଧାଦିର ସ୍ଥାନ, ରଙ୍ଗଭୂମି, ନାଟ୍ୟଶାଳା ।

**Arenaceous**, *a.* ବାଲୁକାମୟ, ବାଲିଆ ।

**Areometer**, *n.* ଜଳୀୟ ଦ୍ରବ୍ୟର ଘନତ୍ୱ ପରିମାପକ ଯନ୍ତ୍ର ।

**Areopagus**, *n.* ଅଥେନ୍ସ ନଗରସ୍ଥିତ ପ୍ରଧାନ ବିଚାରାଳୟ, (ଏହି ବିଚାରାଳୟ ଅରିଓପାଗସ୍ ନାମକ ପର୍ବତ ଉପରେ ଥିଲା) ।

**Argala**, *n.* ହାଡ଼ଗିଲା ପକ୍ଷୀ ।

**Argent, argental**, *a.* ରୂପାସମ୍ବନ୍ଧୀୟ, ରୂପାର ନ୍ୟାୟ ଶୁଭ୍ର, ରୌପ୍ୟବତ୍ ।

**Argentine**, *a.* 1. ରୌପ୍ୟବତ୍; 2. ରୂପାମଣ୍ଡିତ ଶୁଭ୍ର ଧାତୁ; 3. ଟିନ୍ ଓ ଦସ୍ତା ମିଶ୍ରିତ ଉପଧାତୁ; 4. ମାଛକାତିର ରୌପ୍ୟମୟ ରଙ୍ଗ; 5. ଅର୍ଜେଣ୍ଟାଇନ୍ ଦେଶ ନିବାସୀ ।

**Argentiferous**, *a.* ରୌପ୍ୟ ଉତ୍ପାଦକ ।

**Argil**, *n.* ଧଳା ଚିକ୍କଣ ମାଟି, ଚିକ୍କଟା ମାଟି, କୁମ୍ଭାରର କର୍ଦ୍ଦମ ।

**Argillaceous**, *a.* ଚିକ୍କଣ ମାଟିର ଗୁଣବିଶିଷ୍ଟ, କର୍ଦ୍ଦମମୟ ।

**Argol**, *n.* ମଦପାତ୍ର ଗାଦର କ୍ଷାର ବା ଲବଣ ।

**Argosy**, *n.* (poetic), ବୃହତ୍ ବାଣିଜ୍ୟଜାହାଜ, ବାଣିଜ୍ୟପୋତ ।

**Arguable**, *a.* ତର୍କବିତର୍କଯୋଗ୍ୟ, ବିତର୍କଣୀୟ ।

**Argue**, *v.i.* 1. ପ୍ରମାଣ-ଦେ, କାରଣ ଦର୍ଶାଇବାର; 2. ତର୍କ-କ, ଯୁକ୍ତି-କ ।— *v.t.* 1. ସୁପ୍ରକାଶ-କ, ସ୍ପଷ୍ଟରୂପେ ଦେଖାଇବାର, ପ୍ରମାଣ-କ; 2. ତର୍କବିତର୍କ-କ; 3. ତର୍କ-ବିତର୍କ ଦ୍ୱାରା ପ୍ରବର୍ତ୍ତାଇବାର ।

**Argument**, *n.* 1. ପ୍ରମାଣ, ଯୁକ୍ତି, ହେତୁ, କାରଣ; 2. ତର୍କପ୍ରଣାଳୀ; 3. ମୂଳ ବିଷୟ, ସାରସଂଗ୍ରହ; 4. ବିତର୍କ, ବାଦାନୁବାଦ ।

**Argumental**, *a.* ଯୁକ୍ତିସମ୍ବନ୍ଧୀୟ, ବିତର୍କସମ୍ବନ୍ଧୀୟ ।

**Argumentation**, *n.* 1. ଯୁକ୍ତିପ୍ରଣାଳୀ, ବିତର୍କପ୍ରଣାଳୀ; 2. ଯୁକ୍ତି ପ୍ରୟୋଗ, ଯୁକ୍ତି, ବାଦାନୁବାଦ ।

**Argumentative**, *a.* 1. ବିତର୍କଯୁକ୍ତ, ଯୁକ୍ତିପୂର୍ଣ୍ଣ, ତର୍କ-ପ୍ରଣାଳୀବିଶିଷ୍ଟ; 2. ତର୍କପ୍ରିୟ ।

**Argumentatively**, *ad.* 1. ବିତର୍କଯୁକ୍ତରୂପେ; 2. ତର୍କପ୍ରିୟରୂପେ ।

**Argus**, *n.* 1. ଶତଚକ୍ଷୁବିଶିଷ୍ଟ କଳ୍ପିତ ପ୍ରାଣୀ; 2. ଜାଗରୂକ ବ୍ୟକ୍ତି; 3. ବନ୍ୟ କୁକ୍କୁଟ ବିଶେଷ ।

**Argus-eyed**, *a.* ସତର୍କ, ଅତି ଜାଗ୍ରତ ।

**Argute**, *a.* 1. ତୀକ୍ଷ୍ଣ, ଚତୁର, ଚଞ୍ଚଳ; 2. ତୀକ୍ଷ୍ଣ ଶବ୍ଦ-ବିଶିଷ୍ଟ ।

**Arian**, *n.* ଆରିୟସର ମତାବଲମ୍ବୀ, (ଏ ମତରେ ଖ୍ରୀଷ୍ଟ ଓ ଧର୍ମଗୁରୁଙ୍କର ଈଶ୍ୱରତ୍ୱ ନାସ୍ତି କରାଯାଏ) ।

**Arianism**, *n.* ଆରିୟାନମାନଙ୍କ ମତ ।

**Arid**, *a.* 1. ଶୁଷ୍କ, ଦଗ୍ଧ, ଅଫଳନ୍ତ; 2. ରସହୀନ, ନୀରସ ।

**Aridity, aridness**, *n.* ଶୁଷ୍କତା, ଫଳହୀନତା, ରସ-ହୀନତା ।

**Aries**, *n.* ମେଷରାଶି, ପ୍ରଥମ ରାଶି ।

**Aright**, *ad.* ଯଥାର୍ଥରେ, ଯଥାର୍ଥରୂପେ, ଠିକ୍‌ରୂପେ, ଭଲମତେ, ନ୍ୟାଯ୍ୟରୂପେ, ସମ୍ୟକ୍‌ରୂପେ, ଯଥୋଚିତରୂପେ, ଶୁଦ୍ଧରୂପେ ।

**Arise**, *v.i.* 1. ଆରୋହଣ-କ; 2. ଉଠିବାର; 3. ଦୃଷ୍ଟି-ଗୋଚର-ହେ, ଉଦୟ-ହେ; 4. ଆରମ୍ଭ ହେ; 5. ଉତ୍ପନ୍ନ -ହେ; 6. ଉତ୍ଥାପିତ-ହେ ।

**Aristocracy**, *n.* 1. କୁଳୀନକର୍ତ୍ତୃତ୍ୱ, ସମ୍ଭ୍ରାନ୍ତତନ୍ତ୍ର; 2. କୁଳୀନ ଲୋକସମୂହ, କୁଳୀନସମ୍ପ୍ରଦାୟ ।

**Aristocrat**, *n.* 1. କୁଳୀନ ଲୋକ ; 2. ଯାହାର ଆ-ଚରଣ କୁଳୀନ ଲୋକତୁଲ୍ୟ; 3. କୁଳୀନ ବର୍ଗ ଭୁକ୍ତପ୍ରିୟ ଲୋକ ।

**Aristocratic**, *a.* 1. କୁଳୀନ ସମ୍ପ୍ରଦାୟସମ୍ବନ୍ଧୀୟ; 2. କୁଳୀନବର୍ଗର ସ୍ୱାଭାବିକ ଗୁଣସୂଚକ, ଅହଂକାରୀ ; 3. କୁଳୀନ ପ୍ରଭୁତ୍ୱସମ୍ବନ୍ଧୀୟ । [ସାରେ ।

**Aristocratically**, *ad.* କୁଳୀନବର୍ଗର ସ୍ୱାଭାବିକ ଗୁଣାନୁ-

**Arithmetic**, *n.* ଅଙ୍କବିଦ୍ୟା, ଅଙ୍କଶାସ୍ତ୍ର, ପାଟୀଗଣିତ ।

**Arithmetical**, *a.* 1. ଅଙ୍କବିଦ୍ୟାସମ୍ବନ୍ଧୀୟ, ପାଟୀଗଣିତ-ବିଷୟକ ; 2. ଅଙ୍କବିଦ୍ୟା ନିୟମାନୁଯାୟୀ ।

**Arithmetically**, *ad.* ଅଙ୍କବିଦ୍ୟା ଦ୍ୱାରା, ଅଙ୍କବିଦ୍ୟାର ନିୟମାନୁସାରେ । [ବେତ୍ତା ।

**Arithmetician**, *n.* ଅଙ୍କବିଦ୍ୱାନ୍, ଅଙ୍କବିଦ୍ୟାଜ୍ଞ, ସଂଖ୍ୟା-

**Ark**, *n.* 1. ସିନ୍ଦୁକ ; 2. ନିୟମ ସିନ୍ଦୁକ ; 3. ଜଳପ୍ଳାବନ ସମୟରେ ନୋହର ବୃହନ୍ନୌକା; 4. ଆଧାର ।

**Arm**, *n.* 1. ବାହୁ, ଭୁଜ; 2. ଅଗ୍ରବର୍ତ୍ତୀ ଅଙ୍ଗ ; 3. ଶାଖା; 4. ସମୁଦ୍ରର ଶାଖା, ନଦୀର ମୁହାଣ; 5. ଶକ୍ତି, ପରାକ୍ରମ ।

**Arm**, *n.* 1. ଅସ୍ତ୍ର; 2. ସୈନ୍ୟବିଭାଗ । arms. 1. ଯୁଦ୍ଧ; 2. ସୈନିକ ବିଦ୍ୟା ; 3. ଅସ୍ତ୍ରଶସ୍ତ୍ର; 4. କୁଳଚିହ୍ନ ।—*v.t.* 1. ସସଜ୍ଜ-କ, ଯୁଦ୍ଧାର୍ଥେ ପ୍ରସ୍ତୁତ-କ, ଗଡବନ୍ଦ-କ; 2. ଦୃଢ଼-କ, ସବଳ-କ ।—*v.i.* ଅସ୍ତ୍ରଶସ୍ତ୍ର ଧାରଣ-କ, ଅସ୍ତ୍ରଶସ୍ତ୍ର ନିଅିବାର ।

**Armada**, *n.* ଯୁଦ୍ଧାର୍ଥେ ସସଜ୍ଜିତ ଜାହାଜସମୂହ ।

**Armadillo**, *n.* ଦକ୍ଷିଣ ଆମେରିକାର ଚତୁଷ୍ପଦ ଜନ୍ତୁବିଶେଷ ଯାହାର ପିଠି ଚାଲପତ୍ର ସଜ୍ଜିତ ।

**Armament**, *n.* 1. ଯୁଦ୍ଧାର୍ଥେ ପ୍ରସ୍ତୁତ ପଦାତିକ ବା ନୌ-ସେନା; 2. ଯୁଦ୍ଧ ଜାହାଜର ଉପକରଣ ।

**Armature**, *n.* ସାଞ୍ଜୁଆ, ସାଜ ।

**Armed**, *p. a.* 1. ସସଜ୍ଜ, ସଜ୍ଜିତ, ସଜ୍ଜା ଦ୍ୱାରା ରକ୍ଷିତ ; 2. ସୁରକ୍ଷିତ, ପ୍ରସ୍ତୁତ ।

**Armenian**, *a.* ଆର୍ମିନିଆ ଦେଶସମ୍ବନ୍ଧୀୟ ।—*n.* 1. ଆର୍ମିନିଆ ଦେଶ ନିବାସୀ; 2. ଆର୍ମିନିଆ ଦେଶର ଭାଷା ।

**Armful**, *n.* ବାହୁପୂର୍ଣ୍ଣ ପରିମାଣ, ବକ୍ଷସ୍ଥଳପୂର୍ଣ୍ଣ ପରିମାଣ ।

**Armhole**, *n.* 1. କାଖ, କକ୍ଷସ୍ଥଳ; 2. ବାହୁ ପାଇଁ ବସ୍ତ୍ରରେ ଥିବା ଛିଦ୍ର ।

**Arminian**, *n.* ଆର୍ମିନିୟସ୍ ନାମକ ଲୋକର ମତାବଲମ୍ବୀ ।—*a.* ଆର୍ମିନିୟସ୍ ବା ତାହାର ମତସମ୍ବନ୍ଧୀୟ ।

**Arminianism**, *n.* ଆର୍ମିନିୟସ୍ ସମ୍ପ୍ରଦାୟର ମତ, (ଉକ୍ତ ମତର ପାଞ୍ଚ ମୂଳ କଥା, ଯଥା,—୧ ପରିତ୍ରାଣ ନିମନ୍ତେ ନିୟମ ଧୀନରେ ମନୋନୀତକରଣ । ୨ ସାର୍ବତ୍ରିକ ପ୍ରାୟଶ୍ଚିତ୍ତ । ୩ ଅନୁଗ୍ରହରେ ପରିତ୍ରାଣ । ୪ ଧର୍ମଗୁରୁଙ୍କର ଅନୁଗ୍ରହ ଅନିବାର୍ଯ୍ୟ ନୁହେ । ୫ ଉଦ୍ଧାର ପ୍ରାପ୍ତାବସ୍ଥାରୁ ପତନର ସମ୍ଭାବନା ।

**Armistice**, *n.* କିଞ୍ଚିତ୍କାଳ ଯୁଦ୍ଧ ନିବୃତ୍ତି, ଅଳ୍ପକାଳୀନ ସନ୍ଧି ।

**Armlet**, *n.* 1. ବାଜୁ, କଙ୍କଣ ; 2. ବାହୁ ସାଞ୍ଜୁଆ ।

**Armorial**, *a.* କୁଳଚିହ୍ନସମ୍ବନ୍ଧୀୟ ।

**Armour**, armòr, *n.* 1. ସାଞ୍ଜୁଆ, କବଚ, ବର୍ମ୍ମ, ଯୁଦ୍ଧାସ୍ତ୍ର. ଯୁଦ୍ଧଜାହାଜ ଆଦିର ଆବରକ ଇସ୍ପାତର ପଟ ; 2. ରକ୍ଷାର୍ଥକ ଆବରଣ ।

**Armour-bearer**, *n.* ଅନ୍ୟ ନିମନ୍ତେ ଯୁଦ୍ଧସଜ୍ଜା ବାହକ ।

**Armourer**, *n.* 1. ଅସ୍ତ୍ର ନିର୍ମ୍ମାଣକାରୀ, ଅସ୍ତ୍ର ନିର୍ମ୍ମାତା ; 2 ଅସ୍ତ୍ରଶସ୍ତ୍ରାଦିର ରକ୍ଷକ ।

**Armour-plate**, *n*, ତୋପ ଗୁଳିର ପ୍ରତିବାଧା ନିମନ୍ତେ ପ୍ରସ୍ତୁତ ଇସ୍ପାତର ମୋଟ ଚଦ୍ଦର ।

**Armour-plated**, *a.* ଉକ୍ତ ଇସ୍ପାତ ଚଦ୍ଦରରେ ଆଚ୍ଛାଦିତ ।

**Armoury**, *n.* 1. ଅସ୍ତ୍ରାଗାର, ଯୁଦ୍ଧାସ୍ତ୍ରର ରକ୍ଷଣ ସ୍ଥାନ; 2. ଯୁଦ୍ଧସଜ୍ଜା ।

**Armpit**, *n.* କାଖ, କକ୍ଷ, ବାହୁମୂଳ । [ଜନସମୂହ ।

**Army**, *n.* 1. ସୈନ୍ୟ, ସେନା, ଫୌଜ ; 2. ଲୋକଗହଳି,

**Arnotto**, annotto, annatto, *n.* ଆମେରିକା ଦେଶୀୟ ଗଛବିଶେଷ ଯାହାର ମଞ୍ଜିରୁ ରଙ୍ଗ କରିବା ପାଇଁ କମଳା ରଙ୍ଗବିଶିଷ୍ଟ ଦ୍ରବ୍ୟ ବାହାରେ ।

**Aroma**, *n.* ବୃକ୍ଷାଦିର ଗନ୍ଧାଂଶ, ସୁଗନ୍ଧ, ସୁବାସ, ସୌରଭ ।

**Aromatic**, *a.* ସୁଗନ୍ଧି, ସୁଗନ୍ଧଯୁକ୍ତ, ସୌରଭଯୁକ୍ତ ।—*n.* ସୁଗନ୍ଧି ବୃକ୍ଷ ଦ୍ରବ୍ୟ ବା ମସଲା ।

**Aromatize**, *v.t.* ସୁଗନ୍ଧିଯୁକ୍ତ-କ, ସୁଗନ୍ଧି-କ ।

**Arose**, *past tense of verb to arise*, ଉଠିଲା ।

**Around**, *prep.* and *ad.* 1. ଚତୁର୍ଦ୍ଦିଗରେ. ଘେରିଅଛେ, ଘେରିପାରେ, ଚତୁଷ୍ପାର୍ଶ୍ୱରେ, ଚକ୍ରାକୃତିରେ; 2. ସମୀପରେ ।

**Arouse**, *v.t.* ଜଗାଇବାର, ଜାଗ୍ରତ-କ, ଉତ୍ତେଜିତ-କ, ଉଦ୍ଦୀପିତ କ, ସଚେତନ-କ ।

**Aroynt**, aroint, *interj.* ଦୂର ହୁଅ ! ଯାଯା ! ଘୁଞ୍ଚିଯା !

**Arquebus**, arquebuse, *n.* ପୁରାତନ ହାତ ବନ୍ଧୁକ ବିଶେଷ ।

**Arrack**, *n* ଖଜୁରୀଆଦିରୁ ପ୍ରସ୍ତୁତ ମଦ ।

**Arraign**, *v.t.* 1. ଅଭିଯୋଗ-କ, ପ୍ରତିବାଦ କରିବାକୁ ଆହ୍ୱାନ-କ; 2. ଅପବାଦ-କ, ଦୋଷାରୋପ-କ, ସାଧାରଣ ସମକ୍ଷରେ ଅଭିଯୋଗ-କ, ଦୋଷ ଖଣ୍ଡନ ନିମନ୍ତେ ଆହ୍ୱାନ-କ ।

**Arraignment**, *n.* 1. ଅଭିଯୋଗକରଣ, ଅଭିଯୋଗ, ନାଲିଶ; 2. ଦୋଷ ଖଣ୍ଡନ ନିମନ୍ତେ ଆହ୍ୱାନ, ଅପବାଦ ।

**Arrange**, *v.t.* 1. ଶ୍ରେଣୀବଦ୍ଧ-କ, ଥାକ୍-କ, ସଜାଇ-ବାର, ଠିକ୍-କ, ବିନ୍ୟାସ-କ, ଶ୍ରେଣୀ ବିଭକ୍ତ-କ ; 2. ନିଷ୍ପତ୍ତି-କ ।—*v.i* ପ୍ରସ୍ତୁତ-କ, ବନ୍ଦୋବସ୍ତ-କ ।

**Arrangement**, *n.* 1. ଶ୍ରେଣୀବଦ୍ଧକରଣ, ଶ୍ରେଣୀ ବିଭାଗ, ବିନ୍ୟାସ. ନିୟମରେ ସ୍ଥାପନ ; 2. ନିଷ୍ପତ୍ତି, ରଫା, ବନ୍ଦୋବସ୍ତ, ଆୟୋଜନ ।

**Arrant**, *a.* 1. ଅତମନ୍ଦ, ମହାଦୁଷ୍ଟ, ପାମର, ଅତିଜଘନ୍ୟ, ନିର୍ଲଜ୍ଜ ; 2. ନିହାତ, ପକ୍କା, ଯଥା,—ନିହାତ ଦୁଷ୍ଟ, ପକ୍କା ଚୋର ।

**Arras**, *n.* ଚିତ୍ରିତ ବସ୍ତ୍ରବିଶେଷ ।

**Array**, *n.* 1. ଶ୍ରେଣୀପୂର୍ବକ ସ୍ଥାପନ, ବିନ୍ୟାସ ରଚନା ; 2. ସୈନ୍ୟଶ୍ରେଣୀ, ଶ୍ରେଣୀ, ଦଳ; 3. ପରିଚ୍ଛଦ, ବେଶଭୂଷା, ଭୂଷଣ ।—*v.t.* 1. ଶ୍ରେଣୀପୂର୍ବକ ରଖିବାର; 2. ସୈନ୍ୟ-ଶ୍ରେଣୀ-କ ; 3. ବିଭୂଷିତ-କ, ବେଶଭୂଷା-କ ; 4. ସଜାଇ-ବାର, ସଜ୍ଜିତ-କ, ସସଜ୍ଜ-କ ।

**Arrear**, *n.* usually in *pl.* 1. ବକେୟା ଅବସ୍ଥା ; 2. ବାକି, ବକେୟା, ବକେୟା ।

Arrest, *v.t.* 1. ପ୍ରତିରୋଧ-କ, ଅଟକାଇବାର, ରୋଧ-କ, ପ୍ରତିରୋଧ-କ; 2. ଗ୍ରେପ୍ତାର-କ, ହାଜତରେ ରଖିବାର; 3. ଆକର୍ଷଣ-କ ।—*n.* 1. ପ୍ରତିରୋଧ, ଅଟକ, ବାଧା, ଗତିରୋଧ; 2. ଗ୍ରେପ୍ତାର, କଏଦ ।

Arrestment, *n.* 1. ପ୍ରତିରୋଧକରଣ; 2. ଗ୍ରେପ୍ତାର, କଏଦ, ଆଦେଶାନୁସାରେ ଅପରାଧୀର ଅବରୋଧ ।

Arrival, *n.* 1. ଉପ୍ତରଣ, ଆଗମନ, ପହଞ୍ଚିବା, ଉପସ୍ଥିତ; 2. ପ୍ରାପଣ; 3. ପହଞ୍ଚିଲା ବସ୍ତୁ ବା ବ୍ୟକ୍ତି ।

Arrive, *v.i.* 1. ଉତ୍ତୁରିବାର, ଉପସ୍ଥିତ-ହେ, ପହଞ୍ଚିବାର, ଆଗମନ-କ; 2. ଉପନୀତ-ହେ, followed by *at*.

Arrogance, *n.* ଅନୁପଯୁକ୍ତରୂପେ ଦାବୀକରଣ, ଅହଙ୍କାର, ଦାମ୍ଭିକତା, ଅଭିମାନ, ଗରିମା, ଦମ୍ଭ, ଅହଙ୍କାର, ଉଦ୍ଧତ ଆଚରଣ । [ଅହଙ୍କାର ।

Arrogant, *a.* ଅହଙ୍କାରୀ, ଦାମ୍ଭିକ, ଉଦ୍ଧତ, ଗର୍ବିତ,

Arrogantly, *ad.* ଦାମ୍ଭିକଭାବେ, ଉଦ୍ଧତରୂପେ, ଅହଙ୍କାରପୂର୍ବକ ।

Arrogate, *v.t.* ଅନ୍ୟାୟପୂର୍ବକ ଦାବି-କ, ଦାମ୍ଭିକଭାବେ ମାଗିବାର, ଅନ୍ୟାୟପୂର୍ବକ ଆପଣା ଉପରେ ନେବାର ।

Arrogation, *n.* ଅନୁପଯୁକ୍ତରୂପେ ଦାବୀକରଣ, ଅନୁପଯୁକ୍ତ ଦାବୀ, ଅଯଥାର୍ଥରୂପେ ବାଞ୍ଛା ବା ଗ୍ରହଣ ।

Arrow, *n.* ତୀର, ବାଣ, ଶର, କାଣ୍ଡ ।

Arrow-headed, *a.* ତୀରାଗ୍ରବତ୍ ।

Arrowroot, *n.* ଆରାରୁଟ ।

Arrowy, *a.* ତୀରବତ୍, ତୀର ପରି କ୍ଷିପ୍ରଗାମୀ ।

Arsenal, *n.* ଅସ୍ତ୍ରାଗାର, ଯୁଦ୍ଧ ଦ୍ରବ୍ୟାଗାର ।

Arsenic, *ar'-sen-ic*, *n.* 1. (yellow), ହରିତାଳ; 2. (white), ଶଙ୍ଖୁଆ ବିଷ, ଶମ୍ଭୁକ୍ଷାର; 3. (red), ହିଙ୍ଗୁଳ, ମନଃଶିଳା ।

Arsenic, arsenical, *a.* *ar-sen'-ic*, *ar-sen'-ical*, ଶଙ୍ଖୁଆ ବିଷ ଓ ହରିତାଳଆଦି ସମ୍ବନ୍ଧୀୟ ।

Arson, *n.* ଦ୍ୱେଷପୂର୍ବକ ଗୃହ ଆଦି ଦାହ, ଗୃହଦାହାପରାଧ ।

Art, *n.* 1. ପ୍ରୟୋଗ, ବ୍ୟବହାର; 2. ଦକ୍ଷତା, ପଟୁତା, କୌଶଳ; 3. ବିଦ୍ୟା, ଶିଳ୍ପବିଦ୍ୟା, ଚିତ୍ରକାର ବା ଶୋଦକ ଲୋକର ବ୍ୟବସାୟ; 4. ଛଳ, ଧୂର୍ତ୍ତତା; 5. କାର୍ଯ୍ୟ, ବ୍ୟବସାୟ ।

Arterial, *a.* ହୃତ୍ପିଣ୍ଡରୁ ନିର୍ଗତ ରକ୍ତବାହିନୀ ନାଡୀସମ୍ବନ୍ଧୀୟ, ଧମନୀସମ୍ବନ୍ଧୀୟ ।

Artery, *n.* 1. ହୃତ୍ପିଣ୍ଡରୁ ନିର୍ଗତ ରକ୍ତବାହିନୀ ନାଡୀ, ଧମନୀ; 2. ବୃହତ୍ ପ୍ରଣାଳୀ ।

Artesian-well, *n.* ଅନ୍ତର୍ଜଳୋତ୍ସ କୂପ । [ପୂର୍ଣ୍ଣ ।

Artful, *a.* 1. କୃତ୍ରିମ; 2. ଧୂର୍ତ୍ତ, ଚତୁର, ନିପୁଣ, ଛଳ-

Artfully, *ad.* ଦକ୍ଷତାପୂର୍ବକ, ଧୂର୍ତ୍ତରୂପେ, ଶଠତାପୂର୍ବକ, ଛଳପୂର୍ଣ୍ଣରୂପେ, ଛଳରେ ।

Artfulness, *n.* ଚତୁରତା, ଧୂର୍ତ୍ତତା, ନୈପୁଣ୍ୟ ।

Arthritic, *a.* 1. ଗଣ୍ଠିବିଷୟକ; 2. ବାତରୋଗସମ୍ବନ୍ଧୀୟ ।

Arthritis, *n.* ଗଣ୍ଠିଜ୍ୱାଳା, ବାତ ।

Artichoke, *n.* ଶାକବିଶେଷ ।

Article, *n.* 1. ପ୍ରକରଣ, ଦଫା, ବିଷୟ, ଭାଗ, ବିଶେଷ ଅଂଶ; 2. ନିୟମ, ଚୁକ୍ତି; 3. (ଧର୍ମର) ମୂଳସୂତ୍ର; 4. ପ୍ରବନ୍ଧ; 5. ଦ୍ରବ୍ୟ, ବସ୍ତୁ, ସାମଗ୍ରୀ; 6. ନିଶ୍ଚାୟକ ବା ଅନିଶ୍ଚାୟକ ବିଶେଷଣ, ଯଥା,—*a an* and *the* ।—article of death, ମୃତ୍ୟୁକ୍ଷଣ ।—*v.t.* 1. ନିୟମ ଦ୍ୱାରା ବନ୍ଧ-କ, ନିବନ୍ଧ-କ; 2. ବିଶେଷ ବିଷୟ ବା ପ୍ରକରଣ ଲିପିବଦ୍ଧ-କ; 3. ବିଶେଷ ଦଫାରେ ଦୋଷାରୋପ-କ ।

Articular, *a.* ଗଣ୍ଠିସମ୍ବନ୍ଧୀୟ, ଗଣ୍ଠିବିଷୟକ, ସନ୍ଧିଗତ ।

Articulate, *a.* 1. ସନ୍ଧିଯୁକ୍ତ; 2. ଅସ୍ଥି ଗଣ୍ଠିରେ ବିଭକ୍ତ; 3. ସ୍ପଷ୍ଟରୂପେ ଉଚ୍ଚାରିତ; 4. ସ୍ପଷ୍ଟ, ବ୍ୟକ୍ତ ।—*v.i.* 1. ସ୍ପଷ୍ଟରୂପେ ଶବ୍ଦ ଉଚ୍ଚାରଣ-କ; 2. ଗଣ୍ଠି ଯୋଗ-କ ।—*v.t.* 1. ଗଣ୍ଠିଯୁକ୍ତ-କ; 2. ସ୍ପଷ୍ଟରୂପେ ଉଚ୍ଚାରଣ-କ; 3. ଉଚ୍ଚାରଣ-କ, କହିବାର । [ପୂର୍ବକ ।

Articulately, *ad.* ସ୍ପଷ୍ଟରୂପେ, ଶବ୍ଦାଦି ସ୍ପଷ୍ଟଉଚ୍ଚାରଣ-

Articulation, *n.* 1. ଗଣ୍ଠିଯୁକ୍ତକରଣ; 2. ଅସ୍ଥିସନ୍ଧି, ଗଣ୍ଠି, ଗ୍ରନ୍ଥି; 3. ସ୍ପଷ୍ଟ ଉଚ୍ଚାରଣ ।

Artifice, *n.* 1. ନିପୁଣ ଉପାୟ, କୌଶଳ; 2. ଚତୁରତା, ଛଳ, ପ୍ରବଞ୍ଚନା, ଧୂର୍ତ୍ତତା, ଶଠତା ।

Artificer, *n.* 1. କାରିଗର, ଶିଳ୍ପକାର; 2. ଉପାୟ ଉଦ୍ଭାବନକାରୀ ।

Artificial, *a.* 1. କୌଶଳରେ କୃତ, କାରିଗରୀ, କଳ୍ପିତ, ନିର୍ମିତ; 2. କୃତ୍ରିମ, ଅସ୍ୱାଭାବିକ, ଅପ୍ରକୃତ । [ରୂପେ ।

Artificially, *ad.* କଳ୍ପିତରୂପେ, କୃତ୍ରିମରୂପେ, ଅସ୍ୱାଭାବିକ-

Artillery, *n.* 1. ତୋପାଦିସମୂହ, କମାଣ; 2. ଗୋଲନ୍ଦାଜ, ତୋପ ବ୍ୟବସାୟୀ ସୈନ୍ୟ; 3. ତୋପ ବିଜ୍ଞାନ ।

Artisan, *n.* ଶିଳ୍ପକାର, କାରିଗର ।

Artist, *n.* 1. ଶିଳ୍ପଜ୍ଞାନୀ, ଶିଳ୍ପୀ, ସୁକୁମାରବିଦ୍ୟାବିତ୍, ଚିତ୍ରକର ବା ଶୋଦକ ଲୋକ; 2. ଯେ ସୁନ୍ଦରରୂପେ କର୍ମ କରେ । [ବ୍ୟକ୍ତି ।

Artiste, *n.* (French), ଗାନ ବା ନୃତ୍ୟରେ ନିପୁଣ

Artistic, artistical, *a.* 1. ଶିଳ୍ପୀସମ୍ବନ୍ଧୀୟ, ଶିଳ୍ପବିଦ୍ୟାସମ୍ବନ୍ଧୀୟ; 2. ଶିଳ୍ପବିଦ୍ୟାନୁଯାୟୀ, ଶିଳ୍ପଜ୍ଞାନ ପ୍ରକାଶକ, ସୁକୁମାର, ସୁରୁଚିବିଶିଷ୍ଟ ।

Artistically, *ad.* ଶିଳ୍ପୀର ଗୁଣାନୁସାରେ, ସୁନ୍ଦରରୂପେ, ସୁକୁମାରରୂପେ, ସୁରୁଚିରେ ।

Artless, *a.* 1. ଅନିପୁଣ, ଅପଟୁ, ଅନଭିଜ୍ଞ; 2. ଅକୃତ୍ରିମ, ସରଳ, ଅକପଟ, ପ୍ରବଞ୍ଚନାରହିତ । [ଭାବେ ।

Artlessly, *ad.* ଅକୃତ୍ରିମରୂପେ, ଅକପଟରୂପେ, ସରଳ-

Artlessness, *n.* ସରଳତା, ନିଷ୍କପଟତା, ଅକୃତ୍ରିମତା ।

Arum, *n.* ଓଲୁଅ, ଶାକବିଶେଷ ।

Aryan, *a.* ଆର୍ଯ୍ୟ, ଆର୍ଯ୍ୟସମ୍ବନ୍ଧୀୟ ।—*n.* ଆର୍ଯ୍ୟ ଜାତୀୟ ଲୋକ, ଆର୍ଯ୍ୟ ଭାଷା ।

As, *ad.* and *conj.* 1. ନ୍ୟାୟ, ତୁଲ୍ୟମତେ, ରୂପେ, ଯଦ୍ରୂପ, ଯେରୂପ, ଯେମନ୍ତ, ଅନୁସାରେ, ଯେ ପରିମାଣେ; 2. ଯେକ୍ଷଣେ, ଯାବତ୍; 3. ଯଥା; 4. ଯେହେତୁ, ଯେଣୁ, ହେତୁରୁ; 5. ବୋଲି; 6. ହେଲେହେଁ, ଯଦ୍ୟପି ।—as if, as it were, ଯେମନ୍ତ କି, ଯେପରି କି । as to, ସମ୍ବନ୍ଧରେ । as well as, ଏବଂ, ଆଉ, ପୁଣି । as yet, ଅଦ୍ୟାପି, ଏପର୍ଯ୍ୟନ୍ତ ।

**Asafetida**, asafœtida, assafœtida, *n.* ହିଙ୍ଗୁ, ହେଙ୍ଗୁ ।

**Asbestos**, asbestus, *n.* ସୂତାମୟ, ଅଦାହ୍ୟ ଅଜ୍ୱଳନୀୟ ପ୍ରସ୍ତରବିଶେଷ ।

**Ascarides**, *n. pl.* ଦଶିପୋକ ।

**Ascend**, *v.i.* 1. ଉପରକୁ ଉଠିବାର, ଆରୋହଣ-କ, ଚଢିବାର; 2. କ୍ରମୋନ୍ନତ-ହେ, ଉଠିବାର ; 3. ଉନ୍ନତ-ହେ ।—*v.t.* ଆରୋହଣ-କ, ଚଢିବାର ।

**Ascendancy**, ascendency, *n.* ଶ୍ରେଷ୍ଠତା, ପ୍ରାଧାନ୍ୟ, କ୍ଷମତା, ପ୍ରଭୁତ୍ୱ ।

**Ascendant**, *n.* 1. ଶ୍ରେଷ୍ଠତା, ପ୍ରାଧାନ୍ୟ, ପ୍ରଭୁତ୍ୱ ; 2. ପୂର୍ବପୁରୁଷ ।—*a.* 1. ଊର୍ଦ୍ଧ୍ୱଗାମୀ; 2. ପ୍ରଧାନ, ଶ୍ରେଷ୍ଠ ; 3. ଆକାଶକକ୍ଷର ଉପରସ୍ଥ ।

**Ascension**, *n.* 1. ଊର୍ଦ୍ଧ୍ୱଗମନ, ଊର୍ଦ୍ଧ୍ୱାରୋହଣ ; 2. ସମାଧିରୁ ଉତ୍ଥାନ ।—The Ascension, ଖ୍ରୀଷ୍ଟଙ୍କର ସ୍ୱର୍ଗାରୋହଣ । Ascension Day, ଖ୍ରୀଷ୍ଟଙ୍କର ସ୍ୱର୍ଗାରୋହଣ ଦିବସିକ ପର୍ବ ।

**Ascent**, *n.* 1. ଆରୋହଣ, ଊର୍ଦ୍ଧ୍ୱଗମନ, ଉତ୍ଥାନ ; 2. ଉଠାଣ ପଥ; 3. ଉଚ୍ଚସ୍ଥାନ, କ୍ରମୋନ୍ନତ ଭୂମି ; 4. ଉଚ୍ଚତା ।

**Ascertain**, *v.t.* ନିଶ୍ଚୟ-କ, ନିଃସନ୍ଦେହରେ ଆପଣାକୁ ଜ୍ଞାତସାର କରାଇବାର, ନିଃସନ୍ଦେହରେ ଜାଣିବାର, ଠିକ୍ ବୋଧ ପାଇବାର, ନିରୂପଣ-କ ।

**Ascertainable**, *a.* ନିଶ୍ଚାୟକ, ନିରୂପଣୀୟ, ଜ୍ଞାତବ୍ୟ ।

**Ascertainment**, *n.* ନିଶ୍ଚୟକରଣ, ନିର୍ଣ୍ଣୟକରଣ, ନିରୂପଣ ।

**Ascetic**, *a.* ଧର୍ମକ୍ରିୟାରେ କଠୋର, ଶରୀରକୁ ଦୁଃଖ ଦେବାରେ କଠୋର, କଠୋର ।—*n.* ତପସ୍ୱୀ, କଠୋର ସନ୍ନ୍ୟାସୀ, ଯୋଗୀ, ବୈରାଗୀ, ସନ୍ନ୍ୟାସୀ, ମୁନି ।

**Asceticism**, *n.* 1. ଧର୍ମକ୍ରିୟାରେ କଠୋର ଆଚାର, ତପସ୍ୟା, ସନ୍ନ୍ୟାସିମତ ; 2. ଇନ୍ଦ୍ରିୟଦମନ ।

**Ascribable**, *a.* ଆରୋପଣୀୟ, ଅର୍ପଣୀୟ, ଦେୟ ।

**Ascribe**, *v.t.* ଆରୋପ-କ, ଅର୍ପଣ-କ, ଦେବାର, କାରଣୋପନ୍ୟାସ-କ ।

**Ascription**, *n.* 1. ଆରୋପକରଣ, ଆରୋପଣ, ଆରୋପ, ଅର୍ପଣ; 2. ଆରୋପିତ ବିଷୟ, ଅର୍ପିତ ବିଷୟ ।

**Aseptic**, *a.* ରୋଗୋତ୍ପାଦକ କୀଟାଣୁରହିତ, ରକ୍ତ ବିଷାକ୍ତର କାରଣରହିତ ।

**Ash**, *n.* ବୃକ୍ଷବିଶେଷ, ଉକ୍ତ ବୃକ୍ଷର କାଠ ।

**Ash**, *n.* 1. ପାଉଁଶ, ଭସ୍ମ, ବିଭୂତି; 2. ଅଗ୍ନିଦଗ୍ଧର ପଦାର୍ଥ, ଧୂଳି; 3. ଶବ, generally in the *pl* ; 4. ପାଉଁଶିଆ ରଙ୍ଗ ।

**Ashamed**, *pred. a.* 1. ଲଜ୍ଜିତ, ଲଜ୍ଜାନ୍ୱିତ; 2. ଲାଜୁକ, ଲାଜକୁଳୀ ।

**Ashen**, *a.* ଆଶ୍ନାମକ ବୃକ୍ଷର କାଷ୍ଠରେ ନିର୍ମିତ ।

**Ashore**, *ad.* 1. କୂଳରେ, ତଟରେ, ତୀରରେ ; 2. ଭୂମିରେ ।

**Ash-Wednesday**, *n.* ଲେଣ୍ଟ୍ ନାମକ ପର୍ବର ପ୍ରଥମ ଦିନ, see Lent.

**Ashy**, *a.* 1. ଭସ୍ମସମ୍ବନ୍ଧୀୟ, ପାଉଁଶିଆ ; 2. ପାଉଁଶବର୍ଣ୍ଣ, ପାଣ୍ଡୁର ।

**Asian**, *a.* ଆଶିଆ ମହାଦେଶସମ୍ବନ୍ଧୀୟ ।

**Asiatic**, *a.* ଆଶିଆ ମହାଦେଶସମ୍ବନ୍ଧୀୟ ।—*n.* ଆଶିଆ ମହାଦେଶୀୟ ଲୋକ ।

**Aside**, *ad.* 1. ଏକପାଖେ, ଏକପାର୍ଶ୍ୱେ; 2. ଦୂରରେ, ଅଲଗା, ପୃଥକ୍ ; 3. ଏକାନ୍ତରେ, ଗୋପନରେ ।—*n.* କଥିତ ହେଲେହେଁ ପ୍ରାୟ ଅଶ୍ରୁତ କଥା, ଅଭିନେତାର କଥିତ କଥା, ଯାହା ନ ଅନ୍ୟ ଅଭିନେତା ଦ୍ୱାରା ଶୁଣା ନ ଯାଏ ।

**Asinine**, *a.* ଗର୍ଦ୍ଦଭସମ୍ବନ୍ଧୀୟ, ଗଧପରି, ମୂଢ ।

**Ask**, *v.t.* 1. ମାଗିବାର, ଯାଚଜ୍ଞା-କ, ପ୍ରାର୍ଥନା-କ ; 2. ଚାହିଁବାର, ଦାବୀ-କ ; 3. ପଚାରିବାର, ପ୍ରଶ୍ନ କ ଜିଜ୍ଞାସା-କ ; 4. ଆମନ୍ତ୍ରଣ-କ, ନିମନ୍ତ୍ରଣ-କ ।—*v.i.* 1. ନିବେଦନ-କ ; 2. ଅନୁସନ୍ଧାନ-କ ।

**Askance**, askant, *ad.* 1. ଅପାଙ୍ଗରେ, କଟାକ୍ଷରେ, ଚକ୍ଷୁର ଏକ କୋଣ ଅଡେ, ବକ୍ରଭାବେ ; 2. ଅଶ୍ରଦ୍ଧାପୂର୍ବକ, ସନ୍ଦିଗ୍ଧଭାବେ ।

**Askew**, *ad.* or *pr. a.* 1. ତେର୍ଛାରୂପେ, ତେର୍ଛା, ବକ୍ରରୂପେ, ବକ୍ର ; 2. ଅଶ୍ରଦ୍ଧାପୂର୍ବକ, ଘୃଣାପୂର୍ବକ ।

**Aslant**, *pr. a.* or *ad.* ତେର୍ଛା, ଏକଆଡରେ, ତେର୍ଛାରୂପେ, ବକ୍ରଭାବେ ।

**Asleep**, *pr. a.* or *ad.* 1. ନିଦ୍ରାଗତ, ନିଦ୍ରିତ, ସୁପ୍ତ, ନିଦ୍ରିତଭାବେ ; 2. ଜଡ ଅବସ୍ଥାରେ; 3. ମୃତ ।

**Aslope**, *pr. a.* or *ad.* ଗଡନ୍ତି, ଗଡନ୍ତିଆ, ଗଡାଣିଆ, ଢାଲୁକ୍ରମେ, ଗଡାଣଭାବେ, ତେର୍ଛା, ତେର୍ଛାରୂପେ ।

**Asp**, *n.* କାଳ ସର୍ପ ।

**Asparagus**, *n.* ଶତମୂଳୀ ଗଛବିଶେଷ, ଶାକବିଶେଷ ।

**Aspect**, *n.* 1. ଦୃଷ୍ଟି, ଦର୍ଶନ, ଆକାର, ଆକୃତି, ବଦନ, ଚେହେରା; 2. ସ୍ଥିତି, ଅବସ୍ଥାନ; 3. ଅବସ୍ଥା, ଦଶା ।

**Aspen**, asp, *n* ନିରନ୍ତର କମ୍ପିତ ପତ୍ରଯୁକ୍ତ ବୃକ୍ଷବିଶେଷ ।

**Asperity**, *n.* 1. ଶ୍ରବଣ ବା ବୋଧଶକ୍ତି ପ୍ରତି କର୍କଶତା, କର୍କଶତା, କଟୁତା, ତୀକ୍ଷ୍ଣତା, ରୁକ୍ଷତା; 2. କଷ୍ଟ, କ୍ଲେଶ ।

**Asperse**, *v.t.* 1. ଉପରେ ଛିଞ୍ଚିଦବାର, ଛିଞ୍ଚିବାର, ପ୍ରୋକ୍ଷଣ-କ ; 2. ଦୁର୍ନାମ-କ, ନିନ୍ଦା ବା କଳଙ୍କ-ଦେ, ଅପବାଦ-କ, ତୀବ୍ରରୂପେ ଓ ମିଥ୍ୟାରେ ତିରସ୍କାର-କ ।

**Aspersion**, *n.* 1. ପ୍ରୋକ୍ଷଣ, ଛିଞ୍ଚାଡବା ; 2. ଦୁର୍ନାମକରଣ, ଅପବାଦ, କଳଙ୍କ, ବଦ୍‌ନାମ ।

**Aspersive**, *a.* ଅପବାଦଜନକ, ନିନ୍ଦାଜନକ, ଅଶ୍ୟାତକର, କଳଙ୍କଦାୟକ, ଗ୍ଲାନିକର ।

**Asphalt**, asphaltum, *n.* 1. ମାଟିଆ ତେଲପଥର ; 2. ଉକ୍ତ ପଥର ଓ ବାଲି ଆଦି ମିଶ୍ରିତ ପଦାର୍ଥ ଯାହା କି ରାସ୍ତା ପାଇଁ ଶୀତ ଦେଶରେ ବ୍ୟବହୃତ ହୁଏ ।

**Asphaltic**, *a.* ମାଟିଆ ତେଲପଥରସମ୍ବନ୍ଧୀୟ, ମାଟିଆ ତେଲପଥରବିଶିଷ୍ଟ ।

**Asphodel**, *n.* ପୁଷ୍ପବିଶେଷ ।

**Asphyxia**, *n.* ଶ୍ୱାସରୋଧ ହେତୁ ମୂର୍ଚ୍ଛା ବା ମୂର୍ଚ୍ଛାବସ୍ଥା, ଅଚୈତନ୍ୟ ।

**Asphyxiate**, *v.t.* ଶ୍ୱାସରୋଧ ଦ୍ୱାରା ମୂର୍ଚ୍ଛିତ-କ ।

**Asphyxiation**, *n.* ଶ୍ୱାସରୋଧକରଣ, ଶ୍ୱାସରୋଧ ।

**Aspirant**, *n.* ଆକାଂକ୍ଷୀ, ଉମ୍ମେଦଵାର, ଅନ୍ୱେଷୀ ।

**Aspirate**, *v.t.* ଘର୍ଷୋଚ୍ଚାରଣ-କ, ଗୁରୁ ଉଚ୍ଚାରଣ-କ, 'ହ' ଅକ୍ଷର ସହିତ ଉଚ୍ଚାରଣ-କ ।—*n.* 1. 'ହ' ଅକ୍ଷରର ଉଚ୍ଚାରିତ ଶବ୍ଦ, 'ହ' ଅକ୍ଷର ; 2. ଘର୍ଷୋଚ୍ଚାରଣସୂଚକ ଚିହ୍ନ ।

**Aspiration**, *n.* 1. ଉଚ୍ଚାଭିଲାଷ, ଆକାଂକ୍ଷା, ମହାକାଂକ୍ଷା, ପଦବାଞ୍ଛା, ସ୍ପୃହା, ଉଚ୍ଚପଦବାଞ୍ଛା, ; 2. ଘର୍ଷୋଚ୍ଚାରଣ ; 3. ଘର୍ଷୋଚ୍ଚାରିତ ଶବ୍ଦ; 4. ନିଶ୍ୱାସ, ଦୀର୍ଘନିଶ୍ୱାସ ।

**Aspire**, *v.i.* 1. ଉଚ୍ଚାଭିଲାଷୀ-ହେ, ଉଚ୍ଚଇଚ୍ଛା-କ, ଆକାଂକ୍ଷା-କ, ପଦବାଞ୍ଛା-କ, ମହତ୍ତ୍ୱ ବା ଉତ୍କର୍ଷ ବିଷୟକୁ ଲକ୍ଷ୍ୟ-କ; 2. ଉପରକୁ ଉଠିବାର ।

**Aspiring**, *p. a.* 1. ଉଚ୍ଚ ବିଷୟରେ ଆକାଂକ୍ଷାପୂର୍ଣ୍ଣ, ଉଚ୍ଚପଦାଭିଲାଷୀ, ଉଚ୍ଚାକାଂକ୍ଷୀ; 2. ଊର୍ଦ୍ଧ୍ୱଗମନକାରୀ ।

**Aspiringly**, *ad.* ଉଚ୍ଚାଭିଲାଷିମତେ, ଉଚ୍ଚାକାଂକ୍ଷୀରୂପେ ।

**Asquint**, *ad.* ଚକ୍ଷୁର ବକ୍ରଭାବେ, ଟେଡ଼ାରୂପେ, ବକ୍ରଭାବେ, ଏକପାର୍ଶ୍ୱେ ।

**Ass**, *n.* 1. ଗଧ, ଗର୍ଦ୍ଦଭ ; 2. ମୂର୍ଖ, ଅଜ୍ଞାନ, ଥେଣ୍ଟା ।

**Assagai, assegai**, *n.* କାଫ୍ରି ଲୋକର ବର୍ଚ୍ଛିବିଶେଷ ।

**Assail**, *v.t.* 1. ଚଢ଼ାଉ-କ, ଆକ୍ରମଣ-କ ; 2. ବଳରେ ଆଘାତ-କ ।

**Assailable**, *a.* ଆକ୍ରମଣୀୟ ।

**Assailant, assailer**, *n.* ଆକ୍ରମଣକାରୀ ।

**Assassin, assassinator**, *n.* ଗୁପ୍ତ ବଧକାରୀ, ଗୁପ୍ତ ଘାତକ, ଗୁପ୍ତହନ୍ତା ।

**Assassinate**, *v.t.* ଗୁପ୍ତରେ ବଧ-କ, ହଠାତ୍ ଓ ବିଶ୍ୱାସଘାତକରୂପେ ଆକ୍ରମଣ କରି ବଧ-କ ।

**Assassination**, *n.* ଗୁପ୍ତ ହତ୍ୟା, ଉପାଂଶୁବଧ ।

**Assault**, *n.* 1. ଆକ୍ରମଣ, ଚଢ଼ାଉ, ମାରପିଟ୍, ଦଙ୍ଗା ; 2. ଗଡ଼ ଆକ୍ରମଣ ।—*v.t.* ଆକ୍ରମଣ-କ, ଚଢ଼ାଉ-କ, ଯୁଦ୍ଧାରମ୍ଭ-କ, ମାରପିଟ୍-କ, ଦଙ୍ଗା-କ ।

**Assay**, *n.* 1. ରସାୟନିକ ପରୀକ୍ଷା, ଧାତୁପରୀକ୍ଷା; 2. ପରୀକ୍ଷିତ ଧାତୁ ; 3. ରସାୟନିକ ପରୀକ୍ଷାର ଫଳ ।—*v.t.* ରସାୟନିକ ପରୀକ୍ଷା-କ, ଧାତୁ ପରୀକ୍ଷା-କ, ଧାତୁର ବିଶୁଦ୍ଧତା ପରୀକ୍ଷା-କ ।

**Assayer**, *n.* ଧାତୁ ପରୀକ୍ଷକ ।

**Assaying**. *n.* ଧାତୁ ପରୀକ୍ଷକର ବିଦ୍ୟା, ଧାତୁର ବିଶୁଦ୍ଧତା ନିର୍ଣ୍ଣୟ ।

**Assemblage**, *n.* 1. ଏକତ୍ରକରଣ, ମେଳ; 2. ସଭା, ଜନତା, ସମବାୟ, ସମ୍ପ୍ରଦାୟ ।

**Assemble**, *v.t.* ଏକତ୍ର-କ, ସମବେତ-କ, ସମ୍ମିଳିତ-କ ।—*v.i.* ଏକତ୍ର-ହେ, ମିଳିତ-ହେ, ଏକତ୍ରିତ-ହେ, ସମାଗତ-ହେ, ଜମା-ହେ ।

**Assembly**, *n.* ସମାଗମ, ମେଳା, ସଭା, ସମାଜ, ଜନତା ।

**Assent**, *n.* 1. ସମ୍ମତି, ସ୍ୱୀକାର, ଅଙ୍ଗୀକାର ; 2. ଅନୁମତି ।—*v.i.* ଏକମତ-ହେ, ସମ୍ମତି-ଦେ, ସମ୍ମତ-ହେ, ଅଙ୍ଗୀକୃତ-ହେ, ସ୍ୱୀକୃତ-ହେ ।

**Assentient, assentive**, *a.* ସମ୍ମତକାରୀ, ଅଙ୍ଗୀକାରକାରୀ ।

**Assentingly**, *ad.* ସମ୍ମତିସୂଚକରୂପେ, ଅଙ୍ଗୀକାରପୂର୍ବକ ।

**Assert**, *v.t.* 1. ନିଃସନ୍ଦେହରେ କହିବାର, ନିଶ୍ଚୟ କରି କହିବାର, ଦୃଢ଼ରୂପେ କହିବାର ; 2. ସମର୍ଥନ-କ, ପ୍ରତିପାଦନ-କ । refl. ଆପଣାର ପ୍ରାପ୍ତବ୍ୟ ବିଷୟରେ ଦାବୀ-କ, ଆପଣାର ସ୍ୱତ୍ୱ ଓ ଅଧିକାର ପ୍ରକାଶ-କ ।

**Assertion**, *n.* 1. ନିଃସନ୍ଦେହପୂର୍ବକ କଥନ, ଦୃଢ଼ କଥନ, ଅପ୍ରମାଣିତ ଦୃଢ଼ କଥା; 2. ଦାବୀକରଣ, ସମର୍ଥନକରଣ ।

**Assertive, assertory**, *a.* 1. ନିଃସନ୍ଦିଗ୍ଧ କଥନସମ୍ବନ୍ଧୀୟ ; 2. ଦୃଢ଼ବାକ୍ୟସୂଚକ ; 3. ପ୍ରକାଶକ ।

**Assertively**, *ad.* ଦୃଢ଼ବାକ୍ୟରେ ।

**Assertor, asserter**, *n.* 1. ନିଃସନ୍ଦେହପୂର୍ବକ କଥକ, ଦୃଢ଼ ବାକ୍ୟବାଦୀ ; 2. ସମର୍ଥନକାରୀ, ପ୍ରତିପାଦନକାରୀ ।

**Assess**, *v.t.* 1. କର ବା ଶୁଳ୍କ ନିରୂପଣ-କ, ଜମା ଧାର୍ଯ୍ୟ-କ ; 2. କର ଧାର୍ଯ୍ୟ ନିମନ୍ତେ ମୂଲ୍ୟ ନିରୂପଣ-କ ; 3. କରର ପରିମାଣ ଧାର୍ଯ୍ୟ-କ, ପରିମାଣ ଧାର୍ଯ୍ୟ-କ ।

**Assessable**, *a.* କର ନିର୍ଦ୍ଧାରଣଯୋଗ୍ୟ ।

**Assessment**, *n.* 1. କର ବା ଶୁଳ୍କ ନିରୂପଣ ; 2. କର ନିର୍ଦ୍ଧାରଣ ନିମନ୍ତେ ମୂଲ୍ୟ ନିରୂପଣ ; 3. କର, ଜମାବନ୍ଦୀ ।

**Assessor**, *n.* 1. କର ନିର୍ଦ୍ଧାରକ, କର ନିରୂପଣକର୍ତ୍ତା ; 2. ବିଚାରରେ ସାହାଯ୍ୟ କରିବା ନିମନ୍ତେ ଯେ ବିଚାରକର୍ତ୍ତା ନିକଟରେ ବସେ, ବିଚାରକର୍ତ୍ତାର ସହାୟ ।

**Assets**, *n.* 1. ଋଣ ପରିଶୋଧାର୍ଥେ ମୃତ ବ୍ୟକ୍ତିର ସମ୍ପତ୍ତି; 2. ଋଣ ପରିଶୋଧାର୍ଥେ ଅକ୍ଷମ ବ୍ୟକ୍ତିର ସମ୍ପତ୍ତି, ଦେଉଲିଆର ସମ୍ପତ୍ତି ; 3. ମହାଜନର ମାଲ ଅଦ ।

**Asseverate**, *v.t.* ଦୃଢ଼ଭାବେ କହିବାର, ଗମ୍ଭୀରଭାବେ କହିବାର ।

**Asseveration**, *n.* ଦୃଢ଼କଥନ, ଗମ୍ଭୀର କଥନ ।

**Assiduity, assiduousness**, *n.* 1. ନିରନ୍ତର ମନୋଯୋଗ, ଅବିଶ୍ରାନ୍ତ ଉଦ୍ଯୋଗ, ଯତ୍ନ, ପରିଶ୍ରମ, ଅଧ୍ୟବସାୟ; 2. ସତର୍କତାପୂର୍ବକ ଯତ୍ନ, ମନୋଯୋଗିତା ।

**Assiduous**, *a.* 1. ନିରନ୍ତର ମନୋଯୋଗୀ, ଅଧ୍ୟବସାୟୀ, ନିରନ୍ତର ପରିଶ୍ରମୀ, ଅତିଶ୍ରମୀ ; 2. ଅବିଶ୍ରାନ୍ତ, ଅନବରତ ।

**Assiduously**, *ad.* 1. ନିରନ୍ତର ମନୋଯୋଗପୂର୍ବକ, ଅବିଶ୍ରାନ୍ତ ଉଦ୍ଯୋଗପୂର୍ବକ, ଯତ୍ନପୂର୍ବକ; 2. ଅବିଶ୍ରାନ୍ତରୂପେ ।

**Assign**, *v.t.* 1. ନିର୍ଦ୍ଦେଶ-କ ; 2. ନିରୂପଣ-କ, ସ୍ଥିର-କ; 3. ହସ୍ତାନ୍ତର-କ, ଅର୍ପଣ-କ ; 4. ଆରୋପ-କ ।

**Assignable**, *a.* 1. ହସ୍ତାନ୍ତରକରଣୀୟ, ଅର୍ପଣୀୟ ; 2. ନିରୂପଣୀୟ ; 3. ଆରୋପଣୀୟ ।

**Assignation**, *n.* 1. ନିରୂପଣକରଣ, ନିରୂପଣ ; 2. ପ୍ରୀତିସମ୍ବନ୍ଧୀୟ ସାକ୍ଷାତର ନିରୂପଣକରଣ; 3. ହସ୍ତାନ୍ତରକରଣ, ଅର୍ପଣକରଣ, ଅର୍ପଣ ; 4. ସମର୍ପଣପତ୍ର ।

**Assignee, assign**, *n.* 1. ଯାହା ନିକଟରେ କୌଣସି ସମ୍ପତ୍ତି ନ୍ୟସ୍ତ କରାଯାଏ ; 2. ନିଯୁକ୍ତ ପ୍ରତିନିଧି ।

**Assignment**, *n.* 1. ଅର୍ପଣ, ସମର୍ପଣ, ହସ୍ତାନ୍ତର; 2. ସମର୍ପିତ ବିଷୟ; 3. ହସ୍ତାନ୍ତର ଲିପି; 4. ଆରୋପଣ ।

**Assimilate**, *v.t.* 1. ତୁଲନା-କ, ସଦୃଶ-କ, ମିଳାଇବାର, ସମାନ-କ ; 2. ପରିପାକ-କ, ପରିପାକ ଦ୍ୱାରା ଗ୍ରାସ-କ । *v.i.* 1. ତୁଲ୍ୟରୂପ-ହେ, ସଦୃଶ-ହେ ; 2. ଶରୀରର ଉପାଦାନରେ ପରିଣତ-ହେ ; 3. ମିଳିତ-ହେ ।

**Assimilation**, *n.* 1. ତୁଲ୍ୟରୂପକରଣ, ସମୀକରଣ, ସଦୃଶୀକରଣ; 2. ସଦୃଶୀକରଣର ପ୍ରଣାଳୀ ; 3. ପରିପାକ ପ୍ରଣାଳୀ ।

**Assimilative, assimilatory**, *a.* ତୁଲ୍ୟରୂପକରଣ-କ୍ଷମ, ସଦୃଶକାରୀ, ସଦୃଶକାରକ ।

**Assist**, *v.t.* ସାହାଯ୍ୟ-କ, ଉପକାର-କ, ସହାୟତା-କ, ଅନୁକୂଲ-କ ।—*v.i.* 1. ସାହାଯ୍ୟ-ଦେ; 2. ଯୋଗ-ଦେ, ଉପସ୍ଥିତ-ହେ ।

**Assistance**, *n.* ଉପକାର, ସାହାଯ୍ୟ, ସହାୟତା ।

**Assistant**, *n.* ସାହାଯ୍ୟକର୍ତ୍ତା, ସହାୟକ, ଉପକାରକ, ସହାୟ, ସହକାରୀ ।

**Assize**, *n.* 1. ପରିମାଣ ଓଜନ ବା ଦର ନିରୂପକ ଆଇନ; 2. ନିରୂପିତ ପରିମାଣ ଓଜନ ବା ଦର ; 3. *pl.* ସମୟ-ସମୟ ନିରୂପିତ ଦୋଷାଦୋଷ ବିଚାରସଭା, ଅଦାଲତର ବୈଠକ ।

**Associable**, *a.* ସଂସର୍ଗଯୋଗ୍ୟ, ସମ୍ମିଳନଯୋଗ୍ୟ ।

**Associate**, *v.t.* 1. ବନ୍ଧୁ ବା ସହକାରୀ ଆଦି ପରି ସଙ୍ଗ-କ, ସଂସର୍ଗ-କ ; 2. ଭାବନାରେ ଯୋଗ-କ ।—*v.i.* ସଙ୍ଗୀ-ହେ, ମିଳିତ-ହେ, ସହଭାଗୀ-ହେ, ସମ୍ପର୍କଯୁକ୍ତ-ହେ ।—*a.* 1. ଏକତ୍ରିତ, ଯୁକ୍ତ; 2. କେତେକ ପରିମାଣରେ ସହଭାଗୀ, ସହକାରୀ, ସହଗାମୀ ।—*n.* 1. ସଙ୍ଗୀ, ବନ୍ଧୁ, ମିତ୍ର, ସଖା; 2. ସହଭାଗୀ; 3. ଆନୁଷଙ୍ଗିକ ବିଷୟ ; 4. ସହାୟ, ସହକାରୀ ।

**Associateship**, *n.* ସହକାରୀର ଅବସ୍ଥା ବା ପଦ ।

**Association**, *n.* 1. ସଂସର୍ଗକରଣ, ମେଳ, ଐକ୍ୟ; 2. ସମ୍ବନ୍ଧ, ସମ୍ପର୍କ, ଯୋଗ; 3. ସମାଜ, ସଭା, ସମ୍ପ୍ରଦାୟ ; 4. ମାନସିକ ପ୍ରକ୍ରିୟା ଯଦ୍ୱାରା କୌଣସି ବସ୍ତୁ ବା ବୋଧରୁ ଅନ୍ୟାନ୍ୟ ବସ୍ତୁ ବା ବୋଧ ଉଦ୍ଭବ ହୁଏ ।

**Associative**, *a.* ସଂଯୋଗଶୀଳ, ମେଳ ବା ଯୋଗକାରକ ।

**Assonance**, *n.* ଶବ୍ଦ ବା ଧ୍ୱନିର ତୁଲ୍ୟତା, ସମସ୍ୱର, ମିତ୍ରାକ୍ଷର ।

**Assonant**, *a.* ସମସ୍ୱରଯୁକ୍ତ, ମିତ୍ରାକ୍ଷରଯୁକ୍ତ ।

**Assort**, *v.t.* 1. ଶ୍ରେଣୀ-କ, ବିଭାଗ-କ, ବାଛିବାର, ସଜାଡିବାର; 2. ବହୁଳ ପ୍ରକାର (ପଦାର୍ଥ) ବାଛି କରି ରଖିବାର ।—*v.i.* ଶ୍ରେଣୀବଦ୍ଧ-ହେ, ଐକ୍ୟ-ହେ, ମିଳିତ-ହେ, ମେଳ-ହେ ।

**Assorted**, *a.* ଶ୍ରେଣୀରେ ବିଭକ୍ତ, ବଛା ।

**Assortment**, *n.* 1. ଶ୍ରେଣୀବଦ୍ଧକରଣ, ବିନ୍ୟାସ ; 2. ଶ୍ରେଣୀ, ବର୍ଗ ; 3. ବହୁବିଧତା, ବଛା ବସ୍ତୁ ।

**Assuage**, *v.t.* 1. ଉପଶମ-କ, ହ୍ରାସ-କ, ଊଣା-କ ; 2. ଶାନ୍ତ-କ, ସୁସ୍ଥିର-କ ।—*v.i.* ଊଣା-ହେ ।

**Assuagement**, *n.* ସୁସ୍ଥିରକରଣ, ସୁସ୍ଥିରତା, ଶାନ୍ତି, ଉପ- [ଶମ ।

**Assuasive**, *a.* କୋମଳକାରୀ, ଶାନ୍ତିକାରକ, ଉପଶମକାରକ ।

**Assume**, *v.t.* 1. ନିଜ ଉପରେ ନେବାର, ଗ୍ରହଣ-କ ; 2. ସ୍ୱୀକାର କରି ନେବାର, ଅନୁମାନ-କ, ତର୍କବିତର୍କ ନିମନ୍ତେ ବିନା ପ୍ରମାଣରେ ଗ୍ରହଣ-କ ; 3. ଅନ୍ୟାୟରେ କ୍ଷମତା ଗ୍ରହଣ-କ, ଦାବୀ-କ ; 4. ପରିଧର୍ମ ଗ୍ରହଣ-କ, ଛଳନା-କ, ବେଶ ଧରିବାର ।—*v.i.* ଅଯଥାର୍ଥରେ ମାନ ଆଦି ଦାବି-କ, ଅଭିମାନୀ-ହେ ।

**Assuming**, *a.* ଅନ୍ୟାୟରେ ଗ୍ରହଣେଚ୍ଛୁକ, ଅଭିମାନୀ, ଅହଙ୍କାରୀ, ଦାମ୍ଭିକ ।

**Assumption**, *n.* 1. ଗ୍ରହଣ ; 2. ବିନା ପ୍ରମାଣରେ ଗ୍ରହଣ, ଅନୁମାନ; 3. ନିଜ ଉପରେ ଗ୍ରହଣ ; 4. ସ୍ୱର୍ଗରେ ଗ୍ରହଣ ।

**Assumptive**, *a.* ଗ୍ରହଣଶୀଳ, ସ୍ୱୀକାର୍ଯ୍ୟ ।

**Assurable**, *a.* 1. ନିଶ୍ଚିତକରଣୀୟ ; 2. ବୀମାଯୋଗ୍ୟ ।

**Assurance**, *n.* 1. ନିଶ୍ଚୟବୋଧର ଉତ୍ପାଦନ, ନିଶ୍ଚୟବୋଧ, ନିଶ୍ଚୟତା; 2. ଦୃଢକଥା, ପ୍ରତିଜ୍ଞା; 3. ଦୃଢ ବିଶ୍ୱାସ, ସମ୍ପୂର୍ଣ୍ଣ ପ୍ରତ୍ୟୟ, ନିଶ୍ଚିତ ଜ୍ଞାନ ବା ଜ୍ଞାତସାରତା, ସନ୍ଦେହଶୂନ୍ୟତା ; 4. ବିଶ୍ୱାସଭୂମି; 5. ଲଜ୍ଜାସଙ୍କୋଚ, ନିର୍ଲଜ୍ଜତା, ଦାମ୍ଭିକତା; 6. ଆତ୍ମନିର୍ଭରତା ; 7. ବିମା ।

**Assure**, *v.t.* 1. ନିଶ୍ଚୟବୋଧ ଜନ୍ମାଇବାର, ବିଶ୍ୱାସ ଜନ୍ମାଇବାର; 2. ନିଶ୍ଚିତରୂପେ କହିବାର, ଦୃଢ-କ; 3. ନିଶ୍ଚିତ-କ; 4. ବୀମା-କ ।

**Assured**, *p.* and *a.* 1. ନିଶ୍ଚିତ ; 2. ବୋଧପ୍ରାପ୍ତ, ଅସନ୍ଦିଗ୍ଧ, ନିଃସନ୍ଦେହ ; 3. ଦୁଃସାହସୀ; 4. ପ୍ରତ୍ୟୟୀ ; 5. ବୀମାକୃତ ।

**Assuredly**, *ad.* ନିଶ୍ଚିତରୂପେ, ନିଃସନ୍ଦେହପୂର୍ବକ ।

**Assuredness**, *n.* ନିଶ୍ଚିତତା, ଅସନ୍ଦିଗ୍ଧତା, ନିଶ୍ଚୟ ।

**Asterisk**, *n.* (ତାରକା), ତାରାକୃତି ଚିହ୍ନ, ଯଥା, *

**Asterism**, *n.* 1. ତାରାପୁଞ୍ଜ, ତାରାରାଶି ; 2. ତାରାକୃତି ଚିହ୍ନ, ଯଥା, ⁂

**Astern**, *ad.* ଜାହାଜର ପଶ୍ଚାତ୍ ଭାଗରେ, ପଶ୍ଚାତ୍‌ରେ, ପଛରେ, ପଛକୁ ।

**Asteroid**, *n.* ଉପଗ୍ରହ ।—*a.* ତାରାକୃତି ।

**Asthma**, *n.* ଶ୍ୱାସକାଶ ।

**Asthmatic**, *a.* ଶ୍ୱାସକାଶସମ୍ବନ୍ଧୀୟ, ଶ୍ୱାସକାଶରେ ଆକ୍ରାନ୍ତ ।—*n.* ଶ୍ୱାସକାଶରେ ପୀଡିତ ଲୋକ ।

**Asthmatically**, *ad.* ଶ୍ୱାସକାଶରେ ଆକ୍ରାନ୍ତରୂପେ ।

**Astir**, *ad.* or *pr. a.* ଚଳିଷ୍ଣୁ, ଚଳିତ, ଚଳିତାବସ୍ଥାରେ ।

**Astonish**, *v.t.* ହଠାତ୍ ଭୟ ଶୋକ ବିସ୍ମୟ ବା ଆଶ୍ଚର୍ଯ୍ୟ ବୋଧରେ ଅଭିଭୂତ-କ, ଚମକ୍ରୃତ-କ, ବିସ୍ମୟାପନ୍ନ-କ, ଆବାକ୍-କ ।

**Astonished**, *p. a.* ବିସ୍ମୟାପନ୍ନ, ଚମତ୍କୃତ, ଆବାକଯୁକ୍ତ ।

**Astonishing**, *p. a.* ବିସ୍ମୟଜନକ, ଅଦ୍ଭୁତ, ଚମତ୍କାରିକ, ବିସ୍ମୟକର ।

**Astonishingly**, *ad.* ବିସ୍ମୟଜନକରୂପେ, ଚମତ୍କାରକରୂପେ ।

**Astonishment**, *n.* 1. ବିସ୍ମୟାବସ୍ଥା, ବିସ୍ମୟ, ଚମତ୍କାର, ଆବାକଣୀ, ଆଶ୍ଚର୍ଯ୍ୟବୋଧ; 2. ବିସ୍ମୟଜନକ ବିଷୟ ।

**Astound**, *v.t.* ବିସ୍ମୟାପନ୍ନ-କ, ହତବୁଦ୍ଧି-କ, ଆବାକ୍-କ, ଅବାକ୍-କ ।

**Astounding**, *p. a.* ବିସ୍ମୟକର, ଅତ୍ୟାଶ୍ଚର୍ଯ୍ୟ ।

**Astragal**, *n.* 1. ସ୍ତମ୍ଭର ଉପର ବା ତଳର ବଳୟବନ୍ଧ ବେଢ; 2. ଗୋଇଠି ।

Astral, *a.* 1. ନକ୍ଷତ୍ରସମ୍ବନ୍ଧୀୟ, ନାକ୍ଷତ୍ରିକ, ତାରାମୟ; 2. ତାରାପଦରେ ନିବାସୀ; 3. ତାରାପର ।

Astray, *ad.* or *pr. a.* ଅବାଟରେ, କୁପଥରେ, କୁପଥରେ, ଭ୍ରମଣକାରୀ, ଭ୍ରାନ୍ତ, ପଥଭ୍ରଷ୍ଟ ।

Astride, astraddle, *ad.* or *pr. a.* ପାଦ ମେଲାଇ କରି, ପାର୍ଶ୍ୱବିକ୍ଷିପ୍ତ ପାଦରେ, ପାର୍ଶ୍ୱବିକ୍ଷିପ୍ତପଦ ।

Astringency, *n.* ସଙ୍କୋଚକାବସ୍ଥା, ସଙ୍କୋଚକ ଶକ୍ତି ।

Astringent, *a.* 1. ସଙ୍କୋଚକ, ସଙ୍କୋଚନୀୟ, ସଙ୍କୋଚନଶୀଳ; 2. ରୂକ୍ଷ, କଠୋର ।—*n*, ସଙ୍କୋଚକ ଔଷଧ ।

Astringently, *ad.* ସଙ୍କୋଚନପୂର୍ବକ ।

Astrologer, *n.* ଗଣକ, ନକ୍ଷତ୍ର ଦେଖି ଭବିଷ୍ୟତ ଶୁଭାଶୁଭବକ୍ତା ।

Astrological, *a.* ଭବିଷ୍ୟତ ଶୁଭାଶୁଭର କୃତ୍ରିମ ଗଣନାବିଦ୍ୟାସମ୍ବନ୍ଧୀୟ ।

Astrologically, *ad.* ଗଣକବିଦ୍ୟାନୁସାରେ ।

Astrology, *n.* ନକ୍ଷତ୍ର ଦେଖି ଭବିଷ୍ୟତ ଶୁଭାଶୁଭର କୃତ୍ରିମ ଗଣନାବିଦ୍ୟା, କୃତ୍ରିମ ନକ୍ଷତ୍ରବିଦ୍ୟା । [ବିତ୍ ।

Astronomer, *n.* ଜ୍ୟୋତିର୍ବେତ୍ତା, ଜ୍ୟୋତିଷିକ, ଜ୍ୟୋତି-

Astronomic, astronomical, *a.* ଜ୍ୟୋତିର୍ବିଦ୍ୟାସମ୍ବନ୍ଧୀୟ ।

Astronomically, *ad.* ଜ୍ୟୋତିର୍ବିଦ୍ୟାନୁସାରେ ।

Astronomy, *n.* ଜ୍ୟୋତିର୍ବିଦ୍ୟା, ଖଗୋଳବିଦ୍ୟା, ଜ୍ୟୋତିଷ, ଜ୍ୟୋତିଃଶାସ୍ତ୍ର ।

Astrut, *ad.* or *pr. a.* ଗର୍ବପୂର୍ବକ ସ୍ଫୀତପୁଷ୍ଟ ଗତିରେ, ଗର୍ବମାଭାବେ, ଗର୍ବପୂର୍ବକ ସ୍ଫୀତପୁଷ୍ଟ ଗତିବିଶିଷ୍ଟ ।

Astute, *a.* ଚତୁର, ସତର୍କ, ତୀକ୍ଷ୍ଣବୁଦ୍ଧି, ଧୂର୍ତ୍ତ, ପ୍ରଖର ।

Astutely, *ad.* ଚତୁରଭାବେ, ତୀକ୍ଷ୍ଣବୁଦ୍ଧିରେ, ପ୍ରଖରରୂପେ ।

Astuteness, *n.* ଚତୁରପଣ, ଚତୁରତା । [ବିଚ୍ଛିନ୍ନ ।

Asunder, *ad.* or *pr. a.* ପୃଥକ୍‌ଭାବେ, ପୃଥକ୍, ଭିନ୍ନ,

Asylum, *n.* ଆଶ୍ରୟସ୍ଥାନ, ରକ୍ଷାସ୍ଥାନ, ଆଶ୍ରମ ।

Asymmetric, asymmetrical, *a.* ସୁମେଳରହିତ, ସମାନୁପାତରହିତ ।

Asymmetry, *n.* ସମାନୁପାତର ଅଭାବ । [ପ୍ରତି ।

At, *prep.* 1. ନିକଟରେ; 2. ଠାରେ, ରେ; 3. କୁ, କି,

Ate, *preterite of eat*, ଭୋଜନ କଲା, ଖାଇଲା ।

Athanasia, athanasy, *n.* ଅମରତା, ଅମରତ୍ୱ ।

Atheism, *n* ଅନୀଶ୍ୱରବାଦ, ନାସ୍ତିକତା ।

Atheist, *n.* ଅନୀଶ୍ୱରବାଦୀ, ନାସ୍ତିକ ।

Atheistic, atheistical, *a.* 1. ନାସ୍ତିକ ବା ନାସ୍ତିକତାସମ୍ବନ୍ଧୀୟ; 2. ପାଷଣ୍ଡ, ଅଧମ ।

Atheistically, *ad.* ନାସ୍ତିକଭାବେ ।

Athenæum, *n.* (ଆଥେନ୍ସ ନଗରରେ ସରସ୍ୱତୀ ଦେବୀର ମନ୍ଦିର), ସାହିତ୍ୟ ବିଜ୍ଞାନ ବା ଶିଳ୍ପବିଦ୍ୟାର ଉନ୍ନତି ନିମନ୍ତେ କୌଣସି ସଂସ୍ଥାନ, ପ୍ରକାଶ୍ୟ ପୁସ୍ତକାଳୟ ।

Athirst, *pr. a.* ତୃଷିତ, ପିପାସିତ, ତୃଷ୍ଣାର୍ତ୍ତ, ତୃଷାର୍ତ୍ତ ।

Athlete, *n.* 1. ମଲ୍ଲଯୋଦ୍ଧା; 2. ବ୍ୟାୟାମଶିକ୍ଷିତ ଲୋକ, ବଳବାନ୍ ଲୋକ ।

Athletic, *a.* 1. ବ୍ୟାୟାମ କ୍ରୀଡା ବା କ୍ରୀଡାକାରସମ୍ବନ୍ଧୀୟ; 2. ବ୍ୟାୟାମଶୀଳ, ବଳବାନ୍, ସବଳ ।

Athleticism, athletism, *n.* ବ୍ୟାୟାମ କ୍ରୀଡାର ଅଭ୍ୟାସ, ମଲ୍ଲଯୋଦ୍ଧାର ବ୍ୟବସାୟ ।

Athletics, *n. pl.* ବ୍ୟାୟାମ କ୍ରୀଡା, ଯଥା,—ଦୌଡିବା ଲୁଦିବା ଆଦି ।

Athwart, *prep.* and *ad.* 1. ଆଡେ, ଆଡାଆଡି; 2. ବିପରୀତ, ବିପରୀତଭାବେ ।

Atilt, *ad.* or *pr. a.* 1. କ୍ରମୋନ୍ନତରୂପେ, କ୍ରମୋନ୍ନତ, ଝୁଙ୍କିବାଭାବେ; 2. ପ୍ରତିକୂଳରେ । [ମୂର୍ତ୍ତିମାନ ।

Atlantes, *n. pl.* ସ୍ତମ୍ଭାଦିର ପରିବର୍ତ୍ତେ ଗୃହାଦିଧାରୀ

Atlas, *n.* (ଗ୍ରୀସ୍ ଦେଶୀୟ କାହାଣିରେ ପୃଥିବୀ ଧାରଣକାରୀ ମହାବୀର), 1. ମାନଚିତ୍ରର ପୁସ୍ତକ, ମାନଚିତ୍ରାବଳୀ; 2. ନକ୍ସା କରିବା ନିମନ୍ତେ ବଡ କାଗଜବିଶେଷ ।

Atmosphere, *n.* 1. ବାୟୁମଣ୍ଡଳ, ବାୟୁ, ବାଷ୍ପ; 2. ବ୍ୟାପକ ଶକ୍ତି, ପ୍ରବର୍ତ୍ତକ ଶକ୍ତି ।

Atmospheric, atmospherical, *a.* 1. ବାୟୁମଣ୍ଡଳସମ୍ବନ୍ଧୀୟ, ବାୟୁସମ୍ବନ୍ଧୀୟ, ବାୟବ୍ୟ; 2. ବାୟୁଚାଳିତ ।

Atoll, *n.* ଚିଲିକା ବେଷ୍ଟନକାରୀ ପ୍ରବାଳ ଦ୍ୱୀପ ।

Atom, *n.* 1. ପରମାଣୁ; 2. ରେଣୁ, କଣିକା, ଅଣୁ, ପଦାର୍ଥର ଅତି ସୂକ୍ଷ୍ମାଂଶ, ସୂକ୍ଷ୍ମଭାଗ, ଅତି ସୂକ୍ଷ୍ମ ବସ୍ତୁ ।

Atomic, atomical, *a.* 1. ପରମାଣୁସମ୍ବନ୍ଧୀୟ, ପରମାଣୁବିଶିଷ୍ଟ, ପରମାଣୁମୟ; 2. ଅଣବିକ, ସୂକ୍ଷ୍ମତମ; 3. ପରମାଣୁବାଦସମ୍ବନ୍ଧୀୟ ।—atomic philosophy, ପରମାଣୁସମୂହ ସ୍ୱ ଶକ୍ତିରେ ପ୍ରକୃତିକୁ ଉତ୍ପନ୍ନ କରିଅଛି ବୋଲି ଯେଉଁ ମତ । atomic theory, ପଦାର୍ଥର ପରମାଣୁମାନଙ୍କ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ନିୟମାନୁସାରେ ରାସାୟନିକ ସଂଯୋଗ ହୁଏ ବୋଲି ଯେଉଁ ଅନୁମାନ, ପରମାଣୁବାଦ ।

Atomism, *n.* ପରମାଣୁ ବିଜ୍ଞାନ ।

Atomist, *n.* ପରମାଣୁ ବିଷୟ ବିଜ୍ଞାନବିତ୍, ପରମାଣୁବାଦୀ ।

Atomize, *v.t.* ପରମାଣୁରେ ପରିଣତ-କ, କଣିକାରେ ପରିଣତ-କ ।

Atone, *v.i.* 1. ଐକ୍ୟ-ହେ, ପୁନର୍ମିଳିତ-ହେ; 2. ପ୍ରାୟଶ୍ଚିତ୍ତ-କ, ପରିଶୋଧ-ଦେ, ପ୍ରତିକାର-କ ।—*v.t.* ପରିଶୋଧ-କ, with *for*.

Atonement, *n.* 1. ମିଳନକରଣ, ମିଳନ, ପୁନର୍ମିଳନ; 2. ପରିଶୋଧ, ପ୍ରତିକାର; 3. ଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କ ସହିତ ମନୁଷ୍ୟର ମିଳନ; 4. ଈଶ୍ୱରଙ୍କ ସହିତ ମିଳନର ଉପାୟ, ଯଥା,—ଖ୍ରୀଷ୍ଟଙ୍କ ଅବତାର ମରଣ ଆଦି, ଖ୍ରୀଷ୍ଟଙ୍କ ପ୍ରାୟଶ୍ଚିତ୍ତ, ପ୍ରାୟଶ୍ଚିତ୍ତ ।

Atop, *ad.* and *pr. a.* ଉପରେ, ଉପର ।

Atrabilious, *a.* କ୍ଷୁଣ୍ଣମନା, ବିଷଣ୍ଣ ।

Atrocious, *a.* ଅତ୍ୟନ୍ତ ଦୁରାଚାରୀ, ଅତି ନିଷ୍ଠୁର, ମହାଦୁରାଚାର, ଅତିଦୁଷ୍ଟ, କୁତ୍ସିତ, ଭୟାନକ, ଭୀଷଣ, ଘୋର ।

Atrociously, *ad.* ଅତିଦୁଷ୍ଟତାପୂର୍ବକ, ଭୀଷଣରୂପେ, କୁତ୍ସିତରୂପେ ।

Atrociousness, *n.* ଅତ୍ୟନ୍ତ ଦୁରାଚାର, ମହାଦୁଷ୍ଟତା, ଘୋର ଅତ୍ୟାଚାର, ଭୟାନକ ନିଷ୍ଠୁରତା, ଅତ୍ୟନ୍ତ ନୃଶଂସତା ।

**Atrocity**, *n.* 1. ମହାଦୁଷ୍ଟତା, ଘୋର ଅତ୍ୟାଚାର, ଭୟାନକ ନିଷ୍ଠୁରତା ; 2. ଅତି ନିଷ୍ଠୁର କାର୍ଯ୍ୟ ।

**Atrophy**, *n.* କ୍ଷୟ, କ୍ଷୀଣକରଣ, କ୍ଷୀଣତା, କୃଶତା ।

**Attach**, *v.t.* 1. ସଂଯୋଗ-କ, ଲଗାଇବାର ; 2. କ୍ରୋକ-କ, ଧୃତ-କ ; 3. ଆକର୍ଷଣ-କ, ମୋହିତ-କ, ପ୍ରେମ ପାଶରେ ଧରିବାର ; 4. ଆରୋପ-କ ।—*v.i.* ସଂଯୁକ୍ତ-ହେ, ଲାଗି ରହିବାର, ଆସକ୍ତ-ହେ ।

**Attachable**, *a.* କ୍ରୋକଯୋଗ୍ୟ ।

**Attaché**, *n.* *at-ta-shā'*, ରାଜପ୍ରତିନିଧିର ଅନୁଚର ।

**Attached**, *p. a.* ଆସକ୍ତ, ଅନୁରକ୍ତ, ପ୍ରେମ ପାଶରେ ଧୃତ ।

**Attachment**, *n.* 1. ଯୋଗ, ସଂଯୋଗକରଣ ; 2. ଅନୁରାଗ, ଆସକ୍ତି, ସ୍ନେହ, ପ୍ରୀତି, ପ୍ରେମବନ୍ଧନ ; 3. ବନ୍ଧନ ; 4 ସଂଯୁକ୍ତ ବିଷୟ ; 5. ଅଟକକରଣ ; 6. କ୍ରୋକ ।

**Attack**, *v.t.* 1. ଆକ୍ରମଣ-କ, ଚଢାଉ-କ ; 2. କାର୍ଯ୍ୟ କଥା ବା ଲେଖା ଦ୍ୱାରା କ୍ଷତି କରିବାକୁ ଚେଷ୍ଟା-କ, ଅପ୍ରିୟ ସମାଲୋଚନା-କ, ଅଭିଯୋଗ-କ, ତିରସ୍କାର-କ ।—*n.* ଆକ୍ରମଣ, ଚଢାଉ ।

**Attackable**, *a.* ଆକ୍ରମଣଯୋଗ୍ୟ ।

**Attain**, *v.t.* 1. ଯତ୍ନ ଦ୍ୱାରା ସାଧନ-କ, ଲାଭ-କ, ପ୍ରାପ୍ତ-କ, ପାଇବାର ; 2. ପହଞ୍ଚିବାର ।—*v.i.* ପ୍ରାପ୍ତ-ହେ, ନିକଟବର୍ତ୍ତୀ-ହେ ।

**Attainability**, **attainableness**, *n.* ସାଧନୀୟତା, ପ୍ରାପଣୀୟତା, ଲଭ୍ୟତା ।

**Attainable**, *a.* ସାଧନୀୟ, ପ୍ରାପଣୀୟ, ଲଭ୍ୟ ।

**Attainder**, *n.* ରାଜନୀତି ଶାସନାନୁସାରେ ରାଜଦ୍ରୋହୀ ବା ଅନ୍ୟ କୌଣସି ଅପରାଧୀର ସାମାଜିକ ଅଧିକାର ଓ ସ୍ୱତ୍ୱ ଲୋପ ।

**Attainment**, *n.* 1. ସାଧନକରଣ, ସାଧନ, ପ୍ରାପ୍ତି, ଲାଭ ; 2. ବ୍ୟୁତ୍ପତ୍ତି, ପାରଦର୍ଶିତା ।

**Attaint**, *v.t.* 1. ରାଜଦ୍ରୋହ ଅପରାଧରେ ଦୋଷୀ କରି ସାମାଜିକ ଅଧିକାର ଓ ସ୍ୱତ୍ୱରୁ ବଞ୍ଚିତ-କ ; 2. କଳଙ୍କିତ-କ ; ଅପମାନିତ-କ ।—*n.* କଳଙ୍କ ।

**Attar**, *n.* ଅତର, ସୁଗନ୍ଧ ।

**Attemper**, *v.t.* 1. ମିଶ୍ରଣ ଦ୍ୱାରା ହ୍ରାସ ପରିବର୍ତ୍ତନ ବା ପରିମିତ-କ, ନିୟମିତ-କ, କୋମଳ-କ ; 2. ସୁମିଶ୍ରଣ-କ ।

**Attempt**, *v.t.* 1. ସାଧନାର୍ଥେ ଚେଷ୍ଟା-କ, ଚେଷ୍ଟା-କ, ଯତ୍ନ-କ, ଉଦ୍ୟୋଗ-କ ; 2. ଆକ୍ରମଣ-କ ।—*n.* 1. ଉଦ୍ୟୋଗ, ଉପକ୍ରମ, ଉଦ୍ୟମ, ମହୋଦ୍ୟମ, ଚେଷ୍ଟା ; 2. ଆକ୍ରମଣ, ଚଢାଉ ।

**Attemptable**, *a.* ଚେଷ୍ଟାକରଣୀୟ ।

**Attend**, *v.t.* 1. ସେବା-କ, ସଙ୍ଗେ ଯିବାର ; 2. ଅନୁଗମନ-କ ; 3. ଯିବାର ।—*v.i.* 1. ମନ-ଦେ, ମନୋଯୋଗ-କ, ଅବଧାନ-କ, କର୍ଣ୍ଣପାତ-କ ; 2. ଉପସ୍ଥିତ-ହେ ; 3. ଅନୁଗାମୀ-ହେ ।

**Attendance**, *n.* 1. ସେବା, ଶୁଶ୍ରୂଷା ; 2. ସେବକମାନେ, ଅନୁଚରବର୍ଗ 3. ଉପସ୍ଥିତ ଲୋକ ସମୂହ ; 4. ଉପସ୍ଥିତି, ହାଜର ।

**Attendant**, *a.* 1. ଆନୁଷଙ୍ଗିକ ; 2. ସଙ୍ଗୀ, ଅନୁଗାମୀ, ସହଗାମୀ ।—*n.* 1. ସେବକ, ଦାସ, ଅନୁଚର, ସହଚର ; 2. ଉପସ୍ଥିତ ବ୍ୟକ୍ତି ; 3. ଆନୁଷଙ୍ଗିକ ବିଷୟ ।

**Attender**, *n.* 1. ଅବଧାନକାରୀ ; 2. ସଙ୍ଗୀ, ସହଚର ।

**Attention**, *n.* 1. ମନୋଯୋଗକରଣ, ଯତ୍ନ, ଅବଧାନତା, ମନୋଯୋଗ, ମନୋନିବେଶ ; 2. ସୁଶୀଲ କାର୍ଯ୍ୟ, ସମାଦର ।

**Attentive**, *a.* 1. ମନୋଯୋଗୀ, ଅବଧାନୀ, ସାବଧାନ, ସତର୍କ ; 2. ସୁଶୀଲ । [ପୂର୍ବକ ।

**Attentively**, *ad.* ମନୋଯୋଗିରୂପେ, ମନୋଯୋଗ-

**Attentiveness**, *n.* ମନୋଯୋଗୀ ଅବସ୍ଥା, ମନୋଯୋଗିତା, ଅବଧାନତା, ସତର୍କତା ।

**Attenuant**, *a.* ପାତଳକାରୀ, ଦ୍ରବୀଭୂତକାରୀ ।—*n.* ପାତଳକାରୀ ଔଷଧ ।

**Attenuate**, *v.t.* 1. କ୍ଷୀଣ-କ, ସୂକ୍ଷ୍ମ-କ, ପାତଳ-କ ; 2. ଦ୍ରବୀଭୂତ-କ ; 3. ଲଘୁ-କ ।—*v.i.* କ୍ଷୀଣ-ହେ, ସୂକ୍ଷ୍ମ-ହେ, ପାତଳି-ହେ ; ଊଣା-ହେ ।

**Attenuated**, *a.* କ୍ଷୀଣ, ସୂକ୍ଷ୍ମ, ପାତଳ ।

**Attenuation**, *n.* 1. କ୍ଷୀଣକରଣ, ସୂକ୍ଷ୍ମତା, ଦ୍ରବକରଣ, ଦ୍ରବୀଭୂତତା, ପାତଳକରଣ ; 2. କୃଶତା ।

**Attest**, *v.t.* 1. ସାକ୍ଷ୍ୟ-ଦେ, ଠିକ୍ ବୋଲି ସ୍ୱୀକାର କରାଇବାର, ଦୃଢରୂପେ କହିବାର, ନିଶ୍ଚିତରୂପେ କହିବାର ; 2. ପ୍ରମାଣ-ଦେ, ପ୍ରକାଶ-କ ; 3. ସ୍ୱାକ୍ଷର-କ, ଦସ୍ତଖତ୍-କ । [କରଣ ।

**Attestation**, *n.* 1. ସାକ୍ଷ୍ୟ, ଦୃଢକଥନ ; 2. ସ୍ୱାକ୍ଷର-

**Attic**, *a.* 1. ଆଥେନ୍ସ ନଗରସମ୍ବନ୍ଧୀୟ ; 2. ବିଶୁଦ୍ଧ, ଭାଷାରେ ସୁନ୍ଦର ।—*n.* ଆଥେନ୍ସ ନଗରର ପୁରାତନ ଭାଷା, ପୁରାତନ ଗ୍ରୀସ୍ ଦେଶର ବିଶୁଦ୍ଧ ଭାଷା ।—**Atticism**, *n.* ଆଥେନ୍ସ ନଗର ଭାଷାର ରୀତି, ଭାଷାର ବିଶୁଦ୍ଧତା ।

**Attic**, *n.* ପ୍ରାସାଦର ସର୍ବଉପରିସ୍ଥ କୋଠରୀ ।

**Attire**, *v.t.* ବେଶଭୂଷା-କ, ପରିଚ୍ଛଦ-କ, ବସ୍ତ୍ରାନ୍ୱିତ-କ, ବିଭୂଷିତ-କ ।—*n.* ବସ୍ତ୍ର, ପରିଚ୍ଛଦ, ପରିଧେୟ ବସ୍ତ୍ର, ଭୂଷଣ, ବେଶ । [ଆଶୟ ।

**Attitude**, *n.* 1. ଅବସ୍ଥିତି, ଅଙ୍ଗଭଙ୍ଗୀ ; 2. ଭାବ,

**Attitudinize**, *v.i.* ଅଙ୍ଗଭଙ୍ଗୀ-କ, କୃତ୍ରିମ ଆଚରଣ ଧରିବାର ।

**Attorney**, *n.* ଉକିଲ, ମୋକ୍ତାର, ଅଧିକୃତ ପ୍ରତିନିଧି ।—letter or power of attorney, ଓକାଲତନାମା, ଆମମୋକ୍ତାରନାମା ।

**Attorneyship**, *n.* ପ୍ରତିନିଧି କାର୍ଯ୍ୟ, ଉକିଲ ପଦ ।

**Attract**, *v.t.* 1. ଟାଣିବାର, ସମୀପାକର୍ଷଣ-କ, ଆକର୍ଷଣ-କ ; 2. ମୋହିତ-କ ।

**Attractable**, *a.* ଆକର୍ଷଣୀୟ, ଆକର୍ଷଣଯୋଗ୍ୟ ।

**Attraction**, *n.* 1. ଆକର୍ଷଣ, ଆକର୍ଷକ ଶକ୍ତି ; 2. ଆକର୍ଷକ ବିଷୟ, ମୋହିନୀ ଶକ୍ତି ।

**Attractive**, *a.* 1. ଆକର୍ଷକ, ଆକର୍ଷଣକାରୀ ; 2. ତୁଷ୍ଟିକର, ମନୋହର ।

**Attractively**, *ad.* 1. ଆକର୍ଷକରୂପେ ; 2. ତୁଷ୍ଟିକରରୂପେ, ମନୋହରରୂପେ ।

**Attractiveness**, *n.* ମନୋହାରିତ୍ୱ ।

**Attributable**, *a.* ଆରୋପଣୀୟ, ଆରୋପ୍ୟ ।

Attribute, *v.t.* *at-trib'-ūt.* ଆରୋପ-କ ।—*n.* *at'-tri-būt*, 1. ଗୁଣ, ଧର୍ମ, ସ୍ୱାଭାବିକ ଗୁଣ ବା ଲକ୍ଷଣ; 2. ବିଶେଷଣ, ବିଶେଷଣାର୍ଥକ ଶବ୍ଦ ।

Attribution, *n.* 1. ଆରୋପଣ, ଆରୋପ ; 2. ଆରୋପିତ ଗୁଣ; 3. ଆରୋପିତ ଅଧିକାର ।

Attributive, *a.* 1. ଆରୋପକାରୀ; 2. ଗୁଣସମ୍ବନ୍ଧୀୟ, ଗୁଣ ପ୍ରକାଶକ ।—*n.* ଗୁଣବାଚକ ଶବ୍ଦ, ବିଶେଷଣ ।

Attributively, *ad.* ଗୁଣବାଚକରୂପେ ।

Attrition, *n.* ଘର୍ଷଣ ଦ୍ୱାରା କ୍ଷୟ ।

Attune, *v.t.* ସ୍ୱର ବାନ୍ଧିବାର, ସ୍ୱର ମିଳାଇବାର, ସମସ୍ୱର-କ ।

Auburn, *a*, ତାମ୍ରବର୍ଣ୍ଣ ।

Auction, *n.* ନୀଲାମ ।—*v.t.* ନୀଲାମ-କ ।

Auctioneer, *n.* ନୀଲାମକର୍ତ୍ତା ।—*v.t.* ନୀଲାମ-କ ।

Audacious, *a.* 1. ନିର୍ଭୟ, ସାହସିକ; 2. ଦୁଃସାହସିକ, ପ୍ରଗଲ୍‌ଭ ଧୃଷ୍ଟ, ନିର୍ଲଜ୍ଜ, ଅବାଧ୍ୟ ।

Audaciously, *ad.* ଦୁଃସାହସିକରୂପେ, ନିର୍ଲଜ୍ଜରୂପେ, ଅବାଧ୍ୟରୂପେ ।

Audaciousness, audacity, *n.* 1. ସାହସିକତା ; 2. ଦୁଃସାହସିକତା, ଦୁଃସାହସ, ନିର୍ଲଜ୍ଜତା, ଅବାଧ୍ୟତା ।

Audibility, audibleness, *n.* ଶ୍ରାବ୍ୟତା, ଶ୍ରବଣୀୟତା, ଶ୍ରୁତିଗୋଚରତା ।

Audible, *a.* ଶ୍ରାବ୍ୟ, ଶ୍ରବଣୀୟ, କର୍ଣ୍ଣଗୋଚର ।

Audibly, *ad.* ଶ୍ରବଣୀୟରୂପେ, ଶ୍ରୁତିଗୋଚରରୂପେ ।

Audience, *n.* 1. ଶ୍ରବଣ ; 2. ଶ୍ରୋତାସମୂହ, ଶ୍ରୋତୃବର୍ଗ; 3. କର୍ଣ୍ଣଦାନ, ସାକ୍ଷାତ, ଦର୍ଶନଲାଭ ।

Audit, *n.* (ଶ୍ରବଣ) 1. ହିସାବ ପରୀକ୍ଷା, ଅଭିଜ୍ଞ ବ୍ୟକ୍ତି ଦ୍ୱାରା ହିସାବ ପରୀକ୍ଷା ; 2. ଚୂଡାନ୍ତ ହିସାବ, ଶେଷ ହିସାବ ।—*v.t.* (ହିସାବ) ପରୀକ୍ଷା ବା ତଦନ୍ତ-କ, (ହିସାବ) ପରୀକ୍ଷା କରି ଠିକ୍-କ, (ହିସାବ) ମୁକାବିଲା-କ ।

Auditor, *n.* 1. ଶ୍ରୋତା ; 2. ହିସାବ ପରୀକ୍ଷା କରିବାକୁ ନିଯୁକ୍ତ ବ୍ୟକ୍ତି, ହିସାବ ପରୀକ୍ଷକ ।

Auditorium, *n.* ଶ୍ରୋତାମାନଙ୍କ ନିମନ୍ତେ ନିରୂପିତ ସ୍ଥାନ ।

Auditory, *a.* ଶ୍ରବଣକ୍ଷମ, ଶ୍ରବଣଶକ୍ତିବିଶିଷ୍ଟ, ଶ୍ରବଣେନ୍ଦ୍ରିୟସମ୍ବନ୍ଧୀୟ ।—*n.* 1. ଶ୍ରୋତାସମୂହ, ଶ୍ରୋତୃବର୍ଗ; 2. ଶ୍ରୋତାମାନଙ୍କ ନିମନ୍ତେ ନିରୂପିତ ସ୍ଥାନ ।

Auger, *n.* ଭ୍ରମର, ବିନ୍ଧାଣି ।

Aught, *n.* କୌଣସି ବିଷୟ ବା ବସ୍ତୁ, କୌଣସି ଅଂଶ, ଯେକୌଣସି ବିଷୟ ।

Augment, *v.t.* *aug-ment'*, ବୃଦ୍ଧି-କ, ବଢାଇବାର, ଅଧିକ-କ, ବେଶି-କ ।—*v.i.* ବୃଦ୍ଧି-ହେ, ପ୍ରବୃଦ୍ଧ-ହେ ।—*n.* *aug'-ment*, 1. ବର୍ଦ୍ଧନ ; 2. ଉପସର୍ଗ ।

Augmentation, *n.* 1. ବୃଦ୍ଧିକରଣ, ବୃଦ୍ଧି, ବର୍ଦ୍ଧନ ; 2. ବର୍ଦ୍ଧନକାରୀ ବିଷୟ, ଯୋଗ ।

Augmentative, *a.* ବର୍ଦ୍ଧନକ୍ଷମ, ବର୍ଦ୍ଧିଷ୍ଣୁ, ବର୍ଦ୍ଧନସୂଚକ । *n.* ବର୍ଦ୍ଧନସୂଚକ ଶବ୍ଦ ।

Augmentatively, *ad.* ବର୍ଦ୍ଧନକ୍ଷମରୂପେ, ବର୍ଦ୍ଧନସୂଚକରୂପେ ।

Augur, *n.* ପକ୍ଷୀର ଉଡ୍ଡୟନ ଆଦି ଦ୍ୱାରା ଶୁଭାଶୁଭ ବକ୍ତା, ଗଣକ ।—*v.i.* 1. ଲକ୍ଷଣ ଦ୍ୱାରା ଗଣନା-କ, ଅନୁମାନ-କ; 2. ସୂଚନା-କ ।—*v.t.* 1. ଅନୁମାନ-କ, ପୂର୍ବରୁ କହିବାର; 2. ପୂର୍ବସୂଚନା-କ ।

Augury, *n.* 1. ଗଣକର ବିଦ୍ୟା ବା ବ୍ୟବସାୟ, ଗଣକତା; 2. ମଙ୍ଗଳାମଙ୍ଗଳସୂଚକ ଲକ୍ଷଣ, ଲକ୍ଷଣ ଦ୍ୱାରା ଭବିଷ୍ୟତ କଥନ, ଭବିଷ୍ୟସୂଚନା, ପୂର୍ବ ଲକ୍ଷଣ ।

August, *a.* *au-gust'* 1. ମହାନ୍, ପ୍ରତାପଶାଳୀ, ମହାମହିମ, ମାନନୀୟ, ସମ୍ଭ୍ରାନ୍ତ; 2. ଭକ୍ତି ଉତ୍ପାଦକ, ପ୍ରଚଣ୍ଡ ।

August, *n.* *au'-gust.* ଇଂରାଜୀ ବର୍ଷର ଅଷ୍ଟମ ମାସ ।

Augustly, *ad.* ପ୍ରତାପଶାଳୀରୂପେ, ସମ୍ଭ୍ରାନ୍ତରୂପେ ।

Augustness, *n.* ମହାମହିମତ୍ୱ, ମହିମାନ୍ୱିତ ତେଜସ୍ୱ, ପ୍ରତାପ, ମହିମା, ରାଜଶ୍ରୀ ।

Aunt, *n.* (mother's sister), ମାଉସୀ; (father's sister), ପିଉସୀ; (mother's brother's wife), ମାଇଁ; (father's eldest brother's wife), ଜେଠାଈ, ବଡମା; (father's younger brother's wife), ଖୁଡୀ, କାକୀ ।

Aural, *a.* 1. କର୍ଣ୍ଣସମ୍ବନ୍ଧୀୟ; 2. କର୍ଣ୍ଣ ଦ୍ୱାରା ଶିକ୍ଷିତ ।

Aureola, aureole, *n.* ଖ୍ରୀଷ୍ଟଙ୍କ ବା ଧାର୍ମିକ ଲୋକମାନଙ୍କ ଶରୀର ବା ମସ୍ତକର ବେଷ୍ଟନକାରୀ ଚିତ୍ରିତ ଜ୍ୟୋତିଃ, ଜ୍ୟୋତିର୍ମଣ୍ଡଳ ।

Auricle, *n.* 1. କର୍ଣ୍ଣର ବାହ୍ୟାଂଶ, ବହିଃକର୍ଣ୍ଣ; 2. ହୃତ୍‌ରକ୍ତକୋଷ ।

Auricula, *n.* ପୁଷ୍ପ ବିଶେଷ ।

Auricular, *a.* 1. କର୍ଣ୍ଣସମ୍ବନ୍ଧୀୟ; 2. କର୍ଣ୍ଣଗୋଚର, ଶ୍ରାବ୍ୟ, ଶ୍ରବଣୀୟ; 3. କର୍ଣ୍ଣେ କଥିତ, ଗୁପ୍ତ ; 4. କର୍ଣ୍ଣାକୃତ ।—auricular confession, ଯାଜକ ନିକଟରେ ପାପ ସ୍ୱୀକାର ।

Auricularly, *ad.* କର୍ଣ୍ଣଦ୍ୱାରେ କଥନୀୟରୂପେ, ଫୁସ୍‌ଫୁସ୍ କରି, ଗୁପ୍ତଭାବେ, ଗୁପ୍ତରୂପେ ।

Auriculate, *a.* କର୍ଣ୍ଣାକୃତିବିଶିଷ୍ଟ ।

Auriferous, *a.* ସ୍ୱର୍ଣ୍ଣୋତ୍ପାଦକ, ସୁବର୍ଣ୍ଣମୟ ।

Auriform, *a.* କର୍ଣ୍ଣାକୃତ ।

Auriscope, *n.* କର୍ଣ୍ଣପରୀକ୍ଷକ ଯନ୍ତ୍ର ।

Aurist, *n.* କର୍ଣ୍ଣରୋଗ ଚିକିତ୍ସକ ।

Aurora, *n.* 1. ଊଷା ଦେବୀ; 2. ଅରୁଣୋଦୟ; 3. ଉତ୍ତର କେନ୍ଦ୍ରୀୟ ଦୀପ୍ତିବିଶେଷ ।—Aurora borealis, ଉତ୍ତର କେନ୍ଦ୍ରୀୟ ଦୀପ୍ତିବିଶେଷ । Aurora australis, ଦକ୍ଷିଣ କେନ୍ଦ୍ରୀୟ ଦୀପ୍ତିବିଶେଷ ।

Auscultation, *n.* ଶରୀରର ଅଭ୍ୟନ୍ତରସ୍ଥିତ ଶବ୍ଦ ଶୁଣିବା ଦ୍ୱାରା ରୋଗ ନିର୍ଣ୍ଣୟର ପ୍ରଣାଳୀ ।

Auspice, *n.* 1. ପକ୍ଷୀର ଉଡ୍ଡୟନ ଆଦି ଦ୍ୱାରା ଶୁଭାଶୁଭ ଲକ୍ଷଣ; 2. ପ୍ରସାଦ, ଅନୁଗ୍ରହ, ଆନୁକୂଲ୍ୟ, ଆଶ୍ରୟ; 3. ଶୁଭଲକ୍ଷଣ, generally in the *pl.*

Auspicious, *a.* 1. ଶୁଭଲକ୍ଷଣଯୁକ୍ତ, ସୌଭାଗ୍ୟଜନକ, ମାଙ୍ଗଳିକ, ଶୁଭ, ମଙ୍ଗଳସୂଚକ, ଶୁଭକର; 2. ଭାଗ୍ୟବାନ୍; 3. ପ୍ରସନ୍ନ, ମଙ୍ଗଳଦାୟକ ।

Auspiciously, *ad.* ଶୁଭଲକ୍ଷଣରେ, ସୌଭାଗ୍ୟରେ, ଅନୁକୂଳରୂପେ ।

Auspiciousness, *n.* ସୌଭାଗ୍ୟଜନକତା, ମଙ୍ଗଳସୂଚକତା ।

Austere, *a.* 1. କଟୁ; 2. କର୍କଶ, କଠୋର, କଠିନ, ଅତି ନୈତିକ, ବିଶେଷ ପରିମିତଭୋଗୀ; 3. ସାଧା, ଅଭୂଷିତ ।

Austerely, *ad.* କର୍କଶଭାବେ, କଠୋରରୂପେ, କଠିନରୂପେ ।

Austereness, *n.* କର୍କଶତା, କଠୋରତା, କଠିନତା ।

Austerity, *n.* 1. କର୍କଶତା, କଠୋରତା, କଠିନତା, କ୍ରୂରତା; 2. ଆଚରଣର କଠୋରତା, ଆଚରଣରେ କଠିନ ନିୟମ, କଠୋରପଣ ।

Austral, *a.* ଦକ୍ଷିଣ, ଦକ୍ଷିଣସ୍ଥ ।

Authentic, *a.* 1. ବାସ୍ତବିକ, ପ୍ରକୃତ, ଅକୃତ୍ରିମ, ଅସଲ; 2. ସତ୍ୟ, ପ୍ରମାଣସିଦ୍ଧ, ବିଶ୍ୱାସଯୋଗ୍ୟ, always of things.

Authentically, *ad.* 1. ବାସ୍ତବିକରୂପେ, ପ୍ରକୃତରୂପେ, ଅକୃତ୍ରିମରୂପେ; 2. ସତ୍ୟରୂପେ, ପ୍ରମାଣସିଦ୍ଧରୂପେ ।

Authenticate, *v.t.* 1. ସତ୍ୟତା ସାବ୍ୟସ୍ତ-କ, ସତ୍ୟର୍ଥ ପ୍ରତିପନ୍ନ-କ, ପ୍ରମାଣସିଦ୍ଧ-କ, ପ୍ରମାଣ କ; 2. ଅସଲ ବୋଲି ସ୍ଥିର-କ; 3. ସିଦ୍ଧ-କ, ଦସ୍ତଖତ୍-କ ।

Authentication, *n.* ସାବ୍ୟସ୍ତକରଣ, ପ୍ରତିପନ୍ନକରଣ, ପ୍ରମାଣସିଦ୍ଧକରଣ, ଦୃଢକରଣ ।

Authenticity, *n.* 1. ସାବ୍ୟସ୍ତତା, ପ୍ରାମାଣ୍ୟ, ପ୍ରମାଣସିଦ୍ଧତା, ଗ୍ରହଣଯୋଗ୍ୟତା; 2. ଅକୃତ୍ରିମତା, ପ୍ରକୃତତା ।

Author, *n.* 1. ଆଦିକର୍ତ୍ତା, ସୃଷ୍ଟିକର୍ତ୍ତା, ଉତ୍ପାଦକ, କର୍ତ୍ତା; 2. ଗ୍ରନ୍ଥକର୍ତ୍ତା, ରଚକ; 3. ରଚକର ରଚନା ସବୁ ।

Authoress, *n.* 1. କର୍ତ୍ତ୍ରୀ; 2. ଗ୍ରନ୍ଥକର୍ତ୍ତ୍ରୀ, ରଚୟିତ୍ରୀ ।

Authoritative, *a.* 1. କ୍ଷମତାପନ୍ନ, ପ୍ରଭୁତ୍ୱଧାରୀ, କର୍ତ୍ତୃତ୍ୱଯୁକ୍ତ; 2. କର୍ତ୍ତାପର, କର୍ତ୍ତୃତ୍ୱସୂଚକ ।

Authoritatively, *ad.* 1. କର୍ତ୍ତୃତ୍ୱକାରରୂପେ; 2. ପ୍ରମାଣାନୁସାରେ ।

Authoritativeness, *n.* କର୍ତ୍ତୃତ୍ୱକାରିତା ।

Authority, *n.* 1. ଆଦେଶ ବା କାର୍ଯ୍ୟ କରିବା କ୍ଷମତା, ପରାକ୍ରମ, କ୍ଷମତା, ଅଧିକାର, କର୍ତ୍ତୃତ୍ୱ, ପ୍ରଭୁତ୍ୱ; 2. ଶକ୍ତି, ପ୍ରଭାବ; 3. ଶାସନକର୍ତ୍ତା ବା କର୍ତ୍ତୃବର୍ଗ; 4. ପ୍ରମାଣ, ପ୍ରମାଣକର୍ତ୍ତା, ସାକ୍ଷ୍ୟ, ସାକ୍ଷୀ; 5. ପୂର୍ବତନ ବଧି ।

Authorization, *n.* କ୍ଷମତାର୍ପଣ ।

Authorize, *v.t.* 1. କ୍ଷମତାର୍ପଣ-କ, କ୍ଷମତାପନ୍ନ-କ; 2. ବଧିବଦ୍ଧ-କ; ସାବ୍ୟସ୍ତ-କ; 3. ସମ୍ମତ-ଦେ, ମଞ୍ଜୁର-କ ।

Authorship, *n.* 1. ଗ୍ରନ୍ଥକର୍ତ୍ତୃତ୍ୱ, ଗ୍ରନ୍ଥ ରଚକର କାର୍ଯ୍ୟ ବା ପଦ; 2. ମୂଳକାରଣ ।

Autobiographer, *n.* ନିଜର ଜୀବନଚରିତ ଲେଖକ ।

Autobiography, *n.* ଆତ୍ମଚରିତ, ସ୍ୱଲିଖିତ ସ୍ୱଜୀବନଚରିତ ।

Autocracy, *n.* ସ୍ୱାଧୀନ ପ୍ରଭୁତ୍ୱ, ନିରଙ୍କୁଶ ପ୍ରଭୁତ୍ୱ, ସ୍ୱେଚ୍ଛାଧୀନ ରାଜାଙ୍କ କ୍ଷମତା ।

Autocrat, *n.* 1. ସ୍ୱେଚ୍ଛାଧୀନ ରାଜା, ରୁଷ୍ ବାଦ୍ଶାହର ଉପାଧି; 2. ସ୍ୱେଚ୍ଛାଧୀନ ବ୍ୟକ୍ତି ।

Autocratic, *a.* ସ୍ୱାଧୀନ ପ୍ରଭୁତ୍ୱସମ୍ବନ୍ଧୀୟ, ନିରଙ୍କୁଶ ପ୍ରଭୁତ୍ୱସମ୍ବନ୍ଧୀୟ, ସ୍ୱେଚ୍ଛାଧୀନ, ଅସୀମ ଶାସନକ୍ଷମତାପନ୍ନ ।

Auto-de-fe, *n.* *ou'-to-de-fā* ରୋମାନ୍ କାଥଲିକ୍ ମତ ବିରୋଧୀମାନଙ୍କ ଦମନାର୍ଥେ ସ୍ଥାପିତ ଇନ୍‌କ୍ୱିଜିସନ୍ ନାମକ ବିଚାରାଳୟର ଦଣ୍ଡାଜ୍ଞା, ଉକ୍ତ ବିରୋଧୀମାନଙ୍କର ଦଗ୍ଧକରଣ ।

Autograph, *n.* ସ୍ୱାକ୍ଷର, ସ୍ୱହସ୍ତଲିପି, ସ୍ୱହସ୍ତାକ୍ଷର ।—*a.* ସ୍ୱହସ୍ତରେ ଲିଖିତ ।

Autographic, *a.* ସ୍ୱାକ୍ଷରସମ୍ବନ୍ଧୀୟ, ସ୍ୱହସ୍ତଲିପିସମ୍ବନ୍ଧୀୟ ।

Autography, *n.* 1 ସ୍ୱହସ୍ତ ଲିଖନ, ସ୍ୱହସ୍ତଲିପି; 2. ସ୍ୱାକ୍ଷର ସମୂହ ।

Automatic, automatical, *a.* ସ୍ୱୟଂଗତିସମ୍ବନ୍ଧୀୟ, ସ୍ୱୟଂଗତିଶୀଳ, ସ୍ୱୟଂସଞ୍ଚାଳନଶୀଳ, ସ୍ୱତଶ୍ଚାଳୀ, ସ୍ୱାଭାବିକ ।

Automaton, *n. pl.* automata, 1. ସ୍ୱତଶ୍ଚାଳୀ ଯନ୍ତ୍ର, ସଜୀବ ପ୍ରାଣୀ ତୁଲ୍ୟ ଗତିଶୀଳ ଯନ୍ତ୍ର; 2. ଯେ ଯନ୍ତ୍ର ପରି କର୍ମ କରେ ।

Autonomic, autonomous, *a.* ସ୍ୱାୟତ୍ତ ଶାସନର ଅଧିକାରସମ୍ବନ୍ଧୀୟ, ସ୍ୱାୟତ୍ତ ଶାସନାଧିକାରୀ ।

Autonomy, *n.* 1. ସ୍ୱାୟତ୍ତ ଶାସନରେ ଅଧିକାର, ଆତ୍ମଶାସନର ଅଧିକାର; 2 ସ୍ୱାୟତ୍ତ ଶାସନର ସମାଜ ।

Autopsia, autopsy, *n.* 1. ନିଜର ଅବଲୋକନ, ସ୍ୱଦୃଷ୍ଟି, ସ୍ୱଚକ୍ଷୁରେ ଦର୍ଶନ; 2. ମୃତ ଦେହର ପରୀକ୍ଷା ।

Autumn, *n.* ଶରତ୍‌କାଳ, ଜ୍ୟୋତିର୍ବିଜ୍ଞାନମତେ ୨୩ ସେପ୍ଟେମ୍ବରଠାରୁ ୨୧ ଡିସେମ୍ବର ପର୍ଯ୍ୟନ୍ତ କାଳ, ଇଂଲଣ୍ଡରେ ସାଧାରଣ ମତାନୁସାରେ ଅଗଷ୍ଟ ମାସ ଆରମ୍ଭରୁ ଅକ୍ଟୋବର ମାସ ଶେଷ ପର୍ଯ୍ୟନ୍ତ କାଳ, ଆମେରିକା ଦେଶରେ ଶରତ୍‌କାଳ ସେପ୍ଟେମ୍ବର ମାସରୁ ଆରମ୍ଭ ହୁଏ ।

Autumnal, *a.* ଶରତ୍‌କାଳୀନ, ଶାରଦୀୟ ।

Auxiliary, *a.* ସହକାରୀ, ଉପକାରୀ, ସହାୟକାରୀ, ସାହାଯ୍ୟକାରୀ ।—*n.* 1. ସହକାରକ, ଉପକାରକ, ସହାୟ, ସଙ୍ଗୀ; 2. ଉପକାରି କ୍ରିୟାପଦ, ଗୌଣକ୍ରିୟାପଦ; 3 *pl.* ଉପକାରୀ ବିଦେଶୀୟ ସୈନ୍ୟ ।

Avail, *v.t.* ଲାଭ-କ, ଫଳ ଜନ୍ମାଇବାର ।—to avail one's self of, *refl.* ଉପକାରରେ ଆଣିବାର, ନିଜ ଲାଭ ନିମନ୍ତେ ବ୍ୟବହାର-କ ।—*v.i.* 1. ଉପକାରୀ-ହେ, ଅଭିପ୍ରାୟ ସିଦ୍ଧ-କ, ଯଥେଷ୍ଟ-ହେ ।—*n.* ଉପକାର, ଲାଭ, ଫଳ ।

Available, *a.* 1. ଉପକାର୍ଯ୍ୟ, କର୍ମଣ୍ୟ, କର୍ମଯୋଗ୍ୟ; 2. ପ୍ରାପଣୀୟ; 3. ଫଳଦାୟକ, ଲାଭଜନକ ।

Availableness, availability, *n.* ଉପକାର୍ଯ୍ୟ ଅବସ୍ଥା, ବ୍ୟବହାର ଉପଯୋଗିତା, କର୍ମଣ୍ୟତା, ପ୍ରାପଣୀୟତା ।

Avalanche, *n.* ହିମପାତ, ପାହାଡପାତ ।

Avant-courier, *n.* ଅଗ୍ରଗାମୀ ଦୂତ ।

Avant-guard, *n.* ସୈନ୍ୟର ଅଗ୍ରଗାମୀ ଦଳ ।

Avarice, *n.* ଲୋଭ, ଲାଳସା, ଧନଲୋଭ, ଅତିଇଚ୍ଛା ।

Avaricious, *a.* ଲୋଭାନ୍ୱିତ, ଲୋଭୀ, ଧନଲୋଭୀ, କୃପଣ ।

Avariciously, *ad.* ଲୋଭୀରୂପେ, ଲୋଭପୂର୍ବକ ।

Avast, *interj.* (ନାବିକ କଥା) ସ୍ଥିର ହୁଅ ! ସ୍ଥିରହୋଇ ହୁଅ ! ଥାଅ ! ରୁହ ! ବନ୍ଦକର !

**Avatar,** *n.* ଅବତାର ।

**Avaunt,** *interj.* ଘୃଣାସୂଚକ ଶବ୍ଦ, ଯଥା,—ଦୂର ହୁଅ ! ଯା !

**Avenge,** *v.t.* ପ୍ରତିଫଳ-ଦେ, ପରଶୋଧ-ନେ, ପ୍ରତୀକାର-କ ।

**Avenger,** *n.* 1. ପ୍ରତିଫଳଦାତା, ଦଣ୍ଡଦାତା; 2. ପ୍ରତିହନ୍ତା ।

**Avenue,** *n.* 1. ବଡ ରାସ୍ତା, ପଥ, ବାଟ; 2. ଗୃହକୁ ଯିବା ବୃକ୍ଷ ମଧ୍ୟସ୍ଥିତ ବାଟ, ବୃକ୍ଷ ଦ୍ୱାରା ଆବୃତ ପଥ, ଲତାପଥ; 3. ପ୍ରବେଶିବା ଉପାୟ ।

**Aver,** *v.t.* ଦୃଢରୂପେ କହିବାର, ନିଶ୍ଚୟପୂର୍ବକ କହିବାର ।

**Average,** *n.* 1. କ୍ଷତିପୂରଣାର୍ଥେ ଜାହାଜର ଅଂଶୀଦାରମାନଙ୍କ ଦ୍ୱାରା ଅର୍ଥଦାନ; 2. ମଧ୍ୟମ ସଂଖ୍ୟା,* ସମଷ୍ଟି ସଂଖ୍ୟାକୁ ରାଶିର ସଂଖ୍ୟା ଦ୍ୱାରା ହରଲେ ଯେଉଁ ଭାଗଫଳ ମିଳେ, ହାରାହାରି, ହାରାହାରି; 3. ସାଧାରଣ ଶ୍ରେଣୀ ।—*a.* 1. ମଧ୍ୟମ, ହାରାହାରି ଅନୁସାରି; 2. ସାଧାରଣ ।—*v.t.* 1. ହାରାହାରି-କ; 2. ହାରାହାରି ଦେଖାଇବାର ।

**Averment,** *n.* ଦୃଢକଥନ, ନିଶ୍ଚିତକଥନ ।

**Averse,** *a.* ବିମୁଖ, ପରାଙ୍ମୁଖ, ଅନିଚ୍ଛୁକ, ଅସନ୍ତୁଷ୍ଟ, ବିରକ୍ତ, ଘୃଣାପୂର୍ଣ୍ଣ, followed by *to* not by *from*.

**Averseness,** *n.* ବିମୁଖତା, ପରାଙ୍ମୁଖତା, ଅନିଚ୍ଛୁକତା ।

**Aversion,** *n.* 1. ବିମୁଖାବସ୍ଥା, ପରାଙ୍ମୁଖତା, ଅନିଚ୍ଛୁକତା ଅରୁଚି, ଘୃଣା, ବିରକ୍ତି, ପ୍ରତିକୂଳତା, ବୈପରୀତ୍ୟ; 2. ଘୃଣାସ୍ପଦ ।

**Avert,** *v.t.* 1. ଫେରାଇବାର; 2. ନିବାରଣ-କ ।

**Aviary,** *n.* ପକ୍ଷିଗୃହ, ପକ୍ଷ୍ୟାଗାର, ଚିଡିଆଖାନା ।

**Avidity,** *n.* ଆକାଂକ୍ଷା, ଲାଳସା, ଅତ୍ୟାକାଂକ୍ଷା, ଅତିସ୍ପୃହା, ବ୍ୟଗ୍ରତା, ଔତ୍ସୁକ୍ୟ ।

**Avocation,** *n.* 1. ନିଜ ବ୍ୟବସାୟରୁ ଯାହା ମନୁଷ୍ୟଙ୍କୁ ଡାକିନିଏ, ଯଥା,—ଖେଳ ଆଦି; 2. ବ୍ୟବସାୟ, ବ୍ୟାପାର, କାର୍ଯ୍ୟ ।

**Avoid,** *v.t.* 1. (ଆଇନସିଦ୍ଧ କଥାରେ) ରହିତ-କ, ଲୋପ-କ, ବ୍ୟର୍ଥ-କ; 2. ଦୂରେ ରହିବାର, ନିକଟକୁ ନ ଯିବାର, ପରିହାର-କ, ଛାଡିବାର, ଏଡାଇବାର ।

**Avoidable,** *a.* ପରିହାର୍ଯ୍ୟ, ପରିହର୍ତ୍ତବ୍ୟ, ଏଡାଇବା-ଯୋଗ୍ୟ ।

**Avoidance,** *n.* 1. ଅନ୍ତରକରଣ, ବର୍ଜ୍ଜନ, ପରିହାର, ଏଡାଇବା ଅଭ୍ୟାସ ବା କାର୍ଯ୍ୟ; 2. ରହିତକରଣ, ବ୍ୟର୍ଥକରଣ; 3. ରହିତାବସ୍ଥା ।

**Avoirdupois,** *n.* or *a.* *a'ver-dū-poiz.* ଓଜନ ପ୍ରଣାଳୀବିଶେଷ, ଯହିଁରେ ଏକ ପାଉଣ୍ଡ ଷୋଳ ଆଉନ୍ସର ସମାନ ଅଟେ ।

**Avouch,** *v.t.* ଦୃଢରୂପେ କହିବାର, ନିଶ୍ଚିତରୂପେ କହିବାର, ଅଙ୍ଗୀକାର-କ, ସ୍ୱୀକାର-କ, ପ୍ରତିପାଦନ-କ ।

**Avouchment,** *n.* ଦୃଢକଥନ, ନିଶ୍ଚିତକଥନ, ସ୍ୱୀକାର ।

**Avow,** *v.t.* ସ୍ୱୀକାର-କ, ସରଳରୂପେ ସ୍ୱୀକାର-କ, ପ୍ରତିବାଦ କରିବା ନିମନ୍ତେ ପ୍ରକାଶରେ କହିବାର ।

**Avowable,** *a.* ପ୍ରକାଶ୍ୟରୂପେ କଥନୀୟ, ସ୍ୱୀକାର୍ଯ୍ୟ ।

**Avowal,** *n.* ପ୍ରକାଶ୍ୟ କଥନ, ସରଳ ସ୍ୱୀକାର, ନିର୍ଦ୍ଦିଷ୍ଟ ବଚନ ।

**Avowedly,** *ad.* ପ୍ରକାଶ୍ୟରୂପେ, ବ୍ୟକ୍ତରୂପେ, ସରଳ ସ୍ୱୀକାରପୂର୍ବକ ।

**Avulsion,** *n.* 1. ବଳରେ ଛିଣ୍ଡାଇ ନେବା, ବଦାରଣ; 2. ଛିଣ୍ଡାଗଲା ପଦାର୍ଥ ।

**Await,** *v.t.* 1. ଅପେକ୍ଷା-କ, ପ୍ରତୀକ୍ଷା-କ, ଆଶା କରି ରହିବାର; 2. ପ୍ରସ୍ତୁତ ଥିବାର ।

**Awake,** *v.t.* 1. ନିଦ୍ରାଭଙ୍ଗ-କ, ସଚେତନ-କ, ଜାଗ୍ରତ-କ; 2. ଉତ୍ତେଜିତ-କ ।—*v.i.* 1. ନିଦ୍ରାଭଙ୍ଗ-ହେ, ନିଦ୍ରାରୁ ଉଠିବାର; 2. ଜାଗ୍ରତ-ହେ, ସଚେତନ ହେ, ସତର୍କ-ହେ ।—*a.* ଅନିଦ୍ରିତ, ଜାଗ୍ରତ, ସଚେତ, ସତର୍କ ।

**Awaken,** *v.t.* and *i.* 1. ନିଦ୍ରାଭଙ୍ଗ-କ ବା ହେ, ଜାଗ୍ରତ-କ ବା ହେ; 2. ଉତ୍ତେଜିତ-କ ବା ହେ ।

**Awakening,** *n.* ଜାଗରଣ, ଧର୍ମର ପୁନରୁତ୍ତେଜନା, ଧର୍ମୋଦ୍ଦୀପନା ।—*a.* ଜାଗ୍ରତକାରୀ, ସଚେତନକାରୀ, ଉତ୍ତେଜକ, ଉଦ୍ବୋଧକ ।

**Award,** *v.t.* ନିଷ୍ପତ୍ତି-କ, ଫୟସଲ-କ, ବିଚାର ଦ୍ୱାରା ଦେବାର, ଅନୁକ୍ରମେ ନିରୂପଣ-କ, ବିଚାରପୂର୍ବକ ନିରୂପଣ-କ ।—*n.* 1. ରାୟ, ନିଷ୍ପତ୍ତି, ସାଲିସମାନଙ୍କର ନିଷ୍ପତ୍ତି; 2. ମୀମାଂସାପତ୍ର; 3. ନିଷ୍ପତ୍ତି ଦ୍ୱାରା ଦତ୍ତ ବିଷୟ ବା ମୂଲ୍ୟ ।

**Aware,** *a.* ଜ୍ଞାତ, ଜ୍ଞାପିତ, ଅବଗତ, followed by *of*.

**Away,** *ad.* 1. ଦୂରରେ, ଦୂରେ, ଅନ୍ତରରେ; 2. ଅନ୍ୟ ଆଡେ; 3. ଅନବରତ ।—to die away, to fade away, ଅଦୃଶ୍ୟ-ହେ, କ୍ଷୀଣ-ହେ, ଅସ୍ତଗତ-ହେ । to go away, ଚାଲି ଯିବାର । to make away with, ଗୋପନରେ ବଧ-କ, ନଷ୍ଟ-କ । to run away, ପଳାଇ-ଯି । to send away, ପଠାଇ-ଦେ, ବିଦାୟ-କ । to take away, ନେଇ-ଯି । to throw away, ପକାଇ-ଦେ, ଫୋପାଡି-ଦେ ।—*interj.* ଯା ! ଚାଲି ଯା ! ଦୂର ହୁଅ !

**Awe,** *n.* ଭକ୍ତିପୂର୍ବକ ଭୟ, ଆଦରଯୁକ୍ତ ଭୟ, ସମ୍ଭ୍ରମ ।—*v.t.* 1. ଭୟ ଓ ଭକ୍ତି ଉତ୍ପନ୍ନ-କ; 2. ଭୟ ବା ଆଦର ଦ୍ୱାରା ପ୍ରବୃତ୍ତି ଜନ୍ମାଇବାର ।

**Aweary,** (poetical), କ୍ଳାନ୍ତ, ଶ୍ରାନ୍ତ ।

**Awe-struck,** *a.* ଭୟାକୁଳ, ଆଦରଯୁକ୍ତ ଭୟାକୁଳ ।

**Awful,** *a.* 1. ଆଦରଣୀୟ, ପୂଜନୀୟ, ସମ୍ମୋହାଦକ; 2. ଭୟାନକ, ଭୟଙ୍କର, ଭୟଜନକ, ଘୋର, ଦାରୁଣ; 3. ଭକ୍ତିପୂର୍ବକ ଭୟରୁ ଜାତ, ଆଦରଯୁକ୍ତ ଭୟରେ ପୂର୍ଣ୍ଣ, ସଭକ୍ତି ଭୟସୂଚକ; 4. (vulgar) ଭାରି, ବଡ ।

**Awfully,** *ad.* 1. ଭୟଜନକରୂପେ, ଭୟଙ୍କରରୂପେ, ଭୟାନକରୂପେ; 2. (vulgar) ଅତିଶୟରୂପେ ।

**Awfulness,** *n.* ଭୟଙ୍କରତା, ଭୟାନକତା, ଦାରୁଣତା, ଘୋରତା, ଗାମ୍ଭୀର୍ଯ୍ୟ ।

**Awhile,** *ad.* କିଞ୍ଚିତକାଳ ନିମନ୍ତେ, କିଛି ସମୟ ନିମନ୍ତେ, ଅଳ୍ପ ସମୟ ନିମନ୍ତେ ।

**Awkward,** *a.* 1. ଅପଟୁ, ଅନିପୁଣ; 2. ଅନାଡି, ଅସଭ୍ୟ, ବିଶ୍ରୀ, ଅସୁନ୍ଦର, କଦର୍ଯ୍ୟ; 3. ଅକର୍ମଣ୍ୟ, ଅସହଜ; 4. ଅନନୁକୂଳ, ଅସୁବିଧାଜନକ ।

**Awkwardly,** *ad.* ଅପଟୁରୂପେ, ଅନାଡିରୂପେ, ଅସୁନ୍ଦରରୂପେ ।

**Awkwardness,** *n.* 1. ଅପଟୁତା; 2. ଅସଭ୍ୟତା, ଅଶିଷ୍ଟତା; 3. ଅସୁବିଧା ।

**Awl**, *n.* ବଖଣା ।

**Awn**, *n.* ଶସ୍ୟର ଶିଙ୍ଗ ।

**Awning**, *n.* ଚାନ୍ଦୁଆ, ଚନ୍ଦ୍ରାତପ ।

**Awry**, *pr. a.* or *ad.* ବେଢା, ବେଢାରୂପେ. ବଙ୍କ, ବଙ୍କଭାବେ, ତେର୍ଛା, ତେର୍ଛାରୂପେ, ଟେଢ଼ା, ଟେଢ଼ାରୂପେ ।

**Axe**, **ax.** *n.* କୁହ୍ରାଡି, କୁଠାର ।

**Axilla**, *n.* କକ୍ଷ ।

**Axillar**, **axillary**, *a.* କକ୍ଷସମ୍ବନ୍ଧୀୟ ।

**Axiom**, *n.* ସ୍ୱତଃସିଦ୍ଧ ସତ୍ୟ, ସିଦ୍ଧାନ୍ତ କଥା, ସିଦ୍ଧାନ୍ତ ସୂତ୍ର, ସର୍ବସାଧାରଣ ସିଦ୍ଧାନ୍ତ ।

**Axiomatic**, **axiomatical**, *a.* ସ୍ୱତଃସିଦ୍ଧ ସତ୍ୟସମ୍ବନ୍ଧୀୟ, ସର୍ବସାଧାରଣ ସିଦ୍ଧାନ୍ତବିଷୟକ ।

**Axiomatically**, *ad.* ସ୍ୱତଃସିଦ୍ଧରୂପେ ।

**Axis**, *n.* 1. ବସ୍ତୁ ମଧ୍ୟଗ ପ୍ରକୃତ ବା କାଳ୍ପନିକ ସରଳ ରେଖା ଯାହା ଉପରେ ସେହି ବସ୍ତୁ ଘୂର୍ଣ୍ଣିତ ହୁଏ; 2. ମେରୁଦଣ୍ଡ ।

**Axle**, **axle-tree.** *n.* ଅଖ, ଅକ୍ଷ, ଅକ୍ଷଦଣ୍ଡ, ଚକ୍ରର ଅଳ ।

**Ay**, **aye**, *ad.* ହିଁ, ହିଁଃ, ହଁ, ସତେ ।—*n.* ସମ୍ମତିସୂଚକ ମତ ।

**Ayah**, *n.* ବଡ ବା ପିଲାମାନଙ୍କର ଦାସୀ, ଆୟା ।

**Aye**, *ad.* ସର୍ବଦା, ସଦା, ସତତ, ନିରନ୍ତର ।

**Aye-aye**, *n.* ଅଇଃ ଶବ୍ଦକାରୀ ସାନ ଜନ୍ତୁବିଶେଷ ।

**Azimuth**, *n.* ଗ୍ରହାଦିର ଚକ୍ର ।—**azimuth compass**, ଗ୍ରହାଦିର ଚକ୍ର ନିରୂପକ ଯନ୍ତ୍ର । [କ୍ଷାରଯାନ ।

**Azote**, *n.* (ପ୍ରାଣନାଶକ ବାୟୁ), ଯବକ୍ଷାରଜ ବାଷ୍ପ, ଯବ-

**Azotic**, *a.* (ପ୍ରାଣନାଶକ). ଯବକ୍ଷାରଜ ବାଷ୍ପସମ୍ବନ୍ଧୀୟ ।

**Azure**, *a.* ଆକାଶବର୍ଣ୍ଣ, ନୀଳବର୍ଣ୍ଣ ।—*n.* 1. ଆକାଶର ରଙ୍ଗ, ନୀଳ ରଙ୍ଗ ; 2. ଆକାଶ ।

## B.

**B**, ଇଂରାଜୀ ବର୍ଣ୍ଣମାଳାର ଦ୍ୱିତୀୟ ଅକ୍ଷର ।

**Baa**, *n.* ମେଣ୍ଢାର ଶବ୍ଦ. ମେଣ୍ଢାର ବୋବାଳି ।—*v.i.* ମେଣ୍ଢାପରି ଶବ୍ଦ-କ. ମେଷ ପରି ଡାକିବାର, ବୋବାଇବାର ।

**Baal**, *n.* କିଣାନ ଦେଶୀୟ ପ୍ରଧାନ ଦେବତାର ନାମ, ସୂର୍ଯ୍ୟ ଦେବତା ।

**Babble**, *v.t.* and *i.* 1. ଅସ୍ପଷ୍ଟରୂପେ କହିବାର, (ସ୍ରୋତ ଜଳ ପରି) କଳକଳ ଶବ୍ଦ-କ: 2. ଗୋପନୀୟ ବିଷୟ ପ୍ରକାଶ -କ, ବୃଥା ଗଳ୍ପ-କ ।—*n.* 1. (ସ୍ରୋତର) କଳକଳ ଶବ୍ଦ; 2. ବୃଥା ଗଳ୍ପ ।

**Babbler**, *n.* 1. ଅସ୍ପଷ୍ଟ କଥକ; 2. ବାଚାଳ, ବକୁଆ, ଗଳ୍ପୀ, ଗୋପନୀୟ ବିଷୟ ପ୍ରକାଶକାରୀ, ଗପୁଆ ।

**Babe**, *n.* (poetical), ଶିଶୁ, ଦୁଗ୍ଧପୋଷ୍ୟ ଶିଶୁ ।

**Babel**, *n.* 1. ଧର୍ମ ଗ୍ରନ୍ଥରେ ଲିଖିତ ବାବଲ ଗଡର ଏ ନାମ, see Gensis IX : 9. ; 2. ଗୋଳମାଳ, ଗଣ୍ଡଗୋଳ ।

**Baboon**, *n.* ବୃହତ୍ ବାନରବିଶେଷ ।

**Baby**, *n.* ଶିଶୁ, ଦୁଗ୍ଧପୋଷ୍ୟ ଶିଶୁ ।

**Babyhood**, *n.* ଶିଶୁ ଅବସ୍ଥା, ଶୈଶବାବସ୍ଥା ।

**Babyish**, *a.* ପିଲାପରି, ଶିଶୁପରି, ଶିଶୁବତ୍ ।

**Bacchanalia**, **bacchanal**, *n.* ମଦ୍ୟ ଦେବତାର ପର୍ବ, ମଦ୍ୟପାୟିର ଉତ୍ସବ ।

**Bacchanalian**, **bacchanal**, *a.* ମତ୍ତ, ମତ୍ତତାସମ୍ବନ୍ଧୀୟ, ଗଣ୍ଡଗୋଳିଆ ।—*n.* 1. ବାକସ୍ ନାମକ ସୁରା ଦେବତାର ଉପାସକ; 2. ମଦ୍ୟପାନରେ ଆମୋଦ ପ୍ରମୋଦକାରୀ, ମଦ୍ୟପାୟୀ, ମଦୁଆଳ ।

**Bachelor**, *n.* 1. ଅବିବାହିତ ପୁରୁଷ, ବାଡୁଆ, ଅନୂଢ ; 2. ବିଶ୍ୱବିଦ୍ୟାଳୟର ବିଶେଷ ଉପାଧିପ୍ରାପ୍ତ ବ୍ୟକ୍ତି ।

**Bachelorhood**, **bachelorship.** *n.* 1. ପୁରୁଷର ଅବିବାହିତାବସ୍ଥା, ଅନୂଢତ୍ୱ ; 2. ବିଶ୍ୱବିଦ୍ୟାଳୟ ଦତ୍ତ ଉପାଧି ।

**Bacillus**, (*pl.* bacilli) *n.* ରକ୍ତରେ ଥିବା କୀଟାଣୁ ।

**Back**, *n.* 1. ପିଠି, ପୃଷ୍ଠ, ପୃଷ୍ଠଦେଶ; 2. ପଶ୍ଚାଦ୍ଭାଗ ।—*ad.* 1. ପଶ୍ଚାଦ୍ଦିଗେ; ପଛଆଡେ; 2. ପୂର୍ବାବସ୍ଥାରେ, ଲେଉଟି, ବାହୁଡ ; 3. ପଶ୍ଚାତ୍: 4. ଗତକାଳଆଡେ, ଗତକାଳରେ; 5. ପୁନର୍ବାର, ପୁନର୍ବାର; 6. ଅବରୁଦ୍ଧଭାବେ; 7. ଗୁପ୍ତରେ ।—*a.* 1. ପଶ୍ଚାଦ୍ଭାଗସମ୍ବନ୍ଧୀୟ ; 2.ପଶ୍ଚାଦ୍ଭାଗସ୍ଥ ; 3. ଦୂରସ୍ଥ ; 4. ବକେଆ ; 5. ପୂର୍ବ ତାରିଖର, chiefly in compounds.—*v.t.* 1. ପିଠି ଲଗାଇବାର, ଅଳମ୍ବ ଲଗାଇବାର; 2. ପୋଷକତା-କ, ସହାୟତା-କ, ସାହାଯ୍ୟ -କ ; 3. ବାଜି ରଖିବାର, ପଣ-କ; 4. ଅରୋହଣ-କ, ଚଢିବାର, ପିଠି ଉପରେ ବସିବାର ; 5. ପିଠିରେ ଲେଖିବାର. ଠିକଣା ଲେଖିବାର: 6. ପଛକୁ ହଟାଇ-ଦେ ।—*v.i.* ପଛକୁ-ଯି, ପଛକୁ ହଟିବାର ।—**to back out of**, ପ୍ରତିଜ୍ଞାରୁ ହଟି ଯିବାର ।**to back up**, ସହାୟତା-କ ।

**Backbite**, *v.t.* ଅସାକ୍ଷାତରେ ନିନ୍ଦା-କ, ପରୋକ୍ଷରେ ନିନ୍ଦା-କ, ଗ୍ଳାନି-କ, ଚୁଗୁଲି ବା ଖଚ କହିବାର ।

**Backbiter**, *n.* ଅସାକ୍ଷାତରେ ନିନ୍ଦକ, ଖଚୁଆ ଲୋକ, ପରୋକ୍ଷାପବାଦକ ।

**Backboard**, *n.* ପିଠି ପାଇଁ ପଟା ।

**Backbone**, *n.* 1. ପିଠି ହାଡ, ପୃଷ୍ଠ ଅସ୍ଥି, କଶେରୁକା, ମଝି ଶିରହାଡ: 2. ଦୃଢତା, ସ୍ଥୈର୍ଯ୍ୟ ।—**to the backbone**, ସର୍ବାଂଶରେ, ସମ୍ପୂର୍ଣ୍ଣରୂପେ ।

**Back-door**, *n.* 1. ପଶ୍ଚାଦ୍ଭାଗର ଦ୍ୱାର, ପଛ ଦ୍ୱାର, ମଫସଲ ଦ୍ୱାର: 2. ଗୁପ୍ତ ଦ୍ୱାର, ଗୁପ୍ତ ବାଟ, ଗୁପ୍ତ ଉପାୟ ।

**Backgammon**, *n.* ପଶାଖେଳବିଶେଷ ।

**Background**, *n.* 1. ଛବିର ପଶ୍ଚାଦ୍ ଭାଗ; 2. ଅପ୍ରକାଶ୍ୟ ସ୍ଥାନ, ପୃଷ୍ଠ ଭୂମି, ଅପ୍ରକାଶିତାବସ୍ଥା, ପ୍ରଚ୍ଛନ୍ନାବସ୍ଥା ।

**Backhand**, **backhanded**, *a.* 1. ପୃଷ୍ଠହସ୍ତ ; 2. ହସ୍ତର ପୃଷ୍ଠ ଦ୍ୱାରା ଦତ୍ତ; 3. ପଛଆଡକୁ ବା ବାମପାର୍ଶ୍ୱକୁ ବଙ୍କ, (ଲେଖନ ସମ୍ବନ୍ଧରେ ବ୍ୟବହୃତ) ।

**Backing**, *n.* 1. ସାହାଯ୍ୟ, ସହାୟତା; 2. ପିଠିରେ ଅଲଗ୍ନ କିମ୍ବା ଲଗ୍ନ ପଦାର୍ଥ।

**Backside**, *n.* ପିଛ, ନିତମ୍ବ।

**Backslide**, *v.i.* ପିଛୁଳି ପଡ଼ିବାର, ସ୍ୱଧର୍ମ ତ୍ୟାଗ-କ, ପତିତ-ହେ, ଭ୍ରଷ୍ଟ-ହେ।

**Backslider**, *n.* ପିଛୁଳିପଡ଼ା ଲୋକ, ସ୍ୱଧର୍ମତ୍ୟାଗୀ।

**Backstair**, backstairs, *n.* ଗୃହ ପଶ୍ଚାଦ୍ଭାଗସ୍ଥ ସୋପାନ, ଗୁପ୍ତ ପାବଚ୍ଛ।—*a.* 1. ପଶ୍ଚାଦ୍ଭାଗସ୍ଥ ସୋପାନସମ୍ବନ୍ଧୀୟ; 2. ଅସରଳ, ଗୁପ୍ତ, ଅନ୍ୟାଯ୍ୟ।

**Back-stay**, *n.* ମାସ୍ତୁଲର ପଶ୍ଚାଦ୍ଭାଗସ୍ଥ ଦୌଡ଼ି।

**Backward**, backwards, *ad.* 1. ପଛେଇ; 2. ପଶ୍ଚାତ୍ରେ, ପଛରେ, ଗତକାଳରେ; 3. ଅଧୋଗତିରେ, ଭଲାବସ୍ଥାରୁ ମନ୍ଦାବସ୍ଥାରେ; 4. ବିପରୀତ ଅଡ଼େ, ଓଲଟା-ରୂପେ।

**Backward**, *a.* 1. ଅନିଚ୍ଛୁକ, ପଶ୍ଚାତ୍ପଦ; 2. ବିଳମ୍ବୀ, ଦୀର୍ଘସୂତ୍ରୀ, ଧୀମା, ଢିଲା, ସୁସ୍ତି; 3. ଅନୁନ୍ନତ, ଜଡ଼ବୁଦ୍ଧି; 4. ଓଲଟା, ବିପରୀତ।

**Backwardly**. *ad.* ଅନିଚ୍ଛୁକରୂପେ, ବିଳମ୍ବପୂର୍ବକ।

**Backwardness**, *n.* 1. ଅନିଚ୍ଛୁକତା; 2. ଢିଲାମି, ଦୀର୍ଘ-ସୂତ୍ରିତା, ବିଳମ୍ବ; 3. ଅନୁନ୍ନତି।

**Backwoods**, *n. pl.* ଦେଶ ସୀମାନ୍ତସ୍ଥିତ ବନ ସମୂହ।

**Bacon**, *n.* ଶୂକରର ଲବଣାକ୍ତ ଶୁଷ୍କ ମାଂସ।

**Baconian**, *a.* ଲର୍ଡ଼୍ ବେକନଙ୍କ ସମ୍ବନ୍ଧୀୟ ବା ତାଙ୍କର ବିଜ୍ଞାନ ମତସମ୍ବନ୍ଧୀୟ।

**Bacteriologist**, *n.* ରୋଗୋତ୍ପାଦକ କୀଟାଣୁସମ୍ବନ୍ଧୀୟ ବିଜ୍ଞାନବିତ୍।

**Bacteriology**, *n.* ରକ୍ତରେ ସ୍ଥିତ ରୋଗୋତ୍ପାଦକ କୀଟାଣୁ-ସମ୍ବନ୍ଧୀୟ ବିଜ୍ଞାନ।

**Bacterium**, *n.* (*pl.* bacteria), ପଚା ବା ରୋଗ ଅବସ୍ଥାରେ ଜାତ କୀଟାଣୁ, ରକ୍ତରେସ୍ଥିତ ରୋଗ ଉତ୍ପାଦକ କୀଟାଣୁ।

**Bad**, *a.* 1. ମନ୍ଦ, କୁ; 2. ଶାରୀରିକ ବା ନୈତିକ ଉତ୍ତମ-ଗୁଣବର୍ଜିତ, ଦୁଷ୍ଟ, ଅଧମ, ଦୁରାଚାରୀ, ଦୁର୍ନୀତ; 3. ଅସୁସ୍ଥ, ଦୁର୍ବଳ; 4. କ୍ଷତିକର, ନାଶକ, ଅସ୍ୱାସ୍ଥ୍ୟଜନକ, ଅପକାରୀ, ଅହିତକାରୀ; 5. ନୀରସ, ଅଯୋଗ୍ୟ, ଅପାରଗ; 6. ଦୋଷଯୁକ୍ତ, ଅଶୁଦ୍ଧ; 7. ଅମୂଳ।—bad blood, ଶତ୍ରୁତା। to be on bad terms, ଅନୈକ୍ୟ-ହେ।—*n.* 1. ଯାହା ମନ୍ଦ, ଦୁଷ୍ଟ ଲୋକ ସବୁ; 2. ମନ୍ଦ ଅବସ୍ଥା।

**Badge**, *n.* ଚିହ୍ନ, ନିଶାଣୀ, ମୁଦ୍ରା, ଚପରାସ୍।

**Badger**, *n.* ଗର୍ତ୍ତବାସୀ ପଶୁବିଶେଷ।—*v.t.* ବିରକ୍ତିଜନକ କଥା ବା ଜିଦ୍ ଦ୍ୱାରା ଆକ୍ରମଣ-କ, ବିରକ୍ତ-କ, ବ୍ୟସ୍ତ-କ, କ୍ଲେଶ-ଦେ।

**Badinage**, *n.* *bad'-i-nāj*, (French), ଲଘୁ ବା କୌତୁକ କଥା, ହାସ୍ୟ କଥା।

**Badly**, *ad.* 1. ମନ୍ଦରୂପେ; 2. ଦୁଷ୍ଟତାପୂର୍ବକ; 3. କ୍ଷତି-କରରୂପେ, ଗୁରୁତରରୂପେ; 4. ଅପଟୁରୂପେ, ଅନିପୁଣ-ରୂପେ; 5. ଅଶୁଦ୍ଧରୂପେ; 6. କଷ୍ଟରୂପେ।

**Badminton**, *n.* କ୍ରୀଡ଼ାବିଶେଷ।

**Badness**, *n.* 1. ମନ୍ଦାବସ୍ଥା, ମନ୍ଦତା; 2. ଦୁଷ୍ଟତା; 3. ଅନିପୁଣତା; 4. ଅଶୁଦ୍ଧତା।

**Baffle**, *v.t.* ବିଫଳ-କ, ପରାସ୍ତ-କ, ଅପ୍ରସ୍ତୁତ-କ, ଏଡ଼ାଇ-ବାର।—to baffle description, ବର୍ଣ୍ଣନା କରା ଯାଇ ନ ପାରିବାର।

**Bag**, *n.* 1. ଥଳି, ମୁଣି, ଝୋଲି; 2. ବସ୍ତା; 3. ବସ୍ତାରେ ଥିବା ଶିକାରୀ ଜନ୍ତୁ ଆଦି; 4. ପଶୁର ସ୍ତନାଦି।—*v.t.* 1. ଥଳିରେ ବା ବସ୍ତାରେ ରଖିବାର; 2. ଫମ୍ପାଇବାର, ସ୍ଫୀତ-କ; 3. ବନ୍ଧୁକରେ ମାରିବାର, ଧରିବାର।—*v.i.* ସ୍ଫୀତ-ହେ।

**Bagatelle**, *n.* 1. କ୍ଷୁଦ୍ର ବିଷୟ, ତୁଚ୍ଛ ବିଷୟ, ସାମାନ୍ୟ କଥା, ଛଳମାତ୍ର; 2. କ୍ରୀଡ଼ାବିଶେଷ।

**Baggage**, *n.* 1. ଚଳନ୍ତି ସୈନ୍ୟର ପାଥେୟ ଦ୍ରବ୍ୟାଦି; 2. ଯାତ୍ରୀର ଚିଜବସ୍ତୁ, ଅସ୍ବାବ; 3. ନୀରସ ସ୍ତ୍ରୀ; 4. ଯୁବ-ତୀର କୌତୁକଯୁକ୍ତ ନାମ।

**Bagging**, *n.* ବସ୍ତାର ଲୁଗା, ଅଖା।

**Bagnio**, *n.* *ban'-yo*, 1. ସ୍ନାନାଗାର; 2. ବେଶ୍ୟାଳୟ; 3. ବନ୍ଦିଗୃହ, ଜେଲଖାନା।

**Bagpipe**, *n.* ବାଦ୍ୟବିଶେଷ।

**Bah**, *interj.* ବାଃ! ଘୃଣା ବିରକ୍ତି ବା ଅବଜ୍ଞାସୂଚକ ଶବ୍ଦ।

**Bail**, *v.t.* 1. ହାଜର ଜାମିନ୍ ନେଇ ଛାଡ଼-ଦେ, ଜାମିନ୍ରେ ଖଲାସ-ଦେ; 2. ହାଜର ଜାମିନ୍-ଦେ।—*n.* 1. ଜାମିନ୍, ହାଜର ଜାମିନ୍, ଫଏଲ ଜାମିନ୍, ପ୍ରତିଭୂ; 2. ଜାମିନ୍ରେ ଖଲାସ।

**Bail**, *n.* କ୍ରିକେଟ ଖେଳରେ ବ୍ୟବହୃତ ବାଡ଼ମାନଙ୍କ ଉପରେ ଥିବା ସାନ କାଠି।

**Bail**, bale, *v.t.* 1. କାଢ଼ିବାର; 2. ବାଲତି ଆଦି ଦ୍ୱାରା ପାଣି କାଢ଼ିବାର।

**Bailable**, *a.* ଜାମିନ୍ଯୋଗ୍ୟ, ପ୍ରତିଭୂଯୋଗ୍ୟ।

**Bailiff**, *n.* 1. ନାଜର, କଟୁଆଲ, ଦଣ୍ଡଦାୟକ; 2. ଭୂସମ୍ପ-ତ୍ତିର କର୍ମନିର୍ବାହକ, ଗୁମାସ୍ତା।

**Bailiwick**, *n.* ନାଜରର ଅଧିକାର ବା ସରହଦ।

**Bailment**, *n.* ବନ୍ଧକ।

**Bairn**, *n.* ଟୋକା।

**Bait**, *v.t.* 1. ବାଟରେ ଯାତ୍ରା କରିବାବେଳେ (ଘୋଡ଼ାଦିକୁ) ଦାନା-ଦେ; 2. ଚାରା ବା ଟୋପ ଲଗାଇବାର; 3. କୁକୁରମାନଙ୍କୁ ଉସ୍କାଇ ଆକ୍ରମଣ କରାଇବାର; 4. ବିରକ୍ତ-କ, କ୍ଲେଶ-ଦେ।—*v.i.* ଯାତ୍ରା କରିବାବେଳେ ବାଟରେ ରହି ଜଳଖିଆ କରିବାର ବା ଘୋଡ଼ାକୁ ଦାନା-ଦେ।—*n.* 1. ଟୋପ, ଚାରା; 2. ଫାନ୍ଦ, ପ୍ରଲୋଭନ; 3. ଯାତ୍ରା ବାଟରେ ଜଳଖିଆ।

**Baize**, *n.* ମୋଟା ପଶମୀ ଲୁଗାବିଶେଷ।

**Bake**, *v.t.* 1. ଅଗ୍ନିରେ ଶୁଖାଇବାର, ଖରାରେ ଟାଣ-କ; 2. ତନ୍ଦୁରରେ ପାକ-କ, ସେକିବାର; 3. ଭାଟିରେ ପୋଡ଼ି-ବାର।—*v.i.* 1. ରୁଟି ପ୍ରସ୍ତୁତ-କ; 2. ଉତ୍ତାପରେ ଶୁଷ୍କ ଓ ଟାଣ-ହେ।

**Bakehouse**, bakery, *n.* ପାକ କରିବା ଘର, ପୂପା-ଗାର, ରୁଟିଶାଳା।

**Baker**, *n.* ରୁଟିଭିଆଳି, ପୂପକାର ।

**Baking**, *n.* 1. ପାକ କାର୍ଯ୍ୟ; 2. ଯେତେ ରୁଟି ଥରକେ ସେକା ହୁଏ ।  [ପୁରସ୍କାର ।

**Bakshish, bukshish, backshish**, *n.* ବକଶିସ୍,

**Balance**, *n.* 1. ତରାଜୁ, ନିକ୍ତି; 2. ଜମା ଓ ଖର୍ଚ୍ଚ ପାଖ ହିସାବର ତୁଳନା, ବକେୟା, ବାକି, ଦେୟ ବାକି; 3. ସମାନ ଓଜନ, ଗୁରୁତ୍ୱର ତୁଲ୍ୟଭାର; 4. ଘଣ୍ଟାର ଗତି ନିୟାମକ ଅଂଶ; 5. ରାଶିଚକ୍ରର ଚିହ୍ନ, ତୁଳରାଶି ।—*v.t.* 1. ସମାନ -କ, ସମଗୁରୁତ୍ୱ-କ, ତୁଲ୍ୟଭାର-କ; 2. ତରାଜୁ ସମାନ-କ, ତୌଳିବାର; 3. ମନରେ ତୌଳିବାର, ଆନ୍ଦୋଳନ-କ, ନିର୍ଣ୍ଣୟ-କ; 4. ହିସାବ ଠିକ୍-କ, ବାକି କାଟିବାର ।—*v.i.* 1. ସମଗୁରୁ-ହେ, ସମାନ-ହେ, ତୁଲ୍ୟଭାର-ହେ; 2. ଦୋଲାୟମାନ-ହେ, ଆଗପଛ-କ, ସନ୍ଦିଗ୍ଧ-ହେ ।

**Balance-sheet**, *n.* ଦେଣା ପାଉଣାର ସଂକ୍ଷିପ୍ତ ହିସାବ ।

**Balance-wheel**, *n.* ଘଣ୍ଟାର ଗତି ପରିଚାଳକ ଚକ ।

**Balcony**, *n.* ଉପର ଘରର ସମ୍ମୁଖରେ ଥିବା ବାରଣ୍ଡା-ବିଶେଷ, ପ୍ରଗ୍ରୀବ ।

**Bald**, *a.* 1. ମୁଖରେ ଧଳା ଦାଗଯୁକ୍ତ (ଜନ୍ତୁ ସମ୍ବନ୍ଧରେ ବ୍ୟବହୃତ); 2. କେଶହୀନ, ଟାଙ୍ଗରା, ଚନ୍ଦା, ଲଣ୍ଡା; 3. ଅଭୂଷିତ, ଅନଳଙ୍କୃତ, ନଗ୍ନ, ତୁଚ୍ଛ; 4. ଅନାବୃତ, ପ୍ରକାଶ୍ୟ ।

**Balderdash**, *n.* ଅନର୍ଥକ ବାକ୍ୟ, ପ୍ରଳାପ, ବୃଥା ବକ୍ତୃତା ।

**Baldly**, *ad.* ଅନଳଙ୍କୃତରୂପେ, ନଗ୍ନରୂପେ, ତୁଚ୍ଛରୂପେ, ଅସୁନ୍ଦରରୂପେ ।

**Baldness**, *n.* 1. କେଶହୀନତା, ଟାଙ୍ଗରାଭାବ; 2. ନଗ୍ନତା, ଅଳଙ୍କାରହୀନତା ।

**Baldrick, baldric**, *n.* ଖଡ୍ଗାଦି ଧରିବା ନିମନ୍ତେ ସ୍କନ୍ଧ-ପରି ପିନ୍ଧାଯିବା ଶୋଭିତ ବନ୍ଧନୀବିଶେଷ ।

**Bale**, *n.* ବସ୍ତା, ପୁଳିନ୍ଦା ।—*v.t.* ବସ୍ତା ବାନ୍ଧିବାର ।

**Balefire**, *n.* ଶଙ୍କାଜ୍ଞାପକ ଆଲୋକ, ପ୍ରଜ୍ୱଳିତ ଅଗ୍ନି ।

**Baleful**, *a.* 1. ଦୁଃଖଗ୍ରସ୍ତ, ଶୋକଗ୍ରସ୍ତ; 2. ଅନିଷ୍ଟକାରୀ, କ୍ଷତିକର, ବିନାଶକ ।

**Balefully**, *ad.* 1. ଦୁଃଖଗ୍ରସ୍ତଭାବେ, ଶୋକଗ୍ରସ୍ତରୂପେ; 2. ଅନିଷ୍ଟପୂର୍ବକ, କ୍ଷତିକରରୂପେ, ନାଶକରୂପେ ।

**Balefulness**, *n.* 1. ଦୁଃଖଗ୍ରସ୍ତତା, ଶୋକଗ୍ରସ୍ତତା; 2. କ୍ଷତି-କାରକତା ।

**Balk**, *n.* 1. ଚଷା ଭୂମି ମଧ୍ୟରେ ଅଚଷା ଭୂମି ଖଣ୍ଡ, ସୀମା ନିରୂପକ ପଡ଼ିଆ ଭୂମି; 2. କଡ଼କାଠ; 3. ବାଧା, ଅଟକ; 4. ବିଫଳତା, ଆଶାଭଙ୍ଗ ।—*v.t.* ବାଧା-ଦେ, ପ୍ରତିରୋଧ-କ, ଆଶାଭଙ୍ଗ-କ, ବ୍ୟର୍ଥ-କ, ବିଫଳ-କ, ଏଡ଼ାଇ ଦେବାର ।—*v.i.* (ଘୋଡ଼ା ପରି) ହଠାତ୍ ରହି ଯିବାର ।

**Ball**, *n.* ଗୋଲକ, ପେଣ୍ଡୁ, ବାଟି, ଗୋଲି, ଗୋଳା, ଗୁଳି, ଗୁଟିକା ।—*v.i.* ଗୋଲାକାର-ହେ, ଗୋଲାକାର ହୋଇ ଲାଗି ରହିବାର ।

**Ball**, *n.* ନାଚିବା ନିମନ୍ତେ ସ୍ତ୍ରୀ ଓ ପୁରୁଷମାନଙ୍କର ସାମାଜିକ ମେଳ, ନାଚଖାନା ।  [ଗୀତ ।

**Ballad**, *n.* ସାମାନ୍ୟ କବିତା, ସାମାନ୍ୟ ବିବରଣସମ୍ବନ୍ଧୀୟ

**Ballad-monger**, *n.* 1. ସାମାନ୍ୟ କବିତା ବିକ୍ରୟକାରୀ; 2. କ୍ଷୁଦ୍ର କବି ।

**Ballast**, *n.* 1. ଜାହାଜ ସ୍ଥିରକରଣାର୍ଥେ ତଳ ତଳେ ଥିବା ବୋଝ, କଲମ୍-ବେଲୁନରେ ଥିବା ବାଲି ବୋଝ; 2. ରେଲ ରାସ୍ତାର ମଧ୍ୟ ସ୍ଥାନରେ ଥିବା ପଥର ମାଟି ଆଦି; 3. ମନର ସ୍ଥିରକାରୀ ବିଷୟ, ଚରିତ୍ରର ଦୃଢ଼ତା ।—*v.t.* 1. ଜାହାଜ ଆଦି ସ୍ଥିରକରଣାର୍ଥେ ବୋଝାଇ-କ; 2. ସ୍ଥିର-କ, ଦୃଢ଼-କ ।

**Ballet**, *n.* *bal'-lā*, **(French)**, ନାଚଯୁକ୍ତ ଅଭିନୟ ।

**Ballista**, *n.* ପ୍ରସ୍ତରାଦି କ୍ଷେପଣାର୍ଥେ ପୁରାତନ ସମୟର ଯୁଦ୍ଧ-ଯନ୍ତ୍ର ବିଶେଷ ।

**Balloon**, *n.* ଗୋଲାକାର ବୃହତ୍ ଫମ୍ପା ବସ୍ତୁ, ବ୍ୟୋମ-ଯାନ, ବେଲୁନ୍ ।

**Ballot**, *n.* 1. ମତ ପ୍ରକାଶ କରିବା ନିମନ୍ତେ ବ୍ୟବହୃତ ଗୋଲିଆଦି; 2. ଉପରୋକ୍ତରୂପେ ମତ ପ୍ରକାଶ କରିବାର ପ୍ରଥା ।—*v.i.* ଉପରୋକ୍ତରୂପେ ମତ ପ୍ରକାଶ-କ ।

**Ballot-box**, *n.* ମତ ପ୍ରକାଶ କରିବା ନିମନ୍ତେ ଗୋଲିଆଦି ପକାଇବା ବାକ୍ସ ।

**Balm**, *n.* *bäm*, 1. ବୃକ୍ଷନିର୍ଗତ ଗନ୍ଧରସବିଶେଷ, ଗୁଗ୍ଗୁଳ; 2. ସୁଗନ୍ଧି ମଲମ ବା ପ୍ରଲେପ; 3. ଯନ୍ତ୍ରଣା ଉପଶମକାରକ ଦ୍ରବ୍ୟ; 4. କେତେକ ସୁଗନ୍ଧି କ୍ଷୁଦ୍ର ବୃକ୍ଷର ନାମ ।—*v.t.* ସୁଗନ୍ଧି ମଲମ ଦ୍ୱାରା ମର୍ଦ୍ଦନ-କ; 2. ଉପଶମିତ-କ, ଶାନ୍ତ-କ ।

**Balmy**, *a.* 1. ସୁଗନ୍ଧି; 2. ଶାନ୍ତକାରକ, ଉପଶମକାରକ, ମୃଦୁ, ମନ୍ଦ ।

**Balsam**, *n.* 1. ବୃକ୍ଷ ନିର୍ଗତ ସୁଗନ୍ଧି ନିର୍ଯ୍ୟାସ; 2. ଉପ-ଶମକାରକ ମଲମ ।

**Balsamic**, *a.* ଗନ୍ଧରସ ଗୁଣବିଶିଷ୍ଟ, ସୁଗନ୍ଧି, ମୃଦୁ, ଉପ-ଶମକାରକ ।  [ସ୍ତମ୍ଭ ।

**Baluster**, *n.* କ୍ଷୁଦ୍ର ପିଲପାହ୍ୟା ବା ସ୍ତମ୍ଭବିଶେଷ, ସୋପାନ

**Balustrade**, *n.* ପୂର୍ବୋକ୍ତ ପିଲପାହ୍ୟା ବା ସ୍ତମ୍ଭର ଶ୍ରେଣୀ, ସୋପାନ ସ୍ତମ୍ଭଶ୍ରେଣୀ ।

**Bamboo**, *n.* ବାଉଁଶ ।

**Bamboozle**, *v.t.* ପ୍ରତାରଣା-କ, ଭଣ୍ଡାଇବାର, ଠକିବାର ।

**Ban**, *n.* 1. ଘୋଷଣାପତ୍ର, ବିଜ୍ଞାପନ; 2. ନିଷେଧାଜ୍ଞା; 3. ଶାପ, ଅଭିଶାପ; 4. ସମାଜଚ୍ୟୁତକରଣ; 5. *pl.* ବିବାହ ବିଜ୍ଞାପନ ।—*v.t.* 1. ଶାପ-ଦେ, ଅଭିଶାପ-ଦେ, ଶାପା-ଧୀନ-କ; 2. ନିଷେଧାଜ୍ଞା ପ୍ରଚାର-କ ।

**Banana**, *n.* କଦଳୀ, କଦଳୀ ବୃକ୍ଷ ।

**Band**, *n.* 1. ବନ୍ଧନ; 2. ବନ୍ଧନୀ; 3. ଶୃଙ୍ଖଳ; 4. ଡୋର, ଧଡ଼ି; 5. ସମ୍ପ୍ରଦାୟ, ଦଳ; 6. ସୈନ୍ୟ ଦଳ; 7. ବାଦ୍ୟକାରୀ ଦଳ; 8. *pl.* ଗଳାବନ୍ଧନବିଶେଷ ।—*v.t.* 1. ଏକତ୍ରରେ ବାନ୍ଧିବାର; 2. ସମାଜରେ ସଂଯୁକ୍ତ-କ, ଦଳଭୁକ୍ତ କରାଇବାର; 3. ରେଖାଯୁକ୍ତ-କ, ଡୋରଯୁକ୍ତ-କ ।—*v.i.* ଦଳଭୁକ୍ତ-ହେ, ଦଳବଦ୍ଧ-ହେ ।

**Bandage**, *n.* ପଟି, ବନ୍ଧନୀ ।—*v.t.* ପଟି ଦ୍ୱାରା ବାନ୍ଧିବାର ।

**Bandana, bandanna**, *n.* ରେଶମର ରୁମାଲବିଶେଷ, ନକ୍ସାକୃତ ରୁମାଲବିଶେଷ ।

**Bandbox**, *n.* ଟୋପି ଆଦି ରଖିବା ପାଇଁ କାଗଜ ନିର୍ମିତ ସାନ ବାକ୍ସବିଶେଷ ।  [ଯୁକ୍ତ ।

**Banded**, *p. a.* 1. ଦଳବଦ୍ଧ; 2. ଡୋରାଯୁକ୍ତ, ରେଖା-

**Banderole**, *n.* କ୍ଷୁଦ୍ର ପତାକା ବା ଧ୍ୱଜା ।

**Bandicoot**, *n.* ବଡ ମୂଷା ବିଶେଷ ।

**Bandit**, *n.* (*pl.* banditti and bandits), ଡକାଇତ, ଦସ୍ୟୁ । [ବିକଳା ।

**Bandoleer**, *n.* ଟୋଟାଥଳି ବନ୍ଧିବା ନିମନ୍ତେ ଫାଳର

**Bandy**, *n.* 1. ପେଣ୍ଡୁ ମାରିବାର ବଙ୍କ ଯଷ୍ଟି; 2. ପେଣ୍ଡୁ ଖେଳବିଶେଷ; 3. ବଙ୍ଗଦେଶୀୟ ଯାନବିଶେଷ ।—*v.t.* 1. ଏପାଖେ ସେପାଖେ ମାରିବାର, ଏପାଖେ ସେପାଖେ ଫୋପାଡିଦେ; 2. ପରସ୍ପରରେ ବିନିମୟ୍-କ, ବିନିମୟ୍-କ ।—to bandy words, ବାକ୍‌ଯୁଦ୍ଧ-କ ।

**Bandy**, *a.* ବକ୍ର ।

**Bandy-legged**, *a.* ବକ୍ର ପାଦବିଶିଷ୍ଟ, ବଙ୍କା ଗୋଡଥିବା ।

**Bane**, *n.* 1. ମୃତ୍ୟୁ, ବିନାଶ ବା ଅପକାରର ମୂଳ, ଅନିଷ୍ଟର କାରଣ, ବିନାଶ ହେତୁ; 2. ପ୍ରାଣନାଶକ ବିଷ, ଜହର ।

**Baneful**, *a.* 1. ମନ୍ଦଭାବପୂର୍ଣ୍ଣ, ଅନିଷ୍ଟକର; 2. ବିଷାକ୍ତ, ବିଷଯୁକ୍ତ, ମାରାତ୍ମକ, ବିନାଶକ । [ରୂପେ ।

**Banefully**, *ad.* 1. ଅନିଷ୍ଟକରରୂପେ; 2. ବିନାଶକ-

**Bang**, *v.t.* 1. ମାରିବାର, ପିଟିବାର; 2. ପ୍ରହାର-କ, ଆଘାତ-କ ।—*v.i.* 1. ଉଚ୍ଚ ଶବ୍ଦରେ ପ୍ରତିଧ୍ୱନିତ-ହେ, ଉଚ୍ଚ ଶବ୍ଦ-କ; 2. ଉଚ୍ଚ ଶବ୍ଦରେ ଆଘାତ-କ ।—*n.* 1. ଉଚ୍ଚ ଧ୍ୱନି, ବନ୍ଧୁକ ଫୁଟାଇବା ଶବ୍ଦ; 2. ଠେଙ୍ଗାରେ ଆଘାତ, ପ୍ରବଳତର ପ୍ରହାର, ଆଘାତ ।

**Bangle**, *n.* ଭୁଜ, ଖଡୁ, ବାଜୁ, ବଳା ।

**Banian**, banyan, *n.* 1. ମହାଜନ, ବଣିକ, ମାଂସ ଅନାହାରୀ ବଣିକ; 2. ଢିଲା ଅଙ୍ଗରଖା ବିଶେଷ ।—banian days, ଜାହାଜମାନଙ୍କ ମାଂସ ନ ଖାଇବା ଦିନମାନ ।

**Banish**, *v.t.* 1. ଦେଶାନ୍ତର-କ, ନିର୍ବାସିତ-କ, ଦେଶରୁ ବହିର୍ଗତ-କ; 2. (ମନରୁ) ଦୂର-କ, ବହିର୍ଗତ-କ ।

**Banishment**, *n.* ଦେଶାନ୍ତରକରଣ, ନିର୍ବାସନ, ଦେଶ ବହିର୍ଗତତା, ଦୂରୀକରଣ ।

**Banister**, see **Baluster.**

**Banjo**, *n.* ବାଦ୍ୟ ଯନ୍ତ୍ରବିଶେଷ ।

**Bank**, *n.* 1. ଢିପି, ଉଚ୍ଚୋନ୍ନତ ଭୂମି; 2. ପଣି; 3. ତଟ, କୂଳ, ବନ୍ଧ; 4. ଚଡା; 5. ଅରିଆ ମାରିବା ଲୋକର ଆସନ; 6. ଅରିଆଶ୍ରେଣୀ ।—*v.t.* ବନ୍ଧ ପ୍ରସ୍ତୁତ-କ, ବନ୍ଧ ପକାଇବାର, ଘୋଷ୍ଟ୍ରବନ୍ଦ-କ ।

**Bank**, *n.* 1. ଧନାଗାରକୋଠୀ, ବଣିକାଳୟ; 2. ସମ୍ମିଳିତ ବ୍ୟବସାୟିମାନଙ୍କର ମୂଳ ଧନ ।—*v.t.* ଧନାଗାରରେ ରଖିବାର ।

**Banker**, *n.* ଧନାଗାରାଧ୍ୟକ୍ଷ, ବଣିଆ, ପୋଦ୍ଦାର ।

**Bank-note**, *n.* ବରାତ ଚିଠି, ନୋଟ ।

**Bankrupt**, *n.* ଋଣ ଶୋଧାକ୍ଷମ ବ୍ୟକ୍ତି, ଦେଉଲିଆ ।—*a.* 1. ଋଣ ଶୋଧନରେ ଅକ୍ଷମ; 2. ସମ୍ପୂର୍ଣ୍ଣରୂପେ ଅକ୍ଷମ, ସର୍ବସ୍ୱରହିତ ।—*v.t.* ଋଣ ଶୋଧନରେ ଅକ୍ଷମ-କ ।

**Bankruptcy**, *n.* ଦେଉଲିଆ ଅବସ୍ଥା, ଋଣ ଶୋଧନରେ ଅକ୍ଷମତା ।

**Bank-stock**, *n.* ଧନାଗାରର ମୂଳଧନର ଏକ ଅଂଶ ।

**Banner**, *n.* 1. ବାନା; 2. ଧ୍ୱଜା, ପତାକା, ଝଣ୍ଡା, ଯୁଦ୍ଧ ପତାକା ।

**Banns**, *n.* ବିବାହ ବିଜ୍ଞାପନ ।

**Banquet**, *n.* ଭୋଜ, ମହାଭୋଜ, ମହୋତ୍ସବ ।—*v.t.* ଉତ୍ତମ ଭୋଜ-ଦେ ।—*v.i.* ଭୋଜ ଖାଇବାର, ପରିତୃପ୍ତିପୂର୍ବକ ଭୋଜ ଖାଇବାର ।

**Banter**, *v.t.* ଉପହାସ ଦ୍ୱାରା ଆକ୍ରମଣ-କ, ଥଟ୍ଟା-କ, ପରିହାସ-କ, ବିଦ୍ରୂପ-କ ।—*n.* ଥଟ୍ଟା, ପରିହାସ, ବିଦ୍ରୂପ ।

**Bantling**, *n.* ଟୋକାଟି, ପିଲାଟି, ଶିଶୁ, ଅପ୍ରାପ୍ତ ଯୁବା ।

**Banyan**, banyan-tree, banian, *n.* ବଟ ବୃକ୍ଷ, ବର ଗଛ ।

**Baptism**, *n.* 1. ଜ୍ଞାନ, ଅବଗାହନ, ବାପ୍ତିସ୍ମ, ଖ୍ରୀଷ୍ଟ ଧର୍ମ ଗ୍ରହଣର ଚିହ୍ନ; 2. ଶୌଚସମ୍ବନ୍ଧୀୟ ସ୍ନାନ । [ସମ୍ବନ୍ଧୀୟ ।

**Baptismal**, *a.* ଜ୍ଞାନସମ୍ବନ୍ଧୀୟ, ଖ୍ରୀଷ୍ଟଧର୍ମ ଗ୍ରହଣର ଚିହ୍ନ-

**Baptist**, *n.* 1. ଜ୍ଞାନକ, ଅବଗାହକ, ବିଶେଷତଃ ଯୋହନ ଜ୍ଞାନକ, see Matthew III. 1; 2. ଜ୍ଞାନିତ ବିଶ୍ୱାସୀ, ଖ୍ରୀଷ୍ଟ ଧର୍ମାବଲମ୍ବୀ ଖ୍ରୀଷ୍ଟରେ ବିଶ୍ୱାସର ପ୍ରକାଶ୍ୟ ସ୍ୱୀକାର କଲା ପରେ ତାହାର ଜଳରେ ନିମଜ୍ଜନ ହେବା ପ୍ରକୃତ ବାପ୍ତିସ୍ମ ଅଟେ ଏବଂ ପୁନର୍ଜାତ ଓ ଜ୍ଞାନିତ ଲୋକମାନଙ୍କ ଦ୍ୱାରା ଧର୍ମମଣ୍ଡଳୀ ଗଠିତ ଅଟେ ବୋଲି ଯେ ସମର୍ଥନ କରେ ।

**Baptistry**, *n.* ଜ୍ଞାନକୁଣ୍ଡ ।

**Baptize**, *v.t.* ଜ୍ଞାନିତ-କ, ଜ୍ଞାନ-ଦେ, ବାପ୍ତିସ୍ମ-ଦେ ।

**Bar**, *n.* 1. ମୋଟ ଅପେକ୍ଷା ଲମ୍ବ କାଠ ବା ଧାତୁ ଖଣ୍ଡ; 2. ଡୁଡୁକା, ଅର୍ଗଳ; 3. ଅଟକ, ପ୍ରତିବନ୍ଧକ, ଅବରୋଧ, ବିଘ୍ନ, ବାଧା; 4. ନଦୀ ମୁହାଣରେ ସ୍ଥିତ ଚଡା, ସଙ୍କୀର୍ଣ୍ଣ ଲମ୍ବ ଚଡା; 5. ଅଦାଲତରେ ଉକୀଲମାନଙ୍କର ବିଚାରାର୍ଥକ ସ୍ଥାନ; 6. ବିଚାର ସମୟରେ ଅସାମିର ଠିଆ ହେବା ସ୍ଥାନ; 7. ଉକୀଲ ସମ୍ପ୍ରଦାୟ; 8. ବିଚାରାଳୟ, ଧର୍ମାଧିକରଣ; 9. ମଦ୍ୟ ଦୋକାନର ମେଜ ବା କୋଠରି; 10. ବାଦ୍ୟରେ ତାଳ ଚିହ୍ନ; 11. ରଙ୍ଗଯୁକ୍ତ ଡୋରି ।—*v.t.* 1. ଡୁଡୁକା-ଦେ, ରୁନ୍ଧ-କ; 2. ବାଧା-କ, ଅଟକ-କ, ନିଷେଧ-କ; 3. ସ୍ଥଗିତ-ଦେ, ବାଦ୍-ଦେ; 4. ଡୋରିଯୁକ୍ତ-କ ।—to be barred by limitation, ତମାଦି-ହେ ।

**Barb**, *n.* 1. (କାଣ୍ଡ) ଫଳ, (ବଡଶୀ କଣ୍ଟାର) ଫଳ; 2. ଅଁଶୁ ।—*v.t.* ଉକ୍ତ ଫଳ ଯୋଗ-କ ।

**Barb**, *n.* ବାର୍ବାରୀ ଦେଶୀୟ ଅଶ୍ୱ ।

**Barbacan**, barbican, *n.* ପ୍ରହରୀର ଗଡ, ନଗର ଦ୍ୱାର ରକ୍ଷାର୍ଥେ ତହିଁ ସମ୍ମୁଖସ୍ଥ ଗଡ ବା ବୁରୁଜ ।

**Barbarian**, *n.* 1. ବିଦେଶୀୟ ଲୋକ; 2. ନିଷ୍ଠୁର ଲୋକ, ନିର୍ଦ୍ଦୟ ଲୋକ; 3. ବନବାସୀ, ଅସଭ୍ୟ ବ୍ୟକ୍ତି, ମ୍ଲେଚ୍ଛ ଲୋକ ।—*a.* 1. ବନବାସିସମ୍ବନ୍ଧୀୟ, ଅସଭ୍ୟ, ମ୍ଲେଚ୍ଛ; 2. ନିଷ୍ଠୁର ।

**Barbaric**, *a.* 1. ଅସଭ୍ୟ ଲୋକସମ୍ବନ୍ଧୀୟ, ଅସଭ୍ୟ; 2. କୁରୁଚିରେ ଭୂଷିତ ।

**Barbarism**, *n.* 1. ଅସଭ୍ୟ ଲୋକମାନଙ୍କ ଅବସ୍ଥା, ଅସଭ୍ୟତା, ମ୍ଲେଚ୍ଛତା; 2. ନିଷ୍ଠୁରତା; 3. ଅଶୁଦ୍ଧ ଭାଷା ।

**Barbarity**, *n.* 1. ଅସଭ୍ୟ ଲୋକର ଅବସ୍ଥା ବା ଗୁଣ, ଅସଭ୍ୟତା; 2. ନିଷ୍ଠୁରତା, ନିର୍ଦ୍ଦୟତା, କ୍ରୂରତା; 3. ନିଷ୍ଠୁର କାର୍ଯ୍ୟ ।

**Barbarize**, *v.t.* ଅସଭ୍ୟ ଅବସ୍ଥାରେ ପରିଣତ-କ; *v.i.* 1. ଅସଭ୍ୟ ଭାଷା ବ୍ୟବହାର-କ; 2. ଅସଭ୍ୟ ଅବସ୍ଥାରେ ପଡିବାର ।

**Barbarous**, *a.* 1. ଅସଭ୍ୟ ଲୋକସମ୍ବନ୍ଧୀୟ, ଅସଭ୍ୟ ଲୋକ ପରି; 2. ଅସଭ୍ୟ, ଅଶୁଦ୍ଧ; 3. ନିଷ୍ଠୁର, ନିର୍ଦ୍ଦୟ, କ୍ରୂର; 4. ବିଦେଶିସମ୍ବନ୍ଧୀୟ; 5. କର୍କଶ ।

**Barbarously**, *ad.* 1. ଅସଭ୍ୟ ଭାବରେ; 2. ନିଷ୍ଠୁରରୂପେ, ନିର୍ଦ୍ଦୟରୂପେ ।

**Barbecue**, *n.* 1. ମାଂସ ଭାଜିବାର ବଡ ଝାଞ୍ଜିରି; 2. ଶୂକରାଦି ଜନ୍ତୁର ସମୁଦାୟ ଶରୀରର କବାବ୍; 3. ଖୋଲା ସ୍ଥାନରେ ଉପରୋକ୍ତ କବାବର ମହାଭୋଜ ।—*v.t.* (ଶୂକରାଦି ଜନ୍ତୁର) ସମୁଦାୟ ଶରୀର ପ୍ରସ୍ତୁତ କରି କବାବ୍-କ ।

**Barbed**, *a.* ଫଳଯୁକ୍ତ, ଯଥା,—ବାଣଫଳଯୁକ୍ତ, କାଣ୍ଟଯୁକ୍ତ, ଖଣ୍ଡବଦ୍ଧ ।

**Barbel**, *n.* 1. ମତ୍ସ୍ୟବିଶେଷ; 2. ଅଶ୍ୱର ଜିହ୍ୱା ତଳେ ବର୍ଦ୍ଧିତ ମାଂସବିଶେଷ ।

**Barber**, *n.* ଭଣ୍ଡାରି, ନାପିତ, ବାରିକ ।—*v.t.* କ୍ଷୌର କରି ବାଳ କାଟିବାର ।

**Barbette**, *n.* 1. ତୋପ ମାରିବା ନିମନ୍ତେ ଗଡ ମଧ୍ୟରେ ଥିବା ମାଟିର ଉଚ୍ଚ ଗାନ୍ଥୁନିବିଶେଷ; 2. ତୋପ ମାରିବା ନିମନ୍ତେ ଯୁଦ୍ଧ ଜାହାଜରେ ଉଚ୍ଚ ମଞ୍ଚାବିଶେଷ ।

**Bard**, *n.* ଭାଟ, କବି, କାବ୍ୟକର୍ତ୍ତା ।

**Bard**, *n.* ଅଶ୍ୱସଜ୍ଜା ।

**Bardic**, *a.* କବିସମ୍ବନ୍ଧୀୟ, କାବ୍ୟସମ୍ବନ୍ଧୀୟ ।

**Bardling**, *n.* କ୍ଷୁଦ୍ର କବି, କୁକବି ।

**Bare**, *a.* 1. ଅନାବୃତ, ଉଲଗ୍ନ, ଠାଣ୍ଟିଆ; 2. ଶୂନ୍ୟ, ଖାଲି, ନିଅଣ୍ଟ, ଗୃହ ସାମଗ୍ରୀରହିତ; 3. ଜୀର୍ଣ୍ଣ; 4. କେବଳ; 5. ପ୍ରକାଶିତ; 6. ଅନଳଙ୍କୃତ ।—*v.t.* ଅନାବୃତ-କ, ଉଲଗ୍ନ-କ, ଖୋଲି-କ ।

**Barebacked**, *a.* ଶୂନ୍ୟପୃଷ୍ଠ, (ଘୋଡାର) ଜିନ୍‌ରହିତ ।

**Barefaced**, *a.* 1. ଅନାବୃତମୁଖ, ଖୋଲାମୁଖ; 2. ନିର୍ଲଜ୍ଜ, ବେଶରମୀ, ବେହିଆ; 3. ପ୍ରକାଶ୍ୟ, ସୁସ୍ପଷ୍ଟ ।

**Barefacedly**, *ad.* ନିର୍ଲଜ୍ଜରୂପେ, ବେଶରମିରୂପେ ।

**Barefacedness**, *n.* ନିର୍ଲଜ୍ଜତା, ବେହିଆମି ।

**Barefoot**, *a.* or *ad.* ଖାଲିଗୋଡ, ଖାଲିଗୋଡରେ, ଶୂନ୍ୟପାଦ, ନଗ୍ନପାଦ, ପାଦୁକାହୀନ ।

**Bareheaded**, *a.* ଖାଲିମୁଣ୍ଡ, ଶୂନ୍ୟମସ୍ତକ ।

**Barely**, *ad.* 1. ଅନାବୃତରୂପେ; 2. ପ୍ରାୟ ନୁହେଁ, କଷ୍ଟରେ; 3. ଅପ୍ରଚୁରରୂପେ, ଅସମ୍ପୂର୍ଣ୍ଣରୂପେ; 4. ସ୍ପଷ୍ଟରୂପେ, ଖୋଲି କରି ।

**Bareness**, *n.* ଅନାବୃତତା, ଅନୁର୍ବରତା, ଉଲଗ୍ନତା, ଅପ୍ରଚୁରତା, ଦୀନହୀନତା, ବସ୍ତ୍ରହୀନତା ।

**Bargain**, *n.* 1. ଚୁକ୍ତି, ନିୟମ, ନିବନ୍ଧ, କ୍ରୟବିକ୍ରୟର ଚୁକ୍ତି, ଭାଉ; 2. କ୍ରୀତଦ୍ରବ୍ୟ, ସସ୍ତା ମୂଲ୍ୟରେ କ୍ରୀତ ଦ୍ରବ୍ୟ ।—*v.i.* 1. ଚୁକ୍ତି-କ, ନିୟମ-କ; 2. ଭାଉ-କ, ଦର-କ, ମୂଲ-କ ।—*v.t.* ବିକ୍ରୟ-କ, ହସ୍ତାନ୍ତର-କ, generally followed by *away*.

**Barge**, *n.* 1. କ୍ରୀଡାର୍ଥ ନୌକାବିଶେଷ, ବଜରା; 2. ମାଲ ବହିବା ନାଆ ବିଶେଷ; 3. ଯୁଦ୍ଧଜାହାଜାଧ୍ୟକ୍ଷର ନୌକା ।

**Barilla**, *n.* ଅପରିଷ୍କାର କ୍ଷାରବିଶେଷ ।

**Bark**, *n.* ବକଲ, ଚୋପା, ବଲ୍କଳ, ଗଛଛାଲ ।—*v.t.* 1. ବକଲ କାଟିବାର, ଗଛଛାଲ ଛଡାଇବାର; 2. ଚର୍ମ ଛଡାଇବାର; 3. ବକଲ ଲଗାଇବାର, ବକଲ ଦ୍ୱାରା ରଙ୍ଗ-କ ।

**Bark**, *v.i.* ଭୁକିବାର ।—*n.* ଭୁକିବା ଶବ୍ଦ ।

**Barley**, *n.* ଯବ, ଶସ୍ୟବିଶେଷ ।

**Barley-corn**, *n.* 1. ଯବଦାନା; 2. ଇଞ୍ଚର ତୃତୀୟାଂଶ, ଯବ ।

**Barley-sugar**, *n.* ଜୁଆ ଚିନି, ପୂର୍ବ କାଳରେ ଯବରସରେ କୃତ ଜୁଆ ଚିନି ।

**Barm**, *n.* ମଦ୍ୟଫେଣ, ସୁରାମଣ୍ଡ ।

**Barmaid**, *n.* ମଦ୍ୟ ଦୋକାନରେ ଥିବା ପରିଚାରିକା ।

**Barmy**, *a.* ମଦ୍ୟଫେଣବିଶିଷ୍ଟ ।

**Barn**, *n.* ଅମାର, ଗୋଲାଘର, ଖମାର, ଶସ୍ୟାଗାର ।

**Barnacle**, *n.* 1. ହଂସବିଶେଷ; 2. ଶାମୁକବିଶେଷ, ଯାହା ଜାହାଜ ଅଧରେ ଲାଗି ଥାଏ ।

**Barnacles**, *n.* 1. ଘୋଡାର ନାଲବନ୍ଧ କରିବାବେଳେ ତାହା ନାକରେ ଦେବା ସଣ୍ଡାଶିବିଶେଷ; 2. ଚଷମାର ପରିହାସ୍ୟ ନାମ ।

**Barograph**, *n.* ଅଙ୍କଲେଖକ ବାୟୁମାନ ଯନ୍ତ୍ର ।

**Barometer**, *n.* ବାୟୁମାନ ଯନ୍ତ୍ର, ବୃଷ୍ଟ୍ୟାଦି ବୋଧକ ଯନ୍ତ୍ର ।

**Barometric**, *a.* ପୂର୍ବୋକ୍ତ ଯନ୍ତ୍ରସମ୍ବନ୍ଧୀୟ ।

**Baron**, *n.* ଇଂରାଜ କୁଳୀନର ନିମ୍ନଶ୍ରେଣୀସ୍ଥ ଲୋକ, ବାରନ୍ ।

**Baronage**, *n.* 1. ଉକ୍ତ କୁଳୀନସମ୍ପ୍ରଦାୟ; 2. ଉକ୍ତ କୁଳୀନ ଲୋକର ମର୍ଯ୍ୟାଦା ବା ସମ୍ପତ୍ତି ।

**Baroness**, *n.* 1. ପୂର୍ବୋକ୍ତ ଉପାଧିପ୍ରାପ୍ତ ବ୍ୟକ୍ତିର ଭାର୍ଯ୍ୟା; 2. ପୂର୍ବୋକ୍ତ କୁଳୀନ ଶ୍ରେଣୀସ୍ଥ ସ୍ତ୍ରୀଲୋକ ।

**Baronet**, *n.* ବାରନ୍ ତଳେ ଉପାଧିଧାରୀ ବ୍ୟକ୍ତି ।

**Baronetage**, *n.* ବାରୋନେଟ୍‌ସମ୍ବନ୍ଧୀୟ, ବାରୋନେଟ୍ ପଦର ମର୍ଯ୍ୟାଦା ।

**Baronial**, *n.* ବାରନ୍‌ସମ୍ବନ୍ଧୀୟ ।

**Barony**, *n.* 1. ବାରନର ଉପାଧି ବା ମର୍ଯ୍ୟାଦା; 2. ବାରନର ଭୂସମ୍ପତ୍ତି ।

**Baroscope**, *n.* ବାୟୁର ଗୁରୁତ୍ୱ ନିରୂପକ ଯନ୍ତ୍ର ।

**Barouche**, *n.* ଚାରିଚକିଆ ଗାଡିବିଶେଷ ।

**Barque, bark**, *n.* ତିନି ମାସ୍ତୁଲବିଶିଷ୍ଟ ଜାହାଜବିଶେଷ ।

**Barrack**, *n.* ସୈନ୍ୟଶାଳା, ସୈନ୍ୟଗୃହ, ସେନାନିବେଶ, ବାରକ୍, generally in the *pl.*

**Barrator, barretor**, *n.* 1. ମକଦମା କରିବାକୁ ଉତ୍ସାହ ଦିଏ ଯେ; 2. କଳହପ୍ରିୟ ବିଗ୍ରହକର୍ତ୍ତା; 3. ଜାହାଜର କର୍ତ୍ତା ଯେ ବୋଝାଇ ସମ୍ପର୍କରେ ପ୍ରବଞ୍ଚନା କରେ ।

**Barratry**, *n.* ଉକ୍ତ ଲୋକମାନଙ୍କର କ୍ରିୟା, see Barrator.

**Barrel**, *n.* 1. ପିପା; 2. ପିପାରେ ଧରିବା ପରିମାଣ; 3. ନଳୀ, ଚୁଙ୍ଗୀ ।—*v.t.* ପିପାରେ ରଖିବାର, ପିପାରେ ପୂରାଇବାର ।

**Barren**, *a.* 1. ବାଞ୍ଝ, ବନ୍ଧ୍ୟା; 2. ଅଫଳନ୍ତ, ଅଫଳା, ମରୁ, ଅନୁର୍ବର; 3. ଶୂନ୍ୟ, ଅନର୍ଥକ, ନୀରସ ।—*n.* ମରୁଭୂମି ।

**Barrenness**, *n.* 1. ବନ୍ଧ୍ୟାବସ୍ଥା, ବନ୍ଧ୍ୟାତ୍ୱ; 2. ଅନୁର୍ବରତା, ନିଷ୍ଫଳତା; 3. ଶୂନ୍ୟତା ।

**Barricade**, *n.* 1. ଶତ୍ରୁର ଅବରୋଧାର୍ଥେ ସ୍ୱଶୀକୃତ ବେଢା, ଗଡବନ୍ଦୀ; 2. ଅବରୋଧ ।—*v.t.* 1. ପୂର୍ବୋକ୍ତ ବେଢା ଦ୍ୱାରା ପଥାବରୋଧ-କ, ଗଡବନ୍ଦୀ-କ; 2. ଅବରୋଧ କ ।

**Barrier**, *n.* ବେଢା, ଅବରୋଧ, ଅଟକ, ବାଧା, ସୀମାନା, ସରହଦ, ସୀମାଚିହ୍ନ ।

**Barrister**, *n.* ପ୍ରଧାନ ଉକିଲବିଶେଷ, ବାରିଷ୍ଟର ।

**Barrow**, *n.* ହାତଗାଡିବିଶେଷ ।

**Barrow**, *n.* ପ୍ରାଚୀନକାଳୀନ କବର ଢିପ ।

**Barter**, *v.i.* ବିନିମୟ ଦ୍ୱାରା ବାଣିଜ୍ୟ-କ ।—*v.t.* ବିନିମୟ-କ ।—*n.* 1. ଦ୍ରବ୍ୟ ବିନିମୟ ଦ୍ୱାରା ବାଣିଜ୍ୟ, ବିନିମୟ; 2. ବିନିମୟ କରିବା ଦ୍ରବ୍ୟ ।

**Barytone, baritone**, *n.* ପୁରୁଷର ମଧ୍ୟମ ସ୍ୱର ।

**Basal**, *a.* ମୌଳିକ, ମୂଳେ ସ୍ଥିତ ।

**Basalt**, *n.* ସ୍ତମ୍ଭାକୃତି କୃଷ୍ଣବର୍ଣ୍ଣ ପ୍ରସ୍ତରସ୍ତୂପ ବିଶେଷ ।

**Bascule**, *n.* ତୋଳାପୋଲଙ୍କୁ ଉଠାଇବା ଓ ନିଗାଇବା ଯନ୍ତ୍ର ।—bascule bridge *n.* ତୋଳାପୋଲ ।

**Base**, *a.* 1. ତୁଚ୍ଛ, ନିକୃଷ୍ଟ, ନୀଚ, ଅଧମ, ପାମର, ପାଜି, କ୍ଷୁଦ୍ରମନା; 2. ମେକି, କୃତ୍ରିମ, ଅବିଶୁଦ୍ଧ, ଖାଦମିଶ୍ରିତ; 3. also bass, ଗମ୍ଭୀର, ଖାଦ୍, applied to sound.

**Base**, *n.* 1. ଭିତ୍ତି, ତଳଭାଗ, ଭୂମି, ମୂଳ, ଅଧୋଭାଗ; 2. ରସାୟନ ବିଦ୍ୟାରେ ପ୍ରଧାନ ଉପାଦାନ; 3. ଯୁଦ୍ଧଭୂମିରେ ମୂଳସ୍ଥାନ ।—*v.t.* 1. ଭିତ୍ତି ଉପରେ ସ୍ଥାପନ-କ; 2. ମୂଳଭିତ୍ତି ସ୍ଥାପନ-କ, ଭୂମିସ୍ଥାପନ କରାଇବାର ।

**Base-ball**, *n.* ପେଣ୍ଡୁ କ୍ରୀଡାବିଶେଷ ।

**Base-born**, *a.* 1. ନୀଚାବସ୍ଥାରେ ଜାତ, ନୀଚ ଲୋକଠାରୁ ଜାତ; 2. ଜାରଜ, ବିଜାତ, ବେଶ୍ୟା; 3. ଅଧମ ।

**Baseless**, *a.* 1. ଭିତ୍ତିହୀନ, ମୂଳରହିତ; 2. ଅମୂଳକ, ପ୍ରମାଣରହିତ ।

**Basely**, *ad.* ତୁଚ୍ଛରୂପେ, ନୀଚରୂପେ, ଅଧମରୂପେ, ଅପ-[କୃଷ୍ଟରୂପେ ।

**Basement**, *n.* ତଳଗୃହ ।

**Base-minded**, *a.* ନୀଚମତି, ନୀଚମନା, ଅଧମମତି ।

**Baseness**, *n* ନୀଚତା, ଅଧମତା, କୁତ୍ସିତତା, ଅସରଳତା ।

**Bashaw**, *n.* 1. ତୁର୍କି ଦେଶୀୟ ଅଧିପତି; 2. ଅହଙ୍କାରୀ ବ୍ୟକ୍ତି ।

**Bashful**, *a.* ଲାଜୁକ, ଲଜ୍ଜାଶୀଳ, ସଙ୍କୁଚିତ, ମୁହଁଲେଉଟା ।

**Bashfully**, *ad.* ଲାଜୁକଭାବେ, ଲଜ୍ଜାଶୀଳରୂପେ, ସଙ୍କୁଚିତରୂପେ ।

**Bashfulness**, *n.* ଲଜ୍ଜାଶୀଳତା, ସଙ୍କୁଚିତତା ।

**Basic**, *a.* ରସାୟନିକ ପ୍ରଧାନ ଉପାଦାନବିଷୟକ ।

**Basil**, *n.* କଳା ତୁଳସୀ ।

**Basil**, *n.* ବଟାଲି ଅବା ଚେଣ୍ଡା ଧାର ।—*v.t.* ଚେଣ୍ଡା ଧାର ବା ଶାଣ-କ ।

**Basilica**, *n.* 1. ରାଜକୀୟ ବାରଣ୍ଡା ବିଶେଷ, ପୁରାତନ ରୋମୀୟ ବିଚାରାଳୟ ଦାଲାନ ବିଶେଷ; 2. ଉକ୍ତ ଦାଲାନାକୃତି ଗିର୍ଜାଘର ।

**Basilicon**, *n.* ମହମ ତେଲ ଅବା ମଲମ୍ବିଶେଷ ।

**Basilisk**, *n.* 1. କଳ୍ପିତ ସର୍ପବିଶେଷ· 2. ଏଣ୍ଡୁଅ ଜାତୀୟ ଜନ୍ତୁବିଶେଷ; 3. ପୂର୍ବକାଳୀନ ତୋପବିଶେଷ ।

**Basin**, *n.* *ba'sn*, 1. ଚିଲମ୍ଚି, ପାତ୍ରବିଶେଷ; 2. ଜଳାଧାର, ଚୌବାଚ୍ଚା; 3. ମଧ୍ୟନିମ୍ନ ବସ୍ତୁ; 4. ଜାହାଜାଦି ରଖିବା ସ୍ଥାନ; 5. ନଦୀମାତୃକ ଦେଶ; 6. ଶୈଳରେ ଥିବା ମଧ୍ୟନିମ୍ନସ୍ତର ।

**Basis**, *n.* (*pl.* bases), 1. ମୂଳ, ଭିତ୍ତି, ଭୂମିସ୍ଥାପ; 2. ଉପାଦାନ ।

**Bask**, *v.i.* 1. ଖରା ବା ଉତ୍ତାପ ପୋଇଁବାର, ରୌଦ୍ରସେବନ-କ; 2. ସୁଖଭୋଗ-କ ।—*v.t.* ଉତ୍ତପ୍ତ-କ ।

**Basket**, *n.* 1. ଟୋକାଇ, ପାଛିଆ, ବେତା, ବେତୁଲି; 2. ଟୋକାଇ ପୂର୍ଣ୍ଣ ପରିମାଣ ।

**Bas-relief**, *n.* ଅଳ୍ପମାତ୍ର ଉତ୍ଥିତ ଖୋଦିତ କର୍ମ ।

**Bass, basse**, *n.* ମତ୍ସ୍ୟବିଶେଷ ।

**Bass**, *n.* 1. ବୃକ୍ଷବିଶେଷ; 2. ଲେମ୍ବୁ ଗଛର ବକ୍କଳରେ ନିର୍ମିତ ଚଟାଇ; 3. ପାଦ ବା ଆଣ୍ଠୁ ପାତିବା ଆସନ ।

**Bass**, *n.* *bās*, (ବାଦ୍ୟ ଯନ୍ତ୍ରର) ଖାଦ୍, ଗମ୍ଭୀର ସ୍ୱର, ପୁରୁଷର ଗମ୍ଭୀର ସ୍ୱର ।

**Bassinet**, *n.* ଶିଶୁର ବେତବୁଣା ଖଟିଆ ବିଶେଷ ।

**Bassoon**, *n.* ବାଦ୍ୟଯନ୍ତ୍ର ବିଶେଷ ।

**Bass-viol**, *n.* ଗମ୍ଭୀର ସ୍ୱରର ବଡ ବେହେଲାବିଶେଷ ।

**Bast**, *n.* ଲେମ୍ବୁ ଗଛର ବକ୍କଳ ବା ତହିଁରେ ନିର୍ମିତ ପୌଢ ଆଦି ।

**Bastard**, *n.* 1. ଜାରଜ, ବେଶ୍ୟା; 2. କୃତ୍ରିମ ଦ୍ରବ୍ୟ, ଅବିଶୁଦ୍ଧ ଦ୍ରବ୍ୟ ।—*a.* 1. ଜାରଜାତ, ଜାରଜ, ବେଶ୍ୟା; 2. କୃତ୍ରିମ, ଅବିଶୁଦ୍ଧ ।

**Bastardize**, *v.t.* ଜାରଜ ପ୍ରମାଣିତ-କ ।

**Bastardy**, *n.* 1. ଜାରଜତ୍ୱ, ଜାରଜାବସ୍ଥା; 2. ବେଶ୍ୟା ଜନ୍ମାଇବା ଅପରାଧ ।

**Baste**, *v.t.* 1. ଦଣ୍ଡାଘାତ-କ; 2. କବାବ୍ କରିବାବେଳେ ଘିଅ ଆଦି ପକାଇବାର ।

**Baste**, *v.t.* ଟାଙ୍କା-ଦେ, ଡାଗା ମାର-ଦେ ।

**Bastile**, *n.* ଫ୍ରାନ୍ସ ଦେଶୀୟ ପୁରାତନ ବିଖ୍ୟାତ କାରାଗାର ।

**Bastinado**, *n.* 1. ଯଷ୍ଟିପ୍ରହାର; 2. ତଳିପାଦରେ ଯଷ୍ଟି ଦ୍ୱାରା ପ୍ରହାରକରଣ ।—*v.t.* 1. ଯଷ୍ଟି ଦ୍ୱାରା ପ୍ରହାର-କ; 2. ତଳିପାଦରେ ଯଷ୍ଟି ଦ୍ୱାରା ପ୍ରହାର-କ ।

**Bastion**, *n.* ବୁରୁଜ, ମୁରୁଜ ।

**Bat**, *n.* 1. ଖେଳର ଦାଣ୍ଡ; 2. ଇଟାର ଭଗ୍ନ ଖଣ୍ଡ ।—*v.i.* ଦାଣ୍ଡ ଦ୍ୱାରା ଖେଳିବାର, ଦାଣ୍ଡ ଚଳାଇବାର ।

**Bat**, *n.* ଚେମିଣି, ଚର୍ମଚଟିକା, ବାଦୁଡି ।

**Batch**, *n.* 1. ଏକ କାଳରେ ଯେତେ ରୁଟୀ ସେକା ଯାଏ, ଭାରଏ; 2. ଏକ କ୍ଷେପ, ପଞ୍ଝାଏ, ଦଳେ । [ବାର ।

**Bate**, *v.t.* 1. ନ୍ୟୂନ-କ, ଊଣା-କ, ହ୍ରାସ-କ; 2. ସ୍ଥଗି-

**Bat-fowling**, *n.* ରାତ୍ର କାଳରେ ଆଲୁଅ ଓ ଜାଲ ଦ୍ୱାରା ପକ୍ଷିମାନଙ୍କୁ ଧରିବା କୌଶଳ ।

**Bath**, *n.* 1. ସ୍ନାନ, ଗାଧୁଆ; 2. ଗାଧୋଇବା କୁଣ୍ଡ; 3. ଶରୀରରେ ଉତ୍ତାପ ପ୍ରୟୋଗ କରିବା ଉପାୟ; 4. ସ୍ନାନାଗାର, ଗୋସଲଖାନା ।

Bathe, *v.t.* 1. ସ୍ନାନ-କ, ଗାଧୋଇବାର ; 2. ଧୌତ-କ; 3. ଭିଜାଇବାର ।—*v.i.* ସ୍ନାନ-କ, ସ୍ନାତ-ହେ, ପାଣିରେ ବୁଡିବାର ।

Bat-horse, *n.* ବୋହିଆ ଘୋଡା ।

Bathos, *n. ba'thos*, ଲିଖନରେ ବା କଥନରେ-ଗାମ୍ଭୀର୍ଯ୍ୟ ଅର୍ଥରୁ ପରିହାସକ ଅର୍ଥକୁ ଅବରୋହଣ ।

Batlet, *n.* ବସ୍ତ୍ରକୁ ନରମ କରିବା ପାଇଁ ଧୋବାର କୁନ୍ଦକାଠ ବା ମୁଦ୍ଗରବିଶେଷ ।

Batman, *n.* ସିପାହିର ବୋହିଆ ଘୋଡାର ଯାହା ଜିମାରେ ଥାଏ ।

Baton, batoon, *n.* 1. ପଦସୂଚକ ଦଣ୍ଡ, ଯଷ୍ଟି ବିଶେଷ, ଗଦା ବିଶେଷ; 2. ବାଦ୍ୟ ପରିଚାଳକର ଯଷ୍ଟି ।

Batrachia, *n. pl.* ମଣ୍ଡୂକ ବା ବେଙ୍ଗ ଜାତୀୟ ଜନ୍ତୁମାନ ।

Batrachian, *a.* ମଣ୍ଡୂକ ଜାତୀୟ ।

Batta, *n.* ଭତା ।

Battalion, *n.* ପଲଟନର ବିଭାଗ, ପଲଟନ୍, ବ୍ୟୂହ ।

Batten, *v.t.* ମୋଟା-କ, ପୁଷ୍ଟ-କ ।—*v.i.* 1. ମୋଟା-ହେ, ପୁଷ୍ଟ-ହେ; 2. କଣ୍ଠ ପର୍ଯ୍ୟନ୍ତ ଗିଳିବାର, ଗ୍ରାସ-କ ।

Batten, *n.* 1. ଲମ୍ବ କାଷ୍ଠଖଣ୍ଡ ; 2. ପଟା, ଫଳକ, ତକ୍ତା ; 3. ଜାହାଜର ମେଲଦ୍ୱାର ବନ୍ଦ କରିବା ପାଇଁ ବ୍ୟବହୃତ କାଷ୍ଠଖଣ୍ଡ ।—*v.t.* ଉକ୍ତ କାଷ୍ଠଖଣ୍ଡ ଦ୍ୱାରା ଆବଦ୍ଧ-କ ।

Batter, *v.t.* 1. ପୁନଃ ପୁନଃ ପ୍ରହାର-କ, ସଜୋରରେ ଆଘାତ-କ, ତୋପ ବା ଗଡ ଭାଙ୍ଗିବା ଯନ୍ତ୍ର ଦ୍ୱାରା ଆକ୍ରମଣ କ; 2. ଆଘାତ ଦ୍ୱାରା ଭାଙ୍ଗିବାର, କ୍ଷୟ-କ, ପୁନଃ ପୁନଃ ଆଘାତ ଦ୍ୱାରା ଜୀର୍ଣ୍ଣ-କ ।—*v.i.* ତୋପ ବା ଗଡଭେଦକ ଯନ୍ତ୍ର ଦ୍ୱାରା ଆକ୍ରମଣ-କ, ପୁନଃ ପୁନଃ ପ୍ରହାର-କ ।—*n.* ଗୁରୁ ଆଘାତ, ପୁନଃ ପୁନଃ ପ୍ରହାର ।

Batter, *n.* ଦୁଗ୍ଧ ମଇଦା ଓ ଡିମ୍ବର ମିଶ୍ରଣ ।

Battering-ram, *n.* ମେଣ୍ଢା ମସ୍ତକର ନ୍ୟାୟ ପ୍ରାଚୀର ଭାଙ୍ଗିବା ଯନ୍ତ୍ର ।

Battery, *n.* 1. ମାରପିଟ୍; 2. ତୋପମାନଙ୍କର ଶ୍ରେଣୀ; 3. ମୁରୁଚା, ବୁରୁଜ ; 4. ବିଦ୍ୟୁତ୍ଜନକ ଯନ୍ତ୍ର ।

Battle, *n.* ଯୁଦ୍ଧ, ସଂଗ୍ରାମ, ସମର, ରଣ, ଲଢାଇ ।—*v.i.* ଯୁଦ୍ଧରେ ପ୍ରବୃତ୍ତ-ହେ, ଯୁଦ୍ଧ-କ, ଲଢାଇ-କ ।

Battle-axe, *n.* ପରଶୁ, ଯୁଦ୍ଧାସ୍ତ୍ର ବିଶେଷ ।

Battledore, battledoor, *n.* ଗେଣ୍ଡୁ ଖେଳିବା ଦଣ୍ଡ ବିଶେଷ, ଦାଣ୍ଡୁ ।

Battlement, *n.* ତୋପ ମାରିବା ନିମନ୍ତେ ଛିଦ୍ରବିଶିଷ୍ଟ ପ୍ରାଚୀର ।

Bauble, *n.* ସାମାନ୍ୟ ବେଶଭୂଷା, ଜାକ୍‌ଜମକ୍ ତୁଚ୍ଛ ପଦାର୍ଥ, ଖେଳନା, ଅସାର ବସ୍ତୁ ।

Bavin, *n.* ଝାଟିର ବିଡା, ଝାଟି ।

Bawd, *n,* କୁଟଣା, କୁଟଣୀ, ସମ୍ଭଲୀ ।

Bawdiness, bawdry, *n.* ଖେଚଡାମି, ଅଶ୍ଳୀଲତା, ଲମ୍ପଟ୍ୟ ।

Bawdy, *a.* ଖେଚଡା, ଅଶ୍ଳୀଲ, ଲମ୍ପଟୀ ।

Bawl, *v.i.* ଡାକ ପକାଇବାର, ବଡ ପାଟି-କ, ଗୋଳମାଳ-କ ।—*v.t.* ବଡ ପାଟି କରି ପ୍ରକାଶ-କ, ବିକ୍ରୟାର୍ଥ ବଡ ପାଟି-କ ।

Bay, *a.* ତମ୍ବାରଙ୍ଗ, ତାମ୍ରବର୍ଣ୍ଣ ।—*n.* ତାମ୍ରବର୍ଣ୍ଣ ଘୋଡା ।

Bay, *n.* ଖାଲ, ଅଖାତ, ଉପସାଗର ।

Bay, *n.* 1. ଅମ୍ଲାନ ପତ୍ରଯୁକ୍ତ ବୃକ୍ଷ ବିଶେଷ ; 2. ଉକ୍ତ ବୃକ୍ଷର ପତ୍ରନିର୍ମିତ ମୁକୁଟ, *in pl.* ସୁଖ୍ୟାତି, ଯଶ ।

Bay, *n.* କୁକ୍କୁରର ବଡ ଡାକ, ଭୁକିବା ଶବ୍ଦ ।—at bay, ନିରୁପାୟ ହୋଇ ପଶ୍ଚାଦ୍ଧାବକ ଶତ୍ରୁମାନଙ୍କ ପ୍ରତି ଫେରି ଆକ୍ରମଣ କରିବାକୁ ପ୍ରସ୍ତୁତ ଅବସ୍ଥା । to keep at bay, (ଶତ୍ରୁକୁ) ନିକଟକୁ ଆସିବାକୁ ନ ଦେବାର, ସ୍ତମ୍ଭିତ ଅବସ୍ଥାରେ ରଖିବାର ।—*v.i.* and *t.* ଭୁକିବାର, ଭୁକି ଗୋଡାଇବାର ।

Bayonet, *n.* ସଙ୍ଗୀନ ।—*v.t.* ସଙ୍ଗୀନ ଦ୍ୱାରା ଭୁଷି ପକାଇବାର, ସଙ୍ଗୀନ ଦ୍ୱାରା ଭୟ ଦେବାର ।

Baysalt, *n.* ଗୋଡାଲୁଣ, ସୂର୍ଯ୍ୟ ତାପରେ ସମୁଦ୍ର ଜଳରୁ ଜାତ ଲବଣ, ସୈନ୍ଧବ ଲବଣ ।

Bay-window, *n.* ଧନୁରାକୃତି ପ୍ରଲମ୍ବ ଅଲିନ୍ଦାଶ୍ରିତ ଝରକା ଯାହା ଭିତରେ ବସିବା ସ୍ଥାନ ଥାଏ, ପ୍ରଲମ୍ବ ବାତାୟନ ।

Bazaar, bazar, *n.* 1. ବଜାର, ହାଟ, ଦୋକାନଶ୍ରେଣୀ; 2. ଦାତବ୍ୟ ଅର୍ଥରେ ଦ୍ରବ୍ୟ ବିକ୍ରୟର ସଭା ।

Bdellium, *'del'-li-um* *n.* ଗୁଗ୍ଗୁଳ, ଅଗୁରୁ, ବୃକ୍ଷର ନିର୍ଯ୍ୟାସ ବିଶେଷ ।

Be, *v.i.* ଥିବାର, ହେବାର । [ଦେବାର ।

Beach, *n.* କୂଳ, ତଟ, ତୀର ।—*v.t.* କୂଳରେ ଚଢାଇ

Beacon, *n.* ସଙ୍କଟଜ୍ଞାପକ ଚିହ୍ନ, ଶତ୍ରୁର ଆଗମନସୂଚକ ଅଗ୍ନିଚିହ୍ନ ଆଦି ।—*v.t.* ଆଲୋକିତ-କ, ବିପଦ ସମ୍ବାଦସୂଚକ ଚିହ୍ନ ଦେଖାଇବାର, ନିଶାଣ ଦେଖାଇବାର ।

Bead, *n.* 1. ଗୁଟିକା, ମାଳା, ମାଳି; 2. ମାଳିପରି ପଦାର୍ଥ, ବୁଦ୍‌ବୁଦ୍; 3. ବିନ୍ଦୁ; 4. *pl.* (ଜପ) ମାଳା ।—*v.t.* ମାଳି ଦ୍ୱାରା ଶୋଭିତ-କ ।—*v.i.* ବୁଦ୍‌ବୁଦ୍ ହୋଇ ଉଠିବାର ।

Beaded, *a.* ଗୁଟିକାବିଶିଷ୍ଟ, ମାଳାଯୁକ୍ତ ।

Beadle, *n.* 1. ଅଦାଲତର ଚପରାସୀ ବା ଦୂତ ; 2. ବିଶ୍ୱବିଦ୍ୟାଳୟର ବା ଉପାସନାଳୟର ନିମ୍ନପଦସ୍ଥ କର୍ମଚାରୀ ।

Beadleship, *n.* ଉକ୍ତ ଚପରାସୀ ବା କର୍ମଚାରୀର ପଦ ।

Beadroll, *n.* 1. ପ୍ରାର୍ଥନାରେ କଥନୀୟ ମୃତ ବ୍ୟକ୍ତିର ସଂଖ୍ୟା; 2. ତାଲିକା ।

Beagle, *n.* ଠେକୁଆ ଶିକାରକାରୀ କୁକ୍କୁର ବିଶେଷ ।

Beak, *n.* ଥଣ୍ଟ, ଚଞ୍ଚୁ ।

Beaked, *a.* ଥଣ୍ଟବିଶିଷ୍ଟ, ଚଞ୍ଚୁବିଶିଷ୍ଟ ।

Beaker, *n.* ବଡ ପାନପାତ୍ର ବିଶେଷ ।

Beam, *n.* 1. କଡି, କଡିକାଠ; 2. ତୁଲାଦଣ୍ଡ; 3. ତାନର ବିମ୍ ବା ଦଣ୍ଡ ; 4. ହରିଣର ଶିଙ୍ଗର ମୂଳ ; 5. ଲଙ୍ଗଳର ମୁଖ ବଳରର ଏକ ଅଂଶ ; 6. କିରଣ, ଅଂଶୁ ।—*v.t.* କିରଣ ପରି ପ୍ରକାଶ-କ, ଦୀପ୍ତି-ଦେ, followed by *forth*.—*v.i.* ଦୀପ୍ତିମାନ୍-ହେ, ଉଜ୍ଜ୍ୱଳ-ହେ ।

Beaming, *p.a.* 1. କିରଣ ପ୍ରକାଶକ, ଉଜ୍ଜ୍ୱଳ, ତେଜସ୍ୱର; 2. ହର୍ଷମୁଖ, ହର୍ଷରେ ଉଜ୍ଜ୍ୱଳ ।

**Beam-ends**, *n. pl.* ଜାହାଜର ପାର୍ଶ୍ୱସ୍ଥ କାଠର ମୁଣ୍ଡ ସବୁ ।

**Beamless**, *a.* କିରଣଶୂନ୍ୟ ।

**Beamy**, *a.* 1. କିରଣ ବିକାଶକ, ଉଜ୍ଜ୍ୱଳ, ତେଜସ୍ୱର, ଦୀପ୍ତିମାନ୍; 2. କଡ଼ିକାଠର ନ୍ୟାୟ, ବୃହତ୍ ।

**Bean**, *n.* ଶିମ୍ବ, ବରଗୁଡ଼ି, ବରଗଡ଼ା, ଫଳ୍ସବୀନ୍, ବୀନ୍ ।

**Bear**, *v.t.* 1. ସହ୍ୟ-କ; 2. ବହିବାର, ବହନ-କ; 3. ଧାରଣ-କ, ଧରିବାର; 4. ଉତ୍ପାଦନ-କ, ପ୍ରସବ-କ, ଜନ୍ମାଇବାର; 5. ସମ୍ବନ୍ଧ ରଖିବାର; 6. ବ୍ୟବହାର-କ; 7. ଠେଲି-ଦେ, ଘୁଞ୍ଚି-ଦେ; 8. ଦେଖାଇବାର; 9. ପୋଷଣ-କ; 10. ଅନୁଭବ-କ, ଭୋଗ-କ ।—*v.i.* 1. ସହ୍ୟ-କ, ସହିଷ୍ଣୁ-ହେ; 2. ଫଳବନ୍ତ-ହେ, ଫଳ ଧରିବାର; 3. ସ୍ଥିତ-ହେ, ରହିବାର; 4. ଘୁଞ୍ଚିବାର; 5. ସମ୍ବନ୍ଧ ଥିବାର, ସଙ୍ଗତ-ହେ ।—to bear against, ଅଭିଗମନ-କ । to bear a hand, ସାହାଯ୍ୟ-କ । to bear company, ସଙ୍ଗୀ-ହେ, ସଙ୍ଗେ ଯିବାର । to bear down, ପରାସ୍ତ-କ, ପରାଭବ-କ, ଅତିକ୍ରମ-କ । to bear out, ସାବ୍ୟସ୍ତ-କ, ସମର୍ଥନ-କ, ପୋଷକତା-କ । to bear in mind, ମନରେ-କ, ମନରେ ରଖିବାର, ସ୍ମରଣ-କ । to bear up, ଧୈର୍ଯ୍ୟ ଧରିବାର, ଦୃଢ଼-ହେ । to bear upon, 1. ସମ୍ବନ୍ଧ ଥିବାର; 2. କାର୍ଯ୍ୟରେ ଲଗିବା କ୍ରମରେ ସ୍ଥାପନ-କ । to bear with, ସହିବାର । to bear witness, ସାକ୍ଷ୍ୟ-ଦେ । to bring to bear, କାର୍ଯ୍ୟରେ ଲଗାଇବାର ।

**Bear**, *n.* 1. ଭାଲୁ, ଭଲ୍ଲୁକ, ଋକ୍ଷ; 2. ନକ୍ଷତ୍ରପୁଞ୍ଜ ବିଶେଷ; 3. ଅସଭ୍ୟ ବ୍ୟକ୍ତି; 4. ସର୍କାରୀ କାଗଜର ମୂଲ୍ୟ ଊଣା କରିବାକୁ ଚେଷ୍ଟାକାରୀ ଲୋକ ।

**Bearable**, *a.* ସହନୀୟ, ସହ୍ୟ ।

**Bearably**, *ad.* ସହନୀୟରୂପେ, ସହ୍ୟରୂପେ ।

**Beard**, *n.* 1. ଦାଢ଼ି, ଶ୍ମଶ୍ରୁ; 2. ଦାଢ଼ିପରି ବସ୍ତୁ; 3. ଶିଙ୍ଘା, ମଞ୍ଜରୀ; 4. (ତୀର) ଫଳ ବା କଣ୍ଟି ।

**Bearded**, *a.* 1. ଦାଢ଼ିଯୁକ୍ତ, ଶ୍ମଶ୍ରୁଧାରୀ; 2. (ତୀର) କଣ୍ଟିବିଶିଷ୍ଟ । [ଅନୁରୂପ ।

**Beardless**, *a.* 1. ଦାଢ଼ିଶୂନ୍ୟ, ମାକୁନ୍ଦା; 2. ଯୁବା,

**Bearer**, *n.* 1. ବାହକ, ବେହେରା, ଦୂତ; 2. ଧାରକ ।

**Bear-garden**, 1. ଭଲ୍ଲୁକାବାସ; 2. କଳହ ବା ଗୋଳମାଳର ସ୍ଥାନ ।

**Bearing**, *n.* 1. ବାହକର କାର୍ଯ୍ୟ; 2. ବହନ, ସହନ, ସହନଶୀଳତା; 3. ଭାବ, ଅର୍ଥ; 4. ଢଙ୍ଗ, ବ୍ୟବହାର, ଚାଲି, ଅଙ୍ଗଭଙ୍ଗୀ; 5. ଦିଗ, ସ୍ଥିତି; 6. ସମ୍ବନ୍ଧ, ସମ୍ପର୍କ; 7. ପ୍ରଜନନ ଶକ୍ତି; 8. ଚକର ମଧ୍ୟସ୍ଥିତ ଅଂଶ; 9. ଆପେକ୍ଷିକ ସ୍ଥିତି; 10. ପ୍ରସବ, ଫଳବତ୍ତ୍ୱ ।

**Bearish**, *a.* ଭାଲୁ ପରି, ଅସଭ୍ୟ ।

**Beast**, *n.* 1. ପଶୁ, ବୁଦ୍ଧିହୀନ ଜନ୍ତୁ; 2. ନିର୍ଦ୍ଦୟ ଲୋକ, ପଶୁବତ୍ ମନୁଷ୍ୟ ।

**Beastliness**, *n.* ପଶୁତ୍ୱ, ପଶୁବତ୍ ଆଚରଣ, ଅସଭ୍ୟତା ଅଶ୍ଳୀଳତା ।

**Beastly**, *a.* ପଶୁବତ୍, ଇନ୍ଦ୍ରିୟାସକ୍ତ, ଅଶ୍ଳୀଳ ।

**Beat**, *v.t.* 1. ବାରମ୍ବାର ପିଟିବାର, ପ୍ରହାର-କ, ମାରିବାର, ଆଘାତ-କ; 2. ଚୂର୍ଣ୍ଣ-କ, କୁଟିବାର; 3. ପିଟିବାର; 4. ସାଣ୍ଟିବାର; 5. ପରାଜୟ-କ, ପରାସ୍ତ-କ, ଅପ୍ରସ୍ତୁତ-କ; 6. କ୍ଳାନ୍ତ-କ ।—*v.i.* 1. ବାରମ୍ବାର ଆଘାତ-କ; 2. ଯୁଦ୍ଧ-କ, କମ୍ପିତ-ହେ; 3. ବେଗେ ଗତିକାର; 4. ବାଦ୍ୟ ଦ୍ୱାରା ସଙ୍କେତ-ଦେ; 5. ବାୟୁର ପ୍ରତିକୂଳରେ ଗମନ-କ ।—to beat about the bush, ପ୍ରକାରାନ୍ତରେ ଚେଷ୍ଟା-କ । to beat a retreat, ଯୁଦ୍ଧରେ ହାରି ପଳାୟନ-କ । to beat a way, ବାଟ-କ, ବାଟ ଫିଟାଇବାର । to beat out, ସମତଳ-କ, to beat down, 1. ଭଗ୍ନ-କ; 2. ଦବି-ଦେ; 3. ସସ୍ତା-କ, ଦର କମାଇବାର । to beat the air, ବୃଥା ଚେଷ୍ଟା-କ । to beat time, ତାଳ ରଖିବାର । to beat to arms, ବାଦ୍ୟ ଦ୍ୱାରା ଯୁଦ୍ଧାର୍ଥେ ଆହ୍ୱାନ-କ ।—*n.* 1. ଆଘାତ, ପ୍ରହାର, ମାଡ଼; 2. ଯୁଦ୍ଧ, କମ୍ପନ; 3. ପାଦ ବିକ୍ଷେପ; 4. ଗୋଇନ୍ଦାର ଚୌକି, ଭ୍ରମଣ, ବିଟ୍ ।

**Beater**, *n.* 1. ଆଘାତକର୍ତ୍ତା, ମାରିବା ଲୋକ; 2. ସନ୍ତ୍ରର ଆଘାତକାରୀ ଅଂଶ; 3. ଶିକାର ବାହାର କରିବା ପାଇଁ ଜଙ୍ଗଲ ସାଣ୍ଟିବା ଲୋକ ।

**Beatific**, *a.* ସୁଖଦ, ମଙ୍ଗଳଦାୟକ, ସୁଖଦାୟକ ।

**Beatifically**, *ad.* ସୁଖଦାୟକରୂପେ, ମଙ୍ଗଳଦାୟକରୂପେ, ପରମସୁଖଦାୟକରୂପେ ।

**Beatfication**, *n.* 1. ସୁଖୀକରଣ; 2. ସ୍ୱର୍ଗୀୟ ସୁଖଲାଭ, ସ୍ୱର୍ଗ ସୁଖାବସ୍ଥା, ଧନ୍ୟାବସ୍ଥା; 3. (ରୋମନ୍ କାଥଲିକ୍ ମତରେ) ସ୍ୱର୍ଗପ୍ରାପ୍ତି ସମ୍ବାଦର ଘୋଷଣା ।

**Beatify**, *v.t.* 1. ସୁଖୀ କ, ସ୍ୱର୍ଗୀୟ ଚିରସୁଖ-ଦେ; 2. (ରୋମାନ୍ କାଥଲିକ୍ ମତରେ) ସ୍ୱର୍ଗ ପ୍ରାପ୍ତିର ସମ୍ବାଦ ଘୋଷଣା-କ ।

**Beating**, *n.* 1. ପ୍ରହାର, ମାଡ଼, ପ୍ରହାର ଦ୍ୱାରା ଶାସ୍ତି; 2. ପରାଜୟ, ପରାସ୍ତ; 3. କମ୍ପ, କମ୍ପନ ।

**Beatitude**, *n* 1. ପରମସୁଖ, ପରମାନନ୍ଦ; 2. ଖ୍ରୀଷ୍ଟଙ୍କର ଧନ୍ୟସୂଚକ ଉକ୍ତି, ଆଶୀର୍ବାଦସୂଚକ କଥା ।

**Beau**, *n. bō*, 1. ବସ୍ତ୍ରବିଳାସୀ, ଫୁଲବାବୁ, ବସିକ, ଫୁଲବାବୁ; 2. ପ୍ରଣୟୀ ।

**Beau-ideal**, *n.* ମାନସିକ ଆଦର୍ଶ, ଉତ୍କୃଷ୍ଟ ଆଦର୍ଶ ।

**Beauish**, *a.* ସୁବେଶୀ, ବସିକିଆ, ରଙ୍ଗିଆ ।

**Beau monde**, *n.* (French), ଜଗତର ପ୍ରଚଳନୁସାରେ ବିଳାସୀସମ୍ପ୍ରଦାୟ ।

**Beauteously**, *ad.* ସୁନ୍ଦରରୂପେ ।

**Beautification**, *n.* ସୁନ୍ଦରକରଣ, ଭୂଷଣ ।

**Beautifier**, *n.* ସୁନ୍ଦରକାରୀ ।

**Beautiful, beauteous**, *a.* ସୁନ୍ଦର, ମନୋହର, ରମଣୀୟ, ରମ୍ୟ, ସୁଶ୍ରୀ, ରୂପବାନ୍, ରୂପବତୀ ।

**Beautifully**, *ad.* ସୁନ୍ଦରରୂପେ, ଉତ୍ତମରୂପେ ।

**Beautifulness, beautiful**, *n.* ସୁନ୍ଦରତା, ସୌନ୍ଦର୍ଯ୍ୟ, ମନୋହରତ୍ୱ, ରମଣୀୟତା ।

**Beautify**, *v.t.* ସୁନ୍ଦର-କ, ଭୂଷିତ-କ, ସୁଶୋଭିତ-କ ।—*v.i.* ସୁନ୍ଦର-ହେ, ସୌନ୍ଦର୍ଯ୍ୟରେ ବଢ଼ିବାର ।

**Beauty**, *n.* 1. ଚକ୍ଷୁର ତୃପ୍ତିଜନକ ଗୁଣସମୂହ, ମନ କର୍ଣ୍ଣ ବା ଚକ୍ଷୁର ତୃପ୍ତିକର ଗୁଣସମୂହ, ସୌନ୍ଦର୍ଯ୍ୟ, ସୁନ୍ଦରତା, ଶୋଭା, ଲାବଣ୍ୟ, ସୁଗଠନ ; 2. ସୁନ୍ଦରୀ ; 3. ସୌନ୍ଦର୍ଯ୍ୟାନୁଭବର ଶକ୍ତି ।

**Beaver**, *n.* ଉଭୟଚର ପଶୁ ବିଶେଷ ।—*a.* ଉକ୍ତ ପଶୁର ଲୋମନିର୍ମିତ ।

**Beaver**, *n.* ମୁଖା, ଶିରସ୍ତ୍ରାଣାଂଶ ।

**Becalm**, *v.t.* 1. ସୁସ୍ଥିର-କ, ଶାନ୍ତ-କ; 2. ନିର୍ବାତ-କ, ଗତିରହିତ-କ ।

**Became**, *pret of* Become.

**Because**, *conj.* and *ad.* ଯେହେତୁ, ଏହେତୁ, କାରଣ, ଯେଣୁ, ତେଣୁ ।

**Beck**, *n.* ସାନ ନଈ, କ୍ଷୁଦ୍ର ନଦୀ ।

**Beck**, *n.* ଠାର, ଇସାରା, ଇଙ୍ଗିତ, ସଙ୍କେତ, ମସ୍ତକସଙ୍କେତ ।—*v.i.* ସଙ୍କେତ-କ, ମସ୍ତକସଙ୍କେତ-କ ।—*v.t.* ସଙ୍କେତ ଦ୍ୱାରା ଜ୍ଞାପନ-କ ।—at one's beck, କାହାର ଅଧିକାରରେ ।

**Beckon**, *v.i.* ସଙ୍କେତ-କ, ଠାରିବାର, ଇସାରା-କ ।—*v.t.* ଇଙ୍ଗିତ ଦ୍ୱାରା ଆହ୍ୱାନ-କ, ସଙ୍କେତ ଦ୍ୱାରା ଡକାଇବାର ।

**Becloud**, *v.t.* ମେଘ ଛନ୍ନ-କ, ଆଚ୍ଛନ୍ନ-କ, ଅନ୍ଧକାର-କ ।

**Become**, *v.i.* 1. ଅବସ୍ଥାନ୍ତର ପ୍ରାପ୍ତ-ହ ; 2. ହେବାର ; 3. ଯୋଗ୍ୟ-ହ ।—*v.t.* 1. ଉପଯୋଗୀ-ହ, ଉପଯୁକ୍ତ-ହ, ଯୋଗ୍ୟ-ହ ; 2. ସାଜିବାର, ଶୋଭିବାର ।

**Becoming**, *a.* 1. ଉପଯୁକ୍ତ, ଯୋଗ୍ୟ, ଉଚିତ ; 2. ଶୋଭାଜନକ, ସୁନ୍ଦର ।

**Becomingly**, *ad.* ଉପଯୁକ୍ତରୂପେ, ଯୋଗ୍ୟରୂପେ, ଭଲରୂପେ, ସୁନ୍ଦରରୂପେ ।

**Bed**, *n.* 1. ଶେଯ, ଶଯ୍ୟା, ଖଟ ଓ ତଦୁପରିସ୍ଥ ବିଛଣା ; 2. ଗଦି ; 3. ଖଟ, ପଲଙ୍କ ; 4. କିଆରୀ ; 5. ନଦୀତଳ ବା ଗର୍ଭ, ସ୍ରୋତର ପଥ ; 6. ପରସ୍ତ, ପଟଳ, ସ୍ତର ; 7. ଯାହା ଉପରେ କୌଣସି ବସ୍ତୁ ରହେ ବା ଅବଲମ୍ବିତ ହୁଏ ; 8. ସହବାସ, ସହବାସର ଅଧିକାର ।—*v.t.* 1. ଶଯ୍ୟାଗତ-କ, ଶଯ୍ୟାରେ ରଖିବାର ; 2. କିଆରୀରେ ରୋପଣ-କ ; 3. ସ୍ଥାପନ-କ, ବସାଇବାର ; 4. ସ୍ତରରେ ରଖିବାର ; 5. ଶଯ୍ୟା ଯୋଗାଇବାର ।—*v.i.* 1. ଶୟନ-କ, ଶଯ୍ୟାଗତ-ହ ; 2. ସହବାସ-କ ।

**Bedabble**, *v.t.* ଛିଟାଇବାର ।

**Bedaub**, *v.t.* 1. ଛପିବାର, ଲେପନ-କ, ଲଗାଇବାର, ମଇଳା-କ ; 2. ଅତିରିକ୍ତ (ପ୍ରଶଂସା) କରିବାର ; 3. କଳଙ୍କିତ-କ, ନିନ୍ଦା-କ ।

**Bedazzle**, *v.t.* ବିଶେଷ ଚକ୍‌ମକ୍-କ, ତେଜ ଦ୍ୱାରା ଦର୍ଶନଶକ୍ତି ଭଗ୍ନ-କ, ଧନ୍ଦା-କ ।

**Bedchamber**, *n.* ଶୋଇବା କାମରା, ଶଯ୍ୟାଗୃହ, ଶୟନାଗାର ।

**Bedding**, *n.* ବିଛଣା, ଶଯ୍ୟୋପକରଣ, ଗଦି ।

**Bedeck**, *v.t.* ଭୂଷିତ-କ, ସୁଶୋଭିତ-କ, ଅଳଙ୍କୃତ-କ ।

**Bedevil**, *v.t.* 1. ଭୂତଗ୍ରସ୍ତ କରାଇବାର, ମନ୍ତ୍ର ଦ୍ୱାରା ବଶ-କ ; 2. ଶୟତାନ କରାଇବାର ; 3. ବିଶୃଙ୍ଖଳ-କ ।

**Bedew**, *v.t.* ଶିଶିରଦ୍ୱାରା ଓଦା-କ, ମନ୍ଦ ସିକ୍ତ-କ ।

**Bedight**, *v.t.* ବସ୍ତ୍ର ବା ଅଳଙ୍କାର ଯୋଗାଇବାର, ସୁଶୋଭିତ-କ, ଅଳଙ୍କୃତ-କ ।

**Bedim**, *v.t.* ଅସ୍ପଷ୍ଟ-କ, ଢାଲଢାଲିଆ-କ, ଅନ୍ଧକାର-କ, ଅନୁଜ୍ଜ୍ୱଳ-କ ।

**Bedizen**, *v.t.* ଅତିରିକ୍ତ ଭୂଷଣ ଦ, କୁରୁଚିରେ ଅଳଙ୍କୃତ-କ, ଚାକ୍‌ଚକ୍ୟରୂପେ ସଜ୍ଜିତ-କ ।

**Bedlam**, *n.* 1. ପାଗଳଖାନା, ବାତୁଳମାନଙ୍କର ଚିକିତ୍ସାଳୟ, ବାତୁଳାଶ୍ରମ ; 2. ଉତ୍ତେଜିତ ଜନତା, ଗୋଳମାଳପୂର୍ଣ୍ଣ ସ୍ଥାନ ।—*a.* ପାଗଳଖାନାସମ୍ବନ୍ଧୀୟ, ପାଗଳଖାନା ନିମନ୍ତେ ଉପଯୁକ୍ତ, ପାଗଳ ।

**Bedlamite**, *n.* ପାଗଳଖାନା ନିବାସୀ, ପାଗଳ, ବାଇଆ ।

**Bedouin**, *n.* ଭ୍ରମଣଶୀଳ ଆରବୀ ଜାତି ବିଶେଷ ।

**Bedraggle**, *v.t.* ମାଟିରେ ଘୋସାରିବା ଦ୍ୱାରା ମଇଳା-କ ।

**Bedrench**, *v.t.* ଜଳରେ ଓଦା-କ, ଭିଜାଇବାର, ସମ୍ପୂର୍ଣ୍ଣ ଆର୍ଦ୍ର-କ ।

**Bedrid, bedridden**, *a.* ରୋଗ ବା ବୟସ ହେତୁ ଶଯ୍ୟାଗତ ।

**Bedroom**, *n.* ଶୟନାଗାର, ଶୋଇବା କାମରା, ଶଯ୍ୟା-ଗୃହ ।

**Bedstead**, *n.* ଖଟ, ପଲଙ୍କ, ପର୍ଯ୍ୟଙ୍କ ।

**Bedtime**, *n.* ଶୋଇବା ସମୟ ।

**Bee**, *n.* ମହୁମାଛି, ମଧୁମକ୍ଷିକା, ମଧୁକର, ଭ୍ରମର ।

**Beech**, *n.* ବୃକ୍ଷ ବିଶେଷ ।

**Beech-mast**, *n.* ଉପରୋକ୍ତ ବୃକ୍ଷର ଫଳ ।

**Beef**, *n.* ଗୋମାଂସ ।

**Beef-eater**, *n.* ରାଜକୀୟ ପଦାତିସୈନ୍ୟ ବିଶେଷ ।

**Beef-eater**, *n.* 1. ଗୋମାଂସ ଭକ୍ଷକ ; 2. ଆଫ୍ରିକା ଦେଶୀୟ ପକ୍ଷୀ ବିଶେଷ ଯେ ବଳଦ ଚମରୁ ପୋକ ଖାଏ ।

**Beef-tea**, *n.* ଗୋମାଂସର ଝୋଳ ବିଶେଷ ।

**Bee-hive**, *n.* ମହୁମାଛି ପାଳିବା ପାଇଁ ବାକ୍ସ ବା ଘର ।

**Bee-line**, *n.* ଠିକ୍ ସଳଖ ବାଟ ।

**Been**, *past p. of* Be.

**Beer**, *n.* ମଦ୍ୟ ବିଶେଷ, ବିଅର୍ ସରାପ ।

**Beery**, *a.* 1. ବିଅର୍ ସରାପସମ୍ବନ୍ଧୀୟ ; 2. ବିଅର୍ ସରାପରେ ଦାଗଯୁକ୍ତ ; 3. ମତ୍ତ ।

**Beestings**, *n.* ଗାଈର ପ୍ରଥମ ବିଆଣର ଦୁଧ, କଷଦୁଧ ।

**Bees'-wax**, *n.* ମହମ ।

**Beet**, *n.* ପାଳଙ୍ଗଶାକ ।

**Beetle**, *n.* ମୁଗୁର, ବଡ଼ ମୁଦ୍ଗର ।—*v.t.* ମୁଗୁରରେ ପିଟି-ବାର ।

**Beetle**, *v.i.* (ପର୍ବତ ଶୃଙ୍ଗ) ସମ୍ମୁଖଦିଗରେ ଝୁଙ୍କି ପଡ଼ିବାର, ବାହାର ପଡ଼ିବାର ।

**Beetle**, *n.* ଖୋଳଥିବା ପୋକର ଜାତି ବିଶେଷ ।

**Beetle-browed**, *a.* ଉନ୍ନତଲଲାଟ, ଉଚ୍ଚଘୋଡ଼ା ।

**Beet-root**, *n.* ପାଳଙ୍ଗଶାକର ମୂଳ, ଗୁଞ୍ଜର ।

**Beeves**, *n. pl.* ଗୋପଲ, ବଳଦ ଗୋପଲ ।

**Befall**, *v.t.* ପଡ଼ିବାର, ଘଟିବାର ।—*v.i.* ଘଟିବାର, ଉପସ୍ଥିତ-ହ ।

**Befell**, *pret. of* Befall.

**Befit**, *v.t.* ଉପଯୁକ୍ତ-ହେ, ଯୋଗ୍ୟ-ହେ, ଠିକ୍-ହେ, ସଙ୍ଗତ-ହେ ।

**Befitting**, *a.* ଉପଯୁକ୍ତ, ଯୋଗ୍ୟ, ଉଚିତ, ସଙ୍ଗତ ।

**Befog**, *v.t.* 1. କୁହୁଡ଼ିରେ ଆଚ୍ଛନ୍ନ-କ; 2. ଘାବର-କ ।

**Befool**, *v.t.* ପ୍ରବଞ୍ଚନା-କ, ପ୍ରତାରଣା-କ, ଠକିବାର, ଭ୍ରମରେ ପକାଇବାର ।

**Before**, *prep.* 1. ସମ୍ମୁଖେ; 2. ଆଗରେ; 3. ସାକ୍ଷାତରେ, ସମକ୍ଷରେ; 4. ହସ୍ତରେ, ବିବେଚନାଧୀନରେ; 5. ପୂର୍ବେ; 6. ପକ୍ଷଭଣ୍ୟ; 7. ବରଂ, ରୁ, ଠାରୁ ।— *ad.* and *conj.* 1. ଆଗେ, ଅଗ୍ରେ; 2. ପୂର୍ବେ, ପୂର୍ବକାଳରେ, ଆଦ୍ୟରେ, ଏଥିପୂର୍ବେ ।

**Beforehand**, *a.* ସଙ୍ଗତିସମ୍ପନ୍ନ ।— *ad.* ପ୍ରସ୍ତୁତଭାବେ, ପୂର୍ବେ, ପ୍ରଥମେ ।

**Befoul**, *v.t.* ମଇଳା-କ, ଅପରିଷ୍କାର-କ ।

**Befriend**, *v.t.* ବନ୍ଧୁତ୍ୱ-କ, ଉପକାର-କ, ସାହାଯ୍ୟ-କ ।

**Beg**, *v.t.* 1. ଭିକ୍ଷା-କ; 2. ବିନତି-କ, ମିନତି-କ, ପ୍ରାର୍ଥନା-କ, ଯାଚ୍ଞା-କ, ଅନୁନୟ-କ ।—*v.i.* ଭିକ୍ଷା ମାଗିବାର, ଭିକ୍ଷା-କ ।— to beg the question, ବିନା ପ୍ରମାଣରେ ସ୍ୱୀକୃତ ବୋଲି ଗ୍ରହଣ-କ ।

**Began**, *pret. of* Begin.

**Beget**, *v.t.* 1. ଜନ୍ମ ଦେବାର, ଜନ୍ମ-କ; 2. ଉତ୍ପାଦନ-କ, ଜନ୍ମାଇବାର, ଉତ୍ପନ୍ନ-କ ।

**Beggar**, *n.* 1. ଭିକାରୀ, ଭିକ୍ଷୁକ; 2. ଯାଚକ, ପ୍ରାର୍ଥକ, ବିନତିକାରୀ; 3. ଦରିଦ୍ର, ଲେଙ୍ଗଟା ।—*v.t.* 1. କଙ୍ଗାଳ-କ, ନିର୍ଦ୍ଧନ-କ, ନିଃସ୍ୱ-କ; 2. ନିଃଶେଷ-କ ।

**Beggarly**, *a.* ଭିକ୍ଷୁକ ପରି, ନୀଚ, ତୁଚ୍ଛ ।

**Beggary**, *n.* 1. ଯାଞ୍ଚକତା, ଦୈନ୍ୟ, କଙ୍ଗାଳିପଣ, ନିଃସ୍ୱତା; 2. ଅଭାବ; 3. ଭିକ୍ଷା ମାଗିବା ଅଭ୍ୟାସ ।

**Begin**, *v.i.* 1. ଉତ୍ପନ୍ନ-ହେ; 2. ଆରମ୍ଭ-ହେ; 3. ପ୍ରବୃତ୍ତ-ହେ, ଲାଗିବାର ।—*v.t.* 1. ଆରମ୍ଭ-କ, ଉପକ୍ରମ-କ; 2. ଉତ୍ପନ୍ନ-କ ।

**Beginner**, *n.* 1. ଆରମ୍ଭକାରୀ; 2. ନବ ଛାତ୍ର, ଶିକ୍ଷାନବିଶ ।

**Beginning**, *n.* 1. ମୂଳ କାରଣ ବା କାର୍ଯ୍ୟ, ଆଦିକାରଣ, ମୂଳ; 2. ଆରମ୍ଭ, ଉପକ୍ରମ; 3. ଆଦ୍ୟ, ପ୍ରଥମ ।

**Beginningless**, *a.* ଅନାଦି । [ବାର ।

**Begird**, *v.t.* 1. ପରିବେଷ୍ଟନ-କ, ଘେରିବାର; 2. ବାନ୍ଧି-

**Begone**, *interj.* ଦୂର ହୁଅ ! ଚାଲି ଯାଅ ! ଯା !

**Begrime**, *v.t.* ମଇଳା-କ ।

**Begrudge**, *v.t.* 1. ଈର୍ଷା-କ; 2. କାର୍ପଣ୍ୟ-କ ।

**Beguile**, *v.t.* 1. ଭୁଲାଇବାର, ଠକିବାର, ପ୍ରବଞ୍ଚନା-କ, ପ୍ରତାରଣା-କ; 2. ସୁଖେ (ସମୟ) କଟାଇବାର; 3. ଆକର୍ଷଣ-କ, ମୋହିତ-କ ।

**Beguilement**, *n.* ପ୍ରବଞ୍ଚନା, ପ୍ରତାରଣା ।

**Begum**, *n.* ବେଗମ୍-ମୁସଲମାନ ରାଜକନ୍ୟା ।

**Behalf**, *n.* ଲାଭ, ସୁବିଧା, ସହାୟତା, ସପକ୍ଷ, କାରଣ, ହେତୁ, ନିମିତ୍ତ, always preceded by *in on* or *upon*.

**Behave**, *v.t.* 1. (ଆପଣାକୁ) ଚଳାଇବାର; 2. (ଆପଣାକୁ) ସାବଧାନପୂର୍ବକ ଚଳାଇବାର, used reflexively ।—*v.i.* 1. ଆଚରଣ-କ, ବ୍ୟବହାର-କ, ଚଳିବାର; 2. ଉପଯୁକ୍ତ ଆଚରଣ-କ ।

**Behaviour**, *n.* 1. ଆଚରଣ, ବ୍ୟବହାର, ଶିଷ୍ଟାଚରଣ, ଆଚାରବ୍ୟବହାର; 2. ଚଳନ । [ଚ୍ଛେଦନ-କ ।

**Behead**, *v.t.* ମୁଣ୍ଡ କାଟିବାର, ମସ୍ତକ ଛେଦନ-କ, ଶିର-

**Behemoth**, *n.* ବୃହତ୍ ଜନ୍ତୁବିଶେଷ ।

**Behest**, *n.* (*poetical*), ଆଜ୍ଞା, ଆଦେଶ ।

**Behind**, *prep.* 1. ପଛରେ, ପଶ୍ଚାତରେ; 2. ଉତ୍ତାରେ, ପରେ; 3. ତୁଳନାରେ ନିକୃଷ୍ଟ, ଅପେକ୍ଷାରେ ନୀଚ ।—*ad.* 1. ପଛଆଡ଼େ, ପଶ୍ଚାତ୍ ଦିଗରେ; 2. ଅଦୃଶ୍ୟରେ; 3. ପଛରେ; 4. ପଛଆଡ଼କୁ; 5. ପିଛିଲାବସ୍ଥାରେ, ବକେୟାବସ୍ଥାରେ; 6. ଗତକାଳେ ।

**Behindhand**, *ad.* or *prd. a.* 1. ପିଛିଲାବସ୍ଥାରେ, ବକେୟାବସ୍ଥାରେ, ଦେଉଲିଆ; 2. ଅନୁନ୍ନତ, ଅନୁନ୍ନତାବସ୍ଥାରେ, ଧିମା; 3. ବିଳମ୍ବୀ, ଦୀର୍ଘସୂତ୍ରୀ ।

**Behold**, *v.t.* ଅନାଇବାର, ଦେଖିବାର, ଦୃଷ୍ଟି-କ, ଅବଲୋକନ-କ, ନିରୀକ୍ଷଣ-କ ।—*v.i.* ଦୃଷ୍ଟିପାତ-କ, ଦେଖିବାର, ମନୋଯୋଗ-କ, used chiefly in the imperative.

**Beholden**, *a.* ବାଧିତ, ପ୍ରାପ୍ତୋପକାର ଦ୍ୱାରା ବଦ୍ଧ, କୃତଜ୍ଞତାରେ ଆବଦ୍ଧ ।

**Beholder**, *n.* ଦର୍ଶକ, ଦେଖିବା ବ୍ୟକ୍ତି ।

**Behoof**, *n.* ଲାଭ, ସୁବିଧା, ଉପକାର in such phrases as *in* or *for behoof of*.

**Behove**, *v.t.* ଉପଯୁକ୍ତ-ହେ, ଯୋଗ୍ୟ, ଆବଶ୍ୟକ-ହେ, ଉଚିତ-ହେ, used impersonally as *it behoves us.* [ବ୍ୟକ୍ତି ।

**Being**, *n.* 1. ସ୍ଥିତି, ଅସ୍ତିତ୍ୱ, ସତ୍ତା, ଉତ୍ପତ୍ତି; 2. ଜୀବ, ପ୍ରାଣୀ,

**Belabour**, *v.t.* ପିଟିବାର, ପ୍ରହାର-କ, କଥା ମାରିବାର, ଭୁଷା ମାରିବାର ।

**Belated**, *p. a.* ବିଳମ୍ବିତ, ସନ୍ଧିଗ୍ରସ୍ତ ।

**Belaud**, *v.t.* ଅତି ପ୍ରଶଂସା-କ, ସ୍ତବ-କ, ସ୍ତୁତି-କ ।

**Belay**, *v.t.* (ନାବିକ କଥା) ରଜ୍ଜୁ ବାନ୍ଧିବାର ।

**Belch**, *v.t.* ବଳରେ ଉଦ୍ଗାର-କ, ବଳରେ ବାହାର-କ ।—*v.i.* ଢେକାର ମାରିବାର ।—*n.* ଢେକାର, ଉଦ୍ଗାର ।

**Beldam**, *n.* (ହୁନସ୍ର ବୁଢ଼ା ସ୍ତ୍ରୀ), ବଦାକାର ବୁଢ଼ୀ, କୁରୂପା ବୃଦ୍ଧା, ଡାଆଣୀ ।

**Beleaguer**, *v.t.* ସୈନ୍ୟ ଦ୍ୱାରା ଘେରିବାର, ବେଷ୍ଟନ-କ, ଅବରୋଧ-କ । [ବିଶେଷ ।

**Belemnite**, *n.* ଶର ବା ଭଲ୍ଲବତ୍ ପ୍ରସ୍ତରୀଭୂତ ଶାମୁକା

**Belfry**, *n.* ଘଣ୍ଟ ଘର ।

**Belial**, *n.* 1. ଦୁଷ୍ଟତା; 2. ଅଧମ ବ୍ୟକ୍ତି, ଦୁଷ୍ଟ; 3. ପାପାତ୍ମା, ଶୟତାନ ।

**Belie**, *v.t.* 1. ମିଥ୍ୟା ବୋଲି ପ୍ରମାଣ-କ, ମିଥ୍ୟା ବୋଲି ଦେଖାଇବାର, ବାକ୍ୟ ଖଣ୍ଡନ-କ; 2. ମିଥ୍ୟାପବାଦ-କ; 3. ବଞ୍ଚିତ-କ, ବିଫଳ-କ, ଯୋଗ୍ୟ ହେବାକୁ ଉଣା ପଡ଼ିବାର ।

**Belief**, *n.* 1. ପ୍ରକୃତରୂ ପୃଥକ୍ ପ୍ରମାଣରେ ଜାତ ମନର ସମ୍ମତ, ପ୍ରମାଣରୁ ଜାତ ମାନସିକ ସମ୍ମତ, ବିଶ୍ୱାସ, ପ୍ରତ୍ୟୟ; 2. ବିଶ୍ୱାସର ବିଷୟ, ମତ; 3. ଧର୍ମମତ; 4. ବୋଧ, ମତ ।

**Believability**, **believableness**, *n.* ବିଶ୍ୱାସ-ଯୋଗ୍ୟତା, ପ୍ରତ୍ୟୟଯୋଗ୍ୟତା ।

**Believable**, *a.* ବିଶ୍ୱାସଯୋଗ୍ୟ, ବିଶ୍ୱାସ୍ୟ, ବିଶ୍ୱସନୀୟ, ପ୍ରତ୍ୟୟଯୋଗ୍ୟ ।

**Believe**, *v.t.* 1. ପ୍ରମାଣରେ ସତ୍ୟ ବୋଲି ଗ୍ରହଣ-କ, ବିଶ୍ୱାସରେ ଗ୍ରହଣ-କ; 2. ବିଶ୍ୱାସ-କ, ପ୍ରତ୍ୟୟ-କ, ବିଶ୍ୱାସ-ଯୋଗ୍ୟ ବୋଲି ବୋଧ-କ ।—*v.i.* 1. ବିଶ୍ୱାସ-କ, ପ୍ରତ୍ୟୟ-କ; 2. ବୋଧ-କ, ଅନୁମାନ-କ; 3. ନିର୍ଭର-କ, with *in.*

**Believer**, *n.* 1. ବିଶ୍ୱାସକାରୀ; 2. ବିଶ୍ୱାସୀ, ପ୍ରତ୍ୟୟୀ, ଧର୍ମମତଧାରୀ, ଖ୍ରୀଷ୍ଟୀୟ ମତଧାରୀ ।

**Believing**, *p.a.* ବିଶ୍ୱାସକାରୀ, ବିଶ୍ୱାସଯୁକ୍ତ, ନିର୍ଭରଶୀଳ ।

**Believingly**, *ad.* ବିଶ୍ୱାସକାରୀରୂପେ, ବିଶ୍ୱାସପୂର୍ବକ, ପ୍ରତ୍ୟୟପୂର୍ବକ ।

**Belike**, *ad.* ବୋଧହୁଏ, ହୋଇପାରେ, ସମ୍ଭବତଃ ।

**Belittle**, *v.t.* ନ୍ୟୂନ-କ, ଊଣା ଦେଖାଇବାର, ତୁଚ୍ଛ-କ, ଲଘୂକରଣ-କ ।

**Bell**, *n.* 1. ଘଣ୍ଟା, ଘଣ୍ଟି, ଘୁଙ୍ଗୁର; 2. ଘଣ୍ଟାକୃତ ବସ୍ତୁ ।—*v.t.* 1. ଘଣ୍ଟା ଲଗାଇବାର; 2. ଘଣ୍ଟାକୃତ-କ ।—*v.i.* ଫୁଲ ଫୁଟିବାର ।

**Belladonna**, *n.* ଧୁତୁରା ଜାତୀୟ ବୃକ୍ଷ ।

**Belle**, *n.* ମୋହନୀ ସୁନ୍ଦରୀ ଯୁବତୀ ।

**Belles-lettres**, *bel-let'-tr*, (French), *n. pl.* ଅଳଙ୍କାର ବିଦ୍ୟା, ମାର୍ଜିତ ସାହିତ୍ୟ ।

**Bell-founder**, *n.* ଧାତୁରେ ଢାଳି ଯେ ଘଣ୍ଟା ବନାଏ ।

**Bellicose**, *a.* ଯୁଦ୍ଧପ୍ରିୟ, ଯୁଦ୍ଧେଚ୍ଛୁକ, ରଣଶୀଳ, କଳହ-ପ୍ରିୟ, କଳହପ୍ରିୟ ।

**Bellied**, *a.* ଫୁଲା, ସ୍ଫୀତ, ମୋଟା ।

**Belligerant**, *a.* 1. ଯୁଦ୍ଧକାରୀ, ଯୁଦ୍ଧସମ୍ବନ୍ଧୀୟ; 2. ଯୁଦ୍ଧେଚ୍ଛୁକ, ରଣଶୀଳ ।—*n.* ଯୁଦ୍ଧକାରୀ ଲୋକ, ଯୁଦ୍ଧ-କାରୀ ସୈନ୍ୟ ବା ଜାତି ।

**Bellman**, *n.* ବିଜ୍ଞାପନ ଦେବା ପାଇଁ ଘଣ୍ଟା ବଜାଇବା ବ୍ୟକ୍ତି, ଘୋଷଣାକାରୀ, ସମ୍ବାଦଦାତା ।

**Bell-metal**, *n.* ତମ୍ବାଦି ମିଶ୍ରିତ ଧାତୁ ବିଶେଷ, କଂସା ।

**Bellow**, *v.i.* 1. ଷଣ୍ଢର ଗର୍ଜ୍ଜନ-କ; 2. ଉଚ୍ଚଶବ୍ଦ-କ, ମହାରବ-କ, ବଡ଼ପାଟି-କ; 3. ଗର୍ଜ୍ଜନ-କ ।—*n.* ମହା-ରବ, ଗର୍ଜ୍ଜନ ।

**Bellows**, *n.* ଭାଥି, ଭସ୍ତ୍ରା ।

**Bell-ringer**, *n.* ଘଣ୍ଟା ବଜାଇବା ବ୍ୟକ୍ତି ।

**Bell-wether**, *n.* ଦଳର ଅଗ୍ରଗାମୀ ଘଣ୍ଟାଧାରୀ ମେଷ ।

**Belly**, *n.* ପେଟ, ଉଦର, ଜଠର ।—*v.i.* ପେଟ ନ୍ୟାୟ ଉଚ୍ଚ-ହେ, ଫୁଲି ଉଠିବାର ।—*v.t.* ଫୁଲାଇବାର, ପୂର୍ଣ୍ଣ-କ ।

**Belly-band**, *n.* ପେଟୀ, ପେଟବନ୍ଧନୀ, କଟିବନ୍ଧ ।

**Bellyful**, *n.* 1. ପେଟପୂରା ଖାଦ୍ୟ, ପେଟେ; 2. ବାହୁଲ୍ୟ ।

**Belong**, *v.i.* 1. ନିଜର-ହେ, ସ୍ୱତ୍ୱାଧିକାର-ହେ; 2. ସମ୍ପର୍କ-ହେ, ସମ୍ବନ୍ଧ-ହେ, ଉପଯୁକ୍ତ-ହେ; 3. ବାସିନ୍ଦା-ହେ, ଅଧିବାସୀ-ହେ, in all senses followed by *to.*

**Belonging**, *n.* (generally in the *pl.*) ନିଜର ବିଷୟ, ସ୍ୱତ୍ୱାଧିକାର ବିଷୟ, ସମ୍ପତ୍ତି, ଚିଜବସ୍ତୁ, ଜିନିଷପତ୍ର ।

**Beloved**, *a.* ପ୍ରିୟ, ବଲ୍ଲଭ, ପ୍ରିୟତମ, ଇଷ୍ଟ ।—*n.* ପ୍ରିୟପାତ୍ର ।

**Below**, *prep.* ତଳେ, ନିମ୍ନେ ।—*ad.* 1. ତଳେ, ଅଧସ୍ତ, ନୀଚସ୍ଥ; 2. ପୃଥିବୀରେ, ପୃଥିବୀତଳେ, ଇହଲୋକରେ; 3. ପାତାଳରେ ।

**Belt**, *n.* 1. କଟିବନ୍ଧନ, କମରବନ୍ଦ; 2. ପଟୁକା, ପଟି; 3. ଡୋରା; 4. କଟିବନ୍ଧ, ଭୂଭାଗ ବିଶେଷ ।—*v.t.* 1. ବେଷ୍ଟନ-କ, ଘେରିବାର; 2. କଟିବନ୍ଧନ ଲଗାଇବାର, କଟିବନ୍ଧନ ଦ୍ୱାରା ବାନ୍ଧିବାର; 3. ଡୋରା ଚିହ୍ନ-ଦେ; 4. (କଳରେ) ପଟି-ଦେ, ପଟି ଲଗାଇ ଚଳାଇବାର ।

**Belted**, *a.* 1. କଟିବନ୍ଧନଯୁକ୍ତ; 2. ଡୋରାଯୁକ୍ତ; 3. କଟିବନ୍ଧନରେ ଧୃତ ।

**Bemire**, *v.t.* ପଙ୍କରେ ପକାଇବାର ବା ବୁଡ଼ାଇବାର, କର୍ଦ୍ଦମ ଲେପନ-କ, କର୍ଦ୍ଦମାକ୍ତ-କ ।

**Bemoan**, *v.t.* (କୌଣସି ବିଷୟ ନିମନ୍ତେ) ବିଳାପ-କ, ଶୋକ-କ, ବେଦନ-କ, ଦୁଃଖ ପ୍ରକାଶ-କ ।

**Ben**, *n.* ସଜନା ଜାତୀୟ ବୃକ୍ଷ ।

**Ben**, *n.* ପର୍ବତ ।

**Bench**, *n.* 1. ଦୀର୍ଘକାଷ୍ଠାସନ, ବେଞ୍ଚ; 2. ବଢ଼ାଇ ଆଦିର ମେଜ ବା ପଟା; 3. ବିଚାରାସନ; 4. ବିଚାରକର୍ତ୍ତାସମୂହ, ଅଦାଲତ ।—*v.t.* 1. ଦୀର୍ଘକାଷ୍ଠାସନ ଯୋଗାଇବାର; 2. ବେଞ୍ଚ ଉପରେ ବସାଇବାର ।

**Bencher**, *n.* ପ୍ରଧାନ ଉକିଲ ବିଶେଷ ।

**Bend**, *v.t.* 1. ବଙ୍କା-କ, ବକ୍ର-କ, ନୁଆଁଇବାର, ବାଙ୍କ-କ; 2. ଗତି ଫେରାଇବାର; 3. ଦମନ-କ, ଅଧୀନରେ ଆଣି-ବାର; 4. (ମନ) ଲଗାଇବାର, ନିବିଷ୍ଟ-କ ।—*v.i.* 1. ବଙ୍କା-ହେ, ବକ୍ର-ହେ, କଡ଼ି ପଡ଼ିବାର, ଅଭିମୁଖ ହେବାର, ନତ-ହେ; 2. ପ୍ରବୃତ୍ତ-ହେ; 3. ପ୍ରଣତ-ହେ; 4. ସମ୍ମତ-ହେ, ବଶୀଭୂତ-ହେ; 5. ଝୁଲି ପଡ଼ିବାର ।—*n.* 1. ବାଙ୍କ, ବକ୍ରତା, ମୋଡ଼, ଘୁରଣ; 2. ନୁଆଁଣ ।

**Bendable**, *a.* ବକ୍ରକରଣୀୟ, ନମନୀୟ ।

**Beneath**, *prep.* 1. ତଳେ; 2. ନୀଚେ, ନିମ୍ନେ; 3. ହେତୁ, ସକାଶୁରେ ।—*ad.* 1. ତଳେ; 2. ପୃଥିବୀ-ତଳେ ।—beneath contempt, ତୁଚ୍ଛଜ୍ଞାନରହି ଅଯୋଗ୍ୟ, ଅତ୍ୟନ୍ତ ତୁଚ୍ଛ । beneath notice, ମନୋ-ଯୋଗର ଅନୁପଯୁକ୍ତ ।

**Benedick**, **benedict**, *n.* ନୂତନ ବିବାହିତ ପୁରୁଷର କୌତୁକ ନାମ ।

**Benediction**, *n.* 1. ଆଶୀର୍ବାଦ ପ୍ରାର୍ଥନା; 2. ଧନ୍ୟ-ବାଦ; 3. ଆଶୀର୍ବାଦ, ଆଶିଷ, କଲ୍ୟାଣ, ବର ।

**Benedictive**, **benedictory**, *a.* ଆଶୀର୍ବାଦକାରୀ, ଆଶୀର୍ବାଦସୂଚକ, କଲ୍ୟାଣସୂଚକ, ମାଙ୍ଗଳିକ ।

**Benefaction**, *n.* 1. ଦାନକାର୍ଯ୍ୟ; 2. ଦାନ, ଉପକାର ।

**Benefactor**, *n.* ଦାତା, ଉପକାରକ, ହିତକାରୀ, ମଙ୍ଗଳ-ଦାତା ।

**Benefactress,** *n.* ଦାତ୍ରୀ, ଉପକର୍ତ୍ତ୍ରୀ, ଉପକାରିଣୀ, ମଙ୍ଗଳଦାତ୍ରୀ ।

**Benefice,** *n.* ଧର୍ମୋପଦେଶକର ବୃତ୍ତି ।

**Beneficed,** *a.* ଧର୍ମୋପଦେଶକର ବୃତ୍ତିପ୍ରାପ୍ତ, ବୃତ୍ତିଭୁକ୍ ।

**Beneficence,** *n.* ଉପକାରଶୀଳତା, ବଦାନ୍ୟତା, ଦାତୃତ୍ୱ, ପରୋପକାର, ମଙ୍ଗଳଦାନ ।

**Beneficent,** *a.* ମଙ୍ଗଳକାରୀ, ହିତକାରୀ, ହିତକର, ଉପକାରୀ, ଦାନଶୀଳ, ବଦାନ୍ୟ । [ବଦାନ୍ୟରୂପେ ।

**Beneficently,** *ad.* ହିତକାରରୂପେ, ଦୟାଳୁଭାବେ,

**Beneficial,** *a.* ଲାଭଜନକ, ଗୁଣକାରୀ, ହିତଜନକ, ଉପକାରକ, କର୍ମଣ୍ୟ ।

**Beneficially,** *ad.* ଲାଭଜନକରୂପେ, ଗୁଣକାରୀରୂପେ, ହିତଜନକରୂପେ ।

**Beneficiary,** *a.* 1. ବୃତ୍ତିଲାଭସମ୍ବନ୍ଧୀୟ ; 2. ବୃତ୍ତିଲାଭ ଗ୍ରାହକ । *n.* ବୃତ୍ତିଭୋଗୀ, ଲାଭଗ୍ରାହୀ, ଦାନଗ୍ରାହୀ ।

**Benefit,** *n.* 1. ହିତକର କାର୍ଯ୍ୟ, ମଙ୍ଗଳ କାର୍ଯ୍ୟ, ଉପକାର, ଅନୁଗ୍ରହ; 2. ଲାଭ, ହିତ, ମଙ୍ଗଳ ; 3. ପ୍ରକାଶ୍ୟ ଅଭିନୟାଦି ଯହିଁର ଉପାର୍ଜିତ ଟଙ୍କା ବିଶେଷ କାର୍ଯ୍ୟରେ ଦିଆଯାଏ ।—*v.t.* ଉପକାର-କ, ସାହାଯ୍ୟ-କ, ଉନ୍ନତ-କ ।—*v.i.* ଲାଭ କ, ଉପକାର ପାଇବାର ।

**Benevolence,** *n.* 1. ପରହିତୈଷିତା, ପରମଙ୍ଗଳାକାଙ୍କ୍ଷା, ହିତେଚ୍ଛା, ଦାନଶୀଳତା, ବଦାନ୍ୟତା ; 2. ଦୟା କାର୍ଯ୍ୟସମୂହ, ଦାନସମୂହ; 3. ପୂର୍ବତନ କାଳର ଅନ୍ୟାଯ୍ୟ କର ବିଶେଷ ।

**Benevolent,** *a.* 1. ହିତୈଷୀ, ପରୋପକାରଶୀଳ, ଦୟାଳୁ; 2. ଦାନଶୀଳ ।

**Benevolently,** *ad.* 1. ହିତୈଷିରୂପେ, ଦୟାପୂର୍ବକ, ଅନୁଗ୍ରହପୂର୍ବକ ; 2. ଦାନଶୀଳଭାବେ ।

**Benight,** *v.t.* 1. ତମିସ୍ରାଚ୍ଛନ୍ନ-କ, ଅନ୍ଧକାରାବୃତ-କ, ରାତ୍ରିଗ୍ରସ୍ତ-କ, in this sense usually in *past p.* 2. ନୈତିକ ଅନ୍ଧକାରରେ ଆଚ୍ଛନ୍ନ-କ, ଅଜ୍ଞାନତାରେ ଆବୃତ-କ ।

**Benign,** *a.* 1. ଦୟାଳୁ, ସଦୟ, ଅନୁଗ୍ରହଶୀଳ ; 2. ଦୟାସୂଚକ, ହିତକର ; 3. ମୃଦୁ, ସଶାନ୍ତ ; 4. ଈଷଦୁଷ୍ଣ ।

**Benignant,** *a.* 1. ଦୟାଳୁ, ଅନୁଗ୍ରାହକ, ପ୍ରସନ୍ନ; 2. ଅନୁକୂଳ, ହିତକର; 3. ଈଷଦୁଷ୍ଣ । [ହିତକରରୂପେ ।

**Benignantly,** *ad.* ଅନୁଗ୍ରହପୂର୍ବକ, ଅନୁକୂଳଭାବେ,

**Benignity,** *n.* 1. ଦୟାଳୁତା, ଦୟାଶୀଳତା, ଅନୁଗ୍ରାହକତା ; 2. ସ୍ୱାସ୍ଥ୍ୟଜନକତା, ମୃଦୁତା ।

**Benignly,** *ad.* 1. ଦୟାଶୀଳରୂପେ, ଦୟାପୂର୍ବକ, ଅନୁଗ୍ରହପୂର୍ବକ ; 2. ମୃଦୁଭାବେ ।

**Benison,** *n.* ଆଶୀର୍ବାଦ, ଆଶିଷ୍, କଲ୍ୟାଣ ।

**Benne,** *n.* ରାଶି, ତିଳ ।

**Bent,** *n.* (ବେଣ୍ଡ୍ ଶବ୍ଦ), ରୁଚି, ଇଚ୍ଛା, ଭାବ, ପ୍ରବୃତ୍ତି, ପ୍ରବଣତା, ଝୋଙ୍କ ।—*p. a.* 1. ବଙ୍କା, ବକ୍ର; 2. ପ୍ରବୃତ୍ତ, ରତ ।

**Benumb,** *v.t.* ଜଡ଼-କ, ସ୍ତବ୍ଧ-କ, ସ୍ପର୍ଶଶକ୍ତି ରହିତ-କ, ଗତିଶକ୍ତି ରହିତ-କ ।

**Benzene, benzole,** *n.* ଅଲକାତରାରୁ ଉତ୍ପନ୍ନ ନିର୍ମଳ ତରଳ ପଦାର୍ଥ ଯାହା କି ତୈଳାଦିର ଦାଗ ନାଶ କରେ ।

Benzoin, benzoine, benjamin, *n.* **ଲୋବାନ,** ଧୂପ ବିଶେଷ ।

Bepraise, *v.t.* ଅତିରିକ୍ତ ପ୍ରଶଂସା-କ ।

Bequeath, *v.t.* 1. ଇଚ୍ଛାପତ୍ର ଦ୍ୱାରା ଦାନ-କ; 2. ପରମ୍ପରାଗତ-କ ।

Bequeathable, *a.* ଇଚ୍ଛାପତ୍ର ଦ୍ୱାରା ଦେୟ ।

Bequest, bequeathment, *n.* 1. ଇଚ୍ଛାପତ୍ର ଦ୍ୱାରା ଦାନ; 2. ଉଇଲ ଦ୍ୱାରା ଦତ୍ତ ସମ୍ପତ୍ତି; 3. ପରମ୍ପରାଗତ ବିଷୟ । [ସ୍କାର-କ ।

Berate, *v.t.* ଅତ୍ୟନ୍ତ ଧମକାଇବାର, ଭର୍ତ୍ସନା-କ, ତିରଃ-

Bereave, *v.t.* ବଞ୍ଚିତ-କ, ଦୂର-କ, ଅପହରଣ-କ ।

Bereavement, *n.* ବଞ୍ଚିତକରଣ, ବଞ୍ଚିତାବସ୍ଥା, ଅପହୃତାବସ୍ଥା, କ୍ଷତି, ହାନି, ବିଶେଷରେ ମୃତ୍ୟୁ ଦ୍ୱାରା ବନ୍ଧୁହାନି ।

Bereft, *past p.* ବଞ୍ଚିତ, ଅପହୃତ ।

Bergamot, *n.* ଲେମ୍ବୁ ଫଳରୁ ଜାତ ସୁଗନ୍ଧି ଦ୍ରବ୍ୟ ବିଶେଷ ।

Berlin, *n.* 1. ବର୍ଲିନ ନଗର ନିର୍ମିତ ଚତୁଷ୍ଚକ୍ର ଗାଡ଼ି ବିଶେଷ ; 2. ରଙ୍ଗାନୁକ୍ତ ସୂକ୍ଷ୍ମ ପଶମ ବିଶେଷ ।

Berry, *n.* କୋଳି, ଫଳ ବିଶେଷ ।

Berth, *n.* 1. ଜାହାଜର ଲଙ୍ଗର କରିବା ସ୍ଥାନ; 2. ଜାହାଜସ୍ଥ ଶଯ୍ୟା, ଜାହାଜର ସାନ କୋଠରୀ; 3. ପଦ, କାର୍ଯ୍ୟ ।—*v.t.* 1. ଜାହାଜର ଲଙ୍ଗର କରିବା ସ୍ଥାନ ନିର୍ବାଚନ-କ; 2. ଜାହାଜରେ ଶଯ୍ୟାସ୍ଥାନ ନିରୂପଣ-କ ।

Beryl, *n.* ଗୋମେଦକ ମଣି, ପାନ୍ନା ।

Beseech, *v.t.* 1. ମିନତି-କ, ବିନତି-କ, ଯାଚଞ୍ଜା-କ, ପ୍ରାର୍ଥନା-କ ; 2. ଉତ୍ସୁକ ହୋଇ ମାଗିବାର ।

Beseechingly, *ad.* 1. ମିନତିପୂର୍ବକ, ବିନତିପୂର୍ବକ; 2. ନିବେଦନପୂର୍ବକ ।

Beseem, *v.t.* ଉପଯୁକ୍ତ-ହେ, ଯୋଗ୍ୟ-ହେ, ଉଚିତ-ହେ ।

Beseeming, *a.* ଉପଯୁକ୍ତ, ଯୋଗ୍ୟ, ଉଚିତ ।

Beseemingly, *ad.* ଉପଯୁକ୍ତରୂପେ, ଯୋଗ୍ୟରୂପେ, ଉଚିତରୂପେ ।

Beset, *v.t.* 1. ଜଡ଼ିତ-କ ; 2. ବେଷ୍ଟନ-କ, ଘେରିବାର, ଅବରୋଧ-କ, ବାଧା-ଦେ, ଆକ୍ରମଣ-କ । [ପାପ ।

Besetment, *n.* ନିରନ୍ତର ଆକ୍ରମଣକାରୀ ଦୋଷ ବା

Besetting, *p. a.* ନିରନ୍ତର ଆକ୍ରମଣକାରୀ, ନିରନ୍ତର ଆକୁଳକାରୀ, ଅଭ୍ୟସ୍ତ, ପ୍ରତିବାଧକ ।

Beshrew, *v.t.* ଅମଙ୍ଗଳ ପ୍ରାର୍ଥନା-କ, ଶାପ-ଦେ, used interjectionally as a mild imprecation.

Beside, *prep.* 1. ପାର୍ଶ୍ୱେ, ନିକଟେ, ସନ୍ନିଧାନେ, ସମୀପରେ; 2. ଅପେକ୍ଷାରେ; 3. ବାହାରେ ।—beside himself, ବୁଦ୍ଧିହୀନ ।—*ad.* ନିକଟେ ।

Besides, *prep.* ବ୍ୟତିରେକେ, ଛଡ଼ା, ଭିନ୍ନ, ବିନୁ ।—*ad.* 1. ଅଧିକନ୍ତୁ, ଅଧିକନ୍ତୁ; 2. ବିନୁ, ବିନା, ଛଡ଼ା ।

Besiege, *v.t.* ସୈନ୍ୟ ଦ୍ୱାରା ବେଷ୍ଟନ-କ, ଅବରୋଧ-କ, ଆକ୍ରମଣ-କ ।

Besieger, *n.* **ଆକ୍ରମଣକାରୀ,** ଅବରୋଧକ ।

Beslaver, *v.t.* 1. ମୁଖର ଫେଣରେ ଲେପିବାର; 2. ଘୃଣ୍ୟ ଖୋଶାମୋଦ-କ ।

**Besmear**, *v.t.* ଲେପିବାର, ସମଳ-କ, ମଇଳା-କ ।
**Besmirch**, *v.t.* ମଇଳା-କ, ମଳିନ-କ, କଳଙ୍କିତ-କ ।
**Besmut**, *v.t.* ଅଙ୍ଗାରରେ କଳା-କ ।
**Besom**, *n.* ପହଁରା, ଖରକା, ଝାଡୁ ।
**Besot**, *v.t.* ମତ୍ତ-କ, ହତବୁଦ୍ଧି-କ, ଜଡ-କ, ଅଚେତ-କ ।
**Besotted**, *p. a.* ମତ୍ତ, ବହ୍ୱଳ, ବହ୍ୱଳ, ହତବୁଦ୍ଧି ।
**Besottedly**, *ad.* ମତ୍ତରୂପେ, ବହ୍ୱଳରୂପେ, ହତବୁଦ୍ଧି-ପୂର୍ବକ ।
**Besottedness**, *n.* ମତ୍ତତା, ବହ୍ୱଳତା ।
**Bespangle**, *v.t.* ଝଲମଲ-କ, ଚିକ୍‌ମିକ୍-କ, ଚମକ ବା ଟିକଲି ଦ୍ୱାରା ଚିହ୍ନିତ-କ, ମଣ୍ଡିତ-କ ।
**Bespatter**, *v.t.* 1. ଛିଟାଇବାର ; 2. କାଦୁଅ ଆଦିରେ ମଇଳା-କ ; 3. ଅପବାଦ-କ, କଳଙ୍କଯୁକ୍ତ-କ ।
**Bespeak**, *v.t.* 1. ଆଗେ କହି ରଖିବାର, ଆଗରୁ ବନ୍ଦୋବସ୍ତ-କ ; 2. ପ୍ରକାଶ-କ, ପୂର୍ବେ ସୂଚନା-କ, ବାହ୍ୟ ଲକ୍ଷଣ ଦ୍ୱାରା ଦେଖାଇବାର ।
**Bespeckle**, **bespot**, *v.t.* ଦାଗ ଦ୍ୱାରା ଅଙ୍କିତ-କ, କଳଙ୍କ-କ ।
**Bespread**, *v.t.* ଢାଙ୍କିବାର, ଆବୃତ-କ, ଆଚ୍ଛାଦନ-କ ।
**Besprinkle**, *v.t.* ଛିଞ୍ଚିବାର, ଛିଟାଇବାର, କ୍ଷେପଣ-କ ।
**Best**, **bettermost**, *a.* 1. ସର୍ବୋତ୍ତମ, ସର୍ବୋତ୍କୃଷ୍ଟ, ଶ୍ରେଷ୍ଠତମ, ସର୍ବଶ୍ରେଷ୍ଠ ; 2. ସର୍ବତୋଭାବେ ସନ୍ତୋଷଜନକ । — best man, ବିବାହ ସମୟରେ ବରର ସହାୟ, ବରଧରା । to do one's best, ଯଥାସାଧ୍ୟ-କ । — *n.* ସର୍ବୋତ୍ତମ ବିଷୟ ବା ଭାଗ । — *ad.* ସର୍ବୋତ୍ତମରୂପେ, ସର୍ବଶ୍ରେଷ୍ଠରୂପେ ।
**Bestead**, *past p.* ସଂସ୍ଥିତ, ସ୍ଥାପିତ, ଅବସ୍ଥିତ, with *ill*, *well*, *sore* &c.
**Bestial**, *a.* 1. ପଶୁବିଷୟକ ; 2. ପଶୁବତ୍ ; 3. ଇନ୍ଦ୍ରିୟାସକ୍ତ, ଭ୍ରଷ୍ଟ, ପାମର, ଅଧମ ।
**Bestiality**, *n.* 1. ପଶୁତ୍ୱ, ପଶୁବତ୍ ଗୁଣ, ପଶୁବଦାଚରଣ ; 2. ପଶୁଗମନ ।
**Bestialize**, *v.t.* ପଶୁବତ୍-କ, ଭ୍ରଷ୍ଟ-କ ।
**Bestially**, *ad.* ପଶୁତ୍ୱଭାବେ, ପଶୁପରରେ ।
**Bestir**, *v.t.* ଉତ୍ତେଜିତ-କ, ସଚେତନ-କ, ଉଦ୍ୟମରେ ଲଗାଇବାର, usually with reflexive pro.
**Bestow**, *v.t.* 1. ସଞ୍ଚିତ-କ, ରଖିବାର ; 2. ପ୍ରଦାନ-କ, ଦେବାର, ଅର୍ପଣ-କ ; 3. ବ୍ୟୟ-କ, ପ୍ରୟୋଗ-କ ।
**Bestowal**, *n.* ପ୍ରଦାନ, ଅର୍ପଣ ।
**Bestrew**, *v.t.* ବିକ୍ଷେପ-କ, ଏଣେତେଣେ ବିଛିବାର ।
**Bestride**, *v.t.* 1. ଉଲ୍ଲଙ୍ଘନ-କ, ପାଦ ମେଲାଇ ଚଢିବାର, ଚଢିବାର; 2. ଗୋଡ ମେଲାଇ ଠିଆ ହେବାର ।
**Bestud**, *v.t.* ଜଡିତ-କ, ଖଚିତ-କ, ମଣ୍ଡିତ-କ, ସମୁଜ୍ଜ୍ୱଳ ଅଳଙ୍କାରଯୁକ୍ତ-କ ।
**Bet**, *n.* ବାଜି, ପଣ । — *v.t.* and *i.* ବାଜି ମାରିବାର, [ପଣ-କ ।
**Betake**, *v.t.* (ଅର୍ପଣ-କ) 1. ପ୍ରବୃତ୍ତ କରାଇବାର, ଲଗାଇବାର ; 2. ଆଶ୍ରିତ କରାଇବାର, ନେବାର, with reflexive pro.

**Betel**, **betle**, *n.* ପାନ, ତାମ୍ବୂଳ ।
**Betel-nut**, *n.* ଗୁଆ, ଗୁବାକ, ସୁପାରି ।
**Bethink**, *v.t.* ମନରେ-କ, ସ୍ମରଣ-କ, generally used with refl. pro.—*v.i.* ବିବେଚନା-କ ।
**Betide**, *v.t.* 1. ଘଟିବାର, ଆସି ପଡିବାର; 2. ଦର୍ଶାଇବାର, ପୂର୍ବସୂଚନା-କ ।—*v.i.* ଘଟିବାର ।
**Betimes**, *ad.* 1. ଉପଯୁକ୍ତ ସମୟରେ, ଠିକ୍ ସମୟରେ, ଯଥାକାଳେ ; 2. ଶୀଘ୍ର, ଅବିଳମ୍ବରେ ।
**Betoken**, *v.t.* ଲକ୍ଷଣ ଦ୍ୱାରା ଦେଖାଇବାର, ପୂର୍ବସୂଚନା-କ, ପୂର୍ବେ ବ୍ୟକ୍ତ-କ ।
**Betook**, *pret. of* Betake.
**Betray**, *v.t.* 1. ବିଶ୍ୱାସଘାତକତାରେ ଶତ୍ରୁହସ୍ତଗତ-କ ; 2. ବିଶ୍ୱାସଘାତକତାରେ ପ୍ରକାଶ-କ; 3. ଫାନ୍ଦରେ ପକାଇବାର, କୁପଥରେ ନେଇ ପକାଇବାର ; 4. ନ ଜାଣି ପ୍ରକାଶ-କ; 5. ଚିହ୍ନ ଦ୍ୱାରା ପ୍ରକାଶ-କ, ପ୍ରକାଶ-କ ।
**Betrayal**, *n.* ଶତ୍ରୁହସ୍ତଗତକରଣ, ଶତ୍ରୁ ହସ୍ତରେ ସମର୍ପଣ, ବିଶ୍ୱାସଘାତକ କାର୍ଯ୍ୟ, ବିଶ୍ୱାସଘାତକତାରେ ପ୍ରକାଶ ।
**Betrayer**, *n* ବିଶ୍ୱାସଘାତକ ।
**Betroth**, *v.t.* ବାଗ୍‌ଦାନ-କ, ବିବାହସମ୍ବନ୍ଧ-କ ।
**Betrothal**, **betrothment**, *n.* ବାଗ୍‌ଦାନ, ବିବାହସମ୍ବନ୍ଧ ।
**Better**, *a.* 1. ଶ୍ରେଷ୍ଠତର, ଉତ୍ତମତର, ଅଧିକ ଭଲ ; 2. ଅଧିକ; 3. ଉପଶମପ୍ରାପ୍ତ, ପୂର୍ବାପେକ୍ଷା ଭଲ ।—*ad.* 1. ଅଧିକ ଭଲରୂପେ, ଶ୍ରେଷ୍ଠତରରୂପେ ; 2. ଅଧିକ କରି ।—*v.t.* ଅଧିକ ଉନ୍ନତ-କ, ଅଧିକ ଭଲ-କ, ସୁଧାରିବାର ।—to be better off, ଅଧିକ ଉନ୍ନତାବସ୍ଥାରେ ଥିବାର । to think better of, 1. ମତ ବା ଅଭିପ୍ରାୟ ପରିବର୍ତ୍ତନ-କ; 2. ପୁନର୍ବିବେଚନା-କ, ପରିବର୍ତ୍ତନ-କ ।—*n.* used in *pl.* ଗୁରୁଜନମାନେ, ପ୍ରଧାନ ବ୍ୟକ୍ତିମାନେ ।
**Betterment**, *n.* ଅଧିକ ଭଲକରଣ, ଉନ୍ନତି, ମୂଲ୍ୟବୃଦ୍ଧି ।
**Bettor**, *n.* ପଣ ବା ବାଜି ଯେ ରଖେ ।
**Between**, **betwixt**, *prep.* ମଧ୍ୟରେ, ମଝିରେ, ଉଭୟମଧ୍ୟରେ, ଅନ୍ତରାଳେ ।
**Bevel**, *n.* 1. ବଢାଇ ବା ରାଜମିସ୍ତ୍ରିର ମାପ କରିବା ... ; 2. ଢାଲୁ ଭୂମି ।—*a.* ଢାଲୁ ।—*v.t.* and *i.* ଢାଲୁ-କ, ଢାଲୁ-ହେ ।
**Beverage**, *n.* ପେୟଦ୍ରବ୍ୟ, ପାନୀୟ ଦ୍ରବ୍ୟ ।
**Bevy**, *n.* (ପକ୍ଷିର) ଝାଙ୍କ ବା ପଲ, (ସ୍ତ୍ରୀଲୋକଙ୍କର) ଦଳ ।
**Bewail**, *v.t.* (କୌଣସି ବିଷୟ ବା କାହା ନିମନ୍ତେ) ଶୋକ-କ, କ୍ରନ୍ଦନ-କ, ବିଳାପ-କ, ଦୁଃଖ-କ ।—*v.i.* ଦୁଃଖ ପ୍ରକାଶ-କ ।
**Beware**, *v.i.* ସତର୍କ-ହେ, ସାବଧାନ-ହେ, used only in imperative and infinitive, with *of* before the noun.
**Beweep**, *v.t.* 1. (କାହାରି ନିମନ୍ତେ) ଅଶ୍ରୁପାତ-କ ; 2. ଲୋତକ ଜଳରେ ଭିଜାଇବାର ।
**Bewilder**, *v.t.* ଘାବରା-କ, ବିହ୍ୱଳ-କ ।

**Bewilderment**, *n.* ପାଗଳପଣ, ବହ୍ୱଳତା ।

**Bewitch**, *v.t.* 1. ଡାଆଣିପଣ ଦ୍ୱାରା ଅଭିଭୂତ-କ, ମନ୍ତ୍ର ଦ୍ୱାରା ବଶ-କ, ଯାଦୁ-କ ; 2. ମୋହିତ-କ, ମୁଗ୍ଧ-କ ।

**Bewitchery**, *n.* ମୋହନୀଶକ୍ତି, ମୋହନ ।

**Bewitching**, *p. a.* ମୋହନୀଶକ୍ତିବିଶିଷ୍ଟ, ମନୋହର, ମନୋହାରୀ ।

**Bewitchingly**, *ad.* ମନୋହରରୂପେ, ମୋହନୀଶକ୍ତି-ପୂର୍ବକ ।

**Bewitchment**, *n.* 1. ମୋହନୀଶକ୍ତି ; 2. ମୋହିତକରଣ, ମୋହିତାବସ୍ଥା, ମୁଗ୍ଧାବସ୍ଥା ।

**Bewray**, *v.t.* ଅବଶ୍ୟ ହୋଇ (ଗୁପ୍ତ କଥା) ପ୍ରକାଶ-କ, ବିଶ୍ୱାସଘାତକତା-କ ।

**Bey**, *n.* ତୁର୍କି ଦେଶୀୟ ଶାସନକର୍ତ୍ତା ବା ସେନାପତି ବିଶେଷ ।

**Beyond**, *prep.* 1. ସେପାଖେ, ଅଗରେ, ଦୂରେ ; 2. ଅଧିକ, ପରେ ; 3. ଅତୀତ ; 4. ଶ୍ରେଷ୍ଠ ।—*ad.* ଦୂରେ, ସେଆଡେ ।—*n.* ପରଲୋକ ।

**Bezel**, *n.* 1. ମୁଦିକାର ପ୍ରସ୍ତରଧାର, ଯେଉଁ ସ୍ଥାନରେ ମଣି ବସା ଯାଏ ; 2. ଘଡିର କାଚ ବସାଇବା ଖୋଲ ।

**Bhang**, *n.* ଗଞ୍ଜେଇ, ଭାଙ୍ଗ ।

**Biangular**, *a.* ଦ୍ୱିକୋଣିଅ, ଦ୍ୱିକୋଣବିଶିଷ୍ଟ ।

**Bias**, *n. pl.* biases, 1. ବଡ଼ କାଠପେଣ୍ଡୁରେ ଲାଗି ଥିବା ଓଜନ ଯାହା କି ତାକୁ ସରଳ ଗତିରୁ ଫେରାଏ, ଉକ୍ତ ପେଣ୍ଡୁର ବକ୍ର ପଥ ; 2. ମନର ଝୁଙ୍କ, ପ୍ରବଣତା, ପ୍ରବୃତ୍ତି, ମନୋବୃତ୍ତି, ଅଭିଲାଷ, ସ୍ପୃହା, ଆସକ୍ତି, ପକ୍ଷପାତ, ପକ୍ଷପାତିତା ।—*v.t.* 1. ଏକପାଖକୁ ବକ୍ର କରାଇବାର ; 2. ଅଯଥାର୍ଥରୂପେ ପ୍ରବୃତ୍ତି ଜନ୍ମାଇବାର, ପକ୍ଷପାତ ଜନ୍ମାଇବାର ।

**Biased**, biassed, *p. a.* ପ୍ରବୃତ୍ତିଯୁକ୍ତ, ପକ୍ଷପାତୀ ।

**Bib**, *v.t.* and *i.* ଢୋକେ ପିଇବାର, ପିଇବାର, ଅଧିକ ପାନ-କ, ବାରମ୍ବାର ମଦ୍ୟ ପାନ-କ ।—*n.* ବସ୍ତ୍ର ରକ୍ଷା କରିବା ଶିଶୁର ବେକବନ୍ଧା ଲୁଗା, ଶିଶୁର ବକ୍ଷବନ୍ଧନୀ ।

**Bibacious**, *a.* ପାନାସକ୍ତ, ମଦ୍ୟପ୍ରିୟ ।

**Bibber**, *n.* ପାନକାରୀ, ମଦ୍ୟପାୟୀ, ପାନାସକ୍ତ ବ୍ୟକ୍ତି ।

**Bible**, *n.* (ପୁସ୍ତକ, ଶ୍ରେଷ୍ଠ ପୁସ୍ତକ), ଧର୍ମପୁସ୍ତକ, ଖ୍ରୀଷ୍ଟୀୟ ଧର୍ମଗ୍ରନ୍ଥ, ବାଇବଲ ।

**Biblical**, *a.* ଧର୍ମପୁସ୍ତକସମ୍ବନ୍ଧୀୟ ।

**Biblically**, *ad.* ଧର୍ମପୁସ୍ତକାନୁସାରେ ।

**Biblicist**, *n.* 1. ଧର୍ମପୁସ୍ତକତତ୍ତ୍ୱଜ୍ଞ ; 2. ଯେ ଧର୍ମପୁସ୍ତକକୁ ନିଜର ଏକମାତ୍ର ବିଶ୍ୱାସସୂତ୍ର ବୋଲି ମାନ୍ୟ କରେ ।

**Bibliographer**, *n.* 1. ପୁସ୍ତକ ବିବରଣରେ ବିଜ୍ଞ ; 2. ପୁସ୍ତକସମୂହ ସମ୍ବନ୍ଧରେ ଲେଖକ ।

**Bibliographical**, *a.* ପୁସ୍ତକବିଷୟକ ବିବରଣସମ୍ବନ୍ଧୀୟ ।

**Bibliography**, *n.* 1. ପୁସ୍ତକବିଷୟକ ବିବରଣ ; 2. ପୁସ୍ତକମାନଙ୍କର ନାମ ଓ ପ୍ରସ୍ତୁତ ହେବା ତାରିଖ ସହିତ ତାଲିକା ।

**Bibliolater**, bibliolatrist, *n.* 1. ପୁସ୍ତକପୂଜକ ; 2. ଧର୍ମପୁସ୍ତକପୂଜକ ।

**Bibliolatry**, *n.* 1. ପୁସ୍ତକପୂଜା ; 2. ଧର୍ମପୁସ୍ତକର ପୂଜା ବା ତହିଁରେ ଅତିରିକ୍ତ ଭକ୍ତି ।

**Bibliological**, *a.* ଧର୍ମପୁସ୍ତକର ସାହିତ୍ୟସମ୍ବନ୍ଧୀୟ ।

**Bibliology**, *n.* 1. ଧର୍ମପୁସ୍ତକର ସାହିତ୍ୟ ; 2. ପୁସ୍ତକବିଷୟକ ବିବରଣ ।

**Bibliomancy**, *n.* ପୁସ୍ତକ ଦ୍ୱାରା ଗଣକତା, ଧର୍ମପୁସ୍ତକ ଦ୍ୱାରା ଗଣକତା ବା ଭବିଷ୍ୟତ କଥନ ।

**Bibliomania**, *n.* ପ୍ରାଚୀନ ବା ଦୁର୍ଲଭ ଗ୍ରନ୍ଥ ସଂଗ୍ରହରେ ବ୍ୟଗ୍ରତା, ପୁସ୍ତକାନ୍ୱେଷଣରେ ପାଗଳାମି ।

**Bibliomaniac**, *n.* ପୁସ୍ତକାନ୍ୱେଷଣରେ ପାଗଳ ବ୍ୟକ୍ତି ।

**Bibliophile**, *n.* ପୁସ୍ତକପ୍ରିୟ ।

**Bibliopolist**, bibliopole, *n.* ଗ୍ରନ୍ଥବିକ୍ରେତା, ବିଶେଷତଃ ଦୁଷ୍ପ୍ରାପ୍ୟ ଗ୍ରନ୍ଥମାନଙ୍କର ବିକ୍ରେତା ।

**Bibulous**, *a.* 1. ଶୋଷକ, ଜଳଶୋଷଣକ୍ଷମ ; 2. ମଦ୍ୟପାନାସକ୍ତ ।

**Bice**, bise, *n.* ତମ୍ବାରୁ ଜାତ ଚିତ୍ର-ବ୍ୟବହାର୍ଯ୍ୟ ନୀଳ ବା ସବୁଜ ରଙ୍ଗ ।

**Biceps**, *n.* ଦ୍ୱିମସ୍ତକବିଶିଷ୍ଟ ମାଂସପେଶୀ, ବାହୁ ଓ ଜଙ୍ଘ ମାଂସପେଶୀର ନାମ ।

**Bicker**, *v.i.* 1. ବିବାଦ-କ, କଚକଚି-କ, କଳହ-କ ; 2. (ସ୍ରୋତ ପରି) କଳକଳ ଶବ୍ଦ କରି ଶୀଘ୍ର ବହି ଯିବାର ।—*n.* 1. କଳହ ; 2. କଳକଳ ଶବ୍ଦ ।

**Bicorn**, *a.* ଦ୍ୱିଶୃଙ୍ଗବିଶିଷ୍ଟ, ଅର୍ଦ୍ଧଚନ୍ଦ୍ରାକୃତି ।

**Bicycle**, *n.* ପଦ ଦ୍ୱାରା ଚାଳିତ ଦୁଇ ଚକିଆ ଗାଡି, ଶୂନ୍ୟଗାଡି ।

**Bicyclist**, *n.* ଶୂନ୍ୟଗାଡି ଚଢିବା ବ୍ୟକ୍ତି ।

**Bid**, *v.t.* 1. ନିମନ୍ତ୍ରଣ-କ, ଡାକିବାର, ଆହ୍ୱାନ-କ ; 2. କହିବାର ; 3. ଆଜ୍ଞା-କ, ଆଦେଶ-କ ; 4. ମୂଲ୍ୟ ପ୍ରସ୍ତାବ-କ, (ନିଲାମରେ) ଡାକିବାର, ଯାଚିବାର ; 5. ପ୍ରକାଶ-କ ।—*v.i.* ମୂଲ୍ୟ ଯାଚିବାର, ନିଲାମରେ ଡାକିବାର ।—to bid beads, ମାଳା ଜପିବାର । to bid defiance to, ତୁଚ୍ଛଜ୍ଞାନ କ, ତୁଚ୍ଛଭାବ ପ୍ରକାଶ-କ । to bid fair, ଆଶା-ଦେ ।—*n.* ନିଲାମର ଡାକ, ଯାଚିତ ମୂଲ୍ୟ ।

**Biddable**, *a.* ଆଜ୍ଞାନୁବର୍ତ୍ତୀ, ଆଜ୍ଞାବହ, ବଶ୍ୟ ।

**Bidder**, *n.* ମୂଲ୍ୟ ଡାକେ ଯେ ବ୍ୟକ୍ତି, ନିଲାମରେ ଯେ ଡାକେ ।

**Bidding**, *n.* 1. ନିଲାମର ଡାକ ; 2. ନିମନ୍ତ୍ରଣ ; 3. ଆଜ୍ଞା, ଆଦେଶ, ହୁକୁମ୍ ।

**Bide**, *v.i.* ବାସ-କ, ସ୍ଥିତ-କ, ରହିବାର ।—*v.t.* 1. ସହିବାର, ସହ୍ୟ-କ ; 2. ଅପେକ୍ଷା-କ, ପ୍ରତୀକ୍ଷା-କ ।

**Bidental**, *a.* ଦ୍ୱିଦନ୍ତୀ, ଦ୍ୱିଦନ୍ତବିଶିଷ୍ଟ ।

**Bidet**, *n.* 1. ସାନ ଘୋଡା ବା ଟଟ୍ଟୁ ; 2. କାଷ୍ଠାଧାରରେ ଥିବା ପାଧୋଇବା ସାନ କୁଣ୍ଡ ବିଶେଷ ।

**Biennial**, *a.* 1. ଦ୍ୱିବର୍ଷସ୍ଥାୟୀ ; 2. ଦ୍ୱିବର୍ଷୀୟ, ଦ୍ୱିବାର୍ଷିକ ।—*n.* ଦ୍ୱିବର୍ଷସ୍ଥାୟୀ ବୃକ୍ଷଗଛ ।

**Biennially**, *ad.* ଦ୍ୱିବର୍ଷରେ ।

**Bier**, *n.* ଶବ ବହନାର୍ଥକ ବାହନ, ଶବଯାନ ।

**Bifid**, *a.* ଦ୍ୱିଭାଗକୃତ, ଚିରା ।

**Bifold**, *a.* ଦ୍ୱିଗୁଣ, ଦୋହରା, ଦ୍ୱିଧା ।

**Bifoliate**, *a.* ଦ୍ୱିପତ୍ରବିଶିଷ୍ଟ ।

**Biform**, *a.* ଦ୍ୱିଆକାରବିଶିଷ୍ଟ, ଦ୍ୱିରୂପବିଶିଷ୍ଟ ।

**Bifurcate**, bifurcated, *a.* 1. ଦ୍ୟଗ୍ରବିଶିଷ୍ଟ; 2. ଦ୍ୱିଶାଖାବିଶିଷ୍ଟ ।

**Bifurcation**, *n.* ଦ୍ୱିବିଭାଗ, ଦୁଇ ଶାଖାର୍ ବିଭାଗ ।

**Big**, *a.* 1. ବଡ଼, ବୃହତ୍, ପ୍ରକାଣ୍ଡ; 2. ଗର୍ଭିଣୀ, ଗର୍ଭବତୀ; 3. ପୂର୍ଣ୍ଣ, ଭରା, ଭର୍ତ୍ତି; 4. ସ୍ଫୀତ, ଅହଙ୍କାରୀ, ଗର୍ବୀ ।

**Bigamist**, *n.* ସ୍ୱାମୀ ବା ପତ୍ନୀର ଜୀବଦ୍ଦଶାରେ ଅନ୍ୟକୁ ବିବାହ କରେ ଯେ । [କରିବା ଅପରାଧ ।

**Bigamy**, *n.* ସ୍ୱାମୀ ବା ଭାର୍ଯ୍ୟା ଥାଇଁ ଅନ୍ୟକୁ ବିବାହ

**Biggish**, *a.* କିଞ୍ଚିତ୍ ବଡ଼ ।

**Bight**, *n.* 1. ଉପସାଗର; 2. ଦଉଡ଼ିର ଫେର ।

**Bigly**, *ad.* ସ୍ଫୀତରୂପେ, ଅହଙ୍କାରପୂର୍ବକ । [ମାଣ ।

**Bigness**, *n.* 1. ବୃହତ୍ତ୍ୱ, ପ୍ରକାଣ୍ଡତା, ସ୍ଥୂଳତ୍ୱ; 2. ପରି-

**Bignonia**, *n.* ପାଟୁଳିଜାତୀୟ ବୃକ୍ଷ, ଫଣଫଣା ।

**Bigot**, *n.* ଏକଗୁଁୟାରୂପେ ସ୍ୱଧର୍ମ ବା ମତରେ ଆସକ୍ତ ବ୍ୟକ୍ତି, ଗୋଁଡ଼ା, ଏକଗୁଁୟା ଲୋକ ।

**Bigoted**, *a.* ଧର୍ମାନ୍ଧ, ଏକଗୁଁୟାରୂପେ ସ୍ୱଧର୍ମ ବା ମତରେ ଆସକ୍ତ, ଏକଗୁଁୟା ।

**Bigotedly**, *ad.* ଏକଗୁଁୟାରୂପେ, ଧର୍ମାନ୍ଧରୂପେ ।

**Bigotry**, *n.* ଧର୍ମାନ୍ଧତା, ଏକଗୁଁୟାରୂପେ ସ୍ୱଧର୍ମ ବା ମତରେ ଆସକ୍ତି ।

**Bijou**, *n. pl.* bijoux, *be-zhoo*, (French), ସୁନ୍ଦର ଅଳଙ୍କାର ବିଶେଷ, ରତ୍ନ ବିଶେଷ ।

**Bilateral**, *a.* 1. ଦ୍ୱିପାର୍ଶ୍ୱବିଶିଷ୍ଟ; 2. ଦ୍ୱିପାର୍ଶ୍ୱସମ୍ବନ୍ଧୀୟ ।

**Bilberry**, *n.* ନୀଳ ବା କଳାବର୍ଣ୍ଣ କୋଳି ବିଶେଷ ।

**Bilbo**, *n.* କ୍ଷୁଦ୍ର ଶସ୍ତ୍ର ବିଶେଷ, ତରବାରି ।

**Bilboes**, *n. pl.* ଜାହାଜସ୍ଥ ଦୁରବାଠ ବିଶେଷ ।

**Bile**, *n.* 1. ପିତ୍ତ; 2. ଚିଡ଼ଚିଡ଼ିଆ ଭାବ, ରାଗ ।

**Bilge**, *n.* 1. ପିପାର ଉଚ୍ଚ ମଧ୍ୟଭାଗ; 2. ଜାହାଜ ତଳାର ଚୌଡ଼ା ଭାଗ, ଜାହାଜର ବ୍ୟାସ; 3. ଜାହାଜ ତଳାରେ ଥିବା ପାଣି ।—*v.i.* ଜାହାଜ ତଳାରେ ପାଣି ଝରିବାର, ଜାହାଜର ତଳ ଭଗ୍ନ-ହେ ।

**Bilge-water**, *n.* ଜାହାଜ ତଳାରେ ଥିବା ପାଣି ।

**Biliary**, *a.* ପିତ୍ତସମ୍ବନ୍ଧୀୟ, ପୈତ୍ତିକ, ପିତ୍ତବହ ।

**Bilingual**, *a.* 1. ଦ୍ୱିଭାଷାରେ ବ୍ୟକ୍ତ; 2. ଦୋଭାଷୀ ।

**Bilinguist**, *n.* ଦୋଭାଷୀ ଲୋକ ।

**Bilious**, *a.* 1. ପିତ୍ତସମ୍ବନ୍ଧୀୟ, ପୈତ୍ତିକ; 2. ପିତ୍ତାକ୍ରାନ୍ତ, ପିତ୍ତବିକାର, ପିତ୍ତାଧିକ; 3. ଚିଡ଼ଚିଡ଼ିଆ ।

**Biliousness**, *n.* ପିତ୍ତାଧିକ୍ୟାବସ୍ଥା, ପିତ୍ତାଧିକ ହେତୁ ପୀଡ଼ା, ପିତ୍ତରୋଗ ।

**Biliteral**, *a.* ଦ୍ୱିଅକ୍ଷରବିଶିଷ୍ଟ ।

**Bilk**, *v.t.* ପ୍ରବଞ୍ଚନା-କ, ଠକିବାର, ଫାଙ୍କି-ଦେ, ଋଣ କ୍ରମେ ଏଡ଼ାଇବାର ।

**Bill**, *n.* 1. ଥଣ୍ଟ, ଚଞ୍ଚୁ; 2. ଥଣ୍ଟପରି କୌଣସି ବସ୍ତୁ ।—*v.i.* ଥଣ୍ଟ ଲଗାଲଗି-କ, ପକ୍ଷିର ନ୍ୟାୟ ଚୁମ୍ବନ-କ, ସୁଆଗ-କ ।

**Bill**, *n.* 1. ଦା, କଟାରି; 2. ପୂର୍ବତନକାଳର ଯୁଦ୍ଧାସ୍ତ୍ର ।

**Bill**, *n.* 1. ତାଲିକା; 2. ଦେୟପତ୍ର; 3. ଲେଖାପତ୍ର, ବର୍ଣ୍ଣନାପତ୍ର; 4. ଟୀପ, ଖତ, ଲିପି; 5. ପ୍ରସ୍ତାବିତ ବ୍ୟବସ୍ଥାର ପାଣ୍ଡୁଲିପି, ଆଇନର ମୁସାବିଦା, ଚିଠା; 6. ଘୋଷଣାପତ୍ର, ଇସ୍ତିହାର, ବିଜ୍ଞାପନ ।—bill of exchange, କପଡ଼ ଚିଠୀ, ହୁଣ୍ଡୀ । bill of fare, ଯୋଗାଇଲା ଖାଦ୍ୟଦ୍ରବ୍ୟର ତାଲିକା । bill of lading, ଜାହାଜର ବୋଝାଇ ମାଲର ତାଲିକା । bill of mortality, ମୃତସଂଖ୍ୟାର ସରକାରୀ ତାଲିକା । bill of sale, ବିକ୍ରୟପତ୍ର, ବିକ୍ରୟନାମା ।—*v.t.* 1. ଘୋଷଣାପତ୍ର ଦ୍ୱାରା ପ୍ରକାଶ-କ; 2. ଇସ୍ତିହାର ବା ବିଜ୍ଞାପନ ଲଟକାଇବାର ।

**Bill-broker**, *n.* ଦଲାଲ ।

**Billed**, *a.* ଥଣ୍ଟଯୁକ୍ତ ।

**Billet**, *n.* 1. କ୍ଷୁଦ୍ରପତ୍ର, ଚିଠୀ; 2. ସୈନ୍ୟମାନଙ୍କ ନିରୂପିତ ବସାଘରର ନିଦର୍ଶନପତ୍ର; 3. ସୈନ୍ୟମାନଙ୍କ ନିରୂପିତ ବସାଘର; 4. ପଦ, କାର୍ଯ୍ୟ ।—*v.t.* ନିଦର୍ଶନପତ୍ର ଦ୍ୱାରା ସୈନ୍ୟମାନଙ୍କ ବସାଘର ନିର୍ଦ୍ଦେଶ-କ, ସୈନ୍ୟର ବାସସ୍ଥାନ ଅଧ୍ୟୋଜନ-କ ।—*v.i.* (ସୈନ୍ୟପରି) ବାସସ୍ଥାନ ପାଇବାର, ବାସ-କ । [ପ୍ରୀତିପତ୍ର ।

**Billet-doux**, *n.* *bil-e-doo*, (French), ପ୍ରେମପତ୍ର,

**Bill-hook**, *n.* କଟାରି ।

**Billiards**, *n.* ଖେଳ ବିଶେଷ ।

**Billingsgate**, *n.* (ଲଣ୍ଡନ୍ ନଗରସ୍ଥ ବଡ଼ ମାଛହାଟ), କେଉଟୁଣିର ଗାଳି, ଇତର ଭାଷା, କୁତ୍ସିତ ଭାଷା, ଗାଳି ।

**Billion**, *n.* ମହାପଦ୍ମ, ୧୦୦୦,୦୦୦,୦୦୦,୦୦୦ ।—*a.* ମହାପଦ୍ମ ସଂଖ୍ୟକ ।

**Billow**, *n.* ଢେଉ, ଲହରୀ, ତରଙ୍ଗ ।—*v.i.* ଢେଉପରି ଉଠିବାର, ଢେଉ ମାରିବାର ।

**Billowy**, *a.* ମହା ଢେଉଯୁକ୍ତ, ତରଙ୍ଗିତ ।

**Bimetallic**, *a.* 1. ଦ୍ୱିଧାତୁସମ୍ବନ୍ଧୀୟ; 2. ଦ୍ୱିଧାତୁ ମୁଦ୍ରାର ବ୍ୟବହାରସମ୍ବନ୍ଧୀୟ ।

**Bimetallism**, *n.* ସ୍ୱର୍ଣ୍ଣ ଓ ରୂପା ମୁଦ୍ରା ମଧ୍ୟରେ ଆଇନ୍ ମତେ ଭାଉ ନିର୍ଦ୍ଧାରିତ ହେଲା ପରେ ଉକ୍ତ ଉଭୟ ମୁଦ୍ରାକୁ କୌଣସି ସଂଖ୍ୟାର ଦେୟ ମୂଲ୍ୟ ବୋଲି ପ୍ରଚଳିତ କରାଇବା ନିୟମ ।

**Bimetallist**, *n.* ଉପରୋକ୍ତ ନିୟମଧାରୀ ବ୍ୟକ୍ତି ।

**Bimonthly**, *a.* ଦ୍ୱିମାସିକ ।

**Bin**, *n.* 1. ଶସ୍ୟାଦି ରଖିବା ସିନ୍ଦୁକ; 2. ଦ୍ରାକ୍ଷାରସ ରଖିବା ଗୋଦାମର ଏକ ଭାଗ ।

**Binary**, *a.* ଦ୍ୱିଗୁଣ, ଦୋହରା, ଦୁଇଟି, ଯୁଗ୍ମ ।

**Bind**, *v.t.* 1. ବାନ୍ଧିବାର, ବନ୍ଧନ-କ, ଆବଦ୍ଧ-କ; 2. ପଟି ଲଗାଇବାର; 3. ନିୟମରେ ଆବଦ୍ଧ-କ, ସଂଯତ-କ; 4. ବାଧ୍ୟ-କ; 5. କୋଷ୍ଠବଦ୍ଧ-କ; 6. ଟାଣ-କ, ଜମାଟ୍-କ; 7. (ଲୁଗାଧାରରେ) ବନ୍ଧନୀ ଲଗାଇବାର ।—*v.i.* 1. କଠିନ-ହେ, ଟାଣ-ହେ; 2. କର୍ତ୍ତବ୍ୟ-ହେ, ଅବଶ୍ୟ ପାଳନୀୟ-ହେ ।—to bind over, ମୁଚଲିକା ଲେଖି ନେବାର । [ପଟି ।

**Binder**, *n.* 1. ବାନ୍ଧିବା ବ୍ୟକ୍ତି ବା କଳ; 2. ବନ୍ଧନ, ବନ୍ଧନୀ,

**Binding**, *a.* 1. ବନ୍ଧନକ୍ଷମ; 2. କର୍ତ୍ତବ୍ୟ, ପାଳନୀୟ; 3. ଧାରକ, ସଙ୍କୋଚକ ।—*n.* 1. ବନ୍ଧନକରଣ; 2. ବନ୍ଧନୀ; 3. ବହିପର ଖୋଲ; 4. ପଟି ।

Bindingly, *ad.* 1. ବନ୍ଧନକ୍ଷମରୂପେ; 2. ପାଳନୀୟରୂପେ ।
Bind-weed, *n.* କଳାଦାନା ଜାତୀୟ ଲତା ।
Bine, *n.* ଲତାର ଡେମ୍ଫ ।
Binnacle, *n.* ଜାହାଜରେ ଦିଗଦର୍ଶନଯନ୍ତ୍ରର ଆଧାର ।
Binocle, *n.* ଦ୍ୱିନଳି ଦୂରବୀକ୍ଷଣ ।
Binocular, *a.* 1. ଦୁଇ ଚକ୍ଷୁବିଶିଷ୍ଟ; 2. ଦୁଇ ଚକ୍ଷୁର ଉପଯୋଗୀ ।—*n.* ଦ୍ୱିନଳି ସାନ ଦୂରବୀକ୍ଷ, ଅଣୁବୀକ୍ଷଣ ।
Binomial, *a.* 1. ଦୁଇ ସଂଜ୍ଞାବିଶିଷ୍ଟ; 2. ଦୁଇ ନାମବିଶିଷ୍ଟ ।—*n.* ଅଙ୍କବିଦ୍ୟାର ସଂଜ୍ଞା ବିଶେଷ ।
Biogenesis, biogeny, *n.* କେବଳ ଜୀବନ୍ତ ପ୍ରାଣୀରୁ ଜୀବନ୍ତ ପ୍ରାଣୀ ଉତ୍ପନ୍ନ ହୋଇ ପାରେ ବୋଲି ଏକ ବିଶେଷ ମତ, opposed to abiogenesis.
Biogenesist, biogenist, *n.* ଉପରୋକ୍ତ ମତାବଲମ୍ବୀ ।
Biographer, *n.* ଜୀବନଚରିତର ଲେଖକ ।
Biographical, *a.* ଜୀବନଚରିତସମ୍ବନ୍ଧୀୟ ।
Biographically, *ad.* ଜୀବନଚରିତର ବର୍ଣ୍ଣନାନୁସାରେ ।
Biography, *n.* 1. ଜୀବନଚରିତ, ଜୀବନୀ, ଜୀବନବୃତ୍ତାନ୍ତ; 2. ଜୀବନଚରିତ ଗ୍ରନ୍ଥ ।
Biologic, biological, *a.* ଜୀବନବିଜ୍ଞାନସମ୍ବନ୍ଧୀୟ ।
Biologist, *n.* ଜୀବନବିଜ୍ଞାନବିତ୍ ।
Biology, *n.* ଜୀବନବିଜ୍ଞାନ ।
Biparous, *a.* ଯମଜୋତ୍ପାଦକ, ଏକ କାଳେ ଦୁଇ ପ୍ରସବକାରିଣୀ ।
Bipartite, *a.* ଦୁଇ ଭାଗରେ ବିଭକ୍ତ, ଦୁଇ ସମାନ ଭାଗବିଶିଷ୍ଟ, ଦ୍ୱିସମାନାଂଶବିଶିଷ୍ଟ ।
Bipartition, *n.* 1. ଦ୍ୱିଭାଗକରଣ; 2. ଦୁଇ ଭାଗରେ ବିଭକ୍ତ ଅବସ୍ଥା ।
Biped, *n.* ଦୁଇ ଗୋଡଥିବା ଜନ୍ତୁ, ଦ୍ୱିପଦ ଜୀବ ।—*a.* ଦୁଇ ଗୋଡଥିବା, ଦ୍ୱିପଦ ।
Bipedal, *a.* ଦୁଇ ଗୋଡଥିବା ଜନ୍ତୁସମ୍ବନ୍ଧୀୟ, ଦ୍ୱିପଦ ଜୀବସମ୍ବନ୍ଧୀୟ ।
Bipennate, *a.* ଦୁଇ ପକ୍ଷଯୁକ୍ତ ।
Bipinnate, *a.* ଦ୍ୱିଗୁଣ ପକ୍ଷାକୃତିବିଶିଷ୍ଟ ।
Biquadratic, *n.* ବର୍ଗର ବର୍ଗଫଳ ।—*a.* ବର୍ଗର ବର୍ଗଫଳସମ୍ବନ୍ଧୀୟ ।
Birch, *n.* 1. ବୃକ୍ଷ ବିଶେଷ; 2. ଉକ୍ତ ବୃକ୍ଷର ସରୁ ଡାଳର କୋରଡା ବିଶେଷ; 3. ଉକ୍ତ ବୃକ୍ଷର କାଠ ।
Bird, *n.* ଚଢେଇ, ପକ୍ଷୀ, ବିହଙ୍ଗ ।
Bird-lime, *n.* ପକ୍ଷୀ ଧରିବା ଅଠା ।
Bird's-eye, *n.* 1. କେତେକ ସାନ ବୃକ୍ଷର ନାମ; 2. ଏକ ପ୍ରକାର ତମାଖୁ ।—bird's-eye view, ପକ୍ଷିବତ୍ ଦର୍ଶନ, ଶୀଘ୍ରଦର୍ଶନ, ସ୍ଥୂଳଦର୍ଶନ ।
Birth, *n.* 1. ଜନ୍ମ; 2. ପ୍ରସବ; 3. କୁଳ, ବଂଶ, ବଂଶମର୍ଯ୍ୟାଦା; 4. ଉତ୍ପତ୍ତି, ଆଦି; 5. ଶିଶୁ ।
Birthday, *n.* 1. ଜନ୍ମଦିନ, ଜନ୍ମଦିବସ; 2. ଜନ୍ମତିଥି, ଜନ୍ମ ସ୍ମରଣାର୍ଥକ ବାର୍ଷିକ ଦିନ ।
Birth-mark, *n.* ଜନ୍ମଚିହ୍ନ ।
Birthplace, *n.* ଜନ୍ମସ୍ଥାନ, ଜନ୍ମଭୂମି, ଉତ୍ପତ୍ତିସ୍ଥାନ ।
Birth-right, *n.* ଜନ୍ମାଧିକାର, ଜ୍ୟେଷ୍ଠାଧିକାର ।
Biscuit, *n.* ପିଷ୍ଟକବିଶେଷ, ବିସ୍କୁଟ୍ ।
Bisect, *v.t.* ଦୁଇ ସମାନ ଅଂଶରେ ବିଭକ୍ତ-କ ।
Bisection, *n.* ଦୁଇ ସମାନ ଅଂଶର ବିଭାଗ ।
Bisexual, *a.* ଦ୍ୱିଲିଙ୍ଗବିଶିଷ୍ଟ ।
Bishop, *n.* 1. ଧର୍ମାଧ୍ୟକ୍ଷ; 2. (in chess), ଓଟ ବା ହାଥୀ ।
Bishopric, *n.* 1. ଧର୍ମାଧ୍ୟକ୍ଷର ପଦ; 2. ଧର୍ମାଧ୍ୟକ୍ଷର ଅଧିକାର ।
Bismuth, *n.* ଧାତୁ ବିଶେଷ ।
Bison, *n.* ଆରଣା ମହିଷୀ ଜାତୀୟ ଜନ୍ତୁ ।
Bissextile, *n.* ଅଧିବର୍ଷ, ଯେଉଁ ଚତୁର୍ଥ ବର୍ଷରେ ଫେବୃଏରି ମାସ ୨୯ ଦିନ ହୁଏ ।
Bistoury, *n.* ଅସ୍ତ୍ର ଚିକିତ୍ସକର କାଟିବା ଅସ୍ତ୍ରବିଶେଷ ।
Bit, *n.* 1. ଖଣ୍ଡେ, ଖଣ୍ଡ, ଟୁକୁରା; 2. ଅଳ୍ପ; 3. ଟିକିଏମାତ୍ର; 4. କ୍ଷଣ; 5. କୌଣସି କ୍ଷୁଦ୍ର ମୁଦ୍ରା; 6. ଲଗାମ, ଖଲୀନ; 7. ଉଖ୍ଁର ବିଶେଷ; 8. ଚାବିର ମୁହଁ; 9. ରନ୍ଧାର ଲୁହା ।—*v.t.* ଲଗାମ ଲଗାଇବାର,—a bit of one's mind, ଅଗୋପନୀୟମୋଦ ଓ ସ୍ପଷ୍ଟ କଥାରେ ପ୍ରକାଶିତ ମତର ଭାବ ।
Bitch, *n.* କୁକୁରୀ, ମାଈ କୁକୁର ।
Bite, *v.t.* 1. କାମୁଡିବାର, ଦଂଶନ-କ; 2. ଜ୍ୱାଳା-କ; 3. କାମୁଡି ଧରିବାର, ଦୃଢରୂପେ ଧରିବାର; 4. ଖାଇଯିବାର, କ୍ଷୟ-କ; 5. ପ୍ରତାରଣା-କ ।—*v.i.* 1. କାମୁଡିବାର, ଦଂଶନ-କ; 2. ଜ୍ୱାଳା-ହେ; 3. ଥୋପ ଧରିବାର; 4. ପ୍ରବଞ୍ଚିତ-ହେ; 5. ଦୃଢରୂପେ ଧରିବାର ।—*n.* 1. ଦଂଶନ; 2. କାମୁଡିବା କ୍ଷତ; 3. କାମୁଡା ଖଣ୍ଡ, ଏକ ଗ୍ରାସ, କବଳ; 4. କାମୁଡି ଧରିବା ଶକ୍ତି ।
Biter, *n.* ଦଂଶକ, ଯେ କାମୁଡେ । [ପ୍ରତାରକ ।
Biting, *a.* 1. ଦଂଶନକାରୀ, ଯନ୍ତ୍ରଣାଦାୟକ; 2. କଟୁ, ତୀବ୍ର ।
Bitingly, *ad.* ତୀବ୍ରଭାବେ, ଥଟ୍ଟାଭାବେ ।
Bitter, *a.* 1. ପିତା, କଟୁ; 2. ତିକ୍ତ, ତକ୍ତ, ତକ୍ତତାମୟ; 3. ତୀବ୍ର; 4. ଦୁଃଖଦାୟକ, ପୀଡାଜନକ, କଷ୍ଟଦାୟକ, କଠୋର; 5. କୁପିତ, ଘୃଣାକାରୀ; 6. ଅରୁଚିକର ।
Bitterish, *a.* ଈଷତ୍ ତିକ୍ତ ।
Bitterly, *ad.* 1. ତୀବ୍ରରୂପେ; 2. ଶୋକାର୍ତ୍ତରୂପେ; 3. କଷ୍ଟକରରୂପେ, ଦୁଃଖଦାୟକରୂପେ ।
Bittern, *n.* ବକ ଜାତୀୟ ପକ୍ଷୀ ।
Bitterness, *n.* 1. କଟୁତା; 2. ତିକ୍ତସ୍ୱାଦ, ତକ୍ତତା; 3. ତୀବ୍ରତା, କଠୋରତା; 4. ଦ୍ୱେଷ, ଶତ୍ରୁତା; 5. ଦୁଃଖ, ଶୋକ ।
Bitumen, *n.* ଶିଳାଜତୁ ।
Bituminous, *a.* ଶିଳାଜତୁ ପୂର୍ଣ୍ଣଯୁକ୍ତ, ଶିଳାଜତୁବିଶିଷ୍ଟ ।
Bivalve, *n.* ଦ୍ୱିକପାଟବିଶିଷ୍ଟ ଜନ୍ତୁ, ଯଥା,—ଶାମୁକା ।—*a.* also bivalvular, ଦ୍ୱିକପାଟବିଶିଷ୍ଟ ।
Bivouac, *n.* ରାତ୍ରିକାଳେ ଅନାବୃତ ସ୍ଥାନରେ ସେନାମାନଙ୍କର ପ୍ରହରୀ, ସେନାନିବେଶ ।—*v.i.* ରାତ୍ରିକାଳେ ଅନାବୃତ ସ୍ଥାନରେ ସେନାମାନଙ୍କର ପ୍ରହରୀ-କ, ସେନାନିବେଶ-କ ।

**Biweekly**, *a.* ଦ୍ୱିସାପ୍ତାହିକ ।

**Blab**, *v.t.* ଅବବେଚନାପୂର୍ବକ ପ୍ରକାଶ-କ, ବକ୍‌ବକ୍ କରି ପ୍ରକାଶ-କ ।—*v.i.* ଅବବେଚନାରେ କହିବାର, ଗପ୍ପସପ୍ପ-କ, ବାବଦୂକ-ହେ ।—*n.* also blabber, ଗୁପ୍ତ କଥା ପ୍ରକାଶକାରୀ, ଅବବେଚନାରେ କଥକ, ଗପ୍ପୀ, ବୃଜବଢଆ, ବାବଦୂକ ।

**Black**, *a.* 1. କଳା, କାଳିଅ, କୃଷ୍ଣବର୍ଣ୍ଣ; 2. ଅନ୍ଧକାର, ଅନ୍ଧକାରବୃତ, ଅନ୍ଧକାରାଚ୍ଛନ୍ନ; 3. ଦୁଃଖଜନକ, କ୍ଲେଶକର; 4. ମଳିନ, କଷଣ୍ଡମୁଖ; 5. ଦାରୁଣ, ଘୋର; 6. ଅଧମ, ଦୁଷ୍ଟ; 7. କ୍ରୂର ।—black and blue, (ଦେହରେ) ଆଘାତର ଚିହ୍ନଯୁକ୍ତ । in black and white, ଲେଖାରେ ବା ଛପାରେ । black art, ଜାଦୁବିଦ୍ୟା, ଇନ୍ଦ୍ରଜାଲ, କୁହୁକ, ଭେଲ୍କି । black cap, ପ୍ରାଣଦଣ୍ଡାଜ୍ଞା ଦେବା ସମୟରେ ବିଚାରକର୍ତ୍ତାଙ୍କ ପିନ୍ଧିବା ଟୋପି । black cattle, ହତ୍ୟା କରିବା ନିମନ୍ତେ ପୋଷିତ ଗବାଦି ପଶୁ. (used without reference to colour) । black death, ମହାମାରୀ, ମଡକ । black flag, ସାମୁଦ୍ରିକ ଡକାଇତମାନଙ୍କର ପତାକା ବିଶେଷ । black rod, ରାଜକୀୟ ମହାସଭାର ଦୂତ ବିଶେଷ, ପାର୍ଲିମେଣ୍ଟର ପ୍ରଧାନ ଦଣ୍ଡନାୟକ ।—*n.* 1. କୃଷ୍ଣ ବର୍ଣ୍ଣ, କଳା ବର୍ଣ୍ଣ, କଳା ରଙ୍ଗ; 2. ଆଫ୍ରିକା ଦେଶୀୟ ଲୋକ; 3. ଶୋକସୂଚକ କଳା ବସ୍ତ୍ର; 4. ଅଳନ୍ତ ।—*v.t.* କଳା-କ, କୃଷ୍ଣବର୍ଣ୍ଣ-କ, ସ୍ୟାହି ଲଗାଇବାର ।

**Blackamoor**, ଆଫ୍ରିକା ଦେଶୀୟ ଲୋକ, କଳା ଲୋକ ।

**Black-ball**, *n.* 1. ଜୋତା କଳା କରିବା ଉପାଦାନ; 2. ଜାତିସୂଚକ ମତ ପ୍ରକାଶ କରିବା କୃଷ୍ଣବର୍ଣ୍ଣ ଗୁଟିକା ।—*v.t.* ମତ ପ୍ରକାଶ କରିବା ବାକ୍ସରେ କୃଷ୍ଣବର୍ଣ୍ଣ ଗୁଟିକା ପକାଇ ଅଗ୍ରାହ୍ୟ-କ, ମତ ପ୍ରକାଶ କରିବା ଦ୍ୱାରା ସମାଜଭୁକ୍ତ ନ କରିବାର ।

**Black-beetle**, *n.* ଅସରପା ।

**Blackberry**, *n.* 1. କଣ୍ଟା ଗଛ ବିଶେଷ; 2. ଉକ୍ତ ଗଛର କଳା ଫଳ ।

**Blackbird**, *n.* ସୁସ୍ୱର ପକ୍ଷୀ ବିଶେଷ ।

**Black-board**, *n.* ସ୍କୁଲରେ ବ୍ୟବହୃତ କୃଷ୍ଣବର୍ଣ୍ଣ କାଷ୍ଠଫଳକ ।

**Black-cap**, *n.* କୃଷ୍ଣବର୍ଣ୍ଣ ଚୂଳଯୁକ୍ତ ସୁସ୍ୱର ପକ୍ଷୀ ବିଶେଷ ।

**Black-cock**, *n.* ବନ୍ୟ ପକ୍ଷୀ ବିଶେଷ ।

**Black-currant**, *n.* କଳା ଫଳ ବିଶେଷ ।

**Blacken**, *v.t.* 1. କଳା-କ, କୃଷ୍ଣବର୍ଣ୍ଣ-କ; 2. ଅନ୍ଧକାରବୃତ-କ; 3. କଳଙ୍କଯୁକ୍ତ-କ, ଦୁର୍ନାମ-କ ।—*v.i.* କଳା-ହେ, କୃଷ୍ଣବର୍ଣ୍ଣ-ହେ ।

**Blackguard**, *n.* ପାଜି, ଦୁଶ୍ଚରିତ୍ର ଲୋକ, ପାମର, ହାରାମଜାଦା, କୁଭାଷା ପ୍ରୟୋଗକାରୀ ।—*v.t.* କୁଭାଷାରେ ନିନ୍ଦା-କ ।

**Blackguardism**, *n.* ପାଜି ଲୋକର ବ୍ୟବହାର ବା କୁଭାଷା ।

**Blackguardly**, *a.* ପାଜିଗୁଣସୂଚକ, ଅଧମ, ଜଘନ୍ୟ ।

**Blacking**, *n.* ଜୋତା ସ୍ୟାହି ।

**Blackish**, *a.* ଅଳ୍ପ କାଳିଆ, କଣ୍ଟାହ କଳା ।

**Black-lead**, *n.* ଧାତୁ ବିଶେଷ, ପେନ୍‌ସିଲରେ ଥିବା ସୀସା ।

**Black-leg**, *n.* ଧୂର୍ତ୍ତଖେଳୁ, ଠକ ।

**Black-list**, *n.* ଋଣ ଶୋଧନରେ ଅକ୍ଷମ ବ୍ୟକ୍ତିମାନଙ୍କର ତାଲିକା ।

**Blackly**, *ad.* 1. ଅନ୍ଧକାରାଚ୍ଛନ୍ନରୂପେ; 2. କ୍ରୂରଭାବେ; 3. ଅଧମରୂପେ ।

**Black-mail**, *n.* 1. ସମ୍ପତ୍ତି ରକ୍ଷାର୍ଥେ ପୂର୍ବେ ଡାକୁର ଡକାଇତମାନଙ୍କୁ ଦତ୍ତ ଦସ୍ତୁର; 2. ଭୟ ଦେଖାଇ ଅର୍ଥ ଆଦାୟକରଣ ।—*v.t.* ଭୟ ଦେଖାଇ ଅର୍ଥ ଆଦାୟ-କ ।

**Black-mouthed**, *a.* ଅଶ୍ଳୀଳଭାଷୀ ।

**Blackness**, *n.* 1. କୃଷ୍ଣତ୍ୱ, କଳା ରଙ୍ଗ; 2. ଅନ୍ଧକାର; 3. ଘୋରତା ।

**Black-pudding**, *n.* ରକ୍ତ ଓ ଅନ୍ନ ମିଶ୍ରିତ ଖାଦ୍ୟଦ୍ରବ୍ୟ ବିଶେଷ ।

**Black-sheep**, *n.* କୁଳାଙ୍ଗାର, ସମାଜର କଳଙ୍କ ।

**Blacksmith**, *n.* କମାର, କର୍ମକାର, ଲୁହାର ।

**Bladder**, *n.* 1. ମୂତ୍ରାଧାର, ମୂତ୍ରାଶୟ, କ୍ଳୋମ, ଫୁକୁଣା; 2. ଫୋଟକା; 3. କ୍ଳୋମବତ୍ ବସ୍ତୁ ।

**Blade**, *n.* 1. ଘାସ ବା ଶସ୍ୟର ପତ୍ର, ପତ୍ର, ପାଖୁଡା, ପଲାଶ; 2. ଖଣ୍ଡା ଛୁରି ଆଦିର ଧାର; 3. (ବାଙ୍ଗର) ଚୌଡା ହାଡ; 4. ଅଣ୍ଡାର ଚେପ୍ଟା ଭାଗ; 5. ବଢାଇଲୋକ ।

**Bladed**, *a.* ଫଳକଯୁକ୍ତ, ପତ୍ରଯୁକ୍ତ, ଧାରଯୁକ୍ତ ।

**Blain**, *n.* ଫୋଟକା, ବ୍ରଣ ବିଶେଷ, ସ୍ଫୋଟକ ।

**Blamable, blameworthy**, *a.* ନିନ୍ଦାଯୋଗ୍ୟ, ନିନ୍ଦନୀୟ, ନିନ୍ଦାର୍ହ, ଭର୍ତ୍ସନାଯୋଗ୍ୟ, ଦୋଷଯୁକ୍ତ, ଦୋଷୀ, ଦୂଷ୍ୟ ।

**Blamableness**, *n.* ନିନ୍ଦାଯୋଗ୍ୟତା, ନିନ୍ଦନୀୟତା, ଦୋଷିତ୍ୱ ।

**Blamably**, *ad.* ନିନ୍ଦାଯୋଗ୍ୟରୂପେ, ନିନ୍ଦନୀୟରୂପେ, ଭର୍ତ୍ସନାଯୋଗ୍ୟରୂପେ, ଦୂଷ୍ୟଭାବେ ।

**Blame**, *v.t.* 1. ନିନ୍ଦା-କ, ଭର୍ତ୍ସନା-କ; 2. ଦୋଷ ଧରିବାର, ଦୋଷୀ-କ, ଦୋଷାରୋପ-କ ।—*n.* 1. ଦୋଷାରୋପ, ଭର୍ତ୍ସନା; 2. ଦୋଷ, କଳଙ୍କ ।

**Blameful**, *a.* ନିନ୍ଦନୀୟ, ନିନ୍ଦ୍ୟ, ଭର୍ତ୍ସନାଯୋଗ୍ୟ, ଦୋଷୀ, ଅପରାଧୀ ।

**Blameless**, *a.* ଅନିନ୍ଦ୍ୟ, ନିର୍ଦ୍ଦୋଷ, ନିରପରାଧୀ ।

**Blamelessly**, *ad.* ଅନିନ୍ଦ୍ୟରୂପେ, ନିର୍ଦ୍ଦୋଷରୂପେ, ନିରପରାଧଭାବେ, ଦୋଷ ବିନା ।

**Blamelessness**, *n.* ଅନିନ୍ଦ୍ୟତା, ନିର୍ଦ୍ଦୋଷତା, ନିଷ୍କଳଙ୍କତା ।

**Blanch**, *v.t.* 1. ଧଳା-କ, ଶୁକ୍ଳ-କ, ଶାଦା-କ; 2. ମ୍ଳାନ-କ, ବିବର୍ଣ୍ଣ-କ ।—*v.i.* ବିବର୍ଣ୍ଣ-ହେ ।

**Blanc-mange**, *n.* *bla-manzh*, (French), ଆରାରୁଟ୍ ବା ମକା ମଇଦା ଓ ଦୁଗ୍ଧାଦି ମିଶ୍ରିତ ମିଷ୍ଟାନ୍ନ ବିଶେଷ ।

**Bland**, *a.* 1. ମୃଦୁ, କୋମଳ, ସ୍ନିଗ୍ଧ; 2. ମିଳାପୀ ।

**Blandish**, *v.t.* 1. ଖୋଶାମୋଦ ଦ୍ୱାରା ଲୁବ୍ଧ-କ, ସ୍ତୁତ-କ, ଖୋଶାମୋଦ-କ; 2. ଭୁଲାଇବାର, କପଟିବାର ।

**Blandishment**, *n.* କୋମଳ ବାକ୍ୟ, ମଧୁର କଥା, ସ୍ନେହ ଉକ୍ତି, ସ୍ତୁତି, ଚାଟୁକ୍ତି, ଖୋଶାମୋଦ ।

**Blandness**, *n.* 1. ମୃଦୁତା, କୋମଳତା, ସ୍ନିଗ୍ଧତା; 2. ମିଳାପୀ ଗୁଣ ।

**Blank**, *a.* 1. ଶୁକ୍ଳ, ଶାଦା; 2. (ଭୟରେ) ମ୍ଳାନ, ବିବର୍ଣ୍ଣ, ଅବାକ୍; 3. ଶୂନ୍ୟ, ଖାଲି; 4. ଅଲେଖା; 5. ଅମିତ୍ରାକ୍ଷରବିଶିଷ୍ଟ, ଅନୁପ୍ରାସହୀନ, ଯମକହୀନ; 6. ପୂର୍ଣ୍ଣ, ଏକାନ୍ତ।—*n.* 1. ଶାଦା ଅଲେଖା କାଗଜ; 2. ଲେଖା ବା ଛପା ଦଲିଲ୍‌ରେ ଥିବା ଶୂନ୍ୟ ସ୍ଥାନ; 3. ଭାରତ ନାମାଦି ଅଲେଖା ଦଲିଲ; 4. ଶୂନ୍ୟତା; 5. ଶୂନ୍ୟ ପତ୍ର ବା ଟିକେଟ; 6. ଚାନ୍ଦମାରି ମଧ୍ୟସ୍ଥିତ ଶୁକ୍ଳ ଚିହ୍ନ, ଲକ୍ଷ୍ୟ।—*v.t.* 1. ଅପ୍ରସ୍ତୁତ-କ, ଅବାକ୍-କ; 2. ଶୂନ୍ୟ-କ।

**Blank-cartridge**, *n.* ଗୋଳିରହିତ ଟୋଟା।

**Blanket**, *n.* କମ୍ବଳ, ଲୋଇ, କମ୍ବଳ।—*v.t.* 1. କମ୍ବଳରେ ଘୋଡାଇବାର; 2. କମ୍ବଳରେ ଥୁଇ ଉପରକୁ ଫୋପାଡିବାର। [ସମ୍ପୂର୍ଣ୍ଣରୂପେ।

**Blankly**, *ad.* 1. ଅବାକ୍‌ଭାବେ; 2. ନିଶ୍ଚିତରୂପେ,

**Blankness**, *n.* 1. ଶୂନ୍ୟତ୍ୱ, ଶୂନ୍ୟତା; 2. ଅବାକ୍‌ପଣ।

**Blank-verse**, *n.* ଅମିତ୍ରାକ୍ଷର କବିତା।

**Blare**, *v.i.* ଉଚ୍ଚଧ୍ୱନି-କ, ହୁଙ୍କାଳିବାର, ଗର୍ଜ୍ଜନ-କ।—*v.t.* ଉଚ୍ଚ ଶବ୍ଦରେ ଘୋଷଣା-କ।—*n.* ତୂରୀଧ୍ୱନିବତ୍ ଧ୍ୱନି, ଗର୍ଜ୍ଜନ।

**Blarney**, *n.* ଅତିରିକ୍ତ ପ୍ରଶଂସାସୂଚକ କଥା, ମଧୁର କଥା, ଖୋସାମୋଦ, ଫାକି।—*v.t.* ମଧୁର କଥାରେ ମନାଇବାର, ଖୋସାମୋଦ-କ, କୋମଳ କଥାରେ ଠକିବାର।

**Blasé**, *a. bla-zā*, (French), ସୁଖଭୋଗରେ ଅସମର୍ଥ, ସ୍ୱାସ୍ଥ୍ୟକର ଶକ୍ତି ନିଃଶେଷିତ, ଅରୁଚି ପର୍ଯ୍ୟନ୍ତ ଆମୋଦରେ ପରିତୃପ୍ତ।

**Blaspheme**, *v.t.* ନିନ୍ଦା-କ, ବିଶେଷତଃ ଈଶ୍ୱର ବା ପବିତ୍ର ବିଷୟକୁ ନିନ୍ଦା-କ।—*v.i.* ନିନ୍ଦା କଥା ଉଚ୍ଚାରଣ-କ, ଈଶ୍ୱରନିନ୍ଦା-କ।

**Blasphemer**, *n.* ଈଶ୍ୱରନିନ୍ଦକ।

**Blasphemous**, *a.* ଈଶ୍ୱରନିନ୍ଦାକାରୀ, ଈଶ୍ୱରନିନ୍ଦାପୂର୍ଣ୍ଣ।

**Blasphemously**, *ad.* ଈଶ୍ୱରନିନ୍ଦାକାରୀରୂପେ।

**Blasphemy**, *n.* ଈଶ୍ୱରନିନ୍ଦା, ଈଶ୍ୱର ବା ପବିତ୍ର ବିଷୟ ପ୍ରତି ଅପମାନ, ପାଷଣ୍ଡତା।

**Blast**, *n.* 1. ବାୟୁବେଗ, ଦମକାବାୟୁ; 2. ବାୟୁ ବାଦ୍ୟଯନ୍ତ୍ରର ଧ୍ୱନି, ତୂରୀର ଧ୍ୱନି; 3. ଫୁଙ୍କ, କଳ ଦ୍ୱାରା ଚାଳିତ ବାୟୁର ସ୍ରୋତ; 4. ବାରୁଦାଦିର ସ୍ଫୋଟନ; 5. ବାଧା, ବିନାଶ, ଉତ୍ପାତ; 6. ଶସ୍ୟମାରୀ, ମାରୀ।—*v.t.* 1. ମାରୀ ଦ୍ୱାରା ମ୍ଳାନ-କ, ଶୁଷ୍କ-କ, ମହାମାରୀ ବା ଦୁର୍ଘଟଣା ଦ୍ୱାରା ଆକ୍ରାନ୍ତ-କ, କ୍ଷତ-କ, ନାଶ-କ; 2. ଭ୍ରଷ୍ଟ-କ; 3. ବାରୁଦାଦି ଦ୍ୱାରା ଫୁଟାଇବାର।—*v.i.* ମ୍ଳାନ-ହେ, ଶୁଷ୍କ-ହେ।

**Blast-furnace**, *n.* ଲୌହଦ୍ରବକାରୀ ଯନ୍ତ୍ରଯୁକ୍ତ ଚୁଲ୍ଲି।

**Blatant**, *a.* ଉଚ୍ଚ ଶବ୍ଦକାରୀ, ବଡପାଟିଆ।

**Blaze**, *n.* 1. ଅଗ୍ନିଶିଖା, ମହାଗ୍ନିଦାହ; 2. ପ୍ରଖର ଦୀପ୍ତି, ତେଜ, ଉଜ୍ଜ୍ୱଳତା; 3. ପ୍ରଚଣ୍ଡତା।—*v.i.* 1. ପ୍ରଜ୍ୱଳିତ-ହେ, ଜ୍ୱଳି ଉଠିବାର, ଧୂ ଧୂ କରି ଜ୍ୱଳିବାର; 2. ଦୀପ୍ତିମାନ-ହେ।—*v.t.* ତୈଳାଦିରେ (ଇଣ୍ଟାଦିକୁ) ଶକ୍ତ-କ।

**Blaze**, *v.t.* ପ୍ରକାଶ-କ, ପ୍ରଚାର-କ, ଘୋଷଣା-କ, ଜ୍ଞାପନ କରାଇବାର।

**Blaze**, *n.* 1. ଘୋଡା କପାଳର ଧଳା ଦାଗ; 2. ବକଳ କାଟିବା ଦ୍ୱାରା ଗଛର ଧଳା ଦାଗ।—*v.t.* 1. ବକଳ କାଟିବା ଦ୍ୱାରା ଗଛରେ ଧଳା ଦାଗ-କ; 2. ଉକ୍ତ ଧଳା ଦାଗ ଦ୍ୱାରା ଚିହ୍ନିତ-କ।

**Blazer**, *n.* 1. ପ୍ରକଟକାରୀ, ପ୍ରକାଶକାରୀ; 2. ପ୍ରଜ୍ୱଳିତ ବସ୍ତୁ, ଦୀପ୍ତିମାନ ବସ୍ତୁ; 3. କ୍ରୀଡାକାରୀମାନଙ୍କ ରଙ୍ଗିନ ଫତେଇ।

**Blazon**, *n.* 1. କୁଳୀନ ପଦଚିହ୍ନ, କୁଳୀନ ପଦଚିହ୍ନର ବର୍ଣ୍ଣନା; 2. ପ୍ରକାଶକରଣ, ଜାକ୍‌ଜମକ, ଆଡମ୍ବର।—*v.t.* 1. କୁଳୀନ ପଦଚିହ୍ନର ଅର୍ଥ-କ; 2. କୁଳୀନ ପଦଚିହ୍ନାଦି ଦ୍ୱାରା ସୁଶୋଭିତ-କ, ଅଳଙ୍କୃତ-କ; 3. ପ୍ରକାଶ-କ, ବ୍ୟକ୍ତ-କ, ପ୍ରକଟ-କ, ପ୍ରଚାର-କ, ଘୋଷଣା-କ।

**Blazonry**, *n.* 1. କୁଳୀନ ପଦଚିହ୍ନର ବ୍ୟାଖ୍ୟାକାରୀ ବିଦ୍ୟା; 2. କୁଳୀନ ପଦଚିହ୍ନ; 3. ଆଡମ୍ବର। [ହେ।

**Bleach**, *v.t.* (ରଙ୍ଗ) ଫିକ୍କା-କ, ଧଳା-କ।—*v.i.* ଧଳା-

**Bleacher**, *n.* ଲୁଗାକୁ ଯେ ବା ଯାହା ଧଳା କରେ।

**Bleachery**, *n.* ବସ୍ତ୍ର ଧଳା କରିବା ସ୍ଥାନ।

**Bleaching-powder**, *n.* ବସ୍ତ୍ର ଧଳା କରିବା ଚୂର୍ଣ୍ଣ।

**Bleak**, *a.* 1. ଶୀତ ଓ ବାୟୁରେ ଅନାବୃତ, ଅନାବୃତ, ଜନଶୂନ୍ୟ; 2. ଶୀତଳ, ହିମାବୃତ।

**Bleak**, *n.* ମତ୍ସ୍ୟ ବିଶେଷ।

**Bleakly**, *ad.* ଶୀତଳରୂପେ।

**Bleakness**, *n.* 1. ଶୀତ ଓ ବାୟୁରେ ଅନାବୃତାବସ୍ଥା; 2. ଶୀତଳତା।

**Blear**, *a.* ଝଲଝଲିଆ, ଝାପ୍‌ସା।—*v.t.* 1. ଝଲଝଲିଆ-କ, ଝାପ୍‌ସା-କ; 2. ଚକ୍ଷୁରୋଧ-କ, ପ୍ରତାରଣା-କ।

**Blear-eyed**, *a.* 1. ଝଲଝଲିଆଚକ୍ଷୁ, ମିଟିମିଟିଆଚକ୍ଷୁ, କ୍ଷୀଣାକ୍ଷ; 2. ଦୂରଦୃଷ୍ଟିରହିତ।

**Bleat**, *v.i.* ମେଣ୍ଢାପରି ବୋବାଇବାର, ମେଁ ମେଁ ଶବ୍ଦ-କ, ମେଷପରି ରବ-କ।—*n.* ମେଣ୍ଢା ବୋବାଳି, ମେଁ ମେଁ ଶବ୍ଦ, ମେଷରବ।

**Bled**, *pret. of* Bleed.

**Bleed**, *v.i.* 1. ରକ୍ତ କ୍ଷରିବାର, ରକ୍ତ କ୍ଷରଣ-ହେ, ରକ୍ତ ବାହାରିବାର; 2. ରସ ନିର୍ଗତ-ହେ; 3. ହତ-ହେ; 4. ବେଦନା ଅନୁଭବ-କ; 5. ଶୋକ ସହାନୁଭୂତି ବେଦନା ବା ଅନୁକମ୍ପାରେ ପୂର୍ଣ୍ଣ-ହେ; 6. ପ୍ରତାରଣାରେ ପଡି ଟଙ୍କା ହରାଇବାର, ଟଙ୍କା ଦତ୍ତ-ହେ।—*v.t.* 1. ରକ୍ତ କାଢିବାର, ରକ୍ତ ମୋକ୍ଷଣ-କ, ରକ୍ତପାତ-କ; 2. ପ୍ରତାରଣାରେ ଟଙ୍କା ହରଣ-କ; 3. କ୍ଷରିବାର।

**Bleeding**, *n.* 1. ରକ୍ତସ୍ରାବ, ରକ୍ତକ୍ଷରଣ; 2. ରକ୍ତକ୍ଷରଣର ପ୍ରକ୍ରିୟା; 3. ରସକ୍ଷରଣ।

**Blemish**, *n.* କ୍ଷତ-କ, ହାନି-କ, କଳଙ୍କିତ-କ, ମଳିନ-କ।—*n.* କ୍ଷତର ଚିହ୍ନ, ଦାଗ, କଳଙ୍କ, ଖୁଣ୍ଟ, ଦୋଷ, ତ୍ରୁଟି।

**Blench**, *v.i.* ସଙ୍କୁଚିତ-ହେ, ପଛକୁ ହଟିବାର, ବେଦନା ଭୟ ବା ଘୃଣାରେ ପଶ୍ଚାତ୍‌ପଦ-ହେ।

**Blend**, *v.t.* ମିଶାଇବାର, ମିଶ୍ରିତ-କ, ମିଳାଇବାର।—*v.i.* ମିଶିବାର, ମିଶ୍ରିତ-ହେ, କ୍ରମେ ମିଶି ଯିବାର।—*n.* ମିଶ୍ରଣ।

**Bless,** *v.t.* 1. ସୁଖୀ-କ, ଭାଗ୍ୟବାନ୍-କ; 2. ଶୁଭକାମନା-କ, ଆଶୀର୍ବାଦ-କ, ବର-ଦେ; 3. ପ୍ରତିଷ୍ଠା-କ; 4. ପ୍ରଶଂସା-କ, ସ୍ତବ-କ, ଧନ୍ୟବାଦ-କ; 5. ସୁଖୀ ବା ଧନ୍ୟ ବୋଲି ଗଣନା-କ ।

**Blessed,** *a.* 1. ସୁଖୀ, ଭାଗ୍ୟବାନ୍, ଧନ୍ୟ, କଲ୍ୟାଣଯୁକ୍ତ, ଆଶୀଃପ୍ରାପ୍ତ; 2. ପରମସୁଖପ୍ରାପ୍ତ, ପରମସୁଖୀ, ସ୍ୱର୍ଗୀୟ ସୁଖପ୍ରାପ୍ତ; 3. ପୂଜନୀୟ, ଆଦରଣୀୟ; 4. ସୁଖଦାୟୀ, ଆନନ୍ଦପୂର୍ଣ୍ଣ ।

**Blessedly,** *ad.* ସୁଖରେ, ଆନନ୍ଦପୂର୍ଣ୍ଣରୂପେ ।

**Blessedness,** *n.* ସୁଖାବସ୍ଥା, ପରମସୁଖ, ଧନ୍ୟତା, ପରମାନନ୍ଦ ।—single blessedness, ଅବିବାହିତ ଅବସ୍ଥା ।

**Blessing,** *n.* 1. ଆଶୀର୍ବାଦକରଣ; 2. କଲ୍ୟାଣ କାମନା ବା ପ୍ରାର୍ଥନା, ଆଶୀର୍ବାଦ; 3. ମଙ୍ଗଳ, ବର; 4. ଧନ୍ୟବାଦ, ପୂଜା ।

**Blest,** *a.* (poetic) 1. ସୁଖୀ; 2. ସୁଖଦାୟୀ ।

**Blew,** *pret. of* Blow.

**Blight,** *n.* 1. ବୃକ୍ଷାଦି ଶୁଷ୍କ କରିବା ରୋଗ, ହିମଦାହ; 2. କ୍ଷୟକାରୀ ବିଷୟ, ବିଫଳକାରୀ ବିଷୟ; 3. ବୃକ୍ଷନାଶକ କୀଟ ବିଶେଷ ।—*v.t.* 1. ଶୁଷ୍କ-କ, ଶୁଖାଇ ପକାଇବାର, କ୍ଷୟ-କ, ହିମଦାହରେ କ୍ଷୟ-କ, ନଷ୍ଟ-କ; 2. ବ୍ୟର୍ଥ-କ, ବିଫଳ-କ ।

**Blind,** *a.* 1. ଦୃଷ୍ଟିହୀନ, ଅନ୍ଧ, (of one eye) କଣା; 2. ବିଚାରକରଣରେ ଅକ୍ଷମ, ଜ୍ଞାନାନ୍ଧ, ଅବିବେଚକ; 3. ଅସ୍ପଷ୍ଟ, ଅନ୍ଧକାରମୟ, ଅଲକ୍ଷ୍ୟ; 4. ଆଲୁଅ ଆସିବା ପଥରହିତ; 5. ନିର୍ଗମନର ପଥରହିତ, ବନ୍ଦ, ଯଥା,— ବନ୍ଦ ଗଳି ।—*v.t.* 1. ଅନ୍ଧ-କ, କଣା-କ; 2 ଦୃଷ୍ଟି ଅବରୋଧ-କ; 3. ଜ୍ଞାନାନ୍ଧ-କ; 4. ଅନ୍ଧକାରାବୃତ-କ, ଅସ୍ପଷ୍ଟ-କ, ଅଦୃଶ୍ୟ-କ, ଗୁପ୍ତ-କ ।—*n.* 1. ଦୃଷ୍ଟି ବା ଆଲୁଅରୋଧକ ବସ୍ତୁ, ଆବରଣ; 2. ଚକ୍ଷୁର ଭ୍ରମାତ୍ମକ ବସ୍ତୁ, ବୁଦ୍ଧିର ଭ୍ରମାତ୍ମକ ବିଷୟ, ଛଳ ।

**Blinded,** *a.* 1. ଦୃଷ୍ଟିହୀନ; 2. ମାନସିକ ବା ନୈତିକ ବୁଦ୍ଧିହୀନ; 3. ଆବରଣଯୁକ୍ତ । [ଚକ୍ଷୁର ପଟି ।

**Blinder,** *a.* 1. ଯେ ବା ଯାହା ଅନ୍ଧ କରେ; 2. ଅଶ୍ୱ

**Blindfold,** *a.* 1. ବଦ୍ଧଚକ୍ଷୁ, ରୁଦ୍ଧଚକ୍ଷୁ; 2. ଜ୍ଞାନାନ୍ଧ, ରୁଦ୍ଧଜ୍ଞାନଚକ୍ଷୁ, ଅବିବେଚ୍ୟ ।—*v.t.* 1. ଚକ୍ଷୁ ଆବୃତ-କ, ଦୃଷ୍ଟିରୋଧ-କ; 2. ପ୍ରତାରଣା-କ ।

**Blinding,** *a.* ଦୃଷ୍ଟିରୋଧକାରୀ, ଦୃଷ୍ଟିର ଅସ୍ପଷ୍ଟକାରକ ।

**Blindly,** *ad.* 1. ଅନ୍ଧବତ୍, ଦୃଷ୍ଟିହୀନରୂପେ; 2. ବୁଦ୍ଧିହୀନରୂପେ, ଅବିବେଚକରୂପେ, ଅସମୀକ୍ଷ୍ୟରୂପେ ।

**Blindman's-buff,** *n.* ଅଖିବୁଜା ଖେଳା, ବୁଢ଼ିଅଣି ଖେଳା ।

**Blindness,** *n.* 1. ଅନ୍ଧତା, ଦୃଷ୍ଟିହୀନତା; 2. ମାନସିକ ବା ନୈତିକ ବୁଦ୍ଧିହୀନତା, ଅଜ୍ଞାନତା, ମୂର୍ଖତା, ଭ୍ରାନ୍ତି ।

**Blind-worm,** *n.* ଚକ୍ଷୁରକ୍ଷକ ବିଷଶୂନ୍ୟ ଉରଗ ଜନ୍ତୁ ବିଶେଷ ।

**Blink,** *v.i.* 1. ଚକ୍ଷୁ ମିଟ୍‌ମିଟ୍-କ, ଅସ୍ପଷ୍ଟ ଦର୍ଶନ ପାଇବାର; 2. ମିଟ୍‌ମିଟ୍-ହେ, ଚକ୍‌ମକ୍-ହେ ।—*v.t.* ଚକ୍ଷୁ ମିଟ୍‌ମିଟ୍ କରି ଦେଖିବାର, ଚକ୍ଷୁ ଅର୍ଦ୍ଧ ବନ୍ଦ କରି ଦେଖିବାର, ଇଚ୍ଛାପୂର୍ବକ ନ ଦେଖିବାର, ଇଚ୍ଛାପୂର୍ବକ ଏଡ଼ାଇବାର ।—*n.* 1. ମିଟ୍‌ମିଟ୍, କ୍ଷୀଣଦୃଷ୍ଟି, କଟାକ୍ଷ; 2. ଈଷତ୍ ଦୀପ୍ତି, ଚକ୍‌ମକ୍, ମିଟ୍‌ମିଟ୍ ଆଲୁଅ ।

**Blinkard,** *n.* ଯେ ମିଟ୍‌ମିଟ୍ କରି ଦେଖେ, କ୍ଷୀଣଦୃଷ୍ଟି ଲୋକ ।

**Blinker,** *n.* 1. ଯେ ମିଟ୍‌ମିଟ୍ କରି ଦେଖେ; 2. ଘୋଡ଼ା ଅଖିର ପଟି ।

**Bliss,** *n.* 1. ପରମସୁଖ, ପରମାନନ୍ଦ, ସ୍ୱର୍ଗୀୟ ଆନନ୍ଦ; 2. ସୁଖାତିଶୟର କାରଣ ।

**Blissful,** *a.* ପରମସୁଖୀ, ପରମାନନ୍ଦିତ ।

**Blissfully,** *ad.* ପରମସୁଖିରୂପେ, ପରମାନନ୍ଦପୂର୍ବକ ।

**Blissfulness,** *n.* ପରମାନନ୍ଦ, ପରମସୁଖ, ପୂର୍ଣ୍ଣାନନ୍ଦ ।

**Blister,** *n.* 1. ଫୋଟକା; 2. ଫୋଟକା କରିବା ମଲମ ।—*v.i.* ଫୋଟକାଯୁକ୍ତ-ହେ ।—*v.t.* 1. ଫୋଟକା-କ; 2. ଫୋଟକାକାରୀ ମଲମ ଲଗାଇବାର ।

**Blistery,** *a.* ଫୋଟକାମୟ ।

**Blithe, blithesome,** *a.* ପ୍ରଫୁଲ୍ଲ, ହୃଷ୍ଟ, ଆନନ୍ଦିତ, ପୁଲକିତ, ଉଲ୍ଲସିତ ।

**Blithely,** *ad.* ପ୍ରଫୁଲ୍ଲରୂପେ, ହର୍ଷପୂର୍ବକ, ଆନନ୍ଦିତରୂପେ ।

**Blitheness, blithesomeness,** *n.* ପ୍ରଫୁଲ୍ଲତା, ପୁଲକିତାବସ୍ଥା, ହୃଷ୍ଟତା ।

**Blizzard,** *n.* ଶୀତଳ ବାୟୁଯୁକ୍ତ ପ୍ରବଳ ହିମଝଡ଼ ।

**Bloat,** *v.t.* 1. ଫୁଲାଇବାର, ଫମ୍ପାଇବାର, ସ୍ଫୀତ-କ; 2. ଅସାର ଗର୍ବ-କ; 3. ଲୁଣ ବା ଧୂଁଅ ଦ୍ୱାରା ଶୁଷ୍କ-କ ।—*v.i.* ସ୍ଫୀତ-ହେ, ଫୁଲି ଉଠିବାର । [ବିବର୍ଣ୍ଣ ।

**Bloated,** *a.* ସ୍ଫୀତ, ଫୁଲା, ଫମ୍ପା, ଅତିରକ୍ତ ବଡ଼, ଅତି

**Bloater,** *n.* ଧୂଁଅ ଦ୍ୱାରା ଶୁଷ୍କମତ୍ସ୍ୟ ବିଶେଷ ।

**Blob,** *n.* 1. ଜଳବିନ୍ଦୁ, ଦାନ୍ଦର ଠୋପା, ଶିଶିର ବିନ୍ଦୁ; 2. ବୁଦ୍‌ବୁଦ୍, ଫୋଟକା ।

**Block,** *n.* 1. ବଡ଼ କାଠଖଣ୍ଡ, ଗଣ୍ଡିକାଠ, ବଡ଼ ପଥରଖଣ୍ଡ; 2. ପିଣ୍ଡ; 3. ମୂର୍ଖ ଲୋକ; 4. ସ୍ତମ୍ଭ; 5. କପିକଳ; 6. ବଧ୍ୟକାଷ୍ଠ; 7. ଛାପା ନିମନ୍ତେ କାଷ୍ଠଖୋଦିତ ନକ୍ସା, ନକ୍ସା; 8. ଘରଗୋଠିର ପୃଥକ୍‌ଶ୍ରେଣୀ; 9. ଅବରୋଧ, ଅବରୋଧର କାରଣ ।—*v.t.* 1. ବନ୍ଦ-କ, ଅବରୋଧ-କ, ରୁଦ୍ଧ-କ; 2. ପିଣ୍ଡରେ ପରିଣତ-କ; 3. (in cricket), ଦାଣ୍ଡ ଦ୍ୱାରା ବେଣ୍ଡ ଅଟକାଇବାର; 4. (in bookbinding), ପିତ୍ତଳ ଛାପା ଦ୍ୱାରା ଅଳଙ୍କୃତ-କ ।

**Blockade,** *n.* ଯୁଦ୍ଧ ଜାହାଜ ବା ସୈନ୍ୟ ଦ୍ୱାରା ଅବରୋଧ ।—*v.t.* 1. ଯୁଦ୍ଧ ଜାହାଜ ବା ସୈନ୍ୟ ଦ୍ୱାରା ଅବରୋଧ-କ; 2. ଅବରୋଧ-କ, ବନ୍ଦ-କ । [ଜାହାଜ ।

**Blockader,** *n.* ଅବରୋଧକାରୀ, ଅବରୋଧକାରୀ ଯୁଦ୍ଧ

**Blockhead,** *n.* ଗଣ୍ଡମୂର୍ଖ, ନିର୍ବୋଧ, ଅଜ୍ଞାନ ।

**Block-house,** *n.* ଗଣ୍ଡିକାଠ ନିର୍ମିତ ଗଡ଼ ବା ରକ୍ଷାସ୍ଥାନ ବିଶେଷ ।

**Blockish,** *a.* ମୂଢ଼ ।

**Block-printing,** *n.* କାଠ ଛାପାର ଖୋଦନ ।

**Block-system,** *n.* ରେଲ ବାଟ ଉପରେ ଦୁଇ ଟ୍ରେନ୍ ମଧ୍ୟରେ ନିର୍ଦ୍ଦିଷ୍ଟ ଦୂରତ୍ୱ ରଖିବା ନିୟମ ।

**Block-tin**, *n.* କଲ୍ଲାଙ୍କ ସଙ୍ଗାଖଣ୍ଡ, ଟିନଖଣ୍ଡ ।

**Blond, blonde**, *a.* ଗୌରବର୍ଣ୍ଣବିଶିଷ୍ଟ ।— *n.* 1. ଗୌରବର୍ଣ୍ଣବିଶିଷ୍ଟ ବ୍ୟକ୍ତି, ବିଶେଷତଃ ଅତି ଗୌରବର୍ଣ୍ଣବିଶିଷ୍ଟ ସ୍ତ୍ରୀ ଯାହାର କେଶ ପିଙ୍ଗଳବର୍ଣ୍ଣ ଓ ଚକ୍ଷୁ ଈଷତ୍ ନୀଳବର୍ଣ୍ଣ ଅଟେ; 2. ସୂକ୍ଷ୍ମ ରେଶମ ଲୁଗା ବିଶେଷ ।

**Blood**, *n.* 1. ରକ୍ତ, ରୁଧିର, ଶୋଣିତ; 2. ବଂଶ, ଗୋତ୍ର, କୁଳ, ଉଚ୍ଚବଂଶ, ରାଜବଂଶ; 3. ଶୀଳ, ସ୍ୱଭାବ, ତେଜ; 4. ହତ୍ୟା, ରକ୍ତପାତ, ଯୁଦ୍ଧ; 5. ରକ୍ତପାତର ଦୋଷ; 6. ତେଜସ୍ୱୀ ଲୋକ; 7. ରସ ।—*v.t.* 1. ରକ୍ତ କାଢିବାର; 2. ରକ୍ତ ଦ୍ୱାର କଳଙ୍କିତ-କ; 3. ରକ୍ତ ଚଖାଇ (କୁକ୍କୁରକୁ) ଶିକାରରେ ଅଭ୍ୟସ୍ତ-କ, ରକ୍ତରେ ଅଭ୍ୟସ୍ତ-କ ।—*a.* 1. ରକ୍ତସମ୍ବନ୍ଧୀୟ; 2. ରକ୍ତବର୍ଣ୍ଣ; 3. (of horses), ଉଚ୍ଚ ଜାତୀୟ ।

**Blood-bought**, *a.* ରକ୍ତପାତରେ କ୍ରୀତ ।

**Blood-guiltiness**, *n.* 1. ରକ୍ତପାତ ଅପରାଧର ଅବସ୍ଥା; 2. ରକ୍ତପାତର ଅପରାଧ ।

**Blood-guilty**, *a.* ରକ୍ତପାତରେ ଅପରାଧୀ ।

**Blood-heat**, *n.* ଶରୀରର ସ୍ୱାଭାବିକ ଉତ୍ତାପ ।

**Blood-horse**, *n.* ଉଚ୍ଚ ଜାତୀୟ ଅଶ୍ୱ, ଆରବ ଜାତୀୟ ଅଶ୍ୱଠାରୁ ଜାତ ଅଶ୍ୱ ।

**Blood-hound**, *n.* ଡାହାଳ କୁକ୍କୁର ବିଶେଷ ।

**Bloodily**, *ad.* ରକ୍ତପାତପୂର୍ବକ, ନିର୍ଦ୍ଦୟରୂପେ, ନିଷ୍ଠୁରରୂପେ ।

**Bloodiness**, *n.* 1. ରକ୍ତମୟତା; 2. ରକ୍ତପାତ କରିବା ସ୍ୱଭାବ ।

**Bloodless**, *a.* 1. ରକ୍ତହୀନ, ଜୀବନଶୂନ୍ୟ; 2. ରକ୍ତପାତରହିତ; 3. ନିସ୍ତେଜ ।

**Bloodlessly**, *ad.* ରକ୍ତପାତ ବିନା ।

**Blood-letting**, *n.* ରକ୍ତମୋକ୍ଷଣ ।

**Blood-money**, *n.* ରକ୍ତପାତରେ ଉପାର୍ଜ୍ଜିତ ଟଙ୍କା ।

**Blood-relation**, *n.* ରକ୍ତ ସମ୍ପର୍କୀୟ ଲୋକ ।

**Bloodshed, bloodshedding**, *n.* ରକ୍ତପାତ, ହତ୍ୟା, ଖୁଣ ।

**Bloodshedder**, *n.* ରକ୍ତପାତକାରୀ, ହତ୍ୟାକାରୀ, ଘାତକ, ଖୁଣୀ ।

**Blood-shot**, *a.* ରକ୍ତବର୍ଣ୍ଣ, ଲାଲ, (said of the eye).

**Blood-stained**, *a.* 1. ରକ୍ତାକ୍ତ, ରକ୍ତାବୃତ; 2. ରକ୍ତପାତରେ ଦୋଷୀ ।

**Blood-stone**, *n.* ଲାଲ ଦାଗଯୁକ୍ତ ବହୁମୂଲ୍ୟ ପ୍ରସ୍ତର ବିଶେଷ ।

**Blood-sucker**, *n.* 1. ରକ୍ତପାୟୀ ଜନ୍ତୁ; 2. ନିଷ୍ଠୁର ବ୍ୟକ୍ତି; 3. ଘାତକ ।

**Bloodthirsty**, *a.* ରକ୍ତଲୋଲୁପ, ରକ୍ତପାତପ୍ରିୟ ।

**Blood-vessel**, *n.* ରକ୍ତବାହକ ନାଡ଼ୀ, ଶିରା, ଧମନୀ ।

**Bloody**, *a.* 1. ରକ୍ତାକ୍ତ, ରକ୍ତମିଶ୍ରିତ; 2. ରକ୍ତମୟ; 3. ରକ୍ତପାତପୂର୍ଣ୍ଣ, ରକ୍ତପୂର୍ଣ୍ଣ; 4. କ୍ରୂର, ରକ୍ତପାତପ୍ରିୟ, ରକ୍ତପାତ ଓ ନିଷ୍ଠୁରତାରେ ପ୍ରସିଦ୍ଧ; 5. ଲାଲ ।

**Bloody-flux**, *n.* ରକ୍ତାତିସାର, ଅତିସାର ।

**Bloom**, *n.* 1. ବଉଳ, ମୁକୁଳ, ଫୁଲ, ପୁଷ୍ପର ସ୍ଫୁଟନ; 2 ନବଯୌବନ, ଯୌବନାବସ୍ଥା, ଜୀବନର ତେଜ; 3. ଶ୍ରୀବୃଦ୍ଧିର ସମୟ ବା ଅବସ୍ଥା; 4. ପଣ୍ଡସବ; 5. ଫଳ ଉପରେ ସ୍ଥିତ ଧୂଳିପରି ପଦାର୍ଥ ।—*v.i.* 1. ବଉଳିବାର, ମୁକୁଳିତ-ହେ, ଫୁଲ ଫୁଟିବାର, ଫୁଲ ଧରିବାର, ପୁଷ୍ପବନ୍ତ-ହେ; 2. ଯୌବନ ବା ସ୍ୱାସ୍ଥ୍ୟରେ ଉଜ୍ଜ୍ୱଳ-ହେ, ସତେଜ-ହେ ।

**Blooming**, *p.a.* 1. ବଉଳଯୁକ୍ତ, ପୁଷ୍ପିତ, ପୁଷ୍ପବିଶିଷ୍ଟ, ବିକସିତ; 2. ସତେଜ, ନବ ଯୌବନପ୍ରାପ୍ତ, ଯୌବନଯୁକ୍ତ ।

**Bloomingly**, *ad.* ସତେଜରୂପେ ।

**Bloomy**, *a.* ବଉଳପୂର୍ଣ୍ଣ, ପୁଷ୍ପମୟ ।

**Blossom**, *n.* 1. ପୁଷ୍ପ, ବଉଳ; 2. ପୁଷ୍ପିତାବସ୍ଥା, ବଉଳର ସମୟ ବା ଅବସ୍ଥା ।— *v.i.* ଫୁଲ ଫୁଟିବାର, ପୁଷ୍ପିତ-ହେ, ବଉଳିବାର ।

**Blossomed, blossomy**, *a.* ପୁଷ୍ପପୂର୍ଣ୍ଣ, ବଉଳମୟ ।

**Blot**, *n.* 1. ଦାଗ, କାଳୀ ଚିହ୍ନ; 2. କଳଙ୍କ, ଦୋଷ; 3. ଲୋପକରଣ ।— *v.t.* 1. ଦାଗ-କ, କାଳୀ ଚିହ୍ନ-ଦେ; 2. କଳଙ୍କିତ-କ; 3. କାଳିଶୋଷକ କାଗଜ ଦ୍ୱାରା ଶୁଖାଇବାର; 4. ଅସ୍ପଷ୍ଟ କ, ଅନ୍ଧକାର-କ ।— to blot out, ନିକାଳିବାର, ପୋଛିବାର ।

**Blotch**, *n.* 1. ବିସ୍ଫୋଟକ, ବଥ, ରୋଗର ଦାଗ, ଦାଗ; 2. ରଙ୍ଗର କଦର୍ଯ୍ୟ ମେଞ୍ଚା ।—*v.t.* ଦାଗଯୁକ୍ତ-କ ।

**Blotchy**, *a.* 1. ଦାଗଯୁକ୍ତ; 2. କଦର୍ଯ୍ୟ ରଙ୍ଗର ମେଞ୍ଚାଯୁକ୍ତ ।

**Blotter**, *n.* 1. ଯେ ବା ଯାହା ଦାଗ କରେ; 2. କାଳିଶୋଷକ କାଗଜ; 3. ଖାତା ବହି ।

**Blotting-paper**, *n.* କାଳିଶୋଷକ କାଗଜ, ଝୁରା କାଗଜ ।

**Blouse**, *n.* ଢିଲା କୁର୍ତ୍ତା ବିଶେଷ ।

**Blow**, *v.i.* 1. ଫୁଙ୍କିବାର; 2. (ପବନ) ବହିବାର; 3. ହାମ୍ପିବାର, ଧକାଇବାର; 4. ବାଜିବାର; 5. ବଜାଇ-କ; 6. ବେଗେ ଜଳ ନିର୍ଗତ-କ, (as a whale) ।— blow over, ବହି ଯିବାର । blow up, ଫାଟି ଯିବାର ।—*v.t.* 1. ଉଡ଼ାଇ-ଦେ; 2. ଫୁଲାଇବାର, ସ୍ଫୀତ-କ; 3. ବଜାଇବାର; 4. ଫୁଙ୍କାର ଦ୍ୱାରା ଗଠନ-କ; 5. ମାଛିର ଡିମ୍ବଯୁକ୍ତ-କ ।— blow out, 1. ନିଭାଇବାର; 2. ବନ୍ଧୁକାଦି ଦ୍ୱାରା (ମସ୍ତକ) ଉଡ଼ାଇ-ଦେ । blow up, 1. ବାୟୁପୂର୍ଣ୍ଣ-କ, ସ୍ଫୀତ-କ; 2. ପ୍ରଜ୍ୱଳିତ-କ; 3. ଫୁଟାଇବା ଦ୍ୱାରା ଖଣ୍ଡ ଖଣ୍ଡ କରି ଉଡ଼ାଇ-ଦେ ।—*n.* 1. ଝଡ଼, ତୋଫାନ, ବାତ୍ୟା; 2. ବାୟୁ ଦ୍ୱାରା ବାହାରକରଣ, (as by a whale); 3. ତୂରୀର ବାଦ୍ୟ ।

**Blow**, *v.i.* 1. ଫୁଲ ଫୁଟିବାର, ପୁଷ୍ପିତ-ହେ, ବଉଳିବାର; 2. ସତେଜ-ହେ ।—*n.* ପୁଷ୍ପର ସ୍ଫୁଟନ, ପୁଷ୍ପସମୂହ, ବଉଳ ।

**Blow**, *n.* 1. ଆଘାତ, ପ୍ରହାର, ମୁଷ୍ଟି; 2. ଆକସ୍ମିକ ଦୁର୍ଘଟନା, ଘୋର ବା ଅପ୍ରତ୍ୟାଶିତ ବିପତ୍ତି ।

**Blower**, *n.* 1. ଯେ ଫୁଙ୍କେ; 2. ଧୂମ ନାଳିରେ ବାୟୁ ସଞ୍ଚାଳନ କରିବା ଉପାୟ ।

**Blow-fly**, *n.* ଡିମ୍ବ ଦ୍ୱାରା ମାଂସ ଦୂଷିତକାରୀ ମାଛି ବିଶେଷ ।

**Blow-hole**, *n.* 1. ତିମିମତ୍ସ୍ୟାଦିର ନାକ; 2. ତିମିମତ୍ସ୍ୟାଦିର ନିଶ୍ୱାସ ପ୍ରଶ୍ୱାସ ନିମନ୍ତେ ବରଫରେ ଥିବା ଛିଦ୍ର ।

**Blow-pipe**, *n.* 1. ଫୁଙ୍କିବା ନଳ; 2. ଫୁଙ୍କ ଦ୍ୱାରା ବିଷମୟ ଶର ଚୋପାଡିବା ନଳ ।

**Blowze**, *n.* ଧୂମୁଖୀ ।

**Blowzy**, *a.* 1. ରଙ୍ଗାମୁହଁ, ମୋଟା ଓ ଲାଲ; 2. କୁତ୍ସିତ, ଅସଭ୍ୟ ।

**Blubber** *n.* ତିମିମତ୍ସ୍ୟାଦିର ଚର୍ବି ।

**Blubber**, *v.i.* ଗୋଳମାଳ କରି କାନ୍ଦିବାର, ଅତିକ୍ରନ୍ଦନ-କ, କାନ୍ଦି କାନ୍ଦି କହିବାର ।—*v.t.* ଅତି ରୋଦନ ଦ୍ୱାରା ବିରୂପ-କ ।

**Blubber-lip**, *n.* ଫୁଲା ଓଠ, ମୋଟା ଓଠ ।

**Bludgeon**, *n.* ଠେଙ୍ଗା, ଗଦା ।

**Blue**, *n.* 1. ନୀଳ ବର୍ଣ୍ଣ, ଆକାଶର ବର୍ଣ୍ଣ; 2. ନୀଳରଙ୍ଗ କରିବା ପଦାର୍ଥ, ନୀଳବଡ଼ି ।—*a.* 1. ନୀଳବର୍ଣ୍ଣ, ନୀଳ, ଆକାଶବର୍ଣ୍ଣ; 2. ବିଷଣ୍ଣ, ବିମର୍ଷ; 3. ବିଶ୍ୱସ୍ତ, ଖାଣ୍ଟି; 4. ଅବସାଦ ହେତୁ ବିବର୍ଣ୍ଣ ।—blue blood, କୁଳୀନର ରକ୍ତ । blue devils, the blues, 1. ମନଃକ୍ଷୁଣ୍ଣତା; 2. ମଦ୍ୟପାନଜନିତ ପ୍ରଳାପ । blue ribbon, 1. ଇଂଲଣ୍ଡ ଦେଶୀୟ କୁଳୀନବର୍ଗଙ୍କ ପ୍ରଧାନ ଶ୍ରେଣୀର ଚିହ୍ନ, ନୀଳ ଫିତା; 2. ନିଶାନିଷେଧକ ଲୋକଙ୍କର ନୀଳ ଫିତା ।—*v.t.* ନୀଳବର୍ଣ୍ଣ-କ, ନୀଳ-କ ।

**Bluebell**, *n.* ନୀଳ ପୁଷ୍ପ ବିଶେଷ ।

**Blue-book**, *n.* ଇଂଲଣ୍ଡୀୟ ମହାସଭାସମ୍ବନ୍ଧୀୟ କାଗଜପତ୍ରର ବହି, ସର୍କାରୀ କାର୍ଯ୍ୟର ରିପୋର୍ଟ ।

**Bluebottle**, *n.* 1. ଗଣଗଣା ମାଛି, ଡମ୍ବମକ୍ଷିକା; 2. ପୁଷ୍ପ ବିଶେଷ ।

**Blue-cap**, 1. ସାନ ପକ୍ଷୀ ବିଶେଷ; 2. ବନ୍ୟ ପୁଷ୍ପ ବିଶେଷ ।

**Blue-gum**, *n.* ଗଛ ବିଶେଷ ।

**Blueing**, *n.* ଧୋବା ଦ୍ୱାରା ବ୍ୟବହୃତ ନୀଳ ପଦାର୍ଥ, ନୀଳବଡ଼ି ।

**Blue-jacket**, *n.* ଯୁଦ୍ଧଜାହାଜୀଆ ।

**Blueness**, *n.* ନୀଳତ୍ୱ, ନୀଳ ବର୍ଣ୍ଣ ।

**Blue-pill**, *n.* ପାରଦଯୁକ୍ତ ବଟି ।

**Blue-stocking**, *n.* 1. ବିଦ୍ୟାବତୀ ସ୍ତ୍ରୀ; 2. ବିଦ୍ୟାଭିମାନିନୀ ସ୍ତ୍ରୀ ।

**Blue-stone**, *n.* ତୁତିଆ ।

**Bluff**, *a.* 1. ତୀକ୍ଷ୍ଣ; 2. ଚୌଡ଼ା, ମୋଟା; 3. ତର୍ଜ୍ଜନଗର୍ଜ୍ଜନକାରୀ, ଅଶିଷ୍ଟ; 4. ସ୍ଥୂଳକାୟ; 5. ଖୋଲା, ଅଳାପୀ ।—*n.* 1. ତୀକ୍ଷ୍ଣ କୂଳ; 2. ପ୍ରତାରଣାର୍ଥେ ଦମ୍ଭ କଥା ବା ବ୍ୟବହାର ।—*v.t.* and *i.* ଦମ୍ଭ କଥାରେ ପ୍ରତାରଣା-କ, ବଳ ବା ସାହସ ଦେଖାଇ ଭୟପ୍ରଦ ବା ପ୍ରତାରଣା-କ ।

**Bluffness**, *n.* 1. ସ୍ଥୂଳତା; 2. କର୍କ୍କଶତାଯୁକ୍ତ ଖୋଲା ସ୍ୱଭାବ ।

**Bluish**, *a.* ଈଷତ୍‌ନୀଳ, ଅନୀଳ ।

**Bluishness**, *n.* ଈଷତ୍ ନୀଳ ବର୍ଣ୍ଣ ।

**Blunder**, *v.i.* 1. ଗୁରୁତର ଭୁଲ-କ, ଅଜ୍ଞାନତାପୂର୍ବକ ଭ୍ରମ-କ; 2. ଝୁଣ୍ଟି ପଡ଼ିବାର ।—*v.t.* 1. ଭୁଲ-କ, ମନ୍ଦରୂପେ ଚଳାଇବାର; 2. ମିଶାମିଶି କ ।—*n.* ଗୁରୁତର ଭୁଲ, ଭ୍ରାନ୍ତି, ନିର୍ବୋଧ ଭ୍ରମ, ଭୁଲ, ତ୍ରୁଟି, ସ୍ଖଳନ ।

**Blunderbuss**, *n.* ବଡ଼ମୁହାଁ ପୁରାତନ ବନ୍ଧୁକ ବିଶେଷ ।

**Blunderer**, *n.* ଗୁରୁତର ଭ୍ରମକାରୀ ।

**Blunt**, *a.* 1. ବକ୍ରତା, ଅଧାରୁଆ, ଅତୀକ୍ଷ୍ଣ; 2. ସ୍ଥୂଳବୁଦ୍ଧି, ମୋଟାବୁଦ୍ଧି; 3. ଅସଭ୍ୟ, ଅଶିଷ୍ଟ, କର୍କ୍କଶ; 4. ଖୋଲା ଅକପଟ ।—*v.t.* ବକ୍ରତା-କ, ଅଧାରୁଆ-କ, ଅତୀକ୍ଷ୍ଣ-କ 2. ଦୁର୍ବଳ-କ, ପ୍ରଖରତା ନାଶ-କ, ନିସ୍ତେଜ-କ ।

**Bluntish**, *a.* 1. ଈଷତ୍ ବକ୍ରତା, ଈଷତ୍ ଅତୀକ୍ଷ୍ଣ; 2. ଅଳ୍ପ କର୍କ୍କଶ ।

**Bluntly**, *ad.* 1. ଅସଭ୍ୟରୂପେ, ଅଶିଷ୍ଟରୂପେ, କର୍କ୍କଶଭାବରେ, ହଠାତ୍; 2. ସ୍ପଷ୍ଟରୂପେ ।

**Bluntness**, *n.* 1. ବକ୍ରତା ଅବସ୍ଥା, ଧାରହୀନତା, ଅତୀକ୍ଷ୍ଣତା; 2. ଅସଭ୍ୟତା, ଅଶିଷ୍ଟତା; 3. କର୍କ୍କଶତାଯୁକ୍ତ ଅକାପଟ୍ୟ, ଖୋଲାସ୍ୱଭାବ ।

**Blur**, *n.* 1. କଳା ଦାଗ, ଦାଗ, କଳଙ୍କ; 2. ଅସ୍ପଷ୍ଟ ଦୃଶ୍ୟ ।—*v.t.* 1. ଦାଗ-କ, କଳଙ୍କିତ-କ; 2. ଅସ୍ପଷ୍ଟ-କ ।

**Blurt**, *v.t.* ହଠାତ୍ ଅବିବେଚନାପୂର୍ବକ ବା ଅସଙ୍ଗତରୂପେ କହିବାର, ଅବିବେଚନାରେ (ଗୁପ୍ତ ବିଷୟ) ପ୍ରକାଶ-କ ।

**Blush**, *v.i.* 1. ମୁଖରେ ବା ଗଣ୍ଡଦେଶରେ ରକ୍ତିମାବର୍ଣ୍ଣ-ହେ, ଲଜ୍ଜାରେ ବା ପାବସପଣରେ ରକ୍ତିମାବର୍ଣ୍ଣ-ହେ; 2. ଲଜ୍ଜିତ-ହେ ।—*n.* 1. ଲଜ୍ଜା ହେତୁ ମୁଖର ରକ୍ତିମାବର୍ଣ୍ଣ, ପାବସ୍ପଣ ବା ଅନୁସନ୍ଦେହ ହେତୁ ମୁଖର ରକ୍ତିମାବର୍ଣ୍ଣ; 2. ଈଷତ୍ ରକ୍ତବର୍ଣ୍ଣ; 3. ହଠାତ୍ ଦର୍ଶନ ।—to put to the blush, ଲଜ୍ଜିତ-କ, ପାବସ-କ ।

**Blushing**, *p.a.* (ମୁଖ ବା ଗଣ୍ଡଦେଶର) ରକ୍ତିମାବିଶିଷ୍ଟ, ଉଜ୍ଜ୍ୱଳବର୍ଣ୍ଣବିଶିଷ୍ଟ, ଲାଲ, ଗୋଲାପୀ ।

**Blushingly**, *a.d.* ଲଜ୍ଜିତରୂପେ, ସଲଜ୍ଜଭାବରେ ।

**Bluster**, *v.i.* 1. ଗର୍ଜ୍ଜନ-କ; 2. ଗଣ୍ଡଗୋଳ-କ, ତର୍ଜ୍ଜନଗର୍ଜ୍ଜନ-କ; 3. ଦମ୍ଭ-କ, ବଡ଼ାଇ-କ ।—*v.t.* ଗର୍ଜ୍ଜନରେ ବା ପ୍ରଚଣ୍ଡତାରେ କହିବାର, with *out*.—*n.* 1. ପ୍ରଚଣ୍ଡ ବାୟୁ; 2. ଗୋଳମାଳ, ତର୍ଜ୍ଜନଗର୍ଜ୍ଜନ, ଦମ୍ଭ, ବଡ଼ାଇ ।

**Blusterer**, *n.* ତର୍ଜ୍ଜନଗର୍ଜ୍ଜନକାରୀ, ଗଣ୍ଡଗୋଳକାରୀ, ଦାମ୍ଭିକ, ଗର୍ବୀ ।

**Blustering, blusterous, blustery**, *a.* 1. ବତାସିଆ; 2. ଗଣ୍ଡଗୋଳିଆ, ତର୍ଜ୍ଜନଗର୍ଜ୍ଜନକାରୀ ।

**Boa**, *n.* 1. ଅଜଗର; 2. ପଶମର ଗଳାବନ୍ଧ ବିଶେଷ ।

**Boa-constrictor**, *n.* ଅଜଗର ।

**Boar**, *n.* 1. ପୁଂଶୂକର; 2. ବରାହ, ବଣଘୁଷୁରି, ବନ୍ୟଶୂକର ।

**Board**, *n.* 1. ପଟା, ତକ୍ତା; 2. ମେଜ; 3. ଖାଦ୍ୟ, ଆହାର, ଭୋଜ; 4. ସମାଜ, ସଭା; 5. ଜାହାଜର ମେଳିଅପାର୍ଶ୍ୱ ବା ଭିତର ଭାଗ; 6. ଖେଳିବା ମେଜ; 7. ଅତି ମୋଟା କାଗଜ ବିଶେଷ; 8. ପୁସ୍ତକର ମଲାଟ ।—on board, ଜାହାଜର ଉପରେ ବା ଭିତରେ । the boards, ନାଟ୍ୟ ମଞ୍ଚ ।—*v.t.* 1. ତକ୍ତା ବସାଇବାର; 2. ମୂଲ୍ୟ ନେଇ ଖାଦ୍ୟ ଯୋଗାଇବାର; 3. ଖିଆପିଆର ମୂଲ୍ୟ ଦେଇ ପର ଗୃହରେ ରଖିବାର; 4. (ଜାହାଜ) ଆକ୍ରମଣ କରି ପ୍ରବେଶ-କ, (ଜାହାଜ) ଚଢ଼ିବାର ।—*v.i.* ଖିଆପିଆର ମୂଲ୍ୟ ଦେଇ ପର ଗୃହରେ ବାସ-କ ।

**Boarded**, *a.* ପଟାରେ ଆଚ୍ଛାଦିତ, ପଟାରେ ନିର୍ମିତ ।

**Boarder**, *n.* 1. ଖିଆପିଆର ମୂଲ୍ୟ ଦେଇ ପର ଗୃହରେ ବାସକାରୀ ଲୋକ; 2. ଯେ ଯୁଦ୍ଧ ସମୟରେ ବଳପୂର୍ବକ ଜାହାଜରେ ପ୍ରବେଶ କରେ ।

**Boarding,** *n.* 1. ଖିଅପିଅର ମୂଲ୍ୟ ଦେଇ ପରଗୃହରେ ବାସ; 2. ତକ୍ତାମାନ ।

**Boarding-house,** *n.* ଯେଉଁ ଘରେ ମୂଲ୍ୟ ଦେଇ ଭୋଜନପାନ ମିଳେ, ଯେଉଁ ଘରେ ମୂଲ୍ୟ ଦେଇ ଭୋଜନପାନ ଓ ବାସ ମିଳେ ।

**Boarding-school,** *n.* ଯେଉଁ ପାଠଶାଳାରେ ଛାତ୍ରମାନେ ଶିକ୍ଷକ ସଙ୍ଗେ ଖିଅପିଅ କରି ରହନ୍ତି ।

**Board-school,** *n.* ସଭା ଅଧୀନସ୍ଥ ପାଠଶାଳା ।

**Board-wages,** *n.* ଖୋରାକର ବେତନ ।

**Boarish,** *a.* ଶୂକରବତ୍, ପଶୁବତ୍, ନିଷ୍ଠୁର ।

**Boast,** *v.i.* ଦମ୍ଭ-କ, ଗର୍ବ-କ, ବଡ଼ାଇ-କ ।—*v.t.* 1. ବଡ଼ାଇ କରି ଦେଖାଇବାର; 2. ଅହଙ୍କାରରୂପେ ଦେଖାଇବାର ।—*n.* 1. ଦମ୍ଭ, ବଡ଼ାଇ, ଅହଂକାର, ଅହଂକାରୋକ୍ତି; 2. ଦର୍ପର କାରଣ, ଉଲ୍ଲାସର କାରଣ ।

**Boaster,** *n.* ଯେ ଦମ୍ଭ ବା ବଡ଼ାଇ କରେ, ଗର୍ବୀ ଲୋକ, ଦାମ୍ଭିକ ଲୋକ, ଗାଲୁଆ ।

**Boastful,** *a.* ଗର୍ବିତ, ଦାମ୍ଭିକ, ବଡ଼ାଇକାରୀ ।

**Boastfully,** *ad.* ଗର୍ବିତରୂପେ, ଗର୍ବରେ, ଦାମ୍ଭିକରୂପେ, ସଗର୍ବେ ।

**Boastingly,** *ad.* ଦର୍ପପୂର୍ବକ, ବଡ଼ାଇପୂର୍ବକ ।

**Boat,** *n.* 1. ନାଆ, ନାବ, ନୌକା, ତରଣୀ, ଡଙ୍ଗି; (steam-packet, &c.) ଜାହାଜ ।—*v.t.* ନୌକାରେ ବହିବାର ।—*v.i.* ନୌକାରେ ଯିବାର ।

**Boat-hook,** *n.* ନୌକା ଟାଣିବା ବା ଠେଲିବା ଅଙ୍କୁଡ଼ା ।

**Boating,** *n.* 1. ନୌକାଚାଳନ; 2. ନୌକାରେ ମାଲ ବା ଯାତ୍ରୀ ବହିବା ବ୍ୟବସାୟ ।

**Boatman,** *n.* ନାଉରିଆ, ମାଝି, ନାବିକ, ମଲ୍ଲାରି ।

**Boatswain,** *n.* *bo-sn*, ସାରଙ୍ଗ, ନାବିକ କର୍ମଚାରୀ ବିଶେଷ ଯାହାର ଜିମ୍ମାରେ ଜାହାଜର ନୌକା ପାଲ ଦୌଡ଼ ଆଦି ଥାଏ ।

**Bob,** *n.* 1. ସୂତ୍ରର ଅଗ୍ରଭାଗରେ ଝୁଲିବା କ୍ଷୁଦ୍ର ଗୋଲ ପଦାର୍ଥ, କର୍ଣ୍ଣଭୂଷଣ, ଝୁମୁକା, ଦୋଳକର ଗୋଲଭାଗ, ଓଳମ; 2. ଝିଙ୍କା ଘାତ, (ମୁଣ୍ଡର) ହଠାତ୍ ନୁଆଁଣ; 3. ଥାପଡ଼; 4. ଗୁଚ୍ଛ; 5. କ୍ଷୁଦ୍ର ପୁଚ୍ଛ, ଛୋଟ ଲାଙ୍ଗୁଡ଼, ଛିନ୍ନପୁଚ୍ଛ ।—*v.t.* 1. ଝିଙ୍କି ଚଳାଇବାର; 2. ଥାପଡ଼ ମାରିବାର; 3. ଖାଟ କରି କାଟିବାର ।—*v.i.* ଆଗପଛ ବା ଉପରତଳକୁ ହଠାତ୍ ଚଳିବାର, ଝିଙ୍କା ମାରିବାର, ଚୋପମାଛ ନିମନ୍ତେ ବନ୍ଶୀ ପକାଇ ଝିଙ୍କିବାର ।

**Bobbin,** *n.* 1. ସୂତା ଗୁଡ଼ାଇବା ନଳୀ, ସୂତାକାଠି, ସୂତ୍ରଗଣ୍ଡିକା; 2. ବଳାସୂତା, ଗୋଲ ଫିତା ।

**Bobtail,** *n.* 1 ଛିନ୍ନପୁଚ୍ଛ, କଟାଲାଞ୍ଜ; 2. ଇତର ଲୋକେ, used in contempt, as rag-tag and bobtail.

**Bode,** *v.t.* ଭାବିଲକ୍ଷଣ ଦର୍ଶାଇବାର, ପୂର୍ବସୂଚନା-କ ।—*v.i.* ଶୁଭାଶୁଭ ଲକ୍ଷଣସୂଚକ-ହେ, ଅମଙ୍ଗଳସୂଚକ-ହେ ।

**Bodeful,** *a.* ଅମଙ୍ଗଳସୂଚକ ।

**Bodice,** *n.* ଚୋଳିକା, କାଞ୍ଚୁଲି, କଞ୍ଚୁଳିକା, କାଞ୍ଚୁଲା, ସ୍ତ୍ରୀଲୋକର କୁର୍ତ୍ତି ବିଶେଷ ।

**Bodied,** *a.* ଦେହବିଶିଷ୍ଟ, ସାକାର, ଶରୀରୀ ।

**Bodiless,** *a.* ଦେହହୀନ, ନିରାକାର, ଅଶରୀରୀ ।

**Bodily,** *a.* ଦେହସମ୍ବନ୍ଧୀୟ, ଦୈହିକ, ଶାରୀରିକ, କାୟିକ ।—*ad.* 1. ଦୈହିକରୂପେ, ଶାରୀରିକରୂପେ; 2. ସମ୍ପୂର୍ଣ୍ଣରୂପେ ।

**Bodkin,** *n.* (ପ୍ରେସ), ବଡ଼ିଆ ଛୁଞ୍ଚି ବିଶେଷ, ବଡ଼ଛନ୍ଦ, ଗୋଜକାଠି ।

**Body,** *n.* 1. ପଶୁ ଆଦିର ଗଣ୍ଡି; 2. ଦେହ, ଗାତ୍ର, ଶରୀର, କାୟ; 3. ପ୍ରଧାନ ଭାଗ; 4. ବସ୍ତୁ, ପଦାର୍ଥ, ପଦାର୍ଥର ଅଂଶ; 5. ବ୍ୟକ୍ତି, ଲୋକ; 6. ସମୂହ; 7. ଦଳ, ବ୍ୟୂହ; 8. ମଣ୍ଡଳୀ, ସମ୍ପ୍ରଦାୟ, ସମାଜ; 9. ସ୍ଥୂଳାଂଶ, ପିଣ୍ଡ; 10. ସମବାୟ; 11. ସାରତ୍ୱ, ଗୁଣ, ତେଜ, ସ୍ୱାଦ; 12. ସଂଗ୍ରହ; 13. ସ୍ଥୂଳ ମୂର୍ତ୍ତି; 14. କୁର୍ତ୍ତି ବିଶେଷ ।—*v.t.* 1. ଶରୀରବିଶିଷ୍ଟ-କ; 2. ଆକାରରେ ଦର୍ଶାଇବାର ।

**Body-guard,** *n.* ଶରୀର ରକ୍ଷଣାର୍ଥ ସୈନିକ ପୁରୁଷ, ରୈକାବ ସୈନ୍ୟ ।

**Body-servant,** *n.* ଅନୁଚର, ଭୃତ୍ୟ ।

**Body-snatcher,** *n.* କବରରୁ ଶବ ଅପହରଣକାରୀ ।

**Boer,** *n.* ଦକ୍ଷିଣ ଆଫ୍ରିକାର ହଲଣ୍ଡ ଦେଶୀୟ ଉପନିବେଶବାସୀ ।

**Bog,** *n.* ଦଲଦଲିଆଭୂମି, ଜଳାଭୂମି, ଝିଲ, ଘାଟ ।—*v.t.* ପଙ୍କରେ ବୁଡ଼ାଇବାର, ପଙ୍କରେ ନିମଗ୍ନ-କ ।

**Bogey, bogy,** *n.* ଭୂତ, ପାଲଭୂତ ।

**Boggle,** *v.i.* 1. ଚମକିବାର; 2. ସନ୍ଦିଗ୍ଧ-ହେ, ଇତସ୍ତତଃ-କ; 3. ଅନାଡ଼ିରୂପେ-କ ।—*n.* 1. (ଘୋଡ଼ାର) ଚମକ; 2. ଦ୍ୱିଧା; 3. ଅନାଡ଼ି କର୍ମ ।

**Boggler,** *n.* 1. ସନ୍ଦେହୀ, ଭୀରୁ, ଅସ୍ଥିର ଲୋକ; 2. ଅନାଡ଼ି ଲୋକ ।

**Boggling,** *p. a.* ସନ୍ଦେହକାରୀ, ଅନାଡ଼ି ।

**Boggy,** *a.* ଦଲଦଲିଆ, ପଙ୍କୁଆ, ପଙ୍କମୟ ।

**Bogie, bogey,** *n.* 1. କୋଇଲା ଗାଡ଼ି; 2. କଳଗାଡ଼ିର ଅଗ୍ରଭାଗ ଧରି ରଖିବା ଚାରିଚକିଆ ଗାଡ଼ି ।

**Bogus,** *a.* କୃତ୍ରିମ, କଳ୍ପିତ

**Bohea,** *n.* କଳା ଚା ।

**Bohemian,** *n.* 1. ବୋହେମିଆ ଦେଶୀୟ ଲୋକ; 2. ଦେଶଭ୍ରମଣକାରୀ ଜାତି, ଜିପ୍ସି; 3. ଶିଳ୍ପୀ ବା ବିଦ୍ୱାନ୍ ଲୋକ ଯେ ସାମାଜିକ ରୀତିନୀତିର ଅବଶୀଭୂତ ହୋଇ ସ୍ୱଚ୍ଛନ୍ଦରେ ଜୀବନ କାଟେ ।

**Boil,** *v.i.* 1. ବୁଦ୍ବୁଦ୍ ଉଠିବାର; 2. ଉତ୍ତାପ ଦ୍ୱାରା ସ୍ଫୀତ-ହେ, ଫୁଟିବାର; 3. ଉତ୍ତେଜିତ-ହେ; 4. ସିଝା-ହେ, ସିଦ୍ଧ-ହେ ।—*v.t.* 1. ଫୁଟାଇବାର; 2. ସିଝାଇବାର, ସିଦ୍ଧ-କ, ତପ୍ତ ଜଳରେ ପକ୍ୱ-କ; 3. ସିଝାଇ ପ୍ରସ୍ତୁତ-କ ।—boil away, ଫୁଟାଇ ଉଡ଼ାଇ-ଦେ । boil down, ସିଝାଇ ବହଳିଆ-କ ।

**Boil,** *n.* ବଥ, ବ୍ରଣ ।

**Boiler,** *n.* 1. ସିଝାଇବା ଲୋକ; 2. ସିଝାଇବା ପାତ୍ର, ହଣ୍ଡା, ହାଣ୍ଡି, କଟାହ, କରାହି; 3. ବାଷ୍ପଯନ୍ତ୍ରର ଯେଉଁ ଅଂଶରେ ବାଷ୍ପ ପ୍ରସ୍ତୁତ ହୁଏ ।

Boiling, *p. a.* 1. ଉତ୍ତପ୍ତ ହୋଇ ଫୁଟନ୍ତ, ଫୁଟା, ତପ୍ତ ; 2. ଉତ୍ତାପ ବା ରାଗ ହୋଇ ଫୁଟନ୍ତ ; 3. ଅତି ଉଗ୍ର, ପ୍ରଚଣ୍ଡ ।—boiling point, ଉତ୍ତାପର ଯେଉଁ ପରିମାଣରେ ତରଳ ପଦାର୍ଥ ବାଷ୍ପାକାରରେ ପରିଣତ ହୁଏ । boiling spring, ଉଷ୍ଣ ପ୍ରସ୍ରବଣ ।   [ଗୋଳମାଳକାରୀ ।

Boisterous, *a.* 1. ହୁଡ଼ମସ୍ତ, ବତାସିଆ; 2. ଗଣ୍ଡଗୋଳିଆ,

Boisterously, *ad.* 1. ବତାସିଆରୂପେ, ପ୍ରଚଣ୍ଡରୂପେ ; 2. ଗଣ୍ଡଗୋଳିଆଭାବେ, କୋଳାହଳପୂର୍ବକ ।

Boisterousness, *n.* 1. ପ୍ରଚଣ୍ଡତା ; 2. ଗଣ୍ଡଗୋଳିଆ ଅବସ୍ଥା ବା ସ୍ୱଭାବ ।

Bold, *a.* 1. ସାହସୀ, ସାହସିକ, ନିର୍ଭୀକ, ବିକ୍ରମୀ ; 2. ସାହସପ୍ରକାଶକ; 3. ନିର୍ଲଜ୍ଜ, ପ୍ରଗଲ୍ଭ, ଦୁଃସାହସିକ ; 4. ଉତ୍ତେଜକ, ତେଜସ୍ୱୀ ; 5. ସ୍ପଷ୍ଟ ଦୃଶ୍ୟମାନ, ଖାସ, ଉଚ୍ଚଭାବଜନକ, ଉଚ୍ଚାବଚ ।

Bold-faced, *a.* ନିର୍ଲଜ୍ଜ, ବେହୟା ।

Boldly, *ad.* 1. ସାହସପୂର୍ବକ, ସାହସିକରୂପେ, ନିର୍ଭୟରୂପେ, ନିର୍ଭୟରେ; 2. ଦୁଃସାହସପୂର୍ବକ, ନିର୍ଲଜ୍ଜରୂପେ, ପ୍ରଗଲ୍ଭରୂପେ; 3. ସ୍ପଷ୍ଟରୂପେ, ଖାସଭାବେ ।

Boldness, *n.* 1. ସାହସ, ନିର୍ଭୟତା, ସାହସିକତା; 2. ଦୃଢ଼ ନିର୍ଭରତା, ଅତିନିର୍ଭରତା ; 3. ନିର୍ଲଜ୍ଜତା; 4. ଖାସଭାବ ।

Bole, *n.* ଗଛର ଗଣ୍ଡି ।

Bole, *n.* ଚିକଟାମାଟି ବିଶେଷ ।

Bolide, *n.* ଉଲ୍କା ।   [ହେ ।

Boll, *n.* ବୀଜକୋଷ, ବୀଜାଧାର ।—*v.i.* ବୀଜକୋଷଯୁକ୍ତ-

Bollard, *n.* 1. ଘାଟର ଠେକ ; 2. ଜାହାଜ ବା ନୌକାରେ ଥିବା ଠେକ, କଳା, ଜୁବା ।

Bolster, *n.* ଲମ୍ବ ବାଲିସ ବା ତକିଆ, ଉପଧାନ ।—*v.t.* 1. ବାଲିସ ଦେଇ ଟେକି ଧରିବାର ; 2. ସମର୍ଥନ-କ, ସପକ୍ଷତା-କ, with *up*, implying that the object or cause is unworthy.

Bolt, *n.* 1. ତୀର, ଶର; 2. ତୀର ପରି ବେଗଗାମୀ ପଦାର୍ଥ, ବଜ୍ର; 3. ଖିଲ, ହୁଡ଼ୁକା, ଅର୍ଗଳ ; 4. ଡିବିରିଯୁକ୍ତ ପେଚ-ବିଶେଷ; 5. ଲମ୍ବ ଗୁଳି; 6. ଥାନ; 7. ହଠାତ୍ ପଳାୟନ ।—*v.i.* 1. ହଠାତ୍ ଦୌଡ଼ି ଯିବାର, ପଳାଇବାର, ତୀର-ବତ୍ ବାହାରି ଯିବାର; 2. ହଠାତ୍ ଯିବାର, ହଠାତ୍ ନିର୍ଗମନ-ହେ, with *in into* or *out* ।—*v.t.* 1. ହୁଡ଼ୁକା-ଦେ; 2. ହଠାତ୍ ଗିଳି ପକାଇବାର; 3. ହଠାତ୍ କହିବାର ।

Bolt, *ad.* 1. ସଳଖଭାବେ; 2. ହଠାତ୍ ।—bolt upright, ସମ୍ପୂର୍ଣ୍ଣରୂପେ ସିଧା । to come bolt against a person, କୌଣସି ଲୋକକୁ ହଠାତ୍ ଭେଟିବାର ବା ଧକ୍କା ମାରିବାର ।

Bolter, *n.* 1. ଯେ ହଠାତ୍ ପଳାଏ ; 2. ଛାଙ୍କଣ, ଚାଲୁଣୀ ।

Bolting-cloth, *n.* ଅଟା ଛାଣିବା ଲୁଗା ।

Bolting-mill, bolt, *n.* ଅଟା ଛାଣିବା କଳ ।

Bolus, *n.* ଔଷଧର ବଡ଼ ବଟିକା, ବଟି ।   [ବିଶେଷ ।

Bomb, *n.* 1. ବାରୁଦାଦି ପୂର୍ଣ୍ଣ ଫମ୍ପା ଗୋଳା; 2. ବାଣ

Bombard, *n.* 1. ପୁରାତନ ତୋପ ବିଶେଷ, କମାଣ ; 2. ପୂର୍ବକାଳୀନ ଚମଡ଼ାର ମଦ୍ୟପାତ୍ର ବିଶେଷ ।—*v.t.* 1. ତୋପ ମାରିବାର, ତୋପ ଦ୍ୱାରା ଆକ୍ରମଣ-କ ; 2. (ଗାଳି ଦ୍ୱାରା) ଆକ୍ରମଣ-କ ।

Bombardier, *n.* ତୋପ ଚାଳକବର୍ଗ, ଗୋଳନ୍ଦାଜ ।

Bombardment, *n.* ତୋପମାରଣ, ଗୋଳାବର୍ଷଣ ।

Bombast, *n.* ବାଗାଡ଼ମ୍ବର, ଶବ୍ଦାଡ଼ମ୍ବର, ଫମ୍ପା କଥା ।

Bombastic, *a.* ବାଗାଡ଼ମ୍ବରବିଶିଷ୍ଟ, ଶବ୍ଦାଡ଼ମ୍ବରବିଶିଷ୍ଟ, ଫମ୍ପା, ସ୍ଫୀତ ।

Bombastically, *ad.* ବାଗାଡ଼ମ୍ବରପୂର୍ବକ, ଫମ୍ପାଭାବେ ।

Bombazine, bombasine, *n.* କଳା ବସ୍ତ୍ର ବିଶେଷ ଯାହାର ଟାଣୀ ରେଶମ ଓ ବୁଣାଟସୂତ୍ର ପଶମୀ ଅଟେ ।

Bomb-ketch, bomb-vessel, *n.* ବୋମାଗୋଳା ନିକ୍ଷେପକାରୀ ଜାହାଜ ।

Bomb-proof, *a.* ବୋମାଗୋଳାନିବାରକ ।

Bomb-shell, *n.* ବୋମାଗୋଳା, ବୋମା ।

Bona fide, *ad.* and *a.* ଯଥାର୍ଥରୂପେ, ପ୍ରକୃତଭାବେ, ପ୍ରକୃତ ପ୍ରସ୍ତାବେ, ଯଥାର୍ଥ, ପ୍ରକୃତ, ବିଶ୍ୱାସ୍ୟ ।

Bon-bon, *n.* ଜବାତର ମିଠାଇ ବିଶେଷ ।

Bond, *n.* 1. ବନ୍ଧନ, ବନ୍ଧନୀ, ଯୋଗ; 2. ନିଗଡ଼, ବାଧ୍ୟତା; 3. ଏକରାରନାମା, ତମସୁକ, ଚିଟ, ଖତ, କର୍ଜପତ୍ର, ଋଣପତ୍ର, ପ୍ରତିଜ୍ଞାପତ୍ର; 4. ପ୍ରତିଜ୍ଞାପତ୍ର ଦ୍ୱାରା ଆବଦ୍ଧ ଅବସ୍ଥା; 5. ଇଟାର ଯୋଡ଼ ବା ଯୋଡ଼ର ଧାଡ଼ି; 6. *pl.* ଶିକୁଳି, କାରାବାସ ।—*v.t.* 1. ବନ୍ଧକ-ଦେ; 2. ମାସୁଲ ନ ଦେବା ପର୍ଯ୍ୟନ୍ତ ସର୍କାରୀ ଗୋଦାମରେ ରଖିବାର ; 3. ଇଟାର ବାନ୍ଧୁଣି ଦ୍ୱାରା ବାନ୍ଧିବାର ।—*a.* ବନ୍ଦୀ ।

Bondage, *n.* 1. ବନ୍ଦି ଅବସ୍ଥା, ବନ୍ଧନାବସ୍ଥା ; କାରାବାସ, କଏଦ; 2. ଦାସତ୍ୱ, ଗୋଲାମୀ; 3. ବଶତା, ପରାଧୀନତା ।

Bonded, *a.* 1. ପ୍ରତିଜ୍ଞାପତ୍ର ଦ୍ୱାରା ଆବଦ୍ଧ, ମାସୁଲ ଦେବା ନିମନ୍ତେ ଆବଦ୍ଧ ; 2. ବନ୍ଧକ ଦ୍ୱାରା ଆବଦ୍ଧ ।—bonded warehouse, ମାସୁଲ ଦେୟ ଦ୍ରବ୍ୟ ରଖିବା ନିମନ୍ତେ ସର୍କାରଙ୍କ ଅନୁମତି ପ୍ରାପ୍ତ ଗୋଦାମ ।   [2. ବାନ୍ଧୁଣି ।

Bonder, *n.* 1. ଯେ ପୂର୍ବୋକ୍ତ ଗୋଦାମରେ ଦ୍ରବ୍ୟ ରଖେ;

Bond-holder, *n.* ତମସୁକଧାରୀ ।

Bondmaid, bonds-woman, bond-woman, *n.* କ୍ରୀତଦାସୀ, ଗୋଲାମୀ ଦାସୀ, ବନ୍ଦୀ ଦାସୀ ।

Bondman, bondsman, bond-slave, *n.* କ୍ରୀତ-ଦାସ, ଗୋଲାମ, ବନ୍ଦୀ ଦାସ ।

Bondsman, *n.* ଜାମୀନଦାର, ଲଗା, ପ୍ରତିଭୂ ।

Bone, *n.* 1. ହାଡ଼, ଅସ୍ଥି; 2. *pl.* ଅସ୍ଥି ନିର୍ମିତ ଛାଞ୍ଚ; 3. ଦେହର ହାଡ଼ ସବୁ, ଦେହର ଅବଶିଷ୍ଟାଂଶ ।—*v.t.* 1. ମାଂସରୁ ଅସ୍ଥି କାଢ଼ିବାର; 2. (ସ୍ତ୍ରୀ ଲୋକମାନଙ୍କ ପରିବାରେ) ତିମିମତ୍ସ୍ୟର ଅସ୍ଥି ବା କଠିନତା ପରି ପଦାର୍ଥ ଲଗାଇବାର; 3. (vulgar), ଚୋରି-କ; 4. ଲୋପ-ଦାର-କ, ଧରିବାର ।—a bone to pick, ମୀମାଂସା କରିବା ବିଷୟ, ବିବାଦର କାରଣ । bone of contention, ବିବାଦର ବିଷୟ, ଅମୀମାଂସିତ ବିଷୟ । to make no bones, ଦ୍ୱିଧା ନ କରିବାର, ବଡ଼ କଥା ନ ଦେଖିବାର । to pick a bone with, କାହା ସଙ୍ଗେ ଅପ୍ରୀତିକର ବିଷୟ ମୀମାଂସା-କ, ବିବାଦ-କ ।

**Boned**, *a.* ହାଡଯୁକ୍ତ, ଅସ୍ଥିଯୁକ୍ତ ।

**Bone-lace**, *n.* ମଫିକାର ଫିତା ବିଶେଷ ।

**Bone-setter**, *n.* ଅସ୍ଥି ବସାଇବା ଲୋକ ।

**Bone-spavin**, *n.* ଘୋଡାର ଖୁରପାଖର ଗଣ୍ଠି ନିକଟରେ ଥିବା ହାଡୁଆ ଅବୁ ।

**Bonfire**, *n.* ହର୍ଷପ୍ରକାଶକ ମହାଗ୍ନି, ଉତ୍ସବାଗ୍ନି, ଅଗ୍ନ୍ୟୁତ୍ସବ ।

**Boniface**, *n.* ହୃଷ୍ଟ ଓ ଆମୋଦୀ ସରାଇରକ୍ଷକ, ସରାଇ-ରକ୍ଷକ ।

**Bonito**, *n.* ମତ୍ସ୍ୟ ବିଶେଷ ।

**Bon-mot**, *n. bon-mō*, (French), ଉପସ୍ଥିତ ଉପଯୋଗୀ ଉତ୍ତର, କୌତୁକପୂର୍ବକ ଚଲାଖ କଥା, ସଂରକ୍ଷଣ କଥା ।

**Bonnet**, *n.* 1. ଟୋପି ବିଶେଷ; 2. ସ୍ତ୍ରୀଲୋକର ମସ୍ତକାବରଣ ବିଶେଷ; 3. କେତେକ ଦ୍ରବ୍ୟର ଅଗ୍ରଭାଗସ୍ଥ ଆବରଣ ।—*v.t.* 1. (ଅନ୍ୟର) ଟୋପିକୁ ଆଖି ଉପରେ ଚିପି-ଦେ; 2. ଉପରୋକ୍ତ ଟୋପିରେ ମସ୍ତକାବରଣ-କ ।

**Bonneted**, *a.* 1. ଟୋପିଥିବା; 2. ସ୍ତ୍ରୀଲୋକର ମସ୍ତକାବରଣବିଶିଷ୍ଟ ।

**Bonny**, *a.* 1. ସୁନ୍ଦର, ସୁନ୍ଦରୀ, ସୁରୂପ, ସୁରୂପା; 2. ହର୍ଷିତ, ହୃଷ୍ଟ, ପ୍ରଫୁଲ୍ଲକାନ୍ତି, ଆମୋଦୀ; 3. ବଡ, ପ୍ରଶସ୍ତ ।

**Bon-ton**, *n.* 1. ଭଦ୍ର ବ୍ୟବହାର; 2. ବିଳାସୀ ଲୋକ-ସମୂହ ।

**Bonus**, *n.* ଧରଟ, ଲାଭ, ଅଂଶୀଦାରମାନଙ୍କ ଉପରି ଅଂଶ, ପାରିତୋଷିକ ।

**Bony**, *a.* 1. ଅସ୍ଥିମୟ, ହାଡପୂର୍ଣ୍ଣ; 2. ହାଡୁଆ, କୃଶ, କ୍ଷୀଣ; 3. ବଡ ଓ ଶକ୍ତ ଅସ୍ଥିବିଶିଷ୍ଟ; 4. ଅସ୍ଥିବିଦ୍ଧ ।

**Booby**, *n.* 1. ନିର୍ବୋଧ, ମୂଢ, ମୂର୍ଖ; 2. ପକ୍ଷୀ ବିଶେଷ ।

**Boobyish**, *a.* ନିର୍ବୋଧପରି, ନିର୍ବୋଧବିଷୟକ, ମୂର୍ଖ ।

**Book**, *n.* 1. ବହି, ପୋଥି, ପୁସ୍ତକ, ଗ୍ରନ୍ଥ, ଶାସ୍ତ୍ର, କିତାପ; 2. ପୁସ୍ତକର ଖଣ୍ଡ; 3. ପୁସ୍ତକର ଅଂଶ, ଭାଗ, ବିଭାଗ, ନିର୍ଦ୍ଦିଷ୍ଟ ଭାଗ; 4. ପ୍ରବନ୍ଧ ।—*v.t.* 1. ବହିରେ ଲେଖିବାର, ପୁସ୍ତକରେ ଲେଖିବାର; 2. ରେଲଗାଡି ବା ଜାହାଜ ଆଦିରେ ଟିକେଟ୍-କ; 3. ନିଯୁକ୍ତ-କ । [ଦ୍ଗର ।

**Bookbinder**, *n.* ପୁସ୍ତକ ବାନ୍ଧିବା ଲୋକ, ଦପ୍ତରୀ, ଜିଲ୍-

**Bookbinding**, *n.* ପୁସ୍ତକ ବନ୍ଧନ, ବହିବନ୍ଧା ।

**Bookcase**, *n.* ପୁସ୍ତକାଧାର, ପୁସ୍ତକର ଆଲମିରା ।

**Book-debt**, *n.* ହିସାବ ବହିରେ ଥିବା ପାଉଣା ।

**Book-hunter**, *n.* ପୁସ୍ତକ ସଂଗ୍ରହାର୍ଥେ ବ୍ୟଗ୍ର ଲୋକ, ପୁସ୍ତକାନୁରକ୍ତ ବ୍ୟକ୍ତି ।

**Booking-office**, *n.* ଟିକେଟ୍ କରିବା ଘର ।

**Bookish**, *a.* 1. ପୁସ୍ତକାନୁରକ୍ତ, ପୁସ୍ତକପ୍ରିୟ, ପାଠାର୍ଥୀ, ପୁସ୍ତକବିତ୍; 2. ବିଦ୍ୟାଭିମାନୀ ।

**Bookishly**, *ad.* ବିଦ୍ୟାଭିମାନରୂପେ ।

**Bookishness**, *n.* ପୁସ୍ତକରେ ନିବିଷ୍ଟତା, ପାଠାନୁରାଗ, ବିଦ୍ୟାଭ୍ୟାସର ପ୍ରେମ ।

**Book-keeper**, *n.* ହିସାବ ରଖିବା ବ୍ୟକ୍ତି, ମୋହରିର ।

**Book-keeping**, *n.* ହିସାବ ରଖିବା କର୍ମ, ମୋହରିର-ଟିଙ୍ ।

**Book-learned**, *a.* ଶାସ୍ତ୍ରଜ୍ଞ, ପୁସ୍ତକବିତ୍ ।

**Book-learning**, *n.* ପୁସ୍ତକବିଦ୍ୟା ।

**Booklet**, *n.* କ୍ଷୁଦ୍ର ପୁସ୍ତକ, ପୁସ୍ତିକା ।

**Book-louse**, *n. pl.* book-lice, ଗ୍ରନ୍ଥ ଖାଦକ କୀଟ ବିଶେଷ ।

**Book-maker**, *n.* 1. ଗ୍ରନ୍ଥଲେଖକ, ଗ୍ରନ୍ଥରଚକ, ପୁସ୍ତକ-ସଙ୍କଳନ କର୍ତ୍ତା; 2. ବାଜି ମାରିବା ଲୋକ ।

**Bookman**, *n.* ପୁସ୍ତକ ଅଭ୍ୟାସର ବ୍ୟବସାୟୀ, ପଣ୍ଡିତ ।

**Book-muslin**, *n.* ମଲମଲ ବିଶେଷ ।

**Book-post**, *n.* ଡାକରେ ପୁସ୍ତକାଦି ପଠାଇବାର ଧାରା ।

**Bookseller**, *n.* ପୁସ୍ତକ ବିକ୍ରୟକାରୀ, ଗ୍ରନ୍ଥବିକ୍ରେତା ।

**Bookselling**, *n.* ପୁସ୍ତକ ବିକ୍ରୟର ବ୍ୟବସାୟ ।

**Book-stall**, *n.* ପୁସ୍ତକର ଦୋକାନ ।

**Book-work**, *n.* ପୁସ୍ତକରୁ ଶିକ୍ଷଣୀୟ ବିଷୟ ।

**Bookworm**, *n.* 1. ଗ୍ରନ୍ଥକୀଟ; 2. ପୁସ୍ତକାନୁରକ୍ତ ଛାତ୍ର, ପୁସ୍ତକାନୁରାଗୀ ଲୋକ ।

**Boom**, *n.* 1. ପାଲ ବିସ୍ତାର କରିବା ନିମନ୍ତେ ତହିଁର ତଳେ ଥିବା ଦଣ୍ଡ; 2. ଜାହାଜ ଗତାୟାତର ଅବରୋଧକ କାଠ ବା ଶିକୁଳି ।

**Boom**, *v.i.* 1. ଗୁଣ୍‌ଗୁଣ୍ ଶବ୍ଦ-କ; 2. ଢେଉ ବା ତୋପ ପରି ଶବ୍ଦ-କ ।—*n.* 1. ଢେଉ ବା ତୋପ ପରି ଗମ୍ଭୀର ଧ୍ୱନି; 2. ଭଅଁରର ଶବ୍ଦ ।

**Boom**, *n.* (ଫୁଲ ଉଚ୍ଛୁଳାଇବା ବଢି), ହଠାତ୍ ଅଧିକ କାରବାର, ହଠାତ୍ ଭାଉ ବୃଦ୍ଧି, କୃତ୍ରିମ ଉଦ୍‌ବେଗ ।—*v.t.* ବିଜ୍ଞାପନ ଦ୍ୱାରା ଚଳାଇବାର, ବଡ ଉଦ୍‌ଯୋଗରେ ଜ୍ଞାପନ କରାଇବାର ।—*v.i.* ବେଗରେ ଅତିବଢି ଯିବାର, ପ୍ରଭୁତ୍ୱରେ ଶୀଘ୍ର ବଢି ଯିବାର ।

**Boomerang**, *n.* ଅଷ୍ଟ୍ରେଲିଆ ଦେଶୀୟ ଅସଭ୍ୟ ନିବାସି-ମାନଙ୍କ ପ୍ରଚଳିତ କାଠର ଅସ୍ତ୍ର ଯାହା ନିକ୍ଷେପକାରୀ ପ୍ରତି ଫେରେ । [ପ୍ରିୟ ।

**Boon**, *n.* ବର, ଦାନ, ପ୍ରସାଦ, ଅନୁଗ୍ରହ ।—*a.* ଆମୋଦ-

**Boor**, *n.* 1. ଚଷା, ଗାଉଁଲି ଲୋକ, ଗ୍ରାମ୍ୟ ଲୋକ; 2. ଅସଭ୍ୟ ଲୋକ, ମୂଢ ।

**Boorish**, *a.* 1. ଗାଉଁଲି, ଗ୍ରାମ୍ୟ; 2. ଅସଭ୍ୟ, ମୂଢ ।

**Boorishly**, *ad.* ଅସଭ୍ୟରୂପେ ।

**Boorishness**, *n.* ଗାଉଁଲି ଲୋକର ସ୍ୱଭାବ, ଅସଭ୍ୟତା ।

**Boose, booze, bouse**, *v.i.* ଅତିରିକ୍ତ ପିଇବାର, ଅତିରିକ୍ତ ମଦ୍ୟପାନ-କ ।

**Boosy, boozy**, *a.* ମଦ୍ୟପାନରେ ଅଳ୍ପ ଉନ୍ମତ୍ତ ।

**Boot**, *v.t.* ଲାଭ-ଦେ, ସୁବିଧା-କ, ଉପକାର-କ, ହିତ-କ, generally used impersonally, as, it boots us little, what boots it?—*n.* ଲାଭ ।—to boot, ପରନ୍ତୁ, ଅଧିକନ୍ତୁ ।

**Boot**, *n.* 1. ବୁଟ୍ ଜୋତା; 2. ଗୋଡ ଚିପି ପୀଡା ଦେବା ନିମନ୍ତେ ବୁଟ୍ ଜୋତା ପରି ଯନ୍ତ୍ର; 3. ଚାରି ଚକିଆ ଗାଡିରେ ଥିବା ବାକ୍ସ; 4. *pl.* ସରାଇରେ ଥିବା ଦାସବିଶେଷ ।—*v.t.* ବୁଟ୍‌ଜୋତା ପିନ୍ଧାଇବାର ।—*v.i.* ବୁଟ୍‌ଜୋତା ପିନ୍ଧିବାର ।

**Booted**, *a.* ବୁଟ୍‌ଜୋତାପିନ୍ଧା ।

**Booth**, *n.* 1. କୁଡ଼ଘର, ଅସ୍ଥାୟୀ ଗୃହ, କୁଟୀର; 2. ହାଟର ଦୋକାନଘର ।

**Boot-hook**, *n.* ବୁଟ୍‌ଜୋତା ପିନ୍ଧାଇବା ଅଙ୍କୁଶ ବିଶେଷ ।

**Boot-hose**, *n.* ବୁଟ୍‌ଜୋତା ପରିବର୍ତ୍ତେ ମୋଜାବିଶେଷ ।

**Boot-jack**, *n.* ବୁଟ୍‌ଜୋତା କାଢ଼ିବା ଯନ୍ତ୍ର ।

**Boot-lace**, *n.* ବୁଟ୍‌ଜୋତାର ଫିତା ।

**Bootless**, *a.* ବୁଟ୍‌ଜୋତାରହିତ ।

**Bootless**, *a.* ଲାଭରହିତ, ନିଷ୍ଫଳ, ଅନର୍ଥକ, ନିରର୍ଥକ, ଅକର୍ମଣ୍ୟ ।

**Bootlessly**, *ad.* ଲାଭରହିତରୂପେ, ନିରର୍ଥକରୂପେ, ଅକର୍ମଣ୍ୟରୂପେ ।

**Bootlessness**, *n.* ଲାଭରାହିତ୍ୟ, ଅକର୍ମଣ୍ୟତା ।

**Bootmaker**, *n.* ମୋଚି ।

**Boot-rack**, *n.* ବୁଟ୍‌ଜୋତା ରଖିବା ମଞ୍ଚାବିଶେଷ ।

**Boot-tree, boot-last**, *n.* ବୁଟ୍‌ଜୋତା ଠିକ କରିବା ଯନ୍ତ୍ର, ଜୋତାର ଫର୍ମା ।

**Booty**, *n.* ଲୁଣ୍ଠିତ ଦ୍ରବ୍ୟ, ଲୁଟ, ଅପହୃତ ଦ୍ରବ୍ୟ ।

**Boracic, boric**, *a.* ସୋହାଗାବିଷୟକ, ସୋହାଗାଯୁକ୍ତ ।

**Borax**, *n.* ସୋହାଗା, ଟାଙ୍କଣା ।

**Border**, *n.* 1. କିନାରା, ଧାର; 2. ଅଞ୍ଚଳ, ଦଶୀ, ପଣତ; 3. ସୀମା, ପ୍ରାନ୍ତ; 4. ତୀର, କୂଳ, ତଟ; 5. ପଗାର, ପାହି, ହିଡ ।—*v.i.* ସୀମା ନିକଟବର୍ତ୍ତୀ-ହେ, ପ୍ରାନ୍ତେ ଥିବାର, ସମୀପବର୍ତ୍ତୀ-ହେ, followed by *on* or *upon* ।—*v.t.* 1. ଦଶୀ ଲଗାଇବାର, ସଞ୍ଜାବ ଲଗାଇବାର; 2. ସୀମା-କ ।

**Borderer**, *n.* ସୀମାନ୍ତବାସୀ ।

**Borderland**, *n.* ସୀମାନ୍ତ ପ୍ରଦେଶ, ସୀମା ଅନିର୍ଦ୍ଦିଷ୍ଟ ଭୂଖଣ୍ଡ ।

**Bore**, *v.t.* ଛିଦ୍ର-କ, ରନ୍ଧ୍ର-କ, ଫୋଡ଼ିବାର ।—*v.i.* 1. ବିଦ୍ଧ-ହେ; 2. ଅଗ୍ରବଢ଼ିଯିବାର ।—*n.* 1. ଛିଦ୍ର, ରନ୍ଧ୍ର, ଫୋଡ଼, ବିନ୍ଧ; 2. ବନ୍ଧୁକ ଆଦି ନଳିର ଛିଦ୍ର; 3. ଛିଦ୍ରର ଆୟତନ ।

**Bore** *v.t.* ବିରକ୍ତ-କ ।—*n.* ବିରକ୍ତିଜନକ ବିଷୟ ବା ବ୍ୟକ୍ତି ।

**Bore**, *n.* ଜୁଆରଜାତ କଲ୍ଲୋଳକାରୀ ଉଚ୍ଚ ଢେଉ, ବାଣ ।

**Boreal**, *a.* ଉତ୍ତରଦିଗସ୍ଥ, ଉତ୍ତର, ଉଦୀଚୀନ ।

**Boredom**, *n.* 1. ବିରକ୍ତିକାରୀ ଲୋକସମୂହ; 2. ବିରକ୍ତି, କ୍ଳାନ୍ତି ।

**Borer**, *n.* ଛିଦ୍ରକାରକ ବସ୍ତୁ, ଭଅଁର, ବିନ୍ଧାଣୀ ଫୋଡ଼ିବା ଅସ୍ତ୍ର ।

**Born**, *past p.* of Bear, to bring forth, ଜାତ, ଜନିତ । [ଧୃତ ।

**Borne**, *past p.* of Bear, to carry, ବାହିତ, ସହ୍ୟ,

**Boron**, *n.* ସୋହାଗାର ଉପାଦାନ ।

**Borough**, *n.* ପ୍ରଜାପ୍ରତିନିଧିସଭା ଦ୍ୱାରା ଶାସିତ ନଗର, ଅଦ୍ଧ-ଶାସିତ ନଗର, ପାର୍ଲିମେଣ୍ଟ ମହାସଭାକୁ ପ୍ରତିନିଧି ପ୍ରେରଣାଧିକାର ପ୍ରାପ୍ତ ନଗର ।

**Borrow**, *v.t.* 1. ଉଧାର-କ, ଋଣ-କ, କର୍ଜ୍ଜ-କ; 2. ଉଦ୍ଧୃତ-କ, ସ୍ୱାର୍ଥେ ଗ୍ରହଣ-କ; 3. (ଅଙ୍କବିଦ୍ୟାରେ) ଦଶ ହାତରେ ନେବାର ।

**Borrower**, *n.* 1. ଉଧାର ନେବା ଲୋକ, ଋଣୀ, କର୍ଜ୍ଜକାରକ; 2. ଅନୁକାରକ, ଋଚନା ଚୋର ।

**Boscage, boskage**, *n.* ଜଙ୍ଗଲ, ବଣ, ବନ ।

**Bosh**, *n.* ମାହାଲିଆ କଥା, ମୂର୍ଖତା, ବୃଥାକଥା ।

**Bosk**, *n.* କ୍ଷୁଦ୍ର ବନ, ଉପବନ ।

**Bosky**, *a.* ବଣୁଆ, ଅରଣ୍ୟମୟ ।

**Bosom**, *n.* 1. ବକ୍ଷଃସ୍ଥଳ; 2. ସ୍ତନଲୁଗାର ଭିତର; 3. ହୃଦୟ, ଅନ୍ତଃକରଣ; 4. ମଧ୍ୟ, ଭିତର, ଅଭ୍ୟନ୍ତର; 5. ସ୍ତନଲୁଗା ।—*a.* 1. ଆତ୍ମୀୟ, ଅନ୍ତରଙ୍ଗ, ପ୍ରିୟ; 2. ଗୁପ୍ତ ।—*v.t.* 1. ବକ୍ଷଃସ୍ଥଳରେ ରଖିବାର, କୋଳ-କ; 2. ଲୁଚାଇବାର, ଗୁପ୍ତ-କ ।

**Boss**, *n.* ସମୁନ୍ନତ ଅଳଙ୍କାର, ସମୁନ୍ନତ ଅଂଶ, ବୁଟା, ଫୁଲ, ଗଣ୍ଠି ।

**Boss**, *n.* (colloquial), ଶାସକ, କର୍ତ୍ତା, ଅଧ୍ୟକ୍ଷ ।—*v.t.* ଦମନ-କ, ତତ୍ତ୍ୱାବଧାନ-କ ।—*v.i.* ପ୍ରଭୁତ୍ୱ-କ ।

**Bossy**, *a.* ସମୁନ୍ନତ ଅଳଙ୍କାରବିଶିଷ୍ଟ, ବୁଟାଯୁକ୍ତ, ଫୁଲବିଶିଷ୍ଟ ।

**Botanic, botanical**, *a.* ଉଦ୍ଭିଦବିଦ୍ୟାସମ୍ବନ୍ଧୀୟ ।

**Botanically**, *ad.* ଉଦ୍ଭିଦବିଦ୍ୟାନୁସାରେ ।

**Botanist**, *n.* ଉଦ୍ଭିଦବିଦ୍ୟାଜ୍ଞ, ଉଦ୍ଭିଦତତ୍ତ୍ୱବିତ୍ ।

**Botanize**, *v.i.* ଉଦ୍ଭିଦବିଦ୍ୟା ଅଭ୍ୟାସ-କ, ଉଦ୍ଭିଦବିଦ୍ୟାଜ୍ଞରୂପେ ଅନୁସନ୍ଧାନ-କ ।

**Botany**, *n.* ଉଦ୍ଭିଦବିଦ୍ୟା ।

**Botch**, *n.* 1. ଅଦକ୍ଷ ତାଳି, କଦର୍ଯ୍ୟ ତାଳି; 2. ଅନାଡ଼ି କାର୍ଯ୍ୟ ।—*v.t.* and *i.* 1. ଅଦକ୍ଷ ତାଳି-ଦେ, କଦର୍ଯ୍ୟରୂପେ ମରାମତି-କ; 2. ଅନାଡ଼ିରୂପେ କରିବାର ବା କହିବାର ।

**Botcher, botch**, *n.* ଯେ ଛିଣ୍ଡା ଲୁଗାରେ ତାଳି ପକାଏ, ଅନିପୁଣ କାରିଗର, ଅନାଡ଼ି କାର୍ଯ୍ୟକାରୀ ।

**Botchy**, *a.* ତାଳିପୂର୍ଣ୍ଣ, କଦର୍ଯ୍ୟ । [ମାଛି ।

**Bot-fly**, *n.* ଚର୍ମ ବା ପେଟ ଭିତରେ ପୋକ ଜନ୍ମାଇବା

**Both**, *a.* ଉଭୟ ।—*pro.* ଦୁଇ, ବେନି, ଦ୍ୱୟ, ଯୋଡ଼ା ।—*conj.* ଯେପରି, ଯଥା, used in connection with *and*.

**Bother**, *v.t.* ବ୍ୟସ୍ତ-କ, ହକ୍‌ଦାଉ-କ, ବିରକ୍ତ-କ, ଚିଡ଼ାଇବାର ।—*v.i.* ବ୍ୟସ୍ତ-ହେ, ହକ୍‌ଦାଉ-ହେ, ଗଣ୍ଡଗୋଳ-କ ।—*n.* ବ୍ୟସ୍ତତା, ବିରକ୍ତି, ବିରକ୍ତିଜନକ ବିଷୟ ।

**Botheration, botherment**, *n.* ବ୍ୟସ୍ତକରଣ, ବିରକ୍ତିକରଣ, ବ୍ୟସ୍ତତା, ବିରକ୍ତି, ବିରକ୍ତିଜନକ ବିଷୟ ।

**Botherer**, *n.* ବ୍ୟସ୍ତକାରୀ, ବିରକ୍ତିକାରକ ।

**Bott, bot**, *n.* generally, in *pl.* ଚର୍ମତଳରେ ନାକରେ ବା ଅନ୍ତ୍ରରେ ଥିବା ପୋକ ଦଳେ ।

**Bottle** *n.* 1. କାଚକୁମ୍ଭା, ବୋତଲ, ଚିଟି; 2. ବୋତଲରେ ଥିବା ଦ୍ରବ୍ୟ; 3. ବୋତଲର ପରିମାଣ ।—the bottle, ମଦ୍ୟ, ମଦ୍ୟପାନ ।

**Bottle-holder**, *n.* ମୁଷ୍ଟିଯୋଦ୍ଧାର ସାହାଯ୍ୟକାରୀ, ସାହାଯ୍ୟକାରୀ ।

**Bottle-nose**, *n.* 1. ତିମିମାଛ ବିଶେଷ; 2. ପକ୍ଷୀ ବିଶେଷ ।

**Bottle-nosed**, *a.* ସ୍ଥୂଳନାକ, ମଦ୍ୟପାନ ହେତୁ ସ୍ଥୂଳନାକ ।

**Bottom**, *n.* 1. ତଳ, ଅଧୋଦେଶ, ନିମ୍ନଭାଗ, ଅଧୋଭାଗ; 2. ମୂଳ; 3. ଉପତ୍ୟକା, ନିମ୍ନଭୂମି; 4. ସ୍ଥିର; 5. ସହ୍ୟ କରିବା ଶକ୍ତି; 6. ପୋତ, ଜାହାଜ; 7. ମଳ, ଶିଠା ।—*a.* ତଳସ୍ଥିତ, ମୌଳିକ ।—*v.t.* 1. ତଳି ଲଗାଇବାର; 2. ସଂସ୍ଥାପନ-କ, ସ୍ଥାପନ-କ; 3. ଜାଣି ପାରିବାର ।—*v.i.* ସ୍ଥିତ-ହେ, ଅବଲମ୍ବ-ହେ, ରହିବାର ।

**Bottomed**, *p. a.* 1. ବଶେଷ ତଳଯୁକ୍ତ; 2. ଭିତ୍ତିଯୁକ୍ତ ।

**Bottomless**, *a.* ତଳଶୂନ୍ୟ, ଅତଳସ୍ପର୍ଶ, ଅଗାଧ, ଅପାର, ଅମାପ ।

**Bottomry**, *n.* ଜାହାଜ ବନ୍ଧକ ଦ୍ୱାରା ଋଣ ।

**Boudoir**, *n. boo-dwar*, (French), ସ୍ତ୍ରୀଲୋକର ଖାସ ଗୁପ୍ତ କୋଠରି, ଅନ୍ତଃପୁର ।

**Bough**, *n.* ଡାଳ, ଶାଖା ।

**Bought**, *past p.* of Buy.

**Bougie**, *n. boo-zhee*, 1. ମହମବତୀ; 2. ଚିକିତ୍ସକର ସୂକ୍ଷ୍ମ ନମନୀୟ ନଳବଶିଷ୍ଟ ଅସ୍ତ୍ର ବଶେଷ ଯାହା ମୂତ୍ରମାର୍ଗ ନଳୀ ଆଦିର ଶୋଧନାର୍ଥ ବ୍ୟବହୃତ ହୁଏ ।

**Boulder**, *n.* ଜଳଘର୍ଷିତ ବଡ଼ ଗୋଲ ପଥର, ବରଫଘର୍ଷିତ ଚିକ୍କଣ ପଥର ଖଣ୍ଡ ।

**Boulevard**, *n. bool-var*, (French), ଉପପୁର୍ଗ ସ୍ଥାନରେ ଥିବା ବହାରପଥ, କୌଣସି ପ୍ରଶସ୍ତ ବହାରପଥ ।

**Bounce**, *v.i.* 1. ହଠାତ୍ ଶବ୍ଦ କରି ଡେଇଁ ଉଠିବାର, କୁଦ ଉଠିବାର, ପ୍ରତକ୍ଷେପ-ହେ, ଉଲ୍ଲମ୍ଫ-ହେ; 2. ହଠାତ୍ ବାହାର ଯିବାର; 3. ଦର୍ପ-କ, ବଡ଼ାଇ-କ, ମିଥ୍ୟା କହିବାର ।—*v.t.* ଡେଇଁଇବାର, କୁଦାଇବାର ।—*n.* 1. ହଠାତ୍ ଆଘାତ ବା ଗୁଳା; 2. ଅକସ୍ମାତ୍ ଡେଇଁ; 3. ଉଲ୍ଲମ୍ଫନ; 4. ବଡ଼ାଇ, ଦର୍ପ, ଅତ୍ୟୁକ୍ତି, ବଡ଼ ମିଛ ।—*ad.* ହଠାତ୍ ଗତରେ, ଅକସ୍ମାତ୍ ।

**Bouncer**, *n.* ଯେ ବା ଯାହା ହଠାତ୍ ଡେଇଁ ପଡ଼େ; 2. ଦାମ୍ଭିକ, ମିଥ୍ୟୁକ; 3. ବଡ଼ ମିଛ; 4. ବଡ଼ ବା ଶକ୍ତ ପଦାର୍ଥ ।

**Bouncing**, *a.* 1. ବଡ଼, ଶକ୍ତ, ବଡ଼ ଓ ବଳଶ; 2. ଅତରଞ୍ଜିତ, ଅତ୍ୟୁକ୍ତ; 3. ଦାମ୍ଭିକ, ବଡ଼ାଇଖୋର ।

**Bound**, *n.* 1. ସୀମା, ସରହଦ, ସୀମାନା, ଅନ୍ତ; 2. *pl.* ସୀମା ମଧ୍ୟବର୍ତ୍ତୀ ପ୍ରଦେଶ ।—*v.t.* 1. ସୀମାବଦ୍ଧ-କ; 2. ଘେରିବାର, ବେଷ୍ଟନ-କ, ସୀମା ନିର୍ଦ୍ଦେଶ-କ ।

**Bound**, *v.i.* 1. କୁଦିବାର, ଡେଇଁବାର, ଲମ୍ଫ-ଦେ, କୁଦା ଯିବାର; 2. ପ୍ରତକ୍ଷେପ-ହେ, ପ୍ରତଘାତ-ହେ ।—*n.* 1. କୁଦା, ଡେଇଁ, ଲମ୍ଫ; 2. କୁଦାର ଦୂରତ୍ୱ; 3. ପ୍ରତକ୍ଷେପ, ପ୍ରତଘାତ ।

**Bound**, *p. a.* 1. ବଦ୍ଧ, ଆବଦ୍ଧ; 2. ବନ୍ଧା, said of books; 3. ବାଧ୍ୟ; 4. ନିଶ୍ଚିତ, ଦୃଢ଼ପ୍ରତଜ୍ଞ ।

**Bound**, *a.* ଯିବାକୁ ଉଦ୍ୟତ, ପ୍ରସ୍ତୁତ, ଜକୁପିତ ।

**Boundary**, *n.* ସୀମାଚିହ୍ନ, ସରହଦ, ସୀମା, ଅନ୍ତ, ସୀମାନା, ଅଞ୍ଚଳ ।

**Bounded**, *p. a.* ସୀମାବଦ୍ଧ, ବେଷ୍ଟିତ, ସଙ୍କୀର୍ଣ୍ଣ ।

**Bounden**, *a.* ଅବଶ୍ୟକରଣୀୟ, କର୍ତ୍ତବ୍ୟ, ଜକୁପିତ ।

**Boundless**, *a.* ସୀମାରହିତ, ଅସୀମ, ଅଶେଷ, ଅପାର, ସରହଦରହିତ, ଅନନ୍ତ ।

**Boundlessly**, *ad.* ସୀମାରହିତରୂପେ, ଅସୀମରୂପେ, ଅଶେଷରୂପେ ।

**Boundlessness**, *a.* ଅସୀମତା, ଅଶେଷତା, ଅନନ୍ତତା ।

**Bounteous, bountiful**, *a.* 1. ଦାନଶୀଳ, ଦାତା, ବଦାନ୍ୟ, ମୁକ୍ତହସ୍ତ, ସଦାଶୟ, ଉଦାର, ଦୟାଳୁ; 2. ପ୍ରଚୁର ।

**Bounteously**, *ad.* 1. ଦାନଶୀଳତାପୂର୍ବକ, ବଦାନ୍ୟରୂପେ, ମୁକ୍ତହସ୍ତରେ; 2 ପ୍ରଚୁରରୂପେ, ବହୁଳରୂପେ ।

**Bountifully**, *ad.* ପ୍ରଚୁରରୂପେ, ବହୁଳରୂପେ, ମୁକ୍ତହସ୍ତରେ ।

**Bountifulness**, *n.* 1. ଦାନଶୀଳତା, ବଦାନ୍ୟତା, ମୁକ୍ତହସ୍ତତା; 2. ପ୍ରଚୁରତା, ପ୍ରାଚୁର୍ଯ୍ୟ ।

**Bounty**, *n.* 1. ଦାନଶୀଳତା, ବଦାନ୍ୟତା, ଦାତୃତ୍ୱ; 2. ଦାନ, ଦତ୍ତ ଦ୍ରବ୍ୟ; 3. ନୂତନ ସଙ୍ଗୃହୀତ ସୈନ୍ୟର ପାଇ ତୋଷିକ; 4. ବାଣିଜ୍ୟ ବୃଦ୍ଧ୍ୟର୍ଥେ ପାରିତୋଷିକ ।

**Bouquet**, *n. boo-kay*, (French), 1. ଫୁଲତୋଡ଼ା, ପୁଷ୍ପଗୁଚ୍ଛ, ପୁଷ୍ପସ୍ତବକ; 2. ସୁଗନ୍ଧ ।

**Bourgeois**, *n. boorzh-wa*, (French), ନଗର ବାସୀ, ପୌରଜନ, ମଧ୍ୟବତ୍ତ ଲୋକ, ଯଥା,—ବ୍ୟବସାୟ ମହାଜନ, ବ୍ୟାପାରୀ ଆଦି ।

**Bourgeon**, *v.i. boor-jon*, ଅଙ୍କୁରିତ-ହେ, ଜା ବାହାରିବାର ।—*n.* କଢ଼, ଗଜା ।

**Bourn**, *n. born*, ସୀମା, ଅନ୍ତ ।

**Bourn**, *n. boorn*, ସ୍ରୋତ, ନଦ, ପ୍ରବାହ ।

**Bourse**, *n. boors*, (French), ବାଣିଜ୍ୟବାଦୀମାନଙ୍କ ସମାଗମସ୍ଥାନ ।

**Bout**, *n.* 1. ମୋଡ଼; 2. କୌଣସି କର୍ମ ଏକାଥରକେ ଯେତେ ହୁଏ, ବାର; 3. ମହଡ଼ାର ଆକ୍ରମଣ, ଉପକ୍ରମ ।

**Bovine**, *a.* 1. ଗୋଜାତୀୟ; 2. ଗୋବତ୍, ଜଡ଼, ନର୍ବୋଧ ।

**Bow**, *v.t. bou*, 1. ନତ-କ, ନୁଆଁଇବାର; 2. ମସ୍ତ ନୁଆଁଇ ପ୍ରଣାମ-କ; 3. ଅବନତ-କ ।—*v.i.* 1. ମସ୍ତ ନୁଆଁଇବାର, ନମସ୍କାର-କ; 2. ପ୍ରଣାମ-କ; 3. ଅଧୀନ -ହେ, ବଶୀଭୂତ-ହେ; 4. ନଇଁବାର, ନତ-ହେ, ଅବନମିତ-ହେ ।—*n.* ନମସ୍କାର, ପ୍ରଣାମ, ମସ୍ତକାବନମନ ।

**Bow**, *n. bou*, 1. ଜାହାଜର ଉଭୟ ପାର୍ଶ୍ୱସ୍ଥ ଅଗ୍ର, ଗୋଡ଼ାଣ; 2. କୌକାଚାଳିତ ଅଗ୍ରଭାଗ ମାରିବା ଲୋକ ।

**Bow**, *n. bō*, 1. ଧନୁ, ଧନୁକ, କାର୍ମୁକ; 2. ବକ୍ର ପଦାର୍ଥ, ବାଙ୍କ; 3. ମେଘଧନୁ; 4. ବେହେଲାର କମାଣୀ; 5. ଉଦ୍ଧଁରର କମାଣୀ; 6. ଗୋଲ୍ପକର ଫିତାର ଗଣ୍ଠି ବା ଫୁଲ ।—*v.t.* and *i.* କମାଣୀ ଦ୍ୱାରା ବଜାଇବାର, କମାଣୀ ଚଳାଇବାର ।

**Bowed**, *a.* ବକ୍ର ।

**Bowel**, *n.* 1. ଅନ୍ତ୍ର; 2. ଅନ୍ତଃସ୍ଥଳ, ଗର୍ଭ; 3. କୋମଳ ଦୟା, କରୁଣା, generally in *pl.*

**Bower**, *n.* ଜାହାଜର ଅଗ୍ରସ୍ଥିତ ବଡ଼ ଲଙ୍ଗର ।

**Bower**, *n.* 1. ସ୍ତ୍ରୀଲୋକର ଗୁପ୍ତ କୋଠରି, ଅନ୍ତଃପୁର; 2. ଲତାଗୃହ, କୁଞ୍ଜ, କୁଞ୍ଜ ।

**Bowery**, *a.* କୁଞ୍ଜବତ୍, ଲତାବୃତ, କୁଞ୍ଜମୟ, ଛାୟାଯୁକ୍ତ ।

**Bowie-knife,** *n.* ଲମ୍ବ ଛୁରି ବିଶେଷ ।

**Bowl,** *n.* 1. ଅର୍ଦ୍ଧ ଗୋଲାକୃତି ପାତ୍ର ବିଶେଷ, ବଡ଼ ଗୋଲ ପିଆଲା, ବେଲା, ବୋଲ; 2. ପାନପାତ୍ର; 3. ଗର୍ତ୍ତ, ପୋଲା ।

**Bowl,** *n.* 1. କାଠର ଗୋଲା, କାଠର ବଡ଼ ଗେଣ୍ଡୁ; 2. *pl.* ଗୋଲାଖେଳ ।—*v.i.* 1. ଗୋଲା ଖେଳିବାର, ଗୋଲା ଗଡ଼ାଇବାର; 2. (କ୍ରିକେଟ୍ ଖେଳରେ) ଗେଣ୍ଡୁ ଚଳାଇବାର; 3. ଗୋଲାପରି ଶୀଘ୍ର ଗଡ଼ି ଯିବାର, ସହଜରେ ଓ ଶୀଘ୍ର ଯିବାର ।—*v.t.* 1. ଗୋଲାପରି ଗଡ଼ାଇ-ଦେ; 2. ଗୋଲା ଦ୍ୱାରା ମାରିବାର, ଗୋଲାପରି ପଦାର୍ଥରେ ମାରିବାର ।

**Bow-legged,** *a.* ବଙ୍କଗୋଡ଼ବିଶିଷ୍ଟ, ବଙ୍କାଗୋଡ଼ିଆ, ବଙ୍କଜାନୁ ।

**Bowler,** *n.* 1. ଗୋଲା କ୍ରୀଡ଼ାକାରୀ; 2. (କ୍ରିକେଟ୍ ଖେଳରେ) ଗେଣ୍ଡୁ ଯେ ଚଳାଏ ।

**Bowline,** *n.* ବାୟୁ ମୁହଁରେ ରଖିବା ଜାହାଜର ପାଲଟଣା [ଦୌଡ଼ ।

**Bowling,** *n.* 1. ଗୋଲାଖେଳ; 2. (କ୍ରିକେଟରେ) ଗେଣ୍ଡୁ ଖେଳିବା ଧରଣ ।

**Bowling-alley,** *n.* ଗୋଲା ଖେଳିବା ଆବୃତ ସ୍ଥାନ ।

**Bowling-green,** *n.* ଗୋଲା ଖେଳିବା ସମତଳ ସ୍ଥାନ ।

**Bowman,** *n.* ଶର ମାରିବା ବ୍ୟକ୍ତି, ଧନୁର୍ଦ୍ଧର, ଧାନୁଷ୍କ, ଧନ୍ୱୀ ।

**Bow-saw,** *n.* ଧନୁପରି ବେଣ୍ଟଯୁକ୍ତ କରତ ।

**Bow-shot,** *n.* ଶରଦୂର ।

**Bowsprit,** *n.* ଜାହାଜର ଅଗ୍ରଭାଗରୁ ବାହାରି ପଡ଼ିଥିବା ପାଲଦଣ୍ଡ ।

**Bow-string,** *n.* 1. ଧନୁର୍ଗୁଣ, ଜ୍ୟା, ମୌର୍ବୀ; 2. ତୁର୍କି ଦେଶରେ ଶ୍ୱାସରୋଧ କରି ମାରିବା ଦଉଡ଼ି ।

**Bow-window,** *n.* କାନ୍ଥରୁ ବାହାରି ପଡ଼ିଥିବା ଧନୁଷାକୃତି ଝରକା, ପ୍ରଲମ୍ବ ବାତାୟନ, see Bay-window.

**Bowyer,** *n.* ଶର ବନାଇବା ବ୍ୟକ୍ତି ।

**Box,** *n.* 1. ସିନ୍ଦୁକ, ବାକ୍ସ; 2. ସିନ୍ଦୁକ ବା ବାକ୍ସର ପରିମାଣ; 3. ବାକ୍ସପୂର ପଦାର୍ଥ; 4. ଥିଏଟର୍ ଗୃହାଦିରେ ଦର୍ଶକମାନଙ୍କ ବସିବା ନିମନ୍ତେ ପୃଥକ୍‌କୃତ ସ୍ଥାନ; 5. ସଙ୍କୀର୍ଣ୍ଣ ବେଷ୍ଟିତ ସ୍ଥାନ; 6. ଟଙ୍କାର ସିନ୍ଦୁକ; 7. ସାରଥି ବା କୋଚମ୍ୟାନର ବସିବା ଆସନ; 8. ସ୍ୱାବ ଅଭୁଅଳ ସ୍ଥାନ, ଉଦ୍ୟାନ; 9. ମୃଗୟାକାରୀମାନଙ୍କର ରହିବା କ୍ଷୁଦ୍ର ଗୃହ ।—*v.t.* 1. ସିନ୍ଦୁକ ବା ବାକ୍ସରେ ରଖିବାର; 2. ବନ୍ଦ-କ ।—to box the compass, 1. ଦିକ୍‌ଦର୍ଶନ ଯନ୍ତ୍ରର ଚିହ୍ନର ନାମ କହିବାର; 2. ସବୁ ମତ କ୍ରମାନ୍ୱୟ ଗ୍ରହଣ-କ ।

**Box,** *n.* ଘୁଷା, ମୁଷ୍ଟି, ଚାପୁଡ଼ା ।—*v.t.* ଚାପୁଡ଼ା ମାରିବାର ।—*v.i.* ମୁଠାରେ ଲଢ଼ାଇ-କ, ମୁଥ ମାରିବାର ।

**Boxer,** *n.* ଘୁଷା ଲଢ଼ିବା ବ୍ୟକ୍ତି, ମୁଷ୍ଟିଯୋଦ୍ଧା ।

**Boxing,** *n.* ଘୁଷାଲଢ଼ାଇ, ମୁଷ୍ଟିଯୁଦ୍ଧ ।

**Boxing-day,** *n.* ବଡ଼ ଦିନର ପରଦିନ ଯେଉଁ ସମୟରେ ବକ୍‌ଶିସ୍ ଦିଆ ଯାଏ ।

**Boxing-glove,** *n.* ଘୁଷାଘୁଷି ମାରିବା ଦସ୍ତାନା ।

**Boxing-match,** *n.* ମୁଷ୍ଟ୍ୟାଘାତ ଲଢ଼ାଇ, ପହଲମାନର ଲଢ଼ାଇ ।

**Box-keeper,** *n.* ଥିଏଟର୍ ଗୃହାଦିରେ ଦର୍ଶକମାନଙ୍କ ବସିବା ପୃଥକ୍‌କୃତ ସ୍ଥାନର ଭୃତ୍ୟ ।

**Box-tree, box,** *n.* ବୃକ୍ଷ ବିଶେଷ ଯାହାର କାଠ ଅତି ଟାଣ ଅଟେ ।

**Boxwood,** *n.* ଉକ୍ତ ବୃକ୍ଷର କାଠ, ଉକ୍ତ ବୃକ୍ଷ ।

**Boy,** *n.* ବାଳକ, ପିଲା, ଟୋକା ।

**Boycott,** *v.t.* କାହାର ସହିତ କୌଣସି କାରବାର ବା ଆଳାପ କରିବାକୁ ଏକ ସଙ୍ଗେ ନାସ୍ତି-କ ।

**Boyhood,** *n.* 1. ପିଲାବସ୍ଥା, ପୌଗଣ୍ଡାବସ୍ଥା, ବାଲ୍ୟାବସ୍ଥା; 2. ବାଳକସମୂହ; 3. ବାଳକଭାବ, ବାଳକତ୍ୱ ।

**Boyish,** *a.* 1. ବାଳକସମ୍ବନ୍ଧୀୟ, ବାଳକବତ୍, ବାଳକ-ବ୍ୟାପ୍; 2. ପିଲାପରି ।

**Boyishly,** *ad.* ପିଲାଟିଆ ଭାବରେ ।

**Boyishness,** *n.* ବାଳକତ୍ୱ, ବାଳକତା, ପୌଗଣ୍ଡତ୍ୱ ।

**Brabble,** *v.i.* କନ୍ଦଳ-କ, କଳହ-କ ।—*n.* also brabblement, କନ୍ଦଳ, କଳହ ।

**Brace,** *n.* 1. ବନ୍ଧନୀ, ବନ୍ଧନ; 2. ଠେକ, ଠେସ; 3. ପଟି; 4. ପେଣ୍ଟଲୁନ ଝୁଲାଇ ରଖିବା ଫିତା; 5. ଭ୍ରମରର ମୁଠା ବିଶେଷ; 6. ଜାହାଜର ପାଲଦଣ୍ଡର ଦଉଡ଼ି ବିଶେଷ; 7. ଏକତ୍ର ବନ୍ଧା ହୋଇ ଥିବା ଦୁଇ ପଦାର୍ଥ, ଯୋଡ଼ା; 8. ବନ୍ଧନୀ ଚିହ୍ନବିଶେଷ, ଯଥା, } ।—*v.t.* 1. କଷିବାର, ବାନ୍ଧିବାର, ଦୃଢ଼ କରି ବାନ୍ଧିବାର, ଠେସ ଦ୍ୱାରା ଦୃଢ଼-କ; 2. ଦୃଢ଼-କ, ସବଳ-କ; 3. ବନ୍ଧନୀ ଚିହ୍ନରେ ବନ୍ଦ-କ ।

**Bracelet,** *n.* 1. ଗଡ଼ୁ, ଚୁଡ଼ି, ବଳୟ, କଙ୍କଣ, ହାତବନ୍ଧ, ପଉଁଚି; 2. ବାହୁରକ୍ଷିଣୀ; 3. ହାତକଡ଼ି ।

**Brach,** *n.* ଶିକାରୀ କୁକୁର ।

**Brachial,** *a.* ବାହୁସମ୍ବନ୍ଧୀୟ, ବାହୁସଦୃଶ ।

**Brachygraphy,** *n.* ସଂକ୍ଷିପ୍ତ ଲିଖନ ବିଦ୍ୟା, ସଙ୍କେତ ଲିଖନ ବିଦ୍ୟା ।

**Bracing,** *n.* 1. ବନ୍ଧନକରଣ; 2. ବନ୍ଧନୀସମୂହ, ଠେକ ସବୁ ।—*a.* ବଳଦାୟକ, ଉତ୍ତେଜକ ।

**Bracken,** *n.* ଘୃଷ ଗଛ ବିଶେଷ ।

**Bracket,** *n.* 1. କାନ୍ଥରୁ ବାହାରି ଥିବା ଅବଲମ୍ବ, ଦେବାଲଗିରି; 2. ବନ୍ଧନୀ ଚିହ୍ନ, ଯଥା, [ ]; 3. କାନ୍ଥରୁ ବାହାରି ଥିବା ଗ୍ୟାସ୍‌ବତୀର ନଳ ବିଶେଷ ।—*v.t.* 1. ଦେବାଲଗିରି ଲଗାଇବାର; 2. ବନ୍ଧନୀ ଚିହ୍ନ ମଧ୍ୟରେ ରଖିବାର, ବନ୍ଧନୀ ଚିହ୍ନ ଦ୍ୱାରା ଏକତ୍ର ଚିହ୍ନିବାର ।

**Bracketing,** *n.* ଦ୍ରବ୍ୟ ରଖିବା ନିମନ୍ତେ ଦେବାଲଗିରିର ଶ୍ରେଣୀ ।

**Brackish,** *a.* ଖାରିଆ, ଈଷତ୍ ଲୁଣିଆ ।

**Brackishness,** *n.* କ୍ଷାରଭାବ ବା ଆସ୍ୱାଦ, ଈଷତ୍ ଲବଣତ୍ୱ ।

**Brad,** *n.* ଛତିହୀନ ପ୍ରିକ୍ କଣ୍ଟା ।

**Brad-awl,** *n.* ବକାଣୀ ବିଶେଷ ।

**Brae,** *n.* ଢାଲୁ ଜାଗା, ଘାଟ ତଟ, ପାହାଡ଼ର ତଟ ପାର୍ଶ୍ୱ

**Brag,** *v.i.* ଦମ୍ଭ-କ, ଦର୍ପ-କ, ଗର୍ବ-କ, ଅହଙ୍କାର-କ, ବଡ଼ାଇ-କ ।—*n.* 1. ଦର୍ପ, ଗର୍ବ, ଦମ୍ଭ, ବଡ଼ାଇ; 2. ଦର୍ପର ବିଷୟ; 3. ତାସ ଖେଳ ବିଶେଷ ।

**Braggadocio**, *n.* 1. ଅହଙ୍କାରୀ ବା ଗର୍ବୀ ଲୋକ, ବଡ଼ାଇଖୋର; 2. ଗର୍ବ କଥା, ଦମ୍ଭ କଥା, ଗର୍ବ, ଦର୍ପ, ବଡ଼ାଇ ।

**Braggart**, **brag**, *n.* ଅହଙ୍କାରୀ ବା ଗର୍ବୀ ଲୋକ, ଦାମ୍ଭିକ ।

**Braggingly**, *ad.* ଦାମ୍ଭିକରୂପେ, ଗର୍ବିତରୂପେ, ବଡ଼ାଇପୂର୍ବକ ।

**Brahman**, **brahmin**, *n.* ବ୍ରାହ୍ମଣ ।

**Brahmanic**, **brahmanical**, *a.* ବ୍ରାହ୍ମଣସମ୍ବନ୍ଧୀୟ ।

**Brahmanism**, **brahminism**, *n.* ବ୍ରାହ୍ମଣ ଧର୍ମ ।

**Braid**, *v.t.* 1. ଗୁନ୍ଥନ-କ, ଏକତ୍ର ବୁଣିବାର, ମିଶାଇ ବୁଣିବାର; 2. ବେଣୀ ପାରିବାର, ଜଟ ବାନ୍ଧିବାର; 3. ଫିତା ଲଗାଇବାର, ଫିତାରେ ଶୋଭିତ କ ।—*n.* 1. ଫିତା ବିଶେଷ, ଜଟପରି ବୁଣା ଫିତା; 2. ବେଣୀ, ଜଟ ।

**Braided**, *a.* 1. ଜଟବନ୍ଧା, ବେଣୀରେ ବନ୍ଧା; 2. ଫିତାରେ ସୁଶୋଭିତ ।

**Braiding**, *n.* ଫିତାର ବୁଟା କର୍ମ ।

**Brail**, *n.* ଜାହାଜର ପାଲ ଗୁଡ଼ାଇବା ଦୌଡ଼ି ।—*v.t.* ଉକ୍ତ ଦୌଡ଼ି ଦ୍ୱାରା ଗୁଡ଼ାଇବାର, followed by *up.*

**Brain**, *n.* 1. ମଗଜ, ମସ୍ତିଷ୍କ; 2. ମନ ଓ ବୁଦ୍ଧିର ସ୍ଥାନ, ବୁଦ୍ଧି, often in *pl.*—*v.t.* ମଗଜ ବାହାର-କ, ମସ୍ତକ ଚୂର୍ଣ୍ଣ-କ, ମଗଜ ବାହାର କରି ବଧ-କ ।

**Brained**, *a.* ମଗଜବିଶିଷ୍ଟ, used chiefly in composition.

**Brain-fever**, *n.* ମଗଜଜ୍ୱର, ମସ୍ତିଷ୍କପ୍ରଦାହ ।

**Brainless**, *a.* ବୁଦ୍ଧିହୀନ, ନିର୍ବୋଧ, ଅବିବେକ, ମୂର୍ଖ ।

**Brainsick**, *a.* ବୁଦ୍ଧିଭ୍ରଂଶ, ଅସ୍ଥିରମଗଜ, ଅସ୍ଥିରବୁଦ୍ଧି, ଅଡ଼ବାୟା, କ୍ଷିପ୍ତ ।

**Braise**, **braize**, *v.t.* ରୁଦ୍ଧ ପାତ୍ରରେ ସବ୍‌ଜି ଓ ମସଲା ସହିତ (ମାଂସ) ସିଝାଇବାର ।

**Brake**, *n.* କଣ୍ଟକବନ, କଣ୍ଟା ବୁଦାର ବଣ, ବେତବଣ ।

**Brake**, *n.* 1. ଶଣପଟ ଝାଡ଼ିବା କଳ; 2. ଯାନ୍ତୁଆଁ ଦଳେଇ; 3. ନାଲବନ୍ଦ କରିବାବେଳେ ଗୋଡ଼ ଧରି ରଖିବା ଯନ୍ତ୍ର; 4. ଭାରି ବିଦା ବିଶେଷ; 5. ଗାଡ଼ିଚକର ଗତି ନିବାରକ ଯନ୍ତ୍ର; 6. ଅଣ୍ଡ ମଣ ବହିବା ନିମନ୍ତେ ଭାରି ଗାଡ଼ି ବିଶେଷ; 7. ବଡ଼ ଘୋଡ଼ାଚକିଆ ଗାଡ଼ି ବିଶେଷ; 8. ରୁଟିଓଆଳାର ମଇଦା ଦଳିବା ଯନ୍ତ୍ର ।—*v.t.* 1. ଯନ୍ତ୍ର ଦ୍ୱାରା (ଗାଡ଼ିର ଗତି) ବନ୍ଦ-କ; 2. ଶଣପଟ ଝାଡ଼ିବାର; 3. ବିଦା ଦ୍ୱାରା (ମାଟି) ଚୂର୍ଣ୍ଣ-କ; 4. (ମଇଦା) ଦଳିବାର ।

**Brakeman**, **brakesman**, ଯେ ରେଲଗାଡ଼ିର ଗତି ନିବାରକ ଯନ୍ତ୍ର ବ୍ୟବହାର କରେ ।

**Brake-van**, *n.* ରେଲଗାଡ଼ି ବିଶେଷ ଯହିଁରେ ଗତି-ନିବାରକ ଯନ୍ତ୍ରଧାରୀ ମନୁଷ୍ୟ ଥାଏ ।

**Braky**, *a.* କଣ୍ଟକବନପୂର୍ଣ୍ଣ, କଣ୍ଟାବୁଦାପୂର୍ଣ୍ଣ ।

**Bramble**, *n.* କଣ୍ଟାଗଛ ବିଶେଷ ଓ ତାହାର ଫଳ ।

**Brambly**, *a.* କଣ୍ଟାଗଛପୂର୍ଣ୍ଣ ।

**Bran**, *n.* ଭୂଷି, ତୁଷ, ଚଷୁ, କୁଣ୍ଡା ।

**Branch**, *n.* 1. ଡାଳ, ଶାଖା, ବାହୁଙ୍ଗା; 2. ଅଂଶ, ବିଭାଗ; 3. ଉପନଦୀ ।—*v.i.* 1. ଡାଳ ପରି ମେଲିବାର, ଶାଖାଯୁକ୍ତ-ହ, ଡାଳ ବାହାରିବାର; 2. ବିଭକ୍ତ-ହ ।—*v.t.* ବିଭାଗ-କ ।

**Branched**, *a.* ଡାଳବିଶିଷ୍ଟ, ଶାଖାଯୁକ୍ତ ।

**Branchless**, *a.* ଡାଳହୀନ, ଶାଖାଶୂନ୍ୟ ।

**Branchlet**, *a.* ସାନ ଡାଳ ।

**Branchy**, *a.* 1. ଡାଳମୟ, ଶାଖାପୂର୍ଣ୍ଣ, ବିସ୍ତୃତ ଶାଖାବିଶିଷ୍ଟ; 2. ଡାଳ ମଧ୍ୟରେ ବା ଡାଳରେ ସ୍ଥିତ ।

**Brand**, *n.* 1. ଜ୍ୱଳନ୍ତକାଷ୍ଠ, ଦରପୋଡ଼ା କାଠ; 2. ଖଡ୍ଗ; 3. ତପ୍ତ ଲୁହାର ଦାଗ; 4. ଦ୍ରବ୍ୟ ଉପରେ ବାଣିଜ୍ୟର ଚିହ୍ନ, ଚିହ୍ନ; 5. ପ୍ରକାର; 6. ଅପରାଧୀର ଦେହରେ ତପ୍ତ ଲୁହାର ଦାଗ, କଳଙ୍କଚିହ୍ନ; 7. ଶାକସବ୍‌ଜିର ରୋଗ ବିଶେଷ ।—*v.t.* 1. ଲୁହା ତତାଇ ଦାଗ-ଦେ, ଚିହ୍ନ-ଦେ, ତପ୍ତ ଲୁହାରେ ଚିହ୍ନିତ-କ; 2. ଦୁର୍ନାମ ଦ୍ୱାରା ଚିହ୍ନିତ-କ, ଅଧମ ବୋଲି ଦର୍ଶାଇବାର; 3. ଅଙ୍କିତ-କ ।

**Branded**, *a.* 1. ତପ୍ତ ଲୁହାରେ ଦାଗୀ, ଚିହ୍ନିତ; 2. ଅପଯଶଚିହ୍ନିତ ।

**Brandied**, *a.* ବ୍ରାଣ୍ଡି ଶରାବରେ ମିଶ୍ରିତ ।

**Brand-iron** *n.* ଝାଞ୍ଜରି ବିଶେଷ ।

**Brandish**, *v.t.* ହଲାଇବାର, ବୁଲାଇବାର ।—*v.i.* ହଲିବାର ।

**Brandling**, *n.* ସାନ ଲାଲ ଜିଆ ।

**Brand-new**, **bran-new**, *a.* ପୂରା ନୂଆ, ସମ୍ପୂର୍ଣ୍ଣ ନୂତନ ।

**Brandy**, *n.* ମଦ୍ୟ ବିଶେଷ, ବ୍ରାଣ୍ଡି ଶରାବ ।—*v.t.* ବ୍ରାଣ୍ଡି ଶରାବରେ ମିଶ୍ରିତ-କ ।

**Brangle**, *n.* କଜିଆ, ଝଗଡ଼ା, କଳହ ।—*v.i.* କଜିଆ-କ, ଝଗଡ଼ା-କ, କଳହ-କ ।

**Branny**, *a.* ତୁଷମୟ, ତୁଷପରି, ଭୂଷିଯୁକ୍ତ ।

**Brash**, *n.* ଭଙ୍ଗା ପଦାର୍ଥର ଗଦା ।

**Brasier**, *n.* କଂସାରୀ, ଥଟାରି, କାଂସ୍ୟକାର ।

**Brass**, *n.* 1. ପିତଳ, ଅଷ୍ଟଧାତୁ; 2. ପିତଳ ପାତ୍ର ବା ଆଭରଣ; 3. ସ୍ମରଣାର୍ଥକ ପିତଳ ପଟା; 4. ନିର୍ଲଜ୍ଜତା; 5. (vulgar), ଟଙ୍କା; 6. *pl.* ତୂରୀପରି ବାଦ୍ୟଯନ୍ତ୍ରମାନ ।—*v.t.* ପିତଳରେ ମଡ଼ାଇବାର, ପିତଳମଣ୍ଡିତ-କ ।

**Brass-band**, *n.* ତୂରୀ ଆଦି ଯନ୍ତ୍ରମାନଙ୍କର ବାଦକଦଳ ।

**Brass-founder**, *n.* କଂସାରୀ ।

**Brassiness**, *n.* ପିତଳତ୍ୱ ।

**Brassy**, *a.* ପିତଳନିର୍ମିତ, ପିତଳବତ୍, ପିତଳମୟ ।

**Brat**, *n.* ଟୋକାଟା ।

**Bravado**, *n.* ଦମ୍ଭ, ସ୍ପର୍ଦ୍ଧା, ଗର୍ବଯୁକ୍ତ ତର୍ଜନ, କୃତ୍ରିମ ସାହସ ।

**Brave**, *a.* ସାହସୀ, ସାହସିକ, ନିର୍ଭୀକ, ବୀର, ବିକ୍ରମୀ, ଶୂର ।—*n.* ସାହସିକ ବ୍ୟକ୍ତି, ଅସଭ୍ୟ ଜାତୀୟ ଯୋଦ୍ଧା ।—*v.t.* 1. ସାହସପୂର୍ବକ ସହ୍ୟ-କ, ସାହସପୂର୍ବକ ଭେଟିବାର, ସାହସପୂର୍ବକ ଆକ୍ରମଣ-କ; 2. ତାଚ୍ଛଲ୍ୟ-କ, ଯୁଦ୍ଧରେ ଡାକିବାର ।

**Bravely**, *ad.* ସାହସପୂର୍ବକ, ସାହସିରୂପେ, ନିର୍ଭୟରେ, ବୀରତ୍ୱପୂର୍ବକ ।

**Bravery**, **braveness**, *n.* 1. ସାହସିକତା, ସାହସ, ବୀରତ୍ୱ, ନିର୍ଭୀକତା; 2. ଆଡ଼ମ୍ବର, ଜାକଜମକ ।

**Bravo**, *n. pl.* bravos or bravoes, 1. ଭଡାଇତ, ଗୁପ୍ତଘାତକ, ବେତନଗ୍ରାହୀ ହନ୍ତା ; 2. ପ୍ରଶଂସାସୂଚକ ଧ୍ୱନି ।

**Bravo**, *interj.* ସାବାସ୍ ! ବାହାବା ! ଭଲ ! ସାଧୁ !

**Brawl**, *v.t.* 1. ପାଟି କରି ଉଚ୍ଚାରଣ-କ; 2. ଝଗଡା କରି ତଡି-ଦେ ।— *v.i.* 1. ଝଗଡା-କ, ଗାଲିଗୁଲଜ୍-କ; 2. କଳକଳ ଶବ୍ଦ-କ, କଳକଳ ଶବ୍ଦ କରି ବହି ଯିବାର ।—*n.* ଝଗଡା, ଗାଳିମନ୍ଦ, ଗଣ୍ଡଗୋଳ ।

**Brawler**, *n.* କଳିହୁଡା ଲୋକ, କନ୍ଦଳିଆ ଲୋକ, ଗଣ୍ଡଗୋଳିଆ ଲୋକ ।

**Brawling**, *a.* 1. କଳିହୁଡା, କଳହପ୍ରିୟ; 2. କଳକଳ [ଶବ୍ଦକାରୀ ।

**Brawlingly**, *ad.* କଳିହୁଡାରୂପେ, କଳହପ୍ରିୟରୂପେ ।

**Brawn**, *n.* 1. ବରାହ ମାଂସ ; 2. ବିଶେଷ ଧାରରେ ପ୍ରସ୍ତୁତ ଶୂକର ମାଂସ; 3. ଶରୀରର ମାଂସଳାଂଶ, ମାଂସପେଶୀ, ବଳ ।

**Brawniness**, *n.* ମାଂସଳତା, ମାଂସପେଶୀମୟତ୍ୱ, ବଳ ।

**Brawny**, *a.* ମାଂସଳ, ମାଂସପେଶୀମୟ, ମୋଟା, ବଳବାନ୍ ।

**Bray**, *v.t.* ଚୂର୍ଣ୍ଣ-କ, ପେଷିବାର, କୁଟିବାର ।

**Bray**, *v.i.* 1. ଗଧପରି ବୋବାଇବାର; 2. ଉଚ୍ଚ କର୍କଶ ଶବ୍ଦ-କ ।—*n.* 1. ଗଧର ବୋବାଳି, ଗର୍ଦ୍ଦଭ ରବ; 2. ଉଚ୍ଚ କର୍କଶ ଶବ୍ଦ ।

**Brayer**, *n.* ଗଧ ପରି ଯେ ଶବ୍ଦ କରେ ।

**Brayer**, *n.* ଛପାର କାଳି ଘୋଟଣା ।

**Braze**, *v.t.* 1. ପିତ୍ତଳରୁ ବନାଇବାର, ପିତ୍ତଳ ମଡାଇବାର, ପିତ୍ତଳମଣ୍ଡିତ-କ ; 2. ପିତ୍ତଳ ଦ୍ୱାରା ଝାଳିବାର ; 3. ଟାଣ-କ ।

**Brazen**, *a.* 1. ପିତ୍ତଳସମ୍ବନ୍ଧୀୟ, ପିତ୍ତଳନିର୍ମିତ; 2. ଟାଣ, ଶକ୍ତ; 3. ନିର୍ଲଜ୍ଜ ।— *v.t.* ନିର୍ଲଜ୍ଜତାପୂର୍ବକ ଆଚରଣ-କ, with an indefinite *it.*

**Brazen-faced**, *a.* ନିର୍ଲଜ୍ଜ, ଦୁଃସାହସୀ, ଲଜ୍ଜାହୀନ ।

**Brazenly**, *ad.* ଦୁଃସାହସିରୂପେ, ନିର୍ଲଜ୍ଜରୂପେ ।

**Brazenness**, *n.* 1. ପିତ୍ତଳାକୃତି, ପିତ୍ତଳତ୍ୱ; 2. ନିର୍ଲଜ୍ଜତା ।

**Brazier**, brasier, *n.* ଅଙ୍ଗାର ଜ୍ୱଳାଇବା ପାତ୍ର ।

**Brazier**, *n.* କଂସାରି, ଥଟାରି ।

**Brazil**, brazil-wood, *n.* ବକମ କାଠ ।

**Breach**, *n.* 1. ଲଂଘନ, ଭଙ୍ଗ ; 2. ଛିଦ୍ର, ଫାଙ୍କ, ଘାଇ, ଭେଦ; 3. ବିବାଦ, ବିଚ୍ଛେଦ ।— *v.t.* ଫାଟ ପିଟାଇବାର, ଫାଙ୍କ-କ, ଭେଦ-କ ।

**Bread**, *n.* 1. ରୁଟୀ, ପୋଟିକା ; 2. ଖାଦ୍ୟ, ଆହାର ; 3. ଜୀବିକା, ଜୀବନୋପାୟ ।

**Bread-corn**, breadstuff, *n.* ଯେଉଁ ଶସ୍ୟରୁ ରୁଟୀ ହୁଏ, ଗହମାଦି ଶସ୍ୟ ।

**Breadfruit**, *n.* 1. ପ୍ରଶାନ୍ତ ମହାସାଗରସ୍ଥ ଦ୍ୱୀପମାନଙ୍କରେ ଜାତ ଏକ ପ୍ରକାର ଫଳ କି ଯାହା ପୋଡା ଗଲେ ରୁଟୀ ପରି ଲାଗେ ; 2. ଉକ୍ତ ଫଳର ଗଛ ।

**Breadth**, *n.* 1. ଚୌଡା, ଓସାର, ପ୍ରସ୍ଥ ; 2. ବିସ୍ତାର, ପ୍ରସାର; 3. ମାହାତ୍ମ୍ୟ, ଉଦାରତା ।

**Breadthways**, *ad.* ଚୌଡା ଆଡେ, ପ୍ରସ୍ଥ ଅନୁସାରେ ।

**Breadwinner**, *n.* ଅନ୍ନଦାତା, ରୋଜଗାରି ଲୋକ ।

**Break**, *v.t.* 1. ଭାଙ୍ଗିବାର, ଭଗ୍ନ-କ, ଖଣ୍ଡ-କ ; 2. ବିଦୀର୍ଣ୍ଣ-କ; 3. ଭଙ୍ଗ-କ, ଦୁର୍ବଳ-କ ; 4. ବଶୀଭୂତ-କ, ଦମନ-କ ; 5. ଦେଉଲିଆ-କ; 6. ପଦଚ୍ୟୁତ କ; 7. ଲଂଘନ-କ; 8. ବଳରେ ପିଟାଇବାର ; 9. ଧୀରେ ଜଣାଇବାର ବା ପ୍ରକାଶ-କ; 10. ବ୍ୟାଘାତ-କ, ଅସଂଲଗ୍ନ-କ ।— to break ground, 1. ମାଟି ଖୋଳିବାକୁ ଆରମ୍ଭ-କ ; 2. କାର୍ଯ୍ୟ ଆରମ୍ଭ-କ । to break in, ଦମନ-କ, ଶିକ୍ଷିତ-କ । to break jail, କାରାଗାରରୁ ପଳାଇବାର । to break off, 1. ପୃଥକ୍-କ ; 2. ଛିଡ-ହେ, ଭାଙ୍ଗି-ଦେ, ହଠାତ୍ ଶେଷ-କ । to break up, 1. ବଳପୂର୍ବକ ପିଟାଇବାର; 2. ଶେଷ-କ, ଭଙ୍ଗ-କ ; 3. ନଷ୍ଟ-କ । to break the heart, ଦୁଃଖରେ ଅଭିଭୂତ-କ, ହୃଦୟ ବିଦୀର୍ଣ୍ଣ-କ, ଦୁଃଖରେ ମାରି ପକାଇବାର । to break the ice, ଆଗେ ପରିଚୟ ନେବାର, ଆଗ କରି କଥା କହିବାର ।— *v.i.* 1. ଖଣ୍ଡ-ହେ, ଭାଙ୍ଗି ଯିବାର, ବିଭକ୍ତ-ହେ ; 2. ଫୁଟିବାର; 3. ଉଦୟ-ହେ, ପାହାନ୍ତା-ହେ, ହଠାତ୍ ଆରମ୍ଭ-ହେ; 4. ଦେଉଲିଆ-ହେ ; 5. ସ୍ୱାସ୍ଥ୍ୟଭଙ୍ଗ-ହେ, ଦୁର୍ବଳ-ହେ; 6. ବିବାଦ-କ ; 7. ସ୍ୱରଭଙ୍ଗ-ହେ, ଥଙ୍ଗାଇ କହିବାର ।— to break away, 1. ବଳରେ ହଠାତ୍ ବାହାରେ ଯିବାର, ଖଣ୍ଡ-ହେ ; 2. ଛିଡ-ଯି । to break down, 1. ଭାଙ୍ଗି ଯିବାର, ଚୂନା ହୋଇ ଯିବାର; 2. ସ୍ୱାସ୍ଥ୍ୟ ହରାଇବାର ; 3. ଦୁଃଖରେ ଅଭିଭୂତ-ହେ; 4. ଅକୃତକାର୍ଯ୍ୟ-ହେ, ହାରି ଯିବାର । to break forth, 1. ନିର୍ଗତ-ହେ, ବାହାରି ପଡିବାର ; 2. ପ୍ରଚଣ୍ଡ ଭାବ ପ୍ରକାଶ-କ । to break in or into, ବଳାତ୍କାରରେ ପ୍ରବେଶ-କ, ସିନ୍ଧି-କ । to break loose, ବଳପୂର୍ବକ ମୁକ୍ତ-ହେ, ବନ୍ଧନ ଛିଣ୍ଡାଇ ପକାଇବାର । to break off, 1. ପୃଥକ୍-ହେ ; 2. ହଠାତ୍ ଛାଡିବାର, ନିରସ୍ତ-ହେ । to break out, ଉଠିବାର, ଜାତ-ହେ । to break up, 1. ଭଙ୍ଗ-ହେ, ଯଥା,—(ସଭା) ଭଙ୍ଗ-ହେ; 2. ଖଣ୍ଡ-ହେ । to break with, ସଙ୍ଗ ଛାଡିବାର ।—*n.* 1. ଫାଟ, ଛିଦ୍ର, ଫାଙ୍କ, ଭେଦ ; 2. ବିରାମ, ନିବୃତ୍ତି, କ୍ରମ ବିଚ୍ଛେଦ; 3. କ୍ରମ ବିଚ୍ଛେଦର ଚିହ୍ନ, ଯଥା, —— ; 4. ଆରମ୍ଭ, ଉଦୟ, ପ୍ରଭାତ ; 5. ଘୋଡାର ଗତିନିବାରକ ଯନ୍ତ୍ର; 6. ବଡ ଚାରିଚକିଆ ଗାଡି ବିଶେଷ ।

**Breakable**, *a.* ଭଙ୍ଗୁର, ଭଙ୍ଗପ୍ରବଣ ।

**Breakage**, *n.* 1. ଭଙ୍ଗ ; 2. ଭଙ୍ଗା ଦ୍ରବ୍ୟ ସବୁ; 3. ଭଙ୍ଗା ଦ୍ରବ୍ୟର କ୍ଷତିପୂରଣ, ଧସ୍ୱଟ ।

**Break-down**, *n.* 1. ଅକସ୍ମାତ୍ ଭଙ୍ଗ, ଦୁର୍ଘଟଣା, ପତନ, ଅକୃତକାର୍ଯ୍ୟତା ; 2. ନୃତ୍ୟ ବିଶେଷ ।

**Breaker**, *n.* 1. ଭଗ୍ନକାରୀ, ଭଞ୍ଜକ ; 2. ସମୁଦ୍ର ତୀରସ୍ଥ ମଗ୍ନଗିରି, ଉକ୍ତ ମଗ୍ନଗିରି ବା ଚଡା ଉପରେ ଭଙ୍ଗା ଢେଉ ।

**Breakfast**, *n.* ଦିବସର ପ୍ରଥମ ଭୋଜନ, ହାଜରି ।— *v.i.* ଦିବସର ପ୍ରଥମ ଭୋଜନ-କ, ହାଜରି ଖାଇବାର ।— *v.t.* ହାଜରି ଯୋଗାଇବାର ।

**Break-neck**, *a.* ଭୀଷଣ ଓ ଆଶଙ୍କାଜନକ, ଅତି ବିପଦ୍‌ଜନକ ।

**Break-up**, *n.* ବିଭେଦ, ପୃଥକ୍‌କରଣ, ଦଳଭଙ୍ଗକରଣ ।

**Breakwater,** *n.* ଢେଉ ବା ସ୍ରୋତର ପ୍ରବଳତା ଭାଙ୍ଗିବା ବନ୍ଧ ।

**Bream,** *n.* ମତ୍ସ୍ୟ ବିଶେଷ ।

**Bream,** *v.t.* ଅଗ୍ନିରେ ଜାହାଜର ତଳ ସଫା-କ ।

**Breast,** *n.* 1. ସ୍ତନ; 2. ସ୍ତନ, ବକ୍ଷଃସ୍ଥଳ, ବୁକ; 3. ସ୍ତନଦୁଗ୍ଧ; 4. ଅନ୍ତଃକରଣ, ହୃଦୟ, ମନ; 5. ସ୍ତନ ପରି ପଦାର୍ଥ ।— to make a clean breast, ସବୁ ପ୍ରକାଶ-କ, ମନ ଭାଙ୍ଗି କହିବାର ।—*v.t.* 1. ସମ୍ମୁଖାସମ୍ମୁଖି ବାଧା ଦେବାର, ସମ୍ମୁଖୀନ-ହେ; 2. ସ୍ତନରେ ଯୋଡାଇ ରଖିବାର ।

**Breast-bone,** *n.* ବକ୍ଷ ଅସ୍ଥି ।

**Breast-deep, breast-high,** *a.* ସ୍ତନେ, ସ୍ତନ ପରିମିତ ।

**Breasted,** *a.* ସ୍ତନଯୁକ୍ତ ।

**Breast-knot,** *n.* ବକ୍ଷଃସ୍ଥଳରେ ପିନ୍ଧାଯାଉଥିବା ଫୁଲ ବା ଗଣ୍ଠି ।

**Breast-pin,** *n.* ସ୍ତନର ପୋଷାକର ପିନ୍ ବିଶେଷ ।

**Breast-plate,** *n.* ବୁକପଟା, ଉରସ୍ତ୍ରାଣ ।

**Breast-work,** *n.* ସ୍ତନ ପର୍ଯ୍ୟନ୍ତ ଉଚ୍ଚ ଗଡବନ୍ଦୀ ।

**Breath,** *n.* 1. ନିଶ୍ୱାସପ୍ରଶ୍ୱାସ; 2. ଶ୍ୱାସ କ୍ରିୟାର ଶକ୍ତି; 3. ପ୍ରାଣବାୟୁ; 4. ନିଶ୍ୱାସ ମାରିବା ସମୟ, ମୁହୂର୍ତ୍ତ କାଳ; 5. ବିଶ୍ରାମ; 6. ନିଶ୍ୱାସ ପରି ପଦାର୍ଥ, ମନ୍ଦ ପବନ, ଗନ୍ଧର ନିର୍ଗମନ, ଶବ୍ଦ, ଅଳ୍ପକ୍ଷଣର ବିଷୟ ।

**Breathable,** *a.* ନିଶ୍ୱସନୀୟ ।

**Breathe,** *v.i.* 1. ନିଶ୍ୱାସପ୍ରଶ୍ୱାସ ମାରିବାର, ବଞ୍ଚିବାର, ଜୀବିତ ଥିବାର; 2. ନିଶ୍ୱାସ ମାରିବାର; 3. ବିଶ୍ରାମ-କ; 4. ମନ୍ଦ ବହିବାର; 5. ନିର୍ଗତ-ହେ, ବାହାରିବାର ।—*v.t.* 1. ନିଶ୍ୱାସ ନେବାର; 2. ପ୍ରଶ୍ୱାସ ଛାଡିବାର; 3. ପ୍ରବେଶ କରାଇବାର, ସଞ୍ଚାର-କ; 4. ବାହାର-କ, ଉଦ୍ଗୀରଣ-କ; 5. ଧୀରଭାବେ ବା ଗୋପନରେ କହିବାର; 6. ବିଶ୍ରାମ-ଦେ; 7. ବେଦମ୍-କ, ଶ୍ୱାସରହିତ-କ, ଥକା କରାଇବାର; 8. ପ୍ରକାଶ-କ ।

**Breather,** *n.* 1. ଯେ ନିଶ୍ୱାସପ୍ରଶ୍ୱାସ ମାରେ, ଯେ ଜୀବିତ ଥାଏ; 2. ବେଦମ୍ କରିବା ବ୍ୟାୟାମ ।

**Breathing,** *n.* 1. ନିଶ୍ୱାସପ୍ରଶ୍ୱାସ, ଶ୍ୱାସକ୍ରିୟା; 2. ଲାଳସା, ଆକାଙ୍କ୍ଷା, ଇଚ୍ଛା, ପ୍ରାର୍ଥନା; 3. (ପବନର) ମୃଦୁ ବହନ; 4. ଅନୁପ୍ରାଣ, ଆବେଶ, ସଞ୍ଚାର; 5. ବିରାମ, ବିଶ୍ରାମ; 6. ଉଚ୍ଚାରିତ ବାକ୍ୟ; 7. ଦୀର୍ଘ ବା ହ୍ରସ୍ୱ ଉଚ୍ଚାରଣ ।

**Breathless,** *a.* 1. ଶ୍ୱାସରହିତ, ବେଦମ୍; 2. ବିସ୍ମୟରେ ରୁଦ୍ଧଶ୍ୱାସ, ଚକିତ; 3. ଶ୍ୱାସରୋଧକାରୀ; 4. ପ୍ରାଣହୀନ, ମୃତ ।

**Breathlessly,** *ad.* 1. ଶ୍ୱାସରହିତରୂପେ; 2. ରୁଦ୍ଧଶ୍ୱାସରୂପେ ।

**Breathlessness,** *n.* ଶ୍ୱାସରହିତାବସ୍ଥା ।

**Bred,** *past. p. of* Breed.

**Breech,** *n.* 1. ପିଚ୍ଛ, ନିତମ୍ବ; 2. ବନ୍ଧୁକର କୁନ୍ଦା ବା ନଳିର ପଛଭାଗ ।—*v.t.* 1. ଇଜାର ପିନ୍ଧାଇବାର; 2. ପିଚ୍ଛରେ ମାରିବାର; 3. (ବନ୍ଧୁକର) କୁନ୍ଦା ଲଗାଇବାର ।

**Breeched,** *a.* ଇଜାରପିନ୍ଧା ।

**Breeches,** *n. pl.* ଇଜାର, ଜଙ୍ଘାବରଣ, ପାଇଜାମା ।

**Breeching,** *n.* 1. ପିଚ୍ଛରେ ମାଡ; 2. ତୋପ ସ୍ଥିର କରଣାର୍ଥେ ଟାଣ ଦଉଡି; 3. ଯୋତ ।

**Breech-loader,** *n.* ପଶ୍ଚାଦ୍ଭାଗରେ ବାରୁଦ ଆଦି ପୂର୍ଣ୍ଣ କରିବା ତୋପ ବା ବନ୍ଧୁକ ।

**Breed,** *v.t.* 1. ପ୍ରତିପାଳନ-କ, ପାଳିବାର; 2. ଜନ୍ମାଇବାର, ଉତ୍ପନ୍ନ-କ; 3. ପ୍ରସବ-କ; 4. (ପଶୁଙ୍କର) ଏକ ଜାତ ବଢାଇବାର ।—*v.i.* 1. ସନ୍ତାନ ଜନ୍ମାଇବା, ସନ୍ତାନ ପ୍ରସବ-କ; 2. ଗର୍ଭବତୀ-ହେ; 3. ଉତ୍ପନ୍ନ-ହେ, ଜନ୍ମିବାର ।—*n.* 1. ଜାତ, ବଂଶ; 2. ପ୍ରକାର, ଶ୍ରେଣୀ

**Breeder,** *n.* 1. ଉତ୍ପାଦକ; 2. ବହୁପ୍ରସୂତା; 3. ପଶୁର ସନ୍ତାନବର୍ଦ୍ଧନକର୍ତ୍ତା ଓ ପାଳନକର୍ତ୍ତା ।

**Breeding,** *n.* 1. ଉତ୍ପାଦନ, ଗର୍ଭଧାରଣ; 2. ସନ୍ତାନବର୍ଦ୍ଧନ; 3. ପ୍ରତିପାଳନ, ଶିକ୍ଷା; 4. ଚଳନ, ବ୍ୟବହାର, ଭବ୍ୟତା, ଭଦ୍ରତା ।

**Breeze,** *n.* 1. ଧୀର ପବନ, ମୃଦୁ ପବନ, ମୁକ୍ତବାୟୁ, ସୁବାୟୁ; 2. କଳହ ।

**Breeze, breeze-fly, brise,** *n.* ଡାଂଶ ବିଶେଷ ।

**Breezy,** *a.* 1. ବାୟୁମୟ, ସୁବାତ; 2. ପ୍ରଫୁଲ୍ଲତାପୂର୍ଣ୍ଣ, ଉତ୍ତେଜକ ।

**Brethren,** *n. pl.* ଭାଇମାନେ, ଭାତୃବର୍ଗ ।

**Breve,** *n.* 1. ପୋପ ବା ରାଜାର ଆଜ୍ଞାପତ୍ର; 2. ସ୍ୱର ବା ତାଳର ପରିମାପକ ଚିହ୍ନ ବିଶେଷ, ଯଥା, |▭|; 3. ବର୍ଣ୍ଣର ଉପରସ୍ଥ ଲଘୁ ଚିହ୍ନ, ଯଥା, ˘ ।

**Brevet,** *n.* 1. ସୈନ୍ୟ ସନଦ ଯଦ୍ଦ୍ୱାରା ନିମ୍ନପଦସ୍ଥ ବ୍ୟକ୍ତି ସମ୍ଭ୍ରମ ହେତୁ ଉପରସ୍ଥ ପଦ ବିନା ବେତନରେ ପ୍ରାପ୍ତ ହୁଏ; 2. ସନଦ, କ୍ଷମତାପତ୍ର ।—*a.* ସନଦ ଦ୍ୱାରା ନିଯୁକ୍ତ ।—*v.t.* ସନଦ ଦ୍ୱାରା ପଦ-ଦେ ।

**Breviary,** *n.* (ସାରସଂଗ୍ରହ), ରୋମାନ୍ କାଥଲିକ୍ ପୁରୋହିତମାନଙ୍କର ଦୈନିକ ସ୍ତୋତ୍ରସଂଗ୍ରହ ।

**Breviate,** *n.* ସାରସଂଗ୍ରହ ।

**Brevity,** *n.* ସଂକ୍ଷେପ, ସଂକ୍ଷିପ୍ତତା ।

**Brew,** *v.t.* 1. (ଯବସୁରା) ପ୍ରସ୍ତୁତ-କ; 2. ମିଶ୍ରିତ-କ; 3. କଳ୍ପନା-କ ।—*v.i.* 1. ଯବସୁରା ପ୍ରସ୍ତୁତ-କ, ବା ଶରାବ ପ୍ରସ୍ତୁତର ବ୍ୟବସାୟ-କ; 2. ଉଦ୍ଗମ-ହେ, ଉଠିବାର, ସଂଘଟିତ-ହେ ।

**Brewage,** *n.* 1. ମିଶ୍ରିତ ପାନୀୟ ଦ୍ରବ୍ୟ; 2. କଳ୍ପନା, ମନ୍ତ୍ରଣା; 3. ସୁରା ପ୍ରସ୍ତୁତ କରିବା ପ୍ରକ୍ରିୟା ।

**Brewer,** *n.* ଯବସୁରା ପ୍ରସ୍ତୁତକାରୀ ଲୋକ ।

**Brewery,** *n.* ଯବସୁରା ପ୍ରସ୍ତୁତ କରିବା ଗୃହ, ମଦଭାଟି ।

**Brewing,** *n.* 1. ସେହିପରି ପାନୀୟ ପ୍ରସ୍ତୁତକରଣ; 2. ଏକାଥରକେ ଯେତେ ଯବସୁରା ଆଦି ପ୍ରସ୍ତୁତ ହୁଏ; 3. ମନ୍ତ୍ରଣା; 4. ଉଦ୍ଗମ ।

**Bribable,** *a.* ଲାଞ୍ଚୁଆ, ଘୁସ୍‌ଖୋର ।

**Bribe,** *n.* ଲାଞ୍ଚ, ଉତ୍କୋଚ, ଘୁଷ୍, ମୁଖବନ୍ଧୀ, ଉପଢୌକନ ।—*v.t.* ଲାଞ୍ଚ-ଦେ, ଘୁଷ୍-ଦେ, ଲାଞ୍ଚ ଦେଇ ହାତ କରିନେବାର ।—*v.i.* ଲାଞ୍ଚ ଦେବାର ବା ନେବାର, ଘୁଷ୍ ଖାଇବାର ।

**Briber,** *n.* ଯେ ଲାଞ୍ଚ ଦିଏ, ଉତ୍କୋଚଦାତା ।

**Bribery**, *n.* ଲାଞ୍ଚ ଦାନ, ଲାଞ୍ଚ ଗ୍ରହଣ, ଉତ୍କୋଚ ଦାନ, ଉତ୍କୋଚ ଗ୍ରହଣ ।

**Brick**, *n.* 1. ଇଟା, ଇଷ୍ଟକ; 2. ଇଟାପରି ଦ୍ରବ୍ୟ; 3. ଇଟାପରି ରୁଟୀ; 4. (colloq.) ଖାସା ଲୋକ ।—*v.t.* ଇଟା ବସାଇବାର, ଇଟାରେ ଘେରାଇବାର ।—*a.* ଇଷ୍ଟକ-ନିର୍ମିତ, ଇଟାସମ୍ବନ୍ଧୀୟ ।

**Brickbat**, *n.* ଭଙ୍ଗାଇଟା, ଖୋଆ ।

**Brick-dust**, *n.* ଇଟାଗୁଣ୍ଡି, ସୁର୍କି ।

**Brick-kiln**, *n.* ଇଟାଭାଟୀ ।

**Bricklayer**, *n.* ରାଜମିସ୍ତ୍ରି, ରାଜ ।

**Bricklaying**, *n.* ଇଟା ବସାଇବା କାର୍ଯ୍ୟ ବା କୌଶଳ ।

**Brickwork**, *n.* ଇଟାକାମ, ଇଷ୍ଟକ ନିର୍ମିତ କାର୍ଯ୍ୟ ।

**Bridal**, *n.* ବିବାହଭୋଜ, ବିବାହ ।—*a.* କନ୍ୟାସମ୍ବନ୍ଧୀୟ, ବଧୂସମ୍ବନ୍ଧୀୟ, ବିବାହସମ୍ବନ୍ଧୀୟ, ବୈବାହିକ ।

**Bride**, *n.* କନ୍ୟା, ବୋହୂ, ବଧୂ, ନବ ବିବାହିତା ସ୍ତ୍ରୀ, ନବୋଢା ।

**Bride-cake**, *n.* ବିବାହପିଠା, ବିବାହପିଷ୍ଟକ ।

**Bride-chamber**, *n.* ବାସର ଘର ।

**Bridegroom**, *n.* ନବ ବିବାହିତ ପୁରୁଷ, ବର, ବରପାତ୍ର ।

**Bridemaid, bride's-maid**, *n.* କନ୍ୟାର ସହଚରୀ ।

**Bridewell**, *n.* ଜେଲଖାନା, କାରାଗାର ।

**Bridge**, *n.* 1. ପୋଲ, ପୋଲ, ସେତୁ; 2. ପୋଲପରି ପଦାର୍ଥ; 3. ନାକର ବଣ୍ଡ, ନାସିକାର ଉର୍ଦ୍ଧ୍ୱଭାଗ; 4. ତନ୍ତ୍ର ବାଦ୍ୟର ତାର ଟେକି ଧରିବା କାଠର ଘୋଡା, ଘୋଡ଼ା ।—*v.t.* 1. ପୋଲ ବା ସେତୁ ବାନ୍ଧିବାର; 2. ବାଟ ପାଇବାର, ପାର ହୋଇ ଯିବାର, ଅତିକ୍ରମ-କ ।

**Bridle**, *n.* 1. ଲଗାମ, ବାଗ୍‌ଡୋର, ବଲ୍‌ଗା; 2. ଲଗାମ ପରି ବସ୍ତୁ; 3. ପ୍ରତିବନ୍ଧ, ଅବରୋଧ ।—*v.t.* 1. ଲଗାମ-ଦେ; 2. ଦମନ-କ, ବଶୀଭୂତ-କ ।—*v.i.* ଗର୍ବିତଭାବେ ମସ୍ତକ ଉପରକୁ ଉଠାଇବାର, କ୍ରୋଧ ସହିତ ଗମ୍ଭୀରଭାବ ଧରିବାର ।

**Bridle-hand**, *n.* ଯେଉଁ ହାତ ଲଗାମ ଧରେ, ବାମ ହସ୍ତ ।

**Bridle-road, bridle-path**, *n.* ଘୋଡା ଯିବା ପଥ ।

**Bridoon**, *n.* ଘୋଡା ମୁହଁର ଲୁଣ୍ଡି ।

**Brief**, *a.* 1. ଅଳ୍ପକାଳ, କ୍ଷଣିକ; 2. ସଂକ୍ଷିପ୍ତ, ଛୋଟ; 3. ଅପ୍ରସର ।—*n.* 1. ସଂକ୍ଷିପ୍ତ ଲେଖନ, ସାରସଂଗ୍ରହ; 2. ପରଓ୍ୱାନା, ହୁକୁମ୍‌ନାମା; 3. ଉକିଲ ନିମନ୍ତେ ମକଦ୍ଦମାର ସଂକ୍ଷିପ୍ତ ବିବରଣ; 4. ପୋପର ଆଦେଶପତ୍ର ବିଶେଷ ।

**Briefless**, *a.* ମକଦ୍ଦମାଶୂନ୍ୟ (ଉକିଲ) ।

**Briefly**, *ad.* ସଂକ୍ଷେପରେ, ସଂକ୍ଷିପ୍ତରୂପେ, ସଂକ୍ଷେପତଃ, ଛୋଟକରୂପେ ।

**Briefness**, *n.* ସଂକ୍ଷେପ, ହ୍ରସ୍ୱତା, ସଂକ୍ଷିପ୍ତତା, ଅଳ୍ପତା ।

**Brier, briar**, *n.* କଣ୍ଟାଗଛ ବିଶେଷ, ବନ୍ୟ ଗୋଲାପ ।

**Briery, briary**, *a.* କଣ୍ଟାମୟ, କଣ୍ଟକିତ ।

**Brig**, *n.* ଦୁଇ ମାସ୍ତୁଲବିଶିଷ୍ଟ ଜାହାଜ ବିଶେଷ ।

**Brigade**, *n.* ସୈନ୍ୟର ଦଳ ବିଶେଷ, ବାହିନୀ ।

**Brigade-major**, *n.* ସୈନ୍ୟଦଳ ନାୟକର ସହକାରୀ ।

**Brigadier**, *n.* ସୈନ୍ୟଦଳର ନାୟକ ।

**Brigand**, *n.* ଡକାୟତ, ଦସ୍ୟୁ ।

**Brigandage**, *n.* 1. ଡକାୟତି, ଲୁଟ; 2. ଡକାୟତସମୂହ ।

**Brigantine**, *n.* ଦୁଇ ମାସ୍ତୁଲବିଶିଷ୍ଟ ଦ୍ରୁତଗାମୀ କ୍ଷୁଦ୍ର ଜାହାଜ ବିଶେଷ ।

**Bright**, *a.* 1. ଉଜ୍ଜ୍ୱଳ, ଦୀପ୍ତିମାନ୍, ତେଜସ୍ୱୀ; 2. ନିର୍ମଳ; 3. ବିଖ୍ୟାତ, ପ୍ରସିଦ୍ଧ; 4. ପ୍ରଖର, ବୁଦ୍ଧିମାନ୍; 5. ପ୍ରଫୁଲ୍ଲ, ଆନନ୍ଦପୂର୍ଣ୍ଣ, ହର୍ଷଦାୟୀ; 6. ସତେଜ ।

**Brighten**, *v.t.* 1. ଉଜ୍ଜ୍ୱଳ-କ, ଦୀପ୍ତିମାନ୍-କ, ତେଜସ୍ୱୀ-କ; 2. ଆନନ୍ଦିତ-କ, ପ୍ରଫୁଲ୍ଲିତ-କ; 3. ଗୌରବାନ୍ୱିତ-କ, ବିଖ୍ୟାତ-କ; 4. ବୁଦ୍ଧି ଉତ୍ତେଜିତ-କ, ଚତୁର-କ ।—*v.i.* 1. ଉଜ୍ଜ୍ୱଳ-ହେ; 2. ନିର୍ମଳ-ହେ; 3. ଆନନ୍ଦଦାୟୀ-ହେ ।

**Brightly**, *ad.* 1. ଉଜ୍ଜ୍ୱଳରୂପେ, ତେଜସ୍ୱୀରୂପେ, ଦୀପ୍ତି ସହିତ, କାନ୍ତି ସହିତ; 2. ନିର୍ମଳରୂପେ; 3. ପ୍ରଫୁଲ୍ଲିତଭାବେ ।

**Brightness, brilliance, brilliancy**, *n.* 1. ଉଜ୍ଜ୍ୱଳତା, ପ୍ରଭା, ଦୀପ୍ତି, ତେଜ, ଛଟା, କାନ୍ତି; 2. ପ୍ରଖରତା ପ୍ରାଖର୍ଯ୍ୟ ।

**Bright's-disease**, *n.* ମୂତ୍ରାଶୟର ମୂତ୍ରପିଣ୍ଡର ରୋଗ ବିଶେଷ ।

**Brightsome**, *a.* ଉଜ୍ଜ୍ୱଳ, ପ୍ରଫୁଲ୍ଲ ।

**Brilliant**, *a.* 1. ଅତି ଉଜ୍ଜ୍ୱଳ, ତେଜୋମୟ, ତେଜସ୍ୱର; 2. ବିଖ୍ୟାତ, ତେଜସ୍ୱୀ; 3. ବୁଦ୍ଧିମାନ୍, ପ୍ରଖର ।—*n.* ତେଜସ୍ୱୀ ହୀରା ବିଶେଷ, ହୀରକ ।

**Brilliantly**, *ad.* 1. ତେଜସ୍ୱରରୂପେ, ତେଜୋମୟରୂପେ, ତେଜସ୍ୱୀରୂପେ; 2. ପ୍ରଖରରୂପେ ।

**Brim**, *n.* 1. ପଟ, ଧାର, ମୁହଁ, ପ୍ରାନ୍ତ; 2. କୂଳ, ତୀର ।—*v.t.* ପଟ ପର୍ଯ୍ୟନ୍ତ ପୂର୍ଣ୍ଣ-କ ।—*v.i.* ପଟ ପର୍ଯ୍ୟନ୍ତ ପୂର୍ଣ୍ଣ-ହେ, ପରିପୂର୍ଣ୍ଣ-ହେ ।

**Brimful**, *a.* ପଟ ପର୍ଯ୍ୟନ୍ତ ପୂର୍ଣ୍ଣ, ପରିପୂର୍ଣ୍ଣ, ଭରପୂର ।

**Brimless**, *a.* ଧାରଶୂନ୍ୟ ।

**Brimmer**, *n.* ପଟ ପର୍ଯ୍ୟନ୍ତ ପୂରିତ ପାତ୍ର, ପରିପୂର୍ଣ୍ଣ ପାତ୍ର ।

**Brimming**, *a.* 1. ପଟ ପର୍ଯ୍ୟନ୍ତ ପୂର୍ଣ୍ଣ, ପରିପୂର୍ଣ୍ଣ; 2. ପଟ ପର୍ଯ୍ୟନ୍ତ ପୂର୍ଣ୍ଣକାରୀ ।

**Brimstone**, *n.* ଗନ୍ଧକ ।

**Brindle**, *n.* ଚିତ୍ରିତ ରଙ୍ଗ ।

**Brindled, brinded**, *a.* ତାମ୍ରବର୍ଣ୍ଣରେ ଚିତ୍ରିତ, ଡୋରାଯୁକ୍ତ, ଡୋରିଆ ।

**Brine**, *n.* 1. ଲୁଣାପାଣି, ଲବଣାକ୍ତଜଳ, ସମୁଦ୍ର; 2. ଅଶ୍ରୁ ।

**Bring**, *v.t.* 1. ଆଣିବାର, ନେଇ ଆସିବାର, ନେଇ ଆସିବାର, ଆନୟନ-କ; 2. ପ୍ରବର୍ତ୍ତାଇବାର, ମନାଇବାର; 3. ଉତ୍ପନ୍ନ-କ, ଜନ୍ମାଇବାର ।—bring about, ଘଟାଇବାର, ସାଧନ-କ । bring down, 1. ନତ-କ, ନମ୍ର-କ; 2. ଊଣା-କ । bring down the house, ଶ୍ରୋତାସମୂହର ପ୍ରଶଂସାସୂଚକ ଧ୍ୱନି ଜନ୍ମାଇ ଘର କମ୍ପାଇବାର । bring forth, 1. ଜନ୍ମ-କ, ଉତ୍ପନ୍ନ-କ, ଫଳିବାର; 2. ପ୍ରକାଶ-କ । bring forward, 1. ସମ୍ମୁଖେ ଉପସ୍ଥିତ-କ, ଆଣିବାର; 2. ପର ପୃଷ୍ଠାକୁ ହିସାବ ଆଣିବାର । bring home, ହୃଦ୍‌ବୋଧ ଜନ୍ମାଇବାର, ହୃଦୟଙ୍ଗମ-କ । bring in, 1. ପ୍ରବିଷ୍ଟ-କ, ଉପସ୍ଥିତ-କ;

2. ଉତ୍ପାଦନ-କ; 3. (ମତ) ପ୍ରକାଶ-କ; 4. ମଣାଇ ପ୍ରବେଶ କରାଇବାର । bring off, ମୁକ୍ତ-କ, ଅବ୍ୟାହତି-ଦେ । bring on, 1. ଉତ୍ପନ୍ନ-କ; 2. ସଙ୍ଗେ ଅଣିବାର । bring out, 1. ପରିଚିତ କରାଇବାର; 2. ଛପାଇବାର, ପ୍ରକାଶ-କ; 3. ଦେଖାଇବାର; 4. ବାହାର-କ, କାଢିବାର; 5. ବ୍ୟକ୍ତ-କ । bring over, ପ୍ରବର୍ତ୍ତନା ଦ୍ୱାରା ସ୍ୱଦଳଭୁକ୍ତ-କ । bring round, 1. ଆରୋଗ୍ୟ-କ, ସଚେତନ-କ; 2. ମଣାଇବାର । bring to, 1. (ଜାହାଜର) ଗତି ହ୍ରାସ-କ; 2. ସଚେତନ-କ । bring to book, ଦାୟୀ-କ, ପ୍ରମାଣ ଦେବାକୁ ବାଧ୍ୟ-କ । bring to light, ପ୍ରକାଶ-କ । bring to mind, ସ୍ମରଣରେ ଅଣିବାର, ସ୍ମରଣ-କ । bring to pass, ଘଟାଇବାର, ସମ୍ପନ୍ନ-କ । bring under, ବଶ-କ, ବଶୀଭୂତ-କ । bring up, 1. ପ୍ରତିପାଳନ କରିବାର ଓ ଶିକ୍ଷା-ଦେ; 2. ସମ୍ମୁଖେ ଉପସ୍ଥିତ-କ, ସ୍ମରଣ କରାଇବାର; 3. (ସୈନ୍ୟ ଦଳକୁ) ନିକଟରେ ଉପସ୍ଥିତ କରାଇବାର; 4. (ଘୋଡାକୁ) ସ୍ତମ୍ଭିତ-କ, ଅଟକାଇବାର । bring up the rear, 1. ପଶ୍ଚାଦ୍‌ଭାଗସ୍ଥ ଦଳକୁ ଅଗ୍ରସର କରାଇବାର; 2. ପଶ୍ଚାଦ୍‌ଭାଗସ୍ଥ ଦଳ-ହେ ।

**Bringer**, *n.* ଅଣିବା ଲୋକ, ଆନୟନକାରୀ ।

**Brinish**, *a.* ଲୁଣିଆ, ଲୁଣା, ଲବଣଯୁକ୍ତ । [କିଳିକିଟ୍ୟ ।

**Brink**, *n.* 1. ଧାର; 2. ତୀର, କୂଳ, କିନାର; 3. ସନ୍ନିଧାନ,

**Briny**, *a.* ଲୁଣିଆ, ସାମୁଦ୍ରିକ ।

**Brisk**, *a.* 1. ଚପଳ, ଚଞ୍ଚଳ, କ୍ଷିପ୍ର, ସ୍ଫୂର୍ତ୍ତିଯୁକ୍ତ, ସତେଜ; 2. ବୁଦ୍‌ବୁଦ୍‌ଯୁକ୍ତ, କଡା ।—*v.t.* ଉତ୍ତେଜିତ-କ, ସତେଜ-କ । —*v.i.* ଚପଳ-ହେ, ଚଞ୍ଚଳ-ହେ, ସତର୍କ-ହେ, often with *up*.

**Brisket**, *n.* ପଶୁ ଛାତିର ଅଂଶ । [ସତେଜରେ ।

**Briskly**, *ad.* ଚପଳଭାବେ, କ୍ଷିପ୍ରଭାବେ, ଚଞ୍ଚଳସ୍ୱଭାବେ,

**Briskness**, *n.* ଚପଳତା, କ୍ଷିପ୍ରତା, ସ୍ଫୂର୍ତ୍ତି, ତେଜ ।

**Bristle**, *n.* 1. ଘୁଷୁରି ପିଠିର ଟାଣ ବାଳ, ଶୂକର ପୃଷ୍ଠର ସ୍ଥୂଳ ଲୋମ; 2. ଟାଣ ବାଳ, ସ୍ଥୂଳ ଲୋମ ।—*v.t.* 1. ଟାଣ ବାଳ ପରି ଠିଆ କରାଇବାର; 2. ଟାଣ ବାଳଯୁକ୍ତ-କ, କ୍ରୋଧରେ ଠିଆ କରାଇବାର; 3. ଟାଣ ବାଳପୂର୍ଣ୍ଣ-କ; 4. ଉତ୍ତେଜିତ-କ, ।—*v.i.* 1. ଟାଣ ବାଳ ପରି ଠିଆ-ହେ; 2. କ୍ରୋଧରେ ବା ଉଦ୍‌ବେଗରେ ରୋମାଞ୍ଚିତ-ହେ, କ୍ରୋଧ ପ୍ରକାଶ-କ; 3. ପୂର୍ଣ୍ଣ-ହେ ।

**Bristled, bristly**, *a.* ଟାଣ ବାଳଯୁକ୍ତ, ସ୍ଥୂଳ ଲୋମଯୁକ୍ତ, ଟାଣ ଦାଢିଯୁକ୍ତ, ଟାଁସା ।

**Bristliness**, *n.* ଟାଁସାପଣ ।

**Bristol-diamond**, *n.* ବ୍ରିଷ୍ଟଲ ନଗରସମୀପସ୍ଥ ପର୍ବତରେ ଉତ୍ପନ୍ନ ସ୍ଫଟିକ ବିଶେଷ, ପାହାଡିଆ ସ୍ଫଟିକ ।

**Britain**, *n.* ଇଂଲଣ୍ଡାଦି ଦେଶର ପ୍ରାଚୀନ ନାମ ।

**Britannic**, *a.* ଇଂଲଣ୍ଡ ଆଦି ଦେଶୀୟ ।

**British**, *a.* ଇଂଲଣ୍ଡ ଆଦି ଦେଶୀୟ ବା ଦେଶବାସୀସମ୍ବନ୍ଧୀୟ ।—*n. pl.* 1. ଇଂଲଣ୍ଡ ଆଦି ଦେଶୀୟ ଲୋକମାନେ; 2. ଇଂଲଣ୍ଡ ଦେଶର ପ୍ରାଚୀନ ଭାଷା ।

**Briton**, *n.* ଇଂଲଣ୍ଡ ଆଦି ଦେଶର ଲୋକ, ଇଂରେଜ ଲୋକ ।

**Brittle**, *a.* ମସ୍ୟା, ଭଙ୍ଗୁର, ଭଞ୍ଜନଶୀଳ, ଭଙ୍ଗଶୀଳ ।

**Brittleness**, *n.* ଭଙ୍ଗୁରତା, ଭଙ୍ଗଶୀଳତା ।

**Broach**, *n.* 1. ଶଲାକା ପରି କେତେକ ପଦାର୍ଥର ନାମ; 2. ଉର୍ଦ୍ଧର ବିଶେଷ; 3. କଣ୍ଟାଳି ବିଶେଷ; 4. ଘଣ୍ଟର କଳା; 5. ଚାଳିର କଣ୍ଟା; 6. ଚୂଡା; 7. ଖୋଲିବା କଳ ବିଶେଷ, ବ୍ରୋଚ୍ ।—*v.t.* 1. ବାହାର କରିବା ପାଇଁ ଛିଦ୍ର-କ, ବାହାର କରି ନେବା ନିମନ୍ତେ ପ୍ରଥମେ ଖୋଲିବାର; 2. କଥାବାର୍ତ୍ତା ବା ତର୍କ ନିମନ୍ତେ ଉପସ୍ଥିତ-କ, ପ୍ରଥମେ କହିବାର, ଆରମ୍ଭ-କ, ପ୍ରକାଶ-କ ।

**Broacher**, *n.* ପ୍ରଥମ ପ୍ରକାଶକ, ବ୍ୟକ୍ତକର୍ତ୍ତା ।

**Broad**, *a.* 1. ଚୌଡା, ପ୍ରଶସ୍ତ; 2. ବିସ୍ତୃତ, ପ୍ରସାରିତ, ପରସ୍ତ; 3. ବ୍ୟାପକ, ଉଦାର, ମହାଶୟ; 4. ସମ୍ପୂର୍ଣ୍ଣ; 5. ମୋଟା ସ୍ୱରରେ ଉଚ୍ଚାରିତ; 6. ସ୍ପଷ୍ଟ; 7. ଅଶିଷ୍ଟ, କୁତ୍ସିତ ।—broad arrow, ସରକାରଙ୍କ ପଦାର୍ଥ ଉପରେ ଥିବା ତୀରଫଳାକାର ଚିହ୍ନ ।

**Broad-brim**, *n.* 1. ଚୌଡା ଧାରଯୁକ୍ତ ଟୋପି; 2. କ୍ୱେକର୍ ନାମକ ମତାବଲମ୍ବୀ ।

**Broad-cast**, *v.t.* 1. ଚାରିଆଡେ ବୁଣିବାର; 2. ବହୁଳଭାବେ ପ୍ରଚାର-କ ।—*n.* ବିସ୍ତୃତଭାବେ ବୀଜ ବପନ ।—*a.* ଚାରିଆଡେ କ୍ଷିପ୍ତ ।—*ad.* ବିସ୍ତାରିତଭାବେ, ଚାରିଆଡେ ।

**Broad-cloth**, *n.* ପଶମିବସ୍ତ୍ର ବିଶେଷ, ବନାତ ବିଶେଷ ।

**Broaden**, *v.t.* 1. ଚୌଡା-କ, ପ୍ରଶସ୍ତ-କ, ଚୌଡା ବୃଦ୍ଧି-କ, ଅଧିକ ବିସ୍ତୃତ ବା ପରସ୍ତ-କ; 2. ଉଦାର-କ ।—*v.i.* ଚୌଡା-ହେ, ପରସ୍ତ-ହେ ।

**Broadly**, *ad.* 1. ପ୍ରଶସ୍ତଭାବେ, ବିସ୍ତୀର୍ଣ୍ଣଭାବେ; 2. ସ୍ପଷ୍ଟଭାବେ, ସମ୍ପୂର୍ଣ୍ଣଭାବେ ।

**Broadness**, *n.* ଚୌଡା, ଓସାର, ପ୍ରସ୍ଥ, ପ୍ରସାର ।

**Broadside**, *n.* 1. ଜଳ ଉପରସ୍ଥ ଜାହାଜର ଏକ ପାର୍ଶ୍ୱ; 2. ଯୁଦ୍ଧ ଜାହାଜର ଏକ ପାଖରେ ଥିବା ତୋପ ସବୁର ଏକ କାଳୀନ ନିକ୍ଷେପ; 3. ଗାଳିବର୍ଷଣ; 4. ଏକ ପୃଷ୍ଠା ମୁଦ୍ରିତ କାଗଜ, ବଡ କାଗଜର ଏକତା ।

**Broadsword**, *n.* ଚୌଡା ତରବାରି ବା ଖଣ୍ଡା ।

**Brocade**, *n.* ବୁଟାଦାର ରେଶମ ବସ୍ତ୍ର, କିଂଖାପ ।

**Brocaded**, *a.* ବୁଟାଦାର ।

**Brocage, brokage**, *n.* ଦଲାଲର ଭଡା ।

**Broccoli**, *n.* ଫୁଲକୋବି ବିଶେଷ ।

**Brochure**, *n.* ପୁସ୍ତିକା, କ୍ଷୁଦ୍ର ବହି ।

**Brocket**, *n.* ଦ୍ୱିବର୍ଷୀୟ ଲାଲ ହରିଣ ।

**Brogue**, *n.* 1. କଞ୍ଚା ଚମଡାରେ ପ୍ରସ୍ତୁତ ପାଦୁକା, ମୋଟ ଜୋତା; 2. ଗ୍ରାମ୍ୟ ଭାଷା, ଗାଉଁଲି ଉଚ୍ଚାରଣ, ଅଶୁଦ୍ଧ ଉଚ୍ଚାରଣ ।

**Broider**, *v.t.* ବୁଟା-କ, ବୁଟାର କଢାଇ କର୍ମ-କ ।

**Broidery**, *n.* see **Embroidery**.

**Broil**, *n.* କଳି, କଳହ, ଝଗଡା, ଗଣ୍ଡଗୋଳ ।

**Broil**, *v.t.* ସେକିବାର, ପୋଡିବାର ।—*v.i.* 1. ତତା-ହେ, ଉତ୍ତପ୍ତ-ହେ; 2. କ୍ରୋଧରେ ଜ୍ୱଳିବାର, ଉଦ୍‌ବେଗରେ ଉତ୍ତପ୍ତ-ହେ ।—*n.* 1. ତତା ପଦାର୍ଥ; 2. ଟାଣ ଗରମ ।

**Broiler**, *n.* 1. ସେକିବା ଲୋକ; 2. ମାଂସ ସେକିବା ହାଣ୍ଡି ।

Broke, *v.i.* ଦଲାଲି-କ ।
Broke, *pret. of* Break.
Broken, *a.* 1. ଭଙ୍ଗା, ଭଗ୍ନ, ଖଣ୍ଡିତ; 2. ଦୁର୍ବଳୀକୃତ, ଦୁର୍ବଳ; 3. ନତ, ନମ୍ର, ଚୂର୍ଣ୍ଣ; 4. ବଶୀଭୂତ; 5. ଦେଉଳିଆଗ୍ରସ୍ତ; 6. ଉଲ୍ଲଙ୍ଘିତ; 7. ଅସଂଲଗ୍ନ, ଅସମାପ୍ତ; 8. ଛନ୍ନଛନ୍ନ; 9. ଅସମାନ, ଉଗଡା ।— broken in, ମଣ କସ, ଶିକ୍ଷିତ ।
Broken-down, *a.* 1. ଖଣ୍ଡଖଣ୍ଡକୃତ, ନଷ୍ଟ; 2. ଦରିଦ୍ରତାପ୍ରାପ୍ତ, କଙ୍ଗାଳକୃତ ।
Broken-hearted, *a.* ଭଗ୍ନହୃଦୟ, ମ୍ଳାନମନ ।
Brokenly, *ad.* କ୍ରମରହିତରୂପେ ।
Brokenness, *n.* ଭଗ୍ନତା, ଭଗ୍ନାବସ୍ଥା ।
Broken-wind, *n.* ଘୋଡାର ଶ୍ୱାସରୋଗ ।
Broker, *n.* 1. ଦଲାଲ, ଅନ୍ୟର କର୍ମନିର୍ବାହକ, ଗୁମାସ୍ତା, ଘଟକ; 2. ବନ୍ଧକୀ ମହାଜନ; 3. ଖଜଣା ନିମନ୍ତେ କୋରକ ସମ୍ପତ୍ତିର ମୂଲ୍ୟ ନିର୍ଦ୍ଧାରକ । [ଭଡା ।
Brokerage, brokage, *n.* 1. ଦଲାଲି; 2. ଦଲାଲର
Broking, *n.* ଦଲାଲି ।
Bronchial, *a.* ଶ୍ୱାସନଳିସମ୍ବନ୍ଧୀୟ ।
Bronchitis, *n.* ଶ୍ୱାସନଳିର ପ୍ରଦାହ ।
Bronchocele, *n.* ଗଳଗଣ୍ଡ, ଗଣ୍ଡମାଳା ।
Bronchotomy, *n.* ଫୁସ୍ଫୁସରେ ପ୍ରବେଶାର୍ଥେ ଓ ବାହାରୁ ନିର୍ଗମନାର୍ଥେ ଶ୍ୱାସନଳିର ଛେଦକରଣ ।
Bronchus, *pl.* bronchi, *n.* ଶ୍ୱାସନଳି ।
Bronze, *n.* 1. ତମ୍ବା ଓ ଦସ୍ତାଦି ମିଶ୍ରିତ ଧାତୁ ବିଶେଷ, ପିତଳ ଜାତୀୟ ଧାତୁ ବିଶେଷ; 2. ଉକ୍ତ ଧାତୁର ନକଲ ରଙ୍ଗ; 3. ଉକ୍ତ ଧାତୁନିର୍ମିତ ମୂର୍ତ୍ତି ଆଦି ।— *v.t.* 1. ପୂର୍ବୋକ୍ତ ଧାତୁ ତୁଲ୍ୟ ତାମ୍ରବର୍ଣ୍ଣ-କ; 2. ସୂର୍ଯ୍ୟ ଉତ୍ତାପରେ (ଚର୍ମ) ତାମ୍ରବର୍ଣ୍ଣ-କ ।
Bronzed, *p. a.* 1. ଉପରୋକ୍ତ ଧାତୁର ତୁଲ୍ୟକୃତ; 2. ତାମ୍ରବର୍ଣ୍ଣ, ସୂର୍ଯ୍ୟ ତାପରେ ଦଗ୍ଧ ।
Brooch, *n.* ଶୋଭକ ବନ୍ଧନୀ ବିଶେଷ, ଧାତୁନିର୍ମିତ ପିନ୍‌ଯୁକ୍ତ ଅଳଙ୍କାର ବିଶେଷ, ବ୍ରୋଚ୍ ।
Brood, *n.* 1. ଏକାଥରକେ ଫୁଟିବା ପକ୍ଷିଛୁଆ ସବୁ, ଛୁଆଦଳ, ଶାବକସମୂହ; 2. ସନ୍ତାନସମୂହ, ଦଳ, ବଂଶ ।—*v.i.* 1. ଡିମ୍ବ ଉପରେ ବସିବାର, ଡିମ୍ବ ଉଷ୍ମାଇବାର, ଛୁଆ ଉପରେ ବସିବାର, ଡେଣା ମେଲାଇ ବସିବାର, ଘୋଡାଇ ବସିବାର; 2. ନିବିଷ୍ଟ-ହେ, ସର୍ବକାଳ ଧ୍ୟାନ-କ, ଚିନ୍ତିତ ଓ ଭାବିତ-ହେ, followed by *over* or *on.*—*v.t.* 1. ଉପରେ ବସିବାର; 2. ଯତ୍ନରେ ପାଳନ-କ ।
Broody, *a.* କୁଡୁକ ।
Brook, *n.* ନଦ, କ୍ଷୁଦ୍ରନଦୀ ।
Brook, *v.t.* ସହିବାର, ସହ୍ୟ-କ, ବରଦାସ୍ତ-କ ।
Brooklet, *n* ସାନ ସ୍ରୋତ, କ୍ଷୁଦ୍ର ସ୍ରୋତ ।
Broom, *n.* 1. ଗୁଳ୍ମ ବିଶେଷ; 2. ଝାଡୁ, ପହଁସ, ସମ୍ମାର୍ଜ୍ଜନୀ, ବଢ଼ଣୀ । [ମୁଠା ।
Broomstick, broomstaff, *n.* ଝାଡୁବେଣ୍ଟ, ପହଁସ-
Brose, *n*, ଖାଦ୍ୟ ବିଶେଷ ।
Broth, *n.* ସୁରୁଆ, ମାଂସର ଝୋଲ, ଜୂଷ, ଯୂଷ, ଅଣ ।
Brothel, *n.* କସବୀଘର, ବେଶ୍ୟାଘର ।
Brother, *n. pl.* brothers and brethren, 1. ଭାଇ, ଭ୍ରାତା, ଭ୍ରାତୃ, ସହୋଦର; 2. ଅନ୍ତରଙ୍ଗ, ସଙ୍ଗୀ, ସହପ୍ରାଣୀ, ସଜାତି ପ୍ରାଣୀ; 3. ଏକ ମତାବଲମ୍ବୀ, କୌଣସି ଧର୍ମମତର ସଭ୍ୟ, brethren is now used only in the wider meanings of the word.
Brotherhood, *n.* 1. ଭ୍ରାତୃତ୍ୱ, ଭାଇପଣ; 2. ଭ୍ରାତୃଭାବ; 3. ଭ୍ରାତୃବର୍ଗ, ସଜାତି ବା ସମବ୍ୟବସାୟୀ ଲୋକସମୂହ, ସଭ୍ୟମାନେ ।
Brother-in-law, *n.* 1. wife's brother, ଶଳା; 2. husband's elder brother, ଦେଢ଼ଶୁର; 3. husband's younger brother, ଦେବର, ଦିଅର; 4. sister's husband, ଭିଣୋଇ; 5. husband's sister's husband, ନଣନ୍ଦେଇ; 6. wife's sister's husband, ଶଢ଼ୁ ।
Brotherless, *a.* ଭ୍ରାତୃହୀନ ।
Brotherliness, *n.* ଭ୍ରାତୃତ୍ୱ, ଭ୍ରାତୃଭାବ ।
Brotherly, *a.* ଭ୍ରାତୃତୁଲ୍ୟ, ଭ୍ରାତୃବତ୍, ଭ୍ରାତୃଯୋଗ୍ୟ, ଭ୍ରାତୀୟ, ପ୍ରେମୀ, ସ୍ନେହପୂର୍ଣ୍ଣ ।
Brought, *pret.* and *past p.* of Bring.
Brow, *n.* 1. ଭ୍ରୂ, ଭ୍ରୂଲତା, କପାଳ, ଲଲାଟ; 2. ଉପର ଧାର, ଗାଲ୍ଲ ପ୍ରଦେଶର ଧାର, ଶିଖର ।
Browbeat, *v.t.* ଭ୍ରୂକୁଟୀ ଦ୍ୱାରା ଭୟ ଦେଖାଇବାର, ଗର୍ବିତ କଥାରେ ଧମକାଇବାର । [ଲିଅ ।
Browbeater, *n.* ଯେ ଗର୍ବିତ କଥାରେ ଧମକାଏ, ବଢ-
Brown, *a.* ମାଟିଆରଙ୍ଗ, କପିଶବର୍ଣ୍ଣ, ତାମ୍ରବର୍ଣ୍ଣ ।— *n.* ମାଟିଆ ରଙ୍ଗ, ତାମ୍ର ବର୍ଣ୍ଣ ।— *v.t.* ମାଟିଆରଙ୍ଗ-କ, କପିଶବର୍ଣ୍ଣ-କ, ତାମ୍ରବର୍ଣ୍ଣ-କ ।
Brownie, *n.* କାଳ୍ପନିକ ଭଲ ପରୀ ।
Browning *n.* 1. ମାଟିଆରଙ୍ଗକରଣ, ତାମ୍ରବର୍ଣ୍ଣକରଣ; 2. ତାମ୍ରବର୍ଣ୍ଣ କରିବା ଉପାଦାନ, ରନ୍ଧା ଦ୍ରବ୍ୟାଦିରେ ରଙ୍ଗ ଦେବା ମସଲାଦିର ମିଶ୍ରଣ ।
Brownish, *a.* ଈଷତ୍ ତାମ୍ରବର୍ଣ୍ଣ ।
Brownness, *n.* ତାମ୍ରବର୍ଣ୍ଣମୟତା ।
Brown-study, *n.* ଅନ୍ତର୍ଧ୍ୟାନ, ଧ୍ୟାନଯୋଗ ।
Browse, *v.t.* ଚରାଇବାର ।— *v.i.* ଚରିବାର, ଡାଳପତ୍ର ଖାଇବାର ।—*n.* ଡାଳପତ୍ର, ଚର ।
Bruin, *n.* ଭାଲୁର ନାମ ।
Bruise, *v.t.* 1. ପେଷଣ-କ, ଛେଚିବାର, କୁଟିବାର; 2. ଅଘାତ-କ, ଘୋଟ ମାରିବାର, ଚେପା-କ; 3. କ୍ଲେଶ-ଦେ ।— *v.i.* ମୁଷ୍ଟିଯୁଦ୍ଧ-କ, ଘୁଷାଘୁଷି ଖେଳିବାର ।— *n.* ଘୋଟ, ଅଘାତ, ଦାଗ । [ଯନ୍ତ୍ର ।
Bruiser, *n.* 1. ଅଘାତକାରୀ, ମୁଷ୍ଟିଯୋଦ୍ଧା; 2. ପେଷକ-
Bruit, *n.* 1. ଜନରବ; 2. ଉଚ୍ଚ ଶବ୍ଦ, ଗଣ୍ଡଗୋଳ; 3. ହୃତ୍ପିଣ୍ଡର ଶବ୍ଦ ।— *v.t.* ରଟନା-କ, ଜନରବ-କ, ଢାଣ୍ଟ-କ ।
Brumal, *a.* ଶୀତକାଳୀନ, ହେମନ୍ତ ।
Brunnette *n.* ଈଷତ୍ ତାମ୍ରବର୍ଣ୍ଣା ସ୍ତ୍ରୀ, ଶ୍ୟାମା ।।

**Brunt**, *n.* ପ୍ରଚଣ୍ଡତା, ଘାତ ।

**Brush**, *n.* 1. ବ୍ରସ୍; 2. ତୁଳୀ; 3. ଲାଙ୍ଗୁଡ଼, ଶୃଗାଳପୁଚ୍ଛ; 4. ବନ୍ୟ ବୃକ୍ଷାଦିସମୂହ; 5. କୋଷଶ୍ରେଣୀର ଗୁଚ୍ଛ ।—*v.t.* 1. ବ୍ରସ୍ ବ୍ୟବହାର-କ, ବ୍ରସ୍ ଦ୍ୱାରା ସଫା-କ, ଝାଡ଼ିବାର; 2. ତୁଳୀ ବ୍ୟବହାର-କ, ତୁଳୀ ଦ୍ୱାରା ରଞ୍ଜ-କ; 3. ମୃଦୁଭାବେ ଘର୍ଷଣ-କ; 4. ଦୂର-କ ।—*v.i.* ଶୀଘ୍ର ଓ ଲଘୁ ଗତିରେ-ଯା ।—to brush aside, ବଳରେ ଦୂର-କ ।

**Brushwood**, *n.* 1. ବନ୍ୟ ବୃକ୍ଷାଦିସମୂହ, ଝାଟି, ଜଙ୍ଗଲ; 2. ବୃକ୍ଷର କଟା ଡାଳ ସବୁ ।

**Brushy**, *a.* 1. ବ୍ରସ୍ ପରି, ତୁଳିବତ୍; 2. ଝାଙ୍କୁଡ଼ା, ଲୋମଶ ।

**Brusque**, *a.* ଅସଭ୍ୟ, ଅଶିଷ୍ଟ, ବେଅଡ଼ା ।

**Brusquely**, *ad.* ଅସଭ୍ୟରୂପେ, ବେଅଡ଼ାରୂପେ ।

**Brusqueness**, *n.* ଅସଭ୍ୟତା, ବେଅଡ଼ାଭାବ । [ଦୁରନ୍ତ ।

**Brutal**, *a.* ପଶୁବତ୍, ପାଶବ, ନିର୍ଦ୍ଦୟ, କ୍ରୂର, କଠୋର,

**Brutality**, brutishness, *n.* 1. ପଶୁବତ୍ ଗୁଣ, ପଶୁତ୍ୱ, ଅମନୁଷ୍ୟତା, କ୍ରୂରତା, କଠୋରତା; 2. କଠୋର କାର୍ଯ୍ୟ ।

**Brutalize**, *v.t.* ପଶୁବତ୍-କ, ନିର୍ଦ୍ଦୟ କରାଇବାର, କଠୋର କରାଇବାର ।—*v.i.* ପଶୁବତ୍-ହୋ ।

**Brutally**, *ad.* ପଶୁଭାବରେ, କଠୋରରୂପେ, ନିର୍ଦ୍ଦୟରୂପେ ।

**Brute**, *a.* 1. ନିର୍ବୋଧ, ବୁଦ୍ଧିରହିତ, ବୁଦ୍ଧିହୀନ; 2. ପଶୁବତ୍, ଅସଭ୍ୟ, ଇନ୍ଦ୍ରିୟପରାୟଣ, କ୍ରୂର; 3. ଅଚେତନ, ଭୌତିକ ।—*n.* 1. ପଶୁ, ବୁଦ୍ଧିହୀନ ଜନ୍ତୁ; 2. ପଶୁବତ୍ ବ୍ୟକ୍ତି, କଠୋର ଲୋକ, ଦୁରନ୍ତ ମନୁଷ୍ୟ, ଅସଭ୍ୟ ବ୍ୟକ୍ତି ।

**Brutify**, *v.t.* ପଶୁବତ୍-କ, ବୁଦ୍ଧିହୀନ-କ, ନିର୍ଦ୍ଦୟ କରାଇବାର, କଠୋର କରାଇବାର ।

**Brutish**, *a.* ପଶୁବତ୍, ଇନ୍ଦ୍ରିୟାସକ୍ତ, ନିର୍ବୋଧ, ନିର୍ଦ୍ଦୟ, କଠୋର, କ୍ରୂର, ଦୁରନ୍ତ । [ରୂପେ ।

**Brutishly**, *ad.*, ପଶୁଭାବରେ, ନିର୍ବୋଧରୂପେ, କଠୋର-

**Bryony**, *n.* ଶମ୍ୱଅଲ୍ ଜାତୀୟ ଲତା ବିଶେଷ ।

**Bubble**, *n.* 1. ପାଣିଫୋଟକା, ଜଳବିମ୍ବ, ବୁଦ୍‌ବୁଦ୍; 2. ବୁଦ୍‌ବୁଦ୍ ଶବ୍ଦ; 3. ବୃଥା କଳ୍ପନା, ଅସାର ବସ୍ତୁ ବା ବିଷୟ, ପ୍ରବଞ୍ଚନା ।—*v.i.* 1. ବୁଦ୍‌ବୁଦ୍ ହୋଇ ଉଠିବାର, ବିମ୍ବ ଉଠିବାର; 2. କଳକଳ ଶବ୍ଦରେ ବହି ଯିବାର ।—*v.t.* 1. ବୁଦ୍‌ବୁଦ୍ ଉଠାଇବାର; 2. ବୁଦ୍‌ବୁଦ୍‌ପରି ଶବ୍ଦ-କ; 3. ପ୍ରତାରଣା-କ ।

**Bubbly**, *a.* ବୁଦ୍‌ବୁଦ୍‌ପୂର୍ଣ୍ଣ, ବୁଦ୍‌ବୁଦ୍‌ଯୁକ୍ତ ।

**Bubo**, *n.* କାଖଗୋଳି, ବାଘୀ, ଜଙ୍ଗା ।

**Buccaneer**, bucanier, ସମୁଦ୍ର ଡକାଇତ ।

**Buck**, *n.* 1. ଲୁଗା ଧୋଇବାର କ୍ଷାର ପାଣି; 2. କ୍ଷାରରେ ଧୁଆ ଲୁଗା ।—*v.t.* 1. କ୍ଷାର ପାଣିରେ ଧୋଇବାର; 2. ଖୁଞ୍ଚି ଗୁଣ୍ଡି-କ ।

**Buck**, *n.* 1. କେତେକ ପଶୁର ପୁଂଲିଙ୍ଗବାଚକ ନାମ, ଯଥା,—ଅଣ୍ଡିରା ଛାଗଳ, ଠେକୁଆ ଆଦିର ନାମ; 2. ଫୁଲବାବୁ ।—*v.t.* ହରିଣ ବା ଠେକୁଆ ଆଦିର ସଙ୍ଗମ-କ ।—*v.i.* ପିଠି ଉଠାଇ ଓ ମୁଣ୍ଡ ନୁଆଁଇ ହଠାତ୍ କୁଦି ଉଠିବାର ।

**Bucket**, *n.* ବାଲ୍ଟି ।

**Bucketful**, *n.* ବାଲ୍ଟିର ପରିମାଣ ।

**Buckish**, *a.* 1. ଫୁଲବାବୁବତ୍; 2. ଅଣ୍ଡିରା ଛାଗଳ ପରି, ଦୁର୍ଗନ୍ଧ ।

**Buckle**, *n.* ବକ୍‌ଲସ୍, ବନ୍ଧନୀ ବିଶେଷ ।—*v.t.* 1. ବକ୍‌ଲସ୍ ଲଗାଇବାର; 2. ଉଦ୍ୟୋଗପୂର୍ବକ ଲଗାଇବାର; 3. ଆବଦ୍ଧ-କ; 4. ବକ୍ର-କ, ଗୁଡ଼ାଇବାର ।—*v.i.* ଉଦ୍ୟୋଗପୂର୍ବକ ପ୍ରବୃତ୍ତ-ହୋ, followed by *to*.

**Buckler**, *n.* କ୍ଷୁଦ୍ର ଢାଲବିଶେଷ ।

**Buckram**, *n.* ମଣ୍ଡ ବା କଳପ ଦିଆ ବସ୍ତ୍ର ବିଶେଷ ।—*a.* ଅନୁଆଁ, ଠିକ୍, ଯଥାନୁସାରୀ ।

**Buck-shot**, *n.* ବଡ଼ ଛରରା ବିଶେଷ । [ପାଇଜାମା ।

**Buckskin**, *n.* 1. ମେଷଚର୍ମ; 2. *pl.* ମେଷଚର୍ମନିର୍ମିତ

**Buckthorn**, *n.* କଣ୍ଟାବୃକ୍ଷ ବିଶେଷ ।

**Bucolic**, *a.* ପଶୁପାଳକସମ୍ବନ୍ଧୀୟ, ଗ୍ରାମ୍ୟ ।—*n.* 1. ଗ୍ରାମ୍ୟ କାବ୍ୟ; 2. ଗ୍ରାମ୍ୟ ଲୋକ, ଚଷା ।

**Bud**, *n.* 1. କଳି, ମୁକୁଳ, ଅଙ୍କୁର, କୋରକ; 2. ମୁକୁଳିତାବସ୍ଥା; 3. କଳି ପରି ବୃଦ୍ଧି ।—*v.i.* 1. କଳି ବାହାରିବାର, ମୁକୁଳିତ-ହୋ, ବିକଶିତ-ହୋ; 2. ଗଜା-ହୋ, ଅଙ୍କୁରିତ-ହୋ ।—*v.t.* କଳି ଦ୍ୱାରା କଲମ ବସାଇବାର ।

**Buddhism**, *n.* ବୌଦ୍ଧମତ ।

**Budding**, *n.* କଳି ଦ୍ୱାରା କଲମ ବସାଇବା କୌଶଳ ।

**Budge**, *v.t.* ଘୁଞ୍ଚାଇବାର ।—*v.i.* ଉଠି ଯିବାର, ଘୁଞ୍ଚି ଯିବାର ।

**Budget**, *n.* 1. ଥଳିଆ ଓ ଥଳିଆସ୍ଥିତ ଦ୍ରବ୍ୟ, ପୁଟୁଳା; 2. ଦେଶର ଆୟବ୍ୟୟର ବାର୍ଷିକ ଫର୍ଦ୍ଦ ।

**Budlet**, *n.* କ୍ଷୁଦ୍ର କଳି ।

**Buff**, *n.* 1. ମହିଷିର ଚର୍ମ, ଗୋଚର୍ମ; 2. ଈଷତ୍ ପୀତ ବର୍ଣ୍ଣ ।—*a.* 1. ମହିଷିଚର୍ମନିର୍ମିତ; 2. ଈଷତ୍ ପୀତବର୍ଣ୍ଣ ।

**Buffalo**, *n.* ମଇଁଷି, ମହିଷ, for plowing, ଦୋଡ଼, young male, ଶଣ୍ଢା ।

**Buffer**, *n.* ଧକ୍କାର ବଳ ଊଣା କରିବା ଯନ୍ତ୍ର ବିଶେଷ ।

**Buffer**, *n.* (vulgar), ଲୋକଟା ।

**Buffet**, *n.* 1. ବାସନାଦି ରଖିବା ଆଧାର ବିଶେଷ; 2. ଜଳପାନର ସ୍ଥାନ, ପ୍ରକାଶ୍ୟ ଜଳଖିଆ ସ୍ଥାନ ।

**Buffet**, *n.* ଚାପୁଡ଼ା, ମୁଷ୍ଟି, ଘୁଷା, ବିଧା, ଆଘାତ ।—*v.t.* 1. ଚାପୁଡ଼ା ମାରିବାର, ଘୁଷା ମାରିବାର, ବିଧା ମାରିବାର; 2. ପ୍ରତିଘାତ-କ; 3. ପ୍ରତିଘାତ ଦ୍ୱାରା ଫିଟାଇବାର ।—*v.i.* 1. ଚାପୁଡ଼ା ମାରିବାର, ଘୁଷି ମାରିବାର; 2. ଘୁଷା ମାରି ଆଗ ବଢ଼ି ଯିବାର ।

**Buffoon**, *n.* ଭଣ୍ଡ, ମସ୍କରା, ବହୁରୂପୀ, ନକଲିଆ ।—*v.i.* ଭଣ୍ଡ-ହୋ, ମସ୍କରା-ହୋ, ବହୁରୂପୀ-ହୋ ।

**Buffoonery**, *n.* ଭଣ୍ଡାମି, ମସ୍କରାମି ।

**Buffoonish**, *a.* ଭଣ୍ଡପରି ।

**Bug**, *n.* (ଭୂତ), 1. ଓଡ଼ଶ, ଖଟମଲ, ଛାରପୋକ; 2. ନାନାଜାତୀୟ ପୋକର ନାମ ।

**Bugbear**, *n.* କଳ୍ପିତ ଭୟର ହେତୁ, ତ୍ରାସଜନକ ବିଷୟ ।

**Buggy**, *a.* ଓଡ଼ଶପୂର୍ଣ୍ଣ ।

**Buggy**, *n.* ଦୁଇ ଚକିଆ ଗାଡ଼ି ବିଶେଷ ।

**Bugle, buglehorn**, *n.* ଶିକାରୀ ଶିଙ୍ଗା, ରଣଶିଙ୍ଗା, ପିତ୍ତଳନିର୍ମିତ ରଣତୂରୀ ।

**Bugle**, *n.* କୃଷ୍ଣବର୍ଣ୍ଣ କାଚର ଲମ୍ବ ମାଳା ।

**Bugler**, *n.* ଶିଙ୍ଗାବାଦ୍ୟକାରୀ, ରଣଶିଙ୍ଗା ବାଦ୍ୟକାରୀ ।

**Buhl**, *n.* *bool*, ଖଚିତ କାର୍ଯ୍ୟ, କାମରେ ଅଲଙ୍କୃତ କର୍ଣାରେ ପ୍ରସ୍ତୁତ ପିତ୍ତଳାଦି, ଉକ୍ତ ପିତ୍ତଳାଦିରେ ଜଡ଼ିତ ଦ୍ରବ୍ୟ ।

**Build**, *v.t.* 1. ବନାଇବାର, ଗଠନ-କ, ନିର୍ମାଣ-କ; 2. ସ୍ଥାପନ-କ; 3. ସବଳ-କ, ଦୃଢ଼-କ ।—*v.i.* 1. ରାଜମିସ୍ତ୍ରୀ-କର୍ମ-କ, ଗୃହ ନିର୍ମାଣ-କ; 2. ଅବଲମ୍ବନ-କ, ଆଶ୍ରୟ-ନେ ।—*n.* ଗଢ଼ଣ, ଗଠନ, ଆକୃତି ।

**Builder**, *n.* ଘର ନିର୍ମାଣକର୍ତ୍ତା, ରାଜମିସ୍ତ୍ରୀ, ନିର୍ମାତା ।

**Building**, *n.* 1. ଗୃହ, ଘର, କୋଠା, ଅଟ୍ଟାଳିକା; 2. ରାଜମିସ୍ତ୍ରୀ କର୍ମ, ଗଠନ ।

**Built**, *a.* ନିର୍ମିତ, ଗଠିତ ।

**Bulb**, *n.* ଗୋଲାକାର ମୂଳ, ଗୋଲମୂଳ, ଯଥା,—ପିଆଜ ଆଦି ।—*v.i.* ଗୋଲମୂଳ-ହେ ।

**Bulbed**, *a.* ଗୋଲମୂଳଯୁକ୍ତ ।

**Bulbous**, *a.* 1. ଗୋଲମୂଳସମ୍ବନ୍ଧୀୟ; 2. ଗୋଲମୂଳବତ୍, ଫୁଲା ।

**Bulbul**, *n.* ବୁଲବୁଲ ।

**Bulge** *n.* 1. ଉଚ୍ଚ ମଧ୍ୟଭାଗ; 2. ଜାହାଜର ବ୍ୟାସ ।—*v.t.* ଫୁଲାଇ ଉଠାଇବାର ।—*v.i.* ଫୁଲି ଉଠିବାର ।

**Bulimia, bulimy**, *n.* ଅସୁସ୍ଥତା ହେତୁ ଅତିଶୟ କ୍ଷୁଧା ।

**Bulk**, *n.* 1. ସ୍ଥୂଳତା, ବୃହତ୍ତ୍ୱ, ଆୟତନ, ପରିମାଣ; 2. ମୋଟ, /ଅଧିକାଂଶ, ପ୍ରଧାନ ଅଂଶ; 3. ଜାହାଜର ବୋଝାଇ, ଜାହାଜ ଭିତରର ବୋଝାଇ ସ୍ଥାନ; 4. ଶରୀର, ଗଣ୍ଡି ।—*v.i.* ବୃଦ୍ଧି-ହେ, ଫୁଲିବାର, ବଡ଼ ଦେଖା ଯିବାର, ଗୁରୁତର ଦେଖା ଯିବାର ।

**Bulk-head**, *n.* ଜାହାଜର ଖୋଳରେ ଥିବା ବ୍ୟବଧାନ ।

**Bulky**, *a.* ବୃହତ୍, ଭାରି, ସ୍ଥୂଳ, ପ୍ରକାଣ୍ଡ ।

**Bull**, *n.* 1. ଗୋଜାତୀୟ ଅଣ୍ଡିରା ପଶୁ, ଷଣ୍ଢ, ପୁଂଗବ, ବୃଷ; 2. ଅଣ୍ଡିରା ତିମିମତ୍ସ୍ୟ, ଅଣ୍ଡିରା ହାତୀ ଆଦି; 3. ସର୍କାରୀ (କମ୍ପାନି) କାଗଜର ମୂଲ୍ୟବୃଦ୍ଧି ଚେଷ୍ଟାକାରୀ ଲୋକ; 4. ବୃଷରାଶି; 5. ନିଶାଣର ମଧ୍ୟଚିହ୍ନ ।

**Bull**, *n.* ପୋପଙ୍କ ଆଜ୍ଞାପତ୍ର ।

**Bull**, *n.* ହାସ୍ୟାସ୍ପଦ ଭୁଲ, ବାହାରେ ସଙ୍ଗତ କିନ୍ତୁ ପ୍ରକୃତରେ ଅସଙ୍ଗତ କଥା ।

**Bull-baiting**, *n.* ଷଣ୍ଢ ଓ କୁକ୍କୁରର ଲଢ଼ାଇ ।

**Bull-calf**, *n.* 1. ଅଣ୍ଡିରା ବାଛୁରି; 2. ମୂର୍ଖ ।

**Bull-dog**, *n.* ଦୁରନ୍ତ ଓ ସାହସୀ କୁକ୍କୁର ବିଶେଷ, ପୂର୍ବକାଳରେ ଷଣ୍ଢ ସଙ୍ଗେ ଲଢ଼ିବା କୁକ୍କୁର ।

**Bullet**, *n.* ଗୋଳି, ସୀସା ଆଦି ଧାତୁର ଗୋଳି ।

**Bulletin**, *n.* ସାଧାରଣ ଘଟଣାର ସର୍କାରୀ ସମାଚାରପତ୍ର, ବଡ଼ ଲୋକର ସ୍ୱାସ୍ଥ୍ୟବିଷୟକ ସମାଚାରପତ୍ର ।—*v.t.* ସମାଚାର ପତ୍ର ଦ୍ୱାରା ଜଣାଇବାର ।

**Bullet-mould**, *n.* ଗୋଳିଛାଞ୍ଚ ।

**Bullet-proof**, *a.* ଗୋଳି ଦ୍ୱାରା ଅଭେଦ୍ୟ ।

**Bullfinch**, *n.* ଗାନକାରୀ ରଂଗିତ ପକ୍ଷୀ ବିଶେଷ ।

**Bull-frog**, *n.* ବ୍ରାହ୍ମଣୀବେଙ୍ଗ ।

**Bull-head**, *n.* 1. ମତ୍ସ୍ୟ ବିଶେଷ; 2. ମୂର୍ଖ ।

**Bullion**, *n.* 1. ଅମୁଦ୍ରିତ ସୁନା ବା ରୂପା ଖଣ୍ଡ, ରୂପା ଥାନ; 2. ଖାଣ୍ଟି ସୁନା, ସ୍ଥଲିତ ଗୁଣ ।

**Bullock**, *n.* ବଳଦ, ବଳୀବର୍ଦ୍ଦ ।

**Bulls-eye**, *n.* 1. ଗବାକ୍ଷ, ଜାହାଜର ପାର୍ଶ୍ୱସ୍ଥ ମୋଟା କାଚର ଗବାକ୍ଷ; 2. କୁବ୍ଜ କାଚଯୁକ୍ତ ଲଣ୍ଠନ ବିଶେଷ; 3. ଲକ୍ଷ୍ୟ, ନିଶାଣ ଚିହ୍ନର ମଧ୍ୟଭାଗ; 4. ଲକ୍ଷ୍ୟଭେଦ ।

**Bully**, *n.* ଗଣ୍ଡଗୋଳିଆ, କନ୍ଦଳିଆ, ମିଥ୍ୟାସାହସୀ ଓ ଦାମ୍ଭିକ ଲୋକ ।—*v.t.* 1. ତର୍ଜ୍ଜନଗର୍ଜ୍ଜନରେ ଭୟ ଦେଖାଇବାର, ଧମକାଇବାର; 2. ଧମକ ଦ୍ୱାରା ବାଧ୍ୟ କରାଇବାର ।—*v.i.* ଗଣ୍ଡଗୋଳିଆ-ହେ, କନ୍ଦଳିଆ-ହେ, ଦାମ୍ଭିକ-ହେ ।

**Bulrush**, *n.* ବାସବଳ ।

**Bulwark**, *n.* 1. ମୁରୁଚା, ଦୁର୍ଗ, ପାଚେରି; 2. ଜାହାଜର ପାର୍ଶ୍ୱସ୍ଥିତ ମୁରୁଚା; 3. ରକ୍ଷାର ଉପାୟ ।—*v.t.* ମୁରୁଚା ଦ୍ୱାରା ରକ୍ଷା-କ, ପାଚେରି ଦ୍ୱାରା ରକ୍ଷା-କ, ରକ୍ଷା-କ ।

**Bum**, *v.i.* ଉଣ୍ ଶବ୍ଦ-କ, ଗୁଣ୍ ଶବ୍ଦ-କ ।

**Bumbailiff**, *n.* ନାଏବ ନାଜର ।

**Bumble-bee**, *n.* ବଡ଼ ମହୁମାଛି ବିଶେଷ ।

**Bumbledom**, *n.* ପଦର ବଡ଼ାଇ ଓ ଅପାରଗତା ।

**Bumboat**, *n.* ଜାହାଜକୁ ଆହାର୍ଯ୍ୟ ଯୋଗାଇବା କ୍ଷୁଦ୍ର ନୌକା ।

**Bump**, *n.* 1. ଗୁରୁ ଆଘାତ, ଧକ୍କା, ଆଘାତର ଶବ୍ଦ; 2. ଫୁଲା, ସ୍ଫୀତ, ଉଚ୍ଚଭାଗ ।—*v.i.* ଧକ୍କା ବାଜିବାର ।—*v.t.* ଗୁରୁ ଆଘାତ-କ, ବାଜିବାର ।

**Bumper**, *n.* ପୂର୍ଣ୍ଣପାତ୍ର ।

**Bumpkin**, *n.* ଅନାଡ଼ି, ମୂର୍ଖ, ଅସଭ୍ୟ ବା ଗ୍ରାମ୍ୟ ଲୋକ, ଚଷା ।

**Bumptious**, *a.* ଆତ୍ମଗରିମାସୂଚକ, ଦାମ୍ଭିକ, କନ୍ଦଳିଆ ।

**Bumptiousness**, *n.* ଆତ୍ମଗରିମା, ଆତ୍ମବଡ଼ାଇ, ଦାମ୍ଭିକତା ।

**Bun**, *n.* ପିଠା ବିଶେଷ, ମିଷ୍ଟ ରୁଟୀ ବିଶେଷ ।

**Bunch**, *n.* 1. କୁଜ; 2. ଗୁଚ୍ଛ, ସ୍ତବକ, ଥୋପା, ପେଣ୍ଡା, କାନ୍ଦି, ଲେନ୍ଥା ।—*v.i.* 1. କୁଜ-ହେ; 2. ଗୁଚ୍ଛବଦ୍ଧ-ହେ ।—*v.t.* ଗୁଚ୍ଛ-କ ।

**Bunchy**, *a.* 1. ଗୁଚ୍ଛବଦ୍ଧ, ଗୁଚ୍ଛମୟ, ସ୍ତବକଯୁକ୍ତ; 2. କୁବ୍ଜ ।

**Bundle**, *n.* ଗଣ୍ଠିଲି, ପୁଟୁଳି, ବିଡ଼ା, ବୋଝ, ପୁଡ଼ିଆ, ବୋକଚା ।—*v.t.* 1. ଗଣ୍ଠିଲି ବାନ୍ଧିବାର, ବିଡ଼ା ବାନ୍ଧିବାର, ପୁଡ଼ିଆ ବାନ୍ଧିବାର, often followed by *up*; 2. ହଠାତ୍ ବିଦାୟ ଦେ, ତରବରରେ ବିଦାୟ-ଦେ, often with *off* or *out*.—*v.i.* ତରବରରେ ବାହାରି ଯିବାର, often with *off*.

**Bung**, *n.* ବଡ଼ ଠିପି; ପିପାର ଠିପି ।—*v.t.* ଠିପିରେ ବନ୍ଦ-କ, ବନ୍ଦ-କ ।

**Bungalow**, *n.* ବଙ୍ଗଳା ।

**Bung-hole**, *n.* ପିପାର ଛିଦ୍ର ।

**Bungle**, *v.i.* ଅନାଡ଼ୀରୂପେ କର୍ମ-କର ।—*v.t.* 1. ବଦଳି ଚାଲି-ଦେ; 2. ଅନାଡ଼ୀରୂପେ-କର, ଅନାଡ଼ୀରୂପେ ଚଳାଇବାର ।—*n.* ଅନାଡ଼ୀ କାର୍ଯ୍ୟ, ବଡ଼ ଭୁଲ, ଅନାଡ଼ୀରୂପେ କାର୍ଯ୍ୟସମ୍ପାଦନ ।

**Bungler**, *n.* ଅନାଡ଼ୀ, ଅପଟୁ ଲୋକ, ଅନାଡ଼ୀରୂପେ କାର୍ଯ୍ୟସମ୍ପାଦକ ।

**Bungling**, *a.* ଅନାଡ଼ୀ, ଅନିପୁଣଭାବେ ସମ୍ପନ୍ନ ।

**Bunglingly**, *ad.* ଅନାଡ଼ୀରୂପେ, ଅନିପୁଣଭାବେ, ଅପଟୁରୂପେ ।

**Bunk**, *n.* ଦେବସରେ ବସିବା ଆସନ ଯାହା କ ରାତ୍ରିରେ ଶୟନଶଯ୍ୟା ହୁଏ, ଜାହାଜ ଆଦିରେ ସଙ୍କୀର୍ଣ୍ଣ ଶୋଇବା ସ୍ଥାନ ।—*v.i.* ପୂର୍ବୋକ୍ତ ସ୍ଥାନରେ ଶୋଇବାର, ଶୋଇବାର ।

**Bunker**, *n.* 1. ବଡ଼ ସିନ୍ଦୁକ ବିଶେଷ; 2. ଜାହାଜର କୋଇଲା ଆଧାର ।

**Bunkum**, buncombe, *n.* କଥାମାତ୍ର, ବାଗାଡ଼ମ୍ବର ।

**Bunting**, *n.* କେତେକ ଜାତି ପକ୍ଷିର ନାମ ।

**Bunting**, buntine, *n.* ପତାକାର ସୂକ୍ଷ୍ମ ଊର୍ଣ୍ଣାବସ୍ତ୍ର, ପତାକାସମୂହ । [ଉପମାଂସ ।

**Bunyon**, bunion, *n.* ପାଦର ବୃଦ୍ଧାଙ୍ଗୁଷ୍ଠର ଗଣ୍ଠି ବା

**Buoy**, *n.* 1. ଜାହାଜର ପଥ ଦର୍ଶନାର୍ଥେ ଭାସମାନ ପଦାର୍ଥ, ବୟାଁ; 2. ପାଣିରେ ମନୁଷ୍ୟଙ୍କୁ ଭସାଇ ରଖିବା କୌଶଳ ।—*v.t.* 1. ଭସାଇ ରଖିବାର, ଭାସମାନ ରଖିବାର; 2. ବହନ-କର, ନିର୍ଭରସାରୁ ଧରି ରଖିବାର; 3. ବୟାଁ ସ୍ଥାପନ-କର ।—*v.i.* ଭାସିବାର ।

**Buoyancy**, *n.* 1. ଭାସମାନତ୍ୱ, ଭସାଇବା କ୍ଷମତା; 2. ହର୍ଷଚିତ୍ତତା, ପ୍ରଫୁଲ୍ଲତା, ଆଶାପୂର୍ଣ୍ଣତା ।

**Buoyant**, *a.* 1. ଭାସମାନ, ପ୍ଳବନଶୀଳ, ହାଲୁକା; 2. ଉଲ୍ଲାସିତ, ପ୍ରଫୁଲ୍ଲିତ ।

**Buoyantly**, *ad.* 1. ଭାସମାନରୂପେ, ହାଲୁକାରୂପେ; 2. ପ୍ରଫୁଲ୍ଲରୂପେ ।

**Bur**, *n.* 1. ବୃକ୍ଷର କଣ୍ଟକମୟ ବୀଜକୋଷ; 2. ଗଣ୍ଠି; 3. ଗୁଳ୍ମଗଛ ବିଶେଷ, ଶାଲପର୍ଣ୍ଣୀ, ଓକଡ଼ାଫଳ; 4. ଶ୍ଳେଷ୍ମ; 5. ବୃକକ୍ ।

**Bur**, *n.* ଚନ୍ଦ୍ରାଦି ବେଷ୍ଟକ ମଣ୍ଡଳ ।

**Burbot**, *n.* ମତ୍ସ୍ୟ ବିଶେଷ ।

**Burden**, burthen, *n.* 1. ବୋଝ, ଭାର; 2. ଜାହାଜର ଆୟତନ, ଜାହାଜର ବୋଝାଇ ବା ମାଲ; 3. ଯାହା କଷ୍ଟଦାୟକ, ଚିନ୍ତାର ବିଷୟ; 4. ଘୋଷା; 5. ମୁଖ୍ୟ ପ୍ରସଙ୍ଗ; 6. ଭବିଷ୍ୟୋକ୍ତି ।—*v.t.* 1. ବୋଝାଇ-କର, ଭାର-ଦେ; 2. ଭାରଗ୍ରସ୍ତ-କର ।

**Burdensome**, *a.* ଦୁର୍ବହ, ଭାରଯୁକ୍ତ, କଷ୍ଟକର, ଭାରି ।

**Burdensomely**, *ad.* ଦୁର୍ବହରୂପେ, କଷ୍ଟକରରୂପେ ।

**Burdock**, *n.* କଣ୍ଟକ ଗୁଳ୍ମଗଛ ବିଶେଷ ।

**Bureau**, *pl.* bureaux or bureaus, *bū-rō* (French), 1. ଡ୍ରୟରଯୁକ୍ତ ଲେଖିବା ଟେବଲବିଶେଷ; 2. ଅଦାଲତ, କଚେରି; 3. ସର୍କାରୀ କାର୍ଯ୍ୟବିଭାଗ; 4. ଲୁଗା ଆଦି ରଖିବାକୁ ଥାକଯୁକ୍ତ ଦେରାଜ ବିଶେଷ ।

**Bureaucracy**, *n.* 1. ଯହିଁର ପ୍ରତି ବିଭାଗରେ ଜଣେ ସ୍ୱତନ୍ତ୍ର ଅଧ୍ୟକ୍ଷ ଥାଏ ଏରୂପ ରାଜ୍ୟର ଶାସନପ୍ରଣାଳୀ; 2. ସର୍କାରୀ ଅଧ୍ୟକ୍ଷସମୂହ ।

**Burganet**, burgonet, *n.* ପୂର୍ବକାଳୀନ ମୁଖାଯୁକ୍ତ ଯୁଦ୍ଧଟୋପି ବିଶେଷ ।

**Burgess**, *n.* 1. ବିଶେଷ ଅଧିକାରପ୍ରାପ୍ତ ନଗରବାସୀ; 2. ପାର୍ଲିଆମେଣ୍ଟ ମହାସଭାରେ ସ୍ୱାୟତ୍ତଶାସିତ ନଗରର ପ୍ରତିନିଧି; 3. କୌଣସି ନଗରର ମୌଜଦାରୀ ବିଚାରକର୍ତ୍ତା ।

**Burgh**, burg, *n.* see Borough.

**Burgher**, *n.* ବିଶେଷ ଅଧିକାରପ୍ରାପ୍ତ ନଗରବାସୀ, ସ୍ୱାୟତ୍ତଶାସିତ ନଗରବାସୀ, ନଗରର ସାମାଜିକ ଲୋକ ।

**Burglar**, *n.* ସିନ୍ଧିଚୋର ।

**Burglarious**, *a.* ସିନ୍ଧିଚୋରବିଷୟକ ।

**Burglariously**, *ad.* ସିନ୍ଧିଚୋରରୂପେ, ସିନ୍ଧିଚୋର ଅଭିପ୍ରାୟରେ ।

**Burglary**, *n.* ସିନ୍ଧିଚୋର ।

**Burgle**, *v.i.* (colloquial) ସିନ୍ଧିଚୋର-କର ।

**Burgomaster**, *n.* ହଲଣ୍ଡ ଓ ଜର୍ମନ୍ ଦେଶୀୟ ନଗରର ପ୍ରଧାନ ବିଚାରପତି, ନଗରାଧ୍ୟକ୍ଷ ।

**Burial**, *n.* ସମାଧି କାର୍ଯ୍ୟ, ସମାଧି, କବର, ଅନ୍ତ୍ୟେଷ୍ଟିକ୍ରିୟା ।

**Buried**, *a.* 1. କବରପ୍ରାପ୍ତ, ଭୂମିରେ ଗୁପ୍ତ; 2. ଗୁପ୍ତ, ଆଚ୍ଛାଦିତ ।

**Burin**, *n.* ଧାତୁ ଆଦି ଖୋଳିବା ଅସ୍ତ୍ର ବିଶେଷ, ତକ୍ଷଣାସ୍ତ୍ର ।

**Burke**, *v.t.* 1. ଶ୍ୱାସରୋଧକରି ବଧ-କର; 2. ଗୋପନ-କର, ଘୋଡ଼ାଇ ପକାଇବାର, ଗୁପ୍ତ ଉପାୟରେ ପରିତ୍ୟାଗ-କର ।

**Burlesque**, *a.* ପରିହାସଜନକ, ହାସ୍ୟକର ।—*n.* ପ୍ରହସନ, ଅତିରଞ୍ଜିତ ହାସ୍ୟୋତ୍ପାଦକ ଗ୍ରନ୍ଥ, ଉପହାସଜନକ ଅନୁକୃତି, ପରିହାସ, ବ୍ୟଙ୍ଗ, ଭଣ୍ଡ ବିପର୍ଯ୍ୟୟ ।—*v.t.* ଉପହାସରେ ପରିଣତ-କର, ଅନୁକୃତି ଦ୍ୱାରା ଉପହାସ-କର, ବ୍ୟଙ୍ଗ-କର ।

**Burletta**, *n.* ପ୍ରହସନ ।

**Burliness**, *n.* ସ୍ଥୂଳତା ।

**Burly**, *a.* ମୋଟା, ସ୍ଥୂଳକାୟ, ସ୍ଥୂଳ, ପ୍ରକାଣ୍ଡ ।

**Burn**, *v.t.* 1. ପୋଡ଼ିବାର, ଦହନ-କର, ଦଗ୍ଧ-କର; 2. ଜ୍ୱଳାଇବାର ।—*v.i.* 1. ଜ୍ୱଳିବାର, ପ୍ରଜ୍ୱଳିତ-ହେ, ଗରମ-ହେ; 2. ଉତ୍ତେଜିତ-ହେ, ଉତ୍ତପ୍ତ-ହେ ।—*n.* ଜ୍ୱାଳା, ପୋଡ଼ା ଘା, ଦଗ୍ଧକ୍ଷତ ।

**Burn**, *n.* ନଦୀ, ସ୍ରୋତ ।

**Burnable**, *a.* ଦହନୀୟ ।

**Burner**, *n.* 1. ଦାହକ; 2. ଦାହବର୍ତ୍ତିକା ।

**Burning**, *a.* 1. ଉତ୍ତପ୍ତ, ପ୍ରଜ୍ୱଳିତ, ଜ୍ୱଳନ୍ତା, ଦହନକାରୀ; 2. ଉତ୍ତେଜକ, ଉଦ୍ଦୀପକ, ପ୍ରଖର ।

**Burning-glass**, *n.* ସୂର୍ଯ୍ୟକିରଣ କେନ୍ଦ୍ରୀଭୂତ କରିବା ଦ୍ୱାରା ଉତ୍ତାପ ଉତ୍ପାଦନକାରୀ କାଚ ।

**Burnish**, *v.t.* ଝଲ୍ସା-କର, ଚିକ୍କଣ-କର, ଉଜ୍ଜ୍ୱଳ-କର ।—*v.i.* ଚିକ୍କଣ-ହେ, ଉଜ୍ଜ୍ୱଳ-ହୋ—*n.* ଝଲ୍ସା, ଉଜ୍ଜ୍ୱଳତା, ତେଜ ।

**Burnisher**, *n.* ଯେ ବା ଯାହା ଝଲ୍ସା କରେ, ଝଲ୍ସାକର, ମାର୍ଜକ, ସିକଲକର ।

**Burnt**, *n.* ପୋଡା, ଦଗ୍ଧ ।
**Burnt-offering**, *n.* ହୋମବଳି ।
**Burr**, *n.* ର ଅକ୍ଷରର କର୍କଶ କଣ୍ଠୋଚ୍ଚାରଣ ।—*v.t. and i.* ଉପରୋକ୍ତ ଉଚ୍ଚାରଣରେ କହିବାର ।
**Burr, bur**, *n.* କୌଣସି ଧାତୁପାତ୍ରର ବାହାର ଖଣ୍ଡ ଥିବା ଅସମାନ ଧାର, ପଦାର୍ଥରେ ଖୋଦିବା ଅସ୍ତ୍ରରେ ଲୁଚ ଠିଆ ଧାର ।
**Burrow**, *n.* ଗାତ, ଗର୍ତ୍ତ ।—*v.i.* 1. ଗାତ ଖୋଳିବାର, ଗର୍ତ୍ତ-କ ; 2. ଗର୍ତ୍ତରେ ବାସ-କ, ଲୁଚି ରହିବାର ।—*v.t.* ସୁଡଙ୍ଗ-କ, ଖନନ-କ ।
**Burrower**, *n.* ଗର୍ତ୍ତବାସୀ ଜନ୍ତୁ, ଗର୍ତ୍ତବାସୀ ଜନ୍ତୁ ।
**Bursar**, *n.* 1. ବିଦ୍ୟାଳୟାଦିର ଧନାଧ୍ୟକ୍ଷ ; 2. ବୃତ୍ତିଭୋଗୀ ଛାତ୍ର ।
**Bursary**, *n.* ବୃତ୍ତି ।
**Burst**, *v.i.* 1. ଫୁଟିବାର, ଫାଟିବାର ; 2. ଜୋରରେ ବାହାରିବାର, ଜୋରରେ ବା ଅକସ୍ମାତ୍ ଆସିବାର, (କ୍ରୋଧରେ) ପରିପୂର୍ଣ୍ଣ-ହେ ।—*v.t.* ବଳପୂର୍ବକ ଭଗ୍ନ-କ, ଫଟାଇବାର, ଭାଙ୍ଗି ପକାଇବାର ।—to burst forth, ହଠାତ୍ ଦେଖାଦେବାର । to burst into tears, ହଠାତ୍ ରୋଦନ-କ । to burst out laughing, ଠୋ ଠୋ କରି ହସିବାର ।—*n.* ଆକସ୍ମିକ ନିର୍ଗମନ, ସ୍ଫୋଟନ ।
**Bury**, *v.t.* 1. କବର-ଦେ, ସମାଧି-ଦେ, ମାଟି-ଦେ, 2. ଘୋଡାଇବାର, ଲୁଚାଇବାର, ଆଚ୍ଛାଦିତ-କ ; 3. ମଗ୍ନ-କ ।
**Bush**, *n.* 1. ବୁଦା, ଗୁଳ୍ମ ; 2. ବୁଦାବନ, ବଣ, ଜଙ୍ଗଲ ।—*v.i.* ବୁଦାବନରେ ଆବୃତ-ହେ, ଘନ-ହେ ।—*v.t.* 1. ରକ୍ଷା-ଦେ ; 2. ରକ୍ଷାପ୍ରଣାଳୀ ବଢା ବ୍ୟବହାର-କ ।—good wine needs no bush, ଭଲ ଦ୍ରବ୍ୟର ବିଜ୍ଞାପନ ପ୍ରୟୋଜନ ନୁହେ ।
**Bushel**, *n.* ଶସ୍ୟର ମାପ ବିଶେଷ, ପ୍ରାୟ ୩୨ ସେର ।
**Bushman**, *n.* ଅରଣ୍ୟବାସୀ, ବନବାସୀ । [ଜାତିବିଶେଷ ।
**Bush-ranger**, *n.* ଅଷ୍ଟ୍ରେଲିଆ ଦେଶରେ ବନବାସୀ
**Bushy**, *a.* ପତ୍ରଳିଆ, ଘନ, ନିବିଡ, ଶାଖାମୟ, ବୁଦାପୂର୍ଣ୍ଣ ।
**Busily**, *ad.* ପରିଶ୍ରମରୂପେ, କର୍ମଶୀଳରୂପେ, ମନୋଯୋଗପୂର୍ବକ, ବ୍ୟସ୍ତରୂପେ, ନିବିଷ୍ଟରୂପେ ।
**Business**, *n.* 1. ବ୍ୟବସାୟ, ବେପାର, ବାଣିଜ୍ୟ, ମହାଜନୀ, କାର୍ଯ୍ୟ, କାରବାର ; 2. ବିଷୟ ; 3. ସମ୍ପର୍କ, କର୍ତ୍ତବ୍ୟକର୍ମ ।—to mean business, ଆନ୍ତରିକ-ହେ ।—*a.* ବ୍ୟବସାୟସମ୍ବନ୍ଧୀୟ, ବ୍ୟବସାୟୀ ।
**Busk**, *n.* ସ୍ତ୍ରୀମାନଙ୍କ ପରିଧେୟ କାଞ୍ଚଳୀର କଠଖଣ୍ଡ ।
**Buskin**, *n.* 1. ଜୋତା ବିଶେଷ ; 2. ଗ୍ରୀସଦେଶୀୟ ନାଟ୍ୟକାରର ଜୋତା ବିଶେଷ ।
**Buss**, *n.* ଚୁମ୍ବନ ।—*v.t.* and *i.* ଚୁମ୍ବନ-ଦେ, ଚୁମ୍ବନ-କ ।
**Buss**, *n.* ଦ୍ୱିମାସ୍ତୁଲର ମାଛୁଆ ଡଙ୍ଗା ।
**Bust**, *n.* 1. ସ୍ତନ ; 2. ମୁଣ୍ଡଠାରୁ ସ୍ତନ ପର୍ଯ୍ୟନ୍ତ ମନୁଷ୍ୟର ମୂର୍ତ୍ତି, ପୂର୍ବାର୍ଦ୍ଧମୂର୍ତ୍ତି ।
**Bustard**, *n.* ବଡ ବନ୍ୟପକ୍ଷୀ ବିଶେଷ ।
**Bustle**, *v.i.* 1. ବ୍ୟସ୍ତ-ହେ, ଲଣ୍ଡଭଣ୍ଡ-ହେ, ସତ୍ୱର-ହେ ; 2. ଗୋଳମାଳ-କ ।—*v.t.* ଲଣ୍ଡଭଣ୍ଡରେ ଚଳାଇବାର ।—*n.* ବ୍ୟସ୍ତତା, ଲଣ୍ଡଭଣ୍ଡ, ଧୂମ୍‌ଧାମ୍, ତରତର ।
**Bustler**, *n.* ଚଟପଟିଆ, ଚପଳପ୍ରକୃତି ଲୋକ, ସତ୍ୱର ବ୍ୟକ୍ତି ।
**Busy**, *a.* 1. କର୍ମରେ ରତ, ବ୍ୟାପୃତ, ନିବିଷ୍ଟ, ପରିଶ୍ରମୀ, ବ୍ୟସ୍ତ ; 2. ଅବିରତ କର୍ମଶୀଳ ; 3. ଅନ୍ୟବିଷୟରେ ଚର୍ଚ୍ଚାକାରୀ ; 4. କାର୍ଯ୍ୟପୂର୍ଣ୍ଣ ।—*v.t.* ବ୍ୟସ୍ତ-କ, ରତ-କ, used chiefly with refl. pro. [ଚର୍ଚ୍ଚକ ।
**Busy-body**, *n.* ଅନ୍ୟବିଷୟର ଚର୍ଚ୍ଚାକାରୀ ଲୋକ, ପରବିଷୟ
**But**, *ad.* କେବଳ ।—*prep.* ବିନା, ଛଡା, ବିନୁ, ବ୍ୟତିରେକେ ।—*conj.* 1. କିନ୍ତୁ, ମାତ୍ର ; 2. ତଥାପି, ତଥାଚ, ତେବେହେଁ ; 3. ଅଥ, ପୁଣି ; 4. ଯେ ; 5. ରୁ, ଠାରୁ ।—but for, ଯେବେ ନ ହୁଅନ୍ତା ।
**Butcher**, *n.* 1. କଷାଇ ; 2. ରକ୍ତପିପାସାତୁର ଲୋକ ।—*v.t.* 1. (ପଶୁ) ମାରିବାର ; 2. ନିଷ୍ଠୁରରୂପେ ବଧ-କ ।
**Butcher-bird**, *n.* ପକ୍ଷୀ ବିଶେଷ ଯେ ନିଜ ଆହାର ନିମନ୍ତେ କୀଟ ଓ କ୍ଷୁଦ୍ର ଜନ୍ତୁ ଆଦି କଣ୍ଟାରେ ଗୋଡ଼ି ରଖେ ।
**Butchery**, *n.* 1. କଷାଇ ବ୍ୟବସାୟ ; 2. କଷାଇଘର ; 3. ହତ୍ୟା, ସଂହାର ।
**Butler**, *n.* ପାନପାତ୍ରବାହକ, ଖାନ୍‌ସମା ।
**Butment**, *n.* ଖିଲାଣର ଶେଷଭାଗର ଦୃଢ ଅବଲମ୍ବ ।
**Butt**, *n.* 1. କୌଣସି ଦ୍ରବ୍ୟର ଶେଷ ମୋଟ ଭାଗ ; 2. ଲକ୍ଷ୍ୟ, ଚିହ୍ନ ; 3. ଉପହାସାସ୍ପଦ ; 4. ସୀମା ।
**Butt**, *n.* ବଡ ପିପା ।
**Butt**, *v.t.* ମେଣ୍ଢାପରି ମୁଣ୍ଡିଆ ମାରିବାର, ଢାଇ ମାରିବାର, ମୁଣ୍ଡିଆ ମାରି ତଡ-ଦେ ।—*v.i.* 1. ଢାଇ ମାରିବାର ; 2. ଶେଷଭାଗରେ ଲାଗି ଥିବାର, ବାହାରି ପଡିବାର ।—*n.* ମୁଣ୍ଡର ଆଘାତ, ମୁଣ୍ଡ ଦ୍ୱାରା ଧକ୍କା ।
**Butter**, *n.* ଲହୁଣି, ନବଣି, ମକ୍ଖନ, ନବନୀତ ।—*v.t.* 1. ଲହୁଣି ଦ୍ୱାରା ଲେପନ-କ, ମକ୍ଖନରେ ଲେପିବାର ; 2. ଅତିଶୟ ଖୋଶାମୋଦ-କ ।
**Buttercup**, *n.* ବନ୍ୟର ପୀତବର୍ଣ୍ଣ ପୁଷ୍ପ ବିଶେଷ ।
**Butterfly**, *n.* 1. ପ୍ରଜାପତି ; 2. ରଙ୍ଗିଆ ଲୋକ, ଛଟକା ।
**Buttermilk**, *n.* ଦହି, ଘୋଳଦହି, ଘୋଳ ତକ୍ର ।
**Butter-print**, *n.* ମକ୍ଖନରେ ଛାପ ବସାଇବା ନିମନ୍ତେ ଖୋଦିତ କାଷ୍ଠ । [ବିଶେଷ ।
**Butter-scotch**, *n.* ମକ୍ଖନ ଓ ଚିନି ମିଶ୍ରିତ ମିଠାଇ
**Buttery**, *n.* ମଦ୍ୟ ଓ ଖାଦ୍ୟର ଅଗାର, କୌଣସି ବିଦ୍ୟାଳୟରେ ଜଳଖିଆ ବିକି ହେବା କୋଠରୀ ।—*a.* ଲବଣି ସଦୃଶ, ଲବଣୀୟ ।
**Buttock**, *n.* ପିଚ୍ଛ, ନିତମ୍ବ, କଟିପଶ୍ଚାଦ୍ଭାଗ ।
**Button**, *n.* 1. ଘୁଣ୍ଡି, ବୋତାମ ; 2.ଖିଲିବ ଆଦି ବନ୍ଦ କରିବା ସାନ ଛିଟକିଣି ବିଶେଷ ; 3. *pl.* used as *s.* ସ୍ୱଳ୍ପର ଟୋକା ।—*v.t.* 1. ଘୁଣ୍ଡି ବା ବୋତାମ ଲଗାଇବାର ; 2. ବୋତାମ ଦ୍ୱାରା ଲଗାଇବାର, ବନ୍ଦ-କ ।—*v.i.* ବୋତାମ ଦ୍ୱାରା ବନ୍ଦ-ହେ ।
**Button-hole**, *n.* 1. ଘୁଣ୍ଡିଘର, ବୋତାମଘର, କାଜ ; 2. ବୋତାମଘରେ ଲଗା ହୋଇ ଥିବା ଫୁଲ ।—*v.t.* 1. ବୋତାମଘର-କ ; 2. ଅଟକାଇ କଥାବାର୍ତ୍ତା-କ ।

**Button-hook**, *n.* ବୋତାମ ଲଗାଇବା ଅଙ୍କୁଶୀ ।

**Buttress**, *n.* ବାହାରର ଠେସ, ସ୍ତମ୍ଭ, ଅବଲମ୍ବ ।—*v.t.* ଠେସ-ଦେ, ଅବଲମ୍ବ-ଦେ, ଠେକ-ଦେ ।

**Buxom**, *a.* ପ୍ରଫୁଲ୍ଲବଦନା, ସୁରୂପା, ଚପଳା, ଅମୋଦା, ହୃଷ୍ଟା, said of women. [ରୂପେ ।

**Buxomly**, *ad.* ପ୍ରଫୁଲ୍ଲରୂପେ, ଚପଳରୂପେ, ସତେଜ-

**Buy**, *v.t.* 1. କିଣିବାର, କ୍ରୟ-କ; 2. ଲାଭ-କ; 3. ଲାଞ୍ଚ-ଦେ ।—*v.i.* କିଣିବାର, କେତା-ହେ ।—buy in, ଅଧିକାର ଜନ୍ମେ ନିଲାମରେ କ୍ରୟ-କ । buy off, 1. ମୂଲ୍ୟଦାନ ଦ୍ୱାରା ସୈନିକ କାର୍ଯ୍ୟରୁ ମୁକ୍ତ-କ; 2. ଲାଞ୍ଚ ଦେଇ ବିପକ୍ଷତା ଘୁଞ୍ଚାଇବାର । buy over, ଲାଞ୍ଚ ଦେଇଁ ନିଜ ଦଳଭୁକ୍ତ-କ ।

**Buyer**, *n.* କିଣିବା ବ୍ୟକ୍ତି, କେତା, ଗ୍ରାହକ ।

**Buzz**, *v.i.* 1. ଗୁଣଗୁଣ ଶବ୍ଦ-କ; 2. ଫୁସ୍‌ଫୁସ୍ କରି କହିବାର ।—*v.t.* ଫୁସ୍‌ଫୁସ୍ କରି କହିବାର, ଗୁପ୍ତରେ ଜନରବ-କ ।—*n.* 1. ଗୁଣଗୁଣ ଶବ୍ଦ, କୋଳାହଳିଆ କଥୋପକଥନ; 2. ଗୁପ୍ତ ଜନରବ ।

**Buzzard**, *n.* 1. ବାଜ ପକ୍ଷୀ ବିଶେଷ; 2. ମୂର୍ଖ, ନିର୍ବୋଧ ।

**Buzzard-clock**, *n.* ଉଚିଂଡ଼ି ଜାତୀୟ ପୋକ ।

**By**, *prep.* 1. ନିକଟରେ, ପାଖରେ, କଡ଼ରେ, 2. ଦ୍ୱାରା, ଦେଇ, କର୍ତ୍ତୃକ; 3. ରେ, ଠାରେ, ମଧ୍ୟରେ; 4. ଅନୁସାରେ; 5. କ୍ରମଶଃ; 6. ଗୁଣିତକ, as five feet by four; 7. ସମ୍ବନ୍ଧରେ; 8. (ଶପଥରେ) ନାମ ନେଇ, ସାକ୍ଷାତ ମାନି ।—come by, ପାଇବାର, ଅଧିକାର-କ ।—*ad.* 1. ନିକଟେ, ଏକପାଖେ; 2. ଅଲଗାରେ, ପୃଥକ୍‌କରି; 3. ଅତୀତ, ସମାପ୍ତ ।—*a.* ଉପ, ଅନୁ, used in composition, as, by-path, by-play.—by and by, କିଛି କାଳ ଉତ୍ତାରେ, ପଛରେ, ଶୀଘ୍ର, ଅଚିରେ ।

**By, bye**, *n.* ଅବାନ୍ତର କଥା ।—by the by, by the bye, ପ୍ରସଙ୍ଗକ୍ରମେ, ଘଟଣାକ୍ରମେ ।

**By-corner**, *n.* ଗୁପ୍ତ କୋଣ । [ ଦୌଡ଼ ।

**Bye**, *n.* କ୍ରିକେଟ ଖେଳରେ ବେଣ୍ଟ ଅଟକ ନ ହେବା ସମୟର

**By-end**, *n.* ଗୁପ୍ତ ଅଭିପ୍ରାୟ, ସ୍ୱାର୍ଥ ।

**By-gone**, *a.* ଅତୀତ, ଗତ, ଭୂତ ।

**By-gones**, *n. pl.* ଗତ ବିଷୟମାନ, ଗତ ଦୋଷମାନ ।

**By-lane**, *n.* ଦେଉଳଗଳି ।

**By-law**, *n.* ସ୍ଥାନୀୟ ବ୍ୟବସ୍ଥା, ଉପବିଧି, ଅନୁବିଧି ।

**By-name**, *n.* ଉପନାମ, ପଦୁଆ ନାମ, ନିନ୍ଦା ବା ଉପହାସସୂଚକ ନାମ ।

**By-path, by-road, by-way**, *n.* ଉପପଥ, ଗୁପ୍ତପଥ, ଦେଉଳପଥ ।

**By-play**, *n.* ଅନୁନାଟକ, ମୂକାଭିନୟ ।

**By-product**, *n.* ଉପଫଳ ।

**Byre**, *n.* ଗୁହାଳ, ଗୋଶାଳା ।

**Bystander**, *n.* ନିକଟରେ ଠିଆ ହେବା ଲୋକ, ଦର୍ଶକ ।

**By-street**, *n.* ଗୁପ୍ତରାସ୍ତା ।

**By-view**, *n.* ସ୍ୱାର୍ଥ ।

**By-word**, *n.* 1. ଚଳନ୍ତି କଥା, ଢଗ, ପଲିଦି, ଉପକଥା; 2. ନିନ୍ଦାସ୍ପଦ ।

**C**, 1. ଇଂରାଜୀ ବର୍ଣ୍ଣମାଳାର ତୃତୀୟ ଅକ୍ଷର; 2. ରୋମୀୟ ଗଣନାନୁସାରେ ଏକଶତ ।

**Cab**, *n.* ଏବ୍ରୀୟ ପରିମାଣବିଶେଷ, ପ୍ରାୟ ତେର ସେର ।

**Cab, cabriolet**, *n.* ଏକ ଘୋଡ଼ାର ଗାଡ଼ୀ ବିଶେଷ ।

**Cabal**, *n.* 1. ଗୁପ୍ତ ଦଳର କୁମନ୍ତ୍ରଣା, ଦଳର ଗୁପ୍ତ ମନ୍ତ୍ରଣା, ଷଡ଼ଯନ୍ତ୍ର; 2. ଗୁପ୍ତ ମନ୍ତ୍ରଣାକାରୀ ଦଳ; 3. ଗୁପ୍ତ ସଭା ।—*v.t.* ଗୁପ୍ତ ମନ୍ତ୍ରଣା-କ, ଷଡ଼ଯନ୍ତ୍ର-କ ।

**Caballer**, *n.* ଗୁପ୍ତମନ୍ତ୍ରଣାକାରୀ, ଷଡ଼ଯନ୍ତ୍ରକାରୀ ।

**Cabaret**, *n.* ମଦ୍ୟଶାଳା, ଶୁଣ୍ଡିଘର ।

**Cabbage**, *n.* କୋବି, ବନ୍ଧାକୋବି, କପିଶାକ ।

**Cabbage**, *v.t.* ଦରଜିମାନେ ଲୁଗା କାଟି ଚୋର-କ, ଚୋର-କ ।—*n.* ଚୋର ଲୁଗା ବା ପଦାର୍ଥ ।

**Cabbala, cabala**, *n.* ଯିହୁଦୀୟ ଗୂଢ଼ ଶାସ୍ତ୍ର ବା ପରମ୍ପରାଗତ-ଗୁପ୍ତ ବିଦ୍ୟା ।

**Cabbalist**, *n.* ଯିହୁଦୀୟ ଗୁପ୍ତବିଦ୍ୟାବିତ୍ ।

**Cabbalistic, cabbalistical**, *a.* ଯିହୁଦୀୟ ଗୁପ୍ତ ବିଦ୍ୟାସମ୍ବନ୍ଧୀୟ, ଗୂଢ଼ାର୍ଥକ ।

**Cabby**, *n.* ଗାଡ଼ୁଆନର ଉପନାମ ।

**Cabin**, *n.* 1. କୁଡ଼ିଆଘର, ଛୋଟ ଘର; 2. ଜାହାଜ କୋଠରୀ; 3. ଜାହାଜର କୋଠରୀ ।—*v.t.* ସଙ୍କୀର୍ଣ୍ଣ ସ୍ଥାନରେ ରଖିବାର ।

**Cabined**, *a.* ଛୋଟ କୋଠରୀରେ ଆବଦ୍ଧ, ଆବଦ୍ଧ ।

**Cabinet**, *n.* 1. ଛୋଟ କୋଠରୀ; 2. ଭଣ୍ଡାର; 3. ମନ୍ତ୍ରଣାଗୃହ; 4. ରାଜମନ୍ତ୍ରିବର୍ଗ; 5. ମନ୍ତ୍ରିସଭା; 6. ଆଲମିରା ବିଶେଷ ।

**Cabinet-council**, *n.* ମନ୍ତ୍ରିସଭା, ପ୍ରଧାନ ମନ୍ତ୍ରିସଭା ।

**Cabinet-maker**, *n.* ବଢ଼ାଇ ।

**Cable**, *n.* 1. ଜାହାଜ ଲଙ୍ଗରର ମୋଟା ଦଉଡ଼ି ବା ଜଞ୍ଜିର, ମୋଟା, ଲୁହା ତାର ନିର୍ମିତ ଦଉଡ଼ି; 2. ସମୁଦ୍ରସ୍ଥିତ ବୈଦ୍ୟୁତିକ ତାରର ତାର ।—cable-length, ଦୁଇ ଶତ ଗଜର ପରିମାଣ ।—*v.t.* 1. ଦୃଢ଼ରୂପେ ବାନ୍ଧ-କ; 2. ସମୁଦ୍ରସ୍ଥିତ ବୈଦ୍ୟୁତିକ ତାରରେ ଖବର ପଠାଇବାର ।

**Cablegram**, *n.* ସମୁଦ୍ରସ୍ଥିତ ବୈଦ୍ୟୁତିକ ତାରର ଖବର ।

**Cabman**, *n.* ଗାଡ଼ୁଆନ । [ପ୍ରସ୍ତୁତ ହୁଏ ।

**Cacao**, *n.* ବୃକ୍ଷ ବିଶେଷ ଯାହାର ମଞ୍ଜିରୁ cocoa

**Cache**, *n.* ଭକ୍ଷ୍ୟ ଦ୍ରବ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ ଲୁଚାଇ ରଖିବା ସ୍ଥାନ ।—*v.t.* ଭୂମିରେ ଲୁଚାଇ ରଖିବାର, ଲୁଚାଇବାର ।

Cachet, *n.* *kashā*, (French), ମୋହର ବିଶେଷ ।—lettre de cachet, ଗୋପନୀୟ ରାଜପତ୍ର ।

Cachexy, cachexia, *n.* ଶାରୀରିକ ଅସୁସ୍ଥତା ।

Cachinnation, *n.* ଅଟ୍ଟହାସ୍ୟ ।

Cackle, *v.i.* 1. ରାଜହଂସର ଧ୍ୱନି-କ, କୁକ୍କୁଟୀର ନ୍ୟାୟ ଶବ୍ଦ-କ ; 2. ଖରଖର ହସିବାର, ବକ୍‌ବକ୍-କ ।—*n.* 1. ରାଜହଂସର ଧ୍ୱନି, କୁକ୍କୁଟୀର ଶବ୍ଦ ; 2. ବୃଥା ଗଳ୍ପ, ବକ୍‌ବକ୍ ।

Cackler, *n.* 1. ଖରଖର ହେବା କୁକ୍କୁଟୀ ; 2. ଗପୁଆ, ବକୁଆ ।

Cacodemon, *n.* ଭୂତ, ପିଶାଚ ।

Cacoethes, *n.* କୁସ୍ୱଭାବ, କୁବ୍ୟବହାର, କଦଭ୍ୟାସ ।—cacoethes scribendi, ଗ୍ରନ୍ଥ ରଚନା ନିମନ୍ତେ ଅତି ସ୍ପୃହା ।

Cacography, *n.* ବର୍ଣ୍ଣାଶୁଦ୍ଧି, ମନ୍ଦ ଲେଖା । [ବିସ୍ୱର ।

Cacophony, *n.* କୁଶବ୍ଦ, କଟୁଶ୍ରୁତ, ସ୍ୱରର ଅମେଳ,

Cactus, *n.* (*pl.* cactuses or cacti), ନାଗଫେଣିଆ ଜାତୀୟ ଗଛ ।

Cad, *n.* ନୀଚ ଲୋକ, ଅସଭ୍ୟ ଲୋକ ।

Cadastre, *n.* (French), ଦେଶର ଜରିପ୍ ।

Cadastral, *a.* ଜରିପ୍ ମାପସମ୍ବନ୍ଧୀୟ ।

Cadaverous, *a.* ମଡ଼ାପରି, ଶବତୁଲ୍ୟ, ବିବର୍ଣ୍ଣ, ବିକଟ ।

Cadaverously, *ad.* ବିବର୍ଣ୍ଣରୂପେ, ବିକଟରୂପେ ।

Caddice, caddis, *n.* କାଡିସ୍ ନାମକ ମାଛିର ପୋକ ।

Caddice-fly, *n.* କାଡିସ୍ ନାମକ ମାଛି ।

Caddy, *n.* ଚା ପତ୍ର ରଖିବା ଆଧାର ।

Cade, *a.* ପୋଷା, ହାତପୋଷା, ଗୃହପାଳିତ ।

Cadence, *n.* ସ୍ୱରକ୍ଷୟ, ସ୍ୱରପତନ, ପାଠ କରିବା ଛନ୍ଦ, ସୁର୍ ।—*v.t.* ସୁର୍-ଦେ ।

Cadent, *a.* ପତନଶୀଳ ।

Cadet, *n.* 1. ଅନୁଜ ପୁତ୍ର, କନିଷ୍ଠ ସନ୍ତାନ ; 2. ଯୁଦ୍ଧଶିକ୍ଷାନବିଶ୍, ଯୁଦ୍ଧକର୍ମ ଶିକ୍ଷାର୍ଥୀ ।

Cadge, *v.i.* (colloquial), 1. ଫେରିବାଲା କାର୍ଯ୍ୟ-କ; 2. ଭିକ୍ଷା କରି ବୁଲିବାର ।

Cadi, *n.* ତୁର୍କି ଦେଶୀୟ ନଗରକର୍ତ୍ତା, କାଜି । [ଦଣ୍ଡ ।

Caduceus, *n.* ମର୍କୁରି ନାମକ ଦେବର ସର୍ପବେଷ୍ଟିତ ପକ୍ଷଯୁକ୍ତ

Cæcum, cecum, *n.* *pl.* cæca, ଅମୁହାଁ ଅନ୍ତ୍ର ।

Cæsarean, *a.* କାଇସର ନାମକ (ପ୍ରଥମ ରୋମୀୟ) ବାଦଶାହସମ୍ବନ୍ଧୀୟ ।— cæsarean operation, ପ୍ରସବ କରି ନ ପାରିଲେ ଉଦର କାଟି ଶିଶୁ ବାହାରକରଣ, (ପୂର୍ବୋକ୍ତ କାଇସର ଏରୂପ ଜନ୍ମ ହୋଇଥିଲେ) ।

Cæsura, *n.* ଯତି ।

Café, *n.* *kafā*, କାଫିଘର, ଭୋଜନପାନର ଆଲୟ ।

Cage, *n.* 1. ପିଞ୍ଜରା, ପିଞ୍ଜର ; 2. କାରାଗାର ।—*v.t.* ପିଞ୍ଜରାରେ ବନ୍ଦ-କ, ପିଞ୍ଜରବଦ୍ଧ-କ, ରୁଦ୍ଧ-କ ।

Cageling, *n.* ପିଞ୍ଜରାରେ ବନ୍ଦ ପକ୍ଷୀ, ପିଞ୍ଜରବଦ୍ଧ ପକ୍ଷୀ ।

Cairn, *n.* ସ୍ମରଣାର୍ଥକ ପ୍ରସ୍ତର ଖଣି ।

Caisson, *n.* 1. ଗୁଳିବାରୁଦପୂର୍ଣ୍ଣ ସିନ୍ଦୁକ; 2. ଯୁଦ୍ଧସାମଗ୍ରୀର ଗାଡ଼ି ବା ସିନ୍ଦୁକ; 3. ଜଳମଧ୍ୟ ନାବାକୁ ଉଠାଇବା ନିମନ୍ତେ ବାୟୁପୂର୍ଣ୍ଣ ସିନ୍ଦୁକ ବିଶେଷ ; 4. ଗଭୀର ଜଳରେ ମୂଳଦୁଆ ବସାଇବା ନିମନ୍ତେ ଜଳନିବାରକ ସିନ୍ଦୁକ ବିଶେଷ ।

Caitiff, *n.* ଅଧମ ଲୋକ, ନଷ୍ଟୋଳ, ପାଜି ।

Cajole, *v.t.* ମିଠା କଥାରେ ଭୁଲାଇବାର, ଫୁସୁଲାଇବାର, ଫାନ୍ଦରେ ଧରିବାର, ଖୋସାମୋଦ ଦ୍ୱାରା ପ୍ରବଞ୍ଚନା-କ । [ଲୋକ ।

Cajoler, *n.* ଚାଟୁବାଦୀ, ଖୋସାମୋଦକାରୀ, ଫୁସୁଲାଇବା

Cajolery, *n.* ଚାଟୁବାଦ, ଖୋସାମୋଦ, ପ୍ରବଞ୍ଚନା ।

Cake, *n.* 1. ପିଠା, ପିଷ୍ଟକ, ମିଷ୍ଟରୁଟୀ ; 2. ଜମାଟ୍ ପିଣ୍ଡ, ଗୁଳା, ଚକ୍ତି ।—*v.t.* ଜମାଟ୍-କ, ପିଣ୍ଡୀକରଣ-କ ।—*v.i.* ଜମାଟ୍-ହେ, ପିଣ୍ଡୀଭୂତ-ହେ ।

Calabash, *n.* 1. ଲାଉ, ଅଲାବୁ ; 2. ତୁମ୍ବୀ ।

Calamine, *n.* କଞ୍ଚାଦସ୍ତା ।

Calamitous, *a.* ବିପତ୍ତିଜନକ, ଦୁଃଖଦାୟକ, କ୍ଲେଶଦାୟୀ ।

Calamitously, *ad.* ଦୁଃଖଦାୟକରୂପେ, ବିପତ୍ତିଜନକରୂପେ, କ୍ଲେଶକରରୂପେ । [ଦୁଃଖ ।

Calamity, *n.* ଦୁର୍ଘଟଣା, ବିପଦ, ଆପଦ, କ୍ଲେଶ, ଦୁର୍ଦ୍ଦଶା,

Calamus, *n.* 1. ନଳଗଛ ବିଶେଷ, ନଡ଼, ଧଳାନଡ଼; 2. ଶରଗସ୍ ; 3. ବେତ ଉତ୍ପାଦକ ଗଛ ବିଶେଷ ।

Calash, *n.* 1. ଗାଡ଼ି ବିଶେଷ ; 2. ସ୍ତ୍ରୀମାନଙ୍କ ମସ୍ତକାବରଣ ବିଶେଷ ।

Calcareous, *a.* ଚୂନଗୁଣବିଶିଷ୍ଟ, ଚୂନମୟ ।

Calciferous, *a.* ଚୂର୍ଣ୍ଣୋତ୍ପାଦକ ।

Calcify, *v.i.* ଚୂନ ଦ୍ୱାରା ପଥରରେ ପରିଣତ-ହେ ।—*v.t.* ଚୂନ ସଞ୍ଚୟ ଦ୍ୱାରା ପଥରମୟ-କ ।

Calcination, *n.* ଅଗ୍ନି ଦ୍ୱାରା ଭସ୍ମକରଣ ବା ଜାରଣ ।

Calcine, *v.t.* ଉତ୍ତାପ ଦ୍ୱାରା ଚୂର୍ଣ୍ଣ-କ, ଜାରିବାର ।—*v.i.* ଉତ୍ତାପ ଦ୍ୱାରା ଚୂର୍ଣ୍ଣୀକୃତ-ହେ ।

Calcium, *n.* ଚୂନର ଧାତବ ଉପାଦାନ ।

Calcógraphy, *n.* ଖଡ଼ି ଦ୍ୱାରା ନକ୍ସା କରିବା ବିଦ୍ୟା ।

Calculable, *a.* ଗଣନୀୟ, ଗଣନାଯୋଗ୍ୟ ।

Calculate, *v.t.* 1. ଗଣନା-କ, ହିସାବ-କ ; 2. ନିରୂପଣ-କ ।—*v.i.* ଗଣନା-କ, ବିବେଚନା-କ ।

Calculated, *p.a.* ଯୋଗ୍ୟ, ଉତ୍ପାଦକ ।

Calculating, *p.a.* 1. ଗଣନା କରିବା ଶକ୍ତିଯୁକ୍ତ; 2. ଖୁବ ବିବେଚନାଶୀଳ ; 3. ସ୍ୱାର୍ଥଚିନ୍ତାଶୀଳ ।

Calculation, *n.* 1. ଗଣନାବିଦ୍ୟା, ଗଣନା, ହିସାବ; 2. ଗଣନାର ଫଳ; 3. ପୂର୍ବକଳ୍ପନା, ଅନୁମାନ ।

Calculative, *a.* ଗଣନାସମ୍ବନ୍ଧୀୟ, ଗଣନାକାରୀ ।

Calculator, *n.* ଗଣକ, ସଂଖ୍ୟକ, ହିସାବୀ ।

Calculous, calculose, *a.* 1. ପଥୁରିଆ, କଙ୍କରମୟ, ଟାଣ; 2. ଅଶ୍ମରୀଜାତ ।

Calculus, *pl.* calculi, *n.* 1. ପାଥୁରି, ଅଶ୍ମରୀ; 2. ଗଣିତ ବିଶେଷ ।

Caldron, *n.* ବୃହତ୍ କଡ଼ାଇ, ହଣ୍ଡା ।

Caledonian, *a.* ସ୍କଟଲଣ୍ଡ ଦେଶୀୟ ।—*n.* ସ୍କଟଲଣ୍ଡ ଦେଶୀୟ ଲୋକ ।

**Calefaction,** *n.* ଉଷ୍ଣକରଣ ।

**Calefactory,** *a.* ଉତ୍ତାପକ, ଉଷ୍ଣକାରକ ।

**Calefy,** *v.t.* ଉତ୍ତପ୍ତ-କ, ଉଷ୍ଣ-କ ।

**Calendar,** *n.* 1. ପାଞ୍ଜି, ପଞ୍ଜିକା ; 2. ବିଚାରାର୍ଥ ମକଦ୍ଦମାର ତାଲିକା, ତାଲିକା ।

**Calender,** *n.* ଲୁଗା ଚିକ୍କଣକାରୀ ଯନ୍ତ୍ର ବିଶେଷ, ଇସ୍ତ୍ରୀ ବିଶେଷ ।—*v.t.* ଉକ୍ତ ଯନ୍ତ୍ରରେ ଚିକ୍କଣ-କ ।

**Calendrer, calenderer,** *n.* ଲୁଗା ଚିକ୍କଣ କରିବା ଲୋକ ।

**Calends,** *n.* ରୋମ ଦେଶରେ ପ୍ରତିମାସର ପ୍ରଥମ ଦିନ, ପ୍ରତିପଦ, ପହିଲା ତାରିଖ ।

**Calenture,** *n.* ଉଷ୍ଣପ୍ରଧାନ ପ୍ରଳାପ ବିଶେଷ, ଜ୍ୱରବିକାର ।

**Calf,** *pl.* calves, *n.* 1. ବାଛୁରି, ଗୋବତ୍ସ ; 2. ଜଙ୍ଘା ; 3. ମୂର୍ଖ, ଗଣ୍ଡ ; 4. ବାଛୁରି ଚମଡ଼ା ।

**Calf,** *n.* ଗୋଡ଼ର ଘଣ୍ଟି ।

**Calf-love,** *n.* ଯୌବନ ପ୍ରେମ, ଅସମ୍ଭବ ପ୍ରେମ ।

**Calibre, caliber,** *n.* 1. ନଳିର ପରିମାଣ, ନଳିର ବ୍ୟାସ ; 2. ତୋପାଦି ନଳିର ବ୍ୟାସ ; 3. ଧାରଣାଶକ୍ତି, ମନର କ୍ଷମତା, ମାନସିକ ଗୁଣର ପରିମାଣ ; 4. ପ୍ରକାର ।

**Calico,** *n.* ଧଳା କନା ଲୁଗା ବିଶେଷ, କଳ୍କାଟ ।

**Calif, caliph, kalif, khalif,** *n.* ଖଲିଫା, ମହମ୍ମଦର ଉତ୍ତରାଧିକାରୀମାନଙ୍କ ଉପାଧି ।

**Calipate, caliphate,** *n.* ଖଲିଫାର ପଦ ବା ରାଜତ୍ୱ ।

**Calipash, callipash,** *n.* କଚ୍ଛପର ଉପର ଖୋଳପା ।

**Calipee, callipee,** *n.* କଚ୍ଛପର ତଳ ଖୋଳପା ।

**Call,** *v.t.* 1. ନାମ-ଦେ ; 2. ଡାକିବାର, ଆହ୍ୱାନ-କ ; 3. ନିଯୁକ୍ତ-କ ; 4. ଜାଗତ କରାଇବାର ।—to call back, 1. ଫେରିବା ଅର୍ଥେ ଡାକିବାର ; 2. ପ୍ରତ୍ୟାହାର-କ ।—to call forth, ବାହାର-କ, ଉଦ୍ଦୀପନ-କ । to call in, 1. ଆଦାୟ-କ ; 2. (ମୁଦ୍ରା) ଚଳନ ବନ୍ଦ-କ ; 3. ଭିତରକୁ ଡାକିବାର । to call in question, ସନ୍ଦେହ-କ । to call names, ଗାଳି-ଦେ । to call out, 1. ପରସ୍ପରଯୁଦ୍ଧାର୍ଥେ ଆହ୍ୱାନ-କ ; 2. ସେନାମାନଙ୍କୁ କାର୍ଯ୍ୟ କରିବା ପାଇଁ ଆହ୍ୱାନ-କ ; 3. ଉତ୍ପାଦନ-କ, ଜନ୍ମାଇବାର । to call over, ପର୍ଯ୍ୟାୟକ୍ରମେ ନାମ ଡାକିବାର । to call to mind, ମନେ-କ, ସ୍ମରଣ-କ । to call to the bar, ଉକିଲ ଶ୍ରେଣୀଭୁକ୍ତ-କ । to call up, 1. ସ୍ମରଣରେ ଆଣିବାର ; 2. ପାଉଣା ଦାବି-କ ; 3. ଡାକି ଆଣିବାର ; 4. ଉଠାଇବାର ।—*v.i.* 1. ଡାକ ପକାଇବାର ; 2. ସାକ୍ଷାତ-କ ଭେଟିବାକୁ ଯିବାର, ଦେଖାଶୁଣା-କ ।—to call for, 1. ସାକ୍ଷାତ କରି ମାଗିବାର ; 2. ଦାବି-କ, ଆବଶ୍ୟକ-କ । to call on or upon, 1. ସାକ୍ଷାତ-କ ; 2. ପ୍ରାର୍ଥନା-କ ; 3. ଦାବି-କ । to call round, ବୁଲି ସାକ୍ଷାତ-କ । to call out, ଉଚ୍ଚୈଃସ୍ୱରରେ କହିବାର, ବଡ଼ ପାଟିରେ ଡାକିବାର ।—*n.* 1. ଡାକ, ଉଚ୍ଚ ଡାକ, ସମ୍ବୋଧନ ; 2. ଆହ୍ୱାନ, ନିମନ୍ତ୍ରଣ, ନିବେଦନ ; 3. ଦାବି, ନିଯୋଗ, ପ୍ରତ୍ୟାଦେଶ ; 4. ସାକ୍ଷାତ, ଦେଖାଶୁଣା ; 5. ସିଟି ।

**Caller,** *n.* ସାକ୍ଷାତକାରକ, ଭେଟକାରୀ ।

**Calligraphy, caligraphy,** *n.* ସୁନ୍ଦର ଲେଖାର ବିଦ୍ୟା, ସୁନ୍ଦର ଲେଖା ବା ହସ୍ତଲିପି ।

**Calling,** *n.* 1. ବୃତ୍ତି, ବ୍ୟବସାୟ, ବ୍ୟାପାର, ଉପଜୀବିକା ; 2. ଆହ୍ୱାନ, ନିମନ୍ତ୍ରଣ ; 3. ଡାକ ।

**Callipers, calipers,** *n. pl.* ପରିମାପକ ଯନ୍ତ୍ର ବିଶେଷ ।

**Callisthenics, calisthenics,** *n* ବ୍ୟାୟାମ ବିଦ୍ୟା ।

**Callosity,** *n.* 1. ଟାଣ ଅବସ୍ଥା, କଡ଼ାଭାବସ୍ଥା, କଠିନତା ; 2. କଣ୍ଡି ।

**Callous,** *a.* 1. କଡ଼ାଭାବସ୍ଥାଯୁକ୍ତ, କଡ଼ା, କଠିନ ; 2. କଠିନହୃଦୟ, ନିର୍ଦ୍ଦୟ ।

**Callously,** *ad.* ନିର୍ଦ୍ଦୟରୂପେ, କଠିନହୃଦୟରେ ।

**Callousness,** *n.* 1. କଡ଼ାଭାବସ୍ଥା, କଠିନତା ; 2. ହୃଦୟର କାଠିନ୍ୟ, ନିର୍ଦ୍ଦୟତା ।

**Callow,** *a.* 1. ପକ୍ଷହୀନ, ଅଜାତପକ୍ଷ ; 2. ଅନଭିଜ୍ଞ ।

**Calm,** *a.* ସ୍ଥିର, ସୁସ୍ଥିର, ନିର୍ବାତ, ଶାନ୍ତ, କ୍ଷାନ୍ତ, ଅବିଚଳିତ, ଧୀର ।—*n.* 1. ବାୟୁ ଓ ତରଙ୍ଗ ନିବୃତ୍ତି, ନିର୍ବାତ ଅବସ୍ଥା ; 2. ସୁସ୍ଥିରତା, ଶାନ୍ତି, ନିଶ୍ଚଳତା ।—*v.t.* ସୁସ୍ଥିର-କ, ଶାନ୍ତ-କ, କ୍ଷାନ୍ତ-କ, ଥମାଇବାର ।—*v.i.* ସୁସ୍ଥିର-ହେ ।

**Calmly,** *ad.* ସୁସ୍ଥିରରୂପେ, ଶାନ୍ତରୂପେ, ଧୀରେ ।

**Calmness,** *n.* ସୁସ୍ଥିରତା, ଧୀରତା, ଶାନ୍ତି ।

**Calomel,** *n.* ପାରଦଭସ୍ମ, ଧାତୁ ଔଷଧ ବିଶେଷ ।

**Caloric,** *n.* ସ୍ୱାଭାବିକ ଉଷ୍ଣତା, ଉତ୍ତାପ ।—*a.* ଉତ୍ତାପସମ୍ବନ୍ଧୀୟ ।

**Clorific,** *a.* ଉତ୍ତାପଜନକ ।

**Calorimeter,** *n.* ତାପମାନଯନ୍ତ୍ର ।

**Caltrop,** *n.* 1. ଶୂଳଯୁକ୍ତ ଗୋଲା ବିଶେଷ ଯାହା କି ଶତ୍ରୁ ନିବାରଣାର୍ଥେ ଭୂମିରେ ରଖା ଯାଇ ଥାଏ ; 2. ଉକ୍ତ ଶୂଳଯୁକ୍ତ ଗୋଲା ପରି ଗଛ ବିଶେଷ ।

**Calumet,** *n.* ସନ୍ଧି କରିବା ସମୟରେ ଆମେରିକାର ଆଦିମବାସିଙ୍କ ମଧ୍ୟରେ ବ୍ୟବହୃତ ଧୂମ୍ର ଖାଇବା ନଳ ।

**Calumniate,** *v.t.* ମିଥ୍ୟାପବାଦ-କ, ଦୁର୍ନାମ-କ, ଗ୍ଲାନି-କ, ନିନ୍ଦା-କ ।—*v.i.* ମିଥ୍ୟାପବାଦ-ଦେ । [ନିନ୍ଦା ।

**Calumniation,** *n.* ମିଥ୍ୟାପବାଦ, ମିଥ୍ୟାଭିଯୋଗ, ଗ୍ଲାନି,

**Calumniator,** *n.* ମିଥ୍ୟାପବାଦକ, ନିନ୍ଦକ ।

**Calumnious,** *a.* ଗ୍ଲାନିକର, ନିନ୍ଦାଜନକ, ଅପବାଦଜନକ, ଅପଶବ୍ଦକର ।

**Calumniously,** *ad.* ଗ୍ଲାନିପୂର୍ବକ, ନିନ୍ଦାପୂର୍ବକ, ଅପବାଦପୂର୍ବକ, ଅପଶବ୍ଦପୂର୍ବକ ।

**Calumny,** *n.* ମିଥ୍ୟାପବାଦ, ଗ୍ଲାନି, ନିନ୍ଦା, ଅପଯଶ ।

**Calvary,** *n.* (ମୁଣ୍ଡଖୋଲପାର ସ୍ଥାନ), ଯେଉଁ ପାହାଡ଼ ଉପରେ ଖ୍ରୀଷ୍ଟ କ୍ରୁଶରେ ହତ ହୋଇ ଥିଲେ ।

**Calve,** *v.i.* ବାଛୁରି ଦେଇବାର, ଗର୍ଭିଣୀ ଗାଈ ପ୍ରସବ-ହେ, ବତ୍ସ ଜନ୍ମ-କ ।

**Calvinism,** *n.* କାଲ୍‌ଭିନ୍ ଓ ତାହାଙ୍କ ଶିଷ୍ୟମାନଙ୍କର ମତ, ଏ ମତରେ ଈଶ୍ୱରଙ୍କ ସ୍ୱେଚ୍ଛାଧୀନ ଅଧିପତ୍ୟ, ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଦ୍ୱାରା ପୂର୍ବରୁ ମନୋନୀତକରଣ ଓ ଅନନ୍ତକାଳ ପାପ ଆଦି ଅନ୍ତର୍ଗତ ଅଟେ ।

**Calvinist**, *n.* କାଲ୍‌ଭିନର ମତାବଲମ୍ବୀ ।

**Calycle**, *n.* କ୍ଷୁଦ୍ର କଳି ।

**Calyx**, *n.* (*pl.* calyces and calyxes), ପୁଷ୍ପର ଉପର ପାଖୁଡ଼ା, କଳି, ଉପଦଳ, ପୁଷ୍ପଦଳାବରଣ, ପୁଷ୍ପ-ବହିଃକୋଷ ।

**Cam**, *n.* ଯନ୍ତ୍ର ଚକ୍ରର ଦାନ୍ତ ବିଶେଷ ।

**Camber**, *n.* କୁବ୍ଜତା, ଯଥା,—ଜାହାଜର ମେଜଅ ଓ ଖୋଲ ଏବର କୁବ୍ଜତା ।—*v.t.* କୁବ୍ଜ-କ, ବକ୍ର-କ, ଖିଲାଣାକୃତି-କ ।

**Cambric**, *n.* ଧଳା ସୂକ୍ଷ୍ମ ବସ୍ତ୍ର ବିଶେଷ ।

**Came**, *pret.* of Come.

**Camel**, *n.* ଓଟ, ଉଷ୍ଟ୍ର, କମେଲକ ।

**Cameleopard**, *n.* ଉଷ୍ଟ୍ରବତ୍ ପଶୁ ବିଶେଷ, ଦୀର୍ଘଗ୍ରୀବ ଜନ୍ତୁ ବିଶେଷ, ଜିରାଫ ।

**Cameo**, *n.* ବିଭିନ୍ନ ରଙ୍ଗର ଦୁଇ ପରସ୍ତବିଶିଷ୍ଟ ପଥର ବା ଶଙ୍ଖ କି ଯାହାର ଉପର ପରସ୍ତରେ ଖୋଦିତ ମୂର୍ତ୍ତି ଥାଏ ଓ ତଳ ପରସ୍ତ ଅର୍ଥାତ୍ ଛବିର ପଶ୍ଚାଦ୍‌ଭାଗ ଭିନ୍ନ ବର୍ଣ୍ଣର ଥାଏ ।

**Camera**, *n.* 1. ମନ୍ତ୍ରଗୃହ; 2. ଯେଉଁ ବାକ୍ସ ମଧ୍ୟରେ ସୌରଛବି ପ୍ରତିବିମ୍ବିତ ହୁଏ ।

**Camera-obscura**, *n.* 1. ଛବି କରିବା ଯନ୍ତ୍ର କି ଯହିଁରେ ବହିଃସ୍ଥ ପଦାର୍ଥର ପ୍ରତିବିମ୍ବ ଦେଖା ଯାଏ; 2. ଯେଉଁ ବାକ୍ସ ଅନ୍ଧ ମଧ୍ୟରେ ସୌରଛବି ପ୍ରତିବିମ୍ବିତ ହୁଏ ।

**Camlet**, *n.* ଉର୍ଣ୍ଣା ଓ ରେଶମ ମିଶ୍ରିତ ବସ୍ତ୍ରବିଶେଷ ।

**Camomile, chamomile**, *n.* ବାବୁନା ଫୁଲର ଲତା ।

**Camp**, *n.* ଛାଉଣି, କଟକ, ଶିବିର, ସେନାନିବେଶ ।—*v.i.* ଛାଉଣି-କ, ଶିବିର ସ୍ଥାପନ-କ ।

**Campaign**, *n.* 1. ସମଭୂମି, ପ୍ରାନ୍ତର; 2. ପ୍ରତିବର୍ଷ ସୈନ୍ୟମାନେ ଯେତେକାଳ ରଣଭୂମିରେ ରହନ୍ତି, ଯୁଦ୍ଧ-କାଳ ।—*v.i.* ଉକ୍ତ ଯୁଦ୍ଧକାଳରେ ଯୁଦ୍ଧ-କ, ଯୁଦ୍ଧରେ ବ୍ୟାପୃତ ଥିବାର ।

**Campaigner**, *n.* ରଣଦକ୍ଷ ସୈନ୍ୟ, ପ୍ରାଚୀନ ସୈନ୍ୟ-ଯୋଦ୍ଧା ।

**Campanology**, *n.* ଘଣ୍ଟିରେ ଘଣ୍ଟା ଢାଳିବା ବିଦ୍ୟା, ଘଣ୍ଟା ବଜାଇବା ବିଦ୍ୟା ।

**Camp-bedstead**, *n.* ମଫସଲ ଖଟ, ସହଜେ ଭଙ୍ଗା ଯିବା ଖଟ ।

**Campestral**, *a.* ପ୍ରାନ୍ତରସମ୍ବନ୍ଧୀୟ, କ୍ଷେତ୍ରୋତ୍ପନ୍ନ ।

**Camp-follower**, *n.* ଛାଉଣିର ସହଚର, ସୈନ୍ୟସହଚର ।

**Camphor**, *n.* କପୂର, କର୍ପୂର, ସିତାଭ୍ର ।

**Camphoraceous, camphoric**, *a.* କର୍ପୂରୀୟ, କର୍ପୂରଗୁଣବିଶିଷ୍ଟ ।

**Camphorate**, *v.t.* କର୍ପୂରପୂର୍ଣ୍ଣ-କ ।

**Camphor-oil**, *n.* କର୍ପୂର ତୈଳ ।

**Camphor-tree**, *n.* କର୍ପୂର ଗଛ ।

**Camp-meeting**, *n.* ଧର୍ମବିଷୟସମ୍ବନ୍ଧୀୟ ଛାଉଣି ।

**Camp-stool**, *n.* ସହଜେ ଭଙ୍ଗା ଯିବା ମୋଡ଼ା ।

**Can**, *n.* ଧାତୁନିର୍ମିତ ଗୋଲ ପାତ୍ର ବିଶେଷ, ଟିନପାତ୍ର ।—*v.t.* ଉକ୍ତ ପାତ୍ରରେ ରଖିବାର ।

**Can**, *v.i.* ପାରିବାର, ସମର୍ଥ-ହେ, ପାରଗ-ହେ ।—can but, କେବଳ ପାରିବାର । cannot but, ଅଗତ୍ୟା ।

**Canaille**, *n. kanāl*, (French), ଇତର ଲୋକସମୂହ, ଅଧମ ଲୋକସମୂହ ।

**Canakin**, *n.* କ୍ଷୁଦ୍ର ପାତ୍ର ବିଶେଷ, କଟୋରା ।

**Canal**, *n.* 1. ଜଳପଥ, ଜଳପ୍ରଣାଳୀ, କାଳ, ନର୍ଦ୍ଦମା; 2. ପଥ ।—*v.t.* ଜଳପଥ-କ ।

**Canalize**, *v.t.* ଜଳପଥ ଖୋଳିବାର, କାଳରେ ପରିଣତ-କ ।

**Canard**, *n.* (French), ମିଥ୍ୟା ଜନରବ, ଅମୂଳକ କଥା ।

**Canary**, *n.* ସୁସ୍ୱରଯୁକ୍ତ ହଳଦିଆ ସାନ ପକ୍ଷୀ ।

**Cancel**, *v.t.* 1. ଲେଖା କାଟିବାର; 2. ଲୋପ-କ, ରଦ-କ, ରହିତ-କ, ଅନ୍ୟଥା-କ ।—*n.* ଛାପାରେ ଲୋପ-କରଣ ।

**Cancellate, cancellated, cancellous**, *a.* ଜାଫରେଇ କଟା ।

**Cancellation**, *n.* ଲୋପକରଣ, ରଦ୍‌କରଣ, ଅନ୍ୟଥାକରଣ ।

**Cancelli**, *n. pl.* ଜାଫରେଇ କର୍ମ ।

**Cancer**, *n.* 1. କଙ୍କଡ଼ା; 2. କର୍କଟରାଶି ।—tropic of cancer, କର୍କଟକ୍ରାନ୍ତି ।

**Cancer**, *n.* 1. ପ୍ରାଣନାଶକ ରୋଗ ବିଶେଷ, କର୍କଟ ରୋଗ; 2. ସାଂଘାତିକ ବିଷୟ ।

**Cancerous**, *a.* କର୍କଟରୋଗବତ୍, କର୍କଟରୋଗର ଗୁଣବିଶିଷ୍ଟ ।

**Candelabrum**, *n.* (*pl.* candelabra), ଉଚ୍ଚ ଦୀପରୁଖା, ଶାଖାଯୁକ୍ତ ଦୀପରୁଖା, ଦୀପବୃକ୍ଷ ।

**Candent**, *a.* ଜାଜ୍ୱଲ୍ୟମାନ, ଉତ୍ତପ୍ତ ଓ ଉଜ୍ଜ୍ୱଳ ।

**Candescence**, *n.* ଜାଜ୍ୱଲ୍ୟମାନ ଅବସ୍ଥା ।

**Candescent**, *a.* ଜାଜ୍ୱଲ୍ୟମାନ ।

**Candid**, *a.* 1. ସରଳ, ନିଷ୍କପଟ, ଖୋଲାମନ; 2. ଅପକ୍ଷପାତୀ, ଯଥାର୍ଥ ।

**Candidate**, *n.* କର୍ମପ୍ରାର୍ଥୀ, ପଦାନ୍ୱେଷୀ, ଉମେଦୱାର, ପ୍ରାର୍ଥୀ ।

**Candidature, candidacy**, *n.* ପଦାନ୍ୱେଷିର ଅବସ୍ଥା, ପଦାନ୍ୱେଷଣ ।

**Candidly**, *ad.* ସରଳରୂପେ, ନିଷ୍କପଟରୂପେ ।

**Candidness**, *n.* ସରଳତା, ନିଷ୍କପଟତା ।

**Candied**, *p.a.* 1. ଚିନିର ଶିରାରେ ପାକକୃତ; 2. ମିଷ୍ଟ, ତୋଷାମୋଦିଆ ।

**Candle**, *n.* ମହମବତୀ, ସଳିତା, ବତୀ ।—not fit to hold a candle to one, ଅମୁକ ଲୋକର ଦାସ ହେବାକୁହିଁ ଅଯୋଗ୍ୟ, ଅର୍ଥାତ୍ ଅମୁକ ଲୋକ ଅପେକ୍ଷା ନିତାନ୍ତ ନିକୃଷ୍ଟ । (the game is) not worth the candle, ଅତ୍ୟନ୍ତ ଅକର୍ମଣ୍ୟ ।

**Candle-light**, *n.* ବତୀର ଆଲୁଅ, ଗୋଧୂଳି ସମୟ ।

**Candle-power**, *n.* ବତୀଆଲୁଅର ପରିମାଣ ।

**Candlestick**, *n.* ଦୀପରୁଖା, ଦୀପାଧାର, ଦୀପଦାନ, ପିଲ-ସିଜ ।

**Candour, candor**, *n.* ସରଳତା, ନିଷ୍କପଟତା, ଯାଥାର୍ଥ୍ୟ, ଅପକ୍ଷପାତିତ୍ୱ ।

**Candy**, *n.* ମିଶ୍ରୀ ।—*v.t.* ମିଶ୍ରୀଯୁକ୍ତ-କ, ଚିନିରେ ପକିବାର, ମିଶ୍ରୀ-କ ।—*v.i.* ମିଶ୍ରୀଯୁକ୍ତ-ହେ, ମିଶ୍ରୀ ହେ ।

Cane, *n.* 1. ବେତ; 2 ବେତବାଡ଼ ; 3. ଅଖୁ ।—*v.t.* 1. ବେତ ମାରିବାର, ବେତ୍ରାଘାତ-କ ; 2. ବେତ ବୁଣନ୍ତି-କ ।
Canebrake, *n.* ବେତବଣ ।
Canescent, *a.* ଶୁକ୍ଳତାପ୍ରାପ୍ତ, ଈଷତ୍ ଧଳା, ଶାଦା ।
Cane-sugar, *n.* ଅଖୁର ଚିନି ।
Canine, *a.* କୁକୁରଜାତୀୟ, କୁକୁରବତ୍ । [ଦାନ୍ତମାନ ।
Canine-teeth, canines, *n. pl.* ମନୁଷ୍ୟର କୁକୁର-
Caning, *n.* ବେତମାଡ଼ ।
Canister, *n.* 1. ଚା ଆଦି ରଖିବା ପାତ୍ର ; 2. ଗୁଳି ବାରୁଦ-ବାଦ ପୂର୍ଣ୍ଣ ପାତ୍ର ବିଶେଷ ।
Canker, *n.* 1. କ୍ଷୟୀ ଘା, ମୁଖର ଘା ବିଶେଷ; 2. ଘୋଡ଼ା ଗୋଡ଼ର ରୋଗ ବିଶେଷ; 3. କ୍ଷୟକାରକ ବିଷୟ; 4. ବୃକ୍ଷାଦିର ରୋଗ ବିଶେଷ; 5. କ୍ଷୟକାରୀ କୀଟ ବିଶେଷ; 6 ବନ୍ୟ ଗୋଲାପ ।—*v.t.* କ୍ଷୟୀ ଘାଯୁକ୍ତ-କ, କ୍ଷୟ-କ, ବିଷ୍ଟ-କ । —*v.i.* କ୍ଷୟ-ହେ, କ୍ଷୟ ଦ୍ୱାରା ନଷ୍ଟ ହେବାର ।
Canker-fly, *n.* ଫଳଖିଆ ମାଛି ବିଶେଷ ।
Cankerous, *a.* କ୍ଷୟୀ ଘା ତୁଲ୍ୟ, କ୍ଷୟଶୀଳ ।
Canker-worm, *n.* ବୃକ୍ଷାଦିର କ୍ଷୟୀ କୀଟ ବିଶେଷ ।
Cannery, *n.* ମୋହରବନ୍ଦ କରିବା ନିମନ୍ତେ ଟିଣରେ ମାଂସ ମାଛ ବା ଫଳ ବନ୍ଦ କରିବା କାରଖାନା ।
Cannibal, *n.* 1. ମନୁଷ୍ୟଭୋଜୀ, ନରଭୁକ୍, କ୍ରବ୍ୟାଦ; 2. ସ୍ୱଜାତି ଭକ୍ଷକ ପଶୁ ।—*a.* ମନୁଷ୍ୟ ଭୋଜନସମ୍ବନ୍ଧୀୟ, ନରମାଂସ ଭକ୍ଷଣସମ୍ବନ୍ଧୀୟ, ମନୁଷ୍ୟଖିଆ ।
Cannibalism, *n.* 1. ମନୁଷ୍ୟ ଦ୍ୱାରା ମନୁଷ୍ୟ ଭକ୍ଷଣର ପ୍ରଥା, ନୃଶଂସତା, ନିଷ୍ଠୁରତା ; 2. ପଶୁ ଦ୍ୱାରା ସ୍ୱଜାତିର ଭକ୍ଷଣ ।
Cannon, *n.* ତୋପ, କମାଣ ।
Cannonade, *n.* ତୋପମାରଣ, ତୋପ ଦ୍ୱାରା ଆକ୍ରମଣ । —*v.t.* ତୋପ ଦ୍ୱାରା ଆକ୍ରମଣ-କ, ତୋପ ଦାଗିବାର, ବାରମ୍ବାର ତୋପ ମାରିବାର, ତୋପଗୋଳା ଦ୍ୱାରା ଧ୍ୱଂସ-କ ।—*v.i.* ଧକ୍କା ଲାଗିବାର, ଧକ୍କା ଲାଗି ବାହାର-ହି ।
Cannon-ball, *n.* ତୋପଗୋଳା, ଗୋଳା ।
Cannoneer, *n.* ଗୋଲନ୍ଦାଜ ।
Cannon-shot, *n.* 1. ତୋପଗୋଳା; 2. ଗୋଳା ନିକ୍ଷେପର ଦୂରତ୍ୱ ।
Cannot, ନ ପାରେ ।
Canny, cannie, *a.* 1. ସତର୍କ, ଦକ୍ଷ ; 2. ଧୀର, ମୃଦୁ ।
Canoe, *n.* କାଠଡଙ୍ଗା, କ୍ଷୁଦ୍ର ଡଙ୍ଗା ।
Canon, *n.* 1. ବ୍ୟବସ୍ଥା, ବିଧି, ନିୟମ; 2. ଧର୍ମମଣ୍ଡଳୀର ବିଧି; 3. ଧର୍ମଗ୍ରନ୍ଥସମୂହ ; 4. ପ୍ରଧାନ ଧର୍ମାଳୟର ଅଧ୍ୟକ୍ଷ; 3. ଧାର, ସୂକ୍ଷ୍ମ
Canon-law, *n.* ଧର୍ମମଣ୍ଡଳୀର ବିଧି ।
Canon, canyon, *n.* ପର୍ବତର ଘାଟି, ଗିରିସଙ୍କଟ ।
Canonical, canonic, *a.* 1. ବିଧିସମ୍ବନ୍ଧୀୟ, ବିଧ୍ୟନୁଯାୟୀ; 2. ଧର୍ମଶାସ୍ତ୍ରୀୟ ; 3. ଯାଜକୀୟ, ଧର୍ମୋପଦେଶକ-ସମ୍ବନ୍ଧୀୟ; 4. ବୈଧ ।
Canonically, *ad.* ବିଧିମତେ, ଶାସ୍ତ୍ରାନୁସାରେ ।
Canonicals, *n. pl.* ସର୍ବାର ମଣ୍ଡଳୀସ୍ଥ ଧର୍ମୋପଦେଶକର ପରିଚ୍ଛଦ ।
Canonist, *n.* ବ୍ୟବସ୍ଥାଜ୍ଞ, ଧର୍ମମଣ୍ଡଳୀର ବିଧିଜ୍ଞ ।
Canonization, *n.* ମରଣାନ୍ତେ କୌଣସି ବ୍ୟକ୍ତିଙ୍କୁ ସାଧୁପୁରୁଷ ବୋଲି ଗଣ୍ୟକରଣ ।
Canonize, *v.t.* ସାଧୁପୁରୁଷର ଶ୍ରେଣୀଭୁକ୍ତ-କ, ସାଧୁପୁରୁଷ ବୋଲି ପ୍ରକାଶ-କ । [ପଦ ।
Canonry, canonship, *n.* ପ୍ରଧାନ ଧର୍ମାଳୟର ଅଧ୍ୟକ୍ଷ-
Canopied, *p.a.* ଚନ୍ଦ୍ରାତପବୃତ, ଚନ୍ଦ୍ରାତପାଚ୍ଛାଦିତ ।
Canopy, *n.* ଚନ୍ଦୁଆ, ଚନ୍ଦ୍ରାତପ, ବିତାନ ।—*v.t.* ଚନ୍ଦୁଆ ଦ୍ୱାରା ଢାଙ୍କିବାର, ଚନ୍ଦ୍ରାତପାଚ୍ଛାଦନ-କ ।
Canorous, *a.* ସ୍ୱରଯୁକ୍ତ, ସୁଶ୍ରାବ୍ୟ ।
Cant, *v.i.* କପଟ ସ୍ୱରରେ କହିବାର, କପଟ ନମ୍ରତା ଦେଖାଇବାର, ଧର୍ମବେଶ ଧରିବାର ।—*n.* 1. କପଟ ମୃଦୁ ଭାଷା ; 2. ସାମ୍ପ୍ରଦାୟିକ ଭାଷା, ଚୋର ଆଦିର ନୀଚ ଭାଷା ; 3. କପଟ ଧର୍ମକଥା ।— *a.* 1. କପଟ ; 2. ନୀଚ ଭାଷା-ଯୁକ୍ତ ।
Cant, *n.* 1. ବହିଃସ୍ଥ କୋଣ; 2. ଢାଲୁ; 3. ନିକ୍ଷେପ ।— *v.i.* 1. ଢାଲୁ-କ, ଅଣେଇ ପକାଇବାର, ଓଲଟାଇ ପକାଇବାର ; 2. କୋଣ ଛେଦନ-କ ।
Can't, contraction of Cannot.
Cantankerous, *a.* ଖିଟ୍‌ଖିଟିଆ, କଳହିଆ, କଳିହୁଡା ।
Cantankerously, *ad.* ଖିଟ୍‌ଖିଟିଆଭାବେ ।
Cantata, *n.* ପାଦ୍ୟ ଗୀତ ବିଶେଷ ।
Canteen, *n.* 1. ସୈନ୍ୟର ଖାଦ୍ୟଦ୍ରବ୍ୟ ଓ ମଦ୍ୟାଦିର ଦୋକାନ ; 2. କୁର କଣ୍ଟା ଓ ବୋତଲ ଆଦି ରଖିବା ସିନ୍ଦୁକ; 3. ସୈନ୍ୟର ପାନପାତ୍ର ବିଶେଷ ।
Canter, *n.* ଘୋଡାର ଦୁଲ୍‌କି ଚାଲି, ଈଷତ୍ ଦ୍ରୁତଗତି ।— *v.i.* ଦୁଲ୍‌କି ଚାଲିବାର, ଈଷତ୍ ଦ୍ରୁତଗତି-କ ।
Cantharides, *n. pl.* ସ୍ପେନ୍ ଦେଶର ମାଛି ବିଶେଷ ଯାହା ଶୁଖା ପାଉଁ ଫୋଟକା କରିବା ନିମନ୍ତେ ବ୍ୟବହୃତ ହୁଏ ।
Canthus, *n.* ଚକ୍ଷୁକୋଣ । [ପଦ୍ୟଗୀତ ।
Canticle, *n.* ଧର୍ମଗୀତ ବିଶେଷ, *pl.* ଧର୍ମପୁସ୍ତକରେ ଥିବା
Cantle, *n.* 1. କୋଣ, ଖଣ୍ଡ; 2. ଜିନର ପଛ କୁବୁଜ ।
Cantlet, *n.* ସାନ କୋଣ, ସାନଖଣ୍ଡ, ଟୁକୁଡ଼ା ।
Canto, *n.* କବିତାର କାଣ୍ଡ ବା ଭାଗ, ସର୍ଗ ।
Canton, *n.* ପ୍ରଦେଶ, ପରଗଣା ।—*v.t.* 1. ପ୍ରଦେଶରେ ବିଭାଗ-କ; 2. ଭିନ୍ନ ସୈନ୍ୟଶ୍ରେଣୀ ନିମନ୍ତେ ପୃଥକ୍ ବସା ନିରୂପଣ-କ ।
Cantonment, *n.* ପଲ୍‌ଟନର ଜାଗା, ନଗର ମଧ୍ୟରେ ଥିବା ସୈନ୍ୟର ସ୍ଥାନ ।
Canvas, *n.* 1. ଛଣପାଟ ବସ୍ତ୍ର, ପାଲର ବସ୍ତ୍ର, କାନ୍‌ଭସ୍ ଲୁଗା; 2. ନକ୍ସା; 3. ପାଲସମୂହ ।—*v.t.* ଛଣପାଟ ବସ୍ତ୍ର ଲଗାଇବାର, କାନ୍‌ଭସ୍ ଲୁଗା ଲଗାଇବାର ।
Canvass, *v.t.* 1. ବିଚାର-କ, ତର୍କ-କ, ଅନ୍ୱେଷଣ-କ ; 2. ମତ ପ୍ରାର୍ଥନା-କ, (ଚିଜର ବିକ୍ରି ପାଇବା ନିମନ୍ତେ) ଅନୁରୋଧ ପ୍ରାର୍ଥନା-କ ।— *v.i.* 1. ମତ ମାଗିବାର, ମତ ପାଇବା ନିମନ୍ତେ ଉଦ୍ୟୋଗ-କ ; 2. ଚିଜ ନିମନ୍ତେ ବରାଦ ମାଗିବାର ।— *n.* 1. ବିବେଚନା, ତର୍କ, ଅନ୍ୱେଷଣ ; 2. ମତ ପ୍ରାର୍ଥନା; 3. ଚିଜର ବରାଦ ପ୍ରାର୍ଥନା ।

Canvasser, *n.* 1. ମତ ପ୍ରାର୍ଥନାକାରୀ; 2. ନିଜର ବସ୍ତୁ ପ୍ରାର୍ଥନାକାରୀ ।

**Caoutchouc**, *n. kou'chook*, ବୃକ୍ଷ ଆଠା ବିଶେଷ, ରବର ।

**Cap**, *n.* 1. ମସ୍ତକାଚ୍ଛାଦନ ବିଶେଷ, ଟୋପି; 2. ସର୍ବୋଚ୍ଚସ୍ଥାନ, ମୁଣ୍ଡ; 3. ଟୋପି ପରି ପଦାର୍ଥ, ବନ୍ଧୁକର ଟୋପି ।—*v.t.* 1. ଟୋପି ପିନ୍ଧିବାର, ଟୋପି ଦ୍ୱାରା ଆଚ୍ଛାଦନ-କ; 2. ସର୍ବୋଚ୍ଚସ୍ଥାନ ଆଚ୍ଛାଦନ-କ; 3. ଉପାଧି ଦେବା ସମୟରେ ଟୋପି ପିନ୍ଧାଇବାର; 4. ସମ୍ପୂର୍ଣ୍ଣ-କ, ପରିପୂର୍ଣ୍ଣ-କ; 5. ଟୋପି କାଢି ନମସ୍କାର-କ ।—**to cap all**, ଏହାକୁ ବଳି କରି, ଏହା ଛଡା । **to cap verses**, ପଦମାନ ପାଳିକ୍ରମେ ଉଲ୍ଲେଖ-କ ।

**Capability**, *n.* ସାମର୍ଥ୍ୟ, ପାରଗତା, ଯୋଗ୍ୟତା, କ୍ଷମତା ।

**Capable**, *a.* 1. ସମର୍ଥ; 2. ଗ୍ରହଣକ୍ଷମ; 3. ପାରଗ, ସକ୍ଷମ, ଯୋଗ୍ୟ ।

**Capacious**, *a.* ପ୍ରଶସ୍ତ, ବୃହତ୍, ଚୌଡା, ଧାରଣକ୍ଷମ, ବିଶାଳ ।

**Capaciously**, *ad.* ପ୍ରଶସ୍ତରୂପେ, ଧାରଣକ୍ଷମରୂପେ ।

**Capaciousness**, *n.* ପ୍ରଶସ୍ତତା, ଧାରଣକ୍ଷମତା, ବିଶାଳତା ।

**Capacitate**, *v.t.* ପାରଗ-କ, କ୍ଷମତାପନ୍ନ-କ, ସକ୍ଷମ-କ, ଯୋଗ୍ୟ-କ, ଉପଯୁକ୍ତ-କ ।

**Capacity**, *n.* 1. ଧାରଣକ୍ଷମତା, ଗ୍ରହଣସାମର୍ଥ୍ୟ, ପରିମାଣ, ଘନଫଳ; 2. ସାମର୍ଥ୍ୟ, ପାରଗତା, ମାନସିକ ଶକ୍ତି, ଶକ୍ତି, ବଳ; 3. ଉପଯୁକ୍ତତା, ଯୋଗ୍ୟତା; 4. ଅବସ୍ଥା, ଦଶା, ସ୍ୱଭାବ, ପଦ ।

**Cap-a-pie**, *a. kap-a-pee*, ଅପାଦମସ୍ତକ, ସର୍ବାଙ୍ଗ ।

**Caparison**, *n.* ଅଶ୍ୱସଜ୍ଜା ବିଶେଷ, ବେଶଭୂଷା ।—*v.t.* (ଅଶ୍ୱକୁ) ବସ୍ତ୍ର ଦ୍ୱାରା ସଜ୍ଜିତ-କ, ବେଶଭୂଷା-କ, ସୁସଜ୍ଜିତ-କ ।

**Cape**, *n.* ଅନ୍ତରୀପ ।

**Cape**, *n.* ଗିଲଫ, ସ୍କନ୍ଧାବରଣ ବିଶେଷ ।

**Caper**, *v.i.* କୁଦିବାର, ଡେଇଁବାର, ନାଚିବାର ।—*n.* ଡିଆଁ, କୁଦା, ନାଚ, କ୍ରୀଡା ।

**Caper**, *n.* ଅଚାର କରିବା ନିମନ୍ତେ ଫୁଲକଳି ବିଶେଷ ।

**Capias**, *n.* କୋର୍ଟ ପକ୍ଷରୁ, ଅସାମୀ ଧରିବା ଗ୍ରେପ୍ତାରୀ ପତ୍ର ।

**Capillament**, *n.* କେଶବତ୍ ସୂକ୍ଷ୍ମସୂତ୍ର ।

**Capillary**, *a.* 1. କେଶବତ୍, ବାଳପରି, କୈଶିକ, ଅତି ସୂକ୍ଷ୍ମ, କେଶବତ୍ ନଳଯୁକ୍ତ; 2. କେଶବତ୍ ନଳଯୁକ୍ତ ନାଡୀସମ୍ବନ୍ଧୀୟ ।—*n.* କେଶବତ୍ ନଳ, ସୂକ୍ଷ୍ମ ନଳ, ରକ୍ତର ଅତି ସୂକ୍ଷ୍ମ ନାଡୀ, କୈଶିକା ନାଡୀ ।

**Capital**, *a.* 1. ପ୍ରଧାନ, ଶ୍ରେଷ୍ଠ; 2. ପ୍ରାଣନାଶକ, ପ୍ରାଣଦଣ୍ଡନୀୟ; 3. ଗୁରୁତର, ଉତ୍କୃଷ୍ଟ; 4. ବଡ ।—*n.* 1. ସ୍ତମ୍ଭର ଉପରସ୍ଥାନ, ମଥା; 2. ରାଜଧାନୀ; 3. ମୂଳଧନ, ପୁଞ୍ଜି, ମୂଳ ବିଷୟ; 4. ବଡ ଅକ୍ଷର ।

**Capitalist**, *n.* ମୂଳଧନରେ ଧନୀ, ମହାଜନ ।

**Capitalization**, *n.* ମୂଳଧନରେ ପରିଣତକରଣ ।

**Capitalize**, *v.t.* 1. ମୂଳଧନରେ ପରିଣତ-କ; 2. ମୋଟ ଟଙ୍କାରେ ହିସାବ-କ, ମୋଟ ଟଙ୍କାରେ ଏକାଠି-ଦେ ।

**Capitally**, *ad.* 1. ଉତ୍ତମରୂପେ, ସୁନ୍ଦରରୂପେ; 2. ପ୍ରାଣଦଣ୍ଡ ଦ୍ୱାରା ।

**Capitation**, *n.* ଲୋକସଂଖ୍ୟା ଦ୍ୱାରା କର ଧାର୍ଯ୍ୟକରଣ ।—**capitation grant**, ବ୍ୟକ୍ତିଗତ ଦାନ । **capitation tax**, ବ୍ୟକ୍ତିଗତ କର ।

**Capitol**, *n.* 1. ରୋମନଗରସ୍ଥ ଜୁପିଟର ଦେବର ମନ୍ଦିର, ଉକ୍ତ ମନ୍ଦିରଥିବା ପାହାଡ, ଗଡ; 2. ଆମେରିକା ଦେଶୀୟ ମହାସଭାଗୃହ ।

**Capitulate**, *v.i.* ସନ୍ଧି ଦ୍ୱାରା ଆତ୍ମସମର୍ପଣ-କ, ନିୟମପୂର୍ବକ ସମର୍ପଣ-କ, ସନ୍ଧି-କ, ଚୁକ୍ତି-କ ।

**Capitulation**, *n.* 1. ସନ୍ଧିପୂର୍ବକ ସମର୍ପଣ; 2. ସନ୍ଧିର ସର୍ତ୍ତ ।

**Capitulator**, *n.* ସନ୍ଧି ଦ୍ୱାରା ଯେ ସମର୍ପଣ କରେ ।

**Capon**, *n.* ଖାସିଗଞ୍ଜା, ଛିନ୍ନମୁଷ୍କ କୁକ୍କୁଟ ।

**Capped**, *a.* 1. ଟୋପିଯୁକ୍ତ; ଅଗ୍ରଭାଗ, ଅଗ୍ରଭାଗରେ ଆଚ୍ଛାଦିତ ।

**Caprice**, *n.* ଅକସ୍ମାତ୍ ମତି ସ୍ୱଭାବ ଅଥବା କାରଣଶୂନ୍ୟ ଅବସ୍ଥାର ପରିବର୍ତ୍ତନ, ହଠାତ୍ କଳ୍ପନା, ଅକସ୍ମାତ୍ ବାସନା, ଅନର୍ଥକ ମତ ବା ଅଭିଳାଷ; 2. ଚିତ୍ତଚାଞ୍ଚଲ୍ୟ, ଖିଆଲ ।

**Capricious**, *a.* ଚଞ୍ଚଳପ୍ରକୃତି, ହଠାତ୍ କଳ୍ପନାପୂର୍ଣ୍ଣ, ଚଞ୍ଚଳ, ଅସ୍ଥିର, ମନୋରଥୀ, ଖିଆଲୀ ।

**Capriciously**, *ad.* ହଠାତ୍ କଳ୍ପନାପୂର୍ବକ, ଚଞ୍ଚଳରୂପେ, ଅସ୍ଥିରରୂପେ ।

**Capriciousness**, *n.* ଚିତ୍ତଚାଞ୍ଚଲ୍ୟ, ଅସ୍ଥିରତା, ଚିତ୍ତଚଞ୍ଚଳତା, ଖିଆଲ ।

**Capricorn**, *n.* 1. ମକର ରାଶି; 2. ଦକ୍ଷିଣୀୟ ନକ୍ଷତ୍ର ବିଶେଷ ।—**Tropic of capricorn**, ମକରକ୍ରାନ୍ତି ।

**Capriform**, *a.* ଛାଗଳାକାର, ଅଜାକୃତି ।

**Capsicum**, *n.* ଲଙ୍କାମରିଚ ।

**Capsize**, *v.t.* ଓଲଟାଇ ପକାଇବାର, ଉବୁଡେଇ ପକାଇବାର ।—*v.i.* ଓଲଟି ଯିବାର, ଲେଉଟି ପଡିବାର ।

**Capstan**, *n.* ଲଙ୍ଗର ଉଠାଇବା ଯନ୍ତ୍ର ।

**Capsular**, *a.* ବୀଜକୋଷବତ୍, ବୀଜାଧାରସମ୍ବନ୍ଧୀୟ ।

**Capsulate, capsulated**, *a.* କୋଷସ୍ଥ, କୋଷପରିବୃତ ।

**Capsule**, *n.* 1. ବୀଜକୋଷ, ବୀଜାଧାର; 2. ସୂକ୍ଷ୍ମ ଚର୍ମମୟ ଆବରଣ; 3. ଠିପି ଉପରରେ ଥିବା ଧାତୁର ଆବରଣ; 4. ଅସ୍ୱାଦକ ଔଷଧ ନିମନ୍ତେ ଖୋଳ ବିଶେଷ ।

**Captain**, *n.* 1. ପ୍ରଧାନ ଅଧ୍ୟକ୍ଷ; 2. ଜାହାଜର ପ୍ରଧାନ ଅଧ୍ୟକ୍ଷ; 3. ସୈନ୍ୟର ଅଧ୍ୟକ୍ଷ, କପ୍ତାନ; 4. ସେନାପତି, ଅଗ୍ରଗ ।

**Captaincy**, *n.* ସୈନ୍ୟାଧ୍ୟକ୍ଷର ବିଶେଷ କର୍ମ ବା ପଦ, କପ୍ତାନର କର୍ମ ବା ପଦ ।

**Captainship**, *n.* 1. ସୈନ୍ୟାଧ୍ୟକ୍ଷବିଶେଷର ପଦ, ସେନାପତିପଦ; 2. ଯୁଦ୍ଧକୌଶଳ ।

**Caption**, *n.* 1. କଏଦକରଣ, ବନ୍ଦୀକରଣ; 2. ପ୍ରବନ୍ଧର ଶିରୋନାମା ।

**Captious**, *a.* 1. ଛିଦ୍ରାନ୍ୱେଷୀ, ଛିଦ୍ରଧାରୀ, ଦୋଷଗ୍ରାହୀ, ବ୍ୟର୍ଥ ଆପତ୍ତିକାରୀ, କଳହପ୍ରିୟ; 2. ଭ୍ରାନ୍ତିକର ।

**Captiously**, *ad.* ଛିଦ୍ରାନ୍ୱେଷିରୂପେ, ଦୋଷଗ୍ରାହୀରୂପେ ।

**Captiousness**, *n.* ଛିଦ୍ରାନ୍ୱେଷୀ ସ୍ୱଭାବ, ଛିଦ୍ରାନ୍ୱେଷିତା, ଦୋଷଗ୍ରାହିତା ।

**Captivate**, *v.t.* (ବନ୍ଦୀ-କ), ମନୋହରଣ-କ, ମୁଗ୍ଧ-କ, ମୋହିତ-କ, ବଶ-କ ।

**Captivating**, *p.a.* ମନୋହର, ମନର ଆକର୍ଷକ, ମୁଗ୍ଧକାରୀ, ମୋହକ ।

**Captive**, *n.* 1. ବନ୍ଦୀ, ଯୁଦ୍ଧରେ ଧୃତ ବ୍ୟକ୍ତି ; 2. ରୂପରେ ବା ପ୍ରେମାଦିରେ ମୁଗ୍ଧ ବ୍ୟକ୍ତି, ବଶୀଭୂତ ଲୋକ ।— *a.* 1. ବନ୍ଦୀକୃତ, ବଦ୍ଧ ; 2. ମୁଗ୍ଧ, ମୋହିତ, ବଶୀଭୂତ ।

**Captivity**, *n.* 1. ବନ୍ଦିତ୍ୱ, ଦାସତ୍ୱ; 2. ବଶୀଭୂତତା, ବଶ୍ୟତା, ଅଧୀନତା ।

**Captor**, *n.* ବନ୍ଦିକର୍ତ୍ତା, ଜୟୀ, ଯୁଦ୍ଧ ଦ୍ୱାରା ଧନ ବା ଲୋକ ପାଇବା ବ୍ୟକ୍ତି ।

**Capture**, *n.* 1. ବନ୍ଦୀକରଣ, ଧରିବା ; 2. ଧୃତ ବସ୍ତୁ ବା ଲୋକ, ଲୁଣ୍ଠିତ ଦ୍ରବ୍ୟ, ଲୁଟ ।—*v.t.* 1. ବଳପୂର୍ବକ ଧରିବାର, କୌଶଳରେ ଧରିବାର, ବନ୍ଦୀ-କ, ଜୟ-କ, ଯୁଦ୍ଧରେ ଧରି ନେବାର; 2. ଧରିବାର, ଲାଭ-କ ।

**Capuchin**, *n.* 1. ରୋମାନ୍ କାଥଲିକ୍ ସନ୍ନ୍ୟାସୀ ବିଶେଷ; 2. ମସ୍ତକାବରଣ ବିଶେଷ ; 3. ସ୍ତ୍ରୀଲୋକର ମସ୍ତକାବରଣଯୁକ୍ତ ଅଙ୍ଗରଖା ବିଶେଷ; 4. ଲୁଲି ମାଙ୍କଡ; 5. ଲୁଲି ପାରା ।

**Car**, *n.* 1. ରଥ, ବାହନ; 2. ଦୁଇ ଚକିଆ ଗାଡି; 3. ରେଲ୍‌ଗାଡି, ଟ୍ରାମ୍‌ଗାଡି; 4. ବ୍ୟୋମଯାନରେ ବସିବା ସ୍ଥାନ ।

**Carabine, carbine**, *n.* ଅପାର୍ଗ ବନ୍ଧୁକ ବିଶେଷ ।

**Carabineer, carbineer**, *n.* ଉପରୋକ୍ତ ବନ୍ଧୁକଧାରୀ ।

**Caracole**, *n.* 1. ଅଶ୍ୱାରୋହୀର ବକ୍ରଗତି ; 2. ଘୂରଣିଆ ସୋପାନ ।—*v.t.* ଘୋଡାରେ ବକ୍ରଗତି-କ, ଅର୍ଦ୍ଧଚନ୍ଦ୍ରାକାରରୂପେ ଘୋଡା ବୁଲାଇବାର ।

**Caramel**, *n.* 1. ମିଠାଇ ବିଶେଷ; 2. ପୋଡା ଚିନି ।

**Carapace**, *n.* କଇଁଛ ଆଦିର ଖୋଳପା ।

**Carat**, *n.* ହୀରାର ପ୍ରାୟ ଏକ ରତି ଓଜନ, ସ୍ୱର୍ଣ୍ଣ ବିଶୁଦ୍ଧତାର ପରିମାପକ ସଂଜ୍ଞା ।

**Caravan**, *n.* 1. ମରୁଭୂମିର ଯାତ୍ରିଦଳ ; 2. ଭ୍ରାମ୍ୟମାଣ-ଭିକାରିର ବଡଗାଡି ।

**Caravansary**, *n.* ସରାଇ, ପାନ୍ଥାଶ୍ରମ, ପାନ୍ଥଶାଳା, ଯାତ୍ରିମାନଙ୍କ ଉତ୍ତୀର୍ଣ୍ଣସ୍ଥାନ ।

**Caraway**, *n.* ଜୀର ଜାତୀୟ ବୀଜ ବିଶେଷ ।

**Carbolic acid**, *n.* ଅଲକାତରାରୁ ପ୍ରସ୍ତୁତ ଅମ୍ଳ ।

**Carbon**, *n.* ଶୁଦ୍ଧ କୋଇଲା, ଅଙ୍ଗାର ।

**Carbonaceous**, *a.* ଅଙ୍ଗାରଯୁକ୍ତ, ଅଙ୍ଗାରକ ।

**Carbonate**, *n.* ଅଙ୍ଗାରାମ୍ଳ ସହିତ ରସାୟନିକ ମିଶ୍ରିତ ଦ୍ରବ୍ୟ ।

**Carbonic**, *a.* ଅଙ୍ଗାରକ, ଅଙ୍ଗାରରୁ ଜାତ, ଅଙ୍ଗାରଜ ।

**Carbonic acid**, *n.* ଅଙ୍ଗାରାମ୍ଳ ।

**Carboniferous**, *a.* କୋଇଲା ଉତ୍ପାଦକ ।

**Carbonize**, *v.t.* ଅଙ୍ଗାରରେ ପରିଣତ-କ ।

**Carboy**, *n.* ଅମ୍ଳ ରଖିବା ବେତବୁଣା ବଡ କାଚ ବୋତଲ ବିଶେଷ ।

**Carbuncle**, *n.* 1. ରକ୍ତବର୍ଣ୍ଣ ବହୁମୂଲ୍ୟ ପ୍ରସ୍ତର ବିଶେଷ, ପଦ୍ମରାଗ; 2. ଫୋଟକ, ସାଂଘାତିକ ବ୍ରଣ ବିଶେଷ ।

**Carcanet**, *n.* ମଣିହାର ।

**Carcass, carcase**, *n.* 1. ପଶୁର ଶବ, ମଡା, ଶବ, ମୃତଶରୀର ; 2. ଦେହ ; 3. ଜୀର୍ଣ୍ଣଶୀର୍ଣ୍ଣ ବୃହତ୍ ଦ୍ରବ୍ୟ; 4. ଗୃହାଦିର ଅସମ୍ପୂର୍ଣ୍ଣ ଗଠନ ; 5. ବୋମଗୋଲା ବିଶେଷ ।

**Carcinoma**, *n.* କର୍କଟ ରୋଗ ବିଶେଷ ।

**Card**, *n.* 1. ଖେଳିବା ତାସ ; 2. ଦେଖା ସାକ୍ଷାତ କରିବା କାର୍ଡ, ନାମାଦି ଅଙ୍କିତ ମୋଟା କାଗଜ ; 3. ଛପା ନିମନ୍ତ୍ରଣ-ପତ୍ର, ବିଜ୍ଞାପନ ପତ୍ର ; 4. ଦିଗ୍‌ଦର୍ଶନ ଯନ୍ତ୍ରର ଚିହ୍ନପତ୍ର ।

**Card**, *n.* କପା ଆଦି ପିଞ୍ଜିବା ଯନ୍ତ୍ର ।—*v.t.* ପିଞ୍ଜିବାର, ଭଣିବାର ।

**Cardamom**, *n.* ଅଳାଇଚ, ଇଲାଗ ।

**Cardboard**, *n.* ଲେହୁ ଦ୍ୱାରା ଜମାଟ୍ କାଗଜ ।

**Card-case**, *n.* କାର୍ଡ ରଖିବା ଖୋଳ

**Carder**, *n.* ପିଞ୍ଜିବା ଲୋକ ବା ଯନ୍ତ୍ର ।

**Cardiac**, *a.* 1. ହୃତ୍‌ପିଣ୍ଡସମ୍ବନ୍ଧୀୟ ; 2. ଉତ୍ତେଜକ ।—*n.* ଉତ୍ତେଜକ ଔଷଧ ।

**Cardialgia, cardialgy**, *n.* ବକ୍ଷଜ୍ୱାଳା ।

**Cardinal**, *a.* 1. ପ୍ରଧାନ, ଶ୍ରେଷ୍ଠ, ମୌଳିକ; 2. ଅତି ଲାଲ ।—cardinal numbers, (see Ordinal), ଏକ ଦୁଇ ତିନି ପ୍ରଭୃତି ସଂଖ୍ୟା । cardinal points, ଚାରି ପ୍ରଧାନ ଦିଗ । cardinal virtues, ଚାରି ବିଶେଷ ଗୁଣ, ଯଥା,—ଯାଥାର୍ଥ୍ୟ, ପରିଣାମଦର୍ଶିତା, ପରିମିତତା ଓ ଧୈର୍ଯ୍ୟ ବା ଦୃଢତା ।—*n.* 1. ପୋପର ପରପଦସ୍ଥ ଧର୍ମାଧ୍ୟକ୍ଷ ; 2. ସ୍ତ୍ରୀଲୋକର ଅଙ୍ଗରଖା ବିଶେଷ; 3 ଅତି ଲାଲ ବର୍ଣ୍ଣ; 4. ଲାଲ ପକ୍ଷୀ ବିଶେଷ ।

**Card-sharper**, *n.* ତାସ ଖେଳାର ଚୋର ।

**Care**, *n.* 1. ମନ୍ଦ ଘଟିବା ଆଶଙ୍କାରୁ ଜାତ ମନୋବେଦନା, ଚିନ୍ତା, ମାନସିକ କଷ୍ଟ, ଉଦ୍‌ବେଗ, ଉତ୍କଣ୍ଠା ; 2. ସାବଧାନତା, ସତର୍କତା, ମନୋଯୋଗ ; 3. ରକ୍ଷା, ତତ୍ତ୍ୱାବଧାରଣ ; 4. ତତ୍ତ୍ୱାବଧାନର ବିଷୟ, ଚିନ୍ତାର ବିଷୟ ।—*v.i.* 1. ଚିନ୍ତିତ-ହେ, ସାବଧାନ-ହେ, ମନୋଯୋଗୀ-ହେ : 2. ଇଚ୍ଛୁକ-ହେ ।—to care for, 1. ରକ୍ଷା-କ; 2. ଯତ୍ନ-କ ; ତତ୍ତ୍ୱ-ନେ ; 3. ମନୋଯୋଗ-କ ; 4. ଖାତିର-କ, ଗ୍ରାହ୍ୟ-କ, ଚିନ୍ତା-କ ।

**Careen**, *v.t.* ମରାମତି କରିବା ନିମନ୍ତେ (ଜାହାଜକୁ) ଏକପାଖିଆ-କ ।—*v.i.* ଅଣେଇ ପଡିବାର, ଏକପାଖିଆ ହୋଇ ଯିବାର, କଡେଇ ହୋଇ ପଡିବାର ।

**Career**, *n.* 1. ଦୌଡ, ଦ୍ରୁତଗତି; 2. ଜୀବନଯାତ୍ରା, ଜୀବନଚରିତ ; 3. ବ୍ୟବସାୟ, ଜୀବନୋପାୟ ।—*v.i.* ଦୌଡିବାର, ଦ୍ରୁତଗମନ-କ, କୁଦି ଯିବାର ।

**Careful**, *a.* (ଚିନ୍ତାପୂର୍ଣ୍ଣ, ଚିନ୍ତିତ) ; 1. ସାବଧାନ, ମନୋଯୋଗୀ, ସତର୍କ, ହୁସିଆର, ସିଆଣା ; 2. ସାବଧାନତାପୂର୍ଣ୍ଣ ।

**Carefully**, *ad.* 1. ଚିନ୍ତାପୂର୍ବକ ; 2. ସାବଧାନରୂପେ, ସତର୍କରୂପେ, ମନୋଯୋଗପୂର୍ବକ ।

**Carefulness**, *n.* ସାବଧାନତା, ସତର୍କତା, ଚତୁରତା ।

**Careless**, *a.* 1. ନିଶ୍ଚିନ୍ତ, ଅମନୋଯୋଗୀ, ଅସାବଧାନ, ଅସତର୍କ, with *of* or *about* before an object ; 2. ଚିନ୍ତାରହିତ, ପ୍ରଫୁଲ୍ଲମନା ; 3. ଅସାବଧାନତାସୂଚକ ।

**Carelessness**, *n.* ନିଶ୍ଚିନ୍ତତା, ଅମନୋଯୋଗ, ଅସାବଧାନତା ।

**Caress,** *v.t.* ଆଦର-କ, ଗେହ୍ଲା-କ, ଅଙ୍ଗିଶିବାର, ଚାଗୁଲ-କ, ଆଲିଙ୍ଗନ-କ, ଆଦରରେ ଥାପୁଡ଼ିବାର । —*n.* ଆଦର, ଆଦରର ଥାପୁଡ଼ା ।

**Caressingly,** *ad.* ଆଦରପୂର୍ବକ, ଆଲିଙ୍ଗନପୂର୍ବକ, ଗେହ୍ଲାଭାବେ ।

**Caret,** *n.* ପଦ ଅକ୍ଷର ଆଦିର ଅସ୍ୱବସ୍ଥାପକ ଚିହ୍ନ, କାକପଦ, ଯଥା, ‸ ।

**Care-taker,** *n.* ତତ୍ତ୍ୱାବଧାରକ, ଜୌଦାର ।

**Careworn,** *a.* ଚିନ୍ତାଜୀର୍ଣ୍ଣ, ଚିନ୍ତାବ୍ୟାକୁଳ, ଶ୍ରାନ୍ତକ୍ଳାନ୍ତ ।

**Cargo,** *n.* ଜାହାଜର ବୋଝାଇ, ଭର, ମାଲ ।

**Caricature,** *n.* ଅତିରଞ୍ଜିତ ହାସ୍ୟୋତ୍ପାଦକ ଚିତ୍ର ବା ବର୍ଣ୍ଣନା, ବ୍ୟଙ୍ଗକାର ଛବି, ବିକଟାକୃତି ଛବି ।—*v.t.* ଅତିରଞ୍ଜିତ ଛବି ବା ବର୍ଣ୍ଣନା-କ, ବିକଟାକୃତି ଛବି ଦ୍ୱାରା ପରିହାସ-କ ।

**Caricaturist,** *n.* ଅତିରଞ୍ଜକ, ଉପହାସକ ।

**Caries,** *n.* ଅସ୍ଥିଜୀର୍ଣ୍ଣତା, ଅସ୍ଥିଗଳିତାବସ୍ଥା ।

**Carious,** *a.* ଜୀର୍ଣ୍ଣ, ଗଳିତ ।

**Carking,** *p. a.* ଉଦ୍‌ବେଗଜନକ, କ୍ଲେଶଦାୟକ, କଷ୍ଟକର ।

**Carl, carle,** *n.* ଲୋକ, ବଳିଷ୍ଠ ମନୁଷ୍ୟ, ବୁଢ଼ା ।

**Carline,** *n.* ସ୍ତ୍ରୀଲୋକ, ଅଶ୍ରିଯଚଣ୍ଡୀ, ବୁଢ଼ୀ

**Carman,** *n.* ଗାଡ଼ିବାଲା, ଶଗଡ଼ିଆ, ଗାଡ଼ୁଆନ୍ ।

**Carmelite,** *n.* 1. ରୋମାନ୍ କାଥଲିକ୍ ସନ୍ନ୍ୟାସୀ ବିଶେଷ; 2. ଫଳ ବିଶେଷ ।

**Carminative,** *n.* ବାୟୁନିବାରକ ଔଷଧ ବିଶେଷ । —*a.* ବାୟୁନାଶକ, ଆକ୍ଷେପନିବାରକ ।

**Carmine,** *n.* କୃମିଦାନାରୁ ଜାତ ରଙ୍ଗ, ରକ୍ତ ବର୍ଣ୍ଣ ।

**Carnage,** *n.* ସଂହାର, ନିପାତ, ହତ୍ୟା, ବଧ ।

**Carnal,** *a.* 1. ଶାରୀରିକ, ଦୈହିକ, କାମୁକ; 2. ଐହିକ, ସାଂସାରିକ, ପାର୍ଥିବ, ବିଷୟାସକ୍ତ ।

**Carnalist,** *n.* 1. କାମାସକ୍ତ ଲୋକ, ସୁଖାଭିଳାଷୀ ଲୋକ; 2. ସାଂସାରିକ ଲୋକ, ବିଷୟାସକ୍ତ ଲୋକ ।

**Carnality,** *n.* 1. ଶାରୀରିକତା, ଶାରୀରିକ ସୁଖାଭିଳାଷ, ଇନ୍ଦ୍ରିୟାସକ୍ତି, କାମୁକତା; 2. ସାଂସାରିକତା, ବିଷୟାସକ୍ତି ।

**Carnalize,** *v.t.* 1. ଶାରୀରିକ-କ, ଇନ୍ଦ୍ରିୟାସକ୍ତ-କ; 2. ଐହିକ-କ, ସାଂସାରିକ-କ ।

**Carnally,** *ad.* 1. ଶାରୀରିକଭାବେ, କାମଭାବେ; 2. ସାଂସାରିକଭାବେ ।

**Carnation,** *n.* 1. ମାଂସ ବର୍ଣ୍ଣ, ପାଟଳ ବର୍ଣ୍ଣ; 2. ସୁଗନ୍ଧ ପୁଷ୍ପ ବିଶେଷ ।

**Carnelian,** *n.* ଲାଲ ବା ମାଂସବର୍ଣ୍ଣ ବହୁମୂଲ୍ୟ ପ୍ରସ୍ତର [ବିଶେଷ ।

**Carneous,** *a.* ମାଂସବତ୍, ମାଂସଗୁଣଯୁକ୍ତ ।

**Carnify,** *v.t.* ମାଂସରେ ପରିଣତ-କ ।—*v.i.* 1 ମାଂସରେ ପରିଣତ-ହେ; 2. ମାଂସମୟ-ହେ, ମାଂସବୃଦ୍ଧି-ହେ ।

**Carnival,** *n.* 1. ରୋମାନ୍ କାଥଲିକ୍ ଲେଣ୍ଟ ନାମକ ଉପବାସର ପୂର୍ବ ପର୍ବ; 2. ଉତ୍ସବ, ବିଳାସ ଉତ୍ସବ ।

**Carnivora,** *n. pl.* ମାଂସଭୋଜୀ ଜନ୍ତୁବର୍ଗ, ମାଂସାଶୀ ଜନ୍ତୁବର୍ଗ ।

**Carnivore,** *n.* 1. ମାଂସାହାରୀ ଜନ୍ତୁ, ଶିକାରୀ ଜନ୍ତୁ; 2. କୀଟାହାରୀ ଗଛ ।

**Carnivorous,** *a.* ମାଂସଭୋଜୀ, ମାଂସାହାରୀ, ମାଂସାଶୀ, ମାଂସାଦ । [ମିଷ୍ଟ ଅଟେ ।

**Carob,** *n.* ଶିମ୍ବ ବିଶେଷ ଓ ଯାହାର ଶୁଖିଲା ଖୋଳପା

**Carol,** *n.* 1. ଆନନ୍ଦଗୀତ, ହର୍ଷଧ୍ୱନି, ଗାନ; 2. ସଙ୍କୀର୍ତ୍ତନ, ଧର୍ମଗାନ, ଖ୍ରୀଷ୍ଟଙ୍କ ଜନ୍ମୋତ୍ସବସମ୍ବନ୍ଧୀୟ ଧର୍ମଗାନ । —*v.i.* ଆନନ୍ଦଗାନ-କ, କଳସ୍ୱର-କ ।—*v.t.* ପକ୍ଷିପରି ଗାନ-କ ।

**Carotid,** *a.* ହୃତ୍ପିଣ୍ଡରୁ ରକ୍ତପ୍ରବାହକ ନାଡ଼ିଦ୍ୱୟସମ୍ବନ୍ଧୀୟ । —*n.* ହୃତ୍ପିଣ୍ଡର ରକ୍ତପ୍ରବାହକ ନାଡ଼ି ।

**Carousal, carouse,** *n.* ପାନୋତ୍ସବ, ବିଳାସ ଉତ୍ସବ, ମଦ୍ୟପାନରେ ଗଣ୍ଡଗୋଳ ।

**Carouse,** *v.i.* ପାନୋତ୍ସବ-କ, ଗଣ୍ଡଗୋଳ କରି ମଦ୍ୟପାନ-କ, ଅତିରିକ୍ତ ମଦ୍ୟପାନ-କ ।

**Carousel, carrousel,** *n.* ଅଶ୍ୱାରୋହୀର କୃତ୍ରିମ ଯୁଦ୍ଧସମ୍ବନ୍ଧୀୟ ଉତ୍ସବ ।

**Carp,** *v.i.* ଛିଦ୍ରାନ୍ୱେଷଣ-କ, ଦୋଷ ଧରିବାର, କ୍ଷୁଦ୍ର ବିଷୟରେ ଆପତ୍ତି-କ ।

**Carp,** *n.* ନଦୀ ବା ପୁଷ୍କରିଣୀର ମତ୍ସ୍ୟ ବିଶେଷ ।

**Carpal,** *a.* ମଣିବନ୍ଧସମ୍ବନ୍ଧୀୟ, ମଣିବନ୍ଧନିକଟସ୍ଥ ।

**Carpenter,** *n.* ବଢ଼ାଇ, ସୂତ୍ରଧର ।

**Carpentry,** *n.* 1. ବଢ଼ାଇର ବ୍ୟବସାୟ ବିଦ୍ୟା ବା କାର୍ଯ୍ୟ; 2. କାଠକାମ, ଦାରୁକାର୍ଯ୍ୟ ।

**Carpet,** *n.* ଗାଲିଚ୍, ଦୁଲିଚ୍, ଶତରଞ୍ଜି, ଦରି ।—*v.t.* ଗାଲିଚ୍ ବା ଶତରଞ୍ଜି ବିଛାଇବାର, ଗାଲିଚ୍ ଦ୍ୱାରା ଆଚ୍ଛାଦନ-କ ।— to be on the carpet, ବିବେଚ୍ୟ-ହେ, ବିବେଚନାଧୀନରେ-ଥା ।

**Carpet-bag,** *n.* ଗାଲିଚ୍ ନିର୍ମିତ ଥଳୀ ।

**Carpeting,** *n.* 1. ଗାଲିଚ୍ ଦ୍ୱାରା ଆଚ୍ଛାଦନ; 2. ଗାଲିଚ୍-ଲୁଗା, ଗାଲିଚ୍‌ସମୂହ ।

**Carpet-knight,** *n.* ଯୁଦ୍ଧ କ୍ଷେତ୍ରକୁ ନ ଯିବା ସୈନ୍ୟ, ବିଳାସପ୍ରିୟ ସୈନ୍ୟ । [ଦୋଷଦର୍ଶୀ ।

**Carping,** *a.* ଛିଦ୍ରାନ୍ୱେଷୀ, ଛିଦ୍ରଧାରୀ, ବ୍ୟର୍ଥ ଆପତ୍ତିକାରୀ,

**Carpingly,** *ad.* ଛିଦ୍ରାନ୍ୱେଷଣପୂର୍ବକ, ଛିଦ୍ରଧାରିରୂପେ ।

**Carpology,** *n.* ଉଦ୍ଭିଦ ବିଦ୍ୟାରେ ଫଳବିଷୟକ ବର୍ଣ୍ଣନ ।

**Carpus,** *n.* ମଣିବନ୍ଧ ।

**Carriage,** *n.* 1. ବହନ; 2. ବାହନ, ଗାଡ଼ି, ବଗୀ, ଯାନ; 3. ନିର୍ବାହ; 4. ବହିବା ମୂଲ୍ୟ ବା ଖର୍ଚ୍ଚା; 5. ଗତି, ଚଳନ; 6. ଆଚାର, ବ୍ୟବହାର, ଆଚରଣ; 7. କଳର ବାହକଯନ୍ତ୍ର ।

**Carriageable,** *a.* ଗାଡ଼ିରେ ବହିବାଯୋଗ୍ୟ ।

**Carriage-way,** *n.* ଗାଡ଼ିବାଟ ।

**Carrier,** *n.* 1. ବାହକ, ମୋଟିଆ; 2. କଳର ବାହକଯନ୍ତ୍ର ।

**Carrier-pigeon,** *n.* ପତ୍ରବାହକ ପାରା ।

**Carrion,** *n.* ମଡ଼ାମାଂସ, ପଚାମାଂସ ।—*a.* 1. ପଚା-, ମାଂସସମ୍ବନ୍ଧୀୟ; 2. ପଚାମାଂସ ଭକ୍ଷକ ।

**Carrot,** *n.* ଗାଜର । [କେଶୀ ।

**Carrotty,** *a.* 1. ଗାଜରବର୍ଣ୍ଣ, ସିନ୍ଦୂରବର୍ଣ୍ଣ; 2. ସିନ୍ଦୂରବର୍ଣ୍ଣ-

**Carry,** *v.t.* 1. ବହିବାର, ବହନ-କ, ବହି ଆଣିବାର ବା ନେବାର, ନେଇ ଯିବାର ; 2. ଧାରଣ-କ, ଧରିବାର, ଧରି ରଖିବାର; 3. ଚଳାଇବାର, ଟାଣି ନେବାର, ପ୍ରବର୍ତ୍ତାଇ-ବାର ; 4. ସ୍ଥାନାନ୍ତର-କ ; 5. ଜିଣିବାର, ଲାଭ-କ ; 6. ଆଚାରବ୍ୟବହାର-କ, ଆଚରଣ-କ; 7. (ଗଣିତରେ) ହାତରେ-ନେ ।—*v.i.* 1. ଗୁଳି ଦୂର ଚଳାଇବାର, ପ୍ରକ୍ଷେପ-କ; 2. ବାହକ-ହେ ।—to carry all before one, ସର୍ବତୋଭାବେ କୃତକାର୍ଯ୍ୟ-ହେ । to carry arms, 1. ସୈନିକ-ହେ ; 2. ଅସ୍ତ୍ରଧାରୀ-ହେ । to carry away, 1. ଦୃଢ଼ରୂପେ ପ୍ରବୃତ୍ତି ଜନ୍ମାଇବାର, ମୋହିତ-କ ; 2. ସ୍ଥାନାନ୍ତର-କ । to carry off, 1. ମୃତ୍ୟୁ ଘଟାଇବାର ; 2. ହରାଇ ନେବାର ; 3. ଜିତ-ଯି । to carry on, 1. ଚଳାଇବାର ; 2. ଅସଭ୍ୟମତେ ଖେଳିବାର, ଅନୁଚିତ ବ୍ୟବହାର-କ । to carry out or through, ସମ୍ପନ୍ନ-କ, ସାଧନ କ । to carry the day, କୃତକାର୍ଯ୍ୟ-ହେ, ଜୟଯୁକ୍ତ-ହେ । to carry weight, ଫଳଦାୟକ-ହେ, ଗୁରୁତର-ହେ ।

**Cart,** *n.* ଶଗଡ଼, ଶକଟ, ଗାଡ଼ି ।— *v.t.* ଶଗଡ଼ରେ ବହି-ବାର, ଗାଡ଼ି ଉପରେ ଥୋଇବାର ।

**Cartage,** *n.* 1. ଗାଡ଼ିରେ ବହନ; 2. ଗାଡ଼ିଭଡ଼ା ।

**Carte-blanche,** *n.* (French), 1. ଅଲେଖା କାଗଜ, ସ୍ୱାକ୍ଷରିତ ଅଲେଖା କାଗଜ; 2. ଯଥେଚ୍ଛା କ୍ଷମତା, ଯଥେଚ୍ଛା ଅନୁମତି ।

**Carte-de-visite,** *n.* (French), 1. ଦେଖା ସାକ୍ଷାତ କରିବା କାର୍ଡ; 2. ମନୁଷ୍ୟର ନକ୍ସା ଥିବା କାର୍ଡ ।

**Cartel,** *n.* 1. ପରସ୍ପର ଯୁଦ୍ଧାର୍ଥେ ଆହ୍ୱାନ ; 2. ବନ୍ଦୀ ବଦଳର ନିୟମପତ୍ର ; 3. ବନ୍ଦୀ ବଦଳ ନିମନ୍ତେ ନିଯୁକ୍ତ ଜାହାଜ ।

**Carter,** *n.* ଶଗଡ଼ିଆ, ଗାଡ଼ିଆଳ, ଶକଟ ବାହକ ।

**Cartilage,** *n.* ଉପାସ୍ଥି, କୋମଳାସ୍ଥି, ନରମ ହାଡ଼ ।

**Cartilaginous,** *a.* ଉପାସ୍ଥିସମ୍ବନ୍ଧୀୟ, ଉପାସ୍ଥିବିଶିଷ୍ଟ ।

**Cartoon,** *n.* 1. ମୋଟାମୋଟି ଚିତ୍ର, ଚିତ୍ରପଟ ; 2. ଚିତ୍ରିତ ପତ୍ର, କୌଣସି ଲୋକ ବା ବିଷୟ ପ୍ରତି ଜନସାଧାରଣଙ୍କର ପ୍ରବୃତ୍ତି ଜନ୍ମାଇବା ଚିତ୍ରପଟ ।

**Cartouch,** *n.* *kartoosh*, 1. ଟୋଟା, ତୋଷଦାନ ; 2. ମିଶର ଦେଶୀୟ ଲାଟସ୍ତମ୍ଭରେ ଥିବା ସାଙ୍କେତିକ ଲେଖା ବିଶେଷ ।

**Cartridge,** *n.* ଟୋଟା ।

**Cartridge-paper,** *n.* ମୋଟା କାଗଜ ବିଶେଷ ।

**Cartway,** *n.* ଗାଡ଼ିବାଟ, ଶକଟପଥ । [କର୍ତ୍ତା ।

**Cartwright,** *n.* ଶଗଡ଼ ବନାଇବା ଲୋକ, ଶକଟ ନିର୍ମାଣ-

**Carve,** *v.t.* 1. ଖୋଦିତ-କ, କାଷ୍ଠପ୍ରସ୍ତରାଦି ଉପରେ କୌଣସି ଗଠନ-କ ; 2. କାଟି ମୂର୍ତ୍ତି ବନାଇବାର; 3. କାଟିବାର, ଖଣ୍ଡ-କ ।—*v.i.* 1. ମାଂସ କାଟିବାର ; 2. ଖୋଦିତ କର୍ମ-କ ।

**Carver,** *n.* 1. କାଷ୍ଠାଦିରେ ଖୋଦିବା ବ୍ୟକ୍ତି, ତକ୍ଷକ, ସ୍ଥପତି ; 2. ମାଂସ କାଟିବା ବ୍ୟକ୍ତି ; 3. ମାଂସ କାଟିବା ଛୁରି ।

**Carving,** *n.* 1. ମାଂସ କାଟିବା କୌଶଳ ; 2. କାଷ୍ଠ ଆଦିରେ ଖୋଦିବା ବିଦ୍ୟା ; 3. ଖୋଦିତ ଚିତ୍ର ।

**Cascade,** *n.* କ୍ଷୁଦ୍ର ଜଳପ୍ରପାତ ।

**Case,** *n.* 1. କୋଷ, ଖୋଳ, ଖାପ ; 2. ସିନ୍ଦୁକ, ବାକ୍ସ, ଆଧାର ; 3. ଛପା ଅକ୍ଷରର ଖୋଳ ।—*v.t.* ଖୋଳରେ ରଖିବାର, ଆଚ୍ଛାଦନ-କ ।

**Case,** *n.* 1. ଘଟଣା; 2. ଦଶା, ଅବସ୍ଥା; 3. ବିଷୟ, ପ୍ରସଙ୍ଗ, କାର୍ଯ୍ୟସ୍ଥଳ ; 4. ମକଦ୍ଦମା, ମାମଲା ; 5. କାରକ ।—in any case, ଯାହା ଘଟୁ ପଛେ, ଯାହା ହେଉ ପଛେ । in case, ଏରୂପ ହେଲେ, ଯଦି, ଯଦିସ୍ୟାତ୍ । to make out one's case, କଥିତ କଥାକୁ ପ୍ରମାଣ ଦ୍ୱାରା ସ୍ଥିର-କ । to put a case, 1. କଥା ପକାଇ-ବାର ; 2. ସମ୍ଭବନୀୟ ଘଟନା ବା ଅବସ୍ଥା ଦେଖାଇବାର ।

**Case-harden,** *v.t.* 1. ଲୁହା ବା ଅସ୍ତ୍ର ଆଦିର ଉପର ପରସ୍ତ ଇସ୍ପାତରେ ପରିଣତ କରି ଟାଣ-କ ; 2. କଠିନ-କ ।

**Case hardened,** *p.a.* 1. ଉପର ପରସ୍ତ ଇସ୍ପାତରେ ପରିଣତ ହେବା ଦ୍ୱାରା କଠିନ; 2. ନିର୍ଲଜ୍ଜ, କଠିନ ।

**Casein, caseine,** *n.* ଛେନାର ଉପାଦାନ, ପନିରର ଉପାଦାନ ।

**Case-knife,** *n.* ଖୋଳଯୁକ୍ତ ଛୁରି, ମେଜର ବଡ଼ ଛୁରି ।

**Casemate,** *n.* ଗୋଳା ଦ୍ୱାରା ଅଭେଦ୍ୟ କିଲ୍ଲାଗୃହ ବିଶେଷ, ଗୁମ୍ବଜ ।

**Casement,** *n.* ଝରକା ଖିଡ଼କିର କାଠଲଗ, ଖିଡ଼କିର ଯେଉଁ ଅଂଶ ଖୋଲା ହୋଇ ପାରେ ବା କବ୍ଜା ଉପରେ ଝୁଲି ଥାଏ ।

**Caseous,** *a.* ପନିରବତ୍, ପନିରଗୁଣବିଶିଷ୍ଟ ।

**Case-shot,** *n.* ତୋପରୁ ମାରିବା ନିମନ୍ତେ ଗୋଳିପୂର୍ଣ୍ଣ ଲୁହା ଖୋଳ ।

**Cash,** *n.* 1. ଟଙ୍କା, ମୁଦ୍ରା ; 2. ନଗଦ ଟଙ୍କା ; 3. ଚୀନ ଦେଶୀୟ ତାମ୍ର ମୁଦ୍ରା ।—*v.t.* ଟଙ୍କାରେ ପରିଣତ-କ, (ନୋଟ୍) ଭଙ୍ଗାଇବାର, ନଗଦ ଟଙ୍କା-ଦେ ।

**Cash-book,** *n.* ଜମାଖର୍ଚ୍ଚବହି, ରୋକଡ଼ବହି ।

**Cashew,** *n.* ହିଜଳିବାଦାମ ଗଛ ।

**Cashew-nut,** *n.* ହିଜଳିବାଦାମ ।

**Cashier,** *n.* ଖଜାଞ୍ଚି, ତହବିଲଦାର ।

**Cashier,** *v.t.* କର୍ମଚ୍ୟୁତ-କ, ପଦଚ୍ୟୁତ-କ ।

**Cashmere,** *n.* କାଶ୍ମୀର ଶାଲ । [ଖୋଳ ସବୁ ।

**Casing,** *n.* 1. ଖୋଳରେ ବନ୍ଦକରଣ; 2. ଖୋଳ,

**Casino,** *n.* 1. ଗ୍ରୀଷ୍ମକାଳ ପାଇଁ ସାନ ମୋଫସଲ ଘର ; 2. ନୃତ୍ୟଶାଳା ବା ସାଧାରଣ ଲୋକଙ୍କ ଖେଳିବା ଘର ବିଶେଷ ।

**Cask,** *n.* 1. ପିପା; 2. ପିପାର ପରିମାଣ ।—*v.t.* ପିପାରେ ରଖିବାର ।

**Casket,** *n.* ଗହଣାର ସିନ୍ଦୁକ, ଡବା, ମଞ୍ଜୁଷା, ରତ୍ନାଧାର ।

**Casque,** *n.* *kask*, ଶିରସ୍ତ୍ର, ଯୁଦ୍ଧମସ୍ତକାବରଣ, ରଣ-ଟୋପର ।

**Cassia,** *n.* 1. ସୁନାମୁଖୀ ; 2. ଡାଲଚିନି ଜାତୀୟ ମସଲା ବିଶେଷ, ଗୁଡ଼ତ୍ୱକ ।

**Cassock**, *n.* ସରକାରୀ ମଣ୍ଡଳୀସ୍ଥ ଯାଜକର ପରିଚ୍ଛଦ ବିଶେଷ ।

**Cassowary**, *n.* ଉଷ୍ଟ୍ର ପକ୍ଷିପର ବଡ ପକ୍ଷୀ ବିଶେଷ ।

**Cast**, *v.t.* 1. ଫୋପାଡିବାର, ନିକ୍ଷେପ-କ, ପ୍ରୟୋଗ-କ; 2. ପକାଇବାର, (ଦୃଷ୍ଟି) ଫେରାଇବାର ; 3. ଗଣନା-କ : 4. ଛାଞ୍ଚରେ ଢାଳିବାର ; 5. କଳ୍ପନା-କ ; 6. ବର୍ଜ-କ; 7. ଛାଡିବାର, ଝାଡିବାର ; 8. (ଦୃଢ) ବାଣ୍ଟ-କ ; 9. ମକଦ୍ଦମାରେ ପରାଜୟ-କ; 10. ଉଠିବାକୁ ବାଧା ଦେବା ପାଇଁ ପିଠି ଦେଇ ପକାଇବାର; 11. ଅଗ୍ରାହ୍ୟ-କ ।—*v.i* 1. ଚିନ୍ତା-କ, କଳ୍ପନା-କ, ବିବେଚନା-କ, followed by *about*; 2. ବେଙ୍କା ହୋଇ ଯିବାର, ବଙ୍କ-ହେ; 3. ଉଠି ନ ପାରି ପିଠି ଦେଇ ପଡିବାର ।—to cast aside, ବିଦାୟ-ଦେ, ଛାଡ-ଦେ, ପରିତ୍ୟାଗ-କ । to cast away, 1. ଫୋପାଡି ପକାଇବାର, ଅପବ୍ୟୟ-କ; 2. ଭାଙ୍ଗିବାର; 3. ପରିତ୍ୟାଗ-କ । to cast down, 1. ତଳକୁ ପକାଇବାର; 2. ବିଷଣ୍ଣ-କ । to cast forth, 1. ଅଗ୍ରାହ୍ୟ-କ, ବାହାର କରି ଦେବାର; 2. ନିର୍ଗତ-କ, ବାହାର-କ, ବ୍ୟାପ୍ତ-କ । to cast in one's lot with, ଯୋଗ-ଦେ, ସହଭାଗୀ-ହେ । to cast in the teeth of, କୌଣସି କଥା ଧରି ତିରସ୍କାର ବା ଭର୍ତ୍ସନା-କ, କଥା ଧରି ଥଟ୍ଟା-କ । to cast off, 1. ଅଗ୍ରାହ୍ୟ-କ, ତ୍ୟାଗ-କ ; 2. ଛାଡ-ଦେ; 3. (ନୌକା ଅବ) ଫିଟା କରିବାର ବା ଛାଡିବାର । to cast one's self on or upon, ଆତ୍ମସମର୍ପଣ-କ । to cast out, ବାହାର କରି ଦେବାର, ଛାଡ-ଦେ । to cast up, 1. ଫିଙ୍ଗ-କ ; 2. ଗଣନା-କ, ଅଙ୍କ କଷିବାର, ହିସାବ-କ ; 3. ବାନ୍ତ-କ ; 4. ଭର୍ତ୍ସନାରେ ଉଲ୍ଲେଖ-କ ।—*n.* 1. ପ୍ରକ୍ଷେପ, ନିକ୍ଷେପ, କ୍ଷେପ; 2. ଅକ୍ଷପାତ; 3. ନିକ୍ଷିପ୍ତ ପଦାର୍ଥ; 4. ନିକ୍ଷେପର ଦୂରତ୍ୱ; 5. କୌଶଳ; 6. କଟାକ୍ଷ, ଟେରା, ବକ୍ରଦୃଷ୍ଟି, ଚାହାଣି; 7. ଆକୃତି, ଗଠନ, ଛାଞ୍ଚ ; 8. ଈଷତ୍ ପରିମାଣ; 9. ପ୍ରକାର ; 10. ଛାଞ୍ଚରେ ଢଳା ପଦାର୍ଥ, ସ୍ୱାନ ପିତ୍ତଳମୂର୍ତ୍ତି; 11. ଅଭିନୟକାରୀର କଳ୍ପିତ ଦଳ; 12. ବାଜପକ୍ଷିର ବାନ୍ତ, କୃମିର ବାନ୍ତ ।

**Castanet**, *n.* କାଠର ମନ୍ଦିରା ବିଶେଷ, ଗିନି ।

**Castaway**, *n.* 1. ତ୍ୟକ୍ତ ବ୍ୟକ୍ତି, ପାଷଣ୍ଡ ଲୋକ, ସମ୍ପତ୍ତି ବା ଚରିତ୍ର ଭ୍ରଷ୍ଟ ଲୋକ ; 2. ଭଗ୍ନଜାହାଜ ଲୋକ ।

**Caste**, *n.* ଜାତି, ବର୍ଣ୍ଣ, କୁଳ ।

**Castellated**, *a.* ଦୁର୍ଗନ୍ୟାୟ ବେଷ୍ଟିତ, ଦୁର୍ଗନ୍ୟାୟ ନିର୍ମିତ, ଦୁର୍ଗାକାର ।

**Caster**, *n.* 1. ନିକ୍ଷେପକ; 2. କଂସାରି, ଛାଞ୍ଚରେ ଯେ ଢାଳେ ।

**Castigate**, *v.t.* 1. ଶାସ୍ତି-ଦେ, ଦଣ୍ଡ-ଦେ, ମାରିବାର, ପ୍ରହାର-କ; 2. ତୀବ୍ରଭାବେ ସମାଲୋଚନା-କ, ସଂଶୋଧନ-କ ।

**Castigation**, *n.* 1. ଶାସ୍ତି, ଦଣ୍ଡ, ପ୍ରହାର ; 2 ସମାଲୋଚନା, ଭ୍ରମସଂଶୋଧନ ।

**Castigator**, *n.* 1. ଶାସ୍ତିଦାତା, ପ୍ରହାରକ; 2. ସମାଲୋଚକ, ଭ୍ରମସଂଶୋଧକ ।

**Castigatory**, *a.* ଦଣ୍ଡକାରୀ, ଦଣ୍ଡଦାୟକ ।

**Casting**, *n.* 1. ନିକ୍ଷେପକରଣ; 2. ଛାଞ୍ଚରେ ଢାଳନ; 3. ଛାଞ୍ଚରେ ଢଳା ଜିନିଷ, ଢଳା ଦ୍ରବ୍ୟ ।

**Casting-vote**, *n.* ସଭାପତିର ମୀମାଂସାକାରକ ମତ ।

**Cast-iron**, *n.* ଢଳା ଲୁହା ।—*a.* 1. ଢଳା ଲୁହାରେ ନିର୍ମିତ ; 2. ଢଳା ଲୁହାପରି, ଶକ୍ତ ।

**Castle**, *n.* 1. ଗଡ, ଦୁର୍ଗ ; 2. କୁଳୀନ ଲୋକର ବା ରାଜାର ବାସସ୍ଥାନ; 3. (in chess), ଗଜ ।—castle in the air, ଅମୂଳକ କଳ୍ପନା ।—*v.i.* (in chess), ରାଜାକୁ ଗଜ ଦ୍ୱାରା ରକ୍ଷା-କ, କୌଣସି ଏକ ଗଜକୁ ରାଜାର ନିକଟରେ ରଖିଲା ପରେ ରାଜାକୁ ସେହି ଗଜର ଅନ୍ୟ ପାଖକୁ ନେବାର ।

**Castle-builder**, *n.* ଶୂନ୍ୟରେ ଦୁର୍ଗ ନିର୍ମାଣକାରୀ, ଅମୂଳକ କଳ୍ପନାକାରୀ ।

**Castle-building**, *n.* ଅମୂଳକ କଳ୍ପନାକରଣ ।

**Castled**, *a.* ଦୁର୍ଗଯୁକ୍ତ, ଦୁର୍ଗପରି ନିର୍ମିତ ।

**Cast-off**, *a.* ତ୍ୟକ୍ତ ।

**Castor**, *n.* 1. ପଶୁ ବିଶେଷ, ବିବର ନାମକ ପଶୁ ; 2. ଉକ୍ତ ପଶୁଠାରୁ ଜାତ ଗନ୍ଧଯୁକ୍ତ ପଦାର୍ଥ; 3. ବିବର ଚର୍ମନିର୍ମିତ ଟୋପି, ରେଶମ ଟୋପି ।

**Castor, caster**, *n.* 1. ଗୋଲମରିଚ ଗୁଣ୍ଡା ଛିଞ୍ଚିବା ଛିଦ୍ରଯୁକ୍ତ ଆଧାର ; 2. ମେଜ ବା ଚୌକିର ଗୋଡରେ ଥିବା ସାନ ଚକ ।

**Castor-oil**, *n.* ଜଡାତେଲ, ଏରଣ୍ଡ ତୈଳ ।—castor-oil plant, ଜଡା ଗଛ, ଶବ ଗଛ । [କକ୍ଷାଁ ।

**Castramentation**, *n.* ଛାଉଣିସ୍ଥାପନ ବିଦ୍ୟା, ଛାଉଣିର

**Castrate**, *v.t.* 1. ଖାସି-କ, ଖୋଜା-କ, ମୁଷ୍କଛେଦନ-କ; 2. କାଟି-ଦେ, ପରିଶୁଦ୍ଧ-କ ।—*n.* 1. ଖୋଜା, ନପୁଂସକ ; 2. ଖାସି ।

**Castration**, *n.* ଖାସିକରଣ, ମୁଷ୍କଛେଦନ ।

**Casual** *a.* 1. ଦୈବାଧୀନ, ଦୈବାୟତ୍ତ, ଆକସ୍ମିକ, ଅନିର୍ଦ୍ଧାରିତ; 2. ଅନିୟତ ।

**Casualism**, *n.* ସବୁ ବିଷୟ ଅଦୃଷ୍ଟର ଅଧୀନ ଅଟେ ବୋଲି ଯେଉଁ ମତ ।

**Casualist**, *n.* ଉପରୋକ୍ତ ମତଧାରୀ । [ଦୈବାତ୍ ।

**Casually**, *ad.* ଅନପେକ୍ଷିତରୂପେ, ହଠାତ୍, ଅକସ୍ମାତ୍,

**Casualty**, *n.* 1. ଆକସ୍ମିକ ଘଟନା, ଦୈବଘଟଣା, ଦୁର୍ଘଟଣା; 2. ବଧ ବା ଆଘାତ ହେତୁ ଯୁଦ୍ଧର କ୍ଷତି ।

**Casuist**, *n.* ଧର୍ମାଧର୍ମ ବିଷୟରେ ମୀମାଂସକ, ଦୋଷାଦୋଷ ବିଚାରକ । [ପୂର୍ଣ୍ଣ ।

**Casuistic**, *a.* 1. ଧର୍ମାଧର୍ମ ବିଚାରବିଷୟକ ; 2. କୁତର୍କ-

**Casuistry**, *n.* 1. ଧର୍ମାଧର୍ମ ବିଚାର, ଦୋଷାଦୋଷ ବିଚାର ବିଦ୍ୟା, ସନ୍ଦେହ ସ୍ଥଳରେ କର୍ତ୍ତବ୍ୟ ନିର୍ଦ୍ଧାରକ ବିଦ୍ୟା; 2. କୁତର୍କ, କଳ୍ପିତ ପ୍ରଭେଦକରଣ ।

**Cat**, *n.* 1. ବିଲେଇ, ବିରାଡି, ମାର୍ଜାର; 2. ବିଲେଇ ଜାତୀୟ ପଶୁ ; 3. (colloquial), ହିଂସ୍ରକ ସ୍ତ୍ରୀ; 4. ଦୋହରା ତିପାଇ, ଛ ପାଦବିଶିଷ୍ଟ ମେଜ ବିଶେଷ; 5. କୋରଡା ; 6. ସାନ ଜାହାଜ ବିଶେଷ; 7. ବିଲେଇ ଯନ୍ତ୍ର । to rain cats and dogs, ମୁଷଳଧାରରେ ବୃଷ୍ଟି-ହେ ।

**Catachresis,** *n.* କଥାର ଅପବ୍ୟବହାର, ଅଯଥା ପ୍ରୟୋଗ ।
**Catachrestic,** *a.* ବୈଲକ୍ଷଣ୍ୟ; ଅସଙ୍ଗତ, ଅଯଥା ପ୍ରୟୋଗସମ୍ବନ୍ଧୀୟ, ବ୍ୟବହାରବିରୁଦ୍ଧ ।
**Cataclysm,** *n.* 1. ଜଳପ୍ଲାବନ, ବନ୍ୟା; 2. ଆକସ୍ମିକ ମହାନ୍ ଦୁର୍ଘଟନା ।
**Cataclysmal, cataclysmic,** *a.* 1. ଜଳପ୍ଲାବନସମ୍ବନ୍ଧୀୟ; 2. ଆକସ୍ମିକ ଦୁର୍ଘଟନାସମ୍ବନ୍ଧୀୟ ।
**Catacomb,** *n.* ଶବ ରଖିବା ଖୋଲା ଗୁହା ବିଶେଷ, ଗର୍ଭସ୍ଥ ସମାଧି ।
**Catacoustics,** *n.* ପ୍ରତିଧ୍ୱନିର ବିଦ୍ୟା ।
**Catafalque,** *n.* କବର ଦେବା ପୂର୍ବରେ ବଡ ଲୋକର ଶବସିନ୍ଦୁକର ଆଚ୍ଛାଦନକାରୀ ଶୋଭନ ମଞ୍ଚ ବିଶେଷ ।
**Catalepsy,** *n.* ଅପସ୍ମାର, ମୋହପୀଡା, ମୂର୍ଚ୍ଛା ବିଶେଷ ।
**Cataleptic,** *a.* ମୋହପୀଡାସମ୍ବନ୍ଧୀୟ ।
**Catalogue,** *n.* ତାଲିକା, ଫର୍ଦ୍ଦ, ନାମାବଳି ।—*v.t.* ତାଲିକା-କ, ଫର୍ଦ୍ଦ-କ, ନାମାବଳି ପ୍ରସ୍ତୁତ-କ ।
**Catamaran,** *n.* ଭେଳା ।
**Catamenia,** *n.* ଋତୁ, ସ୍ତ୍ରୀଧର୍ମ ।
**Catamenial,** *a.* ଋତୁସମ୍ବନ୍ଧୀୟ ।
**Catamount, catamountain,** *n.* ବଣବିଲେଇ, ବନ୍ୟବିଲେଇ, ଚିତାବାଘ ବିଶେଷ ।
**Cataphract,** *n.* ପ୍ରାଚୀନ କାଳର ସାଞ୍ଜୁ ।
**Cataplasm,** *n.* ପ୍ରଲେପ, ପଟି, ପୁଲ୍‌ଟିସ୍ ।
**Catapult,** *n.* 1. ପୂର୍ବକାଳର ପ୍ରସ୍ତର ପ୍ରକ୍ଷେପାର୍ଥ ଯନ୍ତ୍ର; 2. ଗୁଳି ଆଦି ପକାଇବା ପାଇଁ ଖେଳିବା ଯନ୍ତ୍ର, ଛଟଣି ।
**Cataract,** *n.* 1. ଜଳପ୍ରପାତ; 2. ପରଳ, ମୋତିଆବିନ୍ଦୁ ।
**Catarrh,** *n.* ସର୍ଦ୍ଦି, ଶ୍ଲେଷ୍ମା ।
**Catarrhal,** *a.* ସର୍ଦ୍ଦିସମ୍ବନ୍ଧୀୟ, ସର୍ଦ୍ଦିରୁ ଜାତ ।
**Catastrophe,** *n.* 1. ନାଟକର ଶେଷ ବୃତ୍ତାନ୍ତ, ନାଟକର ମୂଳ ଅଭିପ୍ରାୟଜ୍ଞାପକ; 2. ଶେଷ ଘଟଣା, ମହା ଦୁର୍ଘଟଣା, ମହା ବିପତ୍ତି ବା ପତନ; 3. ଭୂପୃଷ୍ଠର ଆକସ୍ମିକ ପରିବର୍ତ୍ତନ, ଯଥା,—ଭୂଦୋଳନ ।
**Catastrophic,** *a.* 1. ମହାଦୁର୍ଘଟନାସମ୍ବନ୍ଧୀୟ; 2. ଭୂସ୍ତରର ମହା ପରିବର୍ତ୍ତନକ ମତସମ୍ବନ୍ଧୀୟ ।
**Catastrophism,** *n.* ପ୍ରଚଣ୍ଡ ଓ ଆକସ୍ମିକ ପ୍ରାକୃତିକ ଶକ୍ତି ଦ୍ୱାରା ପୃଥିବୀର ମହା ପରିବର୍ତ୍ତନ ଘଟେ ବୋଲି ଯେଉଁ ମତ ।
**Catcall,** *n.* ଅସନ୍ତୋଷଭାବେ ବିଲେଇର ଶବ୍ଦ ପରି ଶବ୍ଦ, ଉକ୍ତ ଶବ୍ଦକାରୀ ଯନ୍ତ୍ର ବିଶେଷ ।
**Catch,** *v.t.* 1. ଧରିବାର, ଗୋଡାଇ ଧରିବାର; 2. ଲୋକ ଧରିବାର; 3. ଜାଲରେ ପକାଇବାର, ଫାନ୍ଦରେ ଧରିବାର; 4. ଗ୍ରହଣ-କ, ବୁଝିବାର; 5. ଆକର୍ଷଣ-କ, ମୋହିତ-କ ।—*v.i.* 1. ଲାଗି ରହିବାର; 2. ସଂକ୍ରାମିତ ହେ ।—*n.* 1. ଧରଣ, ଧୃତ; 2. ଧରି ରଖିବା ପଦାର୍ଥ, ଯଥା,—ଅଙ୍କୁଡ଼ି ଆଦି; 3. ଲାଭଯୋଗ; 4. ହଠାତ୍ ଲାଭ, ଲଭ, ଗ୍ରହଣ; 5. ଏକ ଥରକେ ଯେତେ ଧରା ଯାଏ; 6. ଗାଳି ଗୀତ ବିଶେଷ । **to catch it,** (*colloquial*), ଗାଳି ଖାଇବାର, ମାଡ ଖାଇବାର । **to catch one up,** ପର କଥାରେ ହଠାତ୍ ବ୍ୟାଘାତ-କ, କଥା ଧରିବାର । **to catch on,** 1. ଅଙ୍କୁଡରେ ଲାଗିବାର; 2. ବୁଝିବାର; 3. ଲୋକମାନଙ୍କର ମନରେ ଲାଗିବାର । **to catch up,** 1. ହଠାତ୍ ଧରିବାର; 2. ଉଠାଇ ଧରିବାର, ଫାଶରେ ଧରିବାର; 3. ଗୋଡାଇ ଧରିବାର ।
**Catcher,** *n.* 1. ଧରିବା ଲୋକ; 2. ଧରିବା ଯନ୍ତ୍ର ।
**Catching,** *a.* 1. ଛୁଆଁ, ସଂକ୍ରାମକ, ସ୍ପର୍ଶାକ୍ରାମକ; 2. ମନୋହର, ଆକର୍ଷକ ।
**Catchpenny,** *a.* ସାମାନ୍ୟ, ଅବଶ୍ୟକର, ଅସାର ।—*n.* ଲାଭ ପାଇବା ନିମନ୍ତେ ଅବଶ୍ୟକର ଦ୍ରବ୍ୟ ।
**Catchup, catsup,** *n.* ଶିର୍କାରେ ଛତୁ ଆଦିର ପ୍ରସ୍ତୁତ ସୁସ୍ୱାଦୁ ରସ ବିଶେଷ ।
**Catchword,** *n.* 1. ମନର ଆକର୍ଷକ କଥା, ମନକୁ ଲାଗିବା କଥା; 2. ଅଭିନେତାମାନଙ୍କର ଶେଷ କଥା, ଇଙ୍ଗିତ; 3. ପର ପୃଷ୍ଠା ଲିଖିତ ପୂର୍ବ ପୃଷ୍ଠାର ଶେଷ କଥା, ପଂକ୍ତିଧାରକ; 4. (ସମ୍ପ୍ରଦାୟର) ବିଶେଷ ଚଳନ୍ତି କଥା ।
**Catechetic, catechetical,** *a.* ପ୍ରଶ୍ନୋତ୍ତରସମ୍ବନ୍ଧୀୟ, ପ୍ରଶ୍ନୋତ୍ତରଯୁକ୍ତ ।
**Catechetically,** *ad.* ପ୍ରଶ୍ନୋତ୍ତର ଛଳକ୍ରମେ ।
**Catechism,** *n.* ପ୍ରଶ୍ନୋତ୍ତରମାଳା, ପ୍ରଶ୍ନୋତ୍ତର ପାଠ ।
**Catechist,** *n.* ପ୍ରଶ୍ନୋତ୍ତର ଛଳକ୍ରମେ ଯେ ଶିକ୍ଷା ଦିଏ ।
**Catechize,** *v.t.* 1. ପ୍ରଶ୍ନୋତ୍ତର ଛଳରେ ଶିକ୍ଷା-ଦେ; 2. ପ୍ରଶ୍ନୋତ୍ତର ଛଳରେ ପରୀକ୍ଷା-କ, ଉଗ୍ରଭାବେ ପ୍ରଶ୍ନ-କ, ଭର୍ତ୍ସନା କରିବା ଅଭିପ୍ରାୟରେ ପ୍ରଶ୍ନ-କ ।
**Catechu,** *n.* ଖଇର, ଖଦିର ।
**Catechumen,** *n.* ଖ୍ରୀଷ୍ଟଧର୍ମର ନବଶିଷ୍ୟ, ପ୍ରଥମ ଶିକ୍ଷାର୍ଥୀ ।
**Categorical,** *a.* 1. ବସ୍ତୁ କି ବିଷୟର ପ୍ରଧାନ ଶ୍ରେଣୀସମ୍ବନ୍ଧୀୟ; 2. ସମ୍ପୂର୍ଣ୍ଣ, ସ୍ପଷ୍ଟ, ନିଶ୍ଚିତ, ଅନନ୍ୟସାପେକ୍ଷ ।
**Categorically,** *ad.* 1. ବସ୍ତୁ କି ବିଷୟର ପ୍ରଧାନ ଶ୍ରେଣୀକ୍ରମେ; 2. ସମ୍ପୂର୍ଣ୍ଣରୂପେ, ସ୍ପଷ୍ଟରୂପେ, ସାକ୍ଷାତ୍‌ଭାବେ, ନିଶ୍ଚିତରୂପେ ।
**Category,** *n.* 1. ନ୍ୟାୟ ଶାସ୍ତ୍ରରେ ବସ୍ତୁ କି ବିଷୟର ପ୍ରଧାନ ଶ୍ରେଣୀ; 2. ବର୍ଗ, ଶୃଙ୍ଖଳା, ବସ୍ତୁର କ୍ରମ; 3. ଅବସ୍ଥା ।
**Catenation,** *n.* ଶିକୁଳି କଡାର ଯୋଗ, ସମ୍ବନ୍ଧ, ଅନୁପୂର୍ବ ଶ୍ରେଣୀକ୍ରମ ।
**Cater,** *v.i.* 1. ଭକ୍ଷ୍ୟାଦି ଆୟୋଜନ-କ, ଆହାର ଯୋଗାଇବାର, followed by *for*; 2. ଅଭିଳାଷ ପୂର୍ଣ୍ଣ କରିବା ପାଇଁ ଯୋଗାଇବାର, followed by *to.*
**Caterer,** *n.* ଆହାର ଯୋଗାଇବା ଲୋକ, ଯୋଗାଇବା ଲୋକ ।
**Cateress,** *n.* ଆହାର ଯୋଗାଇବା ସ୍ତ୍ରୀ, ଆହାରଯୋଜିକା ।
**Caterpillar,** *n.* ଗୁଣ୍ଡୀପୋକ, ଶୁଆଁଳୁଅ, ଶୁଁଆପୋକ ।
**Caterwaul,** *v.i.* ବିଲେଇ ପରି ରବ-କ ।
**Catgut,** *n.* 1. ବିଲେଇର ଅନ୍ତ; 2. ତନ୍ତ, ବାଦ୍ୟଯନ୍ତ୍ରର ତାର; 3. ମୋଟ ମସିଣାର ଲୁଗା ବିଶେଷ ।
**Cathartic,** *a.* ଭେଦକ, ବିରେଚକ ।—*n.* ଭେଦକ ଔଷଧ, ଜୁଲାପ ।

Cathedral, *n.* ପ୍ରଧାନ ଭଜନାଳୟ ।—*a.* ପ୍ରଧାନ ଭଜନାଳୟସମ୍ବନ୍ଧୀୟ ।

Catheter, *n.* ମୂତ୍ରରେଚକ ନଳି ।

Catholic, *a.* 1. ସାଧାରଣ, ସାର୍ବତ୍ରିକ, ସାର୍ବଭୌମ; 2. ଉଦାର; 3. ସାର୍ବଭୌମ ମଣ୍ଡଳୀସମ୍ବନ୍ଧୀୟ ; 4. ରୋମାନ୍ କାଥଲିକ୍ ମଣ୍ଡଳୀସମ୍ବନ୍ଧୀୟ ।—*n.* 1. ସାର୍ବଭୌମ ମଣ୍ଡଳୀର ସଭ୍ୟ; 2. ରୋମାନ୍ କାଥଲିକ୍ ମଣ୍ଡଳୀର ସଭ୍ୟ ।

Catholicism, *n.* 1. ସାର୍ବଭୌମ ମଣ୍ଡଳୀର ଅନୁଗାମିତ୍ୱ; 2. ରୋମାନ୍ କାଥଲିକ୍ ମଣ୍ଡଳୀର ଅନୁଗାମିତ୍ୱ, ରୋମାନ୍ କାଥଲିକ୍ ମତ ।

Catholicity, *n.* 1. ସାଧାରଣତ୍ୱ, ସାର୍ବତ୍ରିକତ୍ୱ, ସାର୍ବଭୌମତ୍ୱ; 2. ଉଦାରତା ।

Catholicon, *n.* ସର୍ବରୋଗନାଶକ ଔଷଧ ।

Catling, *n.* 1. ସାନ ବିଲେଇ, ବିରାଡ଼ିଛୁଆ; 2. ବେହେଲାର ତାର ; 3. ଅସ୍ତ୍ରଚିକିତ୍ସକର ଛୁରି ।

Cat-o'-nine-tails, *n.* କୋରଡ଼ା ବିଶେଷ ।

Catoptric, *a.* ପ୍ରତିବିମ୍ବିତ ଦୃଶ୍ୟସମ୍ବନ୍ଧୀୟ ।

Catoptrics, *n.* ପ୍ରତିବିମ୍ବବିଷୟକ ବିଦ୍ୟା ।

Cat's-paw, *n.* 1. ବିଲେଇର ଗୋଡ଼; 2. ଅନ୍ୟର ଅଧୀନ ବ୍ୟକ୍ତି, ପରପ୍ରେରିତ ବ୍ୟକ୍ତି, ଅସ୍ତ୍ର । [ମାନ ।

Cattle, *n. pl.* ଘରପୋଷା ପଶୁମାନ, ଗୋମହିଷାଦି ପଶୁ-

Cattle-pen, *n.* ଗୁହାଳ, ପଶୁଶାଳା ।

Caudal, *a.* ଲାଙ୍ଗୁଳସମ୍ବନ୍ଧୀୟ, ଲାଙ୍ଗୁଳବତ୍ ।

Caudex, *n. pl.* caudices or caudises, ବୃକ୍ଷର ଗଣ୍ଡି ଓ ମଧ୍ୟଭାଗ ।

Caudle, *n.* ପୀଡ଼ିତ ଲୋକର ଉଷ୍ଣ ପାନୀୟ ।

Caught, pret. and past p. of Catch.

Caul, *n.* 1. ସ୍ତ୍ରୀଲୋକର ମସ୍ତକାବରଣ, ସ୍ତ୍ରୀଲୋକର ଜାଲନିର୍ମିତ କେଶାବରଣ ; 2. ଅନ୍ତ୍ରାବେଷ୍ଟକ, ଅନ୍ତରସ୍ଥ ଜାଲ; 3. କୌଣସି ନବଜାତ ଶିଶୁର ମସ୍ତକାବରଣ ଜାଲ ।

Cauliflower, *n.* ଫୁଲକୋବି ।

Caulk, calk, *v.t.* ଝଟାଳିବାର, କଳାପାତି-କ ।

Causable, *a.* ଉତ୍ପାଦନୀୟ, ସମ୍ପାଦନୀୟ ।

Causal, *a.* କାରଣସମ୍ବନ୍ଧୀୟ, କାରଣିକ, ନୈମିତ୍ତିକ, ହେତୁବିଶିଷ୍ଟ, କାରଣଯୁକ୍ତ ।

Causality, *n.* 1. କାରଣତ୍ୱ; 2. କୌଣସି କାରଣରୁ ପ୍ରତ୍ୟେକ ପରିବର୍ତ୍ତନ ଘଟେ ବୋଲି ଯେଉଁ ମତ ।

Causally, *ad.* କାରଣର କ୍ରମାନୁସାରେ ।

Causation, *n.* 1. କରାଇବା କାର୍ଯ୍ୟ ; 2. କାରଣ, ହେତୁ ; 3. କାରଣ ଓ କାର୍ଯ୍ୟସମ୍ବନ୍ଧୀୟ ମତ ।

Causative, *a.* 1. କାରକ, ଉତ୍ପାଦକ ; 2. କାରଣପ୍ରକାଶକ ।

Causatively, *ad.* 1. ଉତ୍ପାଦକରୂପେ ; 2. କାରଣପ୍ରକାଶକଭାବେ ।

Cause, *n.* 1. କର୍ତ୍ତା, ମୂଳ; 2. ନିମିତ୍ତକାରଣ, ହେତୁ, କାରଣ; 3. ଅଭିପ୍ରାୟ; 4. ଅଭିଯୋଗ, ମକଦ୍ଦମା ; 5. ପକ୍ଷ ବା ଦଳର ମତ, ଅଭିମତ କାର୍ଯ୍ୟ ।—*v.t.* କରାଇବାର, ଘଟାଇବାର, ଉତ୍ପାଦନ-କ, ଜନ୍ମାଇବାର ।

Causeless, *a.* 1. କାରଣଶୂନ୍ୟ, ଅଜ୍ଞାତ, ସ୍ୱୟଂଜାତ ; 2. ନିଷ୍କାରଣ, ଅକାରଣ, ଅମୂଳକ, ଅହେତୁକ, ଅନର୍ଥକ ।

Causelessly, *ad.* ଅକାରଣରେ, ବିନା ହେତୁରେ, ଅମୂଳକରୂପେ ।

Causelessness, *n.* କାରଣଶୂନ୍ୟତା, ନିଷ୍କାରଣତା ।

Causer, *n.* କର୍ତ୍ତା, କାରକ ।

Causeway, causey, *n.* ଉଚ୍ଚ ବନ୍ଧାରାସ୍ତା, ବନ୍ଧାବାଟ, ରାସ୍ତା ପାଶର ମନୁଷ୍ୟ ବାଟ ।

Caustic, *a.* 1. ଦାହକ, ଜ୍ୱାଳାକର, କ୍ଷୟକାରକ ; 2. କଟୁ, ଉଗ୍ର, ତୀକ୍ଷ୍ଣ ।—*n.* ଦାହକ ବା କ୍ଷୟକାରକ ଔଷଧ, ଜ୍ୱାଳାଯୁକ୍ତ ପ୍ରଲେପ ।

Caustically, *ad.* କଟୂକ୍ତିରେ, ଉଗ୍ରରୂପେ ।

Causticity, *n.* 1. ଦାହକତା, କ୍ଷୟକାରକତା; 2. କଟୁତା, କଟୂକ୍ତି । [ଦହନ ।

Cauterization, *n.* ଦାହକ ଔଷଧ ବା ତପ୍ତ ଲୁହା ଦ୍ୱାରା

Cauterize, *v.t.* ଦାହକ ଔଷଧ ବା ତପ୍ତ ଲୁହା ଦ୍ୱାରା ପୋଡ଼ିବାର, ଦଗ୍ଧ-କ ।

Cautery, *n.* 1. ଦାହକ ଔଷଧ ବା ତପ୍ତ ଲୁହା ଦ୍ୱାରା ଦହନ; 2. ଦାହକ ଔଷଧ, ଦାଗିବା ଅସ୍ତ୍ର ।

Caution, *n.* 1. ଭବିଷ୍ୟସାବଧାନତା, ପରିଣାମଦର୍ଶିତା, ସାବଧାନତା, ସତର୍କତା, ; 2. ଚେତନା ବାକ୍ୟ ।—*v.t.* ଚେତାଇବାର, ଜଣାଇବାର, ସାବଧାନ କରାଇବାର, ସତର୍କ କରାଇବାର ।

Cautious, *a.* ସତର୍କ, ସତର୍କକାରୀ, ସାବଧାନ, ଜାଗ୍ରତ, ପରିଣାମଦର୍ଶୀ, ହୁସିଆର ।

Cautiously, *ad.* ସାବଧାନରୂପେ, ସତର୍କଭାବେ ।

Cautiousness, *n.* ସାବଧାନତା, ସତର୍କତା ।

Cavalcade, *n.* ଅଶ୍ୱାରୋହୀମାନଙ୍କ ଶ୍ରେଣୀ, ଅଶ୍ୱାରୂଢ଼ ଦଳ ।

Cavalier, *n.* 1. ଅଶ୍ୱାରୋହୀ, ଘୋଡ଼ସବାର ; 2. ଯୋଦ୍ଧୃକୁଳୀନର ଉପାଧି ; 3. ପ୍ରଥମ ଓ ଦ୍ୱିତୀୟ ଚାର୍ଲସ୍ ରାଜାଙ୍କ ଅନୁଚରମାନଙ୍କର ଉପାଧି; 4. ଆମୋଦପ୍ରିୟ ସୈନିକ ପୁରୁଷ; 5. ଭ୍ରମଣ କରିବା ସମୟରେ ସ୍ତ୍ରୀଲୋକର ରକ୍ଷାର୍ଥ ସହଚର ।—*a.* 1. ପ୍ରଥମ ଓ ଦ୍ୱିତୀୟ ଚାର୍ଲସ୍ ରାଜାଙ୍କ ଅନୁଚର ଦଳସମ୍ବନ୍ଧୀୟ; 2. ଆମୋଦପ୍ରିୟ, ଯୁଦ୍ଧପ୍ରିୟ, ସାହସୀ ; 3. ଦାମ୍ଭିକ, ଅବଜ୍ଞାକାରୀ ।

Cavalierly, *ad.* ଦାମ୍ଭିକରୂପେ, ଅବଜ୍ଞାକାରୀରୂପେ ।

Cavalry, *n.* ଅଶ୍ୱାରୋହୀ ସୈନ୍ୟଦଳ, ଘୋଡ଼ସବାର ।

Cave, *n.* ଗୁମ୍ଫା, ଗୁହା, ଗହ୍ୱର, ଗର୍ତ୍ତ, କନ୍ଦର ।—*v.t.* 1. ଗର୍ତ୍ତ-କ ; 2. ଗର୍ତ୍ତରେ ରଖିବାର ।—*v.i.* ଗୁହାରେ ବାସ-କ ।—cave in, ଭାଙ୍ଗି ପଡ଼ିବାର, ଅଠଡ଼ା ଖାଇବାର ।

Caveat, *n.* 1. ଅଦାଲତରେ କାର୍ଯ୍ୟ ବନ୍ଦ କରିବା ନିମନ୍ତେ ନିଷେଧାଜ୍ଞା, ଆପତ୍ତିପତ୍ର, ବାଧା ; 2. ସାବଧାନ ହେବା ନିମନ୍ତେ ଚେତନା, as in phrase, to enter or put in a caveat.

Cavern, *n.* ବଡ଼ ଗର୍ତ୍ତ, ବଡ଼ ଗହ୍ୱର, ପର୍ବତର ଗୁହା ।

Caverned, *a.* 1. ଗୁହାପୂର୍ଣ୍ଣ, ଗର୍ତ୍ତପୂର୍ଣ୍ଣ ; 2. ଗୁହାବାସୀ, ଗୁହାବଦ୍ଧ । [ପୋଲ ।

Cavernous, *a.* 1. ଗହ୍ୱରମୟ, ଗର୍ତ୍ତପୂର୍ଣ୍ଣ; 2. ଫମ୍ପା,

**Caviare, caviar,** *n.* ଷ୍ଟର୍ଜନ ଆଦି ମାଛର ଲବଣାକ୍ତ ଡିମ୍ବ ।

**Cavil,** *v.i.* 1. ବୃଥା ଆପତ୍ତି-କ; 2. ଛିଦ୍ରାନ୍ୱେଷଣ-କ, ଛିଦ୍ର ଧରିବାର, ଅକାରଣରେ ଦୋଷ ଧରିବାର. frequently followed by *at*.—*n.* ବୃଥା ଆପତ୍ତି, ବୃଥା ଆପତ୍ତିର ଉତ୍ଥାପନ ।

**Caviller,** *n.* ବୃଥା ଆପତ୍ତିକାରୀ, ମିଥ୍ୟା ଦୋଷଗ୍ରାହୀ ।

**Cavity,** *n.* ଫମ୍ପା ବା ଶୂନ୍ୟ ସ୍ଥାନ, ଗର୍ତ୍ତ, ଗାତ, ଛିଦ୍ର, ଅଭ୍ୟନ୍ତରସ୍ଥ ଶୂନ୍ୟସ୍ଥାନ, ଖୋଲ, ଫୋପା ଯାଗା ।

**Caw,** *v.i.* କାକ ପରି ଡାକିବାର, କାକା ଶବ୍ଦ-କ ।—*n.* କାକର ରବ, କାକା ଶବ୍ଦ ।

**Cayenne,** *n.* ଲଙ୍କାମରିଚର ଗୁଣ୍ଡି ।

**Cease,** *v.i.* 1. ବନ୍ଦ-ହେ, ନିବୃତ୍ତ-ହେ, ଶେଷ-ହେ, ରହିତ ହେ; 2. ନିରସ୍ତ-ହେ, କ୍ଷାନ୍ତ-ହେ ।—*v.t.* ବନ୍ଦ-କ, ଶେଷ-କ ।

**Ceaseless,** *a.* ଅନିବୃତ୍ତ, ଅବିଶ୍ରାନ୍ତ, ନିରନ୍ତର, ଅନବରତ, ଅବିରତ, ନିତ୍ୟ, ଅଶେଷ ।

**Ceaselessly,** *ad.* ଅବିଶ୍ରାନ୍ତରୂପେ, ନିରନ୍ତର, ନିତ୍ୟ, ଅନବରତ ।

**Cedar,** *n.* 1. ଏରସ ବୃକ୍ଷ; 2. ହିମାଳୟସ୍ଥିତ ପ୍ରକୃତ ଦେବଦାରୁ ।—*a.* ଏରସ କାଠନିର୍ମିତ, ଏରସ ବୃକ୍ଷସମ୍ବନ୍ଧୀୟ ।

**Cede,** *v.t.* ଛାଡ଼ିଦେ, ସମର୍ପଣ-କ, ତ୍ୟାଗ-କ ।

**Ceil,** *v.t.* 1. ଘରର ଛାତ-କ; 2. ଘରରେ ଆଚ୍ଛାଦନ-କ ।

**Ceiling,** *n.* 1. ଘରର ଛାତ; 2. ଘରର ଆଚ୍ଛାଦନ ।

**Celebrant,** *n.* ପ୍ରଧାନ ଧର୍ମକ୍ରିୟାକାରୀ ।

**Celebrate,** *v.t.* 1. ସମାଦର ବା ହର୍ଷସୂଚକ କ୍ରିୟା ଦ୍ୱାରା ପାଳିବାର, ସ୍ମରଣାର୍ଥକ ଉତ୍ସବରେ ପ୍ରତିପାଳନ-କ; 2. ସମାରୋହପୂର୍ବକ କର୍ମ-କ, ଯଥାବିଧି ସମାଦର-କ; 3. ଗୁଣକୀର୍ତ୍ତନ-କ, ସ୍ତବ-କ, ପ୍ରଶଂସା-କ ।

**Celebrated,** *a.* 1. ବିଖ୍ୟାତ, କୀର୍ତ୍ତିମାନ୍, ପ୍ରସିଦ୍ଧ; 2. ଯଥାବିଧିରେ ସମ୍ପାଦିତ, ଅନୁଷ୍ଠିତ, ପାଳିତ ।

**Celebration,** *n.* 1. ସମାରୋହପୂର୍ବକ କର୍ମର ଅନୁଷ୍ଠାନ, ଯଥାବିଧି ଅନୁଷ୍ଠାନ; 2. ସମ୍ପାଦନ, ପାଳନ ।

**Celebrity,** *n.* 1. ଯଶଃ, କୀର୍ତ୍ତି, ଖ୍ୟାତି, ପ୍ରସିଦ୍ଧି; 2. ଯଶସ୍ୱୀ ଲୋକ, ପ୍ରସିଦ୍ଧ ଲୋକ ।

**Celerity,** *n.* ଶୀଘ୍ରତା, ବେଗ, ଦ୍ରୁତଗମନ, ଶୀଘ୍ରଗମନ ।

**Celery,** *n.* ସିଲେରି ନାମକ ଶାକ ବିଶେଷ ।

**Celestial,** *a.* 1. ସ୍ୱର୍ଗୀୟ, ସ୍ୱର୍ଗବାସୀ; 2. ପରମ, ଉତ୍କୃଷ୍ଟ; 3. ଆକାଶୀୟ—Celestial Empire, ଚୀନ ଦେଶର ନାମ ।—*n*, 1. ସ୍ୱର୍ଗ ନିବାସୀ; 2. ଚୀନ ଦେଶୀୟ ଲୋକ ।

**Celestially,** *ad.* ସ୍ୱର୍ଗୀୟଭାବେ, ମନୋହରରୂପେ ।

**Celibacy,** *n.* ଅବିବାହିତାବସ୍ଥା, ଅନୂଢ଼ତା, ମୁକ୍ତକଚ୍ଛ ।

**Celibate,** *n.* ଅବିବାହିତ ଲୋକ, ବିଶେଷତଃ ଧର୍ମପ୍ରତିଜ୍ଞାବଦ୍ଧ ଅବିବାହିତ ଲୋକ, ମୁକ୍ତକଚ୍ଛ ।—*a.* ଅବିବାହିତ, ବାଢ଼ୁଅ ।

**Cell,** *n.* 1. କ୍ଷୁଦ୍ର କୋଠରି, ବନ୍ଦୀଗୃହର କୋଠରି, ମଠର କୋଠରି, ଗର୍ତ୍ତ, ଗୁମ୍ଫା, କୁଡ଼ିଆଘର; 2. କୋଷ, ପ୍ରାଣୀ ବା ବୃକ୍ଷର ଦେହରେ ଥିବା କୋଷଯୁକ୍ତ ପରମାଣୁ ।

**Cellar,** *n.* 1. ଭୂମିର ନିମ୍ନସ୍ଥିତ ଭଣ୍ଡାରଗୃହ, ଖୋଲା କୋଠରି; 2. ଦ୍ରାକ୍ଷାରସ ରଖିବା କୋଠରି, ଉକ୍ତ କୋଠରିରେ ଥିବା ଦ୍ରାକ୍ଷାରସ ।

**Cellerage,** *n.* 1. ଖୋଲା କୋଠରିର ସ୍ଥାନ, ଖୋଲା କୋଠରି ସମୂହ; 2. ଖୋଲା କୋଠରିର ଭଡ଼ା ।

**Cellular,** *a.* କ୍ଷୁଦ୍ର କୋଷଯୁକ୍ତ ।

**Celluloid,** *n.* ହାତୀଦାନ୍ତ ଅସ୍ଥି ଆଦିର ପରିବର୍ତ୍ତେ ପ୍ରସ୍ତୁତ କୃତ୍ରିମ ପଦାର୍ଥ ।

**Celt,** *n.* ଆର୍ଯ୍ୟ ବଂଶର ପଶ୍ଚିମ ଇଉରୋପଗାମୀ ଶାଖାର କେଲ୍ଟ ନାମକ ପୁରାତନ ଜାତୀୟ ଲୋକ ।

**Celt,** *n.* ପୂର୍ବକାଳୀନ ପ୍ରସ୍ତର ବା ଧାତୁନିର୍ମିତ ବଟାଲି ବିଶେଷ ।

**Celtic,** *a.* ଉକ୍ତ ଜାତିସମ୍ବନ୍ଧୀୟ ।—*n.* ଉକ୍ତ ଜାତିର ଭାଷା ।

**Cement,** *n.* 1. ପଥର ଆଦି ଯୋଡ଼ିବା ପଦାର୍ଥ; 2. ଗାନ୍ଥିବାର ମସଲା ବିଶେଷ, ବିଲାତି ମାଟି; 3. ବନ୍ଧନୀ, ବନ୍ଧନ ।—*v.t.* 1. ପଥର ଆଦିରେ ଯୋଡ଼ିବାର, ଜମାଇବାର, ଦୃଢ଼ରୂପେ ଯୋଗ-କ; 2. ମସଲା ଆଦିରେ ଆଚ୍ଛାଦିତ-କ ।—*v.i.* ସଂଯୁକ୍ତ-ହେ ।

**Cemetery,** *n.* କବରସ୍ଥାନ, ସମାଧିସ୍ଥାନ, ଗୋରସ୍ଥାନ ।

**Cenobite,** *n.* ମଠବାସୀ ।

**Cenotaph,** *n.* ମୃତ ଲୋକର ଶବ ନ ଥିବା ସ୍ଥାନରେ ସ୍ମୃତିସ୍ତମ୍ଭ ।

**Cense,** *v.t.* ଧୂପଯୁକ୍ତ-କ ।

**Censer,** *n.* ଧୂପାଧାର, ଧୂପଦାନ୍ ।

**Censor,** *n.* 1. ପୁରାତନ ରୋମ ନଗରୀୟ ନୀତି ପରିଦର୍ଶକ କର୍ମଚାରୀ; 2. ମୁଦ୍ରିତ ହେବା ପୂର୍ବରୁ ପୁସ୍ତକାଦିର ପରୀକ୍ଷା ଓ ସଂଶୋଧନ କରି ଛପାଇବା ପାଇଁ ଯେ ଅନୁମତି ଦିଏ; 3. ଭର୍ତ୍ସନାକାରୀ, ଅନ୍ୟର ଦୋଷଗୁଣ ବିଚାରକ ।

**Censorial,** *a.* ଉପରୋକ୍ତ ବ୍ୟକ୍ତିମାନଙ୍କସମ୍ବନ୍ଧୀୟ ।

**Censorious,** *a.* 1. ଦୋଷାନ୍ୱେଷଣରେ ରତ, ଭର୍ତ୍ସକ, ଦୋଷଦର୍ଶୀ, ଛିଦ୍ରାନ୍ୱେଷୀ; 2. ଭର୍ତ୍ସନାସୂଚକ, ଭର୍ତ୍ସନାପୂର୍ଣ୍ଣ ।

**Censoriously,** *ad.* ଭର୍ତ୍ସନାପୂର୍ବକ, ଛିଦ୍ରାନ୍ୱେଷିରୂପେ ।

**Censoriousness,** *n.* ଦୋଷାନ୍ୱେଷଣରେ ଅନୁରକ୍ତି, ଦୋଷଦର୍ଶିତା, ଭର୍ତ୍ସନାକାରୀ ସ୍ୱଭାବ ।

**Censorship,** *n.* ମୁଦ୍ରିତ ହେବା ପୂର୍ବରୁ ପୁସ୍ତକାଦି ପରୀକ୍ଷକର ପଦ ବା ପଦରେ ଥିବା ସମୟ ।

**Censurable,** *a.* ଭର୍ତ୍ସନୀୟ, ଦୂଷଣୀୟ, ନିନ୍ଦନୀୟ, ତିରସ୍କାରଯୋଗ୍ୟ ।

**Censurableness,** *n.* ଭର୍ତ୍ସନୀୟତା, ନିନ୍ଦନୀୟତା ।

**Censurably,** *ad.* ଭର୍ତ୍ସନୀୟରୂପେ, ନିନ୍ଦନୀୟରୂପେ ।

**Censure,** *n.* ଭର୍ତ୍ସନା, ନିନ୍ଦା, ତିରସ୍କାର, ଅନୁଯୋଗ ।—*v.t.* ଦୋଷ ଧରିବାର, ଭର୍ତ୍ସନା-କ, ତିରସ୍କାର-କ, ଅନୁଯୋଗ-କ ।

**Census,** *n.* ଲୋକସଂଖ୍ୟା, ସର୍ବାଙ୍ଗ ଲୋକଗଣନା ।

**Cent,** *n.* 1. ଏକଶତ; 2. ଆମେରିକା ଦେଶର ତାମ୍ର ମୁଦ୍ରା, ପ୍ରାୟ ତିନି ପଇସା; 3. ଶତକଡ଼ା ।

**Centaur,** *n.* 1. କଳ୍ପିତ ନରାଶ୍ୱ ଜନ୍ତୁ; 2. ଧନୁରାଶି ।

**Centenarian,** *n.* ଶତବର୍ଷ ବୟସ୍କ ଲୋକ, ଶତାୟୁଃ ଲୋକ ।

**Centenary,** *a.* ଏକ ଶତସମ୍ବନ୍ଧୀୟ, ଶତବାର୍ଷିକ ।—*n.* 1. ଶତବର୍ଷ, ଶତାବ୍ଦୀ ; 2. ଶତବାର୍ଷିକ ପର୍ବ ।

**Centennial,** *a.* ଶତବାର୍ଷିକ, ଶତାବ୍ଦିକ ।

**Centesimal,** *a.* ଶତସଂଖ୍ୟକ, ଶତାଂଶସମ୍ବନ୍ଧୀୟ ।—*n.* ଶତଭାଗର ଏକଭାଗ ।

**Centigrade,** *a.* ଶତାଂଶରେ ବିଭକ୍ତ ।

**Centipede,** *n.* ଶତପଦୀ, କଣ୍ଠ, ବୃଶ୍ଚିକ ।

**Cento,** *n.* ନାନା ଗ୍ରନ୍ଥରୁ ସାରସଂଗ୍ରହ ।

**Central,** *a.* 1. କେନ୍ଦ୍ରସମ୍ବନ୍ଧୀୟ, ମଧ୍ୟସ୍ଥିତ, ମଧ୍ୟସ୍ଥ, ମଧ୍ୟବର୍ତ୍ତୀ, ମଧ୍ୟମ, ମଝିମଝିଆ ; 2. ପ୍ରଧାନ, ଗୁରୁତର ।

**Centralism,** *n.* କେନ୍ଦ୍ରତ୍ୱ, ନାନା ଅଂଶର ଏକୀଭୂତତା, ଏକୀଭୂତ କରିବା ପ୍ରଣାଳୀ ।

**Centrality,** *n.* ମଧ୍ୟବର୍ତ୍ତିତା ।

**Centralization,** *n.* ମଧ୍ୟବର୍ତ୍ତିକରଣ, କେନ୍ଦ୍ରୀଭୂତକରଣ, ଏକୀଭୂତକରଣ, ଏକ ସ୍ଥାନରେ ସ୍ଥାପିତକରଣ ।

**Centralize,** *v.t.* ମଧ୍ୟବର୍ତ୍ତୀ-କ, କେନ୍ଦ୍ରୀଭୂତ-କ, ଏକ ସାଧାରଣ ବିନ୍ଦୁରେ ଆନୟନ-କ, ଏକୀଭୂତ-କ, ଏକ-ସ୍ଥାନରେ ସ୍ଥାପିତ-କ । [ସ୍ଥାନରେ ।

**Centrally, centrically,** *ad.* ମଧ୍ୟବର୍ତ୍ତିଭାବେ, ମଧ୍ୟ-

**Centre, center,** *n.* 1. ମଧ୍ୟ, ମଧ୍ୟସ୍ଥଳ; 2. କେନ୍ଦ୍ର ; 3. ମୂଳ ; 4. ନିଶାଣଲକ୍ଷ୍ୟର ନିକଟବର୍ତ୍ତୀ ବୃତ୍ତ ।—*v.t.* 1. କେନ୍ଦ୍ରୀଭୂତ-କ ; 2. ଏକୀଭୂତ-କ ।—*v.i.* 1. କେନ୍ଦ୍ରୀଭୂତ-ହେ; 2. ଏକୀଭୂତ-ହେ ।

**Centre-bit,** *n.* ଭଅଁର ବିଶେଷ ।

**Centre-piece,** *n.* ମଧ୍ୟସ୍ଥିତ ଅଳଙ୍କାର, ଯଥା,—ମେଜ ନିମନ୍ତେ ଅଳଙ୍କାର । [ମଧ୍ୟସ୍ଥ ।

**Centric, centrical,** *a.* କେନ୍ଦ୍ରସ୍ଥ, ମଧ୍ୟବର୍ତ୍ତୀ, ମଧ୍ୟସ୍ଥିତ,

**Centricity,** *n.* ମଧ୍ୟବର୍ତ୍ତୀ ସମ୍ବନ୍ଧ ବା ଗୁଣ ।

**Centrifugal,** *a.* କେନ୍ଦ୍ରାପସାରଣୀ, ମଧ୍ୟତ୍ୟାଗୀ ।

**Centripetal,** *a.* କେନ୍ଦ୍ରାଭିକର୍ଷଣୀ, ମଧ୍ୟାଭିଗାମୀ ।

**Centuple,** *a.* ଶତଗୁଣ, ଶତବାର ।—*v.t.* ଶତଗୁଣ-କ ।

**Centurial,** *a.* ଶତାବ୍ଦୀସମ୍ବନ୍ଧୀୟ, ଶତବାର୍ଷିକ ।

**Centurion,** *n.* ଶତସେନାପତି, ଶତସୈନ୍ୟାଧ୍ୟକ୍ଷ ।

**Century,** *n.* 1. ଏକଶତ, ଶଏ; 2. ଶଏବରଷ, ଶତବର୍ଷ, ଶତାବ୍ଦୀ । [ପ୍ରତିକାରକ ।

**Cephalic,** *a.* 1. ମସ୍ତକସମ୍ବନ୍ଧୀୟ ; 2. ଶିରଃପୀଡ଼ାର

**Cephalitis, cerebritis,** *n.* ମଗଜର ଜ୍ୱାଳାପୋଡ଼ା ।

**Cephaloid,** *a.* ମସ୍ତକାକାର ।

**Ceraceous,** *a.* ମହମପରି, ମହମ ଗୁଣଯୁକ୍ତ ।

**Ceramic,** *a.* ମୃତ୍ତିକା ପାତ୍ରସମ୍ବନ୍ଧୀୟ ।

**Cerastes,** *n.* ଶୃଙ୍ଗବିଶିଷ୍ଟ ସର୍ପ ବିଶେଷ ।

**Cerate,** *n.* ମହମ ଓ ତୈଳାଦି ମିଶ୍ରିତ ମଲମ, ପ୍ରଲେପ ।

**Cere,** *v.t.* ମହମରେ ଲେପିବାର ।

**Cereal,** *a.* ଶସ୍ୟସମ୍ବନ୍ଧୀୟ ।—*n.* ଶସ୍ୟ, ଯଥା,—ଗହମ ଯବ ଆଦି । [ମସ୍ତିଷ୍କ ।

**Cerebellum,** *n.* ମସ୍ତିଷ୍କର ପଶ୍ଚାଦ୍ଭାଗ, ସାନ ମଗଜ, କ୍ଷୁଦ୍ର

**Cerebral,** *a.* ମସ୍ତିଷ୍କସମ୍ବନ୍ଧୀୟ ।—cerebral letters, ମୂର୍ଦ୍ଧନ୍ୟ ବର୍ଣ୍ଣମାନ ।

**Cerebrum,** *n.* ମଗଜର ବଡ଼ ଭାଗ, ମସ୍ତିଷ୍କ ।

**Cerecloth, cerement,** *n.* 1. ତରଳ ମହମରେ ବୁଡ଼ା ଲୁଗା ; 2. *pl.* ଶବାଚ୍ଛାଦନ, କବର ଦେବା ଲୁଗା ।

**Ceremonial,** *a.* ଧର୍ମକର୍ମସମ୍ବନ୍ଧୀୟ, ଧର୍ମରୀତିସମ୍ବନ୍ଧୀୟ, ବ୍ୟାବହାରିକ, ଧର୍ମକ୍ରିୟାକଳାପସମ୍ବନ୍ଧୀୟ ।—*n.* 1. ଧର୍ମକର୍ମ, ଧର୍ମବିଧି ; 2. ବାହ୍ୟ ରୀତି, କ୍ରିୟାବିଧିର ପ୍ରଣାଳୀ, ଯଥାବିଧି ଆଚାର, ଶିଷ୍ଟାଚାର ।

**Ceremonially, ceremoniously,** *ad.* ବାହ୍ୟ ରୀତିମତେ, ଯଥାବିଧି, ବାହ୍ୟ କ୍ରିୟାନୁସାରେ ।

**Ceremonious,** *a.* 1. ବାହ୍ୟରୀତିପୂର୍ଣ୍ଣ, କ୍ରିୟାପୂର୍ଣ୍ଣ ; 2. ରୀତ୍ୟନୁଯାୟୀ, ଅତିଶିଷ୍ଟାଚାରୀ । [ଚାର ।

**Ceremoniousness,** *n.* ବାହ୍ୟରୀତିପୂର୍ଣ୍ଣତା, ଅତିଶିଷ୍ଟା-

**Ceremony,** *n.* 1. ଧର୍ମକର୍ମ, କ୍ରିୟା, ବାହ୍ୟକ୍ରିୟା, ଧର୍ମର ବାହ୍ୟ ରୀତିନୀତି; 2. ଦେଶାଚାର, ପ୍ରଚଳିତାଚାର, ରୀତି, ଧାରାବାହିତ ରୀତି ।

**Cereous,** *a.* ମହମପରି ।

**Certain,** *a.* 1. ନିଶ୍ଚିତ, ନିଃସନ୍ଦେହରେ ସତ୍ୟ; 2. ନିଃସଂଶୟ, ଅସନ୍ଦିଗ୍ଧ ; 3. ନିରୂପିତ ; 4. ଅନିଷ୍ଫଳ; 5. କେହି, କୌଣସି, ଅମୁକ ।

**Certainly,** *ad.* ନିଶ୍ଚିତରୂପେ, ନିତାନ୍ତ, ଅବଶ୍ୟ, ନିଃସନ୍ଦେହରେ, ନିଶ୍ଚେ ।

**Certainness,** *n.* ନିଃସନ୍ଦେହତା, ଧ୍ରୁବତ୍ୱ ।

**Certainty,** *n.* 1. ଧ୍ରୁବତ୍ୱ, ନିଃସନ୍ଦେହତା, ଠିକଣା, ସତ୍ୟତା ; 2. ନିଶ୍ଚୟ, ସତ୍ୟ ଘଟଣା, ସତ୍ୟ କଥା, ନିଶ୍ଚିତ କଥା ; 3. ଅବିକଳ ସତ୍ୟତା ।

**Certificate,** *n.* 1. ପ୍ରମାଣପତ୍ର, ନିଦର୍ଶନପତ୍ର, ସତ୍ୟତା ଜ୍ଞାପକପତ୍ର, ଅଭିଜ୍ଞାନପତ୍ର ; 2. ସୁପାରିସ୍‌ପତ୍ର ।—*v.t.* ପ୍ରମାଣପତ୍ର-ଦେ, ପ୍ରମାଣପତ୍ର ଦ୍ୱାରା ସାକ୍ଷ୍ୟ-ଦେ ।

**Certification,** *n.* ପ୍ରମାଣୀକରଣ ।

**Certify,** *v.t.* ନିଶ୍ଚୟଜ୍ଞାତ-କ, ଜ୍ଞାପନ-କ, ଜଣାଇବାର, ପ୍ରମାଣ-ଦେ ।

**Certiorari,** *n.* ଉପରସ୍ଥ ଅଦାଲତରେ ବିଚାରିତ ହେବା ନିମନ୍ତେ ନିମ୍ନ ଅଦାଲତରୁ ନଥି ତଲବ ସେବକାର୍ଯ୍ୟ ।

**Certitude,** *n.* ଧ୍ରୁବତ୍ୱ, ନିଃସନ୍ଦେହତା ।

**Cerulean,** *a.* ଆକାଶବର୍ଣ୍ଣ, ନୀଳବର୍ଣ୍ଣ ।

**Cerumen,** *n.* କର୍ଣ୍ଣମଳ, କାନଗୁହ ।

**Cervical,** *a.* ଗ୍ରୀବାସମ୍ବନ୍ଧୀୟ ।

**Cervine,** *a.* ମୃଗସମ୍ବନ୍ଧୀୟ ।

**Cess,** *n.* କର, ଶୁଳ୍କ, ମାସୁଲ ।—*v.t.* କର ବସାଇବାର ।

**Cessation,** *n.* ନିବୃତ୍ତି, କ୍ଷାନ୍ତି, ଅବସାନ, ବିରାମ, ବିଶ୍ରାମ ।

**Cession,** *n.* ସମର୍ପଣ, ସ୍ୱତ୍ୱତ୍ୟାଗ ।

**Cesspool,** *n.* ମଇଳାର ଆଧାର, କର୍ଦ୍ଦମା ମଇଳାର ଆଧାର ।

**Cestus,** *n.* 1. ଶୁକ୍ରର କଟିବନ୍ଧନୀ; 2. ପ୍ରାଚୀନ କାଳରେ ଭାର୍ଯ୍ୟା ଦ୍ୱାରା ସ୍ୱାମୀଙ୍କୁ ଦତ୍ତ ବିବାହ କଟିବନ୍ଧନୀ ; 3. ପ୍ରାଚୀନ କାଳର ମୁଷ୍ଟାମୁଷ୍ଟି ଲଢ଼ାଇ ନିମନ୍ତେ ଲୁହା ବା ସୀସାରେ ଭରା ଚର୍ମନିର୍ମିତ ଦସ୍ତାନା ।

**Cetacea,** *n.* *pl.* ତିମି ମତ୍ସ୍ୟାଦି ଜାତୀୟ ସ୍ତନ୍ୟପାୟୀ ଜୀବମାନ ।

**Cetaceous**, *a.* ତିମି ମତ୍ସ୍ୟାଦି ଜାତୀୟ ।

**Chafe**, *v.t.* 1. ଘର୍ଷଣ ଦ୍ୱାରା ଉଷ୍ଣ-କ, ଘର୍ଷଣ ଦ୍ୱାରା ଉତ୍ତପ୍ତ-କ; 2. ଘର୍ଷଣ ଦ୍ୱାରା କ୍ଷୟ-କ, ଘର୍ଷଣ ଦ୍ୱାରା ବ୍ୟଥିତ-କ, ଘର୍ଷଣ ଦ୍ୱାରା ଘା-କ; 3. ବିରକ୍ତ-କ, କ୍ରୋଧାନ୍ୱିତ କ, ଉତ୍ତେଜିତ-କ ।—*v.i.* 1. ଉତ୍ତେଜିତ ହେ, କ୍ରୋଧାନ୍ୱିତ-ହେ; 2. ଘର୍ଷଣରେ କ୍ଷୟ ପାଇବାର ।—*n.* 1. ରାଗ, ବିରକ୍ତି, ଦ୍ୱେଷ, ପ୍ରକୋପ; 2. ଘର୍ଷଣରେ କ୍ଷୟ ।

**Chaff**, *n.* 1. ତୁଷ, ଭୂଷୀ; 2. ତୁଚ୍ଛବସ୍ତୁ, ଅସାର ବସ୍ତୁ ।

**Chaff**, *v.t.* ଟାହୁଲି-କ, ଥଟ୍ଟା-କ ।—*n.* ଟାହୁଲି, ଥଟ୍ଟା ।

**Chaffer**, *v.i.* 1. ଦର କଷାକଷି-କ, କ୍ରୟବିକ୍ରୟରେ ବକବକ-କ; 2. ବାକ୍ୟୁଦ୍ଧ-କ ।—*n.* ଦରର କଷାକଷି, କ୍ରୟବିକ୍ରୟରେ ବକବକ ।

**Chaffinch**, *n.* ସୁସ୍ୱର କ୍ଷୁଦ୍ର ପକ୍ଷୀ ବିଶେଷ ।

**Chaffy**, *a.* 1. ତୁଷପରି, ଭୂଷିମୟ; 2. ତୁଚ୍ଛ, ଅସାର ।

**Chafing-dish**, *n.* ଅଗ୍ନି ରଖିବା କ୍ଷୁଦ୍ର ଆଧାର, ଅଙ୍ଗଠା ।

**Chagrin**, *n.* ବିରକ୍ତି, ଅସନ୍ତୋଷ, କ୍ଷୋଭ, ଚିଡଚିଡିଆ-ଭାବ ।—*v.t.* ବିରକ୍ତ-କ, ଅସନ୍ତୋଷ ଜନ୍ମାଇବାର ।

**Chain**, *n.* 1. ଜଞ୍ଜିର, ଶିକୁଳି, ଶୃଙ୍ଖଳ; 2. ବେଡୀ; 3. ଶ୍ରେଣୀ, ପଂକ୍ତି; 4. ଜରିପ୍‌ଜଞ୍ଜିର; 5. *pl.* ଦାସତ୍ୱ, ଗୋଲାମୀ ।—*v.t.* 1. ଜଞ୍ଜିରରେ ବାନ୍ଧିବାର, ଶୃଙ୍ଖଳାବଦ୍ଧ-କ; 2. ବଶୀଭୂତ-କ, ଦୃଢରୂପେ ଯୋଗ-କ ।

**Chair**, *n.* 1. ଚୌକି; 2. କର୍ତ୍ତୃପକ୍ଷ ଆଦିର ଆସନ; 3. ଅଧ୍ୟାପକର ପଦ; 4. ସଭାପତିର ଆସନ, ସଭାପତି; 5. ତମଜାନ୍; 6. ରେଲ କାଠର ଲୁହା ଧରି ରଖିବା କୌଶଳ ।—*v.t.* 1. ଜୟୋଲ୍ଲାସରେ ଚୌକିରେ ବସାଇ ନେବାର; 2. ଚୌକିରେ ବସାଇବାର, ଆସନରେ ବସାଇବାର, ପଦସ୍ଥ-କ ।

**Chairman**, *n.* 1. ସଭାପତି, ସଭାଧ୍ୟକ୍ଷ; 2. ତମଜାନ୍ ବାହକ ।

**Chairmanship**, *n.* ସଭାପତିର ପଦ, ସଭାପତିତ୍ୱ ।

**Chaise**, *n.* ହାଲୁକା ଘୋଡାଗାଡି ବିଶେଷ ।

**Chalcedony, Calcedony**, *n.* ଈଷତ୍ ଶୁଭ୍ରବର୍ଣ୍ଣ ବହୁମୂଲ୍ୟ ପ୍ରସ୍ତର ।

**Chalcedonyx**, *n.* ଧଳା ଓ ଧୂସର ପରିଚ୍ଛଦବିଶିଷ୍ଟ ବହୁମୂଲ୍ୟ ପ୍ରସ୍ତର ବିଶେଷ ।

**Chalcography**, *n.* ପିତ୍ତଳରେ ଖୋଦିବା ବିଦ୍ୟା ।

**Chaldron**, *n.* କୋଇଲାର ପରିମାଣ ବିଶେଷ, ପ୍ରାୟ ୩୬ ମହଣ ।

**Chalet**, *n.* *sha'lā*, ସ୍ୱିଜର୍ଲାଣ୍ଡ ଦେଶରେ ରଘୁନାଥମାନଙ୍କର କୁଡିଆଘର, ଗାଁଘର ।

**Chalice**, *n* ପାନପାତ୍ର, ପ୍ରଭୁଙ୍କ ଭୋଜର ପାନପାତ୍ର ।

**Chalk**, *n.* ଖଡିମାଟି, ଚୂଲଖଡି ।—*v.t.* 1. ଖଡିମାଟିରେ ଲେପିବାର, ଚୂଲଖଡିରେ ଦାଗ-କ; 2. ନିର୍ଦ୍ଦେଶ-କ, followed by *out*.

**Chalkiness**, *n.* ଖଡିମାଟିଗୁଣ ।

**Chalky**, *a.* ଚୂଲଖଡି ପରି, ଖଡିମାଟିଯୁକ୍ତ ।

**Challenge**, *n.* 1. ଯୁଦ୍ଧାର୍ଥେ ଆହ୍ୱାନ, ଯୁଦ୍ଧାର୍ଥେ ଆହ୍ୱାନପତ୍ର; 2. ଆପତ୍ତିକରଣ; 3. ଅଧିକାର ଶବ୍ଦ ନିମନ୍ତେ ପ୍ରହରିର ଦାବି; 4. ଜୁରିର ସମ୍ବନ୍ଧେ ଆପତ୍ତି ।—*v.t.* 1. ଯୁଦ୍ଧାର୍ଥେ ଆହ୍ୱାନ-କ, ତର୍କାର୍ଥେ ଆହ୍ୱାନ-କ, ପରୀକ୍ଷାର୍ଥେ ଆହ୍ୱାନ-କ, ପ୍ରମାଣ ମାଗିବାର; 2. ଅଧିକାର ଶବ୍ଦ ଦାବି-କ; 3. ଦାବି-କ; 4. ଆପତ୍ତି-କ; 5. (ଜୁରିର୍ ତାଲିକାରୁ) ନାମ କାଟି ଦେବା ନିମନ୍ତେ ଦାବି-କ ।

**Challengeable**, *a.* 1. ଯୁଦ୍ଧାର୍ଥେ ଆହ୍ୱାନଯୋଗ୍ୟ, ଆହ୍ୱାନଯୋଗ୍ୟ; 2. ଦାବିଯୋଗ୍ୟ; 3. ଆପତ୍ତିଯୋଗ୍ୟ ।

**Challenger**, *n.* 1. ଯୁଦ୍ଧାର୍ଥେ ଆହ୍ୱାନକାରୀ; 2. ଆପତ୍ତିକାରୀ ।

**Chalybeat**, *a.* ଲୌହଗୁଣବିଶିଷ୍ଟ ।

**Chamade**, *n.* ସନ୍ଧିର କଥାବାର୍ତ୍ତା ନିମନ୍ତେ ଢକ୍କା ବାଦ୍ୟରେ ଆହ୍ୱାନ ।

**Chamber**, *n.* 1. କୋଠରୀ, କାମରା, ଶୋଇବା କୋଠରୀ; 2. ବିଚାରାଳୟ; 3. ବ୍ୟବସ୍ଥାପକ ସମିତି, ସଭା; 4. ସଭାଗୃହ; 5. ଗର୍ତ୍ତ, ବନ୍ଧୁକ ବା ତୋପରେ ବାରୁଦ ରହିବା ସ୍ଥାନ; 6. *pl.* କୋଠରୀଶ୍ରେଣୀ; 7. (in law), ଖାସ୍ କାମରା; 8. ପରିଖାପାତ୍ର ।—chamber of commerce, ବଣିକ୍‌ସଭା ।

**Chambered**, *a.* କୋଠରୀଯୁକ୍ତ ।

**Chamberlain**, *n.* 1. ରାଜଗୃହାଧ୍ୟକ୍ଷ, ରାଜକୀୟ ବିଭାଗର କର୍ମଚାରୀ ବିଶେଷ; 2. ନାଗରିକ କୋଷାଧ୍ୟକ୍ଷ; 3. କୁଳୀନ ଲୋକର ଭଣ୍ଡାରଘରିଆ, ଗୁମାସ୍ତା ।

**Chambermaid**, *n.* ଶଯ୍ୟାଗୃହର ଦାସୀ ।

**Chameleon, cameleon, chamæleon**, *n.* ବହୁରୂପା, ଏଣ୍ଡୁଅ ବିଶେଷ, କୃକଳାଶ, ପ୍ରତିସୂର୍ଯ୍ୟ ।

**Chamfer**, *n.* 1. କାଠରେ କଟା ହୋଇ ଥିବା ଗିଲ୍ଲି; 2. ଢାଲୁ, ଢାଲୁ କୋଣ ।—*v.t.* 1. (କାଠ ଆଦିରେ) ଗିଲ୍ଲି କାଟିବାର; 2. ଢାଲୁ କରି କାଟିବାର ।

**Chamois**, *n.* (French), *sham'wa*, 1. ପର୍ବତୀୟ ବାହୁଟିଆ ବିଶେଷ; 2. କୋମଳ ଚର୍ମ ବିଶେଷ ।

**Champ**, *v.t.* 1. ଚୋବାଇବାର, ଚର୍ବଣ-କ; 2. (କଡେଇ) କାମୁଡିବାର ।—*v.i.* କାମୁଡି-ହେ, ଦାନ୍ତ ଚୋବାଇବାର ।

**Champac, champak**, *n.* ଚମ୍ପା ଗଛ ।

**Champagne**, *n.* *sham-pane*, ଫେନିଲ ଦ୍ରାକ୍ଷାରସ ବିଶେଷ ।

**Champaign**, *n.* *sham-pane*, ପଡିଆ, ପ୍ରାନ୍ତର, ମଇଦାନ ।

**Champignon**, *n.* *sham-pin-yon*, ଛତୁ ବିଶେଷ ।

**Champion**, *n.* 1. ନିଜ ବା ପର ନିମନ୍ତେ ଯୋଦ୍ଧା, ବୀର; 2. ମଲ୍ଲଯୁଦ୍ଧରେ ବା ଖେଳାରେ ଜୟୀ ଲୋକ; 3. ପକ୍ଷବାଦୀ ।—*v.t.* ସପକ୍ଷରେ ଯୁଦ୍ଧ-କ, ରକ୍ଷା-କ, କୌଣସି ଲୋକ ବା କାରଣର ପକ୍ଷସମର୍ଥନ-କ ।—*a.* ସର୍ବପ୍ରଧାନ, ସର୍ବଶ୍ରେଷ୍ଠ ।

**Championship**, *n.* 1. ମଲ୍ଲଯୁଦ୍ଧରେ ବା ଖେଳାରେ ଜୟୀ ଲୋକର ପଦ, ଉତ୍କୃଷ୍ଟ ସ୍ଥାନ; 2. ପକ୍ଷସମର୍ଥନ, କାରଣସମର୍ଥନ ।

**Chance**, *n.* 1. ଘଟଣା, ଆକସ୍ମିକ ଘଟଣା, ଦୈବଘଟଣା; 2. ଅଦୃଷ୍ଟ, ଭାଗ୍ୟ, କପାଳ; 3. ସୁବିଧା, ଅବସର, ସୁଯୋଗ, ଅବକାଶ; 4. ସମ୍ଭାବନା ।—*v.i.* ଘଟିବାର ।—*v.t.* ଅଙ୍ଗୀକାର-କ ।—*a.* ଆକସ୍ମିକ, ଦୈବିକ ।—*ad.* କଦାଚିତ୍, ହୋଇପାରେ ।

**Chancel**, *n.* ଖ୍ରୀଷ୍ଟୀୟ ଉପାସନାଳୟର ଯେଉଁ ସ୍ଥାନରେ ବେଦି ବା ପ୍ରଭୁଙ୍କ ଭୋଜର ମେଜ ଥାଏ ।

**Chancellor**, *n.* 1. ଇଉରୋପୀୟ ରାଜା ପ୍ରଭୃତିଙ୍କର ଉଚ୍ଚପଦସ୍ଥ ରାଜକର୍ମଚାରୀ; 2. କୌଣସି ଅଦାଲତର ପ୍ରଧାନ ବିଚାରକର୍ତ୍ତା, ପ୍ରଧାନ ଅଧ୍ୟକ୍ଷ, କେତେକ ସଭାର କର୍ମଚାରୀଙ୍କର ଉପାଧି ।— Lord High Chancellor, ସର୍ବଶ୍ରେଷ୍ଠ ବିଚାରପତି ଯେ କି ଲୁଇସ୍ ମୁଦ୍ରାସବୁର ସ୍ୱତ୍ୱପତି ପଦ ଅଧିକାରେ ଥାଏ । Chancellor of the Exchequer, ପ୍ରଧାନ ରାଜସ୍ୱସଚିବ, ଅର୍ଥବ୍ୟୟର ମନ୍ତ୍ରୀ ।

**Chancery**, *n* ଇଂଲଣ୍ଡ ଦେଶର ଏକ ପ୍ରଧାନ ଅଦାଲତ ।

**Chancre**, *n.* ଉପଦଂଶ ରୋଗଜାତ କଠିନ ଘା ବିଶେଷ ।

**Chandelier**, *n.* ଦୀପବୃକ୍ଷ, ଦୀପାଧାର ।

**Chandler**, *n.* (ଚର୍ବିବତିର ପ୍ରସ୍ତୁତକାରୀ ବା ବ୍ୟବସାୟୀ), ଖୁଚୁରା ବ୍ୟବସାୟୀ, ଦୋକାନଦାର ।

**Change**, *v.t.* 1. ବଦଳ-କ, ପରିବର୍ତ୍ତନ-କ; 2. ଟଙ୍କା ଭଙ୍ଗାଇବାର; 3 ବିନିମୟ-କ ।—*v.i.* ପରିବର୍ତ୍ତିତ-ହେ, ରୂପାନ୍ତର-ହେ ।—*n.* 1. ବଦଳ, ପରିବର୍ତ୍ତନ; 2. ବିନିମୟ; 3. ରେଜକି, କ୍ଷୁଦ୍ର ମୁଦ୍ରା; 4. ଦ୍ରବ୍ୟର ମୂଲ୍ୟ ବାଦ୍ ବାକି ଦେବା ପଇସା; 5. ବାଣିଜ୍ୟଗୃହ ବିଶେଷ; 6. ବଦଳସ୍ୱରୂପେ ଯାହା ବ୍ୟବହୃତ ହୁଏ ।

**Changeability**, **changeableness**, *n.* 1. ପରିବର୍ତ୍ତନୀୟତା; 2. ପରିବର୍ତ୍ତନଶୀଳତା, ଅସ୍ଥିରତା, ଚଞ୍ଚଳତା ।

**Changeable**, *a.* 1. ପରିବର୍ତ୍ତନୀୟ; 2. ପରିବର୍ତ୍ତନଶୀଳ, ଅସ୍ଥିର, ଚଞ୍ଚଳ ।

**Changeably**, **changefully**, *ad.* ଅସ୍ଥିରରୂପେ, ଚଞ୍ଚଳରୂପେ ।

**Changeful**, *a.* ଅସ୍ଥିର, ଚଞ୍ଚଳ ।

**Changefulness**, *n.* ଅସ୍ଥିରତା, ଚଞ୍ଚଳତା ।

**Changeless**, *a.* ଅପରିବର୍ତ୍ତନୀୟ, ସ୍ଥିର, ଅଟଳ, ଅଚଳ ।

**Changeling**, *n.* 1. ଅନ୍ୟ ବାଳକ ପରିବର୍ତ୍ତରେ ପରୀମାନଙ୍କ ଦ୍ୱାରା ଦତ୍ତ ଅସୁନ୍ଦର ବା ମୂର୍ଖ ବାଳକ, ବଦଳବାଳକ, ଉପକଳ୍ପିତ ବାଳକ, ଜଡ; 2. ଚଞ୍ଚଳ ଲୋକ ।

**Chank**, **chankshell**, *n.* ଶଙ୍ଖ ।

**Channel**, *n.* 1. ସ୍ରୋତପଥ, ନାଳ, କେନାଲ; 2. ଦୁଇ ଦେଶର ମଧ୍ୟବର୍ତ୍ତୀ ସଙ୍କୀର୍ଣ୍ଣ ସମୁଦ୍ର, ପ୍ରଣାଳୀ; 3. ଉପାୟ ।—*v.t.* ପ୍ରଣାଳୀ-କ, ନାଳ କାଟିବାର, ନାଳ ଖୋଳିବାର ।

**Chant**, *v.t.* 1. ଗାନ-କ; 2. ଗୀତ ଦ୍ୱାରା ଗୁଣକୀର୍ତ୍ତନ-କ; 3. ଲୟରହିତ ସ୍ୱରରେ ଗାନ ବା ଉଚ୍ଚାରଣ-କ ।—*v.i.* ଲୟରହିତ ସ୍ୱରରେ ଗାନ ବା ଉଚ୍ଚାରଣ-କ ।—*n.* 1. ଗାନ, ଗୀତ, ସ୍ୱରମେଳ; 2. ଲୟରହିତ ସ୍ୱରରେ ଉଚ୍ଚାରିତ କଥା, ଧର୍ମଗାନ ବିଶେଷ ।

**Chanticleer**, *n.* ଗଞ୍ଜା, କୁକ୍କୁଟ ।

**Chantry**, *n.* ବୃତ୍ତିପ୍ରାପ୍ତ ଗୀର୍ଜାଘର କି ଯହିଁରେ ରୋମାନ୍ କାଥଲିକ୍ ଯାଜକମାନେ ମୃତ ଲୋକଙ୍କ ଆତ୍ମା ନିମନ୍ତେ ପ୍ରାର୍ଥନା ଗାନ କରନ୍ତି ।

**Chaos**, *n.* 1. ପୃଥିବୀ ସୃଷ୍ଟିପୂର୍ବେ ଅବ୍ୟବସ୍ଥିତ ଅବସ୍ଥା, ଶୂନ୍ୟତା; 2. ବିଶୃଙ୍ଖଳତା, ଗୋଳମାଳ ଅବସ୍ଥା ।

**Chaotic**, *a*, ଅବ୍ୟବସ୍ଥିତ, ବିଶୃଙ୍ଖଳ, ଗୋଳମାଳିଆ ।

**Chaotically**, *ad.* ଅବ୍ୟବସ୍ଥିତ ଅବସ୍ଥାରେ, ବିଶୃଙ୍ଖଳରୂପେ ।

**Chap**, *v.t.* ଫଟାଇବାର, ଫାଟସୃଷ୍ଟି-କ ।—*v.i.* ଫାଟିବାର, ଫାଙ୍କ-ହେ ।—*n.* ଫାଟ, କ୍ଷୁଦ୍ର ଛିଦ୍ର ।

**Chap**, *n.* 1. ଜଲପାଟି; 2. ଚିମୁଟାର ମୁହଁ ।

**Chap**, *n.* 1. ଫେରିଅଳା; 2. ଲୋକଟା, ଟୋକାଟା ।

**Chape**, *n.* 1. ବକ୍‌ଲସର ଯେଉଁ ଭାଗ ପେଟିରେ ଲାଗିଥାଏ; 2. ଖାପର ଅଗ୍ରସ୍ଥିତ ଟାଣ ଖୋଳ ।

**Chapel**, *n.* ଉପାସନାଳୟ, ଗୀର୍ଜାଘର ।

**Chaperon**, *n.* 1. ସ୍ତ୍ରୀଲୋକ କାଳର ଟୋପି ବିଶେଷ; 2. ବାହାରେ ବୁଲି ଯିବା ସମୟରେ ଯୁବତୀର ତତ୍ତ୍ୱାବଧାରକ ବନ୍ଧୁ ।—*v.t.* ପ୍ରକାଶ୍ୟସ୍ଥାନକୁ ଯିବା ଯୁବତୀର ତତ୍ତ୍ୱାବଧାରକ ରୂପେ ସହଗମନ-କ ।

**Chap-fallen**, *a.* ଅଧୋବଦନ, ମଳିନମୁଖ, ହତୋତ୍ସାହ, ବିଷଣ୍ଣ ।

**Chapiter**, *n.* ସ୍ତମ୍ଭର ମଥା ।

**Chaplain**, *n.* ସଭାର ଧର୍ମୋପଦେଶକ ବିଶେଷ ।

**Chaplaincy**, *n.* ଉପରୋକ୍ତ ଧର୍ମୋପଦେଶକର ପଦ ବା କାର୍ଯ୍ୟ ।

**Chaplet**, *n.* 1. ଶିରୋଭୂଷଣ ମାଳା; 2. ରୋମାନ୍ କାଥଲିକ୍‌ମାନଙ୍କର ଜପମାଳା ।

**Chapman**, *n.* କ୍ରୟବିକ୍ରୟକର୍ତ୍ତା, ଫେରିଅଳା ।

**Chapped**, **chapt**, *p.a.* ଫାଟଯୁକ୍ତ, ଛିଦ୍ରଯୁକ୍ତ ।

**Chapter**, *n.* 1. ପର୍ବ, ଅଧ୍ୟାୟ, ପ୍ରକରଣ; 2. ପ୍ରଧାନ ଗୀର୍ଜାଘରସମ୍ବନ୍ଧୀୟ ଧର୍ମୋପଦେଶକର ସମ୍ପ୍ରଦାୟ ବା ସମାଜ; 3. ଶାଖା ସମାଜ ।

**Char**, *n.* ମାଛ ବିଶେଷ ।

**Char**, *v.t.* କୋଇଲା-କ, ଅଙ୍ଗାର-କ, ଅଳ୍ପ ପୋଡିବାର ।—*n.* ପୋଡା ଦ୍ରବ୍ୟ, ଅଙ୍ଗାର ।

**Character**, *n.* 1. ଖୋଦିତ ଚିହ୍ନ, ଚିହ୍ନ, ମୋହର, ଛାପ; 2. ଅକ୍ଷର, ବର୍ଣ୍ଣ; 3. ଲେଖିବା ଢାଞ୍ଚ; 4. ଗୁଣାଗୁଣ, ଗୁଣ, ପ୍ରକୃତି, ସ୍ୱଭାବ, ଖ୍ୟାତି; 5. ଚରିତ୍ରବାନ୍ ଲୋକ; 6. ଗୁଣର ବିବରଣ, ଚରିତ୍ର; 7. ଅସାଧାରଣ ସ୍ୱଭାବର ଲୋକ, ଅଦ୍ଭୁତ ବ୍ୟକ୍ତି; 8. ନାଟକରେ ଏକ ବ୍ୟକ୍ତି; 9. ସୁପାରିସ୍ ଚିଠି; 10. ଭାବ, କ୍ଷମତା, ରୂପ, ବେଶ ।

**Characteristic**, *a.* ଗୁଣସୂଚକ, ସ୍ୱାଭାବିକ, ବିଶେଷକ ।—*n.* ସ୍ୱାଭାବିକ ଗୁଣ, ବିଶେଷ ଗୁଣ, ବିଶେଷ ଲକ୍ଷଣ ।

**Characteristically**, *ad.* ସ୍ୱାଭାବିକ ଗୁଣସୂଚକରୂପେ, ଗୁଣପ୍ରକାଶକ ଭାବରେ ।

**Characterization**, *n.* ବର୍ଣ୍ଣନାକରଣ, ବ୍ୟକ୍ତକରଣ ।

**Characterize**, *v.t.* 1. ବିଶେଷରୂପେ ଚିହ୍ନିତ-କ, ଚିହ୍ନିତ-କ; 2. ଗୁଣାଗୁଣ ବ୍ୟକ୍ତ-କ, ବର୍ଣ୍ଣନା-କ, ବିଶେଷ-କ ।

**Characterless**, *a.* ବିଶେଷ ଗୁଣରହିତ, ଲକ୍ଷଣହୀନ ।

**Charade**, *n.* ଅଭିନୟାଦିରେ ପ୍ରକାଶିତ ଏକ ପ୍ରକାର ପ୍ରହେଳିକା ।

**Charcoal**, *n.* କାଠର କୋଇଲା, ଅଙ୍ଗାର ।

**Chare**, *n.* ମଜୁରି, ଦିନମଜୁରି ।—*v.i.* ମଜୁରି-କ ।

**Charge**, *v.t.* 1. ଭର୍ତ୍ତି-କ, ପୂର୍ଣ୍ଣ-କ ; 2. ଭାରାର୍ପଣ-କ, ଭାର-ଦେ ; 3. ପ୍ରଚଣ୍ଡରୂପେ ଆକ୍ରମଣ-କ ; 4 ଧାର୍ଯ୍ୟ-କ, ମୂଲ୍ୟ ମାଗିବାର, ଦାମ ବସାଇବାର ; 5. ହିସାବରେ ଲେଖିବାର ; 6. ଜିମ୍ମାରେ ରଖିବାର ; 7. ଦୋଷାରୋପ-କ, ଅଭିଯୋଗ-କ ; 8. ଆଦେଶ-ଦେ, ଆଜ୍ଞା-କ ।—*v.i.* 1. ମୂଲ୍ୟ ମାଗିବାର ; 2. ପ୍ରଚଣ୍ଡରୂପେ ଆକ୍ରମଣ-କ ।—*n.* 1. ଯାହା କୌଣସି ଦ୍ରବ୍ୟକୁ ପୂର୍ଣ୍ଣ କରି ଥାଏ, ଏକ ଥରରେ ପୂରା ବାରୁଦ ; 2. ଆକ୍ରମଣ ; 3. ଆଦେଶ. ଆଜ୍ଞା, ବିଶେଷ ଉପଦେଶ ; 4. ପରର ତତ୍ତ୍ୱାବଧାନରେ ଥିବା ଲୋକ ବା ବସ୍ତୁ ; 5. ଅଭିଯୋଗ, ଦୋଷାରୋପ ; 6. ଦାମ ମୂଲ୍ୟ ; 7. ପାଉଣାର ହିସାବ ; 8. କର, ଖଜଣା ; 9. ଖର୍ଚ୍ଚ, ବ୍ୟୟ ; 10. ଭାର, ଜିମ୍ମା, ଅଧିକାର ।

**Chargeable**, *a.* 1. ଦେୟ, ଆରୋପଣୀୟ ; 2. ଦାୟୀ, ଅଭିଯୋଜ୍ୟ, ଅଭିଯୋକ୍ତବ୍ୟ ।

**Chargeableness, chargeability**. *n.* ଦାୟିତ୍ୱ, ଅଭିଯୋକ୍ତବ୍ୟତା ।

**Charger**, *n.* 1. ଆକ୍ରମଣକାରୀ, ଯୁଦ୍ଧର ଅଶ୍ୱ ; 2. ବଡ ପାତ୍ର, ଥାଳୀ ।

**Charily**, *ad.* ସାବଧାନପୂର୍ବକ, ସତର୍କରୂପେ ।

**Chariness**, *n.* 1. ସାବଧାନତା, ସତର୍କତା ; 2. ଅଳ୍ପବ୍ୟୟିତା ।

**Chariot**, *n.* 1. ଜାକଜମକା ଗାଡି ବିଶେଷ ; 2. ପ୍ରାଚୀନ କାଳର ଯୁଦ୍ଧରଥ, ସ୍ୟନ୍ଦନ ।

**Charioteer**, *n.* ରଥୀ, ସାରଥି, ରଥାଦିଚାଳକ ।

**Charitable**, *a.* 1. ଦାନଶୀଳ, ବଦାନ୍ୟ ; 2. ଦୟାସମ୍ବନ୍ଧୀୟ, ଦାତବ୍ୟ ; 3. ଦୟାଳୁ, ଅନୁକୂଳ. କଠୋରତାରହିତ, କଠୋର ବିଚାରରେ ଅନିଚ୍ଛୁକ, ମଙ୍ଗଳେଚ୍ଛୁକ, ଉଦାର ।

**Charitableness**, *n.* 1. ଦାନଶୀଳତା, ବଦାନ୍ୟତା ; 2. ଉଦାରତା, ମଙ୍ଗଳେଚ୍ଛୁକତା ।

**Charitably**, *ad.* 1. ଦାନଶୀଳରୂପେ ; 2. ଦୟାଳୁଭାବେ, ଅନୁକୂଳଭାବେ, ଉଦାରଭାବେ ।

**Charity**, *n.* 1. ଦାନଶୀଳତା, ବଦାନ୍ୟତା ; 2. ମଙ୍ଗଳେଚ୍ଛା, ପରୋପକାର, ଦୟା, ପ୍ରେମ, ବିଶ୍ୱବ୍ୟାପୀ ପ୍ରେମ ; 3. ଦାନ, ଭିକ୍ଷାଦାନ, ଦୟାକାର୍ଯ୍ୟ ; 4. ପରର ଦୋଷ ଉପେକ୍ଷା କରିବା ସ୍ୱଭାବ, ଉଦାରତା ; 5. ଦାନଶାଳା, ଧର୍ମଶାଳା, ଦାତବ୍ୟସଂସ୍ଥାନ ।

**Charlatan**, *n.* ଯେ ଆପଣାକୁ ମିଥ୍ୟାରେ ବଡ ପଣ୍ଡିତ ବୋଲି ଦେଖାଏ, ପ୍ରତାରକ, ପ୍ରବଞ୍ଚକ ବୈଦ୍ୟ, ଠକ ।

**Charlatanry, charlatanism**, *n.* ପ୍ରତାରଣା, ପ୍ରବଞ୍ଚନା, ଠକାମି । [ଶ୍ରେଣୀ ।

**Charles's-wain**, *n.* ସପ୍ତର୍ଷି ନାମକ ସଂପ୍ରତାରା ଶ୍ରେଣୀ

**Charm**, *n.* 1. ମନ୍ତ୍ର, ଯାଦୁ, ମାୟା, କୁହକ ; 2. ମୋହିନୀ ଶକ୍ତି. ପ୍ରଲୋଭନ ; 3. କବଚ, ତାବିଜ, କ୍ଷୁଦ୍ର ଅଳଙ୍କାର ବିଶେଷ ।—*v.t.* 1. ମନ୍ତ୍ର ଦ୍ୱାରା ବଶୀଭୂତ-କ, ଯାଦୁ-କ ; 2. ଗୁପ୍ତ ଶକ୍ତି ଦ୍ୱାରା ବଶୀଭୂତ-କ ; 3. ମୋହିତ-କ, ଅତି ସନ୍ତୋଷ ଜନ୍ମାଇବାର ; 4. ମନ୍ତ୍ରାଦି ଦ୍ୱାରା ରକ୍ଷା-କ ।—*v.i.* ମୋହିତ-କ ।

**Charmed**, *p.a.* 1. ମନ୍ତ୍ର ଦ୍ୱାରା ବଶୀଭୂତ, ଅଭିମନ୍ତ୍ରିତ ; 2. ମନ୍ତ୍ର ଦ୍ୱାରା ସୁରକ୍ଷିତ ; 3. ମୋହିତ, ପ୍ରଲୋଭିତ, ସନ୍ତୁଷ୍ଟ ।

**Charmer**, *n.* 1. ମାୟାବୀ, ଗୁଣୀ, ଯାଦୁକର, କୁହୁକୀ ; 2. ମୋହକ, ମୁଗ୍ଧକାରିଣୀ, ମନୋମୋହିନୀ ।

**Charming**, *a.* ଅତି ସନ୍ତୋଷଜନକ, ମନୋହର, ମନୋରମ, ସୁଖଦାୟୀ, ପ୍ରଲୋଭକ, ଚିତ୍ତାକର୍ଷକ, ରମ୍ୟ, ରମଣୀୟ ।

**Charmingly**, *ad.* ମନୋହରରୂପେ, ସୁଖଦାୟିରୂପେ, ରମଣୀୟରୂପେ ।

**Charnel-house**, *n.* ଗୀର୍ଜାଘର ତଳେ ମୃତ ଲୋକଙ୍କ ହାଡ ରଖାଯିବା ସ୍ଥାନ ।

**Chart**, *n.* 1. ସାମୁଦ୍ରିକ ମାନଚିତ୍ର, ବେଳାପଟ୍ଟ ; 2. ଶୃଙ୍ଖଳାପୂର୍ବକ ଲିପିବଦ୍ଧ ବିଷୟର ପତ୍ର ।—*v.t.* ମାନଚିତ୍ର-କ, ନକ୍ସା-କ ।

**Charter**, *n.* 1. ଅଧିକାରପତ୍ର, ସନଦ, ରାଜାଜ୍ଞାପତ୍ର ; 2. ବିଶେଷ ଅଧିକାର ବା କ୍ଷମତା ।—*v.t.* 1. ସନଦ ଦ୍ୱାରା ସ୍ଥିର-କ ; 2. ଚୁକ୍ତି ଦ୍ୱାରା (ଜାହାଜ) ଭଡା ଦେବାର ବା ନେବାର ।

**Chartered**, *a.* 1. ସନଦପ୍ରାପ୍ତ, ଆଜ୍ଞାପତ୍ରପ୍ରାପ୍ତ, ସନଦ ଦ୍ୱାରା ସୁରକ୍ଷିତ ; 2. ବିଶେଷ ଅଧିକାରପ୍ରାପ୍ତ ; 3. ଭଡାଦିଆ, ଭଡାନିଆ ।

**Charter-party**, *n.* ଜାହାଜର ଭଡାବିଷୟକ ନିୟମପତ୍ର ।

**Char-woman**, *n.* ଦିନ ଠିକାକର୍ମ କରେ ଯେ ସ୍ତ୍ରୀ, ଠିକାମଜୁରିଆଣୀ ।

**Chary**, *a.* 1. ସତର୍କ, ଜାଗ୍ରତ, ସଚେତନ ; 2. ମିତବ୍ୟୟୀ, with *of* before an object.

**Chase**, *v t.* 1. ଘୋଡାଇବାର, ପଶ୍ଚାଦ୍ଧାବନ-କ ; 2. ଶିକାର-କ, ମୃଗୟା-କ ; 3. ଆଗ୍ରହପୂର୍ବକ ଅନ୍ୱେଷଣ-କ, ଉତ୍ସୁକଭାବେ ଅନୁସନ୍ଧାନ-କ ; 4. ତଡି-ଦେ, ଖେଦି-ନେ ।—*n.* 1. ଅନୁଧାବନ ; 2. ମୃଗୟା, ଶିକାର ; 3. ଶତ୍ରୁର ଅନୁଧାବନ ; 4. ଅନୁଧାବନର ବିଷୟ, ଯଥା,— ଶିକାରୀ ଜନ୍ତୁ ଜାହାଜ ବା ଶତ୍ରୁ ; 5. ମୃଗୟା ଭୂମି ।

**Chase**, *n.* 1. ଛାପାକର୍ମରେ ଅକ୍ଷରର ପୃଷ୍ଠା ବନ୍ଦ କରିବା ଲୁହାର ବେଡ ; 2. ତୋପର ମୁହଁ ଓ ହାତଲ ମଧ୍ୟରେ ଥିବା ନଳୀ ।—*v.t.* 1. ଖୋଦିତ କାର୍ଯ୍ୟରେ ଅଳଙ୍କୃତ-କ ; 2. ଖୋଦ-କ ।

**Chaser**, *n.* 1. ପଶ୍ଚାଦ୍ଧାବକ, ଶିକାରୀ ; 2. ଜାହାଜର ଅଗ୍ର ବା ପଶ୍ଚାଦ୍ଭାଗରେ ଥିବା ବନ୍ଧୁକ ।

**Chaser**, *n.* ଖୋଦିବା କର୍ତ୍ତା । [ଶୂନ୍ୟ ସ୍ଥାନ ।

**Chasm**, *n.* 1. ବଡ ଫାଟ, ଗର୍ତ୍ତ, ଗହ୍ୱର, ଖାଲ ; 2.

**Chaste**, *a.* 1. ଅବ୍ୟଭିଚାରୀ. ଜିତେନ୍ଦ୍ରିୟ, ସାଧୁ. ସାଧ୍ୱୀ, ସତୀ ; 2. ନିର୍ମଳ, ଶୁଦ୍ଧ ; 3. ବିଶୁଦ୍ଧ, ସୁରୁଚିବିଶିଷ୍ଟ ।

**Chastely**, *ad.* 1. ଜିତେନ୍ଦ୍ରିୟରୂପେ, ସାଧୁପରି, ସତୀରୂପେ ; 2. ବିଶୁଦ୍ଧରୂପେ ।

**Chasten**, *v.t.* 1. ଶୁଧରିବା ନିମନ୍ତେ ଦୁଃଖ-ଦେ, କ୍ଲେଶ ଦେଇ ନିର୍ମଳ-କ, ଶାସ୍ତି-ଦେ ; 2. ନିୟମିତ-କ, ଶାନ୍ତ-କ ; 3. ସଂଶୋଧନ-କ, ନିର୍ମଳ-କ ।

**Chasteness**, *n.* 1. ସାଧୁତ୍ୱ. ସତୀତ୍ୱ ; 2. ନିର୍ମଳତା ; 3. ବିଶୁଦ୍ଧତା, ସୁରୁଚିବିଶିଷ୍ଟତା ।

Chastisable, *a.* ଶାସ୍ତିଯୋଗ୍ୟ, ଦଣ୍ଡଣୀୟ ।

Chastise, *v.t.* 1. ଦଣ୍ଡ ଦେବା ନିମନ୍ତେ ଓ କର୍ତ୍ତବ୍ୟକର୍ମରେ ପ୍ରବର୍ତ୍ତାଇବା ନିମନ୍ତେ ଦୁଃଖ-ଦେ, ଦଣ୍ଡ ଦେଇ ଶୁଧରାଇବାର, ଶାସ୍ତି-ଦେ, ଶାସନ-କ, ସଜା-ଦେ; 2. ଦଣ୍ଡ-ଦେ ।

Chastisement, *n.* ଶାସ୍ତି, ସଜା, ମାଡ, ଦଣ୍ଡ ।

Chastiser, *n.* ଶାସ୍ତିଦାତା, ଦଣ୍ଡଦାତା ।

Chastity, *n.* ଜିତେନ୍ଦ୍ରିୟତା, ସାଧୁତ୍ୱ, ସତୀତ୍ୱ, ନିର୍ମଳତା ।

Chat, *v.i.* ଗପସପ-କ, କଥାବାର୍ତ୍ତା-କ, ଆଳାପ-କ ।—*n.* ଗପସପ, କଥାବାର୍ତ୍ତା, ଆଳାପ ।

Chateau, *n. pl* chateux, (French), *shato*, ଗଡ, ଦୁର୍ଗ, ଭୂସ୍ୱାମିର ଗ୍ରାମ୍ୟନିବାସ ।

Chattel, *n.* ଅସ୍ଥାବର ବସ୍ତୁ, ସମ୍ପତ୍ତି, ସାମଗ୍ରୀ, ଜିନିସପତ୍ର, ଚିଜବସ୍ତୁ, (in law) ସାଗରଗ ଭୂମି ଛଡା ସ୍ଥାବର ଓ ଅସ୍ଥାବର ବସ୍ତୁସମୂହ ।

Chatter, *v.i.* 1. ବକ୍‌ବକ୍ ଶବ୍ଦ-କ, ବଡବଡ ଶବ୍ଦ-କ; 2. ବକ୍‌ବକ୍-କ, ଗପ-କ; 3. କଡମିଡ-କ ।—*n.* 1. ବକ୍‌ବକ୍ ଶବ୍ଦ, ବଡବଡ ଶବ୍ଦ; 2. ବକ୍‌ବକ୍, ବୃଥା ଗପ ।

Chatterbox, *n.* ବକୁଆ, ବାଚାଳ, ବାବଦୂକ ।

Chatterer, *n.* ବକ୍‌ବକି, ଗପୀ ।

Chatty, *a.* ଗପୀ, ଆଳାପୀ । [ତୁଚ୍ଛ ।

Cheap, *a.* 1. ଶସ୍ତା, ଅଳ୍ପମୂଲ୍ୟ, ସୁଲଭ; 2. ସାମାନ୍ୟ,

Cheapen, *v.t.* (ମୂଲ୍ୟ-କ), ମୂଲ୍ୟନ୍ୟୂନ-କ, ଶସ୍ତା-କ, ତୁଚ୍ଛ-କ ।—*v.i.* ଶସ୍ତା-ହୁ ।

Cheaply, *ad.* ଶସ୍ତାରେ, ଅଳ୍ପମୂଲ୍ୟରେ, ସୁଲଭରେ ।

Cheapness, *n.* ଅଳ୍ପମୂଲ୍ୟତା, ସୁଲଭତା ।

Cheat, *v.t.* 1. ଠକିବାର, ପ୍ରତାରଣା-କ, ପ୍ରବଞ୍ଚନା-କ; 2. ଭୁଲାଇବାର; 3. ଜୁଆଚୋର-କ ।—*n.* 1. ଠକାମି, ପ୍ରତାରଣା, ପ୍ରବଞ୍ଚନା, ଚତୁରୀ; 2. ଠକ, ପ୍ରବଞ୍ଚକ; 3. ଜୁଆଚୋର ।

Cheating, *p.a.* 1. ପ୍ରବଞ୍ଚନାପ୍ରିୟ, ପ୍ରବଞ୍ଚନାକାରୀ; 2. ପ୍ରତାରଣାପୂର୍ଣ୍ଣ ।

Check, *n.* 1. (in chess), ରାଜାଙ୍କ ଉପରେ ଆକ୍ରମଣ; 2. ଅଟକକରଣ, ଅଟକ, ବାଧା, ବାରଣ, ପ୍ରତିରୋଧ; 3. ଅଟକାଇବା ଉପାୟ, ବାଧାକାରୀ; 4. ମୁକାବିଲାର ଚିହ୍ନ ବିଶେଷ; 5. ଦୋହରା ରସିଦ୍; 6. ନିଦର୍ଶନ, ଚିହ୍ନ; 7. ଟଙ୍କା ଦେବା ଆଜ୍ଞାପତ୍ର, ହୁଣ୍ଡୀ; 8. ଶତରଞ୍ଜ ଛକ ପରି ଚିହ୍ନିତ ଲୁଗା ।—*v.t.* 1. ଅଟକ-କ, ଅଟକାଇବାର, ବାଧା-ଦେ, ଦମନ-କ; 2. ମୁକାବିଲା-କ, (ହିସାବ) ମିଳାଇବାର; 3. (in chess), କିସ୍ତି-ଦେ ।—*v.i.* ଅଟକିବାର, ସ୍ଥଗିତ-ହୁ ।

Checker, *v.t.* 1. ଶତରଞ୍ଜ ଛକ ପରି ଚିହ୍ନିତ-କ; 2. ଚିତ୍ରବିଚିତ୍ର-କ, ପ୍ରକାରାନ୍ତର-କ ।—*n.* ଶତରଞ୍ଜର ଛକ ।

Checkmate, *n.* (in chess), କିସ୍ତିମାତ, ପରାଜୟ ।—*v.t.* 1. କିସ୍ତିମାତ-କ, ପରାଜୟ-କ; 2. ବ୍ୟର୍ଥ-କ, କୌଶଳରେ ପରାସ୍ତ-କ ।

Cheek, *n.* 1. ଗାଲ, ଗଣ୍ଡଦେଶ; 2. ଗାଲପରି ପଦାର୍ଥ; 3. (vulgar) ନିର୍ଲଜ୍ଜତା, ପ୍ରଗଲ୍‌ଭତା, ଅଶାଢର କଥା ।

Cheek-tooth, *n.* କଳଦାନ୍ତ । [ଶବ୍ଦ ।

Cheep, *v.t.* and *i.* ଚିଁଚିଁ ଶବ୍ଦ-କ ।—*n.* ଚିଁଚିଁ

Cheer, *n.* (ମୁଖର ଚେହେରା, ବଦନ), 1. ମନର ଭାବ, ହର୍ଷ, ପ୍ରଫୁଲ୍ଲତା; 2. ଯାହା ହର୍ଷ ଜନ୍ମାଏ, ଭୋଜସାମଗ୍ରୀ, ଭୋଜ, ଖାଦ୍ୟଦ୍ରବ୍ୟ; 3. ଆନନ୍ଦ ଧ୍ୱନି, ପ୍ରଶଂସାସୂଚକ ଧ୍ୱନି ।—*v.t.* 1. ମୁଖୋଜ୍ଜ୍ୱଳ-କ, ଆନନ୍ଦିତ-କ, ଆହ୍ଲାଦିତ-କ, ସାନ୍ତ୍ୱନା-କ; 2. ସାହସ-ଦେ, ଉତ୍ସାହିତ-କ; 3. ଆନନ୍ଦଧ୍ୱନିରେ ପ୍ରଣାମ-କ, ପ୍ରଶଂସାସୂଚକ ଧ୍ୱନି-କ ।—*v.i.* ପ୍ରଫୁଲ୍ଲ-ହୁ, ଆନନ୍ଦିତ-ହୁ, usually with *up*.

Cheerful, *a.* 1. ପ୍ରଫୁଲ୍ଲ, ଆନନ୍ଦିତ, ପୁଲକିତ, ହୃଷ୍ଟ, ସନ୍ତୁଷ୍ଟ; 2. ଆନନ୍ଦଦାୟକ ।

Cheerfully, *ad.* ପ୍ରଫୁଲ୍ଲରୂପେ, ହୃଷ୍ଟଚିତ୍ତରେ, ଆହ୍ଲାଦପୂର୍ବକ, ସନ୍ତୋଷପୂର୍ବକ । [ଆହ୍ଲାଦ ।

Cheerfulness, cheeriness, *n.* ପ୍ରଫୁଲ୍ଲତା, ହୃଷ୍ଟତା,

Cheerily, *ad.* ପ୍ରଫୁଲ୍ଲରୂପେ, ଆହ୍ଲାଦପୂର୍ବକ, ଆନନ୍ଦିତରୂପେ, ଉଲ୍ଲାସପୂର୍ବକ । [ଜନକ ।

Cheering, *p.a.* ଆନନ୍ଦଜନକ, ପ୍ରଫୁଲ୍ଲତାଜନକ, ଉତ୍ସାହ-

Cheeringly, *ad.* ଆନନ୍ଦଜନକରୂପେ, ଉତ୍ସାହଜନକରୂପେ ।

Cheerless, *a.* ଶାନ୍ତିରହିତ, ହର୍ଷରହିତ, ନିରାନନ୍ଦ, ବିଷଣ୍ଣ, ଅନୁତ୍ସୁକ, ଘୋର ।

Cheerlessly, *ad.* ବିଷଣ୍ଣରୂପେ, ନିରାନନ୍ଦରୂପେ ।

Cheerlessness, *n.* ନିରାନନ୍ଦତା, ସ୍ଫୂର୍ତ୍ତିଶୂନ୍ୟତା ।

Cheerily, *ad.* ପ୍ରଫୁଲ୍ଲରୂପେ, ଆନନ୍ଦଜନକରୂପେ ।

Cheery, *a.* 1. ପ୍ରଫୁଲ୍ଲତାପୂର୍ଣ୍ଣ, ଉଲ୍ଲାସସୂଚକ, ପ୍ରଫୁଲ୍ଲିତ, ହୃଷ୍ଟ, ଆନନ୍ଦିତ, ପୁଲକିତ; 2. ଆନନ୍ଦଜନକ, ଆନନ୍ଦବର୍ଦ୍ଧକ ।

Cheese, *n.* ପନିର ।

Cheesecake, *n.* ଛେନା ଆଦିରୁ ପ୍ରସ୍ତୁତ ପିଠା ବିଶେଷ ।

Cheesemonger, *n.* ପନିର ବିକ୍ରେତା, ପନିରବାଲା ।

Cheeseparing, *n.* ପନିରଛାଲି ।—*a.* ଅତିରିକ୍ତ ମିତବ୍ୟୟୀ, କାଙ୍ଗାଳି, କୃପଣ ।

Cheesepress, *n.* ପନିର ଯନ୍ତ୍ର ବା ଛାଞ୍ଚ ।

Cheesiness, *n.* ପନିର ଗୁଣ, ପନିର ଗୁଣବିଶିଷ୍ଟତା ।

Cheesy, *a.* ପନିରପରି, ପନିର ଗୁଣବିଶିଷ୍ଟ ।

Cheetah, Chetah, *n.* ଶିକାରୀ ଚିତାବାଘ ।

Chef, *n. shef*, (French), 1. (ପ୍ରଧାନ) ପରିଚାଳକ; 2. ପ୍ରଧାନ ସୂପକାର ବା ପାଚକ ।

Chemical, *a.* 1. ରସାୟନ ବିଦ୍ୟାସମ୍ବନ୍ଧୀୟ, ରାସାୟନିକ; 2. ରସାୟନ ବିଦ୍ୟାରେ ବ୍ୟବହୃତ, ରାସାୟନିକ ସୂତ୍ରାନୁସାରେ ପ୍ରାପ୍ତ ।—*n.* ରାସାୟନିକ ଦ୍ରବ୍ୟ ।

Chemically, *ad.* ରସାୟନ ବିଦ୍ୟାର ସୂତ୍ର ଅନୁସାରେ, ରାସାୟନିକ ପ୍ରକ୍ରିୟାରେ ।

Chemise, *n.* ସ୍ତ୍ରୀଲୋକର କମିଜ ।

Chemist, *n.* 1. ରସାୟନ ବିଦ୍ୟାଜ୍ଞ, ରସାୟନବେତ୍ତା; 2. ଔଷଧ ବିକ୍ରେତା ।

Chemistry, *n.* ରସାୟନ ବିଦ୍ୟା । [ଆଜ୍ଞାପତ୍ର ।

Cheque, check, *n.* ହୁଣ୍ଡୀ ବିଶେଷ, ଟଙ୍କା ଦେବା

Chequer, checker, *n.* 1. ଶତରଞ୍ଜି ଘରପରି ନମୁନା; 2. ଧନାଗାର, ରାଜକୋଷ ।—*v.t.* 1. ଶତରଞ୍ଜ ଘରପରି ନମୁନା-କ, ଚିତ୍ରବିଚିତ୍ର-କ; 2. ବିବିଧ ଘଟନାପୂର୍ଣ୍ଣ-କ ।

**Chequered, checkered,** *a.* 1. ଶତରଞ୍ଜ ଘରପର କମ୍ପନାଯୁକ୍ତ, ଚିତ୍ରବିଚିତ୍ର ; 2. ସୁଖଦୁଃଖମୟ ।

**Cherish,** *v.t.* 1. ପ୍ରିୟଜ୍ଞାନ-କ, ପ୍ରତିପାଳନ-କ, ଲାଳନ-ପାଳନ-କ, ପୋଷିବାର, ପାଳିବାର; 2. ମନରେ ରଖିବାର, ପ୍ରତିପୋଷଣ-କ ।

**Cheroot,** *n.* ଚିରୁଟ ବିଶେଷ ।

**Cherry,** *n.* ବୃକ୍ଷ ଓ ଫଳ ବିଶେଷ ।—*a.* ଈଷତ୍ ରକ୍ତବର୍ଣ୍ଣ, ଲାଲ ।

**Cherub,** *n. pl.* cherubs (and Hebrew *pl.* cherubim), 1. କିରୂବ, ସ୍ୱର୍ଗୀୟ ଦୂତ ବିଶେଷ ; 2. ସୁନ୍ଦର ଶିଶୁ ।

**Cherubic,** *a.* ସ୍ୱର୍ଗୀୟ ଦୂତସମ୍ବନ୍ଧୀୟ, ସ୍ୱର୍ଗୀୟ ଦୂତବତ୍ ।

**Chess,** *n.* ଶତରଞ୍ଜ ଖେଳ ।

**Chess-board,** *n.* ଶତରଞ୍ଜ ପଟା ।

**Chess-men** *n.* ବଳ । king, ରଜା । queen, ମନ୍ତ୍ରୀ । bishop, ଓଟ ବା ହାଥୀ । knight, ଘୋଡା । rook or castle, ଗଡ । pawn, ପିଅଦା । check, କିସ୍ତି । check-mate, ମାତ୍ ।

**Chest,** *n.* 1. ସିନ୍ଦୁକ ; 2. ସିନ୍ଦୁକପରିମାଣ ; 3. ଛାତି, ବକ୍ଷଃସ୍ଥଳ ।

**Chested,** *a.* ଛାତିଯୁକ୍ତ ।

**Chestnut,** *n.* 1. ବୃକ୍ଷ ଓ ଫଳ ବିଶେଷ ; 2. ତାମ୍ର ବର୍ଣ୍ଣ । —*a.* ତାମ୍ରବର୍ଣ୍ଣ ।

**Chevalier,** *n.* (French), *she'valeer*, ଅଶ୍ୱାରୂଢ ସୈନ୍ୟ, ଅଶ୍ୱାରୋହୀ ସୈନ୍ୟ ।

**Chevaux-de-frise,** *n. pl.* (French), *she-vo-de-freeze*, ଅଶ୍ୱାରୂଢ ସୈନ୍ୟର ଗତି ରୋଧାର୍ଥେ ଲୌହକଣ୍ଟକଯୁକ୍ତ କାଷ୍ଠନିର୍ମିତ ବ୍ୟବଧାନ ।

**Chevron,** *n.* ସୈନିକ କର୍ମଚାରିର କୁର୍ତ୍ତାର ଅସ୍ତିନ ଉପରେ ଥିବା କୋଣାକୃତ ଚିହ୍ନ ।

**Chew,** *v.t.* ଚୋବାଇବାର, ଚର୍ବଣ-କ ।—*v.i.* 1. ଚୋବାଇବାର, ପାକୁଳି-କ, ରୋମନ୍ଥ-କ ; 2. ଧ୍ୟାନ-କ, ଚିନ୍ତା-କ, with *on* or *upon* ।—*n.* ଚର୍ବଣ, ଚର୍ବଣ ଦ୍ରବ୍ୟ ।

**Chic,** *n. sheek.* (French), 1. ଅପୂର୍ବ ସୁରୁଚି ; 2. ଦକ୍ଷତା ; 3. ତତ୍ପରପଣ, ସ୍ଫୂର୍ତ୍ତି ।—*a.* 1. ସୁରୁଚି ପ୍ରକାଶକ ; 2. ଅପୂର୍ବ ସୁରୁଚିବିଶିଷ୍ଟ, ଦକ୍ଷ ; 3. ଚଞ୍ଚଳ, ସ୍ଫୂର୍ତ୍ତିଯୁକ୍ତ ; 4. ମହତ୍ତ୍ୱସୂଚକ, ମହତ୍ ।

**Chicane, chicanery,** *n.* ମିଥ୍ୟା କଳ୍ପନା ବା ତର୍କ, ଧୂର୍ତ୍ତତା, ଛଳ, ଚାତୁରୀ ।

**Chick,** *n.* 1. କୁକୁଡା ଛୁଆ ; 2. ଶିଶୁ, ବତ୍ସ ।

**Chicken,** *n.* 1. କୁକୁଡା ଛୁଆ ; 2. ଶିଶୁ ; 3. ଯୁବା ଲୋକ ; 4. ଭୟାଳୁ ଲୋକ ।

**Chicken-hearted,** *a.* ଡରକୁଳା, ଭୟାଳୁ, ଭୀରୁ, ଭୟଶୀଳ ।

**Chicken-pox,** *n.* ଫାଟଫୁଟି, ପାଣିବସନ୍ତ ।

**Chicory,** *n.* ଶାକ ବିଶେଷ ଯାହାର ମୂଳ ପୋଡା ଓ ଚୂନା ହୋଇ କାଫି ସଙ୍ଗେ ମିଶ୍ରିତ ହୁଏ ।

**Chide,** *v.t.* ଭର୍ତ୍ସନା-କ, ଅନୁଯୋଗ-କ, ଧମକାଇବାର । —*v.i.* ଧମକାଇବାର, କନ୍ଦଳ-କ, କଳହ-କ, କଳରବ-କ, ଗର୍ଜ୍ଜିବାର ।

**Chidingly,** *ad.* ଅନୁଯୋଗପୂର୍ବକ ।

**Chief,** *a.* ପ୍ରଧାନ, ମୁଖ୍ୟ, ଶ୍ରେଷ୍ଠ, ଅଗ୍ରିମ, ମହତ୍, ଗୁରୁତର । —*n.* ପ୍ରଧାନ ଲୋକ, ଶ୍ରେଷ୍ଠ ବ୍ୟକ୍ତି, ସରଦାର, ନାୟକ, ଅଧ୍ୟକ୍ଷ, ପ୍ରଧାନ କର୍ମଚାରୀ ।

**Chiefly,** *ad.* ବିଶେଷତଃ, ବିଶେଷରୂପେ, ଅଧିକନ୍ତୁ, ପ୍ରଧାନତଃ, ପ୍ରଧାନରୂପେ ।

**Chieftain,** *n.* ଅଗ୍ରଗାମୀ, ଅଧ୍ୟକ୍ଷ, ଅଧିପ, ଦଳର ସ୍ୱାମୀ, ସେନାପତି, ସରଦାର ।

**Chignon,** *n. shee-nyon* (French), ଖୋସା ।

**Chigoe, Chigre,** *n.* ଚର୍ମତଳେ ପାତ କରବା ଉକୁଣୀ ଜାତୀୟ ପୋକ ବିଶେଷ ।

**Chilblain,** *n.* ହିମଜାତ ସ୍ଫୋଟକ ବା କ୍ଷତ ।

**Child,** *pl.* children, *n.* 1. ଶିଶୁ, ବାଳକ, ବାଳିକା, କୁମାର, କୁମାରୀ, ସନ୍ତାନ ; 2. ଅଳ୍ପଜ୍ଞାନୀ ବ୍ୟକ୍ତି, ଅଳ୍ପବୁଦ୍ଧି ଲୋକ ; 3. ଫଳ ; 4. *pl.* ସନ୍ତାନସନ୍ତତି ।—child's play, 1. ଲଘୁ ବିଷୟ, କ୍ଷୁଦ୍ର କଥା ; 2. ସହଜରେ ସାଧ୍ୟ ବିଷୟ । with child, ଗର୍ଭବତୀ ।

**Child-bearing,** *n.* ପ୍ରସବକରଣ, ପ୍ରସବ, ସନ୍ତାନୋ- [ତ୍ପାଦନ ।

**Childbed,** *n.* ପ୍ରସବାବସ୍ଥା । [ବେଦନା ।

**Childbirth,** *n.* ପ୍ରସବକରଣ, ପ୍ରସବ, ଗର୍ଭମୋଚନ, ପ୍ରସବ-

**Childhood,** *n.* ଶିଶୁକାଳ, ବାଲ୍ୟାବସ୍ଥା, ଶୈଶବକାଳ, କୌମାର ।

**Childish,** *a.* 1. ବାଳକସମ୍ବନ୍ଧୀୟ ; 2. ବାଳକପରି, ଶିଶୁପରି, ବାଲୋଚିତ ; 3. ଅବିଜ୍ଞଜନର, ମୂଢ, ଅଜ୍ଞାନ, ନିର୍ବୋଧ ।

**Childishly,** *ad.* ନିର୍ବୋଧରୂପେ, ଅଜ୍ଞାନରୂପେ, ବାଲୋଚିତରୂପେ ।

**Childishness,** *n.* ବାଳକତ୍ୱ, ପିଲାସ୍ୱଭାବ ।

**Childless,** *a.* ସନ୍ତାନଶୂନ୍ୟ, ନିଃସନ୍ତାନ, ନିର୍ବଂଶ ।

**Childlike,** *a.* 1. ବାଳକବତ୍, ଶିଶୁବତ୍, ଶିଶୁଲୋକପମ ; 2. ବଶ୍ୟ, ଅହଂସକ, ଛଳରହିତ, ସରଳ, ନିଷ୍କପଟ ।

**Chiliad,** *n.* ଏକସହସ୍ର ।

**Chiliarch,** *n.* ସହସ୍ର ସେନାପତି ।

**Chill,** *n.* 1. ଶୀତରେ ଥରଥର ବା କମ୍ପ ; 2. ଶୀତର କ୍ଷଣିକ ଆକ୍ରମଣ ; 3. ଶୀତଳତା, ଶୀତଳତା ଉତ୍ପାଦନକାରୀ ବିଷୟ ; 4. ବାୟୁ ଆଦିର ଶୀତଳତା ; 5. ଉତ୍ସାହଭଙ୍ଗ, ହତାଶ, ଉତ୍ସାହ ଭଙ୍ଗକାରୀ ବିଷୟ ।—*a.* 1, ଶୀତରେ କମ୍ପିତ, ଶୀତାର୍ତ୍ତ, ହିମକାତର ; 2. ମଧ୍ୟମରୂପେ ଶୀତଯୁକ୍ତ ; 3. ପ୍ରଣୟଶୂନ୍ୟ, ଅନାଲାପୀ ; 4. ନିରୁତ୍ସାହକ ।—*v.t.* 1. ଶୀତଳ-କ, ଥଣ୍ଡା-କ ; 2. କମ୍ପାନ୍ୱିତ-କ, କମ୍ପାଇବାର ; 3. ଜଡ-କ ; 4. ହତାଶ-କ, ନିରାଶ-କ ; 5. ହଠାତ୍ ଶୀତଳ କରି (ଧାତୁକୁ) ଟାଣ-କ ।—*v.i.* ଶୀତବୋଧ-ହେ ।

**Chilli, Chilly,** *n.* ଲଙ୍କାମରିଚ ।

**Chilliness,** *n.* 1. ଈଷତ୍ ଶୀତଳତା ; 2. କମ୍ପର ଅନୁଭବ, ହିମଜନିତ କମ୍ପ ।

**Chilling**, *p.a.* 1. ଅନୁଷ୍ଣକାରୀ; 2. କମ୍ପକାରୀ; 3. ଉତ୍ସାହଭଙ୍ଗକାରୀ; 4. ଅନାଲାପୀ ।

**Chillingly**, *ad.* 1. କମ୍ପକାରୀରୂପେ; 2. ଉତ୍ସାହଭଙ୍ଗକାରୀରୂପେ; 3. ଅନାଲାପିରୂପେ ।

**Chillness**, *n.* ଅନୁଷ୍ଣତା, ଶୀତଳତା, କମ୍ପନ ।

**Chilly**, *a.* ଶୀତକମ୍ପିତ, ଶୀତାର୍ତ୍ତ, ଶୈତ୍ୟୋତ୍ପାଦକ, ଶୀତଳ ।—*ad.* ଅନାଲାପିରୂପେ ।.

**Chimæra, Chimera**, *n.* ଅସାର ଅନୁମାନ, ଅସମ୍ଭବ କଳ୍ପନା, ଅମୂଳକ କଳ୍ପନା, ମିଥ୍ୟା କଳ୍ପନା ।

**Chime**, *n.* 1. ସମତାଳଯୁକ୍ତ ଘଣ୍ଟାଶ୍ରେଣୀ; 2. ସ୍ୱର. ସ୍ୱରର ମିଳନ, ସମତାଳ; 3. ମିଳନ ।—*v.i.* 1. ସମତାଳରେ ବାଜିବାର; ସ୍ୱରରେ ମିଳନ-ହେ; 2. ମିଳିତ-ହେ, ଏକମତ-ହେ, often with *in with*—*v.t.* 1. ଏକ ସ୍ୱରରେ ବଜାଇବାର, ବଜାଇବାର; 2. ଘଣ୍ଟା ବାଜିବା ଦ୍ୱାରା ସମୟ ଜଣାଇବାର ।

**Chimerical, chimeric**, *a.* ଅସମ୍ଭବ, ଅନୁମାନିକ, କାଳ୍ପନିକ, ଅମୂଳକ ।

**Chimney**, *n. pl.* chimneys, 1. ଧୂମ ନିର୍ଗତ ହେବା ନଳ, ଧୂମନାଳୀ; 2. ବତିର କାଚ ନଳ, ଚୁଙ୍ଗୀ ।

**Chimney-corner**, *n.* ଚୁଲ୍ଲୀ ପାଶରେ ଥିବା ଅଚ୍ଛାଦିତ ସ୍ଥାନ, ଚୁଲ୍ଲୀପାର୍ଶ୍ୱ ।

**Chimney-sweep, chimney-sweeper**, *n.* ଧୂମନାଳୀ ମାର୍ଜ୍ଜକ ।

**Chimpanzee, Chimpansee**, *n.* ବଡ ବାନର ବିଶେଷ, ବନମନୁଷ୍ୟ ।

**Chin**, *n.* ଚିବୁକ, ହନୁ ।

**China, China-ware**, *n.* ଚିନ୍‌ବାସନ ।

**Chinaman**, *n.* ଚିନ୍ ଦେଶର ନିବାସୀ ।
ବାସନର ବିକ୍ରେତା ।

**Chincough**, *n.* ଗୁଁ ଗୁଁ କାଶ ।

**Chine**, *n.* ପଶୁର ପିଠିହାଡ, ପୃଷ୍ଠାସ୍ଥି, ସମାଂସ କଟିଦେଶ ।

**Chinese**, *n. s.* and *pl.* 1. ଚିନ୍ ଦେଶର ନିବାସୀ; 2. ଚିନ୍ ଦେଶର ଭାଷା ।—*a.* ଚିନ୍ ଦେଶସମ୍ବନ୍ଧୀୟ ।

**Chink**, *n.* ଫାଙ୍କ, ଫାଟ ।—*v.i.* ଫାଙ୍କ-ହେ, ଫାଟଯୁକ୍ତ-ହେ, ଫାଟିବାର ।—*v.t.* ଫାଙ୍କ-କ, ଫାଟ-କ, ଫଟାଇବାର, ଫାଙ୍କ ବା ଫାଟପୂର୍ଣ୍ଣ-କ ।

**Chink**, *v.t.* ଝଣଝଣ ଶବ୍ଦ କରାଇବାର ।—*v.i.* ଝଣଝଣ ଶବ୍ଦ-କ ।—*n.* ଝଣଝଣ ଶବ୍ଦ ।

**Chinky**, *a.* ଫାଙ୍କପୂର୍ଣ୍ଣ, ଫାଟମୟ ।

**Chinless**, *a.* ଚିବୁକରହିତ ।

**Chinned**, *a.* ଚିବୁକବିଶିଷ୍ଟ ।  [ଲୁଗା, ଛିଟ ।

**Chintz**, *n.* ଛପା ଲୁଗା ବିଶେଷ, ଫୁଲ କାମରେ ଛପା କପା-

**Chip**, *n.* ଗୁଣ୍ଡି କାଠ, କାଠର ଛେଲି, ଟୁକୁରା, ଖଣ୍ଡ ।—*v.t.* ଖଣ୍ଡ-କ, ଟୁକୁରା-କ, ଗୁଣ୍ଡି-କ ।—*v.i.* ଖଣ୍ଡ-ହେ, ଟୁକୁରା-ହେ ।

**Chipmunk, chipmuck**, *n.* ଗୁଣ୍ଡୁଚିମୂଷା ।

**Chiragra**, *n.* ହାତର ବାତରୋଗ ।

**Chirograph**, *n.* ହସ୍ତଲିପି, ।

**Chirographer**, *n.* ଲେଖନ ବିଦ୍ୟାର ଶିକ୍ଷକ ।

**Chirography**, *n.* ହସ୍ତାକ୍ଷର, ହାତଲେଖା ।  [ବିଦ୍ୟାଜ୍ଞ ।

**Chiromancer**, *n.* ହସ୍ତଗଣକ, ସାମୁଦ୍ରିକ, ହସ୍ତରେଖା-

**Chiromancy**, *n.* ହସ୍ତଗଣନା, ସାମୁଦ୍ରିକ ବିଦ୍ୟା, କରକୋଷ୍ଠୀ ।

**Chirp, chirrup**, *v.i.* କୌଣସି ସାନ ପକ୍ଷୀ ବା କୀଟ ପରି ଶବ୍ଦ-କ, ଚିଁଚିଁ ଶବ୍ଦ-କ ।—*n.* ପକ୍ଷୀ ବା କୀଟାଦିର ରବ, ଚିଁଚିଁ ଶବ୍ଦ ।

**Chirurgical**, *a.* ଅସ୍ତ୍ରଚିକିତ୍ସାସମ୍ବନ୍ଧୀୟ ।

**Chisel**, *n.* ବଟାଲୀ, ନିହାଣ ।—*v.t.* ବଟାଲୀରେ କାଟିବାର, ବଟାଲୀରେ ଖୋଳିବାର ।

**Chiselled**, *p.a.* 1. ବଟାଲୀରେ ଖୋଦିତ; 2. ସୂକ୍ଷ୍ମରୂପେ ଖୋଦିତ, ସୂକ୍ଷ୍ମରୂପେ କଟା ।  [ଯୁବତୀ ।

**Chit**, *n.* 1. ଶିଶୁ; 2. ଚର୍ପଲ ଟୋକା; 3. ସାମାନ୍ୟ

**Chit**, *n.* ଅଙ୍କୁର ।

**Chitchat**, *n.* ବକାବକି, ଗପସପ ।

**Chivalric, chivalrous**, *a.* ଯୋଦ୍ଧୃକୁଳୀନସମ୍ବନ୍ଧୀୟ, ଯୁଦ୍ଧପ୍ରିୟ, ସାହସୀ, କୁଳୀନୋଚିତ, ମହତ୍ ।

**Chivalry**, *n.* 1. ଯୋଦ୍ଧୃକୁଳୀନର ମର୍ଯ୍ୟାଦା ବା ପଦ; 2. ଯୋଦ୍ଧୃକୁଳୀନର ସମ୍ପ୍ରଦାୟ; 3. ଯୋଦ୍ଧୃକୁଳୀନର ଯୋଗ୍ୟତା, ସାହସ, ପୌରୁଷ, ମହତ୍ତ୍ୱ; 4. ଅଶ୍ୱାରୋହୀସମୂହ, ବିଶେଷରେ ଅଶ୍ୱାରୋହୀ ସୈନ୍ୟସମୂହ ।

**Chloral**, *n.* ନିଦ୍ରାକାରକ ଔଷଧ ବିଶେଷ ।

**Chlorodyne**, *n.* ବେଦନା ନିବାରକ ଔଷଧ ବିଶେଷ ଯହିଁରେ କେତେକ ତୀବ୍ର ବିଷ ମିଶ୍ରିତ ହୋଇ ଥାଏ ।

**Chloroform**, *n.* ସ୍ପର୍ଶବୋଧ ନାଶକାରୀ ଓ ଚେତନାହାରକ ଔଷଧ ବିଶେଷ, ସଂଜ୍ଞାପହାରକ ଔଷଧ ।—*v.t.* ପୂର୍ବୋକ୍ତ ଔଷଧ ଦ୍ୱାରା ଅଚେତନ-କ ।

**Chlorosis**, *n.* ରକ୍ତର ନ୍ୟୂନତା ହେତୁ ଯୁବତୀମାନଙ୍କ ରୋଗ ବିଶେଷ, ଶୋଥରୋଗ ।

**Chocolate**, *n.* କାକେଓ ନାମକ ଫଳରୁ ପ୍ରସ୍ତୁତ ମିଠାଇ, ଉକ୍ତ ଫଳରେ ପ୍ରସ୍ତୁତ ପେୟଦ୍ରବ୍ୟ ବିଶେଷ, ଚକଲେଟ୍ ।—*a.* ଚିକ୍କଣ ତାମ୍ରବର୍ଣ୍ଣ ।

**Choice**, *n.* 1. ମନୋନୀତକରଣ, ନିର୍ବାଚନ, ମନୋନୀତ କରିବା କ୍ଷମତା ସୁଯୋଗ ବା ଅଧିକାର; 2. ପସନ୍ଦ, ଇଚ୍ଛା, ଅଭିରୁଚି; 3. ମନୋନୀତ ଦ୍ରବ୍ୟ, ବାଛିଲା ଦ୍ରବ୍ୟ; 4. ଉତ୍କୃଷ୍ଟ ଅଂଶ, ଶ୍ରେଷ୍ଠାଂଶ, ବାଞ୍ଛନୀୟ ପଦାର୍ଥ, ଅଭୀଷ୍ଟ ବିଷୟ—*a.* 1. ମନୋନୀତକରଣୀୟ, ବହୁମୂଲ୍ୟ, ଦୁର୍ଲଭ, ସର୍ବୋତ୍ତମ, ଉତ୍କୃଷ୍ଟ; 2. ଭଲରୂପେ ମନୋନୀତ, ବଛା, ବାଛିବାରେ ଠିକ୍ ବା ସୂକ୍ଷ୍ମ ।

**Choiceless**, *a.* ମନୋନୀତ କରିବା କ୍ଷମତାହୀନ ।

**Choir**, *n.* *kwir*, 1. ସଙ୍ଗୀତ ଗାୟକଦଳ; 2. ଗୀର୍ଜାଘରରେ ଗାୟକମାନଙ୍କର ସ୍ଥାନ ।—*v.t.* ଦଳବଦ୍ଧ ହୋଇ ଗାନ-କ ।

**Choke**, *v.t.* 1. ଗଳା ଚିପିବାର, ଶ୍ୱାସବନ୍ଦ-କ, ଶ୍ୱାସରୁଦ୍ଧ-କ; 2. ଅବରୋଧ-କ, ବାଧା-ଦେ, ଚପି ରଖିବାର ।—*v.i.* 1. ଶ୍ୱାସବନ୍ଦ-ହେ; 2. ଅବରୁଦ୍ଧ-ହେ, ବନ୍ଦ-ହେ; 3. ଜଡିତ-ହେ ।

Chokebore, *n.* ବନ୍ଧୁକ ବଶେଷ ଏ ଯାହାର ନଳୀର ଅଗ୍ରଭାଗ ପଶ୍ଚାଦ୍ଭାଗ ଅପେକ୍ଷା କମ୍ ଚୌଡ଼ା ଅଟେ ।
Choke-full, *a.* ପରିପୂର୍ଣ୍ଣ, written also chock-full.
Choky, *a.* 1. ଶ୍ୱାସରୁଦ୍ଧକାରୀ; 2. ଚାପିବା ଅବସ୍ଥାଯୁକ୍ତ ।
Choler, *n.* 1. ପିତ୍ତ; 2. କ୍ରୋଧ, ରାଗ, ବିରକ୍ତି ।
Cholera, *n.* ଓଲାଉଠା ରୋଗ, ଝାଡ଼ାବାନ୍ତି ରୋଗ, ବିସୂଚିକା । [ଜାତୀୟ ।
Choleraic, *a.* ଓଲାଉଠାରୋଗସମ୍ବନ୍ଧୀୟ, ଓଲାଉଠା-
Choleric, *a.* 1. ପିତ୍ତମୟ; 2. କ୍ଷଣକୋପୀ, ଚିଡ଼ଚିଡ଼ିଆ, ରାଗୀ, କ୍ରୋଧୀ, ଉଗ୍ର ।
Choose, *v.t.* ମନୋନୀତ-କ, ବାଛିବାର, ମନୋନୀତ-କ, ଇଚ୍ଛା-କ, ସ୍ୱାର୍ଥେ ଗ୍ରହଣ-କ ।—*v.i.* ପସନ୍ଦ-କ, ମନୋନୀତ-କ ।
Chop, *v.t.* 1. ଖଣ୍ଡ ଖଣ୍ଡ କରି କାଟିବାର; 2. ଟୁକୁରା-କ, କୁଟକୁଟା-କ; 3. ଚାଞ୍ଛିବାର, ଛେଦନ-କ; 4. ହଠାତ୍ ଉଚ୍ଚାରଣ-କ ।—*n.* 1. କାଟଲ ଖଣ୍ଡ, ଟୁକୁରା, ପଞ୍ଜରସହିତ ମାଂସ; 2. ଫାଟ, ଫାଙ୍କ ।
Chop, *v.t.* ବିନିମୟ-କ, ବଦଳାବଦଳି-କ ।—*v.i.* ପରିବର୍ତ୍ତିତ-ହ, ଫେରିବାର ।—to chop logic, କୃତ୍ରିମ ତର୍କରେ ବିବାଦ-କ ।—*n.* ସ୍ୱଭାବର ପରିବର୍ତ୍ତନ, ବଦଳ, especially in the phrase *chops and changes.*
Chop, *n.* 1. *pl.* କଲପାଟି, ପାଟି; 2. କହ୍ନିଲର ମୁହଁ ।
Chop-fallen, *a.* ଅଧୋମୁଖ, ନିରାଶ, ବିଷଣ୍ଣ, ହତାଶ ।
Chop-house, *n.* ସାମାନ୍ୟ ଭୋଜନଶାଳା ।
Chopping-knife, *n.* ମାଂସ ଖଣ୍ଡ କରିବା ଛୁରି ।
Choppy, *a.* 1. ଫାଟପୂର୍ଣ୍ଣ; 2. ଉଚ୍ଚ ଲହରୀବିଶିଷ୍ଟ ।
Chopsticks, *n.* ହାତ ଦାନ୍ତ ଅବରେ ନିର୍ମିତ ଦୁଇ କ୍ଷୁଦ୍ର କାଠି ବା ଯାହା ଦ୍ୱାରା ଚୀନ ଲୋକମାନେ ମୁଖକୁ ଆହାର ନିଅନ୍ତି ।
Choral, *a.* ଗାୟକଦଳସମ୍ବନ୍ଧୀୟ, ସଙ୍ଗୀତସମ୍ବନ୍ଧୀୟ ।
Chorally, *ad.* ଗାୟକ ଦଳର ରୀତିରେ ।
Chord, *n.* 1. ବାଦ୍ୟଯନ୍ତ୍ରର ତାର, ତନ୍ତ୍ରୀ; 2. ଏକତାଳ; 3. ଜ୍ୟା, ମୌର୍ବୀ; 4. ଅନୁଭବଶକ୍ତିର କ୍ଷମତା ।—*v.t.* 1. ତାର ଲଗାଇବାର; 2. ସମତାଳ-କ ।—*v.i.* ସମତାଳ-ହ ।
Chorea, *n.* ଅଙ୍ଗର ଅବଶ ରୋଗ ବିଶେଷ ।
Choriambus, *n.* ଚତୁଷ୍ପଦୀ ଶ୍ଳୋକର ଛନ୍ଦ ବା ପଦ ବିଶେଷ ବ ଯହିଁରେ ଦୁଇ ପଦ ହ୍ରସ୍ୱ ଓ ଦୁଇ ପଦ ଦୀର୍ଘ ଅଟେ ।
Choric, *a.* ଗାୟକଦଳସମ୍ବନ୍ଧୀୟ, ବିଶେଷତଃ ନାଟକୀୟ ଗାୟକସମ୍ବନ୍ଧୀୟ ।
Chorister, *n.* ସଙ୍ଗୀତ ଦଳର ଏକ ଗାୟକ, ଗାୟକ ।
Chorography, *n.* ମାନଚିତ୍ରକରଣ ବିଦ୍ୟା ।
Chorus, *n.* 1. ଗାୟକଦଳ; 2. ସମସ୍ୱରରେ ଗାନ; 3. ଅନେକଙ୍କ ମଧ୍ୟବର୍ତ୍ତୀ ଗୀତ; 4. ଗୀତର ଘୋଷା ।—*v.t.* 1. ଘୋଷା ଗାନ-କ; 2. ଏକତ୍ରରେ ଡାକିବାର ।

Chose, *pret.* of Choose.
Chosen, *a.* 1. ମନୋନୀତ, ବୃତ; 2. ବାଞ୍ଛନୀୟ ।
Chough, *n.* *chuf*, କାକ ବିଶେଷ ।
Chouse, *v.t.* ଠକିବାର, ବଞ୍ଚନା-କ, ପ୍ରତାରଣା-କ, followed by *of* or *out of*.
Chow-chow *n.* ମିଶ୍ରିତ ଅଚାର ବିଶେଷ ।
Chrism, *n.* ପବିତ୍ରୀକୃତ ତୈଳ ।
Chrisom, chrisome, *n.* ଜଳରେ ଛାଟା ଦେବା ସମୟରେ ଶିଶୁର ମୁଖ ଉପରେ ରଖା ଯିବା ତୈଳାକ୍ତ ଶିକ୍ତ ଲୁଗା ।
Christ, *n.* (ଅଭିଷିକ୍ତ), ଖ୍ରୀଷ୍ଟ, ମଶୀହ, ତ୍ରାଣକର୍ତ୍ତା, ଯୀଶୁ ।
Christen, *v.t.* ଜଳସଂସ୍କାର ଦ୍ୱାରା ନାମଦେବାର, ଛାଟା-ଦେ ।
Christendom, *n.* ଖ୍ରୀଷ୍ଟୀୟ ଦେଶସମୂହ, ଖ୍ରୀଷ୍ଟୀୟ ସମ୍ପ୍ରଦାୟ । [କରଣ ।
Christening, *n.* ଜଳସଂସ୍କାରପୂର୍ବକ ନାମକରଣ, ଛାଟା-
Christian, *n.* 1. ଖ୍ରୀଷ୍ଟଧର୍ମାବଲମ୍ବୀ, ଖ୍ରୀଷ୍ଟିୟାନ; 2. ଖ୍ରୀଷ୍ଟଙ୍କଠାରେ ବିଶ୍ୱାସକାରୀ, ବିଶ୍ୱାସୀ; 3. ଖ୍ରୀଷ୍ଟୀୟ ଦେଶବାସୀ ।—*a.* ଖ୍ରୀଷ୍ଟସମ୍ବନ୍ଧୀୟ, ଖ୍ରୀଷ୍ଟୀୟ, ଖ୍ରୀଷ୍ଟଧର୍ମସମ୍ବନ୍ଧୀୟ ।—Christian name, ଉପନାମ । Christian era, ଖ୍ରୀଷ୍ଟୀୟ ଯୁଗ ।
Christianity, *n.* 1. ଖ୍ରୀଷ୍ଟଧର୍ମ; 2. ଖ୍ରୀଷ୍ଟଙ୍କ ପ୍ରତି ଅଙ୍ଗୀକାରିତା ଓ ତାହାଙ୍କ ସାଦୃଶ୍ୟ ।
Christianize, *v.t.* ଖ୍ରୀଷ୍ଟୀୟ ମତାଶ୍ରିତ-କ, ଖ୍ରୀଷ୍ଟିୟାନ-କ ।
Christless, *a.* 1. ଖ୍ରୀଷ୍ଟରହିତ; 2. ଖ୍ରୀଷ୍ଟଙ୍କ ଆତ୍ମାରହିତ, ଖ୍ରୀଷ୍ଟିୟାନର ଅନୁଚିତ ।
Christmas, *n.* ଖ୍ରୀଷ୍ଟଙ୍କର ଜନ୍ମୋତ୍ସବ ବା ଜନ୍ମପର୍ବ ।
Christmas-box, *n.* ଉକ୍ତ ସମୟର ଦାନ ବା ବକ୍ଷିସ ।
Christmas-day, *n.* ଡିସେମ୍ବର ପଚିଶ ତାରିଖ, ବଡ଼ଦିନ ।
Christmas-eve, *n.* ବଡ଼ଦିନର ପୂର୍ବ ସନ୍ଧ୍ୟା ।
Christmas-tree, *n.* ବଡ଼ଦିନରେ ପରିବାର ଅବ ଜନମଙ୍କୁ ସୁସଜ୍ଜିତ ଗାଛ ବୃକ୍ଷ ବ ଯାହାର ଡାଳରେ ନାନା ପ୍ରକାର ଦାନ ଟଙ୍ଗା ଯାଏ ।
Christology, *n.* 1. ଖ୍ରୀଷ୍ଟସମ୍ବନ୍ଧୀୟ ମୂଳସୂତ୍ର; 2. ଖ୍ରୀଷ୍ଟସମ୍ବନ୍ଧୀୟ ବିଦ୍ୟା ।
Chromatic, *a.* ବର୍ଣ୍ଣବିଷୟକ, ବର୍ଣ୍ଣସମ୍ବନ୍ଧୀୟ ।
Chromatics, *n.* ବର୍ଣ୍ଣବିଦ୍ୟା, ବର୍ଣ୍ଣବିଜ୍ଞାନ ।
Chromotology, *n.* ବର୍ଣ୍ଣବିଷୟକ ମୂଳସୂତ୍ର ବା ମତ ।
Chronic, *a.* ବହୁକାଳସ୍ଥାୟୀ, ବହୁକାଳିକ, ପୁରାତନ, ପୁରୁଣା, ଚିରସ୍ଥାୟୀ ।
Chronicle, *n.* 1. କାଳପଞ୍ଜିତ ବୃତ୍ତାନ୍ତ, କାଳାନୁକ୍ରମିକ ଇତିହାସ, ଇତିହାସ; 2. *pl.* ଧର୍ମପୁସ୍ତକର ଦୁଇ ଗୋଟି ଗ୍ରନ୍ଥର ନାମ ଅର୍ଥାତ୍ ବଂଶାବଳୀ ।—*v.t.* ଇତିହାସ ଲେଖିବାର, କାଳାନୁକ୍ରମେ ବୃତ୍ତାନ୍ତ ଲେଖିବାର, ଲେଖି ରଖିବାର ।
Chronogram, *n.* କାଳନିରୂପକ ସଙ୍କେତ ବାକ୍ୟ ।
Chronologer, chronologist, *n.* କାଳନିରୂପଣବିଦ୍ୟାଜ୍ଞ, କାଳଗଣକ ।

**Chronologic, chronological,** *a.* କାଳନିରୂପଣବିଦ୍ୟାବିଷୟକ, କାଳାନୁକ୍ରମିକ, କାଳଗଣନାବିଦ୍ୟାବିଷୟକ ।

**Chronologically,** *ad.* କାଳାନୁକ୍ରମିକରୂପେ ।

**Chronology,** *n.* କାଳନିରୂପଣବିଦ୍ୟା, କାଳଗଣନା, କାଳନିର୍ଣ୍ଣୟବିଦ୍ୟା ।

**Chronometer,** *n.* ସମୟମାପକଯନ୍ତ୍ର, କାଳମାନଯନ୍ତ୍ର, କାଳନିରୂପକଯନ୍ତ୍ର, ଘଡି ବିଶେଷ ।

**Chrysalis,** *n. pl.* chrysalides or chrysalises, କୀଟର ଦ୍ୱିତୀୟାବସ୍ଥା, ପ୍ରଜାପତି ଆଦିର ପୂର୍ବାବସ୍ଥା, ଉପେ-ପାନ୍ନୀ ଓ ଉଡନ୍ତା କୀଟର ମଧ୍ୟମାବସ୍ଥା, ଗୁଟିପୋକ ।

**Chrysolite,** *n.* ଈଷତ୍ ହରିଦ୍ବର୍ଣ୍ଣ ମଣି ବିଶେଷ, ପୀତମଣି ।

**Chrysoprase,** *n.* ହରିଦ୍ବର୍ଣ୍ଣ ମଣି ବିଶେଷ, ଲଶୁନୀୟ ମଣି ।

**Chub,** *n.* ଜଳମାଛ ବିଶେଷ ।

**Chubby,** *a.* ମୋଟମୁହାଁ, ସ୍ଥୂଳମୁଖ, ସ୍ଫୀତମୁଖ ।

**Chuck,** *v.i.* କୁକ୍କୁଟୀ ପରି ଶବ୍ଦ-କ । — *v.t.* କୁକ୍କୁଟୀ ପରି ଶବ୍ଦ କରି ଡାକିବାର ।—*n.* କୁକ୍କୁଟୀର ଡାକ ।

**Chuck,** *v.t.* 1. ଧୀରେ ମାରିବାର, ଚିବୁକର ତଳେ ଲଘୁ ଆଘାତ-କ, ଲଘୁ ଆଘାତ-କ, ଆସ୍ଫାଳିବାର; 2. ନିକ୍ଷେପ-କ ।—*n.* 1. ଚିବୁକର ତଳେ ଲଘୁ ଆଘାତ; 2. ନିକ୍ଷେପ ।

**Chuck,** *n.* କୁନ୍ଦିବା ଯନ୍ତ୍ରର ଧରିରଖିବା ଉପାୟ ।

**Chuckle,** *v.i.* 1. କଣ୍ଠରେ ହସିବାର, ହିଁ ହିଁ କରି ହସିବାର; 2. ଅନ୍ତରେ ଜୟୋଲ୍ଲାସ-କ, ଅନ୍ତର୍ହାସ୍ୟ-କ; 3. କୁକ୍କୁଟୀ ପରି ଶବ୍ଦ-କ ।—*n.* ସନ୍ତୋଷ ବା ଉଲ୍ଲାସସୂଚକ ଅଳ୍ପହାସ୍ୟ, ଅଳ୍ପ ଅନ୍ତର୍ହାସ୍ୟ । [କୃପଣ ।

**Chuff,** *n.* 1. ଅସଭ୍ୟ ସ୍ଥୂଳବୁଦ୍ଧି ବା ରୁକ୍ଷ ଲୋକ; 2.

**Chuffily,** *ad.* ରୁକ୍ଷଭାବେ, ଅସଭ୍ୟରୂପେ ।

**Chuffy,** *a.* ରୁକ୍ଷ, କର୍କଶ, ଘଟୀ ଅସଭ୍ୟ ।

**Chum,** *n.* ଏକ ପ୍ରକୋଷ୍ଠର ସହବାସୀ, ପ୍ରିୟସୁହୃଦ୍, ସଖା, ବୟସ୍ୟ ।

**Chump,** *n.* 1. କାଠମୁଣ୍ଡିଆ, ଗଣ୍ଡିକାଠ, ମୁଣ୍ଡିକାଠ; 2. ମାଂସର ମୋଟା ଖଣ୍ଡ ।

**Chunk,** *n.* ପଦାର୍ଥ ମୋଟା ଖଣ୍ଡ ।

**Church,** *n.* 1. ଗୀର୍ଜାଘର, ଭଜନାଳୟ, ଧର୍ମମନ୍ଦିର; 2. ଖ୍ରୀଷ୍ଟୀୟ ମଣ୍ଡଳୀ, ଖ୍ରୀଷ୍ଟୀୟ ସମ୍ପ୍ରଦାୟ, ଖ୍ରୀଷ୍ଟୀୟ ସମାଜ ।—*v.t.* ବିବାହ ବା ପ୍ରସବ ପରେ ସ୍ତ୍ରୀ ନିମନ୍ତେ ଗୀର୍ଜାଘରେ ଈଶ୍ୱରଙ୍କ ସ୍ତବ-କ ।

**Churchman,** *n.* 1. ଧର୍ମୋପଦେଶକ; 2. ଇଂଲଣ୍ଡୀୟ ସଂସ୍ଥାପିତ ମଣ୍ଡଳୀର ସଭ୍ୟ ।

**Churchwarden,** *n.* ଇଂଲଣ୍ଡୀୟ ସଂସ୍ଥାପିତ ଗୀର୍ଜାଘରର କାର୍ଯ୍ୟ ନିର୍ବାହକ ।

**Churchyard,** *n.* ଗୀର୍ଜାଘର ନିକଟସ୍ଥ କବରସ୍ଥାନ, ଗୀର୍ଜାଘର ହତା ।

**Churl,** *n.* 1. ଚଷାର ମୂଲିଆ; 2. ଅସଭ୍ୟ ଓ ରୁକ୍ଷ ଲୋକ; 3. କୃପଣ, କାମ୍ପି ଲୋକ ।

**Churlish,** *a.* 1. ଅସଭ୍ୟ, ରୁକ୍ଷ; 2. ଲୋଭୀ, କୃପଣ; 3. ସଙ୍କୀର୍ଣ୍ଣମନା; 4. ଦୁର୍ଦ୍ଦମନୀୟ, ଅନମ୍ୟ ।

**Churlishness,** *n.* 1. ଅସଭ୍ୟତା; 2. ଅବଶ୍ୟ ।

**Churn,** *n.* ମନ୍ଥନ ପାତ୍ର, ମନ୍ଥନୀ । *v.t.* ମୁହାଁଇବାର, ମନ୍ଥନ-କ ।—*v.i.* ମଖନ ଉଠାଇବାର ।

**Churning,** *n.* 1. ମନ୍ଥନ; 2. ଏକ ମୁହାଁରେ ଯେତେ ମଖନ ବାହାରେ ।

**Churn-staff,** *n.* ଘୁଅ, ମନ୍ଥନଦଣ୍ଡ ।

**Chute,** *n.* 1. ନଦୀର ଧାରରେ ଥିବା ସ୍ରୋତର ବଡ ତୋଡ; 2. ତେର୍ଚ୍ଛା ନଳ ବା ଡଙ୍ଗା ବିଶେଷ ଯହିଁରେ ଦ୍ରବ୍ୟମାନ ଉପରରୁ ତଳକୁ ବୁହା ଯାଏ ।

**Chylaceous,** *a.* ଅନ୍ନରସସମ୍ବନ୍ଧୀୟ, ଅନ୍ନରସମୟ, see Chyle.

**Chyle,** *n.* ଅନ୍ତ୍ରରେ ଥିବା ଦୁଗ୍ଧବତ୍ ଅନ୍ନରସ ।

**Chyme,** *n.* *kime,* ପାକସ୍ଥଳୀସ୍ଥ ଅଂଶିକ ଜୀର୍ଣ୍ଣ ଅନ୍ନ ।

**Chymification,** *n.* ଉଦରମଧ୍ୟସ୍ଥ ପାକପ୍ରକ୍ରିୟା ।

**Cicada,** *n. pl.* cicadæ, and cicadas, ପତଙ୍ଗଜାତୀୟ କୀଟ ।

**Cicatrix, cicatrice,** *n.* ଘା ଦାଗ, କ୍ଷତର ଚିହ୍ନ ।

**Cicatrization,** *n.* ଘାପୂରଣ, କ୍ଷତ ସୁସ୍ଥକରଣ ।

**Cicatrize,** *v.t.* ଘାପୂରଣ-କ, କ୍ଷତ ସୁସ୍ଥ-କ ।—*v.i.* ଘା ଶୁଖିଯିବାର, ଘାପୂରଣ-ହେ ।

**Cicerone,** *n.* ବିଦେଶୀ ଲୋକଙ୍କୁ କୌଣସି ସ୍ଥାନର ଅଦ୍ଭୁତ ଦ୍ରବ୍ୟାଦି ଦେଖାଇବା ଲୋକ, ଯାତ୍ରାକାରୀର ପଥଦର୍ଶକ ।

**Ciceronian,** *a.* 1. ସିସିରୋସମ୍ବନ୍ଧୀୟ, ସିସିରୋ ପରି; 2. ସଦ୍‌ବକ୍ତା, ବାଗ୍ମୀ ।

**Cider,** *n.* ଇଂଲଣ୍ଡୀୟ ଫଳ ବିଶେଷରୁ ପ୍ରସ୍ତୁତ ମଦ୍ୟ ।

**Ci-devant,** *a.* *sēdevon,* (French), ପୂର୍ବକାଳୀନ ।

**Cigar,** *n.* ପିକା, ଚୁଟା ।

**Cigarette,** *n.* କାଗଜରେ ପ୍ରସ୍ତୁତ ଧୂଆଁପତ୍ରର ପିକା ।

**Cilia,** *n. pl.* ଚକ୍ଷୁପତାର ବାଳ, ନେତ୍ରଲୋମ, ପକ୍ଷ୍ମ, ଅତିସୂକ୍ଷ୍ମ କେଶ ।

**Ciliary;** *a.* ପକ୍ଷ୍ମସମ୍ବନ୍ଧୀୟ, ନେତ୍ରଲୋମସମ୍ବନ୍ଧୀୟ, ଚକ୍ଷୁପତାସମ୍ବନ୍ଧୀୟ ।

**Cimmerian,** *a.* ଘୋର ଅନ୍ଧକାରାବୃତ ।

**Cinch,** *n.* ଜିନର ପେଟୀ ।

**Cinchona,** *n.* ସିଂକୋନା ନାମକ ବୃକ୍ଷ ଯହିଁରୁ କୁଇନାଇନ୍ ପ୍ରସ୍ତୁତ ହୁଏ ।

**Cincture,** *n.* 1. କଟିବନ୍ଧ, ପଟୁକା, କମରବନ୍ଧ; 2. ପଟୁକା ପରି ପଦାର୍ଥ; 3. ବେଷ୍ଟନ, ମେଖଳା ।

**Cinctured,** *a.* କଟିବନ୍ଧଯୁକ୍ତ ।

**Cinder,** *n.* ଅଙ୍ଗାର, ଦଗ୍ଧ କୋଇଲା, ଭସ୍ମ, ପାଉଁଶ ।

**Cindery,** *a.* ଅଙ୍ଗାର ପରି, ଅଙ୍ଗାରମୟ ।

**Cineracecus, cinereous,** *a.* ପାଉଁଶପରି, ଭସ୍ମବତ୍, ଧୂମ୍ରବର୍ଣ୍ଣ ।

**Cineritious,** *a.* କାଠପାଉଁଶବର୍ଣ୍ଣ, ଧୂମ୍ରବର୍ଣ୍ଣ ।

**Cinnabar,** *s.* ସିନ୍ଦୂର, ହିଙ୍ଗୁଳ ।

**Cinnamon,** *n.* ଡାଲଚିନି, ଦାରୁଚିନି ।

**Cinque,** *n.* ପାଞ୍ଚ, ପଞ୍ଝା ।

**Cinque-foil,** *n.* ପଞ୍ଚପତ୍ରଯୁକ୍ତ ଆଭରଣ ବିଶେଷ ।

**Cipher**, *n.* 1. ଶୂନ୍ୟ, ଶୁନ, ଯଥା, ୦ ; 2. ଅପଦାର୍ଥ ବ୍ୟକ୍ତି ବା ବସ୍ତୁ ; 3. ମୋହରପରେ ବ୍ୟବହୃତ ସଂକ୍ଷର ଅଦ୍ୟାକ୍ଷରରେ ବର୍ଣ୍ଣମିଶ୍ରିତ ଚିହ୍ନ ; 4. ଗୁପ୍ତାକ୍ଷରର ଲେଖା, ଲେଖିବାର ଗୁପ୍ତ ସଙ୍କେତ ।— *v.t.* ଗୁପ୍ତାକ୍ଷରରେ ଲେଖିବାର ।—*v.i.* ଅଙ୍କକଷିବାର, ହିସାବ-କ ।

**Circean**, *a.* ଐନ୍ଦ୍ରଜାଲିକ ।

**Circle**, *n.* 1. ବୃତ୍ତ, ପରିଧି, ମଣ୍ଡଳ, ଚକ୍ର, ଗୋଲ ; 2. ବେଷ୍ଟନ, ଘେରଣ ; 3. ବେଷ୍ଟିତ ସ୍ଥାନ, ପରଗଣା, ଚକଲା ; 4. ଦଳ, ବର୍ଗ ମଣ୍ଡଳୀ ।—*v.t.* 1. ଚକ୍ରଗତି-କ, ପ୍ରଦକ୍ଷିଣ-କ ; 2. ବେଷ୍ଟନ-କ, ଘେରିବାର, ବେଢିବାର ।—*v.i.* ଚକ୍ରଗତିରେ ଯିବାର, ଘୂରିବାର ।

**Circlet**, *n.* 1. କ୍ଷୁଦ୍ର ମଣ୍ଡଳ, କ୍ଷୁଦ୍ର ମୁଦ; 2. ଶିରୋଭୂଷଣ-ମାଳା ।

**Circuit**, *n.* 1. ପ୍ରଦକ୍ଷିଣ; 2. ବେଷ୍ଟିତ ସ୍ଥାନ, ପରିସୀମା, ବେଷ୍ଟନ, ବେଢ ; 3. ପରିଧି; 4. ବିଚାରପତିର ଭ୍ରମଣ ; 5. ପରଗଣା, ଜିଲ୍ଲା ; 6. ବୈଦ୍ୟୁତିକ ଶକ୍ତିରେ ବିଦ୍ୟୁତର ପଥ ।

**Circuitous**, *a.* ଘୂର୍ଣ୍ଣାୟମାନ, ଘୂରଣୀୟା, ପେଞ୍ଚୁଆ, ବଙ୍କ ।

**Circuitously**, *ad.* ଘୂରଣୀୟାରୂପେ, ବଙ୍କରୂପେ ।

**Circuitousness, circuity**, *n.* ଘୂରଣୀୟତା, ବଙ୍କତା ।

**Circulable**, *a.* ପ୍ରଚଳନଯୋଗ୍ୟ, ଚଳଣୀୟ ।

**Circular**, *a.* 1. ଗୋଲାକାର, ଚକ୍ରାକୃତ ; 2. କୌଣସି ଏକ ଉଦ୍ଦେଶ୍ୟରେ ଲିଖିତ, ବହୁଲୋକଙ୍କ ଉଦ୍ଦେଶେ ଲିଖିତ ।—*n.* ସର୍ବସାଧାରଣ ପତ୍ର, ବହୁଲୋକଙ୍କ ଉଦ୍ଦେଶେ ଲିଖିତ ପତ୍ର ।

**Circular-note**, *n.* ସର୍ବସାଧାରଣରେ ପ୍ରଚଳିତ ହୁଣ୍ଡୀ ବିଶେଷ ।

**Circularity**, *n.* ଗୋଲାକାରତ୍ୱ ।

**Circulate**, *v.i.* 1. ଘୂରିବାର, ଚକ୍ରଗତି-କ; 2. ବାଟରେ ବହିବାର; 3. କ୍ରମାନ୍ୱୟ ଚଳିତ-ହେ; 4. ପ୍ରଚଳିତ-ହେ, ବ୍ୟାପିବାର ।—*v.t.* ଚଳାଇବାର, ବ୍ୟାପ୍ତ-କ ।

**Circulation**, *n.* 1. ଚକ୍ରଗତି ; 2. ପ୍ରବହନ, ସଞ୍ଚାଳନ ; 3. ପ୍ରଚଳନ ; 4. ବିନିମୟର ସାଧାରଣ ଉପାୟ, ମୁଦ୍ରା ଆଦି ।

**Circulatory**, *a.* 1. ସଞ୍ଚାଳନସମ୍ବନ୍ଧୀୟ, ସଞ୍ଚାଳକ ; 2. ଚକ୍ରଗତିକାରୀ ; 3. ବହୁଲୋକଙ୍କ ଉଦ୍ଦେଶେ ଲିଖିତ ।

**Circumambient**, *a.* ପରିବେଷ୍ଟକ, ଚତୁର୍ଦ୍ଦିଗସ୍ଥ, ଚତୁର୍ଦ୍ଦିଗବ୍ୟାପୀ । [ପ୍ରଦକ୍ଷିଣ-କ ।

**Circumambulate**, *v.i.* ଚତୁର୍ଦ୍ଦିଗରେ ବୁଲିବାର,

**Circumambulation**, *n.* ପ୍ରଦକ୍ଷିଣ ।

**Circumcise**, *r.t.* ସୁନ୍ନତ-କ, ତ୍ୱକ୍‌ଛେଦନ-କ ।

**Circumcision**, *n.* 1. ସୁନ୍ନତ, ତ୍ୱକ୍‌ଛେଦକ୍ରିୟା; 2. ପାରମାର୍ଥିକ ଶୁଚିତା ; 3. ଯିହୁଦୀୟ ଲୋକମାନେ ।

**Circumduction**, *n.* ଚକ୍ରଗତି ।

**Circumference**, *n.* 1. ପରିଧି ; 2. ବେଢ, ଘେର, ସୀମା, ଚତୁଃସୀମା ।

**Circumferentor**, *n.* କୋଣମାପକଯନ୍ତ୍ର ।

**Circumflex**, *n.* ସ୍ୱରଭ, ସ୍ୱରଉଚ୍ଚାରଣର ଭେଦଚିହ୍ନ, ଯଥା, ^ ।—*v.t.* ସ୍ୱରଉଚ୍ଚାରଣର ଭେଦଚିହ୍ନଯୁକ୍ତ-କ ।

**Circumfluent**, *a.* ଚକ୍ରାକାରେ ପ୍ରବାହକ, ଚତୁର୍ଦ୍ଦିଗରେ ବହମାନ । [ବ୍ୟାପ୍ତ-କ ।

**Circumfuse**, *v.t.* ଚତୁର୍ଦ୍ଦିଗରେ ଢାଳିବାର, ଚତୁର୍ଦ୍ଦିଗରେ

**Circumfusion**, *n.* ଚାରିପାଖେ ଢାଳନ, ଚତୁର୍ଦ୍ଦିଗରେ ବ୍ୟାପ୍ତି ।

**Circumgyrate**, *v.t.* and *i.* ଘୂରାଇବାର, ଘୂରିବାର, ବୁଲିବାର ।

**Circumjacence, circumjacency**, *n.* ଚତୁର୍ଦ୍ଦିଗବର୍ତ୍ତିତ୍ୱ, ବେଷ୍ଟକ ଅବସ୍ଥା ।

**Circumjacent**, *a.* ଚତୁର୍ଦ୍ଦିଗସ୍ଥ, ଚତୁର୍ଦ୍ଦିଗବର୍ତ୍ତୀ, ବେଷ୍ଟକ ।

**Circumlocution**, *n.* ଘୂରାଇଆ କଥନ, ବାକ୍ୟପ୍ରପଞ୍ଚ, ବାଗ୍‌ଜାଲ ।

**Circumlocutory**, *a.* ବକ୍ର କଥାସମ୍ବନ୍ଧୀୟ, ଘୂରାଇଆ ।

**Circumnavigate**, *v.t.* ଜାହାଜରେ ଚତୁର୍ଦ୍ଦିଗରେ ଭ୍ରମଣ-କ, ଜଳପଥେ ଚତୁର୍ଦ୍ଦିଗରେ ଭ୍ରମଣ-କ ।

**Circumnavigation**, *n.* ଜଳପଥେ ଚତୁର୍ଦ୍ଦିଗରେ ଭ୍ରମଣ ।

**Circumpolar**, *a.* କେନ୍ଦ୍ରର ଚତୁର୍ଦ୍ଦିଗସ୍ଥ, କେନ୍ଦ୍ରପରିବେଷ୍ଟକ ।

**Circumscribe**, *v.t.* 1. ଚତୁର୍ଦ୍ଦିଗରେ ଲେଖିବାର, ଚତୁର୍ଦ୍ଦିଗରେ ରେଖା-କ; 2. ସୀମା ନିରୂପଣ-କ, ସୀମା ନିର୍ଦ୍ଦିଷ୍ଟ-କ; 3. ବେଷ୍ଟନ-କ, ସୀମା ଭିତରେ ରୁଦ୍ଧ-କ ।

**Circumscription**, *n.* 1. ସୀମାନିରୂପଣ, ଅବରୋଧ ; 2. ସୀମା ; 3. ବେଷ୍ଟିତ ସ୍ଥାନ ।

**Circumscriptive**, *a.* 1. ସୀମାବଦ୍ଧ, ସୀମାନିର୍ଦ୍ଦେଶକ ; 2. ସୀମାବିଷୟକ ।

**Circumspect**, *a.* 1. ସତର୍କ, ଜାଗ୍ରତ, ସାବଧାନ, ହୁସିଆର ; 2. ବିବେଚକ, ସୁବିବେଚିତ ।

**Circumspection, circumspectness**, *n.* ସତର୍କତା, ସାବଧାନତା, ସୁବିବେଚନା ।

**Circumspectly**, *ad.* ସତର୍କରୂପେ, ସାବଧାନତାପୂର୍ବକ, ସୁବିବେଚନାରେ ।

**Circumstance**, *n.* 1. ସମ୍ବନ୍ଧ ବିଷୟ, ସମ୍ବନ୍ଧ ; 2. ବୃତ୍ତାନ୍ତ, ବିବରଣ, ଘଟଣା, ବିଷୟ ; 3. *pl.* ଦଶା, ଅବସ୍ଥା, ଗତି, ବୃତ୍ତି, ଭାବ, ଆନୁଷଙ୍ଗିକ ବିଷୟମାନ ।—*v.t.* ବିଶେଷ ସ୍ଥାନ ବା ଦଶାରେ ସ୍ଥାପନ-କ, usually in past *p.*

**Circumstantial**, *a.* 1. ବିଷୟକ, ଆନୁଷଙ୍ଗିକ, ସମ୍ବନ୍ଧୀୟ ; 2. ସମ୍ପୂର୍ଣ୍ଣ, ବିସ୍ତୀର୍ଣ୍ଣ, ଠିକ୍, ସବିଶେଷ, ସୂକ୍ଷ୍ମ ; 3. ବୃତ୍ତାନ୍ତରୁ ଅନୁମେୟ, ଅପ୍ରତ୍ୟକ୍ଷ, ଅପ୍ରାଧାନ, ଗୌଣ ।—*n.* usually in *pl.* ମୂଳ ବିଷୟର ଆନୁଷଙ୍ଗିକ ଅଂଶମାନ ।

**Circumstantiality**, *n.* ଆନୁଷଙ୍ଗିକତା, ସମ୍ପୂର୍ଣ୍ଣତା, ସୂକ୍ଷ୍ମତା, ବୃତ୍ତାନ୍ତର ସମ୍ପୂର୍ଣ୍ଣତା ।

**Circumstantially**, *ad.* ସମ୍ପୂର୍ଣ୍ଣରୂପେ, ବିସ୍ତୀର୍ଣ୍ଣରୂପେ, ସୂକ୍ଷ୍ମରୂପେ, ଠିକ୍‌ରୂପେ ।

**Circumstantiate**, *v.t.* 1. ଠିକ୍‌ରୂପେ ବର୍ଣ୍ଣନା-କ, ବିସ୍ତାରିତରୂପେ ବର୍ଣ୍ଣନା-କ; 2. ବୃତ୍ତାନ୍ତ ଦ୍ୱାରା ସାବ୍ୟସ୍ତ-କ ।

**Circumvallate**, *v.t.* ମୁର୍ଚ୍ଚ ଦ୍ୱାରା ବେଷ୍ଟନ-କ, ପରିଖା ଦ୍ୱାରା ବେଷ୍ଟନ-କ ।

**Circumvallation**, *n.* ମୁର୍ଚ୍ଚ ଦ୍ୱାରା ବେଷ୍ଟନ ।

**Circumvent,** *v.t.* କୌଶଳ ବା ଛଳ ଦ୍ୱାରା ଅନ୍ୟ ଲୋକର ଉପରେ ଜୟଲାଭ-କ, ପ୍ରତାରଣା ଦ୍ୱାରା ଜୟ-କ, ପ୍ରବଞ୍ଚନା-କ, ଠକିବାର ।

**Circumvention,** *n.* କୌଶଳ ବା ପ୍ରତାରଣା ଦ୍ୱାରା ଜୟଲାଭ, ପ୍ରତାରଣା, ଠକପଣ ।

**Circumvolution,** *n.* 1. ଚକ୍ରଗତି, ଘୂର୍ଣ୍ଣ, ଘୂର୍ଣ୍ଣନ, ଆବର୍ତ୍ତନ ; 2. ବସ୍ତୁର ଭାଙ୍ଗ ; 3. ଜଡିତ ବସ୍ତୁ ; 4. ଜଡିତକରଣ ; 5. ବକ୍ରତା ।

**Circus,** *n. pl.* **circuses,** ଘୋଡାଙ୍କର ଓ ବାଜିକରର କ୍ରୀଡାସ୍ଥାନ, କ୍ରୀଡାକକ୍ଷ, ମଣ୍ଡଳାକାର ରଙ୍ଗଭୂମି ।

**Cisalpine,** *a.* ଆଲ୍‌ପ୍ସ ପର୍ବତ ଶ୍ରେଣୀର ଦକ୍ଷିଣ ଦିଗସ୍ଥ ।

**Cist,** *n.* ପୂର୍ବକାଳୀନ ପ୍ରସ୍ତରମୟ ଶବସିନ୍ଦୁକ ବା କବରସ୍ଥାନ ।

**Cistern,** *n.* କୃତ୍ରିମ ଜଳାଶୟ, ଜଳାଧାର, ଜଳକୁଣ୍ଡ, ଚୌବାଚ୍ଚା ।

**Citable,** *a.* ଉଦ୍ଧୃତବ୍ୟ, ଉଦ୍ଧାରଯୋଗ୍ୟ ।

**Citadel,** *n.* 1. ନଗର ମଧ୍ୟସ୍ଥିତ ଦୁର୍ଗ ବା ଗଡ, କୋଟ ; 2. ଯୁଦ୍ଧକାଳରେ ଦୃଢ ସ୍ଥାନ ବା ଦୁର୍ଗ ।

**Citation,** *n.* 1. ଉଦ୍ଧୃତକରଣ, ଉଦ୍ଧୃତ ବଚନ, ଅବତରଣିକା, ଉଲ୍ଲେଖ ; 2. ବିଚାର ସ୍ଥାନର ଆହ୍ୱାନପତ୍ର, ତଲବ୍‌ଚିଠି, ସମନ ।

**Citatory,** *a.* ବିଚାରସ୍ଥାନୀୟ ଆହ୍ୱାନପତ୍ରର କ୍ଷମତାବିଶିଷ୍ଟ, ଆହ୍ୱାୟକ ।

**Cite,** *v.t.* 1. ବିଚାରସ୍ଥାନକୁ ଆହ୍ୱାନ-କ, ତଲବ୍-କ: 2. ଅବତରଣିକା-କ, ଉଦ୍ଧୃତ-କ, ଉଦାହରଣ-ଦେ, ପ୍ରମାଣ ନିମନ୍ତେ ଉଦାହରଣ-ଦେ, ଉଲ୍ଲେଖ-କ ।

**Citizen,** *n.* 1. ନଗରବାସୀ, ନଗରସ୍ଥ ସମାଜର ଲୋକ, ପୌରଜନ ; 2. ପ୍ରଜା ।

**Citizenship,** *n.* 1. ନଗରଜନାଧିକାର, ପୌରାଧିକାର ; 2. ପ୍ରଜାବସ୍ଥା, ପ୍ରଜାର ଅଧିକାର ।

**Citric,** *a.* ଲେମ୍ବୁସମ୍ବନ୍ଧୀୟ, ଲେମ୍ବୁଜାତ ।

**Citrine,** *a.* 1. ଲେମ୍ବୁବତ୍ ; 2. ଲେମ୍ବୁବର୍ଣ୍ଣ । [ବଳମ୍ବା ।

**Citron,** *n.* ତୁରଞ୍ଜ ବା କାଠୁଆ ଲେମ୍ବୁ ଫଳ, ତୁରଞ୍ଜ ବୃକ୍ଷ,

**City,** *n.* 1. ନଗର, ବଡ ସହର ; 2. ପ୍ରଧାନ ଧର୍ମାଧ୍ୟକ୍ଷର ବାସସ୍ଥାନଯୁକ୍ତ ନଗର ; 3. ନଗରବାସିମାନେ ।

**Civet,** *n.* ଗନ୍ଧମାର୍ଜାରରୁ ଜାତ ସୁଗନ୍ଧ ।

**Civet-cat,** *n.* ଗନ୍ଧମାର୍ଜାର, ବେଣାବାସି ।

**Civic,** *a.* 1. ନଗରସ୍ଥ, ପୌର, ନଗର ବା ନାଗରିକଲୋକସମ୍ବନ୍ଧୀୟ, ନାଗରିକ, ନଗରସ୍ଥ ପଦ ବା ସମ୍ଭ୍ରମବିଷୟକ ; 2. ପ୍ରଜାବିଷୟକ ; 3. ପ୍ରଜାବସ୍ଥାସମ୍ବନ୍ଧୀୟ ।

**Civil,** *a.* 1. ପ୍ରଜାସମ୍ବନ୍ଧୀୟ, ନଗର ବା ଦେଶର ଶାସନସମ୍ବନ୍ଧୀୟ ; 2. ନଗରସ୍ଥ, ସାମ୍ପ୍ରଦାୟିକ, ପୌରଜନସମ୍ବନ୍ଧୀୟ ; 3. ଶିଷ୍ଟାଚାରୀ, ସଭ୍ୟ, ସୁଶୀଳ ; 4. ରାଜନୈତିକ, ଦେଓ୍ୱାନୀ ; 5. ଯୋଦ୍ଧୃତ୍ୱବର୍ଜିତ, ଗୃହସ୍ଥ ; 6. ଅସୈନିକ, ସାଧାରଣ ; 7. ସ୍ୱଦେଶୀୟ, ରାଜ୍ୟ ଅନ୍ତରସ୍ଥ, ଗୃହସ୍ଥ । —**civil engineering,** ପଥ ପୋଲ ଓ ରେଲ୍ ରାସ୍ତା ଆଦି ପ୍ରସ୍ତୁତ କରିବା ବିଦ୍ୟା । **civil law,** ରାଜ୍ୟ ଶାସନ ନିମନ୍ତେ କୌଣସି ଦେଶର ଦେଓ୍ୱାନୀ ବିଧି ସବୁ, ଦେଶୀୟ ବ୍ୟବସ୍ଥା, ବିଶେଷତଃ ରୋମ ରାଜ୍ୟର ବ୍ୟବସ୍ଥା । **civil list,** ରାଜାର ବାର୍ଷିକ ଖର୍ଚ୍ଚ ; **civil war,** ଅନ୍ତର୍ଯୁଦ୍ଧ, ଗୃହଯୁଦ୍ଧ ।

**Civilian** *n.* 1. ଅସୈନିକ ବ୍ୟକ୍ତି ; 2. ରୋମୀୟ ବ୍ୟବସ୍ଥାଜ୍ଞ ।

**Civility,** *n.* ସୌଜନ୍ୟ, ଶିଷ୍ଟାଚାର, ଶିଷ୍ଟତା ।

**Civilization,** *n.* ସଭ୍ୟକରଣ, ସଭ୍ୟ ଅବସ୍ଥା, ସଭ୍ୟତା, ସାମାଜିକ ଉନ୍ନତି ।

**Civilize,** *v.t.* ସଭ୍ୟ-କ, ସାମାଜିକ ଉନ୍ନତି-କ ।

**Civilized,** *p.a.* ସଭ୍ୟ, ସଭ୍ୟତାସମ୍ବନ୍ଧୀୟ, ଶିଷ୍ଟ, ମାର୍ଜିତ ।

**Civilly,** *ad.* ଶିଷ୍ଟତାପୂର୍ବକ, ସଭ୍ୟରୂପେ ।

**Civism,** *n.* ଉତ୍ତମ ପୌରଜନର ମୂଳସୂତ୍ର, ନଗରର ବା ସ୍ୱଦେଶର ହିତକାମନା ।

**Clack** *n.* 1. ବକ୍‌ବକ୍ କଥା, ବାଚାଳତା ; 2. ଝନ୍ ଶବ୍ଦ । —*v.i.* 1. ବକ୍‌ବକ୍-କ ; 2. ଝନ୍ ଶବ୍ଦ-କ ।

**Clad,** past *p.* of **Clothe.**

**Claim,** *v.t.* 1. ଦାବି-କ, ସ୍ୱତ୍ୱସ୍ଥାପନ-କ ; 2. ସମର୍ଥନ-କ । —*v.i.* ସ୍ୱତ୍ୱବାନ-ହେ, ଦାବି ଦର୍ଶାଇବାର । —*n.* 1. ଦାବି ; 2. ଦାବିର କାରଣ, ସ୍ୱତ୍ୱ, ଅଧିକାର ; 3. ଦାବିକୃତ ବସ୍ତୁ ବା ଜମି ; 4. ଖଣି ଖୋଳିବା ନିମନ୍ତେ ନିର୍ବାଚିତ ଭୂମି ; 5. ସମର୍ଥନ ।

**Claimable,** *a.* ଦାବିଯୋଗ୍ୟ, ଅଧିକାରଯୋଗ୍ୟ ।

**Claimant,** *n.* ଦାବିଦାର, ମୁଦେଇ, ଫରିୟାଦୀ ।

**Clairvoyance,** *n.* ନିଦ୍ରାବସ୍ଥାରେ ଅଦୃଶ୍ୟ ବିଷୟ ଦେଖିବା ଓ ଦୂରରେ ଘଟିବା ବିଷୟ ଜାଣିବା ଶକ୍ତି ।

**Clairvoyant, clairvoyante,** *n.* ଉପରୋକ୍ତ ଶକ୍ତିବିଶିଷ୍ଟ ପୁରୁଷ ବା ସ୍ତ୍ରୀ ।

**Clam,** *n.* ସାମୁକା ବିଶେଷ । [ଜନ ।

**Clamancy,** *n.* ଅନୁନୟକରଣାବସ୍ଥା, ଆଗ୍ରହ, ଅତି ପ୍ରୟୋ-

**Clamant,** *a.* ଅନୁନୟକାରୀ, ମନୋଯୋଗ ଆକର୍ଷଣକାରୀ ।

**Clamber,** *v.i.* ହାତ ପାଦରେ ଭର ଦେଇ ଚଢିବାର, କଷ୍ଟରେ ଆରୋହଣ ବା ଅବରୋହଣ-କ । —*n.* କଷ୍ଟରେ ଆରୋହଣ ।

**Clamminess,** *n.* ଅଠାଳତ୍ୱ, ଚଟ୍‌ଚଟିଆ ଗୁଣ ।

**Clammy,** *a.* 1. ଓଦା ଓ ଶୀତଳ ; 2. ଅଠାଳିଆ, ଚଟ୍‌ଚଟିଆ, ଅଠାବତ୍ ।

**Clamorous,** *a.* 1. ଗୋଳମାଳକାରୀ, ଉଚ୍ଚଶବ୍ଦକାରୀ ; 2. ଦାବିରେ ଅବିଶ୍ରାନ୍ତ ।

**Clamorously,** *ad.* ଉଚ୍ଚସ୍ୱରରେ ବା ଶବ୍ଦରେ, ଅବିଶ୍ରାନ୍ତରୂପେ ।

**Clamorousness,** *n.* 1. ଗୋଳ ; 2. ଦାବିରେ ଅବିଶ୍ରାମ ।

**Clamour, clamor,** *n.* 1. ଉଲ୍ଲଣ୍ଡ, ଉଚ୍ଚ ନାଦ, ହୁଲ୍ଲାଡ, ଗୋଳ, କୋଳାହଳ ; 2. ଦାବିରେ ଅବିଶ୍ରାମ । —*v.i.* 1. ବଡ ପାଟି କରି ଡାକିବାର, ଉଚ୍ଚଶବ୍ଦରେ କହିବାର ; 2. ଅବିଶ୍ରାନ୍ତରୂପେ ଦାବି-କ ।

**Clamp,** *n.* ବନ୍ଧନୀ ବିଶେଷ, ଟାଣ କରିବା ନିମନ୍ତେ ବ୍ୟବହୃତ କାଠଖଣ୍ଡ ବା ଲୁହା ପଟି, ଚିତାଇର ଗଦା ବିଶେଷ, ଇତ୍ୟାଦି । —*v.t.* କାଠଖଣ୍ଡ ବା ଲୁହା ପଟି ଦ୍ୱାରା ଟାଣ-କ ।

**Clamp,** *n.* ସଜୋରରେ ପାଦକ୍ଷେପ । —*v.i.* ସଜୋରରେ ପାଦ ନିକ୍ଷେପ-କ ।

Clan, *n.* 1. ଜାତି, ବର୍ଣ୍ଣ, ବଂଶ, ଗୋଷ୍ଠୀ; 2. ଦଳ, ମତ, ସମ୍ପ୍ରଦାୟ ।

Clandestine, *a.* ଗୁପ୍ତ, ଅପ୍ରକାଶ, ଗୋପନୀୟ, ପ୍ରଚ୍ଛନ୍ନ, ଚୋର, ପ୍ରତାରଣାଯୁକ୍ତ, ଅବୈଧ ।

Clandestinely, *ad.* ଗୁପ୍ତଭାବେ, ଅପ୍ରକାଶରୂପେ, ଗୋପନରେ, ପ୍ରଚ୍ଛନ୍ନରୂପେ, ପ୍ରତାରଣାପୂର୍ବକ ।

Clang, *v.i.* and *t.* ଝଣ୍ ଶବ୍ଦ କରିବାର ବା କରାଇବାର, କର୍କଶ ଶବ୍ଦ-କ ।—*n.* ଝଣ୍ ଶବ୍ଦ, ଝୁଣୁଝୁଣୁ ଶବ୍ଦ ।

Clangorous, *a.* ଝଣ୍ ଶବ୍ଦକାରୀ ।

Clangour, clangor, *n.* ଝଣ୍ ଶବ୍ଦ, ଝୁଣୁଝୁଣୁ ଶବ୍ଦ ।

Clank, *n.* ଝଣତ୍କାର ଶବ୍ଦ, ଝଣ୍ ଶବ୍ଦ ।—*v.t.* and *i.* ଝଣତ୍କାର ଶବ୍ଦ କରାଇବାର ଓ କରିବାର ।

Clannish, *a.* 1. ଜାତିର ଲକ୍ଷଣଯୁକ୍ତ; 2. ସ୍ୱଦଳପ୍ରିୟ, ସ୍ୱଜାତିପକ୍ଷପାତୀ, ସ୍ୱଦଳାନୁରକ୍ତ, ଅନୁଦାର ।

Clannishly, *ad.* ସ୍ୱଦଳାନୁରକ୍ତରୂପେ ।

Clanship, *n.* ଜାତି ବା ବଂଶର ବନ୍ଧନ, ଦଳବନ୍ଧନ ।

Clansman, *n.* ଏକ ଜାତି ବା ବଂଶଭୁକ୍ତ ବ୍ୟକ୍ତି ।

Clap, *v.t.* 1. (ଦୁଇ ଦ୍ରବ୍ୟ) ପରସ୍ପର ହଠାତ୍ ଆଘାତ କରି ଶବ୍ଦ-କ; 2. ଚାପୁଡ଼ା ମାରିବାର; 3. ହଠାତ୍ ବନ୍ଦ-କ, with *to into* &c. ।—*v.i.* 1. ବଜ୍ର ଶବ୍ଦ କରି ହଠାତ୍ ବନ୍ଦ-ହେ; 2. ପ୍ରଶଂସାସୂଚକ କରତାଳୀ-ଦେ ।—*n.* 1. ଧକ୍କା, ଗମ୍ଭୀର ଶବ୍ଦ, ଆଘାତର ଉଚ୍ଚ ଶବ୍ଦ; 2. ଚାପୁଡ଼ା; 3. ବଜ୍ରର ନାଦ, ମେଘର ଧ୍ୱନି; 4. ପ୍ରଶଂସାସୂଚକ କରତାଳୀ ।

Clapper, *n.* 1. ଯେ ବା ଯାହା ଧକ୍କା ମାରିବା ଦ୍ୱାରା ଶବ୍ଦ କରେ; 2. ଘଣ୍ଟାବାଡ଼ଣା, ଘଣ୍ଟାର ଜିହ୍ବା ।

Claptrap, *n.* ପ୍ରଶଂସା ପାଇବା ପାଇଁ ଚତୁରତା ।—*a.* ପ୍ରଶଂସା ପାଇବା ପାଇଁ ଚତୁରତାପୂର୍ଣ୍ଣ, ବୃଥା ଆଡ଼ମ୍ବର ଦ୍ୱାରା ଆକର୍ଷଣକାରୀ, ପ୍ରବଞ୍ଚନାପୂର୍ଣ୍ଣ । [ବିଶେଷ ।

Claret, *n.* ଫରାସି ଦେଶୀୟ ଲାଲ ରଙ୍ଗର ଦ୍ରାକ୍ଷାରସ

Clarification, *n.* ନିର୍ମଳୀକରଣ, ପରିଷ୍କୃତକରଣ, ଶୋଧନ ।

Clarify, *v.t.* ନିର୍ମଳ-କ, ପରିଷ୍କୃତ-କ, ଶୋଧନ-କ ।—*v.i.* ନିର୍ମଳ-ହେ, ଉଜ୍ଜ୍ୱଳ-ହେ । [ଶବ୍ଦକାରୀ ।

Clarion, *n.* ତୂରୀ ବିଶେଷ, ତୂରୀ ଧ୍ୱନି ।—*a.* ତୂରୀବତ୍

Clarionet, clarinet, *n.* ବଂଶୀ ବିଶେଷ ।

Clash, *v.i.* 1. ପରସ୍ପର ଧକ୍କା ମାରି ଉଚ୍ଚଶବ୍ଦ-କ; 2. ବିପରୀତ-ହେ, ବିରୁଦ୍ଧ-ହେ ।—*v.t.* ସଜୋରରେ ଧକ୍କା ମାରିବାର ।—*n.* 1. ଉଚ୍ଚଶବ୍ଦରେ ପରସ୍ପରର ଆଘାତ, ଧକ୍କା; 2. ବିରୋଧ ।

Clasp, *n.* 1. ଆଲିଙ୍ଗନ; 2. ଅଙ୍କୁଶୀ, ଅଙ୍କୁଡ଼ୀ ।—*v.t.* 1. ଦୃଢ଼ କରି ଧରିବାର, ଅଙ୍କୁଡ଼ୀରେ ବନ୍ଦ-କ, ବେଢ଼ି ଧରିବାର; 2. କୋଳରେ ଚାପି ଧରିବାର, ଆଲିଙ୍ଗନ-କ, କୋଳାକୋଳି-କ । [ଲତାତନ୍ତୁ ।

Clasper, *n.* 1. ଯେ ବା ଯାହା ଚାପି ଧରେ, ବନ୍ଧନୀ; 2.

Clasp-knife, *n.* ଚକୁ, ଛୁରୀ ବିଶେଷ ।

Class, *n.* 1. ଶ୍ରେଣୀ, ବର୍ଗ, ବର୍ଣ୍ଣ, ବିଭାଗ, ଗଣ, ସମୂହ; 2. ଛାତ୍ରସମୂହ ।—*v.t.* 1. ଶ୍ରେଣୀବଦ୍ଧ-କ, ଶ୍ରେଣୀରେ ବିଭାଗ-କ; 2. ଶ୍ରେଣୀକ୍ରମରେ ରଖିବାର ।

Classable, classible, *a.* ଶ୍ରେଣୀବଦ୍ଧଯୋଗ୍ୟ ।

Class-fellow, class-mate, *n.* ସହପାଠୀ, ସହାଧ୍ୟାୟୀ ।

Classic, *a.* 1. ପ୍ରଧାନ ବା ପ୍ରଥମ ବର୍ଗୀୟ, ସର୍ବୋତ୍ତମ, ଅନୁକରଣୀୟ; 2. ଗ୍ରୀକ୍ ଓ ରୋମୀୟ ପ୍ରାଚୀନ ବିଷୟସମ୍ବନ୍ଧୀୟ; 3. ରଚନାରେ ବିଶୁଦ୍ଧ, ବିଶୁଦ୍ଧ ।—*n.* 1. ପ୍ରଥମ ବର୍ଗୀୟ ଗ୍ରନ୍ଥକର୍ତ୍ତା; 2. ପ୍ରଥମ ବର୍ଗୀୟ ଗ୍ରୀକ୍ ବା ରୋମୀୟ ଗ୍ରନ୍ଥକର୍ତ୍ତା; 3. ପ୍ରାଞ୍ଜଳ ଲେଖକ; 4. ପ୍ରଥମ ବର୍ଗୀୟ ଗ୍ରନ୍ଥ, ଆଦର୍ଶ ଗ୍ରନ୍ଥ; 5. *pl.* ବିଶେଷତଃ ପୁରାତନ ଗ୍ରୀସ୍ ଓ ରୋମ ଦେଶୀୟ ସାହିତ୍ୟ ଗ୍ରନ୍ଥସମୂହ ।

Classical, *a.* 1. ପ୍ରଥମ ବର୍ଗୀୟ ଲେଖକସମ୍ବନ୍ଧୀୟ; 2. ପ୍ରଥମ ବର୍ଗୀୟ, ଗ୍ରୀକ୍ ଓ ରୋମୀୟ ପ୍ରଥମ ବର୍ଗୀୟ ଗ୍ରନ୍ଥକାର ବା ସାହିତ୍ୟସମ୍ବନ୍ଧୀୟ; 3. ପ୍ରାଚୀନ ଗ୍ରୀସ୍ ଓ ରୋମସମ୍ବନ୍ଧୀୟ; 4. ଗ୍ରୀକ୍ ଓ ଲାଟିନ ସାହିତ୍ୟର; 5. ପୁରାତନ ବିଶେଷ ଶିଳ୍ପକାର୍ଯ୍ୟ ସଦୃଶ; 6. ବିଶୁଦ୍ଧ ।

Classically, *ad.* ବିଶୁଦ୍ଧରୂପେ । [ବିଭକ୍ତବ୍ୟ ।

Classifiable, *a.* ଶ୍ରେଣୀବଦ୍ଧଯୋଗ୍ୟ, ଶ୍ରେଣୀକ୍ରମେ

Classification, *n.* 1. ଶ୍ରେଣୀବଦ୍ଧକରଣ, ଶ୍ରେଣୀବିଭାଗ, ଶ୍ରେଣୀ ନିର୍ଦ୍ଦେଶ; 2. ଶ୍ରେଣୀରେ ବିଭକ୍ତ ବିଷୟ ଘଟିବା ବା ବୋଧ ।

Classify, *v.t.* ଶ୍ରେଣୀବଦ୍ଧ-କ, ଶ୍ରେଣୀରେ ବିଭାଗ-କ, ଶ୍ରେଣୀକ୍ରମେ ରଖିବାର, ବର୍ଗକ୍ରମରେ ରଖିବାର ।

Clatter, *v.i.* 1. ଖଡ଼୍ ଶବ୍ଦ-କ, ଘର୍ଘର ଶବ୍ଦ-କ; 2. ବଡ଼୍ବଡ଼୍-କ, ବକ୍ବକ୍-କ ।—*v.t.* ଖଡ଼୍ ଶବ୍ଦ କରାଇବାର, ଘର୍ଘର ଶବ୍ଦ କରାଇବାର ।—*n.* ଖଡ଼୍ ଶବ୍ଦ, ଘର୍ଘର ଶବ୍ଦ, ଗୋଳମାଳ, ବଡ଼୍ ଶବ୍ଦ । [ସର୍ତ୍ତ ।

Clause, *n.* 1. ପ୍ରକରଣ, ଚରଣ; 2. ଦଫା, ନିୟମ,

Claustral, *a.* 1. ମଠସମ୍ବନ୍ଧୀୟ; 2. ଏକାକୀ ।

Clavate, clavated, claviform, *a.* ଗଦାକୃତି ।

Clave, one of the two preterites of Cleave.

Clavicle, *n.* କଣ୍ଠସମୀପସ୍ଥ ଅସ୍ଥି, କଣ୍ଠାସ୍ଥି ।

Claw, *n.* 1. (ଜନ୍ତୁର) ନଖ, ନଖଯୁକ୍ତ ପାଦ; 2. ନଖବତ୍ ପଦାର୍ଥ ।—*v.t.* ନଖାଘାତ-କ, ନଖ ଦ୍ୱାରା ବିଦୀର୍ଣ୍ଣ-କ, ଆଞ୍ଚୁଡ଼ିବାର, ବିଦାରିବାର ।

Clawed, *a.* ନଖଯୁକ୍ତ ।

Claw-hammer, *n.* ନଖଯୁକ୍ତ ହାତୁଡ଼ି ।

Clay, *n.* 1. ଚିକଟାମାଟି, କାଦୁଅ, କର୍ଦ୍ଦମ; 2. ମୃତ୍ତିକା; 3. ମନୁଷ୍ୟର ଦେହ, ବିଶେଷତଃ ମୃତ ଦେହ ।—*v.t.* 1. କାଦୁଅରେ ଘୋଡ଼ାଇବାର ବା ଲେପିବାର; 2. କର୍ଦ୍ଦମରେ ଶୁଦ୍ଧ-କ ।

Clay-cold, *a.* କାଦୁଅ ପରି ଶୀତଳ, ନିର୍ଜୀବ ।

Clayey, *a.* କର୍ଦ୍ଦମମୟ, କାଦୁଅଯୁକ୍ତ, ଚିକଟାମାଟି ପରି ।

Claymore, *n.* ଦ୍ୱିଧାର ଚୌଡ଼ା ଖଣ୍ଡା ବିଶେଷ ।

Clay-pit, *n.* କର୍ଦ୍ଦମ ଗାତ ।

Clean, *a.* 1. ନିର୍ମଳ, ପରିଷ୍କୃତ, ସଫା; 2. ନିଷ୍କଳଙ୍କ, ଶୁଦ୍ଧ, ଶୁଚି, ନିର୍ଦ୍ଦୋଷ; 3. ସୁଗଠିତ; 4. ଦକ୍ଷ, ପଟୁ ।—*ad.* ସମ୍ପୂର୍ଣ୍ଣରୂପେ, ସର୍ବତୋଭାବେ ।—*v.t.* ସଫା-କ, ପରିଷ୍କୃତ-କ, ନିର୍ମଳ-କ, ଶୁଦ୍ଧ-କ ।

Clean-handed, *a.* ନୈତିକ କଳଙ୍କରହିତ, ନିଷ୍କଳଙ୍କ ।

**Clean-limbed**, *a.* ଅଙ୍ଗସୌଷ୍ଠବବିଶିଷ୍ଟ, ସୁଗଠିତ ।

**Cleanliness**, *n.* 1. ପରିଷ୍କୃତାବସ୍ଥା; 2. ଅଙ୍ଗର ବ୍ୟବହାର ଓ ସ୍ୱଭାବର ନିର୍ମଳତା; 3. ପରିଚ୍ଛନ୍ନତା, ଶୁଦ୍ଧତା ।

**Cleanly**, *a.* *klen-li.* 1. ଅଙ୍ଗର ଓ ସ୍ୱଭାବରେ ନିର୍ମଳ, ପରିଷ୍କାର; 2. ଶୁଦ୍ଧ, ସରଳ ।—*ad.* 1. ପରିପାଟିରୂପେ, ନିପୁଣରୂପେ; 2. ନିର୍ମଳରୂପେ ।

**Cleanness**, *n.* 1. ନିର୍ମଳତା, ପରିଷ୍କୃତତା; 2. ନିର୍ଦ୍ଦୋଷତା, ଶୁଦ୍ଧତା ।

**Cleansable**, *a.* ପରିଷ୍କୃତକରଣୀୟ, ନିର୍ମଳକରଣୀୟ ।

**Cleanse**, *v.t.* ପରିଷ୍କୃତ-କ, ଶୁଚି-କ, ନିର୍ମଳ-କ, ଶୁଦ୍ଧ-କ, ନିର୍ଦ୍ଦୋଷ-କ ।

**Clear**, *a.* 1. ଉଜ୍ଜ୍ୱଳ, ଦୀପ୍ତିମାନ୍, ତେଜୋମୟ; 2. ସ୍ୱଚ୍ଛ, ନିର୍ମଳ; 3. ଖୋଲା, ଅବାଧିତ, ନିଷ୍କଣ୍ଟକ; 4. ମେଘରହିତ, ଫର୍ଚ୍ଚା; 5. ଅମିଶ୍ରିତ, ବିଶୁଦ୍ଧ; 6. ପ୍ରକାଶ, ସୁସ୍ପଷ୍ଟ, ପ୍ରତ୍ୟକ୍ଷ, ସୁବ୍ୟକ୍ତ; 7. ଅଖଣ୍ଡନୀୟ, ନିର୍ବିବାଦ; 8. ସୁଶ୍ରାବ୍ୟ, ସ୍ପଷ୍ଟ; 9. ପ୍ରଫୁଲ୍ଲ, ଶାନ୍ତ; 10. ପ୍ରଖର, ସ୍ପଷ୍ଟବୁଦ୍ଧି; 11. ଅବାରିତ; 12. ଋଣଶୂନ୍ୟ, ଅଋଣୀ; 13. ନିର୍ଦ୍ଦୋଷ, ନିଷ୍କଳଙ୍କ; 14. ଅଭିଯୋଗରୁ ମୁକ୍ତ; 15. ଅନଧୀନ, ମୁକ୍ତ; 16. ନିଖରଚ, ନିଟ; 17. ସନ୍ଦେହଶୂନ୍ୟ, ନିଶ୍ଚିତ ।—*ad.* 1. ସ୍ପଷ୍ଟରୂପେ; 2. ସମ୍ପୂର୍ଣ୍ଣରୂପେ; 3. ପୃଥକ୍‌ରୂପେ ।—*v.t.* 1. ପରିଷ୍କୃତ-କ, ନିର୍ମଳ-କ, ଶୋଧିତ-କ; 2. ଖୋଲା-କ, ବାଧାଶୂନ୍ୟ-କ; 3. ସ୍ୱାସ୍ଥ୍ୟନାଶକ ବିଷୟରୁ ମୁକ୍ତ-କ, ବିଶୁଦ୍ଧ-କ; 4. ବୋଧଗମ୍ୟ-କ, ଅର୍ଥ ସ୍ପଷ୍ଟ-କ; 5. ଅଭିଯୋଗରୁ ମୁକ୍ତ-କ, ନିର୍ଦ୍ଦୋଷ-କ, ଋଣରୁ ମୁକ୍ତ-କ; 6. ଲାଭ କ; 7. ବନ ଆଦି ପରିଷ୍କାର-କ; 8. (କୌଣସି ପଦାର୍ଥ ନ ଛୁଇଁ କରି ତହିଁ ଉପରେ) ଡେଇଁ ପଡିବାର, ନ ଛୁଇଁ କରି ଅତି ନିକଟ ଦେଇ ଯିବାର; 9. ସ୍ଥାନାନ୍ତର-କ, ଦୂର-କ, with *from* or *off*; 10. ଜାହାଜର ଆମଦାନି ବା ରପ୍ତାନି ବୋଝାଇର ମାସୁଲ-ଦେ ।—*v.i.* 1. ଉଜ୍ଜ୍ୱଳ-ହେ, ପରିଷ୍କୃତ-ହେ, ନିର୍ମଳ-ହେ; 2. ଛାଡି ଯିବାର; 3. ବନ୍ଦର ଛାଡିବାର ।—to clear off, 1. ପଳାଇବାର; 2. ଶେଷ-କ । to clear up, 1. ମେଘ ଛାଡିବାର, ନିର୍ମଳ-ହେ; 2. ନିଷ୍ପତ୍ତି-କ ।

**Clearance**, *n.* 1. ନିଷ୍ପତ୍ତିକରଣ; 2. ଛାଡଚିଠି, ରଫାଣ ।

**Clear-headed**, *a.* ସୂକ୍ଷ୍ମ ବୁଦ୍ଧିବିଶିଷ୍ଟ, ସ୍ପଷ୍ଟବୁଦ୍ଧି ।

**Clearing**, *n.* 1. ପରିଷ୍କୃତକରଣ; 2. ନିଷ୍ପତ୍ତିକରଣ; 3. କୃଷି ନିମନ୍ତେ ପରିଷ୍କୃତ ଭୂମି ।

**Clearing-nut**, *n.* ନିର୍ମଳି ।

**Clearly**, *ad.* 1. ଉଜ୍ଜ୍ୱଳରୂପେ, ନିର୍ମଳରୂପେ; 2. ସ୍ପଷ୍ଟରୂପେ, ପ୍ରତ୍ୟକ୍ଷରୂପେ, ସମ୍ପୂର୍ଣ୍ଣରୂପେ ।

**Clearness**, *n.* 1. ଉଜ୍ଜ୍ୱଳତା, ନିର୍ମଳତା, ସ୍ୱଚ୍ଛତା; 2. ସ୍ପଷ୍ଟତା; 3. ସ୍ପଷ୍ଟତା ।

**Clear-sighted**, *a.* 1. ଶୁଦ୍ଧଦୃଷ୍ଟି, ସ୍ପଷ୍ଟଦୃଷ୍ଟି; 2. ବିବେକୀ, ସ୍ପଷ୍ଟବୁଦ୍ଧି ।

**Clear-sightedness**, *n.* ଶୁଦ୍ଧ ଦୃଷ୍ଟି, ସ୍ପଷ୍ଟ ଦୃଷ୍ଟି, ସୁବୋଧ, ବୁଦ୍ଧିର ପ୍ରଖରତା ।

**Clear-starch**, *v.t.* ନିର୍ମଳ ମଣ୍ଡ ଦ୍ୱାରା (ଲୁଗା) ଟାଣ-କ, ନିର୍ମଳ କଳପ-ଦେ ।

**Cleat**, *n.* ଲାଗି ଥିବା ଦୃଢାର୍ଥକ କାଠ ବା ଲୁହା ଖଣ୍ଡ ।

**Cleavable**, *a.* ବିଭାଜ୍ୟ ।

**Cleavage**, *n.* ବିଦାରଣ, ଫାଟ, ଛିଦ୍ର ।

**Cleave**, *v.i.* 1. ସଂଲଗ୍ନ-ହେ, ଲାଗି ରହିବାର; 2. ସ୍ନେହରେ ଆସକ୍ତ-ହେ ।

**Cleave**, *v.t.* ଚିରିବାର, ଦ୍ୱିଭାଗ-କ, ବିଭାଗ-କ, ଫାଡିବାର ।—*v.i.* ଦ୍ୱିଫାଳ-ହେ, ଫାଟିବାର ।

**Cleaver**, *n.* 1. ବିଦାରଣକାରୀ ଲୋକ ବା ଯନ୍ତ୍ର; 2. କଂସାଇର ମାଂସ କାଟିବା କଟୁରି, ବୃଷଭ ।

**Cleft**, pret. and past p. of cleave, to split.

**Cleft**, *n.* ଫାଟ, ଫାଙ୍କ, କାଟ, ଛିଦ୍ର ।

**Clem**, clam, *v.t.* (Provincial English), ଅନାହାରରେ ରଖିବାର ।—*v.i.* ଅନାହାରରେ ରହିବାର ।

**Clemency**, *n.* 1. କୋମଳତା, ମୃଦୁତା, କରୁଣା, ଦୟା, ଅନୁଗ୍ରହ, କ୍ଷମାଶୀଳତା; 2. ଅସ୍ପଷ୍ଟତା ।

**Clement**, *a.* 1. କୋମଳ, ଦୟାଳୁ, କୃପାଳୁ, ଅନୁଗ୍ରହପୂର୍ଣ୍ଣ, କ୍ଷମାବାନ୍; 2. ମୃଦୁ, ସୁଖକର ।

**Clemently**, *ad.* ଦୟାଳୁରୂପେ, ଅନୁଗ୍ରହପୂର୍ବକ ।

**Clench**, *v.t.* 1. (କଣ୍ଟା ମାରି) ଅଗ ବଙ୍କା କରି ଟାଣ-କ, ଦୃଢ-କ; 2. (ଦାନ୍ତ) ଚିପି ରଖିବାର; 3. (ହାତ) ଦୃଢରୂପେ ମୁଠା-କ; 4. ଦୃଢରୂପେ ଧରିବାର, ମୁଠାଇ ଧରିବାର; 5. ଦୃଢ-କ ।—*n.* ଦୃଢଧାରଣ ।

**Clencher**, *n.* 1. ଯେ ବା ଯାହା ଦୃଢରୂପେ ଧରେ; 2. ଚୂଡାନ୍ତ ଉତ୍ତର, ଅକାଟ୍ୟ ତର୍କ ।

**Clepsydra**, *n.* ପାଣିଘଣ୍ଟା, ଜଳଘଡି ।

**Clergy**, *n. pl.* ଖ୍ରୀଷ୍ଟିୟ ଧର୍ମୋପଦେଶକବର୍ଗ ।

**Clergyman**, *n.* ଧର୍ମୋପଦେଶକ, ପାଦ୍ରୀ ।

**Cleric**, *a.* ଧର୍ମୋପଦେଶକସମ୍ବନ୍ଧୀୟ ।

**Clerical**, *a.* 1. ଧର୍ମୋପଦେଶକସମ୍ବନ୍ଧୀୟ, ଧର୍ମୋପଦେଶକର ଉଚିତ; 2. ଲେଖକସମ୍ବନ୍ଧୀୟ, କିରାଣିସମ୍ବନ୍ଧୀୟ ।

**Clerk**, *n.* *klark*, 1. ଧର୍ମୋପଦେଶକ; 2. (formerly) ବିଦ୍ୱାନ, ପଣ୍ଡିତ; 3. ଇଂରେଜ ସଭାଗୃହ ମଣ୍ଡଳୀରେ ଧର୍ମୋପଦେଶକର ପରିଚାରକ; 4. ଲେଖକ, କିରାଣି, ମୋହରିର ।

**Clerkly**, *a.* 1. ଲେଖକସମ୍ବନ୍ଧୀୟ, ଲେଖାସମ୍ବନ୍ଧୀୟ; 2. ଧର୍ମୋପଦେଶକସମ୍ବନ୍ଧୀୟ ।

**Clerkship**, *n.* 1. ଲେଖକର ପଦ, କିରାଣିର ପଦ; 2. ଧର୍ମୋପଦେଶକର ପଦ ବିଶେଷ ।

**Clever**, *a.* 1. ପାରଗ, ଗୁଣବାନ୍, ନିପୁଣ, ଦକ୍ଷ, ଚତୁର, ଚାଲାକ, ତତ୍ପର, ବିଚକ୍ଷଣ; 2. ଦକ୍ଷତାରେ ସମ୍ପାଦିତ ।

**Cleverish**, *a.* ଅଳ୍ପ ଦକ୍ଷ ।

**Cleverly**, *ad.* ବିଚକ୍ଷଣରୂପେ, ନିପୁଣରୂପେ ।

**Cleverness**, *n.* ପାରଗତା, ଦକ୍ଷତା, ଚତୁରତା, ନୈପୁଣ୍ୟ, ନିପୁଣତା, ତତ୍ପରତା ।

**Clew**, *n.* 1. ସୂତାର ଗୋଲ, ଗୋଲର ସୂତା, ସୂତାଗୁଟିକା; 2. ପଥପ୍ରଦର୍ଶକ ସୂତ୍ର, ସୂତ୍ର, ସନ୍ଧାନ, ତତ୍ତ୍ୱ; 3. ପାଲର ତଳ କାନ ।—*v.t.* (ଜାହାଜର ପାଲ) ଗୁଡାଇବାର ।

**Click**, *v.i.* ଟକ୍ ଶବ୍ଦ-କ ।—*n.* ଟକ୍‌ଶବ୍ଦ ।

**Client**, *n.* ମୌକିଲ, ମକ୍କେଲ
**Clientele**, *n.* ମୌକିଲସମୂହ
**Cliff** *n.* ଉଚ୍ଚ, ଖାଡ଼ା ପର୍ବତ, ଉଚ୍ଚ ଓ ଉଚ୍ଚ ଶୈଳ, (ସମୁଦ୍ର ପ୍ରାନ୍ତ ...) ଶୈଳର ଅନୁପମ, ପ୍ରପାତ ।
**Climacteric**, *n.* ଶାରୀରିକ ସ୍ୱଭାବାନ୍ତରକାଳ, ସଙ୍କଟାପନ୍ନ କାଳ, ମନୁଷ୍ୟ ଜୀବନର ଘାଟି, ସଙ୍କଟକାଳ ।
**Climate**, *n.* ଜଳବାୟୁ ଆଦିର ଅବସ୍ଥା, ଜଳବାୟୁର ଗୁଣାଗୁଣ ଭେଦ, ଜଳବାୟୁ ।
**Climatic, climatical**, *a.* ଜଳବାୟୁସମ୍ବନ୍ଧୀୟ ।
**Climatize**, *v.t.* ନୂତନ ଜଳବାୟୁ ସହ୍ୟ କରିବାରେ ଅଭ୍ୟାସ କରାଇବାର ।
**Climatology**, *n.* ଜଳବାୟୁବିଜ୍ଞାନ ।
**Climax**, *n.* 1. ଉତ୍ତରୋତ୍ତର ବାକ୍ୟବୃଦ୍ଧି, ସାରାଳଙ୍କାର, ଉତ୍କର୍ଷ ; 2. ଶେଷ ସୀମା, ଊର୍ଦ୍ଧ୍ୱ ସୀମା ।
**Climb**, *v.i.* 1. କ୍ରମଶଃ ଚଢ଼ିବାର, ଉଠିବାର, ଯନ୍ତ୍ରି ଧରି ଚଢ଼ିବାର, କଷ୍ଟରେ ଆରୋହଣ-କ ; 2. ଲତାଦିକୁ ବ୍ୟାପି ମାଡ଼ିବାର ।— *v.t.* ଚଢ଼ିବାର, ଆରୋହଣ-କ, କଷ୍ଟରେ ବା ଧୀରେ ଆରୋହଣ-କ ।—*n.* ଆରୋହଣ ।
**Climbable**, *a.* ଆରୋହଣଯୋଗ୍ୟ ।
**Climber**, *n.* 1. ଚଢ଼ିବା ବ୍ୟକ୍ତି, ଆରୋହଣକାରୀ; 2. [ଲତା ।
**Climbing**, *p.a.* ଆରୋହଣକ୍ଷମ, ଲତାଗୁଣଯୁକ୍ତ ।
**Clime**, *n.* (*poetical*), ପ୍ରଦେଶ ।
**Clinch**, *v.t.* 1. (କଣ୍ଟା) ମାରି ଅଗ ବଙ୍କା କରି ଟାଣ-କ; 2. ଦୃଢ଼ରୂପେ ନିଷ୍ପତ୍ତି-କ, ସିଦ୍ଧାନ୍ତ-କ ।— *n.* ଦୃଢ଼ରୂପେ ଧାରଣ, ଯାହା ଦୃଢ଼ରୂପେ ଧରେ ।
**Clincher**, *n.* 1. ଯେ ବା ଯାହା ଦୃଢ଼ରୂପେ ଧରେ ; 2. କଣ୍ଟା ବିଶେଷ ; 3. ନିର୍ଭ୍ରାନ୍ତ ଉତ୍ତର ।
**Cling**, *v.i.* ଗୁଡ଼ାଇ ହୋଇ ଲଟକିବାର, ସଂଲଗ୍ନ-ହେ, ଲାଗି ରହିବାର, ଯାପ୍ଟି ଧରିବାର ।
**Clinical, clinic**, *a.* ଶଯ୍ୟାଗତ ରୋଗୀସମ୍ବନ୍ଧୀୟ । *n.* ଶଯ୍ୟାଗତ ରୋଗୀମାନଙ୍କର ସାକ୍ଷାତରେ ଚିକିତ୍ସାର ଶିକ୍ଷାଦାନ ।
**Clink**, *v.t.* ଝଣ୍ ଶବ୍ଦ କରାଇବାର, ଠଣ୍ ଶବ୍ଦ କରାଇବାର ।—*v.i.* ଝଣ୍ ଶବ୍ଦ-ହେ, ଠଣ୍ ଶବ୍ଦ-ହେ, ଝୁଣ୍ଝୁଣ୍ ଶବ୍ଦ-ହେ ।—*n.* ଝଣ୍ ଶବ୍ଦ, ଠଣ୍ ଶବ୍ଦ ।
**Clinker**, *n.* ଝାମା ।
**Clip**, *v.t.* 1. କଇଁଚିରେ କାଟିବାର, କାଟଛାଟ-କ ; 2. (of coin), କିନାରା କାଟି ନ୍ୟୁନ-କ ; 3. ନ୍ୟୁନ-କ, ସଂକ୍ଷିପ୍ତ-କ ।— *n.* 1. ଲୋମ ଛେଦନ ; 2. ଛିନ୍ନ ଲୋମ, ଏକ ମେଷର ଛିନ୍ନଲୋମ ।
**Clip**, *v.t.* କୁଣ୍ଢାଇ ଧରିବାର, ଧରି ରଖିବାର ।—*n.* 1. ଧରି ରଖିବା ଚିମୁଟା; 2. କାଗଜ ଧରିବା ଯନ୍ତ୍ର ।
**Clipper**, *n.* 1. ମୁଦ୍ରାର ଧାର କର୍ତ୍ତନକାରୀ ; 2. ଦ୍ରୁତଗାମୀ ଜାହାଜ ବିଶେଷ ।
**Clipping**, *n.* 1. କର୍ତ୍ତନକାରୀର କାର୍ଯ୍ୟ, ବିଶେଷତଃ ମୁଦ୍ରାଧାର କର୍ତ୍ତନ କରିବା ଅପରାଧ ; 2. ଟୁକୁରା, ଛାଣ୍ଟ ।
**Clique**, *n.* ଦଳ, ଗୁପ୍ତ ମନ୍ତ୍ରଣାକାରୀ ଦଳ ।
**Cliquish**, *a.* ଗୁପ୍ତଦଳସମ୍ବନ୍ଧୀୟ, ଗୁପ୍ତଦଳପ୍ରିୟ ।
**Cloak**, *n.* 1. ଦେହାବରଣ ପରିଚ୍ଛଦ ବିଶେଷ, ପରିଧେୟ ବସ୍ତ୍ର ବିଶେଷ ; 2. ଆବରଣ, ଲୁଚାଇବା ଉପାୟ, ଛଳ ।— *v.t.* 1. ପରିଧେୟ ବସ୍ତ୍ରରେ ଆଚ୍ଛାଦିତ-କ ; 2. ଗୋପନ-କ, ଢାଙ୍କିବାର, ଘୋଡ଼ାଇବାର ।
**Clock**, *n.* ଘଣ୍ଟା, ଘଡ଼ି, ଘଣ୍ଟିକା ଯନ୍ତ୍ର ।
**Clock**, *n.* ମୋଜାର ଫୁଲ ।
**Clock**, *n.* ଗୋବରିଆ ପୋକ ।
**Clockwork**, *a.* ନିୟମିତ ଗତିବିଶିଷ୍ଟ ।— *n.* 1. ଘଡ଼ିଯନ୍ତ୍ରର କଳ; 2. ଘଡ଼ିଯନ୍ତ୍ର ନ୍ୟାୟ କଳ ।
**Clod**, *n.* 1. ପିଣ୍ଡୁଳା, ଢେଲା ; 2. ଢେଲାମାଟି ; 3. ମୂର୍ଖ ।—*v.i.* ଢେଲା ଜମି ଯିବାର, ଘନୀଭୂତ-ହେ ।—*v.t.* ଢେଲା ମାରିବାର, ଢେଲା ଫୋପାଡ଼ିବାର, ଢେଲା-କ ।
**Clodhopper**, *n.* ଅସଭ୍ୟ ବ୍ୟକ୍ତି, ମୂର୍ଖ, ଚଷା ।
**Clodpoll**, *n.* ସ୍ଥୂଳବୁଦ୍ଧି, ଗମାର ।
**Clog**, *n.* 1. ଢେଙ୍କିଆ ; 2. ଅଟକ, ବାଧା, ବ୍ୟାଘାତ, 3. କାଠାଉ ବିଶେଷ, କାଷ୍ଠପାଦୁକା ।—*v.t.* ଅଟକ-କ, ବାଧା-ଦେ, ବ୍ୟାଘାତ-କ, ପ୍ରତିରୋଧ-କ, ଭାରାକ୍ରାନ୍ତ-କ, ।— *v.i.* ଅଟକି ଯିବାର, ଜମାଟ-ହେ ।
**Cloggy**, *a.* ଜମାଟକରଣକ୍ଷମ, ଚଟ୍‌ଚଟିଆ ।
**Cloister**, *n.* 1. ଆବୃତସ୍ଥାନ, ଗୁପ୍ତ ପ୍ରାର୍ଥନାଗାର ; 2. ମଠ, ମଠସମ୍ବନ୍ଧୀୟ ଆଚ୍ଛନ୍ନ ପଥ ।—*v.t.* 1. ମଠରେ ବନ୍ଦ-କ, ବନ୍ଦ-କ, ରୁଦ୍ଧ-କ; 2. ଆବୃତ ସ୍ଥାନ ଯୋଗାଇବାର ।
**Cloistral**, *a.* ମଠସମ୍ବନ୍ଧୀୟ ।
**Cloke**, *n.* a former spelling of Cloak.
**Close**, *v.t.* *kloz*, 1. ସଂଯୁକ୍ତ-କ ; 2. ବନ୍ଦ-କ, ରୁଦ୍ଧ-କ, ମୁଦ୍ରିତ-କ, ଢାଙ୍କିବାର; 3. ଶେଷ-କ, ସମାପ୍ତ-କ, ସାଙ୍ଗ-କ ।— *v.i.* 1. ସଂଯୁକ୍ତ-ହେ, ଘୋଡ଼ାଇ ହୋଇ ପଡ଼ିବାର; 2. ମିଳିତ-ହେ ; 3. ସମାପ୍ତ-ହେ, ଶେଷ-ହେ ; 4. କୁସ୍ତାକୁସ୍ତି-କ ; 5. ସମ୍ମତ-ହେ ।— *n.* 1. ଶେଷ, ସମାପ୍ତି, ସାଙ୍ଗ ; 2. କୁସ୍ତାକୁସ୍ତି; 3. ସଂଯୋଗ, ମିଳନ ।—
**Close**, *a.* *klos*, 1. ବନ୍ଦ, ମୁଦ୍ରିତ; 2. କଠିନ, ଘନ; 3. ଘୁଳୁଘୁଳି, ନିରୁଦ୍ଧ, ନିର୍ବାତ, ମେଘାଚ୍ଛନ୍ନ, କ୍ଲାନ୍ତିଜନକ; 4. ନିଭୃତ, ନିର୍ଜ୍ଜନ, ସଙ୍କୀର୍ଣ୍ଣ, ଗୁପ୍ତ ; 5. ନିକଟ, ନିକଟବର୍ତ୍ତୀ, ଘନ; 6. ବ୍ୟୟକୁଣ୍ଠ, କୃପଣ,କାମ୍ପି ; 7. ଅନ୍ତରଙ୍ଗ ; 8. ସ୍ଥିର, ନିବଦ୍ଧ, ସୂକ୍ଷ୍ମ ; 9. ମୌନୀ ; 10. ଅବିକଳ ଠିକ୍; 11. ପ୍ରାୟ ସମାନ ।— *n.* ବେଷ୍ଟିତ ସ୍ଥାନ, ଘେରଭୂମି ।—*ad.* 1. ଟାଣରୂପେ, ଦୃଢ଼ରୂପେ, ଘେଞ୍ଚିରୂପେ ; 2. ନିକଟେ, ପାଖେ ପାଖେ ।
**Close-fisted**, *a.* କୃପଣ, କଞ୍ଜୁସ ।
**Close-handed**, *a.* କଞ୍ଜୁସ, କାମ୍ପି ।
**Closely**, *ad.* 1. ନିକଟେ, ଲଗାଲଗିଭାବେ; 2. ଘନୀଭୂତରୂପେ; 3. ମନୋଯୋଗପୂର୍ବକ ; 4. ଅବିକଳରୂପେ ।
**Closeness**, *n.* 1. ନୈକଟ୍ୟ, ସମୀପତା ; 2. ଘନତ୍ୱ; 3. ଅପ୍ରଶସ୍ତତା, ସଙ୍କୀର୍ଣ୍ଣତା; 4. ମୌନିତ୍ୱ, ଗୁପ୍ତତା; 5. କୃପଣତା ; 6. ନିର୍ବାତତା, ଘୁଳୁଘୁଳି ଅବସ୍ଥା ; 7. ମନୋଯୋଗ; 8. ଅବିକଳତା ।
**Closet**, *n.* ସାନ କୋଠରି, ଗୁପ୍ତକୋଠରି, ଗୁପ୍ତାଗାର, ସାନ ଭଣ୍ଡାର, କୋଠରିଖାନା ।— *v.t.* କୋଠରିରେ ବନ୍ଦ-କ, ଗୁପ୍ତ କୋଠରିକୁ ନେବାର ।

Close-time, *n.* ଶିକାର ନିମନ୍ତେ ଆଇନ୍ ଦ୍ୱାରା ନିଷିଦ୍ଧ ସମୟ ।
Closure, *n.* 1. ବନ୍ଦକରଣ; 2. ପାର୍ଲିମେଣ୍ଟ ମହାସଭାରେ ବାଦାନୁବାଦ ବନ୍ଦ କରିବା ଉପାୟ; 3. ଶେଷ, ସମାପ୍ତି ।
Clot, *n.* ପିଣ୍ଡ, ମୁଣ୍ଡା, ଘନୀଭୂତ ଦ୍ରବ୍ୟ, ଜମାଟ୍ ଦ୍ରବ୍ୟ ।—*v.i.* ପିଣ୍ଡ-ହେ, ବସିଯିବାର, ଗାଢ଼-ହେ ।
Cloth, *n.* 1. ଲୁଗା, ବସ୍ତ୍ର; 2. ପଶମ ଲୁଗା; 3. ମେଜର ଚାଦର; 4. ଯାଜକୀୟ ମଣ୍ଡଳୀର ଉପଦେଶକ ସମ୍ପ୍ରଦାୟର ଉପାଧି ।
Clothe, *v.t.* 1. ଲୁଗା ପିନ୍ଧାଇବାର, ବସ୍ତ୍ରାବୃତ-କ, ପରିଧାନ କରାଇବାର, ବସ୍ତ୍ର ଯୋଗାଇବାର; 2. ଆବୃତ-କ, ଆଚ୍ଛାଦିତ-କ ।
Clothes, *n. pl.* ଲୁଗା, ବସ୍ତ୍ର, ପରିଚ୍ଛଦ, ପୋଷାକ ।
Clothes-horse, *n.* ଲୁଗାର ଆଲଣ୍ଡୁଣି, ଲୁଗା ରଖିବା ଘୋଡ଼ା ।
Clothier, *n.* ବସ୍ତ୍ର ପ୍ରସ୍ତୁତକାରୀ ବା ବିକ୍ରେତା, କାପଡ଼ିଆ ।
Clothing, *n.* 1. ବସ୍ତ୍ର, ପରିଚ୍ଛଦ, ପୋଷାକ; 2. ଆଚ୍ଛାଦନ ।
Clotty, *a.* ଜମାଟ୍, ଘନୀଭୂତ, ପିଣ୍ଡମୟ ।
Cloud, *n.* 1. ମେଘ, ଘନ, ଜଳଧର, ବାଉଦ, ବାଦଲ, ଧୂମଜାଲ, ଧୂଳିଜାଲ; 2. ଅନ୍ଧକାର, ଅସ୍ପଷ୍ଟତାକାରକ ବିଷୟ, ଭୟଜନକ ବିଷୟ, ଅସ୍ପଷ୍ଟତା, ଘୋରତା; 3. ଜନତା ।—*v.t.* 1. ମେଘାଚ୍ଛନ୍ନ-କ; 2. ଅସ୍ପଷ୍ଟ-କ, ଅନ୍ଧକାର-କ; 3. ମେଘବର୍ଣ୍ଣରେ ରଞ୍ଜିତ-କ; 4. ନିରାନନ୍ଦ-କ, ବିଷଣ୍ଣତା ଜନ୍ମାଇବାର; 5. ମଳିନ-କ, କଳଙ୍କିତ-କ ।—*v.i.* 1. ମେଘାଚ୍ଛାଦିତ-ହେ, କାଳିଲିପ୍ତ-କ; 2. ବିଷଣ୍ଣ-ହେ ।
Cloud-built, *a.* କଳ୍ପିତ, କାଳ୍ପନିକ ।
Cloud-burst, *n.* ମୂଷଳ ବୃଷ୍ଟି ।
Cloud-capped, cloud-capt, *a.* 1. ମେଘାଚ୍ଛାଦିତ, ମେଘାବୃତ; 2. ମେଘସ୍ପର୍ଶୀ, ଅଭ୍ରଂଲିହ ।
Clouded, *a.* 1. ମେଘୁଆ, ମେଘାଚ୍ଛନ୍ନ; 2. ଅସ୍ପଷ୍ଟ, ଅନୁଜ୍ଜ୍ୱଳ, ଅନ୍ଧକାରମୟ ।
Cloudily, *ad.* ମେଘାଚ୍ଛନ୍ନରୂପେ, ଅନ୍ଧକାରରୂପେ, [ଅସ୍ପଷ୍ଟରୂପେ ।
Cloudiness, *n.* 1. ମେଘାଚ୍ଛନ୍ନତା; 2. ଅସ୍ପଷ୍ଟତା, ଅନୁଜ୍ଜ୍ୱଳତା; 3. ବିଷଣ୍ଣତା ।
Cloudless, *a.* ମେଘଶୂନ୍ୟ, ନିର୍ମଳ, ଉଜ୍ଜ୍ୱଳ ।
Cloudlet, *n.* ସାନ ମେଘ, ମେଘଖଣ୍ଡ ।
Cloudy, *a.* 1. ମେଘୁଆ, ମେଘାଚ୍ଛନ୍ନ, ମେଘପୂର୍ଣ୍ଣ; 2. ମେଘବତ୍, ଅସ୍ପଷ୍ଟ; 3. ନିରାନନ୍ଦସୂଚକ, ଉତ୍କଣ୍ଠାସୂଚକ, ବୈରକ୍ତ୍ୟସୂଚକ; 4. ମେଘପରି ଦାଗଯୁକ୍ତ; 5. ଅନୁଜ୍ଜ୍ୱଳ, ଅନିର୍ମଳ ।—cloudy day, ଦୁର୍ଦ୍ଦିନ ।
Clough, *n.* *kluf*, 1. ଉପତ୍ୟକା; 2. ଖୋର ।
Clout, *n.* 1. ତାଳିକନା, ଚମଡ଼ାର ଟୁକୁଡ଼ା, ଛିଣ୍ଡା କନା; 2. ଚାପୁଡ଼ା; 3. ତୀରର ମଧ୍ୟସ୍ଥିତ ଚିହ୍ନ ।—*v.t.* ତାଳି ପକାଇବାର ।
Clouted, *p. a.* ତାଳିପୂର୍ଣ୍ଣ, ଜୁଡ଼ିତରୂପେ ମରାମତକରା ।
Clove, one of the two prets. of Cleave, to split.
Clove, *n.* ଲବଙ୍ଗ ଗଛ, ଲବଙ୍ଗ ।
Clove, *n.* କୋଷ, ପାଖୁଡ଼ା ।
Cloven, past *p.* of Cleave, to split.
Cloven-footed, cloven-hoofed, *a.* ଦ୍ୱିଖଣ୍ଡ ଖୁରବିଶିଷ୍ଟ, ଚିରଖୁରଯୁକ୍ତ ।
Clover, *n.* ତ୍ରିପତ୍ରକ ଘାସ ବିଶେଷ ।
Clown, *n.* 1. ଅସଭ୍ୟ ଗ୍ରାମ୍ୟ ଲୋକ, ଅସଭ୍ୟ ଲୋକ, ଗମାର, ଚଷାର ମୂର୍ଖ; 2. ଭଣ୍ଡ, ମସ୍ଖର ।
Clownish, *a.* ଗ୍ରାମ୍ୟ, ଅସଭ୍ୟ, ଅକାଟ, ଅଶିଷ୍ଟ ।
Cloy, *v.t.* ଅରୁଚି ଜନ୍ମାଇବାର ।
Cloying, *p. a.* ଅରୁଚିଜନକ, ଅତ୍ୟନ୍ତ ମିଷ୍ଟତା ହେତୁ କ୍ଲାନ୍ତିକର ।
Club, *n.* 1. ଠେଙ୍ଗା, ଗଦା, ମୁଦ୍ଗର; 2. ସଙ୍ଘ, ସମାଜ, ସମ୍ପ୍ରଦାୟ; 3. ତାସର ଚିଡ଼ିପାନ ।—*v.t.* 1. ଗଦାଘାତ-କ, ଗଦାପରି ବ୍ୟବହାର-କ; 2. ସାଧାରଣ ଉଦ୍ଦେଶ୍ୟ ସାଧନାର୍ଥେ ମିଶିବାର ।—*v.i.* ସାଧାରଣ ଉଦ୍ଦେଶ୍ୟରେ ଚାନ୍ଦା ଦେବା ନିମନ୍ତେ ମିଳିତ-ହେ ।
Club-foot, *n.* ବକ୍ର ପାଦ ।
Club-house, *n.* ସଙ୍ଘଗୃହ ।
Club-law, *n.* ଗଦା ଦ୍ୱାରା ଶାସନ ।
Club-room, *n.* ସଙ୍ଘଗୃହ, ସମାଜ କୋଠରି ।
Cluck, *v.i.* କୁକୁଡ଼ାର ଡାକ ପରି ଶବ୍ଦ-କ ।—*n.* କୁକୁଡ଼ାର ଡାକ ।
Clue, *n.* 1. ସୂତାର ପେଣ୍ଡୁ; 2. ପଥପ୍ରଦର୍ଶକ ସୂତ୍ର; 3. ସୂତ୍ର, ସନ୍ଧାନ, ତତ୍ତ୍ୱ ।
Clump, *n.* 1. ପିଣ୍ଡ, ଢେଲା, ମୋଟା କାଠଖଣ୍ଡ, କାଠମୁଣ୍ଡିଆ; 2. (ବୃକ୍ଷର) ଜୋଟା, ବୁଦାମାଳ ।—*v.t.* ଜୋଟା-କ ।
Clumsily, *ad.* ଅପଟୁରୂପେ, ଅକାମରୂପେ, କଦର୍ଯ୍ୟରୂପେ ।
Clumsiness, *n.* ଅପଟୁତା, ଅକାମପଣ, କଦର୍ଯ୍ୟଗଠନ ।
Clumsy, *a.* କଦର୍ଯ୍ୟଗଠନଯୁକ୍ତ, ଗଢ଼ଣରେ କଦର୍ଯ୍ୟ, ଅପଟୁ, ଅକାମ, ବଦାକାର, ଅସୁନ୍ଦର ।
Clung, *pret.* and past *p.* of Cling.
Cluster, *n.* 1. ପେଣ୍ଡା, ଥୋପା, କାନ୍ଦି, ପୁଞ୍ଜ; 2. ଯୂଥ, ଦଳ, ସମୂହ ।—*v.i.* 1. ଦଳବଦ୍ଧ-ହେ; 2. ପେଣ୍ଡା-ହେ, ଥୋପା-ହେ, କାନ୍ଦି ପକାଇବାର ।—*v.t.* ଏକତ୍ର-କ, ଦଳବଦ୍ଧ-କ ।
Clutch, *v.t.* ଯାମ୍ପି ଧରିବାର ।—*n.* 1. ମୁଠା, ମୁଷ୍ଟି, ହାତରେ ଧାରଣ, ଦୃଢ଼ରୂପେ ଧାରଣ; 2. ଯାହା ଦୃଢ଼ରୂପେ ଧରେ, ନଖ, ଜନ୍ତୁର ହସ୍ତ, ହାବୁଡ଼ ।
Clutter, *n.* ଗୋଳମାଳ, ଗୋଳ, ଲଣ୍ଡଭଣ୍ଡ ।—*v.i.* ଗୋଳମାଳ-କ ।—*v.t.* ଲଣ୍ଡଭଣ୍ଡ-କ, ଓଲଟପାଲଟ-କ ।
Clyster, *n.* ପିଚକାରିରେ ବ୍ୟବହୃତ ପାଣିଆ ବିରେଚକ ଦ୍ରବ୍ୟ, ପିଚକାରି ।
Coach, *n.* 1. ଚାରିଚକିଆ ଗାଡ଼ି ବିଶେଷ; 2. ଘରୋଇ ଶିକ୍ଷକ ।—*v.t.* ପଢ଼ାଇବାର, ଶିଖାଇବାର ।—*v.i.* 1. ଚାରିଚକିଆ ଗାଡ଼ିରେ ବସି ବୁଲିବାର; 2. ଘରୋଇ ଶିକ୍ଷକ ପାଖରେ ପଢ଼ିବାର ।

**Coach-box**, *n.* ଗାଡ଼ିଆନର ବସିବା ସ୍ଥାନ ।
**Coach-hire**, *n.* ଗାଡ଼ିର ଭଡ଼ା ।
**Coachman**, *n.* ଗାଡ଼ିଆନ, କଚୁଆନ, ସାରଥି ।
**Coact**, *v.t.* ଏକତ୍ରରେ କର୍ମ-କ ।
**Coactive**, *a.* 1. ସହକର୍ମକାରୀ ; 2. ବଳାତ୍କାରୀ, ପ୍ରବଳ ।
**Coadjutor**, *n.* ସହକାରୀ, ସହଯୋଗୀ, ସହାୟ ।
**Coadjutorship**, *n.* 1. ସହକାରୀର ପଦ; 2. ସାହାଯ୍ୟ ।
**Coadjutrix**, *n.* ସହକାରିଣୀ ।
**Coagency**, *n.* ସହକର୍ମକାରକତ୍ୱ, ଏକତ୍ର ଗୁମାସ୍ତାଗିରି ।
**Coagent**, *n.* ସହକର୍ମକାରକ, ସଙ୍ଗି ଗୁମାସ୍ତା, ସହାୟ ।
**Coagulable**, *a.* ଜମାଟ୍‌ଯୋଗ୍ୟ, ଘନୀଭୂତ ହେବା ଯୋଗ୍ୟ, ବସି ଯିବା ଯୋଗ୍ୟ ।
**Coagulate**, *v.t.* ବସାଇବାର, ଜମାଇବାର, ଘନୀଭୂତ-କ ।—*v.i.* ବସିବାର, ଜମିବାର, ଗାଢ଼-ହେ, ଘନୀଭୂତ-ହେ ।
**Coagulation**, *n.* ଘନୀଭାବ, ଗାଢ଼ ଦ୍ରବ୍ୟ ।
**Coagulum**, *n.* 1. ଜମାଟ୍ ଦ୍ରବ୍ୟ ; 2. ରକ୍ତପିଣ୍ଡ ।
**Coal**, *n.* 1. ପୋଡ଼ା କାଠ, କୋଇଲା, ଅଙ୍ଗାର; 2. ପଥର କୋଇଲା ।—to haul over the coals, ଜବାବ-ଦେହି-କ, ଭର୍ତ୍ସନା-କ । to carry coals to Newcastle, ତେଲ ମୁଣ୍ଡରେ ତେଲ ଢାଳିବାର । to heap coals of fire on one's head, ଅପକାର ପରିବର୍ତ୍ତେ ଉପକାର-କ ।—*v.t.* and *i.* କୋଇଲା ଯୋଗାଇବାର, କୋଇଲା ନେବାର ।
**Coalesce**, *v.i.* ସଂଲଗ୍ନ-ହେ, ସଂଯୁକ୍ତ-ହେ, ମିଳିବାର ।
**Coalescence**, *n.* ସଂଲଗ୍ନକରଣ, ସଂଯୋଗ, ମିଳନ, ଏକତା, ଐକ୍ୟଭାବ ।
**Coalescent**, *a.* ସଂଲଗ୍ନ, ସଂଯୁକ୍ତ, ମିଳିତ ।
**Coalition**, *n.* ସଂଯୁକ୍ତକରଣ, ସଂଯୋଗ, ମେଳ, ସମ୍ମିଳନ ।
**Coal-mine, coal-pit**, *n.* ପଥର କୋଇଲାର ଖଣି ।
**Coal-tar**, *n.* ଆଲକାତରା, କଟିତାର ।
**Coaly**, *a.* ଅଙ୍ଗାରବତ୍, କୋଇଲାମୟ ।
**Coarse**, *a.* 1. ମୋଟା, ବଗଡ଼ା, ସ୍ଥୂଳ; 2. ନିକୃଷ୍ଟ, ନୀଚ, ଅପରିଷ୍କୃତ; 3. ଅସଭ୍ୟ, ଅଶ୍ଳୀଳ ।
**Coarse-grained**, *a.* 1. ମୋଟା ତେରମୟ, ତେରୁଆ, ମୋଟା ସୂତାମୟ; 2. ଅଶିଷ୍ଟ, ଅସଭ୍ୟ ।
**Coarsely**, *ad.* 1. ମୋଟାରୂପେ ; 2. ଅଶିଷ୍ଟରୂପେ, ଅସଭ୍ୟରୂପେ ।
**Coarseness**, *n.* 1. ସ୍ଥୂଳତା, ଅସୂକ୍ଷ୍ମତା ; 2. ଅସଭ୍ୟତା ।
**Coast**, *n.* (ସୀମା), କିନାର, କୂଳ, ତଟ, ସମୁଦ୍ରତୀର ।—the coast is clear, ବିପଦ ଶେଷ ହୋଇଅଛି ।—*v.i.* ଜାହାଜରେ କୂଳେ କୂଳେ ଯିବାର ।—*v.t.* କୂଳେ କୂଳେ (ଜାହାଜ ବା ନୌକା) ଚଳାଇବାର ।
**Coaster**, *n.* ଯେ ବା ଯାହା ସମୁଦ୍ର ମଧ୍ୟରେ ନ ଯାଇ କୂଳେ କୂଳେ ଯାତ୍ରା କରେ, ଉପକୂଳପୋତ ।
**Coasting**, *p.a.* କୂଳେ କୂଳେ ଗତାୟାତକାରୀ ।
**Coat**, *n.* 1. କୁର୍ତ୍ତି, କୋଟ୍, ପୁରୁଷର ଅଙ୍ଗରଖା, ଉତ୍ତରୀୟ ବସ୍ତ୍ର ବିଶେଷ; 2. ପଶ୍ୱାଦିର ଆବରକ ଚର୍ମ, ଛାଲ, ଆଚ୍ଛାଦନ ; 3. (ରଙ୍ଗର) ପୋଚ ।—coat of arms, କୌଳିକ ଚିହ୍ନ । coat of mail, ସାଞ୍ଜୁଆ, ବର୍ମ୍ମ ।—*v.t.* ପୋଚ-ଦେ, ଲେପିବାର, ମ୍ରକ୍ଷିତ-କ ।
**Coating**, *n.* 1. ଆଚ୍ଛାଦନ ; 2. ପୋଚ, ଲେପନ, ମ୍ରକ୍ଷଣ ; 3. କୁର୍ତ୍ତିର ଲୁଗା ।
**Coax**, *v.t.* ମିଷ୍ଟ ବାକ୍ୟରେ ବଶ-କ, ଫୁସୁଲାଇବାର, ମିଠା କଥାରେ ବଶ-କ ।
**Coaxingly**, *ad.* ଫୁସୁଲାଇବା କ୍ରମେ ।
**Cob**, *n.* 1. ପିଣ୍ଡୁଳା, ଗୋଲ ଗଣ୍ଠି, ଗୋଲ ମୁଣ୍ଡ; 2. ମକ୍କା ଅଦର ମୁଣ୍ଡ; 3. ବଳୁଆ ଟଟ୍ଟୁ; 4. ବାଲିଗରଡ଼ା ।
**Cobalt**, *n.* ନୀଳ ବର୍ଣ୍ଣୋତ୍ପାଦକ ଧାତୁ ବିଶେଷ, ନୀଳ ରଙ୍ଗ ।
**Cobble**, *n.* ବାଲିଗରଡ଼ା ।
**Cobble**, *v.t.* ମୋଟାରୂପେ ମରାମତ-କ, ଅକାମରୂପେ କାର୍ଯ୍ୟ-କ ।
**Cobbler**, *n.* ଯୋତା ଟାଳିବା ମୋଚି, ଅକାମରୂପେ କର୍ମକାରୀ ।
**Cobra, cobra-de-capello**, *n.* ଗୋଖର ।
**Cobweb**, *n.* ବୁଢ଼ିଆଣିର ଜାଲ, ମାକଡ଼ସାର ଜାଲ, ଲୂତାର ଜାଲ, ଜାଲ, ଫାନ୍ଦ ।—*v.t.* 1. ବୁଢ଼ିଆଣିର ଜାଲରେ ଆଚ୍ଛାଦିତ-କ; 2. ବୁଢ଼ିଆଣିର ଜାଲ ଭଳି ପକାଇବାର ।
**Coca**, *n.* ଦକ୍ଷିଣ ଆମେରିକାର ଗଛ ବିଶେଷ ବା ତାହାର ଶୁଷ୍କ ପତ୍ର ।
**Cocaine**, *n.* ଉପରୋକ୍ତ ଗଛରୁ ପ୍ରସ୍ତୁତ ଔଷଧ ଯାହା ବେଦନା ନିବାରଣ କରେ ।
**Cocculus**, *n.* କାକମାରୀ ।
**Coccyx**, *n.* ମେରୁ ଦଣ୍ଡର ଶେଷ ହାଡ଼ ।
**Cochineal**, *n.* ରଙ୍ଗୋତ୍ପାଦକ କୀଟ ବିଶେଷ, କ୍ରିମିଦାନା ।
**Cock**, *n.* 1. ଗଞ୍ଜା, କୁକ୍କୁଟ, ପୁଂପକ୍ଷୀ ; 2. ଗଞ୍ଜାକୃତ ବାୟୁ-ପ୍ରଦର୍ଶନୀ, ବାୟୁପ୍ରଦର୍ଶନୀ; 3. ପ୍ରଧାନ ବ୍ୟକ୍ତି, (humourous) ; 4. ଟୁଙ୍ଗି, ନଳ ; 5. ନିକ୍ତି କଣ୍ଟା ; 6. ବନ୍ଧୁକର ଘୋଡ଼ା ; 7. ଠିଆକରଣ ।—*v.t.* ଠିଆ କରାଇବାର, (ବନ୍ଧୁକର ଘୋଡ଼ା) ଚଢ଼ାଇବାର, ଟେକିବାର । [ଗଦା-କ ।
**Cock**, *n.* ଶୁଖିଲା ଘାସଗଦା ।—*v.t.* (ଶୁଖିଲା ଘାସ)
**Cockade**, *n.* ସୈନ୍ୟର ଟୋପିର ଫିତା ବାଂଫୁଲ ।
**Cock-a-hoop**, *a.* ଗଞ୍ଜାପରି ଫୁଲା, ଜୟୀ, ଆହ୍ଲାଦିତ, ଉଲ୍ଲାସିତ ।
**Cock-and-bull**, *a.* କଳ୍ପିତ, କାଳ୍ପନିକ, ଅମୂଳକ, ବୃଥା ।
**Cockatoo**, *n.* କାକାତୁଆ ।
**Cockatrice**, *n.* କାଳ୍ପନିକ ଜନ୍ତୁ ବିଶେଷ, (କୁକ୍କୁଟୀ ଜନ୍ମିତ କଳ୍ପିତ ସର୍ପ) ।
**Cock-boat**, *n.* ଜାହାଜର କ୍ଷୁଦ୍ର ନୌକା ।
**Cock-crow, cock-crowing**, *n.* କୁକ୍କୁଟର ଡାକିବା ସମୟ, ପ୍ରଭାତ ।
**Cocked**, *p. a.* ଠିଆ ।—cocked hat, ଟୋପି ଯାହାର କିନାର ମୋଡ଼ା ହୋଇ ଥିବାରୁ ତିନି କୋଣିଆ ହୁଏ ।
**Cocker**, *n.* କୁକ୍କୁଟ କ୍ରୀଡ଼ାକାରକ ।
**Cocker**, *v.t.* ଅତିଯତ୍ନ-କ, ସୁଆଗ-କ, ଗେହ୍ଲା-କ ।
**Cockerel**, *n.* 1. ଯୁବା ଗଞ୍ଜା ; 2. ଯୁବା ଲୋକ ।

**Cocket**, *n.* ମାସୁଲର ରସିଦଚିଠି ।
**Cock-fight**, *n.* ଗଞ୍ଜାଲଢାଇ, କୁକ୍କୁଟଯୁଦ୍ଧ ।
**Cockle**, *n.* ଖାଇବାର ବାଲୁଙ୍ଗା ଘାସ ବିଶେଷ ।
**Cockle**, *n.* ଶାମୁକା, ଶାମୁକ ।—*v.i.* ସଙ୍କୋଚ-ହେ, ମୋଡ଼ି ହୋଇ ଯିବାର, କୁଣ୍ଢୁଆ-ହେ ।—*v.t.* ସଙ୍କୋଚ-କ, କୁଣ୍ଢୁଆ-କ ।
**Cock-loft**, *n.* ଘରର ମଥା ନିକଟରେ ଥିବା କୋଠରି, ଚନ୍ଦ୍ରଶାଳା, ଶିରୋଗୃହ ।
**Cockney**, *n.* ଲଣ୍ଡନ ନଗରୀୟ ଲୋକର ପରିହାସକ ନାମ ।
**Cock-pit**, *n.* 1. ଗଞ୍ଜା ଲଢାଇର ସ୍ଥାନ; 2. ହତ ଲୋକଙ୍କର କ୍ଷତାଦି ବାନ୍ଧିବା ନିମନ୍ତେ ଯୁଦ୍ଧଜାହାଜରେ ଥିବା କୋଠରି ।
**Cockroach**, *n.* ଅସରପା, ତେଲଚଟା ।
**Cock's-comb**, *n.* 1. ଗଞ୍ଜାର ଚୂଳ, କୁକ୍କୁଟର ଜଟ; 2. ମସ୍ଖରାର ଟୋପି; 3. ଫୁଲ ଗଛ ବିଶେଷ; 4. ଫୁଲବାବୁ, ବିଳାସୀଲୋକ ।
**Cocksure**, *a.* ନିଃସନ୍ଦେହରେ ନିଶ୍ଚିତ, (colloquial).
**Cockswain, coxswain**, *n.* *koksn* ନୌକାର ମାଝି ।
**Cocoa**, *n.* see Cacao.
**Coco-nut, (cocoa-nut)**, *n.* ନଡିଆଗଛ ଓ ଫଳ, ନାରିକେଳ ।—green coco-nut, ପାଣିଭଡା ।
**Cocoon**, *n.* ଗୁଟିପୋକର ଗୁଟି, ଗୁଟିକା, କୁଆ ।
**Coction**, *n.* ସିଦ୍ଧକରଣ, ପାକ, ଜୀର୍ଣ୍ଣ ।
**Cod**, *n.* ସାମୁଦ୍ରିକ ମତ୍ସ୍ୟ ବିଶେଷ ।
**Cod**, *n.* ବୀଜକୋଷ, ଖୋସା ।   [ଲୋକ ।
**Coddle**, *v.t.* ସୁଆଗ-କ, ଗେହ୍ଲା-କ ।—*n.* ଗେହ୍ଲା
**Code**, *n.* 1. ବ୍ୟବସ୍ଥାସଂହିତା, ଆଇନ୍‌ସଂଗ୍ରହ, ବିଧି; 2. ଖବର ଦେବା ପାଇଁ ସଂକ୍ଷିପ୍ତ ଚିହ୍ନର ଧାରା ।
**Codex**, *n. pl.* codices, 1. ହସ୍ତଲିପି ଗ୍ରନ୍ଥ; 2. ଚିକିତ୍ସାପୁସ୍ତକସମୂହ; 3. ଆଇନ୍‌ସଂଗ୍ରହ ।
**Codicil**, *n.* ଦାନପତ୍ରର ଯୋଡ଼ପତ୍ର ।
**Codification**, *n.* ବ୍ୟବସ୍ଥାକୁ ସଂହିତାକାରେ ବଦ୍ଧକରଣ ।
**Codify**, *v.t.* (ବ୍ୟବସ୍ଥାକୁ) ସଂହିତାକାରେ ବଦ୍ଧ-କ ।
**Cod-liver oil**, *n.* ମାଛତେଲ, କଡ ମାଛର ତେଲ ।
**Coefficient**, *a.* ସହସାଧକ, ସହଉପକାରୀ, ସହକାରୀ ।—*n.* 1. ସହଉପକାରକ, ସହକାରିତା, ସଂଯୋଗିତା, ଯୋଜକ; 2. ବୀଜଗଣିତର ସଂଜ୍ଞା ବିଶେଷ; 3. ଦ୍ରବ୍ୟ ଗୁଣର ପରିମାଣ ।
**Coemption**, *n.* କୌଣସି ଦ୍ରବ୍ୟର ସମୁଦାୟ କ୍ରୟକରଣ, ମୋଟରେ କ୍ରୟ ।
**Coequal**, *a.* ସମତୁଲ୍ୟ, ପରାକ୍ରମ ବା ମର୍ଯ୍ୟାଦାରେ ସମତୁଲ୍ୟ, ସମାନପଦସ୍ଥ, ସମଭାବ ।—*n.* ସମତୁଲ୍ୟ ବ୍ୟକ୍ତି ।
**Coequality**, *n.* ସମତୁଲ୍ୟତା, ସମାନାବସ୍ଥା, ତୁଲ୍ୟପଦତ୍ୱ ।
**Coerce**, *v.t.* କ୍ଷମତା ବା ବ୍ୟବସ୍ଥା ଦ୍ୱାରା ଦମନ-କ, ଦମନ-କ, ବାଧ୍ୟ କରାଇବାର, ବଳପୂର୍ବକ କରାଇବାର ।
**Coercible**, *a.* ଦମନ   ନିବାରଣୀୟ ।
**Coercion**, *n.* 1. ଦମନ, ନିବାରଣ; 2. ବଳାତ୍କାର, ଜୋର; 3. ବଳାତ୍କାରଶାସନ ।
**Coercive**, *a.* ଦମନକ୍ଷମ, ବଳାତ୍କାରକ ।
**Coessential**, *a.* ସମସାର, ସମଧର୍ମକ ।
**Coessentiality**, *n.* ସମସାରତା, ସମସ୍ୱଭାବବିଶିଷ୍ଟତା ।
**Coessentially**, *ad.* ସମଧର୍ମକରୂପେ ।
**Coeternal**, *a.* ତୁଲ୍ୟାନନ୍ତ, ସମନିତ୍ୟ ।
**Coeternity**, *n.* ତୁଲ୍ୟନିତ୍ୟତା, ସମାନ ଅନନ୍ତତା ।
**Coeval**, *a.* ସମକାଳୀନ, ସମକାଳସ୍ଥାୟୀ, ସମସାମୟିକ ।—*n.* ସମସାମୟିକ ଲୋକ, ସମବୟସ୍କ ଲୋକ ।
**Coexecutor**, *n.* ମୃତ ଲୋକର ଦାନପତ୍ରରେ ଲିଖିତ ସହତତ୍ତ୍ୱାବଧାରକ ।
**Coexist**, *v.i.* ସମକାଳସ୍ଥାୟୀ-ହେ, ସମଜୀବୀ-ହେ ।
**Coexistence**, *n.* ସମସ୍ଥିତି, ଏକକାଳାବସ୍ଥାନ, ସହଜୀବନ, ସହବର୍ତ୍ତମାନ ।
**Coexistent**, *a.* ସମକାଳସ୍ଥାୟୀ, ସମଜୀବୀ ।
**Coextend**, *v.i.* ସମବ୍ୟାପୀ-ହେ, ସମସ୍ଥାନବ୍ୟାପୀ-ହେ, ସମକାଳବ୍ୟାପୀ-ହେ ।
**Coextensive**, *a.* ସମବ୍ୟାପୀ ।
**Coextensively**, *ad.* ସମବ୍ୟାପିରୂପେ ।
**Coffee**, *n.* କାଫୀ ଗଛ ଓ ଫଳ, କାଫୀ, କାଓଆ ।
**Coffee-pot**, *n.* କାଫିଦାନୀ ।
**Coffer**, *n.* ଟଙ୍କାର ସିନ୍ଦୁକ, ଧନାଧାର, ସୁନାରୁପାଦି ରଖିବା ସିନ୍ଦୁକ ।—*v.t.* ଧନାଧାରରେ ରଖିବାର, ସଞ୍ଚୟ-କ ।
**Coffin**, *n.* ଶବାଧାର, ମଡାର ସିନ୍ଦୁକ ।—*v.t.* ଶବାଧାରରେ ରଖିବାର ।
**Cog**, *v.t.* and *i.* ପ୍ରବଞ୍ଚନା-କ, ଠକିବାର, ଫୁସଲାଇବାର, used generally in regard to dice.
**Cog**, *n.* ଚକାଦିର ଦନ୍ତ, ପାନ ।—*v.t.* ଦନ୍ତବିଶିଷ୍ଟ-କ ।
**Cogency**, *n.* ସାମର୍ଥ୍ୟ, ଶକ୍ତି, ପ୍ରଭାବ, ପ୍ରବର୍ତ୍ତାଇବା ଶକ୍ତି, ନୈତିକ ବା ନ୍ୟାୟସଙ୍ଗତ ପ୍ରଭାବ, ପ୍ରବର୍ତ୍ତନା, ସିଦ୍ଧାନ୍ତକାରକ ଗୁଣ ।
**Cogent**, *a.* ପ୍ରବଳ, ପରାକ୍ରାନ୍ତ, ଅନିବାର୍ଯ୍ୟ, ଦୃଢବୋଧକ ।
**Cogently**, *ad.* ପ୍ରବଳରୂପେ, ଅନିବାର୍ଯ୍ୟରୂପେ, ସିଦ୍ଧାନ୍ତରୂପେ, ଦୃଢବୋଧପୂର୍ବକ ।
**Cogitable**, *a.* ଚିନ୍ତାଯୋଗ୍ୟ, ଚିନ୍ତନୀୟ, ଭାବନାର୍ହ, ବିଚାରଣୀୟ, ବୁଦ୍ଧିବୋଧ୍ୟ, ବୋଧନୀୟ ।
**Cogitate**, *v.i.* ଚିନ୍ତା-କ, ଧ୍ୟାନ-କ, ବିବେଚନା-କ ।
**Cogitation**, *n.* 1. ଗଭୀର ଚିନ୍ତା, ଧ୍ୟାନ, ଭାବନା, ବିବେଚନା; 2. ବୋଧ, ଭାବନାର ବିଷୟ, କଳ୍ପନା ।
**Cogitative**, *a.* ବିବେଚନାକ୍ଷମ, ଧ୍ୟାନଶୀଳ, ଚିନ୍ତାପର, ଚିନ୍ତାଶୀଳ ।   [ବିଶେଷ ।
**Cognac**, *n.* kŏ'-nyak, (French), ବ୍ରାଣ୍ଡି ଶରାବ
**Cognate**, *a.* 1. ସହଜାତ, ସ୍ୱଜାତୀୟ, ଏକଜାତୀୟ, ସମଗୁଣବିଶିଷ୍ଟ; 2. ଏକମୂଳ ଧାତୁରୁ ଜାତ; 3. ରକ୍ତସମ୍ପର୍କୀୟ ।—*n.* 1. ସଜାତି, ସଗୋତ୍ର; 2. (in law), ମାତୁଳାଦି, 3. ଏକ ଜାତୀୟ ବିଷୟ, ସମଗୁଣବିଶିଷ୍ଟ ବିଷୟ ।   [ସମ୍ବନ୍ଧ ।
**Cognation**, *n.* ସଜାତିତ୍ୱ, ସଗୋତ୍ରତା, ରକ୍ତସମ୍ପର୍କ,
**Cognition**, *n.* 1. ବୁଦ୍ଧିବୃତ୍ତି; 2. ଜ୍ଞାନ, ପ୍ରଜ୍ଞାନ, ବୋଧ, ଜ୍ଞାତ ବିଷୟ ।

**Cognitive**, *a.* ଜ୍ଞାନସମ୍ବନ୍ଧୀୟ, ବୁଦ୍ଧି ଦ୍ୱାରା ଜ୍ଞାତ ।

**Cognizable, cognisible**, *a.* 1. ଜ୍ଞାତବ୍ୟ, ଜ୍ଞେୟ, ବୋଧଗମ୍ୟ, ବୋଧ୍ୟ; 2. ବିଚାର୍ଯ୍ୟ, ଗ୍ରାହ୍ୟ, ଅନୁସନ୍ଧେୟ, ଅଭିଯୋକ୍ତବ୍ୟ ।

**Cognizance**, *n.* 1. ଜ୍ଞାନ, ପରିଚୟ, ବୋଧ, ସ୍ୱୀକାର; 2. ବିଚାର; 3. ବିଚାରାଧିକାର; 4. ଚିହ୍ନ ।

**Cognizant**, *a.* ଜ୍ଞାତ, ବିଚାରକ୍ଷମତାବିଶିଷ୍ଟ ।

**Cognomen**, *n.* 1. ରୋମୀୟ ଲୋକର କୁଳସଂଜ୍ଞା; 2. ଉପନାମ, ପଦବୀ, ସଂଜ୍ଞା ।

**Cognominal**, *a.* ଉପନାମସମ୍ବନ୍ଧୀୟ, ସଂଜ୍ଞାସମ୍ବନ୍ଧୀୟ ।

**Cognoscible**, *a.* ଜ୍ଞେୟ, ବୋଧ୍ୟ, ଅଦାଲତରେ ବିଚାର୍ଯ୍ୟ ।

**Cog-wheel**, *n.* ଦନ୍ତବିଶିଷ୍ଟ ଚକ୍ର ।

**Cohabit**, *v.i.* ସହବାସ-କ, ସଙ୍ଗମ-କ ।

**Cohabitation**, *n.* ସହବାସ, ସଙ୍ଗମ ।

**Coheir**, *n.* ସମୋତ୍ତରାଧିକାରୀ, ସମାଧିକାରୀ ।

**Coheiress**, *n.* ସମୋତ୍ତରାଧିକାରିଣୀ ।

**Cohere**, *v.i.* 1. ସଂଲଗ୍ନ-ହେ, ଲାଗିରହିବାର; 2. ସଙ୍ଗତ-ହେ ।

**Coherence, coherency**, *n.* 1. ସଂଲଗ୍ନତା, ସଂଯୋଗ, ଏକତା; 2. ସଙ୍ଗତି, ଅବରୋଧ ।

**Coherent**, *a.* 1. ସଂଲଗ୍ନ, ସଂଯୁକ୍ତ, ସମ୍ମିଳିତ; 2. ସଙ୍ଗତ, ଅବିରୁଦ୍ଧ; 3. ଉପଯୁକ୍ତ ।

**Coherently**, *ad.* ସଙ୍ଗତରୂପେ, ସମ୍ମିଳିତରୂପେ ।

**Cohesion**, *n.* ସଂଯୋଗ, ସଂଲଗ୍ନତା, ସମ୍ବନ୍ଧ ।

**Cohesive**, *a.* ସଂଯୋଜକ, ସଂଲଗ୍ନକ, ସଂଲଗ୍ନଶୀଳ ।

**Cohesiveness**, *n.* ସଂଯୋଜକତା ।

**Cohobate**, *v.t.* ଦୁଇ ବା ଅନେକ ଥର ଚୁଆଇବାର ।

**Cohort**, *n.* ପ୍ରାଚୀନ ରୋମୀୟ ପଞ୍ଚଶତ ସଂଖ୍ୟକ ସୈନ୍ୟ ଦଳ, ସୈନ୍ୟ ଦଳ ।

**Coiffure**, *n.* 1. କେଶବନ୍ଧନ; 2. ମସ୍ତକାବରଣ, ଶିରସ୍ତ୍ରାଣଟୋପି ।

**Coil**, *v.t.* ଚକ୍ରା କରି ଗୁଡ଼ାଇବାର, କୁଣ୍ଡଳୀ-କ ।—*n.* କୁଣ୍ଡଳୀ, ଗୁଡ଼ା, ଚକ୍ରାକରଣ ।—*v.i.* ଗୁଡ଼ାଇ-ହେ ।

**Coil**, *n.* ଘାବରପଣ, ଗଣ୍ଡଗୋଳ, ଧୁମ୍ଧାମ୍ ।

**Coin**, *n.* ମୁଦ୍ରା, ଟଙ୍କା ପଇସା ଆଦି ।—*v.t.* 1. ମୁଦ୍ରା ପ୍ରସ୍ତୁତ-କ; 2. ଉଦ୍ଭାବନ-କ, ସୃଷ୍ଟି-କ; 3. ଶୀଘ୍ର ଲାଭ-କ ।

**Coinage**, *n.* 1. ମୁଦ୍ରା ପ୍ରସ୍ତୁତକରଣ ବା ପ୍ରସ୍ତୁତ କରିବା କୌଶଳ; 2. ମୁଦ୍ରାସମୂହ; 3. କଳ୍ପନା, ଉଦ୍ଭାବନ; 4. ଉଦ୍ଭାବିତ କଥା ।

**Coincide**, *v.i.* 1. ସମସ୍ଥାନବ୍ୟାପୀ-ହେ, ମିଳିତ-ହେ, ସମସମୟରେ ଘଟିବାର; 2. ଐକ୍ୟ-ହେ, ଏକଚିତ୍ତ-ହେ, ସମ୍ମତ-ହେ; we coincide *with* a person or *in* an opinion.

**Coincidence**, *n.* 1. ଐକ୍ୟ, ଏକଚିତ୍ତତା, ମେଳ; 2. ସମାନ ଘଟଣା, ସଂଘଟନ; 3. ଅନୁରୂପତା ।

**Coincident**, *a.* ସମସ୍ଥାନବ୍ୟାପୀ, ସମସାମୟିକ, ସମକାଳୀନ, ଅନୁରୂପ ।

**Coincidently**, *ad.* ଐକ୍ୟପୂର୍ବକ, ସଂଘଟନପୂର୍ବକ ।

**Coiner**, *n.* ମୁଦ୍ରା ପ୍ରସ୍ତୁତକାରୀ, ମେକି ଟଙ୍କା ପ୍ରସ୍ତୁତକାରୀ, କୃତ୍ରିମକାରୀ, ଉଦ୍ଭାବକ ।

**Co-inhere**, *v.i.* ଏକତ୍ରସ୍ଥିତ-ହେ ।

**Coir**, *n.* ନଡ଼ିଆ କତା ।

**Coition**, *n.* ସଙ୍ଗମ, ସ୍ତ୍ରୀସଂସର୍ଗ, ମୈଥୁନ ।

**Coke**, *n.* ପୋଡ଼ା ପଥୁରିଆ କୋଇଲା ।—*v.t.* କୋଇଲା-କ ।—*v.i.* କୋଇଲା-ହେ ।

**Colander**, *n.* ଛାଣିବାର ପାତ୍ର ବିଶେଷ, ଛଣା ।

**Cold**, *a.* 1. ଅନୁଷ୍ଣ, ଶୀତଳ, ଥଣ୍ଡା, ଶୀତାର୍ତ୍ତ; 2. ଉଦାସୀନ, ଅନାସକ୍ତ, ଉତ୍ସାହଶୂନ୍ୟ, ନିସ୍ତେଜ ।—in cold blood, ଉଦ୍ବେଗ ଓ କ୍ରୋଧରହିତ । to give, turn or show the cold shoulder, ଉପେକ୍ଷା-କ ।—*n.* 1. ଅନୁଷ୍ଣତା, ଶୀତ; 2. ସର୍ଦ୍ଦି, ଶ୍ଳେଷ୍ମ ।

**Cold-blooded**, *a.* ଶୀତଳ ରକ୍ତବିଶିଷ୍ଟ, ନିର୍ଦ୍ଦୟ, କଠିନ ।

**Cold-chisel**, *n.* ଲୁହା ଆଦି କାଟିବା ବଟାଳି ।

**Cold-hearted**, *a.* ନିର୍ଦ୍ଦୟ, ସ୍ନେହଶୂନ୍ୟ, ଉଦାସୀନ ।

**Coldish**, *a.* ଈଷତ୍ ଶୀତଳ ।

**Coldly**, *ad.* 1. ଶୈତ୍ୟଭାବରେ; 2. ଉଦାସୀନରୂପେ, ଅନାଳାପିଭାବେ, ଅପ୍ରିୟରୂପେ, ଅମନୋଯୋଗପୂର୍ବକ; 3. ସ୍ଥିରମନରେ, ନିରପେକ୍ଷଭାବେ ।

**Coldness**, *n.* ଶୀତଳତା, ଅମନୋଯୋଗିତା, ନୀରସଭାବ, ଅନାଳାପୀ ସ୍ୱଭାବ ।

**Cole**, *n.* କୋବି ଶାକର ସାଧାରଣ ନାମ ।

**Colewort**, *n.* କୋବି ବିଶେଷ ।

**Colic**, *n.* ପେଟବଥା, ବାୟୁଶୂଳ ।—*a.* 1. ବଡ ଅନ୍ତ୍ରସମ୍ବନ୍ଧୀୟ; 2. ବାୟୁଶୂଳଯୁକ୍ତ ।

**Colicky**, *a.* ବାୟୁଶୂଳସମ୍ବନ୍ଧୀୟ, ବାୟୁଶୂଳଜନକ ।

**Collaborate**, *v.i.* ସହକର୍ମକାରୀ-ହେ ।

**Collaboration**, *n.* ଏକତ୍ରେ କର୍ମକରଣ, ମିଳିତ ପରିଶ୍ରମ ।

**Collaborator, collaborateur**, *n.* ସହକର୍ମକାରୀ ବିଶେଷତଃ ସାହିତ୍ୟ ବା ବିଜ୍ଞାନରେ ସହକର୍ମକାରୀ ।

**Collapse**, *v.i.* 1. ଏକତ୍ର ହୋଇ ପଡ଼ିବାର, ଏକତ୍ର ପଡ଼ି ବସି ଯିବାର; 2. ଅକୃତକାର୍ଯ୍ୟ-ହେ; 3. ସ୍ୱାସ୍ଥ୍ୟଭଙ୍ଗ-ହେ, ଉତ୍ସାହଭଙ୍ଗ-ହେ, ଅବସନ୍ନ-ହେ ।—*n.* 1. ଏକତ୍ର ପତନ; 2. ଅବସାଦ, ମୂର୍ଚ୍ଛା; 3. ଅକୃତକାର୍ଯ୍ୟତା; 4. ସ୍ୱାସ୍ଥ୍ୟଭଙ୍ଗ, ଉତ୍ସାହଭଙ୍ଗ ।

**Collapsible, collapsable**, *a.* ସଙ୍କୋଚଗୁଣବିଶିଷ୍ଟ ।

**Collar**, *n.* 1. ଗଳାବନ୍ଧ; 2. ହଁସଲି, ହଲକା; 3. ଗଳାବନ୍ଧରୂପ ପଦାର୍ଥ ।—*v.t.* 1. ଗଳା ଧରିବାର; 2. ଗଳାବନ୍ଧ ପିନ୍ଧିବାର ।—to slip the collar, ମୁକ୍ତ-ହେ ।

**Collar-bone**, *n.* କଣ୍ଠାସ୍ଥି, ହଁସଲି ।

**Collatable**, *a.* ତୁଳନାଯୋଗ୍ୟ ।

**Collate**, *v.t.* ମିଳାଇବାର, ତୁଳନା-କ, ମୁକାବିଲା-କ ।

**Collateral**, *a.* 1. ପାର୍ଶ୍ୱସ୍ଥ, ନିକଟ, ପାଖେ ପାଖେ, ଲଗାଲଗି; 2. ଜ୍ଞାତିସମ୍ପର୍କୀୟ; 3. ଆନୁଷଙ୍ଗିକ, ସମ୍ପର୍କୀୟ; 4. ସମର୍ଥନକାରୀ, ସାହାଯ୍ୟକାରକ ।—*n.* ଜ୍ଞାତି ।

**Collaterally**, *ad.* 1. ଲଗାଲଗିରୂପେ; 2. ଆନୁଷଙ୍ଗିକରୂପେ ।

**Collation**, 1. ମୁକାବିଲା, ତୁଳନା; 2. ଅଳ୍ପାହାର, ଜଳପାନ ।

**Collator,** *n.* ସଂଗ୍ରହକାରୀ ଓ ମୂଳାବଲମ୍ବୀ, ତୁଳନାକାରୀ ।

**Colleague,** *n.* ସହକର୍ମକାରୀ, ସହଯୋଗୀ, ସହକାରୀ, never used of partners in trade but only in connection with civil or ecclesiastical matters.

**Collect,** *v.t.* 1. ଏକଠା-କ, ଏକତ୍ର-କ, ସାଉଣ୍ଟିବାର, ସଂଗ୍ରହ-କ, ସଞ୍ଚୟ-କ; 2. ଅଦାୟ-କ ; 3. ନିଜ ବଶରେ ଆଣିବାର ।—to collect one's self, ମନକୁ ସ୍ଥିର-କ, ପ୍ରକୃତସ୍ଥ-ହେ ।—*v.i.* ଏକଠା-ହେ, ସଞ୍ଚିତ-ହେ ।—*n.* ସାମୟିକ ସଂକ୍ଷିପ୍ତ ପ୍ରାର୍ଥନା ।

**Collected,** *p.a.* ସ୍ଥିରମନା, ଧୀର, ପ୍ରକୃତସ୍ଥ, ନିଶ୍ଚଳଚିତ୍ତ ।

**Collectedly,** *ad.* ସ୍ଥିରମନରେ, ପ୍ରକୃତସ୍ଥଭାବେ ।

**Collectedness,** *n.* ସ୍ଥିରତା, ଅଚଞ୍ଚଳତା ।

**Collection,** *n.* 1. ସଂଗ୍ରହ, ସଞ୍ଚୟ ; 2. ସଂଗୃହୀତ ନିକ୍ଷ ଅର୍ଥ; 3. ପୁଞ୍ଜ; 4. ରାଶି ।

**Collective,** *a.* 1. ସଂଗୃହୀତ, ଏକତ୍ରୀଭୂତ; 2. ବହୁବାଚକ ।

**Collectively,** *ad.* ସକଳେ, ସଂଗୃହୀତରୂପେ, ଏକତ୍ରୀଭୂତରୂପେ, ସମୁଦାୟରେ, ସଂଯୋଗରେ, ମିଳିତରୂପେ ।

**Collector,** *n.* 1. ସଂଗ୍ରହକାରୀ, ଏକତ୍ରକାରକ; 2. କଲେକ୍ଟର ସାହେବ, (ରାଜସ୍ୱର) ତହସୀଲଦାର ।

**Collectorate, collectorship,** *n.* ରାଜସ୍ୱ ଅଦାୟକର ପଦ ବା ତାଙ୍କର ଅଧୀନସ୍ଥ ଜିଲ୍ଲା ।

**College,** *n.* 1. ସଭା, ସମାଜ, ସାହିତ୍ୟ ସଭା ; 2. ବିଦ୍ୟାଳୟ, ଚୌପାଢ଼ୀ, ଚତୁଷ୍ପାଠୀ ।

**Collegial,** *a.* ବିଦ୍ୟାଳୟସମ୍ବନ୍ଧୀୟ । [ବିଦ୍ୟାର୍ଥୀ ।

**Collegian,** *n.* ବିଦ୍ୟାଳୟର ସଭ୍ୟ, ବିଦ୍ୟାଳୟସ୍ଥ ଛାତ୍ର,

**Collegiate,** *a.* ବିଦ୍ୟାଳୟସମ୍ବନ୍ଧୀୟ, ବିଦ୍ୟାଳୟବିଶିଷ୍ଟ ।

**Collet,** *n.* ମୁଦ୍ରିକାର ପ୍ରସ୍ତରଧାର, ମୁଦିର ମଣିବନ୍ଧନସ୍ଥାନ ।

**Collide,** *v.i.* 1. ପରସ୍ପର ଆଘାତ-କ, ଧକ୍କା ଲାଗିବାର; 2. ବିରୁଦ୍ଧଭାବେ ସମ୍ମୁଖାସମ୍ମୁଖି ହେ ।

**Collie, colly,** *n.* ମେଷରକ୍ଷକ କୁକ୍କୁର ବିଶେଷ ।

**Collier,** *n.* 1. ପଥର କୋଇଲା ଖୋଳିବା ଲୋକ ; 2. କୋଇଲା ବାହକ ଜାହାଜ ।

**Colliery,** *n.* ପଥର କୋଇଲାର ଖଣି ।

**Collision,** *n.* 1. ଧକ୍କା, ପରସ୍ପର ଆଘାତ, ସଂଘର୍ଷଣ, ପ୍ରତ୍ୟାଘାତ; 2. ବିରୋଧ ।

**Collocate,** *v.t.* ସ୍ଥାପିତ-କ, ଥୋଇବାର ।

**Collocation,** *n.* ସ୍ଥାପନ, କ୍ରମେ ସଂସ୍ଥାପନକରଣ ।

**Collop,** *n.* ମାଂସର ଖଣ୍ଡ ଖଣ୍ଡ, ମାଂସଖଣ୍ଡ । [ସମ୍ବନ୍ଧୀୟ ।

**Colloquial,** *a.* କଥୋପକଥନସମ୍ବନ୍ଧୀୟ, ଚଳନ୍ତି ଭାଷା-

**Colloquialism,** *n.* ଚଳନ୍ତି ଭାଷା, ଚଳନ୍ତି କଥା ।

**Colloquialist,** *n.* ସୁବକ୍ତା, ଚଳନ୍ତିଭାଷାଜ୍ଞ ।

**Colloquially,** *ad.* କଥୋପକଥନ ସ୍ୱରରେ, ଚଳନ୍ତି ଭାଷାରେ ।

**Colloquy,** *n.* କଥୋପକଥନ, ଆଳାପ, ପରସ୍ପର ସମ୍ଭାଷଣ ।

**Collude,** *v.i.* କୁମନ୍ତ୍ରଣା-କ, ପ୍ରତାରଣାର୍ଥେ ମିଳି କାର୍ଯ୍ୟ-କ, ଏକଯୋଗରେ କାର୍ଯ୍ୟ-କ, ସଙ୍କେତରେ କାର୍ଯ୍ୟ-କ ।

**Collusion,** *n.* କୁମନ୍ତ୍ରଣା, ସଙ୍କେତ, ପ୍ରତାରଣାର୍ଥେ ଗୁପ୍ତ ମନ୍ତ୍ରଣା ଓ କାର୍ଯ୍ୟ, ପ୍ରତାରଣା, ଯୋଗକୃତ ପ୍ରତାରଣା ।

**Collusive,** *a.* ଯୋଗକୃତ ପ୍ରତାରଣାଯୁକ୍ତ ।

**Collusively,** *ad.* ଯୋଗକୃତ ପ୍ରତାରଣାପୂର୍ବକ, ସଙ୍କେତରେ ।

**Collyrium,** *n.* ଅଞ୍ଜନ, କଜ୍ଜଳ । [ଔଷଧ ।

**Colocynth,** *n.* 1. ମହାକାଳ ଫଳ ; 2. ବିରେଚକ

**Colon,** *n.* ପଦର ପରିଚ୍ଛେଦକାରୀ ଚିହ୍ନ, ଯଥା, : ।

**Colonel,** *n.* *kernel*, ସୈନ୍ୟଦଳର ପ୍ରଧାନ ଅଧ୍ୟକ୍ଷ, ସେନାପତି ।

**Colonelcy, colonelship,** *n.* ସୈନ୍ୟଦଳର ପ୍ରଧାନ ଅଧ୍ୟକ୍ଷର ପଦ । [ବାସୀ ।

**Colonial,** *a.* ଉପନିବେଶସମ୍ବନ୍ଧୀୟ ।—*n.* ଉପନିବେଶ-

**Colonialism,** *n.* ଉପନିବେଶବାସିର ଭାଷା ବା ବ୍ୟବହାର ଆଦି ।

**Colonist,** *n.* ଉପନିବେଶବାସୀ, ଉପନିବେଶିକ ।

**Colonization,** *n.* ଉପନିବେଶ ସ୍ଥାପନ ।

**Colonize,** *v.t.* ଉପନିବେଶ ସ୍ଥାପନ-କ, ସ୍ୱଦେଶ ଛାଡ଼ି ନୂତନ ଦେଶରେ ବସତି-କ ।

**Colonnade,** *n.* ଶ୍ରେଣୀବଦ୍ଧସ୍ତମ୍ଭ, ସ୍ତମ୍ଭର ଶ୍ରେଣୀ ବା ଧାଡ଼ି ।

**Colony,** *n.* 1. ମାତୃଦେଶ ଛାଡ଼ି ଦୂର ଦେଶରେ ବସତି କରିବା ଲୋକସମୂହ ; 2. ଉପନିବେଶ ।

**Colophony,** *n.* ସର୍ଜରସରୁ ଜାତ ଝୁଣା ।

**Coloquintida,** *n.* ମହାକାଳ ଫଳ ।

**Colorific,** *a.* ବର୍ଣ୍ଣୋତ୍ପାଦକ, ବର୍ଣ୍ଣକରଣକ୍ଷମ ।

**Colorimeter,** *n.* ବର୍ଣ୍ଣ ପରିମାପକ ଯନ୍ତ୍ର ।

**Colossal, colossean,** *a.* ଅତିପ୍ରକାଣ୍ଡ, ବିଶାଳ ।

**Colossus,** *n.* ପ୍ରକାଣ୍ଡ ମୂର୍ତ୍ତି ।

**Colour, color,** *n.* 1. ରଙ୍ଗ, ବର୍ଣ୍ଣ; 2. ରକ୍ତିମା ; 3. ଆଭାସ, ଛଳ, ରୂପ; 4. *pl.* ବାନା, ପତାକା, ଧ୍ୱଜା ।— primary colours, ମୂଳ ବର୍ଣ୍ଣ, ଯଥା,— ଲାଲ୍ ହଳଦି ଓ ନୀଳ ବର୍ଣ୍ଣ ବା ଲାଲ୍ ନାରଙ୍ଗୀ ହଳଦି ସବୁଜ ନୀଳ ନୀଳବର୍ଣ୍ଣ ଓ ବାଇଗଣୀଆ ବର୍ଣ୍ଣ ।—*v.t.* 1. ରଙ୍ଗ-ଦେ ; 2. ବାହାରେ ସୁଦୃଶ୍ୟ-କ, ଲିପ୍ତ-କ, ଅତିରଞ୍ଜିତ-କ ।—*v.i.* ଲଜ୍ଜାରେ ବିବର୍ଣ୍ଣ-ହେ ।

**Colourable, colorable,** *a.* ସୁଦୃଶ୍ୟମାତ୍ର, ସତ୍ୟବତ୍ ପ୍ରତୀୟମାନ, ପ୍ରତାରଣାର୍ଥେ କଳ୍ପିତ, କଳ୍ପିତ ।

**Colourably,** *ad.* ସୁଦୃଶ୍ୟତାପୂର୍ବକ, କଳ୍ପିତରୂପେ ।

**Colour-blindness,** *n.* ବର୍ଣ୍ଣ ଚିହ୍ନିବାରେ ଅକ୍ଷମତା ।

**Coloured, colored,** *a.* 1. ରଙ୍ଗଯୁକ୍ତ, ରଙ୍ଗିଆ ; 2. କଳା ଓ ସୁଦୃଶ୍ୟମାତ୍ର ।

**Colouring, coloring,** *n.* 1. ରଙ୍ଗ କରିବା କୌଶଳ; 2. ରଙ୍ଗ, ବର୍ଣ୍ଣସମୂହ ; 3. ସୁଦୃଶ୍ୟତାମାତ୍ର, ଛଳ, ଭାବ ।

**Colourist, colorist,** *n.* ରଙ୍ଗକାରକ, ଚିତ୍ରକର ।

**Colourless, colorless,** *a.* 1. ବର୍ଣ୍ଣହୀନ, ନିର୍ମଳ; 2. ପକ୍ଷପାତଶୂନ୍ୟ, ସାମାନ୍ୟ, ଭାବହୀନ ।

**Colour-sergeant,** *n.* ସୈନିକ ଅଧ୍ୟକ୍ଷ ଯେ ଯାହାର ଅଧୀନରେ ପତାକା ଥାଏ ।

**Colporteur,** *n.* ଧର୍ମପୁସ୍ତକାଦିର ଭ୍ରମଣକାରୀ ବିକେତା ।

**Colt**, *n.* 1. ଅଶିକ୍ଷିତ ଘୋଡାଛୁଆ, ବାଛୁର; 2. ଚଞ୍ଚଳ ଓ ଅବୋଧ ଯୁବା ।

**Columbary**, *n.* ଘୁଘୁ ବା ପାରାର ଘର ।

**Column**, *n.* 1. ସ୍ତମ୍ଭ, ଖୁଣ୍ଟ, ଥମ୍ବ; 2. ସୈନ୍ୟ ପଂକ୍ତି; 3. ପୃଷ୍ଠାଙ୍ଗ, ପୃଷ୍ଠାର ସିଧାଟଣା ଲେଖା ।

**Columnar**, *a.* ସ୍ତମ୍ଭବିଶିଷ୍ଟ, ସ୍ତମ୍ଭାକୃତ ।

**Colure**, *n.* ଉଷ୍ଣକଟି ।

**Coma**, *n.* ମୂର୍ଚ୍ଛାବସ୍ଥା, ତନ୍ଦ୍ରା, ଘୋର ନିଦ୍ରା । [ନିଦ୍ରିତ ।

**Comatose, comatous**, *a.* ମୂର୍ଚ୍ଛିତ, ତନ୍ଦ୍ରାଯୁକ୍ତ, ଘୋର-

**Comb**, *n*, 1. ପାନିଆ, କଙ୍କେଇ, କଙ୍କତିକା, କେଶମାର୍ଜ୍ଜନୀ; 2. ଗଞ୍ଜାର ଚୂଳ, କୁକ୍କୁଟର ଜଟ; 3, ମହୁଫେଣା ।— *v.t.* ପାନିଆରେ କୁଣ୍ଡାଇବାର ।

**Combat**, *v.i.* and *t.* ଲଢାଇ-କ, ଯୁଦ୍ଧ-କ, ସଂଗ୍ରାମ-କ, ପ୍ରତିରୋଧ-କ, ବିରୁଦ୍ଧ-ହେ, ପ୍ରତିବାଧା-କ ।—*n.* ଲଢାଇ, ଯୁଦ୍ଧ, ସଂଗ୍ରାମ, ବିବାଦ ।

**Combatable**, *a.* ବିବାଦନୀୟ, ପ୍ରତିରୋଧଯୋଗ୍ୟ ।

**Combatant**, *a.* ଲଢୁଆ, ସାଂଗ୍ରାମିକ ।— *n.* 1. ଯୋଦ୍ଧା, ସଂଗ୍ରାମକର୍ତ୍ତା, ମଲ୍ଲ; 2. ବାଗ୍ଯୁଦ୍ଧକାରୀ ।

**Combative**, *a.* ଯୁଦ୍ଧେଚ୍ଛୁକ ।

**Combativeness**, *n.* ଯୁଦ୍ଧେଚ୍ଛା ।

**Combed**, *a.* ଚୂଳଯୁକ୍ତ ।

**Combinable**, *a.* ସଂଯୋଜନୀୟ, ଐକ୍ୟଯୋଗ୍ୟ, ମିଶ୍ରଣଯୋଗ୍ୟ ।

**Combination**, *n.* 1. ଯୋଗ, ସଂଯୋଗ, ଐକ୍ୟ, ମେଳ, ସମବାୟ; 2. ମିଶ୍ରଣ; 3. ଷଡଯନ୍ତ୍ର ।

**Combine**, *v.t.* ଯୋଗ-କ, ଯୋଗ କରାଇବାର, ମିଳାଇବାର, ଐକ୍ୟ-କ ।— *v.i.* 1. ମିଳିତ-ହେ, ସଂଯୁକ୍ତ ହେ, ଐକ୍ୟ-ହେ; 2. ମିଶ୍ରିତ-ହେ ।

**Combined**, *a.* ସଂଯୁକ୍ତ, ଯୋଗ ଦ୍ୱାରା ଉତ୍ପାଦିତ ।

**Combinedly**, *ad.* ସଂଯୋଗକ୍ରମେ, ଏକଯୋଗେ, ମେଳରେ ।

**Combing**, *n.* 1. ପାନିଆରେ କୁଣ୍ଡାଇବା କର୍ମ; 2. ପାନିଆରେ କଢା ପଦାର୍ଥ ।

**Combustible**, *a.* ଜ୍ୱଳନୀୟ, ଜ୍ୱଳନଶୀଳ, ଦହନୀୟ, ଉତ୍ତେଜନୀୟ ।—*n.* ଶୀଘ୍ରଜ୍ୱଳନୀୟ ପଦାର୍ଥ, ଦାହ୍ୟ ବସ୍ତୁ ।

**Combustibleness, combustibility**, *n.* ଜ୍ୱଳନୀୟତା, ଜ୍ୱଳନଶୀଳତା ।

**Combustion**, *n.* ଦାହ, ଜ୍ୱଳନ, ଦହନ, ଦାହ୍ୟତା ।

**Come**, *v.i.* 1. ଆସିବାର, ଆଗମନ-କ, ନିକଟବର୍ତ୍ତୀ-ହେ; 2. ଉପସ୍ଥିତ-ହେ, ପହଞ୍ଚିବାର; 3. ଘଟିବାର, ଜାତ-ହେ; 4. ଦେଖା-ଦେ, ପ୍ରକାଶ-ହେ; 5. ହେବାର ।— to come across, 1. ଅଡେ ଆସିବାର; 2. ଭେଟିବାର; 3. ପାଇବାର । to come and go, ପାଳିକ୍ରମେ ଦେଖା ଦେବାର ଓ ଅଦୃଶ୍ୟ ହେବାର, ପାଳି-କ । to come about, ଘଟିବାର । to come at, 1. ପହଞ୍ଚିବାର; 2. ପ୍ରାପ୍ତ-ହେ । to come by, 1. ପାଖକୁ ଆସିବାର; 2. ଲାଭ-କ । to come down, 1. ଓହ୍ଲାଇବାର; 2. ନତ-ହେ; 3. ଊଣା-ହେ, କମ୍-ହେ । to come down upon, 1. ଉପରେ ଓହ୍ଲାଇବାର; 2. କଠିନତା ବା କର୍କଶତା ଦେଖାଇବାର, ଭର୍ତ୍ସନା-କ । to come home, 1. ଘରକୁ ଆସିବାର; 2. ମନକୁ ଆର୍ଦ୍ର-କ, ହୃଦୟଙ୍ଗମ-ହେ । to come in, 1. ସମ୍ମତ-ହେ; 2. ପ୍ରବେଶ-କ; 3. ପ୍ରଚଳିତ-ହେ । to come in for, ପାଇବାର, ଲାଭ-କ, ଦାବି-କ । to come into, ଉତ୍ତରାଧିକାର ବା ଦାନପତ୍ରସୂତ୍ରେ ପାଇବାର । to come off, 1. ଉତ୍ତୀର୍ଣ୍ଣ-ହେ, ନିଷ୍କୃତ ପାଇବାର; 2. ଘଟିବାର; 3. ଛୁଟ-ଦି । to come on, 1. ଅଗ୍ରସର-ହେ; 2. ବଢିବାର, କ୍ରମେ ଭଲ-ହେ । to come out, 1. ପ୍ରକାଶ ହୋଇ ପଡିବାର, ପ୍ରକାଶିତ-ହେ, ପ୍ରଚାରିତ-ହେ; 2. ପ୍ରକାଶ୍ୟ ସମ୍ପ୍ରଦାୟରେ ପରିଚିତ-ହେ, said of a young lady; 4. ଶେଷ-ହେ । to come out of, 1. ବାହାରିବାର; 2. ମୁକ୍ତ-ହେ । to come out with, ପ୍ରକାଶ-କ, ପ୍ରଚାର-କ । to come over, 1. ଉପର ଦେଇ ଆସିବାର, ପାର ହୋଇ ଆସିବାର; 2. ଦଳ ପରିବର୍ତ୍ତନ-କ; 3. ଘଟିବାର । to come round, 1. ଘୂରି ଆସିବାର; 2. ଚେତନା ପାଇବାର, ସୁସ୍ଥ-ହେ; 3. ଏକମତ-ହେ । to come short, ଊଣା ପଡିବାର, ଅକୃତାର୍ଥ-ହେ । to come to, 1. ଭାଗରେ ପଡିବାର; 2. ମୋଟ-ହେ; 3. ଚେତା-ହେ । to come to one's self, 1. ଚେତନା ପାଇବାର, ସଚେତନ-ହେ; 2. ସଦ୍ବୁଦ୍ଧି ପାଇବାର । to come to pass, ଘଟିବାର । to come true, ସାବ୍ୟସ୍ତ-ହେ, ଠିକ୍ ଘଟିବାର । to come up, ଉଠିବାର । to come up to, 1. ସମକକ୍ଷ-ହେ, ସମାନ-ହେ; 2. ସମଷ୍ଟି-ହେ, ମୋଟ-ହେ; 3. ଧରିବାର । to come up with, ଧରିବାର । to come upon, 1. ଆକ୍ରମଣ-କ; 2 ହଠାତ୍ ପ୍ରାପ୍ତ-ହେ । to come under, 1. ସାମିଲ-ହେ; 2. ଅଧୀନ-ହେ । come what may, ଯାହା ଘଟୁ ପଛେ । come your ways, ଏଆଡେ ଆସ, ଏଠାକୁ ଆସ । to come (used as adjective) ଭବିଷ୍ୟତ୍, ଆସନ୍ତା । [ନେତା ।

**Comedian**, *n* ସଂକର୍ତ୍ତା, ପ୍ରହସନ ନାଟକର ରଚକ, ଅଭି-

**Comedy**, *n.* 1. ସ୍ୱାଙ୍ଗ, ପ୍ରହସନ, ହର୍ଷପ୍ରଧାନ ନାଟକ, ତାମସା; 2. ହର୍ଷପ୍ରଧାନ ବିବରଣ; 3. ହର୍ଷପ୍ରଧାନ ଘଟଣା ବା ଘଟଣାମାନ ।

**Comeliness**, *n.* 1. ସୁରୂପତା, ସୌନ୍ଦର୍ଯ୍ୟ, ଲାବଣ୍ୟ, ଶୋଭା, କାନ୍ତି, ସୁଦୃଶ୍ୟମୂର୍ତ୍ତି; 2. ଉପଯୁକ୍ତତା ।

**Comely**, *a.* 1. ସୁରୂପ, ସୁନ୍ଦର, ସୁଦୃଶ୍ୟ; 2. ଉପଯୁକ୍ତ ।

**Comer**, *n.* ଆସିବା ଲୋକ, ଉପସ୍ଥିତ ବ୍ୟକ୍ତି ।—all comers, ଯେ କେହି ଆସେ, ପ୍ରତ୍ୟେକ ଲୋକ ।

**Comestible**, *n.* ଖାଦ୍ୟ ଦ୍ରବ୍ୟ ।

**Comet**, *n.* ଲାଞ୍ଜୁଆ ତାରା, ଧୂମକେତୁ ।

**Comfit**, *n.* ଶୁଷ୍କମିଠାଇ ବିଶେଷ ।

**Comfort**, *v.t.* ଆଶ୍ୱାସ-ଦେ, ପ୍ରବୋଧ ଜନ୍ମାଇବାର, ସାନ୍ତ୍ୱନା-କ, ପ୍ରଫୁଲ୍ଲଚିତ୍ତ-କ ।—*n.* 1. ଆଶ୍ୱାସ, ସାନ୍ତ୍ୱନା, ଆରାମ, ସୁଖାବସ୍ଥା; 2. ସୁଖଦ ବିଷୟ; 3. ପ୍ରବୋଧ; 4. ସାହାଯ୍ୟ, ଆଶ୍ରୟ ।

Comfortable, *a.* 1. ସୁଖକର, ସୁଖଜନକ, ସୁଖଦାୟକ, ଆରାମଜନକ; 2. ସୁଖୀ, ସ୍ୱଚ୍ଛନ୍ଦ; 3. ମଧ୍ୟମ, ପରିମିତ ।
Comfortably, *ad.* ସ୍ୱଚ୍ଛନ୍ଦରେ, ସୁଖାବସ୍ଥାରେ, ସାନ୍ତ୍ୱନାପୂର୍ବକ ।
Comforter, *n.* 1. ଆଶ୍ୱାସକାରୀ, ପ୍ରବୋଧକର୍ତ୍ତା, ଶାନ୍ତିଦାତା; 2. ଗଳାବନ୍ଧ ବିଶେଷ; 3. ପବିତ୍ର ଆତ୍ମାର ଉପାଧି ।
Comfortless, *a.* ସାନ୍ତ୍ୱନାରହିତ, ଦୀନହୀନ, ନିରାନନ୍ଦ ।
Comic, *a.* ପ୍ରହସନସମ୍ବନ୍ଧୀୟ ।
Comical, comic, *a.* ହାସ୍ୟଜନକ, ହାସ୍ୟକର, ହାସ୍ୟୋତ୍ପାଦକ, କୌତୁକୀ ।
Comicality, *n.* ହାସ୍ୟକରତା, ଉପହାସ୍ୟତା, ମସ୍କରାମି ।
Comically, *ad.* ହାସ୍ୟଜନକରୂପେ, ହାସ୍ୟକରରୂପେ ।
Coming, *p.a.* ଆସନ୍ତା, ଆଗାମୀ, ଭବିଷ୍ୟତ ।—*n.* ଆଗମନ, ଉପହରଣ, ଆସିବା ସମୟ ।
Comity, *n.* ଆଳାପନ, ଶିଷ୍ଟତା, ସୁଶୀଳତା, ଭଦ୍ରତା ।
Comma, *n.* ପଦବିଚ୍ଛେଦର ଲଘୁଚିହ୍ନ, ଯଥା, , ।
Command, *v.t.* 1. ଆଜ୍ଞା-ଦେ, ଆଦେଶ-କ, ହୁକୁମ-କ ; 2. ଆଧିପତ୍ୟ-କ, ନାୟକତ୍ୱ-କ ; 3. (ଉତ୍ତମ ସ୍ଥାନ ହେତୁ) ଦୃଷ୍ଟିପଥରେ ଆଣିବାର, ବଶ ବା ଦମନ-କ; 4. ଦାବ-କ ।—*v.i.* କର୍ତ୍ତୃତ୍ୱ-କ, ନାୟକ-ହେ ।—*n.* 1. କର୍ତ୍ତୃତ୍ୱ, ପ୍ରଭୁତ୍ୱ; 2. ଆଜ୍ଞା, ଆଦେଶ, ହୁକୁମ ; 3. (ଉଚ୍ଚ ସ୍ଥାନରୁ) ଅବାଧେ ଦେଖିବାର କ୍ଷମତା, ବଶ ବା ଦମନ କରିବାର କ୍ଷମତା; 4. ସୈନ୍ୟଦଳ ।
Commandant, *n.* ସୈନ୍ୟାଧ୍ୟକ୍ଷ ।
Commander, *n.* ସେନାପତି, ନୌସେନାପତି ।
Commander-in-chief, *n.* ପ୍ରଧାନ ସେନାପତି ।
Commandership, *n.* ସେନାପତିତ୍ୱ ।
Commanding *p.a.* 1. ପ୍ରଭୁତ୍ୱସୂଚକ; 2. ବହୁଦର୍ଶନ ବ୍ୟାପୀ; 3. ଦୀର୍ଘକାୟ ଓ ମହତ୍ତ୍ୱସୂଚକ ।
Commandingly, *ad.* ପ୍ରଭୁତ୍ୱସୂଚକରୂପେ ।
Commandment, *n.* ଆଜ୍ଞା, ଆଦେଶ, ହୁକୁମ ।
Commemorable, *a.* ସ୍ମରଣୀୟ, ସ୍ମରଣଯୋଗ୍ୟ ।
Commemorate, *v.t.* ସ୍ମରଣାର୍ଥକ କ୍ରିୟା-କ, ସମ୍ଭ୍ରମପୂର୍ବକ ସ୍ମରଣ-କ, ବକ୍ତୃତା ବା ଲେଖାରେ ସମ୍ଭ୍ରମ-କ, ପ୍ରଶଂସା-କ ।
Commemoration, *n.* ସ୍ମରଣାର୍ଥକ କ୍ରିୟା, ସ୍ମରଣାର୍ଥକ ଉତ୍ସବ ।
Commemorative, *a.* ସ୍ମରଣାର୍ଥକ, ସ୍ମାରକ ।
Commence, *v.i.* and *t.* ଆରମ୍ଭ-ହେ, ଆରମ୍ଭ-କ, ଉପକ୍ରମ-କ, ଅନୁକୂଳ-କ, ଉପକ୍ରମ-ହେ, ଉପକ୍ରମ-କ ।
Commencement, *n.* ଆରମ୍ଭ, ଆଦ୍ୟ, ଉପକ୍ରମ, ଉପକ୍ରମ ।
Commend, *v.t.* 1. ସମର୍ପଣ-କ; 2. ସୁପାରିସ୍-କ, ସୁଖ୍ୟାତି-କ, ମନୋଯୋଗ୍ୟ ବୋଲି ଦର୍ଶାଇବାର, ପ୍ରଶଂସା-କ ।—commend me to, ପସନ୍ଦ କରିବାକୁ ଗଲେ (ଆମ୍ଭଙ୍କୁ) ଅମୁକୁ ଦିଅ, (colloquial).
Commendable, *a.* ପ୍ରଶଂସନୀୟ, ସୁଖ୍ୟାତିଯୋଗ୍ୟ, ସୁପାରିସଯୋଗ୍ୟ ।
Commendably, *ad.* ପ୍ରଶଂସନୀୟରୂପେ । [ସମାଦର ।
Commendation, *n.* ପ୍ରଶଂସା, ଗୁଣକୀର୍ତ୍ତନ, ସୁପାରିସ,

Commendatory, *a.* ପ୍ରଶଂସାକର, ପ୍ରଶଂସାସୂଚକ, ସୁଖ୍ୟାତିଯୁକ୍ତ ।
Commender, *n.* ପ୍ରଶଂସାକାରକ ।
Commensurability, *n.* ସମପରିମାଣତା ।
Commensurable, *a.* ସମପରିମାଣବିଶିଷ୍ଟ, ସମପରିମାଣଯୋଗ୍ୟ ।
Commensurably, *ad.* ସମପରିମାଣରେ ।
Commensurate, *a.* ସମପରିମାଣବିଶିଷ୍ଟ, ସମପରିମିତ, ସମାନ, ତୁଲ୍ୟ ।
Commensuration, *n.* ସମପରିମାଣ, ସମାନୁପାତ ।
Comment, *v.i.* ସମାଲୋଚନା-କ, ଟୀକା ଲେଖିବାର, ବ୍ୟାଖ୍ୟା-କ ।—*n.* ଟୀକା, ବ୍ୟାଖ୍ୟା, ସମାଲୋଚନା ।
Commentary, *n.* ଟୀକାଗ୍ରନ୍ଥ, ଭାଷ୍ୟ ।
Commentation, *n.* ବ୍ୟାଖ୍ୟାକରଣ, ଟୀକା ।
Commentative, *a.* ବ୍ୟାଖ୍ୟାଯୁକ୍ତ, ଟୀକାଯୁକ୍ତ ।
Commentator, *n.* ଟୀକାକାର, ଭାଷ୍ୟକାର, ଅର୍ଥକାରକ ।
Commerce, *n.* କାରବାର, ବାଣିଜ୍ୟ, କ୍ରୟବିକ୍ରୟ, ବ୍ୟବସାୟ, ମହାଜନୀ, ବ୍ୟାପାର । [ଗରୀ ।
Commercial, *a.* କାରବାରୀ, ବାଣିଜ୍ୟସମ୍ବନ୍ଧୀୟ, ସୌଦା-
Commercially, *ad.* କାରବାରରୂପେ, ବାଣିଜ୍ୟକ୍ରମେ ।
Commination, *n.* ଭୟପ୍ରଦର୍ଶନ, ଭର୍ତ୍ସନା ।
Comminatory, *a.* ଭୟପ୍ରଦର୍ଶକ, ଭର୍ତ୍ସନାପ୍ରକାଶକ ।
Commingle, *v.t.* ମିଶ୍ରିତ-କ, ମିଳାଇବାର ।—*v.i.* ମିଶ୍ରିତ-ହେ, ମିଶିବାର ।
Comminute, *v.t.* ଗୁଣ୍ଡା-କ, ଚୂର୍ଣ୍ଣ-କ, ଧୂଳିବତ୍-କ, ପେଷିବାର ।
Comminution, *n.* ଗୁଣ୍ଡାକରଣ, ଚୂର୍ଣ୍ଣକରଣ, ଧୂଳିକରଣ ।
Commiserate, *v.t.* ଅନୁକମ୍ପା-କ, କରୁଣା-କ, କୃପା-କ, ଦୟା-କ । [ସହୃଦୟତା ।
Commiseration, *n.* ଅନୁକମ୍ପା, କରୁଣା, କୃପା, ଦୟା,
Commiserative, *a.* ଅନୁକମ୍ପାପ୍ରକାଶକ, ଦୟାଳୁ, ଦୟାପ୍ରକାଶକ ।
Commissariat, *n.* 1. ନାଏବ ପଦ, ସୈନ୍ୟର ରସଦ୍ ଯୋଗାଇବା କାର୍ଯ୍ୟବିଭାଗ; 2. ସୈନ୍ୟର ରସଦ୍ ଯୋଗାଇବା ବିଭାଗର କର୍ମଚାରୀଗଣ ; 3. ରସଦ୍, ଭକ୍ଷ୍ୟଦ୍ରବ୍ୟ ।
Commissary, *n.* ପ୍ରତିନିଧି, ନାଏବ, ସୈନ୍ୟର ରସଦ୍ ଅଯୋଜନକର୍ତ୍ତା ।
Commission, *n.* 1. କରଣ, ଆଚରଣ ; 2. ସମର୍ପଣ, ନ୍ୟାସ ; 3. ସମର୍ପିତ ବସ୍ତୁ ବା ବିଷୟ, କିମ୍ବା [illegible] 4. ପରୱାନା, ଆଦେଶ, ସନନ୍ଦ; 5. ଦସ୍ତୁରୀ, ଭତ୍ତା, ବଟା, ରସୁମ; 6. ବିଶେଷ କର୍ମର ଭାରପ୍ରାପ୍ତ ନିଯୁକ୍ତ ଜନମାନେ; 7. ଗୁମାସ୍ତାର ପଦ ବା କାର୍ଯ୍ୟ ।—*v.t.* 1. ଭାର ବା କ୍ଷମତା-ଦେ, ନିଯୁକ୍ତ-କ, କ୍ଷମତାର୍ପଣ-କ ; 2. ପ୍ରତିନିଧିରୂପେ ପଠାଇବାର ।
Commissioner, *n.* 1. ପରୱାନା ପ୍ରାପ୍ତ ବ୍ୟକ୍ତି, କ୍ଷମତାପ୍ରାପ୍ତ ବ୍ୟକ୍ତି; 2. ସରକାରୀ ବିଭାଗର ଉଚ୍ଚପଦସ୍ଥ କର୍ମକାରକ, କମିଶ୍ୟନର ସାହେବ ; 3. ଗୁମାସ୍ତା, ନାଏବ ।

**Commissure**, *n.* ଯୋଡ଼, ସନ୍ଧିସ୍ଥାନ, ମିଳନ ।

**Commit**, *v.t.* 1. ସମର୍ପଣ-କ, ଜିମ୍ମା-କ, ଭାର-ଦେ ; 2. କଏଦ-କ, କାରାବଦ୍ଧ-କ ; 3. ସୋପର୍ଦ୍ଦ-କ ; 4. କରିବାର । *refl.* ଆପଣାକୁ ବିପଦଗ୍ରସ୍ତ-କ, ଆପଣାକୁ ଆବଦ୍ଧ-କ ।

**Commitment**, *n.* 1. ସମର୍ପଣ, ଜିମ୍ମାକରଣ ; 2. କରଣ ; 3. କଏଦକରଣ, କାରାଗାରରେ ପ୍ରେରଣାର୍ଥେ ବା ପରୱାନା, ସୋପର୍ଦ୍ଦକରଣ ।

**Committal**, *n.* 1. ସମର୍ପଣ ; 2. କଏଦ କରଣାର୍ଥେ ପ୍ରେରଣ ; 3. କରଣ ।

**Committee**, *n.* କର୍ମସମ୍ପାଦକ ସଭା, କର୍ମ ନିର୍ବାହକ ସଭା, କମିଟୀ ।

**Commix**, *v.t.* ମିଳାଇବାର, ମିଶାଇବାର, ମିଶ୍ରିତ-କ ।

**Commixture**, *n.* ମିଶ୍ରଣ, ମିଶ୍ରିତାବସ୍ଥା, ମିଶ୍ରିତ ଦ୍ରବ୍ୟ ।

**Commode**, *n.* 1. ସ୍ତ୍ରୀଲୋକର ପୂର୍ବକାଳୀନ ଶିରୋଭୂଷଣ ବିଶେଷ ; 2. ଆଲମିରା ବିଶେଷ ; 3. ପାଇଖାନାର ସିନ୍ଦୂକ ।

**Commodious**, *a.* ସୁବିଧାଜନକ, ଉପଯୋଗୀ, କର୍ମଣ୍ୟ, ପ୍ରଶସ୍ତ ଓ ଉପଯୁକ୍ତ । [ରୂପେ ।

**Commodiously**, *ad.* ସୁବିଧାଜନକରୂପେ, ଉପଯୋଗି-

**Commodiousness**, *n.* ଉପଯୁକ୍ତତା, କର୍ମଣ୍ୟତା, ପ୍ରଶସ୍ତତା ।

**Commodity**, *n.* ବାଣିଜ୍ୟଦ୍ରବ୍ୟ, ମାଲ, ପଣ୍ୟଦ୍ରବ୍ୟ ।

**Commodore**, *n.* 1. ଯୁଦ୍ଧଜାହାଜାଧ୍ୟକ୍ଷ ; 2. ବାଣିଜ୍ୟ-ଜାହାଜମାନ ମଧ୍ୟରେ ପ୍ରଧାନ ଜାହାଜ ।

**Common**, *a.* 1. ସାଧାରଣ, ସଚରାଚର, ସାର୍ବଜନିକ ; 2. ପ୍ରଚଳିତ ; 3. ସାମାନ୍ୟ, ନୀଚ, ଇତର ।—common gender, ଉଭୟ ଲିଙ୍ଗ । common law, ଅଲିଖିତ ବ୍ୟବସ୍ଥା, ଦେଶଧର୍ମ । common sense, ସ୍ୱାଭାବିକ ବୁଦ୍ଧି । in common, ସାଧାରଣତଃ, ଏକତ୍ରରେ ।—*n.* 1. ପଡ଼ିଆ, ସାଧାରଣ ଭୂମି ; 2. *pl.* ପାର୍ଲିଅମେଣ୍ଟ ମହାସଭାର ନିମ୍ନଗୃହ ; 3. *pl.* ଆହାର୍ଯ୍ୟ ।

**Commonable**, *a.* ସାଧାରଣୀୟ, ବହୁସ୍ୱାମିକ, ସାଧାରଣ ଭୂମିରେ ଚରାଇବାଯୋଗ୍ୟ ।

**Commonage**, *n.* 1. ପଡ଼ିଆରେ ପଶୁ ଚରାଇବା ଅଧିକାର ; 2. ସାଧାରଣ ଅଧିକାର ।

**Commonalty, commonality**, *n.* ସାଧାରଣ ଲୋକସମୂହ, ଅକୁଳୀନ ଲୋକସମୂହ ।

**Commoner**, *n.* 1. ସାଧାରଣ ଲୋକ, ଅକୁଳୀନ ଲୋକ ; 2. କମନ୍ସ ମହାସଭାର ସଭ୍ୟ ; 3. ପଡ଼ିଆରେ ସାଧାରଣ ଅଧିକାରୀ ; 4. ଅକ୍ସଫୋର୍ଡ ବିଦ୍ୟାଳୟସ୍ଥ ଦ୍ୱିତୀୟ ବର୍ଗୀୟ ଛାତ୍ର ।

**Commonly**, *ad.* ସାଧାରଣରେ, ସାମାନ୍ୟତଃ, ସାମାନ୍ୟରୂପେ, ସଚରାଚର, ପୁନଃପୁନଃ, ପ୍ରାୟ ସର୍ବଦା ।

**Commonness**, *n.* 1. ସାଧାରଣତା ; 2. ପ୍ରଚଳିତତା ; 3. ସାମାନ୍ୟତା, ନୀଚତା ।

**Commonplace** *n.* 1. ମନୋଯୋଗ୍ୟ ପ୍ରକରଣ, ସ୍ମରଣାର୍ଥକ ଲିଖନ ; 2. ସାଧାରଣ ପ୍ରସଙ୍ଗ, ପ୍ରଚଳିତ କଥା, ସାମାନ୍ୟ କଥା, ସର୍ବସମ୍ମତବାକ୍ୟ, ବାସି କଥା ; 3. ସାରକ ଲିପି ।—*a.* ସାମାନ୍ୟ, ସାଧାରଣ, ବାସି ।

**Commonweal**, *n.* ସାଧାରଣ ମଙ୍ଗଳ ।

**Commonwealth**, *n.* 1. ସାଧାରଣ ହିତ ; 2. ରାଜନୈତିକ ସମ୍ପ୍ରଦାୟ ; 3. ସାଧାରଣ ଲୋକସମୂହ ; 4. ସାଧାରଣତନ୍ତ୍ର ରାଜ୍ୟ, ପ୍ରଥମ ଚାର୍ଲସଙ୍କ ବଧ ସମୟରୁ କମ୍ୱେଲଙ୍କ ପ୍ରଧାନ ଶାସକ ପଦ ନେବା ପର୍ଯ୍ୟନ୍ତ ପାର୍ଲିଅମେଣ୍ଟ ଦ୍ୱାରା ଶାସନ ପ୍ରଣାଳୀ ।

**Commotion**, *n.* 1. ଆନ୍ଦୋଳନ, କମ୍ପନ, ଅସ୍ଥିରତା ; 2. ଗଣ୍ଡଗୋଳ, ହୋଲମାଲ ।

**Commove**, *v.t.* 1. ଅସ୍ଥିର-କ, କମ୍ପନ-କ ; 2. ଉଦ୍‌ବେଗ ଜନ୍ମାଇବାର ।

**Communal**, *a.* ଫ୍ରାନ୍ସ ଆଦି ଦେଶରେ କର୍ମ ନିର୍ବାହକ କ୍ଷୁଦ୍ର ଜିଲ୍ଲାସମ୍ବନ୍ଧୀୟ ।

**Communalism**, *n.* ନଗର ଓ ଜିଲ୍ଲାମାନଙ୍କ ଆତ୍ମଶାସନ ପ୍ରଣାଳୀ ।

**Commune**, *n.* 1. ଫ୍ରାନ୍ସ ଆଦି ଦେଶରେ କର୍ମନିର୍ବାହକ କ୍ଷୁଦ୍ର ଜିଲ୍ଲା ; 2. ଉକ୍ତ ଜିଲ୍ଲାର ନିବାସିମାନେ ।

**Commune**, *v.i.* 1. ଆଳାପ-କ, କଥୋପକଥନ-କ ; 2. ଧ୍ୟାନ-କ, ଆତ୍ମଚିନ୍ତା କ ; 3. ପ୍ରଭୁଙ୍କ ଭୋଜ ଖାଇବାର ।—*n.* ଆଳାପ, କଥୋପକଥନ ।

**Communicability**, *n.* ଦେୟତା, ଜ୍ଞାପନୀୟତ୍ୱ ।

**Communicable**, *a.* 1. ଦେୟ, ଜ୍ଞାପନୀୟ, କଥନ-ଯୋଗ୍ୟ ; 2. ଆଳାପପ୍ରିୟ, କଥନୋତ୍ସୁକ ।

**Communicably**, *ad.* ଜ୍ଞାପନୀୟରୂପେ, ସମ୍ବାଦକ୍ରମେ ।

**Communicant**, *n.* 1. ପ୍ରଭୁଙ୍କ ଭୋଜର ସହଭାଗୀ ; 2. ସମ୍ବାଦଦାତା ।

**Communicate**, *v.t.* 1. ପ୍ରଦାନ-କ, ଅର୍ପଣ-କ, ଜ୍ଞାତ କରାଇବାର, ଜଣାଇବାର, ପ୍ରକାଶ-କ, କଥନ-କ ; 2. ପ୍ରଭୁଙ୍କ ଭୋଜ-ଦେ ।—*v.i.* 1. ଅଂଶୀ-ହେ ; 2. ପ୍ରଭୁଙ୍କ ଭୋଜ ଖାଇବାର ; 3. ଗମନାଗମନର ପଥବିଶିଷ୍ଟ-ହେ ; 4. ସମ୍ଭାଷଣ-କ, ଲେଖାଲେଖି-କ ।

**Communication**, *n.* 1. ସମ୍ପ୍ରଦାନ, ଅର୍ପଣ, ଜ୍ଞାତକରଣ, ବିଜ୍ଞାପନ ; 2. ସମ୍ବାଦ, ଖବର, ଚିଠୀପତ୍ର, ଲେଖାଲେଖି ; 3. ଗମନାଗମନର ପଥ ।

**Communicative**, *a.* ସମ୍ଭାଷୀ, ଆଳାପପ୍ରିୟ, ଅସଙ୍କୋଚ, ଜ୍ଞାପନେଚ୍ଛୁକ, ଖୋଲା । [ଭାବେ ।

**Communicatively**, *ad.* ଆଳାପପ୍ରିୟରୂପେ, ଖୋଲା-

**Communicativeness**, *n.* ଆଳାପିତ୍ୱ, ଜ୍ଞାପକାରିତ୍ୱ, ବିଜ୍ଞାପକତ୍ୱ ।

**Communion**, *n.* 1. ଆଳାପ, ସମ୍ଭାଷଣ ; 2. ସଂସର୍ଗ, ସମ୍ପର୍କ ; 3. ଐକ୍ୟମତ ; 4. ଖ୍ରୀଷ୍ଟୀୟ ସମ୍ପ୍ରଦାୟ ; 5. ପ୍ରଭୁଙ୍କ ଭୋଜର ଗ୍ରହଣ, ପ୍ରଭୁଙ୍କ ଭୋଜ ।

**Communism**, *n.* ସମାଂଶ ସମ୍ପତ୍ତିବିଷୟକ ମତ ।

**Community**, *n.* 1. ସାଧାରଣ ଅଧିକାର ; 2. ସାଧାରଣତନ୍ତ୍ର ରାଜ୍ୟ, ପ୍ରଜାବର୍ଗ, ସମ୍ପ୍ରଦାୟ, ଲୋକସମୂହ ; 3. ତୁଲ୍ୟତା, ଅନୁରୂପତା ।

**Commutability**, *n.* ବିନିମୟଯୋଗ୍ୟତା ।

**Commutable**, *a.* ବଦଳକରଣୀୟ, ବିନିମୟଯୋଗ୍ୟ ।

**Commutation**, *n.* 1. ବଦଳକରଣ, ବିନିମୟ ; 2. ଗୁରୁ ଦଣ୍ଡ ପାଇଁ ଲଘୁ ଦଣ୍ଡର ବିନିମୟ ।

Commutative, *a.* ବଦଳସମ୍ବନ୍ଧୀୟ, ବିନିମୟସମ୍ବନ୍ଧୀୟ, ବିନିମୟଯୋଗ୍ୟ ।
Commutatively, *ad.* ବିନିମୟପୂର୍ବକ ।
Commute, *v.t.* 1. ବଦଳ-କ, ବିନିମୟ-କ ; 2. ଗୁରୁ ଦଣ୍ଡ ପରିବର୍ତ୍ତେ ଲଘୁ ଦଣ୍ଡ-ଦେ ; 3. ପଦାର୍ଥ ପରିବର୍ତ୍ତେ ଟଙ୍କା-ଦେ ; 4. ମୋଟରେ-ଦେ ।
Compact, *a. kom-pakt'*, 1. ଘନ, ଘନୀଭୂତ, ନିବିଡ଼, ଦୃଢ଼ ; 2. ସଂକ୍ଷିପ୍ତ, ସାରବିଶିଷ୍ଟ ।— *v.t.* ଘନୀଭୂତ-କ, ଦୃଢ଼ରୂପେ ଯୋଗ-କ, ଦୃଢ଼-କ । [ସନ୍ଧି ।
Compact, *n. kom'-pakt*, ଚୁକ୍ତି, ବନ୍ଦୋବସ୍ତ, ନିୟମ,
Compactly *ad.* 1. ଘନଭାବରେ, ଘନୀଭୂତରୂପେ; 2. ସଂକ୍ଷିପ୍ତରୂପେ ।
Compactness, *n.* ଘନତା, ନିବିଡ଼ତା, ଦୃଢ଼ତା, ଶକ୍ତତା ।
Companion, *n.* ସଙ୍ଗୀ, ସହଚର, ସଖା, ମିତ୍ର, ସାଥୀ, ସହଭାଗୀ, ସମଭିବ୍ୟାହାରୀ ।—*v.t.* ସଙ୍ଗ-କ, ସଙ୍ଗେ-ଥି ।
Companion, *n.* ଜାହାଜର ମେଲଅ ଉପରସ୍ଥ ଅଗ୍ନା ଖିଡ଼କିମାନ ଯାହା ମଧ୍ୟ ଦେଇ ଆଲୁଅ ତଳ କୋଠରିମାନଙ୍କୁ ଯାଏ । [ଅଲାପପ୍ରିୟ ।
Companionable, *a.* ସଙ୍ଗୀ ଉପଯୁକ୍ତ, ସଖ୍ୟୋପଯୁକ୍ତ,
Companionably, *ad.* ସଖ୍ୟୋପଯୁକ୍ତରୂପେ ।
Companionless, *a.* ସଙ୍ଗୀହୀନ, ସଖାହୀନ ।
Companionship, *n.* ସଙ୍ଗ, ସହଚରତା, ସହଯୋଗିତା ।
Company, *n.* 1. ସଙ୍ଗ, ସାହଚର୍ଯ୍ୟ ; 2. ସମ୍ପ୍ରଦାୟ, ସମାଜ, ଦଳ, ସମୂହ; 3. ଅତିଥି ଲୋକମାନେ ; 4. ବଣିକର ସମାଜ, ବାଣିଜ୍ୟସମ୍ପ୍ରଦାୟ ; 5. ପଦାତିକ ସୈନ୍ୟର କ୍ଷୁଦ୍ରଦଳ ; 6. ଅଭିନୟକାରୀ ଦଳ । to bear or keep company, ସଙ୍ଗେ ଥିବାର, ସଙ୍ଗୀ-ହେ । to be good company, ତୁଷ୍ଟିକର ସଙ୍ଗୀ-ହେ ।—*v.t.* ସଙ୍ଗ-କ ।—*v.i.* ସଙ୍ଗୀ-ହେ ।
Comparable, *a. kom'-pa-ra-bl*, ତୁଳନାଯୋଗ୍ୟ, ତୁଳନୀୟ, ସମତୁଲ୍ୟ । [ରୂପେ ।
Comparably, *ad.* ତୁଳନାଯୋଗ୍ୟରୂପେ, ସମତୁଲ୍ୟ-
Comparative, *a.* 1. ତୁଳନାଦ୍ୱାରା ନିର୍ଣ୍ଣୀତ, ଆପେକ୍ଷିକ ; 2. ତୁଲ୍ୟକାରୀ; 3. ତାରତମ୍ୟ ବିବେଚନାଯୁକ୍ତ ।
Comparatively, *ad.* ତୁଳନାର ନିର୍ଣ୍ଣୟାନୁସାରେ, ତୁଳନାରେ, ତୁଳନାକ୍ରମେ ତୁଳନାନୁସାରେ ।
Compare, *v.t.* ତୁଳନା-କ, ମୁକାବିଲା କ, ସଦୃଶ-କ, (ଶବ୍ଦ) ରୂପ-କ ।—*v.i.* ତୁଲ୍ୟ-ହେ ।—*n.* ତୁଳନା ।
Comparison, *n.* 1. ତୁଳନାକରଣ, ତୁଳନା; 2. ତୁଳନା ଦ୍ୱାରା ନିର୍ଣ୍ଣୟ; 3. ବିଶେଷଣର ରୂପ ; 4. ଉପମା, ଦୃଷ୍ଟାନ୍ତ ।
Compart, *v.t.* ବିଭାଗ-କ, ପୃଥକ୍ ଅଂଶ-କ ।
Compartment, *n.* ଭାଗ, ପୃଥକ୍ ଅଂଶ ।
Compass, *n.* 1. ପ୍ରଦକ୍ଷିଣ; 2. ବେଷ୍ଟନ, ଘେର ; 3. ସୀମା ; 4. ଗାଇବା ଶକ୍ତି; 6. ଦିଗ୍ନିର୍ଣ୍ଣୟ ଯନ୍ତ୍ର । compasses, ଚକ୍ର ଅଙ୍କିତ କରିବା ଦ୍ୱିଶୂଳଯୁକ୍ତ ଯନ୍ତ୍ର ବିଶେଷ, କମ୍ପାସ ।—*v.t.* 1. ପ୍ରଦକ୍ଷିଣ-କ, ବେଷ୍ଟନ-କ, ଘେରିବାର ; 2. ଲାଭ-କ, ସମ୍ପନ୍ନ-କ; 3. କଳ୍ପନା-କ ।

Compassable *a.* 1. ପ୍ରଦକ୍ଷିଣଯୋଗ୍ୟ; 2. ସମ୍ପନ୍ନଯୋଗ୍ୟ ।
Compassion, *n.* ପର ଦୁଃଖରେ ଦୁଃଖ, ଅନୁକମ୍ପା, କୃପା, ଦୟା, କରୁଣା ।
Compassionate, *a.* ପରଦୁଃଖରେ ଦୁଃଖୀ, କୃପାବାନ୍, ଦୟାଳୁ, କାରୁଣିକ ।— *v.t.* ପରଦୁଃଖରେ ଦୁଃଖ-କ, ଅନୁକମ୍ପା-କ, କୃପା-କ, କରୁଣା-କ ।
Compassionably, *ad.* ଅନୁକମ୍ପାପୂର୍ବକ, କୃପାରେ, କରୁଣାପୂର୍ବକ । [ସମ୍ଭବ ।
Compatibility, *n.* ସଙ୍ଗତତା, ଉପଯୁକ୍ତତା, ମେଳ,
Compatible, *a.* ସଙ୍ଗତ, ଉପଯୁକ୍ତ, ଯୋଗ୍ୟ ।
Compatibly, *ad.* ସଙ୍ଗତରୂପେ, ଉପଯୁକ୍ତରୂପେ ।
Compatriot, *n.* ସ୍ୱଦେଶୀୟ ବ୍ୟକ୍ତି, ସ୍ୱଦେଶହିତୈଷୀ ।
Compeer, *n.* ସମକକ୍ଷ ବ୍ୟକ୍ତି, ସଙ୍ଗୀ, ସାଥୀ ।
Compel, *v.t.* ବଳ ଦ୍ୱାରା କରାଇବାର, ବଳରେ କରାଇବାର, ବଳାତ୍କାରରେ-କ, ବାଧ୍ୟ କରାଇବାର, ଦମନ କରାଇବାର, ଚବର୍ଦ୍ଦସ୍ତି କରାଇବାର । [ଣୀୟ ।
Compellable, *a.* ବଳାତ୍କାରରେ କରଣୀୟ, ବାଧ୍ୟକର-
Compellation, *n.* ସମ୍ବୋଧନ, ଉପାଧି । [ସଙ୍ଗୃହୀତ ।
Compendious, *a.* ସାରସଂଗ୍ରହ ପର, ଚୁମ୍ବକ, ସଂକ୍ଷିପ୍ତ,
Compendiously, *ad.* ଚୁମ୍ବକରୂପେ, ସଂକ୍ଷିପ୍ତରୂପେ, ସଙ୍ଗୃହୀତରୂପେ । [ଗ୍ରନ୍ଥ ।
Compendium, compend, *n.* ସାରସଂଗ୍ରହ, ଚୁମ୍ବକ-
Compensate, *v.t.* ପ୍ରତିଦାନ-କ, କ୍ଷତିପୂରଣ-କ, ତ୍ରୁଟି-ପୂରଣ-କ, ପ୍ରତିଫଳ-ଦେ, ପରିଶୋଧ-କ, ସମତୁଲ୍ୟ-କ ।—*v.i.* 1. କ୍ଷତିପୂରଣ-ହେ; 2. ସମତୁଲ୍ୟ-ହେ, with *for*. [ତ୍ରୁଟିପୂରଣ ।
Compensation, *n.* ପ୍ରତିଦାନ, ପ୍ରତିଫଳ, କ୍ଷତିପୂରଣ,
Compensative, *a.* କ୍ଷତିପୂରକ ।—*n.* କ୍ଷତିପୂରଣ ।
Compensatory, *a.* କ୍ଷତିପୂରକ ।
Compete, *v.i.* ଏକଚେଷ୍ଟା-ହେ, ପ୍ରତିଯୋଗୀ-ହେ, ପ୍ରତିଯୋଗିତା-କ ।
Competence, competency, *n.* 1. ଉପଯୁକ୍ତତା, ଯଥେଷ୍ଟତା, ପ୍ରଚୁରତା ; 2. ଅଧିକାର, ଯୋଗ୍ୟତା ; 3. ଅର୍ଥର ଯଥେଷ୍ଟତା, ସଙ୍ଗତ ; 4. ଅନୁକ୍ରମରେ କ୍ଷମତା ।
Competent, *a.* 1. ଉପଯୁକ୍ତ, ଯଥେଷ୍ଟ, ପ୍ରଚୁର; 2. ପାରଗ, ଯୋଗ୍ୟ, କ୍ଷମତାପନ୍ନ ।
Competently, *ad.* ଉପଯୁକ୍ତରୂପେ, ଯଥେଷ୍ଟରୂପେ ।
Competition, *n.* ଏକଚେଷ୍ଟା, ପ୍ରତିଯୋଗିତା ।
Competitive, *a.* ପ୍ରତିଯୋଗିତାସମ୍ବନ୍ଧୀୟ, ପ୍ରତିଯୋଗୀ ।
Competitor, *n.* ଏକଚେଷ୍ଟାକାରୀ, ପ୍ରତିଯୋଗୀ, ପ୍ରତିଦ୍ୱନ୍ଦ୍ୱୀ, ପ୍ରତିପକ୍ଷ ।
Compilation, *n.* 1. ସଂଗ୍ରହକରଣ, ସଂଗ୍ରହ, ସଙ୍କଳନ; 2. ସାର ଗ୍ରନ୍ଥ, ସଙ୍ଗୃହୀତ ପୁସ୍ତକ ।
Compile, *v.t.* ସଂଗ୍ରହ-କ, ସଙ୍କଳନ-କ, ରଚନା-କ ।
Compiler, *n.* ସଂଗ୍ରହକର୍ତ୍ତା, ରଚକ ।
Complacence, complacency, *n.* 1. ଆତ୍ମତୃପ୍ତି ; 2. ପରିତୋଷ, ପ୍ରସନ୍ନତା, ସୌଜନ୍ୟ ।

Complacent, *a.* ଅତୃପ୍ତ, ପରତୋଷପ୍ରକାଶକ, ପରତୁଷ୍ଟ, ସନ୍ତୁଷ୍ଟ ।

Complacently, *ad.* ଅତୃପ୍ତିପୂର୍ବକ, ପରତୋଷପ୍ରକାଶପୂର୍ବକ, ପରତୁଷ୍ଟରୂପେ ।

Complain, *v.i.* 1. ଦୁଃଖ ବା ବେଦନା ପ୍ରକାଶ-କ, ବିଳାପ-କ, କ୍ରନ୍ଦନ-କ; 2. ଅତୁଷ୍ଟି ପ୍ରକାଶ-କ, କଚକଚି-କ; 3. ଦୋଷାରୋପ-କ, ଅଭିଯୋଗ-କ ।

Complainant, *n.* ବାଦୀ, ଅଭିଯୋକ୍ତା, ଫରିୟାଦୀ, ମୁଦ୍ଦେଇ ।

Complainer, *n.* 1. ଶୋକ ଦୁଃଖାଦି ପ୍ରକାଶକାରୀ, ବିଳାପକାରୀ; 2. କଚକଚକାରୀ ।

Complainingly, *ad.* କଚକଚିପୂର୍ବକ ।

Complaint, *n.* 1. ଶୋକ ଖେଦ ବେଦନା ବା ଅସନ୍ତୋଷପ୍ରକାଶ, ବିଳାପ; 2. ଦୋଷାରୋପ: 3. ଅସନ୍ତୋଷ ବା ଦୁଃଖର କାରଣ ; 4. ଅଭିଯୋଗ, ନାଲିଶ, ଫରିୟାଦ, ଦାବି; 5. ରୋଗ, ବ୍ୟାଧି ।

Complaisance, *n.* ସୌଜନ୍ୟ, ସୁଶୀଳତା, ତୁଷ୍ଟିକରଣେଚ୍ଛା, ଶିଷ୍ଟାଚାର ।

Complaisant, *a.* ସୌଜନ୍ୟପ୍ରକାଶକ, ତୁଷ୍ଟିକରଣେଚ୍ଛୁକ, ଶିଷ୍ଟ, ସୁଶୀଳ ।

Complaisantly, *ad.* ଶିଷ୍ଟତାପୂର୍ବକ, ସୁଶୀଳରୂପେ ।

Complement, *n.* 1. ପୂରକ ବିଷୟ; 2. ପୂରିତ ଅବସ୍ଥା, ସମ୍ପୂର୍ଣ୍ଣତା; 3. ପୂର୍ଣ୍ଣ ସଂଖ୍ୟା, ଅଭାବ ପୂର୍ଣ୍ଣତା ।

Complemental, complementary, *a.* ପୂରକ, ସମାପକ, ଅଭାବପୂରକ ।

Complete, *a.* 1. ଅଭାବରହିତ, ସମ୍ପୂର୍ଣ୍ଣ; 2 ସମାପ୍ତ, ସାଙ୍ଗ, ସଂସିଦ୍ଧ ।— *v.t.* ସମ୍ପୂର୍ଣ୍ଣ-କ, ସମାପ୍ତ-କ, ସାଙ୍ଗ-କ, ସମ୍ପନ୍ନ-କ । [ଖେଦେ ।

Completely, *ad.* ସମ୍ପୂର୍ଣ୍ଣରୂପେ, ପୂରାରୂପେ, ସର୍ବତୋ-

Completeness, *n.* ସମ୍ପୂର୍ଣ୍ଣତା, ସଂସିଦ୍ଧି ।

Completion, *n.* ସମ୍ପୂର୍ଣ୍ଣ ବା ସମାପ୍ତିକରଣ, ସମାପ୍ତି, ସମ୍ପନ୍ନତା, ସଫଳତା, ସିଦ୍ଧି ।

Completive, *a.* ପୂରକ, ସମାପକ ।

Complex, *a.* ଜଟିଳ, ମିଶ୍ରିତ, ଝଞ୍ଜଟିଆ, ପେଁଚୁଆଳ ।

Complexion, *n.* 1. ଶରୀରର ବର୍ଣ୍ଣ, ବିଶେଷତଃ ମୁଖର ବର୍ଣ୍ଣ ; 2. ଅବସ୍ଥା, ଗୁଣ ।

Complexioned *a.* ବିଶେଷ ବର୍ଣ୍ଣବିଶିଷ୍ଟ । [ବିଷୟ ।

Complexity, *n.* 1. ଜଟିଳତା, ଝଞ୍ଜଟ; 2. ଜଟିଳ

Complexly, *ad.* ଜଟିଳରୂପେ । [ବଶ୍ୟତା ।

Compliance, *n.* 1. ସମ୍ମତି, ସ୍ୱୀକାର, ଅଙ୍ଗୀକାର; 2.

Compliant ସ୍ୱୀକାରୀ, ବଶ୍ୟ, ତୁଷ୍ଟିକାରୀ ।

Compliantly, *ad.* ସମ୍ମତିପୂର୍ବକ, ବଶ୍ୟତାପୂର୍ବକ ।

Complicacy, *n.* ଜଟିଳତା, ଝଞ୍ଜଟ ।

Complicate, *v.t.* ଜଡିତ-କ, ଗୁଡାଇବାର, ଜଟିଳ-କ । —*a.* ଜଟିଳ, ମିଶ୍ରିତ, ଅଡୁଆ, ଝଞ୍ଜଟିଆ । [ଝଞ୍ଜଟ ।

Complication, *n.* ଜଟିଳକରଣ, ଜଟିଳାବସ୍ଥା, ମିଶ୍ରଣ,

Complicative, *a.* ଜଟିଳକାରକ, ଝଞ୍ଜଟକାରକ ।

Complicity, *n.* ଅପରାଧର ସହକାରିତା ।

Complier, *n.* ସମ୍ମତିଦାତା, ସ୍ୱୀକାରକର୍ତ୍ତା ।

Compliment, *n.* 1. ସମାଦର, ଅଭ୍ୟର୍ଥନା, ସ୍ତୁତି; 2. ନମସ୍କାର; 3. ଦାନ, ପାରିତୋଷିକ, ଅନୁଗ୍ରହ । — *v.t.* ଆଦରଭାବ ପ୍ରକାଶ-କ, ନମସ୍କାର-ଦେ, ସ୍ତୁତି-କ, ପ୍ରଶଂସା-କ, ଅଭ୍ୟର୍ଥନା-କ ।

Complimentary, *a.* ଆଦରବୋଧକ, ସ୍ତୁତିସୂଚକ, ଚିତ୍ତରଞ୍ଜକ ।

Complot, *n.* କୁମନ୍ତ୍ରଣା, ଷଡ଼ଯନ୍ତ୍ର ।—*v.t.* କୁମନ୍ତ୍ରଣା-କ, ଷଡ଼ଯନ୍ତ୍ର-କ ।

Comply, *v.i.* ସମ୍ମତ-ହେ, ସ୍ୱୀକାର-କ, ଅଙ୍ଗୀକାର-କ, ସ୍ୱତ-ହେ, used alone or followed by *with.*

Component, *a.* ଏକାଂଶୀୟ, ମୂଳାଂଶୀୟ ।—*n.* ମୂଳାଂଶ, ଉପାଦାନ ।

Comport, *v.i.* ଉପଯୁକ୍ତ-ହେ, ସଙ୍ଗତ-ହେ, ମେଳ-ହେ । *v.t.* with reflex pro. ଆପଣାର ବ୍ୟବହାର-କ, ଆଚରଣ-କ ।

Comportment, *n.* ଆଚରଣ, ବ୍ୟବହାର, ଚାଲିଚଳଣ ।

Compose, *v.t.* 1. ଯୋଗ କରି ବନାଇବାର, ନିର୍ମାଣ-କ; 2. ରଚନା-କ, ଉଦ୍ଭାବନ-କ; 3. ଶାନ୍ତ-କ, ସୁସ୍ଥିର-କ, ଧୀର-କ; 4. (ଛାପା ଅକ୍ଷର) ବିନ୍ୟାସ-କ ।

Composed, *a.* ସୁସ୍ଥିର, ଧୀର, ଶାନ୍ତ ।

Composedly, *ad.* ସୁସ୍ଥିରରୂପେ, ଧୀରରୂପେ ।

Composedness, *n.* ସୁସ୍ଥିରତା, ଧୀରତା, ଶାନ୍ତି ।

Composer, *n.* ରଚକ, ବିଶେଷରେ ସଙ୍ଗୀତ ସ୍ୱରବିନ୍ୟାସ ରଚକ ।

Composition, *n.* 1. ମିଶ୍ର, ମିଶ୍ରଣ, ଭିନ୍ନ ଅଂଶର ଯୋଗ; 2. ରଚିତ ଗ୍ରନ୍ଥ; 3. ରଚନା, ପ୍ରବନ୍ଧ, ଭାଷାନ୍ତର; 4. ମୀମାଂସା, ନିଷ୍ପତ୍ତି; 5. ଋଣୀ ଯାହା ଦେଇ ପାରିବ ତଦ୍ବିଷୟକ ରଫା; 6. ମେଳ, ସଂଯୋଗ; 7. ରଫା; 8. ଋଣର ପରିଶୋଧିତ ଅଂଶ; 9. ଛାପା ଅକ୍ଷର ବିନ୍ୟାସ; 10. ସଂଶ୍ଲେଷଣ ।

Compositor, *n.* ଛାପା ଅକ୍ଷର ବିନ୍ୟାସକାରୀ, ଅକ୍ଷରଯୋଜକ ।

Compost, *n.* 1. ମିଶ୍ରଣ; 2. ସାରମାଟି, ଖତ; 3. ପଲସ୍ତ୍ରା କରିବା ମିଶ୍ରଣ ବିଶେଷ ।

Composure, *n.* ସ୍ଥିରତା, ଧୈର୍ଯ୍ୟ, ଶାନ୍ତି ।

Compound, *v.t.* 1. ମିଶ୍ରିତ-କ, ମିଶାଇବାର; 2. ଅପୋଷରେ ନିଷ୍ପତ୍ତି-କ; 3. କେତେକାଂଶ ଦେଇ ଋଣ ନିଷ୍ପତ୍ତି-କ ।— *v.i.* 1. କିଛି ଛାଡ଼ ଦେଇ ସମ୍ମତ-ହେ, ଚୁକ୍ତି-କ; 2. କେତେକାଂଶ ଦେଇ ଋଣରୁ ମୁକ୍ତ-ହେ, ରଫାରେ ଋଣ ସୁଝିବାର । to compound *with* a person and *for* a debt, to compound a felony ।—*a.* ମିଶ୍ରିତ, ଯୌଗିକ, ଯୁକ୍ତ ।—compound fracture, ହାଡଭଗ୍ନ ଓ ତହିସଙ୍ଗେ ବହିଃକ୍ଷତ । compound interest, ସୁଧର ଉପରେ ସୁଧ, ସୁଧର ଚକ୍ରବୃଦ୍ଧି ।—*n.* ମିଶ୍ରଣ, ମିଶ୍ରିତ ଦ୍ରବ୍ୟ ।

Compound, *n.* ହତା ।

Compounder, *n.* 1. ମିଶ୍ରଣକାରୀ; 2. ଯେ ରଫା କରେ, ନିଷ୍ପତ୍ତିକର୍ତ୍ତା ।

**Comprehend,** *v.t.* 1. ଅନ୍ତର୍ଭୁକ୍ତ-କ, ଅନ୍ତର୍ଗତ-କ, ଧାରଣ-କ; 2. ବୋଧ-କ, ବୁଝିବାର ।
**Comprehensibility, comprehensibleness,** *n.* ବୋଧଗମ୍ୟତା, ଧୀଗମ୍ୟତା, ବୋଧନୀୟତା, ଅବଧାରଣୀୟତା ।
**Comprehensible,** *a.* ବୋଧଗମ୍ୟ, ବୁଝିବାଯୋଗ୍ୟ, ଅବଧାରଣୀୟ, ବୋଧନୀୟ, ମନୋଗମ୍ୟ ।
**Comprehensibly,** *ad.* ଅନ୍ତର୍ଭୁକ୍ତରୂପେ, ପ୍ରଶସ୍ତରୂପେ, ବ୍ୟାପକରୂପେ ।
**Comprehension,** *n*, 1. ଅନ୍ତର୍ଗତକରଣ ; 2. ବୋଧ, ଅବଧାରଣ, ବୁଦ୍ଧି, ଧୀଶକ୍ତି, ଜ୍ଞାନ ; 3. ବ୍ୟାପ୍ତି ।
**Comprehensive,** *a.* 1. ଅନ୍ତର୍ଭୁକ୍ତକାରୀ, ବ୍ୟାପକ, ବିସ୍ତୀର୍ଣ୍ଣ, ନାନାର୍ଥକ ; 2 ବୋଧକ, ଧୀଶକ୍ତିସମ୍ପନ୍ନ ।
**Comprehensively,** *ad.* ବ୍ୟାପକରୂପେ, ବିସ୍ତୀର୍ଣ୍ଣରୂପେ ।
**Comprehensiveness,** *n.* ନାନାର୍ଥକ ବୋଧକତା ଗୁଣ, ବ୍ୟାପକତ୍ୱ ।
**Compress,** *v.t.* ଚିପିବାର, ଚିପିବାର, ଦାବିବାର, ଠେସିବାର ।—*n.* ଅସ୍ତ୍ରଚିକିତ୍ସାରେ କୋମଳ ବସ୍ତ୍ରର ପଟି ବିଶେଷ ।
**Compressed,** *p.a.* ଚେପ୍ଟା, ସଙ୍କୁଚିତ ।
**Compressibility,** *n.* ସଙ୍କୋଚ୍ୟତା ।
**Compressible,** *a.* ସଙ୍କୋଚନୀୟ ।
**Compression,** *n.* ଚାପ, ଠେସ, ସଙ୍କୋଚନ, ସଂବରଣ, ଘନୀଭୂତକରଣ ।
**Compressive,** *a.* ଚିପିବାକୁ ସମର୍ଥ, ସଙ୍କୋଚନକ୍ଷମ ।
**Compressure,** *n.* ଚାପ । [ସାମିଲ-କ ।
**Comprise,** *v.t.* ଅନ୍ତର୍ଗତ-କ, ଅନ୍ତର୍ଭୁକ୍ତ-କ, ଧାରଣ-କ,
**Compromise,** *n.* ଆପୋଷ, ରଫାକରଣ, ଉଭୟପକ୍ଷ ସମ୍ମତରେ ନିଷ୍ପତ୍ତି ।—*v.t.* 1. ଆପୋଷରେ ନିଷ୍ପତ୍ତି-କ, ରଫା-କ; 2. ବିପଦଗ୍ରସ୍ତ-କ, ଦାୟରେ ପକାଇବାର ।
**Comptroller,** *n.* ହିସାବାଧ୍ୟକ୍ଷ ।
**Compulsion,** *n.* ବଳପୂର୍ବକ କରାଇବା କର୍ମ, ବଳକରଣ, ବଳ ଦ୍ୱାରା ପ୍ରବର୍ତ୍ତନ, ବଳାତ୍କାର, ଜବରଦସ୍ତି, ଜୋର ।
**Compulsive,** *a.* ବଳାତ୍କାରୀ, ବଳ ଦ୍ୱାରା ପ୍ରବର୍ତ୍ତନକ୍ଷମ, ସଙ୍କୀର୍ତ୍ତକ ।
**Compulsively,** *ad.* ବଳାତ୍କାରରେ, ବଳପୂର୍ବକ ।
**Compulsory,** *a.* ବଳ ଦ୍ୱାରା ପ୍ରବର୍ତ୍ତନକ୍ଷମ, ବଳାତ୍କାରକ, ବଳ ଦ୍ୱାରା ପ୍ରବର୍ତ୍ତିତ, ଅବଶ୍ୟକରଣୀୟ ।
**Compunction,** *n.* ମନସ୍ତାପ, ବିବେକର ଗଞ୍ଜଣା, ଖେଦ, ଅନୁତାପ, ଅନୁଶୋଚନା ।
**Compunctious,** *a.* ଅନୁତାପୀ ।
**Computable,** *a.* ଗଣନୀୟ, ସଂଖ୍ୟେୟ ।
**Computation,** *n.* ଗଣନା, ସଂଖ୍ୟା, ହିସାବ ।
**Compute,** *v.t.* ଗଣନା-କ, ସଂଖ୍ୟା-କ, ହିସାବ-କ ।
**Computer,** *n.* ଗଣନାକାରୀ ।
**Comrade,** *n.* ସହବାସୀ, ସଙ୍ଗୀ, ସାଥୀ, ମିତ୍ର, ସହଚର ।
**Comradery,** *n.* ସଙ୍ଗୀ ଅବସ୍ଥା, ଆଳାପ ।
**Con,** *v.t.* ଶିଖିବାର, ଅଭ୍ୟାସ-କ, ଅଧ୍ୟୟନ-କ, ଆଲୋଚନା-କ, ମୁଖସ୍ଥ-କ ।

**Con,** *ad.* ବିରୁଦ୍ଧେ, ପ୍ରତିକୂଳେ ।—*n.* ବିରୁଦ୍ଧ ତର୍କ, ବିରୁଦ୍ଧ ବିଷୟ, ବିରୁଦ୍ଧ ଲୋକ ।
**Concatenate,** *v.t.* ଶୃଙ୍ଖଳାବଦ୍ଧ-କ, ଶ୍ରେଣୀବଦ୍ଧ-କ ।
**Concatenation,** *n.* ଶୃଙ୍ଖଳତା, ଶ୍ରେଣୀ, ଆନୁପୂର୍ବ ଶ୍ରେଣୀକ୍ରମ ।
**Concave,** *a.* ମଧ୍ୟନିମ୍ନ, ଉଆନ, ଖିଲଣର ତଳାକୃତ ।—*n.* ଖୋଲ, ଖିଲଣ, ଆକାଶର ଖିଲଣ ।
**Concavely,** *ad.* ମଧ୍ୟନିମ୍ନରୂପେ ।
**Concavity,** *n.* ନିମ୍ନାଭ୍ୟନ୍ତରତା, ଉଆନତା, ଖୋଲ ।
**Conceal,** *v.t.* ଗୁପ୍ତ-କ, ଗୋପନ-କ, ଲୁଚାଇବାର, ଘୋଡ଼ିବାର, ଛପାଇବାର, ଘୋଡ଼ାଇବାର ।
**Concealable,** *a.* ଗୋପନୀୟ, ସମ୍ବରଣୀୟ ।
**Concealment,** *n.* 1. ଗୋପନକରଣ, ଗୋପନ, ସମ୍ବରଣ ; 2. ଗୁପ୍ତ ସ୍ଥାନ ।
**Concede,** *v.t.* 1. ସତ୍ୟ ବା ଯଥାର୍ଥ ବୋଲି ସ୍ୱୀକାର-କ, ସ୍ୱୀକାର-କ ; 2. ଛାଡ଼ି ଦେବାର, ଦେବାର; 3. ଅନୁମତି-ଦ ।
**Conceit,** *n.* 1. ବୋଧ, ମତ, ବିଚାର ; 2 କଳ୍ପିତ ମତ, କଳ୍ପନା, ଅନୁମାନ; 3. ଭ୍ରାନ୍ତିକର କଳ୍ପନା, ଅସମ୍ଭବ ବା ହାସ୍ୟକର କଳ୍ପନା ; 4. ଅଗ୍ରାହ୍ୟମାନ, ଆତ୍ମଶ୍ଳାଘା, ଅହମିକା ।
**Conceited** *a.* ଅଭିମାନୀ, ଆତ୍ମଶ୍ଳାଘୀ, ଦର୍ପୀ ।
**Conceitedly,** *ad.* ଅଭିମାନପୂର୍ବକ, ଆତ୍ମଶ୍ଳାଘିରୂପେ ।
**Conceitedness,** *n.* ଅଭିମାନତା, ଅଭିମାନ ।
**Conceivability, conceivableness,** *n.* ବୋଧନୀୟତା, ବୋଧଗମ୍ୟତା ।
**Conceivable,** *a.* ବୋଧନୀୟ, ବୋଧଗମ୍ୟ ।
**Conceivably,** *ad.* ବୋଧଗମ୍ୟରୂପେ, ସମ୍ଭବତଃ ।
**Conceive,** *v.t.* 1. ଗର୍ଭଧାରଣ-କ ; 2. ମନରେ ଗ୍ରହଣ-କ, ବୋଧ-କ; 3. କଳ୍ପନା-କ ; 4. ବିବେଚନା-କ, ଅନୁମାନ-କ, ଧାରଣା-କ ।—*v.i.* 1. ଗର୍ଭବତୀ-ହେ; 2. ଚିନ୍ତା-କ ।
**Concentrate,** *v.t.* 1. ସମକେନ୍ଦ୍ରକୁ ଚଳାଇବାର, ଏକତ୍ରିତ-କ, ଏକମାତ୍ର ବିଷୟରେ ଲଗାଇବାର, ଏକମାତ୍ର ବିଷୟକୁ ଲକ୍ଷ୍ୟ-କ ; 2. ସାରରେ ପରିଣତ-କ ।
**Concentrated,** *p.a.* 1. ସମକେନ୍ଦ୍ରକୁ ଆନୀତ ; 2. ସାରରେ ପରିଣତ ।
**Concentration,** *n.* 1. ସମକେନ୍ଦ୍ରକୁ ଆନୟନ, ଏକତ୍ର ସମାହରଣ; 2. ସାରରେ ପରିଣତକରଣ ।
**Concentrative,** *a.* ଏକାଗ୍ର ।
**Concentrativeness,** *n.* ଏକାଗ୍ରତା ।
**Concentre,** *v.i.* କୌଣସି କେନ୍ଦ୍ରରେ ଆସିବା ବା ଏକତ୍ରିତ-ହେ, ସମକେନ୍ଦ୍ରରେ ମିଳିତ-ହେ ।
**Concentric, concentrical,** *a.* ସମକେନ୍ଦ୍ରକ ।
**Concentrically,** *ad.* ସମକେନ୍ଦ୍ରକରୂପେ ।
**Concept,** *n.* ମନରେ ଗୃହୀତ ବିଷୟ, ବିଷୟସମୂହର ସାଧାରଣ ବୋଧ, ମନର ଭାବ ।
**Conception,** *n.* 1. ଗର୍ଭଧାରଣ, ଗର୍ଭସଞ୍ଚାର; 2. ଭ୍ରୂଣ ; 3. ବୋଧ, ବୁଦ୍ଧିଶକ୍ତି; 4. ମନରେ ଗୃହୀତ ବିଷୟ, ବିଷୟସମୂହର ସାଧାରଣ ବୋଧ ।

**Concern**, *v.t.* 1. ସମ୍ବନ୍ଧ ରଖିବାର, ଅବଲମ୍ବନ-କ, ଚାଲେବାର; 2. ନିବଦ୍ଧ-କ, ଯୁକ୍ତ-କ, ଲଗାଇବାର; 3. ବ୍ୟସ୍ତ-କ, ଉଦ୍‌ବିଗ୍ନ-କ ।—*n.* 1. ସମ୍ପର୍କ, ବିଷୟ, କାର୍ଯ୍ୟ; 2. ଗୁରୁତ୍ୱ, ଆବଶ୍ୟକତା; 3. ଚିନ୍ତା, ଉଦ୍‌ବେଗ; 4. ବାଣିଜ୍ୟସମ୍ପ୍ରଦାୟ, କାରଖାନା । [ଉଦ୍‌ବିଗ୍ନ ।

**Concerned**, *p.a.* 1. ସମ୍ପର୍କୀୟ, ସମ୍ପର୍କଯୁକ୍ତ; 2. ଚିନ୍ତିତ,

**Concerning**, *prep.* ସମ୍ବନ୍ଧରେ, ସମ୍ପର୍କରେ, ବିଷୟରେ, ଉଦ୍ଦେଶ୍ୟରେ ।

**Concernment**, *n.* 1. ବିଷୟ; 2. ଅଂଶିତ୍ୱ, ସମ୍ପର୍କ; 3. ବ୍ୟସ୍ତତା, ଚିନ୍ତା; 4. ଗୁରୁତ୍ୱ ।

**Concert**, *v.t.* *kon-cert'*, 1. ପରସ୍ପର ସହିତ କଳ୍ପନା-କ, ପରାମର୍ଶ ଦ୍ୱାରା ନିଷ୍ପତ୍ତି-କ; 2. କଳ୍ପନା-କ, ନିଷ୍ପତ୍ତି-କ । —*n.* *kon'-cert*, 1. କଳ୍ପନାର ଐକ୍ୟ ବା ମେଳ, ସହଯୋଗିତା, ମେଳ; 2. ସଙ୍ଗୀତ, ଗାନବଜାଣା, ବୈଠକଗାନ ।

**Concerted**, *p.a.* ପରାମର୍ଶ ଦ୍ୱାରା କଳ୍ପିତ ବା କୃତ, ସୁରଚିତ ।

**Concertina**, *n.* ବାଦ୍ୟଯନ୍ତ୍ର ବିଶେଷ । [ଦାନ ।

**Concession**, *n.* 1. ସ୍ୱତ୍ୱ, ଅନୁମୋଦନ; 2. ଅଙ୍ଗୀକାର

**Concessive**, *a.* ଅନୁମୋଦନସୂଚକ ।

**Conch**, *n.* ଶଙ୍ଖ, ଶମ୍ବୁ ।

**Conciliate**, *v.t.* 1. ମୈତ୍ରୀ ବା ଅନୁକୂଳଭାବ ଜନ୍ମାଇବାର, ଅନୁରଞ୍ଜିତ-କ, ମିଳାଇବାର, ତୁଷ୍ଟ-କ, ଶାନ୍ତ-କ; 2. ଆୟତ୍ତ-କ, ଲାଭ-କ; 3. ସୁସଙ୍ଗତ ବୋଲି ଦର୍ଶାଇବାର ।

**Conciliation**, *n.* ଅନୁରଞ୍ଜନ, ଆୟତ୍ତୀକରଣ, ତୁଷ୍ଟିକରଣ ।

**Conciliator**, *n.* ଅନୁରଞ୍ଜକ, ତୁଷ୍ଟିକାରକ, ସନ୍ଧିକାରକ ।

**Conciliatory**, *a.* ଅନୁରଞ୍ଜନକାରୀ, ତୁଷ୍ଟିଜନକ, ଅନୁକୂଳ, ଶାନ୍ତିକାରକ । [ଉତ୍ତମତା ।

**Concinnity**, *n.* ସଙ୍ଗତତା, ମେଳ, ଉପଯୁକ୍ତତା,

**Concise**, *a.* ଉତ୍ତମ, ସଂକ୍ଷିପ୍ତ ଓ ବାଳାର୍ଥକ, ସଂକ୍ଷିପ୍ତ ।

**Concisely**, *ad.* ଉତ୍ତମରୂପେ, ସଂକ୍ଷିପ୍ତରୂପେ, ନ୍ୟୂନାର୍ଥକରୂପେ ।

**Conciseness**, *n.* ସଂକ୍ଷିପ୍ତତା ।

**Concision**, *n.* 1. ଛେଦନ; 2. ସଂକ୍ଷିପ୍ତତା । [ସଭା ।

**Conclave**, *n.* 1. ଗୁପ୍ତ କୋଠରୀ, କକ୍ଷାନ୍ତର; 2. ଗୁପ୍ତ

**Conclude**, *v.t.* 1. ସାଙ୍ଗ-କ, ସମାପ୍ତି-କ, ଶେଷ-କ; 2. ଅନୁମାନ-କ; 3. ସ୍ଥିର-କ, ନିଷ୍ପତ୍ତି-କ ।—*v.i.* 1. ଶେଷ-ହ, ସମାପ୍ତ-ହ; 2. ଅନୁମାନ-କ ।

**Concluding**, *p.a.* ସମାପ୍ତିକାରୀ, ଶେଷ ।

**Conclusion**, *n.* 1. ସମାପ୍ତିକରଣ; 2. ସିଦ୍ଧାନ୍ତ, ସିଦ୍ଧାନ୍ତ; 3. ସମାପ୍ତି, ପରିଶେଷ, ଶେଷଭାଗ; 4. ଅନୁମାନ ।

**Conclusive**, *a.* 1. ସିଦ୍ଧାନ୍ତକାରୀ, ସିଦ୍ଧାନ୍ତ, ଦୃଢ଼ବୋଧକ; 2. ଶେଷ ।

**Conclusively**, *ad.* ସିଦ୍ଧାନ୍ତପୂର୍ବକ, ସିଦ୍ଧାନ୍ତରୂପେ ।

**Conclusiveness**, *n.* ସିଦ୍ଧାନ୍ତତ୍ୱ, ଦୃଢ଼ବୋଧକତ୍ୱ ।

**Concoct**, *v.t.* କଳ୍ପନା-କ, ସାଧନ-କ, ବନାଇ-ଦେ ।

**Concoction**, *n.* 1. କଳ୍ପନାକରଣ; 2. ମିଶ୍ରଣ ।

**Concomitance, concomitancy**, *n.* ସଂଯୋଗ, ସହଯୋଗିତା, ସମନ୍ୱୟ ।

**Concomitant**, *a.* ଆନୁଷଙ୍ଗିକ, ସଂଯୁକ୍ତ, ମିଳିତ, ସହବର୍ତ୍ତୀ ।—*n.* ସଙ୍ଗରେ ଥିବା ବିଷୟ, ଆନୁଷଙ୍ଗିକ ବିଷୟ ।

**Concomitantly**, *ad.* ଆନୁଷଙ୍ଗିକରୂପେ, ସଂଯୋଗରେ ।

**Concord**, *n.* 1. ସଦ୍‌ଭାବ, ଏକଚିତ୍ତତା, ମିଳନ, ଏକତା, ଐକ୍ୟ; 2. ସ୍ୱରର ମେଳ; 3. ଅନ୍ୱୟ ।

**Concordance**, *n.* 1. ମିଳନ, ମେଳ; 2. ଗ୍ରନ୍ଥସ୍ଥ ଶବ୍ଦର ନିର୍ଘଣ୍ଟ ବା ଅଭିଧାନ । [ଯୋଗୀ ।

**Concordant**, *a.* ସୁମେଳକ, ଅନୁଯାୟୀ, ଅନୁରୂପ, ଉପ-

**Concordantly**, *ad.* ଉପଯୋଗିରୂପେ ।

**Concordat**, *n.* ମଣ୍ଡଳୀସମ୍ବନ୍ଧରେ ପୋପ୍ ସଙ୍ଗେ ରାଜାଙ୍କ କୃତ ନିୟମ ।

**Concourse**, *n.* 1. ସମାଗମ, ସଙ୍ଗମ; 2. ଜନସମୂହ, ଜନତା, ଭିଡ ।

**Concremation**, *n.* ଏକତ୍ର ଭସ୍ମକରଣ, ସହଦାହକରଣ ।

**Concrescence**, *n.* ସଂଯୋଗ ଦ୍ୱାରା ବର୍ଦ୍ଧନ ।

**Concrete**, *a.* 1. ସଂଘତ, ଜମାଟ, ଜମାଟ; 2. ପଦାର୍ଥରେ ସ୍ଥାୟୀ, (not abstract, ମନରେ ସ୍ଥାୟୀ ନୁହେ) ପ୍ରକୃତ, ସ୍ଥୂଳ ।—*n.* 1. ଜମାଟ ଦ୍ରବ୍ୟ, ଚୂନ ବାଲି ଓ ପୋଡା ଅଦିରେ ମିଶିତ ଦ୍ରବ୍ୟ; 2. ପଦାର୍ଥ ପୁଣି ତହିଁର ଗୁଣସୂଚକ ଶବ୍ଦ ।—*v.i.* ଜମାଟ-ହ, ଜମାଟ-ହ, ଜମି ଯିବାର ।—*v.t.* ଜମାଟ-କ ।

**Concretely**, *ad.* ସ୍ଥୂଳରୂପେ ।

**Concreteness**, *n.* ଜମାଟଭାବ, ଜମାଟ ଅବସ୍ଥା ।

**Concretion**, *n.* 1. ଜମାଟକରଣ, ଘନୀକରଣ; 2. ପିଣ୍ଡ, ଢେଲା, ପାଥୁରି ।

**Concretionary**, *a.* ପଥୁରିଆ ।

**Concubinage**, *n.* ଉପପତ୍ନୀକରଣ, ଉପପତ୍ନୀ ଅବସ୍ଥା, ବିବାହ ବିନା ସହବାସ ।

**Concubine**, *n.* ଉପସ୍ତ୍ରୀ, ଉପପତ୍ନୀ, ରକ୍ଷିତା ।

**Concupiscence**, *n.* କାମ, ଇନ୍ଦ୍ରିୟ ଦୋଷ, ଲମ୍ପଟତା, କୁଅଭିଳାଷ ।

**Concupiscent**, *a.* କାମୀ, କାମୁକ, ଲମ୍ପଟ ।

**Concur**, *v.i.* 1. (ଏକତ୍ର ଦୌଡିବାର), ଏକମତ-ହ, ଏକଚିତ୍ତ-ହ, ସମ୍ମତ-ହ, ଐକ୍ୟ-ହ; 2. ମିଳିତ-ହ ।

**Concurrence**, *n.* 1. ଯୋଗ, ସଂଯୋଗ, ସହଯୋଗିତା; 2. ଏକଚିତ୍ତତା, ସମ୍ମତ, ଏକତା; 3. ସଂଘଟନ; 4. ସମାନ କ୍ଷମତା ।

**Concurrent**, *a.* 1. ଏକ ବିନ୍ଦୁରେ ମିଳିତ; 2. ଆନୁଷଙ୍ଗିକ, ସହଗାମୀ, ସହକାରୀ ।—*n.* ଆନୁଷଙ୍ଗିକ ବିଷୟ, ସହଗାମୀ କାରଣ ।

**Concurrently**, *ad.* ଆନୁଷଙ୍ଗିକରୂପେ, ସଂଯୋଗରେ ।

**Concussion**, *n.* 1. ଧକ୍କା ଦ୍ୱାରା କମ୍ପ, ଧକ୍କା; 2. ପତନ ବା ଆଘାତ ଦ୍ୱାରା ମସ୍ତକ ଅବର କ୍ଷତ ।

**Concussive**, *a.* ଧକ୍କାସମ୍ବନ୍ଧୀୟ, କମ୍ପନୀୟ, କମ୍ପକାରକ ।

**Condemn**, *v.t.* 1. ଦୋଷୀ-କ, ଦୋଷୀ ବୋଲି ସ୍ଥିର-କ, ଅପରାଧୀ-କ; 2. ଭର୍ତ୍ସନା-କ; 3. ଦଣ୍ଡାଜ୍ଞା-ଦେ; 4. ଅକର୍ମଣ୍ୟ ବୋଲି ସ୍ଥିର-କ, ଅପସନ୍ଦ-କ ।—condemned cell, ପ୍ରାଣଦଣ୍ଡଯୋଗ୍ୟ ବନ୍ଦିର କାରାଗାରସ୍ଥ କୋଠରୀ ।

**Condemnable**, *a.* 1. ଦୂଷ୍ୟ, ଦୂଷଣୀୟ; 2. ଭର୍ତ୍ସନୀୟ; 3. ଦଣ୍ଡନୀୟ ।

**Condemnation**, *n.* 1. ଦୋଷୀକରଣ; 2. ଦୋଷୀ ଅବସ୍ଥା, ଦଣ୍ଡ୍ୟାବସ୍ଥା; 3. ଭର୍ତ୍ସନା; 4. ଦଣ୍ଡାଜ୍ଞା; 5. ଭର୍ତ୍ସନାର କାରଣ ।

**Condemnatory**, *a.* ଦୋଷପ୍ରକାଶକ, ଦଣ୍ଡସୂଚକ ।

**Condensability**, *n.* 1. ଘନ କରଣୀୟତା; 2. ତରଳ ଅବସ୍ଥାରେ ପରିଣତଯୋଗ୍ୟତା ।

**Condensable**, *a.* 1. ଘନକରଣୀୟ; 2. ତରଳ ଅବସ୍ଥାରେ ପରିଣତଯୋଗ୍ୟ; 3. ସଂକ୍ଷିପ୍ତକରଣୀୟ ।

**Condensation**, *n.* 1. ଘନୀକରଣ; 2. ଘନୀଭୂତତା, ଗାଢ଼ତା; 3. ବାଷ୍ପୀୟ ଅବସ୍ଥାରୁ ତରଳ ବା ସ୍ଥୂଳାବସ୍ଥାରେ ପରିଣତକରଣ ।

**Condense**, *v.t.* 1. ଗାଢ଼-କ, ଘନ-କ, ଘନୀଭୂତ-କ; 2. ବାଷ୍ପୀୟ ଅବସ୍ଥାରୁ ତରଳ ବା ସ୍ଥୂଳ ଅବସ୍ଥାରେ ପରିଣତ-କ; 3. ସାର କରି ସଂକ୍ଷିପ୍ତ-କ ।—*v.i.* 1. ଘନୀଭୂତ-ହେ, ଘନ-ହେ, ଗାଢ଼-ହେ; 2. ବାଷ୍ପୀୟ ଅବସ୍ଥାରୁ ତରଳ ଅବସ୍ଥାରେ ପରିଣତ-ହେ ।

**Condenser**, *n.* 1. ବାୟୁ ରୁନ୍ଧିବା ଯନ୍ତ୍ର; 2. ବାଷ୍ପ ଘନ କରିବା ପାତ୍ର ।

**Condescend**, *v.i.* ନମ୍ର-ହେ, ନିରସ୍ତୀ-ହେ, ପ୍ରସନ୍ନ-ହେ ।

**Condescending**, *a.* ନିରସ୍ତୀ, ନମ୍ର, ନମ୍ରତାପ୍ରକାଶକ, ନିରସ୍ତଭାବରେ ଅନୁଗ୍ରାହକ ।

**Condescendingly**, *ad.* ନିରସ୍ତିଭାବେ, ନମ୍ରତାପୂର୍ବକ, ଶିଷ୍ଟତାପୂର୍ବକ ।

**Condescension**, *n.* ସ୍ୱେଚ୍ଛାରେ ସ୍ୱପ୍ରାଧାନ୍ୟ ତ୍ୟାଗକରଣ, ନମ୍ରତା, ସାନ ଲୋକ ପ୍ରତି ବଡ଼ ଲୋକର ଆଳାପି ଗୁଣ, ଶିଷ୍ଟତା, ସୁଶୀଳତା ।

**Condign**, *a.* ଯଥାର୍ଥ, ଉପଯୁକ୍ତ, ସମୁଚିତ, applied to punishment.

**Condignly**, *ad.* ଉପଯୁକ୍ତରୂପେ, ଉଚିତରୂପେ ।

**Condiment**, *n.* ସ୍ୱାଦୁଜନକ ଦ୍ରବ୍ୟ, ଖାଦ୍ୟର ଉପକରଣ, ଯଥା,—ମସଲା, ଅଚାର, ଚଟଣୀ ଆଦି ।

**Condition**, *n.* 1. ନିର୍ଦ୍ଧାରଣ, ନିୟମ, ସର୍ତ୍ତ, ପଣ, ବନ୍ଦୋବସ୍ତ; 2. ଦଶା, ଅବସ୍ଥା, ଭାବ, ସ୍ଥିତି, ଗତି; 3. ପଦ, ପଦମର୍ଯ୍ୟାଦା; 4. ପ୍ରକୃତି; 5. ପୂର୍ବାବଶ୍ୟକ ବିଷୟ ବା ଘଟଣା ଯାହା କି କାରଣ ନୁହେ ।—*v.t.* ନିର୍ଦ୍ଧାରଣ-କ, ନିୟମାବଦ୍ଧ-କ, ନିୟମ-କ ।

**Conditional**, *a.* ନିୟମାଧୀନ, ସର୍ତ୍ତଯୁକ୍ତ, ସନିୟମ ।

**Conditionality**, *n.* ନିୟମାଧୀନତା ।

**Conditionally**, *ad.* ନିୟମାଧୀନରୂପେ, ନିୟମମତେ, ସର୍ତ୍ତ ଅନୁସାରେ ।

**Conditioned**, *p.a.* 1. ଅବସ୍ଥାଯୁକ୍ତ, ଗୁଣଯୁକ୍ତ; 2. ନିୟମାଧୀନ, in metaphysics, ସମ୍ବନ୍ଧବିଶିଷ୍ଟ ।

**Condolatory**, *a.* ସମଦୁଃଖ ପ୍ରକାଶକ, ସହାନୁଭୂତି ପ୍ରକାଶକ ।

**Condole**, *v.i.* ଅନ୍ୟ ଲୋକ ସହିତ ବିଳାପ-କ, ପର ଦୁଃଖରେ ଦୁଃଖୀ-ହେ, followed by *with*.

Condolement, condolence, *n.* ଅନ୍ୟ ସହିତ ବିଳାପ, ପର ଦୁଃଖରେ ଦୁଃଖପ୍ରକାଶ ।

Condonation, *n.* ବିବାହ ନିୟମ ଭଙ୍ଗର ଅପରାଧର ଉପେକ୍ଷାକରଣ, କ୍ଷମା ।

Condone, *v.t.* 1. କ୍ଷମା-କ, ଅପରାଧ ମାର୍ଜ୍ଜନା-କ; 2. ଉପେକ୍ଷା-କ, ବିବାହ ନିୟମ ଭଙ୍ଗର ଅପରାଧ ଉପେକ୍ଷା-କ ।

Condor, *n.* ଗୃଧ୍ରଜାତି ବୃହତ୍ ପକ୍ଷୀ ବିଶେଷ ।

Conduce, *v.i.* ଅନୁକୂଳ-ହେ, ଅନୁକୂଳ-କ, ସାହାଯ୍ୟ-କ, followed by *to*.

Conducive, *a.* ଅନୁକୂଳ, ସହକାରୀ, ଉପକାରୀ, ପ୍ରବର୍ତ୍ତକ, ଜନକ, followed by *to*.

Conduciveness, *n.* ଅନୁକୂଳତା, ସହାୟତା ।

Conduct, *n.* *kon'-dukt*, 1. କର୍ତ୍ତୃତ୍ୱ, କର୍ମନିର୍ବାହ, ନିର୍ବାହ, ପରିଚାଳନ; 2. ଆଚରଣ, ବ୍ୟବହାର, ଅସ୍ୱରବ୍ୟବହାର, ସ୍ୱଚ୍ଚରଣ; 3. ପଥରକ୍ଷକ ସୈନ୍ୟଦଳ ।—*v.t.* 1. *kon-dukt'*, 1. ପଥ ଦେଖାଇବାର, ପଥରେ ରକ୍ଷଣାର୍ଥେ ସଙ୍ଗେ ଯିବାର; 2. ନିର୍ବାହ-କ; 3. ଆଚରଣ-କ, *refl.*; 4. ସଞ୍ଚାଳନ-କ, ବହି ନେବାର, ଚଳାଇବାର ।—*v.i.* ସଞ୍ଚାଳିତ-ହେ ।

Conductible, *a.* ସଞ୍ଚାଳନୀୟ ।

Conduction, *n.* ସଞ୍ଚାଳନ ।

Conductive, *a.* ସଞ୍ଚାଳକ ଶକ୍ତିବିଶିଷ୍ଟ ।

Conductor, *n.* 1. ପଥଦର୍ଶକ; 2. ସମ୍ପାଦକ, ନିର୍ବାହକ; 3. ସଙ୍ଗୀତର ଚାଳକ; 4. ସଞ୍ଚାଳକ ଶକ୍ତିବିଶିଷ୍ଟ ପଦାର୍ଥ; 5. ବିଜୁଳି ଦଣ୍ଡ ।

Conductress, *n.* 1. ପଥଦର୍ଶିକା; 2. ସମ୍ପାଦିକା ।

Conduit, *n.* ପୟଃନାଳ, ନର୍ଦ୍ଦମା, ପ୍ରଣାଳୀ ।

Cone, *n.* 1. ସୂଚ୍ୟାକାର ଘନକ୍ଷେତ୍ର; 2. କେତେକ ଚିର ହରିତ ବୃକ୍ଷର ଫଳ ।

Confabulate, *v.i.* କଥାବାର୍ତ୍ତା-କ, ଗପ-କ ।

Confabulation, *n.* କଥାବାର୍ତ୍ତା, ଗପ ।

Confection, confect, *n.* 1. ଔଷଧର ମିଶ୍ରଣ; 2. ମିଠାଇ, ମିଷ୍ଟାନ୍ନ ।

Confectionary, *a.* ମିଠାଇସମ୍ବନ୍ଧୀୟ ।—*n.* ମିଠାଇ, [ମିଷ୍ଟାନ୍ନ ।

Confectioner, *n.* ଗୁଡ଼ିଆ, ମିଠାଇ ବନାଇବା ବା ବିକ୍ରୟ କରିବା ଲୋକ ।

Confectionery, *n.* 1. ମିଠାଇ ପ୍ରକାର; 2. ମିଠାଇ ଦୋକାନ ।

Confederacy, *n.* 1. ନିୟମ, ସନ୍ଧି, ମେଳ; 2. ସନ୍ଧିବଦ୍ଧ ଲୋକମାନେ ।

Confederate, *a.* ସନ୍ଧିବଦ୍ଧ ।—*n.* 1. ସନ୍ଧିବଦ୍ଧ ବ୍ୟକ୍ତି ବା ରାଜ୍ୟ; 2. ସହକାରୀ ।—*v.i.* ସନ୍ଧିବଦ୍ଧ-ହେ, ନିୟମବଦ୍ଧ-ହେ ।—*v.t.* ସନ୍ଧିବଦ୍ଧ-କ ।

Confederation, *n.* ସନ୍ଧି, ମେଳ ।

Confederative, *a.* ସନ୍ଧିସମ୍ବନ୍ଧୀୟ, ସନ୍ଧିବଦ୍ଧ ଲୋକସମ୍ବନ୍ଧୀୟ ।

Confer, *v.i.* 1. କଥୋପକଥନ-କ, ପରାମର୍ଶ-କ; 2. ପ୍ରଦାନ-କ, with *on* or *upon*.

**Conference**, *n.* 1. କଥୋପକଥନ, ପରାମର୍ଶକରଣ; 2. ପରାମର୍ଶ ବା ତର୍କ କରଣାର୍ଥକ ସଭା, ପ୍ରତିନିଧିମାନଙ୍କର ସଭା; 3. ଦାନ ।

**Conferential**, *a.* କଥୋପକଥନସମ୍ବନ୍ଧୀୟ, ପ୍ରତିନିଧିମାନଙ୍କର ସଭାସମ୍ବନ୍ଧୀୟ ।

**Conferrable**, *a.* ଦାନକରଣୀୟ, ଅର୍ପଣୀୟ ।

**Confess**, *v.t.* 1. ଅଙ୍ଗୀକାର-କ, ସ୍ୱୀକାର-କ, ମାନିବାର; 2. ପ୍ରକାଶ-କ; 3. ମୋଚନାର୍ଥେ ଯାଜକ ନିକଟରେ (ପାପ) ପ୍ରକାଶ-କ, sometimes refl.; 4. ପାପସ୍ୱୀକାର ଶୁଣିବାର ।—*v.i.* 1. ଦୋଷ ବା ଅପରାଧ ସ୍ୱୀକାର-କ; 2. ଯାଜକ ନିକଟରେ ପାପ ସ୍ୱୀକାର-କ ।

**Confessed**, *p.a.* 1. ଅଙ୍ଗୀକୃତ, ସ୍ୱୀକୃତ; 2. ସ୍ପଷ୍ଟ, ବ୍ୟକ୍ତ, ସୁପ୍ରକାଶ ।

**Confessedly**, *ad.* ଅଙ୍ଗୀକାରପୂର୍ବକ, ସ୍ୱୀକାରପୂର୍ବକ, ନିଃସନ୍ଦେହରେ ।

**Confession**, *n.* 1. ସ୍ୱୀକାରକରଣ, ସ୍ୱୀକାର, ଅଙ୍ଗୀକାର, ଅପରାଧ ଆଦି ସ୍ୱୀକାର; 2. ଯାଜକ ନିକଟରେ ପାପସ୍ୱୀକାର; 3. ଧର୍ମମତ ।

**Confessional**, *n.* ସ୍ୱୀକାର ଶ୍ରବଣାର୍ଥେ ଯାଜକର ବସିବା କୋଠରି ନ ଯାହାର ସ୍ଥାନ ଛିଦ୍ରକର ବାହାର ପାଖେ ଲୋକେ ଆଣ୍ଠୁ ପାତି ପାପ ସ୍ୱୀକାର କରନ୍ତି ।—*a.* ପାପ ସ୍ୱୀକାରସମ୍ବନ୍ଧୀୟ ।

**Confessor**, *n.* 1. ପାପ ସ୍ୱୀକାରକାରୀ; 2. ଖ୍ରୀଷ୍ଟ ଧର୍ମରେ ଦୃଢ ବିଶ୍ୱାସୀ; 3. ପାପସ୍ୱୀକାର ଶ୍ରବଣକାରୀ ଯାଜକ ।

**Confest**, past *p.* or *a.* for Confessed.

**Confidant**, *n.* fem. Confidante, ବିଶ୍ୱାସପାତ୍ର, ରହସ୍ୟ ମିତ୍ର, ସଖା, ସଖୀ, ବିଶ୍ୱସ୍ତ ମିତ୍ର ।

**Confide**, *v.i.* ନିର୍ଭର-କ, ଦୃଢ ବିଶ୍ୱାସ-କ, followed by *in*.—*v.t.* ବିଶ୍ୱାସପୂର୍ବକ ସମର୍ପଣ-କ, ଜିମ୍ମାରେ-ଦେ, to *confide* a thing *to* a person.

**Confidence**, *n.* 1. ଦୃଢ ବିଶ୍ୱାସ, ନିର୍ଭର; 2. ଆତ୍ମନିର୍ଭରତା, ସାହସ, ନିର୍ଭୀକତା; 3. ବିଶ୍ୱାସଭୂମି; 4. ସନ୍ଦେହଶୂନ୍ୟ ବନ୍ଧୁତା; 5. ଗୁପ୍ତ ବିଷୟ ।

**Confident**, *a.* 1. ଦୃଢବିଶ୍ୱାସୀ, ପ୍ରତ୍ୟୟାନ୍ୱିତ, ନିର୍ଭରଶୀଳ; 2. ଆତ୍ମନିର୍ଭରଶୀଳ; 3. ସନିଶ୍ଚିତ, ସ୍ୱମତାଭିମାନୀ ।—*n.* ରହସ୍ୟ ମିତ୍ର ।

**Confidential**, *a.* 1. ବିଶ୍ୱାସପାତ୍ର, ବିଶ୍ୱସ୍ତ; 2. ଗୁପ୍ତ, ଗୋପନୀୟ; 3. ଗୁପ୍ତ ବିଷୟ ପ୍ରକାଶକାରୀ ବା ପ୍ରକାଶେଚ୍ଛୁକ ।

**Confidentially**, *ad.* ବିଶ୍ୱାସପାତ୍ରରୂପେ, ଗୁପ୍ତଭାବେ, ଗୋପନୀୟରୂପେ ।

**Confidently**, *ad.* ଦୃଢବିଶ୍ୱାସପୂର୍ବକ, ନିଃସନ୍ଦେହରେ ।

**Confiding**, *a.* ନିର୍ଭରଶୀଳ, ଆଶୁପ୍ରତ୍ୟୟୀ । [ରୂପେ ।

**Confidingly**, *ad.* ନିର୍ଭରଶୀଳରୂପେ, ଆଶୁପ୍ରତ୍ୟୟୀ-

**Confidingness**, *n.* ନିର୍ଭରଶୀଳତା ।

**Configuration**, *n.* ବହିରାକୃତି, ଆକାର, ଅବୟବ, ଗଠନ ।

**Configure**, *v.t.* କୌଣସି ରୂପ ବା ଆକୃତିରେ ସଜାଇବାର ।

**Confinable**, *a.* ସୀମାକରଣୀୟ ।

**Confine**, *n.* *kon'-fin*, 1. ସୀମା, ସରହଦ, ପ୍ରାନ୍ତ; 2. ପ୍ରାନ୍ତଦେଶ, generally pl. ।—*v.t.* *kon-fin'*, 1. ସୀମାବଦ୍ଧ-କ, ଆଟକ-କ; 2. କାରାବଦ୍ଧ-କ, କଏଦ-କ ।—to be confined, ପ୍ରସବାବସ୍ଥାରେ ଥିବାର, ପ୍ରସବ-କ ।

**Confined**, *p.a.* ସୀମାବଦ୍ଧ, ବଦ୍ଧ, ସଙ୍କୀର୍ଣ୍ଣ ।

**Confinement**, *n.* 1. ସୀମାବଦ୍ଧକରଣ; 2. ସୀମାବଦ୍ଧ ଅବସ୍ଥା, ଆଟକ; 3. କଏଦାବସ୍ଥା, କାରାବନ୍ଧନ; 4. ପ୍ରସବାବସ୍ଥା, ପ୍ରସବକାଳ, ପ୍ରସବ ।

**Confirm**, *v.t.* 1. ଦୃଢ-କ, ଅଧିକ ଦୃଢ-କ; 2. ସାବ୍ୟସ୍ତ-କ, ସ୍ଥିରୀକୃତ-କ, ନିଶ୍ଚିତ-କ, ସମର୍ଥନ-କ; 3. ସରକାରୀ ଖ୍ରୀଷ୍ଟିୟ ମଣ୍ଡଳୀରେ ଭୁକ୍ତ କରିବା ନିମନ୍ତେ ପ୍ରଧାନ ଧର୍ମାଧ୍ୟକ୍ଷ ଦ୍ୱାରା ହସ୍ତାର୍ପଣ-କ ।

**Confirmable**, *a.* ଦୃଢୀକରଣୀୟ, ପ୍ରମାଣଯୋଗ୍ୟ, ସ୍ଥିରକରଣୀୟ, ସପ୍ରମାଣ୍ୟ ।

**Confirmation**, *n.* 1. ଦୃଢୀକରଣ; 2. ପ୍ରମାଣ, ପ୍ରତ୍ୟୟଜନକ ପ୍ରମାଣ, ସମର୍ଥନ; 3. ସରକାରୀ ଖ୍ରୀଷ୍ଟିୟ ମଣ୍ଡଳୀରେ ଭୁକ୍ତ କରିବା ନିମନ୍ତେ ପ୍ରଧାନ ଧର୍ମାଧ୍ୟକ୍ଷ ଦ୍ୱାରା ହସ୍ତାର୍ପଣ ।

**Confirmative, confirmatory**, *a.* ଦୃଢୀକରଣକ୍ଷମ, ସାବ୍ୟସ୍ତକାରୀ ।

**Confirmed**, *p.a.* ଅଭ୍ୟାସିତ, (ଅଭ୍ୟାସିତ ମଦୁଆଲା), ସ୍ଥାୟୀ, (ସ୍ଥାୟୀ ରୋଗ) ।

**Confiscable**, *a.* କ୍ରୋକଯୋଗ୍ୟ, ଜବତଯୋଗ୍ୟ ।

**Confiscate**, *v.t.* କ୍ରୋକ-କ, ଜବତ-କ, ଦଣ୍ଡସ୍ୱରୂପ ରାଜକୋଷରେ ଭୁକ୍ତ-କ ।

**Confiscation**, *n.* କ୍ରୋକ, ବିଷୟର ଜବତକରଣ, ଦଣ୍ଡସ୍ୱରୂପ ରାଜକୋଷରେ ଭୁକ୍ତକରଣ, ଦଣ୍ଡାର୍ଥେ ଧନାଦି ହରଣ ।

**Confiscatory**, *a.* କ୍ରୋକସମ୍ବନ୍ଧୀୟ, କ୍ରୋକକରଣଯୋଗ୍ୟ ।

**Conflagrate**, *v.i.* ଜଳି ଉଠିବାର, ପ୍ରଜ୍ୱଳିତ-ହେ ।

**Conflagration**, *n.* ମହାଗ୍ନି, ବ୍ୟାପକାଗ୍ନି, ଦାହ ।

**Conflict**, *n.* *kon'-flikt*, 1. ଯୁଦ୍ଧ, ସଂଗ୍ରାମ, ବିବାଦ; 2. ବିରୋଧ, ଅମେଳ ।—*v.i.* *kon-flikt'*, 1. ଯୁଦ୍ଧ-କ, ବିବାଦ-କ; 2. ବିରୋଧୀ-ହେ, ବିରୁଦ୍ଧ-ହେ ।

**Conflicting**, *p.a.* ବିରୁଦ୍ଧ, ବିରୋଧୀ, ବିପରୀତ ।

**Confluence, Conflux**, *n.* 1. ଏକତ୍ର ପ୍ରବାହ, ସ୍ରୋତର ସଙ୍ଗମସ୍ଥାନ; 2. ଜନତା ।

**Confluent**, *a.* 1. ଏକତ୍ର ପ୍ରବହମାନ; 2. ମିଳିତ ।—*n.* ଉପନଦୀ, ଶାଖା ସ୍ରୋତ ।

**Conform**, *v.t.* ଅନୁରୂପ-କ, ଉପଯୋଗୀ-କ, ଅନୁସାରେ ଚଳାଇବାର, ଅନୁବର୍ତ୍ତୀ କରାଇବାର, often refl. ।—*v.i.* 1. ସମ୍ମତ-ହେ, ଅନୁସାରେ ଚଳିବାର, ଅନୁବର୍ତ୍ତୀ-ହେ; 2. ସରକାରୀ ଖ୍ରୀଷ୍ଟିୟ ମଣ୍ଡଳୀର ମତ ଗ୍ରହଣ-କ, followed by *to*.

**Conformable**, *a.* 1. ଅନୁରୂପ, ଅନୁଯାୟୀ, ସଙ୍ଗତ; 2. ତୁଲ୍ୟ, ସଦୃଶ; 3. ଆଜ୍ଞାବହ ।

**Conformably**, *ad.* ଅନୁରୂପେ, ଅନୁସାରେ, ମତେ ।

**Conformation**, *n.* 1. ଅନୁରୂପକରଣ; 2. ଆକୃତି, ଅବୟବ, ରୂପ, ଗଢଣ, ଗଠନ, ଢୌଲ ।

**Conformist**, *n.* ଆଜ୍ଞାନୁବର୍ତ୍ତୀ ଲୋକ, ବିଶେଷତଃ ସରକାରୀ ଖ୍ରୀଷ୍ଟିୟ ମଣ୍ଡଳୀର ମତ ଗ୍ରହଣକାରୀ ଲୋକ ।

**Conformity**, *n.* 1. ଅନୁରୂପତା, ସାଦୃଶ୍ୟ, ତୁଲ୍ୟତା; 2. ଆଜ୍ଞାନୁବର୍ତ୍ତନ, ସମ୍ମତ; 3. ସରକାରୀ ଖ୍ରୀଷ୍ଟିୟ ମଣ୍ଡଳୀର ମତଗ୍ରହଣ ।

**Confound**, *v.t.* 1. ମିଶାଇବାର, ମିଶ୍ରିତ-କ; 2. (ଏକ ବିଷୟକୁ ଅନ୍ୟ ବିଷୟ ବୋଲି) ଭୁଲ-କ, ମଧ୍ୟରେ ଭୁଲ-କ; 3. ଘାବରା-କ, ଅବାକ୍-କ, ଅପ୍ରସ୍ତୁତ-କ; 4. ଲଜ୍ଜିତ-କ; 5. ନଷ୍ଟ-କ, ବ୍ୟର୍ଥ-କ ।—confound you, ତୁମ୍ଭର ଅମଙ୍ଗଳ ଘଟୁ, (colloquial).

**Confounded**, *p.a.* (colloquial), ଅତି, ଅତିମନ୍ଦ, ଘୃଣ୍ୟ, ପକ୍କା ।

**Confoundedly**, *ad.* (colloquial), ଘୃଣ୍ୟରୂପେ ।

**Confraternity**, *n.* ଭ୍ରାତୃଦଳ, ସମ୍ପ୍ରଦାୟ, ସମାଜ ।

**Confront**, *v.t.* 1. ସମ୍ମୁଖ-କ, ମୁହାମୁହିଁ-କ; 2. ପ୍ରତିକୂଳ-କ, ବାଧା-ଦେ; 3. ମୁକାବିଲା-କ, ତୁଳନା-କ ।

**Confuse**, *v.t.* 1. ଗୋଳମାଳ କରି ମିଶାଇବାର, ବିଶୃଙ୍ଖଳ-କ, (ଏକ ବିଷୟକୁ ଅନ୍ୟ ବିଷୟ ବୋଲି) ଭୁଲ-କ; 2. ଘାବରା-କ, ଅପ୍ରସ୍ତୁତ-କ, ବ୍ୟସ୍ତ-କ ।

**Confused**, *p.a.* 1. ଗୋଳମାଳିଆ, ମିଶ୍ରିତ; 2. ଘାବରାଣୀଆ, ବ୍ୟସ୍ତ ।

**Confusedly**, *ad.* 1. ଗୋଳମାଳିଆରୂପେ; 2. ବ୍ୟସ୍ତତାସହିତ ।

**Confusion**, *n.* 1. ଗୋଳମାଳ, ଅଜଡ଼ାଭଜଡ଼ା, ବିଶୃଙ୍ଖଳା, ଲଣ୍ଡଭଣ୍ଡ, ଗଣ୍ଡଗୋଳ; 2. ଘାବରାପଣ, ବ୍ୟସ୍ତତା ।

**Confutable**, *a.* ଖଣ୍ଡନୀୟ ।

**Confutation**, *n.* ଖଣ୍ଡନ ।

**Confute**, *v.t.* ଅସାବ୍ୟସ୍ତ-କ, ଖଣ୍ଡନ-କ, ଭ୍ରମ ବିଷୟରେ ବୋଧ ଦେବାର ବା ପ୍ରମାଣ-କ ।

**Congé**, **congee**, *n.* kon-zhā, (French), ବିଦାୟ, ବିଦାୟଗ୍ରହଣ, ନମସ୍କାର ।—congé d' élire, ସରକାରୀ ଖ୍ରୀଷ୍ଟିୟ ମଣ୍ଡଳୀର ପ୍ରଧାନ ଧର୍ମାଧ୍ୟକ୍ଷ ମନୋନୀତ କରିବା ନିମନ୍ତେ ରାଜଦତ୍ତ ଅନୁମତିପତ୍ର ।

**Congealable**, *a.* ଜମାଟ ହେବା ଯୋଗ୍ୟ ।

**Congealation**, *n.* ଜମାଟକରଣ, ଜମାଟ, ତରଳ ଅବସ୍ଥାରୁ ଘନ ଅବସ୍ଥାରେ ପରିଣତ, ପିଣ୍ଡ । [ବସ୍ତୁ ।

**Congener**, *n.* ସଜାତୀୟ ଲୋକ ବା ବସ୍ତୁ, ସମସ୍ୱଭାବକ

**Congenial**, *a.* 1. ସମସ୍ୱଭାବକ; 2. ସ୍ୱଭାବାନୁଯାୟୀ, ତୁଷ୍ଟିକର; 3. ତୁଲ୍ୟ ।

**Congeniality**, *n.* 1. ସମସ୍ୱଭାବକତା, ସମସ୍ୱଭାବ; 2. ସ୍ୱଭାବରେ ସାଦୃଶ୍ୟ, ତୁଷ୍ଟିକରତା, ଉପଯୁକ୍ତତା ।

**Congenital**, *a.* ସହଜାତ, ଆଜନ୍ମକାଳ, ବଂଶପରମ୍ପରାଗତ ।

**Conger**, *n.* ସମୁଦ୍ର ଭୋଡମାଛ ।

**Congeries**, *n.* ରାଶି, ସୂକ୍ଷ୍ମବସ୍ତୁର ସଂଗୃହୀତ ରାଶି ।

**Congest**, *v.t.* (ରକ୍ତର) ଅସ୍ୱାଭାବିକ ସଞ୍ଚୟ କରାଇବାର ।—*v.i.* ରକ୍ତ ଅସ୍ୱାଭାବିକରୂପେ ସଞ୍ଚିତ-ହେ, ଅତିରିକ୍ତରୂପେ ଜମା-ହେ ।

**Congested**, *p.a.* ଅସ୍ୱାଭାବିକ ରକ୍ତାଧିକ ।

**Congestion**, *n.* ରକ୍ତବାହକ ନାଡ଼ୀର ଅତିରିକ୍ତ ପୂର୍ଣ୍ଣତା, ରକ୍ତଜମା, ରକ୍ତର ଅପ୍ରବହନ ।

**Congestive**, *a.* ରକ୍ତର ଅପ୍ରବହନସମ୍ବନ୍ଧୀୟ, ରକ୍ତଜମାବିଷୟକ ।

**Conglobate**, *a.* ଗୋଲରେ ସଞ୍ଚିତ ।—also conglobe, *v.t.* and *i.* ଗୋଲରେ ସଞ୍ଚୟ-କ ।

**Conglobation**, *n.* ଗୋଲରେ ସଞ୍ଚୟକରଣ, ଗୋଲ, ବର୍ତ୍ତୁଳ ।

**Conglomerate**, *v.t.* and *i.* ଗୋଲରେ ସଞ୍ଚୟ-କ, ପିଣ୍ଡୁଳାରେ ସଞ୍ଚୟ-କ, ବର୍ତ୍ତୁଳାକୃତ-କ ।—*a.* 1. ପିଣ୍ଡୁଳାରେ ସଞ୍ଚିତ; 2. ଗୁଚ୍ଛିତ; 3. ଜମାଟ ବାଲିଗୋଡ଼ାଯୁକ୍ତ ।—*n.* ଜମାଟ ବାଲିଗୋଡ଼ା ପଥର ।

**Conglomeration**, *n.* 1. ପିଣ୍ଡୁଳାରେ ସଞ୍ଚୟକରଣ, ରାଶୀକରଣ; 2. ପିଣ୍ଡୁଳାରେ ସଞ୍ଚୟ, ଜମା, ପିଣ୍ଡ, ମିଶ୍ରଣ ।

**Conglutinate**, *v.t.* 1. ଅଠାଦ୍ୱାରା ସଂଯୁକ୍ତ-କ; 2. ସଂଯୁକ୍ତ କରିବା ଦ୍ୱାରା କ୍ଷତ ଶୁଷ୍କ-କ । [ଯୋଗ ।

**Conglutination**, *n.* ଅଠାଦ୍ୱାରା ସଂଯୁକ୍ତକରଣ, ସଂ-

**Conglutinative**, *a.* ଅଠାଦ୍ୱାରା ସଂଯୁକ୍ତକରଣୀୟ, ସଂଯୋଜକ ।

**Congratulant**, *a.* ସୁଭେଚ୍ଛାପ୍ରକାଶକ, ପରମଙ୍ଗଳରେ ଆନନ୍ଦପ୍ରକାଶକ ।

**Congratulate**, *v.t.* 1. ସୁଭେଚ୍ଛା ପ୍ରକାଶ-କ, ପରମଙ୍ଗଳରେ ଆନନ୍ଦପ୍ରକାଶ-କ, ଅଭିନନ୍ଦନ-କ; 2. refl. ଆପଣାକୁ ଭାଗ୍ୟବାନ୍ ମଣିବାର । [ବାଦନ ।

**Congratulation**, *n.* ସୁଭେଚ୍ଛାପ୍ରକାଶକରଣ, ମଙ୍ଗଳ-

**Congratulatory** *a.* ସୁଭେଚ୍ଛାପ୍ରକାଶକ, ମଙ୍ଗଳବାଦକ ।

**Congregate**, *v.t.* ଏକତ୍ର-କ, ସଭା-କ, ସମବେତ-କ ।—*v.i.* ଏକତ୍ର-ହେ, ସମବେତ-ହେ ।

**Congregation**. *n.* 1. ଏକତ୍ରକରଣ, ସମବେତ; 2. ସଭା, ମଣ୍ଡଳୀ, ମଜଲିସ ।

**Congregational**, *a.* 1. ସଭାସମ୍ପର୍କୀୟ; 2. ଆତ୍ମଶାସିତ ଖ୍ରୀଷ୍ଟିୟ ମଣ୍ଡଳୀସମ୍ବନ୍ଧୀୟ, ଆତ୍ମଶାସିତ ମଣ୍ଡଳୀର ମତାବଲମ୍ବୀ; 3. ଆତ୍ମଶାସିତ ମଣ୍ଡଳୀର ମତସମ୍ବନ୍ଧୀୟ ।

**Congregationalist**, *n.* ଆତ୍ମଶାସିତ ମଣ୍ଡଳୀର ମତାବଲମ୍ବୀ ଲୋକ ।

**Congress**, *n.* 1. ସଭା, ସମାଗମ, ରାଜସଭା, ଜାତୀୟସଭା; 2. ଆମେରିକା ଦେଶୀୟ ବ୍ୟବସ୍ଥାପକ ସଭା ।

**Congruence**, **congruency**, *n.* ମେଳ, ଉପଯୁକ୍ତତା, ସଙ୍ଗତତା ।

**Congruent**, *a.* ଉପଯୋଗୀ, ସଙ୍ଗତ ।

**Congruity**, *n.* ଉପଯୁକ୍ତତା, ମେଳ, ସଙ୍ଗତତା ।

**Congruous**, *a.* ଉପଯୁକ୍ତ, ସଙ୍ଗତ, ନ୍ୟାଯ୍ୟସଙ୍ଗତ ।

**Congruously**, *ad.* ଉପଯୁକ୍ତରୂପେ, ସଙ୍ଗତରୂପେ ।

**Conic**, *a.* 1. ସୂଚ୍ୟାକାର, ଚୂଡ଼ାକୃତ, ଶୁଣ୍ଡାକୃତ; 2. (କ୍ଷେତ୍ରତତ୍ତ୍ୱରେ), ସୂଚ୍ୟଗ୍ର ଘନକ୍ଷେତ୍ରସମ୍ବନ୍ଧୀୟ ।—Conic sections, conics, ସୂଚ୍ୟଗ୍ର ଘନକ୍ଷେତ୍ର ।

**Conical**, *a.* ଚୂଡ଼ାକୃତ ।

**Conically**, *ad.* ଚୂଡ଼ାକୃତରେ ।

Conifer, *n.* ଶୁଣ୍ଡାକୃତ ଗାଳବୋଷ ଉତ୍ପାଦକ ବୃକ୍ଷ ।

Conjecturable, *a.* ଅନୁମେୟ ।

Conjectural, *a.* ଆନୁମାନିକ, ଅନିଶ୍ଚିତ, ଅନାଜ ।

Conjecturally, *ad.* ଆନୁମାନିକରୂପେ ।

Conjecture, *n.* ଅନୁମାନ, ଅଟକଳ, ସନ୍ଦେହଯୁକ୍ତ ବା ଅନିଶ୍ଚିତ ବୋଧ, ଅନାଜ ।—*v.t.* and *i.* ଅନୁମାନ-କ, ଅନିଶ୍ଚିତରୂପେ ବୋଧ-କ ।

Conjoin, *v.t.* 1. ସଂଯୋଗ-କ, ସଂଯୁକ୍ତ-କ; 2. ମିଳାଇବାର ।—*v.i.* ସଂଯୁକ୍ତ-ହେ ।

Conjoint, *a.* ସଂଯୁକ୍ତ, ମିଳିତ ।

Conjointly, *ad.* ସଂଯୋଗପୂର୍ବକ, ମିଳି କରି ।

Conjugal, *a.* ବିବାହସମ୍ବନ୍ଧୀୟ, ବୈବାହିକ ।

Conjugate, *v.t.* 1. ସଂଯୁକ୍ତ-କ, ବିବାହ ନିୟମ ଦ୍ୱାରା ଆବଦ୍ଧ-କ; 2. ଧାତୁରୂପ-କ ।—*a.* 1. ଯୋଡା, ଯୁକ୍ତ; 2. ସହମୂଳକ ।—*n.* ସହମୂଳକ ଶବ୍ଦ ।

Conjugation, *n.* ଧାତୁରୂପକରଣ, ଧାତୁରୂପ ।

Conjunct, *a.* ସଂଯୁକ୍ତ, ମିଳିତ ।

Conjunction, *n.* 1. ସଂଯୁକ୍ତକରଣ, ସଂଯୋଗ, ମିଳନ, ଯୋଗ; 2. ଯୋଗବାଚୀ ଶବ୍ଦ, ସମୁଚ୍ଚୟ ବୋଧକ ଶବ୍ଦ ।

Conjunctional, *a.* 1. ଯୋଗସମ୍ବନ୍ଧୀୟ; 2. ସମୁଚ୍ଚୟ ବୋଧକ ଶବ୍ଦସମ୍ବନ୍ଧୀୟ ।

Conjunctive, *a.* ଯୋଗବାଚୀ, ସଂଯୋଜକ ।

Conjunctively, *ad.* ସଂଯୋଜକରୂପେ, ସଙ୍ଗେ ।

Conjunctly, *ad.* ସଂଯୁକ୍ତରୂପେ, ମିଳି କରି, ଏକତ୍ର ।

Conjuncture, *n.* ଘଟଣାର ବିଷୟମାନର ସଂଯୋଗ, ଶୁଭାଶୁଭ ନିଷ୍ପାଦକ କାଳ, ସନ୍ଧିକ୍ଷଣ ।

Conjuration, *n.* 1. ଗମ୍ଭୀର ଆଦେଶ ବା ଅନୁରୋଧ; 2. ମନ୍ତ୍ର ।

Conjure, *v.t.* kon-jūr′, ଗମ୍ଭୀରଭାବେ ଆଦେଶ ବା ଅନୁରୋଧ-କ, ମିନତି-କ ।

Conjure, *v.t.* kun′-jer, ଜପ ଓ ମନ୍ତ୍ର ଦ୍ୱାରା ଆହ୍ୱାନ-କ, ମାୟା ଦ୍ୱାରା ସମ୍ପନ୍ନ-କ, ଇନ୍ଦ୍ରଜାଲ ଦ୍ୱାରା ଘଟାଇବାର ।—*v.i.* ଭେଲ୍କି-କ, ଯାଦୁ-କ ।

Conjurer, conjuror, *n.* କୁହୁକୀ, ଯାଦୁଗର ।

Connascent, *a.* ସମକାଳେ ଜାତ, ସମକାଳୀନ ।

Connate, *a.* ସହଜାତ, ଏକକାଳରେ ଜାତ, ସହଜ ।

Connatural, *a.* 1. ସହସ୍ୱାଭାବିକ, ସ୍ୱାଭାବିକ; 2. ଅନ୍ତର୍ଜାତ, ସହଜାତ ।

Connect, *v.t.* ଯୁକ୍ତ-କ, ଲଗାଇବାର, ସଂଲିପ୍ତ-କ ।—*v.i.* ସଂଯୁକ୍ତ-ହେ ।

Connectedly, *ad.* ସଙ୍ଗତରୂପେ ।

Connection, connexion, *n.* 1. ସଂଯୋଜକରଣ, ସଂଯୋଗ; 2. ସମ୍ପର୍କ, ସମ୍ବନ୍ଧ; 3. ସମ୍ପର୍କୀୟ ଲୋକ; 4. ଧର୍ମ ସମ୍ପ୍ରଦାୟ ।

Connective, *a.* 1. ସଂଯୋଜକ, ଯୋଗବାଚୀ; 2. *n.* ସଂଯୋଜକ ଅବ୍ୟୟ ।

Connivance, connivence, *n.* ଆଖି ସଙ୍କୋଚନ, ଉପେକ୍ଷା, ବାହ୍ୟ ଅଜ୍ଞତାସ୍ୱୀକାର ।

Connive, *v.i.* ଦେଖି ନ ଦେଖିବାର, ଦୋଷକୁ ଉପେକ୍ଷା କରି ଅନୁମତି-ଦେ, ଭୁଲ ହେବା ଦ୍ୱାରା ଦୋଷ କରିବାକୁ ସାହାଯ୍ୟ-ଦେ, followed by *at*.

Connoisseur, *n.* *kon′-i-sūr*, ଚିତ୍ର ଓ ଶିଳ୍ପବିଦ୍ୟାବିଷୟରେ ସୂକ୍ଷ୍ମବିବେଚକ ।

Connotation, *n.* ସୂକ୍ଷ୍ମ ଅର୍ଥ, ଉପଲକ୍ଷଣ ।

Connote, *v.t.* ଅର୍ଥରେ ଲିପ୍ତ-କ, ଉପଲକ୍ଷ-କ, ନିର୍ଦ୍ଦେଶ-କ ।

Connubial, *a.* ବୈବାହିକ, ବିବାହସମ୍ବନ୍ଧୀୟ ।

Connubiality, *n.* ବୈବାହିକ ଅବସ୍ଥା, ବିବାହ ପ୍ରଥା ।

Connubially, *ad.* ବିବାହିତ ପରି ।

Conoid, *n.* ଶୁଣ୍ଡାକାର ଆକୃତ ।

Conquer, *v.t.* 1. ବଳ ଦ୍ୱାରା ଲାଭ-କ, ବଳରେ ନେବାର; 2. ଜୟ-କ, ପରାଜୟ-କ, ପରାସ୍ତ-କ; 3. ଦମନ-କ ।—*v.i.* ଜିତିବାର, ଜୟୀ-ହେ, ଜିଣିବାର ।

Conquerable, *a.* ଜେୟ, ପରାଭବନୀୟ ।

Conquering, *p.a.* ଜୟୀ, ଜୟକାରୀ, ଜୟଶୀଳ ।

Conqueror, *n.* ଜୟକର୍ତ୍ତା, ଜେତା, ଜୟୀ ।

Conquest, *n.* 1. ଜୟକରଣ, ଜୟ, ପରାଭବ, ଦମନ; 2. ଜୟଲବ୍ଧ ଦ୍ରବ୍ୟ; 3. ଲାଭ ।

Consanguineous, *a.* ଏକରକ୍ତ, ଅନ୍ତରଙ୍ଗ, ସଗୋତ୍ର, ଜ୍ଞାତି, ଏକବଂଶଜାତ ।

Consanguinity, *n.* ରକ୍ତସମ୍ପର୍କତା, ଅନ୍ତରଙ୍ଗତା, ସଗୋତ୍ରତା, ଜ୍ଞାତିତ୍ୱ ।

Conscience, *n.* 1. ଧର୍ମାଧର୍ମ ବୁଦ୍ଧି, ବିବେକ, ସଦସଦ୍ବିଚାର ଶକ୍ତି, ସଂବେଦ, ସଂଜ୍ଞାନ, ସ୍ମରଣ, ଅନ୍ତଃସାକ୍ଷୀ; 2. କର୍ତ୍ତବ୍ୟର ବୋଧ, ବିବେକପରାୟଣତା ।—a bad or evil conscience, ଭର୍ତ୍ସନାକାରୀ ବିବେକ । a good conscience, ଅନୁମୋଦନକାରୀ ବିବେକ । in all conscience, ନ୍ୟାୟାନୁସାରେ । to have the conscience, ଦୁଃସାହସିକ-ହେ ।

Conscientious, *a.* 1. ବିବେକୀ, ଧର୍ମଭୀରୁ, ଯଥାର୍ଥିକ, ନ୍ୟାୟପରାୟଣ; 2. ବିବେକଚାଳିତ, ବିବେକେଚିତ ।

Conscientiously, *ad.* ବିବେକରୂପେ, ଧର୍ମଭୀରୁରୂପେ, ଯଥାର୍ଥିକରୂପେ ।

Conscientiousness, *n.* ବିବେକପରାୟଣତା, ଯଥାର୍ଥିକତା, ଧର୍ମଭୀରୁତା ।

Conscionable, *a.* ବିବେକସଙ୍ଗତ, ନ୍ୟାୟସଙ୍ଗତ, ଯଥାର୍ଥ ।

Conscious, *a.* 1. ଅନ୍ତଃଜ୍ଞାନବିଶିଷ୍ଟ, ଅନ୍ତଃଜ୍ଞାତ, ଅଭିଜ୍ଞ; 2. ସଚେତନ; 3. ଜ୍ଞାତସାର; 4. ଅନ୍ତଶ୍ଚିନ୍ତା ବ୍ୟସ୍ତ, ଅନ୍ତଶ୍ଚିନ୍ତିତ ।

Consciously, *ad.* ଜ୍ଞାତସାରରେ, ଜାଣିଶୁଣିକରି, ଜ୍ଞାନତଃ ।

Consciousness, *n.* 1. ଚୈତନ୍ୟ; 2. ବୋଧ, ଅନ୍ତଃଜ୍ଞାନ; 3. ପ୍ରତ୍ୟକ୍ଷ ଜ୍ଞାନ, ଜ୍ଞାନ; 4. ଅନ୍ତଶ୍ଚିନ୍ତାରେ ବ୍ୟସ୍ତତା, ଅନ୍ତଶ୍ଚିନ୍ତା ।

Conscript, *a.* ତାଲିକାଭୁକ୍ତ, ଲିଖିତ ।—*n.* ବଳାତ୍କାରରେ ତାଲିକାଭୁକ୍ତ ସୈନିକ ।

Conscription, *n.* ସୈନିକ ବା ନାବିକ କାର୍ଯ୍ୟ ନିମନ୍ତେ ବଳାତ୍କାରପୂର୍ବକ ନାମାଙ୍କିତକରଣ ।

**Consecrate**, *v.t.* 1. ପ୍ରତିଷ୍ଠା-କ, ଅଭିଷେକ-କ, ସଂସ୍କାର-କ; 2. ଉତ୍ସର୍ଗ-କ, ଦାନ-କ, ସମର୍ପଣ-କ; 3. ପୂଜନୀୟ-କ, ଆଦରଣୀୟ-କ, ପବିତ୍ର-କ ।

**Consecrated**, (and poetical) **consecrate**, *p.a.* 1. ପ୍ରତିଷ୍ଠିତ; 2. ଉତ୍ସର୍ଗୀକୃତ, ଉତ୍ସୃଷ୍ଟ; ପବିତ୍ରୀକୃତ, ପୂଜନୀୟ ।

**Consecration**, *n.* 1. ପ୍ରତିଷ୍ଠା, ଅଭିଷେକ, ସଂସ୍କାର; 2. ଉତ୍ସର୍ଗ, ସମର୍ପଣ, ନିରୂପଣ ।

**Consecution**, *n.* ଅନୁକ୍ରମ, ସିଦ୍ଧାନ୍ତଶ୍ରେଣୀ, କ୍ରମାନ୍ୱୟେ ଆଗମନ ।

**Consecutive**, *a.* 1. କ୍ରମାଗତ, ଆନୁକ୍ରମିକ; 2. ଯୁକ୍ତିଯୁକ୍ତ; 3. ଫଳସ୍ୱରୂପ ପଶ୍ଚାଦ୍ଭୂତ, ଅନୁଯାୟୀ ।

**Consecutively**, *ad.* ଅନୁକ୍ରମେ, କ୍ରମାନୁସାରେ, ଯଥାକ୍ରମେ ।

**Consensus**, *n.* ମିଳନ, ଏକତା ।

**Consent**, *v.i.* 1. ଏକମନା-ହେ, ଏକମତ-ହେ; 2. ସମ୍ମତ-ହେ, ସ୍ୱୀକୃତ-ହେ, ରାଜି-ହେ; 3. ସମ୍ମତି-ଦେ, ଅଙ୍ଗୀକାର-କ ।—*n.* 1. ସମ୍ମତି, ଅନୁମତି, ସ୍ୱୀକାର, ରାଜି; 2. ମତର ମିଳନ, ମିଳନ, ମେଳ; 3. in law, ବିବେଚିତ ଓ ସ୍ୱଚ୍ଛନ୍ଦ ସମ୍ମତି ।

**Consentaneous**, *a.* 1. ଅନୁଯାୟୀ, ଅନୁରୂପ, ସଙ୍ଗତ; 2. ଆନୁଷଙ୍ଗିକ, ସମକାଳିକ ।

**Consentaneously**, *ad.* ଆନୁଷଙ୍ଗିକରୂପେ, ସମକାଳିକରୂପେ ।

**Consentient**, *a.* ପରସ୍ପରରେ ଅନୁରୂପ, ଅନୁରୂପ, ଏକମତ ।

**Consequence**, *n.* 1. ଫଳ, ପ୍ରତିଫଳ; 2. ସିଦ୍ଧାନ୍ତ, ଅନୁମାନ; 3. ଅନୁକ୍ରମ; 4. ଗୁରୁତ୍ୱ, ଆବଶ୍ୟକତା; 5. ସମ୍ଭ୍ରମ, ମର୍ଯ୍ୟାଦା ।—in consequence of, ହେତୁରୁ, କାରଣରୁ ।

**Consequent**, *a.* 1. ଫଳସ୍ୱରୂପ ପଶ୍ଚାଦ୍ଗାମୀ, ସିଦ୍ଧାନ୍ତସ୍ୱରୂପ ପଶ୍ଚାଦ୍ଗାମୀ, ଅନୁଯାୟୀ; 2. ଯୁକ୍ତିସିଦ୍ଧ ।—*n.* 1. ଫଳ, ପ୍ରତିଫଳ; 2. ଅନୁମାନ, ସିଦ୍ଧାନ୍ତ ।

**Consequential**, *a.* 1. ଫଳସ୍ୱରୂପ ପଶ୍ଚାଦ୍ଗାମୀ, ଅନୁବର୍ତ୍ତୀ, ଆନୁଷଙ୍ଗିକ; 2. ପ୍ରଗଲ୍ଭ, ଅଭିମାନୀ, ଦେହଫୁଲାଣିଆ ।

**Consequentially**, *ad.* 1. ଅନୁବର୍ତ୍ତିରୂପେ, ଆନୁଷଙ୍ଗିକରୂପେ, ଅବଶେଷରେ; 2. ଅଭିମାନୀରୂପେ, ଫୁଲାଣିଆ ଭାବରେ ।

**Consequently**, *ad.* 1. ତେଣୁକରି, ତହୁଁ, ଏଣୁକରି, ଏହେତୁ, ଏନିମନ୍ତେ, ଫଳତଃ, ସୁତରାଂ, ଅତଏବ; 2. ଯୁକ୍ତିସିଦ୍ଧରୂପେ ।

**Conservable**, *a.* ରକ୍ଷଣୀୟ ।

**Conservancy**, *n.* 1. ରକ୍ଷା; 2. ସରକାରୀ ତତ୍ତ୍ୱାବଧାରଣ, ତତ୍ତ୍ୱାବଧାରକ ସମାଜ ।

**Conservation**, *n.* ରକ୍ଷଣ, ରକ୍ଷା, ସୁରକ୍ଷା ।—conservation of energy, ଜଗତର ଶକ୍ତିସମୂହ ସମସ୍ତବେ ସ୍ଥିରା ବିଷୟକ ମତ ।

**Conservatism**, *n.* 1. ପରିବର୍ତ୍ତନର ବିରୋଧ, ବର୍ତ୍ତମାନ ପ୍ରଣାଳୀ ରକ୍ଷଣେଚ୍ଛା, ଅନୁଦାରତା; 2. ରାଜ୍ୟର ବ୍ୟବସ୍ଥାରେ ପରିବର୍ତ୍ତନର ବିରୋଧୀ ଦଳର ମତ, ରକ୍ଷଣଶୀଳ ଦଳର ମତ, ଅନୁଦାର ଦଳର ମତ ।

**Conservative**, *a.* 1. ରକ୍ଷାକାରୀ, ରକ୍ଷଣଶୀଳ; 2. ପରିବର୍ତ୍ତନ ବିରୁଦ୍ଧ, ବର୍ତ୍ତମାନ ପ୍ରଣାଳୀ ରକ୍ଷଣେଚ୍ଛୁ; 3. ରାଜ୍ୟର ବ୍ୟବସ୍ଥାରେ ପରିବର୍ତ୍ତନର ବିରୋଧୀ; 4. ପରିବର୍ତ୍ତନର ବିରୋଧପ୍ରକାଶକ, ଅନୁଦାର ।—*n.* 1. ରକ୍ଷଣଶୀଳ ବ୍ୟକ୍ତି, ପରିବର୍ତ୍ତନ ବିରୁଦ୍ଧ ବ୍ୟକ୍ତି, ଅନୁଦାର ବ୍ୟକ୍ତି; 2. pl. ଇଂରାଜ ରାଜକୀୟ ମହାସଭାର ଦୁଇ ବିଶେଷ ଦଳ ମଧ୍ୟରେ ଏକ ଦଳ, ରାଜ୍ୟର ବ୍ୟବସ୍ଥାରେ ପରିବର୍ତ୍ତନର ବିରୋଧୀ ଦଳ, ରକ୍ଷଣଶୀଳ ଦଳ ।

**Conservator**, *n.* ରକ୍ଷକ ।

**Conservatory**, *n.* ସୁକୁମାର ବୃକ୍ଷ ଲତାଦିର ରକ୍ଷଣାର୍ଥେ କାଚନିର୍ମିତ ଗୃହ ।

**Conserve**, *v.t.* 1. ରକ୍ଷା-କ; 2. ମୋରବା-କ ।—*n.* ମୋରବା ।

**Consider**, *v.t.* 1. ମନୋଯୋଗ-କ, ଧ୍ୟାନ-କ, ଅବଧାନ-କ, ସ୍ଥିରଚିନ୍ତା-କ; 2. ବିବେଚନା-କ, ମନରେ-କ; 3. ସମାଦର-କ; 4. ବୋଧ-କ, ବିଚାର-କ; 5. ମଣିବାର, ଧରିବାର; 6. ଦାନ-କ, ପୁରସ୍କାର-ଦେ ।—*v.i.* ଧ୍ୟାନ-କ, ଚିନ୍ତାମଗ୍ନ-ହେ ।

**Considerable**, *a.* 1. ବିବେଚନୀୟ, ମନୋଯୋଗ୍ୟ; 2. ମାନନୀୟ; 3. ଅନଳ୍ପ, ଅଧିକ, ଗୁରୁତର, ବଡ଼, ବହୁତ, ପ୍ରଚୁର ।

**Considerably**, *ad.* ଗୁରୁତର ପରିମାଣରେ, ବହୁତ, ଅତିଶୟରୂପେ ।

**Considerate**, *a.* ବିବେଚକ, ବିବେକୀ, ଧୀର, ପର ବିଷୟରେ ସାବଧାନ, ସଚିନ୍ତ, ମନୋଯୋଗୀ, ସାବଧାନ, ସତର୍କ, ବିଚାରଶୀଳ ।

**Considerately**, *ad.* ବିବେଚନାପୂର୍ବକ, ସାବଧାନରୂପେ ।

**Considerateness**, *n.* ବିବେଚକ ଗୁଣ, ପର ବିଷୟରେ ସାବଧାନତା ।

**Consideration**, *n.* 1. ବିବେଚନା, ସ୍ଥିର ଚିନ୍ତା, ମନୋଯୋଗ, ବିଚାର, ଧ୍ୟାନ; 2. ବିବେଚନାପୂର୍ବକ ଭାବ ବା ବ୍ୟବହାର, ଦୟା ଭାବ; 3. ବ୍ୟବହାରର କାରଣ, ଆଚରଣର ପ୍ରବର୍ତ୍ତକ କାରଣ; 4. ସମମୂଲ୍ୟ, କ୍ଷତିପୂରଣ, ପାରିତୋଷିକ; 5. ବିବେଚନୀୟ ବିଷୟ ବା ଘଟନା ।—a person of consideration, ଉତ୍କୃଷ୍ଟତା ହେତୁ ମାନନୀୟ ବ୍ୟକ୍ତି, ଆଦରଣୀୟ ବ୍ୟକ୍ତି ।

**Considering**, *prep.* ବିବେଚନା କରି, ମନେ କଲେ, ହିସାବରେ ଆଣିଲେ, ହେତୁରୁ ।

**Consign**, *v.t.* 1. ସମର୍ପଣ-କ, ହସ୍ତାନ୍ତର-କ, ଗଚ୍ଛିତ-କ, ଜିମ୍ମା-କ; 2. ଅର୍ପଣ-କ, ଦେବାର; 3. [illegible] ନିରୂପିତ-କ ।

**Consignee**, *n.* ସମର୍ପଣଗ୍ରାହୀ, ଯାହାଙ୍କ ଜିମ୍ମାରେ ବାଣିଜ୍ୟ ଦ୍ରବ୍ୟ ଆଦି ସମର୍ପିତ ହୁଏ ।

**Consigner**, **consignor**, *n.* ସମର୍ପଣକାରୀ, ଯେ ଅନ୍ୟର ଜିମ୍ମାରେ ବାଣିଜ୍ୟ ଦ୍ରବ୍ୟ ଆଦି ଦିଏ ।

**Consignment**, **consignation**, *n.* 1. ସମର୍ପଣକରଣ, ସମର୍ପଣ, ଜିମ୍ମାରେ ଦାନ; 2. ସମର୍ପିତ ବସ୍ତୁ, ଗଚ୍ଛିତ ଦ୍ରବ୍ୟ; 3. ବିକ୍ରୟାର୍ଥେ ଦ୍ରବ୍ୟାଦିର ଚାଲାନ ।

**Consist**, *v.i.* 1. ସ୍ଥିତ-ହେ, ସ୍ଥିର ହୋଇ ଥିବାର; 2. ଅନ୍ତର୍ଗତ-ହେ, ହେବାର, with *in*; 3. ପ୍ରସ୍ତୁତ-ହେ, with *of*; 4. ସଙ୍ଗେ ଥିବାର, ମିଳିବାର, ସଙ୍ଗତ-ହେ, with *with*.

**Consistence**, consistency, *n.* 1. ଈଷତ୍ ଘନତା, ଘନତାର କୌଣସି ପରିମାଣ; 2. ଭାବଦ୍ୱୟର ଐକ୍ୟ ବା ମେଳ, ଐକ୍ୟ, ମେଳ, ଅନୁସଙ୍ଗତତା, ସ୍ୱସଙ୍ଗତ, ସ୍ଥିରତା, ସଙ୍ଗତତା ।

**Consistent**, *a.* 1. ଈଷତ୍ ଘନ, ଅଦ୍ରବ, ଅତରଳ; 2. ଅବିରୁଦ୍ଧ, ଅବିପରୀତ, ପୂର୍ବ ଆଚରଣ ବା ମତାନୁଯାୟୀ, ସଦା ସମାନ, ସଙ୍ଗତ ।

**Consistently**, *ad.* ଅବିପରୀତଭାବେ, ସଙ୍ଗତରୂପେ ।

**Consistorial**, *a.* ଧର୍ମାଧ୍ୟକ୍ଷ ସଭାସମ୍ବନ୍ଧୀୟ ।

**Consistory**, *n.* 1. ଧର୍ମସମ୍ବନ୍ଧୀୟ ବିଚାରସଭା, ଧର୍ମାଧ୍ୟକ୍ଷସଭା; 2. ଧର୍ମାଧ୍ୟକ୍ଷସଭାର ସ୍ଥାନ ।

**Consociate**, *v.t.* ଏକତ୍ର-କ, ସଂଯୁକ୍ତ-କ, ମିଳାଇବାର । —*v.i.* ସାଥି-ହେ, ମେଳ-ହେ ।

**Consociation**, *n.* 1. ଏକତ୍ରକରଣ, ମେଳ, ସମ୍ମିଳନ; 2. ଖ୍ରୀଷ୍ଟୀୟ ମଣ୍ଡଳୀଗଣର ସମ୍ମିଳନ ।

**Consolable**, *a.* ପ୍ରବୋଧନଯୋଗ୍ୟ, ଆଶ୍ୱାସପ୍ରାପ୍ୟ, ସାନ୍ତ୍ୱନାପ୍ରାପ୍ୟ ।

**Consolation**, *n.* 1. ପ୍ରବୋଧନ, ଦୁଃଖର ଉପଶମ, ଆଶ୍ୱାସ; 2. ସାନ୍ତ୍ୱନାଦାୟୀ ବୋଧ ବା ବିଷୟ; 3. ସାନ୍ତ୍ୱନା ପ୍ରାପ୍ତାବସ୍ଥା, ସାନ୍ତ୍ୱନା ।

**Consolatory**, *a.* ପ୍ରବୋଧନକାରୀ, ସାନ୍ତ୍ୱନାଜନକ, ଆଶ୍ୱାସଦାୟକ, ଶୋକାପହାରକ ।

**Console**, *v.t.* ପ୍ରବୋଧନ-କ, ଆଶ୍ୱାସ-ଦେ, ସାନ୍ତ୍ୱନା-କ ।

**Consolidant**, *a.* ଦୃଢ଼କାରକ, ସୁସ୍ଥକାରୀ ।—*n.* କ୍ଷତ ସଂଯୋଗକାରୀ ଔଷଧ ।

**Consolidate**, *v.t.* 1. ଘନ-କ, ଦୃଢ଼-କ, ଶକ୍ତ-କ, ଘନୀଭୂତ-କ; 2. ଏକତ୍ର-କ, ଦଳବଦ୍ଧ-କ; 3. (କ୍ଷତ ଅଙ୍ଗକୁ) ଯୋଡିବାର ।—*v.i.* 1. ଘନ-ହେ, ଘନୀଭୂତ-ହେ, ଦୃଢ଼-ହେ, ଶକ୍ତ-ହେ; 2. ମେଳ-ହେ ।

**Consolidation**, *n.* 1. ଦୃଢ଼ୀକରଣ, ଘନୀଭୂତକରଣ, ଘନଭାବ; 2. ଏକତ୍ରକରଣ, ମେଳକରଣ ।

**Consols**, *n.* pl. ଇଂରାଜ ରାଜକୀୟ ଋଣର କେତେକାଂଶ ।

**Consonance**, *n.* 1. ସୁମେଳ, ଐକ୍ୟ, ସଙ୍ଗତତା; 2. ସ୍ୱରର ସୁମେଳ ।

**Consonant**, *a.* 1. ସୁମେଳକ, ସଙ୍ଗତ, with *with*, (sometimes *to*); 2. ସ୍ୱରର ସୁମେଳ ଗୁଣବିଶିଷ୍ଟ; 3. ସ୍ୱରଙ୍କ ସମାନ ।—*n.* ବ୍ୟଞ୍ଜନ ବର୍ଣ୍ଣ ।

**Consort**, *n.* *kon'-sort*, 1. ସଙ୍ଗୀ, ସାଥୀ, ସଖା, ବିଶେଷତଃ ଭାର୍ଯ୍ୟା ବା ସ୍ୱାମୀ; 2. ସଙ୍ଗୀ ଜାହାଜ ।—Queen Consort, ରାଜପତ୍ନୀ ଯେ ଶାସନକାରିଣୀ ବା ବିଧବା ରାଣୀ ନୁହେ ।—*v.t.* *kon-sort'* ସଙ୍ଗ-କ ।—*v.i.* ସଙ୍ଗୀ-ହେ, ଐକ୍ୟ-ହେ, followed by *with*.

**Conspectus**, *n.* ସାରସଂଗ୍ରହ ।

**Conspicuous**, *a.* 1. ପ୍ରତ୍ୟକ୍ଷ, ସୁପ୍ରକାଶ, ସୁବ୍ୟକ୍ତ; 2. ସ୍ପଷ୍ଟରୂପେ ବୋଧନୀୟ; 3. ବିଖ୍ୟାତ, ପ୍ରସିଦ୍ଧ ।

**Conspicuously**, *ad.* 1. ପ୍ରତ୍ୟକ୍ଷରୂପେ, ସୁପ୍ରକାଶରୂପେ; 2. ପ୍ରସିଦ୍ଧରୂପେ ।

**Conspicuousness**, *n.* ପ୍ରତ୍ୟକ୍ଷତ୍ୱ, ପ୍ରକଟତା, ସୁଦୃଶ୍ୟତା ।

**Conspiracy**, *n.* 1. କୁମନ୍ତ୍ରଣା, ଷଡ଼ଯନ୍ତ୍ର, ଚକ୍ରାନ୍ତ, ରାଜଦ୍ରୋହୀ ମେଳ; 2. (criminal law), ଅପରାଧ କରିବା ନିମନ୍ତେ ଦୁଇ ବା ଅଧିକ ଲୋକଙ୍କ ମଧ୍ୟରେ ମେଳ, ଅବୈଧରୂପ ଉପାୟ ଦ୍ୱାରା ବୈଧମତ କାର୍ଯ୍ୟ ସାଧନ କରିବାକୁ ଦୁଇ ବା ଅଧିକ ଲୋକଙ୍କ ମେଳ; 3. ମେଳି ।

**Conspirator**, *n.* କୁମନ୍ତ୍ରଣାକାରୀ, ଷଡ଼ଯନ୍ତ୍ରକାରୀ, ରାଜଦ୍ରୋହୀ, see also conspiracy under 2.

**Conspire**, *v.i.* 1. କୁମନ୍ତ୍ରଣା-କ, ଷଡ଼ଯନ୍ତ୍ର-କ, ରାଜଦ୍ରୋହ-କ; 2. ସାହାଯ୍ୟ-କ ।—*v.t.* କଳ୍ପନା-କ, ମନ୍ତ୍ରଣା-କ ।

**Constable**, *n.* 1. ପୂର୍ବକାଳୀନ ଉଚ୍ଚପଦସ୍ଥ ଅଧ୍ୟକ୍ଷ; 2. ଶାନ୍ତିରକ୍ଷକ, କଟୁଆଲ, କନ୍ଷ୍ଟେବଲ ।

**Constabulary**, *a.* ଶାନ୍ତିରକ୍ଷକସମ୍ବନ୍ଧୀୟ, ଶାନ୍ତିରକ୍ଷାକାରୀ ।—*n.* ଶାନ୍ତିରକ୍ଷକସମୂହ ।

**Constancy**, *n.* 1. ସ୍ଥିରତା, ସ୍ଥୈର୍ଯ୍ୟ, ଦୃଢ଼ତା, ଅପରିବର୍ତ୍ତନୀୟତା, ଅଚାଞ୍ଚଲ୍ୟ, ଅଟଳତା; 2. ବିଶ୍ୱସ୍ତତା, ସ୍ଥାୟୀ ପ୍ରେମ ।

**Constant**, *a.* 1. ସ୍ଥିର, ଦୃଢ଼, ଅପରିବର୍ତ୍ତନୀୟ, ଅଟଳ; 2. ନିତ୍ୟ, ନିରନ୍ତର; 3. ବିଶ୍ୱସ୍ତ, ଅବିଚଳିତ, ପ୍ରେମରେ ସ୍ଥିର, ।—*n.* ଅପରିବର୍ତ୍ତନୀୟ ବସ୍ତୁ ବା ସଂଖ୍ୟା ।

**Constantly**, *ad.* 1. ଦୃଢ଼ରୂପେ, ଅଟଳଭାବେ; 2. ନିରନ୍ତର, ନିତ୍ୟ, ସର୍ବଦା, ନିୟତ. ସତତ ।

**Constellate**, *v.i.* ନକ୍ଷତ୍ର ପୁଞ୍ଜୀକୃତ-ହେ ।—*v.t.* ପୁଞ୍ଜୀଭୂତ-କ ।

**Constellation**, *n.* 1. ରାଶିନକ୍ଷତ୍ର, ପୁଞ୍ଜନକ୍ଷତ୍ର, ତାରାସମୂହ; 2. ସୌନ୍ଦର୍ଯ୍ୟ ବା ଗୁଣର ସମଷ୍ଟି ।

**Consternation**, *n.* ହୃତ୍କମ୍ପ, ଶଙ୍କା, ତ୍ରାସ, ଉଦ୍‌ବେଗ, ବିସ୍ମୟ ।

**Constipate**, *v.t.* କୋଷ୍ଠବଦ୍ଧ-କ ।

**Constipation**, *n.* କୋଷ୍ଠବଦ୍ଧ, ମଳବନ୍ଧ ।

**Constituency**, *n.* ପ୍ରତିନିଧି ନିର୍ବାଚକସମୂହ ।

**Constituent**, *a.* 1. ଉପାଦାନସମ୍ବନ୍ଧୀୟ, ମୌଳିକ; 2. ନିର୍ବାଚନକ୍ଷମ ।—*n.* 1 ନିର୍ବାଚକବର୍ଗ; 2. ଉପାଦାନ, ମୂଳାଂଶ ।

**Constitute**, *v.t.* 1. ସ୍ଥାପନ-କ, ସଂସ୍ଥାପିତ-କ; 2. ସଂଘଟିତ-କ, ଜନ୍ମାଇବାର; 3. ନିର୍ବାଚନ-କ, ନିଯୁକ୍ତ-କ; 4. ଅନ୍ତର୍ଗତ-କ, ଅନ୍ତର୍ଭୂତ-କ ।

**Constitution**, *n.* 1. ସ୍ଥାପନ, ନିଯୋଗ; 2. ଶରୀରର ସ୍ୱାଭାବିକ ଅବସ୍ଥା, ଜନ୍ମପ୍ରକୃତି, ନିର୍ମିତ, ପ୍ରକୃତି, ମନର ଭାବ; 3. ସ୍ଥାପିତ ଶାସନପ୍ରଣାଳୀ, ବିଧାନ; 4. ବିଶେଷ ବ୍ୟବସ୍ଥା ।

**Constitutional**, *a.* 1. ସ୍ୱାଭାବିକ, ପ୍ରାକୃତିକ; 2. ସ୍ଥାପିତ ଶାସନପ୍ରଣାଳୀର ସଙ୍ଗତ, ସ୍ଥାପିତ ଶାସନପ୍ରଣାଳୀ ଦ୍ୱାରା ନିଯୋଜିତ ।—*n.* ଶରୀରର ସ୍ୱାସ୍ଥ୍ୟରକ୍ଷାର୍ଥେ ବାୟୁସେବନ ।

**Constitutionalism**, *n.* ସ୍ଥାପିତ ଶାସନପ୍ରଣାଳୀର ମୂଳସୂତ୍ର, ସ୍ଥାପିତ ଶାସନପ୍ରଣାଳୀ ପ୍ରତି ଆସକ୍ତି ।

Constitutionally, *ad.* 1. ଦେଶୀୟ ଶାସନପ୍ରଣାଳୀ ଅନୁସାରେ, ଆଇନମତେ; 2. ସ୍ୱାଭାବିକରୂପେ, ପ୍ରକୃତି ଅନୁସାରେ ।

Constitutive, *a.* 1. ସଂଗଠନକାରକ, ଉପାଦାନସମ୍ବନ୍ଧୀୟ, ମୌଳିକ; 2. ସ୍ଥାପନକ୍ଷମ, ସଂସ୍ଥାପକ, ବ୍ୟବସ୍ଥାପକ ।

Constrain, *v.t.* 1. ବଳପୂର୍ବକ କରାଇବାର, ବାଧିତ-କ, ବାଧ୍ୟ-କ, ଜବର୍ଦସ୍ତି କରାଇବାର; 2. ବଳରେ ବାନ୍ଧିବାର, ଅସ୍ୱାଭାବିକରୂପେ ବାନ୍ଧିବାର, ଚିପିବାର, ସଙ୍କୁଚିତ-କ ।

Constrainable, *a.* ଦମନୀୟ, ନିବାରଣୀୟ ।

Constrained, *a.* 1. ବଳାତ୍କୃତ, ବାଧିତ; 2. ଅସ୍ୱାଭାବିକରୂପେ ଦମନକ୍ଷମ, ଅସ୍ୱାଭାବିକ; 3. ସଙ୍କୁଚିତ ।

Constrainedly, *ad.* 1. ବଳାତ୍କାରରେ; 2. ସଙ୍କୁଚିତରୂପେ ।

Constraint, *n.* 1. ବଳାତ୍କାର, ବଳ, ଜବର୍ଦସ୍ତି; 2. ସଙ୍କୁଚିତାବସ୍ଥା, ବନ୍ଧନ; 3. ସ୍ୱଭାବ ବିରୁଦ୍ଧତା, ଅସ୍ୱାଭାବିକତା ।

Constrict, *v.t.* ସଙ୍କୋଚ-କ, ସଙ୍କୀର୍ଣ୍ଣ-କ ।

Constriction, *n.* ସଙ୍କୋଚକରଣ, ସଙ୍କୋଚ ।

Constrictive, *a.* ସଙ୍କୋଚକ ।

Constrictor, *n.* 1. ଯାହା ସଙ୍କୋଚ କରେ, ସଙ୍କୋଚକାରୀ; 2. ମାଂସପେଶୀ ବିଶେଷ; 3. ବଡ଼ ସର୍ପ ବିଶେଷ ।

Constringe, *v.t.* ସଙ୍କୋଚ-କ ।

Constringent, *a.* ସଙ୍କୋଚକ୍ଷମ, ସଙ୍କୋଚନୀୟ ।

Construct, *v.t.* 1. ବନାଇବାର, ନିର୍ମାଣ-କ, ଗଢ଼ିବାର; 2. ଉଦ୍ଭାବନ-କ, ରଚନା-କ; 3. ଅଙ୍କିତ-କ ।

Construction, *n.* 1. ନିର୍ମାଣକରଣ, ନିର୍ମାଣ; 2. ନିର୍ମାଣର ପ୍ରଣାଳୀ; 3. ନିର୍ମିତ ବସ୍ତୁ, ଗୃହ ଆଦି; 4. ପଦବିନ୍ୟାସ, ରଚନା, ସମାସ; 5. ଅର୍ଥ, ଅଭିପ୍ରାୟ; 6. ଅଙ୍କନ ।

Constructional, *a.* 1. ନିର୍ମାଣସମ୍ବନ୍ଧୀୟ; 2. ଅର୍ଥରୁ ଅନୁମିତ ।

Constructive, *a.* 1. ନିର୍ମାଣସମ୍ବନ୍ଧୀୟ, ନିର୍ମାଣକ୍ଷମ, ଗଠନୀୟ; 2. ଅର୍ଥରୁ ଅନୁମିତ; 3. ସିଦ୍ଧାନ୍ତକାରକ, ଅସ୍ତ୍ୟର୍ଥକ ।

Constructively, *ad.* ଅନୁମାନକରୂପେ, ଯଥାର୍ଥ ଅନୁମାନକ୍ରମେ ।

Constructor, *n.* ନିର୍ମାଣକର୍ତ୍ତା, ରାଜମିସ୍ତ୍ରୀ ।

Construe, *v.t.* 1. ଶବ୍ଦ ବିନ୍ୟାସ-କ, ଅନ୍ୱୟ-କ; 2. ଭାଷାନ୍ତର-କ, ଅନୁବାଦ-କ; 3. ବ୍ୟାଖ୍ୟା-କ ।

Consubstantial, *a.* ସମମୂଳକ, ସମସ୍ୱଭାବକ, ସମପ୍ରକୃତିବିଶିଷ୍ଟ ।

Consubstantiality, *n.* ସମମୂଳକତା, ସମସ୍ୱଭାବ ।

Consubstantially, *ad.* ସମସ୍ୱଭାବକରୂପେ ।

Consubstantiate, *v.t.* ଏକ ସାଧାରଣ ଦେହ ବା ପ୍ରକୃତିରେ ଏକତ୍ର-କ, ଏକବସ୍ତୁ ବୋଲି ଜ୍ଞାନ-କ ।

Consubstantiation, *n.* ଖ୍ରୀଷ୍ଟଧର୍ମରେ ପ୍ରଭୁଙ୍କ ଭୋଜର ରୁଟୀ ଓ ଦ୍ରାକ୍ଷାରସରେ ଖ୍ରୀଷ୍ଟଙ୍କ ଶରୀର ଆଉ ରକ୍ତ ବିଦ୍ୟମାନ ଥିବା ବିଷୟକ ମତ ।

Consul, *n.* 1. ରୋମର ପୂର୍ବକାଳୀନ ଏକ ପ୍ରଧାନ ଶାସନକର୍ତ୍ତା; 2. ବାଣିଜ୍ୟାଦି ରକ୍ଷା କରିବା ନିମନ୍ତେ ବିଦେଶରେ ଥିବା ରାଜପ୍ରତିନିଧି ।

Consular, *a.* 1. ଉକ୍ତ ଶାସନକର୍ତ୍ତାସମ୍ବନ୍ଧୀୟ; 2. ଉକ୍ତ ରାଜପ୍ରତିନିଧିସମ୍ବନ୍ଧୀୟ । [ସ୍ଥାନ ।

Consulate, *n.* ଉକ୍ତ ପ୍ରତିନିଧିର ପଦ କର୍ତ୍ତୃତ୍ୱ ବା ବାସ-

Consulship, *n.* ରୋମର ପୂର୍ବକାଳୀନ ପ୍ରଧାନ ଶାସନକର୍ତ୍ତାର ପଦ ବା କର୍ତ୍ତୃତ୍ୱକାଳ ।

Consult, *v.i.* ପରାମର୍ଶ-କର, ପରସ୍ପର ବିବେଚନା-କ, followed by *with* ।—*v.t.* 1. ପରାମର୍ଶ ମାଗିବାର, ଜାଣିବା ନିମନ୍ତେ ପଚାରିବାର; 2. ଦୃଷ୍ଟି ରଖିବାର, ବିବେଚନା-କ ।

Consultation, *n.* 1. ପରାମର୍ଶକରଣ, ପରାମର୍ଶ, ମନ୍ତ୍ରଣା, ସଲ୍ଲା, ପରସ୍ପର ବିବେଚନା, ବିଚାର; 2. ପରାମର୍ଶ ସଭା, ପୀଡ଼ିତ ଲୋକ ବିଷୟରେ ଚିକିତ୍ସକମାନଙ୍କର ପରାମର୍ଶ ସଭା ।

Consultative, *a.* ପରାମର୍ଶକାରୀ, ପରାମର୍ଶ ଦେବାର ଅଧିକାରୀ, ମନ୍ତ୍ରଣାକାରୀ, often opposed to executive.

Consulting, *a.* ପରାମର୍ଶଦାୟୀ ।

Consultive, *a.* ବିବେଚିତ ।

Consumable, *a.* ଧ୍ୱଂସନୀୟ, ବିନାଶ୍ୟ, କ୍ଷୟଣୀୟ ।

Consume, *v.t.* 1. କ୍ରମେ ବିନାଶ-କ, ଧ୍ୱଂସ-କ, ଦଗ୍ଧ-କ, କ୍ଷୟ-କ; 2. ବ୍ୟୟ-କ, ଗ୍ରାସ-କ ।—*v.i.* ବିନାଶ-ହେ, ଦଗ୍ଧ-ହେ, କ୍ଷୟ-ହେ ।

Consumedly, *ad.* ଅପରିମିତରୂପେ, (colloquial).

Consumer, *n.* 1. ଧ୍ୱଂସକ, ବିନାଶକ, କ୍ଷୟକାରୀ; 2. ବ୍ୟବହାରକାରୀ ବା ଭୋକ୍ତା, opposite to producer.

Consuming, *p.a.* ଧ୍ୱଂସକାରୀ, ଦଗ୍ଧକାରୀ, ସଂହାରକ, କ୍ଷୟକାରୀ ।

Consúmmate, *v.t.* *kon'-sum-āt*, ସମାପ୍ତ-କ, ଶେଷ-କ, ସମ୍ପୂର୍ଣ୍ଣ-କ ।—*a.* *kon-sum'āt*, ସମ୍ପୂର୍ଣ୍ଣ, ସିଦ୍ଧ, ପୂରା, ପକ୍କା, ଉତ୍କୃଷ୍ଟ ।

Consummately, *ad.* ସମ୍ପୂର୍ଣ୍ଣରୂପେ, ସିଦ୍ଧରୂପେ ।

Consummation, *n.* ସମ୍ପୂର୍ଣ୍ଣକରଣ, ସମ୍ପୂର୍ଣ୍ଣତା, ଶେଷ, ସମାପ୍ତି, ସମ୍ପାଦନ, ସିଦ୍ଧି, ଉତ୍କର୍ଷ ।

Consumption, *n.* 1. ବ୍ୟବହାର ବା ଭୋଜନାଦିରେ ବ୍ୟୟ; 2. କ୍ଷୟ, କ୍ଷୟରୋଗ, କ୍ଷୟକାଶ, ଯକ୍ଷ୍ମା; 3. ବ୍ୟବହୃତ ବା ଭକ୍ଷିତ ଦ୍ରବ୍ୟର ପରିମାଣ ।

Consumptive, *a.* କ୍ଷୟକାରୀ, କ୍ଷୟୀ ।—*n.* କ୍ଷୟରୋଗୀ ।

Consumptiveness, *n.* କ୍ଷୟରୋଗାବସ୍ଥା, କ୍ଷୟଭାବ, କ୍ଷୟଗ୍ରସ୍ତତା ।

Contact, *n.* ସଂସ୍ପର୍ଶ, ସ୍ପର୍ଶ, ସଂଯୋଗ, ଅଙ୍ଗସଙ୍ଗ ।

Contagion, *n.* 1. ସ୍ପର୍ଶସଞ୍ଚାର, ରୋଗର ବିଷମଧ୍ୟ ସଂକ୍ରମଣ· 2. ସଂକ୍ରାମକ ରୋଗ, କ୍ଷତ ବା ମନ୍ଦତାର ଉତ୍ପାଦକ, ମନ୍ଦତାର ପ୍ରବର୍ତ୍ତକ ପ୍ରଭାବ । [ବ୍ୟାପକ ।

Contagious, *a.* ସ୍ପର୍ଶସଞ୍ଚାରୀ, ସ୍ପର୍ଶାତ୍ମକ, ସଂକ୍ରାମକ, ଛୁଆଁ,

Contagiously, *ad.* ସ୍ପର୍ଶସଞ୍ଚାରକ୍ରମେ ।

Contagiousness, *n.* ସ୍ପର୍ଶସଞ୍ଚାର ଗୁଣ, ସଂକ୍ରାମକ ଗୁଣ ।

Contain, *v.t.* 1. ଧାରଣ-କ, ଧରିବାର; 2. ଅନ୍ତର୍ଭୂତ-କ, ଅନ୍ତର୍ଗତ-କ ।—refl. ଆପଣାକୁ ଶାନ୍ତ-କ, ଧୈର୍ଯ୍ୟ ଧରିବାର ।

Containable, *a.* ଧାରଣୀୟ ।

Contaminable, *a.* ଭ୍ରଷ୍ଟକରଣୀୟ, ନଷ୍ଟକରଣୀୟ, ଅଶୁଚିକରଣୀୟ ।

Contaminate, *v.t.* ଭ୍ରଷ୍ଟ-କ, ନଷ୍ଟ-କ, ଅଶୁଚି-କ, କଳଙ୍କିତ-କ, ଦୂଷିତ-କ, ମନ୍ଦ-କ । [କଳଙ୍କ ।

Contamination, *n.* ଭ୍ରଷ୍ଟକରଣ, ଭ୍ରଷ୍ଟତା, ଅଶୁଚିତା,

Contaminative, *a.* ଭ୍ରଷ୍ଟକରଣକ୍ଷମ, ଅଶୁଚିକରଣକ୍ଷମ ।

Contemn, *v.t.* ତୁଚ୍ଛଜ୍ଞାନ-କ, ହେୟଜ୍ଞାନ-କ, ଅବଜ୍ଞା-କ ।

Contemplate, *v.t.* 1. ଭାବିବାର, ଧ୍ୟାନ-କ, ଚିନ୍ତା-କ; 2. ମନସ୍ଥ-କ, ମାନସ-କ ।—*v.i.* 1. ଅଭ୍ୟାସ-କ; 2. ଧ୍ୟାନ-କ ।

Contemplation, *n.* 1. ଭାବନା, ଚିନ୍ତା, ଧ୍ୟାନ; 2. ଅଭ୍ୟାସ ।

Contemplative, *a.* ଧ୍ୟାନୀ, ଚିନ୍ତାଶୀଳ, ଧ୍ୟାନପରାୟଣ ।

Contemplatively, *ad.* ଭାବନାସହିତ, ଧ୍ୟାନପୂର୍ବକ, ଚିନ୍ତାଶୀଳରୂପେ ।

Contemplativeness, *n.* ଧ୍ୟାନପରାୟଣତା, ଚିନ୍ତାଶୀଳତା ।

Contemporaneous, *a.* ସମସାମୟିକ, ସମକାଳୀନ ।

Contemporaneously, *ad.* ସମକାଳୀନରୂପେ ।

Contemporaneousness, contemporariness, *n.* ସମକାଳୀନାବସ୍ଥା, ସମକାଳୀନତା ।

Contemporary, *a.* ସମସାମୟିକ, ସମକାଳୀନ, ଏକକାଳୀନ ।—*n.* ସମସାମୟିକ ଲୋକ, ସମକାଳବର୍ତ୍ତୀ ଲୋକ ।

Contempt, *n.* ତୁଚ୍ଛବୋଧ, ତାଚ୍ଛଲ୍ୟ, ହେୟଜ୍ଞାନ, ଅବଜ୍ଞା, ଅନାଦର, ଅସମ୍ମାନ, ଅସମ୍ମାନପ୍ରଦର୍ଶନ ।

Contemptible, *a.* 1. ତୁଚ୍ଛ, ହେୟ, ନୀଚ, କୁତ୍ସିତ, ଘୃଣ୍ୟ; 2. ତୁଚ୍ଛୀକୃତ; 3. ଅବଜ୍ଞାକର, କ୍ଷୁଦ୍ର ।

Contemptibleness, contemptibility, *n.* ତୁଚ୍ଛତା, ନୀଚତା, କୁତ୍ସିତତା, ଘୃଣ୍ୟତା । [ରୂପେ ।

Contemptibly, *ad.* ତୁଚ୍ଛରୂପେ, ନୀଚଭାବେ, ଘୃଣ୍ୟ-

Contemptuous, *a.* ତୁଚ୍ଛଜ୍ଞାନପ୍ରକାଶକ, ହେୟବୋଧକ, ତାଚ୍ଛଲ୍ୟକାରୀ, ଅବଜ୍ଞାସୂଚକ, ପରବଙ୍କ ।

Contemptuously, *ad.* ତୁଚ୍ଛବୋଧକରୂପେ, ତାଚ୍ଛଲ୍ୟପୂର୍ବକ, ଅବଜ୍ଞାପୂର୍ବକ ।

Contemptuousness, *n.* ତାଚ୍ଛଲ୍ୟ, ଦାମ୍ଭିକତା ।

Contend, *v.i.* 1. ବିରୋଧ-କ, ବିବାଦ-କ, ବିତର୍କ-କ, ଝଗଡ଼ା-କ; 2. ପ୍ରତିଯୋଗିତା-କ, we say to contend *with* or *against* an opponent *for* a thing.

Contender, *n.* ବିବାଦୀ, ଦ୍ୱନ୍ଦ୍ୱୀ ।

Content, *a.* ତୃପ୍ତ, ସନ୍ତୁଷ୍ଟ, ନିରାକାଂକ୍ଷୀ ।—*v.t.* ତୃପ୍ତ-କ, ସନ୍ତୁଷ୍ଟ-କ, ଅଭିଳାଷ ପୂର୍ଣ୍ଣ-କ ।—*n.* ତୃପ୍ତି, ସନ୍ତୋଷ ।

Content, *n.* 1. ପାତ୍ର ଯାହା ଧାରଣ କରେ; 2. ପୁସ୍ତକାଦିରେ ଯାହା ଅନ୍ତର୍ଗତ ଥାଏ, ନିର୍ଘଣ୍ଟ, in these senses pl. 3. ପରିମାଣ, in this sense singular.

Contented, *p.a.* ତୃପ୍ତ, ପରିତୁଷ୍ଟ, ନିରାକାଂକ୍ଷୀ ।

Contentedly, *ad.* ପରିତୁଷ୍ଟରୂପେ, ବିନା ଭାବନାରେ ।

Contentedness, *n.* ତୃପ୍ତାବସ୍ଥା, ସନ୍ତୁଷ୍ଟାବସ୍ଥା ।

Contention, *n.* 1. ବିରୋଧ, ବିବାଦ, ବିତର୍କ, ବିତଣ୍ଡା; 2. ପ୍ରତିଯୋଗିତା ।

Contentious, *a.* ବିରୋଧୀ, ବିବାଦପ୍ରିୟ, କନ୍ଦଳିଆ ।

Contentiously, *ad.* କନ୍ଦଳିଆରୂପେ ।

Contentiousness, *n.* ବିବାଦପ୍ରିୟତା, କନ୍ଦଳିଆ ଗୁଣ ।

Contentment, *n.* ପରିତୃପ୍ତି, ନିରାକାଂକ୍ଷା, ସନ୍ତୁଷ୍ଟତା ।

Conterminous, conterminal, *a.* ସମସୀମାବର୍ତ୍ତୀ, ନିକଟବର୍ତ୍ତୀ, ଲଗାଲଗି ।

Contest, *v.t. kon-test'*, 1. ବିବାଦ-କ, ବାଦାନୁବାଦ-କ, ଆପତ୍ତି-କ; 2. ପାଇବା ନିମନ୍ତେ ପ୍ରାଣପଣ-କ ।—*v.i.* ପ୍ରତିଯୋଗିତା-କ ।—*n. kon'-test*, 1. ବିବାଦ, ଯୁଦ୍ଧ, ବାଦାନୁବାଦ, ବାଗ୍‌ଯୁଦ୍ଧ; 2. ପ୍ରତିଯୋଗିତା ।

Contestable, *a.* ବିବାଦନୀୟ, ବିତର୍କଣୀୟ, ବିବାଦାର୍ହ ।

Context, *n.* ଉଦ୍ଧୃତ ବଚନର ପୂର୍ବାପର ପ୍ରସଙ୍ଗ, ପୂର୍ବାପର ପାଠ ।

Contexture, *n.* ବସ୍ତୁ ଅଂଶର ଗଠନକରଣ, ନିର୍ମାଣପ୍ରଣାଳୀ ।

Contiguity, contiguousness, *n.* ସମୀପତା, ପରସ୍ପର ସ୍ପର୍ଶ, ସଂଲଗ୍ନ ଅବସ୍ଥା, ନୈକଟ୍ୟ ।

Contiguous, *a.* ସନ୍ନିକଟ, ପରସ୍ପର ସ୍ପର୍ଶକ, ଲଗାଲଗି, ନିକଟବର୍ତ୍ତୀ, ସମୀପବର୍ତ୍ତୀ, ସମୀପସ୍ଥ । [ରୂପେ ।

Contiguously, *ad.* ସନ୍ନିକଟରେ, ସମୀପରେ, ଲଗାଲଗି-

Continence, continency, *n.* ଜିତେନ୍ଦ୍ରିୟତ୍ୱ, ସଂଯମ, ଇନ୍ଦ୍ରିୟଦମନ ।

Continent, *a.* ଜିତେନ୍ଦ୍ରିୟ, ନିଷ୍କାମ, ଇନ୍ଦ୍ରିୟଦମନକାରୀ, ସଂଯମୀ ।

Continent, *n.* ମହାଦେଶ ।

Continental, *a.* ମହାଦେଶସମ୍ବନ୍ଧୀୟ, ବିଶେଷତଃ ୟୁରୋପ ମହାଦେଶସମ୍ବନ୍ଧୀୟ ।—*n.* ମହାଦେଶନିବାସୀ ।

Continently, *ad.* ଜିତେନ୍ଦ୍ରିୟଭାବେ, ପରିମିତରୂପେ ।

Contingence, contingency, *n.* ଆକସ୍ମିକତା, ସମ୍ଭାବନା, ଦୈବଘଟନା, ଅନିଶ୍ଚିତ ବିଷୟ ।

Contingent, *a.* ଆକସ୍ମିକ, ଦୈବାତ୍, ସମ୍ଭାବ୍ୟ, ଘଟନୀୟ, ଅନିଶ୍ଚିତ, ସଂଶୟ ଉପରେ ନିର୍ଭରଶୀଳ, ଦୈବାଧୀନ ।—*n.* 1. ସମ୍ଭାବ୍ୟ ବିଷୟ; 2. ସମଭାଗ, ଅଂଶ, ସୈନ୍ୟର ଉପଯୁକ୍ତ ଦଳ, ସୈନ୍ୟଦଳ ।

Contingently, *ad.* ଦୈବାତ୍, ଅକସ୍ମାତ୍ ।

Continual, *a.* 1. ଅନବରତ, ଅବିରତ, ନିତ୍ୟ, ସର୍ବଦା, ଅବିଶ୍ରାନ୍ତ, ନିରନ୍ତର; 2. ପୁନଃପୁନଃ, ବାରମ୍ବାର ।

Continually, *ad.* 1. ନିରନ୍ତର, ସତତ, ସର୍ବଦା; 2. ଥରକୁଥର ।

Continuance, *n.* ସ୍ଥିତି, ସ୍ଥାୟିତ୍ୱ, ନିତ୍ୟତା, ସ୍ଥୈର୍ଯ୍ୟ, ଅବିଚ୍ଛିନ୍ନ ଅନୁକ୍ରମ ।

Continuation, *n.* ବୃଦ୍ଧିକରଣ, ପ୍ରସାରଣ, ଅନୁକ୍ରମ, ସ୍ଥାୟିତ୍ୱ ।

Continuative, *a.* 1. ସ୍ଥାୟୀ; 2. ପ୍ରସାରଣଶୀଳ ।—*n.* ସଂଯୋଜକ ଶବ୍ଦ ।

**Continue,** *v.i.* 1. ରହିବାର, ସ୍ଥିତ-କ, ଥିବାର; 2. ସ୍ଥାୟୀ-ହେ; 3. ଅଟଳ-ହେ, ସ୍ଥିର-ହେ ।—*v.t.* 1. ଚଳାଇବାର, ଅନୁସରଣ-କ; 2. ଚିରସ୍ଥାୟୀ-କ ।

**Continued,** *p.a.* 1. ଅନବରତ; 2. ଅବିଚ୍ଛିନ୍ନ; 3. ଅବଶ୍ରାନ୍ତ, ନିତ୍ୟ ।

**Continuedly,** *ad.* ଅନବରତ, ଅବଶ୍ରାନ୍ତରୂପେ ।

**Continuity, continuousness** *n.* ଅବିଚ୍ଛିନ୍ନଭାବ, ଅବିଚ୍ଛିନ୍ନଯୋଗ, ଅବିଚ୍ଛିନ୍ନତା ।

**Continuous,** *a.* 1. ଅବିଚ୍ଛିନ୍ନରୂପେ ଲଗ୍ନ, ଅବିଚ୍ଛିନ୍ନ; 2. ଅରନ୍ଧ୍ର ।

**Continuously,** *ad.* 1. ଅବିଚ୍ଛିନ୍ନରୂପେ; 2. ନିରନ୍ତର ।

**Contort,** *v.t.* ମୋଡିବାର, ଅକୁଞ୍ଚିତ-କ, ବଳିବା ଦ୍ୱାରା ପାକଳ-କ ।

**Contorted,** *p.a.* ଅକୁଞ୍ଚିତ, ମୋଡା ।

**Contortion,** *n.* ଅକୁଞ୍ଚନ, ମୋଡା ଅବସ୍ଥା, ଅଙ୍ଗଭଙ୍ଗ, [ବକ୍ରତା ।

**Contortionist,** *n.* ଅଙ୍ଗଭଙ୍ଗକାରୀ, ବାଜିକର ।

**Contour,** *n.* ସୀମାର ରେଖାମାତ୍ର, ପରିଧି, ଆକାର, ରୂପ, ଡୌଲ, ନକ୍ସା ।

**Contraband,** *n.* ନିଷିଦ୍ଧ ବାଣିଜ୍ୟ, ଶୁଳ୍କ ନ ଦେଇ ଆମଦାନି ଓ ରପ୍ତାନିକରଣ, ଆମଦାନି ଓ ରପ୍ତାନି ନିଷିଦ୍ଧ ଦ୍ରବ୍ୟ ।—*a.* ବ୍ୟବସ୍ଥା ବିରୁଦ୍ଧ, ଆମଦାନି ଓ ରପ୍ତାନି ନିଷିଦ୍ଧ, ନିଷିଦ୍ଧ, ବିନା ଶୁଳ୍କରେ ଆମଦାନି ଓ ରପ୍ତାନିକୃତ, ବେଆଇନ୍ ।

**Contract,** *v.t. kon-trakt',* 1. ସଙ୍କୁଚିତ-କ; 2. ସଂକ୍ଷିପ୍ତ-କ, ଊଣା-କ; 3. ନିୟମ-କ, (ବିବାହ) ନିୟମ-କ; 4. ବାଗ୍‌ଦାନ-କ; 5. ଆଣିବାର, ଅର୍ଜନ-କ ।—*v.i.* 1. ସଙ୍କୁଚିତ-ହେ; 2. ଊଣା-ହେ, ହ୍ରାସ-ହେ, ସଙ୍କୀର୍ଣ୍ଣ-ହେ; 3. ଚୁକ୍ତି-କ, ବନ୍ଦୋବସ୍ତ-କ, ନିୟମରେ ଆବଦ୍ଧ-ହେ, ଠିକା-ନେ, ଇଜାରା-ନେ ।—*n. kon'-trakt,* 1. ନିୟମ, ଚୁକ୍ତି, (ବିବାହ) ବନ୍ଦୋବସ୍ତ; 2. ନିୟମପତ୍ର ।

**Contracted,** *p.a.* 1. ସଙ୍କୀର୍ଣ୍ଣ, ଅକୁଞ୍ଚିତ; 2. କ୍ଷୁଦ୍ର, କୃପଣ ।

**Contractedly,** *ad.* ସଙ୍କୀର୍ଣ୍ଣରୂପେ ।

**Contractedness,** *n.* ସଙ୍କୀର୍ଣ୍ଣତା, କ୍ଷୁଦ୍ରତା ।

**Contractibility,** *n.* ସଙ୍କୋଚନୀୟତା ।

**Contractible, contractile,** *a.* ସଙ୍କୋଚନୀୟ, ସଙ୍କୋଚକ୍ଷମ ।

**Contractility,** *n.* ସଙ୍କୋଚକ ଗୁଣ ।

**Contraction,** *n.* 1. ସଙ୍କୋଚକରଣ, ସଙ୍କୋଚାବସ୍ଥା; 2. ସଙ୍କୋଚ; 3. ସଂକ୍ଷେପକରଣ, ସଂକ୍ଷେପ; 4. ସଂକ୍ଷିପ୍ତ ଲେଖାର ଧାରା, ସଂକ୍ଷିପ୍ତ ଲେଖା; 5. ପ୍ରାପ୍ତି, ଅର୍ଜନ ।

**Contractor,** *n.* ଚୁକ୍ତିକାରକ, ଇଜାରାଦାର, ଠିକାଦାର, କାବଡସ୍ଥିକାର ।

**Contradict,** *v.t.* 1. ପ୍ରତିବାଦ-କ, ବାକ୍ୟ ଖଣ୍ଡନ-କ; 2. ଅସ୍ୱୀକାର-କ, ନାସ୍ତି-କ; 3. ବିରୁଦ୍ଧ ବର୍ଣ୍ଣନା-କ ।

**Contradictable,** *a.* ପ୍ରତିବାଦଯୋଗ୍ୟ, ଅସ୍ୱୀକାର୍ଯ୍ୟ ।

**Contradiction,** *n.* 1. ପ୍ରତିବାଦ, ଅସ୍ୱୀକାର, ବିରୁଦ୍ଧ ବାକ୍ୟ; 2. ବୈପରୀତ୍ୟ, ସ୍ପଷ୍ଟ ଅସଙ୍ଗତତା, ବିରୋଧ ।

**Contradictious,** *a.* ପ୍ରତିବାଦପ୍ରିୟ ।

**Contradictive,** *a.* ବିପରୀତ, ଅସଙ୍ଗତ ।

**Contradictorily,** *ad.* ବିପରୀତରୂପେ, ଅସଙ୍ଗତରୂପେ ।

**Contradictoriness,** *n.* ବିପରୀତତା, ଅସଙ୍ଗତତା ।

**Contradictory,** *a.* 1. ପ୍ରତିବାଦନୀୟ, ବିରୁଦ୍ଧ, ବିରୋଧୀ; 2. ଅସଙ୍ଗତ, ବିପରୀତ ।—*n.* ବିରୁଦ୍ଧ ପ୍ରତିଜ୍ଞା, ଅସଙ୍ଗତତା ।

**Contradistinction,** *n.* ବିପରୀତ ଗୁଣ ଦ୍ୱାରା ପ୍ରଭେଦ, ବିପରୀତତା, ବିପରୀତଭାବ, ବୈପରୀତ୍ୟ, ଗୁଣର ପାର୍ଥକ୍ୟ ।

**Contradistinctive,** *a.* ବିପରୀତ ଗୁଣବିଶିଷ୍ଟ, ଗୁଣରେ ବିପରୀତ ।

**Contradistinguish,** *v.t.* ବିପରୀତ ଗୁଣ ଦ୍ୱାରା ଚିହ୍ନ-କ, ଗୁଣର ପାର୍ଥକ୍ୟ-କ ।

**Contrariety,** *n.* 1. ବୈପରୀତ୍ୟ, ବିରୁଦ୍ଧତା, ଅସଙ୍ଗତତା; 2. ବିପରୀତ ଗୁଣ, ବିପରୀତ କଥା ।

**Contrarily,** *ad.* ବିପରୀତଭାବେ, ପ୍ରତିକୂଳରେ, ପକ୍ଷାନ୍ତରେ, ବିରୁଦ୍ଧଭାବେ ।

**Contrariness,** *n.* ପ୍ରତିକୂଳଭାବ, ପ୍ରତିକୂଳାଚାର ।

**Contrariwise,** *ad.* ବିପରୀତମତେ, ପକ୍ଷାନ୍ତରେ, ଅନ୍ୟ ପକ୍ଷରେ ।

**Contrary,** *a.* 1. ବିପରୀତ, ପ୍ରତିକୂଳ, ବିରୁଦ୍ଧ, ଅସଙ୍ଗତ; 2. ବିରୋଧପ୍ରିୟ, ବ୍ୟର୍ଥ ଆପତ୍ତିକାରୀ ।—*ad.* ବିପରୀତଭାବେ, ବିରୁଦ୍ଧଭାବେ ।—*n.* 1. ବିପରୀତ ଗୁଣବିଶିଷ୍ଟ ପଦାର୍ଥ; 2. ବିପରୀତ କଥା, ବିପରୀତ ଗୁଣ, ବିପରୀତ ପ୍ରସଙ୍ଗ ।—on the contrary, ଅନ୍ୟ ପକ୍ଷରେ, ସମ୍ପୂର୍ଣ୍ଣ ବିପରୀତଭାବେ । to the contrary, ପ୍ରତିକୂଳରେ ।

**Contrast,** *v.t. kon-trast',* ଗୁଣର ପ୍ରଭେଦ ଦେଖାଇବା ପାଇଁ ବିପରୀତଭାବେ (ଦୁଇ ବସ୍ତୁ) ରଖିବାର, ପ୍ରଭେଦ ଦେଖାଇବାର, ଗୁଣର ବିଭିନ୍ନତା ଦେଖାଇବା ପାଇଁ ତୁଳନା-କ ।—*v.i.* ବିପରୀତଭାବେ ଥିବାର, followed by *with* ।—*n. kon'-trast* 1. ଗୁଣର ବୈପରୀତ୍ୟ ପ୍ରଦର୍ଶନ, ବିପରୀତ ଗୁଣ ପ୍ରଦର୍ଶନାର୍ଥେ ତୁଳନା, ବୈଲକ୍ଷଣ୍ୟ; 2. ବିଲକ୍ଷଣ ବସ୍ତୁ ବା ବ୍ୟକ୍ତି ।

**Contravallation,** *n.* ପରିଖା, ଦୁର୍ଗ ପ୍ରତିରୋଧକ ପ୍ରାଚୀର ଆଦି ।

**Contravene,** *v.t.* 1. ପ୍ରତିବାଧା-କ, ପ୍ରତିରୋଧ-କ, ବ୍ୟାଘାତ-କ; 2. ବ୍ୟର୍ଥ-କ, ଉଲ୍ଲଂଘନ-କ ।

**Contravention,** *n.* 1. ପ୍ରତିରୋଧ, ବିପକ୍ଷତା; 2. ଉଲ୍ଲଂଘନ, ବ୍ୟତିକ୍ରମ ।

**Contributable,** *a.* ଦାନୀୟ, ଅର୍ପଣୀୟ ।

**Contribute,** *v.t.* ଅନ୍ୟ ସହିତ ଦାନ-କ, ସାଧାରଣ ପୁଞ୍ଜିରେ ଦାନ-କ, ଅଂଶ-ଦେ ।—*v.i.* ଅଂଶ-ନେ, (ସାହାଯ୍ୟ ଆଦି) ଦେବାର, ଅନୁକୂଳ-କ, ଅଂଶୀ-ହେ ।

**Contribution,** *n.* 1. ଦାନକରଣ, ଦାନ, ସାଧାରଣ ଭଣ୍ଡାରରେ ଦାନ; 2. ଯୁଦ୍ଧ ନିମନ୍ତେ କର; 3. ଅର୍ଥଦାନ, ଚାନ୍ଦା; 4. ସାଧାରଣ କାର୍ଯ୍ୟରେ ସାହାଯ୍ୟ; 5. ଖବରକାଗଜ ଆଦିରେ ଛାପିବା ପାଇଁ ପ୍ରେରିତ ପ୍ରବନ୍ଧ ।

**Contributive,** *a.* ସାହାଯ୍ୟକରଣକ୍ଷମ, ସହାୟ, ଅନୁକୂଳ ।

**Contributor**, *n.* ଚାନ୍ଦା ଦେବା ଲୋକ, ଅଂଶଦାତା ।
**Contributory**, *a.* ସାହାଯ୍ୟକାରୀ, ଏକ ଅଭିପ୍ରାୟ ସାଧକ ।
**Contrite**, *a.* ଉଦ୍‌ବିଗ୍ନମନାଃ, ଚୂର୍ଣ୍ଣ (ଅନ୍ତଃକରଣ), ଖେଦାନ୍ୱିତ, ଅନୁତପ୍ତ ।
**Contritely**, *ad.* ଅନୁତାପପୂର୍ବକ ।
**Contriteness, contrition**, *n.* ଖେଦ, ଅନୁଶୋଚନା, ମନସ୍ତାପ, ଅନୁତାପ ।
**Contrivable**, *a* କଳ୍ପନୀୟ ।
**Contrivance**, *n.* 1. କଳ୍ପନାକରଣ; 2. କଳ୍ପନା, ଉପାୟ, କୌଶଳ, ଫିକର ।
**Contrive**, *v.t.* and *i.* କଳ୍ପନା-କ, ଉପାୟ-କ, ଉଦ୍ଭାବନ-କ ।
**Contriver**, *n.* କଳ୍ପନାକାରକ, କୌଶଳକାରୀ ।
**Control**, *n.* 1. କର୍ତ୍ତୃତ୍ୱ, ଦମନ; 2. ଦମନକାରୀ କ୍ଷମତା, ଶାସନର ଅଧିକାର, ଶାସନ, ନିୟମ ।—*v.t.* କର୍ତ୍ତୃତ୍ୱ-କ, ଦମନ-କ, ଶାସନ-କ, ବଶୀଭୂତ-କ ।
**Controllable**, *a.* ଦମନୀୟ, ଶାସନୀୟ, ବାଧ୍ୟ, ବଶ୍ୟ ।
**Controller**, *n.* 1. ଯେ ଦମନ କରେ, କର୍ତ୍ତୃତ୍ୱକାରୀ; 2. ହିସାବାଧ୍ୟକ୍ଷ, a comptroller.
**Controllership**, *n.* ହିସାବାଧ୍ୟକ୍ଷର ପଦ ।
**Controlment**, *n.* କର୍ତ୍ତୃତ୍ୱକରଣ, କର୍ତ୍ତୃତ୍ୱ, ଦମନ ।
**Controversial**, *a.* ବାଦାନୁବାଦସମ୍ବନ୍ଧୀୟ, ବିବାଦସମ୍ବନ୍ଧୀୟ, ବିବାଦପ୍ରିୟ ।
**Controversialist**, *n.* ତାର୍କିକ, ବିତଣ୍ଡାକାରକ, ବାଦାନୁବାଦ ପ୍ରେମୀ ।
**Controversially**, *ad.* ବିତଣ୍ଡାରୂପେ, ତାର୍କିକରୂପେ ।
**Controversy**, *n.* ବାଦାନୁବାଦ, ବାଗ୍‌ଯୁଦ୍ଧ, ବିତର୍କ ।
**Controvert**, *v.t.* ବିତର୍କରେ ପ୍ରତିକୂଳ-କ, ଅସ୍ୱୀକାରପୂର୍ବକ ଖଣ୍ଡନ କରିବାକୁ ଚେଷ୍ଟା-କ, ପ୍ରତିବାଦ-କ, ଖଣ୍ଡନ-କ ।
**Controvertible**, *a.* ବିତର୍କଣୀୟ, ବିବାଦନୀୟ ।
**Controvertibly**, *ad.* ବିତର୍କଣୀୟ ଭାବରେ, ବିବାଦନୀୟରୂପେ ।
**Contumacious**, *a.* 1. ଅବାଧ୍ୟ, ଅବଶ୍ୟ, ଯେଣ୍ଡା, ଏକଗୁଁୟା; 2. ଅଦାଲତର ଆଜ୍ଞା ଅବଜ୍ଞାକାରୀ, ଆଜ୍ଞାଲଙ୍ଘନକାରୀ, ଧୃଷ୍ଟ ।
**Contumaciously**, *ad.* ଅବାଧ୍ୟରୂପେ, ଯେଣ୍ଡାରୂପେ ।
**Contumaciousness**, *n.* ଅବାଧ୍ୟ ଆଚରଣ, ଅବାଧ୍ୟତା, ଧୃଷ୍ଟତା ।
**Contumacy**, *n.* 1. ଅବାଧ୍ୟ ଆଚରଣ, ଅବାଧ୍ୟତା, ଅବଶତା, ଯେଣ୍ଡାମୀ; 2. ଅଦାଲତ ଆଜ୍ଞାର ଅବଜ୍ଞା, ଆଜ୍ଞାଲଙ୍ଘନ ।
**Contumelious**, *a.* ଗର୍ବ ଓ ତାଚ୍ଛଲ୍ୟ ପ୍ରକାଶକ, ଅସଭ୍ୟ ଓ କଟୁ, ନିନ୍ଦକ ।
**Contumely**, *n.* ଗର୍ବ ଓ ତାଚ୍ଛଲ୍ୟ ପ୍ରକାଶକ କଥା ବା ବ୍ୟବହାର, ଅବଜ୍ଞା, ତାଚ୍ଛଲ୍ୟ, ପ୍ରଗଲ୍‌ଭତା ।
**Contuse**, *v.t.* ଆଘାତ ବା ଚିପିବା ଦ୍ୱାରା କ୍ଷତ-କ, ଛେଚିବାର ।
**Contusion**, *n.* ଚୋଟ, କ୍ଷତ ।
**Conundrum**, *n.* ପ୍ରହେଳିକା ।
**Convalesce**, *v.i.* ପୀଡା ଉତ୍ତାରେ ସ୍ୱାସ୍ଥ୍ୟ ଲାଭ-କ ।
**Convalescence, convalescency**, *n.* ଉପଶମ, ଆରାମ, ରୋଗକ୍ଷୟ, ସ୍ୱାସ୍ଥ୍ୟ ।
**Convalescent**, *a.* ପୀଡା ବା ଦୁର୍ବଳତା ଉତ୍ତାରେ ଉପଶମପ୍ରାପ୍ତ, ଉପଶମପ୍ରାପ୍ତ, ପୁନଃ ସ୍ୱାସ୍ଥ୍ୟ ଲାଭୋନ୍ମୁଖ ।
**Convenable**, *a.* ଆହ୍ୱାନକରଣୀୟ ।
**Convene**, *v.i.* ସମାଗତ-ହ ।—*v.t.* ଡାକ ଆଣିବାର, ଏକତ୍ର-କ, ସମାହୂତ-କ, ଆହ୍ୱାନ-କ ।
**Convener**, *n.* ସଭାର ଆହ୍ୱାନକର୍ତ୍ତା ।
**Convenience, conveniency**, *n.* 1. ସୁବିଧା, ସୁଯୋଗ, ଉପଯୁକ୍ତତା; 2. ସୁଖ; 3. ସୁବିଧାଜନକ ବିଷୟ ।
**Convenient**, *a.* 1. ସୁଖକର, କାର୍ଯ୍ୟୋପଯୋଗୀ, କର୍ମଣ୍ୟ; 2. ସୁଗମ, ଉପଯୁକ୍ତ; 3. ସୁବିଧାଜନକ, ଅନୁକୂଳ ।
**Conveniently**, *ad.* ସୁଖକରରୂପେ, ସୁବିଧାମତେ, ସୁଯୋଗମତେ, ଅନାୟାସରେ, ସ୍ୱଚ୍ଛନ୍ଦରେ ।
**Convent**, *n.* ଉଦାସୀନା ସ୍ତ୍ରୀମାନଙ୍କ ଆଶ୍ରମ, ଉଦାସୀନଙ୍କର ଆଶ୍ରମ, ମଠ ।
**Conventicle**, *n.* 1. ସଭା, ଗୁପ୍ତ ଧର୍ମସଭା; 2. ଆଇନବିରୁଦ୍ଧ ଧର୍ମସଭା, ଉପାସନା ନିମନ୍ତେ ଗୁପ୍ତ ସଭା; 3. ସର୍ବାଗ୍ରେ ଖ୍ରୀଷ୍ଟିୟ ମଣ୍ଡଳୀର ଭିନ୍ନ ମତାବଲମ୍ବୀମାନଙ୍କ ଉପାସନାଳୟ ।
**Convention**, *n.* 1. ସମାଗମ; 2. ସଙ୍କେତିତ ସଭା, ଧର୍ମସମ୍ବନ୍ଧୀୟ ସଭା; 3. ସଭା, ମେଳା; 4. ନିୟମ, ସନ୍ଧି; 5. ଲୋକାଚାର, ବ୍ୟବହାର, ସାମାଜିକ ଲୋକାଚାର ।
**Conventional**, *a.* 1. ପ୍ରତିନିଧିର ସଭାସମ୍ବନ୍ଧୀୟ; 2. ନିର୍ଦ୍ଧାରିତ, ନିୟମିତ; 3. ପ୍ରଚଳିତ, ବ୍ୟବହାରମୂଳକ, ସାମାଜିକ ଲୋକାଚାର ଅନୁଯାୟୀ ।
**Conventionalism, conventionality**, *n.* 1. ସାମାଜିକ ଲୋକାଚାର ପ୍ରତି ଅନୁରାଗ, ଅସ୍ୱାଭାବିକତା; 2. ପ୍ରଚଳିତ ମତ, ପ୍ରଚଳିତ ପ୍ରଥା ।
**Converge**, *v.i.* ଏକ ସ୍ଥାନରେ ମିଳିବାର, ଏକସ୍ଥାନାଭିମୁଖୀ-ହ, ଏକସ୍ଥାନାଭିଗାମୀ-ହ, ନିକଟତର-ହ ।
**Convergence, convergency**, *n.* ଏକସ୍ଥାନାଭିମୁଖତା, ଏକସ୍ଥାନାଭିଗାମିତ୍ୱ ।
**Convergent**, *a.* ଏକସ୍ଥାନାଭିମୁଖୀ, ଏକସ୍ଥାନାଭିଗାମୀ, ପରସ୍ପର ନିକଟଗାମୀ ।
**Conversable**, *a.* କଥୋପକଥନପ୍ରିୟ, ଆଳାପୀ ।
**Conversant**, *a.* 1. ସୁପରିଚିତ; 2. ଜ୍ଞ, ନିପୁଣ, ପାରଗ; 3. ନିବିଷ୍ଟ, ବ୍ୟାପୃତ ।
**Conversation**, *n.* 1. କଥାବାର୍ତ୍ତା, କଥୋପକଥନ, ଆଳାପ; 2. ସଙ୍ଗମ ।
**Conversational**, *a.* କଥୋପକଥନକାରୀ ।
**Conversationalist, conversationist**, *n.* କଥାବାର୍ତ୍ତାରେ ପଟୁ ଲୋକ ।
**Conversazione**, *kon-ver-sat'si-ō'-nā*, ସାହିତ୍ୟାଦିର କଥୋପକଥନ ନିମନ୍ତେ ସଭା ।
**Converse**, *v.i.* *kon-vers'*, 1. କଥାବାର୍ତ୍ତା-କ କଥୋପକଥନ-କ; 2. ସଙ୍ଗମ-କ ।—*n.* *kon'-vers* 1. କଥାବାର୍ତ୍ତା, କଥୋପକଥନ; 2. ଆଳାପନ, ସଂସର୍ଗ
**Converse**, *a.* *kon'-vers*, ବିପରୀତ, ବିରୁଦ୍ଧ, ପ୍ରତିକୂଳ, ଓଲଟା ।—*n.* ବିପରୀତ ବିଷୟ, ବିରୁଦ୍ଧ ପ୍ରତିଜ୍ଞା ।

Conversely, *ad.* ଉଲ୍ଟାରୂପେ, ବିପରୀତରୂପେ ।

Conversion, *n.* 1. ପରିବର୍ତ୍ତନ; 2. ମତ ପରିବର୍ତ୍ତନ; 3. ପାରମାର୍ଥିକ ପରିବର୍ତ୍ତନ ଯାହା ଦ୍ୱାରା ମନୁଷ୍ୟ ପାପରୁ ପରମେଶ୍ୱରଙ୍କ ପ୍ରତି ଫେରେ, ମନର ପରିବର୍ତ୍ତନ ।

Convert, *v.t.* *kon-vert'*, 1. ପରିବର୍ତ୍ତନ-କ, ରୂପାନ୍ତର-କ; 2. ମତାନ୍ତର-କ; 3. ପାପରୁ ଫେରାଇବାର, ମନ ଫେରାଇବାର ।—*v.i.* 1. ପରିବର୍ତ୍ତିତ-ହ; 2. ମନପରିବର୍ତ୍ତନ-ହ ।—*n.* *kon'-vert*, 1. ମତାନ୍ତର ଗ୍ରହଣକାରୀ; 2. ପାପରୁ ପବିତ୍ରତା ପ୍ରତି ପରିବର୍ତ୍ତିତ ଲୋକ, ମନପରିବର୍ତ୍ତିତ ଲୋକ; 3. ଏକ ଧର୍ମ ଛାଡ଼ି ଅନ୍ୟ ଧର୍ମାବଲମ୍ବୀ ।

Converter, *n.* 1. ମତ ବା ମନର ପରିବର୍ତ୍ତନ କରାଇବା ଲୋକ; 2. ଲୁହାକୁ ଇସ୍ପାତରେ ପରିଣତକାରୀ ପାତ୍ର ।

Convertibility, convertibleness, *n.* ପରିବର୍ତ୍ତନଶୀଳତା, ପରିବର୍ତ୍ତନୀୟତା ।

Convertible, *a.* 1. ପରିବର୍ତ୍ତନୀୟ, ବଦଳାବଦଳିଯୋଗ୍ୟ; 2. ଅର୍ଥରେ ସମତୁଲ୍ୟ ।

Convertibly, *ad.* 1. ପରିବର୍ତ୍ତନୀୟରୂପେ, ବଦଳାବଦଳିରୂପେ; 2. ଅର୍ଥରେ ସମତୁଲ୍ୟରୂପେ ।

Convex, *a.* କୂର୍ମପୃଷ୍ଠାକାର, ନ୍ୟୁବ୍ଜ ।—*n.* ନ୍ୟୁବ୍ଜ ଅଂଶ ।

Convexity, convexness, *n.* 1. ନ୍ୟୁବ୍ଜତା; 2. ନ୍ୟୁବ୍ଜ ବସ୍ତୁର ଉପର ଭାଗ ।

Convexly, *ad.* ନ୍ୟୁବ୍ଜରୂପେ ।

Convexo-concave, *a.* ନ୍ୟୁବ୍ଜୋଦର ।

Convexo-convex, *a.* ଉଭୟତଃ ନ୍ୟୁବ୍ଜ ।

Convey, *v.t.* 1. ବହିବାର, ବହି ନେବାର; 2. ଜ୍ଞାତ-କ; 3. ସମର୍ପଣ-କ ।

Conveyable, *a.* 1. ବହନୀୟ; 2. ହସ୍ତାନ୍ତରଯୋଗ୍ୟ ।

Conveyal, *n.* ବହନ ।

Conveyance, *n.* 1. ବହନ; 2. ବାହନ, ଯାନ; 3. ବଗୀ-ଗାଡ଼ି; 4. ହସ୍ତାନ୍ତରକରଣ, ସମର୍ପଣ; 5. ସମର୍ପଣପତ୍ର ।

Conveyancer, *n.* ସମର୍ପଣପତ୍ର ପ୍ରସ୍ତୁତକାରୀ ଉକିଲ ।

Conveyancing, *n.* ସମର୍ପଣପତ୍ର ପ୍ରସ୍ତୁତକରଣ ।

Convict, *v.t.* *kon-vikt'*, ଦୋଷସାବ୍ୟସ୍ତ-କ, ଦୋଷୀ-କ, with *of* before the offence.—*n.* *kon'-vikt*, ପ୍ରମାଣିତ ଅପରାଧୀ, କଏଦୀ ।

Conviction, *n.* 1. ଦୋଷସାବ୍ୟସ୍ତକରଣ, ଅପରାଧୀକରଣ; 2. ଦୃଢ଼ବୋଧକରଣ; 3. ଦୋଷୀକୃତାବସ୍ଥା; 4. ଦୃଢ଼ବୋଧ, ସ୍ଥିରବୋଧ, ଦୃଢ଼ ପ୍ରତ୍ୟୟ; 5. ପାପବିଷୟକ ବୋଧ ।

Convince, *v.t.* ତର୍କରେ ମଣାଇବାର, ତର୍କରେ ପରାଭୂତ-କ, ଦୃଢ଼ବୋଧ ଜନ୍ମାଇବାର, ବିଶ୍ୱାସ ଜନ୍ମାଇବାର, ସନ୍ଦେହ ଉଚ୍ଛେଦ-କ ।

Convincible, *a.* ଦୃଢ଼ବୋଧକରଣୀୟ ।

Convincing, *p.a.* ଦୃଢ଼ବୋଧଜନକ, ସନ୍ଦେହଉଚ୍ଛେଦକ ।

Convincingly, *ad.* ଦୃଢ଼ବୋଧଜନକରୂପେ, ସନ୍ଦେହଉଚ୍ଛେଦକରୂପେ, ପ୍ରତ୍ୟୟଜନକରୂପେ ।

Convivial, 1. ଉତ୍ସବସମ୍ବନ୍ଧୀୟ, ଉତ୍ସବକାରୀ, ଆମୋଦପ୍ରମୋଦକାରୀ; 2. ଆମୋଦୀ, ଆଳାପୀ ।

Conviviality, *n.* 1. ଆମୋଦୀ ସ୍ୱଭାବ, ଆଳାପିତ୍ୱ; 2. ଆମୋଦପ୍ରମୋଦ, ଭୋଜରେ ଆନନ୍ଦ ।

Convocation, *n.* 1. ସଭାର ଆହ୍ୱାନ; 2. ଇଂଲଣ୍ଡ ଧର୍ମର ଯାଜକୀୟ ପ୍ରତିନିଧିମାନଙ୍କର ସଭା, ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷମାନଙ୍କ ସଭା ।

Convocational, *a.* ସଭାସମ୍ବନ୍ଧୀୟ, ଧର୍ମସଭାସମ୍ବନ୍ଧୀୟ ।

Convoke, convocate, *v.t.* ସଭାରେ ଆହ୍ୱାନ-କ, ଡକାଇବାର, ଆହ୍ୱାନ ଦ୍ୱାରା ଏକତ୍ର-କ, ସମାହୂତ-କ ।

Convolute, convoluted, *a.* ଗୁଡ଼ା, ଜଡ଼ିତ ।

Convolution, *n.* 1. ଗୁଡ଼ାଇବା କାର୍ଯ୍ୟ, ଜଡ଼ିତକରଣ; 2. ଜଡ଼ିତାବସ୍ଥା; 3. ଘୂରଣ ଗତି; 4. କୁଣ୍ଡଳ ।

Convolve, *v.t.* 1. ଏକତ୍ର ଗୁଡ଼ାଇବାର, ଜଡ଼ିତ-କ; 2. ଘୂରିବାଗତି-କ ।

Convolvulus, *n.* ସୃକ୍ମୂଳୀୟା ଲତା ।

Convoy, *v.t.* *kon-voi'*, ରକ୍ଷାର୍ଥେ ସଙ୍ଗେ ଯିବାର, ସହଗମନ-କ ।—*n.* *kon'-voy*, 1. ରକ୍ଷାର୍ଥେ ତୈନାତ ସୈନ୍ୟଦଳ ବା ଯୁଦ୍ଧଜାହାଜମାନ; 2. ଯାହା ତୈନାତ ସୈନ୍ୟଦଳ ବା ଯୁଦ୍ଧଜାହାଜ ଦ୍ୱାରା ରକ୍ଷିତ ହୁଏ ।

Convulse, *v.t.* 1. ଖେଞ୍ଚିବାର, ସଙ୍କୁଚିତ-କ, (ଶିର) ଟାଣିବାର; 2. କମ୍ପିତ-କ, ଅଚମ୍ଭିତ-କ ।

Convulsibie, *a.* ସଙ୍କୋଚନୀୟ ।

Convulsion, *n.* 1. ସଙ୍କୋଚନ, ଶିରଖେଞ୍ଚା, ଆକ୍ଷେପ, ଟଙ୍କାର; 2. କମ୍ପନ, ଧୂମ୍‌ଧାମ୍ ।

Convulsionary, *a.* ଆକ୍ଷେପକାରକ, ଆକ୍ଷେପଯୁକ୍ତ, ଖେଞ୍ଚା ରୋଗବିଶିଷ୍ଟ, ଆକ୍ଷେପରୁ ଜାତ ।

Convulsive, *a.* 1. ସଙ୍କୋଚକ; 2. ଆକ୍ଷେପଯୁକ୍ତ, ଆକ୍ଷେପରୁ ଜାତ; 3. କମ୍ପନକାରୀ ।

Convulsively, *ad.* 1. ସଙ୍କୋଚକରୂପେ; 2. ଆକ୍ଷେପଯୁକ୍ତରୂପେ; 3. କମ୍ପନଯୁକ୍ତରୂପେ ।

Cony, coney, *n.* ଖାଳ ଠେକୁଆ ଜାତୀୟ ଜନ୍ତୁ ।

Coo, *v.i.* 1. ପାରା ପରି ଶବ୍ଦ-କ, ଘୁଘୁ ଶବ୍ଦ-କ; 2. ପ୍ରେମାଲିଙ୍ଗନ-କ ।

Cook, *v.t.* 1. ରୋଷାଇ-କ, ରାନ୍ଧିବାର, ରନ୍ଧନ-କ, ପାକ-କ; 2. କଳ୍ପିତ-କ, କୃତ୍ରିମ-କ ।—*n.* ରୋଷେଇଆ, ରାନ୍ଧୁଣିଆ, ବବର୍ଚି, ପାଚକ, ସୂପକାର । [ପାକକର୍ତ୍ତା ।

Cookery, *n.* ରାନ୍ଧୁଣିଆର କାର୍ଯ୍ୟ, ରନ୍ଧନା, ରୋଷାଇ,

Cool, *a.* 1. ଅଳ୍ପଶୀତଳ, ଅନୁଷ୍ଣ, କାଳୁଆ, ଥଣ୍ଡା; 2. ଉଦାସୀନ, ଶିଥିଳ; 3. ଅନୁତ୍ସୁକ, ଅନୁଦ୍ୱେଗ, ଶାନ୍ତ, ଧୀର, ସୁସ୍ଥିର; 4. ଦୁଃସାହସୀ, ନିର୍ଲଜ୍ଜ ।—*n.* ଅଳ୍ପଶୀତଳତା, ଅନୁଷ୍ଣତା ।—*v.t.* 1. ଶୀତଳ-କ, ଥଣ୍ଡା-କ; 2. ଶାନ୍ତ-କ, (ଉତ୍ସାହ ବା ପ୍ରେମ) ଊଣା-କ ।—*v.i.* 1. ଶୀତଳ-ହ, ଥଣ୍ଡା-ହ; 2. ଶାନ୍ତ-ହ, ଊଣା-ହ ।

Cooler, *n.* ଶୀତଳ କରିବା ପାତ୍ର, ଯାହା ଶୀତଳ କରେ ।

Cool-headed, *a.* ଧୀରମନାଃ, ସୁସ୍ଥିର ।

Coolie, *n.* ମୂଲିଆ, ମୋଟିଆ, କୁଲି ।

Coolly, *ad.* 1. ଅଳ୍ପଶୀତଳରୂପେ; 2. ଉଦାସୀନରୂପେ, ଶିଥିଳଭାବେ; 3. ଶାନ୍ତଭାବେ, ଧୀରରୂପେ, ସୁସ୍ଥିରରୂପେ, ଥଣ୍ଡା ମନରେ; 4. ନିର୍ଲଜ୍ଜରୂପେ ।

**Coolness**, *n.* 1. ଅଳ୍ପଶୀତଳତା, ଈଷଦୁଷ୍ଣତା; 2. ଉଦାସୀନତା, ଶିଥିଳତା, ନିଃସ୍ନେହତା; 3. ଚିତ୍ତର ସ୍ଥିରତା, ସୁସ୍ଥିରତା; 4. ଦୁଃସାହସ, ନିର୍ଲଜ୍ଜତା ।

**Coomb, comb**, *n.* ଶସ୍ୟର ପରିମାଣ ବିଶେଷ, ପ୍ରାୟ ଚାରି ମହଣ ।

**Coop**, *n.* 1. କୁକୁଡ଼ା ରଖିବା ବାକ୍ସ, ଟୋପା, ପିଞ୍ଜରା ବିଶେଷ; 2. ପୀପା ।—*v.t.* 1. ଟୋପାରେ ରଖିବାର; 2. ସଙ୍କୀର୍ଣ୍ଣ ସ୍ଥାନରେ ଆବଦ୍ଧ-କ ।

**Cooper**, *n.* ପୀପା ନିର୍ମାଣକର୍ତ୍ତା ।—*v.t.* and *i.* ପୀପା ବନାଇବାର ।

**Cooperage, coopery**, *n.* ପୀପା ନିର୍ମାଣକାରର କାର୍ଯ୍ୟ ବା ଦୋକାନ ।

**Co-operant**, *a.* ସହକାରୀ ।—*n.* ସହକାରୀ ବିଷୟ, ଯାହା ସହକାରିତା କରେ ।

**Co-operate**, *v.i.* ସହକାରୀ-ହେ, ସହଯୋଗିତା-କ, ସହକାରିତା-କ ।

**Co-operation**, *n.* 1. ସହକାରିତା, ସହୋଦ୍ୟୋଗ; 2. ଯୌଥ କାରବାର ।

**Co-operative**, *a.* ସହକାରୀ, ସହୋଦ୍ୟୋଗୀ ।— co-operative society, ଯୌଥସମାଜ । co-operative stores, ଯୌଥଭଣ୍ଡାର ।

**Co-operator**, *n.* 1. ସହକାରୀ, ସହୋଦ୍ୟୋଗୀ; 2. ଯୌଥସମାଜର ସଭ୍ୟ । [ଭୁକ୍ତ-କ ।

**Co-opt**, *v.t.* ସଭ୍ୟମାନଙ୍କର ମତ ଦ୍ୱାରା ସମାଜରେ ଅନ୍ତର୍-

**Co-ordinate**, *a.* ସମପଦସ୍ଥ, ସମସ୍ଥାନୀୟ, ସମତୁଲ୍ୟ ।—*v.t.* 1. ସମଶ୍ରେଣୀଭୁକ୍ତ-କ; 2. ତୁଲ୍ୟ-କ ।—*v.i.* 1. ସମଶ୍ରେଣୀ-ହେ; 2. ମିଳିବାର ।—*n.* ସମଶ୍ରେଣୀର ପଦାର୍ଥ, ସମପଦସ୍ଥ ଲୋକ, ସମତୁଲ୍ୟ ବିଷୟ ।

**Co-ordinately**, *ad.* ସମଶ୍ରେଣୀରେ, ସମତୁଲ୍ୟଭାବେ, ସମପରିମାଣରେ ।

**Co-ordination**, *n.* ସମଶ୍ରେଣୀଭୁକ୍ତକରଣ, ସମପଦସ୍ଥକରଣ, ସମତୁଲ୍ୟକରଣ, ସମଶ୍ରେଣୀଭୁକ୍ତାବସ୍ଥା, ସମତୁଲ୍ୟାବସ୍ଥା, ସମତୁଲ୍ୟତା ।

**Coot**, *n.* ଜଳଚର ପକ୍ଷୀ ବିଶେଷ ।

**Copaiba, copaiva**, *n.* ଗୋନ୍ଦମୟ ରସବିଶେଷ ଯାହା ଔଷଧ ନିମନ୍ତେ ବ୍ୟବହୃତ ହୁଏ ।

**Copal**, *n.* କେତେକ ଗଛରୁ ଜାତ ଗୋନ୍ଦ ବିଶେଷ ଯହିଁରୁ ବାର୍ନିସ୍ ହୁଏ ।

**Copartner**, *n.* ଭାଗୀ, ଅଂଶୀ, ବଖରାଦାର ।

**Copartnership, copartnery**, *n.* ଅଂଶିତ୍ୱ, ବଖରାଦାରୀ ଅବସ୍ଥା, ଅଂଶିଦାର ।

**Cope**, *n.* 1. ଯାଜକର ପରିଧାନ ବିଶେଷ; 2. ଉପରିସ୍ଥିତ କୌଣସି ଖିଲାଣାକୃତି ପଦାର୍ଥ, ଆକାଶର ଖିଲାଣ, ଘରର ଛାତ, ଦ୍ୱାରସ୍ଥ ଖିଲାଣ ।—*v.t.* 1. ଯାଜକର ଯୋଗ୍ୟ ଜାମକ ପରିଧାନ ପିନ୍ଧାଇବାର; 2. (କାନ୍ଥ ମଥାର) ଶେଷ ପଲସ୍ତ୍ରା-କ ।

**Cope**, *v.i.* ପ୍ରତିଯୋଗିତା-କ, ପ୍ରତିକୂଳ-କ, ସମକକ୍ଷତା-କ, followed by *with*.

**Cope-stone**, *n.* କାନ୍ଥ ବା ସ୍ତମ୍ଭ ମଥାରେ ଥିବା ପଥର, ପରସ୍ତର ।

**Copier, copyist**, *n.* 1. ନକଲକାରୀ, ପ୍ରତିଲିପିକାରକ; 2. ରଚନାଚୋର ।

**Coping**, *n.* କାନ୍ଥ ମଥାର ଶେଷ ପଲସ୍ତ୍ରା ।

**Copious**, *a.* 1. ପ୍ରଚୁର, ବହୁଳ, ବିସ୍ତାର, ବହୁତ, ଯଥେଷ୍ଟ; 2. ବାକ୍ବହୁଳ । [ରୂପେ ।

**Copiously**, *ad.* ପ୍ରଚୁରରୂପେ, ବହୁଳରୂପେ, ଯଥେଷ୍ଟ-

**Copiousness**, *n.* 1. ପ୍ରଚୁରତା, ବାହୁଲ୍ୟ, ପ୍ରାଚୁର୍ଯ୍ୟ; 2. ବାକ୍ବାହୁଲ୍ୟ ।

**Copper**, *n.* 1. ତମ୍ବା, ତାମ୍ର; 2. ତମ୍ବାର ହଣ୍ଡା, କଡ଼ାଇ; 3. ତାମ୍ର ମୁଦ୍ରା ।—*vt.* ତମ୍ବା ପାତ୍ରରେ ଛାଉଣି-କ ।—*a.* ତମ୍ବା-ପରି, ତାମ୍ରମୟ ।

**Copperas**, *n.* ହୀରାକସ ।

**Copperplate**, *n.* 1. ଛାପା ନିମନ୍ତେ ଖୋଦିତ ତମ୍ବାପାତ; 2. ଉକ୍ତ ତମ୍ବାପାତରୁ ଛାପା ନକ୍ସା ।

**Coppersmith**, *n.* ତାମ୍ରକାର ।

**Coppery**, *a.* ତାମ୍ରମୟ, ତାମ୍ରଧର୍ମିତ, ତାମ୍ରବତ୍ ।

**Coppice, copse**, *n.* ଛୋଟ ଗଛ ବା ବୁଦାର ବଣ ।

**Copula**, *n.* ଯୋଜକ ପଦ ।

**Copulate**, *v.i.* ସଙ୍ଗମ-କ, ମୈଥୁନ-କ, ଶୃଙ୍ଗାର-କ ।

**Copulation**, *n.* ସଙ୍ଗମ, ମୈଥୁନ, ଶୃଙ୍ଗାର ।

**Copulative**, *a.* 1. ସଂଯୋଗକାରୀ, ସଂଯୋଜକ; 2. ସଙ୍ଗମସମ୍ବନ୍ଧୀୟ ।—*n.* ସଂଯୋଜକ ଅବ୍ୟୟ ।

**Copy**, *n.* 1. ପ୍ରତିଲିପି, ଅନୁକରଣ, ନକଲ; 2. ଏକ ଖଣ୍ଡ (ପୁସ୍ତକ); 3. ଆଦର୍ଶ; 4. ଛାପିବା ନିମନ୍ତେ ଛାପାକାରକ ହସ୍ତରେ ସମର୍ପିତ ହସ୍ତଲିପି ଆଦି ।—*v.t.* ପ୍ରତିଲିପି-କ, ଅନୁରୂପ-କ, ଅନୁକରଣ-କ, ଉତାରିବାର, ନକଲ-କ ।

**Copy-book**, *n.* ହସ୍ତାକ୍ଷର ଲେଖିବା ବହି ।

**Copyer**, see Copier.

**Copyhold**, *n.* 1. ପଟ୍ଟାରେ ନ ଥାଇ କେବଳ ଜମିଦାରର ଖାତାରେ ଲିଖିତ ସ୍ୱତ୍ୱର ସ୍ୱତ୍ୱାଧିକ; 2. ଉକ୍ତ ସ୍ୱତ୍ୱାନୁସାରେ ପ୍ରାପ୍ତ ଭୂମି ।

**Copyholder**, *n.* ଉପରୋକ୍ତ ସ୍ୱତ୍ୱଧାରୀ ରୟତ ।

**Copyright**, *n.* ଗ୍ରନ୍ଥକାର ଆଦିର ପୁସ୍ତକ ପ୍ରଭୃତି ମୁଦ୍ରାଙ୍କିତ ଓ ବିକ୍ରୟ କରିବାର ଅଦ୍ୱିତୀୟ ସ୍ୱତ୍ୱ ।—*a.* ଉକ୍ତ ସ୍ୱତ୍ୱସମ୍ବନ୍ଧୀୟ ।—*v.t.* (ପୁସ୍ତକାଦି ନିମନ୍ତେ) ଉକ୍ତ ସ୍ୱତ୍ୱ ସ୍ଥିର-କ ।

**Coquet**, *v.i* 1. ପ୍ରୀତିରେ ଖେଳି-ଦେ, କୃତ୍ରିମ ପ୍ରୀତି ଦେଖାଇବାର, ଗରିମା ହେତୁ ଅନ୍ୟ ଲୋକର ଦୃଷ୍ଟି ବା ପ୍ରୀତି ଆକର୍ଷଣ-କ; 2. ଚଞ୍ଚଳଭାବେ କାର୍ଯ୍ୟ-କ, ଖେଳି-ଦେ ।—*v.t.* କୃତ୍ରିମ ପ୍ରୀତି ବ୍ୟବହାର-କ, କୃତ୍ରିମ ପ୍ରେମ ଦେଖାଇ ଠକିବାର ।

**Coquetry**, *n.* ଗରିମା ହେତୁ ଅନ୍ୟ ଲୋକର ଦୃଷ୍ଟି ବା ପ୍ରୀତି ଟାଣିବାକୁ ଚେଷ୍ଟା, ପ୍ରୀତିରେ ଖେଳି, ପ୍ରୀତିରେ ଛଳନାକାରୀ ଗୁଣ ।

**Coquette**, *n.* ଗରିମା ହେତୁ ଅନ୍ୟ ଲୋକର ଦୃଷ୍ଟି ବା ପ୍ରୀତି ଆକର୍ଷଣକାରିଣୀ ଯୁବତୀ ବା ସ୍ତ୍ରୀ, ପ୍ରୀତିରେ ଖେଳି ଦେବା ସ୍ତ୍ରୀ, ଚଞ୍ଚଳା ଓ ପ୍ରତାରକା ମନୋମୋହିନୀ ସ୍ତ୍ରୀ ।

**Coquettish**, *a.* ପୁଂବୋଲ୍ଲ ସ୍ତ୍ରୀସମ୍ବନ୍ଧୀୟ, ପୁଂବୋଲ୍ଲ ସ୍ତ୍ରୀର ବ୍ୟବହାରସମ୍ବନ୍ଧୀୟ, ପ୍ରୀତିର ଛଳନାକାରିଣୀ ।

**Coracle**, *n.* ପୁରୁଣା ଢଙ୍ଗର ଚାଲୁଅ ଡୁଙ୍ଗି ।

**Coral**, *n.* ପୋହଳା, ପ୍ରବାଳ, ମୁଗା ।—*a.* ପୋହଳାନିର୍ମିତ, ପୋହଳାପରି, ପୋହଳାରଙ୍ଗ ।

**Corallaceous**, *a.* ପ୍ରବାଳବତ୍, ପ୍ରବାଳର ଗୁଣବିଶିଷ୍ଟ ।

**Coralliferous**, *a.* ପ୍ରବାଳୋତ୍ପାଦକ, ପ୍ରବାଳଯୁକ୍ତ ।

**Coralliform, coralloid, coralloidal**, *a.* ପ୍ରବାଳାକୃତି, ପ୍ରବାଳରୂପ ।

**Coralline**, *a.* ପୋହଳାମୟ, ପ୍ରବାଳବତ୍, ସପ୍ରବାଳ ।

**Coral-reef**, *n.* ପ୍ରବାଳଦ୍ୱୀପ, ପ୍ରବାଳମୟ ଚଡ଼ା ।

**Corban**, *n.* (Heb.), ପରମେଶ୍ୱରଙ୍କ ଉଦ୍ଦେଶରେ ନିବେଦିତ ବସ୍ତୁ ।

**Corbel**, *n.* କାନ୍ଥରୁ ବାହାରିଥିବା ଅବଲମ୍ବ ।—*v.t.* ଉକ୍ତ ଅବଲମ୍ବ ଦ୍ୱାରା ଟେକି ରଖିବାର, ଉକ୍ତ ଅବଲମ୍ବମାନ ଲଗାଇବାର ।

**Corbie**, *n.* (Scotch), ଡାମରା କାଉ ।

**Cord**, *n.* 1. ସୂତଲି, ଦଉଡ଼ି, ରଜ୍ଜୁ ; 2. ରଜ୍ଜୁବତ୍ ପଦାର୍ଥ, ଶିରା, ବନ୍ଧନ ; 3. ସୀତାଯୁକ୍ତ ଲୁଗା ବିଶେଷ ; 4. କାଠ-ଗଦା ନି ଯାହା ୮ ଫୁଟ ଲମ୍ବା ୪ ଫୁଟ ଚଉଡ଼ା ଓ ୪ ଫୁଟ ଉଚ୍ଚ ଅଟେ ।—*v.t.* ସୂତଲିରେ ବାନ୍ଧିବାର, ଦଉଡ଼ିରେ ବାନ୍ଧିବାର ।

**Cordage**, *n.* ଦଉଡ଼ିସମୂହ, ଜାହାଜର ରଜ୍ଜୁସମୂହ ।

**Cordate, cordated, cordiform**, *a.* ହୃତ୍ପିଣ୍ଡାକୃତି ।

**Cordately**, *ad.* ହୃତ୍ପିଣ୍ଡାକୃତିରେ ।

**Corded**, *a.* 1. ସୂତଲି ବା ଦଉଡ଼ି ଦ୍ୱାରା ବନ୍ଧା ; 2. ସୀତାକୃତ ।

**Cordelier**, *n.* ରଜ୍ଜୁପିନ୍ଧା ଉଦାସୀନ ବିଶେଷ ।

**Cordial**, *a.* 1. ମନରସହିତ, ଅନ୍ତରିକ, ହୃଦ୍ୟ, ସରଳ, ସ୍ନେହପୂର୍ଣ୍ଣ ; 2. ବଳକାରକ, ସ୍ଫୂର୍ତ୍ତିଜନକ, ଆନନ୍ଦଦାୟକ ।—*n.* 1. ଯାହା ବଳ ବା ଆଶ୍ୱାସ ଦିଏ, ବଳକାରକ ଔଷଧ; 2. ମଦ୍ୟ ବିଶେଷ ।

**Cordiality**, *n.* ହୃଦ୍ୟତା, ସରଳତା, ସ୍ନେହପୂର୍ଣ୍ଣତା, ସୌହାର୍ଦ୍ଦ, ଅକପଟ ପ୍ରଣୟ ।

**Cordially**, *ad.* ମନସହିତରେ, ଅନ୍ତରିକରୂପେ, ସରଳଭାବେ, ସ୍ନେହପୂର୍ବକ ।

**Cordite**, *a.* ବାରୁଦ ପରିବର୍ତ୍ତେ ତୋପରେ ବ୍ୟବହୃତ ସ୍ଫୋଟକଶୀଳ ପଦାର୍ଥ ।

**Cordon**, *n.* 1. ଗତାୟାତ ବନ୍ଦ କରିବା ନିମନ୍ତେ ସ୍ଥାପିତ ଶିବିରଶ୍ରେଣୀ ; 2. କାନ୍ଥରୁ ବାହାରି ପଡ଼ିଥିବା ପଥରର ପରସ୍ତ ; 3. ଚଢ଼ିବାର ବାଧା ଦେବା ନିମନ୍ତେ ଦୁର୍ଗର ପ୍ରାଚୀରରୁ ଉଦ୍ଗତ ପ୍ରସ୍ତରଶ୍ରେଣୀ; 4. ସମ୍ମାନସୂଚକ ଫିତା ବିଶେଷ ।

**Corduroy**, *n.* (French) *kor-de-roi'*, ସୀତାଯୁକ୍ତ ମୋଟା ଲୁଗା ବିଶେଷ ।

**Cordwain**, *n.* ସ୍ପେନ୍‌ଦେଶୀୟ ଚମଡ଼ା ବିଶେଷ ।

**Cordwainer**, *n.* ସ୍ପେନ୍‌ଦେଶୀୟ ଚମଡ଼ାରେ କର୍ମକାରୀ, ଚର୍ମକାର, ମୋଚି ।

**Core**, *n.* 1. ମଧ୍ୟଭାଗ, ସ୍ତମ୍ଭର ମଧ୍ୟଭାଗ, ପଥର ମଞ୍ଜି ; 2. ଫଳର ମଧ୍ୟଭାଗ, ମଞ୍ଜ ; 3. ସାର ; 4. ଢଳର ଛାଞ୍ଚ ; 5. ବୈଦ୍ୟୁତିକ ଚୁମ୍ବକ ଶଲାକା ।—*v.t.* 1. ମଞ୍ଜ କାଢ଼ିବାର ; 2. ଢଳର ଛାଞ୍ଚ ରଖି ଛାଞ୍ଚରେ ଢାଳିବାର ।

**Coregent**, *n.* ସହଶାସନକର୍ତ୍ତା ।

**Coreless**, *a.* 1. ମଞ୍ଜରହିତ ; 2. ଦୁର୍ବଳ ।

**Co-respondent**, *n.* 1. ସହପ୍ରତିବାଦୀ ; 2. ବ୍ୟଭିଚାର ହେତୁ ସ୍ତ୍ରୀତ୍ୟାଗ ଦେବା ମକଦ୍ଦମାରେ ପ୍ରତିବାଦୀର ଉପପତ୍ନୀ ବା ପ୍ରତିବାଦିନୀର ଉପପତି ।

**Coriaceous**, *a.* ଚର୍ମବତ୍, ଚର୍ମମୟ, ଟାଣ, ଚେମଡ଼ା ।

**Coriander**, *n.* ଧନିଆ ଗଛ, ଧନିଆ ।

**Corinthian**, *a.* 1. କରିନ୍ଥ ନଗରସମ୍ବନ୍ଧୀୟ; 2. ଗୃହ ନିର୍ମାଣର ବିଶେଷ ପ୍ରଥାସମ୍ବନ୍ଧୀୟ ।—*n.* 1. କରିନ୍ଥ ନଗରବାସୀ; 2. ଫୁଲବାବୁ ; 3. *pl.* କରିନ୍ଥ ମଣ୍ଡଳୀ ପ୍ରତି ପାଉଲ୍ ପ୍ରେରିତଙ୍କର ଦୁଇ ଚିଠାଉ ।

**Cork**, *n.* 1. ବୃକ୍ଷବିଶେଷର ଛାଲ, କାର୍କ୍, କାର୍କ୍ ଗଛ ; 2. କାର୍କ୍‌ରେ ନିର୍ମିତ ପଦାର୍ଥ, ଠିପି ।—*v.t.* 1. ଠିପି ଦ୍ୱାରା ବନ୍ଦ-କ ; 2. ପୋଡ଼ା କାର୍କ୍‌ରେ କଳା-କ ।

**Corked**, *a.* 1. ଠିପି ଦ୍ୱାରା ବନ୍ଦ ; 2. ମଦ ଠିପି ହେତୁ ଅସ୍ୱାଦ ; 3. ପୋଡ଼ା କାର୍କ୍‌ରେ କଳା ।

**Cork-jacket**, *n.* ପହଁରି ନ ଜାଣିବା ଲୋକଙ୍କୁ ଭସାଇ ରଖିବା ନିମନ୍ତେ କାର୍କ୍‌ରେ ପ୍ରସ୍ତୁତ ଫତେଇ ।

**Corkscrew**, *n.* ଠିପି କାଢ଼ିବା ପେଚ ।—*v.t.* and *i.* ପେଚପରି ଘୁସାଇବାର, ପେଚପରି ଘୁରିବାର ।

**Corky**, *n.* କାର୍କ୍‌ଯୁକ୍ତ, କାର୍କ୍‌ପରି ।

**Cormorant**, *n.* 1. ପାଣିକୁଆ ; 2. ଗିଳା, ପେଟୁ ।

**Corn**, *n.* ବୀଜ, ଦାନା ; 2. ଗହମ, ଯବ ଆଦି, ମକ୍କା ; 3. ଶସ୍ୟ ।—*v.t.* 1. ଲବଣାକ୍ତ-କ ; 2. ଦାନା-କ ।

**Corn**, *n.* (ଗୋଡ଼ର) କଣ୍ଡି ।

**Corn-beetle**, *n.* କୀଟ ବିଶେଷ ଯେ ପ୍ରଥମାବସ୍ଥାରେ ଗହମ କ୍ଷତ କରେ ।

**Corn-crake**, *n.* କର୍କଶ ଶବ୍ଦକାରୀ ଘାଳ ପକ୍ଷୀ ବିଶେଷ ।

**Cornea**, *n.* ଚକ୍ଷୁର ଶୃଙ୍ଗବତ୍ ସ୍ୱଚ୍ଛ ଚର୍ମ ।

**Corned**, *a.* 1. ଲବଣାକ୍ତ ; 2. ଦାନାବିଶିଷ୍ଟ ।

**Cornelian**, see Carnelian.

**Corneus**, *a.* ଶୃଙ୍ଗମୟ, ଶୃଙ୍ଗବତ୍, ଟାଣ ।

**Corner**, *n.* 1. କୋଣ; 2. ନିଭୃତ ସ୍ଥାନ, ଗୁପ୍ତ ସ୍ଥାନ ; 3. କଷ୍ଟକର ସ୍ଥାନ, ସଙ୍କୀର୍ଣ୍ଣ ସ୍ଥାନ ; 4. ଏକଚାଟିଆ କିଣା (ଗହମାଦିର) କାରବାର ।—*v.t.* 1. କୋଣରେ ଠେସି ଧରିବାର; 2. ଅଟକଳରେ ପକାଇବାର, କଷ୍ଟରେ ପକାଇବାର ; 3. ଏକଚାଟିଆ କିଣିବାର ।

**Cornered**, *a.* 1. କୋଣଯୁକ୍ତ ; 2. ଅପ୍ରସ୍ତୁତ ।

**Corner-stone**, *n.* 1. କୋଣର ପ୍ରଧାନ ପଥର ; 2. (କୌଣସି ମତର) ମୂଳଦୁଆ ।

**Cornerwise**, *ad.* ତେର୍ଛାରୂପେ ।

**Cornet**, *n.* 1. ଶିଙ୍ଗା ବିଶେଷ, ତୂରୀ ବିଶେଷ ; 2. ଅଶ୍ୱାରୋହୀ ଧ୍ୱଜାଧାରୀ ସୈନ୍ୟ ।

Cornetcy, *n.* ଅଶ୍ୱାରୋହୀ ଧ୍ୱଜାଧାରୀ ସୈନ୍ୟର ପଦ ।

Corn-exchange, *n.* ଯେଉଁ ବାଣିଜ୍ୟ ଗୃହରେ ନମୁନା ଦ୍ୱାରା ଶସ୍ୟ କଣାକଣା ହୁଏ ।

Corn-factor, *n.* ଶସ୍ୟର ମହାଜନ ।

Cornflour, *n.* ମକ୍କାର ମଇଦା ।

Cornice, *n.* କର୍ଣ୍ଣିସ ବା କାନୁସ, କୋଠରୀ କାନ୍ଥର ଉପରକୁ ବାହାରି ପଡ଼ ଥିବା କାଠ ବା ପଥର ଅଦର ଶୋଭାକର କାର୍ଣ୍ଣି ।

Cornigerous, cornuted, *a.* ଶୃଙ୍ଗବିଶିଷ୍ଟ, ଶୃଙ୍ଗୀ ।

Corn-marigold, *n.* ଶସ୍ୟକ୍ଷେତ୍ରରେ ଥିବା ଗେନ୍ଦୁଫୁଲ ବିଶେଷ ।

Corn-mill, *n.* ଶସ୍ୟ ପେଷିବା କଳ ବା ଗୃହ, ଚକି ।

Corn-poppy, corn-rose, *n.* ଶସ୍ୟକ୍ଷେତ୍ରରେ ଥିବା ପୋସ୍ତ ଗଛ ବା ଫୁଲ ।

Corn-rent, *n.* ଶସ୍ୟରୂପ ଖଜଣା ।

Cornucopia, *n.* ଶସ୍ୟ ଫୁଲ ଓ ଫଳ ଉତ୍ପାଦକ କଳ୍ପିତ ଶୃଙ୍ଗ, ପ୍ରାଚୁର୍ଯ୍ୟସୂଚକ ଚିହ୍ନ ।

Corolla, *n.* ପୁଷ୍ପପାଖୁଡ଼ା, ପୁଷ୍ପର ଦଳ ।

Corollaceous, *a.* ପୁଷ୍ପର ଦଳସମ୍ବନ୍ଧୀୟ ।

Corollary, *n.* ଅନୁମେୟ, ଅନୁସିଦ୍ଧି, ଅନୁମାନ, ସିଦ୍ଧାନ୍ତ ।

Corona, *n.* *ko-rō´-na*, *pl.* coronæ (ମାଳା), 1. ମୁକୁଟବତ୍ ପଦାର୍ଥ; 2. ସୂର୍ଯ୍ୟ ଚନ୍ଦ୍ରାଦିର ମଣ୍ଡଳ; 3. ସୂର୍ଯ୍ୟର ପୂର୍ଣ୍ଣଗ୍ରହଣ ସମୟରେ ଆଲୋକ ମଣ୍ଡଳ; 4. ଆଲୋକ ମଣ୍ଡଳ; 5. କାନୁସର ମଥା; 6. କେତେକ ଫୁଲର ଗୋଲ ଧାର; 7. ମଣ୍ଡଳାକାର ଦୀପାଧାର।

Coronal, *a.* 1. ଭାଲୁସମ୍ବନ୍ଧୀୟ; 2. ଆଲୋକ ମଣ୍ଡଳସମ୍ବନ୍ଧୀୟ ।—*n.* 1. ମୁକୁଟ, ମାଳା; 2. ମୁକୁଟବତ୍ ପଦାର୍ଥ ।

Coronary, *a.* ମୁକୁଟବତ୍ ପଦାର୍ଥସମ୍ବନ୍ଧୀୟ, ମୁକୁଟ ପରି ବେଷ୍ଟନକାରୀ ।

Coronation, *n.* ରାଜ୍ୟାଭିଷେକ ସମୟରେ ମୁକୁଟଧାରଣ କିମ୍ବା, ରାଜ୍ୟାଭିଷେକ ।

Coroner, *n.* ଅପମୃତ୍ୟୁ କାରଣ ଅନୁସନ୍ଧାନକାରୀ କର୍ମଚାରୀ ।

Coronet, *n.* 1. କୁଳୀନର ମୁକୁଟ, କିରୀଟ; 2. ଶିରୋଭୂଷଣ ।

Coroniform, *a.* ମୁକୁଟାକାର । [ନାୟକ ।

Corporal, *n.* ପଦାତିକ ସୈନ୍ୟଦଳରେ ନିମ୍ନ ଶ୍ରେଣୀର

Corporal, *a.* ଦୈହିକ ।—Corporal punishment, ଦେହରେ ଶାସ୍ତି, ବିଶେଷରେ ବେତ୍ରରେ ବେତମାଡ଼, ପ୍ରହାର ।

Corporality, *n.* 1. ଶାରୀରିକ ଅବସ୍ଥା, ଭୌତିକତା; 2. ସାମାଜିକତା ।

Corporally *ad.* ଦୈହିକରୂପେ, ଦେହରେ ।

Corporalship, *n.* ପଦାତିକ ସୈନ୍ୟଦଳରେ ନିମ୍ନ ଶ୍ରେଣୀର ନାୟକ ପଦ ।

Corporate, *a.* 1. ବହୁ ଦ୍ୱାରା ଗଠିତ; 2. ସାମାଜିକ, ସାମ୍ପ୍ରଦାୟିକ; 3. ଏକୀକୃତ, ମିଳିତ; 4. ଦୈହିକ, ଭୌତିକ ।

Corporately, *ad.* 1. ସାମାଜିକ କ୍ଷମତାରେ; 2. ଦୈହିକରୂପେ ।

Corporateness, *n.* 1. ସାମାଜିକ ଅବସ୍ଥା; 2. ଭୌତିକତା ।

Corporation, *n.* 1. ବହୁ ଦ୍ୱାରା ଗଠିତ ସମାଜ ବା ଯାହା ଜଣେ ବ୍ୟକ୍ତି ପରି କାର୍ଯ୍ୟ କରିବାକୁ କ୍ଷମତାପ୍ରାପ୍ତ ହୋଇଥାଏ, (e.g. municipality); 2. ଦେହ (vulgar).

Corporeal, *a.* 1. ଦେହବିଶିଷ୍ଟ, ଦୈହିକ, ଭୌତିକ, ଶାରୀରିକ; 2. ଶାରୀରିକ । [କତା ।

Corporeality, *n.* ଦେହବିଶିଷ୍ଟତା, ଦୈହିକତା, ଭୌତିକତା ।

Corporeally, *ad.* 1. ଦୈହିକରୂପେ, ଦେହାକାରରେ, ଦେହରେ; 2. ଦେହସମ୍ବନ୍ଧରେ ।

Corporeity, *n.* ଶରୀରବିଶିଷ୍ଟତା, ବାସ୍ତବତ୍ୱ, ଭୌତିକତା, ମୂର୍ତ୍ତିମତ୍ତା ।

Corps, *n.* *kor*, *pl.* corps, *korz*, ସୈନ୍ୟଦଳ, ପଲଟଣ ।

Corpse, *n.* ଶବ, ମୁର୍ଦ୍ଦାର, ମଡ଼ା, ମୃତଦେହ ।

Corpulence, corpulency, *n.* ମୋଟାବସ୍ଥା, ସ୍ଥୂଳତା, ସ୍ଥୂଳକାୟତ୍ୱ ।

Corpulent, *a.* ମୋଟା, ସ୍ଥୂଳ, ମାଂସଳ, ସ୍ଥୂଳକାୟ ।

Corpulently, *ad.* ସ୍ଥୂଳରୂପେ ।

Corpuscle, *n.* ପରମାଣୁ, ଅଣୁ, ରେଣୁ, କଣା ।

Corpuscular, *a.* ପରମାଣୁସମ୍ବନ୍ଧୀୟ, ପରମାଣୁବିଶିଷ୍ଟ ।

Corpuscularity, *n.* ପରମାଣୁବିଶିଷ୍ଟତା ।

Corradiation, *n.* ସଂଶ୍ଳେଷ ।

Corral, *n.* 1. ଗୁହାଳ; 2. ଦେଶଭ୍ରମଣକାରୀମାନଙ୍କ ଦ୍ୱାରା ଶକଟବହ ଗାଡ଼ିରେ ପ୍ରସ୍ତୁତ ଘେର ସ୍ଥାନ; 3. ଖେଦା ।—*v.t.* 1. ଗୁହାଳରେ ପୂରାଇବାର; 2. ଏକାଠି ଧରି ରଖିବାର; 3. ଘେର ସ୍ଥାନ କରିବା ପାଇଁ (ଶକଟବହ ଗାଡ଼ୀମାନ) ରଖିବାର; 4. ଖେଦା-କ ।

Correct, *a.* ଠିକ୍, ଶୁଦ୍ଧ, ଅଭ୍ରାନ୍ତ, ନିର୍ଦ୍ଦୋଷ, ଯଥାର୍ଥ, ସତ୍ୟ ।—*v.t.* 1. ଠିକ୍-କ, ଶୁଦ୍ଧ-କ, ନିର୍ଦ୍ଦୋଷ-କ; 2. ସଂଶୋଧନ-କ, ଶୁଧରାଇବାର; 3. ଶାସ୍ତି-ଦେ, ଶାସନ-କ, ଦଣ୍ଡ-ଦେ; 4. ପ୍ରତିକାର-କ ।

Correctable, correctible, *a.* 1. ଶୋଧନୀୟ; 2. ପ୍ରତିକାର୍ଯ୍ୟ ।

Correction, *n.* 1. ଠିକ୍‌କରଣ, ଶୁଦ୍ଧକରଣ, ସଂଶୋଧନ; 2. ସଂଶୋଧିତ କଥା; 3. ଶାସ୍ତି, ଶାସନ, ସଜା, ଦଣ୍ଡ; 4. ପ୍ରତିକାର ।—house of correction, କାରାଗାର, ଶୋଧନାଳୟ ।

Correctional, *a.* 1. ସଂଶୋଧ ଶୋଧନକ୍ଷମ; 2. ଶାସ୍ତିସମ୍ବନ୍ଧୀୟ ।

Corrective, *a.* 1. ଶୋଧନକ୍ଷମ, ଶୋଧକ; 2. ପ୍ରତିକାରକ ।—*n.* ଶୋଧନକାରୀ ବିଷୟ, ଶୋଧକ ଦ୍ରବ୍ୟ, ପ୍ରତିକାର ।

Correctly, *ad.* ଠିକ୍‌ରୂପେ, ଶୁଦ୍ଧରୂପେ, ନିର୍ଭୁଲରୂପେ, ଯଥାର୍ଥରୂପେ । [ଯାଥାର୍ଥ୍ୟ ।

Correctness, *n.* ଶୁଦ୍ଧତା, ନିର୍ଦ୍ଦୋଷତା, ଯଥାର୍ଥତା,

**Corrector**, *n.* ଯେ ବା ଯାହା ଶୋଧନ କରେ ।

**Correlatable**, *a.* ପରସ୍ପର ସମ୍ବନ୍ଧ ।

**Correlate**, *a.* ପରସ୍ପର ସମ୍ବନ୍ଧଯୁକ୍ତ, ପରସ୍ପରସଞ୍ଜିତ ।—*n.* ପରସ୍ପର ସମ୍ବନ୍ଧଯୁକ୍ତ ବ୍ୟକ୍ତି ବା ବିଷୟ ।—*v.i.* ପରସ୍ପର ସମ୍ବନ୍ଧଯୁକ୍ତ-ହେ ।—*v.t.* ପରସ୍ପର ସମ୍ବନ୍ଧ-କ, ପରସ୍ପର ସମ୍ବନ୍ଧ ନିର୍ଣ୍ଣୟ-କ ।

**Correlation, correlativeness**, *n.* ପରସ୍ପର ସମ୍ବନ୍ଧ ।

**Correlative, corelative** *a.* ପରସ୍ପରସମ୍ବନ୍ଧୀୟ, ପରସ୍ପର ସମ୍ବନ୍ଧଯୁକ୍ତ, ପରସ୍ପରସଞ୍ଜିତ ।—*n.* ପରସ୍ପର ସମ୍ବନ୍ଧଯୁକ୍ତ ବ୍ୟକ୍ତି ବା ବିଷୟ ।

**Correlatively**, *ad.* ପରସ୍ପର ସମ୍ବନ୍ଧକ୍ରମେ, ପରସ୍ପର ସମ୍ବନ୍ଧ ଅନୁସାରେ ।

**Correspond**, *v.i.* 1. ଅନୁରୂପ-ହେ, ତୁଲ୍ୟ-ହେ, ମେଳ-ହେ; 2. ସଙ୍ଗତ-ହେ, ଉପଯୁକ୍ତ-ହେ; 3. ଚିଠୀ ଲେଖାଲେଖି-କ, ପତ୍ର ଦ୍ୱାରା ଆଳାପ-କ ।

**Correspondence**, *n.* 1. ଅନୁରୂପତା, ତୁଲ୍ୟତା, ମେଳ, ସଙ୍ଗତତା, ଉପଯୁକ୍ତତା; 2. ଚିଠୀ ଲେଖାଲେଖି, ପତ୍ର ବିନିମୟ; 3. ଲେଖାଲେଖି ଚିଠିମାନ; 4. ଆଳାପ; 5. ପରସ୍ପର ସମ୍ବନ୍ଧ ।

**Correspondency**, *n.* 1. ଅନୁରୂପତା, ଉପଯୁକ୍ତତା, ସଙ୍ଗତତା; 2. ପରସ୍ପର ସମ୍ବନ୍ଧ ।

**Correspondent**, *a.* ଅନୁରୂପ, ଉପଯୁକ୍ତ, ସଙ୍ଗତ ।—*n.* ପତ୍ରଲେଖକ, ଯାହା ସଙ୍ଗେ ଚିଠୀ ଲେଖାଲେଖି ହୁଏ, ଖବର କାଗଜର ସମ୍ବାଦଦାତା ।

**Correspondently, correspondingly**, *ad.* ଅନୁରୂପରେ, ଉପଯୁକ୍ତରୂପେ, ସଙ୍ଗତରୂପେ ।

**Corresponding**, *p.a.* 1. ଅନୁରୂପ, ଉପଯୁକ୍ତ, ସଙ୍ଗତ; 2. ପତ୍ରଲେଖକ ।

**Corridor**, *n.* ଗୃହ ମଧ୍ୟସ୍ଥ କୋଠରୀମାନଙ୍କୁ ଯିବା ଆସିବା ପଥ, ଅଗଣାର ଚଉପାଖେ ଥିବା ବରଣ୍ଡା ବିଶେଷ ।

**Corrigenda**, *n. pl.* ସଂଶୋଧନୀୟ ବିଷୟମାନ ।

**Corrigible**, *a.* ସଂଶୋଧନୀୟ, ସଂଶୋଧନକ୍ଷମ ।

**Corrival**, *n.* ସହପ୍ରତିଯୋଗୀ, ପ୍ରତିଯୋଗୀ ।

**Corroborant**, *a.* ବଳବର୍ଦ୍ଧକ, ପୁଷ୍ଟିକର ।—*n.* ପୁଷ୍ଟିକର ଔଷଧ ।

**Corroborate**, *v.t.* ଦୃଢ଼-କ, ସପ୍ରମାଣ-କ, ସମର୍ଥନ-କ, ସାବ୍ୟସ୍ତ-କ ।

**Corroboration**, *n.* ଦୃଢ଼ୀକରଣ, ସମର୍ଥନ, ସାବ୍ୟସ୍ତକରଣ, ଦୃଢ଼କାରୀ କଥା ।

**Corroborative**, *a.* ଦୃଢ଼କରଣକ୍ଷମ, ସମର୍ଥନକାରୀ, ସାବ୍ୟସ୍ତକାରୀ ।—*n.* ପୁଷ୍ଟିକର ଔଷଧ ।

**Corroboratory**, *a.* ସମର୍ଥନକାରୀ, ସାବ୍ୟସ୍ତକାରୀ ।

**Corrode**, *v.t.* ଖାଇ ଯିବାର, କ୍ରମଶଃ କ୍ଷୟ-କ, କ୍ଷୟ-କ, ଜୀର୍ଣ୍ଣ-କ ।—*v.i.* କ୍ଷୟ-ହେ, ଜୀର୍ଣ୍ଣ-ହେ ।

**Corrodent**, *a.* କ୍ଷୟକରଣକ୍ଷମ ।—*n.* କ୍ଷୟକାରୀ ଦ୍ରବ୍ୟ ବା ଔଷଧ ।

**Corrodibility**, *n.* କ୍ଷୟଣୀୟତା, କ୍ଷୟଶୀଳତା ।

**Corrodible**, *a.* କ୍ଷୟଣୀୟ, କ୍ଷୟଶୀଳ ।

**Corrosion**, *n.* କ୍ରମଶଃ କ୍ଷୟକରଣ, କ୍ଷୟ ।

**Corrosive**, *a.* କ୍ଷୟକାରକ, ଖାଦକ ।—corrosive sublimate, ରସକର୍ପୂର ।—*n.* କ୍ଷୟକାରୀ ଦ୍ରବ୍ୟ ବା ବିଷୟ ।

**Corrosively**, *ad.* କ୍ଷୟକାରକରୂପେ, ଖାଦକରୂପେ ।

**Corrosiveness**, *n.* କ୍ଷୟକାରକତ୍ୱ, ଖାଦକତ୍ୱ ।

**Corrugate**, *v.t.* ଚୁନଟ୍-କ, କୋଁଚା-କ ।—*a.* ଚୁନଟ୍‌ମୟ, ଗାଡ଼ାଯୁକ୍ତ ।

**Corrugated**, *a.* ଚୁନଟ୍‌ମୟ, ଗାଡ଼ାଯୁକ୍ତ, କୁଞ୍ଚିତ ।—Corrugated iron, ଗାଡ଼ାଯୁକ୍ତ ଲୁହା ତକ୍ତା ।

**Corrugation**, *n.* 1. ଚୁନଟ୍‌କରଣ; 2. ଚୁନଟ୍‌କର ପଦାର୍ଥ, ଚୁନଟ୍ ।

**Corrupt**, *v.t.* 1. ବିକୃତ-କ; 2. ଦୂଷିତ-କ, ଖରାପ-କ; 3. ଲାଞ୍ଚ ଦେଇ ଭ୍ରଷ୍ଟ-କ, ଭ୍ରଷ୍ଟ-କ, ନଷ୍ଟ-କ, ବିଗାଡ଼ିବାର; 4. ଅଶୁଦ୍ଧ-କ, ଭ୍ରମଯୁକ୍ତ-କ ।—*v.i.* ପଚି-ଯି, ପଚ-ହେ, ସଡ଼-ଯି ।—*a.* 1. ପଚା, ସଡ଼ା; 2. ଦୂଷିତ, ଖରାପ; 3. ଭ୍ରଷ୍ଟ, କଳୁଷିତ, ନଷ୍ଟ; 4. ଲାଞ୍ଚପ୍ରିୟ; 5. ଅଶୁଦ୍ଧ, ଭ୍ରମଯୁକ୍ତ ।

**Corruptibility, corruptibleness**, *n.* 1. ପଚନୀୟତା, ପଚି ଯିବାର ସମ୍ଭାବ୍ୟତା, କ୍ଷୟଣୀୟତା, କ୍ଷୟଶୀଳତା; 2. ଭ୍ରଷ୍ଟଶୀଳତା ।

**Corruptibly**, *ad.* ପଚନୀୟରୂପେ, କ୍ଷୟଶୀଳରୂପେ ।

**Corruption**, *n.* 1. ପଚତ୍ୱ, ପଚାବସ୍ଥା, ବିକୃତ; 2. ପୂଜ; 3. ଭ୍ରଷ୍ଟତା, ନଷ୍ଟତା, ଦୁଷ୍ଟତା; 4. ଭ୍ରଷ୍ଟକାରୀ ପ୍ରବୃତ୍ତି, ଲାଞ୍ଚ ଦାନ ବା ଗ୍ରହଣ; 5. ଅଶୁଦ୍ଧତା, ଅପଭ୍ରଂଶ, ଅପଭ୍ରଷ୍ଟ ଶବ୍ଦ ।

**Corruptive**, *a.* ଭ୍ରଷ୍ଟକାରୀ, ନାଶକ ।

**Corruptless**, *a.* ଅପଚନୀୟ, ଅକ୍ଷୟଣୀୟ ।

**Corruptly**, *ad.* 1. [illegible]ରୂପେ, ଅସଦ୍‌ରୂପେ; 2. ଲାଞ୍ଚ ଦାନକ୍ରମେ, ଲାଞ୍ଚ ଗ୍ରହଣରେ ।

**Corruptness**, *n.* 1. ପଚତ୍ୱ, ପଚାବସ୍ଥା, ବିକୃତ; 2. ଭ୍ରଷ୍ଟତା, ଦୁଷ୍ଟତା; 3. ଅଶୁଦ୍ଧତା ।

**Corsair**, *n.* ସମୁଦ୍ର ଡକାଇତ, ସମୁଦ୍ର ଡକାଇତର ଜାହାଜ ।

**Corse**, *n.* ଶବ, (poetical).

**Corselet, corslet**, *n.* 1. ସାଞ୍ଜୁଆ ବିଶେଷ; 2. କାଞ୍ଚୁଲି ବିଶେଷ; 3. କୀଟର ବକ୍ଷ ।

**Corset**, *n.* କାଞ୍ଚୁଲି ବିଶେଷ ।

**Cortège**, *n.* (French), *kor-tāzh*, ସହଚରବର୍ଗ, ଅନୁଚରସମୂହ ।

**Cortes**, *n. pl.* ସ୍ପେନ୍ ଓ ପର୍ତ୍ତୁଗାଲ ଦେଶୀୟ ବ୍ୟବସ୍ଥାପକ ସଭା ।

**Cortex**, *n.* 1. ବଲ୍କଳ; 2. ଆଚ୍ଛାଦନକାରୀ ପରତ ।

**Cortical**, *a.* 1. ବଲ୍କଳସମ୍ବନ୍ଧୀୟ, ବଲ୍କଳମୟ, ବଲ୍କଳବତ୍, ଛାଲିଆ; 2. ବହିଃସ୍ଥ ଆଚ୍ଛାଦନସମ୍ବନ୍ଧୀୟ, ବହିଃସ୍ଥ ।

**Coruscate**, *v.i.* ଚକ୍‌ଚକ୍-କ ଚକ୍‌ମକ୍-କ ।

**Coruscation**, *n.* 1. ଚକ୍‌ଚକ୍‌କରଣ, ଚକ୍‌ଚକ, ଚକ୍‌ମକ, ବିଦ୍ୟୁଦ୍ଦାମ, ଅଗ୍ନିଛଟା; 2. ମାନସିକ ତେଜ ।

**Corvette**, *n.* କ୍ଷୁଦ୍ର ଯୁଦ୍ଧଜାହାଜ ବିଶେଷ ।

**Cosen, cosenage**, see **Cozen, cozenage.**

**Cosey, cosy, cosie, cozie, cozy**, *a.* ଆବୃତ, ସୁଖୀ, ତୁଷ୍ଟ, ଆରାମପ୍ରାପ୍ତ, ଆରାମଜନକ, ସୁଖକର, ଆଳାପୀ ।—*n.* ଚାଦାନର ଢୋଡଣୀ ।

**Cosily**, *ad.* ସୌଖ୍ୟରୂପେ, ଆରାମରେ ।

**Cosignitary**, *n.* ସନ୍ଧିପତ୍ରାଦିରେ ସହଦସ୍ତଖତକାରୀ ।

**Cosmetic**, *a.* ସୌନ୍ଦର୍ଯ୍ୟବର୍ଦ୍ଧକ, ଶୋଭାବର୍ଦ୍ଧକ ।—*n.* ସୌନ୍ଦର୍ଯ୍ୟବର୍ଦ୍ଧକ ଦ୍ରବ୍ୟ, ଅଙ୍ଗରାଗ, ଗାତ୍ରରଞ୍ଜକ ଔଷଧ ।

**Cosmic, cosmical**, *a.* 1. ଜଗତ୍‌ସମ୍ବନ୍ଧୀୟ, ବିଶ୍ୱସମ୍ବନ୍ଧୀୟ; 2. ସୂର୍ଯ୍ୟାନୁଗତ, ସୂର୍ଯ୍ୟ ସହଗାମୀ; 3. ବହୁବ୍ୟାପକ, ବହୁକାଳସ୍ଥାୟୀ; 4. ସୁମେଳକ, ନିୟମିତ ।

**Cosmically**, *ad.* ସୂର୍ଯ୍ୟାନୁଗତରୂପେ, said of a star.

**Cosmism**, *n.* ବିବର୍ତ୍ତନର ମୂଳସୂତ୍ର ଉପରେ ସ୍ଥାପିତ ଦର୍ଶନଶାସ୍ତ୍ର ।

**Cosmogonal**, *a.* ଜଗତ୍ ବା ବିଶ୍ୱର ସୃଷ୍ଟି ବର୍ଣ୍ଣନସମ୍ବନ୍ଧୀୟ ।

**Cosmogonist**, *n.* ଜଗତ୍ ବା ବିଶ୍ୱର ସୃଷ୍ଟି ବର୍ଣ୍ଣନବେତ୍ତା ।

**Cosmogony, cosmology**, *n.* ଜଗତ୍ ବା ବିଶ୍ୱର ସୃଷ୍ଟି ବର୍ଣ୍ଣନ, ବିଶ୍ୱବର୍ଣ୍ଣନ ।

**Cosmographer**, *n.* ବିଶ୍ୱତତ୍ତ୍ୱବେତ୍ତା, ବିଶ୍ୱବୃତ୍ତାନ୍ତବେତ୍ତା ।

**Cosmography**, *n.* ବିଶ୍ୱତତ୍ତ୍ୱ, ବିଶ୍ୱର ସୃଷ୍ଟିବର୍ଣ୍ଣନ ।

**Cosmopolitan, cosmopolite**, *n.* ସର୍ବଦେଶବାସୀ, ବିଶ୍ୱବାସୀ, ସବୁ ଦେଶୀୟ ଲୋକର ମିତ୍ର, ଜଗନ୍ମିତ୍ର ।—*a.* 1. ଜାତୀୟ ସ୍ଥାନୀୟ ବା ପ୍ରାଦେଶିକ କୁସଂସ୍କାରରହିତ; 2. ସର୍ବତ୍ର ସୁଲଭ; 3. ସାର୍ବଜନିକ, ସାର୍ବଭୌମ, ବିଶ୍ୱଜନୀନ ।

**Cosmos**, *n.* 1. ଶୃଙ୍ଖଳାବସ୍ଥାଯୁକ୍ତ ବିଶ୍ୱ; 2. ଶୃଙ୍ଖଳାବସ୍ଥା, ସୁବ୍ୟବସ୍ଥାପିତ ଅବସ୍ଥା ।

**Cossack**, *n.* ରୁଷିଆ ଦେଶର ପୂର୍ବ ଓ ଦକ୍ଷିଣ ପ୍ରଦେଶବାସୀ ଯୁଦ୍ଧପ୍ରିୟ ଲୋକ ।

**Cosset**, *n.* 1. ଗେହ୍ଲା ପିଲା; 2. ପୋଷା ମେଣ୍ଢାଛୁଆ ।

**Cost**, *v.t.* 1. ଖର୍ଚ୍ଚ ଲାଗିବାର, ଆବଶ୍ୟକ-ହ; 2. କ୍ଷତି କରାଇବାର, ସହ୍ୟ କରାଇବାର, often with two objects, the personal being strictly speaking in the dative, and the other used adverbially.—*n.* 1. କୌଣସି ବିଷୟ ପାଇବା ନିମନ୍ତେ ଯାହା ଦେବାକୁ ପଡେ, ମୂଲ୍ୟ, ଦାମ, ଦର, ବ୍ୟୟ, ଖରଚ, କ୍ଷତି, ହାନି, ଲୋକସାନ, କ୍ଳେଶ; 2. *pl.* ମକଦ୍ଦମାର ଖର୍ଚ୍ଚ ।

**Costal**, *a.* 1. ପଞ୍ଜରସମ୍ବନ୍ଧୀୟ, ପଞ୍ଜରସ୍ଥ, କକ୍ଷସମ୍ବନ୍ଧୀୟ; 2. ପଞ୍ଜରଯୁକ୍ତ ।

**Costard**, *n.* 1. ଫଳ ବିଶେଷ; 2. (humourously) ମସ୍ତକ ।

**Coster, costermonger**, *n.* ଫଳ ଓ ସବ୍‌ଜିର ଭ୍ରମଣକାରୀ ବିକ୍ରେତା ।

**Cost-free, costless**, *a.* ଖର୍ଚ୍ଚରହିତ, ବିନାମୂଲ୍ୟ, ମୂଲ୍ୟରହିତ ।

**Costive**, *a.* କୋଷ୍ଠବଦ୍ଧ, ମଳବଦ୍ଧ ।

**Costiveness**, *n.* କୋଷ୍ଠବଦ୍ଧତା, ମଳବଦ୍ଧତା ।

**Costliness**, *n.* ବହୁମୂଲ୍ୟତା, ଦୁର୍ମୂଲ୍ୟତା, ବ୍ୟୟବାହୁଲ୍ୟ ।ଅ-

**Costly**, *a.* ବହୁମୂଲ୍ୟ, ମୂଲ୍ୟବାନ୍, ଦୁର୍ମୂଲ୍ୟ, ମହଙ୍ଗା, ର ମହାର୍ଘ ।

**Costume**, *n.* 1. ପରିଚ୍ଛଦର ରୀତି, ବେଶଭୂଷା ବ୍ୟବ-ହାରର ରୀତି; 2. ବିଶେଷ ଢଙ୍ଗର ପୋଷାକ; 3. ପୋଷାକ, ପରିଚ୍ଛଦ, ବେଶ; 4. ସ୍ତ୍ରୀ ଲୋକର ସାୟା ।

**Cot**, *n.* କୁଡିଆଘର, କୁଟୀର ।

**Cot**, *n.* ଖଟ, ଖଟିଆ ।

**Cote**, *n.* 1. ମେଣ୍ଢାଶାଳା, ଶାଳ; 2. (ପାରା) କୁଜୀ; 3. (poetical) କୁଟୀର ।

**Cotemporaneous**, see **Contemporaneous.**

**Co-tenant**, *n.* ସହରୟତ ।

**Coterie**, *n.* ସାହିତ୍ୟ ବା ସାମାଜିକ ଆଳାପ ନିମନ୍ତେ ଅନ୍ତରଙ୍ଗ ଲୋକମାନଙ୍କର ଦଳ, ବିଶେଷ ସାମାଜିକ ଦଳ ।

**Coterminous**, *a.* see **Conterminous.**

**Cotillion**, *n.* ଚପଳ ନୃତ୍ୟ ବିଶେଷ ।

**Cottage**, *n.* 1. କୁଡିଆଘର, କୁଟୀର; 2. ସାନ ମଫସଲ ଘର ।

**Cottager**, *n.* କୁଟୀରବାସୀ ।

**Cottar, cotter**, *n.* ସ୍କଟଲଣ୍ଡ ଦେଶରେ ଚଷାର ଭୂମିରେ ବାସକାରୀ ମୂଲିଆ, କୋଠିଆ ।

**Cotter**, *n* 1. କୁଟୀରବାସୀ; 2. କୋଠିଆ, ସାନ ଭୂମି ଖଣ୍ଡ ପ୍ରାପ୍ତ ହୋଇ ପ୍ରତିଦାନରେ ଶ୍ରମ କରୁଥିବା ଲୋକ ।

**Cotton**, *n.* 1. କପା, କାର୍ପାସ; 2. କପା ଲୁଗା ।—*a.* କପାସମ୍ବନ୍ଧୀୟ, କପାନିର୍ମିତ ।

**Cotton**, *v.i.* ଅନୁକୂଳ-ହେ, ମୈତ୍ର-ହେ ।

**Cotton-gin**, *n.* ଲୁଣାଇଣା ।

**Cotton-plant**, *n.* କପା ଗଛ, କାର୍ପାସ ବୃକ୍ଷ ।

**Cotton-seed**, *n.* କପାମଞ୍ଜି, କପା ଅଁଠି ।

**Cotton-tree**, *n.* ସିମିଳି ଗଛ ।

**Cotton-wool**, *n.* କଞ୍ଚା କପା ।

**Cotyledon**, *n.* ପ୍ରଥମ ପତ୍ରକଳି, ବୀଜାଧାର ପତ୍ର ।

**Couch**, *v.i.* 1. ଶୋଇବାର, ଶୟନ-କର; 2. ଲୁଚି ବସିବାର, ଲୁଚିବାର, ନତ-ହେ; 3. ନଇଁ ପଡିବାର; 4. ବିସ୍ତୀର୍ଣ୍ଣ-ହେ, ଶୋଇ ରହିବାର ।—*v.t.* 1. ଶୁଆଇବାର, ଶୟନ କରାଇବାର; 2. ନୁଆଁଇବାର; 3. କଥାରେ ପ୍ରକାଶ-କର, with *in*, କଥାରେ ଲୁଚାଇବାର, ଅନ୍ତର୍ହିତ-କର, with *under*; 4. (ଅକ୍ଷିରୁ) ପରଳ କାଢିବାର ।—*n.* 1. ପଲଙ୍କ ବିଶେଷ, କଉଚ, ଆରାମ କରିବା ଲମ୍ବ ଆସନ; 2. ଶୋଇବା ସ୍ଥାନ, ବସା ।

**Couchant**, *a.* ଶୟିତ, ଶୟାନ, ସୁପ୍ତ ।

**Cougar**, *n.* ସାନ ବାଘ ବିଶେଷ, ଆମେରିକା ଦେଶୀୟ ନାଲି ବାଘ ।

**Cough**, *kof*, 1. କଫ, କାଶ, ଗଳାଖଙ୍କାର; 2. କାଶରୋଗ ।—*v.i.* କାଶିବାର, ଗଳାଖଙ୍କାରିବାର ।—*v.t.* ଶ୍ୱାସ ନଳିରୁ ବାହାର-କର, (କଫାଦି) ବାହାର-କର, followed by *up* ।—to cough down, କୃତ୍ରିମ କାଶ ଦ୍ୱାରା ବକ୍ତାକୁ ଅଟକାଇବାର ବା ତାଙ୍କ ପ୍ରତି ଅଶ୍ରଦ୍ଧା ଦେଖାଇବାର ।

**Could**, *kud*, *pret.* of Can.

**Coulter, colter**, *n.* ଲଙ୍ଗଳର ଫାଳ, ଲଙ୍ଗଳଲୁହା ।

**Council**, *n.* 1. ପରାମର୍ଶ ବା ମନ୍ତ୍ରଣାର୍ଥେ ସଭା ; 2. ମନ୍ତ୍ରି-ସଭା, ରାଜସଭା ; 3. ନଗରସ୍ଥ ବା ପ୍ରଦେଶୀୟ ସଭା ; 4. ସଭା ।—council of war, ସୈନିକ ସଭା ବା ଯୁଦ୍ଧରେ ଗୁରୁତର ବିଷୟର ଆଲୋଚନା ନିମନ୍ତେ ସେନାପତି ଉଚ୍ଚ କର୍ମଚାରୀମାନଙ୍କ ସଙ୍ଗେ ପରାମର୍ଶ କରନ୍ତି ।

**Council-board**, *n.* ସଭାର ମେଜ, ସଭା ।

**Councillor** *n.* ସଭାର ସଭ୍ୟ, ମନ୍ତ୍ରୀ ।

**Council-man**, *n.* ନଗରସ୍ଥ ସଭାର ସଭ୍ୟ ।

**Counsel**, *n.* 1. ମନ୍ତ୍ରଣା, ସଲ୍ଲା ; 2. ପରାମର୍ଶ; 3. ପରାମର୍ଶଦାୟୀ ଉକିଲ, ଉକିଲସମୂହ; 4. ଅଭିପ୍ରାୟ ।—*v.t.* 1. ପରାମର୍ଶ-ଦେ ; 2. ମଣାଇବାର, ଉପଦେଶ-ଦେ, ଅନୁକୂଳ ମତ-ଦେ ।

**Counsellable**, *a.* ପରାମର୍ଶ ଗ୍ରହଣେଚ୍ଛୁକ ।

**Counsellor**, *n.* 1. ପରାମର୍ଶଦାତା ; 2. ଉକିଲ ।

**Count**, *v.t.* 1. ସଂଖ୍ୟା-କ, ଗଣନା-କ ; 2. ବୋଧ-କ, ବିବେଚନା-କ ; 3. ଆରୋପ-କ ; 4. ହିସାବ-କ ।—*v.i.* 1. ଗଣିବାର ; 2. ସଂଖ୍ୟା ବୃଦ୍ଧି-କ ; 3. ନିର୍ଭର-କ, with *on* or *upon*.—*n.* 1. ସଂଖ୍ୟାକରଣ, ଗଣନା ; 2. ସଂଖ୍ୟା ; 3. ମନୋଯୋଗ ; 4. ମୂଲ୍ୟ ; 5. ଅଭିଯୋଗର ଦଫା ।

**Count**, *n.* ଫ୍ରାନ୍ସ ସ୍ପେନ୍ ପର୍ତ୍ତୁଗାଲ ଓ ଇଟାଲି ଦେଶର ଭୂଗୀନ ଲୋକର ଉପାଧି ।

**Countable**, *a.* ଗଣନୀୟ, ସଂଖ୍ୟେୟ ।

**Countenance**, *n.* 1. ମୂର୍ତ୍ତି, ମୁଖ, ବଦନ, ଚେହେରା ; 2. ଅନୁଗ୍ରହ, ଆନୁକୂଲ୍ୟ, ଅନୁମୋଦନ, ସାହାଯ୍ୟ, ଉପକାର ।—in countenance, ନିଶ୍ଚିନ୍ତ, ସ୍ଥିର । out of countenance, ଅପ୍ରସ୍ତୁତ, ଲଜ୍ଜିତ ।—*v.t.* ଆନୁକୂଲ୍ୟ-କ, ଅନୁମୋଦନ-କ, ସହାୟତା-କ, ଉତ୍ସାହିତ-କ ।

**Counter**, *n.* 1. ସଂଖ୍ୟାକାରୀ ଲୋକ ବା ଯନ୍ତ୍ର; 2. ସଂଖ୍ୟା ଦେଖାଇବା ନିମନ୍ତେ ବ୍ୟବହୃତ କୌଣସି ପଦାର୍ଥ, ଗୋଟି ; 3. ଦୋକାନର ମେଜ ବିଶେଷ ।

**Counter**, *ad.* 1. ବିରୁଦ୍ଧରେ, ପ୍ରତିକୂଳରେ; 2. ବିପରୀତ ଆଡେ, ପଛ ଆଡେ ।—*a.* ବିରୁଦ୍ଧ, ପ୍ରତିକୂଳ, ବିପରୀତ ।—*n.* 1. ଗାନରେ ପୁରୁଷର ଉଚ୍ଚ ସ୍ୱର; 2. ଘୋଡାର ଛାତି ।—*v.t.* ବିରୁଦ୍ଧ କାର୍ଯ୍ୟ-କ ।

**Counteract**, *v.t.* ବିରୁଦ୍ଧ କାର୍ଯ୍ୟ-କ, ପ୍ରତିପକ୍ଷତା-କ, ବିଫଳ-କ, ବ୍ୟର୍ଥ-କ, ବାଧା-ଦେ ।

**Counteraction**, *n.* ବିରୁଦ୍ଧ କାର୍ଯ୍ୟ, ପ୍ରତିକ୍ରିୟା, ପ୍ରତିପକ୍ଷତା, ପ୍ରତିବ୍ୟାଘାତ, ବାଧା ।

**Counteractive**, *a.* ବିରୁଦ୍ଧ କାର୍ଯ୍ୟକାରୀ, ବାଧାଜନକ ।—*n.* ବିରୁଦ୍ଧ କାର୍ଯ୍ୟକାରୀ ଲୋକ ବା ବସ୍ତୁ ।

**Counter-attraction**, *n.* ବିରୁଦ୍ଧ ଆକର୍ଷଣ ।

**Counter-attractive**, *a.* ବିରୁଦ୍ଧ ଆକର୍ଷଣକାରୀ ।

**Counterbalance**, *v.t.* ତୁଲ୍ୟଭାର-କ, ତୁଲ୍ୟ ପାସଙ୍ଗ-କ, ତୁଲ୍ୟ ବଳରେ କାର୍ଯ୍ୟ-କ ।—*n.* ତୁଲ୍ୟଭାର, ତୁଲ୍ୟବଳ, ପ୍ରତିବଳ ।

**Counterchange**, *n.* ବିନିମୟ ।—*v.t.* 1. ବିନିମୟ-କ, ଅଦଳବଦଳ-କ ; 2. ବିଭିନ୍ନ-କ ।

**Countercharge**, *n.* 1. ପ୍ରତ୍ୟଭିଯୋଗ ; 2. ପ୍ରତିକୂଳ ଆକ୍ରମଣ ।

**Countercharm**, *n.* ମନ୍ତ୍ରର ପ୍ରତିକାରମନ୍ତ୍ର, ବିରୁଦ୍ଧ ମୋହିନୀଶକ୍ତି ।—*v.t.* ପ୍ରତିକାର ମନ୍ତ୍ର ଦ୍ୱାରା ମନ୍ତ୍ରଶକ୍ତିରୁ ମୁକ୍ତ-କ, ବିରୁଦ୍ଧ ମୋହିନୀଶକ୍ତି ଦ୍ୱାରା ଅସିଦ୍ଧ-କ ।

**Countercheck**, *v.t.* ପ୍ରତିରୋଧ-କ, ଅଟକ-କ ।—*n.* ପ୍ରତିରୋଧ, ପ୍ରତିବନ୍ଧ, ଅଟକ ।

**Counter-current**, *n.* ବିପରୀତ ସ୍ରୋତ, ବିପରୀତ ଗତି ।

**Counter-evidence**, *n.* ବିରୁଦ୍ଧ ସାକ୍ଷ୍ୟ, ଓଲଟା ପ୍ରମାଣ ।

**Counterfeit**, *v.t.* 1. ପ୍ରତାରଣାର୍ଥେ କିମ୍ବା ଅନ୍ୟ ଭାବରେ ନକଲ-କ, ଅନୁରୂପ-କ, ଜାଲ୍-କ, ମେକି-କ ; 2. ଅନୁକରଣ-କ, ଛଳନା-କ ।—*v.i.* 1. ଛଳନା-କ ; 2. ମେକିଟଙ୍କା-କ ।—*a.* 1. କୃତ୍ରିମ, କଳ୍ପିତ, କପଟ ; 2. ମେକି, ଜାଲ୍ ।—*n.* 1. ପ୍ରବଞ୍ଚକ ; 2. ନକଲ; 3. ଜାଲ୍ ନକଲ, ଜାଲ୍ ।

**Counterfoil**, *n.* ମୁଣ୍ଡାଚେକ୍ ।

**Counter-irritant**, *n.* ଜ୍ୱାଳା ପ୍ରତିକାର ନିମନ୍ତେ ଜ୍ୱାଳାଜନକ ପ୍ରଲେପ, ଯଥା —ସୋରିଷ ପଲସ୍ତା । [ଦକ ।

**Counter-irritation**, *n.* ଅସ୍ୱାଭାବିକ ଜ୍ୱାଳାର ଉତ୍ପା-

**Countermand**, *v.t.* *koun-ter-mand'*, 1. (ପୂର୍ବ ଆଜ୍ଞା) ରହିତ-କ, ନୂତନ ଆଦେଶ ଦ୍ୱାରା (ପୂର୍ବ ଆଦେଶ) ଲୋପ-କ, (ହୁକୁମ୍) ଅନ୍ୟଥା-କ ; 2. ବିରୁଦ୍ଧ ଆଦେଶ-କ, ବିପରୀତ ଆଜ୍ଞା-ଦେ ।—*n.* *koun-ter'-mand* ବିରୁଦ୍ଧ ଆଦେଶ, ବିପରୀତାଜ୍ଞା, ପୂର୍ବାଦେଶର ଖଣ୍ଡନ, ପୂର୍ବାଜ୍ଞାର ଲୋପ ।

**Countermarch**, *v.t.* ପ୍ରତ୍ୟାଗମନ କରାଇବାର ।—*v.i.* 1. ପ୍ରତ୍ୟାଗମନ-କ, ପଶ୍ଚାତ୍‌ଯାତ୍ରା-କ ; 2. ସୈନ୍ୟଦଳର ବିଶେଷ ପ୍ରକାର ବିନ୍ୟାସ-କ ।—*n.* 1. ପ୍ରତ୍ୟାଗମନ, ପଶ୍ଚାତ୍‌ଯାତ୍ରା ; 2. ସୈନ୍ୟଦଳର ବିଶେଷ ପ୍ରକାର ବିନ୍ୟାସ ; 3. କାର୍ଯ୍ୟପ୍ରଣାଳିର ବଦଳକରଣ ।

**Countermark**, *n.* ଅଧିକ ଠିକଣା କରିବା ପାଇଁ ଅତିରିକ୍ତ ଚିହ୍ନ ।—*v.t.* ଅତିରିକ୍ତ ଚିହ୍ନ ଲଗାଇବାର ।

**Countermine**, *n.* 1. ଶତ୍ରୁ ସୁଡଙ୍ଗର ବିରୁଦ୍ଧ ସୁଡଙ୍ଗ, ପ୍ରତିସୁଡଙ୍ଗ ; 2. ବିରୁଦ୍ଧ କଳ୍ପନା, ବିରୁଦ୍ଧ ଷଡ଼ଯନ୍ତ୍ର ।—*v.t.* 1. ବିରୁଦ୍ଧ ସୁଡଙ୍ଗ ଦ୍ୱାରା ବାଧା-ଦେ, ପ୍ରତିବନ୍ଧ-କ; 2. ଗୁପ୍ତ ଉପାୟ ଦ୍ୱାରା ବ୍ୟର୍ଥ-କ । [ପ୍ରସ୍ତାବ ।

**Counter-motion**, *n.* 1. ପ୍ରତିକୂଳ ଗତି; 2. ବିରୁଦ୍ଧ

**Counter-move, counter-movement**, *n.* ବିରୁଦ୍ଧ ଚଳନ ।

**Counterpane**, *n.* ପଲଙ୍କପୋଷ, ଶଯ୍ୟାଚ୍ଛାଦନ ।

**Counterpart**, *n.* 1. ପ୍ରତିରୂପ, ପ୍ରତିମୂର୍ତ୍ତି, ଠିକ୍ ନକଲ; 2. ପୂରକାଂଶ, ପୂରକ ବସ୍ତୁ, ଦୋହରା, ଯୋଡା ; 3. ପ୍ରତିଲିପି, ଦୋହରା ନକଲ ।

**Counterplot**, *v.t.* and *i.* ପ୍ରତିକୂଳ ମନ୍ତ୍ରଣା ଦ୍ୱାରା ବ୍ୟର୍ଥ-କ, ମନ୍ତ୍ରଣା ବିରୁଦ୍ଧେ ମନ୍ତ୍ରଣା-କ ।—*n.* ମନ୍ତ୍ରଣା ବିରୁଦ୍ଧେ ମନ୍ତ୍ରଣା ।

**Counterpoise**, *v.t.* 1. ବଟଖରା ସମାନ-କ, ତୁଲ୍ୟଭାର-କ, ତୁଲ୍ୟପାସଙ୍ଗ-କ ; 2. ତୁଲ୍ୟବଳରେ ବ୍ୟର୍ଥ-କ ।—*n.* 1. ତୁଲ୍ୟଭାର ; 2. ସମବଳ, ସମତୁଲ୍ୟତା, ତୁଲ୍ୟବଳ ।

**Counter-poison**, *n.* ବିଷନାଶକ ବିଷ, ବିଷଘ୍ନ ଔଷଧ ।

**Counterscarp**, *n.* ଦୁର୍ଗ ଖାଇର ବାହାର ପାଖର ଢାଲୁ ।

**Counterseal**, *v.t.* ମୋହର ନିକଟରେ ମୋହର ଛାପିବାର ।

**Countersign**, *v.t.* ଦ୍ୱିତୀୟ ସ୍ୱାକ୍ଷର ଦ୍ୱାରା ସାବ୍ୟସ୍ତ-କ, ପ୍ରତିସ୍ୱାକ୍ଷର-କ ।—*n.* 1. ପ୍ରହରୀର ସଙ୍କେତ ବାକ୍ୟ ; 2. ଗୁପ୍ତଦଳ ମଧ୍ୟରେ ସଙ୍କେତ ବାକ୍ୟର ପ୍ରତ୍ୟୁତ୍ତର ; 3. ପ୍ରତିସ୍ୱାକ୍ଷର, ଦ୍ୱିତୀୟ ସ୍ୱାକ୍ଷର, ଦ୍ୱିତୀୟ ସହି ।

**Counter-signature**, *n.* ପ୍ରତିସ୍ୱାକ୍ଷର, ରକ୍ଷା ନିମନ୍ତେ ଦ୍ୱିତୀୟ ସ୍ୱାକ୍ଷର, ଦ୍ୱିତୀୟ ସହି ।

**Countersink**, *v.t.* ସେତ ଆଦିର ମୁଣ୍ଡ ନିମନ୍ତେ ଘର-କ, (ସେତ ଆଦି) ଭିତରେ କରି ବସାଇବାର ।—*n.* 1. ସେତ ଆଦିର ମୁଣ୍ଡ ନିମନ୍ତେ ଘର କରିବା ଭଅଁର ; 2. ସେତ ଆଦିର ମୁଣ୍ଡ ନିମନ୍ତେ ଘର ।

**Countervail**, *koun-ter-val'*, *v.t.* ତୁଲ୍ୟବଳରେ କାର୍ଯ୍ୟ-କ, ତୁଲ୍ୟବଳରେ ପ୍ରତିବାଧା-କ, ତୁଲ୍ୟଭାର-କ, କ୍ଷତିପୂରଣ-କ ।—*n.* *koun'-ter-val*, ତୁଲ୍ୟଭାର, ତୁଲ୍ୟବଳ, ତୁଲ୍ୟପରିମାଣ, କ୍ଷତିପୂରଣ ।

**Counterweigh**, *v.t.* ତୁଲ୍ୟଭାର-କ, ତୁଲ୍ୟବଳ-କ ।

**Counterweight**, *n.* ତୁଲ୍ୟବଟଖରା, ତୁଲ୍ୟବଳ ।

**Counterwork**, *v.t.* ବିରୁଦ୍ଧ କାର୍ଯ୍ୟ-କ, ବ୍ୟର୍ଥ-କ, ବିଫଳ-କ ।

**Countess**, *n.* କୁଳୀନବିଶେଷର ଭାର୍ଯ୍ୟା ।

**Countless**, *a.* ଅଗଣ୍ୟ, ଅଗଣନୀୟ, ଅସଂଖ୍ୟ ।

**Countrified**, *a.* ଗାଉଁଲି, ଗ୍ରାମ୍ୟ ।

**Country**, *n.* 1. ଦେଶ, ପ୍ରଦେଶ ; 2. ରାଜ୍ୟ ; 3. ଜନ୍ମଭୂମି, ସ୍ୱଦେଶ ; 4. ପଲ୍ଲୀଗ୍ରାମ, ମଫସଲ ; 5. ଜନସାଧାରଣ ।—*a.* 1. ଗାଉଁଲି, ଗ୍ରାମ୍ୟ, ମଫସଲିଆ ; 2. ଅସଭ୍ୟ ।

**Countryman**, *n.* 1. ସ୍ୱଦେଶୀ ; 2. ଗ୍ରାମବାସୀ, ଚଷା, କୃଷକ ।

**Country-side**, *n.* 1. ପ୍ରଦେଶ ; 2. ପ୍ରଦେଶବାସୀ ସମୂହ ।

**Countrywoman**, *n.* 1. ସ୍ୱଦେଶ ନିବାସିନୀ ; 2. ଗ୍ରାମନିବାସିନୀ ।

**County**, *n.* 1. ପ୍ରଦେଶ, ଜିଲା, ଚକଲା ; 2. ଜିଲାବାସୀ ।—*a.* ପ୍ରାଦେଶିକ, ଜିଲାସମ୍ବନ୍ଧୀୟ ।—county council, ଜିଲା ସଭା, ପ୍ରଦେଶୀୟ ସଭା । county court, ଜିଲା ଅଦାଲତ, ପ୍ରଦେଶୀୟ ଦେଓାନୀ ଅଦାଲତ । county town, ଜିଲାର ପ୍ରଧାନ ନଗର ।

**Coup**, *koo* (French), 1. ହଠାତ୍ ଆଘାତ, -ବଳ ; 2. ଚତୁରତାର କୌଶଳ ।

**Couple**, *n.* 1. ବନ୍ଧନ ବିଶେଷ ; 2. ଯୋଡ଼ା, ଯୁଗ୍ମ, ଦମ୍ପତି ; 3. ଭାଙ୍ଗିପତ ।—*v.t.* 1. ଯୋଡ଼ା କରି ଲଗାଇବାର, ଲଗାଇବାର, ଏକତ୍ରରେ ବାନ୍ଧିବାର ; 2. ବିବାହ ଦେବାର, ବିବାହ କରାଇବାର ।—*v.i.* ସଙ୍ଗମ-କ ।

**Couplet**, ଦୁଇଚରଣର ଶ୍ଳୋକ, ପଦ୍ୟାର, ଦୋହା ।

**Coupling**, *n.* 1. ଯୋଡ଼ାକରଣ ; 2. ବନ୍ଧନ ବିଶେଷ, ଯଥା,—ଅଙ୍କୁଶ କଡ଼ିର ଆଦି ।

**Coupon**, *n.* 1. କୁସୀଦପତ୍ର ; 2. ଟିକେଟ୍‌ଶ୍ରେଣୀ ବିଶେଷର ଏକ ଟିକେଟ୍ ଯଦ୍ୱାରା ଟଙ୍କା ବା ଉପକାର ଅବାଧରେ ମିଳେ ।

**Courage**, *n.* ସାହସ, ବିକ୍ରମ, ନିର୍ଭୀକତା, ବୀରତ୍ୱ, ଶୌର୍ଯ୍ୟ ।

**Courageous**, *a.* ସାହସୀ, ସାହସିକ, ବିକ୍ରାନ୍ତ, ନିର୍ଭୀକ, ବୀର ।

**Courageously**, *ad.* ସାହସପୂର୍ବକ, ସାହସିକରୂପେ, ବୀରରୂପେ, ନିର୍ଭୀକରୂପେ ।

**Courageousness**, *n.* ସାହସିକତା, ନିର୍ଭୀକତା ।

**Courier**, *n.* 1. ଦୂତ, ଶୀଘ୍ର ସମ୍ବାଦବାହକ, ଡାକୁଆ, ହରକରା ; 2. ଭ୍ରମଣସହଚର ।

**Course**, *n.* 1. ଦୌଡ଼, ଦ୍ରୁତଗମନ ; 2. ଗମନମାର୍ଗ, ପଥ ; 3. ଗତି, ଯାତ୍ରା, ଗମନ ; 4. ଦିଗ ; 5. ଦୌଡ଼ପଡ଼ିଆ ; 6. ବୃତ୍ତି, ଆଚରଣ, ବ୍ୟବହାର ; 7. କ୍ରମ, ପ୍ରଣାଳୀ, ଶ୍ରେଣୀ ; 8. ପରସ୍ତ ; 9. ଯେଉଁ ଭୋଜ୍ୟଦ୍ରବ୍ୟ ଏକ ସମୟରେ ମେଜ ଉପରେ ରଖା ଯାଏ ; 10. *pl.* ରଜ, ଋତୁ ।—of course, ଅବଶ୍ୟ, ସୁତରାଂ, ସ୍ୱଭାବତଃ । in course, ଯଥାକ୍ରମେ । in course of, କାଳକ୍ରମେ ।—*v.t.* 1. ମୃଗୟା-କ, ଡାହାଳ କୁକୁର ଦ୍ୱାରା ଠେକୁଆ ଶିକାର-କ ; 2. ଦୌଡ଼ାଇବାର ।—*v.i.* ଦୌଡ଼ିବାର ।

**Courser**, *n.* 1. ମୃଗୟାକାରୀ ; 2. ଦ୍ରୁତଗାମୀ ଅଶ୍ୱ, (poetical), ଯୁଦ୍ଧ ଘୋଟକ ।

**Coursing**, *n.* ଡାହାଳ କୁକୁର ଦ୍ୱାରା ଠେକୁଆ ଶିକାର ।

**Court**, *n.* 1. ଅଗଣା, ପ୍ରାଙ୍ଗଣ, ପରିବେଷ୍ଟିତ ସ୍ଥାନ ; 2. ରାଜଗୃହ ; 3. ରାଜସହଚରବର୍ଗ, ରାଜପୁର ; 4. ବିଚାରପତିମାନେ, ଅଦାଲତ ; 5. ବିଚାରାଳୟ, ବିଚାରସଭା ; 6. ଅସୈନିକ ବା ସୈନିକ କର୍ମଚାରୀ ଆଦିର ବିଚାରସଭା ; 7. ଭଦ୍ରତା, ଚାଟୁବାଦ, ଖୋଷାମୋଦ ।—*v.t.* 1. ଭଦ୍ରତା ଦ୍ୱାରା ପ୍ରୀତିଚେଷ୍ଟା-କ ; 2. ବିବାହ ନିମନ୍ତେ ପ୍ରୀତିଚେଷ୍ଟା-କ ; 3. ଚାଟୁବାଦ-କ, ଖୋଷାମୋଦ-କ ; 4. ଚେଷ୍ଟା-କ ।—*v.i.* ବିବାହ ନିମନ୍ତେ ଉପାସନା-କ, ପ୍ରେମପ୍ରାର୍ଥୀ-ହେ ।

**Courteous**, *a.* ରାଜପୁରସେବିତ, ଶିଷ୍ଟତାପ୍ରକାଶକ, ସୁଶୀଳ, ଶିଷ୍ଟ, ସଭ୍ୟ, ଅନୁଗ୍ରାହକ, ସମ୍ମାନୀ ।

**Courteously**, *ad.* ସୁଶୀଳରୂପେ, ଶିଷ୍ଟତାପୂର୍ବକ ।

**Courteousness**, *n.* ସୁଶୀଳତା, ଶିଷ୍ଟତା ।

**Courtesan, courtezan**, *n.* ବେଶ୍ୟା, କୁଳଟା, ବେଶ୍ୟା ।

**Courtesy**, *n.* 1. ଶିଷ୍ଟାଚାର, ସୁଶୀଳତା, ଭଦ୍ରତା, ସଭ୍ୟତା ; 2. ଶିଷ୍ଟତାପୂର୍ଣ୍ଣ କ୍ରିୟା, ଭଦ୍ରତାସୂଚକ ଉପହାର ; 3. ଅନୁଗ୍ରହ ।

**Courtier**, *n.* 1. ରାଜସଭାସଦ ; 2. ଚାଟୁବାଦୀ ।

**Courtliness**, *n.* ମହତ୍ତ୍ୱସୂଚକ ଶିଷ୍ଟତା, ସୁଶୀଳତା ।

**Courtly**, *a.* 1. ରାଜସଭାସମ୍ବନ୍ଧୀୟ ; 2. ଶିଷ୍ଟାଚାରୀ, ଶିଷ୍ଟ ; 3. ଚାଟୁବାଦୀ ।

**Court-martial**, *n.* *pl.* courts-martial, ସାମରିକ ବିଚାରସଭା ।

**Court-plaster**, *n.* କଳା ରେଶମର ପଟି ।

**Courtship**, *n.* ବିବାହାର୍ଥେ ପ୍ରୀତିଚେଷ୍ଟା ।

**Court-yard**, *n.* ଅଗଣା ।

Cousin, *n.* ବଡ଼ ବାପ ବାବା ପିଉସି ମାମୁ ବା ମାଉସିର ପୁଅ ଅବା ଝିଅ ।
Cove, *n.* 1. ଖାଡ଼ି, ଖାଲ ; 2. ଖିଲଣର ବୃତ୍ତାଂଶ ।—*v.t.* ଖିଲଣ-କ ।
Cove, *n.* (colloquial), ଲୋକଟା ।
Coved, *p.a.* ଖିଲଣଯୁକ୍ତ ।
Covenant, *n.* 1. ନିୟମ, ନିର୍ଦ୍ଧାରଣ, ବନ୍ଦୋବସ୍ତ ; 2. କେତେକ ନିୟମ ପ୍ରତିପାଳନ ହେତୁ ମନୁଷ୍ୟ ପ୍ରତି ପରମେଶ୍ୱରଙ୍କ ଆଶୀର୍ବାଦର ବିଶେଷ ପ୍ରତିଜ୍ଞା; 3. ନିୟମପତ୍ର, ଏକରାରନାମା ।—*v.t.* ନିୟମ ଦ୍ୱାରା ପ୍ରତିଜ୍ଞା-କ, ନିୟମ ଦ୍ୱାରା ପ୍ରଦାନ-କ ।—*v.i.* ନିୟମ-କ, ନିୟମ ଦ୍ୱାରା ଆବଦ୍ଧ-ହେ ।
Covenantee, *n.* ନିୟମପାତ୍ର ।
Covenanter, *n.* ଯେ ନିୟମ କରେ, ସ୍କଟଲଣ୍ଡ ଦେଶରେ ଧର୍ମସମ୍ବନ୍ଧୀୟ ବିଶେଷ ନିୟମପତ୍ରରେ ସ୍ୱାକ୍ଷରକାରୀ ।
Covenantor, ନିୟମକର୍ତ୍ତା, ନିୟମାବଦ୍ଧ ବ୍ୟକ୍ତି ।
Cover, *v.t.* 1. ଢାଙ୍କିବାର, ଆଚ୍ଛାଦନ-କ ; 2. ଗୁପ୍ତ-କ, ଲୁଚାଇବାର ; 3. ଅନ୍ତର୍ଗତ-କ, ଯଥେଷ୍ଟ-ହେ ।—*n.* 1. ଢାଙ୍କୁଣୀ, ସରପୋଷ; 2. ଆବରଣ, ଆଚ୍ଛାଦନ, ଲଫାଫା ; 3. ଆଶ୍ରୟ, ରକ୍ଷଣ, ଗୋପନ ; 4. ମୃଗର ଆବାସ ।
Covering, *n.* 1. ଆଚ୍ଛାଦନକରଣ, ଆଚ୍ଛାଦନ, ଆବରଣ ; 2. ଲଫାଫା, ଖୋଳ ; 3. ଢାଙ୍କୁଣୀ, ସରପୋଷ ; 4. ପରିଚ୍ଛଦ ; 5. ବିଛଣାର ଉପର ଆବ ।
Coverlet, coverlid, *n.* ପଲଙ୍କପୋଷ ।
Covert, *a.* 1. ଗୁପ୍ତ, ଅପ୍ରକାଶ; 2. ଆଚ୍ଛାଦିତ ।—*n.* 1. ଆଶ୍ରୟସ୍ଥାନ, ଆଶ୍ରୟ ; 2. କୁଦାବଣ ; 3. *pl.* ପକ୍ଷିର କୋମଳ ପର ।
Covertly, *ad.* ଗୋପନୀୟରୂପେ, ଗୁପ୍ତଭାବେ ।
Coverture, *n.* 1. ଆଶ୍ରୟ ; 2. ସଧବାବସ୍ଥା, ବିବାହିତାବସ୍ଥା ।
Covet, *v.t.* 1. ଅଭିଳାଷ-କ ; 2. ଲାଳସା-କ, ଲୋଭ-କ ।—*v.i.* ଲୋଭ-କ ।
Covetable, *a.* ଲୋଭନୀୟ ।
Covetingly, *ad.* ଅଭିଳାଷପୂର୍ବକ ।
Covetous, *a.* 1. ଅଭିଳାଷୀ, ଅଭିଳାଷୀ; 2. ଲୋଭୀ, ଲାଳସୀ ।
Covetously, *ad.* ଲୋଭପୂର୍ବକ, ଲାଳସାପୂର୍ବକ ।
Covetousness, *n.* ଲୋଭ, ଲାଳସା ।
Covey, *n.* 1. ପକ୍ଷିର ଦଳ; 2. ଦଳ ।
Cow, *n. pl.* cows, *old pl.* kine, ଗାଈ, ଗାଭୀ, ଧେନୁ ।
Cow, *v.t.* ଉତ୍ସାହହୀନ-କ, ଭୀତ-କ, ହତାଶ-କ, ତ୍ରାସ ଜନ୍ମାଇବାର ।
Coward, *n.* ସାହସହୀନ ବ୍ୟକ୍ତି, ଭୀରୁ, କାପୁରୁଷ ।—*a.* ସାହସହୀନ, ଭୀରୁ, ଅଧମ, ନୀଚ ।
Cowardice, cowardliness, *n.* ଭୀରୁତା, କାପୁରୁଷତ୍ୱ ।
Cowardly, *a.* 1. କାପୁରୁଷସମ୍ବନ୍ଧୀୟ, ଭୀରୁ, ଭୟାଳୁ; 2. କାପୁରୁଷବତ୍, ନୀଚ, ଅଧମ ।—*ad.* 1. କାପୁରୁଷରୂପେ; 2. ଅଧମରୂପେ ।
Cow-calf, *n.* ମାଈ ବାଛୁରୀ ।
Cower, *v.i.* ଭୟରେ ନଇଁ ପଡ଼ିବାର, ଜଡ଼ସଡ଼ ହୋଇ ବସିବାର, ଜଙ୍ଘମାଡ଼ି ବସିବାର, ଭୟରେ ସଙ୍କୁଚିତ-ହେ ।
Cowherd, *n.* ଗଉଡ଼, ଗୋପାଳ ।
Cowhide, *n.* 1. ଗାଈର ଚମଡ଼ା ; 2. ଚମଡ଼ାର ଚାବୁକ ।—*v.t.* ଚମଡ଼ାଚାବୁକରେ ପିଟିବାର ।
Cowl, *n.* ସନ୍ନ୍ୟାସିର ମସ୍ତକାଚ୍ଛାଦନ ବିଶେଷ ।
Co-worker, *n.* ସହକାରୀ, ସହକର୍ମକାରୀ ।
Cow-pox, *n.* ଗୋବସନ୍ତ ।
Cowry, *n.* କଉଡ଼ି, କପର୍ଦ୍ଦକ ।
Cowslip, *n.* ବଲର ହଳଦିଆ ଫୁଲ ବିଶେଷ ।
Coxcomb, *n.* ଫୁଲବାବୁ, ବାହ୍ୟାଡ଼ମ୍ବରପ୍ରିୟ, ବଡ଼ାଇଖୋର ।
Coxcombical, coxcomical, *a.* ଫୁଲବାବୁ ପରି, ରଙ୍ଗିଆ, ଗର୍ବୀ ।
Coxcombically, coxcomically, *ad.* ଫୁଲବାବୁ ପ୍ରକାରେ, ଗର୍ବିରୂପେ ।
Coxcombry, *n.* ଫୁଲବାବୁଆନା ।
Coxswain, see Cockswain.
Coy, *a.* ଲଜ୍ଜିତ, ଲଜ୍ଜାଶୀଳ, ମୃଦୁସ୍ୱଭାବ, ଅବାଳାପୀ ।
Coyly, *ad.* ଲଜ୍ଜିତରୂପେ, ଲଜ୍ଜାଶୀଳରୂପେ, ମୃଦୁସ୍ୱଭାବରୂପେ ।
Coyness, *n.* ଲଜ୍ଜିତତା, ମୃଦୁସ୍ୱଭାବତା, ସଙ୍କୋଚ, ଅନାଳାପିତ୍ୱ ।
Coz, *n.* a familiar contraction of Cousin.
Cozen, *v.t.* and *i.* ଠକିବାର, ପ୍ରବଞ୍ଚନା-କ, ପ୍ରତାରଣା-କ ।
Cozenage, *n.* ଫାଙ୍କି ବ୍ୟବହାର, ଛଳ, ପ୍ରବଞ୍ଚନା, ପ୍ରତାରଣା ।
Cozener, *n.* ଠକ, ପ୍ରବଞ୍ଚକ, ପ୍ରତାରକ ।
Crab, *n.* 1. କଙ୍କଡ଼ା, କର୍କଟ, କୁଳୀର ; 2. କର୍କଟରାଶି ।
Crab, crab-apple, *n.* ଅମ୍ଳଫଳ ବିଶେଷ, ଉକ୍ତ ଫଳର ବୃକ୍ଷ ।
Crabbed, *a.* 1. କର୍କଶ, ଚିଡ଼ଚିଡ଼ା, କଡ଼ା, ରାଗୀ, ଅଳ୍ପାଳାପୀ; 2. ଦୁରୂହ, କଷ୍ଟକର, ଅସ୍ପଷ୍ଟ; 3. ଅଡୁଆଅଡୁଆ; 4. କଟୁ ।
Crabbedly, *ad.* 1. କର୍କଶରୂପେ, ଚିଡ଼ଚିଡ଼ାରୂପେ, କଡ଼ାଭାବେ; 2. ଅଡୁଆଅଡୁଆରୂପେ ।
Crabbedness, *n.* 1. କର୍କଶତା, ଚିଡ଼ଚିଡ଼ାଭାବ ; 2. କଷ୍ଟକରତା, ଅସ୍ପଷ୍ଟତା ।
Crack, *n.* 1. ଚଟଚଟଶବ୍ଦ, ଫାଟିବା ଶବ୍ଦ; 2. ଫାଟ, ଛିଦ୍ର ; 3. ନିମିଷ ; 4. ପଟୁସଙ୍ଗୀ ।—*a.* (colloquial), ଭଲ, ଶ୍ରେଷ୍ଠ, ଉତ୍ତମ ।—*v.t.* 1. ଫଟାଇବାର, ଫୁଟାଇବାର; 2. ଚଟକରେ କହିବାର; 3. ହତବୁଦ୍ଧି-କ ; 4. (ବୋତଲ) ଖୋଲାଇବାର ।—*v.i.* 1. ଫାଟିବାର, ଫୁଟିବାର, ଭାଙ୍ଗିବାର, ଫାଟଯୁକ୍ତ-ହେ ; 2. ଶବ୍ଦ-କ ।
Crack-brained, *a.* ଅଡ଼ବାୟା, ହତବୁଦ୍ଧି, ବାତୁଳ, ପାଗଳ ।

**Cracked,** *p.a.* 1. ଫଟା, ଫାଟଯୁକ୍ତ; 2. ହତବୁଦ୍ଧି, ଅଡ଼ବାୟା ।

**Cracker,** *n.* 1. ଯେ ବା ଯାହା ଫଟାଏ; 2. ଫଟକା; 3. ଟାଣ ବିସ୍କୁଟ ବିଶେଷ ।

**Crackle,** *v.i.* ଚଡ଼ଚଡ଼ ଶବ୍ଦ-କ, ଫଟ୍‌ଫଟ୍ ଶବ୍ଦ-କ, ଚଡ଼ଚଡ଼ ଶବ୍ଦରେ ଫାଟିବାର ।—*n.* 1. ଚଡ଼ଚଡ଼ ଶବ୍ଦ; 2. କ୍ଷୁଦ୍ର ଫାଟ, ଛିଦ୍ର; 3. ଫାଟ ପରି ନକ୍ସାଯୁକ୍ତ ଚିନାବାସନ ପ୍ରଭେଦ ।

**Crackling,** *n.* 1. ଚଡ଼ଚଡ଼ ଶବ୍ଦ, ଫଟ୍‌ଫଟ୍ ଶବ୍ଦ; 2. ଘୁଷୁରର କବାବ୍‌ମାଂସର ଚମ ।

**Cracknel,** *n.* ଟାଣ ବିସ୍କୁଟ ବିଶେଷ ।

**Cradle,** *n.* 1. ଶିଶୁମାନଙ୍କ ଝୁଲଣା ଖଟ, ଦୋଳନା, ଦୋଳା; 2. ଲାଳନପାଳନର ସ୍ଥାନ, ଆବାସ; 3. ବୋଝକା ପରି ପଦାର୍ଥ, ଭଗ୍ନାସ୍ଥି ଧରି ରଖିବା ପାଇଁ କାଠ ଖୋଳ ।—*v.t.* 1. ଝୁଲଣା ଖଟରେ ଶୁଆଇବାର ବା ଝୁଲାଇବାର; 2. ଲାଳନପାଳନ-କ; 3. (ଭଗ୍ନାସ୍ଥି ଉପରେ) ଖୋଳ ଲଗାଇବାର ।—*v.i.* ଝୁଲଣା ଖଟରେ ଶୋଇବାର ।

**Craft,** *n.* 1. ନୈପୁଣ୍ୟ, ଦକ୍ଷତା, କୌଶଳ; 2. ପ୍ରତାରଣା, ଧୂର୍ତ୍ତତା; 3. ଶିଳ୍ପବିଦ୍ୟା, ବ୍ୟବସାୟ; 4. ବ୍ୟବସାୟୀ ସମୂହ; 5. କ୍ଷୁଦ୍ର ଜାହାଜ ।

**Craftily,** *ad.* ପ୍ରତାରଣାପୂର୍ବକ, ଧୂର୍ତ୍ତରୂପେ ।

**Craftiness,** *n.* 1. ଚତୁରତା; 2. ପ୍ରତାରଣା, ଧୂର୍ତ୍ତତା, ଛଳ ।

**Craftless,** *a.* ପ୍ରତାରଣାଶୂନ୍ୟ, ଛଳରହିତ ।

**Craftsman,** *n.* କାରିଗର, ଶିଳ୍ପକାର ।

**Crafty,** *a.* 1. କୌଶଳୀ; 2. ଚତୁର, ଧୂର୍ତ୍ତ, ଶଠ, ପ୍ରତାରକ ।

**Crag,** *n.* ଅବୁଡ଼ାଖାବୁଡ଼ା, ଉଚ୍ଚ ପର୍ବତ, ଶୈଳ ।

**Cragged, craggy,** *a.* ଅବୁଡ଼ାଖାବୁଡ଼ା, ଅସମାନ, ଉଗ୍ର ଶୈଳପୂର୍ଣ୍ଣ, ଉଗ୍ର ଶୈଳମୟ ।

**Cragginess,** *n.* ଅବୁଡ଼ାଖାବୁଡ଼ାବସ୍ଥା, ଉଗ୍ର ଶୈଳପୂର୍ଣ୍ଣତା ।

**Cragsman,** *n.* ଶୈଳ ଚଢ଼ିବାରେ ପଟୁ ଲୋକ ।

**Cram,** *v.t.* 1. ଜୋରି ଭର୍ତ୍ତି-କ, ଚାପି ପୂରାଇବାର; 2. ପରୀକ୍ଷା ଲୋକଙ୍କ କରାଇବାର; 3. ମୁଖସ୍ଥ କରାଇବାର ।—*v.i.* 1. ଅତିଭୋଜନ-କ, ପେଟଭରି ଖାଇବାର; 2. ପରୀକ୍ଷା ନିମନ୍ତେ ମୁଖସ୍ଥ-କ ।—*n.* 1. ପରୀକ୍ଷା ନିମନ୍ତେ ମୁଖସ୍ଥ କଥା; 2. ମିଥ୍ୟା କଥା ।

**Crammer,** *n,* 1. ଅତିଭୋକ୍ତା; 2. ମୁଖସ୍ଥକାରୀ, ମୁଖସ୍ଥ କରାଇବା ଲୋକ ।

**Cramp,** *n.* 1. ପେଶୀଖିଞ୍ଚା, ପେଶୀଶୂଳ, ଟଙ୍କାର, ଆକ୍ଷେପ; 2. କେତେକ ପ୍ରକାର ଚାପିବା ଯନ୍ତ୍ରର ନାମ ।—*v.t.* 1. ପେଶୀଖିଞ୍ଚା ଦ୍ୱାରା କଷ୍ଟ-ଦେ, ପେଶୀଶୂଳ ଦ୍ୱାରା ଆକ୍ରାନ୍ତ-କ; 2. ସଂକୋଚ-କ, ପ୍ରତିରୋଧ-କ; 3. ଚାପିବା ଯନ୍ତ୍ର ଦ୍ୱାରା ଧରିବାର ।—*a.* 1. ସଙ୍କୁଚିତ; 2. ଅଦ୍ଭୁତଚରିତ୍ର ।

**Cramped,** *p.a.* 1. ପେଶୀଖିଞ୍ଚାଯୁକ୍ତ, ପେଶୀଶୂଳଗ୍ରସ୍ତ; 2. ଅବରୁଦ୍ଧ ।

**Cramp-iron,** *n.* ଲୁହାପଥରର କବଜ ବିଶେଷ, କବଜସଳ ।

**Crane,** *n.* 1. ସାରସପକ୍ଷୀ; 2. ଭାରି ପଦାର୍ଥ ଉଠାଇବା କଳ; 3. ପିପାରୁ ତରଳ ଦ୍ରବ୍ୟ କାଢ଼ିବାର ବଙ୍କା ନଳ ବିଶେଷ ।—*v.t.* (ବେକ) ଲମ୍ବାଇବାର ।—*v.i.* 1. ଲମ୍ବମାନ-ହେ, ବେକ ଲମ୍ବାଇବାର; 2. ଡେଇଁବା ପୂର୍ବରେ ଝୁଙ୍କି ପଡ଼ାଇବାର, ବିଳମ୍ବ-କ ।

**Cranial,** *a.* ଖପୁରୀସମ୍ବନ୍ଧୀୟ ।

**Craniology,** *n.* ଖପୁରୀବିଦ୍ୟା, ମସ୍ତକର ଗଠନ ପରୀକ୍ଷା କରି ନରର ସ୍ୱଭାବକ ଗୁଣାଦିର ନିର୍ଣ୍ଣୟବିଦ୍ୟା ।

**Cranium,** *n.* ଖପୁରି, ଖପୁରୀ, ମୁଣ୍ଡର ଖୋଳପା, କରୋଟି ।

**Crank,** *n.* 1. ଚକ୍ରଗତି ଦ୍ୱାରା ସମତଳ ବା ଠିଆଗତି କରାଇବା କୌଶଳ, ଠିଆଗତି ଅବା ଦ୍ୱାରା ଚକ୍ରଗତି କରାଇବା କୌଶଳ; 2. ମୋଡ଼, ବାଙ୍କ; 3. ବକ୍ରୋକ୍ତି ।—ବକ୍ରଗତି-କ, ଘୂରିବାର ।

**Crank,** *a.* 1. ଓଲଟିପଡ଼ିବାଯୋଗ୍ୟ; 2. ସୋରଥ ।

**Crankily,** *ad.* 1. ଓଲଟିପଡ଼ିବାର ସମ୍ଭାବନାରେ; 2. ସୋରଥରୂପେ; 3. ଝକ୍କିରୂପେ, ଅସ୍ଥିରଭାବେ, ପାଗଳପରି ।

**Crankness,** *n.* 1. ଓଲଟିପଡ଼ିବାର ସମ୍ଭାବନା; 2. ସୋରଥ ଅବସ୍ଥା ।

**Cranky,** *a.* 1. ଓଲଟିପଡ଼ିବାଯୋଗ୍ୟ; 2. ସୋରଥ; 3. ଝକ୍କୀ, ଖିଆଲି, ଅସ୍ଥିର, ପାଗଳ ।

**Crannied,** *a.* ଫାଟଯୁକ୍ତ, ଛିଦ୍ରମୟ ।

**Cranny,** *n.* ଫାଟ, ଫାଙ୍କ, ଛିଦ୍ର, ରନ୍ଧ୍ର ।—*v.i.* 1. ଫାଟଯୁକ୍ତ-ହେ; 2. ଛିଦ୍ର ଦେଇ ପଶିବାର ।

**Crape,** *n.* ଶୋକସୂଚକ କଳା ରେଶମର ସୂକ୍ଷ୍ମ ବସ୍ତ୍ର ବିଶେଷ ।—*v.t.* କୁଞ୍ଚାଇବାର, ଚୁନଟ-କ ।

**Crapulence,** *n.* ମତ୍ତତା, ବହୁ ମଦ୍ୟପାନୋଦ୍ଭୂତ ପୀଡ଼ା ।

**Crapulent, crapulous,** *a.* ମତ୍ତ, ବହୁ ମଦ୍ୟପାନ ହେତୁ ପୀଡ଼ିତ ।

**Crash,** *v.i.* ମଡ଼ମଡ଼ ଶବ୍ଦ-କ, ମଡ଼ମଡ଼ ଶବ୍ଦ କରି ଭାଙ୍ଗି ପଡ଼ିବାର, କଟକଟ ଶବ୍ଦ-କ ।—*v.t.* ମଡ଼ମଡ଼ ଶବ୍ଦରେ ଭାଙ୍ଗି ପକାଇବାର, ସଜୋରରେ ଖଣ୍ଡ-କ ।—*n.* 1. ଭାଙ୍ଗିବାର ମଡ଼ମଡ଼ ଶବ୍ଦ, କଟକଟ ଶବ୍ଦ; 2. ସର୍ବସ୍ୱହାନି, ଦେଉଲିଆବସ୍ଥା ।

**Crass,** *a.* 1. ଘନ, ସ୍ଥୂଳ; 2. ଘୋର, ଜଡ଼, ମୋଟବୁଦ୍ଧି ।

**Crassness, crassitude,** *n.* 1. ଘନତା, ସ୍ଥୂଳତା; 2. ଜଡ଼ତା, ଘୋରତା ।

**Crate,** *n.* ବାସନ ଆଦି ରଖିବା ପାଇଁ ବେତବୁଣା ପେଡ଼ି ବିଶେଷ, କୌଣସି ପଦାର୍ଥ ରଖିବା ପାଇଁ କାଠପଞ୍ଜରା ବିଶେଷ ।

**Crater,** *n.* ଆଗ୍ନେୟ ପର୍ବତର ମୁଖ ।

**Craunch, crauch,** *v.t.* ଚୋବାଇବାର, ଚର୍ବଣ-କ ।

**Cravat,** *n.* ଗଳାବନ୍ଧ, ଗ୍ରୀବାବନ୍ଧନୀ ।

**Crave,** *v.t.* and *i.* 1. ଉତ୍ସୁକ ହୋଇ ମାଗିବାର, ବିନୟପୂର୍ବକ ମାଗିବାର, ନିବେଦନ-କ, ଯାଚଞ୍ଚା-କ; 2. ଲାଳସା-କ, ଆକାଂକ୍ଷା-କ ।

**Craven,** *n,* କାପୁରୁଷ, ଭୀରୁବ୍ୟକ୍ତି ।—*a* ଭୀରୁ-କ, କାପୁରୁଷବତ୍, ଅଧମ ।

Craving, *n.* 1. ଲାଳସା, ଆକାଂକ୍ଷା, ସ୍ପୃହା; 2. ମିନତି ।

Craw, *n.* କୁକ୍କୁଟାଦିର ପ୍ରଥମ ଉଦର, କୁକୁଡାଙ୍କର ଗଳାର ଥଳି, ଉଦର ।

Crawl, *v.i.* 1. ଗୁରୁଣ୍ଡିବାର, ଉରୋଗମନ-କ; 2. ଧୀରେ୨ ଚାଲିବାର; 3. କୌଶଳରେ ଅନୁଗ୍ରହପାତ୍ର-ହେ, ଅଧମରୂପେ ବ୍ୟବହାର-କ ।—*n.* ଗୁରୁଣ୍ଡିବା, ଉରୋଗମନ, ଧୀରଗମନ ।

Crawler, *n.* 1. ଉରଗ; 2. ଚାଟୁବାଦୀ, ତୋଷାମୋଦିଆ ।

Crayfish, crawfish, *n.* ବଡ଼ ଚିଙ୍ଗୁଡ଼ିମାଛ ବିଶେଷ ।

Crayon, *n.* ଖଡ଼ିର ପେନ୍ସିଲ ।—*v.t.* ଖଡ଼ିର ପେନ୍ସିଲରେ ନକ୍ସା-କ, ମୋଟାମୋଟି ନକ୍ସା-କ ।

Craze, *v.t.* 1. ଛିଦ୍ରଯୁକ୍ତ-କ, ଭଗ୍ନ-କ, ଜୀର୍ଣ୍ଣ-କ; 2. ହତବୁଦ୍ଧି-କ, ପାଗଳ-କ ।—*v.i.* 1. ଉନ୍ମତ୍ତ-ହେ, ପାଗଳ-ହେ; 2. ଜୀର୍ଣ୍ଣ-ହେ, ଦୁର୍ବଳ-ହେ ।—*n.* 1. ଅତ୍ୟନୁରାଗ, ଆସକ୍ତି; 2. ଖିଆଲ; 3. ପାଗଳାମି ।

Crazed, *p.a.* 1. ଭଗ୍ନ, ଜୀର୍ଣ୍ଣ, ଦୁର୍ବଳ; 2. ଉନ୍ମତ୍ତ, କ୍ଷିପ୍ତ ।

Crazily, *ad.* 1. ଜୀର୍ଣ୍ଣରୂପେ; 2. ବାତୁଳରୂପେ ।

Craziness, *n.* 1. ଭଗ୍ନାବସ୍ଥା, ଦୁର୍ବଳ ଅବସ୍ଥା, ଜୀର୍ଣ୍ଣାବସ୍ଥା; 2. ବାତୁଳତା, ଉନ୍ମତ୍ତତା ।

Crazy, *a.* 1. ଜୀର୍ଣ୍ଣ, ଦୁର୍ବଳ; 2. ବାତୁଳ, ଉନ୍ମତ୍ତ, କ୍ଷିପ୍ତ ।

Creak, *v.i.* କେଁକେଁ ଶବ୍ଦ-କ, ଘର୍ଘର ଶବ୍ଦ-କ ।—*v.t.* କେଁକେଁ ଶବ୍ଦ କରାଇବାର, ଘର୍ଘର ଶବ୍ଦ କରାଇବାର ।—*n.* 2. କେଁକେଁ ଶବ୍ଦ, ଘର୍ଘର ଶବ୍ଦ ।

Cream, *n.* 1. ସର, ଦୁଗ୍ଧର ସାରାଂଶ; 2. ସାରାଂଶ, ସାର; 3. ସରରେ ପ୍ରସ୍ତୁତ ମିଷ୍ଟାନ୍ନ ।—*v.t.* 1. ସର କାଢିବାର; 2. ସାରାଂଶ ନେବାର; 3. ସରରେ ମିଶାଇବାର, ସର ମିଶାଇବାର ।—*v.i.* ସର ପଡ଼ିବାର ।

Cream-cheese, *n.* ଦୁଧର ଛେନା, ଥଳା ପନିର ବିଶେଷ ।

Cream-faced, *a.* ପାଣ୍ଡୁରମୁଖ, ମ୍ଳାନମୁଖ, ଭୀରୁ ବଦନ ।

Creamy, *a.* ସରପୂର୍ଣ୍ଣ, ସରମୟ, ସାରଯୁକ୍ତ, ରସୁଆଳ ।

Crease, *n.* ଭଙ୍ଗ କରିବାର ଚିହ୍ନ, ଭାଞ୍ଜର ଚିହ୍ନ ।—*v.t.* ଭଙ୍ଗ ବା ଭାଞ୍ଜ ଦ୍ୱାରା ଚିହ୍ନଯୁକ୍ତ-କ ।

Creasote, creosote, *n.* କ୍ରିଏସୋଟ୍, ଅଲକାତରାରୁ ଜାତ ତୈଳ ବିଶେଷ ।

Create, *v.t.* 1. ସୃଷ୍ଟି-କ, ସୃଜନ-କ; 2. ନିର୍ମାଣ-କ; 3. ଉତ୍ପାଦନ-କ, ଉତ୍ପନ୍ନ-କ, ଜନ୍ମାଇବାର; 4. ନିଯୋଗ-କ, ନିଯୁକ୍ତ-କ ।

Creation, *n.* 1. ସୃଷ୍ଟି, ସୃଜନ; 2. ଉତ୍ପାଦନ; 3. ନିଯୋଗକରଣ; 4. ସୃଷ୍ଟ ବସ୍ତୁସମୂହ, ଜଗତ, ପୃଥିବୀ, ବିଶ୍ୱ ।

Creative, *a.* 1. ସୃଷ୍ଟିକରଣକ୍ଷମ, ସୃଜନକ୍ଷମ; 2. ସୃଷ୍ଟିକାରକ, ଉତ୍ପାଦକ ।

Creator, *n.* 1. ସୃଷ୍ଟିକର୍ତ୍ତା, ସ୍ରଷ୍ଟା, ପରମେଶ୍ୱର; 2. ନିର୍ମାଣକର୍ତ୍ତା, ଉତ୍ପାଦନକର୍ତ୍ତା ।

Creature, *n.* 1. ସୃଷ୍ଟବସ୍ତୁ; 2. ପ୍ରାଣୀ, ଜୀବଜନ୍ତୁ; 3. (in contempt or pity), ବ୍ୟକ୍ତି, ମନୁଷ୍ୟ; 4. ଉତ୍ପାଦିତ ବା କଳ୍ପିତ ବିଷୟ; 5. ପରର ଆଜ୍ଞାନୁବର୍ତ୍ତୀ ଲୋକ, ଚରଣସେବକ ।—*a.* ଦୈହିକ, ଶାରୀରିକ ।

Credence, *n.* ବିଶ୍ୱାସକରଣ, ବିଶ୍ୱାସ, ପ୍ରତ୍ୟୟ ।

Credential, *n.* 1. ପ୍ରତ୍ୟୟଜନକ ପ୍ରମାଣ, ବିଶ୍ୱାସଯୋଗ୍ୟ କରାଇବାର କାରଣ; 2. *pl.* ପ୍ରତ୍ୟୟଜନକ ପତ୍ର, ପରିଚୟପତ୍ର, ସୁଖ୍ୟାତିପତ୍ର, ରାଜପ୍ରତିନିଧିଙ୍କର ପ୍ରମାଣପତ୍ର ବା ସାକ୍ଷ୍ୟଲିପି ।

Credibility, *n.* ବିଶ୍ୱାସଯୋଗ୍ୟତା, ବିଶ୍ୱାସ୍ୟତା, ପ୍ରତ୍ୟୟ- [ଯୋଗ୍ୟତା ।

Credible, *a.* 1. ବିଶ୍ୱାସଯୋଗ୍ୟ, ବିଶ୍ୱାସ୍ୟ, ପ୍ରତ୍ୟୟାର୍ହ, ସତ୍ୟ ବୋଲି ଗ୍ରହଣଯୋଗ୍ୟ; 2. ବାସ୍ତବ ।

Credibleness, *n.* ବିଶ୍ୱାସଯୋଗ୍ୟତା, (ସତ୍ୟ ବୋଲି) ଗ୍ରହଣଯୋଗ୍ୟତା ।

Credibly, *ad.* ବିଶ୍ୱାସଯୋଗ୍ୟରୂପେ ।

Credit, *n.* 1. ସାକ୍ଷ୍ୟ ଉପରେ ନିର୍ଭରତା, ବିଶ୍ୱାସ, ପ୍ରତ୍ୟୟ, ନିର୍ଭରତା; 2. ସୁଖ୍ୟାତି, ମର୍ଯ୍ୟାଦା, ସମ୍ଭ୍ରମ; 3. ସମ୍ଭ୍ରମ ବା ପ୍ରଶଂସାର କାରଣ; 4. ପ୍ରଭାବ; 5. ଦେୟ ଧାର; 6. ଜମାପାଖ; 7. ପରିଶୋଧ କରିବାର ନିର୍ଦ୍ଧାରିତ ସମୟ, ମିଆଦ; 8. ବଣିକାଳୟରୁ ଧାରସ୍ୱରୂପ ପ୍ରାପ୍ତବ୍ୟ ଟଙ୍କା, ଉଧାର ।—*v.t.* 1. ବିଶ୍ୱାସ-କ, ପ୍ରତ୍ୟୟ-କ; 2. ଧାର ଦେ; 3. ଜମାପାଖରେ ଲେଖିବାର; 4. ଆରୋପ-କ ।—to do credit to, ସୁଖ୍ୟାତି ଆଣିବାର । letter of credit, ବରାତ ଚିଠି ।

Creditability, creditableness, *n.* ପ୍ରଶଂସାଯୋଗ୍ୟତା, ସମ୍ଭ୍ରମଯୋଗ୍ୟତା ।

Creditable, *a.* ପ୍ରଶଂସାଯୋଗ୍ୟ, ପ୍ରଶଂସନୀୟ, ସୁଖ୍ୟାତିକର, ଯଶସ୍କର ।

Creditably, *ad.* ପ୍ରଶଂସନୀୟରୂପେ, ସୁଖ୍ୟାତିକରରୂପେ, ଉତ୍ତମରୂପେ, ସମ୍ଭ୍ରମପୂର୍ବକ ।

Creditor, *n.* ଧାର ଦେବା ଲୋକ, କରଜଦାତା, ଉତ୍ତମର୍ଣ୍ଣ, ମହାଜନ, ସାହୁ ।

Credulity, credulousness, *n.* ଯଥେଷ୍ଟ ପ୍ରମାଣ ବିନା ବିଶ୍ୱାସଶୀଳତା ଆଶୁପ୍ରତ୍ୟୟଶୀଳତା, ଆଶୁପ୍ରତ୍ୟୟ ।

Credulous, *a.* ଯଥେଷ୍ଟ ପ୍ରମାଣ ବିନା ବିଶ୍ୱାସଶୀଳ, ଆଶୁବିଶ୍ୱାସୀ, ଆଶୁପ୍ରତ୍ୟୟୀ, ନିଃସନ୍ଦେହଶୀଳ ।

Credulously, *ad.* ଆଶୁପ୍ରତ୍ୟୟିରୂପେ ।

Creed, *n.* 1. ଖ୍ରୀଷ୍ଟ ଧର୍ମର ମୂଳସୂତ୍ର; 2. ପ୍ରତ୍ୟୟିତ ମତର ସ୍ୱୀକାର, ମତ, ବିଶ୍ୱାସ ।

Creek, *n.* 1. ଖାଲ, ଖାଡ଼ି; 2. ସାନ ନଈ, ନଦ ।

Creeky, *a.* 1. ଖାଲପୂର୍ଣ୍ଣ, ଖାଡ଼ିମୟ; 2. ଘୁରଣିଆ ।

Creel, *n.* ଖାଲୋଇ ।

Creep, *v.i.* 1. ଗୁରୁଣ୍ଡିବାର, ହାମୁଡ଼ି-ଯି, ଉରୋଗମନ-କ; 2. ଲଟେଇବାର; 3. ଧୀରେ୨ ଚାଲିବାର, ମନ୍ଦ୨ ଯିବାର; 4. ଲୁଚିକରି ଯିବାର, ଗୁପ୍ତରେ ପ୍ରବେଶ-କ; 5. ଚାଟୁବାଦ-କ, ତୋଷାମୋଦ-କ; 6. କୁଟୁକୁଟୁ ଲାଗିବାର ।

Creeper, *n.* 1. ଉରୋଗାମୀ ଜନ୍ତୁ; 2. ଲତା; 3. ସାନ ପକ୍ଷୀ ବିଶେଷ ।

Creephole, *n.* 1. ଲୁଚିବା ଗର୍ତ୍ତ; 2. ବାହାନା ।

Cremate, *v.t.* ଦଗ୍ଧ-କ, ପୋଡ଼ିବାର, ଶବଦାହନ-କ ।

Cremation, *n.* ଦଗ୍ଧକରଣ, ଶବଦାହ ।

Cremator, *n.* 1. ଶବଦାହକ; 2. ଶବ ଦଗ୍ଧକାରୀ ଅଗ୍ନିକୁଣ୍ଡ ।

**Crematory**, *a.* ଶବଦାହନସମ୍ବନ୍ଧୀୟ ।—*n.* also crematorium, ଶବ ଦଗ୍ଧକାରୀ ଅଗ୍ନିକୁଣ୍ଡ ।
**Cremor**, *n.* ଦୁଗ୍ଧର ସରପରି ଦ୍ରବ୍ୟ ।
**Crenate**, crenated, crenulate, *a.* ଖାଞ୍ଜକଟା ।
**Creole**, *n.* ଉଭୟଦେଶୀୟ ଔରସଜାତ ଉଭୟ ଇଂଗ୍ରିସ୍ ବା ଫ୍ରାନ୍ସୀୟ ଅମେରିକାର ଦେଶୀ ଲୋକ ।
**Crepitant**, *a.* ଚଟଚଟ ଶବ୍ଦକାରକ ।
**Crepitate**, *v.i.* ଚଟଚଟ ଶବ୍ଦ-କ ।
**Crepitation**, *n.* ଚଟଚଟ ଶବ୍ଦ ।
**Crept**, *pret.* and *past p.* of Creep.
**Crepuscular**, *a.* ଗୋଧୂଳିସମ୍ବନ୍ଧୀୟ, ଈଷଦୀପ୍ତିବିଶିଷ୍ଟ, ଗୋଧୂଳି ସମୟରେ ଦୃଶ୍ୟ ।
**Crescent**, *n.* 1. ଶୁକ୍ଲପକ୍ଷୀୟ ବର୍ଦ୍ଧନଶୀଳ ଚନ୍ଦ୍ର, ନବୀନ ଚନ୍ଦ୍ରର ଆକାର; 2. ତୁର୍କଦେଶୀୟ ଧ୍ୱଜା, ତୁର୍କି ରାଜ୍ୟ; 3. ନବୀନ ଚନ୍ଦ୍ରାକୃତି ଗୃହଶ୍ରେଣୀ ।—*a.* ବର୍ଦ୍ଧିଷ୍ଣୁ, ବର୍ଦ୍ଧନଶୀଳ ।
**Crescentic**, *a.* ନବୀନ ଚନ୍ଦ୍ରାକୃତି ।
**Cress**, *n.* ହାଲିମ, ଶାକ ବିଶେଷ ।
**Cresset**, *n.* କାଷ୍ଠଦଣ୍ଡ ଉପରସ୍ଥ ଦୀପ ବା ଅଗ୍ନିପାତ୍ର ।
**Crest**, *n.* 1. ଚୂଡ଼ା, ମୟୂରଶିଖା, କୁକ୍କୁଟର ଜଟ, ପକ୍ଷୀର ଝୁମ୍ପା; 2. ଚୂଡ଼ାପରି ପଦାର୍ଥ, ମସ୍ତକାଭରଣ, ଟୋପରର ଉପରସ୍ଥ ଶିଖା, ଟୋପର, ଶିଖା, ଲହରର ଫେଣଯୁକ୍ତ ଶିଖା; 3. ତେଜସ୍ୱିତା, ଅହଙ୍କାର, ସାହସ; 4. ଘୋଡ଼ା ବେକର ଅଗ ।—*v.t.* ଶିଖାଯୁକ୍ତ-କ, ଶିଖା ଦ୍ୱାରା ଅଲଙ୍କୃତ-କ ।
**Crested**, *a.* ଚୂଡ଼ାଯୁକ୍ତ, ଶଖାଯୁକ୍ତ ।
**Crest-fallen**, *a.* ଅବନତଶିଖା, ବିଷଣ୍ଣମୁଖ, ମ୍ଳାନବଦନ, ଅଧୋମୁଖ, ଭଗ୍ନୋତ୍ସାହ, ନିସ୍ତେଜ ।
**Crestless**, *a.* 1. ଶିଖାହୀନ; 2. ନୀଚକୁଳଜାତ ।
**Cretaceous**, *a.* ଖଡ଼ିମାଟି ଗୁଣବିଶିଷ୍ଟ, ଖଡ଼ିମୟ, ଖଡ଼ିବତ୍ ।
**Cretin**, *n.* ଆଲପ୍ସ ଉପତ୍ୟକାବାସୀ ଗଳଗଣ୍ଡଯୁକ୍ତ ବାତୁଳ ଲୋକ ।
**Cretinism**, *n.* ଉପରୋକ୍ତ ଲୋକର ଅବସ୍ଥା, ବାତୁଳତାଯୁକ୍ତ ରୋଗ ବିଶେଷ ।
**Crevasse**, *n.* 1. ହିମାନୀକ୍ଷେତ୍ରର ଫାଟ; 2. ଆମେରିକା ଦେଶରେ ନଦୀ ବନ୍ଧର ଫାଟ ।
**Crevice**, *n.* ଫାଟ, ଫାଙ୍କ, ଛିଦ୍ର ।
**Crew**, *n.* 1. ଦଳ, ସମ୍ପ୍ରଦାୟ, ନୀଚଲୋକଙ୍କଦଳ; 2. ଜାହାଜର ନାବିକସମୂହ ।
**Crew**, *pret.* of Crow.
**Crewel**, *n.* ସୂଚୀର କର୍ମରେ ବ୍ୟବହୃତ ପଶମୀ ସୂତା ଆଦି ।
**Crib**, *n.* 1. କୁଡ଼ିଆଘର, କ୍ଷୁଦ୍ରଘର; 2. ଗୋରୁକୁଣ୍ଡ, କୁଣ୍ଡ ଉପରେ ଘାସ ପାଲର ଆଧାର, ଗୋଶାଳି; 3. ପିଲାଙ୍କ ଖଟିଆ; 4. ସାନ ପଦାର୍ଥର ଚୋରି, ଚୋରା ପଦାର୍ଥ; 5. ଛାତ୍ରମାନଙ୍କର ବ୍ୟବହାର ନିମନ୍ତେ ଲଟିନ ଭାଷାର ଅବିକଳ ଅନୁବାଦ ।—*v.t.* 1. ସଙ୍କୀର୍ଣ୍ଣ ସ୍ଥାନରେ ବନ୍ଦ-କ; 2. ସାନ ପଦାର୍ଥ ଚୋରି-କ ।
**Cribbage**, *n.* ତାସଖେଳା ବିଶେଷ । [ମଇଦା ।
**Cribble**, *n.* 1. ମୋଟା ଚାଲୁଣୀ ବିଶେଷ; 2. ମୋଟା

**Crick**, *n.* ଇଚା, ଗ୍ରୀବାର ଅନମ୍ୟତା ।
**Cricket**, *n.* ଝିଙ୍କାରି, ଝିଙ୍କାରକ କୀଟ ।
**Cricket**, *n.* ଗେଣ୍ଡୁ ଓ ଦାଣ୍ଡୁର ଖେଳା ବିଶେଷ, ଦଣ୍ଡାଗୁଲି ଖେଳା ।
**Cried**, *pret.* and *past p.* of Cry.
**Crier**, cryer, *n.* ଘୋଷକ, ନିଲାମଡାକୁଆ, ଢେଣ୍ଡୁରାବାଲା, ନାଗରଚି ।
**Crime**, *n.* ବିଧିଲଙ୍ଘନ, ଅପରାଧ, ଗୁରୁ ଦୋଷ, ମହା ଦୁଷ୍କର୍ମ, ମହା ପାତକ ।
**Criminal**, *a.* 1. ଅପରାଧୀ, ଦୁଷ୍କର, ମହାପାତକୀ; 2. ଅପରାଧଯୁକ୍ତ, ଦୋଷଯୁକ୍ତ, ଅପରାଧଘଟିତ, ଦଣ୍ଡ୍ୟ; 3. ଦଣ୍ଡବିଧି ସମ୍ବନ୍ଧୀୟ, ଫୌଜଦାରୀ ।—*n.* ଅପରାଧୀ ବ୍ୟକ୍ତି, ଅପରାଧକାରୀ, ଦୋଷୀ ।
**Criminalist**, *n.* ଫୌଜଦାରୀ ଆଇନର ଜଣର ।
**Criminality**, *n.* ଅପରାଧିତା, ବିଧିଲଙ୍ଘନ, ଦୋଷିତ୍ୱ, ଅପରାଧଯୁକ୍ତତା ।
**Criminally**, *ad.* ଅପରାଧରୂପେ, ଦୋଷଯୁକ୍ତରୂପେ, ଦଣ୍ଡ୍ୟରୂପେ ।
**Criminate**, *v.t.* ଅଭିଯୁକ୍ତ-କ, ଦୋଷ-ଦେ, ଅପରାଧରେ ଜଡ଼ିତ-କ, ଅପରାଧୀ-କ ।
**Crimination**, *n.* ଅଭିଯୋଗ, ଦୋଷାରୋପଣ, ଅପରାଧରେ ଜଡ଼ିତକରଣ ।
**Criminative**, criminatory, *a.* ଅଭିଯୋଗସମ୍ବନ୍ଧୀୟ, ଦୋଷାରୋପକ, ଅପରାଧରେ ଜଡ଼ିତକାରୀ ।
**Criminous**, *a.* ଅପରାଧଯୁକ୍ତ, ଅଧମନ, ଘୃଣ୍ୟ ।
**Crimp**, *v.t.* 1. କୁଞ୍ଚାଇବାର, ଚୁନଟ୍-କ; 2. ଚିମୁଟି ଧରିବାର; 3. (ଜାହାଜ କାର୍ଯ୍ୟ ନିମନ୍ତେ) ଫୁସଲାଇ ଧରି ନେବାର, ଭୁଲାଇ ନେବାର; 4. (ଖାଇବା ମାଛକୁ) ଛୁରିରେ ଚେଟ ମାରିବାର ।—*n.* 1. ନାବିକ ବା ସୈନିକ କାର୍ଯ୍ୟ ନିମନ୍ତେ ଫୁସଲାଇ ନେବା ଲୋକ; 2. *pl.* ଚୁନଟ୍ ବାଳ ।
**Crimp**, *a.* 1. ମଚମଚିଆ, ମସ୍ଣା, ଭଙ୍ଗୁର; 2. ସହଜରେ ଖଣ୍ଡନୀୟ ।
**Crimper**, crisper, *n.* ଯେ ବା ଯାହା ଚୁନଟ୍ କରେ, ଚୁନଟ୍କାରୀ କଳ ।
**Crimple**, *v.t.* କୁଞ୍ଚାଇବାର, ଅକୁଞ୍ଚିତ-କ ।
**Crimson**, *n.* ଗାଢ଼ ଲାଲ ରଙ୍ଗ, ଈଷତ୍ ନୀଳରଙ୍ଗଯୁକ୍ତ ଲାଲ ବର୍ଣ୍ଣ, ରକ୍ତବର୍ଣ୍ଣ, ଲାଲବର୍ଣ୍ଣ ।—*a.* ଗାଢ଼ ଲାଲ ।—*v.t.* ଗାଢ଼ ଲାଲରଙ୍ଗ-ଦେ, ଲାଲ-କ ।—*v.i.* ଗାଢ଼ ଲାଲ-ହେ, ଲାଲ-ହେ, ଲଜ୍ଜାରେ ରକ୍ତିମାବର୍ଣ୍ଣ-ହେ ।
**Cringe**, *v.i.* ଚାଟୁବାଦରୂପେ ପ୍ରଣାମ-କ, ତୋଷାମୋଦିଆରୂପେ ନତ-ହେ, ତୋଷାମୋଦ-କ ।—*n.* ତୋଷାମୋଦିଆ ପ୍ରଣାମ, ତୋଷାମୋଦ ।
**Cringeling**, cringer, *n.* ଚାଟୁବାଦୀ, ତୋଷାମୋଦିଆ ଲୋକ ।
**Crinite**, *a.* କେଶବତ୍, କେଶର ଗୁଚ୍ଛବତ୍ ।
**Crinkle**, *v.i.* ଘୁର ଘୁର ହେବାର ।—*v.t.* ଚୁନଟ୍-କ, ବଙ୍କଗଢ଼ କରାଇବାର ।—*n.* ବାଙ୍କ, ଚୁନଟ୍ ।

**Cripple**, *n.* ଛୋଟା, ଲେଙ୍ଗଡ଼ା, ଖଞ୍ଜ, ପଙ୍ଗୁ ।—*v.t.* 1. ଛୋଟା-କ, ଲେଙ୍ଗଡ଼ା-କ; 2. ଅକର୍ମଣ୍ୟ-କ, ନିଷ୍ଫଳ-କ, ଦୁର୍ବଳ-କ ।

**Crisis**, *n. pl.* crises, 1. ରୋଗର ଉପଶମ ବା ବୃଦ୍ଧି-କାଳ; 2. ଶୁଭାଶୁଭ ନିଷ୍ପାଦକ କାଳ, ଯୁଗାନ୍ତକାଳ, ସନ୍ଧିକ୍ଷଣ, ସଙ୍କଟକାଳ ।

**Crisp**, *a.* 1. ଠସ୍ସା, ମଚ୍ଚା, ମସ୍ସା, ଭଙ୍ଗୁର; 2. ତାଜା, ସତେଜ, ଚଳଚଳ; 3. ଫେନିଳ, ତରଙ୍ଗିତ; 4. କୁଞ୍ଚିତ ।—*v.t.* କୁଞ୍ଚକୁଞ୍ଚିଆ-କ, ତରଙ୍ଗ-କ ।—*v.i.* କୁଞ୍ଚିତ-ହେ ।

**Crispate**, *a.* କୁଞ୍ଚିତାକୃତ, ତରଙ୍ଗଯୁକ୍ତ ।

**Crispin**, *n.* ମୋଚି, (colloquial).

**Crisply**, *ad.* ତାଜାରୂପେ, ସତେଜରେ ।

**Crispness**, *n.* 1. କୁଞ୍ଚିତାବସ୍ଥା, ତରଙ୍ଗାବସ୍ଥା; 2. ଠସ୍ସା ଗୁଣ, ଭଙ୍ଗୁରତା; 3. ତାଜା ଗୁଣ, ସତେଜତା, ତାଜା ଅବସ୍ଥା ।

**Crispy**, *a.* 1. କୁଞ୍ଚିତ; 2. ଠସ୍ସା ।

**Criterion**, *n. pl.* criteria, ଗୁଣାଗୁଣ ନିର୍ଣ୍ଣାୟକ ଆଦର୍ଶ, ପରଖ, କାରଣ, ପରିମାଣ, ମୂଳସୂତ୍ର ।

**Critic**, *n.* 1. ଗ୍ରନ୍ଥର ସମାଲୋଚକ; 2. ସୂକ୍ଷ୍ମବିବେଚକ, ବିଚାରକ, ସୂକ୍ଷ୍ମଦର୍ଶୀ; 3. କଠିନ ବିଚାରକାରୀ, ଦୋଷଗ୍ରାହୀ; 4. ସମାଲୋଚନାର ବିଜ୍ଞାନ; 5. ସମାଲୋଚନା ।—*a.* ସମାଲୋଚନାସମ୍ବନ୍ଧୀୟ, ଗୁଣାଗୁଣ ବିଚାରସମ୍ବନ୍ଧୀୟ ।

**Critical**, *a.* 1. ସମାଲୋଚନାସମ୍ବନ୍ଧୀୟ, ସମାଲୋଚନା-ଯୁକ୍ତ; 2. ସୁବିବେଚକ, ଠିକ୍; 3. ଦୋଷଗ୍ରାହୀ, ଛିଦ୍ରାନ୍ବେଷୀ; 4. ଶୁଭାଶୁଭ ନିଷ୍ପାଦକ କାଳସମ୍ବନ୍ଧୀୟ, ଗୁରୁତର, ଭୟାନକ; 5. ବ୍ୟାଧିର ବିକୃତକାଳୀନ ।

**Critically**, *ad.* 1. ସମାଲୋଚନାପୂର୍ବକ, ସୁବିବେଚନା-ପୂର୍ବକ; 2. ଠିକ୍ ସମୟରେ, ଶୁଭାଶୁଭ ନିଷ୍ପାଦକ କାଳରେ, ବ୍ୟାଧିର ବିକାର ସମୟରେ ।

**Criticism**, *n.* 1. ସମାଲୋଚନାର ବିଜ୍ଞାନ, ସମାଲୋଚନା, ଦୋଷାଦୋଷ ବିବେଚନା, ସୂକ୍ଷ୍ମପରୀକ୍ଷା; 2. ସମାଲୋଚନା-ଯୁକ୍ତ ପ୍ରବନ୍ଧ; 3. କଠିନ ବିଚାର, ଭର୍ତ୍ସନା ।

**Criticizable**, *a.* 1. ସମାଲୋଚନାଯୋଗ୍ୟ; 2, ଭର୍ତ୍ସନା-ଯୋଗ୍ୟ ।

**Criticize, criticise**, *v.t.* and *i.* 1. ଦୋଷାଦୋଷ ବିଚାର-କ, ସମାଲୋଚନା-କ; 2. କଠିନ ବିଚାର-କ, ଛିଦ୍ର ଧରିବାର, ଦୋଷଗ୍ରାହୀ-ହେ, ଭର୍ତ୍ସନା-କ ।

**Critique**, *n.* ସମାଲୋଚନାଯୁକ୍ତ ପ୍ରବନ୍ଧ, ସମାଲୋଚନା ।

**Croak**, *v.i.* and *t.* 1. ବେଙ୍ଗ ବା ଡାମରା କାଉ ପରି ଶବ୍ଦ-କ, କା କା ଶବ୍ଦ-କ; 2. ଅଳ୍ପ କାରଣରେ ଅନିଷ୍ଟ-ସୂଚନା-କ, ବଡ଼ବଡ଼-କ; 3. ସ୍ବରଭଙ୍ଗ ହେତୁ ଘଁଘଁ କରି କହିବାର ବା ଉଚ୍ଚାରଣ-କ ।—*n.* ବେଙ୍ଗ ବା ଡାମରା କାଉର ଶବ୍ଦ ।

**Croaker**, *n.* ବଡ଼ବଡ଼କାରୀ ଲୋକ, ଅନିଷ୍ଟସୂଚନାକାରୀ ଲୋକ ।

**Croaking, croaky**, *a.* 1. କା କା ଶବ୍ଦକାରୀ; 2. ବଡ଼ବଡ଼କାରୀ, ଅନିଷ୍ଟସୂଚକ, ଅନିଷ୍ଟସୂଚନାକାରୀ, ଅନିଷ୍ଟ-ସୂଚନାପ୍ରିୟ ।

**Crochet**, *n. kro'-sha*, ସରୁ ହୁକ୍ ଦ୍ବାରା ନିର୍ମିତ ଚିକ୍କଣ କର୍ମବିଶେଷ, କୁଶୀବାନ୍ଧି ।—*v.t.* କୁଶୀବାନ୍ଧି-କ ।

**Crock**, *n.* 1. ମାଟି ପାତ୍ର; 2. ହାଣ୍ଡି ଅଦର କଳା ।

**Crockery**, *n.* ମୃତ୍ତିକାର ବାସନାଦି ।

**Crocodile**, *n.* ଘଡ଼ିଆଳ, କୁମ୍ଭୀର ।—crocodile tears, କୃତ୍ରିମ ଶୋକ, କପଟ ଦୁଃଖ ।

**Crocus**, *n.* ଜାଫ୍ରାନ ପୁଷ୍ପଗଛ ।

**Croft**, *n.* ଗୃହ ନିକଟବର୍ତ୍ତୀ କ୍ଷୁଦ୍ରକ୍ଷେତ୍ର, କ୍ଷୁଦ୍ରକୃଷକ ଜମୀ ।

**Crone**, *n.* ବୁଢ଼ୀ, (used contemptuously).

**Crony**, *n.* ସାଥୀ, ସଙ୍ଗୀ, ପୁରୁଣା ମିତ୍ର ।

**Crook**, *n.* 1. ବାଙ୍କ; 2. ବକ୍ର ଭାଗ, ବଙ୍କା ହତିଆର, ମେଷ-ପାଳକର ଯଷ୍ଟି, ଅଙ୍କୁଶ ।—*v.t.* ବଙ୍କା-କ, ବକ୍ର-କ ।—*v.i.* ବଙ୍କା-ହେ, ବକ୍ର-ହେ ।

**Crook-backed**, *a.* କୁଜା, କୁବ୍ଜ ।

**Crooked**, *a.* 1. ବଙ୍କା, ବକ୍ର, ମୁରୁଣିଆ; 2. କୁବ୍ଜ; 3. ଅସରଳ, କୁଟିଳ ।

**Crookedly**, *ad.* 1. ବକ୍ରଭାବେ; 2. ଅସରଳରୂପେ, କୁଟିଳରୂପେ ।

**Crookedness**, *n.* 1. ବକ୍ରତା; 2. କୁବ୍ଜତା; 3. ଅସରଳତା, କୁଟିଳତା ।

**Croon**, *v.t.* ଗୁଣ୍‌ଗୁଣ୍ ଗାନ କରି ଶାନ୍ତ-କ ।—*v.i.* ଗୁଣ୍‌ଗୁଣ୍ ସ୍ବରରେ ଗାନ-କ, ବାହୁନିବାର ।

**Crop**, *n.* 1. ପକ୍ଷୀ ଗଳାର ଥଳୀ; 2. ଫସଲ, କ୍ଷେତୋତ୍ପନ୍ନ ଶସ୍ୟାଦି, ଫଳ; 3. (ବାଳ) କଟା, କର୍ତ୍ତନ; 4. (ବାଳ) ବୃଦ୍ଧି; 5. ହାତ ଚାବୁକ ବିଶେଷ, ଚମଫାସ ଲଗା ବେତ ।—*v.t.* 1. କାଟିବାର; 2. ବାଳ କାଟିବାର; 3. (ଘାସ) ଚରିବାର; 4. ଫସଲ-କ, ଫସଲ ଉଠାଇବାର ।—to crop out, to crop up, ବାହାର-ହେ, ବାହାର ହୋଇ ପଡ଼ିବାର, ପ୍ରକାଶିତ-ହେ ।

**Crop-eared**, *a.* କାନକଟା ।

**Crop-full**, *a.* ପେଟପୂରା, ପେଟଭରା, ପରିତୃପ୍ତ ।

**Croquet**, *n. kro'-ka*, ପଡ଼ିଆରେ ଖେଳା ବିଶେଷ ।

**Crore**, *n.* ଏକ କୋଟି ।

**Crosier, crozier**, *n.* ପ୍ରଧାନ ଧର୍ମାଧ୍ୟକ୍ଷର କୁଶଦଣ୍ଡ ।

**Cross**, *n.* 1. କ୍ରୁଶନାମକ ପ୍ରାଣଦଣ୍ଡ ଯନ୍ତ୍ର ଯାହା ଦୁଇ ଖଣ୍ଡ ଆଡ଼କାଠରେ ନିର୍ମିତ ଥିଲା, କ୍ରୁଶ; 2. ଖ୍ରୀଷ୍ଟ ଧର୍ମର ନିଦର୍ଶନ; 3. ଖ୍ରୀଷ୍ଟୀୟ ଧର୍ମ; 4. କ୍ରୁଶ ଉପରେ ଖ୍ରୀଷ୍ଟଙ୍କ ମରଣ, ଖ୍ରୀଷ୍ଟଙ୍କ ମରଣରେ ପ୍ରାୟଶ୍ଚିତ୍ତ; 5. ଯାହା କେହି ଖ୍ରୀଷ୍ଟ ନିମନ୍ତେ ସହ୍ୟ କରେ, ଦୁଃଖ, ଯନ୍ତ୍ରଣା, ବାଧା, କ୍ଲେଶ; 6. କ୍ରୁଶାକୃତ ରୂପ ବା ଚିହ୍ନ; 7. କ୍ରୁଶାକୃତ ଅଳଙ୍କାର; 8. ଉପାସନାର୍ଥେ ନିର୍ମିତ କ୍ରୁଶାକୃତ ଗୃହ, ସ୍ମରଣାର୍ଥେ କ୍ରୁଶ-ଯୁକ୍ତ ସ୍ତମ୍ଭ; 9. ଦ୍ବିଜାତୀକରଣ; 10. ଦ୍ବିଜାତୀୟ ଜୀବ, ଦୋଗଲା ପଶୁ ।—*a.* 1. ଆଡ଼, ଆଡ଼ାଆଡ଼ି; 2. ବିପରୀତ, ପ୍ରତିକୂଳ; 3. ଚିଡ଼ଚିଡ଼ା, ଖିଟଖିଟିଆ, ରାଗୀ; 4. ବିପକ୍ଷ ଦଳ ଦ୍ବାରା କୃତ ।—*ad.* ବିପରୀତରେ, ବକ୍ରଭାବରେ ।—*v.t.* 1. ଆଡ଼ରେ ରେଖା ଟାଣିବାର; 2. ଆଡ଼ରେଖା ଦ୍ବାରା କାଟିବାର, (ଲେଖା) କାଟିବାର, with *off* or *out*; 3. ଆଡ଼ାଆଡ଼ି ରଖିବାର;

4. ପାର-ହେଁ, ପାର କରାଇବାର; 5. ବ୍ୟାପାତ-କ; 6. ପରସ୍ପର କାଟିବାର; 7. (ଯିବା ଆସିବା ହେତୁ ପଥ) ବାଟରେ ଭେଟାଭେଟି ହୋଇ ଯିବାର; 8. କ୍ରୁଶଚିହ୍ନ କାଟିବାର; 9. ଦ୍ୱିଜାତ-କ, ସଙ୍କର-କ, ଦୋବରସା ପଶୁ-କ ।—v.i. 1. ଅଡ଼ାଅଡ଼ି-ଥ; 2. ପରସ୍ପର କାଟିବାର; 3. ପାର-ହେ; 4. ଦୋବରସା ପଶୁ-କ ।—to cross a cheque, ଟଙ୍କା ଦେବା ଆଜ୍ଞାପତ୍ର ଉପରେ କୌଣସି ବଣିକାଳୟର ନାମ (ବା ଦୁଇ ରେଖା ମଧ୍ୟରେ କେବଳ & Co.) ଲେଖିବାର ନ ଯେମନ୍ତ ଟଙ୍କା ପାଇବା ପାଇଁ ସେହି ଆଜ୍ଞାପତ୍ର କୌଣସି ବଣିକାଳୟରେ ରଖିବାକୁ ଅବଶ୍ୟକ ହେବ । to cross one's mind, ମନରେ ପଡ଼ିବାର ।

**Cross-action**, *n.* ବାଦୀର ମକଦ୍ଦମା ବିରୁଦ୍ଧରେ ପ୍ରତିବାଦୀର ମକଦ୍ଦମା ।

**Cross-bill**, *n.* ପକ୍ଷୀ ବିଶେଷ ଯାହାର ଥଣ୍ଟ ଅଡ଼ାଅଡ଼ି [ଥାଏ ।

**Cross-bow**, *n.* ପୂର୍ବକାଳୀନ ଧନୁକ ବିଶେଷ ।

**Cross-bred**, *a.* ଦୋବରସା ।

**Cross-breed**, *n.* ଦୋବରସା ଜାତି ।

**Crosscut**, *v.t.* ଅଡ଼ରେ କାଟିବାର ।—crosscut saw, କାଠର ମଝିଅଡ଼େ କାଟିବା କରତ ବିଶେଷ ।

**Crossed**, *a.* 1. କ୍ରୁଶ ଦ୍ୱାରା ଚିହ୍ନିତ, ଦୁଇ ରେଖା ଦ୍ୱାରା ଚିହ୍ନିତ; 2. କ୍ରୁଶାକୃତି ।

**Cross-examination**, *n.* ଜେରା, କୂଟପରୀକ୍ଷା ।

**Cross-examine**, *v.t.* ଜେରା-କ, କୂଟପରୀକ୍ଷା-କ ।

**Cross-eye**, *n.* ଅଡ଼ାଅଡ଼ି ଟେରା ଅକ୍ଷି ।

**Cross-fire**, *n.* ଅଡ଼ାଅଡ଼ି ତୋପମାରଣ ।

**Cross-grained**, *a.* 1. ଓଲଟାବେରୁଆ; 2. ଅବାଧ୍ୟ, ରାଗୀ, ଉଗ୍ରସ୍ୱଭାବ, ରୁକ୍ଷ, ମପର୍ଶ ।

**Crossing**, *n.* 1. ପାର ହେବା; 2. ଛକ, ତ୍ରିମୁହାଣୀ ବାଟ, ଅଡ଼ ପଥ; 3. ବିପରୀତ କାର୍ଯ୍ୟ, ବିରୁଦ୍ଧ କାର୍ଯ୍ୟ; 4. ଦୋବରସା ଜାତିର ଉତ୍ପାଦନ; 5. କ୍ରୁଶଚିହ୍ନକରଣ ।

**Cross-legged**, *a.* ମୋଡ଼ାମୋଡ଼ି ।

**Crossly**, *ad.* 1. ଅଡ଼ରେ; 2. ପ୍ରତିକୂଳରେ; ବିପରୀତରେ; 3. ଚିଡ଼ଚିଡ଼ାରୂପେ, ବିରକ୍ତିପୂର୍ବକ ।

**Crossness**, *n.* ଚିଡ଼ଚିଡ଼ା ସ୍ୱଭାବ, ଖିଟଖିଟାଣୀ, ବିରକ୍ତି ।

**Cross-purpose**, *n.* ବିରୁଦ୍ଧାଭିପ୍ରାୟ, ଏକମତଧାରୀ ଲୋକମାନଙ୍କ ମଧ୍ୟରେ ଭ୍ରମବୋଧ ।

**Cross-question**, *v.t.* ଜେରା-କ ।

**Cross-road, cross-way**, *n.* 1. ଅଡ଼ପଥ; 2. ଉପପଥ ।

**Crosswise**, *ad.* ଅଡ଼ରେ, ତେର୍ଛାରେ ।

**Crotchet**, *n.* 1. କେତେକ ଅଙ୍କୁଶାକାର ହସ୍ତଶିଳ୍ପର ନାମ; 2. ବାଦ୍ୟ ପୁସ୍ତକରେ ଥିବା ଚିହ୍ନ ବିଶେଷ; 3. ଖିଆଲ, ବାସନା; 4. ଛାପାର ଚିହ୍ନ ବିଶେଷ, ଯଥା,— [ ] ।

**Crotchetness**, *n.* ଖିଆଲି ସ୍ୱଭାବ ।

**Crotchety**, *a.* ଖିଆଲି ।

**Croton**, *n.* ଜୟପାଳ ।

**Crouch**, *v.i.* 1. ନଇଁପଡ଼ିବାର, ଛକିବାର, ହେଟ-ହେ; 2. ଖୋସାମଦିଆ-ହେ ।—*v.t.* ନତ କରାଇବାର ।

**Croup**, *n.* ଶ୍ୱାସନଳୀର କଷ୍ଟ ଶ୍ୱାସ ଓ କାଶଯୁକ୍ତ ରୋଗ ।

**Croup**, *n.* ପିଛ ।

**Crow**, *n.* 1. କାଉ, କୁଆ, କାକ, ବାୟସ; 2. ଗଞ୍ଜାର ଡାକ; 3. ଶାବଳ ।—as the crow flies, ଠିକ୍ ସିଧା ବାଟରେ । to have a crow to pluck, କୌଣସି ଦୋଷ ଧରିବାକୁ ପଡ଼ିବାର, ଅରୁଚିକର କଥା ନିଷ୍ପତ୍ତି କରିବାକୁ ପଡ଼ିବାର ।—*v.i.* 1. ଗଞ୍ଜାପରି ଡାକିବାର; 2. ଦମ୍ଭ-କ, ବଡ଼ାଇ-କ; 3. ଶିଶୁର ଆନନ୍ଦସୂଚକ ଶବ୍ଦ-କ ।

**Crowbar**, *n.* ଶାବଳ ।

**Crowd**, *n.* 1. ଭିଡ଼, ଜନତା, ଲୋକାରଣ୍ୟ, ଲୋକଗହଳ, ଗହଳ; 2. ଲୋକସମୂହ, ଇତର ଲୋକସମୂହ ।—*v.t.* 1. ଠେସାଠେସି କରି ପୂର୍ଣ୍ଣ-କ, ଭିଡ଼-କ; 2. ଠେସାଠେସି ପୂରାଇବାର; 3. ଠେସାଠେସି-କ, ଠେଲାଠେଲି-କ ।—*v.i.* 1. ଭିଡ଼-ହେ, ଠେସାଠେସି-ହେ; 2. ଠେଲାଠେଲି-କ ।

**Crowded**, *p.a.* ଲୋକଗହଳପୂର୍ଣ୍ଣ, ପୂର୍ଣ୍ଣ ।

**Crown**, *n.* 1. ମସ୍ତକର ପୁଷ୍ପହାର, ଶୀର୍ଷମାଳା; 2. କିରୀଟ, ମୁକୁଟ; 3. ରାଜକୀୟ କ୍ଷମତା, ରାଜପଦ; 4. ରାଜା, ରାଣୀ; 5. ପୁରସ୍କାର, ଭୂଷଣ, ସମ୍ମାନ; 6. ସିଦ୍ଧି; 7. ଚୂଡ଼ା, ଶିଖା; 8. ବ୍ରହ୍ମତାଳୁକା, ମସ୍ତକ; 9. ଟୋପିର ଉପର ଭାଗ; 10. ରୌପ୍ୟ ମୁଦ୍ରା ବିଶେଷ ।—*v.t.* 1. ମୁକୁଟ ଦ୍ୱାରା ରାଜ୍ୟାଭିଷେକ-କ; 2. ମସ୍ତକର ପୁଷ୍ପହାରରେ ଭୂଷିତ-କ, ମୁକୁଟରେ ଭୂଷିତ-କ, ମୁକୁଟମଣ୍ଡିତ-କ; 3. ସୁଶୋଭିତ-କ; 4. ସଫଳ-କ, ସମ୍ମାନ-ଦେ; 5. ପରିପୂର୍ଣ୍ଣ-କ, ସମ୍ପୂର୍ଣ୍ଣ-କ, ସିଦ୍ଧ-କ, ସମାପ୍ତ-କ ।

**Crowned**, *p.a.* 1. ମୁକୁଟମଣ୍ଡିତ, ମୁକୁଟଭୂଷିତ, ରାଜତ୍ୱପ୍ରାପ୍ତ; 2. ମସ୍ତକରେ ଶିଖାଯୁକ୍ତ ।

**Crown-glass**, *n.* ଝିଟକର ଉତ୍ତମ ଆଇନା ।

**Crowning**, *p.a.* ପରମ, ଚୂଡ଼ାନ୍ତ, ପ୍ରଧାନ, ଶ୍ରେଷ୍ଠ ।

**Crownless**, *a.* ମୁକୁଟହୀନ, ମୁକୁଟରହିତ ।

**Crown-prince**, *n.* ଯୁବରାଜ ।

**Crow-quill**, *n.* କାଉ ପକ୍ଷର କଲମ ।

**Crow's-feet**, *n. pl.* ବୃଦ୍ଧାବସ୍ଥା ହେତୁ ଅକ୍ଷି ଚାରିଆଡ଼େ ଥିବା କୋଳିତ ମାଂସ ।

**Crozier**, see Crosier.

**Crucial**, *a.* 1. କ୍ରୁଶାକୃତି; 2. ତୀବ୍ର, କଠୋର, ମର୍ମଭେଦୀ; 3. ନିଷ୍ପତ୍ତିକାରୀ, ସନ୍ଦେହଭଞ୍ଜକ ।

**Crucible**, *n.* 1. କୋଇ; 2. କଠୋର ପରୀକ୍ଷା ।

**Crucifix**, *n.* ଖ୍ରୀଷ୍ଟଙ୍କ କ୍ରୁଶାହତ ମୂର୍ତ୍ତିଯୁକ୍ତ କ୍ରୁଶ ।

**Crucifixion**, *n.* 1. କ୍ରୁଶରେ ବଦ୍ଧକରଣ, କ୍ରୁଶରେ ହତକରଣ; 2. କ୍ରୁଶ ଉପରେ ମରଣ, ଖ୍ରୀଷ୍ଟଙ୍କର ମୃତ୍ୟୁ; 3. ତୀବ୍ର ମନୋବେଦନା ।

**Cruciform**, *a.* କ୍ରୁଶାକୃତି ।

**Crucify**, *v.t.* 1. କ୍ରୁଶରେ ବଦ୍ଧ-କ, କ୍ରୁଶରେ ହତ-କ; 2. ଦମନ-କ, ପରାଜୟ-କ, ବିନାଶ-କ, ଯନ୍ତ୍ରଣା-ଦେ ।

**Crude,** *a.* 1. କଞ୍ଚା, ଅପକ୍ୱ, ଅପରିପକ୍ୱ ; 2. ଅପରିଶୁଦ୍ଧ; 3. ଅସମ୍ପୂର୍ଣ୍ଣ ; 4. ଅବିବେଚିତ, ଅପଟୁ ।

**Crudely,** *ad.* ଅବିବେଚିତରୂପେ, ଅପଟୁରୂପେ, ଅଯତ୍ନପୂର୍ବକ ।

**Crudeness, crudity,** *n.* 1. କଞ୍ଚା ଅବସ୍ଥା, ଅପକ୍ୱତା ; 2. ଅପରିପକ୍ୱତା, ଅସମ୍ପୂର୍ଣ୍ଣତା; 3. ଅବିବେଚିତ ବିଷୟ ।

**Cruel,** *a.* 1. କ୍ରୂର, ନିର୍ଦ୍ଦୟ, ନିଷ୍ଠୁର ; 2. ଯନ୍ତ୍ରଣାଦାୟକ, କ୍ଳେଶଦାୟକ ।

**Cruelly,** *ad.* 1. କ୍ରୂରରୂପେ, ନିର୍ଦ୍ଦୟରୂପେ, ନିଷ୍ଠୁରରୂପେ; 2. ଯନ୍ତ୍ରଣାଦାୟକରୂପେ, ଅତିଶୟ ।

**Cruelty,** *n.* 1. କ୍ରୂରତା, ନିର୍ଦ୍ଦୟତା, ନିଷ୍ଠୁରତା, ନୃଶଂସତା; 2. ଅକାରଣରେ ଯନ୍ତ୍ରଣାଦାନ, ପୀଡ଼ନ, ନିଷ୍ଠୁରକାର୍ଯ୍ୟ ।

**Cruet,** *n.* ଶିର୍କା ଆଦି ରଖିବା ଶିଶି ।

**Cruet-stand,** *n.* ପୂର୍ବୋକ୍ତ ଶିଶିସବୁର ବୈଠକ ।

**Cruise,** *v.i.* ଜାହାଜରେ ଏଣେତେଣେ ଭ୍ରମଣ-କ, ଶତ୍ରୁର ଜାହାଜମାନ ଆକ୍ରମଣାର୍ଥେ ସମୁଦ୍ରଭ୍ରମଣ-କ, ଲୁଟ ନିମନ୍ତେ ସମୁଦ୍ରଭ୍ରମଣ-କ ।—*n.* ଜାହାଜରେ ଏଣେତେଣେ ଭ୍ରମଣ, ଶତ୍ରୁର ଜାହାଜମାନଙ୍କର ଅନ୍ୱେଷଣାର୍ଥେ ସମୁଦ୍ରଭ୍ରମଣ, ଲୁଣ୍ଠ ନିମନ୍ତେ ସମୁଦ୍ରଭ୍ରମଣ ।

**Cruiser,** *n.* 1. ସମୁଦ୍ରଭ୍ରମଣକାରୀ ଲୋକ ବା ଜାହାଜ; 2. ବାଣିଜ୍ୟ ରକ୍ଷାର୍ଥେ ବା ଲୁଟ କରିବା ନିମନ୍ତେ ଶୀଘ୍ରଗାମୀ ଯୁଦ୍ଧଜାହାଜ ।

**Crumb, crum,** *n.* 1. ଟୁକୁରା, ଖାଦ୍ୟଖଣ୍ଡ, ଗୁଣ୍ଡା; 2. ପୂର, ରୋଟିର କୋମଳାଂଶ ।—*v.t.* 1. ଟୁକୁରା-କ, ଖଣ୍ଡ -କ; 2. ରୋଟିର ପୂରରେ ଘୋଡ଼ାଇବାର ।

**Crumble,** *v.t.* ଟୁକୁରା-କ, ଟିକି-କ, ଗୁଣ୍ଡା-କ ।—*v.i.* 1. ଟୁକୁରା-ହେ, ଖଣ୍ଡ-ହେ ; 2. ଧ୍ୱଂସ-ହେ, ନଷ୍ଟ-ହେ, ଜୀର୍ଣ୍ଣ-ହେ ।

**Crumbly,** *a.* ଭଙ୍ଗୁର, ଚୂର୍ଣ୍ଣନୀୟ ।

**Crumby, crummy,** *a.* 1. ଟୁକୁରା, ଗୁଣ୍ଡାପୂର୍ଣ୍ଣ ; 2. ପୂରମୟ ।

**Crumple,** *v.t.* ଚୁନଟ-କ, କୁଞ୍ଚିବାର, କୋଙ୍କଡ଼ା-କ, ଅଡୁଆଡଡୁଆ-କ ।—*v.i.* ଚୁନଟ-ହେ, କୁଞ୍ଚକୁଞ୍ଚିଆ-ହେ, ଅଡୁଆଡଡୁଆ-ହେ ।

**Crumpled,** *p.a.* 1. ଚୁନଟ୍‌କୃତ, ଅଡୁଆଡଡୁଆ ; 2. ମୋଡ଼ମୋଡ଼ିଆ ।

**Crunch,** *v.t.* ଦାନ୍ତରେ ରଗଡ଼ିବାର, ଦାନ୍ତରେ ଚୋବାଇବାର ।

**Crupper,** *n.* ଘୋଡ଼ାଜିନର ଦୁମ୍‌ଚି ।

**Crural,** *a.* ପାଦସମ୍ବନ୍ଧୀୟ, ପଦାକୃତ, ମୂଳାକୃତ ।

**Crusade,** *n.* 1. ମହମ୍ମଦୀୟମାନଙ୍କ ହସ୍ତରୁ ଯିରୂଶାଲମ ନଗର ଉଦ୍ଧାରାର୍ଥେ ପୂର୍ବକାଳୀନ ୟୁରୋପୀୟ ଖ୍ରୀଷ୍ଟିୟାନମାନଙ୍କର ଧର୍ମଯୁଦ୍ଧ ; 2. ଅଦ୍ଭୁତ ବା ଉତ୍ସାହଉଦ୍ଦୀପକ ଚେଷ୍ଟା ।—*v.i.* 1. ଉପରୋକ୍ତ ଧର୍ମଯୁଦ୍ଧ-କ ; 2. ଉତ୍ସାହଉଦ୍ଦୀପକ ଚେଷ୍ଟାରେ ପ୍ରବୃତ୍ତ-ହେ, ଉତ୍ସାହପୂର୍ବକ କୌଣସି ବିଷୟର ସହାୟତା ବା ପ୍ରତିବାଧା-କ ।

**Cruse,** *n.* ଶିଶି ।

**Cruset,** *n.* ସୁନାରର କୋଇ ।

**Crush,** *v.t.* 1. ଦଳାମଳା-କ, ଦଳନ-କ, ଚିପିବାର, ଚେପ୍ଟା-କ ; 2. ମର୍ଦ୍ଦନ-କ, ପେଷଣ-କ, କୁଟିବାର ; 3. ଦମନ-କ, ଜୟ-କ, ଭୂମିସାତ୍-କ ; 4. ଠେସାଠେସି-କ ।—*v.i.* ଦଳିତ-ହେ, ଭାଙ୍ଗି-ଯି ।—*n.* 1. ଦଳାମଳା, ଦଳନ ; 2. ଠେସାଠେସି, ଠେଲାଠେଲି, ଭିଡ଼ ।

**Crushing,** *p.a.* ପ୍ରବଳ, ଘୋର, ଉଚ୍ଛନ୍ନକାରୀ ।

**Crust,** *n.* 1. ଖୋଳପା, ଛଲିକା ; 2. ଗାଛ ବକଳ; 3. ରୋଟିର ଖୋଳପା ।—crust of the earth, ପୃଥିବୀ ଉପରର କଠିନ ଭାଗ ।—*v.t.* ଖୋଳପାଯୁକ୍ତ-କ ।—*v.i.* ଖୋଳପା ବାନ୍ଧିବାର, ଖୋଳପାଯୁକ୍ତ-ହେ ।

**Crustacea,** *n. pl.* ଖୋଳପାବିଶିଷ୍ଟ ଓ ଗଣ୍ଠିଯୁକ୍ତ ଜନ୍ତୁଶ୍ରେଣୀ, ବର୍ମ୍ମଧର ।

**Crustacean,** *n.* ଖୋଳପାବିଶିଷ୍ଟ ଜନ୍ତୁ ।—*a.* ଖୋଳପାବିଶିଷ୍ଟ ଜନ୍ତୁଶ୍ରେଣୀ ସମ୍ବନ୍ଧୀୟ ।

**Crustaceous,** *a.* 1. ଖୋଳପାବିଶିଷ୍ଟ, ଖୋଳପାବିଶିଷ୍ଟ ଜନ୍ତୁଶ୍ରେଣୀ ସମ୍ବନ୍ଧୀୟ, ବର୍ମ୍ମସମ୍ବନ୍ଧୀୟ ; 2. ଖୋଳପାସମ୍ବନ୍ଧୀୟ, ଖୋଳପାବତ୍ ।

**Crustation,** *n.* ଖୋଳପା, (ଗାଛ) ବକଳ ।

**Crustily,** *ad.* କର୍କଶଭାବରେ, ଚିଡ଼ଚିଡ଼ାରୂପେ, କଟୁତାପୂର୍ବକ ।

**Crustiness,** *n.* କର୍କଶତା, କଠିନତା, ଉଗ୍ରତା, ରୁକ୍ଷତା, ଚିଡ଼ଚିଡ଼ାମୀ ।

**Crusty,** *a.* 1. ଖୋଳପାଯୁକ୍ତ, ଖୋଳପାପରି, ଖୋଳପାସମ୍ବନ୍ଧୀୟ ; 2. କର୍କଶ, କଠିନ, ରୁକ୍ଷ, ଚିଡ଼ଚିଡ଼ା ।

**Crutch,** *n.* 1. ପଙ୍ଗୁ ବ୍ୟକ୍ତିର ଚଳନାର୍ଥେ ଯଷ୍ଟି; 2. ଆଲମ୍ବ ।—*v.t.* ଅବଷ୍ଟମ୍ଭକର ଉପାୟରେ ଅବଲମ୍ବନ-କ ।

**Crux,** *n.* ଅତିବ୍ୟସ୍ତକାରୀ ଦୁର୍ଜ୍ଞେୟ ବିଷୟ ।

**Cry,** *v.i.* 1. ଉଚ୍ଚ ଶବ୍ଦ-କ, ଡାକ ଛାଡ଼ିବାର, ଚିତ୍କାର-କ, ଆର୍ତ୍ତନାଦ-କ, ଜୟନାଦ-କ, ବଡ ପାଟି କରିବାର ; 2. ରୋଦନ-କ, କ୍ରନ୍ଦନ-କ, କାନ୍ଦିବାର, ଅଶ୍ରୁପାତ-କ ।—*v.t.* ଘୋଷଣା-କ, ପ୍ରଚାର-କ, ଉଚ୍ଚସ୍ୱରରେ ଜଣାଇବାର, ଢେଣ୍ଡେରା ଦ୍ୱାରା ଜଣାଇବାର ।—to cry down, ନିନ୍ଦା-କ, ଦୁର୍ନାମ-କ, ଅପମାନ-କ । to cry out, ଡାକ ପକାଇବାର । to cry out against, ତୀବ୍ର ଅସନ୍ତୋଷ ପ୍ରକାଶ କ, ବିରୁଦ୍ଧରେ ଦୃଢ଼ରୂପେ କହିବାର, ଭର୍ତ୍ସନା-କ । to cry up, ପ୍ରଶଂସା-କ ।—*n.* ଉଚ୍ଚ ଶବ୍ଦ, ଚିତ୍କାର, ନାଦ, ଆର୍ତ୍ତନାଦ, ଜୟନାଦ, ଡାକ ; 2. କ୍ରନ୍ଦନ, ବିଳାପ ; 3. ଘୋଷଣା ; 4. ଜନରବ ; 5. କୁକୁରର ପଲ; 6. (in contempt), ଦଳ ; 7. ସକଳମତବର୍ଜିତ ଅଭିପ୍ରାୟରେ ବ୍ୟବହୃତ ସାମ୍ପ୍ରଦାୟିକ ବିଶେଷ କଥା ; 8. ଦାବି ।

**Crying,** *p.a.* ପ୍ରତିକାରପ୍ରାର୍ଥୀକ, ପ୍ରତିଫଳ ବା ଦଣ୍ଡପ୍ରାର୍ଥୀକ, ଅତ୍ୟାବଶ୍ୟକ, ଗୁରୁତର, ପ୍ରକଟ, ଅତି ବଡ ।

**Crypt,** *n.* 1. ଭୂମଧ୍ୟସ୍ଥ ସମାଧୀ କୋଠରୀ ; 2. କେତେକ ଗୀର୍ଜାଘର ତଳେ ଥିବା କୋଠରୀ ।

**Cryptic, cryptical,** *a.* ଗୁପ୍ତ, ଗୂଢ଼ ।

**Cryptogram, cryptograph,** *n.* ଗୁପ୍ତାକ୍ଷର ଲିଖନ ।

**Cryptographic, cryptographical,** *a.* ଗୁପ୍ତାକ୍ଷରରେ ଲିଖିତ, ଗୁପ୍ତାକ୍ଷର ଲିଖନବିଦ୍ୟାସମ୍ବନ୍ଧୀୟ ।

Cryptography, *n.* ଗୁପ୍ତାକ୍ଷର ଲିଖନବିଦ୍ୟା ।
Cryptology, *n.* ଗୁପ୍ତଭାଷା, ପ୍ରହେଳିକାଯୁକ୍ତ ଭାଷା ।
Cryptonym, *n.* ଗୁପ୍ତ ନାମ ।
Crystal, *n.* 1. ସ୍ଫଟିକ, ସ୍ଫଟିକବତ୍ ଦ୍ରବ୍ୟ, ବହ୍ଲୋର, ବହ୍ଲୋର ନିର୍ମିତ ଦ୍ରବ୍ୟ; 2. ନାନା କୋଣବିଶିଷ୍ଟ ଧାତୁଦ୍ରବ୍ୟ ବା ଆକୃତି; 3. ଘଡି ମୁହଁର ଆଇନା — *a.* ସ୍ଫଟିକମୟ, ସ୍ଫଟିକବତ୍, ସ୍ୱଚ୍ଛ, ନିର୍ମଳ ।
Crystaline, *a.* ସ୍ଫଟିକମୟ, ସ୍ଫଟିକବତ୍, ସ୍ୱଚ୍ଛ, ନିର୍ମଳ ।— crystaline lens, ଚକ୍ଷୁର ସ୍ୱଚ୍ଛାଂଶ ।
Crystalization, *n.* ନାନା କୋଣବିଶିଷ୍ଟ ଧାତୁରେ ବା ଆକୃତିରେ ପରିଣତକରଣ ।
Crystalize, *v.t.* ସ୍ଫଟିକବତ୍-କ, ନାନା କୋଣବିଶିଷ୍ଟ ଧାତୁରେ ବା ଆକୃତିରେ ପରିଣତ-କ ।—*v.i.* ସ୍ଫଟିକାକୃତି -ହେ, ନାନା କୋଣବିଶିଷ୍ଟ ଘନ ପଦାର୍ଥରେ ପରିଣତ-ହେ ।
Cub, *n.* 1. କୌଣସି ପଶୁର ଛୁଆ, ଶାବକ; 2. (in contempt), ଟୋକା ।—*v.i.* ଛୁଆ ଜନ୍ମ-କ ।
Cubature, *n.* ଘନ ଚତୁଷ୍କୋଣ ବସ୍ତୁର ପରିମାଣକରଣ ।
Cube, *n.* 1. ଘନ ଚତୁଷ୍କୋଣ ବସ୍ତୁ, ଘନକ୍ଷେତ୍ର; 2. ଘନଫଳ, ଏକ ରାଶିକୁ ସେହି ରାଶି ଦ୍ୱାରା ଦୁଇ ଥର ଗୁଣିଲେ ଯେଉଁ ଫଳ ହୁଏ, ଯଥା,—୨ × ୨ × ୨ = ୮ ।—cube root, ଘନମୂଳ, ଯେଉଁ ରାଶି ଆପଣା ଦ୍ୱାରା ଦୁଇ ଥର ଗୁଣିତ ହୁଏ ସେହି ରାଶି ସେହି ଗୁଣଫଳର ଘନମୂଳ, ଯେପରି ୮ ର ଘନମୂଳ ୨ ।—*v.t.* ଘନଫଳ-କ ।
Cubeb, *n.* କବାବଚିନି ।
Cubic, cubical, *a.* 1. ଘନ ଚତୁଷ୍କୋଣ ବସ୍ତୁସମ୍ବନ୍ଧୀୟ, ଘନ ଚତୁଷ୍କୋଣ ବସ୍ତୁର ଆକୃତିବିଶିଷ୍ଟ, ଘନାକାର; 2. ଘନଫଳସମ୍ବନ୍ଧୀୟ ।
Cubically, *ad.* 1. ଘନାକାରରେ; 2. ଘନଫଳମତେ ।
Cubicle, *n.* ଶୋଇବା କୋଠରି, ଶୋଇବା ସ୍ଥାନ ।
Cubiform, *a.* ଘନାକାର ।
Cubit, *n.* ଏକ ହସ୍ତ ପରିମାଣ, ହାତେ, ଅର୍ଦ୍ଧ ଗଜ ।
Cuboid, cuboidal, *a.* ଘନ ଚତୁଷ୍କୋଣ ବସ୍ତୁସଦୃଶ, ଘନକ୍ଷେତ୍ରାକୃତି ।
Cuckold, *n.* ବ୍ୟଭିଚାରିଣୀର ସ୍ୱାମୀ । [କୋକିଳ, ପିକ ।
Cuckoo, *n.* (the Indian variety), କୋଇଲି,
Cucumber, *n.* କାକୁଡି, କର୍କଟୀ ।
Cucurbit, *n.* ଚୁଆଇବା ନିମନ୍ତେ ଲାଉର ଆକୃତିଯୁକ୍ତ ରାସାୟନିକ ପାତ୍ର ।
Cucurbital, *a.* କାକୁଡି ଜାତିସମ୍ବନ୍ଧୀୟ ।
Cud, *n.* ପାକୁଳି କରିବା ପାଇଁ ଗିଳିଥିବା ଘାସ, ଗିଳିଲେ ଘାସ, ସେମନ୍ତ ନିମନ୍ତେ ଉଦ୍ଗାରିତ ଘାସ ଆଦି ।—to chew the cud, 1. ପାକୁଳି-କ; 2. ଧ୍ୟାନ-କ, ଚିନ୍ତା-କ ।
Cuddle, *v.i.* କୋଳାକୋଳି-କ, କୋଳାକୋଳି ହୋଇ ଶୟନ-କ ।—*v.t.* କୋଳ-କ, ଆଲିଙ୍ଗନ-କ, ସୁଆଗ-କ, ଚୋକ୍ଟା-କ ।—*n.* କୋଳାକୋଳି, ଆଲିଙ୍ଗନ ।
Cuddy, *n.* କୌଣସି ଜାହାଜର ପଶ୍ଚାଦ୍ଭାଗସ୍ଥ କୋଠରି ।
Cuddy, *n.* ଗଧ ।
Cudgel, *n.* ଠେଙ୍ଗା, ଗଦା, ଯଷ୍ଟି, ଲାଠି ।—to take up the cudgels, କୌଣସି ବ୍ୟକ୍ତି ବା ବିଷୟର ସପକ୍ଷରେ ସାହସପୂର୍ବକ ଛିଡ଼ା-ହେ, ବିବାଦରେ ଯୋଗ-ଦେ ।—*v.t.* ଠେଙ୍ଗାରେ ମାରିବାର, ପିଟିବାର ।
Cue, *n.* 1. ଅଭିନେତୃମାନଙ୍କର ଶେଷ କଥା, ଇଶାରା, ଠାର, ଇଙ୍ଗିତ, ସଙ୍କେତ ବାକ୍ୟ; 2. ଅଭିନେତବ୍ୟ ଅଂଶ; 3. ଖିଆଲ, ପ୍ରକୃତି, ଭାବ, ମିଜାଜ ।
Cue, *n.* 1. ବେଣୀ, ଜଟ; 2. ଏଣ୍ଡୁଖେଳାର ବାଡି ।—*v.t.* ଜଟ ବାନ୍ଧିବାର ।
Cuff, *n.* ଚଟକଣା, ଚାପୁଡ଼ା, ଥାପଡ଼, ପିଟା ।—*v.t.* ଚାପୁଡ଼ା ମାରିବାର, ପିଟିବାର, ବିଧା ମାରିବାର, ନଖ ବା ଡେଣାରେ ଆଘାତ-କ ।—*v.i.* ଲଢାଇ-କ, ମାରାମାରି-କ ।
Cuff, *n.* ଆସ୍ତିନର ଅଗ୍ରଭାଗ, କଫ୍ ।
Cuirass, *n.* ବକ୍ଷର ସାଞ୍ଜୁଆ, ଉରସ୍ତ୍ରାଣ, କବଚ, ବୁକପଟା ।
Cuirassier, *n.* ବୁକପଟାପିନ୍ଧା ସୈନ୍ୟ ।
Cuish, cuisse, *n.* ଜଙ୍ଘର ସାଞ୍ଜୁଆ ।
Cuisine, *n.* 1. ରନ୍ଧନଶାଳା, ରନ୍ଧନବିଭାଗ; 2. ରନ୍ଧନପ୍ରଣାଳୀ, ରାନ୍ଧିବା ଢଙ୍ଗ, ରନ୍ଧା ପଦାର୍ଥ ସବୁ ।
Cul-de-sac, *n.* 1. ବନ୍ଦଗଳି; 2. ଏକ ମୁହାଁ ଥଳିପରି ପଦାର୍ଥ; 3. ଶତ୍ରୁଦ୍ୱାରା ତିନି ଆଡ଼ରୁ ଘେରା ସୈନ୍ୟଦଳର ଅବସ୍ଥିତି; 4. ଅନିଷ୍ପତ୍ତିକ ଯୁକ୍ତି ।
Culinary, *a.* ରନ୍ଧନଶାଳାସମ୍ବନ୍ଧୀୟ, ପାକବିଦ୍ୟାସମ୍ବନ୍ଧୀୟ, ରନ୍ଧନଶାଳାରେ ବ୍ୟବହୃତ ।
Cull, *v.t.* ବାଛି-ନେ, ପସନ୍ଦ-କ, ମନୋନୀତ-କ, ସଂଗ୍ରହ-କ ।
Cullender, *n.* see Colander.
Cullion, *n.* ଅଧମ ଲୋକ, ପାଜି ଲୋକ ।
Cully, *v.t.* ପ୍ରବଞ୍ଚନା-କ, ଠକାଇବାର ।—*n.* ସହଜରେ ପ୍ରବଞ୍ଚିତ ଲୋକ ।
Culm, *n.* ତୃଣାଦିର ଡେମ୍ଫ, ବୃନ୍ତ ।
Culm, *n.* ଅପରିଷ୍କୃତ ଗୁଣ୍ଡ କୋଇଲା ବିଶେଷ ।
Culmen, *n.* ଚୂଡା, ଶିଖା ।
Culminate, *v.i.* ମାଧ୍ୟାହ୍ନିକ ରେଖା ପ୍ରାପ୍ତ-ହେ, ଗ୍ରହାଦି ସର୍ବୋଚ୍ଚ ସ୍ଥାନସ୍ଥ-ହେ, ଊର୍ଦ୍ଧ୍ୱସ୍ଥାନ ପ୍ରାପ୍ତ-ହେ, ସର୍ବୋଚ୍ଚ ପଦ କ୍ଷମତା ଆଦି ପାଇବାର ।
Culmination, *n.* 1. ଗ୍ରହାଦିର ମାଧ୍ୟାହ୍ନିକ ରେଖାପ୍ରାପ୍ତି, ସର୍ବୋଚ୍ଚ ସ୍ଥାନପ୍ରାପ୍ତି; 2. ଉନ୍ନତିର ଚୂଡ଼ାନ୍ତ ସୀମା, ଚୂଡ଼ାନ୍ତ, ପରାକାଷ୍ଠା ।
Culpability, culpableness, *n.* ଭର୍ତ୍ସନୀୟତା, ଦୋଷାର୍ହତା, ସଦୋଷତା, ଦୋଷଗ୍ରସ୍ତତା, ଦୋଷଯୁକ୍ତତା, ଅପରାଧିତା ।
Culpable, *a.* ଭର୍ତ୍ସନୀୟ, ଦୋଷାର୍ହ, ଦୋଷଯୁକ୍ତ, ଦୋଷଯୋଗ୍ୟ, ସଦୋଷ, ମନ୍ଦ, ପାପିଷ୍ଠ, ଅପରାଧୀ ।
Culpably, *ad.* ଭର୍ତ୍ସନୀୟରୂପେ, ଦୂଷଣୀୟରୂପେ ।
Culpatory, *a.* ଭର୍ତ୍ସନାସୂଚକ, ନିନ୍ଦାଯୁକ୍ତ, ଦୋଷାରୋପକ ।
Culprit, *n.* ଅଭିଯୁକ୍ତ ବ୍ୟକ୍ତି, ଦୋଷୀ, ଅପରାଧୀ ।
Cult, *n.* 1. ଉପାସନା, ଆରାଧନା; 2. ଧର୍ମମତ, ଧର୍ମକ୍ରିୟା; 3. ବିଶେଷ ଅଧ୍ୟୟନର ବିଷୟ ।

**Cultivable, cultivatable,** *a.* କୃଷିଯୋଗ୍ୟ ।

**Cultivate,** *v.t.* 1. ଚାଷ-କ, କୃଷିକର୍ମ-କ, ଅବାଦ-କ ; 2. ଯତ୍ନ ପରିଶ୍ରମ ଶିକ୍ଷା ବା ଅଭ୍ୟାସ ଦ୍ୱାରା ଉନ୍ନତ-କ, ଉନ୍ନତ ନିମନ୍ତେ ଚେଷ୍ଟା-କ, ସୁସଭ୍ୟ-କ; 3. ଅଭ୍ୟାସ-କ, ଅନୁଶୀଳନ-କ; 4. ପୋଷଣ-କ, ଅନୁକୂଳଭାବ ଜନ୍ମାଇବାକୁ ଚେଷ୍ଟା-କ ।

**Cultivation,** *n.* 1. ଚାଷ, କୃଷିକର୍ମ; 2. ଅଭ୍ୟାସ, ଅନୁଶୀଳନ, ଅଧ୍ୟୟନ; 3. ଉନ୍ନତି, ଉତ୍କର୍ଷ, ସଭ୍ୟତା ; 4. ପୋଷଣ ।

**Cultivator,** *n.* 1. ଚଷା, କୃଷକ; 2. ଚାଷର ଯନ୍ତ୍ରବିଶେଷ ।

**Culture,** *n.* 1. ଚାଷ, କର୍ଷଣ ; 2. ବର୍ଦ୍ଧନ, ପାଳନ ; 3. ଉତ୍କର୍ଷସାଧନ, ଶିକ୍ଷା, ବିଦ୍ୟାଭ୍ୟାସ, ଉନ୍ନତି, ସଭ୍ୟତା, ସୂକ୍ଷ୍ମତା ।—*v.t.* ଶିକ୍ଷା-ଦେ, ଉନ୍ନତ-କ ।

**Cultured,** *p a.* ଶିକ୍ଷିତ, ସଭ୍ୟ, ସୁରୁଚିବିଶିଷ୍ଟ ।

**Cultus,** *n.* ଧର୍ମମତ ।

**Culverin,** *n.* ପୁରାତନ କାଳର ତୋପବିଶେଷ ।

**Culvert,** *n.* ଖିଲାଣବିଶିଷ୍ଟ ପୟୋନାଳୀ ।

**Cumber,** *v.t.* 1. ବାଧା-ଦେ, ରୋଧ-କ, ଝଞ୍ଜଟରେ ପକାଇବାର ; 2. ଭାରାକ୍ରାନ୍ତ-କ, ବ୍ୟସ୍ତ-କ ।—*n.* 1. ବାଧା, ଭାର, ଭାରୀଦ୍ରବ୍ୟର ସଞ୍ଚୟ ; 2. ବ୍ୟସ୍ତତା ।

**Cumberless,** *a.* ଚିନ୍ତାରହିତ, ବ୍ୟସ୍ତତାରହିତ, କ୍ଲେଶରହିତ, ଭାରରହିତ ।

**Cumbersome,** *a.* 1. କଷ୍ଟଦାୟକ, ବ୍ୟସ୍ତତାଜନକ, ବ୍ୟସ୍ତକାରୀ; 2, ଭାରୀ, ଅସାଧ୍ୟ ।

**Cumbrance,** *n.* ବାଧା, ଭାର, ପ୍ରତିବନ୍ଧକ ।

**Cumbrous,** *a.* 1. ଭାରୀ, ଦୁର୍ବହ; 2. କଷ୍ଟଦାୟକ, କଷ୍ଟକର, କ୍ଲେଶକର ।

**Cumin, cummin,** *n.* ଜୀରା, ଜୀରକ ।

**Cumulate,** *v.t.* ଗଦା-କ, ରାଶୀକୃତ କ, ସଞ୍ଚୟ-କ ।

**Cumulation,** *n.* ଗଦାକରଣ, ଗଦା, ସଞ୍ଚୟ ।

**Cumulative,** *a.* 1. ରାଶୀକୃତ; 2. ସଞ୍ଚୟଦ୍ୱାରା ବର୍ଦ୍ଧନଶୀଳ, ବର୍ଦ୍ଧନଶୀଳ ।

**Cumulus,** *n.* pl. cumuli, ସ୍ତୂପାକୃତ ମେଘ ।

**Cuneal, cuneate, cuniform,** *a.* କୀଲାକୃତ ।

**Cunning,** *a.* ଚତୁର, ଧୂର୍ତ୍ତ, ସିଆଣା, ଖଳ ।—*n.* ଚତୁରତା, ଧୂର୍ତ୍ତତା, ଖଳତା । [ରୂପେ ।

**Cunningly,** *ad.* ଚତୁରରୂପେ, ଧୂର୍ତ୍ତତାପୂର୍ବକ, ନିପୁଣ-

**Cup,** *n.* 1. ପିଆଲା, ପାନପାତ୍ର ବିଶେଷ, ଗିନିଅ ; 2. ପୁରସ୍କାରାର୍ଥେ ଅଲଙ୍କୃତ ପାନପାତ୍ର ବିଶେଷ ; 3. ପିଆଲାର ପରିମାଣ ; 4. ରକ୍ତମୋକ୍ଷଣ ପାତ୍ର ; 5. ପିଆଲାପର ଫମ୍ପା ପଦାର୍ଥ ।—in one's cups, ମତ୍ତ ।—*v.t.* ରକ୍ତମୋକ୍ଷଣ ପାତ୍ର ଦ୍ୱାରା ରକ୍ତ କାଢିବାର, ଶିଙ୍ଗା ବସାଇବାର ।

**Cup-bearer,** *n.* ପାନପାତ୍ରବାହକ ।

**Cupboard,** *n.* *ku'-berd,* ବାସନାଦି ରଖିବା ଅଲମାରି ।

**Cupel,** *n.* ସୁନାଦି ଧାତୁ ନିର୍ମଳ କରିବା ନିମନ୍ତେ ସାନ ପାତ୍ର ବିଶେଷ ।

**Cupelation,** *n.* ପୂର୍ବୋକ୍ତ ପାତ୍ରରେ ସୁନାଦି ଧାତୁର ଶୋଧନପ୍ରକ୍ରିୟା ।

**Cupful,** *n.* ପିଆଲାର ପରିମାଣ ।

**Cupid,** *n.* 1. କାମଦେବ, କନ୍ଦର୍ପ, ମଦନ, ଅନଙ୍ଗ ; 2. କାମଦେବର ମୂର୍ତ୍ତି ; 3. ପ୍ରେମ ।

**Cupidity,** *n.* 1. ଲୋଭ, ଲାଳସା ; 2. କାମୁକତା ।

**Cupola,** *n.* 1. ଗୁମ୍ବଜ ; 2. ଛାତିର ଗୁମ୍ବଜ, ଘଣ୍ଟୀ ।

**Cupping,** *n.* ପାତ୍ରବିଶେଷ ଦ୍ୱାରା ରକ୍ତମୋକ୍ଷଣ ।

**Cupping-glass,** *n.* ରକ୍ତମୋକ୍ଷଣର କାଚପାତ୍ର ।

**Cupreous,** *a.* ତାମ୍ରମୟ, ତାମ୍ରଯୁକ୍ତ, ତାମ୍ରବତ୍ ।

**Cupric, cuprous,** *a.* ତାମ୍ରସମ୍ବନ୍ଧୀୟ ।

**Cupriferous,** *a.* ତାମ୍ରୋତ୍ପାଦକ ।

**Cur,** *n.* 1. ସାମାନ୍ୟ କୁକ୍କୁର, ଦୋବରଗା କୁକ୍କୁର; 2. ନୀଚ ଲୋକ, ତୁଚ୍ଛ ବ୍ୟକ୍ତି । [କାର୍ଯ୍ୟତା ।

**Curability,** *n.* ଚିକିତ୍ସ୍ୟତା, ଆରୋଗ୍ୟଯୋଗ୍ୟତା, ପ୍ରତି-

**Curable,** *a.* ଚିକିତ୍ସ୍ୟ, ପ୍ରତିକାର୍ଯ୍ୟ, ଉପଶାମ୍ୟ, ଆରୋଗ୍ୟଯୋଗ୍ୟ । [ପଦ ।

**Curacy, curateship,** *n.* ଧର୍ମଯାଜକର ସହକାରୀର

**Curate,** *n.* (ପାରମାର୍ଥିକ ତତ୍ତ୍ୱାବଧାରକ), ସରକାରୀ ଖ୍ରୀଷ୍ଟୀୟ ମଣ୍ଡଳୀରେ ଧର୍ମଯାଜକର ସହକାରୀ ।

**Curative,** *a.* ଚିକିତ୍ସାସମ୍ବନ୍ଧୀୟ, ଆରୋଗ୍ୟକାରକ ।

**Curator,** *n.* 1. ପୁସ୍ତକାଳୟ ବା ଜାଦୁଘରର ତତ୍ତ୍ୱାବଧାରକ ; 2. କୌଣସି ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ।

**Curatorship,** *n.* ତତ୍ତ୍ୱାବଧାରକର ପଦ ।

**Curatrix,** *n.* ତତ୍ତ୍ୱାବଧାରିକା ।

**Curb,** *v.t.* 1. ବଶୀଭୂତ-କ, ଦମନ-କ ; 2. କଡେଇଯୁକ୍ତ ଲଗାମ ଦ୍ୱାରା ଅଟକାଇବାର ; 3. ରାସ୍ତା ପାର୍ଶ୍ୱସ୍ଥିତ ମନୁଷ୍ୟ ଗତାୟାତ ବାଟର ପଥରବନ୍ଧ-କ ।—*n.* 1. ଅଟକ, ପ୍ରତିବନ୍ଧକ; 2. କଡେଇ ; 3. ମନୁଷ୍ୟ ଗତାୟାତ ବାଟର ପଥରବନ୍ଧ ।

**Curbable,** *a.* ଦମନୀୟ ।

**Curb-stone,** *n.* ମନୁଷ୍ୟ ଗତାୟାତ ବାଟର ପଥରବନ୍ଧ ।

**Curd,** *n.* ଛେନା ।—*v.t.* ଜମାଇବାର, ବସାଇବାର, ଘନ-କ, ଛେନା-କ ।—*v.i.* ଜମିଯିବାର, ବସିଯିବାର, ଘନ-ହେ, ଛେନା-ହେ ।

**Curdiness,** *n.* ଛେନାମୟତା, ଛେନାମୟ ଅବସ୍ଥା ।

**Curdle,** *v.i.* ଛେନା-ହେ, ଜମିଯିବାର, ବସିଯିବାର, (ଦୁଧ) ଛିଣ୍ଡିଯିବାର ।—*v.t.* ଜମାଇବାର, ବସାଇବାର, ଘନ-କ, ଛେନା-କ ।

**Curdy,** *a.* ଛେନାମୟ, ଛେନାବତ୍, ଘନ, ଗାଢ ।

**Cure,** *n.* 1. ପାରମାର୍ଥିକ ତତ୍ତ୍ୱାବଧାରଣ ; 2. ପାରମାର୍ଥିକ ତତ୍ତ୍ୱାବଧାରକର ପଦ; 3. ଆରୋଗ୍ୟ, ରୋଗୋପଶମ, ସ୍ୱାସ୍ଥ୍ୟପ୍ରାପ୍ତି ; 4. ଉପାୟ, ପ୍ରତିକାର, ଔଷଧ ; 5. ଚିକିତ୍ସା ପ୍ରଣାଳୀ, ଚିକିତ୍ସା ।—*v.t.* 1. ଆରୋଗ୍ୟ-କ, ସୁସ୍ଥ-କ, ଉପଶମ-କ ; 2. ପ୍ରତିକାର-କ, ଭଲ-କ; 3. ଲବଣାକ୍ତ-କ ।—*v.i.* ଆରୋଗ୍ୟ-କ ।

**Cureless,** *a.* ଅଚିକିତ୍ସ୍ୟ, ଅପ୍ରତିକାର୍ଯ୍ୟ ।

**Curer,** *n.* 1. ଯେ ବା ଯାହା ଆରୋଗ୍ୟ କରେ, ଚିକିତ୍ସକ, ଆରୋଗ୍ୟକାରୀ ଔଷଧ ; 2. ଲବଣାକ୍ତ ମାଂସାଦି ପ୍ରସ୍ତୁତକାରୀ ଲୋକ ।

**Curfew**, *n.* ନିଆଁସବୁ ଲିଭାଇବା ପାଇଁ ପୂର୍ବକାଳୀନ ସନ୍ଧ୍ୟାସମୟର ଘଣ୍ଟାବାଦ୍ୟ ।

**Curio**, *n.* ଅଦ୍ଭୁତ ଓ କୌତୂହଳଜନକ ପଦାର୍ଥ ।

**Curiosity**, *n.* 1. କୌତୂହଳ, ଅନୁସନ୍ଧାନେଚ୍ଛା, ଚମତ୍କାରଜ୍ଞାନ, ବୁଭୁତ୍ସା; 2. ଅଦ୍ଭୁତ ଓ କୌତୂହଳଜନକ ପଦାର୍ଥ, ଅପୂର୍ବବସ୍ତୁ ।

**Curious**, *a.* 1. କୁତୂହଳୀ, ଅନୁସନ୍ଧାନେଚ୍ଛୁକ, ଅନୁସନ୍ଧାନପ୍ରିୟ, ବୁଭୁତ୍ସୁ; 2. ସୂକ୍ଷ୍ମ, ନିପୁଣତାରେ ନିର୍ମିତ; 3. ଅଦ୍ଭୁତ, ଚମତ୍କାରକ, ଦୁର୍ଲଭ, ଦୁଷ୍ପ୍ରାପ୍ୟ ।

**Curiously**, *ad.* 1. କୁତୂହଳିରୂପେ, ଅନୁସନ୍ଧାନେଚ୍ଛୁକରୂପେ; 2. ସୂକ୍ଷ୍ମରୂପେ, ନିପୁଣରୂପେ; 3. ମନୋଯୋଗିରୂପେ; 4. ଅଦ୍ଭୁତ ପ୍ରକାରେ, ଅସାଧାରଣରୂପେ ।

**Curl**, *v.t.* କୁଞ୍ଚକୁଞ୍ଚିଆ-କ, କୁଞ୍ଚିତ-କ, ମୋଡ଼ିବାର, ଗୁନ୍ଥି-କ ।—*v.i.* 1. କୁଞ୍ଚିତ-ହ, ବକ୍ରାକୃତ-ହ, କୁଣ୍ଡଳୀକୃତ-ହ, ମୋଡ଼ ହୋଇ ଯିବାର; 2. ତରଙ୍ଗିତ-ହ । —*n.* 1. କୁଞ୍ଚକୁଞ୍ଚିଆ ବାଳ, ମୋଡ଼ାବାଳ, ଚୂର୍ଣ୍ଣକୁନ୍ତଳ, ଅଳକ; 2. ବାଙ୍କ, ମୋଡ଼ ।

**Curled**, *a.* 1. କୁଞ୍ଚକୁଞ୍ଚିଆ, କୁଞ୍ଚିତ; 2. ମୋଡ଼ା ।

**Curlew**, *n.* ସମୁଦ୍ର କୂଳରେ ଚରିବା ପକ୍ଷୀବିଶେଷ ।

**Curly**, *a.* 1. କୁଞ୍ଚକୁଞ୍ଚିଆ, ଅଳକଯୁକ୍ତ; 2. ତରଙ୍ଗମୟ ।

**Curmudgeon**, *n.* କୃପଣ, ବଦ୍ଧମୁଷ୍ଟି ।

**Currant**, *n.* 1. ସାନ ଶୁଷ୍କ ଦ୍ରାକ୍ଷାଫଳବିଶେଷ; 2. କରଣ୍ଡଫଳ ।

**Currency**, *n.* 1. ପ୍ରଚଳନ; 2. ପ୍ରଚଳିତ ମୁଦ୍ରା; 3. ବ୍ୟବହାର, ବ୍ୟାପକତା ।

**Current**, *a.* 1. ଧାବମାନ, ପ୍ରବହମାନ; 2. ପ୍ରଚଳିତ, ସାଧାରଣ, ଚଳନ୍ତି; 3. ଚଳିତ ।—*n.* 1. ପ୍ରବାହ, ସ୍ରୋତ, ଧାର; 2. ଗତି ।

**Currently**, *ad.* ସାଧାରଣରୂପେ, ଚଳନ୍ତିରୂପେ, ପ୍ରଚଳିତରୂପେ ।

**Curricle**, *n.* ଦୁଇ ଘୋଡ଼ାର ଦୁଇଚକିଆ ଗାଡ଼ିବିଶେଷ ।

**Curriculum**, *n.* ବିଶ୍ୱବିଦ୍ୟାଳୟାଦିର ନିର୍ଦ୍ଧାରିତ ପାଠ୍ୟ ଗ୍ରନ୍ଥାବଳୀ ।

**Currier**, *n.* ଚର୍ମକାର, ଚର୍ମପ୍ରସ୍ତୁତକାରୀ ।

**Currish**, *a.* 1. କୁକ୍କୁରବତ୍, କନ୍ଦଳିଆ, ଖିଟଖିଟିଆ, ନିଷ୍ଠୁର; 2. କୁକ୍କୁରଯୋଗ୍ୟ ।

**Curry**, *n.* ତର୍କାରି, ତିଅଣ, ବ୍ୟଞ୍ଜନ ।—*v.t.* ତରକାରି-କ ।

**Curry**, *v.t.* 1. କଷାହେଲା ଚର୍ମ ପ୍ରସ୍ତୁତ-କ; 2. ଖରସ ଦ୍ୱାରା (ଘୋଡ଼ାକୁ) ଘଷା-କ; 3. ପିଟିବାର, (colloquial). —**to curry favour**, ଖୋସାମୋଦ କରି ଅନୁଗ୍ରହ ଖୋଜିବାର ।

**Curry-comb**, *n.* ଖରସ, ଘୋଡ଼ାର ଲୁହାମାର୍ଜ୍ଜନୀ ।

**Curse**, *v.t.* 1. ଅଭିଶାପ-ଦେ, ଶାପ-ଦେ; 2. କ୍ଳେଶ-ଦେ, କଷ୍ଟ-ଦ, ଯନ୍ତ୍ରଣା-ଦେ ।—*v.i.* ଅଭିଶାପ ଉଚ୍ଚାରଣ-କ, ଅଶୁଚି ସ୍ୱନ-କ ।—*n.* 1. ଅମଙ୍ଗଳେଚ୍ଛା, ଅଭିଶାପ, ଶାପ; 2. ଦୁଃଖର କାରଣ, କ୍ଳେଶ, ଯନ୍ତ୍ରଣା ।

**Cursed**, *a.* ଶାପଗ୍ରସ୍ତ, ଅଭିଶପ୍ତ, ଶାପଯୋଗ୍ୟ, ଘୃଣ୍ୟ, ଜଘନ୍ୟ ।

**Cursedly**, *ad.* ଶାପଯୋଗ୍ୟରୂପେ, ଘୃଣ୍ୟରୂପେ ।

**Cursedness**, *n.* ଶାପଗ୍ରସ୍ତତା, ଶାପଯୋଗ୍ୟତା, ଘୃଣ୍ୟତା ।

**Cursing**, *n.* ଶାପର ଉଚ୍ଚାରଣ, ଅଶୁଚି ସ୍ୱନ ।

**Cursive**, *a.* ତ୍ୱରିତ, ଚଞ୍ଚଳ, said of handwriting.

**Cursorily**, *ad.* ତ୍ୱରିତରୂପେ, ଚଞ୍ଚଳରୂପେ, ଲଘୁରୂପେ, ସାମାନ୍ୟରୂପେ ।

**Cursoriness**, *n.* ତ୍ୱରା, ଅମନୋଯୋଗିତା ।

**Cursory**, *a.* ତ୍ୱରିତ, ଚଞ୍ଚଳ, ଶୀଘ୍ର, ଅମନୋଯୋଗୀ, ବାହ୍ୟ, ଉପରଠାଉରିଆ ।

**Curt**, *a.* ସଂକ୍ଷିପ୍ତ, ସଂକ୍ଷିପ୍ତ ଓ ଅଶିଷ୍ଟ ।

**Curtail**, *v.t.* ସଂକ୍ଷିପ୍ତ-କ, ଊଣା-କ, ହ୍ରସ୍ୱ-କ, କାଟିବାର ।

**Curtailment**, *n.* ସଂକ୍ଷିପ୍ତକରଣ, ହ୍ରସ୍ୱତା, କର୍ତ୍ତନ ।

**Curtain**, *n.* 1. ଯବନିକା, ପର୍ଦ୍ଦା; 2. ପର୍ଦ୍ଦାପରି ପଦାର୍ଥ । —**mosquito curtains**, ମଶୁରି, ମଶାରି ।—*v.t.* ଯବନିକା ଦ୍ୱାରା ଆବୃତ-କ, ପର୍ଦ୍ଦାଯୁକ୍ତ-କ ।

**Curtain-lecture**, *n.* ସ୍ତ୍ରୀଙ୍କର ଭର୍ତ୍ସନା ।

**Curtly**, *ad.* ସଂକ୍ଷିପ୍ତରୂପେ, ସଂକ୍ଷିପ୍ତ ଓ ଅଶିଷ୍ଟରୂପେ ।

**Curtsy, curtsey**, *n.* ସ୍ତ୍ରୀଲୋକର ପ୍ରଣାମ ।

**Curule**, *a.* ରୋମୀୟ ରାଜ୍ୟର ପ୍ରଧାନକର୍ମଚାରୀର ଆସନରେ ବସିବାକୁ ଅଧିକାରପ୍ରାପ୍ତ, ପ୍ରଧାନ କର୍ମଚାରୀର ପଦପ୍ରାପ୍ତ ।

**Curvature**, *n.* ବକ୍ରତା, ବାଙ୍କ ।

**Curve**, *a.* ବକ୍ର ।—*n.* ବାଙ୍କ, ବକ୍ରରେଖା, ଧନୁରାକୃତ ରେଖା ।—*v.t.* ବକ୍ର-କ, ଧନୁରାକୃତ-କ ।

**Curved**, *p.a.* ବକ୍ର, ଧନୁରାକୃତ ।

**Curvet**, *n.* ଘୋଡ଼ାର କୁଦାବିଶେଷ, ଡିଆଁ ।—*v.i.* କୁଦା ମାରିବାର, ଡିଆଁ ମାରିବାର ।

**Curvilinear, curvilineal**, *a.* ବକ୍ର ରେଖାବେଷ୍ଟିତ, ବକ୍ର ରେଖାବୃତ ।

**Curvity**, *n.* ବକ୍ରାବସ୍ଥା, ବକ୍ରତା ।

**Cushion**, *n.* ତକିଆ, ଉପଧାନ, ଗଦି ।—*v.t.* 1. ଗଦି ଉପରେ ବସାଇବାର; 2. ତକିଆ ଯୋଗାଇବାର, ତକିଆଯୁକ୍ତ-କ, ଗଦିଯୁକ୍ତ-କ ।

**Cushioned**, *p.a.* ତକିଆଯୁକ୍ତ, ଗଦିଯୁକ୍ତ ।

**Cushiony**, *a.* ତକିଆ ପରି, ତକିଆକୃତ ଓ କୋମଳ ।

**Custard**, *n.* ଅଣ୍ଡା ଦୁଧ ଆଦି ମିଶ୍ରିତ ମିଷ୍ଟାନ୍ନ ।

**Custard-apple**, *n.* ଆତଫଳ, ସୀତାଫଳ, ଆତଗଛ ।

**Custodial**, *a.* ତତ୍ତ୍ୱାବଧାନସମ୍ବନ୍ଧୀୟ ।

**Custodian**, *n.* ତତ୍ତ୍ୱାବଧାରକ, ତତ୍ତ୍ୱାବଧାୟକ ।

**Custody**, *n.* 1. ରକ୍ଷା, ତତ୍ତ୍ୱାବଧାନ, ଜିମ୍ମା; 2. କଏଦ, କାରାବଦ୍ଧାବସ୍ଥା ।

**Custom**, *n.* 1. ରୀତି, ଧାରା, ପ୍ରଥା, ଅଭ୍ୟାସ, ବ୍ୟବହାର; 2. ଦେଶାଚାର; 3. କ୍ରୟ କରିବାର ବସତ, ଦୋକାନକୁ ଗମନାଗମନ; 4. *pl.* ଆମଦାନି ବା ରପ୍ତାନି ମାଲ ଉପରେ ମାସୁଲ, ଶୁଳ୍କ ।

**Customable**, *a.* ଆମଦାନି ବା ରପ୍ତାନି ମାସୁଲଦେୟ ।

**Customarily**, *ad.* ରୀତ୍ୟନୁସାରେ, ସାଧାରଣରେ ।

**Customariness**, *n.* ସାଧାରଣତା, ସାମାନ୍ୟତା, ନିତ୍ୟତା ।

**Customary**, *a.* ରୀତ୍ୟନୁଯାୟୀ, ରୀତିମତ, ରୀତ୍ୟନୁସାର, ଅଭ୍ୟାସିକ, ଧାରାବାହିକ, ପ୍ରଚଳିତ, ସଚରାଚର ।

**Customer**, *n.* କିଣିବା ଲୋକ, କ୍ରେତା, ଗ୍ରାହକ, ଖରିଦ୍‌ଦାର ।

**Custom-house**, *n.* ଆମଦାନି ବା ରପ୍ତାନି ମାସୁଲର ଆଦାୟଘର, ଶୁଲ୍କାଳୟ ।

**Cut**, *v.t.* 1. କାଟିବାର, କର୍ତ୍ତନ-କ; 2. ବିଭକ୍ତ-କ, ଛେଦନ-କ, ଖଣ୍ଡ-କ; 3. ବିଦୀର୍ଣ୍ଣ-କ, ବେଦନା-ଦେ; 4. ଖାସି-କ; 5. ଛି ପକାଇବାର, ଜାଣିଶୁଣି ଚିହ୍ନି ନ ପାରିବାର, ପରିଚୟ ଅସ୍ୱୀକାର-କ ।—*v.i.* 1. କାଟିବାର, କଟା-ହେ; 2. ବିଭକ୍ତ-ହେ; 3. ମଧ୍ୟ ଦେଇ ଶୀଘ୍ର ଯିବାର; 4. ତାସ କାଟିବାର ।—*a.* 1. କଟା, ଛେଦିତ, ଖଣ୍ଡିତ, ବିଭକ୍ତ; 2. ବିଦୀର୍ଣ୍ଣ; 3. ଖାସିକୃତ ।—*n.* 1. କାଟ; 2. ଅଘାତ; 3. କ୍ଷତ, ଚୋଟ; 4. କଟୂକ୍ତି, ବ୍ୟଙ୍ଗୋକ୍ତି; 5. ପ୍ରଣାଳୀ, ନାଳ; 6. ଖଣ୍ଡ; 7. ନିକଟ ବାଟ; 8. ଛବି, ନକ୍ସା; 9. ତାସର କାଟ; 10. ରୂପ, ଢୌଲ, ଢଙ୍ଗ, ଗଠନ; 11. ପରିଚୟ ଅସ୍ୱୀକାର ।—cut and dry, cut and dried, ପୂର୍ବରୁ ପ୍ରସ୍ତୁତ, ନିରସ । to cut a dash or figure, ବଡ଼ାଇ-କ, ଜାକଜମକ ଦେଖାଇବାର । to cut a joke, ଥଟ୍ଟା-କ, କୌତୁକ-କ । to cut capers, କୁଦିବାର, ନାଚିବାର । to cut down, 1. କାଟି ପକାଇବାର; 2. ଦଉଡ଼ା କାଟି (ଫାଶିପ୍ରାପ୍ତ ଲୋକକୁ) ଓହ୍ଲାଇ-ନେ; 3. ଊଣା-କ । to cut off, 1. ଛେଦନ-କ; 2. ପୃଥକ୍-କ; 3. ଉଚ୍ଛିନ୍ନ-କ; 4. ଅପମୃତ୍ୟୁ ଘଟାଇବାର; 5. ବ୍ୟାଘାତ-କ, ବନ୍ଦ-କ । to cut off with a shilling, ଦାନପତ୍ର ଦ୍ୱାରା ଅଳ୍ପବିତ୍ତ ଦେଇ ପୈତୃକ ସ୍ୱତ୍ୱରୁ ବଞ୍ଚିତ-କ । to cut out, 1. କାଟି ଦୂର-କ; 2. ନମୁନାନୁସାରେ କାଟିବାର, ଆକାର-ଦ; 3. ପ୍ରାଧାନ୍ୟ-ନେ, ଅଗ୍ରଗାମୀ-ହେ, ଅପଦସ୍ଥ-କ । to cut short, 1. ବ୍ୟାଘାତ ଦ୍ୱାରା ଅଟକାଇବାର; 2. ସଂକ୍ଷିପ୍ତ-କ । to cut the teeth, ଦାନ୍ତ ବାହାରିବାର । to cut up, 1. ଖଣ୍ଡ-କ; 2. ତୀବ୍ର ସମାଲୋଚନା-କ; 3. ବିଦୀର୍ଣ୍ଣ-କ ।

**Cutaneous**, *a.* ଚର୍ମସମ୍ବନ୍ଧୀୟ, ଚର୍ମସ୍ଥ ।

**Cutch**, *n.* ଖଇର, ଖଦିର ।

**Cute**, *a.* ସିଆଣା, (colloquial).

**Cuticle**, *n.* ଶରୀରର ବାହ୍ୟ ତ୍ୱକ୍, ସୂକ୍ଷ୍ମଚର୍ମ ।

**Cuticular**, *a.* ବାହ୍ୟ ତ୍ୱକ୍‌ସମ୍ବନ୍ଧୀୟ, ସୂକ୍ଷ୍ମଚର୍ମବିଷୟକ ।

**Cutis**, *n.* ଶରୀରର ପ୍ରକୃତ ତ୍ୱକ୍ ।

**Cutlass**, *n.* ଚୌଡ଼ା ଓ ବଙ୍କା ଖଣ୍ଡାବିଶେଷ, ତରବାରି ।

**Cutler**, *n.* ଛୁରୀ କଇଞ୍ଚି ଆଦି ନିର୍ମାଣକର୍ତ୍ତା ବା ବିକେତା ।

**Cutlery**, *n.* ଛୁରୀ କଇଞ୍ଚି ଆଦିର ବ୍ୟବସାୟ, ଛୁରୀ ଓ ଅନ୍ୟାନ୍ୟ ହତିଆର ସବୁ ।

**Cutlet**, *n.* ରାନ୍ଧିବା ନିମନ୍ତେ ପତଳା ମାଂସ ଖଣ୍ଡ ।

**Cutpurse**, *n.* ମୁଣିକଟା ଚୋର, ଗଣ୍ଠିକଟା ଚୋର, ଚୋର ।

**Cutter**, *n.* 1. ଯେ ବା ଯାହା କାଟେ, କାଟିବା କଳ, ଦରଜି; 2. ଯୁଦ୍ଧଜାହାଜର ନୌକା, କ୍ଷୁଦ୍ର ଜାହାଜ-ବିଶେଷ ।

**Cut-throat**, *n.* ତଣ୍ଟିକଟା ଲୋକ, ଖୁଣୀ, ଘାତକ ।

**Cutting**, *p. a.* 1. ଧାରୁଆ; 2. ବିଦାରକ, କଟୁ, ତୀବ୍ର, ଟାଣ, ତୀକ୍ଷ୍ଣ ।—*n.* 1. କର୍ତ୍ତନ, ଛେଦନ; 2. ଖଣ୍ଡ, ଟୁକୁରା; 3. ପାହାଡ଼ରେ କଟା ବାଟ; 4. ବୃକ୍ଷର କଲମ ।

**Cuttingly**, *ad.* ବିଦାରକରୂପେ, କଟୁଭାବେ, ତୀବ୍ରରୂପେ ।

**Cuttle, cuttle-fish**, *n.* ଶାଖାସ୍ୱରୂପେ ଆଠ ଅଙ୍ଗ-ବିଶିଷ୍ଟ ଓ ମସୀଯୁକ୍ତ ସାମୁଦ୍ରିକ ପ୍ରାଣୀ ବିଶେଷ ।

**Cutwater**, *n.* ଜାହାଜର ଅଗ୍ରଭାଗ ଯାହା ଜଳ କାଟି ଯାଏ ।

**Cycle**, *n.* 1. ଗ୍ରହର ପରିଭ୍ରମଣ ପଥ, କକ୍ଷ, ମଣ୍ଡଳ; 2. ଯୁଗ, ନିୟମିତ କାଳକ୍ରମ, କାଳଚକ୍ର; 3. ଦୁଇ ବା ତିନି ଚକିଆ ଗାଡ଼ି ବିଶେଷ, ଶୂନ୍ୟଗାଡ଼ି ।

**Cyclist**, *n.* ଶୂନ୍ୟଗାଡ଼ିଚାଳକ ।

**Cyclone**, *n.* ଘୂରିଣିଆ ତୋଫାନ, ଚକ୍ରାବର୍ତ୍ତ ବତାସ ।

**Cyclopædia, cyclopedia**, *n.* ବିଦ୍ୟାହାରାବଳି, ବିଦ୍ୟାକଳ୍ପଦ୍ରୁମ ।

**Cyclopædic, cyclopedic**, *n.* ବିଦ୍ୟାହାରାବଳି-ସମ୍ବନ୍ଧୀୟ ।

**Cyclopean**, *a.* ପ୍ରକାଣ୍ଡ, ଭୟାନକ ।

**Cyclops**, *n. s.* and *pl.* (also *pl.* cyclopes), କପାଳରେ ଏକଚକ୍ଷୁଯୁକ୍ତ କଳ୍ପିତ ଅସୁର ।

**Cyder**, *n.* see Cider.

**Cygnet**, *n.* ଦୀର୍ଘଗଳହଂସର ଛୁଆ ।

**Cylinder**, *n.* ଲମ୍ବ ବର୍ତ୍ତୁଳ କ୍ଷେତ୍ର, ଚୁଙ୍ଗି, ନଳା ।

**Cylindric, cylindrical**, *a.* ଲମ୍ବବର୍ତ୍ତୁଳାକାର, ନଳାକୃତି, ଚୁଙ୍ଗିପରି ।

**Cymbal**, *n.* କରତାଳ, ଝାଞ୍ଜ ।

**Cynic**, *n.* 1. ପୂର୍ବକାଳର ଗ୍ରୀସ୍ ଦେଶୀୟ ଧନ ସୁଖାଦି ତୁଚ୍ଛଜ୍ଞାନକାରୀ ପଣ୍ଡିତ ସମ୍ପ୍ରଦାୟର ସଭ୍ୟ; 2. ରୁକ୍ଷ ମନୁଷ୍ୟ, ପରିହାସକ, ଦୋଷଗ୍ରାହୀ, ମନୁଷ୍ୟଦ୍ୱେଷୀ ।—*a.* also cynical, 1. ପୂର୍ବୋକ୍ତ ପଣ୍ଡିତ ସମ୍ପ୍ରଦାୟସମ୍ବନ୍ଧୀୟ; 2. ରୁକ୍ଷ, କର୍କଶ, ଦୋଷଗ୍ରାହୀ, ପରିହାସକ ।

**Cynically**, *ad.* ପରିହାସକରୂପେ, ରୁକ୍ଷଭାବରେ, ଦୋଷଗ୍ରାହୀରୂପେ ।

**Cynicism**, *n.* 1. ପୂର୍ବକାଳୀନ ଗ୍ରୀକ ପଣ୍ଡିତମାନଙ୍କ ମତ ବା ବ୍ୟବହାର; 2. ଜୀବନର ସୁଖାଦି ପ୍ରତି ତୁଚ୍ଛଜ୍ଞାନ ।

**Cynosure**, *n.* 1. ଧ୍ରୁବତାରାଯୁକ୍ତ ନକ୍ଷତ୍ର ପୁଞ୍ଜର ପୂର୍ବକାଳୀନ ନାମ; 2. ଦୃଷ୍ଟି ଆକର୍ଷକ ବିଷୟ, ଚିତ୍ତାକର୍ଷକ ବିଷୟ ।

**Cypher**, *n.* see Cipher.

**Cypress**, *n.* 1. ବୃକ୍ଷ ବିଶେଷ; 2. ଶୋକଚିହ୍ନ ।

**Cyst**, *n.* ଉଦ୍ଭିଦ ବା ପ୍ରାଣୀ ପ୍ରକୃତିରେ କୋଷ ବା ଥଳି ବିଶେଷ, କୋଷବଦ୍ଧ ବସ୍ତୁ ।

**Cystitis**, *n.* ମୂତ୍ରାଧାରର ପ୍ରଦାହ ।

**Czar**, *n.* ରୁଷଦେଶୀୟ ସମ୍ରାଟର ଉପାଧି ।

**Czarevitch**, *n.* ରୁଷଦେଶୀୟ ଯୁବରାଜ ।

**Czarevna**, *n.* ରୁଷ ଦେଶୀୟ ଯୁବରାଜର ପତ୍ନୀ ।

**Czarina**, *n.* ରୁଷ ଦେଶୀୟ ସାମ୍ରାଜ୍ଞୀର ଉପାଧି ।

## D

**D**, 1. ଇଂରାଜୀ ବର୍ଣ୍ଣମାଳାର ଚତୁର୍ଥାକ୍ଷର; 2. ରୋମୀୟ ଗଣନାନୁସାରେ ପଞ୍ଚଶତ ବୁଝାଯାଏ ।

**Dab**, *v.t.* ଆର୍ଦ୍ର ବା କୋମଳ ବସ୍ତୁ ଦ୍ୱାରା ବେଗେ ଓ ମନ୍ଦ ମାରିବାର, ଈଷତ୍ ଆଘାତ-କ ।—*n.* 1. ହାତବା କୋମଳ ବସ୍ତୁ ଦ୍ୱାରା ଈଷତ୍ ଆଘାତ; 2. ଆର୍ଦ୍ର ବା କୋମଳ ଦ୍ରବ୍ୟର ପିଣ୍ଡ; 3. ଚେପ୍ଟା ମାଛ ବିଶେଷ ।

**Dabble**, *v.t.* ଓଦା-କ, ଆର୍ଦ୍ର-କ, ଛିଟାଇବାର ।—*v.i.* 1. ଜଳକ୍ରୀଡ଼ା-କ; 2. ଉପରଠାଉରିଆରୂପେ କାର୍ଯ୍ୟ-କ ।

**Dabbler**, *n.* 1. ଜଳକ୍ରୀଡ଼କ; 2. ପଲ୍ଲବଗ୍ରାହୀ ।

**Dabchick**, *n.* ପାଣିକୌଡ଼ି, ସାନ ଜଳଚର ପକ୍ଷୀ ବିଶେଷ ।.

**Dace**, *n.* ନଦୀର ସାନ ମାଛବିଶେଷ ।

**Dactyl**, *n.* ତ୍ରିପଦୀ ଛନ୍ଦର ଚରଣବିଶେଷ ଯ ଯହିଁରେ ପ୍ରଥମ ପଦ ଦୀର୍ଘ ଓ ଅନ୍ୟ ଦୁଇ ପଦ ହ୍ରସ୍ୱ ଥାଏ ।

**Dactylology**, *n.* ଅଙ୍ଗୁଳି ସଙ୍କେତ ଦ୍ୱାରା କଥୋପକଥନ-ବିଦ୍ୟା, ଠାରବିଦ୍ୟା ।

**Dad, daddy**, *n.* ବାଳକର ମୁଖରେ ପିତାର ସ୍ନେହସୂଚକ ନାମ, ବାପା, ବାବା ।

**Daffodil, daffodily**, *n.* ପୀତବର୍ଣ୍ଣ ପୁଷ୍ପ ବିଶେଷ ।

**Daft**, *a.* 1. ଦୁର୍ବଳମନା, ଅଜ୍ଞାନ; 2. ଉନ୍ମତ୍ତ, ପାଗଳ ।

**Dagger**, *n.* 1. ଖଞ୍ଜର, କ୍ଷୁଦ୍ର ତୀକ୍ଷ୍ଣଖଡ୍ଗ; 2. ଛାପାର ଚିହ୍ନବିଶେଷ, ଯଥା, † ।—at daggers drawn, ଶତ୍ରୁଭାବରେ । to look or speak daggers, ପ୍ରଚଣ୍ଡ କୋପରେ କହିବାର ବା ଦୃଷ୍ଟି କରିବାର ।

**Daggle**, *v.t.* କାଦୁଅ ବା ଓଦା ଘାସରେ ଘୋଷାରିବାର, କର୍ଦ୍ଦମ ଲିପ୍ତ-କ ।

**Daggle-tail**, ମଇଳା ସ୍ତ୍ରୀ, କୋଭଣି ।

**Daily**, *a.* ଦୈନିକ, ଦିବସିକ, ପ୍ରାତ୍ୟହିକ ।—*ad.* ପ୍ରତିଦିନ, ଦିନକୁଦିନ, ଅହରହଃ, ପ୍ରତ୍ୟହ ।

**Daintily**, *ad.* ସୂକ୍ଷ୍ମରୂପେ, ସୁରୁଚିରୂପେ ।

**Daintiness**, *n.* ସୂକ୍ଷ୍ମତା, ସୁସ୍ୱାଦୁତା, ସୁକୁମାରତ୍ୱ, ଦୁସ୍ତୋଷଣୀୟତା ।

**Dainty**, *n.* ସୁସ୍ୱାଦୁ ଦ୍ରବ୍ୟ, ଅତି ସୁଖାଦ୍ୟ ଦ୍ରବ୍ୟ ।—*a.* 1. ସୁସ୍ୱାଦୁ, ସୁଖାଦ୍ୟ; 2. ସୂକ୍ଷ୍ମ; 3. ସୁକୁମାର, ସୁନ୍ଦର; 4. ଦୁରନ୍ତ ।

**Dairy**, *n.* 1. ଦୁଗ୍ଧମନ୍ଥନାଳୟ, ମଖନ ଓ ପନିର ପ୍ରସ୍ତୁତ କରିବା କୋଠରୀ; 2. ଦୁଗ୍ଧ ମଖନାଦିର ଦୋକାନ ।

**Dairy-maid**, *n.* ଦୁଗ୍ଧମନ୍ଥନକାରିଣୀ, ମଖନ ଓ ପନିର ଆଦି ପ୍ରସ୍ତୁତ କରିବା ଦାସୀ ।

**Dairy-man**, *n.* 1. ଗଉଡ଼; 2. ଦୁଗ୍ଧ ମଖନାଦିର ଦୋକାନୀ ।

**Dais**, *n.* 1. ପୂର୍ବକାଳର ଭୋଜନାଗାରସ୍ଥ ଉଚ୍ଚ ମେଜ ଯ ଯାହା ନିକଟରେ ବଡ଼ ଲୋକମାନେ ବସନ୍ତି; 2. ଉକ୍ତ ମେଜ ରଖା ଯିବାର ଉଚ୍ଚ ଚଟାଣ; 3. ଉକ୍ତ ମେଜ ନିକଟବର୍ତ୍ତି ପ୍ରଧାନ ଆସନ (ଏ ଆସନ କେବେ ଚନ୍ଦ୍ରାତପାଚ୍ଛାଦିତ ଥାଏ); 4. ଚନ୍ଦ୍ରାତପ ।

**Daisy**, *n.* କ୍ଷେତ୍ରସ୍ଥ କ୍ଷୁଦ୍ର ପୁଷ୍ପବିଶେଷ ।

**Dak**, see Dawk.

**Dakoit, dacoit**, *n.* ଡକାଏତ ।

**Dakoity, dacoity**, *n.* ଡକାୟତି ।

**Dale**, *n.* ଉପତ୍ୟକା ।

**Dalesman**, *n.* ଉପତ୍ୟକାର ନିବାସୀ ।

**Dalliance**, *n.* ପରସ୍ପରାଲିଙ୍ଗନ, କ୍ରୀଡ଼ା, ଖେଳା, ବିଳାସ ।

**Dally**, *v.i.* ବିଳାସରେ ସମୟ ନଷ୍ଟ-କ, କ୍ରୀଡ଼ା-କ, ଖେଳା-କ, ଟାଳଟୁଳ-କ, ବିଳମ୍ବ-କ ।

**Dam**, *n.* ପଶୁର ମାଆ ।

**Dam**, *n.* ବନ୍ଧ, ସେତୁ ।—*v.t.* ବନ୍ଧ ଦ୍ୱାରା ଅଟକାଇବାର, ବନ୍ଧ-କ ।

**Damage**, *n.* 1. କ୍ଷତି, ହାନି, ଅନିଷ୍ଟ, ଲୋକସାନ; 2. କ୍ଷତିପୂରଣ, ଖେସାରତ, in this sense commonly in *pl.*—*v.t.* କ୍ଷତି-କ, ହାନି-କ, ଅନିଷ୍ଟ-କ ।—*v.i.* କ୍ଷତିଗ୍ରସ୍ତ-ହେ ।

**Damageable**, *a.* ଅପଚୟଶୀଳ, କ୍ଷତିଯୋଗ୍ୟ ।

**Damask**, *a.* ପାଟଳବର୍ଣ୍ଣ, ଈଷତ୍ ରକ୍ତବର୍ଣ୍ଣ ।—*n.* ବୁଣାଟ ଫୁଲଯୁକ୍ତ ରେଶମ ବା ମସିଣାର ସୂକ୍ଷ୍ମ ନିର୍ମିତ ବସ୍ତ୍ର ବିଶେଷ ।—*v.t.* (ବସ୍ତ୍ର ଉପରେ) ଫୁଲ ଛାପିବାର ବା ଉଠାଇବାର ।

**Damaskeen**, *v.t.* (ଲୌହ ଓ ଇସ୍ପାତକୁ) ସ୍ୱର୍ଣ୍ଣ ବା ରୌପ୍ୟ ମଣ୍ଡିତ-କ ।

**Dame**, *n.* 1. କୁଳୀନା ସ୍ତ୍ରୀ; 2. କର୍ତ୍ତ୍ରୀ, ଗୃହକର୍ତ୍ତ୍ରୀ, ପ୍ରାଚୀନା ।

**Dammar, damar**, *n.* ଧାମା, ଗୋନ୍ଦ ବିଶେଷ ।

**Damn**, *v.t.* 1. ଯାବଦଣ୍ଡରେ ଅର୍ପଣ-କ, ନରକକୁ ପଠାଇବାର; 2. ତୀବ୍ର ଭର୍ତ୍ସନା-କ, ଦୋଷୀ-କ, ଅଗ୍ରଜନୀୟ ସ୍ଥାନରେ ଛିଟ୍କାର-ଦେ, ସମାଲୋଚନାରେ ଦୋଷୀ-କ; 3. ଅଭିଶାପ-ଦେ, ଶପଥ ବ୍ୟବହାର-କ ।—*n.* ଅଶୁଚି ଶପଥ, ଅଭିଶାପ ।

**Damnable**, *a.* 1. ଦଣ୍ଡଯୋଗ୍ୟ, ନରକଯୋଗ୍ୟ, ନାରକୀ, ଘୃଣ୍ୟ; 2. ବିନାଶକ ।

**Damnableness**, *n.* ଦଣ୍ଡଯୋଗ୍ୟତା, ନରକଯୋଗ୍ୟତା, ଘୃଣ୍ୟତା ।

**Damnably**, *ad.* ଘୃଣ୍ୟରୂପେ ।

**Damnation**, *n.* ଦଣ୍ଡନୀୟକରଣ, ଯାବଦଣ୍ଡାଜ୍ଞା, ନରକଦଣ୍ଡ, ନରକପ୍ରାପ୍ତାବସ୍ଥା, ପାପର ଦଣ୍ଡ ।

**Damnatory**, *a.* 1. ଦୋଷସାବ୍ୟସ୍ତକାରୀ, ଦୋଷପ୍ରକାଶକ, ନିନ୍ଦାସୂଚକ; 2. ଯାବଦଣ୍ଡାଜ୍ଞାପୂର୍ଣ୍ଣ, ନରକ ବାସାଜ୍ଞାଯୁକ୍ତ ।

**Damned**, *a.* 1. ଯାବ ଦଣ୍ଡାଜ୍ଞାପ୍ରାପ୍ତ, ନରକଦଣ୍ଡାର୍ପିତ; 2. ଘୃଣିତ ।

**Damnify**, *v.t.* କ୍ଷତି-କ, ହାନି-କ, ଅପଚୟ-କ ।

**Damning**, *p.a.* ଦଣ୍ଡାଜ୍ଞାଜନକ, ଦଣ୍ଡାଜ୍ଞାବିଧାୟକ, ଦଣ୍ଡନୀୟ

Damp, *n.* 1. ଆର୍ଦ୍ରବାୟୁ, ଆର୍ଦ୍ରତା ; 2. କୁହୁଡ଼, କୁହୁଡ଼ିକା ; 3. ନାଶକ ବାଷ୍ପ; 4. ଉଦାସ୍ୟ, ବିଷଣ୍ଣତା ; 5. ଉତ୍ସାହଭଙ୍ଗ ବିଷୟ ।—*a.* ଓଦା, ଭିଜା, ଓଲ୍ଦା, ଆର୍ଦ୍ର ।—*v.t.* 1. ଓଦା-କ, ଓଲ୍ଦାଇବାର, ଆର୍ଦ୍ର-କ; 2. ଉତ୍ସାହଭଙ୍ଗ-କ, ଉଦ୍ୟୋଗଭଙ୍ଗ-କ, ହ୍ରାସ-କ ।

Damper, *n.* 1. ଯେ ବା ଯାହା ଆର୍ଦ୍ର କରେ ; 2. ବାୟୁନିୟାମକ ଅଗ୍ନିକୁଣ୍ଡର କବାଟ; 3. ଚପାଟି, ରୋଟୀ, (a Colonial use of the word).

Dampish, *a.* ଅଳ୍ପ ଓଦା, ଈଷତ୍ ଆର୍ଦ୍ର ।

Dampness, *n.* ଓଦାପଣ, ଆର୍ଦ୍ରତା ।

Damsel, *n.* ଅନୂଢ଼ା ଯୁବତୀ, କୁମାରୀ, ବାଳିକା ।

Damson, *n.* କଳାବର୍ଣ୍ଣ କୋଳିବିଶେଷ ।

Dance, *v.i.* ନାଚିବାର, ନାଚ-କ, ନୃତ୍ୟ-କ ।—*v.t.* ନଚାଇବାର ।—to dance attendance, ପଛେ ଅନୁସରଣ-କ ।—*n.* 1. ନାଚ, ନାଟ, ନୃତ୍ୟ; 2. ନାଚନିୟାମକ ସ୍ୱର ।

Dancer, *n.* ନାଟୁଆ, ନାଟକ, ନର୍ତ୍ତକ । [ମାହାରୀ ।

Dancing-girl, *n.* 1. ନାଚନୀ, ବାଇ, ନର୍ତ୍ତକୀ; 2.

Dancing-master, *n.* ନୃତ୍ୟ ଶିକ୍ଷକ ।

Dandify, *v.t.* ଫୁଲବାବୁପରି କରିବାର ।

Dandiprat, *n.* ଗିଦା ଟୋକା ।

Dandle, *v.t.* କୋଳରେ ନଚାଇବାର, ଲାଳନ-କ ।

Dandruff, *n.* ରୂସି ।

Dandy, *n.* ଫୁଲବାବୁ, ଫୁଲାରବନ୍ଦ ।

Dandyish, *a.* ଫୁଲବାବୁ ପରି ।

Dandyism, *n* ଫୁଲବାବୁଗିରି ।

Dane, *n.* ଡେନ୍ମାର୍କ ଦେଶୀୟ ଲୋକ ।

Danger, *n.* 1. କ୍ଷତ ବା ବିନାଶର ଆଶଙ୍କା, ସଙ୍କଟ, ଭୟ; 2. କ୍ଷତ, ବିପଦ, ଭୟ ।

Dangerous, *a.* ଶଙ୍କାଜନକ, ସଙ୍କଟମୟ, ଅପଦଜନକ, ଭୟାନକ ।

Dangerously, *ad.* ଭୟାନକରୂପେ, ଶଙ୍କାଜନକରୂପେ ।

Dangerousness, *n.* ଆଶଙ୍କାଜନକାବସ୍ଥା, ଭୟାନକତା, ସାଙ୍ଘାତିକତା ।

Danger-signal, *n.* ଭୟଜ୍ଞାପକ ।

Dangle, *v.i.* 1. ଲମ୍ବ ହେ, ଲଟକ ଝୁଲିବାର, ଝୁଲିବାର; 2. ଅଯାଚିତଭାବେ ପଛେ ଗୋଡ଼ାଇବାର, ଅନୁଗାମୀ-ହେ, ଅନୁସରଣ-କ ।—*v.t.* ଲଟକାଇ ଦେଇଥିବାର, ଝୁଲାଇବାର ।

Dangler, *n.* ଅନୁସରଣକାରୀ, ସ୍ତ୍ରୀଲୋକମାନଙ୍କର ପଛେ ଗୋଡ଼ାଇବା ବ୍ୟକ୍ତି ।

Danish, *a.* ଡେନ୍ମାର୍କ ଦେଶୀୟ, ଡେନ୍ମାର୍କବାସୀସମ୍ବନ୍ଧୀୟ ।

Dank, *a.* ଓଦା, ଆର୍ଦ୍ର ।

Danseuse, *n.* (French), ଅଭିନୟର ନର୍ତ୍ତକୀ ।

Dap, *v.i* ଟୋପ ଅଳ୍ପ କରି ପକାଇବାର ।

Dapper, *a.* 1. ଚାଲାକ ଓ ଚଞ୍ଚଳ; 2. ପରିପାଟୀ ।

Dapple, *n.* ପଶୁର ଦାଗ ।—*a.* ଚିତ୍ରିତ ।

Dappled, *a.* ଚିତ୍ରିତ, ଚିତ୍ରବିଚିତ୍ର ।

Dare, *v.i.* ସାହସୀ-ହେ, ସାହସ ବାନ୍ଧିବାରେ, ନିର୍ଭୟ-ହେ, ନିର୍ଭୟରେ ପ୍ରବୃତ୍ତ-ହେ ।—*v.t.* ସ୍ପର୍ଦ୍ଧା-କ, ଆହ୍ୱାନ-କ ।

Dare, *v.t.* ଭୟରେ ଅବଶ-କ ।

Dare-devil, *n.* ଅକୁତୋଭୟ ଲୋକ, ଦୁଃସାହସିକ ଲୋକ ।

Daring, *a.* ସାହସୀ, ଅକୁତୋଭୟ, ନିର୍ଭୟ ।—*n.* ସାହସ, ନିର୍ଭୟତା ।

Daringly, *ad.* ସାହସପୂର୍ବକ, ନିର୍ଭୟରେ, ଆହ୍ୱାନଭାବେ ।

Dark, *a.* 1. ଦୀପ୍ତିରହିତ, ଅନ୍ଧକାରମୟ, ଅନ୍ଧାର; 2. ଅସ୍ପଷ୍ଟ; 3. ନିରାନନ୍ଦ, ନିରାଶଜନକ ; 4. କଳା; 5. ଅଦୃଶ୍ୟ, ଗୁପ୍ତ, ଗୂଢ଼; 6. ଅଶିକ୍ଷିତ, ଅଜ୍ଞାନ; 7. ଅଧମ, ଅତି ଦୁଷ୍ଟ ।—*n.* 1. ଅନ୍ଧକାର, ତିମିର; 2. ଗୋପନୀୟତା; 3. ଅଜ୍ଞାତାବସ୍ଥା, usually with *the.*

Dark-browed, *a.* କର୍କଶମୁଖ, ଭ୍ରୁକୁଟିଯୁକ୍ତ ।

Darken, *v.t.* 1. ଅନ୍ଧକାର-କ, ତମିସ୍ରାଚ୍ଛନ୍ନ-କ ; 2. ଅସ୍ପଷ୍ଟ-କ ; 3. ନିରାନନ୍ଦ-କ, ଉଦାସ-କ; 4. କଳା-କ; 5. ଅନ୍ଧ-କ ; 6. ଅଜ୍ଞାନ-କ; 7. ଅଦୃଶ୍ୟ-କ ; 8. କଳୁଷିତ-କ ।—to darken one's door, କାହାରି ଘରେ ପ୍ରବେଶ କରିବାର ।—*v.i.* ଅନ୍ଧକାର-ହେ, ଅନ୍ଧକାରଯୁକ୍ତ-ହେ ।

Darkish, *a.* 1. କିଞ୍ଚିତ୍ ଅନ୍ଧକାର, ଈଷତ୍ ଅନ୍ଧାର; 2. ଈଷତ୍ କଳା ।

Darkle, *v.i.* 1. ଅସ୍ପଷ୍ଟରୂପେ ଦେଖା ଯିବାର; 2. ଅନ୍ଧାର-ହେ ।

Darkling, *ad.* ଅନ୍ଧାରରେ, ଗୋପନରେ ।—*a.* ତମିସ୍ରାଚ୍ଛନ୍ନ, ଘୋର ।

Darkly, *ad.* ଅସ୍ପଷ୍ଟରୂପେ ।

Darkness, *n.* 1. ଅନ୍ଧକାର, ତିମିର, ତମସ, ଅନ୍ଧାର ; 2. ଅସ୍ପଷ୍ଟତା; 3. କଳାବର୍ଣ୍ଣ, କୃଷ୍ଣତ୍ୱ; 4. ନିରାନନ୍ଦ; 5. ଅଦୃଶ୍ୟତା; 6. ଅଜ୍ଞାନତା; 7. ଗୁପ୍ତତା; 8. ନାରକୀୟ ଅନ୍ଧକାର; 9. ବିପଦ, ଉଦ୍‌ବେଗ ।

Darksome, *a.* ତମିସ୍ରାଚ୍ଛନ୍ନ, ଘୋର, ଦୀପ୍ତିହୀନ ।

Darky, *n.* କାଫ୍ରୀ ବା କୃଷ୍ଣବର୍ଣ୍ଣ ଲୋକର ଉପନାମ ।

Darling, *a.* ପ୍ରିୟ, ପ୍ରିୟତମ, ଗେହ୍ଲା, ଦୁଲାଳ ।—*n.* ସ୍ନେହପାତ୍ର, ପ୍ରିୟପାତ୍ର ।

Darn, *v.t.* ରଫୁ-କ, ଛିଦ୍ର ସିଲାଇ-କ ।—*n.* ରଫୁସ୍ଥାନ ।

Darner, *n.* ରଫୁକାର ।

Dart, *n.* 1. ବର୍ଚ୍ଛୀ, ଶୂଳ, ବର୍ଚ୍ଛୀ କରିବା ଅସ୍ତ୍ର, ବାଣ; 2. ଅକସ୍ମାତ୍ ଦୌଡ ବା ଡିଆଁ ।—*v.t.* ଅକସ୍ମାତ୍ ନିକ୍ଷେପ-କ, ବେଗରେ ଫୋପାଡିବାର ।—*v.i.* ବେଗରେ ବାହାରିବାର, ଶୀଘ୍ର ପଳାୟନ-କ, ଅକସ୍ମାତ୍ ଦୌଡିଯିବାର ।

Dash, *v.t.* 1. କଚାଡିବାର; 2. ଛାଟିଦେବାର, ମିଶ୍ରିତ-କ ; 3. ଶୀଘ୍ର କାର୍ଯ୍ୟ-କ, with *off*; 4. ଲେଖା କାଟିବାର; 5. ବିଫଳ-କ, ଭଗ୍ନ-କ; 6. ଲଜ୍ଜିତ-କ, ଅପ୍ରତିଭ-କ ।—*v.i.* ବେଗରେ ଧାବମାନ-ହେ ; 2. କଚଡ ହୋଇପଡିବାର ।—*n.* 1. ଧକ୍କା, ଆଘାତ; 2. ଅଳ୍ପ ମିଶ୍ରଣ; 3. ଅକ୍ରମଣ; 4. ସାହସିକତା, ଫୁର୍ତ୍ତି, ତେଜ ; 5. ଜାକଜମକ, ଆଡମ୍ବର; 6. ଲେଖନରେ ଚିହ୍ନ, ଯଥା, ——

**Dashing**, *a.* 1. ବେଗବାନ୍, ତେଜୀୟାନ୍; 2. ଆଡମ୍ବରୀ, ଜାଙ୍କଜମକୀ ।
**Dastard**, *n.* କାପୁରୁଷ, ଭୀରୁ ବ୍ୟକ୍ତି ।—*a.* ଭୀରୁ ।
**Dastardly**, *a.* 1. କାପୁରୁଷବତ୍, ଭୀରୁ; 2. ଅଧମ ।
**Dastardy**, *n.* କାପୁରୁଷତ୍ୱ, ଭୀରୁତା ।
**Data**, see datum.
**Date**, *n.* 1. ତାରିଖ; 2. କାଳ; 3. ସନ, ଅବ୍ଦ, ଯୁଗ ।—*v.t.* 1. ତାରିଖ-ଦେ; 2. କାଳ ନିରୂପଣ-କ, ଦିନ ସ୍ଥିର-କ, ତାରିଖ-କ ।—*v.i.* ଆରମ୍ଭ-ହେ, ଉତ୍ପନ୍ନ-ହେ ।
**Date**, *n.* ଖଜୁରି, ଖର୍ଜୁର ।
**Dateless**, *a.* 1. ତାରିଖରହିତ; 2. ଅନିର୍ଣ୍ଣୟକାଳ; 3. ଅନନ୍ତ । [ବୃକ୍ଷ ।
**Date-palm**, date-tree, *n.* ଖଜୁରି ଗଛ, ଖର୍ଜୁର
**Date-sugar**, *n.* ଖଜୁରି ଚିନି ।
**Dative**, *n.* ସମ୍ପ୍ରଦାନ, ସମ୍ପ୍ରଦାନକାରକ ।
**Datum**, *n. pl.* data, ସ୍ୱୀକୃତ ତତ୍ତ୍ୱ ବିଷୟ ବା ପ୍ରସ୍ତାବ ।
**Datura**, *n.* ଧୂତୁରା ।
**Daub**, *v.t.* 1. ଲିପିବାର, ଲେପନ-କ, ମଖାଇବାର, ମର୍ଦ୍ଦନ-କ; 2. ମୋଟାମୋଟି ଚିତ୍ର-କ, ଅତିଶୟ ରଙ୍ଗରଙ୍ଗ-ଯୁକ୍ତ-କ; 3. ଅତିଶୟ ଖୋଷାମୋଦ-କ; *n.* 1. ମୋଟା ଛବି; 2. ଲେପନ ।
**Dauber**, *n.* 1. ମୋଟା ଚିତ୍ରକର; 2. ବଡ ଖୋଷାମୁଦିଆ ଲୋକ ।
**Dauby**, *a.* ଚଟଚଟିଆ, ଅଠାଳିଆ ।
**Daughter**, *n.* ଝିଅ, କନ୍ୟା, ଦୁହିତା, ସୁତା, ସନ୍ତତି ।
**Daughter-in-law**, *n.* ବୋହୂ, ପୁତ୍ରବଧୂ ।
**Daughterly**, *a.* କନ୍ୟୋଚିତ, ଅଙ୍କବତ୍ । [ଭୀତ-କ ।
**Daunt**, *v.t.* ସାହସଭଙ୍ଗ-କ, ହତସାହସ-କ, ଡରାଇବାର,
**Dauntless**, *a.* ସାହସିକ, ନିର୍ଭୀକ, ନିଃଶଙ୍କ ।
**Dauntlessly**, *ad.* ସାହସପୂର୍ବକ, ନିର୍ଭୀକରୂପେ ।
**Dauntlessness**, *n.* ସାହସିକତା, ନିର୍ଭୀକତା ।
**Dauphin**, *n.* ଫ୍ରାନ୍ସଦେଶୀୟ ପୂର୍ବକାଳୀନ ଯୁବରାଜର ଉପାଧି ।
**Davits**, *n. pl.* ଜାହାଜରୁ ବୋଟ୍ ଓହ୍ଲାଇବା ନିମନ୍ତେ କପିଯୁକ୍ତ ଲୌହ ବା କାଷ୍ଠର ବଙ୍କା ଖୁଣ୍ଟ ।
**Daw**, *n.* କାକ ଜାତୀୟ ପକ୍ଷୀ ବିଶେଷ ।
**Dawdle**, *v.i.* ସମୟ ନଷ୍ଟ-କ, ବୃଥାରେ କାଳ କାଟିବାର, ଧୀରେ ଅନର୍ଥକ ବୁଲିବାର ।
**Dawk**, dak, *n.* ଡାକ ।
**Dawn**, *v.i.* 1. ଅରୁଣୋଦୟ-ହେ, ଦୀପ୍ତି ଆରମ୍ଭ-ହେ, ପ୍ରଭାତ-ହେ; 2. ଜ୍ଞାନୋଦୟ-ହେ, ବିକସିତ-ହେ, ଉଦୟ-ହେ ।—*n.* 1. ପ୍ରଭାତ, ଅରୁଣୋଦୟ, ପ୍ରତ୍ୟୂଷ; 2. ଆରମ୍ଭ, ଉଦୟ, ବିକାଶ ।
**Day**, *n.* 1. ଦିନ, ଦିବସ; 2. ଦୀପ୍ତି, ଆଲୋକ; 3. କାଳ, ସମୟ; 4. ଯୁଦ୍ଧ, ଯୁଦ୍ଧର ଦିନ; 5. ବାର, ତାରିଖ ।—a day after the fair, ଅବେଳରେ । a red letter day, ଶୁଭଦିନ । at this time of day, ଏତେ ବିଳମ୍ବରେ । day by day, day after day, ଦିନକୁଦିନ, ପ୍ରତିଦିନ, ପ୍ରତ୍ୟହ । every other day, ଦିନେ ଛଡା ଦିନେ । one of these days, କୌଣସି ସମୟରେ । to carry or win the day, କୃତକାର୍ଯ୍ୟ-ହେ, ଜୟୀ-ହେ ।
**Day-book**, *n.* ରୋଜନାମଚା, ପ୍ରତିଦିନର ଜମାଖର୍ଚ୍ଚ ବହି ।
**Daybreak**, *n.* ପ୍ରଭାତ, ଅରୁଣୋଦୟ ।
**Day-dream**, *n.* ଜାଗ୍ରତ ସ୍ୱପ୍ନ, ଧ୍ୟାନ ।
**Day-labour**, *n.* ଦିନମଜୁରି, ଦୈନିକକର୍ମ ।
**Day-labourer**, *n.* ଦିନ ମୂଲିଆ, ଦିନମଜୁର ।
**Daylight**, *n.* ଆଲୁଅ, ସୂର୍ଯ୍ୟର ଆଲୁଅ, ଦିନର ଦୀପ୍ତି ।
**Daylong**, *a.* ଦିନମାନ, ପୂରାଦିନ ।
**Daysman**, *n.* ମଧ୍ୟସ୍ଥ, ଭଲଲୋକ ।
**Dayspring**, *n.* ପ୍ରତ୍ୟୂଷ, ଅରୁଣୋଦୟ ।
**Day-star**, *n.* ପ୍ରଭାତ ତାରା, ଶୁକ୍ରତାରା ।
**Daytime**, ଦିନବେଳ, ଦିବସ ।
**Daywork**, *n.* ଦିନମଜୁରି, ଦିନକଅକାମ ।
**Daze**, *v.t.* 1. ହତବୁଦ୍ଧି-କ, ଅନୁଭବଶକ୍ତି ହ୍ରାସ-କ; 2. ଅତି ଦୀପ୍ତିରେ ଦୃଷ୍ଟି ଅବରୋଧ-କ, ଝଲସାଇ-ଦେ ।
**Dazzle**, *v.t.* ଅତି ଦୀପ୍ତିରେ ଦୃଷ୍ଟି ଅବରୋଧ-କ, ଝଲସାଇ-ଦେ, ଅତି ତେଜରେ ଧନ୍ଦା-କ ।—*v.i.* ଅତିଶୟ ଝକମକ-ହେ, ଅତି ତେଜସ୍ୱୀ-ହେ, ଧନ୍ଦା-ହେ; *n.* ଝକମକ ।
**Dazzling**, *p.a.* ଅତି ତେଜସ୍ୱୀ, ଝକମକିଆ ।
**Dazzlingly**, *ad.* ଅତି ତେଜସ୍ୱୀରୂପେ, ଝକମକିଆରୂପେ ।
**Deacon**, *n.* ମଣ୍ଡଳୀର ସେବକ, ଦିକନ ।
**Deaconess**, *n.* ମଣ୍ଡଳୀର ସେବିକା ।
**Deaconship**, deaconry, ମଣ୍ଡଳୀର ସେବକପଦ ।
**Dead**, *a.* 1. ପ୍ରାଣହୀନ, ନିର୍ଜୀବ, ମଲା, ମୃତ; 2. ମୃତବତ୍; 3. ଘୋର; 4. ଅପ୍ରକାଶକର, ସମଭାବବିଶିଷ୍ଟ; 5. ନିସ୍ତେଜ, ନୀରସ; 6. ପୂରା, ସମ୍ପୂର୍ଣ୍ଣ; 7. ଅବ୍ୟର୍ଥ (a dead shot); 8. ଅପ୍ରଚଳିତ ।— the dead, 1. (sing.) ମଧ୍ୟ ସମୟ, ଘୋରତା, (dead of night or winter); 2. *pl.* ମୃତ ଲୋକ ।—*ad.* ସମ୍ପୂର୍ଣ୍ଣରୂପେ ।
**Dead-born**, *a.* ମୃତଜାତ ।
**Dead-drunk**, *a.* ସମ୍ପୂର୍ଣ୍ଣରୂପେ ମତ୍ତ, ଅବଶ ପର୍ଯ୍ୟନ୍ତ ମତ୍ତ ।
**Deaden**, *v.t.* 1. ବେଗ ବା ବଳ ଊଣା-କ, ଅନୁଭବ ଶକ୍ତି ହ୍ରାସ-କ; 2. ତେଜହୀନ-କ, ଦୁର୍ବଳ-କ; 3. ବନ୍ଦତା-କ; 4. ଅନ୍ଧକାରମୟ-କ ।
**Dead-heat**, *n.* ଯେଉଁ ଦୌଡ଼ରେ ଧାବକମାନେ ଏକ ସ୍ଥାନରେ ଏକସଙ୍ଗରେ ପହଞ୍ଚନ୍ତି ।
**Dead-house**, *n.* କିଛି ସମୟ ପାଇଁ ଶବ ରଖିବା ଗୃହ ।
**Dead-letter**, *n.* 1. ଯେଉଁ ଚିଠି ଠିକଣା ହୋଇ ନ ପାଇବାରୁ ବଡ଼ ଡାକ ଘରକୁ ଫେରି ଯାଏ ଓ ସେଠାରେ ଖୋଲା ହୋଇ ପ୍ରେରକ ନିକଟକୁ ଫେରିଆସେ; 2. ଅପ୍ରଚଳିତ ବ୍ୟବସ୍ଥା ଆଦି ।
**Dead-light**, *n.* ଜାହାଜ କୋଠରୀର ଝରକାର ମୋଟ ଅଇନାଯୁକ୍ତ କବାଟବିଶେଷ ।
**Deadliness**, *n.* 1. ପ୍ରାଣନାଶକତ୍ୱ; 2. ଘୋରତା ।

**Dead-lock**, *n.* କାର୍ଯ୍ୟର ସମ୍ପୂର୍ଣ୍ଣ ଅଟକ, କାର୍ଯ୍ୟର ନିବୃତ୍ତି ।

**Deadly**, *a.* 1. ପ୍ରାଣନାଶକ, ମୃତ୍ୟୁଜନକ, ମାରାତ୍ମକ, ସାଂଘାତିକ; 2. ଅନିବାର୍ଯ୍ୟ, ଅତୋଷଣୀୟ, ଅପ୍ରଶମନୀୟ ।—*ad.* ପ୍ରାଣନାଶକରୂପେ, ସାଂଘାତିକରୂପେ ।

**Dead-march**, *n.* 1. ଶବ ନେବା ସମୟରେ ଗମ୍ଭୀର ସୈନିକ ବାଦ୍ୟ; 2. କୌଣସି ବିଶେଷ ଲୋକର ମୃତ୍ୟୁ ଉପଲକ୍ଷରେ ଗମ୍ଭୀର ବାଦ୍ୟ ।

**Deadness**, *n.* 1. ମୃତାବସ୍ଥା, ପ୍ରାଣହୀନତା; 2. ଜଡ଼ତା, ନିସ୍ତେଜତା, ଶିଥିଳତା, ଉଦାସୀନତା ।

**Dead-set**, *n.* 1. ଶିକାର ପ୍ରତି କୁକୁରର ସ୍ଥିର ଲକ୍ଷ୍ୟ; 2. ଦୃଢ଼ ଉଦ୍ୟୋଗ, ବ୍ୟକ୍ତିଗତ ଆକ୍ରମଣ ।

**Dead-weight**, *n.* କଷ୍ଟଦାୟକ ଭାର ।

**Deaf**, *a.* 1. କାଲ, ବଧିର, ଶ୍ରବଣେନ୍ଦ୍ରିୟହୀନ; 2. ଶୁଣିବାକୁ ଅନିଚ୍ଛୁକ, ଅମନୋଯୋଗୀ, ଅବିଚଳିତ, ଉଦାସୀନ ।

**Deafen**, *v.t.* 1. କାଲ-କର, ବଧିର-କର, ଗୋଳମାଳରେ କାନ ଅତଡ଼ା ପକାଇବାର; 2. ଶବ୍ଦ ଅନଧିଗମ୍ୟ-କର ।

**Deafening**, *a.* ବଧିରକାରୀ ।—*n.* ଶବ୍ଦ ଅନଧିଗମ୍ୟ କରାଇବା ପଦାର୍ଥ ।

**Deafly**, *ad.* ବଧିରଭାବେ ।

**Deaf-mute**, *n.* କାଲ ଓ ଘୁଙ୍ଗା ଲୋକ ।

**Deafness**, *n.* 1. ବଧିରତା, ଶ୍ରବଣହୀନତା; 2. ଶୁଣିବାରେ ଅନିଚ୍ଛା, ଅମନୋଯୋଗିତା ।

**Deal**, *n.* 1. ଅଂଶ, ଅନିର୍ଦ୍ଦିଷ୍ଟ ପରିମାଣ; 2. ତାସର ବଣ୍ଟନ; 3. ରାଜନୀତିରେ ବା ବାଣିଜ୍ୟରେ ଏକଚେଟିଆ କରି ନେବା ।—*v.t.* 1. ବାଣ୍ଟିବାର, ବଣ୍ଟନ-କର । 2. ଦେବାର, କରିବାର ।—*v.i.* 1. ଅଂଶୀ-ହେ, ବ୍ୟବସାୟ-କର; 2. ମଧ୍ୟସ୍ଥ-ହେ; 3. ବ୍ୟବହାର-କର, ଆଚରଣ-କର; 4. ତାସ ବାଣ୍ଟିବାର ।—to deal with, ଅନ୍ୟର ସହିତ ବ୍ୟବହାର-କର । to deal in, କୌଣସି ପଦାର୍ଥରେ ବ୍ୟବସାୟ-କର ।

**Deal**, *n.* ଦେବଦାରୁ ପଟା, ଦେବଦାରୁ ତକ୍ତା ।

**Dealer**, *n.* 1. ବେପାରୀ, ବ୍ୟାପାରୀ, ବ୍ୟବସାୟୀ; 2. ଯେ ଖେଳରେ ତାସ ବାଣ୍ଟେ ।

**Dealing**, *n.* 1. ବ୍ୟବହାର, ଆଚରଣ, ସମ୍ପର୍କ; 2. ବ୍ୟବସାୟ, କାରବାର, ଦେବାନେବା ।

**Dean**, *n.* 1. ଧର୍ମାଧ୍ୟକ୍ଷବିଶେଷ; 2. ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ; 3. ଓକିଲସମ୍ପ୍ରଦାୟର ସଭାପତି ।

**Deanery**, *n.* 1. ଧର୍ମାଧ୍ୟକ୍ଷବିଶେଷର ବାସସ୍ଥାନ; 2. ଧର୍ମାଧ୍ୟକ୍ଷବିଶେଷର ଅଧିକାର ବା ପଦ ।

**Dear**, *a.* 1. ବହୁମୂଲ୍ୟ, ଦୁର୍ମୂଲ୍ୟ; 2. ମହଙ୍ଗା, ମହାର୍ଘ; 3. ପ୍ରିୟ, ଇଷ୍ଟ ।—*n.* ପ୍ରିୟତମ, ପ୍ରିୟତମା । [କିଣା ।

**Dear-bought**, *a.* ବହୁତ ମୂଲ୍ୟରେ କିଣା, ମହଙ୍ଗାରେ

**Dearly**, *ad.* 1. ପ୍ରିୟରୂପେ, ସ୍ନେହପୂର୍ବକ; 2. ମହଙ୍ଗାରେ ।

**Dearness**, *n.* 1. ବହୁମୂଲ୍ୟତା; 2. ମହଙ୍ଗା, ମହାର୍ଘତା; 3. ପ୍ରିୟତା, ଇଷ୍ଟତା ।

**Dearth**, *n.* 1. ଦୁର୍ଭିକ୍ଷ, ଅକାଳ; 2. ଅଭାବ ।

**Deary**, *n.* ସ୍ନେହସୂଚକ ଶବ୍ଦ, ଯଥା,—ପ୍ରିୟା, ପ୍ରିୟତମ ।

**Deaspirate**, *v.t.* ହ ଶବ୍ଦ ବିନା ଉଚ୍ଚାରଣ-କର ।

**Death**, *n.* 1. ମରଣ, ମୃତ୍ୟୁ, ପ୍ରାଣତ୍ୟାଗ, କାଳପ୍ରାପ୍ତି, ବିୟୋଗ, ପଞ୍ଚତ୍ୱ; 2. ମୃତ୍ୟୁର କାରଣ; 3. ମୃତଦେହ, କଙ୍କାଳ; 4. ବଧ; 5. ମଡ଼କ; 6. ପ୍ରାଣଦଣ୍ଡ; 7. ପାରମାର୍ଥିକ ମୃତ୍ୟୁ, ପାପାଧୀନତା; 8. ନାଶ, କ୍ଷୟ, ଲୋପ ।

**Death-agony**, *n.* ମୃତ୍ୟୁଯନ୍ତ୍ରଣା ।

**Death-bed**, *n.* ମୃତ୍ୟୁଶଯ୍ୟା ।

**Death-bell**, *n.* ମୃତ୍ୟୁସୂଚକ ଘଣ୍ଟା ।

**Death-blow**, *n.* 1. ପ୍ରାଣନାଶକ ଆଘାତ, ସାଂଘାତିକ ଆଘାତ; 2. ଆଶା ଭଙ୍ଗକାରୀ ବିଷୟ, ନାଶକାରୀ ବିଷୟ ।

**Death-fire**, *n.* (କୁସଂସ୍କାରରେ) ମୃତ୍ୟୁସୂଚକ ଝିଲ୍ଲୀ ଘୁଣି ନିଆ । [ମର୍ତ୍ତ୍ୟ ।

**Deathful**, *a.* 1. ମୃତ୍ୟୁଜନକ, ପ୍ରାଣନାଶକ; 2. ମର,

**Deathless**, *a.* 1. ଅମର, ଚିରଜୀବୀ; 2. ନିତ୍ୟସ୍ଥାୟୀ ।

**Deathlike**, *a.* 1. ମୃତବତ୍, ମୃତ୍ୟୁସଦୃଶ; 2. ଘୋର; 3. ନିସ୍ତବ୍ଧ, ସ୍ଥିର ।

**Deathly**, *a.* ମୃତ୍ୟୁଜନକ, ପ୍ରାଣନାଶକ ।—*ad.* ମୃତବତ୍ ।

**Death-rate**, *n.* ପ୍ରତି ହଜାରରେ ମୃତ୍ୟୁ ସଂଖ୍ୟା, ମୃତ୍ୟୁର ଅନୁପାତ ।

**Death-rattle**, *n.* ମୃତ୍ୟୁକାଳରେ କଣ୍ଠର ଘଡ଼ଘଡ଼ ଶବ୍ଦ ।

**Death's-door**, *n.* ମୃତ୍ୟୁଦ୍ୱାର, ମୃତ୍ୟୁର ନିକଟତ୍ୱ ।

**Death's-head**, *n.* ମଡ଼ାର ଖପୁରି, ଖପୁରି ପରି ଆକୃତି ।—death's-head moth, ବଡ଼ ପତଙ୍ଗ ବିଶେଷ ଯାହାର ପିଠି ଉପରେ ଖପୁରି ପରି ଚିହ୍ନ ଥାଏ ।

**Death's-man**, *n.* ପ୍ରାଣହନ୍ତା, ଜଲ୍ଲାଦ୍ ।

**Death-stroke**, *n.* ମୃତ୍ୟୁର ଆଘାତ, ପ୍ରାଣନାଶକ ଆଘାତ ।

**Death-struggle**, *n.* ମୃତ୍ୟୁଯନ୍ତ୍ରଣା ।

**Death-token**, *n.* ମୃତ୍ୟୁଲକ୍ଷଣ ।

**Death-warrant**, *n.* ପ୍ରାଣଦଣ୍ଡର ପରୱାନା, ବଧାଦେଶ ।

**Death-watch**, *n.* 1. (କୁସଂସ୍କାରରେ) ମୃତ୍ୟୁସୂଚକ ଶବ୍ଦକାରୀ କୀଟ; 2. ମୃତ୍ୟୁକାଳରେ ଜାଗରଣ; 3. ଫାଶି ପାଇବା ଲୋକର ଜଗୁଆଳି ।

**Debacle**, *n.* 1. ନଦୀରେ ବରଫର ହଠାତ୍ ଭଙ୍ଗ; 2. ଧ୍ୱଂସକାରୀ ବନ୍ୟା; 3. ଭୟରେ ସୈନ୍ୟର ହଠାତ୍ ପଳାୟନ; 4. ଶାସନ ପ୍ରଣାଳୀର ହଠାତ୍ ନିପାତ ।

**Debar**, *v.t.* 1. ନିବାରଣ-କର; 2. ବହିଷ୍କୃତ-କର, ବଞ୍ଚିତ-କର ।

**Debark**, *v.t.* ଜାହାଜ ବା ନୌକାରୁ ଓହ୍ଲାଇବାର ।

**Debarkation**, *n.* ଜାହାଜରୁ ମାଲ ଓହ୍ଲାଇବା ।

**Debarment**, *n.* 1. ନିବାରଣ, ନିଷେଧକରଣ; 2. ବଞ୍ଚିତକରଣ ।

**Debase**, *v.t.* 1. ମାନହାନି-କର, ଅପମାନ-କର, ଅଧମ-କର, ଭ୍ରଷ୍ଟ-କର; 2. ଖାଦଯୁକ୍ତ-କର, ନିକୃଷ୍ଟ-କର ।

**Debased**, *p.a.* 1. ଖାଦଯୁକ୍ତ, ନିକୃଷ୍ଟ; 2. ଅପମାନିତ, ଭୁଲିହିତ, ଅଧମ ।

**Debasement**, *n.* 1. ମାନହାନି, ଅପମାନ, ଭ୍ରଷ୍ଟତା; 2. ଖାଦମିଶ୍ରଣ, ଅପକର୍ଷ, ଲଘୁକରଣ ।

**Debasing**, *p.a.* ମାନହାନିଜନକ, ଭ୍ରଷ୍ଟକାରୀ ।

**Debatable**, *a.* ବିବାଦନୀୟ, ବିତର୍କଣୀୟ, ବାଦାନୁବାଦୀୟ, ବିତର୍କ ।

**Debate**, *n.* ବାଦାନୁବାଦ, ତର୍କବିତର୍କ, ବିତଣ୍ଡା, ବିଚାର, ବିବାଦ ।—*v.t.* ବାଦାନୁବାଦ-କ, ତର୍କବିତର୍କ-କ, ବିଚାର-କ ।—*v.i.* ବିବେଚନା-କ, ଚିନ୍ତା-କ ।—debating society, ଆଲୋଚନା ସଭା ।

**Debater**, *n.* ବାଦାନୁବାଦକର୍ତ୍ତା, ତର୍କବାଗୀଶ, ବିତଣ୍ଡାବାଦୀ ।

**Debauch**, *v.t.* (ସତ୍ପଥରୁ ଭ୍ରଷ୍ଟ-କ); 1. ବିଗାଡିବାର; 2. ଭ୍ରଷ୍ଟ-କ, ନଷ୍ଟ-କ, ଅଶୁଚି-କ ।—*v.i.* ମତ୍ତ-ହେ, ଲାମ୍ପଟ୍ୟକ୍ରୀଡା-କ ।—*n.* 1. ଅପରିମିତାହାର, ଲାମ୍ପଟ୍ୟ, ମତ୍ତତା, ଲୋଚାପଣ; 2. ଲାମ୍ପଟ୍ୟର ଉତ୍ସବ ।

**Debauched**, *p.a.* ଭ୍ରଷ୍ଟ, ଲମ୍ପଟ ।

**Debauchee**, *n.* ଲମ୍ପଟୀ, ଲୋଚା ।

**Debauchery**, *n.* ସେଚ୍ଛୁକତା, ମତ୍ତତା, ଲମ୍ପଟତା ।

**Debauchment**, *n.* ଭ୍ରଷ୍ଟକରଣ ।

**Debenture**, *n.* ଋଣପତ୍ର, ଖତ, ଦାବୀପତ୍ର ।

**Debilitate**, *v.t.* ଦୁର୍ବଳ-କ, କ୍ଷୀଣ-କ, କ୍ଳାନ୍ତ-କ ।

**Debilitating**, *p.a.* ଦୁର୍ବଳକାରୀ ।

**Debilitation**, *n.* ଦୁର୍ବଳକରଣ ।

**Debility**, *n.* ଦୁର୍ବଳତା, ଶକ୍ତିକ୍ଷୟ ।

**Debit**, *n.* ଖର୍ଚ୍ଚ ।—debit side, ହିସାବବହିର ବାମ ପାଖ, ଖର୍ଚ୍ଚପାଖ ।—*v.t.* ଋଣୀ-କ, ହିସାବବହିରେ ଖର୍ଚ୍ଚ ଲେଖିବାର ।

**Debonair**, *a.* (French), ସୁଶୀଳ, ଶିଷ୍ଟ, ମିଳାପୀ ।

**Debonairly**, *ad.* ସୁଶୀଳଭାବେ, ମିଳାପିରୂପେ ।

**Debouch**, *v.i.* *debūsh*, ସଙ୍କୀର୍ଣ୍ଣ ସ୍ଥାନରୁ ନିର୍ଗତ-ହେ, ସଙ୍କୀର୍ଣ୍ଣ ସ୍ଥାନରୁ ବାହାର ଆସିବାର ।

**Debris**, *n.* *debree*, (French), ଭଗ୍ନାବଶେଷ, ଧ୍ୱଂସାବଶେଷ, ଆଳିଆ, ସଞ୍ଚିତ ଭଗ୍ନ ପ୍ରସ୍ତର ।

**Debt**, *n.* 1. ଦେଣା, ଧାର, ଋଣ, କର୍ଜ୍ଜ; 2. ଦାୟିତ୍ୱ, କର୍ତ୍ତବ୍ୟ; 3. ଅପରାଧ ।

**Debtor**, *n.* ଋଣୀ, ଦେଣାଦାର, ଖାତକ ।—debtor side, ହିସାବ ବହିରେ ଋଣ ଲେଖା ହେବା ପାଖ, ଖର୍ଚ୍ଚ ପାଖ ।

**Debut**, *n.* *da-bú*, (French), ଜନସାଧାରଣଙ୍କ ସମ୍ମୁଖରେ ପ୍ରଥମ ଉପସ୍ଥିତି, ପ୍ରଥମ ଉଦ୍ୟମ ।

**Decadal**, *a.* 1. ଦଶ ବର୍ଷସମ୍ବନ୍ଧୀୟ; 2. ଦଶସଂଖ୍ୟା- [ବିଶିଷ୍ଟ ।

**Decade**, *n.* 1. ଦଶସଂଖ୍ୟା, ଦଶକ, ଦଶ; 2. ଦଶ ବର୍ଷ ।

**Decadence, decadency**, *n.* ଅବନତି, କ୍ଷୟାବସ୍ଥା, କ୍ଷୟ ।

**Decagon**, *n.* ଦଶଭୁଜ କ୍ଷେତ୍ର ।

**Decahedron**, *n.* ଦଶଭୁଜବିଶିଷ୍ଟ ଘନକ୍ଷେତ୍ର ।

**Decalogue**, *n.* ଈଶ୍ୱରଙ୍କ ଦତ୍ତ ଦଶାଜ୍ଞା ।

**Decamp**, *v.i.* ଛାଉଣିରୁ ପ୍ରସ୍ଥାନ-କ, ହଠାତ୍ ପ୍ରସ୍ଥାନ କ, ଗୋପନରେ ପଳାୟନ-କ, ପଳାଇବାର ।

**Decampment**, *n.* ଛାଉଣିରୁ ପ୍ରସ୍ଥାନକରଣ, ପ୍ରସ୍ଥାନ ।

**Decangular**, *a.* ଦଶ କୋଣବିଶିଷ୍ଟ ।

**Decant**, *v.t.* ଧୀରେ ଢାଳିବାର, ଏକ ପାତ୍ରରୁ ଅନ୍ୟ ପାତ୍ରରେ ଢାଳିବାର ।

**Decanter**, *n.* ଦ୍ରାକ୍ଷାରସାଦି ରଖିବା ପାଇଁ କାଚଠିପିଲଗା କାଚ ପାତ୍ରବିଶେଷ ।

**Decapitate**, *v.t.* ଶିରଚ୍ଛେଦନ-କ, ମସ୍ତକ ଚ୍ଛେଦନ-କ ।

**Decapitation**, *n.* ଶିରଚ୍ଛେଦନ, ମସ୍ତକଚ୍ଛେଦନ ।

**Decapod**, *n.* ଦଶପଦୀ ଜନ୍ତୁ ।—*a.* decapod, decapodal, decapodous, ଦଶପଦୀ ।

**Decarbonize, decarburize**, *v.t.* ଅଙ୍ଗାରରହିତ-କ ।

**Decay**, *v.i.* କ୍ଷୟ-ହେ, ହ୍ରାସ-ହେ, ଜୀର୍ଣ୍ଣ-ହେ, ମ୍ଳାନ-ହେ ।—*n.* କ୍ଷୟ, ହ୍ରାସ, ଜୀର୍ଣ୍ଣତା, ପତନ ।

**Decease**, *n.* ପ୍ରାଣତ୍ୟାଗ, ମୃତ୍ୟୁ ।—*v.i.* ପ୍ରାଣତ୍ୟାଗ-କ ।

**Deceased**, *p.a.* ମୃତ । often used as a noun with *the*.

**Deceit**, *n.* ପ୍ରବଞ୍ଚନା, ପ୍ରତାରଣା, ଚତୁରୀ, ଛଳ, ଧୂର୍ତ୍ତତା, କପଟତା, ଶଠତା ।

**Deceitful**, *a.* ପ୍ରବଞ୍ଚକ, ପ୍ରବଞ୍ଚନାଶୀଳ, ଧୂର୍ତ୍ତ, ଶଠ, କପଟୀ, କୁଟିଳ, ଖଳ ।

**Deceitfully**, *ad.* ପ୍ରବଞ୍ଚନାପୂର୍ବକ, ଛଳରେ, କପଟଭାବେ, ଖଳରୂପେ ।

**Deceitfulness**, *n.* ପ୍ରବଞ୍ଚକତା, ଧୂର୍ତ୍ତତା, କପଟତା, ଖଳତା ।

**Deceivable**, *a.* ବଞ୍ଚନୀୟ, ପ୍ରତାରଣୀୟ ।

**Deceivableness**, *n.* ବଞ୍ଚନୀୟତା, ପ୍ରତାରଣୀୟତା ।

**Deceive**, *v.t.* 1. ପ୍ରବଞ୍ଚନା-କ, ପ୍ରତାରଣା-କ, ଠକିବାର, ଭୁଲାଇବାର; 2. (ଆଶାଭରସା) ବିଫଳ-କ ।

**Deceiver**, *n.* ପ୍ରବଞ୍ଚକ, ପ୍ରତାରକ, ଠକ, କପଟୀ ।

**December**, *n.* ଇଉରୋପୀୟ ବର୍ଷର ଶେଷ ମାସ, ମାର୍ଗଶିର ପୌଷ ।

**Decemvir**, *n. pl.* decemviri, and decemvirs, ପୁରାତନ ରୋମ୍ ନଗରର ଦଶ ଶାସନକର୍ତ୍ତାମଧ୍ୟରେ ଜଣେ ।

**Decemvirate**, *n.* ପୁରାତନ ରୋମ୍ ନଗରର ଦଶ ଶାସନକର୍ତ୍ତା ବା ସେମାନଙ୍କର ପଦ ।

**Decency**, *n.* ଆଚାର ବ୍ୟବହାରର ଉପଯୁକ୍ତତା, ଉପଯୁକ୍ତତା, ସଭ୍ୟତା, ଭଦ୍ରତା, ସୁଲଜ୍ଜା ।

**Decennial**, *a.* ଦଶବର୍ଷକାଳସ୍ଥାୟୀ, ଦଶବର୍ଷୀୟ, ଦଶବାର୍ଷିକ, ଦଶସାଲ ।

**Decent**, *a.* 1. ଉଚିତ, ଉପଯୁକ୍ତ, ଯୋଗ୍ୟ, ସୁନ୍ଦର; 2. ସଲଜ୍ଜ; 3. ମଧ୍ୟମ ।

**Decently**, *ad.* 1. ଉଚିତରୂପେ, ଉପଯୁକ୍ତରୂପେ; 2. ସଲଜ୍ଜଭାବେ; 3. ମଧ୍ୟମ ପ୍ରକାରେ ।

**Decentralization**, *n.* ପ୍ରଧାନ କର୍ତ୍ତୃତ୍ୱର ସମ୍ପର୍କରୁ ବା କେନ୍ଦ୍ରରୁ ପୃଥକ୍‌କରଣ ।

**Decentralize**, *v.t.* 1. କେନ୍ଦ୍ରରୁ ପ୍ରସାରିତ-କ; 2. ପ୍ରଧାନ କର୍ତ୍ତୃତ୍ୱର ସମ୍ପର୍କରୁ ବା କେନ୍ଦ୍ରରୁ ପୃଥକ୍-କ ।

**Deception**, *n.* 1. ପ୍ରବଞ୍ଚନା, ପ୍ରତାରଣା, ଛଳ, ଧୂର୍ତ୍ତତା, ଚତୁରୀ, ଶଠତା, କାପଟ୍ୟ; 2. ପ୍ରବଞ୍ଚିତାବସ୍ଥା; 3. ମାୟା ।

**Deceptive**, *a.* ପ୍ରବଞ୍ଚନାକାରୀ, ପ୍ରତାରଣାକ୍ଷମ, ଭ୍ରମକ, ମିଥ୍ୟା ।

**Deceptively**, *ad.* ପ୍ରବଞ୍ଚନାକାରୀରୂପେ ।

**Deceptiveness**, *n.* ପ୍ରବଞ୍ଚନାକାରିତ୍ୱ, ପ୍ରବଞ୍ଚନାଶୀଳତା ।

**Dechristianize**, *v.t.* ଖ୍ରୀଷ୍ଟଧର୍ମରୁ ଫେରାଇବାର, ଖ୍ରୀଷ୍ଟଧର୍ମରୁ ବିଶ୍ୱାସ ଲୋପ-କ ।

**Decidable**, *a.* ନିଷ୍ପତ୍ତିକରଣୀୟ, ନିର୍ଣ୍ଣେୟ, ମୀମାଂସା-ଯୋଗ୍ୟ ।

**Decide**, *v.t.* 1. ନିଷ୍ପତ୍ତି-କ, ମୀମାଂସା-କ, ନିର୍ଣ୍ଣୟ-କ, ରଫା-କ; 2. ସ୍ଥିର-କ; 3. ସମାଧା-କ ।—*v.i.* ନିଶ୍ଚିତ-କ, ସିଦ୍ଧାନ୍ତରେ ଉପନୀତ-ହେ ।

**Decided**, *p.a.* 1. ସୁସ୍ପଷ୍ଟ, ନିଶ୍ଚିତ, ନିଃସନ୍ଦିଗ୍ଧ; 2. ଦୃଢ, ସ୍ଥିର, ଅଟଳ ।

**Decidedly**, *ad.* 1. ଦୃଢରୂପେ, ସ୍ଥିରଚିତ୍ତରେ; 2. ନିଶ୍ଚିତରୂପେ, ସ୍ପଷ୍ଟରୂପେ, ନିଃସନ୍ଦେହରେ ।

**Deciduous**, *a.* ଅସ୍ଥାୟୀ, ବହୁବର୍ଷସ୍ଥାୟୀ ନୁହେ, ସମୟରେ ପତନଶୀଳ ।

**Decimal**, *a.* 1. ଦଶକ, ଦଶମିକ, ଦଶସଂଖ୍ୟକ, ଦଶଗୁଣିତ; 2. ଦଶମାଂଶସମ୍ବନ୍ଧୀୟ ।—*n.* ଦଶମିକ ଅଙ୍କ ।

**Decimate**, *v.t.* 1. ଗୁଳିବାଣ୍ଟ କରି ଦଶମ ବ୍ୟକ୍ତିକୁ ପ୍ରାଣଦଣ୍ଡ-ଦେ; 2. ଅସଂଖ୍ୟ ନଷ୍ଟ-କ ।

**Decimation**, *n.* 1. ପ୍ରାଣଦଣ୍ଡ ନିମନ୍ତେ ଦଶମ ବ୍ୟକ୍ତିକୁ ମନୋନୀତକରଣ; 2. ଅସଂଖ୍ୟ ଲୋକର ବିନାଶ ।

**Decipher**, *v.t.* 1. ସାଙ୍କେତିକ ଲେଖା ବ୍ୟାଖ୍ୟା-କ; 2. ଅସ୍ପଷ୍ଟ ଲେଖା ପଢିବାର; 3. ବ୍ୟାଖ୍ୟା-କ, ଅର୍ଥ-କ, ଗୂଢାର୍ଥ ପ୍ରକାଶ-କ ।

**Decipherable**, *a.* ବ୍ୟାଖ୍ୟାକରଣୀୟ । [ପଠନ ।

**Decipherment**, *n.* ବ୍ୟାଖ୍ୟାକରଣ, କଦର୍ଯ୍ୟ ଲେଖାର

**Decision**, *n.* 1. ନିଷ୍ପତ୍ତି, ମୀମାଂସା, ସମାଧା; 2. ସ୍ଥିର ରଫା; 3. ଦୃଢତା, ଅଟଳତା; 4. ଅଟଳ ଅଭିପ୍ରାୟ ।

**Decisive**, *a.* 1. ନିଷ୍ପତ୍ତିକରଣକ୍ଷମ, ନିଷ୍ପତ୍ତିଜନକ, ମୀମାଂସାକାରୀ, ସନ୍ଦେହଭଗ୍ନକାରୀ; 2. ଦୃଢ, ଅଟଳ; 3. ନିଶ୍ଚିତ, ଚୂଡାନ୍ତ ।

**Decisively**, *ad.* 1. ନିଶ୍ଚିତରୂପେ, ଚୂଡାନ୍ତରୂପେ; 2. ଦୃଢରୂପେ, ସ୍ଥିରରୂପେ, ନିଃସନ୍ଦେହରେ ।

**Decisiveness**, *n.* 1. ନିଷ୍ଠାୟକତ୍ୱ, ଚୂଡାନ୍ତାବସ୍ଥା; 2. ଚରିତ୍ରର ଦୃଢତା ।

**Deck**, *v.t.* 1. ବିଭୂଷିତ-କ, ବେଶଭୂଷା-କ, ଶୋଭିତ-କ, ଅଲଙ୍କୃତ-କ, ସଜାଇବାର; 2. (ଜାହାଜର) ମେଢିଆ ଲଗାଇବାର ।—*n.* ଜାହାଜର ମେଢିଆ ।

**Decker**, *n.* 1. ଯେ ବା ଯାହା ଶୋଭିତ କରେ; 2. ମେଢିଆଥିବା ଜାହାଜ ।

**Declaim**, *v.t.* 1. ଅଲଙ୍କାର ବାକ୍ୟରେ କହିବାର; 2. ଆବୃତ୍ତି-କ ।—*v.i.* 1. ଅଲଙ୍କୃତ ବକ୍ତୃତା-ଦେ; 2. ଆବୃତ୍ତି-କ; 3. ବାଗାଡମ୍ବର-କ, ବକିବାର ।

**Declamation**, *n.* 1. ଆବୃତ୍ତି; 2. ଅଲଙ୍କୃତ ବକ୍ତୃତା; 3. ବାଗାଡମ୍ବର ।

**Declamatory**, *a.* 1. ଅଲଙ୍କୃତ ବକ୍ତୃତାସମ୍ବନ୍ଧୀୟ, ବାକ୍‌ପଟୁ; 2. ବାଗାଡମ୍ବରପୂର୍ଣ୍ଣ ।

**Declarabie**, *a.* ପ୍ରକାଶ୍ୟ, ପ୍ରମାଣଯୋଗ୍ୟ ।

**Declaration**, *n.* 1. ପ୍ରକାଶନ; 2. ପ୍ରକାଶିତ ବିଷୟ, ଘୋଷଣା, ବିଜ୍ଞାପନ; 3. ଦୃଢକଥନ ।

**Declarative**, *a.* 1. ବିଜ୍ଞାପନସମ୍ବନ୍ଧୀୟ; 2. ବ୍ୟକ୍ତ, ପ୍ରକାଶିତ; 3. ଜ୍ଞାପକ ।

**Declaratory**, *a.* ବ୍ୟକ୍ତକାରୀ, ପ୍ରକାଶକ, ଜ୍ଞାପକ, ବୋଧକ ।

**Declare**, *v.t.* 1. ପ୍ରକାଶ-କ, ବ୍ୟକ୍ତ-କ, ସ୍ପଷ୍ଟରୂପେ ଜଣାଇବାର, ଜ୍ଞାତ-କ; 2. ଦୃଢରୂପେ କହିବାର; 3. ଘୋଷଣା-କ, ପ୍ରଚାର-କ ।—to declare one's self, ନିଜ ମତ ପ୍ରକାଶ-କ, ସ୍ୱମତ ବ୍ୟକ୍ତ-କ ।—*v.i.* ପ୍ରକାଶ-କ, ଅଭିପ୍ରାୟ ଜଣାଇବାର ।—to declare off, ସହକାରିତା ପରିତ୍ୟାଗ-କ, ସ୍ୱଦଳ ପରିତ୍ୟାଗ-କ ।

**Declared**, *p.a.* 1. ପ୍ରକାଶିତ, ଜ୍ଞାପିତ, ପ୍ରଚାରିତ; 2. ପ୍ରକାଶରେ ସ୍ୱୀକୃତ, ପ୍ରକାଶ, ଯଥା,—ପ୍ରକାଶ ଶତ୍ରୁ ।

**Declaredly**, *ad.* ସ୍ୱୀକୃତରୂପେ, ପ୍ରକାଶ୍ୟଭାବେ ।

**Declension**, *n.* 1. ଅଧଃପତନ, ଅବନତି, ହ୍ରାସାବସ୍ଥା; 2. ବିଭକ୍ତିସାଧନ, ଶବ୍ଦସାଧନ, ଶବ୍ଦରୂପ; 3. ଅଗ୍ରାହ୍ୟକରଣ; 4. ଗଡନ୍ତିସ୍ଥାନ ।

**Declinable**, *a.* ବିଭକ୍ତି ଦ୍ୱାରା ସାଧ୍ୟ, ଶବ୍ଦରୂପାନ୍ତରକରଣୀୟ ।

**Declinal**, *a.* କ୍ରମନିମ୍ନ, ଢାଲୁ ।

**Declination**, *n.* 1. ନତକରଣ, ଢାଲୁକରଣ; 2. ଅଧଃପତନ, କ୍ଷୟ; 3. ବକ୍ରତା; 4. କ୍ରାନ୍ତି ।

**Declinator**, *n.* କ୍ରାନ୍ତିନିରୂପକ ଯନ୍ତ୍ରବିଶେଷ ।

**Declinatory**, *a.* 1. ଢାଲୁସମ୍ବନ୍ଧୀୟ; 2. ଅଧଃପତନସମ୍ବନ୍ଧୀୟ; 3. ନାସ୍ତିସୂଚକ ।

**Declinature**, *n.* ଅଗ୍ରାହ୍ୟକରଣ, ନାସ୍ତିକରଣ ।

**Decline**, *v.i.* 1. ନତ-ହେ, ନଇଁବାର, ବଙ୍କ-ହେ, ଝୁଙ୍କି ପଡିବାର; 2. ବିପଥରେ ଯିବାର; 3. କ୍ଷୟ-ହେ, ହ୍ରାସ-ହେ, ଶେଷ ହେ; 4. ଅସ୍ୱୀକୃତ-ହେ, ଅସମ୍ମତ-ହେ, ନାସ୍ତି-କ ।—*v.t.* 1. ନତ-କ; 2. ଏଡାଇବାର, ଅସ୍ୱୀକାର-କ, ନାସ୍ତି-କ; 3. ପଦର ବିଭକ୍ତି ସାଧନ-କ, ଶବ୍ଦରୂପ-କ ।—*n.* 1. ପତନ, ହ୍ରାସ, କ୍ଷୟ; 2. କ୍ଷୟକାଶ ।

**Declining**, *p.a.* 1. ନତ; 2. ପତନଶୀଳ, କ୍ଷୟଶୀଳ, ଶେଷ ।

**Declivity**, *n.* ଢାଲୁ ସ୍ଥାନ, ଗଡନ୍ତି ସ୍ଥାନ, କ୍ରମନିମ୍ନତା ।

**Declivous**, *a.* କ୍ରମନିମ୍ନ ।

**Decoct**, *v.t.* ସିଝାଇ ପ୍ରସ୍ତୁତ-କ; ଉତ୍ତାପ ଦ୍ୱାରା ଜୀର୍ଣ୍ଣ-କ ।

**Decoction**, *n.* 1. ସିଦ୍ଧକରଣ; 2. ପାଚନ, କ୍ୱାଥ ।

**Decollate**, *v.t.* ଶିରଶ୍ଛେଦନ-କ ।

**Decollation**, *n.* ଶିରଶ୍ଛେଦନ ।

**Decolorant**, *n.* ରଙ୍ଗ ଲୋପକାରୀ ଦ୍ରବ୍ୟ ।

**Decolorize, decolorate, decolour**, *v.t.* ବର୍ଣ୍ଣହୀନ-କ, ରଙ୍ଗହୀନ-କ ।

**Decomposable**, *a.* 1. ବିଶ୍ଳେଷଣୀୟ; 2. ପଚିଯିବା ଯୋଗ୍ୟ, ପଚନଶୀଳ ।

**Decompose**, *v.t.* ବସ୍ତୁର ମୂଳାଂଶ ସବୁ ପୃଥକ୍-କ, ବିଶ୍ଳେଷଣ-କ ।—*v.i.* 1. ବସ୍ତୁର ମୂଳାଂଶ ସବୁ ପୃଥକ୍-ହେ; 2. ପଚି ଯିବାର ।

**Decomposition**, *n.* 1. ବସ୍ତୁର ମୂଳାଂଶ ସବୁ ପୃଥକ୍‌କରଣ, ବିଶ୍ଳେଷଣ; 2. ପଚନ, ପଚାବସ୍ଥା, ଗଳିତାବସ୍ଥା ।

**Decompound**, *v.t.* ପୁନର୍ମିଶ୍ରିତ-କ ।—*a.* 1. ପୁନର୍ମିଶ୍ରିତ; 2. (ଉଦ୍ଭିଦ୍‌ବିଦ୍ୟାରେ) ଅନେକ ଯୁକ୍ତପତ୍ରରେ ବିଭକ୍ତ ।

**Deconcentrate**, *v.t.* ଏକ ସ୍ଥାନରୁ ଚାରିପଟେ ବିସ୍ତାରିତ-କ ।

**Deconsecrate**, *v.t.* ଅପ୍ରତିଷ୍ଠା-କ, ସାଧାରଣ କାର୍ଯ୍ୟରେ ଲଗାଇବାର ।

**Decorate**, *v.t.* 1. ଭୂଷିତ-କ, ଅଳଙ୍କୃତ-କ, ସୁଶୋଭିତ-କ, ସଜାଇବାର; 2. ସମ୍ମାନସୂଚକ ଚିହ୍ନ ପ୍ରଦାନ-କ ।

**Decorated**, *p.a.* ଅଳଙ୍କୃତ ।

**Decoration**, *n.* 1. ଭୂଷିତକରଣ ; 2. ଭୂଷଣ, ବେଶଭୂଷା, ସଜ୍ଜା; 3. ସମ୍ମାନସୂଚକ ଚିହ୍ନ, ଯଥା,—ଫିତା, ପଦକ ଆଦି ।

**Decorative**, *a.* ଭୂଷଣକାରୀ, ଶୋଭାପ୍ରଦ, ଅଳଙ୍କାରକ ।

**Decorous**, *a.* ଉପଯୁକ୍ତ, ଯୋଗ୍ୟ, ଉଚିତ, ଶିଷ୍ଟାଚାରାନୁଯାୟୀ ।

**Decorously**, *ad.* ଉପଯୁକ୍ତରୂପେ, ଶିଷ୍ଟାଚାରପୂର୍ବକ ।

**Decorticate**, *v.t.* ତ୍ୱଗ୍‌ହୀନ-କ, ଛେଲି ବାହାର-କ ।

**Decortication**, *n.* ତ୍ୱଗ୍‌ହୀନକରଣ ।

**Decorum**, *n.* ଶିଷ୍ଟତା, ଭଦ୍ରତା, ଶିଷ୍ଟାଚାର ।

**Decoy**, *n.* 1. ବତକ ଆଦି ଧରିବା ନିମନ୍ତେ ସେସସ୍ଥାନ, ଫାନ୍ଦ, ଫାଶ; 2. ଶିକ୍ଷିତ ଚଢ଼େଇ ବା କୃତ୍ରିମ ଚଢ଼େଇ ଯେ ଅନ୍ୟ ଚଢ଼େଇଙ୍କୁ ଭୁଲାଇ ଫାନ୍ଦରେ ପକାଏ ; 3. ଭୁଲାଇ ଫାନ୍ଦରେ ପକାଇବାକୁ ଯାହା ବ୍ୟବହୃତ ହୁଏ, ପ୍ରଲୋଭନ ।—*v.t.* ଧରିବା ନିମନ୍ତେ କୌଶଳକ୍ରମେ ଫାନ୍ଦରେ ପକାଇବାର, ଭୁଲାଇ ଫାନ୍ଦରେ ପକାଇବାର, ପ୍ରଲୋଭନ ଦେଖାଇବାର ।

**Decoy-duck**, *n.* 1. କୃତ୍ରିମ ବା ପୋଷା ବତକ ଯେ ବଣୁଆ ବତକମାନଙ୍କୁ ଭୁଲାଇ ଫାନ୍ଦରେ ପକାଏ; 2. ଫାନ୍ଦରେ ପକାଇବା ପାଇଁ ନିଯୁକ୍ତ ଲୋକ ।

**Decrease**, *v.i.* ଊଣା-ହେ, ହ୍ରାସ-ହେ, ନ୍ୟୂନ-ହେ ।—*v.t.* କମ୍-କ, ହ୍ରାସ-କ, ନ୍ୟୂନ-କ ।—*n.* ହ୍ରାସ, କ୍ଷୟ, ଊଣା, କମୀ ।

**Decreasingly**, *ad.* ହ୍ରାସଭାବେ ।

**Decree**, *n.* 1. ବିଧାନ, ଆଦେଶ, ଆଜ୍ଞା, ବ୍ୟବସ୍ଥା ; 2. ପୂର୍ବନିରୂପଣ, ଈଶ୍ୱର ନିର୍ବନ୍ଧ; 3. ନିଷ୍ପତ୍ତି, ଫଇସଲ, ଡିକ୍ରୀ, ହୁକୁମ ।—decree nisi (decree unless) ସ୍ତ୍ରୀତ୍ୟାଗ ମକଦ୍ଦମାରେ ସର୍ତ୍ତଯୁକ୍ତ ନିଷ୍ପତ୍ତି ।—*v.t.* 1. ବିଧାନ-କ, ଆଜ୍ଞା-କ ସ୍ଥିର-କ; 2. ନିଷ୍ପତ୍ତି-କ, ଡିକ୍ରୀ-କ ।—*v.i.* 1. ଆଦେଶ ସ୍ଥିରୀକୃତ-କ; 2. ଆଦେଶ ଦ୍ୱାରା ନିରୂପଣ-କ ; 3. ମୀମାଂସା-କ ।

**Decreeable**, *a.* ନିରୂପଣୀୟ, ନିଷ୍ପତ୍ତିଯୋଗ୍ୟ ।

**Decrement**, *n.* ହ୍ରାସ, କ୍ଷୟ ।

**Decrepit**, *a.* ଜରାତୁର, ଜୀର୍ଣ୍ଣ, ଶୀର୍ଣ୍ଣ, ଜରାଗ୍ରସ୍ତ ।

**Decrepitate**, *v.t.* ଅଗ୍ନି ତାପ ଦ୍ୱାରା ଚଡ଼ ଚଡ଼ ଶବ୍ଦ କରି ଭାଜିବାର ।—*v.i.* ଭଜା ହେବା ସମୟରେ ଚଡ଼ ଚଡ଼ ଶବ୍ଦ-କ ।

**Decrepitude**, **decrepitness**, *n.* ଜରା, ଜରାବସ୍ଥା; ଜୀର୍ଣ୍ଣାବସ୍ଥା, ଜଡ଼ତା, ବାର୍ଦ୍ଧକ୍ୟ ।

**Decrescent**, *a.* କ୍ରମଶଃ ନ୍ୟୂନୀଭୂତ, କ୍ଷୟଶୀଳ ।

**Decretal**, *a.* 1. ଆଦେଶସମ୍ବନ୍ଧୀୟ, ବିଧିବିଷୟକ ; 2. ନିଷ୍ପତ୍ତିସମ୍ବନ୍ଧୀୟ, ଡିକ୍ରୀବାବଦ ।—*n.* 1. ଆଦେଶ ; 2. ପୋପଙ୍କ ଆଦେଶ, ପୋପଙ୍କ ବ୍ୟବସ୍ଥାସଂହିତା ।

**Decretive**, *a.* ବ୍ୟବସ୍ଥାସମ୍ବନ୍ଧୀୟ, ବ୍ୟବସ୍ଥାପକ, ନିଷ୍ପତ୍ତିକାରକ ।

**Decretory**, *a.* ବ୍ୟବସ୍ଥା ଦ୍ୱାରା ସ୍ଥିରୀକୃତ, ମୀମାଂସକ ।

**Decrial**, *n.* ନିନ୍ଦାବାଦ, ଦୁର୍ନାମକରଣ ।

**Decry**, *v.t.* ନିନ୍ଦା-କ, ଅଖ୍ୟାତ-କ, ଅପବାଦ-କ, ଦୁର୍ନାମ-କ, ବଦ୍‌ନାମ-କ ।

**Decumbence**, **decumbency**, *n.* ଶୟନ ।

**Decumbent**, *a.* ଶାୟିତ, ଶୟାନ ।

**Decumbently**, *ad.* ଶୟାନରୂପେ ।

**Decuple**, *a.* ଦଶଗୁଣ ।—*n.* ଦଶଗୁଣ ସଂଖ୍ୟା ।—*v.t.* ଦଶଗୁଣ-କ ।

**Decussate**, *v.t.* କୋଣାକୋଣି କାଟିବାର ।

**Decussation**, *n.* କୋଣାକୋଣି କର୍ତ୍ତନ, କରଣ ଯିବା ବା ଦୁଇ ରେଖାର ପରସ୍ପର କର୍ତ୍ତନ ।

**Dedicate**, *v.t.* 1. ପ୍ରତିଷ୍ଠା-କ, ଉତ୍ସର୍ଗ-କ ; 2. ସମର୍ପିତ-କ, (often refl.).

**Dedication**, *n.* 1. ପ୍ରତିଷ୍ଠାକରଣ, ପ୍ରତିଷ୍ଠା, ଉତ୍ସର୍ଗ ; 2. ସମର୍ପଣ; 3. ଉତ୍ସର୍ଗପତ୍ର ।

**Dedicator**, *n.* 1. ଉତ୍ସର୍ଗକାରୀ; 2. ଉତ୍ସର୍ଗପତ୍ରର ଲେଖକ ।

**Dedicatory**, **dedicatorial**, *a.* ପ୍ରତିଷ୍ଠାକରଣୀୟ, ଔତ୍ସର୍ଗିକ । [ଲବ୍ଧ-କ ।

**Deduce**, *v.t.* ବାହାର-କ, କାଢ଼ିବାର, ଅନୁମାନ-କ, ଉପ-

**Deducibility**, **deducibleness**, *n.* ଅନୁମେୟ ଗୁଣ ।

**Deducible**, *a.* ଅନୁମେୟ, ଉପଲଭ୍ୟ ।

**Deduct**, *v.t.* କାଟିବାର, କର୍ତ୍ତନ-କ, ବାଦ୍‌ଦେ, ଫେଡିବାର, ବିଯୁକ୍ତ-କ ।

**Deduction**, *n.* 1. କର୍ତ୍ତନ, ବିୟୋଗ, ବାଦ୍, ଫେଡାଣ; 2. ଅନୁମାନ, ଉପଲବ୍ଧ; 3. ଧସାଟ ।

**Deductive**, *a.* ଅନୁମାନିକ, ଅନୁମେୟ, ଉପଲଭ୍ୟ ।—deductive reasoning. ସ୍ୱୀକୃତ ପ୍ରତିଜ୍ଞାରୁ ଫଳ ଉପଲବ୍ଧ କରିବାର ପ୍ରକ୍ରିୟା ।

**Deductively**, *ad.* ଅନୁମାନ ଦ୍ୱାରା, ଉପଲବ୍ଧପୂର୍ବକ ।

**Deed**, *n.* 1. କର୍ମ, କାର୍ଯ୍ୟ, କ୍ରିୟା, ମହାବ୍ୟାପାରି, ମହାକାଣ୍ଡ, ଅଦ୍ଭୁତକାର୍ଯ୍ୟ ; 2. ପ୍ରକୃତତା, ସତ୍ୟତା ; 3. ଦଲିଲ, ପଟ୍ଟା, ଦାନପତ୍ର ।

**Deedless**, *a.* ନିଷ୍କ୍ରିୟ, କର୍ମହୀନ, ଅଦ୍ଭୁତକର୍ମହୀନ ।

**Deem**, *v.t.* and *i.* ବିବେଚନା-କ, ବୋଧ-କ, ଅନୁମାନ-କ, ବୁଝିବାର, ବିଚାର-କ ।

**Deemster**, *n.* ମାନ୍ ନାମକ ଦ୍ୱୀପରେ ଦୁଇ ପ୍ରଧାନ ବିଚାରପତିର ନାମ ।

**Deep**, *a.* 1. ଗଭୀର, ଗହିର; 2. ଅନ୍ତର, ଦୂର; 3. ଗମ୍ଭୀର, ନିଗୂଢ଼, ଦୁର୍ବୋଧ; 4. ସୁପଣ୍ଡିତ, ଗୂଢ଼ବୋଧା ; 5. ଚତୁର, ଧୂର୍ତ୍ତ; 6. ଘୋର; 7. ଗାଢ଼; 8. ମଗ୍ନ, ଅଭିଭୂତ ।—*n.* 1. ଗଭୀରସ୍ଥଳ, ବାରିଧି, ଅତଳସ୍ପର୍ଶ ଜଳ, ଗଭୀରତା, ଅଗାଧତା; 2. ନିଗୂଢ଼ତା ; 3. ଘନତା ।

**Deepen**, *v.t.* 1. ଗଭୀର କ ; 2. ଗାଢ଼-କ ; 3. ବୃଦ୍ଧି-କ ।—*v.i.* 1. ଗଭୀର-ହେ; 2. ଗାଢ଼-ହେ ; 3. ବୃଦ୍ଧି-ହେ ।

**Deep-laid**, *a.* ସୂକ୍ଷ୍ମ ବୁଦ୍ଧିରେ କୃତ, କୌଶଳରେ କୃତ ।

**Deeply**, *ad.* 1. ଗଭୀରଭାବେ, ଗଭୀରରେ ; 2. ପ୍ରଗାଢ଼-ରୂପେ, ଅତିଶୟରୂପେ; 3. ଗମ୍ଭୀରଭାବେ; 4. ତୀକ୍ଷ୍ଣ ବୁଦ୍ଧିରେ, କୌଶଳକ୍ରମେ ।
**Deep-mouthed**, *a.* ଗମ୍ଭୀରସ୍ୱରଯୁକ୍ତ ।
**Deepness**, *n.* 1. ଗଭୀରତା ; 2. ନିଗୂଢ଼ତା, ଗମ୍ଭୀରତା ; 3. ବୁଦ୍ଧିତୀକ୍ଷ୍ଣତା ; 4. ଚତୁରତା ; 5. ଘୋରତା ; 6. ଗାଢ଼ତା ।
**Deep-sea**, *a.* ଗଭୀର ସମୁଦ୍ରସମ୍ବନ୍ଧୀୟ ।
**Deer**, *n.* s. and *pl.* ହରିଣ, ମୃଗ, ଚିତଲ, କୁରଙ୍ଗ, ଏଣ ।
**Deer-hound**, *n.* ମୃଗ ଶିକାରୀ କୁକୁର ।
**Deer-stalker**, *n.* ପାଦଗତରେ ଓ ଅତର୍କିତଭାବେ ମୃଗର ଶିକାରୀ ।
**Deer-stalking**, *n.* ପାଦଗତରେ ଅତର୍କିତଭାବେ ମୃଗର [ଶିକାର ।
**Deface**, *v.t.* 1. ବିକୃତ-କ, ବିରୂପ-କ; 2. ଲିଭାଇ ଦେବାର, ଲୋପ-କ, ନଷ୍ଟ-କ ।
**Defacement**, *n.* 1. ବିରୂପକରଣ; 2. ନଷ୍ଟକରଣ, ବିଲୋପ ।
**Defalcate**, *v.t.* ଊଣା-କ, ବାଦ୍-ଦେ ।—*v.i.* ଗଚ୍ଛିତ ଧନ ଚୋରି-କ, ଆତ୍ମସାତ୍-କ ।
**Defalcation**, *n.* 1. କର୍ତ୍ତନ, ବାଦ୍ ; 2. କମି ; 3. ତହ-ବିଲଭଙ୍ଗ, ତହବିଲଚୋରି ; 4. ଗଚ୍ଛିତ ଧନର ଚୋରି ।
**Defamation**, *n.* ଅପବାଦ, ଅପଯଶ, ଦୁର୍ନାମ, ମାନହାନି, ଅପଖ୍ୟାତି ।
**Defamatorily**, *ad.* ଅପଖ୍ୟାତିକରରୂପେ ।
**Defamatory**, *a.* ଅପବାଦପୂର୍ଣ୍ଣ, ଖ୍ୟାତିନାଶକ, ଅପଖ୍ୟାତି-କର, ମାନହାନିଜନକ ।
**Defame**, *v.t.* ମିଥ୍ୟାପବାଦ-ଦେ, ଦୁର୍ନାମ-କ, ମାନହାନି-କ, ଅପଖ୍ୟାତି-କ, ବଦ୍‌ନାମ-କ, ନିନ୍ଦା-କ ।—*v.i.* ମିଥ୍ୟାପ-ବାଦରେ ଦୋଷୀ-ହେ ।
**Defamer**, *n.* ମିଥ୍ୟାପବାଦକ ।
**Default**, *n.* 1. ତ୍ରୁଟି, ଅବହେଳା, ଅନୁପସ୍ଥିତ (in law); 2. ଅଭାବ ; 3. ଅପରାଧ ।—*v.i.* ତ୍ରୁଟି-କ, ଅବହେଳା-କ ।—*v.t.* ଅବହେଳା-କ ।
**Defaulter**, *n.* 1. ତ୍ରୁଟିକାରୀ, ଅପରାଧୀ ; 2. ତହବିଲ-ଭଙ୍ଗକାରୀ, ତହବିଲଚୋର, ଚୁକ୍ତିଭଙ୍ଗକାରୀ, ନିୟମ ଅନ୍ୟଥା-କାରୀ ।
**Defeasance**, *n.* 1. ବ୍ୟର୍ଥକରଣ, ଅନ୍ୟଥାକରଣ; 2. ଦଲିଲର ରଦ୍‌କରଣ ।
**Defeat**, *n.* 1. ବ୍ୟର୍ଥକରଣ, ବିଫଳୀକରଣ; 2. ପରାଜୟ, ହାରି, ପରାଭବ ।—*v.t.* 1. ବ୍ୟର୍ଥ-କ, ବିଫଳ-କ ; 2. ପରାଜୟ-କ, ପରାସ୍ତ-କ ।
**Defecate**, *v.t.* ଗାଦଶୂନ୍ୟ-କ, ନିର୍ମଳ-କ ।—*a.* ଗାଦରୁ ପରିଷ୍କୃତ, ପରିଷ୍କୃତ ।
**Defecation**, *n.* 1. ଗାଦଶୋଧନ, ନିର୍ମଳକରଣ; 2. ମଳତ୍ୟାଗ ।
**Defect**, *n.* 1. ତ୍ରୁଟି, ଅଭାବ, ଅସମ୍ପୂର୍ଣ୍ଣତା; 2. କଳଙ୍କ, ଦୋଷ, ଖୁନ୍ତ, ଖୁଣ, କସୁର୍, ଭୁଲ ।
**Defection**, *n.* ସ୍ୱପକ୍ଷତ୍ୟାଗ, ସ୍ୱମତତ୍ୟାଗ, ଚ୍ୟୁତ, ପରି-ତ୍ୟାଗ, କର୍ତ୍ତବ୍ୟର ତ୍ରୁଟି ।
**Defective**, *a.* 1. ତ୍ରୁଟିଯୁକ୍ତ, ଦୋଷଯୁକ୍ତ, ଖୁନ୍ତଯୁକ୍ତ, ଅସମ୍ପୂର୍ଣ୍ଣ; 2. ଅସମାପିକା ।
**Defectively**, *ad.* ଦୋଷଯୁକ୍ତରୂପେ, ଅସମ୍ପୂର୍ଣ୍ଣରୂପେ ।
**Defectiveness**, *n.* ଅସମ୍ପୂର୍ଣ୍ଣତା, ଅସିଦ୍ଧତା, ତ୍ରୁଟି, ଦୋଷ-ଯୁକ୍ତତା ।
**Defence**, *n.* 1. ରକ୍ଷାକରଣ, ରକ୍ଷଣ ; 2. ଆଶ୍ରୟ. ରକ୍ଷା, ଶରଣ ; 3. ପ୍ରତ୍ୟୁତ୍ତର, ପ୍ରତିବାଦର ଜବାବ (in law); 4. ଶସ୍ତ୍ରବିଦ୍ୟାରେ ନିପୁଣତା ।
**Defenceless**, *a.* ଅସ୍ତ୍ରହୀନ, ଅରକ୍ଷକ, ନିରାଶ୍ରୟ, ଅରକ୍ଷିତ, ପ୍ରତିରୋଧ କରିବାକୁ ଅକ୍ଷମ, ବଳହୀନ, ଅନାଚ୍ଛାଦିତ ।
**Defencelessness**, *n.* ନିରାଶ୍ରୟତା, ଅରକ୍ଷିତାବସ୍ଥା ।
**Defend**, *v.t.* 1. ରକ୍ଷା-କ, ଆପଦ୍‌ବାରଣ-କ, ଆଶ୍ରୟ-ଦେ, ପ୍ରତିରୋଧ-କ; 2. ସପକ୍ଷ ହୋଇ କହିବାର, ସମର୍ଥନ-କ ।—*v.i.* ପ୍ରତିବାଦ-କ, ପ୍ରତିବାଦୀ ହେ ।
**Defendable**, *a.* 1. ରକ୍ଷଣୀୟ ; 2. ପ୍ରତିବାଦକରଣୀୟ ।
**Defendant**, *n.* 1. ରକ୍ଷାକର୍ତ୍ତା ; 2. (in law), ପ୍ରତି-ବାଦୀ, ମୁଦାଲି, ଆସାମୀ ।
**Defender**, *n.* ରକ୍ଷାକର୍ତ୍ତା, ରକ୍ଷକ ।
**Defense**, American spelling of defence.
**Defensibility**, *n.* ରକ୍ଷଣୀୟତା ।
**Defensible**, *a.* 1. ରକ୍ଷଣୀୟ ; 2. ସମର୍ଥନଯୋଗ୍ୟ ।
**Defensive**, *a.* 1. ରକ୍ଷାକାରୀ, ନିବାରକ, ରକ୍ଷଣୋପ-ଯୋଗୀ; 2. ସ୍ୱରକ୍ଷାର୍ଥକ ।—*n.* 1. ସତର୍କାବସ୍ଥା ; 2. ରକ୍ଷଣୋପାୟ ।—to be on the defensive, to stand on the defensive, ସ୍ୱରକ୍ଷାର୍ଥେ ପ୍ରସ୍ତୁତ-ହେ, ସ୍ୱରକ୍ଷାର୍ଥେ ଛିଡ଼ା-ହେ, ବାଧା ଦେବାପାଇଁ ପ୍ରସ୍ତୁତ-ହେ ।
**Defensively**, *ad.* ସ୍ୱରକ୍ଷାର୍ଥରେ ।
**Defensory**, *a.* ରକ୍ଷାକାରୀ, ରକ୍ଷଣୋପଯୋଗୀ ।
**Defer**, *v.t.* ସ୍ଥଗିତ-କ, ବିଳମ୍ବ-କ, ମୁଲତବୀ ରଖିବାର ।—*v.i.* ଟାଳମଟାଳ-କ, ଡେରି-କ ।
**Defer**, *v.i.* (ଅନ୍ୟର ମତରେ) ସ୍ୱୀକୃତ-ହେ, ଶିଷ୍ଟତାରେ ଆଜ୍ଞାନୁବର୍ତ୍ତୀ-ହେ, ମର୍ଯ୍ୟାଦା ହେତୁ ସ୍ୱୀକୃତ-ହେ, followed by *to*.
**Deference**, *n.* ଅନ୍ୟର ମତାନୁଗମନ, ମର୍ଯ୍ୟାଦା, ଆଦର, ଆଜ୍ଞାନୁବର୍ତ୍ତନ, ବିନୟ ।
**Deferential**, *a.* ମର୍ଯ୍ୟାଦକ, ବିନୟୀ ।
**Deferentially**, *ad.* ମର୍ଯ୍ୟାଦାପୂର୍ବକ, ସମ୍ମାନପୂର୍ବକ, ବିନୟୀଭାବେ ।
**Deferment**, *n.* ସ୍ଥଗିତକରଣ, ବିଳମ୍ବ ।
**Defiance**, *n.* 1. ଆସ୍ପର୍ଦ୍ଧା, ଯୁଦ୍ଧାର୍ଥେ ଆହ୍ୱାନ, ଆହ୍ୱାନ ; 2. ପ୍ରକାଶିତ ହେୟଜ୍ଞାନ, ତୁଚ୍ଛଜ୍ଞାନ, ତାଚ୍ଛଲ୍ୟ ପ୍ରକାଶକ ପ୍ରତିରୋଧ ।
**Defiant**, *a.* 1. ଆସ୍ପର୍ଦ୍ଧାଯୁକ୍ତ, ପ୍ରଗଲ୍ଭ ; 2. ତାଚ୍ଛଲ୍ୟକାରୀ, ଅବମାନୀ ।
**Defiantly**, *ad.* 1. ଆସ୍ପର୍ଦ୍ଧାରେ, ପ୍ରଗଲ୍ଭରୂପେ; 2. ତାଚ୍ଛଲ୍ୟକାରରୂପେ ।
**Deficiency**, deficience, *n.* 1. ଅଭାବ, ଅକୁଳାନ, ଅନାଟନ ; 2. ଅସମ୍ପୂର୍ଣ୍ଣତା, ତ୍ରୁଟି ।

**Deficient**, *a.* 1. ଊଣା, ଅଳ୍ପବୟସ୍କ, କମ୍, ଅପ୍ରଚୁର, ଅକୁଳାନ; 2. ଅସମ୍ପୂର୍ଣ୍ଣ, ଦୋଷଯୁକ୍ତ ।

**Deficit**, *n.* (ପ୍ରୟୋଜନୀୟ ଟଙ୍କାର) କମତି, (ରାଜସ୍ୱର) ଅକୁଳାନ ।

**Defile**, *v.i.* ଶ୍ରେଣୀବଦ୍ଧ ହୋଇ ପ୍ରସ୍ଥାନ-କ ।—*n.* ସାର୍ଦ୍ଧ ସଙ୍କୀର୍ଣ୍ଣ ପଥ, ଗିରିସଙ୍କଟ ।

**Defile**, *v.t.* 1. ମଇଳା-କ, ଅପରିଷ୍କାର-କ, କଳଙ୍କିତ-କ; 2. ଭ୍ରଷ୍ଟ-କ, ସତୀତ୍ୱ ନଷ୍ଟ-କ; 3. ଅଶୁଚି-କ, ଅପବିତ୍ର-କ ।

**Defilement**, *n.* 1. ମଇଳା ଅବସ୍ଥା, ଅପରିଷ୍କୃତ ଅବସ୍ଥା; 2. ଭ୍ରଷ୍ଟତା; 3. ଅଶୁଚିତା, ଅପବିତ୍ରତା ।

**Definable**, *a.* ନିର୍ଣ୍ଣେୟ, ନିର୍ଦ୍ଧାରଣୀୟ, ବ୍ୟାଖ୍ୟାଯୋଗ୍ୟ ।

**Definably**, *ad.* ନିର୍ଣ୍ଣେୟରୂପେ, ବ୍ୟାଖ୍ୟାଯୋଗ୍ୟରୂପେ ।

**Define**, *v.t.* 1. ସୀମା ନିରୂପଣ-କ, ସୀମା ନିର୍ଦ୍ଧାରଣ-କ; 2. ପ୍ରକାଶ-କ, ସ୍ପଷ୍ଟରୂପେ ବ୍ୟାଖ୍ୟା-କ, ଗୁଣାଦି ସ୍ୱାସ ବର୍ଣ୍ଣନା-କ; 3. ନିର୍ଦ୍ଧାରଣ-କ, ନିର୍ଦ୍ଧାରିତ କ ।—*v.i.* ଗୁଣ-ବର୍ଣ୍ଣନା-କ ।

**Defined**, *p.a.* ସୀମାନିର୍ଦ୍ଦିଷ୍ଟ, ନିର୍ଦ୍ଦିଷ୍ଟ, ସ୍ପଷ୍ଟରୂପେ ନିର୍ଦ୍ଧାରିତ ।

**Definite**, *a.* 1. ସୀମାବିଶିଷ୍ଟ, ନିର୍ଦ୍ଧାରିତ, ନିଶ୍ଚିତ, ଠିକ୍, ସ୍ପଷ୍ଟ; 2. ନିର୍ଣ୍ଣାୟକ ।

**Definitely**, *ad.* ନିର୍ଦ୍ଦିଷ୍ଟରୂପେ, ନିଶ୍ଚିତରୂପେ, ଠିକ୍‌ଠାକ୍ ।

**Definiteness**, *n.* ନିର୍ଦ୍ଦେଶ, ନିଶ୍ଚିତତା, ସ୍ପଷ୍ଟତା ।

**Definition**, *n.* 1. ନିର୍ଦ୍ଦେଶ; 2. ବର୍ଣ୍ଣନାକରଣ, ଗୁଣବର୍ଣ୍ଣନ; 3. ବ୍ୟାଖ୍ୟା ।

**Definitional**, *a.* ଗୁଣବର୍ଣ୍ଣନାସମ୍ବନ୍ଧୀୟ, ବ୍ୟାଖ୍ୟାବିଷୟକ ।

**Definitive**, *a.* 1. ସୀମା ନିର୍ଦ୍ଦେଶକ, ନିର୍ଣ୍ଣାୟକ, ସ୍ପଷ୍ଟ; 2. ନିଶ୍ଚିତ, ଚୂଡ଼ାନ୍ତ ।

**Definitively**, *ad.* ନିଶ୍ଚିତରୂପେ, ଚୂଡ଼ାନ୍ତରୂପେ, ଶେଷ ସର୍ତ୍ତରେ ।

**Definitiveness, definitude**, *n.* ନିର୍ଦ୍ଦେଶ, ସ୍ପଷ୍ଟତା ।

**Deflagrate**, *v.t.* ଶୀଘ୍ର ଦହନ-କ ।—*v.i.* ଶୀଘ୍ର ପ୍ରଜ୍ୱଳିତ-ହ ।

**Deflagration**, *n.* ଅକସ୍ମାତ୍ ପ୍ରଜ୍ୱଳନ, ଅଗ୍ନିଦାହ, ଦଗ୍ଧୀକରଣ ।

**Deflect**, *v.i.* ସରଳ ରେଖାରୁ ବଙ୍କ-ହ, ବିପଥଗାମୀ-ହ ।—*v.t.* ସରଳ ରେଖାରୁ ବଙ୍କ-କ ।

**Deflected, deflexed**, *p.a.* ବଙ୍କ, ତିର୍ଯ୍ୟକ ପରି ନତ ।

**Deflection, deflexion, deflexure**, *n.* ସରଳ ରେଖାରୁ ବକ୍ରଗତି, ବଙ୍କିବା, ଉତ୍କ୍ରମ ।

**Deflective**, *a.* ବକ୍ରଗତିକାରକ ।

**Defloration**, *n.* କୁମାରୀତ୍ୱ ଭ୍ରଷ୍ଟକରଣ, ବଳାତ୍କାରକରଣ ।

**Deflower, deflour**, *v.t.* 1. ପୁଷ୍ପଶୂନ୍ୟ-କ, ଶ୍ରୀଭ୍ରଷ୍ଟ-କ; 2. କୁମାରୀତ୍ୱ ଭ୍ରଷ୍ଟ-କ, ବଳାତ୍କାର-କ ।

**Deflowerer**, *n.* କୁମାରୀତ୍ୱଭ୍ରଷ୍ଟକାରୀ, ବଳାତ୍କାରକାରୀ ।

**Defluxion**, *n.* ଶରୀରସ୍ଥ ଦ୍ରବ୍ୟର ପ୍ରବାହ, ଯଥା,—ସିଙ୍ଘାଣି ଆଦି ।

**Defoliate, def iated**, *a.* ପତ୍ରରହିତ ।

**Defoliation**, *n.* ପତ୍ରର ପତନ, ପତ୍ର ଝଡ଼ିବା ।

**Deforce**, *v.t.* 1. (ଭୂସମ୍ପତ୍ତିର) ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ-କ; 2. ସର୍କାରୀ କର୍ମଚାରୀର କାର୍ଯ୍ୟରେ ପ୍ରତିବାଧା-କ ।

**Deform**, *v.t.* 1. ରୂପବିକୃତ-କ, ବିକଳାଙ୍ଗ-କ, କୁରୂପ-କ, ବିରୂପ-କ; 2. କୁତ୍ସିତ-କ, କଳଙ୍କିତ-କ; 3. ରୂପାନ୍ତର-କ ।

**Deformation**, *n.* ରୂପବିକୃତକରଣ, ବିରୂପକରଣ ।

**Deformed**, *a.* ବିକୃତାକାର, କୁତ୍ସିତ, କୁରୂପ, ବିରୂପ ।

**Deformedly**, *ad.* ବିଦାକାରରୂପେ, କୁତ୍ସିତରୂପେ ।

**Deformedness**, *n.* ବିକୃତାବସ୍ଥା, ବିକୃତି, ବିରୂପତା ।

**Deformity**, *n.* 1. ବିକୃତାବସ୍ଥା, ବିକଳାଙ୍ଗ, ବିରୂପତା, କୁତ୍ସିତ ରୂପ, ବିଦାକାର; 2. ଶୋଭା ବା ଔଚିତ୍ୟରୁ ବିକୃତି, ବିକୃତି, ଉତ୍କ୍ରମ ।

**Defraud**, *v.t.* ଛଳରେ ବଞ୍ଚନା-କ, ପ୍ରବଞ୍ଚନା-କ, ପ୍ରତାରଣା-କ, with *of* before the thing.

**Defrauder**, *n.* ପ୍ରବଞ୍ଚକ, ଠଗ ।

**Defray**, *v.t.* ବ୍ୟୟନିର୍ବାହ-କ, ଖରଚ-ଦେ, ଖରଚ ବହିବାର, ଖରଚ ଯୋଗାଇବାର ।

**Defrayal, defrayment**, *n.* ବ୍ୟୟ ନିର୍ବାହକରଣ, ବ୍ୟୟନିର୍ବାହ ।

**Deft**, *a.* ଦକ୍ଷ, ବିଚକ୍ଷଣ, ନିପୁଣ ।

**Deftly**, *ad.* ଦକ୍ଷରୂପେ, ବିଚକ୍ଷଣରୂପେ, ନିପୁଣରୂପେ ।

**Deftness**, *n.* ଦକ୍ଷତା, ନିପୁଣତା ।

**Defunct**, *a.* ମୃତ, ମଲା ।—*n.* ମୃତବ୍ୟକ୍ତି ।

**Defy**, *v.t.* 1. ଯୁଦ୍ଧାର୍ଥେ ଆହ୍ୱାନ-କ, ଆସ୍ପର୍ଦ୍ଧା-କ; 2. ତୁଚ୍ଛଜ୍ଞାନ-କ, ତାଚ୍ଛଲ୍ୟ-କ, ଅବଜ୍ଞା-କ; 3. ବ୍ୟର୍ଥ-କ, ବିଫଳ-କ ।

**Degeneracy**, *n.* 1. ଅଧଃପତନ, ପୈତୃକ ଧର୍ମକ୍ଷୟ, ଧର୍ମକ୍ଷୟ; 2. ମୂଳଗୁଣର ଭ୍ରଷ୍ଟତା, ଅଧମତା, ଭ୍ରଷ୍ଟତା ।

**Degenerate**, *v.i.* ମୂଳଗୁଣରୁ ଭ୍ରଷ୍ଟ-ହ, ଧର୍ମଚ୍ୟୁତ-ହ, ଅପକୃଷ୍ଟ-ହ, ଉତ୍ତମ ଗୁଣରୁ କ୍ଷୟ ପାଇବାର, ଅଧଃପତିତ-ହ ।—*a.* ଅଧଃପତିତ, ଧର୍ମଚ୍ୟୁତ, ଭ୍ରଷ୍ଟ, ଅଧମ, ବିକୃତପ୍ରାପ୍ତ ।

**Degenerately**, *ad.* ଅଧଃପତିତରୂପେ, ଅଧମରୂପେ ।

**Degenerateness**, *n.* ଅଧଃପତନାବସ୍ଥା, ଅଧମତା, ଭ୍ରଷ୍ଟତା ।

**Degeneration**, *n.* 1. ଅଧଃପତନ, ଅଧଃପତିତାବସ୍ଥା, ଅପକୃଷ୍ଟତା; 2. ରୋଗଜାତ ବିକୃତି; 3. ଉତ୍କୃଷ୍ଟ ଶ୍ରେଣୀରୁ ନିମ୍ନ ଶ୍ରେଣୀକୁ ପତନ, ପଶ୍ଚାଦ୍‌ଗମନ, କ୍ରମଶଃ ବିକୃତି ।

**Deglutition**, *n.* ଗଳାଧଃକରଣ, ଗ୍ରାସକରଣ, ଗିଳିବା ଶକ୍ତି ।

**Degradation**, *n.* 1. ପଦଭ୍ରଂଶକରଣ, ହୀନପଦସ୍ଥକରଣ, ପଦଭ୍ରଂଶ, ପଦଚ୍ୟୁତି, ଅଧୋଗତି; 2. ମାନହାନି, ଅପମାନ, ଅଧମତା, ଭ୍ରଷ୍ଟତା; 3. ଗୁଣର ଲୋପ, ହ୍ରାସ; 4. (ଭୂପୃଷ୍ଠର) କ୍ଷୟ; 5. କ୍ରମଶଃ ବିକୃତି ।

**Degrade**, *v.t.* 1. ପଦଭ୍ରଷ୍ଟ-କ, ଅବନତପଦ-କ, ପଦଚ୍ୟୁତ-କ; 2. ମାନହାନି-କ, ଅପମାନ-କ, ଅଧଃପତନ-କ; 3. ଉତ୍କୃଷ୍ଟ ଶ୍ରେଣୀରୁ ନିମ୍ନ ଶ୍ରେଣୀକୁ ଆଣିବାର; 4. (ଭୂପୃଷ୍ଠ) କ୍ଷୟ-କ ।—*v.i.* ନିକୃଷ୍ଟ-ହ ।

**Degraded**, *p.a.* 1. ଅଧଃପତିତ, ପଦଚ୍ୟୁତ; 2. ଅଧମ, ନୀଚ, ଭ୍ରଷ୍ଟ ।

**Degrading**, *p.a.* ଅଧଃପତନକାରୀ, ମାନହାନିଜନକ, ଅପମାନସୂଚକ, ଭ୍ରଷ୍ଟକାରୀ ।

**Degradingly**, *ad.* ମାନହାନିଜନକରୂପେ, ଭ୍ରଷ୍ଟକାରୀରୂପେ ।

**Degree**, *n.* 1. ଏକ ପଦ, କ୍ରମ; 2. ବର୍ଗ, ପଦ; 3. ପରିମାଣ; 4. ଅବସ୍ଥା; 5. ଅକ୍ଷାଂଶ, ଅର୍ଥାତ୍ ବୃତ୍ତର ୩୬୦ ଭାଗର ଏକଭାଗ; 6. ଘନିଷ୍ଠତା, ସମ୍ପର୍କ; 7. ବିଶ୍ୱବିଦ୍ୟାଳୟର ଉପାଧି ।—by degrees, କ୍ରମେ, କ୍ରମଶଃ । to a degree, ଅତ୍ୟନ୍ତ, ବହୁଳରୂପେ । degrees of comparison, ତୁଳନାର କ୍ରମ ।

**Dehumanize**, *v.t.* ମନୁଷ୍ୟତ୍ୱ ଲୋପ କରିବାର, ପଶୁବତ୍-କ ।

**Deific**, *a.* 1. ଦେବକାରକ; 2. ଐଶ୍ୱରିକ ।

**Deification**, *n.* ଈଶ୍ୱରତ୍ୱ ଅରୋପଣ, ଈଶ୍ୱର ବୋଲି ମାନନ, ଦେବପ୍ରତିଷ୍ଠାକରଣ ।

**Deiform**, *a.* ଦେବାକାର, ଦେବରୂପ ।

**Deify**, *v.t.* ଦେବତ୍ୱ ଅରୋପଣ-କ, ଦେବତା କରି ମାନିବାର, ଈଶ୍ୱର ତୁଲ୍ୟ ମାନ୍ୟ-କ ।

**Deign**, *v.i.* ପ୍ରସନ୍ନ-ହେ, ଅନୁଗ୍ରହରେ ସମ୍ମତ-ହେ ।—*v.t.* ଅନୁଗ୍ରହରେ ଦେବାର ।

**Deism**, *n.* ଈଶ୍ୱରଙ୍କର ଅସ୍ତିତ୍ୱ ସ୍ୱୀକାର କରି ପ୍ରତ୍ୟାଦିଷ୍ଟ ଧର୍ମ ଅସ୍ୱୀକାର କରିବା ଲୋକର ମତ ।

**Deist**, *n.* ଈଶ୍ୱରଙ୍କର ଅସ୍ତିତ୍ୱ ସ୍ୱୀକାର କରି ପ୍ରତ୍ୟାଦିଷ୍ଟ ଧର୍ମ (ବିଶେଷରେ ଖ୍ରୀଷ୍ଟଧର୍ମ) ଅସ୍ୱୀକାର କରିବା ଲୋକ ।

**Deistic, deistical**, *a.* ଉପରୋକ୍ତ ମତ ବା ମତାବଲମ୍ବିସମ୍ବନ୍ଧୀୟ ।

**Deity**, *n.* 1. ଈଶ୍ୱରତ୍ୱ, ଦେବତ୍ୱ; 2. ପରମେଶ୍ୱର; 3. ଦେବ, ଦେବୀ ।

**Deject**, *v.t.* ବିଷଣ୍ଣ-କ, ବିମର୍ଷ-କ, ମନୋମ୍ଳାନ-କ, ହତାଶ-କ, ଉତ୍ସାହଭଙ୍ଗ-କ ।

**Dejected**, *p.a.* ବିଷଣ୍ଣ, ବିଷାଦିତ, ମ୍ଳାନ ।

**Dejectedly**, *ad.* ବିଷଣ୍ଣଭାବେ, ମ୍ଳାନବଦନରେ ।

**Dejection, dejectedness**, *n.* ବିଷଣ୍ଣତା, ବିଷାଦ, ମନୋଭଙ୍ଗ, ଔଦାସ୍ୟ ।

**Déjeunér**, *n.* *dā-zhū-nā*, (French), ଜଳଖିଆ ।

**Delay**, *v.t.* 1. ବିଳମ୍ବ-କ, ଡେରି-କ, ଉଛୁର-କ; 2. ସ୍ଥଗିତ-କ, ଅଟକାଇବାର ।—*v.i.* ବିଳମ୍ବ-ହେ, ଧୀରେ ଯିବାର, ଟାଳମଟାଳ-କ ।—*n.* 1. ବିଳମ୍ବ, ଡେରି, ଉଛୁର, ଟାଳମଟାଳ; 2. ଅଟକ, ବ୍ୟାଘାତ ।

**Delectable**, *a.* ମନୋହର, ମନୋରମ, ରମ୍ୟ ।

**Delectably**, *ad.* ମନୋହରରୂପେ, ରମ୍ୟରୂପେ ।

**Delectation**, *n.* ମନୋରଞ୍ଜନ, ଅତ୍ୟାନନ୍ଦ ।

**Delegate**, *v.t.* 1. କ୍ଷମତାପନ୍ନ କରି ପଠାଇବାର, ପ୍ରତିନିଧିସ୍ୱରୂପ ପ୍ରେରଣ-କ; 2. ଭାରାର୍ପଣ-କ ।—*n.* ପ୍ରତିନିଧି, ନାଏବ ।

**Delegation**, *n.* 1. ପ୍ରତିନିଧିନିଯୋଗ, ପ୍ରେରଣ, ଭାରାର୍ପଣ; 2. ପ୍ରତିନିଧିବର୍ଗ ।

**Delete**, *v.t.* (ଲେଖା) କାଟିବାର, ଲିଭାଇବାର ।

**Deleterious**, *a.* 1. ପ୍ରାଣନାଶକ, ବିଷାକ୍ତ, ବିଷାଳ; 2. ହାନିଜନକ, କ୍ଷତିକର ।

**Deletion**, *n.* 1. (ଲେଖା) କାଟିବା, କର୍ତ୍ତନ; 2. କଟା ଲେଖା ।

**Delf, delft**, *n.* କୃତ୍ରିମ ଚିନାବାସନ ଅବା, କାଚପରି ଚିକ୍କଣ ଓ ଶୁକ୍ଳବର୍ଣ୍ଣ ଲେପଯୁକ୍ତ ମାଟିପାତ୍ରମାନ ।

**Deliberate**, *v.i.* 1. ମନରେ ତୌଲିବାର, ବିବେଚନା-କ, ଚିନ୍ତା-କ, ଧ୍ୟାନ-କ, ପରାମର୍ଶ-କ; 2. ବିଷୟରେ ବିଳମ୍ବ-କ ।—*v.t.* ମନରେ ତୌଲିବାର, ବିବେଚନା-କ ।—*a.* ନିର୍ଣ୍ଣୟ କରିବାରେ ଧୀର, ବିବେଚକ; 2. ଜାଣିଶୁଣି, ସୁବିବେଚିତ; 3. ବିବେଚନାସୂଚକ, ଧୀର, ସତର୍କ, ସାବଧାନ । [ଜାଣିଶୁଣି ।

**Deliberately**, *ad.* ଧୀରଭାବେ, ସତର୍କଭାବେ, ଇଚ୍ଛାପୂର୍ବକ,

**Deliberateness**, *n.* 1. ଧୀରତା, ସ୍ଥିରତା, ଧୀରସ୍ୱଭାବ, ସତର୍କତା; 2. ପୂର୍ବବିବେଚନା, ସୁବିବେଚନା ।

**Deliberation**, *n.* 1. ମନରେ ତୌଲିବା, ବିବେଚନା, ସ୍ଥିରଭାବେ ଚିନ୍ତା, ସତର୍କତା; 2. ଚର୍ଚ୍ଚା, ବିଚାରପରୀକ୍ଷା, ଆଲୋଚନା; 3. ଧୀରତା, ସ୍ଥିରତା ।

**Deliberative**, *a.* 1. ବିବେଚନାସମ୍ବନ୍ଧୀୟ, ବିଚାରସମ୍ବନ୍ଧୀୟ; 2. ଆଲୋଚନାରେ ରତ, ଚର୍ଚ୍ଚାରେ ଜାତ; 3. ବିଚାରକ୍ଷମ ।

**Delicacy**, *n.* 1. ମଧୁରତା, ମିଷ୍ଟତା; 2. ସୂକ୍ଷ୍ମତା, କୋମଳତା; 3. କମନୀୟତା, ଅତିଭଦ୍ରତା, ସୁଶୀଳତା; 4. ସୂକ୍ଷ୍ମଦର୍ଶିତା; 5. କ୍ଷୀଣତା, ଦୁର୍ବଳତା, ସୁକୁମାରତା; 6. ସୁସ୍ୱାଦୁ ଦ୍ରବ୍ୟ ।

**Delicate**, *a.* 1. ସୁସ୍ୱାଦୁ, ଉତ୍ତମ; 2. ସୂକ୍ଷ୍ମ, କୋମଳ; 3. ଭଦ୍ର, ସୁଶୀଳ; 4. ଦୁର୍ବଳ, ସୁକୁମାର, କ୍ଷୀଣ; 5. ପାତଳା, ଫିକା ।

**Delicately**, *ad.* 1. ସୂକ୍ଷ୍ମରୂପେ; 2. ସୁକୁମାରରୂପେ; 3. ସୁଭୋଜ୍ୟରୂପେ ।

**Delicateness**, *n.* 1. ସୁସ୍ୱାଦୁତା; 2. ସୂକ୍ଷ୍ମତା, କୋମଳତା; 3. ସୁଶୀଳତା; 4. ଦୁର୍ବଳତା, କ୍ଷୀଣତା, ସୁକୁମାରତା । [ହର ।

**Delicious**, *n.* 1. ସୁସ୍ୱାଦୁ, ସୁମିଷ୍ଟ; 2. ରମଣୀୟ, ମନୋ-

**Deliciously**, *ad.* 1. ସୁସ୍ୱାଦୁରୂପେ; 2. ରମଣୀୟରୂପେ, ମନୋହରରୂପେ ।

**Deliciousness**, *n.* 1. ସୁସ୍ୱାଦୁତା, ସୁମିଷ୍ଟତା; 2. ରମଣୀୟତା, ତୁଷ୍ଟିଜନକତା ।

**Delight**, *v.t.* ପରିତୁଷ୍ଟ-କ, ଆହ୍ଲାଦିତ-କ, ଉଲ୍ଲାସିତ-କ ।—*v.i.* ପରିତୁଷ୍ଟ-ହେ, ଆହ୍ଲାଦିତ-ହେ, ଆନନ୍ଦିତ-ହେ, followed by *in* ।—*n.* 1. ତୁଷ୍ଟିଜନକ ବିଷୟ; 2. ଆହ୍ଲାଦ, ଉଲ୍ଲାସ, ମହାନନ୍ଦ, ସନ୍ତୋଷ, ତୃପ୍ତି ।

**Delighted**, *p.a.* ସନ୍ତୁଷ୍ଟ, ପରମାନନ୍ଦିତ, ମୋହିତ ।

**Delightedly**, *ad.* ସନ୍ତୁଷ୍ଟରୂପେ, ଆନନ୍ଦପୂର୍ବକ ।

**Delightful, delightsome**, *a.* ତୁଷ୍ଟିଜନକ, ସୁଖଦାୟୀ, ଆନନ୍ଦଜନକ, ମନୋହର, ମନୋରମ, ରମ୍ୟ ।

**Delightfully**, *ad.* ତୁଷ୍ଟିଜନକରୂପେ, ସୁଖଦାୟୀରୂପେ ମନୋହରରୂପେ, ରମ୍ୟରୂପେ ।

**Delightfulness, delightsomeness**, *n.* ତୁଷ୍ଟିଜନକତା, ରମ୍ୟତା ।

**Delimit,** *v.t.* ସୀମାନିର୍ଦ୍ଦେଶ-କ ।
**Delimitation,** *n.* ସୀମାନିର୍ଦ୍ଦେଶ ।
**Delineate,** *v.t.* 1. ନକ୍ସା-କ ; 2. ବର୍ଣ୍ଣନା-କ ।
**Delineation,** *n.* 1. ନକ୍ସାକରଣ, ନକ୍ସା ; 2. ବର୍ଣ୍ଣନା ।
**Delinquency,** *n.* କର୍ତ୍ତବ୍ୟକର୍ମର ତ୍ରୁଟି, ଚ୍ୟୁତି, ଦୋଷ, [ଅପରାଧ ।
**Delinquent,** *n.* କର୍ତ୍ତବ୍ୟକର୍ମର ତ୍ରୁଟିକାରକ, ତ୍ରୁଟିକାରକ, ଦୋଷୀ ଲୋକ, ଅପରାଧୀ ବ୍ୟକ୍ତି ।—*a.* ତ୍ରୁଟିକାରୀ ।
**Deliquese,** *v.i.* ବାୟୁରୁ ଆର୍ଦ୍ରତା ଶୋଷଣ କରି ତରଳି ଯିବାର, ଦ୍ରବ-ହେ ।
**Deliquescent,** *a.* ବାୟୁରେ ଦ୍ରବଣଶୀଳ ।
**Delirious,** *a.* ପ୍ରଳାପୀ, କ୍ଷିପ୍ତ, ଉନ୍ମତ୍ତ ।
**Deliriously,** *ad.* ପ୍ରଳାପିରୂପେ, ଉନ୍ମତ୍ତଭାବେ ।
**Deliriousness,** *n.* ପ୍ରଳାପୀ ଅବସ୍ଥା, ପ୍ରଳାପ, କ୍ଷିପ୍ତତା ।
**Delirium,** *n.* 1. ପ୍ରଳାପ, ଉନ୍ମାଦ; 2. ମହା ଉତ୍ସାହ, ବାତୁଳତା ।—delirium tremens, ମଦ୍ୟପାନ ହେତୁ କ୍ଷିପ୍ତତା ।
**Deliver,** *v.t.* 1. ମୁକ୍ତ-କ, ଉଦ୍ଧାର-କ, ତ୍ରାଣ-କ, ନିସ୍ତାର-କ, ରକ୍ଷା-କ; 2. ପ୍ରସବ କରାଇବାର; 3. ଦେବାର, ଅର୍ପଣ-କ, ହାତ ଦେବାର ; 4. କହିବାର, ଆଖ୍ୟାନ-କ ।
**Deliverance,** *n.* 1. ମୁକ୍ତି, ରକ୍ଷା, ଉଦ୍ଧାର, ନିସ୍ତାର ; 2. କଥନ, ଉଚ୍ଚାରଣ ; 3. ନିଷ୍ପତ୍ତି, ରାୟ; 4. ପ୍ରସବ ।
**Deliverer,** *n.* ମୁକ୍ତିକର୍ତ୍ତା, ରକ୍ଷାକର୍ତ୍ତା, ତ୍ରାଣକର୍ତ୍ତା ।
**Delivery,** *n.* 1. ମୁକ୍ତି, ଉଦ୍ଧାର, ନିସ୍ତାର; 2. ସମର୍ପଣ; 3. (ଚିଠିପତ୍ରାଦିର) ବିତରଣ ; 4. ଉଚ୍ଚାରଣ, କହିବା ଢଙ୍ଗ ; 5. ପ୍ରସବ ।
**Dell,** *n.* ଗିରିକନ୍ଦର, ଉପତ୍ୟକା ।
**Delphian, Delphic,** *a.* ଗ୍ରୀସ୍ ଦେଶର ଡେଲ୍‌ଫି ନଗର-ସମ୍ବନ୍ଧୀୟ, ଦୈବବାଣୀସମ୍ବନ୍ଧୀୟ, ଭବିଷ୍ୟଦୃଷ୍ଟ, ଅସ୍ପଷ୍ଟ ।
**Delta,** *n.* 1. ଗ୍ରୀକ ବର୍ଣ୍ଣମାଳାର ଚତୁର୍ଥ ଅକ୍ଷର, ଯଥା, Δ ; 2. ନଦୀମୁଖସ୍ଥ ଉକ୍ତ ଅକ୍ଷରାକୃତି ଭୂମି, ନଦୀମୁଖସ୍ଥ ତ୍ରିଭୁଜାକାର ଭୂମି ।
**Deltoid,** *a.* ତ୍ରିଭୁଜାକାର ।
**Deludable,** *a.* ପ୍ରବଞ୍ଚନୀୟ ।
**Delude,** *v.t.* ଭଣ୍ଡାଇବାର, ଠକିବାର, ପ୍ରବଞ୍ଚନା-କ, ଭୁଲାଇବାର, ପ୍ରତାରଣା-କ, often refl, (*to delude* one's self with vain hopes).
**Deluge,** *n.* 1. ଜଳପ୍ଲାବନ ; 2. ମହାକାଳୀ ପ୍ରଳୟ ।—*v.t.* 1. ଜଳ ଦ୍ୱାରା ପ୍ଲାବିତ-କ, ଜଳରେ ମଗ୍ନ-କ, ବୁଡାଇ ଦେବାର ; 2. ମଗ୍ନ-କ ।
**Delusion,** *n.* 1. ବଞ୍ଚନା, ପ୍ରତାରଣା ; 2. ମିଥ୍ୟା ବିଶ୍ୱାସ, ଭ୍ରମ ; 3. ଚିତ୍ତଭ୍ରମ, ମୋହ ; 4. ପ୍ରତାରିତାବସ୍ଥା ।
**Delusive, delusory,** *a.* ଭ୍ରାନ୍ତିକର, ଭ୍ରମଜନକ, ପ୍ରବଞ୍ଚନାଶୀଳ, ମାୟାମୟ, ଭ୍ରାମକ ।
**Delusively,** *ad.* ଭ୍ରମଜନକରୂପେ ।
**Delusiveness,** *n.* ଭ୍ରାନ୍ତିଜନକତା, ପ୍ରବଞ୍ଚନାଶୀଳତା, ମାୟାମୟତା ।
**Delve,** *v.t.* ଖୋଳିବାର, ଖନନ-କ, ବୋଝ ନେଇ ଶ୍ରମ-କ ।
**Delver,** *n.* ଖନକ, ଅନୁସନ୍ଧାନକାରୀ ।
**Demagogue,** *n.* ଇତର ଲୋକଙ୍କର ଦଳପତି, ଯେ ରାଜଦ୍ରୋହୋଦ୍ଦୀପକ ବକ୍ତୃତା ଇତର ଲୋକଙ୍କର କୁସଂସ୍କାରକୁ ପ୍ରଶ୍ରୟ ଦେଇ ଦଳପତି ହେବା ପାଇଁ ଚେଷ୍ଟା କରେ ।
**Demand,** *v.t.* 1. ଦାବି-କ, କ୍ଷମତାରେ ମାଗିବାର ; 2. ଜିଦ୍ କରି ମାଗିବାର, ଚାହିଁବାର ; 3. ଆବଶ୍ୟକ-କ ।—*v.i.* ପ୍ରଶ୍ନ-କ, ପଚାରିବାର ।—*n.* 1. ଦାବି, କ୍ଷମତାପୂର୍ବକ ମାଗୁଣି; 2. ବଳପୂର୍ବକ ମାଗୁଣି ; 3. ପାଉଣା ; 4. ପ୍ରୟୋଜନ ।—in demand, ଲୋଡା, ପ୍ରୟୋଜନୀୟ । on demand, ମାଗିବାମାତ୍ର, ଦେଖାଇବାମାତ୍ର ।
**Demandable,** *a.* ଦାବିଯୋଗ୍ୟ ।
**Demandant,** *n.* ଦାବିଦାର, ବାଦୀ ।
**Demander,** *n.* ଯେ କ୍ଷମତାପୂର୍ବକ ମାଗେ, ପ୍ରାର୍ଥକ ।
**Demarcation,** *n.* 1. ସୀମାଚିହ୍ନକରଣ ; 2. ନିର୍ଦ୍ଦିଷ୍ଟ ସୀମା ; 3. ପ୍ରଭେଦ, ପାର୍ଥକ୍ୟ ।
**Demean,** *v.t.* ଆଚରଣ-କ, ବ୍ୟବହାର-କ, used refl. From confusion with the adjective *mean* the word is sometimes used in the sense of *to* lower or degrade (one's self), ଆପଣାକୁ ନୀଚ-କ । [ସ୍ୱଭାବ ।
**Demeanour,** *n.* ଆଚରଣ, ବ୍ୟବହାର, ସଦାଚରଣ,
**Dement,** *v.t.* ଉନ୍ମତ୍ତ-କ, ବାତୁଳ-କ ।
**Demented,** *p.a.* ଉନ୍ମତ୍ତ, ବାତୁଳ, ହତବୁଦ୍ଧି ।
**Dementia,** *n.* ଉନ୍ମତ୍ତଭାବବିଶେଷ ।
**Demerit,** *n.* ଅଯୋଗ୍ୟତା, ଦୋଷ, ଅପରାଧ ।
**Demesne, demain,** *n.* 1. ସ୍ୱତ୍ୱାଧିକାରୀର ନିଜ ଦଖଲରେ ଥିବା ନିଜ ଅଟ୍ଟାଳିକା ନିକଟସ୍ଥ ଭୂମି, ଭୂସମ୍ପତ୍ତି ; 2. ପ୍ରଦେଶ ।
**Demi,** a prefix. ଅର୍ଦ୍ଧ, ଆଧା ।
**Demi-god,** *n.* ଅର୍ଦ୍ଧଦେବ, ନରଦେବ, ଉପଦେବତା ।
**Demi-monde,** *n.* (French), ଯେଉଁ ସ୍ତ୍ରୀ ଲୋକମାନେ ଭଦ୍ର ଓ ଧନବତୀରୂପେ ଦର୍ଶାଉଥିଲେ ମାତ୍ର ଯେଉଁମାନଙ୍କର ସଚ୍ଚରିତ୍ରରେ ସନ୍ଦେହ ଥାଏ, ଧନୀ ଲୋକର ରକ୍ଷିତା ସ୍ତ୍ରୀ, ବେଶ୍ୟା ।
**Demirep,** *n.* ସଚ୍ଚରିତ୍ରସମ୍ବନ୍ଧରେ ସନ୍ଦେହଯୁକ୍ତା ସ୍ତ୍ରୀ, ବେଶ୍ୟା ।
**Demisable,** *a.* ହସ୍ତାନ୍ତରକରଣୀୟ, ପଟ୍ଟାଯୋଗ୍ୟ, ଇଜରା ହେବା ଯୋଗ୍ୟ ।
**Demise,** *n.* 1. ପ୍ରସିଦ୍ଧ ଲୋକର ମୃତ୍ୟୁ, ବିଯୋଗ ; 2. ପଟ୍ଟା ବା ଦାନପତ୍ର ଦ୍ୱାରା ଭୂସମ୍ପତ୍ତିର ହସ୍ତାନ୍ତରକରଣ ।—demise of the crown, ସମ୍ରାଟଙ୍କ ମୃତ୍ୟୁ ପରେ ତାଙ୍କ ଉତ୍ତରାଧିକାରୀ ହସ୍ତରେ କ୍ଷମତାର ଶୀଘ୍ର ଅର୍ପଣ ।—*v.t.* ହସ୍ତାନ୍ତର-କ, ପଟ୍ଟା-ଦେ, ଦାନପତ୍ର ଦ୍ୱାରା ଦେବାର, ଉଇଲ୍-କ ।
**Demission,** *n.* ପଦତ୍ୟାଗକରଣ, ଇସ୍ତଫା, ହସ୍ତାନ୍ତରକରଣ ।
**Demit,** *v.t.* (ପଦ) ତ୍ୟାଗ-କ, ଇସ୍ତଫା ଦେବାର, ହସ୍ତାନ୍ତର-କ ।
**Demobilise,** *v.t.* (ସୈନ୍ୟଦଳସମୂହ) ଭଙ୍ଗ-କ ।

**Democracy**, *n.* 1. ପ୍ରଜାମାନଙ୍କର ହସ୍ତଗତ ରାଜ୍ୟଶାସନ, ପ୍ରଜାତନ୍ତ୍ର, ଲୋକପ୍ରଭୁତ୍ୱ, ସାଧାରଣତନ୍ତ୍ର; 2. ସାଧାରଣତନ୍ତ୍ର ରାଜ୍ୟ; 3. ପ୍ରଜାତନ୍ତ୍ର ରାଜ୍ୟର ମୂଳସୂତ୍ରମାନ; 4. ସାଧାରଣ ଲୋକସମୂହ।

**Democrat**, *n.* ସାଧାରଣତନ୍ତ୍ରର ପକ୍ଷାବଲମ୍ବୀ, ସାଧାରଣ କର୍ତ୍ତୃତ୍ୱର ଅନୁଗତ ଲୋକ।

**Democratic**, **democratical**, *a.* ଲୋକାୟତ୍ତଶାସନ-ସମ୍ବନ୍ଧୀୟ; ପ୍ରଜାତନ୍ତ୍ରବିଷୟକ।

**Demoiselle**, *n. dem-wa-zel'*, (French) 1. ଯୁବତୀ; 2. ସୁନ୍ଦର ସାରସ ପକ୍ଷିବିଶେଷ।

**Demolish**, *v.t.* ଭାଙ୍ଗି ପକାଇବାର, ଭଗ୍ନ-କ, ଚୂର୍ଣ୍ଣ-କ, ଧ୍ୱଂସ-କ, ଉଚ୍ଛନ୍ନ-କ।

**Demolition**, *n.* ଭଗ୍ନକରଣ, ବିନାଶ, ଧ୍ୱଂସ।

**Demon**, *n.* 1. ଭୂତ, ପିଶାଚ, ଦୈତ୍ୟ, ଦାନବ; 2. କ୍ରୋଧାନ୍ୱିତ ଲୋକ, ପୈଶାଚିକ ଲୋକ।

**Demonetize**, *v.t.* (ଚଳନ୍ତି ଟଙ୍କାର) ସ୍ଥାୟୀ ମୂଲ୍ୟ ଲୋପ-କ, (ଟଙ୍କାର) ପ୍ରଚଳନ ବନ୍ଦ-କ।

**Demoniac**, **demoniacal**, **demonian**, *a.* 1. ଭୂତସମ୍ବନ୍ଧୀୟ, ଭୂତବତ୍, ପୈଶାଚିକ; 2. ଭୂତଗ୍ରସ୍ତ, ଭୂତଲଗା; 3. ଭୂତ ଦ୍ୱାରା କୃତ; 4. ଅତ୍ୟନ୍ତ ଦୁଷ୍ଟ, ଅତ୍ୟନ୍ତ ନିଷ୍ଠୁର।—**demoniac**, *n.* ଭୂତଗ୍ରସ୍ତ ଲୋକ, ଭୂତଲଗା ଲୋକ।

**Demoniacally**, *ad.* ପୈଶାଚିକରୂପେ, ଭୂତପରି।

**Demoniacism**, *n.* ଭୂତଗ୍ରସ୍ତତା, ପୈଶାଚିକ ବ୍ୟବହାର।

**Demonic**, *a.* ଭୂତସମ୍ବନ୍ଧୀୟ, ଭୂତବତ୍।

**Demonism**, *n.* 1. ଭୂତରେ ବିଶ୍ୱାସ; 2. ପୈଶାଚିକ ସ୍ୱଭାବ।

**Demonist**, *n.* ଭୂତପୂଜକ।

**Demonize**, *v.t.* ଭୂତାବିଷ୍ଟ-କ, ଭୂତଗ୍ରସ୍ତ-କ, ପୈଶାଚିକ-କ।

**Demonolatry**, *n.* ଭୂତପୂଜା, ଦୈତ୍ୟପୂଜା।

**Demonologic**, **demonological**, *a.* ଭୂତବିଦ୍ୟା-ସମ୍ବନ୍ଧୀୟ।

**Demonologist**, *n.* ଭୂତବିଦ୍ୟାବିତ୍, ଭୂତବିଷୟକ ଗ୍ରନ୍ଥର ଲେଖକ।

**Demonology**, *n.* ଭୂତବିଦ୍ୟା, ଭୂତୁଡ଼ିଆବିଦ୍ୟା, ଭୂତବିଷୟକ ଗ୍ରନ୍ଥ।

**Demonstrable**, *a.* ପ୍ରତିପାଦନୀୟ, ପ୍ରମେୟ।

**Demonstrableness**, **demonstrability**, *n.* ପ୍ରମେୟତ୍ୱ, ପ୍ରତିପାଦନୀୟତା।

**Demonstrably**, *ad.* ପ୍ରାମାଣ୍ୟରୂପେ, ନିଃସନ୍ଦେହରେ।

**Demonstrate**, *v.t.* 1. ପ୍ରମାଣ ଦ୍ୱାରା ନିଶ୍ଚିତ-କ, ସପ୍ରମାଣ-କ, ପ୍ରତିପନ୍ନ-କ; 2. ସ୍ପଷ୍ଟରୂପେ ଦର୍ଶାଇବାର; 3. (ଶବଚ୍ଛେଦବିଦ୍ୟାରେ) କଟା ଅଂଶ ଦେଖାଇ ଶିକ୍ଷା-ଦେ।

**Demonstration**, *n.* 1. ପ୍ରକାଶ, ପ୍ରଦର୍ଶନ; 2. ପ୍ରମାଣ, ନ୍ୟାୟ ବା ଅଙ୍କଶାସ୍ତ୍ର ଦ୍ୱାରା ପ୍ରମାଣ, ମୀମାଂସା; 3. (ଶବଚ୍ଛେଦବିଦ୍ୟାରେ) କଟା ଅଂଶର ପ୍ରଦର୍ଶନ; 4. (ଶତ୍ରୁକୁ ଭୁଲାଇବା ନିମନ୍ତେ) ସୈନ୍ୟଦଳ ସବୁ ଏକବେଳେ ପ୍ରଦର୍ଶନ; 5. ସହାନୁଭୂତି ପ୍ରକାଶକ ସଭା।

**Demonstrative**, *a.* 1. ପ୍ରାମାଣିକ, ପ୍ରତିପାଦକ, ସିଦ୍ଧାନ୍ତକାରୀ, ନିଶ୍ଚାୟକ, ସନ୍ଦେହଭଞ୍ଜକ; 2. ଅନୁଭବତ୍ୱର ପ୍ରକାଶକ, ପ୍ରକୃତ ପ୍ରକାଶକ, ଖୋଲା, ଅଳାପୀ।—demonstrative pronoun, ନିଶ୍ଚୟବାଚକ ସର୍ବନାମ।

**Demonstratively**, *ad.* 1. ପ୍ରାମାଣିକରୂପେ; ପ୍ରମାଣସିଦ୍ଧରୂପେ; 2. ଖୋଲାଖୋଲିରେ।

**Demonstrativeness**, *n.* ଅନୁଭବତ୍ୱର ପ୍ରଦର୍ଶନ, ଅଳାପିତ୍ୱ, ଖୋଲାସ୍ୱଭାବ।

**Demonstrator**, *n.* 1. ଦୃଢ଼ ପ୍ରମାଣକର୍ତ୍ତା; 2. (ଶବଚ୍ଛେଦବିଦ୍ୟାରେ) କଟା ଅଂଶର ପ୍ରଦର୍ଶକ।

**Demoralization**, *n.* 1. ନୀତିଭ୍ରଷ୍ଟତା; 2. ସାହସଭଙ୍ଗକରଣ, ସାହସଭଙ୍ଗାବସ୍ଥା, ଅବାଧ୍ୟକରଣ, ଅବାଧ୍ୟାବସ୍ଥା।

**Demoralize**, *v.t.* 1. ନୀତିଭ୍ରଷ୍ଟ-କ; 2. ସାହସ ବା ଆଜ୍ଞାନୁବର୍ତ୍ତିତା ଶୂନ୍ୟ-କ, ହତସାହସ-କ, ହତାଶ-କ।

**Demoralizing**, *a.* 1. ନୀତିଭ୍ରଷ୍ଟକାରୀ, ଆଚାରଭ୍ରଷ୍ଟକାରୀ; 2. ସାହସଭଙ୍ଗକାରୀ।

**Demulcent**, *a.* ସ୍ନିଗ୍ଧକାରୀ, କୋମଳକାରୀ।—*n.* ସ୍ନିଗ୍ଧକାରୀ ଔଷଧ।

**Demur**, *v.i.* 1. ସନ୍ଦିଗ୍ଧ-ହେ, ଦ୍ୱିଧା-କ, ସଂଶୟାପନ୍ନ-ହେ; 2. ସଂଶୟପୂର୍ବକ ଆପତ୍ତି-କ।—*n.* 1. କାର୍ଯ୍ୟ ବା ନିଷ୍ପତ୍ତିର ବିଳମ୍ବ, ଦ୍ୱିଧା; 2. ଆପତ୍ତି।

**Demure**, *a.* 1. କୃତ୍ରିମଭାବେ ଗମ୍ଭୀର, ଅଭିଚିନ୍ତା ହେତୁ ଗମ୍ଭୀର, କୃତ୍ରିମଭାବେ ସଲଜ୍ଜ; 2. ଗମ୍ଭୀର, ଶାନ୍ତ, ଧୀର।

**Demurely**, *ad.* କୃତ୍ରିମ ଗାମ୍ଭୀର୍ଯ୍ୟରେ, କୃତ୍ରିମ ଲଜ୍ଜାରେ।

**Demureness**, *n.* କୃତ୍ରିମ ଗମ୍ଭୀରତା, ବଦନର ପ୍ରକୃତ ବା କୃତ୍ରିମ ଗମ୍ଭୀରତା, ମିଥ୍ୟା ଲଜ୍ଜା।

**Demurrable**, *a.* ଆପତ୍ତିଯୋଗ୍ୟ।

**Demurrage**, *n.* 1. ଜାହାଜର ନିୟମାତିରିକ୍ତ ବିଳମ୍ବ; 2. ଜାହାଜ ଡେରି କରାଇବା ହେତୁ ଖରଚ, ଖେସାରତି; 3. ଟଙ୍କାଶାଳାର କଟା।

**Demy**, *n.* କାଗଜର ଆକାରବିଶେଷ, ଲମ୍ବ ୨୨ ଓସାର ୧୭ [ଇଞ୍ଚର ଅଡା।

**Den**, *n.* 1. ଗୁହା, ଗହ୍ୱର, ବନପଶୁର ଗର୍ତ୍ତ; 2. ଗହ୍ୱରବତ୍ ସ୍ଥାନ, ନୀଚ ଲୋକଙ୍କର ଗତାୟାତ ସ୍ଥାନ, କୁଡ଼ିଆ ଘର; 3. (colloquial), ଗୁପ୍ତକୋଠରି, ଦପ୍ତରଖାନା।

**Denationalization**, *n.* ଜାତୀୟ ସ୍ୱତ୍ୱରୁ ବଞ୍ଚିତକରଣ, ଜାତୀୟ ଅଧିକାରରୁ ବଞ୍ଚିତକରଣ।

**Denationalize**, *v.t.* 1. ଜାତୀୟ ସ୍ୱତ୍ୱରୁ ବଞ୍ଚିତ-କ, ଜାତୀୟ ଅଧିକାରରୁ ବଞ୍ଚିତ-କ; 2. ଜାତୀୟ ସ୍ୱଭାବ ପରିବର୍ତ୍ତନ-କ; 3. ପ୍ରାଦେଶିକ-କ, ସ୍ଥାନୀୟ-କ; 4. ସାର୍ବଜନିକ-କ।

**Denaturalize**, *v.t.* 1. ଅପ୍ରାକୃତିକ-କ; 2. ବିଦେଶରେ ଲବ୍ଧ ପୌରାଧିକାରରୁ ବଞ୍ଚିତ-କ।

**Dengue**, *n.* ଜ୍ୱରଜାତ ଦେଶବ୍ୟାପକ କ୍ଷଣସ୍ଥାୟୀ ବାତବିଶେଷ, ଡେଙ୍ଗୁଜ୍ୱର।

**Deniable**, *a.* ଅସ୍ୱୀକାର୍ଯ୍ୟ, ନାସ୍ତିକରଣଯୋଗ୍ୟ।

**Denial**, *n.* 1. ଅସ୍ୱୀକାର, ନାସ୍ତିକରଣ; 2. ପ୍ରତିବାଦ 3. ଅସମ୍ମତି, ଆପତ୍ତି।

Denizen, *n.* 1. ବାସକାରୀ, ଅଧିବାସୀ; 2. ସାମାଜିକ ଅଧିକାରପ୍ରାପ୍ତ ବିଦେଶୀ ବ୍ୟକ୍ତି ।—*v.t.* 1. ବିଦେଶିକୁ ସ୍ୱଦେଶୀୟମାନଙ୍କ କ୍ଷମତାବିଶିଷ୍ଟ-କ ; 2. ସ୍ୱଦେଶୀୟ ଅଧିକାର ପ୍ରାପ୍ତ ବିଦେଶୀ ଲୋକଙ୍କ ଦ୍ୱାରା ପୂର୍ଣ୍ଣ-କ ।

Denominate, *v.t.* ନାମ-ଦେ, ଅଭିଧା-ଦେ, ସଂଜ୍ଞା-ଦେ, ଉପାଧି-ଦେ ।

Denomination, *n.* 1. ନାମକରଣ; 2. ନାମ, ସଂଜ୍ଞା, ଉପାଧି; 3. ସମ୍ପ୍ରଦାୟ, ବର୍ଗ, ମତ ।

Denominational, *a.* 1. ନାମସମ୍ବନ୍ଧୀୟ, ଉପାଧିବିଷୟକ; 2. ସାମ୍ପ୍ରଦାୟିକ ।

Denominationalism, *n.* ସାମ୍ପ୍ରଦାୟିକତା, ସମ୍ପ୍ରଦାୟର ଅନୁଗମନ ।

Denominative, *a.* 1. ନାମବାଚୀ, ନାମଦାୟୀ, ଉପାଧିପ୍ରଦ, ସଂଜ୍ଞାପ୍ରଦ; 2. ସଂଜ୍ଞାବାଚକ ।

Denominator, *n.* 1. ନାମଦାତା; 2. ଭଗ୍ନାଂଶର ଛେଦକ ଅଙ୍କ, ହର ।

Denotable, *a.* ସୂଚନୀୟ, ନିର୍ଦ୍ଦେଶ୍ୟ ।

Denotation, *n.* ଚିହ୍ନକରଣ, ନିର୍ଦ୍ଦେଶକରଣ, ସୂଚନ ।

Denote, *v.t.* ଚିହ୍ନାଇବାର, ନିର୍ଦ୍ଦେଶ-କ, ଦର୍ଶାଇବାର, ବୁଝାଇବାର, ଜଣାଇବାର ।

Dénouement, *n.* *dă-nū'-man*, (French), ଉପନ୍ୟାସ ବା ନାଟକର ଶେଷ ଅଙ୍କ, ନିଗୂଢ଼ବିଷୟର ବ୍ୟାଖ୍ୟା, ପରିଣାମ ।

Denounce, *v.t.* 1. ଭର୍ତ୍ସନରେ ପ୍ରକାଶ-କ, ଧମକରେ ପ୍ରକାଶ-କ, ଧମକରେ କହିବାର, ଭର୍ତ୍ସନା-କ; 2. ପ୍ରକାଶରେ ଅଭିଯୋଗ-କ, ପ୍ରକାଶରେ ଜଣାଇବାର, ଅଖ୍ୟାତ-କ; 3. ଅଭିଯୋଗ-କ ।

Dense, *a.* 1. ଘନ, ଗହଳ, ଘୋର, ନିବିଡ଼, ଗାଢ଼, ନିବା; 2. ଜଡ଼, ମୂର୍ଖ, ଭାରି, ସ୍ଥୂଳ ।

Densely, *ad.* ଘନୀଭୂତରୂପେ, ଗହଳିଆରେ, ନିବିଡ଼ରୂପେ ।

Denseness, *n.* 1. ଘନୀଭୂତାବସ୍ଥା, ଘନତା, ଘନତ୍ୱ; 2. ଜଡ଼ତା, ମୂର୍ଖତା ।

Density, *n.* ଘନତା, ଘନତ୍ୱ, ଘୋରତା, ନିବିଡ଼ତା, ନିବିଡ଼ତ୍ୱ ।

Dent, *n.* ଅଘାତର ଚିହ୍ନ, ଅବନମନ, ଦନ୍ତ ଥିବା ଚିହ୍ନ, ଟୋଲ ଦାଗ ।—*v.t.* ଅଘାତର ଚିହ୍ନଯୁକ୍ତ-କ, ଟୋଲ ଦାଗ-କ ।

Dental, *a.* 1. ଦନ୍ତସମ୍ବନ୍ଧୀୟ, ଦନ୍ତ୍ୟ ; 2. ଦନ୍ତବୈଦ୍ୟର ବୃତ୍ତିସମ୍ବନ୍ଧୀୟ ।—*n.* ଦନ୍ତ୍ୟ ବର୍ଣ୍ଣ ବା ସ୍ୱର ।

Dentate, dentated, *a.* ଦନ୍ତଯୁକ୍ତ, ଖାଞ୍ଜକଟା ।

Dentiform, *a.* ଦନ୍ତାକୃତ ।

Dentifrice, *n.* ଦାନ୍ତଘଷା ମିଶି ।

Dentist, *n.* ଦନ୍ତବୈଦ୍ୟ ।

Dentistry, *n.* ଦନ୍ତବୈଦ୍ୟର ବୃତ୍ତି ।

Dentition, *n.* 1. ଦନ୍ତର ନିର୍ଗମ, ଦାନ୍ତ ଉଠିବା ସମୟ; 2. ଦନ୍ତର ଶ୍ରେଣୀ ଭେଦ ।

Denudation, *n.* ଅନାବୃତକରଣ, ଜଳ ସ୍ରୋତ ଦ୍ୱାରା ଅନାବୃତକରଣ ।

Denude, *v.t.* ନଗ୍ନ-କ, ଅନାବୃତ-କ ।

Denunciation, denouncement, *n.* 1. ଧମକ, ଧମକର ଘୋଷଣା, ପ୍ରକାଶ୍ୟ ଭର୍ତ୍ସନା ; 2. ପ୍ରକାଶ୍ୟ ଅପବାଦ, ଅଭିଯୋଗ; 3. ସର୍କାରୀ ଅଭିଯୋକ୍ତାଙ୍କୁ ଅପରାଧର ସମ୍ବାଦଦାନ ।

Denunciator, *n.* 1. ପ୍ରକାଶ୍ୟ ଭର୍ତ୍ସନାକାରୀ ଲୋକ, ପ୍ରକାଶ୍ୟ ଅପବାଦକ; 2. ସର୍କାରୀ ଅଭିଯୋକ୍ତାଙ୍କୁ ଅପରାଧର ସମ୍ବାଦ ଯେ ଦଏ ।

Denunciatory, denunciative, *a.* ଅପବାଦସୂଚକ, ଅପବାଦପୂର୍ଣ୍ଣ ।

Deny, *v.t.* 1. ଅସ୍ୱୀକାର-କ, ନାସ୍ତି-କ, ଅପହ୍ନବ-କ ; 2. ଦେବାକୁ ନାସ୍ତି-କ; 3. ଅଗ୍ରାହ୍ୟ-କ; 4. ସାକ୍ଷାତ କରିବାକୁ ମନା କରିବାର; 5. ନିଷେଧ-କ, ନିବାରଣ-କ; 6. ନା କହିବାର, ପ୍ରତିବାଦ-କ ।—to deny one's self something, ବାଞ୍ଛିତ ବିଷୟରୁ ନିଜକୁ ରହିତ-କ, ତ୍ୟାଗ ସ୍ୱୀକାର-କ । to deny one's self, ଆତ୍ମସଂଯମ-କ, ଇନ୍ଦ୍ରିୟ ନିଗ୍ରହ-କ ।—*v.i.* ନାହିଁ-କ, ନା କହିବାର, ନ ମାନିବାର, ନାସ୍ତି-କ ।

Deodar, *n.* ଦେବଦାରୁ ।

Deodorization, *n.* ଦୁର୍ଗନ୍ଧରୁ ରହିତକରଣ ।

Deodorize, *v.t.* ଦୁର୍ଗନ୍ଧ ରହିତ-କ ।

Deodorizer, deodorant, *n.* ଦୁର୍ଗନ୍ଧନାଶକ ଦ୍ରବ୍ୟ ।

Deontology, *n.* ନୀତିବିଜ୍ଞାନ ।

Deoxidate, deoxidize, *v.t.* ଅମ୍ଳଜାନ ରହିତ-କ ।

Deoxidation, *n.* ଅମ୍ଳଜାନ ରହିତକରଣ ।

Depart, *v.i.* 1. ପ୍ରସ୍ଥାନ-କ, ଚାଲିଯିବାର, ସ୍ଥାନାନ୍ତରେ ଗମନ-କ ; 2. ଛାଡ଼ିବାର, ପରିତ୍ୟାଗ-କ; 3. (poetical), ମରିଯିବାର ।

Departed, *p.a.* ମୃତ ।—*n.* with *the*, ମୃତ ଲୋକ ବା ଲୋକମାନେ ।

Department, *n.* 1. ବିଭାଗ ; 2. କାର୍ଯ୍ୟବିଭାଗ ; 3. ଚକଲା, ମାହାଲ, ପ୍ରଦେଶ ।

Departmental, *a.* 1. ବିଭାଗସମ୍ବନ୍ଧୀୟ; 2. ପ୍ରଦେଶସମ୍ବନ୍ଧୀୟ ।

Departure, *n.* 1. ପ୍ରସ୍ଥାନ, ସ୍ଥାନାନ୍ତରେ ଗମନ; 2. ବ୍ୟତିକ୍ରମ, ପରିତ୍ୟାଗ; 3. ପ୍ରାଣତ୍ୟାଗ, ମୃତ୍ୟୁ ।

Depauperize, *v.t.* 1. ଦରିଦ୍ରତାରୁ ଉଦ୍ଧାର-କ, ଦରିଦ୍ରତାରୁ ମୁକ୍ତ-କ ; 2. ହ୍ରାସ-କ ।

Depend, *v.i.* 1. ଲଟକିବାର, ଝୁଲିବାର, ଲମ୍ବମାନ-ହେ; 2. ଅବଲମ୍ବନ-କ; 3. ନିର୍ଭର-କ, ନିର୍ଭର ରଖିବାର ; 4. ବିଶ୍ୱାସ-କ । generally followed by *on* or *upon*.

Dependable, *a.* ନିର୍ଭରଯୋଗ୍ୟ, ବିଶ୍ୱାସଯୋଗ୍ୟ ।

Dependant, dependent, *n.* ପରାଶ୍ରିତ ବ୍ୟକ୍ତି, ପରାଧୀନ ବ୍ୟକ୍ତି, ଅନୁଜୀବୀ, ଭୃତ୍ୟ । The spelling with *ant* is the more common in the case of the noun, with *ent* in the case of adjective.

Dependence, dependance, *n.* 1. ଲମ୍ବମାନତା ; 2. ଅବଲମ୍ବନ ; 3. ପରସ୍ପରସମ୍ବନ୍ଧ ; 4. ନିର୍ଭରତା ; 5. ଅଧୀନତା, ପରାଧୀନତା; 6. ବିଶ୍ୱାସ ।

Dependency, *n.* 1. ଲମ୍ବମାନତା ; 2. ପରାଧୀନତା ; 3. ନିର୍ଭରତା ; 4. ଉପନିବେଶ, ପରାଧୀନ ରାଜ୍ୟ ।

Dependent, dependant, *a.* 1. ଲମ୍ବମାନ; 2. ପରାଧୀନ, ପରାଶ୍ରିତ, ପରପ୍ରତ୍ୟାଶୀ; 3. ସର୍ତ୍ତବାଚକ ।—*n.* ପରାଧୀନ ବ୍ୟକ୍ତି ।

Dependently, dependantly, *ad.* ପରାଧୀନରୂପେ, ପରାଶ୍ରିତରୂପେ ।

Depict, *v.t.* 1. ଚିତ୍ର-କ, ଛବି-କ; 2. ବର୍ଣ୍ଣନା-କ, ବର୍ଣ୍ଣନା ଦ୍ୱାରା ପ୍ରତ୍ୟକ୍ଷ-କ ।

Depilate, *v.t.* ଲୋମରହିତ-କ ।

Depilation, *n.* 1. ଲୋମରହିତକରଣ; 2. କେଶୋତ୍ପାଟନ ।

Depilatory, *a.* କେଶନାଶକ ।—*n.* କେଶନାଶକ ଔଷଧ ।

Deplete, *v.t.* ଶୂନ୍ୟ-କ, ଖାଲି-କ, ହ୍ରାସ-କ, କ୍ଷୟ-କ ।

Depletion, *n.* 1. ଶୂନ୍ୟକରଣ ; 2. ରକ୍ତ ବାହୁଲ୍ୟର ମୋକ୍ଷଣ ।

Depletive, *a.* ରକ୍ତ ବାହୁଲ୍ୟର ମୋକ୍ଷଣକାରୀ ।—*n.* ରକ୍ତ ବାହୁଲ୍ୟର ମୋକ୍ଷଣକାରୀ ଔଷଧ ।

Deplorable, *a.* ଶୋଚନୀୟ, ଦୁଃଖଜନକ, ବିଳାପନୀୟ ।

Deplorableness, deplorability, *n.* ଶୋଚନୀୟତା, ଶୋଚନୀୟାବସ୍ଥା ।

Deplorably, *ad.* ଶୋଚନୀୟରୂପେ, ଦୁଃଖଜନକରୂପେ ।

Deplore, *v.t.* (କାହାର ନିମନ୍ତେ) ଗଭୀର ଦୁଃଖ ଅନୁଭବ ବା ପ୍ରକାଶ-କ, ଶୋଚନା-କ, ବିଳାପ-କ ।

Deploy, *v.t.* ସୈନ୍ୟଶ୍ରେଣୀର ସମ୍ମୁଖ ବିସ୍ତାର-କ ।—*v.i.* ସମ୍ମୁଖ ବିସ୍ତାର-କ ।

Deplume, *v.t.* ପକ୍ଷୋତ୍ପାଟନ-କ ।

Depone, *v.i.* ଶପଥପୂର୍ବକ ସାକ୍ଷ୍ୟ-ଦେ ।

Deponent, *n.* ଶପଥକାରୀ ସାକ୍ଷୀ, ଗୁହାରି ।

Depopulate, *v. t.* ଜନଶୂନ୍ୟ-କ, ଲୋକକ୍ଷୟ-କ ।

Depopulation, *n.* ଜନଶୂନ୍ୟକରଣ, ଲୋକକ୍ଷୟ ।

Deport, *v.t.* 1. ଦେଶାନ୍ତର-କ, ଦେଶରୁ ବହିର୍ଭୂତ-କ ; 2. ଆଚରି-କ, ବ୍ୟବହାର-କ, with refl. pro.

Deportation, *n.* ଦେଶାନ୍ତରକରଣ, ଦେଶବହିର୍ଭୂତତା, ନିର୍ବାସନ ।

Deportment, *n.* ଗତି, ଆଚରଣ, ଚଙ୍ଗ, ଆଚାର, ବ୍ୟବହାର ।

Deposable, *a.* ପଦଚ୍ୟୁତଯୋଗ୍ୟ ।

Depose, *v.t.* 1. ସିଂହାସନଚ୍ୟୁତ-କ, ପଦଚ୍ୟୁତ-କ, ଅବନତ-କ; 2. ଶପଥପୂର୍ବକ କହିବାର ।—*v.i.* ସାକ୍ଷ୍ୟ-ଦେ, ଜବାନବନ୍ଦୀ-ଦେ ।

Deposer, *n.* 1. ପଦଚ୍ୟୁତକାରୀ; 2. ସାକ୍ଷୀ ।

Deposit, *v.t.* 1. ରଖିବାର; 2. (ପଙ୍କ) ପକାଇବାର; 3. ଗଚ୍ଛିତ-କ, ଅମାନତ-କ, ନ୍ୟସ୍ତ-କ, ଜିମ୍ମାରେ-ଦେ, ବନ୍ଧକ ରଖିବାର ।—*n.* 1. ପଙ୍କ, ପଳି ଅଦ; 2. ନ୍ୟାସ, ଗଚ୍ଛିତବସ୍ତୁ, ବନ୍ଧକ ।

Depositary, *n.* ଯାହା ନିକଟରେ ଦ୍ରବ୍ୟ ଅମାନତ କରାଯାଏ, ନ୍ୟାସଧାରୀ, ଗଚ୍ଛିତଦ୍ରବ୍ୟର ରକ୍ଷକ ।

Deposition, *n.* 1. (ପଙ୍କ) ପତନ; 2. ଜବାନବନ୍ଦୀ, ଇଜହାର, ହସ୍ତଲିଖିତ ସାକ୍ଷ୍ୟ; 3. ସିଂହାସନଚ୍ୟୁତି, ପଦଚ୍ୟୁତି ।

Depositor, *n.* ନ୍ୟସ୍ତକାରୀ, ଟଙ୍କା ଜମାକାରୀ ।

Depository, *n.* ରଖିବାସ୍ଥାନ, ଗୋଲା, ଭଣ୍ଡାର ।

Depot, *n. de'-po*, (French), 1. ରଖିବାସ୍ଥାନ, ଅଡ୍ଡା, ଗୋଦାମ, ଗୋଲା; 2. ସୈନ୍ୟଦଳର ବାସସ୍ଥାନ ।

Depravation, *n.* 1. ଭ୍ରଷ୍ଟକରଣ; 2. ଅପକୃଷ୍ଟତା, ଭ୍ରଷ୍ଟତା, ନଷ୍ଟତା ।

Deprave, *v.t.* ମନ୍ଦ-କ, ବିଗାଡିବାର, ଅପକୃଷ୍ଟ-କ, ଭ୍ରଷ୍ଟ-କ ।

Depraved, *p.a.* ଦୁରାଚାର, ଭ୍ରଷ୍ଟ, ପାମର, ବିଗଡ଼ ।

Depravedly, *ad.* ଭ୍ରଷ୍ଟରୂପେ ।

Depravedness, *n.* ମନ୍ଦାବସ୍ଥା, ଅପକୃଷ୍ଟାବସ୍ଥା, ଭ୍ରଷ୍ଟାବସ୍ଥା ।

Depravity, *n.* 1. ମନ୍ଦତା, ଭ୍ରଷ୍ଟତା, କଦାଚାର, ନଷ୍ଟତା, ଦୁଷ୍ଟତା ; 2. ପ୍ରକୃତର ଭ୍ରଷ୍ଟତା, ଅନ୍ତର୍ଦୁଷ୍ଟତା ।

Deprecate, *v.t.* 1. ବିରୁଦ୍ଧରେ କହିବାର, ପ୍ରତିବାଦ-କ; 2. ନିବାରଣାର୍ଥ ପ୍ରାର୍ଥନା-କ, ରକ୍ଷାର୍ଥେ ପ୍ରାର୍ଥନା-କ ।

Deprecatingly, *ad.* ଅସନ୍ତୋଷ ପ୍ରକାଶପୂର୍ବକ ।

Deprecation, *n.* 1. ପ୍ରତିବାଦ, ଅସନ୍ତୋଷ ପ୍ରକାଶ; 2. ନିବାରଣାର୍ଥ ପ୍ରାର୍ଥନା, ମିନତି ।

Deprecatory, deprecative, *a.* 1. ପ୍ରତିବାଦଯୁକ୍ତ, ଅସନ୍ତୋଷସୂଚକ ; 2. (ବିପଦ) ନିବାରକ ।

Depreciate, *v.t.* 1. ଊଣା ମୂଲ୍ୟ-କ; 2. ଲଘୁ-କ, ସାମାନ୍ୟ ଜ୍ଞାନ-କ, ତୁଚ୍ଛଜ୍ଞାନ-କ, ନିନ୍ଦା-କ ।—*v.i.* ଊଣା ମୂଲ୍ୟ-ହେ ।

Depreciation, *n.* ମୂଲ୍ୟର ହ୍ରାସ, ଲଘୁକରଣ, ତାଚ୍ଛଲ୍ୟକରଣ, ନିନ୍ଦା, ଗୁଣାପକର୍ଷଣ, ଅସନ୍ତୋଷ, ବିରକ୍ତି ।

Depreciative, depreciatory, *a.* ଲଘୁକାରକ, ଗୁଣାପକର୍ଷକ, ତାଚ୍ଛଲ୍ୟ ପ୍ରକାଶକ ।

Depredate, *v.t.* ଲୁଟ-କ, ଉଜାଡ଼-କ ।

Depredation, *n.* ଲୁଟ, ଡକାଇତି, ଉଜାଡ଼କରଣ, ଅପହରଣ ।

Depredator, *n.* ଲୁଟିଆର, ଡକାଇତ, ଦସ୍ୟୁ, ଅପହାରକ ।

Depredatory, *a.* ଲୁଟକାରୀ, ଲୁଟାର୍ଥକ ।

Depress, *v.t.* 1. ତଳକୁ ମାଡିବାର, ତଳକୁ ଚିପିବାର, ନୁଆଁଇବାର, ନମ୍ର-କ; 2. ହତାଶ-କ, ଉଦାସ-କ; 3. ମୂଲ୍ୟନ୍ୟୂନ-କ. ଶସ୍ତା-କ; 4. ଅବନତ-କ, ବଶୀଭୂତ-କ ।

Depressed, *p.a.* 1. ହତାଶ, ବିଷଣ୍ଣ. ଉଦାସ; 2. ଚେପ୍ଟା; 3. ଠୋଲ, ଖାଲୁଆ ।

Depressingly, *ad.* ହତାଶଜନକରୂପେ, ବିଷାଦଜନକ-[ରୂପେ ।

Depression, *n.* 1. ଅବନମନ; 2. ଅବନତ; 3. ଖାଲ; 4. ଆଶାରହିତତା, ବିଷଣ୍ଣତା, ବିଷାଦ, ଦୁର୍ବଳତା, ମାନ୍ଦ୍ୟ; 5. ବଜାରର ମାନ୍ଦା, ବ୍ୟବସାୟର ହ୍ରାସ; 6. ଅକ୍ଷିରୁ ପରଳ କାଢିବାର ପ୍ରକ୍ରିୟା ।

Depressive, *a.* ହତାଶଜନକ, ଅବସାଦକ, ବିଷାଦଜନକ ।

**Depressor,** *n.* 1. ଯେ ବା ଯାହା ଅବନତ କରେ, ଉପଦ୍ରବୀ; 2. ଅବନମନକାରୀ ମାଂସପେଶୀ; 3. ଚିକିତ୍ସାସମ୍ବନ୍ଧୀୟ ଅସ୍ତ୍ରବିଶେଷ ।

**Deprivation,** *n.* 1. ବଞ୍ଚିତକରଣ, ବଞ୍ଚିତାବସ୍ଥା, କ୍ଷତି, ଅଭାବ; 2. ସର୍ବାଗ୍ର ଧର୍ମୋପଦେଶକର ପଦଚ୍ୟୁତି ।

**Deprive,** *v.t.* 1. ବଞ୍ଚିତ-କ, କାଡ଼ି-ନେ, ବେଦଖଲ କ, ରହିତ-କ; 2. ସର୍ବାଗ୍ର ଧର୍ମୋପଦେଶକଙ୍କୁ ପଦଚ୍ୟୁତ-କ ।

**Depth,** *n.* 1. ଗଭୀରତା, ଗମ୍ଭୀରତା; 2. ଗମ୍ଭୀରସ୍ଥାନ, ଖାତ; 3. ମଧ୍ୟଭାଗ, ଘୋରତା; 4. ନିଗୂଢ଼ତା, ଗାମ୍ଭୀର୍ଯ୍ୟ; 5. (colloquial), ଗାଢ଼ତା, ଚତୁରତା ।—out of or beyond one's depth, ବଳାତୀତ, ବୁଡ଼ିଯିବା ଭଳି ପାଣିରେ ।

**Depurate,** *v.t.* ପରିଷ୍କାର-କ, ଶୋଧନ-କ ।

**Depuration,** *n.* ଶୋଧନ, କ୍ଷତର ଶୋଧନ ।

**Deputation,** *n.* 1. ପ୍ରତିନିଧିରୂପେ ପ୍ରେରଣ, ପ୍ରେରଣ, ନିଯୁକ୍ତି; 2. ପ୍ରତିନିଧି, ପ୍ରତିନିଧିସମୂହ ।

**Depute,** *v.t.* 1. ପ୍ରତିନିଧିରୂପେ ପ୍ରେରଣ-କ, ନିଯୁକ୍ତ-କ; 2. ପ୍ରତିନିଧିଠାରେ ଅର୍ପଣ-କ, ଅର୍ପଣ-କ ।

**Deputy,** *n.* ପ୍ରତିନିଧି, ନାଏବ୍, ବଦଳି ।

**Derail,** *v.t.* ରେଲ ବାଟରୁ ପକାଇ ଦେବାର ।—*v.i.* ରେଲ ବାଟରୁ ବାହାରି ପଡ଼ିବାର ।

**Derange,** *v.t.* 1. ଓଲଟପାଲଟ-କ, ଅଗୋଛାଳ-କ, ବିଶୃଙ୍ଖଳ-କ, ବ୍ୟତିକ୍ରମ-କ; 2. ବିଗାଡ଼ିବାର; 3. ଉନ୍ମତ୍ତ-କ ।

**Deranged,** *p.a.* ଉନ୍ମତ୍ତ, କ୍ଷିପ୍ତ ।

**Derangement,** *n.* 1. ଓଲଟପାଲଟକରଣ, ବିଶୃଙ୍ଖଳତା, ଗୋଳମାଳ; 2. ଉନ୍ମତ୍ତତା, ଉନ୍ମାଦ ।

**Derby,** *n.* ଇଂଲଣ୍ଡ ଦେଶରେ ବାର୍ଷିକ ଘୋଡ଼ଦୌଡ଼ ଖେଳ ।

**Derelict,** *a.* 1. ପରିତ୍ୟକ୍ତ, (ବିଶେଷରେ ସମୁଦ୍ରରେ ପରିତ୍ୟକ୍ତ); 2. କର୍ତ୍ତବ୍ୟ କର୍ମରେ ଅମନୋଯୋଗୀ ।—*n.* ସମୁଦ୍ରରେ ତ୍ୟକ୍ତ ଜାହାଜ, ତ୍ୟକ୍ତବସ୍ତୁ ।

**Dereliction,** *n.* 1. ପରିତ୍ୟାଗକରଣ, ପରିତ୍ୟକ୍ତ, ଅବହେଳା, ତ୍ରୁଟି, ଅବଶ୍ୟତା; 2. ପାଣି ଘୁଞ୍ଚିବା ହେତୁ ଜମିବୃଦ୍ଧି, ପର୍ଯ୍ୟବସ୍ତୀ ଜମି ।

**Deride,** *v.t.* ଉପହାସ-କ, ପରିହାସ-କ, ଥଟ୍ଟା-କ, ବିଦ୍ରୂପ- [କ ।

**Deridingly,** *ad.* ଥଟ୍ଟାଭାବରେ, ପରିହାସରେ ।

**Derision,** *n.* ପରିହାସ, ଥଟ୍ଟା, ତିରସ୍କାର, ବିଦ୍ରୂପ ।

**Derisive,** *a.* ଉପହାସଜନକ, ପରିହାସକ, ଟାପରପୂର୍ଣ୍ଣ ।

**Derisively,** *ad.* ଉପହାସରେ, ପରିହାସପୂର୍ବକ, ତୁଚ୍ଛଭାବରେ ।

**Derivable,** *a.* ଉତ୍ପାଦନୀୟ, ପ୍ରାପଣୀୟ, ବ୍ୟୁତ୍ପାଦ୍ୟ, ଅନୁ- [ମେୟ ।

**Derivably,** *ad.* ବ୍ୟୁତ୍ପତ୍ତିକ୍ରମେ ।

**Derivation,** *n.* ଉତ୍ପତ୍ତି, ବ୍ୟୁତ୍ପତ୍ତି, ଅନୁମାନ ।

**Derivative,** *a.* ବ୍ୟୁତ୍ପତ୍ତିସିଦ୍ଧ, ଗୌଣ, ବ୍ୟୁତ୍ପନ୍ନ, ବ୍ୟୁତ୍ପାଦିତ ।—*n.* ବ୍ୟୁତ୍ପନ୍ନ ବିଷୟ, ବ୍ୟୁତ୍ପାଦିତ ପଦ ।

**Derivatively,** *ad.* ବ୍ୟୁତ୍ପତ୍ତିରେ, ବ୍ୟୁତ୍ପତ୍ତିକ୍ରମେ ।

**Derive,** *v.t.* 1. ନେବାର, ଗ୍ରହଣ-କ, ପାଇବାର, ଲାଭ-କ; 2. ବ୍ୟୁତ୍ପତ୍ତି କ, ଅନୁମାନ-କ, ବାହାର୍-କ ।—*v.i.* ଉତ୍ପନ୍ନ-ହେ ।

**Derma, dermis, derm,** *n.* (Greek), ଚର୍ମ ।

**Dermal,** *a.* 1. ଚର୍ମସମ୍ବନ୍ଧୀୟ; 2. ଚର୍ମମୟ; 3. ଚର୍ମାତ୍ମକ ।

**Dermatology,** *n.* ଚର୍ମ ଓ ଚର୍ମରୋଗର ବିଜ୍ଞାନ ।

**Derogate,** *v.t.* ଲଘୁ-କ, ନ୍ୟୂନ-କ, ହ୍ରାସ-କ ।—*v.i.* କ୍ଷତି-କ, ନେଇ ଯିବାର, with *from.*

**Derogation,** *n.* ଲଘୁକରଣ, ଲାଘବ, ମାନହାନି, ଅପମାନ ।

**Derogatively, derogatorily,** *ad.* ମାନହାନିଜନକଭାବରେ, ଗୁଣାପକର୍ଷକରୂପେ ।

**Derogatory,** *a.* ଲଘୁକାରକ, କ୍ଷତିକାରକ, ଗୁଣାପକର୍ଷକ, ଅପମାନଜନକ, ମାନହାନିଜନକ ।

**Derrick,** *n.* ଭାରି ପଦାର୍ଥ ଉଠାଇବା କଳବିଶେଷ, ବକଯନ୍ତ୍ର ।

**Derringer,** *n.* ଏକନଳୀ ପିସ୍ତଲବିଶେଷ ।

**Dervish, dervis,** *n.* ତୁର୍କ ଦେଶୀୟ ସନ୍ନ୍ୟାସୀ, ଫକିର, ଦରବେଶ ।

**Descant,** *n.* *des'-kant.* 1. ବିସ୍ତାରିତ ଵକ୍ତବ୍ୟର ପ୍ରସ୍ତାବ, ବାଦାନୁବାଦ; 2. ଗାନର ପ୍ରକାରାନ୍ତର ।—*v.i.* *des-kant',* ବକ୍ତୃତା-କ, ସମାଲୋଚନା-କ । with *on* or *upon.*

**Descend,** *v.i.* 1. ଓହ୍ଲାଇବାର, ଅଧୋଗାମୀ-ହେ, ତଳକୁ ଆସିବାର, ତଳକୁ ଯିବାର; 2. ଆକ୍ରମଣ-କ; 3. ଜାତ-ହେ, ଉତ୍ପନ୍ନ-ହେ; 4. ଉତ୍ତରାଧିକାରକ୍ରମେ ଅଧୋଗମନ-କ; 5. ନତ-କ; 6. (ସାଧାରଣ ପ୍ରସଙ୍ଗରୁ ବିଶେଷ ପ୍ରସଙ୍ଗକୁ) ଆସିବାର ।—*v.t.* ଅବରୋହଣ-କ ।

**Descendant,** *n.* ସନ୍ତାନସନ୍ତତି, ବଂଶୋଦ୍ଭବ ।

**Descendent,** *a.* 1. ଅଧୋଗାମୀ, ପତନଶୀଳ; 2. ବଂଶୋଦ୍ଭୂତ ।

**Descendible, descendable,** *a.* 1. ଅବରୋହଣୀୟ; 2. ଉତ୍ତରାଧିକାରକ୍ରମେ ପ୍ରାପଣୀୟ, ନିମ୍ନଗାମୀ ।

**Descendibility,** *n.* ଉତ୍ତରାଧିକାରକ୍ରମେ ପ୍ରାପଣୀୟତା, ନିମ୍ନଗାମିତା ।

**Descending,** *a.* 1. ନିମ୍ନଗାମୀ, ଅଧୋଗାମୀ; 2. ନ୍ୟୂନ; 3. କ୍ରମଶଃ ହ୍ରସ୍ୱ ।

**Descension,** *n.* ଅଧୋଗତି, ଅଧଃପତନ ।

**Descensional,** *a.* ଅଧୋଗତିସମ୍ବନ୍ଧୀୟ, ଅଧଃପତନସମ୍ବନ୍ଧୀୟ ।

**Descent,** *n.* 1. ଅବରୋହଣ, ଅବତରଣ; 2. ଗଡ଼ାଣିଭାବ, ଢାଲୁଭାବ, କ୍ରମନିମ୍ନତା, ଗଡ଼ାଣି ସ୍ଥାନ; 3. ଅଧୋଗତି, ଅଧଃପତନ; 4. ଆକ୍ରମଣ; 5. ଉତ୍ତରାଧିକାରକ୍ରମେ ଅଧୋଗମନ; 6. ଉତ୍ପତ୍ତି, ଜନ୍ମ, ବଂଶ, କୁଳ, ବଂଶାବଳୀ; 7. ସନ୍ତାନସନ୍ତତି ।

**Describable,** *a.* ବର୍ଣ୍ଣନୀୟ, ବର୍ଣ୍ଣନାଯୋଗ୍ୟ ।

**Describe,** *v.t.* 1. ଅଙ୍କିତ-କ, ନକ୍ସା-କ; 2. ବର୍ଣ୍ଣନା-କ, ବ୍ୟାଖ୍ୟା-କ ।

**Description,** *n.* 1. ଅଙ୍କିତକରଣ; 2. ବର୍ଣ୍ଣନା, ବ୍ୟାଖ୍ୟା, ବିବରଣ; 3. ଗୁଣସମଷ୍ଟି, ଶ୍ରେଣୀ, ବର୍ଗ, ଜାତି, ପ୍ରକାର ।

**Descriptive,** *a.* ବର୍ଣ୍ଣନାପୂର୍ଣ୍ଣ, ବର୍ଣ୍ଣନାକାରୀ, ନିର୍ଦ୍ଦେଶକ ।

**Descriptively**, *ad.* ବର୍ଣ୍ଣନାକ୍ରମେ, ବର୍ଣ୍ଣନାକାରରୂପେ ।

**Descriptiveness**, *n.* ବର୍ଣ୍ଣନାକାରତ୍ୱ ।

**Descry**, *v.t.* ଅକ୍ଷିରେ ଚିହ୍ନିବାର, ଦୂରରୁ ଦୃଷ୍ଟି-କ, ଦେଖିବାର, ପ୍ରେକ୍ଷଣ-କ, ଚିହ୍ନିବାର ।

**Desecrate**, *v.t.* ଅପବିତ୍ର-କ, ଅଶୁଦ୍ଧ-କ, ଅଶୁଚି-କ ।

**Desecration**, *n.* ଅପବିତ୍ରକରଣ, ଅଶୁଦ୍ଧକରଣ, ଅଶୁଚିକରଣ, ପ୍ରତିଷ୍ଠାନାଶ ।

**Desert**, *a.* *déz-ert*, 1. ଉଜାଡ଼, ନିର୍ଜନ, ପତିତ, ଅନାବାଦୀ; 2. ମରୁଭୂମିସମ୍ବନ୍ଧୀୟ ।—*n.* ପ୍ରାନ୍ତର, ମରୁଭୂମି, ଜନଶୂନ୍ୟ ସ୍ଥାନ ।

**Desert**, *v.t.* *de-zert'*, ପରିତ୍ୟାଗ-କ, ବିବର୍ଜ୍ଜନ-କ, ଛାଡ଼ି ଯିବାର ।—*v.i.* ପଳାଇ ଯିବାର, ପଳାୟନ-କ, ଅନୁମତି ବିନା କାର୍ଯ୍ୟ ଛାଡ଼ିବାର ।

**Desert**, *n.* *de-zert'*, 1. ପୁରସ୍କାର ବା ଦଣ୍ଡର ଯୋଗ୍ୟତା; 2. ଯୋଗ୍ୟତା, ଅଯୋଗ୍ୟତା; 3. ଉଚିତ ଦଣ୍ଡ ବା ପୁରସ୍କାର, ପ୍ରତିଫଳ ।

**Deserter**, *n.* ପଳାତକ ଲୋକ, ବିଶେଷରେ ପଳାତକ ସେନା, ପଳାତକ ।

**Desertion**, *n.* 1. ପରିତ୍ୟାଗ, ପଳାୟନ; 2. ପରିତ୍ୟକ୍ତାବସ୍ଥା ।

**Deserve**, *v.t.* ଅର୍ଜ୍ଜନ-କ ।—*v.i.* ଯୋଗ୍ୟ-ହେ, ଉପଯୁକ୍ତ-ହେ ।

**Deservedly**, *ad.* ଯୋଗ୍ୟତାନୁସାରେ, ଉଚିତରୂପେ, ଉପଯୁକ୍ତରୂପେ, ନ୍ୟାଯ୍ୟରୂପେ ।

**Deserving**, *p.a.* ଯୋଗ୍ୟ, ପ୍ରଶଂସନୀୟ ।—*n.* ଅର୍ଜ୍ଜନ, ଯୋଗ୍ୟତା, ଅଯୋଗ୍ୟତା ।

**Deservingly**, *ad.* ପ୍ରଶଂସନୀୟରୂପେ, ଗୁଣବିଶିଷ୍ଟତାନୁସାରେ, ଯୋଗ୍ୟତାନୁସାରେ ।

**Deshabille**, *n.* *dez-a-bēl'*, (French), ଢୋଲା ପୋଷାକ, ଘରଲୁଗା ପିନ୍ଧିଥିବାର ଅବସ୍ଥା, ଘରପିନ୍ଧାଲୁଗା ।

**Desiccant, desiccative**, *a.* ଶୁଷ୍କକାରକ ।—*n.* ଶୁଷ୍କକାରକ ପ୍ରଲେପ, ଶୋଷକ ମଲମ ।

**Desiccate**, *v.t.* ଶୁଷ୍କ-କ, ଶୁଖାଇବାର ।—*v.i.* ଶୁଷ୍କ-ହେ ।

**Desiccation**, *n.* 1. ଶୁଷ୍କକରଣ; 2. ଶୁଷ୍କାବସ୍ଥା ।

**Desiccator**, *n.* ଯେ ବା ଯାହା ଶୁଷ୍କ କରେ, ଶୁଷ୍କକାରୀ ଯନ୍ତ୍ର ।

**Desiderate**, *v.t.* ଆକାଂକ୍ଷା-କ, ଲୋଡ଼ିବାର ।

**Desideratum**, *n. pl.* desiderata, ଅବର୍ତ୍ତମାନ ବାଞ୍ଛନୀୟ ବିଷୟ, ଅଭାବ, ଅଭିବାଞ୍ଛିତବସ୍ତୁ, ବାଞ୍ଛନୀୟ ବିଷୟ ।

**Design**, *v.t.* 1. ନକ୍ସା-କ; 2. କଳ୍ପନା-କ, ସଂକଳ୍ପ-କ; 3. ମନସ୍ଥ-କ ।—*v.i.* ନକ୍ସା-କ, ନକ୍ସା ବନାଇବାର ।—*n.* 1. ନକ୍ସା, ଆଦର୍ଶ, ନମୁନା; 2. ଶିଳ୍ପକୌଶଳ, ଉଦ୍ଭାବନା; 3. ଅଭିପ୍ରାୟ, କଳ୍ପନା, ସଂକଳ୍ପ, ଉଦ୍ଦେଶ୍ୟ, ଅର୍ଥ ।

**Designate**, *v.t.* 1. ଚିହ୍ନିତ-କ; 2. ପ୍ରଭେଦ-କ, ନାମ ଦ୍ୱାରା ଚିହ୍ନିତ-କ, ନାମ-କ, ଦେଖାଇବାର; 3. ନିଯୁକ୍ତ-କ ।

**Designation**, *n.* 1. ଚିହ୍ନିତକରଣ, ନିର୍ଦ୍ଦେଶ; 2. ନିଯୁକ୍ତି, ନିୟୋଗ; 3. ଚିହ୍ନ, ସଂଜ୍ଞା, ନାମ, ଉପାଧି ।

**Designative, designatory**, *a.* ସୂଚକ, ନିର୍ଦ୍ଦେଶକ ।

**Designedly**, *ad.* ଇଚ୍ଛାପୂର୍ବକ, ଜ୍ଞାତସାରରେ, ଜାଣିଶୁଣି, ଜ୍ଞାନତଃ ।

**Designer**, *n.* 1. ନକ୍ସାକାରୀ, ନମୁନାକାରୀ; 2. ଉଦ୍ଭାବକ; 3. କଳ୍ପନାକର୍ତ୍ତା, କୁମନ୍ତ୍ରଣାକାରୀ ।

**Designing**, *a.* କୁମନ୍ତ୍ରଣାକାରୀ, ଧୂର୍ତ୍ତ, ପ୍ରତାରକ, ଖଳ ।

**Desirability, desirableness**, *n.* ବାଞ୍ଛନୀୟତା, ଆକାଂକ୍ଷ୍ୟତା ।

**Desirable**, *a.* ବାଞ୍ଛନୀୟ, ଆକାଂକ୍ଷ୍ୟ, ମନୋହର ।

**Desirably**, *ad.* ବାଞ୍ଛନୀୟରୂପେ ।

**Desire**, *n.* 1. ଇଚ୍ଛା, ବାଞ୍ଛା, ଆକାଂକ୍ଷା, ଅଭିଳାଷ, ସ୍ପୃହା, ପ୍ରବଳ ସ୍ୱାଭାବିକ ଇଚ୍ଛା; 2. ମିନତି; 3. ବାଞ୍ଛିତ ବସ୍ତୁ ବା, ବ୍ୟକ୍ତି; 4. ଅନୁରାଗ, କାମ ।—*v.t.* 1. ବାଞ୍ଛା-କ, ଇଚ୍ଛା-କ, ଲୋଡ଼ିବାର, ଆକାଂକ୍ଷା-କ, ଲୋଭ-କ; 2. ମାଗିବାର, ମିନତି-କ ।

**Desirous**, *a.* ଇଚ୍ଛୁକ, ଆକାଂକ୍ଷୀ, ଅଭିଳାଷୀ, ଲୋଭୀ ।

**Desist**, *v.i.* ନିରସ୍ତ-ହେ, ନିବୃତ୍ତ-ହେ, କ୍ଷାନ୍ତ-ହେ, ସ୍ଥଗିତ-ହେ, followed by *from*.

**Desk**, *n.* 1. ଲେଖିବାର ଢାଲୁ ମେଜ, ଡେସ୍କ; 2. ଗୀର୍ଜାଘରରେ ପଢ଼ିବାର ମଞ୍ଚ ।

**Desolate**, *v.t.* 1. ଜନଶୂନ୍ୟ-କ, ଉଜାଡ଼-କ, ଉତ୍ସନ୍ନ-କ, ବିନାଶ-କ; 2. ଦୁଃଖପୂର୍ଣ୍ଣ-କ, ବିଷାଦିତ-କ ।—*a.* 1. ଜନଶୂନ୍ୟ, ଉଜାଡ଼, ଉତ୍ସନ୍ନ, ଉପେକ୍ଷିତ, ବିନଷ୍ଟ; 2. ପରିତ୍ୟକ୍ତ, ଅନାଥ, ବିଷାଦିତ, ଦୁଃଖିତ, କ୍ଲିଷ୍ଟ ।

**Desolately**, *ad.* ପରିତ୍ୟକ୍ତରୂପେ, ଅନାଥରୂପେ ।

**Desolateness**, *n.* 1. ଜନଶୂନ୍ୟତା, ନିର୍ଜ୍ଜନତା; 2. ପରିତ୍ୟକ୍ତାବସ୍ଥା, ଅନାଥାବସ୍ଥା ।

**Desolation**, *n.* 1. ଜନଶୂନ୍ୟକରଣ, ଉଜାଡ଼, ଉତ୍ସନ୍ନତା, ସର୍ବନାଶ, ଧ୍ୱଂସ; 2. ଜନଶୂନ୍ୟସ୍ଥାନ, ଉଜାଡ଼ସ୍ଥାନ, ତ୍ୟକ୍ତାବସ୍ଥା; 3. କ୍ଳେଶ, ବିଷଣ୍ଣତା ।

**Despair**, *v.i.* ନିରାଶ-ହେ, ହତାଶ-ହେ, ନିର୍ଭରସା-ହେ, followed by *of* ।—*n.* 1. ହତାଶ, ନୈରାଶ୍ୟ, ଆଶାହୀନତା, ନିର୍ଭରସା; 2. ହତାଶଜନକ ବିଷୟ, ଭରସାହୀନ ବିଷୟ ।

**Despairing**, *p.a.* ଭରସାହୀନ, ନିରାଶ, ହତାଶ, ନୈରାଶ୍ୟସୂଚକ ।

**Despairingly**, *ad.* ଭରସାହୀନରୂପେ, ନୈରାଶ୍ୟଭାବରେ, ହତାଶପୂର୍ବକ ।

**Despatch, dispatch**, *v.t.* 1. ଶୀଘ୍ର ପଠାଇବାର, ତ୍ୱରାରେ ପ୍ରେରଣ-କ, ଶୀଘ୍ର ବିଦାଇବାର, ଝଟିତ ବିଦାଇବାର; 2. ବଧ-କ, ମାରି ପକାଇବାର; 3. ଶୀଘ୍ର ସମ୍ପନ୍ନ-କ, ଶେଷ-କ, ସମାପ୍ତ-କ ।—*n.* 1. ଶୀଘ୍ର ପ୍ରେରଣ, ପ୍ରେରଣ; 2. ଶୀଘ୍ର ପ୍ରେରିତ ପତ୍ର, ଶୀଘ୍ର ପ୍ରେରିତ ସମ୍ବାଦ, ସର୍କାର କର୍ମର ପତ୍ର; 3. ଶୀଘ୍ର କର୍ମକରଣ, ନିରାଳସ୍ୟରେ କାର୍ଯ୍ୟନିର୍ବାହ, ଶୀଘ୍ରତା, ଉଦ୍‌ଯୋଗ ।

**Despatcher, dispatcher**, *n.* ପ୍ରେରକ ।

**Desperado**, *n. pl.* desparados or desparadoes, ଦୁଃସାହସୀ ଦୁଷ୍ଟ ଲୋକ, ବେପରୁଆ ଡକାଇତ ।

**Desperate**, *a.* 1. ଦୁଃସାହସୀ, ବେପରୁଆ, ନିର୍ଭୟ; 2. ନୈରାଶ୍ୟଜନକ, ଅସହନୀୟ, ପ୍ରଚଣ୍ଡ; 3. ଉପାୟହୀନ, ଅଶାଗତ, ପ୍ରତିକାରହୀନ ।

**Desperately**, *ad.* ଦୁଃସାହସିରୂପେ, ବେପରୁଆଭାବେ, ଅତିଶୟରୂପେ, ପ୍ରଚଣ୍ଡରୂପେ, ଉନ୍ମତ୍ତରୂପେ ।

**Desperation**, *n.* ନୈରାଶ୍ୟ, ନିର୍ଭୀକତା, ପ୍ରଚଣ୍ଡତା, ଆପଦର ତାଚ୍ଛଲ୍ୟ ।

**Despicable**, *a.* ତୁଚ୍ଛ, ଘୃଣ୍ୟ, ନିନ୍ଦ୍ୟ, ହେୟ, ନୀଚ, ଅଧମ, କାପୁରୁଷ ।

**Despicableness**, *n.* ଘୃଣ୍ୟତା, ଅଧମତା ।

**Despicably**, *ad.* ଘୃଣ୍ୟରୂପେ, ଅଧମରୂପେ ।

**Despisable**, *a.* ଘୃଣ୍ୟ, ଘୃଣାଯୋଗ୍ୟ ।

**Despise**, *v.t.* 1. ତୁଚ୍ଛଜ୍ଞାନ-କ, ହେୟଜ୍ଞାନ-କ, ଅବଜ୍ଞା-କ; 2. ଉପେକ୍ଷା-କ ।

**Despiser**, *n.* ତୁଚ୍ଛକାରକାରୀ, ଅବଜ୍ଞାକାରୀ, ନିନ୍ଦକ ।

**Despisingly**, *ad.* ତୁଚ୍ଛଜ୍ଞାନରେ, ନିନ୍ଦାପୂର୍ବକ ।

**Despite**, *n.* 1. ଦ୍ୱେଷ, ହିଂସା, ଈର୍ଷା; 2. ଅବଜ୍ଞା; 3. ହିଂସା ବା ତାଚ୍ଛଲ୍ୟର କାର୍ଯ୍ୟ ।—*prep.* ଥିଲେ ସୁଦ୍ଧା, ହେଲେହେଁ ।

**Despiteful**, *a.* ଦ୍ୱେଷପୂର୍ଣ୍ଣ, ଦ୍ୱେଷୀ, ହିଂସକ । [ଭାବେ ।

**Despitefully**, *ad.* ଦ୍ୱେଷରେ, ହିଂସକରୂପେ, ତାଚ୍ଛଲ୍ୟ-

**Despitefulness**, *n.* ଦ୍ୱେଷ, ହିଂସା, ଈର୍ଷା, ଅବଜ୍ଞା ।

**Despoil**, *v.t.* ଛଡ଼ାଇ ନେବାର, ଅପହରଣ-କ, ଲୁଟ-କ, ବଞ୍ଚିତ-କ, (to despoil a person *of* a thing).

**Despoiler**, *n.* ଯେ ଛଡ଼ାଇ ନିଏ, ଅପହାରକ, ଲୁଟକାରୀ ।

**Despoliation**, *n.* ଅପହରଣ, ଲୁଟ, ଉଜାଡ଼ ।

**Despond**, *v.i.* ନିରାଶ-ହେ, ହତାଶ-ହେ, ବିଷଣ୍ଣ-ହେ, ଭଗ୍ନୋତ୍ସାହ-ହେ, ଭରସାହୀନ-ହେ ।

**Despondency**, despondence, *n.* ନୈରାଶ୍ୟ, ଆଶାଶୂନ୍ୟତା, ବିଷଣ୍ଣତା । [ହୀନ, ବିଷାଦିତ ।

**Despondent**, *a.* ନିରାଶ, ହତାଶ, ଆଶାରହିତ, ଭରସା-

**Despondently**, despondingly, *ad.* ହତାଶରୂପେ, ନିରାଶରୂପେ, ଭରସାହୀନରୂପେ । [ଦ୍ରବକର୍ତ୍ତା ।

**Despot**, *n.* ସ୍ୱେଚ୍ଛାଚାରୀ ରାଜା, ପ୍ରଜାପୀଡ଼କ ରାଜା, ଉପ-

**Despotic**, despotical, *a.* ସ୍ୱେଚ୍ଛାଚାରୀ ରାଜାସମ୍ବନ୍ଧୀୟ, ସ୍ୱେଚ୍ଛାଚାରୀ, ପ୍ରଜାପୀଡ଼କ, ଉପଦ୍ରବୀ ।

**Despotically**, *ad.* ସ୍ୱେଚ୍ଛାଚାରରୂପେ, ପ୍ରଜାପୀଡ଼କରୂପେ, ନିଷ୍ଠୁରରୂପେ ।

**Despotism**, *n.* 1. ସ୍ୱେଚ୍ଛାଚାରୀ ରାଜାର ପ୍ରଭୁତ୍ୱ, ପ୍ରଜାପୀଡ଼ନ; 2. ସ୍ୱେଚ୍ଛାଚାରତା, ଅନିବାରିତଶାସନ, ଏକାଧିପତ୍ୟ; 3. ଅତ୍ୟାଚାର, ଉପଦ୍ରବ ।

**Desquamate**, *v.i.* କାତି ପରି ଛଡ଼ିବାର ।

**Desquamation**, *n.* କାତି ପରି ଉପର ଚର୍ମର କ୍ଷତ ।

**Dessert**, *n.* *de-zĕrt'*, ଭୋଜନ ଉତ୍ତାରେ ମିଠାଇ ବା ଫଳାଦି ଆହାର ।

**Destination**, *n.* 1. ନିଯୁକ୍ତିକରଣ, ନିଯୁକ୍ତି; 2. ନିଯୁକ୍ତିର ଅଭିପ୍ରାୟ, ଉଦ୍ଦେଶ୍ୟ, ଅଭିପ୍ରାୟ; 3. ନିରୂପିତସ୍ଥାନ, ନିର୍ଦ୍ଦିଷ୍ଟସ୍ଥାନ ।

**Destine**, *v.t.* 1. ପୂର୍ବନିୟୋଗ-କ, ନିରୂପଣ-କ, ପୂର୍ବରୁ ନିରୂପଣ-କ; 2. ନିର୍ଦ୍ଦିଷ୍ଟ-କ, ଅଟଳଭାବେ ନିର୍ଦ୍ଦିଷ୍ଟ-କ ।

**Destinist**, *n.* ଅଦୃଷ୍ଟବାଦୀ ।

**Destiny**, *n.* 1. ନିରୂପିତ ଦଶା, ପୂର୍ବନିରୂପିତ ଦଶା, ଶେଷାବସ୍ଥା; 2. ଭାଗ୍ୟ, ଦୁର୍ଭାଗ୍ୟ, ଅଦୃଷ୍ଟ, କପାଳ, ଭବିତବ୍ୟତା; 3. *pl.* ଅଦୃଷ୍ଟଦେବୀଗଣ ।

**Destitute**, *a.* 1. ରହିତ, ହୀନ, ଶୂନ୍ୟ; 2. ଅଭାବଯୁକ୍ତ, ଅର୍ଥହୀନ, ନିଃସ୍ୱ, ଦରିଦ୍ର, କଙ୍ଗାଳ, ଅକିଞ୍ଚନ, ଅନାଥ, ନିରାଶ୍ରୟ । [ଅପ୍ରତୁଳ ।

**Destitution**, *n.* ନିଃସ୍ୱତା, ଦରିଦ୍ରତା, କଙ୍ଗାଳତା,

**Destroy**, *v.t.* 1. ଭାଙ୍ଗି ପକାଇବାର, ଉଜାଡ଼ କରି ପକାଇବାର; 2. ନଷ୍ଟ-କ, ବିନାଶ-କ; 3. ଧ୍ୱଂସ-କ, ଉଚ୍ଛିନ୍ନ-କ, ମୂଳୋତ୍ପାଟନ-କ; 4. ବଧ-କ; 5. ଅପ୍ରମାଣିତ-କ ।

**Destroyable**, *a.* ବିନାଶକରଣୀୟ ।

**Destroyer**, *n.* ବିନାଶକ, ଧ୍ୱଂସକ ।

**Destructibility**, destructibleness, *n.* ବିନାଶ୍ୟତା, ଧ୍ୱଂସନୀୟତା ।

**Destructible**, *a.* ବିନାଶ୍ୟ, ଭଙ୍ଗୁର, ଧ୍ୱଂସନୀୟ ।

**Destruction**, *n.* 1. ନାଶ, ବିନାଶ; 2. ଧ୍ୱଂସ, ସମୂଳୋତ୍ପାଟନ, ଉଜାଡ଼; 3. ବିନାଶର କାରଣ, ମରଣ, ବଧ, ସଂହାର, ମହାମାରୀ, ଧ୍ୱଂସ ।

**Destructive**, *a.* 1. ବିନାଶକାରୀ, ବିନାଶକ, ଧ୍ୱଂସକାରୀ, ସଂହାରକ, ପ୍ରାଣନାଶକ, ଅନିଷ୍ଟକର; 2. ଖଣ୍ଡନକାରୀ ।

**Destructively**, *ad.* ବିନାଶକଭାବରେ, ବିନାଶପୂର୍ବକ ।

**Destructiveness**, *n.* ବିନାଶକତ୍ୱ, ଧ୍ୱଂସକାରିତ୍ୱ ।

**Desudation**, *n.* ବହୁପରିମାଣରେ ଘର୍ମ ନିର୍ଗମନ ଓ ଯାହା ପରେ ବହୁବାର ଘିମିରି ହୁଏ ।

**Desuetude**, *n.* ଅବ୍ୟବହାର, (ରୀତିର) ଅଚଳନ ।

**Desultorily**, *ad.* ବିଶୃଙ୍ଖଳରୂପେ, ଅକ୍ରମିକରୂପେ, ଅନିୟମିତରୂପେ ।

**Desultoriness**, *n.* ନିୟମାଭାବ, ଅସ୍ଥିରତା, ଚଞ୍ଚଳତା ।

**Desultory**, *a.* ବିଶୃଙ୍ଖଳ, ଅକ୍ରମିକ, ଅନିୟମିତ, ଅସମ୍ପର୍କୀୟ, ଚଞ୍ଚଳ ।

**Detach**, *v.t.* 1. ବିଚ୍ଛିନ୍ନ-କ, ଅଲଗା-କ, ପୃଥକ୍-କ, ବିଚ୍ଛିନ୍ନ-କ; 2. (ସୈନ୍ୟଦଳ ବା ଯୁଦ୍ଧଜାହାଜ) ପୃଥକ୍ କରି ପଠାଇବାର ।

**Detached**, *p.a.* 1. ବିଚ୍ଛିନ୍ନ, ଅଲଗା, ପୃଥକ୍‌କୃତ; 2. ପୃଥକ୍‌ରୂପେ ପ୍ରେରିତ ।

**Detachment**, *n.* 1. ପୃଥକ୍‌କରଣ; 2. ବିଶେଷ କର୍ମ ନିମନ୍ତେ ପୃଥକ୍‌କୃତ ଓ ପ୍ରେରିତ ସୈନ୍ୟଦଳ ବା କେତେକ ଯୁଦ୍ଧଜାହାଜ; 3. ଅସଂଲଗ୍ନତା; 4. ସୈନିକ କର୍ମଚାରୀକୁ ବିଶେଷ କର୍ମ ନିମନ୍ତେ ପୃଥକ୍ କରି ପଠାଇବାର ଆଦେଶ ।

**Detail**, *v.t.* 1. ସବିଶେଷ ବର୍ଣ୍ଣନା-କ, ବୃତ୍ତାନ୍ତ କହିବାର, ବିସ୍ତାରିତରୂପେ କହିବାର; 2. (military) ବିଶେଷ କାର୍ଯ୍ୟରେ ନିଯୋଗ-କ ।—*n.* 1. ପୃଥକ୍‌ରୂପେ ବିବେଚିତ ବିଷୟ, ବିଶେଷ ବିଷୟ, ବିଶେଷ ଘଟନା, ବିଶେଷ ଅଂଶ, କ୍ଷୁଦ୍ର ଅଂଶ; 2. (often in *pl.*) ସବିଶେଷ ବର୍ଣ୍ଣନା, ବୃତ୍ତାନ୍ତ, ବିସ୍ତାରିତ ବର୍ଣ୍ଣନା, ବିବରଣ ।

**Detailed**, *p.a.* ବିସ୍ତାରିତରୂପେ ବର୍ଣ୍ଣିତ, ବିସ୍ତାରିତ, ସମ୍ପୂର୍ଣ୍ଣ, ଠିକ୍ ।

**Detain**, *v.t.* 1. ବନ୍ଦ-କ, ଧରି ରଖିବାର; 2. ଅଟକାଇବାର; 3. ହାଜତରେ ରଖିବାର ।

**Detect**, *v.t.* ଅନାବୃତ-କ, (ଗୁପ୍ତ ବିଷୟ) ବାହାର-କ, ପ୍ରକାଶ-କ, (ଦୋଷ) ଧରିବାର ।

**Detectable**, *a.* ଅନାବୃତକରଣୀୟ, ପ୍ରକାଶକରଣୀୟ ।

**Detection**, *n.* ଅନାବୃତକରଣ, ପ୍ରକାଶନ ।

**Detective**, *a.* 1. ଅନୁସନ୍ଧାନରେ ଚତୁର, ଅପରାଧର ଅନୁସନ୍ଧାନକାରକ; 2. ଗୋଏନ୍ଦାସମ୍ବନ୍ଧୀୟ ।—*n.* ଅପରାଧର ଅନୁସନ୍ଧାନକାରୀ ଲୋକ, ଚର, ଗୋଏନ୍ଦା ।

**Detector**, detecter, *n.* ଯେ ବା ଯାହା ପ୍ରକାଶ କରେ, ପ୍ରକାଶକ ।

**Detention**, *n.* 1. ବନ୍ଦକରଣ; 2. ଅଟକ, ବିଳମ୍ବ; 3. କଏଦ ।

**Deter**, *v.t.* (ଭୟ ଆପଦ ବା କଷ୍ଟ ଦ୍ୱାରା) ସାହସଭଙ୍ଗ-କ, (ନିଷେଧ ବା ଚେତାବାକ୍ୟ ଦ୍ୱାରା) ନିବାରଣ-କ, ବାଧା-ଦେ ।

**Deterge**, *v.t.* (କ୍ଷତ) ଶୋଧନ-କ, ପରିଷ୍କାର-କ ।

**Detergence**, detergency, *n.* ଶୋଧନକ୍ଷମତା, ପରିଷ୍କାରକ ଗୁଣ ।

**Detergent**, detersive, *a.* ଶୋଧକ, ପରିଷ୍କାରକ ।—*n.* ପରିଷ୍କାରକ ଔଷଧ ।

**Deteriorate**, *v.i.* କ୍ରମେ ମନ୍ଦ-ହେ, ଅପକୃଷ୍ଟ-ହେ, ବିଗିଡ଼ି ଯିବାର ।—*v.t.* ଅଧିକ ମନ୍ଦ-କ, ଅପକୃଷ୍ଟ-କ, ବିଗାଡ଼ିବାର ।

**Deterioration**, *n.* କ୍ରମଶଃ ମନ୍ଦତା, ଅପକୃଷ୍ଟତା, ବିଗଡ଼ି-ଅପକୃଷ୍ଟ ହେବାର ପ୍ରକ୍ରିୟା ।

**Determent**, *n.* ନିବାରଣ, ସାହସଭଙ୍ଗକରଣ, ବାଧା ।

**Determinability**, *n.* 1. ନିର୍ଦ୍ଧାରଣୀୟତା; 2. ଶେଷକରଣୀୟତା, ସମାପ୍ୟତା ।

**Determinable**, *a.* 1. ନିର୍ଦ୍ଧାରଣୀୟ, ନିର୍ଣ୍ଣେୟ; 2. ଶେଷକରଣୀୟ ।

**Determinant**, *a.* ନିର୍ଦ୍ଧାରକ ।

**Determinate**, *a.* 1. ବିଶିଷ୍ଟ; 2. ନିର୍ଦ୍ଦିଷ୍ଟ, ନିର୍ଦ୍ଧାରିତ, ନିର୍ଣ୍ଣୀତ; 3. ନିରୂପିତ, ନିଶ୍ଚିତ, ସ୍ଥିରୀକୃତ ।

**Determinately**, *ad.* 1. ନିଶ୍ଚିତରୂପେ, ନିର୍ଣ୍ଣିତରୂପେ; 2. ଦୃଢ଼ପ୍ରତିଜ୍ଞରୂପେ ।

**Determinateness**, *n.* ନିରୂପିତାବସ୍ଥା, ନିରୂପଣ ।

**Determination**, *n.* 1. ନିଷ୍ପତ୍ତି; 2. ଦୃଢ଼ପ୍ରତିଜ୍ଞା, ଅଭିପ୍ରାୟ; 3. ନିର୍ଣ୍ଣୟକରଣ, ନିର୍ଣ୍ଣୟ; 4. ଦୃଢ଼ତା; 5. ପ୍ରବର୍ତ୍ତନ; 6. ଶେଷ ।

**Determinative**, *a.* 1. ନିର୍ଦ୍ଧାରଣରେ ସମର୍ଥ, ନିର୍ଦ୍ଧାରକ, ନିର୍ଣ୍ଣାୟକ; 2. ନିର୍ଦ୍ଧାରଣରେ ବ୍ୟବହୃତ ।

**Determine**, *v.t.* 1. ସୀମା ନିରୂପଣ-କ; 2. ସୀମାବଦ୍ଧ-କ; 3. ନିର୍ଦ୍ଧାରିତ-କ, ନିର୍ଣ୍ଣୟ-କ; 4. ଗଠନ-କ, ଚାଳିତ-କ; 5. ସ୍ଥିର-କ, ମନସ୍ଥ-କ; 6. ଶେଷ-କ, ସମାପ୍ତ-କ, ନିଷ୍ପତ୍ତି-କ ।—*v.i.* ନିଷ୍ପତ୍ତି-ହେ, ନିର୍ଣ୍ଣୟ-କ ।

**Determined**, *a.* ଦୃଢ଼ପ୍ରତିଜ୍ଞ, ଦୃଢ଼ମତ, ସ୍ଥିର, ଦୃଢ଼, ଅଟଳ ।

**Determinedly**, *ad.* ଦୃଢ଼ପ୍ରତିଜ୍ଞରୂପେ, ଦୃଢ଼ମତରେ, ଦୃଢ଼ଭାବେ ।

**Determinism**, *a.* 1. ଇଚ୍ଛାଶକ୍ତି ସ୍ୱାଧୀନ ନୋହି ଅଭିପ୍ରାୟ ଦ୍ୱାରା ଚାଳିତ ହେବା ବିଷୟକ ଦାର୍ଶନିକ ମତ; 2. କପାଳ, ଅଦୃଷ୍ଟ ।

**Determinist**, *n.* ଉପରୋକ୍ତ ମତଧାରୀ ।

**Deterrent**, *a.* ନିବାରଣକ୍ଷମ, ନିବାରକ ।—*n.* ନିବାରଣକାରୀ ବିଷୟ ।

**Detersion**, *n.* (କ୍ଷତର) ପରିଷ୍କାରକରଣ ।

**Detest**, *v.t.* ଅତ୍ୟନ୍ତ ଘୃଣା-କ, ନ୍ୟକ୍କାର-କ ।

**Detestable**, *a.* ଅତିଘୃଣ୍ୟ, ଜଘନ୍ୟ, ଅତିଘୃଣିତ, ଗର୍ହିତ ।

**Detestableness**, *n.* ଅତିଘୃଣ୍ୟତା, ଜଘନ୍ୟତା ।

**Detestably**, *ad.* ଅତିଘୃଣ୍ୟରୂପେ, ଜଘନ୍ୟରୂପେ ।

**Detestation**, *n.* ଅତିଘୃଣା, ନ୍ୟକ୍କାର ।

**Dethrone**, *v.t.* ସିଂହାସନଚ୍ୟୁତ-କ, ରାଜ୍ୟଚ୍ୟୁତ-କ ।

**Dethronement**, *n.* ସିଂହାସନଚ୍ୟୁତି ।

**Detonate**, detonize, *v.t.* ବଡ଼ ଶବ୍ଦ କରି ଫୁଟାଇବାର, ଅକସ୍ମାତ୍ ଶବ୍ଦ କରି ଜ୍ୱଳାଇବାର ।—*v.i.* ବଡ଼ ଶବ୍ଦକରି ଫାଟିବାର, ଅକସ୍ମାତ୍ ଶବ୍ଦରେ ଜ୍ୱଳିବାର ।

**Detonating**, *a.* ମହାଶବ୍ଦରେ ଫୁଟନଶୀଳ ।

**Detonation**, *n.* ଦାହ୍ୟ ବସ୍ତୁର ଅକସ୍ମାତ୍ ଫାଟିବା ଶବ୍ଦ ।

**Detour**, *n.* 1. ବକ୍ରପଥ; 2. ଘୂରିଣିଆ ଗମନ ।

**Detract**, *v.t.* ନେଇ ଯିବାର, କାଢ଼ି ନେବାର ।—*v.i.* ଊଣା-କ, ଲଘୁ-କ, ମାନହାନି-କ, ଦୁର୍ନାମ-କ, followed by *from*.

**Detraction**, *n.* ମାନହାନି, ମିଥ୍ୟା ଅପବାଦ, ଅପମାନ ।

**Detractive**, *a.* ମାନହାନିଜନକ, ଗୁଣଘାତକ ।

**Detractor**, detracter, *n.* 1. ମିଥ୍ୟା ଅପବାଦକ, ମାନହାନିକାରୀ; 2. ଅବର୍ଷକ ମାଂସପେଶୀ ବିଶେଷ ।

**Detractory**, *a.* ଅଖ୍ୟାତିକର, ଗୁଣାପକର୍ଷକ, ଦୁର୍ନାମକାରୀ ।

**Detrain**, *v.t.* ରେଳଗାଡ଼ିରୁ ଓହ୍ଲାଇବାର, (ବିଶେଷରେ ସୈନ୍ୟସମ୍ବନ୍ଧରେ ବ୍ୟବହୃତ) ।—*v.i.* ରେଳଗାଡ଼ିରୁ ଓହ୍ଲାଇବାର ।

**Detriment**, *n.* 1. କ୍ଷତିକର ବିଷୟ; 2. କ୍ଷତି, ହାନି, ଅନିଷ୍ଟ, ଅପକାର, ଅପଚୟ ।

**Detrimental**, *a.* କ୍ଷତିଜନକ, ହାନିଜନକ, କ୍ଷତିକର, ଅପକାରୀ ।

**Detrimentally**, *ad.* କ୍ଷତିକରରୂପେ, ହାନିଜନକରୂପେ ।

**Detrition**, *n.* କ୍ଷୟକରଣ, ଘର୍ଷଣ ।

**Detrital**, *a.* ଘର୍ଷଣରେ ପ୍ରସ୍ତରଗୁଣ୍ଡାପୂର୍ଣ୍ଣ ।

**Detritus**, *n.* ଘର୍ଷଣରେ ପ୍ରସ୍ତରର ଗୁଣ୍ଡା ।

**Detrude**, *v.t.* ତଳକୁ ଠେଲି ଦେବାର ।

**Detruncate**, *v.t.* କର୍ତ୍ତନ-କ, କାଟିବାର, ଛାଟିବାର ।

**Detruncation**, *n.* କର୍ତ୍ତନ, ଛାଟିବା ।

**Detrusion**, *n.* ତଳକୁ ଠେଲି ଦେବା, ଖସାଇବା, ନିମ୍ନରେ ନିକ୍ଷେପ ।

**Deuce**, *n.* ତାସ ଖେଳର ଦୁଇ, ଦୁଇ, ଦୁଇ ।

**Deuce**, *n.* ଶୟତାନ ।

**Deuterogamy**, *n.* ସ୍ୱାମୀ ବା ଭାର୍ଯ୍ୟାର ମୃତ୍ୟୁ ଉତ୍ତାରୁ ଦ୍ୱିତୀୟ ଥର ବିବାହ ।

**Deuteronomy**, *n.* ଧର୍ମପୁସ୍ତକରେ ଦ୍ୱିତୀୟ ବିବରଣ, ମୋଶା ଦ୍ୱାରା ଲିଖିତ ପଞ୍ଚମ ପୁସ୍ତକ ।

**Devastate**, *v.t.* ଉଜାଡ଼-କ, ଉତ୍ସନ୍ନ-କ, ଧ୍ୱଂସ-କ, ବିନାଶ-କ ।

**Devastation**, *n.* 1. ଉଜାଡ଼କରଣ; 2. ଉଜାଡ଼ ଅବସ୍ଥା, ଧ୍ୱଂସ, ଉତ୍ସନ୍ନତା, ବିନାଶ ।

**Develop**, *v.t.* 1. କ୍ରମଶଃ ପ୍ରକାଶ-କ, ବିକାଶ-କ; 2. ବୃଦ୍ଧି-କ, ପୁଷ୍ଟ-କ; 3. (in photography) କ୍ରମେ ଦୃଶ୍ୟ କରାଇବାର ।—*v.i.* 1. ବିକଶିତ-ହେ, କ୍ରମେ ପ୍ରକାଶିତ-ହେ; 2. (ପ୍ରାକୃତିକ ନିୟମରେ) ବୃଦ୍ଧି ପାଇବାର; 3. କ୍ରମେ ବ୍ୟକ୍ତ-ହେ ।

**Developable**, *a.* 1. କ୍ରମଶଃ ପ୍ରକାଶକରଣୀୟ, ବିକାଶନୀୟ; 2. ବର୍ଦ୍ଧନଶୀଳ ।

**Developer**, *n.* କ୍ରମଶଃ ପ୍ରକାଶକାରୀ ବ୍ୟକ୍ତି ବା ବସ୍ତୁ, (in photography), କ୍ରମଶଃ ବ୍ୟକ୍ତକାରୀ ମସଲା ।

**Development**, *n.* 1. କ୍ରମଶଃ ପ୍ରକାଶନ, କ୍ରମାଭିବ୍ୟକ୍ତି, କ୍ରମିକ ବିକାଶ, ଅଭିବୃଦ୍ଧି; 2. କ୍ରମିକ ବୃଦ୍ଧି ବା ପରିବର୍ତ୍ତନ ।

**Developmental**, *a.* ବିକାଶସମ୍ବନ୍ଧୀୟ, ବିବର୍ଦ୍ଧନ ଦ୍ୱାରା ଜାତ ।

**Deviate**, *v.i.* 1. ପଥରୁ ବାହାରେ ଯିବାର, ବିପଥରେ ଯିବାର, ବଙ୍କେଇ ଯିବାର, ବିପଥଗାମୀ-ହେ, ଭ୍ରାନ୍ତ-ହେ; 2. ବିଭିନ୍ନ-ହେ ।—*v.t.* ବଙ୍କାଇବାର ।

**Deviation**, *n.* ବିପଥଗମନ, ବକ୍ରଗତି, ନ୍ୟାୟ୍ୟପଥର ପରିତ୍ୟାଗ, ଭ୍ରାନ୍ତି, ଭ୍ରମ ।

**Device**, *n.* 1. କୌଶଳ, କଳ୍ପନା, ଉପାୟ, ଫିକର; 2. କୁଳଚିହ୍ନ; 3. ନମୁନା, ନକ୍ସା ।

**Devil**, *n.* 1. ଭୂତ; 2. ପାପାତ୍ମା, ଶୟତାନ; 3. ଅତି ଦୁଷ୍ଟ ନିଷ୍ଠୁର ବା ଘୃଣ୍ୟ ଲୋକ, ପୈଶାଚିକ ମନୁଷ୍ୟ, ଦୁରାତ୍ମା; 4. ଟାସମେନିଆ ଦେଶୀୟ ଥଳୀଯୁକ୍ତ ଜନ୍ତୁବିଶେଷ; 5. ଛାପା କଳରେ କାଳି ଦେବା ଟୋକା-ଛାପାଖାନାର ସମ୍ବାଦବାହକ ଟୋକା; 6. କେତେକ କଳର ନାମ, ଯଥା,—କାଗଜ ପ୍ରସ୍ତୁତ କରିବା ନିମନ୍ତେ କନା ଚିରିବା କଳ ।—*v.t.* 1. ମରିଚଆଦି ବେଶି ଦେଇ ରାନ୍ଧିବାର; 2. କଳବିଶେଷ ଦ୍ୱାରା ଚିରିବାର ।

**Devilish**, *a.* ଶୟତାନୀ, ଭୂତସ୍ୱଭାବ, ନାରକୀୟ, ଦୁରାତ୍ମା, ଅତିଦୁଷ୍ଟ ।

**Devilishly**, *ad.* ଶୟତାନପରି, ଦୁରାତ୍ମାରୂପେ ।

**Devilishness**, *n.* ପୈଶାଚିକତ୍ୱ, ଅତିଦୁଷ୍ଟତା ।

**Devilment**, *n.* ବଦ୍‌ମାସି, କୌତୁକ ।

**Devilry**, *n.* ଅତ୍ୟନ୍ତ ଦୁରାଚାରତା, ଅତିଦୁଷ୍ଟତା ।

**Devious**, *a.* 1. ବକ୍ର; 2. ବିପଥଗାମୀ, ବକ୍ରପଥଗାମୀ, ଭ୍ରାନ୍ତ, ଭ୍ରମକ ।

**Deviously**, *ad.* 1. ବକ୍ରଭାବେ; 2. ବିପଥଗାମୀରୂପେ, ଭ୍ରାନ୍ତରୂପେ ।

**Deviousness**, *n.* 1. ବକ୍ରତା; 2. ବିପଥଗାମିତ୍ୱ, ଭ୍ରାନ୍ତି ।

**Devisable**, *a.* 1. ଦାନପତ୍ର ଦ୍ୱାରା ଦେୟ; 2. କଳ୍ପନୀୟ, ଉଦ୍ଭାବନୀୟ ।

**Devise**, *v.t.* 1. କଳ୍ପନା-କ, କୌଶଳ-କ, ଉଦ୍ଭାବନ-କ; 2. ମୁମୂର୍ଷୁ କାଳେ ଦାନ-କ ।—*v.i.* ଉପାୟ କଳ୍ପନା-କ, ବିବେଚନା-କ ।—*n.* 1. ଉଇଲ୍ ଦ୍ୱାରା ଭୂସମ୍ପତ୍ତି ଦାନ; 2. ମୁମୂର୍ଷୁ କାଳେ ଭୂସମ୍ପତ୍ତିର ଦାନପତ୍ର; 3. ଉଇଲ ଦ୍ୱାରା ଦତ୍ତ ସମ୍ପତ୍ତିର ଅଂଶ ।

**Devisee**, *n.* ମୁମୂର୍ଷୁ ଦାନଗ୍ରହକାରୀ ।

**Deviser**, *n.* କଳ୍ପନାକାରୀ, ଉଦ୍ଭାବନକାରୀ ।

**Devisor**, *n.* ମୁମୂର୍ଷୁ ଦାନକାରୀ ।

**Devitalize**, *v.t.* ନିର୍ଜୀବ-କ, ଜୀବନଶକ୍ତିହୀନ-କ ।

**Devoid**, *a.* ଶୂନ୍ୟ, ହୀନ, ରହିତ, ବର୍ଜିତ, with *of* before the thing absent.

**Devoir**, *n.* (French), *de-wār′*, ସମ୍ମାନ, ସମାଦର ।

**Devolution**, *n.* 1. ଗଡ଼ାଇବା, ଗଡ଼ିବା; 2. ହସ୍ତାନ୍ତର, ସମର୍ପଣ; 3. ଉତ୍କୃଷ୍ଟ ଶ୍ରେଣୀରୁ ନିମ୍ନ ଶ୍ରେଣୀକୁ ପତନ, ପ୍ରତୀପଗମନ, ପ୍ରତ୍ୟାବର୍ତ୍ତନ ।

**Devolve**, *v.t.* ହସ୍ତାନ୍ତର-କ, ଉତ୍ତରାଧିକାରୀ ସୂତ୍ରେ ଅର୍ପଣ-କ, ସମର୍ପଣ-କ ।—*v.i.* ହସ୍ତାନ୍ତରିତ-ହେ, (କର୍ମର ଭାର) ପଡ଼ିବାର, ଅର୍ପିତ-ହେ ।

**Devolvement**, *n.* ହସ୍ତାନ୍ତର, ସମର୍ପଣ ।

**Devote**, *v.t.* 1. ମାନତ କରି ବିଶେଷ କାର୍ଯ୍ୟ ନିମନ୍ତେ ପୃଥକ୍ ରଖିବାର, ଉତ୍ସର୍ଗ-କ, ପ୍ରତିଷ୍ଠା-କ, ସମର୍ପଣ-କ; 2. (ଆପଣାକୁ) ନିବିଷ୍ଟ-କ, ମନୋନିବେଶ-କ, ଅନୁରକ୍ତ-କ; 3. ଶାପାଧୀନ-କ ।

**Devoted**, *p.a.* 1. ଉତ୍ସର୍ଗିତ; 2. ଅନୁରକ୍ତ, ଆସକ୍ତ, ନିବିଷ୍ଟ, ପରାୟଣ; 3. ଅଭିଶପ୍ତ ।

**Devotedly**, *ad.* ଅନୁରକ୍ତଭାବେ, ଆସକ୍ତରୂପେ, ନିବିଷ୍ଟରୂପେ ।

**Devotedness**, *n.* ଆସକ୍ତି, ନିବିଷ୍ଟତା, ପରାୟଣତା ।

**Devotee**, *n.* ଯେ ଆପଣାକୁ ସମ୍ପୂର୍ଣ୍ଣରୂପେ ନିବିଷ୍ଟ କରେ, ଭକ୍ତ, ଧର୍ମନିଷ୍ଠ ବ୍ୟକ୍ତି, ଯୋଗୀ, ତପସ୍ୱୀ ।

**Devotion**, *n.* 1. ଉତ୍ସର୍ଗ, ପ୍ରତିଷ୍ଠା; 2. ଭକ୍ତି, ଧର୍ମନିଷ୍ଠା; 3. ଅନୁରାଗ, ଆସକ୍ତି, ଶ୍ରଦ୍ଧା, ଅଭିନିବେଶ, ଉଦ୍‌ଯୋଗ; 4. (usually in *pl.*) ଉପାସନା, ଆରାଧନା, ପ୍ରାର୍ଥନା, ଅର୍ଚ୍ଚନା ।

**Devotional**, *a.* 1. ଆରାଧନା ବା ପ୍ରାର୍ଥନାସମ୍ବନ୍ଧୀୟ, ଧର୍ମବିଷୟକ, ଧର୍ମକର୍ମରେ ବ୍ୟବହୃତ, ଧର୍ମକର୍ମ ନିମନ୍ତେ ଉପଯୁକ୍ତ; 2. ଧର୍ମନିଷ୍ଠ, ଭଜନଶୀଳ, ଭକ୍ତ ।

**Devotionally**, *ad.* ଭକ୍ତିଭାବରେ ।

**Devour**, *v.t.* 1. ଖାଇ ପକାଇବାର, ଗିଳି ପକାଇବାର, ଗ୍ରାସ-କ; 2. ବିନାଶ-କ, ଧ୍ୱଂସ-କ; 3. ଆହ୍ଲାଦପୂର୍ବକ ନିରୀକ୍ଷଣ-କ, ଆନନ୍ଦରେ ଦୃଷ୍ଟି ରହିବାର ।

**Devourable**, *a.* ଗ୍ରାସଯୋଗ୍ୟ ।

**Devourer**, *n.* ଗ୍ରାସକ ।

**Devout**, *a.* 1. ଈଶ୍ୱରପରାୟଣ, ଧର୍ମନିଷ୍ଠ, ଭକ୍ତ; 2. ଭକ୍ତିପ୍ରକାଶକ; 3. ଗମ୍ଭୀର, ସରଳ, ଭକ୍ତିପୂର୍ଣ୍ଣ ।

**Devoutly**, *ad.* 1. ଭକ୍ତିପୂର୍ବକ, ଗମ୍ଭୀରଭାବରେ; 2. ସରଳଭାବରେ, ସତ୍ୟରୂପେ ।

**Devoutness**, *n.* ଭକ୍ତିଭାବ, ଭଜନଶୀଳତା, ସାଧୁତା ।

**Dew**, *n.* 1. କାକର, ଶିଶିର, ଆର୍ଦ୍ରତା; 2. ତେଜ ।—*v.t.* କାକରରେ ଓଦା-କ, ଶିଶିରରେ ଭିଜାଇବାର, ଆର୍ଦ୍ର-କ ।

**Dewdrop**, *n.* ଶିଶିରବିନ୍ଦୁ ।

**Dewfall**, *n.* ଶିଶିରପାତ, କାକର ପଡ଼ିବା କାଳ ।

**Dewiness**, *n.* ଶିଶିରମୟତା ।

**Dewlap**, *n.* ଗୋରୁ ଆଦିର ଗଳ କମ୍ବଳ ।

**Dewpoint**, *n.* ଶିଶିର ଜାତ ହେବା ଶୀତଳତାର ପରିମାଣ ।

**Dewy**, *a.* 1. ଶିଶିରମୟ, ଶିଶିର ଦ୍ୱାରା ଆର୍ଦ୍ର; 2. ଶିଶିର-ବତ୍, ମନ୍ଦ ପତନଶୀଳ, ପ୍ରାଣ ଶୀତଳକାରୀ ।

**Dexter**, *a.* 1. ଦକ୍ଷିଣସ୍ଥ, ଦକ୍ଷିଣ, ଡାହାଣ; 2. ଶୁଭ ।

**Dexterity**, dexterousness, *n.* ଦକ୍ଷତା, କ୍ଷିପ୍ରତା, ତତ୍ପରତା, ନିପୁଣତା, ଚତୁରତା, ପଟୁତା ।

**Dexterous**, *a.* ଦକ୍ଷ, କ୍ଷିପ୍ର, ତତ୍ପର, ନିପୁଣ, ଚତୁର, ପଟୁ, ଦକ୍ଷତାରେ କୃତ । sometimes written dextrous. [ରୂପେ ।

**Dexterously**, *ad.* ଦକ୍ଷରୂପେ, ଦକ୍ଷତାପୂର୍ବକ, ନିପୁଣ-

**Dextral**, *a.* ଦକ୍ଷିଣପାର୍ଶ୍ୱସମ୍ବନ୍ଧୀୟ, ଦକ୍ଷିଣସ୍ଥ, ଦକ୍ଷିଣ ।

**Dextrorse**, dextrorsal, *a.* ଦକ୍ଷିଣାଭିମୁଖ ।

**Dey**, *n.* ଆଲଜିୟର୍ସ ଦେଶୀୟ ଶାସନକର୍ତ୍ତାର ଉପାଧି ।

**Dhow**, *n.* ଆରବୀୟ କ୍ଷୁଦ୍ର ଜାହାଜବିଶେଷ ।

**Diabetes**, *n.* ବହୁମୂତ୍ର ରୋଗ ।

**Diabetic**, diabetical, *a.* ବହୁମୂତ୍ର ରୋଗସମ୍ବନ୍ଧୀୟ, ବହୁମୂତ୍ର ରୋଗଗ୍ରସ୍ତ ।

**Diablerie**, *n.* 1. ଶୟତାନ ସଙ୍ଗେ କାରବାର, ଅଦ୍ଭୁତତା; 2. ଶୟତାନୀ ସ୍ୱଭାବ, ପୈଶାଚିକ କ୍ରିୟା ।

**Diabolic**, diabolical, *a.* 1. ଶୟତାନୀ, ପୈଶାଚିକ; 2. ଅତି ହିଂସକ, ପାଷଣ୍ଡ, ଅତିଦୁରାଚାର ।

**Diabolically**, *ad.* 1. ଶୟତାନୀରୂପେ; 2. ପାଷଣ୍ଡ ପରି, ଅତିଦୁରାଚାରରୂପେ ।

**Diabolicalness**, *n.* ଶୟତାନୀ ଅବସ୍ଥା, ପୈଶାଚିକତା ।

**Diabolism**, *n.* 1. ଶୟତାନର କ୍ରିୟା, ପୈଶାଚିକ କ୍ରିୟା; 2. ଭୂତଗ୍ରସ୍ତତା ।

**Diaconal**, *a.* ମଣ୍ଡଳୀସେବକସମ୍ବନ୍ଧୀୟ । [ବର୍ଗ ।

**Diaconate**, *n.* ମଣ୍ଡଳୀସେବକର ପଦ, ମଣ୍ଡଳୀସେବକ-

**Diacritical**, diacritic, *a.* ପୃଥକ୍‌କାରୀ, ବିଶେଷକ ।

**Diadem**, *n.* ରାଜକୀୟ କ୍ଷମତାସୂଚକ ମସ୍ତକବନ୍ଧନୀ, ମୁକୁଟ, କିରୀଟ ।

**Diademed**, *a.* ମୁକୁଟରେ ଭୂଷିତ, ମୁକୁଟିତ ।

**Diæresis**, *n.* 1. ଯୁକ୍ତସ୍ୱରବିଶିଷ୍ଟ ଶବ୍ଦକୁ ଦୁଇ ଭାଗରେ ବିଭାଗ; 2. ବର୍ଣ୍ଣଭେଦକ ଚିହ୍ନ, ଯଥା,— ¨ as in aërial.

**Diagnose**, *v.t.* ଲକ୍ଷଣ ଦ୍ୱାରା ପ୍ରକୃତ ନିର୍ଣ୍ଣୟ-କ ।

**Diagnosis**, *n.*, *pl.* diagnoses, ବୈଜ୍ଞାନିକ ନିର୍ଣ୍ଣୟ, ଲକ୍ଷଣ ଦ୍ୱାରା ରୋଗର ନିର୍ଣ୍ଣୟ ।

**Diagnostic**, *a.* ବିଶେଷକ, ରୋଗ ନିର୍ଣ୍ଣାୟକ ।—*n.* ରୋଗର ନିର୍ଣ୍ଣାୟକ ଲକ୍ଷଣ ।

**Diagnostics**, *n.* ଲକ୍ଷଣ ଦ୍ୱାରା ରୋଗନିର୍ଣ୍ଣାୟକ ବିଦ୍ୟା ।

**Diagonal**, *a.* ବିପରୀତ କୋଣଦ୍ୱୟ ବ୍ୟାପକ, କୋଣଗାମୀ, ତେର୍ଛା ।—*n.* କର୍ଣ୍ଣରେଖା ।

**Diagonally**, *ad.* ତେର୍ଛାଭାବେ, କୋଣାକୋଣି, କର୍ଣ୍ଣ-ରେଖାରେ ।

**Diagram**, *n.* 1. କ୍ଷେତ୍ରତତ୍ତ୍ୱର ଚିତ୍ର, ଅନୁରୂପ କ୍ଷେତ୍ର, ରେଖାମୟ ଚିତ୍ର; 2. ନକ୍ସା । [ସୁବର୍ଣ୍ଣିତ ।

**Diagramatic**, *a.* କ୍ଷେତ୍ରତତ୍ତ୍ୱର ଚିତ୍ରାନୁରୂପ, ନକ୍ସାମୟ,

**Diagramatically**, *ad.* କ୍ଷେତ୍ରତତ୍ତ୍ୱର ଚିତ୍ରାନୁରୂପେ, ନକ୍ସାମୟରୂପେ, ସୁବର୍ଣ୍ଣିତରୂପେ ।

**Dial**, *n.* 1. ସୂର୍ଯ୍ୟଘଡ଼ି, ଛାୟାଘଡ଼ି; 2. ଘଡ଼ିର ଅଙ୍କିତ ମୁଖ ।—*v.t.* ସୂର୍ଯ୍ୟଘଡ଼ି ଦ୍ୱାରା ମାପିବାର, ସୂର୍ଯ୍ୟଘଡ଼ି ଦ୍ୱାରା ଦେଖାଇବାର ।

**Dialect**, *n.* 1. ପ୍ରଦେଶୀୟ ଭାଷା, ଗ୍ରାମ୍ୟ ଭାଷା, ବୋଲି, ଭାଷା; 2. କଥାର ଧାରା, ବାଗ୍‌ଧାରା ।

**Dialectal**, *a.* ପ୍ରଦେଶୀୟ ଭାଷାବିଷୟକ ।

**Dialectic**, dialectical, *a.* 1. ତର୍କବିଦ୍ୟାସମ୍ବନ୍ଧୀୟ; 2. ପ୍ରଦେଶୀୟ ଭାଷାସମ୍ବନ୍ଧୀୟ ।

**Dialectically**, *ad.* ତର୍କବିଦ୍ୟାନୁସାରେ ।

**Dialectician**, *n.* ନୈୟାୟିକ, ତାର୍କିକ ।

**Dialectics**, *n.* 1. ତର୍କବିଦ୍ୟା; 2. ଭ୍ରମାତ୍ମକଯୁକ୍ତି ।

**Dialist**, *n.* ସୂର୍ଯ୍ୟଘଡ଼ିର ନିର୍ମାତା, ସୂର୍ଯ୍ୟଘଡ଼ି ବ୍ୟବହାରରେ ନିପୁଣ ଲୋକ ।

**Dialling** *n.* 1. ଛାୟାଘଡ଼ି ଦ୍ୱାରା ସମୟ ମାପିବା ବିଦ୍ୟା; 2. ସୂର୍ଯ୍ୟଘଡ଼ିର ନିର୍ମାଣବିଦ୍ୟା ।

**Dialogical**, dialogistic, dialogistical, *a.* କଥୋପକଥନସମ୍ବନ୍ଧୀୟ, ପାଳିକ୍ରମେ କଥୋପକଥନସମ୍ବନ୍ଧୀୟ ।

**Dialogically**, dialogistically, *ad.* କଥୋପକଥନକ୍ରମେ ।

**Dialogism**, *n.* ସ୍ୱଗତ କଥାବାର୍ତ୍ତାପରି କଥୋପକଥନ ।

**Dialogist**, *n.* 1. କଥୋପକଥକ; 2. କଥୋପକଥନ କ୍ରମେ ଯେ ଲେଖେ ।

**Dialogue**, *n.* 1. କଥୋପକଥନ, ନାଟକୀୟ ପାଳିକ୍ରମେ କଥୋପକଥନ; 2. କଥୋପକଥନବିଷୟକ ରଚନା ।

**Diameter**, *n.* ବ୍ୟାସରେଖା, ବୃତ୍ତାର୍ଦ୍ଧରେଖା, ବ୍ୟାସ ।

**Diametric**, diametrical, diametral, *a.* 1. ବ୍ୟାସରେଖାସମ୍ବନ୍ଧୀୟ; 2. ଠିକ୍ ବିପରୀତ ।

**Diametrically**, diametrally, *ad.* 1. ବ୍ୟାସ-ରେଖାକ୍ରମେ; 2. ସମ୍ପୂର୍ଣ୍ଣ ବିପରୀତରେ ।

**Diamond**, *n.* 1. ହୀରା, ହୀରକ; 2. ହୀରାକାରକ୍ଷେତ୍ର; 3. କ୍ଷୁଦ୍ର ଛାପାର ଅକ୍ଷର; 4. ତାସର ଚିଡ଼ିଆ ।—*a.* 1. ହୀରାପରି; 2. ହୀରାଯୁକ୍ତ; 3. ହୀରାକାର; 4. ହୀରାକାର ନମୁନାରେ ଚିତ୍ରିତ ।

**Dianoetic**, *a.* ମାନସିକ, ଚିନ୍ତାଶୀଳ ।

**Diapason**, *n.* ଅଷ୍ଟମ ସ୍ୱର, ସ୍ୱରର ମିଳନ ।

**Diaper**, *n.* ଭୁଣାଠ ଫୁଲଯୁକ୍ତ କପା ଲୁଗାବିଶେଷ ।

**Diaphaneity**, *n.* ସ୍ୱଚ୍ଛତା, ନିର୍ମଳତା ।

**Diaphanous**, *a.* ସ୍ୱଚ୍ଛ, ନିର୍ମଳ ।

**Diaphanously**, *ad.* ସ୍ୱଚ୍ଛରୂପେ ।

**Diaphoresis**, *n.* ଅତିରିକ୍ତ ସ୍ୱେଦନିର୍ଗମ ।

**Diaphoretic**, *a.* ସ୍ୱେଦଜନକ, ଘର୍ମକାରକ ।—*n.* ସ୍ୱେଦଜନକ ଔଷଧ ।

**Diaphragm**, *n. dia-fram*, 1. ବକ୍ଷ ଓ ଉଦର ମଧ୍ୟରେ ଥିବା ସୂକ୍ଷ୍ମ ପେଶୀ ; 2. ପରଦାବିଶେଷ, ଅଣୁବୀକ୍ଷଣ ଯନ୍ତ୍ରରେ ବ୍ୟବହୃତ ପରଦାବିଶେଷ ।

**Diarist**, *n.* ଦୈନନ୍ଦିନ ଲେଖକ ।

**Diarrhœa**, *n.* ଅତିସାର, ଝାଡ଼ା, ଅମାଶୟ ।

**Diarrhœtic**, *a.* 1. ଅତିସାରକାରକ ; 2. ଅତିସାରସମ୍ବନ୍ଧୀୟ ।

**Diary**, *n.* ଦୈନିକ ଘଟଣା ବା କିମ୍ବା ଲେଖିବା ପୁସ୍ତକ, ରୋଜନାମଚା ।

**Diastole**, *n.* 1. ହ୍ରସ୍ୱ ବର୍ଣ୍ଣର ଦୀର୍ଘୋଚ୍ଚାରଣ ; 2. ହୃତ୍‌ପିଣ୍ଡର ପ୍ରସାରଣ ।

**Diathesis**, *n.* ଶରୀରର ବିଶେଷ ସ୍ୱାଭାବିକ ଅବସ୍ଥା, କୌଣସି ରୋଗାକ୍ରମଣର ସମ୍ଭାବନା ।

**Diathetic**, *a.* ସ୍ୱାଭାବିକ ।

**Diatribe**, *n.* ଦୀର୍ଘ ବାଦାନୁବାଦ, ଗ୍ଲାନି ବା ଅପବାଦଯୁକ୍ତ ଦୀର୍ଘ ବକ୍ତୃତା ।

**Dibble**, *n.* ବୀଜ ରୋପଣ ନିମନ୍ତେ ମାଟିରେ ଗାତ କରିବା ଅସ୍ତ୍ର ।—*v.t.* ଉକ୍ତ ଅସ୍ତ୍ର ଦ୍ୱାରା ଖୋଳିବାର, ଚାରାଦି ରୋପଣ ନିମନ୍ତେ ମାଟି ଖୋଳା-କ ।

**Dice**, *n. pl.* 1. ଅକ୍ଷ, ପଶା, ଦ୍ୟୂତ ; 2. ପଶାଖେଳ ।—*v.i.* ପଶା ଖେଳିବାର ।

**Dice-box**, *n.* ପଶା ଖେଳର ଡବା ।

**Dicephalous**, *a.* ଦ୍ୱିଶିରସ୍କ ।

**Dicer**, *n.* ପଶାକ୍ରୀଡ଼ାକାରୀ ।

**Dicing**, *n.* ପଶାଖେଳର ଅଭ୍ୟାସ ।

**Dicker, dicky**, *n.* 1. ଗାଡ଼ିର ଉପରେ ଥିବା କୃତ୍ରିମ ଆସନ ; 2. କୋଚମ୍ୟାନର ଆସନ ।

**Dictate**, *v.t.* 1. କ୍ଷମତାପୂର୍ବକ ପ୍ରକାଶ-କ, କର୍ତ୍ତୃତ୍ୱପୂର୍ବକ କହିବାର, ଆଦେଶ-କ, ନିର୍ଦ୍ଦେଶ-କ ; 2. ଲେଖିବା ନିମନ୍ତେ ଅନ୍ୟକୁ କହିବାର, ବତାଇବାର ; 3. ପ୍ରବୃତ୍ତି ଜନ୍ମାଇବାର ।—*n.* 1. ଆଦେଶ, ଆଜ୍ଞା ; 2. ପ୍ରବର୍ତ୍ତନା, କ୍ଷମତାପୂର୍ଣ୍ଣ ବାକ୍ୟ, କର୍ତ୍ତୃତ୍ୱପୂର୍ଣ୍ଣ ନିୟମ ।

**Dictation**, *n.* 1. ଆଦେଶକରଣ, କର୍ତ୍ତୃତ୍ୱପୂର୍ବକ କଥନ ; 2. ଲେଖନାର୍ଥେ କଥନ, ଶ୍ରୁତଲିଖନ ।

**Dictator**, *n.* 1. ପୂର୍ଣ୍ଣ ଅଧିକାରଯୁକ୍ତ ଜନ, ପୂର୍ଣ୍ଣକ୍ଷମତାପନ୍ନ ବ୍ୟକ୍ତି, ଅନନ୍ୟାଧୀନ ନିୟନ୍ତା ; 2. ଆଦେଶକାରୀ ନିୟନ୍ତା ।

**Dictatorial**, *a.* 1. ପୂର୍ଣ୍ଣ ଅଧିକାରଯୁକ୍ତ ଜନସମ୍ବନ୍ଧୀୟ, ସ୍ୱେଚ୍ଛାଚାରୀ ; 2. କର୍ତ୍ତୃପର, କର୍ତ୍ତୃତ୍ୱରୂପ, ଆଦେଶକ, ଗର୍ବିତ, ପ୍ରଗଳ୍ଭ ।

**Dictatorially**, *ad.* କର୍ତ୍ତୃପର, କର୍ତ୍ତୃତ୍ୱରୂପେ, ଅଧିପତିଙ୍କ ପରି ।

**Dictatorship**, *n.* ପୂର୍ଣ୍ଣ କ୍ଷମତାପନ୍ନ ବ୍ୟକ୍ତିର ପଦ ।

**Dictatress, dictatrix**, *n.* 1. ପୂର୍ଣ୍ଣ କ୍ଷମତାପନ୍ନ ସ୍ତ୍ରୀଲୋକ ; 2. ଆଦେଶକାରିଣୀ ।

**Diction**, *n.* ଶବ୍ଦବିନ୍ୟାସ, ରଚନା ଶୈଳୀ, ବାକ୍ୟରୀତି, କହିବା ବା ଲେଖିବା ଧାରା, ବୋଲି ।

**Dictionary**, *n.* ଅଭିଧାନ, ଶବ୍ଦକୋଷ, ଶବ୍ଦସଂଗ୍ରହ ।—*a.* ଅଭିଧାନସମ୍ବନ୍ଧୀୟ, ଅଭିଧାନରେ ଅନ୍ତର୍ଗତ ।

**Dictum**, *n.*, *pl.* dicta, ଅନୁଶାସନ ବାକ୍ୟ, କର୍ତ୍ତୃତ୍ୱପୂର୍ଣ୍ଣ ବଚନ ।

**Did**, *preterite* of *do.*

**Didactic, didactical**, *a.* ଶିକ୍ଷାପ୍ରଦ, ଶିକ୍ଷାଦାୟକ, ନୀତିଗର୍ଭ ।

**Didactically**, *ad.* ଶିକ୍ଷାଦାୟକରୂପେ ।

**Didactics**, *n.* ଶିକ୍ଷାବିଜ୍ଞାନ ।

**Diddle**, *v.t.* (colloquial), ଠକିବାର ।

**Die**, *v.i.* 1. ମରିବାର, ପ୍ରାଣତ୍ୟାଗ-କ, ବିୟୋଗ-ହ, କାଳପ୍ରାପ୍ତ-ହ ; 2. ଅବସନ୍ନ-ହ, ଅନ୍ତର୍ହିତ-ହ, ଲୁପ୍ତ-ହ ; 3. ଉଦାସୀନ-ହ ; 4. (ଦୃଷ୍ଟି ବା ଶ୍ରବଣରେ) କ୍ରମଶଃ କ୍ଷୀଣ-ହ, followed by *away* ; 5. ଅତିଶୟ ଇଚ୍ଛୁକ-ହ ।—to die off, ବହୁ ସଂଖ୍ୟାରେ ମରିବାର । to die out, କ୍ରମଶଃ ଲୁପ୍ତ-ହ ।

**Die**, *n.* 1. *pl.* dice, ଅକ୍ଷ, ପଶା ; 2. *pl.* dies, ମୁଦ୍ରା ପ୍ରସ୍ତୁତ କରିବା ଛାଞ୍ଚ ।

**Diet**, *n.* 1. ଆହାର ; 2. ପଥ୍ୟ, ଦୈନିକ ଭୋଜନ ।—*v.t.* ନିୟମିତରୂପେ ଖୁଆଇବାର, ଆହାର ଯୋଗାଇବାର, ନିର୍ଦ୍ଦିଷ୍ଟ ପଥ୍ୟ ଦେ ।—*v.i.* 1. ନିୟମିତ ଆହାର-କ ; 2. ଭୋଜନ-କ, ଖାଇବାର ।

**Diet**, *n.* 1. ମହାସଭାବିଶେଷ ; 2. ଜର୍ମାନ୍ ସାମ୍ରାଜ୍ୟର ବ୍ୟବସ୍ଥାପକ ସଭା ।

**Dietary**, *a.* ଆହାରସମ୍ବନ୍ଧୀୟ, ପଥ୍ୟ ପ୍ରଣାଳୀସମ୍ବନ୍ଧୀୟ ।—*n.* ପଥ୍ୟପ୍ରଣାଳୀ, ଭୋଜନ ।

**Dietetic, dietetical**, *a.* ପଥ୍ୟବିଷୟକ, ପଥ୍ୟପ୍ରଣାଳୀବିଷୟକ ।

**Dietetically**, *ad.* ପଥ୍ୟପ୍ରଣାଳୀରେ, ପଥ୍ୟାନୁସାରେ ।

**Dietetics**, *n.* ପଥ୍ୟବିଷୟକ ବିଜ୍ଞାନ, ପଥ୍ୟ ନିୟମ ।

**Dietist, dietetist, dietarian**, *n.* ପଥ୍ୟବିଜ୍ଞାନବିତ୍, ପଥ୍ୟଧାରୀ, ପଥ୍ୟପ୍ରଣାଳୀର ପ୍ରୟୋଗକାରୀ ବୈଦ୍ୟ ।

**Differ**, *v.i.* 1. ଅସମାନ-ହ, ଭିନ୍ନ-ହ, ପୃଥକ୍-ହ ; 2. ଅନୈକ୍ୟ-ହ, ଭିନ୍ନମତ-ହ, ଅମେଳ-ହ ; 3. ବିବାଦ-କ ।

**Difference**, *n.* 1. ଭିନ୍ନ ବା ଅସମାନ ଅବସ୍ଥା, ଭିନ୍ନତା, ଅସମାନତା, ପ୍ରଭେଦ ; 2. ବିବାଦ, ବିରୋଧ, ଅନୈକ୍ୟ, ବାଦାନୁବାଦ, ବିରୋଧର କାରଣ ; 3. ବିୟୋଗ ଫଳ, ବିଶେଷକ ଗୁଣ ।—*v.t.* ପ୍ରଭେଦ-କ ।

**Different**, *a.* 1. ଭିନ୍ନ, ପୃଥକ୍, ଅନ୍ୟ ; 2. ଅସମାନ, ଅନ୍ୟ ପ୍ରକାର, ଅସଦୃଶ, followed by *from.*

**Differentia**, *n.* (Logic), ବିଶେଷକ ଗୁଣ, ବିଶେଷକ ପ୍ରଭେଦ ।
**Differential**, *a.* 1. ପ୍ରଭେଦକାରକ, ପ୍ରଭେଦକ; 2. ବିଶେଷ; 3. (Logic) ପ୍ରଭେଦବିଷୟକ ।
**Differentiate**, *v.t.* ବିଶେଷ ଗୁଣ ଦ୍ୱାରା ପ୍ରଭେଦ-କ, ପ୍ରଭେଦ-କ, ପୃଥକ୍-କ ।
**Differentiation**, *n.* 1. ପ୍ରଭେଦକରଣ, ଭିନ୍ନ ହେବାର ପ୍ରଣାଳୀ; 2. (Biology), କ୍ରମବିକାଶ ପ୍ରଣାଳୀ ଦ୍ୱାରା ବିଭିନ୍ନପ୍ରକାର ଅଂଶର ଉତ୍ପତ୍ତି, କ୍ରମବିକାଶ; 3. (Logic), ବିଶେଷ ଗୁଣ ହେତୁ ପ୍ରଭେଦ ।
**Differently**, *ad.* ଭିନ୍ନରୂପେ, ଅନ୍ୟ ପ୍ରକାରେ ।
**Difficult**, *a.* 1. ଅସହଜ, କଠିନ, ଦୁଷ୍କର, ଦୁଃସାଧ୍ୟ, ଦୁର୍ବୋଧ, କଷ୍ଟକର, ଦୁରୂହ; 2. ସହଜରେ ସନ୍ତୁଷ୍ଟ ନୁହେ, ଅବୁଝା । [କଠିନରୂପେ ।
**Difficultly**, *ad.* କଷ୍ଟରେ, କଷ୍ଟକରରୂପେ, ଦୁଷ୍କରରୂପେ,
**Difficulty**, *n.* 1. କଷ୍ଟତା, କାଠିନ୍ୟ; 2. କଷ୍ଟକର ବିଷୟ, ପ୍ରତିବନ୍ଧକ, ବାଧା; 3. ଦୁଃଖ; 4. ଅସୁବିଧା; 5. ବିବାଦ; 6. ଦୁର୍ବୋଧ ବିଷୟ ।
**Diffidence**, *n.* ଅତ୍ମବିଶ୍ୱାସହୀନତା, ସଙ୍କୋଚ, ଲଜ୍ଜାଶୀଳତା, ଅସାହସ । [ବିକ ।
**Diffident**, *a.* ଅତ୍ମବିଶ୍ୱାସହୀନ, ସନ୍ଦିଗ୍ଧମନାଃ, ଲାଜୁକ, ଅସାହ-
**Diffidently**, *ad.* ଅତ୍ମବିଶ୍ୱାସହୀନରୂପେ, ଲାଜୁକରୂପେ ।
**Diffuse**, *v.t. dif-fūz'*, ଢାଳି ବ୍ୟାପ୍ତ-କ, ବ୍ୟାପ୍ତ-କରି-ଦେବାର, ବିସ୍ତାରିତ-କ, ପ୍ରସୃତ-କ ।—*v.i.* ବ୍ୟାପ୍ତ-ହେ ।—*a. dif-fūs'*, 1. ବ୍ୟାପ୍ତ, ବିସ୍ତାରିତ; 2. ଅସଂକ୍ଷିପ୍ତ, ବାଗ୍‌ବହୁଳ, ବିଲୁପ୍ତ ।
**Diffusely**, *ad.* 1. ବିସ୍ତାରିତରୂପେ; 2. ଅସଂକ୍ଷିପ୍ତରୂପେ, ବାଗ୍‌ବହୁଳରୂପେ ।
**Diffuseness**, *n.* ଅସଂକ୍ଷିପ୍ତତା, ବାଗ୍‌ବାହୁଲ୍ୟ ।
**Diffusibility**, diffusibleness, *n.* ବିସ୍ତାରଣଯୋଗ୍ୟତା, ପ୍ରବହଣୀୟତା । [ପ୍ରବାହକ ।
**Diffusible**, *a.* ବିସ୍ତାରଣଯୋଗ୍ୟ, ବିସ୍ତାରକ୍ଷମ, ପ୍ରବାହ
**Diffusion**, *n.* ବିସ୍ତାରକରଣ, ବ୍ୟାପ୍ତି, ବିସ୍ତାର, ପ୍ରସାର ।
**Diffusive**, *a.* 1. ବିସ୍ତାରଣଶୀଳ, ବ୍ୟାପକ, ବିସ୍ତାରିତ; 2. ବାଗ୍‌ବହୁଳ ।
**Diffusively** *ad.* ବିସ୍ତାରିତରୂପେ ।
**Diffusiveness**, *n.* 1. ବ୍ୟାପକତା; 2. ବାଗ୍‌ବାହୁଲ୍ୟ ।
**Dig**, *v.t.* 1. ଖୋଳିବାର, ଖନନ-କ; 2. (ମାଟି) ହାଣିବାର; 3. (ଜୋତା ଏଠାର କଣ୍ଟା) ଫୋଡିବାର; 4. କାଢ଼ିବାର-କ, ଅନୁସନ୍ଧାନ-କ; 5. (colloquial) ଗେଞ୍ଜିବାର ।
**Digest**, *v.t. di-jest'*, 1. ଶ୍ରେଣୀବଦ୍ଧ କରି ରଖିବାର, ଶ୍ରେଣୀବଦ୍ଧ-କ, ସାରସଂଗ୍ରହ-କ; 2. ଜୀର୍ଣ୍ଣ-କ, ପାକ-କ; 3. ବ୍ୟବହାରେ ଗ୍ରହଣ-କ; 4. ପାକ ଦ୍ୱାରା ନରମ-କ; 5. ସହ୍ୟ-କ ।—*v.i.* 1. ଜୀର୍ଣ୍ଣ-ହେ; 2. (Medical), (ଘାଅ) ପାଚିବାର; 3. ପାକ ଦ୍ୱାରା ନରମ-ହେ ।—*n. di'jest*, 1. ରୋମୀୟ ଅଇନର ସଂଗ୍ରହ; 2. ପ୍ରଣାଳୀବଦ୍ଧ ସାରସଂଗ୍ରହ ।

**Digester**, *n.* 1. ଜୀର୍ଣ୍ଣକାରୀ ଲୋକ; 2. ଜୀର୍ଣ୍ଣକାରକ ଦ୍ରବ୍ୟ; 3. ପାକ କରିବା ନିମନ୍ତେ ବନ୍ଦ ପାତ୍ରବିଶେଷ ।
**Digestibility**, digestibleness, *n.* ଜୀର୍ଣ୍ଣଯୋଗ୍ୟତା, ପାଚନୀୟତା ।
**Digestible**, *a.* ଜୀର୍ଣ୍ଣଯୋଗ୍ୟ, ପାଚ୍ୟ ।
**Digestion**, *n.* 1. ଶ୍ରେଣୀବିଭକ୍ତକରଣ; 2. ପାକ, ହଜମ୍; 3. ଜୀର୍ଣ୍ଣଶକ୍ତି; 4. ଜାରଣ ।
**Digestive**, *a.* 1. ଶ୍ରେଣୀବିଭାଜନବିଷୟକ; 2. ପାକସମ୍ବନ୍ଧୀୟ; 3. ଜୀର୍ଣ୍ଣକାରକ; 4. ଜାରଣବିଷୟକ ।—*n.* ଜୀର୍ଣ୍ଣକାରକ ଔଷଧ, ଜୀର୍ଣ୍ଣକାରକ ଦ୍ରବ୍ୟ ।
**Diggable**, *a.* ଖନନର ଉପଯୁକ୍ତ ।
**Digger**, *n.* 1. ଖୋଳିବା ଲୋକ, ଖନକ; 2. ଖନନାସ୍ତ୍ର ।
**Digging**, *n.* 1. ଖନନ କାର୍ଯ୍ୟ; 2. *in pl.* ସୁନାର ଖଣି; 3. (colloquial), ବସାଘର ।
**Dight**, *v.t. dite*, ସଜ୍ଜିତ-କ, ବିଭୂଷିତ-କ, (now only poetical).
**Digit**, *n.* 1. ଅଙ୍ଗୁଳି; 2. ଅଙ୍ଗୁଳିର ପରିମାଣ; ସୂର୍ଯ୍ୟ ବା ଚନ୍ଦ୍ରର ବ୍ୟାସରେଖାର ଦ୍ୱାଦଶାଂଶ; 4. ଦଶ ପର୍ଯ୍ୟନ୍ତ ପ୍ରତ୍ୟେକ ଅଙ୍କ; 5. also digital, ବାଦ୍ୟ ଯନ୍ତ୍ରର ସ୍ୱରପ୍ରବ । [ଅଙ୍ଗୁଳିରୂପ ।
**Digital**, *a.* 1. ଅଙ୍ଗୁଳିସମ୍ବନ୍ଧୀୟ; 2. also digitate,
**Digitate**, digitated, *a.* ହସ୍ତାଙ୍ଗୁଳି ପରି ବିଭକ୍ତ ।
**Digitigrade**, *a.* ପଦାଙ୍ଗୁଳିରେ ଭର ଦେଇ ଗମନଶୀଳ ।—*n.* ପଦାଙ୍ଗୁଳିରେ ଭର ଦେଇ ଚାଲିବା ଜନ୍ତୁ ।
**Dignified**, *p.a.* ମହତ୍, ସଦାଚରଣରେ ମହତ୍, ଗମ୍ଭୀର; 2. ଗୌରବାନ୍ୱିତ, ସମ୍ମାନ୍ତ ।
**Dignify**, *v.t.* 1. ସମ୍ମାନ୍ତ-କ, ପଦୋନ୍ନତ-କ, ଗୌରବାନ୍ୱିତ-କ; 2. ସମ୍ମାନଯୋଗ୍ୟ-କ, ଆଦରଣୀୟ-କ, ସୁଶୋଭିତ-କ ।
**Dignitary**, *a.* ଉଚ୍ଚପଦସ୍ଥ ଲୋକ, ବିଶେଷରେ ଉଚ୍ଚପଦସ୍ଥ ପୁରୋହିତ ।
**Dignity**, *n.* ମହତ୍ତ୍ୱ, ଶ୍ରେଷ୍ଠତା, ଗୌରବ; 2. ସମ୍ମାନ୍ତ ପଦ, ଉଚ୍ଚପଦ, ଉନ୍ନତି; 3. ଗାମ୍ଭୀର୍ଯ୍ୟ; 4. ଉଚ୍ଚପଦସ୍ଥ ଲୋକ; 5. ଗୁରୁତା ।
**Digress**, *v.i.* 1. ମୂଳ କଥା ଛାଡି କହିବାର, ଅପ୍ରାସଙ୍ଗିକ କଥା କହିବାର, ପାଶ କଥା କହିବାର; 2. ବିପଥଗାମୀ-ହେ ।
**Digression**, *n.* ମୂଳ ପ୍ରସଙ୍ଗତ୍ୟାଗ, ବାକ୍ୟାନ୍ତର କଥନ, ଅପ୍ରାସଙ୍ଗିକ କଥା, ପାଶ କଥା ।
**Digressional**, digressive, *a.* ମୂଳ ପ୍ରସଙ୍ଗତ୍ୟାଗସମ୍ବନ୍ଧୀୟ, ବାକ୍ୟାନ୍ତରଯୁକ୍ତ, ଅସଙ୍ଗତ ।
**Digressively**, *ad.* ଅପ୍ରାସଙ୍ଗିକ କଥାରେ, ପାଶ କଥାରେ, ଅସଙ୍ଗତରୂପେ ।
**Dike**, dyke, *n.* 1. ଖାଇ, ଖାତ; 2. ବନ୍ଧ, ସେତୁ ।—*v.t.* 1. ଖାଇ ଦ୍ୱାରା ବେଷ୍ଟନ-କ; 2. ବନ୍ଧ ପକାଇବାର; 3. ଖାଇ ଦ୍ୱାରା ଜଳ ବାହାର-କ ।
**Dilapidate**, *v.t.* ଜୀର୍ଣ୍ଣାବସ୍ଥାରେ ପକାଇବାର, ନଷ୍ଟ-କ ।—*v.i.* ଜୀର୍ଣ୍ଣ-ହେ, ଭଗ୍ନ-ହେ ଉଜାଡ଼-ହେ ।

Dilapidated, *p.a.* ଜୀର୍ଣ୍ଣ, ଜୀର୍ଣ୍ଣାବସ୍ଥାଯୁକ୍ତ, ଭଗ୍ନାବସ୍ଥାଯୁକ୍ତ ।

Dilapidation, *n.* ଜୀର୍ଣ୍ଣାବସ୍ଥା, ଭଗ୍ନାବସ୍ଥା, ଉଜାଡ, କ୍ଷୟ, ନାଶ ।

Dilatability, *n.* ପ୍ରସାରଣୀୟତା, ବିସ୍ତାରଣୀୟତା ।

Dilatable, *a.* ପ୍ରସାରଣୀୟ, ବିସ୍ତାରଣୀୟ, ବିସ୍ତାର୍ଯ୍ୟ ।

Dilatation, dilation, *n.* 1. ପ୍ରସାରଣ, ବିସ୍ତୃତ, ବିସ୍ତୀର୍ଣ୍ଣତା; 2. ବିସ୍ତାରିତ ଅଂଶ; 3. ବିସ୍ତାରିତ କଥନ, ବାଗ୍‌ବାହୁଲ୍ୟ ।

Dilate, *v.t.* 1. ବିସ୍ତାର-କ, ଫୀତ-କ; 2. ବାହୁଲ୍ୟ କରି ବର୍ଣ୍ଣନା-କ ।—*v.i.* 1. ପ୍ରସାରିବାର, ବିସ୍ତୃତ-ହେ; 2. ବିସ୍ତାରିତରୂପେ କହିବାର, with *on* or *upon.*

Dilative, *a.* ପ୍ରସାରକ ।

Dilator, *n.* 1. ପ୍ରସାରକ ମାଂସପେଶୀ; 2. ପ୍ରଶସ୍ତକାରୀ ଅସ୍ତ୍ରବିଶେଷ ।

Dilatorily, *ad.* ବିଳମ୍ବରେ, ଡେରି କରି, ସୁସ୍ତିଭାବେ ।

Dilatoriness, *n.* ଟାଳମଟାଳ ଗୁଣ, ବିଳମ୍ବନ, ଢିଲାମି, ଅଳସପଣ, ସୁସ୍ତିଗିରି, ଦୀର୍ଘସୂତ୍ରିତା ।

Dilatory, *a.* 1. ବିଳମ୍ବୀ, ସୁସ୍ତି, ଦୀର୍ଘସୂତ୍ରୀ, ଢିଲାମୀ, ଅଳସ, ଅଳସୁଆ; 2. ବିଳମ୍ବକାରୀ ।

Dilemma, *n.* 1. ଦ୍ୱିଧା, ସନ୍ଦେହ, ଉଭୟ ସଙ୍କଟ, କଷ୍ଟ ବା ସନ୍ଦେହଯୁକ୍ତ ପଦବୀ, କିଂକର୍ତ୍ତବ୍ୟବିମୂଢାବସ୍ଥା, ସଙ୍କଟାବସ୍ଥା ।

Dilettante, *n. pl.* dilettanti, ଚିତ୍ରବିଦ୍ୟାଦର ଜନୈକ ।

Diligence, *n.* କାର୍ଯ୍ୟରେ ନିବିଷ୍ଟତା, କାର୍ଯ୍ୟରେ ଅବିରତ ଉଦ୍ୟୋଗ, ଉଦ୍ଯୋଗ, ଉଦ୍ୟମ, ଯତ୍ନ, ପରିଶ୍ରମୀତ୍ୱଣ, ପରିଶ୍ରମ, ଅଧ୍ୟବସାୟ, ମନୋଯୋଗ ।

Diligence, *n.* ଫ୍ରାନ୍ସ ଦେଶର ବଡ ଡାକ ଗାଡିବିଶେଷ ।

Diligent, *a.* 1. କାର୍ଯ୍ୟରେ ନିବିଷ୍ଟ, କାର୍ଯ୍ୟରେ ଅବିରତ ଉଦ୍ୟୋଗୀ, ଉଦ୍ୟମୀ, ପରିଶ୍ରମୀ, ମନୋଯୋଗୀ, ଯତ୍ନବାନ, ଅଧ୍ୟବସାୟୀ; 2. ଶ୍ରମଶୀଳ, ଯତ୍ନଶୀଳ, ସୂକ୍ଷ୍ମ ।

Diligently, *ad.* ଯତ୍ନପୂର୍ବକ, ଉଦ୍ୟୋଗିରୂପେ, ପରିଶ୍ରମପୂର୍ବକ ।

Dilly-dally, *v.i.* ଟାଳମଟାଳ-କ, ଢିଲା-କ ।

Diluent, *a.* ପାଣିଆକାରୀ, ପାତଳାକାରୀ ।—*n.* ପାତଳାକାରୀ ଦ୍ରବ୍ୟ ।

Dilute, *v.t.* ପାଣିଆ-କ, ପାତଳା-କ, ଜଳମିଶ୍ରଣ ଦ୍ୱାରା ପାତଳା-କ, ଜଳ ମିଶାଇ ତେଜ ଊଣା-କ ।—*v.i.* ପାତଳା-ହେ, ପାଣିଆ-ହେ, ନ୍ୟୂନ ତେଜସ୍ୱୀ-ହେ ।—*a.* ପାତଳା, ନ୍ୟୂନ ତେଜସ୍କ ।

Dilution, *n.* 1. ପାତଳାକରଣ; 2. ପାତଳାକୃତ ଦ୍ରବ୍ୟ, ମିଶ୍ରଣ ।

Diluvial, diluvian, *a.* 1. ଜଳପ୍ଲାବନସମ୍ବନ୍ଧୀୟ; 2. ଜଳପ୍ଲାବନରେ ଜାତ ।

Diluvium, diluvion, *n.* 1. ଜଳପ୍ଲାବନ; 2. ପଙ୍କ, [ଶିକସ୍ତି ଜମି ।

Dim, *a.* 1. ଧନ୍ଦଳା, ଜାଲଜାଲୁଆ, ଝାପ୍‌ସା; 2. ଅସ୍ପଷ୍ଟ, ଅବ୍ୟକ୍ତ; 3. ଅନୁଜ୍ଜ୍ୱଳ, ନିସ୍ତେଜ; 4. ମଳିନ, ମଇଳା; 5. ଜଡ, ସ୍ଥୂଳ ।—*v.t.* 1. ଧନ୍ଦଳା-କ, ଜାଲଜାଲୁଆ-କ, ଝାପ୍‌ସିଆ-କ; 2. ନିସ୍ତେଜ-କ; 3. ମଳିନ-କ ।

Dimension, *n.* ପରିମାଣ, ପରିସର, ମାପ, (usually in *pl.*)

Dimensional, *a.* ପରିସରସମ୍ବନ୍ଧୀୟ, ପରିମାଣଯୁକ୍ତ ।

Diminish, *v.t.* 1. ଊଣା-କ, ନ୍ୟୂନ-କ, କମ୍-କ, ହ୍ରାସ-କ; 2. ଅବନତ-କ ।—*v.i.* ଊଣା-ହେ, ନ୍ୟୂନ-ହେ, ହ୍ରାସ-ହେ ।

Diminishable, *a.* ଊଣାକରଣୀୟ, ହ୍ରାସଯୋଗ୍ୟ ।

Diminuendo, *n.* ବାଦ୍ୟ ଯନ୍ତ୍ରରେ ସ୍ୱର ଊଣା କରିବା ଚିହ୍ନ, ଯଥା, >

Diminution, *n.* 1. ଊଣାକରଣ, କମି; 2. ନ୍ୟୂନତା, ହ୍ରାସ, କ୍ଷୟ, ମାନହାନି ।

Diminutive, *a.* 1. ସାନ, କ୍ଷୁଦ୍ର, ଛୋଟ; 2. ହ୍ରାସକାରୀ; 3. କ୍ଷୁଦ୍ରତ୍ୱବାଚକ ।—*n.* କ୍ଷୁଦ୍ରତ୍ୱବାଚକ ଶବ୍ଦ ।

Diminutively, *ad.* 1. କ୍ଷୁଦ୍ରରୂପେ; 2. କ୍ଷୁଦ୍ରତ୍ୱବାଚକରୂପେ ।

Diminutiveness, *n.* କ୍ଷୁଦ୍ରତା, ଲଘୁତା ।

Dimissory, *a.* 1. ପ୍ରେରଣକାରକ; 2. ପ୍ରସ୍ଥାନ କରିବା ନିମନ୍ତେ ଅନୁମତିଦାୟୀ ।

Dimity, *n.* ବୁଣାଟ ଲୁଗାବିଶେଷ, ଡମିଟିଲୁଗା ।

Dimly, *ad.* ଅସ୍ପଷ୍ଟରୂପେ, ଧନ୍ଦଳାରୂପେ, ଜାଲଜାଲୁଆରୂପେ, କ୍ଷୀଣତେଜରେ ।

Dimmish, *a.* ଈଷତ୍‌ଧନ୍ଦଳା, ଅସ୍ପଷ୍ଟ ।

Dimness, *n.* ଧନ୍ଦଳାମି, ଜାଲଜାଲୁଆପଣ, ଅସ୍ପଷ୍ଟତା, [ମଳିନତା ।

Dimple, *n.* 1. ଚିବୁକ ବା ଗାଲର ଖାଲ, ଗାଲର ଟୋଲ, ଟିକା; 2. ଟୋଲ ଦାଗ ।—*v.i.* ଟିକାଯୁକ୍ତ-ହେ, ଖାଲ-ହେ ।—*v.t.* ଟିକାଯୁକ୍ତ-କ ।

Dimpled, dimply, *a.* ଟିକାଯୁକ୍ତ, ଟିକାପୂର୍ଣ୍ଣ, ଟିକାବହୁ ।

Din, *n.* ଗୋଳମାଳ, ମହାଧ୍ୱନି, ଅବିରତ ଝଣଝଣ ଶବ୍ଦ ।—*v.t.* 1. ଅବିରତ ଝଣଝଣ ଶବ୍ଦରେ ଅପାତ-କ, କାନ ଅତସ୍ତ ପକାଇବାର; 2. ଗୋଳମାଳ କରି ବିରକ୍ତ-କ ।

Dine, *v.i.* ପ୍ରଧାନ ଭୋଜନ-କ, ଖାନା ଖାଇବାର ।—to dine out, ଅନ୍ୟର ଘରେ ଖାନା ଖାଇବାର ।—*v.t.* ଖାନା-ଦେ ।

Ding, *v.t.* 1. ଧକ୍କା-ଦେ; 2. କଚଡ-ଦେ ।

Dinghy, dingey, *n.* (Bengali) ଡଙ୍ଗୀ, ଡଙ୍ଗା ।

Dinginess, *n.* ମାଟିଆ ରଙ୍ଗ, ମଳିନତା ।

Dingle, *n.* ସଙ୍କୀର୍ଣ୍ଣ ଉପତ୍ୟକା ।

Dingy, *a.* ମାଟିଆରଙ୍ଗ, ମାଟିଆ, ମଳିନ ।

Dining-room, *n.* ଖାନାକାମରା ।

Dinner, *n.* ପ୍ରଧାନ ଭୋଜନ, ଖାନା ।

Dinner-hour, dinner-time, *n.* ଖାନାର ଅରମ୍ଭ ସମୟ, ଖାନା ଖାଇବା ସମୟ ।

Dinnerless, *a.* ଖାନାହୀନ ।

Dinner-table, *n.* ଖାନାର ମେଜ ।

Dint, *n.* 1. ଅଘାତର ଚିହ୍ନ, ଟୋଲ ଦାଗ; 2. ବଳ, ଉପାୟ ।—by dint of, ବଳ ଦ୍ୱାରା, ଉପାୟ ଦ୍ୱାରା ।—*v.t.* ଅଘାତ ଦ୍ୱାରା ଚିହ୍ନ-କ, ଟୋଲ ଦାଗ-କ ।

Diocesan, *a.* ପ୍ରଧାନ ଧର୍ମାଧ୍ୟକ୍ଷର ଅଧିକାର ବା ଇଲାକା ସମ୍ବନ୍ଧୀୟ ।—2. ପ୍ରଧାନ ଧର୍ମାଧ୍ୟକ୍ଷ ।

**Diocese**, *n.* ପ୍ରଧାନ ଧର୍ମାଧ୍ୟକ୍ଷର ଅଧିକାର ବା ଇଲାକା ।
**Diodon**, *n.* ବେଙ୍ଗଫୁଲା ।
**Dioptrics**, *n.* ଆଲୋକ ବଙ୍କାଇବାରେ ଆଲୋକର ନିୟମଗତ ବିଷୟକ ବିଦ୍ୟା ।
**Dip**, *v.t.* 1. ବୁଡ଼ାଇବାର, ଜଳରେ ମଗ୍ନ-କ, ଜଳରେ ବୁଡ଼ନ-ଦେ, ଅବଗାହନ-କ; 2. ବୁଡ଼ାଇବାର; 3. ବୁଡ଼ାଇ କାଢ଼ିବାର ।—*v.i.* 1. ଜଳରେ ବୁଡ଼ ଉଠିବାର; 2. ଅଳ୍ପ ଦେଖିବାର, ସାମାନ୍ୟ ଭାବରେ ଦେଖିବାର, ଏଠୁ ସେଠୁ ପଢ଼ିବାର; 3. ଗଳମି-ହେ, ଢାଳୁଆ-ହେ, ନିମ୍ନଗାମୀ-ହେ ।—*n.* 1. ବୁଡ଼ନ, ନିମଜ୍ଜନ, ଅବଗାହନ, ବୁଡ଼, ସ୍ନାନ; 2. ଚର୍ବିରେ ପ୍ରସ୍ତୁତ ବତୀବିଶେଷ; 3. ଗଳମି, ନିମ୍ନଗାମିତା, ଢାଳୁଆ, ଗଡ଼ାଣି ।
**Diphtheria**, *n.* କଣ୍ଠଧରା ରୋଗ ।
**Diphthong**, *n.* ଯୁକ୍ତସ୍ୱର, ସ୍ୱରସନ୍ଧି ।
**Diploma**, *n.* 1. ଉପାଧି ପତ୍ର, ଯୋଗ୍ୟତାର ପ୍ରମାଣପତ୍ର; 2. (ଲୋମୀୟ ପରୁଆନା); 3. ଐତିହାସିକ ବା ସାହିତ୍ୟସମ୍ବନ୍ଧୀୟ ଦଲିଲ ।
**Diplomacy**, *n.* 1. ଭିନ୍ନ ରାଜ୍ୟ ମଧ୍ୟରେ ସନ୍ଧିବିଦ୍ୟା, ରାଜନୀତି ବିଦ୍ୟା; 2. ଦୌତ୍ୟ କର୍ମ, କୂଟମନ୍ତ୍ରିତ୍ୱ; 3. ନିପୁଣତା, କାର୍ଯ୍ୟକୁଶଳତା; 4. ରାଜନୀତିବିଦ୍ୟାବିତ୍ ଲୋକସମୂହ ।
**Diplomatic, diplomatical**, *a.* 1. ସନ୍ଧିସମ୍ବନ୍ଧୀୟ, ରାଜନୀତିସମ୍ବନ୍ଧୀୟ ରାଜନୀତିକୁଶଳ; 2. କାର୍ଯ୍ୟନିପୁଣ; 3. କ୍ଷମତାପତ୍ର ଦ୍ୱାରା ଦତ୍ତ; 4. ପ୍ରାଚୀନ କାଳର ଲିପିକର ବ୍ୟାଖ୍ୟାକାର ବା ବିଦ୍ୟା ବିଷୟକ ।
**Diplomatically**, *ad.* 1. ରାଜନୀତି କୁଶଳୀରୂପେ; 2. କାର୍ଯ୍ୟ କୁଶଳରେ, ନିପୁଣତାପୂର୍ବକ ।
**Diplomatics**, *n.* ପ୍ରାଚୀନ କାଳର ଲିପିର ବ୍ୟାଖ୍ୟାକରଣ ବିଦ୍ୟା ।
**Diplomatist**, *n.* ରାଜନୀତି କୁଶଳ ବ୍ୟକ୍ତି ।
**Dipper**, *n.* ଯେ ବା ଯାହା ବୁଡ଼େ, ଡଙ୍କା, ପକ୍ଷିବିଶେଷ ।
**Dipsomania**, *n.* ଅନିବାର୍ଯ୍ୟ ପାନାସକ୍ତି ।
**Dipsomaniac**, *n.* ପାନାସକ୍ତ ଲୋକ ।
**Dipsomaniacal**, *a.* ପାନାସକ୍ତି ବିଷୟକ ।
**Dire**, *a.* ଦାରୁଣ, ଭୀଷଣ, ଭୟାନକ, ଘୋର ।
**Direct**, *a.* 1. ସଳଖ, ସିଧା, ଅବକ୍ର; 2. ପ୍ରତ୍ୟକ୍ଷ; 3. ସ୍ପଷ୍ଟ, ସରଳ; 4. ମୂଳବଂଶୀୟ ।—*v.t.* 1. ଲକ୍ଷ୍ୟ-କ, ଉଦ୍ଦେଶ-କ; 2. (ପଥ) ଦେଖାଇବାର, ବତାଇବାର; 3. ପରିଚାଳିତ-କ, ନିୟମିତ-କ, ଚଳାଇବାର; 4. ଆଦେଶ-କ; 5. (ଚିଠିରେ) ଠିକଣା ଲେଖି ଦେବାର, ଶିରୋନାମା ଲେଖି ଦେବାର ।—*v.i.* ପଥଦର୍ଶକ-ହେ, ପଥ ଦେଖାଇବାର ।
**Direction**, *n.* 1. ଲକ୍ଷ୍ୟକରଣ, ଲକ୍ଷ୍ୟ, ଉଦ୍ଦେଶ; 2. ଗତି, ସରଳ ଗତି; 3. ଦିଗ; 4. ତତ୍ତ୍ୱାବଧାନ, ପରିଚାଳନା; 5. ଉପଦେଶ, ଶିକ୍ଷା, ସୂତ୍ର; 6. ଆଦେଶ; 7. ଠିକଣା, ଶିରୋନାମା; 8. ପରିଚାଳକ ସଭା ।
**Directive**, *a.* 1. ପରିଚାଳନକ୍ଷମ, ପରିଚାଳକ, ପ୍ରଦର୍ଶକ; 2. ଆଦେଶକ ।
**Directly**, *ad.* 1. ସଳଖରୂପେ, ସରଳଗତିରେ; 2. ହଠାତ୍, ତତ୍କ୍ଷଣାତ୍, ଅବିଳମ୍ବେ; 3. ପ୍ରତ୍ୟକ୍ଷରୂପେ, ସ୍ପଷ୍ଟରୂପେ ।
**Directness**, *n.* ସରଳତା, ସିଧାଭାବ, ଅବକ୍ରତା, ସ୍ପଷ୍ଟତା ।
**Director**, *n.* 1. ଯେ ବାଟ ଦେଖାଏ, ପଥପ୍ରଦର୍ଶକ, ତତ୍ତ୍ୱାବଧାରକ, ଉପଦେଷ୍ଟା, କାର୍ଯ୍ୟ ପରିଚାଳକ, ସମ୍ପାଦକ; 2. ଯାହା ବାଟ ଦେଖାଏ, ଚିକିତ୍ସା ଅସ୍ତ୍ରବିଶେଷ ।
**Directorate**, *n.* 1. କାର୍ଯ୍ୟପରିଚାଳକର ପଦ; 2. ତତ୍ତ୍ୱାବଧାରକବର୍ଗ, କାର୍ଯ୍ୟପରିଚାଳକବର୍ଗ ।
**Directorial**, *a.* 1. ପରିଚାଳକ, ଆଦେଶକ; 2. ତତ୍ତ୍ୱାବଧାରକସମ୍ବନ୍ଧୀୟ ।
**Directorship**, *n.* ତତ୍ତ୍ୱାବଧାରକର ପଦ ।
**Directory**, *a.* ଆଦେଶପୂର୍ଣ୍ଣ, ଆଦେଶପ୍ରଦ ।—*n.* 1. ନିୟମାବଳୀ, ଉପାସନାପଦ୍ଧତିଗ୍ରନ୍ଥ; 2. ନାମଧାମ ପ୍ରଦର୍ଶକ ପୁସ୍ତକ; 3. ତତ୍ତ୍ୱାବଧାରକବର୍ଗ ।
**Directress, directrix**, *n.* ତତ୍ତ୍ୱାବଧାୟିକା, କାର୍ଯ୍ୟନିର୍ବାହକାରିଣୀ ।
**Direful**, *a.* ଦାରୁଣ, ଭୟାନକ, କ୍ଳେଶକର, ଦୁଃଖଦାୟକ ।
**Direfully**, *ad.* ଦାରୁଣରୂପେ, ଭୟାନକରୂପେ, ଦୁଃଖଦାୟକରୂପେ ।
**Direfulness**, *n.* ଦାରୁଣତା, ଭୟାନକତା, ବିପଜ୍ଜନକତା ।
**Dirge**, *n.* ଶୋକସୂଚକ ଗୀତ, ଶୋକୋକ୍ତି ଗାୟନ ।
**Dirk**. *n.* ଛୋରା, ସାନଶସ୍ତ୍ରବିଶେଷ ।—*v.t.* ଛୋରାରେ ଭୁସିବାର, ଛୋରା ମାରିବାର ।
**Dirt**, *n.* ମଇଳା, ମଳ, ମାଟି, କାଦୁଅ, ପଙ୍କ, ଧୂଳି ।—*v.t.* ମଇଳା-କ ।
**Dirtily**, *ad.* 1. ମଇଳାରୂପେ; 2. କଦର୍ଯ୍ୟରୂପେ, କୁତ୍ସିତରୂପେ, ଜଘନ୍ୟରୂପେ ।
**Dirtiness**. *n.* 1. ମଇଳାବସ୍ଥା, ଅପରିଷ୍କୃତତା, ସମଳତା; 2. କଦର୍ଯ୍ୟତା ।
**Dirty**, *a.* 1. ମଇଳା, ସମଳ, ମଳିନ, ଅପରିଷ୍କୃତ, ଗୋଳିଆ; 2. କଦର୍ଯ୍ୟ, ଜଘନ୍ୟ; 3. (of weather), ଝଡ଼ଯୁକ୍ତ, ତୋଫାନବିଶିଷ୍ଟ ।—*v.t.* ମଇଳା-କ, ସମଳ-କ, ମଳିନ-କ ।
**Disability**, *n.* 1. ଅସାମର୍ଥ୍ୟ, ଦୁର୍ବଳତା, ଅପାରଗତା; 2. ଅକ୍ଷମତା, ଅଯୋଗ୍ୟତା ।
**Disable**, *v.t.* 1. ଅସମର୍ଥ-କ, ଅପାରଗ-କ, ଶକ୍ତିହୀନ-କ, ଅକର୍ମଣ୍ୟ-କ, ଉପାୟହୀନ-କ, ଦୁର୍ବଳ-କ; 2. ଅକ୍ଷମ-କ, ଅଯୋଗ୍ୟ-କ ।
**Disabuse**, *v.t.* ଭ୍ରମରୁ ମୁକ୍ତ-କ, ଭ୍ରମ ଦୂର-କ, ଭୁଲ [ଘୁଞ୍ଚାଇବାର ।
**Disaccustom**, *v.t.* ଅଭ୍ୟାସ ରହିତ-କ ।
**Disadvantage**, *n.* ଅସୁବିଧା, ଅଭାବ, ବ୍ୟାଘାତ, ଅସୁବିଧାଜନକ ଅବସ୍ଥା; 2. କ୍ଷତି, ହାନି, ଅପକାର, ଅନିଷ୍ଟ ।—*v.t.* କ୍ଷତି-କ, ଅପକାର-କ ।
**Disadvantageous**, *a.* ଅସୁବିଧାଜନକ, କ୍ଷତିଜନକ, ଅପକାରୀ ।
**Disadvantageously**, *ad.* ଅସୁବିଧାଜନକରୂପେ, ହାନିଜନକରୂପେ, ଅପକାରରୂପେ ।

**Disaffect**, *v.t.* ସ୍ନେହଭଙ୍ଗ-କ, ସ୍ନେହବର୍ଜିତ-କ, ବିରାଗ-ଭାଜନ-କ, ଭେଦ ଜନ୍ମାଇବାର, ଅନ୍ତଃ ପ୍ରତି ବିରକ୍ତ କରାଇବାର, ଅସନ୍ତୁଷ୍ଟ କରାଇବାର ।
**Disaffected**, *p.a.* ଭଗ୍ନସ୍ନେହ, ପ୍ରତିକୂଳ, ଅସନ୍ତୁଷ୍ଟ, ବିରକ୍ତ ।
**Disaffection**, *n.* ସ୍ନେହଭଙ୍ଗ, ବିରକ୍ତି, ବିରାଗ, ଅଶ୍ରଦ୍ଧା, ଅସନ୍ତୋଷ, ରାଜଦ୍ରୋହ ।
**Disaffirm**, *v.t.* 1. ନାସ୍ତି-କ; 2. (in law) ରଦ୍-କ, ଅନ୍ୟଥା-କ ।
**Disafforest**, *v.t.* ଜଙ୍ଗଲ ଆଇନର ଅଧିକାରରୁ ରହିତ-କ, ଜଙ୍ଗଲକୁ ସାଧାରଣ ଭୂମି-କ ।
**Disaggregate**, *v.t.* ମୂଳାଂଶରେ ବିଭକ୍ତ-କ, ମୂଳାଂଶମାନ ପୃଥକ୍-କ ।
**Disagree**, *v.i.* 1. ଅମେଳ-ହେ, ଭିନ୍ନ-ହେ; 2. ଅନୈକ୍ୟ-ହେ, ଭିନ୍ନମତ-ହେ; 3. ବିବାଦ-କ; 4. ଅନିଷ୍ଟକର-ହେ, ଅରୁଚିକର-ହେ ।
**Disagreeable**, *a.* ଅତୁଷ୍ଟିକର, ଅରୁଚିକର, ବିରକ୍ତିକର, ଅସନ୍ତୋଷଜନକ, ବିଦର୍ପ୍ୟ ।
**Disagreeableness**, *n.* ଅରୁଚିକରତା, ବିଦର୍ପିତା ।
**Disagreeably**, *ad.* ଅତୁଷ୍ଟିକରରୂପେ, ବିଦର୍ପିରୂପେ, ବିରକ୍ତିଜନକରୂପେ ।
**Disagreement**, *n.* 1. ଅମେଳ, ପ୍ରଭେଦ, ଭିନ୍ନତା; 2. ଅନୈକ୍ୟ; 3. ବିବାଦ; 4. ଅସଙ୍ଗତତା, ଅନୁପଯୋଗିତା ।
**Disallow**, *v.t.* ନାହିଁ-କ, ଅସ୍ୱୀକାର-କ, ନାମଞ୍ଜୁର-କ ।
**Disallowable**, *a.* ଅନନୁମତବ୍ୟ, ଅନନୁମୋଦନୀୟ ।
**Disallowance**, *n.* ଅଗ୍ରାହ୍ୟକରଣ, ଅସ୍ୱୀକାର, ନିଷେଧ, ନାମଞ୍ଜୁରକରଣ ।
**Disanimate**, *v.t.* ଉତ୍ସାହଭଙ୍ଗ-କ, ସାହସହୀନ କ ।
**Disannul**, *v.t.* ରହିତ-କ, ରଦ୍-କ, ଲୋପ-କ, ବ୍ୟର୍ଥ-କ ।
**Disannulment**, *n.* ରହିତକରଣ, ଲୋପ ।
**Disapparel**, *v.t.* ବିବସ୍ତ୍ର-କ ।
**Disappear**, *v.i.* 1. ଅନ୍ତର୍ଦ୍ଧାନ-ହେ, ଅନ୍ତର୍ହିତ-ହେ, ଅଦୃଶ୍ୟ-ହେ, ଦୃଷ୍ଟିଗୋଚରରୁ ଚାଲିଯିବାର; 2. ଲୋପ-ହେ, ଚାଲି ଯିବାର ।
**Disappearance**, *n.* ଅନ୍ତର୍ଦ୍ଧାନ ।
**Disappoint**, *v.i.* 1. ଅପେକ୍ଷା ଇଚ୍ଛା ଭରସା ଆକାଂକ୍ଷା ବା ଅଭିପ୍ରାୟରୁ ବଞ୍ଚିତ-କ, ବଞ୍ଚିତ-କ, ଆଶାଭଙ୍ଗ-କ; 2. ବିଫଳ-କ, ବ୍ୟର୍ଥ-କ ।
**Disappointed**, *p.a.* ଭଗ୍ନାଶ, ମନୋହତ ।
**Disappointedly**, *ad.* ଭଗ୍ନାଶରୂପେ, ଆଶାହୀନରୂପେ ।
**Disappointment**, *n.* 1. ଅପେକ୍ଷା ଇଚ୍ଛା ଭରସା ବା ଅଭିପ୍ରାୟର ଖଣ୍ଡନ, ଆଶାଭଙ୍ଗ; 2. ବିଫଳତା, ଆଶାଭଙ୍ଗକାରୀ ବିଷୟ ।
**Disapprobation**, *n.* ଅପସନ୍ଦ, ଅନନୁମୋଦନ, ଅସନ୍ତୋଷ, ଅସମ୍ମତ ।
**Disappropriate**, *v.t.* 1. ବିଶେଷ କାର୍ଯ୍ୟ ନିମନ୍ତେ ନିରୂପିତ ସମ୍ପତ୍ତିରୁ ବଞ୍ଚିତ-କ; 2. ବେଦଖଲ୍-କ ।
**Disapproval**, *n.* 1. ଅପସନ୍ଦକରଣ, ଅପସନ୍ଦ; 2. ଅଶ୍ରଦ୍ଧା ।
**Disapprove**, *v.t.* 1. ମନ୍ଦ ବୋଲି ପ୍ରକାଶ-କ, ଅପସନ୍ଦ-କ; 2. ଅସମ୍ମତ ପ୍ରକାଶ-କ, ଅଗ୍ରାହ୍ୟ-କ ।—*v.i.* ଅସମ୍ମତ ପ୍ରକାଶ-କ ।
**Disapprovingly**, *ad.* ଅପସନ୍ଦକ୍ରମେ ।
**Disarm**, *v.t.* 1. ନିରସ୍ତ୍ର-କ, ଅସ୍ତ୍ର କାଢି ନେବାର; 2. ଅକ୍ଷତିକର-କ; 3. ନିବୃତ୍ତ-କ, ଦମନ-କ ।—*v.i.* ଅସ୍ତ୍ର ଛାଡି ଦେବାର, ଅସ୍ତ୍ର ତ୍ୟାଗ-କ ।
**Disarmament**, *n.* ନିରସ୍ତ୍ରକରଣ, ଅସ୍ତ୍ରରହିତକରଣ ।
**Disarrange**, *v.t.* ବ୍ୟତିକ୍ରମ-କ, ଅଡୁଆ-କ, ବିଶୃଙ୍ଖଳ-କ ।
**Disarrangement**, *n.* ବ୍ୟତିକ୍ରମ, ଅଡୁଆ, ବିଶୃଙ୍ଖଳ ।
**Disarray**, *v.t.* 1. ସାଜହୀନ-କ, ବିବସ୍ତ୍ର-କ; 2. ବିଶୃଙ୍ଖଳ-କ ।—*n.* 1. ସାଜସହିତ୍ୟ, ଓଲ୍ଟାପାଲ୍ଟ ସାଜ; 2. ବିଶୃଙ୍ଖଳ, ଗୋଳମାଳ ।
**Disassociate**, *v.t.* ସମ୍ପର୍କରୁ ଅଲଗା-କ, ପୃଥକ୍-କ ।
**Disaster**, *n.* ଦୁର୍ଘଟଣା, ମହାବିପଦ, ବିପଦ ।
**Disastrous**, *a.* 1. ଦୁର୍ଘଟଣାଜନକ, ଦୁର୍ଘଟଣାଗ୍ରସ୍ତ, ମହାବିପଦ୍ଜନକ; 2. ମହା ଅମଙ୍ଗଳସୂଚକ, କ୍ଲେଶକର, ଘୋର, ଦାରୁଣ ।
**Disastrously**, *ad.* ଦୁର୍ଘଟଣାଜନକରୂପେ, ବିପଦ୍ଜନକରୂପେ, ଅନିଷ୍ଟକାରୀରୂପେ ।
**Disavow**, *v.t.* ଅସ୍ୱୀକାର-କ, ଅସମ୍ମତ ପ୍ରକାଶ-କ, ନାସ୍ତି-କ ।
**Disavowal**, *n.* ଅସ୍ୱୀକାର, ଅନଙ୍ଗୀକାର, ନାସ୍ତି ।
**Disband**, *v.t.* 1. ସୈନିକ କାର୍ଯ୍ୟରୁ ବିଦାୟ-ଦେ, (ସୈନ୍ୟ ଦଳ) ଭାଙ୍ଗିବାର, (ଦଳ) ଭଗ୍ନ-କ; 2. ବିଦାୟ-ଦେ, ଛାଡି-ଦେ ।—*v.i.* ସୈନିକ କାର୍ଯ୍ୟରୁ ବିଦାୟ-ନେ, ଦଳଭଗ୍ନ-ହେ ।
**Disbandment**, *n.* ସୈନ୍ୟ ଦଳ ଭଙ୍ଗକରଣ, ଦଳଭଗ୍ନକରଣ, ଦଳଭଗ୍ନାବସ୍ଥା ।
**Disbar**, *v.t.* ଓକିଲ ସମ୍ପ୍ରଦାୟରୁ ବହିଷ୍କୃତ-କ, ଓକିଲ ତାଲିକାରୁ କାଟି-ଦେ ।
**Disbelief**, *n.* ବିଶ୍ୱାସର ଅସ୍ୱୀକାର, ଅବିଶ୍ୱାସ, ଅପ୍ରତ୍ୟୟ, ଅନାସ୍ଥା, ନାସ୍ତିକତା ।
**Disbelieve**, *v.t.* ଅବିଶ୍ୱାସ-କ, ଅପ୍ରତ୍ୟୟ-କ, ଅସତ୍ୟ ବୋଲି ଜ୍ଞାନ-କ, ବିଶ୍ୱାସ କରିବାକୁ ନାସ୍ତି-କ, ନ ମାନିବାର ।—*v.i.* ସତ୍ୟତା ନାସ୍ତି-କ, ଅବିଶ୍ୱାସ-କ ।
**Disbeliever**, *n.* ବିଶ୍ୱାସର ଅନାସ୍ଥାକାରୀ ଲୋକ, ଅବିଶ୍ୱାସୀ ।
**Disbud**, *v.t.* କଢହୀନ-କ, ଗଜାହୀନ-କ ।
**Disburden**, **disburthen**, *v.t.* 1. ନିର୍ଭର-କ, ଭାରରୁ ମୁକ୍ତ-କ, ବୋଝ ଉତାରିବାର; 2. ମୁକ୍ତ-କ ।
**Disburse**, *v.t.* ବ୍ୟୟ-କ, ଖର୍ଚ୍ଚ-କ ।
**Disbursement**, *n.* 1. ବ୍ୟୟ, ଖର୍ଚ୍ଚ; 2. ଖର୍ଚ୍ଚ କରା ଟଙ୍କା, ବ୍ୟୟିତ ଧନ ।
**Disc**, **disk**, *n.* 1. ଚକାକାର ବସ୍ତୁର ଉପର ଭାଗ, ଗୋଲାକାର ପୃଷ୍ଠ; 2. ଗ୍ରହାଦିର ମଣ୍ଡଳ ।
**Discal**, *a.* ଗୋଲାକାର ପୃଷ୍ଠସମ୍ବନ୍ଧୀୟ, ଗୋଲାକାର ପୃଷ୍ଠ ତୁଲ୍ୟ, ଗୋଲାକାର ପୃଷ୍ଠରେ ସ୍ଥିତ ।

**Discard**, *v.t.* 1. (ଅକର୍ମଣ୍ୟ ଭାବ) ହାତରୁ ପକାଇ ଦେବାର; 2. ବିଦାୟ-ଦେ; 2. ବାହାର କରି ଦେବାର, ଛଡାଇ ଦେବାର; 3. ପରିତ୍ୟାଗ-କ, ଛାଡି-ଦେ ।

**Discern**, *v.t.* 1. ଭେଦାଭେଦ-କ, ପ୍ରଭେଦ-କ; 2. ଦେଖିବାର, ପ୍ରେକ୍ଷଣ-କ; 3. ବୁଝିବାର, ଚିହ୍ନିବାର ।—*v.i.* ଭେଦାଭେଦ-କ ।

**Discernible**, *a.* ଦୃଶ୍ୟ, ପ୍ରେକ୍ଷଣୀୟ, ଚିହ୍ନିବାଯୋଗ୍ୟ ।

**Discernibly**, *ad.* ଦୃଶ୍ୟରୂପେ, ପ୍ରେକ୍ଷଣୀୟରୂପେ, ଦୃଷ୍ଟିଗୋଚରରୂପେ ।

**Discerning**, *p.a.* ସୂକ୍ଷ୍ମଦର୍ଶୀ, ବିବେକୀ, ସଦ୍ବିବେଚକ, ତୀକ୍ଷ୍ଣବୁଦ୍ଧି, ବିଜ୍ଞ, ବିଚକ୍ଷଣ ।

**Discerningly**, *ad.* ସୂକ୍ଷ୍ମଦର୍ଶୀରୂପେ, ବିବେଚନାପୂର୍ବକ, ତୀକ୍ଷ୍ଣବୁଦ୍ଧିରେ ।

**Discernment**, *n.* 1. ଭେଦାଭେଦକରଣ; 2. ଭେଦାଭେଦ ଜ୍ଞାନ, ବିବେଚନାଶକ୍ତି, ବିଚାର, ତୀକ୍ଷ୍ଣ ବୁଦ୍ଧି ।

**Discharge**, *v.t.* 1. ଭାରରୁ ମୁକ୍ତ-କ, ମାଲ୍ ଉତାରିବାର, ଭାର ବା ବୋଝ ଓହ୍ଲାଇବାର; 2. (ବନ୍ଧୁକ) ମାରିବାର, ଛାଡିବାର; 3. ନିର୍ଗତ-କ, ବାହାର-କ; 4. (ଋଣ) ପରିଶୋଧ-କ; 5. ଦାୟରୁ ମୁକ୍ତ-କ; 6. ନିର୍ଦ୍ଦୋଷ-କ; 7. ବିଦାୟ-କ, କର୍ମଚ୍ୟୁତ-କ; 8. (କର୍ମ) ନିର୍ବାହ-କ; 9. ମୁକ୍ତ-କ, ଛାଡି-ଦେ, ଖଲାସ-କ ।—*v.i.* 1. ମାଲ୍ ଉତାରିବାର; 2. ନିର୍ଗତ-କ, ବାହାର-କ ।—*n.* 1. ମାଲ୍ ଉତାରଣ; 2. (ବନ୍ଧୁକ) ମାରଣ, ଫୋଟନ; 3. ନିର୍ଗତକରଣ, ବାହାରକରଣ; 4. ନିର୍ଗତ ଦ୍ରବ୍ୟ, ପୂଜ; 5. ବିଦାୟ, କର୍ମଚ୍ୟୁତ; 6. ବିଦାୟ ପତ୍ର; 7. ଦାୟ ଋଣ ଦୋଷ ବା ଦଣ୍ଡରୁ ମୁକ୍ତି, ମୁକ୍ତି, ଖଲାସ; 8. ମୁକ୍ତିର ମୂଲ୍ୟ; 9. (କର୍ମ) ନିର୍ବାହ; 10. (ଋଣର) ପରିଶୋଧ; 11. ରସିଦ୍ ।

**Disciple**, *n.* 1. ଶିଷ୍ୟ, ଚେଲା, ଅନୁଚର, ସେବକ; 2. ଛାତ୍ର, ପଢୁଆ ।

**Discipleship**, *n.* ଶିଷ୍ୟତ୍ୱ, ଛାତ୍ରତା, ଚେଲାପଣ ।

**Disciplinable**, *a.* ଶିକ୍ଷଣୀୟ, ଶାସନୀୟ ।

**Disciplinarian**, *a.* 1. ଶିକ୍ଷାସମ୍ବନ୍ଧୀୟ, ଶାସନସମ୍ବନ୍ଧୀୟ ।—*n.* ଦୃଢଶାସ୍ତା, ଉପଦେଷ୍ଟା, କଠିନ ଶାସନକର୍ତ୍ତା ।

**Disciplinary**, *a.* ଦୃଢ ଶାସନସମ୍ବନ୍ଧୀୟ, ଶିକ୍ଷାବିଷୟକ, ଶାସନବିଷୟକ ।

**Discipline**, *n.* 1. ଶିକ୍ଷା; 2. ଶାସନର ରୀତି, ନିୟମ, ବିଧି; 3. ଆଜ୍ଞାଧୀନତ୍ୱ, ଆଦେଶର ବଶ୍ୟତା; 4. ନିୟମ ଶିକ୍ଷା, ସୈନ୍ୟର ଶିକ୍ଷା; 5. ଶାସନ, ଶାସ୍ତି, ଦଣ୍ଡ ।—*v.t.* 1. ଶିକ୍ଷା-ଦେ, ନିୟମାଧୀନ-କ, ନିୟମଶିକ୍ଷା-ଦେ; 2. ସୈନ୍ୟର ଶିକ୍ଷା-ଦେ; 3. ଶାସନ-କ, ଶାସ୍ତି-ଦେ, ଦଣ୍ଡ-ଦେ ।

**Disclaim**, *v.t.* 1. ନିଜର ଦାବି ଅସ୍ୱୀକାର-କ, ସମ୍ପର୍କ ଅସ୍ୱୀକାର-କ, ସମ୍ପର୍କ ପରିତ୍ୟାଗ-କ; 2. ପ୍ରତ୍ୟାଖ୍ୟ-କ, ଅସ୍ୱୀକାର-କ ।

**Disclaimer**, *n.* 1. ଅସ୍ୱୀକାରକାରୀ ଲୋକ; 2. (Law) ଦାବିର ପରିତ୍ୟାଗ ।

**Disclose**, *v.t.* ଅନାବୃତ-କ, ବ୍ୟକ୍ତ-କ, ପ୍ରକାଶ-କ ।

**Disclosure**, *n.* ଅନାବୃତକରଣ, ବ୍ୟକ୍ତକରଣ, ଗୁପ୍ତ ବିଷୟର ପ୍ରକାଶ, ପ୍ରଚାର; 2. ପ୍ରକାଶିତ ଗୁପ୍ତ ବିଷୟ ।

Discoid, discoidal, *a.* ଗୋଲାକାର ପୃଷ୍ଠପରି ।

Discoloration, *n.* ବର୍ଣ୍ଣପରିବର୍ତ୍ତନ, ବର୍ଣ୍ଣପରିବର୍ତ୍ତନର ଚିହ୍ନ ।

Discolour, *v.t.* ବର୍ଣ୍ଣାନ୍ତର-କ, ବିବର୍ଣ୍ଣ-କ, ମଳିନ-କ, ବର୍ଣ୍ଣର ବିକାର-କ, ବଦରଙ୍ଗ-କ ।

Discomfit, *v.t.* 1. ପରାଜୟ-କ, ଯୁଦ୍ଧରେ ହରାଇ-ଦେ; 2. ଅପ୍ରସ୍ତୁତ-କ ।—*n.* ରଣଭଙ୍ଗ, ପରାସ୍ତ, ପରାଜୟ ।

Discomfiture, *n.* 1. ରଣଭଙ୍ଗ, ପରାସ୍ତ, ପରାଜୟ; 2. ବିଫଳକରଣ, ଆଶାଭଙ୍ଗ ।

Discomfort *n.* 1. ଅସୁଖ, ଅଶାନ୍ତି; 2. ଅଶାନ୍ତିଜନକ ବିଷୟ, ଦୁଃଖ, କଷ୍ଟ ।—*v.t.* ଅସୁଖି-କ, କଷ୍ଟ-ଦେ, ଦୁଃଖ-ଦେ, ବିମର୍ଷ-କ ।

Discommode, *v.t.* ଅସୁବିଧାରେ ପକାଇବାର, କଷ୍ଟ-ଦେ ।

Discommodity, *n.* 1. ଅସୁବିଧା, କଷ୍ଟ; 2. ଅସୁବିଧାଜନକ ବିଷୟ, କ୍ଷତିକର ବିଷୟ ।

Discompose, *v.t.* ଅସ୍ଥିର-କ, ଶାନ୍ତିଭଙ୍ଗ-କ, ବ୍ୟସ୍ତ-କ, ବିରକ୍ତ-କ ।

Discomposure, *n.* ଅସ୍ଥିରତା, ଶାନ୍ତିଭଙ୍ଗ, ଅଥୟ, ବିଶୃଙ୍ଖଳତା ।

Disconcert, *v.t.* 1. ବ୍ୟର୍ଥ-କ, ବ୍ୟାଘାତ-କ; 2. ଅସ୍ଥିର-କ, ବ୍ୟସ୍ତ-କ, ଘାବରା-କ, ଅପ୍ରସ୍ତୁତ-କ ।

Disconnect, *v.t.* ଅଲଗା-କ, ଅସଂଲଗ୍ନ-କ, ବିଚ୍ଛିନ୍ନ-କ, ପୃଥକ୍-କ ।

Disconnection, *n.* 1. ବିଚ୍ଛିନ୍ନକରଣ; 2. ପୃଥକତ୍ୱ, ଅସଂଲଗ୍ନତା ।

Disconsolate, *a.* 1. ଆଶ୍ୱାସହୀନ, ଦୁଃଖିତ, ନିରାଶ, ବିଷଣ୍ଣ, ବିମର୍ଷ, ମ୍ଳାନ; 2. ବିମର୍ଷଜନକ ।

Disconsolately, *ad.* ଆଶ୍ୱାସହୀନରୂପେ, ବିଷଣ୍ଣରୂପେ ।

Discontent, *n.* ଅସନ୍ତୋଷ, ଅତୃପ୍ତି; ବିରକ୍ତି ।—*v.t.* ଅସନ୍ତୁଷ୍ଟ-କ ।

Discontented, *a.* ଅତୃପ୍ତ, ନିଜ ଅବସ୍ଥାରେ ଅସନ୍ତୁଷ୍ଟ, ଅସନ୍ତୁଷ୍ଟ, କଚ୍‌କାଇ ।

Discontentedly, *ad.* ଅସନ୍ତୁଷ୍ଟରୂପେ ।

Discontentedness, discontentment, *n.* ଅତୃପ୍ତାବସ୍ଥା, ଅଶାନ୍ତି, ଅତୃପ୍ତତା, ଅସନ୍ତୁଷ୍ଟତା ।

Discontinuance, discontinuation, *n.* 1. ନିବୃତ୍ତିକରଣ, ନିବୃତ୍ତି, ବିରାମ; 2. ଭଙ୍ଗ ।

Discontinue, *v.t.* 1. ନିବୃତ୍ତ-କ, କ୍ଷାନ୍ତ-କ, ବନ୍ଦ-କ, ଶେଷ-କ; 2. ନ ଦେବାର, ଛାଡି-ଦେ; 3. ଭଙ୍ଗ-କ ।—*v.i.* 1. ନିବୃତ୍ତ-ହେ, ବିରତ-ହେ, କ୍ଷାନ୍ତ-ହେ; 2. ପୃଥକ୍-ହେ, ଅଲଗା-ହେ ।

**Discontinuity**, *n.* ବିଚ୍ଛିନ୍ନତ୍ୱ, ଅସଂଲଗ୍ନତା ।

Discontinuous, *a.* ଅସଂଲଗ୍ନ, ଭଗ୍ନ, ବିଚ୍ଛିନ୍ନ ।

**Discord**, *n.* 1. ଅନୈକ୍ୟ, ମତର ଅମେଳ, ବିରୋଧ, ବିବାଦ, କନ୍ଦଳ, ଝଗଡା; 2. ବିସ୍ୱର ।

**Discordance, discordancy**, *n.* ଅନୈକ୍ୟତା, ବିରୋଧ, ଅସଙ୍ଗତତା ।

**Discordant**, *a.* 1. ଅନୈକ୍ୟବିଶିଷ୍ଟ, ବିରୋଧୀ, ବିରୁଦ୍ଧ, ଅସଙ୍ଗତ, ଅମିଳିତ; 2. ବିସ୍ୱରବିଶିଷ୍ଟ, କର୍କଶ ।

**Discordantly**, *ad.* 1. ଅନୈକ୍ୟପୂର୍ବକ, ବିରୋଧଭାବେ, ଅସଙ୍ଗତରୂପେ, ଅମିଳିତରୂପେ; 2. କର୍କଶରୂପେ ।

**Discount**, *n.* 1. କଟା; 2. ବ୍ୟାଜ, ଧରଟ; 3. ବ୍ୟାଜର ଦାନ ।—at a discount, (ଊଣାମୂଲ୍ୟ), ଅନାଦୃତ ।—*v.t.* 1. ବ୍ୟାଜ ନେଇ କର୍ଜ-ଦେ; 2. ବାଦ-ଦେ; 3. ସମ୍ପୂର୍ଣ୍ଣରୂପେ ବିଶ୍ୱାସ ନ କରିବାର, ଉପେକ୍ଷାକର-କ ।—*v.i.* ସୁଧ କାଟି ନେଇ କର୍ଜ-ଦେ ।

**Discountable**, *a.* ବାଦ ଦେବା ଯୋଗ୍ୟ ।

**Discountenance**, *v.t.* ଅତୁଷ୍ଟି ପ୍ରକାଶ-କ, ଅନାଦର-କ, ଉତ୍ସାହ ନ କ, (ଭ୍ରୂକୁଟି ଅମତ ସୂଚକ ବିପକ୍ଷତା ବା ଅନାଲାପୀ ବ୍ୟବହାର ଦ୍ୱାରା) ନିରୁତ୍ସାହ-କ, ନିବାରଣ-କ ।

**Discounter**, *n.* ହୁଣ୍ଡିର ଦଲାଲ୍ ।

**Discourage**, *v.t.* 1. ସାହସହୀନ-କ, ନିରୁତ୍ସାହ-କ, ଉତ୍ସାହଭଙ୍ଗ-କ; 2. ଅପ୍ରିୟ-କ, ନିବାରଣ-କ, ଅଟକାଇବାର ।

**Discouragement**, *n.* 1. ସାହସହୀନକରଣ, ନିରୁତ୍ସାହ, ଉଦ୍ୟମଭଙ୍ଗ; 2. ଉତ୍ସାହ ବିଶ୍ୱାସ ବା ଭରସା ଭଙ୍ଗକାରୀ ବିଷୟ, ନିରୁତ୍ସାହଜନକ ବିଷୟ, ବିଷାଦଜନକ ବିଷୟ ।

**Discouraging**, *p.a.* ଉଦ୍ୟୋଗାହ୍ରାସଜନକ, ନିରୁତ୍ସାହଜନକ, ବିଷାଦଜନକ ।

**Discouragingly**, *ad.* ଉଦ୍ୟୋଗାହ୍ରାସଜନକରୂପେ, ବିଷାଦଜନକରୂପେ ।

**Discourse**, *n.* 1. କଥାବାର୍ତ୍ତା, କଥୋପକଥନ, କଥା; 2. ବକ୍ତୃତା, ପ୍ରବନ୍ଧ, ଧର୍ମୋପଦେଶ ।—*v.i.* 1. କଥାବାର୍ତ୍ତା-କ, କଥୋପକଥନ-କ; 2. ବକ୍ତୃତା-କ, ଧର୍ମୋପଦେଶ-ଦେ, ପ୍ରବନ୍ଧ ଲେଖିବାର ।—*v.t.* ବ୍ୟକ୍ତ-କ ।

**Discourteous**, *a.* ଅଶିଷ୍ଟ, ଅସଭ୍ୟ, ଦୁଃଶୀଳ ।

**Discourteously**, *ad.* ଅଶିଷ୍ଟରୂପେ, ଅସଭ୍ୟରୂପେ ।

**Discourtesy**, **discourteousness**, *n.* ଅଶିଷ୍ଟତା, ଅସଭ୍ୟତା, ଅଭଦ୍ର କର୍ମ, ଅଶିଷ୍ଟ ବ୍ୟବହାର ।

**Discous**, *a.* ଚୌଡା ଓ ଗୋଲାକୃତ ।

**Discover**, *v.t.* (ଅନାବୃତ-କ), 1. ଦେଖାଇବାର, ପ୍ରକାଶ-କ, ବ୍ୟକ୍ତ-କ; 2. ସନ୍ଧାନ ପାଇବାର, ଟେର ପାଇବାର, ଆବିଷ୍କାର କ ।

**Discoverable**, *a.* ସନ୍ଧାନଯୋଗ୍ୟ, ପ୍ରକାଶନୀୟ, ଦର୍ଶନୀୟ ।

**Discoverer**, *n.* ଆବିଷ୍କାରକ ।

**Discovery**, *n.* 1. ପ୍ରକାଶକରଣ, ପ୍ରକାଶ; 2. ସନ୍ଧାନ, ଆବିଷ୍କାର, ପ୍ରଥମ ଦର୍ଶନ; 3. ଆବିଷ୍କୃତ ବିଷୟ ।

**Discredit**, *n.* 1. ଅବିଶ୍ୱାସ୍ୟ ଅବସ୍ଥା, ଅବିଶ୍ୱାସ; 2. ଅଖ୍ୟାତି, ଅପମାନ ।—*v.t.* 1. ଅବିଶ୍ୱାସ-କ; 2. ଅଖ୍ୟାତ-କ, ଅପମାନ-କ; 3 ଅବିଶ୍ୱାସ୍ୟ ବୋଲି ଦେଖାଇବାର ।

**Discreditable**, *a.* ଅଖ୍ୟାତିକର, ଅପମାନଜନକ, ଲଜ୍ଜାଜନକ ।

**Discreditably**, *ad.* ଅଖ୍ୟାତିକରରୂପେ, ଲଜ୍ଜାଜନକରୂପେ ।

**Discreet**, *a.* ପ୍ରାଜ୍ଞ, ବିବେକୀ, ପରିଣାମଦର୍ଶୀ, ସତର୍କ ।

**Discreetly**, *ad.* ସୁବିବେକରୂପେ, ପରିଣାମଦର୍ଶିତାରେ, ବିବେଚନାପୂର୍ବକ ।

**Discreetness**, *n.* ପ୍ରାଜ୍ଞତା, ପରିଣାମଦର୍ଶିତା, ସତର୍କତା ।

**Discrepance**, **discrepancy**, *n.* ବିଭିନ୍ନତା, ପ୍ରଭେଦ, ଅନୈକ୍ୟ, ଅସଙ୍ଗତତା, ବୈପରୀତ୍ୟ ।

**Discrepant**, *a.* ଭିନ୍ନ, ଅମିଳିତ, ଅସଙ୍ଗତ, ବିପରୀତ ।

**Discrete**, *a.* 1. ପୃଥକ୍, ବିଭିନ୍ନ, ଅଲଗା; 2. ପୃଥକ୍ ଅଂଶବିଶିଷ୍ଟ; 3. ବିଭେଦକ, ବୈପରୀତ୍ୟସୂଚକ ।

**Discretion**, *n.* 1. ପରିଣାମଦର୍ଶିତା, ବିଚକ୍ଷଣତା, ପ୍ରାଜ୍ଞତା, ସୁବିବେଚନା, ସତର୍କତା, କର୍ମନିର୍ବାହବୁଦ୍ଧି; 2. ସ୍ୱବିବେଚନାମତେ କାର୍ଯ୍ୟ କରିବା ଅଧିକାର, ସ୍ୱେଚ୍ଛାଧୀନତା, ନିଜସୁବିଚାରମତେ କାର୍ଯ୍ୟ କରିବାର ସ୍ୱାଧୀନତା ।—age of discretion, ଫୌଜଦାରୀ ଆଇନର ଅଧୀନରେ ଆସିବା ବୟସ ।

**Discretionarily**, **discretionally**, *ad.* ନିଜ ସ୍ୱବିବେଚନାମତେ, ସ୍ୱେଚ୍ଛାନୁସାରେ ।

**Discretionary**, **discretional**, *a.* ସ୍ୱବିବେଚନାଧୀନ, ସ୍ୱେଚ୍ଛାଧୀନ, ଅବାଧିତ ।

**Discretive**, *a.* 1. ଭେଦବୋଧକ, ବୈପରୀତ୍ୟସୂଚକ; 2. ବିଭିନ୍ନ, ପୃଥକ୍ ।

**Discretively**, *ad.* 1. ଭେଦବୋଧକରୂପେ; 2. ପୃଥକ୍‌ରୂପେ ।

**Discriminate**, *v.t.* 1. ଭେଦାଭେଦ-କ, ବିଭିନ୍ନ-କ, ଲକ୍ଷଣ ଦ୍ୱାରା ଭିନ୍ନ-କ; 2. ବିଭିନ୍ନତା ଦେଖିବାର, ବିଭିନ୍ନତା ଦେଖି ଚିହ୍ନିବାର ।—*v.i.* ପ୍ରଭେଦ-କ ।—*a.* 1. ପ୍ରଭେଦକୃତ, ପୃଥକ୍‌କୃତ, ଚିହ୍ନିତ; 2. ପ୍ରଭେଦକ ।

**Discriminately**, *ad.* 1. ପ୍ରଭେଦକୃତରୂପେ, ସୂକ୍ଷ୍ମପ୍ରଭେଦପୂର୍ବକ; 2. ପ୍ରଭେଦକରୂପେ ।

**Discriminating**, *a.* 1. ପ୍ରଭେଦକ, ପ୍ରଭେଦସୂଚକ; 2. ସୂକ୍ଷ୍ମପ୍ରଭେଦ ଦର୍ଶୀ, ସୂକ୍ଷ୍ମପ୍ରଭେଦ କରିବାର ସମର୍ଥ ।

**Discrimination**, *a.* 1. ପ୍ରଭେଦକରଣ, ଭେଦାଭେଦଜ୍ଞାନ; 2. ପ୍ରଭେଦକ ଶକ୍ତି, ପ୍ରଭେଦଦର୍ଶିତା, ବିବେଚନା, ତୀକ୍ଷ୍ଣ ବୁଦ୍ଧି; 3. ପ୍ରଭେଦ ।

**Discriminative**, *a.* 1. ପ୍ରଭେଦକ, ଭେଦାଭେଦକାରୀ, ବିଶେଷକ; 2. ପ୍ରଭେଦସୂଚକ ।

**Discriminatively**, *ad.* 1. ବିବେଚନାପୂର୍ବକ; 2. ପ୍ରଭେଦସହିତ ।

**Discrown**, *v.t.* ମୁକୁଟରୁ ବଞ୍ଚିତ-କ ।

**Discursive**, *a.* ବିଷୟାନ୍ତରରେ ଭ୍ରମଣଶୀଳ, ଅକ୍ରମିକ, ଅପ୍ରାସଙ୍ଗିକ ।

**Discursively**, *ad.* ବିଷୟାନ୍ତରରେ ଭ୍ରମଣଶୀଳରୂପେ, ଅକ୍ରମିକରୂପେ, ଅପ୍ରାସଙ୍ଗିକରୂପେ ।

**Discursiveness**, ବିଷୟାନ୍ତରରେ ଭ୍ରମଣଶୀଳତା, ଅପ୍ରାସଙ୍ଗିକତା ।

**Discus**, *n.* *dis'-kus*, ରୋମ ଓ ଗ୍ରୀକ ଦେଶରେ କାଢାଥେ ଲୌହର ଚକ୍ର ।

**Discuss**, *v.t.* *dis-kus'*, 1. ତର୍କବିତର୍କ-କ, ବାଦାନୁବାଦ-କ, ବିଚାର କ, ଆଲୋଚନା-କ; 2. (colloquial) ଖାଇବା ପିଇବା ଦ୍ୱାରା ପରୀକ୍ଷା-କ, ଖାଇବାର; 3. (ପୂର୍ବ ହେବାକୁ ନ ଦେଇ) ବଥ ଅର୍ଦ୍ଧ ବସାଇବାର ।

**Discussable,** *a.* ତର୍କବିତର୍କଯୋଗ୍ୟ, ବାଦାନୁବାଦଯୋଗ୍ୟ, ଆଲୋଚନାଯୋଗ୍ୟ, ବିବେଚନୀୟ ।

**Discussion,** *n.* 1. ତର୍କବିତର୍କ, ବାଦାନୁବାଦ, ଆଲୋଚନା, ବିଚାର; 2. ବଥ ଅବ ନ ଜନ୍ମାଇ ଫୁଲ ବସାଇବାର ଉପାୟ ।

**Discussive,** *a.* ବଥ ଅବ ବସାଇବାକୁ ସମର୍ଥ, ଦୂରକାରକ ।

**Discutient,** *a.* ବଥ ଅବର ଦୂରକାରକ ।—*n.* ବଥ ଅବର ଦୂରକାରକ ଔଷଧ ।

**Disdain,** *v.t.* 1. ଅଯୋଗ୍ୟ ମଣିବାର, ନିକୃଷ୍ଟ ବୋଧ ଜ୍ଞାନ-କ, ଘୃଣା-କ; 2. ଅନାଦର-କ, ଅବଜ୍ଞା-କ, ହେୟଜ୍ଞାନ-କ, ତୁଚ୍ଛଜ୍ଞାନ-କ ।—*n.* ହେୟଜ୍ଞାନ, ତାଚ୍ଛଲ୍ୟ, କ୍ରୋଧପୂର୍ବକ ଅବଜ୍ଞା, ଘୃଣା, ଅହଙ୍କାର ।

**Disdainful,** *a.* ଅବଜ୍ଞାପୂର୍ଣ୍ଣ, ତାଚ୍ଛଲ୍ୟପୂର୍ଣ୍ଣ, ତାଚ୍ଛଲ୍ୟପ୍ରକାଶକ, ଅହଙ୍କାରୀ, ଘୃଣାପୂର୍ଣ୍ଣ । [ଭାବେ ।

**Disdainfully,** *ad.* ଅବଜ୍ଞାପୂର୍ବକ, ତୁଚ୍ଛଜ୍ଞାନରେ, ଗର୍ବିତ-

**Disdainfulness,** *n.* ଅବଜ୍ଞାପୂର୍ଣ୍ଣତା, ତୁଚ୍ଛବୋଧ, ତାଚ୍ଛଲ୍ୟ ।

**Disease,** *n.* ଅସ୍ୱାସ୍ଥ୍ୟ, ପୀଡ଼ା, ରୋଗ, ବ୍ୟାଧି, ବେରାମ ।—*v.t.* ରୋଗଗ୍ରସ୍ତ-କ, ପୀଡ଼ିତ-କ, ବ୍ୟାଧିଗ୍ରସ୍ତ-କ ।

**Diseased,** *p.a.* ରୋଗଗ୍ରସ୍ତ, ପୀଡ଼ିତ, ଅସୁସ୍ଥ, ବ୍ୟାଧିଗ୍ରସ୍ତ, ରୁଗ୍ଣ ।

**Diseasedness,** *n.* ଅସୁସ୍ଥତା, ରୋଗଗ୍ରସ୍ତତା ।

**Disembark,** *v.t.* ଜାହାଜରୁ ଉତାରିବାର ।—*v.i.* ଜାହାଜରୁ ଓହ୍ଲାଇବାର ବା ଓହ୍ଲାଇବାର ।

**Disembarkation, disembarkment,** *n.* 1. ଜାହାଜରୁ ଉତାରିବା; 2. ଉତ୍ତରଣ, ଓହ୍ଲାଇବା ।

**Disembarrass,** *v.t.* ଝଞ୍ଜଟରୁ ମୁକ୍ତ-କ, ସଙ୍କଟରୁ ମୁକ୍ତ-କ ।

**Disembellish,** *v.t.* ଭୂଷଣରହିତ-କ ।

**Disembitter,** *v.t.* ତିକ୍ତତାହୀନ-କ, ମିଷ୍ଟ-କ ।

**Disembody,** *v.t.* 1. ଶରୀରହୀନ-କ, ଦେହରୁ ମୁକ୍ତ-କ; 2. ସୈନିକ କର୍ମରୁ ବିଦାୟ-ଦେ ।

**Disembogue,** *v.t.* (ନଦୀର) ମୁଖରେ ନିର୍ଗତ-କ, ବାହାର-କ ।—*v.i.* (ନଦୀର) ମୁଖରେ ନିର୍ଗତ-ହେ, ପଡ଼ିବାର । [ପତନ ।

**Disemboguement,** *n.* ହ୍ରଦ ବା ସମୁଦ୍ରରେ ନଦୀଜଳର

**Disembowel,** *v.t.* 1. ଅନ୍ତ୍ରହୀନ-କ, ଅନ୍ତ୍ରବୁଜୁଳା ବାହାର-କ, ଅନ୍ତ୍ର ବାହାର-କ; 2. ଅନ୍ତ୍ରବୁଜୁଳା ବାହାରି ପଡ଼ିବା ଯାଏ ଆଘାତ-କ ।

**Disembroil,** *v.t.* ଗୋଳମାଳରୁ ମୁକ୍ତ-କ, ଗୋଳମାଳ ଭାଙ୍ଗିବାର, ଝଞ୍ଜଟରୁ ମୁକ୍ତ-କ । [ବାର ।

**Disenchant,** *v.t.* ମୋହରୁ ମୁକ୍ତ-କ, ମନ୍ତ୍ରମୁକ୍ତ-କ, ଝାଡ଼-

**Disenchanter,** *n.* ଯେ ବା ଯାହା ମୋହରୁ ମୁକ୍ତ କରେ ।

**Disenchantment,** *n.* ମୋହରୁ ମୁକ୍ତି, ମନ୍ତ୍ରମୁକ୍ତି ।

**Disenchantress,** *n.* ମୋହରୁ ଉଦ୍ଧାରକାରିଣୀ ।

**Disencumber,** *v.t.* ଭାରରୁ ମୁକ୍ତ-କ, ବାଧାରୁ ମୁକ୍ତ-କ ।

**Disencumbrance,** *n.* ଭାରରୁ ମୁକ୍ତକରଣ, ବାଧାରୁ ମୁକ୍ତକରଣ ।

**Disendow,** *v.t.* ବୃତ୍ତିଦାନରୁ ବଞ୍ଚିତ-କ ।

**Disendowment,** *n.* ବୃତ୍ତିଦାନରୁ ବଞ୍ଚିତକରଣ ।

**Disengage,** *v.t.* ମୁକ୍ତ-କ, କାର୍ଯ୍ୟରୁ ମୁକ୍ତ-କ, ଆସକ୍ତି ବନ୍ଧନରୁ ମୁକ୍ତ-କ, ଦାୟିତ୍ୱ ବା ପ୍ରତିଜ୍ଞାରୁ ମୁକ୍ତ-କ । [ମୁକ୍ତ ।

**Disengaged,** *p.a.* କର୍ମରୁ ମୁକ୍ତ, ଅବକାଶପ୍ରାପ୍ତ, ଅବ୍ୟା-

**Disengagedness,** *n.* କର୍ମରୁ ମୁକ୍ତି, ମୁକ୍ତି, ମୋଚନ ।

**Disengagement,** *n.* 1. ମୁକ୍ତକରଣ, ମୁକ୍ତି; 2. ଅବକାଶ, ଅବସର; 3. ଖୋଲା ସ୍ୱଭାବ ।

**Disentail,** *v.t.* ଉତ୍ତରାଧିକାରର ସର୍ତ୍ତରୁ ମୁକ୍ତ-କ ।—*n.* ଭୂସମ୍ପତ୍ତିର ସର୍ତ୍ତରୁ ରହିତକରଣ ।

**Disentangle,** *v.t.* 1. ଅଜଡ଼ିତ-କ, ଖୋଲିବାର, ଠିକ୍-କ; 2. ଝଞ୍ଜଟରୁ ମୁକ୍ତ-କ, ବନ୍ଧନରୁ ମୁକ୍ତ-କ, ମୁକ୍ତ-କ ।

**Disentanglement,** *n.* 1. ଅଜଡ଼ିତକରଣ, ଖୋଲିବା; 2. ମୋଚନ, ମୁକ୍ତି ।

**Disenthrall, disinthrall,** *v.t.* ବନ୍ଦିତ୍ୱରୁ ମୁକ୍ତ-କ, ଦାସତ୍ୱରୁ ମୁକ୍ତ-କ, ମୁକ୍ତ-କ ।

**Disenthralment,** *n.* ମୁକ୍ତି, ମୋଚନ ।

**Disenthrone,** *v.t.* ସିଂହାସନଚ୍ୟୁତ-କ, ରାଜ୍ୟଚ୍ୟୁତ-କ, ରାଜପଦଚ୍ୟୁତ-କ ।

**Disentitle,** *v.t.* ଅଧିକାରଚ୍ୟୁତ-କ, ଦାବିରୁ ରହିତ-କ ।

**Disentomb,** *v.t.* କବରରୁ ବାହାର-କ ।

**Disentrance,** *v.t.* ମୂର୍ଚ୍ଛା ବା ଘୋର ନିଦ୍ରାରୁ ଜାଗ୍ରତ କରାଇବାର, ଧ୍ୟାନଯୋଗରୁ ଜାଗ୍ରତ-କ ।

**Disestablish,** *v.t.* 1. ରହିତ-କ, ରଦ୍-କ; 2. (ମଣ୍ଡଳୀକୁ) ରାଜସମ୍ପର୍କରୁ ମୁକ୍ତ-କ, (ମଣ୍ଡଳୀକୁ) ରାଜକର୍ତ୍ତୃତ୍ୱରୁ ମୁକ୍ତ-କ ।

**Disestablishment,** *n.* 1. ରହିତକରଣ, ରଦ୍ଦକରଣ; 2. (ମଣ୍ଡଳୀକୁ) ରାଜକର୍ତ୍ତୃତ୍ୱରୁ ମୁକ୍ତକରଣ, ରାଜକର୍ତ୍ତୃତ୍ୱରୁ ମଣ୍ଡଳୀର ମୁକ୍ତାବସ୍ଥା ।

**Disesteem,** *n.* ଅନାଦର, ଅଶ୍ରଦ୍ଧା ।—*v.t.* ଅନାଦର-କ, ଅଶ୍ରଦ୍ଧା-କ, ହେୟଜ୍ଞାନ-କ ।

**Disfavour, disfavor,** *n.* ଅପ୍ରସନ୍ନତା, ଅନନୁକୂଳତା, ଅପ୍ରୀତି, ଅନାଦର, ଅଶ୍ରଦ୍ଧା, ଅସନ୍ତୋଷ ।—*v.t.* ଅନାଦର-କ, ହତାଦର-କ, ନିଗ୍ରହ-କ ।

**Disfeature,** *v.t.* ବିରୂପ-କ, ବିକୃତ-କ ।

**Disfiguration,** *n.* 1. ବିରୂପକରଣ, ବିକୃତକରଣ; 2. ବିରୂପତା, ବିକୃତ ।

**Disfigure,** *v.t.* ବିରୂପ-କ, ବିକୃତ-କ, ବିକୃତାକାର-କ, ବିକଳାଙ୍ଗ-କ ।

**Disfigurement,** *n.* 1. ବିରୂପକରଣ; 2. ଯାହା ବିରୂପ କରେ, ବିରୂପତା ।

**Disforest,** *v.t.* 1. ବଣ କାଟିବାର; 2. see disafforest.

**Disfranchise,** *v.t.* ସାମାଜିକ କ୍ଷମତାରହିତ-କ, ପାର୍ଲିଆମେଣ୍ଟ ମହାସଭାରେ ପ୍ରତିନିଧି ମନୋନୀତ କରିବା କ୍ଷମତାରୁ ବଞ୍ଚିତ-କ ।

**Disfranchisement,** *n.* ସାମାଜିକ କ୍ଷମତାରୁ ରହିତକରଣ ।

**Disgorge,** *v.t.* 1. ଉଦ୍ଗାର-କ; 2. ପ୍ରତ୍ୟର୍ପଣ-କ

**Disgorgement,** *n.* ଉଦ୍ଗାର ।

**Disgrace**, *n.* 1. ପ୍ରସନ୍ନତାରୁ ବଞ୍ଚିତାବସ୍ଥା, ଅଖ୍ୟାତି, ଅପମାନ; 2. ଲଜ୍ଜାର କାରଣ, କଳଙ୍କ ।—*v.t.* ଅପମାନିତ-କ, ଅଖ୍ୟାତି-କ । [କର ।

**Disgraceful**, *a.* ଲଜ୍ଜାକର, ଅପମାନଜନକ, ଅଖ୍ୟାତି-

**Disgracefully**, *ad.* ଲଜ୍ଜାକରରୂପେ ।

**Disgracefulness**, *n.* ଲଜ୍ଜାଜନକତା, ଲଜ୍ଜାକରତା ।

**Disguise**, *v.t.* ଛଦ୍ମବେଶ ଧରିବାର, କପଟବେଶ ଧରିବାର, ଗୁପ୍ତ-କ, ପରିବର୍ତ୍ତନ-କ ।—*n.* 1. ଛଦ୍ମବେଶ, କପଟବେଶ; 2. ବେଶାନ୍ତର, ଗୋପନ ।

**Disguisedly**, *ad.* ଛଦ୍ମବେଶରେ ।

**Disgust**, *n.* ଅରୁଚି, ନ୍ୟକ୍କାର, ସିନ୍‌ସିନ୍, ବିରକ୍ତି, ଘୃଣା ।—*v.t.* ଅରୁଚି ଜନ୍ମାଇବାର, ବିତୃଷ୍ଣା-କ, ବିରକ୍ତ-କ, ଘୃଣା ଜନ୍ମାଇବାର, ସିନ୍‌ସିନ୍-କ ।

**Disgusting**, **disgustful**, *a.* ଅରୁଚିକର, ଘୃଣାଜନକ, ବିରକ୍ତିକାରକ । [ରୂପେ ।

**Disgustingly**, *ad.* ଅରୁଚିକରରୂପେ, ଘୃଣାଜନକ-

**Dish**, *n.* 1. ରେକାବି, ଥାଳି, ଖାଦ୍ୟ ରଖିବାର ବଡ ବାସନ; 2. ରେକାବିରେ ଥିବା ଖାଦ୍ୟ, ପରିବେଷିତ କୌଣସି ଖାଦ୍ୟ ।—*v.t.* ରେକାବିରେ ରଖିବାର ।

**Dishabille**, see Deshabille.

**Dish-cloth**, **dish-clout**, *n.* ବାସନ ଧୋଇବା ବା ପୋଛିବା ନ୍ୟାକଡ଼ା ।

**Dishearten**, *v.t.* ମନୋଭଗ୍ନ-କ, ସାହସଭଗ୍ନ-କ, ହତାଶ-କ ।

**Dishevel**, *v.t.* ଅଡୁଆଅଡୁଆ-କ, (ବାଳ) ମୁକୁଳା-କ, used generally in the passive participle, ଯଥା,—ମୁକ୍ତ (କେଶୀ) ।

**Dishonest**, *a.* 1. ଅସତ୍, ଅସରଳ, ପ୍ରବଞ୍ଚକ, ଶଠ; 2. ଅନ୍ୟାଯ୍ୟ, ପ୍ରବଞ୍ଚନାପୂର୍ଣ୍ଣ ।

**Dishonestly**, *ad.* ଅସତ୍‌ରୂପେ, ଅସରଳରୂପେ ।

**Dishonesty**, *n.* 1. ଶଠତା, ପ୍ରବଞ୍ଚନା, ଅସରଳତା, ଅସାଧୁତା; 2. ଅବିଶ୍ୱସ୍ତତା, ବିଶ୍ୱାସଘାତକତା ।

**Dishonour**, **dishonor**, *n.* 1. ସରଳତାର ଅଭାବ, ଅସରଳତା; 2. ଅପମାନ, ଅସମ୍ଭ୍ରମ, ଅନାଦର, ଅଖ୍ୟାତି; 3. ଅଖ୍ୟାତିକର ବିଷୟ, କଳଙ୍କ ।—*v.t.* 1. ଅପମାନ-କ, ଅସମ୍ଭ୍ରମ-କ, ଅନାଦର-କ, ଅମର୍ଯ୍ୟାଦା-କ, ଅଖ୍ୟାତି-କ; 2. ସତୀତ୍ୱ ନଷ୍ଟ-କ, ଭ୍ରଷ୍ଟ-କ; 3. (ହୁଣ୍ଡୀ) ଭଙ୍ଗାଇବାକୁ ନାସ୍ତି-କ ।

**Dishonourable**, **dishonorable**, *a.* 1. ଅପମାନଜନକ, ଅଖ୍ୟାତିକର, ଲଜ୍ଜାକର; 2. ଅସରଳ, ଅସତ୍ ।

**Dishonourableness**, *n.* ଅସରଳତା ।

**Dishonourably**, *ad.* ଅସରଳରୂପେ, ଅସତ୍‌ରୂପେ ।

**Dishorse**, *v.i.* ଘୋଡାରୁ ଓହ୍ଲାଇବାର;—*v.t* ଘୋଡାରୁ ପକାଇ ଦେବାର ।

**Disillusionize**, *v.t.* ମୋହରୁ ମୁକ୍ତ-କ । [ବିରକ୍ତି

**Disinclination**, *n.* ଅନିଚ୍ଛା, ଅଶ୍ରଦ୍ଧା, ଅରୁଚି, ଅମତ,

**Disincline**, *v.t.* ଅନିଚ୍ଛା ଜନ୍ମାଇବାର, ପ୍ରବୃତ୍ତି ନ ଜନ୍ମାଇବାର, ବିମୁଖ-କ ।

**Disincorporate**, *v.t.* 1. ସାମାଜିକ ସ୍ୱତ୍ୱରୁ ବଞ୍ଚିତ-କ; 2. ସମାଜରୁ ପୃଥକ୍-କ ।

**Disinfect**, *v.t.* ସଂକ୍ରାମକ ରୋଗର ବିଷରୁ ମୁକ୍ତ-କ, ସଂକ୍ରାମକ ରୋଗର ବିଷରୁ ପରିଷ୍କାର-କ, ସଂକ୍ରାମକ ରୋଗର ବୀଜ ନାଶ-କ ।

**Disinfectant**, *n.* ସଂକ୍ରାମକ ରୋଗର ବିଷନାଶକ ଦ୍ରବ୍ୟ ।

**Disinfection**, *n.* ସଂକ୍ରାମକ ରୋଗର ବିଷରୁ ମୁକ୍ତକରଣ ।

**Disingenuous**, *a.* ଅସରଳ, କୁଟିଳ, ଧୂର୍ତ୍ତ, ଶଠ, ଚତୁର ।

**Disingenuously**, *ad.* ଅସରଳଭାବେ, କୁଟିଳରୂପେ ।

**Disingenuousness**, *n.* ଅସରଳତା, କୁଟିଳତା ।

**Disinherit**, *v.t.* ପୈତୃକ ଅଧିକାରରୁ ରହିତ-କ, ପୈତୃକ ସ୍ୱତ୍ୱରୁ ବଞ୍ଚିତ-କ ।

**Disinheritance**, *n.* ପୈତୃକ ସ୍ୱତ୍ୱରୁ ବଞ୍ଚିତକରଣ ।

**Disintegrable**, *a.* ମୂଳାଂଶରେ ପୃଥକ୍‌କରଣୀୟ, ବିଶ୍ଳେଷଣୀୟ ।

**Disintegrate**, *v.t.* ମୂଳାଂଶସମୂହକୁ ପୃଥକ୍-କ, ବିଶ୍ଳେଷଣ-କ, ଚୂର୍ଣ୍ଣୀଭୂତ-କ ।—*v.i.* ଚୂର୍ଣ୍ଣୀଭୂତ-ହୋ ।

**Disintegration**, *n.* 1. ମୂଳାଂଶସମୂହର ପୃଥକ୍‌କରଣ, ବିଶ୍ଳେଷଣ; 2. ଜଳ ବାୟୁ ଦ୍ୱାରା ଶୈଳର କ୍ରମିକ କ୍ଷୟ ।

**Disinter**, *v.t.* 1. କବରରୁ ବାହାର-କ; 2. ପ୍ରକାଶ-କ ।

**Disinterested**, *a.* 1. ନିଃସ୍ୱାର୍ଥ, ନିଷ୍ପୃହ, ନିର୍ମମ; 2. ଅପକ୍ଷପାତୀ ।

**Disinterestedly**, *ad.* 1. ନିଃସ୍ୱାର୍ଥଭାବେ, ନିଷ୍ପୃହଭାବେ; 2. ଅପକ୍ଷପାତରୂପେ ।

**Disinterestedness**, *n.* 1. ନିଃସ୍ୱାର୍ଥତା, ନିଷ୍ପୃହତା; 2. ଅପକ୍ଷପାତତା; 3. ଉଦାସୀନତା ।

**Disinterment**, *n.* କବରରୁ ବାହାରକରଣ ।

**Disinthrall**, **disinthralment**, see disenthrall.

**Disjoin**, *v.t.* ବିଯୋଗ-କ, ପୃଥକ୍-କ, ବିଚ୍ଛେଦ-କ, ବିଭକ୍ତ-କ ।—*v.i.* ବିଯୁକ୍ତ-ହୋ, ପୃଥକ୍-ହୋ ।

**Disjoint**, *v.t.* 1. ସନ୍ଧିଚ୍ୟୁତ-କ, ଗଣ୍ଠି ଖସାଇ ଦେବାର; 2. ପୃଥକ୍-କ, ଅଲଗା-କ; 3. ସଂଲଗ୍ନରହିତ-କ, ବିଶୃଙ୍ଖଳ-କ ।

**Disjointed**, *p.a.* 1. ସନ୍ଧିଚ୍ୟୁତ; 2. ଅସଂଲଗ୍ନ, ଅସଙ୍ଗତ ।

**Disjointedness**, *n.* ଅସଂଲଗ୍ନତା, ଅସଙ୍ଗତତା ।

**Disjunct**, *a.* ପୃଥକ୍, ଅଲଗା ।

**Disjunction**, *n.* ପୃଥକ୍‌କରଣ, ଅସଂଯୋଗ, ପାର୍ଥକ୍ୟ ।

**Disjunctive**, *a.* ବିଯୋଜକ, ବିଭେଦକ ।—*n.* ବିଯୋଜକ ଅବ୍ୟୟ । [ରୂପେ ।

**Disjunctively**, *ad.* ବିଯୋଜକରୂପେ, ବିଭେଦକ-

**Disk**, see disc.

**Dislike**, *n.* ଅଶ୍ରଦ୍ଧା, ଅରୁଚି, ଘୃଣା, ବିରକ୍ତି, ବିମୁଖତା, ଅନିଚ୍ଛା ।—*v.t.* ଅଶ୍ରଦ୍ଧା-କ, ନାପସନ୍ଦ-କ, ଅରୁଚି-କ ।

**Dislocate**, *v.t.* 1. ସନ୍ଧିଚ୍ୟୁତ-କ, ହାଡସନ୍ଧିରୁ ଖସାଇବାର; 2. ସ୍ଥାନାନ୍ତର-କ ।

Dislocation, *n.* 1. ଅସ୍ଥିର ସନ୍ଧିଚ୍ୟୁତକରଣ; 2. ସ୍ଥାନାନ୍ତରକରଣ, ବିଶୃଙ୍ଖଳତା ।

Dislodge, *v.t.* (ବାସସ୍ଥାନରୁ ବାହାର କରି ଦେବାର), ସ୍ଥାନାନ୍ତର-କ, ବାହାର କରି ଦେବାର, ତଡ଼ି-ଦେ ।—*v.i.* ବାହାରି ଯିବାର, ସ୍ଥାନାନ୍ତରେ ଗମନ-କ ।

Dislodgement, *n.* ସ୍ଥାନାନ୍ତରକରଣ, ବାହାରକରଣ ।

Disloyal, *a.* ରାଜଭକ୍ତିହୀନ, ରାଜଦ୍ରୋହୀ, ବିଶ୍ୱାସଘାତକ, ଅବିଶ୍ୱସ୍ତ ।

Disloyally, *ad.* ରାଜଭକ୍ତିହୀନରୂପେ, ରାଜଦ୍ରୋହରୂପେ, ବିଶ୍ୱାସଘାତକଭାବେ, ଅବିଶ୍ୱସ୍ତଭାବେ ।

Disloyalty, *n.* ରାଜଭକ୍ତିହୀନତା, ରାଜଦ୍ରୋହ, ବିଶ୍ୱାସଘାତକତା, ଅବିଶ୍ୱସ୍ତତା ।

Dismal, *a.* ଅନ୍ଧାରୁଆ, ବିଷାଦଜନକ, ନିରାନନ୍ଦ, ବିଷଣ୍ଣ ।

Dismally, *ad.* ବିଷାଦଜନକରୂପେ, ନିରାନନ୍ଦରୂପେ, ବିଷଣ୍ଣରୂପେ ।

Dismalness, *n.* ବିଷାଦ, ନିରାନନ୍ଦତା ।

Dismantle, *v.t.* କାଢ଼ି ନେବାର, ଯଥା,—(ଜାହାଜର ଦୌଡ଼ା ଆଦି) କାଢ଼ି-ନେ, (ଗଡ଼ରୁ) ତୋପ ଆଦି କାଢ଼ି-ନେ ।

Dismast, *v.t.* ମାସ୍ତୁଲହୀନ-କ, ମାସ୍ତୁଲ ଭାଙ୍ଗି ନେଇ ଯିବାର ।

Dismay, *v.t.* ସାହସହୀନ-କ, ଉଦ୍‌ବେଗ-କ, ଉଦ୍‌ଭ୍ରାନ୍ତ-କ, ଭୀତ-କ, ଶଙ୍କିତ-କ, ହତାଶ-କ ।—*n.* ସାହସହୀନତା, ଉଦ୍‌ବେଗ, ଭୟବିହ୍ୱଳତା, ତ୍ରାସ, ଆଶଙ୍କା ।

Dismember, *v.t.* ଅଙ୍ଗପ୍ରତ୍ୟଙ୍ଗ ପୃଥକ୍-କ, ଅଙ୍ଗଚ୍ଛେଦନ-କ, ଅବୟବଚ୍ଛେଦନ-କ, ଖଣ୍ଡଖଣ୍ଡ-କ, (ରାଜ୍ୟ) ବିଭାଗ-କ ।

Dismemberment, *n.* ଅଙ୍ଗଚ୍ଛେଦନ, ବିଭାଗକରଣ ।

Dismiss, *v.t.* 1. ବିଦାୟ-କ, ବିଦାୟ-ଦେ; 2. ପଦଚ୍ୟୁତ-କ, ମାଲୁଲ୍-କ, ବରଖାସ୍ତ-କ; 3. ଛାଡ଼ି-ଦେ, ଦୂର-କ, ପ୍ରତ୍ୟାଖ୍ୟାନ-କ; 4. (ମକଦ୍ଦମା) ଡିସ୍‌ମିସ୍-କ ।

Dismissal, dismission, *n.* 1. ବିଦାୟ; 2. ପଦଚ୍ୟୁତି; 3. ଦୂରୀକରଣ ।

Dismissory, *a.* ବିଦାୟକାରୀ ।

Dismount, *v.i.* ଘୋଡ଼ାରୁ ଓହ୍ଲାଇବାର, ଅଶ୍ୱାଦିରୁ ଉତୁରିବାର, ଅବରୋହଣ-କ ।—*v.t.* 1. ଘୋଡ଼ା ଉପରୁ ପକାଇ ଦେବାର; 2. ଗାଡ଼ିରୁ ବା ନିର୍ଦ୍ଧାରିତ ସ୍ଥାନରୁ (ତୋପାଦି) ଉତାରିବାର ।

Disobedience, *n.* ଅବାଧ୍ୟତା, ଅମାନ୍ୟ, ଆଜ୍ଞାଲଙ୍ଘନ, ଆଜ୍ଞାହେଳନ, ଆଜ୍ଞାଭଙ୍ଗ ।

Disobedient, *a.* ଅବାଧ୍ୟ, ଅବଶ, ଅମାନିଆ, ଆଜ୍ଞାଲଙ୍ଘନକାରୀ ।

Disobediently, *ad.* ଅନାଜ୍ଞାବହରୂପେ, ଅମାନିଆରୂପେ, ଅବାଧ୍ୟରୂପେ ।

Disobey, *v.t.* ଅମାନ୍ୟ-କ ।—*v.i.* ଆଜ୍ଞା ନ ମାନିବାର, ଅବଶ-ହେ, ଅବାଧ୍ୟ-ହେ, ଆଜ୍ଞାଲଙ୍ଘନ-କ ।

Disoblige, *v.t.* 1. ଅନୁଗ୍ରହ ନ କରିବାର, ଉପକାର ନ କରିବାର; 2. ଅସନ୍ତୁଷ୍ଟ-କ, ଅପକାର-କ ।

Disobliging, *p.a.* ଅନନୁଗ୍ରାହକ, ଅନୁପକାରଶୀଳ, ଅନୁପକାରୀ, ଅଭୁକ୍ତିକର, ଅସୁଶୀଳ ।

Disobligingly, *ad.* ଅତୁଷ୍ଟିକରରୂପେ, ଅନନୁଗ୍ରାହକରୂପେ, ଅସୁଶୀଳଭାବେ ।

Disorder, *n.* 1. ବିଶୃଙ୍ଖଳତା, ଓଲଟପାଲଟ, ଗୋଳମାଳ; 2. ଶାନ୍ତିଭଙ୍ଗ, ଗଣ୍ଡଗୋଳ; 3. ପୀଡ଼ା, ରୋଗ ।—*v.t.* 1. ବିଶୃଙ୍ଖଳ-କ, ଗୋଳମାଳ-କ; 2. ପୀଡ଼ା ଜନ୍ମାଇବାର, କ୍ଷିପ୍ତ-କ ।

Disordered, *p.a.* 1. ଗୋଳମାଳିଆ; 2. କ୍ଷିପ୍ତ ।

Disorderliness, *n.* ବିଶୃଙ୍ଖଳତା, ଗୋଳମାଳ ।

Disorderly, *a.* 1. ବିଶୃଙ୍ଖଳ, ଗୋଳମାଳିଆ, ଅଗୁଛା; 2. ଗୋଳମାଳକାରୀ, ଗଣ୍ଡଗୋଳିଆ, ଅବାଧ୍ୟ, ଅବଶ; 3. ଅନିଷ୍ଟକର, ଅପକାରକ ।

Disorganization, *n.* ବ୍ୟତିକ୍ରମ, ଅଶୃଙ୍ଖଳା, ସଂସ୍ଥାନଭଙ୍ଗ ।

Disorganize, *v.t.* ବ୍ୟତିକ୍ରମ-କ, କ୍ରମଭଙ୍ଗ-କ, ବିଶୃଙ୍ଖଳ-କ ।

Disown, *v.t.* 1. ନିଜର ବୋଲି ଅସ୍ୱୀକାର-କ, ଅସ୍ୱୀକାର-କ, ନାସ୍ତି-କ; 2. ଅଗ୍ରାହ୍ୟ-କ, ଛାଡ଼ି-ଦେ, ପରିତ୍ୟାଗ-କ ।

Disownment, *n.* 1. ଅସ୍ୱୀକାର, ନାସ୍ତି; 2. ଅଗ୍ରାହ୍ୟକରଣ ।

Disparage, *v.t.* 1. ଅଯଥାର୍ଥ ତୁଳନା ଦ୍ୱାରା କ୍ଷତ-କ, ତୁଳନା ଦ୍ୱାରା ଗୁଣର ନିନ୍ଦା-କ; 2. ହତାଦର-କ, ତୁଚ୍ଛଜ୍ଞାନ-କ, ଲଘୁଜ୍ଞାନ-କ ।

Disparagement, *n.* ଅନୁପଯୁକ୍ତ ତୁଳନା ଦ୍ୱାରା କ୍ଷତକରଣ ବା କ୍ଷତ, ଗୁଣର ନିନ୍ଦା, ଅନାଦର, ତୁଚ୍ଛଜ୍ଞାନ, ହେୟଜ୍ଞାନ ।

Disparagingly, *ad.* ହତାଦରଭାବେ, ତୁଚ୍ଛଜ୍ଞାନରେ ।

Disparate, *a.* ଅସଦୃଶ, ଭିନ୍ନ, ଅସଙ୍ଗତ ।—*n. pl.* ଅତୁଳନୀୟ ଓ ଅସଦୃଶ ବିଷୟମାନ ।

Disparity, *n.* ଅସମାନତା, ଅସାଦୃଶ୍ୟ, ବୈଷମ୍ୟ, ପ୍ରଭେଦ, ଅସଙ୍ଗତତା ।

Dispart, *v.t.* ବିଭାଗ-କ, ପୃଥକ୍-କ ।—*v.i.* ଭିନ୍ନ ହେବାର ।

Dispassionate, *a.* ନିରପେକ୍ଷ, ଅପକ୍ଷପାତୀ, ଶାନ୍ତସ୍ୱଭାବ, ସ୍ଥିରମନାଃ, ଧୀର ।

Dispassionately, *ad.* ନିରପେକ୍ଷରୂପେ, ଅପକ୍ଷପାତରେ, ସ୍ଥିର ମନରେ ।

Dispatch, see despatch.

Dispel, *v.t.* ଦୂର-କ, ବିକ୍ଷିପ୍ତ-କ, ଖଣ୍ଡନ-କ, ଘୁଞ୍ଚାଇବାର ।—*v.i.* ଦୂରୀଭୂତ ହେ, ବିଲୁପ୍ତ-ହେ ।

Dispensable, *a.* 1. ପରିତ୍ୟାଜ୍ୟ, ବର୍ଜ୍ଜନୀୟ; 2. ବିତରଣଯୋଗ୍ୟ ।

Dispensary, *n.* ଦାତବ୍ୟ ଚିକିତ୍ସାଳୟ, ଔଷଧାଳୟ, ଦବାଇଖାନା ।

Dispensation, *n.* 1. ବିତରଣ, ବଣ୍ଟନ; 2. ବିଧାନ, ସମୟ, ଯୁଗ; 3. ଈଶ୍ୱରଙ୍କ ଦ୍ୱାରା ନିଯୋଗ, ଯଥା,—ସୁଖ ଦୁଃଖର ନିଯୋଗ; 4. ନିଷିଦ୍ଧ କାର୍ଯ୍ୟ କରିବା ପାଇଁ ଅନୁମତି, ମୁକ୍ତି, ଛାଡ଼ ।

**Dispensatory**, *a.* ମୁକ୍ତିଦାୟକ ।—*n.* ଔଷଧ ପ୍ରସ୍ତୁତ କରିବାର ପ୍ରଣାଳୀ ଗ୍ରନ୍ଥ ।

**Dispense**, *v.t.* 1. ବାଣ୍ଟିବାର, ବିତରଣ-କ, ବଣ୍ଟନ-କ; 2. କରିବାକୁ ବା ନ କରିବାକୁ ଅନୁମତି ଦେବାର, (ନିୟମରୁ) ମୁକ୍ତି-ଦେ ।—to dispense with, ଛାଡ଼ିଦେ, ଆବଶ୍ୟକ ନ କରିବାର ।

**Dispenser**, *n.* 1. ବଣ୍ଟନକାରୀ, ବିତରଣକାରୀ; 2. ଔଷଧର ଭାଗ ଅନୁସାରେ ଔଷଧ ପ୍ରସ୍ତୁତକାରୀ ଲୋକ ।

**Dispensing**, *p.a.* ଅନୁମତିଦାୟୀ ।

**Dispeople**, *v.t.* ଜନଶୂନ୍ୟ-କ, ନିର୍ଜନ-କ ।

**Dispersal**, *n.* ବିକ୍ଷେପଣ, ଦୂରୀକରଣ ।

**Disperse**, *v.t.* 1. ବିକ୍ଷିପ୍ତ-କ, ଛିନ୍ନଭିନ୍ନ-କ, ଛଡ଼ାଇଦେବାର; 2. ଅନ୍ତର୍ହିତ-କ, ଦୂର-କ; 3. ବିତରଣ-କ, ବ୍ୟାପ୍ତ-କ ।—*v.i.* 1. ବିକ୍ଷିପ୍ତ-ହେ, ଛିନ୍ନଭିନ୍ନ-ହେ; 2. ଅନ୍ତର୍ହିତ-ହେ ।

**Dispersedly**, *ad.* ବିକ୍ଷିପ୍ତରୂପେ, ପୃଥକ୍‌ରୂପେ ।

**Dispersion**, *n.* 1. ବିକ୍ଷେପଣ, ଇତସ୍ତତୋବିକ୍ଷେପ; 2. ଛିନ୍ନଭିନ୍ନାବସ୍ଥା; 3. ବ୍ୟାପ୍ତି; 4. ପ୍ରଦାହର ଦୂରୀକରଣ; 5. ଜ୍ୟୋତିଷ ଶାସ୍ତ୍ରରେ ଆଲୋକର ଭିନ୍ନ ରଙ୍ଗର ପୃଥକ୍‌କରଣ ।

**Dispersive**, *a.* କ୍ଷେପକାରୀ ।

**Dispirit**, *v.t.* ସାହସହୀନ-କ, ହତାଶ-କ, ବିଷଣ୍ଣ-କ, [ଭୀତ-କ ।

**Dispirited**, *a.* 1. ହତାଶ, ଉତ୍ସାହରହିତ, ସାହସହୀନ; 2. ବିଷଣ୍ଣ ।

**Dispiritedly**, *ad.* ହତାଶରୂପେ, ବିଷଣ୍ଣରୂପେ ।

**Dispiriting**, *a.* ଭୟଜନକ ।

**Displace**, *v.t.* 1. ସ୍ଥାନାନ୍ତର-କ, ବିଶୃଙ୍ଖଳ-କ; 2. ପଦଚ୍ୟୁତ-କ; 3. (ଅନ୍ୟର) ସ୍ଥାନ ଅଧିକାର-କ, ସ୍ଥାନ [ନେବାର ।

**Displaceable**, *a.* ସ୍ଥାନାନ୍ତରକରଣୀୟ ।

**Displacement**, *n.* 1. ସ୍ଥାନାନ୍ତରକରଣ, ସ୍ଥାନାନ୍ତର; 2. କୌଣସି ବସ୍ତୁ (ଯଥା:—ଜାହାଜ) ଦ୍ୱାରା ସ୍ଥାନାନ୍ତରିତ ଜଳର ପରିମାଣ । [ଉତ୍ପାଟନ-କ ।

**Displant**, *v.t.* ଲୋକୋତ୍ପାଟନ-କ, ବୃକ୍ଷ ଉତ୍ପାଟନ-କ,

**Display**, *v.t.* 1. ଦେଖାଇବାର, ପ୍ରକାଶ-କ, ବ୍ୟକ୍ତ-କ, ପ୍ରଦର୍ଶନ-କ; 2. ବିସ୍ତାର-କ, ପ୍ରସାର-କ ।—*v.i.* ଆଡ଼ମ୍ବର ଦେଖାଇବାର, ବାଗାଡ଼ମ୍ବର-କ ।—*n.* 1. ପ୍ରକାଶ, ବ୍ୟକ୍ତକରଣ, ପ୍ରଦର୍ଶନ; 2. ଆଡ଼ମ୍ବର, ଜାକ୍‌ଜମକ ।

**Displease**, *v.t.* and *i.* ଅସନ୍ତୁଷ୍ଟ-କ, ରୁଷ୍ଟ-କ, ବିରକ୍ତ-କ, କ୍ରୋଧିତ-କ, ବିରକ୍ତି ଜନ୍ମାଇବାର ।

**Displeased**, *p.a.* ଅସନ୍ତୁଷ୍ଟ, ବିରକ୍ତ, ରୁଷ୍ଟ ।

**Displeasedly**, *ad.* ଅସନ୍ତୁଷ୍ଟରୂପେ । [ଅସନ୍ତୁଷ୍ଟିକର ।

**Displeasing**, *p.a.* ଅସନ୍ତୋଷଜନକ, ବିରକ୍ତିଜନକ,

**Displeasure**, *n.* 1. ଅସନ୍ତୋଷ, ବିରକ୍ତି, କ୍ରୋଧ; 2. ଅସନ୍ତୋଷର କାରଣ ।

**Disport**, *n.* କ୍ରୀଡ଼ା, ଖେଳା, କୌତୁକ, ତାମସା ।—*v.i.* କ୍ରୀଡ଼ା-କ, ଖେଳା-କ, କୌତୁକ-କ, ତାମସା-କ;—*v.t.* ଆମୋଦ-କ, (used reflexively).

**Disposable**, *a.* ପ୍ରଦେୟ, ବ୍ୟବହାର୍ଯ୍ୟ ।

**Disposal**, *n.* 1. ବିନ୍ୟାସ; 2. ବ୍ୟୟ, (ସମ୍ପତ୍ତିର) ବନ୍ଦୋବସ୍ତ, ଦାନ, (ମହଲାର) ସ୍ଥାନାନ୍ତର; 3. ଅଧିକାର, ଅଧୀନତା ।

**Dispose**, *v.t.* 1. ବିନ୍ୟସ୍ତ-କ, ସଜାଇବାର; 2. ପ୍ରବୃତ୍ତିତ-କ, ମଣାଇବାର; 3. ଠିକ୍-କ, ସୁଧାରିବାର ।—*v.i.* ନିଷ୍ପତ୍ତି-କ ।—to dispose of, 1. ବିକ୍ରୟ-କ, ଦାନ-କ, ହସ୍ତାନ୍ତର-କ; 2. ବ୍ୟବହାର-କ; 3. ଦୂର-କ ।

**Disposed**, *p.a.* ପ୍ରବୃତ୍ତ, ଇଚ୍ଛୁକ, ମନୋନିବିଷ୍ଟ ।

**Disposition**, *n.* 1. ସଜ୍ଜୀକରଣ, ବିନ୍ୟାସ; 2. ସ୍ୱଭାବ, ପ୍ରବୃତ୍ତି, ସ୍ୱାଭାବିକ ଗୁଣ, ଝୋକ ।

**Dispossess**, *v.t.* ଅଧିକାରଚ୍ୟୁତ-କ, ସ୍ୱତ୍ୱବର୍ଜିତ-କ, ବେଦଖଲ-କ, with *of* before the thing taken away.

**Dispossession**, *n.* ଅଧିକାରଚ୍ୟୁତକରଣ, ଅନଧିକାରକରଣ, ବେଦଖଲ ।

**Dispraise**, *n.* ଅପ୍ରଶଂସା, ନିନ୍ଦା ।—*v.t.* ଅପ୍ରଶଂସା-କ, ନିନ୍ଦା-କ ।

**Disproof**, *n.* ପ୍ରମାଣ ଖଣ୍ଡନ, ଖଣ୍ଡନ, ଅପ୍ରମାଣ, ଅସାବ୍ୟସ୍ତକରଣ, ଭୁଲ ବା ମିଥ୍ୟା ବୋଲି ପ୍ରମାଣକରଣ ।

**Disproportion**, *n.* ଅସମାନତା, ଅମେଳ, ଅସାମଞ୍ଜସ୍ୟ, ସମାନୁପାତର ଅଭାବ ।—*v.t.* ସମାନୁପାତରହିତ-କ ।

**Disproportional, disproportionate, disproportionable**, *a.* ସମାନୁପାତରହିତ, ବିଷମ, ଅନୁପଯୁକ୍ତ ।

**Disproportionally, disproportionately**, *ad.* ସମାନୁପାତରହିତରୂପେ, ଅନୁପଯୁକ୍ତରୂପେ ।

**Disproval**, *n.* ପ୍ରମାଣ ଖଣ୍ଡନ ।

**Disprove**, *v.t.* 1. ଭୁଲ ବା ମିଥ୍ୟା ବୋଲି ପ୍ରମାଣ-କ, ପ୍ରମାଣ ଖଣ୍ଡନ-କ, ଖଣ୍ଡନ-କ, ଅସାବ୍ୟସ୍ତ-କ; 2. ଅସିଦ୍ଧ ବୋଲି ଦେଖାଇବାର, ବେଆଇନ୍ ବୋଲି ପ୍ରମାଣିତ-କ ।

**Disputable**, *a.* ବିବାଦ୍ୟ, ବିତର୍କ୍ୟ, ବିତଣ୍ଡନୀୟ, ଅମୀମାଂସିତ ।

**Disputant**, *n.* ବାଦାନୁବାଦକ, ବିତଣ୍ଡକ, ତାର୍କିକ ।

**Disputation**, *n.* ବାଦାନୁବାଦ, ବାଗ୍‌ଯୁଦ୍ଧ, ତର୍କ, ବିତଣ୍ଡା ।

**Disputatious, disputative**, *a.* 1. ବାଦାନୁବାଦପ୍ରିୟ, ତର୍କପ୍ରିୟ, ବିତଣ୍ଡାକାରୀ; 2. ବାଦାନୁବାଦସମ୍ବନ୍ଧୀୟ, ବିତର୍କଣୀୟ ।

**Dispute**, *v.i.* 1. ବାଦାନୁବାଦ-କ, ବିତଣ୍ଡା-କ, ବିତର୍କ-କ; 2. ବିବାଦ-କ, କଳହ-କ; 3. ପ୍ରତିଯୋଗିତା-କ ।—*v.t.* 1. ଅସ୍ୱୀକାର-କ; 2. ପ୍ରତିବାଦ-କ, ତର୍କ ଦ୍ୱାରା ପ୍ରତିବାଧା-କ; 3. ପାଇବା ବା ରଖିବା ନିମନ୍ତେ ଯତ୍ନ-କ ।—*n.* 1. ବାଦାନୁବାଦ, ବିତଣ୍ଡା, ବାଗ୍‌ଯୁଦ୍ଧ, ବିତର୍କ; 2. କଳି, ବିବାଦ, ଝଗଡ଼ା ।

**Disqualification**, *n.* 1. ଅଯୋଗ୍ୟକରଣ, ଅନୁପଯୁକ୍ତକରଣ; 2. ଅଯୋଗ୍ୟତା, ଅସାମର୍ଥ୍ୟ; 3. ଅଯୋଗ୍ୟତାର ହେତୁ ।

**Disqualify**, *v.t.* ଅଯୋଗ୍ୟ-କ, ଅପାରଗ-କ, ଅକ୍ଷମ-କ, ଅନୁପଯୁକ୍ତ-କ ।

Disquiet, *n.* ଅସ୍ଥିରତା, ଅଶାନ୍ତି, ଉଦ୍‌ବେଗ ।—*v.t.* ଅସ୍ଥିର୍-କ, ଅଶାନ୍ତ-କ, ଉଦ୍‌ବିଗ୍ନ-କ ।

Disquieting, *p.a.* ଅସ୍ଥିରକାରୀ, ଉଦ୍‌ବେଗଜନକ ।

Disquietude, *n.* ଅଶାନ୍ତି, ଅସ୍ଥିରତା, ଉଦ୍‌ବେଗ ।

Disquisition, *n.* ପ୍ରବନ୍ଧ, ରଚନା ।

Disquisitional, disquisitory, *a.* ପ୍ରବନ୍ଧସମ୍ବନ୍ଧୀୟ, ରଚନାସମ୍ବନ୍ଧୀୟ ।

Disregard, *n.* 1. ଅବହେଳା, ଅମନୋଯୋଗ ; 2. ଅବଜ୍ଞା, ଅନାଦର, ତାଚ୍ଛଲ୍ୟ ।—*v.t.* ଅବହେଳା-କ, ଅମନୋଯୋଗ-କ, ଅଗ୍ରାହ୍ୟ-କ, ଉପେକ୍ଷା-କ ।

Disregardful, *a.* ଅମନୋଯୋଗୀ, ଅବହେଳାକାରୀ, ଉପେକ୍ଷାପୂର୍ଣ୍ଣ ।

Disrelish, *n.* 1. ଅରୁଚି, ବିସ୍ୱାଦ ; 2. ବିରାଗ, ବିମୁଖତା, ବିରକ୍ତି ।—*v.t.* ଅରୁଚି-କ, ବିରସବୋଧ-କ, ଅପ୍ରିୟ-କ, ଘୃଣା-କ ।

Disrepair, *n.* ଜୀର୍ଣ୍ଣାବସ୍ଥା ।

Disreputable, *a.* ଅଖ୍ୟାତିକର, ଅପ୍ରଶଂସନୀୟ, ନିନ୍ଦନୀୟ, ଅପମାନଜନକ ।

Disreputably, *ad.* ଅପମାନଜନକରୂପେ, ଅଖ୍ୟାତିକରରୂପେ ।

Disrepute, *n.* ଅଖ୍ୟାତି, ଅପଯଶ, ଅପମାନ ।

Disrespect, *n.* ଅନାଦର, ଅସମ୍ଭ୍ରମ, ଅଶିଷ୍ଟତା, ଅସଭ୍ୟତା ।—*v.t.* ଅନାଦର-କ, ଅମର୍ଯ୍ୟାଦା-କ ।

Disrespectable, *a.* ଅନାଦରଣୀୟ, ଅପ୍ରଶଂସନୀୟ ।

Disrespectful, *a.* ଅନାଦରକାରୀ, ଅଶିଷ୍ଟ, ଅଭଦ୍ର, ଅସଭ୍ୟ ।

Disrespectfully, *ad.* ଅନାଦରପୂର୍ବକ, ଅଶିଷ୍ଟରୂପେ, ଅଭଦ୍ରରୂପେ, ଅସଭ୍ୟରୂପେ ।

Disrobe, *v.t.* 1. ବିବସ୍ତ୍ର-କ ; 2. ଅନାବୃତ-କ ।

Disroot, *v.t.* ମୂଳୋତ୍ପାଟନ-କ, ଉପାଡ଼ି ପକାଇବାର ।

Disrupt, *v.t.* ଫଟାଇବାର, ବିଭେଦ-କ ।

Disruption, *n.* ବିଦାରଣ, ଫାଟ, ଭେଦ ।

Disruptive, *a.* ବିଦାରଣକାରୀ, ସ୍ଫୋଟନଶୀଳ, ବିଦାରଣଜାତ ।

Dissatisfaction, *n.* ଅସନ୍ତୋଷ, ଅତୃପ୍ତି, ବିତୁଷ୍ଟି, ଅତୃପ୍ତ ହେବାରୁ ମନସ୍ତାପ ।

Dissatisfactory, *a.* ଅସନ୍ତୋଷଜନକ, ଅତୃପ୍ତିକର, ଅତୁଷ୍ଟିକର, ଅତୁଷ୍ଟିଜନକ ।

Dissatisfied, *p.a.* ଅସନ୍ତୁଷ୍ଟ, ଅତୃପ୍ତ, ଅତୁଷ୍ଟ ।

Dissatisfy, *v.t.* ଅସନ୍ତୁଷ୍ଟ-କ, ଅତୃପ୍ତ-କ, ଅତୁଷ୍ଟ-କ ।

Dissect, *v.t.* 1. ବ୍ୟବଚ୍ଛେଦ-କ, ପରୀକ୍ଷା ନିମନ୍ତେ ଖଣ୍ଡ-କ ; 2. ସୂକ୍ଷ୍ମରୂପେ ବିଶ୍ଳେଷଣ-କ, ସୂକ୍ଷ୍ମରୂପେ ବର୍ଣ୍ଣନା-କ ।

Dissectible, *a.* ବ୍ୟବଚ୍ଛେଦକରଣୀୟ ।

Dissecting, *p.a.* ବ୍ୟବଚ୍ଛେଦରେ ବ୍ୟବହୃତ, ବ୍ୟବଚ୍ଛେଦକାରୀ ।

Dissection, *n.* ବ୍ୟବଚ୍ଛେଦକରଣ, ବ୍ୟବଚ୍ଛେଦ, ସୂକ୍ଷ୍ମ ବିଶ୍ଳେଷଣ ।

Dissector, *n.* ବ୍ୟବଚ୍ଛେଦକ, ଶବଚ୍ଛେଦ ବିଦ୍ୟାବିତ୍ ।

Disseize, *v.t.* ଭୂସମ୍ପତ୍ତିରୁ ଅନ୍ୟାୟରେ ବେଦଖଲ-କ ।

Dissemble, *v.t.* 1. କପଟ ବେଶରେ ଲୁଚାଇବାର, ଛପାଇବାର ; 2. କପଟ-କ ।—*v.i.* କପଟବେଶ ଧରିବାର, ଛଦ୍ମବେଶ ଧରିବାର, କପଟତା-କ, କୌଣସି ଛଳରେ ପ୍ରକୃତ ଅଭିପ୍ରାୟ ଗୋପନ-କ ।

Dissembler, *n.* କପଟବେଶଧାରୀ, କପଟୀ ।

Disseminate, *v.t.* 1. ବୁଣିବାର, ବପନ-କ ; 2. ବ୍ୟାପ୍ତ-କ, ବିସ୍ତୃତ-କ ।

Dissemination, *n.* ବ୍ୟାପ୍ତକରଣ, ବ୍ୟାପ୍ତି, ପ୍ରସରଣ ।

Dissension, *n.* ଘୋର ମତଭେଦ, ଭେଦ, ବିରୋଧ, ବିବାଦ, କଳହ ।

Dissent, *v.i.* 1. ଭିନ୍ନମତ-ହେ, ଅସମ୍ମତ-ହେ ; 2. ରାଜକୀୟ ମଣ୍ଡଳୀରୁ ପୃଥକ୍-ହେ ।—*n.* 1. ଭିନ୍ନମତ ଧାରଣ, ଭିନ୍ନମତ, ଅସମ୍ମତି, ଭିନ୍ନମତର ପ୍ରକାଶନ ; 2. ରାଜକୀୟ ମଣ୍ଡଳୀରୁ ପାର୍ଥକ୍ୟ ।

Dissenter, *n.* 1. ଭିନ୍ନମତାବଲମ୍ବୀ ; 2. ରାଜକୀୟ ମଣ୍ଡଳୀରୁ ଭିନ୍ନମତାବଲମ୍ବୀ ।

Dissentient, *a.* ଅସମ୍ମତକାରୀ, ଅସମ୍ମତ ।—*n.* ଅସ-[ମ୍ମତ ଲୋକ ।

Dissenting, *p.a.* 1. ଅସମ୍ମତକାରୀ ; 2. ରାଜକୀୟ ମଣ୍ଡଳୀରୁ ଭିନ୍ନମତାବଲମ୍ବୀ ଲୋକର ସମ୍ପ୍ରଦାୟ ସମ୍ବନ୍ଧୀୟ ।

Dissertation, *n.* ପ୍ରବନ୍ଧ, ଉପାଖ୍ୟାନ ।

Dissertational, *a.* ପ୍ରବନ୍ଧସମ୍ବନ୍ଧୀୟ, ରଚନାସମ୍ବନ୍ଧୀୟ ।

Disserve, *v.t.* ଅପକାର-କ, ହାନି-କ, ଅନିଷ୍ଟ-କ ।

Disservice, *n.* ଅପକାର, ହାନି, ଅନିଷ୍ଟ, କ୍ଷତି ।

Dissever, *v.t.* ବିଯୋଗ-କ, ପୃଥକ୍-କ, ଅଲଗା-କ ।

Disseverance, *n.* ବିଯୋଗକରଣ, ପାର୍ଥକ୍ୟ ।

Dissidence, *n.* ମତଭେଦ, ରାଜକୀୟ ମଣ୍ଡଳୀରୁ ଭିନ୍ନମତ ବା ପାର୍ଥକ୍ୟ ।

Dissident, *a.* ଭିନ୍ନମତଧାରୀ, ରାଜକୀୟ ମଣ୍ଡଳୀର ମତ ବିରୋଧୀ ।—*n.* ଭିନ୍ନମତଧାରୀ ଲୋକ ।

Dissilience, *n.* ସ୍ଫୋଟନ ।

Dissilient, *a.* ସ୍ଫୋଟନଶୀଳ ।

Dissimilar, *a.* ଅସମାନ, ଅସଦୃଶ, ଅତୁଲ୍ୟ ।

Dissimilarity, *n.* ଅସମାନ ଅବସ୍ଥା, ଅସମାନତା, ପ୍ରଭେଦ, ଅସାମ୍ୟ, ଅତୁଲ୍ୟତା, ଅସାଦୃଶ୍ୟ, ବୈଲକ୍ଷଣ୍ୟ ।

Dissimilarly, *ad.* ଅସମାନରୂପେ, ଭିନ୍ନରୂପେ ।

Dissimilation, *n.* 1. ବିଷମକରଣ ; 2. ଶବ୍ଦର ବିଷମକରଣ ।

Dissimilitude, *n.* ଅସାଦୃଶ୍ୟ, ଭିନ୍ନତା ।

Dissimulate, *v.i.* କପଟବେଶ ଧରିବାର, ଛଦ୍ମବେଶ ଧରିବାର, କପଟତା-କ ।

Dissimulation, *n.* ଛଳନା, କପଟବେଶଧାରଣ, କପଟତା, ପ୍ରତାରଣା ।

Dissipate, *v.t.* 1. ଛିନ୍ନଭିନ୍ନ-କ, ଦୂର-କ ; 2. ଉଡ଼ାଇଦେ, ଅପଚୟ-କ, ଅପବ୍ୟୟ-କ ।—*v.i.* 1. ଲୋପ-ପା, ଅନ୍ତର୍ଧାନ-ହେ ; 2. ଅପଚୟ-ହେ ।

Dissipated, *p.a.* ଅପବ୍ୟୟୀ, ଭ୍ରଷ୍ଟାଚାରୀ, ଦୁରାସକ୍ତ, ଲମ୍ପଟ ।

Dissipation, *n.* 1. ଛିନ୍ନଭିନ୍ନକରଣ, ବିଚ୍ଛିନ୍ନତା ; 2. ଅପବ୍ୟୟ, ଉଡ଼ାଇବା, ଲମ୍ପଟ୍ୟ ; 3. ମନର ଅସ୍ଥିରତାର ବିଷୟ, ମନୋଯୋଗରେ ଉତ୍ପାତର ବିଷୟ ।

Dissociate, *v.t.* ବିଯୁକ୍ତ-କ, ବିଚ୍ଛିନ୍ନ-କ ପୃଥକ୍-କ ।

Dissociation, *n.* 1. ବିସଂଯୁକ୍ତକରଣ, ବିଚ୍ଛିନ୍ନକରଣ ; 2. [ପାର୍ଥକ୍ୟ ।

Dissolubility, *n.* ଦ୍ରବଣୀୟତା ।

Dissoluble, *a.* 1. ଦ୍ରବଣୀୟ ; 2. ବିଚ୍ଛେଦନୀୟ ।

Dissolute, *a.* ଉଚ୍ଛୃଙ୍ଖଳ, ଲମ୍ପଟ, ସ୍ୱେଚ୍ଛାଚାରୀ, କାମାସକ୍ତ, ଇନ୍ଦ୍ରିୟପରାୟଣ ।

Dissolutely, *ad.* ଉଚ୍ଛୃଙ୍ଖଳରୂପେ, ସ୍ୱେଚ୍ଛାରୂପେ, ଲମ୍ପଟ୍ୟଭାବରେ । [ଲମ୍ପଟତା ।

Dissoluteness, *n.* ଉଚ୍ଛୃଙ୍ଖଳତା, ସ୍ୱେଚ୍ଛାଚାର, କାମାସକ୍ତି,

Dissolution, *n.* 1. ଦ୍ରବୀକରଣ, ଦ୍ରାବଣ, ଗଳନ ; 2. ବିଶ୍ଳେଷଣ ; 3. ବିଯୋଗ, ମୃତ୍ୟୁ, କ୍ଷୟ, ଧ୍ୱଂସ ; 4. ଭଙ୍ଗ, ଯଥା,—ସଭାଭଙ୍ଗ ।

Dissolvable, *a.* ଦ୍ରବଣୀୟ, ଗଳନୀୟ ।

Dissolve, *v.t.* 1. ଦ୍ରବ-କ, (ଜଳାଦିରେ) ମିଶାଇବାର ; 2. ତରଳାଇବାର ; 3. ଭଙ୍ଗ-କ ; 4. (in law.) ଲୋପ-କ, ରହିତ-କ, ରଦ୍-କ ; 5. ଧ୍ୱଂସ-କ, କ୍ଷୟ-କ ; 6. ଛିନ୍ନ-କ ; 7. ନିସ୍ତେଜ-କ, ଦୁର୍ବଳ-କ ।—*v.i.* 1. ଦ୍ରବ-ହେ, (ଜଳାଦିରେ) ମିଶି ଯିବାର ; 2. ତରଳି ଯିବାର ; 3. କ୍ଷୟ-ହେ, ଧ୍ୱଂସ-ହେ ; 4. ଭାଙ୍ଗି ଯିବାର, ଭଙ୍ଗ-ହେ ; 5. କ୍ରମଶଃ ଲୋପ-ହେ ; 6. ନିସ୍ତେଜ-ହେ, ଦୁର୍ବଳ-ହେ ।—dissolving view, ଦୃଷ୍ଟି ଯନ୍ତ୍ରରେ କ୍ରମଶଃ ଲୋପ ହେବା ଚିତ୍ର ।

Dissolvent, *a.* ଦ୍ରବକାରୀ, ଦ୍ରାବକ ।—*n.* ଦ୍ରାବକ ବସ୍ତୁ ।

Dissonance, *n.* 1. ସ୍ୱରର ଅମେଳ, ବିସ୍ୱର ; 2. ଅମେଳ, ଅସଙ୍ଗତତା । [ପରସ୍ପରବିରୁଦ୍ଧ ।

Dissonant, *a.* 1. ବିସ୍ୱରଯୁକ୍ତ, କର୍କଶ ; 2. ଅସଙ୍ଗତ,

Dissuade, *v.t.* 1. ମଣାଇ ଫେରାଇବାର, ପରାମର୍ଶ ଦ୍ୱାରା ପ୍ରତିନିବୃତ୍ତ-କ, ବିମୁଖ କରାଇବାର, ମନ୍ତ୍ରଣା ଦ୍ୱାରା ଅଭିପ୍ରାୟ ପରିବର୍ତ୍ତନ-କ ; 2. ବିପରୀତ ପରାମର୍ଶ ଦେବାର ।

Dissuasion, *n.* 1. ପ୍ରତିନିବୃତ୍ତକରଣ, କ୍ଷାନ୍ତକରଣ, ବିପରୀତ ପରାମର୍ଶ, ନିବାରଣୋପଦେଶ ; 2. ନିବର୍ତ୍ତକ କାରଣ ।

Dissuasive, *a.* ନିବର୍ତ୍ତକ, ବିପରୀତ ମନ୍ତ୍ରଣାକାରୀ ।—*n.* ନିବର୍ତ୍ତକ କାରଣ ।

Dissuasively, *ad.* ନିବର୍ତ୍ତକରୂପେ ।

Dissyllabic, *a.* ଦ୍ୱିସ୍ୱର ଶବ୍ଦବିଶିଷ୍ଟ ।

Dissyllable, *n.* ଦ୍ୱିସ୍ୱର ଶବ୍ଦ, ଦ୍ୱିସ୍ୱର ଶବ୍ଦବିଶିଷ୍ଟ ପଦ ।

Dissymetry, *n.* (ଅଙ୍ଗପ୍ରତ୍ୟଙ୍ଗର) ଅମେଳ, ଅନନୁରୂପତା ।

Distaff, *n.* ଅରଟର ଟାକୁଆ, ଚରଖା ।

Distain, *v.t.* କଳଙ୍କିତ-କ, ଦାଗ-କ, ମଳିନ-କ, (chiefly poetical).

Distance, *n.* 1. ଦୂରତ୍ୱ ; 2. ଅନ୍ତର, ବ୍ୟବଧାନ, ଫାଙ୍କ ; 3. କାଳାନ୍ତର ; 4. ଅହଙ୍କାରରୁ ଜାତ ସଙ୍କୋଚ, ଅନାଳାପ ; 5. ମର୍ଯ୍ୟାଦାରୁ ଜାତ ସଙ୍କୋଚ, ସମ୍ମାନ ।—*v.t.* ପଛରେ ପକାଇବାର, ଅତିକ୍ରମ-କ ।

Distant, *a.* 1. ଦୂରସ୍ଥ, ଦୂରବର୍ତ୍ତୀ, ଦୂର ; 2. ଅନାଳାପୀ, ସଙ୍କୋଚୀ, ଲାଜକୁଳା ; 3. ଅସ୍ପଷ୍ଟ ।

Distantly, *ad.* 1. ଦୂରରେ, ଦୂରବର୍ତ୍ତୀରୂପେ ; 2. ଅନାଳାପୀରୂପେ, ସଙ୍କୁଚିତରୂପେ ।

Distaste, *n.* ଅରୁଚି, ବିତୃଷ୍ଣା, ବିରାଗ, ବିରକ୍ତି, ଅସନ୍ତୋଷ, ଅନିଚ୍ଛା ।

Distasteful, *a.* 1. ଅରୁଚିଜନକ, ଅସ୍ୱାଦକ, ବିରକ୍ତିକର ; 2. ବିରକ୍ତିସୂଚକ ।

Distastefully, *ad.* ଅସ୍ୱାଦକରୂପେ, ବିରକ୍ତିକରରୂପେ ।

Distastefulness, *n.* ଅସ୍ୱାଦକତା, ବିରକ୍ତିଜନକତା ।

Distemper, *n.* 1. ରୋଗ, ପୀଡ଼ା, ବିଶେଷରେ କୁକୁରର ପୀଡ଼ା ; 2. ଦୁଷ୍ଟଭାବ, ସ୍ୱଭାବବିକୃତତା ।—*v.t.* 1. ରୋଗ ବା ପୀଡ଼ା ଜନ୍ମାଇବାର ; 2. କୁପିତ-କ, ଚିଡ଼ାଇବାର ।

Distemper, *n.* 1. ଜଳପ ମିଶ୍ରିତ ରଙ୍ଗ ବିଶେଷ ; 2. ଜଳପ ମିଶ୍ରିତ ରଙ୍ଗର ଚିତ୍ର ।

Distemperature, *n.* 1. ଚିତ୍ତୋଦ୍ବେଗ, ଚିତ୍ତର ଉଦ୍ଧତତା ; 2. ଅସ୍ୱାସ୍ଥ୍ୟ, ଅସୁସ୍ଥତା ; 3. ଗୋଲମାଲ ।

Distempered, *p.a.* 1. ପୀଡ଼ିତ, ଅସୁସ୍ଥ ; 2. ବିରକ୍ତ, ରାଗୀ ; 3. ପକ୍ଷପାତୀ । [ଫୁଲାଇବାର ।

Distend, *v.t.* ସ୍ଫୀତ-କ, ଫୁଲାଇବାର ।—*v.i.* ସ୍ଫୀତ-ହେ,

Distensibility, *n.* ପ୍ରସାରଣୀୟତା, ସ୍ଫୀତଶୀଳତା ।

Distensible, *a.* ସ୍ଫୀତ ହେବା ଯୋଗ୍ୟ, ସ୍ଫୀତଶୀଳ, ପ୍ରସାରଣୀୟ ।

Distensive, *a.* 1. ପ୍ରସାରଣଶୀଳ, ପ୍ରସାରଣୀୟ ; 2. ସ୍ଫୀତକାରକ, ପ୍ରସାରକ ।

Distention, *n.* ସ୍ଫୀତକରଣ, ସ୍ଫୀତାବସ୍ଥା, ସ୍ଫୀତ, ବିସ୍ତୃତ ।

Distich, *n. dis'tik*, ଦ୍ୱିଚରଣ ଶ୍ଳୋକ, ଦୁହା ।

Distil, *v.i.* 1. କ୍ଷରିବାର, ଟୋପା ଟୋପା ପଡ଼ିବାର, ଝରିବାର ; 2. ଚୂଆଇବାର, ସ୍ୱେଦାଇବାର ।—*v.t.* 1. ଟୋପା ଟୋପା ପକାଇବାର, ବାହାର-କ ; 2. ଚୂଆଇବାର, ସ୍ୟନ୍ଦନ-କ ।

Distillable, *a.* ସ୍ୱେଦାଇବା ଯୋଗ୍ୟ ।

Distillate, *n.* ଚୂଆଇବା ଦ୍ରବ୍ୟ ।

Distillation, *n.* 1. ଚୂଆଇବା, ସ୍ୟନ୍ଦନକ୍ରିୟା, ମଦ୍ୟଚୂଆଇବା ; 2. ଚୂଆ ହୋଇଥିବା ଦ୍ରବ୍ୟ ; 3. କ୍ଷରଣ, ଟୋପା ଟୋପା ପତନ ।

Distillatory, *a.* ଚୂଆଇବାରେ ବ୍ୟବହୃତ ।—*n.* ଚୂଆଣର ପାତ୍ର, ମଦ୍ୟଭାଟି ।

Distillery, *n.* ମଦ୍ୟଭାଟି ।

Distinct, *a.* 1. କୌଣସି ଚିହ୍ନ ବା ଗୁଣ ଦ୍ୱାରା ପୃଥକ୍, ପୃଥକ୍, ଭିନ୍ନ, ସ୍ୱତନ୍ତ୍ର ; 2. ସ୍ପଷ୍ଟ ; 3. ଅଲଗା ।

Distinction, *n.* 1. ପ୍ରଭେଦ, ବିଭିନ୍ନତା ; 2. ପ୍ରଭେଦକାରୀ ବିଷୟ ; 3. ମର୍ଯ୍ୟାଦା, ସମ୍ଭ୍ରମ, ସମ୍ମାନ ; 4. ପ୍ରାଧାନ୍ୟ ।—without distinction, ପ୍ରଭେଦ ନ ମାନି ।

Distinctive, *a.* ପ୍ରଭେଦକାରୀ, ପ୍ରଭେଦସୂଚକ, ପାର୍ଥକ୍ୟ ପ୍ରକାଶକ, ବିଶେଷକ । [ରୂପେ ।

Distinctively, *ad.* 1. ପ୍ରଭେଦକାରୀରୂପେ ; 2. ସ୍ପଷ୍ଟ-

Distinctly, *ad.* 1. ସ୍ପଷ୍ଟରୂପେ ; 2. ନିଃସନ୍ଦେହରୂପେ, ନିଶ୍ଚିତରୂପେ ।

**Distinctness**, *n.* 1. ସ୍ପଷ୍ଟତା; 2. ଭିନ୍ନତା ।

**Distinguish**, *v.t.* 1. ପ୍ରଭେଦ-କ; 2. ଚିହ୍ନିତ-କ; 3. ଚିହ୍ନିବାର; 4. ପ୍ରସିଦ୍ଧ-କ, ବିଖ୍ୟାତ-କ ।—*v.i.* ଭେଦାଭେଦ ଦେଖାଇବାର ବା ଜାଣିବାର ।

**Distinguishable**, *a.* 1. ବିଭେଦନୀୟ; 2. ପ୍ରେକ୍ଷଣୀୟ; 3. ସ୍ମରଣୀୟ, ସମ୍ମାନଯୋଗ୍ୟ ।

**Distinguishably**, *ad.* 1. ବିଭେଦନୀୟରୂପେ; 2. ପ୍ରେକ୍ଷଣୀୟରୂପେ ।

**Distinguished**, *p.a.* 1. ଅସାଧାରଣ, ବିଶେଷ; 2. ପ୍ରସିଦ୍ଧ, ବିଖ୍ୟାତ, ଖ୍ୟାତାପନ୍ନ । [ବିଶିଷ୍ଟ ।

**Distinguishing**, *p.a.* ପ୍ରଭେଦସୂଚକ, ବିଶେଷକ,

**Distinguishingly**, *ad.* ପ୍ରଭେଦକାରୀରୂପେ, ପ୍ରଭେଦସୂଚକରୂପେ ।

**Distort**, *v.t.* 1. ବିକାର-କ, ବିକୃତ-କ; 2. ଅର୍ଥ ଓଲଟାଇବାର, ବିପରୀତ ଅର୍ଥ-କ; 3. ଅନ୍ୟଥା-କ, ବିପର୍ଯ୍ୟସ୍ତ-କ ।

**Distorted**, *p.a.* ବିକୃତ, କୁଞ୍ଚିତ ।

**Distortion**, *n.* 1. ବିକୃତକରଣ, ବିରୂପକରଣ, ମୋଡ଼ା; 2. ବିକୃତାବସ୍ଥା, ବିକୃତ, ବିରୂପତା; 3. ପ୍ରକୃତ ଅର୍ଥର ବ୍ୟତ୍ୟୟ, ଅର୍ଥର ଅନ୍ୟଥା ।

**Distortive**, *a.* ବିକୃତକାରକ ।

**Distract**, *v.t.* 1. ଏକ ବିଷୟରୁ ଅନ୍ୟ ବିଷୟ ପ୍ରତି ଆକର୍ଷଣ-କ, ବିଷୟାନ୍ତରରେ ଆକର୍ଷଣ-କ; 2. ଘାବରା-କ, ବ୍ୟସ୍ତ-କ, ଉଦ୍ବିଗ୍ନ-କ; 3. ଉନ୍ମତ୍ତ-କ, କ୍ଷିପ୍ତ-କ, ପାଗଳ-କ ।

**Distracted**, *p.a.* 1. ବ୍ୟସ୍ତ; 2. ଉଦ୍ବିଗ୍ନ, ବ୍ୟାକୁଳିତ; 3. ଉନ୍ମତ୍ତ, କ୍ଷିପ୍ତ, ପାଗଳ ।

**Distractedly**, *ad.* ଉନ୍ମତ୍ତରୂପେ, କ୍ଷିପ୍ତରୂପେ, ପାଗଳରୂପେ ।

**Distractedness**, *n.* 1. ଉଦ୍ବିଗ୍ନତା; 2. ଉନ୍ମତ୍ତତା ।

**Distracting**, *p.a.* ଉଦ୍ବେଗଜନକ, ବ୍ୟସ୍ତକାରୀ ।

**Distraction**, *n.* 1. ଏକ ବିଷୟରୁ ଅନ୍ୟ ବିଷୟ ପ୍ରତି ଆକର୍ଷଣ, ବିଷୟାନ୍ତରରେ ଆକର୍ଷଣ; 2. ବ୍ୟସ୍ତତା; 3. ଉଦ୍ବେଗ, ବ୍ୟାକୁଳତା; 4. ଗୋଳମାଳ; 5. ଉନ୍ମାଦ, କ୍ଷିପ୍ତତା, ବାତୁଳତା; 6. ଯାହା ବ୍ୟତିକ୍ରମ ଘଟାଏ, ବ୍ୟତିକ୍ରମ । [କ୍ରୋକ-କ ।

**Distrain**, *v.t.* and *i.* କ୍ରୋକ-କ, କରଜ ହେତୁ ଦ୍ରବ୍ୟ

**Distrainable**, *a.* କ୍ରୋକଯୋଗ୍ୟ ।

**Distraint**, *n.* କ୍ରୋକ ।

**Distrait**, *a.* (French) *dis-trā*, ଅନ୍ୟମନସ୍କ, ଅମନୋଯୋଗୀ ।

**Distraught**, *a.* 1. ଉନ୍ମତ୍ତ; 2. ଉଦ୍ବିଗ୍ନ ।

**Distress**, *n.* 1. ଅତ୍ୟନ୍ତ ଯାତନା, ଯନ୍ତ୍ରଣା, କ୍ଳେଶ, ବେଦନା; 2. ଦୁରବସ୍ଥା, ଦୁର୍ଗତି, ବିପଦ; 3. କ୍ରୋକ, ମାଲର କ୍ରୋକ ।—*v.t.* 1. ଯାତନା-ଦେ, ଯନ୍ତ୍ରଣା-ଦେ, କ୍ଳେଶ-ଦେ, ବ୍ୟଥା-ଦେ, ଦୁଃଖ-ଦେ, ବ୍ୟାକୁଳ-କ; 2. ବ୍ୟସ୍ତ-କ ।

**Distressful**, *a.* ଦୁଃଖମୟ, ଦୁଃଖଦ, କ୍ଳେଶକର, କ୍ଳେଶସୂଚକ, ବେଦନାଜାତ ।

**Distressfully**, *ad.* ଦୁଃଖମୟରୂପେ, କ୍ଳେଶକରରୂପେ, ଦୁଃଖଦାୟକରୂପେ । [ଦାୟକ ।

**Distressing**, *p.a.* ଯନ୍ତ୍ରଣାଦାୟକ, କ୍ଳେଶକର, ଦୁଃଖ-

**Distressingly**, *ad.* ଯନ୍ତ୍ରଣାଦାୟକରୂପେ, କ୍ଳେଶକରରୂପେ, ଦୁଃଖଦାୟକରୂପେ ।

**Distributable**, *a.* ବିତରଣଯୋଗ୍ୟ ।

**Distribute**, *v.t.* 1. ବିତରଣ-କ, ବାଣ୍ଟିବାର; 2. ବିଭାଗ-କ, ଶ୍ରେଣୀବଦ୍ଧ-କ; 3. ବିସ୍ତାରିତ-କ, ବ୍ୟାପ୍ତ କ ।—*v.i.* 1. ବିତରଣ-କ, ଦାନ-କ; 2. ବନ୍ଧା ଛପା ଅକ୍ଷର ଭାଙ୍ଗି ପୃଥକ ରଖିବାର ।

**Distributer**, *n.* ବଣ୍ଟନକାରୀ, ବିଭାଗକାରୀ ।

**Distribution**, *n.* 1. ବିତରଣ, ବଣ୍ଟନ; 2. ବିଭାଗ, ଶ୍ରେଣୀବଦ୍ଧକରଣ; 3. ବନ୍ଧା ଛପା ଅକ୍ଷର ଭାଙ୍ଗି ପୃଥକ୍‌କରଣ; 4. ବିଭାଗର ପ୍ରଣାଳୀ ।

**Distributive**, *a.* ବିଭାଜକ, ବିଭାଗକାରୀ ।—*n.* ବିଭାଜକ ଶବ୍ଦ, as *each*, *every*, *either*, *neither*.

**Distributively**, *ad.* ବିଭାଜକରୂପେ, ବିଭାଗ ଦ୍ୱାରା, ଏକୈକ । [ପ୍ରଦେଶ ।

**District**, *n.* 1. ଚକଲା, ଜିଲ୍ଲା, ପରଗଣା, ଇଲାକା; 2.

**Distrust**, *v.t.* ଅବିଶ୍ୱାସ-କ, ଅପ୍ରତ୍ୟୟ-କ, ସନ୍ଦେହ-କ, ସତ୍ୟତା ବିଶ୍ୱସ୍ତତା ଦୃଢ଼ତା ବା ସରଳତା ସମ୍ବନ୍ଧରେ ସନ୍ଦେହ-କ ।—*n.* 1. ଅପ୍ରତ୍ୟୟ, ଅବିଶ୍ୱାସ, ସନ୍ଦେହ ।

**Distrustful**, *a.* 1. ସନ୍ଦେହୀ, ଅପ୍ରତ୍ୟୟୀ; 2. ସନ୍ଦେହଶୀଳ, ଅତିସନ୍ଦେହୀ ।

**Distrustfully**, *ad.* 1. ସନ୍ଦେହୀରୂପେ; 2. ଅତିସନ୍ଦେହୀରୂପେ ।

**Distrustfulness**, *n.* 1. ଅବିଶ୍ୱାସ; 2. ସନ୍ଦେହଶୀଳତା, ଅତିସନ୍ଦେହ ।

**Disturb**, *v.t.* 1. ଅସ୍ଥିର-କ, ଘାଣ୍ଟିବାର; 2. ଅଡୁଆଭଡୁଆ-କ, ଲଣ୍ଡଭଣ୍ଡ-କ, ଗୋଳମାଳ-କ, ବାଧା-କ, ବ୍ୟସ୍ତ-କ, ଭଙ୍ଗ-କ ।

**Disturbance**, *n.* 1. ଶାନ୍ତିଭଙ୍ଗ, ଶାନ୍ତିଭଙ୍ଗାବସ୍ଥା, ଅସ୍ଥିରତା, ଶାନ୍ତିଭଙ୍ଗର କାରଣ, ଗଣ୍ଡଗୋଳ, ଗୋଳମାଳ, ଆନ୍ଦୋଳନ, କଳହ, ଦଙ୍ଗା; 2. ବାଧା ।

**Disunion**, *n.* 1. ବିଚ୍ଛେଦକରଣ, ବିଚ୍ଛେଦ, ବିଭେଦ; 2. ଅନୈକ୍ୟ, ଅମେଳ, ବିରୋଧ ।

**Disunite**, *v.t.* 1. ଏକତା ଭଙ୍ଗ-କ, ଅମେଳ ଘଟାଇବାର; 2. ବିଯୋଗ-କ, ବିଚ୍ଛେଦ-କ, ବିଭକ୍ତ-କ, ପୃଥକ୍-କ ।—*v.i.* ପୃଥକ୍-ହେ ।

**Disusage**, *n.* ରୀତିରୁ ନିବୃତ୍ତି, ବ୍ୟବହାରନିବୃତ୍ତି, ଅବ୍ୟବହାର, ନିବୃତ୍ତି ।

**Disuse**, *n.* *dis-ūs'*, ବ୍ୟବହାରନିବୃତ୍ତି, ଅଭ୍ୟାସତ୍ୟାଗ ।

**Disuse**, *v.t.* *dis-ūz'*, ଅବ୍ୟବହାର-କ, ଅଭ୍ୟାସତ୍ୟାଗ-କ ।

**Disyoke**, *v.t.* ଯୁଆଳିରୁ ମୁକ୍ତ-କ ।

**Ditch**, *n.* ଖାଇ, ଖାତ, ପରିଖା, ପୟଃନାଳୀ, ନାଳ ।—*v.i.* ଖାଇ କରିବାର ।—*v.t.* 1. ପୟଃନାଳୀ ଦ୍ୱାରା ଜଳ ବାହାର-କ; 2. ଖାଇ ଦ୍ୱାରା ବେଷ୍ଟନ-କ ।

Ditcher, *n.* ଖାଲ ଖୋଳିବା ଲୋକ ।

Ditto, *n.* ସେହି ବିଷୟ ।—*ad.* ଏକକ, ଏହି, ତଦ୍ରୂପ, ସେହିପ୍ରକାରେ, ତଥା ।

Ditty, *n.* କ୍ଷୁଦ୍ର କବିତା, ଗୀତିକା । [ତ୍ପାଦକ ଔଷଧ ।

Diuretic, *a.* ମୂତ୍ରୋତ୍ପାଦକ, ମୂତ୍ରବର୍ଦ୍ଧକ ।—*n.* ମୂତ୍ରୋ-

Diurnal, *a.* 1. ଦିନସମ୍ବନ୍ଧୀୟ, ଦିବସିକ; 2. ଦୈନିକ, ପ୍ରାତ୍ୟହିକ, ଆହ୍ନିକ । [ଦିନକୁ ଦିନ, ପ୍ରତ୍ୟହ ।

Diurnally, *ad.* 1. ଦିନରେ, ଦିବସରେ; 2. ପ୍ରତିଦିନ,

Divan, *n.* 1. ତୁରୁକ ଦେଶୀୟ ରାଜସଭା; 2. ତୁରୁକ ଦେଶୀୟ ରାଜସଭାଗୃହ; 3. ଧୂମପାନର ଗୃହ, ଦୋକାନ-ବିଶେଷ; 4. କୌଚବିଶେଷ ।

Divaricate, *v.i.* ଦ୍ୱିଶାଖାରେ ବିଭକ୍ତ-ହେ ।—*a.* ଶାଖାରୂପେ ବିସ୍ତାରିତ ବା ବିଭକ୍ତ ।

Divarication, *n.* 1. ଦ୍ୱିଶାଖାରେ ବିଭାଗ; 2. ଶିରା-ମାନଙ୍କର ପରସ୍ପର ଛେଦ ।

Dive, *v.i.* 1. ଗୋତା ମାରିବାର, ଡୁବିବାର, ବୁଡ଼ିବାର; 2. ଭିତରକୁ ଯିବାର; 3. (କୌଣସି ବିଷୟରେ) ଗାଢ଼-ରୂପେ ପ୍ରବେଶିବାର, ମଗ୍ନ-ହେ ।—*n.* 1. ଗୋତାମରା, ଡୁବିବା, ବୁଡ଼ିବା; 2. ମନୋନିବେଶ । [ପକ୍ଷିବିଶେଷ ।

Diver, *n.* 1. ବୁଡ଼ିବାଲୋକ, ଡୁବାଳି; 2. ପାଣିରେ ବୁଡ଼ିବା

Diverge, *v.i.* 1. ଏକ ସ୍ଥାନରୁ ନାନା ଦିଗକୁ ଯିବାର; 2. ନିର୍ଦ୍ଦିଷ୍ଟ ପଥ ବା ଦିଗରୁ ଅନ୍ୟ ଆଡ଼େ ପ୍ରସ୍ଥାନ-କ; 3. ବିଭିନ୍ନ-ହେ ।

Divergence, divergency, *n.* 1. ଏକ ସ୍ଥାନରୁ ନାନା ଦିଗକୁ ଗମନ, କେନ୍ଦ୍ରାପସରଣ; 2. ନିର୍ଦ୍ଦିଷ୍ଟ ଦିଗରୁ ଅନ୍ୟ ଆଡ଼େ ପ୍ରସ୍ଥାନ; 3. ପରସ୍ପରଠାରୁ ଦୂର ପ୍ରସାରଣ, ଅନୈକ୍ୟ ।

Divergent, *a.* 1. ପ୍ରସାରଣଶୀଳ, (ଅଂଶୁବତ୍) ବିକୀର୍ଣ୍ଣ; 2. ବିପଥଗାମୀ, ବିଭିନ୍ନପଥଗାମୀ; 3. ବିଭିନ୍ନ, ବିରୁଦ୍ଧ ।

Divers, *a. di'vèrz*, 1. ବିଭିନ୍ନ, ନାନାପ୍ରକାର, ବିବିଧ; 2. କେତେକ ।

Diverse, *a. divers'* or *di'vers*, 1. ବିଭିନ୍ନ; 2. ଅସମାନ, ଅସମ; 3. ନାନାବିଧ ।

Diversely, *ad.* ନାନାପ୍ରକାରେ, ନାନାରୂପେ ।

Diversifiable, *a.* ନାନାରୂପକରଣୀୟ ।

Diversification, *n.* ବହୁବିଧତାକରଣ, ନାନାରୂପକରଣ, ବହୁବିଧତା, ବୈଲକ୍ଷଣ୍ୟ, ପରିବର୍ତ୍ତନ ।

Diversified, *p.a.* ବହୁବିଧତାବିଶିଷ୍ଟ, ଚିତ୍ରବିଚିତ୍ର ।

Diversify, *v.t.* ବିଭିନ୍ନ-କ, ନାନାପ୍ରକାର-କ, ବହୁବିଧତା-ଦେ, ଚିତ୍ରବିଚିତ୍ର-କ ।

Diversion, *n.* 1. ବ୍ୟତିକ୍ରମ, ଗତି ପରିବର୍ତ୍ତନକରଣ; 2. ଆମୋଦ, ଖେଳା, କ୍ରୀଡ଼ା; 3. (ଯୁଦ୍ଧକ୍ଷେତ୍ରରେ ଶତ୍ରୁର) ମନୋଯୋଗଆକର୍ଷକ ବିଷୟ, ମନୋଯୋଗର ପରିବର୍ତ୍ତନ ।

Diversity, *n.* 1. ବିଭିନ୍ନତା, ପ୍ରଭେଦ, ଅସମାନତା; 2. ବହୁବିଧତା ।

Divert, *v.t.* 1. ଫେରାଇବାର, ବ୍ୟତିକ୍ରମ-କ, ଗତି ପରି-ବର୍ତ୍ତନ-କ; 2. ଆମୋଦିତ-କ, ତୁଷ୍ଟ-କ, ବିନୋଦିତ-କ; 3. ଅନ୍ୟ ବାଟରେ ଲଗାଇବାର ।

Diverting, *p.a.* ଆମୋଦଜନକ, ଆମୋଦକାରକ, ତୁଷ୍ଟିକର, ହାସ୍ୟଜନକ ।

Divertingly, *ad.* ଆମୋଦଜନକରୂପେ, ତୁଷ୍ଟିକର-ରୂପେ, ହାସ୍ୟଜନକରୂପେ ।

Divest, *v.t.* 1. ବିବସ୍ତ୍ର-କ, (ସାଜଆଦି) କାଢ଼ିବାର; 2. ବଞ୍ଚିତ-କ, ଅନଧିକାର-କ ।

Dividable, *a.* ବିଭାଗଯୋଗ୍ୟ, ବିଭାଜ୍ୟ ।

Divide, *v.t.* 1. ବିଭାଗ-କ, ଭାଗ-କ, ଅଂଶ-କ, ଖଣ୍ଡ-କ; 2. ପୃଥକ୍-କ, ଅଲଗା-କ, ବିଭିନ୍ନ-କ; 3. ଅମେଳ କରାଇବାର, ଭିନ୍ନମତ କରାଇବାର; 4. ବଣ୍ଟନ-କ, ଅଂଶାଂଶି-କ; 5. ବିଭାଗ କରି ବ୍ୟାଖ୍ୟା-କ; 6. କ୍ରମ ଚିହ୍ନରେ ଅଙ୍କିତ-କ; 7. ହରିବାର, ହରଣ-କ ।—*v.i.* 1. ବିଭକ୍ତ-ହେ, ଅଲଗା-ହେ, ପୃଥକ୍-ହେ; 2. ମତ ପ୍ରକାଶ କରିବା ନିମନ୍ତେ ପୃଥକ୍-ହେ; 3. ଭିନ୍ନମତ-ହେ, ବିରୋଧୀ-ହେ ।

Dividend, *n.* 1. ଭାଜ୍ୟ, ହାର୍ଯ୍ୟଅଙ୍କ; 2. ପ୍ରାପ୍ୟାଂଶ, ସୁଧ, ହିସା ।

Divider, *n.* 1. ଯେ ବା ଯାହା ବିଭାଗ କରେ, ବିଭାଜକ, ଭାଗକାରୀ; 2. ବଣ୍ଟନକାରୀ; 3. ଯେ ବା ଯାହା ପୃଥକ୍ କରେ, ପୃଥକ୍କାରୀ; 4. *pl.* (ନକ୍ସା କରିବାରେ ବ୍ୟବହୃତ) ସାନ କମ୍ପାସବିଶେଷ ।

Divination, *n.* 1. ଗଣକତା, ଭବିଷ୍ୟତ୍‌କଥନ; 2. ପୂର୍ବସୂଚନା ।

Divine, *a.* 1. ଐଶ୍ୱରିକ, ଈଶ୍ୱରୀୟ, ଦେବତାସମ୍ବନ୍ଧୀୟ; 2. ପବିତ୍ର, ପାରମାର୍ଥିକ; 3. ସର୍ବୋତ୍କୃଷ୍ଟ, ଅପାର୍ଥିବ, ସ୍ୱର୍ଗୀୟ; 4. ଧର୍ମବିଜ୍ଞାନସମ୍ବନ୍ଧୀୟ ।—*n.* ଧର୍ମୋପଦେଶକ, ଧର୍ମବିଦ୍ୟାବିତ୍, ଧର୍ମଶାସ୍ତ୍ରଜ୍ଞ ।—*v.t.* 1. ଗଣକତା ଦ୍ୱାରା ଜାଣିବାର, ଗଣକତା-କ; 2. ଗଣନା କରି କହିବାର, ଅନୁମାନ-କ ।—*v.i.* 1. ଗଣକତା-କ, ଗଣକର ବ୍ୟବସାୟ-କ; 2. ପୂର୍ବସୂଚନା ପାଇବାର; 3. ଅନୁମାନ-କ ।

Divinely, *ad.* 1. ଐଶ୍ୱରିକରୂପେ, ଈଶ୍ୱରଙ୍କପରି; 2. ଈଶ୍ୱରଙ୍କ ଦ୍ୱାରା, ଈଶ୍ୱରକର୍ତ୍ତୃକ; 3. ସର୍ବୋତ୍କୃଷ୍ଟରୂପେ, ଅଲୌକିକରୂପେ, ଅଦ୍ଭୁତରୂପେ ।

Divineness, *n.* 1. ଈଶ୍ୱରୀୟତା, ଈଶ୍ୱରତ୍ୱ; 2. ସର୍ବୋ-ତ୍କୃଷ୍ଟତା, ଅତି ଉତ୍ତମତା ।

Diviner, *n.* 1. ଗଣକ, ଦୈବଜ୍ଞ; 2. ଅନୁମାନକାରୀ ଲୋକ ।

Diving-bell, *n.* ନିମଜ୍ଜନ ଯନ୍ତ୍ର ।

Divining-rod, *n.* ଦୁଇ କେନାର ଡାଳବିଶେଷ କି ଯାହା କୌଣସି ଲୋକ ଆଙ୍ଗୁଠି ଅଗରେ ଧରି ନେଇ ଗଲେ ଖଣି ବା ଜଳ ଥିବା ଜାଗାରେ ଡାଳ ନଇଁ ପଡ଼େ ବୋଲି କୁହାଯାଏ ।

Divinity, *n.* 1. ଈଶ୍ୱରତ୍ୱ, ଦେବତ୍ୱ; 2. ପରମେଶ୍ୱର; 3. ଦେବତା; 4. ଅପାର୍ଥିବ ଲୋକ; 5. ଦୈବିକ ଗୁଣ-ବିଶିଷ୍ଟତା; 6. ଧର୍ମବିଜ୍ଞାନ, ଐଶ୍ୱରିକବିଦ୍ୟା, ପାରମାର୍ଥିକ ବିଦ୍ୟା ।

Divisibility, *n.* ବିଭାଜ୍ୟତା, ଅଂଶନୀୟତା । [ନୀୟ ।

Divisible, *a.* ବିଭାଗଯୋଗ୍ୟ, ବିଭାଜ୍ୟ, ବିଯୋଜ୍ୟ, ଅଂଶ-

Divisibly, *ad.* ବିଭାଜ୍ୟରୂପେ, ବିଯୋଜ୍ୟରୂପେ ।

**Division**, *n.* 1. ବିଭାଗକରଣ, ବିଭାଗ; 2. ଅମେଳ, ପ୍ରଭେଦ, ବିବାଦ; 3. ପରିଚ୍ଛେଦ, ପରିଧି; 4. ଭାଗ, ଅଂଶ; 5. ସୈନ୍ୟର ଦଳ, ଦଳ; 6. ଭାଗକରା, ଭାଗହରା, ପରିଗଣନା; 7. ମତ ପ୍ରକାଶ କରିବା ନିମନ୍ତେ ସଭାସ୍ଥ ସଭ୍ୟମାନଙ୍କ ଦୁଇ ଦଳରେ ପୃଥକ୍‌କରଣ; 8. ହରଣ, ହରଣର ଚିହ୍ନ ।

**Divisional**, *a.* 1. ବିଭାଗବିଷୟକ, ବିଭାଜକ; 2. ପ୍ରାଦେଶିକ, ବିଭାଗୀୟ ।

**Divisive**, *a.* 1. ବିଚ୍ଛେଦକ; 2. ବିଭେଦୋତ୍ପାଦକ ।

**Divisor**, *n.* ଭାଜକ, ହାରକ ଅଙ୍କ ।

**Divorce**, *n.* 1. ବିବାହ ବନ୍ଧନଚ୍ଛେଦ; 2. ବିଚ୍ଛେଦ, ପ୍ରଭେଦ, 3. ଛାଡପତ୍ର ।—*v.t.* 1. ବିବାହ ବନ୍ଧନଚ୍ଛେଦ-କ, ଛାଡପତ୍ର-ଦେ; 2. ବିଚ୍ଛେଦ-କ, ପୃଥକ୍-କ ।

**Divorceable**, *a.* 1. ବିବାହ ବନ୍ଧନଚ୍ଛେଦଯୋଗ୍ୟ; 2. ପୃଥକ୍‌କରଣୀୟ ।

**Divorcee**, *n.* ଛାଡପତ୍ର ପ୍ରାପ୍ତ ଲୋକ ।

**Divorcement**, *n.* see Divorce.

**Divulge**, *v.t.* 1. ଲୋକସାଧାରଣଙ୍କର ମଧ୍ୟରେ ପ୍ରକାଶ-କ, ପ୍ରଚାର-କ; 2. (ଗୁପ୍ତ କଥା) ପ୍ରକାଶ-କ, ପ୍ରକଟ-କ ।

**Divulsion**, *n.* ବିଦାରଣ ।

**Dizen**, *v.t.* ଅତିଶୋଭିତ-କ, ଭୂଷିତ-କ ।

**Dizzily**, *ad.* ଭ୍ରମିଯୁକ୍ତରୂପେ ।

**Dizziness**, *a.* ମୁଣ୍ଡବୁଲା, ଭ୍ରମି ।

**Dizzy**, *a.* 1. ଘୂର୍ଣ୍ଣାକ୍ରାନ୍ତ, ଘୂରଣୀଯୁକ୍ତା, ଭ୍ରମଯୁକ୍ତ; 2. ଭ୍ରମିଉତ୍ପାଦକ ।—*v.t.* (ମୁଣ୍ଡ) ଘୂରାଇ ଦେବାର, ହତବୁଦ୍ଧି-କ ।

**Do**, *v.t.* or *auxiliary*. 1. କରିବାର, ସାଧନ-କ, ସମ୍ପାଦନ-କ, ନିର୍ବାହ-କ; 2. ଦେବାର; 3. ଶେଷ-କ, ସମାପ୍ତ-କ, ସମ୍ପନ୍ନ-କ; 4. ବନାଇବାର, ପ୍ରସ୍ତୁତ-କ; 5. ଚେଷ୍ଟା-କ, ଉଦ୍‌ଯୋଗ-କ; 6. (slang) ଠକାଇବାର; 7. ଛଳନା-କ, ବେଶ ଧରିବାର ।—to do away with, ଦୂର-କ, ରହିତ-କ, ଶେଷ-କ । to do for, 1. ଯତ୍ନ-କ, ଯୋଗାଇବାର; 2. (slang) ବଧ-କ । to do into, ତର୍ଜମା-କ, ଅନୁବାଦ-କ । to do over, ପୁନର୍ବାର-କ; ପୋଛି-ଦେ । to do up, 1. ପୁଡ଼ିଆ ବାନ୍ଧିବାର, ବାନ୍ଧିବାର, ; 2. (ଘର) ପରିଷ୍କାର-କ; 3. କଲପ ଦେଇ ଇସ୍ତ୍ରି-କ; 4. କ୍ଳାନ୍ତ-କ, ଅକାମସ୍ତ-କ । to do with, 1. ବ୍ୟବହାରରେ ଲଗାଇବାର, ବ୍ୟବହାର-କ; 2. ଚଳାଇବାର; 3. ସହିବାର, ସହ୍ୟ-କ ।—*v.i.* 1. ଉଦ୍‌ଯୋଗୀ-ହେ, କର୍ମ-କ; 2. ଆଚରଣ-କ, ବ୍ୟବହାର-କ; 3. ସଫଳ-ହେ; 4. ଯଥେଷ୍ଟ-ହେ, ଉପଯୁକ୍ତ-ହେ; 5. ଚଳିବାର ।—how do you do? ତୁମ୍ଭେ କେମନ୍ତ ଅଛ?" ତୁମ୍ଭର କୁଶଳତ? ତୁମ୍ଭର ଅବସ୍ଥା କିପରି? to do for, ଉପଯୁକ୍ତ-ହେ, ହେବାର, ଠିକ୍-ହେ । to do for one's self, ନିଜ କଥା ନିଜେ ବୁଝିବାର । to do one's best, ଯଥାସାଧ୍ୟ-କ । to do without, (କୌଣସି ବ୍ୟକ୍ତି ବା ବସ୍ତୁ) ବିନା ଚଳିବାର । to have to do with, ସମ୍ପର୍କ ରଖିବାର, ସଙ୍ଗେ କାରବାର ରଖିବାର ।—*Do* is often used as a *substitute* for a verb to save repetition, *i.e.*, you may come, but if you *do*, you must keep quiet. As an *auxiliary* it is used most commonly in forming negative and interrogative sentences, as, I *do* not think so; how *do* you do? It is also used to express emphasis, as, I *do* love her. In the imperative it expresses an urgent request, as, *do* come; help me, *do*. The past participle has some colloquial uses, as, *done*! = it is agreed, or I accept, ହେଉ! ଅଚ୍ଛା! ଭଲ!—done up, କ୍ଳାନ୍ତ, ବିରକ୍ତ ।



**Doab**, *n.* ଦ୍ଵିନଦ ପ୍ରଦେଶ ।

**Docile**, *a.* 1. ଶିକ୍ଷଣୀୟ, ଦମନୀୟ, ବଶ୍ୟ, ବାଧ୍ୟ; 2. ନମନୀୟ ।

**Docility**, *n.* ଶିକ୍ଷାଶୀଳତା, ଶିକ୍ଷଣୀୟତା, ଦମନୀୟତା, ବଶ୍ୟତା, ବାଧ୍ୟତା ।

**Dock**, *n.* 1. ମୁଣ୍ଡା ଲାଙ୍ଗୁଡ଼; 2. ଅମ୍ଳଶାକ ବିଶେଷ ।—*v.t.* ଛେଦନ-କ, ଲାଙ୍ଗୁଡ଼ କାଟିବାର, କାଟିବାର, ଛୋଟ-କ ।

**Dock**, *n.* 1. ଘେରା, ଜାହାଜର ରହିବାସ୍ଥାନ; 2. ଅଦାଲତରେ ଅପରାଧୀର ଛିଡ଼ା ହେବା ସ୍ଥାନ ।—*v.t.* ଘେରାରେ ରଖିବାର ।

**Dockage**, *n.* ଘେରାରେ ରହିବା ନିମନ୍ତେ ମାସୁଲ ।

**Docket**, *n.* 1. ଲମ୍ବା ଚିଠିର ଖୋଲାସା ଲେଖା; 2. ମକଦ୍ଦମାର ତାଲିକା, କାରବାରର ତାଲିକା; 3. ଦ୍ରବ୍ୟାଦି ଉପରେ ସଂକ୍ଷିପ୍ତ ଚିହ୍ନପତ୍ର, ଟିକଟ ।—*v.i.* 1. ସଂକ୍ଷିପ୍ତ ଚିହ୍ନପତ୍ର ଲଗାଇବାର; 2. ଖୋଲାସା ଲେଖିବାର, ପତ୍ରର ପୃଷ୍ଠରେ ଖୋଲାସା ଲେଖିବାର ।

**Dockyard**, *n.* ଜାହାଜର ନିର୍ମାଣ ବା ମରାମତି ସ୍ଥାନ, ଯୁଦ୍ଧ ଜାହାଜର ସାମଗ୍ରୀ ରଖିବା ସ୍ଥାନ ।

**Doctor**, *n.* 1. ବିଶ୍ଵବିଦ୍ୟାଳୟର କୌଣସି ବିଷୟରେ ସର୍ବୋଚ୍ଚ ଉପାଧିପ୍ରାପ୍ତ ଲୋକ, as doctor of divinity, laws, medicine &c; 2. ପଣ୍ଡିତ, ବିଦ୍ଵାନ; 3. ଚିକିତ୍ସାବିଦ୍ୟାରେ ଡାକ୍ତର ଉପାଧିପ୍ରାପ୍ତ ଲୋକ; 4. ଚିକିତ୍ସକ ।

**Doctorate, doctorship**, *n.* ବିଶ୍ଵବିଦ୍ୟାଳୟର କୌଣସି ବିଷୟରେ ସର୍ବୋଚ୍ଚ ଉପାଧି, ଚିକିତ୍ସକର ଉପାଧି ।

**Doctoress, doctress**, *n.* ସ୍ତ୍ରୀଚିକିତ୍ସକ ।

**Doctrinaire, doctrinarian**, *n.* ଯେ ପ୍ରୟୋଗ ବିଷୟରେ ନିର୍ଭର ନ କରି ଅନୁମାନିକ ବିଷୟରେ ନିର୍ଭର କରେ ।

**Doctrinal**, *a.* 1. ଶିକ୍ଷାସମ୍ବନ୍ଧୀୟ, ମତସମ୍ବନ୍ଧୀୟ, ମତବିଷୟକ, ମୂଳତତ୍ତ୍ଵସମ୍ବନ୍ଧୀୟ; 2. ଶିକ୍ଷାଦାୟକ ।

**Doctrinally**, *ad.* ଶିକ୍ଷାମତରେ, ମୂଳତତ୍ତ୍ଵାନୁସାରେ ।

**Doctrine**, *n.* 1. ଶିକ୍ଷା, ଉପଦେଶ; 2. ମତ, ମୂଳସୂତ୍ର, ମୂଳତତ୍ତ୍ଵ ।

**Document**, *n.* ଲିଖିତ ଆଦେଶ ବା ପ୍ରମାଣ, ଆଦେଶ-ଲିପି, ଦଲିଲ୍, ଦସ୍ତାବିଜ, କାଗଜପତ୍ର ।—*v.t.* 1. ପ୍ରୟୋଜନୀୟ କାଗଜପତ୍ର ଯୋଗାଇ ଦେବାର; 2. ଦଲିଲ ଦ୍ୱାରା ପ୍ରମାଣିତ-କ ।

**Documentary, documental**, *a.* ଲିଖିତ ଆଦେଶ ବା ପ୍ରମାଣସମ୍ବନ୍ଧୀୟ, ଦଲିଲଦସ୍ତାବିଜବିଷୟକ, ଦଲିଲ-ସମ୍ବନ୍ଧୀୟ ।

**Dodecagon**, *n.* ଦ୍ୱାଦଶଭୁଜ ଓ କୋଣବିଶିଷ୍ଟ କ୍ଷେତ୍ର ।

**Dodecahedron**, *n.* ଦ୍ୱାଦଶ ସମପଞ୍ଚଭୁଜବିଶିଷ୍ଟ ଘନ-କ୍ଷେତ୍ର ।

**Dodge**, *v.i.* 1. ହଠାତ୍ ସ୍ଥାନାନ୍ତରରେ ଯିବାର; 2. ଲୁଚି ଗୋଡାଇବାର, ଲୁଚି ପଳାଇବାର ।—*v.t.* 1. ହଠାତ୍ ସ୍ଥାନାନ୍ତରରେ ଯାଇ ବ୍ୟର୍ଥ-କ, ପ୍ରତାରଣା କରି ଏଡାଇବାର, ଏଡାଇବାର; 2. ଲୁଚି ଗୋଡାଇବାର; 3. ଫାଙ୍କି-ଦେ ।—*n.* ହଠାତ୍ ସ୍ଥାନାନ୍ତରକରଣ, ଏଡିବା, ଫାଙ୍କି, ପ୍ରତାରଣା ।

**Dodger**, *n.* ପ୍ରତାରକ, ଫାଙ୍କି ଦେବା ଲୋକ ।

**Dodo**, *n.* ବୃହତ୍ ଲୁପ୍ତଜଳପକ୍ଷିବିଶେଷ ।

**Doe**, *n.* କେତେକ ପଶୁର ସ୍ତ୍ରୀଲିଙ୍ଗବାଚକ ଶବ୍ଦ, ବିଶେଷରେ ହରିଣୀ ଓ ମାଈ ଠେକୁଆ ଅର୍ଥ ।

**Doer**, *n.* କର୍ମକର୍ତ୍ତା, କାରକ, କରିବା ଲୋକ ।

**Doeskin**, *n.* 1. ହରିଣୀ ଚର୍ମ; 2. ଚିକ୍କଣ ଓ ମୋଟା ପଶମୀ ଲୁଗାବିଶେଷ ।

**Doff**, *v.t.* କାଢିବାର, ତ୍ୟାଗ-କ, ଛାଡିବାର ।

**Dog**, *n.* 1. କୁକ୍କୁର, କୁକୁର; 2. ଅବଜ୍ଞାସୂଚକ ଶବ୍ଦ, ପାଜି ଲୋକ, ନାରକୀ ଲୋକ; 3. କୌତୁକରେ ବ୍ୟବହୃତ ଶବ୍ଦ, ଲୋକଟା; 4. ଲୁହାର କେତେକ ଯନ୍ତ୍ରାଦିର ନାମ । In composition, ପୁଂଲିଙ୍ଗ ବାଚକ ଶବ୍ଦ, as dog-fox, dog-monkey: also ଅପକୃଷ୍ଟତା ବୋଧକ ଶବ୍ଦ, as dog-Latin ।—to go to the dogs, ସର୍ବନାଶ ହେ, ବିନଷ୍ଟ-ହେ । dog in the manger, ଆପେ ଖାଇବ ନାହିଁ କି ପରକୁ ଖାଇ ଦେବ ନାହିଁ ।—*v.i.* (କୁକୁର ପରି) ପଛେଇ ଗୋଡାଇବାର, ଅନୁସରଣ-କ ।

**Dog-cart**, *n.* ଟମ୍ଟମ୍ଗାଡିବିଶେଷ ।

**Dog-cheap**, *n.* ଭାରି ଶସ୍ତା ।

**Dog-day**, *n.* ସୂର୍ଯ୍ୟଯୋଗ ଦିବସ ।

**Dog-eared**, *a.* (ପୁସ୍ତକର ପୃଷ୍ଠା ବିଷୟରେ ବ୍ୟବହୃତ) କୋଣମୋଡା ।

**Dogfish**, *n.* ହାଙ୍ଗରବିଶେଷ ।

**Dogged**, *a.* କୁକୁର ପରି ଥେଣ୍ଟା, ଦୃଢ ।

**Doggedly**, *ad.* ଥେଣ୍ଟାଭାବରେ, ଦୃଢରୂପେ ।

**Doggedness** *n.* ଥେଣ୍ଟାମି, ଦୃଢତା ।

**Doggerel**, *n.* ଅପକୃଷ୍ଟ କବିତା, ନୀଚ କବିତା, ସାମାନ୍ୟ ଗୀତ ।

**Doggish**, *a.* କୁକୁର ପରି, ରାଗୀ, କାମୁଡା, ଖିଟଖିଟିଆ ।

**Dog-hole**, *n.* 1. ଖଣିଭିତରକୁ ପବନ ଯିବାର ବାଟ; 2. କୁକୁର ରହିବାଯୋଗ୍ୟ ଜାଗା ।

**Dogma**, *n.* 1. ଧର୍ମମତ, ମତ; 2. ମୂଳତତ୍ତ୍ୱ, ମୂଳସୂତ୍ର; 3. ନିର୍ଦ୍ଦିଷ୍ଟ ଓ ସ୍ଥାପିତ ଶିକ୍ଷା ।

**Dogmatic, dogmatical**, *a.* 1. ମୂଳସୂତ୍ରସମ୍ବନ୍ଧୀୟ, ମୂଳସୂତ୍ରବିଶିଷ୍ଟ; 2. କର୍ତ୍ତୃତ୍ୱଭାବେ କଥିତ, ଯୁକ୍ତି ବା ପ୍ରମାଣ ବିନା କଥିତ, କର୍ତ୍ତୃତ୍ୱରୂପ, ସ୍ୱମତପୋଷକ, ଦୃଢ, ସ୍ୱମତାଭିମାନୀ, ଗର୍ବିତ ।

**Dogmatically**, *ad.* ଦୃଢୋକ୍ତିରେ, କର୍ତ୍ତୃତ୍ୱରୂପେ, ନିଶ୍ଚିତରୂପେ, ସ୍ୱମତପୋଷକରୂପେ, ଗର୍ବିତଭାବେ ।

**Dogmatics**, *n.* ମୂଳସୂତ୍ରବିଷୟକ ପାରମାର୍ଥିକ ବିଜ୍ଞାନ, ଖ୍ରୀଷ୍ଟଧର୍ମର ମୂଳସୂତ୍ରମାନ ।

**Dogmatism**, *n.* କଥନର ସ୍ଥିରନିଶ୍ଚୟତା, ସ୍ୱମତାଭିମାନ, ଅଭିମାନପୂର୍ଣ୍ଣ ସମର୍ଥନ ।

**Dogmatist**, *n.* ଯେ ଯୁକ୍ତି ବା ପ୍ରମାଣ ବିନା ସମର୍ଥନ କରେ, ସ୍ୱମତାଭିମାନୀ ବ୍ୟକ୍ତି, ଅଭିମାନରେ ସ୍ୱମତ ସମର୍ଥନକାରୀ ।

**Dogmatize**, *v.i.* ଯୁକ୍ତି ବା ପ୍ରମାଣ ବିନା ସମର୍ଥନ-କ, ଦୃଢୋକ୍ତିରେ ସ୍ୱମତ ସ୍ଥାପନ-କ, ସ୍ୱମତପୋଷକତା-କ, ଦୁଃସାହସରେ ଶିକ୍ଷା-ଦେ, ଗର୍ବିତଭାବେ ମତ ସମର୍ଥନ-କ ।

**Dog's-ear**, *n.* ପୁସ୍ତକର କୋଣମୋଡା ପୃଷ୍ଠା ।—*v.t.* (ପୁସ୍ତକ ପୃଷ୍ଠାର) କୋଣ ମୋଡିବାର ।

**Dog-sleep**, *n.* ଛଳନିଦ୍ରା, କପଟ ନିଦ୍ରା, ।

**Dog-star**, *n.* ସୁହେଲ ନକ୍ଷତ୍ର ।

**Dog-tooth**, *n.* (ମନୁଷ୍ୟର) କୁକୁର ଦାନ୍ତ ।

**Dog-watch**, *n.* (ଜାହାଜମାନଙ୍କର) ଦୁଇ ଘଣ୍ଟାର ଦୁଇ ପ୍ରହରର ନାମ, ସଂକ୍ଷିପ୍ତ ପ୍ରହର ।

**Doily**, *n.* (*pl.* Doilies or d'oyleys), ମେଜର ଶୋଭାକର ପଟିବିଶେଷ ।

**Doings**, *n. pl.* 1. କ୍ରିୟା, କର୍ମ, ଆଚାରବ୍ୟବହାର; 2. କାରଖାନା, ଧୂମଧାମ ।

**Doit**, *n.* 1. କ୍ଷୁଦ୍ର ମୁଦ୍ରାବିଶେଷ; 2. ତୁଚ୍ଛ ବିଷୟ ।

**Doldrums**, *n.* 1. ବିଷାଦ; 2. ବିଷୁବରେଖା ନିକଟବର୍ତ୍ତୀ ଶାନ୍ତ ସମୁଦ୍ର ।

**Dole**, *n.* 1. (poetical), ବାଣ୍ଟ, ଭାଗ, ଅଂଶ; 2. ଦାନ ।—*v.t.* ବାଣ୍ଟିବାର, ବିତରଣ-କ, ବିଶେଷରେ ଦାନ ଭାବରେ ଦେବାର ।

**Dole**, *n.* (poetical), ଶୋକ, ଦୁଃଖ ।

**Doleful**, *a.* ଶୋକପୂର୍ଣ୍ଣ, ଦୁଃଖପୂର୍ଣ୍ଣ, ଶୋକସୂଚକ, ଦୁଃଖଜନକ, ବିଷଣ୍ଣ ।

**Dolefully**, *ad.* ଶୋକପୂର୍ଣ୍ଣଭାବେ, ଦୁଃଖିତଭାବେ, ବିଷଣ୍ଣଭାବେ ।

**Dolefulness**, *n.* ଶୋକପୂର୍ଣ୍ଣତା, ବିଷଣ୍ଣତା, ଶୋକାବସ୍ଥା ।

**Dolesome**, *a.* ଦୁଃଖପୂର୍ଣ୍ଣ, ଘୋର ।

**Doll**, *n.* କଣ୍ଢେଇ, ପୁତ୍ତଳିକା ।

**Dollar**, *n.* ଆମେରିକା ଦେଶୀୟ ମୁଦ୍ରା ବା ନୋଟ୍ ବିଶେଷ କି ଯାହାର ମୂଲ୍ୟ ତିନି ଟଙ୍କା ଦୁଇ ଅଣା ଅଟେ ।

**Dolman**, *s.* ଫତେଇ ବିଶେଷ ।

**Dolorous**, *a.* ଦୁଃଖପୂର୍ଣ୍ଣ, ଦାରୁଣ, ଶୋକସୂଚକ ।

**Dolorously**, *ad.* ଦୁଃଖପୂର୍ଣ୍ଣଭାବେ, ବିଷଣ୍ଣଭାବେ, ଶୋକସୂଚକରୂପେ ।

**Dolour, dolor**, *n.* ଶୋକ, ଦୁଃଖ, ବିଳାପ ।

**Dolphin**, *n.* ତିମି ଜାତୀୟ ମତ୍ସ୍ୟବିଶେଷ, ଶୁଶ୍ ବା ଶୁଶୁ ।
**Dolt**, *n.* ବୋକା, ଗମାର, ସ୍ଥୂଳବୁଦ୍ଧି ଲୋକ ।
**Doltish**, *a.* ସ୍ଥୂଳବୁଦ୍ଧି, ମୂର୍ଖ ।
**Domain**, *n.* 1. ରାଜ୍ୟ, ପ୍ରଦେଶ ; 2. ଭୂସମ୍ପତ୍ତି ; 3. ବିଭାଗ ; 4. ସ୍ୱତ୍ୱ, ଆଧିପତ୍ୟ ।
**Dome**, *n.* 1. ଗୁମ୍ବଜ, ଶିଖରସ୍ଥିତ ; 2. (poetical), ଅଟ୍ଟାଳିକା ; 3. ଅର୍ଦ୍ଧଗୋଲାକାର ଆଚ୍ଛାଦନ ।
**Domed**, *a.* ଗୁମ୍ବଜଯୁକ୍ତ ।
**Domestic**, *a.* 1. ଘରୁଆ, ଗୃହସମ୍ବନ୍ଧୀୟ, ଗାର୍ହସ୍ଥ୍ୟ ; 2. ଗୃହୀ, ଗୃହପ୍ରିୟ ; 3. ଘରପୋଷା, ଗୃହପାଳିତ, ପୋଷା ; 4. ସ୍ୱଦେଶୀୟ ।—domestic economy, ଗୃହ କାର୍ଯ୍ୟର ଉତ୍ତମ ପ୍ରଣାଳୀ ।—*n.* ଘରୁଆ ଚାକର, ଭୃତ୍ୟ ।
**Domestically**, *ad.* ଗୃହ କାର୍ଯ୍ୟ ସମ୍ବନ୍ଧରେ, ଘରୁଆ ଭାବରେ ।
**Domesticate**, *v.t.* 1. ଗୃହପ୍ରିୟ କରାଇବାର ; 2. ଘରପୋଷା-କ, ହାତପୋଷା-କ, ପୋଷା-କ ; 3. ପ୍ରଚଳିତ-କ ।
**Domestication**, *n.* 1. ଗୃହପ୍ରିୟକରଣ, ଗୃହପ୍ରିୟତା ; 2. ଗୃହପୋଷଣ ।
**Domesticity**, *n.* 1. ଗୃହପ୍ରିୟତା, ପାରିବାରିକ ଜୀବନ ; 2. ସ୍ୱଗୃହର ବିଷୟ ବା ଅଭ୍ୟାସ ।
**Domicile**, *n.* ବାସସ୍ଥାନ, ବାସଭୂମି, ଗୃହ ।—*v.t.* ଗୃହରେ ବାସ କରାଇବାର, ବାସସ୍ଥାନ ଯୋଗାଇ-ଦେ ।
**Domiciliary**, *a.* ବାସସ୍ଥାନସମ୍ବନ୍ଧୀୟ, ଗୃହସମ୍ବନ୍ଧୀୟ ।
**Domiciliate**, *v.t.* ଗୃହରେ ବାସ କରାଇବାର ।
**Domiciliation**, *n.* ସ୍ଥାୟୀ ବାସ, ବାସ । [ପ୍ରବଳ ।
**Dominant**, *a.* 1. ପ୍ରଭୁତ୍ୱବାନ୍, କର୍ତ୍ତୃତ୍ୱବାନ୍, 2. ପ୍ରଧାନ,
**Dominate**, *v.t.* ଦମନ-କ, ପ୍ରଭୁତ୍ୱ-କ, କର୍ତ୍ତୃତ୍ୱ-କ, ଶାସନ-କ ।—*v.i.* ପ୍ରଧାନ ବା ପ୍ରବଳ-ହେ ।
**Domination**, *n.* ଦମନ, ପ୍ରଭୁତ୍ୱ, କର୍ତ୍ତୃତ୍ୱ, ଶାସନ ।
**Domineer**, *v.i.* ଅତ୍ୟାଚାର କରି ଶାସନ-କ, ଦାମ୍ଭିକ ଭାବେ କର୍ତ୍ତୃତ୍ୱ-କ, followed by *over*.
**Domineering**, *a.* ଦାମ୍ଭିକ, ପ୍ରଗଲ୍ଭ, କର୍ତ୍ତୃତ୍ୱପୂର୍ଣ୍ଣ, କର୍ତ୍ତାପର ।
**Dominical**, *a.* 1. ରବିବାରସମ୍ବନ୍ଧୀୟ ; 2. ପ୍ରଭୁସମ୍ବନ୍ଧୀୟ, ଖ୍ରୀଷ୍ଟସମ୍ବନ୍ଧୀୟ ।
**Dominican**, *n.* ରୋମାନକାଥଲିକ୍ ଧର୍ମସମ୍ବନ୍ଧୀୟ ସନ୍ନ୍ୟାସୀ ଦଳର ସଭ୍ୟ ।
**Dominie**, *n.* (Scot. and Old Eng.) ଅଧ୍ୟାପକ ।
**Dominion**, *n.* 1. ପ୍ରଭୁତ୍ୱ, ସ୍ୱତ୍ୱ, କ୍ଷମତା ; 2. (in law) ସ୍ୱତ୍ୱ, ଅଧିକାର ; 3. ରାଜ୍ୟ, ଶାସନାଧୀନ ଦେଶ, ପ୍ରଦେଶ ।
**Domino**, *n.* 1. ଛଦ୍ମବେଶର ପୋଷାକବିଶେଷ ; 2. ସ୍ତ୍ରୀଲୋକମାନଙ୍କ ପିନ୍ଧିବା ପୂର୍ବକାଳୀନ ମୁଖା ; 3. ଛଦ୍ମବେଶର ପୋଷାକ ପିନ୍ଧିବା ଲୋକ ।—*pl.* dominoes, ଖେଳବିଶେଷ ।
**Don**, *n.* 1. ସ୍ପେନ୍ ଦେଶୀୟ ଉପାଧି ଅର୍ଥାତ୍ ମହାଶୟ ; 2. ସ୍ପେନ୍ ଦେଶୀୟ ଭଦ୍ର ଲୋକ ; 3. (colloquial) ବିଶ୍ୱବିଦ୍ୟାଳୟର ଉଚ୍ଚପଦସ୍ଥ ଲୋକ ।
**Don**, *v.t.* ପିନ୍ଧିବାର, ପରିଧାନ-କ ।
**Donate**, *v.t.* ପ୍ରଦାନ-କ ।
**Donation**, *n.* 1. ପ୍ରଦାନ ; 2. ପ୍ରଦତ୍ତ ବିଷୟ, ଦାନ, ପାରିତୋଷିକ ।
**Donative**, *n.* 1. ଦାନ, ପାରିତୋଷିକ ; 2. ଧର୍ମୋପଦେଶକର ବୃତ୍ତିବିଶେଷ ।—*a.* ବୃତ୍ତିଦତ୍ତ ।
**Donee**, *n.* ଦାନ ଗ୍ରହୀତା, ଦାନଗ୍ରାହୀ ।
**Donjon**, *n.* ଗଡ଼ର ପ୍ରଧାନ ଦୁର୍ଗ ।
**Donkey**, *n.* 1. ଗଧ ; 2. ମୂର୍ଖ ବା ଅଜାଡ଼ ଲୋକ ।
**Donor**, *n.* ଦାନକର୍ତ୍ତା, ଦାତା ।
**Dooly, Doolie**, *n.* ଡୋଲି ।
**Doom**, *n.* 1. ବିଚାରାଜ୍ଞା, ଦଣ୍ଡାଜ୍ଞା ; 2. ଶେଷ ବିଚାର ; 3. ଅଦୃଷ୍ଟ, ଭାଗ୍ୟ, ଦୁରାବସ୍ଥା, ସର୍ବନାଶ ।—crack of doom, ପ୍ରଳୟ ।—*v.t.* 1. ଦଣ୍ଡାଜ୍ଞା-ଦେ, ରାୟ-ଦେ ; 2. ନିରୂପଣ-କ ।
**Doomed**, *p.a.* ସର୍ବନାଶ ନିମନ୍ତେ ନିରୂପିତ ।
**Doomsday**, *n.* ଶେଷବିଚାର ଦିନ, ମହାବିଚାର ଦିନ ।—doomsday book, ପ୍ରଥମ ଉଇଲିୟମ ରାଜାଙ୍କ ଆଦେଶରେ ପ୍ରସ୍ତୁତ ଜମାବନ୍ଦି ଗ୍ରନ୍ଥ ।
**Door**, *n.* 1. ଦ୍ୱାର ; 2. କବାଟ ; 3. ପ୍ରବେଶର ପଥ, ପ୍ରବେଶର ଉପାୟ ; 4. ନିକଟସ୍ଥ ଘର (next-door) ।—to lie at one's door, ଅଭିଯୋଗଣୀୟ-ହେ । out of doors, ବାହାରେ । in doors, ଘର ଭିତରେ, ଘରେ, ଭିତରେ ।
**Doorkeeper**, *n.* ଦ୍ୱାରୀ, ଦ୍ୱାରପାଳ, ଦ୍ୱାରରକ୍ଷକ, ଦୌବାରିକ, ଦରୁଆନ ।
**Doorpost**, *n.* କବାଟର ବାହୁବନ୍ଧ ।
**Doorway**, *n.* ଦ୍ୱାର ।
**Doric**, *a.* ଗ୍ରୀସ ଦେଶୀୟ ଗୃହ ନିର୍ମାଣର ପ୍ରଣାଳୀ ।
**Dormancy**, *n.* 1. ନିଦ୍ରିତାବସ୍ଥା ; 2. ଅପ୍ରଚଳନ ।
**Dormant**, *a.* 1. ନିଦ୍ରାଳୁ, ନିଦ୍ରିତ, ସୁପ୍ତ ; 2. ଅବ୍ୟବହୃତ, ଅପ୍ରଚଳିତ, ଅକାର୍ଯ୍ୟକାରୀ ।
**Dormitory**, *n.* ନିଦ୍ରାଶାଳା, ଶୋଇବାଘର, ଶୟନାଗାର ।
**Dormouse**, *n.* କ୍ଷୁଦ୍ର ମୂଷାବିଶେଷ ଯେ ଶୀତକାଳ ସାରା ନିଦ୍ରିତ ଥାଏ ।
**Dorsal**, *a.* ପୃଷ୍ଠସମ୍ବନ୍ଧୀୟ, ପୃଷ୍ଠଦେଶସ୍ଥ ।
**Dory**, *n.* ଡଙ୍ଗା ବିଶେଷ ।
**Dose**, *n.* 1. ଔଷଧର ମାତ୍ରା, ପାକେ, ଢୋକେ ; 2. ଅରୁଚିକର ଔଷଧ ।—*v.t.* 1. ଔଷଧର ମାତ୍ରା ବା ପାକ-ଦେ, ଔଷଧ-ଦେ ; 2. ଅସେବକ ଔଷଧ ପରି (କୌଣସି ବିଷୟ) ଦେ, as, to dose one with advice, ଅତିରିକ୍ତରୂପେ-ଦେ, as, to dose one with flattery.
**Dot**, *n.* ବିନ୍ଦୁ, ଦାଗ, ଚିହ୍ନ ।—*v.t.* ବିନ୍ଦୁ-ଦେ, ଦାଗ-ଦେ ।—*v.i.* ବିନ୍ଦୁ-କ, ଦାଗ-କ ।
**Dotage**, *n.* 1. ବୃଦ୍ଧାବସ୍ଥା ହେତୁ ବୁଦ୍ଧିକ୍ଷୀଣତା, ବୁଦ୍ଧିନାଶ ; 2. ଅତିରିକ୍ତ ସ୍ନେହ ।

Dotard, *n.* 1. ବୃଦ୍ଧାବସ୍ଥା ହେତୁ ବୁଦ୍ଧିକ୍ଷୀଣ ହୋଇଥିବା ଲୋକ, କ୍ଷୀଣବୁଦ୍ଧି ଲୋକ; 2. ଅତ୍ୟନ୍ତ ସୁଆଗକାରୀ, ଭ୍ରମରଥୀ ।

Dote, *v.i.* 1. ବୃଦ୍ଧାବସ୍ଥା ହେତୁ ବୁଦ୍ଧିକ୍ଷୀଣ ହେ, କ୍ଷୀଣବୁଦ୍ଧି-ହେ; 2. ଅତ୍ୟନ୍ତ ସୁଆଗକାରୀ-ହେ, ଅତ୍ୟନ୍ତ ଅନୁରକ୍ତ-ହେ ।

Doting, *p.a.* 1. ବୃଦ୍ଧାବସ୍ଥା ହେତୁ କ୍ଷୀଣବୁଦ୍ଧି; 2. ଅତ୍ୟନ୍ତ ସୁଆଗୀ ।

Dotingly, *ad.* ଅତ୍ୟନ୍ତ ସୁଆଗରେ ।

Douay Bible, *n.* ରୋମାନ୍‌କାଥଲିକ୍ ମଣ୍ଡଳୀର ଖ୍ରୀଷ୍ଟୀୟ ଧର୍ମପୁସ୍ତକର ଇଂରାଜୀ ଅନୁବାଦ ।

Double, *a.* 1. ଦୋହରା, ଯୁଗ୍ମବିଶିଷ୍ଟ; 2. ଦ୍ୱିଗୁଣ, ଦୁଇ ପ୍ରସ୍ଥ; 3. ଅତିବଡ, ଅତିଶକ୍ତ; 4. (ଉଦ୍ଭିଦ୍‌ବିଦ୍ୟାରେ) ଅତ୍ୟନ୍ତ ପାଖୁଡାଲଗା; 5. ଦ୍ୱିପ୍ରକାର, ଦୋମୁହାଁ, ଅସରଳ, ଶଠ ।—*v.t.* 1. ଦ୍ୱିଗୁଣ-କ, ପୁନର୍ବାର-କ; 2. ଦୁଇପ୍ରସ୍ଥ-କ; ଭାଙ୍ଗ-କ; 3. (ଅନ୍ତରୀପକୁ) ଘୂରି ଯିବାର ।—*v.i.* 1. ଦ୍ୱିଗୁଣ-ହେ; 2. ଫେରି ପଳାଇବାର; 3. ଚାଲାକି-କ ।—*n.* 1. ଦ୍ୱିଗୁଣ ପରିମାଣ; 2. ଫେରା; 3. ପ୍ରତିରୂପ; 4. ଭାଙ୍ଗ ।

Double-acting, *p.a.* ଦ୍ୱିପ୍ରକାର ଫଳୋତ୍ପାଦକ ।

Double-barrelled, *a.* ଦୋନଳୀ ।

Double-dealer, *n.* ପ୍ରବଞ୍ଚକ, କପଟୀ ।

Double-dealing, *n.* ପ୍ରବଞ୍ଚନା, କପଟତା, ଶଠତା, ଧୂର୍ତ୍ତାମି ।

Double-dyed, *a.* 1. ଦ୍ୱିପ୍ରସ୍ଥ ରଙ୍ଗଦିଆ; 2. ପକ୍କା (*double-dyed* villain) ।

Double-edged, *a.* ଦ୍ୱିଧାରଯୁକ୍ତ ।

Double-faced, *a.* ଦ୍ୱିମୁଖ, ଦୋମୁହାଁ, କପଟୀ ।

Double-first, *n.* ଅକ୍ସଫର୍ଡ ବିଶ୍ୱବିଦ୍ୟାଳୟରେ ଯେ ଅଙ୍କଶାସ୍ତ୍ରରେ ଓ ଲାଟିନ ଅବା ଗ୍ରୀକ ଭାଷାରେ ପ୍ରଥମ ହୁଏ, ଉକ୍ତ ପ୍ରଥମ ସ୍ଥାନପ୍ରାପ୍ତିର ସୂଚ୍ୟାର୍ଥ ।

Double-hearted, *a.* ପ୍ରତାରଣାଶୀଳ, ପ୍ରବଞ୍ଚକ, ବିଶ୍ୱାସଘାତକ ।

Double-minded, *a.* ଦ୍ୱିମନା, ଦୋମନା, ଅସ୍ଥିରମନା, ଚଞ୍ଚଳ ।

Doubleness, *n.* 1. ଦ୍ୱୈଗୁଣ୍ୟ; 2. କପଟତା ।

Double-quick, *n.* ଦୌଡିବା ପରି ଚଞ୍ଚଳଗତି ।—*a.* ଅତି ଚଞ୍ଚଳ ।

Doublet, *n.* 1. ପୂର୍ବକାଳୀନ ପରିଚ୍ଛଦବିଶେଷ; 2. ଯୁଗ୍ମରୁ ଏକ ।

Double-tongued, *a.* ଦ୍ୱିଜିହ୍ୱ, ପ୍ରବଞ୍ଚକ, ଖଳ ।

Doubling, *n.* 1. ଦ୍ୱିଗୁଣକରିବା; 2. ଭାଙ୍ଗ ।

Doubloon, *n.* ସ୍ପେନ୍‌ଦେଶୀୟ ପୂର୍ବକାଳୀନ ସ୍ୱର୍ଣ୍ଣମୁଦ୍ରା ।

Doubly, *ad.* 1. ଦ୍ୱିଗୁଣ ପରିମାଣରେ, ଦ୍ୱିଗୁଣରେ, ଦ୍ୱିବିଧରୂପେ; 2. ପ୍ରବଞ୍ଚକରୂପେ ।

Doubt, *v.i.* ଦ୍ୱିଧା-କ, ଧୋକା-କ, ସନ୍ଦେହ-କ ।—*v.t.* ଅପ୍ରତ୍ୟୟ-କ, ସଂଶୟ-କ ।—*n.* ଦ୍ୱିଧା, ସଂଶୟ, ସନ୍ଦେହ, ଅନିଶ୍ଚିତତା; 2. କଷ୍ଟ ବିଷୟ, ଆପତ୍ତି ।

Doubtable, *a.* ସନ୍ଦେହଯୋଗ୍ୟ ।

Doubtful, *a.* 1. ସନ୍ଦେହପୂର୍ଣ୍ଣ, ସନ୍ଦେହଯୁକ୍ତ, ସନ୍ଦିଗ୍ଧ; 2. ଅନିଶ୍ଚିତ, ଅନିର୍ଣ୍ଣୀତ; 3. ଅସ୍ପଷ୍ଟ, ସନ୍ଦେହଜନକ, ସନ୍ଦେହସୂଚକ ।

Doubtfully, *ad.* 1. ଦ୍ୱିଧାପୂର୍ବକ, ସନ୍ଦିଗ୍ଧରୂପେ; 2. ଅନିଶ୍ଚିତରୂପେ ।

Doubtfulness, *a.* 1. ସନ୍ଦିଗ୍ଧତା; 2. ଅନିଶ୍ଚିତତା; 3. ଅସ୍ପଷ୍ଟତା ।

Doubtless, doubtlessly, *ad.* ନିଃସନ୍ଦେହରେ, ଅବଶ୍ୟ, ନିଶ୍ଚିତରୂପେ ।

Douceur, *n.* (French), *du-ser'*, ପାରିତୋଷିକ, ବକ୍‌ଶିସ୍, ପ୍ରଲୋଭନ, ଲାଞ୍ଚ ।

Dough, *n.* *dō*, ଚକଟା ମଇଦା, ଗୋଳା ଅଟା, ଅର୍ଦ୍ଧକୁଟା ।

Dough-nut, *n.* ପିଠାବିଶେଷ ।

Doughtily, *ad.* *dou'ti-li*, ସାହସପୂର୍ବକ, ବିକ୍ରମୀରୂପେ ।

Doughtiness, *n.* ସାହସିକତା, ବିକ୍ରମ ।

Doughty, *a.* *dou'ti*, 1. ସାହସୀ, ବିକ୍ରମୀ; 2. ଗର୍ବିତ ।

Doughy, *a.* *dō-i*, ଚକଟା ମଇଦା ପରି କୋମଳ, ନରମ, ଢିଲା, ଅର୍ଦ୍ଧ ପକ୍ୱ ।

Douse, dowse, *v.t.* 1. ଅକସ୍ମାତ୍ ପାଣିରେ ପକାଇ-ଦେ, ବୁଡାଇବାର; 2. ଲୁଚାଇବାର; 3. ପାଲ ଉତାରିବାର ।—*v.i.* ଅକସ୍ମାତ୍ ପାଣିରେ ପଡିବାର, ଅକସ୍ମାତ୍ ପାଣିରେ ପକାଇବାର ।

Dove, *n.* 1. କପୋତ, ପାରା, ଘୁଘୁ, ପାରୀ; 2. ସ୍ନେହସୂଚକ ଶବ୍ଦ, ପ୍ରିୟା; 3. (poetic), ସରଳତା, ନମ୍ରତା ଏବଂ ଶାନ୍ତିର ନିଦର୍ଶକ; ଧର୍ମସମ୍ବନ୍ଧୀୟ ଚିତ୍ର ଓ ଶିଳ୍ପରେ ଧର୍ମଗୁରୁଙ୍କର ନିଦର୍ଶକ ।

Dove-cot, Dove-cote, *n.* ପାରାଘର, କପୋତଘର ।

Dovetail, *n.* ଖାଲବନ୍ଦ ।—*v.t.* ଖାଲବନ୍ଦ ଦ୍ୱାରା ଯୋଡିବାର ।

Dowager, *n.* ରାଜା ବା କୁଳୀନର ବିଧବାର ବିଶେଷକ ଉପାଧି, *e.g.* the widowed mother of a king would be Queen-dowager, and the wife would be Queen.

Dowdy, *n.* ବୋକଟା ସ୍ତ୍ରୀ ।—*a.* ବୋକଟା, କୁତ୍ସିତବେଶା, କୁତ୍ସିତ ।

Dowel, *n.* ଖୋଡଗାଲ ।

Dower, *n.* 1. ନିଜର ଅଧିକାର ବା ସ୍ୱାଭାବିକ ଗୁଣମାନ; 2. ମୃତ ସ୍ୱାମିର ଧନ ଯାହା ବିଧବା ଜୀବନ ଯାଏ ଭୋଗ କରେ; 3. ସ୍ତ୍ରୀଧନ, ଯୌତୁକ ।

Dowered, *a.* ସ୍ତ୍ରୀଧନପ୍ରାପ୍ତ, ଯୌତୁକପ୍ରାପ୍ତ ।

Dowerless, *a.* ସ୍ତ୍ରୀଧନ ରହିତ, ଅଯୌତୁକା ।

Down, *n.* 1. ନରମପକ୍ଷ, କୁଆପକ୍ଷ, କୋମଳ ଲୋମ; 2. ଅଂଶୁ ।

Down, *n.* 1. ଘାସଥିବା ମଇଦାନ; 2. ପଡିଆ; 3 ଲକ୍ଷ୍ମୀଛଡା ।

**Down**, *ad.* 1. ତଳକୁ, ନିମ୍ନକୁ, ତଳେ; 2. ଶେଷପର୍ଯ୍ୟନ୍ତ, ଶେଷପର୍ଯ୍ୟନ୍ତ; 3. ପୂର୍ବାବସ୍ଥ, ପୂର୍ବକୁ; 4. ପୂର୍ବକାଳେ; 5. ଅଧୀନରେ, ବଶରେ; 6. ରେ, (କାଗଜ) ଉପରେ। —to beat down, ଦର କମ୍-କ। to boil down, ବଳୁଳିଯ କର ସିଝାଇବାର। to go down, କମି ଯିବାର। to keep down, ବଶରେ ରଖିବାର। to pay cash down, ଠିକ ପାଇଲାବେଳେ ଟଙ୍କା ନଗଦ ଦେବାର। to cool down, ଥଣ୍ଡା-ହେ, ମନସ୍ଥିର-କ। —*prep.* ତଳକୁ।—*a.* 1. ନିମ୍ନଗାମୀ; 2. ବିଷଣ୍ଣ, ହତାଶ।

**Downcast**, *a.* 1. ଅଧୋମୁଖ; 2. ବିଷଣ୍ଣ, ଦୁଃଖିତ।

**Downcome, downfall**, *n.* ପତନ, ଅଧଃପତନ ଧ୍ୱଂସ।

**Down-hearted**, *a.* ହତାଶ, ଉତ୍ସାହହୀନ।

**Downhill**, *a.* 1. ଗଡାଣି, ଢାଲୁ, କ୍ରମନିମ୍ନ; 2. ସହଜ। —*ad.* କ୍ରମ ନିମ୍ନଭାବରେ, ଗଡାଣିଭାବେ।

**Downiness**, *n.* 1. କୋମଳପକ୍ଷବିଶିଷ୍ଟତା; 2. କୁଅପକ୍ଷଯୁକ୍ତତା; 3. ଅଂଶୁଯୁକ୍ତତା।

**Down-line**, *n.* ରାଜଧାନୀ ଅବା ବିଶେଷ ସ୍ଥାନରୁ ଅନ୍ୟାନ୍ୟ ସ୍ଥାନକୁ ଯିବା ରେଲବାଟ। [ବିଶେଷ ବୃଷ୍ଟି।

**Downpour**, *n.* ଘୋର ବର୍ଷା, ମୁଷଳଧାରରେ ବୃଷ୍ଟି,

**Downright**, *ad.* 1. ସରଳ ରେଖାକ୍ରମେ, ଠିକ୍ ସିଧାରେ; 2. ନିଃସନ୍ଦେହରେ, ସ୍ପଷ୍ଟରୂପେ; 3. ସମ୍ପୂର୍ଣ୍ଣରୂପେ।—*a.* 1. ସରଳ, ସ୍ପଷ୍ଟ, ପ୍ରକୃତ; 2. ଅକପଟ, ଶାଣ୍ଟି; 3. ପୂରା, ନିତାନ୍ତ, ନିହାତ, ପକ୍କା। [ସ୍ଥଳରେ।

**Down-stairs**, *a.* ତଳମହଲସମ୍ବନ୍ଧୀୟ।—*ad.* ତଳମହ-

**Down-stroke**, *n.* 1. ତଳଅଡେ ମୁଷା ମାରିବା; 2. (penmanship) ଅକ୍ଷର ଲେଖିବା ସମୟରେ ହାତ ଦ୍ୱାରା ତଳକୁ ମୋଟା ଲେଖା। [ରେଳଗାଡି।

**Down-train**, *a.* ପ୍ରଧାନ ସ୍ଥାନରୁ ଅନ୍ୟାନ୍ୟ ଦିଗକୁ ଯିବା

**Downtrodden**, *a.* ପଦଦଳିତ, ଉପଦ୍ରୁତ।

**Downward, downwards**, *ad.* 1. ତଳଅଡେ, ନିମ୍ନରେ, ଅଧୋଭାଗରେ; 2. କାଳାନୁକ୍ରମେ; 3. ଅଧୋଗତରେ, ଅବନତଭାବରେ।—downward, *a.* ଗଡାଣି, ନିମ୍ନଗାମୀ, ଅଧୋଗାମୀ।

**Downy**, *a.* 1. ନରମ ପକ୍ଷଯୁକ୍ତ, କୋମଳପକ୍ଷସମ୍ବନ୍ଧୀୟ; 2. ନବୀନପକ୍ଷପର; 3. ଅଂଶୁଯୁକ୍ତ; 4. କୋମଳ, ନରମ, ଶାନ୍ତିକର; 5. (slang) ସିଆଣା।

**Dowry**, *n.* 1. ଯୌତୁକ, ସ୍ତ୍ରୀଧନ; 2. ଦାନ, ଅଧିକାର।

**Doxological**, *a.* ଈଶ୍ୱରଙ୍କ ପ୍ରଶଂସାର୍ଥକ ବିଶେଷ ପଦ୍ୟସମ୍ବନ୍ଧୀୟ, ସ୍ତୁତଗାନବିଷୟକ, ଧନ୍ୟବାଦସୂଚକ।

**Doxology**, *n.* ଈଶ୍ୱରଙ୍କ ସ୍ତୁତିସୂଚକ କ୍ଷୁଦ୍ର ଗୀତ, ଈଶ୍ୱରଙ୍କ ପ୍ରଶଂସାର୍ଥକ ବିଶେଷ ପଦ୍ୟ।

**Doze**, *v.i.* ଢୁଲାଇବାର, ଘୁମାଇବାର, ନିଦ୍ରା ଯାଉଥିବାର, ଅର୍ଦ୍ଧ ନିଦ୍ରିତ-ହେ।—*v.t.* ଅର୍ଦ୍ଧ ନିଦ୍ରାରେ କ୍ଷେପଣ-କ, ଆଳସ୍ୟରେ କ୍ଷେପଣ-କ।—*n.* ଅଳ୍ପ ନିଦ୍ରା, ଘୁମ, ତନ୍ଦ୍ରା, ଢୁଳ। [ଅନେକ।

**Dozen**, *n.* 1. ବାରଗୋଟା, ଦର୍ଜନ୍; 2. ଅନିର୍ଦ୍ଦିଷ୍ଟ ସଂଖ୍ୟା,

**Dozy**, *a.* ନିଦ୍ରାଳୁ, ତନ୍ଦ୍ରାଳୁ।

**Drab**, *n.* ମାଟିଆ ରଙ୍ଗ ବିଶେଷ।—*a.* ମାଟିଆରଙ୍ଗ।

**Drachma, drachm**, *n.* *drakma, dram*, ଗ୍ରୀସ୍ ଦେଶୀୟ ମୁଦ୍ରା ଓ ବଟକର ବିଶେଷ।

**Draconic, draconian**, *a.* 1. ଡ୍ରାକୋ ନାମା ଏଥେନ୍ସ ନଗରୀୟ ବ୍ୟବସ୍ଥାପକସମ୍ବନ୍ଧୀୟ; 2. (applied to laws), କଠୋର, ନିଷ୍ଠୁର।

**Draff**, *n.* ଗାଦ, ଉଚ୍ଛିଷ୍ଟ।

**Draffy**, *a.* ଗାଦପରି, ଅକର୍ମଣ୍ୟ।

**Draft**, *n.* 1. ବସ୍ତୁ ଲୋକ ବା ବସ୍ତୁ, ଦଳ; 2. ବରାତ ଚିଠୀ, ହୁଣ୍ଡୀ; 3. ପାଣ୍ଡୁଲେଖା, ପାଣ୍ଡୁଲିପି; 4. ନକ୍ସା।—*v.t.* 1. ପାଣ୍ଡୁଲିପି ଲେଖିବାର; 2. ନକ୍ସା-କ; 3. ବାଛିବାର, ପୃଥକ-କ।

**Draftsman**, *n.* see Draughtsman.

**Drag**, *v.t.* 1. ଟାଣିବାର, ଓଟାରି ନେବାର, ଘୋଷାଡି ନେ; 2. ଧୀରେ ବା କଷ୍ଟରେ ଚଲାଇବାର; 3. ଜାଲ ଅବା ହୁକ ଦ୍ୱାରା (ପାଣିରେ) ଖୋଜିବାର।—*v.i.* 1. ଟଣା ଯିବାର, ଓଟର-ହେ; 2. ଘୋଷଡା-ହେ; 3. ଧୀରେ ଚଳିବାର, କଷ୍ଟରେ ଚଳିବାର।—*n.* 1. ଟଣାଜାଲ; 2. ପାଣିରେ ଖୋଜିବା ଅଙ୍କୁଶୀ ବିଶେଷ; 3. ମଇ, ବିଦା ବିଶେଷ; 4. ଚାରିଚକିଆ ଗାଡିବିଶେଷ; 5. ଚକର ଗତିରୋଧକ ଯନ୍ତ୍ରବିଶେଷ। 6. ଗତିରୋଧକ ବିଷୟ, ଉନ୍ନତି ପ୍ରତିବନ୍ଧକ ବ୍ୟକ୍ତି।

**Draggle**, *v.t.* କାଦୁଅରେ ଘୋଷାଡି ମଇଳା-କ।—*v.i.* କାଦୁଅରେ ଘୋଷଡା ହୋଇ ମଇଳା-ହେ।

**Draggle-tail**, *n.* ନୋଂରା ସ୍ତ୍ରୀ।

**Draggle-tailed**, *a.* ନୋଂରା।

**Drag-net**, *n.* ଟଣାଜାଲ, ବଡଜାଲ।

**Dragoman**, *n.* (ତୁର୍କୀ ଓ ମିଶର ଦେଶାଦିରେ) ପର୍ଯ୍ୟଟକର ଦୋଭାଷୀ ପଥଦର୍ଶକ।

**Dragon**, *n.* 1. ପକ୍ଷଯୁକ୍ତ କଳ୍ପିତ ସର୍ପ ବିଶେଷ; 2. କୋପୀ ଲୋକ, ଚଣ୍ଡୀ; 3. ଡେଣାପରି ଉପାଙ୍ଗବିଶିଷ୍ଟ ଏଣ୍ଡୁଅ।

**Dragon-fly**, *n.* ହିଙ୍କାରପୋକ, କଙ୍କୀ।

**Dragon's-blood**, *n.* କୁଟିଳା।

**Dragoon**, *n.* ଅଶ୍ୱାରୋହୀ ସୈନ୍ୟ ବିଶେଷ।—*v.t.* ଦୌରାତ୍ମ୍ୟ ଦ୍ୱାରା ବାଧ୍ୟ-କ।

**Drain**, *v.t.* 1. ଛାଣିବାର, ସ୍ରେଅଇବାର, ଶୁଷ୍କ-କ, ଶୁଖାଇବାର; 2. ନାଳ ଦ୍ୱାରା ଜଳ ବାହାର-କ; 3. କ୍ରମେ ନେଇ ଖାଲି-କ, ନିଃଶେଷ-କ, କ୍ଷୟ-କ।—*v.i.* କ୍ରମେ ନିର୍ଗତ-ହେ, କ୍ଷରଣ ଦ୍ୱାରା (ତାଳୀୟ ଦ୍ରବ୍ୟରୁ) ଖାଲି-ହେ। —*n.* 1. ଛାଣିବା, ସ୍ରେଅଇବା, ଶୁଷ୍କକରଣ, ନିର୍ଗତ; 2, ନର୍ଦ୍ଦମା, ନାଳ, ପାଣିନଳା, ମହୁରି।

**Drainage**, *n.* 1. ତାଳୀୟ ଦ୍ରବ୍ୟର କ୍ରମଶଃ ନିର୍ଗମନ, କ୍ଷରଣ; 2. ସ୍ରୋତ ଓ ନଦୀ ଦ୍ୱାରା ଦେଶର ଜଳନିର୍ଗମନର ପ୍ରଣାଳୀ, ନାଳ ଦ୍ୱାରା ଜଳ ବାହାରକରିବା, ପୟଃ ପ୍ରଣାଳୀ ସମୂହ; 3. ପୟଃ ପ୍ରଣାଳୀରୁ ନିର୍ଗତ ପଦାର୍ଥ।

**Drain-tile**, *n.* ନର୍ଦ୍ଦମାର ନଳା। [ବିଶେଷ।

**Drain-trap**, *n.* ନର୍ଦ୍ଦମାର ମଳ ବାସ୍ପ ନିବାରକ କଳ

**Drake**, *n.* ଅଣ୍ଡିରା ବତକ, ପୁଂପାତିହଂସ।

**Dram**, *n.* 1. ଔଷଧ ବାଟଖରା ବିଶେଷ ; 2. ଢୋକ, ଏକାବେଳକେ ଯେତେ ମଦ୍ୟ ପାନ କରାଯାଏ ।
**Drama**, *n.* ଅଭିନୟ, ନାଟକ, ସ୍ୱାଙ୍ଗ ।
**Dramatic**, *a.* 1. ଅଭିନୟସମ୍ବନ୍ଧୀୟ, ନାଟକସମ୍ବନ୍ଧୀୟ, ନାଟକୀୟ ; 2. ନାଟକପର ।
**Dramatically**, *ad.* ନାଟକ ପ୍ରକାରରେ, ସ୍ୱାଙ୍ଗରୂପେ ।
**Dramatis Personæ**, *s.* (Latin), ନାଟକର ଅଭିନେତୃମାନେ ।
**Dramatist**, *n.* ନାଟକରଚକ, ନାଟକ ଲେଖକ, ନାଟକ-କର୍ତ୍ତା ।
**Dramatize**, *v.t.* ନାଟକାକାରରେ ରଚନା-କର ।
**Dram-shop**, *n.* ମଦ୍ୟ ଦୋକାନ ।
**Drank**, *v.t. pret.* of Drink.
**Drape**, *v.t.* ବସ୍ତ୍ର ଦ୍ୱାରା ଆବୃତ-କର, ବସ୍ତ୍ର ଦ୍ୱାରା ସଜ୍ଜିତ-କର ।
**Draper**, *n.* ବସ୍ତ୍ରବିକ୍ରେତା, କାପଡ଼ିଆ ।
**Drapery**, *n.* 1. ବସ୍ତ୍ରବ୍ୟବସାୟ ; 2. ବସ୍ତ୍ର, ଲୁଗା, ଝାଲର; 3. (ଶିଳ୍ପ ବା ଚିତ୍ରବିଦ୍ୟାରେ) ମୂର୍ତ୍ତିର ସଜ୍ଜିତ ବସ୍ତ୍ର ।
**Drastic**, *a.* ପ୍ରବଳ, ଉଗ୍ର, ତୀକ୍ଷ୍ଣ, ଗୁଣକାରୀ ।
**Draught**, *n.* 1. ଟଣା ; 2. ପାନକରଣ, ପାନ, ପାନେ, ଢୋକେ; 3. ନକ୍ସାକରିବା, ନକ୍ସା; 4. ପାଣ୍ଡୁଲେଖା, ମୁସାବିଦା; 5. (ଜାଲର) ଏକକ୍ଷେପ (ମାଛ); 6. ନାହାକ ଭସାଇ ଉଠାଇବାକୁ ଜଳର ଗଭୀରତା, ବୋଝାଇ ନାହାକର ଜଳମଗ୍ନ ଅଂଶର ମାପ ; 7. ବାୟୁର ପ୍ରବାହ, 8. *pl.* ଚକା ଖେଳବିଶେଷ ।—*v.t.* ପାଣ୍ଡୁଲିପି-କର ।—*a.* ଟାଣିବାରେ ବ୍ୟବହୃତ ।
**Draughtsman**, *n.* 1. ନକ୍ସାକାରୀ ; 2. ଦଲିଲର ପାଣ୍ଡୁଲେଖକ, ଲିପିକାରକ ।
**Draughty**, *a.* ବାୟୁସ୍ରୋତସମ୍ବନ୍ଧୀୟ, ବାୟୁସ୍ରୋତମୟ ।
**Drave**, old and poetical *pret.* of Drive.
**Dravidian**, *a.* ଦ୍ରାବିଡ଼ୀ, ଦ୍ରାବିଡ଼ଦେଶୀୟ ।
**Draw**, *v.t.* 1. ଟାଣିବାର, ଟାଣି-ନେ, ଓଟାରିବାର ; 2. ବାହାର-କର, କାଢ଼ିବାର; 3. ଆକର୍ଷଣ-କର ; 4. ନେବାର, ପାଇବାର ; 5. ଉତ୍ପନ୍ନ-କର, ଦେବାର, (*i.e.* shares drawing 6 per cent); 6. ପ୍ରଲୋଭିତ-କର; 7. ନକ୍ସା-କର, ଚିତ୍ର-କର; 8. ବର୍ଣ୍ଣନା-କର; 9. ଲେଖିବାର ; 10. ମାଗିବାର, ପ୍ରୟୋଜନ-କର, (*i.e.* the ship draws 20 feet of water.) 11. ଅନୁକୂଳତା ବାହାର-କର; 12. ଉଭୟ ପକ୍ଷ ଜୟୀ ନ ହୋଇ (ଯୁଦ୍ଧ ବା ଖେଳ) ଶେଷ-କର ।—to draw in, ପ୍ରଲୋଭିତ-କର ; 1. ଫୁସଲାଇବାର ; 2. ସଂଗ୍ରହ-କର; 3. ସଙ୍କୁଚିତ-କର ।—to draw out, 1 ଲମ୍ବ-କର, ଦୀର୍ଘ-କର; 2. ରଚନା-କର, ଲେଖିବାର ; 3. ଉତ୍ପନ୍ନ-କର ।·to draw one out, କଥା ବାହାର କରି ନେବାର । to draw up, 1. ଉଠାଇବାର ; 2. ଶ୍ରେଣୀବଦ୍ଧ-କର ; 3. ଲେଖିବାର, ପ୍ରସ୍ତୁତ-କର ।—*v.i.* 1. ଟାଣିବାର; 2. ସଙ୍କୁଚିତ-ହେ ; 3. ଖଡ୍ଗ ଖାପରୁ ବାହାର-କର; 4. ନକ୍ସା-କର; 5. ହୁଣ୍ଡୀ ଲେଖିବାର ।—to draw back, ପଛକୁ ଘୁଞ୍ଚିବାର ।—to draw near, ନିକଟବର୍ତ୍ତୀ-ହେ, ଉପସ୍ଥିତ-ହେ ।—to draw off, ଘୁଞ୍ଚି ଯିବାର ।—to draw up, 1. ଶ୍ରେଣୀବଦ୍ଧ-ହେ ; 2. ଲଗାମ ଟାଣି ଘୋଡ଼ାକୁ ଛିଡ଼ା କରାଇବାର, ସ୍ଥଗିତ-ହେ ।—*n.* 1. ବାହାର କରଣ ; 2. ଆକର୍ଷଣ; 3. ଗୁଳିବାଣ୍ଟରେ ପାଇବା ଅଂଶ ; 4. ଉଭୟ ପକ୍ଷ ଅଜେତା ହେବାର ଖେଳ ।
**Drawable**, *a.* 1. ଟାଣିବାଯୋଗ୍ୟ; 2. ଆକର୍ଷଣୀୟ; 3. ପ୍ରାପଣୀୟ ।
**Drawback**, *n.* 1. ବାଧା, ବ୍ୟାଘାତ, ପ୍ରତିବନ୍ଧକ, ଅସୁବିଧା; 2. ଫେରି ଦେବା ମାସୁଲ ।
**Drawbridge**, *n.* 1. ଚଳନ୍ତା ସେତୁ, ଯେଉଁ ପୋଲ ଇଚ୍ଛାମତେ ଉଠାଯାଏ ଓ ପକାଯାଏ; 2. ଗଡ଼ଖାଇ ଉପରେ ଯେଉଁ କାଠ ପୋଲ ଇଚ୍ଛାମତେ ଉଠାଯାଏ ବା ପକାଯାଏ ।
**Drawee**, *n.* ଯାହାର ନାମରେ ହୁଣ୍ଡୀ ଦିଆ ଯାଏ ।
**Drawer**, *n.* 1. ହୁଣ୍ଡିଦାତା ; 2. ଟାଣିବା ମେଜ ବା ବାକ୍ସ ; 3. ଦରଜ; 4. *pl.* ଜଙ୍ଘିଆ ।
**Drawing**, *n.* 1. ଟଣା ; 2. ଆକର୍ଷଣ ; 3. ଚିତ୍ର, ନକ୍ସା, ଛବି ।
**Drawing-master**, *n.* ଚିତ୍ର ବିଦ୍ୟାର ଶିକ୍ଷକ ।
**Drawing-room**, *n.* 1. ବୈଠକଘର, ମଜଲିସ୍ ଘର, ହାଲକାମରା ; 2. ଦରବାର ବିଶେଷ, ଅଭ୍ୟର୍ଥନା ।
**Drawl**, *v.i.* and *t.* ଲମ୍ବକରି କଥା କହିବାର ବା ଉଚ୍ଚାରଣ-କର;—*n.* ଲମ୍ବୋଚ୍ଚାରଣ ।
**Draw-well**, *n.* ଗଭୀର କୂପ ।
**Dray**, *n.* ଭାରି ବୋଝ ବହିବା ପାଇଁ ଗାଡ଼ିବିଶେଷ ।
**Dray-horse**, *n.* ଉକ୍ତ ଗାଡ଼ିର ଘୋଡ଼ା ।
**Dray-man**, *n.* ଉକ୍ତ ଗାଡ଼ିର ଗାଡ଼ିବାଲା ।
**Dread**, *v.t.* ଆଶଙ୍କା-କର, ଅତ୍ୟନ୍ତ ଭୟ-କର ।—*v.i.* ତ୍ରାସଯୁକ୍ତ-ହେ ।—*n.* 1. ଆଦରପୂର୍ଣ୍ଣ ଭୟ; 2. ଆଶଙ୍କା, ତ୍ରାସ; 3. ଭୟର କାରଣ, ଭୟର ଭୂମି ।—*a.* 1. ଭୟାନକ, ତ୍ରାସଜନକ; 2. ଭୟର ଉତ୍ପାଦକ ।
**Dreadful**, *a.* 1. ଭୟଙ୍କର ; 2. ଭୟାନକ, ଦାରୁଣ, ତ୍ରାସକର ।
**Dreadfully**, *ad.* ଭୟଙ୍କରରୂପେ ।
**Dreadfulness**, *n.* ଭୟଙ୍କରତା, ଭୟାନକତା ।
**Dreadless**, *a.* ନିଃଶଙ୍କ, ଶଙ୍କାରହିତ, ସାହସୀ ।
**Dreadnought**, *n.* 1. ନିର୍ଭୀକ ଲୋକ; 2. ମୋଟା ଉତ୍ତରୀୟ ବସ୍ତ୍ରବିଶେଷ ।
**Dream**, *n.* 1. ସ୍ୱପ୍ନ, ନିଦ୍ରାକାଳର ଦର୍ଶନ; 2. କଳ୍ପନା, ଅନର୍ଥକ ଭାବନା ।—*v.i.* 1. ସ୍ୱପ୍ନ ଦେଖିବାର; 2. ଅନର୍ଥକ ଭାବନା-କର, କଳ୍ପନା-କର ।—*v.t.* 1. ସ୍ୱପ୍ନରେ ଦେଖିବାର; 2. ବୃଥାରେ ବ୍ୟୟ-କର ।
**Dreamer**, *n.* 1. ସ୍ୱପ୍ନଦର୍ଶକ; 2. ଅନର୍ଥକ ଭାବନାକାରୀ, ଅନର୍ଥକ ଚିନ୍ତାକାରୀ ।
**Dreamily**, *ad.* 1. ସ୍ୱପ୍ନପୂର୍ଣ୍ଣରୂପେ, ସ୍ୱପ୍ନାଭ୍ୟସ୍ତରୂପେ; 2. ଅସ୍ପଷ୍ଟରୂପେ ।
**Dreaminess**, *n.* 1. ସ୍ୱପ୍ନପୂର୍ଣ୍ଣତା, ସ୍ୱପ୍ନାଭ୍ୟାସ; 2. ଅସ୍ପଷ୍ଟତା, ଅନୁଜ୍ଜ୍ୱଳତା ।

**Dreamland**, *n.* ସ୍ୱପ୍ନଦେଶ, କଳ୍ପନାରାଜ୍ୟ, ଧ୍ୟାନଯୋଗ ।
**Dreamless**, *a.* ସ୍ୱପ୍ନରହିତ, ନିଃସ୍ୱପ୍ନ ।
**Dreamlessly**, *ad.* ସ୍ୱପ୍ନରହିତରୂପେ ।
**Dreamt**, *pp.* from Dream.
**Dreamy**, *a.* 1. ସ୍ୱପ୍ନପୂର୍ଣ୍ଣ, ସ୍ୱପ୍ନାଭ୍ୟସ୍ତ; 2. ସ୍ୱପ୍ନସମ୍ବନ୍ଧୀୟ; 3. ସ୍ୱପ୍ନୋତ୍ପାଦକ; 4. ସ୍ୱପ୍ନବତ୍, କାଳ୍ପନିକ, ଅପ୍ରକୃତ, କ୍ଷୀଣ ।
**Drear**, *a.* poetical form of Dreary, ନିରାନନ୍ଦଜନକ, ଘୋର, ନିର୍ଜ୍ଜନ ।
**Drearily**, *ad.* ନିରାନନ୍ଦପୂର୍ବକ, କଷ୍ଟକରରୂପେ ।
**Dreariness**, *n.* 1. ନିରାନନ୍ଦଜନକତା; 2. ଘୋରତ୍ୱ; 3. ନୀରସତା, ସମାନତା ।
**Dreary**, *a.* 1. ନିରାନନ୍ଦଜନକ, ନିରାନନ୍ଦସୂଚକ, ଘୋର; 2. ନୀରସ, ନିସ୍ତେଜ, ଅପ୍ରୀତିକରରୂପେ ସମାନ ।
**Dredge**, *n.* 1. ଶମ୍ବୁକାଦି ଧରିବା ଜାଲ; 2. ନଦୀ ଆଦିରୁ କାଦୁଅ ବା ବାଲି ଉଠାଇବା ଯନ୍ତ୍ରବିଶେଷ ।—*v.t.* 1. ଉକ୍ତ ଜାଲରେ ଧରିବାର; 2. ଉକ୍ତ ଯନ୍ତ୍ର ଦ୍ୱାରା ଖୋଳିବାର । [ମଇଦା ଛିଞ୍ଚିବାର ।
**Dredge**, *v.t.* ଛିଞ୍ଚିବାର, ଭାଜିବାବେଳେ ମାଂସ ଉପରେ
**Dredger**, *n.* 1. ଶମ୍ବୁକାଦି ଧରିବା ଜାଲର ବ୍ୟବହାରକାରୀ; 2. ମଇଦା ଛିଞ୍ଚିବା ପାତ୍ର; 3. a dredging-machine.
**Dredging-machine**, dredging-vessel, *n.* ନଦୀ ଆଦିରୁ କାଦୁଅ ବା ବାଲି ଉଠାଇବା ଯନ୍ତ୍ରବିଶେଷ, କୋଡବୋଟ ।
**Dregs**, *n.* ଗାଦ, ମଳ, ଆବର୍ଜ୍ଜନା, ଅଳିଆ, ଖାଦ, ନିକୃଷ୍ଟାଂଶ ।—drink to the dregs, (ଗାଦ) ନିଗାଡ଼ି ପିଇବାର ।
**Drench**, *v.t.* 1. ଭିଜାଇବାର, ସିକ୍ତ-କ; 2. ଅପର୍ଯ୍ୟାପ୍ତ ପାନ-କ; 3. (Veterinary), ବିରେଚକ ଔଷଧ ଦେଇ ଝାଡ଼ା କରାଇବାର ।—*n.* ଘୋଡାଆଦିର ବିରେଚକ ଔଷଧର ବଡ ପାନ ।
**Dress**, *v.t.* 1. (ସୈନ୍ୟଶ୍ରେଣୀ) ସରଳ ରେଖାରେ ରଖିବାର; 2. ସଜାଇବାର, ସଜ୍ଜିତ-କ; 3. ଘଷ-କ; 4. (କ୍ଷତାଦି) ଧୋଇ ଔଷଧ ଲଗାଇବାର, ପଟି ବାନ୍ଧିବାର; 5. ପ୍ରସ୍ତୁତ-କ, ତିଆରି-କ, ପାକ-କ; 6. (ଘୋଡାକୁ) ଘଷିଡ଼ା-କ; 7. ଲୁଗା ପିନ୍ଧାଇବାର, ବସ୍ତ୍ରରେ ସଜ୍ଜିତ-କ, ବେଶଭୂଷା-କ; 8. ଭୂଷିତ-କ, ସୁଶୋଭିତ-କ ।—*v.i.* 1. ଲୁଗା ପିନ୍ଧିବାର, ବସ୍ତ୍ର ପରିଧାନ-କ; 2. ବସ୍ତ୍ର ପରିଧାନରେ ପରିପାଟୀ-ହେ ।—*n.* 1. ବସ୍ତ୍ର, ପରିଚ୍ଛଦ, ବେଶଭୂଷା, ପୋଷାକ; 2. ବାହାର ସାଗର ।
**Dresser**, *n.* 1. ପରିପାଟୀରୂପେ ବସ୍ତ୍ର ପିନ୍ଧିବା ଲୋକ; 2. ବେଶଭୂଷା କରାଇବା ଦାସ ବା ଦାସୀ; 3. ଚିକିତ୍ସକର ସହାୟକ, କ୍ଷତ ଉପରେ ପଟି ବାନ୍ଧିବା ବ୍ୟକ୍ତି; 4. ବାସନ ଓ ରନ୍ଧିବା ସାମଗ୍ରୀ ରଖିବାର ଚେପ୍ଟା ବାକ୍ସବିଶେଷ ।
**Dressing**, *n.* 1. ପରିଧାନକରଣ, ପରିପାଟୀରୂପେ ବସ୍ତ୍ର ପରିଧାନ, ବେଶଭୂଷା; 2. କ୍ଷତର ପ୍ରଲେପ; 3. ଖତ, ସାର; 4. ମାଂସ ଆଦି ସୁସ୍ୱାଦୁ କରିବା ମିଶ୍ରିତ ଦ୍ରବ୍ୟ ବିଶେଷ; 5. ମଣ୍ଡ, ଗଳି ।
**Dressing-gown**, *n.* ଘରପିନ୍ଧା ଖୋଲା ଢିଲା ବା ସାଗର ବିଶେଷ ।
**Dressing-room**, *n.* ଭୂଷଣାଗାର, ଲୁଗା ପିନ୍ଧିବା ଘର ।
**Dressing-table**, *n.* ସିଙ୍ଗାର ମେଜ, ଆଇନା ମେଜ ।
**Dressmaker**, *n.* ସାଗର ପ୍ରସ୍ତୁତକାରିଣୀ ।
**Dressy**, *a.* 1. ପୋଷାକପ୍ରିୟ; 2. ଆଡମ୍ବର ବସ୍ତ୍ରାନ୍ୱିତ; 3. ସୁଶ୍ରୀ, ସୁନ୍ଦର ।
**Drest**, *pp.* of Dress for Dressed.
**Drew**, *pret.* of Draw.
**Dribble**, *v.i.* ବିନ୍ଦୁ ହୋଇ ପଡିବାର, ଝରିବାର ।—*v.t.* ଟୋପା ଟୋପା ପକାଇବାର; 2. (in football), ଅଳ୍ପ ଠେଲି ନେବାର ।—to dribble out, ଅଳ୍ପ ଅଳ୍ପ ଦେବାର ।—*n.* କ୍ଷରଣ, ବିନ୍ଦୁ ପତନ ।
**Driblet**, dribblet, *n.* ବିନ୍ଦୁ, ସାନ ଟୋପା, କ୍ଷୁଦ୍ରାଂଶ, ଅଳ୍ପ ପରିମାଣ । [ବିଶେଷ ।
**Drier**, *n.* 1. ଶୁଷ୍କକାରକ ଦ୍ରବ୍ୟ; 2. ଶୁଷ୍କକାରକ ଯନ୍ତ୍ର-
**Drift**, *n.* 1. ବାୟୁ ବା ଜଳ ଦ୍ୱାରା ଯାହା ଚାଳିତ ହୁଏ, ଏକତ୍ରରେ ଚାଳିତ ପଦାର୍ଥ ସମୂହ, ଚାଳିତ ଦ୍ରବ୍ୟର ରାଶି; 2. ବେଗ, ବେଗଶକ୍ତି; 3. ଅଭିପ୍ରାୟ, ଉଦ୍ଦେଶ, ଲକ୍ଷ୍ୟ; 4. (ଭୂତତ୍ତ୍ୱବିଦ୍ୟାରେ) ପ୍ଳାବନ ହେବା ସମୟରେ ବରଫ ପାହାଡ ଆଦି ଦ୍ୱାରା ଆନୀତ ଓ ଦେଶରେ ରାଶୀକୃତ ମୃତ୍ତିକା ଓ ଶୈଳ ସମୂହ ।—*v.i.* 1. ଚାଳିତ ଦ୍ରବ୍ୟ ପରି ଚାଲିତ-ହେ; 2. ପବନରେ ଗଦା-ହେ, ରାଶିକାରରେ ଚାଳିତ-ହେ; 3. ଭାସି ଯିବାର, ବାୟୁ ଆଦିରେ ବହି ଯିବାର ।—*v.t.* ଗଦାକାରରେ ଚାଳିତ-କ ।—*a.* ବାୟୁ ବା ସ୍ରୋତରେ ଚାଳିତ ।
**Driftless**, *a.* ଲକ୍ଷ୍ୟଶୂନ୍ୟ, ଅଭିପ୍ରାୟରହିତ ।
**Drift-wood**, *n.* ପାଣିରେ ଭାସି ଆସିବା କାଠ ।
**Drill**, *v.t.* 1. ଭିଅର-କ, ରନ୍ଧ୍ର-କ; 2. (ସୈନ୍ୟର) ଶିକ୍ଷା-ଦେ, ପୁନଃ ପୁନଃ ବ୍ୟାୟାମ ଦ୍ୱାରା ଶିକ୍ଷା-ଦେ; 3. ଧାଡ଼ି ଧାଡ଼ି ବୁଣିବାର ବା ରୋପଣ-କ; 4. ସିଅର କାଟିବାର ।—*v.i.* 1. ଧାଡ଼ି ଧାଡ଼ି ବୁଣା-ହେ; 2. ବ୍ୟାୟାମ ନିମନ୍ତେ ଏକତ୍ରିତ-ହେ ।—*n.* 1. ଭିଅର, ଫୋଡଣୀ, ରନ୍ଧ୍ର କରିବା ଅସ୍ତ୍ର; 2. ସୈନ୍ୟବ୍ୟାୟାମ, ସୈନ୍ୟର ଶିକ୍ଷା; 3. ବୁଣା ବୀଜର ଧାଡି ବା ସିଅର; 4. ଧାଡ଼ି ଧାଡ଼ି ବୁଣିବାର ଯନ୍ତ୍ରବିଶେଷ ।
**Drill**, *n.* ମୋଟ କପାଲୁଗାବିଶେଷ ।
**Drill-master**, *n.* ସୈନ୍ୟବ୍ୟାୟାମର ଶିକ୍ଷକ ।
**Drill-plough**, *n.* ଧାଡ଼ି ଧାଡ଼ି ବୁଣିବାର ହଳ ।
**Drily**, same as Dryly.
**Drink**, *v.i.* 1. ତୃଷ୍ଣାନିବୃତ୍ତି-କ, ପାନ-କ, ପିଇବାର; 2. ମଦ୍ୟପାନ-କ, ମଦୁଆଲା-ହେ ।—*v.t.* 1. ପାନ-କ, ପିଇବାର; 2. ଶୋଷିବାର; 3. (ଇନ୍ଦ୍ରିୟ ଦ୍ୱାରା) ଗ୍ରହଣ-କ ।—drink down, ମଦ୍ୟ ପାନ ଦ୍ୱାରା ଚିନ୍ତା ଦୂର-କ । drink off or up, ଏକାଥରକେ ପିଇବାର । drink the health or to the health of, ମଙ୍ଗଳ କାମନା କରି ପିଇବାର ।—*n.* 1. ପାନୀୟ ଦ୍ରବ୍ୟ, ପେୟଦ୍ରବ୍ୟ; 2. ମଦ୍ୟ; 3. ଥରକେ ଯେତେ ପାନ କରାଯାଏ, ଢୋକେ, ପାନେ ।—in drink, ମତ୍ତ

Drinkable, *a.* ପେୟ, ପାନଯୋଗ୍ୟ, ପାନୀୟ ।

Drinker, *n.* 1. ପାନକାରୀ; 2. ମଦୁଆଲା, ମଦ୍ୟପାୟୀ ।

Drink-offering, *n.* ପାନୀୟ ନୈବେଦ୍ୟ ।

Drip, *v.i.* ଟୋପାଟୋପା ହୋଇ ପଡ଼ିବାର, ବନ୍ଦୁବନ୍ଦୁ ହୋଇ ପଡ଼ିବାର ।—*v.t.* ଟୋପାଏ ପକାଇବାର ।—*n.* ବନ୍ଦୁଏ ପତନ ।

Dripping, *n.* 1. ବନ୍ଦୁଏ ପତନ; 2. ପାକ ବା କବାବ କରିବା ସମୟରେ ଟୋପାଏ ପଡ଼ିବା ତରଳ, ଚିକଣା ।

Drive, *v.t.* 1. ବଳରେ ଚଳାଇବାର, ବଳରେ ଠେଲି-ବାର; 2. ହଙ୍କାଇବାର, ଅଡ଼ାଇବାର; 3. ଗାଡ଼ି ଚଳାଇବାର; 4. ଗାଡ଼ିରେ ନେବାର; 5. ଘୋଡ଼ାଇ-ବାର, ଭିଡ଼-ହେ; 6. ଶୀଘ୍ରଗତି କରାଇବାର; 7. କାର୍ଯ୍ୟ କରାଇବାର; 8. ଉତ୍ତେଜିତ-କ; 9. ଚଳାଇବାର; 10. (କଣ୍ଟା) ମାରିବାର ।—*v.i.* 1. ଚାଳିତ-ହେ; 2. ବେଗରେ ଆସିବାର; 3. ଗାଡ଼ିରେ ଯିବାର; 4. ଲକ୍ଷ୍ୟ-କ; 5. ଜୋରରେ ମାରିବାର ।—to let drive, ଲକ୍ଷ୍ୟ କରି ମାରିବାର, ଆଘାତ-କ ।—*n.* 1. ବାୟୁ ସେବନାର୍ଥେ ଗାଡ଼ିରେ ଭ୍ରମଣ; 2. ଗାଡ଼ିବାଟ; 3. ଟାଣ ମାଡ଼ ।

Drivel, *v.i.* 1. ମୁହଁରୁ ଲାଳ ଗଡ଼ାଇବାର; 2. ମୂର୍ଖ ପରି କହିବାର ବା କରିବାର ।—*n.* 1. ଲାଳ; 2. ଅନ-ର୍ଥକ ବକ୍‌ବକ୍ ।

Driveller, *n.* 1. ଲାଳୁଆ; 2. ଅନର୍ଥକ ବକୁଆ; 3. ଅବଜ୍ଞେୟ ମୂର୍ଖ ଲୋକ, ବୋକା ।

Driver, *n.* 1. ଚାଳକ; 2. ଗାଡ଼ିବାଲା, ଗାଡ଼ୁଆନ; 3. (driving-wheel) ଚାଳକ ଚକ ।

Drizzle, *v.i.* (ମେଘ) କୁଣ୍ଡା ଛାଡ଼ିବାର, ବନ୍ଦୁଏ ହୋଇ ବୃଷ୍ଟି ହେବାର ।—*v.t.* ବନ୍ଦୁଏ କରି ପକାଇବାର ।—*n.* କୁଣ୍ଡା ଝଡ଼ା ବୃଷ୍ଟି, ବନ୍ଦୁଏ ବୃଷ୍ଟି ।

Droll, *a.* ହାସ୍ୟକର, କୌତୁକୀ, କୁତୁହଳୀ ।—*n.* ମସ୍କରା, ଭଣ୍ଡ, ପ୍ରହସନ । [ବା ତାମସା ।

Drollery, *n.* 1. କୌତୁକ, ମସ୍କରାମୀ, ହାସ୍ୟଜନକ ବାକ୍ୟ

Dromedary, *n.* ଏକ କୁଜିଆ ଓଟ ।

Drone, *n.* 1. ପୁଂମହୁମାଛି (ଯେ କର୍ମ ନ କରେ); 2. ଅଳସୁଆ; 3. ଘୁଣ୍‌ଘୁଣ୍ ଶବ୍ଦ ।—*v.i.* 1. ଘୁଣ୍‌ଘୁଣ୍ ଶବ୍ଦ-କ; 2. ଘୁଣ୍‌ଘୁଣ୍ ଶବ୍ଦରେ କହିବାର ।—*v.t.* ଘୁଣ୍‌ଘୁଣ୍ ଶବ୍ଦରେ ପଢ଼ିବାର ବା କହିବାର ।

Droop, *v.i.* 1. ନଇଁ ପଡ଼ିବାର, ମଉଳିବାର, ଅବନତ-ହେ; 2. ଅବସନ୍ନ-ହେ, କ୍ଲାନ୍ତ-ହେ, କ୍ଷୀଣ-ହେ ।—*v.t.* ଅବନତ-କ, ଓହଳାଇବାର ।—*n.* ଅବନତି ।

Droopingly, *ad.* ଅବନତରୂପେ ।

Drop, *n.* 1. ଟୋପା, ବନ୍ଦୁ; 2. ବନ୍ଦୁବତ୍ ଦ୍ରବ୍ୟ, ଯଥା,—କୁଣ୍ଡଳ ଆଦି; 3. ଫାସି କାଠର ପଟା; 4. ପତନ; 5. ରଙ୍ଗଭୂମିର ଯବନିକା; 6. *pl.* ପାନୀୟ ଔଷଧ, ଯାହା ଟୋପାଏ ପରିମାଣରେ ଦିଆ ଯାଏ ।—*v.t.* 1. ଟୋପାଏ ପକାଇବାର, ବନ୍ଦୁଏ ପକାଇବାର; 2. ପକାଇ-ବାର, ଖସାଇ ପକାଇବାର; 3. (ସ୍ୱର) ଊଣା-କ; 4. ଛାଡ଼ିବାର, ପରିତ୍ୟାଗ-କ; 5. (ଉଆସ) ଦେବାର ।—to drop a few lines, ଦୁଇ ପଦ ଲେଖିବାର ।—*v.i.* 1. ଟୋପାଏ ପଡ଼ିବାର, ବନ୍ଦୁଏ ପଡ଼ିବାର; 2. ପଡ଼ିବାର; 3. ମରିପଡ଼ିବାର, ହଠାତ୍ ମରିବାର; 4. ସ୍ଥଗିତ-ହେ, ନିବୃତ-ହେ, ଶେଷ-ହେ ।—to drop in, ଅନପେକ୍ଷିତରୂପେ ଉପସ୍ଥିତ-ହେ । to drop through, ନିଷ୍ଫଳ-ହେ । to drop upon, ହଠାତ୍ ଭେଟିବାର ।

Droplet, *n.* କ୍ଷୁଦ୍ର ଟୋପା ।

Dropping, *n.* 1. ବନ୍ଦୁଏ ପତନ, କ୍ଷରଣ, ବନ୍ଦୁଏ ସ୍ରାବନ; 2. ଟୋପା, ବନ୍ଦୁ; 3. *pl.* ନେଣ୍ଡୀ । [ଦସ୍ତ ।

Dropsical, *a.* ଜଳୋଦରଗ୍ରସ୍ତ, ଜଳୋଦରଶୀଳ, ଜଳୋ-

Dropsied, *a.* ଜଳୋଦରଗ୍ରସ୍ତ ।

Dropsy, *n.* ଜଳୋଦର, ଉଦରୀ ରୋଗ ।

Dross, *n.* ଧାତୁର ଖାଦ, ଗାଦ, ମଳ ।

Drossiness, *n.* ଖାଦଯୁକ୍ତାବସ୍ଥା, ସମଳତା ।

Drossy, *a.* ଖାଦବତ୍, ଖାଦସମ୍ବନ୍ଧୀୟ, ଖାଦଯୁକ୍ତ, ସମଳ, ଅପରିଷ୍କୃତ ।

Drought, *n.* *drout*, 1. ଖରାଟି ସମୟ, ଅନାବୃଷ୍ଟି, ଶୁଷ୍କତା; 2. ତୃଷ୍ଣା; 3. ଜଳାଭାବ, ଅଭାବ ।

Droughtiness, *n.* ଅନାବୃଷ୍ଟି, ଶୁଷ୍କତା ।

Droughty, *a.* ଅନାବୃଷ୍ଟିକର, ବୃଷ୍ଟିଶୂନ୍ୟ, ତୃଷିତ, ଶୁଷ୍କ ।

Drouth, *n.* 1. ଶୁଷ୍କତା; 2. ତୃଷା ।

Drouthy, *a.* ତୃଷିତ ।

Drove, *pret.* of Drive.

Drove, *n.* 1. ପଲ, ଗୋଠ; 2. ଜନତା, ଭିଡ଼ ।

Drover, *n.* ପଶୁଚାଳକ ।

Drown, *v.t.* 1. ବୁଡ଼ାଇ ମାରିବାର, ଜଳରେ ବୁଡ଼ାଇ-ବାର; 2. ପ୍ଲାବିତ-କ; 3. ମଗ୍ନ-କ, ବୁଡ଼ାଇ ପକାଇବାର ।—*v.i.* ବୁଡ଼ି ମରିବାର, ଜଳରେ ନିମଗ୍ନ-ହେ ।

Drowse, *v.i.* ଢୁଳାଇବାର, ଘୁମାଇବାର, ନିଦ୍ରାଳୁ-ହେ; —*v.t.* ନିଦ୍ରାଳୁ-କ ।

Drowsily, *ad.* ନିଦ୍ରାଳୁରୂପେ, ଢୁଳୁଢୁଳୁରୂପେ, ଢିଲାମି-ରୂପେ, ଆଳସ୍ୟରୂପେ ।

Drowsiness, *n.* ନିଦ୍ରାଳୁତା, ଘୁମ, ଢିଲାମୀ, ଆଳସ୍ୟ ।

Drowsy, *a.* 1. ନିଦ୍ରାଳୁ, ତନ୍ଦ୍ରାଳୁ, ନିଦ୍ରାକ୍ରାନ୍ତ, ଢୋଳିଆ । 2. ଜଡ଼; 3. ନିଦ୍ରାକାରକ ।

Drub, *v.t.* ବାଡ଼େଇବାର, ଠେଙ୍ଗାରେ ପିଟିବାର, ମାରି-ବାର ।—*n.* ଠେଙ୍ଗା ମାଡ଼, ବଧ, ଅପାର ।

Drubbing, *n.* ପିଟା, ଠେଙ୍ଗା ମାଡ଼ ।

Drudge, *v.i.* ଗୋଲାମୀ-କ, ଖଟିବାର, ଅତି ନୀଚକର୍ମ-କ ।—*n.* ଗୋଲାମ, ନୀଚ କର୍ମକାରକ ।

Drudgery, *n.* ଗୋଲାମୀ, ନୀଚ କର୍ମ, ଖଟଣୀ ।

Drudgingly, *ad.* ଗୋଲାମିଭାବେ, ବଡ଼ କଷ୍ଟରେ ।

Drug, *n.* 1. ଔଷଧ, ମୂଳମୂଳିକା, ଔଷଧରମସଲା; 2. ଅବହେୟ ଦ୍ରବ୍ୟ ।—*v.i.* ଔଷଧର ବ୍ୟବସ୍ଥା-କ, ଔଷଧ ଖୁଆଇବାର, ମୂଳମୂଳିକା ଖୁଆଇବାର ।—*v.t.* ମୂଳମୂଳି-କାରେ ମିଶାଇବାର, ଅଚେତନ କରିବା ଅଭିପ୍ରାୟରେ ନିଶାଜନକ ଦ୍ରବ୍ୟ (ଆହାର ସଙ୍ଗେ) ମିଶାଇବାର, ଅତି-ରିକ୍ତ ଔଷଧ ଖୁଆଇବାର, ନିଶାଜନକ ଦ୍ରବ୍ୟ ଦ୍ୱାରା ଅଚେ-ତନ-କ ।

**Drugget**, *n.* ଗାଲିଚ୍ ରକ୍ଷାର୍ଥ ଶତରଞ୍ଜି ବିଶେଷ ।

**Druggist**, *n.* ଗନ୍ଧବଣିକ, ଯେ ଡାକ୍ତର ଅନୁସାରେ ଔଷଧ ମିଶ୍ରିତ କରେ ଓ ବିକ୍ରୟ କରେ ।

**Druid**, *n.* ଇଙ୍ଗ୍ଲଣ୍ଡର ଦେବପୂଜାକାଳୀନ ପୁରୋହିତ, ଡ୍ରୁଇଡ୍ ।

**Drum**, *n.* 1. ଢୋଲ, ଢକ୍କା, ଡମ୍ବୁର୍ ; 2. ଢୋଲଆକାରର ପଦାର୍ଥ, କର୍ଣ୍ଣକୁହର ; 3. କୌଣସି ଦ୍ରବ୍ୟ ରଖିବାର ଗୋଲ ବାକ୍ସ ।—*v.i.* ଢୋଲ ବଜାଇବାର, ଡମ୍ବୁର ବଜାଇବାର, ଡମ୍ବୁର କାଠିରେ ମାରିବା ପରି ଅଙ୍ଗୁଳିରେ ମାରିବାର ।—*v.t.* 1. ଢୋଲରେ (ସ୍ୱର) ବଜାଇବାର ; 2. ଘେଣ୍ଡୁସ ଦେଇ ତଡ଼-ଦେ ; 3. ଘେଣ୍ଡୁସ ବଜାଇ ଏକତ୍ର-କ ; 4. ପୁନଃ ପୁନଃ କହିବାର ।—to drum up, ଢକ୍କା ଧ୍ୱନି ଦ୍ୱାରା ଏକତ୍ର-କ ।

**Drummer**, *n.* ଢୋଲ ବଜାଇବା ଲୋକ, ଡମ୍ବୁରି ।

**Drum-stick**, *n.* 1. ଡମ୍ବୁର୍ କାଠି, ଢୋଲଚ୍ଛେପ ; 2. ଡମ୍ବୁର କାଠିପରି ପଦାର୍ଥ, ଯଥା :—ପକ୍ଷିର ଅସ୍ଥି ବିଶେଷ ।

**Drunk**, *a.* ମତ୍ତ, ମଦ୍ୟରେ ବିହ୍ୱଳ ।

**Drunkard**, *n.* ମଦୁଆଲା, ମଦ୍ୟପାୟୀ ।

**Drunken**, *a.* 1. ମତ୍ତ, ମଦ୍ୟପ ; 2. ମତ୍ତତାରୁ ଜାତ ।

**Drunkenness**, *n.* ମତ୍ତତା, ମଦୁଆଲାମି ।

**Dry**, *a.* 1. ଶୁଖିଲା, ଶୁଷ୍କ ; 2. ବୃଷ୍ଟିହୀନ ; 3. ନୀରସ, ନିସ୍ତେଜ ; 4. ସ୍ନେହବିହୀନ ; 5. ଅତୁଷ୍ଟିକର ; 6. ତୃଷିତ ; 7. ତୀକ୍ଷ୍ଣ, ବ୍ୟଙ୍ଗମୟ ; 8. ଅନାଳାପୀ ।—dry goods, ଲୁଗା ଆଦି ଜିନିଷ ।—*v.t.* 1. ଶୁଖାଇବାର, ଶୁଷ୍କ-କ ; 2. ରସଶୂନ୍ୟ-କ ।—*v.i.* 1. ଶୁଷ୍କ-ହେ ; 2. ରସଶୂନ୍ୟ-ହେ ।

**Dryad**, *n.* ବନଦେବୀ ।

**Dry-dock**, see Dock.

**Dryly, drily**, *ad.* 1. ନୀରସରୂପେ ; 2. ଅନାଳାପିଭାବେ ।

**Dryness**, *n.* 1. ଶୁଷ୍କତା ; 2. ନୀରସତା ; 3. ତୃଷିତାବସ୍ଥା ; 4. ବ୍ୟଙ୍ଗମୟତ୍ୱ ; 5. ଅନାଳାପିତ୍ୱ ।

**Dry-nurse**, *n.* ଶିଶୁପ୍ରତିପାଳିକା, ଧାତ୍ରୀ ।

**Dry-rot**, *n.* କାଠର କ୍ଷୟରୋଗ ।

**Drysalter** *n.* 1. ଶୁଖିଲା ଓ ଲୁଣିଆ ମାଂସ ଚଟଣିଆଦିର ବିକ୍ରେତା ; 2. ରଙ୍ଗ ମସଲାଦିର ବିକ୍ରେତା ।

**Dry-shod**, *a.* ଶୁଷ୍କପାଦବିଶିଷ୍ଟ ।—*ad.* ଶୁଷ୍କପାଦରେ ।

**Dual**, *a.* 1. ଦ୍ୱିସଂଖ୍ୟକ, ଯୋଡ଼ିଆ ; 2. ଦ୍ୱିବାଚକ, ଦ୍ୱିବଚନାନ୍ତ ।—*n.* ଦ୍ୱିବାଚକ ସଂଖ୍ୟା ।

**Dualism**, *n.* 1. ଦ୍ୱିମୂଳବିଶିଷ୍ଟ ମତ, ଭଲ ଓ ମନ୍ଦ ଦୁଇ ବିପରୀତ ଦେବ ଥିବାରେ ବିଶ୍ୱାସ ; 2. ଦ୍ୱୈତବାଦ ।

**Dualist**, *n.* 1. ଉକ୍ତ ଦୁଇ ପ୍ରକାର ଦେବରେ ବିଶ୍ୱାସୀ ; 2. ଦ୍ୱୈତବାଦୀ ।

**Dualistic**, *a.* 1. ଦ୍ୱୈତବାଦସମ୍ବନ୍ଧୀୟ ; 2. ଯୋଡ଼ିଆ ଅବସ୍ଥାଯୁକ୍ତ ।

**Duality**, *n.* ଦ୍ୱିତ୍ୱ, ଯୋଡ଼ିଆଅବସ୍ଥା ।

**Dub**, *v.t.* ଉପାଧି-ଦେ, ପଦବୀ-ଦେ, ପଦବୀ ପ୍ରାପ୍ତ ବୋଲି ପରିଚୟ-ଦେ ।

**Dubious**, *a.* 1. ବୋଧରେ ଅସ୍ଥିର, ସନ୍ଦିଗ୍ଧ ; 2. ସନ୍ଦେହଯୁକ୍ତ, ସନ୍ଦେହପୂର୍ଣ୍ଣ ; 3. ଅନିଶ୍ଚିତ ; 4. ସନ୍ଦେହଜନକ, ଅପରିଯୋଜ୍ୟ ; 5. ଅସ୍ପଷ୍ଟ, ଦୁଇ ଅର୍ଥବୋଧକ ।

**Dubiously**, *ad.* ସନ୍ଦିଗ୍ଧରୂପେ ; 2. ଅନିଶ୍ଚିତରୂପେ ।

**Dubiousness**, *n.* 1. ସନ୍ଦିଗ୍ଧତା ; 2. ଅନିଶ୍ଚିତତା ; 3. ଅସ୍ପଷ୍ଟତା ।

**Ducal**, *a.* ଡ୍ୟୁକ୍ ନାମକ ପଦବୀସମ୍ବନ୍ଧୀୟ ।

**Ducat**, *n.* କେତେକ ୟୁରୋପୀୟ ରାଜ୍ୟମାନଙ୍କରେ ପୂର୍ବକାଳରେ ପ୍ରଚଳିତ ମୁଦ୍ରାବିଶେଷ ।

**Duchess**, *n.* ଡ୍ୟୁକ୍‌ର ପତ୍ନୀ ବା ବିଧବା ।

**Duchy**, *n.* ଡ୍ୟୁକ୍‌ର ଭୂମ୍ୟାଧିକାର ।

**Duck**, *v.t.* 1. ହଠାତ୍ ବୁଡ଼ାଇ ଉଠାଇବାର, ଜଳମଗ୍ନ-କ ; 2. ହଠାତ୍ ନୁଆଁଇବାର ।—*v.i.* 1. ଜଳରେ ବୁଡ଼ି ହଠାତ୍ ଉଠିବାର, ଗୋତା ମାରିବାର ; 2. ହଠାତ୍ ମୁଣ୍ଡ ନୁଆଁଇବାର ; 3. ତୋଷାମୋଦ-କ ।— *n.* (from the verb To duck), ହଂସଜାତୀୟ ପକ୍ଷୀ, ପାତିହଂସ, ବତକ ; 2. ସ୍ନେହବାକ୍ୟ, ସ୍ନେହସୂଚକ ସମ୍ବୋଧନ ; 3. ମୁଣ୍ଡର ନୁଆଁଣ ।—to make ducks and drakes, ଖପରକାତି ଖେଳିବାର । to make ducks and drakes of one's money, ଅପବ୍ୟୟରେ ଟଙ୍କା ଉଡ଼ାଇ-ଦେ ।

**Duck**, *n.* ମୋଟା ଲୁଗାବିଶେଷ, ଲାକ୍ ।

**Duckling**, *n.* ପାତିହଂସର ଛୁଆ, ବତକ ଛୁଆ ।

**Duck-weed**, *n.* ଚିଙ୍ଗୁଡ଼ିଆ ଦଳ ।

**Duct**, *n.* ନଳ, ଶରୀର ମଧ୍ୟରେ ଥିବା ନଳ ।

**Ductile**, *a.* ବିସ୍ତାରଣୀୟ, ନମନୀୟ ।

**Ductility, ductileness**, *n.* ବିସ୍ତାର୍ଯ୍ୟତା, ନମନୀୟତା ।

**Dude**, *n.* (colloq.) ଫୁଲ୍‌ବାବୁ ।

**Dudgeon**, *n.* ବିରକ୍ତି, ଗୁମାନ, ଅଳ୍ପକ୍ରୋଧ, ଅମିଳନ ଭାବ, ମନଦରମୀ ।

**Due**, *a.* 1. ପ୍ରାପ୍ୟ ; 2. ଦେୟ ; 3. ଉପଯୁକ୍ତ, ଉଚିତ, ଯୋଗ୍ୟ, ନିୟମିତ, ଠିକ୍ ; 4. (ନିର୍ଦ୍ଦିଷ୍ଟ ସମୟରେ) ପହଞ୍ଚିବାର କର୍ତ୍ତବ୍ୟ, ଆଗମନୀୟ ; 5. ଆରୋପଣୀୟ ।— *ad.* ଠିକ୍ (as *due* east)—*n.* 1. ଦେଣା ; 2. ପାଉଣା ; 3. ମାସୁଲ ; 4. ସମୁଚିତ ଫଳ ।

**Duel**, *n.* 1. ଦୁଇ ଜଣର ପରସ୍ପର ଯୁଦ୍ଧ ; 2. ଦୁଇ ଦଳର ପରସ୍ପର ଯୁଦ୍ଧ ।—*v.i.* ଦ୍ୱନ୍ଦ୍ୱଯୁଦ୍ଧରେ ଲିପ୍ତ-ହେ ।

**Duelling**, *n.* ଦ୍ୱନ୍ଦ୍ୱଯୁଦ୍ଧ ।

**Duellist**, *n.* ଦ୍ୱନ୍ଦ୍ୱଯୋଦ୍ଧା ।

**Duenna**, *n.* *du-enya*, (ସ୍ପେନ୍‌ଦେଶୀୟ ରାଣୀର ପ୍ରଧାନ ପରିଚାରିକା). ଯୁବତୀର ପ୍ରାଚୀନା ରକ୍ଷାକର୍ତ୍ତ୍ରୀ, ଶିକ୍ଷୟିତ୍ରୀ ।

**Duet**, *n.* ଦୁଇ ଜଣଙ୍କର ଏକସଙ୍ଗେ ଗାଇବା ଗୀତ, ଦୁଇ ଜଣଙ୍କର ଏକସଙ୍ଗେ ବଜାଇବା ସ୍ୱର ।

**Duffer**, *n.* (colloq.) ବୋକା ।

**Dug**, *n.* ଥନ, ଦୁଧବେଣ୍ଟ ।

**Dug**, *pret.* and *pp.* of Dig.

**Duke**, *n.* (ଅଗ୍ରଣୀ), ପ୍ରଧାନ କୁଳୀନପଦବୀର ଲୋକ, ଡ୍ୟୁକ୍, ପ୍ରଧାନ କୁଳୀନର ଉପାଧି ।

**Dukedom**, *n.* ପ୍ରଧାନ କୁଳୀନର ଅଧିକାର ।

**Dulcet**, *a.* ସୁମିଷ୍ଟ, ସୁଶ୍ରାବ୍ୟ, ସୁସ୍ୱର, ମଧୁର ।

**Dulcify**, *v.t.* ସୁମିଷ୍ଟ-କ, ଅମ୍ଳତା ଲବଣତା ବା କଟୁତା ରହିତ-କ ।

**Dulcimer**, *n.* ତାରବଶିଷ୍ଟ ବାଦ୍ୟଯନ୍ତ୍ରବଶେଷ ।

**Dull**, *a.* 1. ଓଲୁ, ଗଧା, ମୂର୍ଖ, ମୂଢ଼, ମୋଟାବୁଦ୍ଧି, ସ୍ଥୂଳବୁଦ୍ଧି ; 2. ଧୀମା, ଅଚଞ୍ଚଳ ; 3. ବିଷଣ୍ଣ, ଅପ୍ରଫୁଲ୍ଲ ; 4. ନିସ୍ତେଜ, ଅସୁନ୍ଦର; 5. ମଳିନ, ନିସ୍ତେଜ; 6. ବନ୍ଧୁରା, ଥୁଣ୍ଡା; 7. ଅପ୍ରାଞ୍ଜ, ମୃଦୁ ; 8. ମେଘୁଆ; 9. ଜାଡ଼ୁ ।—*v.t.* 1. ମୂର୍ଖ-କ ; 2. ବନ୍ଧୁରା-କ, ଥୁଣ୍ଡା-କ ; 3. କମର୍ଷ-କ, ବିଷଣ୍ଣ-କ ; 4. (ବୁଦ୍ଧି) ମୋଟା-କ, ସ୍ଥୂଳ-କ ; 5. (ମନୋଯୋଗ) ଢିଲା-କ, ଶିଥିଳ-କ; 6. ଧୀମା-କ, ଅଚଞ୍ଚଳ-କ ; 7. ମଳିନ-କ ।—*v.i.* 1. ବନ୍ଧୁରା-ହେ; 2. ମୂର୍ଖ-ହେ ।

**Dullard**, *n.* ମୋଟାବୁଦ୍ଧିଆ ଲୋକ, ବୋକା ।

**Dullish**, *a.* 1. ଅଳ୍ପ ମୋଟାବୁଦ୍ଧି, ମନ୍ଦବୁଦ୍ଧି ; 2. ଅଳ୍ପ ବନ୍ଧୁରା ; 3. ଈଷତ୍ ମଳିନ ; 4. ଈଷତ୍ କ୍ଲାନ୍ତିକର ।

**Dull-sighted**, *a.* କ୍ଷୀଣଦୃଷ୍ଟି, ଝାପ୍‌ସାଦେଖା ।

**Dull-witted**, *a.* ସ୍ଥୂଳବୁଦ୍ଧି ।

**Dully**, *ad.* ଧୀମାଭାବରେ, ଅଚଞ୍ଚଳରୂପେ, ନିସ୍ତେଜରୂପେ ।

**Dulness, dullness**, *n.* 1. ମୂଢ଼ତା, ଜଡ଼ତା, ବୁଦ୍ଧିର ସ୍ଥୂଳତା ; 2. ଧୀମା ଗୁଣ, ଅଚଞ୍ଚଳତା ; 3. ଅପ୍ରାଞ୍ଜତା, ବନ୍ଧୁରାପଣ ; 4. ନିସ୍ତେଜତା, ମଳିନତା ।

**Duly**, *ad.* 1. ଉପଯୁକ୍ତରୂପେ, ଯଥାଯୋଗ୍ୟ, ନିୟମରେ ; 2. ଯଥା ସମୟରେ ।

**Dumb**, *a.* 1. ମୂକ, ମୌନ, ଅବାକ୍ ; 2. ମୁଙ୍ଗା ; 3. ସଙ୍କେତ ଦ୍ୱାରା କୃତ, (*dumb* show) । [ଡମ୍ବେଲ ।

**Dumb-bell**, *n.* ଲୌହ ବା କାଠର ମୁଦ୍‌ଗର ବିଶେଷ,

**Dumbly**, *ad.* ମୂକରୂପେ, ମୌନଭାବରେ, ଚୁପ୍‌ଚାପ ।

**Dumbness**, *n.* 1. ମୂକତା ; 2. ମୁଙ୍ଗାପଣିଆ ।

**Dumfound, dumbfound**, *v.t.* (colloq.) ଅବାକ୍-କ, ଅପ୍ରସ୍ତୁତ-କ, ଘାବର-କ ।

**Dummy**, *a.* କୃତ୍ରିମ ।—*n.* 1. ମୂକ ଲୋକ ; 2. ସାକ୍ଷୀଗୋପାଳ ; 3. କୃତ୍ରିମ ପଦାର୍ଥ ।

**Dump**, *n.* 1. ଧଡ୍ ଶବ୍ଦ ; 2. ମେଣ୍ଢା ; 3. ଶିଶାମୁଦ୍ରା ; 4. ଅଳିଆ ପକାଇବା ଜାଗା ।—*v.t.* ହଠାତ୍ ଓଜାଡ଼ି ପକାଇବାର ।

**Dumps** *n. pl.* ବିଷାଦ, ଅବସନ୍ନତା । [ବିଶେଷ ।

**Dumpling**, *n.* ସିଝା ଗୋଲ ପିଠା ବିଶେଷ, ଗୋଲ ପୁଡ଼ିଙ୍ଗ

**Dumpy**, *a.* ବାଙ୍ଗର ଓ ମୋଟା ।

**Dumpish**, *a.* ଦୁଃଖିତ ।

**Dun**, *a.* ଶ୍ୟାମବର୍ଣ୍ଣ, ମଳିନ ତାମ୍ରବର୍ଣ୍ଣ ।

**Dun**, *v.t.* 1. ପାଉଣା ଟଙ୍କା ନିମନ୍ତେ ତାଗଦା-କ, ଧାରଣାଦେ ; 2. ଜିଦ୍ କରି ମାଗିବାର ।—*n.* 1. ପାଉଣା ନିମନ୍ତେ ତାଗଦା କରିବା ଲୋକ, ଯେଉଁ ମହାଜନ ପାଉଣା ଟଙ୍କା ନିମନ୍ତେ ବଡ଼ ବ୍ୟସ୍ତ କରେ ; 2. ପାଉଣା ଟଙ୍କା ନିମନ୍ତେ ତାଗଦା ।

**Dunce**, *n.* ଦୁର୍ମେଧା, ଗଧା, ବୋକା ।

**Dune**, *n.* ସମୁଦ୍ର କୂଳର ବାଲି ପାହାଡ଼ ।

**Dung**, *n.* 1. ପଶୁାଦିର ବିଷ୍ଠା—of horses, goats etc. ଲଣ୍ଡି—of cows, ଗୋବର—of men and birds, ଗୁହ, ବିଷ୍ଠା ; 2. ଖତ, ସାରମାଟି ।—*v.t.* ଖତଦେ ।—*v.i.* ମଳ ତ୍ୟାଗ-କ ।

**Dungeon**, *n.* (କିଲ୍ଲା ମଧ୍ୟସ୍ଥିତ ଶକ୍ତ ଦୁର୍ଗ), ସଙ୍କୀର୍ଣ୍ଣ କାରାଗାର, ପାତାଳଘର ।

**Dunghill**, *n.* 1. ଖତଗଦା, ଗୋବରଗଦା ; 2. ଜଘନ୍ୟ ବାସସ୍ଥାନ ।—*a.* ଖତଗଦାରୁ ଜାତ, ନୀଚ, ଅଧମ ।

**Duodecimal**, *a.* ଦ୍ୱାଦଶମିକ ।—*n. pl.* ଦ୍ୱାଦଶମିକ ଗଣନା ପ୍ରଥା, ସମକୋଣ କ୍ଷେତ୍ରର ବାହୁ ସବୁର ଫୁଟ୍ ଓ ଇଞ୍ଚ ମାପ ଜଣା ଥିଲେ ସେହି କ୍ଷେତ୍ରର ବର୍ଗଫୁଟ୍ ଓ ଇଞ୍ଚର ସଂଖ୍ୟା ବାହାର କରିବା ସୂତ୍ର ।

**Duodecimo**, *a.* ବାରପେଜିଆ, (often written 12mo).—*n.* ବାରପେଜିଆ ଫର୍ମର ପୁସ୍ତକ, ପ୍ରତ୍ୟେକ ଫର୍ମରେ ୨୪ ପୃଷ୍ଠା ଛପାର ଆକାରବିଶିଷ୍ଟ ପୁସ୍ତକ ।

**Duodenum**, *n.* ସାନ ଅନ୍ତ୍ରଡ଼ର ପ୍ରଥମାଂଶ, (ବାର ଇଞ୍ଚିଆ ଅନ୍ତ୍ର) ।

**Dupability**, *n.* ପ୍ରତାରଣୀୟତା, ବଞ୍ଚନୀୟତା ।

**Dupable**, *a.* ପ୍ରତାରଣୀୟ, ବଞ୍ଚନୀୟ ।

**Dupe**, *n.* ବଞ୍ଚିତ ଲୋକ, ଅଶୁପ୍ରତ୍ୟୟ ହେତୁ ସହଜେ ଭୁଲି ଯିବା ବ୍ୟକ୍ତି ।—*v.t.* ବଞ୍ଚିତ-କ, ଭୁଲାଇବାର, ପ୍ରତାରଣା-କ, ଅଶୁପ୍ରତ୍ୟୟୀ ବୋଲି ଜାଣି ଠକାଇବାର ।

**Duple**, *a.* see Double.

**Duplex**, *a.* ଦ୍ୱିଗୁଣ, ଦୋହରା ।

**Duplicate**, *a.* ଦ୍ୱିଗୁଣ, ଦୋହରା ।—*n.* ଦୋହରା ନକଲ, ପ୍ରତିଲିପି, ଉତ୍ତର ।—*v.t.* 1. ଦ୍ୱିଗୁଣ-କ, ଦୋହରା-କ, ପ୍ରତିଲିପି-କ ; 2. ଭାଙ୍ଗ-କ ।

**Duplication**, *n.* 1. ଦ୍ୱିଗୁଣକରିବା, ଦୋହରାକରିବା ; 2. ଭାଙ୍ଗକରିବା ।

**Duplicative**, *a.* ଦ୍ୱିଗୁଣକାରକ ।

**Duplicature**, *n.* ଭାଙ୍ଗ, ଭାଞ୍ଜ ।

**Duplicity**, *n.* (ଦ୍ୱିଗୁଣତା), ଦୋମୁହାଁପଣ, ଦ୍ୱିଚିତ୍ତତା, ଭୁଲାଇବା ଅଭିପ୍ରାୟରେ ନିଜର ପ୍ରକୃତ ମତ ଗୋପନକରଣ, ଦୁଇ ପ୍ରକାର ବ୍ୟବହାର, ଖଳତା, କାପଟ୍ୟ, ଅସରଳତା, ପ୍ରବଞ୍ଚନା ।

**Durability**, *n.* ବହୁକାଳସ୍ଥାୟିତ୍ୱ, ସ୍ଥାୟିତ୍ୱ, ଅକ୍ଷୟତା, ଦୃଢ଼ତା ।

**Durable**, *a.* ବହୁକାଳସ୍ଥାୟୀ, ସ୍ଥାୟୀ, ଅକ୍ଷୟ, ଦୃଢ଼, ଶକ୍ତ, ମଜବୁତ ।

**Durableness**, *n.* ଦୃଢ଼ତା, ଅକ୍ଷୟତା, ଚିରସ୍ଥାୟିତ୍ୱ ।

**Durably**, *ad.* ଚିରସ୍ଥାୟିରୂପେ ।

**Dura-mater**, *n.* ମସ୍ତିଷ୍କର ଶକ୍ତ ବହିର୍ଝିଲ୍ଲି ।

**Durance**, *n.* କାରାବନ୍ଦନ, କଏଦ ।

**Duration**, *n.* ସ୍ଥିତି, ସ୍ଥାୟିତ୍ୱ, ଚିରସ୍ଥାୟିତ୍ୱ, କାଳର ପରିମାଣ ।

**Durbar**, *n.* ଦରବାର, ରାଜକୀୟ ଅଭ୍ୟର୍ଥନା ।

**Duress**, *n.* ହାଜତ, କଏଦ ।

**During**, *prep.* କାଳମଧ୍ୟରେ, ଯାବତ୍, ଯେପର୍ଯ୍ୟନ୍ତ ।

**Durst**, *pret.* of Dare.

**Dusk**, *a.* poetical for Dusky.—*n.* 1. ଈଷଦନ୍ଧକାର, ଗୋଧୂଳି ସମୟ ; 2. ଈଷତ୍ କୃଷ୍ଣବର୍ଣ୍ଣ ।—*v.t.* and *i.* ଈଷଦନ୍ଧକାର-କ ବା ହେ ।

Duskily, *ad.* ଈଷତ୍ ଅନ୍ଧକାରରୂପେ, ଅନୁଜ୍ଜ୍ୱଳରୂପେ ।
Duskiness, *n.* 1. ଈଷତ୍ ଅନ୍ଧକାରମୟ ଗୁଣ ବା ଅବସ୍ଥା ; 2. ଈଷତ୍ କୃଷ୍ଣତା ।
Dusky, *a.* 1. ଈଷତ୍ ଅନ୍ଧକାରମୟ, ଅନୁଜ୍ଜ୍ୱଳ; 2. ଈଷତ୍ କଳା ।
Dust, *n.* 1. ଧୂଳୀ; 2. ରେଣୁ, କଣିକା; 3. ମାଟି, ମୃତ୍ତିକା; 4. କବରସ୍ଥ ଶବ; 5. ନୀଚାବସ୍ଥା; 6. ସ୍ୱର୍ଣ୍ଣ ରେଣୁ, (colloq.) ଟଙ୍କା ।—to throw dust in one's eyes, ଚକ୍ଷୁରେ ଧୂଳୀ ପକାଇବାର, ଭୁଲାଇବାର । to kick up or raise a dust, ଗୋଳମାଳ-କ ।—*v.t.* 1. ଧୂଳୀ ଝାଡ଼ିବାର, ଧୂଳୀ ପୋଛି-ଦେ; 2. ଗୁଣ୍ଡି ପକାଇବାର, ଉପରେ ଧୂଳୀ ପକାଇବାର ।
Duster, *n.* 1. ଯେ ଧୂଳୀ ଝାଡ଼େ; 2. ଝାଡ଼ନ; 3. ଧୂଳୀ ନିବାରକ ହାଲୁକା ଜାମା ।
Dusty, *a.* 1. ଧୂଳିମୟ; 2. ଧୂଳିବତ୍ ।
Dutch, *a.* ହଲଣ୍ଡ ଦେଶ ବା ତନ୍ନିବାସିସମ୍ବନ୍ଧୀୟ ।—*n.* *pl.* ହଲଣ୍ଡ ଦେଶୀୟ ଲୋକମାନେ, *sing.* ହଲଣ୍ଡ ଦେଶୀୟ ଭାଷା ।
Duteous, *a.* (କର୍ତ୍ତବ୍ୟ କର୍ମସମ୍ବନ୍ଧୀୟ), ଆଜ୍ଞାବହ, ଆଜ୍ଞାକାରୀ, ଆଜ୍ଞାନୁବର୍ତ୍ତୀ, କର୍ତ୍ତବ୍ୟପରାୟଣ ।
Duteously, *ad.* ଆଜ୍ଞାବହରୂପେ, ଆଜ୍ଞାନୁବର୍ତ୍ତିରୂପେ ।
Dutiable, *a.* ମାସୁଲଯୋଗ୍ୟ ।
Dutiful, *a.* 1. କର୍ତ୍ତବ୍ୟପରାୟଣ, ଆଜ୍ଞାବହ, ଆଜ୍ଞାକାରୀ, ଆଜ୍ଞାନୁବର୍ତ୍ତୀ, ଆଜ୍ଞାଧୀନ, ବଶ୍ୟ; 2. ଆଦରସୂଚକ, ସମ୍ମାନସୂଚକ, କର୍ତ୍ତବ୍ୟ ।
Dutifully, *ad.* କର୍ତ୍ତବ୍ୟପରାୟଣରୂପେ, ଆଜ୍ଞାନୁବର୍ତ୍ତିରୂପେ ।
Dutifulness, *n.* କର୍ତ୍ତବ୍ୟପରାୟଣତା, ଆଜ୍ଞାବହତା, ଆଜ୍ଞାନୁବର୍ତ୍ତିତା, ଆଜ୍ଞାଧୀନତା, ବଶ୍ୟତା ।
Duty, *n.* 1. କର୍ତ୍ତବ୍ୟକର୍ମ; 2. କର୍ତ୍ତବ୍ୟତା, ବାଧ୍ୟତା; 3. ଅଧୀନତା. ସମ୍ମାନ; 4. କର୍ମ, କାର୍ଯ୍ୟ, ସୈନିକ ବା ନାବିକ କର୍ମ; 5. ମାସୁଲ୍, ଶୁଳ୍କ ।
Duumvir, *n.* ପୁରାତନ କାଳରେ ରୋମୀୟ ଦୁଇ ଶାସନପତି ମଧ୍ୟରୁ ଏକ ଜଣ ।
Dwarf, *n.* ବାଙ୍ଗର, ବାମନ, ପେଣ୍ଡା ।—*v.t.* 1. ବାଙ୍ଗର-କ, ଖର୍ବ-କ, ପେଣ୍ଡା-କ, ଗର୍ବ୍ବା-କ; 2. କ୍ଷୁଦ୍ର କରି ଦେଖାଇବାର ।—*a.* ବାଙ୍ଗରା. ପେଣ୍ଡ. ।
Dwarfish, *a.* ବାଙ୍ଗରପରି, ବାମନପରି, ବାଙ୍ଗରା, ଖାଟ, ଅତିକ୍ଷୁଦ୍ର ।
Dwarfishly, *ad.* ବାଙ୍ଗର ଲୋକର ଢଙ୍ଗରେ ।
Dwarfishness, *n.* ବାଙ୍ଗରାବସ୍ଥା, ଅତିକ୍ଷୁଦ୍ରତା ବାଙ୍ଗରପଣିଆ, ବାମନତ୍ୱ ।
Dwell, *v.i.* 1. ରହିବାର, ବାସ-କ, ସ୍ଥିତ-କ, ବସତି-କ; 2. ନିବିଷ୍ଟ-ହେ, ବିସ୍ତାରିତରୂପେ ବର୍ଣ୍ଣନା-କ, with *on* or *upon*.
Dweller, *n.* ବାସକାରୀ, ନିବାସୀ, ବାସିନ୍ଦା । [ଭୂତ ।
Dwelling, *n.* 1. ବାସସ୍ଥାନ, ବସତି, ବସାଘର; 2. ଅବାସ-
Dwelling-house, *n.* ବସତି ଘର ।
Dwindle, *v.i.* କ୍ରମଶଃ ହ୍ରାସ-ହେ, ଛୋଟ ହେବାର; 2. ଅବସ୍ଥାନ୍ତର-ହେ, ଅଧଃପତିତ-ହେ ।
Dye, *v.t.* ରଙ୍ଗ-କ ।—*n.* ରଙ୍ଗ ।
Dyer, *n.* ରଙ୍ଗକାରକ, ରଙ୍ଗକାରୀ ।
Dye-stuff, *n.* ରଙ୍ଗ କରିବା ଦ୍ରବ୍ୟ ।
Dying, *a.* 1. ମୃତ୍ୟୁବଶ, ମରଣାଧୀନ, ମୁମୂର୍ଷୁ; 2. ମୃତ୍ୟୁକାଳୀନ; 3. କ୍ଷୟଶୀଳ, ଶେଷପ୍ରାୟ ।—*n.* ମୃତ୍ୟୁ ।
Dyke, see Dike.
Dynamic, dynamical, *a.* 1. ଶକ୍ତିସମ୍ବନ୍ଧୀୟ; 2. ଗତିବିଜ୍ଞାନସମ୍ବନ୍ଧୀୟ । [ଅନୁସାରେ ।
Dynamically, *ad.* ଗତିବିଦ୍ୟାନୁସାରେ, ଗତି ପ୍ରଣାଳୀ
Dynamics, *n. sing.* or *pl.* 1. ଗତିବିଦ୍ୟା, ଗତିବିଜ୍ଞାନ; 2. ଗତି ଉତ୍ପାଦକ ଶକ୍ତି, ଗତିପ୍ରଣାଳୀ ।
Dynamite, *n.* ସ୍ଫୋଟନଶୀଳ ଦ୍ରବ୍ୟବିଶେଷ (ବାରୁଦଠାରୁ ଆଠ ଗୁଣ ବଳିଷ୍ଠ ଦ୍ରବ୍ୟ) ।
Dynamo, dynamo-machine (short for dynamo-electric machine) ଯାନ୍ତ୍ରିକ ଶକ୍ତି ଦ୍ୱାରା ବିଦ୍ୟୁତ୍ ଉତ୍ପାଦକ ଯନ୍ତ୍ର ।
Dynastic, *a.* ରାଜବଂଶସମ୍ବନ୍ଧୀୟ ।
Dynasty, *n.* ରାଜବଂଶ, ରାଜକୁଳ ।
Dysenteric, *a.* ଅତିସାରସମ୍ବନ୍ଧୀୟ ।
Dysentery, *n.* ଅତିସାର. ରକ୍ତାମାଶୟ ।
Dyspepsia, dyspepsy, *n.* ଅଜୀର୍ଣ୍ଣତା, ବଦ୍‌ହଜମୀ ।
Dyspeptic, *a.* ଅଜୀର୍ଣ୍ଣତାକ୍ରାନ୍ତ ।—*n.* ଅଜୀର୍ଣ୍ଣତାକ୍ରାନ୍ତ ଲୋକ ।
Dysuria, dysury, *n.* ମୂତ୍ରକୃଚ୍ଛ୍ର ।

## E.

E, ଇଂରାଜୀ ବର୍ଣ୍ଣମାଳାର ପଞ୍ଚମ ଅକ୍ଷର ।
Each, *a.* and *pro.* ପ୍ରତ୍ୟେକ, ଏକ ଏକ ।
Eager, *a.* (ଶ୍ରେଷ୍ଠ), 1. ବ୍ୟଗ୍ର, ଉତ୍ସୁକ, ଉତ୍ସାହୀ; 2. ଉଗ୍ର ।
Eagerly, *ad.* ବ୍ୟଗ୍ରରୂପେ, ଉତ୍ସୁକରୂପେ, ଉତ୍ସାହପୂର୍ବକେ ।
Eagerness, *n.* ବ୍ୟଗ୍ରତା, ଔତ୍ସୁକ୍ୟ, ଉତ୍ସାହ ।
Eagle, *n.* ଉତ୍କ୍ରୋଶ ପକ୍ଷୀ ।
Eagle-eyed, *a.* ତୀକ୍ଷ୍ଣଦୃଷ୍ଟି. ସୂକ୍ଷ୍ମଦୃଷ୍ଟି ।
Eaglet, *n.* ଉତ୍କ୍ରୋଶ ଶାବକ ।
Ear, *n.* 1. କାନ, କର୍ଣ୍ଣ; 2. ଶ୍ରବଣେନ୍ଦ୍ରିୟ, ବାଦ୍ୟସ୍ୱରର ସୂକ୍ଷ୍ମ ବିଚାର କରିବା କ୍ଷମତା; 3. ମନୋଯୋଗ; 4. କର୍ଣ୍ଣପରି ବସ୍ତୁ, (*i.e.* the handle of a tub.) ।—all ears, ସମ୍ପୂର୍ଣ୍ଣ ମନୋଯୋଗୀ । to set by the ears, ଝଗଡ଼ା ବା କଳହ କରାଇବାର । up to the ears, over head and ears, ମଗ୍ନ, ସମ୍ପୂର୍ଣ୍ଣ ମଗ୍ନ ।

Ear, *n.* ଶସ୍ୟର ଶିଁଷା, ମଞ୍ଜୁରୀ ।—*v.i.* ଶିଁଷା ଧରିବାର ।
Ear-ache, *n.* କାନଟଣା, କର୍ଣ୍ଣବ୍ୟଥା ।
Ear-drop, *n.* କର୍ଣ୍ଣକୁଣ୍ଡଳ ।
Ear-drum, *n.* କାନଢୋଲ, ଶ୍ରୁତିଚର୍ମ୍ମ ।
Eared, *a.* କର୍ଣ୍ଣଯୁକ୍ତ ।
Ear-hole, *n.* କାନର କଣା, କର୍ଣ୍ଣକୁହର, କର୍ଣ୍ଣରନ୍ଧ୍ର ।
Earl, *n.* ଇଂଲଣ୍ଡୀୟ ତୃତୀୟଶ୍ରେଣୀ କୁଳୀନର ପଦବୀ ବିଶେଷ ।
Earldom, *n.* ଉକ୍ତ କୁଳୀନର ପଦ ବା ଅଧିକାର ।
Earless, *a.* କାନଛଡ଼ା, କର୍ଣ୍ଣହୀନ । [ଶୀଘ୍ରତା ।
Earliness, *n.* ସତ୍ୱରତା, ଅବିଳମ୍ବତା, ଅଗ୍ରସରତା,
Early, *ad.* 1. ଶୀଘ୍ର, ବେଗେ; 2. ସମୟାରମ୍ଭରେ, ସମୟରେ, ଯଥାକାଳେ, ପ୍ରାତଃକାଳରେ, ପ୍ରତ୍ୟୁଷରେ, ଅବିଳମ୍ବରେ; 3. ଯଥାକାଳପୂର୍ବେ ।—*a.* 1. ପ୍ରଥମ, ଆଦ୍ୟ; 2. ଶୀଘ୍ର, ଅବିଳମ୍ବ ।
Ear-mark, *n.* ମେଣ୍ଢା ଆଦି ପଶୁର କର୍ଣ୍ଣରେ ଦିଆ ଯିବା ଚିହ୍ନ, ବିଶେଷକ ଚିହ୍ନ ।—*v.t.* ଚିହ୍ନ ଦେଇ ପୃଥକ୍ କରି ରଖିବାର ।
Earn, *v.t.* ଅର୍ଜିବାର, ଉପାର୍ଜ୍ଜନ-କ, କମାଇବାର, ଲାଭ-କ ।
Earnest, *a.* 1. ବ୍ୟଗ୍ର, ଉତ୍ସୁକ, ଉଦ୍ୟୁକ୍ତ; 2. ଦୃଢ଼, ଅତିଶୟ, କାମନାଜାତ, ଅନ୍ତର୍ଚ୍ଚିତ୍ତରୁ ଜାତ, ଗମ୍ଭୀର ।—*n.* 1. ଗମ୍ଭୀରତା; 2. ପ୍ରକୃତତା, ବାସ୍ତବିକତା ।
Earnest, earnest-money, *n.* ବଇନା, ପଣ ।
Earnestly, *ad.* ଉତ୍ସୁକରୂପେ, ଉଦ୍ୟୁକ୍ତରୂପେ, ଉତ୍ତେଜିତରୂପେ, ଉତ୍ସାହରୂପେ, ବ୍ୟଗ୍ରରୂପେ ।
Earnestness, *n.* ଉତ୍ସୁକତା, ଉତ୍ସାହ, ଉତ୍ତେଜନା, ବ୍ୟଗ୍ରତା, ଚିତ୍ତାସକ୍ତି, ଗମ୍ଭୀରତା ।
Earning, *n.* generally in *pl.*, ଉପାର୍ଜ୍ଜନ, ଉପାର୍ଜ୍ଜିତ ଟଙ୍କା, ମୂଲ, ବେତନ, ପ୍ରତିଫଳ ।
Ear-pick, *n.* ନହୁରୁଣିର ପଛଭାଗ, କାନକଠି ।
Ear-piercing, *a.* କର୍ଣ୍ଣଭେଦକ, ଅତିତୀକ୍ଷ୍ଣ, କଡ଼ା ।
Ear-ring, *n.* କୁଣ୍ଡଳ, କର୍ଣ୍ଣଭୂଷଣ, କର୍ଣ୍ଣଫୁଲ, ଝୁମ୍ପା, ନୋଳି ।
Earshot, *n.* କର୍ଣ୍ଣଗୋଚରର ସୀମା ।
Earth, *n.* 1. ମାଟି, ମୃତ୍ତିକା; 2. ପୃଥିବୀ, ଭୂମଣ୍ଡଳ, ଜଗତ; 3. ପୃଥିବୀବାସୀ, ସଂସାର; 4. ଭୂମି; 5. ଗର୍ତ୍ତ ।—*v.t.* ମାଟି ଭିତରେ ଲୁଚାଇ ରଖିବାର, ମାଟି ଭିତରେ ପୋତିବାର, ଖଣିରେ ରଖିବାର ।—to run to earth, ଗାତ ଭିତରେ ପକାଇ ଧରିବାର ।—*v.i.* ମାଟିରେ ଗାତ ଖୋଳିବାର, ମାଟି ଭିତରେ ଲୁଚି/ରହିବାର ।
Earth-born, *a.* ପାର୍ଥିବ, ଐହିକ, ସାଂସାରିକ, ନୀଚ ।
Earth-bound, *a.* 1. ମୃତ୍ତିକାବଦ୍ଧ; 2. ସଂସାରାସକ୍ତ ।
Earthen, *a.* ମାଟିତିଆରି, ମୃତ୍ତିକାନିର୍ମ୍ମିତ, ମୃଣ୍ମୟ ।
Earthenware, *n.* ମାଟିତିଆରି ପାତ୍ର, ମୃଣ୍ମୟ ପାତ୍ରାଦି ।
Earthiness, *n.* ମୃଣ୍ମୟତା, ମୃତ୍ତିକାମୟତ୍ୱ ।
Earthliness, *n.* ପାର୍ଥିବତ୍ୱ, ସାଂସାରିକତା ।
Earthling, *n.* 1. ପୃଥିବୀବାସୀ, ମର୍ତ୍ତ୍ୟ ପ୍ରାଣୀ, ନଶ୍ୱର ଜୀବ: 2. ସାଂସାରିକ ଲୋକ ।
Earthly, *a.* 1. ପୃଥିବୀସମ୍ବନ୍ଧୀୟ, ପାର୍ଥିବ; 2. ଐହିକ, ସାଂସାରିକ, ଦୈହିକ, ଶାରୀରିକ; 3. (colloquial) ସମ୍ଭବନୀୟ ।
Earthly-minded, *a.* ସାଂସାରିକମନା, ନୀଚମନା ।
Earthly-mindedness, *n.* ସଂସାରାସକ୍ତି ।
Earthquake, *n.* ଭୂଇଁକମ୍ପ, ଭୂମିକମ୍ପ, ଭୂକମ୍ପ, ଭୂଚଳ ।
Earthward, *ad.* 1. ପୃଥିବୀଆଡ଼େ; 2. ସଂସାରଆଡ଼େ ।
Earthwork, *n.* ରକ୍ଷାର୍ଥକ ମାଟିର ପାଚେରି, ମାଟିକାମ ।
Earthworm, *n.* 1. ଜିଆ, କେଞ୍ଚୁଆ; 2. ଅତିନୀଚ ବ୍ୟକ୍ତି, ପାଜି ।
Earthy, *a.* 1. ମୃତ୍ତିକାମିଶ୍ର, ମୃତ୍ତିକାମୟ; 2. ମୃତ୍ତିକାବତ୍; 3. ମୋଟା, ଅପରିଷ୍କାର ।
Earwax, *n.* କାନମଇଳା, କାନପୂଅ, କର୍ଣ୍ଣଗୂଥ ।
Earwig, *n.* କାନକୁଟୁଣୀ ।
Earwitness, *n.* ଶୁଣିବା ସାକ୍ଷୀ, ଶ୍ରୁତସାକ୍ଷୀ ।
Ease, *n.* 1. ପରିଶ୍ରମ ବେଦନା ବା ଗୋଳମାଳ ଆଦିରୁ ମୁକ୍ତି, ଅନାୟାସ, ନିର୍ବେଦନା, ଆରାମ, ବିଶ୍ରାମ; 2. ମନର ବେଦନା ଚିନ୍ତା ବା ଉଦ୍ବେଗ ଆଦିରୁ ମୁକ୍ତି, ଶାନ୍ତି, ନିରୁଦ୍ବେଗ, ସୁଖ; 3. ଅକୃତ୍ରିମତ୍ୱ ।—*v.t.* 1. ଆରାମ-କ, ଦୁଃଖ ବା ବେଦନାରୁ ମୁକ୍ତ-କ, ଉପଶମ-କ, ଲଘୁ-କ, ନିରୁଦ୍ବେଗ-କ, ଶାନ୍ତ-କ; 2. (ବୋଝ) ଠିକ୍-କ; 3. ଢିଲା-କ । [କାଠପଟା ।
Easel, *n.* ଚିତ୍ରଫଳକ, ଛବି ଅଙ୍କିବା ସମୟରେ ବ୍ୟବହୃତ
Easement, *n.* 1. ଆରାମଦେବା ବିଷୟ, ଉପକାରଜନକ ବିଷୟ; 2. ସୁବିଧା; 3. ଅଧିକାର, ଯଥା—ପର ଭୂମିରେ ପଥାଧିକାର । [ସ୍ୱଚ୍ଛନ୍ଦରେ ।
Easily, *ad.* ସହଜରେ, ଅନାୟାସରେ, ଅକ୍ଳେଶରେ,
Easiness, *n.* 1. ବିଶ୍ରାମ, କଷ୍ଟଶୂନ୍ୟତା, ଆରାମ; 2. ସୁସାଧ୍ୟତା ।
East, *n.* 1. ପୂର୍ବଦିଗ, ପ୍ରାଚୀ; 2. ପୂର୍ବଦେଶ ।—*a.* ପୂର୍ବ, ପ୍ରାକ୍ ।—*ad.* ପୂର୍ବଆଡ଼େ, ପୂର୍ବଦିଗରେ । [ପର୍ବ ।
Easter, Eastertide, *n.* ଖ୍ରୀଷ୍ଟଙ୍କ ପୁନରୁତ୍ଥାନ ସ୍ମରଣାର୍ଥକ
Easterly, *a.* 1. ପୂର୍ବଦିଗାଗତ, ପୂର୍ବୀୟ; 2. ପୂର୍ବଆଡ଼ସ୍ଥ, ପୂର୍ବଦିଗସ୍ଥ ।—*ad.* ପୂର୍ବଦିଗରେ, ପୂର୍ବଆଡ଼େ ।
Eastern, *a.* 1. ପୂର୍ବଦେଶୀୟ, ପ୍ରାଚ୍ୟ; 2. ପୂର୍ବଆଡ଼ସ୍ଥ, ପୂର୍ବଦିଗସ୍ଥ । [ପୂର୍ବାଭିମୁଖ ।
Eastward, *ad.* ପୂର୍ବାଭିମୁଖେ, ପୂର୍ବଦିଗରେ ।—*a.*
Easy, *a.* 1. ଆରାମପ୍ରାପ୍ତ, ସୁଖୀ; 2. ଶାନ୍ତ, ନିରୁଦ୍ବିଗ୍ନ; 3. ସହଜ, ସରଳ; 4. ମୃଦୁ, ଧୀର; 5. ସମ୍ମତିଶୀଳ; 6. ତୃପ୍ତ (easy-going), ଉଦାସୀନ, ଅସାବଧାନ; 7. ସ୍ୱଚ୍ଛଳ; 8. ଖୋଲା, ଅକୃତ୍ରିମ; 9. ଅକଠିନ; 10. ହାଲୁକା, 11. ଅଚ୍ଛିନ୍ନ ।
Easy-chair, *n.* ଆରାମଚୌକି ।
Eat, *v.t.* 1. ଚୋବାଇ ଖାଇବାର, ଖାଇବାର, ଭୋଜନ-କ; 2. କ୍ଷୟ-କ, କ୍ରମଶଃ ହ୍ରାସ-କ ।—*v.i.* 1. ଆହାର-କ, ଭୋଜନ-କ; 2. ସ୍ୱାଦୁ ଲାଗିବାର; 3. କ୍ଷୟ-ହେ ।—to eat one's words, ପକାଇଲା ଛେପକୁ ଚାଟି ନେବାର ।

Eatable, *a.* ଭକ୍ଷଣୀୟ, ଭକ୍ଷ୍ୟ, ଭୋଜ୍ୟ, ଖାଦନୀୟ, ଖାଦ୍ୟ ।—*n.* ଭକ୍ଷ୍ୟଦ୍ରବ୍ୟ, ଖାଦ୍ୟସାମଗ୍ରୀ, ଭୋଜନ ଦ୍ରବ୍ୟ ।

Eater, *n.* 1. ଭୋକ୍ତା, ଭକ୍ଷକ ; 2. ଖାଦକଦ୍ରବ୍ୟ ।

Eating, *n.* 1. ଭୋଜନ, ଭକ୍ଷଣ ; 2. ଆହାର ।

Eating-house, *n.* ଆହାର କରିବା ସ୍ଥାନ ।

Eau-de Cologne, *n.* ସୁଗନ୍ଧ ସୁରାସାର ବିଶେଷ ।

Eaves, *n. pl.* ଓଳି, ଛପରର ଶେଷ ଭାଗ ।

Eavesdrop, *v.i.* ଓଳିତଳେ ବା ଝରକା ପାଖରେ କାନ-ପାରି ଶୁଣିବାର, ଗୁପ୍ତ କଥାବାର୍ତ୍ତା ଶୁଣିବାକୁ କାନ ପାତିବାର ।—*n.* ଓଳିରୁ ପଡିବା ପାଣି ।

Eavesdropper, *n.* ଗୁପ୍ତ କଥାବାର୍ତ୍ତା ଶୁଣିବାକୁ ଚେଷ୍ଟା-କାରୀ ଲୋକ, କାନପଡା ।

Ebb, *n.* 1. ଭଟ୍ଟା, ଜଳହ୍ରାସ; 2. ହ୍ରାସ, କ୍ଷୟ ।—*v.i.* 1. ଭଟ୍ଟା-ହେ, ଜଳହ୍ରାସ-ହେ ; 2. ହ୍ରାସ-ହେ, କ୍ଷୟ-ହେ ।

Ebb-tide, *n.* ଭଟ୍ଟା ।

Ebenezer, *s.* (Hebrew), ଈଶ୍ୱରଙ୍କ ମୁକ୍ତିର ସ୍ମରଣାର୍ଥକ ବସ୍ତୁ ।

Ebionite, *n.* ଯିହୁଦୀୟ ଖ୍ରୀଷ୍ଟିୟାନ ଦଳବିଶେଷ ଯେଉଁ-ମାନେ ଯିହୁଦୀୟ ଉପାସନା ଖ୍ରୀଷ୍ଟଧର୍ମ ସଙ୍ଗେ ମିଶାଇଲେ ।

Ebon, *a.* 1. ଅବଲୁସ୍ କାଠନିର୍ମିତ ; 2. ଅବଲୁସ୍ କାଠ ପରି କଳା ।

Ebony, *n.* ଅବଲୁସ୍ କାଠ ।

Ebriety, *n.* ମତ୍ତତା, ମଦ୍ୟପାନାସକ୍ତ ।

Ebullient, *a.* 1. ଫୁଟା, ଉଚ୍ଛୁଳ; 2. ଅତ୍ୟୁତ୍ସାହୀ, ଉତ୍ତେଜିତ ।

Ebullition, *n.* 1. ଫୁଟିବା ; 2. (କ୍ରୋଧ ବା ହର୍ଷର) ଉଦ୍ଗାରଣ; 3. ସ୍ଫୁଟନ ।

Eccentric, *a.* 1. କେନ୍ଦ୍ରଭ୍ୟାଗୀ, କେନ୍ଦ୍ରବହିର୍ଭୂତ ; 2. ନିୟମବହିର୍ଭୂତ, ନିୟମବହିର୍ଗତ, ଅପୂର୍ବ, ଅଦ୍ଭୁତ, ଅସାଧାରଣ ।

Eccentrical, *a.* 1. କେନ୍ଦ୍ରବହିର୍ଭୂତ; 2. ନିୟମବହି-ର୍ଭୂତ, ଅସାଧାରଣ ।

Eccentrically, *ad.* 1. କେନ୍ଦ୍ରଭ୍ୟାଗିରୂପେ, ଅସମ-କେନ୍ଦ୍ରତାପୂର୍ବକ ; 2. ନିୟମବହିର୍ଭୂତରୂପେ, ଅପୂର୍ବରୂପେ ।

Eccentricity, *n.* 1. କେନ୍ଦ୍ରଭ୍ୟାଗ, କେନ୍ଦ୍ରଭ୍ରଷ୍ଟତା, ଅସମ-କେନ୍ଦ୍ରତା ; 2. ନିୟମଭ୍ରଷ୍ଟତା, ବିଷମବୁଦ୍ଧିତା, ଲୋକା-ଚାରବିରୋଧ, ଅସାଧାରଣତ୍ୱ, ଅପୂର୍ବତ୍ୱ; 3. ଅପୂର୍ବ ବ୍ୟବହାର, ଅସାଧାରଣଭାବ ।

Ecclesiastes, *n.* ବାଇବଲ ଶାସ୍ତ୍ରରେ ଧର୍ମୋପଦେଶକ ଗ୍ରନ୍ଥ ।

Ecclesiastic, ecclesiast, *n.* ଯାଜକ, ପୁରୋହିତ, ଧର୍ମୋପଦେଶକ । [ଯାଜକୀୟ ।

Ecclesiastical, ecclesiastic, *a.* ଧର୍ମମଣ୍ଡଳୀସମ୍ବନ୍ଧୀୟ,

Echo, *n.* 1. ପ୍ରତିଧ୍ୱନି, ପ୍ରତିଶବ୍ଦ ; 2. ଠିକ୍ ନକଲ ; 3. ସ୍ୱରର ଅନୁକାରୀ ଲୋକ ।—*v.i.* 1. ପ୍ରତିଧ୍ୱନି-କର ; 2. ପ୍ରତିଧ୍ୱନିତ-ହେ ।—*v.t.* 1. ପ୍ରତିଧ୍ୱନିତ-କର ; 2. ନକଲ-କର ; 3. ସମ୍ମତିପୂର୍ବକ ପୁନରୁକ୍ତି-କର ।

Eclat, *n.* *ekla*, (French), 1. ପ୍ରଶଂସାସୂଚକ ଧ୍ୱନି, ପ୍ରଶଂସା ; 2. ଯଶଃ, ଖ୍ୟାତି ; 3. ଶୋଭା, ଆଡମ୍ବର-ପ୍ରଭା ।

Eclectic, *a.* 1. ମନୋନୟୀ, ପସନ୍ଦକାରୀ, ସାରଗ୍ରାହୀ ; 2. ସାରଗ୍ରାହୀ କଥାରେ ଲବ୍ଧ ।—*n.* ଦର୍ଶନ ବିଜ୍ଞାନ ବା ଧର୍ମବିଷୟରେ ସାରଗ୍ରାହୀ ବ୍ୟକ୍ତି ।

Eclipse, *n.* 1. ସୂର୍ଯ୍ୟ ବା ଚନ୍ଦ୍ର ଗ୍ରହଣ ; 2. ଅନ୍ଧ-କାରଣ, କଳଙ୍କିତତା ।—*v.t.* ଅନ୍ଧକାରାବୃତ-କର, ଅଲକ୍ଷ୍ୟ-କର, ଶୋଭାହୀନ କରାଇବାର ; 2. ଅତିକ୍ରମ-କର ।—*v.i.* ଗ୍ରହଣ-ହେ, ଅଲକ୍ଷ୍ୟ-ହେ ।

Ecliptic, *n.* 1. ସୌର ଅୟନ ମଣ୍ଡଳ, ରବିର ଆପାତତ ମାର୍ଗ ; 2. କ୍ରାନ୍ତିବୃତ୍ତ ।—*a.* ରବିମାର୍ଗସମ୍ବନ୍ଧୀୟ ; 2. ସୂର୍ଯ୍ୟାଦିର ଗ୍ରହଣସମ୍ବନ୍ଧୀୟ, ଗ୍ରହଣଯୁକ୍ତ ।

Eclogue, *n.* ମେଷପାଳକର ଗୀତ, ଗ୍ରାମ୍ୟ କବିତା ।

Economic, economical, *a.* 1. ମିତାଚାରସମ୍ବନ୍ଧୀୟ, ମିତବ୍ୟୟସମ୍ବନ୍ଧୀୟ ; 2. ମିତବ୍ୟୟୀ, ବ୍ୟୟକୁଣ୍ଠ, ଅଳ୍ପ-ବ୍ୟୟୀ, ଅଳ୍ପଖର୍ଚ୍ଚୀ ; 3. ଅର୍ଥ ବିଜ୍ଞାନସମ୍ବନ୍ଧୀୟ ।

Economically, *ad.* ପରିମିତବ୍ୟୟରେ, ମିତବ୍ୟୟୀ-ରୂପେ ।

Economics, *n.* ଦେଶର ଅର୍ଥବ୍ୟୟବିଷୟକ ବିଜ୍ଞାନ, ଅର୍ଥବିଜ୍ଞାନ ।

Economist, *n.* 1. ମିତବ୍ୟୟୀ ଲୋକ, ଅଳ୍ପବ୍ୟୟୀ ଲୋକ; 2. ଅର୍ଥବିଜ୍ଞାନବିତ୍ ।

Economization, *n.* ପରିମିତବ୍ୟୟ ।

Economize, *v.i.* ପରିମିତବ୍ୟୟୀ-ହେ, ଅଳ୍ପବ୍ୟୟୀ-ହେ ।—*v.t.* ପରିମିତବ୍ୟୟ-କର, ଅଳ୍ପବ୍ୟୟ-କର, ସାବ-ଧାନରେ ବ୍ୟୟ-କର ।

Economy, *n.* 1. ଗୃହକାର୍ଯ୍ୟନିର୍ବାହ, ଗୃହସ୍ଥାଲୀ, ଗୃହ-ଧର୍ମ; 2. ମିତବ୍ୟୟ, ମିତାଚାର; 3. ନିୟମାବଳୀ, ସଂବିଧାନ, ପ୍ରକୃତିର କାର୍ଯ୍ୟପ୍ରଣାଳୀ ; 4. ସୃଜନଧର୍ମ ।

Ecstasy, *n.* 1. ମୋହାବସ୍ଥା, ମୋହ ; 2. ପରମାନନ୍ଦ, ଉଲ୍ଲାସ, ଅତିଶୟ ଆହ୍ଲାଦ, ହର୍ଷୋନ୍ମତ୍ତତା ; 3. ମୁଗ୍ଧ-କାରୀ ଶକ୍ତି ।

Ecstatic, ecstatical, *a.* 1. ମୁଗ୍ଧକାରୀ, ମୋହକାରକ, ମୋହସମ୍ବନ୍ଧୀୟ ; 2. ଉଲ୍ଲାସକର, ପରମାହ୍ଲାଦଜନକ ।

Ecstatically, *ad.* 1. ମୁଗ୍ଧକାରରୂପେ ; 2. ପରମା-ହ୍ଲାଦପୂର୍ବକ ।

Ecumenic, Ecumenical, *a.* ସାର୍ବଭୌମ, ସର୍ବ-ସାଧାରଣ, ସାର୍ବଜନିକ ।

Eczema, *n.* ଚର୍ମରୋଗବିଶେଷ, କଛୁ ।

Edacious, *a.* ବୁଭୁକ୍ଷୁ, ଗ୍ରାସକ ।

Edacity, *n.* ଅତିଭୋଜନ, ଗ୍ରାସ ।

Eddy, *n.* ପାଣିଭଉଁରି, ଘୂର୍ଣ୍ଣୀଜଳ, ଆବର୍ତ୍ତ ।—*v.i.* ଘୂର୍ଣ୍ଣ୍ୟମାନ-ହେ ।

Edelweiss, *n.* ଆଲପ୍ସ ପର୍ବତସ୍ଥିତ ଶ୍ୱେତ ପୁଷ୍ପ ବିଶେଷ ।

Eden, *n.* 1. ଏଦନ ଉଦ୍ୟାନ ; 2. ସୁଖମୟ ଦେଶ ବା ବାସସ୍ଥାନ । [ଜନ୍ତୁ ।

Edentate, *a.* ଦନ୍ତହୀନ, ଅଗ୍ରଦନ୍ତଶୂନ୍ୟ ।—*n.* ଦନ୍ତହୀନ

Edge, *n.* 1. ଧାର ; 2. କୂଳ, ତୀର, କନାର ; 3. ପ୍ରାନ୍ତଭାଗ, ସୀମାନା ; 4. ତୀକ୍ଷ୍ଣତା ।—to set the teeth on edge, ଦାନ୍ତ କଟା କରାଇବାର, ଦାନ୍ତ ଖଟା କରାଇବାର ।—*v.t.* 1. ଶାଣ-ଦେ, ଧାର-କ, ଦାରୁଆ-କ ; 2. ସୀମା-ଦେ, ଶୋଭକ ଅଞ୍ଚଳ ଲଗାଇବାର ; 3. ପ୍ରବୃତ୍ତି ଜନ୍ମାଇବାର, ତୀକ୍ଷ୍ଣ କରାଇବାର ; 4. ଧାରରେ ଠେଲ୍-ଦେ ।—*v.i.* ପାର୍ଶ୍ୱ କାଟି ଯିବାର, କ୍ରମେ ଅଗ୍ରସର-ହେ ବା ହଟିବାର ।

Edged, *a.* 1. ଦାରୁଆ, ଧାରୁଆ, ତୀକ୍ଷ୍ଣ ; 2. ସୀମାଯୁକ୍ତ, ଅଞ୍ଚଳଯୁକ୍ତ ।

Edgeless, *a.* ଧାରହୀନ, ବନ୍ଦୁଡା ।

Edge-tool, *n.* ଦାରୁଆ ଅସ୍ତ୍ର, ତୀକ୍ଷ୍ଣ ଅସ୍ତ୍ର ।

Edgeways, edgewise, *ad.* ଣଡେଇ କରି, କଡେଇ କରି ।

Edging, *n.* 1. ଅଞ୍ଚଳ, ଝାଲର, ଦଶୀ, ମଗଜ ; 2. ବଗିଚ୍ ଧାରରେ ଲଗିଥିବା ଗଛ ଗଛମାନ ।

Edgy, *a.* ଧାରୁଆ, ତୀକ୍ଷ୍ଣ ।

Edibility, edibleness, *n.* ଭକ୍ଷଣୀୟତା, ଆହାରୋପଯୁକ୍ତତା ।

Edible, *a* ଖାଦ୍ୟ, ଭକ୍ଷଣୀୟ, ଭକ୍ଷ୍ୟ, ଭୋଜ୍ୟ, ଆହାରୋପଯୁକ୍ତ ।

Edict, *n.* ରାଜାଜ୍ଞା, ଘୋଷଣାପତ୍ର, ପ୍ରଚାରିତ ଆଦେଶ ।

Edification, *n.* 1. (ଗଠନ), ଜ୍ଞାନ ନୀତି ବା ଧର୍ମରେ ନିଷ୍ଠା, ନିଷ୍ଠାର 2. ମାନସିକ ଲାଭ, ଶିକ୍ଷା ।

Edifice, *n.* ଗଠନ, ଅଟ୍ଟାଳିକା ।

Edify, *v.t.* ନୈତିକ ଭାବରେ ଗଠିତ-କ, ସଂସ୍ଥିତ-କ, ଗଢିବାର, ନିଷ୍ଠା-କ, ଶିକ୍ଷା-ଦେ, ଉପଦେଶ ଦ୍ୱାରା ଧର୍ମ ବୃଦ୍ଧି-କ ।

Edifying, *a.* ନିଷ୍ଠାଜନକ, ଶିକ୍ଷାପ୍ରଦ, ଶିକ୍ଷାଦାୟକ ।

Edifyingly, *ad.* ନିଷ୍ଠାଜନକରୂପେ, ସଂସ୍ଥିତରୂପେ, ଶିକ୍ଷାପ୍ରଦରୂପେ ।

Edile, *n.* see Ædile.

Edit, *v.t.* ଗ୍ରନ୍ଥାଦି ସମ୍ପାଦନ-କ ।

Edition, *n.* 1. ସଂସ୍କରଣ ; 2. ଏକାଥରକେ ଯେତେ ପୁସ୍ତକ ଛପା ହୁଏ ; 3. ପ୍ରତିମୂର୍ତ୍ତି ।

Editor, *n.* ଗ୍ରନ୍ଥାଦିର ସମ୍ପାଦକ, ସମ୍ପାଦକ ।

Editorial, *a.* ସମ୍ପାଦକୀୟ, ସମ୍ପାଦକଲିଖିତ ।—*n.* ସମ୍ପାଦକୀୟ ପ୍ରବନ୍ଧ ।

Editorship, *n.* ସମ୍ପାଦକର ପଦ ବା କାର୍ଯ୍ୟ ।

Educate, *v.t.* ବୁଦ୍ଧିଶକ୍ତିର ବିକାଶ-କ, ମାନସିକ ଶକ୍ତିର ଅନୁଶୀଳନ-କ, ଜୀବନର କର୍ତ୍ତବ୍ୟକାର୍ଯ୍ୟ ନିମନ୍ତେ ଉପଯୋଗୀ-କ, ଶିକ୍ଷିତ-କ, ଶିଖାଇବାର, ଅଭ୍ୟସ୍ତ-କ, ଶିକ୍ଷା ଦେଇ ନିୟମାଧୀନ-କ ।

Education, *n.* ଶିକ୍ଷାଦାନ, ଶାରୀରିକ ମାନସିକ ବା ନୈତିକ ଶକ୍ତିର ଅନୁଶୀଳନ, ଯୌବନକାଳରେ ଉତ୍ତମ ଚରିତ୍ରର ଗଠନ, ଶିକ୍ଷା ଓ ଶାସନ, ଶିକ୍ଷା ।

Educational, *a.* 1. ଶିକ୍ଷାସମ୍ବନ୍ଧୀୟ ; 2. ଶିକ୍ଷାଜାତ ।

Educationist, educationalist, *n.* ଶିକ୍ଷାଦାନରେ ଅଭିଜ୍ଞ ବ୍ୟକ୍ତି, ଶିକ୍ଷାର ଉନ୍ନତିକାରକ ।

Educative, *a.* ଶିକ୍ଷାଦାନକ୍ଷମ, ଶିକ୍ଷାଦାୟୀ ।

Educator, *n.* ଶିକ୍ଷାଦାତା ।

Educe, *v.t.* ବାହାର କରି ଆଣିବାର, କାଢିବାର, ବହିଷ୍କରଣ-କ, ନିଷ୍କର୍ଷଣ-କ ।

Educible, *a.* ବହିଷ୍କରଣୀୟ, ନିଷ୍କର୍ଷଣୀୟ ।

Eduction, *n.* ବହିଷ୍କରଣ, ନିଷ୍କର୍ଷଣ, ପ୍ରତ୍ୟକ୍ଷକରଣ ।

Edulcorate, *v.t.* ଅମ୍ଳତା ଶୋଧନ-କ, ମିଷ୍ଟ-କ ।

Edulcoration, *n.* ଅମ୍ଳତା ଶୋଧନ, ମିଷ୍ଟକରଣ ।

Eel, *n.* ଡୋଡମାଛ, ବୋଡିଅ ।

Eel-basket, *n.* ଡୋଡମାଛ ଧରିବାର ଗଇଞ୍ଚବିଶେଷ ।

Eel-spear, *n.* ଡୋଡମାଛ ଧରିବାର ଡେଙ୍ଗା ।

E'en, a contraction for Even.

E'er, a contraction for Ever.

Eerie, eery, *a.* 1. ଭୟ ଉତ୍ପାଦନରେ ସମର୍ଥକ ; 2. ଭୟରେ ଅଭିଭୂତ ।

Eeriness, *n.* ଭୂମଭୟରେ ଅଭିଭୂତାବସ୍ଥା ।

Efface, *v.t.* ନିଭାଇ-ଦେ, ଲୋପ-କ, ବିନାଶ-କ ।

Effaceable, *a.* ଲୋପନୀୟ ।

Effacement, *n.* 1. ନିଭାଇବା କାର୍ଯ୍ୟ, ଲୋପକରଣ ; 2. ନଷ୍ଟ ଅବସ୍ଥା, ଲୁପ୍ତାବସ୍ଥା ।

Effect, *n.* 1. ଫଳ, କର୍ମଫଳ ; 2. ଫଳୋତ୍ପାଦିକା ଶକ୍ତି ; 3. ଅଭିପ୍ରାୟ, ଅର୍ଥ ; 4. ସଫଳତା, ସିଦ୍ଧି ; 5 ପ୍ରକୃତତା, ସତ୍ୟ ; 6. ପର୍ଯ୍ୟବେକ୍ଷଣଜାତ ବୋଧ ; 7. *pl.* ଚିଜବସ୍ତୁ, ଅସ୍ଥାବରସମ୍ପତ୍ତି, ମାଲ୍, ଜାୟଦାଦ୍ ।—*v.t.* ଜନ୍ମାଇବାର, ଉତ୍ପାଦନ-କ, ଘଟାଇବାର, ସିଦ୍ଧ-କ, ନିଷ୍ପନ୍ନ-କ, ସମ୍ପନ୍ନ-କ ।

Effectible, *a.* ସାଧ୍ୟ, ସମ୍ପାଦନୀୟ ।

Effective, *a.* 1. ଉତ୍ପାଦନକ୍ଷମ, ଫଳୋତ୍ପାଦକ, ହୃଦୟସ୍ପର୍ଶୀ, ଚିତ୍ତାକର୍ଷକ ; 2. ଫଳଦାୟକ, କର୍ମଣ୍ୟ, ସାଧ୍ୟ ସାଧକ ।

Effectively, *ad.* 1. ଫଳଦାୟକରୂପେ ; 2. ପ୍ରବଳରୂପେ, ସମ୍ପୂର୍ଣ୍ଣରୂପେ ।

Effectiveness, *n.* ଫଳୋତ୍ପାଦକତା, ହୃଦୟସ୍ପର୍ଶିତା ।

Effectless, *a.* ନିଷ୍ଫଳ, ଅକର୍ମଣ୍ୟ ।

Effectual, *a.* ଫଳୋତ୍ପାଦକ, କାର୍ଯ୍ୟସାଧକ, ଗୁଣକାରୀ ।

Effectually, *ad.* ସାଧ୍ୟସାଧକରୂପେ, କାର୍ଯ୍ୟସାଧକରୂପେ-ସମ୍ପୂର୍ଣ୍ଣରୂପେ ।

Effectuate, *v.t.* ଘଟାଇବାର, ସମ୍ପନ୍ନ-କ, ସିଦ୍ଧ-କ ।

Effeminacy, effeminateness, *n.* ମାଇଚିଆସ୍ୱଭାବ, ସ୍ତ୍ରୈଣତା, ଅତିସୁକୁମାରତ୍ୱ ।

Effeminate, *a.* ମାଇଚିଆ, ସ୍ତ୍ରୀବତ୍, ସ୍ତ୍ରୈଣ, ଅତିସୁକୁମାର ।—*v.t.* ସ୍ତ୍ରୈଣ-କ ।—*v.i.* ସ୍ତ୍ରୈଣ-ହେ ।

Effeminately, *ad.* ମାଇଚିଆରୂପେ, ସ୍ତ୍ରୈଣରୂପେ, ଅତିସୁକୁମାରରୂପେ ।

Effervesce, *v.i.* ଫୁଟି ଉଠିବାର, ଉଚ୍ଛୁଳି ଉଠିବାର ।

Effervescence, *n.* ଫୁଟି ଉଠିବା, ଉଚ୍ଛୁଳିବା, ସ୍ୱାଭାବିକ ଫୁଟାଣ, ଉଦ୍ରେକ ।

Effervescent, effervescible, *a.* ଫୁଟା, ବୁଦ୍‌ବୁଦ୍‌ଯୁକ୍ତ, ବୁଦ୍‌ବୁଦ୍‌ବତ୍, କ୍ଷଣସ୍ଥାୟୀ ।

**Effete**, *a.* ଜୀର୍ଣ୍ଣ, ବନ୍ଧ୍ୟ, ଅଫଳା ।

**Efficacious**, *a.* ଫଳୋତ୍ପାଦକ, ଗୁଣକାରୀ, ଇପ୍ସିତ ଫଳର ଉତ୍ପାଦକ, ପ୍ରବଳ ।

**Efficaciously**, *ad.* ଫଳୋତ୍ପାଦକରୂପେ ।

**Efficatiousness**, *n.* ଫଳୋତ୍ପାଦକତା ।

**Efficacy**, *n.* ଫଳୋତ୍ପାଦକ ଗୁଣ, ଫଳୋତ୍ପାଦକା ଶକ୍ତି, ଗୁଣ, ପ୍ରଭାବ, ବଳ ।

**Efficiency**, *n.* କାର୍ଯ୍ୟକାରିତା, ସାଧକତା, କର୍ମଣ୍ୟତା, ଫଳୋତ୍ପାଦକା ଶକ୍ତି ।

**Efficient**, *a.* 1. ଫଳୋତ୍ପାଦକ, କାର୍ଯ୍ୟସାଧକ ; 2. କର୍ମଣ୍ୟ, କର୍ମୋପଯୋଗୀ ।—*n.* କର୍ମକ୍ଷମ ଲୋକ, ଯୋଗ୍ୟ ଲୋକ ।

**Efficiently**, *ad.* ଫଳୋତ୍ପାଦକରୂପେ, ଉତ୍ତମରୂପେ ।

**Effigy**, *n.* ପ୍ରତିମୂର୍ତ୍ତି, ପ୍ରତିରୂପ, ପିତୁଳା ।—**to burn in effigy**, ଘୃଣା ବା ତୁଚ୍ଛବୋଧ ପ୍ରକାଶାର୍ଥେ କୌଣସି ବ୍ୟକ୍ତିର ପ୍ରତିମୂର୍ତ୍ତି କରି ପୋଡ଼ି ପକାଇବାର ।

**Effloresce**, *v.i.* 1. ପୁଷ୍ପୋତ୍ପନ୍ନ-ହେ, ଫୁଲଫୁଟିବାର; 2. ଅତି ଅଳଙ୍କୃତ-ହେ ; 3. ରାସାୟନିକ ପରିବର୍ତ୍ତନରେ ଛତଅ ମାରି ଯିବାର ।

**Efflorescence**, *n.* 1. ପୁଷ୍ପୋତ୍ପତ୍ତି, ପୁଷ୍ପୋତ୍ପତ୍ତି ସମୟ, ଫୁଲଫୁଟିବା ସମୟ ; 2. ଚର୍ମର ସ୍ଫୋଟନ, ଚର୍ମର ଲାଲବର୍ଣ୍ଣ ; 3. ଛତଅ ।

**Efflorescent**, *a.* 1. ପୁଷ୍ପିତ, ଫୁଟିଲା ; 2. ଛତଅଲଗା, ଛତଅ ମାଡ଼ିବାଯୋଗ୍ୟ ।

**Effluence**, *n.* 1. ନିର୍ଗମନ, ନିଃସରଣ, ବହିବା ; 2. ନିର୍ଗତ ବସ୍ତୁ, ପ୍ରବାହ ।

**Effluent**, *a.* ପ୍ରବହମାନ, କ୍ଷରଣଶୀଳ, ।—*n.* ପ୍ରବାହ ।

**Effluvial**, *a.* ଦୁର୍ଗନ୍ଧସମ୍ବନ୍ଧୀୟ, ଦୁର୍ଗନ୍ଧ ବାଷ୍ପଯୁକ୍ତ ।

**Effluvium**, *n. pl.* effluvia, (ବାୟୁବତ୍ ନିର୍ଗତ ବସ୍ତୁ), ଦୁର୍ଗନ୍ଧ, ମନ୍ଦଗନ୍ଧ, ଦୁର୍ଗନ୍ଧ ବାଷ୍ପ ।

**Efflux**, effluxion, *n.* ନିର୍ଗମନ, ପ୍ରବାହ, ନିଃସରଣ ।

**Effort**, *n.* 1. ଉଦ୍ୟମ, ଉଦ୍ୟୋଗ, ଯତ୍ନ, ଅତିଶୟଯତ୍ନ, ଚେଷ୍ଟା ; 2. ଉଦ୍ୟମଜାତ ଫଳ ।

**Effortless**, *a.* ଅନୁଦ୍ୟମୀ, ଚେଷ୍ଟାହୀନ, ଯତ୍ନହୀନ ।

**Effrontery**, *n.* ଧୃଷ୍ଟତା, ପ୍ରଗଲ୍ଭତା, ନିର୍ଲଜ୍ଜତା, ବେହିୟାମୀ ।

**Effulge**, *v.i.* ଜାଜ୍ଜ୍ୱଲ୍ୟମାନ-ହେ ।

**Effulgence**, *n.* ସମୁଜ୍ଜ୍ୱଳତା, ତେଜ, ଆଭା ।

**Effulgent**, *a.* ଜାଜ୍ଜ୍ୱଲ୍ୟମାନ, ସମୁଜ୍ଜ୍ୱଳ ।

**Effulgently**, *ad.* ଜାଜ୍ଜ୍ୱଲ୍ୟମାନରୂପେ ।

**Effuse**, *v.t.* ଢାଳିବାର, ଅଜାଡ଼ିବାର ।—*v.i.* ନିର୍ଗତ-ହେ, କ୍ଷରିବାର ।

**Effusion**, *n.* 1. ଢାଳନ, ନିଃସରଣ, ଢଳା ପଦାର୍ଥ ; 2. ସୁପ୍ରକାଶିତ ସ୍ନେହ, ଅଳାପିତ୍ୱ ।

**Effusive**, *a.* 1. ନିର୍ଗମଶୀଳ, ପ୍ରବାହଶୀଳ ; 2. ଅଳାପିତ୍ୱପ୍ରକାଶକ, ସୁପ୍ରକାଶିତ ସ୍ନେହଯୁକ୍ତ ।

**Effusively**, *ad.* ପ୍ରବାହଶୀଳରୂପେ, ଅଳାପିତ୍ୱଭାବରେ ସୁପ୍ରକାଶିତ ସ୍ନେହ ଭାବରେ ।

**Effusiveness**, *n.* ବିଶେଷ ଅଳାପିତା ।

**Eft**, *n.* ଝିଟିପିଟି ଜାତୀୟ ଜନ୍ତୁବିଶେଷ, ଜଳଗୋଧିକା ।

**Egg**, *n.* ଅଣ୍ଡା, ଅଣ୍ଡ, ଡିମ, ଡିମ୍ବ ।

**Egg**, *v.t.* ଉସ୍କାଇବାର, ଉତ୍ତେଜିତ-କ ।

**Egg-apple**, *n.* ଭେଜି ବାଇଗଣ ।

**Egg-cup**, *n.* ଅଣ୍ଡା ରଖିବା ପିଆଲା ।

**Egg-plant**, *n.* ଭେଜି ବାଇଗଣ ଗଛ ।

**Egg-shell**, *n.* ଅଣ୍ଡାର ଖୋଳପା ।

**Egg-spoon**, *n.* ଅଣ୍ଡାଚାମଚ, ସାନ ଚାମଚ ।

**Egis**, *n.* see Ægis.

**Eglantine**, *n.* ବନ୍ୟ ଗୋଲାପର ବାବ୍ୟବ୍ୟବହୃତ ନାମ ।

**Ego**, *n.* ଆତ୍ମା, ନିଜେ, ସ୍ୱୟଂ, ମୁଁ ।

**Egoism**, *n.* 1. ମାୟାବାଦ ; 2. ଆତ୍ମପ୍ରେମ, ସ୍ୱାର୍ଥପରତା ।

**Egoist**, *n.* 1. ଆତ୍ମଶ୍ଲାଘୀ ; 2. ସ୍ୱାର୍ଥପର ଲୋକ; 3. ମାୟାବାଦୀ ।

**Egotism**, *n.* 1. "ଆମ୍ଭେ" ଶବ୍ଦର ବାରମ୍ବାର ପ୍ରୟୋଗ, ଅହମିକା, ଅହଂକାର, ଆତ୍ମବଡ଼ାଇ, ଆତ୍ମଶ୍ଲାଘା, ଆତ୍ମସ୍ତୁତି ।

**Egotist**, *n.* "ଆମ୍ଭେ" ଶବ୍ଦର ବାରମ୍ବାର ପ୍ରୟୋଗକାରୀ ଲୋକ, ଆତ୍ମଶ୍ଲାଘୀ, ଅଭିମାନୀ, ଅହଂକାରୀ, ଆତ୍ମପ୍ରଶଂସକ ।

**Egotistic**, egotistical, *a.* 1. ଆତ୍ମଶ୍ଲାଘୀ, ଅଭିମାନୀ, ଅହଂକାରୀ ; 2. ଆତ୍ମଶ୍ଲାଘାପୂର୍ଣ୍ଣ ।

**Egotistically**, *ad.* ଆତ୍ମଶ୍ଲାଘୀରୂପେ, ଅଭିମାନପୂର୍ବକ ।

**Egotize**, *v.i.* ଆତ୍ମଶ୍ଲାଘା-କ, ଆତ୍ମବଡ଼ାଇ-କ । [ତର ।

**Egregious**, *a.* ଅସାଧାରଣ, ଅଦ୍ଭୁତ, ଅସଙ୍ଗତ, ଘୋର-

**Egregiously**, *ad.* ଅସାଧାରଣରୂପେ, ଘୋରତରରୂପେ, ଅତି ମନ୍ଦରୂପେ ।

**Egress**, *n.* 1. ବହିର୍ଗମନ, ବାହାରିବା, ନିର୍ଗମନ, ପ୍ରସ୍ଥାନ ; 2. ବହିର୍ଗମନର ଅଧିକାର ; 3. ନିର୍ଗମ ପଥ, ଦ୍ୱାର ।

**Egression**, *n.* ବହିର୍ଗମନ, ନିର୍ଗମନ, ପ୍ରସ୍ଥାନ ।

**Egret**, *n.* 1. ବକ, ବଗ ; 2. ବଗର ପରଅଦ ; 3. କୌଣସି ମଞ୍ଜିର ସୂକ୍ଷ୍ମ ଅଂଶ ।

**Egyptian**, *a.* ମିଶର ଦେଶୀୟ ।—*n.* 1. ମିଶର ଦେଶୀୟ ଲୋକ; 2. କେଲା, ଭ୍ରମଣକାରୀ ଜାତି ବିଶେଷ ।

**Egyptologist**, *n.* ମିଶର ଦେଶୀୟ ପ୍ରାଚୀନ ଇତିହାସବେତ୍ତା ।

**Egyptology**, *n.* ମିଶର ଦେଶୀୟ ପ୍ରାଚୀନ ଇତିହାସ ବା ଭାଷା ଆଦିର ବିଜ୍ଞାନ ।

**Eh**, *inter.* ପ୍ରଶ୍ନ ବା ବିସ୍ମୟସୂଚକ ଶବ୍ଦ, ଯଥା—କି?, କି! କଣ? କଣ! କିମ୍ଭା?

**Eider**, eider-duck, *n.* ସାମୁଦ୍ରିକ ବତକ ବିଶେଷ ।

**Eider-down**, *n.* ଉପରୋକ୍ତ ବତକର କୋମଳ ପର ।

**Eight**, *a.* ଆଠ, ଅଷ୍ଟ ।—*n.* ଆଠ ସଂଖ୍ୟା, "୮" ଅଙ୍କ ।

**Eighteen**, *a.* ଅଠର, ଅଷ୍ଟାଦଶ ।—*n.* "୧୮" ଅଙ୍କ ।

**Eighteen-mo**, *n.* ଅଠର ପେଜଣ ଆକାର ପୁସ୍ତକ, also written 18mo.

**Eighteenth**, *a.* ଅଷ୍ଟାଦଶ ।—*n.* ଅଠର ଭାଗର ଏକ ଭାଗ ।

**Eightfold**, *a.* ଅଠଗୁଣ, ଅଠଥର, ଅଷ୍ଟଗୁଣ ।

**Eighth**, *a.* ଅଷ୍ଟମ ।—*n.* ଆଠ ଭାଗର ଏକ ଭାଗ ।

**Eighthly**, *ad.* ଅଷ୍ଟମରେ ।

**Eightieth**, *a.* ଅଶୀତିତମ ।—*n.* ଅଶୀ ଭାଗର ଏକ ଭାଗ ।

**Eighty**, *a.* ଅଶୀ, ଚାରି କୋଡ଼ି, ଅଶୀଟା ।—*n.* "୮୦" [ଅଙ୍କ ।

**Eistedfod**, *n.* ୱେଲ୍ସ ଦେଶର ଭାଟସ୍ ମହାସଭା ।

**Either**, *a.* or *pro.* ଦୁଇ ମଧ୍ୟରେ ଏକ, ଏ ଅବା ସେ, କୌଣସି ଏକ, ଅନ୍ୟତର ।—*conj.* or *ad.* ବା, ଅଥବା, ଅବା, used disjunctively as correlative to and preceding *or*.

**Ejaculate**, *v.t.* (ନିକ୍ଷେପ-କ), ସଂକ୍ଷେପରେ ହଠାତ୍ ଉଚ୍ଚାରଣ-କ, ଅକସ୍ମାତ୍ କହିବାର ।

**Ejaculation**, *n.* 1. ଅକସ୍ମାତ୍ ଉଚ୍ଚାରଣ, ହଠାତ୍ ଉଚ୍ଚାରଣ; 2. ହଠାତ୍ ଉଚ୍ଚାରିତ କଥା, ଅତି ସଂକ୍ଷିପ୍ତ ପ୍ରାର୍ଥନା ।

**Ejaculatory**, *a.* ସଂକ୍ଷେପରେ ହଠାତ୍ ଉଚ୍ଚାରିତ ।

**Eject**, *v.t.* 1. ପ୍ରକ୍ଷେପ-କ, ବାହାର-କ, ଉଦ୍ଗୀରଣ-କ, ଉଦ୍ଗାର-କ; 2. ଅଧିକାରଚ୍ୟୁତ-କ, ବେଦଖଲ୍-କ ।

**Ejection**, *n.* ପ୍ରକ୍ଷେପକରଣ, ନିକ୍ଷେପ; 2; ବହିଷ୍କରଣ, ବେଦଖଲ୍ ।

**Ejectment**, *n.* 1. ବେଦଖଲ୍; 2. ଭୂମିର ଅଧିକାର ଫେରି ପାଇବା ନିମନ୍ତେ ମକଦ୍ଦମା ।

**Ejector**, *n.* ବେଦଖଲ୍କାରୀ ।

**Eke**, *v.t.* ବଢ଼ାଇବାର, ଅଭାବ ପ୍ରାୟ ପୂର୍ଣ୍ଣ-କ, ଲମ୍ବାଇବାର ।

**Eke** *ad.* ଅଧିକନ୍ତୁ, ପୁଣି (archaic).

**Elaborate**, *v.t.* ଶ୍ରମ ଦ୍ୱାରା ଉତ୍ପନ୍ନ-କ, ଶ୍ରମ ଦ୍ୱାରା ସମ୍ପନ୍ନ-କ, କ୍ରମିକ ଉଦ୍ଯୋଗ ଦ୍ୱାରା ଉନ୍ନତ ବା ସିଦ୍ଧ-କ ।—*a.* ପରିଶ୍ରମସିଦ୍ଧ, ଶ୍ରମ ଦ୍ୱାରା ସମ୍ପନ୍ନ, ସୂକ୍ଷ୍ମରୂପେ କୃତ ।

**Elaborately**, *ad.* ବଡ଼ ପରିଶ୍ରମରେ, ମହାଯତ୍ନରେ, ସୂକ୍ଷ୍ମରୂପେ ।

**Elaborateness**, *n.* କାର୍ଯ୍ୟର ସିଦ୍ଧି, ସୂକ୍ଷ୍ମତା ।

**Elaboration**, *n.* 1. ଶ୍ରମ ଦ୍ୱାରା ଉତ୍ପାଦନ, ମହାଯତ୍ନପୂର୍ବକ କାର୍ଯ୍ୟର ସିଦ୍ଧି, କ୍ରମିକ ଉଦ୍ଯୋଗ ଦ୍ୱାରା ଉନ୍ନତ ବା ସୂକ୍ଷ୍ମତା ସାଧନ; 2. ସୂକ୍ଷ୍ମତା ।

**Elaborative**, *a.* ଶ୍ରମ ଦ୍ୱାରା ଉତ୍ପାଦନକ୍ଷମ, ଶ୍ରମ ଦ୍ୱାରା ସମ୍ପାଦନକ୍ଷମ, ସୂକ୍ଷ୍ମତା ସାଧନକ୍ଷମ ।

**Elan**, *n.* ବ୍ୟଗ୍ରତା, ଉଗ୍ରତା ।

**Elapse**, *v.i.* ବହିଯିବାର, ଅତୀତ-ହ, ଧୀରେ ଅତିବାହିତ-ହ ।

**Elastic**, *a.* 1. ସ୍ଥିତିସ୍ଥାପକତା ଗୁଣବିଶିଷ୍ଟ, ସ୍ଥିତିସ୍ଥାପକ; 2. ଅନୁକୂଳକାରୀ, ଚିର ;—*n.* ସ୍ଥିତିସ୍ଥାପକ ଦ୍ରବ୍ୟ ।

**Elastically**, *ad.* ସ୍ଥିତିସ୍ଥାପକରୂପେ, ସ୍ଥିତିସ୍ଥାପକ ଗୁଣ ଦ୍ୱାରା ।

**Elasticity**, *n.* ଆକୁଞ୍ଚନ ପ୍ରସାରଣ ବା ଅବସାଦନ କଲେହେଁ ବସ୍ତୁମାନେ ଯେଉଁ ନୈସର୍ଗିକ ଗୁଣ ପ୍ରଭାବରେ ପୁନର୍ବାର ପୂର୍ବଭାବ ପ୍ରାପ୍ତ ହୁଅନ୍ତି, ସ୍ଥିତିସ୍ଥାପକତା ।

**Elate**, *a.* ଉଲ୍ଲାସିତ, ପ୍ରଫୁଲ୍ଲ, ସ୍ଫୀତ ।—*v.t.* 1. ଉଲ୍ଲାସିତ-କ, ପ୍ରଫୁଲ୍ଲଚିତ୍ତ-କ; 2. ଗର୍ବିତ-କ ।

**Elated**, *p.a.* 1. ପ୍ରଫୁଲ୍ଲଚିତ୍ତ, ଉଲ୍ଲାସିତ; 2. ଗର୍ବିତ ।

**Elatedly**, *ad.* 1. ପ୍ରଫୁଲ୍ଲରୂପେ; 2. ଗର୍ବିତରୂପେ ।

**Elation**, *n.* ଉଲ୍ଲାସିତାବସ୍ଥା, ଉଲ୍ଲାସ, ଚିତ୍ତସମୁନ୍ନତି, ପ୍ରଫୁଲ୍ଲତା, ହର୍ଷଚିତ୍ତତା ।

**Elbow**, *n.* 1. କହୁଣି, କଫୋଣି; 2. କହୁଣିପରି ପଦାର୍ଥ, କୋଣ, ବାଙ୍କ ।—out at elbows, କଦର୍ଯ୍ୟ ଲୁଗାରେ ଆଚ୍ଛାଦିତ, କଣାଲୁଗା ପିନ୍ଧା ।—*v.t.* କହୁଣିରେ ଠେଲିଦେ, ଠେଲି-ଯି, ଠେଲି ପକାଇବାର ।—*v.i.* 1. କହୁଣି-କ, ବାଙ୍କ-ହେ; 2. କହୁଣି ମାରିବାର ।

**Elbow-chair**, *n.* କହୁଣି ରଖିବା ଚଉକି ବିଶେଷ, ଆରାମଚଉକି ।

**Elbow-grease**, *n.* ନିରନ୍ତର ହସ୍ତପରିଶ୍ରମ, ଶକ୍ତ ହସ୍ତପରିଶ୍ରମ (colloq.) ।

**Elbow-room**, *n.* (କହୁଣି ଚଳାଇବା ପାଇଁ ଯଥେଷ୍ଟ ସ୍ଥାନ), ସଙ୍କୀର୍ଣ୍ଣ ସ୍ଥାନରୁ ମୁକ୍ତି, କାର୍ଯ୍ୟ କରିବା ସ୍ଥାନ, କାର୍ଯ୍ୟକ୍ଷେତ୍ର ।

**Elder**, *a.* ଜ୍ୟେଷ୍ଠ, ବଡ଼, ବୟୋଧିକ, ଅଗ୍ରଜ ।—*n.* 1. ବୟୋଜ୍ୟେଷ୍ଠ ବ୍ୟକ୍ତି, ପୂର୍ବପୁରୁଷ, ପ୍ରାଚୀନ ଲୋକ; 2. ଖ୍ରୀଷ୍ଟୀୟ ମଣ୍ଡଳୀସ୍ଥ ପଦବୀ ଲୋକ ।

**Elder**, *n.* ବୃକ୍ଷ ବିଶେଷ ।

**Elder-berry**, *n.* ଉକ୍ତ ବୃକ୍ଷର ଫଳ ।

**Elderly**, *a.* ବୟୋଧିକ, ବୃଦ୍ଧ ।

**Eldership**, *n.* 1. ଜ୍ୟେଷ୍ଠତ୍ୱ, ପ୍ରାଧାନ୍ୟ; 2. ଖ୍ରୀଷ୍ଟୀୟ ମଣ୍ଡଳୀର ପଦ ବିଶେଷ ।

**Eldest**, *a.* ସର୍ବାପେକ୍ଷା ଜ୍ୟେଷ୍ଠ, ପ୍ରଥମଜାତ; ସର୍ବାପେକ୍ଷା ବୟୋଧିକ ।

**El Dorado**, *n.* କଳ୍ପିତ ଧନପୂର୍ଣ୍ଣ ସ୍ଥାନ, କୌଣସି ସ୍ୱର୍ଣ୍ଣମୟ ଦେଶ ।

**Elect**, *v.t.* ମନୋନୀତ-କ, ପସନ୍ଦ-କ ।—*a.* ମନୋନୀତ ।—*n. s.* or *pl.* ମନୋନୀତ ଲୋକ ବା ଲୋକମାନେ ।

**Election**, *n.* 1. ମନୋନୀତକରଣ, ମନୋନୟନ, ନିର୍ବାଚନ; 2. ପସନ୍ଦ କରିବା କ୍ଷମତା; 3. ଐଶ୍ୱରିକ ପୂର୍ବନିରୂପଣ ।

**Electioneer**, *v.t.* ନିର୍ବାଚନ ସମୟରେ ସର୍ବାଗ୍ରେ ବା ନାଗରିକ ପଦାକାଂକ୍ଷୀର ସାହାଯ୍ୟ-କ ।

**Electioneering**, *n.* ପଦାକାଂକ୍ଷୀର ନିର୍ବାଚନ ନିମନ୍ତେ କୃତ ଉପାୟମାନ ।

**Elective**, *a.* 1. ନିର୍ବାଚିତ; 2. ନିର୍ବାଚକ; 3. ମନୋନୀତ କରିବା କ୍ଷମତାବିଶିଷ୍ଟ; 4. ଇଚ୍ଛାଧୀନ ।

**Electively**, *ad.* ମନୋନୀତକରଣପୂର୍ବକ ।

**Elector**, *n.* 1. ନିର୍ବାଚକ ଲୋକ, ମତପ୍ରକାଶକ; 2. ଜର୍ମାନ ଦେଶର ବାଦଶାହ ମନୋନୀତକାରୀ ପୂର୍ବକାଳୀନ କେତେକ ପ୍ରଧାନ ଅଧିପତିର ଉପାଧି ।

**Electoral**, *a.* ନିର୍ବାଚକ ବା ନିର୍ବାଚକସମ୍ବନ୍ଧୀୟ, ନିର୍ବାଚକ ଲୋକମାନଙ୍କ ବିଷୟକ ।

**Electorate**, *n.* ନିର୍ବାଚକ ସମ୍ପ୍ରଦାୟ ।

**Electric, Electrical**, *a.* 1. ବିଦ୍ୟୁନ୍ମୟ, ତଡିନ୍ମୟ; 2. ବିଦ୍ୟୁତ୍‌ସମ୍ବନ୍ଧୀୟ, ବିଦ୍ୟୁଦ୍ୱିଷୟକ; 3. ବୈଦ୍ୟୁତିକ; 4. ଉତ୍ତେଜନାପୂର୍ଣ୍ଣ, ଉତ୍ତେଜକ ।—**Electric battery**, ବିଦ୍ୟୁଜ୍ଜନକ ଯନ୍ତ୍ର । **Electric clock**, ବୈଦ୍ୟୁତିକ ଘଣ୍ଟା, **Electric eel**, ବିଦ୍ୟୁନ୍ମୟ ତୋଡମାଛ । **Electric light**, ବୈଦ୍ୟୁତିକ ଆଲୋକ, ବିଜୁଳିଆଲୁଅ, ତାଡିତାଲୋକ । **Electric railway**, ବିଦ୍ୟୁଚ୍ଚାଳିତ ରେଲ୍‌ବାଟ । **Electric spark**, ବିଦ୍ୟୁତ୍କଣା ।

**Electrically**, *ad.* ବୈଦ୍ୟୁତିକରୂପେ, ବିଦ୍ୟୁତ୍‌ପରି,

**Electrician**, *n.* ତଡିଦ୍‌ବିଜ୍ଞାନବେତ୍ତା । [ବିଦ୍ୟୁତ୍ ଦ୍ୱାରା ।

**Electricity**, *n.* ବୈଦ୍ୟୁତିକ ଧର୍ମ, ବିଦ୍ୟୁତ୍, ତାଡିତ ବିଜ୍ଞାନ ।

**Electricute, Electrocute**, *v.t.* ବିଦ୍ୟୁତ୍ ଦ୍ୱାରା ପ୍ରାଣଦଣ୍ଡ-ଦେ ।

**Electrifiable**, *a.* ବିଦ୍ୟୁନ୍ମୟ ହେବା ଯୋଗ୍ୟ ।

**Electrification**, *n.* ବିଦ୍ୟୁତ୍‌ସଞ୍ଚାର, ତଡିନ୍ମୟକରଣ, ତଡିନ୍ମୟାବସ୍ଥା ।

**Electrify**, *v.t.* 1. ବିଦ୍ୟୁତ୍‌ସଞ୍ଚାର-କର, ବିଦ୍ୟୁନ୍ମୟ-କର, ବୈଦ୍ୟୁତିକ ଆଘାତ ଜନ୍ମାଇବା; 2. ଚମତ୍କୃତ-କର, ଉତ୍ତେଜିତ-କର, ରୋମାଞ୍ଚିତ-କର ।—*v.i.* ବିଦ୍ୟୁନ୍ମୟ-ହେ ।

**Electro-biologist**, *n.* ଜୀବନ୍ତ ପ୍ରାଣୀ ମଧ୍ୟରେ ବିଦ୍ୟୁତ୍‌ସ୍ରୋତର ପ୍ରଚଳନବିଷୟକ ବିଜ୍ଞାନବେତ୍ତା ।

**Electro-biology**, *n.* ଜୀବନ୍ତ ପ୍ରାଣୀ ମଧ୍ୟରେ ବିଦ୍ୟୁତ୍‌ସ୍ରୋତର ପ୍ରଚଳନବିଷୟକ ବିଜ୍ଞାନ ।

**Electrocution**, *n.* ବିଦ୍ୟୁତ୍ ଦ୍ୱାରା ପ୍ରାଣଦଣ୍ଡ ।

**Electrometer**, *n.* ବିଦ୍ୟୁନ୍ମାପକ ଯନ୍ତ୍ର ।

**Electroplate**, *v.t.* ବିଦ୍ୟୁତ୍ ଦ୍ୱାରା ଗିଲ୍ଟି-କର ।—*n.* ବିଦ୍ୟୁତ୍‌ରେ ଗିଲ୍ଟିକରା କାମ ।

**Electrotype, (Electro)** *n.*1. ଛପା ଅକ୍ଷର, କାଠଛବି ବା ମୁଦ୍ରାଦିର ମହମଛାଞ୍ଚ ଉପରେ ବୈଦ୍ୟୁତିକ ଗୁଣଦ୍ୱାରା ତମ୍ବା ଜମା କରାଇ ନକଲ ପ୍ରସ୍ତୁତ କରିବା କୌଶଳ; 2. ଉକ୍ତ କୌଶଳରେ କୃତ ଛପା ଅକ୍ଷରାଦିର ନକଲ ।—*v.t.* ଉକ୍ତ କୌଶଳରେ ଛପା ଅକ୍ଷରାଦି ନକଲ-କର ।

**Electuary**, *n.* ଔଷଧ ଓ ମିଷ୍ଟପଦାର୍ଥର ମିଶ୍ରଣ ।

**Eleemosynary**, *a.* 1. ଭିକ୍ଷାରେ ଦତ୍ତ, ଦରିଦ୍ର ଲୋକଙ୍କ ପ୍ରତିପୋଷଣାର୍ଥେ ନିର୍ଦ୍ଦିଷ୍ଟ ବା ଦତ୍ତ, ଦାନସମ୍ବନ୍ଧୀୟ, ଦାନାର୍ଥେ ସ୍ଥାପିତ; 2. ଦାନପୁଷ୍ଟ ।—*n.* ଭିକ୍ଷୋପଜୀବୀ ।

**Elegance, Elegancy**, *n.* 1. ଶୋଭା, ସୁଶ୍ରୀକତା, ସୌଷ୍ଠବ, ସୁରୂପତା, ବିଶୁଦ୍ଧତା; 2. ଶୋଭାଯୁକ୍ତ ଗୁଣ ବା ବିଷୟ । [ଉତ୍କୃଷ୍ଟ, ବିଶୁଦ୍ଧ ।

**Elegant**, *a.* ଶୋଭାଯୁକ୍ତ, ସୁଶ୍ରୀ, ସୁରୁଚି, ସୁନ୍ଦର, ସୁରୂପ,

**Elegantly**, *ad.* ଶୋଭାଯୁକ୍ତରୂପେ, ସୁଶ୍ରୀରୂପେ, ବିଶୁଦ୍ଧରୂପେ ।

**Elegiac**, *a. el-e-ji'ac*, 1. ଶୋକସୂଚକ ଗାନସମ୍ବନ୍ଧୀୟ, ଖେଦସୂଚକ, ଦୁଃଖ ବା ବିଳାପସୂଚକ; 2. ଏକ ବିଶେଷ ଚରଣଯୁକ୍ତ କବିତାସମ୍ବନ୍ଧୀୟ ।

**Elegiast, Eiegist**, *n.* 1. ଶୋକସୂଚକ ପଦ୍ୟର ଲେଖକ; 2. ଏକ ବିଶେଷ ଚରଣଯୁକ୍ତ କବିତାର ରଚକ ।

**Elegize**, *v.t.* and *i.* ଶୋକସୂଚକ ପଦ୍ୟ ରଚନା-କର, ଶୋକସୂଚକ ଗୀତରେ ବିଳାପ-କର ବା ଗୁଣକୀର୍ତ୍ତନ-କର, ବିଳାପ-କର ।

**Elegy**, *n.* 1. ଶୋକସୂଚକ ଗାନ, ଖେଦସୂଚକ ପଦ୍ୟ, ଅନ୍ତ୍ୟେଷ୍ଟିକ୍ରିୟାସମ୍ବନ୍ଧୀୟ ଗୀତ, ଦୁଃଖ ଓ ବିଳାପସୂଚକ ପଦ୍ୟ ବା ଗୀତ; 2. ଏକ ବିଶେଷ ଚରଣଯୁକ୍ତ କବିତା ।

**Element**, *n.* 1. ମୂଳପଦାର୍ଥ, ଭୂତପଦାର୍ଥ, ଉପାଦାନ; 2. ପଞ୍ଚଭୂତ (ବା ଚତୁର୍ଭୂତ, ଯଥା :—ଅଗ୍ନି, ବାୟୁ, ଭୂମି ଓ ଜଳ); 3. ଉଚିତ ବା ସ୍ୱାଭାବିକ ସ୍ଥାନ; 4. *pl.* ମୂଳସୂତ୍ର; 5. ପ୍ରଭୁ ଯୀଶୁଙ୍କ ଭୋଜରେ ବ୍ୟବହୃତ ରୋଟୀ ଓ ଦ୍ରାକ୍ଷାରସ ।

**Elemental**, *a.* 1. ମୂଳପଦାର୍ଥସମ୍ବନ୍ଧୀୟ, ଉପାଦାନସମ୍ବନ୍ଧୀୟ, ମୂଳପଦାର୍ଥରୁ ଜାତ, ସହଜ, ସରଳ; 2. ମୂଳସୂତ୍ରସମ୍ବନ୍ଧୀୟ; 3. ପଞ୍ଚଭୌତିକ ।

**Elementally**, *ad* 1. ମୂଳସୂତ୍ରାନୁସାରେ; 2. ମୌଳିକରୂପେ ।

**Elementarily**, *ad.* ସହଜରୂପେ, ମୂଳସୂତ୍ରାନୁସାରେ ।

**Elementariness**, *n.* ଅମିଶ୍ରିତାବସ୍ଥା, ପ୍ରାଥମିକାବସ୍ଥା ।

**Elementary**, *a.* 1. ମୌଳିକ, ପ୍ରାଥମିକ, ଅମିଶ୍ରିତ; 2. ମୂଳସୂତ୍ରବିଷୟକ, ମୂଳସୂତ୍ରାତ୍ମକ, ଉପକ୍ରମଣିକାସମ୍ବନ୍ଧୀୟ; 3. ଭୌତିକ ।

**Elephant**, *n.* ହାତୀ, ହସ୍ତୀ, ଗଜ, ଦନ୍ତୀ, କରୀ, ମାତଙ୍ଗ ।

**Elephantiasis**, *n.* ଗୋଦର, ଶ୍ଳୀପଦରୋଗ ।

**Elephantine**, *a.* 1. ହସ୍ତିସମ୍ବନ୍ଧୀୟ, ହସ୍ତିବିଷୟକ; 2. ହସ୍ତିବତ୍, ବୃହତ୍, ପ୍ରକାଣ୍ଡ ।

**Elevate**, *v.t.* 1. ଉଠାଇବା; 2. ଉନ୍ନତ-କର, ସମ୍ଭ୍ରାନ୍ତ-କର, ବିଶୁଦ୍ଧ-କର; 3. ଉଲ୍ଲାସିତ-କର, ପ୍ରଫୁଲ୍ଲିତ-କର; 4. (ସ୍ୱର) ଉଚ୍ଚ-କର ।

**Elevated** *p.a.* 1. ଉଚ୍ଚୀକୃତ; 2. ଉନ୍ନତ, ମହତ୍; 3. (slang) କିଞ୍ଚିତ୍ ମତ୍ତ, ଅଳ୍ପ ମଦୁଆଲା ।

**Elevation**, *n.* 1. ଉତ୍ତୋଳନ, ଉତ୍ଥାପନ; 2. ଉନ୍ନତି; 3. ଉଚ୍ଚତା, ଉଚ୍ଚଭୂମି, ପାହାଡ; 4. ଗାତ୍ରନର ଠିଆ ନକ୍ସା ।

**Elevator**, *n.* 1. ଉତ୍ତୋଳନକାରୀ ଲୋକ ବା ଯନ୍ତ୍ର, ଉନ୍ନତକାରୀ ବ୍ୟକ୍ତି, ଉଠାଇବା ଯନ୍ତ୍ର; 2. ଉଠାଇବା ଯନ୍ତ୍ରଯୁକ୍ତ ଶସ୍ୟର ଅମାର ବିଶେଷ ।

**Elevatory**, *a.* ଉତ୍ତୋଳନକାରୀ, ଉତ୍ତୋଳନକ୍ଷମ ।

**Eleven**, *a.* ଏଗାର, ଏକାଦଶ ।—*n.* 1. ଏଗାର ସଂଖ୍ୟା, ଏକାଦଶ ଅଙ୍କ; 2. କ୍ରିକେଟ୍ ଖେଳର ଏକ ପକ୍ଷ ।

**Eleventh**, *a.* ଏକାଦଶ ।—*n.* ଏଗାର ଭାଗର ଏକ ଭାଗ ।

**Elf**, *n.* (*pl.*) Elves, 1. କଳ୍ପିତ ଦୈତ୍ୟ, ପରୀ; 2. ଅପକାରକ ଲୋକ, ଦୁଷ୍ଟ; 3. ପିଲାର ଖେଳ୍ପା ନାମ; 4. ବାଙ୍ଗର ଲୋକ । [ଛୋଟା ।

**Elfin**, *a.* ପରୀସମ୍ବନ୍ଧୀୟ, ବାଙ୍ଗରପ୍ରକୃତିସ୍ଥ ।—*n.* ସାନ

Elfish, *a.* ପରୀବତ୍ ।
Elf-land, *n.* ପରୀମାନଙ୍କର ଦେଶ ।
Elicit, *v.t.* ବାହାର-କ, ଉପଲବ୍ଧ-କ, କାଢିବା ।
Elide, *v.t.* ଅକ୍ଷର ଲୋପ-କ ।
Eligibility, *n.* ମନନୀୟତା, ଯୋଗ୍ୟତା ।
Eligible, *a.* 1. ମନନୀୟ ; 2. ଯୋଗ୍ୟ ; 3. (colloq.) ବରଣୀୟ ।
Eligibly, *ad.* ମନନୀୟରୂପେ, ଯୋଗ୍ୟରୂପେ ।
Eliminable, *a.* ଛାଡଦେବା ଯୋଗ୍ୟ ।
Eliminate, *v.t.* କାଢିପକାଇବା, ଦୂର-କ, ଛାଡ-ଦେ ।
Elimination, *n.* ପୃଥକ୍ କରି ପରିତ୍ୟାଗକରଣ, ବହିଷ୍କରଣ, ଦୂରୀକରଣ ।
Elision, *n.* ଅକ୍ଷରଲୋପକରଣ, ସନ୍ଧି ।
Elite, *n. pl.* ଉତ୍କୃଷ୍ଟ ସମ୍ପ୍ରଦାୟ, ସାରାଂଶ ।
Elixir, *n.* 1. ଧାତୁସବୁକୁ ସୁବର୍ଣ୍ଣରେ ପରିଣତ କରିବା ନିମନ୍ତେ ଅପରସାୟନବିତ୍ ଲୋକଦ୍ୱାରା ଅନ୍ୱେଷିତ ଦ୍ରବ ଦ୍ରବ୍ୟ ; 2. କାଳ୍ପନିକ ଅମୃତ ; 3. ସୁରାସାରରେ ପ୍ରସ୍ତୁତ ଔଷଧ ।
Elk, *n.* ସମ୍ବର ।
Ell, *n.* ବସ୍ତ୍ରର ପରିମାଣ ବିଶେଷ, English ell, ଏକଚଉଥ ଗଜ, ୪୫ ଇଞ୍ଚ ।
Ellipse, *n.* ବୃତ୍ତାଭାସ ।
Ellipsis, *n.* (*pl.*) Ellipses, ଲକ୍ଷଣା, ଅଧ୍ୟାହାର, ଊହ୍ୟ ବାକ୍ୟ, ସ୍ଥାନରେ ଊହ୍ୟାର୍ଥକ ଚିହ୍ନ, ଯଥା——— ବା * * * * ।
Elliptic, Ellipitical, *a.* 1. ବୃତ୍ତାଭାସସମ୍ବନ୍ଧୀୟ, ଅଣ୍ଡାକାର ; 2. ଲକ୍ଷଣାସମ୍ବନ୍ଧୀୟ, ଅଧ୍ୟାହାର୍ଯ୍ୟ, ଊହ୍ୟ ।
Elliptically, *ad.* 1. ଅଣ୍ଡାକାରରେ ; 2. ଊହ୍ୟରୂପେ ।
Elm, *n.* ବୃକ୍ଷ ବିଶେଷ ।
Elocution, *n.* ହୃଦୟସ୍ପର୍ଶୀ ବକ୍ତୃତାର ନୈପୁଣ୍ୟ, ବାକ୍‌ପଟୁତା, ଉତ୍ତମ ଉଚ୍ଚାରଣଶକ୍ତି ।
Elocutionary, *a.* ବାକ୍‌ପଟୁତାସମ୍ବନ୍ଧୀୟ ।
Elocutionist, *n.* ବାକ୍‌ପଟୁ ଲୋକ, ବାକ୍‌ପଟୁତାର ଶିକ୍ଷକ ।
Elongate, *v.t.* ଟାଣି ବଢାଇବା, ଲମ୍ବା-କ, ଦୀର୍ଘ-କ । —*v.i.* ଲମ୍ବା-ହେ ।—*a.* ବିସ୍ତୃତ, ଲମ୍ବିତ ।
Elongation, *n.* 1. ବିସ୍ତୃତକରଣ, ଲମ୍ବକରଣ, ବିସ୍ତୃତାବସ୍ଥା ; 2. ଲମ୍ବବୃଦ୍ଧିକାରକ ବିଷୟ ।
Elope, *v.i.* 1. ପଳାୟନ-କ, ଗୋପନରେ ପଳାୟନ-କ ; 2. ଉପପତିସହିତ ପଳାଇଯିବା, ବିବାହାର୍ଥେ ପ୍ରେମିକ ଲୋକସଙ୍ଗେ ଗୋପନରେ ପଳାଇଯିବା ।
Elopement, *n.* ଉପପତିସହିତ ପଳାୟନ, ବିବାହାର୍ଥେ ପ୍ରେମିକ ଲୋକସହିତ ପଳାୟନ ।
Eloquence, *n.* 1. ବାକ୍‌ପଟୁତା, ବାଗ୍ମିତା, ବକ୍ତୃତାଶକ୍ତି ; 2. ହୃଦୟସ୍ପର୍ଶୀ ଶକ୍ତି ।
Eloquent, *a.* 1. ବାକ୍‌ପଟୁ, ବାଗ୍ମୀ, ସ[illegible] ; 2. ହୃଦୟସ୍ପର୍ଶୀ, ଉତ୍ତେଜକ ; 3. ସୁସ୍ପଷ୍ଟ ପ୍ରକାଶ
Eloquently, *ad.* 1. ବାକ୍‌ପଟୁରୂପେ ; 2. ସୁସ୍ପ[illegible]ରୂପେ, ପ୍ରକାଶକରୂପେ ।

Else, *a.* or *ad.* ଅଉ, ଅନ୍ୟ, ଏତଦ୍ଭିନ୍ନ ।—*conj.* ନଚେତ୍, ନୋହିଲେ ।
Elsewhere, *ad.* ଅନ୍ୟତ୍ର, ଅନ୍ୟସ୍ଥାନରେ, ଅଉଠାରେ ।
Elucidate, *v.t.* ଉଜ୍ଜ୍ୱଳ-କ, ସୁସ୍ପଷ୍ଟ-କ, ବ୍ୟକ୍ତ-କ, ବ୍ୟାଖ୍ୟା-କ, ବୁଝାଇବା ।
Elucidation, *n.* ସୁସ୍ପଷ୍ଟକରଣ, ବ୍ୟାଖ୍ୟାକରଣ, ବ୍ୟାଖ୍ୟା ।
Elucidative, *a.* ସୁସ୍ପଷ୍ଟକାରକ, ବ୍ୟାଖ୍ୟାକାରକ ।
Elucidator, *n.* ବ୍ୟାଖ୍ୟାକର୍ତ୍ତା, ଟୀକାକାର ।
Elude, *v.t.* 1. କୌଶଳକ୍ରମେ ଏଡାଇବା ; 2. (ଅନୁସନ୍ଧାନ) ବିଫଳ-କ ।
Eludible, *a.* ଏଡାଇବାଯୋଗ୍ୟ, ବିଫଳକରଣୀୟ ।
Elusion, *n.* 1. କୌଶଳକ୍ରମେ ପଳାୟନ ; 2. ଛଳ, ଧୂର୍ତ୍ତତା ।
Elusive, *a.* ପଳାୟନଶୀଳ, କୌଶଳକ୍ରମେ ପଳାୟନଶୀଳ, ପ୍ରତାରକ, ମିଥ୍ୟା ।
Elusory, *a.* ଅବଧାନ ବା ବୋଧରୁ ପଳାୟନଶୀଳ, ପ୍ରତାରକ, ପ୍ରବଞ୍ଚକ, ମିଥ୍ୟା ।
Elysian, *a.* 1. ଗ୍ରୀକ ସ୍ୱର୍ଗଲୋକର ସ୍ଥାନସମ୍ବନ୍ଧୀୟ ; 2. ଅତ୍ୟନ୍ତ ସୁଖମୟ ।
Elysium, *n.* 1. ଗ୍ରୀକଦେଶ ଶାସ୍ତ୍ରରେ ମୃତ୍ୟୁଉତ୍ତାରେ ସୁଖୀ ଆତ୍ମାମାନଙ୍କ ନିବାସସ୍ଥାନ, ଭବିଷ୍ୟତ୍ ସ୍ୱର୍ଗଲୋକର ସ୍ଥାନ ; 2. କୌଣସି ସୁଖମୟ ସ୍ଥାନ ।
Emaciate, *v.i.* କ୍ଷୀଣ-ହେ, ଧାତୁଅ-ହେ, କୃଶ-ହେ, ଶୀର୍ଣ୍ଣ-ହେ ।—*v.t.* କ୍ଷୀଣ କରାଇବା ।—*a.* କ୍ଷୀଣ, କୃଶ ।
Emaciated, *p.a.* କ୍ରମଶଃ ମାଂସକ୍ଷୟ ହେତୁ କ୍ଷୀଣମାନ, କ୍ଷୀଣ, ଅସ୍ଥିଚର୍ମ୍ମସାର, କୃଶ, ଶୀର୍ଣ୍ଣ ।
Emaciation, *n.* କ୍ଷୀଣକରଣ, ଦୁର୍ବଳତା, କ୍ଷୀଣତା, କୃଶତା, ଅସ୍ଥିଚର୍ମ୍ମସାର ଅବସ୍ଥା ।
Emanant, *a.* ନିର୍ଗମନଶୀଳ, ନିର୍ଗତ, ନିଃସୃତ ।
Emanate, *v.i.* ନିର୍ଗତ-ହେ, ନିଃସୃତ-ହେ ।
Emanation, *n.* 1. ନିର୍ଗମନ, ନିଃସରଣ ; 2. ନିର୍ଗତ ବିଷୟ, ନିର୍ଗତ ବାଷ୍ପ ବା ଗନ୍ଧ ।
Emancipate, *v.t.* ଦାସତ୍ୱରୁ ମୁକ୍ତ-କ, ମୁକ୍ତ-କ ।
Emancipation, *n.* ଦାସତ୍ୱରୁ ମୁକ୍ତକରଣ, ମୁକ୍ତକରଣ, ମୁକ୍ତି ।
Emancipationist, *n.* ଦାସମୋଚନର ପକ୍ଷାବଲମ୍ବୀ ।
Emancipator, *n.* ଦାସତ୍ୱରୁ ମୁକ୍ତିଦାତା, ମୁକ୍ତିକର୍ତ୍ତା ।
Emasculate, *v.t.* 1. ଖୋଜା-କ, ପୁଂଶକ୍ତି ନାଶ-କ ; 2. ଦୁର୍ବଳ-କ, ମାଇଚ୍ଛ-କ ; 3. (ପୁସ୍ତକର) ଅଶ୍ଳୀଳ ଅଂଶ ଦୂର କରି ତେଜ କମ୍-କ ।
Emasculation, *n.* 1. ଖୋଜାକରଣ, ପୁଂଶକ୍ତିନାଶ ; 2. ବଳ ଓ ତେଜର ଦୂରୀକରଣ ; 3. ମାଇଚ୍ଛମି ।
Embalm, *v.t.* 1. ସୁଗନ୍ଧିଦ୍ରବ୍ୟଦ୍ୱାରା (ଶବକୁ) ରକ୍ଷା-କ ; 2. ସ୍ନେହ ଓ ଯତ୍ନରେ ରକ୍ଷା-କ, ହୃଦୟରେ ପ୍ରତିପୋଷିତ-କ ; 3. ସୁବାସିତ-କ
Embank, *v.t.* ବନ୍ଧଦ୍ୱାରା ବେଷ୍ଟନ-କ, ବନ୍ଧ ବା ଗାଡ଼ ଦ୍ୱାରା ସୁରକ୍ଷା-କ ।
Embankment, *n.* ବନ୍ଧଦ୍ୱାରା ବେଷ୍ଟନ, ବନ୍ଧ ।

**Embargo**, *n.* 1. ବନ୍ଦରରୁ ଜାହାଜଗମନର ନିଷେଧାଜ୍ଞା ; 2. ବାଧା, ଅଟକ ।—*v.t.* 1. ବନ୍ଦରରୁ ଜାହାଜଗମନ ବା ମାଲ୍‌ପ୍ରେରଣ ନିଷେଧ-କ ; 2. ନିଷେଧ-କ ।

**Embark**, *v.t.* 1. ଜାହାଜରେ ପ୍ରବେଶ କରାଇବା, ଜାହାଜରେ ଚଢ଼ାଇବା ; 2. ବାଣିଜ୍ୟାଦିରେ ଲଗାଇବା ।—*v.i.* 1. ଜାହାଜରେ ଚଢ଼ିବା ; 2. କୌଣସି କାର୍ଯ୍ୟରେ ପ୍ରବୃତ୍ତ-ହେ, କୌଣସି କାର୍ଯ୍ୟରେ ଅଂଶୀ-ହେ ।

**Embarkation**, *n.* 1. ଜାହାଜାରୋହଣ, ଜାହାଜରେ ଚଢ଼ାଇବା; 2. ଚଢ଼ିଥିବା ଲୋକମାନେ ବା ଚଢ଼ାଇଥିବା ଦ୍ରବ୍ୟ ।

**Embarrass**, *v.t.* 1. ଗୋଳମାଳରେ ପକାଇବା, କଷ୍ଟରେ ପକାଇବା, ବାଧା-ଦେ ; 2. ଘାବରା-କ, ଅପ୍ରସ୍ତୁତ-କ, ଅପ୍ରତିଭ-କ ; 3. ଦେଉଳିଆ-କ । [3. ଦେଉଳିଆ ।

**Embarrassed**, *p.a.* 1. କଷ୍ଟରେ ଜଡ଼ିତ ; 2. ଘାବରା ;

**Embarrassment**, *n.* 1. କଷ୍ଟରେ ପାତନ, କଷ୍ଟ, ଝଞ୍ଜଟ, ଅର୍ଥକ୍ଳେଶ; 2. ଘାବରାଣି, ଅପ୍ରତ୍ୟୟତା ।

**Embassador**, *n.* see Ambassador.

**Embassy**, *n.* 1. ଦୌତ୍ୟକାର୍ଯ୍ୟ, ରାଜଦୂତର ପଦ, ରାଜକୀୟ ଗୁରୁତର ସମ୍ବାଦ ; 2. ରାଜଦୂତଗଣ, ରାଜଦୂତ ଓ ତାଙ୍କ ସହଚରମାନେ ; 3. ରାଜଦୂତର ସର୍କାରୀ ଆଲୟ ।

**Embattle**, *v.t.* ଯୁଦ୍ଧାର୍ଥେ ସୈନ୍ୟ ଶ୍ରେଣୀବଦ୍ଧ-କ ।

**Embattled**, *p.a.* ତୋପ ମାରିବା ନିମନ୍ତେ ଛିଦ୍ର ଥିବା ପ୍ରାଚୀରଯୁକ୍ତ ।

**Embay**, *v.t.* 1. ଖାତରେ ବନ୍ଦ-କ, ଅଖାତରେ ବନ୍ଦ-କ; 2. ଉପସାଗରରେ ଥିବା ପରି ଭୂମିରେ ବେଷ୍ଟନ-କ, ବେଷ୍ଟନ-କ ।

**Embayment**, *n.* ଅନ୍ତରୀପବେଷ୍ଟିତ ସମୁଦ୍ର, ଉପସାଗର ।

**Embed**, *v.t.* ବସାଇବା, ନିହିତ-କ ।

**Embellish** *v.t.* ସୁନ୍ଦର-କ, ସୁଶୋଭିତ-କ, ଅଳଙ୍କୃତ-କ ।

**Embellishment**, *n.* 1. ସୁଶୋଭିତକରଣ, ସୁଶୋଭିତାବସ୍ଥା ; 2. ଅଳଙ୍କାର, ଭୂଷଣ ।

**Ember**, *n.* chiefly in *pl.* ଜ୍ୱଳଦଙ୍ଗାର, ତପ୍ତାଙ୍ଗାର, ଅଳ୍ପ ନିଆଁ ଥିବା ପାଉଁଶ, ଅନ୍ତର୍ଦାହବାନ୍ ଭସ୍ମ ।

**Ember-days**, *n. pl.* ରାଜକୀୟ ଓ ରୋମାନ୍‌କାଥଲିକ୍ ମଣ୍ଡଳୀ ଦ୍ୱାରା ନିର୍ଦ୍ଧାରିତ ପ୍ରାର୍ଥନା ଓ ଉପବାସର ଦିନମାନ ।

**Embezzle**, *v.t.* ଗଚ୍ଛିତ ଧନ ଚୋରି-କ, ତହବିଲ ଭାଙ୍ଗିବା, ତୋସରପ୍-କ ।

**Embezzlement**, *n.* ଗଚ୍ଛିତଧନର ଚୋରି, ତହବିଲଭଙ୍ଗ, ତୋସରପ୍‌କରଣ ।

**Embitter**, *v.t.* 1. ତିକ୍ତ-କ ; 2. ଅସୁଖୀ-କ ; 3. ଅଧିକ ଉଗ୍ର-କ ।

**Embitterment**, *n.* ତିକ୍ତକରଣ ।

**Emblaze**, *v.t.* 1. ପ୍ରଜ୍ୱଳିତ-କ ; 2. ଉଜ୍ଜ୍ୱଳ ବା ଝକମକ ଅଳଙ୍କାର ଦ୍ୱାରା ଭୂଷିତ-କ ; 3. ପ୍ରକାଶ-କ ।

**Emblazon**, *v.t.* 1. କୌଳୀନ୍ୟସୂଚକ ଚିହ୍ନଦ୍ୱାରା ଶୋଭିତ-କ ; 2. ଅଳଙ୍କାରଦ୍ୱାରା ବିଭୂଷିତ-କ, ଜାକ୍‌ଜମକ-କ ; 3. ଗୁଣକୀର୍ତ୍ତନ-କ ।

**Emblazonment, Emblazonry**, *n.* କୌଳୀନ୍ୟସୂଚକ ଚିହ୍ନଦ୍ୱାରା ସୁଶୋଭିତକରଣ, କୌଳୀନ୍ୟସୂଚକ ଚିହ୍ନ ।

**Emblem**, *n.* 1. ସଙ୍କେତଚିହ୍ନ, ନିଦର୍ଶନ, ଚିହ୍ନ, ଗୂଢ଼ାର୍ଥଚିହ୍ନ ; 2. କୁଳଚିହ୍ନ ।

**Emblematic, Emblematical**, *a.* ସଙ୍କେତଚିହ୍ନସମ୍ବନ୍ଧୀୟ, ନିଦର୍ଶନୀୟ, ଚିହ୍ନରୂପକ ।

**Emblematically**, *ad.* ନିଦର୍ଶନୀୟରୂପେ, ନିଦର୍ଶନକ୍ରମେ ।

**Embodiment**, *n.* 1. ଶରୀରୀକରଣ, ପ୍ରଣାଳୀବଦ୍ଧକରଣ, ଅବୟବବିଶିଷ୍ଟାବସ୍ଥା ; 2. ଦଳଭୁକ୍ତକରଣ ; 3. ବାହ୍ୟରୂପ, ନିଦର୍ଶନ ।

**Embody**, *v.t.* 1. ଦେହବିଶିଷ୍ଟ-କ, ଶରୀରୀ-କ, ଅବୟବବିଶିଷ୍ଟ-କ, ପ୍ରଣାଳୀବଦ୍ଧ-କ ; 2. ଦଳଭୁକ୍ତ-କ, ସଙ୍ଗ୍ରହ-କ ।—*v.i.* ମିଳିବା, ସଂଯୁକ୍ତ-ହେ ।

**Embolden**, *v.t.* ସାହସ-ଦେ, ସାହସ ଜନ୍ମାଇବା, ସାହସୀ-କ, ଉତ୍ସାହିତ-କ ।

**Embonpoint**, *n.* *an-bon-pwan*, (French), ହୃଷ୍ଟପୁଷ୍ଟତା ।

**Emborder**, *v.t.* ଧାରଯୁକ୍ତ-କ ।

**Embosom**, *v.t.* 1. ବକ୍ଷରେ ଧରିବା, ହୃଦୟରେ ଆଲିଙ୍ଗନ-କ, ଆଦର-କ, କୁଣ୍ଢାଇବା ; 2. ବେଷ୍ଟନ-କ, ଆବୃତ-କ, ଆଚ୍ଛାଦନ-କ ।

**Emboss**, *v.t.* 1. ଫୁଲକାମରେ ଆଚ୍ଛାଦନ-କ, ବୁଟା କାମରେ ଅଳଙ୍କୃତ-କ ; 2. ସମୁନ୍ନତ ମୂର୍ତ୍ତି-କ, ସମୁନ୍ନତ ମୂର୍ତ୍ତିରେ ଦର୍ଶାଇବା ।

**Embossment**, *n.* ବୁଟା କାମରେ ଅଳଙ୍କୃତକରଣ, ଫୁଲକାମ, ବୁଟା କର୍ମ ।

**Embouchure**, *n.* *an-bo-shur* (French) 1. ନଦୀର ମୁହାଣ ; 2. ବଂଶୀଆଦିର ମୁହଁ ; 3. ବଂଶୀ ବଜାଇବା ସମୟରେ ଓଷ୍ଠାଦିର ଠିକ୍‌କରଣ ।

**Embowel**, *v.t.* 1. ଅନ୍ତ୍ର ବାହାର-କ ; 2. ପୋତିବା ।

**Embowelment**, *n.* ଅନ୍ତ୍ର ବାହାରକରଣ ।

**Embower**, *v.i.* ନିକୁଞ୍ଜରେ ବାସ-କ, (ନିକୁଞ୍ଜରେ ବାସ କଲାପରି) ଆଶ୍ରୟ-ନେବା ।—*v.t.* ନିକୁଞ୍ଜଦ୍ୱାରା ଆବୃତ-କ, ବୃକ୍ଷଦ୍ୱାରା ଆବୃତ-କ, ଛାୟାରେ ଆଚ୍ଛାଦନ-କ ।

**Embrace**, *v.t.* 1. ଆଲିଙ୍ଗନ-କ, କୋଳାକୋଳି-କ, କୁଣ୍ଢାଇବା ; 2. ବାହୁରେ ଧରିବା, ଧରିବା ; 3. ବେଷ୍ଟନ-କ, ଅନ୍ତର୍ଭୂତ-କ, ଅନ୍ତର୍ଗତ-କ ; 4. ଗ୍ରହଣ-କ ।—*v.i.* ପରସ୍ପର ଆଲିଙ୍ଗନ-କ ।—*n.* ଆଲିଙ୍ଗନ, କୋଳାକୋଳି ।

**Embracery**, *n.* ଲାଞ୍ଚ ଦ୍ୱାରା ଜୁରିକୁ ଭ୍ରଷ୍ଟ କରିବା ଦୋଷ ।

**Embrasure**, *n.* 1. ତୋପ ମାରିବା ନିମନ୍ତେ ଦୁର୍ଗର ପ୍ରାଚୀରରେ ଥିବା ଛିଦ୍ର ; 2. ଚୌକାଠରେ ଲାଗିଥିବା କାନ୍ଥର ଢଳାଣୀ ।

**Embrocate**, *v.t.* ଦ୍ରବଦ୍ରବ୍ୟ ଦ୍ୱାରା ମର୍ଦ୍ଦନ-କ ।

**Embrocation**, *n.* 1. ଦ୍ରବଦ୍ରବ୍ୟରେ ଲୁଗାଦି ବୁଡ଼ାଇ କ୍ଷତ ସ୍ଥାନ ମର୍ଦ୍ଦନକରଣ ; 2. ମର୍ଦ୍ଦନରେ ବ୍ୟବହୃତ ଦ୍ରବଦ୍ରବ୍ୟ ।

**Embroider**, *v.t.* ବୁଟାର କଢ଼ାଇ କର୍ମ-କ, ବୁଟା କାମ ଦ୍ୱାରା ଅଳଙ୍କୃତ-କ ।

Embroidery, *n.* ବୁଟାର କର୍ମ, କଢ଼ାଇ କର୍ମ ।

Embroil, *v.t.* ଗୋଳମାଳରେ ପକାଇବା, ଅସ୍ତବ୍ୟସ୍ତରେ ପକାଇବା, ବିବାଦରେ ପକାଇବା, କଳହରେ ଜଡ଼ିତ-କ ; ବ୍ୟତିବ୍ୟସ୍ତ-କ ।—*v.i.* ଗୋଳମାଳରେ ପଡ଼ିବା, ଅସ୍ତବ୍ୟସ୍ତ-ହେ ।

Embroilment, *n.* 1. ଗୋଳମାଳରେ ପତନ, କଳହରେ ଜଡ଼ିତକରଣ, ଗୋଳମାଳ, କଳହ, ଝଗଡ଼ା ; 2. ଜଡ଼ିତାବସ୍ଥା ।

Embryo, *n.* 1. ଭ୍ରୂଣ, ଗର୍ଭସ୍ଥ ଅପୂର୍ଣ୍ଣ ପ୍ରାଣୀ; 2. ବୀଜରେ ଥିବା ଅସମ୍ପୂର୍ଣ୍ଣ ବୃକ୍ଷ; 3. କୌଣସି ବସ୍ତୁର ଅବିକସିତ ପ୍ରଥମାବସ୍ଥା ।—*a.* ଅବିକସିତାବସ୍ଥାସମ୍ବନ୍ଧୀୟ, ଭ୍ରୂଣସମ୍ବନ୍ଧୀୟ, ଅବିକସିତ, ଅସମ୍ପୂର୍ଣ୍ଣ, ପ୍ରାଥମିକ ।

Emend, *v.t.* (ପୁସ୍ତକାଦି) ସଂଶୋଧନ-କ, ସଂଶୋଧନ-କ ।

Emendation, *n.* (ପୁସ୍ତକାଦିର) ସଂଶୋଧନ, ଅଶୁଦ୍ଧ ସଂଶୋଧନ, ଭୁଲ ସଂଶୋଧନ ।

Emendator, *n.* ସଂଶୋଧନକାରକ, ଶୁଦ୍ଧକାରକ ।

Emendatory, *a.* ସଂଶୋଧନକାରୀ ।

Emerald, *n.* ମରକତମଣି, ହରିଦ୍ବର୍ଣ୍ଣ ମଣିବିଶେଷ ।—*a.* ହରିଦ୍ବର୍ଣ୍ଣ ।

Emerge, *v.i.* ମଗ୍ନାବସ୍ଥାରୁ ଉଠିବା, ନିର୍ଗତ-ହେ, ବାହାରି ଆସିବା, ପୁନର୍ବାର ଦୃଶ୍ୟ-ହେ, ଦୃଶ୍ୟ-ହେ ।

Emergence, *n.* ମଗ୍ନାବସ୍ଥାରୁ ଉତ୍ଥାନ, ନିର୍ଗମନ ।

Emergency, *n.* ଆକସ୍ମିକ ଘଟନା, ଆକସ୍ମିକ ପ୍ରୟୋଜନ, ଅନପେକ୍ଷିତ ବିପଦ ବା ଘଟନା, ହଠାତ୍ ଓ ଗୁରୁତର ଘଟନାର ମେଳ ।

Emergent, *a.* 1. ଉନ୍ମଗ୍ନ, ନିର୍ଗମନଶୀଳ ; 2. ଅକସ୍ମାତ୍ ଆଗତ, ଅକସ୍ମାତ୍, ଅନପେକ୍ଷିତ, ଅତ୍ୟାବଶ୍ୟକ, ଜୋହ୍ଲେ ନୁହେ ।

Emersion, *n.* 1. ମଗ୍ନାବସ୍ଥାରୁ ଉତ୍ଥାନ, ନିର୍ଗମନ; 2. ଗ୍ରହଣଉତ୍ତାରୁ ସୂର୍ଯ୍ୟାଦିର ପୁନରୁଦୟ, ଉଦୟ ।

Emery, *n.* ମଣି କାଟିବା ଓ ଇସ୍ପାତ ଚିକ୍କଣ କରିବା ନିମନ୍ତେ ବ୍ୟବହୃତ କଠିନ ପଥର ବିଶେଷ, କୁରୁଣ୍ଡ ପଥର, ଲୌହକଙ୍କର ।

Emetic, *a.* ବମନକାରକ, ବାନ୍ତିଜନକ ।—*n.* ବମନକାରକ ଔଷଧ ।

Emetically, *ad.* ବମନକାରକରୂପେ ।

Emeute *n.* *a-meut*, (French), ରାଜଦ୍ରୋହ, ଗଣ୍ଡଗୋଳ, ବିଦ୍ରୋହ ।

Emigrant, *a.* ଦେଶାନ୍ତର ଗମନକାରୀ, ଦେଶାନ୍ତର ଗମନସମ୍ବନ୍ଧୀୟ, ଦେଶାନ୍ତର ଗମନକାରସମ୍ବନ୍ଧୀୟ ।—*n.* ଦେଶାନ୍ତରବାସୀ ।

Emigrate, *v.i* ସ୍ୱଦେଶ ତ୍ୟାଗ କରି ବିଦେଶରେ ବାସ-କ, ଦେଶାନ୍ତର ଗମନ-କ ।

Emigration, *n.* 1. ଦେଶାନ୍ତର ଗମନ, ସ୍ୱଦେଶ ତ୍ୟାଗପୂର୍ବକ ବିଦେଶରେ ନିବାସ ; 2. ସ୍ଥାନପରିବର୍ତ୍ତନ ।

Emigrational, *a.* ଦେଶାନ୍ତର ଗମନବିଷୟକ ।

Emigrationist, *n.* ଦେଶାନ୍ତରଗମନର ପକ୍ଷପାତୀ ଲୋକ ।

Eminence, *n.* 1. ଉଚ୍ଚ ଭୂମି, ପାହାଡ଼ ; 2. ଉଚ୍ଚତା ; 3. ଶିଖର, ଚୂଡ଼ା ; 4. ଖ୍ୟାତି, ପ୍ରସିଦ୍ଧି, ମର୍ଯ୍ୟାଦା, ସମ୍ଭ୍ରମ, ଯଶଃ; 5. ସମ୍ଭ୍ରମସୂଚକ ଉପାଧି ।

Eminent, *a.* ଖ୍ୟାତ୍ୟାପନ୍ନ, ପ୍ରସିଦ୍ଧ, ସମ୍ଭ୍ରାନ୍ତ, ସମୁନ୍ନତ, ବିଚକ୍ଷଣ ।

Eminently, *ad.* 1. ଅତିଶୟରୂପେ ; 2. ପ୍ରସିଦ୍ଧରୂପେ, ସମ୍ଭ୍ରାନ୍ତରୂପେ ।

Emir, *n.* ସ୍ୱାଧୀନ ଅଧିପତିମାନଙ୍କୁ ଓ କେତେକ ବଂଶଗତ କର୍ମଚାରୀଙ୍କୁ ଓ ମହମ୍ମଦଙ୍କ କନ୍ୟା ଫାତିମାର ସନ୍ତାନସନ୍ତତିମାନଙ୍କୁ ମୁସଲମାନମାନଙ୍କ ଦ୍ୱାରା ଦତ୍ତ ଉପାଧି, ଅମୀର ।

Emissary, *n.* 1. ଦୂତ, ଗୁପ୍ତ ସମ୍ବାଦ ବା କାର୍ଯ୍ୟରେ ପ୍ରେରିତ ବ୍ୟକ୍ତି, ଗୁପ୍ତ ଦୂତ, ଚର, ଗୋଇନ୍ଦା, ପ୍ରଣିଧି ; 2. ଚିଲ୍ଲାରୁ ବାହାରିବା ପ୍ରଣାଳୀ ।

Emission, *a.* 1. ନିକ୍ଷେପ, ନିଃସରଣ, ନିର୍ଗମନ; 2. ନିକ୍ଷିପ୍ତ ବିଷୟ, ନିର୍ଗତ ପଦାର୍ଥ ।

Emissive, *a.* ନିକ୍ଷେପକାରକ, ପ୍ରକ୍ଷେପକ ।

Emit, *v.t.* ନିକ୍ଷେପ-କ, ପ୍ରକ୍ଷେପ-କ, ନିର୍ଗତ-କ, ବାହାର-କ ।

Emmet, *n.* ପିପୀଳିକା, ପିମ୍ପୁଡ଼ି ।

Emollient, *a.* କୋମଳକାରୀ, ନରମକାରୀ ।—*n.* କୋମଳକାରୀ ଔଷଧ ବା ପ୍ରଲେପ ।

Emolument, *n.* 1. ବେତନ, ମେହନ୍ତାନା, ବେତନ ଓ ପରିଶ୍ରମ ପ୍ରଭୃତିର ପ୍ରାପ୍ତି ; 2. ଲାଭ, ମୁନାଫା ।

Emotion, *n.* 1. ମନୋବିକାର, ଚିତ୍ତବିକାର, ମାନସିକ ଉତ୍ତେଜନା, ଉଦ୍‌ବେଗ; 2. ଅନୁଭବବୃତ୍ତି, ଚିତ୍ତବୃତ୍ତି ।

Emotional, *a.* 1. ଚିତ୍ତବିକାରସମ୍ବନ୍ଧୀୟ ; 2. ଚିତ୍ତବିକାରସୂଚକ, ଚିତ୍ତବୃତ୍ତିପ୍ରକାଶକ, ଉଦ୍‌ବେଗଜନକ, ଚିତ୍ତବୃତ୍ତିମୂଳକ, ଚିତ୍ତବୃତ୍ତିସ୍ପର୍ଶୀ, ଚିତ୍ତବୃତ୍ତିଜାତ; 3. ଚିତ୍ତବିକାରବିଶିଷ୍ଟ ।

Emotionalism, *n.* 1. ଚିତ୍ତବିକାରବିଶିଷ୍ଟତା ; 2. ଚିତ୍ତବୃତ୍ତି ପ୍ରକାଶ, ଚିତ୍ତବିକାର ପ୍ରକାଶକ ସ୍ୱଭାବ, ଉଦ୍‌ବିଗ୍ନତା; 3. ଚିତ୍ତବୃତ୍ତିମାତ୍ରର ଅଧୀନ ।

Empale, (see Impale), *v.t.* ଶୂଳଦ୍ୱାରା ହତ-କ, ଶୂଳରେ ଚଢ଼ାଇବା ।

Empanel, *v.t.* see Impanel.

Emperor, *n.* ସମ୍ରାଟ୍, ବାଦ୍‌ଶାହ, ରାଜାଧିରାଜ, ଚକ୍ରବର୍ତ୍ତୀ ।

Empery, *n.* (poetical), ସାମ୍ରାଜ୍ୟ ।

Emphasis, *n.* 1. ଗୁରୁ ଉଚ୍ଚାରଣ ; 2. ଗୁରୁତର ଅଭିପ୍ରାୟ, ତେଜ, ଜୋର୍ ।

Emphasize, *v.t.* 1. ଗୁରୁ ଉଚ୍ଚାରଣ-କ ; 2. ସ୍ପଷ୍ଟତର-କ, ଗୁରୁତର-କ, ଟାଣ କରି କହିବା, ଦୃଢ଼-କ ।

Emphatic, Emphatical, *a.* 1. ଗୁରୁଉଚ୍ଚାରଣଯୁକ୍ତ, ଗୁରୁ ଉଚ୍ଚାରଣରେ ଉଚ୍ଚାରିତ ; 2. ଗୁରୁ, ତେଜସ୍ୱୀ, ସ୍ପଷ୍ଟ, ପ୍ରବଳ, ଟାଣ କଥାରେ ପ୍ରକାଶିତ, ଦୃଢ଼ ।

Emphatically, *ad.* 1. ଗୁରୁ ଉଚ୍ଚାରଣପୂର୍ବକ; 2. ଗୁରୁତରଭାବେ, ତେଜସ୍ୱୀରୂପେ, ପ୍ରବଳରୂପେ, ଟାଣଭାବରେ, ଦୃଢ଼ଭାବରେ ।

Empire, *n.* 1. ସମ୍ରାଟର ଆଧିପତ୍ୟ, ଚକ୍ରବର୍ତ୍ତିତ୍ୱ, ସାର୍ବଭୌମତ୍ୱ, କର୍ତ୍ତୃତ୍ୱ; ପ୍ରଭୁତ୍ୱ; 2. ସାମ୍ରାଜ୍ୟ, ରାଜ୍ୟ ।

**Empiric**, *n.* 1. ବୈଜ୍ଞାନିକ ସିଦ୍ଧାନ୍ତ ଉପରେ ନିର୍ଭର ନ କରି କେବଳ ଅନୁଭବ ଓ ପର୍ଯ୍ୟବେକ୍ଷଣ ଉପରେ ଯେ ନିର୍ଭର କରେ; 2. ଅନଭିଜ୍ଞ ବୈଦ୍ୟ, ହାତୁଡ଼ିଆ ବୈଦ୍ୟ, କୃତ୍ରିମ ବୈଦ୍ୟ ।

**Empirical**, *a.* 1. ଅନୁଭବ ବା ପର୍ଯ୍ୟବେକ୍ଷଣମୂଳକ; 2. ବିଜ୍ଞାନାଦି ଗ୍ରହଣ ନ କରି ଅନୁଭବ ବା ପର୍ଯ୍ୟବେକ୍ଷଣ ଉପରେ ନିର୍ଭରଶୀଳ, କୃତ୍ରିମ । [ଅନୁସାରେ ।

**Empirically**, *ad.* (ବିଜ୍ଞାନାଦି ଚ୍ୟୁତ) ପର୍ଯ୍ୟବେକ୍ଷଣ

**Empiricism**, *n.* 1. ବିଜ୍ଞାନାଦି ଚ୍ୟୁତ ପର୍ଯ୍ୟବେକ୍ଷଣ ଉପରେ ଅବଲମ୍ବନ; 2. ଅଶାସ୍ତ୍ରଚିକିତ୍ସା, ଅବୋଧ ବୈଦ୍ୟଗିରି; 3. ସବୁ ଜ୍ଞାନ କେବଳ ପର୍ଯ୍ୟବେକ୍ଷଣରୁ ଜାତ ହୁଏ ବୋଲି ଯେଉଁ ମତ ।

**Employ**, *v.t.* 1. ବ୍ୟୟ-କ, ଲଗାଇବା; 2. ବ୍ୟବହାର-କ, ବ୍ୟାପାର-କ; 3. କର୍ମରେ ନିଯୁକ୍ତ-କ, କର୍ମ-ଦେ, ମୁକରର-କ ।—*n.* କାର୍ଯ୍ୟ, ବ୍ୟବସାୟ, କର୍ମ, ଚାକିରି ।

**Employable**, *a.* ବ୍ୟବହାରଯୋଗ୍ୟ, କାର୍ଯ୍ୟଯୋଗ୍ୟ ।

**Employee**, *n.* କର୍ମରେ ନିଯୁକ୍ତ ବ୍ୟକ୍ତି, ଚାକର ।

**Employer**, *n.* 1. ବ୍ୟବହାରକାରୀ; 2. କର୍ମଦାତା, ଅନ୍ନଦାତା, ମୁନିବ ।

**Employment**, *n.* 1. ବ୍ୟବହାର, କାର୍ଯ୍ୟରେ ନିଯୁକ୍ତି; 2. କର୍ମ, କାର୍ଯ୍ୟ, ବ୍ୟବସାୟ, ଚାକିରି, ବ୍ୟାପାର ।

**Emporium**, *n.* (*pl.*) Emporia and Emporiums, ବିଶେଷ ବାଣିଜ୍ୟର ସ୍ଥାନ; 2. ଗୋଦାମ, ଦୋକାନ ।

**Empower**, *v.t.* କ୍ଷମତା-ଦେ, କ୍ଷମତାର୍ପଣ-କ, ଭାରାର୍ପଣ-କ, ନିଯୁକ୍ତ-କ । [ରାଜେଶ୍ୱରୀ ।

**Empress**, *n.* 1. ସମ୍ରାଟର ପତ୍ନୀ; 2. ସମ୍ରାଜ୍ଞୀ, ରାଜ-

**Empressement**, *n.* *an-pras-man*, (French) ଆଳାପିତା, ଶୋଭନ ସ୍ୱଭାବ ।

**Emptiness**, *n.* 1. ଶୂନ୍ୟତା, ରିକ୍ତତା; 2. ଅସାରତା; 3. ନିର୍ବୋଧତା ।

**Empty**, *a.* 1. ଶୂନ୍ୟ, ଖାଲି, ରିକ୍ତ; 2. ଅନର୍ଥକ, ବ୍ୟର୍ଥ, ନିଷ୍ଫଳ; 3. ଅସାର; 4. ଅତୃପ୍ତ, ଅଖିଆ; 5. ନିର୍ବୋଧ; 6. ଅଫଳନ୍ତ ।—*v.t.* 1. ଖାଲି-କ, ଶୂନ୍ୟ-କ; 2. ଢାଳି-ଦେ, ରିକ୍ତ-କ ।—*v.i.* 1. ଖାଲି-ହେ, ଶୂନ୍ୟ-ହେ, ରିକ୍ତ-ହେ; 2. (ଜଳ) ପଡ଼ିବା ।—*n.* ଫେରନ୍ତି ପଠାଯିବା ଖାଲି ସିନ୍ଦୁକ ଆଦି ।

**Empurple**, *v.t.* ବାଇଗଣିଆ ରଙ୍ଗ-କ ।

**Empyreal**, *a.* (ଅପ୍ରେୟ), ଆକାଶୀୟ, ସ୍ୱର୍ଗୀୟ ।

**Empyrean**, *n.* 1. ଉଚ୍ଚତମ ସ୍ୱର୍ଗ ଯହିଁରେ ଅଗ୍ନି ସ୍ଥିତ କରେ ବୋଲି ପୂର୍ବକାଳରେ ବିଶ୍ୱାସଥିଲା; 2. ସ୍ୱର୍ଗ, ଈଶ୍ୱରଙ୍କ ଓ ଧର୍ମଦୂତମାନଙ୍କ ନିବାସସ୍ଥାନ; 3. ସର୍ବୋପରିସ୍ଥ ଆକାଶ, ଆକାଶ ।

**Emu, Emeu**, *n.* ଉଷ୍ଟ୍ରଜାତୀୟ ପକ୍ଷୀ ବିଶେଷ ।

**Emulate**, *v.t.* ପ୍ରତିଯୋଗିତା-କ, ପ୍ରତିଦ୍ୱନ୍ଦିତା-କ ।

**Emulation**, *n.* ପ୍ରତିଯୋଗିତା, ଜିଗୀଷା, ପ୍ରତିଦ୍ୱନ୍ଦିତା ।

**Emulative**, *a.* ପ୍ରତିଯୋଗୀ, ପ୍ରତିଦ୍ୱନ୍ଦ୍ୱସ୍ୱଭାବକ ।

**Emulatively**, *ad.* ପ୍ରତିଯୋଗିତାପୂର୍ବକ ।

**Emulator**, *n.* ପ୍ରତିଯୋଗୀ ଲୋକ, ପ୍ରତିଦ୍ୱନ୍ଦୀ ଲୋକ ।

**Emulatory**, *a.* ପ୍ରତିଯୋଗିତାରୁ ଜାତ; ପ୍ରତିଯୋଗିତାସୂଚକ । [ଜିରେ ବ୍ୟବହୃତ) ।

**Emulgent**, *a.* ଦୋହକ, ଶୁଷ୍କକାରୀ, (ଏହା ଡାକ୍ତରୀ-

**Emulous**, *a.* ଜିଗୀଷୁ, ପ୍ରତିଯୋଗିତାକରଣେଚ୍ଛୁ, ପ୍ରତିଯୋଗୀ ।

**Emulously**, *ad.* ପ୍ରତିଯୋଗିରୂପେ ।

**Emulsion**, *n.* ଦୁଗ୍ଧବତ୍ କୋମଳ ଦ୍ରବ ଔଷଧ, ଦୁଗ୍ଧବତ୍ କୌଣସି ମିଶ୍ରଣ ।

**Emulsify, Emulsionize**, *v.t.* ଦୁଗ୍ଧବତ୍ ମିଶ୍ରଣ-କ ।

**Emulsive**, *a.* 1. ଦୁଗ୍ଧବତ୍, କୋମଳକାରକ; 2. ତୈଳୋତ୍ପାଦକ ।

**Emunctory**, *n.* ଶରୀରର ମଳପଥ ।

**Enable**, *v.t.* ପାରଗ-କ, ସମର୍ଥ-କ, ଶକ୍ତି-ଦେ, କ୍ଷମତାପନ୍ନ-କ, କ୍ଷମତା-ଦେ ।

**Enact**, *v.t.* 1. ବ୍ୟବସ୍ଥାଦ୍ୱାରା ସ୍ଥାପନ-କ, ବ୍ୟବସ୍ଥା-କ, ବିଧାନ-କ; 2. ସମ୍ପାଦନ-କ; 3. ଅଭିନୟ-କ ।

**Enactive**, *a.* ବିଧିକରଣକ୍ଷମ ।

**Enactment**, *n.* ବ୍ୟବସ୍ଥାଦ୍ୱାରା ସ୍ଥାପନକରଣ, ବିଧାନକରଣ, ବିଧାନ, ଆଇନ୍ ।

**Enamel**, *n.* 1. ଧାତୁ ବା ବାସନାଦିରେ ଚିତ୍ରିତ ବା ଶକ୍ତ ଚିକ୍କଣ ଖୋଳ କରିବାକୁ କାଚବତ୍ ତରଳ ପଦାର୍ଥ; 2. ଉକ୍ତ କାଚବତ୍ ପଦାର୍ଥରେ ମଡ଼ାଯିବା ଦ୍ରବ୍ୟ; 3. ଉକ୍ତ କାଚବତ୍ ପଦାର୍ଥପରି ନାନା ରଙ୍ଗଯୁକ୍ତ ଚିକ୍କଣ ଖୋଳ; 4. ଦାନ୍ତର ଦୃଶ୍ୟ ଚିକ୍କଣ ଖୋଳ ।—*v.t.* 1. ଉକ୍ତ କାଚବତ୍ ପଦାର୍ଥ ମଡ଼ାଇବା, ଉକ୍ତ କାଚବତ୍ ପଦାର୍ଥରେ ମୀନାକାର୍ଯ୍ୟ-କ; 2. ଉକ୍ତ କାଚବତ୍ ପଦାର୍ଥପରି ଚିକ୍କଣ ଖୋଳ-କ; 3. ନାନା ରଙ୍ଗରେ ମଣ୍ଡିତ-କ ।—*v.i.* ଉକ୍ତ କାଚବତ୍ ପଦାର୍ଥ ମଡ଼ାଇ ଚିତ୍ର ବା ଚିକ୍କଣ ଖୋଳ-ଦେ ।

**Enameller, Enamellist**, *n.* ଉକ୍ତ କାଚବତ୍ ପଦାର୍ଥରେ କର୍ମକାରକ ।

**Enamour, Enamor**, *v.t.* ପ୍ରେମାସକ୍ତ-କ, ମୋହିତ-କ, ମୁଗ୍ଧ-କ, used generally in past participle with *of* or *with*.

**Encage**, *v.t.* ପିଞ୍ଜରାରେ ରଖିବା, ପିଞ୍ଜରାରେ ବନ୍ଦ-କ, ପିଞ୍ଜରରେ ବଦ୍ଧ-କ ।

**Encamp**, *v.i.* ଛାଉଣି-କ, ଶିବିର ସ୍ଥାପନ-କ ।—*v.t.* ଛାଉଣିରେ ରଖିବା ।

**Encampment**, *n.* 1. ଛାଉଣିକରଣ, ଶିବିର ସ୍ଥାପନ; 2. ଛାଉଣି, ଶିବିର ।

**Encase**, *v.t.* see Incase.

**Encashment**, *n.* (ହୁଣ୍ଡି) ଭଙ୍ଗାଇବାର ।

**Encaustic**, *a.* 1. କାଚବତ୍ ପଦାର୍ଥ ତରଳାଇ ମଡ଼ାଇବାର କାର୍ଯ୍ୟସମ୍ବନ୍ଧୀୟ; 2. ଉତ୍ତାପଦ୍ୱାରା ଦୃଢ଼ୀକୃତ ରଙ୍ଗର କାର୍ଯ୍ୟସମ୍ବନ୍ଧୀୟ, ଉତ୍ତାପଦ୍ୱାରା ଦୃଢ଼ୀକୃତ ରଙ୍ଗରେ ଚିତ୍ରିତ ।—Encaustic painting, ଉତ୍ତାପଦ୍ୱାରା ଦୃଢ଼ୀକୃତ ରଙ୍ଗର ଚିତ୍ର ।—Encaustic tile, ଉତ୍ତାପଦ୍ୱାରା ଦୃଢ଼ୀକୃତ ରଙ୍ଗରେ ଚିତ୍ରିତ ଟାଇଲ୍ ।

**Encave**, *v.t.* ଗୁହାରେ ଲୁଚାଇବା ।
**Enceinte**, *a.* *aun-sant* (French), ଗର୍ଭବତୀ ।
**Enchain**, *v.t.* ଜଞ୍ଜୀରରେ ବାନ୍ଧିବା, ଶୃଙ୍ଖଲବଦ୍ଧ-କ, ବେଡ଼ି-ଦେଇ ବନ୍ଦୀ-କ, ବନ୍ଧନରେ ରଖିବା, ଦୃଢ଼ରୂପେ ଧରି ରଖିବା ।
**Enchainment**, *n.* ଶୃଙ୍ଖଲବଦ୍ଧକରଣ, ଶୃଙ୍ଖଲବଦ୍ଧାବସ୍ଥା ।
**Enchant**, *v.t.* 1. ଯାଦୁ-କ, ମନ୍ତ୍ରଦ୍ୱାରା ବଶ-କ; 2. ମାୟାର ଶକ୍ତି-ଦେ, ଐନ୍ଦ୍ରଜାଲିକ-କ; 3. ମୋହିତ-କ, ମୁଗ୍ଧ-କ ।
**Enchanted**, *p.a.* 1. ମନ୍ତ୍ରମୁଗ୍ଧ; 2. ଐନ୍ଦ୍ରଜାଲିକ; 3. ମୋହିତ, ମୁଗ୍ଧ ।
**Enchanter**, *n.* 1. ଯାଦୁକର, ମାୟାବୀ; 2. ମୋହକ, ମୋହିତକାରକ ।
**Enchanting**, *p.a.* ମୋହିତକାରୀ, ମନୋହର ।
**Enchantingly**, *ad.* ମୋହିତକାରୀରୂପେ, ମନୋହରରୂପେ ।
**Enchantment**, *n.* 1. ଯାଦୁକରଣ, ମନ୍ତ୍ରକରଣ, ଯାଦୁ, ମାୟା, କୁହୁକ, ଇନ୍ଦ୍ରଜାଲ, ମନ୍ତ୍ର; 2. ମନ୍ତ୍ରମୁଗ୍ଧାବସ୍ଥା, ଐନ୍ଦ୍ରଜାଲିକାବସ୍ଥା, ମୋହିତାବସ୍ଥା; 3. ମୋହ, ମୋହିନୀ ଶକ୍ତି ।
**Enchantress**, *n.* 1. ଯାଦୁକାରିଣୀ, ମାୟାବିନୀ; 2. ମୋହିନୀ ।
**Enchase**, *v.t.* 1. ଜଡ଼ାଇବା, ମଣ୍ଡିତ-କ; 2. ଫୁଲ କାମରେ ଚିତ୍ରିତ-କ; 3. ଖୋଦିତ କାର୍ଯ୍ୟରେ ଶୋଭିତ-କ ।
**Encircle**, *v.t.* 1. ବେଷ୍ଟନ-କ, ଘେରିବା, ବେଢ଼ିବା; 2. ପ୍ରଦକ୍ଷିଣ-କ ।
**Enclasp**, *v.t.* ଆଲିଙ୍ଗନ-କ ।
**Enclitic**, **Enclitical**, *a.* 1. ପୂର୍ବ ପଦରେ ଯୁକ୍ତ ଓ ଅନ୍ୱିତ; 2. ପୂର୍ବ ଅକ୍ଷର ଉପରେ ସ୍ୱର ଉଚ୍ଚାରଣ ନିକ୍ଷେପକ ।—*n.* ପୂର୍ବ ପଦରେ ଯୁକ୍ତ ଓ ଅନ୍ୱିତ ପଦ ।
**Enclose**, *v.t.* see Inclose.
**Enclosure**, *n.* see Inclosure.
**Encomiast**, *n.* ପ୍ରଶଂସାକାରୀ, ସ୍ତୁତିକାରୀ, ସ୍ତାବକ, ସ୍ତୋତା ।
**Encomiastic**, **Encomiastical**, *a.* ପ୍ରଶଂସାସୂଚକ, ସ୍ତୁତିମୟ ।
**Encomium**, *n.* ସ୍ତୁତିବାଦ, କୀର୍ତ୍ତିବର୍ଣ୍ଣନା, ପ୍ରଶଂସା ।
**Encompass**, *v.t.* ଘେରିବା, ବେଷ୍ଟନ-କ ।
**Encompassment**, *n.* ବେଷ୍ଟନକରଣ ।
**Encore**, *ad.* *an-kōr*, (French), ଆଉଥରେ, ପୁନର୍ବାର, [illegible] ।—*n.* ଗାନାଦି କରିବା ନିମନ୍ତେ ପୁନଶ୍ଚ ଆହ୍ୱାନ, [illegible] ର ଗାୟକ ଅଦ ।—*v.t.* ଗାନାଦି କରିବା ନିମନ୍ତେ [illegible] ଆହ୍ୱାନ-କ ।
**Encounter**, *n.* 1. ପ୍ରତିକୂଳ ଭେଟ, ଯୁଦ୍ଧ, ଲଢ଼ାଇ, ଆକ୍ରମଣ; 2. ଭେଟ, ହଠାତ୍ ସାକ୍ଷାତ୍; 3. ବାଦାନୁବାଦ ।—*v.i.* 1. ଶତ୍ରୁସମ୍ମୁଖି ଭେଟିବା, ହଠାତ୍ ସାକ୍ଷାତ୍-କ, ଭେଟିବା; 2. ଯୁଦ୍ଧରେ ଭେଟିବା, ଆକ୍ରମଣ-କ ।—*v.t.* 1. ଭେଟିବା, ହଠାତ୍ ସାକ୍ଷାତ୍-କ; 2. ଯୁଦ୍ଧ-କ; 3. [illegible]ବାଦ-କ, ବାଦାନୁବାଦରେ ମିଳିବା ।

**Encourage**, *v.t.* 1. ସାହସ-ଦେ, ଆଶ୍ୱାସ-ଦେ, ଭରସା-ଦେ, ଉତ୍ସାହ-ଦେ, ଉତ୍ସାହିତ-କ, ପ୍ରବୃତ୍ତି-ଦେ; 2. ସହାୟତା-କ, ଉପକାର-କ ।
**Encouragement**, *n.* 1. ଉତ୍ସାହଦାନ, ଉତ୍ସାହିତାବସ୍ଥା, ପ୍ରବୃତ୍ତି, ଉତ୍ତେଜନା, ଉତ୍ସାହ; 2. ଉତ୍ସାହପ୍ରଦ ବିଷୟ, ସହାୟତା, ଉପକାର ।
**Encouraging**, *p.a.* ଉତ୍ସାହପ୍ରଦ, ଆଶାପ୍ରଦ ।
**Encouragingly**, *ad.* ଆଶାପ୍ରଦରୂପେ ।
**Encrimson**, *v.t.* ରକ୍ତବର୍ଣ୍ଣରେ ରଞ୍ଜିତ-କ, ରକ୍ତବର୍ଣ୍ଣ-କ ।
**Encroach**, *v.i.* ଅନ୍ୟର ଅଧିକାର ବା ବିଷୟରେ ଅନ୍ୟାୟରେ ପ୍ରବେଶ-କ, ଅନଧିକାର ପ୍ରବେଶ-କ, ଆକ୍ରମଣ-କ, ସୀମା ଉଲ୍ଲଙ୍ଘନ-କ, followed by *on* or *upon*.
**Encroachment**, *n.* 1. ଅନଧିକାର ପ୍ରବେଶ, କ୍ରମଶଃ ପରାଧିକାରରେ ପ୍ରବେଶ, ଆକ୍ରମଣ; 2. ଅନଧିକାର ପ୍ରବେଶରେ ନେବା ବିଷୟ ।
**Encrust**, *v.t.* see Incrust.
**Encumber**, *v.t.* 1. ଭାରରେ ଗତିର ବ୍ୟାଘାତ ଜନ୍ମାଇବା, ଭାରାକ୍ରାନ୍ତ-କ; 2. ଋଣାଦିରେ ଜଡ଼ିଭୂତ-କ ।
**Encumbrance**, *n.* 1. ବ୍ୟାଘାତକାରୀ ବିଷୟ, ଭାର, ବୋଝ, ପ୍ରତିବନ୍ଧକ, ବାଧା, ବ୍ୟାଘାତ; 2. ଦାୟ; 3. ଜଞ୍ଜାଳ, କୁଟୁମ୍ବ ।
**Encumbrancer**, *n.* ଦାୟଧାରୀ ଲୋକ ।
**Encyclic**, **Encyclical**, *a.* ସର୍ବତ୍ର ପ୍ରଚଳନ ନିମନ୍ତେ ସଙ୍କଳିତ, ସାର୍ବଜନିକ ।—*n.* ସମସ୍ତ ଧର୍ମାଧ୍ୟକ୍ଷମାନଙ୍କ ନିକଟକୁ ପୋପଙ୍କର ପ୍ରେରିତ ପତ୍ର ।
**Encyclopædia**, **Encyclopedia**, *n.* ଜ୍ଞାନର ଏକ ବା ଅଧିକ ବିଭାଗସମ୍ବନ୍ଧୀୟ ପ୍ରବନ୍ଧର ବର୍ଣ୍ଣମାଳାକ୍ରମେ ସଂଗ୍ରହ, ବିଦ୍ୟାହାରାବଳୀ, ବିଦ୍ୟାକଳ୍ପଦ୍ରୁମ ।
**Encyclopædic**, **Encyclopedic**, *a.* 1. ବିଦ୍ୟାହାରାବଳିସମ୍ବନ୍ଧୀୟ, ବିଦ୍ୟାକଳ୍ପଦ୍ରୁମସମ୍ବନ୍ଧୀୟ; 2. (ଜ୍ଞାନସମ୍ବନ୍ଧରେ) ସାର୍ବଜନିକ ।
**Encyclopædist**, **Encyclopedist**, *n.* 1. ବିଦ୍ୟାକଳ୍ପଦ୍ରୁମ ସଂଗ୍ରହକାରୀ ବା ପ୍ରଣେତା; 2. ମହାପଣ୍ଡିତ ।
**Encyst**, *v.t.* ଝିଲ୍ଲିବିଶିଷ୍ଟ ଚର୍ମକୋଷରେ ବେଷ୍ଟନ-କ ।
**End**, *n.* 1. ଅନ୍ତ, ପ୍ରାନ୍ତ; 2. ଶେଷ, ସମାପ୍ତି; 3. ସୀମା, ପ୍ରାନ୍ତଭାଗ; 4. ଅନ୍ତକାଳ, ମୃତ୍ୟୁ; 5. ଶେଷଫଳ; 6. ଲକ୍ଷିତ ବିଷୟ, ଅଭିପ୍ରାୟ, ମନୋରଥ ।—On end, 1. ଠିଆ; 2. ନିରନ୍ତରଭାବେ ।—To make both ends meet, ଆୟ ମଧ୍ୟରେ ବ୍ୟୟ-କ ।—*v.i.* ସମାପ୍ତ-ହେ, ଶେଷ-ହେ ।—*v.t.* 1. ସମାପ୍ତ-ଶେଷ-କ; 2. ହତ୍ୟା-ବଧ-କ ।
**Endamage**, *v.t.* କ୍ଷତି-କ, ହାନି-କ, ଲୋକସାନ-କ ।
**Endanger**, *v.t.* ବିପଦଗ୍ରସ୍ତ-କ, ସଙ୍କଟରେ ପକାଇବା, କ୍ଷତିଗ୍ରସ୍ତ-କ, ସଙ୍କଟାପନ୍ନ-କ ।
**Endear**, *v.t.* ପ୍ରିୟ-କ, ସ୍ନେହପାତ୍ର-କ ।
**Endearing**, *p.a.* ପ୍ରିୟକାରୀ, ସ୍ନେହୋତ୍ପାଦନକାରୀ, ସ୍ନେହ- [କାରୀ ।
**Endearment**, *n.* 1. ସ୍ନେହପାତ୍ରକରଣ, ପ୍ରିୟପାତ୍ରାବସ୍ଥା, ପ୍ରିୟତା, ସ୍ନେହ, ଅନୁରାଗ; 2. ସ୍ନେହସୂଚକ ବା ସ୍ନେହୋତ୍ପାଦକ କାର୍ଯ୍ୟ, ସୁଅପ ।

**Endeavour, Endeavor,** *n.* ଉଦ୍ୟୋଗ, ଚେଷ୍ଟା, ଉଦ୍ୟମ, ଯତ୍ନ, ପ୍ରୟାସ ।—*v.i.* ଉଦ୍ୟୋଗୀ-ହେ, ଚେଷ୍ଟିତ-ହେ, ଉଦ୍ୟମୀ-ହେ ।—*v.t.* ଉଦ୍ୟୋଗ-କ, ଚେଷ୍ଟା-କ, ଉଦ୍ୟମ-କ, ଯତ୍ନ-କ, often governing an infinitive.

**Endeavourer,** *n.* ଉଦ୍ୟୋଗୀ, ଚେଷ୍ଟାକାରୀ, ବିଶେଷତଃ ଖ୍ରୀଷ୍ଟୀୟ ଉଦ୍ୟୋଗୀ ସମିତିର ସଭ୍ୟ ।

**Endecagon,** *n.* ଏକାଦଶ ଭୁଜ ଓ କୋଣବିଶିଷ୍ଟ କ୍ଷେତ୍ର ।

**Endemic, Endemical,** *a.* ସ୍ଥାନୀୟ, (ନିର୍ଦ୍ଦିଷ୍ଟ) ଲୋକ ବା ଦେଶ ମଧ୍ୟରେ ବ୍ୟାପକ, ଦେଶବ୍ୟାପକ, ଦେଶଜ ।—*n.* ସ୍ଥାନୀୟ ରୋଗ ।

**Ending,** *n.* 1. ଶେଷ, ସମାପ୍ତି, ଅନ୍ତ ; 2. ବ୍ୟାକରଣରେ ଶେଷ ଅକ୍ଷର ।

**Endive,** *n.* ଶାକବିଶେଷ ।

**Endless,** *a.* 1. ଅନନ୍ତ, ଅଶେଷ ; 2. ଅସୀମ ; 3. ନିତ୍ୟ, ନିରନ୍ତର ।

**Endlessly,** *ad.* ନିତ୍ୟ, ଅନବରତ ।

**Endlessness,** *n.* ନିତ୍ୟତା ।

**Endlong,** *ad.* ଲମ୍ବାଲମ୍ବି ।

**Endorsable, Indorsable,** *a.* (ହୁଣ୍ଡିର) ପିଠିରେ ସ୍ୱାକ୍ଷର କରି ବିକ୍ରି ଦେବା ଯୋଗ୍ୟ ।

**Endorse, Indorse,** *v.t.* 1. (ହୁଣ୍ଡୀ ଆଦିର) ପୃଷ୍ଠରେ ଲେଖିବା, ପିଠିରେ ସ୍ୱାକ୍ଷର କରି ବିକ୍ରି-ଦେ ; 2. ଅନୁମୋଦନ-କ ।

**Endorsement, Indorsement,** *n.* 1. ହୁଣ୍ଡୀ ଆଦିର ପୃଷ୍ଠରେ ଲିଖନ ; 2. କାଗଜର ପିଠିରେ ଚୁମ୍ବକ ଲେଖା ; 3. ହୁଣ୍ଡୀ ଆଦିର ପୃଷ୍ଠରେ ଟଙ୍କା ପାଇବା ଲୋକର ସ୍ୱାକ୍ଷର ; 4. ଅନୁମୋଦନ ।

**Endow,** *v.t.* 1. ଯୌତୁକ-ଦେ ; 2. ବୃତ୍ତି-ଦେ ; 3. ଦାନ-କ, ସଜ୍ଜିତ-କ, ଭୂଷିତ-କ ।

**Endowment,** *n.* 1. ବୃତ୍ତିଦାନ ; 2. ବୃତ୍ତି ; 3. ସ୍ୱାଭାବିକ ଗୁଣ ବା ଶକ୍ତି ।

**Endue,** *v.t.* ପ୍ରାପ୍ତ କରାଇବା, ଦାନ-କ, ସଜ୍ଜିତ-କ, ଭୂଷିତ-କ ।

**Endurable,** *a.* ସହ୍ୟ, ସହନୀୟ ।

**Endurableness,** *n.* ସହ୍ୟାବସ୍ଥା ।

**Endurably,** *ad.* ସହନୀୟରୂପେ ।

**Endurance,** *n.* 1. ସ୍ଥିତି ; 2. ସହିବା ଶକ୍ତି, ଧୈର୍ଯ୍ୟ, ସହିଷ୍ଣୁତା, ସହନଶୀଳତା ; 3. ସ୍ଥାୟିତ୍ୱ ।

**Endure,** *v.i.* 1. ସ୍ଥାୟୀ-ହେ, 2. ସହିବାର, ସହିଷ୍ଣୁ-ହେ ।—*v.t.* 1. ସହ୍ୟ-କ, ସମ୍ଭାଳିବା, ବରଦାସ୍ତ-କ ; 2. ଭୋଗିବା ।

**Enduring,** *p.a.* ସ୍ଥାୟୀ, ଚିରସ୍ଥାୟୀ ।

**Enduringly,** *ad.* ସ୍ଥାୟିଭାବେ ।

**Endwise,** *ad.* 1. ଠିଆ କରି ; 2. ଲମ୍ବ ଆଡେ ।

**Enema,** *n.* ପିଚିକାରିରେ ନିକ୍ଷିପ୍ତ ଔଷଧ ।—Enema-syringe, ପିଚିକାରି ।

**Enemy,** *n.* 1. ଶତ୍ରୁ, ବିପକ୍ଷ, ବୈରୀ, ଅରି ; 2. ବିପକ୍ଷ ସୈନ୍ୟ ; 3. ଶତ୍ରୁତାକ ।

Energetic, Energetical, *a.* ବଳପ୍ରକାଶକ, ଗୁଣକାରୀ, ବଳବାନ୍, ସାମର୍ଥ୍ୟବନ୍ତ, ତେଜସ୍ୱୀ, ପ୍ରବଳ, ଉତ୍ସାହୀ ।

Energetically, *ad.* ପ୍ରବଳରୂପେ, ତେଜସ୍ୱିରୂପେ, ସତେଜରେ, ଉତ୍ସାହଭାବେ ।

Energize, *v.i.* ବଳରେ କାର୍ଯ୍ୟ-କ ।—*v.t.* ବଳ-ଦେ, ଶକ୍ତି-ଦେ, ତେଜସ୍ୱୀ-କ ।

Energy, *n.* 1. କାର୍ଯ୍ୟ କରିବାର ସ୍ୱାଭାବିକ ବଳ, ଶକ୍ତି, ବଳ, ସାମର୍ଥ୍ୟ ; 2. ବ୍ୟବହୃତ ଶକ୍ତି, ତେଜସ୍ୱୀ ଓ ଗୁଣକାରୀ କାର୍ଯ୍ୟକରଣ ; 3. ତେଜ, ସ୍ୱଭାବ ବା ଆଚରଣର ତେଜସ୍ୱିତା, କର୍ମକ୍ଷମତା ; 4. ଶକ୍ତିର ଚାଳନା ।

Enervate, *v.t.* ତେଜୋହୀନ-କ, ନିସ୍ତେଜ-କ, ବଳହୀନ-କ, ଦୁର୍ବଳ-କ ।—*a.* ବଳ ବା ତେଜୋହୀନ, ଦୁର୍ବଳୀଭୂତ ।

Enervation, *n.* ଦୁର୍ବଳକରଣ, ନିସ୍ତେଜକରଣ, ଦୁର୍ବଳତା, ତେଜୋହୀନାବସ୍ଥା ।

Enfeeble, *v.t.* ଦୁର୍ବଳ-କ, ବଳ କ୍ଷୀଣ-କ, ନିସ୍ତେଜ-କ ।

Enfeeblement, *n.* ଦୁର୍ବଳକରଣ, ଦୁର୍ବଳତା ।

Enfilade, *v.t.* (ସୈନିକ କଥା), ଶ୍ରେଣି ପ୍ରତି ଲମ୍ବାରେ ତୋପ ମାରିବା ।—*n.* 1. ଶ୍ରେଣି ପ୍ରତି ଲମ୍ବାରେ ଗୋଳାନିକ୍ଷେପ ; 2. ପାର୍ଶ୍ୱରୁ ନିକ୍ଷିପ୍ତ ଗୋଳା ପ୍ରତି ଅନାବୃତ ସ୍ଥାନ ।

Enfold, *v.t.* see Infold.

Enforce, *v.t.* (ପ୍ରବଳ-କ) 1. ବଳରେ ଚଳାଇବା, ଜାରି-କ ; 2. ବାଧ୍ୟ କରାଇବା, ବାଧିତ-କ ; 3. ଦୃଢ଼ରୂପେ ଦର୍ଶାଇବା, ହୃଦୟଙ୍ଗମ କରାଇବା, ମନରେ ଅଙ୍କିତ-କ ।

Enforceable, Enforcible, *a.* ଜାରିଯୋଗ୍ୟ, ଚଳାଇବାଯୋଗ୍ୟ ।

Enforcement, *n.* ବାଧିତକରଣ, ଜାରି ।

Enforcer, *n.* ଜାରି କରିବା ଲୋକ ।

Enforest, *v.t.* ବନରେ ପରିଣତ-କ, ବନ ବୋଲି ପ୍ରକାଶ-କ

Enfranchise, *v.t.* 1. ମୁକ୍ତ-କ, ଦାସତ୍ୱରୁ ମୁକ୍ତ-କ ; 2. ନାଗରିକ ଅଧିକାର ପ୍ରଦାନ-କ, ପାର୍ଲିଅମେଣ୍ଟ ମହାସଭାର ସଭ୍ୟ ନିମନ୍ତେ ମତ ଦେବାକୁ ଅଧିକାର-ଦେ ।

Enfranchisement, *n.* 1. ମୁକ୍ତକରଣ, ମୁକ୍ତି, ଦାସତ୍ୱରୁ ମୁକ୍ତି ; 2. ନାଗରିକ ଅଧିକାର ପ୍ରଦାନ, ପୌରଜନାଧିକାରଦାନ ।

Engage, *v.t.* 1. ପ୍ରତିଜ୍ଞା ବା ନିୟମରେ ଆବଦ୍ଧ-କ, generally with *refl. pro.* ; 2. ନିଯୁକ୍ତ-କ, ନୁକର-କ ; 3. ଆକର୍ଷଣ-କ, ମୋହିତ-କ, ହରଣ-କ . 4. ଅବଷ୍ଟ-କ ; 5. ଆକ୍ରମଣ-କ, ଯୁଦ୍ଧ-କ ।—*v.i.* 1. ପ୍ରତିଜ୍ଞା-କ, ପ୍ରତିଜ୍ଞାରେ ଆପଣାକୁ ଆବଦ୍ଧ-କ ; 2. ପ୍ରବୃତ୍ତ-ହେ, ଅବଷ୍ଟ-ହେ ; 3. ଯୁଦ୍ଧରେ ପ୍ରବୃତ୍ତ-ହେ, ଯୁଦ୍ଧରେ ଆକ୍ରମଣ-କ ।

Engaged, *p.a.* 1. ବାଗ୍‌ଦତ୍ତ ; 2. କର୍ମରେ ରତ, ବ୍ୟସ୍ତ, ବ୍ୟାପୃତ ।

Engagement, *n.* 1. ପ୍ରତିଜ୍ଞା ବା ନିୟମରେ ଆବଦ୍ଧକରଣ, ଅବବଦ୍ଧକରଣ, ବାଗ୍‌ଦାନ ; 2. ବାଗ୍‌ଦତ୍ତାବସ୍ଥା 3. ପ୍ରତିଜ୍ଞା, ନିୟମ, ଚୁକ୍ତି ; 4. କାର୍ଯ୍ୟ, କର୍ମ ; 5. ଯୁଦ୍ଧ, ସଂଗ୍ରାମ ।

Engaging, *a.* ଆକର୍ଷଣକାରୀ, ମନୋହାରୀ ।

**Engagingly**, *ad.* ମନୋହାରରୂପେ ।

**Engender**, *v.t.* ଜନ୍ମାଇବା, ଉତ୍ପନ୍ନ-କ ।—*v.i.* 1. ଜନ୍ମିବା, ଉତ୍ପନ୍ନ-ହେ; 2. ମୈଥୁନ-କ ।

**Engine**, *n.* 1. କଳ, ଯନ୍ତ୍ର, ଇଞ୍ଜିନ; 2. ଉପାୟ ; 3. ବାଷ୍ପୀୟ ଯନ୍ତ୍ର ।—*v.t.* ବାଷ୍ପୀୟ ଯନ୍ତ୍ରଯୁକ୍ତ-କ ।

**Engine-driver**, *n.* ବାଷ୍ପୀୟ ଯନ୍ତ୍ରର ଚାଳକ, ଇଞ୍ଜିନ ଚଳାଇବା ଲୋକ ।

**Engineer**, *n.* 1. ବାଷ୍ପୀୟ ଯନ୍ତ୍ରନିର୍ମାତା, କଳ ବିଷୟରେ ପ୍ରାଜ୍ଞ ଲୋକ; 2. ସୈନିକ ବା ଅସୈନିକ ବଡ଼ କାର୍ଯ୍ୟର ନିର୍ମାଣ ବିଷୟରେ ପ୍ରାଜ୍ଞ ଲୋକ, see Engineering.—*v.t.* 1. ଉକ୍ତ ବଡ଼ କାର୍ଯ୍ୟ କଳ୍ପନା କରି ନିର୍ମାଣ-କ ; 2. ଦୁରୂହ କାର୍ଯ୍ୟ ସମ୍ପାଦନ-କ ।

**Engineering**, *n.* 1. ଯନ୍ତ୍ରନିର୍ମାଣ ବିଦ୍ୟା; 2. ବଡ଼ କାର୍ଯ୍ୟର (ଯଥା—ସଡ଼କ, ରେଲବାଟ, ପୋଲ ଓ ନାଳ ଆଦିର ବା ଯୁଦ୍ଧାର୍ଥେ ଦୁର୍ଗ ଓ ଗଡ଼ ଆଦିର) ନିର୍ମାଣ ବିଦ୍ୟା ।

**Engird**, *v.t.* ପରିବେଷ୍ଟନ-କ ।

**English**, *a.* ଇଂଲଣ୍ଡସମ୍ବନ୍ଧୀୟ, ଇଂଲଣ୍ଡ ଦେଶୀୟ, ଇଂଲଣ୍ଡୀୟ, ଇଂରାଜ, ଇଂଲଣ୍ଡ ଦେଶବାସିସମ୍ବନ୍ଧୀୟ ।—*n.* 1. ଇଂରାଜ ଭାଷା ; 2. ଇଂରେଜ ଜାତି, ଇଂଲଣ୍ଡ ଦେଶର ଲୋକସମୂହ ।

**Englishman**, *n.* 1. ଇଂରାଜ ଲୋକ; 2. ଇଂଲଣ୍ଡ ଦେଶନିବାସୀ ।

**Engorge**, *v.t.* ଗିଳିବା, ଗ୍ରାସ-କ ।

**Engorged**, *p.a.* ରକ୍ତାଧିକ, ଅତିରକ୍ତ ରକ୍ତପୂର୍ଣ୍ଣ ।

**Engorgement**, *n.* 1. ଗ୍ରାସକରଣ; 2. ରକ୍ତଜମା, ରକ୍ତାଧିକ୍ୟ ।

**Engraft**, *v.t.* see Ingraft.

**Engrain, Ingrain**, *v.t.* 1. କୃମିଦାନାରେ ରଙ୍ଗ-କ, ପକ୍କାରଙ୍ଗ-କ; 2. କାଠର ଅଁଶ ପରି ରଙ୍ଗ-ଦେ ।

**Engrave**, *v.t.* 1. ଖୋଦିବା, ଧାତ୍ୱାଦିରେ ଖୋଳିବା; 2. ଦୃଢ଼ରୂପେ ଅଙ୍କିତ-କ । [ବ୍ୟକ୍ତି ।

**Engraver**, *n.* ଧାତୁ ବା କାଷ୍ଠାଦିରେ ନକ୍ସା ଖୋଳିବା

**Engraving** *n.* 1. ଧାତୁ ବା କାଷ୍ଠାଦିରେ ନକ୍ସା ଅଙ୍କନ ; 2. ଖୋଦିତ ଧାତୁର ପତର ବା କାଠର ପଟା ; 3. ଉକ୍ତ ଖୋଦିତ ଧାତୁପତରରୁ ଛପା ନକ୍ସା ।

**Engross**, *v.t.* 1. ସବୁ ନେଇଯିବା, ସମୁଦାୟ ଗ୍ରାସ-କ, ନିମଗ୍ନ-କ ; 2. ଏକଚେଟିଆ-କ ; 3. ବଡ଼ ଅକ୍ଷରରେ ବା ସ୍ପଷ୍ଟକରି ଲେଖିବା, ନକଲ-କ ।

**Engrosser**, *n.* 1. ବଡ଼ ବା ସ୍ପଷ୍ଟ ଅକ୍ଷରରେ ନକଲ-କାରୀ ; 2. ଏକଚେଟିଆ ବ୍ୟବସାୟୀ ।

**Engrossment** *n.* 1. ନିମଗ୍ନକରଣ, ନିମଗ୍ନତା ; 2. ଏକଚେଟିଆ ବ୍ୟବସାୟ ; 3. ଦଲିଲାଦିର ବଡ଼ ଅକ୍ଷରରେ ସ୍ପଷ୍ଟ ନକଲ ।

**Engulph**, *v.t.* see Ingulph, ଗ୍ରାସ-କ ।

**Enhance**, *v.t.* ବଢ଼ାଇବା, ବୃଦ୍ଧି-କ, ଅଧିକ-କ ।—*v.i.* ବଢ଼ିବା, ବୃଦ୍ଧି-ହେ, ଅଧିକ-ହେ ।

**Enhancement**, *n.* ବୃଦ୍ଧିକରଣ, ବୃଦ୍ଧି, ଆଧିକ୍ୟ ।

**Enigma**, *n.* 1. ଗୂଢ଼ାର୍ଥ ବାକ୍ୟ, ଗୂଢ଼ ପ୍ରଶ୍ନ, ପ୍ରହେଳିକା ; 2. ବୋଧାଗମ୍ୟ ବିଷୟ, ବୋଧାଗମ୍ୟ ଆଚାର ବା ସ୍ୱଭାବଯୁକ୍ତ ଲୋକ ।

**Enigmatic, Enigmatical**, *a.* 1. ପ୍ରହେଳିକାସମ୍ବନ୍ଧୀୟ ; 2. ନିଗୂଢ଼, ସନ୍ଦେହାର୍ଥକ, ଦ୍ୱ୍ୟର୍ଥବୋଧକ ।

**Enigmatically**, *ad.* ନିଗୂଢ଼ରୂପେ, ଅସ୍ପଷ୍ଟରୂପେ ।

**Enjoin**, *v.t.* ଗୁରୁତରଭାବେ ନିର୍ଦ୍ଦେଶ-କ, ଆଜ୍ଞା-କ, ଆଦେଶ-କ ।

**Enjoinment**, *n.* ନିର୍ଦ୍ଦେଶକରଣ, ଆଜ୍ଞା, ଆଦେଶ ।

**Enjoy**, *v.t.* 1. (କୌଣସି ବିଷୟରେ) ଆନନ୍ଦ ଅନୁଭବ ବା ସୁଖଭୋଗ-କ ; 2. ଭୋଗ-କ ।—To enjoy one's self, ସୁଖୀ-ହେ, ଆନନ୍ଦିତ-ହେ ।

**Enjoyable**, *a.* 1. ଭୋଗ୍ୟ ; 2. ସୁଖଦ, ଆନନ୍ଦଦାୟକ ।

**Enjoyment**, *n.* 1. ଭୋଗ ; 2. ସୁଖ, ତୃପ୍ତି, ଆନନ୍ଦ ; 3. ସୁଖଦ ବିଷୟ, ତୃପ୍ତିକର ବିଷୟ, ଆନନ୍ଦଜନକ ବିଷୟ, ଆମୋଦ ।

**Enkindle**, *v.t.* 1. ଜ୍ୱଳାଇବା, ଜଳାଇବା, ପ୍ରଜ୍ୱଳିତ-କ ; 2. ଉତ୍ତେଜିତ-କ, ଉତ୍ତପ୍ତ-କ ।—*v.i.* ପ୍ରଜ୍ୱଳିତ-ହେ, ଜ୍ୱଳିଉଠିବା, ଜଳିଉଠିବା ।

**Enlace**, *v.t.* ଫିତାରେ ବାନ୍ଧିବା, ଫିତାରେ ବେଷ୍ଟନ-କ ।

**Enlarge**, *v.t.* 1. ବଡ଼-କ, ବଢ଼ାଇବା, ବୃଦ୍ଧି-କ ; 2. ବିସ୍ତାରପୂର୍ବକ କହିବା ବା ଲେଖିବା, ବିସ୍ତାରିତରୂପେ ବର୍ଣ୍ଣନା-କ ।

**Enlarged**, *p.a.* ଅସଙ୍କୀର୍ଣ୍ଣ, ଉଦାର ; ବର୍ଦ୍ଧିତ ।

**Enlargement**, *n.* 1. ବୃଦ୍ଧିକରଣ, ବର୍ଦ୍ଧିତାବସ୍ଥା, ବିସ୍ତାର, ବୃଦ୍ଧି ; 2. ମୁକ୍ତି, ଖଲାସ ; 3. ବିସ୍ତାରିତରୂପେ ବର୍ଣ୍ଣନା ।

**Enlighten**, *v.t.* ଆଲୋକିତ-କ, ଆଲୁଅ-ଦେ, ଜ୍ଞାନ-ଦେ, ଶିକ୍ଷା-ଦେ, ଉପଦେଶ-ଦେ ।

**Enlightened**, *p.a.* ଆଲୋକିତ, ସୁସଭ୍ୟ, ଶିକ୍ଷିତ, ବହୁଜ୍ଞ, ଉଦାର, ପ୍ରଶସ୍ତମନା ।

**Enlightenment**, *n.* ଆଲୋକିତାବସ୍ଥା, ସଭ୍ୟତା, ଶିକ୍ଷିତାବସ୍ଥା ।

**Enlist**, *v.t.* 1. ତାଲିକାଭୁକ୍ତ-କ, ସୈନିକ ଶ୍ରେଣୀରେ ନାମ ଲେଖିବା ; 2. ଆକର୍ଷଣ-କ, ସହଭାଗୀ-କ ।—*v.i.* 1. ସୈନିକ କାର୍ଯ୍ୟାଦିରେ ନାମ ଲେଖି ଭୁକ୍ତ-ହେ ; 2. କୌଣସି କାର୍ଯ୍ୟରେ ସ୍ୱଚ୍ଛନ୍ଦରେ ପ୍ରବୃତ୍ତ-ହେ ।

**Enlistment**, *n.* ସୈନିକ କର୍ମାଦିରେ ନିଯୁକ୍ତକରଣ, ସୈନିକ କର୍ମାଦିରେ ସ୍ୱଚ୍ଛନ୍ଦ ପ୍ରବେଶ ।

**Enliven**, *v.t.* ସଜୀବ-କ, ସଚେତନ-କ, ଉତ୍ତେଜିତ-କ, ଉଲ୍ଲାସିତ-କ, ଆନନ୍ଦିତ-କ, ଆମୋଦିତ-କ ।

**Enlivener**, *n.* ଉଲ୍ଲାସକାରକ ବ୍ୟକ୍ତି ବା ବିଷୟ ।

**Enlivenment**, *n.* ଉତ୍ତେଜିତକରଣ, ଉଲ୍ଲାସିତକରଣ, ଉଲ୍ଲାସିତାବସ୍ଥା ।

**Enmesh**, *v.t.* ଜାଲରେ ପକାଇବା ।

**Enmity**, *n.* 1. ଶତ୍ରୁତା, ବୈରଭାବ, ବିପକ୍ଷତା ; 2. ଦ୍ୱେଷ, ହିଂସା । [ପଦସ୍ଥ-କ ।

**Ennoble**, *v.t.* ମହତ୍‌-କ, ସମ୍ଭ୍ରାନ୍ତ-କ, ଉନ୍ନତ-କ, ଉଚ୍ଚ-

**Ennoblement**, *n.* ମହତ୍‌କରଣ, ସମ୍ଭ୍ରାନ୍ତକରଣ, ଉନ୍ନତି ।

Ennui, *n. on-uwee.* (French) କର୍ମରୁ ଜାତ କ୍ଲାନ୍ତି, କର୍ମାଭାବରୁ ଜାତ ବିରକ୍ତି, ଅତୃପ୍ତି, ଅରୁଚି ।

**Enormity,** *n.* 1. **ଅତଶୟ୍ୟ**; 2. ଅପରିମିତତା, ଅତ-**ଉତ୍କ**ତା ; 3. **ଅତ ଦୁଷ୍ଟତା**, ଅନ୍ୟାୟ, ମହାପାପ ।

**Enormous,** *a.* 1. **ଅତରିକ୍ତ**, ଅପରିମିତ; 2. **ଅତ ବୃହତ୍, ପ୍ରକାଣ୍ଡ, ଘୋର**; 3. **ଅତଦୁଷ୍ଟ**, ମହା ପାତକୀ ।

**Enormously,** *ad.* **ଅତରିକ୍ତରୂପେ**, ଅପରିମିତରୂପେ ।

**Enough,** *a.* **ଯଥେଷ୍ଟ, ପ୍ରଚୁର, ବହୁତ** ।—*ad.* 1. **ଯଥେଷ୍ଟରୂପେ**, ପ୍ରଚୁରରୂପେ ; 2. **ଅତଶୟ** ; 3. ମଧ୍ୟମ-ରୂପେ, ଏକପ୍ରକାରରେ ।—*n.* ପ୍ରାଚୁର୍ଯ୍ୟ, ବାହୁଲ୍ୟ ।

**Enounce,** *v.t.* 1. ପ୍ରକାଶ-କ ; 2. ଉଚ୍ଚାରଣ-କ ।

**Enouncement,** *n.* 1. ପ୍ରକାଶକରଣ ; 2. ଉକ୍ତି ।

**Enow, an old form of** *Enough. q.v.*

**Enquire, see Inquire.**

**Enrage,** *v.t.* କୋପାନ୍ୱିତ-କ, କ୍ରୋଧାନ୍ୱିତ-କ, କ୍ରୋଧାନ୍ଧ-କ, କ୍ରୁଦ୍ଧ କରାଇବା ।

**Enrapture,** *v.t.* ଅତରିକ୍ତରୂପେ ଉଲ୍ଲାସିତ-କ, ଅହ୍ଲାଦରେ ମଗ୍ନ-କ, ମୋହିତ-କ ।

**Enrich,** *v.t.* 1. ଧନୀ-କ, ଧନାଢ୍ୟ-କ ; 2. ଉର୍ବର-କ ; 3. ଉନ୍ନତ-କ, ବହୁମୂଲ୍ୟ-କ; 4. ସୁମିଷ୍ଟ-କ; 5. ସୁଶୋଭିତ-କ ।

**Enrichment,** *n.* 1. ଧନାଢ୍ୟକରଣ ; 2. ଉର୍ବରକରଣ; 3. ଶୋଭାସମ୍ପାଦକ ବିଷୟ ।

**Enring,** *v.t.* ବେଷ୍ଟନ-କ । [ବେଶଭୂଷା-କ ।

**Enrobe,** *v.t.* ବସ୍ତ୍ରପରିହିତ କରାଇବା, ବସ୍ତ୍ରାନ୍ୱିତ-କ,

**Enroll, Enrol,** *v.t.* 1. ରେଜେଷ୍ଟର ବହିରେ ଲେଖିବା, ତାଲିକାରେ ଲେଖିବା, ତାଲିକାଭୁକ୍ତ-କ; 2. ଲେଖି ରଖିବା । [ଫର୍ଦ୍ଦ ।

**Enrolment,** *n.* 1. ତାଲିକାରେ ଲେଖନ ; 2. ତାଲିକା,

**Ens,** *n. (pl.)* Entia, ସତ୍ତ୍ୱ, ଅସ୍ତିତ୍ୱ, ସ୍ଥିତ, ପ୍ରକୃତରୂପେ ସ୍ଥିତବିଶିଷ୍ଟ ପଦାର୍ଥ ।

**Ensample,** *n.* (Archaic) see Example.

**Ensanguine,** *v.t.* ରକ୍ତମୟ-କ ।

**Ensconce,** *v.t.* ଦୁର୍ଗାବୃତ-କ, ଗୋପନ-କ, ଲୁଚାଇବା, ଦୃଢ଼ରୂପେ ସ୍ଥାପିତ-କ, ଆଶ୍ରମରେ ବସାଇବା : with the *refl. pro.*

**Enshrine,** *v.t.* 1. ପବିତ୍ର ବସ୍ତୁର ଆଧାରରେ ବା ସିନ୍ଦୂକରେ ରଖିବା, ସୁରକ୍ଷାର୍ଥେ ରତ୍ନାଧାରରେ ଥୋଇବା, ଆଦର କରି ରଖିବା, ସୁରକ୍ଷା-କ ; 2. ରତ୍ନାଧାର ପରି ଧାରଣ-କ । [କ, ଘୋଡ଼ାଇବା ।

**Enshroud,** *v.t.* ଚିତାବସ୍ତ୍ରରେ ଘୋଡ଼ାଇବା, ଆଚ୍ଛାଦନ-

**Ensiform,** *a.* କରବାଲାକୃତ, ଖଡ୍ଗରୂପ ।

**Ensign,** *n.* 1. ବିଶେଷକ ଚିହ୍ନ; 2. ବିଶେଷକ ପତାକା ବା ଧ୍ୱଜା, ଜାତୀୟ ଧ୍ୱଜା, ସୈନ୍ୟଦଳର ଧ୍ୱଜା; 3. ସୈନିକ ବା ନାବିକ ନିମ୍ନପଦସ୍ଥ କର୍ମଚାରୀ ବିଶେଷ, ପତାକାବାହକ ।

**Ensign-bearer,** *n.* ପତାକାବାହକ, ଧ୍ୱଜାଧାରୀ ।

**Ensigncy, Ensignship,** *n.* ସୈନିକ ବା ନାବିକ ନିମ୍ନଶ୍ରେଣିସ୍ଥ କର୍ମଚାରୀର ପଦ ।

**Ensilage,** *n.* 1. ଗୋମେଷାଦିର ଆହାରାର୍ଥ ଘାସ ପ୍ରଭୃତିକୁ ଭୂଗର୍ଭ ଗର୍ତ୍ତରେ ସବୁଜ ଅବସ୍ଥାରେ ରଖିବାର ଉପାୟ; 2. ଉପରୋକ୍ତ ଉପାୟରେ ରକ୍ଷିତ ଘାସପ୍ରଭୃତି ।

**Ensile,** *v.t.* ଉପରୋକ୍ତ ପ୍ରଣାଳୀରେ ରଖିବା ।

**Enslave,** *v.t.* ଗୋଲାମ-କ, କ୍ରୀତଦାସ-କ, ଦାସ-କ, ସ୍ୱାଧୀନତା ହରଣ-କ, ବଶ-କ । [ଦାସତ୍ୱ, ବନ୍ଧନ ।

**Enslavement,** *n.* ଗୋଲାମକରଣ, ବଶକରଣ, ଗୋଲାମୀ,

**Ensnare,** *v.t.* ଜାଲରେ ଧରିବା, ଫାନ୍ଦରେ ପକାଇବା ।

**Ensue,** *v.i.* ଫଳସ୍ୱରୂପେ ଘଟିବା, ପଛେ ଆସିପଡ଼ିବା, ହୋଇପଡ଼ିବା, ଘଟିବା ।

**Ensure,** *v.t.* ସୁନିଶ୍ଚିତ-କ, ନିଶ୍ଚୟ-କ । [କାନ୍ଥପ୍ରଭୃତି ।

**Entablature,** *n.* ଅଟ୍ଟାଳିକାଦିର ସ୍ତମ୍ଭର ଉପରିସ୍ଥିତ

**Entail,** *v.t.* 1. ସାଧାରଣ ଉତ୍ତରାଧିକାରୀମାନଙ୍କଠାରୁ ଭୂସମ୍ପତ୍ତି ପୃଥକ୍-କ, ନିର୍ଦ୍ଧାର୍ଯ୍ୟ-କ, (ଯଥା—ଦାନ ଦ୍ୱାରା କୌଣସି ବ୍ୟକ୍ତିକୁ ଉତ୍ତରାଧିକାରୀ କରି ଭୂସମ୍ପତ୍ତିଅଦିର ଅଯୋଗମନ ନିର୍ଦ୍ଧାର୍ଯ୍ୟ-କ); 2. କୌଣସି ବ୍ୟକ୍ତି ବା ବିଷୟ ଉପରେ ଅବଶ୍ୟମ୍ଭାବୀରୂପେ ଧାର୍ଯ୍ୟ-କ, ଭାରାର୍ପଣ-କ, ଲଦିବା-କ ।—*n.* 1. ସାଧାରଣ ଉତ୍ତରାଧିକାରୀମାନଙ୍କଠାରୁ ଭୂସମ୍ପତ୍ତି ପୃଥକ୍‌କରଣ; 2. ନିର୍ଦ୍ଦିଷ୍ଟ ଉତ୍ତରାଧିକାରୀକ୍ରମେ ନିର୍ଦ୍ଧାରିତ ଭୂସମ୍ପତ୍ତି; 3. ଭୂସମ୍ପତ୍ତି ହସ୍ତାନ୍ତରକରଣର ନିୟମ; 4. ଅପରିହାର୍ଯ୍ୟରୂପେ ଅର୍ପଣ ।

**Entailment,** *n.* ସାଧାରଣ ଉତ୍ତରାଧିକାରୀମାନଙ୍କଠାରୁ ଭୂସମ୍ପତ୍ତି ପୃଥକ୍‌କରଣ, ନିର୍ଦ୍ଦିଷ୍ଟ ଉତ୍ତରାଧିକାରୀକ୍ରମେ ଭୂସମ୍ପତ୍ତିର ନିର୍ଦ୍ଧାରିତାବସ୍ଥା ।

**Entangle,** *v.t.* 1. ସଂଜଡ଼ିତ-କ; 2. ଫାନ୍ଦରେ ପକାଇବା, ବନ୍ଧନରେ ପକାଇବା, ଝଞ୍ଜଟରେ ପକାଇବା, ବ୍ୟସ୍ତ-କ ।

**Entanglement** *n.* 1. ଜଡ଼ିତକରଣ, ଜଡ଼ିତାବସ୍ଥା, ବ୍ୟସ୍ତତା, ଝଞ୍ଜଟ; 2. ଫାନ୍ଦ ।

**Entente cordiale,** *n. on-tant kor-di-al,* (French) ସଦ୍‌ଭାବ, ରାଜ୍ୟମାନଙ୍କ ମଧ୍ୟରେ ମିତ୍ରଭାବ ।

**Enter,** *v.t.* 1. ପଶିବା, ପ୍ରବେଶ-କ, ଭିତରକୁ-ଯିବା, ବନ୍ଦ-କ; 2. ଲେଖିବା, ବହି ବା ଫର୍ଦ୍ଦରେ ଲେଖିବା ; 3. (ଆମଦାନି ବା ରପ୍ତାନି ମାଲର) ମୂଲ୍ୟ ଓ ପରିମାଣ ବିଷୟ ଶୁଳ୍କାଳୟରେ ସମ୍ବାଦ-ଦେ, ବନ୍ଦରରେ ଜାହାଜର ପହଞ୍ଚିବା ବିଷୟ ରେଜେଷ୍ଟର ବହିରେ ଲେଖିବା; 4. ପ୍ରବେଶ କରି ଦଖଲ-କ ; 5. ଅଦାଲତଙ୍କ ସମ୍ମୁଖରେ (ମକଦ୍ଦମା) ଆଇନମତେ ଉପସ୍ଥିତ-କ ।—*v.i.* 1. ପ୍ରବିଷ୍ଟ-ହେ; 2. ସଭ୍ୟ-ହେ ।—To enter into, 1. ଉତ୍ତମରୂପେ ପ୍ରବେଶ-କ, ସମ୍ପୂର୍ଣ୍ଣରୂପେ ବିଚାର-କ ; 2. ପ୍ରବୃତ୍ତ-ହେ, ଯୋଗ-ଦେ; 3. ଅଂଶଭୁକ୍ତ-ହେ । To enter on or upon, 1. ଆରମ୍ଭ-କ ; 2. (କୌଣସି ବିଷୟରେ) ତର୍କ ବା କଥୋପକଥନ-କ ।

**Enteric,** *a.* ଅନ୍ତ୍ରସମ୍ବନ୍ଧୀୟ ।

**Enteritis,** *n.* ଅନ୍ତ୍ରଜ୍ୱାଳା ପୀଡ଼ା ।

**Enterprise,** *n.* 1. କାର୍ଯ୍ୟ, ଉଦ୍ୟମ, ସାହସିକ କର୍ମ, ମହୋଦ୍ୟମ, ସଙ୍କଟବିଶିଷ୍ଟ କର୍ମ, ଦୁଃସାଧ୍ୟ କର୍ମ; 2. ଦୁଃସାଧ୍ୟ କର୍ମରେ ଉଦ୍ୟମ, ଦୁଃସାଧ୍ୟ କାର୍ଯ୍ୟ କରିବାରେ ପ୍ରବୃତ୍ତି, ବ୍ୟବସାୟରେ ପ୍ରକାଶିତ ସାହସ, ଉତ୍ସାହ ଓ ଉଦ୍ଭାବନ ଶକ୍ତି ।

**Enterprising**, *p.a.* ସାହସିକ, ସାହସିକ ଓ ଅଗ୍ରସାରୀ, ବଡ ବା କଠିନ କାର୍ଯ୍ୟରେ ଉଦ୍ୟମୀ ।
**Enterprisingly**, *ad.* ସାହସିକରୂପେ, ଉଦ୍ୟମିରୂପେ ।
**Entertain**, *v.t.* 1. ଆତିଥ୍ୟ-କ, ଭୋଜନ କରାଇବା ; 2. ମନରେ ରଖିବା, ମନରେ ପୋଷଣ-କ ; 3. ଆମୋଦିତ କରାଇବା, ଆଳାପରେ ତୁଷ୍ଟ-କ ; 4. ବିବେଚନା ଓ ନିଷ୍ପତ୍ତି ନିମନ୍ତେ ଗ୍ରାହ୍ୟ-କ ।—*v.i.* ଅତିଥିସେବା-କ ।
**Entertainer**, *n.* ଆତିଥ୍ୟକାରୀ ।
**Entertaining**, *a.* ଆମୋଦଜନକ, ତୁଷ୍ଟିକର ।
**Entertainment**, *n.* 1. ଆତିଥ୍ୟ, ଅତିଥିସେବା ; 2. ଭୋଜ, ଉତ୍ସବ ; 3. ଆମୋଦ ; 4. ଆମୋଦଜନକ ବିଷୟ, ଯଥା,—ନୃତ୍ୟ ଗୀତାଦିର ଅଭିନୟ, ତାମସା ; 5. ମନରେ ଗ୍ରହଣ । [ଭୂତ-କ ।
**Enthrall, Enthral**, *v.t.* ଗୋଲାମ-କ, ଦାସ-କ, ବଶୀ-
**Enthralment**, *n.* ଗୋଲାମକରଣ, ଦାସତ୍ୱାବସ୍ଥା, ବଶୀଭୂତକାରୀ ବିଷୟ ।
**Enthrone**, *v.t.* ସିଂହାସନୋପବିଷ୍ଟ-କ, ରାଜକୀୟ କ୍ଷମତା-ଦେ, ସର୍ବଶ୍ରେଷ୍ଠ-କ ।
**Enthronement**, *n.* ସିଂହାସନୋପବିଷ୍ଟକରଣ ।
**Enthusiasm**, *n.* 1. ପୂର୍ଣ୍ଣ ମନୋବିଷ୍ଟତା, ଉତ୍ସାହ, ଅନୁରାଗ, ସୁବ୍ୟଗ୍ରତା, ଉତ୍ତପ୍ତତା ; 2. ଦୈବାବିର୍ଭାବରୁ ଜାତ ମନର ଉଲ୍ଲାସ ।
**Enthusiast**, *n.* 1. ପୂର୍ଣ୍ଣ ମନୋବିଷ୍ଟ ଲୋକ, ଉତ୍ସାହୀ ବ୍ୟକ୍ତି, ଉତ୍ସାହୀ, ଅନୁରାଗୀ, ଅନୁସଙ୍ଗୀ ; 2. କଳ୍ପନାପ୍ରିୟ ଲୋକ ।
**Enthusiastic, Enthusiastical**, *a.* 1. ଉତ୍ସାହପୂର୍ଣ୍ଣ, ଉତ୍ତପ୍ତ, ଅନୁରକ୍ତ, ଉତ୍ସୁକ, ପରାୟଣ, ଆସକ୍ତ ; 2. କାଳ୍ପନିକ ; 3. ଉତ୍ସାହସୂଚକ ।
**Enthusiastically**, *ad.* ଉତ୍ସାହପୂର୍ବକ, ଉତ୍ତପ୍ତଭାବେ, ଅନୁରକ୍ତିରୂପେ । [ଫୁସୁଲାଇବା ।
**Entice**, *v.t.* ପ୍ରଲୋଭନ-କ, ଆକର୍ଷଣ-କ, ଭୁଲାଇବା,
**Enticeable**, *ad.* ପ୍ରଲୋଭନୀୟ ।
**Enticement**, *n.* 1. ପ୍ରଲୋଭନ, ମିଷ୍ଟ ବା ଚାଟୁ ବାକ୍ୟ, କୁପ୍ରବୃତ୍ତି, ପ୍ରବର୍ତ୍ତନା, ଫୁସୁଲା ; 2. ପ୍ରଲୋଭିତାବସ୍ଥା ।
**Enticer**, *n.* ପ୍ରଲୋଭନକାରୀ ବ୍ୟକ୍ତି ବା ବିଷୟ, ଯେ ଭୁଲାଏ ।
**Enticing**, *p.a.* ପ୍ରଲୋଭନକାରୀ, ମନୋହାରୀ, ମୁଗ୍ଧକର ।
**Enticingly**, *ad.* ପ୍ରଲୋଭନକାରିରୂପେ, ମନୋହାରରୂପେ ।
**Entire**, *a.* ଅଭଗ୍ନ, ଅଖଣ୍ଡ, ସମ୍ପୂର୍ଣ୍ଣ, ଅବିଭକ୍ତ, ଅନଂଶିତ, ପୂର୍ଣ୍ଣ, ସମୁଦାୟ, ସମସ୍ତ, ବେବାକ ।—Entire horse, ଅଚ୍ଛିନ୍ନମୁଷ୍କ ଅଶ୍ୱ ।
**Entirely**, *ad.* ସମ୍ପୂର୍ଣ୍ଣରୂପେ, ଷୋଳଅଣାରୂପେ, ସର୍ବତୋଭାବେ । [ସମଷ୍ଟି ।
**Entireness**, *n.* ଅଭଗ୍ନାବସ୍ଥା, ଅବିଭକ୍ତାବସ୍ଥା, ସମ୍ପୂର୍ଣ୍ଣତା,
**Entirety**, *n.* ସମ୍ପୂର୍ଣ୍ଣତା, ମୋଟ, ଜମା ।
**Entitle**, *v.t.* 1. ନାମ-ଦେ, ଆଖ୍ୟା-ଦେ, ଅଭିହିତ-କ, ଖ୍ୟାତ-କ ; 2. ଅଧିକାର-ଦେ, ସ୍ୱତ୍ୱ-ଦେ, ଯୋଗ୍ୟ କରାଇବା ।
**Entity**, *n.* ସତ୍ତା, ଅସ୍ତିତ୍ୱ, ସ୍ଥିତି, ପ୍ରକୃତରୂପେ ସ୍ଥିତିବିଶିଷ୍ଟ ପଦାର୍ଥ ।
**Entomb**, *v.t.* *en-toom*, କବରରେ ରଖିବା, କବର-ଦେ, ସମାଧି-ଦେ, ପୋତିବା ।
**Entombment**, ସମାଧିକ୍ରିୟା ।
**Entomologist**, *n.* କୀଟବିଷୟକ ବିଦ୍ୟାବିତ୍ ।
**Entomology**, *n.* କୀଟବିଷୟକ ବିଦ୍ୟା ।
**Entozoon**, *n*, (*pl.*) Entozoa, ଅନ୍ତଃସ୍ଥିତ କୀଟ, ଅନ୍ୟ ଜୀବର ଦେହ ଭିତରେ ଥିବା ପରପୁଷ୍ଟ କ୍ଷୁଦ୍ର ଜୀବ ।
**Entrail**, *n.* ଅନ୍ତ୍ର, ଅନ୍ତୁଡ଼ି, generally in *pl.*.
**Entrain**, *v.t.* ରେଲଗାଡିରେ ବସାଇବା, ରେଲଗାଡିରେ ବୋହାଇ-କ ।—*v.i.* ରେଲଗାଡିରେ ବସିବା ।
**Entrance**, *n.* *en'trans*, 1. ପ୍ରବେଶକରଣ, ପ୍ରବେଶ ; 2. ପ୍ରବେଶାଧିକାର; 3. ପ୍ରବେଶ ପଥ, ଦ୍ୱାର ; 4. ଆରମ୍ଭ ।
**Entrance**, *v.t.* *en-trans'*, 1. ମୋହାବସ୍ଥାରେ ପକାଇବା ; 2. ମୋହିତ-କ, ଆହ୍ଲାଦରେ ମତ୍ତ-କ ।
**Entrancement**, *n.* 1. ମୋହାବସ୍ଥା ; 2. ମୋହିତାବସ୍ଥା ।
**Entrap**, *v.t.* ଫାନ୍ଦରେ ଧରିବା, ଫାନ୍ଦରେ ପକାଇବା ।
**Entreat**, *v.t.* and *i.* ବିନତି-କ, ବିନୟ-କ, ଅନୁନୟ-କ, ନିବେଦନ-କ, ପ୍ରାର୍ଥନା-କ, କାକୁକ୍ତି-କ, ମିନତି-କ ।
**Entreatable**, *a.* ବିନତିଗ୍ରହଣଶୀଳ ।
**Entreatingly**. *ad.* ବିନତିପୂର୍ବକ, ବିନୟପୂର୍ବକ ।
**Entreaty** *n.* ବିନତି, ବିନୟ, ଅନୁନୟ, ନିବେଦନ, ପ୍ରାର୍ଥନା, କାକୁକ୍ତି, ମିନତି ।
**Entrench, Entrenchment**, *n.* see Intrench.
**Entrepôt**, *n.* *on-tr-po*, (French) 1. ମାଲ ରଖିବା ଗୋଦାମ ; 2. ଗଞ୍ଜ ।
**Entrust**, *v.t.* see Intrust.
**Entry**, *n.* (*pl.*) Entries, 1. ପ୍ରବେଶ; 2. ପ୍ରବେଶ-ପଥ, ପ୍ରବେଶ ସ୍ଥାନ, ଦ୍ୱାର; 3. ଦଖଲକରଣ; 4. ଜାହାଜସ୍ଥ ମାଲର କୈଫିୟତ; 5. ଲିଖନ, ବହିରେ ଲେଖା । [-ହେ ।
**Entwine**, *v.t.* ଗୁଡାଇବା, ଜଡାଇବା ।—*v.i.* ଜଡିତ
**Entwist**, *v.t.* ଜଡିତ-କ ।
**Enumerate**, *v.t.* ଗଣନା-କ, ଗଣିବା, ସଂଖ୍ୟା-କ ।
**Enumeration**, *n.* 1. ଗଣନା, ସଂଖ୍ୟା ; 2. ତାଲିକା, ବିଶେଷ ବିବରଣ ; 3. ପୁନରାୟ ବର୍ଣ୍ଣନା ।
**Enumerator**, *n.* ଗଣନାକାରୀ, ସଂଖ୍ୟାକାରୀ ।
**Enunciable**, *a.* ଉଚ୍ଚାରଣୀୟ, କଥନୀୟ । [କହିବା ।
**Enunciate**, *v.t.* ଉଚ୍ଚାରଣ-କ, ପ୍ରକାଶ-କ, ବ୍ୟକ୍ତ-କ, —*v.i.* କଥା କହିବା, ଉଚ୍ଚାରଣ-କ ।
**Enunciation**, *n.* 1. ଉଚ୍ଚାରଣ ; 2. ଉକ୍ତି, ବର୍ଣ୍ଣନା ।
**Enunciative**, *a.* 1. ଉଚ୍ଚାରଣସମ୍ବନ୍ଧୀୟ ; 2. ବ୍ୟକ୍ତକାରୀ, ପ୍ରକାଶକ ।
**Enunciatory**, *a.* 1. ଉକ୍ତିପୂର୍ଣ୍ଣ, ଗଣନାବିଶିଷ୍ଟ ; 2. ବ୍ୟକ୍ତକାରୀ ।
**Envelop**, *v.t.* *en-vel'-op*, ଆଚ୍ଛାଦନ-କ, ଆବୃତ-କ, ଗୁଡାଇ ଆଚ୍ଛାଦିତ-କ, ଢାଙ୍କିବା, ଘୋଡାଇବା ।

**Envelope**, *n. en'-vel-op*, 1. ଆଚ୍ଛାଦକ ; 2. ଲେଫାଫା, ଖୋଲ ।

**Envelopment**, *n.* ଆଚ୍ଛାଦନକରଣ, ଆଚ୍ଛାଦକ, ଖୋଲ ।

**Envenom**, *v.t.* 1. ବିଷମୟ-କ, ବିଷାକ୍ତ-କ; 2. ତିକ୍ତତାମୟ-କ, ହିଂସା ଦ୍ୱାରା କଳୁଷିତ-କ ।

**Enviable**, *a.* ଈର୍ଷଣୀୟ, ଈର୍ଷାଜନକ, ବାଞ୍ଛନୀୟ, ସ୍ପୃହଣୀୟ, ଲୋଭନୀୟ, ଅଭିଲଷଣୀୟ ।

**Enviably**, *ad.* ବାଞ୍ଛନୀୟ ରୂପେ, ଅଭିଲଷଣୀୟ ରୂପେ ।

**Envious**, *a.* ଈର୍ଷ୍ୟାନ୍ୱିତ, ମାତ୍ସର୍ଯ୍ୟଶୀଳ, ପରଶ୍ରୀକାତର, ଈର୍ଷ୍ୟାଯୁକ୍ତ, ଈର୍ଷ୍ୟାପରବଶ, ଈର୍ଷାଜାତ ।

**Enviously**, *ad.* ଈର୍ଷ୍ୟାନ୍ୱିତରୂପେ, ଈର୍ଷାପୂର୍ବକ ।

**Environ**, *v.t.* ବେଷ୍ଟନ-କ, ଘେରିବା, ଅବରୋଧ-କ ।

**Environment**, *n.* 1. ବେଷ୍ଟନକରଣ, ବେଷ୍ଟିତାବସ୍ଥା ; 2. ବାହ୍ୟିକ ବିଷୟମାନ ; 3. ଜୀବନକାଟିବା ଅବସ୍ଥା ।

**Environs**, *n. pl.* ଚତୁର୍ଦ୍ଦିଗର ନିକଟସ୍ଥ ସ୍ଥାନ, ଆଖପାଖ, ଆଶପାଶ ;—of a city, ସହରତଳୀ ।

**Envisage**, *v.t.* ମୁହାମୁହିଁ ଦେଖିବା, ହଠାତ୍ ହୃଦୟଙ୍ଗମ-କ, ସହଜ ଜ୍ଞାନ ଦ୍ୱାରା ଉପଲବ୍ଧି-କ ।

**Envoy**, *n.* 1. ଦୂତ ; 2. ରାଜଦୂତ, ସନ୍ଧିକାର୍ଯ୍ୟାଦି ନିର୍ବାହ କରିବା ନିମନ୍ତେ ପ୍ରେରିତ ରାଜପ୍ରତିନିଧି ।

**Envy**, *n.* ଈର୍ଷା, ଈର୍ଷ୍ୟା, ମାତ୍ସର୍ଯ୍ୟ, ପରଶ୍ରୀକାତରତା ।—*v.t.* ଈର୍ଷା-କ, ଅନ୍ୟର ବାଞ୍ଛନୀୟ ପଦାର୍ଥ ଦେଖି ହିଂସା-କ ;—*v.i.* ପରଶ୍ରୀକାତର-ହେ ।

**Enwrap**, *v.t.* ଘୋଡାଇବା ।

**Eon, Æon**, *n.* 1. ଯୁଗ, ଅବ୍ଦ ; 2. (in Platonic philosophy) ଚିରସ୍ଥାୟୀ ଧର୍ମ ବା ଗୁଣ, ଦୈବ ଅବତାର ବିଶେଷ ।

**Epact**, *n.* 1. ଚାନ୍ଦ୍ରମାସଠାରୁ ସୌରମାସୀୟ ଦିନର ଆଧିକ୍ୟ ; 2. ବର୍ଷର ପ୍ରଥମ ଦିନରେ ଚନ୍ଦ୍ରତିଥିର ସଂଖ୍ୟା ।

**Epaule**, *n.* ଗଡବନ୍ଦି, ସମ୍ମୁଖ ଓ ପାର୍ଶ୍ୱାଂଶରେ ଥିବା କୋଣ ।

**Epaulement**, *n.* ତୋପଶ୍ରେଣୀର ପାର୍ଶ୍ୱ ରକ୍ଷାର୍ଥେ କ୍ଷୁଦ୍ର ପାଚେରି ବିଶେଷ ।

**Epaulet, Epaulette**, *n.* ସୈନିକ ବା ନାବିକ କର୍ମଚାରୀର ସ୍କନ୍ଧାଭରଣ । ପଲ୍ଟନୀୟ କୁର୍ତ୍ତିର କାନ୍ଧଉପର ଝୁମ୍ପା ବା ବିଶେଷକ ଚିହ୍ନ ।

**Epha, Ephah**, *n.* ୟିହୁଦୀଦେଶୀୟ ପରିମାଣ ବିଶେଷ ।

**Ephemera**, *n.* (*pl.*) Ephemeræ, ଏକଦିବସଜୀବୀ ମାଛି, ଅଳ୍ପକ୍ଷଣସ୍ଥାୟୀ କୀଟ ।

**Ephemeral**, *a.* ଏକଦିବସଜୀବୀ, ସଦ୍ୟୋଜାତମୃତ, କ୍ଷଣଜୀବୀ, ଐକାହିକ, କ୍ଷଣସ୍ଥାୟୀ ।

**Ephemeris**, *n.* ଗ୍ରହାଦିର ପଞ୍ଜିକା ।

**Ephemerist**, *n.* ଗଣକ । [ବିଶେଷ ।

**Ephod**, *n.* ୟିହୁଦୀଦେଶୀୟ ମହାଯାଜକର ଅଙ୍ଗରଖା

**Epic**, *a.* ଐତିହାସିକ ମହାକାବ୍ୟରେ ରଚିତ, ମହାକାବ୍ୟସମ୍ବନ୍ଧୀୟ, ଐତିହାସିକ, ବୀର ଚରିତ୍ରବିଷୟକ ।—*n.* ଐତିହାସିକ ମହାକାବ୍ୟ, ବୀର ଚରିତ୍ରବିଷୟକ କାବ୍ୟ ।

**Epicedium**, *n.* ଅନ୍ତ୍ୟେଷ୍ଟି ଗାନ ।

**Epicene**, *a.* or *n.* ଉଭୟଲିଙ୍ଗ, ଉଭୟ ଲିଙ୍ଗର ଶବ୍ଦ ।

**Epicure**, *n.* 1. ସୁଖଭୋଜନକାରୀ ; 2. ପେଟୁକ, ଉଦରମ୍ଭରି, ଇନ୍ଦ୍ରିୟସୁଖାଭିଳାଷୀ ।

**Epicurean**, *a.* 1. ଏପିକ୍ୟୁରସ୍ ନାମକ ଗ୍ରୀସ୍ ଦେଶୀୟ ପଣ୍ଡିତସମ୍ବନ୍ଧୀୟ ; 2. ଶାରୀରିକ ସୁଖାନୁରକ୍ତ, ଉଦରସର୍ବସ୍ୱ ।—*n.* 1. ଉକ୍ତ ପଣ୍ଡିତଙ୍କ ମତାବଲମ୍ବୀ; 2. ଉଦରମ୍ଭରି ।

**Epidemic, Epidemical**, *a.* ବହୁଜନବ୍ୟାପକ, ଦେଶବ୍ୟାପକ, ସର୍ବଗତ ।—**Epidemic**, *n.* ଦେଶବ୍ୟାପକ ରୋଗ, ବହୁଜନବ୍ୟାପକ ରୋଗ, ମହାମାରୀ । [ବ୍ୟାପକରୂପେ ।

**Epidemically**, *ad.* ବହୁଜନବ୍ୟାପକରୂପେ, ଦେଶ-

**Epidermal, Epidermic**, *a.* ଶରୀରର ଉପରିସ୍ଥିତ ସୂକ୍ଷ୍ମ ଚର୍ମସମ୍ବନ୍ଧୀୟ ।

**Epidermis**, *n.* ଶରୀରର ଉପରିସ୍ଥିତ ସୂକ୍ଷ୍ମ ଚର୍ମ, ଉପତ୍ୱକ୍ ।

**Epigastric**, *a.* ଉଦରର ଉପରିସ୍ଥିତ ଭାଗସମ୍ବନ୍ଧୀୟ, ଉଦରସମ୍ବନ୍ଧୀୟ ।

**Epigastrium**, *n.* ଉଦରର ଉପରିସ୍ଥିତ ଭାଗ ।

**Epiglottis**, *n.* ଜିହ୍ୱା ଉପରେ ଶ୍ୱାସନଳୀ ରୋଧାର୍ଥ ଯେଉଁ କ୍ଷୁଦ୍ର ମାଂସଖଣ୍ଡ ଥାଏ, ଉପଜିହ୍ୱା, ଘଣ୍ଟିକା ।

**Epigram**, *n.* (ଉପରିସ୍ଥ ଲିଖନ) 1. ବ୍ୟଙ୍ଗଯୁକ୍ତ ସଂକ୍ଷିପ୍ତ କବିତା; 2. ପରିପାଟିରୂପେ ଓ ସଂକ୍ଷେପରେ ପ୍ରକାଶିତ ମନୋହର ବୋଧ, ସଂକ୍ଷିପ୍ତ ମାତ୍ର ଅର୍ଥପୂର୍ଣ୍ଣ ବଚନ, ଫଳପ୍ରଦ ବଚନ ।

**Epigrammatic, Epigrammatical**, *a.* 1. ସଂକ୍ଷିପ୍ତ ମାତ୍ର ଅର୍ଥପୂର୍ଣ୍ଣ ବଚନସମ୍ବନ୍ଧୀୟ, ଫଳପ୍ରଦ ବଚନସଦୃଶ, ସଂକ୍ଷିପ୍ତ, ଫଳପ୍ରଦ; 2. ସଂକ୍ଷିପ୍ତ ଫଳପ୍ରଦ ବଚନପୂର୍ଣ୍ଣ ।

**Epigrammatically**, *ad.* ସଂକ୍ଷିପ୍ତ ଓ ଫଳପ୍ରଦରୂପେ ।

**Epigrammatist**, *n.* ସଂକ୍ଷିପ୍ତ ଓ ଫଳପ୍ରଦ ବଚନର ରଚୟିତା ।

**Epigraph**, *n.* 1. ପଥର ବା ଧାତୁ ଉପରେ ସ୍ମରଣାର୍ଥକ ଲିଖନ; 2. ଗ୍ରନ୍ଥ ବା ଅଧ୍ୟାୟର ଆରମ୍ଭରେ ଥିବା ଉଦ୍ଧୃତ ବାକ୍ୟ ବା ଶ୍ଳୋକ । [ଲିଖନବିଦ୍ୟା ।

**Epigraphy**, *n.* ପଥର ବା ଧାତୁ ଉପରେ ସ୍ମରଣାର୍ଥକ

**Epilepsy**, *n.* ମୃଗୀରୋଗ, ଅପସ୍ମାର, ଅଁପର ।

**Epileptic**, *a.* ମୃଗୀରୋଗସମ୍ବନ୍ଧୀୟ, ଅପସ୍ମାରଗ୍ରସ୍ତ, ମୃଗୀରୋଗୀ ।—*n.* ମୃଗୀରୋଗୀ ଲୋକ, ଅପସ୍ମାରଗ୍ରସ୍ତ ଲୋକ ।

**Epilogue**, *n.* ନାଟକର ଶେଷରେ ଦର୍ଶକମାନଙ୍କ ପ୍ରତି କଥିତ ବକ୍ତୃତା ବା ସଂକ୍ଷିପ୍ତ କବିତା ।

**Epiphany**, *n. e-pif'-a-ni*, 1. ପ୍ରକାଶ, ଅବତାର ; 2. ପୂର୍ବଦେଶୀୟ ପଣ୍ଡିତମାନଙ୍କଠାରେ ନବଜାତ ଖ୍ରୀଷ୍ଟଙ୍କ ପ୍ରକାଶସ୍ମରଣାର୍ଥକ ପର୍ବ, ଖ୍ରୀଷ୍ଟଙ୍କର ଜନ୍ମପର୍ବାନ୍ତର ଦ୍ୱାଦଶ ଦିନର ପର୍ବ ।

**Epiploon**, *n.* ଅନ୍ତ୍ରରକ୍ଷଜାଲ, ଅନ୍ତ୍ରପ୍ଲାବକ ।

**Episcopacy**, *n.* 1. ଧର୍ମାଧ୍ୟକ୍ଷ ଦ୍ୱାରା ମଣ୍ଡଳୀର ଶାସନ ; 2. ଧର୍ମାଧ୍ୟକ୍ଷର ପଦ ବା କାର୍ଯ୍ୟ ; 3. ଧର୍ମାଧ୍ୟକ୍ଷ ସମ୍ପ୍ରଦାୟ ।

**Episcopal**, *a.* 1. ଧର୍ମାଧ୍ୟକ୍ଷ ଦ୍ୱାରା ଶାସିତ; 2. ଧର୍ମାଧ୍ୟକ୍ଷସମ୍ବନ୍ଧୀୟ ।

**Episcopalian**, *a.* ଧର୍ମାଧ୍ୟକ୍ଷସମ୍ବନ୍ଧୀୟ, ଧର୍ମାଧ୍ୟକ୍ଷର ଶାସନସମ୍ବନ୍ଧୀୟ ।—*n.* 1. ରାଜକୀୟ ମଣ୍ଡଳୀଭୁକ୍ତ ଲୋକ ; 2. ଧର୍ମାଧ୍ୟକ୍ଷ ଦ୍ୱାରା ଶାସିତ ମଣ୍ଡଳୀର ସଭ୍ୟ ।

Episcopalianism, *n.* 1. ଧର୍ମାଧ୍ୟକ୍ଷ ଦ୍ୱାରା ମଣ୍ଡଳୀର ଶାସନପଦ୍ଧତି; 2. ପ୍ରେଲାଟିସ୍ ମଣ୍ଡଳୀର ମତ ।

Episcopate, *n.* 1. ଧର୍ମାଧ୍ୟକ୍ଷର ପଦ ବା ଅଧିକାର; 2. ଧର୍ମାଧ୍ୟକ୍ଷସମ୍ପ୍ରଦାୟ ।

Episode, *n.* 1. ପ୍ରାସଙ୍ଗିକ କଥା, ଉପକଥା, ଉପାଖ୍ୟାନ; 2. କ୍ରମଭଙ୍ଗ ଘଟଣା ।

Episodic, Episodical, Episodial, *a.* ପ୍ରାସଙ୍ଗିକ କଥାସମ୍ବନ୍ଧୀୟ, ଉପକଥାସମ୍ବନ୍ଧୀୟ, ପ୍ରାସଙ୍ଗିକ, ପ୍ରାସଙ୍ଗିକ ବାକ୍ୟାନ୍ତର୍ଗତ, ବାକ୍ୟାନ୍ତରବିଷୟକ ।

Episodically, *ad.* ପ୍ରାସଙ୍ଗିକରୂପେ, ଉପକଥା ମଧ୍ୟରେ ।

Epistle, *n.* ପତ୍ର, ଚିଠି, ଚିଟାଉ, ବିଶେଷତଃ ପ୍ରେରିତମାନଙ୍କ ଚିଟାଉ ।

Epistolary, *a.* ପତ୍ରସମ୍ବନ୍ଧୀୟ, ପତ୍ରବିଷୟକ, ଚିଠିପତ୍ରୋଚିତ, ଚିଟାଉରେ ଲିଖିତ ।

Epitaph, *n.* ସମାଧିସ୍ତମ୍ଭ ଉପରସ୍ଥ ଲିପି, ମୃତ ବ୍ୟକ୍ତି ସ୍ମରଣାର୍ଥକ ସ୍ତମ୍ଭଉପରସ୍ଥ ଲିପି ।

Epithalmic, *a.* ବିବାହଗୀତସମ୍ବନ୍ଧୀୟ ।

Epithalamium, *n.* ବିବାହଗୀତ, ନବ ବିବାହିତ ଦମ୍ପତିର ମାଙ୍ଗଳିକ ଗୀତ ।

Epitholium, *n.* ଶ୍ଳେଷ୍ମା ଉପର ସୂକ୍ଷ୍ମ କୋମଳ ଚର୍ମ, ଓଷ୍ଠାଧର ଓ ଅନ୍ତସ୍ଥିତ କୋମଳ ଚର୍ମ ।

Epithet, *n.* ଗୁଣବାଚକ ପଦ ବା ନାମ ।

Epithetic, Epithetical, *a.* ଗୁଣବାଚକ ନାମସମ୍ବନ୍ଧୀୟ, ଗୁଣବାଚକ ପଦପୂର୍ଣ୍ଣ, ଗୁଣବାଚକ ନାମବିଶିଷ୍ଟ ।

Epitome, *n.* *e-pit'o-mi*, 1. ସାରସଂଗ୍ରହ, ଚୁମ୍ବକ; 2. କ୍ଷୁଦ୍ର ପ୍ରତିମୂର୍ତ୍ତି । [ସଂକ୍ଷେପ-କ ।

Epitomize, *v.t.* ସାରସଂଗ୍ରହ-କ, ସଂକ୍ଷେପରେ ଲେଖିବା,

Epizoon, *n.* (*pl.*) Epizoa, ଚର୍ମରେ ସ୍ଥିତ ପରଭୃତ୍ କୀଟ, ଲୋମକୀଟ, ଟିକଅଦ ।

Epoch, *n.* ନିର୍ଦ୍ଦିଷ୍ଟକାଳ, ବିଶିଷ୍ଟକାଳ, ସ୍ମରଣୀୟକାଳ, କାଳ, ଅବ୍ଦ, ସନ, ଶକ ।

Epopee, *n.* ମହାକାବ୍ୟ ।

Eprouvette, *n.* ବାରୁଦର ଫୁଟିବାର ଗୁଣ ପରୀକ୍ଷକ ଯନ୍ତ୍ର ।

Epsom-salt, *n.* the sulphate of Magnesia, ରେଚକ ଔଷଧ ବିଶେଷ ।

Epulotic, *a.* କ୍ଷତଶୁଷ୍କକାରୀ ।—*n.* କ୍ଷତଶୁଷ୍କକାରୀ ଔଷଧ ।

Equability, Equableness, *n.* ସୁସ୍ଥିରତା, ସମତା, ଅପରିବର୍ତ୍ତନୀୟତା, ସ୍ଥୈର୍ଯ୍ୟ ।

Equable, *a.* 1. ସୁସ୍ଥିରତାବିଶିଷ୍ଟ, ସୁସ୍ଥିର, ସମତାବିଶିଷ୍ଟ, ସମଭାବ, ନିର୍ବିକାର; 2. ସମାନ, ଏକବିଧ । [ପୂର୍ବକ ।

Equably, *ad.* ଏକବିଧରୂପେ, ସମଭାବରେ, ସମତା-

Equal, *a.* 1. ସମାନ, ସମତୁଲ୍ୟ, ଏକବିଧ; 2. ଉପଯୁକ୍ତ, ଯୋଗ୍ୟ, ଯଥେଷ୍ଟ; 3. ନ୍ୟାଯ୍ୟ, ଯଥାର୍ଥ, ଅପକ୍ଷପାତ, ନିରପେକ୍ଷ ।—*n.* ବୟସ ମର୍ଯ୍ୟାଦା ପଦ ବା ଗୁଣ ବିଷୟରେ ସମତୁଲ୍ୟ ବ୍ୟକ୍ତି, ସମକକ୍ଷ ବ୍ୟକ୍ତି ।—*v.t.* 1. ସମାନ-କ, ସମତୁଲ୍ୟ-କ, ବରାବର-କ; 2. ପାଇବା ।

Equality, *n.* 1. ସମାନତା, ସମତୁଲ୍ୟତା, ତୁଲ୍ୟତା, ସମତା; 2. ସ୍ଥିରତା ।

Equalization, *n.* ସମତୁଲ୍ୟକରଣ, ସମାନାବସ୍ଥା ।

Equalize, *v.t.* ସମାନ-କ, ସମତୁଲ୍ୟ-କ ।

Equally, *ad.* 1. ସମାନରୂପେ, ତୁଲ୍ୟରୂପେ, ସମଭାବେ; 2. ଅପକ୍ଷପାତରେ, ନ୍ୟାୟପୂର୍ବକ, ଯଥାର୍ଥରେ ।

Equalness, *n.* ସମାନତା, ସମତୁଲ୍ୟତା ।

Equanimity, *n.* ମନର ସୁସ୍ଥିରତା, ଧୀର ସ୍ୱଭାବ, ଧୀରତା, ଧୈର୍ଯ୍ୟ, ସ୍ଥୈର୍ଯ୍ୟ ।

Equate, *v.t.* 1. ସମାନ-କ, ମୋଟ-କ; 2. ସମାନ ଦେଖାଇବା, ସମୀକରଣ ଧାରାରେ ଦେଖାଇବା ।

Equation, *n.* ସମାନକରଣ, ସମୀକରଣ ।

Equator, *n.* ବିଷୁବରେଖା ।

Equatorial, *a.* ବିଷୁବରେଖା ସମ୍ବନ୍ଧୀୟ ।

Equatorially, *ad.* ବିଷୁବରେଖାନୁସାରେ ।

Equery, Equerry, *n.* ରାଜାଶ୍ୱରକ୍ଷକ, ଅଶ୍ୱଶାଳାଧ୍ୟକ୍ଷ ।

Equestrian, *a* 1. ଅଶ୍ୱସମ୍ବନ୍ଧୀୟ, ଅଶ୍ୱାରୋହବିଷୟକ; 2. ଅଶ୍ୱାରୂଢ଼; 3. ଘୋଡ଼ାଚଢ଼ାରେ ଶିକ୍ଷିତ; 4. ପୁରାତନ ରୋମ ନଗରୀୟ ଅଶ୍ୱାରୋହୀ, କୁଳୀନବର୍ଗସମ୍ବନ୍ଧୀୟ । —*n.* ଅଶ୍ୱାରୋହୀ ।

Equiangular, *a.* ସମକୋଣବିଶିଷ୍ଟ ।

Equidistant, *a.* ସମଦୂର, ତୁଲ୍ୟାନ୍ତର ।

Equidistantly, *ad.* ସମଦୂରରେ, ତୁଲ୍ୟାନ୍ତରରେ ।

Equilateral, *a.* ସମଭୁଜ । [ଭାର-କ ।

Equilibrate, *v.t.* ସମଭାର-କ, ସମପରିମାଣ-କ, ତୁଲ୍ୟ-

Equilibration, *n.* ସମଭାରକରଣ, ସମଭାର, ତୁଲ୍ୟଭାରତ୍ୱ ।

Equilibrium, *n.* 1. ଭାରତୁଲ୍ୟତା, ବଳର ସମାନତା, ତୁଲ୍ୟଭାର, ସମଭାର; 2. ଦୁଇ ବା ତତୋଧିକ ଶକ୍ତିର ବିପରୀତ କ୍ରିୟା ଦ୍ୱାରା ଜାତ ସ୍ଥିରତା, ସମସଂସ୍ଥାନ ।

Equine, *a.* ଅଶ୍ୱସମ୍ବନ୍ଧୀୟ, ଘୋଟକବିଷୟକ, ଘୋଟକଜାତୀୟ ।

Equinoctial, *a.* 1. ବିଷୁବୀୟ, ବିଷୁବକାଳସମ୍ବନ୍ଧୀୟ; 2. ବିଷୁବକାଳରେ ଘଟିତ ।—*n.* 1. ବିଷୁବରେଖା; 2. ବିଷୁବକାଳରେ ଘଟିତ ବତାସ ।

Equinox, *n.* ବିଷୁବକାଳ, ଯେଉଁ ସମୟରେ ଦିନ ରାତ୍ର ସମାନ ହୁଏ ।—Vernal equinox, ବିଷୁପଦ । Autumnal equinox, ଜଳପଦ ।

Equip, *v.t.* ପ୍ରସ୍ତୁତ-କ, ସଜ୍ଜିତ-କ, ସଜ୍ଜା-କ ।

Equipage, *n.* 1. ସଜ୍ଜା, ଜିନିଷପତ୍ର; 2. ଅନୁଚରବର୍ଗ, ଆଡ଼ମ୍ବର; 3. ରାଜକୀୟ ଯାନ ବାହନ ଆଦି; 4. ସାଜ, ପରିଚ୍ଛଦ ।

Equipment, *n.* 1. ପ୍ରସ୍ତୁତକରଣ, ସଜ୍ଜାକରଣ; 2. ସାଜ, ଯୁଦ୍ଧସଜ୍ଜା; 3. ଉପକରଣ, ସରଞ୍ଜାମ, ଅନୁଚରବର୍ଗ ।

Equipoise, *n.* ଭାରତୁଲ୍ୟତା, ସମତୁଲ୍ୟତ୍ୱ, ସମସଂସ୍ଥାନ ।

Equipollence, Equipollency, *n.* 1. ଭାର ବା ବଳର ସମାନତା; 2. ଅର୍ଥର ସମାନତା ।

Equipollent, *a.* 1. ତୁଲ୍ୟବଳ; 2. ତୁଲ୍ୟାର୍ଥକ ।

Equiponderance, *n.* ଭାରତୁଲ୍ୟତା ।

**Equiponderant**, *a.* ତୁଲ୍ୟଭର ।
**Equiponderate**, *v.i.* ତୁଲ୍ୟଭର-ହେ, ସମଭର-ହେ ।
**Equitable**, *a.* ଯଥାର୍ଥ, ନ୍ୟାଯ୍ୟ, ଠିକ୍, ଅପକ୍ଷପାତୀ, ନ୍ୟାୟକାରୀ । [ପାତତା ।
**Equitableness**, *n.* ଯଥାର୍ଥତା, ଯାଥାର୍ଥ୍ୟ, ଅପକ୍ଷ-
**Equitably**, *ad.* ଯଥାର୍ଥରୂପେ, ନ୍ୟାଯ୍ୟରୂପେ, ଅପକ୍ଷପାତରୂପେ ।
**Equity**, *n.* 1. ଯଥାର୍ଥତା, ଯାଥାର୍ଥ୍ୟ, ସୁବିଚାର, ଅପକ୍ଷପାତତା, ନ୍ୟାୟ; 2. ବ୍ୟବସ୍ଥା ଦ୍ୱାରା ମକଦ୍ଦମା ନିଷ୍ପତ୍ତି ନ କରି ନ୍ୟାୟ ବୁଦ୍ଧିରେ ନିଷ୍ପତ୍ତି କରିବା ପ୍ରଣାଳୀ ।
**Equivalence, Equivalency**, *n.* ସମତୁଲ୍ୟତା, ମୂଲ୍ୟର ତୁଲ୍ୟତା, ଗୁଣର ତୁଲ୍ୟତା ।
**Equivalent**, *a.* ସମତୁଲ୍ୟ, ତୁଲ୍ୟବଳ, ସମମୂଲ୍ୟ, ସମଦର, ସମଗୁଣ, ତୁଲ୍ୟାର୍ଥକ, ଏକାଭିପ୍ରାୟ, ସମାନ ।—*n.* ତୁଲ୍ୟମୂଲ୍ୟ ବସ୍ତୁ, ସମଗୁଣ ବିଷୟ, ତୁଲ୍ୟାର୍ଥକ ଶବ୍ଦ ।
**Equivalently**, *ad.* ସମାନରୂପେ ।
**Equivocal**, *a.* 1. ସନ୍ଦେହାର୍ଥକ, ଦ୍ୱ୍ୟର୍ଥ, ଦ୍ୱିକଳ୍ପ; 2. ସନ୍ଦେହଯୋଗ୍ୟ, ସନ୍ଦେହଜନକ ।
**Equivocally**, *ad.* ସନ୍ଦେହାର୍ଥକରୂପେ, ଅସ୍ପଷ୍ଟଭାବେ, ଦ୍ୱ୍ୟର୍ଥରୂପେ ।
**Equivocalness**, *n.* ଅସ୍ପଷ୍ଟତା, ଦ୍ୱ୍ୟର୍ଥତା ।
**Equivocate**, *v.i.* ସନ୍ଦେହାର୍ଥକରୂପେ କହିବା, ଭୁଲାଇବା ଅଭିପ୍ରାୟରେ ଅସ୍ପଷ୍ଟରୂପେ କହିବା, ବାକ୍ଛଳ-କ, ଦ୍ୱ୍ୟର୍ଥବାକ୍ୟ-କ ।
**Equivocation**, *n.* ସନ୍ଦେହାର୍ଥକ କଥନ, ଭୁଲାଇବା ଅଭିପ୍ରାୟରେ ଦ୍ୱ୍ୟର୍ଥ କଥନ, ବାକ୍ଛଳ, ଦ୍ୱ୍ୟର୍ଥତା, ଅର୍ଥବୈକଳ୍ପ୍ୟ ।
**Equivocator**, *n.* ଦ୍ୱ୍ୟର୍ଥବାଦୀ । [ବିଶିଷ୍ଟ ।
**Equivocatory**, *a.* ସନ୍ଦେହାର୍ଥକ, ଦ୍ୱ୍ୟର୍ଥ, ବାକ୍ଛଳ-
**Equivoke, Equivoque**, *n.* ଦ୍ୱ୍ୟର୍ଥବଚନ ।
**Era**, *n.* ନିର୍ଦ୍ଦିଷ୍ଟକାଳ, ବିଶିଷ୍ଟକାଳ, ଐତିହାସିକ କାଳ, କାଳ, ଅବ୍ଦ, ସନ, ଶକ ।
**Eradiate**, *v.i.* କିରଣ ପରି ନିର୍ଗତ-ହେ ।
**Eradicable**, *a.* ମୂଲୋତ୍ପାଟନୀୟ, ଧ୍ୱଂସନୀୟ ।
**Eradicate**, *v.t.* ସମୂଲୋତ୍ପାଟନ-କ, ସମୂଲେ ଉପାଡିବା, ଉଚ୍ଛିନ୍ନ-କ, ଧ୍ୱଂସ-କ ।
**Eradication**, *n.* ସମୂଲୋତ୍ପାଟନ, ଉତ୍ପାଟନ, ଉଚ୍ଛିନ୍ନତା, ଉଚ୍ଛେଦ, ଧ୍ୱଂସ ।
**Eradicative**, *a.* ସମୂଲୋତ୍ପାଟନକାରୀ, ବିନାଶକାରୀ, ଧ୍ୱଂସକାରୀ ।
**Eradicator**, *n.* ସମୂଲୋତ୍ପାଟନକାରୀ ବ୍ୟକ୍ତି ବା ବିଷୟ ।
**Erase**, *v.t.* ଲିଭାଇବା, କାଟିବା, ପୋଛିପକାଇବା, ଲୋପ-କ । [ଉପାୟ ।
**Eraser**, *n.* ଲିଭାଇବାର ଉପାୟ, ଅକ୍ଷର ଛେଦିବାର
**Erasion, Erasure**, *n.* 1. ଲିଭାଇବା କର୍ମ, ଶବ୍ଦ ମୋଚନ, ଲୋପ; 2. ଶବ୍ଦ କାଟକୁଟ ହେବା ସ୍ଥାନ ।
**Ere**, *ad. con.* and *prep.* ପୂର୍ବେ, ଅପେକ୍ଷାକୃତ ଶୀଘ୍ର, ବରଂ ।

**Erect**, *a.* 1. ଠିଆ, ଛିଡା, ସଳଖ; 2. ଦୃଢ, ସାହସିକ, ଅବିଚଳିତ, ନିଃଶଙ୍କ ।—*v.t.* 1. ଠିଆ-କ, ଛିଡା କରାଇବା; 2. ବନାଇବା, ନିର୍ମାଣ-କ; 3. ସ୍ଥାପନ-କ; 4. ଉନ୍ନତ-କ ।
**Erectile**, *a.* ଠିଆକରିବା ଶକ୍ତିବିଶିଷ୍ଟ ।
**Erection**, *n.* 1. ଠିଆକରଣ, ଉତ୍ଥାପନ; 2. ଗଠନ, ନିର୍ମାଣ; 3. ସ୍ଥାପନ; 4. ଗୃହ ଆଦି ।
**Erective**, *a.* ଠିଆକାରୀ, ସଳଖକାରୀ, ନିର୍ମାଣକାରୀ ।
**Erectly**, *ad.* ସିଧାରୂପେ, ସଳଖରୂପେ ।
**Erectness**, *n.* ସଳଖତା, ଠିଆ ଅବସ୍ଥା, ଋଜୁତା ।
**Erelong**, *ad.* ଅଳ୍ପକାଳ ମଧ୍ୟରେ, କିଛିକାଳ ମଧ୍ୟରେ, ଅବିଳମ୍ବେ, ଶୀଘ୍ର ।
**Eremite**, *n.* ବନବାସୀ, ସନ୍ନ୍ୟାସୀ ।
**Erenow**, *ad.* ଏଥିପୂର୍ବେ, ଇତିପୂର୍ବେ, ଏତତ୍କାଳପୂର୍ବେ ।
**Ergo**, *ad.* (Latin) ଏହିହେତୁ, ଅତଏବ ।
**Ergot**, କୌଣସି ଶସ୍ୟ ଉପରେ ରୋଗରୂପେ ଜାତ ଛତୁବତ୍ ପଦାର୍ଥ, ପ୍ରସବକାଳରେ ଉଦର ସଙ୍କୋଚାର୍ଥେ ବ୍ୟବହୃତ ଔଷଧ ବିଶେଷ ।
**Eristic, Eristical**, *a.* ତର୍କସମ୍ବନ୍ଧୀୟ, ତର୍କପ୍ରିୟ ।
**Ermine**, *n.* 1. ନେଉଳଜାତୀୟ ଧଳା ପଶୁ; 2. ଉକ୍ତ ପଶୁର ଲୋମ; 3. ବିଚାରପତିର ସର୍ବାଙ୍ଗ ପୋଷାକ, ବିଚାରପତିର ପଦ ବା ମର୍ଯ୍ୟାଦା ।
**Ermined**, *a.* ଉକ୍ତ ପଶୁର ଲୋମନିର୍ମିତବସ୍ତ୍ର ପରିହିତ ।
**Erode**, *v.t.* ଖାଇଯିବା, କ୍ଷୟ-କ ।
**Erosion**, *n.* 1. କ୍ଷୟକରଣ, କ୍ଷୟ; 2. ଜଳାଦିର କ୍ରିୟା ଦ୍ୱାରା ଭୂମି ଓ ଶୈଳର କ୍ଷୟ ।
**Erosive**, *a.* କ୍ଷୟଶୀଳ, କ୍ଷୟକାରୀ ।
**Erotic**, *a.* ପ୍ରୀତିସମ୍ବନ୍ଧୀୟ ।—*n.* ପ୍ରୀତିଗୀତ ।
**Err**, *v.i.* (ବିପଥଗାମୀ-ହେ) 1. ଭୁଲିବା, ଭ୍ରାନ୍ତ-ହେ; 2. ପାପ-କ ।
**Errand**, *n.* ବାର୍ତ୍ତା, ଖବର, ବାର୍ତ୍ତାବାହକର କାର୍ଯ୍ୟ ।
**Errant**, *a.* 1. ଭ୍ରମଣକାରୀ; 2. ବିପଥଗାମୀ, ବକ୍ରଗାମୀ ।
**Errantry**, *n.* ଭ୍ରମଣାବସ୍ଥା, ଭ୍ରମଣ । [ଅପୂର୍ବ ।
**Erratic**, *a.* 1. ଭ୍ରମଣଶୀଳ, ଅସ୍ଥିର; 2. ଅନିୟମିତ,
**Erratically**, *ad.* ଅନିୟମିତରୂପେ । [ଭୁଲ ।
**Erratum**, *n.* (*pl*). Errata. ଲେଖା ବା ଛାପାର
**Errhine**, *a.* ନାକରେ ବ୍ୟବହୃତ, ନାକ ଅନ୍ତ୍ରକାରୀ, ଛିଙ୍କଜନକ ।—*n.* ସିଙ୍ଘାଣିଆଦି ବାହାର କରିବାପାଇଁ ନାକରେ ବ୍ୟବହୃତ ଔଷଧ ବିଶେଷ, ନସ୍ୟବିଶେଷ ।
**Erroneous**, *a.* ଭ୍ରମମୟ, ଭ୍ରମପୂର୍ଣ୍ଣ, ଅଯଥାର୍ଥ, ଅସତ୍ୟ, ଅଶୁଦ୍ଧ ।
**Error**, *n.* ସତ୍ୟତା ବା ଯାଥାର୍ଥ୍ୟରୁ ଅନଭିପ୍ରେତ ବିପଥଗମନ, ବିଚାରରେ ଭ୍ରମ, ଭୁଲ, ଭ୍ରମ, ଭ୍ରାନ୍ତି, ଅଶୁଦ୍ଧତା, ତ୍ରୁଟି, ଦୋଷ ।
**Erst**, *ad.* (*Poetical*) ଆଦ୍ୟରେ, ପୂର୍ବରେ, ବହୁତ କାଳ ପୂର୍ବରେ, ଏକ ସମୟରେ । [ପୂର୍ବରେ ।
**Erstwhile**, *ad.* ସେହିପର୍ଯ୍ୟନ୍ତ, ଏହିପର୍ଯ୍ୟନ୍ତ, ଏବେଯାଏ,
**Erubescence**, *n.* ରକ୍ତବର୍ଣ୍ଣର ବୃଦ୍ଧି, ଚର୍ମାଦିର ଲାଲ ରଙ୍ଗ, ରକ୍ତିମାବର୍ଣ୍ଣକରଣ ।

**Erubescent**, *a.* ରକ୍ତବର୍ଣ୍ଣ, ଲାଲ, ଈଷତ୍ପାଟଳ, ରକ୍ତିମାବର୍ଣ୍ଣବାସ୍ତ ।

**Eructate, Eruct** *v.t.* ଉଦ୍ଗାର-କ ।—*v.i.* ଢେକୁର [ମାରିବା ।

**Eructation**, *n.* 1. ଢେକୁର; 2. ଉଦ୍ଗାର ।

**Erudite**, *a.* ବିଜ୍ଞ, ପଣ୍ଡିତ, ବିଦ୍ୱାନ୍, ଶାସ୍ତ୍ରଜ୍ଞ ।

**Eruditely**, *ad.* ବିଜ୍ଞରୂପେ, ଶାସ୍ତ୍ରଜ୍ଞରୂପେ ।

**Eruditeness**, *n.* ବିଜ୍ଞତା, ଶାସ୍ତ୍ରଜ୍ଞତା ।

**Erudition**, *v.* ବିଦ୍ୟା, ପାଣ୍ଡିତ୍ୟ, ସାହିତ୍ୟଜ୍ଞାନ ।

**Erupt**, *v.t.* ଉଦ୍ଗାର-କ, ନିକ୍ଷେପ-କ ।

**Eruption**, *n.* 1. ଉଦ୍ଗାର, ନିର୍ଗମନ, ଆଗ୍ନେୟ ପର୍ବତରୁ ଅଗ୍ନି ପାଷାଣାଦିର ନିକ୍ଷେପ; 2. ହଠାତ୍ ପ୍ରାଦୁର୍ଭାବ, ହଠାତ୍ ଆକ୍ରମଣ; 3. ଚର୍ମରୁ ସ୍ଫୋଟକାଦିର ନିର୍ଗମନ, ଚର୍ମରୁ କେତେକ ରୋଗର ବିଶେଷ ଚିହ୍ନର ନିର୍ଗମନ, ଯଥା,—ବସନ୍ତ, ହାମଫୁଟି, ମିଳିମିଳା ଆଦିର ଚର୍ମରେ ଦେଖାଯିବା ଚିହ୍ନ ।

**Eruptive**, *a.* 1. ସ୍ଫୋଟନଶୀଳ; 2. ସ୍ଫୋଟକଜନକ ।

**Erysipelas**, *n.* ସଦ୍କୁଷ୍ଠ, ଅଗ୍ନେୟବାତ ।

**Escalade**, *n.* ଶିଡ଼ି ଦ୍ୱାରା ପ୍ରାଚୀର ଉପରେ ଚଢ଼ି ଦୁର୍ଗାକ୍ରମଣ ।—*v.t.* ଶିଡ଼ି ଦ୍ୱାରା ପାଚେରି ଚଢ଼ି ଆକ୍ରମଣ-କ ।

**Escapable**, *a.* ଏଡ଼ାଇବାଯୋଗ୍ୟ ।

**Escapade**, *n.* ଘୋର ଅନିୟମତା ।

**Escape**, *v.t.* ଏଡ଼ାଇବା ।—*v.i.* 1. ପଳାଇବା, ମୁକ୍ତ-ହେ, ରକ୍ଷା ପାଇବା, ହାତରୁ ଆପଣାକୁ ମୁକ୍ତ କ; 2. ନିର୍ଗତ-ହେ ।—*n.* 1. ଆପଦ ବା କ୍ଷତ ଏଡ଼ାଇବା ପାଇଁ ପଳାୟନ, ପଲାୟନ; 2. ରକ୍ଷା; 3. ନିର୍ଗମନ ।

**Escapement**, *n.* ଘଡ଼ିର ଗତିନିୟାମକ ଯନ୍ତ୍ରବିଶେଷ ।

**Escarp**, *v.t.* ଦୁର୍ଗର ଚତୁର୍ଦ୍ଦିଗସ୍ଥ ଖାଇ ପ୍ରାଚୀର ଆଡ଼ର ଢାଲୁ-କ, ଢାଲୁ-କ ।—*n.* ଢାଲୁ, ଦୁର୍ଗର ଚତୁର୍ଦ୍ଦିଗସ୍ଥ ଖାଇ ପ୍ରାଚୀର ଆଡ଼ର ଢାଲୁ ।

**Escarpment**, *n.* ଢାଲୁ, ଖାଡ଼ା ଭଙ୍ଗ ଢାଲୁ ।

**Eschatology**, *n.* ମୃତ୍ୟୁ, ପୁନରୁତ୍ଥାନ ବିଚାର ଏମନ୍ତ ଶେଷ ବିଷୟସମ୍ବନ୍ଧୀୟ ବିଦ୍ୟା ।

**Escheat**, *n.* 1. ଉତ୍ତରାଧିକାରୀ ଅଭାବରୁ ଭୂମ୍ୟାଦିର ରାଜହସ୍ତଭୁକ୍ତ କରଣ; 2. ଉକ୍ତ ଭୂମ୍ୟାଦି ।—*v.i.* ଉତ୍ତରାଧିକାରୀ ଅଭାବରୁ ଜମିଦାର ହସ୍ତଗତ-ହେ, ଉତ୍ତରାଧିକାରୀ ଅଭାବରୁ ରାଜ୍ୟଭୁକ୍ତ-ହେ ।—*v.t.* ରାଜ୍ୟଭୁକ୍ତ-କ ।

**Escheatable**, *a.* ରାଜ୍ୟଭୁକ୍ତ ହେବାଯୋଗ୍ୟ ।

**Eschew**, *v.t.* ପରିତ୍ୟାଗ-କ, ବର୍ଜ୍ଜନ-କ ।

**Escort**, *n.* 1. ରକ୍ଷକ ସୈନ୍ୟ, ପଥରକ୍ଷକ ସୈନ୍ୟଦଳ; 2. ଅନୁଚରବର୍ଗ ।—*v.t.* ଯାହାରେ ରକ୍ଷାର୍ଥେ ସଙ୍ଗେ-ଯିବା

**Escritoire**, *n.* ଦପ୍ତରଲଗା ଲେଖିବା ମେଜବିଶେଷ ।

**Esculapian**, see **Æsculapian**.

**Esculent**, *a.* ଭକ୍ଷଣୀୟ, ଭୋଜ୍ୟ, ସୁଖାଦ୍ୟ, ଭକ୍ଷ୍ୟ, ଆହାରୋପଯୁକ୍ତ ।—*n.* ଖାଦ୍ୟ ଦ୍ରବ୍ୟ । [ଢାଲ ।

**Escutcheon**, *n.* ଢାଲ, କୁଳମର୍ଯ୍ୟାଦାର ଚିହ୍ନବିଶିଷ୍ଟ

**Esoteric**, *a.* ଗୂଢ଼, ଗୁପ୍ତ ।

**Esoterism, Esotericism**, *n.* ଗୂଢ଼ ମତ ବା ସୂକ୍ଷ୍ମଜ୍ଞାନ, ଗୂଢ଼ମତଧାରଣ ।

**Espalier**, *n.* 1. ଫୁଲଗଛର ଡେଙ୍ଗ ନିମନ୍ତେ କାଠକାଠି ବା ଜାଫରେଇ; 2. ଜାଫରେଇରେ ଅଲମ୍ବିତ ଫୁଲଗଛ ବା ଫଳଗଛଶ୍ରେଣୀ ।

**Especial**, *a.* ବିଶେଷ, ପ୍ରଧାନ, ବଶିଷ୍ଟ । [ବିଶେଷରୂପେ ।

**Especially**, *ad.* ବିଶେଷତଃ, ପ୍ରଥମତଃ, ଅଧିକନ୍ତୁ,

**Espial**, *n.* ଗୁପ୍ତାନୁସନ୍ଧାନ, ଅନୁସନ୍ଧାନ ।

**Espionage**, *n.* ଚର ନିୟୋଗ, ଚରବୃତ୍ତି ।

**Esplanade**, *n.* ଦୁର୍ଗତଳସ୍ଥ ପଡ଼ିଆ, ପାଦ ଚଳାଇବା ବା ଗତାୟାତ କରିବା ନିମନ୍ତେ ସମୁଦ୍ର ନିକଟସ୍ଥ ବଡ଼ ବାନ୍ଧ ।

**Espousal**, *n.* 1. ବାଗ୍ଦାନ, ବିବାହପ୍ରତିଜ୍ଞା, ବିବାହସମ୍ବନ୍ଧ; 2. ବିବାହକାର୍ଯ୍ୟ generally in *pl.*; 3. ପକ୍ଷାବଲମ୍ବନ ।

**Espouse**, *v.t.* 1. ବିବାହରେ ଦେବା ବା ନେବା, ବିବାହସମ୍ବନ୍ଧ- ବାଗ୍ଦାନ-କ; 2. ବିବାହ-କ; 3. ଅବଲମ୍ବନ-କ ।

**Espy**, *v.t.* 1. ଦୂରରୁ ଦେଖିବା, ନିରୀକ୍ଷଣ-କ, ଦର୍ଶନ-କ; 2. ଅନୁସନ୍ଧାନ-କ ।

**Esquire**, *n.* (ଡାଲବାହକ) 1. ଇଂଲଣ୍ଡଦେଶୀୟ ଜମିଦାର; 2. ଯୌବନାଗ୍ର ବୀରବର୍ଗ ଓ ବଡ଼ ଲୋକମାନଙ୍କ ଉପାଧି; 3. ମର୍ଯ୍ୟାଦାସୂଚକ-ଉପାଧି, ଶ୍ରୀଯୁତ ।—*v.t.* ଅନୁସରଣ-କ ।

**Essay**, *v.t. es-sa'*, 1. ଚେଷ୍ଟା-କ, ଯତ୍ନ-କ, ଉଦ୍ୟୋଗ-କ; 2. ପରୀକ୍ଷା-କ ।—*n. es'-sa*, 1. ଉଦ୍ୟୋଗ, ଚେଷ୍ଟା, ଯତ୍ନ; 2. ପରୀକ୍ଷା; 3. ପ୍ରବନ୍ଧ ।

**Essayist**, *n.* ପ୍ରବନ୍ଧଲେଖକ ।

**Essence**, *n.* 1. ସ୍ୱଭାବ, ସାର; 2. ଅସ୍ତିତ୍ୱ; 3. ଅର୍କ, କ୍ୱାଥ; 4. ସୁଗନ୍ଧ, ସୌରଭ, ସୁବାସ; 5. ମୂଳସୂତ୍ର ।—*v.t.* ସୁଗନ୍ଧି-କ ।

**Essential**, *a.* 1. ସାରସମ୍ବନ୍ଧୀୟ, ସାରବିଶିଷ୍ଟ; 2. ଆବଶ୍ୟକୀୟ, ପ୍ରୟୋଜନୀୟ; 3. ଗୁରୁତର; 4. ବିଶୁଦ୍ଧ; 5. ବାସ୍ତବିକ ।—*n.* ପ୍ରୟୋଜନୀୟ ବିଷୟ, ମୂଳାଂଶ, ମୂଳସୂତ୍ର ।

**Essentiality**, *n.* ଆବଶ୍ୟକତା ।

**Essentially**, *ad.* ସାରଭାବେ, ମୌଳିକରୂପେ ।

**Establish**, *v.t.* 1. ଦୃଢ଼-କ; 2. ଦୃଢ଼ରୂପେ ସ୍ଥାପନ-କ, ସଂସ୍ଥାପନ-କ; 3. ସାବ୍ୟସ୍ତ-କ, ପ୍ରମାଣିତ-କ ।

**Established**, *p.a.* 1. ସଂସ୍ଥାପିତ; 2. ସର୍କାର ଦ୍ୱାରା ସ୍ଥାପିତ ଓ ପ୍ରତିପାଳିତ ।

**Establishment**, *n.* 1. ସଂସ୍ଥାପନ, ଦୃଢ଼କରଣ; 2. ସଂସ୍ଥାପିତ ବିଷୟ, ସ୍ଥାୟୀ ଦେଓଆନ ବା ସୈନିକ ଦଳବଳ, ସ୍ଥାନୀୟ ଶାସନ ଓ ତତ୍ସମ୍ପର୍କୀୟ କର୍ମଚାରୀମାନେ, ସିରସ୍ତା, ସର୍କାର ସ୍ଥାପିତ ମଣ୍ଡଳୀ, କାର୍ଯ୍ୟାଳୟ, ଦୋକାନ, ବାସଗୃହ ଓ ତତ୍ସମ୍ପର୍କୀୟ ବିଷୟମାନ, ପ୍ରକାଶ୍ୟ ବା ଅପ୍ରକାଶ ସଂସ୍ଥାନ । [ମତ ପୋଷକ ।

**Establishmentarian**, *n.* ସର୍କାର ସ୍ଥାପିତ ମଣ୍ଡଳୀର

**Estafette**, *n.* ସୈନିକ ଦୂତ, ବେଗଗାମୀ ଦୂତ ।

**Estate**, *n.* 1. ଅବସ୍ଥା, ଦଶା; 2. ପଦ; 3. ଭୂସମ୍ପତ୍ତି, ଜାୟଦାଦ; 4. ମୃତ ବ୍ୟକ୍ତିର ସମ୍ପତ୍ତି; 5. ସ୍ୱତ୍ୱ, ଅଧିକାର; 6. ରାଜନୈତିକ ସମ୍ପ୍ରଦାୟର ଶ୍ରେଣୀ ବା ବର୍ଗ ।

**Esteem**, *v.t.* 1. ଗଣନା କ, ମୂଲ୍ୟନିରୂପଣ-କ; 2. ବହୁମୂଲ୍ୟ-କ, ଶ୍ରେଷ୍ଠଜ୍ଞାନ-କ, ମୂଲ୍ୟବାନ୍ ଜ୍ଞାନ-କ, ଆଦର-କ, ସମ୍ମାନ-କ ।—*n.* 1. ଗଣନା, ମୂଲ୍ୟନିରୂପଣ; 2. ସମ୍ମାନ, ଆଦର । [ସମ୍ଭ୍ରମଯୋଗ୍ୟ ।

**Estimable**, 1. ଗଣନୀୟ; 2. ଆଦରଣୀୟ, ମାନନୀୟ,

**Estimate**, *v.t.* 1. ଗଣନା-କ; 2. ମୂଲ୍ୟନିରୂପଣ-କ । —*n.* ଅନୁମାନିକ ଗଣନା ବା ମୂଲ୍ୟନିରୂପଣ ।

**Estimation**, *n.* 1. ମୂଲ୍ୟନିରୂପଣ, ଗଣନା; 2. ବୋଧ, ବିବେଚନା; 3. ସମ୍ମାନ ।

**Estival**, *a.* see Æstival.

**Estoppel**, *n.* କୌଣସି ବ୍ୟକ୍ତିର ନିଜ କର୍ମ ହେତୁ ମକଦ୍ଦମା କରିବାର ଯେଉଁ ବାଧା ।

**Estrade**, *n.* ଚଉତରା ।

**Estrange**, *v.t.* 1. ଅନ୍ତର-କ, ଭିନ୍ନ-କ, ସ୍ନେହଭଙ୍ଗ-କ; 2. ଉଦାସୀନ-କ *refl.* with *from.*

**Estrangement**, *n.* ବିଚ୍ଛେଦକରଣ, ସ୍ନେହଭଙ୍ଗକରଣ, ସ୍ନେହଭଙ୍ଗ, ମନୋଭେଦ ।

**Estuary**, *n.* ନଦୀ ଓ ସମୁଦ୍ରର ସଙ୍ଗମସ୍ଥାନ ।

**Et cætera, Etc.** or **&c.** ଇତ୍ୟାଦି, ପ୍ରଭୃତି ।

**Etch**, *v.t.* ତମ୍ବାପଟାଦି ଉପରେ ଅମ୍ଳ ଦ୍ୱାରା ଖୋଳିବା ।—*v.i.* ତମ୍ବାପଟାଦି ଉପରେ ଅମ୍ଳ ଦ୍ୱାରା ନକ୍ସା ଖୋଳିବା ।

**Etching**, *n.* 1. ତମ୍ବାପଟାଦିରେ ଅମ୍ଳ ଦ୍ୱାରା ଖୋଳିବା ବିଦ୍ୟା; 2. ଉକ୍ତ ଖୋଦିତ ତମ୍ବାପଟରୁ ଛପା ନକ୍ସା ।

**Eternal**, *a.* 1. ଅନାଦ୍ୟନ୍ତ, ନିତ୍ୟସ୍ଥାୟୀ, ଚିରସ୍ଥାୟୀ; 2. ଅନନ୍ତ, ଅମର; 3. ଅନାଦି; 4. ଅପରିବର୍ତ୍ତନୀୟ, ଅକ୍ଷୟ, ନିତ୍ୟ; 5. ନିରନ୍ତର, ସ୍ଥାୟୀ ।—The Eternal, ପରମେଶ୍ୱରଙ୍କ ଉପାଧି, ପରମେଶ୍ୱର ।—The Eternal City, ରୋମ ନଗର ।

**Eternalize**, *v.t.* ଚିରସ୍ଥାୟୀ-କ ।

**Eternally**, *ad.* 1. ଅନାଦ୍ୟନ୍ତରୂପେ; 2. ଅନନ୍ତରୂପେ, ଅନନ୍ତକାଳ ପର୍ଯ୍ୟନ୍ତ; 3. ନିତ୍ୟ, ଚିରସ୍ଥାୟିରୂପେ ।

**Eternity**, *n.* 1. ଅନାଦ୍ୟନ୍ତତା, ନିତ୍ୟତା; 2. ଅନନ୍ତତା, ଅନନ୍ତକାଳ, ପରକାଳ; 3. ଅନାଦିକାଳ ।

**Eternize**, *v.t.* 1. ଅନନ୍ତକାଳସ୍ଥାୟୀ-କ, ଚିରସ୍ଥାୟୀ-କ; 2. ଚିରସ୍ମରଣୀୟ-କ, ଅମର-କ ।

**Ether**, *n.* 1. ଅନ୍ତରୀକ୍ଷ, ଆକାଶ; 2. ସୂକ୍ଷ୍ମ ବାୟୁ; 3. ବାୟୁ ଅପେକ୍ଷା ସୂକ୍ଷ୍ମ ପଦାର୍ଥ ବିଶେଷ; 4. ସୁରାସାରରୁ ଜାତ ସୂକ୍ଷ୍ମ ଉଡ୍ଡାୟୀ ଜ୍ୱଳନୀୟ ଦ୍ରବ ଦ୍ରବ୍ୟ, ଇଥର ।

**Ethereal**, *a.* 1. ବାୟୁଜାତ, ବାୟୁପୂର୍ଣ୍ଣ; 2. ଆକାଶୀୟ; 3. ବାୟୁବତ୍, ଅସ୍ପର୍ଶନୀୟ, ସୂକ୍ଷ୍ମ ।

**Etherealize**, *v.t.* 1. ସୂକ୍ଷ୍ମ ଦ୍ରବଦ୍ରବ୍ୟରେ ପରିଣତ-କ; 2. ବାୟୁବତ୍-କ, ଅସ୍ପର୍ଶନୀୟ-କ, ସୂକ୍ଷ୍ମ-କ ।

**Etherize**, *v.t.* 1. ଇଥର ନାମକ ଦ୍ରବଦ୍ରବ୍ୟରେ ପରିଣତ-କ; 2. ଇଥର ବ୍ୟବହାର କରାଇବା, ଇଥର ବ୍ୟବହାରରେ ଅଚେତନ-କ ।

**Ethic, Ethical**, *a.* 1. ନୀତିସମ୍ବନ୍ଧୀୟ, ନୀତିବିଷୟକ; 2. ନୀତିବିଜ୍ଞାନସମ୍ବନ୍ଧୀୟ । [ନୁସାରେ ।

**Ethically**, *ad.* 1. ନୀତିଅନୁସାରେ; 2. ନୀତିଶାସ୍ତ୍ରା-

**Ethics**, *n.* 1. ନୀତିବିଦ୍ୟା, ନୀତିଶାସ୍ତ୍ର, ନୀତିଜ୍ଞାନ; 2. ନୀତିସମୂହ । [ପୂଜକ, ଜାତୀୟ ।

**Ethnic, Ethnical**, *a.* 1. ଅନ୍ୟଦେଶୀୟ; 2. ଦେବ-

**Ethnicism**, *n.* ଦେବପୂଜା ।

**Ethnography, Ethnology**, *n.* ବିଭିନ୍ନ ଜାତୀୟ ବିଜ୍ଞାନ, ଜାତୀୟ ବିବରଣ ।

**Ethology**, *n.* ଚରିତ୍ର ଗଠନର ବିଜ୍ଞାନ ।

**Etiology**, *n.* see Ætiology.

**Etiquette**, *n.* *et-i-ket*, ଶିଷ୍ଟାଚାର ବିଧି, ଶିଷ୍ଟାଚାର ।

**Etymologic, Etymological**, *a.* 1. ଶବ୍ଦରୂପ ପ୍ରକରଣସମ୍ବନ୍ଧୀୟ, ଶବ୍ଦସାଧନବିଦ୍ୟାସମ୍ବନ୍ଧୀୟ; 2. ଶବ୍ଦ ବ୍ୟୁତ୍ପତ୍ତି ବିଷୟକ; 3. ମୌଳିକ ।

**Etymologically**, *ad.* 1. ଶବ୍ଦସାଧନବିଦ୍ୟାନୁସାରେ, ଶବ୍ଦରୂପ ପ୍ରକରଣାନୁସାରେ; 2. ଶବ୍ଦ ବ୍ୟୁତ୍ପତ୍ତି ଅନୁସାରେ, ମୌଳିକ ଅର୍ଥରେ ।

**Etymologist**, *n.* ଶବ୍ଦସାଧନବିଦ୍ୟାବିତ୍, ଶବ୍ଦବ୍ୟୁତ୍ପତ୍ତି ଅନୁସନ୍ଧାନକାରୀ ।

**Etymologize**, *v.i.* ଶବ୍ଦବ୍ୟୁତ୍ପତ୍ତି ଅନୁସନ୍ଧାନ-କ ।—*v.t.* ଶବ୍ଦସାଧନ-କ ।

**Etymology**, *n.* 1. ଶବ୍ଦସାଧନବିଦ୍ୟା, ଶବ୍ଦରୂପ ପ୍ରକରଣ; 2. ଶବ୍ଦ ବ୍ୟୁତ୍ପତ୍ତି, ମୌଳିକଅର୍ଥ ।

**Etymon**, *n.* ଧାତୁ, ଶବ୍ଦମୂଳ ।

**Eucharist**, *n.* 1. ଖ୍ରୀଷ୍ଟଙ୍କ ମୃତ୍ୟୁ ସ୍ମରଣାର୍ଥକ ଭୋଜ; 2. ଉକ୍ତ ଭୋଜର ରୋଟି ଓ ଦ୍ରାକ୍ଷାରସ ।

**Eucharistic, Eucharistical**, *a.* ଖ୍ରୀଷ୍ଟଙ୍କ ମୃତ୍ୟୁ ସ୍ମରଣାର୍ଥକ ଭୋଜସମ୍ବନ୍ଧୀୟ ।

**Eulogist**, *n.* ସ୍ତାବକ, ସ୍ତୁତିକର୍ତ୍ତା, ପ୍ରଶଂସାକାରକ ।

**Eulogistic**, *a.* ପ୍ରଶଂସାପୂର୍ଣ୍ଣ, ପ୍ରଶଂସାସୂଚକ ।

**Eulogistically**, *ad.* ପ୍ରଶଂସାପୂର୍ଣ୍ଣରୂପେ, ପ୍ରଶଂସାପୂର୍ବକ । [ଗୁଣଗାନ ।

**Eulogium, Eulogy**, *n.* ପ୍ରଶଂସାକଥନ, ସ୍ତବ, ସ୍ତୁତି,

**Eulogise**, *v.t.* ପ୍ରଶଂସା-କ, ସ୍ତବ-କ, ସ୍ତୁତି-କ ।

**Eunuch**, *n.* ନପୁଂସକ, କ୍ଲୀବପୁରୁଷ ।

**Euphemism**, *n.* 1. ମିଷ୍ଟ ଭାଷା ପ୍ରୟୋଗ ଦ୍ୱାରା ଅପ୍ରୀତିକର ବିଷୟ ପ୍ରକାଶକରିବାର ରୀତି; 2. କର୍ଣ୍ଣମଧୁରୂପେ ବ୍ୟବହୃତ ମିଷ୍ଟ ଶବ୍ଦ ।

**Euphemistic**, *a.* କର୍ଣ୍ଣମଧୁରୂପେ ବ୍ୟବହୃତ ମିଷ୍ଟ ଶବ୍ଦରେ ଯୁକ୍ତ, ସୁନ୍ଦରବାକ୍ୟ ।

**Euphonic, Euphonious**, *a.* ସୁସ୍ୱରଯୁକ୍ତ, ଶ୍ରୁତିସୁଖ ।

**Euphony**, *n.* ସୁସ୍ୱର, ସୁମିଷ୍ଟସ୍ୱର ।

**Euphorbia**, *n.* ସିଜୁ ଜାତୀୟ ବୃକ୍ଷବିଶେଷ ।

**Euphuism** *n.* କୃତ୍ରିମ ବର୍ଣ୍ଣନାପୂର୍ଣ୍ଣ ଭାଷାର ପ୍ରୟୋଗ ।

**Euphuist**, *n.* କୃତ୍ରିମ ବର୍ଣ୍ଣନାପୂର୍ଣ୍ଣ ଭାଷାର ପ୍ରୟୋଗକାରୀ ।

**Euphuistic**, *a.* ଭାଷାର କୃତ୍ରିମ ବର୍ଣ୍ଣନାସମ୍ବନ୍ଧୀୟ ।

**Eurasian**, *n.* ଇଉରୋପ ଓ ଏସିଆ ଦେଶୀୟ ପିତାମାତାରୁ ଜାତ ଲୋକ, ଇଉରୋପ ଓ ଏସିଆ ଦେଶୀୟ ମିଶ୍ରିତ ବଂଶରୁ ଜାତ ଲୋକ ।

**Eureka**, *inter.* ପାଇଲି ! ମିଳିଲା ! [ଦେଶୀୟ ଲୋକ ।
**European**, *a.* ୟୁରୋପଦେଶୀୟ ।—*n.* ୟୁରୋପ-
**Euthanasia**, *n.* ସହଜ ମୃତ୍ୟୁ, କଷ୍ଟଶୂନ୍ୟ ବଧ ।
**Evacuant**, *a.* ରେଚକ । [ଛାଡ଼ିଯିବା ।
**Evacuate**, *v.t.* 1. ଶୂନ୍ୟ-କ, ଖାଲି-କ ; 2. ତ୍ୟାଗ-କ,
**Evacuation**, *n.* 1. ଶୂନ୍ୟକରଣ ; 2. ତ୍ୟାଗକରଣ ; 3. ମଳମୂତ୍ରତ୍ୟାଗ, ମଳ ।
**Evade**, *v.t.* 1. କୌଶଳାଦିକ୍ରମେ ଏଡ଼ାଇବା ; 2. କପଟ-କ ।—*v.i.* ରକ୍ଷାର୍ଥେ ପ୍ରତାରଣା-କ ।
**Evadable, Evadible**, *a.* ଏଡ଼ାଇବାଯୋଗ୍ୟ ।
**Evanesce**, *v.i.* ଅନ୍ତର୍ଦ୍ଧାନ-ହେ, ଅଦୃଶ୍ୟ-ହେ ।
**Evanescence**, *n.* ଅସ୍ଥାୟୀ ଅବସ୍ଥା, ଅନ୍ତର୍ଦ୍ଧାନ ’
**Evanescent**, *a.* 1. ଅନ୍ତର୍ଦ୍ଧାନ ; 2. କ୍ଷୟଶୀଳ, କ୍ଷୟ-ଣୀୟ, ଅସ୍ଥାୟୀ, କ୍ଷଣିକ ।
**Evanescently**, *ad.* ଅସ୍ଥାୟିରୂପେ, କ୍ଷଣସ୍ଥାୟିରୂପେ ।
**Evangel**, *n.* ସୁସମାଚାର, ଧର୍ମପୁସ୍ତକର ଚାରି ମଙ୍ଗଳ-ସମାଚାର ମଧ୍ୟରୁ ଏକ ଖଣ୍ଡ ।
**Evangelic, Evangelical**, *a.* 1. ମଙ୍ଗଳସମାଚାର-ସମ୍ବନ୍ଧୀୟ ; 2. ମଙ୍ଗଳସମାଚାରର ମୌଳିକ ଶିକ୍ଷାନୁଯାୟୀ, ମଙ୍ଗଳସମାଚାରାନ୍ତର୍ଗତ ; 3. ମଙ୍ଗଳସମାଚାରର ମୌଳିକ ଶିକ୍ଷାର ଦୃଢ଼ ଅବଲମ୍ବୀ ; 4. ପାରମାର୍ଥିକ ଓ ଖ୍ରୀଷ୍ଟୀୟ ଆଚରଣ ପ୍ରଚାରରେ ତତ୍ପର ।
**Evangelicalism**, *n.* ମଙ୍ଗଳସମାଚାରର ମୌଳିକ ଶିକ୍ଷା ପ୍ରତି ଅନୁରାଗ । [ନୁସାରେ ।
**Evangelically**, *ad.* ମଙ୍ଗଳସମାଚାରର ମୌଳିକ ଶିକ୍ଷା-
**Evangelicism**, *n.* ମଙ୍ଗଳସମାଚାରର ମୌଳିକ ସୂତ୍ର-ମାନ ।
**Evangelist**, *n.* 1. ମଙ୍ଗଳସମାଚାରଲେଖକ ; 2. ମଙ୍ଗଳ-ସମାଚାରପ୍ରଚାରକ । [ବା ତହିଁର ଫଳ ।
**Evangelization**, *n.* ମଙ୍ଗଳସମାଚାର ପ୍ରଚାର କାର୍ଯ୍ୟ
**Evangelize**, *v.t.* ମଙ୍ଗଳସମାଚାରରେ ଶିକ୍ଷିତ-କ, ମଙ୍ଗଳ-ସମାଚାର ପ୍ରଚାର କରି ଖ୍ରୀଷ୍ଟଧର୍ମାବଲମ୍ବୀ କରାଇବା ।—*v.i.* ମଙ୍ଗଳସମାଚାର ପ୍ରଚାର-କ ।
**Evaporate**, *v.i.* 1. ବାଷ୍ପୀଭୂତ-ହେ, ଉଡ଼ିଯିବା ; 2. କ୍ଷୟ-ହେ ।—*v.t.* ବାଷ୍ପରେ ପରିଣତ-କ ।
**Evaporation**, *n.* ବାଷ୍ପୀଭୂତକରଣ, ବାଷ୍ପରେ ପରିଣତ ।
**Evaporative**, *a.* ବାଷ୍ପୀଭୂତକାରୀ, ବାଷ୍ପପରିଣତସମ୍ବନ୍ଧୀୟ ।
**Evasion**, *n.* ଏଡ଼ାଇବା କାର୍ଯ୍ୟ, ଏଡ଼ାଇବା କୌଶଳ, ରକ୍ଷାର୍ଥେ ପ୍ରତାରଣା, ପ୍ରତାରଣା, ଛଳ, ବାକ୍‌ଛଳ ।
**Evasive**, *a.* ଏଡ଼ାଇବାରେ କୌଶଳୀ, ପ୍ରତାରଣାକାରୀ, ଛଳଯୁକ୍ତ ।
**Evasively**, *ad.* ଏଡ଼ାଇବା ଭାବରେ, ପ୍ରତାରଣାପୂର୍ବକ ।
**Eve**, *n.* short for Even, 1. ସନ୍ଧ୍ୟା, ସନ୍ଧ୍ୟାକାଳ ; 2. ଖ୍ରୀଷ୍ଟୀୟ ମଣ୍ଡଳୀର କୌଣସି ପର୍ବର ପୂର୍ବ ସନ୍ଧ୍ୟା ; 3. କୌଣସି ଘଟଣାର ପୂର୍ବବର୍ତ୍ତୀ କାଳ । [poetry.
**Even**, *n.* ସନ୍ଧ୍ୟାକାଳ ; now almost always in
**Even**, *a.* 1. ସମାନ, ଚୌରସ, ସମ ; 2. ଶାନ୍ତ, ଧୀର, ସ୍ଥିର, ସମସ୍ୱଭାବବିଶିଷ୍ଟ ; 3. ଯଥାର୍ଥ, ଅପକ୍ଷପାତ ; 4. ଯୁଗ୍ମ, ଯୋଡ଼ା ।—*v.t.* ସମାନ-କ, ସମତଳ-କ ।—*ad.* ମଧ୍ୟ ।
**Even-handed**, *a.* ଅପକ୍ଷପାତ, ଠିକ୍, ଯଥାର୍ଥ ।
**Evening**, *n.* 1. ଦିନାନ୍ତ, ସଞ୍ଜବେଳ, ସନ୍ଧ୍ୟାକାଳ, ସନ୍ଧ୍ୟା, ସାୟଂକାଳ, ଦିନାବସାନ, ବେଳବୁଡ଼, ଗୋଧୂଳିସମୟ ; 2. ଜୀବନର ଶେଷାଂଶ ।—*a.* ସନ୍ଧ୍ୟାକାଳୀନ ।
**Evenly**, *ad.* 1. ସମାନରୂପେ ; 2. ଅପକ୍ଷପାତରୂପେ ।
**Evenness**, *n.* 1. ସମାନତା, ସମତା ; 2. ଅପକ୍ଷପାତତା, ସମସ୍ୱଭାବ ; 3. ସୁସ୍ଥିରତା ।
**Event**, *n.* 1. ଘଟଣା ; 2. ଫଳ, ପରିଣାମ, ଶେଷ ।
**Eventful**, *a.* ଘଟଣାପୂର୍ଣ୍ଣ, ଗୁରୁ ଘଟଣାପୂର୍ଣ୍ଣ, ଗୁରୁତର ।
**Eventide**, *n.* ସନ୍ଧ୍ୟାକାଳ, ଗୋଧୂଳିସମୟ ।
**Eventual**, *a.* 1. ଶେଷଫଳସମ୍ବନ୍ଧୀୟ, ପରବର୍ତ୍ତୀ, ଆନୁଷଙ୍ଗିକ, ଶେଷକ, ଶେଷ, ଚରମ ; 2. ଘଟଣାଧୀନ ।
**Eventuality**, *n.* ସମ୍ଭବନୀୟ ଘଟଣା ।
**Eventually**, *ad.* ଘଟଣାକ୍ରମେ, ଶେଷରେ, ଅବଶେଷ-ରେ, ଶେଷତଃ, ଶେଷଫଳରୂପେ ।
**Eventuate**, *v.i.* ଘଟିବା, ଶେଷ-ହେ ।
**Ever**, *ad.* କୌଣସିକାଳେ, କେବେ, କଦାପି ; 2. ସର୍ବଦା, ସବୁବେଳେ, ନିରନ୍ତର ।—For ever, ଅନନ୍ତକାଳରେ, ଚିରକାଳ ନିମନ୍ତେ, । Ever and anon, କେବେ୨, ପୁନଃ୨, ଥରକୁଥର । Ever so, ଯେତେ ହେଉ ପଛେ, ଅତ୍ୟନ୍ତ । Ever, *in composition* signifies always or continually, as Ever-living ଚିରଜୀବୀ ।
**Evergreen**, *n.* ଚିରହରିତ୍ ବୃକ୍ଷ ।—*a.* ଚିରହରିତ୍ ।
**Everlasting**, *a.* ଚିରସ୍ଥାୟୀ, ଅନନ୍ତକାଳସ୍ଥାୟୀ, ନିତ୍ୟ, ସ୍ଥାୟୀ ।—*n.* 1. ଅନନ୍ତକାଳ ; 2. ଅମ୍ଲାନ ପୁଷ୍ପବୃକ୍ଷ ବିଶେଷ ।—The Everlasting, ପରମେଶ୍ୱରଙ୍କ ଉପାଧି, ଅନନ୍ତ, ପରମେଶ୍ୱର ।
**Everlastingly**, *ad.* ଅନନ୍ତକାଳ ପର୍ଯ୍ୟନ୍ତ, ନିତ୍ୟ ।
**Ever-living**, *a.* ଚିରଜୀବୀ, ଅମର ।
**Evermore**, *ad.* ସର୍ବଦା, ନିତ୍ୟ, ସତତ, ନିତ୍ୟ ।
**Eversion**, *n.* ଉତ୍ପାଟନ, ବିନାଶ ।
**Every**, *a.* *ev'ri*, 1. ପ୍ରତ୍ୟେକ, ଏକଏକ ; 2. ବହୁତ ।
**Everybody, Everyone**, *n.* ପ୍ରତ୍ୟେକ ଲୋକ, ସକଳ ଲୋକ । [ସାମାନ୍ୟ ।
**Everyday**, *a.* ପ୍ରତିଦିନର, ପ୍ରାତ୍ୟହିକ, ସାଧାରଣ,
**Everywhere**, *ad.* 1. ସବୁଠାରେ, ପ୍ରତିସ୍ଥାନରେ, ସର୍ବତ୍ର ; 2. ଯେ କୌଣସି ସ୍ଥାନରେ ।
**Evict**, *v.t.* ମକଦ୍ଦମା କରି ବେଦଖଲ-କ, ଭୂସ୍ୱତ୍ୱରୁ ଆଇନାନୁସାରେ ବେଦଖଲ-କ ।
**Eviction**, *n.* ବେଦଖଲକରଣ, ବେଦଖଲ, ଭୂସ୍ୱତ୍ୱରୁ ଆଇନାନୁସାରେ ବେଦଖଲ ।
**Evidence**, *n.* 1. ପ୍ରମାଣ ; 2. ସାକ୍ଷ୍ୟ ।—King's evidence ଅପରାଧସହାୟକର ସାକ୍ଷ୍ୟ ।—*v.t.* ଦେଖାଇବା, ପ୍ରତ୍ୟକ୍ଷ-କ, ପ୍ରକାଶ-କ ।
**Evident**, *a.* ପ୍ରତ୍ୟକ୍ଷ, ସ୍ପଷ୍ଟ, ସପ୍ରମାଣ ।

**Evidential**, *a.* ସାକ୍ଷ୍ୟସମ୍ବନ୍ଧୀୟ, ପ୍ରମାଣସୂଚକ, ପ୍ରମାଣକାରୀ ।

**Evidentially**, *ad.* ପ୍ରମାଣସ୍ୱରୂପେ ।

**Evidently**, *ad.* ପ୍ରତ୍ୟକ୍ଷରୂପେ, ସ୍ପଷ୍ଟରୂପେ, ନିଶ୍ଚିତରୂପେ, ନିଃସନ୍ଦେହରୂପେ ।

**Evil**, *a.* *ēvl*, 1. ମନ୍ଦ, ଦୁଷ୍ଟ, ପାପିଷ୍ଠ, ଭ୍ରଷ୍ଟ, କୁ; 2. ଅନିଷ୍ଟକର, କ୍ଷତିକର; 3. ଦୁର୍ଭାଗ୍ୟ, ଦୁଃଖମୟ ।—The evil one, ଶୟତାନ ।—*n.* 1. ଅଧର୍ମ, ଦୁଷ୍ଟତା, ଦୋଷ, ଭ୍ରଷ୍ଟତା, ପାପ; 2. ଅନିଷ୍ଟ, ଦୁର୍ଘଟଣା, କ୍ଷତି । *ad.* ଅନିଷ୍ଟକରରୂପେ ।

**Evildoer**, *n.* କୁକର୍ମକାରୀ, ପାପାଚାରୀ, ପାପୀ, ଅପରାଧୀ ।

**Evilness**, *n.* ଦୁଷ୍ଟତା, ଦୁରାଚାରତା ।

**Evince**, *v.t.* ସ୍ପଷ୍ଟରୂପେ ଦେଖାଇବା, ପ୍ରକାଶ-କ, ଦର୍ଶାଇବା ।

**Eviscerate**, *v.t.* ଅନ୍ତ୍ର ବାହାର-କ ।

**Evocation**, *n.* ଆହ୍ୱାନ, ବାହାରକରଣ ।

**Evoke**, *v.t.* ଡାକିବା, ବାହାର କରାଇବା, ଉତ୍ପନ୍ନ କରାଇବା, ଜଗାଇ ଉଠାଇବା ।

**Evolution**, *n.* 1. ବିକାଶ, ବିବର୍ତ୍ତନ, କ୍ରମିକ ବୃଦ୍ଧି: 2. ସୈନ୍ୟଶ୍ରେଣୀ ବା ଯୁଦ୍ଧଜାହାଜର ବିନ୍ୟାସ; 3. ମୌଳିକ ଅବସ୍ଥାରୁ ମିଶ୍ରିତ ଅବସ୍ଥାରେ ପ୍ରତ୍ୟେକ ପଦାର୍ଥର କ୍ରମିକ ବୃଦ୍ଧି ହେବା ବିଷୟକ ମତ, ପ୍ରାଥମିକ ଓ ମୌଳିକ ଗଠନରୁ କ୍ରମିକ ପରିବର୍ତ୍ତନ ଦ୍ୱାରା ସବୁପ୍ରକାର ଜୀବର ଅବସ୍ଥିତି ବିଷୟକ ମତ, ବିକାଶ ମତ ।

**Evolutional, Evolutionary**, *a.* ବିକାଶସମ୍ବନ୍ଧୀୟ, କ୍ରମିକ ବୃଦ୍ଧିସମ୍ବନ୍ଧୀୟ, ବିକାଶଜାତ ।

**Evolutionist**, *n.* ବିକାଶବାଦୀ, ବିବର୍ତ୍ତନବାଦୀ ।—*a.* ବିକାଶସମ୍ବନ୍ଧୀୟ ।

**Evolutive**, *a.* ବିକାଶସମ୍ବନ୍ଧୀୟ, ବିକାଶ ଉତ୍ପାଦକ ।

**Evolve**, *v.t.* 1. ଅନାବୃତ-କ, ବ୍ୟକ୍ତ-କ; 2. କ୍ରମେ ବୃଦ୍ଧି-କ ।—*v.i.* ବିକାଶ-ହେ, ବ୍ୟକ୍ତ-ହେ ।

**Ewe**, *n.* ଭେଡ଼ି, ମେଷୀ, ମେଣ୍ଢୀ ।

**Ewer**, *n.* ଗଡୁ ପରି ଜଳପାତ୍ର ବିଶେଷ ।

**Exacerbate**, *v.t.* ତୀବ୍ର-କ, ଉତ୍ତେଜିତ-କ, ରାଗାନ୍ୱିତ-କ, ବିରକ୍ତ-କ ।

**Exacerbation**, *n.* 1. ଉତ୍ତେଜିତକରଣ, ତୀବ୍ରତା ବୃଦ୍ଧି; 2. ରୋଗର ସାମୟିକ ବୃଦ୍ଧି, ରୋଗର ପ୍ରକୋପ ।

**Exact**, *a.* 1. ଠିକ୍, ପ୍ରକୃତ; 2. ଅତି ସାବଧାନ, ନିୟମାନୁସାରୀ, ସମୟନିଷ୍ଠ; 3. ନିଶ୍ଚିତ, ଯଥାର୍ଥ, ସୂକ୍ଷ୍ମ ।—*v.t.* କ୍ଷମତାପୂର୍ବକ ଦାବୀ-କ, ବଳପୂର୍ବକ ନେବା, ଦାବୀ-କ, ବାଧ୍ୟ କରାଇବା ।

**Exacting**, *a.* ଅନୁଚିତ ଦାବୀକାରୀ, କଠିନ ।

**Exaction**, *n.* 1. ବଳପୂର୍ବକ ଦାବୀକରଣ, ବଳପୂର୍ବକ ଗ୍ରହଣ; 2. ବଳପୂର୍ବକ ଆଦାୟ, ଅନ୍ୟାୟ ବା ଅତ୍ୟାଚାରରେ ନେବା କର ଭେଟି ଆଦି ।

**Exactitude, Exactness**, *n.* ଯଥାର୍ଥତା, ପ୍ରକୃତତା, ଶୁଦ୍ଧତା, ସୂକ୍ଷ୍ମତା ।

**Exactly**, *ad.* ଠିକ୍‌ରୂପେ, ଶୁଦ୍ଧତାପୂର୍ବକ, ସୂକ୍ଷ୍ମରୂପେ ।

**Exactor**, *n.* କ୍ଷମତାପୂର୍ବକ ଦାବୀକାରକ ଲୋକ, ଅତ୍ୟାଚାରୀ, ଅନ୍ୟାୟ କରଗ୍ରାହୀ ।

**Exaggerate**, *v.t.* ଅତିରିକ୍ତରୂପେ ବଢ଼ାଇବା, ଅନୁଚିତରୂପେ ବଢ଼ାଇବା, ସତ୍ୟରୁ ଅଧିକ କହିବା, ଅତିରଞ୍ଜିତ-କ, ଅତ୍ୟୁକ୍ତି-କ, ତିଳକୁ ତାଳ-କ ।

**Exaggeration**, *n.* ସତ୍ୟାତିରିକ୍ତ ବର୍ଣ୍ଣନା, ଅତ୍ୟୁକ୍ତି, ଅତିରଞ୍ଜନ, ତିଳକୁ ତାଳକରଣ ।

**Exaggerative**, *a.* ସତ୍ୟାତିରିକ୍ତ ବର୍ଣ୍ଣନାବିଶିଷ୍ଟ, ଅତ୍ୟୁକ୍ତିପ୍ରିୟ ।

**Exaggeratory**, *a.* ଅତ୍ୟୁକ୍ତିମୟ, ଅତିରଞ୍ଜନପୂର୍ଣ୍ଣ ।

**Exalt**, *v.t.* 1. ଉନ୍ନତ-କ, ଉଠାଇବା; 2. ପ୍ରଫୁଲ୍ଲଚିତ୍ତ-କ; 3. ସ୍ତୁତି-କ, ସ୍ତବ-କ, ଶ୍ରେଷ୍ଠତା ଆରୋପଣ-କ, ସମ୍ମାନ-କ ।

**Exaltation**, *n.* ଉନ୍ନତକରଣ, କ୍ଷମତା ପଦ ମର୍ଯ୍ୟାଦା ବା ଶ୍ରେଷ୍ଠତାସମ୍ବନ୍ଧୀୟ ଉନ୍ନତି, ଉନ୍ନତି, ଉନ୍ନତାବସ୍ଥା ।

**Examinable**, *a.* ବିବେଚନୀୟ, ତଦନ୍ତଯୋଗ୍ୟ ।

**Examination**, *n.* 1. ବିବେଚନା, ଆଲୋଚନା; 2. ତଦନ୍ତ, ତଦାରଖ, ଅନୁସନ୍ଧାନ; 3. ପରୀକ୍ଷା, ଇମ୍ତିହାନ୍; 4. ଜୋବାନ୍‌ବନ୍ଦୀ ।

**Examine**, *v.t.* 1. ଭଲରୂପେ ଦେଖିବା, ବିବେଚନା-କ, ଆଲୋଚନା-କ, ବିଚାର-କ; 2. ତଦନ୍ତ-କ, ଅନୁସନ୍ଧାନ-କ; 3. ପରୀକ୍ଷା-କ, ପ୍ରଶ୍ନ-କ, ପ୍ରଶ୍ନ ଦ୍ୱାରା ପରୀକ୍ଷା-କ ।

**Examinee**, *n.* ପରୀକ୍ଷାର୍ଥୀ ।

**Examiner**, *n.* ପରୀକ୍ଷକ ।

**Examining**, *p.a.* ପରୀକ୍ଷାକାରୀ ।

**Example**, *n.* 1. ନମୁନା; 2. ଆଦର୍ଶ, ନିଦର୍ଶନ; 3. ଦୃଷ୍ଟାନ୍ତସ୍ଥଳ, ପୂର୍ବ ଦୃଷ୍ଟାନ୍ତ, ଉଦାହରଣ, ଦୃଷ୍ଟାନ୍ତ ।

**Exarticulation**, *n.* 1. ଅସ୍ଥିସନ୍ଧିଚ୍ୟୁତି; 2. ଅସ୍ଥିସନ୍ଧିର କାଟ; 3. ଅସ୍ଥିସନ୍ଧିର ଶୂନ୍ୟାବସ୍ଥା ।

**Exasperate**, *v.t.* 1. କୁପିତ-କ, ରାଗାନ୍ୱିତ-କ, କ୍ରୋଧ ଜନ୍ମାଇବା; 2. ଅଧିକ ମନ୍ଦ-କ, ଅପକାରିତା ବୃଦ୍ଧି-କ ।

**Exasperating**, *p.a.* ବିରକ୍ତିକାରୀ ।

**Exasperation**, *n.* 1. ବିରକ୍ତକରଣ; 2. କ୍ରୋଧ, କୋପ, ରାଗ; 3. ଅପକାରିତାବୃଦ୍ଧି, ପ୍ରକୋପ ।

**Ex-cathedra**, *a.* କ୍ଷମତାପୂର୍ବକ ଦତ୍ତ ବା ଉକ୍ତ ।

**Excavate**, *v.t.* ଖନନ-କ, ଖୋଳିବା ।

**Excavation**, *n.* 1. ଖନନ; 2. ଗହ୍ୱର, ଗର୍ତ୍ତ, ଗାତ ।

**Excavator**, *n.* 1. ଖନନକାରୀ ଲୋକ, ଖନକ; 2. ଖନନକାରୀ ଯନ୍ତ୍ର ।

**Exceed**, *v.t.* ଅତିକ୍ରମ-କ ।—*v.i.* 1. ଅଧିକ-ହେ, ଅତିରିକ୍ତ-ହେ, ବେଶୀ-ହେ; 2. ଶ୍ରେଷ୍ଠ-ହେ ।

**Exceeding**, *a.* ଅତିଶୟ, ଅଧିକ, ଅତିରିକ୍ତ ।

**Exceedingly**, *ad.* ଅଧିକରୂପେ, ଅତିରିକ୍ତରୂପେ, [ଅତ୍ୟନ୍ତ ।

**Excel**, *v.t.* ଅତିକ୍ରମ-କ, ପଛେ ପକାଇବା ।—*v.i.* 2. ଅନ୍ୟାପେକ୍ଷା ଉତ୍ତମ-ହେ, ଶ୍ରେଷ୍ଠ-ହେ, ଉତ୍କୃଷ୍ଟ-ହେ ।

**Excellence, Excellency**, *n.* 1. ଶ୍ରେଷ୍ଠତା, ଉତ୍କୃଷ୍ଟତା; 2. ଭଦ୍ରତା, ଉତ୍ତମତା, ଉତ୍କୃଷ୍ଟ ଗୁଣ; 3. ସମ୍ମାନସୂଚକ ପଦବୀ, (ମହାମହିମ) ।

**Excellent**, *a.* ଅନୁତ୍ତମ, ଶ୍ରେଷ୍ଠ, ଉତ୍କୃଷ୍ଟ ।

**Excellently**, *ad.* ଉତ୍କୃଷ୍ଟରୂପେ, ଶ୍ରେଷ୍ଠରୂପେ, ଅନୁତ୍ତମରୂପେ ।

**Excentric**, see Eccentric.

**Except**, *v.t.* ଛାଡ଼ି-ଦେ, ବର୍ଜ୍ଜନ-କର, ବ୍ୟତିରିକ୍ତ-କର ।—*v.i.* ଆପତ୍ତି-କର, followed by *to.*—*prep.* ଛଡ଼ା, ବ୍ୟତୀତ, ବ୍ୟତିରେକେ, ବିହୁନେ, ଭିନ୍ନ, ବିନା, ନୋହିଲେ ।

**Excepting**, *prep.* and *conj.* ବ୍ୟତିରେକେ, ବ୍ୟତୀତ, ବିନା, ନୋହିଲେ ।

**Exception**, *n.* 1. ବର୍ଜ୍ଜନ, ଛାଡ଼; 2. ବର୍ଜ୍ଜିତ ବିଷୟ, ବର୍ଜ୍ଜିତ ବ୍ୟକ୍ତି; 3. ଆପତ୍ତି ।

**Exceptionable**, *a.* ବର୍ଜ୍ଜନୀୟ, ଆପତ୍ତିଯୋଗ୍ୟ ।

**Exceptional**, *a.* ଅସାଧାରଣ, ବିଶେଷ ।

**Exceptionally**, *ad.* ଅସାଧାରଣରୂପେ, ଅପୂର୍ବରୂପେ, ବିଶେଷରୂପେ ।

**Excerpt, Excerption**, *n.* ବଚନସଂଗ୍ରହ, ଉଦ୍ଧୃତବଚନ ।

**Excerpt**, *v.t.* ବଚନ ସଂଗ୍ରହ-କର, ବଚନ ଉଦ୍ଧୃତ-କର ।

**Excess**, *n.* 1. ଆଧିକ୍ୟ, ଅତିରିକ୍ତତା; 2. ଅତ୍ୟାଚାର, ନିୟମାତିକ୍ରମ, ଅପରିମିତତା; 3. ଫାଜିଲ ସଂଖ୍ୟା ।

**Excessive**, *a.* ଅଧିକ, ଅତିରିକ୍ତ, ଅପରିମିତ ।

**Excessively**, *ad.* ଅଧିକରୂପେ, ଅପରିମିତରୂପେ, ଅତୀବ ।

**Exchangability**, *n.* ବିନିମୟଯୋଗ୍ୟତା ।

**Exchangable**, *a.* 1. ବିନିମୟଯୋଗ୍ୟ; 2. ବିନିମୟସମ୍ବନ୍ଧୀୟ ।

**Exchange**, *v.t.* ବିନିମୟ-କର, ବଦଳ-କର, ପରିବର୍ତ୍ତନ-କର ।—*n.* 1. ବିନିମୟକରଣ, ବିନିମୟ, ବଦଳ; 2. ବିନିମୟଲବ୍ଧ ଦ୍ରବ୍ୟ; 3. ବାଣିଜ୍ୟାର୍ଥେ ମହାଜନମାନଙ୍କର ଆଗମନସ୍ଥାନ ।

**Exchequer**, *n.* 1. ରାଜକୋଷ, ରାଜଭଣ୍ଡାର; 2. ଅର୍ଥ ।

**Excisable**, *a.* ଅବକାରୀ ମାସୁଲଯୋଗ୍ୟ ।

**Excise**, *n.* 1. ଅବକାରୀ ମାସୁଲ; 2. ସରକାରୀ ଅବକାରୀ ବିଭାଗ ।—*v.t.* ଦେଶରେ ଜାତ ଓ ବ୍ୟବହୃତ ଦ୍ରବ୍ୟ ଉପରେ ମାସୁଲ ବସାଇବା ।

**Exciseman**, *n.* ଅବକାରୀ ମାସୁଲଗ୍ରାହକ ।

**Excision**, *n.* 1. ଛେଦନ, ଅଙ୍ଗଚ୍ଛେଦନ; 2. ଉଚ୍ଛେଦ ।

**Excitability, Excitableness**, *n.* ଉତ୍ତେଜନୀୟତା, ଉତ୍ତେଜନଶୀଳତା ।

**Excitable**, *a.* ଉତ୍ତେଜନୀୟ, ଉତ୍ତେଜନଶୀଳ ।

**Excitant**, *n.* ଉତ୍ତେଜକ ପଦାର୍ଥ, ଉତ୍ତେଜକ ଔଷଧ ।

**Excitative, Excitatory**, *a.* ଉତ୍ତେଜନକ୍ଷମ, ଉତ୍ତେଜକ ।

**Excite**, *v.t.* 1. ଉତ୍ତେଜିତ-କର; 2. ପ୍ରବର୍ତ୍ତାଇବା, ଉସ୍କାଇବା, ଉଠାଇବା ।

**Excitement, Excitation**, *n.* 1. ଉତ୍ତେଜନ; 2. ଉତ୍ତେଜିତାବସ୍ଥା, ଆନ୍ଦୋଳନ; 3. ଉତ୍ତେଜନକାରୀ ଘଟଣା ବା କାରଣ ।

**Exciting**, *a.* ଉତ୍ତେଜନକାରୀ, ଚିତ୍ତାକର୍ଷକ ।

**Exclaim**, *v.i.* ହଠାତ୍ ଚିତ୍କାର-କର, ବଡ଼ ପାଟି-କର, ଉଚ୍ଚୈଃସ୍ୱରରେ ଡାକିବା ।—*v.t.* ଉତ୍ତପ୍ତଭାବରେ କହିବା, ଉଚ୍ଚୈଃସ୍ୱରରେ ପ୍ରକାଶ-କର ।

**Exclamation**, *n.* 1. ହଠାତ୍ ଚିତ୍କାର; 2. ଉତ୍ତପ୍ତଭାବେ ଉଚ୍ଚାରିତ ଉକ୍ତି; 3. ମନୋଭାବସୂଚକ ଚିହ୍ନ, ଯଥା, —!; 4. ହର୍ଷ ବିସ୍ମୟାଦିସୂଚକ ଅବ୍ୟୟ ଶବ୍ଦ ।

**Exclamatory**, *a.* ଚିତ୍କାରକାରୀ, ଚିତ୍କାରବିଶିଷ୍ଟ, ଉତ୍ତପ୍ତ ଉକ୍ତିପୂର୍ଣ୍ଣ ।

**Eclude**, *v.t.* 1. ବାହାର କରି-ଦେ, ବହିଷ୍କୃତ-କର, ପ୍ରବେଶିବାକୁ ନ ଦେବା, ନିବାରଣ-କର; 2. ଛାଡ଼ି-ଦେ, ବାଦ୍-ଦେ ।

**Exclusion**, *n.* ବହିଷ୍କରଣ, ବର୍ଜ୍ଜନ, ନିବାରଣ, ଛାଡ଼ ।

**Exclusive**, *a.* 1. ବର୍ଜ୍ଜନକାରୀ; 2. ଅଦ୍ୱିତୀୟ, କେବଳମାତ୍ର; 3. ଛଡ଼ା, often with *of*; 4. ଅନନ୍ୟଗ୍ରାହୀ, ଅନୁଦାର ।—*n.* ଅନୁଦାର ଲୋକ ।

**Exclusively**, *ad.* ବର୍ଜ୍ଜନକାରୀରୂପେ, ଏକାକୀରୂପେ ।

**Exclusiveness**, *n.* ଅନନ୍ୟଗ୍ରାହୀ ଗୁଣ, ଅନୁଦାର ଗୁଣ ।

**Exclusivism**, *n.* ଅନନ୍ୟଗ୍ରାହୀ ବ୍ୟବହାର ।

**Excogitate**, *v.t.* କଳ୍ପନା-କର, ଉଦ୍ଭାବନ-କର ।

**Excogitation**, *n.* କଳ୍ପନା, ଉଦ୍ଭାବନ ।

**Excommunicable**, *a.* ସମାଜଚ୍ୟୁତଯୋଗ୍ୟ, ସମାଜଚ୍ୟୁତ ଦ୍ୱାରା ଦଣ୍ଡନୀୟ ।

**Excommunicate**, *v.t.* 1. ସମାଜଚ୍ୟୁତ-କର; 2. ମଣ୍ଡଳୀରୁ ବହିଷ୍କୃତ କରି ଧର୍ମାଧିକାରଚ୍ୟୁତ-କର ।—*n.* ସମାଜଚ୍ୟୁତ ଲୋକ, ଅଧିକାରଚ୍ୟୁତ ଲୋକ ।

**Excommunication**, *n.* 1. ସମାଜଚ୍ୟୁତକରଣ, ସମାଜଚ୍ୟୁତି; 2. ମଣ୍ଡଳୀରୁ ବହିଷ୍କୃତକରଣ ।

**Excoriate**, *v.t.* ଘର୍ଷଣରେ ଚର୍ମ ଛଡ଼ାଇବା, ଘର୍ଷଣରେ କ୍ଷତ-କର ।

**Excoriation**, *n.* ଘର୍ଷଣରେ ଚର୍ମ ଛଡ଼ିଯିବା ।

**Excorticate**, *v.t.* ବଲ୍କଲହୀନ-କର ।

**Excortication**, *n.* ବଲ୍କଲହୀନକରଣ ।

**Excrement**, *n.* ବିଷ୍ଠା, ମଳ, ଗୁହ ।

**Excremental, Excrementitial, Excrementitious**, *a.* ବିଷ୍ଠାସମ୍ବନ୍ଧୀୟ, ବିଷ୍ଠାମୟ ।

**Excrescence**, *n.* 1. ଅସ୍ୱାଭାବିକ ବା ବିରୂପକାରୀ ବାହ୍ୟ ବୃଦ୍ଧି, ଯଥା,—ଆବୁ ଆଦି; 2. କ୍ଳେଶଦାୟକ ଓ ପ୍ରୟୋଜନାତିରିକ୍ତ ବିଷୟ ।

**Excrescent**, *a.* 1. ଅସ୍ୱାଭାବିକରୂପେ ବର୍ଦ୍ଧନଶୀଳ; 2. ଅନାବଶ୍ୟକ ।

**Excreta**, *n. pl.* ମଳ ଝାଳ ଆଦି ।

**Excrete**, *v.t.* (ମଳ ଝାଳ ଆଦି) ତ୍ୟାଗ-କର ।

**Excretion**, *n.* 1. ମଳ ଆଦି ତ୍ୟାଗକରଣ; 2. ମଳ, ମୂତ୍ର, ଝାଳ, ପଚର ରସ ।

**Excretive, Excretory**, *a.* ଝାଳ ଆଦି ତ୍ୟାଗକାରୀ, ମଳମୂତ୍ରାଦି ତ୍ୟାଗସମ୍ବନ୍ଧୀୟ, ମଳମୂତ୍ରାଦିସମ୍ବନ୍ଧୀୟ ।

**Excretory**, *n.* ସ୍ୱେଦନିଃସାରକ ପ୍ରଣାଳୀ ।

**Excruciate**, *v.t.* ତୀବ୍ର ବେଦନା-ଦେ, ଯନ୍ତ୍ରଣା-ଦେ ।

**Excruciating**, *a.* ତୀବ୍ର ବେଦନାଯୁକ୍ତ, ଯନ୍ତ୍ରଣାଦାୟକ, ଅସହ୍ୟ । [ରୂପେ ।
**Excruciatingly**, *ad.* ଯନ୍ତ୍ରଣାଦାୟକରୂପେ, ଅସହ୍ୟ-
**Excruciation**, *n.* ଯନ୍ତ୍ରଣାକରଣ, ତୀବ୍ର ବେଦନା, ଯନ୍ତ୍ରଣା ।
**Exculpate**, *v.t.* 1. ଅପରାଧ ଦୋଷ ବା ନିନ୍ଦାରୁ ମୁକ୍ତ -କ, ନିରପରାଧ ପ୍ରକାଶ-କ, ନିର୍ଦ୍ଦୋଷ ଜ୍ଞାନ-କ ; 2. ମୁକ୍ତ-କ ।
**Exculpation**, *n.* 1. ଅପରାଧ ଦୋଷ ବା ନିନ୍ଦାରୁ ମୁକ୍ତି; 2. ଯାହା ଅପରାଧ ପଦରୁ ମୁକ୍ତ କରେ, ନ୍ୟାଯ୍ୟ ଓଜର, ଦୋଷଖଣ୍ଡନ ।
**Exculpatory**, *a.* ଅପରାଧରୁ ମୁକ୍ତକାରୀ, ନିର୍ଦ୍ଦୋଷକାରୀ ।
**Excursion**, *n.* 1. ନିର୍ଗମନ ; 2. ଆମୋଦଯାତ୍ରା, ଭ୍ରମଣ, ଲଘୁଯାତ୍ରା ; 3. ମୁଖ୍ୟବିଷୟତ୍ୟାଗ, ବାକ୍ୟପ୍ରସଙ୍ଗତ୍ୟାଗ ।
**Excursionist**, *n.* ଆମୋଦାର୍ଥେ-ଭ୍ରମଣକାରୀ ।
**Excursive**, *a.* 1. ଭ୍ରମଣକାରୀ ; 2. ମୁଖ୍ୟ ବିଷୟତ୍ୟାଗୀ, ବାକ୍ୟପ୍ରସଙ୍ଗତ୍ୟାଗକାରୀ ।
**Excursively**, *ad.* ଭ୍ରମଣକାରୀରୂପେ ।
**Excursus**, *n.* 1. ଉପଗ୍ରନ୍ଥ ; 2. ମୁଖ୍ୟବିଷୟତ୍ୟାଗ ।
**Excusable**, *a.* କ୍ଷମାଯୋଗ୍ୟ, ମୋଚନୀୟ, କ୍ଷମଣୀୟ, ମାର୍ଜନୀୟ ।
**Excusableness**, *n.* କ୍ଷମାଯୋଗ୍ୟତା, ମାର୍ଜନୀୟତା ।
**Excusably**, *ad.* କ୍ଷମାଯୋଗ୍ୟରୂପେ, କ୍ଷମଣୀୟରୂପେ ।
**Excusatory**, *a.* ଓଜରକାରୀ, କ୍ଷମାପ୍ରାର୍ଥନା ପୂର୍ଣ୍ଣ ।
**Excuse**, *v.t.* *eks-kuz'*, 1. ଅପରାଧ ବା ଦୋଷରୁ ମୁକ୍ତ-କ, ନିର୍ଦ୍ଦୋଷ-କ, 2. କ୍ଷମା-କ, ଅଳ୍ପ ଦୋଷୀ ଜ୍ଞାନ କରି ଛାଡ଼-ଦେ, ଉପେକ୍ଷା-କ; 3. ଛାଡ଼-ଦେ 4. ମାଫ-କ, ଆଦାୟ ନ କରିବା ; 5. କ୍ଷମାପ୍ରାର୍ଥନା ଦ୍ୱାରା ନିନ୍ଦାରୁ ମୁକ୍ତ-କ, 6. ନିରପରାଧ ପ୍ରକାଶ-କ, ନିର୍ଦ୍ଦୋଷ ଜ୍ଞାନ-କ ; 7. ଯଥେଷ୍ଟ ହେତୁ ଦର୍ଶାଇବା ।— *n.* *eks-küs'*, 1. ଦୋଷ ଲଘୁକାରକ ହେତୁ, ଖଣ୍ଡନ ହେତୁ, ହେତୁବାଦ; 2. ଓଜର, ଆପତ୍ତି ; 3. ବାହାନା ।
**Excuseless**, *a.* 1. ଓଜରରହିତ, ଆପତ୍ତିରହିତ ; 2. ଅକ୍ଷମଣୀୟ ।
**Execrable**, *a.* ଅଭିଶାପଯୋଗ୍ୟ, ଘୃଣାର୍ହ, ଜଘନ୍ୟ ।
**Execrably**, *ad.* ଅଭିଶାପଯୋଗ୍ୟରୂପେ, ଜଘନ୍ୟରୂପେ ।
**Execrate**, *v.t.* ଅଭିଶାପ-ଦେ, ଅମଙ୍ଗଳେଚ୍ଛା ବ୍ୟକ୍ତ-କ, ଅତିଘୃଣା-କ ।
**Execration**, *n.* 1. ଅଭିଶାପକରଣ, ଅଭିଶାପ; 2. ଅଭିଶପ୍ତ ବିଷୟ, ଜଘନ୍ୟ ବିଷୟ ।
**Execrative, Execratory**, *a.* ଅଭିଶାପସମ୍ବନ୍ଧୀୟ, ଅଭିଶାପଦାୟୀ ।
**Executable** *a.* କରଣୀୟ, ସାଧ୍ୟ ।
**Execute**, *v.t.* 1. ସମ୍ପନ୍ନ-କ, ନିର୍ବାହ-କ, ସମ୍ପାଦନ-କ, ସଫଳ-କ ; 2. ପ୍ରାଣଦଣ୍ଡ-କ ; 3. ଜାରି-କ; 4. (ଦସ୍ତଖତ ଆଦି ଦ୍ୱାରା) ସିଦ୍ଧ ବା ଦୃଢ଼-କ; 5. ବାଦ୍ୟ ବଜାଇବା, ଗାନ-କ ।—*v.i.* କାର୍ଯ୍ୟ-କ ।
**Executer**, *n.* *ek-se-kut-er'* ସମ୍ପାଦକ, ନିର୍ବାହକ ।
**Execution**, *n.* 1. ସମ୍ପାଦନ, ନିର୍ବାହ, ସାଧନ ; 2. ପ୍ରାଣଦଣ୍ଡ ; 3. ଜାରି ; 4. ଅଦାଲତିକ ଆଦେଶ, ଜାରି କରିବା ପରୱାନା ; 5. ଦଲିଲଆଦି ଦସ୍ତଖତକରଣ ; 6. ସାଧନର ନୈପୁଣ୍ୟ ।—To do execution, ବିଶେଷ କ୍ଷତି-କ ।
**Executioner**, *n.* ପ୍ରାଣହନ୍ତା, ଜଲ୍ଲାଦ, ଚଣ୍ଡାଳ ।
**Executive**, *a.* କାର୍ଯ୍ୟନିର୍ବାହକ, କର୍ମସମ୍ପାଦକ, ଶାସନକାରୀ ।—*n.* ସରକାରୀ କାର୍ଯ୍ୟନିର୍ବାହକ ଲୋକ, ସରକାରୀ କାର୍ଯ୍ୟନିର୍ବାହକ ଲୋକସମୂହ ।
**Executor**, *n.* *egz-ek'-ut-er* (ସମ୍ପାଦକ) ମୃତ ବ୍ୟକ୍ତିର ଉଇଲ୍ ବା ସମ୍ପତ୍ତିର ତତ୍ତ୍ୱାବଧାରକ, ମୁମୂର୍ଷୁ ଦାନପତ୍ରରେ ଲିଖିତ ନିୟମସମ୍ପାଦକ ।
**Executorship**, *n.* ଉକ୍ତ ବ୍ୟକ୍ତିର ପଦ ।
**Executrix**, *n.* ମୃତ ବ୍ୟକ୍ତିର ଉଇଲର ତତ୍ତ୍ୱାବଧାରିକା ।
**Exegesis**, *n.* ବ୍ୟାଖ୍ୟା, ବିଶେଷତଃ ଧର୍ମପୁସ୍ତକର ବ୍ୟାଖ୍ୟାବିଜ୍ଞାନ । [ବିଜ୍ଞାନବିତ୍ତ ।
**Exegete, Exegetist**, *n.* ଧର୍ମପୁସ୍ତକର ବ୍ୟାଖ୍ୟା-
**Exegetic, Exegetical**, *a.* ଧର୍ମପୁସ୍ତକର ବ୍ୟାଖ୍ୟାବିଜ୍ଞାନସମ୍ବନ୍ଧୀୟ, ବ୍ୟାଖ୍ୟାକାରକ ।
**Exegetics**, *n.* ଧର୍ମପୁସ୍ତକର ବ୍ୟାଖ୍ୟାବିଜ୍ଞାନ ।
**Exemplar**, *n.* ଆଦର୍ଶ, ନମୁନା । [ରୂପେ ।
**Exemplarily**, *ad.* ଆଦର୍ଶଯୋଗ୍ୟରୂପେ, ଅନୁକରଣୀୟ-
**Exemplary**, *a.* 1. ଆଦର୍ଶଯୋଗ୍ୟ, ଅନୁକରଣୀୟ ; 2. ନିବାରଣକାରୀ, ଚେତନଦାୟକ । [ଦୃଷ୍ଟାନ୍ତ ।
**Exemplification**, *n.* 1. ଦୃଷ୍ଟାନ୍ତ ଦ୍ୱାରା ବ୍ୟାଖ୍ୟା ; 2.
**Exemplify**, *v.t.* ଦୃଷ୍ଟାନ୍ତ ଦ୍ୱାରା ଦେଖାଇବା, ଦୃଷ୍ଟାନ୍ତ ଦ୍ୱାରା ବ୍ୟାଖ୍ୟା-କ ।
**Exempt**, *v.t.* ସାଧାରଣ ଭାର ବାଧା କର୍ତ୍ତବ୍ୟକର୍ମ ଆଦିରୁ ମୁକ୍ତ-କ, ଛାଡ଼-ଦେ, ବର୍ଜିତ-କ, ବିଶେଷ ଅଧିକାର-ଦେ ।—*a.* ମୁକ୍ତ, ଅନଧୀନ ।—*n.* ଅନଧୀନ ଲୋକ ।
**Exemption**, *n.* ସାଧାରଣ ଭାର ବାଧା କର୍ତ୍ତବ୍ୟ କର୍ମ ଆଦିରୁ ମୁକ୍ତକରଣ, ମୁକ୍ତି, ବିଶେଷ ଅଧିକାର, ଅନଧୀନତା ।
**Exequies**, *n*, *pl.* see Obsequies.
**Exercise**, *n.* 1. ବ୍ୟବହାର, ପ୍ରୟୋଗ, ଅଭ୍ୟାସ, ପରିଶ୍ରମ ; 2. ବ୍ୟାୟାମ, ବାୟୁସେବନ ; 3. ଆତ୍ମଚିନ୍ତା, ମାନସିକ ଅଭ୍ୟାସ ; 4. ଅଭ୍ୟାସ ନିମନ୍ତେ ପାଠ ବା ଲେଖା ।—*v.t.* 1. ବ୍ୟବହାର-କ, ପ୍ରୟୋଗ-କ ; 2. ଅଭ୍ୟାସ ଦ୍ୱାରା ଶିକ୍ଷିତ-କ, ଶିକ୍ଷା ବା ବୃଦ୍ଧି ନିମନ୍ତେ ଚଳାଇବା ; 3. ଚିନ୍ତିତ କରାଇବା, ଭାବିତ କରାଇବା, ଉଦ୍ବେଗ ଜନ୍ମାଇବା ; 4. ସାଧନ-କ ; 5. ସଞ୍ଚାର କରାଇବା ।—*v.i.* ବ୍ୟାୟାମ-କ, ବାୟୁ ସେବନ-କ, ଡ୍ରିଲ୍-କ । [ଦ୍ଧି ସାଧନା ।
**Exercitation**, *n.* 1. ଅଭ୍ୟାସ, ବ୍ୟବହାର ; 2. ମାନ-
**Exert**, *v.t.* ଲଗାଇବା, କାର୍ଯ୍ୟରେ ଲଗାଇବା, ପ୍ରୟୋଗ-କ ।—*refl.* (ଆପଣାକୁ) ଉଦ୍ଯୋଗୀ କରାଇବା, ପ୍ରୟାସ-କ, ଉଦ୍ୟମ-କ, ଚେଷ୍ଟା-କ ।—*n.* ପ୍ରୟୋଗକରଣ, ପ୍ରୟାସ, ପରିଶ୍ରମ, ଯତ୍ନ ।
**Exfoliate**, *v.i.* ଖାତ ପରି ଛାଡ଼ିବା ।—*v.t.* ଖାତ ବା ଛାଲ ପରି ପଦାର୍ଥ ଛଡ଼ାଇବା ।

Exfoliation, *n.* 1. ଛାଲ ପର ଛଡ଼ିବା ପ୍ରକ୍ରିୟା ; 2. ଛାଲ ପର ଛଡ଼ିଲା ପଦାର୍ଥ ।

Exhalable, Exhalant, Exhalent, *a.* ବାଷ୍ପବତ୍ ଉଦ୍ଗମନଯୋଗ୍ୟ, ବାଷ୍ପୀଭୂତଯୋଗ୍ୟ ।

Exhalation, *n.* 1. ପ୍ରଶ୍ୱାସ, ବାଷ୍ପ ବା ଗନ୍ଧ ପରି ନିର୍ଗମନ, ବାଷ୍ପର ନିର୍ଗମନ, ବାଷ୍ପର ନିର୍ଗମନ ; 2. ବାଷ୍ପ, ବାଷ୍ପ, ଗନ୍ଧ ।

Exhale, *v.t.* 1. ନିଶ୍ୱାସ ଛାଡ଼ିବା, ନିର୍ଗତ-କ ; 2. ବାଷ୍ପ ପରି ଉଡ଼ାଇଦେବା ।— *v.i.* ବାଷ୍ପ ପରି ଉଠିବା, ବାଷ୍ପବତ୍ ନିର୍ଗତ-ହ ।

Exhalement, *n.* ବାଷ୍ପ ପରି ନିର୍ଗମନ ।

Exhaust, *v.t.* 1. କାଢ଼ିନେଇ ଖାଲି-କ, ଶୁଖାଇବା; 2. ସବୁ ବ୍ୟୟ-କ, ନିଃଶେଷ-କ; 3. ବଳ ହ୍ରାସ-କ, କ୍ଲାନ୍ତ-କ; 4. ସମ୍ପୂର୍ଣ୍ଣରୂପେ ବିବେଚନା-କ, ସମୁଦାୟ ଅର୍ଥରେ-ନେ ।

Exhausted, *p.a.* ବ୍ୟୟିତ, ଅବସନ୍ନ, କ୍ଲାନ୍ତ ।

Exhaustible, *a.* ବ୍ୟୟ ହେବାଯୋଗ୍ୟ ।

Exhausting, *p.a.* ବ୍ୟୟକାରୀ, କ୍ଲାନ୍ତକାରୀ ।

Exhaustion, *n.* 1. ବ୍ୟୟକରଣ, ବ୍ୟୟ, କ୍ଷୟ; 2. ବ୍ୟୟିତାବସ୍ଥା, ଅବସନ୍ନତା, କ୍ଲାନ୍ତାବସ୍ଥା । [ସମ୍ପୂର୍ଣ୍ଣ ।

Exhaustive, *a.* 1. ବ୍ୟୟକାରକ, କ୍ଷୟକାରକ; 2.

Exhaustively, *cd.* ସମ୍ପୂର୍ଣ୍ଣରୂପେ ।

Exhaustless, *a.* ଅବ୍ୟୟ, ଅସରନ୍ତି, ଅଶେଷ ।

Exhibit, *v.t.* 1. ଦେଖାଇବା, ଦର୍ଶାଇବା, ପ୍ରକାଶ-କ ; 2. ଦାଖଲ-କ; 3. (med.) ପଥ୍ୟାର୍ଥେ ଖୁଆଇବା । —*v.i.* ଦର୍ଶନୀ ସ୍ଥଳରେ ଆପଣା କୃତ ଦ୍ରବ୍ୟାଦି ଦେଖାଇବା ।—*n.* 1. ଦର୍ଶନୀ ସ୍ଥଳରେ ଦର୍ଶିତ ପଦାର୍ଥ; 2. ମକଦ୍ଦମାରେ ଚିହ୍ନିତ ଦଲିଲ । [3. ଛାତ୍ରବୃତ୍ତି ।

Exhibition, *n.* 1. ପ୍ରକାଶ ; 2. ଦର୍ଶନୀ ସ୍ଥଳ, ପ୍ରଦର୍ଶନ;

Exhibitioner, *n.* ବୃତ୍ତିପ୍ରାପ୍ତ ଛାତ୍ର ।

Exhibitive, Exhibitory, *a.* ପ୍ରକାଶକ, ପ୍ରଦର୍ଶକ ।

Exhilarant, *a.* ଆନନ୍ଦୋତ୍ତେଜକ, ହର୍ଷୋଦ୍ଦୀପକ, ଉଲ୍ଲାସକାରୀ ।—*n.* ଉଲ୍ଲାସକାରୀ ବସ୍ତୁ ବା ପଦାର୍ଥ ।

Exhilarate, *v.t.* ଉଲ୍ଲସିତ-କ, ଆହ୍ଲାଦିତ-କ, ପ୍ରଫୁଲ୍ଲ-କ, ସ୍ଫୁର୍ତ୍ତିଯୁକ୍ତ-କ, ସଜୀବ-କ, ଉତ୍ତେଜିତ-କ ।

Exhilaration, *n.* 1. ଉଲ୍ଲାସକରଣ, ଉତ୍ତେଜନକରଣ; 2. ଉଲ୍ଲସିତାବସ୍ଥା, ଉଲ୍ଲାସ, ପ୍ରଫୁଲ୍ଲତା, ହର୍ଷ ।

Exhort, *v.t.* ଉତ୍ସାହିତ-କ, ପ୍ରବର୍ତ୍ତିତ-କ, ପରାମର୍ଶ-ଦେ, ଚେତାଇବା, ଅନୁଯୋଗ-କ ।—*v.i.* ଉପଦେଶ-ଦେ ।

Exhortation, *n.* 1. ଉତ୍ସାହିତକରଣ, ପ୍ରବୃତ୍ତି; 2. ଉପଦେଶ, ପରାମର୍ଶ ।

Exhortative, *a.* ଉପଦେଶସମ୍ବନ୍ଧୀୟ, ଉପଦେଶପୂର୍ଣ୍ଣ, ପରାମର୍ଶପ୍ରଦ । [ଉତ୍ତେଜକ ।

Exhortatory, *a.* 1. ଉପଦେଶପୂର୍ଣ୍ଣ; 2. ପ୍ରବର୍ତ୍ତକ,

Exhumation, *n.* କବରରୁ ବାହାରକରଣ, କବରରୁ ଶବ ବାହାରକରଣ ।

Exhume, *v.t.* ପୋତା ହେଲାପରେ ଖୋଳି ବାହାର-କ, କବରରୁ ବାହାର-କ ।

Exigence, Exigency, *n.* ଅତ୍ୟାବଶ୍ୟକତା, ଜରୁରୀ ପ୍ରୟୋଜନ ।

Exigent, *a.* ଅତ୍ୟାବଶ୍ୟକ, ହଠାତ୍ ସାହାଯ୍ୟ ବା କାର୍ଯ୍ୟର ପ୍ରୟୋଜନକାରୀ ।

Exigible, *a.* ଦାବୀଯୋଗ୍ୟ ।

Exiguous, *a.* କ୍ଷୁଦ୍ର, ସରୁ ।

Exile, *n.* 1. ସ୍ୱଦେଶରୁ ବହିଷ୍କୃତାବସ୍ଥା, ନିର୍ବାସନ; 2. ବିଦେଶରେ ନିବାସ; 3. ନିର୍ବାସିତ ବ୍ୟକ୍ତି ।—*v.t.* ନିର୍ବାସିତ-କ, ଦେଶାନ୍ତର-କ ।

Exist, *v.i.* 1. ସ୍ଥିତ-ହ, ବର୍ତ୍ତମାନ ଥିବା, ହେବା, ରହିବା ; 2. ଜୀବିତ ଥିବା, ବଞ୍ଚିବା ।

Existence, *n.* 1. ସ୍ଥିତି, ବର୍ତ୍ତମାନତା, ଅସ୍ତିତ୍ୱ, ସତ୍ତା ; 2. ଜୀବନ, ଜୀବିତାବସ୍ଥା ; 3. ସ୍ଥିତିବିଶିଷ୍ଟ ପଦାର୍ଥ ।

Existent, *a.* ସ୍ଥିତିବିଶିଷ୍ଟ, ବର୍ତ୍ତମାନ, ବିଦ୍ୟମାନ ।

Exit, *n.* 1. ବହିର୍ଗମନ; 2. ନାଟର ପ୍ରସ୍ଥାନ; 3. ମୃତ୍ୟୁ; 4. ବହିର୍ଗମନର ପଥ ।

Exodus, *n.* 1. ପ୍ରସ୍ଥାନ ; 2. ମିସର ଦେଶରୁ ଇସ୍ରାଏଲ-ବଂଶର ଯାତ୍ରା; 3. ଧର୍ମପୁସ୍ତକର ଦ୍ୱିତୀୟ ଖଣ୍ଡ ।

Exonerate, *v.t.* 1. ଦୋଷାରୋପ ବା ଦାୟରୁ ମୁକ୍ତ-କ, ନିର୍ଦ୍ଦୋଷ-କ; 2. ଦାୟରୁ ମୁକ୍ତ-କ ।

Exoneration, *n.* ଦୋଷାରୋପରୁ ମୁକ୍ତକରଣ, ଦାୟରୁ ମୁକ୍ତକରଣ, ଦୋଷାରୋପ ଆଦିରୁ ମୁକ୍ତି ।

Exonerative, *a.* ମୁକ୍ତିକାରୀ ।

Exorable, *a.* ଶାନ୍ତକରଣୀୟ ।

Exorbitance, Exorbitancy, *n.* ଅତ୍ୟଧିକତା, ଆତିଶଯ୍ୟ, ନିୟମାତିକ୍ରମ ।

Exorbitant, *a.* ଅପରିମିତ, ନିୟମାତିରିକ୍ତ, ଅତିରିକ୍ତ ।

Exorbitantly, *ad.* ଅପରିମିତରୂପେ, ଅତିରିକ୍ତରୂପେ ।

Exorcise *v.t.* 1. ଧର୍ମକ୍ରିୟା ବା ମନ୍ତ୍ରାଦି ଦ୍ୱାରା (ଭୂତ) ଛଡ଼ାଇବା, ଝାଡ଼ିବା; 2. ଧର୍ମକ୍ରିୟାଦିଦ୍ୱାରା (ମନୁଷ୍ୟ ବା ସ୍ଥାନକୁ) ଭୂତଠାରୁ ମୁକ୍ତ-କ ।

Exorcism, *n.* ଭୂତ ଛଡ଼ାଇବା କର୍ମ ବା ମନ୍ତ୍ର, ଝଡ଼ା ।

Exorcist, *n.* ଭୂତବୈଦ୍ୟ, ଭୂତ ଛଡ଼ାଇବା ଲୋକ ।

Exordial, *a.* ମୁଖବନ୍ଧସମ୍ବନ୍ଧୀୟ, ପ୍ରସ୍ତାବକ ।

Exordium, *n.* ମୁଖବନ୍ଧ, ପ୍ରସ୍ତାବନା, ଭୂମିକା ।

Exoteric, Exoterical, *a.* ପ୍ରକାଶ୍ୟ । opposed to *Esoteric.*

Exotic, *a.* ବିଦେଶୀୟ, ଅନ୍ୟଦେଶୀୟ, ବୈଦେଶିକ ।—*n.* ବିଦେଶୀୟ ବୃକ୍ଷ ବା ଶବ୍ଦ ଆଦି, ଦେଶରେ ପ୍ରଚଳିତ ବୈଦେଶିକ ପଦାର୍ଥ ।

Expand, *v.t.* ବିସ୍ତାରିତ-କ, ପ୍ରସାରିତ-କ ।—*v.i.* 1. ପ୍ରସ୍ଫୁଟିତ-ହ, ଫୁଟିବା; 2. ବିସ୍ତାରିତ-ହ, ବିସ୍ତୃତ-ହ, ପ୍ରସାରିତ-ହ । [ଭୂମି ।

Expanse, *n.* ବିସ୍ତାର, ପ୍ରସାର, ବିସ୍ତୃତ, ବିସ୍ତୃତ ସ୍ଥାନ ବା

Expansibility, *n.* ବିସ୍ତାରଣୀୟତା, ପ୍ରସାରଣୀୟତା, ବିସ୍ତାରିତା, ପ୍ରସାର ହେବା ଶକ୍ତି ।

Expansible, *a.* ବିସ୍ତାରଣୀୟ, ପ୍ରସାରଣୀୟ ।

Expansile, *a.* 1. ବିସ୍ତାରଣୀୟ; 2. ବିସ୍ତାରକ ।

**Expansion**, *n.* 1. ବିସ୍ତାରକରଣ, ବିସ୍ତୀର୍ଣ୍ଣକରଣ, ପ୍ରସାରଣ, ବିସ୍ତୀର୍ଣ୍ଣତା ; 2. ବିସ୍ତୃତ, ବିସ୍ତୃତ ଭୂମି ସ୍ଥାନ ବା ଭାଗ ।

**Expansive**, *a.* 1. ବିସ୍ତାରିତ କରିବା ଶକ୍ତିବିଶିଷ୍ଟ, ବିସ୍ତାରକ ; 2. ବିସ୍ତାରିତ ହେବା ଶକ୍ତିବିଶିଷ୍ଟ, ବିସ୍ତାରଣୀୟ ; 3. ବିସ୍ତୃତ, ପ୍ରସାରିତ ; 4. ଉଦାର ।

**Expansively**, *ad.* 1. ବିସ୍ତାରକରୂପେ ; 2. ବିସ୍ତାରଣୀୟରୂପେ ; 3. ପ୍ରସାରିତରୂପେ ।

**Expansiveness**, *n.* 1. ବିସ୍ତାର୍ଯ୍ୟତା ; 2. ବିସ୍ତାରଣୀୟତା ; 3. ବିସ୍ତୃତ ; 4. ଉଦାରତା ।

**Ex-parte**, *a.* ଏକଦେଶଦର୍ଶୀ, ଏକତରଫା ।

**Expatiate**, *v.i.* 1. ଏଣେତେଣେ ଭ୍ରମଣ-କ ; 2. ବିସ୍ତାରିତରୂପେ ବର୍ଣ୍ଣନା-କ, ବାକ୍ୟବାହୁଲ୍ୟ-କ, ବାଗ୍‌ବିସ୍ତାର-କ ।

**Expatiation**, *a.* ବିସ୍ତାରପୂର୍ବକ ବର୍ଣ୍ଣିବା, ବାଗ୍‌ବିସ୍ତାର ।

**Expatiator**, *n.* ବିସ୍ତାରପୂର୍ବକ ବର୍ଣ୍ଣନାକାରୀ, ବାଗ୍‌ବିସ୍ତାରକ ।

**Expatiatory**, *a.* ବିସ୍ତୀର୍ଣ୍ଣକାରୀ । [often *refl.*

**Expatriate**, *v.t.* ସ୍ୱଦେଶରୁ ତଡ଼ି-ଦେ, ନିର୍ବାସିତ-କ ।

**Expatriation**, *n.* ସ୍ୱଦେଶରୁ ତାଡ଼ନ, ନିର୍ବାସନ, ସ୍ୱଦେଶତ୍ୟାଗ । [-କ ।

**Expect**, *v.t.* 1. ଅପେକ୍ଷା-କ, ପ୍ରତୀକ୍ଷା-କ; 2. ଅକାଙ୍କ୍ଷା

**Expectance, Expectancy**, *n.* 1. ଅପେକ୍ଷା, ପ୍ରତୀକ୍ଷା; 2. ଅପେକ୍ଷିତ ବିଷୟ, ପ୍ରତ୍ୟାଶା ।

**Expectant**, *a.* ଅପେକ୍ଷୀ, ପ୍ରତ୍ୟାଶୀ ।—*n.* ଅପେକ୍ଷକ, ପ୍ରତ୍ୟାଶୀ ବ୍ୟକ୍ତି ।

**Expectation**, *n.* 1. ଅପେକ୍ଷା, ପ୍ରତୀକ୍ଷା ; 2. ଭାବୀ ମଙ୍ଗଳର ପ୍ରତ୍ୟାଶା, ଅପେକ୍ଷିତ ଧନ, often *pl* ; 3. ଅପେକ୍ଷିତ ବିଷୟ, ପ୍ରତ୍ୟାଶା ; 4. କୌଣସି ଭବିଷ୍ୟତ ଘଟନାସମ୍ବନ୍ଧୀୟ ସମ୍ଭାବନାର ବର୍ତ୍ତମାନ ମୂଲ୍ୟ ।

**Expectative**, *a.* ଅପେକ୍ଷା ଉତ୍ପାଦକ ।

**Expectorant, Expectorative**, *a.* କଫନିର୍ଗମକାରୀ, ଶ୍ଳେଷ୍ମା ନିର୍ଗମନକ୍ଷମ ।—*n.* କଫନିର୍ଗମକାରୀ ଔଷଧ ।

**Expectorate**, *v.t.* ଫୁସ୍ଫୁସ ବା ଗଳାରୁ (କଫାଦି) ବାହାର-କ, ଥୁକ ବା ଖେପ ପକାଇବା ।

**Expectoration**, *n.* ଗଳାରୁ କଫାଦି ବାହାରକରଣ, କଫ, ଥୁକ, ଖେପ ।

**Expediency**, *n.* 1. ଉପଯୋଗିତା, ଔଚିତ୍ୟ, ବାଞ୍ଛନୀୟତା ; 2. ଯଥାର୍ଥତାକୁ ନ ଚାହିଁ କେବଳ ଉପଯୋଗିତା ବା ସ୍ୱାର୍ଥପରତାନୁସାରେ କାର୍ଯ୍ୟ କରିବାର ନିୟମ ।

**Expedient**, *a.* ଉପଯୋଗୀ, ଉଚିତ, ବାଞ୍ଛନୀୟ, ସୁବିଧାଜନକ ।—*n.* ଉପାୟ, କୌଶଳ ।

**Expediently**, *ad.* ଉପଯୋଗିରୂପେ, ଉଚିତରୂପେ ।

**Expedite**, *v.t.* (ବାଧାରୁ ମୁକ୍ତ-କ), ଗତି ଶୀଘ୍ର-କ, ତ୍ୱରା-କ, ତରତର-କ, ସୁଗମ-କ ।

**Expedition**, *n.* 1. ତ୍ୱରିତତା, ଶୀଘ୍ରତା, କ୍ଷିପ୍ରତା ; 2. ଯୁଦ୍ଧଯାତ୍ରା, ବିଶେଷ ଉଦ୍ଦେଶ୍ୟରେ ଦଳବଦ୍ଧ ଲୋକମାନଙ୍କର ଯାତ୍ରା ; 3. ବିଶେଷ ଉଦ୍ଦେଶ୍ୟରେ ଦଳବଦ୍ଧ ଯାତ୍ରୀମାନେ ଓ ସେମାନଙ୍କର ଉପକରଣ ।

**Expeditionary**, *a.* ଯୁଦ୍ଧଯାତ୍ରାକାରୀ, ବିଶେଷ ଉଦ୍ଦେଶ୍ୟରେ ଯାତ୍ରାକାରୀ ।

**Expeditious**, *a.* 1. ତ୍ୱରିତାଯୁକ୍ତ, ତ୍ୱରିତାସୂଚକ, ଶୀଘ୍ରକୃତ; 2. ତ୍ୱରିତ, ଶୀଘ୍ର, ଚପଳ ।

**Expeditiously**, *ad.* ଶୀଘ୍ର, ଝଟିତି, ତ୍ୱରାପୂର୍ବକ ।

**Expel**, *v.t.* ତଡ଼ି-ଦେ, ବାହାର କରି-ଦେ, ବହିଷ୍କୃତ-କ ।

**Expellable**, *a.* ବହିଷ୍କରଣଯୋଗ୍ୟ ।

**Expend**, *v.t.* ବ୍ୟୟ-କ, ଖର୍ଚ୍ଚ-କ ।

**Expenditure**, *n.* 1. ବ୍ୟୟ, ଖର୍ଚ୍ଚ; 2. ଖର୍ଚ୍ଚା ।

**Expense**, *n.* 1. ବ୍ୟୟିତ ବିଷୟ, ଖର୍ଚ୍ଚା, ଖର୍ଚ୍ଚଟଙ୍କା, ମୂଲ୍ୟ; 2. ବ୍ୟୟ, କ୍ଷତିଯୁକ୍ତ ବ୍ୟୟ ।

**Expensive**, *a.* ବ୍ୟୟସାଧ୍ୟ, ବହୁବ୍ୟୟଯୁକ୍ତ, ମୂଲ୍ୟବାନ୍ ।

**Expensively**, *ad.* ବହୁବ୍ୟୟରେ, ବହୁବ୍ୟୟପୂର୍ବକ ।

**Expensiveness**, *n.* ମହାବ୍ୟୟ, ବ୍ୟୟସାଧ୍ୟତା ।

**Experience**, *n.* ଅନୁଭବ, ଅଭିଜ୍ଞତା, ପରୀକ୍ଷାଜନିତ ଜ୍ଞାନ ।—*v.t.* ଅନୁଭବ-କ, ସହ୍ୟ-କ, ଭୋଗିବା ।

**Experienced**, *a.* ଅନୁଭବୀ, ଅଭିଜ୍ଞ, ଦକ୍ଷ ।

**Experiential**, *a.* କେବଳ ଅନୁଭବସମ୍ବନ୍ଧୀୟ ।

**Experientialism**, *n.* ସବୁ ପ୍ରକାର ଜ୍ଞାନ କେବଳ ଅନୁଭବରୁ ଜାତ ହୁଏ ବୋଲି ଯେଉଁ ମତ ।

**Experiment**, *n.* ପରୀକ୍ଷା, ପରଖ, ।—*v.i.* ପରୀକ୍ଷା-କ, ପରଖ-କ ।

**Experimental**. *a.* ପରୀକ୍ଷାସମ୍ବନ୍ଧୀୟ, ପରୀକ୍ଷାମୂଳକ, ପରୀକ୍ଷାଲବ୍ଧ, ଅନୁଭବଜାତ ।

**Experimentalist, Experimentist**, *n.* 1. ବୈଜ୍ଞାନିକ ପରୀକ୍ଷାକାରୀ ଲୋକ ; 2. ତର୍କପ୍ରଣାଳୀ ଅନୁସାରେ ନ ଯାଇ କେବଳ ପରୀକ୍ଷାପ୍ରଣାଳୀ ଅନୁସାରେ ଯେ ଚଳେ ।

**Experimentalize**, *v.i.* 1. ପରୀକ୍ଷା-କ ; 2. କେବଳ ପରୀକ୍ଷାପ୍ରଣାଳୀ ଅନୁସାରେ ଅନୁସନ୍ଧାନ-କ ।

**Experimentally**, *ad.* ଅନୁଭବରେ, ପରୀକ୍ଷାଧୀନରେ, ଅନୁଭବ ଦ୍ୱାରା ।

**Expert**, *a.* 1. ନିପୁଣ, ଦକ୍ଷ, ପଟୁ ; 2. ଜ୍ଞାତ ।—*n.* ଜ୍ଞାନର କୌଣସି ବିଭାଗରେ ବିଶେଷ ନିପୁଣ ବ୍ୟକ୍ତି ।

**Expertly**, *ad.* ନିପୁଣରୂପେ, ଦକ୍ଷରୂପେ ।

**Expertness**, *n.* ନୈପୁଣ୍ୟ, ଦକ୍ଷତା, ପଟୁତା । [ଣୀୟ ।

**Expiable**, *a.* ପ୍ରାୟଶ୍ଚିତ୍ତଯୋଗ୍ୟ, ପ୍ରତିକାର୍ଯ୍ୟ, ପରିଶୋଧ-

**Expiate**, *v.t.* ପ୍ରାୟଶ୍ଚିତ୍ତ-କ, ପରିଶୋଧ-କ ।

**Expiation**, *n.* ପ୍ରାୟଶ୍ଚିତ୍ତ, ପରିଶୋଧ, ପ୍ରତିକାର ।

**Expiatory**, *a.* ପ୍ରାୟଶ୍ଚିତ୍ତକାରୀ ପ୍ରାୟଶ୍ଚିତ୍ତକରଣକ୍ଷମ, ପ୍ରାୟଶ୍ଚିତ୍ତସ୍ୱରୂପ ଦତ୍ତ, ପ୍ରାୟଶ୍ଚିତ୍ତସୂଚକ ।

**Expirable**, *a.* 1. ମର, ନଶ୍ୱର ; 2. ଶେଷକରଣୀୟ ।

**Expiration** *n.* 1. ଶ୍ୱାସତ୍ୟାଗ, ପ୍ରଶ୍ୱାସ ; 2. ପ୍ରାଣତ୍ୟାଗ, ମୃତ୍ୟୁ ; 3. ଶେଷ, ଅନ୍ତ ।

**Expire**, *v.t.* (ଶ୍ୱାସ) ତ୍ୟାଗ-କ, (ପ୍ରଶ୍ୱାସ) ଛାଡ଼ିବା ।—*v.i.* 1. ପ୍ରଶ୍ୱାସ ଛାଡ଼ିବା ; 2. ଶେଷ ପ୍ରଶ୍ୱାସ ଛାଡ଼ିବା, ପ୍ରାଣତ୍ୟାଗ-କ, ମରିବା ; 3. ଶେଷ-ହେ, ସମାପ୍ତ-ହେ, ଅଗତ-ହେ ।

**Expiry**, *n.* ଶେଷ, ସମାପ୍ତି ।

Explain, *v.t.* ସୁସ୍ପଷ୍ଟ-କ, ବ୍ୟାଖ୍ୟା-କ, ଅର୍ଥ-କ, ବୁଝାଇବା ।—*v i.* ବ୍ୟାଖ୍ୟା-ଦେ ।

Explainable, *a.* ବ୍ୟାଖ୍ୟାକରଣୀୟ, ବୋଧଗମ୍ୟ ।

Explanation, *n.* 1. ବ୍ୟାଖ୍ୟାକରଣ, ଅର୍ଥକରଣ; 2. ବ୍ୟାଖ୍ୟା, ଅର୍ଥ; 3. ପୁନର୍ମିଳନ । [ବିଶିଷ୍ଟ ।

Explanatory, *a.* ବ୍ୟାଖ୍ୟାକାରୀ, ଅର୍ଥପ୍ରକାଶକ, ଅର୍ଥ-

Expletive, Expletory, *a.* ପୂରକ, ଅତିରିକ୍ତ ।—Expletive, *n.* 1. ପୂରକ ଶବ୍ଦ, ଅଲଙ୍କୃତ ଶବ୍ଦ; 2. ଅନର୍ଥକ ଅବ୍ୟୟ ଶବ୍ଦ, ଅନର୍ଥକ ପଦ ।

Explicable, *a.* ବ୍ୟାଖ୍ୟାକରଣୀୟ, ସ୍ପଷ୍ଟକରଣୀୟ ।

Explicate, *v.t.* ସୁସ୍ପଷ୍ଟ-କ, ବ୍ୟକ୍ତ-କ, ପ୍ରକାଶ-କ, ବ୍ୟାଖ୍ୟା-କ ।

Explication, *n.* ବ୍ୟାଖ୍ୟା ।

Explicative, Explicatory, *a.* ବ୍ୟାଖ୍ୟାକାରୀ ।

Explicit, *a.* କଥାରେ ସ୍ପଷ୍ଟ, ସ୍ପଷ୍ଟରୂପେ କଥିତ, ସ୍ପଷ୍ଟ, ସୁବ୍ୟକ୍ତ ।

Explicitly, *ad.* ସ୍ପଷ୍ଟରୂପେ, ସୁବ୍ୟକ୍ତରୂପେ ।

Explicitness, *n.* ସ୍ପଷ୍ଟତା, ସୁବ୍ୟକ୍ତତା ।

Explode, *v.t.* 1. ସଶବ୍ଦରେ ଫୁଟାଇବା, ହଠାତ୍ ବାଷ୍ପରେ ପରିଣତ-କ; 2. ଉଡ଼ାଇ-ଦେ, ଅବ୍ୟବହାର୍ଯ୍ୟ-କ, ଖଣ୍ଡନ-କ ।—*v.i.* ସଶବ୍ଦରେ ଫାଟିବା, ଫୁଟିବା, ଫୁଟିଉଠିବା, ଯଥା,—କ୍ରୋଧରେ ସେ ଫୁଟିଉଠିଲେ ।

Exploit, *n.* ବୃହତ୍ କର୍ମ, ବଡ଼ ବ୍ୟାପାର, ମହା କାଣ୍ଡ, ଅଦ୍ଭୁତ କାର୍ଯ୍ୟ, ବୀର କାର୍ଯ୍ୟ, ସାହସିକ କାର୍ଯ୍ୟ ।—*v.t.* 1. ବ୍ୟବହାର-କ, ଉପଯୋଗୀ କରାଇବା, ଲାଭଜନକ କରାଇବା; 2. ଅନୁସନ୍ଧାନ-କ; 3. ଆଲୋଚନା-କ ।

Exploitable, *a.* ବ୍ୟବହାର ନିମନ୍ତେ ପ୍ରାପଣୀୟ, ବ୍ୟବହାରଯୋଗ୍ୟ ।

Exploitation, Exploitage, *n.* 1. ଫଳଦାୟୀ ବ୍ୟବହାର; 2. ସ୍ୱାର୍ଥେ ବ୍ୟବହାର ।

Explorable, *a.* ଅନୁସନ୍ଧାନଯୋଗ୍ୟ, ପରୀକ୍ଷାଯୋଗ୍ୟ ।

Exploration, *n.* ଆବିଷ୍କାର ନିମନ୍ତେ ଯାତ୍ରା, ଅନୁସନ୍ଧାନ, ସୂକ୍ଷ୍ମ ପରୀକ୍ଷା । [ପରୀକ୍ଷାକାରୀ ।

Exploratory, *a.* ଅନୁସନ୍ଧାନସମ୍ବନ୍ଧୀୟ, ଅନୁସନ୍ଧାନକାରୀ,

Explore, *v.t.* ଆବିଷ୍କାର ନିମନ୍ତେ ଯାତ୍ରା-କ, ସୂକ୍ଷ୍ମରୂପେ ଅନୁସନ୍ଧାନ-କ, ସର୍ବତୋଭାବେ ପରୀକ୍ଷା-କ । [ପର୍ଯ୍ୟଟକ ।

Explorer, *n.* ଆବିଷ୍କାର ନିମନ୍ତେ ଯାତ୍ରୀ, ଅଜ୍ଞାତ ଦେଶରେ

Explosion, *n.* 1. ସଶବ୍ଦରେ ଫୁଟନ, ଶବ୍ଦପୂର୍ବକ ବିଦାରଣ, ସଶବ୍ଦ ସଙ୍ଗେ ବାଷ୍ପରେ ହଠାତ୍ ପରିଣତ, ତୋପର ଫୁଟନ; 2. ଫୁଟନ, ଉଦ୍ରେକ, ଯଥା,—କ୍ରୋଧର ଉଦ୍ରେକ ।

Explosive, *a.* ମହାଶବ୍ଦରେ ଫୁଟନକାରୀ, ମହାଶବ୍ଦରେ ଫୁଟନଶୀଳ ।—*n.* ଫୁଟନଶୀଳ ଦ୍ରବ୍ୟ, ଯଥା,—ବାରୁଦ ଆଦି ।

Explosively, *ad.* ଫୁଟନକାରୀରୂପେ, ଫୁଟନଶୀଳରୂପେ ।

Exponent, *n.* 1. ବ୍ୟାଖ୍ୟାକାରୀ ଲୋକ, ଅର୍ଥକାରକ, କୌଣସି ଦଳର ମୂଳସୂତ୍ର ବ୍ୟାଖ୍ୟା କରେ ଯେ; 2. ଯେ ବା ଯାହା ପ୍ରକାଶ କରେ, ସାଙ୍କେତିକ ଚିହ୍ନ, ସୂଚକ ବିଷୟ; 3. (ବୀଜଗଣିତରେ) ମୂଳସଂଖ୍ୟାପ୍ରଦର୍ଶକ ଅଙ୍କ ।

Export, *v.t.* *eks-port'*, ସ୍ଥାନାନ୍ତରକୁ (ବାଣିଜ୍ୟଦ୍ରବ୍ୟ) ପ୍ରେରଣ-କ, ରପ୍ତାନି-କ ।—*n.* *eks-port*, 1. ସ୍ଥାନାନ୍ତରକୁ (ବାଣିଜ୍ୟଦ୍ରବ୍ୟ) ପ୍ରେରଣ, ରପ୍ତାନି; 2. ବିଦେଶକୁ ପ୍ରେରିତ ଦ୍ରବ୍ୟ, ରପ୍ତାନି ଦ୍ରବ୍ୟ ।

Exportable, *a.* ରପ୍ତାନିଯୋଗ୍ୟ । [ରପ୍ତାନି ।

Exportation, *n.* ଦେଶାନ୍ତରକୁ (ବାଣିଜ୍ୟଦ୍ରବ୍ୟ) ପ୍ରେରଣ,

Exporter, *n.* ଦେଶାନ୍ତରକୁ ବାଣିଜ୍ୟଦ୍ରବ୍ୟପ୍ରେରକ, ରପ୍ତାନିକାରକ ।

Expose, *v.t.* 1. ଖୋଲା ରଖିବା, ସମସ୍ତଙ୍କ ଦୃଷ୍ଟିଗୋଚରରେ ରଖିବା, ଦେଖାଇବା; 2. ଅନାବୃତ-କ, ବ୍ୟକ୍ତ-କ, ପ୍ରକାଶ-କ; 3. ଆକ୍ରମଣ ଆପଦ ବା ଜଳାଦିର ଅଧୀନ-କ, ଉତ୍ପାତରେ ପକାଇବା ।

Exposé, *n.* *eks-po-zā*, (French) ଅବାଞ୍ଛନୀୟ ପ୍ରକାଶ, ଅପ୍ରସ୍ତୁତକାରୀ ପ୍ରକାଶ ।

Exposed, *p.a.* 1. ଅନାଚ୍ଛାଦିତ, ଅରକ୍ଷିତ; 2. ଅଧୀନ; 3. ଅନାବୃତ ।

Exposedness, *n.* 1. ଅନାଚ୍ଛାଦିତାବସ୍ଥା; 2. ଅଧୀନତା; 3. ଅନାବୃତାବସ୍ଥା ।

Exposition, *n.* 1. ପ୍ରଦର୍ଶନ, ଦର୍ଶନୀ ସଭା; 2. ଅର୍ଥକରଣ, ବ୍ୟାଖ୍ୟା; 3. ଟୀକା ଗ୍ରନ୍ଥ ।

Expositor, *n.* ବ୍ୟାଖ୍ୟାକାରକ, ଟୀକାକାରକ, ଅର୍ଥକାରକ ।

Expository, Expositive, *a.* ବ୍ୟାଖ୍ୟାଯୁକ୍ତ, ବ୍ୟାଖ୍ୟାକାରୀ, ଅର୍ଥବୋଧକ ।

Expostulate, *v.i.* କୌଣସି ଅନ୍ୟାୟ କର୍ମ ବା ଅଭିପ୍ରାୟ ସମ୍ବନ୍ଧରେ କୌଣସି ଲୋକ ସଙ୍ଗେ ସତ୍ପରାମର୍ଶ-କ, ବୁଝାଇ-ଦେ, ପ୍ରତିବାଦ-କ, ଅନୁଯୋଗ-କ ।

Expostulation, *n.* ଆଚରଣ ବିରୁଦ୍ଧେ ପ୍ରତିବାଦ, ଅନୁଯୋଗ ।

Expostulatory, *a.* ପ୍ରତିବାଦଯୁକ୍ତ, ଅନୁଯୋଗପୂର୍ଣ୍ଣ ।

Exposure, *n.* 1. ଅନାବୃତକରଣ, ପ୍ରକାଶକରଣ; 2. ଆପଦ ବା କୌଣସି ଅସୁବିଧା ଆଦିର ଅଧୀନତା; 3. ବାୟୁ ବା ସୂର୍ଯ୍ୟତାପ ସମ୍ବନ୍ଧରେ ସ୍ଥିତି ।

Expound, *v.t.* ଅର୍ଥ ପ୍ରକାଶ-କ, ବ୍ୟାଖ୍ୟା-କ ।

Expounder, *n.* ଅର୍ଥକାରକ, ବ୍ୟାଖ୍ୟାକାରକ ।

Express, *v.t.* 1. ଚିପୁଡ଼ିବା, ନିଗାଡ଼ିବା, ପେଡ଼ିବା, ନିଷ୍ପେଷଣ-କ; 2. ବାକ୍ୟରେ ବ୍ୟକ୍ତ-କ, କଥାରେ ପ୍ରକାଶ-କ, ଉକ୍ତ-କ, ପ୍ରକାଶ-କ, କହିବା, ଜ୍ଞାତ କରାଇବା ।—*refl. v.* ନିଜ ଭାବ ବ୍ୟକ୍ତ-କ ।—*a.* 1. ସ୍ପଷ୍ଟ, ପ୍ରତ୍ୟକ୍ଷ, ସୁବ୍ୟକ୍ତ; 2. ବିଶେଷ, ଖାସ୍; 3. ଶୀଘ୍ରଗାମୀ, ଶୀଘ୍ରଗାମୀ ରେଲଗାଡ଼ି-ସମ୍ବନ୍ଧୀୟ, ଶୀଘ୍ରଗାମୀ ରେଲଗାଡ଼ି ଦ୍ୱାରା ବାହିତ ବା ପ୍ରେରିତ ।—*n.* 1. ବିଶେଷ ସମୟରେ ପ୍ରେରିତ ଦୂତ; 2. ବିଶେଷ ଉପାୟରେ ପ୍ରେରିତ ସମ୍ବାଦ; 3. ଚିଠିପତ୍ର ପୁଳିନା ଆଦି ସ୍ଥାନାନ୍ତରକୁ ପଠାଇବାର ଉପାୟ; 4. ଅତି-ଶୀଘ୍ରଗାମୀ ରେଲଗାଡ଼ି; 5. ପୁରୁଣିଆ ପରଯୁକ୍ତ ବନ୍ଧୁକ ବିଶେଷ ।—*ad.* 1. ବିଶେଷ ଅଭିପ୍ରାୟରେ; 2. ବିଶେଷ ଶୀଘ୍ରଭାବରେ ।

Expressible, *a.* 1. ନିଗାଡ଼ିବାଯୋଗ୍ୟ, ପେଡ଼ିବାଲି, ନିଷ୍ପେଷଣୀୟ; 2. ବକ୍ତବ୍ୟ, କଥନୀୟ, ବଚନୀୟ, ପ୍ରକାଶ୍ୟ

**Expression**, *n.* 1. ରସ ବାହାରକରଣ, ପେଷଣକାର୍ଯ୍ୟ, ନିଷ୍କର୍ଷଣ, ନିଷ୍ପୀଡନ; 2. ପ୍ରକାଶ, ପ୍ରଦର୍ଶନ; 3. ଉକ୍ତି, ବଚନ, କଥା; 4. ଉତ୍ତମରୂପେ ଭାବବ୍ୟଞ୍ଜକ ସ୍ୱର, ଉପଯୁକ୍ତ ଉଚ୍ଚାରଣସ୍ୱର; 5. ଶିଳ୍ପବିଦ୍ୟା ବା ଚିତ୍ରବିଦ୍ୟାର କାର୍ଯ୍ୟରେ ସ୍ୱାଭାବିକ ଗୁଣ ବା ଭାବର ପ୍ରକାଶ; 6. ଅନ୍ତରର ଭାବପ୍ରକାଶକ ଗାନ ବା ବାଦ୍ୟର ସ୍ୱର; 7. ଅନ୍ତରର ଭାବପ୍ରକାଶକ ବାହ୍ୟ ଲକ୍ଷଣ; 8. ଚେହେରା, ମୁଖର ଆକୃତି; 9. (ବୀଜଗଣିତରେ) ଉପଯୁକ୍ତ ଅଙ୍କ ଓ ଅକ୍ଷରର ଦ୍ୱାରା କୌଣସି ସଂଖ୍ୟାର ପ୍ରକାଶ ।

**Expressional**, *a.* ଅନ୍ତରର ଭାବପ୍ରକାଶକ ସ୍ୱରସମ୍ବନ୍ଧୀୟ, ଅନ୍ତରର ଗୁଣ ବା ଭାବ ପ୍ରକାଶକ । [ଅପ୍ରକାଶକ ।

**Expressionless**, *a.* ଅନ୍ତରର ଭାବର ଅପ୍ରକାଶକ,

**Expressive**, *a.* ପ୍ରକାଶକ, ସୂଚକ, ଅର୍ଥବୋଧକ, ଅର୍ଥପୂର୍ଣ୍ଣ, ସୁସ୍ପଷ୍ଟରୂପେ ଭାବବ୍ୟକ୍ତକାରୀ । [ଭାବବ୍ୟକ୍ତକାରରୂପେ ।

**Expressively**, *ad.* ଅର୍ଥବୋଧକରୂପେ, ଅର୍ଥପୂର୍ଣ୍ଣରୂପେ,

**Expressiveness**, *n.* ଅର୍ଥପୂର୍ଣ୍ଣତା, ଅର୍ଥବୋଧକତା ।

**Expressly**, *ad.* ସ୍ପଷ୍ଟରୂପେ, ବ୍ୟକ୍ତରୂପେ, ବିଶେଷରୂପେ ।

**Express-rifle**, *n.* ପୁରୁଣିଆ ଘରଫୁକ୍ତ ବନ୍ଧୁକ ଯହିଁରେ ବେଶୀ ବାରୁଦ ଓ ସାନ ଗୁଳି ବଡ଼ ଶିକାର ନିମନ୍ତେ ବ୍ୟବହୃତ ହୁଏ ।

**Express-train**, *n.* ଅତି ଶୀଘ୍ରଗାମୀ ରେଲଗାଡ଼ି ।

**Expropriate**, *v.t.* 1. ସ୍ୱତ୍ୱତ୍ୟାଗ-କ; 2. ସର୍ବସାଧାରଣ କାର୍ଯ୍ୟ ନିମନ୍ତେ ବେଦଖଲ-କ; 3. ସ୍ୱତ୍ୱ ବା ଭୂସମ୍ପତ୍ତିରୁ ବଞ୍ଚିତ-କ ।

**Expropriation**, *n.* ସ୍ୱତ୍ୱ ବା ଭୂସମ୍ପତ୍ତିର ବେଦଖଲକରଣ ।

**Expulsion**, *n.* ବହିଷ୍କରଣ, ବାହାରକରଣ, ଦୂରୀକରଣ, ନିଷ୍କାସନ, ବହିଷ୍କୃତାବସ୍ଥା ।

**Expulsive**, *a.* ବହିଷ୍କରଣକ୍ଷମ, ଦୂରୀକରଣକ୍ଷମ ।

**Expunge**, *v.t.* 1. ଉଠାଇ-ଦେ, କାଟି-ଦେ, ନିଭାଇ-ଦେ; 2. ଲୋପ-କ, ବିନାଶ-କ ।

**Expurgate**, *v.t.* ପରିଷ୍କାର-କ, ଅଶ୍ଳୀଳ ଅଂଶ କାଟି (କୌଣସି ଗ୍ରନ୍ଥକୁ) ପରିଶୁଦ୍ଧ-କ ।

**Expurgation**, *n.* ପରିଷ୍କାରକରଣ, ଶୁଦ୍ଧକରଣ ।

**Expurgatory**, *a.* ପରିଷ୍କାରକ, ଶୁଦ୍ଧକାରକ ।

**Exquisite**, *a.* 1. ଉତ୍କୃଷ୍ଟ, ଅତ୍ୟୁତ୍ତମ, ବିଲକ୍ଷଣ, ସୂକ୍ଷ୍ମ; 2. ସୂକ୍ଷ୍ମଦର୍ଶୀ; 3. ତୀବ୍ର, ତୀକ୍ଷ୍ଣ, ଅତୁଲ୍ୟ ।—*n.* ଫୁଲବାବୁ ।

**Exquisitely**, *ad.* 1. ଉତ୍କୃଷ୍ଟରୂପେ, ଅତ୍ୟୁତ୍ତମରୂପେ, ସୂକ୍ଷ୍ମରୂପେ, ଅତ୍ୟନ୍ତଭାବେ; 2. ସୂକ୍ଷ୍ମଦର୍ଶୀଭାବେ, ସୂକ୍ଷ୍ମ ବୋଧପୂର୍ବକ ।

**Exquisiteness**, *n.* 1. ଉତ୍କୃଷ୍ଟତା, ଉତ୍କର୍ଷ, ଅତ୍ୟୁତ୍ତମତା, ସୂକ୍ଷ୍ମତା, ପାରିପାଟ୍ୟ; 2. ତୀକ୍ଷ୍ଣତା ।

**Exsiccant**, *a.* ଶୁଷ୍କକାରୀ ।—*n.* ଶୁଷ୍କକାରୀ ଔଷଧ ।

**Exsiccate**, *v.t.* ନୀରସ-କ, ସମ୍ପୂର୍ଣ୍ଣ ଶୁଷ୍କ-କ ।

**Extant**, *a.* ବର୍ତ୍ତମାନ, ବିଦ୍ୟମାନ ।

**Extasy, Extatic**, see Ecstasy, Ecstatic.

**Extemporaneous, Extemporary**, *a.* 1. ସମୟୋପକଳ୍ପିତ, ତତ୍କ୍ଷଣକୃତ, ଅଯତ୍ନସମ୍ଭୂତ, ଅଚିନ୍ତ୍ୟ; 2. ଉପସ୍ଥିତ, ପ୍ରସ୍ତୁତ ଲେଖା ବା କଥା ବିନା କହିବାରେ ଅଭ୍ୟସ୍ତ ।

**Extemporaneously**, *ad.* ପୂର୍ବଚିନ୍ତା ବିନା, ଅଚିନ୍ତାପୂର୍ବକ, ଅଯତ୍ନସମ୍ଭୂତରୂପେ; ଉପସ୍ଥିତ କଳ୍ପନାନୁସାରେ ।

**Extempore**, *ad.* and *a.* ଉପସ୍ଥିତ କଳ୍ପନାମତେ, ଅଯତ୍ନସମ୍ଭୂତ, ସମୟୋପକଳ୍ପିତ ।

**Extemporize**, *v.i.* ଅଚିନ୍ତାପୂର୍ବକ ବକ୍ତୃତା-କ, ପୂର୍ବଚିନ୍ତା ବିନା ବକ୍ତୃତା-କ, ପ୍ରସ୍ତୁତ ଲେଖା ବା କଥା ବିନା ବକ୍ତୃତା-କ ।—*v.t.* ପୂର୍ବଚିନ୍ତା ବିନା ପ୍ରସ୍ତୁତ-କ, ଉପସ୍ଥିତ ଉପାୟରେ ଶୀଘ୍ର ପ୍ରସ୍ତୁତ-କ ।

**Extend**, *v.t.* 1. ବିସ୍ତାରିତ-କ, ପ୍ରସାରିତ-କ, ବଢ଼ାଇବା, ବୃଦ୍ଧି-କ; 2. ପ୍ରଦାନ-କ ।—*v.i.* ବିସ୍ତାରିତ-ହେ, ପ୍ରସାରିତ-ହେ, ବ୍ୟାପିଯିବା ।

**Extendible, Extensible, Extensile**, *a.* ବିସ୍ତାରଣୀୟ, ପ୍ରସାରଣୀୟ, ବର୍ଦ୍ଧନୀୟ, ବର୍ଦ୍ଧନଶୀଳ ।

**Extensibility**, *n.* ବିସ୍ତାରଣୀୟତା, ପ୍ରସାରଣୀୟତା, ବର୍ଦ୍ଧନୀୟତା ।

**Extension**, *n.* 1. ବିସ୍ତାରଣ, ପ୍ରସାରଣ, ବୃଦ୍ଧିକରଣ; 2. ବିସ୍ତାର, ପ୍ରସାର, ବିସ୍ତୃତି; 3. ବର୍ଦ୍ଧିତ ଭାଗ ।

**Extensive**, *a.* ବିସ୍ତୀର୍ଣ୍ଣ, ବହୁଳ, ପ୍ରଶସ୍ତ, ବହୁବ୍ୟାପୀ ।

**Extensively**, *ad.* ବିସ୍ତୀର୍ଣ୍ଣରୂପେ, ବହୁଳରୂପେ ।

**Extensiveness**, *n.* ବିସ୍ତୀର୍ଣ୍ଣତା, ବିଶାଳତା, ବହୁଳତା ।

**Extensor**, *n.* ବିସ୍ତାରକ ମାଂସପେଶୀ ।

**Extent**, *n.* ବିସ୍ତୃତି, ଆୟତନ, ପରିମାଣ, ସୀମା ।

**Extenuate**, *v.t.* ଲଘୁ-କ, ନ୍ୟୂନ-କ ।

**Extenuation**, *n.* ଲଘୂକରଣ, ଲାଘବ ।

**Extenuatory**, *a.* ଲଘୁକାରକ ।

**Exterior**, *a.* ବାହ୍ୟ, ବହିଃସ୍ଥ, ବାହ୍ୟିକ ।—*n.* 1. ବାହାର ଭାଗ, ବାହ୍ୟ ଭାଗ; 2. ବାହ୍ୟ ଦର୍ଶନ ।

**Exteriority**, *n.* ବାହ୍ୟତ୍ୱ ।

**Exteriorly**, *ad.* ବାହ୍ୟରୂପେ, ବାହାରେ ।

**Exterminable**, *a.* ସମୂଳୋତ୍ପାଟନୀୟ, ଧ୍ୱଂସନୀୟ ।

**Exterminate**, *v.t.* ସମୂଳୋତ୍ପାଟନ-କ, ଧ୍ୱଂସ-କ ।

**Extermination**, *n.* ସମୂଳୋତ୍ପାଟନ, ଧ୍ୱଂସ, ବିନାଶ ।

**Exterminative**, *a.* ସମୂଳୋତ୍ପାଟନକାରୀ, ଧ୍ୱଂସକାରୀ ।

**Exterminator**, *n.* ଯେ ବା ଯାହା ଧ୍ୱଂସ କରେ ।

**Exterminatory**, *a.* ଧ୍ୱଂସକାରକ, ବିନାଶକ ।

**External**, *a.* 1. ବହିଃସ୍ଥ, ବାହ୍ୟିକ, ବାହ୍ୟ; 2. ବିଦେଶୀୟ ।—*n.* ବାହ୍ୟ ଭାଗ, ବାହ୍ୟିକ ଅଂଶ, ବାହ୍ୟ ଆଚରଣ ।

**Externalism**, *n.* 1. ଇନ୍ଦ୍ରିୟଗ୍ରାହ୍ୟ ବସ୍ତୁହିଁ ପ୍ରକୃତ ଅଟେ ବୋଲି ଯେଉଁ ଦାର୍ଶନିକ ମତ; 2. ବାହ୍ୟ ବିଷୟରେ ଅନୁପଯୁକ୍ତ ମନୋଯୋଗ, ବାହ୍ୟ ଆଚରଣ ପ୍ରତି ଆସକ୍ତି ।

**Externality**, *n.* ବାହ୍ୟିକ ଅବସ୍ଥା, ବାହ୍ୟତ୍ୱ ।

**Externalize**, *v.t.* 1. ଅବୟବବିଶିଷ୍ଟ-କ; 2. ବାହ୍ୟ ଅସ୍ତିତ୍ୱ-ଦେ । [ଭିତରେ ।

**Externally**, *ad.* ବାହାରେ, ବାହ୍ୟରେ, ବାହାର

**Extinct**, *a.* 1. ନିର୍ବାପିତ, ଅକର୍ମଣ୍ୟ, ଅବ୍ୟବହାର୍ଯ୍ୟ; 2. ଲୁପ୍ତ, ନଷ୍ଟ । [ଉଚ୍ଛେଦକରଣ, ଲୋପ ।

**Extinction**, *n.* 1. ନିର୍ବାପଣ, ନିର୍ବାଣ; 2. ନାଶ,

Extinguish, *v.t.* 1. ନିଭାଇ-ଦେ, ନିର୍ବାପଣ-କ; 2. ବିନାଶ-କ, ଲୋପ-କ; 3. ନିସ୍ତେଜ-କ ।

Extinguishable, *a.* ନିର୍ବାପଣୀୟ, ନାଶ୍ୟ, ଲୋପନୀୟ ।

Extinguisher, *n.* 1. ନିର୍ବାପଣକାରୀ ଲୋକ ବା ବିଷୟ; 2. ମହମବତି ନିଭାଇବା ଚୁଙ୍ଗି ।

Extinguishment, *n.* ନିର୍ବାପଣ; 2. ଲୋପ, ନାଶ ।

Extirpable, *a.* ସମୂଳୋତ୍ପାଟନୀୟ । [-କ ।

Extirpate, *v.t.* ସମୂଳୋତ୍ପାଟନ-କ, ଉପାଡିବା, ଧ୍ୱଂସ

Extirpation, *n.* ସମୂଳୋତ୍ପାଟନ, ଧ୍ୱଂସ, ଉତ୍ସାଦ ।

Extirpator, *n.* ଉତ୍ପାଟନକାରକ, ବିନାଶକ ।

Extirpatory, *a.* ଉତ୍ପାଟନକାରୀ, ବିନାଶକାରୀ ।

Extol, *v.t.* ଅତ୍ୟନ୍ତ ପ୍ରଶଂସା-କ, ସ୍ତୁତି-କ, ଗୁଣକୀର୍ତ୍ତନ-କ, ସୁଖ୍ୟାତି-କ ।

Extort, *v.t.* ବଳପୂର୍ବକ-ନେ, ଜବରଦସ୍ତିରେ ନେବା, ଦୌରାତ୍ମ୍ୟ ଦ୍ୱାରା-ନେ ।

Extortion, *n.* 1. ବଳପୂର୍ବକ ଗ୍ରହଣ, ଅନ୍ୟାୟରେ ବା ବଳପୂର୍ବକ ଧନଗ୍ରହଣ, ଅତ୍ୟାଚାର, ଦୌରାତ୍ମ୍ୟ, ଜବରଦସ୍ତି, ଉପଦ୍ରବ; 2. ବଳପୂର୍ବକ ଗୃହୀତ ଧନ, ଉପଦ୍ରବରେ ଗୃହୀତ ଧନ, ଅନ୍ୟାୟରେ ନେଲା ମୂଲ୍ୟ । [କାରୀ ।

Extortionary, *a.* ଅତ୍ୟାଚାରସମ୍ବନ୍ଧୀୟ, ଅତ୍ୟାଚାର-

Extortionate, *a.* ଅତ୍ୟାଚାରୀ, ମୂଲ୍ୟରେ ଅତିରିକ୍ତ ଓ ଅନ୍ୟାୟ ଟଙ୍କା ନେବାରେ ଉପଦ୍ରବୀ । [ପୂର୍ବକ ।

Extortionately, *ad.* ଅତ୍ୟାଚାରରୂପେ, ଉପଦ୍ରବ-

Extortioner, Extortionist, *n.* ଅତ୍ୟାଚାରୀ ଲୋକ, ଉପଦ୍ରବୀ ଲୋକ ।

Extra, *a.* ଅତିରିକ୍ତ, ଉପରି, ବେଶୀ, ଅଧିକ, ବାଜେ ।—*n.* ଅତିରିକ୍ତ ବିଷୟ, ଉପରି ବିଷୟ, ଯେଉଁ ବିଷୟ ନିମନ୍ତେ ଅଲଗା ମୂଲ୍ୟ ଦିଅ ଯାଏ ।

Extract, *eks-trakt'*, *v.t.* 1. ବାହାର-କ, ନିର୍ଗତ-କ; 2. ଚୁଆଇବା; 3. ବାଛି-ନେ, ସଙ୍ଗ୍ରହ-କ, ସାର ଭାଗ-ନେ ।—*n.* *eks'-trakt*, 1. ନିର୍ଯ୍ୟାସ, ସାର, ଅରକ; 2. ସଙ୍ଗୃହୀତ ବାକ୍ୟ, ଉଦ୍ଧୃତ ବାକ୍ୟ, ସାରସଂଗ୍ରହ ।

Extractible, *a.* ନିର୍ଗତକରଣୀୟ ।

Extraction, *n.* 1. ବାହାରକରଣ, ନିର୍ଗତକରଣ; 2. ବଂଶ, କୁଳ; 3. ଅରକ ବାହାର କରିବାର କୌଶଳ ।

Extractive, *a.* ନିର୍ଗତକରଣୀୟ, ନିର୍ଗତକାରୀ ।

Extractor, *n.* ଯେ ବା ଯାହା ବାହାର କରେ, ବାହାର କରିବାର ଯନ୍ତ୍ର ।

Extradite, *v.t.* ଏକ ରାଜ୍ୟର ପଳାତକ ଅପରାଧୀକୁ ଅନ୍ୟ ରାଜ୍ୟ ଦ୍ୱାରା ପ୍ରତ୍ୟର୍ପଣ-କ ।

Extradition, *n.* ଏକ ରାଜ୍ୟର ପଳାତକ ଅପରାଧୀକୁ ଅନ୍ୟ ରାଜ୍ୟ ଦ୍ୱାରା ପ୍ରତ୍ୟର୍ପଣ ।

Extra-judicial, *a.* ବ୍ୟବସ୍ଥାର ନିୟମବହିର୍ଭୂତ, ଉପଯୁକ୍ତ ଅଦାଲତର ବହିର୍ଭୂତ ।

Extra-judicially, *ad.* ବ୍ୟବସ୍ଥାର ନିୟମବହିର୍ଭୂତରୂପେ, ଅଦାଲତର ବାହାରେ । [ବାହାରେ ସ୍ଥିତ ।

Extra-mundane, *a.* ଜଗତର ବହିର୍ଭୂତ, ଜଗତର

Extra-mural, *a.* ପ୍ରାଚୀରବହିର୍ଭୂତ ।

Extraneous, *a.* ବାହ୍ୟିକ, ବହିଃସ୍ଥ, ଅସମ୍ପର୍କୀୟ । [ଭୂତ ।

Extra-official, *a.* ପଦସମ୍ବନ୍ଧୀୟ କର୍ତ୍ତବ୍ୟକର୍ମର ବହି-

Extraordinarily, *ad.* ଅସାଧାରଣରୂପେ, ଅସାମାନ୍ୟରୂପେ, ଅଦ୍ଭୁତରୂପେ, ଆଶ୍ଚର୍ଯ୍ୟରୂପେ, ବିଶେଷରୂପେ ।

Extraordinariness, *n.* ଅସାଧାରଣତା, ଅଦ୍ଭୁତତା ।

Extraordinary, *a.* 1. ଅସାଧାରଣ, ଅସାମାନ୍ୟ, ଅଦ୍ଭୁତ, ଆଶ୍ଚର୍ଯ୍ୟ, ବିଶେଷ; 2. ବିଶେଷ କାର୍ଯ୍ୟରେ ନିଯୁକ୍ତ ।—*n.* ଅତିରିକ୍ତ ଭତ୍ତା ।

Extra-parochial, *a.* ଗ୍ରାମୀୟ ଧର୍ମାଧ୍ୟକ୍ଷର ଅଧିକାରରୁ ବହିର୍ଭୂତ, ଜିଲ୍ଲାର ବହିର୍ଭୂତ ।

Extravagance, Extravagancy, *n.* ନିୟମାତିକ୍ରମ, ଅପରିମିତତା, ଅତ୍ୟାଚାର, ଅପବ୍ୟୟ, ଅପଚୟ, ବହୁବ୍ୟୟ, ଆଧିକ୍ୟ ।

Extravagant, *a.* 1. ନିୟମାତିକ୍ରମୀ, ଅତିରିକ୍ତ, ଅସଙ୍ଗତ, କାଳ୍ପନିକ; 2. ଅପବ୍ୟୟୀ, ଅପଚୟକାରୀ, ଅପରିମିତବ୍ୟୟୀ, ଉଡାଣିଆ ।

Extravagantly, *ad.* 1. ଅତିରିକ୍ତରୂପେ, ଅସଙ୍ଗତରୂପେ; 2. ଅପବ୍ୟୟିରୂପେ, ବହୁବ୍ୟୟିରୂପେ । [-ଦେ ।

Extravasate, *v.t.* (ରକ୍ତବାହିନୀ) ନାଡୀରୁ ବାହାର କରି

Extravasation, *n.* ରକ୍ତବାହିନୀ ନାଡୀରୁ ବାହାରକରଣ, ରକ୍ତବାହିନୀ ନାଡୀରୁ ବହିର୍ଗତାବସ୍ଥା ।

Extreme, *a.* 1. ଦୂରତମ, ଶେଷ, ଚରମ; 2. ଅତିରିକ୍ତ, ଅତିଶୟ, ଅତ୍ୟନ୍ତ; 3. ଶକ୍ତ ।—Extreme unction, ରୋମାନ୍ କାଥଲିକ୍ ମଣ୍ଡଳୀରେ ମୁମୂର୍ଷୁ ବ୍ୟକ୍ତିକୁ ତୈଳ ଦ୍ୱାରା ମର୍ଦ୍ଦନ ।—*n.* 1. ଅନ୍ତଭାଗ, ଅନ୍ତ; 2. ଶେଷ ସୀମା, ଅତ୍ୟନ୍ତତା, ଅତିଶୟତା ।

Extremely, *ad.* ଅତ୍ୟନ୍ତରୂପେ, ଅତିଶୟରୂପେ, ଅତିବ ।

Extremist, *n.* ନିୟମାତିକ୍ରମୀ ମତଧାରୀ ଲୋକ ।

Extremity, *n.* 1. ଅନ୍ତଭାଗ, ଅନ୍ତ, ଶେଷ ସୀମା; 2. ଅତ୍ୟନ୍ତତା, ଅତିଶୟତା; 3. ସଙ୍କଟାବସ୍ଥା; 4. ପାଦ ।

Extricable, *a.* ଉଦ୍ଧାରଣୀୟ, ମୁକ୍ତକରଣୀୟ, ମୋଚନୀୟ ।

Extricate, *v.t.* 1. କଷ୍ଟ ବାଧା ଆଦିରୁ ମୁକ୍ତ-କ, ଉଦ୍ଧାର-କ; 2. ନିର୍ଗତ କରାଇବା ।

Extrication, *n.* ମୁକ୍ତକରଣ, ମୁକ୍ତି, ଉଦ୍ଧାର ।

Extrinsic, Extrinsical, *a.* ବହିଃସ୍ଥ, ଉପରସ୍ଥ, ବାହ୍ୟ, ବାହ୍ୟିକ, ଅସମ୍ପର୍କୀୟ ।

Extrinsically, *ad.* ବାହ୍ୟିକରୂପେ, ବାହାରରୁ । [-ଦେ ।

Extrude, *v.t.* ବାହାର କରି-ଦେ, ଠେଲି ବାହାର କରି

Extrusion, *n.* ବାହାରକରଣ, ବହିଷ୍କରଣ ।

Exuberance, Exuberancy, *n.* ବହୁଳାବସ୍ଥା, ବାହୁଲ୍ୟ, ଆଧିକ୍ୟ, ଉର୍ବରତା । [ପୂର୍ଣ୍ଣ ।

Exuberant, *a.* ବହୁଳ, ଅପର୍ଯ୍ୟାପ୍ତ, ଉର୍ବର, ଉଭାବନ-

Exuberantly, *ad.* ବହୁଳରୂପେ, ପ୍ରଚୁରରୂପେ, ଉଭାବନପୂର୍ଣ୍ଣରୂପେ ।

Exudation, *n.* ଝରଣ, ଝର ପଦାର୍ଥ ।

Exude, *v.t.* ନିର୍ଗତ-କ, ଝରାଇବା, ସୂକ୍ଷ୍ମ ଛିଦ୍ରଦେଇ ଝରାଇବା, ଝାଳପରି ବାହାର-କ ।—*v.i.* ସୂକ୍ଷ୍ମ ଛିଦ୍ର ଦେଇ ଝରିବା, ଝାଳପରି ବହିବା ।

**Exulcerate,** *v.t.* 1. ଘାକରୂପ ସାଘୁକ୍ତ-କ, କ୍ଷତଯୁକ୍ତ-କ ;
2. ଉତ୍ତ-କ । [ହେ, ଉଲ୍ଲାସ-କ ।
**Exult,** *v.i.* ଜୟଲାଭରେ ଉଲ୍ଲାସିତ-ହେ, ଅତ୍ୟନ୍ତ ଆନନ୍ଦିତ-
**Exultant,** *a.* ଜୟୋଲ୍ଲାସକାରୀ, ଉଲ୍ଲାସକର ।
**Exultation,** *n.* ଜୟୋଲ୍ଲାସ, ଉଲ୍ଲାସ, ମହାହ୍ଲାଦ ।
**Exuviæ,** *n. pl.* ଜନ୍ତୁର ତ୍ୟକ୍ତଖୋଳ ବା ଛାଲ ।
**Exuviate,** *v.i.* ଖୋଳ ବା ଛାଲ ଛାଡ଼ିବା ।
**Eyas,** *n.* ବାଜପକ୍ଷୀର ଛୁଆ ।
**Eye,** *n.* 1. ଅକ୍ଷି, ଚକ୍ଷୁ, ନୟନ, ଲୋଚନ, ନେତ୍ର ; 2. ଚକ୍ଷୁର ଭାଗ, ଚକ୍ଷୁର ଡୋଳ ; 3. ଦୃଷ୍ଟି, ଦର୍ଶନ ; 4. ଦେଖିବା ଶକ୍ତି, ଦୃଷ୍ଟିର ତୀକ୍ଷ୍ଣତା ; 5. ଚକ୍ଷୁବତ୍ ବସ୍ତୁ, ଯଥା, —ଛୁଞ୍ଚର ଗଣ୍ଡା, ମୟୂରପୁଚ୍ଛ ଚନ୍ଦ୍ର ।—The eye of a needle, ଛୁଞ୍ଚିର କଣା । The wind's eye, ବାୟୁର ସମ୍ମୁଖ ।—*v.t.* ଚାହାଁଇବା, ଦୃଷ୍ଟିପାତ-କ, ଦୃଷ୍ଟି-ଗୋଚରରେ ରଖିବା, ଅବଲୋକନ-କ ।
**Eyeball,** *n.* ଚକ୍ଷୁର ଡୋଳା ।
**Eyebrow,** *n.* ଭ୍ରୂ, ଭ୍ରୂଲତା ।
**Eyed,** *a.* ଚକ୍ଷୁଯୁକ୍ତ ।
**Eye-glass,** *n.* 1. ଏକ ଅକ୍ଷିର ଚଷମା, ଚଷମାବିଶେଷ ; 2. ଫଟ ନିର୍ମାତାଙ୍କର ଯନ୍ତ୍ରକାଚ ; 3. ଦୂରବୀକ୍ଷଣ ବା ଅଣୁବୀକ୍ଷଣର ଯନ୍ତ୍ରକାଚ ।
**Eyelash,** *n.* ପଲକ, ପକ୍ଷ୍ମ, ଚକ୍ଷୁପତାର ବାଳ ।
**Eyeless,** *a.* ଚକ୍ଷୁହୀନ, ଦୃଷ୍ଟିହୀନ । [ପ୍ରସୂତ ଛିଦ୍ର ।
**Eyelet, Eyelet-hole,** *n.* ଫିତା ଆଦି ଗଳାଇବା ନିମନ୍ତେ
**Eyelid,** *n.* ଅକ୍ଷିପତା, ଚକ୍ଷୁର ପତା, ଚକ୍ଷୁପୁଟ ।
**Eye-service,** *n.* ଦୃଷ୍ଟିଗୋଚରରେ ସେବା ।
**Eyeshot,** *n.* ଦୃଷ୍ଟିଗୋଚର, ଦୃଷ୍ଟି ।
**Eyesight,** *n.* 1. ଦୃଷ୍ଟି ; 2. ଦର୍ଶନଶକ୍ତି ।
**Eyesore,** *n.* ଚକ୍ଷୁକ୍ଲେଶଦ ବସ୍ତୁ, ଚକ୍ଷୁଶୂଳ ।
**Eye-tooth,** *n.* କୁକ୍କୁରଦାନ୍ତ, କଷଦାନ୍ତ ।
**Eye-witness,** *n.* ଚକ୍ଷୁସ୍ ସାକ୍ଷୀ, ପ୍ରତ୍ୟକ୍ଷ ସାକ୍ଷୀ ।
**Eyry, Eyrie,** *n.* see Aerie.

## F.

**F,** ଇଂରାଜୀ ବର୍ଣ୍ଣମାଳାର ଷଷ୍ଠ ଅକ୍ଷର । [ଶିମଫଳ ପରି ।
**Fabaceous,** *a. fa-ba'-shus,* ଶିମଫଳର ଗୁଣବିଶିଷ୍ଟ,
**Fable,** *n.* 1. ନୀତିକଥା, ଗଳ୍ପ, କାଳ୍ପନିକ କଥା, କାହାଣୀ ; 2. ପୌରାଣିକ କଥା ; 3. କୃତ୍ରିମ କଥା, ଅସମ୍ଭବ ଗଳ୍ପ ; 4. କାଳ୍ପନିକ ମହାକାବ୍ୟର ସାର କଥା ; 5. ଜନରବ ।—Fable-monger, *n.* ଗପୁଡ଼ି ।—*v.t.* କଳ୍ପନା-କ, ମିଥ୍ୟା ରଚନା-କ, ପ୍ରତାରଣା-କ ।—*v.i.* ଗଳ୍ପ କହିବା, ମିଥ୍ୟା କହିବା ।
**Fabled,** *p.a.* କାଳ୍ପନିକ, କଳ୍ପିତ, ମନଃକଳ୍ପିତ ।
**Fabler,** *n.* 1. ନୀତିକଥାରଚକ, ଗଳ୍ପଲେଖକ ; 2. ପ୍ରତାରକ ; 3. ଗପୁଡ଼ି, ଗପୁଆ ।
**Fabric,** *n.* 1. କାରଖାନା ; 2. ବୁଣାଟ ; 3. କାରୁକାର୍ଯ୍ୟ, ଶିଳ୍ପକର୍ମ ; 4. ଅଟ୍ଟାଳିକା, ଗୃହ ; 5. ବୁଣାଲୁଗା ; 6. ରଚନାର ଧାରା, ପ୍ରଣାଳୀ ।—*v.t.* (Poetic) ଯାନ୍ତ୍ରିବା, ବନାଇବା ।
**Fabricate,** *v.t.* 1. ଶିଳ୍ପକର୍ମଦ୍ୱାରା ନିର୍ମାଣ-କ ; 2. ବନାଇବା, ଗଢ଼ିବା, ଯାନ୍ତ୍ରିବା ; 3. ଉତ୍ପନ୍ନ-କ, ପ୍ରସ୍ତୁତ-କ ; 4. ଉଦ୍ଭାବନ-କ, ମିଥ୍ୟାରେ କଳ୍ପନା-କ ; 5. କୃତ୍ରିମ-କ, ଜାଲ୍-କ ।
**Fabrication,** *n.* 1. ନିର୍ମାଣ, ଗଠନ ; 2. ନିର୍ମିତ ବସ୍ତୁ, କଳ୍ପିତ ବିଷୟ ; 3. ଗଳ୍ପ ; 4. ବନା କଥା, ଗଢ଼ା କଥା ; 5. କୃତ୍ରିମକାଣ୍ଡ, ଜାଲ୍ ।
**Fabricator,** *n.* 1. ନିର୍ମାଣକର୍ତ୍ତା ; 2. ମିଥ୍ୟାବାଦୀ ।
**Fabulise, Fabulize,** *v.i.* 1. ଗଳ୍ପ ରଚନା-କ ; 2. କାହାଣୀ କହିବା, ନୀତିକଥା ବର୍ଣ୍ଣନା-କ । [ମିଥ୍ୟାବାଦୀ ।
**Fabulist,** *n.* 1. ଗଳ୍ପଲେଖକ, ନୀତିକଥାରଚୟିତା ; 2.
**Fabulous,** *a.* 1. ପୌରାଣିକ, କାଳ୍ପନିକ ; 2. ଅସତ୍ୟ, କୃତ୍ରିମ, ଅଲୀକ ; 3. ଅବର୍ଣ୍ଣନୀୟ ।
**Fabulously,** *ad.* କାଳ୍ପନିକରୂପେ, କୃତ୍ରିମଭାବେ ।
**Fabulousness,** *n.* କାଳ୍ପନିକତା ।
**Facade,** *n. fa-sād',* (French) ଅଟ୍ଟାଳିକାର ସମ୍ମୁଖ ଭାଗ, ବଡ଼ ଅଟ୍ଟାଳିକାର ଠିଆ ବାହାର ଭାଗ ।
**Face,** *n.* 1. ମୁହଁ, ମୁଖ, ମୁଖମଣ୍ଡଳ, ବଦନ, ଆନନ ; 2. ଆକୃତି ; 3. ଉପର ଭାଗ, ପୃଷ୍ଠ, ସମ୍ମୁଖ ; 4. ସମତଳ ; 5. ଚେହେରା, ମୁଖଭଙ୍ଗୀ ; 6. ସାହସ, ନିର୍ଲଜ୍ଜତା ; 7. ଖାମ୍ ।—*v.t.* 1. ସମ୍ମୁଖରେ ସାକ୍ଷାତ-କ ; 2. ପ୍ରତିକୂଳ-କ ; 3. ବୋଳିବା, ଅନ୍ୟ ଦ୍ରବ୍ୟରେ ଲେପ-ଦେ, ଆବୃତ-କ ; 4. ଚିକ୍କଣ-କ ।—*v.i.* 1. ମୁଖ ଫେରାଇବା ; 2. ମୁଖାମୁଖି-ହେ, ସମ୍ମୁଖବର୍ତ୍ତୀ-ହେ ।—*n.* Face-ache, ମୁହଁର ଶିରବଥା । Face-card, (ରଜା, ରାଣୀ ଓ ଗୋଲାମର) ମୂର୍ତ୍ତି ଥିବା ତାସ । Face-cloth, ମୃତ ବ୍ୟକ୍ତିର ମୁଖ ଘୋଡ଼ାଇବା ଚଦର । Face-guard, ମୁଖା ।—To make a face, ମୁଖ ଭଙ୍ଗୀ-କ ।•To face about, ପିଠି ଆଡ଼କୁ ମୁହଁ ଫେରାଇ ବୁଲି ପଡ଼ିବା । To face down, ତୀକ୍ଷ୍ଣ ଦୃଷ୍ଟିଦ୍ୱାରା ଲଜ୍ଜାବନତ-କ, ଜିଦ୍ ଦ୍ୱାରା ନିରୁତ୍ତର-କ । To face out, ନିର୍ଲଜ୍ଜଭାବେ ସମର୍ଥନ-କ, ଦୁଃସାହସରେ ସହିବା । To face the music, ଯାହା ଘଟିବ ପଛେ ଆଗବଢ଼ି ଯିବା । To fly in the face of, ତାଚ୍ଛଲ୍ୟଭାବେ ପ୍ରତିରୋଧ-କ, ଅବଜ୍ଞା-କ । To be two-faced, ଦୋମୁହାଁ-ହେ, କୁଟିଳ-ହେ । To pull a long face, ବିଷଣ୍ଣ ମୁଖ-କ । To puta good face on, କୌଣସି ବିଷୟରେ ଆପଣାକୁ ସନ୍ତୁଷ୍ଟ ବୋଲି ଦେଖାଇବା । To set one's face against, ପ୍ରବଳରୂପେ ପ୍ରତିରୋଧ-କ । Right face! Left face! Right about face! (Military words of command.)

ଡାହାଣ ଅଡକୁ ମୁହଁ ଫେରାଇ ବୁଲପଡ । ବାମ ଅଡକୁ ମୁହଁ ଫେରାଇ ବୁଲପଡ । ପିଠି ଅଡକୁ ମୁହଁ ଫେରାଇ ବୁଲପଡ । Face to face, ମୁହାଁମୁହିଁ, ମୁଖାମୁଖି । On the face of it, ଦେଖିଲାମାତ୍ରେ, ସ୍ପଷ୍ଟରୂପେ ।

**Faced**, *a.* 1. ମୁଖବିଶିଷ୍ଟ ; 2. ଅନ୍ୟ ଦ୍ରବ୍ୟରେ ଆବୃତ ।

**Facet, Facette**, *n. fas'-et*, କଟା ମଣିର ଏକ ମୁଖ, କ୍ଷୁଦ୍ର ମୁଖ ।—*v.t.* ମଣିର କ୍ଷୁଦ୍ର ମୁଖ କାଟିବା, ପ୍ରସ୍ତର ପାଖରେ ମୁଖ କାଟିବା ।

**Faceted**, *a.* କ୍ଷୁଦ୍ର ମୁଖଯୁକ୍ତ, କ୍ଷୁଦ୍ର ମୁଖପୂର୍ଣ୍ଣ ।

**Facetious**, *a. fa-se-shus*, 1. କୌତୁକ, କୌତୁକପ୍ରିୟ, ରସିକ ; 2. ହାସ୍ୟୋତ୍ପାଦକ ।

**Facetiously**, *ad.* କୌତୁକରୂପେ, ସରସ ବାକ୍ୟରେ ।

**Facetiousness**, *n.* କୌତୁକଗୁଣ, ରସିକତା ।

**Facial**, *a.* ମୁଖସମ୍ବନ୍ଧୀୟ, ମୁଖାକୃତିର ।

**Facially**, *ad.* ମୁଖ ସମ୍ବନ୍ଧରେ, ମୁଖଭଙ୍ଗୀ ସମ୍ବନ୍ଧରେ ।

**Facile**, *a. fas'-il*, 1. ସହଜ, ସୁକର, ସୁସାଧ୍ୟ ; 2. ସୁଗମ ; 3. ସୁଶୀଳ, ଅଳାପୀ ; 4. ପ୍ରବର୍ତ୍ତନୀୟ, ଚଞ୍ଚଳ ; 5. ନମନୀୟ ; 6. ଦକ୍ଷ ।

**Facileness**, *n.* 1. ସୁସାଧ୍ୟତା ; 2. ନମନୀୟତା ; 3. [ଦକ୍ଷତା ।

**Facilitate**, *v.t.* ସୁସହଜ-କ, ସୁଗମ-କ, ଲଘୁ-କ, ଉତ୍ସାହ-କ ।

**Facilitation**, *n.* ସହଜକରଣ, ସୌକର୍ଯ୍ୟ ।

**Facility**, *n.* 1. ସହଜତା, ସୁସାଧ୍ୟତା, ଅନାୟାସ ; 2. ଦକ୍ଷତା ; 3. ସୁଗମ୍ୟତା, ନମ୍ରତା ।—*pl.* Facilities, ସୁବିଧାଜନକ ଉପାୟମାନ ।

**Facing**, *n.* 1. ମୁଖାବରଣ, କ୍ଷତରୁ ରକ୍ଷା କରିବା ନିମନ୍ତେ ଉପଲେପନ ; 2. କଟ ; 3. ସଜ୍ଜାପ, ଅଞ୍ଚଳରେ ଲଗାଯିବା ପଟି ; 4. ଭିନ୍ନ ଦ୍ରବ୍ୟ ଦ୍ୱାରା ଏ ପଦ ଅପଦ ଅଶୁଦ୍ଧ କରିବା ପ୍ରକ୍ରିୟା ; 5. ଏ ପଦ ଅପଦ ଦୂଷିତ କରିବା ଦ୍ରବ୍ୟ ; 6. ବ୍ୟାୟାମଶିକ୍ଷାରେ ସୈନ୍ୟର ଭିନ୍ନ ପ୍ରକାର ଚଳନ ; 7. ଗୋଡ଼ଘୋଡ଼ା ଦ୍ୱାର କାଠର ଯୋଡ଼ ; 8. ଘାଟିର ମୁହଁ ; 9. ଅଲମ୍ବ ; 10 ଚକ ଅଦ ମୁହଁକରଣ ।—*pl.* Facings, ସୈନିକ ବସ୍ତ୍ରର ନାନା ରଙ୍ଗିଆ ଗୋଲକର ଚିହ୍ନ ।

**Facingly**, *ad.* ସମ୍ମୁଖବର୍ତ୍ତିରୂପେ ।

**Facinorous**, *a.* ଦୁଷ୍ଟ ।

**Facinorousness**, *n.* ଦୌରାତ୍ମ୍ୟ ।

**Fac-simile**, *n.* ଠିକ୍ ନକଲ, ପ୍ରତିଛବି, ପ୍ରତିରୂପ ।—*a.* 1. ଠିକ୍ ନକଲ କରା, ସମତୁଲ୍ୟ, ଅବିକଳ ; 2. ପ୍ରତିଛବିକାରୀ ।

**Fac-similist**, *n.* ଯେ ଠିକ୍ ପ୍ରତିରୂପ କରେ ।

**Fact**, *n.* 1. ଘଟଣା ; 2. କର୍ମ, କ୍ରିୟା ; 3. ଯଥାର୍ଥତା, ସତ୍ୟତା ; 4. ବୃତ୍ତାନ୍ତ ; 5. ବିଷୟ ।—In fact, 1. ପ୍ରକୃତରେ, ବାସ୍ତବିକ, ବସ୍ତୁତଃ ; 2. ସଂକ୍ଷେପରେ, ମୋଟରେ, ସଂକ୍ଷେପତଃ । As a matter of fact, ଯଥାର୍ଥରେ ।

**Faction**, *n.* 1. କୌଣସି ଦଳ, ସମାଜର ଭିନ୍ନ ଦଳ, ରାଜନୈତିକ ସମ୍ବନ୍ଧରେ ବିରୋଧୀ ଦଳ ; 2. ବିବାଦ, ଗଣ୍ଡଗୋଳ, ବିଦ୍ରୋହ ।

**Factional**, *a.* ବିବାଦୀ ଦଳସମ୍ବନ୍ଧୀୟ ।

**Factionist**, *n* ବିବାଦୀ ଦଳର ପ୍ରବର୍ତ୍ତକ, ବିବାଦୀ ଦଳଭୁକ୍ତ ଲୋକ ।

**Factious**, *a.* 1. ବିବାଦୀ ଦଳପ୍ରିୟ, କଳହପ୍ରିୟ, ରାଜଦ୍ରୋହୀ ; 2. ବିବାଦସମ୍ବନ୍ଧୀୟ, ବିଦ୍ରୋହରୁ ଜାତ, ବିଦ୍ୱେଷସୂଚକ ।

**Factiously**, *ad.* ବିଦ୍ୱେଷଭାବେ, ବିରୋଧୀ ଦଳ ସପକ୍ଷରେ । [ସପକ୍ଷରେ ।

**Factiousness**, *n.* ବିଦ୍ୱେଷପ୍ରିୟତା, ଭେଦକାରିତା ।

**Factitious**, *a.* 1. କୌଶଳରେ କୃତ, ଶିଳ୍ପନିର୍ମିତ ; 2. ସାମାଜିକ ପ୍ରଥାନୁଯାୟୀ ; 3. କୃତ୍ରିମ ; 4. ଅସ୍ୱାଭାବିକ ।

**Factitiously**, *ad.* କୃତ୍ରିମରୂପେ ।

**Factitiousness**, *n.* ନିର୍ମିତାବସ୍ଥା, କୃତ୍ରିମତ୍ୱ ।

**Factitive**, *a.* କାରକ, ଉତ୍ପାଦକ ।

**Factor**, *n.* 1. କର୍ମନିର୍ବାହକ ବଣିକର ପ୍ରତିନିଧି, ଗୁମାସ୍ତା ; 2. (ଅଙ୍କ ଶାସ୍ତ୍ରରେ) ପୂରକ ଅଙ୍କ ; 3. ହେତୁ, କାରଣ ।

**Factorage**, *n.* 1. ଗୁମାସ୍ତାର ଦସ୍ତୁରି, କମିଶନ୍ ; 2. ଗୁମାସ୍ତାଗିରି ।

**Factorship**, *n.* 1. ବାଣିଜ୍ୟକାରୀ ଗୁମାସ୍ତାର ବ୍ୟବସାୟ, କାରଖାନାର କାରବାର ; 2. ବାଣିଜ୍ୟକାରୀ ଗୁମାସ୍ତାମାନଙ୍କ ସମ୍ପ୍ରଦାୟ ।

**Factory**, *n.* 1. କାରଖାନା, ବାଣିଜ୍ୟକୋଠି ; 2. ବିଦେଶରେ ବାଣିଜ୍ୟକାରୀ ଗୁମାସ୍ତାମାନଙ୍କ ସଙ୍ଘ ; 3. ବାଣିଜ୍ୟକାରୀ ଗୁମାସ୍ତାମାନଙ୍କ ସମ୍ପ୍ରଦାୟ ।

**Factotum**, *n.* ସର୍ବକର୍ମକାରୀ ପ୍ରତିନିଧି ବା ଗୁମାସ୍ତା ।

**Faculty**, *n.* 1. ସାମର୍ଥ୍ୟ, ପାରଗତା, ପ୍ରଭାବ ; 2. ଶକ୍ତି, ଗୁଣ ; 3. ମାନସିକ ଶକ୍ତି, ଶାରୀରିକ ଶକ୍ତି ; 4. ଅଧିକାର, କ୍ଷମତା ; 5. ବିଶ୍ୱବିଦ୍ୟାଳୟରେ ଶିକ୍ଷାର କୌଣସି ଏକ ବିଭାଗ, ଯଥା : ଆଇନ, ବୈଦ୍ୟବିଦ୍ୟା ଅଦ ; 6. ବିଶ୍ୱବିଦ୍ୟାଳୟର ଅଧ୍ୟାପକଗଣ, 7. ବୈଦ୍ୟବୃତ୍ତି ଅବର ସଭ୍ୟବର୍ଗ ; 8. ପାରଙ୍ଗମ ଚଳାଇବା ଗୁଣ ।

**Fad**, *n.* 1. ଖିଆଲ, ପ୍ରିୟ ମତ, ଝୁଙ୍କ ; 2. ଚଳନ, ଫେସନ ; 3. ସାମାନ୍ୟ ବିଷୟରେ ଅପରିମିତ ଆସକ୍ତି ; 4. ଖିଆଲି ଲୋକ ।—*v.t.* ଅକିଞ୍ଚିତ୍କର ବିଷୟରେ ମନୋଯୋଗୀ -ହେ ।

**Faddish, Faddy**, *a.* ଖିଆଲି, ଝୁଙ୍କି । [ଯୋଗିତା ।

**Faddishness**, *n.* ଅକିଞ୍ଚିତ୍କର ବିଷୟରେ ମନୋ-

**Faddist**, *n.* ଖିଆଲି ଲୋକ ।

**Faddle**, *v.i.* 1. ମାହାଳିଆରେ ସମୟ କାଟିବା ; 2. ଗେହ୍ଲା-କ ।—*n.* ଅନର୍ଥକ ବିଷୟ, ମାହାଳିଆ କଥା ।

**Fade**, *v.i.* 1. କ୍ଷୀଣ-ହେ ; 2. ଫିକା-ହେ, ବିବର୍ଣ୍ଣ-ହେ ; 3. ଅଦୃଶ୍ୟ-ହେ ; 4. ନିସ୍ତେଜ-ହେ ; 5. ସୌନ୍ଦର୍ଯ୍ୟ କ୍ଷୟ -ହେ, ଲାବଣ୍ୟ ହରାଇବା, ବିଲୁପ୍ତ-ହେ ; 6. ମ୍ଳାନ-ହେ, ଝାଉଁଳି ଯିବା ।—*v.t.* ଫିକା କରାଇବା, ମ୍ଳାନ କରାଇବା, କ୍ଷୀଣ କରାଇବା ।

**Faded**, *p.a.* ମ୍ଳାନ, ନିସ୍ତେଜ, କ୍ଷୀଣ, ବଳହୀନ ।

**Fadedly**, *ad.* କ୍ଷୀଣରୂପେ ।

**Fadeless**, *a.* ଅମ୍ଳାନ, ଅକ୍ଷୟ ।

**Fadelessly**, *ad.* ଅମ୍ଳାନରୂପେ, ଅକ୍ଷୟରୂପେ ।

Fading, *p.a.* କ୍ଷୟଶୀଳ, ମ୍ଳାନଯୋଗ୍ୟ ।
Fadingly, *ad.* କ୍ଷୟଶୀଳରୂପେ ।
Fadingness, *n.* କ୍ଷୟଶୀଳତା ।
Fadge, *v.i.* 1. ଉପଯୁକ୍ତ-ହେ, ମିଳି ଯିବା ; 2. ଫଳ-ବାନ୍‌-ହେ ।
Fæcal, *a. fe'-kal,* 1. ପୁରୀଷସମ୍ବନ୍ଧୀୟ ; 2. ପିଠା-ସମ୍ବନ୍ଧୀୟ ।
Fæces, Feces, *n. pl.* 1. ପୁରୀଷ, ବିଷ୍ଠା, ମଳ, ଗୋବର ; 2. ପିଠା, ଗାଦ ।
Faerie, Faery, see Fairy.
Fag, *v.i.* 1. ଥକି ଯିବା, କ୍ଳାନ୍ତ-ହେ ; 2. ପରିଶ୍ରମୀ-ହେ ; 3. ବେଠିଆ-ହେ ।—*v.t.* କ୍ଳାନ୍ତ କରାଇବା, ବେଠିଆ ପରି ଖଟାଇବା ।—*n.* 1. ବଡ଼ ଇଂରାଜୀ ସ୍କୁଲରେ ଯେଉଁ ସାନ ଛାତ୍ର କୌଣସି ଏକ ବଡ଼ ଛାତ୍ରର ଅଧୀନ ହୋଇ ତାହା ପାଇଁ ବେଠି କରେ ; 2. କ୍ଳେଶକର କାର୍ଯ୍ୟ, ଗୋଲାମୀ ।—To fag out, ନିଜେଇ ଶେଷରେ ବେଠିଆ ପରି ସେଣ୍ଡ୍ ଉଠାଇବା ।
Fagging, *n.* 1. କଷ୍ଟକର ଗୋଲାମୀ ; 2. ଯାହା ଦ୍ୱାରା ବଡ଼ ଛାତ୍ରମାନେ ସାନ ଛାତ୍ରମାନଙ୍କଠାରୁ ବେଠି କାର୍ଯ୍ୟ ଦାସ କରି ପାରନ୍ତି ଏମନ୍ତ ସ୍କୁଲର ପ୍ରଥା ।
Fagend, *n.* 1. ଲୁଗାର ବାଢ, ଲୁଗାର ଶେଷ ଦଶୀ ; 2. ଦଉଡ଼ିର ଫୁଟୁଲା ଶେଷ ଭାଗ ; 3. ଶେଷ ତୁଚ୍ଛାଂଶ ।
Faggot, Fagot, *n.* 1. କାଠ ଗୋଛା, ଜାଳେଣି କାଠ ବିଡ଼ା ; 2. ବନ୍ଧା ଲୁହାଦଣ୍ଡର ଗୋଛା ; 3. ପୂର୍ବକାଳରେ ସଂଖ୍ୟା ପୂରଣାର୍ଥେ ଗଣିତ କୃତ୍ରିମ ସେନା ; 4. ଲୁଗାରେ ଲାଗିଥିବା ଚୂଳ ଇତ୍ୟାଦି ; 5. ଶୁଖାଇବା ନିମନ୍ତେ ମାଛର ଗଦା ।—*v.t.* 1. ବିଡ଼ା ବାନ୍ଧିବା ; 2. ଏକଠା -କ ; 3. ଲୁଗାର ଟାଣି ସୂତା କାଢି ଅନ୍ୟ ସୂତାର ଗଣ୍ଠି ବାନ୍ଧିବା ।
Faggoting, Fagoting, *n.* ସ୍ତ୍ରୀମାନଙ୍କ ସୂଚି କାର୍ଯ୍ୟ ବିଶେଷ, ଏ ଯହିଁରେ ଟାଣି ସୂତା କଢ଼ାଯାଇ ଅନ୍ୟ ସୂତାର ଗଣ୍ଠି ଦିଆଯାଏ ।
Fagotto, *n.* ନଳ ଲଗା ବଡ଼ ବଂଶୀବିଶେଷ ଏ ଯାହା ଦୁଇଖଣ୍ଡ ହୋଇ ବଡ଼ା ପରି ବନ୍ଧା ଯାଇ ପାରେ ।
Fagottist, *n.* ନଳ ଲଗା ବଡ଼ ବଂଶୀର ବାଦକ ।
Fagot-vote, *n.* କୃତ୍ରିମ ମତପ୍ରକାଶ ଅଧିକାର ।
Fahrenheit, *a.* ଫାରନହାଇଟ୍ ନାମକ ଜର୍ମାନ ଯାହେବଙ୍କ ଦ୍ୱାରା ଉଦ୍ଭାବିତ ତାପମାପକ ଯନ୍ତ୍ରସମ୍ବନ୍ଧୀୟ । (ଏ ଯନ୍ତ୍ର ଦ୍ୱାରା ଜଳ ୩୨ ଡିଗ୍ରୀରେ ଜମାଟ ହେବାର ଓ ୨୧୨ ଡିଗ୍ରୀରେ ବାଷ୍ପ ହେବାର ସୂଚିତ ହୁଏ ।)
Fail, *v.i.* 1. ଅଯଥେଷ୍ଟ-ହେ, ଅପ୍ରତୁଳ-ହେ ; 2. କ୍ଷୟ-ହେ, ଧ୍ୱଂସ-ହେ, କ୍ଷୀଣ-ହେ ; 3. ନିଷ୍ଫଳ-ହେ, ବିଫଳ-ହେ, ଅକୃତାର୍ଥ-ହେ, ଅକୃତକାର୍ଯ୍ୟ-ହେ, ତ୍ରୁଟି-କ ; 4. ଦେଉଳିଆ-ହେ ।—*v.t.* ତ୍ୟାଗ-କ ।—*n.* ବିଫଳତା, ଅବହେଳା ।—Without fail, ବିନା ତ୍ରୁଟିରେ, ନିଃସନ୍ଦେହରେ ।
Failing, *n.* ସ୍ୱାଭାବିକ ଦୋଷ, ଦୁର୍ବଳତା, ତ୍ରୁଟି ।
Failure, *n.* 1. ଅଭାବ, ପୂରଣର ନିବୃତ୍ତି ; 2. ତ୍ରୁଟି ; 3. ଅକୃତକାର୍ଯ୍ୟତା, ବିଫଳତା ; 4. ଦେଉଳିଆ ଅବସ୍ଥା ।
Fain, *a.* 1. ତୁଷ୍ଟ, ହୃଷ୍ଟ ; 2. ବାଞ୍ଛିତ, ଅଗତ୍ୟାସମ୍ମତ ।—*ad.* ଖୁସିରେ, ଆନନ୍ଦପୂର୍ବକ ।
Faint, *v.i.* 1. କ୍ଷୀଣ-ହେ, ଦୁର୍ବଳ-ହେ, କ୍ଳାନ୍ତ-ହେ, ସାହସହୀନ-ହେ ; 2. ମୂର୍ଚ୍ଛିତ-ହେ ; 3. ଅଦୃଶ୍ୟ-ହେ ।—*a.* 1. କ୍ଳାନ୍ତ, ଦୁର୍ବଳ, ଅବସନ୍ନ ; 2. କ୍ଷୀଣ, ଫିକା, ଅସ୍ପଷ୍ଟ, ମିଞ୍ଜିମିଞ୍ଜି ; 3. ସାହସହୀନ, ଡରୁଆ, ଭୀରୁ ।—*n.* ମୂର୍ଚ୍ଛା ।
Faint-hearted, *a.* କାପୁରୁଷ, ଭୀରୁ, ଡରୁଆ, ସହଜରେ ଡରୁଥିବା ।
Faint-heartedly, *ad.* କାପୁରୁଷରୂପେ, ଭୀରୁରୂପେ ।
Faint-heartedness, *n.* ସାହସହୀନତା ।
Faintly, *ad.* 1. ଦୁର୍ବଳରୂପେ, ନିସ୍ତେଜରୂପେ ; 2. କ୍ଷୀଣରୂପେ, ଅସ୍ପଷ୍ଟରୂପେ ।
Faintness, 1. ଈଷତ୍ ମୂର୍ଚ୍ଛା, ଦୁର୍ବଳତା, କ୍ଳାନ୍ତି, ନିସ୍ତେଜତା ; 2. ଅସ୍ପଷ୍ଟତା ।
Fair, *a.* 1. ସୁନ୍ଦର, ସୁଶ୍ରୀ ; 2. ଗୌରବର୍ଣ୍ଣ, ଗୋରା ; 3. ମେଘଶୂନ୍ୟ, ନିର୍ମଳ, ଅକଳଙ୍କିତ ; 4. ଅନୁକୂଳ ; 5. ଯଥାର୍ଥ, ସରଳ, ନ୍ୟାଯ୍ୟବାନ୍, ନ୍ୟାଯ୍ୟ, ଅପକ୍ଷପାତୀ ; 6. ସ୍ପଷ୍ଟ, ଟାଙ୍ଗ୍ୟ ; 7. ମଧ୍ୟମ ; 8. ଭୁକ୍ତିକର, ମିଷ୍ଟ, ଶିଷ୍ଟ, ପ୍ରିୟବାଦୀ, ତୋଷାମୋଦୀ ।—*ad.* 1. ସରଳଭାବେ, ନ୍ୟାଯ୍ୟଭାବେ ; 2. କୃତକାର୍ଯ୍ୟରୂପେ, ଉତ୍ତମରୂପେ ; 3. ସ୍ପଷ୍ଟରୂପେ ; 4. ଶିଷ୍ଟାଚାରପୂର୍ବକ ।—Fair and square, ସରଳ, ସରଳଭାବେ । To bid fair, ଆଶାପ୍ରଦ-ହେ, ସମ୍ଭବତଃ-ହେ ।—*n.* ସୁନ୍ଦରୀ ସ୍ତ୍ରୀ,—*The fair*, ସ୍ତ୍ରୀ ଜାତି, ବିଶେଷତଃ ସୁନ୍ଦରୀ ସ୍ତ୍ରୀବର୍ଗ ।
Fair, *n.* ମେଳା, ବିଶେଷ ହାଟ ।
Fairily, *ad.* ପରୀରୂପେ ।
Fairing, *n.* ଦାନ ନିମନ୍ତେ ମେଳାରେ କଣା ଦ୍ରବ୍ୟ ।
Fairish, *a.* ମଧ୍ୟମ ।
Fairly, *ad.* 1. ସରଳଭାବେ, ନିଷ୍କପଟରୂପେ, ନ୍ୟାଯ୍ୟ-ଭାବେ ; 2. ମଧ୍ୟମରୂପେ ।
Fair-minded, *a.* ନ୍ୟାଯ୍ୟବାନ୍, ଅପକ୍ଷପାତୀ, ସରଳ ।
Fairness, *n.* 1. ସୌନ୍ଦର୍ଯ୍ୟ, ସୁଶ୍ରୀକତା, ଲାବଣ୍ୟ ; 2. ଗୌର ବର୍ଣ୍ଣ ; 3. ନିର୍ମଳତା ; 4. ଯଥାର୍ଥତା, ସରଳତା, ନ୍ୟାଯ୍ୟ, ଅପକ୍ଷପାତତା ।
Fair-spoken, *a.* ମିଷ୍ଟବାକ୍ୟବାଦୀ, ଶିଷ୍ଟାଚାର, ପ୍ରିୟବାଦୀ ।
Fair-weather, *a.* ଅଳ୍ପ କଷ୍ଟଭୋଗୀ, ସୁସମୟର, ଯଥା,—ସୁସମୟର ବନ୍ଧୁ ।
Fairy, *n.* ପରୀ ।—*a.* ପରୀସମ୍ବନ୍ଧୀୟ, ପରୀବିଷୟକ, ପରୀ-ତୁଲ୍ୟ ।
Fairy-land, *n.* 1. ପରୀମାନଙ୍କ କାଳ୍ପନିକ ଦେଶ ; 2. ଅଦ୍ଭୁତ ସୁନ୍ଦର ଦୃଶ୍ୟ ।
Faith, *n.* 1. ବିଶ୍ୱାସ, ପ୍ରତ୍ୟୟ, ନିର୍ଭରତା, ଅନ୍ୟ ଲୋକର ସରଳତା ଓ ସତ୍ୟତାରେ ନିର୍ଭରତା, ଈଶ୍ୱରଙ୍କଠାରେ ବିଶ୍ୱାସ, ଧର୍ମସମ୍ବନ୍ଧୀୟ ଦୃଢ଼ ବୋଧ ; 2. ଧର୍ମ, ମତ ; 3. ବିଶ୍ୱସ୍ତତା, ଦୃଢ଼ ପ୍ରତିଜ୍ଞା, ଅଙ୍ଗୀକାର, ଉକ୍ତି ।—In good faith, ସରଳଭାବେ ।
Faith-cure, *n.* କେବଳ ବିଶ୍ୱାସ ଓ ପ୍ରାର୍ଥନା ଦ୍ୱାରା ରୋଗର ପ୍ରକୃତ ବା କଳ୍ପିତ ପ୍ରତୀକାର ।
Faithful, *a.* 1. ବିଶ୍ୱାସପୂର୍ଣ୍ଣ, ବିଶ୍ୱାସୀ ; 2. ବିଶ୍ୱସ୍ତ,

ଦୃଢଚିତ୍ତ ; 3. ଠିକ୍, ସତ୍ୟ ; 4. ବିଶ୍ୱାସଯୋଗ୍ୟ, ପ୍ରତ୍ୟୟ-ଜାସ୍ ।—The faithful, ସତ୍ୟ ଧର୍ମର ବିଶ୍ୱାସିବର୍ଗ ।

Faithfully, *ad.* ବିଶ୍ୱସ୍ତଭାବେ, ସରଳଭାବେ, ଭକ୍ତିପୂର୍ବକ ।

Faithfulness, *n.* ବିଶ୍ୱସ୍ତତା, ଦୃଢଚିତ୍ତତା, ଭକ୍ତି ।

Faithless, *a.* 1. ବିଶ୍ୱାସହୀନ, ଅବିଶ୍ୱାସୀ ; 2. ଅବିଶ୍ୱସ୍ତ, ବିଶ୍ୱାସଘାତ, ଭକ୍ତିହୀନ ; 3. ଅବିଶ୍ୱାସ୍ୟ, ପ୍ରବଞ୍ଚନାପୂର୍ଣ୍ଣ ।

Faithlessly, *ad.* ବିଶ୍ୱାସଘାତରୂପେ, ଅବିଶ୍ୱସ୍ତଭାବେ, ଭକ୍ତିହୀନଭାବେ ।

Faithlessness, *n.* ଅବିଶ୍ୱସ୍ତତା, ବିଶ୍ୱାସଘାତକତା, ଭକ୍ତିହୀନତା ।

Fake, *n.* ଜାହାଜର ଦଉଡର ଏକ ମୋଡ ।

Fakir, Fakeer, *n.* ମୁସଲମାନ୍ ଭିକ୍ଷୁକ, ଯବନ ସନ୍ନ୍ୟାସୀ, ଫକୀର ।

Falcate, Falcated, *n.* ଦାଅ ପରି ବଙ୍କା, ବଙ୍କ ।

Falcation, *n.* ବଙ୍କତା ।

Falchion, *n. fal'shon,* ଈଷତ୍ ବଙ୍କ ଓ ଚଉଡା କ୍ଷୁଦ୍ର ଖଡ୍ଗ, ଚନ୍ଦ୍ରହାସ ।

Falcon, *n.* 1. ଶ୍ୟେନ, ବାଜପକ୍ଷୀ, ବିଶେଷତଃ ଶୀକାରୀ ବାଜପକ୍ଷିଣୀ ; 2. ପୁରାତନ କାଳୀନ ତୋପ ବିଶେଷ ।

Falconer, *n.* ବାଜପକ୍ଷିର ପାଳକ, ବାଜପକ୍ଷିଣୀ ଦ୍ୱାରା ଯେ ଶୀକାର କରେ ।

Falconet, *n.* 1. କ୍ଷୁଦ୍ରାକାର ବାଜପକ୍ଷୀ; 2. ପୂର୍ବ କାଳୀନ ତୋପ ବିଶେଷ ।

Falconine, *a.* ବାଜପକ୍ଷିର ଜାତିସମ୍ବନ୍ଧୀୟ ।

Falconry, *n.* 1. ଶ୍ୟେନଶିକ୍ଷା, ବାଜପକ୍ଷିଣୀକୁ ଶୀକାର ଶିଖାଇବା ବିଦ୍ୟା ; 2. ଶ୍ୟେନପକ୍ଷୀ ଦ୍ୱାରା ଶୀକାର, ଶ୍ୟୈନମ୍ପାତ ।

Fall, *v.i.* 1. ପଡିବା, ପତିତ-ହେ ; 2. ହ୍ରାସ-ହେ, ଖସିବା ; 3. ଅଧଃପତିତ-ହେ, ପାପରେ ପତିତ-ହେ ; 4. ବିନଷ୍ଟ-ହେ, ମରିବା ; 5. ନ୍ୟୂନ-ହେ, କମ-ହେ, ଦୁର୍ବଳ-ହେ, ଅବସନ୍ନ-ହେ ; 6. ହତମାନ୍ୟ-ହେ ; 7. ଘଟିବା ; 8. ହସ୍ତାନ୍ତରିତ-ହେ ; 9. ଅସାବଧାନତାରେ ଉଚ୍ଚାରିତ-ହେ; 10. ଓହ୍ଲି ପଡିବା ; 11. ବେଗେ ଆରମ୍ଭ-କ ।—To fall among, ମଧ୍ୟରେ ପଡିବା, ହାବୁଡରେ ପଡିବା । To fall away, 1. କ୍ଷୀଣ-ହେ; ଦୁର୍ବଳ-ହେ; 2. ଅଧୀନତା ତ୍ୟାଗ-କ, ବିଦ୍ରୋହୀ-ହେ, ଧର୍ମତ୍ୟାଗୀ-ହେ । To fall back, ହଟିଯିବା । To fall back upon, ଅବଲମ୍ବନ-କ, ଆଶ୍ରୟ-ନେ । To fall down, ପ୍ରଣତ-ହେ, ପ୍ରଣାମ-କ । To fall foul of, ଆକ୍ରମଣ-କ, ଲଢାଇ-କ । To fall from, ତ୍ୟାଗ-କ, ଚ୍ୟୁତ-ହେ । To fall in, 1. ଶ୍ରେଣୀବଦ୍ଧ-ହେ; 2. ଶେଷ-ହେ । To fall in with, 1. ଭେଟିବା; 2. ଐକ୍ୟ-ହେ, ସମ୍ମତ-ହେ । To fall off, 1. ଧର୍ମତ୍ୟାଗୀ-ହେ, ତ୍ୟାଗ-କ ; 2. ଜୀର୍ଣ୍ଣ ମୁକ୍ତ-ହେ, ଉଣା ଦୃଷ୍ଟିକର-ହେ, ନ୍ୟୂନ-ହେ । To fall on or upon 1. ଆକ୍ରମଣ-କ; 2. ଭେଟିବା । To fall out, 1. ଝଗଡା-କ, ବିବାଦ-କ ; 2. ଘଟିବା । To fall short, ଅଯଥେଷ୍ଟ-ହେ, ଉଣା-ହେ । To fall through, ନିଷ୍ଫଳ-ହେ । To fall to, ବେଗେ ଆରମ୍ଭ-କ, ମନୋନିବେଶ-କ । To fall to the ground, ବ୍ୟର୍ଥ-ହେ । To fall under, ଅନ୍ତର୍ଗତ-ହେ, ଭୁକ୍ତ-ହେ, ଅଧୀନ-ହେ ।—*n.* 1. ପତନ ; 2. ହ୍ରାସ ; 3. ଅଧଃପତନ, ଅଧୋଗମନ, ଅପମାନ ; 4. ମୃତ୍ୟୁ, ବିନାଶ ; 5. ମୂଲ୍ୟର ହ୍ରାସ; 6. ସ୍ୱରପତନ ; 7. ଜଳପ୍ରପାତ ; 8. ପତନର ଦୂରତ୍ୱ ; 9. କ୍ରମନିମ୍ନତା, ଢାଲୁ ; 10. ଶରତ୍କାଳ ; 11. ଯେତେ ପଡେ, ଯଥା,—ବୃଷ୍ଟିର ପତନ, ଅସର ; 12. ଓଢଣା ବିଶେଷ ; 13. ପାପରେ ପତନ ।—The fall, ଆଦମ ଓ ହବାର ପାପରେ ପତନ ।

Fallacious, *a.* ପ୍ରବଞ୍ଚନାସମ୍ବନ୍ଧୀୟ, ଭ୍ରମାତ୍ମକ, ଭ୍ରମଜନକ, ପ୍ରବଞ୍ଚକ, ଅମୂଳକ, ମିଥ୍ୟା ।

Fallaciously, *ad.* ଭ୍ରମାତ୍ମକରୂପେ, ଭ୍ରମଜନକରୂପେ, ପ୍ରବଞ୍ଚକରୂପେ ।

Fallaciousness, *n.* ଭ୍ରମଜନକତା, ଅସତ୍ୟତା ।

Fallacy, *n.* 1. ପ୍ରବଞ୍ଚନା, ବଞ୍ଚକତା, ଭ୍ରମ ; 2. ମିଥ୍ୟା ଯୁକ୍ତି, ମିଥ୍ୟା ସିଦ୍ଧାନ୍ତ ।

Fallibility, *n.* ଭ୍ରମଶୀଳତା, ଭ୍ରମଯୋଗ୍ୟତା, ଭ୍ରମାଧୀନତା ।

Fallible, *a.* 1. ଭ୍ରମଶୀଳ, ଭ୍ରମଯୋଗ୍ୟ, ଭ୍ରମାଧୀନ, ଭ୍ରମ୍ୟ, ପ୍ରବଞ୍ଚନୀୟ ; 2. ତ୍ରୁଟିଯୁକ୍ତ, ତ୍ରୁଟିବିଶିଷ୍ଟ ।

Falling-sickness, *n.* ଅପସ୍ମାର, ମୃଗୀ ରୋଗ ।

Falling-star, *n.* ଉଲ୍କା ।

Fallow, *a.* 1. ଫିକା ଲାଲ ବା ହଳଦିଆ ; 2. କର୍ଷିତ ମାତ୍ର ଅବୁଣା, ପତିତ, ପଡିଆ, ହେଳାକୃତ ।—*n.* 1. କର୍ଷିତ ମାତ୍ର ଅବୁଣା ଭୂମି, ପତିତ ଭୂମି ; 2. ଭୂମି ଚାଷ କରି ଅବୁଣାବସ୍ଥାରେ ରଖିବା ରୀତି ।—*v.t.* ବାଇ ନ ବୁଣି ଚାଷ-କ ।

Fallow-deer, *n.* (ଫିକା ହଳଦିଆ) ହରିଣ ବିଶେଷ ।

Fallowness, *n.* କର୍ଷିତ ମାତ୍ର ଅବୁଣାବସ୍ଥା, ଅନୁର୍ବରତା ।

False, *a.* 1. ଅସତ୍ୟ, ଅପ୍ରକୃତ, ମିଥ୍ୟା ; 2. କୃତ୍ରିମ, ମେକି, କପଟୀ ; 3. ଅବିଶ୍ୱସ୍ତ, ଚଞ୍ଚଳ, ଅସ୍ଥିର, ବିଶ୍ୱାସଘାତକ ; 4. ଦୋଷଯୁକ୍ତ, ଅମୂଳକ ; 5. ମିଥ୍ୟାବାଦୀ ।

False-hearted, *a.* ପ୍ରବଞ୍ଚକ, ବିଶ୍ୱାସଘାତକ ।

Falsehood, Falsity, *n.* 1. ଅସତ୍ୟତା, ଭ୍ରମ, ଭୁଲ ; 2. ଅସତ୍ୟ କଥା, କଳ୍ପିତ କଥା, ମିଥ୍ୟା, କଥା, ମିଥ୍ୟା; 3. କପଟତା, ଅସରଳତା ; 4. ଅପ୍ରକୃତତା, କୃତ୍ରିମ ବିଷୟ ।

Falsely, *ad.* 1. ଅସତ୍ୟରୂପେ, ମିଥ୍ୟାରେ ; 2. ଅଯଥାର୍ଥରୂପେ, ତ୍ରୁଟିପୂର୍ବକ ।

Falseness, *n.* ଅସତ୍ୟତା, ପ୍ରତାରଣା, ବିଶ୍ୱାସଘାତକତା ।

Falsetto, *n.* ଅସ୍ୱାଭାବିକ ସ୍ୱର, କୃତ୍ରିମ ଉଚ୍ଚ ସ୍ୱର ।

Falsification, *n.* ମିଥ୍ୟାକରଣ, ଜାଣିଶୁଣି ମିଥ୍ୟା କଥନ ବା ବର୍ଣ୍ଣିବା ।

Falsify, *v.t.* 1. ମିଥ୍ୟା-କ, ଅଯଥାର୍ଥ-କ, ଅପ୍ରକୃତ-କ, କୃତ୍ରିମ-କ ; 2. ମିଥ୍ୟା ବୋଲି ଦର୍ଶାଇବା, ମିଥ୍ୟା ବୋଲି ପ୍ରମାଣ-କ ; 3. ମିଥ୍ୟା କହି ଲଙ୍ଘିବା ।—*v.i.* ମିଥ୍ୟା କହିବା ।

Falter, *v.i.* 1. ଥଙ୍ଗେଇ ଥଙ୍ଗେଇ କହିବା, ଅଟକି ହୋଇ କହିବା, ଶବ୍ଦ କରି କହିବା ; 2. ଥରଥର-ହେ,

ଚଞ୍ଚିତ-ହେ, ଅସ୍ଥିର-ହେ, ଟଳମଳ-ହେ । [ବିମ୍ବନଶୀଳ ।
**Faltering**, *p.a.* ଶଙ୍କା ଖେଦସମ୍ବନ୍ଧୀୟ, ଶଙ୍କା, ତୋତଲା,
**Falteringly**, *ad.* ଅଟକି ଅଟକି, ଦ୍ୱିଧାପୂର୍ବକ । [ସୁନାମ ।
**Fame**, *n.* (ଜନରବ) ଖ୍ୟାତି, ସୁଖ୍ୟାତି, ଯଶଃ, କୀର୍ତ୍ତି,
**Famed**, *a.* ବିଖ୍ୟାତ, ଖ୍ୟାତିମନ୍ତ, ପ୍ରସିଦ୍ଧ, ଯଶସ୍ୱୀ ।
**Fameless**, *a.* ଯଶହୀନ, କୀର୍ତ୍ତିହୀନ ।
**Familiar**, *a.* 1. ପରିଚିତ; 2. ଆଳାପୀ, ଖୋଲା; 3. ସୁଜ୍ଞାତ, ଦୃଢ଼ବିଦିତ, ଅଭ୍ୟସ୍ତ; 4. ସୁହୃଦ ।—Familiar spirit, ଅନୁଗାମୀ ଭୂତ ।—*n.* 1. ମିତ୍ର, ସଙ୍ଗୀ, ସୁପରିଚିତ ଲୋକ; 2. ଅନୁଗାମୀ ଭୂତ ।
**Familiarity**, *n.* 1. ପରିଚୟ, ଘନିଷ୍ଠତା ପରିଜ୍ଞାନ; 2. ସୌଜନ୍ୟ, ଖୋଲା ସ୍ୱଭାବ, ବିଶେଷ ଆଳାପ; 3. ଶିଷ୍ଟାଚାରର ଅତିକ୍ରମ ।
**Familiarize**, *v.t.* ପରିଚିତ-କ, ଅଭ୍ୟସ୍ତ-କ, ଅଭ୍ୟାସ ଦ୍ୱାରା ସୁଗମ-କ, followed by *with.*
**Familiarly**, *ad.* ପରିଚିତରୂପେ, ଆଳାପୀରୂପେ, ଖୋଲାଭାବେ, ସସ୍ନେହଭାବେ ।
**Family**, *n.* 1. ପରିବାର, ପରିଜନ, କୁଟୁମ୍ବ; 2. ସନ୍ତାନସନ୍ତତି; 3. ବଂଶ, ଜାତି, କୁଳ; 4. ଗୋତ୍ର, ଗୋଷ୍ଠୀ; 5. ସମ୍ଭ୍ରାନ୍ତ ବା ପ୍ରସିଦ୍ଧ ବଂଶ; 6. ଉପବର୍ଗ ।
**Famine**, *n.* 1. ଦୁର୍ଭିକ୍ଷ, ଅନ୍ନାଭାବ, ମହର୍ଘ, ଅକାଳ; 2. ଅଭାବ ।
**Famish**, *v.t.* ଅନ୍ନାଭାବରେ ମାରିପକାଇବା, ଅନାହାରରେ ମାରିବା, ଅନ୍ନାଭାବରେ କ୍ଲେଶ-ଦେ ।—*v.i.* ଅନ୍ନାଭାବରେ ମରିବା, ଅନାହାରରେ ମରିବା, ଅନାହାରରେ କ୍ଲେଶ ପାଇବା ।
**Famous**, *a.* 1. ବିଖ୍ୟାତ, ପ୍ରସିଦ୍ଧ, ଯଶସ୍ୱୀ, ଖ୍ୟାତନାମା, ଖ୍ୟାତିମନ୍ତ, କୀର୍ତ୍ତିମାନ୍; 2. ପାରଗ, ପଟୁ, ଦକ୍ଷ ।
**Famously**, *ad.* ଅତ୍ୟୁତ୍ତମରୂପେ ।
**Fan**, *n.* 1. କୁଲା, ସୂର୍ପ; 2. ବିଞ୍ଚଣା, ପଙ୍ଖା, ବ୍ୟଜନ, ବୃନ୍ତ; 3. ପକ୍ଷର ପଙ୍ଖାଭୂତ ପଦାର୍ଥ ।—*v.t.* 1. କୁଲାରେ ପାଛୁଡ଼ିବା; 2. ପଙ୍ଖା-କ, ବ୍ୟଜନ-କ; 3. ଉତ୍ତେଜିତ-କ, ଉତ୍ସାହିତ-କ ।
**Fanatic, Fanatical**, *a.* ଧର୍ମୋନ୍ମତ୍ତ, ଧର୍ମୋନ୍ମତ୍ତ, ଅତିରିକ୍ତରୂପେ ଉତ୍ସାହୀ, କ୍ଷିପ୍ତ ।—*n.* ଧର୍ମୋନ୍ମତ୍ତ ଲୋକ, ଧର୍ମପାଗଳ, ଅତିରିକ୍ତରୂପେ ଉତ୍ସାହୀ ବ୍ୟକ୍ତି, କ୍ଷିପ୍ତ ଲୋକ, ଉମଦ୍ୟାଗୀ ।
**Fanatically**, *ad.* ଧର୍ମୋନ୍ମତ୍ତରୂପେ ।
**Fanaticism**, *n* ଅତିରିକ୍ତ ଉତ୍ସାହ, ଅନୁପଯୁକ୍ତ ବ୍ୟଗ୍ରତା, ଉନ୍ମତ୍ତତା, ଧର୍ମୋନ୍ମାଦ ।
**Fancied**, *p.a.* ମନୋଗତ, ମନୋଜ, କଳ୍ପିତ, ଅପ୍ରକୃତ, ଅମୂଳକ, କାଳ୍ପନିକ ।
**Fanciful**, *a.* 1. କଳ୍ପନାପୂର୍ଣ୍ଣ, କଳ୍ପନାଜାତ, କାଳ୍ପନିକ; 2. ଅମୂଳକ, ଅପ୍ରକୃତ ।
**Fancifully**, *ad.* କାଳ୍ପନିକରୂପେ । [ଳକତା ।
**Fancifulness**, *n.* କଳ୍ପନାପୂର୍ଣ୍ଣତା, କାଳ୍ପନିକତା; ଅମୂ-
**Fancyless**, *n.* କଳ୍ପନାଶକ୍ତିଶୂନ୍ୟ ।
**Fancy**, *n.* 1. କଳ୍ପନାଶକ୍ତି; 2. କଳ୍ପନା; 3. କାଳ୍ପନିକ ବୋଧ, ଅନୁମାନ: 4. ଇଚ୍ଛା, ରୁଚି, ଅନୁରାଗ, ଖିଆଲ, ମନର ତରଙ୍ଗ, ଚିତ୍ତୋର୍ମି; 5. ପ୍ରିୟ ବିଷୟ ବା କାର୍ଯ୍ୟ, ସୌଖୀନ ବିଷୟ ।—*v.i.* 1. ବୋଧ-କ; 2. ଅନୁମାନ-କ ।—*v.t.* 1. କଳ୍ପନା-କ; 2. ଅନୁମାନ-କ; 3. ପସନ୍ଦ-କ, ଭଲ ପାଇବା ।—*a.* 1. ଶୋଭିତ, ଅଳଙ୍କାରିତ; 2. ଦୃଷ୍ଟ ରୁଚିକର, ଅସାଧାରଣ; 3. କାଳ୍ପନିକ; 4. ସୌଖୀନ ।
**Fancy-fair**, *n.* ଦାତବ୍ୟ ଅଭିପ୍ରାୟରେ କ୍ଷଣସ୍ଥାୟୀ ମେଳା ବିଶେଷ, ସ୍ତ୍ରୀମାନଙ୍କ ଦ୍ୱାରା ଚଳିତ ବଜାର ।
**Fancy-free**, *a.* ପ୍ରୀତିଶକ୍ତିର ଅନଧୀନ ।
**Fancy-work**, *n.* ବସ୍ତ୍ରମାନଙ୍କ ଅଳଙ୍କାରକ କାର୍ଯ୍ୟ, ଯଥା, —ଛୁଞ୍ଚିଦ୍ୱାରା ଫୁଲ କାର୍ଯ୍ୟାଦି ।
**Fandango**, *n.* ସ୍ପେନ୍ ଦେଶୀୟ ଦ୍ରୁତ ନୃତ୍ୟ ବିଶେଷ ।
**Fane**, *n.* (poetical) ମନ୍ଦିର, ଦେବାଳୟ । [ଦର୍ପ ।
**Fanfare**, *n.* 1. ତୂରୀନାଦ; 2. ଆଡମ୍ବର, ଆଡମ୍ବରପୂର୍ଣ୍ଣ
**Fanfaron**, *n.* 1. ବଡ଼ାଇ ଖୋର, ବୃଥା ଦର୍ପୀ ଲୋକ; 2. ଆଡମ୍ବର, ବଡ଼ାଇ ।
**Fanfaronade**, *n.* ବୃଥା ଅହଙ୍କାର, ବଡ଼ାଇ, ଆଡମ୍ବର ।
**Fang**, *n.* 1. ମୂନିଆ ଦାନ୍ତ, କୁକୁର ଦାନ୍ତ, ବିଷଦନ୍ତ; 2. ଦାନ୍ତର ମୂଳ; 3. ପକ୍ଷୀର ନଖ ।
**Fanged**, *a.* ମୂନିଆ ଦାନ୍ତବିଶିଷ୍ଟ, ବିଷଦନ୍ତୀ ।
**Fan-palm**, *n.* ତାଳଗଛ ।
**Fantasm**, *n.* see Phantasm.
**Fantastic, Fantastical**, *a.* 1. କଳ୍ପିତ, କାଳ୍ପନିକ; 2. ଅସ୍ଥିର, ଚଞ୍ଚଳ, କଳ୍ପନାପ୍ରିୟ; 3. ଅପରୂପ, ଅସଙ୍ଗତ ବେଶଧାରୀ । [ଭାବରେ ।
**Fantastically**, *ad.* ଅପରୂପତାପୂର୍ବକ, ଅସଙ୍ଗତ
**Fantasticalness**, *n.* 1. କଳ୍ପନାପୂର୍ଣ୍ଣତା; 2. ଅପରୂପତା; 3. ଚିତ୍ତଚାଞ୍ଚଲ୍ୟ ।
**Fantasy**, *n.* ଅଦ୍ଭୁତ କଳ୍ପନା, ଅନର୍ଥକ ମାନସ, ଖିଆଲ, ଆକାଶଚିନ୍ତା ।—*v.t.* କଳ୍ପନା-କ ।
**Far**, *a.* 1. ଦୂରସ୍ଥ, ଦୂର; 2. ଦୂରବ୍ୟାପୀ; 3. ଅଭିପ୍ରାୟର ବହିର୍ଭୂତ ।—*ad.* 1. ଦୂରରେ; 2. ଅଧିକ ପରିମାଣରେ, ଅତିଶୟରୂପେ ।—By far, ଅଧିକ ପରିମାଣରେ ।—From far, ଦୂରରୁ । Far other, ସମ୍ପୂର୍ଣ୍ଣଭିନ୍ନ । In so far as, ଏପର୍ଯ୍ୟନ୍ତ ।
**Farce**, *v.t.* ମସଲାଦିରେ ପୂର୍ଣ୍ଣ-କ ।
**Farce**, *n.* 1. ପ୍ରହସନ, ହାସ୍ୟୋତ୍ପାଦକ ନାଟକ, ସୁଆଙ୍ଗ; 2. ହାସ୍ୟକର କାର୍ଯ୍ୟ, ଅନର୍ଥକ କାର୍ଯ୍ୟ ।
**Farcial**, *a.* 1. ପ୍ରହସନସମ୍ବନ୍ଧୀୟ, ସୁଆଙ୍ଗସମ୍ବନ୍ଧୀୟ; 2. ହାସ୍ୟକର, ଅନର୍ଥକ ।
**Fare**, *v.i.* (ଯିବା), 1. ହେବା, ଦଶାପନ୍ନ-ହେ, ଘଟିବା, 2. ଦିନ କାଟିବା ।—*n.* 1. ଗାଡ଼ି ରେଲ୍‌ଗାଡ଼ି ଆଦିରେ ଯିବା ନିମନ୍ତେ ଭଡ଼ା; 2. ଖାଦ୍ୟସାମଗ୍ରୀ, ଆହାର; 3. ଭଡ଼ା ଘୋଡ଼ାଗାଡ଼ିରେ ଯିବା ଲୋକ ।
**Farewell**, *interj.* ସ୍ୱସ୍ତି! ମଙ୍ଗଳ ହେଉ! କୁଶଳରେ ଯାଅ!—*n.* 1. ପ୍ରସ୍ଥାନକାଳୀନ ବନ୍ଦନା, ପ୍ରସ୍ଥାନକାଳୋଚିତ ନମସ୍କାର; 2. ବିଦାୟଗ୍ରହଣ, ବିଦାୟଦାନ, ଶେଷ ଦୃଷ୍ଟି ସମ୍ବନ୍ଧୀ ବା କାର୍ଯ୍ୟ ।—*a.* ବିଦାୟକାଳୀନ, ପ୍ରସ୍ଥାନକାଳୀନ ।

Far-fetched, Far-sought, *a.* କଷ୍ଟକଳ୍ପିତ, କଷ୍ଟରେ ଉତ୍ପାଦିତ, ଅସଙ୍ଗତ ଓ ଅସ୍ପଷ୍ଟ ।

Farina, *n.* 1. ଗହମର ମଇଦା ; 2. କୌଣସି ଶସ୍ୟର ମଞ୍ଜି ବା ମୂଳରୁ ପ୍ରାପ୍ତ ମଇଦାପରି ପଦାର୍ଥ ।

Farinaceous, *a.* 1. ମଇଦାମୟ ; 2. ମଣ୍ଡପୂର୍ଣ୍ଣ, ମଣ୍ଡ-ଉତ୍ପାଦକ ; 3. ମଇଦାସମ୍ବନ୍ଧୀୟ; 4. ମଇଦାପରି ।

Farm, *n.* ଇଜାରଭୂମି, ଯୋତଭୂମି, କୃଷି ନିମନ୍ତେ ବା ଗୋରୁ ମେଣ୍ଢାପଲ ରଖିବା ନିମନ୍ତେ ଇଜାରଭୂମି ।—*v.t.* 1. ଭୂମିର ଇଜାରା-ଦେ, ଭୂମିର ଇଜାରା-ନେ, ଜମିର ଭଡା-ଦି, ଜମିକୁ ଭଡାରେ-ନେ ; 2. କୃଷି-କ ; 3. ମାସୁଲର ଇଜାରା-ନେ ।—*v.i.* ଚଷା-ହେ, କୃଷି-କ ।

Farmable, *a* କୃଷିଯୋଗ୍ୟ ।

Farmer, *n.* 1. ଚଷା, କୃଷକ, ଯୋତଦାର; 2. ମାସୁଲ ଆଦିର ଇଜାରାଦାର ।

Farmhouse, *n.* ଚଷାର ଘର ।

Farming, *a.* କୃଷିସମ୍ବନ୍ଧୀୟ ।—*n.* କୃଷିକର୍ମ, କୃଷି ।

Farmost, Farthermost, Farthest, *a.* ଦୂରତମ ।

Farmstead, *n.* ଚଷାର ଘର ଗୋଶାଳ ଓ ଗୁହାଳ ଆଦି ।

Farmyard, *n.* ଚଷାର ଘର ଗୋଶାଳ ଓ ଗୁହାଳ ଆଦି ସଂଯୁକ୍ତ ବଡ ଅଗଣା ।

Farness, *n.* ଦୂରତ୍ୱ, ଦୂରସ୍ଥତା, ଅନୈକଟ୍ୟ ।

Far-off, *a.* ଦୂର, ଦୂରସ୍ଥ । [ଘୋଳି ।

Farrago, *n.* ନାନା ଦ୍ରବ୍ୟର ମିଶ୍ରଣ, ଖେଚୁଡ଼ି, ଗୋଳିଆ-

Far-reaching, *a.* ଦୂରବ୍ୟାପୀ, ବିଶେଷ ଫଳଦାୟୀ ।

Farrier, *n.* 1. ଘୋଡାର ନାଲବନ୍ଦ ; 2. ଅଶ୍ୱ-ବୈଦ୍ୟ ଓ ନାଲବନ୍ଦ । [ଚିକିତ୍ସା ।

Farriery, *n.* 1. ଘୋଡାର ନାଲବନ୍ଦୀ; 2. ଅଶ୍ୱାଦିର

Farrow, *n.* ଘୁଷୁରି ଛୁଆ ପଲ ।—*v.t.* or *i.* ଘୁଷୁରି ଛୁଆ ପ୍ରସବ-କ । [ଷ୍ୟଦର୍ଶୀ ।

Far-sighted, *a.* 1. ଦୂରଦର୍ଶକ ; 2. ଦୂରଦର୍ଶୀ, ଭବି-

Far-sightedness, *n.* 1. ଦୂର ଦୃଷ୍ଟି ; 2. ଦୂରଦର୍ଶିତା ।

Farther, *a.* ଦୂରତର, ଅଧିକ ଦୂର ।—*ad.* ଅଧିକ ଦୂରରେ, ଦୂରତରରୂପେ ।

Farthest, *ad.* ଦୂରତମ ସ୍ଥାନରେ ।

Farthing, *n.* ଇଂଲଣ୍ଡୀୟ ଅଳ୍ପ ମୂଲ୍ୟର ମୁଦ୍ରାବିଶେଷ, ପ୍ରାୟ ଏକ ପଇସାର ମୂଲ୍ୟ ।

Fascia, *n.* 1. ବନ୍ଧନୀ ବା ଫିତାକୃତି ପଦାର୍ଥ; 2, ପଟି ।

Fascinate, *v.t.* 1. ମାୟାରେ ବଶ-କ ; 2. ମୋହିତ-କ, ମନୋହରଣ-କ ।

Fascinating, *a.* ମୁଗ୍ଧକାରୀ, ମୁଗ୍ଧକର, ମନୋହାରୀ ।

Fascination *n.* 1. ମୁଗ୍ଧକରଣ, ମୋହିତକରଣ, ମୋହନ, ମନୋହରଣ, ମୁଗ୍ଧାବସ୍ଥା ; 2. ମୋହିନୀ ଶକ୍ତି, ମୋହ ।

Fascine, *n.* କବାଟଆଦି ନିର୍ମାଣ କରିବା ନିମନ୍ତେ ବ୍ୟବହୃତ କାଠବିଡା ।

Fashion, *n.* 1. ଗଠନ, ଆକୃତି, ରୂପ, ଡୌଲ, ଛାଞ୍ଚ; 2. ପ୍ରଚଳିତ ଢଙ୍ଗ ବା ରୀତି ; 3. ଲୋକାଚାରର ଅନୁସରଣ, ଲୋକାଚାର; 4. ରୀତି, ପ୍ରକାର ।—*v.t.* 1. ଗଢିବା, ଗଠନ-କ, ନିର୍ମାଣ-କ, ବନାଇବା ; 2. ଉପଯୋଗୀ-କ ।

Fashionable, *a.* 1. ପ୍ରଚଳିତ ଢଙ୍ଗ ବା ରୀତି ଅନୁଯାୟୀ ; 2. ପ୍ରଚଳିତ, ଚଳନ୍ତି, ଲୌକିକ, ବ୍ୟାବହାରିକ ; 3. ଲୋକାଚାରାନୁଯାୟୀ, ଭଦ୍ର, ଶିଷ୍ଟ ।—*n.* ଲୋକାଚାରାନୁଯାୟୀ ବ୍ୟକ୍ତି ।

Fashionably, *ad.* ପ୍ରଚଳିତ ରୀତ୍ୟନୁସାରେ, ଲୋକାଚାରାନୁସାରେ ।

Fast, *a.* 1. ଦୃଢ, ଶକ୍ତ, ମଜବୁତ ; 2. ଅଟଳ, ସୁସ୍ଥିର, ବିଶ୍ୱସ୍ତ ; 3. ସ୍ଥାୟୀ, ପକ୍କା ।—*ad.* ଦୃଢରୂପେ, ଅଟଳରୂପେ ।—To play fast and loose, ଚଞ୍ଚଳ ଚିତ୍ତରେ କାର୍ଯ୍ୟ-କ, ଏକ କଥା କହି ଅନ୍ୟ କଥା-କ ।

Fast, *ad.* 1. ଶୀଘ୍ର, ଝଟ୍ପଟ, ଜଲ୍ଦି, ଦ୍ରୁତବେଗେ ; 2. ଗାଢରୂପେ, ଘୋରରୂପେ ; 3. ନିକଟେ ।—*a.* 1. ଶୀଘ୍ର, ବେଗଗାମୀ, ଦ୍ରୁତଗାମୀ ; 2. ଅପରିମିତାଚାରୀ, ଲମ୍ପଟ ; 3. said of women, ଅଣ୍ଡିରଚଣ୍ଡୀ ।

Fast, *v.i.* ଉପବାସ-କ, ଉପାସ-କ, ଅନଶନ-କ ।—*n.* 1. ଉପବାସ, ଉପାସ, ଅନଶନ ; 2. ଉପବାସକାଳ ।—Fast-day ଉପବାସ ଦିବସ ।

Fasten, *v.t.* 1. ବନ୍ଧ-କ, ବନ୍ଦ-କ ; 2. ଲଗାଇବା, ଆରୋପ-କ ।—*v.i.* ବନ୍ଧ-ହେ, ଲାଗି ରହିବା ।

Fastener, Fastening, *n.* ଯାହା ବନ୍ଦ କରେ, ବନ୍ଧନୀ, ହୁଡୁକା, ଖିଲ ।

Fastidious, *a.* ସନ୍ତୁଷ୍ଟ କରିବାକୁ ଦୁଷ୍କର, ତୃପ୍ତ କରିବାକୁ ଦୁଃସାଧ୍ୟ, ଦୁଃପ୍ରସାଦ୍ୟ, ଦୁଃସନ୍ତୋଷଣୀୟ ସୁକୁମାର ।

Fastidiously, *ad.* ତୃପ୍ତ କରିବାକୁ ଦୁଃସାଧ୍ୟରୂପେ, ସୁକୁମାରରୂପେ ।

Fastidiousness, *n.* ସୁକୁମାରତା, ସୌକୁମାର୍ଯ୍ୟ ।

Fastness, *n.* 1. ଦୃଢତା ; 2. ସ୍ଥିରତା, ଅଟଳତା ; 3. ଦୁର୍ଗ, ଗଡ ।

Fat, *a.* 1. ମୋଟା, ସ୍ଥୂଳ, ହୃଷ୍ଟପୁଷ୍ଟ ; 2. ଚର୍ବିଦାର, ଚର୍ବିଯୁକ୍ତ, ତେଲିଆ ; 3. ସ୍ଥୂଳବୁଦ୍ଧି, ଜଡବୁଦ୍ଧି ; 4. ଧନବାନ୍, ଧନୀ ; 5. ଫଳବତୀ, ଲାଭଜନକ ।—*n.* 1. ଚର୍ବି, ବସା ; 2. ଉତ୍କୃଷ୍ଟ ଅଂଶ ।—*v.t.* ମୋଟା-କ, ହୃଷ୍ଟପୁଷ୍ଟ-କ ।

Fatal, *a.* 1. ଅଦୃଷ୍ଟରୁ ଜାତ, ଅଦୃଷ୍ଟାଧୀନ, ଅନିବାର୍ଯ୍ୟ ; 2. ବିପଦସୂଚକ, ଅଶୁଭସୂଚକ, ମୃତ୍ୟୁସୂଚକ ; 3. ସାଂଘାତିକ, ପ୍ରାଣନାଶକ, ସଂହାରକ, ବିନାଶକ ।

Fatalism, *n.* ସବୁକିଛି ଅଦୃଷ୍ଟାଧୀନରେ ଥାଏ ବା ଅନିବାର୍ଯ୍ୟ କାରଣରୁ ଘଟେ ବୋଲି ଯେଉଁ ମତ, ଅଦୃଷ୍ଟବାଦ ।

Fatalist, *n.* ଉପରୋକ୍ତ ମତଧାରୀ, ଅଦୃଷ୍ଟବାଦୀ ।

Fatalistic, *a.* ଅଦୃଷ୍ଟବାଦସମ୍ବନ୍ଧୀୟ ।

Fatality, *n.* 1. ଅଦୃଷ୍ଟାଧୀନତା, ଘଟଣାର ଅନିବାର୍ଯ୍ୟତା, ଭବିତବ୍ୟତା ; 2. ଅଦୃଷ୍ଟବାଦ ; 3. ପ୍ରାଣନାଶକତା, ସାଂଘାତିକତା ; 4. ପ୍ରାଣନାଶକ ଘଟଣା, ଦୈବଘଟଣା, ଆକସ୍ମିକ ମୃତ୍ୟୁ ବିପଦଯୁକ୍ତ ଘଟଣା ।

Fatally, *ad.* 1. ଅଦୃଷ୍ଟାଧୀନଭାବେ, ଅଦୃଷ୍ଟକ୍ରମେ, ଅନି-

କାର୍ଯ୍ୟରୂପେ; 2. ସାଂଘାତିକରୂପେ, ପ୍ରାଣନାଶକରୂପେ, ବିନାଶକରୂପେ, ବିନାଶରେ, ମୃତ୍ୟୁରେ ।

Fate, *n.* 1. ଅଦୃଷ୍ଟ, କପାଳ, ପ୍ରାକ୍ତନ, ଅନିବାର୍ଯ୍ୟତା, ଦୈବନିର୍ବନ୍ଧ, ପୂର୍ବରୁ ନିରୂପିତ ଫଳ; 2. ଭାଗ୍ୟ; 3. ଦୁର୍ଭାଗ୍ୟ, ବିନାଶ, ସଂହାର, ମୃତ୍ୟୁ; 4. *pl.* The Fates, ତିନ ଗୋଟି ଅଦୃଷ୍ଟ ଦେବୀ ।

Fated, *a.* ଦୈବନିଯୁକ୍ତ, ଅଦୃଷ୍ଟାଧୀନ, ଅଦୃଷ୍ଟାସୃଷ୍ଟ ।

Fateful, *a.* 1. ଭାଗ୍ୟନିରୂପକ; 2. ପ୍ରାଣନାଶକ, ବିନାଶକ ।

Father, *n.* 1. ବାପ, ପିତା, ପିତୃ, ତାତ, ଜନକ; 2. ଅଗ୍ରପୁରୁଷ, ପିତୃପୁରୁଷ; 3. ବୃଦ୍ଧ ବା ମାନ୍ୟ ଲୋକଙ୍କର ସମ୍ମାନସୂଚକ ଉପାଧି; 4. ପ୍ରତିପାଳକ, ଅଭିଭାବକ; 5. ଉଦ୍ଭାବନକାରୀ, ସୃଷ୍ଟିକର୍ତ୍ତା, ଉତ୍ପାଦନକର୍ତ୍ତା, ସ୍ଥାପୟିତା, ଗୁରୁ; 6. ପରମେଶ୍ୱରଙ୍କର ଏକ ନାମ, ବିଶେଷତଃ ପିତା ପରମେଶ୍ୱର; 7. ଯାଜକାଦିର ଉପାଧି, ସାଧୁ ।—*v.t.* 1. ପୋଷ୍ୟପୁତ୍ର-କ, ପ୍ରତିପାଳନ-କ; 2. ନିଜ ପୁତ୍ର ବୋଲି ସ୍ୱୀକାର-କ, ନିଜର ବୋଲି ସ୍ୱୀକାର-କ, ରଚୟିତା ବୋଲି ପ୍ରକାଶ-କ; 3. ପୁତ୍ରାରୋପଣ-କ, କାର୍ଯ୍ୟ ଆରୋପ-କ ।

Fatherhood, Fathership, *n.* ପିତୃତ୍ୱ, ଜନକତ୍ୱ, ପିତୃଭାବ, ପିତୃପଦ ।

Father-in-law, *n.* ଶ୍ୱଶୁର, ସ୍ତ୍ରୀ ବା ସ୍ୱାମିର ପିତା ।

Fatherland, *n.* ଜନ୍ମଭୂମି, ସ୍ୱଦେଶ, ପୈତୃକ ଦେଶ ।

Fatherless, *a.* ପିତୃହୀନ, ପିତାରହିତ, ଅନାଥ ।

Fatherliness, *n.* ପିତୃତ୍ୱ, ପିତୃଭାବ, ପିତୃସ୍ନେହ ।

Fatherly, *a.* 1. ପିତୃବତ୍ ସ୍ନେହୀ, ପ୍ରତିପାଳକ; 2. ପିତୃସମ୍ବନ୍ଧୀୟ, ପିତୃତୁଲ୍ୟ ।

Fathom, *n.* ଚାରିହାତ ପରିମାଣ, ବାଁ ।—*v.t.* 1. ଗଭୀରତା ମାପ-କ; 2. ଗାମ୍ଭୀର୍ଯ୍ୟ ନିରୂପଣ-କ, ଉପଲବ୍ଧି-କ, ବୁଝିବା ।

Fathomable, *a.* ତଳସ୍ପର୍ଶନୀୟ, ପରିମେୟ, ବୋଧଗମ୍ୟ ।

Fathomless, *a.* ଅତଳସ୍ପର୍ଶ, ଅଗାଧ, ଅଥାଚ, ବୋଧାଗମ୍ୟ ।

Fatigue, *v.t.* *fa-teeg'*, କ୍ଳାନ୍ତ-କ, ଶ୍ରାନ୍ତ-କ ।—*n.* 1. କ୍ଳାନ୍ତି, ଶ୍ରାନ୍ତି; 2. କ୍ଳାନ୍ତିର କାରଣ, ପରିଶ୍ରମ, ଅତିଶ୍ରମ; 3. ସୈନ୍ୟର ଅସୈନିକ ପରିଶ୍ରମ,—Fatigue duty.

Fatling, *n.* ଭକ୍ଷଣାର୍ଥେ ହୃଷ୍ଟପୁଷ୍ଟ ପଶୁଶାବକ, ହୃଷ୍ଟପୁଷ୍ଟ ପଶୁ ।

Fatness, *n.* 1. ସ୍ଥୂଳକାୟତ୍ୱ, ସ୍ଥୂଳତା, ହୃଷ୍ଟପୁଷ୍ଟତା; 2. ଚର୍ବିମୟତା, ଚିକ୍କଣତା; 3. ଉର୍ବରତା, ଫଳବତ୍ତ୍ୱ ।

Fatten, *v.t.* 1. ମୋଟା-କ, ହୃଷ୍ଟପୁଷ୍ଟ-କ; 2. ଉର୍ବର-କ ।—*v.i.* ମୋଟା-ହେ, ହୃଷ୍ଟପୁଷ୍ଟ-ହେ ।

Fattiness, *n.* ଚର୍ବିମୟତା, ଚିକ୍କଣତା, ତୈଳଭାବ ।

Fatty, *a.* ଚର୍ବିମୟ, ତୈଳୁଆ ।

Fatuity, *n.* 1. ନିର୍ବୋଧତା, ମୂର୍ଖତା; 2. ମନର କ୍ଷୀଣତା, ଦୁର୍ବଳତା, ପାଗଳାମି ।

Fatuous, *n.* 1. ନିର୍ବୋଧ, ଅବୋଧ, କ୍ଷୀଣମନା, ଦୁର୍ବଳ; 2. ଅନଳସ, ଅନର୍ଥକ, ଅସାର ।

Fauces, *n. pl.* ତଣ୍ଟିର ଉପରଭାଗ ଅର୍ଥାତ୍ ଜିହ୍ୱାମୂଳରୁ ଗଳାନଳିର ମୁଣ୍ଡ ପର୍ଯ୍ୟନ୍ତ ସ୍ଥାନ ।

Faucet, *n.* 1. ପିପାରୁ ପାଣିଆ ଦ୍ରବ୍ୟ ବାହାର କରିବାର ଠିପିଯୁକ୍ତ ନଳି; 2. ଉକ୍ତ ନଳିର ଠିପି ।

Faugh, *interj.* ତୁଚ୍ଛ ବା ଘୃଣାସୂଚକ ଶବ୍ଦ, ଛି! ଛି!

Fault, *n.* 1. ଦୋଷ, ତ୍ରୁଟି; 2. ଭୁଲ, ଭ୍ରମ, କଳଙ୍କ; 3. ଚିହ୍ନଗନ୍ଧ ହରାଣ, said of hunting dogs; 4. ଭୂମିସ୍ତରର ଭଙ୍ଗ; 5. ବୈଦ୍ୟୁତିକ ସ୍ରୋତର ଭଙ୍ଗ ।—At fault, 1. ଧନ୍ଦାରେ ଅବସ୍ଥାଯୁକ୍ତ, ହତବୁଦ୍ଧି; 2. ଭର୍ତ୍ସନାଯୋଗ୍ୟ । To find fault, ଦୋଷ ଧରିବା, ଛିଦ୍ର ଧରିବା, ଅସନ୍ତୁଷ୍ଟ-କ, ନିନ୍ଦା-କ, often followed by *with*.

Fault-finder, *n.* ଦୋଷ ଧରିବା ଲୋକ, ଛିଦ୍ରାନ୍ୱେଷୀ ।

Faultily, *ad.* ସଦୋଷରେ, ଦୋଷଯୁକ୍ତରୂପେ, ତ୍ରୁଟିଯୁକ୍ତରୂପେ । [ଅଶୁଦ୍ଧତା ।

Faultiness, *n.* ଦୋଷଯୁକ୍ତତା, ମନ୍ଦତା, ତ୍ରୁଟିଯୁକ୍ତତା,

Faultless, *a.* ଦୋଷଶୂନ୍ୟ, ନିର୍ଦ୍ଦୋଷ, ନିଶ୍ଛିଦ୍ର, ନିଖୁନ୍ତ, ଅକଳଙ୍କ, ଶୁଦ୍ଧ, ଠିକ । [ଶୁଦ୍ଧରୂପେ ।

Faultlessly, *ad.* ନିର୍ଦ୍ଦୋଷରୂପେ, ତ୍ରୁଟିଶୂନ୍ୟରୂପେ,

Faulty, *a.* ଦୋଷଯୁକ୍ତ, ସଦୋଷ, ତ୍ରୁଟିଯୁକ୍ତ, ଅସମ୍ପୂର୍ଣ୍ଣ, ସକଳଙ୍କ, ଅଶୁଦ୍ଧ, ନିନ୍ଦାର୍ହ, ମନ୍ଦ ।

Faun, *n.* କଳ୍ପିତ ବନଦେବତା ।

Fauna, *n.* କୌଣସି ପ୍ରଦେଶର ବା କାଳର ଜନ୍ତୁସମୂହ ।

Favour, Favor, *n.* 1. ଅନୁଗ୍ରହ, ପ୍ରସାଦ, ଦୟା, ହିତେଚ୍ଛା; 2. ଅନୁଗ୍ରହର କାର୍ଯ୍ୟ, ଉପକାର, ସାହାଯ୍ୟ; 3. ଅନୁମତି; 4. ପକ୍ଷ; 5. ହିତେଚ୍ଛାସୂଚକ ଚିହ୍ନ ଦ୍ରବ୍ୟ, ପ୍ରେମସୂଚକ ଦାନ, ପ୍ରୀତିଚିହ୍ନସ୍ୱରୂପେ ପିନ୍ଧା ଦ୍ରବ୍ୟ, ଫିତାର ଫୁଲ, ଫିତା; 6. ସୁବିଧା; 7. ପକ୍ଷପାତ; 8. ଚିଠି, ପତ୍ର ।—*v.t.* 1. ଅନୁଗ୍ରହ-କ; ଅନୁକୂଳ ପ୍ରଦର୍ଶନ-କ, ସାହାଯ୍ୟ-କ, ଉପକାର-କ; 2. ସୁବିଧା-କ, ସହଜ-କ; 3. ପକ୍ଷପାତ-କ; 4. ସଦୃଶ-ହେ ।

Favourable, *a.* 1. ଅନୁଗ୍ରହପ୍ରକାଶକ, ପ୍ରସନ୍ନ, ହିତୈଷୀ; 2. ସୁବିଧାଜନକ, ଅନୁକୂଳ ।

Favourableness, *n.* 1. ପ୍ରସନ୍ନତା; 2. ଅନୁକୂଳ୍ୟ ।

Favourably, *ad.* ଅନୁଗ୍ରହପୂର୍ବକ, ଅନୁକୂଳଭାବେ, ପ୍ରସନ୍ନ ଦୃଷ୍ଟିରେ ।

Favoured, *p.a.* 1. ଅନୁଗୃହୀତ; 2. ପକ୍ଷପାତପ୍ରାପ୍ତ; 3. ସୁବିଧାଯୁକ୍ତ; 4. ରୂପବିଶିଷ୍ଟ, ଚେହେରାଯୁକ୍ତ ।

Favourite, *n.* 1. ଅନୁଗୃହୀତ ଲୋକ, ପ୍ରିୟପାତ୍ର, ସ୍ନେହପାତ୍ର, ପ୍ରିୟଦ୍ରବ୍ୟ; 2. ପକ୍ଷପାତରେ ଅନୁଗୃହୀତ ଲୋକ, ପକ୍ଷପାତର ପାତ୍ର; 3. ଜିତିବାରେ ସମ୍ଭାବିତ ଲୋକ ବା ଘୋଡା ।—*a.* ଅନୁଗୃହୀତ, ପ୍ରିୟ, ମାନ୍ୟ, ଇଷ୍ଟ

Favouritism, *n.* ପକ୍ଷପାତତ୍ୱ ।

Fawn, *n.* ହରିଣଛୁଆ, ମୃଗଶାବକ ।—*a.* ହରିଣଛୁଆର ରଙ୍ଗ ତୁଲ୍ୟ, ଈଷତ୍ ତାମ୍ରବର୍ଣ୍ଣ ।—*v.i.* ହରିଣ ଛୁଆ ଦେବା ।

Fawn, *v.i.* 1. ପ୍ରତାରଣା-ହେ, ତୋଷାମୋଦ-କ; 2. (କୁକୁର ପରି) ଲାଞ୍ଜ ହଲାଇବା ଓ ଗଡ଼ିକରି ଲୋଟିବା ଦ୍ୱାରା ଅନୁରାଗ ଦେଖାଇବା ।

Fay, *n.* ପରୀ ।

**Fealty**, *n.* 1. ମୁନିବ ପ୍ରତି ବଶ୍ୟତା, ପ୍ରଭୁଭକ୍ତି; 2. ବଶ୍ୟତା, ସରକ୍ତି ବଶ୍ୟତା ।

**Fear**, *n.* 1. ଭୟ, ଡର, ଭୀତ, ଶଙ୍କା, ଆତଙ୍କ, ତ୍ରାସ; 2. ଭୟଯୁକ୍ତ ଚିନ୍ତା, ଭାବନା, ଉଦ୍‌ବେଗ; 3. ଭୟହେତୁ; 4. ଭକ୍ତିପୂର୍ବକ ଭୟ, ଭକ୍ତି, ଆଦର ।—*v.t.* 1. ଭୟ-କର, ଡରିବା, ଶଙ୍କା-କର, ଆତଙ୍କ-କର; 2. ଭକ୍ତିପୂର୍ବକ ଭୟ-କର, ଭକ୍ତି-କର ।—*v.i.* ଭୀତ-ହେ, ଡରିବା, ଉଦ୍ବିଗ୍ନ-ହେ ।

**Fearful**, *a.* 1. ଭୟାର୍ତ୍ତ, ଭୀତ, ତ୍ରସ୍ତ, ଶଙ୍କିତ; 2. ଭୟାଳୁ, ଭୀରୁ; 3. ଭୟାନକ, ଭୟଙ୍କର; 4. ଭୟ-ଜନକ; 5. (Colloq.) ଅତିଶୟ ।

**Fearfully**, *ad.* 1. ଭୟାର୍ତ୍ତରୂପେ, ଭୟାଳୁରୂପେ; 2. ଭୟାନକରୂପେ, ଭୟଙ୍କରରୂପେ । [ତ୍ରାସ, ଶଙ୍କା ।

**Fearfulness**, *n.* 1. ଭୀତ, ଭୀରୁତା, ଭୟତ୍ୱ; 2.

**Fearless**, *a.* ନିର୍ଭୟ, ନିର୍ଭୀକ, ସାହସିକ । [ରୂପେ ।

**Fearlessly**, *ad.* ନିର୍ଭୟରୂପେ, ନିର୍ଭୀକରୂପେ, ସାହସିକ-

**Fearlessness**, *n.* ନିର୍ଭୟତ୍ୱ, ଭୟଶୂନ୍ୟତା, ସାହସିକତା ।

**Feasibility, Feasibleness**, *n.* ସାଧ୍ୟତା, ସାଧନୀୟତା, ଶକ୍ୟତା ।

**Feasible**, *a.* ସାଧ୍ୟ, ନିଷ୍ପାଦ୍ୟ, ସାଧନୀୟ, ଶକ୍ୟ ।

**Feasibly**, *ad.* ସାଧନୀୟରୂପେ, ଶକ୍ୟତାପୂର୍ବକ ।

**Feast**, *n.* 1. ପର୍ବ, ଉତ୍ସବ, ମହୋତ୍ସବ; 2. ଭୋଜ, ମହାଭୋଜ; 3. ତୃପ୍ତିକର ବିଷୟ, ଆନନ୍ଦଜନକ ବିଷୟ, ସୁଖଭୋଗ ।—*v.i.* 1. ଭୋଜ ଖାଇବା; 2. ତୃପ୍ତ-ହେ, ଅତ୍ୟାନନ୍ଦିତ-ହେ ।—*v.t.* 1. ମହାଭୋଜ-ଦେ; 2, ତୃପ୍ତ-କର, ସନ୍ତୁଷ୍ଟ-କର ।

**Feat**, *n.* ଅଦ୍ଭୁତ କର୍ମ, ମହାକାର୍ଯ୍ୟ, ଦୁଃସାହସିକ କାର୍ଯ୍ୟ ।

**Feather**, *n.* 1. ପର, ପକ୍ଷ, ପକ୍ଷ; 2. ପର ପରି ପଦାର୍ଥ, ସାମାନ୍ୟ ବିଷୟ; 3. ଜାତି; 4. ଶିକାରୀ ଚଢ଼ାଇସବୁ ।—A feather in the cap, ସମ୍ମାନ-ସୂଚକ ଚିହ୍ନ । To show the white feather, ଭୀରୁତା ଦେଖାଇବା ।—*v.t.* 1. ପକ୍ଷାବୃତ-କର; 2. ପକ୍ଷ ଦ୍ୱାରା ଭୂଷିତ-କର, ପକ୍ଷ ପରି ସଜ୍ଜିତ-କର; 3. ଚିତ୍ କରି (ଅନୁଭବ) ମାରିବା ।—To feather one's nest, ଅର୍ଥ ସଞ୍ଚୟ-କର, ବିଶେଷତଃ ପ୍ରଚ୍ଛନ୍ନରୂପେ କାର୍ଯ୍ୟ କରିବା ସମୟରେ ନିଜ ପାଇଁ ଧନ ସଞ୍ଚୟ-କର ।

**Feathered**, *a.* ପକ୍ଷମୟ, ପକ୍ଷଯୁକ୍ତ, ପକ୍ଷାଚ୍ଛାଦିତ ।

**Featherless**, *a.* ପକ୍ଷହୀନ, ପରଶୂନ୍ୟ, ଲୁପ୍ତପକ୍ଷ ।

**Feathery**, *a.* 1. ପକ୍ଷଯୁକ୍ତ, ପକ୍ଷାଚ୍ଛାଦିତ; 2. ପକ୍ଷବତ୍, ପର ତୁଲ୍ୟ ।

**Feature**, *n.* 1. ମୁଖର କୌଣସି ଅବୟବ, in the pl. ମୁଖର ଡୌଲ, ଚେହେରା; 2. ସୁପ୍ରକାଶିତ ଭାଗ, ବିଶେଷ ଲକ୍ଷଣ, ମୂଳ କଥା ।

**Featured**, *a.* ଡୌଲଯୁକ୍ତ ।

**Featureless**, *a.* 1. ଅସ୍ପଷ୍ଟ ଅବୟବଯୁକ୍ତ, ବେଡୌଲ, ବେଢଙ୍ଗ; 2. ବିଶେଷ ଲକ୍ଷଣରହିତ ।

**Feaze, Feeze**, *v.t.* (ଦଉଡ଼ିର) ବଳା ଫିଟାଇବା ।

**Febrifacient, Febrific**, *a.* ଜ୍ୱରୋତ୍ପାଦକ ।—*n.* ଜ୍ୱରୋତ୍ପାଦକ ଦ୍ରବ୍ୟ ।

**Febrifuge**, *n.* ଜ୍ୱରନାଶକ ଔଷଧ, ଜ୍ୱରଘ୍ନ ଔଷଧ ।

**Febrile**, *a.* ଜ୍ୱରସମ୍ବନ୍ଧୀୟ, ଜ୍ୱରବିଷୟକ, ଜ୍ୱରପ୍ରକାଶକ, ଜ୍ୱରଜାତ, ଜ୍ୱରଘଟିତ, ଜ୍ୱରେତର, ଜ୍ୱରୁଅ, ଜ୍ୱରଭାବ ।

**February**, *n.* ବର୍ଷର ଦ୍ୱିତୀୟ ମାସ ।

**Fecula, Fœcula**, *n.* ଗହମ ଓ ଆଳୁ ପ୍ରଭୃତିରୁ ପ୍ରାପ୍ତ ପିଠା ବିଶେଷ । [ଗିଠା ।

**Feculence**, *n.* 1. ସମଳତା, ପଙ୍କିଳତା; 2. ଖାଦ,

**Feculent**, *a* ଖାଦମୟ, ଗିଠାଯୁକ୍ତ, ମଇଳା, ପଙ୍କିଳ ।

**Fecund**, *a.* ବହୁପ୍ରସୂ, ବହୁପ୍ରସବା, ଫଳବତୀ, ଫଳନ୍ତ, ଉର୍ବରା ।

**Fecundate**, *v.t.* 1. ଫଳବତୀ-କର, ବହୁପ୍ରସବ କରାଇବା; 2. ଗର୍ଭବତୀ-କର ।

**Fecundation**, *n.* ଫଳବତୀକରଣ, ଗର୍ଭୋତ୍ପାଦନ ।

**Fecundity**, *n.* 1. ଫଳବତୀତ୍ୱ, ଜନନତ୍ୱ, ଫଳବତ୍ତା, ଫଳୋତ୍ପାଦକତା, ଉର୍ବରତା; 2. ମାନସିକ ଉର୍ବରତା, ଭାବାବଳିପ୍ରାଚୁର୍ଯ୍ୟ ।

**Fed**, *past tense* and *p.* of Feed.

**Federal**, *a.* 1. ସନ୍ଧିସମ୍ବନ୍ଧୀୟ, ସନ୍ଧିବିଷୟକ; 2. ସନ୍ଧିବଦ୍ଧ ।

**Federalism**, *n.* ସନ୍ଧିବଦ୍ଧ ରାଜ୍ୟର ଶାସନ ପ୍ରଣାଳୀ ।

**Federalist**, *n.* ସନ୍ଧିବଦ୍ଧ ରାଜ୍ୟର ଯେ ପୋଷକତା କରେ ।

**Federalize**, *v.t.* or *i.* ସନ୍ଧି ଦ୍ୱାରା ଆବଦ୍ଧ-କର ।

**Federate**, *a.* ସନ୍ଧିବଦ୍ଧ ।

**Federation**, *n.* ସନ୍ଧିବଦ୍ଧକରଣ, ସନ୍ଧି, ମେଳ ।

**Federative**, *a.* ସନ୍ଧିରେ ଯୋଗଦାୟୀ, ସଂଯୋଗୀ, ସନ୍ଧିଦାୟୀ ।

**Fee**, *n.* 1. ଖର୍ଚ୍ଚା, ଫିସ୍, ରସୁମ୍; 2. ପାରତୋଷିକ, ଦାନ-ଶିଲ୍; 3. ନିଷ୍କର ଭୂମି, ସ୍ୱେଚ୍ଛାଧୀନ ଅଧିକାର ।—Fee simple, ମୁକ୍ତରର ଭୂସମ୍ପତ୍ତି । Fee tail, ସର୍ତ୍ତରେ ଆବଦ୍ଧ ଭୂସମ୍ପତ୍ତି ।—*v.t.* ରସୁମ୍-ଦେ, ଫିସ୍-ଦେ ।

**Feeble**, *a.* 1. ଦୁର୍ବଳ, ଶକ୍ତିହୀନ; 2. କ୍ଷୀଣ, ନିସ୍ତେଜ, ନୀରସ ।

**Feebleness**, *n.* 1. ଦୁର୍ବଳତା, ଦୌର୍ବଲ୍ୟ; 2. କ୍ଷୀଣତା, ନିସ୍ତେଜତା, ନୀରସତା । [କ୍ଷୀଣରୂପେ ।

**Feebly**, *ad.* 1. ଦୁର୍ବଳରୂପେ, ଶକ୍ତିହୀନରୂପେ; 2.

**Feed**, *v.t.* 1. ଖୁଆଇବା, ଆହାର-ଦେ, ଦାନା-ଦେ, ଭୋଜନ କରାଇବା; 2. ପୋଷଣ-କର, ସନ୍ତୁଷ୍ଟ-କର; 3. ଯୋଗାଇବା; 4. ପୁଷ୍ଟ-କର, ପୋଷିବା, ମୋଟା-କର ।—*v.i.* 1. ଖାଇବା; 2. ଚରିବା; 3. ମୋଟା-ହେ ।—*n.* 1. ଚରା, ଦାନା ପାଣି; 2. ଏକା ଥରକେ ଦିଆଯିବା ଦାନା ।

**Feeder**, *n.* 1. ଆହାରଦାତା, ପାଳକ, 2. ଉତ୍ତ୍ୟକ୍ତକାରୀ ଲୋକ; 3. ଭୋଜନକାରୀ, ଭକ୍ଷକ, ଗ୍ରାସକାରୀ; 4. ପୋଷଣକାରୀ ବିଷୟ, ଯୋଗାଇବା ଉପାୟ; 5. ଶାଖା-ନଦୀ; 6. ଶାଖାରେଲବାଟ ।

**Feeding**, *n.* 1. ଭକ୍ଷଦାନ, ପୋଷଣ, ଯୋଗାଇବା କାର୍ଯ୍ୟ; 2. ଭୋଜନ; 3. ଆହାର, ଭକ୍ଷ, ଦାନା; 4. ଚରା ।

**Feeding-bottle**, *n.* ଦୁଧ ଖୋଇବା ବୋତଲ ।

**Feed-pipe**, *n.* ଜଳ ଯୋଗାଇବା ନଳ ।

**Feed-pump**, *n.* ଜଳ ଯୋଗାଇବା ଦମ୍‌କଳ ।

**Feel**, *v.t.* 1. ବୋଧ-କ ; 2. ଅନୁଭବ-କ, ଭୋଗ-କ ; 3. ସ୍ପର୍ଶ-କ, ଛୁଁଇବା ।—*v.i.* 1. ସ୍ପର୍ଶଶକ୍ତି ଦ୍ୱାରା ବୋଧ ପାଇବା ; 2. ବୋଧ ପାଇବା, ଜ୍ଞାତ-ହେ, ଜାଣିବା : 3. ଅନୁଭୂତ-ହେ, ଦୟା-କ, ଅନୁକମ୍ପା-କ, ଦୁଃଖିତ-ହେ ; 4. ତଉଡ଼ିବା ।—*n.* 1. ସ୍ପର୍ଶେନ୍ଦ୍ରିୟ, ସ୍ପର୍ଶଜ୍ଞାନ, ସ୍ପର୍ଶ ; 2. ବୋଧ ।

**Feeler**, *n.* 1. ସ୍ପର୍ଶାନୁଭବକାରୀ, ସ୍ପର୍ଶକାରୀ ; 2. ମତ ଜାଣିବା ନିମନ୍ତେ ପରୋକ୍ଷ କଥନ, ପରୀକ୍ଷାର୍ଥ କାର୍ଯ୍ୟ ; 3. କୀଟ ଜୀବମାନଙ୍କର ସ୍ପର୍ଶେନ୍ଦ୍ରିୟ, କୀଟାଦିର ସୂକ୍ଷ୍ମ ଶୁଙ୍ଗ ବିଶେଷ ।

**Feeling**, *a* 1. ଅନୁଭବବୃତ୍ତିବିଶିଷ୍ଟ, ସହଜରେ ଅଭିଭୂତ ; 2. ଅର୍ଦ୍ରକାରୀ, ହୃଦୟସ୍ପର୍ଶୀ, ଅନୁଭବବୃତ୍ତି ପ୍ରକାଶକ ।—*n.* 1. ସ୍ପର୍ଶେନ୍ଦ୍ରିୟ, ସ୍ପର୍ଶଶକ୍ତି ; 2. ଅନୁଭବବୃତ୍ତି ; 3. ଅନୁଭବ, ବୋଧ, ମର୍ମ ; 4. ସମବେଦନା, ଦୟା ; 5. ମତ ।

**Feelingly**, *ad.* ଅନୁକମ୍ପାପୂର୍ବକ, ଅଭିଭୂତରୂପେ ।

**Feet**, *n. pl.* of Foot.

**Feign**, *v.t*, 1. ଛଳନା-କ ; 2. କଳ୍ପନା-କ, ମିଥ୍ୟା-ରଚନା-କ ।—*v.i.* ଛଦ୍ମବେଶ ଧରିବା, ପ୍ରବଞ୍ଚନା-କ, ପ୍ରତାରଣା-କ ।

**Feigned**, *p.a.* ଛଳନାକୃତ, ଛଦ୍ମବେଶରେ ଧୃତ, କୃତ୍ରିମ ।

**Feignedly**, *ad.* ଛଳନାପୂର୍ବକ, ପ୍ରତାରଣାରେ, କୃତ୍ରିମ-ଭାବେ ।

**Feint**, *n.* ଛଳନା, ମିଥ୍ୟାଘାତ, ମିଥ୍ୟାକ୍ରମଣ ।—*v.i.* ମିଥ୍ୟାଘାତ-କ ।

**Felicitate**, *v.t.* ଅନ୍ୟର ସୌଭାଗ୍ୟରେ ଆନନ୍ଦ ପ୍ରକାଶ-କ, ମଙ୍ଗଳବାଦ-କ, କଲ୍ୟାଣ କାମନା-କ, ଅଭିନନ୍ଦନ-କ ।—*refl. v.* ନିଜର ସୌଭାଗ୍ୟରେ ଆନନ୍ଦ-କ ।

**Felicitation**, *n.* ଅନ୍ୟର ସୌଭାଗ୍ୟରେ ଆନନ୍ଦ ପ୍ରକାଶ, ମଙ୍ଗଳବାଦ, ମଙ୍ଗଳେଚ୍ଛା, ଅଭିବନ୍ଦନ ।

**Felicitous**, *a.* 1. ସୁଖକର, ଆନନ୍ଦଜନକ, ଅନୁକୂଳ ; 2. ଉପଯୁକ୍ତ, ଯଥାଯୋଗ୍ୟ, ସଙ୍ଗତ ।

**Felicitously**, *ad.* ଯଥାଯୋଗ୍ୟରୂପେ, ଉପଯୁକ୍ତରୂପେ, ସଙ୍ଗତରୂପେ ।

**Felicity**, *n.* 1. ସୁଖଦଶା, ସୁଖ, ପରମାନନ୍ଦ ; 2. ସ୍ୱର୍ଗର ସୁଖ ; 3. ସୁଖର କାରଣ, ତୃପ୍ତିର କାରଣ ; 4. ନିପୁଣତା, ଉପଯୋଗିତା ।

**Feline**, *a.* ବିଡ଼ାଳଜାତିସମ୍ବନ୍ଧୀୟ, ମାର୍ଜାରସମ୍ବନ୍ଧୀୟ, ମାର୍ଜାରବତ୍ ।

**Fell**, *pa. t.* of Fall.

**Fell**, *a.* କ୍ରୂର, ନିଷ୍ଠୁର, ନିର୍ଦ୍ଦୟ, ହିଂସକ, ଭୟାନକ, [ଦାରୁଣ ।

**Fell**, (1) *n.* 1. କେଶ, ବାଳ, କେଶଯୁକ୍ତ ଚର୍ମ ; 2. ଯୋଡ଼ା ସିଲାଇ ବିଶେଷ ।—*v.t.* ଏକପ୍ରକାର ଯୋଡ଼ା ସିଲାଇ-କ ।

**Fell**, (2) *n.* ପଥୁରିଆ ପାହାଡ଼, ଅନୁର୍ବର ଉଚ୍ଚ ଭୂମି ।

**Fell**, *v.t.* ପକାଇ ଦେବା, ତଳେ ପକାଇବା, ହାଣିବା, କାଟି ପକାଇବା ।

**Fellah**, *n.* ମିଶର ଦେଶୀୟ ଚଷା ବା କୋଠିଆ

**Feller**, *n.* କାଠୁରିଆ ।

**Fellness**, *n.* କ୍ରୂରପଣ, କ୍ରୂରତା, ନିଷ୍ଠୁରତା, ନିର୍ଦ୍ଦୟତା, ଭୟାନକତା, ଦାରୁଣତା, ପ୍ରଚଣ୍ଡତା ।

**Fellow**, *n.* 1. ସଙ୍ଗୀ, ସାଥି, ସହଚର, ; 2. ଯୋଡ଼ାର ଏକ ; 3. ଅବଜ୍ଞାସୂଚକ ନାମ, ଲୋକଟା, ନୀଚ ଲୋକ ; 4. ଲୋକ, ବ୍ୟକ୍ତି ; 5. ବିଦ୍ୟାଳୟର ଉପାଧିପ୍ରାପ୍ତ ଓ ଆୟର ଅଂଶପ୍ରାପ୍ତ ସଭ୍ୟ ; 6. ବୈଜ୍ଞାନିକ ସମାଜାଦିର ଅଧି-କାରପ୍ରାପ୍ତ ସଭ୍ୟ ।

**Fellow-citizen**, *n.* ଏକନଗରବାସୀ, ଏକପୁରବାସୀ ।

**Fellow-countryman**, *n.* ସ୍ୱଦେଶୀୟ ଲୋକ ।

**Fellow-creature**, *n.* ସଜାତ ପ୍ରାଣୀ, ସମାନ ଜାତ ଲୋକ, ସମସୃଷ୍ଟ ପ୍ରାଣୀ ।

**Fellow-feeling**, *n.* ସହାନୁଭୂତି, ସହୃଦୟତା ।

**Fellow-heir**, *n.* ସହଉତ୍ତରାଧିକାରୀ, ସହଉତ୍ତରାଧିକାରୀ ।

**Fellow-man**, *n.* ସମପ୍ରକୃତିକ ଲୋକ ।

**Fellow-servant**, *n.* ସହଦାସ ।

**Fellowship**, *n.* 1. ସଙ୍ଗ, ସଂସର୍ଗ, ଆଳାପ ; 2. ଅଂଶିତ୍ୱ, ସହଭାଗିତା ; 3. ସମାଜ, ସମ୍ପ୍ରଦାୟ ; 4. ବିଦ୍ୟାଳୟର ଉପାଧିପ୍ରାପ୍ତ ସଭ୍ୟର ବିଶେଷ ଅଧିକାର ; 5. ବିଦ୍ୟାଳୟର ସ୍ଥିର ବୃତ୍ତି ।

**Felly**, *ad. fel'li*, କ୍ରୂରରୂପେ, ନିଷ୍ଠୁରରୂପେ, ନିର୍ଦ୍ଦୟରୂପେ, ଭୟାନକରୂପେ ।

**Felly, Fellœ**, *n. felli*, ଚକର ବେଢ଼ାର ଅଂଶ, ପୁଟି, ଚକର ଘେର ।

**Felo-de-se**, *n.* ଆତ୍ମଘାତକ, ଆତ୍ମହତ୍ୟାକାରୀ ।

**Felon**, *n.* 1. ମହାପରାଧୀ ; 2. ଅଙ୍ଗୁଳୀ ।—*a.* ହିଂସ୍ରକ, ଅଧମ, ଭ୍ରଷ୍ଟ ।

**Felonious**, *a.* 1. ଅଧମ, ବିଶ୍ୱାସଘାତକ, ହିଂସ୍ରକ, ହିଂସାପରାୟଣ ; 2. ଅପରାଧ କରିବା ଅଭିପ୍ରାୟରେ କୃତ ।

**Feloniously**, *ad.* ଅଧମରୂପେ, ବିଶ୍ୱାସଘାତକରୂପେ ।

**Felony**, *n.* ମହାପରାଧ, ଗୁରୁତର ଅପରାଧ, ଭାରି ଅପରାଧ ।

**Felt**, *pa. t.* and *pa. p.* of Feel.

**Felt**, *n.* 1. ପିଟିବା ଓ ଚିପିବା ଦ୍ୱାରା ଜମାଟକରା ପଶମା-ଦିର ବସ୍ତ୍ର ; 2. ଜମାଟବସ୍ତ୍ରଖଣ୍ଡ, ଜମାଟବସ୍ତ୍ରରେ ନିର୍ମିତ ଟୋପି ଆଦି ।—*v.t.* (ପଶମକୁ) ଜମାଟବସ୍ତ୍ର-କ ।

**Felting**, *n.* 1. ଜମାଟବସ୍ତ୍ର ପ୍ରସ୍ତୁତ କରିବା ପ୍ରଣାଳୀ ; 2. ଜମାଟବସ୍ତ୍ର, ଜମାଟବସ୍ତ୍ରର ଉପାଦାନସବୁ ।

**Female**, *n.* 1. ସ୍ତ୍ରୀଲିଙ୍ଗବିଶିଷ୍ଟ ପ୍ରାଣୀ, ମାଈ, ମାଦୀ ; 2. ଗର୍ଭକେଶରଯୁକ୍ତ ପୁଷ୍ପ, ଫଳବନ୍ତ ବୃକ୍ଷ ।—*a.* 1. ସ୍ତ୍ରୀଲିଙ୍ଗବିଶିଷ୍ଟ, ମାଦୀ, ମାଈ ; 2. ସ୍ତ୍ରୀବତ୍, ସ୍ତ୍ରୈଣ, କୋମଳ ; 3. ଗର୍ଭକେଶରଯୁକ୍ତ ।

**Feminine**, *a.* 1. ସ୍ତ୍ରୀସମ୍ବନ୍ଧୀୟ, ସ୍ତ୍ରୀଜାତୀୟ, ମାଦୀସମ୍-ବନ୍ଧୀୟ, ; 2. ସ୍ତ୍ରୀବତ୍, ସ୍ତ୍ରୈଣ, ସ୍ତ୍ରୀସ୍ୱଭାବକ ; 3. ମାଇପି ; 4. ସ୍ତ୍ରୀଲିଙ୍ଗବାଚକ, ସ୍ତ୍ରୀବାଚକ । [2. ମାଇପିଭଳି ।

**Femininely**. *ad.* 1. ସ୍ତ୍ରୈଣଭାବେ, ସ୍ତ୍ରୀସ୍ୱଭାବକରୂପେ ;

**Femininity**, *n.* 1. ସ୍ତ୍ରୀତ୍ୱ; 2. ସ୍ତ୍ରୀଲୋକସମୂହ ।

**Femoral**, *a.* ଜଙ୍ଘସମ୍ବନ୍ଧୀୟ, ଉରୁସମ୍ବନ୍ଧୀୟ ।

**Femur**, *n.* ଜଙ୍ଘହାଡ, ଉରୁଅସ୍ଥି ।

**Fen**, *n.* ଝିଲ, ଜଳାଭୂମି, ପାଟ ।

**Fence**, *n.* 1. ଆବରଣ, ଅନ୍ତରାଳ; 2. ବାଡ, ଘେର, ବେଢା, ବାଡ଼; 3. ଶସ୍ତ୍ରବିଦ୍ୟା, ଯଷ୍ଟିଖେଳା; 4. ଶସ୍ତ୍ରବିଦ୍ୟାରେ ନୈପୁଣ୍ୟ; 5. ତର୍କବିତର୍କରେ ପଟୁତା; 6. ଚୋର ମାଲର ବେପାରୀ ।—*v.t.* 1. ରକ୍ଷା-କ, ଅନ୍ତରାଳ-କ; 2. ବାଡ-ଦେ, ବେଢା-ଦେ, ବାଡ଼-ଦେ; 3. ତର୍କରେ ଏଡାଇବା, ଛଳ ଦ୍ୱାରା ନିବାରଣ-କ ।—*v.i.* 1. ଅସ୍ତ୍ରକ୍ରୀଡା-କ, ଶସ୍ତ୍ରବିଦ୍ୟା ଅଭ୍ୟାସ-କ; 2. ତର୍କରେ ଏଡାଇବା, ଏଡାଇବା ।

**Fenced**, *p.a.* ବାଡରେ ବେଷ୍ଟିତ, ସୁରକ୍ଷିତ ।

**Fencible**, *n.* କେବଳ ସ୍ୱଦେଶ ରକ୍ଷାର୍ଥେ ନିଯୁକ୍ତ ସିପାହୀ ।—*a.* 1. ଉକ୍ତ ସିପାହୀ ସମ୍ବନ୍ଧୀୟ; 2. ରକ୍ଷଣୀୟ ।

**Fencing**, *n.* 1. ଶସ୍ତ୍ରବିଦ୍ୟା, ଅସ୍ତ୍ରକ୍ରୀଡା, ଯଷ୍ଟିଖେଳା; 2. ବାଡ ଆଦି ନିମନ୍ତେ ବ୍ୟବହୃତ ପଦାର୍ଥ; 3. ବାଡ ଆଦି; 4. ବାଡନିର୍ମାଣ ।

**Fend**, *v.t.* 1. ନିବାରଣ-କ, ପ୍ରତିବାଧା-କ; 2. ରକ୍ଷା-କ ।—*v.i.* 1. ଆତ୍ମରକ୍ଷା-କ; 2. ଆପଣା ନିମନ୍ତେ ଉପାୟ-କ, ଜୀବନୋପାୟ-କ ।

**Fender**, *n.* 1. ଯାହା ରକ୍ଷା କରେ; 2. ଜ୍ୱଳନ୍ତ କୋଇଲାରୁ ଗାଲିଚା ଆଦି ରକ୍ଷଣାର୍ଥ ଅଙ୍ଗଠା ସମ୍ମୁଖସ୍ଥ ଧାତୁନିର୍ମିତ ବେଢା; 3. ଆଘାତରୁ ରକ୍ଷଣାର୍ଥ କୌଣସି ଉପାୟ ।

**Fenestral**, *a.* ଝରକା ସମ୍ବନ୍ଧୀୟ ।

**Fenian** *n.* ଆୟର୍ଲଣ୍ଡରୁ ସାଧାରଣତନ୍ତ୍ରସଙ୍ଗ କରିବା ନିମନ୍ତେ ସେହି ଦେଶୀୟ ଏକ ଗୁପ୍ତ ସଭାର ଦଳ ।

**Fennel**, *n.* ପାନମହୁରି ପରି ଗଛ ବିଶେଷ ।

**Fenny**, *a.* ଝିଲସମ୍ବନ୍ଧୀୟ, ପାଟପରି, ଝିଲଜାତ, ଦଳଦଳିଆ, ଜଳୁଆ ।

**Feræ**, *n. pl.* ବନ୍ୟ ପଶୁସମୂହ ।

**Feral, Ferine**, *a.* ବନ୍ୟ, ଅପୋଷା ।

**Feretory**, *n.* ସାଧୁର ଅସ୍ଥି ଆଦି ରଖିବା ସିନ୍ଦୁକ ବିଶେଷ ।

**Ferial**, *a.* ଛୁଟିଦିନ ସମ୍ବନ୍ଧୀୟ ।

**Ferity**, *n.* ବଣୁଆ ସ୍ୱଭାବ, ବନ୍ୟତା, ହିଂସ୍ରକତା, କ୍ରୂରତା ।

**Ferment**, *n. fer'ment*, 1. ଫଣଫଣାଇ ଉଠାଇବା ପଦାର୍ଥ, ଯଥା,—ତାଡୀ ଆଦି; 2. ଉତ୍ତେଜନା, ଗଣ୍ଡଗୋଳ, ଗୋଳମାଳ ।—*v.t. fer'ment'*, ଫଣଫଣାଇ ଉଠାଇବା, ଫେଣାଇ ଉଠାଇବା ।—*v.i.* 1. ଫଣଫଣାଇ ଉଠିବା, ଫେଣେଇ ଉଠିବା, ଉଛୁଳିବା, ଫାମ୍ପିବା; 2. ଉତ୍ତେଜିତ-ହେ ।

**Fermentable, Fermentescible**, *a.* ଫାମ୍ପିବାଯୋଗ୍ୟ, ଫେଣାଇବାଯୋଗ୍ୟ ।

**Fermentation**, *n.* 1. ଫଣଫଣାଇ ଉଠିବା କ୍ରିୟା, ଉଚ୍ଛଳନ, ଫାମ୍ପନ; 2. ଉତ୍ତେଜିତାବସ୍ଥା, ଉତ୍ତେଜନା ।

**Fermentative**, *a.* ଉଚ୍ଛଳନକ୍ଷମ, ଉଚ୍ଛଳନୀୟ, ଫାମ୍ପନୀୟ, ଫାମ୍ପନରୁ ଜାତ ।

**Fern**, *n.* ଫୁଲଶୂନ୍ୟ ପତ୍ରର ଏକପ୍ରକାର ଫର୍ଣ୍ଣ ଗଛ, ଢାଡି-ପଁଫଲାଜାତ ଫର୍ଣ୍ଣ ।

**Fernery**, *n.* ଉକ୍ତ ଫର୍ଣ୍ଣ ଗଛ ବଢାଇବା ଘର ।

**Ferny**, *a.* ଉକ୍ତ ଫର୍ଣ୍ଣଗଛମୟ ।

**Ferocious**, *a.* ହିଂସ୍ରକ, କ୍ରୂର, ଦୁରନ୍ତ, ନିଷ୍ଠୁର ।

**Ferociously**, *ad.* ହିଂସ୍ରକରୂପେ, ନିଷ୍ଠୁରଭାବେ ।

**Ferocity, Ferociousness**, *n.* ହିଂସ୍ରକତା, ନିଷ୍ଠୁରତା, କ୍ରୂରତା, ପ୍ରଚଣ୍ଡତା ।

**Ferreous, Ferric** *a.* ଲୌହଘଟିତ, ଲୌହଜାତ, ଲୌହନିର୍ମିତ, ଲୌହମୟ, ।

**Ferret**, *n.* ନେଉଳ ପରି ଜନ୍ତୁ ।—*v.t.* 1. ଉକ୍ତ ଜନ୍ତୁ ଦ୍ୱାରା ଶିକାର-କ; 2. କୌଶଳରେ ବାହାର-କ, ଅନୁସନ୍ଧାନରେ ବାହାର-କ ।

**Ferriage**, *n.* 1. ଘାଟ ମାସୁଲ; 2. ଘାଟ ଡଙ୍ଗା ଚଳାଇବା ବ୍ୟବସାୟ ।

**Ferriferous**, *a.* ଲୌହୋତ୍ପାଦକ ।

**Ferruginous**, *a.* 1. ଲୁହାର କଳଙ୍କି ରଙ୍ଗ; 2. ଲୌହମୟ, ଲୌହଧର୍ମକ ।

**Ferrule**, *n.* ଧାତୁନିର୍ମିତ ସାମୀ, ବାଡିର ବଳା ।

**Ferry**, *v.t.* ନାଆରେ ପାର-କ ।—*n.* 1. ପାର ହେବା ଘାଟ; 2. ଘାଟ ନାଆ ।—**Ferryboat**, ଘାଟ ନାଆ । **Ferry-man**, ଘାଟିଆ, ଘାଟବାଲା ।

**Fertile**, *a.* 1. ଉର୍ବରା, ବହୁଫଳା, ଫଳୋତ୍ପାଦକ; 2. ଉଦ୍ଭାବକ, ଉଦ୍ଭାବନକ୍ଷମ; 3. ଫଳବତୀ, ଅବନ୍ଧ୍ୟା ।

**Fertility, Fertileness**, *n.* 1. ଉର୍ବରତା, ଫଳବତ୍ତ୍ୱ; 2. ଉଦ୍ଭାବକତା, ଉଦ୍ଭାବନକ୍ଷମତା ।

**Fertilization**, *n.* ଫଳବତୀକରଣ, ଗର୍ଭୋତ୍ପାଦନ ।

**Fertilize**, *v.t.* 1. ଉର୍ବରା-କ, ବଳବାନ୍-କ; 2. ଫଳବତୀ-କ, ଗର୍ଭୋତ୍ପାଦନ-କ । [ଆଦି ।

**Fertilizer**, *n.* ଯେ ବା ଯାହା ଉର୍ବରା କରେ, ଖତ

**Ferule**, *n.* ପିଲାମାନଙ୍କ ହାତରେ ମାରିବାପାଇଁ ଚାପ ବାଡି ବିଶେଷ ।—*v.t.* ଉକ୍ତ ବାଡିରେ ମାରିବା ।

**Fervency, Fervidity**, *n.* ଉତ୍ତପ୍ତତା, ଉତ୍ତେଜନା, ଉତ୍ସାହ, ବ୍ୟଗ୍ରତା, ଔତ୍ସୁକ୍ୟ ।

**Fervent**, *a.* 1. ଉତ୍ତପ୍ତ, ପ୍ରଚଣ୍ଡ; 2. ଉତ୍ସାହୀ, ଉତ୍ସୁକ, ଉତ୍ତେଜିତ ।

**Fervently**, *ad.* 1. ଉତ୍ତପ୍ତଭାବେ, ପ୍ରଚଣ୍ଡରୂପେ; 2. ଉତ୍ସାହରୂପେ, ଉତ୍ସୁକଭାବେ ।

**Fervid**, *a.* 1. ପରିତପ୍ତ, ତେଜସ୍ୱୀ, ଜ୍ୱଳନ୍ତ, ଉଜ୍ଜ୍ୱଳ: 2. ଉତ୍ସାହୀ, ବ୍ୟଗ୍ର, ଆଗ୍ରହୀ ।

**Fervidly**, *ad.* 1. ପରିତପ୍ତଭାବେ, ଉଜ୍ଜ୍ୱଳରୂପେ; 2. ଉତ୍ସାହରୂପେ ।

**Fervour, Fervor, Fervidness**, *n.* 1. ଉତ୍ତପ୍ତାବସ୍ଥା, ଜ୍ୱଳନ୍ତାବସ୍ଥା, ଉତ୍ତପ୍ତତା; 2. ଉତ୍ସାହ, ଉତ୍ତାପ, ଆଗ୍ରହ, ଅତି ଔତ୍ସୁକ୍ୟ, ମନର ଉତ୍ତେଜନା ।

**Fescue**, *n.* 1. ବାଳକଙ୍କୁ ଶିଖାଇବାବେଳେ ଅକ୍ଷର ଦେଖାଇବା ପାଇଁ ପୂର୍ବକାଳରେ ବ୍ୟବହୃତ ପାଳ କୁଟା କାଠି ଆଦି; 2. ଏକପ୍ରକାର ଘାସ ।

**Festal**, *a.* ପର୍ବସମ୍ବନ୍ଧୀୟ, ଉତ୍ସବସମ୍ବନ୍ଧୀୟ, ଆନନ୍ଦକର, ହର୍ଷପୂର୍ଣ୍ଣ, ଅହ୍ଲାଦସୂଚକ ।

**Festally, Festively**, *ad.* ପର୍ବରୂପରେ, ଆନନ୍ଦକରରୂପେ, ହର୍ଷପୂର୍ଣ୍ଣଭାବେ ।

**Fester**, *v.i.* 1. ପୂଜ-ହେ ; 2. ଅଧିକରେ ଜ୍ୱାଳାକର-ହେ, କଷ୍ଟ-ହେ ; 3. ପଚିବା ।—*n.* ଜ୍ୱାଳାକର ବ୍ରଣ ବିଶେଷ ।

**Festival**, *a.* ପର୍ବସମ୍ବନ୍ଧୀୟ, ଉତ୍ସବସମ୍ବନ୍ଧୀୟ, ଆନନ୍ଦକର, ହର୍ଷପୂର୍ଣ୍ଣ ।—*n.* ପର୍ବ, ଉତ୍ସବ, ମହୋତ୍ସବ ।

**Festive**, *a.* ପର୍ବ ପର, ଭୋଜ ପର, ଉତ୍ସବସମ୍ବନ୍ଧୀୟ, ଭୋଜସମ୍ବନ୍ଧୀୟ, ପର୍ବବିଷୟକ, ପର୍ବୋପଯୋଗୀ, ଆନନ୍ଦକର, ହର୍ଷପୂର୍ଣ୍ଣ, ଅହ୍ଲାଦସୂଚକ ।

**Festivity**, *n.* 1. ପର୍ବର ଆନନ୍ଦ, ଭୋଜର ଆନନ୍ଦ, ସାମାଜିକ ଆମୋଦ ପ୍ରମୋଦ ; 2. ଉତ୍ସବ ।

**Festoon**, *n.* 1. ଫୁଲପତ୍ରାଦିର ହାର, ତୋରଣ ମାଲ୍ୟ ; 2. (archit.) ଫୁଲପତ୍ର ହାର ପରି ଗୃହାଦିରେ ଶୋଭାକର ଖୋଦିତ କର୍ମ ।—*v.t.* ଫୁଲପତ୍ରର ହାର-କ, ଫୁଲପତ୍ରର ହାରରେ ଶୋଭିତ-କ ।

**Fetal, Fœtal**, *a.* ଭ୍ରୂଣସମ୍ବନ୍ଧୀୟ, ଜରାୟୁସ୍ଥ ପ୍ରାଣୀସମ୍ବନ୍ଧୀୟ ।

**Fetch**, *v.t.* 1. ଯାଇ ଆଣିବା, ନେଇ ଆସିବା, ନେଇଆସିବା, ଆଣିବା, ଅଣାଇବା ; 2. ବାହାର-କ, କାଢିବା ; 3. ଲାଭ-କ ; 4. (slang), ମୋହିତ-କ ।—To fetch a blow, ବିଧା ମାରିବା । To fetch a sigh, ଦୀର୍ଘ ନିଶ୍ୱାସ ଛାଡିବା ।—*v.i.* ଚଳିବା, ଫେରିବା ।—*n.* 1. କୌଶଳ, ଯୁକ୍ତି ; 2. ଅନ୍ୱେଷଣ ; 3. ଜୀବିତ ଲୋକଙ୍କ ପ୍ରେତମୂର୍ତ୍ତି ଦର୍ଶନ ।

**Fête**, *n.* *fāt*, ପର୍ବ, ଉତ୍ସବ, ଉତ୍ସବଦିନ ।—*v.t.* ଭୋଜ-ଦେ, ଉତ୍ସବର ଆମୋଦପ୍ରମୋଦ ଦ୍ୱାରା ସମ୍ମାନ-କ ।

**Fetid**, *a.* ଦୁର୍ଗନ୍ଧମୟ, କୁବାସଯୁକ୍ତ, ପଚାଗନ୍ଧଯୁକ୍ତ, ପୂତିଗନ୍ଧମୟ ।

**Fetidness**, *n.* ଦୁର୍ଗନ୍ଧମୟତା ।

**Fetish, Fetich** *n.* 1. ଅସଭ୍ୟ ଓ ଜଙ୍ଗଲୀ ଲୋକମାନଙ୍କ ମଧ୍ୟରେ ପୂଜିତ ଯାଦୁଶକ୍ତିଯୁକ୍ତ ଜଡ ପଦାର୍ଥ, ଯାଦୁ, କୁହୁକ ; 2. ଅନ୍ଧ ଅନୁରାଗ ।

**Fetishism, Fetichism**, *n.* 1. ଯାଦୁଶକ୍ତିଯୁକ୍ତ ଜଡ ପଦାର୍ଥରେ ବିଶ୍ୱାସ, ଜଡପୂଜା ; 2. ଅନ୍ଧ ଅନୁରାଗ, ଅନ୍ଧ ବିଶ୍ୱାସ ।

**Fetlock**, *n.* 1. ଘୋଡାଖୁରର ପଛପଟସ୍ଥ ଲୋମ ; 2. ଘୋଡାଖୁରର ଗଣ୍ଠି ; 3. ଛେପା ।

**Fetter**, *n.* ପାଦର ବେଡି, ଶୃଙ୍ଖଳ, ବନ୍ଧନ, generally in the *pl.*—*v.t.* ବେଡି-ଦେ, ଶୃଙ୍ଖଳବଦ୍ଧ-କ, ଜଞ୍ଜିରରେ ବାନ୍ଧିବା, ବନ୍ଧ-କ ।

**Fetterless**, *a.* ବେଡିରହିତ, ଅବଦ୍ଧ, ମୁକ୍ତ ।

**Fettle**, *v.t.* ସଜାଡିବା, ପ୍ରସ୍ତୁତ-କ ।—*n*, ପ୍ରସ୍ତୁତାବସ୍ଥା ।

**Fetus, fœtus**, *n.* ଭ୍ରୂଣ, ଜରାୟୁସ୍ଥ ପ୍ରାଣୀ ।

**Feud**, *n.* 1. ବିବାଦ, ବିଦ୍ୱେଷ, ଶତ୍ରୁତା ; 2. ପରିବାର ବା ବଂଶ ମଧ୍ୟରେ ଶତ୍ରୁତା, ଦୁଇ ଗୋଷ୍ଠୀ ମଧ୍ୟରେ ଯୁଦ୍ଧ, ବଂଶାନୁକ୍ରମିକ ବିବାଦ ।

**Feud, Fief**, *n.* ଯୁଦ୍ଧ ସମୟରେ ସାହାଯ୍ୟାର୍ଥେ ଦତ୍ତ ଜାଗିରି, ଜାଗିର, ସ୍ୱବସତ୍ତ, ଯୋଧଭୂମି ।

**Feudal**, *a.* ଜାଗିରିସମ୍ବନ୍ଧୀୟ, ସ୍ୱବସତ୍ତସମ୍ବନ୍ଧୀୟ, ସୈନିକ ସେବା ହେତୁରୁ ଜାଗିରି ପାଇବା ନିୟମସମ୍ବନ୍ଧୀୟ ।—Feudal system, Feudalism, ଜାଗିରି ପ୍ରଣାଳୀ ।

**Feudatory, Feudary**, *n.* 1. ଜାଗିରିଦାର ; 2. କରଦ ଭୂମ୍ୟଧିକାରୀ, କରଦ ରାଜା ।—*a.* ଜାଗିରି ପ୍ରଣାଳୀରେ ସ୍ଥାପିତ ।

**Feu-de-joie**, *n.* (French), ଆନନ୍ଦସୂଚକ ତୋପ ବା ବନ୍ଧୁକ ଧ୍ୱନି ।

**Fever**, *n.* 1. ଜ୍ୱର ; 2. ଉତ୍ତେଜନା, ତାପ ।—*v.t.* ଜ୍ୱରାକ୍ରାନ୍ତ-କ, ଉତ୍ତେଜିତ-କ ।

**Feverish**, *a.* 1. ଜ୍ୱରଭାବାପନ୍ନ, ଜରୁଆ, ଜ୍ୱରାକ୍ରାନ୍ତ, ଜ୍ୱରଗ୍ରସ୍ତ, ଉଷ୍ଣ ; 2. ଉତ୍ତେଜିତ, ବ୍ୟଗ୍ରଭାବାପନ୍ନ ; 3. ଅସ୍ଥିର, ପରିବର୍ତ୍ତନଶୀଳ ।

**Feverishly**, *ad.* ଜ୍ୱରାକ୍ରାନ୍ତରୂପେ, ଉତ୍ତେଜିତଭାବେ, ବ୍ୟଗ୍ରଭାବେ ।

**Feverishness**, *n.* ଜରୁଆ ଅବସ୍ଥା ।

**Few**, *a.* ଅଳ୍ପ, ଅଳ୍ପସଂଖ୍ୟକ, ଥୋକାଏ ।—A few, କେତେଗୁଡିଏ ।

**Fewness**, *n.* ଅଳ୍ପତା, ଅଳ୍ପ ସଂଖ୍ୟା ।

**Fiancé**, (masc.) **Fiancée**, (fem.) *n.* (French), ବାଗ୍‌ଦତ୍ତ ବା ବାଗ୍‌ଦତ୍ତା ଲୋକ ।

**Fiasco**, *n.* ହାସ୍ୟଜନକଭାବରେ ଅକୃତକାର୍ଯ୍ୟତା, ଲଜ୍ଜାକର ଓ ବିଶେଷ ବିଫଳତା ।

**Fiat**, *n.* (ଲାଟ), ଆଦେଶ, ଦୃଢାଜ୍ଞା, ହୁକୁମ୍ ।

**Fib**, *n.* ମିଥ୍ୟା, ବାକ୍‌ଛଳ, ସହଜର ଅପଳାପ, ସାଦା ମିଛ ।—*v.t.* ସାଦା ମିଛ କହିବା, ବାକ୍‌ଛଳ-କ, ମିଥ୍ୟା କହିବା ।

**Fibber, Fibster**, *n.* ମିଛୁଆ, ମିଥ୍ୟାବାଦୀ ।

**Fibre**, *n.* 1. ତନ୍ତୁ, ସୂତ୍ର, ସୂତା, ଶିରା ; 2. ପ୍ରକୃତି, ସ୍ୱଭାବ, ଶକ୍ତି ।

**Fibril**, *n.* ସୂକ୍ଷ୍ମତନ୍ତୁ, ସୂକ୍ଷ୍ମଶିରା, ଅତି ସରୁ ସୂତା ।

**Fibrous, Fibroid**, *a.* ତନ୍ତୁମୟ, ସୂତ୍ରବିଶିଷ୍ଟ, ତେରୁଆ, ଶିରାବିଶିଷ୍ଟ ।

**Fibula**, *n.* (*pl.* Fibulæ), 1. ପୁରାକାଳୀନ ବନ୍ଧନୀ ବିଶେଷ ; 2. ତଳ ଗୋଡର ସାନ ହାଡ ; 3. କ୍ଷତାଦି ସିଲାଇ କରିବା ଛୁଞ୍ଚି ।

**Fickle**, *a.* ଚଞ୍ଚଳମତିବିଶିଷ୍ଟ, ଚଞ୍ଚଳ, ଅସ୍ଥିର, ଅଧୀର, ଚଳଚଳିଆ, ଟଳଟଳିଆ, ଅଧୃତ ।

**Fickleness**, *n.* ଚଞ୍ଚଳତା, ଅସ୍ଥୈର୍ଯ୍ୟ, ମତିର ଅସ୍ଥିରତା, ଅସ୍ଥିରତା ।

**Fictile**, *a.* 1. ଶିଳ୍ପବିଦ୍ୟାରେ ଅଭ୍ୟସ୍ତ ; 2. ଚିକଟା ମାଟିରେ ଗଢା, କୁମ୍ଭାରର ମୃତ୍ତିକାପାତ୍ରସମ୍ବନ୍ଧୀୟ ।

**Fiction**, *n.* 1. କଳ୍ପନା ; 2. କଳ୍ପିତ ବୃତ୍ତାନ୍ତ, କଳ୍ପିତ ବର୍ଣ୍ଣନା, କାହାଣୀ, ଉପନ୍ୟାସ ; 3. କଳ୍ପିତ କଥା, କଳ୍ପିତ ବିଷୟ, ଅପ୍ରକୃତ କଥା, ମିଥ୍ୟା କଥା ।

Fictitious, *a.* 1. କଳ୍ପନାପୂର୍ଣ୍ଣ, କଳ୍ପିତ, ଅପ୍ରକୃତ, କାଳ୍ପନିକ; 2. କୃତ୍ରିମ, ମିଥ୍ୟା, ବେନାମୀ ।

Fictitiously, *ad.* କଳ୍ପିତରୂପେ, କାଳ୍ପନିକରୂପେ, କୃତ୍ରିମଭାବେ ।

Fictive, *a.* କୃତ୍ରିମ, କାଳ୍ପନିକ, ଅନୁମାନିକ ।

Fiddle, *n.* 1. ବେହେଲା, ସାରଙ୍ଗୀ; 2. ଭୋଜନ ସମୟରେ ଜାହାଜର ମେଜରେ ଥିବା ପାତ୍ରାଦି ଧରି ରଖିବା ପାଇଁ ଆଡ଼ କାଠର ଫଳ ।—1. *v.i.* ବେହେଲା ବଜାଇବା; 2. ବୃଥାରେ କାଳ କାଟିବା, ସମୟ ନଷ୍ଟ-କର; 3. ଛୋଟ ଅନର୍ଥକ ଚଳାଇବା ।

Fiddle-bow, Fiddle-stick, *n.* ବେହେଲାର କମାଣୀ ।

Fiddle-faddle, *n.* ବୃଥା କଥା, ମାହାଳିଆ କଥା, ଅନର୍ଥକ ବସ୍ତୁ, ତୁଚ୍ଛ ବସ୍ତୁ, ଇଟଇଟ;—*v.i.* ମାହାଳିଆ କଥା କହିବା, ଇଟଇଟ-ହେ ।—*a.* ଅନର୍ଥକ ବସ୍ତୁରେ ବ୍ୟସ୍ତ ।

Fiddler, *n.* ବେହେଲାବାଦକ, ସାରଙ୍ଗିଆ ।

Fidelity, *n.* 1. ବଶ୍ୟତା, ପ୍ରଭୁଭକ୍ତି; 2. ସତ୍ୟଶୀଳତା, ସାଧୁତା, ସରଳତା ।

Fidget, *v.i.* ଅସ୍ଥିର-ହେ, ଚପଲଚପଲ-ହେ ।—*v.t.* ଅସ୍ଥିର-କର, ବ୍ୟସ୍ତ-କର ।—*n.* ଅସ୍ଥିର ଗତି, ଅସ୍ଥିରତା, ଅସ୍ଥିରଭାବ ।

Fidgetiness, *n.* ଅସ୍ଥିରତା, ଅସ୍ଥିରଭାବ, ଚପଲଚପଲପଣ, ବ୍ୟସ୍ତତା ।

Fidgety, *a.* ଅସ୍ଥିର, ଚପଲଚପଲ, ଚଞ୍ଚଳ, ବ୍ୟସ୍ତ ।

Fiducial, *a.* 1. ବିଶ୍ୱାସଯୁକ୍ତ, ବିଶ୍ୱାସପ୍ରକାଶକ; 2. ନ୍ୟସ୍ତବସ୍ତୁସମ୍ବନ୍ଧୀୟ ।

Fiduciary, *a.* ନ୍ୟସ୍ତବସ୍ତୁସମ୍ବନ୍ଧୀୟ, ନ୍ୟସ୍ତ, ଗଚ୍ଛିତ, ନ୍ୟସ୍ତଦ୍ରବ୍ୟବିଷୟକ ।—*n.* ଜିମ୍ମାଦାର, ଯାହା ହସ୍ତରେ ସମ୍ପତ୍ତି ନ୍ୟସ୍ତ ହୁଏ, ପର ଧନ ରକ୍ଷାର୍ଥ ନିଯୁକ୍ତ ବ୍ୟକ୍ତି ।

Fie, *interj.* ଭର୍ତ୍ସନା ବା ଘୃଣାସୂଚକ ଶବ୍ଦ, ଯଥା—ଛି! ଛିଃ! ଛିଛି! ଛ୍ୟା! ଥୁ!

Fief, *n.* see Feud.

Field, *n.* 1. କ୍ଷେତ, ବିଲ, କ୍ଷେତ୍ର; 2. ଜମି, ଭୂମି; 3. ଜଗତ, ପ୍ରାନ୍ତର; 4. ଯୁଦ୍ଧସ୍ଥଳ, ଯୁଦ୍ଧକ୍ଷେତ୍ର, ଯୁଦ୍ଧ; 5. ଭୂଭାଗ, ଅଞ୍ଚଳ, ପ୍ରଦେଶ; 6. କାର୍ଯ୍ୟସ୍ଥଳ, କାର୍ଯ୍ୟକ୍ଷେତ୍ର; 7. ସୀମା; 8. ଶିକାର ସହରେ ଦୌଡ଼ିବା ଲୋକ ଘୋଡ଼ା ଆଦି, କୌଣସି ଦୌଡ଼ରେ ବାଛିର ଘୋଡ଼ାସବୁ ।—To hold the field, ଅନ୍ୟ ସମସ୍ତଙ୍କ ପ୍ରତି ବାଧା କରି ସ୍ଥାନ ରକ୍ଷା-କର । To keep the field, ଯୁଦ୍ଧରେ ନିଯୁକ୍ତ ଥିବା, ଯୁଦ୍ଧ ପରିତ୍ୟାଗ ନ କରିବା । To take the field, ଯୁଦ୍ଧ ଆରମ୍ଭ-କର ।—*v.i.* କୌଣସି ଖେଳରେ ଫେଣ୍ଡ ଧରିବା କାମରେ ଜଗି ରହିବା ।

Field-artillery, Field-guns, Field-pieces, *n.* ଯୁଦ୍ଧରେ ଚଳାଯିବା ତୋପସବୁ ।

Field-book, *n.* ଜମି ଜରିପ କରିବା ଟିପା ବହି ।

Field-glass, *n.* ଦୂର ଦୃଷ୍ଟି ନିମନ୍ତେ ଦୂରବୀକ୍ଷଣ ବିଶେଷ ।

Field-marshal, *n.* ପ୍ରଧାନ ସେନାପତି, ବଳାଧ୍ୟକ୍ଷ ।

Field-preacher, *n.* ଖୋଲା ଜାଗାରେ ପ୍ରଚାରକ ।

Field-sport, *n.* ମୃଗୟା ।

Fiend, *n.* 1. ପିଶାଚ, ଦୈତ୍ୟ, ଶୟତାନ; 2. ପୈଶାଚିକ ଲୋକ, ଅଧମ ନିଷ୍ଠୁର ବା ହିଂସ୍ରକ ଲୋକ ।

Fiendish, *a.* ପୈଶାଚିକ, ନାରକୀୟ, ଅତି ନିଷ୍ଠୁର, ଅତି ହିଂସ୍ରକ ।

Fiendishness, *n.* ପୈଶାଚିକତା, ଅତି ନିଷ୍ଠୁରତା ।

Fierce, *a.* 1. ହିଂସ୍ରକ, ଦୁର୍ଦ୍ଦାନ୍ତ, କ୍ରୂରକର୍ମା, ନିଷ୍ଠୁର, ନିର୍ଦ୍ଦୟ; 2. ପ୍ରଚଣ୍ଡ, ଭୟଙ୍କର, ଘୋର; 3. ଅତି ବ୍ୟଗ୍ର, କ୍ରୁଦ୍ଧ ।

Fiercely, *ad.* 1. ନିଷ୍ଠୁରଭାବେ; 2. ପ୍ରଚଣ୍ଡରୂପେ, ଭୟଙ୍କରରୂପେ, ଘୋରରୂପେ; 3. ଅତି ବ୍ୟଗ୍ରଭାବେ, ଉଗ୍ରଭାବେ, ମହା କୋପରେ ।

Fierceness, *n.* 1. ହିଂସ୍ରକତା, ଅତି କ୍ରୂରତା, ନିଷ୍ଠୁରତା; 2. ପ୍ରଚଣ୍ଡତା; 3. ମହାକୋପ, କୋପୋଗ୍ରତା ।

Fierily *ad.* ଉତ୍ତପ୍ତଭାବେ, ଉତ୍ତେଜିତଭାବେ, କ୍ରୋଧରୂପେ ।

Fieriness, *n.* ଅଗ୍ନିମୟତା, ଉତ୍ତପ୍ତତା, ଉତ୍ତପ୍ତ ସ୍ୱଭାବ-ପ୍ରଚଣ୍ଡତା, କ୍ରୋଧଶୀଳତା ।

Fiery, *a.* 1. ଅଗ୍ନିମୟ, ଆଗ୍ନେୟ, ଅଗ୍ନିବତ୍, ଉଜ୍ଜ୍ୱଳ, ଉତ୍ତପ୍ତ; 2. ପ୍ରଚଣ୍ଡ, ଅତ୍ୟୁଗ୍ର, ଉତ୍ତେଜିତ; 3. ଶୀଘ୍ରକୋପୀ, ରାଗୀ ।

Fife, *n.* ବଇଁଶୀ, ବଂଶୀ ବିଶେଷ, ମୁରଲୀ, ବେଣୁ ।—*v.i.* ବଂଶୀ ବଜାଇବା ।

Fife-major, *n.* ପଲ୍ଟନରେ ବଂଶୀବାଦକମାନଙ୍କ ଉପରେ ଅଧ୍ୟକ୍ଷ ।

Fifer, *n.* ବଂଶୀବାଦକ, ବେଣୁବାଦକ ।

Fifteen, *a.* ପନ୍ଦର, ପଞ୍ଚଦଶ ।—*n.* ପନ୍ଦର ସଂଖ୍ୟା, ପନ୍ଦର ଅଙ୍କ ।

Fifteenth, *a.* ପଞ୍ଚଦଶ ।—*n.* ପଞ୍ଚଦଶ ଭାଗ ।

Fifth, *a.* ପଞ୍ଚମ ।—*n.* ପଞ୍ଚମ ଭାଗ ।

Fifthly, *ad.* ପଞ୍ଚମରେ, ପଞ୍ଚମତଃ ।

Fiftieth, *a.* ପଞ୍ଚାଶତ୍ତମ, ପଞ୍ଚାଶତ୍ ।—*n.* ପଞ୍ଚାଶତ୍ ଭାଗ ।

Fifty *a.* ପଚାଶ, ପଞ୍ଚାଶ ।—*n.* ପଞ୍ଚାଶ ସଂଖ୍ୟା, ପଚାଶ ଅଙ୍କ ।

Fig, (1) *n.* 1. ଡିମିରି, ଡୁମୁରି ଫଳ; 2. ଡିମିରି ଗଛ, ଡୁମୁରି ବୃକ୍ଷ; 3. ତୁଚ୍ଛ ବସ୍ତୁ, ଅବଜ୍ଞାକର ବସ୍ତୁ ।

Fig, (2) *n.* ପୋଷାକ ।—*v.t.* ପୋଷାକ ପିନ୍ଧାଇବା, ବେଶଭୂଷା କରାଇବା ।

Fight, *v.i.* ଯୁଦ୍ଧ-କର, ରଣ-କର, ସଂଗ୍ରାମ-କର, ଲଢ଼ାଇ-କର ।—To fight shy of, ଘୃଣା ବା ଭୟ ବା ସନ୍ଦେହ ହେତୁ ଏଡ଼ାଇବା ।—*v.t.* 1. କଳିବରେ ଯୁଦ୍ଧ-କର; 2. ଲଢ଼ାଇବା; 3. ମହୋଦ୍ୟମ ଦ୍ୱାରା ଲାଭ-କର, ଯୁଦ୍ଧ ଦ୍ୱାରା ଲାଭ-କର; 4. ଯୁଦ୍ଧରେ ଚଳାଇବା ।—To fight it out, ଶେଷ ପର୍ଯ୍ୟନ୍ତ ଲଢ଼ିବା, ଶେଷ ଫଳ ନ ଦେଖିବା ପର୍ଯ୍ୟନ୍ତ ଲଢ଼ିବା ।—*n.* 1. ଯୁଦ୍ଧ, ରଣ, ସଂଗ୍ରାମ, ଲଢ଼ାଇ; 2. ଯୁଦ୍ଧେଚ୍ଛା, କଳହପ୍ରିୟତା ।

**Fighter**, *n.* ଯୋଦ୍ଧା, ଯୋଦ୍ଧୃ, ଲଢାଇ କରବା ଲୋକ ।
**Fighting**, *a.* ଯୁଦ୍ଧଯୋଗ୍ୟ, ଯୁଦ୍ଧରେ ପ୍ରବୃତ୍ତ, ଯୁଦ୍ଧକାରୀ, ଯୁଦ୍ଧପ୍ରିୟ, ଯୁଦ୍ଧେଚ୍ଛୁ ।—*n.* ଯୁଦ୍ଧ ।
**Figment**, *n.* କଳ୍ପିତ କଥା, କଳ୍ପନା ।
**Figurable**, *a.* ଆକୃତଯୋଗ୍ୟ, ଦର୍ଶାଇବା ଯୋଗ୍ୟ ।
**Figural**, *a.* 1. ଆକୃତ ଦ୍ୱାରା ଦର୍ଶିତ, ଆକୃତବିଷୟକ; 2. ଆକୃତବିଶିଷ୍ଟ ।
**Figurate**, *a.* ଆକୃତବିଶିଷ୍ଟ, ଆକାରଧାରୀ, ସାକାର ।
**Figuration**, *n.* 1. ଆକାରବିଧାନ, ରୂପକରଣ; 2. ଆକୃତ, ଗଠନ; 3. ଅଲଙ୍କୃତ ବାଦ୍ୟ ।
**Figurative**, *a.* 1. ପ୍ରତିରୂପକ, ନିଦର୍ଶନୀୟ; 2. ରୂପକ, ଉପମାଯୁକ୍ତ; 3. ରୂପକବାକ୍ୟମୟ, ଉପମାପୂର୍ଣ୍ଣ, ଅଲଙ୍କୃତ; 4. ଆକୃତ ନିର୍ମାଣକରଣସମ୍ବନ୍ଧୀୟ ।
**Figuratively**, *ad.* ରୂପକଭାବେ, ଉପମାଦ୍ୱାରା, ନିଦର୍ଶନକ୍ରମେ, ଲାକ୍ଷଣିକଭାବେ ।
**Figurativeness**, *n.* ରୂପକତା, ରୂପକଭାବ, ଲାକ୍ଷଣିକଭାବ ।
**Figure**, *n.* 1. ରୂପ, ଛାପ, ଆକାର, ଆକୃତ, ଗଠନ; 2. ବିଶେଷ ବ୍ୟକ୍ତି; 3. ପ୍ରାଧାନ୍ୟ, ପ୍ରକାଶ, ଖ୍ୟାତ; 4. ମୂର୍ତ୍ତି, ଛବି, ନକ୍‌ସା, ପ୍ରତିମୂର୍ତ୍ତି, ପ୍ରତିମା; 5. ଅଙ୍କ; 6. ରେଖାଗଣିତ, ଚିହ୍ନ, କ୍ଷେତ୍ର; 7. ନିଦର୍ଶନ, ପ୍ରତିରୂପ; 8. ରୂପକ ବାକ୍ୟ, ଅଲଙ୍କାର; 9. ମୂଲ୍ୟ ।—To cut a figure, ସୁଖ୍ୟାତ ବା କୁଖ୍ୟାତ ଲାଭ-କ ।—*v.t.* 1. ଆକାର-କ, ଗଠନ-କ, ପ୍ରତିମୂର୍ତ୍ତ-କ; 2. ଚିହ୍ନିତ-କ, ମୂର୍ତ୍ତି ଦ୍ୱାରା ଅଙ୍କିତ-କ; 3. ନିଦର୍ଶିତ-କ, ଦର୍ଶାଇବା; 4. କଳ୍ପନା-କ; 5. ଅଙ୍କରେ ଦର୍ଶାଇବା, ଗଣନା-କ ।—*v.i.* 1. ପ୍ରସିଦ୍ଧ-ହେ, ବିଖ୍ୟାତ-ହେ, ବଶିଷ୍ଟ-ହେ; 2. ଗଣନା-କ ।
**Figured**, *a.* 1. ଚିହ୍ନିତ, ମୂର୍ତ୍ତି ଦ୍ୱାରା ଅଙ୍କିତ, ଅଲଙ୍କୃତ; 2. ବର୍ଣ୍ଣିତ ।
**Figure-head**, *n.* 1. ଜାହାଜର ଅଗ୍ରଭାଗରେ ଥିବା ଶୋଭକ ମୂର୍ତ୍ତି; 2. ଶୋଭାର୍ଥକ ବ୍ୟକ୍ତି, ସାକ୍ଷୀଗୋପାଳ ।
**Figuring**, 1. ଚିହ୍ନିତକରଣ, ଅଙ୍କିତକରଣ, ଅଙ୍କିତ ମୂର୍ତ୍ତି ସମୂହ; 2. ଗଣନା ।
**Filament**, *n.* ସୂକ୍ଷ୍ମ ସୂତ୍ର, ସୂକ୍ଷ୍ମ ସୂତ୍ରବତ୍ ପଦାର୍ଥ, ସୂକ୍ଷ୍ମ ତନ୍ତୁ, ସୂକ୍ଷ୍ମ ଶିରା ।
**Filamentary**,
**Filamentose**,
**Filamentous**,
**Filaceous**, } *a.* ସୂକ୍ଷ୍ମ ସୂତ୍ରବଶିଷ୍ଟ, ତନ୍ତୁମୟ ତେନ୍ତୁଆ ।
**Filamentoid**, *a.* ସୂକ୍ଷ୍ମ ସୂତ୍ରବତ୍ ।
**Filature**, *n.* କୋଷରୁ ସୂତା ବାହାର କରି ଗୁଡାଇବା କାର୍ଯ୍ୟ ବା ଯନ୍ତ୍ର ।
**Filch**, *v.t.* ଚୁପଚାପରେ ଚୋରି-କ, ହାତଉଠାପଣ-କ, ଚୋରି-କ, ଅପହରଣ-କ ।
**File**, *n.* 1. କାଗଜାଦ ଗୁନ୍ଥି ରଖିବା ଫୋଡଣି; 2. ଉକ୍ତ ଫୋଡଣିରେ ଗୁନ୍ଥା କାଗଜ, ନଥୀ; 3. ଏକ ଅପରେକର ପଶ୍ଚାତ୍ ସଜ୍ଜିତ ସୈନ୍ୟ ପଂକ୍ତି ।—*v.t.* 1. ଫୋଡଣିରେ ଗୁନ୍ଥି ରଖିବା, ନଥୀରେ ଶାମିଲ୍-କ; 2. ଦାଖଲ-କ ।—*v.i.* ଏକ ଅପରେକର ପଶ୍ଚାତ୍ ଶ୍ରେଣୀବଦ୍ଧ ହୋଇ ସୈନ୍ୟ ପରି ଯାତ୍ରା-କ ।
**File**, *n.* ଉଖା, ରେତ ।—*v.t.* ଉଖାରେ ଘଷିବା, ଶାଣ-ଦେ ।
**Filial**, *a.* ପୁତ୍ର ବା କନ୍ୟା ସମ୍ବନ୍ଧୀୟ, ପୁତ୍ରବତ୍, ପୁତ୍ରୋଚିତ, କନ୍ୟୋଚିତ, ପୁତ୍ରୋପଯୁକ୍ତ, ପୁତ୍ରଧର୍ମକ, ପୁତ୍ରୀୟ ।
**Filially**, *ad.* ପୁତ୍ରୀୟ ଭାବରେ, ପୁତ୍ରୋଚିତରୂପେ, କନ୍ୟୋଚିତରୂପେ ।
**Filiate**, *v.t.* see Affiliate.
**Filibuster**, *n.* ସମୁଦ୍ର ଡକାଇତ ।—*v.i.* ସମୁଦ୍ର ଡକାଇତ ପରି କାର୍ଯ୍ୟ-କ ।
**Filiform**, *a.* ତନ୍ତୁବତ୍, ସୂତ୍ରପରି ।
**Filigree**, *n.* 1. ତାରକସି ବା ଜାଲି କାମ, ସ୍ୱର୍ଣ୍ଣରୌପ୍ୟାଦର ସୂକ୍ଷ୍ମ ତାରର କର୍ମ; 2. ସୁନ୍ଦର ମାତ୍ର ଅବିଶ୍ୱସ୍ତକର ବସ୍ତୁ ।
**Filings**, *n. pl.* ଉଖାଗୁଣ୍ଡି ।
**Fill**, *v.t.* 1. ପୂର୍ଣ୍ଣ-କ, ପରିପୂର୍ଣ୍ଣ-କ, ଭର୍ତ୍ତି-କ; 2. ବ୍ୟାପ୍ତ-କ; 3. ପରିତୃପ୍ତ-କ, ପରିତୁଷ୍ଟ-କ; 4. ଫୁଲାଇବା; 5. ଧାରଣ-କ, (ପଦ) ଧରି ନିର୍ବାହ-କ ।—To fill in, 1. ପୂର୍ଣ୍ଣ-କ; 2. ଲେଖି ପୂରଣ-କ । To fill out, ଫୁଲାଇବା । To fill up, 1. ପରିପୂର୍ଣ୍ଣ-କ, ଭର୍ତ୍ତି-କ; 2. ସମ୍ପୂର୍ଣ୍ଣରୂପେ ବ୍ୟୟ-କ ।—*v.i.* ପରିପୂରିତ ହେ ।—*n.* ପୂର୍ଣ୍ଣତା, ତୃପ୍ତି, ପୂର୍ତ୍ତି ।
**Fillet**, *n.* 1. କେଶବନ୍ଧନୀ, ଫିତା, ପଟି, ବନ୍ଧନୀ; 2. ଜଙ୍ଘର ମାଂସଳଭାଗ ... । 3 ସରୁ ଶୋଭାକର ରେଖାଦ ।
**Fillibeg**, **Filibeg**, *n.* ସ୍କଟଲଣ୍ଡର ପାର୍ବତୀୟ ପ୍ରଦେଶସ୍ଥ ପୁରୁଷର ଘାଗରା ବିଶେଷ ।
**Filling**, *n.* 1. ପୂର୍ଣ୍ଣକରଣ, ପୂରଣ; 2. ପୂରକ ପଦାର୍ଥ; 3. ଭରଣି ସୂତା ।
**Fillip**, *v.t.* 1. ଅଙ୍ଗୁଠିର ନଖରେ ମାରିବା, ଟୁଟକି ମାରିବା; 2. ହାତ ଦ୍ୱାରା ଫୁର୍ତ୍ତିରେ ମାରିବା ।—*n.* 1. ଟୁଟକି ମାରଣ; 2. ଫୁର୍ତ୍ତିରେ ମାରଣ; 3. ଶୀଘ୍ର ଉତ୍ତେଜକ ବିଷୟ ।
**Filly**, *n.* 1. ଘୋଡାର ମାଈଛୁଆ, ଯୁଆନ୍ ଘୋଟକୀ; 2. ଚଞ୍ଚଳା ବାଳିକା ।
**Film**, *n.* 1. ସୂକ୍ଷ୍ମ ଚର୍ମ; 2. ସୂକ୍ଷ୍ମ ସ୍ତର, ସରୁ ପରସ୍ତ; 3. ସରୁ ସୂତା ।—*v.t.* ସୂକ୍ଷ୍ମ ସ୍ତରରେ ଆଚ୍ଛାଦନ-କ, ସୂକ୍ଷ୍ମ ଚର୍ମରେ ଆଚ୍ଛାଦନ-କ ।—*v.i.* ସୂକ୍ଷ୍ମ ସ୍ତରରେ ଆଚ୍ଛାଦିତ-ହେ ।
**Filminess**, *n.* ସୂକ୍ଷ୍ମ ଝିଲ୍ଲି ବଶିଷ୍ଟତା, ସୂକ୍ଷ୍ମ ସ୍ତରବଶିଷ୍ଟତା ।
**Filmy**, *a.* ସୂକ୍ଷ୍ମ ସ୍ତରବତ୍, ସୂକ୍ଷ୍ମ ଝିଲ୍ଲିବଶିଷ୍ଟ, ସରୁ ପରସ୍ତଯୁକ୍ତ ।
**Filter**, *n.* ଛାଣିବା ଉପାୟ, ଛାଙ୍କୁଣୀ, ପାଣିଛଣା ଯନ୍ତ୍ର, ଜଳଶୋଧକ ।—*v.t.* ଛାଣି ନିର୍ମଳ-କ, ଛାଙ୍କିବା, ଛାଣି ଶୋଧନ-କ, ଚୁଆଇ ଛାଣିବା ।—*v.i.* ଚୁଇବା ।
**Filth**, *n.* 1. ମଳ, ମଇଳା, ମାଳିନ୍ୟ; 2. ଅପବିତ୍ରତା, ଅଶୁଚିତା, ଅଶ୍ଳୀଳତା ।

**Filthily**, *ad.* 1. ମଳପୂର୍ଣ୍ଣରୂପେ, କଦର୍ଯ୍ୟରୂପେ, କୁତ୍ସିତରୂପେ; 2. ଅଶ୍ଳୀଳରୂପେ, ଅଶୁଚିରୂପେ ।
**Filthiness**, *n.* 1. ମାଳିନ୍ୟ, ସମଳତା; 2. ଅଶୁଚିତା, ଅପବିତ୍ରତା ।
**Filthy**; *a.* 1. ମଳପୂର୍ଣ୍ଣ, ସମଳ, ମଇଳା, କଦର୍ଯ୍ୟ, କୁତ୍ସିତ; 2. ଅଶ୍ଳୀଳ, ଅଶୁଚି, ଅପବିତ୍ର; 3. ଅଧମ ଉପାୟରେ ପ୍ରାପ୍ତ, as in *Filthy* lucre.
**Filtrate**, *v.t.* ଛପର ଛାଣିବା, ଛାଙ୍କିବା ।
**Filtration**, *n.* ଛାଣି ନିର୍ମଳକରଣ, ଛଣା ।
**Fimbriate, Fimbriated**, *a.* ଝାଲରଯୁକ୍ତ, ଅଂଶୁଯୁକ୍ତ ।—*v.t.* ମୋଟ ସିଲାଇ-କ, ଝାଲରଯୁକ୍ତ-କ ।
**Fin**, *n.* ମାଛର ଡେଣା, ମତ୍ସ୍ୟର ପକ୍ଷ ।
**Finable**, *a* ଜରିମାନାଯୋଗ୍ୟ, ଅର୍ଥଦଣ୍ଡନୀୟ ।
**Final**, *a.* 1. ଶେଷସମ୍ବନ୍ଧୀୟ, ଶେଷ, ଚରମ; 2. ଚୂଡ଼ାନ୍ତ, ସିଦ୍ଧାନ୍ତ; 3. ଅନ୍ତିମ ଅଭିପ୍ରାୟସମ୍ବନ୍ଧୀୟ, ଲକ୍ଷିତ ଅଭିପ୍ରାୟସମ୍ବନ୍ଧୀୟ ।
**Finale**, *n.* *fi-nä-lā*, ସଙ୍ଗୀତର ଶେଷାଂଶ, ଅଭିନୟାଦିର ଶେଷାଂଶ ।
**Finality**, *n.* 1. ଶେଷାବସ୍ଥା, ଚରମତା, ଚୂଡ଼ାନ୍ତାବସ୍ଥା; 2. ଚୂଡ଼ାନ୍ତ କାର୍ଯ୍ୟ, ସିଦ୍ଧାନ୍ତ ।
**Finally**, *ad.* 1. ଶେଷରେ, ଅବଶେଷରେ, ସର୍ବଶେଷରେ, ଅନ୍ତେ; 2. ସମ୍ପୂର୍ଣ୍ଣରୂପେ, ଅପୁନଃପ୍ରାପ୍ୟରୂପେ ।
**Finance**, *n.* 1. ରାଜସ୍ୱ ଆୟବ୍ୟୟର ବ୍ୟବସ୍ଥା, ଆୟ ବ୍ୟୟର ପରିଚାଳନା; 2. *pl.* ରାଜଭଣ୍ଡାରରେ ଥିବା ପାଣ୍ଠି, ରାଜସ୍ୱର ଉପାୟ, ରାଜସ୍ୱ, କର, ଆୟ ।—*v.i.* ଆୟ ବ୍ୟୟ ପରିଚାଳନା-କ ।
**Financial**, *a.* ରାଜସ୍ୱସମ୍ବନ୍ଧୀୟ, ରାଜସ୍ୱବିଷୟକ, ଆୟସମ୍ବନ୍ଧୀୟ, ଟଙ୍କାସମ୍ବନ୍ଧୀୟ ।
**Financially**, *ad.* ଆୟସମ୍ବନ୍ଧରେ, ଟଙ୍କାସମ୍ବନ୍ଧରେ, ରାଜସ୍ୱର ଉପାୟ ସମ୍ବନ୍ଧରେ ।
**Financier**, *n.* 1. ଆୟ ବ୍ୟୟର ବିଜ୍ଞାନବିତ୍; 2. ରାଜସ୍ୱ-ପରିଚାଳକ, ଆୟ ବ୍ୟୟାଧ୍ୟକ୍ଷ ।
**Finch**, *n.* କେତେକ ସୁସ୍ୱରକଣ୍ଠ କ୍ଷୁଦ୍ର ପକ୍ଷିର ନାମ ।
**Find**, *v.t.* 1. ଭେଟିବା, ସାକ୍ଷାତ୍-କ, ଦେଖା ପାଇବା; 2. ପାଇବା, ଲାଭ-କ, ଖୋଜି ପାଇବା, ଅନୁସନ୍ଧାନରେ ପାଇବା; 3. ଅନୁଭବ-କ; 4. ଯୋଗାଇବା; 5. ଧାର୍ଯ୍ୟ-କ, ନିଶ୍ଚୟ-କ ।—To find one's self, 1. (କୌଣସି ଅବସ୍ଥାରେ) ଅବସ୍ଥିତ-କ; 2. ନିଜର ଆବଶ୍ୟକୀୟ ବସ୍ତୁ ନିଜେ ଯୋଗାଇବା ।—To find out, ଜାଣିବାକୁ ପାଇବା, ଦେଖିବାକୁ ପାଇବା, ବାହାର-କ ।—*n.* ବହୁମୂଲ୍ୟ ଦ୍ରବ୍ୟର ପ୍ରାପ୍ତି ବା ଦେଖା, ଅକସ୍ମାତ୍ ମିଳିଥିବା ଦ୍ରବ୍ୟ ।
**Finding**, *n.* 1. ପ୍ରକାଶ, ପ୍ରକାଶକରଣ, ପ୍ରାପଣ, ଅବଗତ; 2. ପାଇଥିବା ଦ୍ରବ୍ୟ, ମିଳିଥିବା ପଦାର୍ଥ; 3. ନିଷ୍ପତ୍ତି, ରାୟ ।
**Fine**, *a.* 1. ସୂକ୍ଷ୍ମ, ସରୁ, ପାତଳ, ମିହିନ; 2. ବିଶୁଦ୍ଧ, ନିର୍ମଳ; 3. ସୁକୁମାର; 4. ସୂକ୍ଷ୍ମଦର୍ଶୀ; 5. ଗୁଣ ରୂପାଦିରେ ଉତ୍ତମ, ଉତ୍ତମ, ସୁନ୍ଦର, ସୁଦକ୍ଷ, ନିପୁଣ, ଉତ୍କୃଷ୍ଟ; 6. ଅତିମୂଲ୍ୟ, ଜାକଜମକୀ ।—*v.t.* ବିଶୁଦ୍ଧ-କ, ନିର୍ମଳ-କ ।
**Fine**, *n.* ଅର୍ଥଦଣ୍ଡ, ଜରିମାନା, ଗୁଣାଗାରି ।—In fine, ଶେଷରେ, ଅବଶେଷରେ ।—*v.t.* ଅର୍ଥଦଣ୍ଡ-କ, ଜରିମାନା-କ ।
**Fine-drawn**, *a.* ଅତିଶୟ ସୂକ୍ଷ୍ମରୂପେ ପ୍ରକାଶିତ ।
**Finely**, *ad.* 1. ସୂକ୍ଷ୍ମରୂପେ, ପାତଳରୂପେ; 2. ସୁନ୍ଦରରୂପେ, ଉତ୍ତମ ପ୍ରକାରେ ।
**Fineness**, *n.* 1. ସୂକ୍ଷ୍ମତା, ସରୁଭାବ, ପାତଳତା; 2. ବିଶୁଦ୍ଧତା, ନିର୍ମଳତା; 3. ସୁକୁମାରତା; 4. ସୂକ୍ଷ୍ମଦର୍ଶିତା; 5. ଉତ୍ତମତା, ସୁନ୍ଦରତା, ଉତ୍କୃଷ୍ଟତା; 6. ଅତିମୂଲ୍ୟତ୍ୱ, ଜାକଜମକ ।
**Finer**, *n.* ଧାତୁପରିଷ୍କାରକ, ଶୋଧକ ।
**Finery**, *n.* ବେଶଭୂଷା, ଜାକଜମକୀ ଲୁଗା ଆଦି, ଅଳଙ୍କାର, ଆଭରଣାଦି ।
**Fine-spoken**, *a.* 1. ଉଚ୍ଚବାକ୍ୟ ବ୍ୟବହାରକାରୀ; 2. ଭଦ୍ର କଥକ ।
**Finespun**, *a.* ସୂକ୍ଷ୍ମ, ଅତିଶୟ ସୂକ୍ଷ୍ମ; ଧୂର୍ତ୍ତ ।
**Finesse**, *n.* 1. କୌଶଳ, ଛଳ, ଫିକର; 2. ଚତୁରତା, ନିପୁଣତା ।
**Finger**, *n.* 1. ଆଙ୍ଗୁଠି, ଅଙ୍ଗୁଳୀ, ଅଙ୍ଗୁଳି, (fore-) ତର୍ଜ୍ଜନୀ, ପ୍ରଦର୍ଶନୀ, (middle-) ମଧ୍ୟମା, (ring-) ଅନାମିକା, (little-) କନିଷ୍ଠା; 2. ଅଙ୍ଗୁଳୀ ପରି ପଦାର୍ଥ; 3. ଏକ ଅଙ୍ଗୁଳୀ ପରିମାଣ ।—To have at one's finger ends, କୌଣସି ବିଷୟରେ ସମ୍ପୂର୍ଣ୍ଣରୂପେ ବିଜ୍ଞ-ହେ ।—*v.t.* 1. ଅଙ୍ଗୁଳୀ ଦ୍ୱାରା ସ୍ପର୍ଶ-କ, ଆଙ୍ଗୁଠିରେ ଛୁଇଁବା; 2. ଚୋରି-କ; 3. ଅଙ୍ଗୁଳୀରେ ବଜାଇବା ।
**Finger-board**, *n.* ସାରଙ୍ଗୀର ବେକ, ବାଦ୍ୟଯନ୍ତ୍ରର ସ୍ୱରସୂଚକ ଶ୍ରେଣୀ ।
**Fingered**, *a.* ଅଙ୍ଗୁଳୀବିଶିଷ୍ଟ, ଅଙ୍ଗୁଳୀଯୁକ୍ତ ।
**Finger-glass**, *n.* ହାତ ଧୋଇବା କାଚ ପାତ୍ର ।
**Fingering**, *n.* 1. ଅଙ୍ଗୁଳୀଦ୍ୱାରା ସ୍ପର୍ଶ, ଅଙ୍ଗୁଳୀଦ୍ୱାରା ଧାରଣ; 2. ବାଦ୍ୟ ଯନ୍ତ୍ରରେ ଅଙ୍ଗୁଳୀଚାଳନ; 3. ବାଦ୍ୟଯନ୍ତ୍ରରେ ଅଙ୍ଗୁଳୀ ଚଳାଇବା ପାଇଁ ସ୍ୱରବୋଧକଚିହ୍ନ ଉପରେ ଚିହ୍ନଦାନ; 4. ମୋଜା ବୁଣିବା ପାଇଁ ମୋଟା ପଶମୀ ସୂତା ବିଶେଷ ।
**Finger-post**, *n.* ପଥପ୍ରଦର୍ଶକ ସ୍ତମ୍ଭ, ବାଟ ଦେଖାଇବା ନିଶାଣ ।
**Finger-stall**, *n.* କ୍ଷତଯୁକ୍ତ ଅଙ୍ଗୁଳୀର ଆବରଣ ବିଶେଷ ।
**Finical, Finicking, Finikin**, *a.* ଅତିଶୟ ଟିକ୍, କ୍ଷୁଦ୍ରବିଷୟରେ ନିଷ୍ଠାପର, ଖାସ, ଲଘୁ ବିଷୟରେ ସୂକ୍ଷ୍ମଦର୍ଶୀ, ଫୁଲବଣିଆ ।
**Finically**, *ad.* ଅତିଶୟ ଟିକରୂପେ, କ୍ଷୁଦ୍ର ବିଷୟରେ ନିଷ୍ଠାପରରୂପେ, ଫୁଲବଣିଆରୂପେ ।
**Finis**, *n.* ସମାପ୍ତି, ଶେଷ, ଅନ୍ତ, ଇତି ।

**Finish**, *v.t.* 1. ଶେଷ-କ, ସମାପ୍ତ-କ, ସାଙ୍ଗ-କ ; 2. ସମ୍ପୂର୍ଣ୍ଣ-କ, ଅତି ଚିକ୍କଣ-କ, ସାବଧାନପୂର୍ବକ ସମ୍ପନ୍ନ-କ । —*v.i.* ଶେଷ-ହେ, ସମାପ୍ତ-ହେ ।—*n.* 1. ସମାପ୍ତି, ଶେଷ, ଅନ୍ତ ; 2. ଅନ୍ତ୍ୟପରିଷ୍କାର, ଶେଷକାର୍ଯ୍ୟ, ଚିକ୍କଣତା ।

**Finite** *a.* 1. ସୀମାବଦ୍ଧ, ସୀମାବିଶିଷ୍ଟ, ସସୀମ, ପରିମିତ ; 2, (grammar) ବଚନ ଓ ପୁରୁଷ ଦ୍ୱାରା ସୀମାବଦ୍ଧ ।

**Finitely**, *ad.* ସୀମାବଦ୍ଧରୂପେ, ପରିମିତରୂପେ ।

**Finiteness**, *n.* ସୀମାବଦ୍ଧତା, ସସୀମତା, ପରିମିତତା ।

**Finless**, *a.* (ମତ୍ସ୍ୟ) ଡେଣାହୀନ, ପକ୍ଷହୀନ ।

**Finny, Finned**, *a.* (ମତ୍ସ୍ୟ) ଡେଣାବିଶିଷ୍ଟ, ଡେଣାଯୁକ୍ତ ।

**Fiord, Fjord**, *n. fyord*, ଲମ୍ବ ଓ ସଙ୍କୀର୍ଣ୍ଣ ଉପସାଗର [ବିଶେଷ ।

**Fir**, *n.* ଦେବଦାରୁଜାତୀୟ ବୃକ୍ଷ ବିଶେଷ ।

**Fire**, *n.* 1. ଅଗ୍ନି, ନିଆଁ, ଅନଳ, ବହ୍ନି, ହୁତାଶନ ; 2. ଅଗ୍ନିଦାହ, ଜ୍ୱଳନ ; 3. ବନ୍ଧୁକ ବା ଗୋଳା ନିକ୍ଷେପ ; 4. ତେଜଃ, ଉଜ୍ଜ୍ୱଳତା, ଦ୍ୟୁତି ; 5. ଉତ୍ତେଜନା, ଉତ୍ତପ୍ତତା, ସ୍ଫୂର୍ତ୍ତି ; 6. ଯନ୍ତ୍ରଣା, ଘୋର କ୍ଳେଶ ।—On fire, 1. ପ୍ରଜ୍ୱଳିତ, ଜ୍ୱଳନ୍ତ ; 2. ଉତ୍ତେଜିତ, ଉଦ୍ଦୀପିତ, ଉତ୍ତପ୍ତ ।—*v.t.* 1. ଅଗ୍ନି-ଦେ, ଦଗ୍ଧ-କ, ପୋଡି ପକାଇବା, ପ୍ରଜ୍ୱଳିତ-କ ; 2. ଉତ୍ତେଜିତ-କ, ଉଦ୍ଦୀପିତ-କ ; 3. ପୋଡିବା ; 4. (ବନ୍ଧୁକ) ମାରିବା ବା ନିକ୍ଷେପ-କ ।—*v.i.* 1. ଅଗ୍ନି ଲାଗିବା, ନିଆଁ ଲାଗିବା, ପ୍ରଜ୍ୱଳିତ-ହେ ; 2. ଉତ୍ତେଜିତ-ହେ ; 3. ବନ୍ଧୁକାଦି ମାରିବା ।

**Firearm**, *n.* ଆଗ୍ନେୟାସ୍ତ୍ର, ବନ୍ଧୁକ ତୋପାଦି ।

**Firebrand**, *n.* 1. ଜ୍ୱଳନ୍ତକାଷ୍ଠ, ନିଆଁଗୁଣ୍ଡା ; 2. ଯେ ବା ଯାହା ଜ୍ୱଳାଏ, ଅଗ୍ନିଦ ; 3. ଯେ ଝଗଡା ଲଗାଏ, କଳି ଉତ୍ପାଦକ, ବିବାଦ ଉତ୍ପାଦକ ।

**Fire-brigade**, *n.* ଗୃହଦାହ ନିଭାଇବା ନିମନ୍ତେ ନିଯୁକ୍ତ ମନୁଷ୍ୟଦଳ ।

**Fire-eater**, *n.* 1. ଯେ ନିଆଁ ଖାଇବାକୁ ଛଳନା କରେ ; 2. ଲଢାଇ ପ୍ରିୟ ।

**Fire-engine**, *n.* ଅଗ୍ନିନିର୍ବାଣ କଳ, ଦମକଳ ।

**Fire-escape**, *n.* ଗୃହଦାହ ସମୟରେ ଉପର କୋଠରିରୁ ପଳାଇଆସିବା ପାଇଁ ସିଡିଯୁକ୍ତ ଯନ୍ତ୍ର ।

**Firefly**, *n.* ଜୁଳୁଜୁଳିଆପୋକ, ଜୁଳୁଜୁଳାପୋକ, ଜ୍ୟୋତିରିଙ୍ଗଣ, ଖଦ୍ୟୋତ ।

**Firelock**, *n.* ପୁରାତନ ବନ୍ଧୁକ ବିଶେଷ ।

**Fireman**, *n.* 1. ଗୃହଦାହ ନିଭାଇବା ନିମନ୍ତେ ନିଯୁକ୍ତ ବ୍ୟକ୍ତି ; 2. ବାଷ୍ପୀୟ ଯନ୍ତ୍ରରେ ଅଗ୍ନି ରକ୍ଷାକାରୀ ।

**Fire-pan**, *n.* ଅଗ୍ନିପାତ୍ର, ଅଙ୍ଗଠା, ନିଆଁଉହ୍ମାଇ ।

**Fireplace**, *n.* ଗୃହଭିତରେ ନିର୍ମିତ ଅଗ୍ନିସ୍ଥାନ, ଗୃହଚୁଲ୍ଲୀ ବିଶେଷ ।

**Fire-plug**, *n.* ଅଗ୍ନି ନିର୍ବାଣ ନିମନ୍ତେ ନଳରୁ ଜଳ ବାହାର କରି ଦେବା ଫେଉଟିପି ।

**Fire-proof**, *a.* ଅଗ୍ନିନିବାରକ, ଅଦାହ୍ୟ ।

**Fire-ship**, *n.* ଶତ୍ରୁର ଜାହାଜ ଦଗ୍ଧ କରଣାର୍ଥେ ଜ୍ୱଳନୀୟ ଦ୍ରବ୍ୟପୂର୍ଣ୍ଣ ଜାହାଜ ।

**Fireside**, *n.* ଗୃହଚୁଲ୍ଲୀର ନିକଟବର୍ତ୍ତୀ ସ୍ଥାନ, ଘର, ବାସଘର ।

**Firewood**, *n.* କାଠ, ଜଳାକାଠ, ଜ୍ୱଳାଇବା କାଷ୍ଠ, ଇନ୍ଧନ ।

**Firework**, *n.* 1. ଆତସବାଜି, ବାଣାଦି ; 2. *pl.* ଅଗ୍ନିକୀଡା ।

**Fire-worship**, *n.* ଅଗ୍ନିପୂଜା ।

**Firing**, *n.* 1. ଦାହକରଣ, ଜ୍ୱଳନ, ପୋଡିବା ; 2. ବନ୍ଧୁକାଦି ନିକ୍ଷେପ ; 3. ଉତ୍ତପ୍ତ ଲୁହାଦ୍ୱାରା ଦହନ ; 4. ଜାଳିକାଠ ।

**Firkin**. *n.* 1. ପ୍ରାୟ ୩୬ ସେର ପରିମାଣ ବିଶେଷ ; 2. ମଖନ ରଖିବା ସାନ କାଠ ପାତ୍ର ।

**Firm**, *a.* 1. ଦୃଢ, ଅଟଳ, ଅଚଳ, ସ୍ଥିର ; 2. ଘନ, ଶକ୍ତ, ଟାଣ ।—*n.* ବାଣିଜ୍ୟାର୍ଥେ ଅଂଶୀଦ୍ୱ. ବାଣିଜ୍ୟକୋଠି ।—*v.t.* ଦୃଢ-କ ।—*v.i.* ଘନ-ହେ, ଶକ୍ତ-ହେ ।

**Firmament**, *n.* ଆକାଶ, ଆକାଶମଣ୍ଡଳ, ଗଗନ, ଶୂନ୍ୟ ।

**Firman**, *n.* ତୁର୍କି ଦେଶୀୟ ରାଜାଦେଶ, ପରୁଆନା ।

**Firmly**, *ad.* ଦୃଢରୂପେ, ଶକ୍ତରୂପେ, ଅଟଳଭାବେ, ଅଚଳରୂପେ, ସ୍ଥିରଭାବେ ।

**Firmness**, *n.* ଦୃଢତା, ଅଟଳତା, ଶକ୍ତତା, ସ୍ଥୈର୍ଯ୍ୟ, ଘନତ୍ୱ ।

**Firry**, *a.* ଦେବଦାରୁସମ୍ବନ୍ଧୀୟ, ଦେବଦାରୁନିର୍ମିତ, ଦେବଦାରୁପୂର୍ଣ୍ଣ ।

**First**, *a.* 1. ପ୍ରଥମ ; 2. ଆଦ୍ୟ 3. ପ୍ରଧାନ, ଶ୍ରେଷ୍ଠ ।—At first, At the first, ପ୍ରଥମରେ, ଆଦ୍ୟରେ, ଆରମ୍ଭରେ । First and last, ସମ୍ପୂର୍ଣ୍ଣରୂପେ । First or last, ଯେକୌଣସି ସମୟରେ ।—*ad.* ଆଗେ, ସର୍ବାଗ୍ରେ ।

**First-born**, *a.* ପ୍ରଥମଜାତ, ଅଗ୍ରଜ, ଜ୍ୟେଷ୍ଠ ।

**First-fruit**, *n.* ପ୍ରଥମଫଳ, ପ୍ରଥମୋତ୍ପନ୍ନ ଫଳ ।

**First-hand**, *a.* ନିର୍ମାଣକାରଠାରୁ ପ୍ରାପ୍ତ, ଉତ୍ପାଦକଠାରୁ ପ୍ରାପ୍ତ ।

**Firstling**, *n.* ପ୍ରଥମଜାତ ଶାବକ, ପ୍ରଥମଜାତ ଛୁଆ ।

**Firstly**, *ad.* ପ୍ରଥମରେ, ପ୍ରଥମତଃ ।

**First-rate, First-class**, ପ୍ରଥମ ବର୍ଗୀୟ, ଅତ୍ୟୁତ୍କୃଷ୍ଟ, ଅତ୍ୟୁତ୍ତମ, ସର୍ବଶ୍ରେଷ୍ଠ, ପ୍ରଧାନ ।

**Firth, Frith**, *n.* ସ୍କଟଲଣ୍ଡ ଦେଶୀୟ ଉପସାଗରର ନାମ, ସମୁଦ୍ରର ଖାଡ଼ି ।

**Fisc**, *n.* ରାଜକୋଷ, ରାଜଭଣ୍ଡାର, ରାଜସ୍ୱ ।

**Fiscal**, *a.* ରାଜକୋଷସମ୍ବନ୍ଧୀୟ, ରାଜସ୍ୱସମ୍ବନ୍ଧୀୟ. ରାଜସ୍ୱ ଆୟବ୍ୟୟସମ୍ବନ୍ଧୀୟ ।—*n.* 1. ରାଜକୋଷାଧ୍ୟକ୍ଷ ; 2. ସର୍କାରୀ ଅଭିଯୋକ୍ତା ।

**Fish**, *n. pl.* Fish and Fishes, ମାଛ, ମତ୍ସ୍ୟ, ମୀନ ; (young), ଚିଙ୍ଗୁଡି ; (dried), ଶୁଖୁଆ ।—A loose fish, ଲମ୍ପଟ । A queer fish, ଅଦ୍ଭୁତ ଲୋକ । To be neither fish, flesh nor fowl, ମତରେ ଏଆଡେ ନୁହେ କି ସେଆଡେ ନୁହେ । To have other fish to fry, ଅନ୍ୟ କାର୍ଯ୍ୟ କରିବାକୁ ଥିବା ।—*v.i.* 1. ମାଛ

ଧରିବାକୁ ଚେଷ୍ଟା-କ, ମାଛ ମାରିବା, ମତ୍ସ୍ୟ ଧରିବା, ବନଶୀ ପକାଇବା, ଜାଲ ପକାଇବା ; 2. ପାଇବା ନିମନ୍ତେ କୌଶଳରେ ଖୋଜିବା ।—*v.t.* 1. ଜାଲରେ ଧରିବା ; 2. ପାଣିରେ ଖୋଜି ବାହାର-କ ।

**Fish-carver, Fish-knife, Fish-slice, Fish-trowel,** *n.* ମେଜରେ ମାଛ କାଟିବା ଚେପ୍ଟା ଛୁରୀ ।

**Fisherman. Fisher,** *n.* ମାଛୁଆ, ଜାଲିଆ, କେଉଟ, ଧୀବର, ମତ୍ସ୍ୟଘାତୀ, କୈବର୍ତ୍ତ ।

**Fishery,** *n.* 1. ମାଛ ଧରିବା ବ୍ୟବସାୟ ; 2. ମାଛ ଧରା ସ୍ଥାନ, ଗଣ୍ଡ ।

**Fish-fag,** *n.* 1. ମତ୍ସ୍ୟ ବିକ୍ରୟକାରିଣୀ, କେଉଟୁଣୀ ; 2. ଦୁର୍ମୁଖୀ ।

**Fishgig, Fish-spear,** *n.* ଜେଣ୍ଡା ।

**Fish-hook,** *n.* ବନଶୀକଣ୍ଟା, ବଡ଼ଶୀ ।

**Fishiness,** *n.* 1. ଆଇଁଷିଆ ଗୁଣ, ମତ୍ସ୍ୟଗନ୍ଧବିଶିଷ୍ଟତା ; 2. ସନ୍ଦେହ, ସନ୍ଦିଗ୍ଧତା ।

**Fishing,** *a.* ମାଛଧରା ।—*n.* ମାଛମାରଣ, ମତ୍ସ୍ୟଧରଣ ।

**Fishing-rod,** *n.* ବନଶୀଗଡ଼ା, ବନଶୀ, ବଡ଼ଶୀ ।

**Fishmonger,** *n.* ମତ୍ସ୍ୟବିକ୍ରେତା, ମତ୍ସ୍ୟବ୍ୟବସାୟୀ ।

**Fishwife, Fishwoman,** *n.* ମତ୍ସ୍ୟ ବିକ୍ରୟକାରିଣୀ, କେଉଟୁଣୀ ।

**Fishy,** *a.* 1. ମତ୍ସ୍ୟବତ୍, ଆଇଁଷିଆ ; 2. ମତ୍ସ୍ୟପୂର୍ଣ୍ଣ ; 3. ସନ୍ଦେହଯୁକ୍ତ, ଅବିଶ୍ୱାସ୍ୟ ।

**Fissile,** *a.* ସହଜରେ ବିଦାରଣୀୟ, ଫାଟିବାଯୋଗ୍ୟ ।

**Fissure,** *n.* ଫାଟ, ଛିଦ୍ର, ଫାଙ୍କ, ମେଲ ।—*v.t.* ଫଟାଇବା, ଛିଦ୍ର-କ, ବିଦୀର୍ଣ୍ଣ-କ ।

**Fist,** *n.* ମୁଠି, ମୁଠା, ମୁଷ୍ଟି, ଗୁଷା ।—*v.t.* ମୁଠି ମାରିବା, ଗୁଷା ମାରିବା, ମୁଷ୍ଟ୍ୟାଘାତ-କ ।

**Fisticuffs,** *n. pl.* ଗୁଷାଗୁଷି, ମୁଷ୍ଟାମୁଷ୍ଟି, ମୁଷ୍ଟିଯୁଦ୍ଧ ।

**Fistula,** *n.* ଭଗନ୍ଦର, ଗୁହ୍ୟବ୍ରଣ, ବ୍ରଣଜନିତ ମଳଦ୍ୱାରରେ ହେବା ବଙ୍କ ପଥ ।

**Fistular, Fistulose, Fistulous,** *a.* 1. ଭଗନ୍ଦରୀୟ, ଭଗନ୍ଦରବତ୍ ; 2. ନଳ ପରି ଫମ୍ପା ।

**Fit,** *n.* 1. ହଠାତ୍ ଉତ୍ତେଜନା, ପ୍ରାବଲ୍ୟ, ଆଧିକ୍ୟ ; 2. ରୋଗର ସାମୟିକ ଉପସର୍ଗ, ରୋଗର କ୍ଷଣିକ ଆକ୍ରମଣ ; 3. ମୂର୍ଚ୍ଛା, କେତେକ ଅଚେତନଜନକ ରୋଗର ନାମ ।—By fits and starts, ମଧ୍ୟେ ମଧ୍ୟେ, ଅଧାସମରେ ।

**Fit,** *a.* 1. ଉପଯୁକ୍ତ, ଉଚିତ, ବିହିତ, ସଙ୍ଗତ ; 2. ଯୋଗ୍ୟ, ପାରଗ ; 3. ପ୍ରସ୍ତୁତ ; 4. ପ୍ରାୟ ; 5. (colloq.) ସବଳ ।—*v.t.* 1. ଉପଯୁକ୍ତ-କ, ଉପଯୋଗୀ-କ, ଠିକ-କ ; 2. ପ୍ରସ୍ତୁତ-କ ।—To fit out, ସଜ୍ଜିତ-କ, ଅସ୍ତ୍ରୋଦିତ-କ, ପ୍ରସ୍ତୁତ-କ । To fit up, ଉପଯୁକ୍ତ ଦ୍ରବ୍ୟ ଯୋଗାଇବା, ସଜାଇବା ।—*v.i.* 1. ଉପଯୁକ୍ତ-ହେ, ଉପଯୋଗୀ-ହେ, ସଙ୍ଗତ-ହେ ; 2. ଠିକ୍-ହେ ।—*n.* ଯୋଡ଼ ।

**Fitch,** *n.* ମଟର ଜାତୀୟ ଗଛ ବିଶେଷ ।

**Fitchet, Fitchew,** *n.* ଗନ୍ଧଗୋକୁଳ, କଟାଶ ବିଶେଷ ।

Fitful, *a.* କ୍ଷଣିକ ଉତ୍ତେଜନାଶୀଳ, ଚଞ୍ଚଳ, ଅସ୍ଥିର, ସାମୟିକ, ପରିବର୍ତ୍ତନଶୀଳ ।

Fitfully, *ad.* ହଠାତ୍ ଉତ୍ତେଜନାପୂର୍ବକ, ଅସ୍ଥିରରୂପେ, ମଧ୍ୟେ ମଧ୍ୟେ, ଥାଇ ଥାଇ ।

Fitfulness, *n*, ଆବେଗ, ଅସ୍ଥିରତା, ଚାଞ୍ଚଲ୍ୟ ।

Fitly, Fittingly, *ad.* ଉପଯୁକ୍ତରୂପେ, ଯଥୋଚିତରୂପେ, ବିହିତରୂପେ ।

Fitness, *n.* 1. ଉପଯୁକ୍ତତା, ଔଚିତ୍ୟ ; 2. ଯୋଗ୍ୟତା, ପାରଗତା, କ୍ଷମତା ।

Fitting, *p.a.* ଉପଯୁକ୍ତ, ଉଚିତ, ଯଥାଯୋଗ୍ୟ ।

Five, *a.* ପାଞ୍ଚ, ପଞ୍ଚ, —*n.* ପାଞ୍ଚ ସଂଖ୍ୟା, ପଞ୍ଚମ ଅକ୍ଷର ।

Fivefold, *a.* ପାଞ୍ଚଗୁଣ, ପଞ୍ଚବିଧ, ପାଞ୍ଚପ୍ରସ୍ଥ ।

Fives, *n.* ପେଣ୍ଡୁଖେଳ ବିଶେଷ ।

Fix, *v.t.* 1. ଦୃଢ଼-କ, ଅଟଳ-କ, ମଜବୁତ୍-କ, ବନ୍ଦ-କ, ସ୍ଥାପିତ-କ ; 2. ନିର୍ଦ୍ଦିଷ୍ଟ-କ, ସ୍ଥିର-କ, ଧାର୍ଯ୍ୟ-କ, ନିରୂପିତ-କ, ; 3. ନିବେଶିତ-କ, ଲଗାଇବା ; 4. ସ୍ଥାୟୀ-କ, ଘନ-କ ।—*v.i.* 1. ସ୍ଥାୟୀ-ହେ, ସ୍ଥାୟୀଭାବେ ରହିବା ; 2. ଘନୀଭୂତ-ହେ, ଗାଢ଼-ହେ ।—*n.* ସଙ୍କଟାବସ୍ଥା, ଦ୍ୱିଧା ।

Fixable *a.* ଦୃଢ଼କରଣୀୟ, ସ୍ଥାପନଯୋଗ୍ୟ ।

Fixation, *n.* 1. ଦୃଢ଼କରଣ, ଦୃଢ଼ାବସ୍ଥା, ଦୃଢ଼ତ୍ୱ, ସ୍ଥାୟିତ୍ୱ ; 2. ଘନୀଭୂତକରଣ, ଘନୀଭୂତାବସ୍ଥା ; 3. ସ୍ଥାୟିକରଣର ପ୍ରକ୍ରିୟା ।

Fixative, *a.* ସ୍ଥାୟିକାରକ ।—*n.* ସ୍ଥାୟିକାରକ ଦ୍ରବ୍ୟ ।

Fixed, *p.a.* 1. ସ୍ଥାୟୀ, ସ୍ଥିର, ସ୍ଥାପିତ ; 2. ଅଚଳ ; 3. ନିରୂପିତ (ସ୍ଥୂଳ ଧନ ବର୍ଜିତ ହୁଣ୍ଡି ବିଷୟରେ କଥିତ) ।

Fixedly, *ad.* ଦୃଢ଼ରୂପେ, ସ୍ଥିରରୂପେ ।

Fixedness, Fixity, *n.* 1. ଦୃଢ଼ତା, ଅଟଳତା, ଅଚଳତା, ସ୍ଥାୟିତ୍ୱ ; 2. ଘନୀଭୂତାବସ୍ଥା ।

Fixture, *n.* 1. ସ୍ଥାୟିଭାବେ ସ୍ଥାପିତ ବସ୍ତୁ, ସ୍ଥାପିତ ଦ୍ରବ୍ୟ ; 2. ସ୍ଥାବର ସମ୍ପତ୍ତି, ସ୍ଥାୟୀ ଲୋକ ।

Fizz, Fizzle, *v.t.* ଶିସ୍ ଶବ୍ଦ-କ ।—*n.* ଶିସ୍ ଶବ୍ଦ ।

Flabbergast, *v.t.* (Colloq-) ବିସ୍ମୟାପନ୍ନ-କ, ଘାବର-କ, ଅବାକ୍-କ ।

Flabbily, *ad.* 1. ଜାଲୁଆଭାବେ, ଢିଲାରୂପେ, ଲୋଳିତରୂପେ ; 2. ଦୁର୍ବଳରୂପେ ।

Flabbiness, *n.* 1. ଜାଲୁଆ ଗୁଣ, ଫମ୍ପାଭାବ, ଶିଥିଳତା ; 2. ଢିଲମି, ଦୁର୍ବଳତା ।

Flabby, *a.* 1. ଜାଲୁଆ, ଢିଲା, ଲୋଳିତ, ଶିଥିଳ ; 2. ଅଦୃଢ଼, ଦୁର୍ବଳ ।

Flaccid, *a.* ଜାଲୁଆ, ଫସ୍କା, ଅଶକ୍ତ, ନରମ, ଢିଲା, ଝୁଲୁଲା, ଲୋଳିତ ।

Flaccidness, Flaccidity, *n.* ଜାଲୁଆ ଗୁଣ, ଢିଲାଭାବ, ଫମ୍ପାଭାବ, ଶିଥିଳତା ।

Flag, *n.* ପତାକା, ଧ୍ୱଜା, ନିଶାଣ, ବାନା ।—Black flag, 1. ସମୁଦ୍ର ଡକାଇତମାନଙ୍କର ପତାକା ; 2. ନିର୍ଦ୍ଦୟତାପ୍ରକାଶକ ପତାକା ; 3. ଜେଲଖାନାରେ ପ୍ରାଣଦଣ୍ଡସୂଚକ ପତାକା । Flag of truce, କ୍ଷଣକାଳ ସନ୍ଧି-

ଷଠକ ଶେଷ ପତାକା । To strike or lower the flag, ଶତ୍ରୁହସ୍ତରେ ସମର୍ପଣାର୍ଥେ ପତାକା ତଳକୁ ଓହ୍ଲାଇବା ।—*v.t.* 1. ପତାକା ଦ୍ୱାରା ଆଚ୍ଛାଦିତ-କ; 2. ପତାକା ଦ୍ୱାରା ଶୋଭିତ-କ ।—*v.i.* 1. ଅବସନ୍ନ-ହେ, ମ୍ଳାନ-ହେ, କ୍ଲାନ୍ତ-ହେ; 2. ଢିଲା ହୋଇ ଝୁଲିବା ।

**Flag,** (2) **Flag-stone,** *n.* ପ୍ରସ୍ତର ଫଳକ, ଚଟାଣ ପଥର ।—*v.t.* ଚଟାଣରେ ପଥର ବସାଇବା ।

**Flag,** (3) *n.* କେତକୀ ଜାତୀୟ ଗଛ, ବଡଜାତୀୟ ଗଛ ।

**Flagellant,** *n* ଧର୍ମବ୍ରତରେ ଯେ ଆପଣାକୁ କଶାଘାତ କରେ ।

**Flagellate,** *v.t.* କଶାଘାତ-କ, କୋରଡା ମାରିବା ।

**Flagellation,** *n.* କଶାଘାତ, କୋରଡାମାରଣ ।

**Flageolet,** *n.* କ୍ଷୁଦ୍ର ବଂଶୀ ବିଶେଷ ।

**Flaggy,** *a.* 1. ବଡଜାତୀୟ ଗଛରେ ପୂର୍ଣ୍ଣ; 2. ଚଟାଣ-ପଥରବତ୍ ।

**Flagitious,** *a.* *fla-jish'us* ଅତିଦୁଷ୍ଟ, ମହାପାପୀ, ଦୁଷ୍କର, ଗର୍ହିତ ।

**Flagitiously,** *ad.* ଅତିଦୁଷ୍ଟତାପୂର୍ବକ, ଭ୍ରଷ୍ଟରୂପେ, ଗର୍ହିତରୂପେ ।

**Flagitiousness,** *n.* ଅତିଦୁଷ୍ଟତା, ଦୁଷ୍କର ।

**Flagon,** *n.* ଦ୍ରାକ୍ଷାରସାଦିର ପାତ୍ର ବିଶେଷ, କୁଜା ବା ବୋତଲ ବିଶେଷ ।

**Flagrancy,** *n.* ଦାରୁଣତା, ଘୋରତା, ଅତ୍ୟୁଗ୍ରତା ।

**Flagrant,** *a.* ଅତିଦୃଶ୍ୟ, ଦାରୁଣ, ଘୋର ।

**Flagrantly,** *ad.* ଅତିଦୃଶ୍ୟରୂପେ, ଦାରୁଣଭାବେ, ଘୋରରୂପେ ।

**Flail,** *n.* ଶସ୍ୟମର୍ଦ୍ଦନର ଦଣ୍ଡ ବିଶେଷ ।

**Flake,** *n.* ପାତ ପରି ପଦାର୍ଥ, ସ୍ତର, ପରସ୍ତ, ପାତ, ଲୋମବତ୍ କ୍ଷୁଦ୍ରାଂଶ, କଣା, କଣିକା ।—*v.t.* ପାତ ପରି ଖଣ୍ଡ କରିବା ।—*v.i.* ସ୍ତର ହୋଇ ବାହାରିବା ।

**Flakiness,** *n.* ସ୍ତରପୂର୍ଣ୍ଣତା, ସ୍ତରମୟତା ।

**Flaky,** *a.* ପରସ୍ତମୟ, ସ୍ତରପୂର୍ଣ୍ଣ, ପରସ୍ତପରି, ପାତପରି ।

**Flam,** *n.* ଫାଙ୍କି, ମିଥ୍ୟା ।

**Flambeau,** *n.* *flam-bo*, ମଶାଲ, ଜାମଣ ।

**Flame,** *n.* 1. ଶିଖା, ଅଗ୍ନିଶିଖା; 2. ତେଜ; 3. ଉତ୍ତପ୍ତତା, ପ୍ରଜ୍ୱଳନ, ଉତ୍ତେଜନା, ଔତ୍ସୁକ୍ୟ, ଅତ୍ୟନୁରାଗ, ପ୍ରଚଣ୍ଡତା; 4. ପ୍ରିୟ, ପ୍ରିୟା, ପ୍ରେୟସୀ ।—*v.i.* 1. ପ୍ରଜ୍ୱଳିତ-ହେ, ଶିଖା ଉଠିବା, ଧୁଧୁ ହୋଇ ଜଳିବା; 2. ପ୍ରଦୀପ୍ତ-ହେ; 3. କ୍ରୋଧ-କ ।

**Flamen,** *n.* ପୂର୍ବକାଳର ରୋମୀୟ ପୁରୋହିତ ।

**Flaming,** *p.a.* 1. ଶିଖାବାନ୍, ପ୍ରଜ୍ୱଳିତ, ଜାଜ୍ୱଲ୍ୟମାନ; 2. ପ୍ରଚଣ୍ଡ; 3. ଜାକ୍‌ଜମକ ।

**Flamingly,** *ad.* 1. ପ୍ରଜ୍ୱଳିତରୂପେ, ଜାଜ୍ୱଲ୍ୟମାନରୂପେ, 2. ପ୍ରଚଣ୍ଡରୂପେ; 3. ଜାକ୍‌ଜମକରୂପେ ।

**Flamingo,** *n.* ଲମ୍ବ ବେକ ଓ ଗୋଡବିଶିଷ୍ଟ ଜଳ ପକ୍ଷୀ ବିଶେଷ ।

**Flamy,** *a.* ଶିଖାବାନ୍, ଶିଖାବର୍ଣ୍ଣ ।

**Flange,** *n.* 1. ଧାର; 2. ଚକର ଦ୍ୱାଲ ।—*v.t.* 1. ଧାର ଲଗାଇବା; 2. ଦ୍ୱାଲ ବସାଇବା ।

**Flank,** *n.* 1. କକାଳ; 2. ସୈନ୍ୟ ବା ଯୁଦ୍ଧଜାହାଜ-ସମୂହର ପାର୍ଶ୍ୱ; 3. ଦକ୍ଷିଣ ବା ବାମ ପାର୍ଶ୍ୱର ଶେଷାଂଶ; 4. ଦୁର୍ଗର ପାର୍ଶ୍ୱ ।—*v.t.* ପାର୍ଶ୍ୱରେ ଛିଡା କରାଇବା, ସୈନ୍ୟ ଦ୍ୱାରା ପାର୍ଶ୍ୱରେ ଆକ୍ରମଣ-କ, ପାର୍ଶ୍ୱ ଦେଇ ଦେଇ ଯିବା ।

[ଉର୍ଣ୍ଣାବସ୍ତ୍ର, ଫଲାନେଲ୍ ।

**Flannel,** *n.* ପଶମୀ ବସ୍ତ୍ର ବିଶେଷ, ଲୋମଜ, ଲୋମଜ ବସ୍ତ୍ର,

**Flap,** *n.* 1. ଝୁଲନ୍ତା ଓ ସଂଯୁକ୍ତ କୌଣସି ବସ୍ତୁ, ଯେପରି ଟୋପର କାନପତ; 2. ଏସ୍ପର୍ଶା, ଆଘାତ ।—*v.t.* 1. (ଡେଣା) ଝାଡିବା, (ଡେଣା) ମାରିବା, (ପାଖପାଖ) ମାରିବା; 2. ଝାପଟା ମାରିବା ।—*v.i.* ଫଡଫଡ-ହେ ।

**Flap-eared,** *a.* ଝୁଲନ୍ତା ଫେଡା କର୍ଣ୍ଣବିଶିଷ୍ଟ ।

**Flare,** *v.i.* 1. ଧପ୍ ହୋଇ ଜ୍ୱଳିବା; 2. ଚକ୍‌ମକ୍-ହେ, ଚକ୍‌ଚକ୍ୟ-ହେ; 3. ହଠାତ୍ ଜାଜ୍ୱଲ୍ୟମାନ-ହେ ।—To flare up, ହଠାତ୍ କ୍ରୁଦ୍ଧ-ହେ, ହଠାତ୍ ଉତ୍ତେଜିତ-ହେ ।—*n.* 1. ଅସ୍ଥିର ଜ୍ୱଳନ ଶିଖା; 2. ଭୂମି ଅପର ବ୍ୟାସରେଖାନୁସାରେ କ୍ରମିକ ବର୍ଦ୍ଧନ ।

**Flaring,** *p.a.* 1. ଜାକ୍‌ଜମକ, ଚକ୍‌ଚକ୍ୟ; 2. ବ୍ୟାସରେଖାନୁସାରେ କ୍ରମିକ ବର୍ଦ୍ଧନଶୀଳ ।

**Flash,** *n.* 1. କ୍ଷଣପ୍ରଭା, ଉଜ୍ଜ୍ୱଳପ୍ରଭା, ଚମକ, ଝଲମଲ ଆଲୁଅ; 2. ହଠାତ୍ ଉଦ୍ରେକ; 3. କ୍ଷଣ, ମୁହୂର୍ତ୍ତକାଳ ।—*a.* 1. ଚକ୍‌ଚକ୍ୟ; 2. କୃତ୍ରିମ ।—*v.i.* ଦପ୍ ହୋଇ ଉଠିବା, ଚମକ-ହେ, ଝଲସିତ-ହେ, ହଠାତ୍ ଉଦୟ-ହେ, ଅକସ୍ମାତ୍ ଦେଖା ଯିବା ।—*v.t.* ହଠାତ୍ ନିକ୍ଷେପ-କ, ଅକସ୍ମାତ୍ ପ୍ରକାଶ-କ ।

**Flashily,** *ad.* ଜାକ୍‌ଜମକରୂପେ, ରଙ୍ଗିଲରୂପେ ।

**Flash-point, Flashing-point,** *n.* ମାଟିଆ ତେଲ ଆଦି ଜ୍ୱଳିଉଠିବାର ଉଷ୍ଣତାର ପରିମାଣ ।

**Flashy,** *a.* ଜାକ୍‌ଜମକ, ଚକ୍‌ଚକ୍ୟ, ରଙ୍ଗିଲ ।

**Flask,** *n.* ପାନୀୟ ଦ୍ରବ୍ୟ ନିମନ୍ତେ କ୍ଷୁଦ୍ର ପାତ୍ର ବିଶେଷ, କ୍ଷୁଦ୍ର ବୋତଲ ବିଶେଷ, ସୁର ନିମନ୍ତେ ଚେପଟା ସାନ ବୋତଲ, ବାରୁଦପାତ୍ର, ବାରୁଦର ଶିଙ୍ଗା ।

**Flat,** *a.* 1. ସମତଳ, ସମାନ; 2. ଭୂମିସ୍ଥ, ଭୂମିଶାୟୀ; 3. ନୀରସ, ନିସ୍ତେଜ, ଫିକା; 4. ସ୍ପଷ୍ଟ, ନିଶ୍ଚିତ; 5. ଚେପଟା; 6. ଠିକ୍ ସ୍ୱରର ନିମ୍ନସ୍ଥ ।—*n.* 1. ସମସ୍ଥଳ, ସମଭୂମି, ପଠା; 2. ତଳା; 3. ଚେପଟା ପାଖ; 4. କେତେକ ଚେପଟା ବସ୍ତୁର ନାମ, ଯଥା,—ଦ୍ୱୀପ, ପାଟକାଠ ବିଶେଷ; 5. (Mus.) ଅନୁଦାତ୍ତ ଚିହ୍ନ; 6. ଘରର ଏକତାଲା; 7. ମୂର୍ଖ, ନିର୍ବୋଧ ।—*v.t.* 1. ସମତଳ-କ, ସମାନ-କ; 2. ଚେପଟା-କ ।

**Flatly,** *ad.* 1. ସମାନରୂପେ; 2. ନୀରସଭାବେ, ନିସ୍ତେଜଭାବେ; 3. ନିଶ୍ଚିତରୂପେ, ସ୍ପଷ୍ଟରୂପେ ।

**Flatness,** *n.* 1. ସମାନତା, ସମତା; 2. ନୀରସତା, ନିସ୍ତେଜତା; 3. ସ୍ପଷ୍ଟତା ।

**Flatten,** *v.t.* 1. ସମାନ-କ; 2. ଚେପଟା-କ; 3. ଭୂମିଶାୟୀ-କ; 4. ନୀରସ-କ; 5. (ସ୍ୱର) ନତ-କ ।—*v.i.* 1. ସମତଳ-ହେ; 2. ନୀରସ-ହେ, ନିସ୍ତେଜ-ହେ ।

**Flatter**, *v.t.* 1. ମିଥ୍ୟା ପ୍ରଶଂସା-କ, ଚାଟୁବାଦ-କ, ତୋଷାମୋଦ-କ; 2. ଫୁସୁଲାଇବା, ମିଥ୍ୟାପ୍ରଶଂସାରେ ତୃପ୍ତ-କ; 3. ଅତିରଞ୍ଜିତ-କ; 4. (with refl. pro.) ଆପଣାକୁ ଭୁଲାଇବା, ବୃଥା ଭରସା ଜନ୍ମାଇବା ।

**Flatterer**, *n.* ଚାଟୁବାଦୀ ଲୋକ, ତୋଷାମୋଦିଆ ଲୋକ, ଚାଟୁଭାଷୀ ଲୋକ ।

**Flattering**, *a.* ଚାଟୁବାଦୀ, ତୋଷାମୋଦକାରୀ, ଚାଟୁକାର, ଚିତ୍ତରଞ୍ଜକ, ପରିତୋଷକ, ଅତିରଞ୍ଜକ ।

**Flatteringly**, *ad.* ଚାଟୁବାଦରୂପେ, ତୋଷାମୋଦକାରରୂପେ, ଚିତ୍ତରଞ୍ଜକରୂପେ, ଅତିରଞ୍ଜକରୂପେ ।

**Flattery**, *n.* ଚାଟୁବାଦ, ଚାଟୁ, ମିଥ୍ୟା ପ୍ରଶଂସା, ତୋଷାମୋଦ, ମିଥ୍ୟା ପ୍ରିୟବାକ୍ୟ ।

**Flatulence. Flatulency**, *n.* ବାୟୁରୋଗ, ପେଟଫୁଲା, ପେଟଫମ୍ପା, ଉଦରସ୍ଫୀତ ।

**Flatulent**, *a.* 1. ବାୟୁରୋଗଗ୍ରସ୍ତ; 2. ବାତୁଳ, ବାୟୁପୂର୍ଣ୍ଣ; 3. ବାୟୁରୋଗୋତ୍ପାଦକ; 4. ଫମ୍ପା, ଶୂନ୍ୟଗର୍ଭ ।

**Flatulently**, *ad.* ବାତୁଳରୂପେ, ବାୟୁପୂର୍ଣ୍ଣରୂପେ ।

**Flatwise**, *a.* ଚେପ୍ଟାଭାବେସ୍ଥିତ ।—*ad.* ଚେପ୍ଟାଭାବେ ।

**Flaunt**, *v.i.* ଆଡମ୍ବର ଦେଖାଇବା, ଆପଣାକୁ ଆଡମ୍ବରଭାବେ ଦେଖାଇବା, ଭଭକ ଦେଖାଇବା, ଜାକ୍‌ଜମକ-ହେ, ଫରଫର ଉଡ଼ିବା ।—*v.t.* ଆଡମ୍ବରଭାବେ ଦେଖାଇବା, ନିର୍ଲଜ୍ଜଭାବେ ଦେଖାଇବା ।—*n.* ଭଭକ, ଦମ୍ଭପ୍ରକାଶ, ନିର୍ଲଜ୍ଜଭାବେ ପ୍ରଦର୍ଶନ ।

**Flaunty, Flaunting**, *a.* ଆଡମ୍ବରପ୍ରିୟ, ଭଡଙ୍ଗଯୁକ୍ତ ।

**Flavourous, Flavorous**, *a.* ସୁଆଦିଆ, ସ୍ୱାଦଯୁକ୍ତ, ସୁସ୍ୱାଦୁ, ସୁଗନ୍ଧି ।

**Flavour, Flavor**, *n.* 1. ସ୍ୱାଦ, ଆସ୍ୱାଦନ, ସୁସ୍ୱାଦ; 2. ଗନ୍ଧ, ରସ; 3. ସୁସ୍ୱାଦଜନକ ଦ୍ରବ୍ୟ ।—*v.t.* 1. ସୁସ୍ୱାଦଯୁକ୍ତ-କ, ସୁସ୍ୱାଦୁ କରାଇବା; 2. କୌଣସି ବିଶେଷ ଗୁଣଯୁକ୍ତ କରାଇବା ।

**Flavoured**, *p.a.* ସୁଆଦିଆ, ସ୍ୱାଦଯୁକ୍ତ ।

**Flavourless**, *a.* ସ୍ୱାଦହୀନ, ବିସ୍ୱାଦ, ସୁସ୍ୱାଦରହିତ ।

**Flaw**, (1) *n.* ଛିଦ୍ର, ଫାଟ, କଳଙ୍କ, ଦାଗ, ତ୍ରୁଟି, ଦୋଷ ।—*v.t.* ଫଟାଇବା, କଳଙ୍କଯୁକ୍ତ-କ ।

**Flaw**, (2) *n.* ଦମକା ବାୟୁ, ହଠାତ୍ ପ୍ରବଳ ବାୟୁପ୍ରବାହ ।

**Flawless**, *a.* ତ୍ରୁଟିରହିତ, ନିର୍ଦ୍ଦୋଷ, ନିଷ୍କଳଙ୍କ, ନିଶ୍ଛିଦ୍ର ।

**Flawy**, *a.* ଛିଦ୍ରପୂର୍ଣ୍ଣ, ଫାଟପୂର୍ଣ୍ଣ, ଦୋଷପୂର୍ଣ୍ଣ ।

**Flax**, *n.* ଛଣପଟ, ଶଣ, ଡଗି, ମସିଣା, ପେସି ।

**Flax-dresser**, *n.* ଛଣପଟ ପରିଷ୍କାରକ ।

**Flaxen**, *a.* 1. ଛଣପଟନିର୍ମିତ, ଛଣପଟସମ୍ବନ୍ଧୀୟ; 2. ଶଣବତ୍, ଶଣରଙ୍ଗବତ୍ ।

**Flay**, *v.t.* ଚର୍ମଶୂନ୍ୟ-କ, ଚମଡ଼ା କାଢ଼ିବା, ଛାଲ ଉତାରିବା, ଚର୍ମ ବାହାର-କ ।

**Flea** *n.* ପିଶୁ, କୁକୁରପୋକ ।

**Fleabite**, *n.* 1. ପିଶୁଦଂଶନ, ପିଶୁ ଦଂଶିତ ଚିହ୍ନ; 2. ଅଳ୍ପ କ୍ଷତ, ଅଳ୍ପ କଷ୍ଟ; 3. ଅବହେଳାର ବିଷୟ ।

**Fleabitten**, *a.* 1. ପିଶୁ ଦଂଶିତ; 2. ଲାଲ ଟୁପୁଟୁପୁ ଚିହ୍ନଯୁକ୍ତ ।

**Fleam**, *n.* ପଶୁଙ୍କର ରକ୍ତ ବାହାର କରିବା ଅସ୍ତ୍ର ।

**Fleck**, *n.* ଦାଗ, ଛିଟା ।—*v.t.* ଦାଗଯୁକ୍ତ-କ, ଛିଟା-ଦେ, ଚିତ୍ରିତ-କ ।

**Fleckless**, *a.* 1. ଦାଗଶୂନ୍ୟ, କଳଙ୍କରହିତ; 2. ନିର୍ଦ୍ଦୋଷ ।

**Flection, Flexion**, *n.* 1. ବାଙ୍କକରଣ, ଘୂର୍ଣ୍ଣନ, ନମନ; 2. ବାଙ୍କ, ଭଙ୍ଗ ।

**Fled**, *pa. t. and pa. p. of Flee.*

**Fledge**, *v.i.* ପର ଉଠିବା, ପକ୍ଷଯୁକ୍ତ-ହେ ।

**Fledged**, *p.a.* ପକ୍ଷଯୁକ୍ତ, ପକ୍ଷବାନ୍ ।

**Fledgling**, *n.* ନୂଆପକ୍ଷଯୁକ୍ତ ପକ୍ଷୀ ।

**Flee**, *v.i.* ପଳାଇ ଯିବା, ବେଗେ ପଳାଇବା, ପଳାୟନ-କ ।—*v.t.* ଏଡ଼ାଇବା, ଦୂରେ ରହିବା ।

**Fleece**, *n.* ମେଣ୍ଢାଲୋମ, ମେଷଲୋମ, ମେଷଲୋମର ଲେପ, ମେଷଠାରୁ ଏକାଥରକେ କଟା ହେବା ଲୋମ ।—*v.t.* 1. ମେଣ୍ଢାଲୋମ କାଟିପକାଇବା; 2. ଟଙ୍କା ଆଦି ଛଡ଼ାଇ ନେବା, ନିର୍ଦ୍ଦୟଭାବେ ଅପହରଣ-କ; 3. ଆଚ୍ଛାଦିତ-କ ।

**Fleeced**, *a.* ଲୋମଯୁକ୍ତ, ଊର୍ଣ୍ଣାମଣ୍ଡିତ, ଲୋମାଚ୍ଛନ୍ନ ।

**Fleecy**, *a.* ଲୋମମୟ, ଲୋମବତ୍, ପଶମୀ, ଊର୍ଣ୍ଣାତୁଲ୍ୟ ।

**Fleer**, *v.i.* 1. ଔଦ୍ଧତ୍ୟ ପ୍ରକାଶରେ ପରିହାସ-କ; 2. ପରିହାସରେ ମୁଖଭଙ୍ଗୀ-କ, ଥଟ୍ଟା-କ ।—*n.* କଥା ବା ମୁଖଭଙ୍ଗୀ ଦ୍ୱାରା ପରିହାସ ।

**Fleet**, *n.* 1. କେତେଗୁଡ଼ିଏ ଜାହାଜ ବା ନୌକା; 2. ଯୁଦ୍ଧଜାହାଜସମୂହ, ରଣପୋତସମୂହ ।

**Fleet**, *v.i.* ଶୀଘ୍ର ଉଡ଼ି ଯିବା, ଶୀଘ୍ର ବହି ଯିବା, ଶୀଘ୍ର ଗତ-ହେ ।

**Fleet**, *a.* ଶୀଘ୍ରଗାମୀ, ଦ୍ରୁତଗାମୀ, ବେଗବାନ୍, ଚପଳ ।

**Fleeting**, *a.* 1. ଶୀଘ୍ରଗାମୀ; 2. ଅସ୍ଥାୟୀ, କ୍ଷଣସ୍ଥାୟୀ, କ୍ଷଣିକ, ଅନିତ୍ୟ ।

**Fleetly**, *ad.* ଶୀଘ୍ରଗାମିରୂପେ, ଦ୍ରୁତଗାମିରୂପେ, ବେଗବାନ୍‌ରୂପେ, ଚପଳଭାବେ ।

**Fleetness**, *n.* 1. ଶୀଘ୍ରଗାମିତ୍ୱ, ଦ୍ରୁତଗତି, ବେଗଗାମିତ୍ୱ; 2. ଅନିତ୍ୟତା ।

**Flesh**, *n.* 1. ମାଉଁସ, ମାଂସ, ପଲଲ; 2. ଆମିଷ; 3. ଶରୀର; 4. ମନୁଷ୍ୟଜାତି; 5. ଶାରୀରିକ ସ୍ୱଭାବ, ଶାରୀରିକ ଧର୍ମ, ଶାରୀରିକ ଅଭିଳାଷ; 6. ଫଳର କୋମଳାଂଶ ।—**Flesh and blood**, 1. କୁଟୁମ୍ବ, ସ୍ୱଜନ; 2. ମାନବପ୍ରକୃତି ।—*v.t.* 1. ମାଂସଭୋଜନରେ ଅଭ୍ୟାସ କରାଇବା; 2. ମାଂସ ଖୁଆଇବା, ମାଂସଭୋଜନରେ ତୃପ୍ତ-କ, ତୃପ୍ତ-କ, ଅଭ୍ୟସ୍ତ-କ; 3. ମାଂସ କାଟିବାରେ ଅସ୍ତ୍ର ଆଦି ପ୍ରଥମେ ବ୍ୟବହାର-କ ।

**Fleshed, Fleshy**, *a.* ମୋଟା, ସ୍ଥୂଳକାୟ, ମାଂସଳ, ହୃଷ୍ଟପୁଷ୍ଟ, ମାଉଁସିଆ, ମାଂସବିଶିଷ୍ଟ ।

**Flesher**, *n.* କସାଇ ।

**Flesh-fly**, *n.* ମାଂସ ଖାଇ ତହିଁ ଉପରେ ଡିମ୍ବ ପାଡ଼ିବା ମାଛି, ଆମିଷାହାରୀ ମକ୍ଷିକା ବିଶେଷ ।

**Flesh-hook**, *n.* ପାତ୍ରରୁ ମାଂସ ଉଠାଇବା କଣ୍ଟା ।
**Fleshiness**, *n.* ମାଂସଲତା, ସ୍ଥୂଳତା, ସ୍ଥୂଳକାୟତ୍ୱ ।
**Fleshless**, *a.* ମାଂସହୀନ, କୃଶ ।
**Fleshliness**, *n.* ଶାରୀରକତା, ଶରୀରଲାଳସା, କାମେଚ୍ଛା ।
**Fleshly**, *a.* 1. ଶରୀରସମ୍ବନ୍ଧୀୟ, ଦେହସମ୍ବନ୍ଧୀୟ ; 2. ଶାରୀରକ, ଐହିକ, ଇନ୍ଦ୍ରିୟପରବଶ, ସାଂସାରିକ, ପାର୍ଥିବ ।
**Flesh-meat**, *n.* ଆମିଷ
**Flesh-wound**, *n.* ମାଂସଭେଦୀ ଆଘାତ ।
**Flew**, *pret. of Fly.*
**Flex**, *v.t.* ନତ-କ, ବଙ୍କା-କ ।
**Flexibility, Flexibleness**, *n.* ନମ୍ରତା, ନମନୀୟତା, ବଙ୍କିବାଗୁଣ, କୋମଳ ଭାବ, ବଶ୍ୟତା ।
**Flexible, Flexile**, *a.* 1. ନମ୍ର, ନମନୀୟ, ନମନଶୀଳ, କୋମଳ ; 2. ବଶ୍ୟ, ବାଧ୍ୟ ।
**Flexibly**, *ad.* ନମ୍ରରୂପେ, ନମନୀୟରୂପେ ।
**Flexor**, *n.* ନମନକାରୀ ମାଂସପେଶୀ ।
**Flexuous**, *a.* ଘୂର୍ଣ୍ଣିତ, ବାଙ୍କବିଶିଷ୍ଟ, ବକ୍ରଗାମୀ, ବଙ୍କା, ବକ୍ର ।
**Flexure**, *n.* ବାଙ୍କ, ନମନ, ବଙ୍କା ଭାବ, ଶରୀରର ବକ୍ର- [ନମନ, ମୋଡ଼ ।
**Flick**, *n.* ଚାବୁକ ଆଦିରେ ହଠାତ୍ ହାଲୁକା ମାଡ଼ । —*v.t.* ହଠାତ୍ ହାଲୁକା ମାଡ଼ ମାରିବା ।
**Flicker**, *v.i.* (ପକ୍ଷ ହଲାଇବା), ଝଲଝଲ-ହେ, ଅସ୍ଥିର-ହେ ।—*n.* ଧପ୍‌ଧପ୍ ଆଲୁଅ, ଝଲଝଲ ।
**Flier, Flyer**, *n.* 1. ଯେ ଉଡ଼େ, ଉଡ୍ଡୟନକାରୀ ; 2. ଯେ ପଳାଏ, ପଳାତକ ; 3. କଳର ଶୀଘ୍ରଗାମୀ ଅଂଶ ବିଶେଷ ; 4. ଯେ ବା ଯାହା ଅତି ଶୀଘ୍ର ଚଳେ ।
**Flight**, *n.* 1. ଉଡ୍ଡୟନ ; 2. ଶୀଘ୍ରଗତି ; 3. ପଳାୟନ ; 4. ଉଡ଼ିବା ଢଙ୍ଗ ; 5. ଉଡ୍ଡୀୟମାନ (ପକ୍ଷୀ ଆଦିର) ଝାଙ୍କ, ଉଡ଼ନ୍ତା ପକ୍ଷୀଯାକ ; 6. ଏକ କାଳରେ (ଶର ଆଦିର) ନିକ୍ଷେପ ; 7. (ଶର) ଦୂର ; 8. ଊର୍ଦ୍ଧ୍ୱଗମନ, ଔଚ୍ଚ, ଉଦ୍ରେକ ; 9. ସୋପାନଶ୍ରେଣୀ, ପାହାଚଶ୍ରେଣୀ ।
**Flightily**, *ad.* ଚଞ୍ଚଳରୂପେ, ଅସ୍ଥିରରୂପେ ।
**Flightiness**, *n.* ଉଡ୍ଡୟନଶୀଳତା, ଚଞ୍ଚଳତା, ଚାଞ୍ଚଲ୍ୟ, ଅସ୍ଥିରତା ।
**Flighty**, *a.* ଉଡ୍ଡୟନଶୀଳ, ଚଞ୍ଚଳମତି, ଚଞ୍ଚଳ, ଅସ୍ଥିର ।
**Flimsily**, *ad.* ଅଦୃଢ଼ରୂପେ, ଶିଥିଳରୂପେ, ଜାଲିଜାଲିଆରୂପେ ।
**Flimsiness**, *n.* ଅଶକ୍ତତା, ପାତଳ ବୁଣାଣ, ଢିଲ [ବୁଣାଣ, ଦୁର୍ବଳତା ।
**Flimsy**, *a.* 1. ଅଶକ୍ତ, ଶିଥିଳ, ପାତଳ, ଜାଲିଜାଲିଆ ; 2. ବୃଥା, ତୁଚ୍ଛ, ଅସାର ।
**Flinch**, *v.i.* ବେଦନା ବା ଆପଦ ହେତୁ ପଛକୁ ହଟିବା, ସଙ୍କୁଚିତ-ହେ, ବିମୁଖ-ହେ ।
**Flinder**, *n.* କ୍ଷୁଦ୍ର ଖଣ୍ଡ, ଫାଳି ।
**Fling**, *v.t.* 1. ନିକ୍ଷେପ-କ, ଫୋପାଡ଼ି-ଦେ ; 2. ପକାଇ-ଦେ, ଭୂଶାୟୀ-କ ; 3. ନିର୍ଗତ-କ, ପ୍ରକ୍ଷେପ-କ ।—*v.i.* 1. ଛଟିପଟି-ହେ ; 2. ଧଡ଼ପଡ଼ ହୋଇ ବାହାରି ଯିବା ।—*n.* 1. ନିକ୍ଷେପ ; 2. ବିଦ୍ରୂପ, ଥଟ୍ଟା ; 3. ନିରଙ୍କୁଶ ସୁଖଭୋଗ ; 4. ସ୍କଟଲାଣ୍ଡ ଦେଶୀୟ ନାଚ ବିଶେଷ ।

**Flint**, *n.* 1. ଚକ୍‌ମକି ପଥର, ଅଗ୍ନିପ୍ରସ୍ତର ; 2. କୌଣସି ଅତିଶୟ କଠିନ ବସ୍ତୁ ।—*a.* 1. ଅଗ୍ନିପ୍ରସ୍ତର ନିର୍ମିତ ; କଠିନ ।
**Flintiness**, *n.* ଚକ୍‌ମକିପଥରର ଗୁଣ, କଠିନତା ।
**Flinty**, *a.* 1. ଚକ୍‌ମକିପଥରମୟ, ଚକ୍‌ମକିପଥରତୁଲ୍ୟ ; 2. କଠିନ, ନିଷ୍ଠୁର, କ୍ରୂର ।
**Flip**, *n.* 1. (ଚଟମାଡ଼ ପରି) ହଠାତ୍ ହାଲୁକା ମାଡ଼, ଚଟର ମାଡ଼ ।—*v.t.* 1. ହଠାତ୍ ହାଲୁକା ମାଡ଼ ମାରିବା ; 2. ଚଟରେ ମାରିବା ।
**Flip**, *n.* ଚିନି ଓ ମଦ୍ୟସାର ମିଶ୍ରିତ ଉଷ୍ଣ ପାନୀୟ ଦ୍ରବ୍ୟ ।
**Flippancy**, *n.* ବାଚାଳତା, ଧୃଷ୍ଟତା, ଲଘୁଚିତ୍ତତା ।
**Flippant**, *a.* ବାଚାଳ, ଚଞ୍ଚଳ ଓ ତାଚ୍ଛଲ୍ୟ ଭାବବିଶିଷ୍ଟ, ଚଞ୍ଚଳ, ଲଘୁଚିତ୍ତ, ବକୁଆ ।
**Flippantly**, *ad.* ବାଚାଳଭାବେ, ଲଘୁଚିତ୍ତରୂପେ, ଧୃଷ୍ଟତାପୂର୍ବକ ।
**Flipper**, *n.* ସାମୁଦ୍ରିକ ଜନ୍ତୁପାଦର ଡେଣା ବିଶେଷ, ମାଛର ଚୌଡ଼ା ଡେଣା ।
**Flirt**, *v.t.* ହଠାତ୍ ନିକ୍ଷେପ-କ, ହଠାତ୍ ଚଳାଇବା, (ପଙ୍ଖାକୁ) ଭଙ୍ଗିରେ ହଲାଇବା ।—*v.i.* 1. ଚଞ୍ଚଳଭାବ-କ, ଏଣେତେଣେ ଦୌଡ଼ା ଦୌଡ଼ି-କ ; 2. ଲଘୁଚିତ୍ତରେ ଆଚରଣ-କ ; 3. ପ୍ରଗଲ୍‌ଭା ସ୍ତ୍ରୀ ପରି ଲୀଳା-କ, କୃତ୍ରିମ ପ୍ରଣୟିନୀ-ହେ, ପ୍ରେମଖେଳାକାରିଣୀ-ହେ ; 4. ଥଟ୍ଟା ବା ଟାହୁଳି-କ ।—*n.* 1. ହଠାତ୍ ନିକ୍ଷେପ, ଝିଙ୍କା ; 2. ପ୍ରେମଖେଳାକାରିଣୀ, କୃତ୍ରିମ ପ୍ରଣୟିନୀ, ପ୍ରଗଲ୍‌ଭା ସ୍ତ୍ରୀ, ଚଞ୍ଚଳା, ଅଙ୍ଗଭଙ୍ଗୀକାରିଣୀ ।
**Flirtation**, *n.* କୃତ୍ରିମ ପ୍ରୀତଚେଷ୍ଟା, ପ୍ରଗଲ୍‌ଭା ସ୍ତ୍ରୀ ପରି ଅଙ୍ଗଭଙ୍ଗୀକରଣ ।
**Flit**, *v.i.* 1. ଉଡ଼ି ଯିବା, ବେଗେ ଗମନ-କ, ଏଣେତେଣେ ଉଡ଼ିବା ; 2. ଏକ ବାସାପର ଛାଡ଼ି ଅନ୍ୟ ବସା-କ ।
**Flitch**, *n.* ଶୂକରର ଏକ ପାର୍ଶ୍ୱ ପଞ୍ଜରର ଲବଣାକ୍ତ ମାଂସ ।
**Flittermouse**, *n.* ଚେମେଣି ।
**Float**, *n.* ଯାହା ପାଣି ଉପରେ ଭାସେ, ଭେରଣ୍ଡା, ଭେଳା, ଉଡ଼ୁପ ।—*v.i.* ଭାସିବା, ଭାସମାନ-ହେ, ଜଳ ଉପରେ ଭାସିଯିବା, ପାଣି ଉପରେ ବହି ଯିବା ।—*v.t.* 1. ଭସାଇବା, ଭାସମାନ-କ ; 2. ପ୍ଲାବିତ-କ ; 3. ପ୍ରଚଳିତ-କ ।
**Floatage, Flotage** *n.* 1. ଭାସମାନବସ୍ତୁ ; 2. ଭାସିବାଗୁଣ ।
**Floating**, *p.a.* 1. ଭାସମାନ ; 2. ଅବଦ୍ଧ ; 3. ବାଣିଜ୍ୟରେ ପ୍ରଚଳନୀୟ, ଅନିଶ୍ଚିତ ।
**Flocculence**, *n.* 1. ଲୋମମୟତା ; 2. କେଶଗୁଚ୍ଛରେ ସଂଯୁକ୍ତାବସ୍ଥା ।
**Flocculent**, *a.* 1. ଲୋମମୟ, ଲୋମବହୁ, ପଶମୀ ; 2. କେଶଗୁଚ୍ଛରେ ସଂଯୁକ୍ତଶୀଳ ।
**Flock**, (1) *n.* ଲୋମଗୁଚ୍ଛ, କେଶଗୁଚ୍ଛ, ପଶମର ଥୋପି, ଲୋମନେଷ୍ଟା ।

**Flock**, (2) *n.* 1. ପଲ, ଗୋଠ, ଝାଙ୍କ ; 2. ଦଳ ; 3. ଭିଡ, ଜନତା ।—*v.i.* ପଲପଲ-ହେ, ଗୋଠ-ହେ, ଝାଙ୍କ ହୋଇ ଆସିବା, ଭିଡ-ହେ, ଜନତା-ହେ ।

**Flock-bed**, *n.* ଲୋମଗୁଚ୍ଛ ଆଦିରେ ନିର୍ମିତ ଗଦିବିଛଣା ।

**Flocky, Floccose**, *a.* ଲୋମଗୁଚ୍ଛପୂର୍ଣ୍ଣ ।

**Floe**, *n.* ସମୁଦ୍ରରେ ଭାସମାନ ବୃହତ୍ ବରଫଖଣ୍ଡ ।

**Flog**, *v.t.* 1. କଶାଘାତ-କ, କଶାରେ ମାରିବା, କୋରଡାରେ ମାରିବା, ବାଡିରେ ମାରିବା, ମାରିବା, ପ୍ରହାର-କ, ମାଡଦ୍ୱାରା ଶାସ୍ତି-ଦେ ; 2. କହିଣି ଶୁଣୁଣୁ ଶାଣିତ ଛାଟିବା ।

**Flogging**, *n.* କଶାଦିରେ ମାରଣ, ମାଡ, ପ୍ରହାର ।

**Flood**, *n.* 1. ବଢି ; 2. ବନ୍ୟା, ଜଳପ୍ଲାବନ ; 3. ଜୁଆର ; 4. ଜଳରାଶି, ସମୁଦ୍ର, ନଦୀ ; 5. ପ୍ରାଚୁର୍ଯ୍ୟ, ପ୍ରବାହ —*v.t.* 1. ଜଳପ୍ଲାବିତ-କ, ଜଳମଗ୍ନ-କ, ବୁଡାଇବା ; 2. ମଗ୍ନ-କ, ପରିପୂର୍ଣ୍ଣ-କ ।—*v.i.* 1. ଜୁଆର-ହେ, ବଢି-ହେ ; 2. ପ୍ରସବ ସମୟରେ ଅତ୍ୟଧିକ ରକ୍ତସ୍ରାବ-ହେ, ଋତୁ ସମୟରେ ରକ୍ତସ୍ରାବ-ହେ ।

**Flood-gate**, *n.* 1. ଜଳକବାଟ, ନହୁସ ; 2. ପ୍ରଶସ୍ତ ପଥ, ନିର୍ଗମନ ପଥ ।

**Flooding**, *n.* 1. ଜଳରେ ପ୍ଲାବିତକରଣ ; 2. ରକ୍ତସ୍ରାବ ।

**Flood-mark**, *n.* ଯେ ସୀମା ପର୍ଯ୍ୟନ୍ତ ଜୁଆର ବା ବନ୍ୟା ଉଠେ, ଜୁଆରର ଚିହ୍ନ ।

**Flood-tide**, *n.* ଜୁଆର ।

**Floor**, *n.* 1. ଘରର ମେଝିଆ, ଚଟାଣ, ଘରତଳି, ଗୃହତଳ ; 2. ତାଲା, ତଲ ; 3. ବ୍ୟବସ୍ଥାପକ ସଭାରେ ବକ୍ତୃତାଦାନର କ୍ଷମତା ।—*v.t.* 1. ମେଝିଆଯୁକ୍ତ-କ, ଚଟାଣଯୁକ୍ତ-କ ; 2. ଧରାଶାୟୀ-କ ; 3. ପରାସ୍ତ-କ, ନିରୁତ୍ତର-କ ।

**Flooring**, *n.* 1. ଚଟାଣ, ଚଟାଣସମୂହ ; 2. ଚଟାଣ କରିବା ସରଞ୍ଜାମ ।

**Flop**, *v.t.* 1. (ପକ୍ଷ) ମାରିବା, (ରୁମାଲ) ଝାଡିବା ; 2. ଧପ୍ କରି ପକାଇବା ।—*v.i.* 1. ଫଡଫଡ-ହେ ; 2. ଧପ୍ କରି ପଡିଯିବା, ବିଫଳ-ହେ, ଥପ୍ କରି ବସି ଯିବା ।—*n.* 1. ଫଡଫଡ ; 2. ବିଫଳତା, ହଠାତ୍ ପତନ ।

**Flora**, *n.* (ପୁଷ୍ପଦେବୀ), 1. ଦେଶ ବିଶେଷର ବୃକ୍ଷ ପୁଷ୍ପାଦିସମ୍ବନ୍ଧୀୟ ପୁସ୍ତକ ; 2. ଦେଶ ବିଶେଷର ବୃକ୍ଷ ପୁଷ୍ପସମୂହ ।

**Floral**, *a.* ଫୁଲବିଷୟକ, ପୁଷ୍ପବିଷୟକ, ପୁଷ୍ପସମ୍ବନ୍ଧୀୟ, ପୁଷ୍ପପୂର୍ଣ୍ଣ, ପୁଷ୍ପନିର୍ମିତ ।

**Florally**, *ad.* ପୁଷ୍ପପୂର୍ଣ୍ଣ ଭାବରେ, ପୁଷ୍ପପୂର୍ଣ୍ଣରୂପେ ।

**Florescence**, *n.* 1. ପୁଷ୍ପ ପ୍ରସ୍ଫୁଟନ, ପୁଷ୍ପୋଦ୍ଗମ, ପୁଷ୍ପର ପ୍ରସ୍ଫୁଟିତାବସ୍ଥା, ଫୁଲ ଫୁଟିବାବସ୍ଥା ; 2. (Bot.) ବୃକ୍ଷର ପୁଷ୍ପକାଳ, ଫୁଲ ଫୁଟିବା ସମୟ ।

**Floricultural**, *a.* ଫୁଲ ବା ଫୁଲଗଛର ରକ୍ଷଣବିଦ୍ୟା-[ସମ୍ବନ୍ଧୀୟ ।

**Floriculture**, *n.* ଫୁଲ ବା ଫୁଲଗଛର ରକ୍ଷଣବିଦ୍ୟା ।

**Florid**, *a.* 1. ପୁଷ୍ପପୂର୍ଣ୍ଣ, ପୁଷ୍ପମୟ ; 2. ଅଳଙ୍କୃତ, ଅଳଙ୍କାରବହୁଳ, ଅଳଙ୍କାରପୂର୍ଣ୍ଣ ; 3. ଉଜ୍ଜ୍ୱଳ, ରକ୍ତବର୍ଣ୍ଣ, ଲୋହିତ ।

**Floridness, Floridity**, *n.* 1. ଅଳଙ୍କାରବହୁଳତା, ଅଳଙ୍କାରପୂର୍ଣ୍ଣତା ; 2. ରକ୍ତିମା ବର୍ଣ୍ଣ ।

**Floridly**, *ad.* ଅଳଙ୍କୃତରୂପେ, ଅଳଙ୍କାରପୂର୍ଣ୍ଣରୂପେ ।

**Florin**, *n.* ଇଉରୋପୀୟ ରୌପ୍ୟ ମୁଦ୍ରା ବିଶେଷ, ଇଂରାଜ ରୌପ୍ୟ ମୁଦ୍ରା ବିଶେଷ, (ମୂଲ୍ୟ ଦୁଇ ଶିଲିଙ୍ଗ) ।

**Florist, Floriculturalist**, *n.* 1. ଫୁଲ ବା ଫୁଲଗଛର ରକ୍ଷଣବିଦ୍ୟାବିତ୍ ; 2. ପୁଷ୍ପବ୍ୟବସାୟୀ, ମାଳୀ ।

**Floss**, *n.* 1. ରେଶମପୋକ କେତେକ ଗଛର ସୂତା, ଯଥା,-ମଦାର ସୂତା ; 2. ଅକଟା ରେଶମ ସୂତା ।

**Floss-silk**, *n* ରେଶମର ଅକଟା ସରୁ ସୂତା ।

**Flossy**, *a.* ରେଶମର ଅକଟା ସୂତାପରି, କୋମଳ ।

**Flotation**, *n.* 1. ଭାସମାନାବସ୍ଥା, ଭାସିବା କ୍ରିୟା ; 2. ଭାସିବା କ୍ରିୟାବିଷୟକ ବିଦ୍ୟା ।

**Flotilla**, *n.* କ୍ଷୁଦ୍ର ଜାହାଜର ବହର, ଅଳ୍ପସଂଖ୍ୟକ ଜାହାଜ ।

**Flotsam**, *n.* ଭଗ୍ନ ଜାହାଜର ଭାସମାନ ଦ୍ରବ୍ୟ ।

**Flounce**, (1) *v.i.* ଧଡପଡ ହୋଇ ଯିବା, ଉଲ୍ଲମ୍ଫନ-କ, କ୍ରୋଧରେ ଛଟପଟ-ହେ ।

**Flounce**, (2) *n.* ବସ୍ତ୍ରର ଝାଲର ।—*v.t.* ଝାଲର ଲଗାଇବା, ଝାଲର ଦ୍ୱାରା ସୁଶୋଭିତ-କ ।

**Flounder**, *n.* ଚେପ୍ଟା ମାଛ ବିଶେଷ ।

**Flounder**, *v.i.* ଧଡପଡ-ହେ, ଛଟପଟ-ହେ, ଘେଟିବା ।

**Flour**, *n.* 1. ମଇଦା, ଅଟା ; 2. ମଇଦାପରି ପଦାର୍ଥ, ଚୂର୍ଣ୍ଣ ।—*v.t.* 1. ମଇଦା-କ, ଅଟା-କ, ଚୂର୍ଣ୍ଣ-କ ; 2. ମଇଦାରେ ଛିଞ୍ଚିବା ।

**Flourish**, *v.i.* 1. ବର୍ଦ୍ଧିଷ୍ଣୁ-ହେ, ବଢିବା, ଉଧେଇବା, ସତେଜ-ହେ, ଉନ୍ନତ-କ ; 2. ବର୍ତ୍ତମାନ ଥିବା ; 3. ଅଳଙ୍କୃତ ଭାଷା ବ୍ୟବହାର-କ, ବାଗାଡମ୍ବର-କ ; 4. ଅଳଙ୍କୃତରୂପେ ଲେଖିବା, ଛାଟ ଅକ୍ଷର ଲେଖିବା ; 5. ହେଲେ ଘୂରିବା ; 6. ଆଡମ୍ବରରେ ବଜାଇବା ।—*v.t.* 1. ଅଳଙ୍କୃତ-କ ; 2. ଆସ୍ଫାଳନ-କ ।—*n.* 1. ଆଡମ୍ବରଯୁକ୍ତ ଅଳଙ୍କାର, ବାଗାଡମ୍ବର, ଆଡମ୍ବର ; 2. ଅକ୍ଷରର ଛାଟ ; 3. ଆସ୍ଫାଳନ, ଘୂର୍ଣ୍ଣନ ; 4. ଅଳଙ୍କୃତ ଢଙ୍ଗ ।—Flourish of trumpets, 1. ତୂରୀସମୂହର ବାଦ୍ୟ ; 2. କୌଣସି ଆଡମ୍ବରଯୁକ୍ତ କଥା ।

**Flourishing**, *p.a.* ବର୍ଦ୍ଧିଷ୍ଣୁ, ସମୃଦ୍ଧିଶାଳୀ, ଉନ୍ନତିଶୀଳ ।

**Floury**, *a* ମଇଦାମୟ, ମଇଦା ପରି, ଅଟା ପରି ।

**Flout**, *v.t.* ଥଟ୍ଟା-କ, ବିଦ୍ରୂପ-କ, ପରିହାସ-କ, ତୁଚ୍ଛଜ୍ଞାନ-କ ।—*n.* ବିଦ୍ରୂପ, ଥଟ୍ଟା, ପରିହାସ ।

**Flow**, *v.i.* 1. ବହି ଯିବା, ପ୍ରବାହିତ-ହେ ; 2. ବାହାରିବା, ନିର୍ଗତ-ହେ ; 3. ପ୍ରଚୁର-ହେ, ପରିପୂର୍ଣ୍ଣ ହେବା ; 4. ଦୋଳାୟମାନ-ହେ ; 5. ଜୁଆର-ହେ ; 6. ଅସ୍ଖଳିତ-ହେ ।—*v.t.* ପ୍ରବାହିତ-କ, ପ୍ଲାବିତ-କ ।—*n.* 1. ପ୍ରବାହ, ବନ୍ୟା, ସ୍ରୋତ, (ସ୍ରୋତ ପରି) ଗତି ; 2. ଜୁଆର ; 3. ପ୍ରାଚୁର୍ଯ୍ୟ, ଆଧିକ୍ୟ ।

**Flower**, *n.* 1. ଫୁଲ, ପୁଷ୍ପ, କୁସୁମ, କମଳ ; 2. ଯୌବନ, ନବଯୌବନ ; 3. ସାର, ସାରାଂଶ, ଉତ୍କୃଷ୍ଟଭାଗ, ଭୂଷଣ ; 4. ଅଳଙ୍କାର, ବାକ୍ୟାଳଙ୍କାର ; 5. *pl.* ଋତୁ ।—*v.i.* ଫୁଲ ଧରିବା, ଫୁଲ ଫୁଟିବା, ପୁଷ୍ପିତ-ହେ, କୁସୁମିତ-ହେ ।—*v.t.* ପୁଷ୍ପାକୃତିରେ ସଜ୍ଜିତ-କ ।

Floweret, *n.* କ୍ଷୁଦ୍ର ପୁଷ୍ପ, ଛୋଟ ଫୁଲ ।
Flowering, *p.a.* ପୁଷ୍ପୋତ୍ପାଦକ, ପୁଷ୍ପିତ ।
Flowerless, *a.* ଫୁଲରହିତ, ପୁଷ୍ପଶୂନ୍ୟ, କୁସୁମହୀନ ।
Flower-pot, *n.* ଫୁଲକୁଣ୍ଡ, ଫୁଲ ଗାମ୍ଲା ।
Flower-stalk, *n.* ଫୁଲର ଡେମ୍ଫ, ପୁଷ୍ପବୃନ୍ତ ।
Flowery, Flowered, *a.* 1. ଫୁଲପୂର୍ଣ୍ଣ, ପୁଷ୍ପମୟ, ପୁଷ୍ପବିଶିଷ୍ଟ, ସକୁସୁମ; 2. ପୁଷ୍ପରେ ଭୂଷିତ, ଅଳଙ୍କୃତ, ସାଳଙ୍କାର, ଅଳଙ୍କାରଯୁକ୍ତ, ରୂପକମୟ ।
Flowing, *p.a.* 1. ପ୍ରବହମାନ, ପ୍ରବାହଶୀଳ; 2. ଦୋଳାୟମାନ ।
Flown, *past p. of Fly.*
Fluctuant, *a.* ଢେଉ ପରି ଗତିଶୀଳ, ଅସ୍ଥିର, ଚଞ୍ଚଳ ।
Fluctuate, *v.i.* 1. ଢେଉ ପରି ଗତି-କ, ତରଙ୍ଗିତ-ହେ, ଅସ୍ଥିର-ହେ, ଅନିଶ୍ଚିତ-ହେ, ଚଞ୍ଚଳ-ହେ; 2. ହ୍ରାସବୃଦ୍ଧି -ହେ, କମ୍‌ବେଶି-ହେ ।
Fluctuating, *p.a.* ଅସ୍ଥିର, ଚଞ୍ଚଳ ।
Fluctuation, *n.* ହ୍ରାସବୃଦ୍ଧି, ପରିବର୍ତ୍ତନଶୀଳତା, ଅସ୍ଥିରତା ।
Flue, *n.* (1) ଧୂଆଁନଳୀ, ଧୂମମାର୍ଗ ।
Flue, (2) Fluff, *n.* କୋମଳ ଲୋମ, ତୁଳାଗଣ୍ଡି ।
Fluency, *n.* ବାକ୍‌ପଟୁତା, ବାକ୍ୟପ୍ରବାହ, ଅନର୍ଗଳତା ।
Fluent, *a.* 1. ପ୍ରବହମାନ; 2. ବାକ୍‌ପଟୁ, ଅନର୍ଗଳ, ଦ୍ରୁତ ।
Fluently, *ad.* ବାକ୍‌ପଟୁତାରେ, ଦ୍ରୁତ ବାକ୍ୟରେ, ଅନର୍ଗଳରୂପେ ।
Fluid, *a.* (ବହନଶୀଳ), ଜଳୀୟ, ଜଳବତ୍, ତରଳ, ଦ୍ରବ, ବାଷ୍ପୀୟ ।—*n.* ଦ୍ରବ ଦ୍ରବ୍ୟ, ଜଳବତ୍ ଦ୍ରବ୍ୟ, ଜଳୀୟ ପଦାର୍ଥ, ତରଳ ଦ୍ରବ୍ୟ ।
Fluidity, *n.* ଦ୍ରବତ୍ୱ, ଦ୍ରବତା, ତାରଲ୍ୟ, ଦ୍ରବାବସ୍ଥା ।
Fluke, *n.* 1. ଲଙ୍ଗରର ଫାଳ ବା କୁଳ; 2. ଚମି ମାଛର ଅନେକ ପ୍ରକାର; 3. ଖେଳାଦିରେ ଅନପେକ୍ଷିତ ବା ଆକସ୍ମିକ ଜୟଲାଭ ।
Flume, *n.* କଳ ଚଳାଇବା ଜଳର କୃତ୍ରିମ ପଥ, ସୁନାଗୁଣ୍ଡି ଧୋଇବା ନିମନ୍ତେ କୃତ୍ରିମ ଜଳପଥ ।
Flummery, *n.* 1. ଅଟାର ଅଟକାଳି, କ୍ଷୀରୀ ବିଶେଷ; 2. ଖୁଦ୍ଦବାଦ, ମିଥ୍ୟା ସ୍ତୁତି, ମାହାଲିଆ କଥା ।
Flung, *pret. and p. of Fling.*
Flunkey, Flunky, *n.* 1. ବିଶେଷ ପୋଷାକ ପିନ୍ଧିବା ଭୃତ୍ୟ; 2. ଖୁଦ୍ଦବାଜ ।
Flunkeyism, Flunkyism, *n.* ଖୁଦ୍ଦବାଜ ଗୁଣ, ଖୋଷାମୋଦିଆ ଗୁଣ ।
Fluorescence, *n.* ସୂର୍ଯ୍ୟର ଆଲୁଅରେ କୌଣସି ବିଶେଷ ପଦାର୍ଥ ରଖା ଗଲେ ତହିଁରୁ ନିର୍ଗତ ହେବା ଈଷତ୍ ନୀଳ ବା ସବୁଜବର୍ଣ୍ଣ ଆଲୁଅ ।
Fluorescent, *a.* ଉକ୍ତ ଆଲୋକବିଶିଷ୍ଟ, ଉକ୍ତ ଆଲୋକ ପ୍ରକାଶକ ।
Flurry, *n.* 1. ଧୂମ୍‌ଧାମ୍, ହଡବଡ, ଗୋଳମାଳ; 2. ହଠାତ୍ ବତାସ ।—*v.t.* ହଡବଡ କରାଇବା, ଘାବର-କ ।
Flush, *v.i.* ରକ୍ତିମା ବର୍ଣ୍ଣ-ହେ, ହଠାତ୍ ରକ୍ତବର୍ଣ୍ଣ-ହେ ।—*v.t.* 1. ରକ୍ତବର୍ଣ୍ଣ-କ; 2. ଉଲ୍ଲାସିତ-କ, ପୁଲକିତ-କ; 3. ବହୁତ ପାଣି ବୁହାଇ ସଫା-କ; 4. ଶିକାରରେ ପକ୍ଷୀକ ହଠାତ୍ ଉଡାଇ-ଦେ; 5. ସାମିଲ-କ ।—*n.* 1. ମୁଖର ହଠାତ୍ ରକ୍ତିମା ବର୍ଣ୍ଣ, ଉଜ୍ଜ୍ୱଳତା; 2. ଉଦ୍ରେକ, ବେଗ; 3. ମୁକୁଳ, ଅଙ୍କୁର; 4. ଜଳର ହଠାତ୍ ପ୍ରବେଗ; 5. ବାହୁଲ୍ୟ ।—*a.* 1. ସତେଜ, ତେଜସ୍ୱୀ; 2. ପରିପୂର୍ଣ୍ଣ, ଟଙ୍କାପୂର୍ଣ୍ଣ (slang); 3. ସମତଳବିଶିଷ୍ଟ, ସମାନ ।
Fluster, *v.t.* 1. ହଡବଡ କରାଇବା, ବ୍ୟସ୍ତ-କ, ଅପ୍ରସ୍ତୁତ -କ; 2. ପାନ ଦ୍ୱାରା ଉତ୍ତପ୍ତ-କ, ମତ୍ତ-କ ।—*n.* ହଡବଡ, ମନର ଅସ୍ଥିରତା, ଘାବରାଣି, ଉତ୍ତପ୍ତତା ।
Flute, *n.* 1. ବଂଶୀ, ମୁରଲୀ, ବେଣୁ; 2. ସ୍ତମ୍ଭ ଦେହରେ କଟା ସିଅର ।—*v.i.* ବଂଶୀ ବଜାଇବା ।—*v.t.* 1. ବଂଶୀ ଧ୍ୱନି ପରି କଥା କହିବା, ବାଜା ବଜାଇବା ବା ଗାନ -କ; 2. (ସ୍ତମ୍ଭ ଦେହରେ) ସିଅର ଖୋଳିବା ।
Fluted, *p.a.* ସିଅରଯୁକ୍ତ, ସିଅରଶୋଭିତ ।
Fluting, *n.* 1. ବଂଶୀବାଦ୍ୟ; 2. ବଂଶୀ ପରି ଧ୍ୱନି; 3. ସିଅର, ଶୋଭିତ ସିଅରସମୂହ ।
Flutist, *n.* ବଂଶୀବାଦକ ।
Flutter, *v.i.* 1. ପକ୍ଷୀ ଫଡଫଡ-ହେ; 2. କମ୍ପମାନ-ହେ; 3. ଛଟପଟ-ହେ, ଚଞ୍ଚଳ-ହେ ।—*v.t.* ହଡବଡ କରାଇବା, ବ୍ୟସ୍ତ-କ, ଘାବର-କ ।—*n.* 1. ଡେଣାର ଫଡଫଡ, ଫଡଫଡ; 2. ଅସ୍ଥିରତା, ଚାଞ୍ଚଲ୍ୟ, ଘାବରାଣି ।
Fluty, *a.* ବଂଶୀ ଧ୍ୱନିବତ୍ ।
Fluvial, *a.* ନଦୀସମ୍ବନ୍ଧୀୟ ।
Flux, *n.* 1. ପ୍ରବାହ, ପ୍ରବହନ; 2. ଆମାଶୟ, ଅତିସାର 3. ଜୁଆର; 4. ଧାତୁ ଯୋଡିବା ନିମନ୍ତେ ବ୍ୟବହୃତ କେତେକ ଦ୍ରବ୍ୟ; 5. ତରଳାବସ୍ଥା ।—*v.t.* ତରଳାଇବା, ଦ୍ରବ-କ ।
Fluxible, *a.* ତରଳାଇବାଯୋଗ୍ୟ, ଦ୍ରବଣୀୟ ।
Fluxion, *n.* 1. ପ୍ରବାହ; 2. ରକ୍ତପ୍ରବାହ ।
Fly, *v.i.* 1. ଉଡିବା, ଉଡି ଯିବା; 2. ଶୀଘ୍ର ଯିବା; 3. ପଳାଇବା, ପଳାୟନ-କ; 4. ବହି ଯିବା; 5. (କ୍ରୋଧରେ) ଫୁଟି ଉଠିବା; 6. ଛିଟିକି ପଡିବା ।—To fly at, ହଠାତ୍ ଆକ୍ରମଣ-କ ।—To fly in the face of, ତୁଚ୍ଛଜ୍ଞାନ-କ, ଠିକ୍ ବିପରୀତ ବ୍ୟବହାର-କ ।—To fly open, ହଠାତ୍ ଫିଟିବା ।—To let fly, ବଳରେ ନିକ୍ଷେପ-କ, (ବାଣ) ଚଳାଇବା ।—*v.t.* 1. ପରିତ୍ୟାଗ -କ, ଏଡାଇବା; 2. ଉଡାଇବା ।—*n.* 1. ମାଛି, ମକ୍ଷିକା; 2. ମାଛି ପରି କଣ୍ଟା; 3. କଳର ଗତିନିୟାମକ ଚକ; 4. ଉଡା ଗାଡି ବିଶେଷ; 5. ରଙ୍ଗାଳୟରେ ଅଭିନୟ ସ୍ଥାନର ପାର୍ଶ୍ୱସ୍ଥିତ ମଞ୍ଚ; 6. ଛାପାଯନ୍ତ୍ରର କାଗଜ ସଜାଡି ରଖିବା ସ୍ଥାନ ।
Fly-bitten, *a.* ମାଛି କାମୁଡାରେ ଦାଗଯୁକ୍ତ ।
Fly-blow, *v.t.* 1. ମାଛିଡିମ୍ବ ଦ୍ୱାରା ଦୋଷମୟ-କ ।—*n.* ମାଂସ ଉପରେ ଥିବା ମାଛି ଡିମ୍ବ । [ମାଛିଖିଆ ପକ୍ଷୀ ।
Fly-catcher, *n.* ଯେ ବା ଯାହା ମାଛି ଧରେ, କେତେକ

**Fly-fishing**, *n.* ବନ୍ଶୀରେ ମାଛ ଧରି ମାଛମାରଣ ।
**Flying-fish**, *n.* ଉଡନ୍ତା ମାଛ, ଉଡ଼ିଁପାରିବା ମତ୍ସ୍ୟ ।
**Flying-fox**, *n.* ବାଦୁଡ଼ ।
**Flying-squirrel**, *n.* ବଡ଼ ଡେଇଁ ମାରିବା ଗୁଣ୍ଡୁଚିମୂଷା ।
**Fly-leaf**, *n.* ପୁସ୍ତକର ଆରମ୍ଭ ଓ ଶେଷରେ ଥିବା ସାଦା ପୃଷ୍ଠା, ମୁକ୍ତପୃଷ୍ଠା ।
**Fly-paper**, *n.* ମାଛି ମାରିବା କାଗଜ ।
**Fly-trap**, *n.* 1. ମାଛି ମାରିବା ଯନ୍ତ୍ର; 2. ମାଛିଖିଆ ଏକ ଗଛ ।
**Fly-wheel**, *n.* କଳର ଗତିକଣ୍ଟ୍ରୋଳକ ଚକ ।
**Foal**, *n.* ଖାଇର, ଘୋଡାର ଛୁଆ ।—*v.i.* ଖାଇର ଜନ୍ମ-କ ।
**Foam**, *n.* 1. ଫେଣ, ଗାଜ; 2. କୋପ ।—*v.i.* ଫେଣ ଉଠିବା, ଫେଣ ବାହାରିବା ।—*v.t.* 1. ଫେଣ ବାହାର କରିଦେବା; 2. କ୍ରୋଧରେ ନିକ୍ଷେପ-କ ।
**Foamy**, *a.* ଫେଣଯୁକ୍ତ, ଫେଣମୟ, ଫେନିଳ ।
**Fob**, *n.* ଘଡ଼ି ରଖିବା ଜେବ ।
**Fob**, *v.t.* ପ୍ରତାରଣା-କ, ଠକାଇବା ।
**Focal**, *a* କରଣ ସମୁଦାୟର ଏକୀଭୂତ ବିନ୍ଦୁସମ୍ବନ୍ଧୀୟ, ଉକ୍ତ ବିନ୍ଦୁରେ ସ୍ଥିତ ।
**Focus**, *n.* ପ୍ରତିଫଳିତ ଓ ଉତ୍ସୃତ କରଣର ଏକୀଭୂତ; କେନ୍ଦ୍ର, କରଣସମୁଦାୟର ଏକୀଭୂତ ବିନ୍ଦୁ ।—*v.t.* କରଣସମୁଦାୟ କେନ୍ଦ୍ରୀଭୂତ-କ ।
**Fodder**, *n.* ଘାସ ବା ଶୁଖିଲା ଘାସ ଆଦି ।—*v.t.* ଘାସ ଆଦି ଖୁଆଇବା । [ବୈରିତ୍ୱ ।
**Foe**, *n.* 1. ଶତ୍ରୁ, ବିପକ୍ଷ, ଅରି, ବୈରୀ, ରିପୁ; 2. ବିପକ୍ଷ
**Foeman**, *n.* ଯୁଦ୍ଧଶତ୍ରୁ, ପ୍ରତିଦ୍ୱନ୍ଦ୍ୱୀ ।
**Foetus**, see Fetus.
**Fog**, *n.* 1. ଘୋର କୁହୁଡ଼ି, ନିବିଡ଼ କୁହୁଡ଼ି, କୁଆସା; 2. ଘାସବଣି, ନଡ଼ା ।
**Fog-bank**, *n.* କୁହୁଡ଼ି ରାଶି, (ସମୁଦ୍ର ଯାହାରେ କିଛି ଦୂରରୁ ଦେଖିଲେ କୂଳ ପରି ଜଣା ପଡ଼େ) ।
**Fogey, Fogy**, *n.* ପୁରୁଣା ଧରଣର ଲୋକ, ମନ୍ଦବୁଦ୍ଧି ଧରଣର ଲୋକ ।
**Foggily**, *ad.* 1. କୁହୁଡ଼ିମୟରୂପେ, କୁହୁଡ଼ିଅରୂପେ; 2. ଅସ୍ପଷ୍ଟରୂପେ । [2. ଅସ୍ପଷ୍ଟତା ।
**Fogginess**, *n.* 1. କୁହୁଡ଼ିମୟତା, କୁହୁଡ଼ିଆ, ଅବସ୍ଥା;
**Foggy**, *a.* 1. ଅତି କୁହୁଡ଼ିଆ, କୁହୁଡ଼ିମୟ, କୁହୁଡ଼ିଆଚ୍ଛନ୍ନ, କୁଆସିଆ; 2. ଅସ୍ପଷ୍ଟ, ଜଡ଼ ।
**Foh**, *interj.* ଘୃଣାସୂଚକ ବା ବିରକ୍ତିସୂଚକ ଶବ୍ଦ, ଛି ! ଛିଛି !, ଛ୍ୟା ! ହେଉ ! ଧେତ୍ !
**Foible**, *n.* ଚରିତ୍ରର ଲଘୁ ଦୋଷ, ତ୍ରୁଟି, ଦୁର୍ବଳତା ।
**Foil**, (1) *v.t.* ବିଫଳ-କ, ବ୍ୟର୍ଥ-କ, ପରାଜୟ-କ ।—*n.* ବିଫଳତା ।
**Foil**, (2) *n.* ଭୋଥା ତରବାରି, ଅଗ୍ରଭାଗରେ ବୋତାମ ଥିବା ତରବାରି ।
**Foil**, (3) *n.* 1. ଧାତୁର ପାତଳ ବା ପାତଳ ଖଣ୍ଡ; 2. ଶୋଭାବର୍ଦ୍ଧକ ବସ୍ତୁ; 3. ପତ୍ର ପରି ପଦାର୍ଥ ।

**Foist**, *v.t.* ଅନ୍ୟାୟରେ ବା ଗୋପନରେ ଭର୍ତ୍ତି-କ, ପ୍ରତାରଣାରେ ଚଳାଇବା, ଜାଲ-କ ।
**Fold**, *n.* ଦୋହରା ଭାଙ୍ଗ, ଭାଙ୍ଗ । (Suffix) ଗୁଣ, ଯଥା ଦୁଇ ଗୁଣ ଇତ୍ୟାଦି ।—*v.t.* 1. ଭାଙ୍ଗ-କ, ଭାଙ୍ଗ-କ; 2. ବନ୍ଦ-କ; 3. ଆଲିଙ୍ଗନ-କ ।—*v.i.* ବନ୍ଦ-ହେ, ଦୋହରା ଭାଙ୍ଗ-ହେ ।—Folding door, ଦୋହରା କବାଟ ।—Folding stool ଦୋହରା ଭାଙ୍ଗର ମୋଢ଼ା ।
**Fold**, *n.* 1. ଖୁଆଡ଼, ମେଣ୍ଢାଶାଳ; 2. ମେଣ୍ଢାପଲ ପଲ, ମଣ୍ଡଳୀ ।—*v.t.* ଖୁଆଡ଼ରେ ବନ୍ଦ-କ ।
**Folder**, *n.* କାଗଜ ଭାଙ୍ଗ କରିବା ଯନ୍ତ୍ର ।
**Foliaceous**, *a.* ପତ୍ରମୟ, ପତ୍ରଯୁକ୍ତ, ପତ୍ରବତ୍ ।
**Foliage**, *n.* 1. ପତ୍ରସମୂହ; 2. ପତ୍ରାକୃତି ଶୋଭକ ପଦାର୍ଥ ।
**Foliate**, *v.t.* ଚିକ୍କଣ କରି ପାତଳ ପତ୍ର-କ ।—*a.* 1. ପତ୍ରଯୁକ୍ତ, ସପତ୍ର; 2. ପତ୍ରାକୃତି; 3. ପାତଳ ପତ୍ରରେ ଗଠିତ ।
**Foliated**, *p.a.* 1. ପାତଳ ପତ୍ରାଚ୍ଛାଦିତ; 2. ପତ୍ରାକୃତିରେ ଅଳଙ୍କୃତ; 3. ପାତଳ ପତ୍ରବିଶିଷ୍ଟ ।
**Foliation**, *n.* 1. ପତ୍ରର ଅଙ୍କୁର; 2. ଧାତୁ ପତ୍ରରେ ପ୍ରସ୍ତୁତ; 3. ପାତଳ ପତ୍ରାକୃତିରେ ଫାଟିବା କ୍ରିୟା; 4. ଗୃହ ନିର୍ମାଣ ବ୍ୟାପାରରେ ପତ୍ରାକୃତି ଶୋଭାକର ଅଳଙ୍କାର ।
**Folio**, *n.* 1. କେବଳ ଦୁଇଭାଗ କରା କାଗଜ ବା ତନ୍ନିର୍ମିତ ପୁସ୍ତକ, ଏକଭାଗ କାଗଜରେ ଚାରି ପୃଷ୍ଠା ଛପାଯାଇ ଅଛି, ସେହି ଆକାର ପୁସ୍ତକ (ଏଣୁ ସବୁଠାରୁ ବଡ଼ ଆକାର ପୁସ୍ତକ); 2. ପୁସ୍ତକର ବିଶେଷ ଆକାର; 3. ହିସାବ ବହିର ଏକ ଅଙ୍କରେ ଚିହ୍ନିତ ଦକ୍ଷିଣ ଓ ବାମ ପୃଷ୍ଠା; 4. ପୁସ୍ତକର ପ୍ରତ୍ୟେକ ପୃଷ୍ଠାରେ ଥିବା ଅଙ୍କ; 5. ନିର୍ଦ୍ଧାରିତ ସଂଖ୍ୟକ ଶବ୍ଦ ଲେଖା ଥିବା ପୃଷ୍ଠା; 6. ଅଲଗା କାଗଜ ରଖିବା ଖୋଳ ।
**Folk** *n.* (*pl.* Folk and Folks) 1. ଲୋକ, ଜନସମୂହ, ମନୁଷ୍ୟମାନେ; 2. ବଂଶ, ଜାତି ।
**Folk-lore**, *n.* ଗାଉଁଲି ଲୋକମାନଙ୍କର କୁସଂସ୍କାର, ଜନଶ୍ରୁତି କଥା, ଗୀତ ବା କାହାଣୀ ଆଦି ।
**Follicle**, *n.* 1. ଜନ୍ତୁ ବା ବୃକ୍ଷରେ ଥିବା ଅତି କ୍ଷୁଦ୍ର କୋଷ ବିଶେଷ; 2. (ମଟର ପରି) ବୀଜକୋଷ ।
**Follow**, *v.t.* 1. ଅନୁଗମନ-କ, ଅନୁସରଣ-କ, ପଛେ ପଛେ ଯିବା; 2. ଗୋଡ଼ାଇବା, ଅନୁଧାବନ-କ; 3. ଫଳସ୍ୱରୂପ ଦେଖା ଯିବା, ଘଟିବା; 4. ଅନୁକରଣ-କ; 5. ଅନୁଶୀଳନ-କ, ଅଭ୍ୟାସ-କ; 6. ପାଇବାକୁ ଚେଷ୍ଟା-କ, ଅନ୍ୱେଷଣ-କ; 7. ଗତି ଲକ୍ଷ୍ୟ-କ, ଅର୍ଥ ଗ୍ରହଣ-କ; 8. (ପଥ) ଧରି ଚାଲିବା ।—*v.i.* 1. ପଶ୍ଚାଦ୍ଗାମୀ-ହେ, ପଶ୍ଚାଦ୍ବର୍ତ୍ତୀ-ହେ, ଅନୁବର୍ତ୍ତୀ-ହେ; 2. ହେବା ।—To follow suit. ଅନୁକରଣ-କ ।—To follow up, 1. ଅନୁଧାବନ-କ, ଅବିରତ ଉଦ୍ୟତ-ହେ; 2. କାର୍ଯ୍ୟରେ ଲଗାଇବା ।
**Follower**, *n.* 1. ଅନୁଚର, ପଶ୍ଚାଦ୍ଗାମୀ ଲୋକ, ସହଚର, ଶିଷ୍ୟ, ଅନୁଯାୟୀ, ଆଶ୍ରିତ ଲୋକ; 2. ଦାସ୍ତ୍ରୀର ପ୍ରଣୟୀ ।
**Following**, *n.* ଅନୁଚରବର୍ଗ, ଅନୁଯାୟୀବର୍ଗ ।—*p.a.* ପରବର୍ତ୍ତୀ, ପର, ନିମ୍ନଲିଖିତ ।

Folly, *n.* 1. ମୂର୍ଖତା, ମୂଢତା, ନିର୍ବୁଦ୍ଧିତା, ମୂର୍ଖାମି, ମୂଢ କାର୍ଯ୍ୟ, ନିର୍ବୋଧାଚରଣ, ମୂଢାଚରଣ ; 2. ମୂଢ ବିଷୟ, ମୂର୍ଖାମିର ଫଳ ।
Foment, *v.t.* 1. ଗରମ ପାଣି ବା ତୁଳ ଔଷଧରେ ସେକିବା ; 2. ପ୍ରବର୍ତ୍ତାଇବା, ଉସ୍କାଇବା ।
Fomentation, *n.* 1. ଗରମ ପାଣି ଆଦିରେ ସେକ ; 2. (ସେକିବା ନିମନ୍ତେ) ତୁଳ ଔଷଧ ଆଦି; 3. ପ୍ରବର୍ତ୍ତନା, ଉସ୍କାଇବା ।
Fond, *a.* 1. ମୂଢ ; 2. ଅବିବେଚକରୂପେ ସ୍ନେହଶୀଳ, ସ୍ନେହୀ, ବିହ୍ୱଳ ; 3. ଅନୁରକ୍ତ, ଆସକ୍ତ, ଅଭିଳାଷୀ ; 4. ପ୍ରିୟ with *of* before an object.—To be fond of, ପ୍ରିୟଜ୍ଞାନ-କ, ଭଲ ପାଇବା ।
Fondle, *v.t.* ଆଦର-କ, ଲାଳନ-କ, ସ୍ନେହ-କ ।
Fondling, *n.* ଦୁଲାଳ, ସ୍ନେହପାତ୍ର । [ଲାଳନକାରୀ ।
Fondly, 1. ନିର୍ବୋଧରୂପେ ; 2. ଅତିସ୍ନେହରେ, ଅତି-
Fondness, 1. ମୂଢତା ; 2. ଅତିରିକ୍ତ ପ୍ରେମ, ପ୍ରଣୟ, ସ୍ନେହ, ମାୟା, ଲାଳିତ୍ୟ 3. ଅନୁରାଗ, ଆସକ୍ତି, ଅଭିରୁଚି ।
Font, *n.* ଖ୍ରୀଷ୍ଟୀୟ ମଣ୍ଡଳୀରେ ବାପ୍ତିସ୍ମ କୁଣ୍ଡ ।
Font, *n.* ଏକ ପ୍ରକାରରେ ଢଳା ମୁଦ୍ରାକ୍ଷରସମୂହ ।
Fontal, *a.* ନିର୍ଝରସମ୍ବନ୍ଧୀୟ, ମୂଳକାରଣସମ୍ବନ୍ଧୀୟ ।
Fontanel, *n.* 1. ପୂଜ ବାହାରିବା ନିମନ୍ତେ ଛିଦ୍ର ; 2. ବ୍ରହ୍ମରନ୍ଧ୍ର ।
Food, *n.* 1. ଆହାର, ଅନ୍ନ, ଭକ୍ଷ୍ୟ, ଖାଦ୍ୟଦ୍ରବ୍ୟ, ଭୋଜନସାମଗ୍ରୀ; 2. ପୋଷକ ବିଷୟ, ପରିବର୍ଦ୍ଧକ ବିଷୟ ।
Foodless, *a.* ଆହାରହୀନ, ଖାଦ୍ୟଦ୍ରବ୍ୟଶୂନ୍ୟ ।
Fool, *n.* 1. ମୂର୍ଖ, ମୂଢ, ନିର୍ବୋଧ, ଜଡ, ବୋକା, ବାୟା, ପାଗଳ ; 2. କ୍ଷୀଣବୁଦ୍ଧି ଲୋକ, ଦୁର୍ବଳ ; 3. ମସ୍ଖରା, ଭଣ୍ଡ ।—To make a fool of, ହାସ୍ୟାସ୍ପଦ-କ ।—*v.i.* ମୂର୍ଖ ପରି କାର୍ଯ୍ୟ-କ, ଅଜ୍ଞାନମତେ ବ୍ୟବହାର-କ ।—*v.t.* 1. ହାସ୍ୟାସ୍ପଦ-କ ; 2. ପ୍ରତାରଣା-କ, ଠକାଇବା ।—To fool away, ଅପଚୟ-କ ।
Foolery, *n.* 1. ମୂର୍ଖତା, ନିର୍ବୁଦ୍ଧିତା, ଅଜ୍ଞାନତା ; 2. ମୂର୍ଖ କର୍ମ, ମୂଢ ସ୍ୱଭାବ ।
Foolhardiness, *n.* ଦୁଃସାହସିକତା, ଅବିବେଚନା ।
Foolhardy, *a.* ଦୁଃସାହସୀ, ଦୁଃସାହସିକ, ଅଯଥା ସାହସୀ ।
Foolish, *a.* 1. ନିର୍ବୋଧ, ମୂର୍ଖ, ଅଜ୍ଞାନ, ଅବିବେଚକ ; 2. କ୍ଷୀଣବୁଦ୍ଧି ; 3. ହାସ୍ୟଜନକ ।
Foolishly, *ad.* ନିର୍ବୋଧରୂପେ, ଅଜ୍ଞାନରେ ।
Foolishness, *n.* ନିର୍ବୁଦ୍ଧିତା, ମୂର୍ଖତା, ଅଜ୍ଞାନତା ।
Foolscap, *n.* ଏକପ୍ରକାର କାଗଜ ।
Foot, *n.* 1. ପାଦ, ପଦ, ଚରଣ, ଗୋଡ ; 2. ପାଦ ପରି ପଦାର୍ଥ; 3. ପଦମୂଳ, ତଳ ; 4. ପଦାତିକ ସୈନ୍ୟ ; 5. ବାର ଇଞ୍ଚ ପରିମାଣ, ଫୁଟ ; 6. ଛନ୍ଦର ଚରଣ ।—By foot, On foot, ପାଦଗତିରେ, ପଦ୍‌ବ୍ରଜରେ ।—To set on foot, ଆରମ୍ଭ-କ, ଉପକ୍ରମ-କ ।—To put one's foot foremost, ଉଚିତ ଚେଷ୍ଟା-କ ।—*v.i.* 1. ପାଦଗତିରେ ଗମନ-କ ; 2. (Colloq.) ମୋଟ ବିଲ୍ ।—*v.t.* 1. ଚଳିତ-କ, ପାଦ ପକାଇବା ; 2. with *up*, ମୋଟ ବିଲ୍ ଲେଖିବା, ପାଇ-କ ; 3. (ମୋଜାର) ପାଦ ଲଗାଇବା ।—To foot it, 1. ପାଦଗତିରେ ଯିବା ; 2. ନାଚିବା, ନୃତ୍ୟ-କ ।
Football, *n.* 1. ପାଦ ଦ୍ୱାରା ଖେଳିବା ବଲ ଗେଣ୍ଡୁ ; 2. ଉକ୍ତଗେଣ୍ଡୁର ଖେଳ । [ରଖିବା ପଟା ।
Foot-board, *n.* ଚରଣଫଳକ, ପାଠ ଆଦିରେ ପାଦ
Foot-boy, *n.* ବିଶେଷ ପୋଷାକ ପିନ୍ଧିବା ଭୃତ୍ୟ ।
Footbridge, *n.* ପାଦଚଲା ଲୋକମାନଙ୍କ ପାଇଁ ଖଣ୍ଡିଏ ପୋଲ ।
Foot-cloth, *n.* 1. ଅଶ୍ୱାଚ୍ଛାଦନ ବସ୍ତ୍ର ବିଶେଷ ; 2. ଗାଲିଚ୍ ବିଶେଷ ।
Footed, *a.* ଚରଣବିଶିଷ୍ଟ ।
Footfall, *n.* 1. ପାଦପାତ, ପାଦବିକ୍ଷେପର ଶବ୍ଦ ; 2. ଚରଣପାତ, ପଦବିକ୍ଷେପ ।
Footgear, *n.* ପାଦୁକା, ଜୋତାମୋଜା ।
Foothold, *n.* ଯାହା ଉପରେ ପାଦ ନିର୍ଭରରେ ରଖା ଯାଏ, ସ୍ଥାୟୀ ସ୍ଥିତ ।
Footing, *n.* 1. ପାଦ ପକାଇବା ସ୍ଥାନ, ଦୃଢ ସ୍ଥାନ ; 2. ଭିତ୍ତିମୂଳ, ଭିତ୍ତିସ୍ଥାନ ; 3. ସ୍ଥିତ ; 4. ପଦବିକ୍ଷେପ ; 5. ନୃତ୍ୟ ; 6. ଏକପ୍ରକାର ସୂତାରଜାଲ ; 7. ପଦ, ସାମାଜିକ ଅବସ୍ଥା ; 8. ଯୋଗଫଳ ।
Footman, *n.* 1. ପଦାତିକ ସୈନ୍ୟ ; 2. ଭୃତ୍ୟ, ବିଶେଷ ପୋଷାକ ପିନ୍ଧିବା ଚାକର ।
Footmark, *n.* ପଦଚିହ୍ନ, ଖୋଜ ।
Foot-note, *n.* ପୃଷ୍ଠାର ତଳେ ଲିଖିତ ଟୀକା ।
Footpad, *n.* ବାଟମାର, ଡକାୟତ ।
Footpath, Footway, *n.* ପାଦଚଲା ଲୋକମାନଙ୍କ ପାଇଁ କ୍ଷୁଦ୍ର ପଥ, ପଥିକମାର୍ଗ, ସାନ ବାଟ ।
Footprint, *n.* ପଦଚିହ୍ନ, ପଦପଂକ୍ତି, ଖୋଜ ।
Foot-race, *n.* ପାଦ ଦୌଡ ।
Foot-rule, *n.* ବାର ଇଞ୍ଚ ପରିମାପକ ଦଣ୍ଡ ବିଶେଷ ।
Foot-soldier, *n.* ପଦାତି, ପଦାତିକ ସୈନ୍ୟ ।
Footsore, *a.* ପାଦର ବେଦନାଯୁକ୍ତ, ଗୋଡବ୍ୟଥାଯୁକ୍ତ ।
Foot-stalk, *n.* ପତ୍ରର ବେଣ୍ଟ ।
Footstep, *n.* 1. ପଦଚିହ୍ନ, ପଦପଂକ୍ତି, ଚିହ୍ନ ; 2. ପାଦଶବ୍ଦ ।—*pl.* 1. ବାଟ ; 2. ଦୃଷ୍ଟାନ୍ତ ।
Footstool, *n.* ପାଦପୀଠ, ପାଦାସନ ।
Foot-worn, *n.* 1. ପଦଦଳିତ ; 2. ପାଦକ୍ଲାନ୍ତ ।
Fop, *n.* ଫୁଲବାବୁ, ଫୁଲ୍ଲାରବନ, ବାଁକା ।
Fopling, *n.* ଫୁଲବାବୁଟି ।
Foppery, Foppishness, *n.* ଫୁଲବାବୁଗିରି, ଭଡମ, ବାଁକାମି ।
Foppish, *a.* ଫୁଲବାବୁସମ୍ବନ୍ଧୀୟ, ଫୁଲବାବୁ ପରି, ଉଦ୍ଧତ୍ୟ, ଉଚିତ ।
Foppishly, *ad.* ଫୁଲବାବୁ ପ୍ରାୟରେ, ଉଦ୍ଧତରୂପେ ।
For, *prep*, 1. ହେତୁ, କାରଣ ; 2. ନିମିତ୍ତ, ନିମନ୍ତେ ; 3. ବଦଳେ, ପରିବର୍ତ୍ତେ ; 4. ପରି, ନ୍ୟାୟ ; 5. ପ୍ରତି, ଅନୁ-

ମୂଲ୍ୟେ; 6. ପକ୍ଷରେ; 7. ସମ୍ବନ୍ଧରେ; 8. ବ୍ୟାପି; 9. ତଥାପି, ତଥାଚ, ସୁଦ୍ଧା; 10. ତୁଳନାରେ; 11. ପର୍ଯ୍ୟନ୍ତ।—For all that, ତଥାପି, ତେବେହେଁ। For all the world, ଠିକ। For good, ସ୍ଥାୟିରୂପେ। For me, ମୋ କଥା ଧରିଲେ। For all me, ମୋର ଚିନ୍ତା ନାହିଁ। For my life, For the life of me, ମୋ ଜୀବନ ଗଲେ ସୁଦ୍ଧା। For short, ସଂକ୍ଷେପରେ। For that, ଯେହେତୁ।—*conj.* 1. ଯେହେତୁ, ଯେଣୁ; 2. କାରଣ।

Forage, *n.* 1. ଘାସ ପ୍ରଭୃତି ପଶ୍ୱାଦିର ଭକ୍ଷ୍ୟଦ୍ରବ୍ୟ; 2. ଖାଦ୍ୟସାମଗ୍ରୀର ଅନୁସନ୍ଧାନ ଓ ଅନ୍ୱେଷଣ।—*v.i.* ଖାଦ୍ୟସାମଗ୍ରୀ ଅନ୍ୱେଷଣ-କ, ଖାଦ୍ୟସାମଗ୍ରୀ ଅନୁସନ୍ଧାନାର୍ଥ ଭ୍ରମଣ-କ, ଲୁଣ୍ଠିତ ଦ୍ରବ୍ୟରେ ପ୍ରତିପୋଷିତ-ହେ।—*v.t.* 1. ଖାଦ୍ୟସାମଗ୍ରୀ ନିମନ୍ତେ ଲୁଟ-କ; 2. ଘାସ ଆଦି ଯୋଗାଇବା; 3. ଲୁଟ କରି ଯୋଗାଇବା।

Forasmuch, *conj.* ଯେ କାରଣ, ଯାହା ପ୍ରଯୁକ୍ତ, ଯେହେତୁ।

Foray, *v.t.* ଲୁଟ-କ।—*n.* ଲୁଟ।

Forbade, *pret.* of Forbid.

Forbear, *v.i.* 1. ନିବୃତ୍ତ-ହେ, ବିରତ-ହେ, କ୍ଷାନ୍ତ-ହେ, ସ୍ଥଗିତ-ହେ; 2. ଧୈର୍ଯ୍ୟ ଧରିବା, ସହ୍ୟ-କ।—*v.t.* ନିବୃତ୍ତ-କ।

Forbearance, *n.* 1. ନିବୃତ୍ତି, ଆତ୍ମସଂଯମ, ସ୍ୱଭାବର ଦମନ, ସହନ, ବରଦାସ୍ତ, ଧୈର୍ଯ୍ୟଧାରଣ, ସର୍ବସହିଷ୍ଣୁତା; ଦୟା; 2. ଦାବୀକରଣରୁ ନିବୃତ୍ତି।

Forbearing, Forbearant, *a.* ଧୈର୍ଯ୍ୟଶୀଳ, ସର୍ବସହିଷ୍ଣୁ।

Forbid, *v.t.* 1. ନିଷେଧ-କ, ମନା-କ,; 2. ବାରଣ-କ, ନିବାରଣ-କ, ବାଧା-ଦେ।—God forbid, Heaven forbid, ତାହା ନ ହେଉ।

orbidden, *p.a.* ମନା, ନିଷିଦ୍ଧ, ନିବାରିତ।

Forbidding, *p.a.* ଘୃଣାବହ, ଅସନ୍ତୋଷକର, ଅପ୍ରୀତିକର।

Forbiddingly, *ad.* ଘୃଣାବହରୂପେ, ଅପ୍ରୀତିକରଭାବେ।

Forbore, *pa. t.* of Forbear.

Force, *n.* 1. ଶକ୍ତି, ବଳ, ପରାକ୍ରମ; 2. ତେଜ; 3. ଅତ୍ୟାଚାର, ବଳାତ୍କାର; 4. ଗୁଣ; 5. ସୈନ୍ୟଦଳ, ଦଳ, ସେନା, ନୌସେନା; 6. ବେଗ, ଆବେଗ; 7. ନୈତିକ ଶକ୍ତି; 8. କ୍ଷମତା।—*v.t.* 1. ବାଧ୍ୟ-କ, ବଳପୂର୍ବକ କରାଇବା, ବଳରେ ଚଳାଇବା, ବଳପୂର୍ବକ କ୍ଷାନ୍ତ-କ; 2. ବଳରେ ଟାଣିବା, ବଳରେ ଠେଲିବା; 3. (ପ୍ରମାଣ) ବଳରେ (ହୃଦ୍‌ବୋଧ) କରାଇବା; 4. ବଳାତ୍କାର-କ, ଭ୍ରଷ୍ଟ-କ; 5. କୃତ୍ରିମ ଉପାୟରେ ପକ୍ୱ-କ, ଉପାୟର ବଳରେ କରାଇବା।

Forceable, *a.* ବଳରେ ଟଣା ହେବା ଯୋଗ୍ୟ, ବଳପୂର୍ବକ ଫିଟାଇବା ଯୋଗ୍ୟ।

Forced, *a.* କୃଷ୍ଟ, ଅସହଜ, ଅସ୍ୱାଭାବିକ, କୃତ୍ରିମ।

Forcedly, *ad.* କୃଷ୍ଟରୂପେ, କୃତ୍ରିମରୂପେ।

Forceful, *a.* 1. ବଳଯୁକ୍ତ, ସତେଜ, ତେଜସ୍ୱାନ୍, ବଳସୂଚକ; 2. ବେଗବାନ୍, ପ୍ରବଳ।

Forcefully, *ad.* ପ୍ରବଳରୂପେ, ପ୍ରଚଣ୍ଡରୂପେ।

Forceless, *a.* ବଳହୀନ, ଶକ୍ତିହୀନ, ଦୁର୍ବଳ

Forcemeat, *n.* ମଶଲାଯୁକ୍ତ ସରୁ ୨ କଟା ମାଂସ।

Forceps, *n.* ଚିକିତ୍ସକର ଚିମୁଟା ବିଶେଷ, ସଣ୍ଡାସି ବିଶେଷ, ସନ୍ଦଶ।

Forcible, *a.* 1. ପ୍ରବଳ, ବଳବନ୍ତ, ଗୁଣବିଶିଷ୍ଟ, କାର୍ଯ୍ୟକାରୀ, ଫଳପ୍ରଦ, ଗୁରୁତର; 2. ବଳରେ କୃତ, ବଳାତ୍କୃତ।

Forcibleness, *n.* ପ୍ରବଳତା, ଉଗ୍ରତା, ଗୁଣକାରିତା, ଶକ୍ତି।

Forcibly, *ad.* ପ୍ରବଳରୂପେ, ବଳରେ, ବଳଦ୍ୱାରା, ଉଗ୍ରରୂପେ, ଗୁରୁତରରୂପେ।

Forcing, *n.* କୃତ୍ରିମ ଉପାୟରେ ଗଛ ବା ଫଳ ଉତ୍ପନ୍ନ କରାଇବା କୌଶଳ।

Ford, *n.* ପାଦ ବୁଡ଼ି ନଦୀ ପାର ହେବା ସ୍ଥାନ, ନଦୀରେ ପଶି ଯାଇ ପାରିବା ସ୍ଥାନ, ଘାଟ, ତରଣ ସ୍ଥାନ।—*v.t.* ପଶି ଯାଇ ପାରିବା। [ସୁତର।

Fordable, *a.* ପଶି ଯାଇ ପାରିବା ଯୋଗ୍ୟ, ତରଣୀୟ,

Fordableness, *n.* ତରଣୀୟତା, ସୁତରାବସ୍ଥା।

Fore, *a.* 1. ଅଗ୍ରବର୍ତ୍ତୀ, ଅଗ୍ର, ଆଗ; 2. ପୂର୍ବ, ପୂର୍ବଗାମୀ; 3. ସମ୍ମୁଖସ୍ଥିତ।—*ad.* ଆଗେ, ଅଗ୍ରେ, ପୂର୍ବେ।

Fore-arm, *n.* ବାହୁର ଅଗ୍ରବର୍ତ୍ତୀ ଅଂଶ, କହୁଣି।

Forearm, *v.t.* ଆକ୍ରମଣ ବା ପ୍ରତିବାଧା କରିବା ନିମନ୍ତେ ପୂର୍ବରୁ ସସଜ୍ଜ-କ, ପୂର୍ବରୁ ପ୍ରସ୍ତୁତ-କ।

Forebode, *v.t.* 1. ଆଗରୁ କହିବା, ପୂର୍ବରୁ ପ୍ରକାଶ-କ, ଅଗ୍ରେ ବୋଧ-କ, ପୂର୍ବରୁ ଦେଖିବା; 2. ପୂର୍ବସୂଚନା-କ, ଅଗ୍ରସୂଚନା-କ। [ପୂର୍ବସୂଚନ।

Forebodement, *n.* 1. ପୂର୍ବରୁ ପ୍ରକାଶକରଣ; 2.

Foreboding, *n.* ପୂର୍ବସୂଚନା, ଅନିଷ୍ଟସୂଚନା।

Forecast, *v.t.* *fōr-kast′*, 1. ପୂର୍ବକଳ୍ପନା-କ, ପୂର୍ବରୁ ଆୟୋଜନ-କ; 2. ପୂର୍ବରୁ ଗଣନା-କ, ଆଗରୁ ଦେଖିବା।—*v.i.* ଦୂରଦର୍ଶୀ-ହେ, ଆଗରୁ କହିବା।—*n.* *fōr′-kast*, 1. ପୂର୍ବକଳ୍ପନା, ପୂର୍ବଚିନ୍ତା, ପୂର୍ବଆୟୋଜନ; 2 ଦୂରଦର୍ଶନ, ପୂର୍ବଅନୁମାନ।

Forecastle, *n.* 1. ଜାହାଜର ଉପର ମେଜିଆର ଅଗ୍ରଭାଗ; 2. ବାଣିଜ୍ୟ ଜାହାଜର ଅଗ୍ରସ୍ଥିତ ମେଜିଆ ତଳେ ଜାହାଜିଆମାନଙ୍କ ରହିବା ସ୍ଥାନ।

Forechosen, *a.* ପୂର୍ବମନୋନୀତ।

Fore-cited, *a.* ପୂର୍ବୋଲ୍ଲିଖିତ, ପୂର୍ବୋକ୍ତ।

Foreclose, Forclose, *v.t.* ନିବାରଣ-କ, ପ୍ରତିବନ୍ଧକତା-କ।—To foreclose a mortgage, ବନ୍ଧକୀ ଟଙ୍କା ଦେବାକୁ ବା ବନ୍ଧକୀ ସମ୍ପତ୍ତି ଛାଡ଼ି ଦେବାକୁ ବନ୍ଧକଦାତାକୁ ବାଧ୍ୟ କରାଇବା, ବନ୍ଧକୀ ସମ୍ପତ୍ତି ଉଦ୍ଧାରର କ୍ଷମତା ହରଣ-କ।

Foreclosure, Forclosure, *n.* ବନ୍ଧକୀ ସମ୍ପତ୍ତି ଉଦ୍ଧାରର କ୍ଷମତା-ହରଣ।

Foredate, *v.t.* ଜକିଷ୍ଟ ସମୟର ପୂର୍ବ ତାରିଖ-ଦେ ।

Foredoom, *v.t.* ପୂର୍ବରୁ ଜଲ୍ପନା-କ, ପୂର୍ବରୁ (ଦଣ୍ଡାଦି) ସ୍ଥିର-କ ।

Forefather, *n.* ପୂର୍ବପୁରୁଷ, ପିତୃଲୋକ, ପିତୃପୁରୁଷ ।

Forefinger, *n.* ତର୍ଜନୀ, ପ୍ରଦର୍ଶନୀ, ହସ୍ତର ଦ୍ୱିତୀୟ ଅଙ୍ଗୁଳି ।

Fore-foot, *n.* ପଶୁର ଅଗଗୋଡ଼, ଜନ୍ତୁର ଅଗ୍ରପଦ ।

Forefront, *n.* ଅଗ୍ରଭାଗ, ସମ୍ମୁଖ ସ୍ଥଳ ।

Forego, (1) *v.t.* ଅଗବଢ଼ି ଯିବା, ଅଗ୍ରଗମନ-କ ।

Forego, (2) *v.t.* see *Forgo.*

Foregoer, *n.* ପୂର୍ବଗାମୀ ଲୋକ, ପୂର୍ବପୁରୁଷ ।

Foregoing, *a.* ପୂର୍ବଗାମୀ, ପୂର୍ବବର୍ତ୍ତୀ, ପୂର୍ବୋକ୍ତ ।

Foregone, *p.a.* ପୂର୍ବକଳ୍ପିତ, ପୂର୍ବକୃତ, ପୂର୍ବଗାମୀ, ଗତ ।

Foreground, *n.* ଛବିର ଅଗ୍ର ଭୂମି ।

Forehanded, *a.* 1. ସମୟୋଚିତ, ସାମୟିକ; 2. ସମ୍ପନ୍ନଶାଳୀ, ଧନବାନ୍, ମିତବ୍ୟୟୀ ।

Forehead, *n.* 1. କପାଳ, ଲଲାଟ, ଭାଲ; 2. ଦୁଃସାହସ ।

Foreign, *a.* 1. ବିଦେଶୀୟ, ବୈଦେଶିକ, ପରଦେଶୀୟ, ଅନ୍ୟ ଦେଶୀୟ; 2. ବିଦେଶଗତ, ବିଦେଶରୁ ଆଗତ, ବିଦେଶୋଦ୍ଭବ; 3. ଅସ୍ୱାଭାବିକ, ଅନ୍ୟ; 4. ଅସଙ୍ଗତ, ଅସମ୍ବନ୍ଧୀୟ, ଅସମ୍ପର୍କୀୟ ।

Foreigner, *n.* ବିଦେଶୀ, ବିଦେଶୀୟ ଲୋକ, ପରଦେଶିକ ।

Foreignness, *n.* 1. ବିଦେଶୀୟ ଭାବ; 2. ଅସମ୍ପର୍କ, ଅସଙ୍ଗତତା ।

Forejudge, *v.t.* ପ୍ରମାଣାଦି ଶୁଣିବା ପୂର୍ବରୁ ବିଚାର-କ ।

Foreknow, *v.t.* ପୂର୍ବରୁ ଜାଣିବା, ପୂର୍ବରୁ ବୋଧ-କ, ଭାବୀ ବିଷୟ ଜାଣିବା ।

Foreknowable, *a.* ପୂର୍ବରୁ ଜ୍ଞେୟ ।

Foreknowledge, *n.* 1. ପୂର୍ବଜ୍ଞାନ, ଭବିବୋଧ, ଭବିଜ୍ଞାନ, ପୂର୍ବଦୃଷ୍ଟି; 2. ଈଶ୍ୱରଙ୍କର ପୂର୍ବଜ୍ଞାନ, ଭାବୀ ବିଷୟରେ ଈଶ୍ୱରଙ୍କର ସର୍ବଜ୍ଞତା ।

Foreland, *n.* ଅନ୍ତରୀପ, ଭୂମିନାସିକା ।

Forelock, *n.* ଲଲାଟକେଶ, ଅଗ୍ରଶିଖା, ବିଶେଷତଃ ଅଶ୍ୱର ମସ୍ତକାଗ୍ରକେଶ, ଝୁଲପି ।—To take time by the forelock, ସୁବିଧା ଛାଡ଼ି ନ ଦେବା, କାର୍ଯ୍ୟରେ ପ୍ରସ୍ତୁତ ହେବା ।

Foreman, *n.* 1. ପ୍ରଧାନ ଲୋକ, ସରଦାର, ପ୍ରଧାନ କର୍ମଚାରୀ, ତତ୍ତ୍ୱାବଧାରକ; 2. ଜୁରିର ମୁଖିଆ ।

Foremast, *n.* ଅଗ୍ରବର୍ତ୍ତୀ ମାସ୍ତୁଲ ।

Forementioned, Forenamed, *a.* ପୂର୍ବ କଥିତ, ପୂର୍ବୋକ୍ତ, ପୂର୍ବୋଲ୍ଲିଖିତ । [ଶ୍ରେଷ୍ଠ ।

Foremost, *a.* ଅଗ୍ରସ୍ଥିତ, ପ୍ରଧାନ, ଅଗ୍ରଗଣ୍ୟ, ପ୍ରଥମ,

Forenoon, *n.* ସକାଳବେଳି, ପୂର୍ବାହ୍ନ ।

Forensic, *a.* ଅଦାଲତସମ୍ବନ୍ଧୀୟ, ଅଦାଲତରେ ବ୍ୟବହୃତ ।

Forensic Medicine, ଅପରାଧ ପ୍ରମାଣାର୍ଥ ଔଷଧବିଦ୍ୟା ।

Foreordain, *v.t.* ପୂର୍ବରୁ କଳ୍ପନା-କ, ପୂର୍ବରୁ ସ୍ଥିର-କ ।

Foreordination, *n.* ପୂର୍ବକଳ୍ପନା, ପୂର୍ବରୁ ସ୍ଥିରକରଣ ।

Forepart, *n.* ଅଗ୍ରଭାଗ, ପ୍ରଥମଭାଗ, ଆରମ୍ଭ ।

Forerun, *v.t.* 1. ଆଗରେ ଦୌଡ଼ିବା; 2. ପୂର୍ବସୂଚନା-କ, ଆଗରୁ ଜଣାଇବା ।

Forerunner, *n.* 1. ଅଗ୍ରଗାମୀ ଲୋକ, ଅଗ୍ରସର, ଅଗ୍ରଗ, ଅଗ୍ରଗାମୀ ଦୂତ, ଉଗିର; 2. ପୂର୍ବଲକ୍ଷଣ, ଭାବିଲକ୍ଷଣ ।

Foresaid, *p.a.* ପୂର୍ବୋକ୍ତ ।

Foresee, *v.t.* ପୂର୍ବରୁ ଦେଖିବା, ଭାବିଦର୍ଶନ-କ, ପୂର୍ବରୁ ଜାଣିବା, ପୂର୍ବରୁ ଠଉରାଇବା, ଦୂରଦର୍ଶନ-କ ।

Foreshadow, *v.t.* ଲକ୍ଷଣ ଦ୍ୱାରା ପୂର୍ବରୁ ପ୍ରକାଶ-କ, ପୂର୍ବସୂଚନା-କ ।

Foreshore, *n.* ଜଳ ମାଡ଼ିବା ଓ ଘୁଞ୍ଚି ଯିବାର ସମୁଦ୍ରକୂଳ ।

Foreshorten, *v.t.* ଚିତ୍ରପଟରେ ପ୍ରକୃତ ଆକୃତ ଦେଖାଇବା ଅର୍ଥରେ କୌଣସି ଅଙ୍ଗକୁ ଦୁସ୍ୱ କରି ଅଙ୍କିତ-କ ।

Foreshow, Foreshew, *v.t.* ପୂର୍ବରୁ ଦେଖାଇବା, ଭବିଦର୍ଶାଇବା, ପୂର୍ବସୂଚନା-କ, ପୂର୍ବରୁ କହିବା ।

Foresight, *n.* 1. ଭବିଦର୍ଶନ, ଦୂରଦର୍ଶନ, ପୂର୍ବଜ୍ଞାନ, ଭବିଜ୍ଞାନ; 2. ପରିଣାମଦର୍ଶିତା ।

Foreskin, *n.* ଲିଙ୍ଗାଗ୍ରତ୍ୱକ୍, ପୁରୁଷାଙ୍ଗର ଅଗ୍ରଚର୍ମ ।

Forest, *n.* ବଣ, ବନ, ଜଙ୍ଗଲ, ଅରଣ୍ୟ, କାନନ ।—*a.* ବନ୍ୟ, ଅରଣ୍ୟକ, ବନୋଦ୍ଭବ, ଅରଣ୍ୟଜ ।—*v.t.* ବନରେ ପରିଣତ-କ, ଜଙ୍ଗଲ-କ ।

Forestal, *a.* ବନସମ୍ବନ୍ଧୀୟ, ଜଙ୍ଗଲସମ୍ବନ୍ଧୀୟ, ଜଙ୍ଗଲରୁ ପ୍ରାପ୍ତ ।

Forestall, *v.t.* (ବେଶି ଦରରେ ବିକିବା ନିମନ୍ତେ ଦ୍ରବ୍ୟାଦି ହାଟକୁ ଆସିବା ପୂର୍ବେ କ୍ରୟ-କ) 1. ଆଗେ ଦଖଲ-କ; 2. କଳ୍ପିତ ସମୟ ପୂର୍ବରୁ ଗ୍ରହଣ-କ, ଆଗରୁ ପ୍ରତିରୋଧ-କ ।

Forester, *n.* 1. ବନରକ୍ଷକ, ବନାଧ୍ୟକ୍ଷ; 2. ବନବାସୀ, ଅରଣ୍ୟବାସୀ ।

Forestine, *a.* 1. ବନସମ୍ବନ୍ଧୀୟ; 2. ବନ୍ୟ, ବନରେ ଜାତ ।

Forestry, *n.* ବନରକ୍ଷାର ବିଦ୍ୟା ।

Forest-tree, *n.* ବନବୃକ୍ଷ, କାଠଗଛ ।

Foretaste, *n.* ପୂର୍ବାନୁଭବ, ପୂର୍ବାସ୍ୱାଦନ, ଅପେକ୍ଷାରେ ଅନୁଭବ, ଭବିବୋଧ ।—*v.t.* ଗ୍ରହଣ ପୂର୍ବରୁ ଆସ୍ୱାଦନ-କ, ପୂର୍ବାସ୍ୱାଦନ-କ, ପୂର୍ବରୁ ଚାଖିବା, ପୂର୍ବାନୁଭବ-କ, ଅପେକ୍ଷା-କ ।

Foretell, *v.t.* ପୂର୍ବରୁ କହିବା, ଆଗତ କହିବା ।—*v.i.* ଭବିଷ୍ୟଦ୍ବାଣୀ କହିବା, ଭବିଷ୍ୟତ୍ ବିଷୟ କହିବା ।

Forethought *n.* 1. ପୂର୍ବଚିନ୍ତା, ପୂର୍ବବିଚାର; 2. ପରିଣାମଦର୍ଶିତା ।

**Foretoken**, *v.t.* ପୂର୍ବସୂଚନା-କ, ପୂର୍ବରୁ ଦର୍ଶାଇବା ।—*n.* ପୂର୍ବଲକ୍ଷଣ, ପୂର୍ବସୂଚନା ।

**Foretooth**, *n.* ସମ୍ମୁଖ ଦାନ୍ତ, ଅଗ୍ରଦନ୍ତ ।

**Foretop** *n.* 1. ଲଲାଟକେଶ, ଅଗ୍ରଶିଖା, କପୋଳଦେଶ ଅଣ୍ଡର ଝୁଲିଥି ; 2. (ଜାହାଜ କଥାରେ) ଅଗ ମାସ୍ତୁଲର ଉପରସ୍ଥିତ ମଞ୍ଚ ।

**Forever**, *ad.* 1. ନିତ୍ୟ, ନିରନ୍ତର, ସର୍ବଦା ; 2. ଅନନ୍ତକାଳ ଯାଏ, ଚିରକାଳ ପର୍ଯ୍ୟନ୍ତ ।—*n.* ଚିରକାଳ, ଅନନ୍ତକାଳ ।

**Forewarn**, *v.t.* ପୂର୍ବରୁ ଚେତାଇବା, ପୂର୍ବରୁ ସାବଧାନ କରାଇବା, ପୂର୍ବରୁ ସତର୍କ-କ, ପୂର୍ବରୁ ଜଣାଇବା ।

**Forewoman**, *n.* କାରଖାନା ଆଦିରେ ତତ୍ତ୍ୱାବଧାରକା ସ୍ତ୍ରୀ ।

**Forfeit**, *v.t.* ଦୋଷାଦି ହେତୁ ସ୍ୱତ୍ୱ ହରାଇବା, ହରାଇବା ।—*n.* 1. ଦୋଷାଦି ହେତୁ ହରାଇବା ବସ୍ତୁ, ଅର୍ଥଦଣ୍ଡ, ଜରିମାନା, ଗୁଣାଗାର; 2. ଖେଳରେ ଦଣ୍ଡବିଶେଷ ।

**Forfeitable**, *a.* ଅପହରଣୀୟ, ଜବ୍ଦ ହେବାଯୋଗ୍ୟ ।

**Forfeiture**, *n.* ଦୋଷ ହେତୁ ଅଧିକାରଚ୍ୟୁତ, ଅଧିକାରଲୋପ, ଅର୍ଥଦଣ୍ଡ, ଦଣ୍ଡ ।

**Forfend**, *v.t.* ନିବାରଣ-କ ।

**Forgave**, *pret.* of *Forgive*.

**Forge**, (1) *v.t.* 1. ଗଢ଼ିବା, ଗଠନ-କ; 2. ତାପ ଓ ପିଟିବା ଦ୍ୱାରା ଗଢ଼ିବା ; 3. ଜାଲ୍-କ ।—*v.i.* ଜାଲ୍‌ସାଜି-କ ।—*n.* 1. କମାରର ଭାଟି ; 2. କମାରଶାଳ ।

**Forge**, (2) *v.t.* (ଜାହାଜ କଥାରେ) ଧୀରେ ଓ କଷ୍ଟରେ ଚଳିବା, with *ahead*, *off*, *past* &c.

**Forger**, *n.* 1. ଯେ ଗଢ଼େ, କମାର; 2. ଜାଲ୍ କରିବା ଲୋକ ।

**Forgery**, 1. ଜାଲ୍‌କରଣ, ଜାଲ୍‌ସାଜି, ଜାଲ୍ ଅପରାଧ, ଜାଲ୍ ; 2. ମେକିକାକରଣ ; 3. ଜାଲ୍ ସ୍ୱାକ୍ଷରଯୁକ୍ତ କୃତ୍ରିମ କାଗଜ, କୃତ୍ରିମ ଲିପି ।

**Forget**, *v.t.* 1. ପାସୋରିବା, ପାସୋରି ଯିବା, ଭୁଲି ଯିବା, ମନରେ ନ ରଖିବା, ସ୍ମରଣ ନ କରିବା ; 2. ପାସୋରି ପକାଇବା, ଅବହେଳା-କ ।

**Forgetful**, *a.* 1. ବିସ୍ମରଣଶୀଳ, ଲୁପ୍ତସ୍ମୃତି; 2. ଅମନୋଯୋଗୀ, ଅନବହିତ, ବିସ୍ମାରକ ।

**Forgetfully**, *ad.* 1. ବିସ୍ମରଣଶୀଳରୂପେ; 2. ଅମନୋଯୋଗିରୂପେ, ବିସ୍ମାରକରୂପେ ।

**Forgetfulness**, *n.* 1. ବିସ୍ମରଣଶୀଳତା ; 2. ବିସ୍ମୃତି, ବିସ୍ମରଣ ; 3. ଅବହେଳା, ଅମନୋଯୋଗ, ଅନବଧାନ ।

**Forget-me-not**, *n.* ନୀଳପୁଷ୍ପଯୁକ୍ତ ବୃକ୍ଷବିଶେଷ ।

**Forging**, *n.* ପିଟିବା ଦ୍ୱାରା ଗଢ଼ା ଧାତୁ ।

**Forgivable**, *a.* ମାର୍ଜନୀୟ, କ୍ଷମାଯୋଗ୍ୟ, କ୍ଷମ୍ୟ ।

**Forgive**, *v.t.* 1. କ୍ଷମା-କ, ମାର୍ଜନା-କ, ମୋଚନ-କ, ମାଫ-କ; 2. ଛାଡ଼ି-ଦେ ; 3. ଉପେକ୍ଷା-କ ।

**Forgiveness**, *n.* 1. କ୍ଷମାକରଣ, କ୍ଷମା, ଅପରାଧମାର୍ଜନ, ମୋଚନ ; 2. କ୍ଷମାଶୀଳତା ।

**Forgiving**, *a.* କ୍ଷମାଶୀଳ, କ୍ଷମାବାନ୍, ଦୟାଳୁ ।

**Forgo, Forego**, *v.t.* ଭୋଗ ନ କରିବା, ଛାଡ଼ି-ଦେ, ତ୍ୟାଗ-କ ।

**Forgot, Forgotten**, past *p.* or *a.* from *Forget*.

**Fork**, *n.* 1. କଣ୍ଟା, ମେଜର କଣ୍ଟା ; 2. କଣ୍ଟାକୃତି ପଦାର୍ଥ ; 3. ଡାଳର ଫେଙ୍କା ; 4. ନଦୀ ଆଦିର ବିଭାଗ ସ୍ଥାନ ।—*v.i.* ଡାଳର ଫେଙ୍କା ବାହାରିବା, ଦୁଇ ଶାଖାଯୁକ୍ତ-ହେ ।—*v.t.* 1. କଣ୍ଟା ଦ୍ୱାରା ଉଠାଇବା ; 2. କଣ୍ଟା ଦ୍ୱାରା ଖୋଳିବା ; 3. କଣ୍ଟାପରି ମୁନିଆ-କ ।

**Forked**, *a.* କଣ୍ଟାଯୁକ୍ତ, କଣ୍ଟାପରି ବକ୍ର, କଣ୍ଟାବନ୍ତ, କଣ୍ଟାକାର, ଦୁଇ ଫେଙ୍କିଆ ।

**Forlorn**, *a.* 1. ନିଃସହାୟ, ଅନାଥ, ନିରାଶ୍ରୟ, ଏକା, ବର୍ଜିତ ; 2. ବିପଦାପନ୍ନ, ନିରାଶ ।—**Forlorn hope**, 1. ବିଶେଷ ବିପଦରେ ଆଗରେ ନିଯୁକ୍ତ ସୈନ୍ୟଦଳ ; 2. ଆଶାଶୂନ୍ୟ ମନୋଦ୍ୟମ ।

**Forlornly**, *ad.* ନିଃସହାୟରୂପେ, ଅନାଥରୂପେ, ନିରାଶ୍ରୟରୂପେ ।

**Form**, 1. ଆକାର, ଅବୟବ ; 2. କ୍ରିୟାକୃତ ରୀତି, ନିୟମ, ସୂତ୍ର ; 3. କ୍ରିୟାକଳାପ ; 4. ଆକୃତି, ରୂପ, ଡୌଲ, ଗଠନ ; 5. ପ୍ରକାର; 6. ବିନ୍ୟାସ ; 7. ଛାଞ୍ଚ, ନମୁନା ; 8. ପ୍ରଣାଳୀ, ଧାରା ; 9. ଅବସ୍ଥା ; 10. ଆସର ; 11. ଲମ୍ବକାଷ୍ଠାସନ, ବେଞ୍ଚ ; 12. ବିଦ୍ୟାଳୟର ଶ୍ରେଣୀ, ବର୍ଗ ; 13. ଏକାଥରକେ ଛପାହେବା ପୃଷ୍ଠାମାନ, ଫରମା ; 14. ଠେକୁଆର ବସା ।—*v.t.* 1. ନିର୍ମାଣ-କ, ଗଢ଼ିବା, ବନାଇବା, ଗଠନ-କ ; 2. କରିବା, କଳ୍ପନା-କ ; 3. ବିନ୍ୟାସ-କ ।—*v.i.* ଆକାର ଧରିବା ।

**Formal**, *a.* 1. ବାହ୍ୟିକ; 2. ରୀତ୍ୟନୁଯାୟୀ, ଯଥାବିଧି, ବିଧ୍ୟନୁରୂପେ, ବିଧ୍ୟନୁଗାମୀ, ଧାରାମତ ; 3. ଅତ୍ୟନ୍ତ ଠିକ୍, ବାହ୍ୟାଡମ୍ବରପ୍ରିୟ, ଅନଭିଜ୍ଞ ।

**Formalism**. *n.* ବାହ୍ୟ ଲୌକାଚାରପ୍ରିୟତା, ବାହ୍ୟ ଧର୍ମ ।

**Formalist**, *n.* ବାହ୍ୟ ଲୌକାଚାରପ୍ରିୟ ଲୋକ, ଲୌକିକତାପର, ବାହ୍ୟ ଧର୍ମପର ।

**Formality** *n.* 1. ବାହ୍ୟ ଲୌକାଚାରପ୍ରିୟତା ; 2. ବାହ୍ୟ ବ୍ୟବହାର, ବାହ୍ୟ ଲୌକାଚାର, କାପଟ୍ୟ ; 3. ପ୍ରଚଳିତାଚାର, ବିଧି, ଦସ୍ତୁର, ଧାରା ।

**Formally**, *ad.* 1. ନିୟମାନୁସାରେ, ସୁଷ୍ଠୁରୂପେ; 2. ଯଥାବିଧି, ରୀତିମତେ ।

**Formation**, *n.* 1. ନିର୍ମାଣ, ଉତ୍ପାଦନ ; 2. ଗଠନ, ଗଢ଼ଣ; 3. ରଚନା ; 4. ଶୈଳାଦିର ସାମୟିକ ସଂସ୍ଥାନ ; 5. (ସୈନ୍ୟର) ବିନ୍ୟାସ ।

**Formative**, *a.* ନିର୍ମିତା, ଗଠନକାରୀ, ଗଠନକ୍ଷମ ।—*n.* ଯାହା ଯୁକ୍ତ ହେଲେ ଶବ୍ଦର ନୂତନ ଅର୍ଥ ହୁଏ, ଉପସର୍ଗ, ପ୍ରତ୍ୟୟ ।

**Former**, *a.* 1. ପୂର୍ବ; 2. ପ୍ରଥମ ; 3. ପୂର୍ବକାଳୀନ, ଗତକାଳୀନ, ପ୍ରାଚୀନ, ଆଦ୍ୟ, ଆଦିମ ; 4. ପୂର୍ବୋକ୍ତ, ପୂର୍ବୋଲ୍ଲିଖିତ ।

**Formerly**, *ad.* ପୂର୍ବକାଳେ, ପୂର୍ବେ, ଗତକାଳେ, ପ୍ରାଚୀନ [କାଳରେ ।

Formidable, *a.* 1. ଭୟାନକ, ଶଙ୍କାଜନକ, ଭୀଷଣ; 2. ଦୁଃସାଧ୍ୟ, ଦୁର୍ଜ୍ଜୟ; 3. ନିରୁତ୍ସାହଜନକ ।

Formidableness, *n.* ଭୟାନକତା, ଗୁରୁତା, ଦୁଃସାଧ୍ୟତା ।

Formidably, *ad.* ଭୟଜନକରୂପେ, ଶଙ୍କାଜନକରୂପେ, ଦୁଃସାଧ୍ୟରୂପେ ।

Formless, *a.* ଅବୟବହୀନ, ଆକୃତିରହିତ, ନିରାକାର ।

Formula, *n.* (*pl.* Formulæ,) 1. ସୂତ୍ର, ବିଧି; 2. ଧର୍ମମତ ସ୍ୱୀକାର; 3. ପଟସୂତ୍ର, ନିୟମ, ଧାରା; 4. ରାସାୟନିକ ଉପାଦାନର ସାଙ୍କେତିକ ସୂତ୍ର ।

Formulary, *n.* 1. ବିଧିଗ୍ରନ୍ଥ, ବ୍ୟବହାରସଂଗ୍ରହ; 2. କର୍ମକାଣ୍ଡପୁସ୍ତକ; 3. ବିଧି ।—*a.* 1. ନିୟମରୂପେ ନିର୍ଦ୍ଧାରିତ, ପ୍ରକାଶିତ; 2. ବିଧ୍ୟନୁରୂପ ।

Formulate, Formularise, Formulise, *v.t.* ସୂତ୍ରରେ ପ୍ରକାଶ-କ, ସୂତ୍ରରେ ପରିଣତ-କ, ଠିକ୍ ଓ ସଂକ୍ଷିପ୍ତ ଉକ୍ତିରେ ପ୍ରକାଶ-କ, ଠିକ ବର୍ଣ୍ଣନା-କ ।

Fornicate, *v.i.* ବେଶ୍ୟାଗମନ-କ, ବ୍ୟଭିଚାର-କ, ଅନୂଢାଗମନ-କ ।

Fornication, *n.* 1. ବେଶ୍ୟାଗମନ, ବ୍ୟଭିଚାର, ଅନୂଢାଗମନ, ଲମ୍ପଟତା; 2. ପରଦାର; 3. ଦେବପୂଜା ।

Fornicator, *n.* ବେଶ୍ୟାଗାମୀ, ଅନୂଢାଗାମୀ, ବ୍ୟଭିଚାରକ, ଲମ୍ପଟ । [କୁଳଟା ।

Fornicatress, *n.* ବ୍ୟଭିଚାରିଣୀ, ପରପୁରୁଷଗାମିନୀ,

Forsake, *v.t.* ପରିତ୍ୟାଗ-କ, ଛାଡ଼ି-ଦେ, ବର୍ଜ୍ଜନ-କ ।

Forsooth, *ad.* ସତ୍ୟ, ସତ, ଠିକ୍, (chiefly used in irony.)

Forswear, *v.t.* 1. ଶପଥପୂର୍ବକ ତ୍ୟାଗ-କ; 2. ଶପଥ କରି ଅସ୍ୱୀକାର-କ ।—*v.i.* ମିଥ୍ୟାଶପଥ-କ ।

Fort, Fortress, *n.* ଗଡ଼, କିଲ୍ଲା, ଦୁର୍ଗ, କୋଟ ।

Forte, *ad.* *fōr-tā*, (ବାଦ୍ୟାଦି ସମ୍ବନ୍ଧରେ), ଉଚ୍ଚୈଃସ୍ୱରେ, ବଳରେ ।

Forte, *n.* *fōrt*, 1. ଖଡ୍ଗର ଟାଣ ଭାଗ; 2. ବିଶେଷ ଗୁଣ, ଶ୍ରେଷ୍ଠଗୁଣ, ପ୍ରଧାନଗୁଣ ।

Forth, *ad.* 1. ଆଗେ, ଅଗ୍ରେ; 2. ବାହାରେ, ବାହାରକୁ ।

Forthcoming, *a.* ଆଗାମୀ, ଆସନ୍ତା, ଉପସ୍ଥିତବ୍ୟ, ପ୍ରକାଶୋନ୍ମୁଖ ।—*n.* ଆଗମନ ।

Forthgoing, *n.* ନିର୍ଗମନ, ଉଚ୍ଚାରଣ ।—*a.* ନିର୍ଗମନକାରୀ । [ଅବିଳମ୍ବେ ।

Forthright, *ad.* 1. ଅବକ୍ରରୂପେ, ସରଳଭାବେ; 2.

Forthwith, *ad.* ଅବିଳମ୍ବେ, ଅନନ୍ତର, ସେହିକ୍ଷଣେ, ତତ୍କ୍ଷଣାତ୍ ।

Fortieth, *a.* ଚତ୍ୱାରିଂଶତ୍ତମ, ଚତ୍ୱାରିଂଶ ।—*n.* ଚତ୍ୱାରିଂଶ ଭାଗ ।

Fortifiable, *a.* ଗଡ଼ବନ୍ଦି ହେବା ଯୋଗ୍ୟ ।

Fortification *n.* 1. ଗଡ଼ବନ୍ଦି, ଗଡ଼ବନ୍ଦିବିଦ୍ୟା, ଦୁର୍ଗନିର୍ମାଣବିଦ୍ୟା; 2. ପ୍ରାଚୀର, ପରିଖା, କିଲ୍ଲା, ଦୁର୍ଗ, ଗଡ଼; 3. ବଳବୃଦ୍ଧି ।

Fortify, *v.t.* 1. ସବଳ-କ, ଦୃଢ଼-କ; 2. ଗଡ଼ବନ୍ଦି-କ, ଦୁର୍ଗ ନିର୍ମାଣ-କ; 3. ସୁରା ଦ୍ୱାରା (ଦ୍ରାକ୍ଷାରସର) ତେଜ ବୃଦ୍ଧି-କ ।

Fortitude, *n.* ଧୈର୍ଯ୍ୟଯୁକ୍ତ ସାହସ, ଦୃଢ଼ ସହିଷ୍ଣୁତା, ମନର ଦୃଢ଼ତା ।

Fortlet, *n.* କ୍ଷୁଦ୍ରଦୁର୍ଗ ।

Fortnight, *n.* ଏକପକ୍ଷ, ଦୁଇ ସପ୍ତାହ, ମାସାର୍ଦ୍ଧ ।

Fortnightly, *ad.* ପ୍ରତ୍ୟେକ ପକ୍ଷରେ, ଦୁଇ ସପ୍ତାହରେ ଥରେ ।—*a.* ପାକ୍ଷିକ, ଦ୍ୱିସାପ୍ତାହିକ, ଅର୍ଦ୍ଧମାସିକ ।

Fortuitous, *a.* ଅଜ୍ଞାତ କାରଣରୁ ଘଟିତ, ଦୈବଘଟିତ, ଦୈବକ, ଦୈବୀ ।

Fortuitously, *ad*, ଦୈବାତ୍, ଦୈବଘଟିତରୂପେ, ଦୈବକରୂପେ, ଦୈବଯୋଗେ ।

Fortuitousness, Fortuity, *n.* ଦୈବଘଟନା, ଦୈବଯୋଗ ।

Fortunate, *a.* 1. ଭାଗ୍ୟବାନ, ସୌଭାଗ୍ୟବନ୍ତ, ସୌଭାଗ୍ୟଶାଳୀ, ସୁଭଗ, କପାଳିଆ; 2. ଶୁଭ, ମଙ୍ଗଳଜନକ ।

Fortunately, *ad.* ସୌଭାଗ୍ୟକ୍ରମେ, ଶୁଭାଦୃଷ୍ଟକ୍ରମେ ।

Fortune, *n.* 1. ଭାଗ୍ୟ; 2. ସମ୍ପତ୍ତି, ଧନ, ଲକ୍ଷ୍ମୀ; 3. ଅଦୃଷ୍ଟ, କପାଳ, ଦୈବ; 4. ଜୀବନର ଭାବୀ ଘଟଣା, ଭବିତବ୍ୟତା ।

Fortune-hunter, *n.* ବିବାହ ସମୟରେ ଧନ ଅନ୍ୱେଷଣକାରୀ, ଧନାନୁସନ୍ଧାୟୀ ।

Fortune-teller, *n.* ଗଣକ, ଦୈବଜ୍ଞ, ଭାଗ୍ୟଦର୍ଶୀ ।

Fortune-telling, *n.* ଶୁଭାଶୁଭକଥନ ।

Forty, *a.* ଚାଳିଶ ।—*n.* ଚାଳିଶ ସଂଖ୍ୟା, ଚାଳିଶ ଅଙ୍କ, ଚତ୍ୱାରିଂଶତ୍ ।

Forum, *n.* 1. ତଳ, ପ୍ରାଚୀନ ରୋମ ନଗରର ବିଚାରସ୍ଥାନ; 2. ବିଚାରସ୍ଥାନ, ପ୍ରକାଶ୍ୟ ସଭାସ୍ଥଳ ।

Forward, *ad.* ଆଗେ, ଅଗ୍ରେ, ଆଗକୁ ।—*a.* 1. ଅଗ୍ରସ୍ଥିତ, ଅଗ୍ରବର୍ତ୍ତୀ; 2. ଅଗ୍ରଗାମୀ, ଅଗ୍ରସର; 3. ଉଦ୍ୟତ, ଉତ୍ସୁକ, ବ୍ୟଗ୍ର, ଚଞ୍ଚଳ, ଦୁଃସାହସୀ, ପ୍ରଗଲ୍ଭ, ନିର୍ଲଜ୍ଜ ।—*v.t.* 1. ସାହାଯ୍ୟ-କ, ସହାୟତା-କ; 2. ଶୀଘ୍ରଗତ କରାଇବା, ଶୀଘ୍ର ବୃଦ୍ଧି କରାଇବା; 3. ପଠାଇବା, ପ୍ରେରଣ-କ ।

Forwardly, *ad.* 1. ଅଗ୍ରବର୍ତ୍ତିରୂପେ; 2. ଉଦ୍ୟତଭାବେ, ବ୍ୟଗ୍ରଭାବେ, ଚଞ୍ଚଳଭାବେ, ଦୁଃସାହସିରୂପେ, ନିର୍ଲଜ୍ଜଭାବେ ।

Forwardness, *n.* 1. ଅଗ୍ରବର୍ତ୍ତିତ୍ୱ; 2. ପ୍ରସ୍ତୁତତା, ବ୍ୟଗ୍ରତା, ଦୁଃସାହସିକତା, ପ୍ରଗଲ୍ଭତା, ନିର୍ଲଜ୍ଜତା; 3. ଅଗ୍ରଗାମିତ୍ୱ, ଅଗ୍ରସରତା ।

Forwards, *ad.* ଆଗେ, ଅଗ୍ରେ ।

Fosse, Foss, *n.* ଗଡ଼ଖାଇ, ଖାତ, ପରିଖା ।

Fossil, *a.* 1. ମାଟିରୁ ଖୋଳା; 2. ଭୂଗର୍ଭରେ ପୋତା ହୋଇ ରକ୍ଷିତ; 3. ପ୍ରସ୍ତରୀଭୂତ; 4. ଅପ୍ରଚଳିତ ।—*n.* 1. ମାଟିରୁ ଖୋଳା ପଦାର୍ଥ, ଉଦ୍ଭିଦ ଦ୍ରବ୍ୟ; 2. ଭୂଗର୍ଭରେ ପୋତା ହେବା ଦ୍ୱାରା ରକ୍ଷିତ ପଦାର୍ଥ, (ଯଥା,—ପ୍ରସ୍ତର

ଉଦ୍ଭିଦ ବା ପଶୁ ଆଦି, ପ୍ରସ୍ତରୀଭୂତ ଭୂଗର୍ଭସ୍ଥ ପଦାର୍ଥ ; 3. ପୁରୁଣାଧରଣର ଲୋକ, ।
**Fossiliferous**, *a.* ପ୍ରସ୍ତରୀଭୂତ ଭୂଗର୍ଭସ୍ଥ ପଦାର୍ଥଉତ୍ପାଦକ, ପ୍ରସ୍ତରୀଭୂତ ଭୂଗର୍ଭସ୍ଥ ପଦାର୍ଥପୂର୍ଣ୍ଣ ।
**Fossilisation**, *n.* ପ୍ରସ୍ତରୀଭୂତକରଣ, ପ୍ରସ୍ତରୀଭୂତାବସ୍ଥା ।
**Fossilise**, *v.t.* 1. ପ୍ରସ୍ତରୀଭୂତାବସ୍ଥାରେ ପରିଣତ-କ ; 2. ଚିରସ୍ଥାୟୀରୂପେ ସ୍ଥିରୀକୃତ-କ, ଅପ୍ରଚଳିତ-କ ।—*v.i.* 1. ପ୍ରସ୍ତରୀଭୂତାବସ୍ଥାରେ ପରିଣତ-ହେ ; 2. ପୁରୁଣାଧରଣ ହୋଇପଡିବା ।
**Fossorial**, *a.* ଗର୍ତ୍ତକାରୀ ; *n.* ଗର୍ତ୍ତକାରୀ ପଶୁ ।
**Foster**, *v.t.* 1. ପୋଷିବା, ପୋଷଣ-କ, ପ୍ରତିପାଳନ-କ ; 2. ବୃଦ୍ଧି କରାଇବା ; 3. ସାହାଯ୍ୟ-କ ।
**Foster-brother**, *n.* ପୋଷ୍ୟଭାଇ, ସପାଳିତ ଭ୍ରାତା ।
**Foster-child**, **Fosterling**, *n.* ପାଳିତ ପୁଅ ବା ଝିଅ, ପୋଷ୍ୟସନ୍ତାନ । [ଧାତ୍ରୀଝିଅ ।
**Foster-daughter**, *n.* ପୋଷ୍ୟକନ୍ୟା, ଧାଈର ଝିଅ,
**Fosterer**, *n.* ପ୍ରତିପୋଷକ ।
**Foster-father**, *n.* ପାଳକପିତା, ଅନ୍ନଦାତା ।
**Foster-mother**, *n.* ଧାଈମାଆ, ପାଳକମାତା, ଅନ୍ନଦାତ୍ରୀ ।
**Foster-sister**, *n.* ସପାଳିତା ଭଉଣୀ, ପୋଷ୍ୟା ଭଗ୍ନୀ ।
**Foster-son**, *n.* ଧାଈର ପୁଅ, ଧାତ୍ରୀପୁତ୍ର, ପାଳିତପୁଅ, ପୋଷ୍ୟପୁତ୍ର ।
**Fought**, *pret.* and past *p.* of *Fight.*
**Foul**, *a.* 1. ମଇଳା, ସମଳ, ଅଶୁଚି, ଅଶ୍ଳୀଳ, କଦର୍ଯ୍ୟ ; 2. ପ୍ରତିବାଧକ, ପ୍ରତିକୂଳ, ଅସୁନ୍ଦର, ମନ୍ଦ ; 3. ଜଡିତ, ଲୁବ୍ଧ ; 4. ଅନ୍ୟାଯ୍ୟ, ଅଯଥାର୍ଥ ।—To run or fall foul of, 1. ଆକ୍ରମଣ-କ ; 2. ଧକ୍କା ଲଗିବା, ଉପରେ ପଡିବା ।—*v.t.* 1. ମଇଳା-କ, ସମଳ-କ, କଳୁଷିତ-କ ; 2. ଧକ୍କା ମାରିବା ।—*v.i.* 1. ମଇଳା-ହେ ; 2. ଧକ୍କା ଲଗିବା, ଲୁବ୍ଧ-ହେ ।—*n.* 1. ଧକ୍କା ; 2. ଖେଳ ଆଦିରେ ଅନ୍ୟାୟ ।
**Foully**, *ad.* 1. ସମଳରୂପେ, ଅଶୁଚିଭାବେ, ଘୃଣ୍ୟଭାବେ, କଦର୍ଯ୍ୟଭାବେ ; 2. ଅନ୍ୟାଯ୍ୟରୂପେ, ଅଯଥାର୍ଥରୂପେ ।
**Foul-mouthed**, **Foul-spoken**, *a.* ଦୁର୍ମୁଖ, କୁବାକ୍ୟବାଦୀ, ଅଶ୍ଳୀଳଭାଷୀ ।
**Foulness**, *n.* 1. ସମଳତା, ଅଶୁଚିତା, ଘୃଣ୍ୟତା ; 2. ଅଯଥାର୍ଥତା, ଅନ୍ୟାୟ, ବିଶ୍ୱାସଘାତକତା ।
**Foumart**, *n.* ବନମାର୍ଜାର ।
**Found**, *pret.* and past *p.* of *Find.*
**Found**, (1) *v.t.* 1. ପତ୍ତନ-କ, ସ୍ଥାପନ-କ ; 2. ଆରମ୍ଭ-କ, ପ୍ରତିଷ୍ଠାପନ-କ ।—*v.i.* ନିର୍ଭର-କ, followed by *on* or *upon.*
**Found**, (2) *v.t.* ଛାଞ୍ଚରେ ଢାଳିବା, ଗଢିବା ।
**Foundation**, *n.* 1. ପତ୍ତନ, ସଂସ୍ଥାପନ ; 2. ମୂଳ ; 3. ଭିତ୍ତିମୂଳ, ମୂଳଦୁଆ, ବୁନିୟାଦ ; 4. ବୃତ୍ତି, ବୃତ୍ତିଯୁକ୍ତ ବିଦ୍ୟାଳୟ ଆଦି ।
**Foundationer**, *n.* ବୃତ୍ତିପ୍ରାପ୍ତ ଛାତ୍ର ।
**Foundation-stone**, *n.* ଭିତ୍ତିମୂଳର ପ୍ରଧାନ ପ୍ରସ୍ତର ।
**Founder**, (1) *n.* 1. ସ୍ଥାପକ, ଆଦିକର୍ତ୍ତା ; 2. ବୃତ୍ତିଦାତା ।
**Founder**, (2) *n.* ଛାଞ୍ଚରେ ଯେ ଢାଳେ ।
**Founder**, *v.i.* 1. ବୁଡି ଯିବା, ଜଳମଗ୍ନ-ହେ ; 2. ପତିତ-ହେ, ବିଫଳ ହେ, ନଷ୍ଟ-ହେ ; 3. ଛୋଟା-ହେ ।
**Foundery**, *n.* 1. ଛାଞ୍ଚରେ ଢାଳିବା କୌଶଳ ; 2. ଛାଞ୍ଚରେ ଢାଳିବା ଘର ।
**Foundling**, *n.* ଅରକ୍ଷିତ ପିଲା, ତ୍ୟକ୍ତ ଶିଶୁ ।
**Foundress**, *n.* ସ୍ଥାପୟିତ୍ରୀ, ଆଦିକର୍ତ୍ତ୍ରୀ, ବୃତ୍ତିଦାତ୍ରୀ ।
**Foundry**, *n.* ଛାଞ୍ଚରେ ଢାଳିବା ଘର, ଟଙ୍କଶାଳ ।
**Fount** *n.* (Poetical) ନିର୍ଝର ।
**Fount**, **Font**, *n.* ଏକପ୍ରକାରର ପୂରା ଛାପାକ୍ଷର ।
**Fountain**, *n.* 1. ନିର୍ଝର, ଝର, ଜଳାକର, ପ୍ରସ୍ରବଣ ; 2. କୃତ୍ରିମ ଜଳନିର୍ଝରଣ, ଧାରାଯନ୍ତ୍ର ; 3. ମୂଳ, ଉତ୍ପତ୍ତି-ସ୍ଥାନ ।
**Fountain-head**, *n.* ଉତ୍ପତ୍ତିସ୍ଥାନ, ମୂଳ ।
**Fountain-pen**, *n.* କାଳୀ ଝରଯୁକ୍ତ କଲମ ।
**Four**, *a.* ଚାରି, ଚତୁଷ୍ଟୟ ।—*n.* ଚାରି ଅଙ୍କ, ୪, ଚାରି ସଂଖ୍ୟା ।—On all fours, 1. ହାତ ଗୋଡରେ ; 2. ସର୍ବାଂଶରେ ସମାନ ।
**Fourfold**, *a.* ଚାରିଗୁଣ, ଚତୁର୍ଗୁଣ, ଚାରିପ୍ରସ୍ତ ।—*n.* ଚାରି ଗୁଣ ।
**Four-footed**, *a.* ଚାରିଗୋଡିଆ, ଚତୁଷ୍ପାଦ ।
**Four-in-hand**, *n.* ଚାରିଘୋଡାର ଗାଡିବିଶେଷ ।
**Four-poster**, *n.* ଚାରି କାଠଖୁମ୍ବଯୁକ୍ତ ବଡ ଖଟ ।
**Fourscore**, *a.* ଚାରିକୋଡି, ଅଶୀ ।—*n.* ଚାରିକୋଡି ସଂଖ୍ୟା ।
**Foursquare**, *a.* ସମଚତୁଷ୍କୋଣ ଓ ସମଚତୁର୍ଭୁଜ, ଚାରି-ଚୌରସ ।
**Fourteen**, *a.* ଚଉଦ, ଚତୁର୍ଦ୍ଦଶ ।—ଚଉଦ ଅଙ୍କ, ୧୪, ଚଉଦ ସଂଖ୍ୟା ।
**Fourteenth**, *a.* ଚତୁର୍ଦ୍ଦଶ, ଚତୁର୍ଦ୍ଦଶୀ ।—*n.* ଚତୁର୍ଦ୍ଦଶ ଭାଗ ।
**Fourth**, *a.* ଚତୁର୍ଥ, ଚୌଠ ।—*n.* ଚତୁର୍ଥାଂଶ, ଚତୁର୍ଥ ଭାଗ ।
**Fourthly**, *ad.* ଚତୁର୍ଥରେ, ଚତୁର୍ଥ ସ୍ଥାନରେ ।
**Four-wheeled**, *a.* ଚାରିଚକିଆ ।
**Four-wheeler**, *n.* ଚାରିଚକିଆ ଗାଡି ।
**Fowl**, *n.* 1. ପକ୍ଷୀ, ପକ୍ଷିସମୂହ, often unchanged in the *pl.* 2. କୁକୁଡା, ମୁରଗୀ, କୁକ୍କୁଟ ।—*v.i.* ବନ୍ୟ ପକ୍ଷୀ ଶିକାର-କ ।
**Fowler**, *n.* ଚଢେଇମାର, ବ୍ୟାଧ ।
**Fowling-piece**, *n.* ଶିକାରୀ ବନ୍ଧୁକ ।
**Fox**, *n.* 1. କୋକିଶିଆଳୀ, ଶୃଗାଳ, ଲୋମଶ ଶୃଗାଳ ; 2. ଧୂର୍ତ୍ତ ଲୋକ ।—*v.i.* ଛଳନା-କ ।
**Fox-brush**, *n.* କୋକିଶିଆଳିର ଲାଞ୍ଜ ।
**Fox-earth**, *n.* କୋକିଶିଆଳିର ଗର୍ତ୍ତ ।

Foxglove, *n.* ପୁଷ୍ପଗଛ ବିଶେଷ ।
Fox-hound, *n.* ଖେଙ୍କଶିଆଳୀ ଶିକାର କରିବା କୁକ୍କୁର ।
Fox-hunting, *n.* ଖେଙ୍କଶିଆଳୀର ଶିକାର ।
Foxy, *a.* 1. ଖେଙ୍କଶିଆଳୀବିଷୟକ, ଖେଙ୍କଶିଆଳୀ ପରି, ଧୂର୍ତ୍ତ, ସିଆଣା ; 2. ତାମ୍ରବର୍ଣ୍ଣ ; 3. କଡ଼ା, କଟୁ ।
Fracas, *n.* ଗଣ୍ଡଗୋଳ, ଦଙ୍ଗା, ଦ୍ୱନ୍ଦ୍ୱ, ଗୋଳମାଳ ।
Fraction, *n.* 1. ଭାଗ, ଅଂଶ, ଖଣ୍ଡ ; 2. ଭଗ୍ନାଂଶ, ଭଗ୍ନାଙ୍କ ।
Fractional, *a.* ଭଗ୍ନାଂଶସମ୍ବନ୍ଧୀୟ, ଭଗ୍ନାଙ୍କସମ୍ବନ୍ଧୀୟ ।
Fractious, *a.* ଉଦ୍ଧତ, ଚିଡ଼ଚିଡ଼ିଆ ।
Fractiously, *ad.* ଉଦ୍ଧତରୂପେ, ଚିଡ଼ଚିଡ଼ିଆରୂପେ ।
Fractiousness, *n.* ଉଦ୍ଧତସ୍ୱଭାବ, ଚିଡ଼ଚିଡ଼ିଆସ୍ୱଭାବ ।
Fracture, *n.* ଫାଟ, ଭେଦ, ଭଙ୍ଗ, ଅସ୍ଥି ଭଞ୍ଜନ ।—*v.t.* ଭାଙ୍ଗିବା, ହାଡ଼ ଭାଙ୍ଗିବା, ଭଞ୍ଜନ-କ ।
Fragile, *a.* 1. ଭଙ୍ଗୁର, ଭଞ୍ଜନଶୀଳ, ମଡ଼କା, ମଟ୍ଟା ; 2. ଦୁର୍ବଳ, କ୍ଷୀଣ ।
Fragileness, Fragility, *n.* 1. ଭଙ୍ଗୁରତା, ଭଞ୍ଜନଶୀଳତା, ମଟ୍ଟାଭାବ, ମଟକାଭାବ ; 2. ଦୁର୍ବଳତା ।
Fragment, *n.* ଖଣ୍ଡ, ଗୁଣ୍ଡା, ଭାଗ, ଅଂଶ, ଟୁକୁଡ଼ା ।
Fragmentarily, *ad.* ଖଣ୍ଡଖଣ୍ଡ ।
Fragmentariness, *n.* ଖଣ୍ଡଖଣ୍ଡ ଅବସ୍ଥା, ଭଗ୍ନାବସ୍ଥା ।
Fragmentary, Fragmental, *a.* ଖଣ୍ଡଖଣ୍ଡମୟ, ଗୁଣ୍ଡାମୟ, ଅସମ୍ପୂର୍ଣ୍ଣ ।
Fragrance, Fragrancy, *n.* ସୁଗନ୍ଧ, ସୌରଭ, ସୁବାସ ।
Fragrant, *a.* ସୁଗନ୍ଧି, ସୁଗନ୍ଧଯୁକ୍ତ, ସୁବାସିତ, ସୌରଭ- [ବିଶିଷ୍ଟ ।
Fragrantly, *ad.* ସୁଗନ୍ଧିରୂପେ, ସୁବାସିତରୂପେ ।
Frail, *a.* 1. ଭଙ୍ଗୁର, ଅଶକ୍ତ ; 2. ଦୁର୍ବଳ, ଚଞ୍ଚଳ ।
Frail, *n.* ନଳନିର୍ମିତ ଟୋକାଇ ।
Frailty, *n.* 1. ଭଙ୍ଗୁରତା ; 2. ଦୁର୍ବଳତା, ଚଞ୍ଚଳତା ; 3. ତ୍ରୁଟି ।
Frame, *v.t.* 1. ଗଢ଼ିବା, ନିର୍ମାଣ-କ, ରଚନା-କ, କଳ୍ପନା-କ ; 2. ଅନୁରୂପ-କ, ଯୋଗାଡ଼-କ, ଠିକ୍-କ ; 3. ଖୋଳରେ ରଖିବା ; 4. ଖଞ୍ଜିବା ।—*n.* 1. ଗଠନ, ଅବୟବ ; 2. ଢଙ୍ଗ, ଡୌଲ୍ ; 3. ଖଞ୍ଜ, ଖୋଳ, ଆଧାର, ଥାଟ, ଚୌକାଠ, ପଞ୍ଜ ; 4. ସ୍ୱଭାବ, ଭାବ, ଅବସ୍ଥା ।
Frame-saw, *n.* ଖୋଳଯୁକ୍ତ କରତ ।
Framework, *n.* 1. ଅଲମ୍ବାରକ ଖଞ୍ଜ ; 2. ଗଠନ ।
Framing, *n.* 1. ଖଞ୍ଜନିର୍ମାଣ ; 2. ଖଞ୍ଜ ; 3. ଘରର ମୋଟ କାଠକାମ ।
Franc, *n.* ଫ୍ରାନ୍ସ ଦେଶର ରୌପ୍ୟମୁଦ୍ରାବିଶେଷ, ପ୍ରାୟ ଅଠ ଅଣା ।
Franchise, *n.* 1. ରାଜନୈତିକ ଅଧିକାର ; 2. ପାର୍ଲିମେଣ୍ଟ ସଭ୍ୟର ସଭ୍ୟ ନିର୍ବାଚନାର୍ଥ ମତ ଦେବା ଅଧିକାର ; 3. ରାଜନୈତିକ ଅଧିକାରପ୍ରାପ୍ତ ସମ୍ପ୍ରଦାୟ ; 4. ବିଶେଷ ଅଧିକାରପ୍ରାପ୍ତ ପ୍ରଦେଶ ; 5. ଆଶ୍ରୟସ୍ଥାନ ।
Franciscan, *n.* ରୋମାନ୍ କାଥଲିକ୍ ମତର ଭିକ୍ଷୁକ ସନ୍ନ୍ୟାସିଦଳ ।
Frangiblity, *n.* ଭଙ୍ଗୁରତା, ଭଞ୍ଜନଶୀଳତା, ମଟ୍ଟାଭାବ ।
Frangible, *a.* ଭଙ୍ଗୁର, ଭଞ୍ଜନଶୀଳ, ମଟ୍ଟା ।
Frank, *a.* ସରଳ, ଅକପଟ, ଖୋଲା ।—*n.* 1. ଚିଠିର ମାଶୁଲମୁକ୍ତକାରୀ ଦସ୍ତଖତ ; 2. ବେମାଶୁଲ ଚିଠି ।—*v.t.* ମାଶୁଲମୁକ୍ତକାରୀ ଦସ୍ତଖତରେ (ଚିଠି) ପଠାଇବା, ବିନା ଖର୍ଚ୍ଚରେ ପଠାଇବା ।
Frankincense, *n.* କୁନ୍ଦୁରୁ, ଧୂପବିଶେଷ ।
Frankly, *ad.* ସରଳଭାବେ, ଅକପଟଭାବେ, ଖୋଲାଭାବେ ।
Frankness, *n.* ସରଳତା, ଅକାପଟ୍ୟ, ଖୋଲା ସ୍ୱଭାବ ।
Frantic, *a.* 1. ଉନ୍ମତ୍ତ, କ୍ଷିପ୍ତ, ପାଗଳ ; 2. ଉନ୍ମାଦସୂଚକ ।
Frantically, *ad.* ଉନ୍ମତ୍ତରୂପେ, କ୍ଷିପ୍ତରୂପେ ।
Fraternal, *a.* ଭାଇପରି, ଭ୍ରାତୃବତ୍, ଭ୍ରାତୀୟ ।
Fraternally, *ad.* ଭ୍ରାତୀୟଭାବେ, ଭ୍ରାତୃଭାବେ ।
Fraternity, *n.* 1. ଭାଇପଣିଆ, ଭ୍ରାତୃତ୍ୱ, ଭ୍ରାତୀୟ ଭାବ ; 2. ସମାଜ, ଦଳ, ସମ୍ପ୍ରଦାୟ ।
Fraternization, *n.* ଭ୍ରାତୀୟ ମେଳ ।
Fraternize, *v.i.* ଭ୍ରାତୃବତ୍ ମେଳ-ହେ, ଭାଇପରି ମିଳିବା ।
Fratricidal, *a.* ଭ୍ରାତୃହତ୍ୟାସମ୍ବନ୍ଧୀୟ, ଭ୍ରାତୃହତ୍ୟାକାରକ ।
Fratricide, *n.* 1. ଭ୍ରାତୃହତ୍ୟା, ଭ୍ରାତୃବଧ ; 2. ଭ୍ରାତୃଘାତକ, ଭ୍ରାତୃହନ୍ତା, ଭ୍ରାତୃଘ୍ନ ।
Fraud, *n.* 1. ପ୍ରତାରଣା, ପ୍ରବଞ୍ଚନା, ଛଳ, ବଞ୍ଚକତା, ଫାଙ୍କି ; 2. ପ୍ରବଞ୍ଚକ ; 3. ଠକିତ ଦ୍ରବ୍ୟ ।
Fraudful, *a.* ପ୍ରବଞ୍ଚନାପୂର୍ଣ୍ଣ, ଛଳପୂର୍ଣ୍ଣ ।
Fraudless, *a.* ପ୍ରବଞ୍ଚନାରହିତ, ଛଳରହିତ ।
Fraudlessly, *ad.* ପ୍ରବଞ୍ଚନାରହିତଭାବେ, ଛଳରହିତରୂପେ ।
Fraudulence, Fraudulency, *n.* କୁଟିଳତା, କାପଟ୍ୟ ।
Fraudulent, *a.* 1. ପ୍ରବଞ୍ଚନାପୂର୍ଣ୍ଣ, ଛଳପୂର୍ଣ୍ଣ ; 2. ପ୍ରବଞ୍ଚନାକାରୀ, ପ୍ରବଞ୍ଚକ, ଶଠ, କୁଟିଳ, ଅଯଥାର୍ଥ, କପଟ ।
Fraudulently, Fraudfully, *ad.* ଛଳପୂର୍ଣ୍ଣଭାବେ, କୁଟିଳଭାବେ, କପଟଭାବେ ।
Fraught, *a.* ପରିପୂର୍ଣ୍ଣ, ପୂର୍ଣ୍ଣ, ସଙ୍କୁଳ ।
Fray, *n.* ମରାମରି, ମାରପିଟ୍, ଦଙ୍ଗା, କଳହ ।
Fray, *v.t.* ଘର୍ଷଣ ଦ୍ୱାରା କ୍ଷୟ-କ ।—*v.i.* ଘର୍ଷଣରେ କ୍ଷୟ-ହେ, ଘର୍ଷଣରେ ଛିଣ୍ଡି ଯିବା ।—*n.* ଲୁଗାର କ୍ଷୟସ୍ଥାନ, ଲୁଗାର ଧାର ବାହାରିପଡ଼ିବା ସ୍ଥାନ ।
Freak, *n.* 1. ମନର କାରଣରହିତ ଆକସ୍ମିକ ପରିବର୍ତ୍ତନ, ଚିତ୍ତୋଦ୍ଭବ, ଝୁଙ୍କ, ଖିଆଲ, କୌତୁକ ; 2. ଅଦ୍ଭୁତ କଥା, ଅପରୂପ ; 3. ବିରୂପ ମନୁଷ୍ୟ ବା ପଶୁ ।—*v.t.* ଦାଗଯୁକ୍ତ-କ, ଚିତ୍ରବିଚିତ୍ର-କ ।

**Freakish**, *a.* 1. ଦୁଷ୍ଟା, ଖିଆଲି, କୌତୁକପ୍ରିୟ ; 2. ଦୁଷ୍ଟ ପରି, ଚଞ୍ଚଳ ।

**Freakishly**, *ad.* ଦୁଷ୍ଟାମିରୂପେ, ଚଞ୍ଚଳଭାବେ ।

**Freakishness**, *n.* ଚଞ୍ଚଳତା, ଅସ୍ଥିରତା ।

**Freckle**, *n.* ଦେହର ଛିଟ, ଦାଗ ।—*v.t.* ଛିଟମୟ-କ ।—*v.i.* ଛିଟମୟ-ହେ ।

**Freckled**, *p.a.* ଛିଟମୟ, ଦାଗବିଶିଷ୍ଟ ।

**Freckly**, *a.* ଛିଟପୂର୍ଣ୍ଣ, ଦାଗମୟ ।

**Free**, *a.* 1. ସ୍ୱାଧୀନ, ଅନୁବଶ, ସ୍ୱୈର, ନିରଙ୍କୁଶ, ଅନଧୀନ ; 2. ସ୍ୱତନ୍ତ୍ର ; 3. ମୁକ୍ତ ; 4. ଅବଦ୍ଧ ; 5. ଅନୁମତିପ୍ରାପ୍ତ, ଅବାଧିତ ; 6. ଅବନୀତ, ପ୍ରଗଲ୍ଭ, ନିର୍ଲଜ୍ଜ ; 7. ସରଳ, ଖୋଲା, ସୁଗମ ; 8. ଦାନଶୀଳ, ମୁକ୍ତହସ୍ତ, ବ୍ୟୟପର ; 9. ବିନାମୂଲ୍ୟ, ବ୍ୟୟରହିତ, ମାଗଣା ; 10. ରହିତ ; 11. ଅଧିକାରପ୍ରାପ୍ତ, with *of* ; 12. ଢିଲା, ଢଳ୍‌ଢଳା, ଅସଂଲଗ୍ନ ; 13. ଅମିଶ୍ରିତ ; 14. ଭାବାର୍ଥକ ; 15. ପ୍ରସ୍ତୁତ ।— Free love, ବିବାହ ନିୟମ ବହିର୍ଭୂତରେ ପ୍ରଣୟୀ ଲୋକ ସଙ୍ଗେ ସହବାସ କରିବା ପ୍ରଥା, ନିରଙ୍କୁଶ ପ୍ରେମ, ଯଦୃଚ୍ଛା ପ୍ରେମ ।—To make free with, 1. କାହାର ସଙ୍ଗେ ଅଭଦ୍ର ବ୍ୟବହାର-କ ; 2. ଆତ୍ମସାତ୍-କ । Free and easy, ଖୋଲା ।—*v.t* 1. ମୁକ୍ତ-କ, ଉଦ୍ଧାର-କ, ଖଲାସ-କ, ଉନ୍ମୋଚନ-କ ; 2. ବର୍ଜିତ-କ ।

**Freebooter**, *n.* ଡକାଇତ, ଦସ୍ୟୁ, ଲୁଟିଅଳ ।

**Freebooting**, *a.* ଲୁଟକାରୀ, ଡକାଇତସମ୍ବନ୍ଧୀୟ, ଦସ୍ୟୁପର ।—*n.* ଡକାଇତି, ଲୁଟ ।

**Freeborn**, *n.* ଅଦାସଜ, ଜନ୍ମସୂତ୍ରେ ସ୍ୱାଧୀନ, ସ୍ୱାଧୀନ ।

**Freedman**, *n.* ଦାସତ୍ୱରୁ ମୁକ୍ତ ବ୍ୟକ୍ତି, ମୁକ୍ତ ଦାସ ।

**Freedom**, *n.* 1. ସ୍ୱାଧୀନତା, ସ୍ୱତନ୍ତ୍ରତା, ସ୍ୱୈରତା ; 2. ମୁକ୍ତି, ମୋଚନ, ଉଦ୍ଧାର ; 3. ବିଶେଷ ଅଧିକାର ; 4. ସହଜତ୍ୱ, ନିର୍ବିଘ୍ନତା ; 5. ସରଳତା, ଖୋଲା ସ୍ୱଭାବ ; 6. ଅବିନୟ, ପ୍ରଗଲ୍ଭତା ।

**Freehand**, *a.* ଯନ୍ତ୍ରବିନା ଖାଲି ହସ୍ତରେ କୃତ ।

**Freehanded**, *a.* ମୁକ୍ତହସ୍ତ, ବଦାନ୍ୟ, ଦାନଶୀଳ ।

**Free-hearted**, *a.* ଉଦାର, ସରଳ, ଅମାୟିକ ।

**Freehold**, *n.* ନିଷ୍କର ଭୂମି, ଲାଖରାଜ, ନିଷ୍କର ଭୂମ୍ୟଧିକାର ।

**Free-holder**, *n.* ନିଷ୍କର ଭୂମ୍ୟଧିକାରୀ, ଲାଖରାଜଦାର ।

**Free-lance**, *n.* 1. ପୂର୍ବ କାଳୀନ ଠିକା ସିପାହୀ ; 2. ଯେ କେବଳ ନିଜ ପାଇଁ ଲଢେ ବା ପ୍ରତିବାଧା ଦିଏ ।

**Free-liver**, *n.* ବିଳାସୀ, ପେଟୁକ ।

**Freely**, *ad.* 1. ସ୍ୱାଧୀନଭାବେ, ଅନିବାରିତଭାବେ, ଅବାଧେ ; 2. ସ୍ୱେଚ୍ଛାରେ, ସ୍ୱଚ୍ଛନ୍ଦରେ ; 3. ମୁକ୍ତହସ୍ତରେ, ଦାନଶୀଳରୂପେ, ବଦାନ୍ୟଭାବେ, ବହୁଳରୂପେ ; 4. ବିନାମୂଲ୍ୟରେ ।

**Freeman**, *n.* 1. ସ୍ୱାଧୀନ ବ୍ୟକ୍ତି, ଅଦାସ ; 2. ନଗରର ବିଶେଷ ଅଧିକାରପ୍ରାପ୍ତ ଲୋକ । [ବିଶେଷର ସଭ୍ୟ ।

**Freemason**, *n.* ପରସ୍ପରର ଉପକାରାର୍ଥେ ଗୁପ୍ତ ସମ୍ପ୍ରଦାୟ

**Freemasonry**, *n.* 1. ଉକ୍ତ ସମ୍ପ୍ରଦାୟର ନିଗୂଢ଼ ବ୍ୟବସ୍ଥା ; 2. ସ୍ୱାଭାବିକ ସହାନୁଭୂତି ।

**Freeness**, *n.* 1. ସ୍ୱାଧୀନତା, ଅନଧୀନତା ; 2. ମୁକ୍ତାବସ୍ଥା ; 3. ଅବାଧିତ ଅବସ୍ଥା, ନିର୍ବିଘ୍ନତା ; 4. ପ୍ରଗଲ୍ଭତା ; 5. ସରଳତା, ଖୋଲା ସ୍ୱଭାବ ; 6. ଦାନଶୀଳତା, ବ୍ୟୟପରତା ; 7. ବ୍ୟୟରହିତତ୍ୱ । [ବିଦ୍ୟାଳୟ ।

**Free-school**, *n.* ନିର୍ବେତନ ପାଠଶାଳା, ଅବୈତନିକ

**Free-spoken**, *a.* ସ୍ପଷ୍ଟବାଦୀ, ନିର୍ଭୀକବାଦୀ ।

**Free-spokenness**, *n.* ସ୍ପଷ୍ଟବାଦିତା, ନିର୍ଭୀକବାଦିତା ।

**Free-stone**, *n.* ବାଲିପଥରବିଶେଷ ।

**Free-thinker**, *n.* ଧର୍ମସମ୍ବନ୍ଧୀୟ ସାଧାରଣ ବୋଧର ଅଗ୍ରାହ୍ୟକାରୀ, ପ୍ରତ୍ୟାଦେଶରେ ଅବିଶ୍ୱାସୀ, ନାସ୍ତିକ ।

**Free-thinking**, *a.* ନାସ୍ତିକ ।—*n.* ଧର୍ମସମ୍ବନ୍ଧୀୟ ସମୁଦାୟ କର୍ତ୍ତୃତ୍ୱର (ବିଶେଷରେ ଧର୍ମପୁସ୍ତକର କର୍ତ୍ତୃତ୍ୱର) ଅସ୍ୱୀକାର ।

**Free-trade**, *n.* 1. ସ୍ୱାଧୀନ ବାଣିଜ୍ୟ ; 2. କେବଳ ବାଣିଜ୍ୟ ଦ୍ରବ୍ୟର ଲାଭ ଓ କ୍ଷତି ପ୍ରତି ଲକ୍ଷ୍ୟ ନ କରି କେବଳ ରାଜସ୍ୱ ନିମନ୍ତେ ଶୁଳ୍କ ବସାଇବା ନିୟମ ।

**Free-trader**, *n.* ପୂର୍ବୋକ୍ତ ନିୟମର ଅବଲମ୍ବୀ ।

**Free-will**, *n.* ସ୍ୱେଚ୍ଛା, ଅପେକ୍ଷା, ସ୍ୱଚ୍ଛନ୍ଦତା ।—*a.* 1. ସ୍ୱଚ୍ଛନ୍ଦ, ସ୍ୱେଚ୍ଛାବଶ, ସ୍ୱେଚ୍ଛାକୃତ, ସ୍ୱେଚ୍ଛାଧୀନ, ସ୍ୱେଚ୍ଛାମୂଳକ ; 2. ସ୍ୱେଚ୍ଛାମୂଳକ ମତ ବିଷୟକ ।

**Freezable**, *a.* ବରଫରେ ପରିଣତ ହେବା ଯୋଗ୍ୟ, ବରଫରେ ପରିଣମ୍ୟ ।

**Freeze**, *v.i.* 1. ଶୀତରେ ବସିଯିବା, ଶୀତରେ ଘନୀଭୂତ-ହେ, ଜମାଟ-ହେ, ବରଫରେ ପରିଣତ-ହେ ; 2. ଶୀତଳ-ହେ, ଶୀତରେ କମ୍ପିତ-ହେ ।—*v.t.* 1. ଶୀତରେ ଘନୀଭୂତ-କ, ବରଫରେ ପରିଣତ-କ ; 2. ଶୀତଳ-କ, ଶୀତରେ କମ୍ପିତ-କ ।

**Freezing**, *a.* 1. ବରଫରେ ପରିଣତକାରୀ ; 2. ଶିଥିଳକାରୀ ।—Freezing point, ଜଳର ବରଫରେ ପରିଣତ ହେବା ସୀମା ।

**Freight**, *n.* 1. ଜାହାଜ ରେଲ୍‌ଗାଡି ଆଦିର ବୋଝାଇ ବା ମାଲ, ବୋଝ ; 2. ଜାହାଜର ଭଡା, ମାସୁଲ ।—*v.t.* 1. ମାଲ ବୋଝାଇ-କ, (ଜାହାଜ) ଭଡା-କ ; 2. ଭାରଗ୍ରସ୍ତ-କ ।

**Freightage**, *n.* 1. ବୋଝାଇକରଣ ; 2. ମାଲର ଭଡା, ମାସୁଲ ।

**French**, *a.* ଫ୍ରାନ୍ସଦେଶୀୟ, ଫରାସି ।—*n.* ଫ୍ରାନ୍ସଦେଶୀୟ ଭାଷା, ଫରାସି ଭାଷା ।—French leave, ବିଦାୟ ନ ନେଇ ପଳାୟନ ।—French polish, ସୁରାସାରରେ ତରଳିତ ଲାଖ ବାର୍ଣ୍ଣିସ ବିଶେଷ ।

**Frenetic, Frenetical**, *a.* 1. ଉନ୍ମାଦସମ୍ବନ୍ଧୀୟ ; 2. ବାତୁଳ, କ୍ଷିପ୍ତ ।

**Frenzied**, *a.* ବାତୁଳତାଗ୍ରସ୍ତ, ଉନ୍ମାଦରୁ ଜାତ, ବାତୁଳ ।

**Frenziedly**, *ad.* ବାତୁଳଭାବେ, ଉନ୍ମତ୍ତଭାବେ, କ୍ଷିପ୍ତରୂପେ ।

**Frenzy**, *n.* ବାତୁଳତା, ଉନ୍ମତ୍ତତା, କ୍ଷିପ୍ତତା, ପ୍ରଚଣ୍ଡତା ।

**Frequency, Frequentness**, *n.* ବାରମ୍ବାରତା, ପୌନଃପୁନ୍ୟ ।

**Frequent**, *a.* 1. *frē'kwent*, ବାରମ୍ବାର ଘଟିତ, ବାରମ୍ବାର କୃତ ; 2. ପ୍ରବୃତ୍ତିବାନ୍ ।—*v.t.* *frē-kwent*, ପୁନଃପୁନଃ ସାକ୍ଷାତ୍-କ, ବାରମ୍ବାର ଗତାୟାତ-କ ।

**Frequentation**, *n.* ପୁନଃପୁନଃ ସାକ୍ଷାତ୍, ବାରମ୍ବାର ଗତାୟାତ ।

**Frequentative**, *a.* ପୌନଃପୁନ୍ୟବାଚକ, ପ୍ରବୃତ୍ତିସୂଚକ । —*n.* ପ୍ରବୃତ୍ତିସୂଚକ କ୍ରିୟା, ଯଙନ୍ତ କ୍ରିୟା ।

**Frequenter**, *n.* ବାରମ୍ବାର ସାକ୍ଷାତ୍କାରୀ, ବାରମ୍ବାର ଗତାୟାତକାରୀ ।

**Frequently**, *ad.* ବାରମ୍ବାର, ଥରକୁଥର, ପୁନଃପୁନଃ, ମୁହୁର୍ମୁହୁଃ, ସତତ ।

**Fresco**, *n. pl.* **Frescoes** and **Frescos**, କାନ୍ଥର କଞ୍ଚା ପଲସ୍ତା ଉପରେ ଚିତ୍ର କରିବା ପ୍ରଣାଳୀ, ଉକ୍ତ ପ୍ରଣାଳୀରେ କୃତ ନକ୍ସା ।

**Fresh**, *a.* 1. ସବଳ, ସୁସ୍ଥକାୟ ; 2. ସତେଜ, ପ୍ରବଳ ; 3. ଅମ୍ଳାନ, ଅଶୁଷ୍କ, ତାଜା, ସଜ, ଟଟ୍କା ; 4. ଅକ୍ଲାନ୍ତ, ଅଶ୍ରାନ୍ତ ; 5. ଶ୍ରମାପହାରକ, ସ୍ନିଗ୍ଧ, ଶୀତଳ ; 6. ଅଜିତ ; 7. ନୂତନ, ନବୀନ, ନବ ; 8. ଅଲୁଣା, ଅଲୁଣିଆ, ଅଲବଣ ; 9. ଅନଭ୍ୟସ୍ତ, ଅପରୀକ୍ଷିତ ; 10. ଅଳ୍ପମତ୍ତ ।

**Freshen**, *v.t.* 1. ଲବଣଶୂନ୍ୟ-କ ; 2. ସତେଜ-କ, ସବଳ-କ ।—*v.i.* 1. ଅଲୁଣା-ହ, ଅଲବଣାକ୍ତ-ହ ; 2. ପ୍ରବଳ-ହ ; 3. ସତେଜ-ହ, ତାଜା-ହ ।

**Freshet**, *n.* ବର୍ଷା ହେତୁ ଜଳର ପ୍ଲାବନ, ବନ୍ୟା ।

**Freshly**, *ad.* 1. ସ୍ନିଗ୍ଧରୂପେ ; 2. ପ୍ରବଳରୂପେ ; 3. ନୂତନରୂପେ ।

**Freshman**, *n.* ବିଶ୍ୱବିଦ୍ୟାଳୟର ପ୍ରଥମ ବାର୍ଷିକ ଛାତ୍ର, ନବ ଛାତ୍ର ।

**Freshness**, *n.* 1. ସବଳତା ; 2. ତେଜ, ଅମ୍ଳାନତା, ଅଶୁଷ୍କତା ; 3. ଟଟ୍କାଭାବ ; 4. ଅକ୍ଲାନ୍ତି, ଅଶ୍ରାନ୍ତି ; 5. ସ୍ନିଗ୍ଧତା, ଶୀତଳତା, ; 6. ନୂତନତା, ନବୀନତା ; 7. ଅଲବଣତା ; 8. ଅନଭ୍ୟସ୍ତତା ।

**Fret**, (1) *v.t.* 1. ଘାଉସିବା, ଘର୍ଷଣ ଦ୍ୱାରା କ୍ଷୟ-କ ; 2. ଅସ୍ଥିର-କ, ମନ୍ଥନ-କ ; 3. ବିରକ୍ତ-କ ।—*v.i.* 1. ବିରକ୍ତ-ହ, ଖିଟଖିଟିଆ-ହ ; 2. ଜ୍ୱଳିବା ; 3. ଘର୍ଷଣରେ କ୍ଷୟ-ହ ।—*n.* ଜ୍ୱାଳା, ବିରକ୍ତି, ଖିଟଖିଟିଆଭାବ ।

**Fret**, (2) *n.* ଖୋଦିତ କର୍ମବିଶେଷ ।—*v.t.* ଉକ୍ତ ଖୋଦିତ କର୍ମରେ ଶୋଭିତ-କ ।

**Fretful**, *a.* 1, ଖିଟଖିଟିଆ, ଚିଡ଼ଚିଡ଼ିଆ, ବିରକ୍ତ ; 2. ଅସ୍ଥିର ।

**Fretfully**, *ad.* ଖିଟଖିଟିଆରୂପେ, ଚିଡ଼ଚିଡ଼ିଆରୂପେ, ବିରକ୍ତଭାବେ ।

**Fretfulness**, *a.* ଖିଟଖିଟିଆ ସ୍ୱଭାବ, ଚିଡ଼ଚିଡ଼ିଆ ଗୁଣ ।

**Fretted**, **Fretty**, *a.* ଖୋଦିତ କର୍ମରେ ଶୋଭିତ ।

**Fretwork**, *n.* ଶୋଭାକର ଖୋଦିତ କର୍ମବିଶେଷ ।

**Friability**, **Friableness**, *n.* ଚୂର୍ଣ୍ଣନୀୟତା, ଚୂର୍ଣ୍ଣଯୋଗ୍ୟତା ।

**Friable**, *a.* ଚୂର୍ଣ୍ଣନୀୟ, ଚୂର୍ଣ୍ଣଯୋଗ୍ୟ, ଗୁଣ୍ଡିଯୋଗ୍ୟ ।

**Friar**, *n.* ଖ୍ରୀଷ୍ଟୀୟ ସନ୍ନ୍ୟାସୀବିଶେଷ, ମଠବାସୀ ।

**Fribble**, *n.* ତୁଚ୍ଛଲୋକ, ଫୁଲବାବୁ ।—*v.i.* 1. ଅବହେଳାପୂର୍ବକ କର୍ମ-କ, ତୁଚ୍ଛ ଲୋକ ପରି ବ୍ୟବହାର-କ ; 2. ଟଳମଳ-ହ ।

**Fribbler**, *n.* ଅବହେଳାପୂର୍ବକ କର୍ମକାରୀ, ତୁଚ୍ଛ ଲୋକ ପରି ବ୍ୟବହାରକାରୀ ।

**Fricassee**, *n.* କୁକୁଡ଼ା ଆଦିର ସିଝା ବ୍ୟଞ୍ଜନବିଶେଷ ।

**Friction**, *n.* 1. ଘର୍ଷଣ, ରଗଡ଼ା, ମର୍ଦ୍ଦନ ; 2. ଘର୍ଷଣ ଦ୍ୱାରା ଜାତ ବାଧା ; 3. ସଂଘର୍ଷଣ ।

**Frictional**, *a.* 1. ଘର୍ଷଣସମ୍ବନ୍ଧୀୟ ; 2. ଘର୍ଷଣରେ ଚଳିତ, ଘର୍ଷଣରେ ଜାତ ।

**Frictionless**, *a.* ଘର୍ଷଣରହିତ ।

**Friday**, *n.* ଶୁକ୍ରବାର, ସପ୍ତାହର ଷଷ୍ଠ ଦିବସ ।—**Good Friday**, ଖ୍ରୀଷ୍ଟଙ୍କର କ୍ରୁଶାରୋହଣ ଦିନ ।

**Friend**, *n.* 1. ବନ୍ଧୁ, ମିତ୍ର, ସଖା, ସୁହୃଦ୍, ସଙ୍ଗାତ ; 2. ପୃଷ୍ଠପୋଷକ, ହିତୈଷୀ ; 3. ସପକ୍ଷ ଲୋକ, ସ୍ୱଜାତୀୟ ଲୋକ ; 4. ସମ୍ବୋଧନସୂଚକ ଶବ୍ଦ ; 5. କ୍ୱେକର ନାମକ ମତାବଲମ୍ବୀ । [ଜନସମୂହ ।

**Friendless**, *a.* ବନ୍ଧୁହୀନ, ମିତ୍ରହୀନ, ଅସହାୟ, ଅନାଥ,

**Friendlessness**, *n.* ବନ୍ଧୁହୀନତା, ନିରାଶ୍ରୟତା ।

**Friendliness**, *n.* ବନ୍ଧୁତ୍ୱ, ମିତ୍ରଭାବ, ହିତେଚ୍ଛା, ପ୍ରଣୟ, ଅନୁକୂଳତା ।

**Friendly**, *a.* 1. ବନ୍ଧୁବତ୍, ମିତ୍ରତୁଲ୍ୟ ; 2. ହିତୈଷୀ, ପ୍ରଣୟୀ ; 3. ଅନୁକୂଳ ।

**Friendship**, *n.* ବନ୍ଧୁତା, ମିତ୍ରତା, ଆତ୍ମୀୟତା, ସଖ୍ୟ, ଅନୁରକ୍ତି, ପ୍ରଣୟ ।

**Frieze**, *n.* ମୋଟା ପଶମି ଲୁଗା ବିଶେଷ ।—*v.t.* ଲୁଗାରେ ଅଂଶୁ-କ, କୁଞ୍ଚକୁଞ୍ଚ-କ ।

**Frieze**, *n.* କାନ୍ଥକୁ ଲଗିଥିବା ସ୍ତମ୍ଭର ଭାଗ ।

**Frigate**, *n.* ଶୀଘ୍ରଗାମୀ ଯୁଦ୍ଧଜାହାଜବିଶେଷ ।

**Frigate-bird**, *n.* ଦାଣ୍ଡିକୁ ଅଜାଗିଆ ପକ୍ଷୀ ।

**Fright**, *n.* 1. ହଠାତ୍ ମହାଭୟ, ତ୍ରାସ, ଶଙ୍କା ; 2. ହାସ୍ୟକର ଲୋକ, କଦାକାର ଲୋକ, ଅବଢ଼ା ଲୋକ ।

**Frighten**, **Fright**, *v.t.* ଡରାଇବା, ଭୟ ଦେଖାଇବା, ଭୀତ-କ, ତ୍ରାସ ଜନ୍ମାଇବା, ଶଙ୍କିତ-କ ।

**Frightful**, *a.* 1. ଭୟାନକ, ଭୟାବହ, ଭୟଙ୍କର, ତ୍ରାସଜନକ, ଶଙ୍କାଜନକ, ଘୋର, ଦାରୁଣ ; 2. ବିକଟ, ଅବଢ଼ା ।

**Frightfully**, *ad.* 1. ଭୟଙ୍କରରୂପେ, ଭୀଷଣରୂପେ, ଘୋରରୂପେ, ଦାରୁଣଭାବେ ; 2. କୁତ୍ସିତରୂପେ, ଅବଢ଼ାରୂପେ ।

**Frightfulness**, *n.* ଭୟଙ୍କରତା, ଭୀଷଣତା, ଘୋରତା, ତ୍ରାସଜନକତା ।

**Frigid**, *a.* 1. ଶୀତଳ, ଅନୁଷ୍ଣ, ଥଣ୍ଡା ; 2. ଶିଥିଳ, ନିସ୍ତେଜ, ନୀରସ, ଜଡ଼, ନିରୁତ୍ସାହ, ଅହୃଦୟ ।—**Frigid Zone**, ଶୀତ କଟିବନ୍ଧ ।

**Frigidity**, **Frigidness**, *n.* 1. ଶୀତଳତା, ଅନୁଷ୍ଣତା ; 2. ଶିଥିଳତା, ନୀରସତା, ନିସ୍ତେଜତା, ଜଡ଼ତା ।

**Frigidly,** *ad.* ଶିଥିଳଭାବେ, ନିସ୍ତେଜରୂପେ, ସ୍ନେହଶୂନ୍ୟଭାବେ ।

**Frigorific,** *a.* ଶୈତ୍ୟଜନକ, ଶୈତ୍ୟୋତ୍ପାଦକ ।

**Frill,** *n.* ବସ୍ତ୍ରର ଚୁନ୍ନଟକରା ଅଞ୍ଚଳ, ଚୁନ୍ନଟ ।—*v.t.* ଚୁନ୍ନଟ ଦ୍ୱାରା ଶୋଭିତ-କର ।

**Frilling,** *n.* ଚୁନ୍ନଟସମୂହ ।

**Fringe,** *n.* 1. ଝାଲର, ଦଶୀ, ବସ୍ତ୍ରର ଧାର ; 2. ଦଶୀପରି ପଦାର୍ଥ ; 3. ସୀମା, ଅନ୍ତ ।—*v.t.* ଝାଲର ଲଗାଇବା, ଦଶୀ ଲଗାଇବା ।

**Fringed,** *a.* 1. ଝାଲରଯୁକ୍ତ, ଦଶୀଯୁକ୍ତ ; 2. ସୀମାଯୁକ୍ତ ।

**Fringy,** *a.* ଝାଲରମୟ, ଦଶିମୟ ।

**Frippery,** *n.* ଜୀର୍ଣ୍ଣବସ୍ତ୍ର, ଅନାବଶ୍ୟକ ବସ୍ତୁ, ନିଷ୍ପ୍ରୟୋଜନ ଦ୍ରବ୍ୟ ।—*a.* ଅନାବଶ୍ୟକ, ନିଷ୍ପ୍ରୟୋଜନ, ତୁଚ୍ଛ ।

**Frisk,** *v.i.* ଡିଅଁମାରିବା, କୁଦାମାରିବା, ନାଚିବା ।—*n.* କୁଦା, କ୍ରୀଡ଼ା ।

**Frisket,** *n.* ଛାପା ହେବା କାଗଜ ଧରିବା ଫଳକ ।

**Friskily,** *ad.* କୁଦାକୁଦିରୂପେ, କ୍ଷିପ୍ରଭାବେ, ଚପଳଭାବେ ।

**Friskiness,** *n.* କ୍ଷିପ୍ରତା, ଚପଳତା, କ୍ରୀଡ଼ାପ୍ରିୟତା ।

**Frisky,** *a.* କୁଦାକୁଦିକାରୀ, କ୍ଷିପ୍ର, ଚପଳ, କ୍ରୀଡ଼ାପ୍ରିୟ, ଖେଳୁଆଳ ।

**Frit,** *n.* କାଚର ଝାମା ।

**Frith,** *n.* see *Firth.*

**Fritter,** *n.* 1. ମଇଦା ଇତ୍ୟାଦିରେ ପ୍ରସ୍ତୁତ ପିଠାବିଶେଷ ; 2. ଭଜା ମାଂସଖଣ୍ଡ ; 3. ଖଣ୍ଡ, ଟୁକୁରା ।—*v.t.* ଖଣ୍ଡଖଣ୍ଡ-କର, ଟୁକୁରାଟୁକୁରା-କର ।—To fritter away, କ୍ରମେ ଅପବ୍ୟୟ-କର, ବୃଥାରେ ବ୍ୟୟ-କର, ବୃଥାରେ (ସମୟ) କାଟିବା ।

**Frivolity,** *n.* 1. ଲଘୁଚିତ୍ତତା, ଲଘୁତା ; 2. ଅନର୍ଥକ କଥା ବା କର୍ମ, ଅନାବଶ୍ୟକ କଥା, ତୁଚ୍ଛ ବାକ୍ୟ ।

**Frivolous,** *a.* 1. ତୁଚ୍ଛ, ସାମାନ୍ୟ, ଲଘୁ, ଅନର୍ଥକ ; 2. ଲଘୁଚିତ୍ତ, ନିର୍ବୋଧ ।

**Frivolously,** *ad.* ଲଘୁଚିତ୍ତରୂପେ ।

**Frivolousness,** *n.* ଲଘୁଚିତ୍ତତା, ଲଘୁତା, ଅନର୍ଥକତା ।

**Frizz,** *v.t.* କୁଞ୍ଚକୁଞ୍ଚିଆ-କର, କୋଙ୍କଡ଼ା-କର ।

**Frizzle,** *v.t.* 1. କୁଞ୍ଚକୁଞ୍ଚିଆ-କର, କୋଙ୍କଡ଼ା-କର ; 2. ପୋଡ଼ିବା ଦ୍ୱାରା କୁଞ୍ଚକୁଞ୍ଚିଆ-କର ।—*n.* କୁଞ୍ଚନ, ଚୂର୍ଣ୍ଣକୁନ୍ତଳ ।

**Frizzly, Frizzy,** *a.* କୁଞ୍ଚକୁଞ୍ଚିଆ ।

**Fro,** *ad.* in phrase *to and fro*, ଇତସ୍ତତଃ, ଏଣେତେଣେ, ଏଠାରେ ସେଠାରେ ।

**Frock,** *n.* 1. ଯାଜକର ଚୋଗା ; 2. ଘାଗରା ; 3. ମୂଲିଆର ଢିଲା କୁର୍ତ୍ତାବିଶେଷ ।

**Frock-coat,** *n.* ଲମ୍ବ କୁର୍ତ୍ତାବିଶେଷ ।

**Frog,** *n.* ବେଙ୍ଗ, ଭେକ, ମଣ୍ଡୂକ, ଦର୍ଦ୍ଦୁର ।

**Frog,** *n.* 1. ଶୋଭାକର ବୋତାମ ବିଶେଷ ; 2. ଟଙ୍କୁ-କୋଷର ସର ।

**Frog-fly, Frog-hopper,** *n.* ବେଙ୍ଗାକୃତି ଡେଇଁବା କ୍ଷୁଦ୍ର କୀଟ ।

**Frog-spit, Frog-spittle,** *n.* ଉକ୍ତ କୀଟର ପ୍ରଥମ ଅବସ୍ଥାରେ ଘୋଡ଼ାଇବା ଲାଳ, ଫେଣ ।

**Frolic** *a.* (Poetic,) ହୃଷ୍ଟ, କ୍ରୀଡ଼ାପ୍ରିୟ, ଖେଳୁଆଳ, ଖେଳନ୍ତା ।—*n.* କ୍ରୀଡ଼ା, ଖେଳ, କୌତୁକ ।—*v.i.* କ୍ରୀଡ଼ା-କର, ଖେଳିବା, କୁଦାକୁଦି-କର ।

**Frolicsome,** *a.* କ୍ରୀଡ଼ାପ୍ରିୟ, ଖେଳନ୍ତା ।

**Frolicsomely,** *ad.* କ୍ରୀଡ଼ାପ୍ରିୟରୂପେ ।

**Frolicsomeness,** *n.* କ୍ରୀଡ଼ାପ୍ରିୟତା ।

**From,** *prep.* 1. ରୁ, ଠାରୁ ; 2. ହେତୁରୁ, କାରଣରୁ ; 3. ଅବଧି ।

**Frond,** *n.* ପତ୍ରବିଶିଷ୍ଟ ଡେମ୍ଫ ।

**Frondescence,** *n.* 1. ପତ୍ର ବାହାରିବା ସମୟ ; 2. ପତ୍ରସମୂହ ।

**Front,** *n.* 1. କପାଳ, ମୁଖ ; 2. ଦୁଃସାହସ, ନିର୍ଲଜ୍ଜତା ; 3. ସମ୍ମୁଖ ; 4. ଅଗ୍ର, ଅଗ୍ରଭାଗ, ସାମନା ; 5. କପାଳ ଉପରିସ୍ଥ କୃତ୍ରିମ କେଶ ; 6. କମିଜର କୃତ୍ରିମ ପିଲଟ ।—To come to the front, ନିଜ ବ୍ୟବସାୟାଦିରେ ଉଚ୍ଚପଦସ୍ଥ-ହେ, ପ୍ରସିଦ୍ଧ-ହେ ।—*a.* 1. ମୁଖସମ୍ବନ୍ଧୀୟ, କପାଳସମ୍ବନ୍ଧୀୟ ; 2. ଅଗ୍ରସ୍ଥିତ ; 3. ସମ୍ମୁଖସ୍ଥ, ସମ୍ମୁଖସ୍ଥିତ ।—*v.t.* 1. ମୁଖାମୁଖି-କର, ଅଭିମୁଖ-କର ; 2. ପ୍ରତିବାଧା-ଦେ ; 3. ଅଗ୍ରଭାଗ ଯୋଗାଇବା, ସାମନାରେ ଶୋଭିତ-କର ।—*v.i.* ମୁଖାମୁଖି-ହେ, ସମ୍ମୁଖବର୍ତ୍ତୀ-ହେ ।

**Frontage,** *n.* ଅଗ୍ରଭାଗର ଚଉଡ଼ା ।

**Frontal,** *a.* 1. କପାଳସମ୍ବନ୍ଧୀୟ ; 2. ଅଗ୍ରଭାଗସମ୍ବନ୍ଧୀୟ ।—*n.* 1. କପାଳର ପଟ୍ଟି ; 2. ଲଲାଟର ଭୂଷଣ ।

**Fronted,** *p.a.* ମୁଖବିଶିଷ୍ଟ ।

**Frontier,** *n.* ସୀମାନ୍ତ ଦେଶ, ସୀମାବର୍ତ୍ତୀ ସ୍ଥାନ, ସୀମା ।—*a.* ସୀମାନ୍ତ ଦେଶସମ୍ବନ୍ଧୀୟ, ସୀମାନ୍ତ, ସୀମାବର୍ତ୍ତୀ, ସୀମାନ୍ତବାସୀ ।

**Frontispiece,** *n.* 1. ଗୃହର ପ୍ରଧାନ ମୁଖ ; 2. ଗ୍ରନ୍ଥର ପ୍ରଥମାଙ୍କର ଛବି, ଗ୍ରନ୍ଥର ମୁଖଚିତ୍ର ।

**Frontlet,** *n.* ଶୀର୍ଷବନ୍ଧନୀ, ଲଲାଟଭୂଷଣ ।

**Frost,** *n.* 1. ବରଫ ଉତ୍ପାଦକ ଶୀତଳତାର ପରିମାଣ, ବରଫ ଉତ୍ପାଦକ ଋତୁ ; 2. ତୁଷାର, ନୀହାର ; 3. ବରଫରେ ଘନୀଭୂତକରଣ ; 4. ଶୀତଳ ସ୍ୱଭାବ, ଉଦାସୀନତା, କର୍କଶ ସ୍ୱଭାବ ।—*v.t.* 1. ତୁଷାର ଋତୁ ଦ୍ୱାରା କ୍ଷତ-କର ; 2. ତୁଷାରପରି ପଦାର୍ଥରେ ଶୋଭିତ-କର, ତୁଷାରପରି ଶୁଭ୍ର-କର ; 3. ତୁଷାର ଋତୁର ନାଲବନ୍ଦ-କର ।

**Frostbite,** *n.* ତୁଷାରଜନିତ ଜଡ଼ତା, ତୁଷାରକ୍ଷତ ।—*v.t.* ତୁଷାରରେ ଆହତ-କର, ତୁଷାରକ୍ଷତ-କର ।

**Frostbound,** *a.* ତୁଷାରବଦ୍ଧ, ତୁଷାର ଋତୁରେ ଘନୀଭୂତ ।

**Frostily,** *ad.* 1. ତୁଷାରମୟରୂପେ ; 2. ଶିଥିଳଭାବେ, ଉଦାସୀନଭାବେ ।

**Frostiness,** *n.* 1. ତୁଷାରମୟତା ; 2. ଶୀତଳତା, ଉଦାସୀନତା ।

**Frosting,** *n.* 1. ପିଷ୍ଟକ ଉପରର ଚିନିଫେଣ; 2. କାଚ୍‌ବର ଅଚିକ୍କଣ ପୃଷ୍ଠ ।

**Frostwork,** *n.* ତୁଷାରଜାତ ଶୋଭାକର ଚିତ୍ର ।

**Frosty,** *a.* 1. ତୁଷାରଜନକ, ତୁଷାରମୟ; 2. ଶିଥିଳ, ଉଦାସୀନ; 3. ତୁଷାରବତ୍, ଶୁକ୍ଳ ।

**Froth,** *n.* 1. ଫେଣ, ଫେଣା, ଫେନ; 2. ନିରର୍ଥକ ବାକ୍ୟ, ବକ୍‌ବକ୍, ଫମ୍ପା କଥା ।—*v.t.* 1. ଫେଣମୟ-କ; 2. ନିର୍ଗତ-କ ।—*v.i.* ଫେଣମୟ-ହେ, ଫେଣ ଉଠିବା ।

**Frothily,** *ad.* 1. ଫେଣମୟରୂପେ; 2. ଅସାର-ଭାବେ ।

**Frothiness,** *n.* 1. ଫେଣମୟତା; 2. ନିରର୍ଥକ ବସ୍ତୁ ଅ-[ସ୍ତିତ୍ୱ ।

**Frothy,** *a.* 1. ଫେଣମୟ, ଫେନିଳ; 2. ଲଘୁ, ଅସାର, ଶୂନ୍ୟ ।

**Frouzy, Frowzy,** *a.* 1. ଗନ୍ଧିଅ, ଦୁର୍ଗନ୍ଧ; 2. ଅପରିଷ୍କୃତ, ବୋଦଲ । [ଦୁର୍ଗନ୍ଧ ।

**Froward,** *a.* ଅବାଧ୍ୟ, ଅବଶ, ଅଦମ୍ୟ, ଜେଦ୍ଦା,

**Frowardly,** *ad.* ଅବାଧ୍ୟରୂପେ, ଜେଦ୍ଦାରୂପେ ।

**Frowardness,** *n.* ଅବାଧ୍ୟତା, ଅବଶତା, ଜେଦ୍ଦାମୀ ।

**Frown,** *v.i.* 1. ଭ୍ରୂକୁଟି ଦ୍ୱାରା ଅସନ୍ତୋଷ ପ୍ରକାଶ-କ, ଭ୍ରୂଭଙ୍ଗୀ-କ, ଭ୍ରୂକୁଟି-କ; 2. ଅସନ୍ତୋଷ ପ୍ରକାଶ-କ, ଭ୍ରୂକ୍ଷେପ-କ, ଭୂରୁକ ଦେଖାଇବା ।—*v.t.* ଅସନ୍ତୋଷ ପ୍ରକାଶ କରିବା ଦ୍ୱାରା ବାରଣ-କ, ଭ୍ରୂକୁଟି ଦ୍ୱାରା ଦମନ କରିବା, often with *down*.—*n.* ଭ୍ରୂକୁଟି, ଭ୍ରୂଭଙ୍ଗୀ, ଭ୍ରୂକ୍ଷେପ, ଅସନ୍ତୋଷସୂଚକ ଭ୍ରୂକୁଟି, ଅସନ୍ତୋଷପ୍ରକାଶ ।

**Frowningly,** *ad.* ଭ୍ରୂକୁଟିପୂର୍ବକ, ଭ୍ରୂଭଙ୍ଗିକରି, ଭ୍ରୂକ୍ଷେପପୂର୍ବକ, ରୁଷ୍ଟମୁଖେ ।

**Frozen,** *past p.* of Freeze.

**Fructescence,** *n.* ଫଳୋତ୍ପତ୍ତିସମୟ, ଫଳର ପକ୍ୱ ହେବା କାଳ ।

**Fructiferous,** *a.* ଫଳୋତ୍ପାଦକ, ଫଳଦ ।

**Fructification,** *n.* ଫଳୋତ୍ପତ୍ତିକରଣ, ଫଳୋତ୍ପତ୍ତି, ଫଳଧାରଣ ।

**Fructify,** *v.t.* ଫଳୋତ୍ପନ୍ନ-କ, ଫଳବାନ୍-କ, ଉର୍ବର-କ ।—*v.i.* ଫଳବତ-ହେ ।

**Fructose,** *n.* ଫଳରୁ ଜାତ ଚିନିବିଶେଷ ।

**Frugal,** *a.* 1. ପରିମିତବ୍ୟୟୀ, ମିତବ୍ୟୟୀ, ଅଳ୍ପବ୍ୟୟୀ, ବ୍ୟୟକୁଣ୍ଠ; 2. ମିତବ୍ୟୟସୂଚକ, ପରିମିତ ବ୍ୟୟରୁ ଜାତ ।

**Frugality,** *n.* ପରିମିତବ୍ୟୟିତା, ମିତବ୍ୟୟିତା, ପରିମିତ ବ୍ୟୟ, ଅଳ୍ପ ବ୍ୟୟ ।

**Frugally,** *ad.* ପରିମିତବ୍ୟୟିରୂପେ, ମିତବ୍ୟୟିରୂପେ, ପରିମିତବ୍ୟୟମତେ, ପରିମିତବ୍ୟୟପୂର୍ବକ ।

**Frugiferous,** *a.* ଫଳୋତ୍ପାଦକ, ଶସ୍ୟୋତ୍ପାଦକ ।

**Frugivorous,** *a.* ଫଳାହାରୀ, ଫଳଭକ୍ଷକ ।

**Fruit,** *n.* 1. ଫଳ; 2. ଖାଦ୍ୟଯୋଗ୍ୟ ଉଦ୍ଭିଦ; 3. ମଞ୍ଜି, ବୀଜକୋଷ; 4. ଉତ୍ପାଦିତ ଦ୍ରବ୍ୟ; 5. ଶାବକ, ଛୁଆପିଲା, ସନ୍ତାନ; 6. ପ୍ରତିଫଳ, ଲାଭ, କର୍ମଫଳ ।—*v.i.* ଫଳ ଧରିବା, ଫଳ ଫଳିବା ।

**Fruitage,** *n.* 1. ଫଳସମୂହ; 2. କର୍ମଫଳ ।

**Fruiterer,** *n.* ଫଳବ୍ୟବସାୟୀ, ଫଳବିକ୍ରେତା ।

**Fruitery,** *n.* 1. ଫଳାଗାର; 2. ଫଳବଗିଚ୍, ଫଳୋତ୍ପାଦକ ସ୍ଥଳ; 3. ଫଳସମୂହ ।

**Fruitful,** *a.* 1. ବହୁଫଳଦ, ଫଳବାନ୍, ଫଳବନ୍ତ, ଫଳଶାଳୀ, ଉର୍ବର, ଫଳନ୍ତ, ବହୁପ୍ରସବ, ଅବନ୍ଧ୍ୟା; 2. ଫଳୋତ୍ପାଦକ, ଫଳଦାୟକ ।

**Fruitfully,** *ad.* ଫଳଦାୟିରୂପେ, ବହୁଳରୂପେ ।

**Fruitfulness,** *n.* 1. ଫଳବତ୍ତ୍ୱ, ଫଳୋତ୍ପାଦକତା, ଉର୍ବରତା, ବହୁପ୍ରସୂତା; 2. ପ୍ରାଚୁର୍ଯ୍ୟ ।

**Fruition,** *n.* ଫଳଭୋଗ, ଭୋଗ, ସୁଖାନୁଭବ, ଅନୁଭବ ।

**Fruitless,** *a.* 1. ଫଳହୀନ, ବନ୍ଧ୍ୟା, ଅଫଳା; 2. ନିଷ୍ଫଳ, ବିଫଳ, ଅନର୍ଥକ, ବ୍ୟର୍ଥ, ଅକର୍ମଣ୍ୟ ।

**Fruitlessly,** *ad.* ନିଷ୍ଫଳରୂପେ, ଅନର୍ଥକରୂପେ, ବ୍ୟର୍ଥରୂପେ ।

**Fruitlessness,** *n.* ଫଳହୀନତା, ନିଷ୍ଫଳତା, ବିଫଳତା, ବ୍ୟର୍ଥତା ।

**Fruit-tree,** *n.* ଫଳଗଛ, ଫଳଦ ବୃକ୍ଷ ।

**Fruity,** *a.* ଫଳର ଆସ୍ୱାଦବିଶିଷ୍ଟ, ଫଳବତ୍ ।

**Frumentaceous,** *a.* ଗହମମୟ, ଗହମଗୁଣବିଶିଷ୍ଟ ।

**Frumenty, Furmenty,** *n.* ଗହମର କ୍ଷୀରି ବିଶେଷ ।

**Frump,** *n.* ବୋଦଲୀ, ଚିଡ଼ଚିଡ଼ା ମରହଟୀ ବୁଢ଼ୀ ।

**Frustrable,** *a.* ବ୍ୟର୍ଥକରଣୀୟ ।

**Frustrate,** *v.t.* ବ୍ୟର୍ଥ-କ, ବିଫଳ-କ, ନିଷ୍ଫଳ-କ ।

**Frustration,** *n.* ବ୍ୟର୍ଥକରଣ, ବିଫଳୀକରଣ, ବ୍ୟାଘାତ, ଭଙ୍ଗ, ଖଣ୍ଡନ ।

**Frutescent,** *a.* ଝାମ୍ପୁଡ଼ା, ଗୁଳ୍ମମୟ ।

**Fry,** *v.t.* ଭାଜିବା ।—*v.i.* ଭଜା-ହେ ।—*n.* 1. ଭଜା ମାଂସାଦି; 2. ଉଦ୍‌ବେଗତା, ଅସ୍ଥିରତା ।

**Fry,** *n.* 1. ମାଛ ଜାତିର ଛୁଆ, ବାଳକମାନଙ୍କର ଦଳ; 2. ଅକିଞ୍ଚିତ୍କର ଦ୍ରବ୍ୟସମୂହ ।

**Frying-pan, Fry-pan,** *n.* ଭାଜିବା ପାତ୍ର, ଲୁହାକଡ଼ା, ପିଠଉପାନ୍ ।

**Fuchsia,** *n.* ଫୁଲଗଛବିଶେଷ ।

**Fuddle,** *v.t.* ମଦ୍ୟପାନ ଦ୍ୱାରା ନିର୍ବୋଧ-କ, ମତ୍ତ-କ, ମଦ୍ୟପାନରେ ବ୍ୟୟ-କ ।—*v.i.* ମତ୍ତ-ହେ, ମଦ୍ୟପ-ହେ ।

**Fudge,** *n.* ମାହାଲିଆ କଥା ।—*interj.* ଛି !

**Fuel,** *n.* 1. ଜାଳିବାକାଠ, କୋଇଲା ଆଦି, ଇନ୍ଧନ, ଘଷିଅଣି; 2. (ଉଦ୍‌ବେଗର) ବର୍ଦ୍ଧକ ବିଷୟ, (କୋପର) ବର୍ଦ୍ଧକ ବିଷୟ, ଉତ୍ତେଜକ ବିଷୟ ।

**Fugacious,** *a.* ଉଡ୍ଡୀୟମାନ, ଅସ୍ଥାୟୀ ।

**Fugacity,** *n.* ଉଡ୍ଡୀୟମାନତା, ଅସ୍ଥାୟିତା ।

**Fugitive,** *a.* 1. ଉଡ୍ଡୟନଶୀଳ, ଅସ୍ଥାୟୀ, ଉଡ୍ଡୀୟମାନ; 2. ପଳାୟନଶୀଳ, ପଳାତକ, ପଳାୟମାନ; 3. ସାମୟିକ, କ୍ଷଣିକ ।—*n.* ପଳାତକ ବ୍ୟକ୍ତି, ପଳାତକ ।

**Fugitively,** *ad.* ପଳାତକରୂପେ ।

**Fugitiveness**, *n.* ଉଡ୍ଡୟନଶୀଳତା; ଅସ୍ଥାୟିତା ।

**Fugleman**, *n.* 1. ଏକ ଅରେର୍କର ପଶ୍ଚାତ୍ ସହିତ ସୈନ୍ୟପଂକ୍ତିର ପ୍ରଥମ ବ୍ୟକ୍ତି ; 2. ନମୁନା ଦେଖାଇବା ବ୍ୟକ୍ତି ।

**Fulcrate**, *a.* ଅଲମ୍ବଯୁକ୍ତ, ଠିକ୍ସଯୁକ୍ତ ।

**Fulcrum**, *n.* (*pl.* Fulcra or Fulcrums), ଅଲମ୍ବ, ଠିକ୍ସ ।

**Fulfil**, *v.t.* 1. ସଫଳ-କ, ସିଦ୍ଧ-କ, ନିର୍ବାହ-କ ; 2. ସମ୍ପୂର୍ଣ୍ଣ-କ, ସମାପ୍ତ-କ ।

**Fulfilment**, *n.* ସଫଳକରଣ, ସିଦ୍ଧି, ସମାପ୍ତି, ସଫଳତା, ସାଧନ, ନିର୍ବାହ ।

**Fulgency**, *n.* ଉଜ୍ଜ୍ୱଳତା, ପ୍ରଭା, କାନ୍ତି, ତେଜଃ, ଦ୍ୟୁତ-ଚମକ ।

**Fulgent, Fulgid**, *a.* ଉଜ୍ଜ୍ୱଳ, ତେଜୋମୟ, ଚକ୍‌ଚକିଆ ।

**Fuliginous**, *a.* ଅଳନ୍ଧୁସମ୍ବନ୍ଧୀୟ, ଅଳନ୍ଧୁମୟ, ଧୂମସମ୍ବନ୍ଧୀୟ, ଧୂମମୟ ।

**Full**, (1) *a.* 1. ପୂର୍ଣ୍ଣ, ପରିପୂର୍ଣ୍ଣ, ଭରା ; 2. ପୂରା, ତୃପ୍ତିକର ; 3. ଉଚ୍ଚ, ସ୍ପଷ୍ଟ ; 4. ପ୍ରଚୁର, ଯଥେଷ୍ଟ ।—**Full brother**, ଏକପିତାମାତାରୁ ଜାତ ଭାଇ ।—**Full dress**, ଦରବାରର ପୂରା ପୋଷାକ, ସାମାଜିକ ପୋଷାକ ।—**Full moon**, ପୂର୍ଣ୍ଣଚନ୍ଦ୍ର, ପୂର୍ଣ୍ଣିମା ।—*n.* ପୂର୍ଣ୍ଣପରିମାଣ, ପୂର୍ଣ୍ଣତା, usually with *the*.—*ad.* ସମ୍ପୂର୍ଣ୍ଣରୂପେ, ଠିକ୍‌ରୂପେ, ସିଧାଭାବେ ।

**Full**, (2) *v.t.* ଓଦା କରିବା ଓ ପିଟିବା ଦ୍ୱାରା (ପଶମୀ ଲୁଗାକୁ) ବହଳ-କ, ଲୁଗା କଳରେ ପରିଷ୍କାର କରି ମୋଟ-କ ।

**Full-blooded**, *a.* 1. ଅତିଶୟ ରକ୍ତବିଶିଷ୍ଟ ; 2. ଅସଲ ଜାତୀୟ ।

**Full-blown**, *n.* 1. ପୂର୍ଣ୍ଣବିକସିତ, ପ୍ରସ୍ଫୁଟିତ ; 2. [ପୂର୍ଣ୍ଣ ।

**Full-bodied**, *a.* ମୋଟା, ସ୍ଥୂଳକାୟ ।

**Full-bottomed**, *a.* ଚୌଡ଼ା ତଳାବିଶିଷ୍ଟ ।

**Fuller**, *n.* 1. ଯେ ଲୁଗା ପରିଷ୍କାର କରି ମୋଟ କରେ ; 2. (in the Bible) ଧୋବା ।

**Fuller's-earth**, *n.* ପରିଷ୍କାରକ ମାଟିବିଶେଷ, କୋମଳ ଚିକ୍କଣ ମାଟିବିଶେଷ ।

**Full-eyed**, *a.* ଡମା ଆଖିଆ, ବଡ଼ଆଖିଆ ।

**Full-faced**, *a.* 1. ବଡ଼ମୁହାଁ ; 2. ପୂର୍ଣ୍ଣମୁଖ ।

**Full-fed**, *a.* ହୃଷ୍ଟପୁଷ୍ଟ, ମୋଟା, ମାଂସଳ ।

**Full-grown**, *a.* ପୂର୍ଣ୍ଣବୟସ୍କ ।

**Full-handed**, *a.* 1. ପୂର୍ଣ୍ଣହସ୍ତ ; 2. କାର୍ଯ୍ୟକାରୀମାନଙ୍କରେ ପୂର୍ଣ୍ଣ ।

**Fulling**, *n.* କଳରେ ଲୁଗାକୁ ମୋଟାକରଣ ।

**Fulling-mill**, *n.* ଲୁଗାକୁ ମୋଟା କରିବା କଳ ।

**Full-length**, *a.* ପୂର୍ଣ୍ଣଲମ୍ବାଇ, ପୂର୍ଣ୍ଣଲମ୍ବ ।

**Full-orbed**, *a.* ପୂର୍ଣ୍ଣ ମଣ୍ଡଳାକାର, ପୂର୍ଣ୍ଣଚନ୍ଦ୍ରପରି ।

**Fully**, *ad.* ସମ୍ପୂର୍ଣ୍ଣରୂପେ, ସର୍ବତୋଭାବେ, ପ୍ରଚୁରରୂପେ, ଯଥେଷ୍ଟରୂପେ ।

**Fulminate**, *v.i.* 1. ମେଘଗର୍ଜ୍ଜନ-କ, ମେଘନାଦ-ହେ, ମହାଶବ୍ଦରେ ଫୁଟିବା ; 2. ଧମକ ଅଭିଶାପ ଆଦି ଉଚ୍ଚାର-କ, ତର୍ଜ୍ଜନଗର୍ଜ୍ଜନ-କ ।—*v.t.* 1. ନିର୍ଗତ-କ, ଉଚ୍ଚାର-କ ; 2. ଫୁଟାଇବା ।—*n.* ଅଘାତ ବା ତାପ ଦ୍ୱାରା ଫୁଟିବା ଦ୍ରବ୍ୟବିଶେଷ ।

**Fulminating**, *a.* 1. ଗର୍ଜ୍ଜନକାରୀ, ମହାଶବ୍ଦକାରୀ ; 2. ତର୍ଜ୍ଜନଗର୍ଜ୍ଜନକାରୀ ।

**Fulmination**, *n.* 1. ଗର୍ଜ୍ଜନ, ଭର୍ତ୍ସନା, ଅଭିଶାପ ; 2. ସ୍ଫୁଟନ ।

**Fulness, Fullness**, *n.* 1. ପୂର୍ଣ୍ଣତା, ପରିପୂର୍ଣ୍ଣତା ; 2. ପ୍ରଚୁରତା, ପ୍ରାଚୁର୍ଯ୍ୟ ; 3. ସମ୍ପୂର୍ଣ୍ଣତା, ସିଦ୍ଧି ; 4. ପରିତୃପ୍ତି ; 5. ଉଚ୍ଚତା ।—**In the fulness of time**, ନିରୂପିତ ସମୟରେ, ଯଥା ସମୟରେ ।

**Fulsome**, *a.* ଅତିରିକ୍ତ ପ୍ରଶଂସା ହେତୁ ଘୃଣ୍ୟ, ଘୃଣାର୍ହ, ଅରୁଚିକର, ଉଦ୍‌ଗାରଜନକ ।

**Fulsomely**, *ad.* ଘୃଣ୍ୟରୂପେ, ଅରୁଚିକରରୂପେ, ଉଦ୍‌ଗାରଜନକରୂପେ ।

**Fulsomeness**, *n.* ଅତିରିକ୍ତ ପ୍ରଶଂସା ହେତୁ ଘୃଣ୍ୟତା ଘୃଣାର୍ହତା ।

**Fumble**, *v.i.* ଅଜ୍ଞାତରୂପେ ହାତ ଚଳାଇବା, ଦରାଣ୍ଡିବା, ଅଜ୍ଞାତରୂପେ ଧରିବା, ଅଜ୍ଞାତରୂପେ କାର୍ଯ୍ୟ-କ ।

**Fumbler**, *n.* ଅଜ୍ଞାନ ଲୋକ, ଅପଟୁ ଲୋକ ।

**Fume**, *n.* 1. ଧୂଆଁ, ଧୂମ, ବାମ୍ଫ, ବାଷ୍ପ, ଗନ୍ଧ ; 2. ଖିଟଖିଟିଆ କୋପ, କୋପ, ଉତ୍ତାପ ; 3. ଅସାର କଳ୍ପନା ।—*v.i.* 1. ଧୂଆଁ-ହେ, ବାଷ୍ପ ଉଠିବା, ବାଷ୍ପରେ ଉଡ଼ିଯିବା ; 2. କୋପ-ହେ, କ୍ରୋଧରେ ଉତ୍ତପ୍ତ-ହେ ।—*v.t.* 1. ଧୂମଯୁକ୍ତ-କ, ବାଷ୍ପଯୁକ୍ତ-କ ; 2. ଧୂମମୟ-କ, ବାଷ୍ପପୂର୍ଣ୍ଣ-କ ; 3. ନିର୍ଗତ-କ ; 4. ଖିଟଖିଟିଆ କୋପ-କ ।

**Fumeless**, *a.* ଧୂମଶୂନ୍ୟ, ବାଷ୍ପରହିତ, ଗନ୍ଧଶୂନ୍ୟ ।

**Fumigate**, *v.t.* 1. ଧୂଆଁ-ଦେ, ବାମ୍ଫ ଦେ ; 2. ଧୂଆଁଯୁକ୍ତ-କ, ଛୁଆଁରୋଗରୁ ପରିଷ୍କାର ନିମନ୍ତେ ଧୂମମୟ-କ ; 3. ସୁବାସିତ-କ ।

**Fumigation**, *n.* 1. ଛୁଆଁରୋଗରୁ ପରିଷ୍କାରାର୍ଥେ ଧୂମକରଣ ; 2. ଧୂମ, ବାମ୍ଫ ; 3. ଧୂପ ।

**Fumy**, *a.* ଧୂମଜନକ, ଧୂମମୟ, ବାଷ୍ପପୂର୍ଣ୍ଣ ।

**Fun**, *n.* କୌତୁକ, କ୍ରୀଡ଼ା, ଖେଳ, ତାମସା, ହାସ୍ୟଜନକ କ୍ରିୟା ବା ଗୁଣ ।

**Funambulation**, *n.* ଦଉଡ଼ି ଉପରେ ନାଚ ।

**Funambulist**, *n.* ଦଉଡ଼ି ଉପରେ ନୃତ୍ୟକାରୀ ବ୍ୟକ୍ତି ।

**Function**, *n.* 1. ପଦ, କର୍ମ, କାର୍ଯ୍ୟ, କର୍ତ୍ତବ୍ୟକର୍ମ, କ୍ରିୟା ; 2. ଗୁଣ, କ୍ଷମତା ; 3. ବିଶେଷ ସାମାଜିକ ସଭା, ବିଶେଷ ଧର୍ମ ସଭା ।

**Functional**, *a.* 1. କାର୍ଯ୍ୟସମ୍ବନ୍ଧୀୟ, କର୍ମଧାରାସମ୍ବନ୍ଧୀୟ ; 2. କାର୍ଯ୍ୟକାରୀ ।

**Functionally**, *ad.* କର୍ମକାରୀରୂପେ, ବିଶେଷ କାର୍ଯ୍ୟ ଦ୍ୱାରା ।

**Functionary**, *n.* କର୍ମକାରୀ, କର୍ମଚାରୀ, ପଦସ୍ଥ ଲୋକ ।

Fund, *n.* 1. ପୁଞ୍ଜି, ପାଣ୍ଠି, ମୂଳଧନ ; 2. ଜାତୀୟ ଋଣ ; 3. *pl.* ନଗଦ୍ ଟଙ୍କା ; 4. ସମ୍ବଳ ।—Sinking fund, ଜାତୀୟ ଋଣ ଶୋଧନାର୍ଥେ ସଞ୍ଚିତ ଅର୍ଥ ।—*v.t.* ଜାତୀୟ ଋଣ ଶୋଧନାର୍ଥେ ଅର୍ଥ ସଞ୍ଚୟ-କ, ପାଣ୍ଠିରେ (ଟଙ୍କା) ଜମା-କ ।

Fundable, *a.* ପାଣ୍ଠିଯୋଗ୍ୟ ।

Fundament, *n.* ଗିର୍ଦ୍ଦ, ଅଧୋଦେଶ, ନିତମ୍ବ, ପାଣ୍ଡି, ମଳଦ୍ୱାର, ଗୁହ୍ୟ ।

Fundamental, *a.* ମୌଳିକ, ମୂଳୀଭୂତ, ମୂଳ, ପ୍ରଥମ, ପ୍ରଧାନ ।—*n.* ମୌଳିକ ବିଷୟ, ମୂଳସୂତ୍ର, ମୂଳ ।

Fundamentally, *ad.* ମୌଳିକରୂପେ, ପ୍ରଥମରେ, ଆଦ୍ୟରେ,-ମୂଳରେ ।

Funeral, *n.* ସମାଧିକର୍ମ, ଅନ୍ତ୍ୟେଷ୍ଟିକ୍ରିୟା, ସମାଧି ।—*a.* ସମାଧିବିଷୟକ ।

Funereal, *a.* 1. ସମାଧିର ଉପଯୋଗୀ, ଅନ୍ତ୍ୟେଷ୍ଟିଯୋଗ୍ୟ ; 2. ଶୋକସୂଚକ, ଘୋର ।

Funereally, *ad.* ଶୋକସୂଚକରୂପେ, ଘୋରରୂପେ ।

Fungous, *a.* ଛତୁପରି, ହଠାତ୍ ବର୍ଦ୍ଧନଶୀଳ, କୋମଳ, କ୍ଷଣସ୍ଥାୟୀ ।

Fungus, *n.* (*pl.* Fungi, and Funguses), 1. ଛତୁ, ଛତା ; 2. ଦେହରେ ଛତୁପରି ବୃଦ୍ଧି ।

Funicle, *n.* କ୍ଷୁଦ୍ରରଜ୍ଜୁ, ସୂତ୍ର ।

Funicular, *a.* ସୂତ୍ରବିଶିଷ୍ଟ, ସୂତ୍ରମୟ ।

Funnel, *n.* 1. ଚୁଙ୍ଗା, ନଳୀ, ନଳ ; 2. ଧୂଆଁର ପ୍ରଣାଳୀ, ଧୂମମାର୍ଗ ।

Funnily, *ad.* 1. କୌତୁକକାରୀରୂପେ, ହାସ୍ୟଜନକରୂପେ ; 2. ବିସ୍ମୟଜନକରୂପେ ।

Funny, *a.* 1. କୌତୁକକାରୀ, ହାସ୍ୟଜନକ, କୌତୁକୀ ; 2. ବିସ୍ମୟଜନକ ।

Fur, *n.* 1. ପଶମ, ସୂକ୍ଷ୍ମଲୋମ ; 2. ପଶମଯୁକ୍ତ ଚର୍ମ ; 3. ପଶମମୟ ପଶୁସମୂହ ; 4. (on the tongue,) ଛାତଅ, ମଳି, ଲୁଳକ ।—*a.* ପଶମନିର୍ମିତ ।—*v.t.* 1. ପଶମ ଦ୍ୱାରା ଶୋଭିତ-କ, ପଶମ ଦ୍ୱାରା ଆବୃତ-କ ; 2. ଛାତଅମୟ-କ ।

Furbelow, *n.* ଘାଗରାର ଚୁନ୍ନଟ ଝାଲର, ସ୍ତ୍ରୀପୋଷାକର ଅଳଙ୍କାର ।

Furbish, *v.t.* ମାର୍ଜନ-କ, ପରିଷ୍କୃତ-କ, ଉଜ୍ଜ୍ୱଳ-କ, ଶିକଳ-କ ।

Furbisher, *n.* ମାର୍ଜନକାରୀ, ଶିକଳକର, ଘର୍ଷକ ।

Furious, *a.* 1. ପ୍ରଗାଢ଼, କ୍ରୋଧୋନ୍ମତ୍ତ ; 2. ପ୍ରଚଣ୍ଡ, ବେଗଗାମୀ ; 3. ଉଦ୍ଧତ, କ୍ଷିପ୍ର ।

Furiously, *ad.* 1. ପ୍ରଗାଢ଼ରୂପେ, କ୍ରୋଧୋନ୍ମତ୍ତରୂପେ ; 2. ପ୍ରଚଣ୍ଡରୂପେ, ପ୍ରବଳରୂପେ ।

Furiousness, *n.* 1. କ୍ରୋଧୋନ୍ମତ୍ତତା ; 2. ପ୍ରଚଣ୍ଡତା ।

Furl, *v.t.* (ପାଲ) ଗୁଡ଼ାଇ ବାନ୍ଧିବା, (ନିଶାନ) ଲପ୍-ଟାଇବା ।

Furlong, *n.* ୨୨୦ ହାତ ପରିମାଣ, ମାଇଲର ଅଷ୍ଟମାଂଶ ।

Furlough, *n.* ସିପାହୀର ଛୁଟୀ, ଛୁଟୀ ।—*v.t.* ସୈନିକ କର୍ମରୁ ଛୁଟୀ-ଦେ ।

Furnace, *n.* 1. ଭାଟୀ, ଉହ୍ମାଇ ; 2. ଚୁଲ୍ଲୀ, ଚୁଲ୍ଲା, ଅଗ୍ନିକୁଣ୍ଡ ; 3. ଘୋର କ୍ଳେଶର ସ୍ଥାନ, ଘୋର କ୍ଳେଶ ।

Furnish, *v.t.* 1. ଯୋଗାଇବା ; 2. ସଜ୍ଜିତ-କ ; 3. ଦେବା, ଉପସ୍ଥିତ-କ ।

Furnished, *p.a.* ସଜ୍ଜିତ, ଉପକରଣଯୁକ୍ତ ।

Furniture, *n.* 1. ଘରର ସାମଗ୍ରୀ, ଚିଜବସ୍ତୁ, ଆସବାବ, ସରଞ୍ଜାମ ; 2. ଉପକରଣ ।

Furor, Furore, *n.* 1. କ୍ରୋଧୋନ୍ମତ୍ତତା, ଉନ୍ମତ୍ତତା ; 2. ମହାଉଦ୍‌ବେଗ, ଅନୁରାଗ ।

Furred, *p.a.* ପଶମାବୃତ, ପଶମରେ ଶୋଭିତ ।

Furrier, *n.* ପଶମବିକ୍ରେତା, ପଶମପ୍ରସ୍ତୁତକାରୀ ।

Furrow, *n.* 1. ଲଙ୍ଗଳର ଗାଡ଼, ସୀତା, ହଳରେଖା ; 2. ରେଖା, ବଦନରେଖା, ବଳି ।—*v.t.* 1. ଲଙ୍ଗଳରେ ଗାଡ଼-କ, ସୀତା-କ ; 2. ରେଖା-କ, ବଦନରେଖା-କ, ବଳିଯୁକ୍ତ-କ ।

Furry, *a.* 1. ପଶମାବୃତ, ପଶମମୟ, ପଶମବତ୍ ; 2. ଲୁଳକଯୁକ୍ତ, ଛାତଅଯୁକ୍ତ ।

Further, *ad.* 1. ଅଧିକଦୂରରେ, ଅଗ୍ରେ, ପୁରତଃ ; 2. ଅଧିକନ୍ତୁ, ଅଧିକ, ଏତଦ୍ଭିନ୍ନ ।—*a.* 1. ଦୂରତର ; 2. ଅଧିକତର ।—*v.t.* ବୃଦ୍ଧି-କ, ବଢ଼ାଇବା, ଅନୁକୂଳ-କ ।

Furtherance, *n.* ସଂବର୍ଦ୍ଧନ, ଆନୁକୂଲ୍ୟ, ଉନ୍ନତି ।

Furthermore, *ad.*, ଅଧିକ, ଅଧିକନ୍ତୁ, ଏତଦ୍ଭିନ୍ନ, ତାହାଛଡ଼ା ।

Furthermost, Furthest, *a.* ଦୂରତମ, ସର୍ବାପେକ୍ଷା ଦୂରସ୍ଥିତ ।

Furthest, *ad.* ସର୍ବାପେକ୍ଷା ଦୂରରେ ।

Furtive, *a.* ଚୋରା, ଅପହୃତ, ଗୋପନରେ ଗୃହୀତ, ଗୁପ୍ତ, ଅପ୍ରକାଶିତ ; ଚୋରବତ୍ ।

Furtively, *ad.* ଗୁପ୍ତରୂପେ, ଗୋପନରେ, ପ୍ରଚ୍ଛନ୍ନଭାବେ, ଅପ୍ରକାଶିତଭାବେ ।

Fury, *n.* (*pl.* Furies), 1. କ୍ରୋଧୋନ୍ମତ୍ତତା, ଉନ୍ମତ୍ତତା ; 2. ପ୍ରଚଣ୍ଡତା, ଉଗ୍ରତା, ମହାବେଗ ; 3. ମହାଉଦ୍‌ବେଗ, ଅନୁରାଗ ; 4. ପ୍ରତିହିଂସାଦେବୀ, ଭୈରବୀ ; 5. ଚଣ୍ଡୀ ।

Furse, *n.* କଣ୍ଟାଗୁଳ୍ମ ବିଶେଷ ।

Fuse, *v.t.* 1. ତରଳାଇବା, ଉତ୍ତାପରେ ଦ୍ରବ-କ ; 2. ମିଶାଇବା, ମିଳାଇବା ।—*v.i.* 1. ତରଳିଯିବା, ଉତ୍ତାପରେ ଦ୍ରବ-ହେ ; 2. ମିଶିଯିବା, ମିଶ୍ରିତ-ହେ ।

Fuse, Fuze, *n.* ଗୋଳାର ଛିଦ୍ରରେ ପୂର୍ଣ୍ଣ ଚୁଙ୍ଗା ।

Fusee, Fuzee, *n.* ବାୟୁରେ ନ ଲିଭିବା ଦିଆସିଲି ବିଶେଷ ।

Fusibility, *n.* ତରଳଯୋଗ୍ୟତା, ଉତ୍ତାପରେ ଦ୍ରବଣୀୟତା ।

Fusible, Fusile, *a.* ତରଳଯୋଗ୍ୟ, ଉତ୍ତାପରେ ଗଳନୀୟ ।

Fusil, Fusee, *n.* ପୂର୍ବକାଳୀନ ହାଲୁକା ବନ୍ଧୁକବିଶେଷ ।

**Fusileer**, *n.* ପୂର୍ବୋକ୍ତ ବନ୍ଧୁକଧାରୀ ସୈନିକ, କେତେକ ଇଂରାଜ ପଲ୍ଟନର ନାମ ।

**Fusillade**, *n.* ଏକକାଳୀନ ବନ୍ଧୁକନିକ୍ଷେପ ।—*v.t.* ଏକକାଳୀନ ବନ୍ଧୁକନିକ୍ଷେପ ଦ୍ୱାରା ଆକ୍ରମଣ-କ ।

**Fusion**, *n.* 1. ତରଳକରଣ, ଉତ୍ତାପରେ ଦ୍ରବକରଣ; 2. ତରଳିତାବସ୍ଥା, ଉତ୍ତାପରେ ଦ୍ରବାବସ୍ଥା; 3. ସଂମିଶ୍ରଣ, ମିଶ୍ରିତାବସ୍ଥା ; 4. ମିଳନ ।

**Fuss**, *n.* ଅନର୍ଥକ ବ୍ୟସ୍ତତା, ଧୁମଧାମ, ଗୋଳମାଳ, ବୃଥାଡମ୍ବର ।—*v.i.* ଅନର୍ଥକ ବ୍ୟସ୍ତ-ହେ ।

**Fussily**, *ad.* ବ୍ୟସ୍ତରୂପେ, ବୃଥାଡମ୍ବରପୂର୍ବକ ।

**Fussiness**, *n.* ବ୍ୟସ୍ତଭାବ, ଅନର୍ଥକ ବ୍ୟସ୍ତତା ।

**Fussy**, *a.* ଅନର୍ଥକ ବ୍ୟସ୍ତ, କ୍ଷୁଦ୍ର ବିଷୟରେ ଧୁମଧାମକାରୀ ।

**Fustian**, *n.* 1. କପା ଓ ଶଣ ନିର୍ମିତ ମୋଟା ଲୁଗାବିଶେଷ; 2. ବାଗାଡମ୍ବର, ଶବ୍ଦାଡମ୍ବରବିଶିଷ୍ଟ ଲେଖା ।—*a.* 1. ଉପରୋକ୍ତ ଲୁଗାରେ ନିର୍ମିତ ; 2. ଶବ୍ଦାଡମ୍ବରବିଶିଷ୍ଟ ।

**Fustic, Fustet**, *n* ରଙ୍ଗକାଠ ବିଶେଷ ।

**Fustiness**, *n.* ଛତାପଡ଼ିବା ଗୁଣ ବା ଅବସ୍ଥା, ଛତାପଡ଼ା ହେତୁରୁ ଦୁର୍ଗନ୍ଧ ।

**Fusty, Fusted**, *a.* ଛତାପଡ଼ା, ଗନ୍ଧୁଆ ।

**Futile**, *a.* ଅନର୍ଥକ, ନିଷ୍ଫଳ, ବ୍ୟର୍ଥ ।

**Futilely**, *ad.* ନିଷ୍ଫଳରୂପେ, ବ୍ୟର୍ଥରୂପେ ।

**Futility**, *n.* ନିରର୍ଥକତା, ନିଷ୍ଫଳତା, ଅକର୍ମଣ୍ୟତା ।

**Future**, *a.* ଆଗାମୀ, ଭବିଷ୍ୟତ୍, ଭାବୀ ।—*n.* ଆଗାମୀକାଳ, ଭବିଷ୍ୟତ୍‌କାଳ, ଭାବୀସମୟ ।

**Futurity**, *n.* 1. ଭବିଷ୍ୟତ୍‌କାଳ ; 2. ପରକାଳ ; 3. ଭାବୀ ଅବସ୍ଥା ; 4. ଆଗାମୀ ଲୋକସମୂହ, ଭବିଷ୍ୟତ୍ ଯୁଗ ।

**Fuzz**, *v.i.* ରେଣୁପରି ଉଡ଼ି ଯିବା ।—*n.* ରେଣୁ, ଉଡ୍ଡୀୟ-[ମାନ ଦ୍ରବ୍ୟ ।

## G.

**G**, ଇଂରାଜୀ ବର୍ଣ୍ଣମାଳାର ସପ୍ତମ ଅକ୍ଷର ।

**Gab**, *v.i.* ଗପ୍ପମାରିବା, ବକ୍‌ବକ୍-କ ।—*n.* ବୃଥା ଗପ୍ପ, ବକ୍‌ବକ୍ ।—Gift of the gab, ବାକ୍‌ଶକ୍ତି, ବାକ୍‌ପଟୁତା ।

**Gabardine Gaberdine**, *n.* ମୋଟା ଜୋଗା ବିଶେଷ ।

**Gabble**, *v.i.* 1. ବକ୍‌ବକ୍-କ, ଅସ୍ପଷ୍ଟରୂପେ ଶୀଘ୍ର କହିବା; 2. ହଂସପରି କଳରବ-କ ।

**Gable**, *n.* ଢାଳପଟ ।

**Gaby**, *n.* ଗମାର, ମୂର୍ଖ ।

**Gad**, (1) *n.* 1. ଲୁହାର ଥାକ ; 2. ଶାବଳ ବିଶେଷ ; 3. ମୁନିଆ ଖାଣ୍ଡାବିଶେଷ ।

**Gad**, (2) *v.i.* ନିରର୍ଥକ ଭ୍ରମଣ-କ ।

**Gadabout, Gadder**, *n.* ନିରର୍ଥକ ଭ୍ରମଣକାରୀ ।

**Gadfly** *n.* ଡାଆଁଶ ।

**Gael**, *n.* ସ୍କଟଲଣ୍ଡ ଦେଶର ପର୍ବତବାସୀ ।

**Gaelic**, *a.* ସ୍କଟଲଣ୍ଡ ଦେଶର ପର୍ବତବାସୀବିଷୟକ ।—*n.* ଉକ୍ତ ପର୍ବତବାସୀମାନଙ୍କର ଭାଷା ।

**Gaff**, *n.* 1. ବେଣ୍ଟା ; 2. ପାଲର ଦଣ୍ଡବିଶେଷ ।—*v.t.* ବେଣ୍ଟାରେ ଧରିବା ।

**Gaffer**, *n.* 1. ଗାଉଁଲି ବୁଢା ; 2. କୁଲିଦଳର ସର୍ଦ୍ଦାର ।

**Gag**, *v.t.* 1. କୌଣସି ବସ୍ତୁ ଦ୍ୱାରା ମୁଖ ବନ୍ଦ-କ ; 2. ବାକ୍ୟରୋଧ-କ, ସ୍ୱାଧୀନଭାବେ କହିବାକୁ ବା ଲେଖିବାକୁ ନ ଦେବା ।—*n.* ମୁଖବନ୍ଧନୀ ।

**Gage**, *n.* 1. ବନ୍ଧକ ; 2. ଯୁଦ୍ଧାର୍ଥେ ଆହ୍ୱାନକାରୀ ବସ୍ତୁ, ଯୁଦ୍ଧାର୍ଥେ ଆହ୍ୱାନ ।

**Gaggle**, *v.i.* ହଂସପରି କଳରବ-କ ।

**Gaiety**, *n.* 1. ହୃଷ୍ଟତା, ପ୍ରଫୁଲ୍ଲତା, ଆମୋଦ, ହର୍ଷପୂର୍ଣ୍ଣ କ୍ରିୟା, ଉତ୍ସବ; 2. ଆଡମ୍ବର, ଜାକ୍‌ଜମକ ।

**Gaily**, *ad.* 1. ହର୍ଷପୂର୍ବକ, ପ୍ରଫୁଲ୍ଲରୂପେ, ଆନନ୍ଦରେ, ଉଲ୍ଲାସରେ ; 2. ଉଜ୍ଜ୍ୱଳରୂପେ, ଆଡମ୍ବରରେ, ଜାକ୍‌ଜମକରୂପେ ।

**Gain**, *v.t.* 1. ଲାଭ-କ, ଉପାର୍ଜନ-କ, ପାଇବା ; 2. ସ୍ୱପକ୍ଷ-କ, ପ୍ରସନ୍ନ-କ ; 3. ପହଞ୍ଚିବା ।—To gain over, ସ୍ୱପକ୍ଷକୁ ଆଣିବା ।—To gain ground, ଅଗ୍ରସର-ହେ ।—*v.i.* 1. ଲାଭ ପାଇବା, ଲାଭବାନ୍-ହେ ; 2. ଉନ୍ନତ-ହେ, କ୍ରମଶଃ ବୃଦ୍ଧି-ହେ, କ୍ରମେ ଭଲ-ହେ ।—To gain on or upon, ଅତିକ୍ରମ-କ ।—*n.* 1. ଲାଭ, ଉପାର୍ଜ୍ଜନ, ପ୍ରାପ୍ତି, ଲଭ୍ୟ, ମୁନାଫା ; 2. ଧନର ଅନୁଧାବନ ବା ପ୍ରାପ୍ତି ।

**Gainful**, *a.* ଲାଭପୂର୍ଣ୍ଣ, ଲାଭଜନକ, ଅର୍ଥୋତ୍ପାଦକ ।

**Gainfully**, *ad.* ଲାଭଜନକରୂପେ, ଲାଭକରରୂପେ ।

**Gainfulness**, *n.* ଲାଭପୂର୍ଣ୍ଣାବସ୍ଥା, ଲାଭ ।

**Gainings**, *n. pl.* ଉପାର୍ଜ୍ଜନ, ଆୟ ।

**Gainless**, *a.* ଅଲାଭଜନକ, ଲାଭଶୂନ୍ୟ, ନିରର୍ଥକ ।

**Gainly**, *a.* ସୁନ୍ଦର, ସୁଶ୍ରୀ ।

**Gainsay**, *v.t.* ପ୍ରତିବାଦ-କ, ଅସ୍ୱୀକାର-କ, ଖଣ୍ଡନ-କ ।

**Gainsayer**, *n.* ପ୍ରତିବାଦକ, ବିପକ୍ଷବାଦୀ ।

**Gait**, *n.* ଚାଲିବା ଧାରା, ଗତି, ଚଳନ, ଚାଲି ।

**Gaiter**, *n.* ଗୋଡର ଆବରଣବିଶେଷ ।

**Gala, Gala-day**, *n.* ଉତ୍ସବ, ପର୍ବ, ଉତ୍ସବଦିନ, ପର୍ବଦିନ ।

**Galanga, Galangal**, *n.* ଅଦାଜାତୀୟ ମୂଳବିଶେଷ ।

**Galaxy**, *n.* 1. ଆକାଶଗଙ୍ଗା, ମନ୍ଦାକିନୀ, ସ୍ୱର୍ଗପଥ ; 2. ଶୋଭନ ବସ୍ତୁମଣ୍ଡଳ, (ସୁନ୍ଦର ସ୍ତ୍ରୀମାନଙ୍କର) ସମାଗମ ।

**Galbanum**, *n.* ଗନ୍ଧବିରଜା ।

**Gale**, *n.* ପ୍ରବଳବାୟୁ, ଝଡ, ସାମାନ୍ୟ ବତାସ ।

**Galeated, Galeate**, *a.* ଟୋପରବିଶିଷ୍ଟ, ଟୋପରାବୃତ ।

**Galipot**, *n.* ଶୁକୁଧୂନା, ସର୍ଜରସ ।

**Gall**, (1) *n.* 1. ପିତ୍ତ ; 2. କଟୁତା, ବିଦ୍ୱେଷ, ଦ୍ୱେଷ, ହିଂସା ; 3. ପିତ୍ତ ମୂଣା ।

**Gall**, (2) **Gall-nut**, *n.* ମାଜୁଫଳ ।

**Gall**, (3) *v.t.* 1. ଘର୍ଷଣରେ ଘା-କ ; 2. ବିରକ୍ତ-କ, ଚିଡ଼ାଇବା, କଷ୍ଟ-ଦେ ।—*n.* ଘର୍ଷଣଜନିତ ଘା ।

**Gallant**, *gal'ant*, *a.* 1. ସାହସିକ, ବୀର, ପ୍ରତାପୀ ; 2. *galant'*, ସ୍ତ୍ରୀଲୋକମାନଙ୍କ ପ୍ରତି ଶିଷ୍ଟାଚାରୀ ।—*n.* 1. ଫୁଲବାବୁ ; 2. ସ୍ତ୍ରୀଲୋକମାନଙ୍କ ପ୍ରତି ଶିଷ୍ଟାଚାରୀ ଲୋକ, ବିବାହପ୍ରାର୍ଥୀ ; 3. ଉପପତି, ଜାର ।—*v.t.* ଶିଷ୍ଟାଚାର ସହିତ (ସ୍ତ୍ରୀଲୋକମାନଙ୍କ) ଅନୁସରଣ-କ ।

**Gallantly**, *gal'-ant-li*, *ad.* ସାହସପୂର୍ବକ, ବୀରପରି ।

**Gallantry**, *n.* 1. ସାହସ, ବୀରତ୍ୱ ; 2. ସ୍ତ୍ରୀଲୋକମାନଙ୍କ ପ୍ରତି ଶିଷ୍ଟାଚାର ; 3. ସ୍ତ୍ରୀପରତା, ଗୁପ୍ତପ୍ରଣୟ, ସ୍ତ୍ରୈଣଭାବ ।

**Gall-bladder**, *n.* ପିତ୍ତକୋଷ, ପିତ୍ତମୂଣା ।

**Galleon**, *n.* ସ୍ପେନ ଦେଶର ପୂର୍ବକାଳୀନ ବଡ଼ ଜାହାଜ ବିଶେଷ ।

**Gallery**, *n.* 1. ଚଉଡ଼ା ଅପେକ୍ଷାରେ ଲମ୍ବ କୋଠରି ଯେ ଯାହା ଦେଇ କୋଠରିକୁ ଯିବା ପଥସ୍ୱରୂପ ହୁଏ ; 2. ଜିନିଷ ଆଦି ପ୍ରଦର୍ଶନ ନିମନ୍ତେ କୋଠରି, ଚିତ୍ରଦର୍ଶଣ, ପ୍ରେକ୍ଷାଗୃହ ; 3. ଶ୍ରୋତାମାନଙ୍କର ଆସନ ନିମନ୍ତେ ଗୀର୍ଜାଘର ଓ ନାଟ୍ୟଶାଳା ଆଦିରେ ଥିବା ଉଚ୍ଚ ମଞ୍ଚା ; 4. ଉକ୍ତ ମଞ୍ଚାରେ ବସିବା ଲୋକମାନେ, ସାଧାରଣ ଲୋକମାନେ ; 5. ଆବୃତ ପଥ, ବାରଣ୍ଡାବିଶେଷ ; 6. ଭୂମିତଳେ ଥିବା ପଥ ।

**Galley**, *n.* 1. ଅନୁଚ୍ଚ ଓ ପାଲରେ ଚାଳିତ କ୍ଷୁଦ୍ର ଜାହାଜବିଶେଷ ; 2. ଯୁଦ୍ଧଜାହାଜର କପ୍ତାନ ଦ୍ୱାରା ବ୍ୟବହୃତ ନୌକା ; 3. ବଡ଼ ଜାହାଜର ରନ୍ଧନଶାଳା ; 4. ଛାପାକର୍ମର ଅକ୍ଷରଧାର ।

**Galley-slave**, *n.* ପୂର୍ବୋକ୍ତ ଜାହାଜରେ କର୍ମକାରୀ ବନ୍ଦୀ ଦାସ ବା କଏଦୀ ।

**Gallic**, (1) *a.* ଗଲ ବା ଫ୍ରାନ୍ସ ଦେଶସମ୍ବନ୍ଧୀୟ ।

**Gallic**, (2) *a.* ମାଜୁଫଳସମ୍ବନ୍ଧୀୟ, ମାଜୁଫଳରୁ ଜାତ ।

**Gallicism**, *n.* ଫ୍ରେଞ୍ଚ ଭାଷାର ବିଶେଷ ଧାରା ।

**Galliguskins**, *n.* 1. ପୂର୍ବକାଳୀନ ଢିଲା ମୋଜା ବିଶେଷ ; 2. ଶିକାରର ଚର୍ମନିର୍ମିତ ପାଦାବରଣ ।

**Galling**, *p.a.* ପୀଡ଼ାଦାୟକ, ବିରକ୍ତିକର, କ୍ଲେଶଦାୟୀ ।

**Gallipot**, *n.* ଔଷଧ ରଖିବା କ୍ଷୁଦ୍ର ଚିକଣପାତ୍ର ।

**Gallivant**, *v.i.* ନିରର୍ଥକ ଭ୍ରମଣ-କ, ସ୍ତ୍ରୀଲୋକ ସଙ୍ଗେ ବୃଥାରେ ବୁଲିବା ।

**Gallon**, *n.* ଦ୍ରବଦ୍ରବ୍ୟର ପରିମାଣ, ପ୍ରାୟ ୪ ସେର ।

**Galloon**, *n.* ସୁନା ରୁପା ବା ରେଶମାଦିରେ ବୁଣା ଫିତା ବା ଜରି ।

**Gallop**, *v.i.* 1. (ଘୋଡ଼ା) ବେଗେ ଧାଇଁବା, ଦ୍ରୁତଗମନ-କ, ଛଟକିକି ଯିବା ; 2. ଅଣାବୁତ ହୋଇ ବେଗେ ଧାଇଁବା ।—*n.* 1. ଅଶ୍ୱର ଦ୍ରୁତଗତି, ଛୁଟକିକ ; 2. ଅଶ୍ୱାରୋହଣରେ ଧାବନ ।

**Gallows**, *n. sing.* and *pl.* ଫାଶିକାଠ ।

**Gallows-bird**, *n.* ଫାଶୀ ପାଇଥିବା ଲୋକ, ଫାଶୀ ପାଇବାଯୋଗ୍ୟ ଲୋକ ।

**Galoche, Galosh**, *n.* ଜୋତା ଉପରେ ପିନ୍ଧିବା ରବର [ଜୋତା ।

**Galop**, *n.* ଚଞ୍ଚଳ ନୃତ୍ୟବିଶେଷ ।

**Galore**, *n.* ବାହୁଲ୍ୟ ।—*a.* ବହୁଳ, ପ୍ରଚୁର ।

**Galvanic**, *a.* ରସାୟନିକ ପ୍ରକ୍ରିୟାରୁ ଜାତ ତାଡ଼ିତଶକ୍ତି ବିଷୟକ, ତାଡ଼ିତ ଶକ୍ତି ଉତ୍ପାଦକ ।

**Galvanism**, *n.* ରାସାୟନିକ ପ୍ରକ୍ରିୟାରୁ ଜାତ ତାଡ଼ିତଶକ୍ତି, ବୈଦ୍ୟୁତିକ ଶକ୍ତିବିଶେଷ, ତାଡ଼ିତଶକ୍ତି ବିଦ୍ୟା ।

**Galvanist**, *n.* ତାଡ଼ିତଶକ୍ତି ବିଦ୍ୟାଜ୍ଞ ।

**Galvanize**, *v.t.* 1. ତାଡ଼ିତଶକ୍ତି ଦ୍ୱାରା ଅଭିଭୂତ-କ ; 2. କୃତ୍ରିମ ଜୀବନ ବା ତେଜ ସଞ୍ଚାର-କ ; 3. ତାଡ଼ିତଶକ୍ତି ଦ୍ୱାରା ଧାତୁରେ ଆଚ୍ଛାଦନ-କ ।

**Gambier, Gambir**, *n.* ଖଇରବିଶେଷ ।

**Gamble**, *v.i.* ଜୁଆଖେଳା-କ, ପଶା ଖେଳିବା, ଦ୍ୟୂତ କ୍ରୀଡ଼ା-କ ।

**Gambler, Gamester**, *n.* ଜୁଆଡ଼ି, ପଶା ଖେଳିବା ଲୋକ, ଦ୍ୟୂତକ୍ରୀଡ଼କ ।

**Gamboge**, *n.* କାମ୍ବୋଜ୍ୟା ବା କାମ୍ବୋଡ୍ୟା ଦେଶର ଗୋନ୍ଦ ବିଶେଷ, ଗାମ୍ବୋଜ, ଏ ଦ୍ରବ୍ୟ ହଳଦିରଙ୍ଗ କରିବା ନିମନ୍ତେ ଓ ଜୁଲାପ ନିମନ୍ତେ ବ୍ୟବହୃତ ହୁଏ ।

**Gambol**, *n.* ଖେଳାରେ କୁଦାକୁଦି, ଡିଆଁ, ନାଚ, ଖେଳା ।—*v.i.* ଖେଳାରେ କୁଦାକୁଦି-କ, ଡିଆଁ ମାରିବା, ନାଚିବା, ଖେଳିବା ।

**Game**, *n.* 1. ଖେଳା, କ୍ରୀଡ଼ା ; 2. କୌତୁକ, ପରିହାସ ; 3. ବାଜି ; 4. *pl.* ବ୍ୟାୟାମ ; 5. କଳ୍ପନା, ସଂକଳ୍ପ ; 6. ମୃଗୟା, ଶିକାର without a *pl.* 7. ଶିକାର ଜନ୍ତୁସମୂହ ।—*v.i.* ଜୁଆ ଖେଳିବା ।—*a.* 1. ଲଢ଼ୁଆ ଗଞ୍ଜା ପରି ସାହାସିକ, ସାହାସିକ, ନିର୍ଭୀକ, ଅଟଳ ; 2. ମୃଗୟାସମ୍ବନ୍ଧୀୟ, ଶିକାରୀ, ଶିକାର ମାଂସରେ ପ୍ରସ୍ତୁତ ; 3. (slang,) ଇଚ୍ଛୁକ, ପ୍ରସ୍ତୁତ ; 4. (slang,) ଲେଙ୍ଗଡ଼ା, ବଙ୍କା, ଭଙ୍ଗା, ଘାଉଆ ।

**Game-cock**, *n.* ଲଢ଼ୁଆ ଗଞ୍ଜା, ଯୋଦ୍ଧକୁକ୍କୁଟ ।

**Game-keeper**, *n.* ଜମିଦାରୀ ମଧ୍ୟରେ ଶିକାରୀ ଜନ୍ତୁସମୂହର ରକ୍ଷକ ।

**Game-law**, *n.* ଶିକାର ଜନ୍ତୁ ରକ୍ଷାର୍ଥକ ଆଇନ ।

**Gameness**, *n.* ସାହସିକତା ।

**Gamesome**, *a.* କ୍ରୀଡ଼ାପର, ଚପଳ ।

**Gamesomely**, *ad.* କ୍ରୀଡ଼ାପରରୂପେ, ଚପଳଭାବେ ।

**Gamin**, *n.* ଦାଣ୍ଡବୁଲା ଅରକ୍ଷିତ ପିଲା ।

**Gaming**, *n.* ଜୁଆଖେଳା, ପଶାଖେଳା ।

**Gaming-house**, *n.* ଜୁଆଖେଳାଘର ।

**Gaming-table**, *n.* ଜୁଆଖେଳାମେଜ ।

**Gammer**, *n.* ବୁଢ଼ି ।

**Gammon**, (1) *n.* ଶୂକରର ଶୁଷ୍କ ଜଙ୍ଘମାଂସ ।—*v.t.* (ଶୂକରର ମାଂସକୁ) ଲବଣ ଓ ଧୂଆଁରେ ଶୁଷ୍କ-କ ।

**Gammon**, (2) *n.* ଫାନ୍ଦ ।—*v.t.* ଫାନ୍ଦ-ଦେ, (ଚାଟୁବାଦରେ) ଭୁଲାଇବା, ଠକିବା ।

Gamut, *n.* 1. ସ୍ୱରଗ୍ରାମର ଅବ୍ୟତିକ୍ରମ, ଯଥା,—ସା ରି ଗା ମା ଇତ୍ୟାଦି ; 2. ସୀମା, ମଣ୍ଡଳ ।

Gamy, Gamey, *a.* 1. ଅଳ୍ପ ଗଳିତ ; 2. ସାହାସିକ, ସାହସୀ ।

Gander, *n.* ପୁଂହଂସ, ହଂସ ।

Gang, *n.* 1. ଦଳ ; 2. ଦୁଷ୍ଟମାନଙ୍କର ଦଳ ।

Ganglion, *n.* (*pl.* Ganglia or Ganglions,) 1. ମସ୍ତିଷ୍କର ଗଣ୍ଠି ; 2. ସ୍ନାୟୁର ଗଣ୍ଠି ।

Gangrene, *n.* 1. ମାଂସକ୍ଷୟ ରୋଗ, ମାଂସର ପଚିବା-ଗନ୍ଧ ; 2. ବୃକ୍ଷରେ ପଚନରୋଗ ବିଶେଷ ।—*v.t.* ପଚାଇବା ।—*v.i.* ପଚି ଯିବା ।

Gangrenous, *a.* ପଚାରୋଗରେ ଆକ୍ରାନ୍ତ, ପଚାରୋଗ-ଗ୍ରସ୍ତ, ପଚା, ମାଂସର ପଚନସୂଚକ ।

Gangway, *n.* 1. ଘରେ ନିର୍ମିତ ପଥ, ଜାହାଜର ଭିତରକୁ ବା ବାହାରକୁ ଯିବାଆସିବା ଦ୍ୱାର ; 2. ଇଂରାଜ ମହାସଭାଗୃହର ମଧ୍ୟସ୍ଥିତ ପଥ ।

Gannet, *n.* ଜଳଚର ପକ୍ଷୀବିଶେଷ ।

Gantlet, Gantlope, *n.* ଅପରାଧୀ ବାଧ୍ୟ ହୋଇ ଦୁଇ ଶ୍ରେଣୀ ଲୋକଙ୍କ ମଧ୍ୟଦେଇ ଯିବାବେଳେ ପ୍ରତ୍ୟେକ ଲୋକ-ଠାରୁ ପ୍ରାପ୍ତ ପ୍ରହାରଦଣ୍ଡ ।—To run the gantlet, 1. ଉକ୍ତ ଦଣ୍ଡ ଭୋଗିବା ; 2. ଘନ ସମାଲୋଚନାରେ ପଡ଼ିବା, ବାରମ୍ବାର କଷ୍ଟ ଭୋଗିବା ।

Gaol, *n.* see Jail, କାରାଗାର ।

Gap, *n.* 1. ଫାଙ୍କ, ଫାଟ, ଛିଦ୍ର ; 2. ଭଙ୍ଗ, ଶୂନ୍ୟ ।—To stop a gap, 1. ଫାଙ୍କ ପୂର୍ଣ୍ଣ-କ, ଛିଦ୍ର ବନ୍ଦ-କ ; 2. କ୍ଷଣିକ ଉପାୟ ଯୋଗାଇବା ।—*v.t.* 1. ଫାଙ୍କଯୁକ୍ତ-କ, ଛିଦ୍ରଯୁକ୍ତ-କ ; 2. (କରତପରି) ଦାନ୍ତଯୁକ୍ତ-କ ।

Gape, *v.i.* 1. କ୍ଳାନ୍ତ ହେବାରୁ ମୁହଁ ମେଲା-କ, ହାଇମାରିବା, ବିସ୍ମୟରେ ମୁହଁ ମେଲା-କ, (ଛୁଆଙ୍କୁଅପରି) ଆହାର ପାଇଁ ମୁହଁ ମେଲା-କ, ମୁହଁବ୍ୟାଦାନ-କ ; 2. ଭଗ ଫାଙ୍କ-ଯୁକ୍ତ-ହେ, ଫାଟ ଦେଖାଇବା ।—To gape *for* or *after*, ଇଚ୍ଛା-କ ।—*n.* 1. ହାଇମାରିବା ; 2. ମେଲାମୁହଁର ଚୌଡ଼ା ; 3. *pl.* କୁକୁଡ଼ାଛୁଆର ରୋଗ ବିଶେଷ ।

Garb, *n.* 1. ପୋଷାକ, ପରିଚ୍ଛଦ, ବିଶେଷ ପୋଷାକ ; 2. ବେଶ, ଢଙ୍ଗ ।—*v.t.* ବସ୍ତ୍ରାବୃତ-କ, ବେଶଭୂଷା-କ ।

Garbage, *n.* 1. ଉଚ୍ଛିଷ୍ଟମାଂସ, ଅଁଠା, ଅଳିଆପଦାର୍ଥ ; 2. ତୁଚ୍ଛଦ୍ରବ୍ୟ, ଅକର୍ମଣ୍ୟ ଦ୍ରବ୍ୟ, ଭ୍ରଷ୍ଟ ଲୋକ, ମନ୍ଦ ବା କୁତ୍ସିତ ବିଷୟ ।

Garble, *v.t.* କେତେକ ଅଂଶ ଛାଡ଼ି ଦେଇ ମିଥ୍ୟା-କ, ପରିବର୍ତ୍ତନ ଦ୍ୱାରା ଦୂଷିତକରିବା, ବିକୃତ-କ ।

Garden, *n.* ବଗିଚା, ଉଦ୍ୟାନ, ଉପବନ ।—*a.* ଉଦ୍ୟାନବିଷୟକ, ଉଦ୍ୟାନଜାତ ।—*v.i.* ବଗିଚା-କର୍, ଉଦ୍ୟାନ-କ ।

Gardener, *n.* ମାଳୀ, ଉଦ୍ୟାନପାଳକ ।

Gardening, *n.* ଉଦ୍ୟାନବିଦ୍ୟା ।

Garden-party, *n.* ଉଦ୍ୟାନରେ ସାମାଜିକ ଉତ୍ସବ, ଲୋକ ଯାହାରେ ଆମୋଦପ୍ରମୋଦର ସଭା ।

Gargle, *v.t.* କୁଳୁକୁଞ୍ଚା-କ, କୁଳି-କ ।—*n.* କୁଳୁକୁଞ୍ଚା କରିବା ଦ୍ରବଦ୍ରବ୍ୟ ବା ଔଷଧ ।

Gargoil, Gargoyle, *n.* କୋଠାର ମୂର୍ତ୍ତିବିଶିଷ୍ଟ ନଳ ।

Garish, *a.* ଜାକଜମକ, ଚକଚକିଆ, ଚକଚକ୍ୟ ।

Garishly, *ad.* ଜାକଜମକରୂପେ, ଚକଚକିଆରୂପେ ।

Garland, *n.* 1. ମାଳା, ହାର, ପୁଷ୍ପମାଳା, ପୁଷ୍ପହାର ; 2. କ୍ଷୁଦ୍ର ଗଦ୍ୟ ବା ପଦ୍ୟ ସଂଗ୍ରହ, କ୍ଷୁଦ୍ର ଗୀତାବଳୀ ।—*v.t.* ମାଳାରେ ଭୂଷିତ-କ ।

Garlic, *n.* ରସୁଣ, ଲଶୁନ ।

Garment, *n.* ଲୁଗା, ବସ୍ତ୍ର, ବସନ ।

Garner, *n.* ଗୋଲା, ଅମାର, ଶମାର, ଶସ୍ୟାଗାର ।—*v.t.* ଗୋଲାରେ ରଖିବା, ଅମାରରେ ରଖିବା, ସଞ୍ଚୟ-କ ।

Garnet, *n.* 1. ବହୁମୂଲ୍ୟ ପ୍ରସ୍ତରବିଶେଷ ; 2. ଲାଲ ରଙ୍ଗ ।

Garnish, *v.t.* ଭୂଷିତ-କ, ଶୋଭିତ-କ, ଅଳଙ୍କୃତ-କ ।—*n.* 1. ଭୂଷଣ, ଅଳଙ୍କାର ; 2. ଭୋଜନ ସମୟରେ ଶୋଭା ନିମନ୍ତେ ଥାଳୀ ଉପରେ ଥିବା ଫଳପଦାର୍ଥ ।

Garnishing, Garnishment, Garniture, *n.* ଶୋଭାକର ବିଷୟ, ଅଳଙ୍କାର, ଭୂଷଣ ।

Garret, *n.* ଗୃହର ସର୍ବୋପରିସ୍ଥ କୋଠରି ।

Garreteer, *n.* 1. ସର୍ବୋପରିସ୍ଥ କୋଠରିବାସୀ ; 2. ଦରିଦ୍ର ଗ୍ରନ୍ଥକାରକ ।

Garrison, *n.* ଦୁର୍ଗର ସୈନ୍ୟଦଳ, ସୈନ୍ୟଦଳବିଶିଷ୍ଟ ଗଡ଼, ଦୁର୍ଗ ।—*v.t.* 1. ସୈନ୍ୟଦଳ ଦ୍ୱାରା ପୂର୍ଣ୍ଣ-କ, ସୈନ୍ୟଦଳ ଦ୍ୱାରା ରକ୍ଷା-କ ; 2. (ସୈନ୍ୟଦଳକୁ) ଦୁର୍ଗରେ ବା ନଗରରେ ରଖିବା ।

Garotte, Garrote, *v.t.* 1. ଗୁମ୍ଫରେ ଲଗିଥିବା ଲୁହା-ହାଁସର ଦ୍ୱାରା ଶ୍ୱାସରୁଦ୍ଧ କରି ପ୍ରାଣଦଣ୍ଡ ଦେବା ; 2. ହଠାତ୍ ବେକ ଧରି ଶ୍ୱାସରୁଦ୍ଧ କରିବା ଦ୍ୱାରା ଚୋରି-କ ।

Garrotter, *n.* ଶ୍ୱାସରୁଦ୍ଧକାରୀ ଚୋର ।

Garrulity, *n.* ବକାମି, ବାଚାଳତା, ବାକ୍ପଟୁତା, ବହୁ-ଭାଷିତା ; [ବହୁଭାଷୀ ।

Garrulous, *a.* ବକୁଆ, ବଡ଼ବଡ଼ିଆ, ବାଚାଳ, ବାକ୍ପଟୁ,

Garrulously, *ad.* ବକୁଆରୂପେ, ବହୁଭାଷିରୂପେ ।

Garter, *n.* 1. ମୌଜା ବନ୍ଧା ଫିତା ; 2. ଇଂଲଣ୍ଡ ଦେଶୀୟ କୁଳୀନର ସର୍ବପ୍ରଧାନ ଶ୍ରେଣୀର ଚିହ୍ନ, ଉକ୍ତ କୁଳୀନର ସର୍ବ ପ୍ରଧାନ ଶ୍ରେଣୀ ।—*v.t.* ମୌଜାବନ୍ଧା ଫିତାରେ ବାନ୍ଧିବା ।

Gas, *n.* 1. ବାଷ୍ପ ; 2. କୋଇଲାରୁ ଜାତ ବାଷ୍ପ, ଜ୍ୱଳନୀୟ ବାଷ୍ପ, ଗାସ୍ ; 3. ବାଷ୍ପପରି ପଦାର୍ଥ ; 4. ମାହାଳିଆ କଥା, ବୃଥା ଦର୍ପ ।—*a.* ଜ୍ୱଳନ୍ତ ବାଷ୍ପ ଦ୍ୱାରା (ଲୁଗାକୁ) ପରିଷ୍କାର-କ ।

Gasalier, Gaselier, *n.* ଜ୍ୱଳନୀୟ ବାଷ୍ପର ଆଲୋକ ।

Gas-burner, *n.* ଗାସ୍‌ବତୀ ଜଳାର ମୁହଁ ।

Gasconade, *n.* ବଡ଼ାଇ, ଗର୍ବ ।—*v.t.* ବଡ଼ାଇ-କ, ଗର୍ବ-କ ।

Gaseity, *n.* ବାଷ୍ପାବସ୍ଥା ।

Gaseous, *a.* ବାଷ୍ପବତ୍ ।

**Gas-fitter**, *n.* ଗାସ୍ ଅଲୁଅ ନିମନ୍ତେ ନଳାଦି ବସାଇବା ଲୋକ ।

**Gash**, *v.t.* ଗଭୀର କ୍ଷତ-କ, କାଟିବା ।—*n.* ଗଭୀରକ୍ଷତ, ଲମ୍ବ କଟା । [ଆଧାର ।

**Gas-holder, Gas-tank**, *n.* ଗାସ୍ ରଖିବା ବଡ

**Gasification**, *n.* ବାଷ୍ପରେ ପରିଣତକରଣ ।

**Gasify**, *v.t.* ଉତ୍ତାପ ଦ୍ୱାରା ବାଷ୍ପରେ ପରିଣତ-କ ।

**Gas-jet**, *n.* 1. ଗାସ୍‌ର ଶିଖା ; 2. ଗାସ୍‌ବତୀ ନଳୀର ମୁହଁ ।

**Gas-lamp**, *n.* ଗାସ୍ ଦୀପ ।

**Gas-meter**, *n.* ଗାସ୍‌ପରିମାପକ ଯନ୍ତ୍ର ।

**Gasogene, Gazogene**, *n.* ଅଙ୍ଗାରାମ୍ଳପୂର୍ଣ୍ଣ ଜଳ ପ୍ରସ୍ତୁତ କରିବା ଯନ୍ତ୍ର ।

**Gasometer**, *n.* 1. ବାଷ୍ପ ମାପିବା ସଞ୍ଚୟ କରିବା ବା ମିଶାଇବା ଯନ୍ତ୍ର ; 2. ଗାସ୍ ରଖିବା ବଡ ଆଧାର ।

**Gasp**, *v.i.* ହାଙ୍ଫିବା, କଷ୍ଟରେ ଶ୍ୱାସ ମାରିବା ।—*v.t.* କଷ୍ଟଶ୍ୱାସରେ ଉଚ୍ଚାରଣ-କ ।—*n.* କଷ୍ଟଶ୍ୱାସ, ଧକଧକ ।

**Gaspingly**, *ad.* କଷ୍ଟଶ୍ୱାସରେ ।

**Gassy**, *a.* 1. ବାଷ୍ପମୟ, ବାଷ୍ପବିଶିଷ୍ଟ, ବାଷ୍ପବତ୍ ; 2. ବଡାଇପ୍ରିୟ ।

**Gas-tar**, *n.* ଅଲକାତରା ।

**Gas-tight**, *a.* ରୁଦ୍ଧବାଷ୍ପ ।

**Gastralgia, Gastralgy**, *n.* ଉଦରବେଦନା ।

**Gastric**, *a.* ଔଦରିକ, ପାକସ୍ଥଳିସମ୍ବନ୍ଧୀୟ, ପାକାଶୟ ।

**Gastric juice**, *n.* ପାକସ୍ଥଳିସ୍ଥ ରସ, ପାକାଶୟ ରସ ।

**Gastric fever**, *n.* ଉଦ୍‌ରାଜିକ ପିତ୍ତଜ୍ୱରବିଶେଷ, ଔଦରିକ ଜ୍ୱର ।

**Gastritis**, *n.* ଉଦରର ପ୍ରଦାହ ।

**Gastronome, Gastronomer, Gastronomist**, *n.* ଭୋଜନବିଦ୍ୟାବିତ୍, ଭୋଜନକୌଶଳଜ୍ଞ, ଉଦରମ୍ଭରି, ଉଦରପରାୟଣ ।

**Gastronomic, Gastronomical**, *a.* ଭୋଜନବିଦ୍ୟା-ସମ୍ବନ୍ଧୀୟ, ଉଦରସେବାସମ୍ବନ୍ଧୀୟ ।

**Gastronomy**, *n.* ଭୋଜନକୌଶଳ, ଉଦରପରାୟଣତା, ଉଦରସେବା । [କର୍ତ୍ତନ ।

**Gastrotomy**, *n.* ଆହାର ଦେବା ନିମନ୍ତେ ଉଦର

**Gas-work**, *n.* କୋଇଲାରୁ ଜାତ ଗାସ୍ ପ୍ରସ୍ତୁତ କରିବା କାରଖାନା ।

**Gat**, old *pret.* of Get. [ଶର ଉପାୟ ।

**Gate**, *n.* 1. ଫାଟକ, ଦ୍ୱାର ; 2. ଦ୍ୱାରପଥ, ପଥ, ପ୍ରବେ-

**Gateway**, *n.* ଦ୍ୱାରପଥ, ଦ୍ୱାର ।

**Gather**, *v.t.* 1. ଏକଠା-କ, ଏକତ୍ର-କ, ସଂଗ୍ରହ-କ ; 2. ସଞ୍ଚୟ-କ, ଗୋଟାଇବା ; 3. ଅଧିକ କରି ଲାଭ-କ ; 4. ଚୁନଟ-କ, କୁଞ୍ଚକୁଞ୍ଚା-କ ; 5. ଅନୁମାନ-କ, ସିଦ୍ଧାନ୍ତ-କ ।—To be gathered to one's fathers, ପିତୃପୁରୁଷମାନଙ୍କ ସହିତ କବରପ୍ରାପ୍ତ-ହେ, ମରିବା ।—*v.i.* 1. ଏକତ୍ରିତ-ହେ ; 2. ବୃଦ୍ଧି-ହେ ; 3. ପୂଯଯୁକ୍ତ-ହେ ।—*n.* ଚୁନଟ ।

**Gathering**, *n.* 1. ସଂଗ୍ରହ, ସଞ୍ଚୟ, ସମାଗମ ; 2. ଜନତା, ସଭା ; 3. ପୂଯପୂର୍ଣ୍ଣ ବଥ, ବଥ ।

**Gaud, Gawd**, *n.* ଚକ୍‌ଚକ୍ୟା ଅଳଙ୍କାର, ରଙ୍ଗିଲା ଲୁଗା ।

**Gaudily**, *ad.* ଜାକଜମକରୂପେ, ଆଡମ୍ବରଭାବେ, ରଙ୍ଗିଲାରୂପେ ।

**Gaudiness**, *n.* ଜାକଜମକ, ରଙ୍ଗଢଙ୍ଗ ।

**Gaudy**, *a.* ଚକଚକିଆ, ରଙ୍ଗିଲା, ଜାକଜମକିଆ ।

**Gauge, Gage**, *v.t.* 1. ମାପ-କ, ପରିମାଣ-କ; 2. ଅନୁମାନ-କ, ପରୀକ୍ଷା-କ ।—*n.* 1. ମାପଯନ୍ତ୍ର, କେତେ ପ୍ରକାର ପରିମାପକ ଯନ୍ତ୍ର; 2. ମାପ, ନିରୂପିତ ମାପ ପରିମାଣ । [ପରିମେୟ ।

**Gaugeable**, *a.* ମପା ହେବା ଯୋଗ୍ୟ, ମାପଯୋଗ୍ୟ,

**Gauger**, *n.* ପିପାରେ ଥିବା ଦ୍ରବ୍ୟର ମାପକାରୀ ବ୍ୟକ୍ତି, ଅବ୍‌କାରୀ କର୍ମଚାରୀ ।

**Gaunt**, *a.* 1. କ୍ଷୀଣ, କୃଶ ; 2. କ୍ଷୀଣକାୟ ।

**Gauntlet**, *n.* 1. ଲୌହର ଦସ୍ତାନା, ଲୌହନିର୍ମିତ ହସ୍ତରକ୍ଷଣୀ ; 2. ଲମ୍ବ ଦସ୍ତାନା ବିଶେଷ ।—To throw down the gauntlet, ଯୁଦ୍ଧାର୍ଥେ ଆହ୍ୱାନ-କ ।—To take up the gauntlet, ଉକ୍ତ ଆହ୍ୱାନ ଗ୍ରହଣ-କ ।

**Gauntly**, *ad.* କ୍ଷୀଣରୂପେ, କୃଶରୂପେ ।

**Gauze**, *n.* ମଲମଲ ଲୁଗା, ଝିରିମିରି ବସ୍ତ୍ର ।

**Gauzy**, *a.* ମଲମଲପରି ସୂକ୍ଷ୍ମ ।

**Gave**, *pret.* of Give.

**Gawk, Gawky**, *n.* ଅନାଡ଼ି ଲୋକ, ମୂର୍ଖ ।

**Gawky**, *a.* ଅନାଡ଼ି, ନିର୍ବୋଧ, ମୂର୍ଖ ।

**Gay**, *a.* 1. ପ୍ରଫୁଲ୍ଲ, ପୁଲକିତ, ହୃଷ୍ଟ ; 2. ରଙ୍ଗିଲା, ଜାକଜମକିଆ ; 3. ଭୂଷିତ ; 4. ଆମୋଦପ୍ରିୟ ; 5. ରସିକ, ଲମ୍ପଟ ।

**Gayal, Gyal, Gaur, Gour**, *n.* ଗୟଲ ।

**Gaze**, *v.t.* ଏକଦୃଷ୍ଟିରେ ଚାହିଁବା, ସ୍ଥିରଦୃଷ୍ଟି-କ, ନିରୀକ୍ଷଣ-କ, ବିସ୍ମୟରେ ଅନାଇବା ।—*n.* ସ୍ଥିର ଦୃଷ୍ଟି, ବିସ୍ମୟଦୃଷ୍ଟି, ନିରୀକ୍ଷଣ ।

**Gazelle**, *n.* ବାତୁଟିଆ ବିଶେଷ ।

**Gazette**, *n.* 1. ସମାଚାରପତ୍ର, ଖବରକାଗଜ ; 2. ସର୍କାରୀ ସମାଚାରପତ୍ର, ଗେଜେଟ ।—*v.t.* ଗେଜେଟରେ ଛାପିବା, ଗେଜେଟରେ ପ୍ରକାଶିତ-କ ।

**Gazetteer**, *n.* 1. ସମ୍ବାଦଲେଖକ, ସମାଚାରପତ୍ର-ଲେଖକ ; 2. ଭୌଗୋଳିକ ଅଭିଧାନ ।

**Gazing-stock**, *n.* ସ୍ଥିରଦୃଷ୍ଟିର ପାତ୍ର, ହେୟଜ୍ଞାନାସ୍ପଦ, ବିସ୍ମୟାସ୍ପଦ ।

**Gear**, *n.* 1. ଉପକରଣ, ସାଜସଜ୍ଜା, ଅଳଙ୍କାର ; 2. ଯନ୍ତ୍ରର ଉପକରଣ ; 3. ଯନ୍ତ୍ରର କାର୍ଯ୍ୟକର ଅବସ୍ଥା, ଉତ୍ତମାବସ୍ଥା ।—*v.t.* ସସଜ୍ଜ-କ, ପ୍ରସ୍ତୁତ-କ ।

**Gearing**, *n.* 1. ସାଜ, ସଜ୍ଜା ; 2. କଳ ଚଳାଇବା ପାଇଁ ଦାନ୍ତଯୁକ୍ତ ଚକ୍ରସମୂହ ।

**Gecks**, *n.* ଝିଣ୍ଟିପିଟି ବିଶେଷ ।

**Geese**, *n. pl.* of Goose.

Gelatinate, Gelatinize, *v.t.* and *v.i.* ବଶୁକ ଶିରିଷପରି ପଦାର୍ଥରେ ପରିଣତ-କ ।

Gelatination, *n.* ବଶୁକ ଶିରିଷପରି ପଦାର୍ଥରେ ପରିଣତକରଣ ।

Gelatine, Gelatin, *n.* ଚର୍ମ ଶୁଷ୍କ ଶିଙ୍ଗ ଆଦିରୁ ପ୍ରସ୍ତୁତ ଝାଳ ନିର୍ମଳ ଚଟଚଟିଆ ପଦାର୍ଥ, ବିଶୁଦ୍ଧ ଶିରିଷ ବିଶେଷ, ଜେଲାଟିନ

Gelatinous, *a.* ଜେଲାଟିନପରି, କୋମଳ ଓ ସ୍ଥିତିସ୍ଥାପକ, ଚଟଚଟିଆ, ପଠାଳିଆ, ଅଲ୍ପଗାଢ଼ା ।

Geld, *v.t.* ମୁଷ୍କଚ୍ଛେଦନ-କ, ଖାସି-କ, ଅଣ୍ଡିରା-କ ।

Gelding, *n.* 1. ମୁଷ୍କଚ୍ଛେଦନ, ଖାସିକରଣ; 2. ଅଣ୍ଡିରା, ଖାସି ।

Gelid, *a.* ଅତଶୀତଳ, ବରଫପରି । [ଅବସ୍ଥା ।

Gelidity Gelidness, *n.* ଅତଶୀତଳତା, ବରଫମୟ

Gelidly, *ad.* ଅତଶୀତଳରୂପେ ।

Gem, *n.* 1. ରତ୍ନ, ମଣି ; 2. ଦୁର୍ଲଭ ଓ ବହୁମୂଲ୍ୟ ଗୁଣ ବା ବିଷୟ, ଶ୍ରେଷ୍ଠ ବସ୍ତୁ ; 3. ସାହିତ୍ୟ ବା ଶିଳ୍ପର କ୍ଷୁଦ୍ର ଓ ସୂକ୍ଷ୍ମ କାର୍ଯ୍ୟ ।—*v.t.* ମଣ୍ଡିତ-କ, ଭୂଷିତ-କ, ସୁଶୋଭିତ-କ ।

Gemination, *n.* ଦ୍ୱିତ୍ୱ, ପୁନରୁକ୍ତି, ଦ୍ୱିରୁକ୍ତି ।

Gemini, *n.* (ଜମଳ), ମିଥୁନରାଶି ।

Gemma, *n.* (*pl.* Gemmæ), ପତ୍ରକଳି, ପଲ୍ଲବ, ମୁକୁଳ ।

Gemmation, *n.* ପଲ୍ଲବ ଧାରଣ ।

Gemmeous, *a.* ରତ୍ନସମ୍ବନ୍ଧୀୟ, ରତ୍ନବତ୍ ।

Gemmiparous, *a.* ପଲ୍ଲବ ଉତ୍ପାଦକ, ମୁକୁଳ ଉତ୍ପାଦକ ।

Gemmy, *a.* ରତ୍ନମୟ, ମଣିପୂର୍ଣ୍ଣ, ଉଜ୍ଜ୍ୱଳ, ଉଜ୍ଜ୍ୱଳ ।

Gendarme, *n.* *Zhan'-darm*, (French), ଫ୍ରାନ୍ସ ଦେଶୀୟ ସୈନିକ ପୋଲିସ ଲୋକ ।

Gender, *n.* ଲିଙ୍ଗ, (ପୁଂଲିଙ୍ଗ, ସ୍ତ୍ରୀଲିଙ୍ଗ ଓ କ୍ଲୀବଲିଙ୍ଗ) ।—*v.t.* ଜନ୍ମାଇବା, ଉତ୍ପାଦନ-କ ।

Genealogical, *a.* ବଂଶାବଳୀସମ୍ବନ୍ଧୀୟ ।

Genealogical-tree, *n.* ବଂଶାବଳୀସମ୍ବନ୍ଧୀୟ ବୃକ୍ଷ ।

Genealogically, *ad.* ବଂଶାବଳୀକ୍ରମେ ।

Genealogist, *n.* ବଂଶାବଳୀରଚକ ।

Genealogy, *n.* 1. ବଂଶାବଳୀ, ବଂଶବିବରଣ; 2. ଉତ୍ପତ୍ତି, କୁଳକ, କୁଳ ; 3. ବଂଶାବଳୀଜ୍ଞାନ ।

General, *a.* 1. ସାଧାରଣ, ସାମାନ୍ୟ ; 2. ସର୍ବସାଧାରଣ ; 3. ସାର୍ବଜନିକ, ସାର୍ବଲୌକିକ, ସର୍ବତ୍ରର ।—*n.* 1. ଅବିଶେଷକ ବୋଧ, ବ୍ୟାପକ ବୋଧ, ସାଧାରଣ ମୂଳସୂତ୍ର ; 2. ପ୍ରଧାନ ସେନାପତି ; 3. କେତେକ ଧର୍ମସମ୍ପ୍ରଦାୟର ପ୍ରଧାନ ଅଧ୍ୟକ୍ଷ ।—In general. ଅଧିକାଂଶରେ, ପ୍ରାୟ ସର୍ବଦା, ମୋଟରେ ।

Generalissimo, *n.* ପ୍ରଧାନତମ ସେନାପତି ।

Generality, *n.* 1. ସାଧାରଣତ୍ୱ; 2. ପ୍ରଧାନଭାଗ, ଅଧିକାଂଶ ।

Generalization, *n.* 1. ସାଧାରଣ ନିୟମାଦିର ଅଧୀନକରଣ ; 2. ଅନୁମାନ, ସାମାନ୍ୟ ବାଦ ।

Generalize, *v.t.* 1. ସାଧାରଣ-କ ; 2. ସାଧାରଣ ନିୟମ ସୂତ୍ରାଦିର ଅଧୀନରେ ଆଣିବା ; 3. କେତେକ ବିଷୟରୁ (ସାଧାରଣ ନିୟମ) ସ୍ଥିର-କ, ଅନୁମାନ-କ ।—*v.i.* 1. ସାଧାରଣ ଶ୍ରେଣୀରେ ରଖିବା ; 2. ଅନୁମାନ-କ ।

Generally, *ad.* 1. ସାଧାରଣରୂପେ, ସର୍ବତ୍ରରୂପେ, ସାମାନ୍ୟରୂପେ ; 2. ଅଧିକାଂଶରେ, ମୋଟରେ ; 3. ସାର୍ବଜନିକରୂପେ ।

Generalship, *n.* 1. ପ୍ରଧାନ ସେନାପତିର ପଦ, ପ୍ରଧାନ ସେନାପତିତ୍ୱ; 2. ପ୍ରଧାନ ସେନାପତିର ଯୁଦ୍ଧନୈପୁଣ୍ୟ ; 3. କର୍ମକୌଶଳ, ପରିଚାଳନା ।

Generate, *v.t.* 1. ଜନ୍ମାଇବା ; 2. ଉତ୍ପାଦନ-କ, ଉତ୍ପନ୍ନ-କ ।

Generation, *n.* 1. ଜନ୍ମକରଣ, ଜନନ ; 2. ଉତ୍ପାଦନ ; 3. ପୁରୁଷ, ସମକାଳୀନ ଲୋକ ; 4. କାଳ ; 5. ସନ୍ତାନସନ୍ତତି, ବଂଶ, କୁଳ, ଗୋଷ୍ଠୀ ।

Generative, *a.* ଉତ୍ପାଦକ, ଉତ୍ପାଦନକ୍ଷମ ।

Generator, *n.* 1. ଉତ୍ପାଦନକର୍ତ୍ତା, ଉତ୍ପାଦକ ବିଷୟ ; 2. ଜଳ ବା ଅଧାର ଯନ୍ତ୍ରରେ ବାଷ୍ପ ଉତ୍ପାଦକ ଦ୍ରବ୍ୟ ।

Generic, Generical, *a.* 1. ଜାତୀୟ, ଜାତିଗତ ; 2. ବର୍ଗସମ୍ବନ୍ଧୀୟ, ବର୍ଗୀୟ, ବ୍ୟାପକ ।

Generically, *ad.* ଜାତିସମ୍ବନ୍ଧରେ ।

Generosity, Generousness, *n.* 1. (କୁଳୀନତା) ଔଦାର୍ଯ୍ୟ, ଉଦାରତା, ମାହାତ୍ମ୍ୟ ; 2. ଦାନଶୀଳତା, ଦାତୃତ୍ୱ, ବଦାନ୍ୟତା ; 3. ଦାନଶୀଳ କାର୍ଯ୍ୟ ।

Generous, *a.* (କୁଳୀନ, ଉଚ୍ଚବଂଶଜ), 1. ଉଦାର, ମହାତ୍ମା ; 2. ଦାନଶୀଳ, ବଦାନ୍ୟ ; 3. ପ୍ରଚୁର, ବହୁଳ ; 4. ସତେଜ, ତେଜସ୍ୱୀ ।

Generously, *ad.* 1. ଉଦାରରୂପେ, ମହାତ୍ମାଭାବେ ; 2. ଦାନଶୀଳଭାବେ, ବଦାନ୍ୟରୂପେ ।

Genesis, *n.* 1. ଉତ୍ପାଦନ, ଜନ୍ମକରଣ, ସୃଷ୍ଟିକରଣ, ଜନ୍ମ, ଉତ୍ପତ୍ତି, ଆରମ୍ଭ ; 2. ଉତ୍ପାଦନର ବିବରଣ ; 3. ମୋଶାରଚିତ ଆଦିପୁସ୍ତକ । [ସମ୍ବନ୍ଧୀୟ ।

Genetic, Genetical, *a.* ଉତ୍ପାଦନବିଷୟକ, ଉତ୍ପତ୍ତି-

Genial, *a.* 1. ଅମୋଦୀ, ଅଳାପୀ, ରମ୍ୟ ; 2. ସୁଖକର, ହୃଦ୍ୟଗ୍ରାହୀ, ମୃଦୁ, ସ୍ୱାସ୍ଥ୍ୟକର, ଜନନକର ।

Geniality, Genialness, *n.* ଆମୋଦୀ ସ୍ୱଭାବ, ଅଳାପୀ ଗୁଣ, ଅଳାପିତ୍ୱ, ପ୍ରଫୁଲ୍ଲତା ।

Genially, *ad.* ଅଳାପିଭାବେ, ପ୍ରଫୁଲ୍ଲରୂପେ ।

Genital, *a.* ଜନ୍ମସମ୍ବନ୍ଧୀୟ ।

Genitals, *n. pl.* ଜନନେନ୍ଦ୍ରିୟ, ଉପସ୍ଥ, ଯୋନି ।

Genitive, *a.* ସମ୍ବନ୍ଧ ।—*n.* ସମ୍ବନ୍ଧକାରକ, ଷଷ୍ଠୀ ବିଭକ୍ତି ।

Genitor, *n.* ଜନକ, ଜନ୍ମଦାତା, ପିତା ।

Genius, *n.* (*pl.* Geniuses), 1. ସ୍ୱାଭାବିକ ଶକ୍ତି, ପ୍ରକୃତି, ସ୍ୱଭାବ ; 2. ଅସାଧାରଣ ବୁଦ୍ଧିଶକ୍ତି ; 3. ଗୁଣବାନ ଲୋକ, ଧୀସମ୍ପନ୍ନ ଲୋକ ; 4. ବ୍ୟାପକ ଶକ୍ତି, ବିଶେଷ ଲକ୍ଷଣ ; 5. ପ୍ରତିମୂର୍ତ୍ତି ; 6. (*pl.* Genii) ଗୃହ ଦେବତା, ଭୂତ ।

**Genteel**, *a.* 1. ଭଦ୍ର, ସୁଶୀଳ, ସଭ୍ୟ, ଶିଷ୍ଟ ; 2. ସୁଶ୍ରୀ, ସୁରୂ ; 3. ଉଚ୍ଚପଦସ୍ଥ, ପଦସ୍ଥ ।

**Genteely**, *ad.* 1. ଭଦ୍ରରୂପେ, ଶିଷ୍ଟାଚାରପୂର୍ବକ ; 2. ସୁଶ୍ରୀରୂପେ, ଉତ୍ତମ ସ୍ୱରରେ ।

**Gentian**, *n.* ଚିରେତା ଜାତୀୟ ଗଛ ।

**Gentile**, *n.* ଯିହୁଦୀ ଛଡ଼ା ଅନ୍ୟଦେଶୀ, ଯିହୁଦୀ ବା ଖ୍ରୀଷ୍ଟିୟାନ ଛଡ଼ା ଅନ୍ୟଦେଶୀ, ଅନ୍ୟଦେଶୀ ।—*a.* 1. ବଂଶୀୟ, ଗୋତ୍ରଜ ; 2. ଅନ୍ୟଦେଶୀୟ ।

**Gentility, Genteelness**, *n.* 1. ଭଦ୍ରତା, ସୁଶୀଳତା, ସଭ୍ୟତା, ଶିଷ୍ଟତା ; 2. ସୁରୂତା ; 3. କୁଳୀନତା, ସଦ୍ବଂଶୀୟ ।

**Gentle**, *a.* 1. ସଦ୍ବଂଶୀୟ, କୁଳୀନ, ଭଦ୍ର ; 2. ମୃଦୁସ୍ୱଭାବ, କୋମଳସ୍ୱଭାବ, ସୁଶୀଳ ; 3. ପୋଷା, ଶାନ୍ତ, ଧୀର ; 4. ମୃଦୁ, ମନ୍ଦ, କୋମଳ, ଧୀର, ଶାନ୍ତିକର ।—*n.* ସତ୍କୁଳଜାତ ଲୋକ, ଭଦ୍ରଲୋକ ।

**Gentlefolk**, *n. pl.* (or Gentlefolks), ସତ୍କୁଳଜାତ ମନୁଷ୍ୟମାନେ, ଭଦ୍ର ଲୋକମାନେ ।

**Gentleman**, *n.* 1. ସତ୍କୁଳଜାତ ଲୋକ, କୁଳୀନ ଲୋକ ; 2. ଭଦ୍ର ଲୋକ ; 3. ମହାଜନ, ସମ୍ଭ୍ରାନ୍ତବ୍ୟକ୍ତି, ମାନ୍ୟଲୋକ ; 4. ସମ୍ଭ୍ରାନ୍ତଲୋକର ଅନୁଚର ।

**Gentlemanlike, Gentlemanly**, *a.* ଭଦ୍ର, ଶିଷ୍ଟ, ସଭ୍ୟ । [ଶିଷ୍ଟାଚାର ।

**Gentlemanliness**, *n.* ଭଦ୍ରୋଚିତ ବ୍ୟବହାର, ଭଦ୍ରତା,

**Gentleness**, *n.* କୋମଳତା, ମୃଦୁତା, ସୁଶୀଳତା, ନମ୍ରତା ।

**Gentlewoman**, *n.* 1. ଭଦ୍ରା, ଠାକୁରାଣୀ, ସମ୍ଭ୍ରାନ୍ତସ୍ତ୍ରୀ ; 2. ସମ୍ଭ୍ରାନ୍ତ ସ୍ତ୍ରୀର ପରିଚାରିକା ।

**Gently**, *ad.* 1. ସତ୍କୁଳଜାତ ଅବସ୍ଥାରେ, ସତ୍କୁଳଜାତ ରୂପେ ; 2. ମୃଦୁଭାବେ, ଧୀରେ ଧୀରେ, କୋମଳଭାବେ କ୍ରମେ କ୍ରମେ ।

**Gentry**, *n.* ସମ୍ଭ୍ରାନ୍ତ ଲୋକ, ଭଦ୍ର ଲୋକ ।

**Genuflect**, *v.i.* ଜାନୁପାତ-କ ।

**Genuflection, Genuflexion**, *n.* ଜାନୁପାତ, ବିଶେଷତଃ ଉପାସନାରେ ଜାନୁପାତ ।

**Genuine**, *a.* 1. ଅସଲ, ପ୍ରକୃତ, ଅକଳ୍ପିତ, ଅକୃତ୍ରିମ, ଅମିଶ୍ରିତ ; 2. ଅକପଟ, ସତ୍ୟ, ଯଥାର୍ଥ ।

**Genuinely**, *ad.* ପ୍ରକୃତରୂପେ, ଅକପଟଭାବେ, ସତ୍ୟରୂପେ ।

**Genuineness**, *n.* ସତ୍ୟତା, ପ୍ରକୃତତା, ଯଥାର୍ଥତା, ଅକୃତ୍ରିମତା ।

**Genus**, *n.* (*pl.* Genuses and Genera,) ଜାତି, ଗଣ, ପ୍ରକାର ।

**Geocentric, Geocentrical**, *a.* ପୃଥିବୀକେନ୍ଦ୍ରରୁ ପରିମାପିତ ।

**Geographer**, *n.* ଭୂଗୋଳବିଦ୍ୟାଜ୍ଞ, ଭୂଗୋଳଶାସ୍ତ୍ରଜ୍ଞ, ଭୂଗୋଳବେତ୍ତା ।

**Geographical**, *n.* ଭୂଗୋଳବିଦ୍ୟାସମ୍ବନ୍ଧୀୟ, ଭୂଗୋଳଶାସ୍ତ୍ରବିଷୟକ ।



**Geographically**, *ad.* ଭୂଗୋଳବିଦ୍ୟାନୁଯାୟୀ, ଭୂଗୋଳଶାସ୍ତ୍ରାନୁସାରେ । [ଶାସ୍ତ୍ର ।

**Geography**, *n.* 1. ଭୂଗୋଳବିଦ୍ୟା ; 2. ଭୂଗୋଳ-

**Geological**, *a.* ଭୂତତ୍ତ୍ୱବିଷୟକ, ଭୂତତ୍ତ୍ୱବିଦ୍ୟାସମ୍ବନ୍ଧୀୟ ।

**Geologically**, *ad.* ଭୂତତ୍ତ୍ୱବିଦ୍ୟାନୁସାରେ ।

**Geologist, Geologian**, *n.* ଭୂତତ୍ତ୍ୱବିତ୍, ଭୂତତ୍ତ୍ୱବିଦ୍ୟାଜ୍ଞ, ଭୂତତ୍ତ୍ୱଜ୍ଞ ।

**Geology**, *n.* 1. ପୃଥିବୀର ଗଠନାଦିବିଷୟକ ବିଦ୍ୟା, ଭୂତତ୍ତ୍ୱବିଦ୍ୟା ; 2. ଭୂଗର୍ଭଶାସ୍ତ୍ର ।

**Geomancy**, *n.* ପୃଥିବୀର ଲକ୍ଷଣଦ୍ୱାରା ଗଣକତା, ଗଣକତା ।

**Geometric, Geometrical**, *a.* ଜ୍ୟାମିତିବିଷୟକ, କ୍ଷେତ୍ରତତ୍ତ୍ୱାନୁଯାୟୀ ।

**Geometrically**, *ad.* କ୍ଷେତ୍ରତତ୍ତ୍ୱାନୁସାରେ ।

**Geometrician, Geometer**, *n.* କ୍ଷେତ୍ରତତ୍ତ୍ୱବିତ୍, ଜ୍ୟାମିତିଜ୍ଞ, କ୍ଷେତ୍ରତତ୍ତ୍ୱଜ୍ଞ ।

**Geometry**, *n.* ଜ୍ୟାମିତି, କ୍ଷେତ୍ରପରିମାଣବିଦ୍ୟା, କ୍ଷେତ୍ରତତ୍ତ୍ୱ, ରେଖାଗଣିତ ।

**Georgic**, *n.* କୃଷିକାବ୍ୟ ।

**Geranium**, *n.* ସୁନ୍ଦର ଫୁଲଗଛ ବିଶେଷ ।

**Germ**, *n.* 1. ବୀଜ, ଅଙ୍କୁର, ଗଜା ; 2. ମୂଳ, ମୂଳକାରଣ ; 3. ଜୀବନ୍ତ ପରମାଣୁ, କୀଟାଣୁ ।—Germ theory, 1. କେବଳ ଜୀବନ୍ତ ପ୍ରକୃତିରୁ ଜୀବନ୍ତ ପ୍ରକୃତି ଉତ୍ପନ୍ନ ହୋଇ ପାରେ ବୋଲି ଯେଉଁ ମତ ; 2. କୀଟାଣୁରୁ ସଂକ୍ରାମକ ରୋଗ ଜାତ ହୁଏ ବୋଲି ଯେଉଁ ମତ ।

**German**, (1) *a.* ଏକପିତାମାତାରୁ ଜାତ ।

**German**, (2) *a.* ଜର୍ମାନ ଦେଶୀୟ, ଜର୍ମାନ ଦେଶସମ୍ବନ୍ଧୀୟ ।—*n.* ଜର୍ମାନ ଦେଶୀୟ ଲୋକ ବା ଭାଷା ।

**Germane**, *a.* ନିକଟସମ୍ପର୍କୀୟ, ସଙ୍ଗତ ।

**Germicide**, *n.* କୀଟାଣୁନାଶକ ଦ୍ରବ୍ୟ ।

**Germinal**, *a.* ବୀଜସମ୍ବନ୍ଧୀୟ, ଅଙ୍କୁରବିଷୟକ, ମୌଳିକ ।

**Germinant**, *a.* ଅଙ୍କୁରିତ ।

**Germinate**, *v.i.* ଗଜା-ହେ, ଅଙ୍କୁରିତ-ହେ ।

**Germination**, *n.* ଅଙ୍କୁରର ଉତ୍ପତ୍ତି, ଗଜାର ଆରମ୍ଭ, ସ୍ଫୁଟନ । [ବିଷୟକ ।

**Germinative**, *a.* ଅଙ୍କୁରୋତ୍ପାଦନବିଷୟକ, ସ୍ଫୁଟନ-

**Gerund**, *n.* କ୍ରିୟାବାଚକ ବିଶେଷ୍ୟ, ତୁମନ୍ତପଦ ।

**Gestation**, *n.* ଗର୍ଭଧାରଣ, ଗର୍ଭବହନ, ଅନ୍ତଃସତ୍ତ୍ୱାବସ୍ଥା ।

**Gestatory**, *a.* ଗର୍ଭଧାରଣବିଷୟକ, ଗର୍ଭବହନସମ୍ବନ୍ଧୀୟ ।

**Gesticulate**, *v.i.* ହସ୍ତାଦିବିକ୍ଷେପ-କ, ଅଙ୍ଗଭଙ୍ଗୀ-କ ।

**Gesticulation**, *n.* ହସ୍ତାଦିବିକ୍ଷେପ, ଅଙ୍ଗଭଙ୍ଗୀ ।

**Gesticulator**, *n.* ହସ୍ତାଦିବିକ୍ଷେପକ, ଅଙ୍ଗଭଙ୍ଗିକାରକ ।

**Gesticulatory**, *a.* ହସ୍ତାଦିବିକ୍ଷେପଯୁକ୍ତ, ଅଙ୍ଗଭଙ୍ଗିଯୁକ୍ତ ।

**Gesture**, *n.* 1. ଶରୀରର ଭଙ୍ଗୀ, ଅଙ୍ଗଭଙ୍ଗୀ, ବୋଧ ବା ଭାବପ୍ରକାଶକ ଭଙ୍ଗୀ, ଭାବପ୍ରକାଶକ ହସ୍ତାଦିଚାଳନ ; 2. ହସ୍ତାଦିଚାଳନ ବିଦ୍ୟା ।

Get, *v.t.* 1. ପାଇବା, ଲାଭ-କ, ହସ୍ତଗତ-କ, ଉପାର୍ଜନ -କ; 2. ଅଧିକାର-କ; 3. ଜନ୍ମାଇବା, ଜନ୍ମ-ଦେ; 4. ଅଭ୍ୟାସ-କ, ଶିକ୍ଷା-କ, ମୁଖସ୍ଥ-କ; 5. ମଣାଇବା, ପ୍ରବର୍ତ୍ତାଇବା; 6. କରାଇବା; 7. *refl.* (ଆପଣାକୁ) କେଉଁଠି ଯିବା, ଦୂର-କ।—*v.i.* 1. ପହଞ୍ଚିବା, ଉପସ୍ଥିତ-ହେ, ହେବା; 2. ଧନ ପ୍ରାପ୍ତ-ହେ, ଲାଭ ପାଇବା।—To get about, 1. ପ୍ରକାଶିତ-ହେ, ଜଣା ପଡ଼ିବା; 2. (ରୋଗରୁ) ଉଠିବା, ଚାଲିବା। To get at, ପହଞ୍ଚିବା, ଧରିବା, ବାହାର-କ। To get behind, 1. ପଶିବା, ଲୁଚିବା; 2. ପଛରେ ପଡ଼ିବା। To get by heart, ମୁଖସ୍ଥ-କ। To get in, (ଫସଲ) କାଟି ଅମାର ଅନ୍ଦରେ ରଖିବା। To get off, 1. କାଢ଼ିବା; 2. ବାହାର କରିଦେବା; 3. (ଦଣ୍ଡରୁ) ମୁକ୍ତ-କ; 4. ପଳାଇ ଯିବା; 5. ମୁକ୍ତ-ହେ; 6. ଓହ୍ଲାଇବା। To get on, 1. ପିନ୍ଧିବା, ପିନ୍ଧି ପାରିବା; 2. ଚାଲିବା, ଲୁଚବାର୍ଯ୍ୟ-ହେ, ଉନ୍ନତ-କ; 3. ଚଢ଼ିବା, ଅଗ୍ରେସର-କ; 4. ମିଳି କରି ରହିବା। To get out, ବାହାର-କ, କାଢ଼ି ପାରିବା। To get over, 1. ଅତିକ୍ରମ-କ; 2. ରକ୍ଷା ପାଇବା, ବଞ୍ଚି ରହିବା। To get round, 1. ଆରୋଗ୍ୟ ଲାଭ-କ; 2. ଏଡ଼ାଇବା; 3. ଫୁସଲାଇବା। To get through with, ସମ୍ପନ୍ନ-କ, ଶେଷ-କ। To get up, 1. ଉଠିବା; 2. ଅଗ୍ରେସର-କ; 3. ପ୍ରସ୍ତୁତ-କ, ଆୟୋଜନ-କ, ଜନ୍ମାଇବା।

Get-up, *n.* ବେଶ, ସାଜ।

Gewgaw, *n.* ଜାକଜମକ ସାମାନ୍ୟ ବସ୍ତୁ, ଅସାର ବସ୍ତୁ, ଖେଳନା।

Geyser, *n.* ଉଷ୍ଣୋତ୍ସ। [ଲୁପ।

Ghastliness, *n.* ମୃତବତ୍ ବଦନ, ବିବର୍ଣ୍ଣତା, ବିକଟ

Ghastly, *a.* 1. ମୃତବତ୍, ବିବର୍ଣ୍ଣ, ବିକଟାକାର; 2. ଭୟାନକ, ଦାରୁଣ।

Ghat, ghaut, *n.* 1. ଘାଟି; 2. ଘାଟ।

Ghee, *n.* ଘିଅ।

Gherkin, *n.* ସାନ କାକୁଡ଼ି।

Ghost, *n.* 1. ଆତ୍ମା, ପ୍ରାଣ; 2. ଭୂତ, ପ୍ରେତ; 3. ଛାୟା, ସାଦୃଶ୍ୟ।—To give up the ghost, ପ୍ରାଣ ତ୍ୟାଗ-କ, ମରିବା।—The Holy Ghost, ପବିତ୍ର ଆତ୍ମା।

Ghostliness, *n.* ଭୌତିକାବସ୍ଥା, ଭୌତିକତା।

Ghostly, *a.* 1. ଆତ୍ମସମ୍ବନ୍ଧୀୟ, ଆତ୍ମିକ, ପାରମାର୍ଥିକ; 2. ଭୂତସମ୍ବନ୍ଧୀୟ, ଭୌତିକ, ଭୂତବତ୍।

Ghoul, *n. gool,* ରାକ୍ଷସ।

Giant, *n.* 1. ବୃହତ୍କାୟ ଲୋକ; 2. ଅସୁର, ଦାନବ, ରାକ୍ଷସ; 3. ମହାପୁରୁଷ, ବୀର।—*a.* ବୃହତ୍କାୟ, ଅତିମହତ୍, ପ୍ରକାଣ୍ଡ, ବଡ଼, ଭାରି।

Giantess, *n.* 1. ବୃହତ୍ ଶରୀର; 2. ଅସୁରୀ, ଦାନବୀ, ରାକ୍ଷସୀ।

Giantly, *a.* 1. ବୃହତ୍କାୟ ଲୋକବତ୍; 2. ଅସୁରବତ୍।

Gibber, *v.i.* ବଡ଼ବଡ଼-କ, ଅସ୍ପଷ୍ଟରୂପେ ଶୀଘ୍ର କହିବା।

Gibberish, *n.* ଅସ୍ପଷ୍ଟ କଥା, ଅର୍ଥହୀନ ବାକ୍ୟ।

Gibbet, *n.* ଫାଶୀକାଠ।—*v.t.* 1. ଫାଶିକାଠରେ ଝୁଲାଇବା; 2. ପ୍ରକାଶ୍ୟରେ ଘୃଣାସ୍ପଦ ବା ହାସ୍ୟାସ୍ପଦ କରାଇବା।

Gibbon, *n.* ଲମ୍ବହସ୍ତଯୁକ୍ତ ମାଙ୍କଡ଼ ବିଶେଷ।

Gibbosity, *n.* କୁବୁଜା, କୂର୍ମପୃଷ୍ଠାକୃତି।

Gibbous, Gibbose, *a.* କୁବ୍ଜ, କୂର୍ମପୃଷ୍ଠାକାର।

Gibbously, *ad.* କୁବ୍ଜରୂପେ।

Gibe, *v.i.* ଟାହୁରି କଥା କହିବା, ବିଦ୍ରୂପ କଥା କହିବା।—*v.t.* ଟାପରା-କ, ଥଟ୍ଟା-କ, ଟାହୁରି-କ, ବିଦ୍ରୂପ-କ।—*n.* ଟାପରା, ଥଟ୍ଟା, ଟାହୁରି, ବିଦ୍ରୂପ।

Gibingly, *ad.* ଟାପରାପୂର୍ବକ, ଥଟ୍ଟାଭାବେ, ବିଦ୍ରୂପରେ।

Giblets, *n. pl.* କୁକୁଡ଼ାର ବେକ ମୁଣ୍ଡ କଲିଜା ପଥୁରି- ମୁଣା ଓ ଗୋଡ଼ର ତଳ ଭାଗ ଆଦି ଯାହା ରନ୍ଧାବାରେ ପକା ନ ଯାଏ।

Giddily, *ad.* 1. ମୁଣ୍ଡବୁଲା ଅବସ୍ଥାରେ, ଭ୍ରମିଯୁକ୍ତରୂପେ; 2. ଅସ୍ଥିରରୂପେ, ଚଞ୍ଚଳଭାବେ।

Giddiness, *n.* 1. ମୁଣ୍ଡବୁଲା ଅବସ୍ଥା, ଭ୍ରମି, ମୁଣ୍ଡବୁଲା ରୋଗ; 2. ଅସ୍ଥିରତା, ଚଞ୍ଚଳତା।

Giddy, *a.* 1. ମୁଣ୍ଡବୁଲା, ଭ୍ରମିଯୁକ୍ତ; 2. ମୁଣ୍ଡବୁଲାର ଉତ୍ପାଦକ; 3. ଅସ୍ଥିର, ଚଞ୍ଚଳ।

Gift, *n.* 1. ଦାନ, ଦତ୍ତଦ୍ରବ୍ୟ, ଦକ୍ଷିଣା; 2. ଦାନ କରିବା କ୍ଷମତା; 3. ସ୍ୱାଭାବିକ ଶକ୍ତି ବା ଗୁଣ।—*v.t.* ଶକ୍ତି- ବିଶିଷ୍ଟ କରାଇବା, ଗୁଣବିଶିଷ୍ଟ କରାଇବା।

Gifted, *p.a.* ସ୍ୱାଭାବିକ ଗୁଣବିଶିଷ୍ଟ, ଗୁଣବାନ୍, ବୁଦ୍ଧିବିଶିଷ୍ଟ।

Gig, *n.* 1. ଏକଘୋଡ଼ାର ଦୁଇଚକିଆ ଗାଡ଼ି ବିଶେଷ; 2. ଅତିଲମ୍ବ ସରୁ ନାଆ ବିଶେଷ।

Gigantesque, *a.* ବୃହତ୍କାୟ ଲୋକ ନିମନ୍ତେ ଉପଯୁକ୍ତ।

Gigantic, *a.* ବୃହତ୍କାୟ ଲୋକବତ୍, ବୃହତ୍କାୟ, ଅତି ବୃହତ୍, ପ୍ରକାଣ୍ଡ, ଭାରି।

Gigantically, *ad.* ପ୍ରକାଣ୍ଡରୂପେ।

Giggle, *v.i.* କରକର ହୋଇ ହସିବା, ମୂର୍ଖ ପରି ହସିବା।—*n.* କରକର ହସ, ମୂର୍ଖ ହସ। [ହାସ୍ୟ।

Giggling, *p.a.* କରକର ହାସ୍ୟକାରୀ, ଅସାର ହାସ୍ୟ-

Gild, *v.t.* 1. ସୁନାରେ ମଡ଼ାଇବା, ସୁନାମଣ୍ଡିତ-କ; 2. ସୁନାରଙ୍ଗ-ଦେ, ସୁନାରଙ୍ଗ-କ, ଉଜ୍ଜ୍ୱଳ-କ; 3. ଭୂଷିତ -କ, ସୁନ୍ଦର ଆକୃତି-ଦେ।

Gilder, *n.* ସୁନାମଣ୍ଡନକାରୀ।

Gilding, *n.* 1. ସୁନାପତ୍ର ମଡ଼ାଇବା କୌଶଳ, ସୁନାରେ ମଣ୍ଡନ; 2. ସୁନେଲି କାମ; 3. ବାହ୍ୟିକ ଆଡମ୍ବର।

Gill, *n. gil.* 1. ମାଛର କାନ୍ଧି; 2. ଗଲକା।

Gill, *n. jil.* ଦ୍ରବ ଦ୍ରବ୍ୟର ପରିମାଣବିଶେଷ, ପ୍ରାୟ ଦୁଇ ଛଟାକ।

Gillyflower, *n.* ପୁଷ୍ପ ବିଶେଷ।

Gilt, *past p.* of guild, 1. ସୁନାମଣ୍ଡିତ; 2. ସୁନା- ରଙ୍ଗବିଶିଷ୍ଟ; 3. ଭୂଷିତ।—*n.* ସୁନେଲି କାମ, ସୁନା- ମଣ୍ଡନ।

Gimcrack, *n.* ସାମାନ୍ୟ କୌଶଳ, ଖେଳନା।

**Gimlet, Gimblet,** *n.* ବେଧଯନ୍ତ୍ର ବିଶେଷ, ଛୁରପଣ ।

**Gimp,** *n.* ରେଶମର ଫିତା ବିଶେଷ ।

**Gin,** *n.* ମଦ୍ୟ ବିଶେଷ ।

**Gin,** *n.* 1. ଭାର ଉଠାଇବା କଳ ବିଶେଷ ; 2. ତୁଳାଧୁଣା ବିଶେଷ ; 3. ଫାନ୍ଦ ।—*v.t.* 1. ତୁଳାଧୁଣାରେ ମଞ୍ଜି କାଢିବା ; 2. ଫାନ୍ଦରେ ଧରିବା ।

**Gingelly-oil,** *n.* ରାଶି ତେଲ, ତିଳ ତୈଳ ।

**Ginger,** *n.* ଅଦା, ଆର୍ଦ୍ରକ, ଶୁଣ୍ଠି ।

**Gingerbread,** *n.* ଶୁଣ୍ଠି ମିଶ୍ରିତ ପିଠା ବିଶେଷ ।

**Gingerly,** *ad.* ସାବଧାନପୂର୍ବକ, ସତର୍କରୂପେ, ଧୀରେ ।

**Gingham,** *n.* କନା ଲୁଗା ବିଶେଷ ।

**Gipsy,** *n.* 1. ବେଳାଡାଙ୍ଗର ଲୋକ, ଭ୍ରମଣକାରୀ ଜାତି ବିଶେଷ ; 2. ବେଳାଡାଙ୍ଗର ଭାଷା ; 3. ସ୍ତ୍ରୀଲୋକ ବା ବାଳିକାର ଅଦ୍ଭୁତ କାମ ।—*a.* ବେଳାଡାଙ୍ଗସମ୍ବନ୍ଧୀୟ, ବେଳାଡାଙ୍ଗୁଲ ।

**Giraffe,** *n.* ଦୀର୍ଘ ଗ୍ରୀବ ପଶୁ ବିଶେଷ, ଜିରାଫ ।

**Gird,** *n.* 1. କଶାଘାତ ; 2. ଝଟକା ; 3. ଠାଟ୍ଟା, ଠାକୁର ।—*v.t.* and *i.* ଠାଟ୍ଟା କ, ବିଦ୍ରୂପ କଥା କହିବା, ବ୍ୟଙ୍ଗୋକ୍ତି-କ ।

**Gird,** *v.t.* 1. ବାନ୍ଧିବା, ବନ୍ଧନ-କ ; 2. ବେଷ୍ଟନ-କ, ସଜ୍ଜିତ-କ ।

**Girder,** *n.* ପ୍ରଧାନ କଡିକାଠ ବା ଲୁହାର କଡି ।

**Girdle,** *n.* 1. କଟିବନ୍ଧନୀ, ପଟୁକା, ମେଖଳା, କମରବନ୍ଦ ; 2. ବେଷ୍ଟନକାରୀ ବିଷୟ, ବେଷ୍ଟନ ।—*v.t.* 1. କଟିବନ୍ଧନୀ ଦ୍ୱାରା ବାନ୍ଧିବା ; 2. ବେଷ୍ଟନ-କ ।

**Girl,** *n.* 1. ବାଳିକା, ଟୋକୀ, ମାଈକିନିଆ ପିଲା ; 2. କୁମାରୀ ; 3. ଦାସୀ ।

**Girlhood,** *n.* ବାଳିକାବସ୍ଥା, କୁମାରୀତ୍ୱ ।

**Girlish,** *a.* ବାଳିକାବତ୍, ଟୋକୀପରି ।

**Girlishly,** *ad.* ବାଳିକାଭାବରେ ।

**Girlishness,** *n.* ବାଳିକାବତ୍ ବ୍ୟବହାର ବା ଗୁଣ ।

**Girt,** *preterite* and *past p.* of Gird.

**Girt,** *v.t.* ବେଷ୍ଟନ-କ ।

**Girth,** *n.* 1. ଘୋଡାର ପେଟି, ଜେରବନ୍ଦ ; 2. ପେଟର ମାପ, (ଗଛ ଆଦିର) ବେଷ୍ଟନ ।—*v.t.* ପେଟି ବାନ୍ଧିବା ।

**Gist,** *n.* ପ୍ରଧାନ ବିଷୟ, ସାର ଭାବ, ଫଳିତାର୍ଥ, ସାରାଂଶ ।

**Give,** *v.t.* 1. ଦେବା ; 2. ଦାନ-କ ; 3. ଅର୍ପଣ-କ ; 4. ଉଚ୍ଚାରଣ-କ ; 5. ପ୍ରଦର୍ଶନ-କ, ଦେଖାଇବା ; 6. ନିର୍ଗତ-କ ; 7. (*refl.*) ନିବିଷ୍ଟ-କ, ଲଗାଇବା ; 8. ଉତ୍ସର୍ଗ-କ ; 9. ଅପ୍ରେଷଣ-କ ; 10. ଅନୁମତି-କ ।—To give back, ଫେରାଇ ଦେବା, ପ୍ରତ୍ୟର୍ପଣ-କ । To give birth to, ପ୍ରସବ-କ, ଜନ୍ମାଇବା, ଉତ୍ପନ୍ନ-କ । To give chase, ପଛରେ ଗୋଡାଇବା, ପଶ୍ଚାଦ୍ଧାବନ-କ । To give ear, କାନ-ଦେ, ଶୁଣିବା, ମନୋଯୋଗ-କ । To give forth, ପ୍ରକାଶ-କ । To give ground, ହଟି ଯିବା ; 2. କାରଣ ଦର୍ଶାଇବା । To give the lie to, ମିଥ୍ୟାବାଦୀ ବୋଲି ଅଭିଯୋଗ-କ । To give out, 1. ନିର୍ଗତ-କ, ବାହାର-କ ; 2. ପ୍ରକାଶ-କ, ପ୍ରଚାର-କ । To give over, ନିବୃତ୍ତ-କ, ପରିତ୍ୟାଗ-କ । To give place, ସ୍ଥାନ-ଦେ । To give tongue, ଭୁକିବା । To give up, 1. ଛାଡିଦେବା, ପରିତ୍ୟାଗ-କ ; 2. ସମର୍ପଣ-କ । To give way, 1. ହଟି ଯିବା ; 2. ଭାଙ୍ଗି ଯିବା ।—*v.i.* 1. ଦାନ ଦେବା, ଦାନଶୀଳ-ହେ ; 2. ଦବି ଯିବା ; 3. ହଟି ଯିବା । To give in, ବଶୀଭୂତ-ହେ, ପରାଜିତ ବୋଲି ସ୍ୱୀକାର-କ । To give into, ସମ୍ମତ-ହେ । To give out, ନିରସ୍ତ-ହେ । To give over, କ୍ଷାନ୍ତ-ହେ, ନିବୃତ୍ତ-ହେ ।

**Given,** *p.a.* 1. ଦତ୍ତ, ଅର୍ପିତ ; 2. ନିର୍ଦ୍ଧାରିତ, ଅମୁକ, କୌଣସି ; 3. ଆସକ୍ତ, ପ୍ରିୟ ।

**Giver,** *n.* ଦାତା, ଦାନକର୍ତ୍ତା, ପ୍ରଦାନକାରୀ ।

**Gizzard,** *n.* (ପକ୍ଷୀର) ପଥୁରମୁଣା ।

**Glacial,** *a.* ବରଫମୟ, ବରଫସମ୍ବନ୍ଧୀୟ, ବରଫଯୁକ୍ତ, ହିମାନୀକ୍ଷେତ୍ରସମ୍ବନ୍ଧୀୟ ।

**Glaciate,** *v.t.* ବରଫରେ ପରିଣତ-କ, ବରଫରେ ଘୋଡାଇବା ।

**Glacier,** *n.* ଚିର ନୀହାରରେଖାର ନିମ୍ନଦେଶରେ ଯେଉଁ ବରଫସ୍ତୂପ ଜମାଟ ହୋଇଥାଏ, ଚିରନୀହାରବାହୁ, ପର୍ବତର ତଳଅଡକୁ ଧୀରେ ପତନଶୀଳ ହିମାନୀକ୍ଷେତ୍ର ।

**Glacis,** *n.* ଦୁର୍ଗର ବାହାରେ ଥିବା ଗଡନ୍ତି ଭୂମି ।

**Glad,** *a.* 1. ଆହ୍ଲାଦିତ, ଆନନ୍ଦିତ, ପୁଲକିତ, ହୃଷ୍ଟ, ତୁଷ୍ଟ, ହର୍ଷିତ, ଉଲ୍ଲସିତ ; 2. ଆନନ୍ଦପ୍ରକାଶକ, ହର୍ଷପ୍ରକାଶକ ; 3. ଆନନ୍ଦଜନକ, ହର୍ଷଜନକ, ତୃପ୍ତିକର ।—*v.t.* ଆନନ୍ଦିତ-କ ।

**Gladden,** *v.t.* ଆହ୍ଲାଦିତ-କ, ଆନନ୍ଦିତ-କ, ହର୍ଷ ଜନ୍ମାଇବା, ହୃଷ୍ଟ-କ, ତୁଷ୍ଟ-କ, ପୁଲକିତ-କ ।—*v.i.* ଆନନ୍ଦିତ-ହେ, ଆନନ୍ଦ-କ ।

**Glade,** *n.* ବନ ମଧ୍ୟରେ ପରିଷ୍କୃତ ପଡିଆ, ବନପଥ ।

**Gladiator,** *n.* ମଲ୍ଲଯୋଦ୍ଧା, ଅସ୍ତ୍ରଜୀବୀ ।

**Gladiatorial,** *a.* ମଲ୍ଲଯୋଦ୍ଧାସମ୍ବନ୍ଧୀୟ ।

**Gladly,** *ad.* ଆହ୍ଲାଦପୂର୍ବକ, ଆନନ୍ଦିତରୂପେ, ହୃଷ୍ଟରୂପେ, ସାନନ୍ଦରେ ।

**Gladness,** *n.* ଆହ୍ଲାଦ, ଆନନ୍ଦ, ହର୍ଷ, ତୃପ୍ତି, ହୃଷ୍ଟତା ।

**Gladsome,** *a.* 1. ଆନନ୍ଦିତ, ତୁଷ୍ଟ, ହୃଷ୍ଟ, ଆନନ୍ଦପୂର୍ଣ୍ଣ ; 2. ଆନନ୍ଦଜନକ, ମନୋରମ ।

**Glair,** *n.* 1. ଅଣ୍ଡାର ଶୁକ୍ଳାଂଶ, ଅଣ୍ଡାର ଜଳ ; 2. ଅଣ୍ଡାର ଶୁକ୍ଳାଂଶବତ୍ ପଦାର୍ଥ ।

**Galiry, Glareous,** *a.* ଅଣ୍ଡାର ଶୁକ୍ଳାଂଶବତ୍ ।

**Glamour,** *n.* ମୋହିନୀ ଶକ୍ତି ।

**Glance,** *n.* 1. ଦୀପ୍ତିର ଚମକ, ଦ୍ୟୁତି ; 2. କଟାକ୍ଷ, ଦୃଷ୍ଟିପାତ, ଈଷଦ୍ଦୃଷ୍ଟି ; 3. କେତେକ ଚଳନ୍ତିକି ଧାଡିର କାମ ।—*v.i.* 1. ଚକ୍‌ଚକ୍-ହେ, ଝକ୍‌ମକ୍-ହେ, ଉଜ୍ଜ୍ୱଳ କିରଣ ନିକ୍ଷେପ-କ ; 2. ବାଜି କରି ତେର୍ଛାଭାବେ ଯିବା ; 3. କଟାକ୍ଷଦୃଷ୍ଟି-କ, ଈଷଦ୍ଦର୍ଶନ-କ ; 4. ଈଙ୍ଗିତ ପ୍ରସ୍ତାବ-କ, ଆଭାସ-ଦେ, ସଙ୍କେତ-କ ।—*v.t.* ହଠାତ୍ ବା ବକ୍ରଭାବେ ପକାଇବା ।

Glancingly, *ad.* 1. କଟାକ୍ଷରୂପେ, ଈଷଦ୍ଦୃଷ୍ଟିରେ; 2. କ୍ଷଣମାତ୍ର ।

Gland, *n.* 1. ଏକର୍ଣ୍ଣ ନାମକ ଫଳ, ଏକର୍ଣ୍ଣଆକୃତିଯୁକ୍ତ ଫଳ ; 2. ମାଂସଗଣ୍ଠି, ଗ୍ରନ୍ଥି ।

Glanders, *n.* ଘୋଡା ମୁହଁର ସଂକ୍ରାମକ ରୋଗବିଶେଷ ।

Glandiferous, *a.* ଏକର୍ଣ୍ଣ ଫଳୋତ୍ପାଦକ ।

Glandiform, *a.* ମାଂସଗଣ୍ଠିର ଆକୃତିଯୁକ୍ତ, ଗ୍ରନ୍ଥିବତ୍ ।

Glandular, Glandulous, *a.* ଗ୍ରନ୍ଥିସମ୍ବନ୍ଧୀୟ, ଗ୍ରନ୍ଥିଯୁକ୍ତ, ମାଂସଗଣ୍ଠିମୟ ।

Glandule, *n.* କ୍ଷୁଦ୍ର ମାଂସଗଣ୍ଠି ।

Glare, *n.* 1. ଚକମକ ଆଲୁଅ, ଅତି ପ୍ରଭା, ପ୍ରଖର ତେଜ, ଝାସ, ଚକ୍ଷୁର ଝଲଲାକାରୀ ଆଲୁଅ ; 2. ତୀବ୍ର ସ୍ଥିରଦୃଷ୍ଟି, ଉଗ୍ର ଦୃଷ୍ଟି ।—*v.i.* 1. ତୀବ୍ର ସ୍ଥିରଦୃଷ୍ଟି-କ, ଉଗ୍ରଦୃଷ୍ଟି-କ ; 2. ପ୍ରଖର ତେଜରେ ଦୀପ୍ତିମାନ୍-ହେ, ଚକ୍ଷୁର ଝଲଲାକାରୀ ଆଲୁଅ-ଦେ, ଚକମକ୍-କ ; 3. ଅତ୍ୟନ୍ତ ରଙ୍ଗଢଙ୍ଗଯୁକ୍ତ ହେ, ଜାକ୍‌ଜମକ-ହେ ।

Glaring, *p.a.* 1. ଅତି ଉଜ୍ଜ୍ୱଳ, ପ୍ରଖର, ଝଲଲାକାରୀ, ଚକ୍‌ମକିଆ, ଜାକଜମକ ; 2. ସୁସ୍ପଷ୍ଟ, ସୁବ୍ୟକ୍ତ, ପ୍ରତ୍ୟକ୍ଷ, ସୁପ୍ରକାଶ ; 3. ଉଗ୍ରଦୃଷ୍ଟିବିଶିଷ୍ଟ ।

Glaringly, *ad.* ସୁସ୍ପଷ୍ଟରୂପେ, ସୁପ୍ରକାଶରୂପେ ।

Glass, *n.* 1. କାଚ ; 2. କାଚନିର୍ମିତ ବସ୍ତୁ, ଗ୍ଲାସ୍, କାଚପାତ୍ର ; 3. ଆଇନା, ଦର୍ପଣ, ଆର୍ସି ; 4. ଗ୍ଲାସର ପରିମାଣ; 5. ବାୟୁମାନଯନ୍ତ୍ର, ତାପମାନ ଯନ୍ତ୍ର, ଦୂରବୀକ୍ଷଣ, ଦୂରବୀକ୍ଷଣ, *pl.* ଚକ୍ଷୁ, ଚଷମା ।—*a.* କାଚନିର୍ମିତ ।—*v.t.* ପ୍ରତିବିମ୍ବିତ-କ ।

Glass-blower, *n.* କାଚପାତ୍ର ନିର୍ମାଣକର୍ତ୍ତା ।

Glassful, *n.* ଗ୍ଲାସର ପରିମାଣ ।

Glass-house, *n.* 1. କାଚର କାରଖାନା ; 2. କାଚର [ଘର ।

Glassily, *ad.* କାଚମୟରୂପେ ।

Glassiness, *n.* କାଚମୟତା, କାଚଗୁଣବିଶିଷ୍ଟତା ।

Glassy, *a.* 1. କାଚନିର୍ମିତ, କାଚମୟ ; 2. କାଚବତ୍, ଚିକ୍କଣ, ମସୃଣ, ନିର୍ମଳ ।

Glaucous, *a.* ଈଷତ୍ ଶ୍ୟାମବର୍ଣ୍ଣ, ସମୁଦ୍ରବର୍ଣ୍ଣ ।

Glaze, *v.t.* 1. (ଝିରକିରେ) ଆଇନା ଲଗାଇବା ; 2. କ ଉପରେ ଚିକ୍କଣ-କ, ପାଲିସ-କ ।—*v.i.* କାଚବତ୍-ହେ ।—*n.* କାଚବତ୍ ଆଚ୍ଛାଦନ, ଚିକ୍କଣ ଲେପ ।

Glazier, *n.* ଝିରକିରେ ଆଇନା ଲଗାଇବା ଲୋକ ।

Glazing, *n.* 1. ଆଇନା ଲଗାଇବା ବ୍ୟବସାୟ ; 2. ଚିକ୍କଣ ଲେପ ଦେବା କର୍ମ ; 3. ଚିକ୍କଣ ଲେପ ; 4. ଝିରକିର ଆଇନାସମୂହ ।

Gleam, *n.* ଦେଦୀପ୍ୟମାନ ଦୀପ୍ତି, ଚମକ, କିରଣ, ପ୍ରଭା ।—*v.i.* ଚକ୍‌ଚକ୍ ହୋଇ ଉଠିବା, ଦୀପ୍ତିମାନ୍-ହେ, ଉଜ୍ଜ୍ୱଳ-ହେ ।

Gleamy, *a.* ଚକ୍‌ମକିଆ, ଦେଦୀପ୍ୟମାନ କିରଣଦାୟୀ ।

Glean, *v.t.* and *i.* 1. ସିଲା-କ, ପତିତ ଶସ୍ୟାଦି ସଂଗ୍ରହ-କ ; 2. ସାଉଣ୍ଟିବା, ଗୋଟାଇବା, ସଂଗ୍ରହ-କ ।

Gleaner, *n.* 1. ସିଲା କରିବା ଲୋକ ; 2. ସଂଗ୍ରହକର୍ତ୍ତା ।

Glebe, *n.* 1. ମାଟି, ଜମି ; 2. ପୁରୋହିତର ବୃତ୍ତିଭୂମି ।

Glebous, Gleby, *a.* ମାଟିମୟ, ଢେଲାମୟ, ଢେଳମୟ ।

Glee, *n.* 1. ଆନନ୍ଦ, ହର୍ଷ, ଆହ୍ଲାଦ, ଆମୋଦ, କୌତୁକ; 2. ତିନି ସ୍ୱରର ଗାୟକ ନିମନ୍ତେ ସଙ୍ଗୀତ ବିଶେଷ ।

Gleeful, Gleesome, *a.* ଆନନ୍ଦପୂର୍ଣ୍ଣ, ହୃଷ୍ଟ ।

Gleet, *n.* ପ୍ରମେହ, ଧାତୁଗଳା ।

Glen, *n.* ଦୁଇ ପର୍ବତର ମଧ୍ୟସ୍ଥାନ, ଗୋହିରୀ, ଉପତ୍ୟକା ।

Glib, *a.* ଚିକ୍କଣ, ବାକ୍‌ଚପଳ, ବାକ୍‌ପଟୁ ।

Glibly, *ad.* ଅନାୟାସରେ, ଚିକ୍କଣପଣରେ, ବାକ୍‌ଚପଳରୂପେ ।

Glibness, *n.* ବାକ୍‌ଚପଳତା ।

Glide, *v.i.* ଧୀରେ ବହି ଯିବା, ମନ୍ଦ ବହି ଯିବା, ଅନାୟାସରେ ଗତି-କ ।—*n.* ଧୀରେ ଗମନ, ଅବାଧରେ ଓ ଅନାୟାସରେ ଗତିକରଣ, ଅନାୟାସରେ ବଦଳି ସ୍ୱରର ମେଳ ।

Glimmer, *v.t.* ମିଟ୍‌ମିଟ୍-କ, ମିଞ୍ଜିମିଞ୍ଜି-କ, ଈଷତ୍ ଦୀପ୍ତି -ଦେ ।—*n.* ଈଷତ୍ ଦୀପ୍ତି, ମିଟ୍‌ମିଟ୍ ଆଲୁଅ, ଚକମକ୍ ।

Glimmering, *p.a.* ମିଟ୍‌ମିଟିଆ, ଈଷତ୍ ଆଲୋକଦାୟୀ, —*n.* 1. ଈଷତ୍ ଦୀପ୍ତି, ମିଟ୍‌ମିଟ୍ ଆଲୁଅ ; 2. ଈଷତ୍ ଦୃଷ୍ଟି, କ୍ଷଣଦର୍ଶନ ।

Glimpse, *n.* 1. କ୍ଷଣଦର୍ଶନ; 2. ଅଳ୍ପ ଦୃଷ୍ଟିପାତ, କ୍ଷଣଦୃଷ୍ଟି ।—*v.i.* କ୍ଷଣମାତ୍ର ଦୃଶ୍ୟ-ହେ ।—*v.t.* କ୍ଷଣଦୃଷ୍ଟି-କ, କ୍ଷଣମାତ୍ର ଦେଖିବା ।

Glint, *v i.* ଝିକିଝିକ୍-ହେ ।—*n.* ଚମକ ।

Glisten, *v.i.* ଉଜ୍ଜ୍ୱଳ-ହେ, ଝିକ୍‌ଝିକ୍-ହେ, ଚକ୍‌ମକ୍-ହେ ।—*n.* ଚମକ, ଔଜ୍ଜ୍ୱଲ୍ୟ ।

Glister, *v.i.* ଉଜ୍ଜ୍ୱଳ-ହେ, ଚକମକ୍-ହେ ।—*n.* ଔଜ୍ଜ୍ୱଲ୍ୟ, ଉଜ୍ଜ୍ୱଳତା ।

Glitter, *v.i.* 1. ଚକ୍‌ମକ୍-କ, ଚିକ୍‌ଚିକ୍-ହେ ; 2. ଉଜ୍ଜ୍ୱଳ-ହେ, ତେଜସ୍ୱୀ-ହେ, ଶୋଭିତ-ହେ ।—*n.* ଉଜ୍ଜ୍ୱଳତା, ଆଭା, ତେଜ ।

Gloaming, *n.* ଗୋଧୂଳି ସମୟ ।

Gloat, *v.i.* ଉତ୍ସୁକଭାବେ ଓ ଲୋଭରେ ସ୍ଥିରଦୃଷ୍ଟି-କ, ଆନନ୍ଦସହକାରେ ଅନାଇ ରହିବା, ଚକ୍ଷୁରେ ତୃପ୍ତି ଜନ୍ମାଇବା ।

Globe, *n.* 1. ଗୋଲକ, ବର୍ତ୍ତୁଳାକାର ପଦାର୍ଥ, ଗୋଲ; 2. ଭୂଗୋଳ, ଭୂମଣ୍ଡଳ, ପୃଥିବୀ; 3. ଯେଉଁ କାଷ୍ଠମୟ ଗୋଲକରେ ପୃଥିବୀ ବା ଆକାଶର ପ୍ରତିରୂପ ଅଙ୍କିତ ଥାଏ ; 4. ଦୀପର କାଚହଣ୍ଡା ।—*v.t.* ବର୍ତ୍ତୁଳାକୃତ-କ ।

Globular, Globate, Globated, Globose, Globous, *a.* ଗୋଲାକାର, ବର୍ତ୍ତୁଳାକାର, ମଣ୍ଡଳାକାର ।

Globularity, *n.* ଗୋଲତ୍ୱ, ମଣ୍ଡଳାକାରତ୍ୱ, ବର୍ତ୍ତୁଳାକାରତ୍ୱ ।

Globularly, *ad.* ଗୋଲାକୃତିରେ ।

Globule, *n.* 1. ଗୁଳି, ବଟି, ଗୁଳା, ବଟିକା, ବର୍ତ୍ତୁଳାକୃତ କ୍ଷୁଦ୍ର କଣିକା ; 2. ରକ୍ତର ଲାଲ ପରମାଣୁ ।

Globulose, Globulous, *a.* ବଟିକାବତ୍ ।

Glomerate, *v.t.* ଗୋଲାକାରରେ ଜମା-କ, ପିଣ୍ଡୀଭୂତ-କ ।—*a.* ଗୋଲାକାରରେ ଜମାକୃତ, ପିଣ୍ଡୀକୃତ ।

**Glomeration**, *n.* 1. ପିଣ୍ଡୀଭାବକରଣ ; 2. ପିଣ୍ଡୁଳା ।

**Gloom**, *n.* 1. ଅନ୍ଧକାର, ଘନ ଛାୟା ; 2. ବିଷାଦ, ବିଷଣ୍ଣତା, ବିମର୍ଷ ; 3. ଅନ୍ଧକାରପୂର୍ଣ୍ଣ ସ୍ଥାନ ।—*v.i.* 1. ଅନୁଜ୍ଜ୍ୱଳ-ହେ ; 2. ବିଷଣ୍ଣ-ହେ ।—*v.t.* 1. ଅନ୍ଧକାର-କ ; 2. ବିଷଣ୍ଣ-କ ।

**Gloomily**, *ad.* 1. ଅନ୍ଧକାରପୂର୍ଣ୍ଣରୂପେ, ଘୋରରୂପେ ; 2. ବିଷଣ୍ଣରୂପେ, ନିରାନନ୍ଦରୂପେ ।

**Gloominess**, *n.* 1. ଅନ୍ଧକାରମୟତା, ଅନ୍ଧକାର, ଘୋରତ୍ୱ ; 2. ବିଷଣ୍ଣତା, ବିଷାଦ ।

**Gloomy**, *a.* 1. ଅନ୍ଧକାରମୟ, ଅନୁଜ୍ଜ୍ୱଳ, ମେଘାଚ୍ଛନ୍ନ, ଘୋର ; 2. ବିଷଣ୍ଣ, ସବିଷାଦ, ନିରାନନ୍ଦ, ଦୁଃଖପୂର୍ଣ୍ଣ ।

**Glorification**, *n.* 1. ସ୍ତୁତିବାଦ, ଗୁଣକୀର୍ତ୍ତନ, ପ୍ରଶଂସା ; 2. ସ୍ୱର୍ଗରେ ଗୌରବାନ୍ୱିତକରଣ ବା ଗୌରବାନ୍ୱିତାବସ୍ଥା ।

**Glorify**, *v.t.* 1. ଗୌରବାନ୍ୱିତ-କ ; 2. ସ୍ତୁତିବାଦ-କ, ଗୁଣକୀର୍ତ୍ତନ-କ, ପ୍ରଶଂସା-କ, ସ୍ତୁତି-କ ।

**Glorious**, *a.* ଗୌରବାନ୍ୱିତ, ପ୍ରସିଦ୍ଧ, ବିଖ୍ୟାତ, ମହତ୍, ତେଜସ୍ୱୀ, ପ୍ରତାପାନ୍ୱିତ, ଐଶ୍ୱର୍ଯ୍ୟବନ୍ତ ।

**Gloriously**, *ad.* ଗୌରବାନ୍ୱିତରୂପେ, ପ୍ରସିଦ୍ଧରୂପେ, ବିଖ୍ୟାତରୂପେ, ମହାପ୍ରତାପରେ ।

**Gloriousness**, *n.* ଗୌରବତ୍ୱ ।

**Glory**, *n.* 1. ପ୍ରଶଂସା, ସ୍ତୁତି, ସ୍ତବ ; 2. କୀର୍ତ୍ତି, ଯଶଃ, ବିଖ୍ୟାତ ଅବସ୍ଥା ; 3. ଗୌରବ, ପ୍ରତାପ, ମହିମା, ଐଶ୍ୱର୍ଯ୍ୟ ; 4. ସ୍ୱର୍ଗସୁଖ ; 5. ଈଶ୍ୱରଙ୍କର ଆବିର୍ଭାବ ; 6. ଦର୍ପର ବିଷୟ ; 7. ତେଜଃ, ଶ୍ରୀ, ଶୋଭା ; 8. ଜ୍ୟୋତିର୍ମଣ୍ଡଳ ।—*v.i.* 1. ଦର୍ପ-କ ; 2. ଉଲ୍ଲାସ-କ, ଆନନ୍ଦିତ-ହେ ।

**Gloss**, (1) *n.* 1. ଛଟା, ଆଭା ; 2. ବାହ୍ୟ ଶୋଭା, କୃତ୍ରିମ ଶୋଭା ।—*v.t.* 1. ଛଟା-କ, ଚିକ୍କଣ ଓ ଉଜ୍ଜ୍ୱଳ-କ ; 2. ବାହ୍ୟ ଶୋଭା-ଦେ, ବାହାରେ ସୁଦୃଶ୍ୟ-କ ।

**Gloss**, (2) *n.* ଟୀକା, ବ୍ୟାଖ୍ୟା ।—*v.t.* 1. ଟୀକା ଦ୍ୱାରା ଅର୍ଥ କରି ବୁଝାଇବା, ଟୀକା-କ, ବ୍ୟାଖ୍ୟା-କ ; 2. ବାହ୍ୟ ବର୍ଣ୍ଣନା ଦ୍ୱାରା ଲଘୁ-କ ।

**Glossarial**, *a.* ଟୀକାସମ୍ବନ୍ଧୀୟ, ସଟୀକ ।

**Glossarist**, *n.* ଟୀକାକାର ।

**Glossary**, *n.* ଗ୍ରନ୍ଥର ଅପ୍ରଚଳିତ ଓ ସ୍ଥାନୀୟ ଶବ୍ଦର ଅଭିଧାନ, ଶବ୍ଦକୋଷ, ବାକ୍ୟାବଳୀ ।

**Glossily**, *ad.* ଚିକ୍କଣ ଓ ଉଜ୍ଜ୍ୱଳରୂପେ ।

**Glossiness**, *n.* ଚିକ୍କଣତା ଓ ଉଜ୍ଜ୍ୱଳତା ।

**Glossology**, **Glottology**, *n.* ଭାଷାବିଜ୍ଞାନ ।

**Glossy**, *a.* 1. ଛଟାଯୁକ୍ତ, କାନ୍ତିଯୁକ୍ତ, ଚିକ୍କଣ ଓ ଉଜ୍ଜ୍ୱଳ ପୃଷ୍ଠଯୁକ୍ତ, ଚିକ୍କଣ ଓ ଉଜ୍ଜ୍ୱଳ ; 2. ବାହ୍ୟରେ ଶୋଭିତ, ବାହ୍ୟରମଣୀୟ ।

**Glottal**, *a.* ଶ୍ୱାସନଳୀର ଉପରସ୍ଥ ଛିଦ୍ରବିଷୟକ ।

**Glottis**, *n.* ଶ୍ୱାସନଳୀର ଉପରସ୍ଥ ଛିଦ୍ର ।

**Glove**, *n.* ହାତମୋଜା, ହସ୍ତାଚ୍ଛାଦନ, ଦସ୍ତାନା ।—*v.t.* ଦସ୍ତାନାରେ ଆଚ୍ଛାଦନ-କ ।

**Gloved**, *a.* ହାତମୋଜା ପିନ୍ଧା, ଦସ୍ତାନାରେ ଆଚ୍ଛାଦିତ ।

**Glover**, *n.* ହାତମୋଜା ବନାଇବା ବା ବିକ୍ରୟ କରିବା ଲୋକ, ଦସ୍ତାନା ବିକ୍ରେତା ।

**Glow**, *v.i.* 1. ଉତ୍ତପ୍ତ-ହେ, ଉତ୍ତାପ ଓ ଉଜ୍ଜ୍ୱଳ ଆଲୋକ-ଦେ ; 2. ଉତ୍ତାପ ବୋଧ-କ, ଉତ୍ତାପରେ ରକ୍ତିମାବର୍ଣ୍ଣ-ହେ ; 3. ତେଜସ୍କର-ହେ, ଜାଜ୍ୱଲ୍ୟମାନ-ହେ ; 4. ଉତ୍ତେଜିତ-ହେ, ବ୍ୟଗ୍ରଚିତ୍ତ-ହେ ।—*n.* 1. ଉତ୍ତାପ ; 2. ଉଜ୍ଜ୍ୱଳତା, ତେଜଃ, ରକ୍ତିମା ; 3. ଉତ୍ତେଜନା, ବ୍ୟଗ୍ରତା ।

**Glowing**, *p.a.* 1. ଉତ୍ତାପରେ ତେଜସ୍କର, ଉତ୍ତାପରେ ଶୁଭ୍ର, ଉଜ୍ଜ୍ୱଳ ; 2. ଉତ୍ତେଜିତ, ଉତ୍ତପ୍ତ, ବ୍ୟଗ୍ର ।

**Glowingly**, *ad.* ଉତ୍ତେଜିତରୂପେ, ଉତ୍ତପ୍ତଭାବେ, ଉଜ୍ଜ୍ୱଳରୂପେ ।

**Glow-worm**, *n.* ପକ୍ଷହୀନ ଜଳିପୋକ ବିଶେଷ, ଖଦ୍ୟୋତ ବିଶେଷ ।

**Gloze**, *v.i.* ଚାଟୁବାଦୀ-ହେ, ଖୋସାମୋଦିଆ-ହେ, ପ୍ରିୟଭାଷୀ-ହେ ।—*v.t.* ବାହ୍ୟ ବର୍ଣ୍ଣନା ଦ୍ୱାରା ଲଘୁ-କ ।—*n.* ଚାଟୁବାଦ, ଖୋସାମୋଦ, ପ୍ରିୟକଥା ।

**Glucose**, *n.* ଦ୍ରାକ୍ଷାଫଳରୁ ଜାତ ଚିନି ।

**Glue**, *n.* ଶିରିଷ, ସରେସ ।—*v.t.* ଶିରିଷ ଦେଇ ଯୋଡିବା, ଯୁକ୍ତ-କ ।

**Gluey**, *a.* ଶିରିଷପରି, ଅଠାବତ୍, ଅଠାଳିଆ ।

**Glueyness**, **Glutinosity**, *n.* ଅଠାଳିଆ ଗୁଣ, ଅଠାଯୁକ୍ତତା ।

**Glum**, *a.* ମ୍ଳାନମୁଖ, ବିଷଣ୍ଣବଦନ, ଅଧୋମୁଖ ।

**Glumly**, *ad.* ମ୍ଳାନମୁଖରେ, ବିଷଣ୍ଣରୂପେ, ଅଧୋମୁଖରେ ।

**Glumness**, *n.* ବିଷଣ୍ଣତା ।

**Glut**, *v.t.* ଅତିରିକ୍ତ ଯୋଗାଇବା, ଅତ୍ୟନ୍ତ ପୂର୍ଣ୍ଣ-କ ।—*v.i.* ପେଟୁକରୂପେ ଗିଳିବା, ଗ୍ରାସ-କ ।—*n.* ଅତିରିକ୍ତତା, ପ୍ରୟୋଜନ ଅପେକ୍ଷା ଅତିରିକ୍ତ ଆମଦାନୀ ।

**Gluten**, *n.* ମଇଦାରେ ଥିବା ଶକ୍ତ ଓ ଚେମଡା ଦ୍ରବ୍ୟ ।

**Glutinate**, *v.t.* ଶିରିଷରେ ଯୋଡିବା, ଯୋଡିବା ।

**Glutinous**, *a.* ଶିରିଷପରି, ଅଠାଳିଆ, ଚଟଚଟିଆ, ଅଠାଯୁକ୍ତ ।

**Glutton**, *n.* 1. ପେଟୁକ, ଅତିଭୋକ୍ତା, ଉଦରମ୍ଭରି ; 2. ମାଂସାଶୀ ପଶୁବିଶେଷ ।

**Gluttonize**, *v.i.* ପେଟୁକ-ହେ, ଅତିଭୋକ୍ତା-ହେ, ଅତି-[ଭୋଜନ-କ ।

**Gluttonous**, *a.* ଉଦରସର୍ବସ୍ୱ, ପେଟୁକ, ଅତିଭକ୍ଷକ ।

**Gluttonously**, *ad.* ପେଟୁକରୂପେ ।

**Gluttony**, *n.* ପେଟୁକତା, ଅତିଭୋଜନ, ଔଦରିକତା ।

**Gnarl**, *n.* *narl*, ଗଛର ବାହାରେ ଥିବା ଗଣ୍ଠି, ଗଣ୍ଡ ।

**Gnarled**, **Gnarly**, *a.* ଗଣ୍ଠିଯୁକ୍ତ, ଗ୍ରନ୍ଥିଳ ।

**Gnarr**, **Gnarl**, *v.i.* *nar*, *narl*, ଗର୍ଜ୍ଜନ-କ, ଗେଁ ଗେଁ-ହେ ।

**Gnash**, *v.t.* *nash*, କ୍ରୋଧରେ (ଦାନ୍ତକୁ ଦାନ୍ତ) ଘଷାଇବା, କଟମଟ-କ, ରଗଡିବା, ଘର୍ଷଣ-କ ।

**Gnat**, *n.* *nat*, ମଶା, ମଶକ ।

**Gnaw**, *v.t.* *naw*, 1. କାମୁଡ଼ି ଖାଇବା, ରେକଟିବା ; 2. କ୍ରମେ ଖାଇ ଯିବା, କ୍ଷୟ-କ ।—*v.i.* 1. ଦାନ୍ତରେ କାମୁଡିବା ; 2. କ୍ଷୟ କରିବା, କ୍ଷୟକାରୀ ବେଦନାରେ ଅଶାନ୍ତ-ହେ ।

**Gneiss**, *n. nis*, ପ୍ରସ୍ତରବିଶେଷ ।

**Gnome**, (1) *n. nom*, 1. ଭୂତ ବିଶେଷ ; 2. ଭୂତା ଓ ବାଙ୍ଗର ଲୋକ ।

**Gnome**, (2) *n. nom*, ଚଳିତ କଥା, ଢଗ ।

**Gnomon**, *n. no'mon*, 1. ସୂର୍ଯ୍ୟଘଡ଼ିର କଣ୍ଟା ; 2. ସାର୍ଦ୍ଧର ସମାନ୍ତରାଳ ରେଖା ଦ୍ୱାରା ପର ସ୍ଥାନରେ କଟିଲ୍ତ ଅଗ୍ରିତ କ୍ଷେତ୍ରର କୌଣସି ଏକ ଭାଗ ।

**Gnomonics**, *n. nomonics*, ସୂର୍ଯ୍ୟଘଡ଼ିର ନିର୍ମାଣ କୌଶଳ ।

**Gnostic**, *n. nostik*, ଖ୍ରୀଷ୍ଟାବ୍ଦର ପ୍ରଥମ ୬ ଶତାବ୍ଦୀ ମଧ୍ୟରେ ଉଠିଥିବା ମତର ଏକ ସମ୍ପ୍ରଦାୟ, ପ୍ଲେଟୋଙ୍କ ଓ ପୂର୍ବ ଦେଶୀୟ ପଣ୍ଡିତଙ୍କ ଦାର୍ଶନିକ ମତ ସଙ୍ଗେ ଖ୍ରୀଷ୍ଟଧର୍ମ ମିଶାଇ ଦେବପୂଜା ଓ ଖ୍ରୀଷ୍ଟଧର୍ମର ମଧ୍ୟପଥ ଧରି ପରହାସ ମୋକ୍ଷ ବିଶ୍ୱାସ ଓ ଦାର୍ଶନିକ ମତ ଅପେକ୍ଷା ଜ୍ଞାନ କେବଳ ମୂଳ ବିଷୟ ଅଟେ ବୋଲି ଶିକ୍ଷା ଦେବା ମତାବଲମ୍ବୀ । —*a.* 1. ଉକ୍ତ ମତୀୟ ବା ମତସମ୍ବନ୍ଧୀୟ ; 2. ଜ୍ଞାନୀୟ, ଗୁପ୍ତଜ୍ଞାନୀ, ମର୍ମଜ୍ଞାନୀ ।

**Gnosticism**, *n. nos'-ti-sizm*, ଉପରୋକ୍ତ ଦଳର ମତ ବା ମୂଳସୂତ୍ର ।

**Gnu, Gnoo**, *n. nū*, ଦକ୍ଷିଣ ଅଫ୍ରିକା ଦେଶୀୟ ପଶୁବିଶେଷ ଯ ଯାହାର ମୁଣ୍ଡ ମଇଁଷିର ପରି କେବଳ ଗଧର ପରି ଓ ଲାଞ୍ଜ ଘୋଡାର ପରି ଅଟେ ।

**Go**, *v.i.* 1. ଯିବା, ଗମନ-କ ; 2. ପ୍ରସ୍ଥାନ-କ ; 3. ଚଳିବା ; 4. ପଡ଼ିବା ; 5. ପ୍ରଚଳିତ-ହେ, ଚଳିତ-ହେ ; 6. ସାହାଯ୍ୟ-କ ; 7. ଉଦ୍ୟତ-ହେ ; 8. ହେବା ; 9. ଅବଲମ୍ବନ-କ, ଧରିବା ; 10. ମିଶିବା, ସଙ୍ଗତ-ହେ ; 11. ବ୍ୟାପିତ-ହେ ; 12. ଗର୍ଭବତୀ-ହେ ; 13. ବିନଷ୍ଟ-ହେ, ମରିବା ; 14. ବାଜି-ଧି ।—To go against, 1. ଆକ୍ରମଣ-କ ; 2. ବିରୁଦ୍ଧ-ହେ, ବିପରୀତ-ହେ । To go ahead, To go it, ଆଗକୁ ଯିବା । To go at, 1. ଆକ୍ରମଣ-କ ; 2. ଚେଷ୍ଟା-କ, ପ୍ରବୃତ୍ତ-ହେ । To go down, (Colloq) ଗ୍ରାହ୍ୟ-ହେ । To go forth, ପ୍ରକାଶିତ-ହେ । To go for nothing, ବ୍ୟର୍ଥ-ହେ, ନିଷ୍ଫଳ-ହେ । To go hard with, କଷ୍ଟକର-ହେ । To go in and out, ଭିତର ବାହାରିବା, ସଂସାର ବ୍ୟବହାର-କ । To go in for, ଅଗ୍ରହପୂର୍ବକ ଅନୁକୂଳ-ହେ । To go into, 1. ଯୋଗ-ଦେ ; 2. ଅନୁସନ୍ଧାନ-କ । To go off, 1. ଫୁଟିବା ; 2. ସମ୍ପନ୍ନ-ହେ ; 3. ଉଣା-ହେ, ମନ୍ଦ-ହେ , 4. ବିକ୍ରୀତ-ହେ । To go on, 1. ଅଗ୍ରସର-ହେ, ରହିବା, ସ୍ଥାୟୀ-ହେ ; 2. ଚାଲି ଯିବା ; 3. (Colloq) ବ୍ୟବହାର-କ । To go out, 1. ବାହାରି ଯିବା ; 2. ବାହାରି ଯିବା, ଅନ୍ତର୍ହିତ-ହେ । To go over, 1. ପାଠ-କ, ପରୀକ୍ଷା-କ, ଆଲୋଚନା-କ ; 2. ଏକ ଦଳରୁ ଅନ୍ୟ ଦଳକୁ ଯିବା । To go through, 1. ଉତ୍ତୀର୍ଣ୍ଣ-ହେ, କୃତକାର୍ଯ୍ୟ-ହେ ; 2. ବ୍ୟୟ-କ, ଉଡ଼ାଇ ଦେବା ; 3. ସହିବା, ସହ୍ୟ-କ । To go through with, ଭଲରୂପେ ସମ୍ପନ୍ନ-କ । To go to pieces, ଭାଙ୍ଗି ଯିବା, ବ୍ୟର୍ଥ-ହେ । To go shares, ଅଂଶୀ-ହେ, ଭାଗୀ-ହେ । To go under, 1. ନିମ୍ନସ୍ଥାନୀୟ ଅଧରେ ଅନ୍ତର୍ଭୁକ୍ତ-ହେ, ନଷ୍ଟ-ହେ ; 2. ଜାତ-ହେ । To go upon, (କୌଣସି ବିଷୟକୁ) ଧରି ଚଳିବା । To go wrong, 1. ବିପଥରେ ଗମନ-କ, ପତିତ-ହେ ; 2. ମନ୍ଦରୂପେ ପଡ଼ିବା ।

**Goad**, *n.* 1. ପଶୁ ଅଡ଼ ଚଳାଇବା ଖୋଞ୍ଚ, ଅଙ୍କୁଶ ; 2. କାର୍ଯ୍ୟ ଉତ୍ସାହକ ବିଷୟ ।—*v.t.* 1. ଅଙ୍କୁଶ ଦ୍ୱାରା ଚଳାଇବା ; 2. ଉତ୍ତେଜିତ-କ, ଉସ୍କାଇବା ।

**Goal**, 1. ଦୌଡ଼ର ଲକ୍ଷ୍ୟସ୍ଥାନ, ଦୌଡ଼ର ସୀମା, ଖେଳାରେ ଗଡ଼ିବା ସ୍ଥାନ ଦେଖାଇବା ସ୍ତମ୍ଭ ଅବ ; 2. ଶେଷ ଅଭିପ୍ରାୟ, ଲକ୍ଷ୍ୟ, ଉଦ୍ଦେଶ୍ୟ ।

**Goat**, *n.* ଛେଳି, ବକରା, ଛାଗଳ, ଅଜ ।

**Goatherd**, *n.* ଛେଳି ଚରାଉଥିବା ଲୋକ, ଅଜରକ୍ଷକ ।

**Goatish**, *a.* ଛାଗଳବତ୍, ଦୁର୍ଗନ୍ଧ, କାମୁକ ।

**Goatishness**, *n.* ଛାଗଳବତ୍ ଗୁଣ, କାମୁକତା ।

**Goatsucker**, *n.* ରାତିଚର ପକ୍ଷିବିଶେଷ ।

**Gobble**, *v.t.* ଶୀଘ୍ର ଗିଳିବା ।—*v.i.* ପେରୁପରି ଶବ୍ଦ-କ ।—*n.* ପେରୁ ଡାକ ପରି ଶବ୍ଦ ।

**Gobbler**, *n.* 1. ପେଟୁକ ; 2. ଅଣ୍ଡିରା ପେରୁ ।

**Go-between**, *n.* ଉଭୟ ପକ୍ଷର ପ୍ରତିନିଧି, ମଧ୍ୟସ୍ଥ ।

**Goblet**, *n.* ବେଣ୍ଟଯୁକ୍ତ ପାନପାତ୍ର ବିଶେଷ ।

**Goblin**, *n.* ଭୂତ, ପ୍ରେତ ।

**Go-by**, *n.* ଜାଣିଶାରେ ଉପେକ୍ଷା, ଅଗ୍ରାହ୍ୟ ଅବଜ୍ଞା ।

**Go-cart**, *n.* ପିଲାଙ୍କୁ ଚାଲିବା ଶିଖାଇବା ପାଇଁ ଛୋଟ ଗାଡ଼ି ବିଶେଷ ।

**God**, *n.* 1. ପରମେଶ୍ୱର, ପରମାତ୍ମା, ବ୍ରହ୍ମ, ଭଗବାନ୍ ; 2. ଦେବ, ଦେବତା ; 3. ଠାକୁର, ପିତୁଳା ; 4. ଉପଦେବତା, ଉପାସ୍ୟବସ୍ତୁ ; 5. *pl.* ନାଟ୍ୟଶାଳାର ଉପରିସ୍ଥ ମଞ୍ଚାରେ ବସିବା ଶ୍ରୋତୃବର୍ଗ ।

**Godchild**, *n.* ଧର୍ମପୁତ୍ର, ଧର୍ମପୁତ୍ରୀ ।

**Goddaughter**, *n.* ଧର୍ମପୁତ୍ରୀ ।

**Goddess**, *n.* 1. ଦେବୀ ; 2. ମୋହିନୀ ସ୍ତ୍ରୀ ।

**Godfather**, *n.* ଧର୍ମବାପ, ଧର୍ମପିତା ।

**Godhead**, *n.* 1. ଦେବତ୍ୱ, ଈଶ୍ୱରତ୍ୱ, ଦେବସ୍ୱଭାବ, ପରମବ୍ରହ୍ମତ୍ୱ ; 2. ପରମେଶ୍ୱର ।

**Godless**, *a.* ନାସ୍ତିକ, ଅଧାର୍ମିକ, ପାଷଣ୍ଡ, ଅଧମ ।

**Godlessly**, *ad.* ନାସ୍ତିକରୂପେ, ଅଧାର୍ମିକରୂପେ, ପାଷଣ୍ଡରୂପେ ।

**Godlessness**, *n.* ନାସ୍ତିକତା, ଅଧାର୍ମିକତା, ପାଷଣ୍ଡତ୍ୱ ।

**Godlike**, *a.* ଈଶ୍ୱରବତ୍, ଦେବତୁଲ୍ୟ, ଐଶ୍ୱରିକ, ଦିବ୍ୟ ।

**Godlily**, *ad.* ଧାର୍ମିକରୂପେ, ଧର୍ମପରାୟଣରୂପେ ।

**Godliness**, *n.* ଈଶ୍ୱରପରାୟଣତା, ଧାର୍ମିକତା, ପୁଣ୍ୟଶୀଳତା ।

**Godly**, *a.* ଈଶ୍ୱରପରାୟଣ, ଧାର୍ମିକ, ପୁଣ୍ୟବନ୍ତ, ଈଶ୍ୱରଭକ୍ତ ।—ଧାର୍ମିକରୂପେ, ଧର୍ମପରାୟଣରୂପେ ।

**Godmother**, *n.* ଧର୍ମମାତା ।

**Godsend**, *n.* ଅନପେକ୍ଷିତ ସୌଭାଗ୍ୟ ।

**Godship**, *n.* ଈଶ୍ୱରତ୍ୱ, ଦେବତ୍ୱ ।

Godson, *n.* ଧର୍ମପୁତ୍ର ।

God-speed, *n.* ସୌଭାଗ୍ୟ, ଶୁଭ, ମଙ୍ଗଳ, ଶୁଭଯାତ୍ରା ।—Usually in phrase to *bid* a person *God-speed.*

Godward, Godwards, *ad.* ଈଶ୍ୱରାଭିମୁଖେ ।

Goffer, *v.t.* କୁଞ୍ଚା-କ, ଚୁନଟ-କ ।—*n.* also Goffering, ଶୋଭାକର ଚୁନଟ ।

Goggle, *v.t.* (ଚକ୍ଷୁ) ଘୂରାଇବାର, (ଆଖି) ଘୁରାଇବାର ।—*n.* 1. ଚକ୍ଷୁଘୂର୍ଣ୍ଣ; 2. *pl.* ବଡ ଚଷମା ବିଶେଷ ।

Goggle-eyed, *a.* ବଡଆଖିଆ, ଡମାଆଖିଆ, ଘୂର୍ଣ୍ଣାୟମାନ ଚକ୍ଷୁବିଶିଷ୍ଟ ।

Going, *n.* ପ୍ରସ୍ଥାନ, ଚଳନ, ଗମନ ।—Going-on, ବ୍ୟବହାର, କୁବ୍ୟବହାର ।

Goitre, Goiter, *n.* ଗଳଗଣ୍ଡ, ଗଳାର ଅବୁ ।

Gold, *n.* 1. ସୁନା, ସ୍ୱର୍ଣ୍ଣ, ସୁବର୍ଣ୍ଣ, କନକ, କାଞ୍ଚନ ; 2. ଟଙ୍କା, ମୁଦ୍ରା, ଧନ, ଅର୍ଥ ; 3. ସ୍ୱର୍ଣ୍ଣବର୍ଣ୍ଣ ।—*a.* ସ୍ୱର୍ଣ୍ଣନିର୍ମିତ, ସ୍ୱର୍ଣ୍ଣମୟ ।

Goldbeater, *n.* ସୁନାପତ୍ର ସ୍ୱର୍ଣ୍ଣପତ୍ର କର୍ମୀଗ ।

Gold-digger, *n.* ସ୍ୱର୍ଣ୍ଣ ଖନନକାରୀ ।

Gold-digging, *n.* ସ୍ୱର୍ଣ୍ଣଖନନର ବ୍ୟବସାୟ, ସ୍ୱର୍ଣ୍ଣଖଣି ।

Gold-dust, *n.* ସୁନାଗୁଣ୍ଡି, ସ୍ୱର୍ଣ୍ଣରେଣୁ ।

Golden, *a.* 1. ସ୍ୱର୍ଣ୍ଣନିର୍ମିତ, ସ୍ୱର୍ଣ୍ଣମୟ ; 2. ସ୍ୱର୍ଣ୍ଣରଙ୍ଗ, ଉଜ୍ଜ୍ୱଳ ; 3. ମହାମୂଲ୍ୟ, ବହୁମୂଲ୍ୟ, ଦୁର୍ଲଭ ; 4. ସୁଖମୟ, ଶୁଭ ।—Golden age, ସତ୍ୟଯୁଗ, ସୌଭାଗ୍ୟ ସମୟ ।

Gold-field, *n.* ସ୍ୱର୍ଣ୍ଣଖଣି ।

Goldfinch, *n.* ଗାଇବାକୁ ସୁନ୍ଦର ସାନ ପକ୍ଷୀ ବିଶେଷ ।

Goldfish, *n.* ସୁନାରଙ୍ଗ ସାନ ମାଛ ବିଶେଷ ।

Gold-lace, *n.* ଜରିଫିତା ।

Gold-leaf, *n.* ସୁନାପାତିଆ, ସ୍ୱର୍ଣ୍ଣପତ୍ର ।

Goldsmith, *n.* ସୁନାରି, ସୁନାଭରଣିଆ, ସ୍ୱର୍ଣ୍ଣକାର ।

Gold-stick, *n.* ଇଂଲଣ୍ଡ ଦେଶରେ ସ୍ୱର୍ଣ୍ଣଦଣ୍ଡଧାରୀ ସଭାସଦ୍ ପଦବୀର ବିଶେଷ ।

Golf, *n.* ପଡିଆରେ ବେଣ୍ଡ ଓ ବେଡେକ ପ୍ରକାର ଖାମିଯନ୍ତ୍ରରେ ଖେଳିବା ଖେଳ, ଯହିଁରେ ଅନ୍ୟାପେକ୍ଷା ଅଳ୍ପ ଖେଳ ଦ୍ୱାରା ନିଜର ବେଣ୍ଡ ନିର୍ଦ୍ଦିଷ୍ଟ ଗର୍ତ୍ତମାନଙ୍କରେ ଯେ ନିକ୍ଷେପ କରେ, ସେ ଜିତେ ।

Golgotha, *n.* (Hebrew) ମୁଣ୍ଡଖପର ସ୍ଥାନ, ଶ୍ମଶାନ ।

Gondola, *n.* ଭେନିସ୍ ନଗରୀର ଚିତ୍ରାର୍ପିତ ନୌକା ବିଶେଷ ।

Gondolier, *n.* ଉପରୋକ୍ତ ନୌକାର ମାଝି ।

Gone, *past p.* of Go.

Gong, *n.* କଂସାର ଘଣ୍ଟା ।

Gonorrhœa, *n.* ପ୍ରମେହ, ମେହରୋଗ ।

Good, *a.* 1. ଭଲ, ଉତ୍ତମ, ସାଧୁ, ସୁ ; 2. ଉପକାରୀ, ସ୍ୱାସ୍ଥ୍ୟକର, ମଙ୍ଗଳଜନକ, ହିତକର ; 3. ଉପଯୋଗୀ, ଉପଯୁକ୍ତ ; 4. ଧାର୍ମିକ, ସାଧୁ, ସଚ୍ଚରିତ୍ର, ସୁଶୀଳ, ଭଲଲୋକ, ପ୍ରଶଂସନୀୟ ; 5. ଭଦ୍ର, ସୁଶୀଳ, ଅଳାପୀ, ଦୟାଳୁ ; 6. ଯଥେଷ୍ଟ ; 7. ଅନେକ ; 8. ପୂର୍ଣ୍ଣ, ପୂର୍ଣ୍ଣ, ପୁରୁ ; 9. ନିପୁଣ, ଚତୁର ।—To make good ; 1. ସମ୍ପାଦନ-କ ; 2. ପ୍ରମାଣ-କ ; 3. ପୂରଣ-କ । To stand good, ଜାମିନ-ହେ । To think good, To see good, ଯୁକ୍ତିଯୁକ୍ତ-ହେ, ଉପଯୁକ୍ତ ବୋଧ ବୋଧ-କ । As good as, ବାସ୍ତବିକ, ଫଳରେ ସମାନ । To be as good as his word, ପ୍ରତିଜ୍ଞା ପାଳିବା, ଯେପରି କଥା ସେପରି କାର୍ଯ୍ୟ-କ ।—*n.* ଉପକାର, ହିତ, ସୌଭାଗ୍ୟ ମଙ୍ଗଳ, କୁଶଳ, କଲ୍ୟାଣ ; 2. ଧର୍ମ, ପୁଣ୍ୟ ; 3. *pl.* ସମ୍ପତ୍ତି, ଜିନିଷପତ୍ର ।—For good, For good and all, ଶେଷରେ, ଏକାବେଳେ ।—*interj.* ଭଲ ! ଅହା !

Good-bye, *n.* ବିଦାୟକାଳର ନମସ୍କାର, ବିଦାୟବାକ୍ୟ, ବିଦାୟବନ୍ଦନ ।—*interj.* ଈଶ୍ୱର ସହାୟ ହେଉନ୍ତୁ ! ଶୁଭ ଯାତ୍ରା ହେଉ ! ମଙ୍ଗଳ ହେଉ ! ସ୍ୱସ୍ତି !

Good-day, *n.* ଭେଟିବା ବା ବିଦାୟ କାଳର ନମସ୍କାର ।—*interj.* ମଙ୍ଗଳ ହେଉ ! କୁଶଳ ହେଉ !

Good-for-nothing, *n.* ଅକର୍ମଣ୍ୟ ଲୋକ, ନିକମା-ଲୋକ ।—*a.* ଅକର୍ମା, ନିକମା, ଅକାମୀ ।

Good-humour, *n.* ପ୍ରଫୁଲ୍ଲଭାବ, ଆମୋଦ, ପ୍ରଫୁଲ୍ଲତା ।

Good-humoured, *a.* 1. ସୁଶୀଳ, ପ୍ରଫୁଲ୍ଲଭାବବିଶିଷ୍ଟ, ପ୍ରଫୁଲ୍ଲ ; 2. ଆମୋଦଭାବେ କହତ ବା କୃତ ।

Good-humouredly, *ad.* ପ୍ରଫୁଲ୍ଲଭାବେ, ଆମୋଦଭାବେ ।

Goodliness, *n.* ସୁରୂପତା, ସୌନ୍ଦର୍ଯ୍ୟ, ଶୋଭା, ଲାବଣ୍ୟ ।

Good-looking, *a.* ସୁରୂପ, ସୁନ୍ଦର, ସୁରୂପ ।

Goodly, *a.* 1. ସୁରୂପ, ସୁନ୍ଦର, ସୁରୂପ ; 2. ମନୋହର, ରମଣୀୟ ; 3. ଅଳ୍ପ ବହୁ ।

Good-man, *n.* ସ୍ୱାମୀ, କର୍ତ୍ତା ।

Good-morning, *n.* ସକାଳର ନମସ୍କାର ।—*interj.* ସୁପ୍ରଭାତ ହେଉ !

Good-nature, *n.* ସୁଶୀଳତା, ମୃଦୁତା, ଭଦ୍ରତା ।

Good-natured, Good-tempered, *a.* ସୁଶୀଳ, ମୃଦୁ, କୋମଳସ୍ୱଭାବ ।

Good-naturedly, *ad.* ସୁଶୀଳଭାବେ, କୋମଳସ୍ୱଭାବରୂପେ, କୋମଳସ୍ୱଭାବତଃ ।

Goodness, *n.* 1. ଉତ୍ତମତା, ଶ୍ରେଷ୍ଠତା, ଉତ୍କୃଷ୍ଟତା ; 2. ସାଧୁତା, ଧର୍ମ, ସୌଜନ୍ୟ, ସଦ୍‌ଗୁଣ ; 3. ଦୟା, ଅନୁଗ୍ରହ ।

Good-night, *n.* ରାତ୍ରିରେ ବିଦାୟକାଳର ନମସ୍କାର ।—*interj.* ସୁଖରାତ୍ର ହେଉ !

Good-sense, *n.* ସୁବିଚାର, ସଦ୍‌ବୁଦ୍ଧି ।

Goods-train, *n.* ମାଲ୍ ବହିବା ରେଳଗାଡି ।

Good-wife, *n.* ଗୃହିଣୀ, ସ୍ୱାମିନୀ । [ସ୍ତ୍ରୀ ।

Good-will, *n.* 1. ହିତେଚ୍ଛା, ଦୟା ; 2. (ବ୍ୟବସାୟର)

Goose, *n.* (*pl.* Geese,) 1. ହଂସ, ହଂସୀ, ରାଜହଂସ ; 2. ନିର୍ବୋଧ ଲୋକ, ମୂର୍ଖ ; 3. ଦରଜିର ଇସ୍ତ୍ରୀ ।

Gooseberry, *n.* ଫଳବିଶେଷ, ଉକ୍ତ ଫଳଧାରୀ ବୁଦା-ଗଛ ।—Cape gooseberry, ଟିପାରି ଫଳ ।

Goose-flesh, Goose-skin, *n.* ଶୀତ ବା ଭୟ ଯୋଗୁ ଜାତ ଚର୍ମର କର୍କଶତା ।

**Goose-quill,** *n.* ହଂସପରର କଲମ ।

**Goose-step,** *n.* ଗମନ ନ କରି ସର୍ବାଙ୍ଗସଂଯମେ ପାଦ ଉଠାଇ ସମୟ ନିର୍ଦ୍ଧାରଣ ।

**Gordian,** *a.* ଫ୍ରିଜିଆ ଦେଶୀୟ ଗର୍ଡିୟସ୍ ନାମକ ରଜା-ସମ୍ବନ୍ଧୀୟ, ଉକ୍ତ ରଜାଙ୍କ ବନ୍ଧା ଗଣ୍ଠିସମ୍ବନ୍ଧୀୟ ।—**Gordian knot,** ଦୁର୍ଘଟ । To cut the Gordian **knot,** ସାହାସିକ ଉପାୟ ଦ୍ୱାରା ଦୁର୍ଘଟ ଦୂର-କ ।

**Gore, (1)** *n.* ପାତଳ ରକ୍ତ. ଗାଢରକ୍ତ, ଜମାଟ ରକ୍ତ ।

**Gore, (2)** *n.* 1. ତ୍ରିକୋଣିଆ ଭୂମିଖଣ୍ଡ ; 2. ତ୍ରିକୋଣିଆ ଲୁଗାଖଣ୍ଡ ।—*v.t.* ତ୍ରିକୋଣିଆ କରି କାଟିବା । [ବିନ୍ଧିବା ।

**Gore, (3)** *v.t.* ମୁନିଆ ଅସ୍ତ୍ର ଦ୍ୱାରା ବିନ୍ଧିବା, ଶିଙ୍ଗ ଦେଇ

**Gorge,** *n.* 1. ଗଳା, କଣ୍ଠନଳୀ; 2. ଗିଳା ଭକ୍ଷ୍ୟ ; 3. ପର୍ବତ ମଧ୍ୟରେ ସଙ୍କୀର୍ଣ୍ଣ ପଥ, ଗିରିସଙ୍କଟ ।—*v.t.* 1. ଗିଳିବା, ଗ୍ରାସ-କ; 2. କଣ୍ଠ ପର୍ଯ୍ୟନ୍ତ ଖାଇବା, often *refl.*—*v.i.* ପେଟ ପୂରି ଖାଇବା ।

**Gorgeous,** *a.* 1. ଜାକଜମକ, ଚକ୍‌ଚକିଆ, ଅତିସୁନ୍ଦର, ଉଜ୍ଜ୍ୱଳ; 2. ଜାକଜମକପ୍ରିୟ ।

**Gorgeously,** *ad.* ଜାକଜମକରୂପେ, ଚକ୍‌ଚକିଆରୂପେ, ଅତିସୁନ୍ଦରରୂପେ । [ସୌନ୍ଦର୍ଯ୍ୟ ।

**Gorgeousness,** *n.* ଜାକଜମକ, ଚକ୍‌ଚକିଆ ଅବସ୍ଥା,

**Gorget,** *n.* କଣ୍ଠକବଚ ।

**Gorgon,** *n.* 1. କଳ୍ପିତ ରାକ୍ଷସୀ ; 2. ବଦାକାର ବସ୍ତୁ ବିଶେଷତଃ କୁରୂପା ସ୍ତ୍ରୀ ।—*a.* ଉକ୍ତ ରାକ୍ଷସୀ ପରି, ବଡ଼ କୁତ୍ସିତ ଓ ଭୟଙ୍କର ।

**Gorilla,** *n.* ବୃହତ୍ ବାନର ବିଶେଷ, ବଣମଣିଷ ।

**Gormand, Gormandizer,** *n.* ପେଟୁକ ବ୍ୟକ୍ତି ।

**Gormandize,** *v.i.* ପେଟ ପୂରି ଖାଇବା, ପେଟୁରୂପେ ଗିଳିବା ।

**Gorse,** *n.* କଣ୍ଟାବୁଦାବିଶେଷ ।

**Gorsy,** *a.* କଣ୍ଟାବୁଦାମୟ ।

**Gory,** *a.* ରକ୍ତମୟ, ରକ୍ତାକ୍ତ ।

**Gosling,** *n.* ହଂସଛୁଆ ।

**Gospel,** *n.* 1. ମଙ୍ଗଳସମାଚାର. ବିଶେଷତଃ ଖ୍ରୀଷ୍ଟଙ୍କ ପ୍ରାୟଶ୍ଚିତ୍ତ ଦ୍ୱାରା ପରିତ୍ରାଣର ସମାଚାର ; 2. ଖ୍ରୀଷ୍ଟ ଶିଷ୍ୟମାନଙ୍କ ଦ୍ୱାରା ଲିଖିତ କୌଣସି ଏକ ମଙ୍ଗଳସମାଚାର ଗ୍ରନ୍ଥ; 3. କୌଣସି ଏକ ହିତକାରୀ ମତ ; 4. ସତ୍ୟ କଥା ।—*a.* ମଙ୍ଗଳସମାଚାରବିଷୟକ, ମଙ୍ଗଳସମାଚାରାନୁଯାୟୀ ।

**Gossamer,** *n.* 1. ପବନରେ ଉଡ଼ନ୍ତା ବୁଢ଼ିଆଣୀର ସୂକ୍ଷ୍ମ ଜାଲ ବିଶେଷ, ବୁଢ଼ିଆଣୀଜାଲପରି ସୂକ୍ଷ୍ମବସ୍ତୁ ; 2. ଅତି ସରୁ ଲୁଗା ବିଶେଷ ।

**Gossamery,** *a.* ଉକ୍ତ ସୂକ୍ଷ୍ମ ଜାଲପରି, ଜାଲଜାଲୁଆ ।

**Gossip,** *n.* 1. ଗପୁଆ ; 2. ଗପ, ଗଳ୍ପ ।—*v.i.* ଗପ-କ ।

**Got, Gotten,** *past p.* of Get.

**Goth,** *n.* 1. ପୂର୍ବକାଳୀନ ଗଥ ନାମକ ଜାତିର ଲୋକ ; 2. ଅସଭ୍ୟ ଲୋକ ।—*a.* 1. ଉପରୋକ୍ତ ଜାତୀୟ ; 2. ଅସଭ୍ୟ ; 3. ଗୃହନିର୍ମାଣର ଏକପ୍ରକାର ରୀତିସମ୍ବନ୍ଧୀୟ ।—*n.* 1. ଗଥ ନାମକ ଜାତିର ଭାଷା ; 2. ଗୃହନିର୍ମାଣର ଏକପ୍ରକାର ରୀତି ।

**Gothic,** *a.* 1. ଗଥ ଜାତି ସମ୍ବନ୍ଧୀୟ ; 2. ବିଶେଷ ଗୃହନିର୍ମାଣର ରୀତ୍ୟନୁଯାୟୀ ।

**Gouge,** *n.* ବଟାଲିବିଶେଷ ।—*v.t.* ଉକ୍ତ ବଟାଲି ଦ୍ୱାରା ଖୋଳିବା ।

**Gourd,** *n.* 1. ଲାଉଜାତୀୟ ଫଳ ; 2. ତୁମ୍ବା ।

**Gourmand,** *n.* 1. ପେଟୁ, ପେଟୁକ ଲୋକ ; 2. also **Gourmet,** ସୁଖ ଭୋଗୀ ।

**Gout, (1)** *n.* ବାତରୋଗବିଶେଷ, ଗଣ୍ଠିବାତ ।

**Gout, (2)** *n. gu*, ଅସ୍ୱାଦ, ରୁଚି ।

**Goutily,** *ad.* ବାତଗ୍ରସ୍ତରୂପେ ।

**Goutiness,** *n.* ବାତରୋଗାକ୍ରାନ୍ତ ଅବସ୍ଥା, ବାତରୋଗର ଆକ୍ରମଣ ।

**Gouty,** *a.* ବାତରୋଗଗ୍ରସ୍ତ, ବାତରୋଗବିଷୟକ ।

**Govern,** *v.t.* 1. କର୍ତ୍ତୃତ୍ୱ-କ, ଶାସନ-କ, ପ୍ରଭୁତ୍ୱ-କ ; 2. ଦମନ-କ, ସଂଯତ-କ, ବଶ-କ, ପରିଚାଳିତ-କ ; 3. କାରକ ଅଦ ନିର୍ଣ୍ଣୟ-କ ।—*v.i.* ରାଜ୍ୟ-କ, ଶାସନ-କ ।

**Governable,** *a.* ଶାସନଯୋଗ୍ୟ, ଶାସନୀୟ, ଦମ୍ୟ, ବାଧ୍ୟ, ବଶ୍ୟ, ଆଜ୍ଞାବହ ।

**Governance,** *n.* ଶାସନ, ପରିଚାଳନ ।

**Governess,** *n.* ଶିକ୍ଷୟିତ୍ରୀ, ଗୃହଶିକ୍ଷୟିତ୍ରୀ ।

**Government,** *n.* 1. ଶାସନ, ରାଜ୍ୟଶାସନ, ପରିଚାଳନ; 2. ଦମନ, କର୍ତ୍ତୃତ୍ୱ, ପ୍ରଭୁତ୍ୱ ; 3. ଶାସନପ୍ରଣାଳୀ, ରାଜ୍ୟଶାସନର ଧାରା; 4. ରାଜଶାସିତ ପ୍ରଦେଶ, ରାଜ୍ୟ; 5. ରାଜମନ୍ତ୍ରିବର୍ଗ, ଶାସନକର୍ତ୍ତୃବର୍ଗ, ସରକାର ; 6. (Gram.) ପଦବିନ୍ୟାସରେ ଶବ୍ଦର କାରକାଦି ନିର୍ଣ୍ଣୟ ଶକ୍ତି ।

**Governmental,** *a.* ଶାସନସମ୍ବନ୍ଧୀୟ, ରାଜଶାସନ ଦ୍ୱାରା କୃତ. ସରକାରୀ ।

**Governor,** *n.* 1. କର୍ତ୍ତା, ଶାସନକର୍ତ୍ତା, ରାଜ୍ୟଶାସକ, ଦେଶାଧ୍ୟକ୍ଷ ; 2. କଳର ଗତିନିୟାମକ ଯନ୍ତ୍ର ବିଶେଷ ।

**Governor-general,** *n.* ବଡ଼ ଲାଟ ସାହେବ, ରାଜପ୍ରତିନିଧି । [ପଦ ।

**Governorship,** *n.* ଅଧ୍ୟକ୍ଷପଦ, ପ୍ରଭୁତ୍ୱ, ଶାସନକର୍ତ୍ତାର

**Gown,** *n.* 1. ଚୋଗା, 2. ପଦସମ୍ପର୍କୀୟ ବେଶ ବିଶେଷ ।—*v.i.* ବେଶ ପିନ୍ଧିବା ।

**Gownsman,** *n.* ପଦସମ୍ପର୍କୀୟ ବେଶଧାରୀ ଲୋକ, ଇଂଲଣ୍ଡ ବିଶ୍ୱବିଦ୍ୟାଳୟର ସଭ୍ୟ, ପାଦ୍ରୀ, ଓକିଲ ।

**Grab,** *v.t.* (Colloq.) 1. ଝିଙ୍କି ନେବା, ହଠାତ୍ ଧରିବା ; 2. ହଠାତ୍ ବଳପୂର୍ବକ ବା ଅନ୍ୟାୟରେ ଦଖଲ-କ ।—*n.* 1. ହଠାତ୍ ହସ୍ତ ଦ୍ୱାରା ଧାରଣ, ଝିଙ୍କା ; 2. ଝିଙ୍କି ନେବା କୌଶଳ, ଅଙ୍କୁଡ଼ି ।

**Grace,** 1. ଅନୁଗ୍ରହ, ପ୍ରସାଦ ; 2. ଈଶ୍ୱରଙ୍କ ଅନୁଗ୍ରହ ଓ ପ୍ରେମ, ଖ୍ରୀଷ୍ଟଙ୍କ ପ୍ରାୟଶ୍ଚିତ୍ତ ହେତୁ ପାପୀ ପ୍ରତି ଦତ୍ତ ସ୍ୱାଭାବିକ ଅନୁଗ୍ରହ ; 3. ହୃଦୟ ପୁନର୍ଜାତ କରିବାକୁ ଓ ପାପରୁ ରକ୍ଷା କରିବାକୁ ଈଶ୍ୱରଙ୍କ ଶକ୍ତି; 4. ଈଶ୍ୱରଙ୍କ ସଙ୍ଗେ ପୁନର୍ମିଳିତାବସ୍ଥା, ପାପର ଦଣ୍ଡପଣରୁ ମୁକ୍ତି ; 5. ପରିତ୍ରାଣଜନକ

ମାସ କରିବା ଓ ଗ୍ରହଣୀୟ ଭାବକ ଧରିବାର ଶକ୍ତି, ଈଶ୍ୱରଙ୍କ ପ୍ରକୃତିରୁ ଜାତ ପବିତ୍ର ସ୍ୱଭାବ; 6. ପାରମାର୍ଥିକ ଉତ୍କୃଷ୍ଟ ଗୁଣ; 7. ଦତ୍ତ ଅନୁଗ୍ରହ, କୃପା, କ୍ଷମା, ଅନୁଗ୍ରହରେ ଦତ୍ତ ଅଧିକାର; 8. ଭୋଜନର ପୂର୍ବେ ବା ପରେ ସଂକ୍ଷିପ୍ତ ପ୍ରାର୍ଥନା; 9. With possessive *pro.* ମାନ୍ୟସୂଚକ ଉପାଧି; 10. ବର୍ଣ୍ଣ ବା କଥାର ବାହ୍ୟକ ସୌନ୍ଦର୍ଯ୍ୟ; 11. ସୁନ୍ଦର ସ୍ୱଚ୍ଛନ୍ଦ, ସ୍ୱଚ୍ଛାଚରଣ; 12. ସୌନ୍ଦର୍ଯ୍ୟ, ଲାବଣ୍ୟ, ଭୂଷଣ; 13. *pl.* ସୁନ୍ଦରୀଙ୍କ ତିନି ଗୋଟି ଦେବୀ। —**Days of grace,** ହୁଣ୍ଡିର ମିଆଦର ଅତିରିକ୍ତ ଦତ୍ତ ତିନି ଦିନ। **Good graces,** ଅନୁଗ୍ରହ, ପ୍ରସନ୍ନତା। **With a good grace,** ଅନୁଗ୍ରହପୂର୍ବକ, ପ୍ରସନ୍ନଭାବେ। **With a bad grace,** ଅପ୍ରସନ୍ନଭାବେ।—*v.t.* 1. ଶୋଭିତ-କ, ଭୂଷିତ-କ; 2. ମାନ୍ୟ-କ, ଅନୁଗ୍ରହ-କ।

**Graceful,** *a.* 1. ସୁରୂପ, ସୁରୂପ, ଲାବଣ୍ୟବିଶିଷ୍ଟ, ସୁନ୍ଦର, ମନୋହର; 2. ଉପଯୁକ୍ତ, ଉତ୍ତମ, ଅନୁଗ୍ରହପୂର୍ଣ୍ଣ।

**Gracefully,** *ad.* ସୁନ୍ଦରରୂପେ, ସୁନ୍ଦର ଭାବରେ।

**Gracefulness,** *n.* ଲାବଣ୍ୟ, ଶ୍ରୀ, ଲାଳିତ୍ୟ।

**Graceless,** *a.* 1. ଲାବଣ୍ୟହୀନ, ବିଶ୍ରୀ, ଶ୍ରୀଶୂନ୍ୟ; 2. ଅଧମ, ଦୁରାଚାର, ଭକ୍ତିହୀନ, ଦୁଷ୍ଟ।

**Gracelessly,** *ad.* ଅଧମରୂପେ, ଦୁରାଚାର ଭାବରେ।

**Gracelessness,** *n.* 1. ଲାବଣ୍ୟହୀନତା, ଶ୍ରୀଶୂନ୍ୟତା; 2. ଅଧମତା, ଦୁରାଚାରତା, ଦୁଷ୍ଟତା।

**Grace-note,** *n.* ବାଦ୍ୟରେ ଯୁକ୍ତ ଶୋଭାବର୍ଦ୍ଧକ ସ୍ୱର।

**Gracile,** *a.* କ୍ଷୀଣ, ସୁନ୍ଦରରୂପେ କୃଶ, ସରୁ ଓ ସୁନ୍ଦର।

**Gracious,** *a.* 1. ଅନୁଗ୍ରହପୂର୍ଣ୍ଣ, ପ୍ରସନ୍ନତାପୂର୍ଣ୍ଣ, ଅନୁଗ୍ରାହୀ, ଅନୁଗ୍ରାହକ, ପ୍ରସନ୍ନ, ଦୟାଳୁ, କ୍ଷମାଶୀଳ, କୃପାଳୁ; 2. ଶିଷ୍ଟ, ମିଳାପୀ; 3. ପବିତ୍ର ସ୍ୱଭାବବିଶିଷ୍ଟ, ଧାର୍ମିକ।

**Graciously,** *ad.* ଅନୁଗ୍ରହପୂର୍ବକ, ପ୍ରସନ୍ନଭାବେ, ଅନୁକୂଳଭାବେ।

**Graciousness,** *n.* 1. ଅନୁଗ୍ରାହକତା, ଦୟାଳୁତ୍ୱ, ଶିଷ୍ଟତା, ମିଳାପିପଣ; 2. ମନୋହରତା।

**Gradate,** *v.t.* କ୍ରମେ ମିଶ୍ରଣ କରାଇବା।

**Gradation,** *n.* 1. ଅନୁକ୍ରମ, ପାରମ୍ପର୍ଯ୍ୟ, ପରମ୍ପରା, ଆନୁପୂର୍ବ; 2. ପର୍ଯ୍ୟାୟ, ଅନୁକ୍ରମ; 3. ରଙ୍ଗର କ୍ରମଶଃ ମିଶ୍ରଣ। [ସାଙ୍ଗ।

**Gradational, Gradatory,** *a.* ଆନୁକ୍ରମିକ, କ୍ରମାନୁ-

**Grade,** *n.* 1. କ୍ରମ, ଅନୁକ୍ରମ; 2. ଶ୍ରେଣୀ, ବର୍ଗ, ପ୍ରକାର; 3. ରାସ୍ତାର କ୍ରମନିମ୍ନତାର ପରିମାଣ।—*v.t.* 1. କ୍ରମ ଅନୁସାରେ ରଖିବା; 2. କ୍ରମନିମ୍ନତାର ଉପଯୁକ୍ତ ପରିମାଣ-କ।

**Gradient,** *a.* 1. ପଦଗାମୀ, ଚଳନ୍ତ; 2. କ୍ରମଶଃ ଉଚ୍ଚ ବା ଢାଲୁ।—*n.* କ୍ରମନିମ୍ନତାର ପରିମାଣ, ରାସ୍ତାର ଉଚ୍ଚ ବା ଢାଲୁ ଭାଗ। [ରିଦ୍ଧିତ।

**Gradual,** *a.* 1. କ୍ରମିକ, କ୍ରମାଗତ; 2. କ୍ରମରେ ଅଭି-

**Gradually,** *ad.* କ୍ରମଶଃ, କ୍ରମେ, ପଦେ, ଧୀରେ।

**Graduate,** *v.t.* 1. କ୍ରମଚିହ୍ନ ଦ୍ୱାରା ଭାଗ-କ, କ୍ରମରେ ଅଙ୍କ ଚିହ୍ନିତ-କ; 2. ଶ୍ରେଣୀକ୍ରମେ ରଖିବା; 3. ବିଶ୍ୱବିଦ୍ୟାଳୟର ଉପାଧି-ଦେ; 4. ଘନତା ବା ସୂକ୍ଷ୍ମତାର ଉନ୍ନତ ପରିମାଣ-କ।—*v.i.* 1. ବିଶ୍ୱବିଦ୍ୟାଳୟର ଉପାଧି ପ୍ରାପ୍ତ-ହେ; 2. କ୍ରମଶଃ ପରିବର୍ତ୍ତିତ-ହେ।

**Graduation,** *n.* 1. କ୍ରମଚିହ୍ନାଙ୍କନ, କ୍ରମଚିହ୍ନିତ ଅବସ୍ଥା; 2. କ୍ରମଚିହ୍ନ; 3. କ୍ରମିକ ଉନ୍ନତ ବା ପଦ; 4. ଶ୍ରେଣୀକ୍ରମେ ବିନ୍ୟାସ; 5. ବିଶ୍ୱବିଦ୍ୟାଳୟର ଉପାଧି ଦାନ ବା ଗ୍ରହଣ।

**Graft,** *n.* ବୃକ୍ଷର କଲମ, ସଂଯୁକ୍ତ ଶାଖା।—*v.t.* 1. କଲମ ବସାଇବା, କଲମ-କ; 2. ସଂଯୁକ୍ତ-କ, ସଂଲଗ୍ନ-କ।

**Grail, Graal,** *n.* ପୌରାଣିକ କଥାନୁସାରେ ଖ୍ରୀଷ୍ଟଙ୍କ ଶେଷ ଭୋଜନରେ ବ୍ୟବହୃତ ପାନପାତ୍ର ବା ଯହିଁରେ ଆରିମଥିଆର ଯୋଷେଫ ପ୍ରଭୁଙ୍କ ରକ୍ତ ଧରି ଇଂଲଣ୍ଡ ଦେଶକୁ ଆଣିଥିଲେ।

**Grain,** *n.* 1. ଦାନା, ବୀଜ; 2. ଶସ୍ୟ, ଧାନ୍ୟାଦି; 3. କଣିକା, ରେଣୁ, ଅଣୁ; 4. ରତି; 5. (କାଠର) ଆଁଶ, (କାଠର) ଶିରା, (କାଠର) ରେଖା; 6. କ୍ରିମିଦାନା; 7. ଗାଢ଼ ଲାଲ ରଙ୍ଗ, ଗାଢ଼ ରଙ୍ଗ; 8. ସ୍ୱାଭାବିକ ଗୁଣ, ପ୍ରକୃତି। —**To dye in grain,** 1. କ୍ରିମିଦାନାରେ ରଙ୍ଗ-କ, ଗାଢ଼ ବା ପକ୍କା ରଙ୍ଗ-ଦେ; 2. ପଦାର୍ଥର ଅପ୍ରସ୍ତୁତ ଅବସ୍ଥାରେ ରଙ୍ଗ-ଦ। **Against the grain,** 1. କାଠଆଁଶର ବିପରୀତ ଦିଗେ, ପ୍ରତିଲୋମ; 2. ଇଚ୍ଛା ବିରୁଦ୍ଧେ, ଅନିଚ୍ଛାପୂର୍ବକ।—*v.t.* 1. ଦାନାଦାର-କ; 2. ରଙ୍ଗ ଦେଇ କାଠର ଆଁଶପରି ଦେଖାଇବା।—*v.i.* ଦାନାଦାର-ହେ।

**Grained,** *p.a.* ଆଁଶବିଶିଷ୍ଟ, ଦାନାର ଆକୃତିବିଶିଷ୍ଟ।

**Graining,** *n.* ଆଁଶପରି ରଙ୍ଗଦାନ, ଆଁଶପରି ରଙ୍ଗଦିଆ କାମ।

**Grainy,** *a.* ଦାନାମୟ, ଶସ୍ୟମୟ।

**Graminaceous, Gramineal, Gramineous,** *a.* ଘାସ ପରି, ତୃଣମୟ।

**Graminivorous,** *a.* ଘାସଖିଆ, ତୃଣଭୋଜୀ, ତୃଣଭକ୍ଷୀ।

**Grammar,** *n.* 1. ବ୍ୟାକରଣ; 2. ବ୍ୟାକରଣଶାସ୍ତ୍ର; 3. ବିଶୁଦ୍ଧ ଉକ୍ତି ବା ଲେଖା; 4. କୌଣସି ବିଷୟର ପ୍ରଥମ ପାଠ୍ୟ ପୁସ୍ତକ।

**Grammarian,** *n.* ବ୍ୟାକରଣବେତ୍ତା, ବ୍ୟାକରଣଜ୍ଞ, ବୈୟାକରଣ।

**Grammar-school,** *n.* ଯେଉଁ ବିଦ୍ୟାଳୟରେ ବିଶେଷତଃ ଲାଟିନ ଓ ଗ୍ରୀକ୍ ଭାଷା ପଢ଼ା ହୁଏ।

**Grammatical, Grammatic,** *a.* ବ୍ୟାକରଣସିଦ୍ଧ, ବ୍ୟାକରଣାନୁଯାୟୀ।

**Grammatically,** *ad.* ବ୍ୟାକରଣ ଅନୁସାରେ।

**Gramme, Gram,** *n.* ଫ୍ରାନ୍ସ ଦେଶୀୟ ଓଜନର ମାତ୍ରା, ପ୍ରାୟ ଏକ ଅଉନ୍ସର ଅଠାଇଶ ଭାଗର ଏକ ଭାଗ।

**Grampus,** *n.* ବୃହତ୍ ମତ୍ସ୍ୟ ବିଶେଷ।

**Granary,** *n.* ଅମାର, ଶସ୍ୟାଗାର, ଶସ୍ୟର କୋଠି।

**Grand,** 1. ମହତ୍, ବଡ଼, ପ୍ରକାଣ୍ଡ, ପ୍ରତାପାନ୍ୱିତ, ତେଜସ୍ୱୀ; 2. ଅତିଉତ୍ତମ, ଶୋଭାଯୁକ୍ତ, ସୁନ୍ଦର; 3. ପ୍ରଧାନ, ଶ୍ରେଷ୍ଠ, ମୁଖ୍ୟ।

**Grandam,** *n.* ବୁଢ଼ୀ ସ୍ତ୍ରୀ, ପିତାମହୀ, ମାତାମହୀ।

Grand-aunt, *n.* (maternal) ଅଈ, (paternal) ସାଆନ୍ତମା ।

Grand-child, *n.* ନାତି ବା ନାତୁଣୀ ।

Grand-daughter, *n.* ନାତୁଣୀ, (son's daughter) ପୌତ୍ରୀ, (daughter's daughter) ଦୌହିତ୍ରୀ ।

Grandee, *n.* 1. ସ୍ପେନ୍ ଦେଶୀୟ କୁଳୀନ ଲୋକ ; 2. କୁଳୀନ ଲୋକ, ଉଚ୍ଚପଦସ୍ଥ ଲୋକ, ବଡଲୋକ ।

Grandeur, *n.* ମହତ୍ତ୍ୱ, ମାହାତ୍ମ୍ୟ, ମହିମା, ଐଶ୍ୱର୍ଯ୍ୟ, ଗୌରବ, ପ୍ରତାପ, ବିଭବ ।

Grandfather, *n.* (mother's father) ଅଜା, ମାତାମହ ; (father's father) ସାଆନ୍ତବାପା, ପିତାମହ ।

Grandiloquence, *n.* ବାଗାଡ଼ମ୍ବର, ସାଳଙ୍କାର ବକ୍ତୃତା ।

Grandiloquent, *a.* ବାଗାଡ଼ମ୍ବରବିଶିଷ୍ଟ, ସାଳଙ୍କାର ବକ୍ତୃତାଯୁକ୍ତ ।

Grandiose, *a.* 1. ମହତ୍, ତେଜସ୍ୱୀ ; 2. ବାଗାଡ଼ମ୍ବରବିଶିଷ୍ଟ, ଫମ୍ପା ।

Grand-juror, *n.* ମହାପଞ୍ଚାୟତର ସଭ୍ୟ ।

Grand-jury, *n.* ମହାପଞ୍ଚାୟତ, ପ୍ରଧାନଜୁରି ।

Grandly, *ad.* ମହତ୍ତ୍ୱଭାବେ, ଉତ୍କୃଷ୍ଟରୂପେ ।

Grandmother, *n.* (mother's mother) ଅଈ, ମାତାମହୀ ; (father's mother) ସାଆନ୍ତମାଆ, ପିତାମହୀ ।

Grandmotherly, *a.* ଅଈପରି, ଅଈସମ୍ବନ୍ଧୀୟ ।

Grand-nephew, *n.* (brother's son's son) ଭାଇର ପୁଅର ପୁଅ, ଭ୍ରାତୃ-ପୌତ୍ର ; (brother's daughter's son) ଭାଇର ଝିଅର ପୁଅ, ନାତି ; (sister's son's son) ଭଉଣୀର ପୁଅର ପୁଅ, ସ୍ୱସୃ-ପୌତ୍ର ; (sister's daughter's son) ଭଉଣୀର ଝିଅର ପୁଅ, ନାତି ।

Grandness, *n.* ମହତ୍ତ୍ୱ, ପ୍ରତାପ ।

Grand-niece, *n.* (brother's son's daughter) ଭାଇର ପୁଅର ଝିଅ, ଭ୍ରାତୃପୌତ୍ରୀ ; (brother's daughter's daughter) ; ଭାଇର ଝିଅର ଝିଅ, ନାତୁଣୀ ; (sister's son's daughter) ଭଉଣୀର ପୁଅର ଝିଅ, ଭଗ୍ନୀପୌତ୍ରୀ ; (sister's daughter's daughter) ଭଉଣୀର ଝିଅର ଝିଅ, ନାତୁଣୀ ।

Grandsire, *n.* 1. ପିତାମହ, ମାତାମହ ; 2. ପୂର୍ବପୁରୁଷ ।

Grandson, *n.* ନାତି, (son's son) ପୌତ୍ର, (daughter's son) ଦୌହିତ୍ର ।

Grand-uncle, *n.* (maternal) ଅଜା, (paternal) ସାଆନ୍ତବାପା ।

Grange, *n.* କ୍ଷେତ୍ରଗୃହ ।

Graniferous, *a.* ଶସ୍ୟୋତ୍ପାଦକ ।

Granite, *n.* ଟାଣ ପଥର ବିଶେଷ, ଶକ୍ତ ଶୈଳବିଶେଷ ।

Granivorous, *a.* ଶସ୍ୟଭୋଜୀ, ଶସ୍ୟାହାରୀ ।

Grant, *v.t.* 1. ପ୍ରଦାନ-କ, ଦେବା, ଅନୁଗ୍ରହରେ-ଦେ ; 2. ଅପ୍ରମାଣିତ ବିଷୟ ସତ୍ୟ ବୋଲି ସ୍ୱୀକାର-କ, ସ୍ୱୀକାର-କ, ମାନିବା ; 3. ହସ୍ତାନ୍ତର-କ, ଦଲିଲ ଦ୍ୱାରା-ଦେ । —*n.* 1. ପ୍ରଦାନ ; 2. ଦାନ, ବର ; 3. ଦାନପତ୍ର, ସନନ୍ଦ ; 4. ଦାନପତ୍ର ଦ୍ୱାରା ଦତ୍ତ ଭୂମି ଆଦି ।—to take for granted, ବିନା ପ୍ରମାଣରେ ସ୍ୱୀକାର କରିନେବାର [ହସ୍ତାନ୍ତରଯୋଗ୍ୟ ।

Grantable, *a.* 1. ଦାନଯୋଗ୍ୟ ; 2. ସ୍ୱୀକାର୍ଯ୍ୟ ; 3.

Grantee, *n.* ଦାନଭୋଗୀ, ଦାନଗ୍ରହୀତା, ବୃତ୍ତିଭୋଗୀ ।

Grantor, *n.* ଭୂମି ଆଦିର ଦାତା, ବୃତ୍ତିଦାତା ।

Granular, *a.* ଦାନାପରି, ଶସ୍ୟବତ୍, କଣିକାବତ୍, ଚୂର୍ଣ୍ଣବିଶିଷ୍ଟ ।

Granulate, *v.t.* 1. ଦାନା୵-କ, ଚୂର୍ଣ୍ଣ୵-କ, କଣିକାବତ୍-କ ; 2. ପୃଷ୍ଠରେ ଉପଡା-କ ।—*v.i.* ଦାନାପରି-ହେ, କଣିକାବତ୍-ହେ ।

Granulation, *n.* 1. ଦାନା୵ କରଣ, ଦାନା୵ ହେବା ଅବସ୍ଥା ; 2. ଘା ଉପରର ଚୂର୍ଣ୍ଣବୃଦ୍ଧି, ଘା ଉପରର ଚୂର୍ଣ୍ଣ ।

Granule, *n.* କ୍ଷୁଦ୍ର କଣିକା, କ୍ଷୁଦ୍ର ଚୂର୍ଣ୍ଣ । [ଦାନାମୟ ।

Granulous, Granulose, *a.* କ୍ଷୁଦ୍ର କଣିକାମୟ, କ୍ଷୁଦ୍ର

Grape, *n.* ଦ୍ରାକ୍ଷାଫଳ, ଅଙ୍ଗୁର ।—Sour grapes, ଅପ୍ରାପ୍ତବ୍ୟ ବସ୍ତୁ ଯାହା ଲୋକମାନେ କୃତ୍ରିମଭାବେ ତୁଚ୍ଛଜ୍ଞାନ କରନ୍ତି ।

Grape-shot, Grape, *n.* ତୋପରେ ମାରିବା ନିମନ୍ତେ ଦ୍ରାକ୍ଷାଫଳର ପେଣ୍ଡାପରି ଗୁଳିସମୂହ ।

Grape-stone, *n.* ଦ୍ରାକ୍ଷାଫଳର ମଞ୍ଜି, ଦ୍ରାକ୍ଷାବୀଜ ।

Grape-sugar, *n.* ଦ୍ରାକ୍ଷାଫଳରୁ ଜାତ ଚିନି ।

Grape-vine, *n.* ଦ୍ରାକ୍ଷାଲତା ।

Graphic, Graphical, *a.* 1. ଲେଖନବିଦ୍ୟାସମ୍ବନ୍ଧୀୟ, ଖୋଦନବିଦ୍ୟାସମ୍ବନ୍ଧୀୟ, ଚିତ୍ରବିଦ୍ୟାସମ୍ବନ୍ଧୀୟ ; 2. ଲିଖିତ, ଖୋଦିତ, ଚିତ୍ରିତ ; 3. ସୁଲିଖିତ, ସୁବର୍ଣ୍ଣିତ, ସୁଚିତ୍ରିତ, ସ୍ପଷ୍ଟରେ ସୁଚିତ୍ରିତ ।

Graphically, *ad.* ସୁବର୍ଣ୍ଣିତରୂପେ, ସୁଚିତ୍ରିତରୂପେ, ସଜୀବରୂପେ ।

Grapnel, *n.* 1. ଚାରି ବା ପାଞ୍ଚ ଫାଳଯୁକ୍ତ ନାଉ ଲଙ୍ଗର ବିଶେଷ ; 2. ଅଙ୍କୁଶଯୁକ୍ତ ଯନ୍ତ୍ରବିଶେଷ ।

Grapple, *v.t.* ହାତରେ ବା ଅଙ୍କୁଶରେ ଦୃଢରୂପେ ଧରିବା ।—*v.i.* କୁସ୍ତାକୁସ୍ତି-କ, ମଲମଲ-କ । to grapple with, ଯୁଦ୍ଧ-କ, ସାହସପୂର୍ବକ ବାଧା-ଦେ । —*n.* 1. କୁସ୍ତାକୁସ୍ତି, ମଲମଲ ; 2. ଅଙ୍କୁଶଯୁକ୍ତ ଯନ୍ତ୍ର ।

Grappling-iron, *n.* ଚାରି ବା ତତୋଽଧିକ ଲୁହା ଅଙ୍କୁଶଯୁକ୍ତ ଯନ୍ତ୍ର । [ପ୍ରସ୍ତୁତ ।

Grapy, *a.* ଦ୍ରାକ୍ଷାଫଳ ପରି, ଦ୍ରାକ୍ଷାମୟ, ଦ୍ରାକ୍ଷାଫଳରେ

Grasp, *v.t.* 1. ମୁଠାରେ ଧରିବା, ଜାବୁଡ଼ି ଧରିବା ; 2. ଗ୍ରାସ-କ, ଧରିବା, ଧାରଣ-କ ; 3. ମନରେ ଗ୍ରହଣ-କ, ବୁଝିବା ।—*v.i.* ମୁଠା-କ ।—To grasp at, ଧରିବାକୁ ଚେଷ୍ଟା-କ ।—*n.* 1. ହାତର ମୁଠା, ହସ୍ତରେ ଧାରଣ ; 2. ଧରିବା ଶକ୍ତି, ଗ୍ରାସ ; 3. ଧାରଣାଶକ୍ତି, ବୁଦ୍ଧିଶକ୍ତି ।

**Graspable,** *a.* ଧାରଣଯୋଗ୍ୟ ।

**Grasping,** *p.a.* ଲୋଭୀ, ସଙ୍ଗ୍ରାହୀ, କୃପଣ, କାଙ୍ଗ୍ରୀ ।

**Grass,** *n.* (without a plural), ଘାସ, ତୃଣ ।—*v.t.* 1. ଘାସଦେବା ଦ୍ୱାରା ଆଚ୍ଛାଦନ-କ ; 2. ଘାସରେ (ଲୁଗା) ଶୁଷ୍କ-କ ।

**Grass-grown,** *a.* ଘାସମୟ ।

**Grasshopper,** *n.* ପତଙ୍ଗ, ଶଲଭ, ଫଡ଼ିଙ୍ଗ ଜାତୀୟ କୀଟ ।

**Grassiness,** *n.* ଘାସମୟତା, ତୃଣପୂର୍ଣ୍ଣତା ।

**Grass-land,** *n.* ଘାସ ପଡ଼ିଆ ।

**Grass-widow,** *n.* 1. ସ୍ୱାମୀଠାରୁ ପୃଥକ ବାସ କରିବା ସ୍ତ୍ରୀ ; 2. ପରିତ୍ୟକ୍ତା ସ୍ତ୍ରୀ ।

**Grassy,** *a.* 1. ଘାସମୟ, ତୃଣାବୃତ ; 2. ତୃଣବତ୍, ସବୁଜବର୍ଣ୍ଣ, ହରିତ୍ ।

**Grate,** *n.* 1. ଜାଫ୍ରିର କାମ ; 2. ଲୁହାର ଝାଞ୍ଜରି ।—*v.t.* ଲୁହାର ଜାଫ୍ରିର କାମରେ ବନ୍ଦ-କ ।

**Grate,** *v.t.* 1. କଚଡ଼-କ ; 2. ଘର୍ଷଣ ଦ୍ୱାରା ଚୂର୍ଣ୍ଣ-କ ; 3. ବିରକ୍ତ-କ, ବ୍ୟଥା-ଦେ ।—*v.i.* 1. କଚଡ଼ ଶବ୍ଦ କରି ଘଷିବା ; 2. ବିରକ୍ତି ଜନ୍ମାଇବା ; 3. ଘର୍ଷଣ ଦ୍ୱାରା କଚଡ଼ ଶବ୍ଦ-କ, କର୍କଶ ଶବ୍ଦ-କ ।

**Grateful,** *a.* 1. ତୃପ୍ତିକର, ସୁଖକର, ମନୋରମ ; 2. କୃତଜ୍ଞ, ଉପକାରମାନୀ ; 3. କୃତଜ୍ଞତାସୂଚକ ।

**Gratefully,** *ad.* 1. କୃତଜ୍ଞରୂପେ ; 2. ସୁଖକର-ରୂପେ, ତୃପ୍ତିକରରୂପେ ।

**Gratefulness,** *n.* 1. କୃତଜ୍ଞତା, ଉପକାରସ୍ମରଣ ; 2. ତୃପ୍ତିକରତା, ମନୋରମତା ।

**Grater,** *n.* ଯେ ବା ଯାହା ଘର୍ଷଣ କରେ, ଘର୍ଷଣଯନ୍ତ୍ର, ମୋଟା ରେତି ।

**Gratification,** *n.* 1. ସନ୍ତୁଷ୍ଟକରଣ, ତୋଷଣ, ତୃପ୍ତ-କରଣ ; 2. ପରିତୋଷ, ସନ୍ତୋଷ, ତୃପ୍ତି, ଆନନ୍ଦ ; 3. ପାରିତୋଷିକ, ଦକ୍ଷିଣା ।

**Gratify,** *v.t.* ସନ୍ତୁଷ୍ଟ-କ, ତୃପ୍ତ-କ, ଆହ୍ଲାଦିତ-କ ।

**Gratifying,** *p.a.* ସୁଖକର, ତୃପ୍ତିକର, ସନ୍ତୋଷଜନକ, ପ୍ରୀତିକର, ମନୋହର ।

**Grating,** *n.* ଜାଫ୍ରିର କାମ ।

**Grating,** *n.* 1. କଚଡ଼ ଶବ୍ଦରେ ଘର୍ଷଣ, କଚଡ଼ ଶବ୍ଦ ; 2. ଘର୍ଷଣ ଦ୍ୱାରା ଚୂର୍ଣ୍ଣକରଣ, ଘର୍ଷଣ ଜନିତ ଚୂର୍ଣ୍ଣ ।

**Gratis,** *ad.* ବିନାମୂଲ୍ୟରେ, ମାହାଲିଆରେ, ମାଗଣାରେ ।

**Gratitude,** *n.* କୃତଜ୍ଞତା, ଉପକାରସ୍ମରଣ, ଉପକାର-ମାନନ ।

**Gratuitous,** *a.* 1. ବିନାମୂଲ୍ୟରେ ଦତ୍ତ, ମାଗଣା, ସ୍ୱଚ୍ଛନ୍ଦ ; 2. ପ୍ରମାଣବିନା, କାରଣରହିତ, ଅକାରଣ ।

**Gratuitously,** *ad.* 1. ବିନାମୂଲ୍ୟରେ, ସ୍ୱେଚ୍ଛାରେ, ସ୍ୱଚ୍ଛନ୍ଦରେ ; 2. ବିନାପ୍ରମାଣରେ ।

**Gratuity,** *n.* ଦାନ, ପାରିତୋଷିକ, ଦକ୍ଷିଣା, ବକସିସ୍, ଇନାମ ।

**Gratulation,** *n.* 1. ମଙ୍ଗଳବାଦନ ; 2. ସନ୍ତୋଷ, ତୃପ୍ତି ।

**Gravamen,** *n.* ଅଭିଯୋଗର ପ୍ରଧାନ ଅଂଶ ।

**Grave,** *v.t.* 1. ଖୋଳିବା, ଖୋଦିବା ; 2. ଅଙ୍କିତ-କ ।

**Grave,** (1) *n.* 1. କବର, ସମାଧି, ଶବ ପୋତିବା ସ୍ଥାନ ; 2. ମୃତ୍ୟୁ, ଧ୍ୱଂସ ।

**Grave,** (2) *a.* 1. ଗୁରୁ, ଭାରି ; 2. ଗମ୍ଭୀର, ଧୀର ।

**Grave,** (3) *v.t.* (ଜାହାଜର ତଳା) ସଫା କରି କଳାପାତ-କ ।

**Grave-clothes,** *n.* ଶବବସ୍ତ୍ର, ଚିତାବସ୍ତ୍ର ।

**Grave-digger,** *n.* କବର ଖୋଳିବା ଲୋକ ।

**Gravel,** *n.* 1. କରକର, କଙ୍କର ; 2. ଅଶ୍ମରୀ, ପାଥର-ରୋଗ ।—*v.t.* 1. କରକର ଦ୍ୱାରା ଆଚ୍ଛାଦନ-କ ; 2. କରକର ବା ବାଲିରେ ଅଟକାଇ-ଦେ ; 3. ଝଞ୍ଜଟରେ ପକାଇବା, ହଇରାଣ-କ ।

**Graveless,** *a.* ସମାଧିରହିତ, ଅପୋତା ।

**Gravelly,** *a.* କରକରପୂର୍ଣ୍ଣ, କଙ୍କରମୟ ।

**Gravel-walk,** *n.* କରକରବନ୍ଧା ବାଟ ।

**Gravely,** *ad.* ଗମ୍ଭୀରରୂପେ, ଧୀରରୂପେ ।

**Graveness,** *n.* ଗମ୍ଭୀରତା, ଗାମ୍ଭୀର୍ଯ୍ୟ ।

**Graver,** *n.* 1. ଖୋଦିବା ଲୋକ, ତକ୍ଷକ ; 2. ଖୋଦିବା ଅସ୍ତ୍ର, ତକ୍ଷଣାସ୍ତ୍ର ।

**Grave-stone,** *n.* କବର ଉପରର ସ୍ମରଣାର୍ଥକ ପଥର ।

**Grave-yard,** *n.* କବରଖାନା, ସମାଧିସ୍ଥାନ ।

**Gravid,** *a.* ଗର୍ଭବତୀ, ଗର୍ଭିଣୀ ।

**Graving-dock,** *n.* ଯେଉଁ ଡୋଖାରେ ଜାହାଜର ତଳ ସଫା କରାଯାଏ ।

**Gravitate,** *v.i.* 1. ମାଧ୍ୟାକର୍ଷଣ ଦ୍ୱାରା ଆକୃଷ୍ଟ-ହେ, କେନ୍ଦ୍ରଆଡ଼କୁ ଝୁଙ୍କିବା ; 2. ସ୍ୱାଭାବିକରୂପେ ଆକୃଷ୍ଟ-ହେ ।

**Gravitation,** *n.* ଜଗତ୍‌ସ୍ଥିତ ପଦାର୍ଥସମୂହର ପରସ୍ପରକୁ ଆକର୍ଷଣ କରିବା ଶକ୍ତି, କେନ୍ଦ୍ର ଆଡ଼କୁ ଆକର୍ଷଣଶୀଳତା, ମାଧ୍ୟାକର୍ଷଣ ।

**Gravity,** *n.* 1. ପଦାର୍ଥସମୂହର ପରସ୍ପରକୁ ଆକର୍ଷଣ କରିବା ଗୁଣ, ପଦାର୍ଥର ପୃଥିବୀର କେନ୍ଦ୍ରଆଡ଼କୁ ଟଳିବା ଗୁଣ ; 2. ଗମ୍ଭୀରତା, ଗାମ୍ଭୀର୍ଯ୍ୟ ; 3. ଗୁରୁତ୍ୱ, ଗୁରୁତା, ଭାର ।—Specific gravity, ଆପେକ୍ଷିକ ଗୁରୁତ୍ୱ, (ନିର୍ମଳ ଜଳ ଅପେକ୍ଷା ଘନ ବା ତରଳ ପଦାର୍ଥର ଗୁରୁତ୍ୱ ଓ ବାୟୁ ଅପେକ୍ଷା ବାଷ୍ପର ଗୁରୁତ୍ୱ) ।

**Gravy.** *n.* ମାଂସର ରସ, ରସା ।

**Gray, Grey,** *a.* 1. ଧୂସରବର୍ଣ୍ଣ, ପାଉଁଶରଙ୍ଗ ; 2. ପାକଲ ବାଳୁଆ, ପକ୍ୱକେଶବିଶିଷ୍ଟ ; 3. ବୃଦ୍ଧ, ପରିପକ୍ୱ, ପ୍ରାଚୀନ ।—*n.* 1. ଧୂସର ବର୍ଣ୍ଣ, ପାଉଁଶ ରଙ୍ଗ ; 2. ପାଉଁଶରଙ୍ଗର ଘୋଡ଼ା ଆଦି ; 3. ଉଷା ।

**Gray-beard,** *n.* ପକ୍ୱଶ୍ମଶ୍ରୁବିଶିଷ୍ଟ ଲୋକ, ବୁଢ଼ା ।

**Grayish,** *a.* ଈଷତ୍ ଧୂସରବର୍ଣ୍ଣବିଶିଷ୍ଟ, ଅଳ୍ପ ପାଉଁଶିଆ ।

**Grayling,** *n.* ମତ୍ସ୍ୟବିଶେଷ ।

**Grayness,** *n.* ଧୂସରବର୍ଣ୍ଣବିଶିଷ୍ଟ, ଧୂସରତା ।

**Graze,** (1) *v.t.* 1. ଲଘୁଭାବେ ସ୍ପର୍ଶ-କ ; 2. ଘର୍ଷଣ-କ ।—*v.i.* ଅଳ୍ପ ଘଷି ହୋଇଯିବା ।

**Graze,** (2) *v.t.* 1. ଚରାଇବା, ଚର ଯୋଗାଇବା ; 2. ଚରିବା ।—*v.i.* ଚରିବା, ତୃଣାହାର-କ, ଘାସ ଖାଇବା ।

**Grazier,** *n.* ରଖୁଆଳ, ଗୋମେଷାଦିର ପାଳକ ।

**Grazing,** *n.* 1. ଚରଣ ; 2. ଚର, ତୃଣ ।

Grease, *n.* 1. ମାଂସର ତେଲ, ତରଳ ଚର୍ବି; 2. ଘୋଡା ଗୋଇଠିର ରୋଗ ବିଶେଷ ।—*v.t.* ମାଂସର ତେଲ ବା ଚର୍ବି ଲଗାଇବା ।

Greasily, *ad.* ତେଲିଆରୂପେ, ଚର୍ବିଯୁକ୍ତରୂପେ ।

Greasiness, *n.* ତେଲିଆ ଗୁଣ, ଚର୍ବିମୟତା, ଚିକ୍କଣ ଗୁଣ ।

Greasy, *a.* 1. ଚର୍ବିଦାଗଯୁକ୍ତ; 2. ତେଲିଆ, ଚର୍ବିମୟ, ଚିକ୍କଣ ।

Great, *a.* 1. ବଡ, ବୃହତ୍, ପ୍ରକାଣ୍ଡ; 2. ବିସ୍ତୀର୍ଣ୍ଣ, ବିସ୍ତୃତ; 3. ବହୁ, ବହୁତ, ବହୁଳ; 4. ଗୁରୁ, ଭାରି; 5. ମହା, ପ୍ରଧାନ, ସମ୍ଭ୍ରାନ୍ତ, ମହତ୍, ପ୍ରସିଦ୍ଧ; 6. ଉଦାର, ମହାତ୍ମା; 7. ବିସ୍ମୟଜନକ; 8. ଉତ୍କୃଷ୍ଟ, ସର୍ବୋତ୍ତମ; 9. ଗର୍ବିତ; 10. ପରିପୂରିତ, ପୂର୍ଣ୍ଣ; 11. ଗର୍ଭିତ; 12. ତଳ ବା ଉପରକୁ ଏକ ପୁରୁଷ ଦୂରସ୍ଥ ।—The great *n. pl.* କ୍ଷମତାଶାଳୀ ଧନୀ ବିଖ୍ୟାତ ବା ଉଚ୍ଚପଦସ୍ଥ ଲୋକମାନେ । (Paternal) great grandfather, ପ୍ରପିତାମହ, ପରଦାଦା । Great great grandfather, ବୃଦ୍ଧ ପ୍ରପିତାମହ । (Maternal) great grandfather, ପ୍ରମାତାମହ, ପରନାନା । Great great grandfather, ବୃଦ୍ଧପ୍ରମାତାମହ । (Paternal) great grandmother, ପ୍ରପିତାମହୀ, ଜେଠାଇ, ପରଦାଦୀ । (Maternal) great grandmother, ପ୍ରମାତାମହୀ, ପରନାନୀ । Great grandson, ପ୍ରପୌତ୍ର ଅଣନାତି । Great great grandson, ଅତିପ୍ରପୌତ୍ର, ପଣନାତି ।

Greatcoat, *n.* ଉପରପିନ୍ଧା ବଡ କୋଟ ବିଶେଷ ।

Great-hearted, *a.* ମହାତ୍ମା, ଉଦାର ।

Greatly, *ad.* 1. ଅତିଶୟ, ଅତ୍ୟନ୍ତ, ଅତି, ଅଗାଧ; 2. ମହାତ୍ମରୂପେ, ଉଦାରଭାବେ, ସାହସପୂର୍ବକ ।

Greatness, *n.* 1. ବୃହତ୍ତ୍ୱ; 2. ବିସ୍ତାର; 3. ବହୁଳତା; 4. ଗୁରୁତ୍ୱ; 5. ମହତ୍ତ୍ୱ, ମହିମା, ଉଚ୍ଚପଦ, କୁଳୀନତା, ଐଶ୍ୱର୍ଯ୍ୟ; 6. ମାହାତ୍ମ୍ୟ, ଉଦାରତା ।

Greave, *n.* (generally in *pl.*) ପାଦର କବଚ, ପାଦରକ୍ଷିଣୀ ।

Grebe, *n.* ଲାଙ୍ଗୁଳହୀନ ଜଳପକ୍ଷୀବିଶେଷ ।

Grecian, *a.* ଗ୍ରୀସ୍‌ଦେଶୀୟ ।—*n.* ଗ୍ରୀକ୍ ଲୋକ, ଗ୍ରୀକ୍ ଭାଷାବିତ୍ ।

Greed, *n.* ଲୋଭ, ଲାଳସା, ଅତ୍ୟାଶା ।

Greedily, *ad.* 1. ପେଟୁକରୂପେ; 2. ଅତି ଲୋଭରେ, ବ୍ୟଗ୍ରରୂପେ, ଅତି ସ୍ପୃହାରେ ।

Greediness, *n.* 1. ପେଟୁକତା, ଉଦରମ୍ଭରିତା; 2. ଲୋଭ, ଲୋଲୁପତା, ଲାଳସା, ଅତ୍ୟାଶା, ବ୍ୟଗ୍ରତା ।

Greedy, *a.* 1. ପେଟୁକ, ଉଦରମ୍ଭରି; 2. ଅତ୍ୟାକାଙ୍କ୍ଷୀ, ବ୍ୟଗ୍ର, ଲୋଭୀ ।

Gfeek, *a.* ଗ୍ରୀସ୍‌ଦେଶବିଷୟକ ।—*n.* 1. ଗ୍ରୀସ୍‌ଦେଶୀୟ ଲୋକ; 2. ଗ୍ରୀସ୍‌ଦେଶୀୟ ଭାଷା ।

Green, *a.* 1. ଘାସରଙ୍ଗ, ସବୁଜରଙ୍ଗ, ହରିଦ୍‌ବର୍ଣ୍ଣ, ହରିତ; 2. ନୂତନ, ନୂଆ; 3. ତଟକା, ଅପୁଷ୍ଟ, ସତେଜ, ତାଜା; 4. କଞ୍ଚା, ଅପକ୍ୱ; 5. ଅନଭିଜ୍ଞ, ଅପ୍ରବୀଣ, ଅପରିପକ୍ୱ, ସହଜରେ ପ୍ରବଞ୍ଚିତ ।—*n.* 1. ସବୁଜ ରଙ୍ଗ, ହରିତ ବର୍ଣ୍ଣ; 2. ସବୁଜରଙ୍ଗ କରିବା ପଦାର୍ଥ; 3. ଘାସ ପଡିଆ; 4. *pl.* କୋବି ଆଦି କେତେକ ଶାକର ନାମ, ଶାକସବ୍ଜି ।—*v.t.* ହରିଦ୍‌ବର୍ଣ୍ଣ କରିବା ।—*v.i.* ହରିଦ୍‌ବର୍ଣ୍ଣ ହେବା ।

Greenback, *n.* ଇଉନାଇଟେଡ୍ ଷ୍ଟେଟ୍ସର ସର୍କାରୀ ନୋଟ୍ [କାଗଜ ।

Greenery, *n.* ହରିଦ୍‌ବର୍ଣ୍ଣ ପତ୍ରସମୂହ, ପତ୍ରସମୂହର ହରିତ ବର୍ଣ୍ଣ ।

Green-eyed, *a.* ହରିଦ୍‌ବର୍ଣ୍ଣ ଚକ୍ଷୁବିଶିଷ୍ଟ, ଈର୍ଷାପରବଶ ।

Green-finch, *n.* ଗାନକାରୀ କ୍ଷୁଦ୍ର ପକ୍ଷୀ ବିଶେଷ ।

Greengage, *n.* ଟାକୁଆଯୁକ୍ତ ରସୁଆଳ ଫଳ ବିଶେଷ ।

Greengrocer, *n.* ଶାକସବ୍ଜି ବା ଫଳ ବିକିବା ଲୋକ

Greenhorn, *n.* ଅନଭିଜ୍ଞ ଲୋକ, ଅପଟୁ ଲୋକ, ସହଜରେ ପ୍ରବଞ୍ଚିତ ଲୋକ ।

Greenhouse, *n.* ଫୁଲଗଛ ଆଦି ରଖିବା ନିମନ୍ତେ କାଚ-ଘର, ବୃକ୍ଷଗୃହ, ଦ୍ରାକ୍ଷାଲତାର ରକ୍ଷଣସ୍ଥାନ ।

Greenish, Greeny, *a.* ଈଷତ୍ ହରିଦ୍‌ବର୍ଣ୍ଣ, ଈଷତ୍ ହରିତ ।

Greenly, *ad.* 1. ହରିଦ୍‌ବର୍ଣ୍ଣବିଶିଷ୍ଟରୂପେ; 2. ନୂତନରୂପେ, ଅପକ୍ୱରୂପେ ।

Greenness, Greenth, *n.* 1. ହରିତ ବର୍ଣ୍ଣ, ହରିତତ୍ୱ; 2. କଞ୍ଚାଭାବ, ଅପକ୍ୱତା; 3. ତେଜ ।

Green-pigeon, *n.* ହରିଡ ଚଢେଇ, ହରିୟାଳ ପକ୍ଷୀ ।

Green-room, *n.* ନାଟ୍ୟଶାଳାରେ ଅଭିନୟକାରୀମାନଙ୍କର ବସିବା କୋଠରୀ, ନେପଥ୍ୟଶାଳା ।

Green-sickness, *n.* ରକ୍ତନ୍ୟୂନତା ହେତୁ ଯୁବତୀମାନଙ୍କର ରୋଗ ବିଶେଷ, ଶୋଥରୋଗ ବିଶେଷ ।

Green-sward, *n.* ଘାସୁଆଭୂମି, ଚେକାଭୂମି ।

Green-wood, *n.* ପଲ୍ଲବିତ ବନ ।

Greet, *v.t.* ବନ୍ଦନା-କ, ଅଭିବାଦନ-କ, ନମସ୍କାର-କ, ସମ୍ବୋଧନ-କ ।—*v.i.* ସାକ୍ଷାତ କରି ନମସ୍କାର-କ ।

Greeting, *n.* ବନ୍ଦନା, ଅଭିବାଦନ, ନମସ୍କାର ।

Gregarious, *a.* ଯୂଥଚାରୀ, ଦଳ ୨ ହୋଇ ଗମନକାରୀ, ଦଳଚାରୀ ।

Gregariously, *ad.* ଯୂଥଚରରୂପେ, ଦଳଚରରୂପେ, ଦଳ ୨ ହୋଇ ।

Gregariousness, *n.* ଯୂଥଚର ସ୍ୱଭାବ ।

Grenade, *n.* ଯୁଦ୍ଧର ବମ୍ ଗୋଳା ବିଶେଷ ।

Grenadier, *n.* ଦୀର୍ଘକାୟ ସୈନ୍ୟଦଳର ନାମ ।

Grew, *pret.* of Grow.

Greyhound, Grayhound, *n.* ଶିକାରୀ ଡାହାଳ କୁକୁର ।

Griddle, *n.* ପିଠା ପାକ କରିବା ଲୁହା ତାଉଆ ।

Gridiron, Grid, *n.* ମାଂସ ଭାଜିବା ଝାଞ୍ଜରୀ ।

Grief, *n.* 1. ଶୋକ, ଦୁଃଖ, ମନୋବେଦନା, ସନ୍ତାପ; 2. ଦୁଃଖର କାରଣ ।—To come to grief, କଷ୍ଟରେ ପଡିବା, ବିପଦରେ ପଡିବା ।

**Grievance**, *n.* ଅନ୍ୟାଯ୍ୟ କ୍ଷତିକ୍ଲେଶ, ଅତ୍ୟାଚାରକ୍ଲେଶ, ଦୁଃଖର ମୂଳକାରଣ, ବିରକ୍ତିର କାରଣ ।

**Grieve**, *v.t.* ଦୁଃଖ-ଦେ, କ୍ଲେଶ-ଦେ, ବ୍ୟଥା ଜନ୍ମାଇବା, ପୀଡ଼ା-ଦେ, ଶୋକ ଜନ୍ମାଇବା ।—*v.i.* ଦୁଃଖିତ-ହେ, ଶୋକ-କ, ବିଳାପ-କ ।

**Grievous**, *a.* 1. ଦୁଃଖଦାୟକ, ଦୁଃଖକର, କଷ୍ଟକର, କ୍ଷତିକର ; 2. ଘୋର, ଦାରୁଣ, ଗୁରୁ, ଭାରି ; 3. ଶୋଚନୀୟ ।

**Grievously**, *ad.* ଘୋରରୂପେ, ଦାରୁଣରୂପେ, ଗୁରୁ- [ଭାବେ ।

**Grievousness**, *n.* 1. ଦୁଃଖଜନକତା ; 2. ଦାରୁଣତା, ଗୁରୁତ୍ୱ, ଘୋରତା ।

**Griffin, Griffon**, *n.* 1. କଳ୍ପିତ ଜନ୍ତୁର ବିଶେଷ କି ଯାହାର ମୁହଁପାଖ ଉତ୍କ୍ରୋଶରପରି ଓ ପଛପାଖ ସିଂହରପରି ଥାଏ ; 2. ଗୃଧ୍ର ବିଶେଷ ; 3. କଠିନ ରକ୍ଷାକର୍ତ୍ତ୍ରୀ ; 4. ଅପରୂପ, ଅନଭିଜ୍ଞ ଲୋକ ।

**Grig**, *n.* 1. ଭୂଇଁ ଉଇଁର ; 2. ପତଙ୍ଗ ; 3. ବାଲିରେ ଥିବା ଛୋଟ ମାଛ ବିଶେଷ ।

**Grill**, *v.t.* 1. ଝାଞ୍ଜରିରେ ଭାଜିବା ; 2. ଯନ୍ତ୍ରଣା-ଦେ ।—*v.i.* ଭାଜି-ହେ, ଦଗ୍ଧ-ହେ ।—*n.* ମାଂସ ଭାଜିବା ଝାଞ୍ଜରି ।

**Grim**, *a.* 1. ଉଗ୍ର, ଉଗ୍ରଦର୍ଶନ, ଘୋରରୂପ, କଠୋର, ରୂକ୍ଷ, ବିକଟ, ବିଦାକାର ; 2. ଦାରୁଣ, ଘୋର, ଭୟାନକ ; 3. ଅନମ୍ୟ, ଅଟଳ, ଦୃଢ ।

**Grimace**, *n.* 1. ମୁଖଭଙ୍ଗି, ମୁଖବିକୃତ, ବକ୍ରମୁଖ ; 2. କୃତ୍ରିମ ଦର୍ଶନ ।—*v.i.* ମୁଖଭଙ୍ଗି-କ, ମୁଖବିକୃତ-କ, ବକ୍ରମୁଖ-କ, ଖିତେଇ-ହେ ।

**Grimalkin**, *n.* ବୁଢୀ ବିଲେଇ ।

**Grime**, *n.* ମଳ ।—*v.t.* ମଇଳା-କ ।

**Grimily**, *ad.* ସମଳରୂପେ, ମଇଳା ଅବସ୍ଥାରେ ।

**Griminess**, *n.* ସମଳତା, ମଇଳା ଅବସ୍ଥା ।

**Grimly**, *ad.* ଘୋରରୂପେ, ବିକଟରୂପେ, ଭୟାନକରୂପେ, ଉଗ୍ରଭାବେ; ରୂକ୍ଷରୂପେ ।

**Grimness**, *n.* ଘୋରତା, ବିକଟରୂପତା, ଉଗ୍ରମୁଖତା, ରୂକ୍ଷତା ।

**Grimy**, *a.* ସମଳ, ମଳପୂର୍ଣ୍ଣ ।

**Grin**, *v.i.* ଦାନ୍ତ ଦେଖାଇ ଖିତିଇ-ହେ, ହାସ୍ୟରେ କ୍ରୋଧରେ ବା ବେଦନାରେ ମୁଖଭଙ୍ଗି କରି ଦାନ୍ତ ଦେଖାଇବା ।—*v.t.* ଦାନ୍ତ ଦେଖାଇ ଖିତିଇହେବା ଦ୍ୱାରା ପ୍ରକାଶ-କ, ମୁଖଭଙ୍ଗି ଦ୍ୱାରା ପ୍ରକାଶ-କ ।—*n.* ଦନ୍ତ-ଦର୍ଶନ, ମୁଖଭଙ୍ଗି ।

**Grind**, *v.t.* 1. ପେଷିବା, ଚୂର୍ଣ୍ଣ-କ, ଚର୍ବଣ-କ ; 2. ଘର୍ଷଣଦ୍ୱାରା ତୀକ୍ଷ୍ଣ-କ, ଶାଣ-ଦେ ; 3. ଘର୍ଷଣ-କ ; 4. କଷ୍ଟ-ଦେ, ପୀଡନ-କ, ଉପଦ୍ରବ-କ, ଅତ୍ୟାଚାର-କ ।—*v.i.* 1. ମଇଦା-କ, ଚକି ପେଷିବା ; 2. ପେଷି-ହେ, ଘଷି-ହେ ; 3. ଖଟିବା, ଅତିପରିଶ୍ରମ-କ ; 4. (slang) ପରୀକ୍ଷା ନିମନ୍ତେ ଅତି ଅଭ୍ୟାସ-କ ।—*n.* 1. ପେଷଣ, ଚୂର୍ଣ୍ଣୀକରଣ, ଘର୍ଷଣ ; 2. କଷ୍ଟକର ବା ଅପ୍ରୀତିକର କାର୍ଯ୍ୟ, ଶକ୍ତପରିଶ୍ରମ ।

**Grinder**, *n.* 1. ପେଷକ ; 2. କଳଦାନ୍ତ, ଚର୍ବଣଦନ୍ତ ; 3. *pl.* ଦାନ୍ତସବୁ ।

**Grinding**, *p.a.* ପେଷଣକାରୀ, କଷ୍ଟକର, ପୀଡାଦାୟକ ।—*n.* 1. ପେଷଣ ; 2. ପେଷିତ ଦ୍ରବ୍ୟ ; 3. ଘର୍ଷଣ ; 4. ପୀଡନ, ଉପଦ୍ରବ, ଜଗଡ଼ ।

**Grindstone**, *n.* ଶାଣପଥର ।

**Grip**, *n.* (1) 1. ଯାବୁଡ଼ି ଧରା, ଦୃଢଧରଣ, ଧାରଣ, ଦୃଢ-ଧାରଣ; 2. ଗୁପ୍ତସଭାର ବିଶେଷ ହସ୍ତଧାରଣ ; 3. ମୁଠା, ବେଣ୍ଟ; 4. ଥଳୀ ବିଶେଷ ; 5. ମୁଷ୍ଟିବନ୍ଧ ଧାରଣଶକ୍ତି ।—*v.t.* ମୁଠାଇ ଧରିବା, ଯାବୁଡ଼ି ଧରିବା, ଦୃଢକରି ଧରିବା ।—*v.i.* ଧରିବା, ଦୃଢରୂପେ ଧରିବା ।

**Grip**, (2) **Gripe**, *n.* ଖାଲ ନାଳ ।

**Gripe**, *v.t.* 1. ମୁଠାଇ ଧରିବା, ଚିମୁଟି ଧରିବା, ଦୃଢରୂପେ ଧରିବା ; 2. ପେଟ କାମୁଡାଇବା, ବେଦନା-ଦେ, ପୀଡା-ଦେ ।—*v.i.* 1. ହସ୍ତରେ ଶକ୍ତକରି ଧରିବା, ଅଙ୍ଗୁଳିରେ ଯାବୁଡ଼ି ଧରିବା ; 2. ପେଟ କାଟି-ହେ, ପେଟ କାମୁଡ଼-ହେ ।—*n.* 1. ଦୃଢଧରଣ, ଯାବୁଡ଼ି ଧରା; 2. ପୀଡନ, ଉପଦ୍ରବ, ବନ୍ଧନ ; 3. ଯାହା ଦୃଢରୂପେ ଧରେ, ଯାହା ଯାବୁଡ଼ି ଧରେ; 4. *pl.* ପେଟ-କାମୁଡ଼ା, ଉଦରଶୂଳ, ପେଟବଥା ।

**Griping**, *p.a.* 1. ଗ୍ରାସକାରୀ, ଲୋଭୀ; 2. ପେଟବଥା [ଉତ୍ପାଦକ ।

**Gripingly**, *ad.* 1. ଗ୍ରାସକାରୀରୂପେ ; 2. ପେଟ-କାମୁଡ଼ାରେ ।

**Grippe**, *n.* a name for Influenza, which [see.

**Gripper**, *n.* ଯେ ବା ଯାହା ଯାବୁଡ଼ି ଧରେ ।

**Grisled, Grisly**, *a.* ଧୂସରବର୍ଣ୍ଣ ।

**Grisly**, *a.* ଭୟାନକ, ଘୋର, ଦାରୁଣ, ବିକଟାକାର ।

**Grist**, *n.* ପେଷିତ ଶସ୍ୟ, ପେଷଣୀୟ ଶସ୍ୟ, ପେଷିବା ନିମନ୍ତେ ଥିବା ଶସ୍ୟ ।—To bring grist to the mill, ଲାଭଜନକ-ହେ, ଲାଭଜନକ ବ୍ୟବସାୟ ହାତକୁ ଆଣିବା ।

**Gristle**, *n.* କୋମଳାସ୍ଥି ।

**Gristliness**, *n.* କୋମଳାସ୍ଥିମୟତା ।

**Gristly**, *a.* କୋମଳାସ୍ଥିମୟ ।

**Grit**, *n.* 1. ଟାଣ ଓ ରଗଡ଼ା କଣିକା, ବାଲି, କଙ୍କର ; 2. ଶାଣପଥର ବିଶେଷ ; 3. ମନର ଦୃଢତା, ତେଜ, ସାହସ ।

**Grit**, *n.* 1. ତୁଷ ; 2. *pl.* ଶସ୍ୟର ମୋଟା ଗୁଣ୍ଡା ।

**Grittiness**, *n.* ବାଲିଆ ଗୁଣ, କଙ୍କରମୟତା ।

**Gritty**, *a.* ବାଲିଆ, କଙ୍କରମୟ ।

**Grizzle**, *n.* ଧୂସର ବର୍ଣ୍ଣ ।

**Grizzled**, *a.* ଧୂସରବର୍ଣ୍ଣ, ଧୂସରବର୍ଣ୍ଣବିଶିଷ୍ଟ ।

**Grizzly**, *a.* ଈଷତ୍ ଧୂସରବର୍ଣ୍ଣ, ଧୂସରିତ ।

**Groan**, *v.i.* 1. ଆର୍ତ୍ତସ୍ୱର-କ, ଆର୍ତ୍ତନାଦ-କ, କାତରୋକ୍ତି-କ, ବିଳାପ-କ; 2. ଅଶ୍ରଦ୍ଧାପୂର୍ବକ ଚେଷ୍ଟା-କ ।—*v.t.* 1. କାତରୋକ୍ତିରେ କହିବା ; 2. ଅସନ୍ତୋଷସୂଚକ ନାଦ ଦ୍ୱାରା (ବକ୍ତାକୁ) ଚୁପ କରିବାକୁ ଚେଷ୍ଟା-କ ।—*n.* 1. ଆର୍ତ୍ତସ୍ୱର, ଆର୍ତ୍ତନାଦ, କାତରୋକ୍ତି ; 2. କୌଣସି ଜନ୍ତୁର ଶୋକପୂର୍ଣ୍ଣ ବା ଦୁଃଖମୟ ନାଦ ।

Groat, *n.* 1. ଇଂରାଜ ପ୍ରାଚୀନ ମୁଦ୍ରା ବିଶେଷ, ପ୍ରାୟ ଅଧେକ ଅଣା ; 2. ଅକିଞ୍ଚିତ୍କର ମୂଲ୍ୟ ।
Groats, *n. pl.* ଭୁଷିକଢ଼ା ଗହମ ବା ଓଟ୍ ନାମକ ଶସ୍ୟ ।
Grocer, *n.* ଗୁ ଚିନି ଆଦିର ବିକ୍ରେତା, ପସାରି, ମୁଦି ।
Grocery, *n.* 1. ପସାରୀ ଦୋକାନ, ମୁଦି ଦୋକାନ; 2. ପସାରୀର ବିକ୍ରିତ ଦ୍ରବ୍ୟ, ଗୁ ଚିନି ଆଦି ।
Grog, *n.* ଜଳମିଶ୍ରିତ ମଦ୍ୟ, ମଦ୍ୟ ।
Grogginess, *n.* ମତ୍ତତା ।
Groggy, *a.* ମତ୍ତ ।
Grog-shop, *n.* ମଦ୍ୟ ଦୋକାନ, ଶୁଣ୍ଡିଘର ।
Grogram, Grogran, *n.* ରେଶମ ଓ ପଶମମିଶ୍ରିତ ମୋଟ ଲୁଗା ବିଶେଷ ।
Groin, *n.* 1. କୋଳଗାତ, କୋଡ଼ ; 2. ଦୁଇ ଖିଲାଣର ଛେଦସ୍ଥାନ ।
Groom, *n.* 1. ସଇସ, ଅଶ୍ୱପାଳ ; 2. ବର ।—*v.t.* (ଅଶ୍ୱକୁ) ଘୋଡ଼ାର ମାଲିସ୍-କ ।
Groom's-man, Groomsman, *n.* ବିବାହ ସମୟରେ ବରର ସହାୟ ।
Groove, *n.* 1. ଖାଲ, ଲମ୍ବ ଓ ଅନୁଓସାରିଆ ପ୍ରଣାଳୀ, (କାଠରେ) ଖାଞ୍ଜି, ସିଅର, ଖୋଳ ; 2. ସ୍ଥାୟୀ ଅଭ୍ୟାସ, ସ୍ଥାୟୀ ଧାରା ।—*v.t.* ଖାଲ କାଟିବାର, ସିଅର-କ ।
Grooved, *p.a.* ଖାଲଯୁକ୍ତ, ଖୋଳଯୁକ୍ତ ।
Grope, *v.i.* ତଉଣ୍ଡିବା, ଅଣ୍ଡାଳିବା, ଅନ୍ଧପରି ଖୋଜିବା, ଅନ୍ଧାରରେ ବା ସନ୍ଦେହରେ ଖୋଜିବା ।—*v.t.* ତଉଣ୍ଡି ଖୋଜିବା, ଅଣ୍ଡାଳି ଖୋଜିବା ।
Gropingly, *ad.* ତଉଣ୍ଡି କରି ।
Gross, *a.* 1. ମୋଟା, ସ୍ଥୂଳ, ପୁଷ୍ଟ ; 2. ଅସଭ୍ୟ ; 3. ଅଶ୍ଳୀଳ ଅଶୁଚି ; 4. ସ୍ପଷ୍ଟ, ବଡ଼, ଘୋର, ଲଜ୍ଜାକର ; 5. ଘାତ, ଅଶୁଦ୍ଧ, ଅପରିଷ୍କୃତ ; 6. ସମୁଦାୟ, ମୋଟ ; 7. ଜଡ଼, ମୋଟବୁଦ୍ଧି ।—*n.* ୧୪୪ ସଂଖ୍ୟା ।—In the gross, In gross, ମୋଟରେ ।
Grossbeak, Grosbeak, *n.* ଚାଳ ଚଢ଼େଇ ବିଶେଷ ।
Grossly, *ad.* 1. ଅସଭ୍ୟଭାବେ, ଅଶ୍ଳୀଳଭାବେ ; 2. ଅତ୍ୟନ୍ତ ; 3. ଲଜ୍ଜାକରଭାବେ ।
Grossness, *n.* 1. ସ୍ଥୂଳତା, ଅସୂକ୍ଷ୍ମତା ; 2. ଅସଭ୍ୟତା, ଅଶିଷ୍ଟତା, ଅଶ୍ଳୀଳତା ; 3. ଅତ୍ୟନ୍ତତା, ଆଧିକ୍ୟ, ଅତିରେକ ।
Grotesque, *a. gro-tesk*, ବିଦାକାର, ଅପରୂପ, ବିକଟାକାର, ହାସ୍ୟକର ।—*n.* ବିଦାକାର ଚିତ୍ର ବା ଦୃଶ୍ୟ, ଅସଙ୍ଗତ ବୋଧ ବା କର୍ମ ।
Grotesquely, *ad.* ବିଦାକାରଭାବେ, ବିକଟଭାବେ, ହାସ୍ୟଜନକଭାବେ ।
Grotesqueness, *n.* ବିଦାକାରାବସ୍ଥା, ବିକଟାବସ୍ଥା ।
Grotto, Grot, *n.* (*pl.* Grottos or Grottoes) ଗୁହା, ଗହ୍ୱର, ଅଲଙ୍କୃତ କୃତ୍ରିମ ଗୁହା ।
Ground, *n.* 1. ଭୂମି, ଭୂତଳ, (ଅଚଳ ଆଦି) ; 2. ମାଟି, ଜମି, ଭୂସମ୍ପତ୍ତି ; 3. *pl.* ଅଟ୍ଟାଳିକାର ବଗିଚା ଓ ହତା ; 4. ଖେଳାର ସ୍ଥାନ ; 5. ମୂଳ, ଭିତ୍ତି ; 6. କାରଣ ; 7. ଚିତ୍ର କରିବା ପୂର୍ବେ ଚିତ୍ରପଟରେ ପ୍ରସ୍ତୁତକାରୀ ପୋଛ, ମୂଳ ରଙ୍ଗ ; 8. *pl.* ଗାଦ, ଶିଠା ।—To come or fall to the ground, ବିଫଳ-ହେ, ବ୍ୟର୍ଥ-ହେ, ଅକୃତକାର୍ଯ୍ୟ-ହେ । To gain ground, ଅଗ୍ରସର-ହେ, ଲାଭ୍ୟ-ହେ । To give ground, 1. ହଟିଯିବା; 2. ସୁବିଧା ହରାଇବା । To hold or stand one's ground, ଅଟଳ-ହେ, ଆପଣାର ସ୍ଥାନ ନ ଛାଡ଼ିବା । To lose ground, ହଟି-ଯିବା, ସୁବିଧା ହରାଇବାର, ଅପ୍ରାପ୍ୟ-ହେ, ଅବନତିକର-ହେ । To take the ground, (ଜାହାଜ) ତଳାରେ ଲାଗିବା ।—*v.t.* 1. ଭୂମିରେ ରଖିବା; 2. ସ୍ଥାପନ-କ, ଦୃଢ଼ରୂପେ ସ୍ଥାପନ-କ; 3. ମୂଳ ସୂତ୍ର ଭଲରୂପେ ଶିଖାଇବା; 4. ପ୍ରଥମ ପୋଛ ଦେଇ (ଚିତ୍ରପଟକୁ) ପ୍ରସ୍ତୁତ-କ ।—*v.i.* ତଳାରେ ଲାଗିବା ।
Ground, *pret.* and past *p.* of Grind.
Ground-bait, *n.* ମାଛ ମାରିବା ଚାର ।
Ground-floor, *n.* ତଳଘରର ମେଜିଆ ବା ଚଟାଣ, ତଳଘର, ପ୍ରଥମ ମହଲା ।
Ground-game, *n.* ଠେକୁଆ ଆଦି ପଶୁଶିକାର ।
Groundless, *a.* ଅମୂଳକ, ଅକାରଣ, ଅନର୍ଥକ ।
Groundlessly, *ad.* ଅକାରଣରେ, ଅନର୍ଥକରୂପେ ।
Groundlessness, *n.* ଅମୂଳକତା, ନିଷ୍କାରଣତ୍ୱ, ଅନର୍ଥକତା ।
Groundling, *n.* 1. ଗଞ୍ଜୁଆ ମାଛ ; 2. ଜଘନ୍ୟ ଲୋକ ।
Ground-nut, *n.* ଚିନାବାଦାମ ।
Ground-plan, *n.* ଘରତଳର ନକ୍ସା ।
Ground-rent, *n.* ଭୂମିକର, ଜମିର ଖଜଣା, ମାଲ୍ଗୁଜାରୀ ।
Groundsel, Groundsill, *n.* ତଳ ଏରୁଣ୍ଡି, ତଳ ଦେହଲୀ ।
Ground-swell, *n.* ଝଡ଼ ପରେ ସମୁଦ୍ରର ଆନ୍ଦୋଳନ ।
Groundwork, *n.* ମୂଳ, ମୂଳଦୁଆ, ଭିତ୍ତି, ମୂଳତତ୍ତ୍ୱ, ମୂଳସୂତ୍ର ।
Group, *n.* 1. ଝାଙ୍କ ଦଳ, ଥୋକ, ପୁଞ୍ଜ ; 2. ଖୋଦିତ ବା ଚିତ୍ରିତ ମୂର୍ତ୍ତି ସବୁର ସମବାୟ; 3. କେତେକ ସମଗୁଣବିଶିଷ୍ଟ ବସ୍ତୁର ବର୍ଗ, ଶ୍ରେଣୀ ।—*v.t.* ଝାଙ୍କ ଦଳ-କ, ଶ୍ରେଣୀବଦ୍ଧ-କ, ବିନ୍ୟାସ-କ ।
Grouping, *n.* ଖୋଦିତ ବା ଚିତ୍ରିତ କାର୍ଯ୍ୟରେ ମୂର୍ତ୍ତି ସବୁର ସମବାୟ ସୁନ୍ଦର ବିନ୍ୟାସର କୌଶଳ ।
Grouse, *n.* ବନ୍ୟ ପକ୍ଷୀ ବିଶେଷ ।
Grout, *n.* 1. ସୁଜି ବିଶେଷ ; 2. ଚୂନର ପାଣିଆ ମସଲା ; 3. *pl.* ଗାଦ, ଶିଠା ।—*v.t.* ଚୂନର ପାଣିଆ ମସଲାରେ ପୂରାଇବା ।
Grove, *n.* ତୋଟା, ଉପବନ, ବୃକ୍ଷବାଟିକା, ନିକୁଞ୍ଜ ।
Grovel, *v.i.* 1. ଘୁରୁଣ୍ଡିବା, ମୁହଁ ମାଡ଼ି ଭୂମିରେ ପଡ଼ିବା ; 2. ନୀଚାଚର-କ, ନୀଚମନାଃ-ହେ, ନୀଚସ୍ଥ ବିଷୟରେ ଆସକ୍ତ-ହେ ।
Groveller, *n.* ନୀଚପ୍ରକୃତି ଲୋକ, ନୀଚାଶୟ ବ୍ୟକ୍ତି ।

**Grovelling**, *p.a.* 1. ଘୁଞ୍ଚୁଣ୍ଡା, ଉଦରେଗମନ; 2. ନୀଚାଶୟ, ନୀଚମନାଃ ।

**Grow**, *v.i.* 1. ବଢ଼ିବା, ବୃଦ୍ଧି-ହେ, ବର୍ଦ୍ଧିତ-ହେ; 2. ବର୍ଦ୍ଧିଷ୍ଣୁ-ହେ, ଉନ୍ନତ-ହେ; 3. ଉତ୍ପନ୍ନ-ହେ, ଜନ୍ମ-ହେ; 4. ଫୁଟି ଉଠିବା; 5. ହେବା ।—To grow out of, ଉତ୍ପନ୍ନ-ହେ, ଜାତ-ହେ । To grow together, ବୃଦ୍ଧି ପ୍ରାପ୍ତ ମିଳିତ-ହେ । To grow up, ବୟୋବୃଦ୍ଧି-ହେ, ପୂର୍ଣ୍ଣବୟସ୍କ-ହେ । To grow upon one, ନିଜର ବୋଧ ବା ଆଦରରେ ବୃଦ୍ଧି ପାଇବା ।—*v.t.* ପୋଷ-କ, ଉତ୍ପନ୍ନ କରାଇବା, ଫସଲ-କ ।

**Growl**, *v.i.* 1. ଗର୍ଜିବା, ଗର୍ଜ୍ଜନ-କ; 2. କ୍ରୋଧରେ ଗଣଗଣ-ହେ, କର୍କଶସ୍ୱରେ କହିବା ।—*v.t.* ଗର୍ଜ୍ଜନରେ ପ୍ରକାଶ-କ ।—*n.* 1. ଗର୍ଜ୍ଜନ; 2. ଅସନ୍ତୁଷ୍ଟ ବା କ୍ରୋଧାନ୍ୱିତ ଲୋକର ଗଣଗଣ ଶବ୍ଦ ।

**Growling**, *n.* ଗର୍ଜ୍ଜନକରଣ, ବଡବଡକରଣ, ଗର୍ଜ୍ଜନ ।

**Grown**, *p.a.* ବର୍ଦ୍ଧିତ. ବୃଦ୍ଧିପ୍ରାପ୍ତ ।—Grown-up, *a.* ବୃଦ୍ଧିପ୍ରାପ୍ତ, ବୟଃପ୍ରାପ୍ତ, ପ୍ରୌଢ଼ ।

**Growth**, *n.* 1. ବର୍ଦ୍ଧନ, ବୃଦ୍ଧି, ଉନ୍ନତି; 2. ଉତ୍ପନ୍ନବସ୍ତୁ, ଫସଲ, ଫଳ; 3. ଉନ୍ନତି ।

**Grub**, *v.i.* 1. ହଳ ହାତ ବା ଅସ୍ତ୍ରରେ ଖୋଳିବା; 2. ଖଟକର୍ମ-କ, ଖଟିବା—*v.t.* ଖୋଳିବା, ଉପାଡ଼ିବା, ଖୋଳି ଉପାଡ଼ିବା ।—*n.* 1. ପତଙ୍ଗ କୀଟ, କୀଟ, ପୋକ; 2. (slang), ଆହାର ।

**Grubber**, *n.* 1. ଖଟକର୍ମକାରୀ ଲୋକ, ଖଟକର୍ମରେ ଆସକ୍ତ ଲୋକ; 2. ଉପାଡ଼ିବା ଅସ୍ତ୍ର ।

**Grudge**, *v.t.* 1. ଅନିଚ୍ଛାରେ-ଦେ, ଅସନ୍ତୋଷରେ-ଦେ; 2. ଈର୍ଷାଦୃଷ୍ଟି-କ ।—*v.i.* ଈର୍ଷା-କ, ପରଶ୍ରୀକାତର-ହେ ।—*n.* 1. ଅନିଚ୍ଛା, ଅସନ୍ତୋଷ; 2. ଅବଜ୍ଞା, ଅବାଞ୍ଛା, ଅବଶ, ଗୁପ୍ତ ଈର୍ଷା, ସ୍ଥାୟୀ ବିବାଦ, ବୈରଭାବ ।

**Grudging**, *a.* ଅନିଚ୍ଛାପୂର୍ଣ୍ଣ, ଅନିଚ୍ଛୁକ ।—*n.* 1. ଅନିଚ୍ଛା, ଅସନ୍ତୋଷ; 2. ସ୍ଥାୟୀ ବିବାଦଧାରଣ, ଈର୍ଷାଦୃଷ୍ଟି ।

**Grudgingly**, *ad.* 1. ଅନିଚ୍ଛାପୂର୍ବକ; 2. ଈର୍ଷାପୂର୍ବକ ।

**Gruel**, *n.* କାଞ୍ଜି, ଯବାଗୂ, ମଣ୍ଡ । [କଦର୍ଯ୍ୟ ।

**Gruesome**, *a.* ଭୟଙ୍କର, ଭୀଷଣ, ଦାରୁଣ, ଅରୁଚିକର,

**Gruff**, *a.* କଡ଼ା, କର୍କଶ, ରୁକ୍ଷ, କଠୋର, କଟୁଭାଷୀ ।

**Gruffly**, *ad.* କର୍କଶରୂପେ, ରୁକ୍ଷଭାବେ, କଠୋରଭାବେ ।

**Gruffness**, *n.* କର୍କଶତା, ରୁକ୍ଷତା, କଠୋରତା ।

**Grum**, *a.* ରୁକ୍ଷ, କଠୋରବଦନ ।

**Grumble**, *v.i.* 1. ଅସନ୍ତୋଷରେ ଗଣଗଣ-ହେ, ବଡର-ବଡର-ହେ; 2. ଗର୍ଜିବା ।—*n.* ବଡରବଡରକରଣ, ଅସନ୍ତୋଷସୂଚକ କଥନ । [ଲୋକ ।

**Grumbler**, *n.* ଯେ ବଡବଡ କରେ, ବଡରବଡରକାରୀ

**Grume**, *n.* ଘନ ତରଳ ପଦାର୍ଥ, ମେଣ୍ଡାମେଣ୍ଡା ହୋଇ ଜମି ଯାଇଥିବା ପଦାର୍ଥ, ମେଣ୍ଡା ।

**Grumous**, *a.* 1. ଘନ, ଜମାଟ; 2. ଦାନିଦାନାବିଶିଷ୍ଟ ।

**Grumpily**, *ad.* ରୁକ୍ଷଭାବେ, କର୍କଶରୂପେ । [କର୍କଶ ।

**Grumpy**, **Grumpish**, *a.* ରୁକ୍ଷ, ଚିଡ଼ଚିଡ଼ିଆ, କଡ଼ା,

**Grunt**, *v.i.* ଘୁଷୁରି ପରି ଶବ୍ଦ-କ, ଘଡଘଡ ଶବ୍ଦ-କ ।—*v.t.* ଘଡଘଡ ଶବ୍ଦରେ କହିବା ।—*n.* ଘଡଘଡ ଶବ୍ଦ ।

**Grunting**, *n.* ଘୁଷୁରିର ଆଦର ଶବ୍ଦ ।

**Guano**, *n.* ସାମୁଦ୍ରିକ ପକ୍ଷିର ମଳରୁ ଜାତ ଖତ ।

**Guarantee**, *n.* *ga-ran-tee'*, 1. ଦାୟିତ୍ୱପୂର୍ଣ୍ଣ ପ୍ରତିଜ୍ଞା; 2. ଜାମିନ, ଲଗା, ପ୍ରତିଭୂ ।—*v.t.* ନିଶ୍ଚିତ-କ, (ଋଣଶୋଧ ଆଦିର) ଜାମିନ-ହେ, ଦୃଢ଼-କ, ସ୍ଥିର-କ ।

**Guarantor**, *n.* ଜାମିନ, ଲଗା, ପ୍ରତିଭୂ ।

**Guard**, *v.t.* 1. ରକ୍ଷା-କ; 2. ଚୌକି-ଦେ, ପହରା-ଦେ; 3. ଜଗିବା ।—*v.i.* ସତର୍କ-ହେ, ସାବଧାନ-ହେ ।—*n.* 1. ରକ୍ଷକ, ପାଳକ; 2. ପ୍ରହରୀ, ଚୌକିଦାର, ରକ୍ଷକଦଳ, ସେନାଦଳ; 3. ପହରା, ଚୌକି; 4. ଯାହା ଜିମ୍ମାରେ ରେଲଗାଡ଼ି ଥାଏ; 5. ଅଙ୍ଗରକ୍ଷାର ସ୍ଥିତି; 6. ଆଘାତରୁ ରକ୍ଷାକାରୀ କୌଣସି କୌଶଳ ବା ଉପାୟ, ଖଣ୍ଡାର ମୁଠା; 7. କୌଣସି ରକ୍ଷାକାରୀ ଉପାୟ, ଘଡିର ଜଞ୍ଜିର, ଅଙ୍ଗୁଳିତ୍ର ।—Off one's guard, ଅପ୍ରସ୍ତୁତ, ଅସାବଧାନ । On guard, ପ୍ରହରୀ କର୍ମରେ ନିଯୁକ୍ତ । On one's guard, ସତର୍କ ।

**Guardable**, *a.* ରକ୍ଷଣୀୟ ।

**Guarded**, *a.* 1. ସତର୍କ, ସାବଧାନ; 2. ସାବଧାନତାରେ ଉକ୍ତ ।

**Guardedly**, *ad.* ସତର୍କରୂପେ, ସାବଧାନପୂର୍ବକ ।

**Guardedness**, *n.* ସତର୍କତା, ସାବଧାନତା ।

**Guard-house**, **Guard-room**, *n.* 1. ପ୍ରହରୀଙ୍କର ଘର; 2. ସିପାହୀମାନଙ୍କର ହାଜତଘର ।

**Guardian**, *n.* 1. ରକ୍ଷକ; 2. ପ୍ରତିପାଳକ, ଅଭିଭାବକ, ମହାଫିଜ, ମୁରବି; 3. ଅଧ୍ୟକ୍ଷ ।—*a.* ରକ୍ଷାକାରୀ ।

**Guardianship**, *n.* 1. ରକ୍ଷକପଦ; 2. ପାଳକତ୍ୱ, ଅଭିଭାବକପଦ; 3. ରକ୍ଷଣ, ରକ୍ଷା ।

**Guard-ship**, *n.* ବନ୍ଦରଆଦି ଜଗିବା ଯୁଦ୍ଧଜାହାଜ ।

**Guava**, *n.* ପିଦୁଡ଼, ପିଜୁଳି, ଗୁଆଳିଆ ।

**Gubernatorial**, *n.* ରାଜ୍ୟ ଶାସନସମ୍ବନ୍ଧୀୟ, ଶାସନକର୍ତ୍ତାସମ୍ବନ୍ଧୀୟ ।

**Gudgeon**, *n.* 1. ସହଜରେ ଧରାପଡ଼ିବା ମାଛ ବିଶେଷ; 2. ସହଜରେ ପ୍ରବଞ୍ଚିତ ଲୋକ ।

**Guerdon**, *n.* ପାରିତୋଷିକ, ପୁରସ୍କାର, ପ୍ରତିଫଳ, (Poetical or rhetorical).—*v.t.* ପୁରସ୍କାର-ଦେ, ପ୍ରତିଫଳ-ଦେ ।

**Guerrilla**, **Guerilla**, *n.* 1. ଖଣ୍ଡଯୁଦ୍ଧକାରୀ ଲୋକ; 2. ଅନିୟମିତ ଯୁଦ୍ଧ, ଖଣ୍ଡଯୁଦ୍ଧ ।

**Guess**, *v.t.* 1. ଅନୁମାନ-କ, ଅଟକଳ-କ, ଆନ୍ଦାଜ-କ; 2. (ପହଲିର) ଠିକ୍ ଉତ୍ତର-ଦେ । *v.i.* ଅନୁମାନ-କ, ବୋଧ-କ ।—*n.* ଅନୁମାନ, ଅଟକଳ, ଆନ୍ଦାଜ ।

**Guess-work**, *n.* 1. ଅନୁମାନରେ କୃତ କାର୍ଯ୍ୟ; 2. ଅନୁମାନ ।

**Guest**, *n.* 1. ଅତିଥି, ଅଭ୍ୟାଗତ, ନିମନ୍ତ୍ରିତ ବ୍ୟକ୍ତି; 2. ହୋଟେଲ ଘରେ ବାସକାରୀ ଲୋକ, ସର୍ତ୍ତରେ ଖାଉଥିବା ଲୋକ ।

**Guffaw**, *n.* ହଠାତ୍ ଚୋଚୋ ହାସ୍ୟ ।—*v.i.* ହଠାତ୍ ଚୋଚୋ କରି ହସିବା ।

**Guggle**, *v.i.* ଝରଝର ଶବ୍ଦ-କ ।—*n.* ଝରଝର ଶବ୍ଦ ।

**Guidable**, *a.* ପରିଚାଳନୀୟ ।

**Guidance**, *n.* 1. ପଥଦର୍ଶନ; 2. ପରିଚାଳନ; 3. ପରାମର୍ଶ, ଉପଦେଶ ।

**Guide**, *v.t.* 1. ପଥରେ କଢ଼ାଇନେବା, ପଥ ଦେଖାଇବା, ବଢ଼ାଇବା, କଢ଼ାଇବା; 2. ଚଳାଇବା, ପରିଚାଳିତ-କ; 3. ପରାମର୍ଶ-ଦେ, ଉପଦେଶ-ଦେ ।—*n.* 1. ପଥଦର୍ଶକ; 2. ଶିକ୍ଷକ, ଉପଦେଶକ, ଗୁରୁ; 3. ଭ୍ରମଣକାରୀର ପୁସ୍ତକ; 4. ପଥପ୍ରଦର୍ଶକ ଉପାୟ ।

**Guideless**, *n.* 1. ପଥଦର୍ଶକରହିତ; 2. ପରିଚାଳକରହିତ ପରିଚାଳନାରହିତ ।

**Guide-post**, *n.* ପଥ ଦେଖାଇବା ଖୁଣ୍ଟ ।

**Guild, Gild**, *n.* ପରସ୍ପର ସାହାଯ୍ୟାର୍ଥେ ସମାଜ, ବଣିକ୍‌ସମାଜ ।

**Guildhall**, *n.* ବଣିକ୍‌ସମାଜର ସଭାଗୃହ, ନାଗରିକ ସମାଜର ସଭାଗୃହ ।

**Guilder**, *n.* ହଲଣ୍ଡ ଦେଶୀୟ ମୁଦ୍ରା, ପ୍ରାୟ ଏକ ଟଙ୍କା ।

**Guile**, *n.* କୁଟିଳତା, ଛଳ, ଶଠତା, ଖଳତା, ଧୂର୍ତ୍ତତା, ପ୍ରତାରଣା, କପଟ ।

**Guileful**, *a.* କୁଟିଳତାପୂର୍ଣ୍ଣ, ଛଳପୂର୍ଣ୍ଣ, ଶଠ, ଖଳ, ଧୂର୍ତ୍ତ, ପ୍ରତାରକ, କପଟୀ, ଠକ ।

**Guilefully**, *ad.* କୁଟିଳତାପୂର୍ବକ, ଛଳପୂର୍ଣ୍ଣରୂପେ, ଧୂର୍ତ୍ତରୂପେ, କପଟଭାବେ ।

**Guilefulness**, *n.* ଛଳପୂର୍ଣ୍ଣତା, ଧୂର୍ତ୍ତତା, କାପଟ୍ୟ, କପଟତା ।

**Guileless**, *a.* ନିଷ୍କପଟ, ଅକପଟ, ଅକୁଟିଳ, ସରଳ ।

**Guilelessly**, *ad.* ନିଷ୍କପଟରୂପେ, ଅକୁଟିଳରୂପେ, ସରଳଭାବେ, ଅକପଟରୂପେ ।

**Guilelessness**, *n.* ନିଷ୍କପଟତା, ଅକୁଟିଳତା, ସରଳତା ।

**Guillotine**, *n.* 1. ଶିରଚ୍ଛେଦନାର୍ଥ ଯନ୍ତ୍ର, ମୁଣ୍ଡ କାଟିବାର ବିଶେଷ ଯନ୍ତ୍ର; 2. ପୁସ୍ତକ ବନ୍ଧାଘରେ କାଗଜ କାଟିବା ଯନ୍ତ୍ର ।—*v.t.* ଶିରଚ୍ଛେଦନାର୍ଥ ଯନ୍ତ୍ର ଦ୍ୱାରା ମସ୍ତକ କାଟିବା ।

**Guilt**, *n.* 1. ଅପରାଧିତା, ପାପ, ଦୁଷ୍କୃତା; 2. ଦୋଷଗ୍ରସ୍ତତା, ସଦୋଷତା, ଦଣ୍ଡଯୋଗ୍ୟତା ।

**Guiltily**, *ad.* 1. ଦୋଷିରୂପେ, ଅପରାଧିରୂପେ; 2. ସଦୋଷରେ ।

**Guiltiness**, *n.* ସଦୋଷତା, ଅପରାଧିତା, ଦୁଷ୍କୃତା, ପାପ ।

**Guiltless**, *a.* 1. ନିର୍ଦ୍ଦୋଷ, ଦୋଷଶୂନ୍ୟ, ନିରପରାଧ, ନିଷ୍ପାପ; 2 ଅଜ୍ଞାନ, ଅଜ୍ଞ ।

**Guiltlessly**, *ad.* ନିର୍ଦ୍ଦୋଷରୂପେ, ଦୋଷଶୂନ୍ୟରୂପେ, ଦୋଷବର୍ଜ୍ଜିତ ନିରପରାଧରୂପେ ।

**Guiltlessness**, *n.* ନିର୍ଦ୍ଦୋଷତା, ଦୋଷଶୂନ୍ୟତା, ନିରପରାଧତା ।

**Guilty**, *a.* 1. ଦୋଷୀ, ଅପରାଧୀ, ପାପୀ, with *of* before the crime; 2. ଦୋଷପ୍ରକାଶକ, ଦୋଷଯୁକ୍ତ, ସଦୋଷ, ସପାପ ।

**Guinea**, *n.* 1. ଇଂଲଣ୍ଡୀୟ ପୂର୍ବତନ ସ୍ୱର୍ଣ୍ଣମୁଦ୍ରା; 2. ୨୧ ଶିଲିଙ୍ଗ ।

**Guinea-fowl** *n.* ଗିନି ଦେଶୀୟ କୁକ୍କୁଟ ବିଶେଷ, ଗିନିମୁର୍ଗୀ ।

**Guinea-pig**, *n.* ଇଞ୍ଚୁର ପରି ଜନ୍ତୁବିଶେଷ, ଗିନି ମୂଷା ।

**Guinea-worm**, *n.* ସୂତା ପରି ଲମ୍ବ କୃମିବିଶେଷ ଯାହା ଗ୍ରୀଷ୍ମପ୍ରଧାନ ଦେଶରେ ଉଦରରୁ ବାହାରି ଚର୍ମ ତଳେ ଥାଇ ବଥ ଜନ୍ମାଏ ।

**Guise**, *n.* 1. ବେଶ, ବାହ୍ୟ ଆକୃତି, ପରିଚ୍ଛଦ, ବସ୍ତ୍ର, ରୂପ; 2. ରୀତି, ଧାରା, ପ୍ରଚଳନ ।

**Guitar**, *n.* ସିତାର, ତାରଯୁକ୍ତ ବାଜଣାର ବାଦ୍ୟଯନ୍ତ୍ର ବିଶେଷ ।

**Gulch**, *n.* ଜଳସ୍ରୋତ ଦ୍ୱାରା କୃତ ଗଭୀର ଖାତ ।

**Gulf**, *n.* 1. ଉପସାଗର, ମହାଖାଲ; 2. ଗହ୍ୱର, ମହାଗର୍ତ୍ତ, ଗଭୀର ସ୍ଥଳ; 3 ଜଳଭଉଁରି, ଘୂର୍ଣ୍ଣିଜଳ, ଗ୍ରାସକାରୀ ବସ୍ତୁ; 4. ଅଗମ୍ୟ ଅନ୍ତରାଳ, ଅଲଙ୍ଘ୍ୟ ବିଚ୍ଛେଦ ।—*v.t.* ଗ୍ରାସ-କ ।

**Gull**, *n.* ସହଜରେ ପ୍ରବଞ୍ଚିତ ଲୋକ, ମୂର୍ଖ, ବୋକା ।—*v.t.* ଠକାଇବା, ପ୍ରବଞ୍ଚିତ-କ ।

**Gull**, *n.* କେତେକ ସାମୁଦ୍ରିକ ପକ୍ଷିର ନାମ ।

**Gullet**, *n.* ଗଳାର ନଳୀ, ଆହାରନଳୀ ।

**Gullibility**, *n.* ପ୍ରବଞ୍ଚନୀୟତା ।

**Gullible**, *a.* ସହଜରେ ପ୍ରବଞ୍ଚିତ ।

**Gully**, *n.* ଜଳସ୍ରୋତ ଦ୍ୱାରା କୃତ ଖାତ, ଖାତ ।—*v.t.* ଜଳସ୍ରୋତ ଦ୍ୱାରା ଖାତ-କ, ନାଳ-କ ।

**Gulp**, *v.t.* ଢକଢକ ଗିଳିବା, ଏକାବେଳେକେ ଗିଳି-ଦେ, ଢୋକିବା ।—*n.* ଢୋକ, ଏକଗ୍ରାସ ।

**Gum**, (1) *n.* ଦନ୍ତମୂଳ ।

**Gum**, (2) *n.* ଗୋନ୍ଦ, ଗଛର ଅଠା, ବୃକ୍ଷନିର୍ଯ୍ୟାସ ।—*v.t.* ଅଠାରେ ଲେପିବା, ଅଠାଦ୍ୱାରା ଯୋଡିବା ।—*v.i.* ଅଠା ଝରିବା ।

**Gum-arabic**, *n.* ବବୁରିଅଠା, ଗୋନ୍ଦବିଶେଷ ।

**Gum-boil**, *n.* ଦାନ୍ତମୂଳର ବଥ ।

**Gum-dragon, Gum-tragacanth**, *n.* କୋଚିଲାଅଠା, ଗୋନ୍ଦବିଶେଷ ।

**Gummiferous**, *a.* ଗୋନ୍ଦ ଉତ୍ପାଦନକାରୀ ।

**Gumminess**, *n.* ଅଠାଳିଆଭାବ, ଚଟଚଟିଆ ଭାବ ।

**Gummy**, *a.* ଅଠାମୟ, ଅଠାଳିଆ, ଚଟଚଟିଆ, ଗୋନ୍ଦପରି !

**Gumption**, (colloquial), ବୁଦ୍ଧି, ଗୁଣ, ଚତୁରତା, ଚଲାକପଣ ।

**Gun**, *n.* 1. ବନ୍ଧୁକ, ଅଗ୍ନ୍ୟସ୍ତ୍ର; 2. ତୋପ, କମାଣ; 3. ତୋପନିକ୍ଷେପ ।—A great gun, (colloquial) କୌଣସି ବିଷୟରେ ପ୍ରସିଦ୍ଧ ଲୋକ । To blow great guns, ବତାସ-ହେ ।

**Gun-barrel**, *n.* ବନ୍ଧୁକର ନଳୀ ।

**Gun-boat**, *n.* ତୋପବାହୀ ଛୋଟ ଯୁଦ୍ଧଜାହାଜ ।

**Gun-carriage**, *n.* ତୋପବାହୀ ଶକଟ ।

**Gun-cotton**, *n.* ଅମ୍ଳରେ ପ୍ରସ୍ତୁତ ସ୍ଫୋଟକଶୀଳ ତୁଳା ବିଶେଷ ।

**Gun-metal**, *n.* ତୋପ ନିର୍ମାଣ କର୍ମରେ ବ୍ୟବହୃତ ତମ୍ବା ଓ ଟିଣ ମିଶ୍ରିତ ଧାତୁ ବିଶେଷ ।

**Gunner**, *n*. 1. ଯେ ତୋପ ମାରେ, ଗୋଲନ୍ଦାଜ; 2. ଯୁଦ୍ଧଜାହାଜରେ ତୋପ ଆଦି ରକ୍ଷାକାରୀ ଅଧ୍ୟକ୍ଷ ।

**Gunnery**, *n*. ତୋପବିଷୟକବିଦ୍ୟା, ଗୋଲନ୍ଦାଜୀ ବିଦ୍ୟା ।

**Gunny**, *n*. ଚୁଣ୍ଟ, ଅଖା ।

**Gunpowder**, *n*. ବାରୁଦ ।

**Gunshot**, *n*. ନିକ୍ଷିପ୍ତ ତୋପଗୋଳାର ଦୂରତ୍ୱ, ଯେତେ ଦୂର ପର୍ଯ୍ୟନ୍ତ ତୋପଗୋଳା ଯାଏ ।—*a*. ବନ୍ଧୁକର ଛରସ ବା ଗୁଳି ଦ୍ୱାରା କୃତ ।

**Gunsmith**, *n*. ବନ୍ଧୁକ ବନାଇବା ଲୋକ, ବନ୍ଧୁକ ପ୍ରଭୃତିର ନିର୍ମାତା ।

**Gun-wad**, *n*. ବନ୍ଧୁକର ବାରୁ ଅଟକାଇବା ଠିପି ।

**Gunwale, Gunnel**, *n*. ଜାହାଜର ପାର୍ଶ୍ୱଧାର ।

**Gurgle**, *v.i*. ଝରଝର ଶବ୍ଦରେ ବହି ଯିବା ।—*n*. ଝରଝର ଶବ୍ଦ, ଜଳସ୍ରୋତର ମନ୍ଦ ଶବ୍ଦ ।

**Gush**, *v.i*. 1. ଅତି ବେଗରେ ବାହାରିବା, ବେଗରେ ନିର୍ଗତ-ହେ, ଉତ୍ସୃତ-ହେ; 2. ଭାବୁକ-ହେ, ପ୍ରେମରେ ଗଦ୍ଗଦ-ହେ ।—*n*. 1. ଅତି ବେଗରେ ତରଳ ପଦାର୍ଥର ନିର୍ଗମନ, ବେଗରେ ନିଃସରଣ, ପ୍ରବାହ; 2. ନିର୍ଗତ ତରଳ ପଦାର୍ଥ; 3. ଭାବର ଉଚ୍ଛ୍ୱାସ ।

**Gushing**, *p.a*. 1. ଅତି ବେଗରେ ନିର୍ଗମନକାରୀ; 2. ଅତିରିକ୍ତ ଭାବୁକ, ଅତିରିକ୍ତ ପ୍ରେମପ୍ରକାଶକ ।

**Gushingly**, *ad*. 1. ଅତି ବେଗରେ ନିର୍ଗମନପୂର୍ବକ; 2. ଅତିରିକ୍ତ ଭାବୁକରୂପେ ।

**Gusset**, *n*. ତ୍ରିକୋଣିଆ ଲୁଗାଖଣ୍ଡ ।

**Gust**, (1) *n*. ଆସ୍ୱାଦନ, ରୁଚି ।

**Gust**, (2) *n*. 1. ଦମକା ବାୟୁ, ବାୟୁବେଗ, ବାତ୍ୟା, ପ୍ରଚଣ୍ଡ ବାତ; 2. କାମକ୍ରୋଧାଦିର ଉଦ୍ରେକ ।

**Gustatory**, *a*. ଆସ୍ୱାଦନସମ୍ବନ୍ଧୀୟ, ରୁଚିସମ୍ବନ୍ଧୀୟ ।

**Gusto**, *n*. ରୁଚି, ଭଦ୍ର ରୁଚି ।

**Gusty**, *a*. ଦମକା ବାୟୁବିଶିଷ୍ଟ, ବାୟୁବେଗମୟ, ବାତମୟ ।

**Gut**, *n*. 1. ଅନ୍ତ, ଅନ୍ତ୍ରନଳୀ; 2. ମୁଖଠାରୁ ଗୁହ୍ୟ ପର୍ଯ୍ୟନ୍ତ ନଳୀର କୌଣସି ଅଂଶ; 3. ବାଦ୍ୟଯନ୍ତ୍ର ନିମନ୍ତେ ପ୍ରସ୍ତୁତ ଶୁଷ୍କ ଅନ୍ତ୍ରନଳୀ; 4. ସଙ୍କୀର୍ଣ୍ଣ ପ୍ରଣାଳୀ ।—*v.t*. 1. ଅନ୍ତ୍ରନଳୀ ବାହାର-କ, ଅନ୍ତ କାଢିବା; 2. ଲୁଟ-କ, ନଷ୍ଟ-କ ।

**Gutter**, *n*. 1. ନର୍ଦ୍ଦମା, ନାଳ; 2. ବୃଷ୍ଟିଜଳ ବହିବା ନିମନ୍ତେ ଓଳି ସଙ୍ଗେ ଲାଗିଥିବା ନାଳ ।—*v.t*. ନର୍ଦ୍ଦମା-କ, ନାଳ-କ ।—*v.i*. ନାଳଯୁକ୍ତ-ହେ ।

**Guttural**, *a*. କଣ୍ଠସମ୍ବନ୍ଧୀୟ, କଣ୍ଠ୍ୟ, କଣ୍ଠ ଦ୍ୱାରା ଉଚ୍ଚାରିତ ।—*n*. କଣ୍ଠ୍ୟ ବର୍ଣ୍ଣ, କଣ୍ଠ୍ୟ ଧ୍ୱନି ।

**Gutturalize**, *v.t*. କଣ୍ଠ୍ୟ ଉଚ୍ଚାରଣରେ କହିବା ।

**Gutturally**, *ad*. କଣ୍ଠ୍ୟ ସ୍ୱରରେ, କଣ୍ଠ ଦ୍ୱାରା ।

**Guy**, (1) *n*. 1. ଉଠାଇବା ବସ୍ତୁକୁ ସ୍ଥିର କରିବା ପାଇଁ ଦଉଡି ।—2. ତମ୍ବୁପୋଲକୁ ସ୍ଥିର କରିବା ପାଇଁ ଦଉଡି ବା ଲୁହା ।—*v.t*. ଉକ୍ତ ପ୍ରକାର ଦ୍ୱାରା ସ୍ଥିର-କ ।

**Guy**, (2) *n*. ଅଦ୍ଭୁତ ଲୋକ, କଦାକାର ଲୋକ ।

**Guzzle**, *v.t*. or *i*. 1. ଅତିରିକ୍ତ ପାନ-କ, ବହୁପାନ-କ; 2. ଲୋଭରେ ବହୁ ପିଇବା ବା ଭକ୍ଷଣ-କ, ଗିଳିବା ।—*n*. ଅପରିମିତ ପାନ ।

**Guzzler**, *n*. ଅପରିମିତ ପାନକ ର. ଅତିପାୟୀ ।

**Gymnasial**, *a*. ବ୍ୟାୟାମଭୂମି ସମ୍ବନ୍ଧୀୟ ।

**Gymnasiast**, *n*. ଉଚ୍ଚ ବିଦ୍ୟାଳୟରେ ଶିକ୍ଷାର୍ଥୀ ।

**Gymnasium**, *n*. (*pl*. Gymnasia and Gymnasiums). 1. ବ୍ୟାୟାମଭୂମି, ବ୍ୟାୟାମଶାଳା, କସରତଘର; 2. କଲେଜ ପ୍ରବେଶ ନିମନ୍ତେ ପ୍ରସ୍ତୁତକାରୀ ବିଦ୍ୟାଳୟ; 3. ଗ୍ରୀସ୍ ଦେଶୀୟ ମଲ୍ଲଯୁଦ୍ଧର ରଙ୍ଗଭୂମି ।

**Gymnast**, *n*. 1. ବ୍ୟାୟାମ ଶିକ୍ଷକ; 2. ବ୍ୟାୟାମ ଶିକ୍ଷାର୍ଥୀ ।

**Gymnastic**, *a*. ବ୍ୟାୟାମଭୂମିସମ୍ବନ୍ଧୀୟ, ବ୍ୟାୟାମ-[ସମ୍ବନ୍ଧୀୟ ।

**Gymnastically**, *ad*. ବ୍ୟାୟାମପୂର୍ବକ ।

**Gymnastics**, *n*. ବ୍ୟାୟାମ ବିଦ୍ୟା, ବ୍ୟାୟାମ ।

**Gynarchy**, *n*. ସ୍ତ୍ରୀର ରାଜତ୍ୱ, ସ୍ତ୍ରୀଶାସନ ।

**Gynœcium**, *n*. ପୁଷ୍ପର ଗର୍ଭକେଶର ।

**Gypsum**, *n*. କେତକାର୍ଯ୍ୟ ଖଡି ।

**Gyral**, *a*. ଚକ୍ରଚାଳକ, ଘୂର୍ଣ୍ଣ ଦ୍ୱାରା ।

**Gyrate**, *v.i*. ଘୂରିବା, ଚକ୍ରଚାଳ-କ ।—*a*. ଘୂର୍ଣ୍ଣାୟମାନ ।

**Gyration**, *n*. ଘୂର୍ଣ୍ଣନ, ଚକ୍ରଗତି

**Gyre**, *n*. ଚକ୍ରଗତି ।

**Gyve**, *n*. ବେଡି, ଶିକୁଳି, ଶୃଙ୍ଖଳ, ଶାଙ୍କୋଳି ।—*v.t*. ବେଡି ପକାଇବା, ଶୃଙ୍ଖଳରେ ବନ୍ଧନ-କ ।

# H.

**H**. ଇଂରେଜୀ ବର୍ଣ୍ଣମାଳାର ଅଷ୍ଟମ ଅକ୍ଷର ।

**Ha, Hah**, *interj*. ବିସ୍ମୟ ଆନନ୍ଦ ଦୁଃଖ ଆଦି ପ୍ରକାଶକ ଅବ୍ୟୟ ।—ଆଃ! ଅହୋ! ହା! ହାହା! ଅହା! ହାୟ!

**Habeas corpus**, *n*. ଅଟକ କରି ରଖିଥିବା କୌଣସି ଲୋକକୁ ଅଦାଲତରେ ହାଜର କରିବା ଓ ଅଟକର କାରଣ ଦର୍ଶାଇବା ନିମନ୍ତେ ଅଟକକାରୀ ନାମରେ ପରୁଆନା ।

**Haberdasher**, *n*. ଫିତା ସୂତା ଛୁଞ୍ଚି ବୋତାମ ପ୍ରଭୃତି ବିକ୍ରେତା ଲୋକ, ପସାରୀ, କ୍ଷୁଦ୍ର ପଣ୍ୟବିକ୍ରେତା ।

**Haberdashery**, *n*. ପସାରୀଦ୍ରବ୍ୟ, କ୍ଷୁଦ୍ର ପଣ୍ୟ ଦ୍ରବ୍ୟ ।

**Habergeon**, *n*. ବକ୍ଷସ୍ତ୍ରାଣ ।

**Habiliment**, *n*. (usually in *pl*.) ବସ୍ତ୍ର, ବେଶ, ପରିଚ୍ଛଦ ।

**Habilitate**, *v.i*. ଯୋଗ୍ୟ-ହେ, ଯୋଗ୍ୟତା ଅର୍ଜନ-କ ।

**Habit**, *n*. 1. ଶରୀରର ସ୍ୱାଭାବିକ ବା ଲବ୍ଧ ଅବସ୍ଥା; 2. ବୃକ୍ଷର ବର୍ଦ୍ଧନ ରୀତି; 3. ପ୍ରକୃତି, ବୃତ୍ତି, ସ୍ୱଭାବ; 4. ଅଭ୍ୟାସ, ରୀତି, ଧାରା, ଚାଲି; 5. ପୋଷାକ, ପରିଚ୍ଛଦ; 6. ଘୋଡା ଚଢିବା ସମୟର ସ୍ତ୍ରୀଲୋକର ବହିର୍ବସ୍ତ୍ର ।—*v.t*. ବେଷ୍ଟନ-କ, ବସ୍ତ୍ରାଚ୍ଛାଦନ-କ, ସଜ୍ଜିତ-କ ।

Habitable, *a.* ବାସଯୋଗ୍ୟ, ବସତିଯୋଗ୍ୟ ।
Habitably, *ad.* ବାସଯୋଗ୍ୟରୂପେ ।
Habitant, *n.* ନିବାସୀ, ବାସକାରୀ, ବାସିନ୍ଦା ।
Habitat, *n.* ଗଛ ବା ପଶୁର ରହି ପାରିବା ପ୍ରଦେଶ, ସ୍ୱାଭାବିକ ବାସସ୍ଥାନ ।
Habitation, *n.* 1. ବାସ, ବସତି; 2. ବାସସ୍ଥାନ, ଆଶ୍ରମ, ଗୃହ, ଘର ।
Habited, *p.a.* ବସ୍ତ୍ରାଚ୍ଛାଦିତ, ସଜ୍ଜିତ ।
Habitual, *a.* 1. ଅଭ୍ୟାସଜ, ଅଭ୍ୟାସଗତ; 2. ଅଭ୍ୟାସିକ, ବ୍ୟାବହାରିକ; 3. ଅଭ୍ୟସ୍ତ, ସ୍ୱତମତ, ନିତ୍ୟ ।
Habitually, *ad.* ଅଭ୍ୟାସ ଅନୁସାରେ, ଯଥା ସ୍ୱତରେ, ନିତ୍ୟ, ସତତ ।
Habituate, *v.t.* ଅଭ୍ୟସ୍ତ-କ, ପରିଚିତ-କ ।
Habituation, *n.* ଅଭ୍ୟସ୍ତକରଣ, ପରିଚିତକରଣ, ଅଭ୍ୟସ୍ତାବସ୍ଥା ।
Habitude, *n.* ଚଳନ, ରୀତି, ବ୍ୟବହାର ।
Habitué, *n.* *a-bē-tu-ā*, (French), ନିତ୍ୟ ଗତାୟାତକାରୀ ।
Hack, (1) *v.t.* କାଟକୁଟ-କ, ଅନାଡ଼ିରୂପେ କାଟିବା, ଖଣ୍ଡ-କ, ହାଣିବା ।—*n.* 1. କାଟକୁଟ, କାଟ; 2. ଫୁଟବଲ ଖେଳରେ ଲାତ, ପଦାଘାତ ।
Hack, (2) *n.* 1. ଭଡ଼ା ଘୋଡ଼ା, ଜୀର୍ଣ୍ଣ ଅଶ୍ୱ; 2. ପରିଶ୍ରମରେ ଜୀର୍ଣ୍ଣ ଲୋକ, ବେତନଭୋଗୀ ଗ୍ରନ୍ଥଲେଖକ ।—*a.* ଭଡ଼ାଟିଆ, ଅତିଜୀର୍ଣ୍ଣ ।—*v.t.* ଭଡ଼ା-ଦେ ।
Hackery, *n.* ଶଗଡ଼, ଶକଟ ।
Hacking, *p.a.* ଖଣ୍ଡି (କାଶ) ।
Hackle, Hatchel, *n.* 1. ଛଣପଟ ଆଦି ସଫା କରିବା ପାନିଆ; 2. କଞ୍ଚା ରେଶମ ଆଦି; 3. ଭଣ୍ଡାବେକରେ ଥିବା ଲମ୍ବ ପର; 4. ମାଛ ଧରିବା ପାଇଁ ପରରେ ବନା ହୋଇଥିବା ମାଛି ।—*v.t.* 1. (ଛଣପଟ) କୁଣ୍ଡାଇବା, ସଫା-କ; 2. ବିରକ୍ତ-କ, ବ୍ୟସ୍ତ-କ ।
Hackney, *n.* 1. ଭଡ଼ା ଘୋଡ଼ା, ଚଢ଼ିବାର ଘୋଡ଼ା; 2. ଚାରିଚକିଆ ଭଡ଼ା ଗାଡ଼ି ।—*a.* ଭଡ଼ାଟିଆ, ସାମାନ୍ୟ, ସାଧାରଣ, ଅକିଞ୍ଚିତ୍କର ।—*v.t.* ବହୁବ୍ୟବହାର-କ, ବହୁବ୍ୟବହାର ଦ୍ୱାରା ସାଧାରଣ-କ ।
Hackney-coach, *n.* ଚାରିଚକିଆ ଭଡ଼ା ଗାଡ଼ି ।
Hackneyed, *p.a.* ବହୁବ୍ୟବହୃତ, ଜୀର୍ଣ୍ଣ, ସାମାନ୍ୟ, ସର୍ବସାଧାରଣ, ଅକିଞ୍ଚିତ୍କର ।
Had, *pret.* and *past p.* of Have.
Haddock, *n.* ସାମୁଦ୍ରିକ ମାଛ ବିଶେଷ ।
Hades, *n.* *hades*, ପାତାଳ, ମୃତ ଲୋକମାନଙ୍କ ଅଦୃଶ୍ୟ ଆବାସ ।
Hadj, *n.* ମକ୍କା ଯାତ୍ରା, ହାଜ୍ ।
Hadji, Hadjee, *n.* ହାଜି, ମକ୍କା ଯାତ୍ରୀ ।
Hæmal, Hemal, *a.* ରକ୍ତସମ୍ବନ୍ଧୀୟ, ରକ୍ତନାଡ଼ୀସମ୍ବନ୍ଧୀୟ ।
Hæmatemesis, *n.* ପେଟରୁ ରକ୍ତବାନ୍ତି ।
Hæmaturia, *n.* ରକ୍ତପରିସ୍ରା ରୋଗ ।
Haft, *n.* ବେଣ୍ଟ, ମୁଠା ।—*v.t.* ବେଣ୍ଟ ଲଗାଇବା ।
Hag, *n.* 1. କୁତ୍ସିତା ବୁଢ଼ୀ, ଡାଆଣୀ; 2. ମାଛଖିଆ ମାଛ ବିଶେଷ ।
Haggard, *a.* 1. ଅପୋଷା, ଅବଶ, ଅବାଧ୍ୟ; 2. ଶୁଷ୍କବଦନ, କ୍ଷୀଣମୁଖ, ବେଦନା ବା ଅଭାବ ହେତୁ କୃଶ, ଭୀଷଣ ।—*n.* ଅପୋଷା ଛଞ୍ଚାଣ, ଅବଶ ଛଞ୍ଚାଣ ।
Haggardly, *ad.* ଶୁଷ୍କବଦନରେ, ଭୀଷଣରୂପେ ।
Hagged, *a.* କୁତ୍ସିତା ବୁଢ଼ୀ ପରି, ଡାଆଣୀ ପରି ।
Haggish, *a.* କୁତ୍ସିତା ବୁଢ଼ୀ ପରି; କୁତ୍ସିତା, କୁରୂପା ।
Haggle, *v.t.* କାଟକୁଟ-କ, ଅନାଡ଼ିରୂପେ କାଟିବା ।—*v.i.* 1. କ୍ରୟବିକ୍ରୟରେ କଚକଚ-କ, ଓଜର କରି ଦ୍ରବ୍ୟର ମୂଲ-କ; 2. ଆପତ୍ତି-କ ।
Hagiography, *n.* ସାଧୁମାନଙ୍କର ଜୀବନଚରିତ ।
Hail, (1) *n.* କୁଆପଥରବୃଷ୍ଟି, ଶିଳାବୃଷ୍ଟି, କରକାପାତ ।—*v.i.* କୁଆପଥର ବର୍ଷିବା, ଶିଳାବୃଷ୍ଟି-ହେ ।—*v.t.* ଶିଳାବୃଷ୍ଟି ପରି ବର୍ଷାଇବା ।
Hail, (2) *n.* 1. କଲ୍ୟାଣକଥନ, ଅଭିବାଦନ; 2. ଡାକ, ଆହ୍ୱାନ ।—*interj.* ମଙ୍ଗଳ ହେଉ ! କୁଶଳ ହେଉ ! ନମସ୍କାର !—*v.t.* 1. ଅଭିବାଦନ-କ, ନମସ୍କାର-କ; 2. ଡାକିବା; 3. ସମ୍ବୋଧନ-କ ।—To hail from, (କୌଣସି) ଠାରୁ ଆସିବା, (କୌଣସି ସ୍ଥାନର) ନିବାସୀ-ହେ । Within hail, ଏକ ଡାକ ଅନ୍ତରରେ ।
Hailstone, *n.* କୁଆପଥର, ଶିଳା, କରକା ।
Haily, *a.* କୁଆପଥରମୟ ।
Hair, *n.* 1. କେଶ, ବାଳ, ଲୋମ, ରୋମ; 2. କେଶ ପରି ପଦାର୍ଥ; 3. ଅତ୍ୟଳ୍ପ ଦୂରତ୍ୱ, ଅକିଞ୍ଚିତ୍କର ମୂଲ୍ୟ ।—To a hair, ଠିକ୍‌ରୂପେ, ସୂକ୍ଷ୍ମରୂପେ । To split hairs, ଅତ୍ୟନ୍ତ ସୂକ୍ଷ୍ମ ପ୍ରଭେଦ-କ, ବୃଥା ପ୍ରଭେଦ-କ ।
Hair-breadth, Hair's-breadth, *n.* ଏକ କେଶ ଅନ୍ତର, ଅତ୍ୟଳ୍ପ ଅନ୍ତର ।—*a.* କେଶାନ୍ତରମାତ୍ର ।
Hair-dresser, *n.* ଯେ ବାଳ କାଟେ, ଭଣ୍ଡାରି ।
Haired, *a.* କେଶଯୁକ୍ତ, mostly used in composition.
Hairiness, *n.* ଲୋମଶତା, ଲୋମଶାବସ୍ଥା, ଲୋମମୟତା ।
Hairless, *a.* କେଶହୀନ, ଲୋମରହିତ, ନିର୍ଲୋମ ।
Hair-line, *n.* ଅତି ସୂକ୍ଷ୍ମ ରେଖା ।
Hair-pin, *n.* କେଶରେ ବ୍ୟବହୃତ ପିନ୍ ବିଶେଷ, ହେର୍‌ପିନ୍ ।
Hair-powder, *n.* କେଶ ନିମନ୍ତେ ଚୂର୍ଣ୍ଣ ।
Hair-splitter, *n.* ଅତି ସୂକ୍ଷ୍ମ ପ୍ରଭେଦକାରୀ, ବୃଥା ବା କୃତ୍ରିମ ପ୍ରଭେଦକାରୀ ।
Hair-splitting, *n.* ଅତି ସୂକ୍ଷ୍ମ ପ୍ରଭେଦକରଣ, ସୂକ୍ଷ୍ମ ପ୍ରଭେଦର କୌଶଳ ।
Hair-spring, *n.* ଘଡ଼ିର ସ୍ଥିତିସ୍ଥାପକଶକ୍ତିଯୁକ୍ତ କେଶବତ୍ ତାର ।
Hairy, *a.* 1. ବାଳୁଆ, ଲୋମମୟ, ଲୋମଶ; 2. ଲୋମବତ୍, ଲୋମ ନିର୍ମିତ ।
Hake, *n.* ମାଛ ବିଶେଷ ।
Hakim, *n.* ବୈଦ୍ୟ, ହାକିମ୍ ।
Halbert, *n.* ପୂର୍ବକାଳୀନ ଯୁଦ୍ଧାସ୍ତ୍ର ବିଶେଷ, ଫାର୍ଶା ବିଶେଷ, ପରଶୁ ।

**Halcyon,** *n. hal'si-on,* (କାବ୍ୟରେ) ମାଛରଙ୍କା ପକ୍ଷୀ । *a.* 1. ମାଛରଙ୍କା ପକ୍ଷିବିଷୟକ ; 2. ଶାନ୍ତିମୟ, ସୁସ୍ଥିର । —Halcyon days, ବର୍ଷରେ ସବୁଠୁଁ ସାନ ଦିନର ପୂର୍ବ ସାତ ଦିନ ଓ ପର ସାତ ଦିନ, ଏହି ସମୟରେ ମାଛରଙ୍କା ପକ୍ଷୀ ଜଳ ଉପରେ ବସେ ଓ ଢେଉ ସୁସ୍ଥିର ଥାଏ ବୋଲି ଲୋକଙ୍କ କଳ୍ପିତ କଥା ଅଛି ; 2. ଶାନ୍ତିମୟ ସମୟ, ସୁସ୍ଥିର କାଳ ।

**Hale,** *a.* ସୁସ୍ଥ, ନୀରୋଗ, ବଳବାନ୍, ସବଳ ।

**Hale,** *v.t.* ବଳରେ ଟାଣି ନେବା, ଘୋଷାରି ନେବା ।

**Haleness,** *n.* ସୁସ୍ଥତା, ସବଳତା ।

**Half,** *n.* (*pl.* Halves), ଦୁଇ ସମାନ ଭାଗରୁ ଏକ ଭାଗ, ଅର୍ଦ୍ଧ ଭାଗ, ଅଧ ।—*a.* ଅଧେକ, ଅର୍ଦ୍ଧେକ, ଅଧା, ଅଧେ ।—*ad.* ଅର୍ଦ୍ଧେକ ପର୍ଯ୍ୟନ୍ତ, ଦୁଇ ଅଂଶରେ, ଆଂଶିକରୂପେ, କିଛି କିଛି, usually in compounds.

**Half-blood,** *n.* ବୈମାତ୍ରେୟ ବା ବୈପିତ୍ରେୟ ସମ୍ପର୍କ, ଗୋଟିଏ ବାପ ବା ଗୋଟିଏ ମାଆ ଦ୍ୱାରା ସମ୍ପର୍କ ।

**Half-bred,** *a.* ଦୋଜାତିୟ, ସଙ୍କର ।

**Half-breed,** *a.* ଭିନ୍ନ ଜାତୀୟ ପିତାମାତାରୁ ଜାତ ।—*n.* ଭିନ୍ନ ଜାତୀୟ ପିତାମାତାରୁ ଜାତ ଲୋକ ।

**Half-brother,** *n.* ବୈମାତ୍ରେୟ ବା ବୈପିତ୍ରେୟ ଭ୍ରାତା, ଗୋଟିଏ ବାପ ବା ଗୋଟିଏ ମାଆ ଦ୍ୱାରା ଭାଇ ।

**Half-caste,** *n.* ଭାରତବର୍ଷୀୟ ଓ ୟୁରୋପୀୟ ଲୋକର ଔରସରୁ ଜାତ ବ୍ୟକ୍ତି ।

**Half-cock,** *n.* ବନ୍ଧୁକର ଘୋଡାର ଅଧା ଉଠିଲା ଅବସ୍ଥା ।

**Half-dead,** *a.* ମୃତ ପ୍ରାୟ ।

**Half-hearted,** *a.* ଉତ୍ସାହହୀନ, ଅନୁଦ୍ୟୋଗୀ ।

**Half-moon,** *n.* 1. ଅର୍ଦ୍ଧଚନ୍ଦ୍ର ; 2. ଅର୍ଦ୍ଧଚନ୍ଦ୍ରାକୃତ ପଦାର୍ଥ ।

**Half-pay,** *n.* ଅଧାଦରମାହା, ଅର୍ଦ୍ଧବେତନ ।—*a.* ଅର୍ଦ୍ଧବେତନପ୍ରାପ୍ତ ।

**Half-penny,** *n. ha-'pen-i,* (*pl.* Halfpence, *haf'pence* or *ha-'pence*) ଇଂରାଜ ତମ୍ବା ମୁଦ୍ରା, ପ୍ରାୟଁ ଦୁଇ ପଇସା ।—*a.* ଦୁଇ ପଇସିଆ ।

**Half-sister,** *n.* ବୈମାତ୍ରେୟ ବା ବୈପିତ୍ରେୟ ଭଗିନୀ, ଗୋଟିଏ ମାଆ ବା ଗୋଟିଏ ବାପ ଦ୍ୱାରା ଭଉଣୀ ।

**Half- sovereign,** *n.* ଇଂରାଜ ସ୍ୱର୍ଣ୍ଣ ମୁଦ୍ରା, ବର୍ତ୍ତମାନ ସମୟରେ ସାତ ଟଙ୍କା ଆଠ ଅଣା ମୂଲ୍ୟ ।

**Half-starved,** *a.* ଅନାହାରରେ ମୃତ ପ୍ରାୟ, ଅନାହାରରେ କ୍ଷୀଣ ।

**Half-truth,** *n.* ଆଂଶିକ ସତ୍ୟ କଥା ।

**Half-way,** *ad.* ଅର୍ଦ୍ଧପଥରେ, ମଧ୍ୟପଥରେ, ଅର୍ଦ୍ଧେକ ଦୂରରେ, ଅର୍ଦ୍ଧେକ ପର୍ଯ୍ୟନ୍ତ ।—*a.* ସମାନାନ୍ତର, ମଝାମଝି ।

**Half-witted,** *a.* ନିର୍ବୋଧ, ଅଳବାଳୁ ।

**Half-yearly,** *ad.* ଅର୍ଦ୍ଧବାର୍ଷିକ, ଅଧବର୍ଷିଆ, ଷାଣ୍ମାସିକ ।—*a.* ଛମାସିଆ, ଅର୍ଦ୍ଧବର୍ଷରେ ।

**Halibut, Holibut,** *n.* ବଡ ଚଟକା ମାଛ ବିଶେଷ ।

**Hall,** *n.* 1. ସଭା ଆଦି ନିମନ୍ତେ ବଡ କାମରା ; 2. ଘରର ବରଣ୍ଡା ; 3. ଅଟ୍ଟାଳିକା ବିଶେଷ ; 4. ଅକ୍ସଫର୍ଡ ବା କେମ୍ବ୍ରିଜରେ ଥିବା କେତେକ କଲେଜର ନାମ ; 5. କଲେଜ ଆଦିରେ ଭୋଜନଶାଳା ।

**Halleluiah, Hallelujah,** *n.* ଧନ୍ୟବାଦସୂଚକ ଶବ୍ଦ ।—*interj.* ସଦାପ୍ରଭୁଙ୍କ ଧନ୍ୟବାଦ କର, ସଦାପ୍ରଭୁଙ୍କର ଧନ୍ୟବାଦ ହେଉ ।

**Hall-mark,** *n.* 1. ସୁନା ବା ରୂପା ନିର୍ମିତ ଦ୍ରବ୍ୟ ଉପରେ ଥିବା ସ୍ୱର୍ଣ୍ଣକାର ସମ୍ପ୍ରଦାୟର ବିଶୁଦ୍ଧତାପ୍ରକାଶକ ଚିହ୍ନ ; 2. ଅକୃତ୍ରିମତା ପ୍ରକାଶକ ଚିହ୍ନ, ଉତ୍କୃଷ୍ଟତାପ୍ରକାଶକ ଚିହ୍ନ ।

**Halloo, Hallo, Hullo,** *n.* 1. ମନୋଯୋଗର ଆକର୍ଷକ ଡାକ ; 2. ଶିକାର ନିମନ୍ତେ କୁକୁର ଉସ୍କାଇବା ଡାକ ।—*interj.* ହୋ ! ହୋହୋ ! ଅହୋ ! —*v.i.* ଉଚ୍ଚୈଃସ୍ୱରେ ଡାକିବା, ବଡ ପାଟି କରି ଡାକିବା, ନାମ ଧରି ଡାକିବା, ହୋହୋ କରି ଡାକିବା ।—*v.t.* ବଡ ପାଟି ଦ୍ୱାରା ଉସ୍କାଇବା, ବଡ ପାଟି କରି ଡାକିବା ।

**Hallow,** *v.t.* 1. ପବିତ୍ର-କ, ଶୁଦ୍ଧ-କ, ପ୍ରତିଷ୍ଠା-କ ; 2. ପବିତ୍ର ବୋଲି ମାନ୍ୟ-କ, ପବିତ୍ର ଜ୍ଞାନ-କ ।

**Hallucination,** *n.* 1. ଅମୂଳକ ଓ ଭ୍ରମଯୁକ୍ତ ବୋଧ, ଭ୍ରମ ; 2. ମତିଭ୍ରମ, ମତିଭ୍ରମଜାତ ବୋଧ ବା ଦୃଶ୍ୟ ବସ୍ତୁ ।

**Hallucinatory,** *a.* 1. ଭ୍ରମଜନକ ; 2. ମତିଭ୍ରମଯୁକ୍ତ ।

**Halo,** *n.* 1. ସୂର୍ଯ୍ୟ ବା ଚନ୍ଦ୍ର ମଣ୍ଡଳ ; 2. ଜ୍ୟୋତିର୍ମଣ୍ଡଳ, ତେଜୋମଣ୍ଡଳ ।—*v.t.* ଜ୍ୟୋତିର୍ମଣ୍ଡଳ ଦ୍ୱାରା ବେଷ୍ଟନ-କ । —*v.i.* ଜ୍ୟୋତିର୍ମଣ୍ଡଳ-ହ ।

**Halt,** *v.i.* 1. ଖୋଟାଇ ଚାଲିବା, ଲେଙ୍ଗଡାଇ ଚାଲିବା ; 2. ଛନ୍ଦୋଭଙ୍ଗ-ହ, ସମ୍ପର୍କଭଙ୍ଗ-ହ, ଅସମ୍ପୂର୍ଣ୍ଣ-ହ ; 3. ଦ୍ୱିଧା-କ, ସନ୍ଦିଗ୍ଧ-ହ ; 4. ସ୍ଥଗିତ-ହ, ଯାତ୍ରା ବନ୍ଦ-କ । —*v.t.* ସ୍ଥଗିତ କରାଇବା, ଯାତ୍ରା ବନ୍ଦ କରାଇବା ।—*a.* ଖୋଟା, ଲେଙ୍ଗଡା, ପଙ୍ଗୁ ।—*n.* 1. ପଙ୍ଗୁତା, ଖଞ୍ଜତା ; 2. ନିବୃତ୍ତି, ଯାତ୍ରାନିବୃତ୍ତି, ଅବସ୍ଥାନ ।

**Halter,** *n.* 1. ବାଗଡୋର ; 2. ଫାଶି ଦଉଡି ।—*v.t.* ବାଗଡୋରରେ ବାନ୍ଧିବା ।

**Halve,** *v.t.* 1. ଦୁଇ ସମଭାଗ-କ, ଅର୍ଦ୍ଧାଂଶ-କ ; 2. ଖିଅ କରି (ଦୁଇ କାଠକୁ) ଯୋଡିବା ।

**Halyard,** *n.* ଜାହାଜ ପାଲର ଦଣ୍ଡ ଆଦି ଉଠାଇବା ବା ଓହ୍ଲାଇବା ଦଉଡି ।

**Ham,** *n.* 1. ଜାନୁର ପଶ୍ଚାଦ୍ଭାଗ ; 2. ପିଚ୍ଛ ; 3. ଘୁଷୁରି ଜଙ୍ଘର ଲବଣାକ୍ତ ଶୁଷ୍କ ମାଂସ ।

**Hamlet,** *n.* ସାନଗାଁ, ପଲ୍ଲୀଗ୍ରାମ ।

**Hammer,** *n.* 1. ହାତୁଡି, ମାଙ୍ଗୁଲ ; 2. ହାତୁଡି ପରି ପଦାର୍ଥ, ଯଥା,—ବନ୍ଧୁକର ଘୋଡା ଆଦି ।—*v.t.* 1. ହାତୁଡି ମାରିବା, ପିଟିବା ; 2. ହାତୁଡିରେ ପିଟି ବନାଇବା ; 3. ମାନସିକ ପରିଶ୍ରମ ଦ୍ୱାରା ଉଦ୍ଭାବନ-କ ।—*v.i.* 1. ହାତୁଡି ଦ୍ୱାରା କାର୍ଯ୍ୟ-କ ; 2. ଅତି ଉଦ୍ଯୋଗରେ ପରିଶ୍ରମ-କ, ଘନ ପରିଶ୍ରମ-କ ।

**Hammock,** *n.* ଡାଙ୍ଗଦଡି କପଡା ନିର୍ମିତ ଦୋଳିଆ ଖଟ ।

**Hamper,** (1) *n.* ବାଉଁଶ ବା ବେତକୁଣ୍ଡା ମୋଟ ପେଡି ।—*v.t.* ଉକ୍ତ ପେଡିରେ ରଖିବା, ଉକ୍ତ ପେଡି ଦ୍ୱାରା ବୋହାଇ-କ ।

Hamper. (2) *v.t.* ଅଟକ-କ, ବାଧା-ଦେ, କଷ୍ଟରେ ପକା-ଇବା, ବନ୍ଧ କରିବା ।—*n.* 1. ଜାହାଜର ଦରକାରି ଘାଲି ପ୍ରଭୃତି : 2. ବାଧା ଜନ୍ମାଇବା ବିଷୟ, ପ୍ରତିବନ୍ଧ ।

Hamstring, *n.* ଜଙ୍ଘର ଶିରା, ଜାନୁଶିରା ।—*v.t.* ଜଙ୍ଘର ଶିରା କାଟି ଲେଙ୍ଗଡା-କ ।

Hand, *n.* 1. ହାତ, ହସ୍ତ, କର, ପାଣି ; 2. ଚାରି ଇଞ୍ଚ ପରିମାଣ, ଚାରି ଅଙ୍ଗୁଳ ପରିମାଣ ; 3. ପାର୍ଶ୍ୱ, ଦିଗ ; 4. କାରୀଗର, ଦକ୍ଷତା ; 5. କରିବାରେ ଅଂଶ, ସମ୍ପର୍କ ; 6. ଅଧିକାର, କର୍ତ୍ତୃତ୍ୱ ; 7. ହାତରେ ଥିବା ତାସ, ତାସ ଖେଳାଳି ଏକ ଲୋକ ; 8. ଘଡିର କଣ୍ଟା ବା କାଠି ; 9. କର୍ମଚାରୀ, କର୍ମଚାରିଣୀ; 10. ଜଣ, ଲୋକ, used generally in *pl.* 11. ହସ୍ତଲେଖା, ଲେଖା, ହାତ-ଲେଖାର ଧାଞ୍ଚ ; 12. ହସ୍ତଲିପି, ସ୍ୱାକ୍ଷର ।—At hand, ନିକଟରେ, ସମୀପରେ । At first hand, ନିର୍ମାତା-ଠାରୁ, ମୂଳରୁ । Clean hands, ନିର୍ଦ୍ଦୋଷ । For one's own hand, ନିଜ ନିମନ୍ତେ । From hand to hand, ଏକ ଲୋକଠାରୁ ଅନ୍ୟ ଲୋକକୁ । Hand in hand, ହାତ ଧରାଧରି ହୋଇ, ଏକତ୍ରରେ, ମିଳିକରି । Hands off, ହାତ ଛାଡ, ଦୂରେ ଥାଅ, ମାରିବାରୁ ନିରସ୍ତ ହୁଅ । Hand over hand, ଶୀଘ୍ର ଓ ସହଜରେ । Hand to hand, ହାତାହାତି, ନିକଟ ଯୁଦ୍ଧରେ, ନିକଟ । Hand to mouth, ଅନିଶ୍ଚିତ, ଅନିର୍ଦ୍ଧାରିତ, ଯଥା ଆୟ ତଥା ବ୍ୟୟ, ପୂର୍ବରୁ କିଛି ସଞ୍ଚୟ ନ କରି । In hand, 1. ନଗଦ ଟଙ୍କାରେ ; 2. ହାତରେ, ହସ୍ତରେ ; 3. ବିବେଚନାଧୀନରେ । Laying on of hands, ହସ୍ତାର୍ପଣ ଦ୍ୱାରା ପଦରେ ନିଯୁକ୍ତିକରଣ, ହସ୍ତା-ର୍ପଣ । Light hand, କୋମଳତା, ଧୀରଭାବ । Off hand, ଅବିଳମ୍ବେ, ପୂର୍ବରୁ ଚିନ୍ତା ନ କରି । Off one's hand, ନିଜ ତତ୍ତ୍ୱାବଧାନର ବାହାରେ । On hand, ବର୍ତ୍ତମାନ ଅଧିକାରରେ । On one's hand, ନିଜ ତତ୍ତ୍ୱାବଧାନରେ । Out of hand, ଅବିଳମ୍ବେ । Right hand, ପ୍ରଧାନ ସହାୟ । Strict hand, କଠୋର ଶାସନ, ଅଟଳ ଦୃଢତା । To ask the hand of, ପାଣିଗ୍ରହଣର ପ୍ରସ୍ତାବ-କ, ବିବାହ ନିମନ୍ତେ ମାଗିବା । To bear a hand, ଶୀଘ୍ର ସାହାଯ୍ୟ-ଦେ । To be hand and glove with, ବଡ ବନ୍ଧୁତାରେ ରହିବା । To change hands, ହସ୍ତାନ୍ତରିତ-ହେ, ଅଧିକାରୀ ବଦଳ-ହେ । To come to hand, ହାତକୁ ଆସିବା, ପ୍ରାପ୍ତ-ହେ । To have one's hands full, ହାତ କାମରେ ପୂର୍ଣ୍ଣ ଥିବା, କାର୍ଯ୍ୟରେ ସମ୍ପୂର୍ଣ୍ଣରୂପେ ଲାଗି ରହିବା, କାର୍ଯ୍ୟରେ ବ୍ୟସ୍ତ ଥିବା । To lay hands on, 1. ଧରିବା, ଆକ୍ରମଣ-କ ; 2. ହସ୍ତାର୍ପଣ-କ । To lend a hand, ସାହାଯ୍ୟ-କ, ଉପକାର-କ । To set the hand to, ହାତ ଲଗାଇବା, ପ୍ରବୃତ୍ତ-ହେ, ଆରମ୍ଭ କରିବା । To shake hands, (ନମସ୍କାର ଜଣାଇବା ବା ପୁନର୍ମି-ଳନରେ) କରମର୍ଦ୍ଦନ-କ, ହସ୍ତସ୍ପର୍ଶ-କ, ହସ୍ତପୀଡନ-କ । To take by the hand, ଆଶ୍ରୟ-ଦେ, ସାହାଯ୍ୟ-ଦେ । To take in hand, ହାତ-ଦେ, ଚେଷ୍ଟା-କ । To try one's hand, ପରୀକ୍ଷା କରିବେ ହାତ ଦେବା ବା ଚେଷ୍ଟା-କ । To wash one's hands of, ହାତ ଧୋଇ ଛାଡି-ଦେ, ସମ୍ପର୍କ ଛାଡି-ଦେ, ଜଳାଞ୍ଜଳି-ଦେ । Under one's hand, ସ୍ୱାକ୍ଷର ସହିତ, ସ୍ୱାକ୍ଷରରେ । —*v.t.* 1. ହାତ ଦ୍ୱାରା ଦେବା ; 2. ହାତ ଦ୍ୱାରା ବଢା-ଇବା, ହାତ ଧରି ନେବା । To hand down, ପର-ମ୍ପରା କ୍ରମରେ ଅର୍ପଣ-କ । To hand over, ହାତରେ -ଦେ, ସମର୍ପଣ-କ । To hand round, ହାତକୁ ହାତ ଚଳାଇବା ।—*a.* ହାତସମ୍ବନ୍ଧୀୟ, ହାତରେ ଧୃତ, ହାତ-ରେ ବ୍ୟବହୃତ, much used in composition.

Hand-barrow, *n.* 1. ଏକ ଚକିଆ ହାତଗାଡି ; 2. ଡୋଲି ବିଶେଷ ।

Hand-basket, *n.* ହାତଟୋକାଇ ।

Hand-bell, *n.* ହାତଘଣ୍ଟା, କ୍ଷୁଦ୍ରଘଣ୍ଟା ।

Handbill, *n.* ବିଜ୍ଞାପନପତ୍ର ।

Handbook, *n.* ଉପକ୍ରମଣିକା, ପ୍ରାଥମିକ ଅବସ୍ଥାଙ୍କର ବିଷୟପୂର୍ଣ୍ଣ ପୁସ୍ତିକା, ଭ୍ରମଣକାରୀର ପୁସ୍ତକ ।

Handbreadth, *n.* ଚାରି ଅଙ୍ଗୁଳି ପରିମାଣ, ଚାରି ଅଙ୍ଗୁଳ ପରିମାଣ ।

Hand-cart, *n.* ହାତଟଣା ଗାଡି, ହାତଠେଲା ଗାଡି ।

Handcuff, *n.* ହାତକଡି, ହାତବେଡି ।—*v.t.* ହାତ-କଡି-ଦେ ।

Handed, *a.* ହସ୍ତବିଶିଷ୍ଟ, used especially in compounds.—Empty-handed, ଶୂନ୍ୟ ହସ୍ତ-ବିଶିଷ୍ଟ, ଶୂନ୍ୟହସ୍ତ, ରିକ୍ତହସ୍ତ ।

Hand-footed, *a.* ହାତ ପରି ପାଦବିଶିଷ୍ଟ ।

Handful, *n.* 1. ମୁଠାଏ, ଏକମୁଠା ; 2. ଅଳ୍ପ, ଅଳ୍ପ ସଂଖ୍ୟା ; 3. କଷ୍ଟକର ବିଷୟ ।

Hand-gallop, *n.* ଲଘୁ ଦ୍ରୁତଗତି, ସହଜ ଚୁଲ୍କି ।

Hand-glass, *n.* 1. ଚିତ୍ରପାଠ ନିମନ୍ତେ କାଚଯୋଡଣୀ ; 2. ହସ୍ତଦର୍ପଣ ; 3. ପଢିବା ନିମନ୍ତେ କାଚ ।

Handgrip, *n.* 1. ବେଣ୍ଟ, ମୁଠା ; 2. ହାତାହାତି ଲଢାଇ ।

Handicap, *n.* 1. ଦୌଡ ବା ଖେଳାରେ ଜିତିବା ପାଇଁ ପ୍ରତିଯୋଗିମାନଙ୍କର ସମାନ ସୁବିଧାଜନକ ନିୟମ ; 2. ସମାନ ସୁବିଧାଜନକ ନିୟମରେ ଅବଦ୍ଧ ଦୌଡ ବା ଖେଳ । —*v.t.* 1. ସମାନ ସୁବିଧାଜନକ ନିୟମରେ ଅବଦ୍ଧ-କ : 2. କଷ୍ଟରେ ପକାଇବା, ବାଧା-ଦେ ।

Handicraft, *n.* 1. ହାତପରିଶ୍ରମୀ କାରିଗରର ପରି-ଶ୍ରମ ଓ ନିପୁଣତା, ହାତକାମ ; 2. ହସ୍ତବ୍ୟବସାୟ, କାରିଗରୀ ।

Handicraftsman, *n.* ହାତକାମରେ ପଟୁ ଲୋକ, ଶିଳ୍ପୀ, କାରିଗର ।

Handily, *ad.* 1. ଦକ୍ଷରୂପେ ; 2. ହାତପାଖେ, ସୁବି-ଧାରେ ।

Handiness, *a.* 1. ଦକ୍ଷତା, ହସ୍ତନୈପୁଣ୍ୟ ; 2. ସୁବିଧା, ଉପଯୋଗିତା ।

Handiwork, *n.* ହାତକାମ, ହସ୍ତକୃତ କାମ, କାରିଗରି ।

Handkerchief, *n.* ମୁଖମାର୍ଜନୀ, ରୁମାଲ୍ ।

**Handle**, *v.t.* 1. ହାତରେ ଛୁଇଁବା, ହସ୍ତରେ ସ୍ପର୍ଶ-କ, ହାତ-ଦେ, ଛୁଇଁବା, ହାତରେ ଧରିବା, ଧରିବା; 2. ଚଳାଇବା; 3. ବ୍ୟବହାର-କ; 4. ଆଲୋଚନା-କ, ହସ୍ତକ୍ଷେପ-କ, ବ୍ୟାଖ୍ୟା-କ; 5. ହାତବଶ-କି, ଦମନ-କ; 6. ବେପାର-କ, ବ୍ୟବସାୟ-କ ।—*n.* 1. ବେଣ୍ଟ, ମୁଠା; 2. ଉପାୟ ।—To give a handle, ସୁଯୋଗ ଦେ । A handle to one's name, (Colloquial), ଉପାଧି ।

**Handmaid, Handmaiden**, *n.* ଦାସୀ, ଚାକରାଣୀ, ପରିଚାରିକା ।

**Hand-mill**, *n.* ହାତଚକି, ଚକି ।

**Handrail**, *n.* ପାହାଚର ଗଳ ଉପରେ ଥିବା ହାତଧରା କାଠ, ହାତଧରା କାଠ ।

**Hand-saw**, *n.* ହାତକରତ, କ୍ଷୁଦ୍ର କରତ ।

**Hand-screw**, *n.* ଭାରି ପଦାର୍ଥ ଉଠାଇବା ପେଚଯୁକ୍ତ [କଳ ।

**Handsel**, *n.* 1. ପ୍ରଥମ ବିକ୍ରିର ଟଙ୍କା, ବଉନି, ପ୍ରଥମ ବ୍ୟବହାର; 2. ବଇନା ।—*v.t.* ବଉନି-କ, ପ୍ରଥମ ବ୍ୟବହାର-କ ।

**Handsome**, *a.* 1. ସୁରୂପ, ସୁଶ୍ରୀ, ରୂପବାନ୍, ରୂପବତୀ; 2. ଯଥେଷ୍ଟ, ପ୍ରଚୁର, ବଡ, ବିପୁଳ; 3. ବଦାନ୍ୟ, ଉଦାର ।

**Handsomely**, *ad.* 1. ସୁଶ୍ରୀରୂପେ, ସୁନ୍ଦରରୂପେ, ଉତ୍ତମରୂପେ, ପରିପାଟୀରୂପେ; 2. ଯଥେଷ୍ଟରୂପେ, ବହୁଳରୂପେ; 3. ଦାନଶୀଳଭାବେ, ବଦାନ୍ୟଭାବେ ।

**Handsomeness**, *n.* 1. ସୁରୂପତା, ସୁଶ୍ରୀକତା, ଲାବଣ୍ୟ, ପରିପାଟୀତା; 2. ଯଥେଷ୍ଟତା, ବାହୁଲ୍ୟ; 3. ଦାନଶୀଳତା, ବଦାନ୍ୟତା ।

**Handspike**, *n.* କାଠର ଲିଭର ବିଶେଷ ।

**Handwriting**, *n.* 1. ହାତଲେଖା, ହସ୍ତାକ୍ଷର, ହସ୍ତଲିପି; 2. ଲେଖା ।

**Handy**, *a.* 1. ଲଘୁହସ୍ତ, ଦକ୍ଷ, ତତ୍ପର, ପଟୁ; 2. ସୁବିଧାଜନକ, ନିକଟ ।

**Hang**, *v.t.* 1. ଟଙ୍ଗାଇବା, ଲଟକାଇବା, often with *up*; 2. ଫାଶି-ଦେ; 3. ଝୁଲାଇବା; 4. ସୁଶୋଭିତ-କ, ସୁସଜ୍ଜିତ-କ; 5. ନୁଆଁଇବା, ନତ-କ ।—To hang out, ବାହାରେ ଟଙ୍ଗାଇବା, ପ୍ରକାଶ-କ । To hang up, ଅମୀମାଂସିତ ଅବସ୍ଥାରେ ରଖିବା, ସ୍ଥଗିତ ରଖିବା ।—*v.i.* 1. ଟଙ୍ଗା-ହେ; 2. ଝୁଲିବା; 3. ଲମ୍ବମାନ-ହେ, ଲଟକିବା; 4. ଲାଗି ଥିବା; 5. ସନ୍ଦିଗ୍ଧାବସ୍ଥାରେ ଥିବା, ଅନିଶ୍ଚିତାବସ୍ଥାରେ ଥିବା; 6. ଝୁଙ୍କିପଡିବା; 7. ଫାଶି ପାଇବା ।—To hang back, ଅଗ୍ରସର ହେବାକୁ ବିଳମ୍ବ-କ, ପଛକୁ ହଟିବାକୁ ଉନ୍ମୁଖ-ହେ, ଅନିଚ୍ଛାରେ ଅଗ୍ରସର-ହେ । To hang fire, ବିଳମ୍ବରେ ଫୁଟିବା, (said of a gun); 2. ବିଳମ୍ବରେ କାର୍ଯ୍ୟକାରୀ-ହେ । To hang on or upon, 1 ସଂଲଗ୍ନ ଥିବା; 2. ନିର୍ଭର-କ; 3. ମନୋଯୋଗ-କ, ମୁଗ୍ଧ-ହେ । To hang out, (slang), ବସା-କ । To hang together, 1. ଏକତ୍ରିତ-ହେ, ଏକାଠି ଲାଗି ଥିବା; 2. ସଙ୍ଗତ-ହେ ।—*n.* ଢାଞ୍ଚା, ଝୁଲିବା ଢଙ୍ଗ ।

**Hang-dog**, *n.* ପାଜି ଲୋକ, ଅଧମ ଲୋକ ।—*a.* ପାଜି

**Hanger**, *n.* 1. ଯାହା ଦ୍ଵାରା ଦ୍ରବ୍ୟ ଟଙ୍ଗା ଯାଏ; 2. ଟଙ୍ଗାଇବା ଲୋକ; 3. ଯେ ଫାଶି ଦିଏ; 4. କ୍ଷୁଦ୍ର ତରବାରି ।

**Hanger-on**, *n.* (*pl.* Hangers-on), ପରାଶ୍ରିତ ଲୋକ, ଅନୁଗତ ଲୋକ, ପାଦସେବକ ।

**Hanging**, *n.* 1. ଫାଶି; 2. *pl.* ପର୍ଦ୍ଦା, ଯବନିକା, ଝାଲର ।

**Hangman**, *n.* ଫାଶିଆର, ଘାତକ ।

**Hank**, *n.* ସୂତାର ଲଟେଇ, ସୂତାର ପୋଲ ।—*v.t.* ଲଟେଇ-କ ।

**Hanker**, *v.i.* followed by *after*, ଅତ୍ୟନ୍ତ ବାଞ୍ଛା-କ, ଲାଳସା-କ, ଲୋଭ-କ, ଅତି ଆକାଂକ୍ଷା-କ, (as a pregnant woman), ସାଧ-କ ।

**Hansom, Hansom-cab**, *n.* ଦୁଇ ଚକିଆ ଗାଡି ବିଶେଷ ।

**Hap**, *n.* ଭାଗ୍ୟ, କପାଳ, ଦୈବଯୋଗ ।—*v.i.* ଘଟିବା, ଭାଗ୍ୟରେ ପଡିବା ।

**Hap-hazard**, *n.* ଦୈବଘଟନା, ଆକସ୍ମିକ ଘଟନା ।

**Hapless**, *a.* ଅଭାଗା, ହତଭାଗ୍ୟ, ଦୁର୍ଭାଗା, ଅଭାଗ୍ୟବନ୍ତ ।

**Haplessly**, *ad.* ଅଭାଗାରୂପେ, ଦୁର୍ଭାଗାରୂପେ ।

**Haply**, *ad.* 1. ଦୈବାତ୍, ଘଟନାକ୍ରମେ; 2. କେଜାଣି, ହୋଇ ପାରେ ।

**Happen**, *v.i.* 1. ଦୈବଯୋଗରେ ହେବା, ଅକସ୍ମାତ୍ ହେବା; 2. ଘଟିବା ।

**Happily**, *ad.* 1. ଭାଗ୍ୟକ୍ରମେ, ସୌଭାଗ୍ୟକ୍ରମେ; 2. ସୁଖକରଭାବେ, ଆନନ୍ଦଦାୟକରୂପେ; 3. ଉପଯୁକ୍ତଭାବେ ।

**Happiness**, *n.* 1. ସୁଖଦଶା, ସୁଖ, ଆନନ୍ଦ; 2. ସୌଭାଗ୍ୟ, ମଙ୍ଗଳ ।

**Happy**, *a.* 1. ସୁଖୀ, ସୁଖଭୋଗୀ, ତୁଷ୍ଟ, ଆନନ୍ଦିତ; 2. ସୁଖକର, ଆନନ୍ଦଜନକ, ଅନୁକୂଳ; 3. ଭାଗ୍ୟବାନ୍, ଭାଗ୍ୟଶାଳୀ; 4. ଉପଯୁକ୍ତ, ସାମୟିକ, ସଙ୍ଗତ ।

**Harangue**, *n.* ବାଗାଡମ୍ବରବିଶିଷ୍ଟ ବକ୍ତୃତା, ଲମ୍ବା ବକ୍ତୃତା, ସାଲଙ୍କାର ବକ୍ତୃତା ।—*v.i.* ବାଗାଡମ୍ବରବିଶିଷ୍ଟ ବକ୍ତୃତା-କ, ସାଲଙ୍କାର ବକ୍ତୃତା-କ ।—*v.t.* ଲମ୍ବା ବକ୍ତୃତାରେ ସମ୍ବୋଧନ-କ, ସମ୍ଭାଷଣ-କ ।

**Harass**, *v.t.* 1. ବିରକ୍ତ-କ, କ୍ଳାନ୍ତ-କ, କଷ୍ଟ-ଦେ, କ୍ଲେଶ-ଦେ; ବାରମ୍ବାର ଆକ୍ରମଣ ଦ୍ଵାରା କଷ୍ଟ-ଦେ, ବ୍ୟତିବ୍ୟସ୍ତ-କ ।

**Harassing**, *p.a.* କ୍ଳାନ୍ତିଜନକ, କ୍ଲେଶକର, ବିରକ୍ତିକର, ବ୍ୟସ୍ତକାରୀ ।

**Harassment**, *n.* 1. ବିରକ୍ତକରଣ, ବ୍ୟସ୍ତକରଣ; 2. କ୍ଳାନ୍ତାବସ୍ଥା, କ୍ଲିଷ୍ଟାବସ୍ଥା ।

**Harbinger**, *n.* 1. ଆଗେ ଯାଇ ବସା ଆଦି ଯୋଗାଇବା ଲୋକ; 2. ଅଗ୍ରଗାମୀ ଦୂତ, ଅଗ୍ରଦୂତ, ଅଗ୍ରଗାମୀ ।—*v.t.* ପୂର୍ବରୁ ଜ୍ଞାପନ-କ, ଆଗେ ଜଣାଇବା ।

**Harbour, Harbor**, *n.* 1. ଆଶ୍ରୟସ୍ଥାନ, ଆଶ୍ରୟ; 2. ବନ୍ଦର ।—*v.t.* 1. ଆଶ୍ରୟ-ଦେ, ରକ୍ଷା-କ; 2. ପୋଷଣ-କ, ମନରେ ରଖିବା ।—*v.i.* 1. ଆଶ୍ରୟ-ନେ, ବାସ-କ; 2. ଆଶ୍ରୟ ପାଇବା ।

**Harbourage**, *n.* ଆଶ୍ରିତାବସ୍ଥା, ଆଶ୍ରୟ ବାସ ।

**Harbourless**, *a.* 1. ବନ୍ଦରରହିତ ; 2. ନିରାଶ୍ରୟ ।

**Harbour-master**, *n.* ବନ୍ଦରାଧ୍ୟକ୍ଷ ।

**Hard**, *a.* 1. ଟାଣ, ଶକ୍ତ, କଠିନ; 2. ଘନ ; 3. ଦୁର୍ବୋଧ୍ୟ, ଦୁର୍ଜ୍ଞେୟ, କଷ୍ଟକର, ଦୁଷ୍କର, ଦୁଃସାଧ୍ୟ, ଦୁର୍ବହ; 4. କ୍ଲେଶକର, କ୍ଲାନ୍ତିଜନକ; 5. ନିର୍ଦ୍ଦୟ, କଠୋର, ଦାରୁଣ, ନିଷ୍ଠୁର, କ୍ରୂର ; 6. ବିରକ୍ତିକାରୀ, ଅସନ୍ତୋଷଜନକ ; 7. ଘୋର, ପ୍ରଚଣ୍ଡ, ତୀବ୍ର ; 8. ଖଟା, ଅମ୍ଳ ; 9. ଅସ୍ୱାଭାବିକ, କୃତ୍ରିମ ; 10. କୃପଣ, ଲୋଭୀ; 11. ଅରୁଚିକର, ମୋଟା, ଅପ୍ରଚୁର ; 12. କଣ୍ଠ୍ୟ ; 13. ଚୂନପଥରମୟ, ଖରା (ପାଣି) ।—*ad.* 1. ନିକଟରେ, ପ୍ରାୟ, often with *after*, *by* or *upon* ; 2. ଯତ୍ନପୂର୍ବକ, ଉଦ୍ୟମରେ, ବଳରେ, ଉତ୍ସାହରେ ; 3. କଷ୍ଟରେ ; 4. କ୍ଲେଶକରଭାବେ ; 5. ଦୃଢରୂପେ; 6. ପ୍ରଚଣ୍ଡରୂପେ, ବହୁଳରୂପେ, ପ୍ରବଳରୂପେ ।

**Hard-earned**, *a.* କଷ୍ଟୋପାର୍ଜିତ, ଶ୍ରମ ଦ୍ୱାରା ଲବ୍ଧ ।

**Harden**, *v.t.* 1. ଶକ୍ତ-କ, ଟାଣ-କ, ଦୃଢ-କ; 2. କଠିନ-କ ।—*v.i.* 1. ଶକ୍ତ-ହେ, ଟାଣ-ହେ, ଦୃଢ-ହେ; 2. ଘନ-ହେ ; 3. କଠିନ-ହେ, ନିର୍ଦ୍ଦୟ-ହେ ।

**Hardened**, *p.a.* 1. ଟାଣକର, ଶକ୍ତକୃତ ; 2. କଠିନୀକୃତ, ନିର୍ଦ୍ଦୟ, ଥେଣ୍ଡା । [ବଦନ, ଦୁର୍ମୁଖ ।

**Hard-favoured, Hard-featured**, *a.* କଠୋର-

**Hard-fisted**, *a.* କୃପଣ, କାଙ୍ଗି ।

**Hard-fought**, *a.* ବଳପୂର୍ବକ ଲଢିଥିବା (ଯୁଦ୍ଧ), ଗୁମୁଲ ।

**Hard-headed**, *a.* ତୀକ୍ଷ୍ଣବୁଦ୍ଧିବିଶିଷ୍ଟ, ଚଳାକ, ବୁଦ୍ଧିମାନ୍ ।

**Hard-hearted**, *a.* କଠିନହୃଦୟ, କ୍ରୂର, ନିର୍ଦ୍ଦୟ, ନିଷ୍ଠୁର ।

**Hardihood**, *n.* 1. ଶରୀରଦୃଢତା ; 2. ସାହସିକତା, ସାହସ ; 3. ଦୁଃସାହସିକତା, ଦୁଃସାହସ, ନିର୍ଲ୍ଲଜ୍ଜତା, ଧୃଷ୍ଟତା । [ରୂପେ ।

**Hardily**, *ad.* ସାହସିକରୂପେ, ସହିଷ୍ଣୁରୂପେ, ଦୃଢ-

**Hardiness**, *n.* 1. ଦେହକାଠିନ୍ୟ ; 2. ସାହସିକତା, ସହିଷ୍ଣୁତା, ଦୃଢତା ।

**Hardish**, *a.* ଅଳ୍ପ ଟାଣ ।

**Hardly**, *ad.* 1. କଷ୍ଟରେ ; 2. କଠୋରଭାବେ ; 3. ପ୍ରାୟ ନୁହେଁ ; 4. ନୁହେଁ ; 5. ସମ୍ଭବ ନୁହେଁ ।

**Hard-mouthed**, *a.* ଅବାଧ୍ୟ, ଅବଶ, ଉଚ୍ଛୃଙ୍ଖଳ, ଉଦ୍ଦାମ ।

**Hardness**, *n.* 1. ଶକ୍ତତା, ଦୃଢତା, କାଠିନ୍ୟ; 2. ଘନତା ; 3. କଷ୍ଟ, ଦୁଷ୍କରତା, ଦୁଃସାଧ୍ୟତା, ଦୁର୍ବହତା ; 4. କ୍ଲେଶକରତା, କ୍ଲାନ୍ତିଜନକତା ; 5. ନିର୍ଦ୍ଦୟତା, କଠୋରତା, ନିଷ୍ଠୁରତା, କ୍ରୂରତା ; 6. ତୀବ୍ରତା, ପ୍ରଚଣ୍ଡତା ; 7. ଅସ୍ୱାଭାବିକତା, କୃତ୍ରିମତା ; 8. କୃପଣତା ; 9. ଅରୁଚିକରତା, ଅମ୍ଳତା; 10. କଣ୍ଠ୍ୟ ଉଚ୍ଚାରଣ ; 11. ଚୂନପଥରମୟତା ; 12. ଅବାଧ୍ୟତା, ଅବଶତା ।

**Hardship**, *n.* 1. ଦୁର୍ବହ ବିଷୟ, କଷ୍ଟ, କ୍ଲେଶ, ଦୁରବସ୍ଥା, ଦୁର୍ଦ୍ଦଶା ; 2. ଅତ୍ୟାଚାର, ଅବିଚାର, ଅନ୍ୟାୟ ।

**Hardware**, *n.* ଲୌହ ପାତ୍ରାଦି, ଲୌହାଦି ନିର୍ମିତ ଦ୍ରବ୍ୟ ।

**Hard-won**, *a.* କଷ୍ଟରେ ଲବ୍ଧ, ଅତି ପରିଶ୍ରମରେ ଲବ୍ଧ ।

**Hardy**, *a.* 1. ସାହସୀ, ନିର୍ଭୀକ; 2. ଦୁଃସାହସୀ; 3. ସବଳ, ଦୃଢକାୟ; 4. ବଳିଷ୍ଠ; 5. ବଲୋତ୍ପାଦକ, ସାହସଜନକ ।

**Hare**, *n.* ଠେକୁଆ, ଶଶକ, ଶଶା, ଖରଗୋଶ ।

**Hare-brained**, *a.* ଚଞ୍ଚଳ, ଅସ୍ଥିରମନା, ଅବିବେକୀ ।

**Hare-lip**, *n.* ଛଡ଼ଣଖଣ୍ଡିଆ, ଛିନ୍ନୋଷ୍ଠ ।

**Harem**, *n.* 1. ମୁସଲମାନ ପରିବାରରେ ସ୍ତ୍ରୀଲୋକମାନଙ୍କର ଅନ୍ତଃପୁର, ଅନ୍ଦରମହଲ, ହାରେମ; 2. ମୁସଲମାନର ଜନାନା ।

**Hark**, *v.i.* ଶୁଣିବା, କାନ-ଦେ ।

**Harlequin**, *n.* ଭେଲ୍କି, ଦଣ୍ଡଧାରୀ ମୁଖା ଓ ଚିତ୍ରବିଚିତ୍ର ଲୁଗା ପିନ୍ଧା ଭଣ୍ଡ, ସୁରଙ୍ଗ, ମସ୍କରା ।

**Harlot**, *n.* ବେଶ୍ୟା, ଦାସୀ, କସବୀ, ବାରାଙ୍ଗନା, ଗଣିକା ।

**Harlotry**, *n.* ବେଶ୍ୟାବୃତ୍ତି ।

**Harm**, *n.* 1. କ୍ଷତି, ହାନି, ଅପକାର, ଅନିଷ୍ଟ ; 2. ଦୋଷ, ପାପ ।—*v.t.* କ୍ଷତି-କ, ହାନି-କ, ଅପକାର-କ ।

**Harmful**, *a.* କ୍ଷତିକର, ହାନିକାରକ, ଅନିଷ୍ଟକର, ଅପକାରକ । [ହାନିପୂର୍ବକ ।

**Harmfully**, *ad.* କ୍ଷତିକରରୂପେ, ଅନିଷ୍ଟକରରୂପେ,

**Harmfulness**, *n.* କ୍ଷତିଜନକତା, ଅପକାରିତା ।

**Harmless**, *a.* 1. ଅକ୍ଷତିକର, ଅନପକାରୀ, ଅହିଂସକ ; 2. ଅକ୍ଷତ ।

**Harmlessly**, *ad.* 1. ଅକ୍ଷତିକରରୂପେ, ଅନପକାରୀରୂପେ; 2. ଅକ୍ଷତରୂପେ । [ଅହିଂସକତା ।

**Harmlessness**, *n.* ଅନପକାରକତା, ଅନପକାର,

**Harmonic Harmonical**, *a.* 1. ସ୍ୱରମେଳସମ୍ବନ୍ଧୀୟ, ସମତାଳ ଯୁକ୍ତ, ସମତାଳିକ; 2. ସୁସ୍ୱରବିଶିଷ୍ଟ; 3. ମେଳକ ।—*n.* ଉପ ସ୍ୱର ।

**Harmonically**, *ad.* ସମତାଳରେ, ସ୍ୱରମେଳ ରୀତିରେ ।

**Harmonics**, *n.* ସ୍ୱରମେଳ ବିଦ୍ୟା, ସମତାଳିକ ଶାସ୍ତ୍ର ।

**Harmonious**, *a.* 1. ସୁମେଳକ, ସଙ୍ଗତ; 2. ସୁସ୍ୱରବିଶିଷ୍ଟ, ସମତାଳକ ; 3. ଅନୈକ୍ୟରହିତ, ଅମିଳନରହିତ ।

**Harmoniously**, *ad.* 1. ସୁମେଳକରୂପେ, ସଙ୍ଗତଭାବେ; 2. ସୁସ୍ୱରରେ, ସମତାଳିକରୂପେ; 3. ଏକତାରେ, ଅବିରୋଧଭାବେ, ମିଳନରେ ।

**Harmoniousness**, *n.* 1. ସଙ୍ଗତା, ମେଳ, ଐକ୍ୟ ; 2. ସୁସ୍ୱରବିଶିଷ୍ଟତା; 3. ମିଳନ, ଶାନ୍ତି ।

**Harmonist**, *n.* ସମତାଳିକ ଶାସ୍ତ୍ରଜ୍ଞ ବାଦ୍ୟକର, ସ୍ୱରବିଦ୍ୟାବିତ୍, ସୁସ୍ୱର ରଚୟିତା ।

**Harmonium**, *n.* ଅନେକ ଧାତୁଜିହ୍ୱା ଥିବା ଯନ୍ତ୍ର ଦ୍ୱାରା ବାୟୁଚାଳିତ ବାଦ୍ୟଯନ୍ତ୍ର ବିଶେଷ ।

**Harmonize**, *v.i.* 1. ସମତାଳ-ହେ, ଏକତାନ-ହେ; 2. ମିଳିବା, ସଙ୍ଗତ-ହେ, ଐକ୍ୟ-ହେ ।—*v.t.* 1. ମିଳାଇବା ; 2. ସମତାଳ-କ, ସୁଶ୍ରାବ୍ୟ-କ, ସ୍ୱର ମିଳାଇବା ।

**Harmony**, *n.* 1. ମେଳ ; 2. ସ୍ୱରର ମେଳ, ସମତାଳ, ବାଦ୍ୟର ମେଳ ; 3. ସମତାଳବିଷୟକ ବିଦ୍ୟା ; 4. ଐକ୍ୟ, ଏକତା, ମିଳନ, ଶାନ୍ତି; 5. ଘଟନା ମତ ଭାବ ଆଦି ଅଂଶରେ ଏକତା ବା ମେଳ ; 6. ସମ୍ମିଳନ ଗ୍ରନ୍ଥ ।

**Harness**, *n.* 1. ସାଞ୍ଜୁଅ, କବଚ ; 2. ଘୋଡାର ସାଜ, ଅଶ୍ୱସଜ୍ଜା ।—*v.t.* 1. ସାଞ୍ଜୁଅ ପିନ୍ଧାଇବା ; 2. ସାଜ ପିନ୍ଧାଇବା ।

**Harp**, *n.* ବୀଣା, ସାରଙ୍ଗୀ ।—*v.i.* 1. ବୀଣା ବଜାଇବା, ବୀଣାବାଦ୍ୟ-କ ; 2. ପୁନଃ୨ କହିବା, ପୁନଃ ଲେଖିବା, ଅନନ୍ୟ ଚିନ୍ତା-କ, with *on* or *upon*.

**Harper, Harpist**, *n.* ବୀଣାବାଦକ ।

**Harpoon**, *n.* ତିମିମତ୍ସ୍ୟାଦି ମାରିବା ଅସ୍ତ୍ର, ଭେଣ୍ଡା ।—*v.t.* ଭେଣ୍ଡାରେ ମାରିବା ।

**Harpy**, *n.* 1. ସ୍ତ୍ରୀମୁଖବିଶିଷ୍ଟ କଳ୍ପିତ ପକ୍ଷୀ ବିଶେଷ ; 2. ପରଲୋଭୀ ଲୋକ, ଲୁଟିଅସ୍ତ ।

**Harridan**, *n.* କୁତ୍ସିତା ବୁଢୀ, କୋପନ୍ତୀ ସ୍ତ୍ରୀ, ବୃଦ୍ଧା [ବେଶ୍ୟା ।

**Harrier**, (1) *n.* ଠେକୁଆ ଶିକାରୀ କୁକ୍କୁର ।

**Harrier**, (2) *n.* ଶ୍ୟେନ ବିଶେଷ ।

**Harrow**, *n.* ଚାଷର ମଇ, ବିଦା ।—*v.t.* 1. ମଇ-ଦେ, ବିଦା-ଦେ ; 2. ବିଦାରିବା, ବିଦୀର୍ଣ୍ଣ-କ, ପୀଡା-ଦେ ।

**Harrowing**, *a.* ବିଦାରକ, ପୀଡାଦାୟକ, ଯନ୍ତ୍ରଣାଦାୟକ ।

**Harry**, *v.t.* ଲୁଟ-କ, ଉଜାଡ-କ ।

**Harsh**, *a.* 1. କର୍କଶ, ରଗଡା, କଷା, କଟୁ ; 2. ଉଗ୍ର, କଠୋର, ରୁକ୍ଷ ; 3. ତୀବ୍ର ।

**Harshly**, *ad.* 1. କର୍କଶଭାବେ, କଟୁଭାବେ ; 2. ଉଗ୍ରଭାବେ; କଠୋରଭାବେ, ରୁକ୍ଷଭାବେ ।

**Harshness**, *n.* 1. କର୍କଶତା, କଷାପଣ, କଟୁତା ; 2. ଉଗ୍ରତା, କଠୋରତା, ରୁକ୍ଷତା ।

**Hart**, *n.* ହରିଣ, ମୃଗ, କୁରଙ୍ଗ ।

**Hart's-horn**, *n.* ହରିଣ ଶୃଙ୍ଗରୁ ପ୍ରସ୍ତୁତ ଔଷଧ ବିଶେଷ ।

**Harum-scarum**, *a.* ଚଞ୍ଚଳ, ଅସ୍ଥିରମନା, ଅବିବେକ ।

**Harvest**, *n.* 1. ଫସଲ କାଟିବା ସମୟ, ଶସ୍ୟସଂଗ୍ରହକାଳ ; 2. ଫସଲ, ଶସ୍ୟ ; 3. ଫଳ, ଲାଭ ।—*v.t.* କାଟିବା, ସଂଗ୍ରହ-କ, ସଞ୍ଚୟ-କ ।

**Harvest-home**, *n.* 1. ଶସ୍ୟସଂଗ୍ରହ ; 2. ଫସଲ କାଟିବା ସମୟର ଉତ୍ସବ ; 3. ଶସ୍ୟସଂଗ୍ରହକାଳୀନ ଗୀତ ।

**Hash**, *v.t.* ଖଣ୍ଡଖଣ୍ଡ-କ, କୁଟିକୁଟା-କ ।—*n.* 1. ଖଣ୍ଡଖଣ୍ଡ କରି ପୁନର୍ବାର ରନ୍ଧା ମାଂସ ; 2. ମିଶ୍ରଣ, ପୁରାତନ ବିଷୟରୁ ପ୍ରସ୍ତୁତ ମିଶ୍ରଣ ।

**Hashish**, *n.* ଭାଙ୍ଗ, ଗଞ୍ଜେଇ ।

**Hasp**, *n.* ଅଲ୍‌ଖାପ, ଖିଲ ପରିର ଅଙ୍କୁଶ ।—*v.t.* ଅଲ୍‌ଖାପ ଦ୍ୱାରା ବନ୍ଦ-କ ।

**Hassock**, *n.* ଆଣ୍ଠୁ ପାତିବା ଆସନ ବା ଗଦି ।

**Haste**, *n.* 1. ଶୀଘ୍ରଗତି, ଶୀଘ୍ରତା, କ୍ଷିପ୍ରତା, ବେଗ, ତ୍ୱରା ; 2. ହଡବଡ ; 3. ବ୍ୟଗ୍ରତା, ଆଗ୍ରହ ।—*v.t.* (also Hasten), ଶୀଘ୍ର-କ, ତ୍ୱରା-କ ।—*v.i.* ଶୀଘ୍ରଗାମୀ-ହୋ, ଶୀଘ୍ର ଯିବା, ଶୀଘ୍ର ଆସିବା, ଶୀଘ୍ର-କ ।

**Hastily**, *ad.* 1. ଶୀଘ୍ର, ବେଗେ, ତ୍ୱରିତ, ଅବିଳମ୍ବେ ; 2. ଅବିବେଚନା ପୂର୍ବକ, ହଡବଡରେ, ଉଗ୍ରଭାବେ ।

**Hastiness**, *n.* 1. ଶୀଘ୍ରତା, କ୍ଷିପ୍ରତା ; 2. ଅବିବେଚନା, ଅବିମୃଷ୍ୟକାରିତା ।

**Hasty**, *a.* 1. ସତ୍ୱର, ତ୍ୱରିତ, ଦ୍ରୁତ, କ୍ଷିପ୍ର ; 2. ଅବିବେକୀ, ଅବିମୃଷ୍ୟକାରୀ, ଅସାବଧାନ, ଅବିବେଚିତ ; 3. ରାଗୀ, ଶୀଘ୍ରକୋପୀ ।

**Hat**, *n.* ଟୋପୀ ।

**Hatable**, *a.* ଘୃଣାଯୋଗ୍ୟ ।

**Hatch**, (1) *v.t.* 1. ଡିମ୍ବୋପରେ ବସି ଜନ୍ମାଇବା, ତାପ ଦ୍ୱାରା ଡିମ୍ବ ଫୁଟାଇ ଜନ୍ମାଇବା ; 2. ଉଦ୍ଭାବନ-କ, କଳ୍ପନା-କ ।—*v.i.* ଡିମ୍ବ ଫୁଟାଇବା, ଛୁଆ ଜନ୍ମାଇବା, ଡିମ୍ବରୁ ବାହାରିବା ।—*n.* 1. ଏକଥରେ ଯେତେ ଛୁଆ ହୁଏ, ଛୁଆପଲ ; 2. ଡିମ୍ବ ଫୁଟିବା ।

**Hatch**, (2) *n.* 1. ଜାହାଜ ମେଲଅ ଦ୍ୱାରର ଉପରସ୍ଥ କାଠଖଣ୍ଡ, ଜାହାଜ ମେଲଅର ଦ୍ୱାର ; 2. ଗୋଦାମଘର ଆଦିର ଚଟାଣରେ ଥିବା ଦ୍ୱାର ; 3. ଚଟାଣରେ ଥିବା ଖୋଲା କବାଟ, ଅଧା କବାଟ ।

**Hatchet**, *n.* ସାନ କୁହ୍ରାଡି, କ୍ଷୁଦ୍ର କୁଠାର ।

**Hatchment**, *n.* ପ୍ରକାଶ୍ୟ ସ୍ଥାନରେ ରଖାଯିବା ମୃତ ଲୋକର କୁଳଚିହ୍ନ ।

**Hatchway**, *n.* ଜାହାଜ ମେଲଅର ଦ୍ୱାର ।

**Hate** *v.t.* 1. ଅତି ଅପ୍ରିୟ-କ, ଘୃଣା-କ ; 2. ଅନିଚ୍ଛା-କ, with a clause or an infinitive as object. —*n.* ଅତି ଅପ୍ରିୟ, ଘୃଣା ।

**Hateful**, *a.* 1. ଘୃଣାଜନକ, ଘୃଣାଉତ୍ପାଦକ, ଘୃଣ୍ୟ, ଘୃଣାଯୋଗ୍ୟ, ଘୃଣାର୍ହ ; 2. ଘୃଣାପ୍ରକାଶକ, ଦ୍ୱେଷପୂର୍ଣ୍ଣ ।

**Hatefully**, *ad.* 1. ଘୃଣ୍ୟଭାବେ, ଘୃଣାଯୋଗ୍ୟରୂପେ 2. ଦ୍ୱେଷପୂର୍ଣ୍ଣଭାବେ, ଘୃଣାପୂର୍ବକ ।

**Hatefulness**, *n.* ଘୃଣ୍ୟତା, ଘୃଣାଯୋଗ୍ୟତା ।

**Hatred**, *n.* ଅତିଅପ୍ରିୟ, ଘୃଣା, ଶତ୍ରୁତା, ଈର୍ଷା, ଦ୍ୱେଷ ।

**Hatter**, *n.* 1. ଟୋପୀ ବନାଇବା ବା ବିକିବା ଲୋକ ; 2. ଆକରରେ ଏକାକୀ କାର୍ଯ୍ୟ କରିବା ଲୋକ ।

**Haughtily**, *ad.* ଅହଙ୍କାରଭାବେ, ଗର୍ବିତଭାବେ, ଅହଙ୍କାରପୂର୍ବକ ।

**Haughtiness**, *n.* ଅହଙ୍କାର, ଗର୍ବ, ଅଭିମାନ ।

**Haughty**, *a.* 1. ଅହଙ୍କାରୀ ଓ ତୁଚ୍ଛଜ୍ଞାନକାରୀ, ଅହଙ୍କାରୀ, ଗର୍ବୀ ; 2. ଅହଙ୍କାରରୁ ଜାତ, ଗର୍ବରୁ ଜାତ, ଗର୍ବପ୍ରକାଶକ ।

**Haul**, *v.t.* 1. ବଳରେ ଟାଣିବା, ଓଟାରିବା ; 2. ଟାଣି ବହିନେବା ।—*n.* 1. ଟଣା, ଓଟର ; 2. ଜାଲରେ ଧରା ଏକ କ୍ଷେପ ମାଛ ; 3. ହାତରେ ପଡିଥିବା ଦ୍ରବ୍ୟ ।

**Haulage**, *n.* 1. ଟଣା ; 2. ଓଟାରିବା ଭଡା ।

**Haulm, Haum**, *n.* ଶୁଷ୍କଘାସଡେମ୍ପ, ଡେମ୍ପ ।

**Haunch**, *n.* ଜଙ୍ଘ ଓ ପିଚା, ନିତମ୍ବ, ପିଚା ।

**Haunt**, *v.t.* 1. ବାରମ୍ବାର ସାକ୍ଷାତ-କ, ପୁନଃ ପୁନଃ ଗତାୟାତ-କ ; 2. ବାରମ୍ବାର ମନରେ ପଡି ଦୁଃଖ-ଦେ ; 3. ଭୂତ ପରି ଦେଖା-ଦେ ।—*v.i.* ବାରମ୍ବାର ଉପସ୍ଥିତ-ହୋ ।—*n.* ପୁନଃପୁନଃ ଗତାୟାତର ସ୍ଥାନ, ସାଧାରଣ ବାସସ୍ଥାନ, ବସା ।

**Haunted**, *p.a.* ଭୂତାଶ୍ରିତ ।

Hautboy, Hautbois, *n. ho'boi*, (*pl.* Hautboys, Hautbois), ବଂଶୀ ବିଶେଷ ।

Hauteur, *n.* ଅହଙ୍କାର, ଗର୍ବ, ଉଦ୍ଧତ ସ୍ୱଭାବ ।

Have, *v.t.* may frequently be translated by the verb *to be* as, I have a house, ଆମର ଘର ଅଛି ; 1. ଅଧିକାର-କ ; 2. ପାଇବା, ଲାଭ-କ ; 3. ଭୋଗ-କ, ଅନୁଭବ-କ ; 4. ଧରିବା, ଧାରଣ-କ ; 5. ସମର୍ଥନ-କ ; 6. ବାଧ୍ୟ-ହେ ; 7. କରାଇବା, ପ୍ରସବ-କ ; 8. କହିବା ; 9. ବୁଝିବା ।—I had as lief or lieve, = I would as willingly, *e.g.* I had as lief go to prison as pay the fine, ଯେମନ୍ତ ଜରିମାନା ଦେବାକୁ ତେମନ୍ତ ବନ୍ଦିଶାଳାକୁ ଯିବାକୁ ପ୍ରସ୍ତୁତ ଅଛୁଁ । I had rather, = I should prefer ଆମ୍ଭେ ବରଂ ପସନ୍ଦ କରିବୁଁ । To have it out, 1. ନିଷ୍ପତ୍ତି-କ ; 2. ମନ ଖୋଲିକରି କହିବା, ମନ ଫିଟାଇ କହିବା । To have it out of a person, ପ୍ରତିଶୋଧ ନେବା । (*Have* is used as an auxiliary verb to form perfect and pluperfect tenses of both transitive and intransitive verbs).

Haven, *n.* 1. ବନ୍ଦର ; 2. ଆଶ୍ରୟ ସ୍ଥାନ ।

Haversack, *n.* ଯାତ୍ରା ସମୟରେ ସୈନ୍ୟର ଆହାରାଦି ରଖିବା ଥଳୀ ।

Having, *n.* ସମ୍ପତ୍ତି ।

Havock, Havoc, *n.* ବିନାଶ, ଉଚ୍ଛନ୍ନତା, ଧ୍ୱଂସ ।

Haw, (1) *n.* 1. ବାଡରେ ବ୍ୟବହୃତ କଣ୍ଟାବୁଦା ବିଶେଷ ; 2. ଉକ୍ତ ବୁଦାର କୋଳି ।

Haw, (2) *v.i.* ଅଟେଇ କହିବା ।—*n.* ଅଟେଇ କହିବା ସମୟରେ ଅନର୍ଥକ ଶବ୍ଦ ।

Hawk, (1) *n.* ଶ୍ୟେନ ।—*v.i.* 1. ପୋଷା ଶ୍ୟେନ ଦ୍ୱାରା ଶିକାର-କ ; 2. ଶ୍ୟେନ ପରି ଉଡିବା, ଉଡି ଉଡି ଶିକାର-କ । [ବାର ଚେଷ୍ଟା ।

Hawk, (2) *v.i.* ଗଳା ଖଙ୍କାରିବା ।—*n.* ଗଳା ଖଙ୍କାରି-

Hawk, (3) *v.t.* ବୁଲି ବିକିବା, ଫେରି-କ । [ବାଲା ।

Hawker, *n.* ଭ୍ରମଣକାରୀ ବିକେତା, ଫେରିବାଲା, କାବୁ-

Hawk-eyed, *a.* ତୀକ୍ଷ୍ଣଚକ୍ଷୁବିଶିଷ୍ଟ, ତୀକ୍ଷ୍ଣଦୃଷ୍ଟି, ଦୂରଦୃଷ୍ଟି ।

Hawking, *n.* ଶ୍ୟେନ ଦ୍ୱାରା ଶିକାର ।

Hawser, *n.* ଜାହାଜର ମୋଟା ଦଉଡି ।

Hawthorn, *n.* ବାଡରେ ବ୍ୟବହୃତ କଣ୍ଟାବୁଦା ବିଶେଷ ।

Hay, *n.* ଶୁଖିଲା ଘାସ, ଶୁଷ୍କତୃଣ ।—To make hay while the sun shines, ସୁଯୋଗ ଧରିବା ।

Haycock, *n.* ଶୁଖାଇବା ସମୟରେ ଘାସର ଗଦା ।

Haystack, *n.* ଶୁଷ୍କଘାସର ବଡ ଗଦା ।

Hazard, *n.* 1. ଜୁଆଖେଳ ବିଶେଷ ; 2. ଦାଉ, ସଙ୍କଟ, ବିପଦ ; 3. ଦୈବଘଟନା ; 4. ଜୁଆଖେଳର ବାଜି, ପଣ ।—*v.t.* 1. ଦାଉରେ ପକାଇବା, ସଙ୍କଟରେ ପକାଇବା, କ୍ଷତିର ସମ୍ଭାବନାରେ ପକାଇବା, ବିପଦ୍‌ଗ୍ରସ୍ତ-କ ; 2. ଦୁଃସାହସିକ କରିବା ବା କହିବା ।

Hazardous, *a.* ସଙ୍କଟମୟ, ବିପଜ୍ଜନକ ।

Hazardously, *ad.* ସଙ୍କଟପୂର୍ଣ୍ଣଭାବେ, ବିପଜ୍ଜନକରୂପେ ।

Haze, *n.* 1. ବାୟୁର ସ୍ୱଚ୍ଛତାନାଶକ ବାଷ୍ପବିଶେଷ, ଧୂମିକା, କୁହୁଡି ବିଶେଷ ; 2. ଅସ୍ପଷ୍ଟତା, ମାନସିକ କୁହୁଡି ।

Hazel, *n.* ଗୁଳ୍ମ ବୃକ୍ଷ ବିଶେଷ ।—*a.* ଈଷତ୍ ତାମ୍ରବର୍ଣ୍ଣ, ପିଙ୍ଗଳ ।

Hazel-nut, *n.* ଉପରୋକ୍ତ ବୃକ୍ଷର ଫଳ ।

Haziness, *n.* 1. ଧୂମିକାମୟତା, କୁହୁଡିମୟତା ; 2. ମାନସିକ ଅସ୍ପଷ୍ଟତା ।

Hazy, *a.* 1. କୁହୁଡିଆ, ଧୂମିକାମୟ, କୁହୁଡିମୟ ; 2. ମାନସିକଭାବେ ଅସ୍ପଷ୍ଟ ।

He, *pro.* ପୁଂଲିଙ୍ଗର ତୃତୀୟ ପୁରୁଷ, ସେ, often prefixed to names of animals to specify the male.

Head, *n.* 1. ମୁଣ୍ଡ, ମସ୍ତକ, ଶିର ; 2. ବୁଦ୍ଧି, ମନ ; 3. ଗୋଟି ; 4. ସର୍ଦ୍ଦାର, ନାୟକ, କର୍ତ୍ତା, ଅଧ୍ୟକ୍ଷ ; 5. ଯାହା ମୁଣ୍ଡରେ ଥାଏ, କେଶ, ମୃଗର ଶୃଙ୍ଗ, ମସ୍ତକର ଆବରଣ ; 6. ପଦାର୍ଥର ଯେଉଁ ଅଂଶ ସ୍ଥିତ ବା ଆକୃତ ଅର୍ଥରେ ମୁଣ୍ଡ ପରି ଅଟେ, ଅଗ୍ରଭାଗ, ଅଗ୍ର, ଉପରଭାଗ, ମସ୍ତକବତ୍ ପଦାର୍ଥ ; 7. ଉତ୍ପତ୍ତିସ୍ଥାନ ; 8. ଅନ୍ତରୀପ, ଭୂଶିର ; 9. ପ୍ରଧାନ ସ୍ଥାନ, ସମ୍ମାନର ସ୍ଥାନ ; 10. ଶେଷ ସୀମା, ଶେଷ ଅବସ୍ଥା ; 11. ପ୍ରସଙ୍ଗର ବିଭାଗ, ଉପବିଭାଗର ନାମ ।—Come to a head, ପାକି-ହେ । Off one's head, କ୍ଷିପ୍ତ, ପାଗଳ । Out of one's own head, ନିଜ ବୁଦ୍ଧିରେ, ବିନା ସାହାଯ୍ୟରେ । Over head and ears, ଷୋଳ ଅଣାରେ, ସମ୍ପୂର୍ଣ୍ଣରୂପେ । To give the head, ସ୍ୱାଧୀନ-ଦେ । To lay heads together, ମନ୍ତ୍ରଣା-କ । To make head or make head against, ଅଗ୍ରସର-ହେ, ବାଧା ଦେଇ କୃତକାର୍ଯ୍ୟ-ହେ ।—*v.t.* 1. ନେତାଇବା, ଚଳାଇବା, କର୍ତ୍ତୃତ୍ୱ-କ, ଅଗ୍ରଗମନ-କ ; 2. ମୁଣ୍ଡ କାଟିବା ; 3. (ପିଆଜ) ମୁଣ୍ଡ ଲଗାଇବା ; 4. ଆଗକୁ ଯାଇ ଅଟକାଇବା, ବାଧା-ଦେ ; 5. ଲକ୍ଷ୍ୟ କରି ଚଳାଇବା ।—*v.i.* 1. ଲକ୍ଷ୍ୟ କରି ଚଳିବା ; 2. (କୋବି) ମୁଣ୍ଡ ପରି ବାନ୍ଧିବା ।—*a.* 1 ପ୍ରଧାନ, ମୁଖ୍ୟ ; 2. ପ୍ରତିକୂଳ (ପବନ) ।

Headache, *n.* ମୁଣ୍ଡବଥା, ମୁଣ୍ଡବିନ୍ଧା, ଶିରଃପୀଡା ।

Headachy, *a.* 1. ମୁଣ୍ଡବ୍ୟଥାଗ୍ରସ୍ତ ; ମୁଣ୍ଡବଥା ପରି ।

Head-band, *n.* ମୁଣ୍ଡବନ୍ଧା ଫିତା, ଶିରୋବନ୍ଧନୀ ।

Head-dress, Head-gear, Head-tire, *n.* ମସ୍ତକାବରଣ, ସ୍ତ୍ରୀଲୋକର ମସ୍ତକାଭରଣ, ଶିରୋଭୂଷଣ ।

Header, *n.* 1. କୌଣସି ପଦାର୍ଥର ମୁଣ୍ଡ ଯେ ବନାଏ ବା ବସାଏ ; 2. ଅଗ୍ରଗାମୀ ନେତା, ନାୟକ ; 3. ଗୋତାମାରଣ ।

Headily, *ad.* ଅବିବେଚନାରେ । [ମଦ୍ୟକାରୀ ଗୁଣ ।

Headiness, *n.* 1. ଅବିବେଚନା, ଅବାଧ୍ୟତା ; 2.

Heading, *n.* ପ୍ରସଙ୍ଗର ନାମ, ଶିରୋନାମ, ଶୀର୍ଷକ ।

Headland, *n.* 1. ଅନ୍ତରୀପ, ଭୂଶିର ; 2. ବିଲର ଶେଷରେ ଥିବା ପଡିଆ ଜମି ।

**Headless**, *a.* 1. ମସ୍ତକହୀନ, ଅମସ୍ତକ ; 2. ସରଦାରରହିତ, କର୍ତ୍ତାରହିତ, ନାୟକରହିତ ।

**Headlong**, *ad.* ଅବିବେଚନାପୂର୍ବକ, ବେଗରେ, ଅବଲମ୍ବରେ ।—*a.* 1. ଗଡ, ଖଡୁ ; 2. ଅବିବେଚକ, ଦୁଃସାହସିକ ।

**Head-money**, *n.* 1. ବ୍ୟକ୍ତିଗତ କର ; 2. ଯୁଦ୍ଧରେ ଧୃତ ବନ୍ଦୀ ନିମନ୍ତେ ବ୍ୟକ୍ତିଗତ ପୁରସ୍କାର ।

**Headmost**, *a.* ସର୍ବାଗ୍ର, ପ୍ରଥମ ।

**Head-piece**, *n.* 1. ଶିରସ୍ତ୍ରାଣ ; 2. ମୁଣ୍ଡ, ମଗଜ, ବୁଦ୍ଧି ।

**Head-quarters**, *n.* 1. ସେନାପତିର ବାସସ୍ଥାନ; 2. ସଦର ସ୍ଥାନ, ପ୍ରଦେଶର ବାହାରିବା ସ୍ଥାନ ; 3. ନିଜର ବାସ ବା ବ୍ୟବସାୟ ସ୍ଥାନ ।

**Headship**, *n.* କର୍ତ୍ତାର ପଦ, ଅଧ୍ୟକ୍ଷର ପଦ, ଉପରସ୍ଥ ପଦ, କ୍ଷମତା, କର୍ତ୍ତୃତ୍ୱ ।

**Headsman**, *n.* ଘାତକ ।

**Head-stall**, *n.* ଅଶ୍ୱ ମସ୍ତକୋପରିସ୍ଥ ଲଗାମର ଅଂଶ ।

**Head-stone**, *n.* 1. ମୂଳଦୁଆର ପ୍ରଧାନ ପଥର, କୋଣର ପ୍ରଧାନ ପଥର ; 2. କବରମୁଣ୍ଡରେ ଥିବା ପଥର ।

**Headstrong**, *a.* ଏକଗୁଣିଆ, ଏକଗୁଁଆ, ଅବାଧ୍ୟ, ଥେଣ୍ଡା ।

**Headway**, *n.* 1. ଜାହାଜର ଅଗ୍ରଗାମୀ ଗତି ; 2. ଅଗ୍ରଗାମୀ ଗତି, ଉନ୍ନତି, କୃତକାର୍ଯ୍ୟତା ।

**Head-work**, *n.* ମାନସିକ ପରିଶ୍ରମ ।

**Heady**, *a.* 1. ଅବିବେକୀ, ଥେଣ୍ଡା ; 2. ମତ୍ତକାରୀ ।

**Heal**, *v.t.* 1. ସୁସ୍ଥ-କ, ଆରୋଗ୍ୟ-କ, ଭଲ-କ ; 2. (ବିବାଦ) ଭଞ୍ଜନ-କ ।—*v.i.* ସୁସ୍ଥ-ହେ, ଭଲ-ହେ ।

**Healable**, *a.* ସୁସ୍ଥ ହେବାଯୋଗ୍ୟ ।

**Healer**, *n.* ଯେ ବା ଯାହା ସୁସ୍ଥ କରେ ।

**Healing**, *a.* ଆରୋଗ୍ୟକାରୀ, ସୁସ୍ଥକାରୀ, ଉପଶମକାରୀ ।—*n.* ସୁସ୍ଥକରଣ, ଆରୋଗ୍ୟର ଉପାୟ, ଆରୋଗ୍ୟ ।

**Health**, *n.* 1. ସୁସ୍ଥତା, ସ୍ୱାସ୍ଥ୍ୟ, ଆରୋଗ୍ୟ, ଆରୋଗିତା ; 2. ଶରୀରାବସ୍ଥା ; 3. ସୁସ୍ଥକାରୀ ଶକ୍ତି ; 4. ମଙ୍ଗଳ ପ୍ରାର୍ଥନା, ଶୁଭକାମନା । [କାରୀ ।

**Healthful**, *a.* 1. ସୁସ୍ଥ, ନିରାମୟ ; 2. ସ୍ୱାସ୍ଥ୍ୟକର, ହିତ-

**Healthfully**, *ad.* 1. ସୁସ୍ଥଭାବେ, ନିରାମୟରୂପେ ; 2. ସ୍ୱାସ୍ଥ୍ୟକରଭାବେ ।

**Healthfulness**, *n.* 1. ସୁସ୍ଥତା, ଆରୋଗିତା ; 2. ଆରୋଗ୍ୟଜନକତା । [ସୁସ୍ଥଭାବେ ।

**Healthily**, *ad.* ଆରୋଗିରୂପେ, ରୋଗରହିତରୂପେ,

**Healthiness**, *n.* 1. ଆରୋଗିତା, ସୁସ୍ଥତା, ସବଳତା ; 2. ସ୍ୱାସ୍ଥ୍ୟଜନକତା ।

**Healthy**, *a.* 1. ସୁସ୍ଥ, ଆରୋଗୀ, ସବଳ, ବଳିଷ୍ଠ ; 2. ସ୍ୱାସ୍ଥ୍ୟକର, ଆରୋଗ୍ୟଜନକ, ଶରୀରହିତକାରୀ ।

**Heap**, *n.* 1. ଗଦା, ରାଶି, ସ୍ତୂପ ; 2. ବହୁସଂଖ୍ୟା, ଜନତା ।—*v.t.* 1. ଗଦା-କ, ରାଶି-କ, ଜମା-କ, ସ୍ତୂପ-କ ; 2. ପରିପୂର୍ଣ୍ଣ-କ ।

**Hear**, *v.t.* 1. ଶୁଣିବା, ଶ୍ରବଣ-କ ; 2. କାନ ଡେରିବା, କର୍ଣ୍ଣପାତ-କ, ଅବଧାନ-କ, ମନୋଯୋଗ-କ ; 3. ଅନୁଗ୍ରହ-କ ; 4. ବିଚାର-କ ; 5. ଶିକ୍ଷା-କ, ଗ୍ରହଣ-କ ମାନିବା ।—*v.i.* 1. ଶୁଣିବା, ଶ୍ରବଣ-କ ; 2. ମନୋଯୋଗ-କ, କର୍ଣ୍ଣପାତ-କ ; 3. ଶୁଣିବାକୁ ପାଇବା ।

**Heard**, *pret.* and *past p.* of Hear.

**Hearer**, *n.* ଶୁଣିବା ଲୋକ, ଶ୍ରବଣକାରୀ, ଶ୍ରୋତା ।

**Hearing**, *n.* 1. ଶ୍ରବଣେନ୍ଦ୍ରିୟ, ଶ୍ରବଣଶକ୍ତି ; 2. ଶ୍ରବଣ, ଶ୍ରୁତ ; 3. ଶୁଣାଇବା ସୁଯୋଗ ; 4. ଗୁହାରି ଶ୍ରବଣ, ବିଚାର ; 5. କର୍ଣ୍ଣଗୋଚର ।

**Hearken**, *v.i.* କାନ ଡେରିବା, କର୍ଣ୍ଣପାତ-କ, ଅବଧାନ-କ, ମନୋଯୋଗ-କ । [ବାକ୍ୟ ।

**Hearsay**, *n.* ଶୁଣିବାକଥା, ଜନରବ, ଜନଶ୍ରୁତି, ଶ୍ରୁତ-

**Hearse**, *n.* ଶବ ବହିବା ଗାଡ଼ି ।

**Heart**, *n.* 1. ହୃତ୍ପିଣ୍ଡ ; 2. ମଧ୍ୟଭାଗ, ଅନ୍ତର, ସାର ଭାଗ, ମର୍ମ, ଗୁପ୍ତ ଅଭିପ୍ରାୟ ; 3. ହୃଦୟ, ଅନ୍ତଃକରଣ ; 4. ଚିତ୍ତ, ମନ ; 5. ଭାବ, ସ୍ନେହ, ପ୍ରଣୟ ; 6. ସାହସ, ତେଜଃ ; 7. ବକ୍ଷଃ, ବକ୍ଷସ୍ଥଳ ; 8. ହୃତ୍ପିଣ୍ଡର ଆକୃତିଯୁକ୍ତ କୌଣସି ପଦାର୍ଥ ।—At heart, ପ୍ରକୃତରେ, ବାସ୍ତବକ । To break the heart, ଭଗ୍ନହୃଦୟ-କ, ଶୋକରେ ମାରି ପକାଇବା, ଘୋର ଶୋକ ଜନ୍ମାଇବା । To find in one's heart, ଇଚ୍ଛୁକ-ହେ । To get or learn by heart, ମୁଖସ୍ଥ-କ, କଣ୍ଠସ୍ଥ-କ । To have at heart, ହୃଦୟରେ ପୋଷଣ-କ । To have in the heart, ମନସ୍ଥ-କ । To have the heart in the mouth, ଧଂସାଉଠିବା । To lay or take to heart, ମନକୁ ନେବା, ଅତ୍ୟନ୍ତ ଅଭିଭୂତ-ହେ, ଚିନ୍ତିତ-ହେ । To lose heart, ହତାଶ-ହେ । To lose one's heart, ସ୍ତ୍ରୀଲୋକ ସହିତ ପ୍ରଣୟରେ ପଡ଼ିବା । To set the heart upon, ଆସକ୍ତ-କ । To take heart, ସାହସୀ-ହେ । To take the heart out of one, ହତାଶ-କ, ଭଗ୍ନସାହସ-କ । To wear one's heart on one's sleeve, ଆତ୍ମଭାବ ଅନାୟାସରେ ପ୍ରକାଶ-କ । With all one's heart, ଷୋଳଅଣା ମନରେ, ସମ୍ପୂର୍ଣ୍ଣରୂପେ ।

**Heartache**, *n.* ମନୋବେଦନା, ମନଃପୀଡ଼ା, ମନୋଦୁଃଖ, ହୃଦୟବ୍ୟଥା ।

**Heart-break**, *n.* ଘୋର ଦୁଃଖ । [ଭୂତକାରୀ ।

**Heart-breaking**, *a.* ହୃଦୟଭେଦୀ, ଶୋକରେ ଅଭି-

**Heart-broken**, *a.* ଭଗ୍ନହୃଦୟ, ଶୋକାର୍ତ୍ତ ।

**Heartburn**, *n.* ଛାତିପୋଡ଼ା, ବୁକଜ୍ୱାଳା ।

**Heart-burning**, *n.* ଅସନ୍ତୋଷ, ଦ୍ୱେଷ, ଈର୍ଷା ।

**Hearten**, *v.t.* ସାହସ-ଦେ, ଉତ୍ସାହିତ-କ ।

**Heartfelt**, *a.* ହୃଦୟସ୍ପର୍ଶୀ, ଅନ୍ତଃକରଣ ସହିତ, ଅକୃତ୍ରିମ, ନିଷ୍କପଟ, ସରଳ । [ଗୃହ ।

**Hearth**, *n.* *harth*, 1. ଚୁଲ୍ଲିର ସ୍ଥାନ ; 2. ଗୃହ, ପିତୃ-

**Heartily**, *ad.* ସର୍ବାନ୍ତଃକରଣ ସହିତ, ନିଷ୍କପଟରେ, ସରଳଭାବେ, ସାନନ୍ଦରେ, ଆହ୍ଲାଦରେ, ହୃଷ୍ଟଚିତ୍ତରେ, ଉତ୍ସାହରେ, ଉଦ୍ଦ୍ରଭାବେ ।

**Heartiness**, *n.* ସରଳତା, ଆନ୍ତରିକତା, ଉତ୍ସାହ, ଉତ୍ସୁକତା ।

**Heartless**, *a.* 1. ହୃଦୟଶୂନ୍ୟ, ନିର୍ଦ୍ଦୟ, କଠୋର-ହୃଦୟ, କ୍ରୂର ; 2. ସାହସରହିତ, ନିସ୍ତେଜ, ଅକ୍ଷମ ।

**Heartlessly**, *ad.* ହୃଦୟଶୂନ୍ୟରୂପେ, ନିର୍ଦ୍ଦୟରୂପେ, କ୍ରୂରରୂପେ ।

**Heartlessness**, *n.* ହୃଦୟଶୂନ୍ୟତା, ନିର୍ଦ୍ଦୟତା, କ୍ରୂରତା ।

**Heart-rending**, *a.* ହୃଦୟବିଦାରକ, ଅତି ପୀଡାଦାୟକ ।

**Heart's-blood, Heart-blood**, *n.* ହୃତ୍ପିଣ୍ଡର ରକ୍ତ, ପ୍ରାଣ, ଜୀବ ।

**Heart's-ease**, *n.* ପୁଷ୍ପ ବିଶେଷ ।

**Heart-sick, Heart-sore**, *a.* 1. ମନଃପୀଡିତ, ମନୋଦୁଃଖିତ, ଶୋକାକୁଳ ; 2. ମନୋଦୁଃଖପ୍ରକାଶକ ।

**Heartsome**, *a.* ସାହସ ଉତ୍ସାହକ, ହୃଷ୍ଟ ।

**Heart-stirring**, *a.* ଉତ୍ତେଜକ, ହର୍ଷଜନକ ।

**Heart-strings**, *n.* ହୃତ୍ପିଣ୍ଡର ସଙ୍କୋଚକ କଳ୍ପିତ ଶିରା ।

**Heart-whole**, *a.* 1. ସ୍ୱାଧୀନହୃଦୟ ; 2. ଅଟଳ ସାହସଯୁକ୍ତ, ଅଭୀତ ; 3. ସରଳ ।

**Heart-wood**, *n.* ସାରକାଠ ।

**Hearty**, *a.* 1. ହୃଦୟ ସହିତ, ସରଳ, ଅକୃତ୍ରିମ, ଉତ୍ସୁକ, ଉତ୍ସାହ ; 2. ବଳବାନ୍, ସବଳ, ସୁସ୍ଥ ; 3. ତୃପ୍ତିକର, ପୁଷ୍ଟିକର, ପ୍ରଚୁର, ଅତି ।

**Heat**, *n.* 1. ତାପ, ତାପ, ଉଷ୍ଣ, ଉଷ୍ଣତା ; 2. ଉଷ୍ଣବୋଧ ; 3. ଜ୍ୱରତାପ ; 4. ଏକ ; 5. ଅଶ୍ୱର ଦୌଡ଼, ଏକ ଦୌଡ଼ ; 6. ଉଦ୍ବେଗ, ଉଦ୍ଦୀପନା, ପ୍ରଚଣ୍ଡତା, ଉଗ୍ରତା, ପ୍ରଚଣ୍ଡ କୋପ ; 7. ଋତୁକାଳ ।—*v.t.* 1. ଉତ୍ତପ୍ତ-କ, ଉଷ୍ଣ-କ, ଗରମ-କ, ତପ୍ତ-କ ; 2. ଉତ୍ତେଜିତ-କ, ପ୍ରଜ୍ୱଳିତ-କ ।—*v.i.* ତାତିବା, ଉତ୍ତପ୍ତ-ହେ ।

**Heater**, *n.* ଯେ ବା ଯାହା ତପ୍ତ କରେ ।

**Heath, Heather**, *n.* 1. ପଡିଆରେ ଜାତ ଫୁଲଯୁକ୍ତ ଝାଡ ବୁଦା ବିଶେଷ ; 2. ଉକ୍ତ ବୁଦାମୟ ପଡିଆ, ପଡିଆ ।

**Heathen**, *n.* (ଗାଉଁଲି ଲୋକ) 1. ଦେବପୂଜକ ; 2. ଅସଭ୍ୟ ଅଶିକ୍ଷିତ ଲୋକ ।—*a.* ଅନ୍ୟଦେଶୀୟ, ଦେବପୂଜକ ।

**Heathendom, Heathenry**, *n.* 1. ଦେବପୂଜକ ଦେଶସମୂହ ; 2. ଦେବପୂଜକ ଅବସ୍ଥା ବା ମତ, ଦେବପୂଜକ ଲୋକସମୂହ ।

**Heathenish**, *a.* 1. ଦେବପୂଜକସମ୍ବନ୍ଧୀୟ, ଦେବପୂଜକ ; 2. ଅସଭ୍ୟ ।

**Heathenism**, *n.* 1. ଦେବପୂଜକ ମତ, ଦେବପୂଜା, ପୌତ୍ତଳିକତା ; 2. ଅସଭ୍ୟତା ।

**Heathy**, *a.* ପଡିଆଜାତ ବୁଦାମୟ ।

**Heating**, *p.a.* 1. ଉଷ୍ଣକ ; 2. ଉତ୍ତେଜକ, ଉଦ୍ଦୀପକ ।

**Heave**, *v.t.* 1. ଉଠାଇବା, ଟେକିବା ; 2. ଫୁଲାଇବା, ସ୍ଫୀତ-କ ; 3. ନିକ୍ଷେପ-କ ; 4. (ଦୀର୍ଘନିଶ୍ୱାସ) ଛାଡିବା ।—*v.i.* 1. ଫୁଲିଉଠିବା, ସ୍ଫୀତ-ହେ ; 2. ଧକାଇବା, ଦୀର୍ଘଶ୍ୱାସ ମାରିବା ; 3. ବାନ୍ତି-ହେ, ବାନ୍ତି କରିବାକୁ ଚେଷ୍ଟା-କ ।—*n.* 1. ଫୁଲା, ସ୍ଫୀତ ; 2. ଉତ୍ତୋଳନ, ଉତ୍ଥାନ ; 3. ବାନ୍ତିଚେଷ୍ଟା ; 4. ପ୍ରକ୍ଷେପ ।

**Heaven**, *n.* 1. ଆକାଶ, ନଭୋମଣ୍ଡଳ, often in the *pl.* ; 2. ସ୍ୱର୍ଗ, ଈଶ୍ୱରଙ୍କ ଓ ଦୂତମାନଙ୍କର ବାସସ୍ଥାନ ; 3. ବିଧାତା, ପରମେଶ୍ୱର ; 4. ପରମସୁଖର ଅବସ୍ଥା ବା ସ୍ଥାନ, ସ୍ୱର୍ଗାନନ୍ଦ ।

**Heaven-born**, *a.* ସ୍ୱର୍ଗଜାତ, ସ୍ୱର୍ଗୀୟ ।

**Heavenliness**, *n.* ପରମଉତ୍ତମତା, ସ୍ୱର୍ଗୀୟ ଅବସ୍ଥା ।

**Heavenly**, *a.* 1. ଆକାଶୀୟ ; 2. ସ୍ୱର୍ଗୀୟ, ଦିବ୍ୟ, ଦୂତବତ୍, ସ୍ୱର୍ଗବାସୀ ; 3. ଅତି ମନୋହର ।—*ad.* ସ୍ୱର୍ଗୀୟ ପ୍ରକାରେ ।

**Heavenward, Heavenwards**, *ad.* 1. ଆକାଶ ପ୍ରତି ; 2. ସ୍ୱର୍ଗାଭିମୁଖେ ।

**Heave-offering**, *n.* ଉତ୍ତୋଳନୀୟ ଉପହାର ।

**Heavily** *ad.* 1. ଭାରିରୂପେ, ଗୁରୁରୂପେ ; 2. ଅଳସରୂପେ ; 3. କଷ୍ଟକରରୂପେ, କଷ୍ଟରେ, କ୍ଳେଶକରରୂପେ ।

**Heaviness**, *n.* 1. ଗୁରୁତ୍ୱ, ଭାର ; 2. ବିଷଣ୍ଣତା, ନିସ୍ତେଜ, ବିଷାଦ ; 3. ଜଡତା ।

**Heavy**, *a.* 1. ଭାରୀ, ଗୁରୁ ; 2. ଦୁଃସହ, ଦାରୁଣ, ଦୁଃଖକର ; 3. ବିଷଣ୍ଣ, ଉଦାସ ; 4. ଜଡ଼ ନିସ୍ତେଜ ; 5. କଷ୍ଟକର, ଶ୍ରମସାଧ୍ୟ ; 6. ଗୁରୁପାକ ; 7. ପଙ୍କମୟ ; 8. ଘନ ; 9. ବଡ଼ ; 10. ପ୍ରବଳ ; 11. ପ୍ରଚଣ୍ଡ ।

**Heavy-hearted**, *a.* ବିଷଣ୍ଣଚିତ୍ତ, ଶୋକାକୁଳ ।

**Heavy-laden**, *a.* ଭାରଗ୍ରସ୍ତ, ଗୁରୁଭାରଯୁକ୍ତ ।

**Hebdomadal, Hebdomadary**, *a.* ସପ୍ତ ଦିବସୀୟ, ସାପ୍ତାହିକ ।

**Hebdomadally**, *ad.* ସପ୍ତାହରେ, ସପ୍ତାହକୁ ଥରେ ।

**Hebraism**, *n.* 1. ଏବ୍ରୀଭାଷାର ରୀତି ; 2. ଏବ୍ରୀୟ ଜାତିର ବିଶେଷ ଲକ୍ଷଣ ।

**Hebrew**, *n.* 1. ଏବ୍ରୀୟ ଲୋକ ; 2. ଏବ୍ରୀଭାଷା ।—*a.* ଏବ୍ରୀୟ ଲୋକସମ୍ବନ୍ଧୀୟ, ଏବ୍ରୀଭାଷାସମ୍ବନ୍ଧୀୟ ।

**Hecatomb**, *n.* (ଶତବଳି, ଏକଶ ବୃଷୋତ୍ସର୍ଗ), ମହା ବଳିଦାନ, ମହା ହତ୍ୟା ।

**Heckle, Hackle**, *n.* 1. ଛଣପଟ ଆଦି ସଫା କରିବା ପାନିଆ ; 2. ପକ୍ଷୀ ବେକରେ ଥିବା ଲମ୍ବ ପର ।—*v.t.* 1. ପାନିଆ ଦ୍ୱାରା କୁଣ୍ଡାଇବା ବା ସଫା-କ ; 2. ପ୍ରଶ୍ନ ଦ୍ୱାରା ବ୍ୟସ୍ତ-କ ।

**Hectic**, *a.* କ୍ଷୟଜ୍ୱରସମ୍ବନ୍ଧୀୟ, ଜ୍ୱରୁଆ ।—*n.* 1. କ୍ଷୟଜ୍ୱର ; 2. ଗାଲରେ ଜ୍ୱରଜାତ ଲାଲ ଚିହ୍ନ ।

**Hector**, *n.* ଗଣ୍ଡଗୋଳିଆ, କନ୍ଦଳିଆ, ଦାମ୍ଭିକ ଲୋକ ।—*v.t.* ତର୍ଜନଗର୍ଜନରେ ଭୟ ଦେଖାଇବା, ରୁକ୍ଷରୂପେ ଆଚରଣ-କ ।—*v.i.* ଗଣ୍ଡଗୋଳିଆ-ହେ, ଦାମ୍ଭିକ-ହେ, ବଢାଇ କ ।

**Hedge**, *n.* ବାଡ, ବାଡବନ୍ଦ, ବୁଦାଘେର ।—*v.t.* 1. ବାଡ-ଦେ ; 2. ଘେରିବା, ବେଷ୍ଟନ-କ ; 3. ନିବାରଣ-କ, ଅବରୋଧ-କି ।—*v.i.* 1. ଲୁଚି ରହିବା ; 2. ଦୁଇ ପାଖେ ପଣ-କ, ଦାୟିତ୍ୱରୁ ମୁକ୍ତି ନିମନ୍ତେ ଉପାୟ-କ ।

**Hedge-bill**, *n.* ବାଡ କାଟିବା ଦାଅ ।

**Hedgehog**, *n.* କଣ୍ଟକଯୁକ୍ତ ଲୋମଶିଅ ସାନ ଜନ୍ତୁ, ଝିଙ୍କ ।

**Hedger**, *n.* ବାଡବନ୍ଦି କରିବା ଲୋକ ।

Hedge-school, *n.* ସାମାନ୍ୟ ପାଠଶାଳା ।

Hedonic, *a.* ଅତ୍ୟୁସୁଖସମ୍ବନ୍ଧୀୟ, ଆତ୍ମସୁଖଚେଷ୍ଟାର ମତ-ସମ୍ବନ୍ଧୀୟ ।

Hedonism, *n.* ଆତ୍ମସୁଖର ଚେଷ୍ଟା ମନୁଷ୍ୟର ସାର କର୍ତ୍ତବ୍ୟ ବୋଲି ଯେଉଁ ମତ ।

Heed, *v.t.* ମନୋଯୋଗ-କ, ଅବଧାନ-କ ।—*v.i.* 1. ମାନିବା ; 2. ବବେଚନା-କ ।—*n.* ମନୋଯୋଗ, ଅବଧାନ, usually with *give* or *take*.

Heedful, *a.* ମନୋଯୋଗୀ, ସାବଧାନ, ସତର୍କ, ଜାଗ୍ରତ ।

Heedfully, *ad.* ମନୋଯୋଗପୂର୍ବକ, ସାବଧାନରୂପେ, ସତର୍କଭାବେ, ଜାଗ୍ରତଭାବେ ।

Heedfulness, *n.* ମନୋଯୋଗିତା, ସାବଧାନତା, ସତର୍କତା ।

Heedless, *a.* ଅମନୋଯୋଗୀ, ଅସାବଧାନ, ନିଶ୍ଚିନ୍ତ, ହେଳାକାରୀ, ଅବିବେଚକ ।

Heedlessly, *ad.* ଅମନୋଯୋଗିରୂପେ, ନିଶ୍ଚିନ୍ତରୂପେ, ହେଳାକାରରୂପେ, ଅବିବେଚକରୂପେ ।

Heedlessness, *n.* ଅମନୋଯୋଗିତା, ଅସାବଧାନତା, ଅବିବେଚକତା ।

Heel, *n.* 1. ଗୋଇଠି, ଗୁଲ୍ଫ ; 2. ଏଡ଼ି; 3. ଗୋଇଠି ପର ପଦାର୍ଥ ।—To be at the heels, ଅନୁଗମନ-କ, ପଶ୍ଚାଦ୍‌ଗମନ-କ । To be down at heel, ଦରିଦ୍ରରୂପ ଧରିବା, ଦୁର୍ଦ୍ଦଶାଗ୍ରସ୍ତ-ହେ । To lay by the heels, ବେଡ଼ି ପିନ୍ଧାଇବା, କାରାଗାରରେ ପକାଇବା । To show the heels, to show a clean pair of heels, to take to the heels, ପଳାଇବା, ପଳାୟନ-କ । To tread on one's heels, ଅନୁକରଣ-କ, ପଛେ ପଛେ ଯିବା ।—*v.t.* ଏଡ଼ି ଲଗାଇବା ।

[ଅବସ୍ଥା ।

Heel, *v.i.* ଅଉଜାପଡ଼ିବା, ଝୁଙ୍କିପଡ଼ିବା ।—*n.* ଝୁଙ୍କିବା

Heelball, *n.* ଏଡ଼ି କଳା କରିବା ଦ୍ରବ୍ୟ । [ସାଙ୍କେତ ।

Heel-piece, *n.* 1. ଏଡ଼ିର ଚମଡ଼ା ; 2. ଗୋଇଠିର

Heel-tap, *n.* 1. ଏଡ଼ିର ଚମଡ଼ା ; 2. ପାତ୍ରରେ ଶେଷର ପାନାବଶିଷ୍ଟାଂଶ ।

Hegira, Hejira, *n.* 1. ମକ୍କାଠାରୁ ମହମ୍ମଦଙ୍କର ପଳାୟନ, ଯେଉଁ ସମୟରୁ ମୁସଲମାନ୍ ଅବ୍ଦ ଗଣିତ ହୁଏ । ଏ ଅବ୍ଦ ୬୨୨ ଖ୍ରୀଷ୍ଟାବ୍ଦର ଜୁଲାଇ ୧୬ ତାରିଖରୁ ଆରମ୍ଭ ହୁଏ, ହିଜରି ; 2. ପଳାୟନ ।

Heifer, *n.* ତରୁଣୀ ଗାଈ, ତଡ଼ା, ଦ୍ୱିହାୟନୀ, ଦ୍ୱିହାୟନୀ

Heigh-ho, *interj.* କ୍ଳାନ୍ତି ନୈରାଶ୍ୟ ବିସ୍ମୟ ବା ଉଲ୍ଲାସ ସୂଚକ ଶବ୍ଦ ଯଥା,—ଉହୁ ! ଓହୋ ! ଅହୋ ! ଅହା ! ଛିଃ !

Height, Hight, *n.* 1. ଉଚ୍ଚତା, ଉର୍ଦ୍ଧ୍ୱତା ; 2. ଉଚ୍ଚ ଭୂମି, ପାହାଡ଼ ; 3. ପଦମର୍ଯ୍ୟାଦା ବା କ୍ଷମତାର ଉଚ୍ଚତା, ଉନ୍ନତି ; 4. ସୀମା, ପରିମାଣ ; 5. ଚରମ ସୀମା, ପରାକାଷ୍ଠା ।

Heighten, *v.t.* 1. ଉଚ୍ଚତର-କ, ଉଚ୍ଚତା ବୃଦ୍ଧି-କ ; 2. ଉନ୍ନତ-କ, ବର୍ଦ୍ଧିତ-କ ; 3. ବୃଦ୍ଧି-କ, ବଢ଼ାଇବା ।

Heinous, *a.* *hān'-us.* ଜଘନ୍ୟ, ଅତି ଘୃଣିତ, ଘୋର, ବଡ଼ ମନ୍ଦ । [ରୂପେ ।

Heinously, *ad.* ଜଘନ୍ୟଭାବେ, ଗର୍ହିତଭାବେ, ଘୋର-

Heinousness, *n.* ଜଘନ୍ୟତା, ଘୋରତା, ଦାରୁଣତା, ଅତିଦୁଷ୍ଟତା ।

Heir, *n.* *ār*, ଉତ୍ତରାଧିକାରୀ, ଦାୟାଦ, ବଂଶଧର, ଉତ୍ତରଜ ।—*v.t.* ଉତ୍ତରାଧିକାରୀ ପରି ଭୋଗ-କ, ଅଧିକାର-କ ।

Heirdom, *n.* ଉତ୍ତରାଧିକାରୀ ଅବସ୍ଥା, ଉତ୍ତରାଧିକାରୀ ସ୍ୱତ୍ୱ ।

Heiress, *n.* ଉତ୍ତରାଧିକାରିଣୀ ।

Heirloom, *n.* 1. ପୁରୁଷାନୁକ୍ରମେ ପ୍ରାପ୍ତ ବସ୍ତୁ, କୁଳକ୍ରମାଗତ ଅସ୍ଥାବର ସମ୍ପତ୍ତି ; 2. ପୂର୍ବପୁରୁଷଠାରୁ ଆଗତ ସ୍ୱାଭାବିକ ଗୁଣାଦି ।

Heirship, *n.* ଉତ୍ତରାଧିକାରିତ୍ୱ, ଉତ୍ତରାଧିକାରୀ ସ୍ୱତ୍ୱ ।

Held, *pret.* and *past p.* of Hold.

Heliacal, *a.* ସୂର୍ଯ୍ୟ ସଙ୍ଗେ ଉଦିତ ବା ଅସ୍ତମିତ ।

Helical, *a.* ପୁଞ୍ଜଳିଆ, ପେଞ୍ଚଆ ।

Heliocentric, *a.* କେନ୍ଦ୍ରସ୍ୱରୂପ ସୂର୍ଯ୍ୟସମ୍ବନ୍ଧୀୟ ।

Heliograph, *n.* 1. ସୂର୍ଯ୍ୟକିରଣ ଦ୍ୱାରା ନକ୍‌ସା ; 2. ସୂର୍ଯ୍ୟକିରଣ ଦ୍ୱାରା ସମ୍ବାଦ ପ୍ରେରଣ ; 3. ସୂର୍ଯ୍ୟର ନକ୍‌ସା କରିବା ଯନ୍ତ୍ର ; 4. ସୂର୍ଯ୍ୟକିରଣ ଦ୍ୱାରା ସଙ୍କେତ କରିବା ଦର୍ପଣ ବିଶେଷ ।

Heliography, *n.* 1. ସୂର୍ଯ୍ୟକିରଣ ଦ୍ୱାରା ନକ୍‌ସା କରିବା ବିଦ୍ୟା ; 2. ଦର୍ପଣରେ ସୂର୍ଯ୍ୟକିରଣ ପ୍ରତିଫଳିତ କରି ସଙ୍କେତ ଦେବା ବିଦ୍ୟା ।

Helioscope, *n.* ସୂର୍ଯ୍ୟ ଦେଖିବା ଦୂରବୀକ୍ଷଣ ବିଶେଷ ।

Helioslat, *n.* ସୂର୍ଯ୍ୟକିରଣ ପ୍ରତିଫଳିତ କରି ସଙ୍କେତ ଦେବା କେତେକ ଯନ୍ତ୍ରର ନାମ ।

Heliotrope, *n.* 1. ସୂର୍ଯ୍ୟକିରଣ ପ୍ରତିଫଳିତ କରି ସଙ୍କେତ ଦେବା ଯନ୍ତ୍ରବିଶେଷ ; 2. ରକ୍ତବର୍ଣ୍ଣ ଦାଗଯୁକ୍ତ ବହୁମୂଲ୍ୟ ହରିତ୍ ପ୍ରସ୍ତର ବିଶେଷ ; 3. ଫୁଲଗଛ ବିଶେଷ ; 4. ଫିକା ବାଇଗଣିଆ ରଙ୍ଗ ।

Hell, *n.* 1. ପାତାଳ ; 2. ନରକ, ନିରୟ, ଅନନ୍ତ କୁଣ୍ଡ, ପାପିଲୋକମାନଙ୍କ ଦଣ୍ଡସ୍ଥାନ, ପାପାତ୍ମାର ବାସସ୍ଥାନ ; 3. ଶୟତାନ ଓ ତାହାର ଦୂତଗଣ ; 4. ଅତି ଯନ୍ତ୍ରଣା, ମନ ବା ଦୁଃଖର ଅବସ୍ଥା ; 5. ଅତି ଘୃଣ୍ୟ ସ୍ଥାନ ।

Hell-born, *n.* ନରକଜାତ ।

Hellebore, *n.* ଫୁଲଗଛ ବିଶେଷ ।

Hellenic, Hellenian, *a.* ଗ୍ରୀସ୍ ଦେଶବାସିସମ୍ବନ୍ଧୀୟ ।

Hellenism, *n.* 1. ଗ୍ରୀକ୍ ଭାଷାର ବିଶେଷ ପଦ ; 2. ଗ୍ରୀକ୍ ଲୋକମାନଙ୍କର ବିଶେଷ ପ୍ରକୃତିଗୁଣ ।

Hellenist, *n.* 1. ଗ୍ରୀକ୍ ଭାଷାର ଅନୁକରଣକାରୀ, ବିଶେଷତଃ ଗ୍ରୀକ୍ ଭାଷା ଓ ରୀତିନୀତିର ଅନୁକରଣକାରୀ ଯିହୁଦୀ ; 2. ଗ୍ରୀକ୍ ଭାଷାଜ୍ଞ ।

Hellenistic, *a.* ଗ୍ରୀକ୍ ଭାଷା ଓ ରୀତିନୀତି ଅନୁକରଣକାରୀ ଯିହୁଦୀସମ୍ବନ୍ଧୀୟ ।

Hellenize, *v.i.* ଗ୍ରୀକ୍ ଭାଷା ବ୍ୟବହାର-କ, ଗ୍ରୀକ୍ ରୀତିନୀତି ଧରିବା ।

Hell-fire, *n.* ନରକାଗ୍ନି, ନରକଯନ୍ତ୍ରଣା ।

Hell-hound, *n.* ନଷ୍ଟ ଓ ପଶ୍ୱାଚାରକ, ନାରକୀୟ ଲୋକ ।

Hellish. *a.* ନାରକୀୟ, ନରକଜାତ, ନରକ ତୁଲ୍ୟ, ଅତି ଦୁଷ୍ଟ, ଭୟାନକ । [ରୂପେ ।

Hellishly, *ad.* ନାରକୀୟ ଭାବେ, ଅତିଦୁଷ୍ଟରୂପେ, ଭୟାନକ-

Hellishness, *n.* ନାରକୀୟ ଗୁଣ ।

Helm, *n.* ଟୋପର, ଶିରସ୍ତ୍ରାଣ ।—*v.t.* ଶିରସ୍ତ୍ରାଣ ପିନ୍ଧାଇବା ।

Helm, *n.* 1. ହାଲ, ହାଲଧର, (ନୌକା) କର୍ଣ୍ଣ ; 2. ପରିଚାଳନା ସ୍ଥାନ । [ଧାରୀ ।

Helmed, Helmeted, *a.* ଟୋପରଯୁକ୍ତ, ଶିରସ୍ତ୍ରାଣ-

Helmet, *n.* ଟୋପର, ଶିରସ୍ତ୍ରାଣ ।

Helmsman, *n.* କର୍ଣ୍ଣଧାର, କାଣ୍ଡାରୀ, ମାଝି ।

Help, *v.t.* 1. ସାହାଯ୍ୟ-କର, ଉପକାର-କର, ସହାୟତା -କର, ଅନୁକୂଳ-କର ; 2. ପ୍ରତିକାର-କର ; 3. ପରିବେଷଣ -କର ; 4. ନିବାରଣ-କର, ଏଡାଇବା ।—*v.i.* ସାହାଯ୍ୟ -ଦେ, ଉପକାରୀ-ହେ ।—*n.* 1. ସାହାଯ୍ୟ, ଉପକାର, ସହାୟତା, ଅନୁକୂଳ ; 2. ପ୍ରତିକାର ; 3. ସହାୟ, ଉପକାରୀ ବିଷୟ ।

Helper. *n.* ସାହାଯ୍ୟକାରୀ ଲୋକ, ଉପକାରକ, ସହାୟ ।

Helpful. *a.* ସାହାଯ୍ୟକାରୀ, ଉପକାରୀ, କର୍ମଣ୍ୟ ।

Helpfulness, *n.* ସାହାଯ୍ୟକାରିତା, ଉପକାରିତା, କର୍ମଣ୍ୟତା ।

Helpless, *a.* 1. ସାହାଯ୍ୟ ବିନା ଅକ୍ଷମ, ଅକ୍ଷମ, ଅସମର୍ଥ, ନିରୁପାୟ, ନିରାଶ୍ରୟ, ଅସହାୟ, ସାହାଯ୍ୟହୀନ, ଗତିହୀନ, ବଳହୀନ ; 2. ଅପ୍ରତିକାର୍ଯ୍ୟ ।

Helplessly, *ad.* ଅକ୍ଷମରୂପେ, ଅସମର୍ଥରୂପେ, ନିରୁପାୟଭାବେ, ନିରାଶ୍ରୟଭାବେ, ଗତିହୀନଭାବେ ।

Helplessness, *n.* ଅକ୍ଷମତା, ଅସାମର୍ଥ୍ୟ, ନିରୁପାୟତା, ନିରାଶ୍ରୟତା, ନିଃସହାୟତା ।

Helpmate, *n.* ସହାୟ, ସଙ୍ଗୀ, ଦୋସର, ସହଧର୍ମିଣୀ ।

Helter-skelter, *ad.* ହଡବଡରେ, ତଡବଡରେ, ଗୋଳମାଳିଆରୂପେ । [ବା ।

Helve, *n.* କୁହ୍ରାଡର ବେଣ୍ଟ ।—*v.t.* ବେଣ୍ଟ ଲଗାଇ-

Hem, *n.* 1. ମୋଡାସିଲାଇ ; 2. ଧଡି, ଅଞ୍ଚଳ ।—*v.t.* 1. ମୋଡାସିଲାଇ-କର ; 2. ସୀମାଯୁକ୍ତ-କର ; 3. ବେଷ୍ଟନ -କର, ଘେରିବା ।

Hem, *interj.* and *n.* ମନୋଯୋଗ ଟାଣିବା ଶବ୍ଦ, କଣ୍ଠ ପରିଷ୍କାର କରିବା ଶବ୍ଦ ।—*v.i.* ଉକ୍ତ ଶବ୍ଦ-କର, ଖାଙ୍କର-ହେ ।

Hemicrania, *n.* ଅଧାକପାଳି ବ୍ୟଥା ।

Hemicycle, *n.* ଅର୍ଦ୍ଧମଣ୍ଡଳ, ଅର୍ଦ୍ଧଗୋଲାକାର କ୍ଷେତ୍ର ।

Hemisphere, *n.* 1. ଅର୍ଦ୍ଧଗୋଲ ; 2. ଭୂଗୋଳ ବା ଖଗୋଳର ଅର୍ଦ୍ଧଭାଗ ।

Hemispheric, Hemispherical, *a.* ଅର୍ଦ୍ଧଗୋଲ-ସମ୍ବନ୍ଧୀୟ, ଅର୍ଦ୍ଧଗୋଲାକାର ।

Hemistich, *n.* ଅର୍ଦ୍ଧଶ୍ଳୋକ, ଅର୍ଦ୍ଧପଦ ।

Hemlock, *n.* ବିଷବୃକ୍ଷ ବିଶେଷ ।

Hemorrhage, *n.* ରକ୍ତସ୍ରାବ, ରକ୍ତକ୍ଷରଣ ।

Hemorrhoids, *n.* ଅର୍ଶ । [3. ଗଞ୍ଜେଇ ।

Hemp, *n.* 1. ଛଣପଟ, ଶଣପଟ, ଶଣ ; 2. ଛଣି ଗଛ;

Hempen, *a.* ଛଣପଟ ନିର୍ମିତ ।

Hen, *n.* 1. କୁକୁଡା, କୁକୁଟୀ ; 2. ସ୍ତ୍ରୀଲିଙ୍ଗବାଚକ ଶବ୍ଦ, ଯଥା,—ମାଈ ଚଢାଇ । [ଗଛ ।

Henbane, *n.* ଖୋରସାନୀ ଅଜୁଆଣି, ଧାତୁରା ଜାତୀୟ

Hence, *ad.* 1. ଏସ୍ଥାନରୁ, ଏଠାରୁ ; 2. ଏସମୟରୁ, ଆଜିଠାରୁ ; 3. ଏହେତୁ, ଏକାରଣରୁ, ଅତଏବ ।

Henceforth, Henceforward, *ad.* ଏକାଳରୁ, ଏଥବଧି, ଅଦ୍ୟାବଧି, ଏଣିକରୁ ।

Hen-coop, *n.* କୁକୁଡାର ଟପା ।

Henna, *n.* ମେହେନ୍ଦି ଗଛ ।

Hen-pecked, *a.* ସ୍ତ୍ରୀବଶ, ସ୍ତ୍ରୈଣ, ଭାର୍ଯ୍ୟାର ଅଧୀନ ।

Hepatic, Hepatical, *a.* କଳିଜାସମ୍ବନ୍ଧୀୟ, ଯକୃତ-ସମ୍ବନ୍ଧୀୟ ।

Heptagon, *n.* ସପ୍ତଭୁଜ ଓ ସପ୍ତକୋଣଯୁକ୍ତ କ୍ଷେତ୍ର ।

Heptagonal, *a.* ସପ୍ତଭୁଜ ଓ ସପ୍ତକୋଣବିଶିଷ୍ଟ ।

Heptarchy, *n.* 1. ସପ୍ତାଧିପ ଦ୍ୱାରା ଶାସନ ; 2. ସପ୍ତାଧିପଶାସିତ ଦେଶ, ବିଶେଷତଃ ଇଂଲଣ୍ଡ ଦେଶରେ ସାକ୍ସନ-ମାନଙ୍କ ଦ୍ୱାରା ସ୍ଥାପିତ ସପ୍ତରାଜ୍ୟ । [ତାହାକୁ ।

Her, *pro.* (ସ୍ତ୍ରୀଲିଙ୍ଗ) ତାହାର, ତାହାଙ୍କର, ତାକୁ,

Herald, *n.* 1. ଯୁଦ୍ଧ ବା ଶାନ୍ତି ଘୋଷକ, ଘୋଷକ, ବାର୍ତ୍ତାବାହକ ; 2. ଅଗ୍ରଗାମୀ, ଦୂତ ।—*v.t.* ଘୋଷଣା -କର, ପ୍ରକାଶ-କର । [ସମ୍ବନ୍ଧୀୟ ।

Heraldic, *a.* 1. ଘୋଷକସମ୍ବନ୍ଧୀୟ ; 2. କୁଳଚିହ୍ନବିଦ୍ୟା-

Heraldry, *n.* 1. କୁଳଚିହ୍ନବିଦ୍ୟା ; 2. କୁଳଚିହ୍ନମାନ ।

Herb, *n.* 1. ଶାକ ; 2. ତୃଣ ; 3. ଔଷଧ ।

Herbaceous, *a.* ଶାକବିଷୟକ, ଶାକତୃଣଯୁକ୍ତ ।

Herbage, *n.* 1. ଶାକାଦି ; 2. ତୃଣ ଘାସାଦି ।

Herbal, *n.* ଶାକ ଔଷଧ ଆଦିର ବିବରଣସମ୍ବନ୍ଧୀୟ ପୁସ୍ତକ ।

Herbalist, *n.* ଶାକ ଔଷଧ ଆଦି ବିଷୟରେ ଶାସ୍ତ୍ରଜ୍ଞ ।

Herbarium, *n.* (*pl.* Herbariums and Herbaria), 1. ଶୁଷ୍କ ଶାକ ଔଷଧ ଆଦି ନମୁନାର ସଂଗ୍ରହ ; 2. ଶୁଷ୍କ ଶାକ ଔଷଧ ଆଦି ନମୁନା ରଖିବାର ପୁସ୍ତକ ; 3. ବିଜ୍ଞାନ ଶିକ୍ଷା ନିମନ୍ତେ ଶୁଷ୍କ ଶାକ ଔଷଧ ଆଦିର ନମୁନା ରଖିବା ଗୃହ ।

Herbivore, *n.* (*pl.* Herbivora), ଶାକାହାରୀ ପଶୁ, ତୃଣଖିଆ ପଶୁ ।

Herbivorous, *a.* ଶାକାହାରୀ, ତୃଣଖିଆ ।

Herby, *a.* ଔଷଧ ବା ଶାକଧର୍ମକ, ଶାକାଦି ଗୁଣବିଶିଷ୍ଟ ।

Herculean, *a.* 1. ହର୍କ୍ୟୁଲିସ୍ ବୀରସମ୍ବନ୍ଧୀୟ ; 2. ହର୍କ୍ୟୁଲିସ୍ ତୁଲ୍ୟ, ପ୍ରକାଣ୍ଡ, ବଡ ; 3. ଅତି କଠିନ, ଦୁଷ୍କର ।

Herd, *n.* 1. ପଲ, ଗୋଠ, ଯୂଥ ; 2. ଦଳ, ଇତର ଲୋକସମୂହ ; 3. ପାଳକ, ରକ୍ଷକ used mostly in composition as shep*herd* ।—*v.i.* ପଲ-ପଲ-ହେ, ଗୋଠ-ହେ, ଯୂଥ-ହେ, ଏକତ୍ରିତ-ହେ, ଦଳ-ବଦ୍ଧ-ହେ ।

**Herdsman**, *n.* ପାଳକ, ଗଉଡ଼, ପଶୁପାଳ ।

**Here**, *ad.* 1. ଏଠାରେ, ଏସ୍ଥାନରେ ; 2. ଏଆଡ଼େ ; 3. ଏହି ଜୀବନରେ, ବର୍ତ୍ତମାନ ଅବସ୍ଥାରେ ।—Neither here nor there, ଅସମ୍ପର୍କୀୟ, ଏଆଡ଼େ ନୁହେଁ ବା ସେଆଡ଼େ ନୁହେଁ, କିଛି କାମର ନୁହେଁ । Here and there, ଏଆଡ଼େ ସେଆଡ଼େ, ଇତସ୍ତତଃ ।

**Hêreabout, Hereabouts**, *ad.* ଏହି ସ୍ଥାନ ମଧ୍ୟରେ, ଏହି ଅଞ୍ଚଳରେ ।

**Hereafter**, *ad.* 1. ଏଉତ୍ତାରୁ, ଏଥିଉତ୍ତାରୁ, ଏହାପରେ, ଭବିଷ୍ୟତରେ, ଆସନ୍ତା କାଳରେ ; 2. ପରକାଳରେ । —*n.* ପରକାଳ ।

**Hereat**, *ad.* ଏହିହେତୁ ।

**Hereby**, *ad.* 1. ଏହାଦ୍ୱାରା, ଏତଦ୍ୱାରା ; 2. ନିକଟରେ ।

**Hereditable**, *a.* ଉତ୍ତରାଧିକାରାର୍ହ, ଉତ୍ତରାଧିକାରଯୋଗ୍ୟ ।

**Hereditament**, *n.* ଉତ୍ତରାଧିକାରଯୋଗ୍ୟ ସମ୍ପତ୍ତି ।

**Heriditarily**, *ad.* ଉତ୍ତରାଧିକାରକ୍ରମେ, କୁଳକ୍ରମେ ।

**Heriditary**, *a.* 1. ଉତ୍ତରାଧିକାରବିଷୟକ; 2. ପୈତୃକ, ପିତାଗତ, କୁଳକ୍ରମାଗତ, ପରମ୍ପରାଗତ ; 3. ଉତ୍ତରାଧିକାରକ୍ରମେ ପ୍ରାପ୍ତ, ମୌରସୀ ।

**Heredity**, *n.* 1. ପିତାମାତାର ଗୁଣାଦିର ପରମ୍ପରାଗମନ ; 2. ସନ୍ତାନସନ୍ତତି ପିତାମାତାର ସ୍ୱାଭାବିକ ଗୁଣସବୁ କୁଳକ୍ରମେ ପ୍ରାପ୍ତ ହୁଅନ୍ତି ବୋଲି ଯେଉଁ ମତ ।

**Herein**, *ad.* ଏଥିରେ, ଏଥିମଧ୍ୟରେ, ଏହି ସ୍ଥାନରେ ।

**Hereinafter**, *ad.* ଏହାପରେ, ଏଥିପରେ, (ଦଲିଲ ବା ଚୁକ୍ତିର) ପରଭାଗରେ ।

**Hereof**, *ad.* 1. ଏହା ବିଷୟରେ ; 2. ଏହାଠାରୁ, ଏକାରଣରୁ ।

**Hereon, Hereupon**, *ad.* ଏହା ଉପରେ, ତଦୁପରି, ଏକାରଣରୁ ।

**Heresiarch**, *n.* ମତ୍ୟ ଧର୍ମର ପ୍ରଧାନ ବିରୋଧୀ ।

**Heresy**, *n.* 1. କୌଣସି ମଣ୍ଡଳୀସ୍ଥ ସଭ୍ୟର ଧର୍ମର ମୂଳସୂତ୍ର ବିଷୟରେ ଭ୍ରାନ୍ତ ମତ, ବୈଧର୍ମ୍ୟ, ସତ୍ୟ ଧର୍ମର ବିରୁଦ୍ଧ ମତ; 2. ସ୍ଥାପିତ ଧର୍ମର ବିରୋଧୀ ମତ ; 3. (English law), ଖ୍ରୀଷ୍ଟ ଧର୍ମର ମୂଳସୂତ୍ର ବିଷୟରେ ପୁନଃପୁନଃ ପ୍ରକାଶ୍ୟ ଅସ୍ୱୀକାର ।

**Heretic**, *n.* 1. ବିଜ୍ଞାନ ସଙ୍ଗତ ବା ଧର୍ମର ସ୍ଥାପିତ ମତର ବିରୋଧୀ; 2. କୌଣସି ମଣ୍ଡଳୀସ୍ଥ ସଭ୍ୟ ଯେ ନିଜ ମଣ୍ଡଳୀର ମୂଳସୂତ୍ର ବିଷୟରେ ବିରୁଦ୍ଧ ମତ ଧରେ, ସ୍ୱଧର୍ମଭ୍ରଷ୍ଟ ଲୋକ ; 3. (English law), ଯେ ଖ୍ରୀଷ୍ଟଧର୍ମର ମୂଳସୂତ୍ର ବିଷୟରେ ପୁନଃପୁନଃ ପ୍ରକାଶ୍ୟଭାବେ ଅସ୍ୱୀକାର କରେ ।

**Heretical**, *a.* 1. ଧର୍ମର ମୂଳସୂତ୍ର ବିଷୟରେ ଭ୍ରାନ୍ତ ମତଯୁକ୍ତ ; 2. ସ୍ଥାପିତ ମତର ବିରୁଦ୍ଧ ।

**Heretically**, *ad.* 1. ଧର୍ମର ମୂଳସୂତ୍ର ବିଷୟକ ଭ୍ରାନ୍ତମତାନୁସାରେ ; 2. ସ୍ଥାପିତ ମତର ବିରୁଦ୍ଧଭାବେ ।

**Hereto, Hereunto**, *ad.* 1. ଏହି ପର୍ଯ୍ୟନ୍ତ ; 2. ଏ ଅଭିପ୍ରାୟରେ ।

**Heretofore**, *ad.* ଏହାର ପୂର୍ବେ, ଇତପୂର୍ବେ, ଆଗେ, ପୂର୍ବକାଳରେ, ଏହିପର୍ଯ୍ୟନ୍ତ ।

**Herewith**, *ad.* ଏହା ସହିତ, ଏଥିସଙ୍ଗେ ।

**Heritable**, *a.* ଉତ୍ତରାଧିକାରଯୋଗ୍ୟ, ଅଧିକାରଭୋଗଯୋଗ୍ୟ ।

**Heritably**, *ad.* ଉତ୍ତରାଧିକାରକ୍ରମେ ।

**Heritage**, *n.* 1. ଉତ୍ତରାଧିକାର, ପୈତୃକଧନ ; 2. ଅଧିକାର ; 3. ପରମ୍ପରାପ୍ରାପ୍ତ ଗୁଣ ବା ଅବସ୍ଥା ।

**Hermaphrodite**, *n.* ଦ୍ୱିଲିଙ୍ଗଯୁକ୍ତ ଜନ୍ତୁ, ପୁଂକେଶର ଓ ଗର୍ଭକେଶରଯୁକ୍ତ ଗଛ ।—*a.* ଦ୍ୱିଲିଙ୍ଗଯୁକ୍ତ ।

**Hermetic, Hermetical**, *a.* 1. ଗୁପ୍ତ ବିଷୟର ହର୍ମିସ୍ ନାମକ ଦେବତାସମ୍ବନ୍ଧୀୟ ; 2. କିମିୟାବିଦ୍ୟାସମ୍ବନ୍ଧୀୟ ; 3. ସମ୍ପୂର୍ଣ୍ଣରୂପେ ବନ୍ଦ, ରୁଦ୍ଧବାୟୁ ।

**Hermetically**, *ad.* 1. କିମିୟାବିଦ୍ୟାନୁସାରେ ; 2. (କୌଣସି ପାତ୍ରର) ମୁହଁର ଧାର ତରଳାଇ ମିଶାଇବା ଦ୍ୱାରା, ଦୃଢରୂପେ, ସମ୍ପୂର୍ଣ୍ଣରୂପେ ।

**Hermit**, *n.* ଲୋକତ୍ୟାଗୀ, ବନବାସୀ, ବାନପ୍ରସ୍ଥ, ସନ୍ନ୍ୟାସୀ, ଉଦାସୀନ ।

**Hermitage**, *n.* ବନବାସିର ଆଶ୍ରମ, ସନ୍ନ୍ୟାସିର ଆଶ୍ରମ ।

**Hermit-crab**, *n.* ଅନ୍ୟର ଖୋଳପା ମଧ୍ୟରେ ରହିବା କଙ୍କଡ଼ାବିଶେଷ ।

**Hernia**, *n.* ଅନ୍ତ୍ରବୃଦ୍ଧି ରୋଗ, ଅନ୍ତ୍ରଭ୍ରଂଶ ।

**Hero**, *n.* (*pl.* Heroes), 1. ବୀର, ଶୂର, ବିକ୍ରାନ୍ତ ପୁରୁଷ; 2. ବିଖ୍ୟାତ ପୁରୁଷ, ମହାତ୍ମ ପୁରୁଷ, ମହାଜନ ; 3. ନାୟକ, କଥାପୁରୁଷ ।

**Heroic**, *a* 1. ବୀରସମ୍ବନ୍ଧୀୟ, ବୀରବିଷୟକ; 2. ବୀରୋଚିତ, ବୀର୍ଯ୍ୟବାନ୍, ବିକ୍ରମୀ, ସାହସିକ, ମହାବୀର୍ଯ୍ୟ, ମହାତ୍ମ । —Heroic treatment or remedies, ପ୍ରବଳ ଉପାୟ ବା ପ୍ରତୀକାର । Heroic verse ମହାକାବ୍ୟର ଛନ୍ଦ, ଇଂରାଜୀପଦ୍ୟରେ ଦଶପଦୀ ଛନ୍ଦ ।—*n.* 1. ମହାକାବ୍ୟ ; 2. *pl.* ବାଗାଡ଼ମ୍ବର ।

**Heroically**, *ad.* ସାହସିକରୂପେ, ବିକ୍ରମିରୂପେ, ବୀରୋଚିତରୂପେ, ବୀରବତ୍, ମହାତ୍ମରୂପେ ।

**Heroine**, *n.* 1. ବୀରା, ବୀରବାଳା, ସାହସିକା ସ୍ତ୍ରୀ; 2. ନାୟିକା ।

**Heroism**, *n.* ବୀରତ୍ୱ, ବୀର୍ଯ୍ୟ, ବିକ୍ରମ, ସାହସ, ମାହାତ୍ମ୍ୟ ।

**Heron, Hern**, *n.* ବଗିଆବଗ, କ୍ରୌଞ୍ଚ ।

**Heronshaw, Hernshaw**, *n.* ବଗିଆବଗର ଛୁଆ, ବଗିଆବଗ ।

**Hero-worship**, *n.* ବୀରପୂଜା, ମହାଜନ ପ୍ରତି ଅତିଭକ୍ତି ।

**Herpes**, *n* ଚର୍ମର ରୋଗ ବିଶେଷ ।

**Herring**, *n.* ସମୁଦ୍ର ମାଛ ବିଶେଷ ।

**Hers**, *pro.* (ସ୍ତ୍ରୀଲିଙ୍ଗ), ତାହାର, ତାହାଙ୍କର ।

**Herself**, *pro.* (ସ୍ତ୍ରୀଲିଙ୍ଗ), ସେ ନିଜେ, ଆପେ ।

**Hesitancy**, *n.* ସନ୍ଦେହକରଣ, ଅସ୍ଥିରତା, ବିଳମ୍ବ ।

**Hesitant**, *a.* ସନ୍ଦେହୀ, ପ୍ରସ୍ତୁତତାରହିତ ।

**Hesitate**, *v.i.* 1. ଦ୍ୱିଧା-କ, ସଂଶୟ-କ, ସନ୍ଦେହ-କ, ସନ୍ଦେହ ହେତୁ ବିଳମ୍ବ-କ ; 2. ରହିରହି କଥା କହିବା ।

**Hesitatingly**, *ad.* ସନ୍ଦେହରୂପେ, ସଂଶୟପୂର୍ବକ ।

**Hesitation**, *n.* 1. ସନ୍ଦେହ ହେତୁ ବିଳମ୍ବ, ଦ୍ୱିଧା, ସନ୍ଦେହ, ସଂଶୟ, ଅସ୍ଥିରତା ; 2. କଥାର ସ୍ଖଳନ

**Hesperian**, *a.* (poetical), ପଶ୍ଚିମ ଦିଗସ୍ଥ, ସାନ୍ଧ୍ୟ ।

**Heterodox**, *a.* 1. ସ୍ଥାପିତ ମତର ବିରୋଧୀ, ପ୍ରଚଳିତ ମତର ବିରୁଦ୍ଧ; 2. ଧର୍ମବିରୁଦ୍ଧ, ବିଧର୍ମୀ ।

**Heterodoxy**, *n.* 1. ସ୍ଥାପିତ ମତର ବିରୋଧିତା; 2. ସ୍ଥାପିତ ଧର୍ମର ବିରୋଧୀ ମତ, ବିଧର୍ମ ।

**Heterogeneous**, *a.* ଭିନ୍ନଜାତୀୟ, ଭିନ୍ନସ୍ୱଭାବ, ଅସମ ଉପାଦାନବିଶିଷ୍ଟ, ନାନାପ୍ରକାର ।

**Heterogeneously**, *ad.* ଭିନ୍ନଜାତୀୟରୂପେ, ଅସମ ଉପାଦାନବିଶିଷ୍ଟରୂପେ, ବିବିଧରୂପେ ।

**Heterogeneousness, Heterogeneity**, *n.* ଭିନ୍ନଜାତୀୟତା, ପୃଥକରୂପତା, ବହୁବିଧତା ।

**Heteronomy**, *n.* ପରକୀୟ ଶାସନର ଅଧୀନତା ।

**Hew**, *v.t.* 1. କୁଠାର ଦ୍ୱାରା କାଟିବା, କାଟିବା, ହାଣିବା, ଛେଦନ-କ, କାଟିପକାଇବା; 2. ଅସ୍ତ୍ର ଦ୍ୱାରା ଗଢ଼ିବା, ଗଢ଼ିବା, ଗଠନ-କ ।

**Hewer**, *n.* ଯେ ପଥର ବା କାଠ କାଟେ ।

**Hewn**, *past p.* of Hew.

**Hexagon**, *n.* ଷଡ଼ଭୁଜ ଓ ଷଟ୍‌କୋଣଯୁକ୍ତ କ୍ଷେତ୍ର ।

**Hexagonal**, *a.* ଷଡ଼ଭୁଜ ଓ ଷଟ୍‌କୋଣବିଶିଷ୍ଟ ।

**Hexahedron**, *n.* ସମଷଡ଼ଭୁଜବିଶିଷ୍ଟ ଘନ ପଦାର୍ଥ, ଘନ ।

**Hexahedral**, *a.* ଘନାକାର ।

**Hexameter**, *n.* ଷଟ୍‌ପଦ ଚରଣ, ଛ ଚରଣଯୁକ୍ତ ଛନ୍ଦଃ ।—*a.* ଷଟ୍‌ପଦ ।

**Hexangular**, *a.* ଷଟ୍‌କୋଣଯୁକ୍ତ ।

**Hexapod**, *n.* ଷଟ୍‌ପଦ ଛଅ ପଦ ।

**Hey**, *interj.* 1. ହର୍ଷସୂଚକ ଶବ୍ଦ, ଯଥା,—ହାହା ! ଉପଭଲ ! 2. ମନୋଯୋଗ ଆକର୍ଷକ ଶବ୍ଦ, ଯଥା,—ଅହୋ ! ହୋହୋ !

**Heydey**, (1) *interj.* ଆହ୍ଲାଦ ବା ବିସ୍ମୟସୂଚକ ଶବ୍ଦ, ଯଥା,—ଅହା ! ଆଃ !

**Heydey**, (2) *n.* ତେଜଃ, ଉତ୍ସାହ, ନବଯୌବନ ।

**Hiatus**, *n.* (*pl.* Hiatuses), 1. ଛେଦ, ଛିଦ୍ର, ଫାଟ, ରନ୍ଧ୍ର; 2. ବ୍ୟଞ୍ଜନବର୍ଣ୍ଣରହିତ ଦୁଇ ସ୍ୱରବର୍ଣ୍ଣ ମିଳନରେ କଷ୍ଟ ଉଚ୍ଚାରଣ ।

**Hibernal**, *a.* ହିମକାଳସମ୍ବନ୍ଧୀୟ, ହୈମନ୍ତ, ଶୀତକାଳୀନ ।

**Hibernate**, *v.i.* 1. ଶୀତକାଳ କ୍ଷେପଣ-କ, ଶୀତକାଳ ନିଦ୍ରାରେ ବା ଜଡ଼ତାରେ କ୍ଷେପଣ-କ; 2. ଗର୍ତ୍ତରେ ବା କନ୍ଦରରେ କାଳ କ୍ଷେପଣ-କ ।

**Hibernation**, *n.* ଜଡ଼ତାରେ ଶୀତକାଳର କ୍ଷେପଣ ।

**Hibernian**, *a.* ଆୟର୍ଲଣ୍ଡଦେଶୀୟ ।—*n.* ଆୟର୍ଲଣ୍ଡଦେଶୀୟ ଲୋକ ।

**Hibernianism**, *n.* ଆୟର୍ଲଣ୍ଡଦେଶୀୟ ଲୋକଙ୍କ କଥାର ବିଶେଷ ଢଙ୍ଗ ।

**Hiccup, Hiccough, Hickup**, *n.* ହିକ୍କା, ହାକୁଟୀ ।—*v.i.* ହିକ୍କା ମାରିବା, ହାକୁଟୀ ମାରିବା, ହିକ୍କା ମାରି କହିବା ।

**Hickory**, *n.* ଅଖୋଟ ଜାତୀୟ ଗଛ । [ଲୋକ ।

**Hidalgo**, *n.* ସ୍ପେନ୍ ଦେଶରେ ନୀଚ ଶ୍ରେଣୀର ଭୂମୀକ

**Hidden, Hid**, *p.a.* 1. ଗୁପ୍ତ, ଗୋପନୀୟ, ଅପ୍ରକାଶିତ, ଅଦୃଶ୍ୟ; 2. ଗୂଢ଼, ଅଜ୍ଞେୟ, ଅସ୍ପଷ୍ଟ, ଗଭୀର ।

**Hiddenly**, *ad.* ଗୁପ୍ତଭାବେ, ଗୋପନୀୟଭାବେ, ଅପ୍ରକାଶିତରୂପେ ।

**Hiddenness**, *n.* ଗୁପ୍ତାବସ୍ଥା, ଗୋପନ ।

**Hide**, *v.t.* 1. ଲୁଚାଇବା; 2. ଗୁପ୍ତ-କ, ଗୋପନ-କ, ଲୁଚାଇ ରଖିବା, ଘୋଡ଼ାଇବା ।—*v.i.* ଲୁଚିବା, ଲୁଚି ରହିବା ।

**Hide**, *n.* ପଶୁର କଞ୍ଚା ବା ପ୍ରସ୍ତୁତ ଚର୍ମ, ଚର୍ମ ।—*v.t.* ପିଟି ପକାଇବା । [ଖେଳ ।

**Hide-and-seek**, *n.* ଲୁଚକାଳି ଖେଳା, ଲୁଚୁଲୁକାଣି

**Hide-bound**, *a.* 1. ସଙ୍କୁଚିତ ଚର୍ମଯୁକ୍ତ; 2. ଏକଗୁଁଆ ।

**Hideous**, *a.* ଭୟଙ୍କର, ଭୀଷଣ, ଭୟାନକ, ଘୋର, ବଦାକାର, କୁତ୍ସିତ, ଘୃଣ୍ୟ ।

**Hideously**, *ad.* ଭୟଙ୍କରରୂପେ, ଭୀଷଣରୂପେ, ଭୟାନକରୂପେ, ଘୋରରୂପେ, କୁତ୍ସିତରୂପେ, ଘୃଣ୍ୟରୂପେ ।

**Hideousness**, *n.* ଭୟଙ୍କରତା, ଭୀଷଣତା, ଭୟାନକତା, ଘୋରତା, କୁତ୍ସିତତା ।

**Hiding**, *n.* ଗୋପନ, ଗୁପ୍ତାବସ୍ଥା ।

**Hie**, *v.i.* ବେଗେ ଯିବା, ଶୀଘ୍ରଗମନ-କ । [କାଳୀନ ।

**Hiemal, Hyemal**, *a.* ଶୀତକାଳସମ୍ବନ୍ଧୀୟ, ଶୀତ-

**Hierarch**, *n.* ଧର୍ମାଧିପତି ।

**Hierarchical, Hierarchal**, *a.* 1. ଧର୍ମାଧ୍ୟକ୍ଷ ସମ୍ପ୍ରଦାୟସମ୍ବନ୍ଧୀୟ; 2. ଧର୍ମାଧ୍ୟକ୍ଷ ଦ୍ୱାରା ଶାସନସମ୍ବନ୍ଧୀୟ ।

**Hierarchy**, *n.* 1. ଧର୍ମସମ୍ବନ୍ଧୀୟ ବିଷୟରେ କର୍ତ୍ତୃତ୍ୱ; 2. ଧର୍ମାଧ୍ୟକ୍ଷ ସମ୍ପ୍ରଦାୟ; 3. ଧର୍ମାଧ୍ୟକ୍ଷ ଦ୍ୱାରା ଶାସନ ।

**Hieroglyph, Hieroglyphic**, *n.* 1. ଶବ୍ଦ ବା କଥାର ପରିବର୍ତ୍ତେ ବ୍ୟବହୃତ ଚିତ୍ରଲେଖା, ଚିତ୍ର ଦ୍ୱାରା ଲିଖନ, ଚିତ୍ରଲେଖା; 2. ଗୁପ୍ତାକ୍ଷର, ଗୁପ୍ତକଥା ।

**Hieroglyphic, Hieroglyphical**, *a.* 1. ଚିତ୍ରଲେଖାସମ୍ବନ୍ଧୀୟ; 2. ଚିତ୍ର ଦ୍ୱାରା ଅର୍ଥପ୍ରକାଶକ ।

**Hierophant**, *n.* ପୁରାତନ ଗ୍ରୀସ୍ ଦେଶରେ ଗୂଢ଼ ବିଷୟର ବ୍ୟାଖ୍ୟାକାରୀ ଯାଜକ, ଯାଜକ । [-କ ।

**Higgle**, *v.i.* 1. ଚିଟାଇ କରି ଦର-କ; 2. ଫେରିବାଲା

**Higgledy-piggledy**, *ad.* (Coloquial), ଓଲ୍ଟା-ପୋଲ୍ଟା, ଅଭୁଆଡ଼ୁଆ ।

**Higgler**, *n.* 1. ଯେ ଚିଟାଇ କରି ଦର କରେ; 2. ଫେରିବାଲା ।

**High**, *a.* 1. ଉଚ୍ଚ, ଊର୍ଦ୍ଧ୍ୱ; 2. ପ୍ରଧାନ, ଶ୍ରେଷ୍ଠ, ମହତ୍; 3. ଅହଙ୍କାରୀ, ଗର୍ବୀ; 4. କଡ଼ା, ପ୍ରଚଣ୍ଡ; 5. ଗୁରୁତର, ଉଗ୍ର; 6. ପ୍ରବଳ, ଅପରିମିତ, ଅଧିକ; 7. ପୂର୍ଣ୍ଣ; 8. ଗାଢ଼, ଉଜ୍ଜ୍ୱଳ; 9. ମହଙ୍ଗା, ମହାର୍ଘ, ଦୁର୍ମୂଲ୍ୟ, ବଡ଼; 10. ବିଷୁବରେଖାଠାରୁ ଦୂର; 11. ତୀକ୍ଷ୍ଣ, ଉଦାତ୍ତ; 12. ଉନ୍ନତ; 13. ରାଜା ବା ରାଜ୍ୟର ବିରୁଦ୍ଧେ କୃତ, ପ୍ରାଣଦଣ୍ଡଯୋଗ୍ୟ; 14. ଗନ୍ଧିଆ, ଅଳ୍ପ ପଚା ।—A high hand, ଦୁଃସାହସ । On high, ଊର୍ଦ୍ଧ୍ୱରେ । High and dry, ଶୁଖିଲା ଭୂଇଁରେ । High life, ବଡ଼ ଲୋକଙ୍କ ସମାଜ ବା ଆଚାର । High living,

ବଳାଧିକ୍ୟରେ ଜୋରଜପାଣ । High sea, ସ୍ଥଳର ସୀମା ବାହାରେ ଥିବା ସମୁଦ୍ର । High water, ପୂର୍ଣ୍ଣ ଜୁଆର । To be on the high horse. To mount one's high horse, ଆତ୍ମମର୍ଯ୍ୟାଦା ରକ୍ଷା -କ, ଅଭିମାନୀ-ହେ, ଦୋଷ ଧରି ଅସନ୍ତୁଷ୍ଟ-ହେ ।—*ad.* 1. ଉଚ୍ଚରୂପେ, ଊର୍ଦ୍ଧ୍ୱରେ; 2. ଦମ୍ଭାଳରୂପେ ; 3. ବଳାଧିକ୍ୟରେ ।

High-born, *a.* ଉଚ୍ଚବଂଶୀୟ, କୁଳୀନ, ସତ୍କୁଳଜ, ଶ୍ରେଷ୍ଠକୁଳୋଦ୍ଭବ ।

High-bred, *a.* 1. ଉଚ୍ଚବଂଶୀୟ, କୁଳୀନ ; 2. ସୁଶୀଳ, ଶିଷ୍ଟାଚାର ।

High-coloured, *a.* 1. ଗାଢ ରଙ୍ଗବିଶିଷ୍ଟ, ଉଜ୍ଜ୍ୱଳ ; 2. ଅତିରଞ୍ଜିତ ।

High-flown, *a.* 1. ଉଚ୍ଚୀକୃତ ; 2. ଦମ୍ଭୀ, ଅଳଙ୍କୃତ, ଆଡମ୍ବରବିଶିଷ୍ଟ ।

High-flying, *a.* ଦମ୍ଭୀ ବୋଧବିଶିଷ୍ଟ, ଆଡମ୍ବରବିଶିଷ୍ଟ, ଅପରିମିତ ।

High-handed, *a.* ପ୍ରବଳ, ସ୍ୱେଚ୍ଛାଧୀନ, ଅତ୍ୟାଚାରୀ ।

Highland, *n.* ପାର୍ବତୀୟ ଦେଶ, ଅଧିତ୍ୟକା, generally in *pl.* and often as a proper name.—*a.* ପାର୍ବତୀୟ ଦେଶସମ୍ବନ୍ଧୀୟ ।

Highlander, *n.* ପର୍ବତବାସୀ, ସ୍କଟଲଣ୍ଡରେ ପାର୍ବତୀୟ ଦେଶନିବାସୀ ।

Highly, *ad.* 1. ସମ୍ମାନପୂର୍ବକ ; 2. ଉଚ୍ଚରୂପେ ; 3. ଅତ୍ୟନ୍ତ, ଅଧିକ, ବିଶେଷରୂପେ । [ମହାତ୍ମା ।

High-minded, 1. ଗର୍ବିତ, ଅହଙ୍କାରୀ ; 2. ମହାମନା,

Highness, *n.* 1. ଉଚ୍ଚତା, ଊର୍ଦ୍ଧ୍ୱତା ; 2. ପ୍ରଧାନତା, ଶ୍ରେଷ୍ଠତା, ମହତ୍ତ୍ୱ ; 3. ଅହଙ୍କାର, ଗର୍ବ ; 4. ପ୍ରଚଣ୍ଡତା ; 5. ଗୁରୁତ୍ୱ ; 6. ପ୍ରବଳତା, ଆଧିକ୍ୟ ; 7. ପୂର୍ଣ୍ଣତା ; 8. ଗାଢତା, ଉଜ୍ଜ୍ୱଳତା ; 9. ମହାର୍ଘତା, ଦୁର୍ମୂଲ୍ୟତା ; 10. ବିଷୁବରେଖାଠାରୁ ଦୂରତା ; 11. ତୀକ୍ଷ୍ଣତା ; 12. ଉଗ୍ରତା ; 13. ପ୍ରାଣଦଣ୍ଡଯୋଗ୍ୟତା ; 14. ଦୁର୍ଗନ୍ଧତା, ଅଳ୍ପ ପଚ-ସଡ଼ ; 15. ଯୁବରାଜ ପଦର ଉପାଧି ବିଶେଷ, ଯଥା,—ମହାମହିମ, used with *his*, *her*, &c.

High-priced, *a.* ଦୁର୍ମୂଲ୍ୟ, ବହୁମୂଲ୍ୟ ।

High-priest, *n.* ମହାଯାଜକ, ପ୍ରଧାନ ପୁରୋହିତ ।

High-principled, High-souled, *a.* ଉଚ୍ଚ ମୂଳ-ସୂତ୍ରଧାରୀ, ମହାତ୍ମା, ମହତ ।

Highroad, Highway, *n.* 1. ରାଜପଥ, ବଡ଼ଦାଣ୍ଡ, ସଡ଼କ ; 2. ସିଧା ବାଟ, ସହଜ ଉପାୟ, ବାଟ ।

High-seasoned, High-flavoured, *a.* ତୀକ୍ଷ୍ଣସ୍ୱାଦ, ଅତି ମସଲାମୟ ।

High-sounding, *a.* ଉଚ୍ଚଶବ୍ଦକାରୀ, ଦମ୍ଭୀ, ଆଡମ୍ବରବିଶିଷ୍ଟ ।

High-spirited, High-mettled, *a.* ତେଜସ୍ୱୀ, ମହାସାହସୀ, ଅଦମ୍ୟ, ସ୍ୱାଭାବିକରୂପେ ଅହଙ୍କୃତ ।

High-strung, *a.* 1. ଉଚ୍ଚ ସ୍ୱରରେ ବନ୍ଧା ; 2. ସ୍ୱାଭାବିକରୂପେ ଅଭିଭୂତ ।

High-toned, *a.* 1. ଉଚ୍ଚ ସ୍ୱରଯୁକ୍ତ ; 2. ମହତ୍, ମହାତ୍ମା ।

High-water, *a.* ପୂର୍ଣ୍ଣ ଜୁଆରସମ୍ବନ୍ଧୀୟ ।

Highwayman, *n.* ଡକାଇତ, ବାଟପାଡ଼, ଦସ୍ୟୁ ।

High-wrought, *a.* 1. ସୁନିର୍ମିତ, ସୁଗଠିତ ; 2. ଉତ୍ତେଜିତ, ଉଦ୍ଦୀପ୍ତ, ତୀକ୍ଷ୍ଣରୂପେ ଅନୁଭୂତ, ଉଗ୍ର ।

Hilarious, *a.* ଉଲ୍ଲାସପୂର୍ଣ୍ଣ, ହର୍ଷପୂର୍ଣ୍ଣ, ଆମୋଦପୂର୍ଣ୍ଣ, ହୃଷ୍ଟ, ଆମୋଦିତ ।

Hilarity, *n.* ପ୍ରଫୁଲ୍ଲତା, ଉଲ୍ଲାସ, ହର୍ଷ, ଆହ୍ଲାଦ, ଆମୋଦ । [ଗଦା ।

Hill, *n.* 1. ପାହାଡ଼, ଉପପର୍ବତ, କ୍ଷୁଦ୍ର ଗିରି ; 2. ଢିପ,

Hilliness, *n.* ପାହାଡ଼ମୟତା ।

Hillock, *n.* ସାନ ପାହାଡ଼, ଢିପ ।

Hilltop, *n.* ପାହାଡ଼ଶୃଙ୍ଗ ।

Hilly, *n.* ପାହାଡ଼ିଆ, ଉପପର୍ବତମୟ, ଉନ୍ନତ ।

Hilt, *n.* ଖଣ୍ଡାର ମୂଠା, ବେଣ୍ଟ ।

Hilted, *a.* ମୂଠାଯୁକ୍ତ, ବେଣ୍ଟଯୁକ୍ତ ।

Him, *pro.* (ପୁଂଲିଙ୍ଗ), ତାହାକୁ, ତାହାଙ୍କୁ, ତାକୁ ।

Himself, *pro.* (ପୁଂଲିଙ୍ଗ), ସେ ଆପେ, ନିଜେ, ଆପଣାକୁ, ନିଜକୁ ।—by himself, ଏକାକୀ ।

Hind, (1) *n.* ହରିଣୀ, ମୃଗୀ ।

Hind, (2) *n.* ଚଷାର ମୂଲିଆ ।

Hinder, Hind, *a. hind'er*, ପଶ୍ଚାତ୍, ପଶ୍ଚାଦ୍‌ବର୍ତ୍ତୀ, ପଛ ।

Hinder, *v.t. hin'der*, ବାଧା-ଦେ, ବ୍ୟାଘାତ-କ, ଅଟକାଇବା, ନିବାରଣ-କ, often with *from* and a verbal noun.—*v.i.* ବ୍ୟାଘାତ ଜନ୍ମାଇବା, ବାଧା-ଦେ ।

Hindmost, Hindermost, *a.* ସର୍ବପଶ୍ଚାତ୍, ସର୍ବଶେଷ, ଅନ୍ତ୍ୟ, ସର୍ବପଛ ।

Hindrance, Hinderance, *n.* ବ୍ୟାଘାତକରଣ, ବାଧା, ବ୍ୟାଘାତ, ନିବାରଣ, ପ୍ରତିବନ୍ଧ, ଅଟକ, ବନ୍ଦ ।

Hinge, *n.* 1. କବଜା, ଦ୍ୱାରର ହାସକଳ ; 2. ଅବଲମ୍ବ ।—*v.t.* 1. କବଜା ଲଗାଇବା ; 2. ଅବଲମ୍ବ କରାଇବା, ନିର୍ଭର କରାଇବା ।—*v.i.* 1. କବଜାଯୁକ୍ତ-ହେ, କବଜାରେ ଝୁଲିବା ; 2. ଅବଲମ୍ବ-କ, ନିର୍ଭର-କ ।

Hint, *v.t.* ଅଳ୍ପ ଉଲ୍ଲେଖ ଦ୍ୱାରା ଜଣାଇବା, ପରୋକ୍ଷରୂପେ ଉଲ୍ଲେଖ-କ, ସଙ୍କେତ-କ, ନିର୍ଦ୍ଦେଶ-କ ।—*v.i.* ପରୋକ୍ଷରୂପେ ଉଲ୍ଲେଖ-କ ।—To hint at, ପରୋକ୍ଷରୂପେ ଜଣାଇବା, ସଙ୍କେତରୂପେ ଜଣାଇବା ।—*n.* ପରୋକ୍ଷରୂପେ ଉଲ୍ଲେଖ, ସଙ୍କେତ ।

Hip, (1) *n.* କୋଳପାଳ, ଉରୁଦେଶର ସନ୍ଧି, ନିତମ୍ବ ।—To have on the hip, ସୁବିଧାରେ ପାଇବା, ବାଗକୁ ଆସିବା । To smite hip and thigh, ମହା-ସଂହାରରେ ଧ୍ୱଂସ-କ ।

Hip, (2) *n.* ବନ୍ୟ ଗୋଲାପର କୋଳି ।

Hip, (3) *interj.* only used in phrase Hip, hip, hurrah, ଶାବାସ ! ବାଃ ବାଃ !

Hip-joint, *n.* ଉରୁବେଶର ସନ୍ଧି ।
Hipped, *a.* ବଷାଦ୍ଗ୍ରସ୍ତ, ବଷଣ୍ଣ ।
Hippish, *a.* ଅଳ୍ପ ବଷଣ୍ଣ ।
Hippodrome, *n.* ଅଶ୍ୱ ଧାବନର ରଙ୍ଗଭୂମି ।
Hippophagy, *n.* ଅଶ୍ୱମାଂସ ଖାଇବା ପ୍ରଥା ।
Hippopotamus, *n.* (*pl.* Hippopotamuses and Hippopotami), ହିପୋପୋଟମସ, ସ୍ଥୂଳଚର୍ମଯୁକ୍ତ ଜଳଚର ବୃହତ୍ ଜନ୍ତୁ, ଜଳହସ୍ତୀ ।
Hip-roof, *n.* ମଣ୍ଡପ ଛାତ ।
Hip-shot, *a.* ଉରୁବେଶର ସନ୍ଧିଚ୍ୟୁତ, ପିଣ୍ଡଭଙ୍ଗା ।
Hircine, *a.* ଛେଳି ପରି, ଛେଳି ପରି ଦୁର୍ଗନ୍ଧ ।
Hire, *v.t.* 1. ଭଡ଼ା-କ; ଭଡ଼ା ଦେଇ ରଖିବା, ମଜୁରି-ଦେ; 2. ଭଡ଼ା-ଦେ, ଭଡ଼ା ନେଇ ଦେବା, in this sense usually with *out* and often reflexively.—*n.* ଭଡ଼ା, ମୂଲ, ମଜୁରି, ବେତନ ।
Hireling, *n.* ବେତନଭୋଗୀ, ଠିକା ସେବକ ।—*a.* ବେତନଗ୍ରାହୀ, ଅର୍ଥପ୍ରିୟ ।
Hirsute, *a.* ଲୋମଶ, ଲୋମମୟ, କେଶଳ, କାଁଟିଆ ।
His, *pro.* (ପୁଂଲିଙ୍ଗ) ତାହାଙ୍କର, ତାଙ୍କର, ତାହାର, ତାର ।
Hiss, *v.i.* ଫୀତ୍କାର-କ, ହୀସ୍ ଶବ୍ଦ-କ ।—*v.t.* 1. ହୀସ୍ ଶବ୍ଦ କରି ଘୃଣା ଜ୍ଞାନ-କ; 2. ହୀସ୍ ଶବ୍ଦରେ ଉଚ୍ଚାରଣ-କ ।—*n.* ହୀସ୍ ଶବ୍ଦ ।
Hist, *interj.* ଚୁପ୍ ! ଚୁପ୍‌ଚୁପ୍ ! ଶୁଣ ଶୁଣ ! [ବୃତ୍ତଲେଖକ ।
Historian, *n.* ଇତିହାସଲେଖକ, ଇତିହାସବେତ୍ତା, ପୁରା-
Historic, Historical, ଇତିହାସରେ ଲିଖିତ, ଇତିହାସସମ୍ବନ୍ଧୀୟ, ଐତିହାସିକ, ପୁରାବୃତ୍ତବିଷୟକ ।
Historically, *ad.* ଇତିହାସାନୁସାରେ, ଐତିହାସିକରୂପେ, ଇତିହାସକ୍ରମେ ।
History, *n.* 1. ଘଟନାର ବିବରଣ ବିଶେଷରେ ଦେଶ ବା ଜାତିର ବିବରଣ, ଇତିହାସ, ପୁରାବୃତ୍ତ; 2. ବୃତ୍ତାନ୍ତ, ବିବରଣ, ବର୍ଣ୍ଣନା; 3. ଚରିତ, ଉପାଖ୍ୟାନ ।
Histrionic, Histrionical, *a.* 1. ନାଟକସମ୍ବନ୍ଧୀୟ, ନାଟକୀୟ, ଅଭିନୟକାର୍ଯ୍ୟସମ୍ବନ୍ଧୀୟ, ଅଭିନେତୃସମ୍ବନ୍ଧୀୟ; 2. ନାଟକ ଦେଖାଇବା ଜନ୍ମକ୍ଲେ ଭଣ୍ଡ, କୃତ୍ରିମ ।
Histrionism, *n.* ଅଭିନୟ, ନୃତ୍ୟ, ସଂ ।
Hit, *v.t.* 1. ମାରିବା, ଆଘାତ-କ, ପିଟିବା; 2. ଠିକ୍ ପାଇବା, ପାଇବାରେ କୃତକାର୍ଯ୍ୟ-ହେ; 3. ମିଳିବା । To hit off, ଠିକ୍‌ରୂପେ ଓ ସଂକ୍ଷେପରେ ବର୍ଣ୍ଣନା-କ, କୌଶଳରେ ପ୍ରକାଶ-କ ।—*v.i.* 1. ବାଜିବା; 2. ପାଇବା, କୃତକାର୍ଯ୍ୟ-ହେ; 3. ଉପଯୋଗୀ-ହେ, ଅନୁକୂଳ-ହେ, ଘଟିତ-ହେ ।—To hit on or upon, ଘଟଣାକ୍ରମେ ପାଇବା, ହଠାତ୍ ଦେଖିବା, ହଠାତ୍ ତାହା ଜାଣିବା । To hit out, ମୁଠାରେ ମାରିବା ।—*n.* ମାଡ଼, ଆଘାତ, ପ୍ରହାର; 2. ଶୁଭ ଘଟଣା; 3. ଉପଯୁକ୍ତ ଉକ୍ତି, ସୁକାବ୍ୟ ପ୍ରୟୋଗ ।
Hitch, *v.i.* 1. ହିଡ଼ି ହୋଇ ଚାଲିବା; 2. ଅଟକ-ହେ, ଲାଗି ରହିବା ।—*v.t.* 1. ବନ୍ଧ-କ, ବନ୍ଧ-କ, ଯୋଚିବା; 2. ହିଡ଼ି କରି ଚଳାଇବା ।—*n.* 1. ବନ୍ଧନ; 2. ଅଟକ, ବାଧା, ପ୍ରତିବନ୍ଧକ; 3. ହିଡ଼ା; 4. ଦଉଡ଼ିର ଫାଶ-ବିଶେଷ ।
Hither, *ad.* ଏଆଡ଼େ, ଏଠାରେ, ଏସ୍ଥାନରେ, ଏଠାକୁ ।—*a.* ଏପାଖସ୍ଥ, ନିକଟସ୍ଥ ।
Hithermost, *a.* ସର୍ବାପେକ୍ଷା ନିକଟସ୍ଥ ।
Hitherto, *ad.* ଏପର୍ଯ୍ୟନ୍ତ, ଅଦ୍ୟପର୍ଯ୍ୟନ୍ତ, ଅଦ୍ୟାବଧି ।
Hitherward, *ad.* ଏଆଡ଼େ, ଏପାଖେ, ଏହିଅଭିମୁଖେ ।
Hive, *n.* 1. ମହୁମାଛି ପୋଷିବା ଆଧାର; 2. ପୋଷିତ ଆଧାରରେ ଯେତେ ମହୁମାଛି ଥାଏ; 3. କର୍ମରେ ରତ ଜନତାପୂର୍ଣ୍ଣ ସ୍ଥଳ ।—*v.t.* 1. ଆଧାରରେ (ମହୁମାଛି) ପ୍ରବେଶ କରାଇବା; 2. ମହୁ ପ୍ରଭୃତି ସଞ୍ଚୟ-କ, ସଞ୍ଚୟ-କ ।—*v.i.* 1. ଆଧାରରେ ମହୁମାଛି ପଶିବା; 2. ଏକତ୍ର ବାସ-କ, ଏକାଠି ରହିବା ।
Hive-bee, *n.* ପୋଷା ମହୁମାଛି ।
Hives, *n.* ଚୁଲକଣ୍ଡୁ ଆଦି ଚର୍ମରୋଗ ।
Ho, *interj.* 1. ହୋ ! ଶୁଣ ! 2. ହୁଡ଼ ୍!
Hoard, *n.* 1. ପୁଞ୍ଜି, ସଞ୍ଚୟ, ସଞ୍ଚିତଧନ, ଗୁପ୍ତ ସଞ୍ଚୟ; 2. ଭଣ୍ଡାର ।—*v.t.* and *i.* ପୁଞ୍ଜି-କ, ସଞ୍ଚୟ-କ, ସଞ୍ଚିତ-କ, ଜମା-କ, ଗୁପ୍ତରୂପେ ରଖିବା ।
Hoarding, *n.* କାଠଖଣ୍ଡରେ ପ୍ରସ୍ତୁତ ବାଡ଼ । [ବାଦର ।
Hoar-frost, *n.* ଧଳା ତୁଷାର, କୁହୁଡ଼ି, ନିହାର, ଜମାଟ
Hoariness, *n.* ଈଷତ୍ ଶୁକ୍ଳତା, ଧୂସର ବର୍ଣ୍ଣ ।
Hoarse, *a.* ସ୍ୱରଭଙ୍ଗ, ଗଳାଭଙ୍ଗା, ମୋଟା ।
Hoarsely, *ad.* ସ୍ୱରଭଙ୍ଗରୂପେ, ମୋଟା ଶବ୍ଦରେ, ଭଙ୍ଗାଗଳାରେ । [ସ୍ୱର ।
Hoarseness, *n.* ସ୍ୱରଭଙ୍ଗତା, ସ୍ୱରର କର୍କଶତା, ମୋଟା
Hoary, Hoar, *a.* 1. ଶୁକ୍ଳ, ଈଷତ୍ ଶୁକ୍ଳ, ବୟଃଶୁକ୍ଳ, ଧୂସରବର୍ଣ୍ଣ; 2. ପ୍ରାଚୀନ ।
Hoax, *n.* କୌତୁକ ଅଭିପ୍ରାୟରେ ଫାକି, ଥଟ୍ଟାଛଳରେ ପ୍ରବଞ୍ଚନା ।—*v.t.* କୌତୁକରେ ଠକିବା ।
Hob, *n.* ଚୁଲି ପାଖରେ ବାହାର ପଟେ ଥିବା ମଞ୍ଚା ବା ଯାହା ଉପରେ କିଛି ରଖିବା ପାଇଁ ସ୍ଥାନ ଥାଏ ।
Hobble, *v.i.* ଲେଙ୍ଗଡ଼ାଇ ଚାଲିବା, ଖୋଟାଇ ଚାଲିବା, ଲେଙ୍ଗାଇ ଚାଲିବା ।—*n.* 1 ଲେଙ୍ଗଡ଼ା ଚାଲି, ଖୋଟା ଚାଲି; 2. ଝଞ୍ଜଟ, ସଙ୍କଟ ।
Hobbledehoy, *n.* ଅବାଧ୍ୟ ଲେଙ୍ଗା ଟୋକା ।
Hobby, *n.* 1. ଟାଟୁ ଘୋଡ଼ାବିଶେଷ; 2. also Hobby-horse, ବାଳକର ଖେଳିବା କାଠଘୋଡ଼ା, ଖେଳିବା ଜନ୍ମକ୍ଲେ ଘୋଡ଼ାମୁଣ୍ଡିଆ ବାଡ଼ି; 3. ପ୍ରିୟ ବସ୍ତୁ, ପ୍ରିୟ ବିଷୟ, ଅଭିରୁଚି, ସୌଖ ପଦାର୍ଥ ।
Hobgoblin, *n.* କୁଂସିତ ପଶୁ, ଭୂତ, ଭୟଙ୍କର ଛାୟା, କଳ୍ପିତ ଭୟର ହେତୁ । [ଲୁହା ।
Hobnail, *n.* ଜୋତାତଳରେ ବଂଦାଯାଉ ମୋଟାମୁଣ୍ଡିଆ
Hobnob, *v.i.* ଏକାଠି ମିଳି ପାନ-କ, ଆଳାପ-କ ।
Hock, Hough, *n.* (ମନୁଷ୍ୟ ପଶୁଙ୍କର) ଅଣ୍ଠିଗଣ୍ଠି ପାଖର ପଶ୍ଚାଦ୍ଭାଗ, ଘୋଡ଼ାର ଗୋଡ଼ଗଣ୍ଠି ଓ ଅଣ୍ଟ ମଧ୍ୟରେ ଥିବା ସ୍ଥଳ ।—*v.t.* (ମନୁଷ୍ୟର) ଜଙ୍ଘର ଶିର କାଟିବା, (ଘୋଡ଼ାର) ଗୋଡ଼ଗଣ୍ଠି ଶିର କାଟିବା ।

Hock, *n* ଦ୍ରାକ୍ଷାରସ ବିଶେଷ ।

Hockey, *n.* ବଙ୍କା ବାଡ଼ିରେ ଗେଣ୍ଡୁ ଖେଳ ବିଶେଷ ।

Hocus, *v.t.* 1. ଠକିବା ; 2. ଧେର କରିବା ଅଭିପ୍ରାୟରେ ମୂଳମୂଳିକା ମିଶ୍ରିତ ଦ୍ରବ୍ୟ ପିଆଇବା ; 3. ମୂଳମୂଳିକା ମିଶାଇବା ।

Hocus-pocus, *n.* ବାଜିକରର ଭେଲ୍କି ।

Hod, *n.* ଇଟ ଚୂନ ପ୍ରଭୃତି ବୋହିବା କାଠପାତ୍ର ବିଶେଷ ।

Hodge-podge, *n.* ମିଶାମିଶି ଦ୍ରବ୍ୟ, ଗୋଳମାଳିଆ ଦ୍ରବ୍ୟ ।

Hodiernal, *a.* ଇଦାନୀନ୍ତନ ।

Hoe, *n.* କୋଡ଼ ବିଶେଷ ।—*v.t.* କୋଡ଼ରେ ହାଣିବା, କୋଡ଼ରେ ପରିଷ୍କାର-କ ।—*v.i.* କୋଡ଼ ବ୍ୟବହାର-କ ।

Hog, *n.* 1. ଘୁଷୁରି, ଶୂକର ; 2. ବର୍ଷକର ମେଣ୍ଢା ; 3. ପଶୁବତ୍ ଲୋକ, ଅବାଧ୍ୟ ମନୁଷ୍ୟ ।—*v.i.* ଘୁଷୁରି ପିଠି ପରି (ଜାହାଜର ତଳ) ବଙ୍କା-ହେ ।—*v.t.* (ଘୋଡ଼ାର ବେକ ବାଳ) ଛୋଟ କରି କାଟିବା ।

Hog-back, Hog's-back, *n.* ଘୁଷୁରିପିଠି ପରି ପଦାର୍ଥ, ଘୁଷୁରିପିଠି ପରି ଉପପର୍ବତ ଶ୍ରେଣୀ ।

Hoggish, *a.* ଘୁଷୁରି ପରି, ଶୂକରବତ୍, ପଶୁବତ୍, ମଇଳା, ପେଟୁକ ।

Hog-plum, *n.* ଅମ୍ବଡ଼ା ଜାତୀୟ ଗଛ ଓ ଫଳ ।

Hogshead, *n.* 1. ବଡ଼ ପିପା ବିଶେଷ ; 2. ପାନୀୟ ଦ୍ରବ୍ୟର ପରିମାଣ ବିଶେଷ ।

Hogs-lard, *n.* ଘୁଷୁରି ଚର୍ବି ।

Hoiden, Hoyden, *n.* ଅଗ୍ନିସଚଣ୍ଡୀ, ଅସଭ୍ୟା ଛୋକି ।—*a.* ଅସଭ୍ୟ ଓ ଦୁଃସାହସୀ, ଗାଉଁଲିଆ ।—*v.i.* ଅସଭ୍ୟରୂପେ ଖେଳିବା ।

Hoidenish, *a.* ଅଗ୍ନିସଚଣ୍ଡୀ ପରି ।

Hoist, *v.t.* ଉଠାଇବା, ଉତ୍ତୋଳନ-କ, ଟେକିବା ।—*n.* 1. ଉତ୍ତୋଳନ ; 2. ଦ୍ରବ୍ୟାଦି ଉଠାଇବା କଳ ।

Hoity-toity, *interj.* ବିସ୍ମୟ ଅସନ୍ତୋଷ ଓ କେତେକ ପରିମାଣରେ ତୁଚ୍ଛଜ୍ଞାନସୂଚକ ଶବ୍ଦ, ଯଥା,—ଅହୋ ! ଛିଛି !

Hold, *v.t.* 1. ଧରିବା ; 2. ଅଧିକାର-କ, ରଖିବା ; 3. ଅଟକାଇବା ; 4. ସମର୍ଥନ-କ, ବିଚାର-କ, ବିବେଚନା-କ ; 5. ଅବଲମ୍ବନ-କ; 6. ଧାରଣ-କ; 7. ରକ୍ଷା-କ; 8. ଦଖଲ-କ; 9. ବାଧ୍ୟ କରାଇବା, ଦାୟୀ-କ; 10. କରିବା, ଚଳାଇବା ; 11. ସମ୍ପାଦନ-କ, ପାଳନ-କ ।—*v.i.* 1. ହାତରେ ଧରିବା, ମନରେ ଧରିବା ; 2. ଦୃଢ଼ ହୋଇ ରହିବା, ସ୍ଥିର ହୋଇ ଥିବା, ଅଟଳ-ହେ ; 3. ଖଟିବା ; 4. ନିବୃତ୍ତ-ହେ, ବନ୍ଦ-କ ; 5. ଲାଗି ଥିବା, ଲାଗି ରହିବା ; 6. ସ୍ୱତ୍ୱ ପ୍ରାପ୍ତ-ହେ, ପାଇବା with *of*, *from* or *under* ।—To hold forth, ବକ୍ତୃତା-କ, ଘୋଷଣା-କ ।—To hold good, ଠିକ୍ ଖଟିବା, ସଙ୍ଗତ-ହେ । To hold in, ଦମନ-କ । To hold off, ଦୂରରେ ରଖିବା, ସମ୍ପର୍କ ନ ରଖିବା । To hold on, 1. ନିବୃତ୍ତ ନ ହେବା, ସ୍ଥାୟୀ-ହେ : 2. ଚଳିବା, ଅଗ୍ରସର-ହେ, ନ ହଟିବା ; 3. ଦୃଢ଼ରୂପେ ଧରିବା । To hold one's own, ନିଜ ସ୍ଥାନ ଚ୍ୟୁତ ନ ହେବା, ନିଜ ପକ୍ଷ ସମର୍ଥନ-କ । To hold one's peace or one's tongue, ଚୁପ ହୋଇ ରହିବା, ମୌନୀ ହୋଇ ରହିବା । To hold out, 1. ପ୍ରସ୍ତାବ-କ, ସମ୍ମୁଖରେ ଆଣିବା; 2. ସ୍ଥାୟୀ-ହେ, ରହିବା । To hold over, 1. ଭୟ ଦେଖାଇବା ; 2. ସ୍ଥଗିତ-କ । To hold to, ଲାଗି ଥିବା । To hold together, ମିଳିତ ହୋଇ ରହିବା, ଲାଗି ରହିବା । To hold water, 1. ନ ଝରି ପାଣି ଧରିବା; 2. ଠିକ୍ ଖଟିବା, କାର୍ଯ୍ୟକର-ହେ । To hold with, ପକ୍ଷ-ହେ, ମତାବଲମ୍ବୀ-ହେ ।—*n.* 1. ଧରଣ, ଧାରଣ ; 2. ଧରିବା ସ୍ଥାନ ; 3. ଧରିବା କ୍ଷମତା, ରଖିବା କ୍ଷମତା, ଅଧିକାର, କ୍ଷମତା ; 4. କାରାଗାର ; 5. ଶକ୍ତି, ପରାକ୍ରମ; 6. ଗଡ଼, ଦୁର୍ଗ ; 7. ଜାହାଜର ଖୋଲ ।

Holder, *n.* 1. ଯେ ବା ଯାହା ଧରେ, ଧାରକ ; 2. ଅଧିକାରୀ ।

Holdfast, *n.* ଯାହା ଦୃଢ଼ରୂପେ ଧରେ, ଅଙ୍କୁଶୀ, ଅଙ୍କୁଡ଼ା ।

Holding, *n.* 1. ଧାରଣ ; 2. ଜୋତ, ଦଖଲିସ୍ୱତ୍ୱ ; 3. ଦଖଲିସ୍ୱତ୍ୱରେ ପ୍ରାପ୍ତ ଜମି, କ୍ଷେତ ।

Hole, *n.* 1. ଗାତ, ଗର୍ତ୍ତ ; 2. ଛିଦ୍ର, ରନ୍ଧ୍ର, ଫାଙ୍କ, କଣା; 3. ଗୁମ୍ଫା, ଗହ୍ୱର ; 4. ନୀଚ ବସା ଘର, ଲୁଚି ସ୍ଥାନ ; 5. (colloquial), ସଙ୍କଟ, କଷ୍ଟ ।—*v.t.* 1. ଛିଦ୍ର-କ, କଣା-କ; 2. ଗାତରେ ପକାଇବା ।—*v.i.* ଗାତରେ ପଶିବା, ଗାତରେ ରହିବା ।

Hole-and-corner, *a.* ଗୁପ୍ତ, ଗୋପନୀୟ, ଅସରଳ ।

Holiday, *n.* (ପବିତ୍ର ଦିନ) ; 1. ପର୍ବ, ଉତ୍ସବ ଦିନ ; 2. ଛୁଟି ଦିନ ।—*a.* ପର୍ବସମ୍ବନ୍ଧୀୟ, ଉତ୍ସବସମ୍ବନ୍ଧୀୟ, ଛୁଟି ଦିନସମ୍ବନ୍ଧୀୟ ।

Holily, *ad.* ପବିତ୍ରଭାବେ, ପୁଣ୍ୟରୂପେ, ଭକ୍ତିଭାବେ ।

Holiness, *n.* ପବିତ୍ରତା, ପୁଣ୍ୟ, ଧାର୍ମିକତା, ସାଧୁତା ।—His Holiness, ପୋପର ଉପାଧି ।

Holland, *n.* ସରୁ ପଶମୀ ଲୁଗା ବିଶେଷ ଯାହା କି ପ୍ରଥମରେ ହଲଣ୍ଡ ଦେଶରେ ପ୍ରସ୍ତୁତ ହୋଇଥିଲା ।

Hollands, *n.* ହଲଣ୍ଡ ଦେଶରେ ପ୍ରସ୍ତୁତ ଜିନ ନାମକ ମଦ୍ୟ ।

Hollo, Holloa, Holla, *interj.* ଅହେ ! ଅହୋ ! [ଥିରେ !

Hollow, *a.* 1. ଫମ୍ପା, ପୋଲ; 2. ଗାଡ଼ୁଆ ; 3. ଶୂନ୍ୟ, ଅସାର, ଅମୂଳକ, କପଟ, ଅସରଳ, ମିଥ୍ୟା; 4. ଗମ୍ଭୀର ।—*ad.* ସମ୍ପୂର୍ଣ୍ଣରୂପେ ।—*n.* 1. ଗାତ, ଗାଡ଼, ଖାଲ, ଖୋଲ; 2. ଗହ୍ୱର ସ୍ଥାନ, ଉପତ୍ୟକା ।—*v.t.* ଫମ୍ପା-କ, ପୋଲ-କ, ଖୋଳିବା ।

Hollow-eyed, *a.* ଗାଡ଼ୁଆ ଚକ୍ଷୁଯୁକ୍ତ ।

Hollow-hearted, *a.* ଅସରଳ, କପଟ ।

Hollowly, *ad.* ଅସରଳଭାବେ, କପଟଭାବେ ।

Hollowness, *n.* 1. ଫମ୍ପାଭାବ, ଶୂନ୍ୟତା ; 2. ଅସରଳତା, କପଟତା ; 3. ଗାଡ଼ୁଆଭାବ ; 4. ଗମ୍ଭୀରତା ; 5. ସମ୍ପୂର୍ଣ୍ଣତା ।

Holly, *n.* ସିନ୍ଦୂରବର୍ଣ୍ଣ କୋଳିଯୁକ୍ତ କଣ୍ଟା ହରିତ ବୃକ୍ଷ ବିଶେଷ ।

Hollyhock, *n.* ଫୁଲଗଛ ବିଶେଷ ।

Holm, *n.* 1. ଜଳ ମଧ୍ୟସ୍ଥିତ ଉପଦ୍ୱୀପ; 2. ଜଳ ପାଖସ୍ଥ [ଗାଛ ।

Holm-oak, *n.* ବୃକ୍ଷ ବିଶେଷ ।

Holocaust, *n.* 1. ହୋମବଳି, ପଶୁବଳି; 2. ମହାହତ୍ୟା ।

Holp, Holpen, antiquated *pret.* and *past p.* of Help.

Holster, *n.* ଘୋଡା ସବାରର ଜଙ୍ଘରେ ଲାଗିଥିବା ପିସ୍ତଲ ରଖିବା ଚର୍ମଖୋଳ ।

Holt, *n.* ଉପବନ, ବୋଝା ।

Holy, *a.* 1. ନିଷ୍ପାପ, ଧାର୍ମିକ, ସାଧୁ, ପବିତ୍ର, ପୁଣ୍ୟ, ପୁଣ୍ୟବାନ୍; 2. ପବିତ୍ରୀକୃତ, ପ୍ରତିଷ୍ଠିତ ।—Holy of holies, ଯିହୁଦୀୟ ଧାମ୍ମିକ ମନ୍ଦିରର ଭିତର କୋଠରି ଯହିଁରେ କ ନିୟମସିନ୍ଦୁକ ରଖାଯାଏ, ମହାପବିତ୍ର ସ୍ଥାନ ।—Holy Ghost, or Holy Spirit, ପବିତ୍ରାତ୍ମା, ଧର୍ମାତ୍ମା । Holy writ, ଧର୍ମଶାସ୍ତ୍ର ବହି ।

Holy-stone, *n.* ଜାହାଜର ମେଜିଆ ସଫା କରିବା ନିମନ୍ତେ ବ୍ୟବହୃତ କୋମଳ ବାଲିଆ ପଥର ।—*v.t.* ଉକ୍ତ ପଥରରେ ଘଷିବା ।

Homage, *n.* 1. ପ୍ରଜାର ଅଧୀନତା ସ୍ୱୀକାର, ପଦସେବା, ପ୍ରଭୁସେବା; 2. ଆଦର, ସମ୍ଭ୍ରମ, ସମ୍ମାନ, ପ୍ରଣାମ, ଭକ୍ତିପୂର୍ଣ୍ଣ ପୂଜା ।

Home, *n.* 1. ନିଜଘର, ଗୃହ, ପିତାଘର, ବାସସ୍ଥାନ; 2. ପ୍ରେମ ଓ ଶାନ୍ତିମୟ ବାସସ୍ଥାନ; 3. ନିଜ ଦେଶ, ଜନ୍ମଦେଶ, ପିତୃଦେଶ, ମାତୃଭୂମି; 4. ସ୍ୱାଭାବିକ ବାସସ୍ଥାନ ।—At home, 1. ନିଜ ଘରେ, ନିଜ ବାସସ୍ଥାନରେ; 2. ସ୍ୱଦେଶରେ; 3. (ନିଜ ଘରେ ଥିବା ପରି) ସ୍ୱଚ୍ଛନ୍ଦ, ଖୋଲା; 4. ସୁପରିଚିତ, ଅଭିଜ୍ଞ; 5. ସାକ୍ଷାତକାରୀମାନଙ୍କୁ ଦେଖିବାକୁ ପ୍ରସ୍ତୁତ ।—*a.* 1. ନିଜ ଘରସମ୍ବନ୍ଧୀୟ, ଘରୁଆ, ସ୍ୱଦେଶୀୟ, ନିଜଦେଶସମ୍ବନ୍ଧୀୟ; 2. ତୀକ୍ଷ୍ଣ, ତୀବ୍ର ।—*ad.* 1. ନିଜଘରକୁ, ସ୍ୱଦେଶକୁ; 2. ନିଜସ୍ଥାନ, ନିଜକୁ; 3. ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥାନ, ଠିକ୍ଭାବେ ।—To bring home to, ହୃଦୟଙ୍ଗମ-କ । To come home to, ହୃଦ୍‌ଗତ-ହେ ।

Homeborn, Homebred, *a.* ଗୃହଜାତ, ଘରୁଆ, ସ୍ୱଦେଶୀୟ, ସ୍ୱଦେଶଜ, ଗ୍ରାମ୍ୟ ।

Homeless, *a.* ଗୃହଶୂନ୍ୟ, ନିରାଶ୍ରୟ ।

Homeliness, *n.* 1. ନିଜଘରର ସାଦୃଶ୍ୟ, ପିତାଘରର ସାଦୃଶ୍ୟ; 2. ସାଧାରଣତା, ଅଶୋଭନତା, ଗ୍ରାମ୍ୟତା, ଅସଭ୍ୟତା ।

Homely, *a.* ସାଧାରଣ ବଦନବିଶିଷ୍ଟ, ଅସୁନ୍ଦର, ସାମାନ୍ୟ, ଗ୍ରାମ୍ୟ, ଅସଭ୍ୟ ।

Home-made, *a.* ଗୃହଜାତ, ଘରୁଆ, ଦେଶୀ, ସ୍ୱଦେଶଜ ।

Home-rule, *n.* ଅନ୍ତଃଶାସନାଧିକାର ।

Home-sick, *a.* ସ୍ୱଦେଶରୁ ପୃଥକ୍ ରହିବା ହେତୁରୁ ପୀଡିତ ବା ଶୋକାକ୍ରାନ୍ତ ।

Home-sickness, *n.* ସ୍ୱଦେଶରୁ ପୃଥକ୍ ରହିବା ହେତୁରୁ ଶୋକ ବା କଷ୍ଟଭୋଗ, ଗୃହବିରହ, ସ୍ୱଦେଶକୁ ଫେରିବାପାଇଁ ଉତ୍କଣ୍ଠା ।

Homespun, *a.* 1. ଘରେ ବୁଣା, ଘରେ କଟା; 2. ମୋଟା, ସାମାନ୍ୟ, ଅସୁନ୍ଦର ।—*n.* ଘରେ ବୁଣା ଲୁଗା ।

Homestead, *n.* ଘରବାଡି, ଖମାରବାଡି, ବାସ୍ତୁଜମି, ଅଧିବାସଭୂମି ।

Homeward, Homewards, *ad.* ଘରଆଡେ, ଗୃହାଭିମୁଖେ, ସ୍ୱଦେଶାଭିମୁଖେ ।

Homeward-bound, *a.* ଗୃହାଭିମୁଖ, ସ୍ୱଦେଶାଭିମୁଖ ।

Homicidal, *a.* ନରହତ୍ୟାସମ୍ବନ୍ଧୀୟ, ମନୁଷ୍ୟବଧବିଷୟକ, ମନୁଷ୍ୟଘାତୀ ।

Homicide, *n.* 1. ନରହତ୍ୟା, ମନୁଷ୍ୟବଧ; 2. ନରହତ୍ୟାକାରୀ ଲୋକ । [କୀୟ ।

Homiletic, Homiletical, *a.* ଧର୍ମୋପଦେଶସମ୍ବ-

Homiletics, *n.* ଧର୍ମୋପଦେଶ ଦେବା କୌଶଳ, ଧର୍ମୋପଦେଶ ଓ ଘୋଷଣା ବିଷୟକ ବିଜ୍ଞାନ ।

Homilist, *n.* ଧର୍ମୋପଦେଶକ, ଧର୍ମୋପଦେଷ୍ଟା । [ଦେଶ ।

Homily, *n.* 1. ଧର୍ମୋପଦେଶ; 2. ଅନୁଯୋଗପୂର୍ଣ୍ଣ ଉପ-

Homing, *a.* ଘରମୁହାଁ, ସ୍ୱବାସାକୁ ଫେରୁଥିବା । [ବିଶେଷ ।

Homing, *n.* ମହାର ମୋଟ ମରଦାନୁ ପ୍ରସ୍ତୁତ ଖାଦ୍ୟ

Homœopathic, *a.* ସଦୃଶ ଚିକିତ୍ସାସମ୍ବନ୍ଧୀୟ ।

Homœopathically, *ad.* ସଦୃଶ ଚିକିତ୍ସାନୁସାରେ ।

Homœopathist, *n.* ସଦୃଶ ଚିକିତ୍ସକ, ସଦୃଶ ଚିକିତ୍ସାରେ ବିଶ୍ୱାସକାରୀ ।

Homœopathy, Homeopathy, *n.* ରୋଗର ସ୍ୱାଭାବିକ ଗୁଣ ପ୍ରମାଣେ ଔଷଧର ଅତି କ୍ଷୁଦ୍ର ମାତ୍ରା ଦ୍ୱାରା ତଦ୍ରୂପ ଗୁଣ ଜନ୍ମାଇ ରୋଗ ସୁସ୍ଥ କରିବାର ଚିକିତ୍ସାପ୍ରଣାଳୀ, ସଦୃଶ ଚିକିତ୍ସା ।

Homogeneity, Homogeneousness, *n.* 1. ଏକଜାତୀୟ ଉପାଦାନବିଶିଷ୍ଟତା; 2. ଜାତିସମତା, ସମାନଜାତିତ୍ୱ ।

Homogeneous, Homogeneal, *a.* 1. ସମଜାତୀୟ, ସମପ୍ରକାର; 2. ଏକଜାତୀୟ ଉପାଦାନବିଶିଷ୍ଟ ।

Homogenesis, *n.* ଉତ୍ପତ୍ତିର ସମାନତା, ଜନକଜନନୀ ସଦୃଶ ଶାବକର ଉତ୍ପାଦନ ।

Homoiousian, *n.* ଖ୍ରୀଷ୍ଟଙ୍କ ପ୍ରକୃତି ପିତା ପରମେଶ୍ୱରଙ୍କ ପ୍ରକୃତି ସହିତ ସମାନ ନୋହି କେବଳ ସଦୃଶ ଅଟେ ବୋଲି ଯେ ବିଶ୍ୱାସ କରେ, see Homoousian.

Homologous, *a.* ଏକଜାତୀୟ, ସଦୃଶ ।

Homonym, Homograph, *n.* ଭିନ୍ନାର୍ଥପ୍ରକାଶକ ଓ ଭିନ୍ନମୂଳକ ସମୋଚ୍ଚାରଣ ଶବ୍ଦ ।

Homonymous, *a.* ଭିନ୍ନାର୍ଥପ୍ରକାଶକ ମାତ୍ର ସମୋଚ୍ଚାରଣବିଶିଷ୍ଟ, ଦ୍ୱ୍ୟର୍ଥବୋଧକ, ଦ୍ୱିଅର୍ଥବାଚକ ।

Homonymy, *n.* ନାମର ସମାନତା, ଭିନ୍ନାର୍ଥକ ଶବ୍ଦର ସମୋଚ୍ଚାରଣ, ଦ୍ୱ୍ୟର୍ଥତା ।

Homoousian, *n.* ଖ୍ରୀଷ୍ଟଙ୍କ ପ୍ରକୃତି ପିତା ପରମେଶ୍ୱରଙ୍କ ପ୍ରକୃତି ସହିତ କେବଳ ସଦୃଶ ନୋହି ସମାନ ଅଟେ ବୋଲି ଯେ ବିଶ୍ୱାସ କରେ, see Homoiousian.

Homotonous, *a.* ସମସ୍ୱରବିଶିଷ୍ଟ । [ଧାର-ଦି ।

Hone, *n.* ଶାଣପଥର ।—*v.t.* ଶାଣପଥରରେ ଘଷି

**Honest**, *a.* 1. ନ୍ୟାଯ୍ୟବାନ୍, ନ୍ୟାଯ୍ୟ, ନ୍ୟାୟପର, ଯାଥାର୍ଥିକ; 2. ପ୍ରବଞ୍ଚନାରହିତ, ବିଶ୍ୱସ୍ତ; 3. ସରଳ, ନିଷ୍କପଟ, ଖୋଲା, ସତ୍ୟ, ଅକୃତ୍ରିମ; 4. ଅକଳଙ୍କିତ, ଆଦରଣୀୟ; 5. ସତୀ, ସାଧ୍ୱୀ ।

**Honestly**, *ad.* ନ୍ୟାୟବାନ୍‌ରୂପେ, ନ୍ୟାଯ୍ୟରୂପେ, ବିଶ୍ୱସ୍ତଭାବେ, ସରଳଭାବେ, ନିଷ୍କପଟଭାବେ ।

**Honesty**, *n.* ନ୍ୟାୟପରତା, ସରଳତା, ଅକପଟତା, ସରଳ ବ୍ୟବହାର, ସତ୍ୟତା ।

**Honey**, *n.* 1. ମହୁ, ମଧୁ, ପୁଷ୍ପରସ, ମକରନ୍ଦ; 2. ମିଷ୍ଟତା; 3. ସ୍ନେହସୂଚକ ଶବ୍ଦ ଯଥା,—ପ୍ରିୟ, ପ୍ରିୟତମ ।—*v.t.* ମିଷ୍ଟ-କ ।

**Honey-bee**, *n.* ମହୁମାଛି, ମଧୁମକ୍ଷିକା ।

**Honey-comb**, *n.* 1. ମହୁବସା, ମହୁଫେଣା, ମହୁଘର, ମଧୁଚକ୍ର; 2. ମହୁଘର ପରି ପଦାର୍ଥ ।

**Honey-combed**, *a.* ମହୁଘର ପରି, ମଧୁଚକ୍ରବତ୍, ମହୁଘର ପରି ଛିଦ୍ରମୟ ।

**Honeyed**, *a.* 1. ମଧୁମୟ, ମଧୁପୂର୍ଣ୍ଣ; 2. ମିଷ୍ଟ, ମଧୁର ।

**Honey-moon**, *n.* ବିବାହ ପରେ ପ୍ରଥମ ମାସ ।

**Honey-mouthed, Honey-tongued**, *a.* ମଧୁରଭାଷୀ, ମିଷ୍ଟଭାଷୀ, କୋମଳଭାଷୀ ।

**Honeysuckle**, *n.* ସୁଗନ୍ଧ ଲତା ବିଶେଷ ।

**Honorarium**, *n.* (ଚିକିତ୍ସକ ଆଦିର) ଦର୍ଶନୀ, ଦକ୍ଷିଣା, ପାରିତୋଷିକ ।

**Honorary**, *a.* 1. ସମ୍ମାନସମ୍ବନ୍ଧୀୟ, ସମ୍ମାନସୂଚକ, ମାନମାତ୍ରଦାୟୀ; 2. ଅବୈତନିକ, ଅବେତନର ।—*n.* ପାରିତୋଷିକ ।

**Honour, Honor**, *n.* 1. ସମ୍ମାନ, ମର୍ଯ୍ୟାଦା, ସମ୍ମାନ, ଆଦର; 2. (ବିଦ୍ୟାଳୟର) ସମ୍ମାନସୂଚକ ପ୍ରାଧାନ୍ୟ, ମର୍ଯ୍ୟାଦାଦାୟକ ବିଷୟ ବା କ୍ରିୟା; 3. ଯଶଃ, ସୁଖ୍ୟାତି, କୀର୍ତ୍ତି, ସୁନାମ; 4. ନ୍ୟାୟବୁଦ୍ଧି, ଯୋଗ୍ୟ ବ୍ୟବହାରର ସୂକ୍ଷ୍ମବୋଧ, ଅନ୍ୟାୟ ପ୍ରତି ଘୃଣା; 5. ସମ୍ବୋଧନରେ ସମ୍ମାନସୂଚକ ଉପାଧି, ଯଥା,—ମହାଶୟ, ଶ୍ରୀମାନ ।—**Honours of war**, ପରାଜିତ ଶତ୍ରୁକୁ ସମ୍ମାନ ପ୍ରଦାନ । **Word of honour**, ଲଜ୍ଜା ବଳରେ ଅଲଙ୍ଘ୍ୟ ପ୍ରତିଜ୍ଞା ।—*v.t.* 1. ସମ୍ମାନ-କ, ଆଦର-କ, ସମ୍ମାନ-କ; 2. ମର୍ଯ୍ୟାଦାନ୍ୱିତ-କ, ଉନ୍ନତ-କ; 3. ଗ୍ରହଣ-କ; 4. ଯଥା ସମୟରେ ପ୍ରତିଜ୍ଞାତ ଟଙ୍କା ପରିଶୋଧ-କ ।

**Honourable, Honorable**, *a.* 1. ମାନ୍ୟ, ଆଦରଣୀୟ, ସମ୍ମାନଯୋଗ୍ୟ; 2. ସମ୍ମାନପ୍ରଦ, ମର୍ଯ୍ୟାଦାଦାୟକ; 3. ସମ୍ମାନସୂଚକ, ସମ୍ମାନ ଚିହ୍ନ ସହିତ କୃତ; 4. ସମ୍ମାନଯୋଗ୍ୟ, ଯାଥାର୍ଥିକ, ନ୍ୟାୟବାନ୍; 5. ମାନନୀୟ, ମହାମହିମ ।

**Honourableness**, *n.* ଆଦରଣୀୟତା, ସମ୍ମାନଯୋଗ୍ୟତା, ଯାଥାର୍ଥିକତା । [ସରଳଭାବେ ।

**Honourably**, *ad.* ଯାଥାର୍ଥିକରୂପେ, ନ୍ୟାଯ୍ୟରୂପେ,

**Hood**, *n.* 1. କମନୀୟ ମସ୍ତକାବରଣ ବିଶେଷ, ସନ୍ନ୍ୟାସିର ମସ୍ତକ ଓ ସ୍କନ୍ଧର ଆଚ୍ଛାଦନ; 2. ଶିକାରୀ ଶ୍ୟେନର ମୁଣ୍ଡ ବା ଆଖିର ଢାଙ୍କୁଣୀ; 3. ଉପରୋକ୍ତ ମସ୍ତକାବରଣ ତୁଲ୍ୟ ପଦାର୍ଥ, ଫଣା ।—*v.t.* 1. ଉପରୋକ୍ତ ମସ୍ତକାବରଣରେ ଆଚ୍ଛାଦନ-କ; 2. ଆଚ୍ଛାଦନ-କ, ଢାଙ୍କିବା ।

**Hooded**, *a.* 1. ମସ୍ତକାବରଣଯୁକ୍ତ; 2. ମସ୍ତକାବରଣବତ୍ ଫଣାବିଶିଷ୍ଟ ।

**Hoodwink**, *v.t.* 1. ଆଖି ଢାଙ୍କିବା, ଚକ୍ଷୁ ଆବୃତ-କ; 2. ପ୍ରତାରଣା-କ, ଠକିବା, ଭୁଲାଇବା ।

**Hoof**, *n.* 1. ଖୁର, ଖୁର; 2. ଖୁରଯୁକ୍ତ ପଶୁ ।

**Hoofed**, *a.* ଖୁରଯୁକ୍ତ ।

**Hoof-mark**, *n.* ଖୁରଚିହ୍ନ ।

**Hook**, *n.* 1. ଅଙ୍କୁଶ, ଅଙ୍କୁଶୀ; 2. ଅଙ୍କୁଶୀ ପରି ପଦାର୍ଥ, ଅଙ୍କୁଶ, ବଡିଶୀ, ବନ୍ସୀ କଣ୍ଟା, ଦାଅ ।—**By hook or by crook**, ଯେକୌଣସି ପ୍ରକାରରେ ।—*v.t.* 1. ବଡିଶୀରେ ଧରିବା; 2. ଅଙ୍କୁଶୀରେ ବନ୍ଦ-କ, ହୁକରେ ବନ୍ଦ-କ; 3. ଫାନ୍ଦରେ ଧରିବା ।—*v.i.* 1. ବଙ୍କା-ହେ, ବକ୍ର-ହେ; 2. ହୁକରେ ଲାଗିବା ।

**Hookah**, *n.* ହୁକା, ଗୁଡ଼ଗୁଡ଼ି ।

**Hooked**, *a.* ଅଙ୍କୁଶୀ ପରି, ବଙ୍କା, ବକ୍ର ।

**Hook-nose**, *n.* ବକ୍ର ନାସିକା ।

**Hoop**, *n.* 1. ପିପାର ପଟିର, ପିପାର ଶାମି; 2. ପିଲାର ଖେଳିବା ଚକ; 3. ମୁଦ; 4. ସ୍ତ୍ରୀଲୋକମାନଙ୍କ ବସ୍ତ୍ର ଫୁଲାଇବା ପାଇଁ ଧାତୁନିର୍ମିତ ବଳା ।—*v.t.* 1. ଶାମି ଦ୍ୱାରା ବନ୍ଦ-କ, ଶାମି ଲଗାଇବା; 2. ବେଷ୍ଟନ-କ ।

**Hooper**, *n.* ପିପାର ଶାମି ଲଗାଇବା ଲୋକ ।

**Hooping-cough**, *n.* ଘୁଁଘୁଁ କାଶ, ବାଳକର କାଶ ବିଶେଷ । [ବିଶେଷ ।

**Hoopœ, Hoopoo**, *n.* ସୁନ୍ଦର ଚୂଡ଼ାବିଶିଷ୍ଟ ପକ୍ଷୀ

**Hoot**, *v.i.* 1. ଘୃଣାଜ୍ଞାପକରେ ପାଟି-କ, ପରିହାସରେ ପାଟି-କ; 2. ପେଚା ପରି ରବ-କ ।—*v.t.* ଧିକ୍କାରି କରି ତଡ଼ି-ଦେ, ପରିହାସରେ ପାଟି କରି ତଡ଼ି-ଦେ ।—*n.* ଘୃଣାଜ୍ଞାପକରେ ବଡ଼ ପାଟି, ଧିକ୍କାର ।

**Hop**, *v.i.* 1. କୁଦି କୁଦି ଯିବା, ଡେଇଁ ଡେଇଁ ଯିବା; 2. ଏକ ଗୋଡ଼ରେ ଡେଇଁବା; 3. ନେଙ୍ଗଡ଼ାଇବା ।—*n.* 1. କୁଦା; 2. (Colloquial) ନାଚ; 3. ଏକ ଗୋଡ଼ରେ ଡିଆଁ ।

**Hop**, *n.* ଲତା ବିଶେଷ ଯାହାର କି ଶୁଷ୍କ ଫୁଲ ଶବ ସୁରାରେ ମିଶ୍ରିତ ହୁଏ ।—*v.t.* ଉକ୍ତ ଲତାର ଶୁଷ୍କ ଫୁଲ ମିଶାଇବା ।—*v.i.* ଉକ୍ତ ଲତାର ଫୁଲ ତୋଳିବା ।

**Hop-bine**, *n.* ଉକ୍ତ ଲତାର ଡାଳ ।

**Hope**, *n.* 1. ଭରସା, ଆଶା, ପ୍ରତ୍ୟାଶା; 2. ଆଶାଭୂମି; 3. ଆଶାର ବସ୍ତୁ ।—*v.i.* 1. ଭରସା-କ, ଆଶା ରଖିବା; 2. ନିର୍ଭର-କ ।—*v.t.* 1. ଅପେକ୍ଷା ସହିତ ଇଚ୍ଛା-କ; 2. (Colloquial), ବୋଧ-କ ।

**Hopeful**, *a.* 1. ଆଶାପୂର୍ଣ୍ଣ, ଭରସାଜନକ; 2. ଆଶାଯୁକ୍ତ, ଭରସାଯୁକ୍ତ, ପ୍ରତ୍ୟାଶୀ ।

**Hopefully**, *ad.* ଆଶାପ୍ରଦ, ଆଶାପୂର୍ଣ୍ଣରୂପେ ।

**Hopefulness**, *n.* ଆଶାପୂର୍ଣ୍ଣତା, ଭରସାଜନକତା ।

**Hopeless**, *a.* 1. ଭରସାହୀନ, ଆଶାହୀନ, ହତାଶ; 2. ଭରସାର କାରଣରହିତ, ନିରୁପାୟ ।

**Hopelessly**, *ad.* 1. ଭରସାହୀନରୂପେ, ଆଶାହୀନରୂପେ, ହତାଶଭାବେ; 2. ନିରୁପାୟଭାବେ ।

**Hopelessness**, *n.* 1. ଭରସାହୀନତା, ଆଶାହୀନତା, ନୈରାଶ୍ୟ; 2. ନିରୁପାୟ ଅବସ୍ଥା ।

**Hopper**, *n.* 1. ଯେ ବା ଯାହା କୁଦି ଯାଏ; 2. କେତେକ କୀଟର ନାମ; 3. ଚକିର କାଷ୍ଠଦୁଙ୍ଗୀ ବିଶେଷ ଯାହା ମଧ୍ୟ ଦେଇ ଶସ୍ୟ ପେଷଣକଳକୁ ଯାଏ ।

**Hopple, Hobble**, *v.t.* ଘୋଡା ଛନ୍ଦିବା, ଖେପା ପିନ୍ଧାଇବା ।—*n.* ଛନ୍ଦା, ଖେପା ।

**Horal**, *a.* ଏକ ଘଣ୍ଟାସମ୍ବନ୍ଧୀୟ ବା ଘଣ୍ଟାମାନସମ୍ବନ୍ଧୀୟ, ପ୍ରତିଘଣ୍ଟାସମ୍ବନ୍ଧୀୟ ।

**Horary**, *a.* 1. ଏକ ଘଣ୍ଟାସମ୍ବନ୍ଧୀୟ ବା ଘଣ୍ଟାମାନ ସମ୍ବନ୍ଧୀୟ, ପ୍ରତିଘଣ୍ଟାସମ୍ବନ୍ଧୀୟ, ଘଣ୍ଟାପ୍ରକାଶକ; 2. ଘଣ୍ଟାଏ କାଳବ୍ୟାପୀ, ପ୍ରତିଘଣ୍ଟାରେ ଘଟିତ ।

**Horde**, *n.* ଭ୍ରମଣଶୀଳ ଜାତି, ଅସଭ୍ୟ ଲୋକର ବଡ ଦଳ, ଜନତା ।—*v.i.* ଭ୍ରମଣଶୀଳ ଜାତି ପରି ଏକାଠି ବାସ -କ, ଦଳରେ ବାସ-କ ।

**Horizon**, *n.* 1. ଚକ୍ରବାଳ, ଚକ୍ରବାଳ, ଦିଙ୍ମଣ୍ଡଳ, ଭୂମଣ୍ଡଳର ଦୃଷ୍ଟିସୀମା; 2. ଦୃଷ୍ଟିର ସୀମା, ଅନୁଭବର ସୀମା ।

**Horizontal**, *a.* 1. ଚକ୍ରବାଳସମ୍ବନ୍ଧୀୟ; 2. ସମତଳ, ଦିଗନ୍ତସମ; 3. ଚକ୍ରବାଳ ନିକଟବର୍ତ୍ତୀ ।

**Horizontally**, *ad.* ସମତଳ ଭାବରେ, ଦିଗନ୍ତସମ ଭାବରେ, ସମତଳଭାବେ ।

**Horn**, *n.* 1. ଶିଙ୍ଗ, ଶୃଙ୍ଗ; 2. ଶିଙ୍ଗ ପରି ପଦାର୍ଥ; 3. ଶୃଙ୍ଗର ଆକୃତିଯୁକ୍ତ ଦ୍ରବ୍ୟ, ଶିଙ୍ଗା, ତୂରୀ ବିଶେଷ, ବାରୁଦ ରଖିବା ପାତ୍ର, ପାନପାତ୍ର ବିଶେଷ, ଚନ୍ଦ୍ରଶିଖା ।

**Hornbill**, *n.* କୋଚିଲାଖାଇ ଜାତୀୟ ପକ୍ଷୀ ।

**Hornblende**, *n.* ଗାଢ ହରିଦ୍ବର୍ଣ୍ଣ ଅବଳୀୟ ପଦାର୍ଥ ବିଶେଷ ।

**Horn-book**, *n.* ପୂର୍ବତନ କାଳରେ ବ୍ୟବହୃତ ଶିଙ୍ଗ-ପଟାରେ ଅଚ୍ଛାଦିତ ବର୍ଣ୍ଣମାଳାଦିର ଏକ ପୃଷ୍ଠା ।

**Horned**, *a.* ଶୃଙ୍ଗବିଶିଷ୍ଟ, ଶୃଙ୍ଗୀ, ଶିଙ୍ଗୀ ।

**Hornet**, *n.* 1. ବଡ ବିରୁଡି ବିଶେଷ; 2. ନିତ୍ୟ ବିରକ୍ତିକାରୀ ଲୋକ ।

**Hornpipe**, *n.* 1. ପୂର୍ବକାଳୀନ ବାଦ୍ୟଯନ୍ତ୍ର ବିଶେଷ; 2. ଚଞ୍ଚଳ ସୁର ବିଶେଷ; 3. ଏକ ଲୋକର ନୃତ୍ୟ ବିଶେଷ ।

**Horny**, *a.* 1. ଶୃଙ୍ଗସମ୍ବନ୍ଧୀୟ, ଶୃଙ୍ଗନିର୍ମିତ; 2. ଶୃଙ୍ଗବତ୍, ଟାଣ, ଶକ୍ତ; 3. ଶୃଙ୍ଗଯୁକ୍ତ, ଶୃଙ୍ଗବତ୍ ପଦାର୍ଥଯୁକ୍ତ ।

**Horologe**, *n.* ସମୟର ଘଣ୍ଟା ସଂଖ୍ୟା ଦେଖାଇବା ଯନ୍ତ୍ର, ସବୁ ପ୍ରକାର ଘଡି ।

**Horology, Horography**, *n.* 1. ସମୟ ପରିମାପକ ବିଦ୍ୟା; 2. ସମୟ ନିରୂପକ ଯନ୍ତ୍ରର ନିର୍ମାଣବିଦ୍ୟା ।

**Horometry**, *n.* ସମୟ ପରିମାପକ ବିଦ୍ୟା ।

**Horoscope**, *n.* ଜାତକ, ଜନ୍ମପତ୍ରିକା, କୋଷ୍ଠୀ ।

**Horoscopy**, *n.* ଗ୍ରହମାନଙ୍କର ସ୍ଥିତି ଦେଖି ଭବିଷ୍ୟତ୍ ଗଣନ ।

**Horrent**, *a.* ରୋମାଞ୍ଚିତ ।

**Horrible**, *a.* ଭୟାନକ, ଭୟଙ୍କର, ଭୀଷଣ, ଦାରୁଣ, ଘୋର, ବିକଟ ।

**Horribleness**, *n.* ଭୟାନକତା, ଭୟଙ୍କରତା, ଭୀଷଣତା, ଦାରୁଣତା, ଘୋରତା, ବିକଟତା ।

**Horribly**, *ad.* 1. ଭୟାନକରୂପେ, ଭୟଜନକରୂପେ, ତ୍ରାସଜନକରୂପେ; 2. (Colloquial) ଅତ୍ୟନ୍ତରୂପେ, ଅତିବ ।

**Horrid**, *a.* 1. ଭୟୋତ୍ପାଦକ, ଭୀଷଣ, ବିକଟ; 2. ଘୃଣ୍ୟ, ଅତି ଅରୁଚିକର ।

**Horridly**, *ad.* ଭୟାନକରୂପେ, ଦାରୁଣଭାବେ, ବିକଟ-[ରୂପେ ।

**Horridness**, *n.* 1. ଭୟୋତ୍ପାଦକତା, ଭୀଷଣତା, ଦାରୁଣତା, ଘୋରତା; 2. ଘୃଣ୍ୟତା ।

**Horrific**, *a.* ତ୍ରାସଜନକ ।

**Horrify**, *v.t.* ଭୟକମ୍ପଗ୍ରସ୍ତ-କ, ତ୍ରାସଯୁକ୍ତ-କ, ଭୟରେ ଘୃଣାପୂର୍ଣ୍ଣ-କ ।

**Horripilation**, *n.* ରୋମାଞ୍ଚ ।

**Horror**, *n.* 1. ଭୟକମ୍ପ, ତ୍ରାସ, ପ୍ରବଳ ଭୟ ତ୍ରାସ ଓ ଘୃଣାଭାବ, ଭୟଯୁକ୍ତ ଘୃଣା; 2. ତ୍ରାସଜନକ ବିଷୟ, ଭୀଷଣ ଦୃଶ୍ୟ; 3. ଶଙ୍କାଜନକ ଚିନ୍ତା, ଘୋର ବିଷଣ୍ଣତା ।—The horrors, ମଦ୍ୟପଙ୍କର ତ୍ରାସାକ୍ରାନ୍ତ ଅବସ୍ଥା ।

**Horse**, *n.* 1. ଘୋଡା, ଘୋଟକ, ଅଶ୍ୱ, ତୁରଙ୍ଗ, ବାଜି; 2. ଅଶ୍ୱାରୋହୀ ସୈନ୍ୟ (collective noun with no *pl.*); 3. (ଛୁତାର) ଅଲଗୁଣି ବା ଘୋଡା ।—To take horse, ଘୋଡାରେ ଚଢିବା, ଘୋଡାରେ ଚଢି ଯିବା ।—*v.t.* 1. ଘୋଡା ଯୋଗାଇବା; 2. ଚଢିବା, ଚଢାଇବା ।

**Horseback**, *n.* ଅଶ୍ୱପୃଷ୍ଠ ।—On horseback, ଅଶ୍ୱାରୋହୀ ।

**Horse-chestnut**, *n.* ଗଛ ଓ ଫଳ ବିଶେଷ ।

**Horse-cloth**, *n.* ଘୋଡାର ଲୁଗା, ଘଟାଟୋପ ।

**Horse-dealer**, *n.* ଘୋଡାବେପାରୀ, ଅଶ୍ୱବ୍ୟାପାରୀ ।

**Horse-flesh**, *n.* 1. ଘୋଡାମାଂସ; 2. ଅଶ୍ୱସମୂହ ।

**Horse-fly**, *n.* ଅଶ୍ୱର ଡାଆଁଶ ।

**Horse-guards**, *n.* 1. ବିଲାତ ଅଶ୍ୱାରୋହୀ ସୈନ୍ୟଦଳ ବିଶେଷ; 2. ଇଂରାଜ ସାମରିକ ବିଭାଗ; 3. ଇଂରାଜ ଯୁଦ୍ଧବିଭାଗର ଉପରେ ଅଧ୍ୟକ୍ଷସମୂହ ।

**Horse-hair**, *n. s.* and *pl.* ଘୋଡାବାଳ ବିଶେଷତଃ ବେକ ଓ ଲାଞ୍ଜର ବାଳ ।

**Horse-laugh**, *n.* ହେଁହେଁ ହସ, ଅଟ୍ଟହାସ୍ୟ ।

**Horse-leech**, *n.* 1. ହାତୀଆ ଜୋକ, ବଡ ଜୋକ; 2. ଅଶ୍ୱଚିକିତ୍ସକ ।

**Horseman**, *n.* ଅଶ୍ୱାରୋହୀ, ଘୋଡସବାର, ଅଶ୍ୱାରୂଢ [ସୈନ୍ୟ ।

**Horsemanship**, *n.* ଅଶ୍ୱାରୋହଣ ବିଦ୍ୟା ।

**Horse-play**, *n.* ଉତ୍କଟକ୍ରୀଡା, ଗଣ୍ଡଗୋଳିଆ ଖେଳ ।

**Horse-power**, *n.* ଅଶ୍ୱବଳ, ଅର୍ଥାତ୍ ପ୍ରତି ମିନିଟରେ ଷୋଳ ହଜାର ସେର ଏକ ଫୁଟ ଉପରକୁ ଉଠାଇବାର ପ୍ରୟୋଜନୀୟ ବଳ ।

**Horse-race**, *n.* ଘୋଡାଦୌଡ, ଘୋଡାଦୌଡ ଖେଳ ।

Horse-radish, *n.* ଶାକ ବିଶେଷ ଯାହାର ବ ମୂଳ ମାଂସ ଖାଇବା ନିମନ୍ତେ ବ୍ୟବହୃତ ହୁଏ ।
Horse-shoe, *n.* 1. ଘୋଡାର ନାଲ ; 2. ଘୋଡାର ନାଲ ପରି ଆକୃତିଯୁକ୍ତ ପଦାର୍ଥ ।—*a.* ଘୋଡାର ନାଲ ପରି ଆକୃତିଯୁକ୍ତ ।
Horse-soldier, *n.* ଅଶ୍ୱାରୋହୀ ସୈନ୍ୟ ।
Horsewhip, *n.* ଘୋଡାର ଚାବୁକ ।—*v.t.* ଘୋଡାର ଚାବୁକରେ ପିଟିବା ।
Horsewoman, *n.* ଅଶ୍ୱାରୋହଣୀ ସ୍ତ୍ରୀ ।
Horsy, Horsey, *a.* 1. ଅଶ୍ୱପ୍ରିୟ ; 2. ଅଶ୍ୱସମ୍ବନ୍ଧୀୟ ।
Hortation, *n.* ପ୍ରବର୍ତ୍ତନା, ପରାମର୍ଶ, ଉପଦେଶ । [ପ୍ରଦ ।
Hortative, *a.* ପ୍ରବୃତ୍ତିଜନକ, ପରାମର୍ଶଯୁକ୍ତ, ଉପଦେଶ-
Hortatory, *a.* ପ୍ରବର୍ତ୍ତକ, ପରାମର୍ଶଦାୟୀ, ଉତ୍ସାହବର୍ଦ୍ଧକ ।
Horticultural, *a.* ଉଦ୍ୟାନବିଦ୍ୟାସମ୍ବନ୍ଧୀୟ ।
Horticulture, *n.* ଉଦ୍ୟାନବିଦ୍ୟା ।
Horticulturist, *n.* ଉଦ୍ୟାନବିଦ୍ୟାବିତ୍ ।
Hosanna, *n.* ଈଶ୍ୱରଙ୍କର ପ୍ରଶଂସାସୂଚକ ଧ୍ୱନି ।—*interj.* ଧନ୍ୟ ! ଜୟ !
Hose, *n. s.* or *pl.* 1. ମୋଜା, ପାଦାବରଣ, in these senses *pl.* 2. also Hosepipe, ଜଳ ବହିବା ନିମନ୍ତେ ନମନୀୟ ନଳ ବିଶେଷ ।
Hosier, *n.* ମୋଜା ଆଦିର ବେପାରୀ ।
Hospice, *n.* ବିଦେଶୀର ପଥ ବା ଘାଟିରେ ଥିବା ପଥିକମାନଙ୍କର ଆଶ୍ରମ ।
Hospitable, *a.* 1. ଅତିଥିବତ୍ସଳ, ଅତିଥିଶୀଳ, ଆତିଥେୟ, ଅତିଥିସେବକ ; 2. ଅତିଥିପୂର୍ଣ୍ଣ, ଅତିଥିସୂଚକ ।
Hospitably, *ad.* ଅତିଥିପୂର୍ବକ, ଅତିଥିସତ୍କାରରେ ।
Hospital, *n.* ଚିକିତ୍ସାଳୟ, ଡାକ୍ତରଖାନା ।
Hospitality, *n.* ଆତିଥ୍ୟ, ଅତିଥିସେବା, ଅତିଥିସତ୍କାର ।
Host, (1) *n.* 1. ଅତିଥିସେବକ, ଭୋଜନଦାତା, ନିମନ୍ତ୍ରଣକର୍ତ୍ତା; 2. ସରାଇରକ୍ଷକ ; 3. ପରଶ୍ରୀ ଜୀବଧାରୀ ଜନ୍ତୁ ।
Host, (2) *n.* ସୈନ୍ୟଦଳ, ସମୂହ, ଜନତା ।
Host, (3) *n.* ରୋମାନ୍ କାଥଲିକ ମତରେ ପ୍ରଭୁଙ୍କ ଭୋଜରେ ଉତ୍ସର୍ଗୀକୃତ ରୁଟି । [ଜାମୀନ, ଲଗା ।
Hostage, *n.* ଶତ୍ରୁ ହସ୍ତରେ ସମର୍ପିତ ମନୁଷ୍ୟବନ୍ଧକ,
Hostel, Hostelry, *n.* ସରାଇ, ପଥିକାଶ୍ରମ, ପାନ୍ଥଶାଳା ।
Hostess, *n.* 1. ଅତିଥିସେବିକା, ଭୋଜନଦାତ୍ରୀ, ଆତିଥ୍ୟକାରିଣୀ; 2. ସରାଇରକ୍ଷିକା ।
Hostile, *a.* 1. ଶତ୍ରୁସମ୍ବନ୍ଧୀୟ ; 2. ବିପକ୍ଷ, ଶତ୍ରୁରୂପ, ପ୍ରତିକୂଳ, ବିପରୀତ, ବିରୁଦ୍ଧ ।
Hostilely, *ad.* ବିପକ୍ଷଭାବେ, ପ୍ରତିକୂଳଭାବେ, ଶତ୍ରୁଭାବରେ, ବିରୁଦ୍ଧଭାବେ ।
Hostility, *n.* 1. ଶତ୍ରୁତା, ବିପକ୍ଷତା, ପ୍ରତିକୂଳତା ; 2. *pl.* ଯୁଦ୍ଧ, ଯୁଦ୍ଧାବସ୍ଥା । [ସରସ ।
Hostler, *n.* ସରାଇଘରରେ ଅଶ୍ୱରକ୍ଷକ, ସରାଇଘରର
Hot, *a.* 1. ତପ୍ତ, ଉତ୍ତପ୍ତ, ଗରମ, ଉଷ୍ଣ, ତୀକ୍ଷ୍ଣ ; 2. କ୍ରୁଦ୍ଧ, ଉତ୍ତେଜିତ, ପ୍ରଚଣ୍ଡ, ତୀବ୍ର ; 3. କାମୁକ; 4. ସଗୁଣ ।

Hot-bed, *n.* 1. ଅକାଳେ ଗଛ ଉତ୍ପନ୍ନ କରିବା ନିମନ୍ତେ କାଚଚ୍ଛାଦିତ ଓ ଖତଯୁକ୍ତ କିଆରି ; 2. ଶୀଘ୍ର ବୃଦ୍ଧିର ଅନୁକୂଳ ଅବସ୍ଥା ବା ସ୍ଥାନ ।
Hot-blooded, *a.* ଉଗ୍ରସ୍ୱଭାବ, ଶୀଘ୍ରକୋପୀ ।
Hot-brained, *a.* ପ୍ରଚଣ୍ଡ, ଚଣ୍ଡପ୍ରକୃତି, ଅବିବେକୀ ।
Hotch-potch, *n.* 1. ମିଶାମିଶି ଦ୍ରବ୍ୟ, ଗୋଳମାଳିଆ ଦ୍ରବ୍ୟ ; 2. ସବଜି ଓ ମାଂସ ମିଶ୍ରିତ ବହଳିଆ ଝୋଳ ବିଶେଷ ।
Hotel, *n.* 1. ଉତ୍କୃଷ୍ଟ ସରାଇ ବିଶେଷ, ଉତ୍ତମ ପଥିକାଶ୍ରମ; 2. (in France) ବୃହତ୍ ଅଟ୍ଟାଳିକା ।
Hot-headed, *a.* ପ୍ରଚଣ୍ଡ, ସାହସ, ଅବିବେକୀ ।
Hot-house, *n.* ଉଦ୍ଭିଦ ପ୍ରଭୃତି ବଢାଇବା ନିମନ୍ତେ ଉଷ୍ଣ କାଚଗୃହ ।
Hotly, *ad.* 1. ଉତ୍ତପ୍ତରୂପେ, ପ୍ରଚଣ୍ଡରୂପେ, ସତେଜରେ; 2. କାମୁକରୂପେ ।
Hotness, *n.* ଉତ୍ତପ୍ତତା, ଉତ୍ତାପ, ପ୍ରଚଣ୍ଡତା ।
Hot-press, *v.t.* କାଗଜ ଆଦି ଚିକ୍କଣ କରିବା ନିମନ୍ତେ ତପ୍ତ ଧାତୁପଟା ଦ୍ୱାରା ଚିପିବା ।—*n.* ତପ୍ତ ଧାତୁପଟା ଦ୍ୱାରା ଚିପିବା କଳ ।
Hotspur, *n.* ଉଗ୍ରସ୍ୱଭାବ ଓ ଅବିବେକୀ ଲୋକ, ଦୁଃସାହସୀ ଲୋକ ।
Hot-tempered, *a.* କ୍ରୋଧୀ, ରାଗୀ, ଚଣ୍ଡପ୍ରକୃତି ।
Hough, *v.t. hok*, ଜଙ୍ଘର ଶିରା କାଟିବା see Hock.
Hound, *n.* 1. ଶିକାରୀ କୁକୁର, ଡାହାଳ କୁକୁର ; 2. ଅଧମ ଲୋକ, ପାଜି; 3. ମାଛ ବିଶେଷ ।—*v.t.* 1. ମୃଗୟା କର, ଅନୁଧାବନରୂପେ ଗୋଡାଇବା; 2. ଉତ୍ସାହିତ କରିବା, ଉତ୍ତେଜିତ କର ।
Hour, *n. our*, 1. ଘଣ୍ଟା, ଘଣ୍ଟା, ଘଡିକା, ଦିନ ଓ ରାତିର ୨୪ ଅଂଶ ; 2. ସମୟ, କାଳ; 3. ନିର୍ଦ୍ଦିଷ୍ଟ କାଳ, ନିରୂପିତ ସମୟ ।—The small hours, ରାତିର ଶେଷ ପ୍ରହର, ଯଥା,—ଏକ ଦୁଇ ତିନି ଘଣ୍ଟା ।
Hour-glass, *n.* ବାଲିଘଡି, ଏକ ଘଣ୍ଟାକାଳ ନିରୂପକ ଯନ୍ତ୍ର ।
Hour-hand, *n.* ଘଡିର ସାନ କଣ୍ଟା, ଘଡିରେ ପ୍ରତି ଘଣ୍ଟା ଦେଖାଇବା କଣ୍ଟା ।
Houri, *n.* ମୁସଲମାନମାନଙ୍କ ସ୍ୱର୍ଗ ଅପ୍ସରା ।
Hourly, *a.* ପ୍ରତି ଘଣ୍ଟାରେ କୃତ ବା ଘଟିତ, ଘଣ୍ଟାକ, ନିତ୍ୟ ।—*ad.* ପ୍ରତି ଘଣ୍ଟାରେ, ସଦା, ଘଣ୍ଟାକୁ ଘଣ୍ଟା, ବାରମ୍ବାର ।
House, *n. hous*, 1. ଘର, ଗୃହ, ଆଳୟ, ଭବନ ; 2. ପରିବାର, କୁଟୁମ୍ବ, ପରିଜନ ; 3. ବଂଶ, କୁଳ; 4. ବ୍ୟବସ୍ଥାପକ ସଭା ; 5. ଭିନ୍ନ ସଭାର କାର୍ଯ୍ୟ ଚଳାଇବା ନିମନ୍ତେ ନିର୍ଦ୍ଦିଷ୍ଟ ଓ ଯଥେଷ୍ଟ ସଂଖ୍ୟା ; 6. ଶ୍ରୋତୃବର୍ଗ ; 7. ବାଣିଜ୍ୟ କୋଠି ; 8. ଗଣକର କାର୍ଯ୍ୟ ନିମନ୍ତେ ଆକାଶର ୧୨ ଅଂଶ ।—House of Commons, ଇଂଲଣ୍ଡ ପ୍ରଜାପ୍ରତିନିଧି ମହାସଭା । House of Lords, ଇଂଲଣ୍ଡ କୁଳୀନ ମହାସଭା । House of God, ଗୀର୍ଜା ଘର, ଧର୍ମ ମନ୍ଦିର ।—To keep house, 1. ଗୃହସ୍ଥ

ସୁଦ୍ଧ ଚଳାଇବା ; 2. ଘରର କାର୍ଯ୍ୟ ଚଳାଇବା ।—*v.t.* *houz*, 1. ଘରେ ରଖିବା, ଘରେ ଅବସ୍ଥ-ଦେ, ଘରେ ସ୍ଥାନ-ଦେ, ଘର ଯୋଗାଇବା; 2. ଆବୃତ-କ ।—*v.i.* ଅବସ୍ଥ-କେ, ବାସ-କ ।

**House-breaker**, *n.* ସିନ୍ଧିଦ୍ୱେର, ସିନ୍ଧାଳ ।

**House-breaking**, *n.* ସିନ୍ଧିଦ୍ୱେର, ସିନ୍ଧି ।

**Household**, *n.* ପରିବାର, ଘରକନ, ଘର ଲୋକ ସକଳ । —*a.* ପାରିବାରିକ, ଘରକରଣା, ଘରୁଆ ।—Household-suffrage, ମହାସଭାର ସଭ୍ୟ ମନୋନୀତ କରିବା ନିମନ୍ତେ ପ୍ରତି ଗୃହକର୍ତ୍ତାର ମତ ଦେବାର ଅଧିକାର । Household-troops, ଇଂଲଣ୍ଡ ରାଜା ଓ ରାଜଧାନୀ ରକ୍ଷା କରିବା ସୈନ୍ୟଦଳ ।

**Householder**, *n.* ଗୃହକର୍ତ୍ତା, ଗୃହସ୍ଥ, ଗୃହପତି, ଗୃହୀ ।

**Housekeeper**, *n.* ଘରର କାର୍ଯ୍ୟ ଚଳାଇବା ଗୃହସ୍ୱାମିନୀ, ଗୃହର ତତ୍ତ୍ୱାବଧାରିକା ପ୍ରଧାନ ଦାସୀ ।

**Housekeeping**, *n.* ଗୃହକର୍ମ, ଘରର କାର୍ଯ୍ୟଚଳନ ।

**Houseless**, *a.* ଗୃହହୀନ, ଗୃହଶୂନ୍ୟ, ନିରାଶ୍ରୟ ।

**Housemaid**, *n.* ଦାସୀ, ଘରଚାକରାଣୀ ।

**Houseroom**, *n.* ଗୃହରେ ସ୍ଥାନ ବା ବାସ ।

**House-steward**, *n.* ଗୃହର ତତ୍ତ୍ୱାବଧାରକ ପ୍ରଧାନ ଦାସ, ଘରର ଦେଓଆନ ।

**House-surgeon**, *n.* ଚିକିତ୍ସାଳୟ ବାସିନ୍ଦା ଚିକିତ୍ସକ ।

**House-warming**, *n.* ନୂତନ ଗୃହପ୍ରବେଶ ସମୟର ଉତ୍ସବ ।

**Housewife**, *n.* 1. ସ୍ୱାମିନୀ, ଘରଣୀ, ଗୃହିଣୀ, ଗୃହକର୍ତ୍ତ୍ରୀ; 2. ଛୁଞ୍ଚ ସୂତା ରଖିବା ଆଦର ସାନ ଥୋଳ, in this sense pronounced *huz'if.*

**Housewifely**, *a.* ଗୃହିଣୀ ସମ୍ବନ୍ଧୀୟ, ଗୃହିଣୀ କାର୍ଯ୍ୟ ସମ୍ବନ୍ଧୀୟ ।

**Housewifery**, *n.* ଗୃହିଣୀ କାର୍ଯ୍ୟ, ପରିବାର ବର୍ତ୍ତାର [କାର୍ଯ୍ୟ ।

**Housing**, *n.* ଘୋଡାଲୁଗା, *pl.* ଘୋଡାର ସାଜ ।

**Hove**, *pret* of Heave.

**Hovel**, *n.* 1. କୁଡିଆଘର, କୁଟୀର ; 2. ପଶୁ ଆଦି ରଖିବା ନିମନ୍ତେ ଖୋଲା ଛପର ।—*v.t.* କୁଡିଆଘରେ ଆଶ୍ରୟ-ଦେ, କୁଡିଆଘର ଯୋଗାଇ ଦେବା ।

**Hover**, *v.i.* 1. ଡେଣା ଫଡଫଡ କରି ଊର୍ଦ୍ଧ୍ୱରେ ସ୍ଥିତ-କ, ଆଗେ ପଛେ ଉଡିବା ; 2. ଅପେକ୍ଷାରେ ରହିବା, ଅପେକ୍ଷାରେ ଭ୍ରମଣ-କ, ଉତ୍ସ ଦେଖାଇ ଏଣେତେଣେ ଭ୍ରମଣ-କ ; 3. ସଂଶୟରେ ଥିବା, ଅନିଶ୍ଚିତାବସ୍ଥାରେ ଥିବା ।

**How**, *ad.* 1. କିରୂପେ, କିପ୍ରକାରେ, କେମନ୍ତ ; 2. କେତେ ; 3. କି କାରଣରେ ; 4. କି ଅବସ୍ଥାରେ ।

**Howbeit**, *ad.* and *conj.* ଯାହା ହେଉ, ତେବେହେଁ, ତଥାପି ।

**Howdah**, *n.* ହାଉଦା ।

**However**, *ad.* ଯେକୌଣସି ପ୍ରକାରେ, ଯେକୌଣସି ଅବସ୍ଥାରେ ।—*conj.* ଯାହା ହେଉ, ତେବେହେଁ, ତଥାପି ।

**Howitzer**, *n.* ଅପାର୍ଶ୍ୱ ଓ ହାଲୁକା ତୋପ ବିଶେଷ ।

**Howl**, *v.i.* 1. କୁକୁର ବା ନେକଡ଼ାବାଘ ପରି ବୋବାଇବା ; 2. ବଡ ଆର୍ତ୍ତନାଦ-କ, ବୋବାଳିପକାଇବା ; 3. ଗର୍ଜ୍ଜନ-କ ।—*v.t.* 1. ଆର୍ତ୍ତନାଦ କରି କହିବା ; 2. କଳକଳ କରି ତଡାଇ-ଦେ, followed by *down out* or *away* ।—*n.* 1. କୁକୁର ବା ନେକଡ଼ାବାଘର ବୋବାଳି ; 2. ବଡ ଆର୍ତ୍ତନାଦ, ବୋବାଳି ।

**Howler**, *n.* 1. ଯେ ବୋବାଳି ପକାଏ ; 2. ମାଙ୍କଡ ବିଶେଷ ।

**Howlet**, *n.* ପେଚା ।

**Howling**, *a.* ବୋବାଳିପୂର୍ଣ୍ଣ ।

**Howsoever**, *ad.* and *conj.* 1. ଯେମନ୍ତ ହେଉ ପଛେ, ଯେକୌଣସି ମତେ, ଯେକୌଣସି ପ୍ରକାରେ ; 2. ତଥାପି, ତେବେହେଁ ।

**Hoy**, (1) *interj.* ହୋ !

**Hoy**, (2) *n.* ସାନ ଜାହାଜ ବିଶେଷ ।

**Hub**, *n.* ଚକ ନାଭି ।

**Hubble-bubble**, *n.* ଗୁଡୁଗୁଡ଼ି, ହୁକା ।

**Hubbub**, *n.* ଗୋଳମାଳ, ଗୋଳ, ଚହଳ, ଘଣ୍ଟଘୋଳ ।

**Huckaback**, *n.* ମୋଟା ମଜିବା ଲୁଗା ବିଶେଷ ।

**Huckster**, *n.* 1. ପସରାଳୀ, ବାଣିଆ, ଫେରିଅଳା ; 2. ସାମାନ୍ୟ ଠକ ।—*v.i.* ଗୁଜୁରା ଦ୍ରବ୍ୟରେ ବେପାର-କ, ପସରାଳୀ-କ ।

**Huddle**, *v.i.* ଗୋଳମାଳରେ ଏକାଠି-ହେ, ଭିଡ-ହେ, ଗୋଳମାଳରେ ତରାତରି ହୋଇ ପଡିବା ।—*v.t.* 1. ଗୋଳମାଳରେ ଏକାଠି-କ, ଭିଡ-କ ; 2. ଲଣ୍ଡଭଣ୍ଡରେ -କ, ଲଣ୍ଡଭଣ୍ଡରେ ରଖିବା, ଲଣ୍ଡଭଣ୍ଡରେ ଫିଙ୍ଗିବା ।—*n.* ଭିଡ, ଗୋଳମାଳରେ ଜମା ହେବା ଦ୍ରବ୍ୟ ବା ଲୋକମାନେ ।

**Hue**, (1) *n.* ବର୍ଣ୍ଣ, ରଙ୍ଗ ।

**Hue**, (2) *n.* ଡାକ, now only in the phrase *Hue and cry.*

**Hued**, *a.* ବର୍ଣ୍ଣବିଶିଷ୍ଟ, ରଙ୍ଗଯୁକ୍ତ generally in composition, as golden-*hued.*

**Hueless**, *a.* ବର୍ଣ୍ଣହୀନ, ରଙ୍ଗହୀନ ।

**Huff**, *n.* ଚିଡଚିଡାସ୍ୱଭାବ, ହଠାତ୍ କ୍ରୋଧାବେଶ, ଦର୍ପ ।—*v.t.* ଦମ୍ଭଭାବ ଦେଖାଇବା, ଦମ୍ଭଭାବରେ ଧମକାଇବା, ଚିଡାଇବା ।—*v.i.* ଗର୍ବରେ ଫୁଲି ଉଠିବା, କ୍ରୋଧରେ ଫୁଲି ଉଠିବା, ତର୍ଜ୍ଜନଗର୍ଜ୍ଜନ-କ, ଚିଡିବା

**Huffiness**, *n.* ଚିଡଚିଡାସ୍ୱଭାବ, ଖିଟଖିଟିଆପଣ ।

**Huffish**, *a.* 1. ଅଳ୍ପ ଚିଡଚିଡା ; 2. ଦାମ୍ଭିକ ।

**Huffy**, *a.* ଚିଡଚିଡା, ଖିଟଖିଟିଆ ।

**Hug**, *v.t.* 1. ଆଲିଙ୍ଗନ-କ, କୋଳାକୋଳି-କ, କୁଣ୍ଢାଇ ଧରିବା ; 2. ଯାପୁଡି ଧରିବା ; 3. ହୃଦୟରେ ପ୍ରତିପୋଷଣ -କ, ଧରି ରଖିବା ; 4. (କୂଳକୁ) ନିକଟ ରଖି ଯିବା । To hug oneself, ଆପଣାକୁ ଭାଗ୍ୟବାନ ମଣିବା, ଆତ୍ମପ୍ରଶଂସା-କ ।—*n.* 1. ଆଲିଙ୍ଗନ, କୋଳାକୋଳି, କୁଣ୍ଢାକୁଣ୍ଢି ; 2. ଯାପୁଡି ଧରଣ ।

**Huge**, *a.* ଅତିବଡ, ବୃହତ୍, ପ୍ରକାଣ୍ଡ ।

**Hugely**, *ad.* ବୃହଦ୍ରୂପେ; ପ୍ରକାଣ୍ଡରୂପେ ।
**Hugeness**, *n.* ବୃହତ୍ତ୍ୱ, ପ୍ରକାଣ୍ଡତା ।
**Hugger-mugger**, *n.* 1. ଗୋପନ; 2. ଗୋଳମାଳ । —*a.* 1. ଗୁପ୍ତ, ଗୋପନୀୟ; 2. ଗୋଳମାଳିଆ ।
**Huguenot**, *n.* ପୂର୍ବ କାଳରେ ଫ୍ରାନ୍ସ ଦେଶୀୟ ରୋମାନ୍ କାଥଲିକ୍ ମତର ପ୍ରତିବାଦୀ ।
**Hulk**, *n.* 1. ଜୀର୍ଣ୍ଣ ଜାହାଜର ଖୋଳ ମାତ୍ର; 2. ପ୍ରକାଣ୍ଡ ବା ଅବହନୀୟ ପଦାର୍ଥ ।—The hulks, କାରାଗାରସ୍ୱରୂପ ବ୍ୟବହୃତ ଜୀର୍ଣ୍ଣ ଜାହାଜମାନ ।
**Hulking, Hulky**, *a.* ସ୍ଥୂଳକାୟ, ସ୍ଥୂଳଦେହ ଓ ଅସୁନ୍ଦର ।
**Hull**, (1) *n.* ଖୋଳପା, କୋଷ, ତୁଷ ।—*v.t.* ଖୋଳପା ବାହାର-କ, ତୁଷ କାଢିବା ।
**Hull**, (2) *n.* ଜାହାଜର ଖୋଳ ।—*v.t.* ତୋପଗୋଳାରେ (ଜାହାଜର) ଖୋଳ ଫଟାଇବା ।
**Hullabaloo**, *n.* ଗୋଳହଟ୍ଟ, ଗୋଗା ।
**Hum**, *v.i.* 1. ମହୁମାଛି ପରି ଶବ୍ଦ-କ, ଗୁଣୁଗୁଣୁ ଶବ୍ଦ-କ, ଗୁଁ ଗୁଁ ଶବ୍ଦ-କ; 2. ହୁଁ ଶବ୍ଦରେ ଥମାଇ କହିବା ।—*v.t.* ଗୁଣୁଗୁଣୁ କରି ଗାନ-କ, ଧୀରେ ଗାନ-କ ।—*n.* 1. ମହୁମାଛିର ଧ୍ୱନି, ଗୁଣୁଗୁଣୁ ଶବ୍ଦ, ଗୁଞ୍ଜନ, ଅସ୍ପଷ୍ଟ ଧୀର ଶବ୍ଦ; 2. ବକ୍ତୃର ଘାବରାପଣ ସନ୍ଦେହ ବା ଅସନ୍ତୋଷସୂଚକ ହୁଁ ଶବ୍ଦ ।
**Human**, *a.* 1. ମନୁଷ୍ୟସମ୍ବନ୍ଧୀୟ, ମନୁଷ୍ୟଜାତିବିଷୟକ, ମନୁଷ୍ୟଜାତୀୟ; 2. ମାନୁଷିକ, ମାନବୀୟ ।—*n.* ମାନବ ।
**Humane**, *a.* 1. ମାନବୀୟ ବୃତ୍ତି ଓ ସ୍ୱଭାବ-ବିଶିଷ୍ଟ, ଦୟାଳୁ, କୃପାଳୁ, ପରୋପକାରୀ; 2. ଭଦ୍ରତାଯୁକ୍ତ, ଶିଷ୍ଟଯୁକ୍ତ ।
**Humanely**, *ad.* ଦୟାଳୁଭାବେ, କୃପାଳୁଭାବେ, ପରୋପକାରରୂପେ ।
**Humanism**, *n.* 1. ମାନବୀୟ ପ୍ରକୃତି ବା ସ୍ୱଭାବ, ମନୁଷ୍ୟତ୍ୱ, ମାନବୀୟତା; 2. ମାନୁଷିକ ବିଷୟମାନ ଓ ମାନବୀୟ ବୃତ୍ତିସକଳକୁ ପ୍ରକୃତ ବୋଲି ଜ୍ଞାନ କରିବା ମତ ବିଶେଷ; 3. ସୁକୁମାର ବିଦ୍ୟା ।
**Humanist**, *n.* 1. ସୁକୁମାର ବିଦ୍ୟାଭ୍ୟାସୀ; 2. ମାନବୀୟ ପ୍ରକୃତି ବା ସ୍ୱଭାବଜ୍ଞ ।
**Humanitarian**, *n.* 1. ମନୁଷ୍ୟଜାତିର ପ୍ରେମଯୁକ୍ତ, ମାନବହିତୈଷୀ; 2. ଖ୍ରୀଷ୍ଟଙ୍କୁ କେବଳ ମନୁଷ୍ୟ ବୋଲି ଯେ ସମର୍ଥନ କରେ; 3. ମନୁଷ୍ୟ ନିଜ ପ୍ରକୃତିକୁ ନିଜେ ସିଦ୍ଧ କରି ପାରେ ବୋଲି ଯେ ସମର୍ଥନ କରେ ।
**Humanitarism**, *n.* ଉପରୋକ୍ତ ଲୋକର ମତ, see Humanitarian in all senses.
**Humanity**, *n.* 1. ମନୁଷ୍ୟତ୍ୱ, ମାନବୀୟତା, ମାନବତ୍ୱ; 2. ମନୁଷ୍ୟଜାତି, ମନୁଷ୍ୟବର୍ଗ; 3. ଦୟାଳୁତା, କୃପାଳୁତା, ପରୋପକାରଶୀଳତା, ପରୋପକାର, ଦୟାଦାକ୍ଷିଣ୍ୟ; 4. *pl.* The humanities, ସୁକୁମାର ସାହିତ୍ୟ ।
**Humanize**, *v.t.* 1. ମନୁଷ୍ୟବତ୍-କ, ମାନୁଷିକ ସ୍ୱଭାବବିଶିଷ୍ଟ-କ; 2. ଦୟାଳୁ-କ, କୋମଳ-କ, ଶିଷ୍ଟ-କ, ସଭ୍ୟ-କ ।
**Human-kind**, *n.* ମନୁଷ୍ୟଜାତି, ମନୁଷ୍ୟବର୍ଗ ।
**Humanly**, *ad.* ମନୁଷ୍ୟମାନଙ୍କ ମତରେ, ମାନୁଷିକରୂପେ ।
**Humanness**, *n.* 1. ମନୁଷ୍ୟତ୍ୱ, ମାନବତ୍ୱ ।
**Humble**, *a.* 1. ନୀଚ, କ୍ଷୁଦ୍ର, ଅଗୌରବକର; 2. ନମ୍ର, ବିନୀତ, ବିନତ, ନମ୍ରଶୀଳ, ଅଭିମାନଶୂନ୍ୟ, ନିରହଙ୍କାର; 3. ବିନୟୀ ।—*v.t.* 1. ଅବନତ-କ, ନୀଚ-କ, ଗର୍ବ ଖର୍ବ-କ; 2. ନମ୍ର-କ, ବିନୀତ-କ, often refl.
**Humble-bee**, *n.* ବଡ଼ ମହୁମାଛିବିଶେଷ ।
**Humbles**, *n. pl.* ହରିଣର କଲିଜା ପୁରୁଡା ଅନ୍ତ ।—Humble-pie, ମଇଦାର ଖୋଳପାରେ ଢଙ୍କାଯିବା ହରିଣର ପିଠା କଲିଜା ପୁରୁଡା ଅନ୍ତ ।—To eat humble-pie, ବିନୟୀ ହୋଇ ତ୍ରୁଟି ସ୍ୱୀକାର-କ, ଆପଣାକୁ ନତ-କ ।
**Humbling**, *a.* ଅବନତକାରୀ, ଗର୍ବ ଖର୍ବକାରୀ ।—*n.* ଅବନତକରଣ ।
**Humbly**, *ad.* 1. ନୀଚଭାବେ, ନୀଚାଶୟଭାବେ; 2. ନମ୍ରଭାବେ, ନମ୍ରଶୀଳଭାବେ, ବିନୟପୂର୍ବକ, ସବିନୟରେ ।
**Humbug**, *n.* 1. ଫାଙ୍କି, ପ୍ରତାରଣା, ପ୍ରବଞ୍ଚନା, କପଟ; 2. ପ୍ରତାରକ, ଠକ ।—*v.t.* ପ୍ରତାରଣା-କ, ପ୍ରବଞ୍ଚନା-କ, ଠକାଇବା, ଫାଙ୍କି-ଦେ ।
**Humdrum**, *a.* ସାମାନ୍ୟ, ନୀରସ, ବିରସ ।—*n.* 1. ସ୍ୱରର ଏକରୂପତା; 2. ନୀରସଭାବ, ନୀରସବିଷୟ, ନୀରସ ଜୀବନ ।
**Humeral**, *a.* ସ୍କନ୍ଧସମ୍ବନ୍ଧୀୟ ।
**Humerus**, *n.* (*pl.* Humeri), ସ୍କନ୍ଧ ଓ କହୁଣି ମଧ୍ୟବର୍ତ୍ତୀ ଅସ୍ଥି ।
**Humid**, *a.* ଆର୍ଦ୍ର, ଓଦା, ସକ୍ଲେଦ ।
**Humidity**, *n.* 1. ଆର୍ଦ୍ରତା, ସକ୍ଲେଦଭାବ; 2. ବାଷ୍ପମୟତା ।
**Humidly**, *ad.* ଆର୍ଦ୍ରଭାବେ ।
**Humiliate**, *v.t.* ନିଜ ବା ପରର ଦୃଷ୍ଟିରେ ଅବନତ-କ, ହତାଦର-କ, ଲଜ୍ଜିତ-କ, ଗର୍ବ ଖର୍ବ-କ ।
**Humiliating**, *a.* ଅବନତକାରୀ, ଗର୍ବ ଖର୍ବକାରୀ ।
**Humiliation**, *n.* ଅବମାନନା, ଅବନତକରଣ, ଅବନତି, ଗର୍ବ ଖର୍ବକରଣ, ଅବନତିର କାରଣ ।
**Humility, Humbleness**, ନମ୍ରତା, ବିନୟ, ଅନଭିମାନ, ଅନହଙ୍କାର, ନମ୍ରଶୀଳତା ।
**Humming-bird**, *n.* ଉଜ୍ଜ୍ୱଳ ବର୍ଣ୍ଣବିଶିଷ୍ଟ ଓ ଉଡ଼ିଲାବେଳେ ଗୁଁ ଗୁଁ ଶବ୍ଦକାରୀ କ୍ଷୁଦ୍ର ପକ୍ଷିଜାତିର ନାମ ।
**Humming-top**, *n.* ଗୁଁ ଗୁଁ ଶବ୍ଦକାରୀ ନଟୁ ।
**Hummock**, *n.* ଢିପ, ଢିବି ।
**Humoral**, *a.* ଶରୀରର ବିବିଧ ରସସମ୍ବନ୍ଧୀୟ ।
**Humoralism**, *n.* ଶରୀରର ବିକୃତ ରସରୁ ରୋଗ ଜାତ ହୁଏ ବୋଲି ଯେଉଁ ମତ ।
**Humoralist**, *n.* ଉପରୋକ୍ତ ମତଧାରୀ ।
**Humorist, Humourist**, *n.* 1. ଖିଆଲି ଲୋକ; 2. କୌତୁକପ୍ରିୟ ଲୋକ, ହାସ୍ୟଜନକ ଲେଖକ ବା ବକ୍ତା ।
**Humorous**, *a.* 1. ହାସ୍ୟଜନକ, କୌତୁକପ୍ରିୟ; 2. ଖିଆଲି ।
**Humorously**, *ad.* 1. ହାସ୍ୟଜନକରୂପେ, କୌତୁକପ୍ରିୟଭାବେ; ଖିଆଲରୂପେ ।

Humorousness, *n.* ହାସ୍ୟଜନକତା, କୌତୁକପ୍ରିୟତା ।
Humorsome, Humoursome, *a.* 1. ଖିଆଲି, ଖିଟଖିଟିଆ ; 2. ହାସ୍ୟଜନକ, କୌତୁକୀ ।
Humorsomely, *ad.* 1. ଖିଆଲିରୂପେ, ଖିଟଖିଟିଆଭାବେ ; 2. କୌତୁକପୂର୍ଣ୍ଣଭାବେ ।
Humour, Humor, *n.* 1. ଶରୀରର ରସ, ଧାତୁ ; 2. ବୃତ୍ତି, ମନୋବୃତ୍ତି, ଭାବ, ସ୍ୱଭାବ, ପ୍ରକୃତି, ଖିଆଲ ; 3. ହର୍ଷୋତ୍ପାଦକ ଗୁଣ, ଆମୋଦ, କୌତୁକ ।—Bad humour, ଚିଡ଼ଚିଡ଼ା ଭାବ, ବିରକ୍ତି । Good humour, ତୁଷ୍ଟ ସ୍ୱଭାବ, ସୁଶୀଳତା । Out of temper, ବିରକ୍ତ, ଅସନ୍ତୁଷ୍ଟ ।—*v.t.* 1. ଖିଆଲ ଅନୁସାରେ ତୁଷ୍ଟ-କ, ଖୁସିଆଳି-କେ, ପ୍ରସନ୍ନ-କେ ; 2. ଅନୁସାରେ ଚଳାଇବା ।
Hump. *n.* କୁଜ, କୁବ୍ଜ, କକୁଦ
Humpback, Hunchback, *n.* 1. କୁଜା ପିଠି ; 2. କୁଜାପିଠିଆ ଲୋକ, କୁବ୍ଜପୃଷ୍ଠ ଲୋକ ; 3. କୁଜାପିଠିଆ ଜାତି ମାଛ ।
Humpbacked, Hunchbacked. Humped, *a.* କୁଜାପିଠିଆ, କୁବ୍ଜପୃଷ୍ଠ ।
Humph, *interj.* ଅବିଶ୍ୱାସ ସନ୍ଦେହ ବା ଅସନ୍ତୋଷସୂଚକ ଅବ୍ୟୟ ଯଥା,—ହେଁ ! ଧୁର୍ !
Humpy, *a.* କୁବ୍ଜମୟ ।
Humus, *n.* ଜୀର୍ଣ୍ଣ ପଦାର୍ଥରୁ ଜାତ ମାଟି ।
Hunch, *n.* 1. କୁଜ, କୁବ୍ଜ ; 2. ମୋଟା ଖଣ୍ଡ ; 3. କହୁଣିରେ ଧକ୍କା ।—*v.t.* 1. କୁଜା-କ ; 2. କହୁଣିରେ ଧକ୍କା ମାରିବା ।
Hundred, *a.* ଶହେ, ଶତସଂଖ୍ୟକ, ଶତ ।—*n.* 1. ଶତସଂଖ୍ୟା, ଏକ ଶତ, ଶତ, ଶ ; 2. ୧୦୦ ଅଙ୍କ ; 3. ପ୍ରଦେଶର ବିଭାଗ ବିଶେଷ ।
Hundred-fold, *n.* ଶତଗୁଣ ପରିମାଣ ।
Hundredth, *a.* ଶତତମ ।— *n.* 1. ଶତତମ ଅଙ୍କ ; 2. ଶହେ ଭାଗରୁ ଏକ ଭାଗ ।
Hundredweight, *n.* ଛପନ ସେର ଓଜନ ।
Hung, *pret*, or *past p.* of Hang.
Hunger, *n.* 1. ଭୋକ, କ୍ଷୁଧା, ବୁଭୁକ୍ଷା ; 2. ଆକାଂକ୍ଷା, ଲାଳସା, ବଳବତୀ ସ୍ପୃହା ।—*v.i.* 1. ଭୋକିଲା-ହେ, କ୍ଷୁଧିତ-ହେ, ବୁଭୁକ୍ଷିତ-ହେ ; 2. ଆକାଂକ୍ଷା-କ, ଲାଳସା-କ ।
Hunger-bit, Hunger-bitten, *a.* କ୍ଷୁଧାତୁର, କ୍ଷୁଧାର୍ତ୍ତ ।
Hungrily, *ad.* କ୍ଷୁଧିତଭାବେ, ପେଟୁକଭାବେ ।
Hungry, *a.* 1. ଭୋକିଲା, କ୍ଷୁଧିତ, ବୁଭୁକ୍ଷିତ ; 2. ଆକାଂକ୍ଷୀ, ଲୋଲୁପ ; 3. କ୍ଷୁଧାପ୍ରକାଶକ, କ୍ଷୀଣ ; 4. ଅନୁର୍ବର ।
Hunk, *n.* ବଡ଼ ଖଣ୍ଡ ।
Hunks, *n.* କାହ୍ନି, କୃପଣ ବ୍ୟକ୍ତି ।
Hunt, *v.t.* 1. ଶିକାର-କ, ମୃଗୟା-କ ; 2. ଶିକାରରେ ବ୍ୟବହାର-କ ; 3. ଶିକାରରେ (ପ୍ରଦେଶ) ବୁଲିବା ; 4. ମନୋଯୋଗପୂର୍ବକ ଅନୁସନ୍ଧାନ-କ ।—*v.i.* 1. ଶିକାର-କ, ଅନୁଧାବନ-କ ; 2. ଅନୁସନ୍ଧାନ-କ ।—*n.* 1. ଶିକାର, ମୃଗୟା ; 2. ମୃଗୟାକାରୀ ଦଳ ; 3. ଅନୁସନ୍ଧାନ ।
Hunter, *n.* 1. ମୃଗୟାକାରୀ ଲୋକ, ଶିକାରୀ ; 2. ମୃଗୟା ନିମନ୍ତେ ଘୋଡ଼ା ; 3. ମାକଡ଼ସା ବିଶେଷ ।
Hunting, *n.* ମୃଗୟା, ଶିକାର, ଶିକାରୀ କୁକୁର ଦ୍ୱାରା କୋକିଶିଆଳିର ଅନୁଧାବନ ।
Huntsman, *n.* 1. ମୃଗୟାକାରୀ ଲୋକ, ଶିକାରୀ ; 2. ଶିକାରୀ କୁକୁର ଦଳର ରକ୍ଷକ ।
Hurdle, *n.* ଜାଉଁବାଡ଼ ବିଶେଷ ।—*v.t.* ଜାଉଁବାଡ଼ରେ ବନ୍ଦ-କ, ଜାଉଁବାଡ଼-ଦେ ।
Hurdle-race, *n.* ଜାଉଁବାଡ଼ ଦୌଡ଼, ଡାଟି ଦୌଡ଼ ।
Hurdy-gurdy, *n.* ସାମାନ୍ୟ ବାଦ୍ୟଯନ୍ତ୍ର ବିଶେଷ ।
Hurl, *v.t.* 1. ଜୋରରେ ପକାଇ-ଦେ, ବେଗେ ନିକ୍ଷେପ-କ ; 2. ପ୍ରଚଣ୍ଡରୂପେ ଉଚ୍ଚାରଣ-କ ।—*n.* ବେଗେ ନିକ୍ଷେପ ।
Hurly-burly, *n.* କୋଳାହଳ, ହଡ଼ବଡ଼, ଧୁମ୍‌ଧାମ୍ ।
Hurra, Hurrah, *n.* ଉଲ୍ଲାସସୂଚକ ଶବ୍ଦ, ଜୟଧ୍ୱନି ।—*interj.* ବାଃବାଃ ! ଶାବାସ୍ ! ଭଲଭଲ !
Hurricane, *n.* ପ୍ରଚଣ୍ଡବାତ, ମହାବିବାର୍ତ୍ତ, ପ୍ରବଳ-ତୋଫାନ ।
Hurried, *p.a.* ତ୍ୱରାରେ କୃତ, ତ୍ୱରିତ, ତ୍ୱରାପ୍ରକାଶକ ।
Hurriedly, *ad.* 1. ତ୍ୱରିତରୂପେ, ଶୀଘ୍ର ; 2. ବ୍ୟସ୍ତଭାବେ, ଲଣ୍ଡଭଣ୍ଡଭାବେ ।
Hurry, *v.t.* 1. ତ୍ୱରା-କ, ଶୀଘ୍ର-କ ; 2. ବ୍ୟସ୍ତ-କ, ଲଣ୍ଡଭଣ୍ଡ-କ ।—*v.i.* ତ୍ୱରିତ ଗମନ-କ, ଶୀଘ୍ର ଗମନ-କ, ଶୀଘ୍ର କାର୍ଯ୍ୟ-କ ।—*n.* 1. ତ୍ୱରା, ବେଗ ; 2. ବ୍ୟସ୍ତତା, ଲଣ୍ଡଭଣ୍ଡ ।
Hurry-skurry, *ad.* ଲଣ୍ଡଭଣ୍ଡରେ .
Hurt, *v.t.* 1. ପୀଡ଼ା-ଦେ, ବ୍ୟଥା-ଦେ, ଆଘାତ-କ ; 2. କ୍ଷତ-କ, ହାନି-କ ।—*n.* 1. କ୍ଷତ, ଆଘାତ, ଘା ; 2. କ୍ଷତି, ହାନି, ଅନିଷ୍ଟ ।
Hurtful, *a.* କ୍ଷତିକର, ହାନିକର, ଅପକାରକ, ଅହିତକର ।
Hurtfully, *ad.* କ୍ଷତିକରଭାବେ, ହାନିଜନକଭାବେ, ଅହିତକରଭାବେ ।
Hurtfulness, *n.* ହାନିଜନକତା, ଅହିତକରତା ।
Hurtle, *v.i.* 1. କଟ୍ ଶବ୍ଦ କରି ବେଗେ ଯିବା ; 2. କଟ୍ ଶବ୍ଦ-କ ।
Hurtless, *a.* 1. ଅକ୍ଷତିକର, ଅନପକାରୀ ; 2. ଅକ୍ଷତ ।
Husband, *n.* ସ୍ୱାମୀ, ପତି, ଭର୍ତ୍ତା, ନାଥ, କାନ୍ତ, ଧବ, ଘରଭା ।—*v.t.* ପରିମିତ ବ୍ୟୟରେ ଚଳାଇବା, ବୁଝି ବ୍ୟୟ-କ ।
Husbandman, *n.* ଚଷା, କୃଷକ .
Husbandry, *n.* 1. ଚଷକର୍ମ, କୃଷିକର୍ମ, କର୍ଷଣ ; 2. ସୁଚଳନା, ପରିମିତ ବ୍ୟୟ ।
Hush, *a.* ସ୍ଥିର, ନୀରବ, ଶାନ୍ତ ।—*interj.* ଚୁପ ଚୁପ ! ଚୁପ୍ ! ସ୍ଥିର ହୁଅ ! —*v.t.* 1. ସ୍ଥିର-କ, ଚୁପ-କ, ନୀରବ-କ ; 2. ଶାନ୍ତ-କ, କ୍ଷାନ୍ତ-କ ।—*v.i.* ସ୍ଥିର-ହେ, ଚୁପ-ହେ, ନୀରବ-ହେ ।—*n.* ନୀରବତା, ସ୍ଥିରତା ।—To hush up, ଚୁପ-ହେ, ଘୋଡ଼ାଇ ରଖିବା, ଗୋପନ-କ ।

**Hush-money**, *n.* ମୁଖ ବନ୍ଦ କରିବା ନିମନ୍ତେ ଘୁଷ, ଗୋପନରେ ରଖିବା ନିମନ୍ତେ ଘୁଷ ।

**Husk**, *n.* 1. ଚୋପା, ଖୋଳପା, ଖୋଲ, ଛାଲୁକା, ଭୁଷ, 2. ଚୋପା ପରି ଅକର୍ମଣ୍ୟ ପଦାର୍ଥ, ଗାଦ, ମଳ ।—*v.t.* ଚୋପା କାଢ଼ିବା, ଭୁଷ ବାହାର-କର ।

**Husked**, *a.* ଚୋପାଯୁକ୍ତ, ଭୁଷଯୁକ୍ତ ।—*p.a.* ଭୁଷଶୂନ୍ୟ, ଛଣା ।

**Huskily**, *ad.* କର୍କଶରୂପେ, ମୋଟା ସ୍ୱରରେ ।

**Huskiness**, *n.* କର୍କଶତା, ମୋଟା ସ୍ୱର ।

**Husky**, 1) *a.* କର୍କଶ, ମୋଟା ।

**Husky**, (2) *a.* 1. ଚୋପାଯୁକ୍ତ, ଭୁଷମୟ ; 2. ଭୁଷପରି, ଅକର୍ମଣ୍ୟ । [ବିଶେଷ ।

**Hussar**, *n.* ହାଲୁକା ଅସ୍ତ୍ରଧାରୀ ଅଶ୍ୱାରୂଢ଼ ସୈନ୍ୟ

**Hussif, Housewife**, *n.* ଛୁଞ୍ଚି ସୂତା ଇତ୍ୟାଦିର ସାନ ଥୋଳ ।

**Hussy**, *n.* ଦୁଷ୍ଟା ସ୍ତ୍ରୀ, ଚଞ୍ଚଳା ବାଳିକା ।

**Hustings**, *n, pl.* 1. ପୂର୍ବକାଳୀନ ନାଗରିକ ସଭା ବିଶେଷ ; 2. ନିର୍ବାଚନ ସମୟରେ ସଭ୍ୟମାନଙ୍କର ବକ୍ତୃତା କରିବା ମଞ୍ଚ ।

**Hustle**, *v.t.* 1. ଏକତ୍ରରେ ଠେଲିବା ; 2. ଠେଲାଠେଲି-କର, ଠେସାଠେସି-କର, କହୁଣିରେ ମାରିବା ।—*v.i.* ଠେଲାଠେଲି ହୋଇ ଯିବା, ଠେସାଠେସି ହୋଇ ଯିବା ।

**Hut**, *n.* 1. କୁଡ଼ିଆ ଘର, କୁଟୀର ; 2. ସୈନ୍ୟମାନଙ୍କର ଛାଉଣି ଘର ।—*v.t.* ଛାଉଣି ଘରେ ବାସ କରାଇବା ।—*v.i.* ଛାଉଣି ଘରେ ରହିବା ।

**Hutch**, *n.* 1. ସିନ୍ଦୁକ ବିଶେଷ, ଧାନ୍ୟ ଆଦିର ସିନ୍ଦୁକ ; 2. ସାନ ଜନ୍ତୁ ପାଳିବା ବାକ୍ସ ; 3. ପ୍ରାୟ ୨୪ ସେର ମାପ ।

**Huzza**, *n.* ଉଲ୍ଲାସସୂଚକ ଶବ୍ଦ, ଆନନ୍ଦଧ୍ୱନି ।—*v.i.* ଆନନ୍ଦସୂଚକ ଉଚ୍ଚଧ୍ୱନି-କର, ହୁରୁରା ଶବ୍ଦ-କର ।

**Hyacinth**, *n.* 1. ଗୋଲ ମୂଳଯୁକ୍ତ ପୁଷ୍ପଗଛ ବିଶେଷ ; 2, ବହୁମୂଲ୍ୟ ପଥର ବିଶେଷ ।

**Hyacinthine**, *a.* ଉକ୍ତ ପୁଷ୍ପ ପରି, ଉକ୍ତ ବହୁମୂଲ୍ୟ ପଥର ପରି, ଉକ୍ତ ପଥରରେ ନିର୍ମିତ ।

**Hyades, Hyads**, *n.* ସପ୍ତନକ୍ଷତ୍ର ପୁଞ୍ଜ ।

**Hybrid**, *n.* ଦ୍ୱିଜାତୀୟ ପଶୁ ବା ଗଛ, ସଙ୍କର, ଖଚର ।—*a.* ଦ୍ୱିଜାତୀୟ, ଦୋଆସଲା, ସଙ୍କରଜାତ ।

**Hybridism, Hybridity**, *n.* ଦ୍ୱିଜାତୀୟତ୍ୱ, ସଙ୍କରତ୍ୱ ।

**Hybridize**, *v.t.* and *i.* ଦ୍ୱିଜାତୀୟ-କର, ଦ୍ୱିଜାତୀୟ-ହେ ।

**Hydra**, *n.* 1. ବହୁମସ୍ତକବିଶିଷ୍ଟ କଳ୍ପିତ ସର୍ପ ; 2. ଅନେକ ମୂଳରୁ ଜାତ ଅନିବାର୍ଯ୍ୟ ଅନିଷ୍ଟ ; 3. ଜଳରେ ଥିବା ବୃକ୍ଷବତ୍ କ୍ଷୁଦ୍ର ଜନ୍ତୁ ବିଶେଷ । [କଳ ।

**Hydrant**, *n.* ବଡ଼ ନଳରୁ ପାଣି ଟାଣିବା ସାନ ନଳ ବା

**Hydraulic**, *a.* ଗତିବାସୀ ତରଳ ପଦାର୍ଥବିଷୟକ, ଜଳନଳର ଶକ୍ତିବିଷୟକ ।—Hydraulic cement, Hydraulic lime, ମସଲା ବିଶେଷ ଯାହା ପାଣିରେ ଶକ୍ତ ହୁଏ । Hydraulic press, ଜଳ ଦ୍ୱାରା ଚିପିବା କଳ ।



**Hydraulics**, *n.* ଜଳନଳ ବିଜ୍ଞାନ ।

**Hydrocele**, *n.* କୋଷବୃଦ୍ଧି ।

**Hydrocephalus**, *n.* ମସ୍ତକରେ ଜଳବୃଦ୍ଧି, ମସ୍ତିଷ୍କଶୋଥ ।

**Hydrogen**, *n.* ଉଦଜାନ, ଜଳର ମୂଳ ଉପାଦାନ ମଧ୍ୟରୁ ଏକ ।

**Hydrogenous**, *a.* ଉଦଜାନସମ୍ବନ୍ଧୀୟ ।

**Hydrography**, *n.* ସମୁଦ୍ର ନଦୀ ହ୍ରଦ ଆଦି ନିର୍ଣ୍ଣାୟକ ବିଦ୍ୟା ।

**Hydrology**, *n.* ଜଳତତ୍ତ୍ୱ ।

**Hydromania**, *n.* 1. ଜଳରେ ଆତ୍ମହତ୍ୟା କରିବାକୁ ଇଚ୍ଛା ଜନ୍ମାଇବା ରୋଗ ; 2. ଜଳାତୁରତା ।

**Hydromel**, *n.* ମଧୁ ଓ ଜଳ ମିଶ୍ରିତ ପେୟ ଦ୍ରବ୍ୟ ।

**Hydrometer**, *n.* ତରଳ ପଦାର୍ଥର ଆପେକ୍ଷିକ ଗୁରୁତ୍ୱ ପରିମାପକ ଯନ୍ତ୍ର ।

**Hydropathic**, *a.* ଜଳଚିକିତ୍ସାସମ୍ବନ୍ଧୀୟ ।

**Hydropathist**, *n.* ଜଳଚିକିତ୍ସକ ।

**Hydropathy**, *n.* ଜଳଚିକିତ୍ସା ।

**Hydrophobia**, *n.* ଜଳାତଙ୍କ, ବାୟାକୁକୁର ଆଦିର କାମୁଡ଼ା ହେତୁ ଜାତ ରୋଗ ।

**Hydrophobic**, *a.* ଜଳାତଙ୍କସମ୍ବନ୍ଧୀୟ । [ନ୍ଧୀୟ ।

**Hydropic**, *a.* ଜଳୋଦରୀ ରୋଗଗ୍ରସ୍ତ, ଜଳୋଦରସମ୍ବ-

**Hydrostatic**, *a.* ଜଳଗଣିତସମ୍ବନ୍ଧୀୟ ।

**Hydrostatically**, *ad.* ଜଳଗଣିତର ସୂତ୍ରାନୁସାରେ ।

**Hydrostatics**, *n.* ଜଳର ଗୁରୁତ୍ୱ ନିର୍ଣ୍ଣାୟକ ବିଦ୍ୟା, ଜଳଗଣିତ ।

**Hydrothorax**, *n.* ବକ୍ଷସ୍ଥଳରେ ଜଳସଞ୍ଚୟ ।

**Hydrous**, *a.* ସଜଳ, ଜଳମୟ ।

**Hydrozoon**, *n.* (*pl.* Hydrozoa), ବୃକ୍ଷବତ୍ ଜଳଜୀବୀ କ୍ଷୁଦ୍ର ଜନ୍ତୁ ।

**Hyena, Hyæna**, *n.* ହେଣ୍ଟାବାଘ, ଗଧିଆ, ତରକ୍ଷୁ ।

**Hygeian**, *a.* ସ୍ୱାସ୍ଥ୍ୟସମ୍ବନ୍ଧୀୟ, ସ୍ୱାସ୍ଥ୍ୟରକ୍ଷାର ନିୟମସମ୍ବନ୍ଧୀୟ ।

**Hygiene, Hygeine, Hygienics, Hygienism**, *n.* ସ୍ୱାସ୍ଥ୍ୟବିଜ୍ଞାନ, ସ୍ୱାସ୍ଥ୍ୟରକ୍ଷାବିଷୟକ ବିଜ୍ଞାନ ।

**Hygienic**, *a.* ସ୍ୱାସ୍ଥ୍ୟବିଜ୍ଞାନସମ୍ବନ୍ଧୀୟ ।

**Hygienically**, *ad.* ସ୍ୱାସ୍ଥ୍ୟବିଜ୍ଞାନମତେ । [ଯନ୍ତ୍ର ।

**Hygrometer**, *n.* ବାୟୁମଣ୍ଡଳର ଆର୍ଦ୍ରତାପରିମାପକ

**Hygrometry**, *n.* ବାୟୁମଣ୍ଡଳର ଆର୍ଦ୍ରତାପରିମାପକ ବିଜ୍ଞାନ । [ସମ୍ବନ୍ଧୀୟ ।

**Hymeneal, Hymenean**, *a.* ବୈବାହିକ, ବିବାହ-

**Hymn**, *n.* ସ୍ତୁତିଗାନ, ଭଜନ, ଧର୍ମଗୀତ, ସ୍ତୋତ୍ର ।—*v.t.* ସ୍ତୁତିଗାନ-କର, ଭଜନ ଦ୍ୱାରା ପ୍ରଶଂସା-କର ।—*v.i.* ସ୍ତୁତିଗୀତ ଗାନ-କର, ଭଜନ ଗାନ କର, ଧର୍ମଗୀତ ଗାନ-କର ।

**Hymnal, Hymn-book**, *n.* ଧର୍ମଗୀତସଂଗ୍ରହ, ଭଜନପୁସ୍ତକ ।

**Hymnody**, *n.* ଧର୍ମଗୀତମାଳା, ସ୍ତବମାଳା ।

**Hymnology**, *n.* 1. ସ୍ତୁତିଗାନବିଜ୍ଞାନ, ଭଜନବିଜ୍ଞାନ ; 2. ସ୍ତବମାଳା ।

Hyperbole, n. *hi-per'bō-lē*, n. ଅତ୍ୟୁକ୍ତି, ଅତିଶୟୋକ୍ତି, ସତ୍ୟାତିରିକ୍ତ ବର୍ଣ୍ଣନା ।

Hyperbolic, Hyperbolical, *a.* ଅତ୍ୟୁକ୍ତିବିଷୟକ, ଅତ୍ୟୁକ୍ତିବିଶିଷ୍ଟ, ଅତ୍ୟୁକ୍ତିମୟ, ସତ୍ୟାତିରିକ୍ତ ।

Hyperbolicaliy, *ad.* ଅତ୍ୟୁକ୍ତିପୂର୍ବକ, ଅତିଶୟୋକ୍ତିପୂର୍ବକ, ସତ୍ୟାତିରିକ୍ତରୂପେ ।

Hyperbolize, *v.i.* ଅତ୍ୟୁକ୍ତି-କ, ଅତ୍ୟୁକ୍ତିପୂର୍ବକ କହିବା ।

Hyperborean, *a.* ଉଦଗତ, ଉତ୍ତରୀୟ, ଉତ୍ତରଦେଶସ୍ଥ, ଉତ୍ତରଦେଶବାସୀ ।—*n.* ଅତି ଉତ୍ତରଦେଶସ୍ଥ ଲୋକ ।

Hypercritic, *n.* ଅତିରିକ୍ତ ସୂକ୍ଷ୍ମ ସମାଲୋଚକ, ଅନୁଚିତରୂପେ ଗୁଣଦୋଷ ନିରୂପକ, କଠୋର ସମାଲୋଚକ ।

Hypercritical, *a.* ଅନୁଚିତରୂପେ ସମାଲୋଚନାକାରୀ, ସମାଲୋଚନାରେ କଠୋର, ଦୋଷଗ୍ରାହୀ ।

Hypercritically, *ad.* କଠୋର ସମାଲୋଚନାପୂର୍ବକ, ଦୋଷଗ୍ରାହୀରୂପେ ।

Hypercriticism, *n.* ଅତିରିକ୍ତ ସୂକ୍ଷ୍ମ ସମାଲୋଚନା, କଠୋର ସମାଲୋଚନା ।

Hyphen, *n.* ସଂଯୋଜକ ଚିହ୍ନ, ଯଥା, – ।

Hypnosis, Hypnotism, *n.* କୃତ୍ରିମ ଉପାୟ ଦ୍ୱାରା ଜାତ ନିଦ୍ରାବସ୍ଥା ବିଶେଷ, କେବେ ଏପରି ଅବସ୍ଥା କୌଣସି ଉଜ୍ଜ୍ୱଳ ପଦାର୍ଥକୁ ସ୍ଥିରଦୃଷ୍ଟି କରିବାରୁ ଜାତ ହୁଏ ।

Hypnotic, *a.* 1. ନିଦ୍ରାକାରକ; 2. ଉପରୋକ୍ତ କୃତ୍ରିମ ନିଦ୍ରାବସ୍ଥାସମ୍ବନ୍ଧୀୟ ।—*n.* ନିଦ୍ରାକାରକ ଔଷଧ ।

Hypnotize, *v.t.* କୃତ୍ରିମ ନିଦ୍ରାବସ୍ଥା ଜନ୍ମାଇବା ।

Hypochondria, *n.* ଚିତ୍ତୋଦ୍ବେଗଜନକ ବ୍ୟାଧି, ଚିତ୍ତୋଚାଟନ, ବିଷଣ୍ଣତା ।

Hypochondriac, *a.* ଚିତ୍ତୋଦ୍ବେଗଜନକ ବ୍ୟାଧିବିଷୟକ, ଚିତ୍ତୋଦ୍ବେଗଜନକ ବ୍ୟାଧିଗ୍ରସ୍ତ, ବିଷଣ୍ଣ ।—*n.* 1. ଚିତ୍ତୋଦ୍ବେଗଜନକ ବ୍ୟାଧିଗ୍ରସ୍ତ ଲୋକ; 2. ବିଷଣ୍ଣତା ।

Hypochondriacal, *a.* ଚିତ୍ତୋଦ୍ବେଗଜନକ ବ୍ୟାଧିବିଷୟକ, ବିଷଣ୍ଣ ।

Hypocrisy, *n.* 1. କପଟତା, ଅସରଳତା, କାପଟ୍ୟ, କପଟାଚରଣ; 2. ଧର୍ମବେଶ, କପଟଧର୍ମ ।

Hypocrite, *n.* କପଟୀ, କାପଟିକ, ଛଦ୍ମବେଶୀ, ଧର୍ମଧ୍ୱଜୀ ।

Hypocritical, *a.* କପଟିସମ୍ବନ୍ଧୀୟ, କପଟତା ସମ୍ବନ୍ଧୀୟ, କପଟ, କପଟତାପୂର୍ଣ୍ଣ, ଅସରଳ ।

Hypocritically, *ad.* କପଟଭାବେ, ଅସରଳରୂପେ ।

Hypodermal, Hypodermic, *n.* ଚର୍ମତଳସମ୍ବନ୍ଧୀୟ ।

Hypostasis, *n.* (*pl.* Hypostases), *n.* 1. ମୌଳିକ ବିଷୟ, ପ୍ରକୃତ ବିଷୟ; 2. ପିତା ପୁତ୍ର ଧର୍ମାତ୍ମା-ମଧ୍ୟରୁ ଏକ ଜଣ, ଈଶ୍ୱରଙ୍କ ସାରାଂଶ ଏ ତିନିର ପୃଥକ୍ ସ୍ଥିତ ।

Hypostatic, Hypostatical, *a.* 1. ମୌଳିକ ବିଷୟସମ୍ବନ୍ଧୀୟ, ମୌଳିକ ବିଷୟରୁ ଜାତ, ମୌଳିକ; 2. ଖ୍ରୀଷ୍ଟଙ୍କଠାରେ ଐଶ୍ୱରିକ ଓ ମାନୁଷିକ ପ୍ରକୃତିର ମିଳନସମ୍ବନ୍ଧୀୟ, ପୃଥକ୍ ସ୍ଥିତ ।

Hypotenuse, *n.* କର୍ଣ୍ଣରେଖା, କର୍ଣ୍ଣ ।

Hypothecate, *v.t.* ହସ୍ତାନ୍ତରବିନା ବନ୍ଧକ ରଖିବା ।

Hypothecation, *n.* ହସ୍ତାନ୍ତର ବିନା ବନ୍ଧକ ରକ୍ଷଣ ।

Hypothesis, *n.* (*pl.* Hypotheses), 1. ଅନୁମାନିକ ପ୍ରତିଜ୍ଞା; 2. ଅନୁମାନ, ତର୍କାର୍ଥେ ଅପ୍ରମାଣିତ ଅନୁମାନ, ଅପ୍ରମାଣିତ ବା ଅଳ୍ପ ପ୍ରମାଣିତ ଅନୁମାନ ।

Hypothesize, *v.i.* ଅନୁମାନିକ ପ୍ରତିଜ୍ଞା-କ, ଅନୁମାନ-କ ।

Hypothetic, Hypothetical, *a.* 1. ଅନୁମାନିକ ପ୍ରତିଜ୍ଞାସମ୍ବନ୍ଧୀୟ; 2. ତର୍କାର୍ଥେ ଓ ପ୍ରମାଣ ବାହାର କରିବା ନିମନ୍ତେ ବିନା ପ୍ରମାଣରେ ସ୍ୱୀକୃତ, ଆନୁମାନିକ, ଅନୁମାନସିଦ୍ଧ ।

Hypothetically, *ad.* ଅନୁମାନିକ ପ୍ରତିଜ୍ଞାକ୍ରମେ, ଅନୁ- [ମାନିକରୂପେ ।

Hyson, *n.* ଚୀନଦେଶୀୟ ଚା ବିଶେଷ ।

Hyssop, *n.* 1. ସୋଦନା ଜାତୀୟ ଗଛ ବିଶେଷ; 2. ଝଙ୍କାବୁଦା ବିଶେଷ, ଏଜୋବ ଗଛ ।

Hysteria, Hysterics, *n.* ସ୍ତ୍ରୀଲୋକମାନଙ୍କ ସ୍ନାୟୁର ବ୍ୟାଧି ବିଶେଷ ଯହିଁରେ ପାଳିକ୍ରମେ ଅକାରଣ ହାସ୍ୟ ଓ କ୍ରନ୍ଦନ ଜାତ ହୁଏ ପୁଣି ଶ୍ୱାସରୋଧ ହେଲାପରି ଅନୁଭୂତ ହୁଏ, ବାତୋନ୍ମାଦ, ଦୁର୍ଘମୂର୍ଚ୍ଛା ।

Hysteric, Hysterical, *a.* ବାତୋନ୍ମାଦସମ୍ବନ୍ଧୀୟ, ଦୁର୍ଘମୂର୍ଚ୍ଛାଗ୍ରସ୍ତ ।

Hysterically, *ad.* ବାତୋନ୍ମାଦଗ୍ରସ୍ତରୂପେ ।

# I.

I, (1) ଇଂରାଜୀ ବର୍ଣ୍ଣମାଳାର ନବମ ଅକ୍ଷର ପୁଣି ତୃତୀୟ ସ୍ୱରବର୍ଣ୍ଣ ।

I, (2) *pro.* ଆମ୍ଭେ, ମୁଁ, ମୁହିଁ ।

Iambic, *a.* ହ୍ରସ୍ୱ ଓ ଦୀର୍ଘ ଛନ୍ଦବିଶିଷ୍ଟ ।—*n.* ହ୍ରସ୍ୱ ଓ ଦୀର୍ଘ ଛନ୍ଦ, ହ୍ରସ୍ୱ ଓ ଦୀର୍ଘ ଛନ୍ଦବିଶିଷ୍ଟ ପଦ୍ୟ ।

Iambus, Iamb, *n.* (*pl.* Iambuses and Iambi), ହ୍ରସ୍ୱ ଓ ଦୀର୍ଘଛନ୍ଦ ।

Ibex, *n.* ପାର୍ବତୀୟ ଛେଳି ବିଶେଷ, ବନଛାଗଳ ।

Ibis, *n.* ଦାବେଣ୍ଡିଆ ।

Ice, *n.* 1. ବରଫ, ତୁଷାର, ଜମାଟଜଳ; 2. ଦୁଧ ଆଦି ମିଶ୍ରିତ ଓ ଶୀତରେ ଜମାଟ ଦ୍ରବ୍ୟ, ଦୁଧବରଫ; 3. ଚିନିଫେଣ ।—*v.t.* 1. ବରଫରେ ଆବୃତ-କ, ବରଫରେ ଶୀତଳ-କ; 2. ବରଫରେ ପରିଣତ-କ, ବରଫ-କ, ଜମାଟ-କ; 3. ଚିନିଫେଣରେ ଆବୃତ-କ ।

Iceberg, *n.* ବରଫର ପାହାଡ, ସମୁଦ୍ରରେ ଭାସିବା ହିମ- [ପର୍ବତ ।

Ice-bound, *a.* ବରଫରେ ଆବଦ୍ଧ ।

Ice-cream, *n.* ଦୁଧବରଫ, କୁଲ୍ଫୀ ।

Iced, *p.a.* 1. ବରଫାବୃତ; 2. ବରଫରେ ମିଶ୍ରିତ, ବରଫରେ ଶୀତଳ; 3. ଚିନିଫେଣରେ ଆବୃତ ।

Ice-field, *n.* ବରଫକ୍ଷେତ୍ର ।

Ice-floe, *n.* ସାନ ବରଫକ୍ଷେତ୍ର ।

Ice-house, *n.* ବରଫ ରଖିବା ଘର ।

Icelander, *n.* ଅଇସଲଣ୍ଡ ଦେଶବାସୀ ।
Icelandic, *a.* ଅଇସଲଣ୍ଡ ଦେଶବିଷୟକ ।—*n.* ଅଇସଲଣ୍ଡ ଦେଶୀୟମାନଙ୍କର ଭାଷା ।
Ice-water, *n.* ବରଫ ପାଣି, ବରଫରେ ଶୀତଳି ଜଳ ।
Ichneumon, *n.* ନେଉଳ, ନକୁଳ ।
Ichor, *n.* 1. ପୌରାଣିକ ଉପାଖ୍ୟାନରେ ଦେବତାମାନଙ୍କର ରକ୍ତ; 2. ଘାଅରୁ ଝରିବା ଜଳୀୟ ପଦାର୍ଥ ।
Ichorous, *a.* ପାତଳ, ଜଳୀୟ ।
Ichthyology, *n.* ମତ୍ସ୍ୟବିଜ୍ଞାନ ।
Icicle, *n.* ହିମକଣା, ତୁଷାର କଣିକା ।
Iciness, *n* ବରଫବତ୍ ଶୀତଳତା, ହିମତ୍ୱ ।
Icon, *n.* ମୂର୍ତ୍ତି, ପ୍ରତିରୂପ ।
Iconoclasm, *n.* ମୂର୍ତ୍ତିଭଞ୍ଜକାରର କ୍ରିୟା ବା ମତ ।
Iconoclast, *n.* ମୂର୍ତ୍ତିଭଞ୍ଜକାରୀ, ପ୍ରତିରୂପନାଶକାରୀ, ପ୍ରତିମାଭଗ୍ନକାରୀ ।
Icy, *a.* 1. ବରଫମୟ, ତୁଷାରମୟ, ବରଫବତ୍, ଅତି-ଶୀତଳ ; 2. ଶିଥିଳ, କଠିନ, ସ୍ନେହରହିତ ।
Idea, *n.* 1. ବୋଧ, ଜ୍ଞାନ ; 2. ମତ ; 3. ମାନସ, ଅଭି-ପ୍ରାୟ, ସଙ୍କଳ୍ପ ; 4. ଅନୁମାନ ।
Ideal, *a.* 1. ମାନସିକ, ବୋଧସମ୍ବନ୍ଧୀୟ, ବୋଧବିଷୟକ ; 2. କଳ୍ପିତ, କାଳ୍ପନିକ, ଅନୁମାନିକ ; 3. ଶ୍ରେଷ୍ଠତମ ।—*n.* ସ୍ଥିରିକ୍ତ ଆଦର୍ଶ, ଆଦର୍ଶ ।
Idealess, *a.* ବୋଧଶୂନ୍ୟ, ଜ୍ଞାନଶୂନ୍ୟ ।
Idealism, *n.* 1. ମାୟାବାଦ, ବାହ୍ୟଶୂନ୍ୟବାଦ ; 2. ସ୍ଥିରିକ୍ତ ଅନ୍ୱେଷଣ ।
Idealist, *n.* 1. ମାୟାବାଦୀ ; 2. କଳ୍ପନାକାରୀ ଲୋକ ।
Idealistic, *a.* 1. ମାୟାବାଦସମ୍ବନ୍ଧୀୟ, ମାୟାବାଦୀସମ୍ବନ୍ଧୀୟ ; 2. କଳ୍ପନାକାରୀ, କାଳ୍ପନିକ । [ଶକ୍ତି ।
Ideality, *n.* 1. ଅପ୍ରକୃତତା, କାଳ୍ପନିକତା ; 2. କଳ୍ପନା
Idealize, *v.t.* ଆଦର୍ଶାନୁରୂପ କଳ୍ପନା-କ, କଳ୍ପନା-କ ।—*v.i.* ଆଦର୍ଶ-କ ।
Ideally, *ad.* 1. ଆଦର୍ଶମତେ ; 2. ମାନସିକରୂପେ, ବୋଧାନୁସାରେ, କଳ୍ପନାନୁସାରେ ।
Identical, Identic, *a.* ଅଭିନ୍ନ, ଅଭେଦ, ଠିକ୍ ସମାନ, ଠିକ୍ ସେହି । [ସମାନରୂପେ ।
Identically, *ad.* ଅଭିନ୍ନରୂପେ, ଅଭେଦରୂପେ, ଠିକ୍
Identifiable, *a.* ଚିହ୍ନିବାଯୋଗ୍ୟ, ସନାକ୍ତକରଣୀୟ ।
Identification, *n.* 1. ଅଭିନ୍ନତାର ପ୍ରମାଣ, ଏକୀଭୂତ-କରଣ, ସମୀକରଣ ; 2. ସନାକ୍ତକରଣ, ଚିହ୍ନିତକରଣ ।
Identify, *v.t.* 1. ଅଭିନ୍ନ-କ, ଅଭେଦ-କ, ଏକୀଭୂତ-କ ; 2. ଚିହ୍ନିବା, ଠଉରାଇବା, ସନାକ୍ତ-କ ; 3. ଠିକ୍ ସମାନ ବୋଲି ପ୍ରମାଣିତ-କ ।
Identity, *n.* 1. ଅଭିନ୍ନତା, ଅଭେଦ, ଅଭେଦତ୍ୱ, ଏକତ୍ୱ; 2. କୌଣସି ବ୍ୟକ୍ତି ବା ବର୍ଗର ବିଶେଷତ୍ୱ ଲକ୍ଷଣ ।
Ides, *n. pl.* ରୋମୀୟ ପଞ୍ଜିକାରେ ମାର୍ଚ୍ଚ ମେ ଜୁଲାଇ ଓ ଅକ୍ଟୋବର ମାସର ୧୫ ତାରିଖ ଏବଂ ଅନ୍ୟାନ୍ୟ ମାସର ୧୩ ତାରିଖ । [ମୂଢ଼ତା ।
Idiocy, Idiotcy, *n.* ଜଡ଼ତା, ମେଧାରହିତ୍ୟ, ବୁଦ୍ଧି-
Idiom, *n.* ଭାଷାର ବିଶେଷ ଧାରା, ବାକ୍ୟବ୍ୟବହାର, ବାଗ୍‌ଧାରା ।
Idiomatic, Idiomatical, *a.* ଭାଷାର ବିଶେଷ ଧାରା-ଯୁକ୍ତ, ବାଗ୍‌ଧାରାନୁଯାୟୀ ।
Idiomatically, *ad.* ଭାଷାର ବିଶେଷ ଧାରା ଅନୁସାରେ, ବାଗ୍‌ଧାରାରେ ।
Idiopathy, *n.* ଅଦ୍ଭୁତରୋଗ, ପ୍ରାଥମିକ ରୋଗ ।
Idiosyncrasy, *n.* ବିଶେଷତ୍ୱ ସ୍ୱଭାବ, ବିଶେଷତ୍ୱ ପ୍ରକୃତି, ଅନୁଭବ ବା ଭାବନା କରିବାର ବିଶେଷ ଧାରା, ବିଶେଷତ୍ୱ ଢଙ୍ଗ ।
Idiosyncratic, *a.* ବିଶେଷତ୍ୱ ପ୍ରକୃତିସମ୍ବନ୍ଧୀୟ ।
Idiot, *n.* (ସାମାନ୍ୟ ଲୋକ, ଅଜ୍ଞ ଲୋକ) ; 1. ମୂଢ଼, ମୂର୍ଖ ; 2. ଜଡ଼, ବାତୁଳ, ବୁଦ୍ଧିହୀନ ଲୋକ । [ବାତୁଳ ।
Idiotic, Idiotical, *a.* ଜଡ଼ ପରି, ମୂଢ଼ବତ୍, ନିର୍ବୋଧ,
Idiotically, *ad.* ଜଡ଼ର ପରିରେ, ଅତିନିର୍ବୋଧରୂପେ ।
Idiotism, *n.* କୌଣସି ଭାଷାର ବିଶେଷ ଧାରା, ବିଶେଷ ବାଗ୍‌-ଧାରା, ଅଦ୍ଭୁତ ବାଗ୍‌ଧାରା ।
Idle, *a.* 1. ନିଷ୍କର୍ମ ; 2. ଅଳସ, ଅଳସୁଆ ; 3. କାର୍ଯ୍ୟ-ଶୂନ୍ୟ, କର୍ମରହିତ ; 4. ଅକର୍ମଣ୍ୟ, ବ୍ୟର୍ଥ ; 5. ନିରର୍ଥକ, ବୃଥା, ଅସାର ।—*v.i.* ଅଳସୁଆ-ହେ, ଅଳସ-ହେ, ବୃଥାରେ କାଳ କ୍ଷେପଣ-କ ।—*v.t.* ଆଳସ୍ୟରେ କ୍ଷେପଣ-କ, followed by *away*.
Idleness, *n.* 1. ଅକର୍ମଶୀଳତା ; 2. ଆଳସ୍ୟ, ଢିଲାମି ; 3. ଅକର୍ମଣ୍ୟତା ; 4. ନିରର୍ଥକତା, ଅସାରତା ।
Idler, *n.* ଅଳସୁଆ ଲୋକ, ଅଳସ ବ୍ୟକ୍ତି, ସୁସ୍ଥି ଲୋକ ।
Idly, *ad.* 1. ଅଳସୁଆ ପରିରେ, ଅଳସଭାବେ, ଆଳସ୍ୟ-ପୂର୍ବକ, ଅମନୋଯୋଗିରୂପେ ; 2. ନିରର୍ଥକରୂପେ, ବୃଥାରେ ।
Idol, *n.* 1. ପ୍ରତିମା, ପିତୁଳା, ଦେବମୂର୍ତ୍ତି, ବିଗ୍ରହ, ଦେବତା ; 2. ପ୍ରିୟତମ ବ୍ୟକ୍ତି ବା ବସ୍ତୁ ।
Idolater, *n.* 1. ପ୍ରତିମାପୂଜକ, ଦେବପୂଜକ, ପୌତ୍ତଳିକ ; 2. ଅତିରିକ୍ତ ସ୍ନେହାସକ୍ତ ଲୋକ ।
Idolatress, *n.* ପ୍ରତିମାପୂଜକୀ, ଦେବପୂଜକା ।
Idolatrous, *a.* 1. ପ୍ରତିମାପୂଜାସମ୍ବନ୍ଧୀୟ, ଦେବପୂଜକ, ପୌତ୍ତଳିକ ; 2. ଦେବପୂଜାପର, ଅତିରିକ୍ତ ସ୍ନେହାସକ୍ତ ।
Idolatrously, *ad.* ଦେବପୂଜକରୂପେ, ଦେବପୂଜା ପରିରେ ।
Idolatry, *n.* 1. ପ୍ରତିମାପୂଜା, ଦେବପୂଜା ; 2. ଅତି-ସ୍ନେହ, ଅତିଭକ୍ତି ।
Idolize, *v.t.* 1. ପ୍ରତିମା ପରି ପୂଜା-କ, ଦେବତା ପରି ପୂଜା-କ ; 2. ଅତିସ୍ନେହ-କ, ଅତିଭକ୍ତି-କ ।
Idyl, *n.* 1. କ୍ଷୁଦ୍ର ଗ୍ରାମ୍ୟ କବିତା ; 2. ସୁନ୍ଦରରୂପେ ରଚିତ ଓ ବର୍ଣ୍ଣନାପୂର୍ଣ୍ଣ କ୍ଷୁଦ୍ର କବିତା ।
Idyllic, *a.* 1. ଗ୍ରାମ୍ୟ କବିତାସମ୍ବନ୍ଧୀୟ ; 2. ଗ୍ରାମ୍ୟ ।
If, *conj.* 1. ଯେବେ, ଯଦି ; 2. ଯଦ୍ୟପି, ଯଦିଚ, ଯଦ୍ୟ-ପ୍ୟାତ୍ର ; 3. ଯେହେତୁ ; 4. ଯେତେବେଳେ ।
Igneous, *a.* 1. ଅଗ୍ନିମୟ, ଆଗ୍ନେୟ, ଅଗ୍ନିବତ୍ ; 2. ଅଗ୍ନିଜାତ ।

Ignis-fatuus, *n.* (*pl.* Ignes-fatui), ପଙ୍କମୟ ସ୍ଥାନରୁ ଜାତ ଅଗ୍ନେୟବାଷ୍ପ ବିଶେଷ, ଚିରଗୁଣା ନିଅଁ ।
Ignitable, Ignitible, *a.* ଜ୍ୱଳନଶୀଳ ।
Ignite, *v.t.* ଜ୍ୱଳାଇବା, ପ୍ରଜ୍ୱଳିତ-କ, ଅଗ୍ନି ଲଗାଇବା । —*v.i*, ଅଗ୍ନି ଧରିବା, ଅଗ୍ନି ଲାଗିବା, ପ୍ରଜ୍ୱଳିତ-ହେ ।
Ignition, *n.* 1. ଜ୍ୱଳନ, ଦହନ ; 2. ଅଗ୍ନିଧାରଣ ; 3. ପ୍ରଜ୍ୱଳିତାବସ୍ଥା ।
Ignoble, *a.* 1. ଅକୁଳୀନ, ନୀଚ, ଇତର ; 2. ଜଘନ୍ୟ, ଲଜ୍ଜାକର, ଅଧମ ।
Ignobleness, *n.* ନୀଚତା, ଜଘନ୍ୟତା, ଅଧମତା ।
Ignobly, *ad.* ନୀଚଭାବେ, ଲଜ୍ଜାକରଭାବେ, ଅଧମରୂପେ ।
Ignominious, *a.* 1. ଅଖ୍ୟାତିକର, ଅଯଶସ୍କର, ଲଜ୍ଜାକର ; 2. ଭର୍ତ୍ସନାଯୋଗ୍ୟ, ଘୃଣାଯୋଗ୍ୟ ।
Ignominiously, *ad.* ଅଖ୍ୟାତିକରରୂପେ, ଲଜ୍ଜାକରଭାବେ ।
Ignominy, *n.* 1. ଅଖ୍ୟାତି, ଅପମାନ, ଅପଯଶ, ଦୁର୍ନାମ ; 2. ଅଖ୍ୟାତିକର ବିଷୟ । [ବାସ୍ତ ।
Ignoramus, *n.* ଅଜ୍ଞାନ ଲୋକ, ମୂର୍ଖ, ବିଦ୍ୟା ଜ୍ଞାନହୀ-
Ignorance, *n.* ଅଜ୍ଞାନତା, ମୂର୍ଖତା, ଜ୍ଞାନହୀନତା, ଅଶିକ୍ଷିତାବସ୍ଥା, ଅଜ୍ଞତା ।
Ignorant, *a.* 1. ଅଜ୍ଞାନ, ଅଶିକ୍ଷିତ, ନିର୍ବୋଧ ; 2. ଅଜ୍ଞ, ଅନଭିଜ୍ଞ, with *of* before an object ; 3. ଅଜ୍ଞାନତାପ୍ରକାଶକ ।
Ignorantly, *ad.* ଅଜ୍ଞାନରୂପେ, ଅଶିକ୍ଷିତ ପ୍ରକାରେ ।
Ignore, *v.t.* 1. ମନୋଯୋଗ୍ୟ ନୁହେ ବୋଲି ଛାଡ଼ି-ଦେ, ଉପେକ୍ଷା-କ, ଅବଜ୍ଞା-କ ; 2. ଅଗ୍ରାହ୍ୟ-କ ।
Iguana, *n.* ଗୋଧି ।
Ileum, *n.* ମନୁଷ୍ୟର କ୍ଷୁଦ୍ର ଅନ୍ତ୍ରର ତଳ ଭାଗ ।
Iliac, *a.* ଉପରୋକ୍ତ ଅନ୍ତ୍ରର ତଳ ଭାଗସମ୍ବନ୍ଧୀୟ ।— Iliac passion, କୋଷ୍ଠବଦ୍ଧ ହେତୁ ଭୟାନକ ରୋଗ ।
Ilium, *n.* କଟିହାଡ଼ ।
Ill, *a.* 1. ମନ୍ଦ, କୁ ; 2. ଅମଙ୍ଗଳଜନକ, ଅଶୁଭଜନକ ; 3. ପୀଡ଼ିତ, ଅସୁସ୍ଥ, ରୋଗୀ ; 4. ପ୍ରତିକୂଳ ; 5. ଅଶିଷ୍ଟ, ଅସଭ୍ୟ ; 6. ଅସୁନ୍ଦର ; 7. ଚିଡ଼ଚିଡ଼ା, ଖିଟଖିଟ ।— Ill turn, ଅପକାରକ କାର୍ଯ୍ୟ ।—*n.* 1. ଦୁଷ୍ଟତା, ପାପ ; 2. ଅମଙ୍ଗଳ, ଅନିଷ୍ଟ, ଅପକାର, ହାନି, କ୍ଷତି, ଦୁର୍ଦୈବ, ରୋଗ, ପୀଡ଼ା ।—*ad.* 1. ମନ୍ଦରୂପେ ; 2. କଷ୍ଟରେ ।
Ill-advised, *a.* ମନ୍ଦରୂପେ ପରାମର୍ଶପ୍ରାପ୍ତ, ମନ୍ଦ ପରାମର୍ଶରୁ ଘଟିତ, ଅବିବେଚନାଜନ୍ୟ ।
Ill-affected, *a.* ଅପ୍ରସନ୍ନ, ପ୍ରତିକୂଳ ।
Illapse, *n.* ପ୍ରବେଶ, ଆଗମନ ।
Illation, *n.* ଅନୁମାନ, ଉପଲବ୍ଧି ।
Illative, *a.* ଅନୁମେୟ, ଆନୁମାନିକ ।
Illatively, *ad.* ଅନୁମାନରେ, ଆନୁମାନିକରୂପେ ।
Ill-blood, *n.* ହିଂସା, ଈର୍ଷା, ଶତ୍ରୁତା ।
Ill-bred, *a.* ଅଶିଷ୍ଟ, ଅସଭ୍ୟ ।
Ill-breeding, *n.* ଅଶିଷ୍ଟତା, ଅସଭ୍ୟତା ।
Ill-conditioned, *a.* ଦୁର୍ଗୁଣଯୁକ୍ତ, ଦୁଷ୍ଟସ୍ୱଭାବ ।
Ill-disposed, *a.* ଅପ୍ରସନ୍ନ, ଈର୍ଷାପରବଶ ।
Illegal, *a.* ନିୟମବିରୁଦ୍ଧ, ବେଆଇନୀ, ଅବୈଧ, ନିଷିଦ୍ଧ ।
Illegality, *n.* ନିୟମବିରୁଦ୍ଧତା, ଆଇନବିରୁଦ୍ଧତା, ଅବୈଧତା । [ଯ୍ୟରୂପେ ।
Illegally, *ad.* ନିୟମବିରୁଦ୍ଧରେ, ବେଆଇନମତେ, ଅନ୍ୟା-
Illegibility, Illegibleness, *n.* ଅପାଠ୍ୟତା ।
Illegible, *a.* ଅପାଠ୍ୟ, ଅପଢ଼ା, ଅସ୍ପଷ୍ଟାକ୍ଷର ।
Illegibly, *ad.* ଅପାଠ୍ୟରୂପେ, ଅସ୍ପଷ୍ଟାକ୍ଷରରେ ।
Illegitimacy, *n.* 1. ଜାରଜତା ; 2. ଯୁକ୍ତିବିରୁଦ୍ଧତା ।
Illegitimate, *a.* 1. ନିୟମବିରୁଦ୍ଧ, ବେଆଇନୀ ; 2. ଜାରଜ, ବେଜନ୍ମା, ଅବୈଧ ; 3. ଅନୁପଯୁକ୍ତ ; 4. ଅସିଦ୍ଧ । —*v.t.* ଜାରଜ ପ୍ରମାଣିତ-କ । [ଦ୍ଧରୂପେ ।
Illegitimately, *ad.* 1. ଜାରଜରୂପେ ; 2. ଯୁକ୍ତିବିରୁ-
Ill-favoured, *a.* କୁତ୍ସିତ, କଦାକାର, ଅସୁନ୍ଦର ।
Illiberal, *a.* 1, ଅଦାତା, କୃପଣ ; 2. ଅନୁଦାର, ସଙ୍କୀର୍ଣ୍ଣମନା ।
Illiberality, Illiberalness, *n.* 1. ଅଦାତାପଣ, ଅବଦାନ୍ୟତା ; 2. ଅନୁଦାରତା ।
Illiberally, *ad.* 1. ଅଦାତାପଣରେ, କୃପଣଭାବେ ; 2. ଅନୁଦାରଭାବେ । [ଚିତ ।
Illicit, *a.* ନିଷିଦ୍ଧ, ମନା, ନିୟମବିରୁଦ୍ଧ, ବେଆଇନୀ, ଅନୁ-
Illicitly, *ad.* ନିୟମବିରୁଦ୍ଧେ, ବେଆଇନରୂପେ ।
Illimitable, *a.* ଅସୀମ, ଅନନ୍ତ, ଅଶେଷ, ଅନିର୍ଦ୍ଦେଶ୍ୟ-ସୀମ ।
Illimitably, *ad.* ଅସୀମରୂପେ, ଅନନ୍ତରୂପେ ।
Illiteracy, *n.* ଅଶିକ୍ଷିତାବସ୍ଥା, ବିଦ୍ୟାଭାବ, ମୂର୍ଖତା ।
Illiterate, *a.* ଅଶିକ୍ଷିତ, ନିରକ୍ଷର, ବିଦ୍ୟାହୀନ ।
Illiterately, *ad.* ଅଶିକ୍ଷିତରୂପେ, ବିଦ୍ୟାହୀନରୂପେ ।
Ill-judged, *a.* କୁବିବେଚିତ, ଅଜ୍ଞାନ ।
Ill-mannered, *a.* କୁବ୍ୟବହାରୀ, ଅସଭ୍ୟ, ଅଶିଷ୍ଟ ।
Ill-nature, *n.* ଚିଡ଼ଚିଡ଼ାସ୍ୱଭାବ, ସ୍ୱଭାବବକ୍ରତା, କ୍ରୋଧ-ମନ, ଉଗ୍ରଶୀଳତା । [କ୍ରୋଧୀ ।
Ill-natured, Ill-tempered, *a.* ଚିଡ଼ଚିଡ଼ା, ରାଗୀ,
Illnaturedly, *ad.* ଚିଡ଼ଚିଡ଼ାଭାବେ, ଅପ୍ରେମିରୂପେ ।
Illness, *n.* ଅସୁସ୍ଥତା, ପୀଡ଼ା, ରୋଗ, ବ୍ୟାଧି ।
Illogical, *a.* ନ୍ୟାୟଶାସ୍ତ୍ରବିରୁଦ୍ଧ, ଅଯୁକ୍ତିସିଦ୍ଧ, ଯୁକ୍ତିବିରୁଦ୍ଧ ।
Illogically, *ad.* ନ୍ୟାୟଶାସ୍ତ୍ରବିରୁଦ୍ଧ, ଅଯୁକ୍ତିସିଦ୍ଧରୂପେ, ଯୁକ୍ତିବିରୁଦ୍ଧଭାବେ ।
Ill-omened, *a.* ଅଶୁଭ ଲକ୍ଷଣଯୁକ୍ତ ।
Ill-starred, *a.* ଦୁର୍ଭାଗ୍ୟାଧୀନ, ଦୁର୍ଭଗା ।
Ill-timed, *a.* ଅସାମୟିକ, ଅକାଳିକ । [-କ ।
Ill-treat, *v.t.* 1. ନିର୍ଦ୍ଦୟ ଆଚରଣ-କ ; 2. କୁବ୍ୟବହାର
Ill-treatment, *n.* ନିର୍ଦ୍ଦୟ ଆଚରଣ, ନିଗ୍ରହ, କୁବ୍ୟବହାର ।
Illude, *v.t.* ଠକାଇବା, ପରିହାସ-କ ।
Illume, Illumine, *v.t.* poetical forms of Illuminate.
Illuminant, *n.* ଆଲୋକଦାୟୀ ପଦାର୍ଥ ।

**Illuminate**, *v.t.* 1. ଆଲୁଅ-ଦେ, ଆଲୋକିତ-କ, ଉଜ୍ଜ୍ୱଳ-କ, ଦୀପ୍ତିମାନ୍-କ ; 2. ଆଲୋକମାଳାରେ ସୁଶୋଭିତ-କ, ସେଚନ-କ; 3. ରଞ୍ଜିତ ଅକ୍ଷରାଦି ଦ୍ୱାରା ସୁଶୋଭିତ-କ ।

**Illumination**, *n.* 1. ଉଜ୍ଜ୍ୱଳକରଣ, ଦୀପମାଳାରେ ସୁଶୋଭିତକରଣ, ସେଚନ ; 2. ଉଜ୍ଜ୍ୱଳତା, ଦୀପ୍ତି ; 3. ମାନସିକ ବା ପାରମାର୍ଥିକ ଆଲୁଅ ପ୍ରଦାନ ; 4. ରଞ୍ଜିତ ଅକ୍ଷରାଦିରେ ସୁଶୋଭିତ କରିବା କୌଶଳ, ରଞ୍ଜିତ ଅକ୍ଷରାଦି । [କାରୀ ।

**Illuminative**, *a.* ଆଲୋକଦାୟୀ, ପ୍ରକାଶକ, ଉଜ୍ଜ୍ୱଳ-

**Illuminator**, *n.* 1. ଯେ ବା ଯାହା ଆଲୁଅ ଦିଏ, ଦୀପ୍ତିକାରକ, ଜ୍ଞାନଦାତା ; 2. ଯେ ରଞ୍ଜିତ ଅକ୍ଷରାଦିରେ ପୁସ୍ତକମାନ ସୁଶୋଭିତ କରେ ।

**Illusion**, *n.* 1. ଫାଙ୍କି, ପ୍ରତାରଣା; 2. ମାୟାଦର୍ଶନ, ଇନ୍ଦ୍ରଜାଲ, କଳ୍ପିତ ଦର୍ଶନ ; 3. ଭ୍ରମ । [କର ।

**Illusionist**, *n.* 1. ମାୟାଦର୍ଶନକାରୀ ଲୋକ; 2. ବାଜି-

**Illusive, Illusory**, *a.* ମାୟିକ, ଐନ୍ଦ୍ରଜାଲିକ, ପ୍ରତାରକ, ଭ୍ରମଜନକ, ମିଥ୍ୟା, ଅସାର ।

**Illustrate**, *v.t.* 1. ସ୍ପଷ୍ଟ-କ, ସୁବ୍ୟକ୍ତ-କ, ଉଜ୍ଜ୍ୱଳ-କ, ଉଦାହରଣ ବା ଉପମା ଦ୍ୱାରା ସ୍ପଷ୍ଟ-କ; 2. ଚିତ୍ର ଦ୍ୱାରା ବ୍ୟାଖ୍ୟା ଓ ସୁଶୋଭିତ-କ ।

**Illustration**, *n.* 1. ଯାହା ସୁବ୍ୟକ୍ତ କରେ, ଉଦାହରଣ, ଉପମା, ଦୃଷ୍ଟାନ୍ତ, ଚିତ୍ର ; 2. ଅର୍ଥକରଣ, ବ୍ୟାଖ୍ୟା; 3. ଚିତ୍ର ଦ୍ୱାରା ବ୍ୟାଖ୍ୟା ଓ ସୁଶୋଭିତ କରିବା ବିଦ୍ୟା ।

**Illustrative**, *a.* ବ୍ୟାଖ୍ୟାକାରୀ, ଅର୍ଥପ୍ରକାଶକ ।

**Illustratively**, *ad.* ଉଦାହରଣ ଦ୍ୱାରା, ବ୍ୟାଖ୍ୟାକ୍ରମେ ।

**Illustrator**, *n.* 1. ବ୍ୟାଖ୍ୟାକାରୀ ଲୋକ ; 2. ପୁସ୍ତକ ନିମନ୍ତେ ଚିତ୍ର ପ୍ରସ୍ତୁତକାରୀ ଲୋକ ।

**Illustrious**, *a.* 1. ବିଖ୍ୟାତ, ପ୍ରସିଦ୍ଧ, କୀର୍ତ୍ତିମାନ୍, ଯଶସ୍ୱୀ; 2. ସୁଖ୍ୟାତିଜନକ, ଯଶସ୍କର, ଉଜ୍ଜ୍ୱଳ ।

**Illustriously**, *ad.* ବିଖ୍ୟାତରୂପେ, ପ୍ରସିଦ୍ଧରୂପେ ।

**Illustriousness**, *n.* ଖ୍ୟାତି, ଉତ୍କୃଷ୍ଟତା ।

**Ill-will**, *n.* ଦ୍ୱେଷ, ହିଂସା, ଅନିଷ୍ଟ ଚିନ୍ତା, ଈର୍ଷା, ଶତ୍ରୁତା ।

**Ill-wisher**, *n.* ଅନିଷ୍ଟଚିନ୍ତାକାରୀ, ଶତ୍ରୁ ।

**Image**, *n.* 1. ମୂର୍ତ୍ତି, ଛବି ; 2. ପ୍ରତିମା, ପୁତ୍ତଳିକା ; 3. ପ୍ରତିରୂପ, ସ୍ୱରୂପ, ସାଦୃଶ୍ୟ ; 4. ମନଃକଳ୍ପନା, ଉପମା ବିଶେଷ ; 5. ପ୍ରତିବିମ୍ବ, ପ୍ରତିଚ୍ଛାୟା ।—*v.t.* 1. ପ୍ରତିବିମ୍ବିତ-କ; 2. କଳ୍ପନା-କ ।

**Imagery**, *n.* 1. ମୂର୍ତ୍ତି ନିର୍ମାଣବିଦ୍ୟା, ମୂର୍ତ୍ତିସମୂହ; 2. ମନଃକଳ୍ପନାବସ୍ତୁ, କଳ୍ପିତ ବର୍ଣ୍ଣନା, ରୂପକ ବାକ୍ୟ, ବାକ୍ୟାଲଙ୍କାର, ଉପମା ଆଦି । [ଚିନ୍ତନୀୟ ।

**Imaginable**, *a.* ବୋଧଗମ୍ୟ, ବୋଧନୀୟ, କଳ୍ପନୀୟ,

**Imaginably**, *ad.* କଳ୍ପନୀୟରୂପେ ।

**Imaginary**, *a.* କାଳ୍ପନିକ, ମାନସିକ, ମନଃକଳ୍ପିତ, ଅପ୍ରକୃତ, ଅସତ୍ୟ ।

**Imagination**, *n.* 1. କଳ୍ପନାଶକ୍ତି, କଳ୍ପନାକାରୀ ବୁଦ୍ଧି ; 2. ମନଃକଳ୍ପନା, ଭାବନା, ଚିନ୍ତୋଦ୍ଭବ, କଳ୍ପନା ; 3. ଅମୂଳକ ବୋଧ, ଅଜ୍ଞାନ କଳ୍ପନା ।

**Imaginative**, *a.* 1. କଳ୍ପନାଶୀଳ, କଳ୍ପନାପ୍ରିୟ, ଭାବନାପର, କଳ୍ପନାପୂର୍ଣ୍ଣ ; 2. କଳ୍ପନାଜାତ ।

**Imagine**, *v.t.* 1. ମନଃକଳ୍ପନା-କ ; 2. ବୋଧ-କ, ବିଚାର-କ, ଅନୁମାନ-କ, ବିଶ୍ୱାସ-କ; 3. ମନ୍ତ୍ରଣା-କ, କଳ୍ପନା-କ ।—*v. i.* 1. ମନଃକଳ୍ପନା-କ ; 2. ବୋଧ-ହେ । [ପ୍ରାପ୍ତ ଅବସ୍ଥା ।

**Imago**, *n.* କୀଟର ପୂର୍ଣ୍ଣାବୟବର ଅବସ୍ଥା, କୀଟର ପକ୍ଷ-

**Imbecile**, *a.* କ୍ଷୀଣବୁଦ୍ଧି, ଦୁର୍ବଳ, ନିର୍ବୋଧ, ଅଜ୍ଞାନ, ହୁଣ୍ଡା, ହୁଣ୍ଡୀ । *n.* କ୍ଷୀଣବୁଦ୍ଧି ଲୋକ ।

**Imbecility**, *n.* କ୍ଷୀଣବୁଦ୍ଧିତା, ମାନସିକ ଦୁର୍ବଳତା, ନିର୍ବୋଧତା, ମୂର୍ଖତା ।

**Imbed**, see Embed. [2. ମନରେ ଗ୍ରହଣ-କ ।

**Imbide** *v.t.* 1. ଶୋଷଣ-କ, ଶୋଷିବା, ପିଇବା ;

**Imbitter, Imblazon, Imbody, Imbolden, Imbosom, Imbowel, Imbower, Imbrown**, see Embitter, &c.

**Imbroglio**, *n.* ଜଟିଳ ଅବସ୍ଥା, ଜଟିଳ ବିବାଦ ।

**Imbrue**, *v.t.* ସିକ୍ତ-କ, ଭିଜାଇବା, ଲିପ୍ତ-କ, ଆର୍ଦ୍ର-କ ।

**Imbue**, *v.t.* 1. ଗାଢ଼ ରଙ୍ଗ-କ, ରଙ୍ଗ-ଦେ ; 2. ଲିପ୍ତ-କ, ପୂର୍ଣ୍ଣ-କ, ଅନୁପ୍ରବିଷ୍ଟ-କ ।

**Imbuement**, *n.* ଲିପ୍ତକରଣ, ପୂର୍ଣ୍ଣକରଣ ।

**Imitability**, *n.* ଅନୁକରଣୀୟତା, ଅନୁବର୍ତ୍ତନୀୟତା ।

**Imitable**, *a.* ଅନୁକରଣୀୟ, ଅନୁବର୍ତ୍ତନୀୟ, ଅନୁକରଣର ଯୋଗ୍ୟ ।

**Imitate**, *v.t.* 1. ଆଦର୍ଶ ନମୁନା ବା ଦୃଷ୍ଟାନ୍ତ ବୋଲି ଅନୁକରଣ-କ, ଅନୁକରଣ-କ, ଅନୁଗମନ-କ ; 2. ପ୍ରତିଲିପି-କ, ନକଲ-କ ; 3. ଅନୁରୂପ-କ, ସାଦୃଶ୍ୟ-କ ।

**Imitation**, *n.* 1. ଅନୁକରଣ, ଅନୁଗମନ, ଅନୁବର୍ତ୍ତନ; 2. ଅନୁଲିପି, ପ୍ରତିଲିପି, ନକଲ ; 3. ଅନୁରୂପ, ସାଦୃଶ୍ୟ, ପ୍ରତିରୂପ ; 4. କୃତ୍ରିମ ବସ୍ତୁ ।

**Imitative**, *a.* 1. ଅନୁକରଣଶୀଳ, ଅନୁକାରୀ, ଅନୁରୂପୀ; 2. ନମୁନାରେ ଗଢ଼ା ପ୍ରତିରୂପ ।

**Imitatively**, *ad.* ଅନୁକରଣଶୀଳରୂପେ, ଅନୁକାରରୂପେ, ଅନୁକରଣ ଭାବରେ ।

**Imitator**, *n.* ଅନୁକାରକ, ନକଲକାରକ ।

**Immaculate**, *a.* ନିଷ୍କଳଙ୍କ, ନିର୍ମଳ, ନିର୍ଦ୍ଦୋଷ ।

**Immaculately**, *ad.* ନିଷ୍କଳଙ୍କରୂପେ, ନିର୍ମଳରୂପେ, ନିର୍ଦ୍ଦୋଷରୂପେ ।

**Immanent**, *a.* ଅଭ୍ୟନ୍ତରିକ, ଅନ୍ତର୍ଭୂତ, ଅନ୍ତରସ୍ଥ ।

**Immanence, Immanency**, *n.* ଅଭ୍ୟନ୍ତରିକ ନିବାସ ।

**Immanuel**, *n.* (Hebrew), ଆମ୍ଭମାନଙ୍କ ମଧ୍ୟବାସୀ ଈଶ୍ୱର, ଖ୍ରୀଷ୍ଟଙ୍କର ଏକ ନାମ ।

**Immaterial**, *a.* 1. ଅଶରୀରୀ, ଅଭୌତିକ ; 2. ଲଘୁ, ନିଷ୍ପ୍ରୟୋଜନ, ନିରର୍ଥକ, ଅନାବଶ୍ୟକ ।

**Immaterialism**, *n.* ଭୌତିକ ପଦାର୍ଥର ମନରେ ସ୍ଥିତି ଛଡ଼ା ସ୍ୱତନ୍ତ୍ର ସ୍ଥିତି ନାହିଁ ବୋଲି ଯେଉଁ ମତ, ଅଶରୀରୀ ପ୍ରାଣୀର ଅସ୍ତିତ୍ୱରେ ବିଶ୍ୱାସ, ନିରାକାରବାଦ ।

**Immaterialist**, *n.* ନିରାକାରବାଦୀ ।

**Immateriality**, *n.* 1. ଅଶରୀରତା, ଅଭୌତିକତା ; 2. ନିଷ୍ପ୍ରୟୋଜନୀୟତା, ନିରର୍ଥକତା ।

**Immature**, *a.* 1. ଅପକ୍ୱ, ଅପରିପକ୍ୱ ; 2. ଅସମ୍ପୂର୍ଣ୍ଣ, ଅବିଜ୍ଞ ।

**Immaturely**, *ad.* 1. ଅପକ୍ୱରୂପେ ; 2. ଅସମ୍ପୂର୍ଣ୍ଣରୂପେ, ଅବିଜ୍ଞରୂପେ ।

**Immatureness, Immaturity**, *n.* 1. ଅପକ୍ୱତା, ଅପରିପକ୍ୱତା ; 2. ଅସମ୍ପୂର୍ଣ୍ଣତା, ଅବିଜ୍ଞତା ।

**Immeasurable**, *a.* ଅପରିମେୟ, ଅମେୟ, ଅଶେଷ ।

**Immeasurableness**, *n.* ଅପରିମେୟତା, ଅମେୟତା, ଅଶେଷତା ।

**Immeasurably**, *ad.* ଅପରିମେୟରୂପେ, ଅମେୟରୂପେ, ଅଶେଷରୂପେ ।

**Immediacy, Immediateness**, *n.* 1. ଅବ୍ୟବହିତାବସ୍ଥା ; 2. ନିକଟବର୍ତ୍ତିତ୍ୱ ।

**Immediate**, *a.* 1. ଅବ୍ୟବହିତ, ମୁଖ୍ୟ, ପ୍ରତ୍ୟକ୍ଷ ; 2. ହଠାତ୍ ଉପଲବ୍ଧ ; 3. ନିକଟ, ନିକଟସ୍ଥ, ସନ୍ନିହିତ ; 4. ତାତ୍କାଳିକ, ଉପସ୍ଥିତ, ବର୍ତ୍ତମାନ, ଆଶୁ, ଶୀଘ୍ର ।

**Immediately**, *ad.* 1. ଅବ୍ୟବହିତରୂପେ, ମୁଖ୍ୟରୂପେ ; 2. ଅବିଳମ୍ବେ, ତତ୍କ୍ଷଣାତ୍, ତତ୍କାଳେ, ଅନନ୍ତର, ଏହିକ୍ଷଣେ, ସେହିକ୍ଷଣେ ।

**Immemorial**, *a.* ସ୍ମରଣାତୀତ, ଅତିପ୍ରାଚୀନ ।

**Immemorially**, *ad.* ସ୍ମରଣାତୀତରୂପେ, ଅତିପ୍ରାଚୀନ ସମୟରେ ।

**Immense**, *a.* 1. ଅପରିମେୟ, ଅସୀମ ; 2. ବିସ୍ତୀର୍ଣ୍ଣ, ବୃହତ୍, ଅତି ବଡ଼ ।

**Immensely**, *ad.* ଅପରିମେୟରୂପେ, ଅତିଶୟରୂପେ, ଅପାର ।

**Immenseness**, *n.* ବୃହତ୍ତ୍ୱ, ଅତିଶୟତା, ଅସୀମତା, ବିଶାଳତା ।

**Immensity**, *n.* 1. ବୃହତ୍ତ୍ୱ, ଅସୀମତା, ବିଶାଳତା ; 2. ଅପରିମେୟତ୍ୱ, ଅନନ୍ତତା, ଅନନ୍ତ ବିସ୍ତାର ।

**Immensurable**, *a.* ଅପରିମେୟ ।

**Immerge**, *v.t.* ମଗ୍ନ-କ ।—*v.i.* ଅନ୍ତର୍ହିତ-ହେ ।

**Immerse**, *v.t.* 1. ବୁଡ଼ାଇବା, ମଗ୍ନ-କ ; 2. ଅବଗାହିତ-କ, ବୁଡ଼ା-ଦେ ; ନିବିଷ୍ଟ-କ, ବ୍ୟାପୃତ-କ, ମଜାଇବା ।

**Immersion**, *n.* 1. ମଗ୍ନକରଣ, ମଜ୍ଜନ ; 2. ଡୁବନ, ଅବଗାହନ ; 3. ମଗ୍ନତା, ଅଭିନିବେଶ ; 4. ସୂର୍ଯ୍ୟର ଆଲୁଅରେ ବା ପୃଥିବୀର ଛାୟାରେ ତାରା ଆଦିର ଅନ୍ତର୍ଦ୍ଧାନ ।

**Immesh**, *v.t.* ଜାଲରେ ପକାଇବା, ଫାନ୍ଦରେ ପକାଇବା ।

**Immethodical**, *a.* ଅବ୍ୟବସ୍ଥିତ, ନିୟମରହିତ, ଧାରାରହିତ, ବିଶୃଙ୍ଖଳ ।

**Immigrant**, *n.* ବିଦେଶବାସୀ ।

**Immigrate**, *v.i.* ବିଦେଶବାସୀ-ହେ, ସ୍ୱଦେଶ ଛାଡ଼ି ଅନ୍ୟ ଦେଶରେ ବାସ-କ ।

**Immigration**, *n.* ସ୍ୱଦେଶ ଛାଡ଼ି ବିଦେଶରେ ବାସକରଣ, ଦେଶାନ୍ତରରେ ନିବାସ ।

**Imminence**, *n.* 1. ଆସନ୍ନତା, ନିକଟବର୍ତ୍ତିତ୍ୱ ; 2. ଉପସ୍ଥିତ ବିପତ୍ତି ।

**Imminent**, *a.* ଆସନ୍ନ, ଆଗତପ୍ରାୟ, ଉପସ୍ଥିତ, ଅତିନିକଟବର୍ତ୍ତୀ, ବିପଦଜନକ ଉଦ୍‌ବେଗଜନକ ।

**Imminently**, *ad.* ଆସନ୍ନଭାବେ, ଉଦ୍‌ବେଗଜନକରୂପେ ।

**Immobile**, *a.* 1. ଅଚଳ, ନିଶ୍ଚଳ, ସ୍ଥିର ; 2. ସୁଖଦୁଃଖର ଅକ୍ଷମ ।

**Immobility**, *n.* ଅଚଳତା, ନିଶ୍ଚଳତା, ଅଟଳତା, ସ୍ଥିରତା ।

**Immoderate**, *a.* ଅପରିମିତ, ନିୟମାତିରିକ୍ତ, ଅତିରିକ୍ତ ।

**Immoderately**, *ad.* ଅପରିମିତରୂପେ, ଅତିରିକ୍ତଭାବେ, ନିୟମାତିରିକ୍ତଭାବେ ।

**Immodest**, *a.* 1. ଅବିନୀତ, ଲଜ୍ଜାହୀନ, ନିର୍ଲଜ୍ଜ ; 2. ଅଶୁଦ୍ଧ, ଅଶୁଚି, ବେହିଆ, ଅଶ୍ଳୀଳ, ଲମ୍ପଟ ।

**Immodestly**, *ad.* 1. ଅବିନୀତଭାବେ, ନିର୍ଲଜ୍ଜଭାବେ ; 2. ଅଶୁଚିଭାବେ, ଅଶ୍ଳୀଳଭାବେ ।

**Immodesty**, *n.* 1. ଅବିନୟ, ନିର୍ଲଜ୍ଜତା ; 2. ଅଶୁଚିତା, ଅଶ୍ଳୀଳତା ।

**Immolate**, *v.t.* ବଳି-ଦେ, ବଳିଦାନ-କ, ଯଜ୍ଞରେ ହତ-କ ।

**Immolation**, *n.* 1. ବଳିଦାନକରଣ, ଯଜ୍ଞରେ ହତକରଣ ; 2. ବଳି, ବଳିଦାନ ।

**Immoral**, *a.* 1. ନୀତିବିରୁଦ୍ଧ, ଦୁର୍ନୀତ, ମନ୍ଦ ; 2. ଲମ୍ପଟ, ବ୍ୟଭିଚାରୀ, ଅଶ୍ଳୀଳ, ଅଧମ ।

**Immorality**, *n.* 1. ନୀତିବିରୁଦ୍ଧତା, ଅନୀତି, ମନ୍ଦତା, ଦୁଷ୍ଟତା, ପାପ, ଲମ୍ପଟତା ; 2. ନୀତିବିରୁଦ୍ଧ କର୍ମ, କୁକ୍ରିୟା, ଅଶ୍ଳୀଳ ବ୍ୟବହାର, ବ୍ୟଭିଚାର ।

**Immorally**, *ad.* ନୀତିବିରୁଦ୍ଧେ, ଦୁଷ୍ଟରୂପେ, ଅଧମରୂପେ, ଲମ୍ପଟଭାବେ ।

**Immortal**, *a.* 1. ଅମର, ଅଜର, ଚିରଜୀବୀ ; 2. ଚିରସ୍ଥାୟୀ, ନିତ୍ୟସ୍ଥାୟୀ, ଅବିନାଶୀ ।—*n.* 1. ଅମର ପ୍ରାଣୀ, ଅମରତାଯୋଗ୍ୟ ପ୍ରାଣୀ ; 2. ଦେବଗଣ ।

**Immortality**, *n.* 1. ଅମରତା, ଅମରତ୍ୱ, ଅନନ୍ତ ଜୀବନ, ଚିରଜୀବତା ; 2. ଚିରସ୍ଥାୟିତ୍ୱ, ଅକ୍ଷୟତା ।

**Immortalize**, *v.t.* 1. ଅମର-କ ; 2. ଚିରସ୍ଥାୟୀ-କ, ଚିରସ୍ମରଣୀୟ-କ, ଚିରବିଖ୍ୟାତ-କ ।

**Immortally**, *ad.* ଅମରରୂପେ, ଚିରଜୀବରୂପେ, ଅନନ୍ତଭାବେ ।

**Immortelle**, *n.* 1. ଅମରପୁଷ୍ପ, ପୁଷ୍ପବିଶେଷ ଯାହା କଟା ହେଲେ ଦୀର୍ଘକାଳ ପର୍ଯ୍ୟନ୍ତ ମ୍ଳାନ ହୁଏ ନାହିଁ ; 2. ଉକ୍ତ ପୁଷ୍ପର ମାଳା ।

**Immovability, Immovableness**, *n.* 1. ଅଚଳତା, ଅଟଳତା, ଦୃଢ଼ତା ; 2. ଅନୁଭବରେ ଅକ୍ଷମତା ।

**Immovable**, *a.* 1. ଅଚଳ, ଅଟଳ, ଦୃଢ଼ରୂପେ ସ୍ଥାପିତ ; 2. ସ୍ଥିର, ଦୃଢ଼, ଅପରିବର୍ତ୍ତନୀୟ ; 3. ସୁଖଦୁଃଖର ଅକ୍ଷମ, ଅନୁଭବରେ ଅକ୍ଷମ, ଅବିଚଳିତ ; 4. ସ୍ଥାବର ।

**Immovably**, *ad.* 1. ଅଚଳରୂପେ, ଅଟଳଭାବେ, ଦୃଢ଼ରୂପେ, ଅପରିବର୍ତ୍ତନୀୟଭାବେ ; 2. ଅନୁଭବରେ ଅକ୍ଷମଭାବେ, ଅବିଚଳିତଭାବେ ।

**Immunity**, *n.* 1. ମୁକ୍ତି, ଯଥା,—କର୍ମଭାର ଦାୟ ବା ଅନିଷ୍ଟରୁ ମୁକ୍ତି ; 2. ଆଇନ ବା ରାଜକୀୟ କ୍ଷମତା ଦ୍ୱାରା କର ଆଦିରୁ ମାଫ, ବିଶେଷ ଅଧିକାର, ବିଶେଷ କ୍ଷମତା ।

Immure, *v.t.* ପାଚେରି ଦ୍ୱାରା ବନ୍ଦ-କ, ବନ୍ଧ-କ, କଏଦ-କ ।

Immutability, Immutableness, *n.* ଅପରିବର୍ତ୍ତନୀୟତା, ନିର୍ବିକାରତ୍ୱ, ଚିରସ୍ଥାୟିତ୍ୱ ।

Immutable, *a.* ଅପରିବର୍ତ୍ତନୀୟ, ନିର୍ବିକାର, ଚିରସ୍ଥାୟୀ ।

Immutably, *ad.* ଅପରିବର୍ତ୍ତନୀୟଭାବେ, ନିର୍ବିକାରରୂପେ, ନିତ୍ୟ ।

Imp, *n.* 1. ସାନ ଭୂତ ; 2. ଦୁଷ୍ଟ ଟୋକା ।

Impact, *n.* 1. ଧକ୍କା, ଆଘାତ ; 2. ଧକ୍କାର ଶକ୍ତି, ଆଘାତର ଶକ୍ତି ।

Impair, *v.t.* ପରିମାଣ ମୂଲ୍ୟ ଉତ୍କୃଷ୍ଟତା ବା ବଳର ହ୍ରାସ-କ, କ୍ଷତ-କ, ହାନି-କ ।

Impale, Empale, *v.t.* ଶୂଳୀ-ଦେ, ଶୂଳୀରେ ଚଢ଼ାଇ ବଧ-କ ।

Impaleme, *n.* ଶୂଳୀ ଦ୍ୱାରା ବଧ ।

Impalpable, *a.* 1. ସ୍ପର୍ଶ ଦ୍ୱାରା ଅଗୋଚର, ସ୍ପର୍ଶ ଦ୍ୱାରା ଅନନୁଭବନୀୟ, ଅତି ସୂକ୍ଷ୍ମ ; 2. ବୋଧାଗମ୍ୟ ।

Impalpahly, *ad.* 1. ସ୍ପର୍ଶ ଦ୍ୱାରା ଅନନୁଭବନୀୟରୂପେ; 2. ବୋଧାଗମ୍ୟଭାବେ ।

Impanel, *v.t.* ଜୁରିର ତାଲିକା-କ, (ଜୁରିରୂପେ) ନିଯୁକ୍ତ-କ ।

Imparity, *n.* 1. ଉପଯୁକ୍ତତାର ଅଭାବ, ଅସଙ୍ଗତତା ; 2. ଅସମତା, ବୈଷମ୍ୟ, ପରିମାଣ ପଦ ବା ଉତ୍କୃଷ୍ଟତାର ପ୍ରଭେଦ ।

Impart, *v.t.* 1. ଦେବା, ପ୍ରଦାନ-କ; 2. ଜଣାଇବା, ଜ୍ଞାତ କରାଇବା, ବ୍ୟକ୍ତ-କ ।

Impartation, *n.* ପ୍ରଦାନ ।

Impartial, *a.* ଅପକ୍ଷପାତୀ, ନିରପେକ୍ଷ, ପକ୍ଷପାତଶୂନ୍ୟ, ମୁଖାପେକ୍ଷାରହିତ, ଯଥାର୍ଥ, ନ୍ୟାଯ୍ୟ ।

Impartiality, *n.* ଅପକ୍ଷପାତିତା, ନିରପେକ୍ଷତା, ଅପକ୍ଷପାତ, ଉପରୋଧରାହିତ୍ୟ, ଯଥାର୍ଥତା, ନ୍ୟାୟ ।

Impartially, *ad.* ନିରପେକ୍ଷଭାବେ, ବିନା ପକ୍ଷପାତରେ, ଯଥାର୍ଥରୂପେ, ନ୍ୟାଯ୍ୟରୂପେ ।

Impartibility, *n.* ଜ୍ଞାତକରଣୀୟତା ।

Impartible, (1) *a.* ଜ୍ଞାତକରଣୀୟ, ଜ୍ଞାପନୀୟ ; ଦେୟ ।

Impartible, (2) *a.* ଅବିଭାଜ୍ୟ, ଅବଣ୍ଟନୀୟ ।

Impassable, *a.* ଅଗମ୍ୟ, ଅଗମନୀୟ, ଅପାର ।

Impassableness, *n.* ଅଗମ୍ୟତା, ଅଗମନୀୟତା ।

Impassiblility, Impassibleness, *n.* 1. ବେଦନାର ଅକ୍ଷମତା ; 2. ଅନୁଭବବୃତ୍ତି ରାହିତ୍ୟ, ଉଦାସୀନତା ।

Impassible, *a.* 1. ବେଦନାକ୍ଷମ, ଦୁଃଖାକ୍ଷମ ; 2. ଅନୁଭବବୃତ୍ତିରହିତ, ଉଦାସୀନ, ଅବିଚଳିତ ।

Impassion, *v.t.* ଉତ୍ତେଜିତ-କ ।

Impassionable, *a.* ଶୀଘ୍ର ଉତ୍ତେଜିତ ।

Impassioned, *p.a.* ଉତ୍ତେଜିତ, ଉତ୍ସାହିତ, ଉତ୍ତପ୍ତ, ତେଜସ୍ୱୀ ।

Impassive, *a.* 1. ବେଦନାକ୍ଷମ, ଦୁଃଖାକ୍ଷମ ; 2. ଅବିଚଳିତ, ସ୍ଥିର ।

Impassively, *ad.* ଅବିଚଳିତଭାବେ, ସ୍ଥିରଭାବେ, ଉଦାସୀନଭାବେ ।

Impassiveness, *n.* ଅବିଚଳିତତା, ସ୍ଥିରତା, ଉଦାସୀନତା ।

Impatience, *n.* 1. ଅଧୈର୍ଯ୍ୟ, ଅସହିଷ୍ଣୁତା, ଅଧୀରତା; 2. ବ୍ୟଗ୍ରତା, ଛଟଛଟାପଣ ।

Impatient, *a.* 1. ଅସହିଷ୍ଣୁ, ଅଧୀର, ଅସ୍ଥିର, ଅସହନଶୀଳ, followed by *of*, *at*, *for*, or *under*; 2. ଅଧୈର୍ଯ୍ୟପ୍ରକାଶକ, ଅଧୀରତାସୂଚକ ।

Impatiently, *ad.* ଅସହିଷ୍ଣୁଭାବେ, ଅଧୀରଭାବେ ।

Impawn, *v.t.* ବନ୍ଧକ ରଖିବା ।

Impeach, *v.t.* 1. ବାରଣ-କ; 2. ଅଭିଯୋଗ-କ, ଦୋଷାରୋପ-କ, ବିଶେଷତଃ ଉଚ୍ଚପଦସ୍ଥ ବ୍ୟକ୍ତି ବିରୁଦ୍ଧେ ଉପଯୁକ୍ତ ବିଚାରସଭାରେ ଅଭିଯୋଗ-କ ; 3. ଅବିଶ୍ୱାସ ଜନ୍ମାଇବା, ସନ୍ଦେହରେ ପକାଇବା ।

Impeachable, *a.* 1. ଅଭିଯୋଗଯୋଗ୍ୟ, ଅଭିଯୋକ୍ତବ୍ୟ ; 2. ଅପବାଦଯୋଗ୍ୟ, ନିନ୍ଦାଯୋଗ୍ୟ ।

Impeachment, *n.* 1. ଅଭିଯୋଗ, ବିଶେଷତଃ ଉଚ୍ଚପଦସ୍ଥ ବ୍ୟକ୍ତି ବିରୁଦ୍ଧେ ଉପଯୁକ୍ତ ବିଚାରସଭାରେ ଅଭିଯୋଗ ; 2. ସନ୍ଦେହକରଣ, ଅବିଶ୍ୱାସ ଉତ୍ପାଦନ ।

Impearl, *v.t.* 1. ମୁକ୍ତା ଦ୍ୱାରା ଶୋଭିତ-କ ; 2. ମୁକ୍ତାବତ୍-କ ।

Impeccability, *n.* ପାପାକ୍ଷମତା, ପାପ କରଣେ ଅସମର୍ଥତା, ନିର୍ଦ୍ଦୋଷତା, ପାପଶୂନ୍ୟତା ।

Impeccable, *a.* ପାପାତୀତ, ପାପାକ୍ଷମ, ପାପ କରଣେ ଅସମର୍ଥ, ନିଷ୍ପାପ, ନିର୍ଦ୍ଦୋଷ ।

Impecunious, *a.* ଅର୍ଥଶୂନ୍ୟ, ନିର୍ଦ୍ଧନ, ଟଙ୍କାର ଅଭାବଗ୍ରସ୍ତ ।

Impecuniosity, *n.* ଅର୍ଥଶୂନ୍ୟତା, ନିର୍ଦ୍ଧନ ଅବସ୍ଥା, ଟଙ୍କାର ଟଣାଟଣି ।

Impede, *v.t.* ବାଧା-ଦେ, ବ୍ୟାଘାତ-କ, ବିଘ୍ନ ଜନ୍ମାଇବା, ଅଟକାଇବା ।

Impediment, *n.* ବାଧା, ବ୍ୟାଘାତ, ବିଘ୍ନ, ପ୍ରତିବନ୍ଧକ, ଅଟକ ।

Impel, *v.t.* 1. ଆଗକୁ ପେଲି-ଦେ, ଠେଲି-ଦେ, ଚଳାଇବା; 2. ପ୍ରବୃତ୍ତ-କ, କରାଇବା, ଉତ୍ତେଜିତ-କ, ମଣାଇବା ।

Impellent, *a.* ଠେଲିବା ଶକ୍ତିଯୁକ୍ତ, ଚଳାଇବାକ୍ଷମ, ଚାଳକ, ପ୍ରବର୍ତ୍ତକ, ପ୍ରବର୍ତ୍ତନାଶୀଳ, ଉତ୍ସାହକ ।—*n.* ଚଳାଇବା ଶକ୍ତି ।

Impend, *v.i.* ମୁଣ୍ଡ ଉପରେ ଝୁଲିବା, ପ୍ରାୟ ଉପସ୍ଥିତ-ହେ, ନିକଟସ୍ଥ-ହେ, ପଡ଼ିବାପର-ହେ ।

Impendent, *a.* ପ୍ରାୟ ଉପସ୍ଥିତ, ନିକଟସ୍ଥ, ଆସନ୍ନ, ପତନ ପ୍ରାୟ, ପତନୋନ୍ମୁଖ ।

Impenetrability, *n.* 1. ଅଭେଦ୍ୟତା, ଅପ୍ରବେଶ୍ୟତା; 2. ନିବିଡ଼ତା, ନିଗୂଢ଼ତ୍ୱ; 3. ଭାବବର୍ଜିତତା, କଠିନତା ; 4. ସ୍ଥାନାବରୋଧକତା ।

Impenetrable, *a.* 1. ଅଭେଦ୍ୟ, ଅପ୍ରବେଶ୍ୟ, ଅଗମ୍ୟ ; 2. ଚକ୍ଷୁ ବା ମନ ଦ୍ୱାରା ଅପ୍ରବେଶ୍ୟ, ନିବିଡ଼, ନିଗୂଢ଼; 3. ଭାବବର୍ଜିତ, କଠିନ ।

Impenetrably, *ad.* ଅଭେଦ୍ୟରୂପେ ।

Impenitence, *n.* ଅଖେଦ, ଅନନୁତାପ, ଅନୁତାପରହିତ୍ୟ, ଖେଦରହିତ୍ୟ, ମନର କାଠିନ୍ୟ, କଠିନତା ।
Impenitently, *ad.* ଖେଦହୀନଭାବେ, ଅନନୁତପ୍ତଭାବେ, କଠିନ ମନରେ । [କଠିନମନା, କଠିନ ।
Impenitent, *a.* ଖେଦହୀନ, ଅନନୁତାପୀ, ଅନନୁତପ୍ତ,
Imperative, *a*, 1. ଆଦେଶସୂଚକ, ଆଦେଶକ, ଆଜ୍ଞାପୂର୍ଣ୍ଣ; 2. ଅନୁଜ୍ଞାବୋଧକ (ଧାତୁରୂପ); 3. ପ୍ରୟୋଜନୀୟ, ଅତ୍ୟାବଶ୍ୟକ, ଅବଶ୍ୟକର୍ତ୍ତବ୍ୟ, ଅନୁପେକ୍ଷ୍ୟ ।—Imperative mood, ଅନୁଜ୍ଞାବୋଧକ ଧାତୁରୂପ, ଲୋଟ୍ ।
Imperatively, *ad.* 1. ଆଦେଶପୂର୍ବକ, ଦର୍ପସହ; 2. ଅନୁଜ୍ଞାବୋଧକ ଧାତୁରୂପ ଭାବରେ; 3. ନିତାନ୍ତ, ଅନିବାର୍ଯ୍ୟରୂପେ । [ଆଦେଶସୂଚକ ।
Imperatorial, *a.* ସେନାପତିସମ୍ବନ୍ଧୀୟ, ସମ୍ରାଟସମ୍ବନ୍ଧୀୟ,
Imperceptible, *a.* ଅପ୍ରତ୍ୟକ୍ଷ, ଇନ୍ଦ୍ରିୟାଗୋଚର, ଇନ୍ଦ୍ରିୟ ଅଗୋଚର, ଅଗୋଚର, ଅନୁପଲବ୍ଧ, ଅତିସୂକ୍ଷ୍ମ, ବୋଧାଗମ୍ୟ, ବୋଧାତୀତ ।
Imperceptibleness, Imperceptibility, *n.* ଅପ୍ରତ୍ୟକ୍ଷତା, ଅଗୋଚରତା, ବୋଧାଗମ୍ୟତା, ବୋଧାତୀତତା, ଅତିସୂକ୍ଷ୍ମତା ।
Imperceptibly, *ad.* ଅପ୍ରତ୍ୟକ୍ଷରୂପେ, ଅଗୋଚରରେ, ଅଲକ୍ଷିତଭାବେ ।
Imperfect, *a.* 1. ଅସମ୍ପୂର୍ଣ୍ଣ, ଅସମାପ୍ତ, ଅପକ୍ୱ; 2. ଅସିଦ୍ଧ, ଅଶୁଦ୍ଧ, ତ୍ରୁଟିଯୁକ୍ତ, ସଦୋଷ; 3. ଅସମାପିକା (କ୍ରିୟା) ।
Imperfection, Imperfectness, *n.* 1. ଅସିଦ୍ଧତା, ଅଶୁଦ୍ଧତା, ଅସମ୍ପୂର୍ଣ୍ଣତା, ଅପକ୍ୱତା, ଅସମ୍ପନ୍ନତା; 2. ତ୍ରୁଟି, ଦୋଷ, କଳଙ୍କ । [ରୂପେ ।
Imperfectly, *ad.* ଅସମ୍ପୂର୍ଣ୍ଣରୂପେ, ଅଳ୍ପ, ତ୍ରୁଟିଯୁକ୍ତ-
Imperforable, *a.* ଅବେଧକରଣୀୟ ।
Imperforate, *a.* ଅବେଧ, ଅଛିଦ୍ର ।
Imperial, *a.* 1. ସମ୍ରାଟସମ୍ବନ୍ଧୀୟ, ସାମ୍ରାଜ୍ୟସମ୍ବନ୍ଧୀୟ, ରାଜାଧିରାଜବତ୍; 2. ସମ୍ରାଟଯୋଗ୍ୟ, ସମ୍ରାଟବତ୍, ଶ୍ରେଷ୍ଠ, ବଡ଼; 3. ସର୍ବାଧିକାରୀ, ଆଧିପତ୍ୟକାରୀ ।—*n.* 1. ଚିବୁକରେ ଥିବା ଦାଢ଼ି କେଶ; 2. ୩୦ ଇଞ୍ଚ ଲମ୍ବା ଓ ୨୨ ଇଞ୍ଚ ଚଉଡ଼ାର କାଗଜ ।
Imperialism, *n.* ସମ୍ରାଟର ପ୍ରଭୁତ୍ୱ, ସାମ୍ରାଜ୍ୟର ପ୍ରଣାଳୀ, ସାମ୍ରାଜ୍ୟର ସ୍ଥାପନାଭିଳାଷ ।
Imperialist, *n.* 1. ସମ୍ରାଟର ପ୍ରଜା ବା ସୈନ୍ୟ, ବିଶେଷତଃ ପୂର୍ବକାଳୀନ ଜର୍ମାନ୍ ସମ୍ରାଟର ସୈନ୍ୟ; 2. ସାମ୍ରାଜ୍ୟପ୍ରିୟ ଲୋକ । [ସାମ୍ରାଜ୍ୟ-କର ।
Imperialize, *v.t.* ସମ୍ରାଟର କ୍ଷମତା-ଦେ, ସମ୍ରାଟ-କର,
Imperially, *ad.* ରାଜାଧିରାଜରୂପେ, ସମ୍ରାଟର ଭାବରେ ।
Imperil, *v.t.* ବିପଦଗ୍ରସ୍ତ-କର, ସଙ୍କଟରେ ପକାଇବା ।
Imperious, *a.* 1. ପ୍ରଭୁତ୍ୱସୂଚକ, ଆଦେଶକ, ଗର୍ବିତ, ଉଦ୍ଧତ; 2. ଅନିବାର୍ଯ୍ୟ, ଅତ୍ୟାବଶ୍ୟକ ।
Imperiously. *ad.* 1. ଗର୍ବିତଭାବେ, ଉଦ୍ଧତଭାବେ; 2. ଅନିବାର୍ଯ୍ୟରୂପେ ।

Imperiousness, *n.* 1. ଗର୍ବିତଭାବ, ଉଦ୍ଧତ ସ୍ୱଭାବ: 2. ଅନିବାର୍ଯ୍ୟତା, ଅତ୍ୟାବଶ୍ୟକତା ।
Imperishable, *a.* ଅକ୍ଷୟ, ଅଜର, ଅବିନାଶ୍ୟ, ଅବିନଶ୍ୱର, ଚିରସ୍ଥାୟୀ ।
Imperishableness, *n.* ଅକ୍ଷୟତା, ଅଜରତା, ଅବିନାଶ୍ୟତା, ଚିରସ୍ଥାୟିତ୍ୱ । [ଚିରସ୍ଥାୟିରୂପେ ।
Imperishably, *ad.* ଅକ୍ଷୟରୂପେ, ଅବିନାଶ୍ୟରୂପେ,
Impermeable, *a.* ଅପ୍ରବେଶ୍ୟ, ଅଭେଦ୍ୟ ।
Impermeably, *ad.* ଅପ୍ରବେଶ୍ୟରୂପେ, ଅଭେଦ୍ୟରୂପେ ।
Impersonal, *a.* 1. ବ୍ୟକ୍ତିତ୍ୱଶୂନ୍ୟ; 2. ଅକର୍ତ୍ତୃକ; 3. ଅକର୍ତ୍ତୃବାଚ୍ୟ, ଭାବବାଚକ (କ୍ରିୟା) ।
Impersonality, *n.* ବ୍ୟକ୍ତିତ୍ୱଶୂନ୍ୟତା ।
Impersonally, *ad.* 1. ବ୍ୟକ୍ତିତ୍ୱଶୂନ୍ୟଭାବେ; 2. ଅକର୍ତ୍ତୃକଭାବେ; 3. ଭାବବାଚକ କ୍ରିୟାପରି ।
Impersonate, *v.t.* 1. ବ୍ୟକ୍ତିରୂପେ ଦେଖାଇବା, ମୂର୍ତ୍ତିମାନ୍-କର; 2. ବେଶ ଧରିବା ।
Impersonation, *n.* 1. ମୂର୍ତ୍ତିମାନ୍‌କରଣ; 2. ବେଶଧାରଣ; 3. ଅବତାର ।
Impertinence, *n.* 1. ସମ୍ବନ୍ଧଶୂନ୍ୟତା, ଅସଙ୍ଗତତା, ଅପ୍ରାସଙ୍ଗିକତା, ଅସମ୍ପର୍କୀୟ କଥା; 2. ଅଭଦ୍ର ଆଚରଣ ବା କଥା, ଅଶିଷ୍ଟତା, ଧୃଷ୍ଟତା ।
Impertinent, *a.* 1. ଅସମ୍ବନ୍ଧ, ଅସମ୍ପର୍କୀୟ, ଅସଙ୍ଗତ, ଅପ୍ରାସଙ୍ଗିକ; 2. ଭଦ୍ରତାବିରୁଦ୍ଧ, କଥା ବା ଆଚରଣରେ ଅବହିତ, ଅନଧିକାରଚର୍ଚ୍ଚକ, ଅଶିଷ୍ଟ, ଅବିନୀତ, ଢୀଠ, ଧୃଷ୍ଟ ।
Impertinently, *ad.* 1. ଅସମ୍ପର୍କୀୟଭାବେ, ଅପ୍ରାସଙ୍ଗିକଭାବେ; 2. ଅନଧିକାରଚର୍ଚ୍ଚକରୂପେ, ଅଶିଷ୍ଟଭାବେ ।
Imperturbability, Imperturbableness, *n.* ସୁସ୍ଥିରତା, ଉଦ୍‌ବେଗଶୂନ୍ୟତା, ଅବିଚଳିତତା ।
Imperturbable, *a.* ଅସ୍ଥିରତା ଅକ୍ଷମ, ଅକ୍ଷୋଭଣୀୟ, ସୁସ୍ଥିର, ଅବିଚଳିତ, ଶାନ୍ତ ।
Impervious, *a.* ଅପ୍ରବେଶ୍ୟ, ଅଗମ୍ୟ, ଅଭେଦ୍ୟ ।
Imperviously, *ad.* ଅପ୍ରବେଶ୍ୟରୂପେ, ଅଗମ୍ୟରୂପେ, ଅଭେଦ୍ୟରୂପେ ।
Imperviousness, *n.* ଅପ୍ରବେଶ୍ୟତା, ଅଭେଦ୍ୟତା ।
Impetuosity, Impetuousness, *n.* 1. ବେଗଗାମିତ୍ୱ, ବେଗ, ଉଗ୍ରତା, ତେଜଃ, ପ୍ରଚଣ୍ଡତା; 2 ଉଗ୍ରତାସୂଚକ ବ୍ୟବହାର । [ପ୍ରଚଣ୍ଡ ।
Impetuous, *a.* ବେଗଗାମୀ, ବେଗବାନ୍, ପ୍ରବଳ, ଉଗ୍ର
Impetuously, *ad.* ମହାବେଗରେ, ପ୍ରବଳରୂପେ, ଉଗ୍ରଭାବେ, ପ୍ରଚଣ୍ଡରୂପେ । [ବଳ
Impetus, *n.* 1. ବେଗ, ଗତିଶକ୍ତି; 2. ଉତ୍ତେଜନା
Impi, *n.* ଦକ୍ଷିଣ ଆଫ୍ରିକାସ୍ଥିତ ଦେଶୀୟ ସୈନ୍ୟଦଳ ।
Impiety, *n.* 1. ଅଭକ୍ତି, ଧର୍ମହୀନତା, ଅଧାର୍ମିକତା, ଅସାଧୁତା, ଅଧମତା; 2. ଅଧର୍ମକ୍ରିୟା, ଦୁଷ୍କ୍ରିୟା, ଅଭକ୍ତିସୂଚକ କାର୍ଯ୍ୟ ।
Impinge, *v.i.* ଧକ୍କା ବାଜିବା, ଆଘାତ-କର ।
Impingent, *a.* ଆଘାତକାରୀ ।

**Impious**, *a.* 1. ଭକ୍ତିହୀନ, ଅନୀଶ୍ୱରଭକ୍ତ, ଅଧାର୍ମିକ, ଧର୍ମହୀନ ; 2. ଈଶ୍ୱରନିନ୍ଦାପୂର୍ଣ୍ଣ, ଅଧମ, ପାଷଣ୍ଡ ।
**Impiously**, *ad.* ଅଧମରୂପେ, ପାଷଣ୍ଡରୂପେ ।
**Impiousness**, *n.* ଅଧମତା, ପାଷଣ୍ଡତା ।
**Impish**, *a.* ସାନ ଭୂତବତ୍, କ୍ଷତିକାରକ, ଦୁଷ୍ଟ ।
**Implacability, Implacableness**, *n.* ଅଶାନ୍ତନୀୟତା, ଅଶାମ୍ୟତା, ଅକ୍ଷମାଶୀଳତା, ନିଷ୍ଠୁରତା, କଠୋରତା ।
**Implacable**, *a.* ଅଶାନ୍ତନୀୟ, ଅଶାମ୍ୟ, ଅକ୍ଷମାଶୀଳ, ନିଷ୍ଠୁର, କଠୋର ।
**Implacably**, *ad.* ଅଶାମ୍ୟରୂପେ, ଅକ୍ଷମାଶୀଳରୂପେ, [ନିଷ୍ଠୁରରୂପେ ।
**Implant**, *v.t.* ରୋପଣ-କ, ବଦ୍ଧମୂଳ-କ, ବସାଇବା, ସ୍ଥାପନ-କ ।
**Implantation**, *n.* ରୋପଣ, ବଦ୍ଧମୂଳକରଣ, ସ୍ଥାପନ- [କରଣ ।
**Implead**, *v.t.* 1. ମକଦମା ଆଣିବା, ନାଲିଶ-କ; 2. ଅଭିଯୋଗ-କ ।
**Implement**, *n.* ଅସ୍ତ୍ର, ହତିଆର, କର୍ମର ସରଞ୍ଜାମ, [ଯନ୍ତ୍ର, ଉପକରଣ ।
**Implemental**, *a.* ଅସ୍ତ୍ର ନିମନ୍ତେ ବ୍ୟବହୃତ, ହତିଆର-ସଦୃଶ, ଉପକରଣବତ୍ ।
**Implicate**, *v.t.* 1. ଗୁନ୍ଥାଇବା ; 2. ଲିପ୍ତ-କ, ଜଡ଼ିତ-କ, ଲିପ୍ତ ବୋଲି ପ୍ରମାଣିତ-କ ।—*a.* ଅନ୍ତର୍ଗତ ।—*n.* ଅନ୍ତର୍ଗତ ବିଷୟ ।
**Implication**, *n.* 1. ଲିପ୍ତକରଣ, ଜଡ଼ିତକରଣ, ଲିପ୍ତତା; 2. ଅନୁମାନକରଣ, ଅନୁମାନ, ଅନ୍ତର୍ଗତ ବିଷୟ, ଭାବାର୍ଥ ।
**Implicative**, *a.* 1. ଆନୁମାନିକ, ଅନ୍ତର୍ଗତକାରୀ ; 2. ଲିପ୍ତକାରୀ ।
**Implicit**, *a.* 1. ଅନ୍ତର୍ଗତ, ଅନୁମିତ, ଉହ୍ୟ ; 2. ପୂର୍ଣ୍ଣ ବିଶ୍ୱାସରେ ସ୍ଥାପିତ, ଅସନ୍ଦିଗ୍ଧ, ସନ୍ଦେହରହିତ, ଦୃଢ଼ ।
**Implictly**, *ad.* 1. ଅନ୍ତର୍ଗତରୂପେ, ଅନୁମିତରୂପେ, ଫଳତଃ; 2. ପୂର୍ଣ୍ଣ ବିଶ୍ୱାସପୂର୍ବକ, ଅସଂଶୟପୂର୍ବକ, ନିଃସନ୍ଦେହରୂପେ ।
**Implicitness**, *n.* ଅସନ୍ଦିଗ୍ଧତା, ସନ୍ଦେହରହିତତା, [ଦୃଢ଼ତା ।
**Impliedly**, *ad.* ଅନ୍ତର୍ଗତରୂପେ, ପ୍ରକାରାନ୍ତରେ, ଅନୁମାନରେ ।
**Imploration**, *n.* ଯତ୍ନପୂର୍ବକ ପ୍ରାର୍ଥନା, ମିନତି, ବିନତି ।
**Imploratory**, *a.* ମିନତିକାରୀ, ବିନତିକାରୀ ।
**Implore**, *v.t.* 1. ପ୍ରାର୍ଥନାରେ ଡାକିବା ; 2. ମିନତି-କ, ବିନୟ-କ, ଯାଚ୍ଞା-କ, ଯତ୍ନପୂର୍ବକ ମାଗିବା ।—*v.i.* ବିନୟପୂର୍ବକ ପ୍ରାର୍ଥନା-କ ।
**Imply**, *v.t.* ଅନ୍ତର୍ଗତ-କ, ଅନ୍ତର୍ଭୂତ-କ, ପ୍ରକାରାନ୍ତରେ ବୁଝାଇବା, ଉପଲକ୍ଷ-କ, ସୂଚନା-କ ।
**Impolicy**, *n.* ଅନୁପଯୁକ୍ତତା, ଅକର୍ତ୍ତବ୍ୟତା, ଅବିବେଚନା ।
**Impolite**, *a.* ଅଶିଷ୍ଟ, ଅସଭ୍ୟ, ଅଭଦ୍ର ।
**Impoliteness**, *n.* ଅଶିଷ୍ଟତା, ଅଭଦ୍ରତା ।
**Impolitic**, *a.* 1. ଅବିବେଚକ, ଅବିଜ୍ଞ, ଅଜ୍ଞାନ ; 2. ଅହିତକର, ଅନିଷ୍ଟକର, ଅନୁପଯୁକ୍ତ, ଅନୁଚିତ, ଅଯୋଗ୍ୟ, ଅକର୍ତ୍ତବ୍ୟ, ଅବିବେଚିତ ।
**Imponderability**, *n.* ଭାରରାହିତ୍ୟ ।
**Imponderable**, *a.* ନିର୍ଭର, ଭାରରହିତ, ଲଘୁ ।—*n.* ଭାରବିହୀନ ବସ୍ତୁ ।
**Import**, *v.t. im-port'*, 1. ଅନ୍ୟ ଦେଶରୁ ଆଣିବା, ଆମଦାନୀ-କ ; 2. ବୁଝାଇବା, ସୂଚନା-କ, ପ୍ରକାଶ-କ ; 3. ଆବଶ୍ୟକ-ହ ; 4. ମଧ୍ୟରେ ଆଣିବା ।—*n. im'port*, 1. ଅନ୍ୟ ଦେଶରୁ ଆନୀତ ଦ୍ରବ୍ୟ, ଆମଦାନୀ ; 2. ଅର୍ଥ, ଭାବ, ତାତ୍ପର୍ଯ୍ୟ, ଭାବାର୍ଥ ; 3. ଗୁରୁତ୍ୱ ।
**Importable**, *a.* ଆମଦାନୀଯୋଗ୍ୟ ।
**Importance**, *n.* 1. ଗୁରୁତ୍ୱ, ଆବଶ୍ୟକତା : 2. ଉଚ୍ଚ ପଦ, ପ୍ରତିପତ୍ତି, ଅଭିମାନ ।
**Important**, *a.* 1. ଭାରି, ବଡ଼, ଗୁରୁ, ଆବଶ୍ୟକ ; 2. ଅଭିମାନୀ, ଗମ୍ଭୀର ।
**Importantly**, *ad.* ଗୁରୁଭାବେ, ଆବଶ୍ୟକରୂପେ ।
**Importation**, *n.* 1. ଆମଦାନୀକରଣ ; 2. ଆମଦାନୀ, ବିଦେଶୀୟ ଆନୀତ ଦ୍ରବ୍ୟ ବା ଲୋକ ।
**Importer**, *n.* ଆମଦାନୀକର୍ତ୍ତା, ବିଦେଶରୁ ଦ୍ରବ୍ୟ ଆଣିବା [ମହାଜନ ।
**Importunate**, *a.* ଆଗ୍ରହଶୀଳ, ବାରମ୍ବାର ଅନୁରୋଧକାରୀ, ଅତିଯାଚକ, ନିରନ୍ତର ପ୍ରାର୍ଥକ ।
**Importunately**, *ad.* ଆଗ୍ରହଶୀଳରୂପେ, ବାରମ୍ବାର ଅନୁରୋଧରେ, ଅଳି କରି, ଅତିଯାଚକରୂପେ, ନିରନ୍ତର ପ୍ରାର୍ଥନାରେ ।
**Importune**, *v.t.* ଅଳି-କ, ଜଞ୍ଜାଳ-କ, ଆଗ୍ରହ ସହିତ ମାଗିବା, ନିରନ୍ତର ପ୍ରାର୍ଥନାରେ ମାଗିବା, ବାରମ୍ବାର ଅନୁରୋଧ-କ, ବାରମ୍ବାର ପ୍ରାର୍ଥନା ଦ୍ୱାରା ବିରକ୍ତ-କ, ପ୍ରାର୍ଥନାରେ ଲଦ୍-କ ।—*v.i.* ଆଗ୍ରହପୂର୍ବକ ବାରମ୍ବାର ମାଗିବା ।
**Importunity**, *n.* ଆଗ୍ରହଶୀଳତା, ପ୍ରାର୍ଥନାରେ ଆଗ୍ରହ, ବାରମ୍ବାର ଯାଚ୍ଞାକରଣ, ଅଳି, ଜଞ୍ଜାଳ, ବାରମ୍ବାର ପ୍ରାର୍ଥନା, ଆଗ୍ରହପୂର୍ବକ ଅନୁରୋଧ ।
**Imposable**, *a.* ଧାର୍ଯ୍ୟଯୋଗ୍ୟ ।
**Impose**, *v.t.* 1. ବସାଇବା, ଧାର୍ଯ୍ୟ-କ ; 2. ଅର୍ପଣ-କ, ସ୍ଥାପନ-କ, ଥୋଇବା ; 3. ପ୍ରତାରଣପୂର୍ବକ ଅର୍ପଣ-କ ; 4. ଛପା କର୍ମରେ (ଦୃଷ୍ଟାମାନ) ସଜାଡ଼ି ଲୁହାର ବେଢ଼ରେ ବନ୍ଦ-କ ।—*v.i.* ଠକିକରି ଭାର ପକାଇବା, ଅନ୍ୟର ସୁଶୀଳତା ହେତୁ ନିଜ ସୁବିଧା କରିନେଇ ଭାର ପକାଇବା, ଠକାଇବା, ଭୁଲାଇବା, with *on* or *upon*.
**Imposing**, *p.a.* ପ୍ରଭାବାନ୍ୱିତ, ସମ୍ଭ୍ରମାକର୍ଷକ, ତେଜସ୍ୱୀ, ପ୍ରଭୁତ୍ୱସୂଚକ ।
**Imposingly**, *ad.* ପ୍ରଭାବାନ୍ୱିତରୂପେ, ସମ୍ଭ୍ରମାକର୍ଷକରୂପେ, ପ୍ରଭୁତ୍ୱସୂଚକରୂପେ ।
**Imposition**, *n.* 1. ଧାର୍ଯ୍ୟକରଣ; 2. ଅର୍ପଣ, (ହସ୍ତାର୍ପଣ), ସ୍ଥାପନ ; 3. ଅର୍ପିତ ବିଷୟ, କର, ଭାର, ସ୍କୁଲର ଦଣ୍ଡ ବିଶେଷ, ଆଦେଶ ; 4. ପ୍ରବଞ୍ଚନା, ପ୍ରତାରଣା ।
**Impossibility**, *n.* 1. ଅସାଧ୍ୟତା, ଅକରଣୀୟତା; 2. ଅସ୍ଥିତିଶୀଳ ବିଷୟ, ଅସାଧ୍ୟ ବିଷୟ ।
**Impossible**, *a.* 1. ଅସ୍ଥିତିଶୀଳ, ଅସାଧ୍ୟ, ଅକରଣୀୟ, ଅଶକ୍ୟ, ଅଘଟନୀୟ ; 2. (colloquial) ଅଚିନ୍ତନୀୟ, ଅଦ୍ଭୁତ ।

Impost, *n.* 1. କର, ମାସୁଲ, ଆମଦାନିର ମାସୁଲ ; 2 କାନ୍ଥ ବା ସ୍ତମ୍ଭ ଉପରେ ଖିଲାଣର ଅଲମ୍ବ ସ୍ଥାନ ।
Impostor, *n.* ଠକ, ପ୍ରବଞ୍ଚକ, ପ୍ରତାରକ, ଭଣ୍ଡ ।
Imposture, *n.* ଠକାମି, ପ୍ରତାରଣା, ପ୍ରବଞ୍ଚନା ।
Impotence, Impotency, *n.* 1. ଶକ୍ତିହୀନତା, ଦୁର୍ବଳତା, ଅସାମର୍ଥ୍ୟ; 2. ପୁରୁଷତ୍ୱର ଅଭାବ, ପୁଂଶକ୍ତିରହିତତ୍ୱ । [2. ପୁଂଶକ୍ତିହୀନ ।
Impotent, *a.* 1. ଶକ୍ତିହୀନ, ବଳହୀନ, ଦୁର୍ବଳ, ଅସମର୍ଥ;
Impotently, *ad.* ଶକ୍ତିହୀନରୂପେ, ଦୁର୍ବଳରୂପେ ।
Impound, *v.t.* 1. କାଞ୍ଜିହୌଦାରେ ପକାଇବା, ଗୁପ୍ତଭାବରେ ବନ୍ଦ-କ, କାଞ୍ଜିହୌଦାରେ ଅଟକ-କ; 2. (ଦଲିଲ) ଅଦାଲତ ଜିମ୍ମାରେ ରଖିବା ।
Impoverish, *v.t.* 1. ଦରିଦ୍ର-କ, କଙ୍ଗାଳ-କ, ନିର୍ଦ୍ଧନ-କ ; 2. ଅନୁର୍ବର-କ, ନିସ୍ତେଜ-କ ।
Impoverishment, *n.* 1. ଦରିଦ୍ରକରଣ, ନିର୍ଦ୍ଧନକରଣ, ଦରିଦ୍ରାବସ୍ଥା, ଦାରିଦ୍ର୍ୟ; 2. ଅନୁର୍ବରକରଣ, ନିସ୍ତେଜକରଣ ।
Impracticability, *n.* 1. ଅସାଧ୍ୟତା, ଅଶକ୍ୟତା, ଅକରଣୀୟତା ; 2. ଅସାଧ୍ୟ ବିଷୟ ; 3. ଅଦମ୍ୟତା, ଅପ୍ରବର୍ତ୍ତନୀୟତା ।
Impracticable, *a.* 1. ଅସାଧ୍ୟ, ଅଶକ୍ୟ, ଅକରଣୀୟ, ଅଗମ୍ୟ ; 2. ଅକର୍ମଣ୍ୟ ; 3. ଅଦମ୍ୟ, ଅପ୍ରବର୍ତ୍ତନୀୟ ।
Impracticableness, *n.* 1. ଅସାଧ୍ୟତା, ଅଶକ୍ୟତା, ଅକରଣୀୟତା ; 2. ଅଦମ୍ୟତା ।
Impracticably, *ad.* ଅସାଧ୍ୟରୂପେ, ଅଶକ୍ୟରୂପେ ।
Imprecate, *v.t.* ଅଭିଶାପ ଭଳି ପ୍ରାର୍ଥନା-କ, ଅନିଷ୍ଟ ପ୍ରାର୍ଥନା-କ, ଅମଙ୍ଗଳ ଘଟୁ ବୋଲି ପ୍ରାର୍ଥନା-କ ।
Imprecation, *n.* ଅଭିଶାପ ପ୍ରାର୍ଥନା, ଅନିଷ୍ଟ ପ୍ରାର୍ଥନା, ଅମଙ୍ଗଳ ପ୍ରାର୍ଥନା, ଅଭିଶାପ ।
Imprecatory, *a.* ଅଭିଶାପପ୍ରାର୍ଥନାଯୁକ୍ତ, ଅନିଷ୍ଟପ୍ରାର୍ଥନାସୂଚକ, ଅମଙ୍ଗଳପ୍ରାର୍ଥନାବାଚୀ ।
Impregnability, *n.* ଅଜେୟତା, ଅନାକ୍ରମ୍ୟତା ।
Impregnable, *a.* 1. ଅଜେୟ, ଅନାକ୍ରମ୍ୟ ; 2. ଅବିଚଳିତ, ଅଟଳ ।
Impregnably, *ad.* ଅଜେୟରୂପେ, ଅନାକ୍ରମ୍ୟରୂପେ ।
Impregnate, *v.t.* 1. ଗର୍ଭବତୀ-କ, ଗର୍ଭୋତ୍ପାଦନ-କ ; 2. ପ୍ରବେଶ କରାଇବା, ଅନୁପ୍ରବିଷ୍ଟ-କ ; 3. (ଅନ୍ୟ ଦ୍ରବ୍ୟ ଦ୍ୱାରା) ପରିପୂର୍ଣ୍ଣ-କ ।
Impregnation, *n.* 1. ଗର୍ଭବତୀକରଣ, ଗର୍ଭୋତ୍ପାଦନ; 2. ପରିପୂର୍ଣ୍ଣକରଣ ।
Impress, (1) *v.t. im-pres'* 1. ଅଙ୍କିତ-କ, ଛପାଇବା, ମୁଦ୍ରିତ-କ ; 2. ମନୋଗତ-କ, ହୃଦୟଙ୍ଗମ-କ, ଅଭିଭୂତ-କ ।—*n. im'-pres,* 1. ଅଙ୍କିତ ବିଷୟ, ଛାପ, ଚିହ୍ନ, ଅଙ୍କନ, ମୋହର ; 2. କୌଣସି ଶକ୍ତି ବା ପ୍ରବୃତ୍ତିର ଫଳ ।
Impress, (2) *v.t. im-pres'* 1. ବେଗାର ଧରିବା, ବେଠି ଧରିବା ; 2. ସରକାରୀ କାର୍ଯ୍ୟ ନିମନ୍ତେ (ଦ୍ରବ୍ୟାଦି) ବଳାତ୍କାରରେ ନେବା ।—*n. im'-pres,* ବେଗାର, ବେଠି ।
Impressibility, *n.* 1. ଛାପାକରଣୀୟତା, ମୁଦ୍ରଣକରଣୀୟତା ; 2. ସହଜ ଅଭିଭୂତତା, ଅନୁଭବକ୍ଷମତା ।
Impressible, *a.* 1. ଛାପାକରଣୀୟ, ମୁଦ୍ରଣକରଣୀୟ, ଅଙ୍କିତକରଣୀୟ ; 2. ସହଜରେ ଅଭିଭୂତ, ଅନୁଭବକ୍ଷମ ।
Impressibly, *ad.* ଛାପାକରଣୀୟରୂପେ, ଅଙ୍କିତକରଣୀୟରୂପେ ।
Impression, *n.* 1. ଛାପାକରଣ, ମୁଦ୍ରଣକରଣ, ଅଙ୍କନ ; 2. ଛାପା, ମୁଦ୍ରାଚିହ୍ନ, ମୋହର ; 3. ପ୍ରଥମ ବୋଧ, ଅନୁଭବ; 4. ଅସ୍ପଷ୍ଟ ସ୍ମୃତି, ଅନୁମାନ, ବିଶ୍ୱାସ; 5. ଗୁଣ ପରିବର୍ତ୍ତନ, ଗୁଣ ଫଳ ; 6. ମୁଦ୍ରାକ୍ଷରରେ ଛପା ହେବା ଏକ ପରସ୍ତ କାଗଜ; 7. ଏକାଥରେ ଯେତେ କାଗଜ ଛପା ହୁଏ ; 8. ପୁସ୍ତକର ଏକ ସଂସ୍କରଣ ।
Impressionable, *a.* ଅନୁଭବକ୍ଷମ, ସହଜରେ ଅଭିଭୂତ ।
Impressionist, *n.* ଯେ ପ୍ରଥମବୋଧ ଗୁରୁତର ବୋଲି ସମର୍ଥନ କରେ, ପ୍ରକୃତ ଓ ସଙ୍ଗତରୂପେ ଦର୍ଶାଇବା ପାଇଁ ଯେଉଁ ଚିତ୍ରକାର ବା ଲେଖକ ପ୍ରଥମବୋଧ ଉପରେ ନିର୍ଭର କରେ ।
Impressionism, *n.* ଉପରୋକ୍ତ ଲୋକର ମତ ।
Impressive, *a.* ହୃଦୟସ୍ପର୍ଶୀ, ହୃଦୟଗ୍ରାହୀ, ହୃଦୟଭେଦୀ, ଚିତ୍ତକର୍ଷକ, ହୃଦୟଙ୍ଗମ, ଗମ୍ଭୀର ।
Impressively, *ad.* ହୃଦୟସ୍ପର୍ଶୀରୂପେ, ହୃଦୟଗ୍ରାହୀରୂପେ, ହୃଦୟଭେଦକରୂପେ ।
Impressiveness, *n.* ହୃଦୟସ୍ପର୍ଶିତା, ହୃଦୟଗ୍ରାହିତା, ହୃଦୟଭେଦକତା, ଗମ୍ଭୀରତା ।
Impressment, *n.* ବେଗାରଧରଣ, ବେଠି ।
Imprimatur, *n.* 1. ଛାପାକରଣାର୍ଥ ଆଜ୍ଞାପତ୍ର ; 2. ଅନୁମୋଦନ, ମଞ୍ଜୁରି ।
Imprimis, *ad.* ପ୍ରଥମତଃ, ପ୍ରଥମରେ ।
Imprint, *v.t. im-print',* 1. ଛାପା-କ, ମୁଦ୍ରିତ-କ, ଚିହ୍ନଯୁକ୍ତ-କ ; 2. ଅଙ୍କିତ-କ, ଛପାଇବା ।—*n. im'-print,* 1. ପୁସ୍ତକ ଓ ଖବରକାଗଜ ଆଦି ଛାପାଖାନାର ନାମ ଧାମ : 2. ଛାପା, ମୁଦ୍ରାଚିହ୍ନ, ମୋହର ; 3. ଗୁଣ ଫଳ ।
Imprison, *v.t.* 1. କାରାଗାରରେ ବନ୍ଦ-କ, କାରାବଦ୍ଧ-କ, କଏଦ-କ ; 2. ବନ୍ଦ-କ, ବଦ୍ଧ-କ ।
Imprisonment, *a.* 1. କାରାଗାରରେ ବନ୍ଦକରଣ, କାରାବଦ୍ଧକରଣ, କାରାବନ୍ଧନ ; 2. ବନ୍ଧନ, ଅଟକ ।
Improbability, *n.* 1. ଅସମ୍ଭାବ୍ୟତା, ଦୁର୍ଘଟତା ; 2. ଅସମ୍ଭବ ବିଷୟ ବା ଘଟଣା, ଅସମ୍ଭାବନା ।
Improbable, *a.* ଅସମ୍ଭବ, ଦୁର୍ଘଟ ।
Improbably, *ad.* ଅସମ୍ଭବରୂପେ, ଦୁର୍ଘଟ, ସମ୍ଭାବନାରହିତରୂପେ ।
Improbity, *n.* ଅସରଳତା, ଅସାଧୁତା, ଅବିଶ୍ୱସ୍ତତା, ଅଯଥାର୍ଥତା ।
Impromptu, *a.* ଉପସ୍ଥିତ, ବିନାଭ୍ୟାସ, ଅଚିନ୍ତିତ, ଅଯତ୍ନପୂର୍ବକକୃତ ।—*n.* ଉପସ୍ଥିତ କଥନ, ବିନାଭ୍ୟାସ ପ୍ରସ୍ତାବ, ଅଯତ୍ନପୂର୍ବକରଚନ ।—*ad.* ପୂର୍ବଚିନ୍ତା ବିନା, ତତ୍କ୍ଷଣାତ୍, ଉପସ୍ଥିତ ବକ୍ତୃତାକ୍ରମେ ।

Improper, *a.* 1. ଅନୁଚିତ, ଅନୁପଯୁକ୍ତ, ଅବହୃତ, ଅଯୋଗ୍ୟ; 2. ଅଶୁଦ୍ଧ, ଅଯଥାର୍ଥ ।

Improperly, *ad.* 1. ଅନୁଚିତରୂପେ, ଅନୁପଯୁକ୍ତରୂପେ, ଅବହୃତରୂପେ, ଅଯୋଗ୍ୟରୂପେ; 2. ଅଶୁଦ୍ଧରୂପେ, ଅଯଥାର୍ଥରୂପେ ।

Impropriety, *n.* 1. ଅନୌଚିତ୍ୟ, ଅନୁପଯୁକ୍ତତା; 2. ଅନୁଚିତ କଥା, ଅନୁଚିତ କର୍ମ ।

Improvability, Improvableness, *n.* ଉତ୍ତରୋତ୍ତର ଉତ୍ତମକରଣୀୟତା, ଉନ୍ନତକ୍ଷମତା ।

Improvable, *a.* ଅଧିକ ଭଲକରଣୀୟ, ଉତ୍ତରୋତ୍ତର ଉତ୍ତମକରଣୀୟ, ଉତ୍କର୍ଷଣୀୟ, ଉନ୍ନତକ୍ଷମ ।

Improve, *v.t.* 1. ଅଧିକ ଭଲ-କ, ଉତ୍ତରୋତ୍ତର ଉତ୍ତମ-କ, ଉତ୍ତରୋତ୍ତର ବୃଦ୍ଧି-କ, ଉତ୍ତର-କ, ଉନ୍ନତ-କ; 2. ସଦ୍ବ୍ୟବହାରରେ ଆଣିବା, ବ୍ୟବହାରୋପଯୋଗୀ-କ, କାର୍ଯ୍ୟରେ ଆଣିବା ।—*v.i.* ଅଧିକ ଭଲ-ହେ, ବୁଦ୍ଧି ଜ୍ଞାନ ଉତ୍ତମତା ଆଦିରେ ବୃଦ୍ଧି ପାଇବା, ଉନ୍ନତ-ହେ, ଉତ୍ତରୋତ୍ତର ଉତ୍ତମ-ହେ ।

Improvement, *n.* 1. ଅଧିକ ଭଲକରଣ, ଅଧିକ ଉତ୍ତମାବସ୍ଥା, ସ୍ୱାସ୍ଥ୍ୟ ଜ୍ଞାନ ନିପୁଣତା ବୁଦ୍ଧି ବା ନୈତିକ ଚରିତ୍ରାଦିରେ ଉନ୍ନତି, ଉନ୍ନତି, ବୃଦ୍ଧି; 2. ସଦ୍ବ୍ୟବହାର: 3. ଶିକ୍ଷାର ପ୍ରୟୋଗ; 4. ଲାଭଜନକ ମୂଲ୍ୟବୃଦ୍ଧି, ଲାଭଜନକ ପରିବର୍ତ୍ତନ ।

Improvidence, *n.* ଅପରିଣାମଦର୍ଶିତା, ଉଡ଼ାଣିଆପଣ, ବାସ୍ତବପଣ ।

Improvident, *a.* ଅପରିଣାମଦର୍ଶୀ, ଅସାବଧାନୀ, ଉଡ଼ାଣିଆ ।

Improvidently, *ad.* ପୂର୍ବଚିନ୍ତା ବିନା, ଉଡ଼ାଣିଆରୂପେ ।

Improving, *p.a.* ଶିକ୍ଷାଦାୟକ ।

Improvise, *v.t.* 1. ନ ଭାବି ରଚନା-କ, ବିନାଭ୍ୟାସେ ଗାନ-କ; 2. ହଠାତ୍ କରିବା, ପୂର୍ବ ବିବେଚନା ବିନା ପ୍ରସ୍ତୁତ-କ ।—*v.i.* ନ ଭାବି ରଚନା-କ, ବିନାଭ୍ୟାସରେ ଗାନ-କ ।

Imprudence, *n.* 1. ଅପରିଣାମଦର୍ଶିତା, ଅବିବେଚନା; 2. ଅବିବେଚିତ କର୍ମ, ଅଜ୍ଞାନ ବ୍ୟବହାର ।

Imprudent, *a.* ଅପରିଣାମଦର୍ଶୀ, ପୂର୍ବବିବେଚନାରହିତ, ଅବିବେଚକ, ଅସତର୍କ ।

Imprudently, *ad.* ଅବିବେଚନାପୂର୍ବକ ।

Impudence, *n.* 1. ଅବିନୟ, ଦାମ୍ଭିକତା, ଦୁଃସାହସ; 2. ନିର୍ଲଜ୍ଜତା, ବେହାୟାମୀ, ଢିଠପଣ, ଧୃଷ୍ଟତା ।

Impudent, *a.* 1. ଅବିନୀତ, ଦାମ୍ଭିକ, ଦୁଃସାହସୀ; 2. ନିର୍ଲଜ୍ଜ, ଲଜ୍ଜାହୀନ, ବେହାୟା, ଢିଠ, ଧୃଷ୍ଟ ।

Impudently, *ad.* 1. ଅବିନୀତଭାବେ, ଦାମ୍ଭିକଭାବେ, ଦୁଃସାହସିଭାବେ; 2. ନିର୍ଲଜ୍ଜରୂପେ, ଲଜ୍ଜାହୀନଭାବେ ।

Impugn, *v.t. im-pūn*, କଥା ବା ତର୍କ ଦ୍ୱାରା ଆକ୍ରମଣ-କ, ଦୋଷ ଧରିବା, ପ୍ରତିବାଦ-କ ।

Impugnable, *a.* ପ୍ରତିବାଦକରଣୀୟ ।

Impugnment, *n.* କଥା ବା ତର୍କ ଦ୍ୱାରା ଆକ୍ରମଣ, ଦୋଷଧରଣ, ପ୍ରତିବାଦ ।

Impulse, *n.* 1. ଗତିଶକ୍ତିର ସଞ୍ଚାର, ଗତିଶକ୍ତି, ଠେଲିବା ଶକ୍ତି, ବେଗ; 2. ପ୍ରବୃତ୍ତି, ଉତ୍ତେଜନା; 3. ହଠାତ୍ ଇଚ୍ଛା, ଆକସ୍ମିକ ପ୍ରବୃତ୍ତି ।

Impulsion, *n.* 1. ଠେଲିବା କ୍ରିୟା, ଠେଲା, ଠେଲା ହେବା ଅବସ୍ଥା, ଠେଲିବା ଶକ୍ତି, ବେଗ; 2. ଉତ୍ତେଜନ, ପ୍ରବର୍ତ୍ତନା ।

Impulsive, *a.* 1. ଠେଲିବା ଶକ୍ତିଯୁକ୍ତ, ଚଳାଇବାକ୍ଷମ, ସଞ୍ଚାରକ; 2. ହଠାତ୍ ଇଚ୍ଛାରେ ଚାଳିତ, ଆକସ୍ମିକ ପ୍ରବୃତ୍ତି ଦ୍ୱାରା ଚାଳିତ, ବେଗାନୁବର୍ତ୍ତୀ, ଆବେଗଶୀଳ, ଚଞ୍ଚଳ; 3. ହଠାତ୍ ଇଚ୍ଛାରୁ ଜାତ, ଆକସ୍ମିକ ପ୍ରବୃତ୍ତିରୁ ଜାତ, ପୂର୍ବରୁ ଅବିବେଚିତ ।

Impulsively, *ad.* ଆକସ୍ମିକ ପ୍ରବୃତ୍ତି ଦ୍ୱାରା, ବେଗାନୁବର୍ତ୍ତିରୂପେ, ଚଞ୍ଚଳଭାବେ, ହଠାତ୍ ।

Impunity, *n.* ଦଣ୍ଡମୁକ୍ତି, ପ୍ରତିଫଳରୁ ମୁକ୍ତି, କ୍ଷତି ଦୁଃଖ ବା ହାନିରୁ ମୁକ୍ତି ।—With impunity, ଅବାଧରେ, ନିରାପଦରେ, ଦଣ୍ଡ ବିନା, ଅପକାର ବିନା ।

Impure, *a.* 1. ଅନିର୍ମଳ, ସମଳ, ଅପରିଷ୍କାର, ଦୂଷିତ; 2. ଅଶୁଚି, ଅଶ୍ଲୀଳ, ଲମ୍ପଟ, ପାପିଷ୍ଠ; 3. ଅପବିତ୍ର, ଅଶୁଦ୍ଧ, ଅପରିଷ୍କୃତ; 4. ମିଶ୍ରିତ, ଅଶୁଦ୍ଧ ।

Impurely, *ad.* 1. ଅଶୁଚିରୂପେ; 2. ଅଶୁଦ୍ଧରୂପେ ।

Impureness, *n.* 1. ଅନିର୍ମଳତା, ସମଳତା, ଦୂଷିତାବସ୍ଥା; 2. ଲମ୍ପଟତା; 3. ଅଶୁଦ୍ଧତା ।

Impurity, *n.* 1. ଅନିର୍ମଳତା, ସମଳତା; 2. ମଳ; 3. ଅଶୁଚିତା, ଅଶ୍ଲୀଳତା, ଲାମ୍ପଟ୍ୟ; 4. ଅଶୌଚ, ଅଶୁଦ୍ଧତା, ଅଶୁଦ୍ଧି ।

Imputable, *a.* ଆରୋପଣୀୟ ।

Imputability, Imputableness, *n.* ଆରୋପଣୀୟତା ।

Imputation, *n.* 1. ଆରୋପଣ, ଆରୋପ, ଅଭିଯୋଗ; 2. ଅପବାଦ, ନିନ୍ଦା ।

Imputative, *a.* ଆରୋପଣୀୟ, ଆରୋପିତ ।

Impute, *v.t.* 1. ଆରୋପ-କ, ଆରୋପଣ-କ; 2. ଯାହା ପ୍ରକୃତରେ ଅମୁକ ଲୋକର ନୁହେ ତାହା ତାହାର ବୋଲି ଗଣନା-କ, ଗଣନା-କ ।

In, *prep.* 1. ରେ, ମଧ୍ୟରେ; 2. ଭିତରେ, ଠାରେ; 3. ଦ୍ୱାରା; 4. ହେତୁରୁ; 5. ଭାବରେ; 6. ଅନୁସାରେ ।—*ad.* 1. ଭିତରେ; 2. ନିକଟରେ, ଗୃହରେ, ଘରେ ।—*n.* 1. କୋଣ, ଗୁପ୍ତସ୍ଥାନ, ଭିତର କଥା, used in *pl.* the phrase *ins* and *outs* of a matter. 2. ପାର୍ଲିମେଣ୍ଟ ମହାସଭାରେ ସରକାରୀ ଦଳର ଏକ ଜଣ ।

Inability, *n.* ଅପାରଗତା, ଅକ୍ଷମତା, ଅସାମର୍ଥ୍ୟ, ଅଶକ୍ତି, ଶକ୍ତିହୀନତା ।

Inaccessibility, Inaccessibleness, *n.* 1. ଅଗମ୍ୟତା, ଅପ୍ରବେଶ୍ୟତା, ଅପ୍ରାପ୍ୟତା; 2. ଅନଭିଗମ୍ୟତା, ଅନାଳାପିତ୍ୱ ।

Inaccessible, *a.* 1. ଅଗମ୍ୟ, ଅପ୍ରବେଶ୍ୟ, ଅପ୍ରାପ୍ୟ, ଅଲଭ୍ୟ, ଦୁର୍ଗମ; 2. ଅନଭିଗମ୍ୟ, ଅନାଳାପୀ ।

Inaccessibly, *ad.* ଅଗମ୍ୟରୂପେ, ଅପ୍ରାପ୍ୟରୂପେ ।

**Inaccuracy**, *n.* ଅଶୁଦ୍ଧତା, ଅଠିକ୍ କଥା, ଭୁଲଯୁକ୍ତ କଥା, ଭୁଲ, ଭ୍ରମ ।

**Inaccurately**, *ad.* ଅଶୁଦ୍ଧରୂପେ, ଅଯଥାର୍ଥରୂପେ, ଦୋଷଯୁକ୍ତରୂପେ ।

**Inaccurate**, *a.* 1. ଅଯଥାର୍ଥ, ଭୁଲଯୁକ୍ତ, ସଦୋଷ, ଅଠିକ୍; 2. ଭ୍ରମକାରୀ ।

**Inaction**, *n.* ଗତିହୀନତା, ଅଚଳନ ଅବସ୍ଥା, ଅପରିଶ୍ରମ, ଅଚେଷ୍ଟା, ଅନୁଦ୍ୟୋଗ, ଆଳସ୍ୟ, ବିରାମ ।

**Inactive**, *a.* 1. ନିରୁଦ୍ୟୋଗୀ, ନିରୁଦ୍ୟମୀ; 2. ଅକର୍ମୀ, ଅଳସ, ସୁପ୍ତ; 3. ନିସ୍ତେଜ, ନିଷ୍ଫଳ, ନିର୍ଗୁଣ ।

**Inactively**, *ad.* 1. ନିରୁଦ୍ୟୋଗିରୂପେ; 2. ଅଳସଭାବେ, ବିନା ପରିଶ୍ରମରେ, ସୁପ୍ତିରୂପେ ।

**Inactivity**, *n.* 1. ନିରୁଦ୍ୟୋଗ, ଅନୁଦ୍ୟମ; 2. ନିସ୍ତେଜତା, ମାନ୍ଦ୍ୟ ।

**Inadequacy**, *n.* ଅଯଥେଷ୍ଟତା, ଅପ୍ରାଚୁର୍ଯ୍ୟ ।

**Inadequate**, *a.* ଅଯଥେଷ୍ଟ, ଅପ୍ରଚୁର, ଅପର୍ଯ୍ୟାପ୍ତ, ନ୍ୟୂନ, ଅନୁପଯୁକ୍ତ, କମ୍ ।

**Inadequately**, *ad.* ଅଯଥେଷ୍ଟରୂପେ, ଅପ୍ରଚୁରଭାବେ ।

**Inadmissibility**, *n.* 1. ଅସ୍ୱୀକାର୍ଯ୍ୟତା; 2. ଅଗ୍ରାହ୍ୟତା, ଅଗ୍ରହଣୀୟତା ।

**Inadmissible**, *a.* 1. ଅସ୍ୱୀକାର୍ଯ୍ୟ; 2. ଅଗ୍ରାହ୍ୟ, ଅଗ୍ରହଣୀୟ ।

**Inadvertence, Inadvertency**, *n.* 1. ଅସାବଧାନତା; 2. ଅମନୋଯୋଗିତାର ଫଳ, ଭୁଲ, ତ୍ରୁଟି ।

**Inadvertent**, *a.* 1. ଅବିବେଚନାରେ କୃତ, ଅନଭିପ୍ରେତ, ଅସତର୍କ, ଅସାବଧାନ; 2. ଅମନୋଯୋଗୀ ।

**Inadvertently**, *ad.* ଅବିବେଚନାରେ, ଅନଭିପ୍ରେତରୂପେ, ଅସତର୍କରୂପେ, ଅସାବଧାନରେ, ଅମନୋଯୋଗିରୂପେ ।

**Inalienability, Inalienableness**, *n.* ହସ୍ତାନ୍ତରର ଅଯୋଗ୍ୟତା ।

**Inalienable**, *a.* ହସ୍ତାନ୍ତରର ଅଯୋଗ୍ୟ, ସ୍ୱତ୍ୱତ୍ୟାଗର ଅଯୋଗ୍ୟ, ଅନର୍ପଣୀୟ ।

**Inalienably**, *ad.* ସ୍ୱତ୍ୱତ୍ୟାଗର ନିଷେଧକରୂପେ, ଅନର୍ପଣୀୟରୂପେ ।

**Inalterable**, *a.* ଅପରିବର୍ତ୍ତନୀୟ ।

**Inalterably**, *ad.* ଅପରିବର୍ତ୍ତନୀୟରୂପେ, ଅଟଳରୂପେ ।

**Inamorata**, *n.* ପ୍ରଣୟିନୀ, ପ୍ରିୟା ।

**Inamorato**, *n.* ପ୍ରଣୟୀ, ପ୍ରିୟ ।

**Inane**, *a.* 1. ଶୂନ୍ୟ, ତୁଚ୍ଛ, ଅନର୍ଥକ, ଅସାର; 2. ବୁଦ୍ଧିହୀନ, ନିର୍ବୋଧ ।—*n.* ଶୂନ୍ୟ ସ୍ଥାନ, ଶକ୍ତି ଶୂନ୍ୟ ବସ୍ତୁ, ସାରଶୂନ୍ୟ ବସ୍ତୁ, ମହାଶୂନ୍ୟ । [ନିଷ୍ପନ୍ଦ ।

**Inanimate**, *a.* 1. ନିର୍ଜୀବ, ଅଜୀବ; 2. ନିସ୍ତେଜ,

**Inanition**, *n.* ଶୂନ୍ୟତା, ଖାଦ୍ୟାଭାବେ କ୍ଳାନ୍ତି ।

**Inanity**, *n.* 1. ଶୂନ୍ୟତା, ମାନସିକ ଶୂନ୍ୟତା, ମୂର୍ଖତା; 2. ଅସାର ବସ୍ତୁ ।

**Inappeasable**, *a.* ଅପ୍ରଶମନୀୟ ।

**Inapplicability**, *n.* ଅପ୍ରୟୋଜ୍ୟତା, ଅନୁପଯୁକ୍ତତା ।

**Inapplicable**, *a.* ଅପ୍ରୟୋଜ୍ୟ, ଅନୁପଯୁକ୍ତ । [ରୂପେ ।

**Inapplicably**, *ad.* ଅପ୍ରୟୋଜ୍ୟରୂପେ, ଅନୁପଯୁକ୍ତ-

**Inapposite**, *a.* ଅସଙ୍ଗତ, ଅନୁପଯୁକ୍ତ ।

**Inappositely**, *ad.* ଅସଙ୍ଗତରୂପେ ।

**Inappreciable**, *a.* ଅତ୍ୟଳ୍ପ, ଅବୋଧ୍ୟ ।

**Inapprehensible**, *a.* ଅନୁପଲଭ୍ୟ, ବୋଧାଗମ୍ୟ ।

**Inapproachable**, *a.* ଅଗମ୍ୟ ।

**Inappropriate**, *a.* ଅନୁପଯୁକ୍ତ, ଅସଙ୍ଗତ [ରୂପେ ।

**Inappropriately**, *ad.* ଅନୁପଯୁକ୍ତରୂପେ, ଅସଙ୍ଗତ-

**Inapt**, *a.* 1. ଅନାପ୍ତ, ଅପଟୁ; 2. ଅନୁପଯୁକ୍ତ ।

**Inaptitude**, *n.* 1. ଅପଟୁତା; 2. ଅନୁପଯୁକ୍ତତା ।

**Inarticulate**, *a.* 1. ଅସ୍ପଷ୍ଟରୂପେ ଉଚ୍ଚାରିତ, ଅବ୍ୟକ୍ତ, ଅସ୍ଫୁଟ; 2. ସନ୍ଧିହୀନ ।

**Inarticulately**, *ad.* 1. ଅସ୍ପଷ୍ଟରୂପେ, ଅସ୍ଫୁଟରୂପେ; 2. ସନ୍ଧିହୀନରୂପେ ।

**Inartificial**, *a.* 1. ବିନା ନିୟମରେ କୃତ; 2. ଅକୃତ୍ରିମ, ସରଳ ।

**Inartificially**, *ad.* ଅକୃତ୍ରିମରୂପେ, ସରଳଭାବେ ।

**Inasmuch**, *ad.* 1. ଏହା ଦେଖି କରି, ଯେକାରଣେ; 2. ସେ ପର୍ଯ୍ୟନ୍ତ ।

**Inattention**, *n.* 1. ଅମନୋଯୋଗ, ଅବହେଳା, ଅସାବଧାନତା; 2. ଅନାଦର ।

**Inattentive**, *a.* ଅମନୋଯୋଗୀ, ଅସାବଧାନ, ଅନବଧାନ, ଅବହେଳାକାରୀ ।

**Inattentively**, *ad.* ଅମନୋଯୋଗିରୂପେ, ଅସାବଧାନରୂପେ, ଅବହେଳାଭାବେ ।

**Inattentiveness**, *n.* ଅମନୋଯୋଗିତା ।

**Inaudibility, Inaudibleness**, *n.* ଅଶ୍ରବଣୀୟତା, ଅଶ୍ରାବ୍ୟତା ।

**Inaudible**, *a.* ଅଶ୍ରବଣୀୟ, ଅଶ୍ରାବ୍ୟ, କର୍ଣ୍ଣାଗୋଚର ।

**Inaudibly**, *ad.* ଅଶ୍ରବଣୀୟରୂପେ, ଅଶ୍ରାବ୍ୟରୂପେ ।

**Inaugural, Inauguratory**, *a.* ଅଭିଷେକବିଷୟକ, ପ୍ରତିଷ୍ଠାସମ୍ବନ୍ଧୀୟ ।

**Inaugurate**, *v.t.* 1. ପଦାଭିଷିକ୍ତ-କ, ପ୍ରତିଷ୍ଠା-କ; 2. ଆରମ୍ଭକରଣ । [ଅନନୁକୂଳ ।

**Inauspicious**, *a.* ଅଶୁଭ, ଅମଙ୍ଗଳକର, ଅମଙ୍ଗଳଜନକ,

**Inauspiciously**, *ad.* ଅଶୁଭରୂପେ, ଅମଙ୍ଗଳକରରୂପେ, ଅନନୁକୂଳରୂପେ । [ତ୍ପନ୍ନ ।

**Inborn, Inbred**, *a.* ଅନ୍ତର୍ଜାତ, ସ୍ୱାଭାବିକ, ସ୍ୱଭାବୋ-

**Incalculable**, *a.* ଅଗଣ୍ୟ, ଅଗଣନୀୟ, ଅସଂଖ୍ୟ, ଅପାର ।

**Incalculably**, *ad.* ଅଗଣନୀୟରୂପେ, ଅସଂଖ୍ୟରୂପେ ।

**Incandescence**, *n.* ଉତ୍ତାପରେ ଶୁଭ୍ରାବସ୍ଥା, ପ୍ରଜ୍ୱଳିତାବସ୍ଥା ।

**Incandescent**, *a.* ଉତ୍ତାପରେ ଶୁଭ୍ର, ପ୍ରଜ୍ୱଳିତ ।

**Incantation**, *n.* ମନ୍ତ୍ରୋଚ୍ଚାରଣ, ମନ୍ତ୍ର, ଯାଦୁ ।

**Incantatory**, *a.* ମନ୍ତ୍ରବ୍ୟବସାୟୀ, ମନ୍ତ୍ରଯୁକ୍ତ ।

**Incapability**, *n.* ଅପାରକତା, ଅସାମର୍ଥ୍ୟ, ଅକ୍ଷମତା ।

Incapable, *n.* 1. ଅପାରକ; 2. ଅସମର୍ଥ, ଅକ୍ଷମ; 3. ଅଯୋଗ୍ୟ ।—*n.* ଅପାରକ ଲୋକ, ମୂର୍ଖ, ମୋର ।
Incapably, *ad.* ଅପାରକରୂପେ, ଅସମର୍ଥରୂପେ, ଅକ୍ଷମରୂପେ ।
Incapacitate, *v.t.* 1. ଅପାରକ-କ, ଅକ୍ଷମ-କ; 2. ଅଯୋଗ୍ୟ-କ ।
Incapacitation, *n.* ଅକ୍ଷମକରଣ ।
Incapacity, *n.* ଅପାରକତା, ଅକ୍ଷମତା, ଅସାମର୍ଥ୍ୟ, ଅଯୋଗ୍ୟତା ।
Incarcerate, *v.t.* କାରାବଦ୍ଧ-କ, କଏଦ-କ ।
Incarceration, *n.* କାରାବଦ୍ଧକରଣ, କାରାବନ୍ଧ, କଏଦ ।
Incarnate, *v.t.* ଦେହବନ୍ତ-କ ।—*a.* ଦେହବନ୍ତ, ଅବତୀର୍ଣ୍ଣ ।
Incarnation, *n.* 1. ଶରୀରଧାରଣ; 2. ଅବତାର ।
Incase, *v.t.* ଖୋଳରେ ବନ୍ଦ-କ ।
Incaution, Incautiousness, *n.* ଅସାବଧାନତା ।
Incautious, *a.* ଅସାବଧାନ, ଅସତର୍କ, ଅବିବେଚକ ।
Incautiously, *ad.* ଅସାବଧାନରୂପେ, ଅସତର୍କରୂପେ, ଅବିବେଚକରୂପେ ।
Incendiarism, *n.* ଗୃହଦାହ, ଘରପୋଡ଼ା ଅପରାଧ ।
Incendiary, *n.* 1. ଗୃହଦାହକ, ଘରପୋଡ଼ାଅ; 2. ଗଣ୍ଡଗୋଳିଆ ଲୋକ ।—*a.* 1. ଗୃହଦାହସମ୍ବନ୍ଧୀୟ; 2. ବିଦ୍ରୋହୋତ୍ପାଦକ, ଗଣ୍ଡଗୋଳୋତ୍ପାଦକ ।
Incense, *n.* *in'-sens*, 1. ଧୂପ; 2. ଚାଟୁବାଦ ।—*v.t.* ଧୂପ-ଦେ ।
Incense, *v.t.* *in-sens'*, କୁପିତ-କ, ପ୍ରଜ୍ୱଳିତ-କ ।
Incentive, *a.* ପ୍ରବର୍ତ୍ତକ, ଉତ୍ତେଜକ, ଉତ୍ସାହଜନକ ।—*n.* ପ୍ରବର୍ତ୍ତନା, ପ୍ରବୃତ୍ତି, ଉତ୍ତେଜନ, ହେତୁ ।
Inception, *n.* ଆରମ୍ଭ, ଉପକ୍ରମ ।
Inceptive, *a.* ଆରମ୍ଭସମ୍ବନ୍ଧୀୟ, ଆରମ୍ଭସୂଚକ ।
Incertitude, *n.* ଅନିଶ୍ଚୟ, ସନ୍ଦିଗ୍ଧତା, ସନ୍ଦେହ ।
Incessant, *a.* ଅନବରତ, ଅବିରତ, ଅବିଶ୍ରାନ୍ତ, ନିରନ୍ତର, ନିତ୍ୟ, ସତତ । [ନିତ୍ୟ ।
Incessantly, *ad.* ଅନବରତରୂପେ, ଅବିଶ୍ରାନ୍ତଭାବେ,
Incest, *n.* ଅଗମ୍ୟାଗମନ, ଜ୍ଞାତସ୍ତ୍ରୀ ସଂସର୍ଗ ।
Incestuous, *a.* 1. ଅଗମ୍ୟାଗାମୀ, ଅଗମ୍ୟାଗମନରେ ଅପରାଧୀ, ଜ୍ଞାତସ୍ତ୍ରୀସଂସର୍ଗୀ; 2. ଅଗମ୍ୟାଗମନ ବିଷୟକ ।
Incestuously, *ad.* ଅଗମ୍ୟାଗାମୀରୂପେ ।
Inch, *n.* ଗଜସବର ପରିମାଣ, ଇଞ୍ଚ ।— By inches, ଅଳ୍ପେ ଅଳ୍ପେ, କ୍ରମଶଃ ।
Inchoate, *a.* ଉପକ୍ରାନ୍ତ, ଅସମ୍ପୂର୍ଣ୍ଣ ।
Inchoately, *ad.* ଉପକ୍ରାନ୍ତରୂପେ, ଅସମ୍ପୂର୍ଣ୍ଣରୂପେ ।
Inchoative, *a.* ଆରମ୍ଭସୂଚକ ।
Incidence, *n.* ପତନ, ପତନର ଦିଗ ।
Incident, *a.* 1. ପତନଶୀଳ; 2. ଘଟନୀୟ; 3. ଆନୁଷଙ୍ଗିକ ।—*n.* 1. ଆନୁଷଙ୍ଗିକ ବିଷୟ; 2. ଘଟନା ।
Incidental, *a.* 1. ଆକସ୍ମିକ; 2. ଆନୁଷଙ୍ଗିକ, ନୈମିତ୍ତିକ, ସମ୍ପର୍କୀୟ ।
Incidentally, *ad.* 1. ଆକସ୍ମିକରୂପେ, କଥା ଅବସ୍ଥାରେ; 2. ଆନୁଷଙ୍ଗିକରୂପେ ।
Incinerate, *v.t.* ଭସ୍ମୀଭୂତ-କ ।
Incineration, *n.* ଭସ୍ମୀକରଣ ।
Incipient, *a.* ଆରମ୍ଭକ, ପ୍ରାଥମିକ ।
Incise, *v.t.* 1. କର୍ତ୍ତନ-କ, କାଟିବା; 2. ଖୋଦିବା ଅଙ୍କନ-କ ।
Incision, Incisure, *n.* କର୍ତ୍ତନ, କଟା, କାଟ ।
Incisive, Incisory, *a.* କର୍ତ୍ତନକ୍ଷମ, ତୀକ୍ଷ୍ଣ ।
Incisor, *n.* ଛେଦକଦନ୍ତ, ସମ୍ମୁଖଦାନ୍ତ ।
Incitation, *n.* ପ୍ରବର୍ତ୍ତନା, ଉତ୍ତେଜନା ।
Incitative, *a.* ପ୍ରବର୍ତ୍ତକ, ଉତ୍ତେଜକ ।—*n.* ପ୍ରବର୍ତ୍ତନା, ଉତ୍ତେଜନ ।
Incite, *v.t.* ଉତ୍ତେଜିତ-କ, ଉସ୍କାଇବା, ପ୍ରବର୍ତ୍ତିତ-କ ।
Incitement, *n.* ପ୍ରବର୍ତ୍ତନା, ପ୍ରବୃତ୍ତି, ହେତୁ, ଉତ୍ତେଜନା ।
Incivil, *a.* ଅଶିଷ୍ଟ, ଅଭଦ୍ର ।
Incivility, *n.* 1. ଅଶିଷ୍ଟତା, ଅଭଦ୍ରତା; 2. ଅଶିଷ୍ଟାଚାର ।
Inclemency, *n.* 1. ନିଷ୍ଠୁରତା, ରୁକ୍ଷତା, ନିର୍ଦ୍ଦୟତା; 2. ଋତୁର କଠୋରତା, ପ୍ରଚଣ୍ଡତା ।
Inclement, *a.* 1. କଠୋର, ବତାସିଆ; 2. ନିଷ୍ଠୁର, କଠିନ, କର୍କଶ; 3. ପ୍ରତିକୂଳ, ଅନନୁକୂଳ ।
Inclemently, *ad.* କଠୋରରୂପେ, ନିଷ୍ଠୁରରୂପେ, ପ୍ରତିକୂଳରୂପେ ।
Inclinable, *a.* ନମନଶୀଳ, ଇଚ୍ଛୁକ ।
Inclination, *n.* 1. ନମନ; 2. ଢାଲୁ, ଗଡ଼ାଣି, ନୁଆଣ; 3. ପ୍ରବଣତା, ପ୍ରବୃତ୍ତି, ରୁଚି, ଇଚ୍ଛା; 4. ସ୍ନେହଭାବ; 5. କୋଣ ।
Incline, *v.i.* 1. ନଇଁବା, ନତ-ହେ, ଝୁଙ୍କିବା, ଢାଲୁ-ହେ; 2. ମୁଣ୍ଡ ନୁଆଁଇବା; 3. ଇଚ୍ଛୁକ-ହେ, ଚଳିବା ।—*v.t.* 1. ନତ-କ, ନୁଆଁଇବା; 2. ଢାଲୁ-କ; 3. ପ୍ରବୃତ୍ତ-କ ।—*n.* ଢାଲୁ ସ୍ଥାନ, ଗଡ଼ାଣି ସ୍ଥଳ ।
Inclined, *p.a.* 1. ପ୍ରବଣଶୀଳ, ଇଚ୍ଛୁକ; 2. ଢାଲୁଯୁକ୍ତ, ଗଡ଼ାଣିଆ ।
Inclose, *v.t.* 1. ବେଷ୍ଟନ-କ, ଘେରାଇବା; 2. ବନ୍ଦ-କ ।
Inclosure, *n.* 1. ବେଷ୍ଟନ; 2. ବେଷ୍ଟିତ ସ୍ଥାନ, ଘେର ସ୍ଥାନ; 3. ଆନୁଷଙ୍ଗିକ ସମ୍ବାଦ ।
Include, *v.t.* ଅନ୍ତର୍ଗତ-କ, ଅନ୍ତର୍ଭୂତ-କ, ଭୁକ୍ତ-କ, ସାମିଲ-କ ।
Includible, *a.* ଅନ୍ତର୍ଗତକରଣୀୟ, ଭୁକ୍ତବ୍ୟ ।
Inclusion, *n.* ଅନ୍ତର୍ଗତକରଣ, ଭୁକ୍ତକରଣ ।
Inclusive, *a.* 1. ଅନ୍ତର୍ଗତ, ଭୁକ୍ତ; 2. ଅନ୍ତର୍ଗତକାରୀ ।
Inclusively, *ad.* ସମେତ, ସୁଦ୍ଧା ।
Incogitable, *a.* ଅଚିନ୍ତନୀୟ ।
Incognito, Incog, *ad.* or *pred. a.* ଗୁପ୍ତଭାବେ, ଛଦ୍ମବେଶରେ, ଅପ୍ରକାଶ, ଅଲକ୍ଷିତ, ଛଦ୍ମବେଶବଶିଷ୍ଟ ।—*n.* ଅଲକ୍ଷିତ ଲୋକ, ଛଦ୍ମବେଶବଶିଷ୍ଟ ଲୋକ । *Fem.* Incognita.
Incognizable, Incognoscible, *a.* ଅପରିଜ୍ଞେୟ ।

Incognizance, *n.* ଅପରିଜ୍ଞାନ ।
Incognizant, *a.* ଅପରିଜ୍ଞାତ ।
Incoherence, Iucohercncy, *n.* 1. ଅସଂଲଗ୍ନତା; 2. ସଂଯୋଗାଭାବ, ଅସଙ୍ଗତ, ଅସମ୍ବନ୍ଧ ।
Incoherent, *a.* 1. ଅସଂଲଗ୍ନ, ଅମିଳିତ; 2. ଅସଙ୍ଗତ, ସମ୍ବନ୍ଧଶୂନ୍ୟ, ଅସ୍ପଷ୍ଟ; 3. ଅସଙ୍ଗତପ୍ରକାଶକ ।
Incoherently, *ad.* ଅସଙ୍ଗତରୂପେ, ଅସ୍ପଷ୍ଟରୂପେ ।
Incombustibility, *n.* ଅଦହନୀୟତା, ଅଦାହ୍ୟତା ।
Incombustible, *a.* ଅଦହନୀୟ, ଅଦାହ୍ୟ, ଅଜ୍ୱଳନୀୟ ।
Iucome, *n.* ଆୟ, ଉପାର୍ଜନ ।
Incoming, *a.* ଆସନ୍ତା ।—*n.* ଆଗମନ ।
Iucommensurability, *n.* ଅସମପରିମେୟତା ।
Incommensurable, *a.* ଅସମପରିମେୟ ।
Iucommensurate, *a.* 1. ଅସମପରିମେୟ ; 2. ଅଯଥେଷ୍ଟ, ଅପର୍ଯ୍ୟାପ୍ତ ।
Incommode, *v.t.* କଷ୍ଟ-ଦେ, ଦୁଃଖ-ଦେ । [ଯୁକ୍ତ ।
Incommodious, *a.* ଅପ୍ରଶସ୍ତ, ଅସୁବିଧାଜନକ, ଅନୁପ-
Incommunicability, Incommunicableness, *n.* 1. ଅଜ୍ଞାପନୀୟତା ; 2. ଅଦେୟତା, ଅନର୍ପଣୀୟତା ।
Incommunicable, *a.* 1. ଅଜ୍ଞାପନୀୟ, ଅକଥ୍ୟ, ଅପ୍ରକାଶ୍ୟ ; 2. ଅନର୍ପଣୀୟ, ଅଦେୟ ।
Incommunicative, *a.* ଜ୍ଞାପନକରଣରେ ଅନିଚ୍ଛୁକ, ଅଳ୍ପଭାଷୀ, ଆଳାପବିମୁଖ ।
Incommutable, *a.* ବିନିମୟର ଅଯୋଗ୍ୟ ।
Incomparable, *a.* ଅତୁଲ୍ୟ, ଅନୁପମ, ଅନୁପମେୟ ।
Incomparableness, *n.* ଅତୁଲ୍ୟତା, ଅନୁପମେୟତା ।
Incomparably, *ad.* ଅତୁଲ୍ୟରୂପେ, ଅନୁପମଭାବରେ, ସର୍ବାପେକ୍ଷା ।
Incompatibility, *n.* ଅସଙ୍ଗତ, ବିରୋଧ ।
Incompatible, *a.* ଅସଙ୍ଗତ, ଅମେଳ, ବିରୁଦ୍ଧ ।
Incompatibly, *ad.* ଅସଙ୍ଗତରୂପେ ।
Incompetence, Incompetency, *n.* 1. ଅପାରକତା, ଅକ୍ଷମତା ; 2. ଅଯୋଗ୍ୟତା ।
Incompetent, *a.* 1. ଅପାରକ, ଅକ୍ଷମ; 2. ଅଯୋଗ୍ୟ ।
Incompetently, *ad.* ଅପାରକରୂପେ, ଅକ୍ଷମରୂପେ ।
Incomplete, *a.* ଅସମ୍ପୂର୍ଣ୍ଣ, ଅସମାପ୍ତ, ଅପୂର୍ଣ୍ଣ ।
Incompletely, *ad.* ଅସମ୍ପୂର୍ଣ୍ଣରୂପେ ।
Incompleteness, Incompletion, *n.* ଅସମ୍ପୂର୍ଣ୍ଣତା, ଅପୂର୍ଣ୍ଣତା, ଅସମାପ୍ତି । [ତା ।
Incomprehensibility, *n.* ବୋଧାଗମ୍ୟତା, ଅଜ୍ଞେୟ-
Incomprehensible, *a.* ବୋଧାଗମ୍ୟ, ବୋଧାତୀତ, ଅଜ୍ଞେୟ ।
Incomprehensibly, *ad.* ବୋଧାଗମ୍ୟଭାବେ, ବୋଧାତୀତଭାବେ ।
Incomprehensive, *a.* ଅପ୍ରଶସ୍ତ ।
Incompressibility, *n.* ଅସଂକୋଚନୀୟତା ।
Incompressible, *a.* ଅସଂକୋଚନୀୟ ।
Inconceivable, *a.* ଅଚିନ୍ତ୍ୟ, ଅଚିନ୍ତନୀୟ, ବୋଧାଗମ୍ୟ ।

Inconceivableness, *n.* ଅଚିନ୍ତନୀୟତା, ବୋଧାଗମ୍ୟତା ।
Inconceivably, *ad.* ଅଚିନ୍ତନୀୟରୂପେ, ବୋଧାଗମ୍ୟରୂପେ, ବୋଧାତୀତରୂପେ ।
Inconclusive, *a.* ଅନିର୍ଣ୍ଣାୟକ, ଅନିଷ୍ଠାୟକ, ଅନିଶ୍ଚୟକର, ଅସିଦ୍ଧାନ୍ତ । [ରୂପେ ।
Inconclusively, *ad.* ଅନିର୍ଣ୍ଣାୟକରୂପେ, ଅନିଶ୍ଚୟକର-
Inconclusiveness, *n.* ଅନିର୍ଣ୍ଣାୟକତ୍ୱ, ଅନିଶ୍ଚୟକାରିତା
Incondensable, *a.* ଘନୀଭୂତ ହେବାର ଅଯୋଗ୍ୟ ।
Incongruity, *n.* 1. ଅସଙ୍ଗତତା, ଅନୁପଯୁକ୍ତତା, ଅସାମଞ୍ଜସ୍ୟ ; 2. ଅସଙ୍ଗତ ବିଷୟ ; 3. ଅପବ୍ୟବହାର ।
Incongruous, Incongruent, *a.* ଅସଙ୍ଗତ, ଅମେଳ, ଅନୁପଯୁକ୍ତ, ବିପରୀତ ।
Incongruously, *ad.* ଅସଙ୍ଗତରୂପେ, ଅନୁପଯୁକ୍ତରୂପେ ।
Inconsequence, *n.* 1. ସମ୍ପର୍କରାହିତ୍ୟ ; 2. ଯୁକ୍ତିର ଅଭାବ ; 3. ଅସିଦ୍ଧାନ୍ତ ।
Inconsequent, *a.* 1. ସମ୍ପର୍କରହିତ ; 2. ଅଯୌକ୍ତିକ, ଯୁକ୍ତିର ଅଭାବବିଶିଷ୍ଟ ।
Inconsequential, *a.* 1. ଅଯୌକ୍ତିକତାପୂର୍ଣ୍ଣ ; 2. ଅକିଞ୍ଚିତ୍କର ।
Inconsequentially, *ad.* ଯୁକ୍ତିହୀନରୂପେ ।
Inconsiderable, *a.* ଅବିଚାରଣୀୟ, ଲଘୁ, ଅଳ୍ପ, ଅକିଞ୍ଚିତ୍କର ।
Inconsiderably, *ad.* ଲଘୁପରିମାଣରେ, ଅତ୍ୟଳ୍ପରେ, ଅକିଞ୍ଚିତ୍କରରୂପେ ।
Inconsiderate, *a.* 1. ଅବିବେଚକ, ଅବିବେକୀ, ଅସାବଧାନ, ଅମନୋଯୋଗୀ ; 2. ବିବେଚନାରହିତ ।
Inconsiderately, *ad.* ଅବିବେଚନାପୂର୍ବକ, ଅବିବେକଭାବେ । [ଅସାବଧାନତା ।
Inconsiderateness, *n.* ଅବିବେଚକତା, ଅବିବେଚନା,
Inconsistence, Inconsistency, *n.* 1. ଆତ୍ମବିରୋଧ, ବ୍ୟବହାରରେ ଅସଙ୍ଗତତା, ଅସଙ୍ଗତ ; 2. ଅସଙ୍ଗତ ବିଷୟ ।
Inconsistent, *a.* 1. ଅସଙ୍ଗତ, ଅମେଳନୀୟ, ବିରୋଧୀ; 2. ବିଷମ, ଅସମ୍ଭବ, ଅସ୍ଥିର । [ଭାବେ ।
Inconsistently, *ad.* ଅସଙ୍ଗତରୂପେ, ଆତ୍ମବିରୋଧ-
Inconsolable, *a.* ଅସାନ୍ତ୍ୱନୀୟ, ଅପ୍ରବୋଧନୀୟ ।
Inconsolably, *ad.* ଅସାନ୍ତ୍ୱନୀୟରୂପେ, ଅପ୍ରବୋଧନୀୟଭାବେ ।
Inconsonant, *a.* ଅମିଳିତ, ଅସଙ୍ଗତ ।
Inconspicuous, *a.* ଅସୁପ୍ରକାଶ, ଅପ୍ରତ୍ୟକ୍ଷ, ସାମାନ୍ୟ ।
Inconspicuously, *ad.* ଅପ୍ରତ୍ୟକ୍ଷରୂପେ, ସାମାନ୍ୟଭାବେ ।
Inconstancy, *n.* ଅସ୍ଥିରତା, ଚଞ୍ଚଳତା, ଅସ୍ଥୈର୍ଯ୍ୟ ।
Inconstant, *a.* 1. ଅସ୍ଥିର, ଚଞ୍ଚଳ, ଅଦୃଢ ; 2. ପରିବର୍ତ୍ତନଶୀଳ ।
Inconstantly, *ad.* 1. ଅସ୍ଥିରଭାବେ, ଚଞ୍ଚଳଭାବେ ; 2. ପରିବର୍ତ୍ତନଶୀଳରୂପେ ।

Incontestable, *a.* ଅବିବାଦନୀୟ, ଅବିତର୍କଣୀୟ, ଅଖଣ୍ଡନୀୟ, ସୁନିଶ୍ଚିତ ।

Incontestably, *ad.* ନିର୍ବିବାଦରେ, ଅଖଣ୍ଡନୀୟରୂପେ ।

Incontinence, Incontinency, *n.* 1. ଅସଂଯମ, ଅଜିତେନ୍ଦ୍ରିୟତା, ଲମ୍ପଟ୍ୟ; 2. ପରିସ୍ରାବ ନିବାରଣରେ ଅକ୍ଷମତା ।

Incontinent, *a.* 1. ଅସଂଯତ, ଅଜିତେନ୍ଦ୍ରିୟ, ଲମ୍ପଟ, କାମୁକ; 2. ପରିସ୍ରାବ ନିବାରଣରେ ଅକ୍ଷମ ।

Incontinently, *ad.* 1. ଅଜିତେନ୍ଦ୍ରିୟରୂପେ, ଲମ୍ପଟଭାବେ; 2. ଅବିଳମ୍ବେ, ହଠାତ୍ ।

Incontrovertibility, *n.* ଅବିବାଦନୀୟତା, ଅଖଣ୍ଡନୀୟତା ।

Incontrovertible, *a.* ଅବିବାଦନୀୟ, ଅବିତର୍କଣୀୟ, ଅଖଣ୍ଡନୀୟ ।

Incontrovertibly, *ad.* ନିର୍ବିବାଦରେ, ଅଖଣ୍ଡନୀୟରୂପେ ।

Inconvenience, *n.* 1. ଅସୁବିଧା, ବାଧା, କଷ୍ଟ, ଅପକାର; 2. ଅନୁପଯୋଗିତା ।—*v.t.* ଅସୁବିଧାରେ ପକାଇବା, କଷ୍ଟ-ଦେ ।

Inconvenient, *a.* 1. ଅସୁବିଧାଜନକ, ବାଧାଜନକ, କଷ୍ଟକର, ଅପକାରକ; 2. ଅନୁପଯୋଗୀ ।

Inconveniently, *ad.* ଅସୁବିଧାଜନକରୂପେ, ବାଧାଜନକରୂପେ, କଷ୍ଟକରଭାବେ, ଅସାମୟିକରୂପେ ।

Inconvertibility, *n.* ଅବଦଳନୀୟତା, ବିନିମୟର ଅଯୋଗ୍ୟତା ।

Inconvertible, *a.* ଅବଦଳନୀୟ, ବିନିମୟର ଅଯୋଗ୍ୟ ।

Inconvincible, *a.* ଅପ୍ରବୋଧନୀୟ ।

Incorporate, *v.t.* 1. ମିଶ୍ରିତ-କର, ମିଳାଇବା, ଏକଦଳଭୁକ୍ତ-କର, ସାମିଲ-କର; 2. ସମିତି-କର ।—*v.i.* ମିଶ୍ରିତ-ହେ, ମିଳିତ-ହେ ।—(1) *a.* ମିଶ୍ରିତ, ମିଳିତ, ଏକଦଳଭୁକ୍ତ ।

Incorporate, (2) *a.* 1. ଅଭୌତିକ, ଅଶରୀରୀ; 2. ସମାଜରେ ଅଭୁକ୍ତ ।

Incorporation, *n.* 1. ଏକଦଳଭୁକ୍ତକରଣ, ସମାଜଭୁକ୍ତକରଣ; 2. ସମିତି, ସମାଜ; 3. ମିଶ୍ରଣ ।

Incorporeal, *a.* ଅଭୌତିକ, ଅଶରୀରୀ, ନିରବୟବ ।

Incorporeally, *ad.* ଅଭୌତିକରୂପେ, ଅଶରୀରରୂପେ ।

Incorporeality, Incorporeity, *n.* ଅଭୌତିକତା, ଅଶରୀରତ୍ୱ ।

Incorrect, *a.* ଭୁଲ, ଅଶୁଦ୍ଧ, ଅଠିକ, ଭ୍ରମଯୁକ୍ତ, ସଦୋଷ, ଅସତ୍ୟ ।

Incorrectly, *ad.* ଅଶୁଦ୍ଧରୂପେ, ଅଠିକରୂପେ, ଅଯଥାର୍ଥରୂପେ ।

Incorrectness, *n.* ଅଶୁଦ୍ଧତା, ଅଯଥାର୍ଥତା, ଭ୍ରମଯୁକ୍ତତା ।

Incorrigible, *a.* ଅସଂଶୋଧନୀୟ, ଅବାଧ୍ୟ, ଅଦମନୀୟ, ଅତି ଅଧମ ।

Incorrigibleness, Incorrigibility, *n.* ଅସଂଶୋଧନୀୟତା, ଅବାଧ୍ୟତା, ଅତି ଅଧମତା ।

Incorrigibly, *ad.* ଅସଂଶୋଧନୀୟରୂପେ, ଅବାଧ୍ୟରୂପେ ।

Incorrodible, *a.* ଅକ୍ଷୟଣୀୟ ।

Incorrupt, *a.* 1. ଅବିକୃତ, ଅଦୂଷିତ, ଅପଚ; 2. ଅଭ୍ରଷ୍ଟ, ସତ୍, ଯଥାର୍ଥ, ଲାଞ୍ଚର ପ୍ରଲୋଭନରୁ ମୁକ୍ତ ।

Incorruptibility, *n.* 1. ଅକ୍ଷୟତା, ଅପଚନୀୟତା, ଅବିନାଶ୍ୟତା; 2. ଯାଥାର୍ଥିକତା, ଲାଞ୍ଚଦୋଷରହିତତ୍ୱ ।

Incorruptible, *a.* 1. ଅକ୍ଷୟ, ଅପଚନୀୟ, ଅଜର, ଅବିନାଶ୍ୟ; 2. ଲାଞ୍ଚଦୋଷରହିତ, ନ୍ୟାୟବାନ୍ ।

Incorruptibly, *ad.* 1. ଅକ୍ଷୟରୂପେ, ଅପଚନୀୟରୂପେ; 2. ନ୍ୟାୟବାନ୍‌ରୂପେ ।

Incorruption, *n.* ଅକ୍ଷୟତା, ଅବିକାର ।

Incrassate, *v.t.* ଘନୀଭୂତ-କର, ଗାଢ଼-କର ।—*v.i.* ଘନୀଭୂତ-ହେ, ଗାଢ଼-ହେ ।

Increasable, *a.* ବର୍ଦ୍ଧନୀୟ ।

Increase, *v.i.* *in-kres'*, 1. ବଢ଼ିବା, ବୃଦ୍ଧି-ହେ, ଅଧିକ-ହେ; 2. ବହୁବଂଶ-ହେ ।—*v.t.* ବଢ଼ାଇବା, ବୃଦ୍ଧି-କର, ଅଧିକ-କର ।—*n.* *in'-krēs*, 1. ବୃଦ୍ଧି, ବର୍ଦ୍ଧନ, ଆଧିକ୍ୟ; 2. ଲାଭ, କ୍ଷେତର ଉତ୍ପନ୍ନ, ଫସଲ, ସନ୍ତାନସନ୍ତତି ।

Increasingly, *ad.* ଅଧିକରୂପେ, ଅଧିକ ୨ ।

Incredibility, *n.* 1. ଅବିଶ୍ୱାସ୍ୟତା, ପ୍ରତ୍ୟୟାତୀତତା; 2. ଅସମ୍ଭାବନା ।

Incredible, *a.* ଅବିଶ୍ୱାସ୍ୟ, ଅବିଶ୍ୱସନୀୟ, ପ୍ରତ୍ୟୟାତୀତ, ଅସମ୍ଭବ ।

Incredibly, *ad.* ଅବିଶ୍ୱାସ୍ୟଭାବେ, ପ୍ରତ୍ୟୟାତୀତଭାବେ, ଅସମ୍ଭବରୂପେ ।

Incredulity, *n.* ଅବିଶ୍ୱାସଶୀଳତା, ଅବିଶ୍ୱାସ, ଅପ୍ରତ୍ୟୟ ।

Incredulous, *a.* 1. ଅବିଶ୍ୱାସଶୀଳ, ଅବିଶ୍ୱାସୀ, ଅପ୍ରତ୍ୟୟୀ; 2. ଅବିଶ୍ୱାସସୂଚକ ।

Incredulously, *ad.* ଅବିଶ୍ୱାସପୂର୍ବକ ।

Incremate, *v.t.* ଦଗ୍ଧ-କର ।

Incremation, *n.* ଦଗ୍ଧକରଣ, ଦାହ ।

Increment, *n.* 1. ବୃଦ୍ଧିକରଣ; 2. ବୃଦ୍ଧି, ବର୍ଦ୍ଧନ ।

Increscent, *a.* ବର୍ଦ୍ଧନଶୀଳ, ବର୍ଦ୍ଧମାନ ।

Incriminate, *v.t.* ଦୋଷାରୋପ-କର, ଦୋଷାର୍ପଣ-କର, ଦୋଷୀ-କର, ଅପରାଧୀ ବୋଲି ପ୍ରକାଶ-କର ।

Incrimination, *n.* ଦୋଷାରୋପ, ଦୋଷାର୍ପଣ ।

Incrust, *v.t.* 1. ପରତାବୃତ-କର, ପରତଯୁକ୍ତ-କର; 2. ମଢ଼ାଇବା, ଜଡ଼ାଇବା ।

Incrustation, *n.* 1. ପରତାବୃତକରଣ, ପରତାବୃତାବସ୍ଥା; 2. ପରତ; 3. ଶୋଭିତକରଣାର୍ଥେ ମଢ଼ାଇବା ଦ୍ରବ୍ୟ ବିଶେଷ ।

Incubate, *v.i.* 1. ଡିମ୍ବ ଉପରେ ବସିବା, ଡିମ୍ବ ଉଷ୍ମାଇବା, ଡିମ୍ବ ଫୁଟାଇବା; 2. ମନ୍ତ୍ରଣା-କର ।

Incubation, *n.* 1. ଡିମ୍ବପୋଷଣ; 2. ମନ୍ତ୍ରଣା; 3. ସଂକ୍ରାମକ ରୋଗର ଆକ୍ରମଣ ଓ ଦୃଷ୍ଟ ହେବାର ମଧ୍ୟବର୍ତ୍ତୀ ସମୟ ।

Incubative, *a.* 1. ଡିମ୍ବପୋଷଣସମ୍ବନ୍ଧୀୟ; 2. ମନ୍ତ୍ରଣାବିଷୟକ ।

Incubator, *n.* ତାପ ଦ୍ୱାରା ଡିମ୍ବ ଫୁଟାଇବା ଯନ୍ତ୍ରବିଶେଷ ।

Incubus, *n.* (*pl.* Incubuses, and Incubi), 1. କଳ୍ପିତ ଅସୁର ବିଶେଷ; 2. ଦୁଃସ୍ୱପ୍ନ, କୁସ୍ୱପ୍ନ; 3. ଭାର ।

Inculcate, *v.t.* ଦୃଢ଼ରୂପେ ଶିଖାଇବା, ବାରମ୍ବାର ଶିକ୍ଷା ଦେଇ ଅଙ୍କିତ-କର, ଶିଖାଇବା; ମନରେ ଅଙ୍କିତ-କର ।

**Inculcation**, *n.* ବାରମ୍ବାର ଶିକ୍ଷାଦାନ, ପୁନଃ୨ ଶିକ୍ଷା ଦେଇ ଅଙ୍କିତକରଣ, ଶିକ୍ଷା ।

**Inculpate**, *v.t.* ଦୋଷୀ ବୋଲି ଦର୍ଶାଇବା, ଦୋଷାରୋପ-କ, ଅପରାଧୀ-କ ।

**Inculpation**, *n.* ଦୋଷାରୋପ, ଦୋଷାର୍ପଣ ।

**Inculpatory**, *a.* ଦୋଷାରୋପକ, ଦୋଷାର୍ପକ ।

**Incumbency**, *n.* 1. ଦାୟିତ୍ୱଯୁକ୍ତାବସ୍ଥା, ଦାୟିତ୍ୱ, ଭାର ; 2. ପଦାଧିକାର, କାର୍ଯ୍ୟଭାରର ସମୟ, ଧର୍ମାର୍ଥେ ବୃତ୍ତିଭୋଗ ।

**Incumbent**, *a.* 1. ଉପରିସ୍ଥିତ; 2. ଦାୟିତ୍ୱଯୁକ୍ତ, ଅବଶ୍ୟକରଣୀୟ, କର୍ତ୍ତବ୍ୟ ।—*n.* ପଦାଧାରୀ ଲୋକ, ଧର୍ମାର୍ଥେ ବୃତ୍ତିଭୋଗୀ ଲୋକ ।

**Incumbrance**, see Encumbrance. [ଇବା ।

**Incur**, *v.t.* ଆପଣା ଉପରେ ଆଣିବା, ଗ୍ରସ୍ତ-କ, ଘଟା-

**Incurability**, **Incurableness**, *n.* ଅପ୍ରତିକାର୍ଯ୍ୟତା, ଅଚିକିତ୍ସ୍ୟତା, ନିରୁପାୟତା, ଅସାଧ୍ୟତା ।

**Incurable**, *a.* ଅପ୍ରତିକାର୍ଯ୍ୟ, ଅଚିକିତ୍ସ୍ୟ, ନିରୁପାୟ, ଅସାଧ୍ୟ । [ନିରୁପାୟଭାବେ ।

**Incurably**, *ad.* ଅପ୍ରତିକାର୍ଯ୍ୟଭାବେ, ଅଚିକିତ୍ସ୍ୟଭାବେ,

**Incurious**, *a.* ଅନନୁସନ୍ଧାନୀ, ଅନୁତ୍ସୁକ, ଉଦାସୀନ ।

**Incuriously**, *ad.* ଅନନୁସନ୍ଧାନରୂପେ, ଅନୁତ୍ସୁକରୂପେ, ଉଦାସୀନଭାବେ ।

**Incursion**, *n.* ଆକ୍ରମଣ, ଚଢାଉ ।

**Incursive**, *a.* ଆକ୍ରମଣକାରୀ, ଧସ୍ତପର ।

**Incurvate**, **Incurve**, *v.t.* ବକ୍ର-କ, ବଙ୍କା-କ, କୁଅଁ-ଇବା ।—*a.* ଉପର ବା ଭିତର ଆଡକୁ ବଙ୍କା, ବଙ୍କ କୁଅଁ । [ଭାଗ ।

**Incurvation**, *n.* 1. ବକ୍ରକରଣ, ବକ୍ରତା ; 2. ବଙ୍କା

**Incurvature**, *n.* ବକ୍ରତା ।

**Incurvity**, *n.* ଭିତର ଆଡକୁ ବକ୍ରାବସ୍ଥା । [ହାଡ ।

**Incus**, *n.* (ନେହାଇ), ନେହାଇ ପର ଭିତର କାନର

**Indebted**, *a.* 1. ଋଣୀ, ଋଣଗ୍ରସ୍ତ, ଧାରୁଆ ; 2. ବାଧିତ, ଦାୟୀ ।

**Indebtedness**, *n.* 1. ଋଣିର ଦଶା, ଋଣଗ୍ରସ୍ତତା, ଧାରୁଆ ଅବସ୍ଥା ; 2. ବାଧିତ ଅବସ୍ଥା, ଦାୟୀ ଅବସ୍ଥା ।

**Indecency**, *n.* 1. ଅନୁଚିତତା, ଅଶିଷ୍ଟତା, ଅଶ୍ଳୀଳତା, ଅଶୁଚିତା, ନିର୍ଲଜ୍ଜତା ; 2. ଅଶୁଚି ଲୋକ, ଅଶ୍ଳୀଳ କଥା ।

**Indecent**, *a* 1. ଅନୁଚିତ, ଅନୁପଯୁକ୍ତ, ଅଶିଷ୍ଟ, ଅଭଦ୍ର; 2. ଅଶ୍ଳୀଳ, ଅଶୁଚି, ଲଜ୍ଜାକର ।

**Indecently**, *ad.* ଅଶିଷ୍ଟଭାବେ, ଅଶ୍ଳୀଳଭାବେ, ଅଶୁଚିଭାବେ, ନିର୍ଲଜ୍ଜଭାବେ ।

**Indecipherable**, *a.* ଅର୍ଥ ଅପ୍ରକାଶନୀୟ ।

**Indecision**, *n.* ଅସ୍ଥିରତା, ଅସ୍ଥୈର୍ଯ୍ୟ, ଚଞ୍ଚଳଚିତ୍ତତା; ଅସ୍ଥିରମନସ୍କତା ।

**Indecisive**, *a.* 1. ଅନିର୍ଣ୍ଣାୟକ, ଅନିଷ୍ପତ୍ତିକାରୀ, ଅନିଶ୍ଚାୟକ ; 2. ଅସ୍ଥିରମନା, ଚଞ୍ଚଳ ।

**Indecisively**, *ad.* 1. ଅନିର୍ଣ୍ଣାୟକରୂପେ, ଅନିଷ୍ପତ୍ତିକାରୀରୂପେ ; 2. ଅସ୍ଥିରଭାବେ, ଚଞ୍ଚଳଚିତ୍ତରେ ।

**Indeclinable**, *a.* ଅନମ୍ରାପ୍ୟ, ଅପରିବର୍ତ୍ତନୀୟ, ଅବ୍ୟୟ ।

**Indecomposable**, *a.* ଅପଚନୀୟ ।

**Indecorous**, *a.* ଅନୁଚିତ, ଅଭଦ୍ର, ଅଶିଷ୍ଟ, ଭଦ୍ରତା-ବିରୁଦ୍ଧ ।

**Indecorously**, *ad.* ଅନୁଚିତରୂପେ, ଅଭଦ୍ରରୂପେ, ଅଶିଷ୍ଟରୂପେ । [ତା ।

**Indecorousness**, *n.* ଅନୁଚିତତା, ଅଭଦ୍ରତା, ଅଶିଷ୍ଟ-

**Indecorum**, *n.* ଅଭଦ୍ର ବ୍ୟବହାର, ଅଶିଷ୍ଟାଚାର, ବ୍ୟବହାରର ଅନୁଚିତତା, ଅନୁପଯୁକ୍ତ ଆଚରଣ ।

**Indeed**, *ad.* 1. ପ୍ରକୃତରୂପେ, ବାସ୍ତବରୂପେ, ନିତାନ୍ତରୂପେ; 2. ସୁଦ୍ଧା, (ହେଲେ)ହେଁ; 3. ବସ୍ତୁତଃ, ଫଳତଃ; 4. ସତ୍ୟ, ପ୍ରମାଣ ; 5. ସତେ ?

**Indefatigable**, *a.* ଅକ୍ଲାନ୍ତ, ଅଶ୍ରାନ୍ତ, ବହୁଶ୍ରମକ୍ଷମ ।

**Indefatigably**, *ad.* ଅକ୍ଲାନ୍ତରୂପେ, ଅଶ୍ରାନ୍ତରୂପେ, ଅତିଯତ୍ନପୂର୍ବକ ।

**Indefeasibility**, *n.* ଅବାଧ୍ୟତା, ଅଖଣ୍ଡନୀୟତା, ଅଲୋପନୀୟତା ।

**Indefeasible**, *a.* ଅବାଧ୍ୟ, ଅଖଣ୍ଡନୀୟ, ଅନନ୍ୟଥାଯୋଗ୍ୟ, ଅଲୋପନୀୟ ।

**Indefeasibly**, *ad.* ଅବାଧ୍ୟଭାବେ, ଅଖଣ୍ଡନୀୟରୂପେ ।

**Indefensible**, *a.* 1. ଅରକ୍ଷଣୀୟ ; 2. ଅସମର୍ଥନୀୟ, ଅପ୍ରତିପାଦନୀୟ ।

**Indefensibly**, *ad.* 1. ଅରକ୍ଷଣୀୟରୂପେ; 2. ଅସମର୍ଥନୀୟରୂପେ ।

**Indefinable**, *a.* ଅନିର୍ଦ୍ଦେଶ୍ୟ, ଅବର୍ଣ୍ଣନୀୟ ।

**Indefinably**, *ad.* ଅନିର୍ଦ୍ଦେଶ୍ୟରୂପେ, ଅବର୍ଣ୍ଣନୀୟରୂପେ ।

**Indefinite**, *a.* ଅନିର୍ଣ୍ଣୀତ, ଅନିୟମିତ, ଅନିର୍ଦ୍ଦିଷ୍ଟ, ଅନିରୂପିତ, ଅନିଶ୍ଚିତ, ଅସ୍ପଷ୍ଟ ।

**Indefinitely**, *ad.* ଅନିର୍ଣ୍ଣୀତରୂପେ, ଅନିଶ୍ଚିତରୂପେ, ଅସ୍ପଷ୍ଟରୂପେ ।

**Indefiniteness**, *n.* ଅନିର୍ଣ୍ଣୀତତା, ଅନିର୍ଦ୍ଦିଷ୍ଟତା, ଅନିଶ୍ଚିତତା, ଅସ୍ପଷ୍ଟତା ।

**Indelibility**, **Indelibleness**, *n.* ଅଲୋପ୍ୟତା, ଅମୋଚନୀୟତା, ଅନାଶ୍ୟତା ।

**Indelible**, *a.* ଅଲୋପ୍ୟ, ଅମୋଚନୀୟ, ଅନାଶ୍ୟ ।

**Indelibly**, *ad.* ଅଲୋପ୍ୟରୂପେ, ଅମୋଚନୀୟରୂପେ, ଅନାଶ୍ୟରୂପେ ।

**Indelicacy**, *n.* ଅଶିଷ୍ଟତା, ଅସୁଶୀଳତା, ଅସଭ୍ୟତା, ଅଳ୍ପ ନିର୍ଲଜ୍ଜତା, ଅଳ୍ପ ଅଶୁଚିତା ।

**Indelicate**, *a.* ଅଶିଷ୍ଟ, ଅସୁଶୀଳ, ଅସଭ୍ୟ, ଅଳ୍ପ ନିର୍ଲଜ୍ଜ, ଅଳ୍ପ ଅଶୁଚି ।

**Indelicately**, *ad.* ଅଶିଷ୍ଟରୂପେ, ଅସୁଶୀଳରୂପେ, ଅସଭ୍ୟରୂପେ, ଅଳ୍ପ ଅଶୁଚିରୂପେ ।

**Indemnification**, *n.* କ୍ଷତିପୂରଣ, କ୍ଷତିପରିଶୋଧ ।

**Indemnify**, *v.t.* 1. କ୍ଷତିରୁ ରକ୍ଷା-କ, ଦଣ୍ଡରୁ ରକ୍ଷା-କ; 2. କ୍ଷତିପୂରଣ-କ ।

**Indemnity**, *n.* 1. କ୍ଷତି ବା ଦଣ୍ଡରୁ ରକ୍ଷା କରିବା ପ୍ରତିଜ୍ଞା; 2. କ୍ଷତିପୂରଣ ।

**Indent,** *v.t.* 1. ଖାଞ୍ଜ-କ, କରତଦାନ୍ତ ପରି ଘର କାଟିବା; 2. ନିୟମପତ୍ର ଦ୍ୱାରା ଆବଦ୍ଧ-କ ।—*n.* 1. ଖାଞ୍ଜ, କରତ ଦାନ୍ତପରି କଟା ଘର, ଦାନ୍ତ; 2. ନିୟମପତ୍ର ବିଶେଷ ; 3. (in India) ସୈନ୍ୟର ରସଦ ଯୋଗାଇବା କର୍ମଚାରୀ ନିକଟକୁ ପ୍ରେରିତ ଆଜ୍ଞାପତ୍ର ।

**Indentation,** *n.* ଖାଞ୍ଜକରଣ, ଖାଞ୍ଜ, କରତ ଦାନ୍ତପରି କଟା ଘର । [ଯୁକ୍ତ ।

**Indented,** *a.* ଖାଞ୍ଜଯୁକ୍ତ, କରତ ଦାନ୍ତପରି କଟା ଘର-

**Indenture,** *n.* 1. ଖାଞ୍ଜକରଣ, ଖାଞ୍ଜ ; 2. ଦୋହରା ନକଲର ନିୟମପତ୍ର ।—*v.t.* ନିୟମପତ୍ର ଦ୍ୱାରା ଆବଦ୍ଧ-କ ।

**Independence,** *n.* 1. ସ୍ୱାଧୀନତା, ଅନଧୀନତା, ସ୍ୱବଶତା, ସ୍ୱାତନ୍ତ୍ର୍ୟ; 2. ଅନିର୍ଭରତା, ସ୍ୱାଧୀନଭାବ ; 3. ଚଳିବା ନିମନ୍ତେ ଯଥେଷ୍ଟ ସମ୍ପତ୍ତି ବା ଧନ ।

**Independent,** *a.* 1. ସ୍ୱାଧୀନ, ଅନଧୀନ, ସ୍ୱବଶ, ସ୍ୱତନ୍ତ୍ର; 2. ସ୍ୱାଧୀନଭାବରୁ ଜାତ, ଅନିର୍ଭରତାସୂଚକ ; 3. ସ୍ୱାଧୀନବାଦୀ, ଚଳିବା ନିମନ୍ତେ ଯଥେଷ୍ଟ ସମ୍ପତ୍ତିବିଶିଷ୍ଟ ; 4. ବ୍ୟତିରିକ୍ତ; 5. ସ୍ୱାଧୀନ ଖ୍ରୀଷ୍ଟୀୟ ମଣ୍ଡଳୀର ବିଶେଷ ଦଳସ୍ଥ ।—*n.* 1. ସ୍ୱାଧୀନ ବ୍ୟକ୍ତି, ସ୍ୱାଧୀନ ଭାବପ୍ରକାଶକ ଲୋକ ; 2. ପ୍ରତ୍ୟେକ ଖ୍ରୀଷ୍ଟୀୟ ସମାଜ ସ୍ୱାଧୀନ ମଣ୍ଡଳୀ ଅଟେ ବୋଲି ଯେ ସମର୍ଥନ କରେ ; 3. ସ୍ୱାଧୀନ ଖ୍ରୀଷ୍ଟୀୟ ମଣ୍ଡଳୀର ଏକ ବିଶେଷଦଳସ୍ଥ ଲୋକ ।

**Independently,** *ad.* 1. ସ୍ୱାଧୀନଭାବେ, ଅନଧୀନରୂପେ ; 2. କହା, ଡାହା ଲଜ୍ଜା, ବ୍ୟକ୍ତରେବେ; 3. ପ୍ରବର୍ତ୍ତନା କହା ।

**Indescribable,** *a.* ଅବର୍ଣ୍ଣନୀୟ, ଅକଥନୀୟ । [ରୂପେ ।

**Indescribably,** *ad.* ଅବର୍ଣ୍ଣନୀୟରୂପେ, ଅକଥନୀୟ-

**Indestructible,** *a.* ଅବିନାଶ୍ୟ, ଅନାଶ୍ୟ, ଅଜର ।

**Indestructibly,** *ad.* ଅବିନାଶ୍ୟରୂପେ, ଅନାଶ୍ୟରୂପେ, ଅଜରଭାବେ ।

**Indeterminable,** *a.* ଅନିର୍ଦ୍ଧାରଣୀୟ, ଅନିର୍ଣ୍ଣେୟ ।

**Indeterminably,** *ad.* ଅନିର୍ଦ୍ଧାରଣୀୟରୂପେ, ଅନିର୍ଣ୍ଣେୟରୂପେ । [ଅନିର୍ଦ୍ଦିଷ୍ଟ ।

**Indeterminate,** *a.* ଅନିର୍ଦ୍ଧାରିତ, ଅନିର୍ଣ୍ଣୀତ, ଅନିଶ୍ଚିତ,

**Indeterminately,** *ad.* ଅନିର୍ଦ୍ଧାରିତରୂପେ, ଅନିର୍ଣ୍ଣୀତରୂପେ, ଅନିଶ୍ଚିତରୂପେ ।

**Indetermination,** *n.* ଅସ୍ଥିରତା, ମନର ଚଞ୍ଚଳତା ।

**Indevout,** *a.* ଭକ୍ତିହୀନ ।

**Index,** *n.* (*pl.* Indexes or Indices), 1. ପ୍ରଦର୍ଶକ ଚିହ୍ନ, ଯଥା, ☞, ତର୍ଜ୍ଜନୀ ଅଙ୍ଗୁଳି, ଘଡ଼ିର କଣ୍ଟା ; 2. ପ୍ରକାଶ ; 3. ନିର୍ଘଣ୍ଟ, ସୂଚିପତ୍ର ।—*v.t.* 1. ନିର୍ଘଣ୍ଟଯୁକ୍ତ-କ; 2. ନିର୍ଘଣ୍ଟଭୁକ୍ତ-କ ।

**Indexterity,** *n.* ଅଦକ୍ଷତା, ଅପଟୁତା ।

**Indian,** *a.* 1. ଭାରତବର୍ଷୀୟ, ଭାରତୀୟ, ହିନ୍ଦୁସ୍ଥାନସମ୍ବନ୍ଧୀୟ ; 2. ଆମେରିକାର ଆଦିମ ନିବାସିସମ୍ବନ୍ଧୀୟ; 3. ମକାରେ ପ୍ରସ୍ତୁତ ।—Indian Corn, ମକା, ବୁଟା । Indian file, ଧାଡ଼ିକ୍ରମେ ଅଗପଛ ହୋଇ ଯିବା ଧାର ।—*n.* 1. ଭାରତବର୍ଷୀୟ ଲୋକ, ଭାରତୀୟ ଲୋକ ; 2. ଆମେରିକାର ଆଦିମ ନିବାସୀ ।

**India-paper,** *n.* ଛାପା କାମରେ ବ୍ୟବହୃତ ସୂକ୍ଷ୍ମ କାଗଜ ।

**India-rubber,** *n.* ରବର ।

**Indicant,** *a.* ପ୍ରଦର୍ଶକ, ପ୍ରକାଶକ ।

**Indicate,** *v.t.* 1. ପ୍ରକାଶ-କ, ଦେଖାଇବା, ଜଣାଇବା; 2. ସୂଚନା-କ; 3. ଚିହ୍ନାଇବା ।

**Indication,** *n.* 1. ପ୍ରକାଶକରଣ, ପ୍ରଦର୍ଶନ; 2. ଚିହ୍ନ, ଲକ୍ଷଣ, ସୂଚନା ।

**Indicative,** *a.* ପ୍ରକାଶକ, ପ୍ରକାଶବାଚୀ, ପ୍ରଦର୍ଶକ, ସୂଚକ, ଜ୍ଞାପକ, ବୋଧକ ।—*n.* କର୍ତ୍ତୃବାଚ୍ୟ ।

**Indicatively,** *ad.* ପ୍ରକାଶକରୂପେ, ସୂଚକରୂପେ ।

**Indicator,** *n.* ଯେ ବା ଯାହା ଦେଖାଏ, ପ୍ରଦର୍ଶକ ଯନ୍ତ୍ର ।

**Indicatory,** *a.* ପ୍ରକାଶବାଚୀ, ଜ୍ଞାପକ ।

**Indict,** *v.t. in-dit'*, ଅଭିଯୋଗ-କ, ଅଭିଯୋଗଯୋଗ୍ୟ ବୋଲି ପ୍ରକାଶ-କ ।

**Indictable,** *a.* ଅଭିଯୋଗଯୋଗ୍ୟ ।

**Indiction,** *n.* ରୋମ ସମ୍ରାଟମାନଙ୍କ ଦ୍ୱାରା ସ୍ଥାପିତ ପନ୍ଦର ବର୍ଷର କାଳଚକ୍ର ବିଶେଷ ।

**Indictment,** *n.* ଅଭିଯୋଗ, ଅଭିଯୋଗ ପତ୍ର ।

**Indifference,** *n.* 1. ଅପକ୍ଷପାତତା ; 2. ନିଶ୍ଚିନ୍ତତା, ହେଳା, ସାମାନ୍ୟତା, ଅମନୋଯୋଗ, ଔଦାସ୍ୟ ; 3. ମଧ୍ୟମାବସ୍ଥା ।

**Indifferent,** *a.* 1. ଅପକ୍ଷପାତୀ; 2. ଉଦାସୀନ, ନିଶ୍ଚିନ୍ତ, ଅମନୋଯୋଗୀ; 3. ମଧ୍ୟମ, ମଧ୍ୟଭଳି, ସାମାନ୍ୟ ।

**Indifferentism,** *n.* 1. ଜାଣିଶୁଣି ଅମନୋଯୋଗ, ଅଭ୍ୟାସଗତ ଔଦାସ୍ୟ, ଉତ୍ସାହଶୂନ୍ୟତା ; 2. ସକଳ ଧର୍ମର ପ୍ରଭେଦ ଗୁରୁତର ନୁହେଁ ବୋଲି ଯେଉଁ ମତ ; 3. ଭାବନାରେ ଓ ସାକ୍ଷାତ୍ ସ୍ଥିତିଭାବରେ ସକଳ ଏକ ସମାନ ବିଷୟ ବୋଲି ଯେଉଁ ମତ ।

**Indifferently,** *ad.* 1. ଅପକ୍ଷପାତରୂପେ ; 2. ନିଶ୍ଚିନ୍ତଭାବେ, ଅମନୋଯୋଗିରୂପେ, ଉଦାସୀନରୂପେ ; 3. ମଧ୍ୟଭଳିରୂପେ, ସାମାନ୍ୟରୂପେ ।

**Indigence,** *n.* ଦରିଦ୍ରତା, ଦୀନତା, ନିଃସ୍ୱତା ।

**Indigene,** *n.* ଦେଶୀ ଲୋକ-ପଶୁ ବା ବୃକ୍ଷ ।

**Indigenous,** *a.* ଦେଶଜ, ଦେଶଜାତ, ଦେଶୀ, ସ୍ୱଦେଶୀୟ ।

**Indigent,** *a.* ଦୀନ, ଦରିଦ୍ର, ନିଃସ୍ୱ, ଗରିବ ।

**Indigently,** *ad.* ଦୀନଭାବରୂପେ, ଦରିଦ୍ରଭାବେ ।

**Indigested,** *a.* 1. ଅଜୀର୍ଣ୍ଣ, ଅପକ୍ୱ; 2. ଅଶୃଙ୍ଖଳାପୂର୍ବକ ସ୍ଥାପିତ, ନିୟମରହିତ, ଅବିବେଚିତ ।

**Indigestible,** *a.* ଗୁରୁପାକ, ଅଜୀର୍ଣ୍ଣ, ଅପାଚ୍ୟ, ଦୁର୍ଜର ।

**Indigestibly,** *ad.* ଗୁରୁପାକରୂପେ, ଅପାଚ୍ୟରୂପେ ।

**Indigestion,** *n.* ଅଜୀର୍ଣ୍ଣତା, ମନ୍ଦାଗ୍ନି, ଅପାକ, ବଦହଜମୀ, ଅପକ୍ୱତା ।

**Indignant,** *n.* 1. (ମନ୍ଦ ବା ଅଯୋଗ୍ୟ ବ୍ୟବହାର ପ୍ରତି) ବିରକ୍ତ, ଘୃଣାପୂର୍ବକ କ୍ରୁଦ୍ଧ, କୁପିତ, ଅସନ୍ତୁଷ୍ଟ; 2. ବିରକ୍ତି ପ୍ରକାଶକାରୀ ।

**Indignantly,** *ad.* 1. କୁପିତଭାବେ, ଅସନ୍ତୁଷ୍ଟଭାବେ ; 2. ବିରକ୍ତି ପ୍ରକାଶକରୂପେ ।

**Indignation**, *n.* 1. (ମନ୍ଦତା ପ୍ରତି) ବିରକ୍ତି, ଘୃଣାପୂର୍ବକ କ୍ରୋଧ, ଅବଜ୍ଞାମିଶ୍ରିତ କ୍ରୋଧ, କୋପ; 2. କୋପଜାତ ପ୍ରତିଫଳ।

**Indignity**, *n.* ଅପମାନ, ଅବଜ୍ଞା, ଅନାଦର, ଅମର୍ଯ୍ୟାଦା।

**Indigo**, *n.* ନୀଳ, ନୀଳବର୍ଣ୍ଣ, ନୀଳବୃକ୍ଷ।

**Indirect**, *a.* 1. ବଙ୍କା, ଅସରଳ, ଅସିଧା, ବକ୍ର; 2. ପାର୍ଶ୍ୱଗତ; 3. ଅଜଣା, ଅପ୍ରତ୍ୟକ୍ଷ, ପରୋକ୍ଷ, ପ୍ରକାରାନ୍ତ; 4. ଅସତ୍।

**Indirectly**, *ad.* 1. ତେର୍ଚ୍ଛାଭାବେ, ବକ୍ରଭାବେ; 2. ଅପ୍ରତ୍ୟକ୍ଷରୂପେ, ପରୋକ୍ଷଭାବେ, ପ୍ରକାରାନ୍ତରେ।

**Indirectness**, *n.* 1. ବକ୍ରତା, ଅସରଳତା; 2. ପ୍ରକାରାନ୍ତର।

**Indiscreet**, *a.* ଅବିବେଚକ, ବିବେଚନାଶୂନ୍ୟ, ଅବିବେକୀ, ବିଚାରଶୂନ୍ୟ।

**Indiscreetly**, *ad.* ଅବିବେଚକରୂପେ, ଅବିଚାରପୂର୍ବକ, ଅବିବେକରୂପେ।

**Indiscreetness, Indiscretion**, *n.* 1. ଅବିବେଚନା, ଅବିଚାର, ବିବେଚନାଶୂନ୍ୟତା; 2. ବିବେଚନାଶୂନ୍ୟ କାର୍ଯ୍ୟ, ଅବିବେକୀ ବ୍ୟବହାର।

**Indiscriminate**, *a.* 1. ଅବିବେକୀ, ଭେଦବିଚାରହୀନ; 2. ଅଭେଦ, ନିର୍ବିଶେଷ, ଗୋଳମାଳିଆ।

**Indiscriminately**, *ad.* 1. ଅବିବେକରୂପେ; 2. ବିନାଭେଦରେ, ଗୋଳମାଳିଆଭାବେ, ସମାନଭାବରେ।

**Indiscriminating**, *a.* ଅପରିଚ୍ଛେଦକ।

**Indispensable**, *a.* ଅପରିତ୍ୟାଜ୍ୟ, ଅତ୍ୟାବଶ୍ୟକ, ଅତି ପ୍ରୟୋଜନୀୟ।

**Indispensableness**, *n.* ଅପରିତ୍ୟାଜ୍ୟତା, ଅତ୍ୟାବଶ୍ୟକତା।

**Indispensably**, *ad.* ଅପରିତ୍ୟାଜ୍ୟରୂପେ, ଅତ୍ୟାବଶ୍ୟକରୂପେ, ନିତାନ୍ତରୂପେ।

**Indispose**, *v.t.* 1. ଅନିଚ୍ଛୁକ-କ, ପ୍ରତିକୂଳ-କ; 2. ଅଯୋଗ୍ୟ-କ; 3. ଅସୁସ୍ଥ-କ, ପୀଡ଼ିତ-କ।

**Indisposed**, *p.a.* 1. ଅନିଚ୍ଛୁକ, ବିମୁଖ; 2. କିଞ୍ଚିତ୍ ଅସୁସ୍ଥ, ଅଳ୍ପ ପୀଡ଼ିତ।

**Indisposedness**, *n.* ଅନିଚ୍ଛୁକତା।

**Indisposition**, *n.* 1. ଅନିଚ୍ଛୁକତା, ବିମୁଖତା; 2. ଅଳ୍ପ ଅସୁଖ, କିଞ୍ଚିତ୍ ଅସ୍ୱାସ୍ଥ୍ୟ।

**Indisputable**, *a.* ଅବିବାଦନୀୟ, ଅବିତର୍କଣୀୟ, ଅଖଣ୍ଡନୀୟ, ନିତାନ୍ତ, ସୁନିଶ୍ଚିତ।

**Indisputably**, *ad.* ନିର୍ବିବାଦରୂପେ, ଅଖଣ୍ଡନୀୟରୂପେ, ନିର୍ବିରୋଧରେ।

**Indissociable**, *a.* ଅବିଭେଦ୍ୟ।

**Indissolubility**, *n.* 1. ଅଦ୍ରବଣୀୟତା, ଅଗଳନୀୟତା; 2. ଅଖଣ୍ଡନୀୟତା, ଅଲଙ୍ଘ୍ୟତା।

**Indissoluble**, *a.* 1. ଅଦ୍ରବଣୀୟ, ଅଗଳନୀୟ; 2. ଅଖଣ୍ଡନୀୟ, ଅଭଞ୍ଜନୀୟ, ଅଲଙ୍ଘ୍ୟ, ସୁଦୃଢ଼।

**Indissolubly**, *ad.* ଅଭଞ୍ଜନୀୟରୂପେ, ଅଲଙ୍ଘ୍ୟରୂପେ, ସୁଦୃଢ଼ରୂପେ।

**Indissolvable**, *a.* ଅଦ୍ରବଣୀୟ, ଅଗଳନୀୟ।

**Indistinct**, *a.* 1. ଅସ୍ପଷ୍ଟ, ଅସୁବ୍ୟକ୍ତ; 2. ଧମଳା।

**Indistinctly**, *ad.* 1. ଅସ୍ପଷ୍ଟରୂପେ; 2. ଧମଳାଭାବେ।

**Indistinctness**, *n.* 1. ଅସ୍ପଷ୍ଟତା; 2. ଧମଳାଭାବ।

**Indistinguishable**, *a.* ଅବିଭେଦ୍ୟ, ଅଚିହ୍ନନୀୟ।

**Indite**, *v.t.* and *i.* ରଚନା-କ, ଲେଖିବା।

**Inditement**, *n.* ରଚନା।

**Individual**, *a.* ଏକ, ଗୋଟିଏ, ସ୍ୱ, ନିଜ, ଏକମାତ୍ର, ବ୍ୟକ୍ତିଗତ।—*n.* ଜଣେକ, ଏକଜଣ, ଏକଦ୍ରବ୍ୟ, ବ୍ୟକ୍ତି।

**Individualism**, *n.* 1. ଏକତା, ଅନନ୍ୟତା; 2. ସ୍ୱାର୍ଥପରତା; 3. ବ୍ୟକ୍ତିଗତ ସ୍ୱାଧୀନତା, ବ୍ୟକ୍ତିତ୍ୱ; 4. ବ୍ୟକ୍ତିଗତ ସ୍ୱାଧୀନତାପୋଷକ ଶାସନପ୍ରଣାଳୀ।

**Individuality**, *n.* 1. ଏକତା, ଅନନ୍ୟତା, ପୃଥକ୍ ସ୍ଥିତି; 2. ବ୍ୟକ୍ତିଭେଦ, ବ୍ୟକ୍ତିତ୍ୱ; 3. ବ୍ୟକ୍ତି।

**Individualize**, *v.t.* ବିଶେଷ-କ, ବିଶେଷ ଗୁଣ ଦ୍ୱାରା ଚିହ୍ନିତ-କ, ବ୍ୟକ୍ତିରୂପେ ଚିହ୍ନିତ-କ।

**Individually**, *ad.* 1. ପୃଥକ୍‌ଭାବେ, ଏକେ ୨, ପୃଥକ୍ ୨; 2. ବିଶେଷରୂପେ, ଏକାକୀରୂପେ।

**Indivisibility**, *n.* ଅବିଭାଜ୍ୟତା, ଅଭେଦ୍ୟତା, ଅନଂଶନୀୟତା।

**Indivisible**, *a.* ଅବିଭାଜ୍ୟ, ଅଭେଦ୍ୟ, ଅନଂଶନୀୟ।—*n.* ଅବିଭାଜ୍ୟ ଅଂଶ।

**Indivisibly**, *ad.* ଅବିଭାଜ୍ୟରୂପେ, ଅନଂଶନୀୟରୂପେ।

**Indocile**, *a.* ଅଶିକ୍ଷଣୀୟ, ଅବାଧ୍ୟ।

**Indocility**, *n.* ଅଶିକ୍ଷଣୀୟତା, ଅବାଧ୍ୟତା।

**Indoctrinate**, *v.t.* ଶିକ୍ଷା-ଦେ, ଶିଖାଇବା, ଉପଦିଷ୍ଟ-କ।

**Indoctrination**, *n.* ଉପଦିଷ୍ଟକରଣ।

**Indolence**, *n.* ଆଳସ୍ୟ, ଜଡ଼ତା, ସୁସ୍ତିପଣ।

**Indolent**, *a.* 1. ଅଳସ, ଅଳସୁଆ, ସୁସ୍ତି; 2. ବେଦନାହୀନ।

**Indolently**, *ad.* ଅଳସଭାବେ, ଅଳସୁଆଭାବେ, ସୁସ୍ତିଭାବେ।

**Indomitable**, *a.* ଅଦମ୍ୟ, ଅଜେୟ।

**Indomitableness**, *n.* ଅଦମ୍ୟତା, ଅଜେୟତା।

**Indomitably**, *ad.* ଅଦମ୍ୟରୂପେ, ଅଜେୟରୂପେ।

**Indoor**, *a.* ଭିତରସ୍ଥ।

**Indoors**, *ad.* ଭିତରେ, ଘରେ।

**Indorse**, *v.t.* 1. ଦଲିଲ ଆଦିର ପିଠିରେ ଦସ୍ତଖତ-କ; 2. ସମର୍ଥନ-କ। See Endorse which is the more common spelling except in legal works.

**Indorsement**, *n.* ଦଲିଲ ଆଦିର ପିଠିରେ ଦସ୍ତଖତ।

**Indubitable**, *a.* ଅସନ୍ଦିଗ୍ଧ, ସୁନିଶ୍ଚିତ।

**Indubitably**, *ad.* ଅସନ୍ଦିଗ୍ଧରୂପେ, ସୁନିଶ୍ଚିତରୂପେ।

**Induce**, *v.t.* 1. ପ୍ରବର୍ତ୍ତିତ-କ, ମଣାଇବା; 2. ଆଣାଇବା, ଜନ୍ମାଇବା, ଉତ୍ପାଦନ-କ; 3. ଅନୁମାନ ଦ୍ୱାରା ସିଦ୍ଧାନ୍ତ-କ।

**Inducement**, *n.* 1. ପ୍ରବର୍ତ୍ତନା; 2. ପ୍ରବୃତ୍ତି, ପ୍ରଲୋଭନ।

**Inducible**, *a.* ଅନୁମେୟ।

**Induct**, *v.t.* 1. ଅଧିକାର ବସାଇବା, ପଦାର୍ପିତ-କ; 2. ପ୍ରବିଷ୍ଟ-କ; 3. ଅନୁମାନ ଦ୍ୱାରା ପାଇବା।

**Inductile**, *a.* ଅନମନୀୟ।

Induction, *n.* 1. ନିଯୋଗକରଣ, ପଦାର୍ପଣ, ପ୍ରତିଷ୍ଠାପନ ; 2. ଅଗ୍ରିମ ; 3. ବିଶେଷ ୨ ବିଷୟରୁ ସାଧାରଣ ସୂତ୍ର ବାହାର କରିବା ପ୍ରଣାଳୀ ; 4. ଅନୁମାନ, ସାଧାରଣ ସିଦ୍ଧାନ୍ତ ; 5. ବୈଦ୍ୟୁତିକ ଗୁଣବିଶିଷ୍ଟ ପଦାର୍ଥ ଦ୍ୱାରା ଅନ୍ୟ ପଦାର୍ଥରେ ବିନା ସ୍ପର୍ଶରେ ବୈଦ୍ୟୁତିକ ଗୁଣ ଜନ୍ମାଇବା ପ୍ରଣାଳୀ ।

Inductional, Inductive, *a.* 1. ବିଶେଷ ୨ ବିଷୟରୁ ସାଧାରଣ ସୂତ୍ର ବାହାର କରିବା ପ୍ରଣାଳୀସମ୍ବନ୍ଧୀୟ, ଅନୁମାନରୁ ଜାତ, ଅନୁମାନିକ ; 2. ବିନା ସ୍ପର୍ଶରେ ଅନ୍ୟ ପଦାର୍ଥରେ ବୈଦ୍ୟୁତିକ ଗୁଣୋତ୍ପାଦକ ; 3. ଅଗ୍ରିମସମ୍ବନ୍ଧୀୟ ।

Inductively, *ad.* ଅନୁମାନିକରୂପେ ।

Indue, *v.t.* 1. ପିନ୍ଧିବା, ପିନ୍ଧାଇବା ; 2. ଯୁକ୍ତ-କ, ବିଶିଷ୍ଟ-କ ।

Induement, see Endowment.

Indulge, *v.t.* 1. ପ୍ରଶ୍ରୟ-ଦେ ; 2. ସମ୍ମତ ଦ୍ୱାରା ତୁଷ୍ଟ-କ, ସେଚ୍ଛା-କ ।—*v.i.* ଅଭିଳାଷ ପୂର୍ଣ୍ଣ-କ, ଆସକ୍ତ-ହେ ।

Indulgence, *n.* 1. ପ୍ରଶ୍ରୟଦାନ ; 2. ସମ୍ମତ ଦ୍ୱାରା ତୋଷଣ, ସେଚ୍ଛାପଣ ; 3. ଅନୁଗ୍ରହ, ପ୍ରସାଦ ; 4. ଅଭିଳାଷର ତୃପ୍ତି, ଆସକ୍ତି ; 5. ଦୟାଳୁତା, ଧୀରତା, ସହିଷ୍ଣୁତା ; 6. ରୋମାନ୍ କାଥଲିକ୍ ମଣ୍ଡଳୀରେ କୌଣସି ୨ ପାପର ଦଣ୍ଡରୁ ମୋଚନ ।

Indulgent, *a.* 1. ପ୍ରଶ୍ରୟ ଦାନକାରୀ ; 2. ସମ୍ମତ ଦ୍ୱାରା ତୁଷ୍ଟକାରୀ, ସେଚ୍ଛାକାରୀ, ଧୀର, ଦୟାଶୀଳ ।

Indulgently, *ad.* 1. ପ୍ରଶ୍ରୟଦାନପୂର୍ବକ ; 2. ତୁଷ୍ଟକାରରୂପେ, ଦୟାଶୀଳଭାବେ, ସହନଶୀଳଭାବେ ।

Indurate, *v.i.* କଠିନ-ହେ, ଟାଣ-ହେ ।—*v.t.* 1. କଠିନ-କ, ଟାଣ-କ ; 2. କଠିନଚିତ୍ତ-କ, ନିଷ୍ଠୁର-କ ।

Induration, *n.* 1. କଠିନକରଣ, ଟାଣକରଣ ; 2. ଅନ୍ତଃକରଣର କାଠିନ୍ୟ ; 3. ଟାଣ ଅଂଶ ।

Industrial, *a.* ଶିଳ୍ପକାର୍ଯ୍ୟସମ୍ବନ୍ଧୀୟ, ଶିଳ୍ପଦ୍ରବ୍ୟସମ୍ବନ୍ଧୀୟ ।

Industrialism, *n.* 1. ଶିଳ୍ପକାର୍ଯ୍ୟରେ ଅନୁରାଗ ; 2. ଶିଳ୍ପକାର୍ଯ୍ୟର ଉନ୍ନତିକରଣ ।

Industrially, *ad.* ଶିଳ୍ପକାର୍ଯ୍ୟାନୁସାରେ ।

Industrious, *a.* 1. ପରିଶ୍ରମୀ, କର୍ମଶୀଳ, ଉଦ୍ଯୋଗୀ, ଉଦ୍ୟମୀ ; 2. ଉଦ୍ଯୋଗପୂର୍ଣ୍ଣ ।

Industriously, *ad.* ପରିଶ୍ରମୀରୂପେ, କର୍ମଶୀଳରୂପେ, ଉଦ୍ଯୋଗିରୂପେ ।

Industry, *n.* 1. ପରିଶ୍ରମ, କର୍ମଶୀଳତା, ଉଦ୍ଯୋଗ, ଯତ୍ନ ; 2. ଶିଳ୍ପକାର୍ଯ୍ୟ, ଶିଳ୍ପ ବ୍ୟବସାୟ ।

Indwell, *v.i.* ଭିତରେ ବାସ-କ ।

Inebriant, *a.* ମତ୍ତକାରୀ ।—*n.* ମତ୍ତକାରୀ ଦ୍ରବ୍ୟ ।

Inebriate, *v.t.* ମତ୍ତ-କ, ମଦୁଆଳ-କ, ବିହ୍ୱଳ-କ ।—*n.* ମଦୁଆଳ ।

Inebriation, *n.* ମତ୍ତକରଣ, ମତ୍ତାବସ୍ଥା, ମତ୍ତତା ।

Inebriety, *n.* ମତ୍ତତା, ମଦୁଆଳପଣ ।

Inebrious, *a.* ମତ୍ତ ।

Inedited, *a.* ଅପ୍ରକାଶିତ, ଅପ୍ରସ୍ତୁତ ।

Ineffable, *a.* ଅକଥନୀୟ, ଅନିର୍ବଚନୀୟ, ଅନୁଚ୍ଚାର୍ଯ୍ୟ, ଅବର୍ଣ୍ଣନୀୟ ।

Ineffably, *ad.* ଅକଥନୀୟରୂପେ, ଅନିର୍ବଚନୀୟରୂପେ, ଅନୁଚ୍ଚାର୍ଯ୍ୟରୂପେ ।

Ineffaceable, *a.* ଅଲୋପନୀୟ, ଅମୋଚନୀୟ, ଚିରସ୍ଥାୟୀ ।

Ineffaceably, *ad.* ଅଲୋପନୀୟରୂପେ, ଅମୋଚନୀୟରୂପେ, ଚିରସ୍ଥାୟିରୂପେ ।

Ineffective, *a.* 1. ଅଫଳୋତ୍ପାଦକ, ନିରର୍ଥକ, ଅବିବେକର ; 2. ଅସମର୍ଥ, ଅକ୍ଷମ ।

Ineffectively, *ad.* 1. ଅଫଳୋତ୍ପାଦକରୂପେ, ନିରର୍ଥକରୂପେ, ଅବିବେକରରୂପେ ; 2. ଅସମର୍ଥରୂପେ, ଅକ୍ଷମରୂପେ ।

Ineffectiveness, *n.* ଅଫଳୋତ୍ପାଦକତା, ନିରର୍ଥକତା, ଅକ୍ଷମତା ।

Ineffectual, *a.* ନିଷ୍ଫଳ, ନିଷ୍ଫଳ, ବୃଥା, ବ୍ୟର୍ଥ ।

Ineffectually, *ad.* ନିଷ୍ଫଳରୂପେ, ନିଷ୍ଫଳରୂପେ, ବ୍ୟର୍ଥରୂପେ ।

Ineffecacious, *a.* ଅଫଳୋତ୍ପାଦକ, ଅସମର୍ଥ, ଅପ୍ରଭବ ।

Ineffecaciously, *ad.* ଅଫଳୋତ୍ପାଦକରୂପେ, ଅସମର୍ଥରୂପେ ।

Ineffecaciousness, Inefficacy, *n.* ଅଫଳୋତ୍ପାଦକତା, ପ୍ରଭାବହୀନତା, ନିଷ୍ଫଳତା ।

Inefficiency, *n.* ଅଫଳୋତ୍ପାଦକତା, ଅସାଧକତା, ଅପାରଗତା, ଅଯୋଗ୍ୟତା ।

Inefficient, *a.* ଅଫଳୋତ୍ପାଦକ, ଅସାଧକ, ଅପାରଗ, ଅଯୋଗ୍ୟ, ଅକ୍ଷମ ।

Inefficiently, *ad.* ଅଫଳୋତ୍ପାଦକରୂପେ, ଅପାରଗରୂପେ, ଅଯୋଗ୍ୟରୂପେ, ଅକ୍ଷମରୂପେ ।

Inelastic, *a.* ସ୍ଥିତିସ୍ଥାପକତ୍ୱହୀନ ।

Inelasticity, *n.* ସ୍ଥିତିସ୍ଥାପକଗୁଣହୀନତା ।

Inelegance, Inelegancy, *n.* ଅଶୋଭା, ଅଲାବଣ୍ୟ, ଅଶିଷ୍ଟତା ।

Inelegant, *a.* ଅଶୋଭିତ, କୁଶ୍ରୀ, ଅସୁନ୍ଦର, ଅଶିଷ୍ଟ ।

Inelegantly, *ad.* ଅଶୋଭିତରୂପେ, ଅସୁନ୍ଦରରୂପେ, ଅଶିଷ୍ଟଭାବେ ।

Ineligibility, *n.* ଅନିର୍ବାଚନୀୟତା, ଅମନୋନୀୟତା, ବରଣୀୟର ଅକ୍ଷମତା ।

Ineligible, *a.* 1. ଅନିର୍ବାଚନୀୟ, ଅମନୋନୀୟ, ଅବରଣୀୟ : 2. ପଦର ଅଯୋଗ୍ୟ, ଅଯୋଗ୍ୟ, ଅନୁପଯୁକ୍ତ ।

Ineligibly, *ad.* ଅନିର୍ବାଚନୀୟରୂପେ, ଅମନୋନୀୟରୂପେ ।

Ineloquent, *a.* ବାକ୍ପଟୁତାରହିତ, ଅବାଗ୍ମୀ, ବାକ୍ପଟୁ ।

Inept, *a.* 1. ଅନୁପଯୁକ୍ତ, ଅଯୋଗ୍ୟ ; 2. ଅନର୍ଥକ, ଅଜ୍ଞାନ ।

Ineptitude, *a.* 1. ଅନୁପଯୁକ୍ତତା, ଅଯୋଗ୍ୟତା ; 2. ଅନର୍ଥକତା, ଅଜ୍ଞାନତା ।

Ineptly, *ad.* 1. ଅନୁପଯୁକ୍ତରୂପେ ; 2. ଅଜ୍ଞାନଭାବେ ।

Inequable, *a.* ସମଭାବହୀନ, ଅସମାନ ।

Inequality, *n*. 1. ଅସମତା, ଭେଦ, ବୈଷମ୍ୟ, ଉଚ୍ଚନୀଚତା, ବନ୍ଧୁରତା ; 2. ଅଯଥେଷ୍ଟତା ; 3. ଅସମାନତା, ବହିଲତା ; 4. ଅନ୍ୟାୟ ; 5. ତାରତମ୍ୟ ବ୍ୟତିକ୍ରମ ।
Inequitable, *a*. ଅନ୍ୟାଯ୍ୟ, ଅଯଥାର୍ଥ ।
Inequitably, *ad*. ଅନ୍ୟାଯ୍ୟରୂପେ, ଅଯଥାର୍ଥରୂପେ ।
Inequity, *n*. ଅନ୍ୟାୟ, ଅଯଥାର୍ଥ କାର୍ଯ୍ୟ ।
Ineradicable, *a*. ଅମୂଳୋତ୍ପାଟନୀୟ, ଅନୁଚ୍ଛେଦନୀୟ ।
Ineradicably, *ad*. ଅମୂଳୋତ୍ପାଟନୀୟରୂପେ, ଅନୁଚ୍ଛେଦନୀୟରୂପେ । [ଅଳସ ।
Inert, *a*. 1. ଅଚଳ, ଗତିଶକ୍ତିହୀନ, ନିସ୍ତେଜ ; 2. ଜଡ଼,
Inertia, *n*. 1. ଅଳସପଣ, ଚିମଟି ; 2. ଯେ ଗୁଣରେ କୌଣସି ବସ୍ତୁ ବାହ୍ୟକ କାରଣରୁ ପରିବର୍ତ୍ତିତ ନ ହେବା ପର୍ଯ୍ୟନ୍ତ ସମଭାବରେ ଥାଏ, ଜଡ଼ତ୍ୱ ।
Inertly, *ad*. ଜଡ଼ବତ୍, ଅଳସଭାବେ ।
Inertness, *n*. 1. ଅଚଳତା ; 2. ଜଡ଼ତା, ଆଳସ୍ୟ ।
Inescapable, *a*. ଅପରିହାର୍ଯ୍ୟ, ଅନିବାର୍ଯ୍ୟ ।
Inessential, *a*. ଅନାବଶ୍ୟକ, ଅପ୍ରୟୋଜନୀୟ ।
Inestimable, *a*. ଅମୂଲ୍ୟ, ଅମୂଲ୍ୟ, ବହୁମୂଲ୍ୟ ।
Inestimably, *ad*. ଅମୂଲ୍ୟରୂପେ, ବହୁମୂଲ୍ୟରୂପେ ।
Inevitable, *a*. ଅବାରଣୀୟ, ଅନିବାର୍ଯ୍ୟ, ଅଲଙ୍ଘନୀୟ, ଅବଶ୍ୟ ଭବିତବ୍ୟ ।
Inevitably, *ad*. ଅବାରଣୀୟରୂପେ, ଅନିବାର୍ଯ୍ୟରୂପେ, ନିଶ୍ଚିତରୂପେ, ନିତାନ୍ତରୂପେ ।
Inexact, *a*. ଅଠିକ, ଅନିୟମବିଶିଷ୍ଟ ।
Inexcusable, *a*. ଅମାର୍ଜନୀୟ, ଅକ୍ଷମଣୀୟ, ଅମୋଚନୀୟ, ଅନୁତ୍ତରୀୟ, ଅସମର୍ଥନୀୟ, ସମର୍ଥନରହିତ ।
Inexcusableness, *n*. ଅମାର୍ଜନୀୟତା, ଅକ୍ଷମଣୀୟତା, ଅମୋଚନୀୟତା । [ରୂପେ ।
Inexcusably, *ad*. ଅମାର୍ଜନୀୟରୂପେ, ଅମୋଚନୀୟ-
Inexhaustibility, *n*. ଅକ୍ଷୟତ୍ୱ, ଅସରନ୍ତି ଅବସ୍ଥା, ଅଶେଷତ୍ୱ ।
Inexhaustible, *a*. ଅକ୍ଷୟ, ଅସରନ୍ତି, ଅଶେଷ ।
Inexhaustibly, *ad*. ଅକ୍ଷୟରୂପେ, ଅସରନ୍ତିରୂପେ, ଅଶେଷରୂପେ ।
Inexorable, *a*. ପ୍ରାର୍ଥନା ଦ୍ୱାରା ଅପରିବର୍ତ୍ତିତ, ଅନମ୍ୟ, ଅକ୍ଷମାକାରୀ, ଅକ୍ଷମାଶୀଳ, କଠିନ ।
Inexorably, *ad*. ଅପରିବର୍ତ୍ତିତରୂପେ, ଅନମ୍ୟରୂପେ, ଅକ୍ଷମାକାରରୂପେ, ଦୃଢ଼ରୂପେ ।
Inexpedience, Inexpediency, *n*. ଅସୁବିଧାଜନକତା, ଅନୁପଯୁକ୍ତତା, ଅହିତତା ।
Inexpedient, *n*. ଅସୁବିଧାଜନକ, ଅନୁପଯୁକ୍ତ, ଅନୁଚିତ, ଅହିତ ।
Inexpediently, *ad*. ଅସୁବିଧାଜନକରୂପେ, ଅନୁପଯୁକ୍ତରୂପେ, ଅନୁଚିତରୂପେ ।
Inexpensive, *a*. ଅଳ୍ପମୂଲ୍ୟ, ଶସ୍ତା ।
Inexpensively, *ad*. ଅଳ୍ପମୂଲ୍ୟରେ, ଶସ୍ତାରେ ।
Inexperience, *n*. ଅନନୁଭବ, ଅପ୍ରବୀଣତା, ଅନଭିଜ୍ଞତା, ଅପରିପକ୍ୱ ବୁଦ୍ଧି ।
Inexperienced, *a*. ଅନନୁଭବୀ, ଅପ୍ରବୀଣ, ଅନଭିଜ୍ଞ ଅପରିପକ୍ୱବୁଦ୍ଧି ।
Inexpert *a*. ଅନିପୁଣ, ଅପଟୁ, ଅଦକ୍ଷ ।
Inexpertness, *n*. ଅନିପୁଣତା, ଅପଟୁତା, ଅଦକ୍ଷତା ।
Inexpiable, *a*. ପ୍ରାୟଶ୍ଚିତ୍ତାକ୍ଷମ, ପ୍ରାୟଶ୍ଚିତ୍ତାଯୋଗ୍ୟ, ଅମାର୍ଜନୀୟ, ଅମୋଚନୀୟ ।
Inexpiably, *ad*. ଅମୋଚନୀୟରୂପେ, ଅମାର୍ଜନୀୟରୂପେ ।
Inexplicability, *n*. ଅବ୍ୟାଖ୍ୟେୟତା, ଦୁର୍ବୋଧତା ।
Inexplicable, *a*. ଅବ୍ୟାଖ୍ୟେୟ, ଅବ୍ୟାଖ୍ୟାନୀୟ ଦୁର୍ବୋଧ ।
Inexplicably, *ad*. ଅବ୍ୟାଖ୍ୟାନୀୟରୂପେ, ଅବ୍ୟାଖ୍ୟାଯୋଗ୍ୟରୂପେ, ଦୁର୍ବୋଧରୂପେ ।
Inexplicit, *a*. ଅସ୍ପଷ୍ଟ । [ଦ୍ରବ୍ୟ ।
Inexplosive, *a*. ଅସ୍ଫୁଟନଶୀଳ ।—*n*. ଅସ୍ଫୁଟନଶୀଳ
Inexpressible, *a*. ଅକଥନୀୟ, ଅନିର୍ବଚନୀୟ, ଅବର୍ଣ୍ଣନୀୟ ।
Inexpressibles, *n*. (colloquial) ପାଇଜାମା ।
Inexpressibly, *ad*. ଅକଥନୀୟରୂପେ, ଅନିର୍ବଚନୀୟରୂପେ, ଅବର୍ଣ୍ଣନୀୟରୂପେ ।
Inexpressive, *a*. 1. ଅପ୍ରକାଶକାରୀ, ଅସୂଚକ ; 2. (poetical) ଅବର୍ଣ୍ଣନୀୟ ।
Inexpressiveness, *n*. ଅପ୍ରକାଶକାରୀ ଗୁଣ ବା ଅବସ୍ଥା, ଅସୂଚତା । [ଅଦମ୍ୟ ।
Inextinguishable, *n*. ଅନିର୍ବାଣୀୟ, ଅନିର୍ବାପନୀୟ,
Inextinguishably, *ad*. ଅନିର୍ବାଣୀୟରୂପେ, ଅଦମ୍ୟରୂପେ ।
Inextricable, *a*. ଅମୋଚନୀୟ, ଅନୁଦ୍ଧରଣୀୟ ।
Inextricably, *ad*. ଅମୋଚନୀୟରୂପେ, ଅନୁଦ୍ଧରଣୀୟରୂପେ । [ଅନୁସରଣ ।
Infallibilism, *n*. ପୋପଙ୍କର ଅଭ୍ରାନ୍ତିବିଷୟକ ମତରେ
Infallibilist, *n*. ପୋପଙ୍କର ଅଭ୍ରାନ୍ତିବିଷୟକ ମତର ସମର୍ଥନକାରୀ ।
Infallibility, *n*. 1. ଅଭ୍ରାନ୍ତି, ଭ୍ରମରହିତତ୍ୱ, ଭ୍ରାନ୍ତିଶୂନ୍ୟତା; 2. ଅବ୍ୟର୍ଥତା, ନିଶ୍ଚିତତା ।—Infallibility of the Pope. ଧର୍ମ ବା ନୀତି ବିଷୟ ପ୍ରକାଶ କରିବା ସମୟରେ ପୋପ୍ ଈଶ୍ୱରଙ୍କ ପ୍ରଭାବରେ ଭ୍ରାନ୍ତିରୁ ରକ୍ଷିତ ହୁଅନ୍ତି ବୋଲି ରୋମାନ୍ କାଥଲିକ୍ ମଣ୍ଡଳୀର ମତ ।
Infallible, *a*. 1. ଅଭ୍ରାନ୍ତ, ଭ୍ରମରହିତ, ଭ୍ରାନ୍ତିଶୂନ୍ୟ ; 2. ଅମୋଘ, ନିଶ୍ଚିତ ।
Infallibly, *ad*. 1. ଅଭ୍ରାନ୍ତରୂପେ; 2. ନିଶ୍ଚିତରୂପେ, ନିଃସନ୍ଦେହରେ ।
Infamous, *a*. 1. କୁଖ୍ୟାତ, ଅପଯଶସ୍କର, ଦୁର୍ନାମୀ, ଅଧମ, ଅଶ୍ରମ ; 2. ଘୃଣ୍ୟ, ନିନ୍ଦନୀୟ ।
Infamously, *ad*. କୁଖ୍ୟାତରୂପେ, ଅପଯଶସ୍କରରୂପେ, ବଦନାମିରୂପେ, ନିନ୍ଦନୀୟରୂପେ, ଘୃଣ୍ୟରୂପେ ।
Infamy, *n*. 1. ଅଖ୍ୟାତି, ଅପଯଶ, ଦୁର୍ନାମ, ଅପକୀର୍ତ୍ତି ; 2. ଅତିଦୁଷ୍ଟତା, ଅଧମତା ।

Infancy, *n.* 1. ଶିଶୁକାଳ, ଶୈଶବ, ଶୈଶବାବସ୍ଥା ; 2. ଅପ୍ରାପ୍ତବୟସ୍କତା, ନାବାଳକତ୍ୱ ; 3. ପ୍ରଥମାବସ୍ଥା, ଆରମ୍ଭ ।

Infant, *n.* 1. ଶିଶୁ, ଅପୋଗଣ୍ଡ, ଦୁଗ୍ଧପୋଷ୍ୟ ପିଲା ; 2. ଅପ୍ରାପ୍ତବୟସ୍କ ଯୁବା, ନାବାଳକ ।—*ad.* 1. ଶିଶୁସମ୍ବନ୍ଧୀୟ, ଶିଶୁବତ୍, ଶିଶୁକାଳୀନ ; 2. ନାବାଳକସମ୍ବନ୍ଧୀୟ, ନାବାଳକ କାଳୀନ ; 3. ଆରମ୍ଭକାଳୀନ, ଆରମ୍ଭକାଳୀ ।

Infanta, *n.* ସ୍ପେନ୍ ଓ ପର୍ତ୍ତୁଗାଲ ଦେଶର ରାଜକନ୍ୟା ।

Infante, *n.* ସ୍ପେନ୍ ଓ ପର୍ତ୍ତୁଗାଲ ଦେଶର ରାଜପୁତ୍ର ।

Infanticidal, *a.* ଶିଶୁବଧବିଷୟକ । [ହତ୍ୟା ।

Infanticide, *n.* 1. ଶିଶୁବଧ, ଶିଶୁହତ୍ୟା ; 2. ଶିଶୁ-

Infantile, Infantine, *a.* ଶିଶୁବତ୍, ଶିଶୁକାଳୀନ, ଶୈଶବୀୟ ।

Infantry, *n.* ପଦାତିକ ସୈନ୍ୟସମୂହ ।

Infatuate, *v.t.* ବିମୂଢ଼-କ, ହତବୁଦ୍ଧି-କ, ବୁଦ୍ଧିଭ୍ରଷ୍ଟ-କ, ମୋହିତ-କ ।

Infatuated, *p.a.* ବିମୂଢ଼, ହତବୁଦ୍ଧି, ବୁଦ୍ଧିଭ୍ରଷ୍ଟ, ମୋହିତ ।

Infatuation, *n.* ବିମୂଢ଼କରଣ, ବିମୂଢ଼ତା, ବିମୂଢ଼ାବସ୍ଥା, ବୁଦ୍ଧିଲୋପ, ମୋହ, ଜ୍ଞାନାନ୍ଧତା ।

Infeasible, *a.* ଅସାଧ୍ୟ, ଅକରଣୀୟ ।

Infect, *v.t.* 1. ସଂକ୍ରାମିତ-କ, ସଞ୍ଚାର-କ ; 2. ଦୂଷିତ-କ, ମଳିନ-କ, ଭ୍ରଷ୍ଟ-କ ।

Infection, *n.* 1. ସଂକ୍ରମଣ, ସଞ୍ଚାର ; 2. ସଂକ୍ରାମକ ରୋଗ, ଛୁଆଁରୋଗ, ଦୂଷଣ, ଭ୍ରଷ୍ଟକାରୀ ବିଷୟ ।

Infectious, Infective, *a.* 1. ସଂକ୍ରାମକ, ସଞ୍ଚାରକ, ଛୁଆଁ ; 2. ଦୂଷିତକାରୀ, ଭ୍ରଷ୍ଟକାରୀ, ଛୁଆଁରୋଗ ଉତ୍ପାଦକ ।

Infectiously, *ad.* ସଂକ୍ରମଣ ଦ୍ୱାରା, ସଂକ୍ରାମକରୂପେ, ସଞ୍ଚାରକରୂପେ ।

Infectiousness, *n.* ସଂକ୍ରାମକତା, ସଞ୍ଚାରକତା ।

Infecund, *a.* ଅଫଳା, ବନ୍ଧ୍ୟା ।

Infecundity, *n.* ଅଫଳନ୍ତାବସ୍ଥା, ବନ୍ଧ୍ୟତ୍ୱ ।

Infelicitous, *a.* 1. ଅନୁପଯୁକ୍ତ, ଅସାମୟିକ ; 2. ଅଭାଗ୍ୟ ।

Infelicity, *n.* 1. ଦୁର୍ଭାଗ୍ୟ, ଦୁରଦୃଷ୍ଟ, ନିରାନନ୍ଦତା, ଦୁଃଖ, ଦୁର୍ଦ୍ଦଶା ; 2. ଅନୁପଯୁକ୍ତତା ; 3. ଅନୁପଯୁକ୍ତ ବିଷୟ ।

Infelt, *a.* ବିଶେଷରୂପେ ଅନୁଭୂତ ।

Infer, *v.t.* 1. ଅନୁମାନ-କ, ଉପଲବ୍ଧ-କ, ବାହିବା, ବାହାର-କ ; 2. ପ୍ରମାଣିତ-କ, ଦେଖାଇବା । [ନୁମେୟ ।

Inferable, Inferrible, *a.* ଅନୁମାନଯୋଗ୍ୟ, ଅନୁ-

Inference, *n.* 1. ଅନୁମିତି ; 2. ଅନୁମାନ, ଉପଲବ୍ଧି ; 3. ଉପପତ୍ତି, ସିଦ୍ଧାନ୍ତ ; 4. ଅବାଜ । [ମାନସିଦ୍ଧ ।

Inferential, *a.* ଅନୁମାନସମ୍ବନ୍ଧୀୟ, ଆନୁମାନିକ, ଅନୁ-

Inferentially, *ad.* ଆନୁମାନିକରୂପେ, ଅନୁମାନ ଦ୍ୱାରା ।

Inferior, *a.* 1. ସାମାନ୍ୟତର, ଅପକୃଷ୍ଟ, ନୀଚ, ଇତର ; 2. ତଳସ୍ଥ, ଅଧସ୍ଥ ; 3. ପୃଥିବୀ ଓ ସୂର୍ଯ୍ୟ ମଧ୍ୟରେ ସ୍ଥିତ (ଗ୍ରହ) ।—*n.* ନୀଚପଦସ୍ଥ ଲୋକ, ଅଧସ୍ଥାନ ଲୋକ ।

Inferiority, *n.* ସାମାନ୍ୟତା, ଅପକୃଷ୍ଟତା, ନୀଚତା ।

Inferiorly, *ad.* 1. ଅପକୃଷ୍ଟରୂପେ ; 2. ତଳସ୍ଥରୂପେ ।

Infernal, *a.* 1. ପାତାଳସ୍ଥ, ପାତାଳସମ୍ବନ୍ଧୀୟ ; 2. ନାରକୀୟ, ନରକବାସୀ, ନାରକୀ ।— Infernal machine, ଗୁପ୍ତ ହତ୍ୟା କରିବା ନିମନ୍ତେ ପ୍ରସ୍ତୁତ ସ୍ଫୋଟନଶୀଳ ଯନ୍ତ୍ର ବିଶେଷ ।—*n.* 1. ପାତାଳବାସୀ ; 2. ନରକବାସୀ ।

Infernally, *ad.* ନାରକୀୟରୂପେ, ଶୟତାନବତ୍, ଅତି-ଅଧମରୂପେ, ଘୃଣ୍ୟଭାବେ ।

Infertile, *a.* ଅଫଳନ୍ତ, ଅଫଳା, ଅନୁର୍ବର ।

Infertilely, *ad.* ଅଫଳନ୍ତରୂପେ, ଅନୁର୍ବରରୂପେ ।

Infertility, *n.* ଅଫଳନ୍ତ ଅବସ୍ଥା, ଅନୁର୍ବରତ୍ୱ ।

Infest, *v.t.* ବିରକ୍ତି କଷ୍ଟ ଆଦି ଜନ୍ମାଇବା ପର୍ଯ୍ୟନ୍ତ ନିତ୍ୟ ଥିବା ବା ପୂରି କରି ରହିବା, ପୂରି କରି ରହିବା, ଭର୍ତ୍ତି ହୋଇ ରହିବା, ବିରକ୍ତିଜନକ ହୋଇ ବାସ-କ, ଅପକ୍ଷ-କରୂପେ ବାସ-କ, ଉପଦ୍ରବ-କ ।

Infestation, *n.* ପୂରି କରି ବାସକରଣ, ଅପକ୍ଷକରୂପେ ବାସ ।

Infidel, *n.* 1. ନାସ୍ତିକ ; 2. ଖ୍ରୀଷ୍ଟଧର୍ମରେ ଅବିଶ୍ୱାସୀ ; 3. ଧର୍ମମତରେ ଅବିଶ୍ୱାସୀ ।—*a.* ନାସ୍ତିକ, ଅବିଶ୍ୱାସୀ ।

Infidelity, *n.* 1. ନାସ୍ତିକତା, ଧର୍ମମତରେ ଅବିଶ୍ୱାସ, ଅବିଶ୍ୱାସ ; 2. ଅବିଶ୍ୱସ୍ତତା, ବିଶେଷତଃ ବିବାହ ନିୟମରେ ଅବିଶ୍ୱସ୍ତତା, ବିଶ୍ୱାସଘାତକତା ।

Infilter, *v.t.* ଛିଦ୍ର ଦ୍ୱାରା ପ୍ରବେଶ-କ ।

Infiltrate, *v.t.* 1. ଛିଦ୍ରରେ ଝରାଇ ପ୍ରବେଶ କରାଇବା ; 2. ଝରାଇବା ; 3. ଛିଦ୍ର ଦ୍ୱାରା ଝରି ପ୍ରବେଶ-କ ।—*v.i.* ଝରିବା ।

Infiltration, *n.* 1. ଛିଦ୍ରରେ ଝରାଇ ପ୍ରବେଶକରଣ, ଝରଣ ; 2. ଝରିଲା ଦ୍ରବ୍ୟ ।

Infinite, *a.* 1. ଅସୀମ, ଅଶେଷ, ଅନନ୍ତ, ଅପରିମେୟ, ଅସଂଖ୍ୟ ; 2. ଶୁଦ୍ଧସତ୍ତ୍ୱ, ସିଦ୍ଧ ; 3. ଅତ୍ୟନ୍ତ, ଅପାର ।—*n.* 1. ଅନନ୍ତ, ପରମେଶ୍ୱର ; 2. ଅସୀମ ପରିସର, ଅସୀମତା ।

Infinitely, *ad.* 1. ଅସୀମରୂପେ, ଅଶେଷରୂପେ ଅପରିମିତରୂପେ ; 2. ଅତୀବ, ଅତିଶୟରୂପେ ।

Infinitesimal, *a.* 1. ଅପରିମିତରୂପେ କ୍ଷୁଦ୍ର ; 2. ଅତି କ୍ଷୁଦ୍ର, ଅତିସୂକ୍ଷ୍ମ, ଅତିକ୍ଷୁଦ୍ରତା ହେତୁ ଅବିଶ୍ୱାସକର ।—*n.* ଅତିକ୍ଷୁଦ୍ର ସଂଖ୍ୟା ବା ପରିମାଣ ।

Infinitesimally, *ad.* ଅତିକ୍ଷୁଦ୍ର ପରିମାଣରେ ।

Infinitive, *a.* ବ୍ୟକ୍ତି ବା ସଂଖ୍ୟାର ଅବିଶେଷକ, ଭାବ-ବାଚକ ।—*n.* ଭାବବାଚକ ଧାତ୍ୱର୍ଥପଦ ।

Infinitively, *ad.* ଭାବବାଚକ କ୍ରିୟାନୁସାରେ ।

Infinitude, Infinity, *n.* 1. ଅସୀମତା, ଅସଂଖ୍ୟତା, ଅନନ୍ତତା, ଅପରିମେୟତା ; 2. ଅନନ୍ତ କାଳ, ଅସୀମ ସଂଖ୍ୟା, ଅସୀମ ପରିସର ।

Infirm, *a.* 1. ଦୁର୍ବଳ, କ୍ଷୀଣ, ଅସୁସ୍ଥ, ଜୀର୍ଣ୍ଣ, ରୋଗୀ ; 2. ଅଶକ୍ତ, ଅଦୃଢ଼, ଅସ୍ଥିର ।

Infirmary, *n.* ଦୁର୍ବଳାଶ୍ରମ, ରୋଗିଶାଳା, ଆରୋଗ୍ୟ-ଶାଳା, ହସ୍ପିଟାଲ ।

Infirmity, *n.* 1. ଦୁର୍ବଳତା, କ୍ଷୀଣତା; 2. କୌଣସି ଶାରୀରିକ ମାନସିକ ବା ନୈତିକ ଦୁର୍ବଳତା, ବ୍ୟାଧି, ରୋଗ, ବୁଦ୍ଧିକ୍ଷୀଣତା, ଦୋଷ, ତ୍ରୁଟି ।

Infirmly, *ad.* 1. ଦୁର୍ବଳରୂପେ; 2. ଅଦୃଢ଼ରୂପେ, ଅସ୍ଥିରରୂପେ ।

Infirmness, *n.* 1. ଦୁର୍ବଳତା; 2. ଅଦୃଢ଼ତା, ଅସ୍ଥିରତା ।

Infix, *in-fiks'*, *v.t.* ବଦ୍ଧମୂଳ-କ, ପ୍ରବିଷ୍ଟକରାଇବା ।—*n.* *in'fiks*, ଶବ୍ଦର ମଧ୍ୟସ୍ଥିତ ଯୁକ୍ତ ଅକ୍ଷର ।

Inflame, *v.t.* 1. ପ୍ରଜ୍ୱଳିତ-କ; 2. ଉତ୍ତେଜିତ-କ, ଉଦ୍ଦୀପ୍ତ-କ, ଉତ୍ତପ୍ତ-କ; 3. ଗାଲ ଉତ୍ତପ୍ତ ଓ ଫୁଲା କରାଇବା, ଜ୍ୱଳାଇବା ।—*v.i.* 1. ଜଳଜଳ-ହେ; 2. ଜ୍ୱଳି ଉଠିବା ।

Inflammability, Inflammableness, *n.* 1. ଜ୍ୱଳନଶୀଳତା, ଜ୍ୱଳନୀୟତା; 2. ଉତ୍ତେଜିତାବସ୍ଥା, ଉତ୍ତେଜନକ୍ଷମତା ।

Inflammable, *a.* 1. ଜ୍ୱଳନଶୀଳ, ଜ୍ୱଳନୀୟ, ଦହନୀୟ; 2. ଶୀଘ୍ର ଉତ୍ତପ୍ତ, ଉତ୍ତେଜନକ୍ଷମ ।

Inflammably, *ad.* 1. ଜ୍ୱଳନୀୟରୂପେ, ଦହନୀୟରୂପେ; 2. ଉତ୍ତେଜନକ୍ଷମରୂପେ ।

Inflammation, *n.* 1. ଜ୍ୱଳନ, ପ୍ରଜ୍ୱଳିତାବସ୍ଥା; 2. ଜ୍ୱାଳା, ପ୍ରଦାହ; 3. ଉତ୍ତେଜନା; 4. ମାଂସବୃଦ୍ଧି ।

Inflammatory, *a.* 1. ଦାହଜନକ, ଦାହକ; 2. ଜ୍ୱାଳାଯୁକ୍ତ, ଦାହବିଶିଷ୍ଟ; 3. ଉତ୍ତେଜକ, ଉଦ୍ଦୀପକ (ବିଶେଷରେ ମନ୍ଦ ଭାବରେ ବ୍ୟବହୃତ ହୁଏ) ।

Inflate, *v.t.* 1. ଫୁଲାଇବା, ଫମ୍ପାଇବା, ସ୍ଫୀତ-କ; 2. ପ୍ରଫୁଲ୍ଲିତ-କ; 3. (ମୂଲ୍ୟ) ଚଢ଼ାଇବା ।—*v.i.* ଫୁଲିବା ।

Inflated, *p.a.* 1. ଫୁଲା, ସ୍ଫୀତ; 2. ଫମ୍ପା, ବାଗାଡମ୍ବରପୂର୍ଣ୍ଣ; 3. ଅଢ଼ଚଢ଼ା ।

Inflation, *n.* 1. ଫୁଲାକରଣ, ସ୍ଫୀତକରଣ, ସ୍ଫୀତାବସ୍ଥା, ସ୍ଫୀତ; 2. ଅଭିମାନ, ବାଗାଡମ୍ବର; 3. (ମୂଲ୍ୟର) ଅତ୍ୟଧିକ ବୃଦ୍ଧି ।

Inflatus, *n.* ଶ୍ୱାସସଞ୍ଚାର, ପ୍ରତ୍ୟାଦେଶ, ଅବର୍ଣ୍ଣବ ।

Inflect, *v.t.* 1. ବକ୍ର-କ, ବଙ୍କା-କ; 2. (ଧାତୁ ବା ଶବ୍ଦର) ରୂପ-କ; 3. (ସ୍ୱର) ବାଙ୍କିବା, (ସ୍ୱର) ପରିବର୍ତ୍ତନ-କ ।

Inflection, Inflexion, *n.* 1. ବକ୍ରକରଣ, ବକ୍ରାବସ୍ଥା, ବାଙ୍କ; 2. ଧାତୁ ବା ଶବ୍ଦର ସାଧନ, ରୂପ; 3. (ସ୍ୱରର) ପରିବର୍ତ୍ତନ ।

Inflectional, *a.* ଶବ୍ଦ ସାଧନଯୋଗ୍ୟ, ରୂପକରଣୀୟ ।

Inflective, *a.* 1. ବକ୍ରକରଣକ୍ଷମ, ବକ୍ରକରଣୀୟ; 2. ରୂପକରଣୀୟ ।

Inflexed, *a.* ବକ୍ର, ଉପରକୁ ବଙ୍କା ।

Inflexibility, Inflexibleness, *n.* 1. ଅନମ୍ୟତା, ଅନମନୀୟତା; 2. ଦୃଢ଼ତା, ସ୍ଥୈର୍ଯ୍ୟ, ଅବାଧ୍ୟତା, ଯେଣ୍ଡାମୀ ।

Inflexible, *a.* 1. ଅନମ୍ୟ, ଅନମନୀୟ; 2. ଦୃଢ଼, ଅଟଳ, ସ୍ଥିର; 3. ଅପରିବର୍ତ୍ତନୀୟ ।

Inflexibly, *ad.* ଅନମନୀୟରୂପେ, ଅନମ୍ୟରୂପେ, ଅଟଳରୂପେ, ସ୍ଥିରରୂପେ, ଦୃଢ଼ରୂପେ ।

Inflict, *v.t.* ଭୋଗ କରାଇବା, ଅନୁଭବ କରାଇବା, ପ୍ରଦାନ-କ, ପ୍ରୟୋଗ-କ, ଦେବା, ଲଗାଇବା । [ଦୁଃଖ ।

Infliction, *n.* 1. ପ୍ରଦାନ, ପ୍ରୟୋଗ; 2. ଦଣ୍ଡ, ଶାସ୍ତି,

Inflictive, *a.* ଦଣ୍ଡଦାୟୀ, ଶାସ୍ତିଦାୟକ ।

Inflorescence, *n.* 1. ପୁଷ୍ପିତାବସ୍ଥା, ଫୁଲର ଫୁଟନ; 2. ପୁଷ୍ପବୃନ୍ତରେ ପୁଷ୍ପ ଲାଗି ରହିବା ନିୟମ ।

Inflow, *n.* 1. ଅନ୍ତର୍ବହନ, ପ୍ରବହନ ।

Influence, *n.* (ଅନ୍ତର୍ବହନ), 1. ପ୍ରବର୍ତ୍ତକ ଶକ୍ତି, ଶକ୍ତି, ବଳ, ଗୁଣ; 2. କ୍ଷମତା, ପ୍ରଭାବ, କର୍ତ୍ତୃପକ୍ଷମାନଙ୍କ ଉପରେ ଗୁପ୍ତ କ୍ଷମତା ।—*v.t.* 1. କ୍ରମଶଃ ପରିବର୍ତ୍ତିତ-କ, ଧୀରେ ଆକ୍ରାନ୍ତ-କ; 2. ପ୍ରବର୍ତ୍ତିତ-କ, ପରିଚାଳିତ-କ; 3. ଗୁପ୍ତ ଦ୍ୱାରା ଆୟତ୍ତ-କ ।

Influent, *a.* ଅନ୍ତର୍ବାହକ, ପ୍ରବାହକ ।

Influential, *a.* 1. ପ୍ରବର୍ତ୍ତକ, ସଞ୍ଚାରକ; 2. କ୍ଷମତାଶାଳୀ, ପ୍ରଭାବବିଶିଷ୍ଟ, ପ୍ରଭୁତ୍ୱକାରୀ ।

Influentially, *ad.* କ୍ଷମତାଶାଳୀରୂପେ, ପ୍ରଭାବବିଶିଷ୍ଟରୂପେ ।

Influenza, *n.* ସର୍ଦ୍ଦିଯୁକ୍ତ ବ୍ୟାପକ ଜ୍ୱର ବିଶେଷ ।

Influx, *n.* 1. ଅନ୍ତର୍ବହନ, ପ୍ରବହନ, ପ୍ରବେଶକରଣ; 2. ଏକ ନଦୀ ଅନ୍ୟ ନଦୀରେ ବା ସମୁଦ୍ରରେ ପଡ଼ିବା ସ୍ଥାନ ।

Influxim, *n.* ଅନ୍ତର୍ବହନ, ଅନ୍ତର୍ପ୍ରବେଶ ।

Infold, *v.t.* 1. ଗୁଡ଼ାଇବା, ବେଷ୍ଟିତ-କ, ଆବୃତ-କ; 2. ଆଲିଙ୍ଗନ-କ ।

Inform, *v.t.* 1. ଅବଗତ-କ, ସଜ୍ଞାତ-କ; 2. ଜଣାଇବା, ଜ୍ଞାତ କରାଇବା, ଶିଖାଇବା ।—*v.i.* ସମ୍ବାଦ-ଦେ ।—To inform against, ଦୋଷାରୋପ ଅଭିପ୍ରାୟରେ କଥା ଜଣାଇବା ।

Informal, *a.* 1. ଅନିୟମିତ, ଅବୈଧ; 2. ବାହ୍ୟ ଶିଷ୍ଟାଚାରଶୂନ୍ୟ ।

Informality, *n.* 1. ଅନିୟମିତତା, ଅବ୍ୟବସ୍ଥା; 2. ଅନିୟମର କାର୍ଯ୍ୟ । [ଙ୍ଖଳଭାବେ ।

Informally, *ad.* ଅନିୟମିତରୂପେ, ଅବୈଧରେ, ବିଶୃ-

Informant, *n.* 1. ଜ୍ଞାପକ, ବିଜ୍ଞାପକ, ସମ୍ବାଦଦାତା; 2. ଗୋଇନ୍ଦା ।—*a.* ଅବଗତଦାୟୀ, ସଜ୍ଞାତକାରୀ ।

Information, *n.* 1. ଅବଗତଦାନ, ସଜ୍ଞାତକରଣ; 2. ବାର୍ତ୍ତା, ସମ୍ବାଦ, ସମାଚାର, ଖବର; 3. ଏଜାହାର, ଏତଲା, ଅଭିଯୋଗ; 4. ଜ୍ଞାନ ।

Informatory, Informative, *a.* ଜ୍ଞାନଦାୟୀ, ଶିକ୍ଷାଦାୟକ । [ଦାତା ।

Informer, *n.* 1. ଗୋଇନ୍ଦା; 2. ଚରଦୂତ; 3. ସମ୍ବାଦ-

Infraction, *n.* ଲଙ୍ଘନ, ଉଲ୍ଲଙ୍ଘନ, ଭଙ୍ଗ, ଖଣ୍ଡନ ।

Infradig, *a.* (colloquial for Infra dignitatem), ମର୍ଯ୍ୟାଦା ତଳେ, ଅନୁଚିତ, ଅନୁପଯୁକ୍ତ ।

Infrangible, *a.* 1. ଅଭଞ୍ଜନୀୟ, ଅଚ୍ଛେଦ୍ୟ; 2. ଅଲଙ୍ଘନୀୟ । [ଭତା ।

Infrequency, *n.* ଅସାଧାରଣତା, ବିରଳତା, ଦୁର୍ଲ-

Infrequent, *a.* ଅନିୟତ, ବିରଳ, ଅସଚରାଚର, ଦୁର୍ଲଭ ।

**Infrequently**, *ad.* ଅନଭ୍ୟସ୍ତରୂପେ, କଦାଚିତ୍, କ୍ୱଚିତ୍, କଦାଚିତ୍ ।

**Infringe**, *v.t.* ଭାଙ୍ଗିବା, ଲଙ୍ଘନ-କ, ବ୍ୟତିକ୍ରମ-କ ।—*v.i.* ଅନଧିକାର ପ୍ରବେଶ-କ, followed by *on* or *upon*. [ଖଣ୍ଡନ ।

**Infringement**, *n.* ଲଙ୍ଘନ, ଉଲ୍ଲଙ୍ଘନ, ଭଙ୍ଗ, ବ୍ୟତିକ୍ରମ,

**Infumate**, *v.t.* ଧୂଁଅରେ ଶୁଖାଇବା ।

**Infuriate**, *v.t.* କୋପାନ୍ୱିତ-କ, ପ୍ରକୋପିତ-କ, ପାଗଳ କରାଇବା, କ୍ରୋଧରେ ଉନ୍ମତ୍ତ-କ ।—*a.* କୋପାନ୍ୱିତ, ପ୍ରକୋପିତ, ପାଗଳ, କ୍ରୋଧରେ ଉନ୍ମତ୍ତ ।

**Infuse**, *v.t.* (ଭିତରେ ଢାଳିବା) 1. ପ୍ରବେଶ କରାଇବା, ଶିକ୍ଷା-ଦେ; 2. ସଞ୍ଚାର-କ, followed by *with*; 3. ଜଳରେ ସିକ୍ତ-କ ।

**Infusibility**, *n.* ଅଦ୍ରବଣୀୟତା, ଅଗଳନୀୟତା ।

**Infusible**, (1) *a.* ଅଦ୍ରବଣୀୟ, ଅଗଳନୀୟ ।

**Infusible**, (2) *a.* ଭିତରେ ଢାଳିବାଯୋଗ୍ୟ, ପ୍ରବେଶକରଣୀୟ ।

**Infusion**, *n.* 1. ପ୍ରବେଶକରଣ, ସଞ୍ଚାରଣ; 2. ପ୍ରବିଷ୍ଟ ବସ୍ତୁ, ସଞ୍ଚାରିତ ବସ୍ତୁ, ମିଶ୍ରଣ; 3. ସିକ୍ତକରଣ; 4. କଷାୟ, କ୍ୱାଥ ।

**Infusive**, *a.* ପ୍ରବେଶକରଣକ୍ଷମ, ସଞ୍ଚାରକ ।

**Infusoria**, *n. pl.* ସୂକ୍ଷ୍ମ କୀଟ ଶ୍ରେଣୀ ବିଶେଷ ।

**Ingathering**, *n.* ସଂଗ୍ରହ, ସଞ୍ଚୟ, ଶସ୍ୟ ସଂଗ୍ରହ, ଫସଲ ଅମଳକରଣ ।

**Ingeminate**, *v.t.* ଦ୍ୱିଗୁଣ-କ, ଦୋହରା-କ ।—*a.* ଦ୍ୱିଗୁଣୀକୃତ ।

**Ingenerate**, *a.* ଅନ୍ତର୍ଜାତ, ସ୍ୱାଭାବିକ ।

**Ingenious**, *a.* 1. କଳ୍ପକ, ଉଦ୍ଭାବନକ୍ଷମ, କୌଶଳୀ, ନିପୁଣ, ଦକ୍ଷ; 2. ସୁକଳ୍ପିତ, ନିପୁଣତାପ୍ରକାଶକ, ସୁଯୁକ୍ତିଯୁକ୍ତ ।

**Ingeniously**, *ad.* ନିପୁଣରୂପେ, ସୁକଳ୍ପିତରୂପେ, ଉଦ୍ଭାବନକ୍ଷମରୂପେ ।

**Ingenuity**, **Ingeniousness**, *n.* 1. କଳ୍ପକ ଶକ୍ତି, ଉଦ୍ଭାବନକ୍ଷମତା; 2. କୌଶଳ, ଦକ୍ଷତା, ନିପୁଣତା ।

**Ingenuous**, *a.* 1. ଖୋଲା, ସରଳ, ଅକପଟ; 2. ଉଦାର ।

**Ingenuously**, *ad.* ସରଳରୂପେ, ନିଷ୍କପଟରୂପେ ।

**Ingenuousness**, *n.* ଖୋଲା ମନ, ସରଳତା, ନିଷ୍କପଟତା ।

**Ingest**, *v.t.* ଉଦରରେ ପ୍ରକ୍ଷେପ-କ ।

**Inglorious**, *a.* 1. ଅପ୍ରସିଦ୍ଧ, ଅବଜ୍ଞାତ; 2. ଅଖ୍ୟାତିକର, ଅଯଶସ୍କର, ଅପମାନଜନକ, ଲଜ୍ଜାକର ।

**Ingloriously**, *ad.* 1. ଅପ୍ରସିଦ୍ଧରୂପେ, ଅବଜ୍ଞାତରୂପେ; 2. ଅଖ୍ୟାତିକରରୂପେ, ଅପମାନଜନକରୂପେ, ଲଜ୍ଜାକରରୂପେ ।

**Ingoing**, *n.* ପ୍ରବେଶ ।—*a.* ପ୍ରବେଶକାରୀ ।

**Ingot**, *n.* (ସୁନା ବା ରୂପାର) ଥାକ ।

**Ingraft**, *vt.* 1. କଲମ-କ, ଲଗାଇବା; 2. ଦୃଢ଼ବଦ୍ଧ-କ, ଅଙ୍କିତ-କ ।

**Ingrain**, see Engrain.

**Ingrate**, *n.* କୃତଘ୍ନ ବ୍ୟକ୍ତି, ଅକୃତଜ୍ଞ ବ୍ୟକ୍ତି, ନିମକହାରାମ ।

**Ingratiate**, *v.t.* ଅନୁଗ୍ରହପାତ୍ର-କ, ପ୍ରିୟପାତ୍ର-କ, ପ୍ରିତ-କ, ସ୍ନେହ ଜନ୍ମାଇ ଅନୁକୂଳ କରାଇବା । always *refl.*

**Ingratitude**, *n.* କୃତଘ୍ନତା, ଅକୃତଜ୍ଞତା, ଉପକାର ଅସ୍ୱୀକରତା । [ବିସ୍ମରଣ ।

**Ingredient**, *n.* ମିଶ୍ରିତ ଦ୍ରବ୍ୟର ଏକ ଅଂଶ, ଉପାଦାନ,

**Ingress**, *n.* 1. ପ୍ରବେଶକରଣ, ପ୍ରବେଶନ, ପ୍ରବେଶ; 2. ପ୍ରବେଶକ୍ଷମତା, ପ୍ରବେଶାଧିକାର; 3. ପଶିବା ବାଟ, ପ୍ରବେଶଦ୍ୱାର ।

**Ingression**, *n.* ପ୍ରବେଶକରଣ, ପ୍ରବେଶ ।

**Inguinal**, *a.* କୋଳଗାତସମ୍ବନ୍ଧୀୟ, କୋଳଗାତନିକଟସ୍ଥ ।

**Ingulf**, see Engulf.

**Ingurgitate**. *v.t.* ଗ୍ରାସ-କ, ଗିଳି ପକାଇବା ।—*v.i.* ଅତିରିକ୍ତ ପାନ-କ ।

**Inhabit**, *v.t.* ବାସ-କ, ବସତି-କ, ନିବାସ-କ ।

**Inhabitable**, *a.* ବାସଯୋଗ୍ୟ, ନିବାସଯୋଗ୍ୟ, ବାସକ୍ଷମ ।

**Inhabitant**, *n.* ନିବାସୀ, ଅଧିବାସୀ, ବାସିନ୍ଦା ।

**Inhabitation**, *n.* ବାସକରଣ, ନିବାସ ।

**Inhalation**, *n.* 1. ନିଶ୍ୱାସକରଣ, ନିଶ୍ୱାସଗ୍ରହଣ; 2 ନିଶ୍ୱାସିତଗ୍ରହଣାର୍ଥେ ଔଷଧୀୟ ବାଷ୍ପ । [ନେବା ।

**Inhale**, *v.t.* (ନିଶ୍ୱାସ) ଗ୍ରହଣ-କ, ଶୋଷି ନେବା, ଟାଣି

**Inhaler**, *n.* 1. ଯେ ନିଶ୍ୱାସ ଟାଣି ନିଏ, ଗ୍ରହଣକାରୀ; 2. ବାଷ୍ପାଦି ଶୋଷିନେବା ଯନ୍ତ୍ର ।

**Inharmonious**, *a.* 1. ଅସୁଶ୍ରାବ୍ୟ, ବେସୁର, କୁଶ୍ରାବ୍ୟ, ଅମିଷ୍ଟ ସ୍ୱରଯୁକ୍ତ; 2. ଅସଙ୍ଗତ ।

**Inharmoniously**, *ad.* ଅସୁଶ୍ରାବ୍ୟରୂପେ, ବେସୁରରୂପେ; 2. ଅସଙ୍ଗତରୂପେ ।

**Inhere**, *v.i.* 1. ଦୃଢ଼ରୂପେ ରହିବା, ଅନ୍ତର୍ବର୍ତ୍ତୀ-ହେ, ସ୍ୱାଭାବିକ ହୋଇ ରହିବା; 2. ମୂଳାଂଶ-ହେ; 3. ଅର୍ପିତ-ହେ । [2. ସମ୍ବନ୍ଧ ।

**Inherence**, **Inherency**, *n.* 1. ନିତ୍ୟ ସ୍ଥିତି, ସ୍ଥିତି;

**Inherent**, *a.* 1. ଅନ୍ତର୍ବର୍ତ୍ତୀ, ଅନ୍ତର୍ଜାତ, ସ୍ୱାଭାବିକ; 2. ସମ୍ବନ୍ଧୀୟ, ଅନ୍ତର୍ଗତ । [ସ୍ୱାଭାବିକରୂପେ ।

**Inherently**, *ad.* ଅନ୍ତର୍ବର୍ତ୍ତିରୂପେ, ଅନ୍ତର୍ଜାତରୂପେ,

**Inherit**, *v.t.* 1. ପୈତୃକାଧିକାର ଭୋଗ-କ; 2. କୁଳକ୍ରମେ ପାଇବା, ପରମ୍ପରା ପାଇବା; 3. ଅଧିକାର-କ ।—*v.i.* ଉତ୍ତରାଧିକାରୀ-ହେ, ସମ୍ପତ୍ତି ଅଧିକାରୀ-ହେ ।

**Inheritable**, *a.* 1. ଉତ୍ତରାଧିକାରଯୋଗ୍ୟ; 2. ପିତୃପରମ୍ପରାଭୋଗ୍ୟ ।

**Inheritance**, *n.* 1. ଉତ୍ତରାଧିକାରଗ୍ରହଣ; 2. ଉତ୍ତରାଧିକାର, ପୈତୃକ ସମ୍ପତ୍ତି; 3. ସ୍ୱତ୍ୱ ଅଧିକାର, ଅଧିକାର ।

**Inheritor**, *n.* ଉତ୍ତରାଧିକାରୀ, ପୈତୃକଧନାଧିକାରୀ ।

**Inheritress**, **Inheritrix**, *n.* ଉତ୍ତରାଧିକାରିଣୀ ।

**Inhibit**, *v.t.* 1. ନିବାରଣ-କ, ବାରଣ-କ; 2. ନିଷେଧ-କ, ମନା-କ; (ଯାଜକଙ୍କୁ) ସ୍ୱକାର୍ଯ୍ୟରୁ ବନ୍ଦ-କ ।

**Inhibition**, *n.* 1. ନିବାରଣ, ନିଷେଧ; 2. ନିଷେଧାଜ୍ଞା ।

**Inhibitory**. *a.* ନିବାରକ, ନିଷେଧକ ।

**Inhospitable**, *a.* 1. ଅତିଥି ସେବାରେ ଅନନୁରକ୍ତ, ଅନାତିଥେୟ, ଅତିଥ୍ୟବିମୁଖ ; 2. ଆଶ୍ରୟରହିତ ଓ ଜନକୋଳାହଳଶୂନ୍ୟ ।

**Inhospitably**, *ad.* ଅତିଥି ସେବାରେ ଅନନୁରକ୍ତଭାବେ, ଅତିଥ୍ୟବିମୁଖଭାବେ, ଅନାତିଥ୍ୟପୂର୍ବକ ।

**Inhospitality**, *n.* ଅତିଥି ସେବାର ଅଭାବ, ଅତିଥ୍ୟବିମୁଖତା, ଅନାତିଥେୟତା ।

**Inhuman**, *a.* ଅମନୁଷ୍ୟ, ନିର୍ଦ୍ଦୟ, କ୍ରୂର, ନିଷ୍ଠୁର ।

**Inhumane**, *a.* ଦୟାଶୂନ୍ୟ, ନିର୍ଦ୍ଦୟ, କଠିନହୃଦୟ ।

**Inhumanity**, *n.* ଅମନୁଷ୍ୟତା, ନିର୍ଦ୍ଦୟତା, କ୍ରୂରତା, ନିଷ୍ଠୁରତା, ନିଷ୍ଠୁର କାର୍ଯ୍ୟ ।

**Inhumanly**, *ad.* ନିର୍ଦ୍ଦୟରୂପେ, ନିଷ୍ଠୁରରୂପେ, କ୍ରୂର-ରୂପେ ।

**Inhumation**, *n.* ସମାଧିଦାନ, କବରଦାନ ।

**Inhume**, *v.t.* ମାଟି ଭିତରେ ପୋତିବା, ସମାଧି-ଦେ ।

**Inimical**, *a.* ବିପକ୍ଷୀୟ, ପ୍ରତିକୂଳ, ବିଦ୍ୱେଷୀ, କ୍ଷତିକର, ଅପକାରୀ, ଅନିଷ୍ଟକାରୀ ।

**Inimically**, *ad.* ଶତ୍ରୁଭାବେ, ପ୍ରତିକୂଳଭାବେ, ବିଦ୍ୱେଷ-ଭାବେ, ବିପକ୍ଷଭାବେ । [ପମ ।

**Inimitable**, *a.* ଅନନୁକରଣୀୟ, ଅନୁକରଣାତୀତ, ଅନୁ-

**Inimitably**, *ad.* ଅନନୁକରଣୀୟରୂପେ, ଅନୁକରଣାତୀତ ରୂପେ, ଅନୁପମରୂପେ ।

**Iniquitous**, *a.* ଅନ୍ୟାଯ୍ୟ, ଦୁଷ୍ଟ, ପାତକ ।

**Iniquitously**, *ad.* ଅନ୍ୟାଯ୍ୟରୂପେ, ଅନ୍ୟାୟରେ ।

**Iniquity**, *n.* 1. ଅନ୍ୟାୟ, ଅଧର୍ମ, ଅଯଥାର୍ଥତା ; 2. ପାପ, ଅପରାଧ, ଦୁଷ୍କର୍ମ, କୁକ୍ରିୟା, ଅନ୍ୟାୟ କାର୍ଯ୍ୟ ।

**Initial**, *a.* 1. ଆଦ୍ୟ, ପ୍ରଥମ ; 2. ଆରମ୍ଭକ, ପ୍ରାଥମିକ । —*n.* ଶବ୍ଦର ଆଦ୍ୟାକ୍ଷର ।—*v.t.* ସ୍ୱନାମର ଆଦ୍ୟା-କ୍ଷରରେ ଚିହ୍ନିତ-କ, ନାମର ଆଦ୍ୟାକ୍ଷରରେ ଦସ୍ତଖତ-କ ।

**Initially**, *ad.* ଆରମ୍ଭକଭାବେ ।

**Initiate**, *v.t.* 1. ଆରମ୍ଭ-କ ; 2. ପ୍ରଥମ ଶିକ୍ଷା-ଦେ, ଦୀକ୍ଷିତ-କ, ଦୀକ୍ଷା-ଦେ, ପ୍ରବେଶ କରାଇବା ।

**Initiation**, *n.* 1. ଆରମ୍ଭକରଣ, ଆରମ୍ଭ ; 2. ପ୍ରଥମ ଶିକ୍ଷାଦାନ, ଦୀକ୍ଷାକରଣ, ଦଳଭୁକ୍ତକରଣ ।

**Initiative**, *a.* ଆରମ୍ଭସମ୍ବନ୍ଧୀୟ, ଆରମ୍ଭକାରୀ ।—*n.* 1. ସୂତ୍ରପାତ, ପ୍ରଥମ କାର୍ଯ୍ୟ ; 2. ଆରମ୍ଭକରଣକ୍ଷମତା ।

**Initiatory**, *a.* 1. ଆରମ୍ଭକାରୀ, ଆରମ୍ଭକ ; 2. ପ୍ରବେଶକ ।

**Inject**, *v.t.* 1. ଭିତରକୁ ନିକ୍ଷେପ-କ ; 2. ପିଚିକାରୀ ଦ୍ୱାରା ପ୍ରବେଶ କରାଇବା ; 3. (ତରଳ ପଦାର୍ଥରେ) ପୂର୍ଣ୍ଣ -କ ।

**Injection**, *n.* 1. ଭିତରକୁ ନିକ୍ଷେପ, ଅନ୍ତଃକ୍ଷେପଣ ; 2. ପିଚିକାରୀ ଦ୍ୱାରା ନିକ୍ଷେପ ; 3. ପିଚିକାରୀ ଦ୍ୱାରା ନିକ୍ଷିପ୍ତ ଔଷଧ ।

**Injudicial**, *a.* ବିଧିବିରୁଦ୍ଧ, ଅବୈଧ ।

**Injudicious**, *a.* 1. ଅବିବେଚକ, ବିବେଚନାଶୂନ୍ୟ, ବିଚାରହୀନ ; 2. ଅବିବେକୀ, ଅସତର୍କ, ଅଜ୍ଞାନ ।

**Injudiciously**, *ad.* ଅବିବେକରୂପେ, ଅସତର୍କରୂପେ, ମୂର୍ଖତାଭାବେ ।

**Injudiciousness**, *n.* ଅବିବେଚକତା, ବିବେଚନା-ଶୂନ୍ୟତା, ବିଚାରହୀନତା, ଅବିବେକତା ।

**Injunction**, *n.* 1. ଆଦେଶ, ଆଜ୍ଞା, ହୁକୁମ ; 2. ଅବଶ୍ୟ ପାଳନୀୟ ପରାମର୍ଶ, ବିଶେଷ ଶିକ୍ଷା ।

**Injure**, *v.t.* କ୍ଷତି-କ, ହାନି-କ, ଅପକାର-କ ।

**Injurious**, *a.* କ୍ଷତିକର, କ୍ଷତିକାରକ, କ୍ଷତିଜନକ, ଅପ-କାରକ, ଅନିଷ୍ଟକର, ଅନିଷ୍ଟକାରୀ ।

**Injuriously**, *ad.* କ୍ଷତିକରରୂପେ, କ୍ଷତିକାରକରୂପେ, କ୍ଷତିଜନକରୂପେ, ଅପକାରକରୂପେ, ଅନିଷ୍ଟକରରୂପେ ।

**Injury**, *n.* 1. କ୍ଷତି, ହାନି, ଅପକାର, ଅନିଷ୍ଟ, ଲୋକ-ସାନ ; 2. କ୍ଷତିକର ବିଷୟ ।

**Injustice**, *n.* ଅନ୍ୟାୟ, ଅବିଚାର, ଅଧର୍ମ ।

**Ink**, *n.* କାଳୀ, ସ୍ୟାହି, ମସୀ ।—*v.t.* କାଳିରେ ଦାଗ -ଦେ, ସ୍ୟାହିରେ କଳା-କ ।

**Inkhorn**, *n.* (ପୂର୍ବ କାଳର) ଶୃଙ୍ଗନିର୍ମିତ ସ୍ୟାହିଦାନୀ, ଲେଖକର ସାମଗ୍ର୍ୟାଧାର । [ବର୍ଣ୍ଣିତା ।

**Inkiness**, *n.* କାଳିବତ୍ ଅବସ୍ଥା, କାଳିମୟତା, କୃଷ୍ଣ-

**Inking-roller**, *n.* ଛାପା ଅକ୍ଷରକୁ କାଳୀ ଦେବା ବେଲଣା । [ଦିବା ମେଜ ।

**Inking-table**, *n.* ଉକ୍ତ ବେଲଣାକୁ କାଳୀ ଲୋଗା-

**Inkling**, *n.* ସଙ୍କେତ, ଇସାରା, ଅସ୍ପଷ୍ଟ ବୋଧ, ଈଷତ୍-ଜ୍ଞାନ ।

**Inkstand**, *n.* ସ୍ୟାହିପାତ୍ର, ଦୁଆତ, କାଳିଦାନୀ ।

**Inky**, *a.* କାଳିବତ୍, କାଳିମୟ, ମସୀପୂର୍ଣ୍ଣ, କଳା ।

**Inlaid**, *pret.* of Inlay.

**Inland**, *a.* 1. ସମୁଦ୍ରଠାରୁ ଦୂରବର୍ତ୍ତୀ, ସମୁଦ୍ରାନ୍ତର୍ବର୍ତ୍ତୀ ; 2. ଦେଶମଧ୍ୟସ୍ଥ, ଦେଶୀୟ ।—*ad.* ମଧ୍ୟଦେଶ ଅଭିମୁଖେ । —*n.* ଦେଶମଧ୍ୟ, ଦେଶର ଅଭ୍ୟନ୍ତର, ମଧ୍ୟଦେଶ ।

**Inlay**, *v.t.* ଜଡ଼ିତ-କ, ଖଚିତ-କ, ଅନ୍ତର୍ନିହିତ-କ ।

**Inlaying**, *n.* 1. ଜଡ଼ିତକରଣ, ଖଚିତକରଣ ; 2. ଜଡ଼ିତକର୍ମ, ଜଡ଼ାଉକାମ । [ଖାଲ ।

**Inlet**, *n.* 1. ପ୍ରବେଶ ପଥ, ପ୍ରବେଶ ଦ୍ୱାର ; 2. ଖାଡ଼ି,

**Inly**, *ad.* ଅନ୍ତରେ, ମନମଧ୍ୟରେ, ଗୁପ୍ତରେ, ଗୁପ୍ତଭାବେ ।

**Inmate**, *n.* ସହବାସୀ, ଗୃହବାସୀ, ନିବାସୀ ।

**Inmost, Innermost**, *a.* 1. ସର୍ବାପେକ୍ଷା ଅନ୍ତର୍ବର୍ତ୍ତୀ, ଅନ୍ତରତମ ; 2. ଗୁପ୍ତ ।

**Inn**, *n.* ରହିବା ଘର, ପାନ୍ଥାଶ୍ରମ ।—Inns of Court, ଲଣ୍ଡନ ନଗରର ଯେଉଁ ବିଶେଷ ସ୍ଥାନ ଯନ୍ତ୍ରରେ ନ ବାର-ଷ୍ଟର ଓ ବାରଷ୍ଟର ପଦପ୍ରାର୍ଥୀମାନଙ୍କର ଯୁକ୍ତ ହେବା ଅବ-ଶ୍ୟକ । [ଅନ୍ତର୍ବର୍ତ୍ତୀ ।

**Innate**, *a.* 1. ସ୍ୱାଭାବିକ, ସ୍ୱଭାବଜ ; 2. ଅନ୍ତର୍ଜାତ,

**Innately**, *ad.* ସ୍ୱାଭାବିକରୂପେ, ସ୍ୱଭାବତଃ ।

**Innateness**, *n.* ସ୍ୱାଭାବିକତା, ଅନ୍ତର୍ଜାତତା ।

**Innavigable**, *a.* ଜାହାଜ ଦ୍ୱାରା ଅଗମ୍ୟ, ଅନାବ୍ୟ ।

**Inner**, *a.* 1. ଅନ୍ତରସ୍ଥ, ଭିତର, ଅନ୍ତର୍ବର୍ତ୍ତୀ ; 2. ଅନ୍ତ-ରୀୟ, ଆତ୍ମିକ ; 3. ଗୁପ୍ତ, ଗୂଢ଼ ।—*n.* 1. ଲକ୍ଷ୍ୟ ଚିହ୍ନର କେନ୍ଦ୍ରୀୟ ମଣ୍ଡଳ ; 2. ଉପରୋକ୍ତ ମଣ୍ଡଳ ଆଘାତକାରୀ ଗୋଳି ।

Innervate, Innerve, *v.t.* 1. ସ୍ନାୟୁମାନଙ୍କୁ ବଳ-ଦେ ; 2. ସବଳ-କ, ସତେଜ-କ ।

Innervation, *n.* 1. ସ୍ନାୟୁମାନଙ୍କୁ ବଳଦାନ ; 2. ସ୍ନାୟୁମଣ୍ଡଳର ପ୍ରଣାଳୀ ।

Innervation, *n.* ସ୍ନାୟୁମାନଙ୍କ ବଳଶୂନ୍ୟତା ।

Innings, *n.* 1. କ୍ରିକେଟ୍ ଖେଳାରେ ବାଣ୍ଡ ଚଳାଇବା ପାଳି; 2. କୌଣସି ଦଳ ବା ଲୋକର କର୍ତ୍ତୃତ୍ୱ କରିବା କାଳ ।

Innkeeper, *n.* ପାନ୍ଥଶାଳାସ୍ୱାମୀ, ଭଡ଼ାଘରର [ରକ୍ଷକ ।

Innocence, Innocency, *n.* 1. ଅକ୍ଷତିକରତା, ଅନପକାରତା; 2. ନିରପରାଧତା, ନିର୍ଦ୍ଦୋଷତା; 3. ପାପରହିତ୍ୱ, ନିର୍ମଳତା; 4. ସରଳତା, ନିଷ୍କପଟତା, ଅକୃତ୍ରିମତା; 5. ନିର୍ବୁଦ୍ଧିତା ।

Innocent, *a.* 1. ଅକ୍ଷତିକର, ଅନପକାରୀ ; 2. ନିରପରାଧ, ନିର୍ଦ୍ଦୋଷ ; 3. ନିଷ୍ପାପ, ନିର୍ମଳ ; 4. ସରଳ, ନିଷ୍କପଟ, ଅକୃତ୍ରିମ ; 5. ପୂର୍ବର ଓ ଭାବଜ୍ଞାନଶୂନ୍ୟ ; 6. ଅନଧିକ, ଅନୁମତିପ୍ରାପ୍ତ; 7. ନିର୍ବୋଧ, ଅଜ୍ଞାନ ; 8. ସମ୍ପୂର୍ଣ୍ଣରୂପେ, ବର୍ଜିତ ।—*n.* 1. ନିଷ୍ପାପ ଲୋକ, ନିର୍ମଳ ଲୋକ ; 2. ନିର୍ବୁଦ୍ଧି ଲୋକ, ମୂର୍ଖ ଲୋକ, ପାମର ; 3. ଶିଶୁ ବିଶେଷ ।

Innocently, *ad.* ଅକପଟରୂପେ, ସରଳଭାବେ, ଅନପ- [କାରରୂପେ ।

Innocuous, Innoxious, *a.* ଅକ୍ଷତିକର, ଅନପକାରୀ ।

Innocuously, Innoxiously, *ad.* ଅକ୍ଷତିକରରୂପେ, ଅନପକାରରୂପେ ।

Innominate, *a.* ନାମରହିତ, ଅନାମ ।—Innominate bone, କଟିହାଡ଼ ।

Innovate, *v.i.* 1. ନୂତନ ବିଷୟ ପ୍ରଚଳିତ-କ, ନୂଆ ବିଷୟ ଚଳାଇବାକୁ ଚେଷ୍ଟା-କ; 2. ସ୍ଥାପିତ ପ୍ରଥାର ପରିବର୍ତ୍ତନ-କ ।

Innovation, *n.* 1. ନୂତନ ବିଷୟର ପ୍ରଚଳନ; 2. ପ୍ରଚଳିତ ପ୍ରଥାର ପରିବର୍ତ୍ତନ, ନୂତନମାର୍ଗ, ନବପ୍ରଥା ।

Innuendo, *n.* ପରୋକ୍ଷଭାବେ ଦୋଷାରୋପ, ବକ୍ରୋକ୍ତି, ସଙ୍କେତବାକ୍ୟ । [ବିଦ୍ରୁପ ।

Innumerable, *a.* ଅଗଣନୀୟ, ଅଗଣ୍ୟ, ଅସଂଖ୍ୟ, [ଅଧିକ ।

Innumerably, *ad.* ଅଗଣ୍ୟରୂପେ, ଅସଂଖ୍ୟରୂପେ ।

Innutrition, *n.* ପଥ୍ୟପୁଷ୍ଟିର ଅଭାବ ।

Innutritious, *a.* ଅପୁଷ୍ଟିକର । [ଥିବା ।

Inobservant, *a.* ଅନଭିଜ୍ଞକ, ଅମନୋଯୋଗୀ, ଅନବ-

Inobservantly, *ad.* ଅନଭିଜ୍ଞକରୂପେ, ଅମନୋଯୋଗିରୂପେ ।

Inobtrusive, *a.* see Unobtrusive.

Inoculable, *a.* ଟିକା ଦ୍ୱାରା ଦେୟ ।

Inoculate, *v.t.* 1. କଲମ କରାଇବା ; 2. ଅସ୍ୱାସ୍ଥ୍ୟକର ବୀଜ ରକ୍ତରେ ପ୍ରବେଶ କରାଇ ରୋଗ ଜନ୍ମାଇବା, ବିଶେଷତଃ ବସନ୍ତର ଟିକା-ଦେ ; 3. ଦୂଷିତ-କ ।

Inoculation, *n.* 1. କଲମକରଣ ; 2. କୌଣସି ରୋଗର ଅସ୍ୱାସ୍ଥ୍ୟକର ବୀଜ ରକ୍ତରେ ପ୍ରବେଶକରଣ, ବିଶେଷତଃ ବସନ୍ତର ବୀଜରେ ଟିକା; 3. ଦୂଷଣ ।

Inodorous, *a.* ଗନ୍ଧହୀନ, ନିର୍ଗନ୍ଧ, ବାସହୀନ ।

Inoffensive, *a.* ଅବିରକ୍ତିକର, ଅନପକାରକ, ଅନପକାରୀ, ଅକ୍ଷତିକର ।

Inoffensively, *ad.* ଅବିରକ୍ତିକର ଭାବରେ, ଅନପକାରକରୂପେ, ବିନା କ୍ଷତିରେ ।

Inoffensiveness, *n.* ଅବିରକ୍ତିକରତା, ଅନପକାରତା ।

Inofficial, *a.* ପଦର ଅସମ୍ପର୍କୀୟ, ବେସରକାରୀ ।

Inofficially, *ad.* ପଦର ଅସମ୍ପର୍କୀୟ ଭାବରେ, ବେସରକାରୀଭାବେ ।

Inoperative, *a.* ଅକାର୍ଯ୍ୟକାରୀ, ନିଷ୍ଫଳ, ଅଗଣନୀୟ ।

Inopportune, *a.* ଅସାମୟିକ, ଅକାଳିକ, ଅସମୟୋଚିତ, ଅସୁବିଧାଜନକ ।

Inopportunely, *ad.* ଅସାମୟିକରୂପେ, ଅକାଳିକରୂପେ, ଅସୁବିଧାଜନକରୂପେ ।

Inordinancy, Inordinateness, *n.* ଅତିରିକ୍ତତା, ଅପରିମିତତା, ଅନିୟମିତତା ।

Inordinate, *a.* ଅତିରିକ୍ତ, ଅପରିମିତ, ଅନିୟମିତ ।

Inordinately, *ad.* ଅତିରିକ୍ତରୂପେ, ଅପରିମିତରୂପେ, ଅନିୟମିତରୂପେ ।

Inorganic, *a.* ଅବୟବରହିତ, ଅପ୍ରାଣୀୟ, ନିର୍ଜୀବ ।—Inorganic chemistry, ଅଙ୍ଗାରଗୁଣରହିତ ଦ୍ରବ୍ୟବିଷୟକ ରସାୟନ ।

Inorganically, *ad.* ଅବୟବରହିତରୂପେ ।

Inorganized, *a.* ଅବୟବରହିତ, ଇନ୍ଦ୍ରିୟରହିତ ।

Inosculate, *v.i.* ଅର୍ଗ ଦ୍ୱାରା ସଂଯୋଗ-ହେ, said of arteries, nerves, geometrical curves, &c. —*v.t.* ଅର୍ଗ ଦ୍ୱାରା ସଂଯୋଗ କରିବା ।

Inosculation, *n.* ଅର୍ଗ ଦ୍ୱାରା ସଂଯୋଗ, ଅର୍ଗ ଦ୍ୱାରା ସଂଯୋଗର ସ୍ଥାନ ।

In-patient, *n.* ଚିକିତ୍ସାଳୟରେ ଥିବା ରୋଗୀ ।

Inquest, *n.* 1. ଅନୁସନ୍ଧାନ, ତଦନ୍ତ, ସୁରତହାଲ ; 2. ଜୁରି ସମ୍ମୁଖରେ ତଦନ୍ତ ; 3. ଅନୁସନ୍ଧାନାର୍ଥ ନିଯୁକ୍ତ ଜୁରି ।

Inquietude, *n.* ଅଶାନ୍ତି, ଅସ୍ଥିରତା, ଉଦ୍ବେଗ ।

Inquire, *v.i.* 1. ପ୍ରଶ୍ନ-କ, ପଚାରିବା ; 2. ଅନୁସନ୍ଧାନ-କ, ତଲ୍ଲାସ-କ ।—*v.t.* ପଚାର ଖୋଜିବା ।

Inquirer, *n.* ପ୍ରଶ୍ନକାରୀ, ଅନ୍ବେଷଣକାରୀ, ଅନୁସନ୍ଧାତା ।

Inquiring, *p.a.* ପ୍ରଶ୍ନକାରୀ, ଅନୁସନ୍ଧାନୀ, ଅନୁସନ୍ଧିତ୍ସୁ ।

Inquiry, *n.* (*pl.* Inquiries,) 1. ପ୍ରଶ୍ନ ; 2. ଅନୁସନ୍ଧାନ, ତଦନ୍ତ, ତଲ୍ଲାସ ।

Inquisition, *n.* 1. ଅନୁସନ୍ଧାନ ; 2. ଜୁରି ସମ୍ମୁଖରେ ତଦନ୍ତ, ଉକ୍ତ ଜୁରିର ରାୟ ; 3. ଉକ୍ତ ମତାବଲମ୍ବୀମାନଙ୍କ ଦଣ୍ଡାର୍ଥେ ରୋମାନ୍ କାଥଲିକମାନଙ୍କ ମଧ୍ୟରେ ପୂର୍ବକାଳୀନ ଧର୍ମ-ବିଚାରସଭା ।

Inquisitional, Inquisitionary, *a.* 1. ଅନୁସନ୍ଧାନସମ୍ବନ୍ଧୀୟ ; 2. ରୋମାନ୍ କାଥଲିକମାନଙ୍କ ମଧ୍ୟରେ ବିଶେଷ ବିଚାରସଭାସମ୍ବନ୍ଧୀୟ ।

Inquisitive, *a.* 1. ପ୍ରଶ୍ନପ୍ରିୟ, ଅନର୍ଥକାଲୋଚକ ; 2. ଅନୁସନ୍ଧିତ୍ସୁ, ଅନୁସନ୍ଧାନୀ ।

**Inquisitively**, *ad.* ପ୍ରଶ୍ନପ୍ରିୟରୂପେ, ଅନୁସନ୍ଧାନର ତର୍କନ-ରୂପେ ।

**Inquisitiveness**, *n.* ପ୍ରଶ୍ନପ୍ରିୟତା, ଅନୁସନ୍ଧିତ୍ସା, ଅନ୍ବେ-[ଷଣଶୀଳତା ।

**Inquisitor**, *n.* 1. ଅନୁସନ୍ଧାନକାରୀ ; 2. ରୋମାନ୍ କାଥଲିକମାନଙ୍କ ମଧ୍ୟରେ ପୂର୍ବକାଳୀନ ଧର୍ମବିଚାର-ସଭାର ସଭ୍ୟ ।

**Inquisitorial**, *a.* 1. ଉପରୋକ୍ତ ଧର୍ମବିଚାର ସଭାସମ୍ବ-କୀୟ ; 2. ଅତିତର୍କକ, କଟୁ ପ୍ରଶ୍ନକାରୀ ।

**Inquisitorially**, *ad.* ଅତିତର୍କକରୂପେ, କଟୁ ପ୍ରଶ୍ନକାରୀ-[ଭାବରେ ।

**Inroad**, *n.* ଆକ୍ରମଣ, ଚଢ଼ାଉ ।

**Inrush**, *n.* ହଠାତ୍ ଆଗମନ ।

**Insalubrious**, *a.* ସ୍ୱାସ୍ଥ୍ୟର ପ୍ରତିକୂଳ, ଅସ୍ୱାସ୍ଥ୍ୟକର ।

**Insalubrity**, *n.* ସ୍ୱାସ୍ଥ୍ୟର ପ୍ରତିକୂଳତା, ଅସ୍ୱାସ୍ଥ୍ୟକରତା ।

**Insalutary**, *a.* 1. ଅସ୍ୱାସ୍ଥ୍ୟଜନକ ; 2. ଅନିଷ୍ଟକର, ଅହିତକର ।

**Insane**, *a.* 1. ବାୟା, ବାତୁଳ, ଉନ୍ମତ୍ତ, ପାଗଲ, କ୍ଷିପ୍ତ ; 2. ବାତୁଳ ଲୋକମାନଙ୍କ ପାଇଁ ପ୍ରସ୍ତୁତ ।

**Insanely**, *ad.* ବାୟା ପରି, ବାତୁଳରୂପେ, କ୍ଷିପ୍ତରୂପେ ।

**Insanity**, **Insaneness**, *n.* ବାତୁଳତା, ଉନ୍ମତ୍ତତା, ପାଗଲପଣ, କ୍ଷିପ୍ତତା, ଚିତ୍ତଭ୍ରମ ।

**Insatiability**, **Insatiableness**, *n.* ଅତୃପ୍ତିକରତା, ଅତର୍ପଣୀୟତା, ଅତୋଷଣୀୟତା ।

**Insatiable**, *a.* ଅତୃପ୍ତିକର, ଅତର୍ପଣୀୟ, ଅତୋଷଣୀୟ ।

**Insatiably**, *ad.* ଅତୃପ୍ତିକରରୂପେ, ଦୁସ୍ତୋଷଭାବେ, ଅତୋଷଣୀୟରୂପେ ।

**Insatiate**, *a.* ଅତୃପ୍ତ, ଅତୃପ୍ତିକର ।—*ad.* ଅତୃପ୍ତରୂପେ ।

**Inscribe**, *v.t.* 1. ଖୋଦିବା, ଉପରେ ଲେଖିବା ; 2. ଅଙ୍କିତ-କ ; 3. ଉତ୍ସର୍ଗ-କ ; 4. ଚିହ୍ନିତ-କ ; 5. ଲେଖିବା ।

**Inscription**, *n.* 1. ଖୋଦନକରଣ, ଖୋଦିତ ଲେଖା, ଅଭିଲେଖନ ; 2. ପୁସ୍ତକର ଉତ୍ସର୍ଗାର୍ଥକ ସଂକ୍ଷିପ୍ତ ଲେଖା ; 3. ଲେଖନ ।

**Inscriptive**, *a.* ଲିଖିତ, ଅଭିଲେଖନବିଷୟକ, ଖୋଦିତ [ଲେଖାଯୁକ୍ତ

**Inscrutability**, **Inscrutableness**, *n.* ବୋଧା-ଗମ୍ୟତା, ଅଜ୍ଞେୟତା, ଅନୁପଲଭ୍ୟତା ।

**Inscrutable**, *a.* ବୋଧାଗମ୍ୟ, ଅଜ୍ଞେୟ, ବୋଧାତୀତ, ଅନୁପଲଭ୍ୟ ।

**Inscrutably**, *ad.* ବୋଧାଗମ୍ୟରୂପେ, ଅଜ୍ଞେୟରୂପେ, ବୋଧାତୀତରୂପେ ।

**Insect**, *n.* ଏକ କ୍ଷୁଦ୍ର ପ୍ରାଣୀ ଯାହାର ଦେହ ବଡ଼ିପ୍ର ଅବସ୍ଥାରେ ତିନି ପୃଥକ୍ ଭାଗରେ ଅର୍ଥାତ୍ ମୁଣ୍ଡ ଛାତି ଓ ପେଟରେ ବିଭକ୍ତ ହୋଇଥାଏ ପୁଣି ସାଧାରଣରେ ତିନି ଯୋଡ଼ା ଗୋଡ଼ ଓ ଦୁଇ ଯୋଡ଼ା ଡେଣାଯୁକ୍ତ ହୋଇଥାଏ, କୀଟ, ପୋକ ।

**Insecticide**, *n.* 1. ଯାହା କୀଟ ମାରେ ; 2. କୀଟମାରଣ ।

**Insectivore**, *n.* କୀଟଭୁକ୍ ଜନ୍ତୁ ।

**Insectivorous**, *a.* କୀଟଭୁକ୍ ।

**Insecure**, *a.* 1. ଅନିର୍ବିଘ୍ନ, ଶଙ୍କାନ୍ୱିତ ; 2. ଅସୁରକ୍ଷିତ, ଅପଦଯୁକ୍ତ, ଅନାପଦ, ଅଶକ୍ତ, ଅଦୃଢ଼ ।

**Insecurely**, *ad.* ଅସୁରକ୍ଷିତରୂପେ, ଆପଦଯୁକ୍ତରୂପେ, ଅଶକ୍ତରୂପେ, ଅଦୃଢ଼ରୂପେ ।

**Insecurity**, **Insecureness**, *n.* 1. ଅନିର୍ବିଘ୍ନତା, ଆଶଙ୍କା ; 2. ଅସୁରକ୍ଷିତାବସ୍ଥା, ଅସୁରକ୍ଷା, ଆପଦଯୁକ୍ତତା, ଅଶକ୍ତତା, ଅଦୃଢ଼ତା ।

**Insensate**, *a.* 1. ଅବୋଧ, ଅଜ୍ଞାନ, ହତଜ୍ଞାନ ; 2. ଅନୁଭବବୃତ୍ତିରହିତ, ଅଚେତନ ।

**Insensibility**, *n.* 1. ଅଗୋଚରତା, ଅଲକ୍ଷ୍ୟତା ; 2. ଅଚେତନା ; 3. ଉଦାସୀନତା, ନିଶ୍ଚିନ୍ତତା, ଜଡ଼ତା ।

**Insensible**, *a.* 1. ଅଗୋଚର, ଅଲକ୍ଷ୍ୟ ; 2. ଅନୁଭବ-ଶକ୍ତିରହିତ, ଅଚେତନ ; 3. ଉଦାସୀନ, ନିଶ୍ଚିନ୍ତ ।

**Insensibly**, *ad.* ଅଗୋଚରରୂପେ, ଅଲକ୍ଷ୍ୟରୂପେ, ଧୀରେ ଧୀରେ ।

**Insentient**, *a.* ଅଚେତନ, ଅନୁଭବଶକ୍ତିରହିତ ।

**Inseparable**, *a.* ଅଭେଦ୍ୟ, ଅବିଚ୍ଛେଦ୍ୟ, ଅବିଯୋଜ୍ୟ, ଅପୃଥକ୍କରଣୀୟ ।

**Inseparableness**, **Inseparability**, *n.* ଅଭେ-ଦ୍ୟତା, ଅବିଚ୍ଛେଦ୍ୟତା, ଅବିଯୋଜ୍ୟତା ।

**Inseparably**, *ad.* ଅଭେଦ୍ୟରୂପେ, ଅବିଚ୍ଛେଦ୍ୟରୂପେ, ଅବିଯୋଜ୍ୟରୂପେ ।

**Insert**, *v.t.* ଭିତରେ ବସାଇବା, ସନ୍ନିବେଶିତ-କ, ଅନ୍ତ-ର୍ଗତ-କ, ସାମିଲ-କ ।

**Insertion**, *n.* 1. ମଧ୍ୟରେ ସ୍ଥାପନ, ନିବେଶନ, ଅନ୍ତ-ର୍ଗତକରଣ, ସାମିଲକରଣ ; 2. ମଧ୍ୟରେ ସ୍ଥାପିତ ପଦାର୍ଥ, ନିବେଶିତ ବସ୍ତୁ ବା କଥା, ନିବେଶିତ ଲୁଗା, ଫିତା, ଇତ୍ୟାଦି ; 3. ସଂଯୋଗସ୍ଥାନ, ସଂଯୋଗାଧାର ।

**Inset**, *v.t. in-set'*, ଭିତରେ ବସାଇବା ।—*n. in-set'*, ନିବେଶିତ ପୃଷ୍ଠା ।

**Inshore**, *a.* କୂଳନିକଟସ୍ଥ ।—*ad.* କୂଳ ନିକଟରେ ।

**Inside**, *n.* 1. ଭିତର ଭାଗ, ଭିତର, ଅନ୍ତର, ଅଭ୍ୟନ୍ତର ; 2. ଭିତରସ୍ଥ ଦ୍ରବ୍ୟ, ଅନ୍ତ୍ର, ଅନ୍ତରର ଭାବନା ।—*a.* ଭିତରସ୍ଥ, ମଧ୍ୟସ୍ଥିତ, ଅନ୍ତରସ୍ଥ, ଅଭ୍ୟନ୍ତରସ୍ଥ ।—*prep.* ଭିତରେ, ଅଭ୍ୟନ୍ତରେ ।—*ad.* ଭିତରୁ ଅଡ଼େ, ଭିତରେ ।

**Insidious**, *a.* ବିଶ୍ୱାସଘାତକ, ପ୍ରବଞ୍ଚକ, କୁଟିଳ, ଗୁପ୍ତରେ କ୍ଷତିକାରୀ ।

**Insidiously**, *ad.* ବିଶ୍ୱାସଘାତକରୂପେ, ପ୍ରବଞ୍ଚକରୂପେ, ଗୁପ୍ତ କ୍ଷତିକାରରୂପେ ।

**Insidiousness**, *n.* ବିଶ୍ୱାସଘାତକତା, ପ୍ରବଞ୍ଚକତା, କୁଟିଳତା ।

**Insight**, *n.* 1. ବିଶେଷ ଜ୍ଞାନ, ପରିଜ୍ଞାନ, ମର୍ମଜ୍ଞାନ, ଅନ୍ତ-ର୍ଜ୍ଞାନ ; 2. ସୂକ୍ଷ୍ମ ଦର୍ଶନଶକ୍ତି, ସୂକ୍ଷ୍ମ ବୁଦ୍ଧି, ପ୍ରବେଶ ଶକ୍ତି ।

**Insignia**, *n. pl.* ପଦସୂଚକ ଚିହ୍ନମାନ, ସମ୍ଭ୍ରମସୂଚକ ଚିହ୍ନମାନ, ଚିହ୍ନମାନ ।

**Insignificance**, **Insignificancy**, *n.* 1. ଅନର୍ଥ-କତା, ଅର୍ଥଶୂନ୍ୟତା, ନିରର୍ଥକତା ; 2. ଅକିଞ୍ଚିତ୍କରତା, ସାମାନ୍ୟତା, ତୁଚ୍ଛତା, କ୍ଷୁଦ୍ରତା ।

**Insignificant**, *a.* 1. ଅନର୍ଥକ, ଅର୍ଥଶୂନ୍ୟ, ନିରର୍ଥକ ; 2. ଅକିଞ୍ଚିତ୍କର, ସାମାନ୍ୟ, ତୁଚ୍ଛ, କ୍ଷୁଦ୍ର ।

**Insignificantly**, *ad.* 1. ଅକର୍ଥକରୂପେ, ନିରର୍ଥକରୂପେ ; 2. ଅଦୃଷ୍ଟକରରୂପେ, ସାମାନ୍ୟରୂପେ ।

**Insincere**, *a.* ଅସରଳ, କପଟୀ, କୁଟିଳ, ଅସଭ୍ୟ, କୃତ୍ରିମ ।

**Insincerely**, *ad.* ଅସରଳଭାବେ, କପଟଭାବେ ।

**Insincerity**, *n.* ଅସରଳତା, ଅସାରଲ୍ୟ, କପଟତା, କୌଟିଲ୍ୟ ।

**Insinuate**, *v.t.* 1. କୌଶଳକ୍ରମେ ପ୍ରବେଶ କରାଇବା, ଅନୁଗ୍ରହପାତ୍ର କରାଇବା, generally refl ; 2. ସୂଚନା-କ, ପରୋକ୍ଷଭାବେ ପ୍ରକାଶ-କ, ସଙ୍କେତବାକ୍ୟରେ ବ୍ୟକ୍ତ-କ ।—*v.i.* ସଙ୍କେତବାକ୍ୟ କହିବା, ପରୋକ୍ଷଭାବେ କହିବା ।

**Insinuating**, *a.* ବକ୍ରବାକ୍ୟ ପ୍ରିୟ, ସଙ୍କେତବାକ୍ୟପ୍ରିୟ, କୌଶଳବାକ୍ୟରେ ଅଭ୍ୟସ୍ତ, ଅଗୋଚରରେ ଭୁଲାଇବାର, ଅଗୋଚରରୂପେ ଅନୁଗ୍ରହ ଲାଭକାରୀ ।

**Insinuatingly**, *ad.* ସଙ୍କେତବାକ୍ୟପ୍ରିୟରୂପେ, ଭୁଲାଇବାରରୂପେ ।

**Insinuation**, *n.* 1. କୌଶଳକ୍ରମେ ପ୍ରବେଶ କରାଇବା କର୍ମ, କ୍ରମେ ପ୍ରବେଶ କରାଇବା କର୍ମ, କ୍ରମେ ଶିକ୍ଷାଦାନ; 2. ପରୋକ୍ଷଭାବେ ପ୍ରକାଶ; 3. ବକ୍ରବାକ୍ୟ, ସଙ୍କେତବାକ୍ୟ, କୌଶଳବାକ୍ୟ ।

**Insinuative, Insinuatory**, *a.* ଅନୁଗ୍ରହ ଲାଭାର୍ଥେ କୌଶଳବାକ୍ୟ ବ୍ୟବହାରକାରୀ, ମନୋହରଣକାରୀ ।

**Insipid**, *a.* 1. ସ୍ୱାଦହୀନ, ବିସ୍ୱାଦ, ଅସ୍ୱାଦୁ ; 2. ନୀରସ, ରସହୀନ, ନିସ୍ତେଜ, ଅସାର ।

**Insipidity, Insipidness**, *n.* 1. ସ୍ୱାଦହୀନତା, ଅସ୍ୱାଦୁତା; 2. ନୀରସତା, ନିସ୍ତେଜତା, ଅସାରତା ।

**Insipidly**, *ad.* 1. ସ୍ୱାଦହୀନରୂପେ, ଅସ୍ୱାଦୁରୂପେ ; 2. ନୀରସରୂପେ, ନିସ୍ତେଜରୂପେ ।

**Insist**, *v.i.* ଦୃଢ଼ କରି କହିବା, ଦୃଢ଼ କରି ଦାବି-କ, ଜିଦ୍-କ, usually with *on* or *upon.*

**Insistence**, *n.* ଦୃଢ଼ରୂପେ ଦାବିକରଣ, ଜିଦ୍ ।

**Insnare**, *v.t.* ଫାନ୍ଦରେ ପକାଇବା, ଜାଲରେ ଧରିବା, ଫୁସଲାଇ ପକାଇବା, ଠକାଇ ଧରିବା ।

**Insobriety**, *n.* ଅମିତାଚାରିତା, ମତ୍ତତା ।

**Insociable**, *a.* ଅନାଳାପୀ, ଅମିଳାପୀ, ଅହାସଙ୍ଗପ୍ରିୟ ।

**Insolate**, *v.t.* ସୂର୍ଯ୍ୟତାପରେ ରଖିବା, ଖରାରେ ରଖିବା ।

**Insolation**, *n.* 1. ସୂର୍ଯ୍ୟତାପରେ ରକ୍ଷଣ ; 2. ସୂର୍ଯ୍ୟତାପରେ ରହୁଥିବା ହେତୁ କ୍ଷତ, ସୂର୍ଯ୍ୟାଘାତ ।

**Insolence**, *n.* 1. ଦାମ୍ଭିକତା, ପ୍ରଗଲ୍ଭତା, ଔଦ୍ଧତ୍ୟ, ଗର୍ବ ; 2. ଦାମ୍ଭିକ କଥା, ଦାମ୍ଭିକ ଆଚରଣ ।

**Insolent**, *a.* 1. ଦାମ୍ଭିକ, ପ୍ରଗଲ୍ଭ, ଗର୍ବିତ, ଉଦ୍ଧତ, ଦୁର୍ମୁଖ ; 2. ଅମର୍ଯ୍ୟାଦାକାରୀ, ଧର୍ଷଣକ ।

**Insolently**, *ad.* ଦାମ୍ଭିକଭାବେ, ପ୍ରଗଲ୍ଭରୂପେ, ଗର୍ବିତଭାବେ, ଦୁର୍ମୁଖରୂପେ, ଅସଭ୍ୟରୂପେ ।

**Insolubility**, *n.* 1. ଅଦ୍ରବଣୀୟତା, ଅଗଳନୀୟତା ; 2. ଅବ୍ୟାଖ୍ୟାନୀୟତା ।

**Insoluble**, *a.* 1. ଅଦ୍ରବଣୀୟ, ଅଗଳନୀୟ ; 2. ଅବ୍ୟାଖ୍ୟେୟ, ଅବ୍ୟାଖ୍ୟାନୀୟ ; 3. ଅମୋଚନୀୟ, ଅପରିଶୋଧ୍ୟ ।

**Insolvable**, *a.* ଅବ୍ୟାଖ୍ୟେୟ, ଅବ୍ୟାଖ୍ୟାନୀୟ ।

**Insolvency**, *n.* ଦେଉଳିଆପଣ, ଋଣ ଶୋଧକରେ ଅକ୍ଷମତା, ଯୋଗ୍ୟହୀନତା ।

**Insolvent**, *a.* 1. ଦେଉଳିଆ, ଋଣ ଶୋଧନାକ୍ଷମ, ଯୋଗ୍ୟହୀନ ; 2. ଋଣ ଶୋଧକରେ ଅସମର୍ଥ ; 3. ଦେଉଳିଆପଣସମ୍ବନ୍ଧୀୟ ।—*n.* ଅକ୍ଷମ, ଋଣୀ ।

**Insomina**, *n.* ଅସ୍ୱାଭାବିକ ନିଦ୍ରାରାହିତ୍ୟ, ଅନିଦ୍ରା ।

**Insomuch**, *ad.* ଏତାବତ୍, ଏପର୍ଯ୍ୟନ୍ତ ।

**Insouciance**, *n. an-su-syans'*, ଅମନୋଯୋଗିତା, ନିଶ୍ଚିନ୍ତତା ।

**Insouciant**, *a. an-su-syan'*, (French), ଅମନୋଯୋଗୀ, ନିଶ୍ଚିନ୍ତ ।

**Inspan**, *v.t.* ଯୁଆଳିରେ ଯୋଚିବା ।

**Inspect**, *v.t.* ଦେଖିବା, ସୂକ୍ଷ୍ମରୂପେ ପରୀକ୍ଷା-କ, ପରିଦର୍ଶନ-କ, ଅବେକ୍ଷଣ-କ ।

**Inspection**, *n.* ପରିଦର୍ଶନ, ପରୀକ୍ଷା, ଅବେକ୍ଷଣ ।

**Inspector**, *n.* 1. ପରୀକ୍ଷକ, ପରିଦର୍ଶକ, ଅବେକ୍ଷକ, ତତ୍ତ୍ୱାବଧାରକ ; 2. ପୋଲିସ୍ କର୍ମଚାରୀ ବିଶେଷ ।

**Inspectorate**, *n.* 1. ପରୀକ୍ଷକବର୍ଗ; 2. ପରୀକ୍ଷକ ପଦ, ତତ୍ତ୍ୱାବଧାରକ ପଦ ।

**Inspectorship**, *n.* ପରୀକ୍ଷକ ପଦ, ତତ୍ତ୍ୱାବଧାରକ ପଦ ।

**Inspirable**, *a.* ଶ୍ୱାସ ଗ୍ରହଣୀୟ ।

**Inspiration**, *n.* 1. ନିଶ୍ୱାସଗ୍ରହଣ, ନିଶ୍ୱାସ ; 2. ଅପୂର୍ବ ଆବେଶ, ପ୍ରତ୍ୟାଦେଶ, ଅନୁପ୍ରାଣନ ; 3. ଅବର୍ତ୍ତନ, ସଞ୍ଚାରକ ଶକ୍ତି; 4. ପ୍ରତ୍ୟାଦେଶରେ ପ୍ରାପ୍ତ ବିଷୟ, ଅବର୍ତ୍ତନରେ ପ୍ରାପ୍ତ ବିଷୟ ; 5. ପ୍ରତ୍ୟାଦେଶପ୍ରାପ୍ତ ଅବସ୍ଥା, ଅବର୍ତ୍ତିତ ଅବସ୍ଥା ।

**Inspiratory**, *a.* ନିଶ୍ୱାସ ଗ୍ରହଣବିଷୟକ, ଶ୍ୱାସସମ୍ବନ୍ଧୀୟ ।

**Inspire**, *v.t.* 1. (ନିଶ୍ୱାସ) ଗ୍ରହଣ-କ, ଫୁସ୍ଫୁସ ଭିତରକୁ ଟାଣି ନେବା ; 2. ଅନୁପ୍ରାଣିତ-କ, ସଞ୍ଚାର-କ, ପ୍ରତ୍ୟାଦିଷ୍ଟ-କ, ଅବର୍ତ୍ତିତ-କ, ଉତ୍ସାହିତ-କ; 3. ଜନ୍ମାଇବା, ଉତ୍ପାଦନ-କ ।—*v.i.* ନିଶ୍ୱାସ ଗ୍ରହଣ-କ ।

**Inspired**, *a.* ପ୍ରତ୍ୟାଦିଷ୍ଟ, ଅବର୍ତ୍ତିତ, ଅନୁପ୍ରାଣିତ, ସଞ୍ଚାରିତ ଅପୂର୍ବ ଆବେଶରେ ଲିଖିତ, ପ୍ରତ୍ୟାଦେଶରେ ଜାତ ।

**Inspirit**, *v.t.* ଉତ୍ସାହିତ-କ, ଉତ୍ତେଜିତ-କ, ଅନୁପ୍ରାଣିତ-କ, ସାହସ-ଦେ ।

**Inspissate**, *v.t.* କାଢ଼ି କରି ଘନୀଭୂତ-କ, ଫୁଟାଇ ବହଳିଆ-କ ।

**Inspissation**, *n.* କାଢ଼ି କରି ଘନୀଭୂତକରଣ ।

**Instability**, *n.* ଅସ୍ଥିରତା, ଅଦୃଢ଼ତା, ଚଞ୍ଚଳତା, ଚାଞ୍ଚଲ୍ୟ, ପରିବର୍ତ୍ତନଶୀଳତା ।

**Install**, *v.t.* 1. ପଦରେ ନିଯୁକ୍ତ-କ, ପଦସ୍ଥ-କ, ପଦାଭିଷିକ୍ତ-କ; 2. କୌଣସି ସ୍ଥାନରେ ବସାଇବା ।

**Installation**, *n.* ପଦାଭିଷେକ, ପ୍ରତିଷ୍ଠାପନ, ଅଭିଷେକ ।

**Instalment**, *n.* 1. ପଦାଭିଷେକ, 2. ଅଂଶାଂଶ; 3. କିସ୍ତି, ତଗାଦିଅଂଶ ଅସୁଲ ।

**Instance**, *n.* 1. ଅନୁରୋଧ, ପ୍ରାର୍ଥନା ; 2. ଉଦାହରଣ, ଦୃଷ୍ଟାନ୍ତ, ଘଟଣା ।—*v.t.* ଉଦାହରଣ-ଦେ, ଦୃଷ୍ଟାନ୍ତରୂପେ କହିବା ।

**Instant**, *a.* 1. ଅବିଲମ୍ବ, ତାତ୍କାଳିକ, ତାତ୍କ୍ଷଣିକ ; 2. ବର୍ତ୍ତମାନକାଳିକ, ବର୍ତ୍ତମାନ ମାସର, ଚଳିତ ମାସର ।—*n.* ନିମିଷ, କ୍ଷଣକାଳ ।

**Instantaneous**, *a.* କ୍ଷଣିକ, ତାତ୍କ୍ଷଣିକ, ନିମିଷରେ କୃତ ।

**Instantaneously**, *ad.* ନିମିଷରେ, ନିମିଷ ମଧ୍ୟରେ, କ୍ଷଣମାତ୍ରରେ ।

**Instantly**, *ad.* ଅବିଲମ୍ବେ, ତତ୍କ୍ଷଣାତ୍, ଏକ୍ଷଣି ।

**Instate**, *v.t.* ସ୍ଥାପନ-କ, ଅଭିଷିକ୍ତ-କ ।

**Instead**, *ad.* ପରିବର୍ତ୍ତେ, ବଦଳରେ, ସ୍ଥାନରେ, ସାଲଟେ ।

**Instep**, *n.* 1. ପାଦର ଉପରଭାଗ, ଗୋଡର ପିଠି; ପିଣ୍ଡିକା ; 2. ଘୋଡାର ପଛଗୋଡର ଉପରଭାଗ ।

**Instigate**, *v.t.* 1. ଉତ୍ତେଜିତ-କ, ଉସ୍କାଇବା ; 2. ପ୍ରବୃତ୍ତି ଜନ୍ମାଇବା, କୁମନ୍ତ୍ରଣା-ଦେ ।

**Instigation**, *n.* ଉତ୍ତେଜନା, ପ୍ରବର୍ତ୍ତନା, କୁପ୍ରବୃତ୍ତି, କୁମନ୍ତ୍ରଣା ।

**Instigator**, *n.* ପ୍ରବର୍ତ୍ତକ, କୁମନ୍ତ୍ରଣାଦାତା, କୁପରାମର୍ଶଦାତା ।

**Instil**, *v.t.* 1. ଟୋପାଏ ଢାଳିବା ; 2. ଧୀରେ ବା କ୍ରମେ ପ୍ରବେଶ କରାଇବା, ଅଗୋଚରରେ ପ୍ରବେଶ କରାଇବା, କ୍ରମେ ମନରେ ଗ୍ରହଣ କରାଇବା ।

**Instillation, Instilment**, *n.* 1. ଟୋପାଏ ଢାଳନ; 2. ଧୀରେ ଶିକ୍ଷାଦାନ, କ୍ରମେ ମନରେ ପାତନ ।

**Instinct**, *n.* *in'-stingkt*, 1. ସ୍ୱାଭାବିକ ଜ୍ଞାନ, ସହଜଜ୍ଞାନ, ପଶୁବୁଦ୍ଧି ; 2. ପ୍ରବୃତ୍ତି, କର୍ତ୍ତବ୍ୟର ବୋଧ ।—*a.* *in-stingkt'*, ଉତ୍ତେଜିତ, ଉଦ୍ଦୀପିତ, ଜୀବିତ ।

**Instinctive**, *a.* ସହଜଜ୍ଞାନ ଦ୍ୱାରା ପ୍ରବର୍ତ୍ତିତ, ସହଜାତ, ସ୍ୱାଭାବିକ ।

**Instinctively**, *ad.* ସହଜ ଜ୍ଞାନରେ, ସ୍ୱାଭାବିକ ଜ୍ଞାନ ବଳରେ, ସ୍ୱାଭାବିକ ପ୍ରକାରେ ।

**Institute**, *v.t.* 1. ସ୍ଥାପନ-କ, ପ୍ରଚଳନ-କ ; 2. ଆରମ୍ଭ-କ, ସୃଷ୍ଟି-କ ; 3. ପଦରେ ନିଯୁକ୍ତ-କ ।—*n.* 1. ସ୍ଥାପିତ ବିଷୟ, ସଂସ୍ଥାନ, ସ୍ଥାପିତ ବ୍ୟବସ୍ଥା ; 2. ବିଧି, ବିଧାନ, ନିୟମ ; 3. ସାହିତ୍ୟ ବା ବିଜ୍ଞାନ ସମାଜ; 4. ଉକ୍ତ ସମାଜର ଆଳୟ ; 5. *pl.* ମୂଳ ସୂତ୍ରର ଶାସ୍ତ୍ର ।

**Institution**, *n.* 1. ସ୍ଥାପନ, ଆରମ୍ଭ, ସୃଷ୍ଟି ; 2. ସ୍ଥାପିତ ବିଷୟ, ସଂସ୍ଥାନ ; 3. ନିୟମପ୍ରଣାଳୀ, ପ୍ରତିଷ୍ଠାନ; 4. ସଭା, ସମାଜ; 5. ସଭାଗୃହ, ସମାଜର ଆଳୟ ; 6. ସର୍ବାଙ୍ଗ ମଣ୍ଡଳୀରେ ଧର୍ମୋପଦେଶକର ପଦରେ ନିଯୁକ୍ତିକରଣ ।

stitutional, Institutionary, *a.* 1. ନିୟମପ୍ରଣାଳୀସମ୍ବନ୍ଧୀୟ, ପ୍ରତିଷ୍ଠାନସମ୍ବନ୍ଧୀୟ ; 2. ସାମାଜିକ ସଭାସମ୍ବନ୍ଧୀୟ : 3. ମୂଳସୂତ୍ରବିଷୟକ ।

**Institutive**, *a.* ସ୍ଥାପକ ।

**Instruct**, *v.t.* 1. ଶିଖାଇବା, ଶିକ୍ଷା-ଦେ, ଶିକ୍ଷିତ-କ ; 2. ଆଦେଶ-କ ; 3. ଜଣାଇବା, ଜ୍ଞାପନ-କ ।

**Instruction**, *n.* 1. ଶିକ୍ଷାଦାନ ; 2. ଶିକ୍ଷା, ଉପଦେଶ; 3. ଆଦେଶ, ଜ୍ଞାପନ ।

**Instructive**, *a.* ଶିକ୍ଷାଦାୟକ, ଉପଦେଶପ୍ରଦ, ଶିକ୍ଷାପୂର୍ଣ୍ଣ, ଜ୍ଞାନୋତ୍ପାଦକ ।

**Instructively**, *ad.* ଶିକ୍ଷାଦାୟକରୂପେ, ଶିକ୍ଷାପୂର୍ଣ୍ଣରୂପେ, ଜ୍ଞାନୋତ୍ପାଦକରୂପେ ।

**Instructor**, *n.* ଶିକ୍ଷକ, ଅଧ୍ୟାପକ, ଉପଦେଷ୍ଟା ।

**Instructress**, *n.* ଶିକ୍ଷିକା, ଶିକ୍ଷୟିତ୍ରୀ ।

**Instrument**, *n.* 1. ଅସ୍ତ୍ର, ଯନ୍ତ୍ର ; 2. ପ୍ରତିନିଧି; 3. ଉପାୟ, କାରଣ ; 4. ବାଦ୍ୟଯନ୍ତ୍ର ; 5. ଦଲିଲ, ନିଦର୍ଶନପତ୍ର ।

**Instrumental**, *a.* 1. ସାଧକ, କାରକ, କାରଣୀଭୂତ ; 2. ବାଦ୍ୟଯନ୍ତ୍ରସମ୍ବନ୍ଧୀୟ, ବାଦ୍ୟଯନ୍ତ୍ରୋତ୍ପନ୍ନ ।

**Instrumentalist**, *n.* ବାଦ୍ୟଯନ୍ତ୍ରବାଦକ ।

**Instrumentality**, *n.* 1. ସାଧକତ୍ୱ, କାରକତ୍ୱ, ପ୍ରତିନିଧିତ୍ୱ ; 2. ଉପାୟ ।

**Instrumentally**, *ad.* 1. ପ୍ରତିନିଧି ଦ୍ୱାରା, ଉପାୟରେ; 2. ବାଦ୍ୟଯନ୍ତ୍ର ସହିତେ ।

**Instrumentation**, *n.* 1. ଜଣକ ଯନ୍ତ୍ର ବ୍ୟବହାରର ଧାରା ; 2. ଜଣକ ଯନ୍ତ୍ରରେ କୃତ କାର୍ଯ୍ୟ ; 3. ବାଦ୍ୟଯନ୍ତ୍ର ବ୍ୟବହାରର ପ୍ରଥା; 4. ଭିନ୍ନ ବାଦ୍ୟଯନ୍ତ୍ର ପାଇଁ ସୁର୍ ରଚନ, ଭିନ୍ନ ବାଦ୍ୟଯନ୍ତ୍ର ପାଇଁ ଲିଖିତ ସୁର୍ ।

**Insubordinate**, *a.* ଅବଶ, ଅବାଧ୍ୟ, ବିଦ୍ରୋହୀ, ଅନାୟତ୍ତ ।

**Insubordination**, *n.* ଅବଶତା, ଅବାଧ୍ୟତା, ବିଦ୍ରୋହ ।

**Insufferable**, *a.* ଅସହ୍ୟ, ଅସହନୀୟ ।

**Insufferably**, *ad.* ଅସହ୍ୟରୂପେ, ଅସହନୀୟରୂପେ ।

**Insufficiency**, *n.* ଅପ୍ରଚୁରତା, ଅଯଥେଷ୍ଟତା, ଅକୁଳାଣ, ଅନୁପଯୁକ୍ତତା ।

**Insufficient**, *a.* ଅପ୍ରଚୁର, ଅଯଥେଷ୍ଟ, ଅନୁପଯୁକ୍ତ ।

**Insufficiently**, *ad.* ଅପ୍ରଚୁରରୂପେ, ଅଯଥେଷ୍ଟରୂପେ ।

**Insular**, *a.* 1. ଦ୍ୱୀପସମ୍ବନ୍ଧୀୟ, ଜଳରେ ବେଷ୍ଟିତ, ଦ୍ୱୀପୀୟ ; 2. ଦ୍ୱୀପବାସିସମ୍ବନ୍ଧୀୟ, ଦ୍ୱୀପବାସିମାନଙ୍କ ମତସମ୍ବନ୍ଧୀୟ ; 3. କ୍ଷୁଦ୍ରମନାଃ, ସଙ୍କୀର୍ଣ୍ଣମନାଃ, ଅନୁଦାର ।

**Insularity**, *n.* 1. ଦ୍ୱୀପସମ୍ବନ୍ଧୀୟତା ; 2. ଅନୁଦାରତା, ସଙ୍କୀର୍ଣ୍ଣତା ।

**Insularly**, *ad.* ଅନୁଦାରଭାବେ, ସଙ୍କୀର୍ଣ୍ଣ ମନରେ ।

**Insulate**, *v.t.* (ଦ୍ୱୀପ-କ), 1. ପୃଥକ୍-କ, ଅଲଗା-କ ; 2. ବିଦ୍ୟୁତର ଅପରିଚାଳକ ପଦାର୍ଥ ଦ୍ୱାରା ପୃଥକ୍-କ ।

**Insulation**, *n.* 1. ପୃଥକ୍କରଣ, ପୃଥଗବସ୍ଥା, ପୃଥକ୍ସ୍ଥିତି ; 2. ବିଦ୍ୟୁତର ଅପରିଚାଳକ ପଦାର୍ଥ ଦ୍ୱାରା ପୃଥକ୍କରଣ ।

**Insulator**, *n.* ଯେ ବା ଯାହା ପୃଥକ୍ କରେ, ବିଦ୍ୟୁତ୍ର ଉତ୍ତାପ ବା ଶବ୍ଦର ଅପରିଚାଳକ ପଦାର୍ଥ, ବିଦ୍ୟୁତ୍ର ଉତ୍ତାପ ବା ଶବ୍ଦର ଅପରିଚାଳକ ଯନ୍ତ୍ର ।

**Insult**, *n.* *in'-sult*, 1. ଅପମାନ, ଅମର୍ଯ୍ୟାଦା, ଅବଜ୍ଞା, ଅନାଦର ; 2. ଅବଜ୍ଞାଯୁକ୍ତ କଥା, ଦୁର୍ବଚନ, ଗାଳି ।—*v.t.* *in-sult'*, ଅପମାନ-କ, ଅମର୍ଯ୍ୟାଦା-କ, ଅବଜ୍ଞା-କ, ତୁଚ୍ଛଜ୍ଞାନ-କ ।

Insulting, *a.* ଅପମାନଜନକ, ଅପମାନକାରୀ, ଅବଜ୍ଞାକାରୀ ।

Insultingly, *ad.* ଅପମାନପୂର୍ବକ, ଘୃଣାପୂର୍ବକ, ଅବଜ୍ଞାକାରୀରୂପେ ।

Insuperability, *n.* ଅପାର୍ଯ୍ୟତା, ଅତରଣୀୟତା, ଅନତିକ୍ରମଣୀୟତା, ଅଜେୟତା ।

Insuperable, *a.* ଅପାର୍ଯ୍ୟ, ଅତରଣୀୟ, ଅନତିକ୍ରମଣୀୟ, ଅଜେୟ ।

Insuperably, *ad.* ଅପାର୍ଯ୍ୟରୂପେ, ଅତରଣୀୟରୂପେ, ଅଜେୟରୂପେ ।

Insupportable, *a.* ଅସହ୍ୟ, ଅସହନୀୟ ।

Insupportableness, *n.* ଅସହ୍ୟତା, ଅସହନୀୟତା ।

Insupportably, *ad.* ଅସହ୍ୟ ପରିମାଣରେ, ଅସହନୀୟରୂପେ ।

Insuppressible, *a.* 1. ଅନିବାରଣୀୟ, ଅଦମନୀୟ; 2. ଅଗୋପନୀୟ ।

Insurable, *a.* ବୀମାକରଣୀୟ, ବୀମାଯୋଗ୍ୟ ।

Insurance, *n.* 1. ବୀମାକରଣ, ବୀମା, କ୍ଷତି ଭରଣା ଚୁକ୍ତି; 2. ବୀମାପତ୍ର; 3. ବୀମା ନିମନ୍ତେ ଦେୟ ଟଙ୍କା; 4. ବୀମା ଦ୍ୱାରା ପ୍ରାପ୍ୟ ଟଙ୍କା; 5. ପ୍ରତିବିଧାନ ।—Insurance policy, ବୀମାପତ୍ର ।

Insure, *v.t.* 1. ନିଶ୍ଚିତ-କ, in this sense generally *Ensure*; 2. ବୀମା-କ, କ୍ଷତି ଭରଣା ନିମନ୍ତେ ଚୁକ୍ତି-କ ।

Insurgency, *n.* ବିଦ୍ରୋହ, ବିଦ୍ରୋହାଚରଣ ।

Insurgent, *a.* ବିଦ୍ରୋହୀ ।—*n.* ବିଦ୍ରୋହୀ ଲୋକ ।

Insurmountable, *n.* ଅନତିକ୍ରମଣୀୟ, ଅଜେୟ, ଅପାର୍ଯ୍ୟ ।

Insurrection, *n.* ରାଜଦ୍ରୋହ, ଶାସନକର୍ତ୍ତାମାନଙ୍କ ପ୍ରତି ପ୍ରକାଶ୍ୟ ବିରୋଧାଚରଣ ।

Insurrectional, Insurrectionary, *a.* ରାଜଦ୍ରୋହସମ୍ବନ୍ଧୀୟ, ରାଜଦ୍ରୋହୀ ।

Insusceptibility, *n.* 1. ଅନୁଭୂତିରେ ଅସମର୍ଥତା; 2. ଗ୍ରହଣରେ ଅକ୍ଷମତା ।

Insusceptible, *a.* 1. ଅନୁଭୂତିରେ ଅସମର୍ଥ, ଅବେଦନୀୟ, with *to*: 2. ଗ୍ରହଣାକ୍ଷମ, ଅଗ୍ରହଣଶୀଳ, with *of* ।

Intact, *a.* 1. ଅସ୍ପୃଷ୍ଟ; 2. ଅଖଣ୍ଡିତ, କ୍ଷତଶୂନ୍ୟ ।

Intagliated, *a.* ଖୋଦିତ ମୂର୍ତ୍ତିଯୁକ୍ତ ।

Intaglio, *in-tal'yo*, *n.* 1. ଖୋଦିତ ମୂର୍ତ୍ତି; 2. ଖୋଦିତ ମୂର୍ତ୍ତିଯୁକ୍ତ ମଣି ।

Intangible, *a.* ଅସ୍ପୃଶ୍ୟ, ଅସ୍ପୃଷ୍ଟ, ସ୍ପର୍ଶାଗୋଚର, ଅନୁପଲଭ୍ୟ, ଅମୂଳକ ।

Intangibleness, Intangibility, *n.* ଅସ୍ପର୍ଶନୀୟତା, ସ୍ପର୍ଶାଗୋଚରତା, ଅନୁପଲଭ୍ୟତା, ଅମୂଳକତା ।

Intangibly, *ad.* ଅସ୍ପୃଶ୍ୟରୂପେ, ଅସ୍ପୃଷ୍ଟରୂପେ, ସ୍ପର୍ଶାଗୋଚରରୂପେ ।

Integer, *n.* ପୂର୍ଣ୍ଣ ସଂଖ୍ୟା, ପୂର୍ଣ୍ଣାଙ୍କ, ଅଭଗ୍ନାଙ୍କ ।

Integral, *a.* 1. ଅଖଣ୍ଡ, ପୂର୍ଣ୍ଣ, ଷୋଳଅଣା; 2. ମୂଳାଂଶିକ, ପୂରଣ ନିମନ୍ତେ ଆବଶ୍ୟକ; 3. ଏକୀଭୂତକରଣସମ୍ବନ୍ଧୀୟ; 4. ପୂର୍ଣ୍ଣାଙ୍କକରଣସମ୍ବନ୍ଧୀୟ ।—*n.* ପୂର୍ଣ୍ଣ ସଂଖ୍ୟା, ମୋଟାଙ୍କ ।

Integrally, *ad.* 1. ଅଖଣ୍ଡଭାବେ, ପୂର୍ଣ୍ଣରୂପେ, ଷୋଳଅଣାରୂପେ; 2. ମୂଳାଂଶିକରୂପେ ।

Integrant, *a.* ପୂରକ, ମୂଳାଂଶିକ ।

Integrate, *v.t.* 1. ସମ୍ପୂର୍ଣ୍ଣ-କ, ସମ୍ପୂର୍ଣ୍ଣ ରଖିବା; 2. ମୋଟ ଦେଖାଇବା; 3. ପୂର୍ଣ୍ଣାଙ୍କ ବାହାର-କ; 4. ମୂଳାଂଶ କଷିବା ।

Integration, *n.* 1. ଏକୀଭୂତକରଣ, ସମ୍ପୂର୍ଣ୍ଣକରଣ; 2. ପୂର୍ଣ୍ଣାଙ୍କକରଣ ।

Integrity, *n.* 1. ଅଖଣ୍ଡତା, ସମ୍ପୂର୍ଣ୍ଣତା; 2. ସାଧୁତା, ସରଳତା, ସାରଲ୍ୟ, ବିଶୁଦ୍ଧତା ।

Integument, *n.* ଆବରଣ, ତ୍ୱକ୍, ଚର୍ମ, ଛାଲ, ଖୋଳପା ।

Integumentary, Integumental, *a.* ଚର୍ମସମ୍ବନ୍ଧୀୟ, ଛାଲସମ୍ବନ୍ଧୀୟ, ଚର୍ମଯୁକ୍ତ, ଛାଲଯୁକ୍ତ ।

Intellect, *n.* 1. ବୁଦ୍ଧିବୃତ୍ତି; 2. ବୁଦ୍ଧି, ମନ, ଧୀ, ପ୍ରଜ୍ଞା; 3. ବୁଦ୍ଧିମାନ୍ ଲୋକସମୂହ ।

Intellection, *n.* ବୁଦ୍ଧିଗତ, ଚିନ୍ତା, ବିଚାର ।

Intellective, *a.* 1. ବୁଦ୍ଧିସମ୍ବନ୍ଧୀୟ; 2. ବୁଦ୍ଧିଗ୍ରାହ୍ୟ; 3. ବୁଦ୍ଧିମାନ୍ ।

Intellectual, *a.* 1. ବୁଦ୍ଧିସମ୍ବନ୍ଧୀୟ, ବୁଦ୍ଧିବିଷୟକ, ମାନସିକ; 2. ବୁଦ୍ଧିମାନ୍, ଧୀମାନ୍ ।

Intellectualism, *n.* 1. ବୁଦ୍ଧିବିଶିଷ୍ଟତା, ଧୀଶକ୍ତି; 2. ବିଚାରଶକ୍ତିରୁ ଜ୍ଞାନ ଜାତ ହୁଏ ବୋଲି ଯେଉଁ ମତ ।

Intellectualist, *n.* 1. ଯେ ଧୀଶକ୍ତି ସାର ବୋଲି ଜ୍ଞାନ କରେ; 2. ବିଚାରଶକ୍ତିରୁ ଜ୍ଞାନ ଜାତ ହେବା ବିଷୟକ ମତଧାରୀ ।

Intellectuality, *n.* ବୁଦ୍ଧିବିଶିଷ୍ଟତା, ଧୀଶକ୍ତି ।

Intellectualize, *v.t.* 1. ବୁଦ୍ଧିବିଶିଷ୍ଟ-କ; 2. ମାନସିକ ଅର୍ଥଯୁକ୍ତ-କ; 3. ବୁଦ୍ଧି ଦ୍ୱାରା ବିଚାର-କ ।

Intellectually, *ad.* ବୁଦ୍ଧି ଦ୍ୱାରା, ବୁଦ୍ଧିପ୍ରକାଶକରୂପେ ।

Intelligence, *n.* 1. ବୁଦ୍ଧିଶକ୍ତି, ଧୀଶକ୍ତି, ବୁଦ୍ଧି, ମନ; 2. ଜ୍ଞାନ, ସମ୍ବାଦ, ସମାଚାର, ଖବର; 3. ବୁଦ୍ଧିବିଶିଷ୍ଟ ପ୍ରାଣୀ, ଅଚ୍ଛିକ ପ୍ରାଣୀ ।

Intelligencer, *n.* ସମ୍ବାଦବାହକ, ବାର୍ତ୍ତାବାହକ, ଦୂତ, ଚର ।

Intelligent, *a.* 1. ବୁଦ୍ଧିଯୁକ୍ତ; 2. ବୁଦ୍ଧିମାନ୍, ଧୀମାନ୍, ଦକ୍ଷ; 3. ବୁଦ୍ଧିପ୍ରକାଶକ ।

Intelligently, *ad.* ବୁଦ୍ଧିସହିତ, ବୁଦ୍ଧିମାନ୍‌ରୂପେ, ଦକ୍ଷରୂପେ ।

Intelligibility, Intelligibleness, *n.* ବୋଧଗମ୍ୟତା, ବୁଦ୍ଧିଗ୍ରାହ୍ୟତା ।

Intelligible, *a.* ବୋଧଗମ୍ୟ, ବୁଦ୍ଧିଗ୍ରାହ୍ୟ, ସୁସ୍ପଷ୍ଟ, ସୁବ୍ୟକ୍ତ ।

Intelligibly, *ad.* ବୋଧଗମ୍ୟରୂପେ, ବୁଦ୍ଧିଗ୍ରାହ୍ୟରୂପେ, ସୁସ୍ପଷ୍ଟରୂପେ ।

Intemperance, *n.* 1. ଅମିତାଚାର, ନିୟମାତିକ୍ରମ, ଅତ୍ୟାଚାର; 2. ମତ୍ତତା ।

Intemperant, *n.* ମତ୍ତ ଲୋକ, ମଦୁଆଳା ।

Intemperate, *a.* 1. ଅମିତାଚାରୀ; 2. ମଦ୍ୟ, ପାନାସକ୍ତ; 3. ଅପରିମିତ, ନିୟମାତିରିକ୍ତ, ଅତ୍ୟଧିକ ।—*n.* ମଦୁଆଲା ।

Intemperately, *ad.* 1. ଅମିତାଚାରରୂପେ; 2. ଅପରିମିତରୂପେ, ନିୟମାତିରିକ୍ତରୂପେ, ଅତ୍ୟଧିକରୂପେ ।

Intemperateness, *n.* 1. ଅମିତାଚାର, ଅତ୍ୟାଚାର; 2. ଶୀତ ବା ଗରମର ଆଧିକ୍ୟ, ପ୍ରଖରତା ।

Intend, *v.t.* 1. ମନସ୍ଥ-କ, ମନେ-କ, ସଙ୍କଳ୍ପ-କ; 2. ଅଭିପ୍ରାୟ-କ, ଚାହିବା ।

Intendancy, *n.* ସ୍ଥାନୀୟ ଶାସନକର୍ତ୍ତାର ପଦ, ସ୍ଥାନୀୟ ଶାସନକର୍ତ୍ତାର ଅଧୀନସ୍ଥ ଜିଲ୍ଲା । [କର୍ତ୍ତା ।

Intendant, *n.* 1. ତତ୍ତ୍ୱାବଧାରକ; 2. ସ୍ଥାନୀୟ ଶାସନ-

Intended, *p.a.* 1. ସଙ୍କଳ୍ପିତ; 2. ବାଗ୍‌ଦତ୍ତ ।—*n.* ବାଗ୍‌ଦତ୍ତ ଲୋକ ।

Intendedly, *ad.* ସଙ୍କଳ୍ପିତରୂପେ ।

Intense, *a.* 1. ଅତ୍ୟାବିଷ୍ଟ, ମନୋଯୋଗୀ, ଅତ୍ୟନ୍ତ, ଅତିଶୟ; 2. ତୀବ୍ର, ତୀକ୍ଷ୍ଣ, ପ୍ରଖର, ପ୍ରଚଣ୍ଡ ।

Intensely, *ad.* ତୀବ୍ରରୂପେ, ତୀକ୍ଷ୍ଣରୂପେ, ପ୍ରଖରରୂପେ, ପ୍ରଚଣ୍ଡରୂପେ ।

Intensify, *v.t.* 1. ବୃଦ୍ଧି-କ, ଅଧିକ ଉଗ୍ର-କ, ତୀବ୍ର-କ; 2. (in photography) ଫୋଟ ଗାଢ଼-କ ।—*v.i.* ବର୍ଦ୍ଧିତ-ହେ, ପ୍ରବଳ-ହେ, ଅଧିକ ଉଗ୍ର-ହେ, ତୀବ୍ର-ହେ ।

Intension, *n.* 1. ଟଣା ଅବସ୍ଥା, ପ୍ରସାରଣ; 2. (in logic) ଅନ୍ତର୍ଭୂତତା, ଗଭୀରତା; 3. ଆପେକ୍ଷିକ ପରିମାଣ ।

Intensity, Intenseness, *n.* 1. ଆପେକ୍ଷିକ ପରିମାଣ, ଆପେକ୍ଷିକ ବଳ, ତୀକ୍ଷ୍ଣତା, ତୀବ୍ରତା, ପ୍ରଚଣ୍ଡତା, ଉଗ୍ରତା, ଅତ୍ୟନ୍ତତା; 2. ଶକ୍ତିର ଜୋର, କାର୍ଯ୍ୟକାରୀ କାରଣର ଜୋର; 3. (in photography), ଫୋଟର ଗାଢ଼ତା ।

Intensive, *a.* 1. ବୃଦ୍ଧିକର, ଗୁରୁତାପ୍ରକାଶକ; 2. ବର୍ଦ୍ଧନକ୍ଷମ; 3. ସମ୍ପୂର୍ଣ୍ଣ; 4 (in logic), ଅନ୍ତର୍ଭୂତତା-ସମ୍ବନ୍ଧୀୟ ।—*n.* ବୃଦ୍ଧିକର ଶବ୍ଦ, ଗୁରୁତା ପ୍ରକାଶକ ଶବ୍ଦ ।

Intensively *ad.* ବୃଦ୍ଧିକରରୂପେ ।

Intensiveness, *n.* 1. ବୃଦ୍ଧିକରତା; 2. ବର୍ଦ୍ଧନକ୍ଷମତା; 3. ସମ୍ପୂର୍ଣ୍ଣତା ।

Intent, *a.* 1. ମନୋନିବିଷ୍ଟ, ଆବିଷ୍ଟ, ମନୋଯୋଗୀ; 2. ଆବଦ୍ଧ, ଦୃଢ଼ରୂପେ ଓ ନିତ୍ୟ ପ୍ରବୃତ୍ତ, with *on* or *upon* before a noun.—*n.* ଅଭିପ୍ରାୟ, ଉଦ୍ଦେଶ୍ୟ, ତାତ୍ପର୍ଯ୍ୟ ।—To all intents and purposes, ସର୍ବତୋଭାବେ, ସର୍ବପ୍ରକାରେ, ପ୍ରକୃତରେ ।

Intention, *n.* 1. ମନସ୍ଥକରଣ, ମାନସ; 2. ଅଭିପ୍ରାୟ, ଉଦ୍ଦେଶ୍ୟ, ଲକ୍ଷ୍ୟ, ମତଲବ ।

Intentional, *a.* ଅଭିପ୍ରେତ, ଜ୍ଞାନକୃତ, ଜ୍ଞାତସାର ।

Intentionally, *ad.* ଜାଣିଶୁଣି କରି, ଜ୍ଞାନପୂର୍ବକ, ଜ୍ଞାତସାରରେ, ଇଚ୍ଛତଃ । [tion.

Intentioned, *a.* ଅଭିପ୍ରେତ, used in composi-

Intently, *ad.* ଆବଦ୍ଧରୂପେ, ଦୃଢ଼ମନୋଯୋଗପୂର୍ବକ ।

Intentness, *n.* 1. ମନୋନିବିଷ୍ଟତା, ଆବିଷ୍ଟତା, ଏକାଗ୍ରତା, ଦୃଢ଼ମନୋଯୋଗ; 2. ଆବଦ୍ଧତା ।

Inter, *v.t.* ସମାହିତ-କ, ସମାଧି-ଦେ, ପୋତିବା ।

Interment, *n.* ସମାଧି ।

Interact, *n.* 1. ମଧ୍ୟ ଅଙ୍କ, ଗର୍ଭାଙ୍କ; 2. ଦୁଇ କାର୍ଯ୍ୟ ମଧ୍ୟରେ ସମୟର ବ୍ୟବହାର ।—*v.i.* ପରସ୍ପର ଅଭିଭୂତ-କ ।

Interaction, *n.* ପରସ୍ପର ଅଭିଭୂତକରଣ ।

Interbreed, *v.t.* and *i.* ପଶୁ ବା ଗଛର ଭିନ୍ନ ଜାତି ମିଶାଇ ବଢ଼ାଇବା ।

Intercalary, *a.* ମଧ୍ୟରେ ସନ୍ନିବେଶିତ, ମଧ୍ୟସ୍ଥିତ, ଅଧିକ (ଦିନ) ଯଥା:—ଫେବ୍ରୁଆରି ମାସର ୨୯ ତାରିଖ ।

Intercalate, *v.t.* 1. ଦିନ ବା ସମୟ ମଧ୍ୟରେ ସନ୍ନିବେଶିତ-କ; 2. ମଧ୍ୟରେ ସନ୍ନିବେଶିତ-କ ।

Intercalation, *n.* 1. ପଞ୍ଜିକାରେ ଏକ ଦିନ ସନ୍ନିବେଶିତକରଣ; 2. ମଧ୍ୟରେ ସନ୍ନିବେଶିତକରଣ, ମଧ୍ୟରେ ପ୍ରବେଶ ।

Intercede, *v.i.* ମଧ୍ୟସ୍ଥତା-କ, ମଧ୍ୟସ୍ଥ-ହେ, ଜଣକ ସପକ୍ଷରେ ନିବେଦନ-କ, ପରପାଇଁ ପ୍ରାର୍ଥନା-କ ।

Intercellular, *a.* କୋଷଯୁକ୍ତ ପରମାଣୁର ମଧ୍ୟସ୍ଥିତ ।

Intercept, *v.t.* 1. ବାଟରେ ଧରି ଅଟକାଇବା; 2. ଅଟକାଇବା, ବାଧା-ଦେ, ପ୍ରତିରୋଧ-କ ।

Interception, *n.* ଅଟକକରଣ, ଅଟକ, ପ୍ରତିରୋଧ ।

Interceptive, *a.* ଅଟକକାରୀ, ପ୍ରତିରୋଧକ ।

Intercession, *n.* ମଧ୍ୟସ୍ଥତା, ମଧ୍ୟସ୍ଥପଣ, ପରାର୍ଥେ ନିବେଦନ, ପର ପାଇଁ ପ୍ରାର୍ଥନା ।

Intercessional, *a.* ମଧ୍ୟସ୍ଥତାବିଷୟକ, ମଧ୍ୟସ୍ଥତାବିଶିଷ୍ଟ, ପରାର୍ଥେ ପ୍ରାର୍ଥନାବିଶିଷ୍ଟ ।

Intercessor, *n.* ମଧ୍ୟସ୍ଥ ପୁରୁଷ, ମଧ୍ୟସ୍ଥ, ପରାର୍ଥେ ପ୍ରାର୍ଥକ ।

Intercessory, *a.* ପରାର୍ଥେ ନିବେଦନବିଶିଷ୍ଟ, ମଧ୍ୟସ୍ଥ ।

Interchain, *v.t.* ଶିକୁଳିରେ ଏକତ୍ର ବାନ୍ଧିବା, ଏକାଠି ବାନ୍ଧିବା ।

Interchange, *v.t.* *in-ter-chanj'*, 1. ବିନିମୟ-କ, ବଦଳାବଦଳି-କ, ପରସ୍ପର ଆଦାନପ୍ରଦାନ-କ; 2. ପାଳିକ୍ରମେ ଚଳାଇବା ।—*n.* *in'-ter-chanj*, 1. ପରସ୍ପର ବିନିମୟ, ବିନିମୟ, ଆଦାନପ୍ରଦାନ; 2. ପାଳିର କ୍ରମ, ପାଳି ।

Interchangeable, *a.* 1. ବିନିମୟଯୋଗ୍ୟ, ବଦଳାବଦଳିଯୋଗ୍ୟ; 2. ପାଳିକ୍ରମିକ ।

Interchangeably, *ad.* 1. ବିନିମୟ ଭାବରେ; 2. ପାଳିକ୍ରମେ, ପର୍ଯ୍ୟାୟକ୍ରମେ ।

Intercolonial, *a.* ଦୁଇ ଉପନିବେଶ ମଧ୍ୟରେ ସ୍ଥିତ ।

Intercolonially, *ad.* ଦୁଇ ଉପନିବେଶର ମଧ୍ୟସ୍ଥାୟିରୂପେ ।

Intercolumniation, *n.* 1. ସ୍ତମ୍ଭଶ୍ରେଣୀ ମଧ୍ୟରେ ସ୍ଥାନପରିମାଣର ପ୍ରଣାଳୀ; 2. ସ୍ତମ୍ଭଦ୍ୱୟର ମଧ୍ୟବର୍ତ୍ତୀ ସ୍ଥାନ ।

Intercommunicate, *v.i.* ପରସ୍ପର କଥାବାର୍ତ୍ତା-କ, ପରସ୍ପର ଆଳାପ-କ ।

**Intercommunicable,** *a.* ପରସ୍ପର ଜ୍ଞାତବ୍ୟ ।

**Intercommunication,** *n.* ପରସ୍ପର କଥାବାର୍ତ୍ତା, ପରସ୍ପର ଜ୍ଞାତକରଣ । [କଥାବାର୍ତ୍ତା ।

**Intercommunion,** *n.* ପରସ୍ପର ଆଳାପ, ପରସ୍ପର

**Intercommunity,** *n.* ପରସ୍ପର ଆଳାପନ, ପରସ୍ପର ଜ୍ଞାତକରଣ, ସୁହୃଦ ଆଳାପ ।

**Intercomparison,** *n.* ବିବିଧ ବିଷୟ ମଧ୍ୟରେ ତୁଳନା ।

**Interconnect,** *v.t.* ଦୃଢରୂପେ ଯୁକ୍ତ-କ, ଉଭୟ ବନ୍ଧନ ଦ୍ୱାରା ଯୁକ୍ତ-କ ।

**Interconnection,** *n.* 1. ଉଭୟ ବନ୍ଧନ ଦ୍ୱାରା ଯୁକ୍ତ ଅବସ୍ଥା ; 2. ଯୁକ୍ତକାରୀ ବିଷୟ ।

**Intercostal,** *a.* ପଞ୍ଜରମଧ୍ୟସ୍ଥ ।

**Intercourse,** *n.* 1. ପରସ୍ପର ବ୍ୟବହାର ବା ବ୍ୟବସାୟ, ବ୍ୟବସାୟ, ଯାତାୟାତ, ସମାଗମ; 2. ବୋଧର ବିନିମୟ, ମାନସିକ ବା ପାରମାର୍ଥିକ ଆଳାପ, ଆଳାପ ; 3. ସଂସର୍ଗ ।

**Intercross,** *v.t.* and *i.* 1. ପରସ୍ପର ଅଡ଼ାଅଡି ଦିବା ; 2. ପଶୁ ବା ଗଛର ଭିନ୍ନ ଜାତି ମିଶାଇ ବଢାଇବା ।

**Intercurrent,** *a.* ମଧ୍ୟବର୍ତ୍ତୀ । [ସ୍ପର ନିର୍ଭରତା ।

**Interdependence, Interdependency,** *n.* ପର-

**Interdependent,** *a.* ପରସ୍ପର ନିର୍ଭରଶୀଳ ।

**Interdict,** *v.t.* *in-ter-dikt'*, 1. ନିଷେଧ-କ, ନିବାରଣ-କ, ମନା-କ ; 2. ଧର୍ମସ୍ୱୀକାର ବା ଧର୍ମକ୍ରିୟାରୁ ନିବାରଣ-କ ।—*n.* *in'-ter-dikt*, 1. ନିଷେଧ, ନିବାରଣ, ନିଷେଧାଜ୍ଞା ; 2. ଧର୍ମୋପାସନା ଓ ଧର୍ମକ୍ରିୟା କରିବାକୁ ପୋପଙ୍କର ନିଷେଧାଜ୍ଞା ।

**Interdiction,** *n.* ନିଷେଧକରଣ, ନିବାରଣ, ନିଷେଧାଜ୍ଞା ।

**Interdictory,** *a.* ନିଷେଧକ, ନିବାରକ, ନିବାରଣକ୍ଷମ ।

**Interdigital,** *a.* ଅଙ୍ଗୁଳିମଧ୍ୟସ୍ଥିତ ।

**Interdigitate,** *v.t.* ଅଙ୍ଗୁଳି ମଧ୍ୟରେ ରଖିବା, ଅଙ୍ଗୁଳି ପରି ଏକ ଅନ୍ୟେକ ମଧ୍ୟରେ ରଖିବା ।

**Interdigitation,** *n.* 1. ଅଙ୍ଗୁଳି ମଧ୍ୟରେ ରକ୍ଷଣ ; 2. ଅଙ୍ଗୁଳି ମଧ୍ୟବର୍ତ୍ତୀ ସ୍ଥାନ ।

**Interest,** *v.t.* 1. ମନୋଯୋଗ ଜନ୍ମାଇବା, ସହାନୁଭୂତି ଜନ୍ମାଇବା ; 2. ଲିପ୍ତ-କ, ସହଭାଗୀ କରାଇବା ।—*n.* 1. ସହାନୁଭୂତି, ଆଦର, ମନୋଯୋଗ; 2. ଲାଭ, ମୁନାଫା; 3. ଅଂଶ, ଭାଗ, ସମ୍ପର୍କ ; 4. ସୁଧ, ବୃଦ୍ଧି ; 5. ପ୍ରଭାବ. କ୍ଷମତା , 6. କୌଣସି ବ୍ୟବସାୟସମ୍ପର୍କୀୟ ଦଳ ; 7. ସ୍ୱାର୍ଥ ।

**Interested,** *p.a.* 1. ଆକୃଷ୍ଟ, ଅବଷ୍ଟ ; 2. ସ୍ୱାର୍ଥପର, ପକ୍ଷପାତୀ; 3. ଅଂଶୀ, ଭାଗୀ ।

**Interesting,** *p.a.* ଆକର୍ଷଣକାରୀ, ମନୋହର, ଚିତ୍ତାକର୍ଷକ, କୌତୂହଳଜନକ ।

**Interestingly,** *ad.* ମନୋହରରୂପେ, ଚିତ୍ତାକର୍ଷକରୂପେ ।

**Interfemoral,** *a.* ଜଙ୍ଘମଧ୍ୟସ୍ଥିତ ।

**Interfere,** *v.i.* 1. ବିରୋଧୀ-ହେ ; 2. ପରକାର୍ଯ୍ୟରେ ହାତ-ଦେ, ପରର ବିଷୟରେ ପଶିବା ; 3. ବାଧାଜନକ -ହେ ; 4. (in physics), ପରସ୍ପର ବିପରୀତ ବାଧା ବା ପରିବର୍ତ୍ତନ-କ ।

**Interference,** *n.* 1. ବିରୋଧ ; 2. ଅନ୍ୟର କର୍ମରେ ହସ୍ତକ୍ଷେପ ; 3. ବାଧାଜନକ ବିଷୟ; 4. ପରସ୍ପର ବିପରୀତ କ୍ରିୟା ବା ପରିବର୍ତ୍ତନକାରୀ କ୍ରିୟା ।

**Interfluent,** *a.* ମଧ୍ୟରେ ପ୍ରବହନଶୀଳ ।

**Interfuse,** *v.t.* 1. ମଧ୍ୟରେ ଢାଳିବା, ମଧ୍ୟରେ ବ୍ୟାପ୍ତ କରାଇବା ; 2. ମିଶାଇବା ।—*v.i.* ମିଶିଯିବା ।

**Interfusion,** *n.* ମଧ୍ୟରେ ଢାଳନ, ମଧ୍ୟରେ ବ୍ୟାପ୍ତକରଣ, ମିଶ୍ରଣ ।

**Interim,** *n.* ମଧ୍ୟସମୟ, ମଧ୍ୟକାଳ ।—In the interim, ଏଥିମଧ୍ୟରେ, ଇତିମଧ୍ୟରେ, ଏହି ଅବସରରେ ।—*a.* ମଧ୍ୟସାମୟିକ, ମଧ୍ୟକାଳିକ, କ୍ଷଣକାଳସ୍ଥାୟୀ ।

**Interior,** *a.* 1. ଭିତରସ୍ଥ, ଆଭ୍ୟନ୍ତରିକ ; 2. ମଧ୍ୟସ୍ଥ, ମଧ୍ୟବର୍ତ୍ତୀ ।—*n.* 1. ଭିତର ଭାଗ, ଭିତର, ଅଭ୍ୟନ୍ତର ; 2. ଦେଶ ମଧ୍ୟବର୍ତ୍ତୀ ସ୍ଥାନ, ଦେଶ ମଧ୍ୟ ; 3. ସ୍ୱଦେଶର ଭାରପ୍ରାପ୍ତ ମନ୍ତ୍ରିସମୂହ ।

**Interiorly,** *ad.* ଭିତରେ, ଅନ୍ତରେ, ମନରେ ।

**Interjacent,** *a.* ମଧ୍ୟସ୍ଥିତ, ମଧ୍ୟବର୍ତ୍ତୀ ।

**Interject,** *v.t.* ମଧ୍ୟରେ ପକାଇବା ।

**Interjection,** *n.* 1. ମଧ୍ୟରେ ପ୍ରକ୍ଷେପ; 2. (ମଧ୍ୟରେ ପ୍ରକ୍ଷିପ୍ତ) ଭାବପ୍ରକାଶକ ଶବ୍ଦ, ଅବ୍ୟୟ ଶବ୍ଦ ; 3. ହଠାତ୍ ଉଚ୍ଚାରଣ ।

**Interjectional, Interjectionary,** *a.* 1. ମଧ୍ୟରେ ପ୍ରକ୍ଷିପ୍ତ, ଅବ୍ୟୟ ଶବ୍ଦସମ୍ବନ୍ଧୀୟ, ଅବ୍ୟୟ ଶବ୍ଦ ତୁଲ୍ୟ; 2. ହଠାତ୍ ଉଚ୍ଚାରିତ । [ଉଚ୍ଚାରିତରୂପେ ।

**Interjectionally,** *ad.* ଅବ୍ୟୟ ଶବ୍ଦରୂପେ, ହଠାତ୍

**Interlace,** *v.t.* ଏକାନ୍ୟେକ ମଧ୍ୟରେ ଗୁନ୍ଥାଇବା ।—*v i.* ଏକାନ୍ୟେକ ମଧ୍ୟରେ ଗୁନ୍ଥା-ହେ । [କର୍ମ ।

**Interlacement,** *n.* ଏକାନ୍ୟେକ ମଧ୍ୟରେ ଗୁନ୍ଥାଇବା

**Interlard,** *v.t.* ମଧ୍ୟରେ ମିଶାଇବା, ମିଶାଇବା ।

**Interleave,** *v.t.* ପ୍ରତ୍ୟେକ ପୃଷ୍ଠା ଉତ୍ତାରେ ସାଦା କାଗଜ -ଦେ ।

**Interline,** *v.t.* 1. ଦୁଇ ଧାଡି ମଧ୍ୟରେ ଲେଖିବା ; 2. ଏକ ଧାଡି ସ୍ଥାନ ଅନ୍ୟେକ ଧାଡିରେ ଲେଖିବା ବା ଛାପିବା ।

**Interlinear, Interlineal, Interlineary,** *a.* ଦୁଇ ଧାଡି ମଧ୍ୟରେ ଲିଖିତ ବା ମୁଦ୍ରିତ, ଦୁଇ ଧାଡି ମଧ୍ୟରେ ସ୍ଥିତ ।

**Interlinearly,** *ad.* ଦୁଇ ଧାଡିର ମଧ୍ୟସ୍ଥିତରୂପେ, ଦୁଇ ଧାଡି ମଧ୍ୟରେ ଲିଖିତରୂପେ ।

**Interlineation,** *n.* ଦୁଇ ଧାଡି ମଧ୍ୟରେ ଲିଖନ, ଦୁଇ ଧାଡି ମଧ୍ୟରେ ଲିଖିତ କଥା ।

**Interlock,** *v.i.* ଏକାନ୍ୟେକ ସହିତ ଦୃଢରୂପେ ବନ୍ଦ-ହେ ; *v.t.* ଏକାନ୍ୟେକକୁ ଦୃଢରୂପେ ବନ୍ଦ-କ ।

**Interlocution,** *n.* ଉଭୟ ଲୋକମାନଙ୍କ ମଧ୍ୟରେ କଥୋପକଥନ, ପାଳିକ୍ରମେ କଥୋପକଥନ ।

**Interlocutor,** *n.* 1. ପାଳିକ୍ରମେ କଥୋପକଥନକାରୀ; 2. (Scots law), ରାୟ ।

**Interlocutory,** *a.* 1. କଥୋପକଥନବିଶିଷ୍ଟ ; 2. ଅନିଷ୍ପତ୍ତିକାରୀ.

**Interlope**, *v.i.* ବିନା ଅନୁମତିରେ ବାଣିଜ୍ୟ-କ, ପର ବିଷୟରେ ଅନଧିକାରରେ ପ୍ରବେଶ-କ ।

**Interloper**, *n.* ପର ବିଷୟରେ ଅନଧିକାରରେ ପ୍ରବେଶକାରୀ ଲୋକ, ଅନଧିକାରୀ ପ୍ରବେଶକ, ଅନିମନ୍ତ୍ରିତ ଅତିଥି ।

**Interlude**, *n.* 1. ମଧ୍ୟରଙ୍ଗ, ଯାତ୍ରାର ଅଭ୍ୟନ୍ତର କୌତୁକ; 2. ମଧ୍ୟସ୍ଥିତ ବାଦ୍ୟ ।

**Interlunar**, *a.* ନୂତନ ଓ ପୁରାତନ ଚନ୍ଦ୍ରର ମଧ୍ୟକାଳୀନ ।

**Intermarriage**, *n.* ଦୁଇ ପରିବାର କୁଳ ବା ଜାତି ମଧ୍ୟରେ ବିବାହ । [ମିଳିତ-ହେ ।

**Intermarry**, *v.i.* ପରସ୍ପର ବିବାହ-କ, ବିବାହ ଦ୍ୱାରା

**Intermeddle**, *v.i.* ପରକାର୍ଯ୍ୟରେ ଅନଧିକାରରେ ହାତ-ଦେ, ଅନଧିକାରରେ ପଶିବା ।

**Intermediary**, *a.* ମଧ୍ୟବର୍ତ୍ତୀ, ମଧ୍ୟସ୍ଥିତ ।—*n.* 1. ମଧ୍ୟସ୍ଥ ଲୋକ; 2. ମଧ୍ୟସ୍ଥତା । [ମଧ୍ୟସ୍ଥିତ ।

**Intermediate, Intermedial**, *a.* ମଧ୍ୟମ, ମଧ୍ୟବର୍ତ୍ତୀ,

**Intermediately**, *ad.* ମଧ୍ୟସ୍ଥାନରେ ।

**Intermediation**, *n.* ମଧ୍ୟସ୍ଥତା ।

**Intermedium**, *n.* ମଧ୍ୟସ୍ଥାନ, ମଧ୍ୟକାଳ, ମଧ୍ୟସ୍ଥ ଲୋକ ।

**Interment**, *n.* ସମାଧି ।

**Intermigration**, *n.* ପରସ୍ପର ଦେଶାନ୍ତରେ ଗମନ ।

**Interminable, Interminate**, *a.* ଅଶେଷ, ଅସୀମ ।

**Interminably**, *ad.* ଅଶେଷରୂପେ, ଅସୀମରୂପେ ।

**Intermingle, Intermix**, *v.t.* ସଂମିଶ୍ରିତ-କ, ମିଶାଇବା, ମିଳାଇବା ।—*v.i.* ସଂମିଶ୍ରିତ-ହେ, ମିଶିବା ।

**Intermission**, *n.* 1. ବନ୍ଦକରଣ, ନିବୃତ୍ତି; 2. ବିରାମ, ବିଶ୍ରାମ, କିଛି ଅବସର ।

**Intermit**, *v.t.* କିଛି କାଳ ନିବୃତ୍ତ-କ, କିଛି କାଳ ବନ୍ଦ-କ ।—*v.i.* କିଛିକାଳ ନିବୃତ୍ତ-ହେ, କିଛିକାଳ ଛାଡ଼ିଯିବା, ମଧ୍ୟେ ମଧ୍ୟେ ଉପଶମ-ହେ ।

**Intermittence, Intermittency**, *n.* ବିରତବିଶିଷ୍ଟତା, ପାଳିକ୍ରମ ।

**Intermittent**, *a.* ବିରତବିଶିଷ୍ଟ, ଅନିତ୍ୟ, ପାଳି ଅନୁସାରେ ।—*n.* ପାଳିଜ୍ୱର ।

**Intermixture**, *n*, ମିଶ୍ରଣ, ମିଶ୍ରିତ ଦ୍ରବ୍ୟ ।

**Intermundane**, *a.* ଦୁଇ ଜଗତର ମଧ୍ୟବର୍ତ୍ତୀ, ଦୁଇ ମଣ୍ଡଳର ମଧ୍ୟସ୍ଥାୟୀ ।

**Intermural**, *a.* ଦୁଇ ପ୍ରାଚୀରର ମଧ୍ୟସ୍ଥାୟୀ ।

**Intern**, *v.t.* ନିରୂପିତ ସୀମା ମଧ୍ୟରେ ବନ୍ଦ-କ, ନଜରବନ୍ଦରେ ରଖିବା ।

**Internal**, *a.* 1. ଭିତରସ୍ଥ, ଭିତର, ଅନ୍ତରସ୍ଥ, ଅଭ୍ୟନ୍ତରସ୍ଥ; 2. ଆନ୍ତରିକ; 3. ଦେଶୀୟ, ଗୃହସ୍ଥ; 4. ଗର୍ଭସ୍ଥ, ଅନ୍ତର୍ଗତ ।

**Internally**, *ad.* 1. ଭିତରେ, ଅନ୍ତରେ, ଅଭ୍ୟନ୍ତରେ; 2. ମନରେ, ଆତ୍ମାରେ; 3. ଦେଶୀୟ ବିଷୟସମ୍ପର୍କରେ ।

**International**, *a.* ଉଭୟ ଜାତିସମ୍ବନ୍ଧୀୟ, ଉଭୟ ଦେଶର ପରସ୍ପର ବ୍ୟବହାରସମ୍ବନ୍ଧୀୟ ।—**International law**, ଉଭୟ ଦେଶର ସାଧାରଣ ବିଧି, ଉଭୟ ଦେଶର ପରସ୍ପର ବ୍ୟବହାର ସମ୍ବନ୍ଧୀୟ ବ୍ୟବସ୍ଥା ।

**Internationally**, *ad.* ଉଭୟ ଦେଶର ପରସ୍ପର ବ୍ୟବହାରସମ୍ବନ୍ଧୀୟ ବ୍ୟବସ୍ଥାନୁସାରେ ।

**Internecine**, *a.* ପରସ୍ପର ସଂହାରକ, ଘାତକ, ବିନାଶକ । [ନଜରବନ୍ଦୀ ।

**Internment**, *n.* ନିରୂପିତ ସୀମା ମଧ୍ୟରେ ବନ୍ଦକରଣ,

**Internuncio**, *n.* 1. ଦୁଇ ପକ୍ଷମଧ୍ୟରେ ବାର୍ତ୍ତାବାହକ; 2. ସ୍ୱୀୟ ସଭ୍ୟଙ୍କୁ ପ୍ରେରିତ ପୋପଙ୍କ ପ୍ରତିନିଧିର ଉପାଧି ।

**Interpellate**, *v.t.* କର୍ତ୍ତୃତ୍ୱରୂପେ ପ୍ରଶ୍ନ-କ, ପ୍ରଶ୍ନ-କ, ପ୍ରଶ୍ନ ଦ୍ୱାରା ଅଟକାଇବା ।

**Interpellation**, *n.* 1. କଥା ଦ୍ୱାରା ବ୍ୟାଘାତ; 2. ମହାସଭାରେ ମନ୍ତ୍ରୀଙ୍କୁ ସମ୍ଭାଷିତ ପ୍ରଶ୍ନ; 3. ମଧ୍ୟସ୍ଥତା; 4. ଆହ୍ୱାନପତ୍ର, ତଲବଚିଠି ।

**Interpenetrate**, *v.t.* ସମ୍ପୂର୍ଣ୍ଣରୂପେ ପ୍ରବେଶ-କ, ଏକାରେକ ମଧ୍ୟରେ ପ୍ରବେଶ-କ ।

**Interpenetration**, *n.* ସମ୍ପୂର୍ଣ୍ଣରୂପେ ପ୍ରବେଶକରଣ, ଏକାରେକ ମଧ୍ୟରେ ପ୍ରବେଶ ।

**Interplanetary**, *a.* ଗ୍ରହମାନଙ୍କର ମଧ୍ୟସ୍ଥିତ ।

**Interpolable**, *a.* ମଧ୍ୟରେ ରଖିବାର ଉପଯୁକ୍ତ ।

**Interpolate**, *v.t.* 1. (ହସ୍ତଲିପି ବା ରଚନା) ମଧ୍ୟରେ ଅନୁଚିତରୂପେ ରଖିବା, କୃତ୍ରିମ କଥା ବା ପ୍ରକରଣ ଯୋଗ-କ; 2. ମଧ୍ୟସ୍ଥାନରେ ରଖିବା ।

**Interpolation**, *n.* କୃତ୍ରିମ କଥା ବା ପ୍ରକରଣ ଯୋଗକରଣ, କୃତ୍ରିମ କଥା ବା ପ୍ରକରଣ ।

**Interpose**, *v.t.* ମଧ୍ୟରେ ରଖିବା ।—*v.i.* 1. ମଧ୍ୟସ୍ଥ-ହେ, ମଧ୍ୟରେ ପଶିବା; 2. ଆପତ୍ତି-କ । [ଆଗମନ ।

**Interposition, Interposal**, *n.* ମଧ୍ୟସ୍ଥତା, ମଧ୍ୟରେ

**Interpret**, *v.t.* 1. ଅର୍ଥ ବୁଝାଇବା, ଅର୍ଥ-କ, ବ୍ୟାଖ୍ୟା-କ; 2. ଭାଷାନ୍ତର କରି କହିବା; 3. ବୁଝିବା, ବୋଧ-କ; 4. ପ୍ରଦର୍ଶନ-କ ।

**Interpretable**, *a.* ଅର୍ଥକରଣୀୟ, ବ୍ୟାଖ୍ୟାଯୋଗ୍ୟ, ଭାଷାନ୍ତରକରଣୀୟ ।

**Interpretation**, *n.* 1. ବ୍ୟାଖ୍ୟାକରଣ, ବ୍ୟାଖ୍ୟା, ଅର୍ଥ; 2. ଭାଷାନ୍ତର; 3. ଅଭିନୟରେ ପ୍ରଦର୍ଶନ ।

**Interpretative**, *a.* ଅର୍ଥକାରକ, ବ୍ୟାଖ୍ୟାକାରକ, ବ୍ୟାଖ୍ୟାପୂର୍ଣ୍ଣ ।

**Interpreter**, *n.* ଯେ ବା ଯାହା ଅର୍ଥ ବୁଝାଏ, ଭାଷାନ୍ତରକାରୀ, ଅନୁବାଦକାରୀ । [କାଳ ।

**Interregnum**, *n.* 1. ଅରାଜକ କାଳ; 2. ସ୍ଥଗିତ ଥିବା

**Interrelation**, *n.* ପରସ୍ପରର ସମ୍ବନ୍ଧ ।

**Interrogate**, *v.t.* ପ୍ରଶ୍ନ-କ, ପଚାରିବା, ପ୍ରଶ୍ନ ଦ୍ୱାରା ପରୀକ୍ଷା-କ ।

**Interrogation**, *n.* 1. ପ୍ରଶ୍ନକରଣ, ପ୍ରଶ୍ନ ଦ୍ୱାରା ପରୀକ୍ଷା; 2. ପ୍ରଶ୍ନ: 3. ପ୍ରଶ୍ନଚିହ୍ନ, ଯଥା,—? ।

**Interrogative**, *a.* ପ୍ରଶ୍ନାର୍ଥକ, ପ୍ରଶ୍ନସୂଚକ, ପ୍ରଶ୍ନରୂପକ ।—*n.* ପ୍ରଶ୍ନବାଚୀ ଶବ୍ଦ, ପ୍ରଶ୍ନାର୍ଥକ ସର୍ବନାମ ବା କ୍ରିୟା ବିଶେଷଣ ଯଥା,—କେ? କେଉଁଠାରେ?

**Interrogatively**, *ad.* ପ୍ରଶ୍ନରୂପରେ, ପ୍ରଶ୍ନାର୍ଥକରୂପେ, ପ୍ରଶ୍ନସୂଚକରୂପେ, ପ୍ରଶ୍ନକ୍ରମେ ।

**Interrogatory,** *n.* ପ୍ରଶ୍ନ ; (in law) ସଉଆଲ, ସଉଆଲର ଫର୍ଦ ।—*a.* ପ୍ରଶ୍ନବିଶିଷ୍ଟ, ପ୍ରଶ୍ନସୂଚକ ।
**Interrupt,** *v.t.* 1. ବ୍ୟାଘାତ-କ, ଅଟକ-କ, ବାଧା-ଦେ; 2. ହଠାତ୍ ଶେଷ କରିଦେବା ।
**Interrupted,** *p.a.* ବିଶୃଙ୍ଖଳ ।
**Interruptedly,** *ad.* ବିଶୃଙ୍ଖଳରୂପେ ।
**Interruption,** *n.* 1. ବ୍ୟାଘାତକରଣ, ହଠାତ୍ ଶେଷକରଣ ; 2. ଭଙ୍ଗ ; 3. ବାଧା, ଅଟକ, ବ୍ୟାଘାତ ।
**Interruptive,** *a.* ବ୍ୟାଘାତକାରୀ, ବାଧାଜନକ ।
**Intersect,** *v.t.* ପରସ୍ପର କାଟିବା, ମଧ୍ୟରେ ଯାଇ ବିଭାଗ-କ ।—*v.i.* ପରସ୍ପର କାଟିବା ।
**Intersection,** *n.* 1. ପରସ୍ପର ଛେଦନ, ପରସ୍ପର ଛେଦନ ଅବସ୍ଥା ; 2. ଦୁଇ ରେଖାର ପରସ୍ପର ଛେଦନ ସ୍ଥଳ ; ଦୁଇ ସମଭୂମିର ପରସ୍ପର ଛେଦନ ସ୍ଥଳ ।
**Intersidereal,** *a.* ତାରାଗଣର ମଧ୍ୟସ୍ଥିତ ।
**Interspace,** *n.* ମଧ୍ୟବର୍ତ୍ତୀ ସ୍ଥାନ, ଅଭ୍ୟନ୍ତର ସ୍ଥାନ ।
**Intersperse,** *v.t.* 1. ଏଣେତେଣେ ପକାଇବା, ଇତସ୍ତତଃ ନିକ୍ଷେପ-କ, ବିଞ୍ଚିବା ; 2. ଅଳଙ୍କୃତ-କ ।
**Interspersion,** *n.* ବିଞ୍ଚିବା କର୍ମ ।
**Interstellar, Interstellary,** *a.* ତାରାଗଣ ମଧ୍ୟବର୍ତ୍ତୀ ।
**Interstice,** *n.* ଫାଙ୍କ, ଅନ୍ତରାଳ, ଛିଦ୍ର ।
**Interstitial,** *a.* ଫାଙ୍କସମ୍ବନ୍ଧୀୟ, ଅନ୍ତରାଳସମ୍ବନ୍ଧୀୟ, ଫାଙ୍କଯୁକ୍ତ, ଅନ୍ତରାଳବିଶିଷ୍ଟ ।
**Intertexture,** *n.* ମଧ୍ୟେ ବୁଣାଟକରଣ, ମଧ୍ୟେ ବୁଣାଟ ଦ୍ରବ୍ୟ ।
**Intertropical,** *a.* ଅୟନମଧ୍ୟବର୍ତ୍ତୀ ।
**Intertwine, Intertwist,** *v.t.* ପାକଳ କରି ବଳିବା, ଗ୍ରନ୍ଥିତ-କ ।
**Interval,** *n.* 1. ମଧ୍ୟବର୍ତ୍ତୀ ସ୍ଥାନ, ଅଭ୍ୟନ୍ତର ସ୍ଥଳ ; 2. ମଧ୍ୟକାଳ, ମଧ୍ୟବର୍ତ୍ତୀ କାଳ ; 3. ବିଚ୍ଛେଦର ପରିମାଣ, ପ୍ରଭେଦ ।
**Intervene,** *v.i.* 1. ମଧ୍ୟବର୍ତ୍ତୀ-ହେ, ମଧ୍ୟରେ ଆଗମନ-କ, ବ୍ୟବହିତ-ହେ ; 2. ମଧ୍ୟସ୍ଥ-ହେ ; 3. ବ୍ୟାଘାତ-କ ।
**Intervention,** *n.* ମଧ୍ୟସ୍ଥତା, ମଧ୍ୟବର୍ତ୍ତିତା, ସାହାଯ୍ୟ ।
**Interview,** *n.* ସାକ୍ଷାତ୍, ଦେଖାଶୁଣା, ପରସ୍ପରଦର୍ଶନ ।—*v.t.* ସମ୍ବାଦ ଛପାଇବା ନିମନ୍ତେ ସାକ୍ଷାତ୍ କରି ପ୍ରଶ୍ନ-କ ।
**Interviewer,** *n.* ସମ୍ବାଦ ଛପାଇବା ନିମନ୍ତେ ଯେ ସାକ୍ଷାତ୍ କରି ପ୍ରଶ୍ନ କରେ ।
**Interweave,** *v.t.* ସଂଗ୍ରଥିତ-କ, ଗ୍ରନ୍ଥିତ-କ ।
**Intestable,** *a.* ଦାନପତ୍ରକରଣାକ୍ଷମ ।
**Intestacy,** *n.* ଦାନପତ୍ର ଅଭାବ ।
**Intestate,** *a.* ଦାନପତ୍ର ନ କରି ମୃତ, ଦାନପତ୍ର ରହିତ, ବା ଉତ୍ତରଦାୟୀ ।—*n.* ଦାନପତ୍ର ରହିତ ମୃତ ବ୍ୟକ୍ତି ।
**Intestinal,** *a.* ଅନ୍ତ୍ରସମ୍ବନ୍ଧୀୟ, ଅନ୍ତୁଡ଼ିବିଷୟକ ।
**Intestine,** *a.* 1. ସ୍ୱଦେଶୀୟ, ଅଭ୍ୟନ୍ତରୀଣ ; 2. ଅନ୍ତସ୍ଥ, ଭିତରସ୍ଥ ।—*n.* (generally in *pl.*) ଅନ୍ତ୍ର, ଅନ୍ତ, ଅନ୍ତୁଡ଼ି, ନାଡ଼ୀ ।

2 x

**Inthrall,** see **Enthrall.**
**Intimacy,** *n.* ଅନ୍ତରଙ୍ଗତା, ଅତିମିତ୍ରତା, ବନ୍ଧୁତା, ଅନ୍ତରଙ୍ଗତା, ଘନିଷ୍ଠତା ।
**Intimate,** *a.* 1. ଅନ୍ତରିକ ; 2. ଆତ୍ମୀୟ, ସୁପରିଚିତ, ଅନ୍ତରଙ୍ଗ, ଗାଢ଼, ଘନିଷ୍ଠ ; 3. ସନ୍ନିକଟ ।—*n.* ଆତ୍ମୀୟ ଲୋକ, ଅନ୍ତରଙ୍ଗ ବନ୍ଧୁ ।
**Intimate,** *v.t.* ସୂଚିତ-କ, ସଙ୍କେତ-କ, ଜଣାଇବା, ସମ୍ବାଦ-ଦେ ।
**Intimately,** *ad.* ଆତ୍ମୀୟରୂପେ, ଅନ୍ତରଙ୍ଗରୂପେ, ଘନିଷ୍ଠରୂପେ ।
**Intimation,** *n.* ସୂଚନା, ସଙ୍କେତବାକ୍ୟ, ବିଜ୍ଞାପନ, ସମ୍ବାଦ ।
**Intimidate,** *v.t.* ଭୀତ କରାଇବା, ଶାସିତ-କ, ଡରାଇବା, ଭୟ ଦେଖାଇବା, ଭୟ ଦେଖାଇ ନିବାରଣ-କ ।
**Intimidation,** *n.* ଭୟ ପ୍ରଦର୍ଶନ, ତର୍ଜନ ଦ୍ୱାରା ନିବାରଣ, ଧମକ ।
**Intitle,** see **Entitle.**
**Into,** *prep.* 1. ଭିତରକୁ, ମଧ୍ୟକୁ ; 2. ରେ ।
**Intolerable,** *a.* ଅସହ୍ୟ, ଅସହନୀୟ ।
**Intolerableness,** *n.* ଅସହ୍ୟତା, ଅସହନୀୟତା ।
**Intolerably,** *ad.* ଅସହ୍ୟରୂପେ, ଅସହନୀୟରୂପେ ।
**Intolerance,** *n.* ଅସହନଶୀଳତା, ଅସହିଷ୍ଣୁତା ।
**Intolerant,** *a.* 1. ଅସହନଶୀଳ, ଅସହିଷ୍ଣୁ ; 2. ପରମତାସହିଷ୍ଣୁ, ଏକଗୁଁୟା ।
**Intolerantly,** *ad.* ପରମତାସହିଷ୍ଣୁରୂପେ, ଏକଗୁଁୟାରୂପେ ।
**Intonate,** *v.i.* ସ୍ୱର-କ ।—*v.t.* ଲୟରହିତ ସ୍ୱରରେ ଉଚ୍ଚାରଣ-କ, ଗାନର ସ୍ୱରରେ ଉଚ୍ଚାରଣ-କ ।
**Intonation,** *n.* 1. ସ୍ୱର, ସ୍ୱର, ଧ୍ୱନି, ସ୍ୱରମେଳରେ ଉଚ୍ଚାରଣ ଧାରା ; 2. ଗାନର ସ୍ୱରରେ ଉଚ୍ଚାରଣ ।
**Intone,** *v.i.* and *t.* 1. ଗାନର ସ୍ୱରରେ ଉଚ୍ଚାରଣ-କ ; 2. ଗାନ-କ ।
**Intortion,** *n.* ମୋଡ଼ ।
**Intoxicant,** *n.* ମାଦକ ଦ୍ରବ୍ୟ ।
**Intoxicate,** *v.t.* and *i.* 1. ମତ୍ତ-କ, ମତୁଆଲା-କ ; 2. ବିହ୍ୱଳ-କ ।
**Intoxicating,** *p.a.* 1. ମତ୍ତକାରୀ ; 2. ବିହ୍ୱଳକର, ଉତ୍ତେଜକକାରୀ ।
**Intoxication,** *n.* 1. ମତ୍ତକରଣ ; 2 ମତ୍ତତା, ମତୁଆଲାପଣ ; 3. ବିହ୍ୱଳତା, ଉନ୍ମତ୍ତତା, ଉଲ୍ଲାସ ।
**Intractable,** *a.* ଅଦମ୍ୟ, ଅବଶ, ଅବାଧ୍ୟ, ଅ...
**Intractableness, Intractability,** *n.* ଅ... ଅବଶତା, ଅବାଧ୍ୟତା, ଅନାୟତ୍ତତା ।
**Intractably,** *ad.* ଅଦମ୍ୟରୂପେ, ଅବଶରୂପେ, ...ରୂପେ, ଦୁର୍ଦାନ୍ତରୂପେ ।
**Intramural,** *a.* ପ୍ରାଚୀର ମଧ୍ୟସ୍ଥ ।
**Intransigent,** *a.* ଅଶାମ୍ୟ, ରାଷ୍ଟ୍ରବିଧିରେ ଅସମ୍ମତ ।—*n.* ଅଶାମ୍ୟ ଲୋକ ।
**Intransitive,** *a.* ଅକର୍ମକ ।
**Intransitively,** *ad.* ଅକର୍ମକରୂପେ ।

Intransmissible, *a.* ସ୍ଥାନାନ୍ତର ଅବରଣୀୟ ।
Intransmutable, *a.* ଅପରିବର୍ତ୍ତନୀୟ ।
Intraparietal, *a.* 1. ପ୍ରାଚୀର ମଧ୍ୟସ୍ଥ ; 2. ଗୁପ୍ତ ।
Intratropical, *a.* ଅୟନ ମଧ୍ୟସ୍ଥ ।
Intreat, same as Entreat.
Intrench, *v.t.* 1. ଗଡ଼ବନ୍ଦ-କ, ଗଡ଼ଖାଇ-କ ; 2. ଗଡ଼ଖାଇ ମଧ୍ୟରେ ରଖିବା, ସୁଦୃଢ଼ ସ୍ଥାନରେ ରଖିବା ।—*v.i.* ଅକ୍ରମଣ-କ, ଅନଧିକାରେ ପ୍ରବେଶ-କ, with *on* or *upon*.
Intrenchment, *n.* 1. ଗଡ଼ବନ୍ଦକରଣ ; 2. ଗଡ଼ବନ୍ଦ, ଗଡ଼ଖାଇ ; 3. ରକ୍ଷାର ଉପାୟ ; 4. ଅନଧିକାରେ ପ୍ରବେଶ ।
Intrepid, *a.* ନିର୍ଭୀକ, ସାହସିକ, ସାହସୀ, ନିଃଶଙ୍କ, [ଶୂର ।
Intrepidity, *n.* ନିର୍ଭୀକତା, ସାହସିକତା, ଶୂରତ୍ୱ ।
Intrepidly, *ad.* ନିର୍ଭୀକରୂପେ, ସାହସିକରୂପେ, ନିଃଶଙ୍କରୂପେ ।
Intricacy, *n.* ଜଟିଳତା, ଜଟଖଟ, ଜଟିଳତା, କଠିନତା ।
Intricate, *a.* ଜଞ୍ଜାଳିଆ, ଜଟଖଟିଆ, ଜଟିଳ, କଠିନ, ଦୁର୍ବୋଧ୍ୟ ।
Intricately, *ad.* ଜଞ୍ଜାଳିଆରୂପେ, ଜଟଖଟିଆରୂପେ, ଜଟିଳରୂପେ, କଠିନରୂପେ ।
Intrigue, *n. intreeg*, 1. ଷଡ଼ଯନ୍ତ୍ର, ଚକ୍ରାନ୍ତ, କୁମନ୍ତ୍ରଣା; 2. ନାଟକର ବସ୍ତୁ ; 3. ଗୁପ୍ତ ପ୍ରଣୟ, ସ୍ତ୍ରୀ ପୁରୁଷର ଅନୁଚିତ ସମାଗମ ।—*v.i.* 1. ଷଡ଼ଯନ୍ତ୍ର-କ, ଚକ୍ରାନ୍ତ-କ ; 2. ଗୁପ୍ତ ପ୍ରଣୟ-କ ।
Intriguing, *p.a.* ଷଡ଼ଯନ୍ତ୍ରପ୍ରିୟ, ଷଡ଼ଯନ୍ତ୍ରକାରୀ, ଚକ୍ରାନ୍ତକାରୀ, ଗୁପ୍ତମନ୍ତ୍ରଣାପ୍ରିୟ ।
Intrinsic, Intrinsical, *a.* 1. ଅନ୍ତର୍ବର୍ତ୍ତୀ, ଅଭ୍ୟନ୍ତରୀଣ ; 2. ସ୍ୱାଭାବିକ, ପ୍ରକୃତ, ଯଥାର୍ଥ ।
Intrinsically, *ad.* ସ୍ୱାଭାବିକରୂପେ, ପ୍ରକୃତରୂପେ, ଯଥାର୍ଥରୂପେ ।
Introduce, *v.t.* 1. ପ୍ରବେଶ କରାଇବା, ଭିତରେ-ଦେ ; 2. ପରିଚିତ କରାଇବା, ସାକ୍ଷାତ କରାଇ-ଦେବା ; 3. ପ୍ରବର୍ତ୍ତିତ-କ, ପ୍ରକାଶ-କ ; 4. ପ୍ରଚଳିତ-କ ; 5. ଉଲ୍ଲେଖ -କି ।
Introduction, *n.* 1. ପ୍ରବେଶକରଣ ; 2. ପରିଚୟକରଣ; 3. ପ୍ରଚଳନ ; 4. ଭୂମିକା, ମୁଖବନ୍ଧ, ପ୍ରସ୍ତାବନା; 5. ଉପକ୍ରମଣିକା ।
Introductory, Introductive, *a.* ଭୂମିକାସମ୍ବନ୍ଧୀୟ, ପ୍ରାରମ୍ଭିକ, ଭୂମିକାରୂପ, ପ୍ରସ୍ତାବନାରୂପ । [ପ୍ରବେଶ ।
Intromission, *n.* 1. ପ୍ରବେଶ କରାଇବା କର୍ମ ; 2.
Intromit, *v.t.* 1. ଭିତରେ ପ୍ରବେଶ କରାଇବା, ଭୁସାଇବା; 2. ପ୍ରବେଶ କରିବାକୁ-ଦେ ।
Introspect, *v.t.* ଅନ୍ତର୍ଦୃଷ୍ଟି-କ, ଭିତର ଦର୍ଶନ-କ ।
Introspection, *n.* ଅନ୍ତର୍ଦୃଷ୍ଟି, ଅନ୍ତର୍ଦର୍ଶନ, ଆତ୍ମପରୀକ୍ଷା, ଅନ୍ତରାଲୋଚନ ।
Introspective, *a.* ଅନ୍ତର୍ଦୃଷ୍ଟିବିଷୟକ, ଆତ୍ମପରୀକ୍ଷକ ।
Introvert, *v.t.* ଭିତର ଆଡ଼କୁ ବଙ୍କା-କ ।
Intrude, *v.i.* ବିନାନୁମତିରେ ପଶିବା, ଅନଧିକାରେ ପ୍ରବେଶ-ହେ, ଭେଦିବା ।—*v.t.* ଅନଧିକାରେ ପ୍ରବେଶ କରାଇବା, ପ୍ରବେଶିତ-କ, often refl.
Intruder, *n.* ଅନଧିକାରେ ପ୍ରବେଶକାରୀ, ଅନାହୂତ ବ୍ୟକ୍ତି ।
Intrusion, *n.* ଅନଧିକାର ପ୍ରବେଶ, ଅନାହୂତ ପ୍ରବେଶ, ବିନା ଅନୁମତିରେ ଆଗମନ ।
Intrusive, *a.* ବିନା ଅନୁମତିରେ ଆଗମନକାରୀ, ଅନଧିକାରେ ପ୍ରବେଶକାରୀ ।
Intrusively, *ad.* ଅନଧିକାରରେ, ବିନା ଅନୁମତିରେ ।
Intrusiveness, *n.* ବିନା ଅନୁମତିରେ ଆଗମନ ।
Intrust, *v.t.* ସମର୍ପଣ-କ, ଜିମ୍ମା-କ, ରଖାଇବା (we intrust a thing *to* a person, or a person *with* a thing) also Entrust.
Intuition, *n.* 1. ସହଜ ବୋଧ ଶକ୍ତି ; 2. ସହଜ ଜ୍ଞାନ, ସ୍ୱାଭାବିକ ଜ୍ଞାନ, ଅଶୁଜ୍ଞାନ, ସ୍ୱତଃସିଦ୍ଧ ଜ୍ଞାନ ।
Intuitional, *a.* ସହଜ ଜ୍ଞାନସମ୍ବନ୍ଧୀୟ, ସ୍ୱତଃସିଦ୍ଧ ଜ୍ଞାନସମ୍ବନ୍ଧୀୟ ।
Intuitionalism, *n.* ସ୍ୱତଃସିଦ୍ଧ ଜ୍ଞାନରୁ ପ୍ରକୃତ ବୋଧ ଜାତ ହୁଏ ବୋଲି ଯେଉଁ ମତ ।
Intuitive, *a.* 1. ସହଜ ଜ୍ଞାନ ଦ୍ୱାରା ଉପଲବ୍ଧ ; 2. ସହଜ ଜ୍ଞାନ ଦ୍ୱାରା ଉପଲବ୍ଧକାରୀ; 3. ଅଶୁଜ୍ଞାତ ।
Intuitively, *ad.* ସହଜ ଜ୍ଞାନକ୍ରମେ, ସ୍ୱାଭାବିକ ଜ୍ଞାନରେ, ଅଶୁଜ୍ଞାନରେ ।
Intumesce, *v.i.* ସ୍ଫୀତ-ହେ ।
Itumescence, *n.* ସ୍ଫୀତ, ସ୍ଫୀତାବସ୍ଥା ।
Intumescent, *a.* ସ୍ଫୀତଶୀଳ, ସ୍ଫୀତ ।
Intwine, Intwist, see Entwine, Entwist.
Inundate, *v.t.* 1. ପ୍ଲାବିତ-କ, ଜଳମଗ୍ନ-କ ; 2. ପରିପୂର୍ଣ୍ଣ-କ, ମଗ୍ନ-କ ।
Inundation, *n.* 1. ଜଳପ୍ଲାବନ, ବନ୍ୟା ; 2. ବହୁଳତା, ଅତିରେକତା ।
Inure, *v.t.* ଅଭ୍ୟସ୍ତ-କ, ଝାଳ-କ ।—*v.i.* ଉପଯୋଗୀ -ହେ, ଲାଭଜନକ-ହେ ।
Inurement, *n.* ଅଭ୍ୟସ୍ତକରଣ, ଅଭ୍ୟାସ । [-ଦେ ।
Inurn, *v.t.* ମୃତଜନର ଭସ୍ମ ଆଧାରରେ ରଖିବା, ସମାଧି
Inutility, *n.* ନିଷ୍ଫଳତା, ବ୍ୟର୍ଥତା, ନିରର୍ଥକତା, ଅନୁପଯୋଗିତା ।
Invade, *v.t.* 1. ଆକ୍ରମଣ-କ, ଚଢ଼ାଉ-କ ; 2. ଅନଧିକାରେ ପ୍ରବେଶ-କ । [ପ୍ରବେଶକାରୀ ।
Invader, *n.* 1. ଆକ୍ରମଣକାରୀ ; 2. ଅନଧିକାରେ
Invalid, (1) *a. in-va'-lid*, ଅକର୍ମଣ୍ୟ, ଅପ୍ରାମାଣିକ, ବ୍ୟର୍ଥ, ଅସିଦ୍ଧ, ରଦ, ଅଶକ୍ତ ।
Invalid, (2) *n. in'-va-lid*, ପୀଡ଼ିତ ବ୍ୟକ୍ତି, ଦୁର୍ବଳ ଲୋକ, ଅସୁସ୍ଥ ବ୍ୟକ୍ତି ।—*a.* ପୀଡ଼ିତ, ଦୁର୍ବଳ, ଅକର୍ମଣ୍ୟ ।—*v.t.* 1. ପୀଡ଼ିତ-କ, ଦୁର୍ବଳ-କ ; 2. ପୀଡ଼ିତ ବା ଦୁର୍ବଳ ଲୋକଙ୍କ ତାଲିକାରେ ଭୁକ୍ତ-କ ।
Invalidate, *v.t. inval'-idāt*, ବାତିଲ-କ, ବ୍ୟର୍ଥ -କ, ଅସିଦ୍ଧ-କ, ରଦ-କ ।

Invalidity, *n.* ନିଷ୍ଫଳତା, ବ୍ୟର୍ଥତା, ଅସିଦ୍ଧତା ।
Invaluable, *a.* ଅମୂଲ୍ୟ, ମୂଲ୍ୟାତୀତ, ବହୁମୂଲ୍ୟ ।
Invaluably, *ad.* ଅମୂଲ୍ୟରୂପେ, ମୂଲ୍ୟାତୀତରୂପେ, ବହୁମୂଲ୍ୟରୂପେ ।
Invariable, *a.* ଅପରିବର୍ତ୍ତନୀୟ, ଅବିକାର୍ଯ୍ୟ, ସ୍ଥିର, [ଅଟଳ ।
Invariableness, *n.* ଅପରିବର୍ତ୍ତନୀୟତା, ଅବିକାର୍ଯ୍ୟତା, ସ୍ଥିରତା, ଅଟଳତା ।
Invariably, *ad.* ଅପରିବର୍ତ୍ତନୀୟରୂପେ, ଅବିକାର୍ଯ୍ୟରୂପେ, ସ୍ଥିରରୂପେ, ଅଟଳରୂପେ, ସତତ ।
Invasion, *n.* 1. ଆକ୍ରମଣ, ଚଢ଼ାଉ, ଯୁଦ୍ଧାର୍ଥେ ପ୍ରବେଶ ; 2. ଅନଧିକାରେ ପ୍ରବେଶ ।
Invasive, *a.* ଆକ୍ରମକ ।
Invective, *n.* ତୀବ୍ର ଭର୍ତ୍ସନା, କଟୁବାକ୍ୟ, ନିନ୍ଦା ।—*a.* ତୀବ୍ର ଭର୍ତ୍ସନାଯୁକ୍ତ, କଟୁବାକ୍ୟପୂର୍ଣ୍ଣ, ଗ୍ଲାନିକର ।
Invectively, *ad.* ତୀବ୍ର ଭର୍ତ୍ସନାରେ, କଟୁବାକ୍ୟରେ, ଗ୍ଲାନିକରରୂପେ ।
Inveigh, *v.i. in-vā'*, ତୀବ୍ର ଭର୍ତ୍ସନାରେ ଆକ୍ରମଣ-କ, କଟୁବାକ୍ୟ କହିବା, ଗ୍ଲାନି-କ, ନିନ୍ଦା-କ, followed by *against*.
Inveigle, *v.t.* ପ୍ରତାରଣାପୂର୍ବକ କୁକର୍ମରେ ପ୍ରବର୍ତ୍ତାଇବା, ଭୁଲାଇବା, ପ୍ରଲୋଭିତ-କ, ଫୁସୁଲାଇବା ।
Inveiglement, *n.* ପ୍ରତାରଣା ଦ୍ୱାରା କୁକର୍ମରେ ପ୍ରବର୍ତ୍ତନ, ପ୍ରଲୋଭନ ।
Invent, *v.t.* 1. ଉଦ୍ଭାବନ-କ, ନୂତନ କଳ୍ପନା-କ ; 2. ମିଥ୍ୟା କଳ୍ପନା-କ, କଳ୍ପନା-କ ।
Inventible, *a.* ଉଦ୍ଭାବନୀୟ ।
Invention, *n.* 1. ଉଦ୍ଭାବନା, କଳ୍ପନା ; 2. ଉଦ୍ଭାବିତ ବିଷୟ ବା ବସ୍ତୁ, କଳ୍ପିତ ବିଷୟ ବା ବସ୍ତୁ ; 3. ଉଦ୍ଭାବନା ଶକ୍ତି, କଳ୍ପନା ଶକ୍ତି, ରଚନା ଶକ୍ତି ; 4. ମିଥ୍ୟା କଳ୍ପନା ।
Inventive, *a.* ଉଦ୍ଭାବନକ୍ଷମ, କଳ୍ପନାଚତୁର, କଳ୍ପକ ।
Inventively, *ad.* ଉଦ୍ଭାବନାଶକ୍ତି ଅନୁସାରେ, କଳ୍ପନାଶକ୍ତିକ୍ରମେ ।
Inventiveness, *n.* ଉଦ୍ଭାବନକ୍ଷମ ଗୁଣ, ଉଦ୍ଭାବନକ୍ଷମତା, [କଳ୍ପନାଶକ୍ତି ।
Inventor, *n.* ଉଦ୍ଭାବନକାରୀ, କଳ୍ପନାକାରୀ ।
Inventorial, *a.* ତାଲିକାସମ୍ବନ୍ଧୀୟ, ଫର୍ଦ୍ଦସମ୍ବନ୍ଧୀୟ ।
Inventorially, *ad.* ତାଲିକାନୁକ୍ରମେ ।
Inventory, *n.* ମୃତ ଲୋକର ଚିଜବସ୍ତୁର ତାଲିକା, ଫର୍ଦ୍ଦ, ତାଲିକା ।—*v.t.* ତାଲିକା ପ୍ରସ୍ତୁତ-କ, ଫର୍ଦ୍ଦ ପ୍ରସ୍ତୁତ-କ ।
Inventress, *n.* ଉଦ୍ଭାବନକାରିଣୀ, କଳ୍ପନାକାରିଣୀ ।
Inverse, *a.* ଓଲଟା, ବିପରୀତ ।
Inversely, *ad.* ଓଲଟାଭାବେ, ବିପରୀତଭାବେ, ବିପରୀତ ଅନୁପାତରେ ।
Inversion, *n.* ଓଲଟାକରଣ, ଓଲଟାଭାବ, ବ୍ୟତିକ୍ରମ, ବୈପ-[ରୀତ୍ୟ ।
Invert, *v.t.* ଓଲଟା-କ, ତଳଉପରେ-କ, ବ୍ୟତିକ୍ରମ-କ ।
Inverted, *a.* ଓଲଟା, ତଳଉପରକୃତ, ବ୍ୟତିକ୍ରାନ୍ତ ।
Invertebrate, *a.* ମେରୁଦଣ୍ଡର ଗ୍ରନ୍ଥିରହିତ ।—*n.* ମେରୁଦଣ୍ଡର ଗ୍ରନ୍ଥିରହିତ ଜନ୍ତୁ ।
Invest, *v.t.* 1. ପରିଧାନ-କ, ଆଚ୍ଛାଦିତ-କ, ସଜ୍ଜିତ-କ ; 2. ଅର୍ପଣ-କ, ପ୍ରାପ୍ତ କରାଇବା, ଦେବା ; 3. ବେଷ୍ଟନ-କ, ଘେରିବା ; 4. ବ୍ୟୟ-କ, ପ୍ରୟୋଗ-କ, ଖର୍ଚ୍ଚ-କ ।—*v.i.* ଟଙ୍କା ଖଟାଇବା, ଟଙ୍କା ବ୍ୟୟ-କ ।
Investigable, *a.* ଅନୁସନ୍ଧାନଯୋଗ୍ୟ, ଅନୁସନ୍ଧେୟ, ବିଚାରଣୀୟ ।
Investigate, *v.t.* ଅନୁସନ୍ଧାନ-କ, ଅନ୍ୱେଷଣା-କ, ତଦାରଖ-କ, ବିଚାର-କ ।
Investigation, *n.* ଅନୁସନ୍ଧାନ, ଅନ୍ୱେଷଣା, ତଦାରଖ, ତଦନ୍ତ, ବିଚାର ।
Investigative, *a.* ଅନୁସନ୍ଧିତ୍ସୁ, ଅନୁସନ୍ଧାନସମ୍ବନ୍ଧୀୟ ।
Investigator, *n.* ଅନୁସନ୍ଧାନକାରୀ, ଅନ୍ୱେଷଣାକାରୀ, ବିଚାରକ, ପରୀକ୍ଷକ ।
Investiture, *n.* 1. ସମର୍ପଣ, ଅର୍ପଣ; 2. ଅଭିଷେକ, ପଦସ୍ଥକରଣ ; 3. ଆଚ୍ଛାଦନ, ସାଦୃଶ୍ୟ ।
Investment, *n.* 1. ଅଭିଷେକ, ପଦସ୍ଥକରଣ ; 2. ଆଚ୍ଛାଦନ ; 3. ଅବରୋଧ; 4. ଅର୍ଥ ପ୍ରୟୋଗ ; ଟଙ୍କା ବ୍ୟୟ, ଖଟାଇଲା ଟଙ୍କା, ଗଚ୍ଛିତ ସମ୍ପତ୍ତି ।
Inveteracy, Inveterateness, *n.* ବଦ୍ଧମୂଳତା, ଚିରସ୍ଥାୟିତ୍ୱ, ଶକ୍ତତା ।
Inveterate, *a.* 1. ଦୃଢବଦ୍ଧ, ବଦ୍ଧମୂଳ, ଚିରସ୍ଥାୟୀ; 2. [ଅଭ୍ୟସ୍ତ ।
Inveterately, *ad.* ଦୃଢବଦ୍ଧରୂପେ, ବଦ୍ଧମୂଳରୂପେ, ଚିରସ୍ଥାୟିରୂପେ ।
Invidious, *a.* 1. ଈର୍ଷାପ୍ରକାଶକ, ଈର୍ଷାନ୍ୱିତ, ଦ୍ୱେଷୀ ; 2. ଦ୍ୱେଷଜନକ, ଈର୍ଷାଜନକ, ଘୃଣାଜନକ, ପକ୍ଷପାତୀ, ଅନୁଚିତକର ।
Invidiously, *ad.* 1. ଈର୍ଷାନ୍ୱିତଭାବେ, ଦ୍ୱେଷିଭାବେ ; 2. ଈର୍ଷାଜନକରୂପେ, ପକ୍ଷପାତରୂପେ, ଅନୁଚିତକରରୂପେ ।
Invidiousness, *n.* 1. ଈର୍ଷାନ୍ୱିତତା, ଦ୍ୱେଷ; 2. ଦ୍ୱେଷଜନକତା, ଈର୍ଷାଜନକତା, ଘୃଣାଜନକତା, ପକ୍ଷପାତିତା, ଅନୁଚିତକରତା ।
Invigorate, *v.t.* ସବଳ-କ, ସତେଜ-କ, ଉତ୍ତେଜିତ-କ, ଉତ୍ସାହିତ-କ ।
Invigoration, *n.* ସବଳକରଣ, ବଳବର୍ଦ୍ଧନ, ସତେଜକରଣ, ସତେଜାବସ୍ଥା, ସବଳତା ।
Invincible, *a.* ଅଜେୟ, ଅଦମ୍ୟ ।—*n.* ଅଜେୟ ବ୍ୟକ୍ତି, ଅପରାଜିତ ବ୍ୟକ୍ତି ।
Invincibleness, Invincibility, *n.* ଅଜେୟତା, ଅଦମ୍ୟତା ।
Invincibly, *ad.* ଅଜେୟରୂପେ, ଅଦମ୍ୟରୂପେ ।
Inviolability, Inviolableness, *n.* ଅଲଙ୍ଘନତ୍ୱ, ଅଭଙ୍ଗନୀୟତା ।
Inviolable, *a.* 1. ଅନତିକ୍ରମଣୀୟ, ଅନପକାର୍ଯ୍ୟ, ଅଲଙ୍ଘ୍ୟ, ଅଲଙ୍ଘନୀୟ, ଅଭଞ୍ଜନୀୟ ; 2. ଅଭ୍ରଷ୍ଟ, ଅଭଗ୍ନ, ଅଟଳ ; 3. (in law), ଅଭିଯୋଗ ଓ ଦଣ୍ଡରୁ ବର୍ଜିତ ।
Inviolably, *ad.* ଅନତିକ୍ରମଣୀୟରୂପେ, ଅଲଙ୍ଘନୀୟରୂପେ, ଅଭଞ୍ଜନୀୟରୂପେ ।
Inviolate, *a.* ଅଲଙ୍ଘିତ, ଅଭ୍ରଷ୍ଟ, ଅଭଗ୍ନ, ଅଟଳ ।

Inviolately, *ad.* ଅଲଙ୍ଘିତରୂପେ, ଅଭଗ୍ନରୂପେ, ଅଭଙ୍ଗରୂପେ ।

Invisibility, Invisibleness, *n.* ଅଦୃଶ୍ୟତା, ଚକ୍ଷୁର ଅଗୋଚରତା ।

Invisible, *a.* 1. ଅଦୃଶ୍ୟ, ଚକ୍ଷୁର ଅଗୋଚର; 2. ଅ-ଦେଖା, ଗୁପ୍ତ; 3. ଅଦୃଶ୍ୟବାସୀ ।

Invisibly, *ad.* ଅଦୃଶ୍ୟଭାବେ, ଚକ୍ଷୁର ଅଗୋଚରଭାବେ ।

Invitation, *n.* 1. ନିମନ୍ତ୍ରଣ, ଆହ୍ବାନ, ଆମନ୍ତ୍ରଣ, ଡାକ; 2. ନିମନ୍ତ୍ରଣପତ୍ର; 3. ଆକର୍ଷଣ, ପ୍ରଲୋଭନ । [ନିମିତ୍ତ ।

Invitatory, *a.* ଆହ୍ବାନକାରୀ, ଆହ୍ବାନାର୍ଥକ, ନିମନ୍ତ୍ରଣ-

Invite, *v.t.* 1. ନିମନ୍ତ୍ରଣ-କ, ଆହ୍ବାନ-କ, ଆମନ୍ତ୍ରଣ-କ, ଡାକିବା; 2. ପ୍ରଲୋଭିତ-କ, ଆକର୍ଷଣ-କ; 3. କାରଣ ଓ ସୁଯୋଗ-ଦେ ।—*v.i.* ନିମନ୍ତ୍ରଣ-ଦେ ।—*n.* ନିମନ୍ତ୍ରଣ ।

Inviting, *p.a.* ଆକର୍ଷଣକାରୀ, ପ୍ରଲୋଭନକାରୀ, ମନୋହର ।

Invitingly, *ad.* ଆକର୍ଷଣକାରୀରୂପେ, ପ୍ରଲୋଭନକାରୀରୂପେ, ମନୋହରରୂପେ ।

Invocation, *n.* 1. ପ୍ରାର୍ଥନାରେ ଆହ୍ବାନ, ପ୍ରାର୍ଥନାରେ ସମ୍ବୋଧନ; 2. ପ୍ରାର୍ଥନା ବନ୍ଦନ, ପ୍ରାର୍ଥନା । [ଧନକାରୀ ।

Invocatory, *a.* ପ୍ରାର୍ଥନାରେ ସମ୍ବୋଧନକାରୀ, ସମ୍ବୋ-

Invoice, *n.* ପଠାଉଥିବା ଦ୍ରବ୍ୟର ମୂଲ୍ୟ ସହିତ ତାଲିକା, ଚାଲାନ ।—*v.t.* ପଠାଉଥିବା ଦ୍ରବ୍ୟର ମୂଲ୍ୟ ସହିତ ତାଲିକା-କ, ଚାଲାନରେ ଲେଖିବା ।

Invoke, *v.t.* 1. ପ୍ରାର୍ଥନାରେ ଆହ୍ବାନ-କ, ପ୍ରାର୍ଥନାରେ ସମ୍ବୋଧନ-କ, ଉପକାରାର୍ଥେ ଡାକିବା; 2. ଆନ୍ତରିକରେ ପ୍ରାର୍ଥନା-କ, ଯାଚ୍ଞା-କ ।

Involuntarily, *ad.* 1. ଅନିଚ୍ଛୁକଭାବେ, ଅନିଚ୍ଛାପୂର୍ବକ; 2. ଅନିଚ୍ଛାଧୀନଭାବେ, ଅବଶଭାବେ ।

Involuntary, *a.* 1. ଅନିଚ୍ଛୁକ, ଅନିଚ୍ଛୁ; 2. ଅସ୍ୱେଚ୍ଛା-ଜାତ, ଅନିଚ୍ଛାଧୀନ, ଅବଶ ।

Involution, *n.* 1. ଜଡିତକରଣ; 2. ଜଡିତାବସ୍ଥା, ଜଟିଳତା; 3. (in arithmetic and algebra), ଘାତକରଣ ।

Involve, *v.t.* 1. ଜଡିତ-କ, ଗୁଡାଇବା, ଆବୃତ-କ, ଆଚ୍ଛାଦିତ-କ; 2. ଅନୁଗତ-କ, ଅନ୍ତର୍ଭୂତ-କ; 3. ଲିପ୍ତ-କ, ଗ୍ରସ୍ତ-କ; 4. ଘାତ-କ ।

Involvement, *n.* 1. ଜଡିତକରଣ; 2. ଜଡିତାବସ୍ଥା ।

Invulnerability, Invulnerableness, *n.* 1. ଅନାଘାତଯୋଗ୍ୟତା, କ୍ଷତାକ୍ଷମତା; 2. ଅଚ୍ଛେଦ୍ୟତା, ଅଭେଦ୍ୟତା ।

Invulnerable, *a.* 1. ଅନାଘାତଯୋଗ୍ୟ, କ୍ଷତାକ୍ଷମ; 2. ଅଚ୍ଛେଦ୍ୟ, ଅଭେଦ୍ୟ ।

Invulnerably, *ad.* ଅଚ୍ଛେଦ୍ୟରୂପେ, ଅଭେଦ୍ୟରୂପେ ।

Inwall, *v.t.* ପ୍ରାଚୀର ଦ୍ୱାରା ବେଷ୍ଟିତ-କ ।

Inward, *a.* 1. ଅନ୍ତର୍ବର୍ତ୍ତୀ, ଅନ୍ତରସ୍ଥ, ମଧ୍ୟବର୍ତ୍ତୀ, ଭିତରସ୍ଥ; 2. ଆନ୍ତରିକ, ମାନସିକ ।—*ad.* also Inwards, 1. ଭିତରଆଡେ, ମଧ୍ୟଆଡେ; 2. ଅନ୍ତରେ, ମନରେ ।—*n. pl.* ଅନ୍ତ୍ରସମୂହ ।

Inwardly, *ad.* 1. ଭିତରେ, ମଧ୍ୟରେ; 2. ମନରେ ଅନ୍ତରେ, ଗୋପନରେ ।

Inwardness, *n.* 1. ଆଭ୍ୟନ୍ତରତା; 2. ଆନ୍ତରିକତା, ପ୍ରକୃତତତ୍ତ୍ୱ, ଗୂଢାର୍ଥ ।

Inweave, *v.t.* 1. ବୁଣିବା ଦ୍ୱାରା ଜଡିବା, ଏକତ୍ରେ ବୁଣିବା; 2. ମଧ୍ୟରେ ବୁଣିବା ।

Inworn, *a.* ଘର୍ଷଣ ଦ୍ୱାରା ମଧ୍ୟରେ କୃତ, ବ୍ୟବହାର ଦ୍ୱାରା ମଧ୍ୟରେ କୃତ ।

Inwrap, *v.t.* ଗୁଡାଇବା, ଜଡିତ-କ, ଆବୃତ-କ ।

Inwreathe, *v.t.* ବେଷ୍ଟିତ-କ ।

Inwrought, *a.* ଜଡିତ, ଖଚିତ, କାରୁରେ ରଚିତ ।

Iodide, *n.* ଆୟୋଡିନ ଓ କୌଣସି ଧାତୁ ମିଶ୍ରିତ ପଦାର୍ଥ ।

Iodine, *n.* ଅଧାତବ ମୂଳ ପଦାର୍ଥ ଯାହା ସମୁଦ୍ରଜଳର ଘାସରୁ ପ୍ରସ୍ତୁତ ହୋଇ ଔଷଧରୂପେ ବ୍ୟବହୃତ ହୁଏ ।

Iodoform, *n.* ଅଙ୍ଗାର ଉଦଜାନ ଓ ଆୟୋଡିନର ମିଶ୍ରଣ ।

Ionic, *a.* ଗ୍ରୀସ୍ ଦେଶର ଆୟୋନିଆ ପ୍ରଦେଶସମ୍ବନ୍ଧୀୟ ବା ତହିଁର ନିବାସିସମ୍ବନ୍ଧୀୟ ।—Ionic order, ଗ୍ରୀସ୍ ଦେଶରେ ଗୃହନିର୍ମାଣର ବିଶେଷ ପ୍ରଣାଳୀ ।

Iota, *n.* 1. ଗ୍ରୀକ ଭାଷାର ନବମ ଅକ୍ଷର; 2. ବିନ୍ଦୁ, ମାତ୍ର ।

I O U=I owe you, *n.* I O U ଲିଖିତ ଓ ଦସ୍ତ-ଖତଯୁକ୍ତ ଟଙ୍କାର ସ୍ୱୀକାରପତ୍ର ।

Ipecacuanha, *n.* ବମନକାରକ ଔଷଧ ବିଶେଷ ।

Irade, *n.* ତୁର୍କି ଦେଶର ବାଦଶାହଙ୍କ ଘୋଷଣାପତ୍ର ବା ଆଦେଶ ।

Irascibility, Irascibleness, *n.* ଶୀଘ୍ରକୋପିତ୍ୱ, ଶୀଘ୍ରକ୍ରୋଧିତ୍ୱ, କ୍ରୋଧଶୀଳତା । [ରାଗୀ ।

Irascible, *a.* ଶୀଘ୍ରକୋପୀ, ଶୀଘ୍ରକ୍ରୋଧୀ, କ୍ରୋଧଶୀଳ,

Irascibly, *ad.* ଶୀଘ୍ରକୋପିରୂପେ, ଶୀଘ୍ରକ୍ରୋଧିରୂପେ, କ୍ରୋଧଶୀଳରୂପେ ।

Irate, *a.* କୁପିତ, କ୍ରୁଦ୍ଧ, ରାଗାନ୍ଧ ।

Ire, *n.* କୋପ, କ୍ରୋଧ, ରୋଷ, ରାଗ ।

Ireful, *a.* କୋପାନ୍ୱିତ, କ୍ରୁଦ୍ଧ, କ୍ରୋଧଶୀଳ ।

Irefully, *ad.* କୋପାନ୍ୱିତଭାବେ, କ୍ରୁଦ୍ଧଭାବେ, କ୍ରୋଧ-ଶୀଳଭାବେ ।

Irefulness, *n.* କୋପାନ୍ୱିତତା, କ୍ରୋଧଶୀଳତା, କ୍ରୋଧ ।

Iricism, Irishism, *n.* ଆୟର୍ଲଣ୍ଡ ଦେଶୀୟ ଭାଷାର ଧାର, ଆୟର୍ଲଣ୍ଡ ଦେଶୀୟ ବିଶେଷ ବାକ୍ୟରୀତି, ଆୟର୍ଲଣ୍ଡ ଦେଶୀୟ ଲୋକର ଭୋଳ ।

Iridal, Iridian, *a.* 1. ମେଘଧନୁବିଷୟକ, ମେଘଧନୁ-ସ୍ୱରୂପ; 2. ଚକ୍ଷୁତାରା ବେଷ୍ଟକ ମଣ୍ଡଳସମ୍ବନ୍ଧୀୟ ।

Iridescence, *n.* ମେଘଧନୁର ବର୍ଣ୍ଣପ୍ରକାଶକ, ମେଘଧନୁର ବର୍ଣ୍ଣରେ ଉଜ୍ଜ୍ୱଳାବସ୍ଥା ।

Iridescent, *n.* ମେଘଧନୁର ବର୍ଣ୍ଣପ୍ରକାଶକ, ମେଘଧନୁର ବର୍ଣ୍ଣରେ ଉଜ୍ଜ୍ୱଳ ବା ଝକଝକ ।

Iridium, *n.* ଦୁର୍ଲଭ ଧାତୁ ବିଶେଷ ।

Iris, *n.* 1. ମେଘଧନୁ, ଇନ୍ଦ୍ରଧନୁ; 2. ମେଘଧନୁର ବର୍ଣ୍ଣ ପରି ଉଜ୍ଜ୍ୱଳତା; 3. ଚକ୍ଷୁତାରା ବେଷ୍ଟକ ମଣ୍ଡଳ; 4. କେତକୀ-ଜାତୀୟ ଗଛ ଓ ଫୁଲ ।

Irish, *a.* ଅୟର୍ଲଣ୍ଡ ଓ ତହିଁର ନିବାସସମ୍ବନ୍ଧୀୟ ।— *n.* 1. ଅୟର୍ଲଣ୍ଡ ଦେଶବାସୀମାନେ ; 2. ଅୟର୍ଲଣ୍ଡ ଦେଶର ଭାଷା ।—Irish stew, ଆଳୁ ଓ ମାଂସ ସିଦ୍ଧ ବ୍ୟଞ୍ଜନ ।

Iritis, Iriditis, *n.* ଚକ୍ଷୁତାରାବେଷ୍ଟକ ମଣ୍ଡଳର ଜ୍ୱାଳା ।

Irk, *v.t.* କ୍ଲାନ୍ତ-କ, କ୍ଳେଶ-ଦେ, କଷ୍ଟ-ଦେ, ବିରକ୍ତ-କ, used impersonally. [ଜନକ ।

Irksome, *a.* କ୍ଲାନ୍ତିକର, କ୍ଳେଶଦାୟକ, କଷ୍ଟକର, ବିରକ୍ତି-

Irksomely, *ad.* କ୍ଲାନ୍ତିକରରୂପେ, କଷ୍ଟକରରୂପେ, ବିରକ୍ତିଜନକରୂପେ ।

Irksomeness, *n.* କ୍ଲାନ୍ତିଜନକତା, କଷ୍ଟକରତା, ବିରକ୍ତିଜନକତା ।

Iron, *n.* 1. ଲୁହା, ଲୌହ, ଧାତୁ; 2. ଲୁହା ହତିଆର; 3. ଇସ୍ତ୍ରୀ; 4. *pl.* ଶୃଙ୍ଖଳ, ବେଡ଼ୀ, ହାତକଡ଼ି ।—*a.* 1. ଲୌହ ନିର୍ମିତ, ଲୁହା ; 2. ଲୁହାପରି, କଠିନ, କଡ଼ା, ନିଷ୍ଠୁର, ରୁକ୍ଷ, ବଳିଷ୍ଠ, ଦୃଢ଼,ଅଦମନୀୟ, ଅଭେଦ୍ୟ ।—*v.t.* 1. ଇସ୍ତ୍ରୀ-କ ; 2. ଶୃଙ୍ଖଳାବଦ୍ଧ-କ, ବେଡ଼ୀ ପକାଇବା, ହାତକଡ଼ି-ଦେ; 3. ଲୁହା ହତିଆର ଯୋଗାଇବା, ଲୁହାଯୁକ୍ତ-କ ।

Iron-bound, *a.* 1. ଲୌହବଦ୍ଧ, ଲୌହବେଷ୍ଟିତ ; 2. ଶୈଳବେଷ୍ଟିତ, ପଥୁରିଆ, ଉଚ୍ଚା ; 3. କଠିନ, ଶକ୍ତ ।

Iron-clad, *a.* ଲୁହା ପଟାରେ ଆଚ୍ଛାଦିତ, ଲୌହମଣ୍ଡିତ ।—*n.* ମୋଟା ଲୁହା ପଟାରେ ଆଚ୍ଛାଦିତ ଯୁଦ୍ଧଜାହାଜ ।

Iron-grey, *n.* ନୂଆ ଭଙ୍ଗା ଲୁହାର ରଙ୍ଗପରି ରଙ୍ଗ ।

Iron-hearted, *a.* କଠିନହୃଦୟ, ନିଷ୍ଠୁର । [ଯୁକ୍ତ ।

Ironical, *a.* ବ୍ୟଙ୍ଗଯୁକ୍ତ, ବ୍ୟଙ୍ଗସୂଚକ, ଶ୍ଳେଷଯୁକ୍ତ, ଟାପରା-

Ironically, *ad.* ବ୍ୟଙ୍ଗଯୁକ୍ତରୂପେ, ବ୍ୟଙ୍ଗସୂଚକରୂପେ, ଟାପରାଭାବେ ।

Ironicalness, *n.* ବ୍ୟଙ୍ଗଯୁକ୍ତତା, ବ୍ୟଙ୍ଗସୂଚକତା ।

Iron-master, *n.* ଲୌହ ପ୍ରସ୍ତୁତକାରୀ ।

Ironmonger, *n.* ଲୌହକାର, ଲୁହାଦ୍ରବ୍ୟର ବ୍ୟବସାୟୀ ।

Ironmongery, *n.* ଲୌହାଦିନିର୍ମିତ ଦ୍ରବ୍ୟସମୂହ ।

Iron-mould, *n.* ଲୁଗାରେ ଲୁହାଚିହ୍ନ, ଲୁହାଦାଗ ।

Ironside, *n.* କ୍ରମୱେଲଙ୍କ ପ୍ରାଚୀନ ଯୋଦ୍ଧା ମଧ୍ୟରୁ ଜଣେ ।

Ironsmith, *n.* କମାର ।

Ironware, *n.* ଲୌହନିର୍ମିତ ହତିଆର ଆଦି ।

Iron-wood, *n.* ନାନା ଜାତୀୟ ଟାଣ ଓ ଭାରି କାଠର ସାଧାରଣ ନାମ, ଅବଲୁସକାଠ । [ଖାନା ।

Iron-work, *n.* 1. ଲୁହାକାମ ; 2. *pl.* ଲୁହାର କାର-

Irony, (1) *a.* ଲୌହନିର୍ମିତ, ଲୌହମୟ, ଲୁହାପରି, ଶକ୍ତ, କଠିନ ।

Irony, (2) *n.* ବ୍ୟଙ୍ଗ, ଶ୍ଳେଷ, ବ୍ୟଙ୍ଗୋକ୍ତି ।

Irradiance, Irradiancy, *n.* କିରଣଦାନ, ଅଂଶୁ, ଦୀପ୍ତି, ଉଜ୍ଜ୍ୱଳତା, ତେଜଃ । [ସ୍ୱୀ ।

Irradiant, *a.* କିରଣଦାୟୀ, ଦୀପ୍ତିମାନ୍, ଉଜ୍ଜ୍ୱଳ, ତେଜ-

Irradiate, *v.t.* 1. ଦୀପ୍ତିମାନ୍-କ, ଉଜ୍ଜ୍ୱଳ-କ, ତେଜସ୍ୱୀ-କ ; 2. ସୁଶୋଭିତ-କ, ଜ୍ଞାନ-ଦେ, ପ୍ରଫୁଲ୍ଲିତ-କ ।—*v.i.* କିରଣ-ଦେ, ଦୀପ୍ତି-ଦେ ।

Irradiation, *n.* 1. ଦୀପ୍ତିକିରଣ, ଉଜ୍ଜ୍ୱଳକରଣ ; 2 ଉଜ୍ଜ୍ୱଳତା, ଦୀପ୍ତି, ଅଂଶୁ ; 3. ଜ୍ଞାନାଲୋକ ; 4. ବିଶେଷରୂପେ ଆଲୋକିତ ପଦାର୍ଥର କୃତ୍ରିମ ବୃଦ୍ଧି ।

Irrational, *a.* 1. ବୁଦ୍ଧିହୀନ, ନିର୍ବୋଧ, ପଶୁବତ୍ ; 2. ବୁଦ୍ଧିବିରୁଦ୍ଧ, ଯୁକ୍ତିବିରୁଦ୍ଧ, ଅଜ୍ଞାନ ।

Irrationality, Irrationalness, *n.* 1. ବୁଦ୍ଧିହୀନତା; 2. ବୁଦ୍ଧିବିରୁଦ୍ଧତା, ଯୁକ୍ତିବିରୁଦ୍ଧତା, ଅଜ୍ଞାନତା ।

Irrationally, *ad.* 1. ବୁଦ୍ଧିହୀନଭାବେ ; 2. ବୁଦ୍ଧିବିରୁଦ୍ଧଭାବେ, ଅଜ୍ଞାନଭାବେ ।

Irreclaimable, *a.* 1. ଅଶୋଧନୀୟ ; 2. ଅପୁନଃପ୍ରାପ୍ୟ ।

Irreclaimably, *ad.* ଅଶୋଧନୀୟରୂପେ ।

Irrecognizable, *a.* ଚିହ୍ନିତ ହେବାର ଅଯୋଗ୍ୟ, ଚିହ୍ନିତଅକରଣୀୟ ।

Irreconcilable, *a.* 1. ଅମେଳନୀୟ, ଅସାମ୍ୟ ; 2. ଅସଙ୍ଗତ ।—*n.* ଅମେଳନୀୟ ଲୋକ, ଅସାମ୍ୟ ଲୋକ ।

Irreconcilableness, Irreconcilability, *n.* ଅମେଳନୀୟତା, ଅସାମ୍ୟତା । [ରୂପେ ।

Irreconcilably, *ad.* ଅମେଳନୀୟରୂପେ, ଅସାମ୍ୟ-

Irrecoverable, *a.* 1. ଅପୁନଃପ୍ରାପ୍ୟ, ପୁନରଲଭ୍ୟ ; 2. ଅପ୍ରତିକାର୍ଯ୍ୟ, ଅଶୋଧନୀୟ, ଅନୁଦ୍ଧରଣୀୟ ।

Irrecoverably, *ad.* 1. ଅପୁନଃପ୍ରାପ୍ୟରୂପେ, ପୁନରଲଭ୍ୟରୂପେ ; 2. ଅପ୍ରତିକାର୍ଯ୍ୟରୂପେ ।

Irredeemable, *a.* 1. ଅନୁଦ୍ଧରଣୀୟ, ଅଶୋଧନୀୟ, ଅପ୍ରତିକାର୍ଯ୍ୟ ; 2. ଲିଖିତ ମୂଲ୍ୟରେ ଅଚଳନୀୟ, said of deprecated paper currency.

Irredeemably, *ad.* ଅନୁଦ୍ଧରଣୀୟରୂପେ, ଅଶୋଧନୀୟରୂପେ, ଅପ୍ରତିକାର୍ଯ୍ୟରୂପେ ।

Irreducible, *a.* 1. ହ୍ରାସାଯୋଗ୍ୟ, ହ୍ରାସ ଅକରଣୀୟ, ଅଦମନୀୟ ; 2. ଅପରିବର୍ତ୍ତ୍ୟ । [ରୂପେ ।

Irreducibly, *ad.* ହ୍ରାସାଯୋଗ୍ୟରୂପେ, ଅଦମନୀୟ-

Irreflection, *n.* ବିଚାରର ଅଭାବ, ନିଶ୍ଚିନ୍ତତା, ଅମନୋଯୋଗିତା ।

Irreflective, *a.* ଅଚିନ୍ତାଶୀଳ ।

Irrefragable, *a.* ଅଖଣ୍ଡନୀୟ, ଅକାଟ୍ୟ, ଅପବାଦନୀୟ ।

Irrefragably, *ad.* ଅଖଣ୍ଡନୀୟରୂପେ, ଅକାଟ୍ୟରୂପେ, ଅପବାଦନୀୟରୂପେ । [ଅଭଙ୍ଗୁର ।

Irrefrangable, *a.* 1. ଅଲଙ୍ଘନୀୟ ; 2. (in optics),

Irrefutable, *a.* ଅପବାଦନୀୟ, ଅଖଣ୍ଡନୀୟ, ଅକାଟ୍ୟ ।

Irrefutably, *ad.* ଅପବାଦନୀୟରୂପେ, ଅଖଣ୍ଡନୀୟରୂପେ, ଅକାଟ୍ୟରୂପେ ।

Irregular, *a.* 1. ଅନିୟମିତ, ଅବ୍ୟବସ୍ଥିତ, ଅବୈଧ, ବେଆଇନ ; 2. ଅପଦ୍ଧତ, ଅନୁଚିତ ; 3. ବକ୍ର, ଅସମ, ଉଚ୍ଚନୀଚ ; 4. ନିପାତିତ ।—*n.* ଅସ୍ଥାୟୀ ସୈନ୍ୟାଦି ।

Irregularity, *n.* 1. ଅନିୟମିତତା, ନିୟମାଭାବ, ବ୍ୟତିକ୍ରମ ; 2. ଅପଦ୍ଧତାଚାର, ଅନାଚାର, ତ୍ରୁଟି, ଦୋଷ ।

Irregularly, *ad.* 1. ଅନିୟମିତରୂପେ, ବେଆଇନରୂପେ; 2. ଅପଦ୍ଧତରୂପେ, ଅନୁଚିତରୂପେ ; 3. ବକ୍ରରୂପେ, ଅସମରୂପେ ।

Irrelevancy, Irrelevance. *n.* ଅସଙ୍ଗତତା, ଅସମ୍ପର୍କ, ଅପ୍ରାସଙ୍ଗିକତା ।

Irrelevant, *a.* ଅସଙ୍ଗତ, ଅସମ୍ପର୍କୀୟ, ଅପ୍ରାସଙ୍ଗିକ ।

Irrelevantly, *ad.* ଅସଙ୍ଗତରୂପେ, ଅସମ୍ପର୍କୀୟରୂପେ, ଅପ୍ରାସଙ୍ଗିକରୂପେ ।

Irreligion, *n.* ଅଧର୍ମ, ଅଧାର୍ମିକତା, ଧର୍ମରହିତତ୍ୱ, ଅଭକ୍ତି ।

Irreligious, *a.* ଅଧାର୍ମିକ, ଧର୍ମହୀନ, ଭକ୍ତିହୀନ ।

Irreligiously, *ad.* ଅଧାର୍ମିକଭାବେ, ଧର୍ମହୀନଭାବେ, ଭକ୍ତିହୀନଭାବେ ।

Irreligiousness, *n.* ଅଧାର୍ମିକତା, ଧର୍ମହୀନତା, ଭକ୍ତିହୀନତା ।

Irremeable, *a.* ଅପୁନରାଗମ୍ୟ ।

Irremediable, *a.* ଅପ୍ରତିକାର୍ଯ୍ୟ, ଅପ୍ରତିବିଧେୟ, ଅଚିକିତ୍ସ୍ୟ, ଅଶୋଧନୀୟ ।

Irremediably, *ad.* ଅପ୍ରତିକାର୍ଯ୍ୟରୂପେ, ଅଚିକିତ୍ସ୍ୟରୂପେ, ଅଶୋଧନୀୟରୂପେ ।

Irremissible, *a.* ଅମୋଚନୀୟ, ଅମାର୍ଜନୀୟ, ଅକ୍ଷମାଯୋଗ୍ୟ ।

Irremovability, *n.* ସ୍ଥାନାନ୍ତର ଅକରଣୀୟତା, ଅଚଳତା, ଅଟଳତା ।

Irremovable, *a.* ସ୍ଥାନାନ୍ତର ଅକରଣୀୟ, ଅଚଳ, ଅଟଳ, ସ୍ଥାବର ।

Irremovably, *ad.* ଅଚଳରୂପେ, ଅଟଳରୂପେ, ଦୃଢ଼ରୂପେ ।

Irreparability, *n.* ସୁଧାରିବାର ଅଯୋଗ୍ୟତା, ଅସଂସ୍କରଣୀୟତା, ଅପ୍ରତିକାର୍ଯ୍ୟତା, ଅଶୋଧନୀୟତା ।

Irreparable, *a.* ସୁଧାରିବାର ଅଯୋଗ୍ୟ, ଅପ୍ରତିକାର୍ଯ୍ୟ, ଅଶୋଧନୀୟ ।

Irreparably, *ad.* ଅପ୍ରତିକାର୍ଯ୍ୟରୂପେ, ଅଶୋଧନୀୟରୂପେ ।

Irrepealable, *a.* ଅଲୋପନୀୟ, ରଦ୍ ଅକରଣୀୟ ।

Irreprehensible, *a.* ଅଭର୍ତ୍ସନୀୟ, ଅନିନ୍ଦନୀୟ, ନିର୍ଦ୍ଦୋଷ ।

Irrepressible, *a.* ଅଦମ୍ୟ, ଅନିବାର୍ଯ୍ୟ ।

Irrepressibly, *ad.* ଅଦମ୍ୟରୂପେ, ଅନିବାର୍ଯ୍ୟରୂପେ ।

Irreproachable, *a.* ଅନପବାଦ୍ୟ, ଅଦୂଷଣୀୟ, ଅଭର୍ତ୍ସନୀୟ, ଅନିନ୍ଦନୀୟ, ନିର୍ଦ୍ଦୋଷ, ନିଷ୍କଳଙ୍କ ।

Irreproachably, *ad.* ଅନପବାଦ୍ୟରୂପେ, ଅଦୂଷଣୀୟଭାବେ, ଅଭର୍ତ୍ସନୀୟଭାବେ, ନିର୍ଦ୍ଦୋଷରୂପେ ।

Irreprovable, *a.* ଅନନୁଯୋଜ୍ୟ, ଅନିନ୍ଦନୀୟ, ନିର୍ଦ୍ଦୋଷ ।

Irresistance, *n.* ଅନିବାରଣ, ବଶ୍ୟତା ।

Irresistibility, *n.* ଅନିବାରଣୀୟତା, ଅନିବାର୍ଯ୍ୟତା ।

Irresistible, *a.* ଅନିବାରଣୀୟ, ଅନିବାର୍ଯ୍ୟ ।

Irresistably, *ad.* ଅନିବାରଣୀୟରୂପେ, ଅନିବାର୍ଯ୍ୟରୂପେ ।

Irresolute, *a.* ଅସ୍ଥିରମନା, ଚଞ୍ଚଳଚିତ୍ତ, ଅସ୍ଥିର, ଅଧୀର ।

Irresolutely, *ad.* ଅସ୍ଥିରମନରେ, ଚଞ୍ଚଳଚିତ୍ତରେ, ଅସ୍ଥିରଭାବେ ।

Irresoluteness, Irresolution, *n.* ଚଞ୍ଚଳଚିତ୍ତତା, ଚଳଚିତ୍ତତା, ମନର ଅସ୍ଥୈର୍ଯ୍ୟ, ଅସ୍ଥିରତା, ଚାଞ୍ଚଲ୍ୟ ।

Irresolvable, *a.* ଅବିଭେଦ୍ୟ ।

Irrespective, *a.* ସମ୍ପର୍କହୀନ, generally used in the phrase *irrespective of*, and often adverbially. ଛଡ଼ା, ବ୍ୟତିରେକେ ।

Irrespectively, *ad.* ଛଡ଼ା, ବ୍ୟତିରେକେ ।

Irrespirable, *a.* ଶ୍ୱାସର ଅନୁପଯୁକ୍ତ, ଅନାଶ୍ୱସନୀୟ ।

Irresponsibility, *n.* ଦାୟରହିତତ୍ୱ, ଦାୟରହିତତା, ଝୁକିରହିତତ୍ୱ ।

Irresponsible, *a.* ଦାୟରହିତ, ଅଦାୟୀ, ଅପୃଚ୍ଛାଧୀନ ।

Irresponsibly, *ad.* ଦାୟରହିତରୂପେ, ଅଦାୟିରୂପେ ।

Irresponsive, *a.* ଅନୁତ୍ତରକାରୀ ।

Irretrievable, *a.* ଅପୁନଃପ୍ରାପ୍ୟ, ପୁନରଲଭ୍ୟ, ଅପ୍ରତିକାର୍ଯ୍ୟ ।

Irretrievably, *ad.* ଅପୁନଃପ୍ରାପ୍ୟରୂପେ, ପୁନରଲଭ୍ୟରୂପେ, ଅପ୍ରତିକାର୍ଯ୍ୟରୂପେ ।

Irreverence, *n.* ଅନାଦର, ଅସମାଦର, ଅମର୍ଯ୍ୟାଦା, ଅବଜ୍ଞା, ଅଭକ୍ତି ।

Irreverent, *a.* ଅନାଦରପ୍ରକାଶକ, ଅନାଦରକାରୀ, ଅବଜ୍ଞାକାରୀ ।

Irreverently, *ad.* ଅନାଦରଭାବେ, ଅନାଦରକାରୀରୂପେ, ଅମର୍ଯ୍ୟାଦାରେ ।

Irreversible, *a.* 1. ଉଲ୍ଟା ଅକରଣୀୟ ; 2. ଅପରିବର୍ତ୍ତନୀୟ, ଅଲୋପ୍ୟ ।

Irreversibly, *ad.* ଅପରିବର୍ତ୍ତନୀୟରୂପେ ।

Irrevocable, *a.* ଅପରିବର୍ତ୍ତନୀୟ, ଅଟଳ, ଅଲୋପ୍ୟ ।

Irrevocably, *ad.* ଅପରିବର୍ତ୍ତନୀୟରୂପେ, ଅଟଳରୂପେ, ଅଲୋପ୍ୟରୂପେ ।

Irrigate, *v.t.* 1. ଜଳସେଚନ-କ, ସିକ୍ତ-କ ; 2. (କ୍ଷେତ୍ରରେ) ଜଳ-ଦେ, ପାଣି ମଡ଼ାଇବା, କୃତ୍ରିମ ପ୍ରଣାଳୀ ଦ୍ୱାରା ଜଳ ଯୋଗାଇବା ।

Irrigation, *n.* 1. ସିକ୍ତକରଣ ; 2. କ୍ଷେତ୍ରରେ ଜଳଦାନ, କୃତ୍ରିମ ପ୍ରଣାଳୀ ଦ୍ୱାରା ଜଳଦାନ ।

Irritability, Irritableness, *n.* ଶୀଘ୍ରକୋପିତ୍ୱ, ରାଗୀ ପ୍ରକୃତି, ଚିଡ଼ଚିଡ଼ିଆଭାବ ।

Irritable, *a.* 1. ଶୀଘ୍ରକୋପୀ, ରାଗୀ, ଚିଡ଼ଚିଡ଼ିଆ ; 2. (in physiology), ବାହ୍ୟ ଉତ୍ତେଜନା ପ୍ରତି ଉତ୍ତରକାରୀ, ଭୌତିକ କ୍ରିୟା କରିବାକୁ ଶୀଘ୍ର ପ୍ରବର୍ତ୍ତିତ ।

Irritably, *ad.* ଶୀଘ୍ରକୋପୀରୂପେ, ଚିଡ଼ଚିଡ଼ିଆଭାବେ ।

Irritant, *a.* ଜ୍ୱାଳାକର ।—*n.* 1. ଜ୍ୱାଳାକର ଉପାୟ, ଜ୍ୱାଳାକର ପ୍ରଲେପ ; 2. ଉତ୍ତେଜନା, ପ୍ରବର୍ତ୍ତନା ।

Irritate, *v.t.* 1. ବିରକ୍ତ-କ, ଚିଡ଼ାଇବା ; 2. ଦାହ ଜନ୍ମାଇବା, ଜ୍ୱାଳା ଜନ୍ମାଇବା ; 3. (in physiology), କୌଣସି ଉତ୍ତେଜନା ଦ୍ୱାରା ଭୌତିକ କ୍ରିୟା ଜନ୍ମାଇବା ।

Irritating, *p.a.* ବିରକ୍ତିକର ।

Irritation, *n.* 1. ବିରକ୍ତିକରଣ, ବିରକ୍ତି, ଚିଡ଼ଚିଡ଼ିଆପଣ, ଖିଟଖିଟାମି ; 2. କୌଣସି ଉତ୍ତେଜନା ଦ୍ୱାରା ଭୌତିକ କ୍ରିୟାର ଉତ୍ପାଦନ, ଉତ୍ତେଜନା ଦ୍ୱାରା ଜାତ ଭୌତିକ କ୍ରିୟା ।

Irruption, *n.* ବଳରେ ପ୍ରବେଶ, ହଠାତ୍ ଆକ୍ରମଣ, ଚଢ଼ାଉ ।

Irruptive, *a.* ବଳରେ ପ୍ରବେଶକାରୀ, ହଠାତ୍ ଆକ୍ରମଣକାରୀ ।

Is, ଅଛି, ଅଟେ, ହୁଏ, ଥାଏ ।

Ischuria, *n.* ମୂତ୍ରକୃଚ୍ଛ୍ର, ମୂତ୍ରବନ୍ଧ ।

Isinglass, *n.* ମାଛର ପୋଟାରୁ ପ୍ରସ୍ତୁତ ଅଠା ।

Islam, *n.* 1. ମହମ୍ମଦଙ୍କ ଧର୍ମ; 2. ମହମ୍ମଦଙ୍କ ଧର୍ମାବଲମ୍ବୀ ସମୂହ ।
Islamism, *n.* ମହମ୍ମଦୀୟ ଧର୍ମ ।
Island, *n.* *i'-land*, Isle, (poetic), ଟାପୁ, ଦ୍ୱୀପ । —*v.t.* 1. ଦ୍ୱୀପ-କ; 2. ଦ୍ୱୀପବିଶିଷ୍ଟ-କ ।
Islander, *n.* ଦ୍ୱୀପବାସୀ ।
Islet, *n.* ସାନ ଟାପୁ, କ୍ଷୁଦ୍ରଦ୍ୱୀପ, ଉପଦ୍ୱୀପ ।
Isolate, *v.t.* (ଦ୍ୱୀପରେ ରଖିବା), 1. ପୃଥକ୍ ଅବସ୍ଥାରେ ରଖିବା, ପୃଥକ୍-କ, ଅଲଗା ରଖିବା; 2. (in electricity), ଅପ୍ରଚଳକ ପଦାର୍ଥ ଦ୍ୱାରା ପୃଥକ୍-କ ।
Isolated, *p.a.* ପୃଥକ୍କୃତ, ଅଲଗା, ଏକଲା ।
Isolation, *n.* 1. ପୃଥକ୍ ଅବସ୍ଥା, ଅଲଗାକରଣ; 2. ଅପ୍ରଚଳକ ପଦାର୍ଥ ଦ୍ୱାରା ପୃଥକ୍କରଣ ବା ପୃଥକ୍ ଅବସ୍ଥା ।
Isometric, Isometrical, *a.* ସମପରିମାଣବିଶିଷ୍ଟ, ସମପରିମାପକ ।
Isosceles, *a.* ସମଦ୍ୱିଭୁଜବିଶିଷ୍ଟ, ସମଦ୍ୱିବାହୁ ।
Israelite, *n.* ଇଶ୍ରାୟେଲର ସନ୍ତାନ, ଇଶ୍ରାୟେଲୀୟ ଲୋକ, ଯିହୁଦୀ ।
Issuable, *a.* ନିର୍ଗମନୀୟ, ପ୍ରଚଳନୀୟ ।
Issue, *n.* 1. ନିର୍ଗମ, ନିଃସରଣ; 2. ପ୍ରଚଳନ; 3. ଉତ୍ପନ୍ନ ବା ପ୍ରଚଳିତ ବିଷୟ, ଏକସମୟରେ ପ୍ରସ୍ତୁତ ସଂଖ୍ୟା; 4. ମୂଳ ବିଷୟ, ବିତର୍କ ବିଷୟ; 5. ଶେଷ ଫଳ; 6. ସନ୍ତାନସନ୍ତତି; 7. ରକ୍ତସ୍ରାବ; 8. ପୂଜ ବହିବା ନିମନ୍ତେ କୃତ୍ରିମ ପଥ ।—At issue, ବିବାଦିତ ଅବସ୍ଥାରେ, ଅନୈକ୍ୟ ଅବସ୍ଥାରେ । To join issue, ବିପରୀତ ପକ୍ଷ ବା ମତ ଧରିବା ।—*v.i.* 1. ବାହାରିବା, ନିର୍ଗତ-ହେ; 2. ଉତ୍ପନ୍ନ-ହେ; 3. (in law), ଜାସ୍ତ-ହେ, ବିପରୀତ ପକ୍ଷ ଧରିବା; 4. ଶେଷ-ହେ ।—*v.t.* ବାହାର-କ, ପ୍ରଚାର-କ, ଚଳାଇବା ।
Issueless, *n.* ନିଃସନ୍ତାନ, ନିର୍ବଂଶ, ଅଣ୍ଟକୁଡ଼ା ।
Isthmus, *n.* ଯୋଜକ, ଡମରୁମଧ୍ୟ ।
It, *pro.* ସେ, ସେହି, ତାହା, ଏହା, ଇହା ।
Italian, *a.* ଇଟାଲି ଦେଶସମ୍ବନ୍ଧୀୟ ।—*n.* 1. ଇଟାଲି ଦେଶବାସୀ; 2. ଇଟାଲି ଦେଶର ଭାଷା ।
Italic, *n.* ଡାହାଣଆଡ଼କୁ ତେର୍ଛା ଛପାର ଅକ୍ଷରବିଶେଷ ।
Italicize, *v.t.* ଡାହାଣ ଆଡ଼କୁ ତେର୍ଛା ଅକ୍ଷରରେ ଲେଖିବା ବା ଛାପିବା ।
Itch, *n.* 1. କୁଣ୍ଡେଇବା ଇଚ୍ଛା, କଣ୍ଡୁୟନ; 2. କୁଣ୍ଡିଆ, କାଛୁ, କଣ୍ଡୁରୋଗ; 3. ନିରନ୍ତର ବ୍ୟଗ୍ରତାପୂର୍ଣ୍ଣ ଇଚ୍ଛା ।—*v.i.* 1. କୁଣ୍ଡେଇ-ହେ; 2. ଅତ୍ୟନ୍ତ ଇଚ୍ଛା-କ ।—Fingers itch to do a thing, ଚଲ୍ଚଲ୍-ହେ ।
Itchiness, *n.* କୁଣ୍ଡିଆ, ଅବସ୍ଥା, କାଛୁମୟତା, କଣ୍ଡୁରତା ।
Itch-mite, *n.* କୁଣ୍ଡିଆ ପୋକ ।
Itchy, *a.* କୁଣ୍ଡିଆମୟ, କାଛୁମୟ ।
Item, *ad.* ଏହିକି (archaic) ।—*n.* ତାଲିକାରେ ଲିଖିତ ବିଷୟ, ଦଫା ।
Iterate, *v.t.* ପୁନରୁକ୍ତି-କ, ପୁନରାୟ-କ, ପୁନର୍ବାର-କ ।
Iteration, Iterance, *n.* ପୁନରୁକ୍ତି, ପୁନର୍ବାରକରଣ ।
Iterative, *a.* ପୁନରୁକ୍ତିକାରୀ, ପୁନଃକାରୀ ।
Ithyphallic, *a.* ଲିଙ୍ଗପୂଜାସମ୍ବନ୍ଧୀୟ, ଅତିଅଶ୍ଳୀଳ ।
Itineracy, *n.* ଭ୍ରମଣଶୀଳ ।
Itinerancy, *n.* ଭ୍ରମଣ, ପର୍ଯ୍ୟଟନ ।
Itinerant, *a.* ଭ୍ରମଣକାରୀ, ପର୍ଯ୍ୟଟକ ।—*n.* ଭ୍ରମଣକାରୀ ଲୋକ, ପର୍ଯ୍ୟଟକ ବ୍ୟକ୍ତି, ପଥିକ ।
Itinerary, *n.* 1. ଏକ ଯାତ୍ରାପଥର ନାନା ସ୍ଥାନର ବିବରଣପୁସ୍ତକ; 2. ଯାତ୍ରାର ବିବରଣ; 3. ଭ୍ରମଯାତ୍ରାର ଜ୍ଞାପକ ପଦ ।—*a.* ଭ୍ରମଣକାରୀ, ପର୍ଯ୍ୟଟକ, ଯାତ୍ରା ବିଷୟକ ।
Itinerate, *v.i.* ବିଶେଷ ଅଭିପ୍ରାୟରେ ଭ୍ରମଣ-କ, ଭ୍ରମଣ-କ, ପର୍ଯ୍ୟଟନ-କ, ଯାତ୍ରା-କ ।
Itself, *refl. pro.* ସ୍ୱୟଂ, ନିଜେ, ଆପେ ।
Ivied, *a.* ଆଇଭି ନାମକ ଲତାବୃତ ।
Ivory, *n.* 1. ହାତୀଦାନ୍ତ, ହସ୍ତିଦନ୍ତ, ଗଜଦନ୍ତ, କୁନ୍ତ; 2. *pl.* ହସ୍ତିଦନ୍ତନିର୍ମିତ ଦ୍ରବ୍ୟମାନ ।—*a.* ହସ୍ତିଦନ୍ତନିର୍ମିତ ।
Ivory-black, *n.* ପୋଡ଼ା ହାତୀଦାନ୍ତରେ ପ୍ରସ୍ତୁତ ଚିକ୍କଣ କଳା ରଙ୍ଗ ।
Ivory-palm, *n.* ଦକ୍ଷିଣ ଆମେରିକାର ତାଳଜାତୀୟ ବୃକ୍ଷ ଯାହାର ଫଳ ହାତୀଦାନ୍ତ ପରି ଦେଖା ଯାଏ ।
Ivy, *n.* ଥମ୍ଭାକ ପତ୍ରବିଶିଷ୍ଟ ଲତା ବିଶେଷ ।

# J

J. ଇଂରାଜୀ ବର୍ଣ୍ଣମାଳାର ଦଶମ ଅକ୍ଷର ।
Jabber, *v.i.* ବକ୍ବକ୍-କ, ବଡ଼ବଡ଼-କ, ଶୀଘ୍ର ଅସ୍ପଷ୍ଟରୂପେ ବା ନିର୍ବୁଦ୍ଧିରେ କହିବା ।—*v.t.* ଶୀଘ୍ର ବା ଅସ୍ପଷ୍ଟରୂପେ ଉଚ୍ଚାରଣ-କ ।—*n.* ଶୀଘ୍ର ବା ଅସ୍ପଷ୍ଟ କଥା ।
Jacana, *n.* ଦକ୍ଷିଣ ଆମେରିକାର ପକ୍ଷୀ ବିଶେଷ ।
Jacinth, *n.* 1. ଫୁଲ ବିଶେଷ; 2. ମଣି ବିଶେଷ ।
Jack, *n.* 1. John ନାମର ସଂକ୍ଷିପ୍ତ ସଂଜ୍ଞା; 2. କେତେ ଯନ୍ତ୍ରର ନାମ, ବୁଟ୍ଜୋତା କାଢ଼ିବା ଯନ୍ତ୍ର, ଭାରି ବୋଝ ଉଠାଇବା ପେଚଯୁକ୍ତ ଯନ୍ତ୍ର; 3. ଅଣ୍ଡିରା ଗଧ ଆଦିର ନାମ; 4. ପତାକା ବିଶେଷ; 5. ମାଛ ବିଶେଷ; 6. ତାସ ଖେଳର ଗୋଲାମ; 7. ବାଠଗୋଲର ଖେଳରେ ଲକ୍ଷ୍ୟ ନିମନ୍ତେ ବ୍ୟବହୃତ ଗୋଲି; 8. ନାବିକର ନାମ; 9. ପଣସ ଗଛ, ପଣସ ।—Jack in office, ସାମାନ୍ୟ ପଦରେ ବଡ଼ାଇ କରିବା ଲୋକ । Jack of all trades, ସବୁ ବ୍ୟବସାୟରେ ଦକ୍ଷ ଲୋକ ।
Jackal, *n.* 1. ବିଲୁଆ, ଶିଆଳ, ଶୃଗାଳ, ଜମ୍ବୁକ, male, ଭେରେଣ୍ଡା; 2. ଯେ ପର ନିମନ୍ତେ ନୀଚ କାର୍ଯ୍ୟ କରେ, ଭେରେଣ୍ଡା ।
Jackanapes, *n.* (ବାନର), ଫୁଲବାବୁ, ବେହିଆ ଲୋକ ।
Jackass, *n.* 1. ଅଣ୍ଡିରା ଗଧ; 2. ମୂର୍ଖ, ବୋକା ।

**Jack-boot**, *n.* ଲମ୍ବ ବୁଟ୍ ଜୋତା ।

**Jackdaw**, *n.* କୁଜ କୁଆ ବିଶେଷ ।

**Jacket**, *n.* 1. ଜାମା, ସାନ କୁର୍ତ୍ତି ; 2. ଫତେଇ ; 3. ଜଳରେ ଥିବା ଜଳ ଉପର ଭାସିବାରକ ଖୋଳ ; 4. ଘୋଡା ଆଳୁର ଚୋପା ।

**Jack-knife**, *n.* ବଡ ଛୁରୀ ।

**Jack-o-lantern**, *n.* ଭିଉଳୁଣୀ ।

**Jack-pudding**, *n.* ଭଣ୍ଡ, ମସ୍କରା ।

**Jack-tree**, *n.* ପଣସ ଗଛ ।

**Jacobean, Jacobæan**, *a.* ଗୃହ ନିର୍ମାଣ ପ୍ରଣାଳୀ-ସମ୍ବନ୍ଧରେ ପ୍ରଥମ ଯେମ୍ସ ରାଜାଙ୍କ ସାମୟିକ ।

**Jacobin**, *n.* 1. ଫରାସୀ ପ୍ରଥମ ରାଜଦ୍ରୋହ ସମୟରେ ସଭାସ୍ଥ ଦଳର ଏକ ସଭ୍ୟ ; 2. ଝୋପି ପର ପର-ଲଗା ପାର ।

**Jacobite**, *n.* ସିଂହାସନ ତ୍ୟାଗ କରିବାରେ ଦ୍ୱିତୀୟ ଯେମ୍ସ ରାଜାଙ୍କ ଓ ତାଙ୍କ ବଂଶର ପକ୍ଷପାତୀ ଲୋକ ।—*a.* ଉକ୍ତ ପକ୍ଷପାତୀ ଲୋକମାନଙ୍କସମ୍ବନ୍ଧୀୟ ।

**Jaconet**, *n.* ମଲମଲ ଲୁଗା ବିଶେଷ ।

**Jacquard-loom**, *n.* ନକ୍ସାଯୁକ୍ତ ଲୁଗା ବୁଣିବା ଯନ୍ତ୍ର ।

**Jactitation**, *n.* 1. ରୋଗରେ ଶରୀରର ଛଟପଟ ; 2. ବଡାଇ ।

**Jade**, (1) *n.* 1. ଅକାମୀ ଘୋଡା ; 2. ଦୁଷ୍ଟା ସ୍ତ୍ରୀ ; 3. (କୌତୁକରେ) ଯୁବତୀ ।—*v.t.* 1. ଅଧିକ ଦୌଡାଇ କ୍ଳାନ୍ତ-କ ; 2. ବହୁ ପରିଶ୍ରମରେ କ୍ଳାନ୍ତ-କ ;—*v.i.* କ୍ଳାନ୍ତ -ହେ, ଥକି ଯିବା ।

**Jade**, (2) *n.* ଚୀନ ସବୁଜବର୍ଣ୍ଣ ପଥର ବିଶେଷ ।

**Jag**, *v.t.* କରତ ଦାନ୍ତ ପରି ସବୁ କାଟିବା, ଖାଞ୍ଜ-କ ।—*n.* କଟା ଘାଅ, ଖାଞ୍ଜ । [ଚିର ।

**Jagged**, *a.* କଟା ଘାଅଯୁକ୍ତ, ଖାଞ୍ଜଯୁକ୍ତ, ଅବଡାଖାବଡା,

**Jaggedness**, *n.* ଦନ୍ତୁରତା, କଟା ଘାଅଯୁକ୍ତତା, ଖାଞ୍ଜ-ଯୁକ୍ତତା, ଅବଡାଖାବଡା ଅବସ୍ଥା ।

**Jaggy**, *a.* ଖାଞ୍ଜକଟା, ଦାନ୍ତଯୁକ୍ତ, ଅବଡାଖାବଡା ।

**Jaggery**, *n.* ଖଜୁରି ଗୁଡ ।

**Jaghire**, *n.* କୌଣସି ଲୋକକୁ ଭୂମି ଫସଲର ସରକାରୀ ଭାଗର ଦାନ, ଜାଗିର ।

**Jaguar** *n.* ଦକ୍ଷିଣ ଅମେରିକାର ଚିତାବାଘ ।

**Jail**, *n.* ବନ୍ଦୀଘର, କୟେଦଖାନା, ଜେଲଖାନା ।

**Jailbird**, *n.* ବନ୍ଦୀଘରବାସୀ, କୟେଦୀ । [ରକ୍ଷକ ।

**Jailer, Jailor**, *n.* ବନ୍ଦୀଘର ରକ୍ଷକ, ବନ୍ଦୀପାଳ, ଜେଲ-

**Jalap**, *n.* ରେଚକଔଷଧ, କଳାଦାନା, ଜୁଲାପ ।

**Jam**, (1) *n.* ମୋରବ୍ବା ବିଶେଷ । [*n.* ଭିଡ ।

**Jam**, (2) *v.t.* 1. ଚିପିବା, ଠେସି ଚିପିବା ; 2. ଭିଡ-କ ।—

**Jamb**, *n.* ଚୌକାଠର ବାହୁ ।

**Jangle**, *v.i.* କର୍କଶ ସ୍ୱର-କ, ବାଗ୍‌ଯୁଦ୍ଧ-କ ।—*v.t.* ବିସ୍ୱରରେ ବଜାଇବା, କର୍କଶ ସ୍ୱରରେ ଉଚ୍ଚାରଣ-କ ।—*n.* କର୍କଶ ଶବ୍ଦ, ବକ୍‌ବକ୍, ବାଗ୍‌ଯୁଦ୍ଧ ।

**Janitor**, *n.* ଦ୍ୱାରପାଳ, ଦରୁଆନ୍ ।

**Janizary**, *n.* ତୁର୍କୀ ପଦାତିକ ସୈନ୍ୟ ।

**January**, *n.* ଇଂରାଜୀ ବର୍ଷର ପ୍ରଥମ ମାସ, ପୌଷମାସ ।

**Japan**, *v.t.* ଚୀନ ଓ ବିଶେଷ ଚିକ୍କଣ ରୋଗଣର (ବା ବାର୍ଣ୍ଣିଶର) ମୋଟା ପୋଛ ଦେଇ ନକ୍ସାରେ ଶୋଭିତ-କ, କଳା ଓ ଚିକ୍କଣ-କ, ବାର୍ଣ୍ଣିଶ୍-କ ।—*n.* 1. ଉପରୋକ୍ତ ବାର୍ଣ୍ଣିଶ୍‌ଦିଆ ଓ ନକ୍ସାଯୁକ୍ତ କାମ ; 2. ଚୀନ କଳା ବାର୍ଣ୍ଣିଶ୍ ବିଶେଷ ।

**Jar**, (1) *v.i.* 1. କର୍କଶ ଶବ୍ଦରେ ବାଜିବା ; 2. ବିରୋଧୀ -ହେ, ବିବାଦ-କ ।—*v.t.* 1. କମ୍ପାଇବା, କମ୍ପିତ-କ, ଥରାଇବା ; 2. ବିସ୍ୱର-କ, କର୍କଶ କରାଇବା ।—*n.* 1. ଧକ୍କା'ଜାତ ଘଡ ଘଡ ଶବ୍ଦ, କର୍କଶ ଶବ୍ଦ ; 2. ବିବାଦ, ଝଗଡା ; 3. କମ୍ପନ ।

**Jar**, (2) *n.* ମୃତ୍ତିକାପାତ୍ର ।

**Jargon**, *n.* 1. ଗୋଳମାଳିଆ କଥା, ଅର୍ଥହୀନ ବାକ୍ୟ ; 2. ବ୍ୟବସାୟ ବା ମତର ବିଶେଷ ଭାଷା ।

**Jasmine, Jessamine**, *n.* ମଲ୍ଲିକା, ମଲ୍ଲିଫୁଲ ।

**Jasper**, *n.* ସୂର୍ଯ୍ୟକାନ୍ତମଣି ।

**Jaundice**, *n.* ପାଣ୍ଡୁରୋଗ, କାମଳ ।—*v.t.* ପାଣ୍ଡୁରୋଗ-ଗ୍ରସ୍ତ-କ, ପକ୍ଷପାତୀ ବା ଈର୍ଷାଯୁକ୍ତ-କ ।

**Jaunt**, *v.i.* ଏଣେତେଣେ ବୁଲିବା, ଭ୍ରମଣ-କ ।—*n.* ଅଳ୍ପ ଯାତ୍ରା, ଆମୋଦ ଯାତ୍ରା ।

**Jaunty, Janty**, *a.* ପ୍ରଫୁଲ୍ଲ, ହୃଷ୍ଟ, ଶୋଖ, ରଙ୍ଗିଲ ।

**Jauntily**, *ad.* ପ୍ରଫୁଲ୍ଲରୂପେ, ହୃଷ୍ଟରୂପେ, ଶୋଖଭାବେ, ଚପଳରୂପେ ।

**Jauntiness**, *n.* ପ୍ରଫୁଲ୍ଲତା, ଶୋଖଭାବ, ଚପଳତା ।

**Javelin**, *n.* ସାନ ଓ ହାଲୁକା ବର୍ଚ୍ଛା ।

**Jaw**, *n.* 1. ଗାଲପାଟି, କଳପାଟି, ମୁଖ ; 2. କଳପାଟି ପରି ଯନ୍ତ୍ର ; 3. (vulgar), ବକ୍‌ବକ୍, ଗାଳି ।

**Jaw-bone**, *n.* କଳପାଟି ହାଡ ।

**Jaw-tooth**, *n.* କଳଦାନ୍ତ ।

**Jay**, *n.* ଉଦରଭୃଙ୍ଗ, ଉଦରଦଲିଆ ।

**Jealous**, *a.* 1. ପର ସମ୍ପଦରେ କାତର ବା ଉଦ୍‌ବିଗ୍ନ, ଈର୍ଷାଯୁକ୍ତ, ପରୋତ୍କର୍ଷଦ୍ୱେଷୀ, ଦ୍ୱେଷୀ, ପ୍ରେମସଂଶୟୀ, ପ୍ରୀତ୍ୟଂଶଙ୍କୀ, ସ୍ତ୍ରୀକୃତ ପ୍ରେମ ହେତୁ ଅନ୍ତର୍ଜ୍ୱାଳାଯୁକ୍ତ ; 2. (ସ୍ୱଗୌରବ ରକ୍ଷଣରେ) ଉଦ୍‌ଯୋଗୀ, ସତର୍କ ।

**Jealously**, *ad.* 1. ଈର୍ଷାରେ, ଦ୍ୱେଷିରୂପେ, ପ୍ରୀତ୍ୟା-ଶଙ୍କିରୂପେ ; 2. ଉଦ୍‌ଯୋଗିରୂପେ ।

**Jealousy**, *n.* 1. ଆପଣାଠାରୁ ଅନ୍ୟର ଅଧିକ ସମ୍ପଦ ହେବାରେ ଯେ ଉଦ୍‌ବେଗ, ଈର୍ଷ୍ୟା, ପରୋତ୍କର୍ଷଦ୍ୱେଷ, ପ୍ରୀତ-ଶଙ୍କା, ମନର ଜ୍ୱାଳା, ଅନ୍ତର୍ଜ୍ୱାଳା ; 2. ସତର୍କତା ।

**Jean**, *n* ଦୃଢ ଲୁଗା ବିଶେଷ, ଜିନ୍ ଲୁଗା ।—Satin jean, ଚିକ୍କଣ ଜିନ୍ ଲୁଗା ।

**Jeer**, *v.i.* ଥଟ୍ଟାରେ କହିବା, ପରିହାସରେ କହିବା, ବିଦ୍ରୂପରେ ଓ କଟୁଭାବରେ କହିବା ।—*v.t.* ଥଟ୍ଟା-କ, ପରି-ହାସ-କ, ଟାହିଁରି-କ ।—*n.* ଥଟ୍ଟା, ଉପହାସ, ବିଦ୍ରୂପ ।

**Jeeringly**, *ad.* ଥଟ୍ଟାଭାବେ, ଉପହାସରେ ।

**Jehovah**, *n.* ସଦାପ୍ରଭୁ, ଯିହୋବା ।

**Jejune**, *a.* ନିସ୍ତେଜ, ନୀରସ, ଶୁଷ୍କ ।

**Jejunely**, *ad.* ନୀରସଭାବେ ।

Jejuneness, *n.* ନିସ୍ତେଜତା, ନୀରସତା, ଶୁଷ୍କତା ।

Jelly, *n.* (*pl.* Jellies), 1. କୌଣସି ଅଧା ବହଳିଆ ଅଠାପରି ପଦାର୍ଥ ଯାହା ହଲାଇଲେ କମ୍ପିବ ମାତ୍ର ବହି ଯିବ ନାହିଁ; 2. ଚିନି ସିରାରେ ରନ୍ଧା ଫଳର ବହଳିଆ ରସ, ମୋରବା ବିଶେଷ; 3. ରନ୍ଧା ମାଂସର ବହଳିଆ ରସ, ମାଂସର ମୋରବା, ଜେଲି ।—*v.i.* ଜେଲି ପରି ହେବା ।

Jelly-fish, *n.* ଜେଲି ପରି ସାମୁଦ୍ରିକ ଜନ୍ତୁ ବିଶେଷ ।

Jemmy, *n.* ସିନ୍ଧିକାଠି, ଚୋର ସାବଳ ।

Jenny, *n.* ସୂତା କାଟିବା କଳ ।

Jeopard, Jeopardize, *v.t.* ବିପଦଗ୍ରସ୍ତ-କ, ବିପଦରେ ପକାଇବା, ସଙ୍କଟାପନ୍ନ-କ ।

Jeopardous, *a.* ବିପଜ୍ଜନକ, ସଙ୍କଟାପନ୍ନ ।

Jeopardy, *n.* ଦାୟ, ଦାୟଗ୍ରସ୍ତତା, ବିପଦ, ସଙ୍କଟ, କ୍ଷତି ବା ମୃତ୍ୟୁର ଦାୟଗ୍ରସ୍ତତା ।

Jeremiad, Jeremiade, *n.* ବିଳାପ, ବିଳାପପୂର୍ଣ୍ଣ ବିବରଣ, used with a spice of ridicule or mockery.

Jerk, *v.t.* 1. ହଠାତ୍ ଟାଣିବା, ଝିଙ୍କା ମାରିବା; 2. ହଠାତ୍ ଛାଡ଼-ଦେ, ଫୁର୍ତ୍ତିରେ ଫୋପାଡ଼-ଦେ, ଓଠାରୁ ହୋଇ (କଥା) ବାହାର କରିବା ।—*v.i.* 1. ଝିଙ୍କା ମାରିବା; 2. ଚମକି ଉଠିବା ।—*n.* 1. ଝିଙ୍କା; 2. ଚମକ, ହଠାତ୍ ଡିଅଁ ।

Jerked, *a.* ପାତଳିଆ କଟା ଓ ଶୁଷ୍କକରା (ମାଂସ) ।

Jerkin, *n.* ଫତେଇ ।

Jerky, *a.* ଝିଙ୍କାଯୁକ୍ତ, ଚମକଯୁକ୍ତ, ଡିଅଁରେ ଗତିକାରୀ ।

Jersey, *n.* ପଶମୀ ଫତେଇ ବିଶେଷ ।

Jest, *n.* 1. ଥଟ୍ଟା, ଟାପରା, ହାସ୍ୟଜନକ କଥା, କୌତୁକ; 2. ହାସ୍ୟାସ୍ପଦ ।—In jest, ଥଟ୍ଟାରେ ।—*v.i.* ଥଟ୍ଟା-କ, ଟାପରା-କ, କୌତୁକ-କ ।

Jester, *n.* ଥଟ୍ଟାବାଜ, କୌତୁକୀ, ମସ୍କରା ।

Jestingly, *ad.* ଥଟ୍ଟାଭାବେ, କୌତୁକରେ ।

Jesuit, *n.* 1. ରୋମାନ୍‌କାଥଲିକ୍ ମତ ବିଶେଷର ସଭ୍ୟ; 2. ଧୂର୍ତ୍ତ ଲୋକ ।

Jesuitic, Jesuitical, *a.* 1. ଉକ୍ତ ରୋମାନ୍‌କାଥଲିକ୍ ମତସମ୍ବନ୍ଧୀୟ; 2. ଧୂର୍ତ୍ତ, ପ୍ରବଞ୍ଚକ ।

Jesuitism, Jesuitry, *n.* 1. ଉପରୋକ୍ତ ରୋମାନ୍‌କାଥଲିକ୍ ମତ ବା ତହିଁର ମୂଳସୂତ୍ର; 2. ଧୂର୍ତ୍ତତା, ପ୍ରବଞ୍ଚକତା ।

Jesus, *n.* ଯୀଶୁ, ଜଗତର ତ୍ରାଣକର୍ତ୍ତା ।

Jet, *n.* (1) ଜଳଝରଣା, ଝର ।—*v.t.* ଝରାଇବା ।—*v.i.* ଝରିବା, ଛୁଟିକି ଉଠିବା ।

Jet, (2) *n.* ଟାଣ ଓ ଚିକ୍କଣ ପଥର କୋଇଲା ବିଶେଷ ।

Jet-black, *a.* ଗାଢ଼ କଳା ।

Jetsam, Jetson, *n.* ଅପଦ ସମୟରେ ଜାହାଜକୁ ହାଲୁକା କରିବା ପାଇଁ ପକାଇ ଦିଆ ଯିବା ମାଲ ।

Jettiness, *n.* ଗାଢ଼ କୃଷ୍ଣତା ।

Jettison, *n.* ଅପଦ ସମୟରେ ଜାହାଜକୁ ହାଲୁକା କରିବା ପାଇଁ ମାଲ ପକାଇଦେବା କାର୍ଯ୍ୟ ।

Jetty, (1) *n.* (*pl.* Jetties), କାଠ ପ୍ରଭୃତିରେ ବନ୍ଧା ଘାଟ ।

Jetty, (2) *a.* 1. ଜେଟ୍ ନାମକ କଳା ପଥରରେ ବନ 2. ଗାଢ଼ କଳା ।

Jew, *n.* ଯିହୁଦୀୟ ଲୋକ, ଯିହୁଦୀ ।

Jewel, *n.* 1. ରତ୍ନଯୁକ୍ତ ଅଳଙ୍କାର; 2. ରତ୍ନ, ମଣି; 3. କୌଣସି ଦୁର୍ଲଭ ବସ୍ତୁ; 4. ଅତି ପ୍ରିୟପାତ୍ର ।—*v.t.* ମଣି ଦ୍ୱାରା ଅଳଙ୍କୃତ-କ, ରତ୍ନଯୁକ୍ତ-କ ।

Jeweller, *n.* ମଣିକାର, ମଣିହାରୀ, ରତ୍ନଜୀବୀ, ଜହୁରୀ, ଅଳଙ୍କାର ବ୍ୟାପାରୀ ।

Jewellery, Jewelry, *n.* ମଣିସମୂହ, ରତ୍ନାଦି, ମଣିହାରର ବ୍ୟବସାୟ ଦ୍ରବ୍ୟ, ଅଳଙ୍କାର ।

Jewess, *n.* ଯିହୁଦୀୟା ସ୍ତ୍ରୀ ।

Jewish, *a.* ଯିହୁଦୀୟ ଲୋକମାନଙ୍କ ବିଷୟକ ।

Jewishly, *ad.* ଯିହୁଦୀୟ ଲୋକମାନଙ୍କ ରୀତ୍ୟନୁସାରେ ।

Jewry, *n.* ଯିହୁଦୀ ଦେଶ ।

Jew's-harp, *n.* ଲୁହାର ଅତି ସାନ ବାଦ୍ୟଯନ୍ତ୍ର ବିଶେଷ ।

Jib, Jibe, (1) *n.* ଜାହାଜ ଆଗର ପାଲ ।—*v.t.* ଏକ ପାଖରୁ ଅନ୍ୟ ପାଖକୁ (ପାଲ) ବଦଳାଇବା ।

Jib, Jibe, (2) *v.i.* ହଟିବା, ମୋଡ଼-ହେ, ମଚକ-ହେ ।

Jib-boom, *n.* ଜାହାଜର ଅଗ୍ରଭାଗରୁ ବାହାରପଡ଼ିଥିବା ପାଲଦଣ୍ଡରେ ଲଗା ବଢ଼ା ।

Jibe, *v.t.* and *n.* see Gibe.

Jiffy, *n.* କ୍ଷଣ, ମୁହୂର୍ତ୍ତ, (colloquial).

Jig, *n.* 1. ଚଞ୍ଚଳ ସ୍ୱର ବିଶେଷ; 2. ଚଞ୍ଚଳ ନୃତ୍ୟ ବିଶେଷ; 3. କେତେକ କଳର ନାମ ।—*v.i.* ଚଞ୍ଚଳ ନୃତ୍ୟ-କ, ନାଚି ଉଠିବା ।—*v.t.* ହଲହଲ-କ । [ଚକ୍ରଣି ।

Jigger, (1) *n.* କେତେକ କଳର ନାମ, କୁମ୍ଭାର ଚକ,

Jigger, (2) *n.* see Chigœ.

Jilt, *n.* ମନୋମୋହିନୀ ପ୍ରତାରକା ସ୍ତ୍ରୀ, ପ୍ରବଞ୍ଚକା ।—*v.t.* and *i.* ପ୍ରୀତି ଦେଖାଇ ପ୍ରତାରଣା-କ ।

Jingle, *v.i.* ଝଣ୍‌ଝଣ୍ ଶବ୍ଦ-ହେ, ଟିଣ୍‌ଟିଣ୍ ବାଜିବା ।—*v.t.* ଝଣ୍‌ଝଣ-ଶବ୍ଦ-କ, ଟିଣ୍‌ଟିଣ୍ ଶବ୍ଦ-କ ।—*n.* 1. ଝଣ୍ ଝଣ୍ ଶବ୍ଦ, ଟିଣ୍‌ଟିଣ୍ ଶବ୍ଦ; 2. ଝୁମୁକା; 3. ଅନୁପ୍ରାସ ।

Jingo, *n.* (*pl.* Jingoes), ଯୁଦ୍ଧପ୍ରିୟ ଲୋକ ।

Jinriksha, *n.* ମନୁଷ୍ୟ ଟଣା ଦୁଇଚକିଆ ଓ ହାଉଦା-ଯୁକ୍ତ ଗାଡ଼ି ବିଶେଷ ।

Job, (1) *n.* 1. କାମ, ଠିକାକାମ, ସାନ କାମ; 2. ସ୍ୱାର୍ଥପର ଅନ୍ୟାୟ କାର୍ଯ୍ୟ ।—*v.t.* 1. ଠିକାରେ-ଦେ; 2. ଭଡ଼ାରେ-ଦେ; 3. ଭଡ଼ା-କ; 4. ଏକାଠି କିଣି ଖୁଚୁରା ବିକି-କ ।—*v.i.* 1. ଠିକାକାମ-କ; 2. ସ୍ୱାର୍ଥପର ଅନ୍ୟାୟ କାର୍ଯ୍ୟ-କ; 3. ଏକାଠି କିଣି ଖୁଚୁରା ବିକି-କ; 4. ସାଧାରଣ ପାଣ୍ଠିରେ ଦଲାଲି-କ ।

Job, (2) *v.t.* ଭୁଷିବା, ଭୁଷାମାରିବା, ଖେଞ୍ଚ ମାରିବା ।

Jobber, *n.* 1. ଠିକା କର୍ମକାରୀ; 2. ଭଡ଼ା ଦେବା ଲୋକ; 3. ଖୁଚୁରା ବ୍ୟବସାୟୀ; 4. ସାଧାରଣ ପାଣ୍ଠିର ଦଲାଲ ।

Jobbery, *n.* ସ୍ୱାର୍ଥ ନିମନ୍ତେ ଅସତ୍ ଉପାୟ ବା କାର୍ଯ୍ୟ ।

Job-master, *n.* ଗାଡ଼ି ଅଶ୍ୱ ଭଡ଼ା ଦେବା ଲୋକ ।

Jockey, *n.* 1. ଘୋଡ଼ଦୌଡ଼ରେ ଯେ ଘୋଡ଼ା ଚଢ଼େ ; 2. ଘୋଡ଼ା ବ୍ୟବସାୟୀ ବିଶେଷରେ ଠକ ଘୋଡ଼ା ବ୍ୟବସାୟୀ; 3. ଠକ ବ୍ୟବସାୟୀ ।—*v.t.* 1. ଘୋଡ଼ଦୌଡ଼ରେ ଅନ୍ୟାୟରେ ବାଧା-ଦେ ; 2. ଛଳରେ ଠକିବା, ପ୍ରତାରଣା ଦ୍ୱାରା ବାଧା-ଦେ, ଠକିବା ।

Jocose, *a.* କୌତୁକୀ, ଥଟ୍ଟାବାଜ, ଆମୋଦୀ ।

Jocosely, *ad.* କୌତୁକରେ, ଥଟ୍ଟାବାଜରୂପେ, ଆମୋଦରେ ।

Jocosity, *n.* କୌତୁକର ବିଷୟ, ଥଟ୍ଟା କଥା ବା କାର୍ଯ୍ୟ ।

Jocular, *a.* 1. କୌତୁକପ୍ରିୟ, କୌତୁକକାରୀ ; 2. କୌତୁକୀ, ଥଟ୍ଟାବାଜ୍, ଆମୋଦୀ, ହାସ୍ୟକର ।

Jocularity, Jocoseness, *n.* କୌତୁକପ୍ରିୟତା, ଆମୋଦ, ଥଟ୍ଟା କଥା ।

Jocularly, *ad.* କୌତୁକରୂପେ, ଆମୋଦରୂପେ ।

Jocund, *a.* ପ୍ରଫୁଲ୍ଲ, ପ୍ରଫୁଲ୍ଲଚିତ୍ତ, ହୃଷ୍ଟ, ପୁଲକିତ, ଆମୋଦୀ, ଚପଳ ।

Jocundity, *n.* ପ୍ରଫୁଲ୍ଲତା, ହୃଷ୍ଟତା, ଚପଳତା ।

Jocundly, *ad.* ପ୍ରଫୁଲ୍ଲରୂପେ, ହୃଷ୍ଟରୂପେ, ଆମୋଦରୂପେ, ଚପଳରୂପେ ।

Jog, *v.t.* 1. ହାତରେ ଅଳ୍ପ ଠେଲି-ଦେ, କହୁଣିରେ ଧକ୍କା ମାରିବା, ଅଳ୍ପ ଠେଲିବା ଦ୍ୱାରା ମନୋଯୋଗ କରାଇବା ; 2. ଚିଆଁଇବା, ଉତ୍ତେଜିତ-କ, ଜାଗ୍ରତ-କ ।—*v.i.* ଧୀରେ ଧୀରେ ଚାଲିବା ।—*n.* ଠେଲା, ଅଳ୍ପ ଧକ୍କା, ଅଳ୍ପ ଉତ୍ତେଜନା ।

Joggle, *v.t.* ଧୀରେ ହଲାଇବା, ହଠାତ୍ ଅଳ୍ପ ଠେଲି-ଦେ ।—*v.i.* ହଲିବା, ଥରଥର-ହେ ।—*n.* 1. ଠେଲା, ଅଳ୍ପ ଧକ୍କା ; 2. ଇଟା ବା କାଠ କାମରେ ବନ୍ଧନ ବିଶେଷ ।

Jog-trot, *n.* 1. ଧୀର କଦମ ଗତି, ଧୀର ଚାଲି ; 2. ସମାନରୂପତ୍ୱ, ସମାନ ଧାରା ।—*a.* ସମାନରୂପ, ନିର୍ବିଶେଷ, ସାମାନ୍ୟ ।

John, *n.* 1. ଲୋକର ନାମ ଅର୍ଥାତ୍ ଯୋହନ ; 2. ଯୋହନ ଲିଖିତ ମଙ୍ଗଳସମାଚାର, ଧର୍ମପୁସ୍ତକର ଚାରି ମଙ୍ଗଳସମାଚାର ଗ୍ରନ୍ଥ ମଧ୍ୟରୁ ଚତୁର୍ଥ ଗ୍ରନ୍ଥ ଯହିଁରେ ଯୀଶୁ ଖ୍ରୀଷ୍ଟଙ୍କ ଈଶ୍ୱରତ୍ୱ ସପ୍ରମାଣିତ ହୁଏ ।

Johnny-cake, *n.* (corruption of Journey-cake) ଆମେରିକା ଦେଶରେ ମକ୍କା ମଇଦାର ପିଠା ବିଶେଷ ।

Join, *v.t.* 1. ଯୋଡ଼ିବା, ଯୁକ୍ତ-କ, ଲଗାଇବା; 2. ଯୋଗ-ଦେ ; 3. ମିଳାଇବା ।—To join battle, ଯୁଦ୍ଧରେ ଲାଗିବା ।—*v.i.* 1. ଯୁକ୍ତ-ହେ, ଲାଗିବା, ନିକଟ-ହେ; 2. ମିଳିବା, ମିଳିତ-ହେ ।

Joiner, *n.* ବଢ଼ାଇ, ସୂତ୍ରଧର ।

Joinery, *n.* ବଢ଼ାଇ ବ୍ୟବସାୟ, କାଠକାମ ।

Joining, *n.* ଯୋଡ଼ିବା ସ୍ଥାନ, ଯୋଡ଼ ।

Joint, *n.* 1. ଯୋଡ଼ିବା ସ୍ଥାନ, ଯୋଡ଼; 2. ସନ୍ଧି; 3. ଗଣ୍ଠି, ଗ୍ରନ୍ଥି ; 4. କଂସାଇ ଦ୍ୱାରା ମାଂସର କଟା ଖଣ୍ଡ ।—Out of joint, 1. ଗଣ୍ଠିଖସା ; 2. ଗୋଳମାଳିଆ, ବିଶୃଙ୍ଖଳ ।—*a.* 1. ମିଳିତ, ସଂଯୁକ୍ତ ; 2. ଅବିଭକ୍ତ, ଏକମତ ; 3. ସହଭାଗୀ, ସହାୟକାରୀ ।—*v.t.* 1. ସନ୍ଧିଯୁକ୍ତ-କ, ଗ୍ରନ୍ଥିଯୁକ୍ତ-କ ; 2. ଯୋଡ଼ିବା, ସଂଯୁକ୍ତ-କ ; 3 ଖଣ୍ଡ ଖଣ୍ଡ କାଟିବା ।—*v.i.* ଯୋଡ଼-ହେ, ଯୁକ୍ତ-ହେ ।

Jointed, *p.a.* ଗଣ୍ଠିଯୁକ୍ତ, ଗ୍ରନ୍ଥିଯୁକ୍ତ ।

Jointly, *ad.* ଏକତ୍ରରେ, ଏକାଠି, ମିଳିକରି ।

Joint-stock, *a.* ଏକାଧିକ ଲୋକଙ୍କ ଧନବିଷୟକ ।

Jointure, *n.* ସ୍ତ୍ରୀଧନ, ସ୍ୱାମିର ମରଣ ପରେ ସ୍ତ୍ରୀ ଭୋଗାର୍ଥେ ସମ୍ପତ୍ତି ।—*v.t.* ସ୍ତ୍ରୀଧନାଧିକାରିଣୀ-କ ।

Joist, *n.* କଡ଼ି ।—*v.t.* କଡ଼ିଯୁକ୍ତ-କ ।

Joke, *n.* 1. ଥଟ୍ଟା, କୌତୁକ, ତାମସା ; 2. ଯାହା ପ୍ରକୃତ ନୁହେ ; 3. ହାସ୍ୟାସ୍ପଦ ।—*v.i.* ଥଟ୍ଟା-କ, କୌତୁକ-କ, କଥା ବା କ୍ରିୟାରେ ହୃଷ୍ଟ-ହେ ।—*v.t.* ଥଟ୍ଟା-କ, ପରିହାସ-କ ।

Jokingly, *ad.* ଥଟ୍ଟାଭାବେ, କୌତୁକରେ ।

Jollification, *n.* ହର୍ଷଯୁକ୍ତ ଉତ୍ସବ, ଆମୋଦର ସମୟ, ଆମୋଦ, ତାମସା ।

Jollily, *ad.* 1. ହୃଷ୍ଟରୂପେ, ଆମୋଦଭାବେ, ପ୍ରଫୁଲ୍ଲରୂପେ ; 2. ହର୍ଷପୂର୍ଣ୍ଣଭାବେ ।

Jolliness, Jollity, *n.* 1. ହୃଷ୍ଟତା, ଆମୋଦୀ ଗୁଣ, ହର୍ଷପୂର୍ଣ୍ଣତା, ଆଲାପିତା; 2. ଆମୋଦ, ହର୍ଷ ।

Jolly, *a.* 1. ହୃଷ୍ଟ, ଆମୋଦୀ, ପ୍ରଫୁଲ୍ଲ, ଆଳାପୀ; 2. ହର୍ଷପ୍ରକାଶକ, ହର୍ଷପୂର୍ଣ୍ଣ, ହର୍ଷଜନକ; 3. ପୁଷ୍ଟ, ରୂପବାନ୍, ରୂପବତୀ; 4. ଅଦ୍ଭୁତ, (vulgar). [ଯାଉଁବୋଟ୍ ।

Jolly-boat, *n.* ଜାହାଜ ପରି ଅଠ ହାତ ଲମ୍ବ ନୌକା,

Jolt, *v.i.* ହଲିବା, ଦୋହଲିବା ।—*v.t.* ହଲାଇବା ।—*n.* ହଠାତ୍ ହଲଚଲ ।

Jolthead, Jolterhead, *n.* ବୋକା, ଗଜମୂର୍ଖ, ଗଧ ।

Joss, *n.* ଚୀନ ଦେଶର ଦେବତା ।

Joss-house, *n.* ଚୀନ ଦେଶର ଦେଉଳ । [କାଠି ।

Joss-stick, *n.* ଚୀନ ଦେଶର ଦେଉଳରେ ବ୍ୟବହୃତ ଧୂପ-

Jostle, Justle, *v.t.* and *i.* ଧକ୍କାଧକ୍କି-କ, ଠେଲାଠେଲି-କ ।

Jot, *n.* ବିନ୍ଦୁ, ମାତ୍ରା, ଅଣୁ ।—*v.t.* ଟିପି ରଖିବା, ଟିପଣୀ-କ, usually with *down*.

Journal, *n.* 1. ଦିନକର ବିବରଣ, ଦିନକର ଲେଖାପୁସ୍ତକ; 2. ରୋଜନାମଚା; 3. ଦୈନିକ ସମ୍ବାଦପତ୍ର, ଖବରକାଗଜ; 4. ଅକ୍ଷ ଅଦର ଯେଉଁ ଭାଗରେ ଚକ ବୁଲେ ।

Journalism, *n.* ସମ୍ପାଦକତା ।

Journalist, *n.* 1. ଦିନକର ବିବରଣ ଲେଖକ ; 2. ଦୈନିକ ସମ୍ବାଦପତ୍ର ଲେଖକ, ସମ୍ପାଦକ । [କୀୟ ।

Journalistic, *a.* ସମ୍ପାଦକସମ୍ବନ୍ଧୀୟ, ସମ୍ପାଦକତାସମ୍ବ-

Journalize, *v.t.* ରୋଜନାମଚାରେ ଲେଖିବା ।

Journey, *n.* (ଦିନେ, ଦିନକର କାମ, ଦିନକର ଯାତ୍ରା), ଯାତ୍ରା, ଦେଶଭ୍ରମଣ, ପର୍ଯ୍ୟଟନ ।—*v.i.* ଯାତ୍ରା-କ, ଭ୍ରମଣ-କ, ଦେଶ ବୁଲିବା ।

Journey-man, *n.* ଶିକ୍ଷିତ କାରିଗର ।

Joust, *n.* ଅଶ୍ୱାରୋହୀମାନଙ୍କ ମଧ୍ୟରେ କୃତ୍ରିମ ବା ପ୍ରକୃତ ବର୍ଚ୍ଛା ଲଢ଼ାଇ ।—*v.i.* ଅଶ୍ୱାରୂଢ଼ ହୋଇ ବର୍ଚ୍ଛା ଲଢ଼ାଇ-କ ।

**Jovial**, *a.* ହୃଷ୍ଟ, ଆମୋଦୀ, ପ୍ରଫୁଲ୍ଲ ।

**Joviality**, *n.* 1. ଉତ୍ସବ, ଆମୋଦ; 2. ହର୍ଷଭାବ, ଆମୋଦୀ ଗୁଣ, ପ୍ରଫୁଲ୍ଲତା ।

**Jovialness**, *n.* ସହର୍ଷତା, ଆମୋଦୀ ଗୁଣ, ପ୍ରଫୁଲ୍ଲତା ।

**Jovially**, *ad.* ହୃଷ୍ଟରୂପେ, ଆମୋଦରୂପେ, ପ୍ରଫୁଲ୍ଲରୂପେ ।

**Jowl, Jole, Joll**, *n.* ଗାଲ, ଗଣ୍ଡ, କଳପାଟି, ମୁଣ୍ଡ । —Cheek by jowl, ମୁଣ୍ଡଲଗାଲଗି, ଲଗାଲଗି ।

**Joy**, *n.* 1. ଆନନ୍ଦ, ହର୍ଷ, ସୁଖ, ଆହ୍ଲାଦ, ଉଲ୍ଲାସ; 2. ଆନନ୍ଦର କାରଣ ।—*v.i.* ଆନନ୍ଦିତ-ହେ, ହର୍ଷିତ-ହେ, ଆହ୍ଲାଦିତ-ହେ, ଉଲ୍ଲାସିତ-ହେ ।

**Joyful**, *a.* 1. ଆନନ୍ଦପୂର୍ଣ୍ଣ, ଆନନ୍ଦମୟ, ହର୍ଷଯୁକ୍ତ, ଉଲ୍ଲାସିତ, ହୃଷ୍ଟ; 2. ଆନନ୍ଦଜନକ, ଆନନ୍ଦପ୍ରକାଶକ ।

**Joyfully**, *ad.* ଆନନ୍ଦିତରୂପେ, ଆନନ୍ଦପୂର୍ଣ୍ଣରୂପେ, ହର୍ଷରେ, ହୃଷ୍ଟରୂପେ ।

**Joyfulness**, *n.* ଆନନ୍ଦପୂର୍ଣ୍ଣତା, ଆନନ୍ଦିତତା, ହୃଷ୍ଟତା ।

**Joyless**, *a.* ଆନନ୍ଦହୀନ, ନିରାନନ୍ଦ, ଅସୁଖଦ, ହର୍ଷରହିତ ।

**Joylessly**, *ad.* ଆନନ୍ଦହୀନଭାବେ, ନିରାନନ୍ଦଭାବେ, ହର୍ଷଶୂନ୍ୟରୂପେ । [ଶୂନ୍ୟତା ।

**Joylessness**, *n.* ଆନନ୍ଦହୀନତା, ନିରାନନ୍ଦତା, ହର୍ଷ-

**Joyous**, *a.* ଆନନ୍ଦିତ, ହୃଷିତ, ଆହ୍ଲାଦିତ, ହୃଷ୍ଟ, ପ୍ରଫୁଲ୍ଲ, ଆନନ୍ଦପ୍ରକାଶକ, ଆନନ୍ଦଜନକ, ସୁଖକର ।

**Joyously**, *ad.* ଆନନ୍ଦିତରୂପେ, ହର୍ଷିତରୂପେ, ଆହ୍ଲାଦିତରୂପେ, ହୃଷ୍ଟରୂପେ, ଆନନ୍ଦପ୍ରକାଶକରୂପେ, ପ୍ରଫୁଲ୍ଲଚିତ୍ତରେ ।

**Joyousness**, *n.* ଆନନ୍ଦିତତା, ଆନନ୍ଦମୟତା, ହର୍ଷଯୁକ୍ତତା ।

**Jubilant**, *a.* 1. ଜୟଧ୍ୱନିକାରୀ, ଜୟଶବ୍ଦକାରୀ, ଜୟଗାନକାରୀ, ପରମାହ୍ଲାଦଦାୟୀ; 2. ଜୟଜୟକାରକ, ଆନନ୍ଦଜନକ, ଜୟଗାନୋତ୍ପାଦକ, ଜୟୋଲ୍ଲାସସୂଚକ ।

**Jubilate**, *v.i.* ଜୟୋଲ୍ଲାସ-କ, ଜୟଧ୍ୱନି-କ, ମହାନନ୍ଦ-କ ।

**Jubilation**, *n.* ଜୟୋଲ୍ଲାସ, ମହାନନ୍ଦକରଣ ।

**Jubilee**, *n.* 1. ଯିହୁଦିମାନଙ୍କ ମଧ୍ୟରେ ପଞ୍ଚାଶତ୍ ବର୍ଷୀୟ ମହାପର୍ବ; 2. ପ୍ରତି ପଚାଶ ବର୍ଷରେ ଉତ୍ସବ; 3. ମହୋତ୍ସବ, ଉତ୍ସବକାଳ, ମହାନନ୍ଦ ସମୟ ।

**Judaic, Judaical**, *a.* ଯିହୁଦିସମ୍ବନ୍ଧୀୟ ।

**Judaically**, *ad.* ଯିହୁଦିମାନଙ୍କ ସ୍ୱଭାବାନୁସାରେ ।

**Judaism**, *n.* 1. ଯିହୁଦିମାନଙ୍କର ଧର୍ମ; 2. ଯିହୁଦିମାନଙ୍କର ମତାବଲମ୍ବନ ।

**Judaize**, *v.i.* ଯିହୁଦିମାନଙ୍କର ଧର୍ମାବଲମ୍ବନ-କ, ଯିହୁଦିମାନଙ୍କର ରୀତିନୀତି ଅନୁସରଣ-କ ।—*v.t.* ଯିହୁଦୀ ଧର୍ମରେ ଦୀକ୍ଷିତ କରାଇବା, ଯିହୁଦିମାନଙ୍କ ରୀତିନୀତିର ଅନୁଗାମୀ କରାଇବା ।

**Judas**, *n.* 1. ପ୍ରଭୁ ଯୀଶୁଙ୍କ ବାର ପ୍ରେରିତ ମଧ୍ୟରେ ଜଣଙ୍କର ନାମ ଯେ ପ୍ରଭୁଙ୍କ ପ୍ରତି ବିଶ୍ୱାସଘାତକ ହୋଇଥିଲା; 2. ବିଶ୍ୱାସଘାତକ ଲୋକ, ଯେ ବନ୍ଧୁବେଶରେ ବିଶ୍ୱାସଘାତକତା କରେ ।

**Judge**, *n.* 1. ବିଚାରକର୍ତ୍ତା, ବିଚାରପତି, ଜଜ୍; 2. ନିଷ୍ପତ୍ତିକର୍ତ୍ତା; 3. ଗୁଣବୋଦ୍ଧା, ଗୁଣଜ୍ଞ ।—*v.i.* 1. ବିଚାରାସନରେ ବସିବା, ଦଣ୍ଡାଜ୍ଞା-ଦେ; 2. ବିଚାର-କ; 3. ତୁଳନା କରି ନିର୍ଣ୍ଣୟ-କ; 4. ତର୍କ-କ ।—*v.t.* 1. ବିଚାର କରି ନିଷ୍ପତ୍ତି-କ; 2. ବିଚାର କରି ଦଣ୍ଡାଜ୍ଞା-ଦେ; 3. ବିଚାର-କ, ସମାଲୋଚନା-କ; 4. ବୋଧ-କ, ଅନୁମାନ-କ, 5. ତର୍କ-କ; 6. (ଯିହୁଦୀ ଇତିହାସରେ) ଶାସନ-କ ।

**Judgeship**, *n.* 1. ବିଚାରପତିର ପଦ, ବିଚାରକର୍ତ୍ତାର କାର୍ଯ୍ୟ; 2. ବିଚାରପତିର ଆପଣା ପଦରେ ଥିବା ସମୟ ।

**Judgment**, *n.* 1. ବିଚାର; 2. ନିଷ୍ପତ୍ତିକରଣ; 3. ବିଚାରଶକ୍ତି, ବୁଦ୍ଧି; 4. ବୋଧ, ମତ, ଅନୁମାନ; 5. ଦଣ୍ଡାଜ୍ଞା, ରାୟ, ନିଷ୍ପତ୍ତି, ଡିକ୍ରୀ; 6. ଈଶ୍ୱରୀୟ ଦଣ୍ଡ ବୋଲି ଅନୁମିତ ଦୁର୍ଘଟନା; 7. ଶେଷ ବିଚାର, ମହାବିଚାର ଦିନ ।

**Judgment-day**, *n.* ମହାବିଚାର ଦିନ, ଶେଷ ବିଚାର ଦିନ । [ଋଣ ।

**Judgment-debt**, *n.* ବିଚାରପତିର ରାୟ ଦ୍ୱାରା ନିର୍ଣ୍ଣିତ

**Judgment-seat**, *n.* ବିଚାରାସନ ।

**Judicative**, *a.* ବିଚାରକ୍ଷମ ।

**Judicatory**, *a.* ବିଚାରପତିର କ୍ଷମତାସମ୍ବନ୍ଧୀୟ, ନିଷ୍ପତ୍ତିକାରୀ, ବିଚାର ବିତରଣକାରୀ ।—*n.* 1. ବିଚାର ସ୍ଥାନ, ଅଦାଲତ; 2. ବିଚାରକର୍ତ୍ତାସମୂହ ।

**Judicature**, *n.* 1. ବିଚାରକାର୍ଯ୍ୟ, ବିଚାରକ୍ଷମତା; 2. ବିଚାରସ୍ଥାନ, ଅଦାଲତ; 3. ଅଦାଲତର ଇଲାକା ବା ଅଧିକାର ।

**Judicial**, *a.* 1. ଅଦାଲତର ସମ୍ପର୍କୀୟ, ଅଦାଲତରେ ଆଗତ, ବିଚାରପତିସମ୍ବନ୍ଧୀୟ; 2. ବିଚାରସମ୍ପର୍କୀୟ; 3. ବିଚାରକର୍ତ୍ତାର ଉପଯୁକ୍ତ, ବିବେଚକ, ଅପକ୍ଷପାତୀ ।

**Judicially**, *ad.* 1. ଅଦାଲତର ବିଧିଅନୁକ୍ରମେ; 2. ଅପକ୍ଷପାତରୂପେ, ନ୍ୟାୟାନୁସାରେ ।

**Judiciary**, *a.* ଅଦାଲତର ସମ୍ପର୍କୀୟ, ବିଚାରପତିସମ୍ବନ୍ଧୀୟ ।—*n.* 1. ସରକାରୀ ଅଦାଲତସମୂହ; 2. ବିଚାରପତିସମୂହ ।

**Judicious**, *a.* 1. ସୁବିବେଚିତ, ସୁବିବେକ, ଜ୍ଞାନପୂର୍ଣ୍ଣ; 2. ବିବେକୀ, ସୁବିବେଚକ, ବିଜ୍ଞ, ବୁଦ୍ଧିମନ୍ତ ।

**Judiciously**, *ad.* ବିବେଚନାପୂର୍ବକ, ବିଜ୍ଞରୂପେ, ବୁଦ୍ଧିମନ୍ତରୂପେ । [ବିଜ୍ଞତା, ସୁବୁଦ୍ଧି ।

**Judiciousness**, *n.* ସୁବିବେଚକତା, ସଦ୍ବିବେକ,

**Jug**, *n.* ବେଣ୍ଟଯୁକ୍ତ ଜଳପାତ୍ର ବିଶେଷ ।—*v.t.* ପୂର୍ବୋକ୍ତ ପାତ୍ରରେ ପୂରାଇବା, ଏହି ପାତ୍ରରେ ପୂରାଇ ତାହା ଫୁଟିବା ପାଣିରେ ରଖି ସିଝାଇବା ।

**Juggernaut**, *n.* 1. ଜଗନ୍ନାଥ; 2. କୌଣସି ଶକ୍ତିକର ଓ ନିର୍ଦ୍ଦୟ ଅନ୍ଧ ରୀତିନୀତି ବା ମତ, ଅନ୍ଧତା ।

**Juggle**, *v.i.* 1. ଭେଲ୍କି-କ, ଇନ୍ଦ୍ରଜାଲ-କ; 2. ପ୍ରତାରଣା-କ, ଠକିବା ।—*v.t.* ପ୍ରତାରଣା-କ, ଠକିବା । *n.* 1. ଭେଲ୍କି, ଇନ୍ଦ୍ରଜାଲ; 2. ପ୍ରବଞ୍ଚନା ।

**Juggler**, *n.* 1. ଭେଲ୍କି ଦେଖାଇବା ଲୋକ, ବାଜିକର, ଇନ୍ଦ୍ରଜାଲିକ; 2. ପ୍ରତାରକ, ଠକ ।

**Jugglery**, *n.* 1. ଭେଲ୍କି, ଇନ୍ଦ୍ରଜାଲ; 2. ପ୍ରବଞ୍ଚନା

**Jugular**, *a.* କଣ୍ଠ ବା ଗ୍ରୀବାସମ୍ବନ୍ଧୀୟ ।—Jugular vein, କଣ୍ଠସ୍ଥ ରକ୍ତପ୍ରବାହକ ନାଡ଼ି ।

**Juice**, *n.* ରସ, ନିର୍ଯ୍ୟାସ, କ୍ୱାଥ, ଅରକ ।

Juiceless, *a.* ନୀରସ, ରସହୀନ, ଶୁଷ୍କ । [ରସାଳତା ।

Juiciness, *n.* ରସପୂର୍ଣ୍ଣତା, ସରସତା, ରସମୟତା,

Juicy, *n.* ରସପୂର୍ଣ୍ଣ, ସରସ, ରସମୟ, ରସୁଆଳ, ରସାଳ ।

Jujube, *n.* 1. କୋଳି ବିଶେଷ ; 2. ଉକ୍ତ କୋଳିରୂପ ଗୋନ୍ଦରେ ପ୍ରସ୍ତୁତ ମିଠାଇ ।

Julep, *n.* 1. ମିଶ୍ରିତ ମଦ୍ୟ ବିଶେଷ ; 2. ଅଠାମୟ ଅମ୍ଳ ଓ ମିଷ୍ଟ ଦ୍ରବଦ୍ରବ୍ୟ ଯହିଁରେ ଔଷଧ ଦିଆ ଯାଏ ।

July, ଇଂରାଜୀ ବର୍ଷର ସପ୍ତମ ମାସ, ଆଷାଢଶ୍ରାବଣ ।

Jumble, *v.t.* ଗୋଳମାଳିଆ-କ, ମିଶାମିଶି-କ, ଅଡୁଆ-ଭଡୁଆ-କ ।—*v.i.* ଗୋଳମାଳିଆରେ ମିଶିବା ।—*n.* ଗୋଳମାଳିଆ ମିଶାମିଶି, ଗୋଳମାଳିଆ ସଂଗ୍ରହ, ଗୋଳମାଳ, ଅଡୁଆଭଡୁଆ ।

Jump, *v.i.* 1. ଝାମ୍ପ-ଦେ, ଡେଇଁପଡିବା, କୁଦା ମାରିବା; 2. ମିଳିଯିବା, ଐକ୍ୟ-ହେ, followed by *with.*—*v.t.* 1. ଡେଇଁବା, କୁଦିବା ; 2. ଡିଆଇବା, କୁଦାଇବା ; 3. ଛାଡିବା ।—*n.* 1. ଝାମ୍ପ, ଡିଆଁ, କୁଦା; 2. ଡିଆଁର ଦୂରତା ; 3. ହଠାତ୍ ଲଙ୍ଘ ।

Jumper, *n.* 1. ଯେ ବା ଯାହା ଡିଏଁ ; 2. ଶୈଳରେ ଛିଦ୍ର କରିବା ନିମନ୍ତେ ଲମ୍ବ ବଠାଳି ବିଶେଷ ; 3. ପୂର୍ବକାଳୀନ ଧର୍ମସମ୍ପ୍ରଦାୟ ବିଶେଷ ; 4. ପକାରଙ୍ଗେ ମାଛର ଯୋକ ।

Junction, *n.* 1. ଯୋଗକରଣ, ସଂଯୋଗ, ମେଳ, ଯୋଡ, ଯୁକ୍ତାବସ୍ଥା, ସନ୍ଧି ; 2. ସଙ୍ଗମସ୍ଥାନ, ସଙ୍ଗମ ।

Juncture, *n.* 1. ସନ୍ଧିସ୍ଥାନ, ସନ୍ଧି ; 2. କାଳର ଯୋଗ, ବିଶେଷ ସମୟ, ଯୋଗ, କାଳସନ୍ଧି ।

June, *n.* ଇଂରାଜୀ ବର୍ଷର ଷଷ୍ଠ ମାସ, ଜ୍ୟେଷ୍ଠାଷାଢ ।

Jungle, *n.* ବନ, ଜଙ୍ଗଲ, ଅରଣ୍ୟ, କାନନ ।

Jungle-fever, *n.* ବନଜ୍ୱର, ମାଲଜ୍ୱର ।

Jungle-fowl, *n.* ବଣକୁକୁଡା, ବନ୍ୟ କୁକ୍କୁଟ । [ଲୀ ।

Jungly, *a.* 1. ଜଙ୍ଗଲମୟ, ବନମୟ ; 2. ବଣୁଆ, ଜଙ୍ଗ-

Junior, *a.* 1. ବୟସରେ ସାନ, ଅନୁଜ, ପଦରେ ସାନ, ନିମ୍ନ ; 2. ଯୁବାକାଳୀନ ।—*n.* ଅନୁଜ ଲୋକ, ନିମ୍ନପଦସ୍ଥ ଲୋକ ।

Juniority, *n.* ଅନୁଜତା, ନିମ୍ନପଦସ୍ଥତା ।

Juniper, *n.* ଅଭୁଲ ଗଛ ।

Junk, (1) *n.* 1. ଜାହାଜର ପୁରୁଣା ଦଉଡ ; 2. ଲୁଣଯୁକ୍ତ ଗୋମାଂସ ।

Junk, (2) *n.* ଚୀନ ଦେଶୀୟ ଜାହାଜ ।

Junket, *n.* 1. ଛେନା ସର ଚିନି ଆଦିରେ ପ୍ରସ୍ତୁତ ମିଠାଇ ; 2. ମିଠାଇ, ମିଷ୍ଟାନ୍ନ ; 3. ବଣଭୋଜି, ଆମୋଦଜନକ ଭୋଜ ।—*v.i.* ବଣଭୋଜି ଦେବା, ବଣଭୋଜି ଖାଇବା, ଏକସଙ୍ଗରେ ଭୋଜ-କ ।—*v.t.* ବଣଭୋଜି-ଦେ, ଆମୋଦଜନକ ଭୋଜ ଖୁଆଇବା । [ମହାସଭା ।

Junta, *n.* 1. ସଭା ; 2. ସ୍ପେନ୍ ଦେଶୀୟ ବ୍ୟବସ୍ଥାପକ

Junto, *n.* ରାଜ୍ୟର କୌଣସି ବିଷୟସମ୍ପର୍କୀୟ ଗୁପ୍ତ ସଭା, ଗୁପ୍ତ ସଭା, ଗୁପ୍ତ ମନ୍ତ୍ରଣାକାରୀ ଦଳ ।

Jupiter, *n.* 1. ବୃହସ୍ପତିଗ୍ରହ ; 2. ରୋମୀୟ ଲୋକଙ୍କର ପ୍ରଧାନ ଦେବତା ।

Juridical, *a.* 1. ବିଚାରକାର୍ଯ୍ୟସମ୍ବନ୍ଧୀୟ, ବିଚାରପତି ସମ୍ବନ୍ଧୀୟ ; 2. ଅଦାଲତରେ ବ୍ୟବହୃତ ।

Juridically, *ad.* ଆଇନର କ୍ଷମତାମତେ ।

Jurisconsult, *n.* ଆଇନରେ ପଣ୍ଡିତ, ବ୍ୟବସ୍ଥାବିତ୍ ଲୋକ ।

Jurisdiction, *n.* 1. ଆଇନସିଦ୍ଧ କ୍ଷମତା, ବିଚାରପତିର କ୍ଷମତା ; 2. ଇଲାକା, ଅଧିକାର ।

Jurisdictional, *a.* 1. ଆଇନସିଦ୍ଧ କ୍ଷମତାସମ୍ବନ୍ଧୀୟ, ବିଚାରପତିର କ୍ଷମତାସମ୍ବନ୍ଧୀୟ ; 2. ଇଲାକାସମ୍ବନ୍ଧୀୟ, ଅଧିକାରସମ୍ବନ୍ଧୀୟ ।

Jurisdictive, *a.* ଆଇନସିଦ୍ଧ କ୍ଷମତାପନ୍ନ, କ୍ଷମତାପନ୍ନ ।

Jurisprudence, *n.* 1. ବ୍ୟବସ୍ଥାବିଦ୍ୟା, ବ୍ୟବସ୍ଥାବିଜ୍ଞାନ ; 2. ବ୍ୟବସ୍ଥାସମୂହ ।—Medical jurisprudence, ଆଇନସମ୍ପର୍କୀୟ ଚିକିତ୍ସାବିଜ୍ଞାନ ।

Jurisprudent, *a.* ବ୍ୟବସ୍ଥାବିତ୍ ।—*n.* ବ୍ୟବସ୍ଥାବିତ୍ ଲୋକ, ବ୍ୟବସ୍ଥାଜ୍ଞ, ଆଇନଜ୍ଞ ।

Jurisprudential, *a.* ବ୍ୟବସ୍ଥାବିଦ୍ୟାସମ୍ବନ୍ଧୀୟ ।

Jurist, *n.* ବ୍ୟବସ୍ଥାଜ୍ଞ, ବିଶେଷରେ ଦେଓଆନି ବ୍ୟବସ୍ଥାବିତ୍ ଲୋକ ।

Juristic, Juristical, *n.* ବ୍ୟବସ୍ଥାଜ୍ଞସମ୍ବନ୍ଧୀୟ, ବ୍ୟବସ୍ଥାବିଦ୍ୟାସମ୍ବନ୍ଧୀୟ ।

Juror, Juryman, *n.* ଜୁରିର ସଭ୍ୟ, ପଞ୍ଚାୟତର ସଭ୍ୟ ।

Jury, (1) *n.* 1. ଆଇନାନୁସାରେ ନିଯୁକ୍ତ କେତେକ ଜଣ ଯେଉଁମାନେ ସାକ୍ଷ୍ୟ ଶୁଣି ସତ୍ୟ ନିଷ୍ପତ୍ତି କରିବାକୁ ଶପଥ କରନ୍ତି, ଜୁରି, ପଞ୍ଚାୟତ ; 2. ପ୍ରତିଯୋଗିତାରେ ପୁରସ୍କାର ମୀମାଂସା କରିବା ଦଳ ।

Jury, (2) *a.* କୌଶଳକୃତ ।

Jury-box, *n.* ଜୁରିମାନଙ୍କର ଆସନ ।

Just, *a.* 1. ନ୍ୟାୟବାନ୍, ନ୍ୟାୟୀ, ନ୍ୟାୟପରାୟଣ, ଯାଥାର୍ଥିକ, ଧାର୍ମିକ ; 2. ନ୍ୟାଯ୍ୟ, ଯଥାର୍ଥ, ଅପକ୍ଷପାତୀ ; 3. ଠିକ୍ ; 4. ଉପଯୁକ୍ତ ।—*ad.* 1. ଠିକ୍ ; 2. ଏକ୍ଷଣେ ; 3. ନିକଟରେ ; 4. କେବଳମାତ୍ର, ଖାଲି, କଷ୍ଟରେ ; 5. ପୂର୍ଣ୍ଣରୂପେ (colloquial).

Justice, *n.* 1. ନ୍ୟାୟ, ନ୍ୟାୟପରତା, ଯାଥାର୍ଥ୍ୟ, ଯାଥାର୍ଥିକତା ; 2. ଅପକ୍ଷପାତତା, ନ୍ୟାୟବ୍ୟବହାର ; 3. ଯଥାର୍ଥ ବିଚାର, ସୁବିଚାର, ପୁରସ୍କାର ବା ଦଣ୍ଡଦାନ ; 4. ରୋମୀୟ ଲୋକଙ୍କର ନ୍ୟାୟ ଦେବୀ ; 5. ସଙ୍ଗତତା, ଉପଯୁକ୍ତତା ; 6. ବିଚାରପତି ।

Justiceship, *n.* ବିଚାରପତିର ପଦ । [ପତି ।

Justiciary, Justiciar, *n.* ବିଚାରପତି, ପ୍ରଧାନ ବିଚାର-

Justifiable, *a.* ସମର୍ଥନଯୋଗ୍ୟ, ଶୋଧନୀୟ, ଦୋଷମୋଚନୀୟ, ଉପଯୁକ୍ତ ହେତୁବିଶିଷ୍ଟ ।

Justifiably, *ad.* ସମର୍ଥନଯୋଗ୍ୟରୂପେ, ଶୋଧନୀୟରୂପେ, ଯଥାର୍ଥରୂପେ ।

Justification, *n.* 1. ସମର୍ଥନକରଣ, ସମର୍ଥନ, ପ୍ରତିବାଦ ; 2. ପରମେଶ୍ୱରଙ୍କର ଅନୁଗ୍ରହକାର୍ଯ୍ୟ ଯାହା ଦ୍ୱାରା ପାପୀ ଯାଥାର୍ଥିକ ବା ଦଣ୍ଡରୁ ମୁକ୍ତ ଓ ଅନୁଗ୍ରହ ପୁନଃପ୍ରାପ୍ତ ବୋଲି ପ୍ରକାଶିତ ହୁଏ, ଯାଥାର୍ଥିକତା ।

Justificative, Justificatory, *a.* ସମର୍ଥନକାରୀ ।

Justifier, *n.* 1. ସମର୍ଥନକାରୀ, ପ୍ରତିବାଦକାରୀ; 2. ଧାର୍ମିକ ବୋଲି ଗଣନାକାରୀ; 3. ଛପା ଅକ୍ଷର ଠିକ୍ କରି ବସାଇବା ଲୋକ ବା ଉପାୟ ।

Justify, *v.t.* 1. ନ୍ୟାଯ୍ୟ ବୋଲି ଦେଖାଇବା, ସମର୍ଥନ-କ, ପ୍ରତିବାଦ-କ; 2. ନିର୍ଦ୍ଦୋଷ ବୋଲି ପ୍ରକାଶ-କ; 3. ଖ୍ରୀଷ୍ଟଙ୍କର ପ୍ରାୟଶ୍ଚିତ୍ତ ହେତୁ ପାପର ଦଣ୍ଡରୁ ମୁକ୍ତ ଓ ଧାର୍ମିକ ବୋଲି ଗଣନା-କ, ପରମେଶ୍ୱରଙ୍କର ଅନୁଗ୍ରହ ପୁନଃ ପ୍ରାପ୍ତ କରାଇବା; 4. (ଛପା ଅକ୍ଷର) ଠିକ୍ କରି ବସାଇବା ।

Justly, *ad.* ନ୍ୟାଯ୍ୟରୂପେ, ନ୍ୟାୟରେ, ଯଥାର୍ଥରୂପେ, ଉଚିତମତେ, ସରଳଭାବେ ।

Justness, *n.* ନ୍ୟାୟପରତା, ନ୍ୟାୟ, ଯାଥାର୍ଥ୍ୟ, ସତ୍ୟତା, ଉପଯୁକ୍ତତା ।

Jut, *v.i.* ଆଗକୁ ବାହାରିପଡିବା ।—*n.* ଯାହା ଆଗକୁ [ବାହାରିପଡେ ।

Jute, *n.* 1. ଝୋଟ; 2. ଝୋଟ ଗଛ ।

Juvenescent, *a.* 1. ଯୌବନପ୍ରାପ୍ତ, ଯୌବନଯୁକ୍ତ; 2. ଯୌବନୋତ୍ପାଦକ ।

Juvenescence, *n.* ଯୌବନପ୍ରାପ୍ତାବସ୍ଥା, ଯୌବନଯୁକ୍ତତା ।

Juvenile, *a.* 1. ଯୁବା, ଯୌବନଯୁକ୍ତ, ତରୁଣ, ଯୁବାକାଳୀନ; 2. ଯୌବନସମ୍ବନ୍ଧୀୟ, ଯୌବନୋଚିତ ।—*n.* ଯୁବା ଲୋକ ।

Juvenility, *n.* 1. ଯୌବନାବସ୍ଥା, ଯୌବନ; 2. ଯୌବନ ତରଙ୍ଗ ବା ଜୋର, ନିଶ୍ଚିନ୍ତତା ।

Juxtapose, Juxtaposit, *v.t.* ନିକଟରେ ରଖିବା, ପାଖେ ରଖିବା, ଲଗାଲଗି ରଖିବା ।

Juxtaposition, *n.* ନିକଟରେ ସ୍ଥାପନ, ସଂସ୍ଥିତ, ନିକଟାବସ୍ଥା, ନୈକଟ୍ୟ ।

# K.

K. ଇଂରାଜୀ ବର୍ଣ୍ଣମାଳାର ଏକାଦଶ ଅକ୍ଷର ।

Kaaba, Caaba, *n.* ମକ୍କାରେ ଥିବା ମସ୍‌ଜିଦ୍ ମଧ୍ୟସ୍ଥିତ ସ୍ଥାନ ଯହିଁରେ ମୁସଲମାନମାନଙ୍କ ଆଦରଣୀୟ ବିଶେଷ କୃଷ୍ଣପଥର ଥାଏ ।

Kail, Kale, *n.* କୋବି ବିଶେଷ, କୋବି ଜାତୀୟ ଗଛ [ସମୂହ ।

Kaiser, *n.* ବାଦଶାହ ।

Kaleidoscope, *n.* ଦୃଷ୍ଟିସମ୍ବନ୍ଧୀୟ ଯନ୍ତ୍ର ଯହିଁରେ ଭିତରସ୍ଥ ପଦାର୍ଥମାନ ଦର୍ପଣ ଦ୍ୱାରା ନାନା ପ୍ରକାର ସୁନ୍ଦର ଓ ସର୍ବାଙ୍ଗେ ସମାନ ନକ୍ସାଗୁଡିକରେ ପ୍ରତିବିମ୍ବିତ ହୁଏ, ଚିତ୍ରବୀକ୍ଷଣ ଯନ୍ତ୍ର ବିଶେଷ ।

Kaleidoscopic, Kaleidoscopical, *a.* 1. ଚିତ୍ରବୀକ୍ଷଣ ଯନ୍ତ୍ରସମ୍ବନ୍ଧୀୟ; 2. ନାନାବିଧ, ଚିତ୍ରବିଚିତ୍ର ।

Kalendar, *n.* see Calendar.

Kali, *n.* 1. ଗଛ ବିଶେଷ ଯାହାର ଭସ୍ମରେ କାଚ ପ୍ରସ୍ତୁତ ହୁଏ, କ୍ଷାର ବିଶେଷ; 2. କାଳୀ ଦେବୀ ।

Kalif, *n.* see Calif.

Kamala, Kamila, *n.* ଏକ ପ୍ରକାର ଗଛର ଫଳଗୋଟା ଉପରେ ଥିବା ଲାଲ ଓ ନରମ ପଦାର୍ଥ ଯହିଁରୁ ରଙ୍ଗ ପ୍ରସ୍ତୁତ ହୁଏ, କମଳା ରଙ୍ଗ ।

Kamptulicon, *n.* କାନ୍‌ଭସ୍ ଲୁଗା ଉପରେ କାଠଗୁଣ୍ଡି ଓ ପଶମ ମିଶ୍ରିତ ତରଳ ରବରରେ ପ୍ରସ୍ତୁତ ଲୁଗା ।

Kangaroo, *n.* ଅଷ୍ଟ୍ରେଲିଆ ଦେଶର ଚତୁଷ୍ପଦ ପଶୁ ଯାହାର ଆଗ ଗୋଡ ସାନ ଓ ପଛ ଗୋଡ ବଡ ଥିବାରୁ ଡେଇଁକରି ଚାଲେ ।

Kaolin, *n.* ଚିକ୍କଣ କର୍ଦ୍ଦମ ବିଶେଷ, ଚୀନବାସନର ମାଟି ।

Kaw, *v.i.* and *n.* see Caw.

Kedge, *n.* ସାନ ଲଙ୍ଗର ବିଶେଷ ।—*v.t.* ଉକ୍ତ ଲଙ୍ଗରରେ ଲାଗିଥିବା ଦଉଡି ଦ୍ୱାରା (ଜାହାଜକୁ) ବୁଲାଇବା ।

Keel, *n.* 1. ଜାହାଜର ବା ନୌକାର ମେରୁଦଣ୍ଡ, ତଳା; 2. ଜାହାଜ; 3. ଚେପ୍ଟା ତଳାଯୁକ୍ତ ନୌକା ବିଶେଷ, କୋଇଲା ନୌକା ।—*v.i.* ଓଲଟି ପଡିବା ।

Keeled, *a.* ତଳାଯୁକ୍ତ ।

Keelhaul, *v.t.* 1. ଜାହାଜର ଏକ ପାଖରେ (ମନୁଷ୍ୟକୁ) ସମୁଦ୍ରରେ ପକାଇ ତଳ ବାଟେ ଅନ୍ୟ ପାଖକୁ ଟାଣି ନେଇ ଦଣ୍ଡ-ଦେ; 2. ଖୁବ୍ ଗାଳି-ଦେ ।

Keelson, Kelson, *n.* ଜାହାଜ ମେରୁଦଣ୍ଡର ଉପର [କାଠ ।

Keen, *a.* 1. ତୀକ୍ଷ୍ଣବୁଦ୍ଧି, ବିଚକ୍ଷଣ, ପ୍ରଖର; 2. ଧାରୁଆ, ତୀକ୍ଷ୍ଣ; 3. ପ୍ରବଳ, ତୀବ୍ର, ଉଗ୍ର, ବ୍ୟଗ୍ର; 4. କଟୁ ।

Keenly, *ad.* 1. ପ୍ରଖରରୂପେ; 2. ତୀକ୍ଷ୍ଣରୂପେ; 3. ତୀବ୍ରରୂପେ, ବ୍ୟଗ୍ରରୂପେ; 4. କଟୁଭାବେ ।

Keenness, *n.* 1. ତୀକ୍ଷ୍ଣ ବୁଦ୍ଧି, ବୁଦ୍ଧିସୂକ୍ଷ୍ମତା, ପ୍ରଖରତା; 2. ତୀକ୍ଷ୍ଣତା; 3. ପ୍ରବଳତା, ତୀବ୍ରତା, ଉଗ୍ରତା, ବ୍ୟଗ୍ରତା ।

Keep, *v.t.* 1. ଧରିବା, ଧାରଣ-କ, ରକ୍ଷା-କ; 2. ରଖିବା; 3. ଚଳାଇବା, ତତ୍ତ୍ୱାବଧାନ-କ; 4. ପୋଷିବା, ପାଳିବା; 5. ପ୍ରତିପାଳନ-କ, ଭରଣପୋଷଣ-କ; 6. (ହିସାବ) ଲେଖିବା; 7. ମାନିବା, ପାଳନ-କ; 8. ଅଟକାଇବା ।—*v.i.* 1. ଥିବା; 2. ରହିବା, ସ୍ଥାୟୀ-ହେ ।—To keep at arm's length, ଦୂରେ ରଖିବା, ପାଖରେ ପଶିଇ ନ ଦେବା । To keep at it, ଲାଗି ରହିବା । To keep back, 1. ଅଟକାଇବା, ପ୍ରତିବାଧା-ଦେ; 2. ଥମାଇବା; 3. ଗୁପ୍ତ ରଖିବା । To keep down, ଦମନ କରି ରଖିବା । To keep good or bad hours, ଶୀଘ୍ର ବା ବିଳମ୍ବରେ ଶୋଇବାକୁ ଯିବା । To keep in with, ଅନୁଗୃହୀତ-ହେ, ଅନୁଗ୍ରହପାତ୍ର ହୋଇ ରହିବା । To keep one's countenance, ଗମ୍ଭୀର ହୋଇ ରହିବା । To keep oneself to oneself, ଏକଲା ହୋଇ ରହିବା, କାହାରି ସଙ୍ଗେ ଆଳାପ ନ କରିବା । To keep one's hand in, ଅଭ୍ୟାସ ରଖିବା । To keep the field, ଯୁଦ୍ଧରେ ଲାଗି ରହିବା । To keep the peace, ଶାନ୍ତିରକ୍ଷା-କ । To keep to, ନ ଛାଡିବା, ପାଳିବା । To keep under, ଦମନ-କ, ବଶୀଭୂତ-କ । To keep

up, ରଖିବା । To keep up with, ପଛରେ ନ ପଡ଼ିବା, ସଙ୍ଗ ଧରି ରଖିବା ।—*n.* 1. ଭରଣପୋଷଣ ; 2. ଦୁର୍ଗର ବନ୍ଦୀଗାର ।

**Keeper,** *n.* 1. ରକ୍ଷକ, ପାଳକ, ରଖୁଆଳ; 2. ରକ୍ଷାକାରୀ କୌଶଳ ବା ଉପାୟ, ଅନ୍ୟ ମୁଦର ରକ୍ଷାକାରୀ ମୁଦ; 3. (ଘରେ) ରହିବା ଲୋକ; 4. ପାଳନକାରୀ ।

**Keeping,** *n.* 1. ଜିମ୍ମା, ରକ୍ଷଣ, ଅଧିକାର ; 2. ଭରଣପୋଷଣ, ପ୍ରତିପାଳନ ; 3. ମେଳ, ମିଳନ, ସଙ୍ଗତ ।

**Keepsake,** *n.* ସ୍ମରଣାର୍ଥକ ଦତ୍ତ ଦ୍ରବ୍ୟ, ସ୍ମୃତିଚିହ୍ନ, ବନ୍ଧୁତାର ଚିହ୍ନ, ସ୍ନେହୋପହାର ।

**Keg,** *n.* ସାନ ପିପା ।

**Kelp,** *n.* 1. ସମୁଦ୍ର ଶିଉଳି; 2. ପୋଡ଼ା ଶିଉଳିରୁ ଜାତ [କ୍ଷାର ।

**Kelpie, Kelpy,** *n.* ସ୍କଟଲଣ୍ଡ ଦେଶରେ କଳ୍ପିତ ଘୋଡ଼ାରୂପଧାରୀ ହିଂସକ ଜଳପଶୁ ।

**Kelt, Keltic,** see Celt, Celtic.

**Ken,** *v.t.* (provincial and poetical), ଜାଣିବା, ଦୂରରୁ ଦେଖିବା ।—*n.* ଦୃଷ୍ଟିଗୋଚର, ଗୋଚର, ଜ୍ଞାନ ।

**Kennel,** *n.* 1. କୁକୁର ଘର ; 2. ଏକ ଦଳ କୁକୁର ; 3. କୋକିଶିଆଳିର ଗାତ ; 4. ନାଳି ନର୍ଦ୍ଦମା ।—*v.i.* କୁକୁର ଘରେ ରହିବା, କୁକୁର ପରି ବାସ-କ, ଗାତରେ ରହିବା ।—*v.t.* କୁକୁର ଘରେ ରଖିବା, କୁକୁର ଘରେ ରଖିବାପରି ରଖିବା ।

**Kept,** *pret.* and *past p.* of Keep.

**Keramic,** see Ceramic.

**Keratitis,** *a.* ଚକ୍ଷୁର ଦାହ ।

**Kerb-stone,** see Curb-stone.

**Kerchief,** *n.* ମସ୍ତକାଚ୍ଛାଦନ, ମସ୍ତକାବରଣ ।

**Kermes,** *n.* ଶୁଷ୍କ କୃମି ବିଶେଷରୁ ଜାତ ଲାଲ ରଙ୍ଗ ।

**Kernel,** *n.* 1. ଫଳର ଶସ୍ୟ ବା ଗୁଦା ; 2. ଫଳର ବୀଜ; 3. ମଧ୍ୟାଂଶ, ସାର ।—*v.i.* ଫଳ ଶସ୍ୟଯୁକ୍ତ-ହେ, ଫଳରେ ବୀଜ ଜନ୍ମିବା ।

**Kernelled,** *a.* ଶସ୍ୟଯୁକ୍ତ, ବୀଜଯୁକ୍ତ ।

**Kernelly,** *a.* ଫଳର ଶସ୍ୟପୂର୍ଣ୍ଣ, ଶସ୍ୟମୟ, ଶସ୍ୟପରି ।

**Kerosene,** *n.* ମାଟିତେଲ, କେରସିନ୍ ତେଲ ।

**Kersey,** *n.* ମୋଟା ପଶମୀ ଲୁଗା ।—*a.* ଉକ୍ତ ଲୁଗାରେ ପ୍ରସ୍ତୁତ, ଘରବୁଣା, ସରେଇ ।

**Kerseymere,** *n.* ସୂକ୍ଷ୍ମ ପଶମୀ ଲୁଗା ବିଶେଷ ।

**Kestrel,** *n.* ଛଞ୍ଚାଣ ପକ୍ଷୀ ବିଶେଷ ।

**Ketch,** *n.* ଦୁଇ ମାସ୍ତୁଲର ଜାହାଜ ବିଶେଷ ।

**Ketchup,** *n.* ସୁସ୍ୱାଦୁ ରସ, ବିଶେଷରେ ଏହା ଛତୁରୁ ପ୍ରସ୍ତୁତ ହୁଏ ।

**Kettle,** *n.* ଜଳ ଉଷ୍ଣ କରିବା ପାତ୍ର, କେଟଲି ।

**Kettle-drum,** *n.* 1. ନାଗରା, ଢକଢକ ବାଦ୍ୟ ; 2. ଅପରଓଳିର ଚା ଭୋଜ ।

**Kettle-holder,** *n.* ତତଲା କେଟଲିର ବେଣ୍ଟ ଧରିବା ନିମନ୍ତେ ବୁଣା ଲୁଗାପଟି ବିଶେଷ ।

**Key,** *n.* 1. ଚାବି, କଞ୍ଜି, କାଠି ; 2. ସୁର କରିବା, ଟାଣ କରିବା ଓ ଅଟକାଇବା ଯନ୍ତ୍ରର ବା ଉପାୟର ନାମ ; 3. ସ୍ୱର ଜନ୍ମାଇବା ପାଇଁ ବାଦ୍ୟଯନ୍ତ୍ରର ଠେକ ; 4. ସ୍ୱରର ପ୍ରଧାନ ସୁର, ପ୍ରଧାନ ତାଳ; 5. ବ୍ୟାଖ୍ୟା କରିବା ଉପାୟ, ଅର୍ଥଦାୟକ ପୁସ୍ତକ, ବ୍ୟାଖ୍ୟା ; 6. ଯାହା ବାଟ ଫିଟାଏ, ପ୍ରବେଶିବା ଉପାୟ ।—*v.t.* 1. ଚାବି ଯୋଗାଇବା, ଚାବିରେ ବନ୍ଦ-କ ; 2. ଦୃଢ଼ରୂପେ ବନ୍ଦ-କ, ଓ ନାମକ ଯନ୍ତ୍ର ଦ୍ୱାରା ବନ୍ଦ-କ ; 3. ସ୍ୱର ଚାବି ଲଗାଇବା ; 4. ସୁର ବାନ୍ଧିବା ; 5. ବ୍ୟାଖ୍ୟାକାରୀ ଅକ୍ଷର ବା କଥା ଦେବା ।

**Key,** see Quay.

**Key-board,** *n.* ବାଦ୍ୟଯନ୍ତ୍ରର ଠେକଶ୍ରେଣୀ ।

**Keyed,** *a.* 1. ଚାବିଶ୍ରେଣୀଯୁକ୍ତ ; 2. ସୁରବନ୍ଧା ।

**Key-hole,** *n.* ଚାବିଘର, କୋଲପ ଛିଦ୍ର ।

**Key-note,** *n.* ପ୍ରଧାନ ସୁର, ପ୍ରଧାନ ତାଳ ।

**Keystone,** *n.* ଖିଲାଣର ମଧ୍ୟବର୍ତ୍ତୀ ପଥର ।

**Khalif,** see Calif.

**Khan,** (1) *n.* ଖାଁ, ଶାସନକର୍ତ୍ତା ।

**Khan,** (2) *n.* ସରାଇଘର ।

**Khanate,** *n.* ଖାଁର ପଦବୀ ବା ଅଧିକାର । [ଉପାଧି

**Khedive,** *n.* ମିଶର ଦେଶୀୟ ପ୍ରାଦେଶିକ ଶାସନକର୍ତ୍ତାର

**Kibe,** *n.* ହିମଜାତ ଫୋଟକା ବା ଫାଟ ।

**Kick,** *v.t.* 1. ଗୋଇଠା ମାରିବା, ନାତ ମାରିବା, ପଦାଘାତ-କ ; 2. (ବନ୍ଧୁକ) ପିଛାଡ଼ି ମାରିବା ।—*v.i.* 1. ନାତ ମାରିବା ; 2. ପିଛାଡ଼ି ମାରିବା ; 3. ପ୍ରତିବାଧା-କ, (vulgar).—To kick over the traces, ଅବଶ-ହେ ।—*n.* 1. ଗୋଇଠା, ନାତ, ପଦାଘାତ ; 2. ପଛଆଡ଼ର ଧକ୍କା ।

**Kicker,** *n.* 1. ନାଟୁଆ ଘୋଡ଼ା ; 2. ଅକାରଣରେ ପ୍ରତିବାଧାକାରୀ ।

**Kickshaw,** *n.* ଅସାଧାରଣ ବା କଳ୍ପିତ ଚିଜ, ଅଦ୍ଭୁତକର ମିଷ୍ଟାନ୍ନ ବିଶେଷ ।

**Kid,** (1) *n.* 1. ଛେଳିଛୁଆ, ଛାଗଳର ଶାବକ, ବକରିଛୁଆ; 2. ବକରିଛୁଆର ଚମଡ଼ା ; 3. ଛେଳିଛୁଆର ମାଂସ ; 4. ପିଲା, ଛୁଆ, (slang) ।—*v.i.* and *t.* ଛେଳିଛୁଆ ଜନ୍ମ-କ, ଜନ୍ମ-କ ।

**Kid,** (2) *n.* (ନାବିକ କଥା) କାଠର ପାତ୍ର ବିଶେଷ, ନାବିକମାନଙ୍କ ଖାଦ୍ୟ ରଖିବା କାଠପାତ୍ର, ମାଛ ରଖିବା କାଠ ଖାଲେଇ ।

**Kidnap,** *v.t.* (ବାଳକ) ଚୋରି-କ, ବଳାତ୍କାରରେ (ମନୁଷ୍ୟକୁ) ଚୋରି କରି ନେଇଯିବା, ବଳାତ୍କାରରେ ଧରି ନେଇଯିବା ।

**Kidnapper,** *n.* ବାଳକଚୋର, ମନୁଷ୍ୟଚୋର ।

**Kidney,** *n.* 1. ଗୁର୍ଦ୍ଦା, ମୂତ୍ରଗ୍ରନ୍ଥି ; 2. ଗୁର୍ଦ୍ଦା ପରି ପଦାର୍ଥ ; 3. ସ୍ୱଭାବ, ଢଙ୍ଗ ।

**Kidney-bean,** *n.* ଶିମ ବିଶେଷ, ଫରାସବିନ୍ ।

**Kidney-potatoe,** *n.* ଗୁର୍ଦ୍ଦାକୃତ ଆଳୁ ।

**Kilderkin,** *n.* ସାନ ପିପା ।

**Kill,** *v.t.* 1. ମାରିବା, ବଧ-କ, ହତ୍ୟା-କ, ପ୍ରାଣନାଶ-କ; 2. ନାଶ-କ ; 3. ଖାଦ୍ୟ ନିମନ୍ତେ ହତ-କ ।—*n.* 1. ଶିକାରରେ କୋକିଶିଆଳିର ମରଣ; 2. ବାଘ ଆଦି ଦ୍ୱାରା ହତ ପଶୁ ।

**Killing**, *p.a.* 1. ପ୍ରାଣନାଶକାରୀ, ହତ୍ୟାକାରୀ, ବଧକାରୀ; 2. ମନୋହାରୀ ।
**Killingly**, *ad.* ମନୋହାରରୂପେ ।
**Kiln**, *n.* ଇଟା ଆଦିର ଭାଟୀ, ଚୁଲ୍ଲୀ ବିଶେଷ ।
**Kilogram, Kilogramme**, *n.* ଫରାସି ଦେଶୀୟ ଓଜନର ପରିମାଣ=୨୨ ପାଉଣ୍ଡ । [ହାତ ।
**Kilometre**, *n.* ଫରାସି ଦେଶୀୟ ମାପ=ପ୍ରାୟ ୨୧୮୭
**Kilt**, *n.* ସ୍କଟଲଣ୍ଡ ଦେଶର ହାଇଲଣ୍ଡମାନଙ୍କର ଘାଗରା ।—*v.t.* ଚୁନଟ-କର ।
**Kilted**, *a.* ଘାଗରାପିନ୍ଧା ।
**Kin**, *n.* 1. ସମ୍ବନ୍ଧ, ସମ୍ପର୍କ, ବଂଶ : 2. ଜ୍ଞାତି, କୁଟୁମ୍ବ, ଆତ୍ମୀୟ ଲୋକ ।—Next of kin, 1. (in law) ଉଇଲ ହୋଇ ନ ଥିଲେ ଯେଉଁ ଜ୍ଞାତିମାନେ ସମ୍ପତ୍ତିର ଅଧିକାରୀ ହୁଅନ୍ତି; 2. ଅନ୍ତରଙ୍ଗ, ନିକଟ କୁଟୁମ୍ବ ।—*a.* ସଜାତୀୟ, ସମ୍ବନ୍ଧବିଶିଷ୍ଟ, ତୁଲ୍ୟ ।
**Kincof**, *n.* କନ୍‌ଖାପ ଲୁଗା ।
**Kind**, (1) *n.* 1. ଜାତି, ବର୍ଗ; 2. ପ୍ରକାର, ରକମ ।—In kind, 1. ସେହି ପ୍ରକାରରେ ; 2. ଜିନିଷରେ ।
**Kind**, (2) *a.* 1. ଦୟାଳୁ, ହିତୈଷୀ, ପରୋପକାରଶୀଳ, ସ୍ନେହୀ ; 2. ଦୟାପ୍ରକାଶକ, ଦୟାରୁ ଜାତ, ସଦୟ, ସ୍ନେହପୂର୍ଣ୍ଣ ; 3. ଉପକାରୀ, ଅନୁକୂଳ ।
**Kindergarten**, *n.* ଶିଶୁମାନଙ୍କ ପାଠଶାଳା ବିଶେଷ ଯହିଁରେ କ୍ରୀଡ଼ା ଦ୍ୱାରା ଶିକ୍ଷା ଦିଆଯାଏ ।
**Kind-hearted**, *a.* ସଦୟ, ଦୟାଳୁ, ପରୋପକାରଶୀଳ ।
**Kindle**, *v.t.* 1. ଜଳାଇବା, ପ୍ରଜ୍ୱଳିତ-କର ; 2. ଉତ୍ତେଜିତ-କର, ଉତ୍ସାହିତ-କର ; 3. ଆଲୋକିତ-କର, ଉଜ୍ଜ୍ୱଳ-କର ।—*v.i.* 1. ଜଳିବା, ଜଳିଉଠିବା ; 2. ଉତ୍ତେଜିତ-ହେ, ଉତ୍ସାହିତ-ହେ ; 3. ଉଜ୍ଜ୍ୱଳ-ହେ । [ସ୍ୱଭାବ ।
**Kindliness**, *n.* ଦୟାଳୁତା, ସ୍ନେହଶୀଳତା, ପ୍ରେମୀ-
**Kindling**, *n.* 1. ଜ୍ୱଳନକାର୍ଯ୍ୟ ; 2. ନିଆଁ ଜଳାଇବା ପାଇଁ କାଠ ଆଦି ।
**Kindly**, *a.* 1. ଦୟାଳୁ, ଦୟାଶୀଳ, ହିତୈଷୀ ; 2. ଉପକାରୀ, ଅନୁକୂଳ ।—*ad.* 1. ହିତୈଷିରୂପେ, ଦୟାଶୀଳଭାବେ ; 2. ଅନୁକୂଳରୂପେ, ଅନୁଗ୍ରହପୂର୍ବକ ; 3. ସହଜରେ, ଭଲରୂପେ ।
**Kindness**, *n.* 1. ଦୟାଳୁତା, ହିତେଚ୍ଛା, ପରୋପକାରଶୀଳତା ; 2. ଅନୁଗ୍ରହ, ଦୟାର କାର୍ଯ୍ୟ, ପରୋପକାର ; 3. ଅନୁକୂଳ ; 4. ଶ୍ରଦ୍ଧା ।
**Kindred**, *n.* 1. ସମ୍ବନ୍ଧ, ସମ୍ପର୍କ, ଅନ୍ତରଙ୍ଗତା, କୁଟୁମ୍ବିତା, ଆତ୍ମୀୟତା ; 2. ଜ୍ଞାତିସମୂହ, ଆତ୍ମୀୟ ଲୋକମାନେ, କୁଟୁମ୍ବ ; 3. ଗୋଷ୍ଠୀ, ବଂଶ ।—*a.* 1. ସଜାତୀୟ ; 2. ସମ୍ବନ୍ଧୀୟ, ତୁଲ୍ୟ, ସମଗୁଣ ।
**Kine**, old *pl.* of Cow. [ସମ୍ବନ୍ଧୀୟ ।
**Kinematic, Kinematical**, *a.* ଗତିବିଷୟକ ବିଜ୍ଞାନ
**Kinematics**, *n.* ଯନ୍ତ୍ରବନ୍ଧାରେ ଗତିବିଷୟକ ବିଜ୍ଞାନ ।
**Kinemetograph**, *n.* ଚଳଚ୍ଚିତ୍ର ଯନ୍ତ୍ରରେ ପ୍ରାଣିବର୍ଗ ଗତିଶୀଳ ଦେଖାଯାନ୍ତି ।
**Kinetic**, *a.* ଗତି ଉତ୍ପାଦକ, ଗତିକାରକ ।
**Kinetics**, *n.* ଗତି ଉତ୍ପାଦନକାରୀ ଶକ୍ତିବିଷୟକ ବିଜ୍ଞାନ ।
**King**, *n.* ରଜା, ନୃପତି, ଭୂପତି ।
**King-at-arms**, *n.* ଇଂଲଣ୍ଡ ଦେଶୀୟ ପ୍ରଧାନ ଭାଟ ।
**King-crab**, *n.* ଲାଞ୍ଜଯୁକ୍ତ କଙ୍କଡ଼ା ବିଶେଷ ।
**Kingcraft**, *n.* ରାଜନୀତି, ଶାସନ କୌଶଳ ।
**Kingdom**, *n.* 1. ରାଜ୍ୟ, ରାଜାଧିକାର, ରାଷ୍ଟ୍ର ; 2. ଜଗତରେ ପରମେଶ୍ୱରଙ୍କର ପାରମାର୍ଥିକ ରାଜତ୍ୱ, ଆତ୍ମିକ ରାଜତ୍ୱ ; 3. (in Natural History), ଶ୍ରେଣୀବିଭାଗ ।
**Kingfisher**, *n.* ମାଛରଙ୍କା ପକ୍ଷୀ ।
**Kinglet**, *n.* 1. କ୍ଷୁଦ୍ର ରଜା ; 2. ସାନ ଚଢ଼େଇର ନାମ ।
**Kinglike**, *a.* ରାଜାପରି, ରାଜସଦୃଶ, ରାଜବତ୍, ରାଜୋପଯୁକ୍ତ, ରାଜୋଚିତ ।
**Kingliness**, *n.* ରାଜତୁଲ୍ୟତା, ରାଜଯୋଗ୍ୟତା, ରାଜଶ୍ରୀ ।
**Kingling**, *n.* କ୍ଷୁଦ୍ର ରଜା, ନାବାଳକ ରଜା ।
**Kingly**, *a.* ରାଜାପରି, ରାଜତୁଲ୍ୟ, ରାଜକୀୟ, ରାଜୋପଯୁକ୍ତ, ରାଜଯୋଗ୍ୟ, ରାଜାନୁରୂପ । [ଏକମାତ୍ର ଗଡ଼ ।
**King-post**, *n.* କଇଞ୍ଚିର ବାଡ଼ ମଝିରେ ଠିଆ ହୋଇଥିବା
**King's-evil**, *n.* ଗଣ୍ଡମାଳା ।
**Kingship**, *n.* ରାଜପଦ, ରାଜତ୍ୱ, ନୃପତ୍ୱ, ନୃପତିତ୍ୱ, ରାଜାଧିକାର ।
**Kink**, *n.* 1. ଦଉଡ଼ିର ମୋଡ଼, ସୂତାର ମୋଡ଼ ; 2. ଖିଆଲ ।—*v.i.* ମୋଡ଼-ହେ, ମୋଡ଼ି ହୋଇଯିବା ।
**Kinless**, *a.* ଜ୍ଞାତିଶୂନ୍ୟ, କୁଟୁମ୍ବହୀନ ।
**Kino**, *n.* ପଳାଶ ଗୋନ୍ଦ ।
**Kinsfolk**, *n. pl.* ଜ୍ଞାତିବର୍ଗ, ଆତ୍ମୀୟବର୍ଗ, ବନ୍ଧୁବାନ୍ଧବ ।
**Kinsman**, *n.* ଜ୍ଞାତି, ସ୍ୱଜନ, କୁଟୁମ୍ବୀ ଲୋକ, ଆତ୍ମୀୟଲୋକ ।
**Kinswoman**, *n.* ସ୍ତ୍ରୀ ଜ୍ଞାତି, କୁଟୁମ୍ବିନୀ ।
**Kipper**, *n.* ଚିରି ଓ ଲୁଣ ଦିଆ ଶୁଖା ମାଛ ।—*v.t.* (ମାଛକୁ) ଚିରି ଲୁଣ ଦେଇ ଶୁଖାଇବା ।
**Kirk**, *n.* 1. ସ୍କଟଲଣ୍ଡ ଦେଶୀୟ ଭଜନାଳୟ ; 2. ସ୍କଟଲଣ୍ଡ ଦେଶରେ ସ୍ଥାପିତ ମଣ୍ଡଳୀ ।
**Kirtle**, *n.* ଘାଘରା ବିଶେଷ ।
**Kirtled**, *a.* ଘାଘରାପିନ୍ଧା ।
**Kismet**, *n.* କପାଳ ।
**Kiss**, *v.t.* 1. ଚୁମ୍ବନ-କର ; 2. ଧୀରେ ଛୁଇଁବା ।—*v.i.* 1. ଚୁମ୍ବନ-ଦେ ; 2. ଅଳ୍ପ ଛୁଇଁବା, ସ୍ପର୍ଶ-କର, ଛୁଇଁବା ।—To kiss hands, 1. ରଜାଙ୍କ ହସ୍ତରେ ଚୁମ୍ବନ ଦ୍ୱାରା ନମସ୍କାର-କର, ବିଶେଷରେ ମନ୍ତ୍ରିର ପଦଗ୍ରହଣ ସମୟରେ ଏହା କରାଯାଏ ; 2. ନିଜ ହାତରେ ଚୁମ୍ବନ ଦ୍ୱାରା ନମସ୍କାର-କର । To kiss the dust, ହତ-ହେ, ପରାଜିତ ହେ । To kiss the rod, ଦଣ୍ଡ ନ୍ୟାଯ୍ୟ ବୋଲି ସ୍ୱୀକାର-କର, ଦଣ୍ଡର ଅଧୀନ-ହେ ।—*n.* 1. ଚୁମ୍ବନ, ଚୁମ୍ବଦାନ ; 2. ଧୀର ସ୍ପର୍ଶ ; 3. ମିଷ୍ଟାନ୍ନ ବିଶେଷ ।
**Kit**, (1) *n.* 1. ମାଛ ମଇଳା ଆଦି ବୋହିବା କାଠକୁଣ୍ଡ ; 2. ହତିଆରସିନ୍ଦୁକ ; 3. ହତିଆର ଆଦି, ଉପକରଣ ।
**Kit**, (2) *n.* ସାନ ବେହେଲା, କ୍ଷୁଦ୍ର ସାରଙ୍ଗୀ ।
**Kit**, (3) *n.* ବିଲେଇଛୁଆ ।

Kitchen, *n.* ରୋଷାଇଘର, ରନ୍ଧାଘର, ରନ୍ଧଣାଘର, ରନ୍ଧନଶାଳା, ପାକଶାଳା, ବବର୍ଚିଖାନା ।

Kitchener, Kitchen-range, *n.* ଉନ୍ନତ ଅବ ଯନ୍ତ୍ରଯୁକ୍ତ ଚୁଲ୍ଲୀ ବିଶେଷ ।

Kitchen-garden, *n.* ପନିପରିବା ବଗିଚା, ସବଜିବଗିଚା ।

Kitchen-stuff, *n.* 1. ରନ୍ଧା ଯିବା ନିମନ୍ତେ ପରିବା ; 2. ରନ୍ଧା ହାଣ୍ଡି ଅଦରୁ କଢା ଚର୍ବି ।

Kite, *n.* 1. ଚିଲ ; 2. କାଗଜର ଗୁଡି ବା ପତଙ୍ଗ ।

Kith, *n.* ଜ୍ଞାତିବର୍ଗ, ବନ୍ଧୁସମୂହ ।—Kith and kin, ବନ୍ଧୁବାନ୍ଧବ, କୁଟୁମ୍ବ । [କିତୁ-ନ ।

Kitten, *n.* ବିଲେଇଛୁଆ, ବିଲେଇ ଶାବକ ।—*v.i.* ଛୁଆ

Kittenish, *a.* ବିଲେଇଛୁଆପରି, ଖେଳାପ୍ରିୟ ।

Kleptomania, *n.* ପାଗଳାମି ବିଶେଷ ଯହିଁରେ ଆନ୍ତରିକ ପ୍ରେର କରିବାକୁ ମନ ଉଠେ । [ଲୋକ ।

Kleptomaniac, *n.* ଉକ୍ତ ପ୍ରକାର ପାଗଳାମିରେ ଅକ୍ରାନ୍ତ

Knack, *n.* 1. ଅଭ୍ୟାସରୁ ଜାତ ଦକ୍ଷତା, ଦକ୍ଷତା, ନିପୁଣତା ; 2. କୌଶଳ ।

Knacker, *n.* ରୋଗା ବା ଅକର୍ମଣ୍ୟ ଘୋଡାର ଘାତକ ।

Knapsack, *n.* ସୈନ୍ୟ ବା ଯାତ୍ରିମାନଙ୍କ ପିଠି ଉପରେ ଝୁଲାଯିବା ବୋଝେ ।

Knarred, Knarled, *a.* see Gnarled.

Knave, *n.* (ଚୋକା, ଦାସ), 1. ଶଠ, ପ୍ରବଞ୍ଚକ, ପାଜି, ଠକ; 2. ତାସଖେଳାର ଗୋଲାମ ।

Knavery, *n.* ଶଠତା, ପ୍ରବଞ୍ଚକତା, ଠକୁଆ, ଧୂର୍ତ୍ତତା, ଠକପଣିଆ, ଠଗାମି ।

Knavish, *a.* ଶଠ, ବଞ୍ଚକ, ଠକ, ଧୂର୍ତ୍ତ ।

Knavishly, *ad.* ଶଠତାକ୍ରମେ, ପ୍ରବଞ୍ଚକରୂପେ, ଧୂର୍ତ୍ତଭାବେ, କପଟରେ । [ଞ୍ଚକତା, ଠକପଣିଆ ।

Knavishness, *n.* ଶଠତା, ପ୍ରବଞ୍ଚକର ଅଭ୍ୟାସ, ପ୍ରବ-

Knead, *v.t.* (ମଇଦା) ଦଳିବା, ଚକଟିବା ।

Kneading-trough, *n.* ମଇଦା ଦଳିବା କୁଣ୍ଡ ।

Knee, *n.* 1. ଅଣ୍ଠୁ, ଜାନୁ; 2. ପଶୁମାନଙ୍କର ଅଣ୍ଠୁପରି ସନ୍ଧି ; 3. ବଙ୍କା ଅଣ୍ଠୁ ପରି ପଦାର୍ଥ ।

Knee-breeches, *n. pl.* ଖଟା ଜଙ୍ଘିଆ ବିଶେଷ ।

Knee-cap, Knee-pan, *n.* ଅଣ୍ଠୁର ଚକି ।

Knee-cap, *n.* ଅଣ୍ଠୁପଟି ।

Kneed, *a.* 1. ଜାନୁବିଶିଷ୍ଟ ; 2. ଅଣ୍ଠୁପରି ବଙ୍କା ।

Knee-deep, *a.* ଅଣ୍ଠୁପର୍ଯ୍ୟନ୍ତ, ଜାନୁପର୍ଯ୍ୟନ୍ତ ଗଭୀର ।

Kneel, *v.i.* ଅଣ୍ଠୁ ପାଡିବା, ଅଣ୍ଠୁ ଭାଙ୍ଗିବା, ଅଣ୍ଠୁ ପାତିବା, ଜାନୁ ପାତିବା ।

Knell, *n.* 1. ମୃତ୍ୟୁ ବା ସମାପ୍ତିପ୍ରକାଶକ ଘଣ୍ଟାଧ୍ୱନି ; 2. ମୃତ୍ୟୁର ସୂଚନା, ଅଶୁଭ ଲକ୍ଷଣ ।—*v.i.* ସମାପ୍ତିକାଳୀନ ଘଣ୍ଟା ପରି ଧ୍ୱନି-କ, ଅଶୁଭ ଲକ୍ଷଣରୂପେ ପ୍ରକାଶ-କ ।

Knelt, *pret.* and *past p.* of Kneel.

Knew, *pret* of Know. [ବିଶେଷ ।

Knickerbockers, Knickers, *n. pl.* ଢିଲା ଜଙ୍ଘିଆ

Knick-Knack, *n.* ଶୋଭାର୍ଥେ ସାମାନ୍ୟ ପଦାର୍ଥ, କ୍ଷୁଦ୍ର ଭୂଷଣ ।

Knife, *n.* (*pl.* Knives), 1. ଛୁରୀ, ଛୁରିକା, ବ୍ଲେଡ଼ : 2. କଳର କାଟିବା ଧାର; 3, for cutting up vegetables, &c., ପନିକ ।

Knife-bodrd, *n.* 1. ଛୁରୀ ଘଷା କରିବା ପଟା ; 2. ସାଧାରଣଙ୍କ ଯିବା ଆସିବା ନିମନ୍ତେ ବଡ ଗାଡିର ଛାତ ଉପରସ୍ଥ ଲମ୍ବ ଆସନ ।

Knife-grinder, *n.* ଛୁରୀ ଶାଣଦିଆ ଲୋକ ।

Knight, *n.* 1. ପୂର୍ବକାଳରେ ଯୋଦ୍ଧୃକୁଳୀନ ; 2. କୁଳୀନର ଉପାଧି ବିଶେଷ ; 3. ପର ନିମନ୍ତେ ଯୋଦ୍ଧା, ପକ୍ଷବାଦୀ ; 4. (in chess), ଘୋଡା ।—*v.t.* ନାଇଟ ଉପାଧି-ଦେ ।

Knightage, *n.* ନାଇଟ ଉପାଧିଧାରୀ ଦଳ ।

Knight-errant, *n.* ଭ୍ରମଣକାରୀ ଯୋଦ୍ଧୃକୁଳୀନ ।

Knight-errantry, *n.* ଭ୍ରମଣକାରୀ ଯୋଦ୍ଧୃକୁଳୀନର ସାହସିକ କର୍ମ ।

Knighthood, *n.* ନାଇଟ ନାମକ କୁଳୀନର ପଦ-ମର୍ଯ୍ୟାଦା—। Order of Knighthood, ନାଇଟ ସମ୍ପ୍ରଦାୟ ।

Knightly, *a.* ଯୋଦ୍ଧୃକୁଳୀନସମ୍ବନ୍ଧୀୟ, କୁଳୀନୋଚିତ, ସାହସୀ, ମହତ୍ତ୍ୱ ।—*ad.* କୁଳୀନୋଚିତରୂପେ । [ଦାନ ।

Knight-service, *n.* ସୈନିକ କାର୍ଯ୍ୟ ନିମନ୍ତେ ଯୋତ-

Knit, *v.t.* 1. ବଡ ଛୁଞ୍ଚରେ ବୁଣିବା ; 2. ସଂଯୁକ୍ତ-କ, ଯୋଡିବା ; 3. କୁଞ୍ଚିତ-କ ।—*v.i.* 1. ବଡ ଛୁଞ୍ଚରେ ବୁଣିବା; 2. ସଂଯୁକ୍ତ-ହେ, ଯୋଡ-ହେ । [ବୁଣାଟ ।

Knitting, *n.* ବଡ ଛୁଞ୍ଚରେ ବୁଣିବା କର୍ମ, ବଡ ଛୁଞ୍ଚରେ

Knitting-needle, *n.* (ମୌଜାଦ ବୁଣିବାର) ବଡ ଛୁଞ୍ଚ ବା ଶଳାକା ।

Knob, *n.* ଟାଣ ଅବୁ ପରି ପଦାର୍ଥ, ଗୋଲାକାର, କବାଟର ଗୋଲ ମୁଠା, ଗଣ୍ଠି, କୁଜ ।—*v.i.* ଗଣ୍ଠିଯୁକ୍ତ-ହେ, କୁଜ-ହେ ।

Knobbed, Knobby, *a.* ଗଣ୍ଠିଆ, ଗଣ୍ଠିମୟ, ଗଣ୍ଠିପୂର୍ଣ୍ଣ ।

Knock, *v.t.* 1. ମାରିବା, ଧକ୍କା ମାରିବା ; 2. ଧକ୍କା ବଜାଇବା, ଠୋକର ମାରିବା ।—*v.i.* 1. ଆଘାତ-କ, ମାରିବା ; 2. ଧକ୍କା ବାଜିବା ।—To knock about, 1. ଅସାବଧାନ ବ୍ୟବହାରରେ ଜୀର୍ଣ୍ଣ-କ, ଭାଙ୍ଗିବା ; 2. ଏଣେତେଣେ ବୁଲିବା । To knock down, 1. ଆଘାତରେ ତଳେ ପକାଇବା, ଘୋଷାଡ-ଦେ ; 2. (ନିଲାମରେ ଡାକିବା ଲୋକକୁ) ଦେବା ବା ଅର୍ପଣ-କ । To knock off, 1. ଆଘାତ ଦ୍ୱାରା ଭାଙ୍ଗିପକାଇବା ; 2. ବନ୍ଦ-କ, ନିବୃତ୍ତ-ହେ, କାର୍ଯ୍ୟ ବନ୍ଦ-କ ; 3. ତ୍ୱରାରେ ପ୍ରସ୍ତୁତ-କ, ତ୍ୱରାରେ ରଚନା-କ ; 4. ବାଦ୍-ଦେ । Knock on (or in) the head, ବିଫଳ-କ, ବ୍ୟର୍ଥ-କ । To knock together, ତ୍ୱରାରେ ପ୍ରସ୍ତୁତ-କ, ତତ୍କାଳ ବନାଇବା । To knock under, ପରାଜୟ ସ୍ୱୀକାର-କ, ବଶୀଭୂତ-ହେ । To knock up, ଉଠାଇବା, ଜାଗତ କରାଇବା ; 2. କ୍ଳାନ୍ତ କରାଇବ କ୍ଳାନ୍ତ-ହେ, ଅବ ଯିବା ।—*n.* ମାରଣ, ଆଘାତ, ଠୋକର, ଧକ୍କା ।

**Knocker**, *n.* 1. ଯେ ମାରେ ; 2. କବାଟରେ ଲଗିଥିବା ହାତୁଡ଼ି ବିଶେଷ ।

**Knoll**, (1) *v.t.* ଘଣ୍ଟା ବଜାଇବା ଦ୍ୱାରା ପ୍ରକାଶ-କ, ଘଣ୍ଟା ବଜାଇବା ଦ୍ୱାରା ଡାକିବା, ବଜାଇବା ।—*v.i.* ଘଣ୍ଟା ବଜାଇବା ।—*n.* ଘଣ୍ଟାବାଦ୍ୟ, ସମାଧିକାଳୀନ ଘଣ୍ଟାଧ୍ୱନି ।

**Knoll**, (2) *n.* ସାନ ଗୋଲ ପାହାଡ଼, ଗୋଲ ଢିପ ।

**Knop**, *n.* old form of Knob.

**Knot**, *n.* 1. ଗଣ୍ଠି, ଗ୍ରନ୍ଥି ; 2. ଶୋଭାକର ଫିତାର ଗଣ୍ଠି ବା ଫୁଲ; 3. ବନ୍ଧନ, ସମ୍ବନ୍ଧ; 4. ଗଣ୍ଠିପରି କୌଣସି ପଦାର୍ଥ, ଗଛର ଗଣ୍ଠି, ଡେମ୍ଫର ସନ୍ଧି ; 5. ଦଶ କୋଡ଼ିଏ (ଜଣର) ଦଳ ; 6. ଗୂଢ଼ ବିଷୟ, ପେଞ୍ଚ ; 7. ନାବିକମାନଙ୍କର ମାଇଲ=୪୦୫୩ ହାତ ।—*v.t.* 1. ଗଣ୍ଠି ପକାଇବା, ଗଣ୍ଠି-କ ; 2. ଗଣ୍ଠି ଦ୍ୱାରା ବାନ୍ଧିବା, ଦୃଢ଼ରୂପେ ବାନ୍ଧିବା, ସଂଯୁକ୍ତ-କ ।—*v.i.* 1. ଗଣ୍ଠିଆ-ହେ, ଗଣ୍ଠିମୟ-ହେ; 2. ଝାଲର ନିମନ୍ତେ ଗଣ୍ଠି ବୁଣିବା; 3. ଗଣ୍ଠିପଡ଼-ହେ ।

**Knotless**, *a.* ଗଣ୍ଠିଶୂନ୍ୟ, ଗଣ୍ଠିରହିତ, ଗ୍ରନ୍ଥିଶୂନ୍ୟ ।

**Knottiness**, *n.* 1. ଗଣ୍ଠିମୟତା, ଗ୍ରନ୍ଥିପୂର୍ଣ୍ଣତା; 2. ଗୂଢ଼ତା, ଝଞ୍ଝଟ ।

**Knotty**, *a.* 1. ଗଣ୍ଠିଆ, ଗଣ୍ଠିମୟ, ଗ୍ରନ୍ଥିପୂର୍ଣ୍ଣ ; 2. ଗୂଢ଼, କଠିନ, ଝଞ୍ଝଟିଆ ।

**Knout**, *n.* ରୁଷିଆ ଦେଶୀୟ କୋରଡ଼ା ବିଶେଷ ।

**Know**, *v.t.* 1. ଜାଣିବା, ନିଶ୍ଚିତରୂପେ ବୋଧ-କ, ସ୍ପଷ୍ଟରୂପେ ବୁଝିବା, ବୁଝିବା ; 2. ଶିଖିବା, ମୁଖସ୍ଥ-କ ; 3. ଚିହ୍ନିବା, ପରିଚୟ-କ , 4. ସହବାସ-କ ।—*v.i.* ଜ୍ଞାତ-ହେ, ଜାଣିବା, ଅବଗତ-ହେ ।

**Knowable**, *a.* ଜ୍ଞାତବ୍ୟ, ଜ୍ଞେୟ ।

**Knowing**, *p.a.* 1. ବିଜ୍ଞ, ଜ୍ଞାନୀ, ପ୍ରାଜ୍ଞ, ବୁଦ୍ଧିମାନ୍ ; 2. ଚିଆଣ, ଚତୁର ।

**Knowingly**, *ad.* 1. ଜ୍ଞାନପୂର୍ବକ, ଜ୍ଞାତସାରରେ, ଜାଣିଶୁଣି ; 2. ଚତୁରରୂପେ ।

**Knowledge**, *n.* 1. ଜ୍ଞାନ, ବୋଧ ; 2. ବିଦ୍ୟା, ପାଣ୍ଡିତ୍ୟ, ବୁଦ୍ଧି ; 3. ନିପୁଣତା, ଦକ୍ଷତା ; 4. ପରିଚୟ ।

**Known**, *p.a.* ଜଣା, ଜ୍ଞାତ, ପରିଚିତ ।

**Knuckle**, *n.* 1. ଅଙ୍ଗୁଳିର ଗଣ୍ଠି ; 2. ବାଛୁରି ବା ଘୁଷୁରିର ଅଣ୍ଟୁଗଣ୍ଠି ଅଂଶ ।—*v.t.* ଅଙ୍ଗୁଳିର ଗଣ୍ଠିରେ ମାରିବା, ଭୁଷା ମାରିବା ।—To knuckle down 1. ଅଙ୍ଗୁଳିଗଣ୍ଠି ବସାଇବା; 2. ବଶୀଭୂତ-ହେ, ପରାଜୟ ସ୍ୱୀକାର-କ ।

**Kobi-rabi**, *n.* ସାଲଗମ ପରି କୋବି ବିଶେଷ ।

**Koran**, *n.* ମହମ୍ମଦୀୟମାନଙ୍କ ଧର୍ମଗ୍ରନ୍ଥ, କୋରାଣ ।

**Kraal**, *n.* ଦକ୍ଷିଣ ଆଫ୍ରିକାରେ ଦେଶୀ ଗାଁ ।

**Kraken**, *n.* କଳ୍ପିତ ବୃହତ୍ ସାମୁଦ୍ରିକ ଜନ୍ତୁ ଯାହା ନରୱେ ଦେଶର ଉପକୂଳରେ କେବେ କେବେ ଦେଖାଯାଏ ବୋଲି କଥିତ ହୁଏ ।

**Kreasote, Kreosote**, *n.* see Creasote.

**Kudos**, *n.* (Greek), ଯଶ, କୀର୍ତ୍ତି ।

**Kumiss**, *n.* ଘୋଡ଼ୀର ଦୁଧରୁ ପ୍ରସ୍ତୁତ ମଦ୍ୟ ବିଶେଷ ।

# L

**L.** 1. ଇଂରାଜୀ ବର୍ଣ୍ଣମାଳାର ଦ୍ୱାଦଶ ଅକ୍ଷର ; 2. ରୋମାନ ଅକ୍ଷରରେ ପଞ୍ଚାଶ ସଂଖ୍ୟା ବୁଝାଏ ।

**La**, *interj.* ବିସ୍ମୟବୋଧକ ଶବ୍ଦ, ଦେଖ ! (vulgar).

**Laager**, *n.* 1. ଦକ୍ଷିଣ ଆଫ୍ରିକାରେ ଛାଉଣି ବିଶେଷ ; 2. ରକ୍ଷାର୍ଥେ ଚାରି ଚଉଚକିଆ ଗାଡ଼ିମାନଙ୍କରେ ଘେରସ୍ଥାନ ।—*v.i.* 1. ଛାଉଣି-କ ; 2. ରକ୍ଷାର୍ଥେ ଚାରି ଚଉଚକିଆ ଗାଡ଼ିମାନଙ୍କରେ ଘେରସ୍ଥାନ-କ ।

**Labefaction**, *n.* ଜୀର୍ଣ୍ଣୀକରଣ, ଜୀର୍ଣ୍ଣାବସ୍ଥା, ପତନ ।

**Label**, *n.* ଚିହ୍ନପତ୍ର, ସୂଚକପତ୍ର, ଲେପପତ୍ର ।—*v.t.* ଚିହ୍ନପତ୍ରଯୁକ୍ତ-କ, ଚିହ୍ନପତ୍ର ଲଗାଇବା । [ବର୍ଣ୍ଣ ।

**Labial**, *a.* ଓଷ୍ଠ୍ୟ, ଓଷ୍ଠ ଦ୍ୱାରା ଉଚ୍ଚାରିତ ।—*n.* ଓଷ୍ଠ୍ୟ-

**Labialize**, *v.t.* ଓଷ୍ଠ ଦ୍ୱାରା ଉଚ୍ଚାରଣ-କ । [ଦ୍ୱାରା ।

**Labially**, *ad.* ଓଷ୍ଠ ଦ୍ୱାରା ଉଚ୍ଚାରଣ ଭାବରେ, ଓଷ୍ଠ

**Labium**, *n.* ଓଷ୍ଠ, ବିଶେଷରେ କୀଟର ତଳ ଓଷ୍ଠ ।

**Laboratory**, *n.* 1. ରସାୟନିକ କର୍ମଶାଳା ; 2. ପ୍ରକୃତିର କର୍ମଶାଳା ।

**Laborious**, *a.* 1. ଶ୍ରମପୂର୍ଣ୍ଣ, ଶ୍ରମସାଧ୍ୟ, କଷ୍ଟକର, ଦୁଷ୍କର; 2. ପରିଶ୍ରମୀ, କର୍ମଶୀଳ, ଉଦ୍ୟୋଗୀ ।

**Laboriously**, *ad.* ଶ୍ରମପୂର୍ବକ, ଶ୍ରମରେ, କଷ୍ଟରେ ।

**Labour, Labor**, *n.* 1. ପରିଶ୍ରମ, ଶ୍ରମ, ଉଦ୍ୟମ; 2. କର୍ମ, କାର୍ଯ୍ୟ ; 3. କାର୍ଯ୍ୟକାରୀ ଲୋକସମୂହ ; 4. ପ୍ରସବ ବେଦନା ; 5. କଷ୍ଟ, କ୍ଲେଶ ।—*v.i.* 1. ପରିଶ୍ରମ-କ ଶ୍ରମ-କ, କାର୍ଯ୍ୟ-କ ; 2. କଷ୍ଟ ପାଇବା, କ୍ଲିଷ୍ଟ-ହେ ; 3. ବତାସିଆ ସମୁଦ୍ରରେ ଜାହାଜ ପରି ଟଳମଳ-ହେ ।—*v.t.* ଉଦ୍ୟମରେ ସମ୍ପନ୍ନ-କ ।

**Laboured**, *p.a.* ବହୁପରିଶ୍ରମରେ କୃତ, କଷ୍ଟରେ କୃତ ।

**Labourer**, *n.* କର୍ମକାରୀ, ମୂଲିଆ, କୁଲି । [କ୍ଲିଷ୍ଟ ।

**Labouring**, *p.a.* 1. କର୍ମକାରୀ ; 2. ଶ୍ରମରେ କ୍ଲାନ୍ତ,

**Laburn**, *n.* ଉପର ଓଷ୍ଠ ।

**Laburnum**, *n.* ହଳଦିଆ ଫୁଲର ଗଛ ବିଶେଷ ।

**Labyrinth**, *n.* 1. ବହୁ ଘୂରଣିଆ ପଥବିଶିଷ୍ଟ ସ୍ଥାନ, ଝଞ୍ଝଟବାଟପୂର୍ଣ୍ଣ ସ୍ଥାନ ; 2. ଝଞ୍ଝଟ ; 3. କର୍ଣ୍ଣର ଭିତର ଘୂରଣିଆ ପଥ ।

**Labyrinthian, Labyrinthine**, *a.* 1. ଘୂରଣିଆ ପଥବିଶିଷ୍ଟ ସ୍ଥାନସମ୍ବନ୍ଧୀୟ, ଘୂର୍ଣ୍ଣିଆ, ଝଞ୍ଝଟିଆ ।

**Lac**, (1) *n.* ଲାଖ, ଜଉ, ଲୌ, ଜତୁ ।

**Lac**, (2) **Lakh**, *n.* ଲକ୍ଷସଂଖ୍ୟା, ଲକ୍ଷ=୧,୦୦,୦୦୦ ।

**Lace**, *n.* 1. ଫିତା, ସୂତା ; 2. ସୂତାର ଜାଲି ; 3. ଜରି ।—*v.t.* 1. ଫିତାରେ ବାନ୍ଧିବା ; 2. ସୂତାର ଜାଲିରେ ଅଲଙ୍କୃତ-କ ; 3. ଜରି ଲଗାଇବା ; 4. ଜଡ଼ିତ-କ, ମିଳାଇବା ।

**Lacerable**, *a.* ଚିରିବାଯୋଗ୍ୟ, ବିଦାରଣୀୟ

**Lacerate**, *v.t.* ଚିରିବା, ବିଦାରଣ-କ, କର୍ଣ୍ଣ-କ ।

**Lacerated**, *p.* and *a.* ଛିନ୍ନ, କର୍ଣ୍ଣ ।

**Laceration**, *n.* 1. ବିଦାରଣ, କର୍ଣ୍ଣକରଣ ; 2. ଛିନ୍ନ କ୍ଷତ, ଚିରା ଘାଉ ।

**Laches**, *n.* ଅବହେଳା, ତ୍ରୁଟି ।

**Lachrymal, Lacrymal**, *a.* ଅଶ୍ରୁ ଉତ୍ପାଦକ, ଲୋତକଜନକ, ଲୋତକବାହକ ।

**Lachrymary**, *a.* ଅଶ୍ରୁବିଶିଷ୍ଟ, ଅଶ୍ରୁପୂର୍ଣ୍ଣ ।

**Lachrymatory, Lacrymatory**, *n.* ପୂର୍ବକାଳୀନ ଅଶ୍ରୁଧାରକ ଶିଶି ବିଶେଷ ।

**Lachrymose**, *a.* ଅଶ୍ରୁପୂର୍ଣ୍ଣ, ରୋଦନପ୍ରିୟ, ଅଶ୍ରୁଜନକ ।

**Lacing**, *n.* 1. ଫିତାରେ ବନ୍ଧନ ; 2. ଫିତା ।

**Laciniate, Laciniated**, *a.* ଝାଲରବିଶିଷ୍ଟ ।

**Lack**, *v.t.* ଲୋଡ଼ିବା, ବଞ୍ଚିବା, ଦରକାର-କ ।—*v.i.* 1. ଅଭାବ-ହେ ; 2. ଉଣା-ହେ, ଶୂନ୍ୟ-ହେ, ରହିତ-ହେ ।—*n.* ଅଭାବ, ଉଣାକଷ୍ଟ ।

**Lackadaisical, Lackadaisy**, *a.* କୃତ୍ରିମଭାବେ ବିଷଣ୍ଣ, କାତରାତୁର ।

**Lack-a-day**, *interj.* ଦୁଃଖସୂଚକ ଶବ୍ଦ, ହାୟ !

**Lackey**, *n.* ଦାସ, ଭୃତ୍ୟ, ଚାକର, ନୀଚ ଅନୁଚର ।—*v.t.* ନୀଚ ସେବା-କ ।—*v.i.* ଭୃତ୍ୟ ପରି ସେବା-କ ।

**Lack-lustre**, *a.* ଉଜ୍ଜ୍ୱଳତାଶୂନ୍ୟ, ନିସ୍ତେଜ ।

**Laconic, Laconical**, *a.* ସଂକ୍ଷିପ୍ତ, ଅଳ୍ପଭାଷୀ, ସାରଯୁକ୍ତ, ଅଳ୍ପ କଥାରେ ଅନେକାର୍ଥକ । [ଯୁକ୍ତରୂପେ ।

**Laconically**, *ad.* ସଂକ୍ଷିପ୍ତରୂପେ, ଅଳ୍ପକଥାରେ, ସାର-

**Laconism, Laconicism**, *n.* 1. କଥାରେ ସଂକ୍ଷିପ୍ତ ଭାବ; 2. ସଂକ୍ଷିପ୍ତ କଥା, ସାରୋକ୍ତି ।

**Lacquer, Lacker**, *n.* 1. ଲାଖରେ ପ୍ରସ୍ତୁତ ବାର୍ଣ୍ଣିଶ ବିଶେଷ ; 2. ଉକ୍ତ ବାର୍ଣ୍ଣିଶ ଲଗା ଦ୍ରବ୍ୟମାନ ।—*v.t.* ଉକ୍ତ ବାର୍ଣ୍ଣିଶରେ ଲୋପ-ଦେ ।

**Lactation**, *n.* 1. ସ୍ତନଦୁଗ୍ଧ ଦାନ, ସ୍ତନଦୁଗ୍ଧ ପାନ କରାଇବା ସମୟ ; 2. ସ୍ତନଦୁଗ୍ଧ ଧାରଣ ।

**Lacteal**, *a.* 1. ଦୁଗ୍ଧସମ୍ବନ୍ଧୀୟ, ଦୁଗ୍ଧମୟ, ଦୁଗ୍ଧବତ୍ ; 2. ଦୁଗ୍ଧବତ୍ ଅନ୍ନରସର ପ୍ରବାହକ ।—*n.* ଅନ୍ତ୍ରର ପ୍ରବାହକ ନାଡ଼ୀ ।

**Lacteous**, *a.* ଦୁଗ୍ଧବତ୍ । [ସ୍ରାବ ।

**Lactescence**, *n.* ଈଷତ୍ ଦୁଗ୍ଧବତ୍ ଅବସ୍ଥା, ଦୁଗ୍ଧବତ୍

**Lactescent**, *a.* 1. ଈଷତ୍ ଦୁଗ୍ଧବତ୍, ଦୁଗ୍ଧବତ୍ ରସଯୁକ୍ତ, ଦୁଗ୍ଧବତ୍ ଦ୍ରବ୍ୟରେ ପରିଣତକାରୀ ; 2. ଦୁଗ୍ଧବତ୍ ରସବିଶିଷ୍ଟ ।

**Lactic**, *a.* ଦୁଗ୍ଧସମ୍ବନ୍ଧୀୟ, ଦହିରୁ ଜାତ ।

**Lactiferous**, *a.* ଦୁଗ୍ଧବାହୀ ।

**Lactifuge**, *n.* ସ୍ତନଦୁଗ୍ଧ ହ୍ରାସ କରିବା ଔଷଧ ।

**Lactine, Lactose**, *n.* ଦୁଗ୍ଧଚିନି । [ଦୁଗ୍ଧମାପକ ।

**Lactometer**, *n.* ଦୁଗ୍ଧର ଗୁଣ ପରୀକ୍ଷା କରିବା ଯନ୍ତ୍ର,

**Lacuna**, *n.* (*pl.* Lacunæ), 1. କ୍ଷୁଦ୍ର ଗାତ ; 2. ଖାଲି ଶୂନ୍ୟ ସ୍ଥାନ, ଫାଙ୍କ । [ସମ୍ବନ୍ଧୀୟ ।

**Lacustrine, Lacustral**, *a.* ହ୍ରଦସମ୍ବନ୍ଧୀୟ, ହ୍ରିଲ-

**Lacy**, *a.* ଝାଲର ଜାଲବତ୍ ।

**Lad**, *n.* 1. ଟୋକା, ଯୁବା ; 2. ସଙ୍ଗୀ, ମିତ୍ର ।

**Ladanum**, *n.* ଗୋନ୍ଦ ବିଶେଷ ।

**Ladder**, *n.* 1. ଶିଡ଼ି, ନିଶ୍ରେଣୀ ; 2. ଉଠିବା ଉପାୟ, ଉନ୍ନତିର ଉପାୟ । [ଲଦାଇ-ଦେ ।

**Lade**, *v.t.* 1. ବୋଝାଇ-କ, ଲଦାଇବା ; 2. ଡଙ୍କା ଦ୍ୱାରା

**Lade**, *n.* ନର୍ଦ୍ଦମା ।

**Laden**, *p.a.* 1. ବୋଝପୂର୍ଣ୍ଣ, ବୋଝାଇଲଦା, ଲଦା ; 2. ପୀଡ଼ିତ, ଦୁଃଖାକ୍ତ ।

**Lading**, *n.* ବୋଝାଇ, ବୋଝ, ଭାର ।

**Ladle**, *n.* ଡଙ୍କା, ବଡ଼ ଚାମଚ ବିଶେଷ ।—*v.t.* ଡଙ୍କାରେ ଢାଳିବା, ଡଙ୍କାରେ କାଢ଼ିବା ।

**Lady**, *n.* (*pl.* Ladies), 1. କୁଳୀନା ସ୍ତ୍ରୀ, କୁଳୀନା ; 2. ସ୍ତ୍ରୀ ଲୋକର ଉପାଧି ; 3. ଭଦ୍ର ସ୍ତ୍ରୀ, ଭଦ୍ର ମହିଳା ; 4. ସ୍ୱାମିନୀ, ଗୃହକର୍ତ୍ତ୍ରୀ ।

**Lady-bird, Lady-cow, Lady-fly**, *n.* ଇନ୍ଦ୍ରଗୋପ, ଇନ୍ଦ୍ରକୀଟ ।

**Lady-day**, *n.* ମାର୍ଚ୍ଚ ମାସର ୨୫ ତାରିଖ ।

**Ladylike**, *a.* କୁଳୀନାବତ୍, ସଭ୍ୟା, ଶିଷ୍ଟା, ଭଦ୍ରା ।

**Lady-love**, *n.* 1. ପ୍ରେୟସୀ, ପ୍ରିୟା ; 2. ସ୍ତ୍ରୀ ପ୍ରତି ପ୍ରୀତି ।

**Ladyship**, *n.* ଉପାଧିରୂପେ ବ୍ୟବହୃତ କୁଳୀନା ସ୍ତ୍ରୀର ପଦବୀ, (with *her*, *your*, &c).

**Lady's-maid**, *n.* ସଖୀ, ସହଚରୀ ।

**Lag**, *a.* ଅନ୍ତିମ, ଶେଷ ।—*n.* ଗତିର ବିଳମ୍ବକରଣ ।—*v.i.* ପଛେ ପଡ଼ିବା, ବିଳମ୍ବ-କ, ଡେରି-କ ।

**Laggard**, *a.* 1. ବିଳମ୍ବୀ, ଢିଲା, ପିଛୁଆପଡ଼ା, ସୁସ୍ତି ; 2. ପଛେ ପଡ଼ିବା ଲୋକ, ସୁସ୍ତି ଲୋକ, ଦୀର୍ଘସୂତ୍ରୀ ଲୋକ ।

**Lagoon, Lagune**, *n.* ହ୍ରିଲ, ଘାଇ, ଚିଲିକା ।

**Laic, Laical**, *a.* (ଧର୍ମପଦସ୍ଥ ବ୍ୟକ୍ତି ଭିନ୍ନ) ବିଷୟୀ ଲୋକସମ୍ବନ୍ଧୀୟ ।—*n.* ପୁରୋହିତ ଭିନ୍ନ ଲୋକ, ବିଷୟୀ ଲୋକ ।

**Laid**, *pret.* and past *p.* of Lay.

**Lain**, *past p.* of Lie.

**Lair**, *n.* ବସା, ବିଶେଷରେ ବଣପଶୁର ବସା, ଗହ୍ୱର ।

**Laird**, *n.* ସ୍କଟଲଣ୍ଡ ଦେଶୀୟ ଜମିଦାର, ଭୂମ୍ୟଧ୍ୟକ୍ଷ ।

**Laisser-faire**, *n.* ହସ୍ତକ୍ଷେପର ଶୂନ୍ୟତା ।

**Laity**, *n. pl.* (ପୁରୋହିତ ଭିନ୍ନ) ସାଧାରଣ ଲୋକମାନେ, ବିଷୟୀ ଲୋକମାନେ ।

**Lake**, (1) *n.* 1. ହ୍ରଦ, ସରୋବର, ଚିଲିକା ; 2. ଜଳାଶୟ, ପୁଷ୍କରିଣୀ ।

**Lake**, (2) *n.* ଲାଲ ରଙ୍ଗ ବିଶେଷ ।

**Lake-basin**, *n.* ହ୍ରଦର ପୃଷ୍ଠଦେଶ ଖଲା ଭୂମି ଯହିଁରୁ ଜଳ ଯାଇ ହ୍ରଦରେ ପଡ଼େ ।

**Lake-dwelling**, *n.* (ଅତି ପ୍ରାଚୀନ ସମୟରେ) ହ୍ରଦ ମଧ୍ୟରେ ଖାଠମଞ୍ଚା ଉପରେ ନିର୍ମିତ ଘର ।

**Lakelet**, *n.* କ୍ଷୁଦ୍ର ହ୍ରଦ ।

**Laky**, *a.* ହ୍ରଦସମ୍ବନ୍ଧୀୟ । [ପୁରୋହିତ ।

**Lama**, *n.* ତିବ୍ବତ ଓ ମଙ୍ଗୋଲିଆ ଦେଶରେ ବୌଦ୍ଧଧର୍ମର

Lamb, *n.* 1. ମେଣ୍ଢାଛୁଆ, ମେଷଶାବକ, ଯୁବାମେଷ ; 2. ମେଣ୍ଢାଛୁଆର ମାଂସ ; 3. ମୃଦୁ ଲୋକ, ନିର୍ଦ୍ଦୋଷ ଲୋକ ।—The Lamb, The Lamb of God, ନିସ୍ତାରପର୍ବରେ ହତ ଯୁବାମେଷ ଦ୍ୱାରା ନିଦର୍ଶିତ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁ ଖ୍ରୀଷ୍ଟ ।—*v.i.* ମେଣ୍ଢାଛୁଆ ଜନ୍ମ-କ ।

Lambent, *a.* ମୃଦୁ ଓ ଚଞ୍ଚଳରୂପେ କ୍ରୀଡ଼ାରତ, ମୃଦୁ-ଭାବେ ଉଜ୍ଜ୍ୱଳିତ ।

Lambkin, Lambling, *n.* ସାନ ମେଣ୍ଢାଛୁଆ ।

Lamblike, *a.* ମେଣ୍ଢାଛୁଆ ପରି, ମୃଦୁ, କୋମଳ, ନମ୍ର, ନିର୍ଦ୍ଦୋଷ ।

Lambskin, *n.* 1. ମେଣ୍ଢାଛୁଆର ଲୋମଯୁକ୍ତ ପ୍ରସ୍ତୁତ ଚର୍ମ ; 2. ମେଣ୍ଢାଛୁଆର ଚମଡ଼ା ; 3. ମେଣ୍ଢାଛୁଆର ଲୋମଯୁକ୍ତ ଚର୍ମ ପରି ଲୁଗା ।

Lame, *a.* 1. ଖୋଟା, ଲେଙ୍ଗଡ଼ା, ପଙ୍ଗୁ, ଖଞ୍ଜ ; 2. ଦୁର୍ବଳ, ଅସମ୍ପୂର୍ଣ୍ଣ, ଅଯଥେଷ୍ଟ, ଅସମ ।—*v.t.* 1. ଖୋଟା-କ, ଲେଙ୍ଗଡ଼ା-କ, ପଙ୍ଗୁ-କ ; 2. ଅକ୍ଷମ-କ, ଦୁର୍ବଳ-କ ।

Lamella, *n.* (*pl.* Lamellæ), ସରୁ ପଟା ବା ଖାତ ।

Lamellar, *a.* ସରୁ ପଟା ବା ଖାତଯୁକ୍ତ ।

Lamellated, *a.* 1. ସରୁ ପଟା ବା ଖାତଯୁକ୍ତ ; 2. ସରୁ ପଟା ବା ଖାତରେ ଆବୃତ ।

Lamely, *ad.* 1. ଲେଙ୍ଗଡ଼ାରୂପେ ; 2. ଅସମ୍ପୂର୍ଣ୍ଣରୂପେ, ଅସନ୍ତୋଷଜନକରୂପେ, ଦୁର୍ବଳରୂପେ ।

Lameness, *n.* 1. ଲେଙ୍ଗଡ଼ାପଣ, ପଙ୍ଗୁତା, ଖଞ୍ଜତା ; 2. ଦୁର୍ବଳତା, ଅସମ୍ପୂର୍ଣ୍ଣତା ।

Lament, *v.i.* ବିଳାପ-କ, ଶୋକ-କ, ଦୁଃଖ-କ ।—*n.* 1. ବିଳାପ, ଶୋକ ; 2. ବିଳାପସୂଚକ ବାକ୍ୟ ।

Lamentable, *a.* 1. ବିଳାପଯୋଗ୍ୟ, ବିଳପନୀୟ, ଶୋକାର୍ହ, ଶୋଚନୀୟ ; 2. ବିଳାପସୂଚକ, ଶୋକପ୍ରକାଶକ, ଦୁଃଖପୂର୍ଣ୍ଣ ; 3. ଶୋକଜନକ ।

Lamentably, *ad.* ଶୋଚନୀୟରୂପେ, ଶୋକଜନକରୂପେ ।

Lamentation, *n.* ବିଳାପ, ଶୋକ, ଶୋକବାକ୍ୟ, ହାହାକାର ।

Lamina, *n.* (*pl.* Laminæ), ସରୁ ପଟା ବା ଖାତ, ଉପରର ପରତ, ପତ୍ରର ଚଉଡ଼ା ଭାଗ ।

Laminar, Laminary, Laminate, Laminated, *a.* ପରତବିଶିଷ୍ଟ ।

Lamination, *n.* ପରତବିଶିଷ୍ଟତା, ସରୁ ପଟା ବା ଖାତଯୁକ୍ତତା ।

Lammas, *n.* ଅଗଷ୍ଟ ମାସର ପ୍ରଥମ ଦିନ ।

Lamp, *n.* ଦୀପ, ପ୍ରଦୀପ ।

Lamp-black, *n.* ଦୀପକଳାରୁ ପ୍ରସ୍ତୁତ ରଙ୍ଗ ।

Lamp-chimney, Lamp-glass, *n.* ଦୀପର କାଚ ନଳ ।

Lamp-light, *n.* ଦୀପାଲୋକ ।

Lamp-lighter, *n.* ସର୍କାରୀ ଦୀପ ଜ୍ୱଳାଇବା ଲୋକ ।

Lampoon, *n.* ନିନ୍ଦାଯୁକ୍ତ ଲେଖା ଦ୍ୱାରା ଆକ୍ରମଣ ।—*v.t.* ନିନ୍ଦାଯୁକ୍ତ ଲେଖାରେ ଆକ୍ରମଣ-କ ।

Lamp-post, *n.* ସର୍କାରୀ ଦୀପଖୁଣ୍ଟ, ଦୀପସ୍ତମ୍ଭ

Lamprey, *n.* ଛୋଟ ମାଛ ବିଶେଷ ।

Lanate, *a.* ଲୋମଶ, ଲୋମମୟ ।

Lance, *n.* 1. ବର୍ଚ୍ଛା, ଶୂଳ, ବଲ୍ଲମ ; 2. ବର୍ଚ୍ଛାବତ୍ ପଦାର୍ଥ ; 3. ରକ୍ତମୋକ୍ଷଣାସ୍ତ୍ର, ନିସ୍ତର କରିବା ଅସ୍ତ୍ର ; 4. ବର୍ଚ୍ଛାର ଆଘାତ, ନସ୍ତରର କାଟ ।—*v.t.* 1. ବର୍ଚ୍ଛା ଦ୍ୱାରା ବିନ୍ଧିବା, ବଲ୍ଲମରେ ଭୁସିବା ; 2. ନସ୍ତର-କ ।

Lancer, *n.* 1. ଯେ ବର୍ଚ୍ଛାରେ ବିନ୍ଧେ, ଯେ ନସ୍ତର କରେ ; 2. ବର୍ଚ୍ଛାଧାରୀ ଅଶ୍ୱାରୋହୀ ସୈନ୍ୟ ।

Lancet, *n.* ରକ୍ତମୋକ୍ଷଣାସ୍ତ୍ର, ନସ୍ତର କରିବା ଅସ୍ତ୍ର ।

Lancet-arch, *n.* ଖିଲାଣ ବିଶେଷ ଯାହାର ମୁଣ୍ଡ ନସ୍ତର ଅସ୍ତ୍ର ପରି ଚୋଖଆ ଥାଏ ।

Lancet-window, *n.* ଉଚ୍ଚ ଓ କମଚଉଡ଼ା ଝରକା ବିଶେଷ ଯାହାର ମଥା ନସ୍ତର ଅସ୍ତ୍ର ପରି ଚୋଖଆ ଥାଏ ।

Lance-wood, *n.* ଦୃଢ଼ କାଠ ବିଶେଷ ।

Lanceform, *a.* ବର୍ଚ୍ଛାକୃତ ।

Lancinate, *v.t.* ବିଦୀର୍ଣ୍ଣ-କ, ଫାଡ଼ିବା ।

Lancinating, *a.* ବିଦୀର୍ଣ୍ଣକାରୀ ।

Lancination, *n.* ହଠାତ୍ ବିଦୀର୍ଣ୍ଣକାରୀ ବେଦନା ।

Land, *n.* 1. ଭୂମି, ସ୍ଥଳ ; 2. ଦେଶ, ପ୍ରଦେଶ ; 3. ଜମି ।—*v.t.* ଉତାରିବା ।—*v.i.* ଜାହାଜରୁ ଓହ୍ଲାଇବା, ଉତୁରିବା ।

Land-agent, Land-steward, *n.* ଜମିଦାରର ଗୁମାସ୍ତା ।

Landau, *n.* ଚାରି ଚକିଆ ଗାଡ଼ି ବିଶେଷ ଯାହାର ଛତ ଖୋଲା ବା ବନ୍ଦ ହୋଇ ପାରେ ।

Land-breeze, *n.* ଭୂବାୟୁ ।

Landed, *a.* 1. ଭୂସମ୍ପତ୍ତିଧାରୀ ; 2. ଭୂମିସମ୍ବନ୍ଧୀୟ ।

Landfall, *n.* 1. ଜଳଯାତ୍ରାରେ ପ୍ରଥମେ ଦେଖାଯିବା ଭୂମି ; 2. ପର୍ବତର ଧସଣା ; 3. ଅଧିକାରୀର ମୃତ୍ୟୁରେ ଅକସ୍ମାତ୍ ପ୍ରାପ୍ତ ଭୂସମ୍ପତ୍ତି ।

Land-force, *n.* ଭୂମି ଉପରେ ଯୁଦ୍ଧ କରିବା ସୈନ୍ୟଦଳ, ସ୍ଥଳସୈନ୍ୟ ।

Landgrave, *n.* ଜର୍ମାନ ଦେଶୀୟ ଯୁବରାଜର ପୂର୍ବକାଳୀନ ଉପାଧି ।

Land-holder, Land-owner, *n.* ଜମିଦାର, ଭୂସ୍ୱାମୀ, ଭୂମ୍ୟଧିକାରୀ ।

Landing, *n.* 1. ଅବତରଣ ; 2. ଉତ୍ତରଣ ; 3. ଓହ୍ଲାଇବା ସ୍ଥାନ, ଘାଟ ; 4. ଏକ ପାହାଚଶ୍ରେଣୀକୁ ଅନ୍ୟ ପାହାଚଶ୍ରେଣୀ ସହିତ ଯୋଗକାରୀ ମଞ୍ଚା ।

Landing-stage, *n.* ଭାସିବା କାଠଘାଟ ।

Landlady, *n.* 1. ଭୂମ୍ୟଧିକାରିଣୀ, ଭୂସ୍ୱାମିନୀ ; 2. ସରାଇକର୍ତ୍ତ୍ରୀ ; 3. ଜମିଦାରର ଭାର୍ଯ୍ୟା ।

Landless, *a.* ଭୂମିହୀନ ।

Landlocked, *a.* ଭୂବେଷ୍ଟିତ, ଭୂମି ଦ୍ୱାରା ବେଷ୍ଟିତ ।

Landloper, *n.* ବାରବୁଲା ଲୋକ ।

Landlord, *n.* 1. ଭୂସ୍ୱାମୀ, ଜମିଦାର ; 2. ଭଡ଼ାଘରର କର୍ତ୍ତା ; 3. ସରାଇକର୍ତ୍ତା ।

Land-lubber, *n.* ଅନାବିକ ଲୋକମାନଙ୍କ ନିମନ୍ତେ ନାବିକମାନଙ୍କ ମଧ୍ୟରେ ବ୍ୟବହୃତ ନିନ୍ଦାସୂଚକ ନାମ

Landmark, *n.* 1. ଭୂମିସୀମାର ଚିହ୍ନ ; 2. ଉଚ୍ଚ ସ୍ଥଳଚିହ୍ନ, ପଥପ୍ରକାଶକ ଚିହ୍ନ ; 3. ବିଖ୍ୟାତ ବିଷୟ ବା ଘଟଣାସ୍ୱରୂପ ଚିହ୍ନ ।

Land-measure, *n.* ଭୂମିମାପର ପ୍ରଣାଳୀ ।
Land-measuring, *n.* ଭୂମିମାପ ।
Landscape, *n.* 1. ଏକ ଥରେ ଦୃଷ୍ଟିଗୋଚର ଭୂମିସ୍ଥଳ, ଦୃଷ୍ଟିଗତ ପ୍ରଦେଶ ; 2. କୌଣସି ପ୍ରଦେଶର ପର୍ବତ ନଦୀ ବୃକ୍ଷାଦିଯୁକ୍ତ ଛବି, କୌଣସି ସ୍ଥଳଦୃଶ୍ୟର ଛବି ।
Land-shark, *n.* (ଜାହାଜ କଥାରେ) ଠକ, ପ୍ରବଞ୍ଚକ ।
Landslip, Landslide, *n.* 1. ପର୍ବତରୁ ଭୂମି ପତନ; 2. ପର୍ବତରୁ ଖସି ପଡ଼ିଥିବା ଭୂମି, ଅଡ଼ଡ଼ା ।
Landsman, *n.* ସ୍ଥଳମନୁଷ୍ୟ ।
Landspring, *n.* ଭୂଇଁ ବୃଷ୍ଟିରୁ ଜାତ ଝର ।
Land-surveying, *n.* ଭୂମିର ଜରିପକରଣ ।
Land-surveyor, *n.* ଜରିପର କାର୍ଯ୍ୟକାରକ ।
Land-tax, *n.* ଭୂମି ଓ ଗୃହର ଖଜଣା ।
Landward, *ad.* ଭୂମିଆଡ଼େ, ସ୍ଥଳ ଅଭିମୁଖେ ।—*a.* ଭୂମିଆଡ଼େ ସ୍ଥିତ, ସ୍ଥଳ ଅଭିମୁଖସ୍ଥ ।
Land-wind, *n.* ଭୂବାୟୁ ।
Lane, *n.* 1. ଦୁଇ ପାଖରେ ବାଡ଼ ଥିବା ସଙ୍କୀର୍ଣ୍ଣ ବାଟ, ଗୋହିରୀ; 2. ଗଳି, ଗଳିବାଟ ; 3. ଦୁଇ ଧାଡ଼ି ମନୁଷ୍ୟ ମାନଙ୍କ ମଧ୍ୟରେ ଥିବା ସଙ୍କୀର୍ଣ୍ଣ ପଥ ।
Language, *n.* 1. ଭାଷା ; 2. କଥା, ବୋଲି; 3. ବାକ୍ୟର ଧାରା, ବାଗ୍‌ଧାରା । [ଭାଷାଶିକ୍ଷିତ ।
Languaged, *a.* 1. ଭାଷାବିଶିଷ୍ଟ ; 2. ଭାଷାରେ ନିପୁଣ,
Languageless, *a.* ଭାଷାହୀନ, ମୌନ ।
Languid, *a.* 1. ଦୁର୍ବଳ, କ୍ଲାନ୍ତ, ଅବଶ, କ୍ଷୀଣ ; 2. ନିସ୍ତେଜ, ଶିଥିଳ, କ୍ଲାନ୍ତିଜନକ, କ୍ଲାନ୍ତିସୂଚକ ।
Languidly, *ad.* ଦୁର୍ବଳରୂପେ, ଶିଥିଳରୂପେ, କ୍ଲାନ୍ତିସୂଚକରୂପେ । [ଶିଥିଳତା ।
Languidness, *n.* ଦୁର୍ବଳତା, କ୍ଲାନ୍ତି, ନିସ୍ତେଜତା,
Languish, *v.i.* 1. ଦୁର୍ବଳ-ହେ, କ୍ଲାନ୍ତ-ହେ, ଅବସନ୍ନ-ହେ ; 2. ନିସ୍ତେଜ-ହେ, କ୍ଷୀଣ-ହେ, ମ୍ଳାନ-ହେ, ଶିଥିଳ-ହେ, ମନ୍ଦ-ହେ; 3. କାତରାତୁର-ହେ, ଅନୁରାଗ ପ୍ରକାଶ-କ । [କାତରାତୁର ।
Languishing, *p.a.* 1. କ୍ଲାନ୍ତିସୂଚକ, ଅବସନ୍ନ; 2.
Languishingly, *ad.* 1. କ୍ଲାନ୍ତିସୂଚକଭାବେ, ଅବସନ୍ନଭାବେ ; 2. କାତରାତୁରଭାବେ ।
Languishment, *a.* 1. କ୍ଲାନ୍ତତା, ଅବସନ୍ନତା ; 2. କାତରାତୁରତା, ଅନୁରାଗ ।
Languor, *n.* 1. କ୍ଲାନ୍ତି, ଦୁର୍ବଳତା, କ୍ଷୀଣତା ; 2. ଅଳସତା, ଅନୁଦ୍ୟମ ଅବସ୍ଥା ।
Languorous, *a.* କ୍ଲାନ୍ତିଯୁକ୍ତ, ଦୁର୍ବଳ, କ୍ଲାନ୍ତିକର ।
Laniferous, Lanigerous, *a.* ଲୋମବିଶିଷ୍ଟ, ଊର୍ଣ୍ଣାଧାରୀ, ଲୋମୋତ୍ପାଦକ ।
Lank, Lanky, *a.* ସରୁ, ପାତଳ, କ୍ଷୀଣ, କୃଶ ।
Lankly, *ad.* ସରୁରୂପେ, ପାତଳରୂପେ । [କୃଶତା ।
Lankness, Lankiness, *n.* ପାତଳତା, କ୍ଷୀଣତା,
Lanoline, *n.* ଊର୍ଣ୍ଣାରୁ ଜାତ ତେଲ ।
Lantern, *n.* 1. କାଚନିର୍ମିତ ଦୀପାଧାର, ଲଣ୍ଠନ ; 2. ବଙ୍ଗଳାର ଉପରସ୍ଥ ଚାରେ ଖୋଲା କୋଠରି ଯହିଁରେ ବତୀସବୁ ଜଳେ; 3. ଆଲୁଅ ପ୍ରବେଶାର୍ଥେ ଗମ୍ବୁଜ ବା ସ୍ତମ୍ଭ ଉପରସ୍ଥ କୋଠରି ।—Dark lantern, ଗୋଟିଏ ମୁହଁଯୁକ୍ତ ଲଣ୍ଠନ ଯାହା ବନ୍ଦ କଲେ ଆଲୁଅ ଦେଖାଯାଏ ନାହିଁ ।
Lantern-fly, *n.* ଜୁଳଜୁଳିଆ ପୋକ ବିଶେଷ ।
Lantern-jawed, *a.* ସରୁମୁହାଁ, କ୍ଷୀଣବଦନ ।
Lanthorn, *n.* an old and erroneous spelling of Lantern.
Lanuginous, Lanuginose, *a.* କୋମଳ ପକ୍ଷମୟ ।
Lap, (1) *n.* 1. କୋଳ, କ୍ରୋଡ଼ ; 2. କୋଳର ଲୁଗା, ଅଣ୍ଟି, ଅଞ୍ଚଳ ।
Lap, (2) *v.t.* 1. ଗୋଡ଼ାଇ ଘୁଞ୍ଚ-କ; 2. (ଏକ ପଦାର୍ଥକୁ) ଅଳ୍ପ ଘୁଞ୍ଚାଇ ଅନ୍ୟ ପଦାର୍ଥ ଉପରେ ବସାଇବା ; 3. ଗୁଡ଼ାଇବା ।—*v.i.* ପଦାର୍ଥ ଉପରଭାଗେ ବସିବା ।—*n.* 1. ଉପରସ୍ଥ ପଦାର୍ଥର ବାହାରିପଡ଼ିଥିବା ଭାଗ; 2. ଧାଇଁବାର ବାଟରେ ଏକ କ୍ଷେପ ଘେର ।
Lap, (3) *v.i.* 1. ଚାଟି ଖାଇ-କ, ଲେହନ-କ; 2. ଛଳଛଳ ଶବ୍ଦ-କ ।—*v.t.* ଚାଟିବା ।—*n.* 1. ଚାଟ ; 2. ଚାଟ ଶବ୍ଦ, ଛଳଛଳ ଶବ୍ଦ ।
Lap-board, *n.* ଦରଜୀମାନଙ୍କ କୋଳପଟା ।
Lapdog, *n.* ସାନ ଗେଲ୍ହା କୁକୁର, କୋଳକୁକୁର ।
Lapel, Lapelle, *n.* କୁର୍ତ୍ତିପଲାର ଦୁଇ ପ୍ରସ୍ଥ ମଡ଼ାଭାଗ ।
Lapidary, *n.* 1. ପଥୁରିଆ ; 2. ମଣିକାର, ରତ୍ନପରୀକ୍ଷକ, ମଣିହାରୀ, ଜହୁରି ; 3. ମକ୍ଷିମାଛି ବିଶେଷ ।—*a.* 1. ମଣି କାଟିବା କୌଶଳସମ୍ବନ୍ଧୀୟ ; 2. ପ୍ରସ୍ତରରେ ଖୋଦିତ ।
Lappet, *n.* ସାନ ଗୋଡ଼ାଇ ଖଣ୍ଡ ।
Lapsable, *a.* 1. ଗତଶୀଳ, ପତନଶୀଳ; 2. ହସ୍ତାନ୍ତରଯୋଗ୍ୟ, ପ୍ରମାଦଯୋଗ୍ୟ ।
Lapse, *n.* 1. କ୍ରମିକ ଗତି, ଗମନ, ପତନ; 2. ତ୍ରୁଟି, ଭ୍ରମ, ସ୍ଖଳନ ।—*v.i.* 1. କ୍ରମେ ବହିଯିବା, ଅତୀତ-ହେ, ଗତ-ହେ; 2. ତ୍ରୁଟି-କ, ସ୍ଖଳିତ-ହେ, ପତିତ-ହେ, ଭ୍ରଷ୍ଟ-ହେ ; 3. ହସ୍ତାନ୍ତର-ହେ, ପ୍ରମାଦ-ହେ ।
Lapsed, *p.a.* ପତିତ, ଧର୍ମରୁ ଭ୍ରଷ୍ଟ ।
Lapwing, *n.* ଟେଣ୍ଟେଇ ପକ୍ଷୀ, ଟିଟ୍ଟିଭ ।
Larboard, *n.* ଜାହାଜର ବାମ ପାର୍ଶ୍ୱ ।—ଜାହାଜର ବାମ ପାର୍ଶ୍ୱସମ୍ବନ୍ଧୀୟ ।
Larcener, Larcenist, *n.* ତସ୍କର, ଅପହାରକ ।
Larcenous, *a.* ଅପହରଣସମ୍ବନ୍ଧୀୟ ।
Larceny, *n.* ଜିନିଷପତ୍ରର ଚୋରି, ଛିଜଚୋରି ।
Larch, *n.* ବୃକ୍ଷ ବିଶେଷ ।
Lard, *n.* ଘୁଷୁରିର ତରଳା ଚରବି ।—*v.t.* 1. ଘୁଷୁରି ଚରବିରେ ମଖାଇବା ; 2. ପୁଷ୍ଟ-କ ; 3. ଅନ୍ୟ ପଦାର୍ଥରେ ମିଶ୍ରିତ-କ । [ମୟ ।
Lardaceous, *a.* ଘୁଷୁରିର ତରଳା ଚରବି ପରି, ଚରବି-
Larder, *n.* ରନ୍ଧା ମାଂସାଦି ରଖିବା କୋଠରି ବା ଗୋଲ ।
Lard-oil, *n.* ଘୁଷୁରି ଚରବିରୁ ପ୍ରସ୍ତୁତ ତେଲ ।
Lardy, *a.* ଘୁଷୁରି ଚରବିମୟ ।

**Large**, *a*. 1. ବଡ଼, ବୃହତ୍, ବହୁତ, ବହୁଳ, ପ୍ରଶସ୍ତ, ବିସ୍ତୀର୍ଣ୍ଣ, ଚୌଡ଼ା; 2. ମହତ୍, ଉଦାର ।—At large, 1. ସ୍ୱଚ୍ଛନ୍ଦରେ, ବିନା ବାଧାରେ; 2. ବିସ୍ତାରିତରୂପେ, ସମ୍ପୂର୍ଣ୍ଣରୂପେ ।

**Large-hearted**, *a*. ମହାମନାଃ, ମହାତ୍ମା, ମହାଶୟ, ଉଦାର, ବଦାନ୍ୟ ।

**Largely**, *ad*. ବହୁଳରୂପେ, ପ୍ରଚୁରରୂପେ, ବିସ୍ତୀର୍ଣ୍ଣରୂପେ, ଯଥେଷ୍ଟରୂପେ ।

**Largeness**, *n*. 1. ବୃହତ୍ତ୍ୱ, ବହୁତ୍ୱ, ବାହୁଲ୍ୟ, ପ୍ରଶସ୍ତତା, ବିସ୍ତାର; 2. ମହତ୍ତ୍ୱ, ଉଦାରତା ।

**Largess, Largesse**, *n*. ବଡ଼ ଦାନ, ଦାନ, ବକ୍‌ସିସ୍, ଇନାମ ।

**Lark**, (1) *n*. ଗାନକାରୀ ସାନ ପକ୍ଷୀ ବିଶେଷ, ଚଟକ ପକ୍ଷୀ, ଭରତ ପକ୍ଷୀ ।

**Lark**, (2) *n*. କୌତୁକ, ତାମାସା ।—*v.i.* କୌତୁକ-କ, କ୍ରୀଡ଼ା-କ ।

**Larum**, *n*. an old form of Alarm.

**Larva**, *n*. (*pl*. Larvæ), ଜନ୍ମଜାତ କୀଟ, ସଂକାଳୁଅ, କୀଟର ପ୍ରଥମାବସ୍ଥା ।

**Larval**, *a*. ଜନ୍ମଜାତ କୀଟସମ୍ବନ୍ଧୀୟ ।

**Larviform**, *a*. ଜନ୍ମଜାତ କୀଟବତ୍ ।

**Larviparous**, *a*. ପ୍ରଥମାବସ୍ଥାରେ କୀଟୋତ୍ପାଦକ ।

**Laryngeal, Laryngean**, *a*. ଶ୍ୱାସନଳୀର ଉପର ଭାଗ-ସମ୍ବନ୍ଧୀୟ, କଣ୍ଠନାଳୀସମ୍ବନ୍ଧୀୟ ।

**Laryngitis**, *n*. କଣ୍ଠନାଳୀର ପ୍ରଦାହ ।

**Laryngoscope**, *n*. କଣ୍ଠନାଳୀର ପରୀକ୍ଷା ନିମନ୍ତେ କୌଶଳ ବିଶେଷ ।

**Laryngoscopic**, *a*. କଣ୍ଠନାଳୀର ପରୀକ୍ଷାସମ୍ବନ୍ଧୀୟ ।

**Laryngotomy**, *n*. କଣ୍ଠନାଳୀରେ ଛିଦ୍ରକରଣ ।

**Larynx**, *n*. (*pl*. Larynxes, Larynges), ଶ୍ୱାସନଳୀର ଉପର ଭାଗ, କଣ୍ଠନାଳୀ, ସ୍ୱରୋତ୍ପାଦକ ଇନ୍ଦ୍ରିୟ, ବାଗେନ୍ଦ୍ରିୟ ।

**Lascar**, *n*. ଦେଶୀୟ ନାବିକ, ଲସ୍କର ।

**Lascivious**, *a*. 1. କାମୁକ, ଲମ୍ପଟ, ଲୋଚା; 2. କାମୋତ୍ପାଦକ ।

**Lasciviously**, *ad*. 1. କାମୁକଭାବେ, ଲମ୍ପଟଭାବେ, କାମଭାବେ; 2. କାମୋତ୍ପାଦକରୂପେ ।

**Lasciviousness**, *n*. କାମୁକତା, ଲାମ୍ପଟ୍ୟ, ଲୋଚାମୀ ।

**Lash**, *n*. 1. କୋରଡ଼ାର ଅଗ, କୋରଡ଼ା, ଚାବୁକ; 2. କୋରଡ଼ାର ଆଘାତ; 3. କଟୂକ୍ତି; 4. ଆଘାତ; 5. ଚକ୍ଷୁପତାର ବାଳ, ପକ୍ଷ ।—*v.t.* 1. କୋରଡ଼ା ମାରିବା, ଚାବୁକ ମାରିବା, କଶାଘାତ-କ; 2. ତୀବ୍ର ଅନୁଯୋଗ-କ, କଟୂକ୍ତିରେ ଭର୍ତ୍ସନା-କ; 3. ଆଘାତ-କ, ମାରିବା; 4. ଦଉଡ଼ି ଦେଇ ଦୃଢ଼ରୂପେ ବାନ୍ଧିବା ।—*v.i.* 1. କୋରଡ଼ାରେ ମାରିବା; 2. କଟୂକ୍ତି-କ ।—To lash out, ଲାତ ମାରିବା ।

**Lass**, *n*. 1. ଟୋକୀ, ଯୁବତୀ; 2. ପ୍ରିୟା; 3. ଦାସୀ ।

**Lassitude**, *n*. କ୍ଳାନ୍ତି, ଦୁର୍ବଳତା, ଅବସନ୍ନତା, ବିଷାଦ ।

**Lasso**, *n*. ବଣୁଆ ଘୋଡ଼ା ଧରିବା ନିମନ୍ତେ ଫାଶଯୁକ୍ତ ଦଉଡ଼ି ।—*v.t.* ଫାଶଯୁକ୍ତ ଦଉଡ଼ିରେ ଧରିବା ।

**Last**, (1) *a*. 1. ଶେଷ, ଅନ୍ତ; 2. ଗତ, ପୂର୍ବ; 3. ସମସ୍ତଙ୍କଠାରୁ ନୀଚ, ନୀଚତମ ।—*n*. ଶେଷ ।—At last, ଶେଷରେ, ଅବଶେଷରେ । To the last, ଶେଷପର୍ଯ୍ୟନ୍ତ ।—*ad*. 1. ଶେଷରେ; 2. ଏଥିପୂର୍ବେ ।

**Last**, (2) *v.i.* 1. ରହିବା, ଥିବା; 2. ସ୍ଥାୟୀ-ହେ; 3. ପ୍ରଚୁର-ହେ, ଅଣ୍ଟିବା ।

**Last**, (3) *n*. ଜୋତାର ଫରମା, ଜୋତାର ଛାଞ୍ଚ ।—*v.t.* ଜୋତାର ଫରମାରେ ଚଢ଼ାଇବା, ଜୋତାର ଛାଞ୍ଚ ଉପରେ ବନାଇବା ।

**Lasting**, *p.a.* ସ୍ଥାୟୀ, ଅକ୍ଷୟ ।

**Lastingly**, *ad*. ସ୍ଥାୟିରୂପେ, ଅକ୍ଷୟରୂପେ ।

**Lastly**, *ad*. ଶେଷରେ, ପରିଶେଷରେ, ଅନ୍ତେ ।

**Latch**, *n*. କବାଟ ବନ୍ଦ କରିବା କୌଶଳ ଯାହା ନିଜ ଇଚ୍ଛାରେ ବନ୍ଦ କବାଟକୁ ଧରି ରଖେ, ଡୁଡ଼ୁକା ବିଶେଷ, ଅର୍ଗଳ ବିଶେଷ, ଦ୍ୱାରବନ୍ଧନୀ ।—*v.t.* ଉପରୋକ୍ତ କୌଶଳରେ ବନ୍ଦ-କ, ଡୁଡ଼ୁକା-ଦେ ।

**Latchet**, *n*. ଜୋତାର ଫିତା, ଜୋତାର ବନ୍ଧନୀ ।

**Late**, *a*. 1. ଡେରି, ଅଶୀଘ୍ର, ବିଳମ୍ବାଗତ, ଅସମୟାଗତ, ବିଳମ୍ବିତ; 2. ଅଳ୍ପକାଳୀନ, ଅଧୁନିକ, ନୂତନ; 3. ବିଗତ, ମୃତ, ଭୂତପୂର୍ବ, ପୂର୍ବତନ ।—*ad*. 1. ବିଳମ୍ବରେ, ଡେରି କରି, ଡେରିରେ, ଅସମୟରେ; 2. ସମ୍ପ୍ରତି, ଇଦାନୀଂ, ହାଲ ।—Of late, ଅଳ୍ପ ଦିନ ହେଲା, କିଛି ସମୟ ପୂର୍ବେ, ସମ୍ପ୍ରତି ।

**Lately**, *ad*. ସମ୍ପ୍ରତି, ଇଦାନୀଂ, ଅଧୁନିକ ସମୟରେ, ଅଳ୍ପ ଦିନ ହେଲା ।

**Latency**, *n*. ଅଦେଖା ଅବସ୍ଥା, ଅପ୍ରକାଶତା, ଗୁପ୍ତତ୍ୱ ।

**Lateness**, *n*. ବିଳମ୍ବ, ଡେରି, ଅଶୀଘ୍ରତା, ଅସମୟାତିକ୍ରମ ।

**Latent**, *a*. ଅଦେଖା, ଅଦୃଶ୍ୟ, ଅପ୍ରକାଶ, ଗୁପ୍ତ, ଅବ୍ୟକ୍ତ ।—Latent heat, ବସ୍ତୁ ପଦାର୍ଥରେ ଥିବା ଗୁପ୍ତ ଉତ୍ତାପ ।

**Latently**, *ad*. ଅପ୍ରକାଶରୂପେ, ଗୁପ୍ତଭାବେ ।

**Lateral**, *a*. ପାର୍ଶ୍ୱସମ୍ବନ୍ଧୀୟ, ପାର୍ଶ୍ୱସ୍ଥ, ପାର୍ଶ୍ୱିକ ।

**Laterally**, *ad*. ପାର୍ଶ୍ୱଭାବେ, ପାର୍ଶ୍ୱ ଦେଇ, ପାର୍ଶ୍ୱରେ ।

**Lath**, *n*. କାଠର ସରୁ ବତା, ବତା ।—*v.t.* ବତା ଲଗାଇବା, ବତା ଦ୍ୱାରା ଆବୃତ-କ ।

**Lathe**, *n*. କୁନ୍ଦିବା ଯନ୍ତ୍ର, କୁନ୍ଦ, ଭ୍ରମି ।

**Lathen**, *a*. ବତାନିର୍ମିତ ।

**Lather**, *n*. 1. ସାବୁନର ଫେଣ; 2. ଘୋଡ଼ାର ଝାଳ, ଫେଣ ।—*v.t.* ସାବୁନର ଫେଣ ଲଗାଇବା ।—*v.i.* 1. ସାବୁନର ଫେଣ କାଢ଼ିବା; 2. ଫେଣଯୁକ୍ତ-ହେ, ଝାଳଯୁକ୍ତ-ହେ ।

**Lathing**, *n*. ବତାସବୁ, ବତାର ଆଚ୍ଛାଦନ ।

**Lathy**, *a*. ବତା ପରି ପତଳ, ଲମ୍ବ ଓ ସରୁ ।

**Latin**, *a*, 1. ଲାଟିନ୍ ନାମକ ଲୋକସମ୍ବନ୍ଧୀୟ, ରୋମୀୟ; 2. ଲାଟିନ୍ ଭାଷାସମ୍ବନ୍ଧୀୟ, ଲାଟିନ୍ ଭାଷାରେ ରଚିତ ।—Latin peoples, ଇଟାଲି ଫ୍ରାନ୍ସ ସ୍ପେନ୍ ପ୍ରଭୃତି ଲୋକମାନେ ଯେଉଁମାନଙ୍କର ଭାଷାର ମୂଳ ଲାଟିନ୍ ଭାଷା ଅଟେ ।—*n*. ପ୍ରାଚୀନ ରୋମୀ ଲୋକମାନଙ୍କର ଭାଷା, ଲାଟିନ୍ ଭାଷା ।

**Latinism**, *n*. ଲାଟିନ୍ ଭାଷାର ଧାରା ?

**Latinist**, *n*. ଲାଟିନ୍ ଭାଷାଜ୍ଞ, ଲାଟିନ୍ ଭାଷାରେ ପଣ୍ଡିତ ।

**Latinize**, *v.t.* 1. ଲାଟିନ୍ ଭାଷାରେ ତର୍ଜ୍ଜମା-କ; 2. ଲାଟିନ୍ ଶବ୍ଦ ବ୍ୟବହାର-କ, ଲାଟିନ୍ ଭଙ୍ଗି ଲଗାଇବା ।—*v.i.* ଲାଟିନ୍ ଭାଷାରୁ ଶବ୍ଦ ବ୍ୟବହାର-କ ।

**Latish**, *a.* ଅଳ୍ପ ଡେରି ।

**Latitude**, *n.* (ପ୍ରଶସ୍ତତା, ଓସାର, ବିସ୍ତାର); 1. ଅର୍ଥର ବିସ୍ତୃତ; 2. ନିୟମାତିକ୍ରମ, ସ୍ୱେଚ୍ଛ; 3. ବିଷୁବରେଖାରୁ ଦୂରତ୍ୱ, ଅକ୍ଷରେଖା; 4. ରାଶିଚକ୍ରର ମଧ୍ୟ ରେଖାରୁ କୌଣସି ତାରାର ଉତ୍ତର ବା ଦକ୍ଷିଣ ଦୂରତ୍ୱ ।—Parallels of latitude, ଅକ୍ଷାଂଶବୃତ୍ତ, ଅକ୍ଷବୃତ୍ତ ।

**Latitudinal**, *a.* ଅକ୍ଷରେଖାସମ୍ବନ୍ଧୀୟ, ଅନୁପ୍ରସ୍ଥ ।

**Latitudinarian**, *a.* 1. ଅନିୟମିତ, ଅବାଧିତ, ନିୟମାତିକ୍ରାମକ; 2. ଶିଥିଳ, ଢିଲା ।—*n.* 1. ଅବାଧଚିନ୍ତକ, ନିୟମାତିକ୍ରାମକ ଲୋକ; 2. ମତଶୈଥିଲ୍ୟାବଲମ୍ବୀ ।

**Latitudinarianism**, *n.* ମତଶୈଥିଲ୍ୟ, ଧର୍ମ ବିଷୟରେ ଶିଥିଳତା ବା ଢିଲାମି ।

**Latrine**, *n.* ପାଇଖାନା ।

**Latten**, *n.* ପିତ୍ତଳର ସରୁ ଚଦ୍ରା ।

**Latter**, *a.* 1. ଦୁଇର ଶେଷ, ପରର, ପଶ୍ଚାତ୍ତର; 2. ଆଧୁନିକ, ଇଦାନୀନ୍ତନ ।

**Latterly**, *ad.* 1. ସମ୍ପ୍ରତି; 2. ପଶ୍ଚାତ୍, ଶେଷକାଳେ ।

**Lattice**, *n.* ଜାଫରେଇ, ଜାଲି, ଜାଲିଖିଡ଼କ ।—*a.* ଜାଫରେଇ ଲଗା, ଜାଲି ପରି ନିର୍ମିତ ।—*v.t.* ଜାଫରେଇ ଲଗାଇବା, ଜାଫରେଇ-କ । [ଖିଡ଼କ ।

**Lattice-window**, *n.* ଜାଫରେଇ ପରି ଝରକାଯୁକ୍ତ

**Laud**, *n.* (ପ୍ରଶଂସା), ସ୍ତୁତିଗାନ ।—*v.t.* ପ୍ରଶଂସା-କ, ସ୍ତୁତିଗାନ-କ, ଗୁଣକୀର୍ତ୍ତନ-କ ।

**Laudable**, *a.* ପ୍ରଶଂସନୀୟ, ପ୍ରଶଂସ୍ୟ, ଶ୍ଳାଘ୍ୟ । [ତା ।

**Laudableness**, *n.* ପ୍ରଶଂସନୀୟତା, ପ୍ରଶଂସ୍ୟତା, ଶ୍ଳାଘ୍ୟ-

**Laudably**, *ad.* ପ୍ରଶଂସନୀୟରୂପେ, ପ୍ରଶଂସ୍ୟରୂପେ, ଶ୍ଳାଘ୍ୟଭାବେ । [ଅଫିମ ।

**Laudanum**, *n.* ଅଫିମର ଆରକ, ସୁରାସାରରେ ମିଶ୍ରିତ

**Laudation**, *n.* ପ୍ରଶଂସାକରଣ, ପ୍ରଶଂସା, ଗୁଣକୀର୍ତ୍ତନ ।

**Laudatory**, *a.* ପ୍ରଶଂସାଯୁକ୍ତ, ପ୍ରଶଂସାମୟ, ପ୍ରଶଂସକ, ସ୍ତୁତିମୟ ।—*n.* ଯାହା ପ୍ରଶଂସାପୂର୍ଣ୍ଣ ଅଟେ, ଗୁଣକୀର୍ତ୍ତକ, ସ୍ତୁତିବାଦ ।

**Laugh**, *v.i.* 1. ହସିବା, ହାସ୍ୟ-କ; 2. ପ୍ରଫୁଲ୍ଲିତ-ହେ, ଉତ୍ଫୁଲ୍ଲ-ହେ; 3. ପରିହାସ-କ, ଉପହାସ-କ, followed by *at* ।—*v.t.* 1. ହାସ୍ୟ ଦ୍ୱାରା ପ୍ରକାଶ-କ; 2. ହାସ୍ୟ ଦ୍ୱାରା ବଦଳାଇବା, ଉପହାସ ଦ୍ୱାରା ପ୍ରବର୍ତ୍ତାଇବା ।—To laugh away, ହସରେ ଉଡ଼ାଇ-ଦେ । To laugh down, 1. ହାସ୍ୟ ଦ୍ୱାରା (ବକ୍ତାକୁ) ଥମାଇବା; 2. ଉପହାସ ଦ୍ୱାରା (କୌଣସି ମନ୍ତ୍ରଣାକୁ) ଭଙ୍ଗ କରାଇବା । To laugh in one's sleeve, ଗୋପନରେ ହାସ୍ୟ-କ, ଅନ୍ତର୍ହାସ୍ୟ-କ । To laugh off, ହସରେ ଉଡ଼ାଇ-ଦେ, ଲଘୁଜ୍ଞାନ-କ, ହାଲୁକା ମଣିବା । To laugh one out of, ଉପହାସ ଦ୍ୱାରା ଛଡ଼ାଇବା । To laugh out, ଠୋଠୋ କରି ହସିବା । To laugh out of the other corner of the mouth, To laugh on the wrong side of the mouth, ଦୁଃଖିତ-ହେ, କାନ୍ଦିବା । To laugh to scorn, ପରିହାସ-କ, ହାସ୍ୟାସ୍ପଦ-କ ।—*n.* 1. ହସ, ହାସ; 2. ପରିହାସ, ଉଚ୍ଚହାସ । [ଜନକ ।

**Laughable**, *a.* ହାସ୍ୟକର, ହାସ୍ୟଜନକ, କୌତୁକ-

**Laughableness**, *n.* ହାସ୍ୟକରତା, ହାସ୍ୟଜନକତା, କୌତୁକଜନକତା ।

**Laughably**, *ad.* ହାସ୍ୟକରରୂପେ, ହାସ୍ୟଜନକରୂପେ, କୌତୁକଜନକରୂପେ ।

**Laughing-gas**, *n.* ଅଚେତନକାରୀ ଔଷଧୀୟ ବାଷ୍ପ ବିଶେଷ ଯାହା ଶୁଙ୍ଘିଲେ ହସିବା ପରି ଅବସ୍ଥା ଜନ୍ମେ ।

**Laughingly**, *ad.* ହର୍ଷରେ, ହାସ୍ୟପୂର୍ବକ ।

**Laughing-stock**, *n.* ହାସ୍ୟାସ୍ପଦ, ଉପହାସାସ୍ପଦ ଉପହାସର ବିଷୟ ।

**Laughter**, *n.* 1. ହସ, ହାସ୍ୟ; 2. ପରିହାସ ।

**Launch**, *v.t.* 1. ଫୋପାଡ଼ିବା; 2. ଭସାଇବା; 3. କାର୍ଯ୍ୟରେ ଲଗାଇବା, ଆରମ୍ଭ-କ ।—*v.i.* 1. (ନୂଆ ଜାହାଜ) ପାଣିରେ ପଡ଼ିବା, ପ୍ରଥମରେ ଭାସିବା; 2. ନୂଆ କରି ବ୍ୟବସାୟ-କ, (ନୂତନ କାର୍ଯ୍ୟରେ) ପ୍ରବେଶ-କ, ଆରମ୍ଭ-କ ।—*n.* 1. ପାତନ, ପ୍ରକ୍ଷେପଣ, ପ୍ରଚଳନ; 2. ଜଳରେ ନୂତନ ଜାହାଜର ପ୍ରଥମ ପତନ; 3. ଯୁଦ୍ଧଜାହାଜର ସବୁଠୁଁ ବଡ଼ ନୌକା; 4. ସାନ ଧୂଆଁ କଳ ଜାହାଜ ।

**Laundress**, *n.* ଧୋବଣୀ, ରଜକୀ । [ରଜକାଳୟ ।

**Laundry**, *n.* ଲୁଗା ଧୋଇ ଇସ୍ତ୍ରୀ ଆଦି କରିବା ଘର,

**Laureate**, *n.* ରାଜକବି, ରାଜକାବ୍ୟକର୍ତ୍ତା ।

**Laurel**, *n.* 1. ଅମ୍ଳାନପତ୍ରବିଶିଷ୍ଟ ବୃକ୍ଷ ବିଶେଷ; 2. *pl.* ଉକ୍ତ ପତ୍ରରେ ପ୍ରସ୍ତୁତ ମାଳା ବା ମୁକୁଟ, ଯଶ, ଗୌରବ ।

**Laurelled**, *a.* ଅମ୍ଳାନ ପତ୍ରରେ ଭୂଷିତ, ଅମ୍ଳାନ ପତ୍ରମାଳାରେ ଭୂଷିତ ।

**Lava**, *n.* ଆଗ୍ନେୟପର୍ବତରୁ ନିର୍ଗତ ତରଳ ପ୍ରସ୍ତର ।

**Lavatory**, *n.* 1. ହାତ ମୁହଁ ଧୋଇବା କୋଠରି, ପ୍ରକ୍ଷାଳନସ୍ଥାନ; 2. ଧୌତକାରୀ ଔଷଧ ବିଶେଷ ।—*a.* ଧୌତକାରୀ ।

**Lave**, *v.t.* ଧୌତ-କ, ପ୍ରକ୍ଷାଳନ-କ ।—*v.i.* 1. ଧୌତ-ହ; 2. କୌଣସି ପଦାର୍ଥ ଉପରେ ବା ତଟକୂଳରେ ଧୀରେ ବହିବା ।

**Lavender**, *n.* 1. ସୁଗନ୍ଧି ବୁଦା ବିଶେଷ; 2. ଉକ୍ତ ବୁଦାର ଫୁଲରଙ୍ଗ, ଫିକା ବାଇଗଣିଆ ରଙ୍ଗ ।

**Lavender-water**, *n.* ସୁରାସାରରେ ପ୍ରସ୍ତୁତ ଉପରୋକ୍ତ ବୁଦାର ସୁଗନ୍ଧି ରସ ।

**Laver**, *n.* ପ୍ରକ୍ଷାଳନାର୍ଥେ କୁଣ୍ଡ, ବୃହତ୍ ପ୍ରକ୍ଷାଳନପାତ୍ର ।

**Lavish**, *a.* 1. ମୁକ୍ତହସ୍ତ, ଉଡ଼ାଣିଆ, ଅପବ୍ୟୟୀ, ଅତିବ୍ୟୟୀ, ଅପରିମିତବ୍ୟୟୀ; 2. ଅପରିମିତ, ଅତିରିକ୍ତ, ଅତିବ୍ୟୟିତ ।—*v.t.* ମୁକ୍ତହସ୍ତରେ-ଦେ, ଉଡ଼ାଇ-ଦେ, ଅପବ୍ୟୟ-କ, ଅପରିମିତବ୍ୟୟ-କ ।

**Lavishly**, *ad.* ମୁକ୍ତହସ୍ତରେ, ଅପବ୍ୟୟୀରୂପେ, ଅତିବ୍ୟୟୀରୂପେ ।

**Lavishness**, *n.* ମୁକ୍ତହସ୍ତତା, ଅପବ୍ୟୟ, ଅତିବ୍ୟୟ ।

**Law**, *n.* 1. ବ୍ୟବସ୍ଥା, ଆଇନ ; 2. ଧର୍ମ, ବିଧାନ ; 3. ଆଜ୍ଞା, ଆଦେଶ ; 4. ମକଦ୍ଦମା ; 5. ସ୍ମୃତିଶାସ୍ତ୍ର, ବ୍ୟବସ୍ଥା-ପଦ୍ଧତି ; 6. ନିୟମ ।—The law, ମୋଶାଙ୍କ ବ୍ୟବସ୍ଥା, ବ୍ୟବସ୍ଥା ଗ୍ରନ୍ଥ ।

**Law-abiding**, *a.* ବ୍ୟବସ୍ଥାନୁସାରୀ, ବ୍ୟବସ୍ଥାପାଳନକାରୀ, [ଆଇନବାଧ୍ୟ ।

**Lawful**, *a.* 1. ବ୍ୟବସ୍ଥାନୁଯାୟୀ, ଆଇନସଙ୍ଗତ, ଧର୍ମମତ ; 2. ନ୍ୟାଯ୍ୟ, ଉପଯୁକ୍ତ, ଯଥାର୍ଥ, ହକ୍ ।

**Lawfully**, *ad.* ବ୍ୟବସ୍ଥାନୁସାରେ, ଆଇନମତେ, ଧର୍ମ-[ମତେ ।

**Lawfulness**, *n.* 1. ବ୍ୟବସ୍ଥାନୁସାରିତା, ଆଇନସଙ୍ଗତତା ; 2. ଉପଯୁକ୍ତତା, ଯଥାର୍ଥତା ।

**Lawgiver, Lawmaker**, *n.* ବ୍ୟବସ୍ଥାପକ, ଧର୍ମଦାତା, [ଆଇନସ୍ଥାପକ ।

**Lawgiving**, *a.* ବ୍ୟବସ୍ଥାରଚନାକାରୀ, ବ୍ୟବସ୍ଥାକାରୀ, ଆଇନସ୍ଥାପନକାରୀ ।

**Lawless**, *a.* 1. ବ୍ୟବସ୍ଥାଲଙ୍ଘୀ, ଆଇନର ଅବଶ, ଅବଶ, ଅବାଧ୍ୟ, ନିରଙ୍କୁଶ ; 2. ବ୍ୟବସ୍ଥାବିରୁଦ୍ଧ, ଧର୍ମବିରୁଦ୍ଧ, ଆଇନବିରୁଦ୍ଧ ; 3. ଅନିୟମିତ ; 4. ଅବ୍ୟବସ୍ଥ ।

**Lawlessly**, *ad.* 1. ଅବଶରୂପେ, ଅବାଧ୍ୟରୂପେ ; 2. ବ୍ୟବସ୍ଥାବିରୁଦ୍ଧରୂପେ, ଧର୍ମବିରୁଦ୍ଧରୂପେ ।

**Lawlessness**, *n.* 1. ବ୍ୟବସ୍ଥାଲଙ୍ଘନ, ଅବଶତା, ଅବାଧ୍ୟତା ; 2. ବ୍ୟବସ୍ଥାବିରୁଦ୍ଧତା, ଧର୍ମବିରୁଦ୍ଧତା ।

**Lawn**, (1) *n.* 1. ବନମଧ୍ୟସ୍ଥିତ ଅନାବୃତସ୍ଥାନ ; 2. ଘର ନିକଟରେ ପରିଷ୍କୃତ ଘାସପଡ଼ିଆ ।

**Lawn**, (2) *n.* ସୂକ୍ଷ୍ମ ମଶିଣା ଲୁଗା ।—*a.* ମଶିଣା [ଲୁଗାନିର୍ମିତ ।

**Lawn-mower**, *n.* ଘାସକଟା କଳ ।

**Lawny**, *a.* ପରିଷ୍କୃତ ଘାସପଡ଼ିଆ ପରି, ସମାନ ଓ ଘାସ-[ମୟ ।

**Lawsuit**, *n.* ମକଦ୍ଦମା, ନାଲିଶ ।

**Lawyer**, *n.* ଓକିଲ, ମୁକ୍ତିଆର, ବ୍ୟବସ୍ଥାଜ୍ଞ, ସ୍ମୃତିଶାସ୍ତ୍ର-[ବେତ୍ତା ।

**Lax**, *a.* 1. ଢିଲା, ହୁଗୁଳା ; 2. ଅନିଶ୍ଚିତ, ଅସ୍ପଷ୍ଟ ; 3. ଶିଥିଳ ; 4. ଉଦରାମୟଯୁକ୍ତ ।—*n.* ଆମାଶୟ ।

**Laxative**, *a.* ରେଚକ, ଭେଦକ ।—*n.* କୋମଳ ରେଚକ ଔଷଧ, ଜୁଲାପ୍ ।

**Laxativeness**, *n.* ରେଚକ ଗୁଣବିଶିଷ୍ଟତା ।

**Laxity, Laxness**, *n.* 1. ଢିଲାମି, ଅଶକ୍ତତା ; 2. ଅନିଶ୍ଚିତତା, ଅସ୍ପଷ୍ଟତା ; 3. ଶିଥିଳତା ।

**Laxly**, *ad.* 1. ଢିଲାରୂପେ, ହୁଗୁଳାରୂପେ ; 2. ଶିଥିଳ-[ରୂପେ ।

**Lay**, (1) *v.t.* 1. ଶୁଆଇବା ; 2. ରଖିବା, ଥୋଇବା, ପକାଇବା, ବିଛାଇବା ; 3. ବସାଇବା ; 4. ଧାର୍ଯ୍ୟ-କ, ନିର୍ଦ୍ଧାରିତ-କ, ନିରୂପିତ-କ ; 5. ଶାନ୍ତ-କ, ସୁସ୍ଥିର-କ ; 6. (ପଣ) କରିବା, ବାଜିରୂପେ ରଖିବା ; 7. କଳ୍ପନା-କ ; 8. ଉପସ୍ଥିତ-କ, ଆଣିବା, ଦରପେଶ-କ ; 9. ଆରୋପ-କ ; 10. (ମେଜ) ଲଗାଇବା, ସଜାଡ଼ିବା ; 11. ସ୍ଥାପିତ-କ, ନିବଦ୍ଧ-କ ; 12. ତଳେପକାଇବା, ଭୂମିଶାୟୀ-କ ; 13. (ଡିମ୍ବ) ଦେବା, (ଡିମ୍ବ) ପାଡ଼ିବା ।—To lay about one, ଚାରିଆଡ଼େ ମାରିବା, ବଳପୂର୍ବକ ଆଘାତ-କ । To lay aside, ଦୂରେ ରଖିବା, ଅଲଗା ରଖିବା, ବର୍ଜନ-କ, ଛାଡ଼ିବା, ତ୍ୟାଗ-କ । To lay asleep, ନିଦ୍ରିତ କରାଇବା, ଶୁଆଇବା, ଅମନୋଯୋଗୀ କରାଇବା । To lay bare, ପ୍ରକାଶ-କ, ଦେଖାଇ-ଦେ । To lay by, 1. ସଞ୍ଚୟ-କ, ସଞ୍ଚୟ କରି ରଖିବା ; 2. ଛାଡ଼ିବା । To lay claim, ଦାବି-କ । To lay down, 1. ତ୍ୟାଗ-କ ; 2. ଦୃଢ଼ରୂପେ କହିବା, ନିର୍ଦ୍ଦେଶ-କ ; 3. (ଜୀବନ) ଦେବା । To lay hold of or on, ଧରିବା । To lay in, ସଞ୍ଚୟ କରି ରଖିବା, କିଣି ରଖିବା । To lay into, ଖୁବ୍ ପିଟିବା । To lay off, 1. କାଢ଼ି ପକାଇବା ; 2. ନକ୍ସା-କ ; 3. କୌଣସି ସ୍ଥାନରୁ (ନୌକାକୁ) ଫେରାଇବା । To lay on, 1. ବଳପୂର୍ବକ ପ୍ରୟୋଗ-କ ; 2. ପ୍ରହାର-କ, ପିଟିବା ; 3. ନଳ ଦ୍ୱାରା (ପାଣି ଆଦି) ଯୋଗାଇବା ; 4. କୌଣସି ସ୍ଥାନଆଡ଼େ (ନୌକାକୁ) ଫେରାଇବା । To lay oneself open to, ଆପଣାକୁ ଦାୟୀ-କ, ଆପଣାକୁ ପ୍ରସ୍ତୁତ-କ । To lay oneself out, ପ୍ରାଣପଣ-କ, ଏକାନ୍ତ ଉଦ୍ୟମ-କ । To lay open, 1. ଅନାବୃତ-କ, ପ୍ରକାଶ-କ ; 2. ଛିଦ୍ର-କ, (ମୁଣ୍ଡ) ଫଟାଇବା । To lay out, 1. ବ୍ୟୟ-କ, ଖରଚ-କ ; 2. ଦେଖାଇବା, ପ୍ରକାଶ-କ ; 3. ନକ୍ସା ଅନୁସାରେ ପ୍ରସ୍ତୁତ-କ ; 4. କବର ନିମନ୍ତେ (ଶବକୁ) ସଜାଡ଼ି ରଖିବା । To lay siege to, 1. ଅବରୋଧ-କ, ଆକ୍ରମଣ-କ ; 2. ସର୍ବଦା ଅଳି-କ । To lay to, 1. ଜୋରରେ କାର୍ଯ୍ୟ-କ ; 2. ଆରୋପ-କ ; 3. (nautical, should be—To lie to), (ସମୁଦ୍ର ଓ ପବନର ବେଗ ହେତୁରୁ ଜାହାଜକୁ ପ୍ରାୟ ସ୍ଥଗିତ କରିବା ନିମନ୍ତେ) ପାଲ ବହୁତ କମାଇଦେବା ବା ଧୂଆଁକଳ ଜାହାଜର କଳ ଧୀରେ୨ ଚଳାଇବା । To lay to heart, ମନକୁ ନେବା, ଗମ୍ଭୀରରୂପେ ବିବେଚନା-କ । To lay under, ଅଧୀନ-କ । To lay up, 1. ସଞ୍ଚୟ କରି ରଖିବା ; 2. ଶଯ୍ୟାଗତ-କ, ଅକ୍ଷମ-କ, ପୀଡ଼ିତ-ହେ । To lay wait, ଓଗାଳି ବସିବା । To lay waste, ଉଜାଡ଼-କ ।—*v.i.* 1. ଡିମ୍ବ-ଦେ, ଡିମ୍ବ ପାଡ଼ିବା ; 2. ବାଜି ରଖିବା ।—*n.* ଥାକ, ଗଠଣ ।

**Lay**, (2) *n.* କବିତା, ବିବରଣସମ୍ବନ୍ଧୀୟ ଗୀତ ।

**Lay**, (3) *a.* 1. (ଯାଜକ ଭିନ୍ନ) ସାଧାରଣ ଲୋକସମ୍ବନ୍ଧୀୟ, ବିଷୟୀ ଲୋକସମ୍ବନ୍ଧୀୟ ; 2. ବ୍ୟବସାୟୀ ଲୋକଭିନ୍ନ ।

**Lay**, (4) *pret.* of Lie.

**Layer**, *n.* 1. ଯେ ବା ଯାହା ଶୁଆଏ ରଖେ ଥୁଏ ବସାଏ ବା ଧାର୍ଯ୍ୟ କରେ ; 2. ପରତ, ପରସ୍ତ, ସ୍ତର, ପୋଚ ; 3. ଧାଡ଼ି, ଶ୍ରେଣୀ ; 4. ନୂଆ ଗଛ କରିବା ନିମନ୍ତେ ଗଛରେ ଲାଗି ଥିବା ଓ ମାଟିରେ ଲଗେ ପୋତା ଡାଳ ।—*v.t.* ଗଛରେ ଲାଗି ଥିବା ଡାଳ ନୁଆଁଇ ଓ ଲଗେ ମାଟିରେ ପୋତି (ନୂଆ ଗଛ) କରିବା ।

**Layman**, *n.* ଯାଜକ ଭିନ୍ନ ସାଧାରଣ ଲୋକ, ଧର୍ମପଦସ୍ଥ ଭିନ୍ନ ବ୍ୟକ୍ତି, ବିଷୟୀ ଲୋକ ।

**Lazar**, *n.* କୁଷ୍ଠରୋଗୀ, ମହାବ୍ୟାଧିଗ୍ରସ୍ତ ଭିକ୍ଷୁକ ।

**Lazaretto, Lazaret, Lazar-house**, *n.* 1. ସଂକ୍ରାମକ ରୋଗଗ୍ରସ୍ତ ଲୋକମାନଙ୍କୁ ବନ୍ଦ କରି ରଖିବା ସ୍ଥାନ, ମହାମାରିଗ୍ରସ୍ତ ଲୋକମାନଙ୍କ ପାଇଁ ଘର ବା ଜାହାଜ ; 2. ମହାମାରିଗ୍ରସ୍ତ ସ୍ଥାନରୁ ଆଗତ ଲୋକମାନଙ୍କୁ କିଛି ଦିନ ବନ୍ଦ ରଖିବା ନିମନ୍ତେ ଘର ।

Lazily, *ad.* ଅଳସ୍ୟଭାବେ, ସୁସ୍ତିମରେ, ଧୀରେଧୀରେ ।
Laziness, *n.* ଅଳସପଣ, ଆଳସ୍ୟ, ଜଡ଼ତା ।
Lazy, *a.* 1. ଅଳସୁଆ, ଅଳସ, ସୁସ୍ତି, ମଠୁଆ, ଜଡ଼ ; 2. ମନ୍ଦଗାମୀ, ଧୀର ।
Lea, *n.* ଘାସପଡ଼ିଆ, ପଡ଼ିଆ ।
Lead, (1) *n.* *led*, 1. ସୀସା, ସୀସକ; 2. ସମୁଦ୍ରର ଗଭୀରତା ମାପିବା ସୀସାଖଣ୍ଡ ; 3. ଛପା ଅକ୍ଷର ପୃଥକ୍ କରିବା ପାଇଁ ସୀସାପତର ; 4. ପେନ୍ସିଲରେ ଥିବା ଧାତୁ ; 5. *pl.* ଘରର ସୀସାଛାତ ।—*a.* 1. ସୀସାନିର୍ମିତ, ସୀସାମୟ ; ସୀସା ଦ୍ୱାରା ଛାତ (ବର୍ଷମସୃଣତା) ।—*v.t.* 1. ସୀସା ଦ୍ୱାରା ଆଚ୍ଛାଦନ-କର ; 2. ସୀସା ଦ୍ୱାରା ବନ୍ଦ-କର ; 3. ସୀସାରେ ପୂର୍ଣ୍ଣ-କର; 4. (ଛପା ଅକ୍ଷର ମଧ୍ୟରେ) ସୀସାପତର ପୂରାଇବା ।
Lead, (2) *v.t.* *leed*, 1. ଚଳାଇବା ; 2. କର୍ତ୍ତୃତ୍ୱ-କର ; 3. ଆଗରେ ଯିବା, ସଙ୍ଗେ ନେଇଯିବା ; 4. ଆକର୍ଷଣ-କର, ପ୍ରରୋଚିତ-କର, ପ୍ରବର୍ତ୍ତାଇବା ; 5. କାଟିବା, ଯାପନ-କର ; 6. (ବାଟ) ଦେଖାଇବା ; 7. (ତାସଖେଳ) ଆରମ୍ଭ-କର ।—*v.i.* 1. ଅଗ୍ରଗାମୀ ହୋଇ ପଥ ଦେଖାଇବା, ପଥ-ଦର୍ଶକ-ହେ; 2. ସେନାପତି-ହେ, ସର୍ଦ୍ଦାର-ହେ; 3. ଯିବା; 4. ତାସଖେଳରେ ଆରମ୍ଭ-କର ।—To lead astray, କୁପଥଗାମୀ-କର, ଭ୍ରଷ୍ଟ-କର । To lead captive, ବନ୍ଦୀ କରି ନେଇଯିବା । To lead off or out, ଆରମ୍ଭ-କର । To lead one a dance or a fine dance, କଷ୍ଟରେ ପକାଇବା । To lead the way, ଅଗ୍ରଗାମୀ ହୋଇ ବାଟ ଦେଖାଇବା । To lead to, ଜନ୍ମାଇବା । To lead up to, କ୍ରମେ ପହଞ୍ଚାଇବା, କ୍ରମେ ଉପସ୍ଥିତ କରାଇବା ।—*n.* 1. ଅଗ୍ରଗାମିତ୍ୱ, କର୍ତ୍ତୃତ୍ୱ; 2. ପରିଚାଳକ ; 3. ତାସଖେଳରେ ଆରମ୍ଭ କରିବା ଅଧିକାର ।
Leaded, *a.* 1. ସୀସାରେ ଆଚ୍ଛାଦିତ ; 2. ସୀସାରେ ବନ୍ଧା ; 3. ସୀସାପତର ଦ୍ୱାରା ପୃଥକ୍‌କୃତ ।
Leaden, *a.* 1. ସୀସାନିର୍ମିତ ; 2. ସୀସାରଙ୍ଗର ; 3. ସୀସାପରି, ଭାରି, ସୁସ୍ତି, ଜଡ଼, ମଠୁଆ ।
Leader, *n.* 1. ପଥପ୍ରଦର୍ଶକ, ସେନାପତି, ସର୍ଦ୍ଦାର, ଅଗ୍ରଗାମୀ ନେତା ; 2. ଯାହା ଆଗେ ଯାଏ, ଯାହା ପ୍ରଧାନ ସ୍ଥାନରେ ଥାଏ, ଯଥା,—ଖବରକାଗଜରେ ମୁଖ୍ୟ ପ୍ରବନ୍ଧ, ଅଗ୍ରଗାମୀ ଘୋଡ଼ା ।
Leaderette, *n.* ଖବରକାଗଜରେ ସଂକ୍ଷିପ୍ତ ମୁଖ୍ୟ ପ୍ରବନ୍ଧ ।
Leadership, *n.* ପଥପ୍ରଦର୍ଶକର ପଦ, ନେତାର କାର୍ଯ୍ୟ, ନେତୃତ୍ୱ, ନାୟକତ୍ୱ ।
Leading, *p.a.* 1. ପ୍ରଧାନ, ମୁଖ୍ୟ; 2. ନେତାମାନଙ୍କ ଆକର୍ଷକ; 3. ଅଗ୍ରଗାମୀ ।—Leading question, ଉତ୍ତରର ସୂଚନାକାରକ ପ୍ରଶ୍ନ ।
Leading-strings, *n.* 1. ବାଳକକୁ ଚାଲି ଶିଖାଇବା ଦଉଡ଼ି ; 2. ବାଂଧାଧରା ନେତୃତ୍ୱ, ଅବାଞ୍ଛନୀୟ କର୍ତ୍ତୃତ୍ୱ ।
Lead-pencil, *n.* ସୀସାର ଲେଖନୀ, ପେନ୍ସିଲ ।
Leady, *a.* ସୀସାପରି, ଭାରି, ସୀସାରଙ୍ଗର, ସୀସାମୟ ।
Leaf, *n.* (*pl.* Leaves), 1. ପତର, ପତ୍ର, ପତ୍ରିକା ; 2. ପତରପରି ପତଳା ପଦାର୍ଥ, ଦୁଇ ପୃଷ୍ଠାଯୁକ୍ତ ପୁସ୍ତକର ପତ୍ର, ପତଳା ପାର୍ଶ୍ୱ, ସହଜେ ଭଙ୍ଗା ମେଜର ଏକ ପଟା, କବାଟର ଏକ ପଟ, ଚୁଲୁବା ଉପରେ ଥିବା ଚରବିର ପରତ ।—To turn over a new leaf, ଆଚରଣ ବଦଳାଇବା, ଆଚରଣ ସଂଶୋଧନ-କର ।—*v.i.* ପତ୍ର ବାହାର-କର, ପତ୍ରଯୁକ୍ତ-ହେ ।
Leafage, *n.* ପତ୍ରସମୂହ, ପତ୍ରର ବହୁଳତା ।
Leaf-bud, *n.* ପତ୍ରକଳି ।
Leafed, *a.* ପତ୍ରଯୁକ୍ତ ।
Leafiness, *n.* ପତ୍ରପୂର୍ଣ୍ଣତା, ପତ୍ରମୟତା ।
Leaf-insect, *n.* ପତ୍ରାକୃତ ପୋକ ।
Leafless, *a.* ପତ୍ରଶୂନ୍ୟ, ପତ୍ରହୀନ, ନିଷ୍ପତ୍ର ।
Leaflet, *n.* କ୍ଷୁଦ୍ରପତ୍ର ।
Leaf-mould, *n.* ଶୁଖିଲା ପତ୍ରର ଖତ ।
Leaf-stalk, *n.* ପତ୍ରର ବେଣ୍ଟ ।
Leafy, *a.* ପତ୍ରପୂର୍ଣ୍ଣ, ପତ୍ରମୟ । [-କର ।
League, (1) *n.* ସନ୍ଧି, ମେଳ ।—*v.i.* ସନ୍ଧି-କର, ମେଳ
League, (2) *n.* ତେର କୋଶ, ତିନି ମାଇଲ ।
Leagued, *a.* ସନ୍ଧିବଦ୍ଧ, ମିଳିତ ।
Leaguer, *n.* ସନ୍ଧିବଦ୍ଧ ଲୋକ ।
Leak, *n.* 1. ଛିଦ୍ର ବା ଫଣା ଯହିଁରୁ ପାଣି ଆଦି କ୍ଷରେ; 2. କ୍ଷରଣ ।—*v.i.* ଛିଦ୍ର ଦେଇ କ୍ଷରିବା ।—To spring a leak, ପାଣି ପଶିବା ଭଳି ଛିଦ୍ରଯୁକ୍ତ-ହେ ।
Leakage, *n.* 1. କ୍ଷରଣ ; 2. କ୍ଷରିବା ଦ୍ରବ୍ୟର ପରିମାଣ; 3. କ୍ଷରିଲା ଦ୍ରବ୍ୟର କ୍ଷତିପୂରଣ ।
Leakiness, *n.* ଛିଦ୍ରଯୁକ୍ତତା, ଛିଦ୍ରମୟତା ।
Leaky, *a.* ଛିଦ୍ରଯୁକ୍ତ, ଛିଦ୍ରମୟ ।
Leal, *a.* (poetical) ବିଶ୍ୱସ୍ତ, ସରଳ ।
Lean, *v.i.* 1. ନତ-ହେ, ଢେର୍ଚ୍ଛା-ହେ, ଢଳିବା, ଝୁଙ୍କି ପଡ଼ିବା ; 2. ଆଉଜିବା, ଅବଲମ୍ବନ-କର, ନିର୍ଭର-କର ; 3. ଇଷତ୍ ଅନୁରକ୍ତ-ହେ, ଢଳିବା ।—*v.t.* ଆଉଜାଇବା, ଅବଲମ୍ବିତ-କର ।
Lean, (2) *a.* 1. ଚରବିହୀନ ; 2. ଧଡ଼ିଆ, କୃଶ, କ୍ଷୀଣ; 3. ଅନୁର୍ବର, ନୀରସ, ଅଲ୍ପବିସ୍ତୁତ ; 4. ଦୁଃଖସୂଚକ; 5. ଅଲାଭକର ।—*n.* ମୁର୍କ୍‌ଟିଆ ମାଂସ, ଚରବିହୀନ ମାଂସ ।
Leanly, *ad.* କ୍ଷୀଣରୂପେ, ଅଲାଭଜନକରୂପେ ।
Leanness, *n.* 1. ଚରବିହୀନତା ; 2. କୃଶତା, କ୍ଷୀଣତା, ଦୁର୍ବଳତା; 3. ଅନୁର୍ବରତା, ନୀରସତା, ଅଲ୍ପବିସ୍ତୁତତା ।
Leap, *v.i.* 1. ଡେଇଁବା, କୁଦା ମାରିବା, ଝାମ୍ପ-ଦେ, ଲମ୍ଫ-ଦେ ; 2. ବେଗପୂର୍ବରେ ଚାଲିବା, (ରକ୍ତ) ଅସ୍ଥିର ହୋଇ ଚାଲିବା ।—*v.t.* 1. ଡେଇଁବା, ଉଲ୍ଲଙ୍ଘନ-କର; 2. ଡିଅାଇବା ।—*n.* 1. ଡିଅ, କୁଦା, ଝାମ୍ପ, ଲମ୍ଫ; 2. ଡିଅର ପରିମାଣ ; 3. ହଠାତ୍ ପରିବର୍ତ୍ତନ । [ଖେଳ ।
Leap-frog, *n.* ପିଲାମାନଙ୍କର ଏକାରେକ ଉପରେ କୁଦିବା
Leap-year, *n.* ପ୍ରତ୍ୟେକ ଚତୁର୍ଥ ବର୍ଷ ଯହିଁରେ ଫେବ୍ରୁଆରି ମାସ ୨୯ ଦିନ ହୁଏ ।
Learn, *v.t.* 1. ଶିଖିବା, ଶିକ୍ଷା-କର, ଅଭ୍ୟାସ-କର; 2. (in old English), ଶିଖାଇବା ।—*v.i.* 1. ଶିକ୍ଷା ପାଇବା, ଜ୍ଞାନ ଉପାର୍ଜନ-କର, ଶିଖିବା; 2. ସମ୍ବାଦ ପାଇବା ।

**Learned**, *a.* 1. ଶିକ୍ଷିତ, ବିଜ୍ଞ, ବିଦ୍ୟାବନ୍ତ, ପଣ୍ଡିତ; 2. ଜ୍ଞାନସୂଚକ, ପାଣ୍ଡିତ୍ୟସୂଚକ ।

**Learnedly**, *ad.* ଶିକ୍ଷିତଭାବେ, ବିଜ୍ଞଭାବେ, ପଣ୍ଡିତପରି, ପାଣ୍ଡିତ୍ୟସୂଚକଭାବେ ।

**Learner**, *n.* ଶିକ୍ଷାକାରୀ, ଶିଷ୍ୟ, ଛାତ୍ର ।

**Learning**, *n.* 1. ବିଦ୍ୟା, ପାଣ୍ଡିତ୍ୟ, ବ୍ୟୁତ୍ପତ୍ତି; 2. ଶିକ୍ଷାକରଣ, ଶିକ୍ଷା ।

**Lease**, *n.* 1. ଚୁକ୍ତି, ବନ୍ଦୋବସ୍ତ, ଭଡ଼ାର ନିୟମ; 2. ପଟ୍ଟା; 3. ଉକ୍ତ ଅଧିକାର, ଭୋଗିବାର ନିରୂପିତ ସମୟ ।—*v.t.* 1. ପଟ୍ଟା-ଦେ; 2. ପଟ୍ଟା-ନେ ।

**Leasehold**, *a.* ପଟ୍ଟାଦ୍ୱାରା ଧୃତ ।—*n.* ପଟ୍ଟାଦ୍ୱାରା ଧୃତ ଜମି ।

**Leaseholder**, *n.* ପଟ୍ଟାଦାର ।

**Leash**, *n.* 1. ଶିକାରରେ କୁକୁରକୁ ଧରିବା ଚମପଟି ବା ରଜ୍ଜୁ; 2. (ତାହାର କୁକୁର କୋକିଶିଆଳି ବା ଠେକୁଆ ଆଦିର) ତିନୋଟି ଜନ୍ତୁ ।—*v.t.* ଚମପଟି ବା ରଜ୍ଜୁରେ ବାନ୍ଧିବା, ବାନ୍ଧିବା ।

**Least**, *a.* ସବୁଠାରୁ ସାନ, କ୍ଷୁଦ୍ରତମ, ସବୁଠାରୁ ଅଳ୍ପ, ଅଳ୍ପତମ ।—*ad.* ସବୁଠାରୁ ଅଳ୍ପପରିମାଣରେ, ଅଳ୍ପତମ ପରିମାଣରେ ।—At least, At the least, ଯେପ୍ରକାର ହେଲେ, ଅନ୍ତତଃ ।

**Leather**, *n.* 1. ପ୍ରସ୍ତୁତ ଚର୍ମ, ଚର୍ମ, ପଶୁର ଚମଡ଼ା, ଚମଡ଼ା, ଚମ; 2. ଚମଡ଼ାରେ ନିର୍ମିତ ବସ୍ତୁ ।—*a.* ଚମଡ଼ାନିର୍ମିତ, ଚର୍ମବିଶିଷ୍ଟ ।

**Leathern**, *a.* ଚମଡ଼ାନିର୍ମିତ, ଚର୍ମବିଶିଷ୍ଟ ।

**Leathery**, *a.* ଚମଡ଼ାପରି, ଚର୍ମବତ୍, ଚେମଡ଼ା, ଟାଣ ।

**Leave**, (1) *n.* 1. ଅନୁମତି, ଅନୁଜ୍ଞା; 2. ଯିବାର ଅନୁମତି, ଅନୁପସ୍ଥିତ ହେବାର ଅନୁମତି, ଛୁଟି; 3. ବିଦାୟ, ମେଲାଣି ।

**Leave**, (2) *v.t.* 1. ରହିବାକୁ-ଦେ; 2. ଛାଡ଼ିବା; 3. ତ୍ୟାଗ-କର, ତେଜିବା; 4. ସ୍ଥିତ-ଦେ; 5. ଅର୍ପଣ-କର; 6. ରଖିବା; 7. ମରଣକାଳେ ଛାଡ଼ିଯିବା, ମରଣକାଳେ ଦାନ-କର ।—*v.i.* 1. ଚାଲିଯିବା, ପ୍ରସ୍ଥାନ-କର; 2. ନିବୃତ୍ତ-ହେ ।—To leave off, 1. ବନ୍ଦ-କର, କ୍ଷାନ୍ତ-ହେ, ନିବୃତ୍ତ-ହେ; 2. ପିନ୍ଧିବାକୁ ଛାଡ଼ିବା ।

**Leave**, (3) *v.i.* ପତ୍ରଯୁକ୍ତ-ହେ, ପତ୍ର ବାହାରିବା ।

**Leaved**, *a.* 1. ପତ୍ରଯୁକ୍ତ, ପତ୍ରବିଶିଷ୍ଟ; 2. ପଟ୍ଟରେ ଲାଗି ଥିବା ପଟାଯୁକ୍ତ, (କବାଟର) ପଟଯୁକ୍ତ ।

**Leaven**, *n.* lev-'n, 1. ଖାଆ, ଖମିର; 2. ଗୁପ୍ତଭାବେ ବ୍ୟାପକ ଓ ପରିବର୍ତ୍ତନକାରୀ ବିଷୟ ବା ପ୍ରଭାବ ।—*v.t.* 1. ଖାଆମୟ-କର, ଖାଆମିଶ୍ରିତ-କର; 2. ଲିପ୍ତ-କର, ପୁଷ୍ଟ-କର, ଦୂଷିତ-କର ।

**Leavings**, *n. pl.* 1. ଉଚ୍ଛିଷ୍ଟ, ଅଇଣ୍ଠା; 2. ଅବଶିଷ୍ଟାଂଶ ।

**Leavy**, *a.* ପତ୍ରମୟ, ପତ୍ରାବୃତ ।

**Lecher**, *n.* ଲମ୍ପଟ ।—*v.i.* ଲମ୍ପଟ-ହେ, କାମୁକ-ହେ ।

**Lecherous**, *a.* କାମୁକ, ଖେଚା, ଲମ୍ପଟ ।

**Lecherously**, *ad.* କାମୁକଭାବେ, ଖେଚାପରି, ଲମ୍ପଟଭାବେ ।

**Lechery, Lecherousness**, *n.* କାମୁକତା, ଖେଚାମି, ଲମ୍ପଟତା ।

**Lectern**, *n.* ଖ୍ରୀଷ୍ଟିୟାନ୍ ଗିର୍ଜାଘରେ ଥିବା କାଠ ବା ପିତଳର ମଞ୍ଚ ଯିହିଁରେ ଧର୍ମପୁସ୍ତକ ଥୁଆହୋଇ ପଢ଼ାଯାଏ ।

**Lection**, *n.* 1. ଖ୍ରୀଷ୍ଟୀୟ ଗିର୍ଜାଘରେ ପଢ଼ାଯିବାର ନିରୂପିତ ପାଠ; 2. ପାଠାନ୍ତର, ପାଠଭେଦ ।

**Lecture**, *n.* 1. ବକ୍ତୃତା, ପ୍ରସ୍ତାବ; 2. ଅନୁଯୋଗ, ଭର୍ତ୍ସନା; 3. ବିଶ୍ୱବିଦ୍ୟାଳୟରେ ଅଧ୍ୟାପକର ଉପଦେଶ ।—*v.i.* ବକ୍ତୃତା-କର ।—*v.t.* 1. ବକ୍ତୃତା ଦ୍ୱାରା ଶିଖାଇବା; 2. କଠୋରଭାବରେ କହିବା, ଅନୁଯୋଗ-କର ।

**Lecturer**, *n.* ବକ୍ତା, ଅଧ୍ୟାପକ ।

**Lectureship**, *n.* ଅଧ୍ୟାପକତ୍ୱ, ଅଧ୍ୟାପକର କର୍ମ ।

**Led**, *pret*, and *past p.* of Lead.

**Ledge**, *n.* 1. କାଠର ଧାର; 2. ଜଳତଳର ପଦାର୍ଥ, ହୃଦ ପରି ଶୈଳଶ୍ରେଣୀ ।

**Ledger**, *n.* ଖାତାବହି, ଖାତା ।

**Lee**, *n.* 1. ବାୟୁର ପ୍ରତିକୂଳ ଅଙ୍ଗ; 2. କୌଣସି ପଦାର୍ଥ ଦ୍ୱାରା ପବନରୁ ସୁରକ୍ଷିତ ସ୍ଥାନ, ନିର୍ବାତସ୍ଥାନ ।—*a.* ବାୟୁର ପ୍ରତିକୂଳ ଅଭିମୁଖୀୟ ।—Lee-shore, ଜାହାଜର ଯେଉଁ ପାର୍ଶ୍ୱରେ ପ୍ରତିକୂଳ ବାୟୁ ବହେ ସେହି ପାର୍ଶ୍ୱର ସମ୍ମୁଖ କୂଳ ।

**Leech**, *n.* 1. ବୈଦ୍ୟ, ଚିକିତ୍ସକ; 2. ଜୋକ, ଜଳୌକା; 3. ଅନ୍ୟର ସମ୍ପତ୍ତି ଶୋଷଣକାରୀ ଲୋକ; 4. ରକ୍ତ ମୋକ୍ଷଣକାରୀ ଯନ୍ତ୍ର ବିଶେଷ ।—*v.t.* ଜୋକ ଲଗାଇ ରକ୍ତ ବାହାର-କର ।

**Leek**, *n.* ପିଆଜଜାତୀୟ ଶାକ ।—To eat the leek, ନିଜ କଥା ଫେରାଇନେବା ।

**Leer**, *n.* ବାଙ୍କଚାହାଁଣି, କୁଦୃଷ୍ଟି, କଟାକ୍ଷ, ବିଅଣାଚାହାଁଣି ।—*v.i.* ବାଙ୍କଚାହାଁଣୀରେ ଚାହିଁବା, କୁଦୃଷ୍ଟି-କର, ବିଅଣାଚାହାଁଣୀରେ ଦେଖିବା ।—*v.t.* 1. ବାଙ୍କଚାହାଁଣି-କର, ଅଭିପ୍ରାୟ-କର; 2. ବାଙ୍କଚାହାଁଣୀରେ ପ୍ରଦର୍ଶନ-କର ।

**Lees**, *n. pl.* ଶିଠା, ଗାଦ, ତଳତଳିଆ ଭାଗ ।

**Leeward**, *a.* ବାୟୁର ପ୍ରତିକୂଳ ଅଭିମୁଖୀୟ ।—*ad.* ବାୟୁର ପ୍ରତିକୂଳ ଦିଗେ ।

**Leeway**, *n.* 1. ପ୍ରତିକୂଳ ବାୟୁର ମୁଖଆଡ଼େ ଜାହାଜର ଅପଗତି; 2. ନିରୂପିତ ସମୟରୁ ପଶ୍ଚାତ୍ପଦ ପତନ ।—To make up leeway, ସମୟ ବାକି ପୂରଣ-କର ।

**Left**, (1) *pret.* and *past p.* of Leave.

**Left**, (2) *a.* 1. ବାଁ, ବାମ, ବାମଦିଗର; 2. ବାମପାର୍ଶ୍ୱସ୍ଥ ।—*n.* 1. ବାଁ ପାଖ, ବାମ ଦିଗ; 2. ପାର୍ଲିମେଣ୍ଟ ମହାସଭାରେ ସଭାପତିର ବାମ ଦିଗରେ ବସିବା ସଭ୍ୟମାନେ, ବିପକ୍ଷ ଦଳ ।

**Left-hand**, *a.* ବାଁହାତ ପାଖର, ବାମହସ୍ତ ସମ୍ବନ୍ଧୀୟ, ବାମପାର୍ଶ୍ୱସ୍ଥ ।

**Left-handed**, *a.* 1. ବାଁହାତିଆ; 2. ଅନାଡ଼ି, ଅଦକ୍ଷ; 3. କପଟ, ଅସରଳ; 4. ଡାହାଣରୁ ବାମଆଡ଼କୁ ଘୂର୍ଣ୍ଣିତ ।

**Left-handedness**, *n.* 1. ବାଁହାତର ବ୍ୟବହାର; 2. ଅନାଡ଼ିପଣ, କପଟତା; 3. ଅସରଳତା ।

**Left-off**, *a.* ତ୍ୟକ୍ତ, ପରିତ୍ୟକ୍ତ, ଅବ୍ୟବହୃତ ।

**Leg**, *n*. 1. ଗୋଡ଼, ପାଦ, ଚରଣ ; 2. ଯାହା ଗୋଡ଼ପରି ଥାଏ, ଯଥା,—ମେଜର ଗୋଡ଼ ; 3. ଯାହା ଗୋଡ଼କୁ ଆବରଣ କରେ, ଯଥା,—ପାଇଜାମାର ଗୋଡ଼ ; 4. ଅବଲମ୍ବନ, ଅଣ୍ଟ ; 5. କ୍ରିକେଟ ଖେଳରେ ଦାଣ୍ଡ ଧରିବା ଲୋକଙ୍କ ବାଁ ବା ତାଙ୍କର ପଛଆଡ଼େ ଥିବା ଭୂମି, ଉକ୍ତ ଭୂମିରେ ଥିବା ପେଣ୍ଡୁ ଉଗୁଅଳି ।

**Legacy**, *n*. ଦାନପତ୍ରକ୍ରମେ ଦତ୍ତ ସମ୍ପତ୍ତି, ମୃତ୍ୟୁକାଳେ ଦତ୍ତ ସମ୍ପତ୍ତି, ମୁମୂର୍ଷୁ ଦାନ ।

**Legal**, *a*. 1. ବ୍ୟବସ୍ଥା ସମ୍ବନ୍ଧୀୟ, ବିଧିମତ, ଆଇନାନୁଯାୟୀ, ଆଇନସିଦ୍ଧ; 2. କ୍ରିୟାଦ୍ୱାରା ପରିତ୍ରାଣ ପାଇବା ମତସମ୍ବନ୍ଧୀୟ ।

**Legalism**, *n*. 1. ଠିକ୍ ବ୍ୟବସ୍ଥାନୁଯାୟିତା ; 2. କ୍ରିୟାଦ୍ୱାରା ପରିତ୍ରାଣ ପାଇବା ବିଷୟକ ମତ ; 3. ବ୍ୟବସ୍ଥାର ଭାବ ଅପେକ୍ଷା ଅକ୍ଷରକୁ ସାର ବୋଲି ମଣିବା ସ୍ୱଭାବ ।

**Legality**, *n*. 1. ବ୍ୟବସ୍ଥାନୁଯାୟିତା, ଧର୍ମାନୁରୂପତା ; 2. ପରିତ୍ରାଣ ନିମନ୍ତେ ଅନ୍ତଃଶ୍ରଦ୍ଧା ଅପେକ୍ଷା କ୍ରିୟା ଉପରେ ନିର୍ଭରତା ; 3. ବ୍ୟବସ୍ଥାର ଭାବ ଅପେକ୍ଷା ଅକ୍ଷରକୁ ସାର ବୋଲି ଗ୍ରହଣ ।

**Legalization**, *n*. ବିଧିମତକରଣ, ଆଇନସିଦ୍ଧକରଣ, ମଞ୍ଜୁରକରଣ ।

**Legalize**, *v.t.* 1. ବିଧିମତ-କର, ଆଇନାନୁଯାୟୀ-କର, ଆଇନମତେ ସିଦ୍ଧ-କର, ମଞ୍ଜୁର-କର ; 2. ଅନ୍ତରର ଭାବ ଅପେକ୍ଷା ଅକ୍ଷରାନୁସାରେ (ଧର୍ମଗ୍ରନ୍ଥକୁ) ବ୍ୟାଖ୍ୟା-କର ।

**Legally**, *ad*. ବିଧିମତେ, ବ୍ୟବସ୍ଥାନୁସାରେ, ଆଇନମତେ ।

**Legate**, *n*. ରାଜ୍ୟର ପ୍ରତିନିଧି, ଦୂତ, ବିଶେଷରେ ପୋପଙ୍କ ପ୍ରତିନିଧି ।

**Legatee**, *n*. ଦାନପତ୍ରକ୍ରମେ ସମ୍ପତ୍ତି ପାଇବା ଲୋକ, ମୁମୂର୍ଷୁର ଦାନର ପାତ୍ର ।

**Legateship**, *n*. ପ୍ରତିନିଧିର ପଦ, ପୋପଙ୍କ ପ୍ରତିନିଧିର ପଦ ।

**Legation**, *n*. 1. ରାଜ୍ୟର ପ୍ରତିନିଧି, ପ୍ରତିନିଧିବର୍ଗ, ଦୂତ, ଦୂତମାନେ, ଅନ୍ୟ ରାଜ୍ୟରେ ଥିବା କୌଣସି ରାଜ୍ୟର ପ୍ରତିନିଧି ଓ ତାଙ୍କର ଅନୁଚରମାନେ; 2. ଉକ୍ତ ପ୍ରତିନିଧିର ବାସସ୍ଥାନ ।

**Legend**, *n*. 1. ପୌରାଣିକ କଥା, ଜନଶ୍ରୁତି, କିଂବଦନ୍ତୀ ; 2. କାହାଣୀ, ଅମୂଳକ ବୃତ୍ତାନ୍ତ ; 3. ମୁଦ୍ରା ଉପରେ ମୁଦ୍ରିତ ଲେଖା, ବାଜା ଉପରେ ଅଙ୍କିତ ଲେଖା ।

**Legendary**, *a*. ପୌରାଣିକ କଥାସମ୍ବନ୍ଧୀୟ, ଜନଶ୍ରୁତିସମ୍ବନ୍ଧୀୟ, ପୌରାଣିକ, କଳ୍ପିତ ।

**Legerdemain**, *n*. ହସ୍ତଲାଘବ, ଭେଲ୍କି, ଇନ୍ଦ୍ରଜାଲ, କୁହୁକ ।

**Legged**, *a*. ପାଦବିଶିଷ୍ଟ ।

**Legging**, *n*. ପାଦାବରଣ ବିଶେଷ । [ତା ।

**Legibility, Legibleness**, *n*. ପଠନୀୟତା, ସୁପାଠ୍ୟ-

**Legible**, *a*. 1. ପଠନୀୟ, ସୁପାଠ୍ୟ, ସହଜପଠ୍ୟ ; 2. ସ୍ପଷ୍ଟ, ସୁବ୍ୟକ୍ତ । [ରୂପେ ।

**Legibly**, *ad*. ପଠନୀୟରୂପେ, ସୁପାଠ୍ୟରୂପେ, ସ୍ପଷ୍ଟ-

**Legion**, *n*. 1. ପ୍ରାଚୀନ ରୋମର ପଦାତିକ ସୈନ୍ୟଦଳ, ୩୦୦୦ ଠାରୁ ୬୦୦୦ ପର୍ଯ୍ୟନ୍ତ ସୈନ୍ୟଦଳ ; 2. ସୈନ୍ୟସମୁଦାୟ, ବ୍ୟୂହସମୂହ ; 3. ବହୁ ସଂଖ୍ୟା, ବାହିନୀ, ଅନେକ ।

**Legionary**, *a*. 1. ସୈନ୍ୟଦଳସମ୍ବନ୍ଧୀୟ ; 2. ବହୁସଂଖ୍ୟକ ।—*n*. ପ୍ରାଚୀନ ରୋମର ପଦାତିକ ସୈନ୍ୟଦଳର ଜଣେ ସେନା ।

**Legislate**, *v.i.* ବ୍ୟବସ୍ଥା-କର, ଆଇନ୍-କର, ବିଧି ରଚନା-କର ।

**Legislation**, *n*. ବ୍ୟବସ୍ଥାକରଣ, ବ୍ୟବସ୍ଥାପନ, ଆଇନ୍‌କରଣ, ବିଧିସ୍ଥାପନ, ସ୍ଥାପିତ ବ୍ୟବସ୍ଥା, ଆଇନ ।

**Legislative**, *a*. 1. ବ୍ୟବସ୍ଥାଦାୟୀ, ବ୍ୟବସ୍ଥାପକ ; 2. ବ୍ୟବସ୍ଥାସମ୍ବନ୍ଧୀୟ, ବ୍ୟବସ୍ଥାର ଉପଯୋଗୀ, ବ୍ୟବସ୍ଥା ଦ୍ୱାରା କୃତ ; 3. ବ୍ୟବସ୍ଥାପକ ସଭାସମ୍ବନ୍ଧୀୟ ।

**Legislator**, *n*. ବ୍ୟବସ୍ଥାକର୍ତ୍ତା, ଆଇନପ୍ରଣେତା, ବିଧିଦାତା, ବ୍ୟବସ୍ଥାପକ ସଭାର ସଭ୍ୟ ।

**Legislature**, *n*. ଆଇନ ନିର୍ମିତାର ଦଳ, ବ୍ୟବସ୍ଥାପକ ସଭା, ବିଧିଦାୟୀ ସମାଜ ।

**Legist**, *n*. ଆଇନଜ୍ଞ ଲୋକ ।

**Legitimacy**, *n*. 1. ବ୍ୟବସ୍ଥାନୁଯାୟିତ୍ୱ ; 2. ଔରସଜତ୍ୱ, ବୈଧଜତ୍ୱ ; 3. ଯଥାର୍ଥତା, ପ୍ରକୃତତା ।

**Legitimate**, *a*. 1. ବ୍ୟବସ୍ଥାନୁଯାୟୀ, ଆଇନସିଦ୍ଧ, ବିଧିମତ, ବୈଧ ; 2. ଔରସଜାତ, ବୈଧଜାତ ; 3. ପ୍ରକୃତ, ଯଥାର୍ଥ, ଉଚିତ, ବିହିତ, ନ୍ୟାଯ୍ୟ ।—*v.t.* also **Legitimize**, 1. ଆଇନସିଦ୍ଧ-କର, ବୈଧ-କର ; 2. ଔରସାଧିକାରୀ-କର ।

**Legitimately**, *ad*. 1. ବିଧିମତେ, ବ୍ୟବସ୍ଥାନୁସାରେ, ଆଇନମତେ ; 2. ପ୍ରକୃତରୂପେ, ଉଚିତରୂପେ, ଯଥାର୍ଥରୂପେ ।

**Legitimation**, *n*. ଔରସାଧିକାର ଦାନ ।

**Legitimist**, *n*. ବ୍ୟବସ୍ଥାନୁଯାୟିତ୍ୱର ପକ୍ଷପାତୀ, ବୈଧକ୍ଷମତା ସମର୍ଥକ, ପୈତୃକ ରାଜଶାସନପ୍ରଣାଳୀର ଅଲଙ୍ଘ୍ୟତା ଯେ ସମର୍ଥନ କରେ ।

**Legless**, *a*. ପାଦହୀନ ।

**Legume**, *n*. 1. ମଟର ବୀଜକୋଷ ପରି ଦୁଇ ଭାଗରେ ବିଭକ୍ତ ବୀଜକୋଷ ; 2. *pl*. ମଟର ଶିମ ପ୍ରଭୃତି, ରବି ।

**Leguminous**, *a*. 1. ମଟରାଦି ପରି ବୀଜକୋଷଯୁକ୍ତ ; 2. ରବିସମ୍ବନ୍ଧୀୟ, ରବି ଉତ୍ପାଦକ ।

**Leisure**, *n*. କାର୍ଯ୍ୟରୁ ନିବୃତ୍ତି, ଅବକାଶ, ଅବସର, ସମୟ, ବିଶ୍ରାମ, ଫୁରୁସତ୍ ।—*a*. କର୍ମରହିତ, ଖାଲି ।

**Leisured**, *a*. ଅଧିକ ଅବସରପ୍ରାପ୍ତ, ନିଷ୍କର୍ମା ।

**Leisurely**, *a*. ଧୀର, ଅଚଞ୍ଚଳ ।—*ad*. ଅବକାଶରେ, ଅବକାଶକ୍ରମେ, ଅବସରରେ, ଧୀରେ, ଅଚଞ୍ଚଳଭାବେ ।

**Lemon**, *n*. ଲେମ୍ବୁ, ନେମ୍ବୁ, ଜମ୍ବୀର, ଲେମ୍ବୁ ଗଛ ।

**Lemonade**, *n*. ଲେମ୍ବୁରସ ମିଶ୍ରିତ ପଣା ।

**Lemongrass**, *n*. ଧନିଶିଗଛ ।

**Lemur**, *n*. ରାତ୍ରିଚର ବାନ ପଶୁ ବିଶେଷ ।

**Lend**, *v.t.* 1. ଧାର-ଦେ, ଉଧାର-ଦେ ; 2. ଋଣ-ଦେ, କର୍ଜ-ଦେ; 3. ଦେବା, (sometimes reflex.) —To lend a hand, ଉପକାର-କର ।

**Lender**, *n*. କର୍ଜଦାତା, ମହାଜନ, ଋଣଦାତା ।

Length, *n.* 1. ଦୀର୍ଘତା, ଦୈର୍ଘ୍ୟ, ଲମ୍ବାଇ ; 2. କାଳର ପରିମାଣ, ସ୍ଥିତି ; 3. ଦୀର୍ଘକାଳ ; 4. ଦୂରତ୍ୱ ; 5. ବିସ୍ତାର ; 6. ପରିମାଣ ।—At length, 1. ପୂର୍ଣ୍ଣରୂପେ ; 2. ଅବଶେଷରେ । Length of days, ଦୀର୍ଘାୟୁ । To go all lengths, ପରିମିତ ଚେଷ୍ଟା-କ ।

Lengthen, *v.t.* ଲମ୍ବାଇବା, ଲମ୍ବା-କ, ଦୀର୍ଘ-କ ।—*v.i.* ଦୀର୍ଘ-ହେ, ଲମ୍ବରେ ବଢ଼ିବା ।

Lengthily, *ad.* ବିସ୍ତାରିତରୂପେ ।

Lengthiness, *n.* ଦୀର୍ଘତା ।

Lengthways, Lengthwise, *ad.* ଲମ୍ବେଲମ୍ବେ, ଲମ୍ବରେ, ଲମ୍ବାରେ, ଦୀର୍ଘରେ, ଲମ୍ବାଲମ୍ବି ।

Lengthy, *a.* ଲମ୍ବା, ଦୀର୍ଘ, ସୁବିସ୍ତାର ।

Lenience, Leniency, *n* କୋମଳତା, କ୍ଷମାଶୀଳତା, ଦୟାଳୁତା ।

Lenient, *a.* 1. ସ୍ନିଗ୍ଧକାରୀ ; 2. କୋମଳ, ଶାନ୍ତ, ସହିଷ୍ଣୁ, ଦୟାଳୁ ।—*n.* ସ୍ନିଗ୍ଧକାରୀ ଔଷଧ । [ପୂର୍ବବ ।

Leniently, *ad.* କୋମଳଭାବେ, ସଦୟରୂପେ, କ୍ଷମା-

Lenitive, *a.* ସ୍ନିଗ୍ଧକାରୀ, ଉପଶାମକ, ନରମକାରୀ ।—*n.* ଉପଶାମକ ଔଷଧ, କୋମଳ ରେଚକ ଔଷଧ ।

Lenity, *n.* କୋମଳତା, ଦୟା, ସହିଷ୍ଣୁତା ।

Lens, *n.* 1. ନିର୍ମଳ କାଚ ବିଶେଷ ଯହିଁରେ ସୂର୍ଯ୍ୟ-କିରଣର ସ୍ୱାଭାବିକ ଗତି ବକ୍ର ହୋଇଯାଏ, ଚକ୍‌କାଚ ; 2. ଚକ୍ଷୁର ସ୍ୱଚ୍ଛାଂଶ ।—A convex lens, ମଧ୍ୟୋଚ୍ଚ କାଚ । A concave lens, ମଧ୍ୟନିମ୍ନ କାଚ ।

Lent, *n.* ଖ୍ରୀଷ୍ଟଙ୍କ ଉପବାସ ସ୍ମରଣାର୍ଥେ ନାନା ମଣ୍ଡଳୀରେ ପ୍ରଚଳିତ ପର୍ବ ବିଶେଷ ।

Lenten, *a.* 1. ଖ୍ରୀଷ୍ଟଙ୍କ ଉପବାସ ସ୍ମରଣାର୍ଥକ ପର୍ବ ସମ୍ବନ୍ଧୀୟ ; 2. ପରିମିତ ।

Lentil, *n.* ମସୁର ।

Lentor, *n.* 1. ଚଟଚଟିଆଗୁଣ ; 2. ମାନ୍ଦା, ମନ୍ଥରପଣ ।

Lentous, *a.* ଚଟଚଟିଆ, ଅଠାଳିଆ ।

Leo, *n.* ସିଂହରାଶି, ରାଶିଚକ୍ରର ପଞ୍ଚମ ଚିହ୍ନ ।

Leonine, *a.* ସିଂହ ସମ୍ବନ୍ଧୀୟ, ସିଂହ ପରି ।

Leopard, *n. lep'-ärd*, ଚିତାବାଘ ।

Leper, *n.* କୁଷ୍ଠ ରୋଗଗ୍ରସ୍ତ ଲୋକ, କୋଢ଼ୀ, କୁଷ୍ଠୀ ।

Leprosy, *n.* କୁଷ୍ଠ ରୋଗ, ବଡ଼ ରୋଗ ।

Leprous, Leperous, *a.* କୁଷ୍ଠରୋଗଗ୍ରସ୍ତ, କୋଢ଼ିଆ ।

Leprously, *ad.* କୁଷ୍ଠ ରୋଗାକ୍ରାନ୍ତରୂପେ ।

Leprousness, *n.* କୁଷ୍ଠ ରୋଗଗ୍ରସ୍ତ ଅବସ୍ଥା ।

Lesion, *n. lē'zhon*, 1. କ୍ଷତ ; 2. ଆଘାତ, ଘା ।

Less, *a* କ୍ଷୁଦ୍ରତର, ଊଣା ।—*ad.* ଅଳ୍ପ ପରିମାଣରେ, ଅଲ୍ପତରରୂପେ ।—*n.* 1. ଊଣାଭାଗ, ନ୍ୟୂନାଂଶ ; 2. କନିଷ୍ଠ ।

Lessee, *n.* ପଟ୍ଟାଦାର, ଇଜାରଦାର ।

Lessen, *v.t.* 1. ଊଣା-କ, ନ୍ୟୂନ-କ, କମ୍-କ ; 2. ଅବନତ-କ ।—*v.i.* 1. ଊଣା-ହେ, କମ୍-ହେ, ହ୍ରାସ-ହେ ; 2. ହ୍ରାସ-ହେ ।

Lesser, *a.* କ୍ଷୁଦ୍ରତର, ଛୋଟତର ।

Lesson, *n.* 1. ପାଠ, ପଢ଼ା ; 2. ଶିକ୍ଷା, ଉପଦେଶ ; 3. ଭର୍ତ୍ସନା, ତିରସ୍କାର, ଅନୁଯୋଗ ; 4. ଧର୍ମପୁସ୍ତକର ନିର୍ଦ୍ଦିଷ୍ଟ ପାଠ୍ୟ ଅଂଶ ।—*v.t.* ପଢ଼ାଇବା, ଶିକ୍ଷା-ଦେ, ଅଧ୍ୟୟନ କରାଇବା ।

Lessor, *n.* ପଟ୍ଟାଦାତା ।

Lest, *conj.* ନୋହିଲେ, କେଜାଣି, ପଛେ ।

Let, *v.t.* 1. ଛାଡ଼-ଦେ, ଅନୁମତି-ଦେ ; 2. ଭଡ଼ାରେ-ଦେ, (generally with "out") ; 3. ପଟ୍ଟା-ଦେ ।—To let alone, ଛାଡ଼-ଦେ । To let blood, ରକ୍ତ କାଢ଼ିବା । To let down, 1. ଓହ୍ଲାଇ-ଦେ ; 2. ଲମ୍ବାଇବା ; 3. (ଧାତୁକୁ) ନରମ-କ । To let in, 1. ଭିତରକୁ ଆସିବାକୁ-ଦେ ; 2. (କାଠର କାମରେ) ଖିଲ ପୁରାଇବା ; 3. ଠକାଇବା । To let on, ଗପ କହିବା, ଜଣାଇବା । To let well alone, ଉତ୍ତମ ବିଷୟ ଖରାପ ହୋଇ ପାରେ ଏହି ଭୟରେ ତାହା ଛାଡ଼-ଦେ ।

Let, *v.t.* (English Bible) ବାଧା-ଦେ, ଅଟକାଇବା ।—*n.* (Law), 1. ବାଧା, ଅଟକ ; 2. ବିଳମ୍ବ ।

Lethal, *a.* ପ୍ରାଣନାଶକ, ସାଂଘାତିକ, ମୃତ୍ୟୁଜନକ ।

Lethargic, Lethargical, *a.* 1. ଅସ୍ୱାଭାବିକରୂପେ ନିଦ୍ରାଳୁ, ନିଦ୍ରାଶୀଳ, ଅଳସୁଆଶୀଳ, ଚୋଳିଆ ; 2. ନିଦ୍ରା-ଜନକ ।

Lethargically, *ad.* ନିଦ୍ରାଶୀଳରୂପେ, ନିଦ୍ରାଳୁଭାବେ ।

Lethargicalness, Lethargicness, *n.* ରୋଗ ହେତୁ ନିଦ୍ରାଶୀଳତା, ଅଳସୁଆଶୀଳତା ।

Lethargise, Lethargize, *v.t.* ନିଦ୍ରାଶୀଳ କରାଇବା ।

Lethargy, *n.* 1. ଘୋର ନିଦ୍ରା ; 2. ଜଡ଼ତା, ଅଚୈତନ୍ୟ ।

Lethe, *n.* (Greek Mythology), 1. ବିସ୍ମରଣ-ଜନକ ନଦୀ ; 2. ବିସ୍ମୃତି । [ବିସ୍ମୃତିକର ।

Lethean, *a.* 1. ବିସ୍ମରଣଜନକ ନଦୀ ସମ୍ବନ୍ଧୀ ; 2.

Letter, *n.* 1. ଅକ୍ଷର, ବର୍ଣ୍ଣ ; 2. ପତ୍ର, ଚିଠି, ଚିଠାଉ, ଲିପି ; 3. ଅକ୍ଷରିକ ଅର୍ଥ ; 4. ଛାପାର ଅକ୍ଷର ; 5. *pl.* ସାହିତ୍ୟ, ସାହିତ୍ୟାନୁଶୀଳନ ।—*v.t.* ଅକ୍ଷର ଦ୍ୱାରା ଛାପା-କ, ଶିରୋନାମା ଅଙ୍କିତ-କ ।—Letter-book, ଚିଠିର ନକଲ ରଖିବା ବହି । Letter-carrier, ଡାକବାଲା ; Letter-case, ଚିଠି ଥଳି । Letters patent, ସରକାରଙ୍କ ଦତ୍ତ ଅଧିକାର ପତ୍ର । Letters of administration, ନିୟମପତ୍ର ରହିତ ସମ୍ପତ୍ତିର ଅଧ୍ୟକ୍ଷତା କରିବାର କ୍ଷମତାପତ୍ର । Letters of marque, କ୍ଷତିପୂରଣାର୍ଥେ ଶତ୍ରୁର ସମ୍ପତ୍ତି ଅଧିକାର କରିବା ପାଇଁ ପ୍ରଦତ୍ତ ସରକାରୀ ଅନୁମତି ପତ୍ର ।

Lettered, *a.* 1. ଶିକ୍ଷିତ, ବିଦ୍ୱାନ୍, ସାହିତ୍ୟଜ୍ଞ ; 2. ସାହିତ୍ୟ ସମ୍ବନ୍ଧୀୟ ; 3. ଅକ୍ଷରରେ ଅଙ୍କିତ ।

Letter-founder, *n.* ଛାପା ଅକ୍ଷର ଢାଳୁଥିବା ଲୋକ ।

Lettering, *n.* 1. ଛାପା ଅକ୍ଷର ବସାଇବା କର୍ମ ; 2. ମୁଦ୍ରିତ ଅକ୍ଷର ।

Letter-press, *n.* ଛାପା, ଅକ୍ଷରର ଛାପା ।

Letter-stamp, *n.* ଟିକଟ ଉପରେ ଦିଆଯିବା ଡାକ-ଘରର ମୋହର, ଡାକଘର ଚିଠି ଦେବାର ମୋହର

Letter-writer, *n.* 1. (ବେତନଭୋଗୀ) ପତ୍ରଲେଖକ ; 2. ଚିଠି ଲେଖା ଶିଖାଇବା ପୁସ୍ତକ ।

Letting, *n.* ପଟ୍ଟା ଦେବା କର୍ମ, ଠିକା ଦେବା କର୍ମ ।

Lettuce, *n.* *let'-is* ଶାକ ବିଶେଷ ଯାହା ଅସିଦ୍ଧ ସିଝା ଖାଏ, ସଲେଟ୍ ।

Leucorrhœa, *n.* ଶ୍ୱେତ ପ୍ରଦର, ଧାତୁକ୍ଷୟ ।

Levant, *n.* ଭୂମଧ୍ୟ ସାଗରର ପୂର୍ବ ଉପକୂଳ ।—*a.* ପୂର୍ବୀୟ ।—*v.t.* ପଳାଇବା ।

Levanter, *n.* 1. ଭୂମଧ୍ୟସାଗରରେ ପ୍ରବଳ ପୂର୍ବୀୟ ବାୟୁ ; 2. ବାଜି ନ ଦେଇ ଯେ ପଳାଏ ।

Levee, *n.* *lev'-e*, 1. ଦରବାର, ପୂର୍ବାହ୍ନରେ ଅଭ୍ୟାଗତମାନଙ୍କ ମିଳନ; 2. ରାଜା ଅବା ପ୍ରଧାନ ଲୋକଙ୍କ ଦରବାର ; 3. ମଜଲିସ ।—*v.t.* ଦରବାରରେ ଉପସ୍ଥିତ ହେବା ।

Level, *n.* 1. ସମଭୂମି, ସମତଳ ; 2. ସମାନାବସ୍ଥା, ସମତା ; 3. ସମତଳ ଦେଖାଇବା ଯନ୍ତ୍ର ବିଶେଷ, ମଟାମ; 4. ପ୍ରଥା ; 5. ଲକ୍ଷ୍ୟ ; 6. ଖାଲର କୌଣସି ଏକ ଅଂଶ ।—*a.* 1. ସମ, ସମାନ, ଚୌରସ ; 2. ଏକ ସମାନ ।—*v.t.* 1. ସମାନ-କ, ସମଭୂମି-କ, ଚୌରସ-କ ; 2. ଲକ୍ଷ୍ୟ-କ ।—To do one's level best, ସାଧ୍ୟ ପର୍ଯ୍ୟନ୍ତ ଚେଷ୍ଟା-କ ।

Level-crossing, *n.* ଯେଉଁଠାରେ ସଡକ ସମତଳରେ ରେଲ୍ ରାସ୍ତାକୁ କାଟି କରି ଯାଏ, ସେହି ସ୍ଥାନ ।

Leveller, Leveler, *n.* 1. ସମାନକାରକ, ସମତଳକାରୀ ; 2. କ୍ରମୱେଲ୍ ନାମକ ରାଜ୍ୟରକ୍ଷକଙ୍କ ସମୟରେ ରାଜନୈତିକ ସମ୍ବନ୍ଧରେ ସାମ୍ୟବାଦୀ ଦଳର ଏକ ସଭ୍ୟ ।

Levelling, Leveling, *n.* ଚୌରସକରଣ, ସମାନକରଣ ।

Lever, *n.* *le'-ver*, ଭାର ଉତ୍ତୋଳନ କରିବା ଯନ୍ତ୍ର, ଉତ୍ତୋଳନ ଦଣ୍ଡ, ଡିଗ, ଠେକ ।  [2. ଲାଭ, ଉପକାର ।

Leverage, *n.* 1. ଡିଗ ବ୍ୟବହାର ଦ୍ୱାରା ଲାଭ ଶକ୍ତି ;

Leveret, *n.* ଠେକୁଆ ଛୁଆ, ଶଶକ ଶାବକ ।

Leviable, *a.* କର ବସାଇବା ଯୋଗ୍ୟ ।

Leviathan, *n.* 1. ବୃହତ୍ ଜଳଜନ୍ତୁ ବିଶେଷ ; 2. କୁମ୍ଭୀର ; 3. ବୃହତ୍ ସର୍ପ ; 4. ଅତିମାତ୍ର ଅଦ ।

Levigate, *v.t.* 1. ଚୂନା-କ, ସୂକ୍ଷ୍ମ ଗୁଣ୍ଡି-କ, ରଗଡିବା ; 2. ଚିକ୍କଣ-କ ।—*a.* ଚିକ୍କଣକୃତ ।

Levigable, *a.* ସୂକ୍ଷ୍ମ ଗୁଣ୍ଡାକରଣୀୟ ।

Levigation, *n.* ଚୂର୍ଣ୍ଣୀକରଣ, ସୂକ୍ଷ୍ମଗୁଣ୍ଡାକରଣ ।

Levirate, *n.* ୟିହୁଦୀ ଅବା ଲୋକଙ୍କ ମଧ୍ୟରେ ନିଃସନ୍ତାନ ବିଧବା ସଙ୍ଗେ ମୃତ ସ୍ୱାମୀର ଭାଇର ବିବାହ ହେବା ପ୍ରଥା ।

Levitate, *v.t.* ଫୁଲାଇବା, ଉଡାଇବା ।

Levitation, *n.* 1. ଲଘୁକରଣ ; 2. ଭୂତବାଦମାନଙ୍କ ବିଶ୍ୱାସାନୁଯାୟୀ ଭାରି ପଦାର୍ଥର ଉତ୍ଥାପନ ।

Levite, *n.* *le'-vit.* ଲେବୀ ବଂଶୀୟ ଲୋକ, ୟିହୁଦୀୟମାନଙ୍କ ମଧ୍ୟରେ ସାହାଯ୍ୟକାରୀ ଯାଜକ ।

Levitic, Levitical, *a.* 1. ଲେବୀ ପୁସ୍ତକ ସମ୍ବନ୍ଧୀୟ; 2. ଲେବୀ ବଂଶୀୟ, ଯାଜକୀୟ ।

Levitically, *ad.* ଲେବୀୟମାନଙ୍କର ମତାନୁସାରେ ।

Leviticus, *n.* ଧର୍ମପୁସ୍ତକର ଅବା ଭାଗର ତୃତୀୟ ପୁସ୍ତକ ଯହିଁରେ ଯାଜକ ଓ ଲେବୀୟମାନଙ୍କର ବିଧିବିଧାନ ଅଛି ।

Levity, *n.* 1. ଲଘୁତା ; 2. ଲଘୁଚିତ୍ତତା, ଗାମ୍ଭୀର୍ଯ୍ୟହୀନତା, ଚଞ୍ଚଳତା ; 3. ଗାରିମା ।

Levy, *v.t.* 1. ଅଦାୟ-କ, ଅସୁଲ-କ ; 2. ସରକାରୀ ହୁକୁମ ଅନୁସାରେ ସୈନ୍ୟ ସଂଗ୍ରହ-କ ।—*n.* 1. ହୁକୁମ ଅନୁସାରେ ଅଦାୟ ବା ସଂଗ୍ରହକରଣ ; 2. ସଂଗୃହୀତ ସୈନ୍ୟସମୂହ, ଅଦାୟ କର ।—To levy war, ଯୁଦ୍ଧ ନିମନ୍ତେ ସୁସଜ୍ଜିତ ହୋଇ ଏକତ୍ର-ହେ ।

Lewd, *a.* 1. ଲମ୍ପଟ, ଲୋଚା, କାମୁକ ; 2. ଦୁଷ୍ଟ, ଦୁଷ୍ଟ ।

Lewdly, *ad.* ଲମ୍ପଟଭାବେ ।

Lewdness, *n.* ଲମ୍ପଟତା, ଲାମ୍ପଟ୍ୟ, ଲୋଚାମୀ, କାମୁକତା ; ଦୁଷ୍ଟତା, କଳଙ୍କିତା ।

Lexical *a.* 1. ଶବ୍ଦ ବିଷୟକ ; 2. ଅଭିଧାନ ବିଷୟକ ।

Lexically, *ad.* ଅଭିଧାନ ଅନୁସାରେ ।

Lexicographer, *n.* 1. ଶବ୍ଦକୋଷ ଲେଖକ ; 2. ଅଭିଧାନବେତ୍ତା ।

Lexicographic, Lexicographical, *a.* ଶବ୍ଦକୋଷ ସଙ୍କଳନସମ୍ବନ୍ଧୀୟ, ଅଭିଧାନ ରଚନସମ୍ବନ୍ଧୀୟ ।

Lexicography, *n.* ଶବ୍ଦକୋଷ ସଙ୍କଳନ, ଅଭିଧାନସଂଗ୍ରହକରଣ ।

Lexicologist, *n.* ଶବ୍ଦତତ୍ତ୍ୱବିତ୍ ।

Lexicology, *n.* ଶବ୍ଦତତ୍ତ୍ୱ ।

Lexicon, *n.* ବିଦେଶୀୟ ଭାଷାର ଶବ୍ଦକୋଷ, ଅଭିଧାନ ।

Liability, *n.* 1. ଦାୟିତ୍ୱ ; 2. ଯୋଗ୍ୟତା, ଅଧୀନତା ।—*pl.* Liabilities ଋଣ, ଦାୟ ।

Liable, *a.* 1. ଦାୟୀ ; 2. ଯୋଗ୍ୟ ; 3. ଅଧୀନ,-ଅର୍ହୀୟ (ଯଥା : ଦଣ୍ଡାର୍ହୀୟ), -ଶୀଳ (ଯଥା : ପତନଶୀଳ) ।

Liableness, *n.* ଦାୟିତ୍ୱ ।

Liaison, *n.* *lē-ā-zong'*, 1. ଅନୁଚିତ ପ୍ରୀତି ବା ସଂସର୍ଗ, ପାପଦୋସ୍ତି ; 2. ଯୋଗ, ବିଶେଷତଃ ରନ୍ଧନ କାର୍ଯ୍ୟରେ ବ୍ୟବହୃତ ଦ୍ରବ୍ୟ ଯାହା ଦ୍ୱାରା ମିଶ୍ରିତ ହୁଏ ।

Liana, *n.* ଗ୍ରୀଷ୍ମ ଦେଶୀୟ ଲତାଶ୍ରେଣୀର ନାମ ।

Liar, *n.* ମିଛୁଆ, ମିଥ୍ୟାବାଦୀ, ଅସତ୍ୟ କହିବା ଲୋକ ।

Libation, *n.* 1. ଦେବୋଦ୍ଦେଶରେ ସୋମ ରସାଦି ପାତନ ; 2. ପାନୀୟ ନୈବେଦ୍ୟ, ଜଳାଞ୍ଜଳି, ତର୍ପଣ ।

Libatory, *a.* ପାନୀୟ ନୈବେଦ୍ୟ ସମ୍ବନ୍ଧୀୟ ।

Libel, *n.* 1. ଅପଖ୍ୟାତି, ମାନହାନି, ମିଥ୍ୟାପବାଦ ; 2. ଅପବାଦ ପତ୍ର, କୁଯଶ ରଟି ; 3. ଅଦାଲତ ବିଶେଷରେ ବାଦୀର ଏଜାହାର ; 4. ବ୍ୟଙ୍ଗୋକ୍ତି ବାକ୍ୟ ।—*v.t.* 1. ଦୁର୍ନାମ-କ, ଲେଖା ନକ୍ସା ସଙ୍କେତ ଅବା ଦ୍ୱାରା ଅପଖ୍ୟାତି-କ, ମିଥ୍ୟାପବାଦ-କ ; 2. ଜାହାଜ ବା ତହିଁର ମାଲ ବିରୁଦ୍ଧେ ମକଦ୍ଦମା-କ ।

Libellant, Libelant, *n.* ଯେ ଅଦାଲତରେ ଯେ ମକଦ୍ଦମା କରେ ।

Libeller, Libeler, *n.* ଅପବାଦକ, ଦୁର୍ନାମକାରୀ କୁଯଶପତ୍ର ଲେଖକ ।

Libellous, Libelous, *a.* 1. ଅପବାଦଜନକ, ଅପମାନଜନକ ; 2. ମାନହାନି ସମ୍ବନ୍ଧୀୟ । [ରୂପେ ।
Libellously, Libelously, *ad.* ଅପବାଦଜନକ-
Liberal, *a.* 1. ଉଦ୍ରେଚିତ ; 2. ଦାନଶୀଳ, ବଦାନ୍ୟ ; 3. ଉଦାର, ମହାମ୍ନ, ପ୍ରଶସ୍ତମନା ; 4. ସରଳ ; 5. ସାଧାରଣ, ଅବକଳ ନୁହେ ; 6. ପ୍ରଚୁର, ବହୁଳ ; 7. ଅପକ୍ଷପାତୀ ।—*n.* 1. ରାଜନୈତିକ ବିଷୟରେ ଯେ ସ୍ୱାଧୀନତାର ପୋଷକତା କରେ ; 2. ଉଦାର ଦଳର ଏକ ସଭ୍ୟ ।
Liberalise, *v.t.* ପ୍ରଶସ୍ତମନା-କ, ସ୍ୱାଧୀନ-କ । [ଭାବ ।
Liberalism, *n.* ରାଜନୀତି ବା ଧର୍ମ ବିଷୟରେ ଉଦାର-
Liberality, *n.* 1. ଉଦାରତା ; 2. ଦାନଶୀଳତା ; 3. ସରଳତା ; 4. ଅପକ୍ଷପାତିତା ; 5. ଦାନ । [ଭାବେ ।
Liberally, *ad.* ଦାନଶୀଳରୂପେ, ପ୍ରଚୁରଭାବେ, ଉଦାର-
Liberate, *v.t.* ମୁକ୍ତ-କ, ଛାଡ଼-ଦେ ।
Liberation, *n.* ମୁକ୍ତକରଣ, ମୁକ୍ତି, ଖଲାସ ।
Liberationist, *n.* ସରକାରଙ୍କ କର୍ତ୍ତୃତ୍ୱରୁ ମଣ୍ଡଳୀର ସ୍ୱାଧୀନତାର ପୋଷକତା ଯେ କରେ ।
Liberator, *n.* ଯେ ମୁକ୍ତ କରେ ।
Libertarian, *n.* ଉଦ୍ଦେଶ୍ୟତା ପରିବର୍ତ୍ତେ ମାନବୀୟ ସ୍ୱାଧୀନତାରେ ବିଶ୍ୱାସକାରୀ ।—*a.* ଉଦ୍ଦେଶ୍ୟତା ପରିବର୍ତ୍ତେ ମାନବୀୟ ସ୍ୱାଧୀନତାବିଷୟକ ମତ ସମ୍ବନ୍ଧୀୟ ।
Libertarianism, *n.* ଉଦ୍ଦେଶ୍ୟତା ପରିବର୍ତ୍ତେ ମାନବୀୟ ସ୍ୱାଧୀନତା ବିଷୟକ ମତ ବା ବିଶ୍ୱାସ ।
Libertine, *n.* 1. ଖେଳଡ଼ା ; 2. ଲମ୍ପଟ, ଲୁଚ୍ଚା ; 3. ଧର୍ମ ଓ ନୀତି ସମ୍ବନ୍ଧରେ ସ୍ୱେଚ୍ଛାଚାରୀ ଲୋକ ।—*a.* 1. କାମୁକ, ଲମ୍ପଟ ; 2. ନୀତି ଓ ଧର୍ମ ନିୟମରୁ ସ୍ୱେଚ୍ଛାଚାରୀ ।
Liberty, *n.* 1. ସ୍ୱାଧୀନତା, ମୁକ୍ତି, ଉଦ୍ଧାର ; 2. ଅନୁମତି ; 3. କ୍ଷମତା, ଅଧିକାର, ନାଗରିକ ମତ ଦେବାର ଅଧିକାର ; 4. ଛୁଟି ; 5. ସ୍ୱେଚ୍ଛା ।
Libidinous, *a.* କାମାଭିଳାଷୀ, ଲୁଚ୍ଚା । [ଲୋକ ।
Libidinist, *n.* କାମାଭିଳାଷୀ ଲୋକ, ଇନ୍ଦ୍ରିୟପରାୟଣ
Libra, *n.* ତୁଳରାଶି, ରାଶିଚକ୍ରର ସପ୍ତମ ଚିହ୍ନ ।
Librarian, *n.* ପୁସ୍ତକାଗାର ରକ୍ଷକ ।
Library, *n.* 1. ପୁସ୍ତକ ସଂଗ୍ରହ ; 2. ପୁସ୍ତକାଗାର, ସଂଗୃହୀତ ପୁସ୍ତକ ରଖିବା ଘର ।
Librate, *v.t.* ସମତୁଲ-କ, ତୁଲ୍ୟଭାର-କ ।—*v.i.* ଅଳ୍ପ ଦୋହଲିବା, (ନିକ୍ତିରେ) ସମତୁଲ-ହେ ।
Libration, *n.* 1. ସମତୁଲ, ସମତୁଲକରଣ ; 2. ସମତୁଲାବସ୍ଥା, ସମଭାର ; 3. (astronomy) ଧୀର ଦୋଳନ ।
Libratory, *a.* ସମାନଗତିଶୀଳ ।
Libyan, *a.* ଲିବିୟା ଦେଶୀୟ, ମିଶର ଦେଶ ଓ ଆଟଲାଣ୍ଟିକ୍ ମହାସାଗର ମଧ୍ୟବର୍ତ୍ତୀ ଆଫ୍ରିକା ଦେଶ ସମ୍ବନ୍ଧୀୟ ।—*n.* 1. ଲିବିୟା ଦେଶର ଲୋକ ; 2. ହାମ ବଂଶୀୟ ବେବେର ଭାଷା ।
Lice, *pl.* of Louse.
Licensable, *a.* ଅନୁମତଯୋଗ୍ୟ ।
License, Licence, *n.* 1. ଅନୁମତି ; 2. ଅନୁମତିପତ୍ର, ପଟ୍ଟା ; 3. ଅପରିମିତତା, ସ୍ୱେଚ୍ଛାଚାରିତା, ଅତ୍ୟାଚାର ; 4. କବିତାରେ ନିୟମାତିକ୍ରମ ।
License, *v.t.* 1. ଅନୁମତିପତ୍ର-ଦେ, ପଟ୍ଟା-ଦେ ; 2. ଅନୁମତି-ଦେ, କ୍ଷମତା-ଦେ ।
Licensee, *n.* ଅନୁମତିପତ୍ର ପ୍ରାପ୍ତ ଲୋକ, ପଟ୍ଟାଦାର ।
Licentiate, *n.* 1. କୌଣସି ବ୍ୟବସାୟ କରିବାକୁ ଅନୁମତିପତ୍ର ପ୍ରାପ୍ତ ବ୍ୟକ୍ତି ; 2. ଅନୁମତି ପତ୍ର ପ୍ରାପ୍ତି, ଅନୁମତିପତ୍ର ପ୍ରାପ୍ତ ଲୋକର ଉପାଧି ।
Licentious, *a.* 1. ସ୍ୱେଚ୍ଛାଚାରୀ, ଅବାଧ୍ୟ ; 2. ଲମ୍ପଟ, ଲୁଚ୍ଚା, ଭ୍ରଷ୍ଟାଚାରୀ । [ଭ୍ରଷ୍ଟାଚାରରୂପେ ।
Licentiously, *ad.* ସ୍ୱେଚ୍ଛାଚାରରୂପେ, ଲମ୍ପଟଭାବେ,
Licentiousness, *n.* ସ୍ୱେଚ୍ଛାଚାରିତା, ଲୁଚ୍ଚାମୀ ।
Lichen, *n.* *li'ken*, *lich'en*, 1. କ୍ଷୁଦ୍ର କୋଷଯୁକ୍ତ ଉଦ୍ଭିଦ ବିଶେଷ, ଚିତ୍ର ; 2. ବସ୍ଫୋଟକ, ପିମ୍ପିଳ । [ବିଜ୍ଞାନ ।
Lichenography, *n.* ଉଦ୍ଭିଦ ବିଦ୍ୟାରେ ଛତୁସମ୍ବନ୍ଧୀୟ
Lichgate, *n.* ଶବ ସିନ୍ଦୁକ ରଖିବା ନିମନ୍ତେ କବରଖାନା ଫାଟକର ଛପର ।
Licit, *a.* *lisit.* ଆଇନାନୁଯାୟୀ, ଉପଯୁକ୍ତ ।
Lick, *v.t.* 1. ଚାଟିବା, ଲେହନ-କ ; 2. ଜିହ୍ୱାରେ ଅସ୍ୱାଦନ-କ, ଚାଖିବା ; 3. (colloq.) ବାରମ୍ବାର ବାଡେଇବା ; 4. (colloq.) ଜିତିବା ।—To lick the dust ଯୁଦ୍ଧରେ ହତ-ହେ, ଅତିଦୀନରୂପେ ଚରଣ ସେବକ-ହୁଅ । To lick up, ଗ୍ରାସ-କ । To lick into shape, କ୍ରମେ ଧାର ଶିଖାଇବା ।—*n.* ଚାଟ, ଲେହନ, (colloq.) ଚାଟକଣା । [ଲୋଭଜନକ ।
Lickerish, *a.* 1. ସୁସ୍ୱାଦୁ ; 2. ଲେହନୋତ୍ସୁକ ; 3.
Licking, *n.* ମାଡ଼ପ୍ରହାର ।
Lickspittle, *n.* ଚାଟୁବାଦୀ ।
Licorice, see Liquorice.
Lictor, *n.* ପୁରାତନ କାଳରେ ରୋମୀୟ ବିଚାରପତି ଆଗରେ ଥିବା ଦଣ୍ଡଧର ପଦାତିକ, କର୍ମଚାରୀ ବିଶେଷ ।
Lid, *n.* 1. ଢାଙ୍କୁଣୀ, ଆଚ୍ଛାଦନ, ଆବରଣ ; 2. ଚକ୍ଷୁର ପତା ; 3. ପୁସ୍ତକର ପଟା ; 4. ପଲଙ୍କର ଯୋଡ଼ଣୀ ।
Lidless, *a.* 1. ଢାଙ୍କୁଣୀ ରହିତ, ଆବରଣ ଶୂନ୍ୟ ; 2. ପତାହୀନ ; 3. ଜାଗ୍ରତ ।
Lie, (1) *n.* ମିଛ କଥା, ମିଥ୍ୟାବାକ୍ୟ, ଅସତ୍ୟତା ।—*v.i.* 1. ମିଛ କହିବା, ମିଥ୍ୟା କହିବା, ଅସତ୍ୟବାକ୍ୟ କହିବା ; 2. ଭ୍ରମ ଜନ୍ମାଇବା ।—To give the lie to, ମିଥ୍ୟା ବୋଲି ପ୍ରମାଣ-କ, ସମ୍ପୂର୍ଣ୍ଣରୂପେ ନାହିଁ-କ ।
Lie, (2) *v.i.* 1. ଶୋଇବା, ଶୟନ-କ, ଗୋଡ଼ ପସାରିବା ; 2. ଅଉଜାଇବା ; 3. ଅବସ୍ଥିତ-ହେ ; 4. ରହିବା ; 5. ଥିବା ; 6. ପ୍ରବାସ-କ ।—To lie at one's door, ଦାୟଗ୍ରସ୍ତ-ହେ । To lie at one's heart, ପ୍ରିୟତମ-ହେ, ବାଞ୍ଛିତ ବସ୍ତୁ-ହେ । To lie by, ବିଶ୍ରାମ-କ, ବର୍ଜିତ-ହେ । To lie in, ପ୍ରସବକାଳରେ ଶଯ୍ୟାଗତ-ହେ । To lie in the way ; 1. କଣ୍ଟକବର୍ତ୍ତୀ-ହେ ; 2. ପ୍ରତିବାଧକ-ହେ । To lie in wait, ଓଗାଳି ରହିବା, ଛକ ବସିବା । To lie on one's hands, ହାତରେ

ପଡ଼ିବା । To lie over, ସ୍ଥଗିତ ରହିବା । To lie under, ଅଧୀନ-ହେ । To lie up, ବିଶ୍ରାମ ନିମନ୍ତେ ଶଯ୍ୟାରୁ ରହିତ-ହେ । To lie with, ସଙ୍ଗେ ଶୋଇବା, ସହବାସ-କ ।—*n.* ସ୍ଥିତି, ଅବସ୍ଥା ।

**Lief**, *lif*, *ad.* ସ୍ୱଚ୍ଛନ୍ଦରେ, ସ୍ୱେଚ୍ଛାରେ ।

**Liege**, *a.* 1. କେବଳ ସ୍ୱପ୍ରଭୁର ଅଧୀନ, ବଶୀଭୂତ; 2. ପ୍ରଧାନ, ଭକ୍ତିଭାଜନ; 3. ଜାଗିରି ପ୍ରଥା ସମ୍ବନ୍ଧୀୟ ।—*n.* 1. ସ୍ୱପ୍ରଭୁଅଧୀନସ୍ଥ ଲୋକ, ପ୍ରଜା; 2. ପ୍ରଭୁ, ଅଧିପତି ।

**Lien**, *li'en*, *n.* ଅବକ୍ତ ବସ୍ତୁ ଦଖଲରେ ରଖିବା ଅଧିକାର, ପାଉନାନୁଯାୟୀ ଦାବୀ ।

**Lientery**, *n.* ଅଜୀର୍ଣ୍ଣ ଝାଡ଼ା ।

**Lieu**, *lu*, *n.* ସ୍ଥାନ, ପରିବର୍ତ୍ତ, ବଦଳ, ପାଲଟ । In lieu of, ପାଲଟେ, ପରିବର୍ତ୍ତେ, ବଦଳରେ ।

**Lieutenancy**, *lef-ten'-ansi*, **Lieutenantship**, *n.* 1. ପ୍ରତିନିଧିର ପଦ ବା ସୀମା; 2. ପ୍ରତିନିଧିର ଅଧୀନରେ ଥିବା ପ୍ରଦେଶ ।

**Lieutenant**, *lef-ten'-ant*, *n.* 1. ପ୍ରତିନିଧି, ନାଏବ; 2. ସେନାପତି ତଳେ ଥିବା କର୍ମଚାରୀ ।

**Lieutenant-Governor**, *n.* ଛୋଟ ଲାଟ୍ ସାହେବ ।

**Life**, *n.* 1. ଜୀବନ, ପ୍ରାଣ; 2. ଆୟୁ, ଆୟୁଷ, ଜୀବତକାଳ, କାଳର ପରିମାଣ, ପରମାୟୁ; 3. ଇହ ଲୋକ, ଜୀବଦଶା; 4. ଆଚରବ୍ୟବହାର, ଚରିତ; 5. ସ୍ଫୂର୍ତ୍ତି, ଚୈତନ୍ୟ, ତେଜ; 6. ସାକ୍ଷାତ୍ ମୂର୍ତ୍ତି; 7. ପ୍ରାଣୀ; 8. ପ୍ରାଣିସଙ୍ଘ; 9. ରକ୍ତ; 10. ଜୀବନ ଚରିତ, ଜୀବନୀ; 11. ପାରମାର୍ଥିକ ଜୀବନ, ଅନନ୍ତ ଜୀବନ, ସ୍ୱର୍ଗୀୟ ସୁଖ; 12. ସାମାଜିକ ଅବସ୍ଥା; 13. ପ୍ରିୟ ବସ୍ତୁ; 14. ଜୀବନ ଶକ୍ତି, ପ୍ରଜନ ଶକ୍ତି; 15. ଗତି ।

**Life-annuity**, *n.* ବାର୍ଷିକ ଜୀବନବୃତ୍ତି ।

**Life-assurance**, *n.* ଜୀବନ ବୀମା ।

**Life-belt**, *n.* ପାଣିରେ ଭସାଇଉଠାଇବା ନିମନ୍ତେ ବାୟୁପୂର୍ଣ୍ଣ କିମ୍ବା ସୋଲନିର୍ମିତ କଟିବନ୍ଧନ ।

**Life-blood**, *n.* ପ୍ରାଣରକ୍ତ, ସାରଭୂତ ଦ୍ରବ୍ୟ ।

**Life-boat**, *n.* ଜୀବନ ରକ୍ଷାର୍ଥେ ନୌକା ।

**Life-buoy**, *n.* ଜୀବନ ରକ୍ଷାର୍ଥେ ବୟା ।

**Life-estate**, *n.* ଜୀବନସ୍ୱତ୍ୱ ବା ସମ୍ପତ୍ତି ।

**Life-giving**, *a.* ଜୀବନଦାୟକ, ଉତ୍ତେଜକ ।

**Life-guard**, *n.* ଯୁବରାଜ ଆଦିଙ୍କ ଜୀବନ ରକ୍ଷାର୍ଥେ ସୈନିକ ପ୍ରହରୀ, ନିର୍ବାଚିତ ସୈନ୍ୟ ।

**Life-insurance**, *n.* ଜୀବନ ବୀମା ।

**Life-interest**, *n.* ଜୀବନସ୍ୱତ୍ୱ ।

**Lifeless**, *a.* 1. ଜୀବନଶୂନ୍ୟ, ପ୍ରାଣହୀନ, ନିର୍ଜୀବ, ମୃତ; 2. ନିସ୍ତେଜ, ନିରୁତ୍ସାହ; 3. ଅଚେତନ; 4. ନିର୍ଜନ ।

**Lifelessly**, *ad.* ନିସ୍ତେଜରୂପେ ।

**Lifelessness**, *n.* 1. ଜଡ଼ତା; 2. ତେଜୋହୀନତା, ନିସ୍ତେଜତା ।

**Lifelike**, *a.* ଜୀବନ୍ତ ଲୋକ ପରି, ଜୀଅନ୍ତା, ଠିକ୍ ।

**Life-line**, *n.* 1. ନାବିକମାନଙ୍କ ରକ୍ଷା ନିମନ୍ତେ ଜାହାଜରେ ଥିବା ଦଉଡ଼ି; 2. ଜଳରୁ ପ୍ରାଣ ରକ୍ଷାର୍ଥେ ପକାଯିବା ଦଉଡ଼ି ।

**Lifelong**, *a.* ଯାବଜ୍ଜୀବନ, ଆଜୀବନ ।

**Life-size**, *a.* ସମପରିମିତ ।

**Lifetime**, *n.* ଜୀବତକାଳ, ଜୀବଦଶା ।

**Lift**, *v.t.* 1. ଉଠାଇବା, ଉତ୍ତୋଳନ-କ; 2. ଉନ୍ନତ-କ, ପଦବୃଦ୍ଧି-କ; 3. ପ୍ରଫୁଲ୍ଲିତ-କ; 4. ହରଣ-କ ।—*v.i.* ଉଠିବା ।—*n.* 1. ଉଠା ଯିବା ବସ୍ତୁ; 2. ସାହାଯ୍ୟ; 3. ଉତ୍ତୋଳନ କରିବା ଯନ୍ତ୍ର; 4. ଉନ୍ନତ ।

**Liftable**, *a.* ଉଠାଇବା ଯୋଗ୍ୟ, ଉତ୍ତୋଳନୀୟ ।

**Lifter**, *n.* ଯେ ବା ଯାହା ଉଠାଏ ।

**Ligament**, *n.* ଶରୀରର ଅସ୍ଥିସବୁ ପରସ୍ପର ବାନ୍ଧି ରଖିବା ନିମିତ୍ତ ସୂତ୍ରବତ୍ ପଦାର୍ଥ, ବନ୍ଧନୀ, ପେଶୀଶିରା ।

**Ligamental**, **Ligamentous**, *a.* ବନ୍ଧନୀ ସଦୃଶ ପେଶୀଶିରା ବିଷୟକ ।

**Ligation**, *n.* ବନ୍ଧନକରଣ, ବନ୍ଧନାବସ୍ଥା ।

**Ligature**, *n.* 1. ବନ୍ଧନୀ, ପଟି; 2. ରକ୍ତସ୍ରାବ ବନ୍ଦ କରିବା ନିମନ୍ତେ ସୂତା ବିଶେଷ; 3. କଠିନତା ।

**Light**, *n.* 1. ଆଲୁଅ, ଦୀପ୍ତି, ଜ୍ୟୋତିଃ; 2. ଯାହା ଆଲୁଅ ଦିଏ, ଯଥା : ସୂର୍ଯ୍ୟ ବା ପ୍ରଦୀପ; 3. ଯାହା ମଧ୍ୟ ଦେଇ ଆଲୁଅ ପ୍ରବେଶ କରଇ, ଯଥା : ଝରକା; 4. ଦୃଷ୍ଟିଗୋଚରତା, ପ୍ରକାଶ; 5. ଜ୍ଞାନାଲୋକ, ଜ୍ଞାନ; 6. ପ୍ରସିଦ୍ଧ ବ୍ୟକ୍ତି; 7. ଦିବସ, ପ୍ରଭାତ; 8. ମଙ୍ଗଳ, ସୌଭାଗ୍ୟ, ଗୌରବ; 9. ଦୃଷ୍ଟି ।—*v.t.* 1. ଜାଳିବା, ପ୍ରଜ୍ୱଳିତ-କ; 2. ଆଲୋକିତ-କ; 3. ଆଲୁଅ ଦ୍ୱାରା ପଥ ଦେଖାଇବା ।—*v.i.* 1. ଜ୍ୱଳିବା; 2. ଆଲୋକମୟ-ହେ; 3. ଓହ୍ଲାଇବା, ଉତୁରିବା ।—To bring to light, ପ୍ରକାଶ-କ । To come to light, ଜଣାପଡ଼ିବା । To light upon, ହଠାତ୍ ଦେଖିବା, ଅକସ୍ମାତ୍ ପ୍ରାପ୍ତ-ହେ । To make light of, ହାଲୁକା ଜ୍ଞାନ-କ, ଲଘୁ ଜ୍ଞାନ-କ । To stand in one's own light ନିଜ ଅଭିପ୍ରାୟ ବିଫଳ-କ, ନିଜ ଉନ୍ନତିର ବାଧା ଘଟାଇବା ।—*a.* 1. ଆଲୋକମୟ, ଉଜ୍ଜ୍ୱଳ; 2. ଫିକା; 3. ହାଲୁକା, ଲଘୁ; 4. ସହଜ; 5. ଅବାସ୍ତବ; 6. ସାମାନ୍ୟ; 7. ଚଞ୍ଚଳ; 8. କମ୍ ଓଜନ; 9. ସହଜରେ ଜୀର୍ଣ୍ଣ, ଲଘୁପାକ; 10. ଧୀର; 11. ବାଲିଆ; 12. ପାମ୍ଭୀର୍ଯ୍ୟ ରହିତ, ଦୁଷ୍ଟ ।

**Light-armed**, *a.* ଅଳ୍ପ ଅସ୍ତ୍ରଧାରୀ ।

**Lighten**, *v.t.* 1. ହାଲୁକା-କ, ଊଣା-କ; 2. ପ୍ରବୋଧ-କ, ପ୍ରଫୁଲ୍ଲ-କ; 3. ଉପଶମ-କ; 4. ଉଜ୍ଜ୍ୱଳ-କ, ଆଲୋକମୟ-କ; 5. ଜ୍ଞାନାଲୋକ-ଦେ ।—*v.i.* 1. ଆଲୋକମୟ-ହେ, ଉଜ୍ଜ୍ୱଳ-ହେ; 2. ହାଲୁକା ହେ ।

**Lighter**, *n.* ଯେଉଁ ନୌକା ଦ୍ୱାରା ଜାହାଜକୁ ଦ୍ରବ୍ୟ ଉଠାଯାଏ ବା ତହିଁରୁ ଓହ୍ଲାଯାଏ ।

**Lighterage**, *n.* ଜାହାଜକୁ ଦ୍ରବ୍ୟ ଉଠାଇବା ବା ତହିଁରୁ ଓହ୍ଲାଇବା ନୌକାର ଭଡ଼ା ।

**Lighterman**, *n.* ଜାହାଜକୁ ଦ୍ରବ୍ୟ ଉଠାଇବା ବା ତହିଁରୁ ଓହ୍ଲାଇବା ନୌକାର ନାଉରିଆ ।

**Light-fingered**, *a.* 1. ଅଙ୍ଗୁଠି ଚଳାଇବାରେ ଚଞ୍ଚଳ; 2. ପାତ ଚୋର, ଗଣ୍ଠିକଟା ଚୋର ।

**Light-footed**, *a.* କ୍ଷିପ୍ରପଦ, ନୃତ୍ୟରେ ସତର୍କପଦ, ଦ୍ରୁତଗାମୀ ।

**Light-handed**, *a.* 1. କ୍ଷିପ୍ରହସ୍ତ; 2. ଖାଲିହାତ, ଶୂନ୍ୟହସ୍ତ, ରିକ୍ତହସ୍ତ; 3. କାର୍ଯ୍ୟକାରୀର ଅଳ୍ପବଳଯୁକ୍ତ ।

**Light-headed**, *a.* 1. ଭ୍ରାନ୍ତଚିତ୍ତ, ଭ୍ରମିଯୁକ୍ତ; 2. ପ୍ରଳାପୀ; 3. ଅସ୍ଥିର, ବିଚଳିତ ।

**Light-headedness**, *n.* 1. ଚିତ୍ତ ଭ୍ରମ, ଭ୍ରମି; 2. ପ୍ରଳାପ; 3. ଅସ୍ଥିରତା ।

**Light-hearted**, *a.* ପ୍ରଫୁଲ୍ଲଚିତ୍ତ, ଚିନ୍ତାରହିତ, ହୃଷ୍ଟ ।

**Light-heartedness**, *n.* ପ୍ରଫୁଲ୍ଲତା, ହୃଷ୍ଟତା । [ବର୍ଗ ।

**Light-horse**, *n.* ଅଳ୍ପ ଅସ୍ତ୍ରଧାରୀ ଅଶ୍ୱାରୋହୀ ସୈନ୍ୟ-

**Light-horseman**, *n.* ଅଳ୍ପ ଅସ୍ତ୍ରଧାରୀ ଅଶ୍ୱାରୋହୀ ସେନା ।

**Lighthouse**, *n.* ଅପଦ ସ୍ଥଳ ଦେଖାଇବା ନିମନ୍ତେ ସମୁଦ୍ର ତୀରରେ ଥିବା ଦୀପଗୃହ, ବତୀଘର ।

**Light-infantry**, *n.* ଅଳ୍ପ ଅସ୍ତ୍ରଧାରୀ ପଦାତିକ ସୈନ୍ୟବର୍ଗ ।

**Lightly**, *ad.* 1. ଲଘୁଭାବେ, ମନ୍ଦ, ଧୀରେ; 2. ପ୍ରଫୁଲ୍ଲରୂପେ, ହୃଷ୍ଟରୂପେ, କୌତୁକଭାବେ; 3. ହାଲୁକାଭାବେ, ଲଘୁଚିତ୍ତରେ; 4. ସାମାନ୍ୟରୂପେ, ଅଳ୍ପ ପରିମାଣରେ; 5. ସାମାନ୍ୟ କାରଣରେ; 6. ଚଞ୍ଚଳରୂପେ; 7. ସହଜରୂପେ ।

**Lightminded**, *a.* ଅସ୍ଥିର, ଚଞ୍ଚଳଚିତ୍ତ, ଅବିବେଚକ ।

**Lightmindedness**, *n.* ଅସ୍ଥିରତା, ଚଞ୍ଚଳଚିତ୍ତତା, ଚଳଚିତ୍ତତା, ଅବିବେଚନା ।

**Lightness**, *n.* 1. ଲଘୁତା, ହାଲୁକା ଗୁଣ; 2. କ୍ଷିପ୍ରତା, ଚଞ୍ଚଳତା, ସ୍ଫୂର୍ତ୍ତି; 3. ଅସ୍ଥିରତା; 4. ଭ୍ରଷ୍ଟତା; 5. ଉଜ୍ଜ୍ୱଳତା, ନିର୍ମଳତା ।

**Lightning** *n.* ବିଜୁଳି, ବିଦ୍ୟୁତ୍ ।

**Lightning-conductor**, **Lightning-rod**, *n.* ବିଦ୍ୟୁତ୍‌ସଞ୍ଚାଳକ ଲୁହା ବାଡ଼ ।

**Lights**, *n. pl.* ଫୁସ୍ଫୁସ୍, ଫେଫଡ଼ା ।

**Light-ship**, *n.* ଅପଦ ସ୍ଥଳ ଦେଖାଇବା ନିମନ୍ତେ ସମୁଦ୍ରରେ ଥିବା ବତୀଜାହାଜ ।

**Lightsome**, *a.* 1. ପ୍ରଫୁଲ୍ଲ, ହୃଷ୍ଟ, ଉଲ୍ଲସିତ; 2. ଉଜ୍ଜ୍ୱଳ, ଦୀପ୍ତିମାନ୍ ।

**Lightsomeness**, *n.* 1. ପ୍ରଫୁଲ୍ଲତା; 2. ଉଜ୍ଜ୍ୱଳତା ।

**Lign-aloes**, *n.* ଅଗୁରୁ ଅବ ସୁଗନ୍ଧି ବୃକ୍ଷ ।

**Ligneous**, *a.* *lig'ne-us.* କାଠୁଆ, କାଷ୍ଠମୟ ।

**Ligniferous**, *a.* କାଷ୍ଠୋତ୍ପାଦକ ।

**Ligniform**, *a.* କାଷ୍ଠବତ୍ ।

**Ligure**, *n.* ଲଶୁନୀୟ ମଣି ।

**Like**, *a.* 1. ସମାନ, ସଦୃଶ, ପରି, ପ୍ରକାର, ତୁଲ୍ୟ; 2. ସମ୍ଭାବନୀୟ ।—*n.* 1. ପ୍ରତିରୂପ, ପ୍ରତିମୂର୍ତ୍ତି, ଦୋହର; 2. ଇଚ୍ଛା, ସ୍ପୃହା, ରୁଚି ।—*ad.* 1. ଅନୁସାରେ, ପ୍ରକାରେ; 2. ସମ୍ଭବତଃ ।—*conj.* ଯେ, ଯେପରି କି ।—*v.t.* ପସନ୍ଦ-କ, ଭଲ ପାଇବା, ସ୍ନେହ-କ ।—*v.i.* ସନ୍ତୁଷ୍ଟ-ହେ, ଇଚ୍ଛା-କ ।

**Likeable**, *a.* ପ୍ରିୟ, ପ୍ରୀତିଜନକ, ପ୍ରେମାକର୍ଷକ ।

**Likelihood**, **Likeliness**, *n.* ସମ୍ଭାବନା, ସମ୍ଭାବ୍ୟତା ।

**Likely**, *a.* 1. ସମ୍ଭବନୀୟ, ସମ୍ଭବ; 2. ବିଶ୍ୱସନୀୟ, ବିଶ୍ୱାସଯୋଗ୍ୟ; 3. ସନ୍ତୋଷଜନକ, ପ୍ରଶଂସନୀୟ; 4. ଉପଯୋଗୀ ।—*ad.* ସମ୍ଭବତଃ, ହେବାକୁ ପାରେ ।

**Like-minded**, *a.* ଏକଚିତ୍ତ, ତୁଲ୍ୟଗୁଣ ।

**Liken**, *v.t.* ତୁଳନା-କ, ସାଦୃଶ୍ୟ-କ, ଉପମା-ଦେ ।

**Likeness**, *n.* ସାଦୃଶ୍ୟ, ପ୍ରତିମୂର୍ତ୍ତି, ଛବି, ମୂର୍ତ୍ତି ।

**Likewise**, *ad.* and *conj.* ସେହିମତେ, ତଦ୍ରୂପ, ମଧ୍ୟ, ଅଧିକନ୍ତୁ, ଅପିଚ ।

**Liking**, *n.* ଇଚ୍ଛା, ପସନ୍ଦ, ରୁଚି, ସ୍ପୃହା, ଅନୁରାଗ, ସ୍ନେହ ।

**Lilac**, *n.* ବାଇଗଣିଆ ରଙ୍ଗର ଫୁଲଗଛ ବିଶେଷ ।

**Lilliputian**, *a.* *lil-i-pū'-shan.* ବାମନ, ଖର୍ବାକାର ।

**Lilt**, *v.t.* and *i.* ଖୁସିରେ ଗାଇବା, ଜୋରରେ ବୋଲିବା ।—*n.* ବୋଲି ଗୀତ ।

**Lily**, *n.* ଗୋଲାକାର ମୂଳଯୁକ୍ତ ପୁଷ୍ପ ବିଶେଷ, ସ୍ଥଳପଦ୍ମ । *a.* 1. ସ୍ଥଳପଦ୍ମ ବତ୍; 2. ନିର୍ମଳ ।

**Lily-white**, *a.* ସ୍ଥଳପଦ୍ମପରି ଧଳା ।

**Limaceous**, *a.* ଶୋଳପାଣିକ ଶାମୁକ ପରି ।

**Limb**, *n.* *lim*, 1. ଅଙ୍ଗ, ପ୍ରତ୍ୟଙ୍ଗ, ଅବୟବ; 2. ଡାଳ, ଶାଖା; 3. ଅଂଶ; 4. ଦୁଷ୍ଟ ଟୋକା; 5. ସୂର୍ଯ୍ୟାଦିର ଧାର ବା କିନାର ।—*v.t.* 1. କୃତ୍ରିମ ଅଙ୍ଗ ଲଗାଇବା; 2. ଅଙ୍ଗ ଛେଦନ-କ ।

**Limbed**, *a.* ଅଙ୍ଗଯୁକ୍ତ ।

**Limber**, *n.* ତୋପ ଗାଡ଼ିର ଅଗ୍ରଭାଗ କି ଯହିଁରେ ଦୁଇ ଚକ ଓ ଦଣ୍ଡା ଲାଗିଥାଏ ।—*v.t.* ଗାଡ଼ିରେ ତୋପ ଲଗାଇବା ।—*a.* ନମନୀୟ, ବଶ୍ୟ ।

**Limberness**, *n.* ନମନୀୟତା ।

**Limbless**, *a.* *lim'less.* ଅଙ୍ଗହୀନ ।

**Limbo**, *n.* 1. ପାତାଳ; 2. ଅକର୍ମଣ୍ୟ ବିଷୟ ପକାଇବା ସ୍ଥାନ; 3. କାରାଗାର ।

**Lime**, *n.* 1. ଅଠାଳିଆ ଦ୍ରବ୍ୟ, ଅଠା; 2. ଚୂନ, ବଜ୍ରଚୂନ; 3. ଲେମ୍ବୁ ଗଛ, କାଗଜି ଲେମ୍ବୁ ।—*v.t.* 1. ଅଠାରେ ଲିପିବା; 2. ଚୂନ ଖତ ପକାଇବା; 3. ଫାନ୍ଦରେ ଧରିବା; 4. ଅଠାଦ୍ୱାରେ ଯୋଡ଼ିବା ।

**Limejuice**, *n.* ଲେମ୍ବୁରସ ।

**Limekiln**, *n.* *lim-kil*, ଚୂନ ଭାଟି ।

**Limestone**, *n.* ଗେଙ୍ଗୁଟି ପଥର, ଚୂନ ପଥର ।

**Lime-water**, *n.* ଚୂନ ପାଣି ।

**Limit**, *n.* ସୀମା, ଅନ୍ତ, ଶେଷ, ସରହଦ ।—*v.t.* ସୀମାବଦ୍ଧ-କ, ସୀମା-ଦେ, ସୀମା ନିର୍ଦ୍ଦିଷ୍ଟ-କ ।

**Limitable**, *a.* ସୀମାଯୋଗ୍ୟ, ସୀମାବଦ୍ଧକରଣୀୟ ।

**Limitation**, *n.* 1. ସୀମାବଦ୍ଧକରଣ, ସୀମାନିର୍ଦ୍ଧାରଣ; 2. ଅଟଳ; 3. ମିଆଦ ।

**Limitative**, *a.* ସୀମାବଦ୍ଧକାରକ ।

**Limited**, *a.* ସୀମାବଦ୍ଧ, ସଙ୍କୀର୍ଣ୍ଣ, ନିର୍ଦ୍ଦିଷ୍ଟ ।

**Limitedly**, *ad.* ସୀମାବଦ୍ଧରୂପେ, ସଙ୍କୀର୍ଣ୍ଣରୂପେ ।

**Limitedness**, *n.* ସୀମାବଦ୍ଧ ଅବସ୍ଥା ।

**Limitless**, *a.* ଅସୀମ, ସୀମାରହିତ, ଅଶେଷ ।

**Limn**, *v.t.* *lim*, ଚିତ୍ର-କ, ଅଙ୍କିବା, ଆଙ୍କିବା ।

**Limner**, *n.* ଚିତ୍ରକର, ମୂର୍ତ୍ତିମାନ୍ ଛବି ଲେଖକ ।
**Limous**, *a. li-mus*, ଚିକ୍କଣ, କର୍ଦ୍ଦମମୟ ।
**Limp**, *a.* ନରମ, କମନୀୟ, ଦୁର୍ବଳ, କ୍ଷମା ।—*v.i.* ଲେଙ୍ଗଡ଼ାଇ ଚାଲିବା, ଛୋଟାଇବା ।—*n.* ଲେଙ୍ଗଡ଼ା ଚାଲି ।
**Limpet**, *n.* କୂଅରେ ବୁଡିଥିବା ପଥରରେ ଲାଗିଥିବା ଘେଣ୍ଡା ।
**Limpid**, *a.* ନିର୍ମ୍ମଳ, ଉଜ୍ଜ୍ୱଳ, ସ୍ୱଚ୍ଛ ।
**Limpidity, Limpidness**, *n.* ନିର୍ମଳତା, ସ୍ୱଚ୍ଛତା ।
**Limpidly**, *ad.* ନିର୍ମଳରୂପେ ।
**Limpingly**, *ad.* ଲେଙ୍ଗଡ଼ା ପରିରେ, ଖଞ୍ଜବତ୍ ।
**Limy**, *a. li-mi*, ଚୂନମୟ, ଅଠାଳିଆ, ଚଟଚଟିଆ ।
**Linament**, *n.* 1. ମଲମ ଲଗାଇବା ନିମନ୍ତେ କୋମଳ ଲୁଗା; 2. ଘାରେ ଦେବା ପଲିତା ।
**Linchpin**, *n.* ଗାଡ଼ିର ଚକ ବନ୍ଦ କରିବା କିଲ, ଅଣିକାଠି ।
**Linctures**, *n.* ଚାଟି ଖାଇବା ଔଷଧ ।
**Linden**, *n.* ଲେମ୍ବୁ ଗଛ, ଜମ୍ବୀର ଗଛ ।
**Line**, *n.* 1. ସୂତୁଲି, ଦଉଡ଼ି, ଡୋର; 2. ରେଖା, ଚିହ୍ନ; 3. ଧାଡ଼ି, ପଂକ୍ତି, ଶ୍ରେଣୀ; 4. ସୀମାର ରେଖାମାତ୍ର; 5. ବଂଶ; 6. ଦୁଇ ବନ୍ଦର ମଧ୍ୟରେ ନିୟମିତରୂପେ ଗତାୟାତ କରିବା ଜାହାଜଶ୍ରେଣୀ; 7. ରେଲ୍ ସଡ଼କ; 8. ଦୁଇ ସ୍ଥାନ ମଧ୍ୟରେ ଥିବା ଡାକ ତାର; 9. ବାଣିଜ୍ୟର ବିଷୟ, ମାଲ; 10. ସାନ ଚିଠି; 11. ଖାଇ; 12. ସୀମା; 13. ଧାର; 14. ଶ୍ଳୋକ; 15. ବିଷୁବରେଖା; 16. ପଦ; 17. ବ୍ୟବସାୟ; 18. ପଦାତିକ ସୈନ୍ୟ; 19. ମାପିବା ଦଉଡ଼ି, ବସତି ସ୍ଥାନ; 20. ଶିକ୍ଷା ।—*pl.* 1. ବିବାହ ଅବର ପ୍ରମାଣପତ୍ର; 2. ସୈନ୍ୟମାନଙ୍କ ରକ୍ଷାର୍ଥେ ବନ୍ଧ, ପରିଖା, ଗଡ଼ ଅଦ, ସୈନ୍ୟଶ୍ରେଣିର ବାସସ୍ଥାନ ।—*v.t.* 1. ରେଖା କାଟିବା, ରେଖାବୃତ-କ; 2. ଗାଇବା ପାଇଁ ଗୀତ ଧାଡ଼ିଏ ପଢ଼ିବା; 3. ଅସ୍ତର-ଦେ, ଭିତରଲୁଗା ମଡ଼ାଇବା; 4. ପଶ୍ଚାଦର ଭିନ୍ନ ଜାତ କରାଇବା; 5. ରକ୍ଷା ନିମନ୍ତେ ସୈନ୍ୟାଦି ଶ୍ରେଣିବଦ୍ଧ-କ, ଲୋକମାନଙ୍କୁ ଧାଡ଼ିରେ ରଖିବା; 6. ପୂର୍ଣ୍ଣ-କ ।
**Lineage**, *n.* କୁଳ, ବଂଶ, ଗୋଷ୍ଠୀ, ଗୋତ୍ର, ବଂଶାବଳୀ ।
**Lineal**, *a.* 1. ରେଖାମୟ; 2. ରେଖାନୁକ୍ରମିକ; 3. ବଂଶୀୟ, ଗୋତ୍ରଜ, କୁଳୋଦ୍ଭବ ।
**Lineally**, *ad.* ବଂଶାନୁକ୍ରମେ, କୁଳକ୍ରମେ ।
**Lineament**, *n.* ମୁଖର ଆକାର, ଚେହେରା, ମୁଖରେଖା, ଚିହ୍ନ ।
**Linear**, *a.* 1. ରେଖାବିଷୟକ, ରେଖାବିଶିଷ୍ଟ, ରେଖାମୟ; 2. ସିଧା, ସରଳ; 3. ରେଖାବତ୍, ସରୁ ।
**Lineate, Lineated**, *a.* ଲମ୍ବାଲମ୍ବି ରେଖାରେ ଅଙ୍କିତ ।
**Line-man**, *n.* ଜରିପ ମାପରେ ଯେ ଜଞ୍ଜିର ଧରେ ।
**Linen**, *n.* 1. ମସିନାର ବସ୍ତ୍ର, ଛଣପଟର ବସ୍ତ୍ର; 2. ବସ୍ତ୍ର, ଧୂଡ଼ର ଅଂଶ ।—*a.* ମସିନା ବା ଛଣପଟରେ ନିର୍ମିତ ।
**Linen-draper**, *n.* ଛଣପଟବସ୍ତ୍ରର ବ୍ୟବସାୟୀ ।
**Liner**, *n.* 1. ଦୁଇ ବନ୍ଦର ମଧ୍ୟରେ ନିୟମିତରୂପେ ଗତାୟାତକାରୀ ଜାହାଜ; 2. ରେଖା ଚିତ୍ରକାରୀ; 3. ଶ୍ରେଣୀବଦ୍ଧ ଯୁଦ୍ଧଜାହାଜ ମଧ୍ୟରୁ ଏକ ଜାହାଜ; 4. ଧରେଖା ଉପରେ ରହୁଥିବା ଗୁଳି; 5. ଅସ୍ତର ଦେବା ଲୋକ, ଦରଜି ।
**Linesman**, *n.* ସାଧାରଣ ସେନା, ଶ୍ରେଣୀବଦ୍ଧ ସୈନ୍ୟମାନଙ୍କ ମଧ୍ୟରୁ ଜଣେ ।
**Ling**, *n.* 1. ସମୁଦ୍ର ମତ୍ସ୍ୟ ବିଶେଷ; 2. ପଡ଼ିଆରେ ଉଠିଥିବା ସାନ ଘାସ ବିଶେଷ ।
**Lingam, Linga**, *n.* ପୁଂଶକ୍ତିର ଚିହ୍ନ, ଶିବ ଚିହ୍ନ ।
**Linger**, *v.i.* 1. ବିଲମ୍ବ-କ, ଡେରି-କ, ଉଛୁର-କ; 2. ଅନିଚ୍ଛୁକତା-ହେ; 3. ରହିବା ।
**Lingerie**, *n.* ସ୍ତ୍ରୀମାନଙ୍କର ମସିନା ପୋଷାକ, ମସିନା-ଲୁଗାପଟା ।
**Lingerer**, *n.* ମନ୍ଥର, ଠାଣିଆ, ଡିଲା ଲୋକ, ବିଲମ୍ବୀ ।
**Lingering**, *p.a.* 1. ସ୍ଥାୟୀ, ଚିରକାଳସ୍ଥାୟୀ; 2. ମନ୍ଥର, ବିଲମ୍ବକାରୀ, ମନ୍ଦାୟମାନ । [ମନ୍ଦମନ୍ଦ ।
**Lingeringly**, *ad.* ମଠେଇ ମଠେଇ, ବିଲମ୍ବରେ,
**Lingo**, *n.* ବୋଲି, ଭାଷା ।
**Lingual**, *a. ling'gwal*, ଜିହ୍ୱାସମ୍ବନ୍ଧୀୟ, ଜିହ୍ୱାମୂଳୀୟ, ମୂର୍ଦ୍ଧନ୍ୟ ।—*n.* ମୂର୍ଦ୍ଧନ୍ୟବର୍ଣ୍ଣ ।
**Linguiform**, *a.* ଜିହ୍ୱାକୃତ, ଜିହ୍ୱାରୂପ ।
**Linguist**, *n.* ଭାଷାବିତ୍, ଭାଷାଜ୍ଞ, ନାନା ଭାଷାରେ ନିପୁଣ ।
**Linguistic, Linguistical**, *a.* ଭାଷା ବିଜ୍ଞାନ ବିଷୟକ, ବିଭିନ୍ନ ଭାଷା ସମ୍ପର୍କର ସମ୍ବନ୍ଧୀୟ ।
**Linguistics**, *n. sing.* ଭାଷାବିଜ୍ଞାନ, ଶବ୍ଦବିଦ୍ୟା ।
**Lingular, Lingulate**, *a.* ଜିହ୍ୱାକୃତ ।
**Liniment**, *n.* ମଲମ, ପ୍ରଲେପ ।
**Lining**, *n.* 1. ଭିତରେ ମଡ଼ାଇବା ଦ୍ରବ୍ୟ, ଅସ୍ତର; 2. ଭିତରେ ଥିବା ଦ୍ରବ୍ୟ ।
**Link**, *n.* 1. ଶିକୁଳିର କଡ଼ା; 2. ସଂଯୋଗ, ସମ୍ବନ୍ଧ; 3. ଜରିପ ମାପରେ ଶିକୁଳିର ଶତାଂଶ; 4. ମଶାଲ; 5. ଜଇର ବାଙ୍କ ।—*v.t.* ଶିକୁଳିର କଡ଼ା ପରି ଯୋଡ଼ିବା, ଯୋଗ-କ, ସଂଯୁକ୍ତ-କ ।—*v.i.* ଯୁକ୍ତ-ହେ, ଅବଦ୍ଧ-ହେ ।
**Linkboy, Linkman**, *n.* ମଶାଲ ବା ଦହୁଡ଼ ଯେ ଧରେ । [ଖେଳା ଭୂଏ ।
**Links**, *n pl.* ଯେଉଁ ସମତଳ ପଡ଼ିଆରେ ଗଲ୍ଫ୍ ଓ ଦୃଶ୍ୟ
**Linnet**, *n.* ଗାନକାରୀ ସାନ ଚଢ଼େଇ ବିଶେଷ ।
**Linoleum**, *n.* ତେଲିଆ ଲୁଗା ଚଟାଇ । [ଯନ୍ତ୍ରବିଶେଷ ।
**Linotype**, *n. li-no-tip*, ସ୍ୱଚାକ୍ଷର ଧାଡ଼ିଏ କରି ଢାଳିବା
**Linseed, Lintseed**, *n.* ପେସି, ତେସି, ଛଣପଟମଞ୍ଜି ।
**Linseed-oil**, *n.* ପେସି ତେଲ ।
**Linsey**, *n.* ପଶମ ଓ ମସିନା ଲୁଗା । [ଇବା ପଲିତା ।
**Linstock, Lintstock**, *n.* ତୋପରେ ଅଗ୍ନି ଲଗା-
**Lint**, *n.* 1. ମଲମର ନରମ ଲୁଗା; 2. କଞ୍ଚା କପା ।
**Lintel**, *n.* ଦ୍ୱାରର କାଠ ବା ପଥର କପାଳି ।
**Lion**, *n.* 1. ସିଂହ, ପଶୁରାଜ; 2. ପୁରୁଷ ସିଂହ; 3. ବଶ୍ୟାତ ବ୍ୟକ୍ତି; 4. ସିଂହରାଶି ।—The lion's share, ପ୍ରଧାନ ଭାଗ । A lion in the way, ସମ୍ମୁଖରେ ଅପଦ । The British Lion, ବ୍ରିଟିଶ୍ ସମ୍ରାଟଙ୍କ ଚିହ୍ନ । To put one's head into the lion's mouth, ଦୁଃସାହସିକ ହୋଇ ଅପଦରେ ପ୍ରବେଶ-କ ।

**Lioness**, *n.* ସିଂହୁଣୀ, ସିଂହୀ ।

**Lionise**, *v.t.* ବଖ୍ୟାତ ବ୍ୟକ୍ତି ଜାଣି ସମ୍ମାନ-କ ।

**Lion-like**, *a.* ସିଂହବତ୍, ତୁଂସୁକ, ସାହସିକ ।

**Lion-heart**, *n.* ବଡ଼ ସାହସିକ, କଲ୍ପ୍ଵକ ।

**Lip**, *n.* 1. ଓଠ, ଓଷ୍ଠ, ଅଧର, ଥଣ୍ଡ ; 2. ବାକ୍ୟ, କଥା ; 3. ଧାର, କନାସ ; 4. ଥେଣ୍ଡା ।—*v.t.* ଓଠରେ ଛୁଇଁ-ବା, ଚମ୍ବନ-କ ।—*v.i.* ବାକ୍ୟ ସବୁରେ ମୃଦୁ ଲଗାଇବା । —To make a lip, To curl the lip, କରକ୍ତି ବା ଘୃଣାରେ ଓଠ ଫୁଲାଇବା । To shoot out the lip, ଓଠ ଲମ୍ବାଇବା ।

**Lip-devotion**, *n.* ମୌଖିକ ଭକ୍ତିଜାତ ପ୍ରାର୍ଥନା ।

**Lipless**, *a.* ଓଷ୍ଠହୀନ ।

**Liplet**, *n.* କ୍ଷୁଦ୍ରୋଷ୍ଠ ।

**Lipothymous**, *a.* ମୂର୍ଚ୍ଛାସକ୍ତ ।

**Lipothymy**, *n.* ମୂର୍ଚ୍ଛା ।

**Lipped**, *a.* ଓଷ୍ଠଯୁକ୍ତ, ଓଷ୍ଠବତ୍ ।

**Lippitude**, *n.* ଅକ୍ଷିଧସ ।

**Liquable**, *a.* ତରଳ କରିବା ଯୋଗ୍ୟ, ଦ୍ରବକରଣୀୟ ।

**Liquate**, *v.t.* ତରଳାଇବା, ଉତ୍ତାପ ଦ୍ୱାରା କଠିନ ଧାତୁ ଦ୍ରବୀଭୂତ-କ ।

**Liquation**, *n.* 1. ଦ୍ରବକରଣ ; 2. ତରଳତ୍ୱ ।

**Liquefaction**, *n.* 1. ତରଳକରଣ ; 2. ଦ୍ରବାବସ୍ଥା, ଦ୍ରବଣୀୟତା ।

**Liquefiable**, *a.* ଦ୍ରବଣୀୟ, ତରଳଯୋଗ୍ୟ ।

**Liquefier**, *n.* ଯାହା ତରଳ କରେ ।

**Liquefy**, *v.t.* ତରଳାଇବା, ଦ୍ରବ-କ ।—*v.i.* ଦ୍ରବ-ହେ, ତରଳିଯିବା, ପାଣିଆ-ହେ ।

**Liquescency**, *n.* ଗଳନଶୀଳ ଅବସ୍ଥା ।

**Liquescent**, *a.* ଗଳନଶୀଳ, ଦ୍ରବଣଶୀଳ ।

**Liqueur**, *n.* *li-ker'*, ମସଲାମିଶ୍ରିତ ମାଦକ ଦ୍ରବ୍ୟ ।

**Liquid**, *a.* 1. ବହନଶୀଳ, ପ୍ରବାହୀ ; 2. ତରଳ, ପାଣିଆ, ଜଳବତ୍ ; 3. ସ୍ୱଚ୍ଛ ; 4. ମଧୁର ; 5. ସରଳ ; 6. ଚାଲକ୍ୟ ।—*n.* ତରଳ ପଦାର୍ଥ, ଦ୍ରବଦ୍ରବ୍ୟ ; (*Gram.*) କୋମଳ ସ୍ୱରରେ ଉଚ୍ଚାରିତ ଉଚ୍ଚାରିତ ଅକ୍ଷରବର୍ଗ, ଯଥା : l, m, n, r.

**Liquidate**, *v.t.* 1. କର୍ଜ ଶୁଝିବା, ଋଣ ପରିଶୋଧ-କ, ଦେବାକୁ ଅବାସ୍-କ; 2. ଦେଉଳିଆର ବିଷୟ ସଜାଡ଼ିବା ।

**Liquidation**, *n.* 1. ଋଣ ପରିଶୋଧ ; 2. ଦେଣାର ଭୁଝାଶୁଝା ।

**Liquidator**, *n.* ଋଣ ପରିଶୋଧକାରୀ ଲୋକ ବା ବିଷୟ ।

**Liquidise, Liquidize**, *v.t.* ଦ୍ରବ-କ, ତରଳାଇବା ।

**Liquidity, Liquidness**, *n.* 1. ଦ୍ରବତ୍ୱ, ତରଳତା; 2. ମଧୁରତା, ଅକର୍ଜଳତା ।

**Liquidly**, *ad.* 1. ତରଳଭାବେ ; 2. ଅକର୍ଜଳଭାବେ ।

**Liquor**, *n.* *lik'-ur*, 1. ତରଳଦ୍ରବ୍ୟ ; 2. ମାଦକ ଦ୍ରବ୍ୟ, ସୁରା, ମଦ୍ୟ, ମଦ ; 3. ରସାୟନିକ ମିଶ୍ରଣ ।

**Liquorice**, *n.* ଯଷ୍ଟିମଧୁ, ମଧୁ ଯଷ୍ଟିକା ।

**Lisp**, *v.i.* ଭୁଣ୍ଡ ଭଣିବା, ତତଲେଇ କଥା କହିବା, ଅସ୍ପଷ୍ଟ ଉଚ୍ଚାରଣ-କ ।—*n.* ତତଲେଇ କଥା, ଅସ୍ପଷ୍ଟୋଚ୍ଚାରଣ, ଭୁଣ୍ଡ ଭଣିବା ଅଭ୍ୟାସ । [କହେ ।

**Lisper**, *n.* ଅସ୍ପଷ୍ଟୋଚ୍ଚାରଣକାରୀ, ଯେ ତତଲେଇ କଥା

**Lisping**, *n.* ତତଲେଇ କଥନ ।

**Lispingly**, *ad.* ତତଲେଇ କଥାରେ, ଅସ୍ପଷ୍ଟୋଚ୍ଚାରଣରେ ।

**Lissome, Lissom**, *a.* ସ୍ଥିତିସ୍ଥାପକ, କୋମଳ ।

**Lissomeness**, *n.* କୋମଳତା ।

**List**, *n.* 1. ଲୁଗାର ଧଡ଼, ପଣୀ ; 2. ଛିଟ ; 3. ତାଲିକା ଫର୍ଦ୍ଦ, ତଫସୀଲ ; 4. ଅଖଡ଼ା ଜାଗା ; 5. ଇଚ୍ଛା ।—*v.t.* 1. ତାଲିକାଭୁକ୍ତ-କ ; 2. ସୈନ୍ୟଶ୍ରେଣୀ ଅଧରେ ନାମ ଲେଖାଇବା ; 3. ମଲ୍ଲଯୁଦ୍ଧ ନିମନ୍ତେ ଜାଗା ଘେରାଇବା ; 4. ଅଉଜାଇବା, ଚେଷ୍ଟା-କ ।—*v.i.* 1. ସୈନିକ କର୍ମରେ ନାମ ଲେଖିବା ; 2. ସନ୍ତୁଷ୍ଟ-ହେ, ଇଚ୍ଛା-କ, ଭଲପାଇବା, ପସନ୍ଦ-କ; 3. ଶୁଣିବା, ମନୋଯୋଗୀ-ହେ, ପରାମର୍ଶ ମାନିବା ।

**Listen**, *v.i.* *lis'n.* 1. କାନ ଡେରିବା, ଶୁଣିବା, ମନୋ-ଯୋଗୀ-ହେ ; 2. ପରାମର୍ଶ ମାନିବା ।

**Listener**, *n.* ଶ୍ରବଣକାରୀ, ଶ୍ରୋତା । [କରଣ ।

**Listing**, *n.* 1. ପଣୀ ଲଗାଇବା କାର୍ଯ୍ୟ ; 2. ତାଲିକା-

**Listless**, *a.* 1. ଅନିଚ୍ଛୁକ ; 2. ଅମନୋଯୋଗୀ ; 3. ଅନାସକ୍ତ, ଉଦାସୀନ ; 4. କ୍ଳାନ୍ତ ; 5. ଅଳସ ।

**Listlessly**, *ad.* ଅମନୋଯୋଗିଭାବେ, ଅନିଚ୍ଛୁକସ୍ୱଭାବେ, କ୍ଳାନ୍ତଭାବେ । [ସୀନତା ।

**Listlessness**, *n.* ଅନିଚ୍ଛା, ଅମନୋଯୋଗିତା, ଉଦା-

**Lit**, *pret.* of Light, ଜଳାଗଲା ।—*pp.* ଜ୍ୱଳିତ ।

**Litany**, *n.* ପ୍ରାର୍ଥନା ସଂହିତା ବିଶେଷ ଯାହା ଭୃତ୍ୟାଧାବ । ବା ପାଦ କରାଯାଏ, ପ୍ରତ୍ୟୁତ୍ତରକ୍ରମେ କର ଅନୁତାପସୂଚକ ପ୍ରାର୍ଥନା ।

**Literal**, *a.* 1. ଅକ୍ଷରିକ, ମୂଳାର୍ଥକ; 2. ସ୍ପଷ୍ଟ, ଅବିକଳ ।

**Literalism**, *n.* ଅକ୍ଷରିକ ଭାବର ପୋଷକତା, ଅକ୍ଷରିକ ଭାବରେ ବ୍ୟାଖ୍ୟାକରଣ । [ବ୍ୟାଖ୍ୟାକାରୀ ।

**Literalist**, *n.* ଅକ୍ଷରିକ ଭାବର ପୋଷକ, ଅକ୍ଷର ପ୍ରମାଣେ

**Literally**, *ad.* ଅକ୍ଷରପ୍ରମାଣେ, ଅକ୍ଷରିକଭାବେ, ଅକ୍ଷ-ରେ, ଶବ୍ଦାନୁସାରେ ।

**Literary**, *a.* 1. ସାହିତ୍ୟବିଷୟକ, ଶାସ୍ତ୍ରୀୟ, ବିଦ୍ୟାବିଷ-ୟକ; 2. ବିଦ୍ୱାନ୍ ।

**Literate**, *a.* ଶାସ୍ତ୍ରଜ୍ଞ, ବିଦ୍ୟାବନ୍ତ, ପଣ୍ଡିତ ।

**Literati**, *n. pl.* ପଣ୍ଡିତବର୍ଗ, ବିଦ୍ୟାବନ୍ତ ବ୍ୟକ୍ତିସମୂହ ।

**Literatim**, *ad.* *literā'tim*, ଅକ୍ଷରେ ।

**Literator**, *n.* ଅଳ୍ପ ଶାସ୍ତ୍ରଜ୍ଞ ଲୋକ, ସାହିତ୍ୟଜ୍ଞ ଲୋକ ।

**Literature**, *n.* 1. ସାହିତ୍ୟ, ବିଦ୍ୟା, ପାଣ୍ଡିତ୍ୟ ; 2. ଶାସ୍ତ୍ରସମୂହ ।

**Lithe**, *a.* *lith*, ନମନୀୟ, ନରମ, ନୁଆଁଣଯୋଗ୍ୟ ।

**Litheness**, *n.* ନମ୍ୟତା, ନମନୀୟତା, ନୁଆଁଣିଆତ୍ୱ ।

**Lithesome**, *a.* 1. କଅଁଳ ନମନୀୟ ; 2. ଚଞ୍ଚଳ, ଦ୍ରୁତ ।

**Lithesomeness**, *n.* 1. ନମନୀୟତା ; 2. ସ୍ଫୂର୍ତ୍ତି ।

**Lithic**, *a.* ମୂତ୍ରାଧାରରେ ଥିବା ପ୍ରସ୍ତର ସମ୍ବନ୍ଧୀୟ ।

**Lithoglyph**, *n.* ମଣି ଅବରେ ଖୋଦିତ ଲେଖା ।

Lithoglyphics, Lithoglyptics, *n.* ମଣି ପଥରରେ ଖୋଦିବା ବିଦ୍ୟା । [ଖୋଦା ।

Lithograph, *v.t.* ପଥରଛପା କର୍ମ-କ ।—*n.* ପଥର

Lithographer, *n.* ଯେ ପଥରଛପା କର୍ମ କରେ ।

Lithographic, Lithographical, *a.* ପଥରଛପା-କର୍ମ ବିଷୟକ, ପଥରଛପାରେ କୃତ ।

Lithography, *n.* ପଥରଛପା କର୍ମ ବା ବିଦ୍ୟା ।

Litholatry, *n.* ପ୍ରସ୍ତରପୂଜା । [ବିଦ୍ୟା ।

Lithology, *n.* 1. ପ୍ରସ୍ତର ବିଷୟକ ବିଜ୍ଞାନ ; 2. ପ୍ରସ୍ତର

Lithomancy, *n.* ପ୍ରସ୍ତର ଦ୍ୱାରା ଗଣନା ।

Lithotomy, *n.* ଅସ୍ତ୍ର ଦ୍ୱାରା ମୂତ୍ରାଶୟର ଛେଦନ ।

Litigable, *a.* ନାଲିଶଯୋଗ୍ୟ, ବିବାଦନୀୟ ।

Litigant, *a.* ମକଦମାରେ ରତ, ମକଦମାକାରୀ ।—*n.* ମକଦମା ଯେ କରେ, ବାଦୀ ବା ପ୍ରତିବାଦୀ, ଅଭିଯୋକ୍ତା ।

Litigate, *v.t.* ମକଦମା-କ, ନାଲିଶ-କ, ପ୍ରତିବାଦ-କ ।—*v.i.* ମକଦମା ଚଳାଇବା । [ଅଭିଯୋଗ ।

Litigation, *n.* ନାଲିଶକରଣ, ମକଦମା, ପ୍ରତିବାଦ,

Litigator, *n.* ମକଦମା ଯେ କରେ ।

Litigious, *a.* *li-tij'-us*, 1. ମକଦମାପ୍ରିୟ, ବିବାଦଶୀଳ, ଅଭିଯୋଗେଚ୍ଛୁ ; 2. ପ୍ରତିବାଦଯୋଗ୍ୟ ।

Litigiously, *ad.* ବିଦ୍ୱେଷରୂପେ, ଅଭିଯୋଗେଚ୍ଛୁରୂପେ ।

Litigiousness, *n.* ମକଦମାପ୍ରିୟତା, ବିବାଦତା, ବିବାଦେଚ୍ଛା ।

Litter, *n.* 1. ପଶୁ ଆଦି ଶୋଇବା ନିମନ୍ତେ ବିଛଣା ; 2. ଅଳିଆ, ଜଞ୍ଜାଳ ; 3. ଡୋଲି, ଚତୁର୍ଦ୍ଦୋଳ ; 4. ଏକ ପଲ ଛୁଆ ; 5. ପଲଙ୍କ ।—*v.t.* 1. ପଶୁ ଶୋଇବା ନିମନ୍ତେ କଡ଼ା ବିଛାଇବା ; 2. ଇତସ୍ତତଃ ଗୋଳମାଳ-କ ; 3. ଏକ ପଲ ଛୁଆ ପ୍ରସବ-କ ।—*v.i.* ଏକ ପଲ ଛୁଆ ଜନ୍ମିବା ।

Litterateur, *n.* *liter-a-ter'*, ସାହିତ୍ୟଜ୍ଞ ଲୋକ ।

Little, *a.* ସାନ, ଛୋଟ, କ୍ଷୁଦ୍ର, ଅଳ୍ପ, କିଞ୍ଚିତ୍, ତୁଚ୍ଛ, ସାମାନ୍ୟ ।—*n.* କ୍ଷୁଦ୍ର ବିଷୟ, ଅଳ୍ପମାତ୍ର, କିଞ୍ଚିତ୍ ଅଂଶ ।—*ad.* ଟିକିଏ, ଅଳ୍ପେ, ଅଳ୍ପ ଦୂର, ଯତ୍କିଞ୍ଚିତ୍ ।—Little by little, କ୍ରମେ । Little-go, କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ମଧ୍ୟବର୍ତ୍ତୀ ପରୀକ୍ଷା ।

Littleness, *n.* ଅଳ୍ପତା, କ୍ଷୁଦ୍ରତା, ସଙ୍କୀର୍ଣ୍ଣତା ।

Littoral, *a.* ସମୁଦ୍ର ତୀର ସମ୍ବନ୍ଧୀୟ, ତୀରସ୍ଥ ।

Liturgic, Liturgical, *a.* ପ୍ରକାଶ୍ୟ ଉପାସନାର ପ୍ରାର୍ଥନାପଦ୍ଧତି ସମ୍ବନ୍ଧୀୟ, ପ୍ରାର୍ଥନା ଓ ଭଜନାର ବିଧାନାବଳୀ ବିଷୟକ । [ସ୍ୱିକ ଶିକ୍ଷା ।

Liturgics, *n.* (*sing.*) ଉପାସନାର ବିଧାନାବଳୀ ବିଷ-

Liturgy, *n.* 1. ଉପାସନାର ନିରୂପିତ ବିଧାନାବଳୀ, ପ୍ରାର୍ଥନାପଦ୍ଧତି, ସ୍ତୋତ୍ରମାଳା ; 2. (Roman Catholic) ପ୍ରଭୁଙ୍କ ଭୋଜର ବିଧାନାବଳୀ ।

Live, *liv*, *v.i.* 1. ଜୀଇଁବା, ବଞ୍ଚିବା, ଜୀବିତ-ହେ, ଜୀବନ କାଟିବା ; 2. ସୁଖରେ ରହିବା ; 3. ପ୍ରତିପୋଷିତ-ହେ ; 4. ରହିବା, ସ୍ଥାୟୀ-ହେ ; 5. ବାସ-କ ।—*v.t.* କାଳ ଯାପନ-କ, ସମୟ କ୍ଷେପଣ-କ, ଅତିବାହିବା ।—*a.* *liv.* 1. ଜୀବନ୍ତ, ଜୀବିତ, ସଜୀବ, ଜୀବନ୍ତ ; 2. ଜ୍ୱଳନ୍ତ, ଜଳନ୍ତା ; 3. ଉତ୍ତପ୍ତ, ଉତ୍ସାହିତ ; 4. ଉଜ୍ଜ୍ୱଳ ; 5. କାର୍ଯ୍ୟକାରୀ (ବାଷ୍ପ) । [ସ୍ୱଣ ।

Livelihood, *n.* ଉପଜୀବିକା, ଜୀବନୋପାୟ, ବୃତ୍ତି, ଗୁଜୁ-

Liveliness, *n.* ସଜୀବତ୍ୱ, ଚପଳତା, ତେଜ, ସ୍ଫୁର୍ତ୍ତି, ପ୍ରଫୁଲ୍ଲତା, ପ୍ରଖରପଣ । [ସ୍ଥାୟୀ ।

Livelong, *a.* ସ୍ଥାୟୀ, ବ୍ୟାପୀ, ଜୀବନବ୍ୟାପୀ, ଦୀର୍ଘକାଳ

Lively. *a.* ସଜୀବ, ଜୀବିତ, ସତେଜ, ସବଳ, ତୀବ୍ର, ଉଜ୍ଜ୍ୱଳ, ପ୍ରଫୁଲ୍ଲ, ପ୍ରଖର ।—*ad.* ସଜୀବରୂପେ, ସତେଜରୂପେ ।

Liver. *n.* 1. ଜୀବନଧାରୀ ; 2. ବାସକାରୀ ; 3. କଲିଜା, ଯକୃତ ।

Liver-complaint. *n.* କଲିଜା ରୋଗ ।

Livery, *n.* 1. ଭୃତ୍ୟର ବିଶେଷ ପୋଷାକ, ଚିହ୍ନସୂଚକ ବସ୍ତ୍ର ; 2. ଘୋଡ଼ାର ଭଡ଼ାଟିଆ ଖୋରାକ, ଭୃତ୍ୟାଦିର ନିର୍ଦ୍ଦିଷ୍ଟ ଭତା ।—*a.* କଲିଜା ପରି ।

Livery-stable. *n.* ଭଡ଼ାଟିଆ ଅଶ୍ୱଶାଳା ।

Livid, *a.* ଈଷତ୍ କଳା, ନୀଳମିଶ୍ରିତକଳା, ସୀସା ରଙ୍ଗ ପରି, ବିବର୍ଣ୍ଣ, କଳାଶିରାକାର । [ସୀସାବର୍ଣ୍ଣ ।

Lividness, Lividity, *n.* ନୀଳମିଶ୍ରିତ କଳାରଙ୍ଗ,

Living, *a.* 1. ଜୀବନ୍ତ, ଜୀବିତ ; 2. ପ୍ରବହଣଶୀଳ ; 3. ଜୀବନଦାୟକ, ଅମୃତ ; 4. ଉତ୍ତେଜକ ।—*n.* 1. ଜୀବିକା, ଜୀବନୋପାୟ ; 2. ସମ୍ପତ୍ତି ; 3. ଚାଲିଚଳନ ; 4. ଖ୍ରୀଷ୍ଟୀୟ ମଣ୍ଡଳୀରେ ଧର୍ମୋପଦେଶକର ବୃତ୍ତି ।—The living, ଜୀବିତ ଲୋକମାନେ ।

Lixiviate, *v.t.* କ୍ଷାରଜଳ ପ୍ରସ୍ତୁତ-କ, ଲବଣାକ୍ତ-କ ।

Lixiviation, *n.* କ୍ଷାର ବାହାର କରିବାର ପ୍ରକ୍ରିୟା ।

Lixivium, *n.* କ୍ଷାରଜଳ ।

Lizard, *n.* ଝିଟିପିଟି, ଟିକ୍‌ଟିକ୍, ଗୃହଗୋଧିକା, କୃକଳାସ ।

Llama, *n.* ଦକ୍ଷିଣ ଆମେରିକାର ଓଟଜାତୀୟ ପଶୁବିଶେଷ ।

Llano, *n.* ଦକ୍ଷିଣ ଆମେରିକାର ଉତ୍ତର ଦିଗସ୍ଥ ସୁବିସ୍ତୀର୍ଣ୍ଣ ପ୍ରାନ୍ତର ।

Lo, *interj.* ଦେଖ, ଅହୋ, ଏହି ।

Load, *n.* 1. ଭାର, ବୋଝ ; 2. ବୋଝାଇ, ଏକ କ୍ଷେପର ମାଲ୍ ; 3. ଭର ।—*v.t.* 1. ବୋଝାଇ-କ, ଲଦାଇବା ; 2. ଭାର-ଦେ ; 3. ଭରିବା, ଭର-କ, ଭର୍ତ୍ତି-କ ; 4. ଭାରଗ୍ରସ୍ତ-କ ; 5. ଗାଦା-କ ।

Loading, *n.* 1. ବୋଝାଇ କରିବା କାର୍ଯ୍ୟ, ଭାରାରୋପଣ 2. ବୋଝାଇ, ଭାର ।

Loadstar, see Lodestar.

Loadstone, see Lodestone.

Loaf, *n.* 1. ରୋଟି, ରୁଟି, ରୋଟିକା ; 2. କନ୍ଦ, ଚିନି ଡାଲ ; 3. ଢେଲା ।—*v.i.* ଅଳସ-କ, ବୃଥାରେ ବୁଲି ମିଛରେ ସମୟ କାଟିବା ।

Loafer, *n.* ଅଳସୁଆ, ବୁଲା, ମାଗିଖିଆ ।

Loaferish, *a.* ମାଗିଖିଆ ପରି ।

Loaf-sugar, *n.* ଗୋଲଆ କନ୍ଦ ।

Loam, *n.* ବାଲି ଓ ଏତ ମିଶା ଚିକଟା ମାଟି, ସାର ମା —*v.t.* ସାର ମାଟି ବିଛାଇବା । [ମାଟି

Loamy, *a.* ସାର ମାଟିପୂର୍ଣ୍ଣ, ସାରମାଟି ପରି, ଚିଁ

**Loan**, *n.* 1. ଉଧାର, ଧାର; 2. ଉଧାରକରଣ; 3. ସୁଧ ନିମନ୍ତେ ଅର୍ଥଦାନ, ଋଣ, କର୍ଜ ।—*v.t.* ଧାର-ଦେ, ଉଧାର-ଦେ, ଋଣ-ଦେ, କର୍ଜ-ଦେ ।

**Loanable**, *a.* କର୍ଜଯୋଗ୍ୟ ।

**Loath, Loth**, *a.* *loth*, କୁଣ୍ଠିତ, ଅନିଚ୍ଛୁକ, ବିରକ୍ତ ।

**Loathe**, *v.t.* ଘୃଣା-କ, ଘିଣାପାଇବା, ଘିନ୍‌ଘିନ୍-କ ।—*v.i.* ଅରୁଚି-ହେ, ବିରକ୍ତ-ହେ ।

**Loathful**, *a.* 1. ଘୃଣାବାନ୍, ବିରକ୍ତିପୂର୍ଣ୍ଣ; 2. ଘୃଣ୍ୟ, ବିରକ୍ତିଜନକ, ଅରୁଚିକର ।

**Loathing**, *n.* ଅତ୍ୟନ୍ତ ଘୃଣା, ଘୃଣାଭାବ, ବିରକ୍ତି, ଅରୁଚି ।

**Loathingly**, *ad.* ଘୃଣାଭାବେ, ଅସନ୍ତୋଷପୂର୍ବକ, ବିରକ୍ତରୂପେ ।

**Loathly**, *ad.* 1. ଅନିଚ୍ଛୁକଭାବେ, କୁଣ୍ଠିତଭାବେ; 2. ଘୃଣାଜନକଭାବେ । [ଘୃଣ୍ୟ ।

**Loathsome**, *a.* 1. ଘୃଣାଜନକ, ଅରୁଚିକର; 2. ଘୃଣିତ,

**Loathsomely**, *ad.* ଘୃଣାଜନକଭାବେ, ବିରକ୍ତିକରଭାବେ ।

**Loathsomeness**, *n.* ଘୃଣାଜନକତା, ବିରକ୍ତିକରତା ।

**Lob**, *n.* 1. ଅକାମା ଲୋକ; 2. ଦୌଡରେ ସବୁଠୁ ପଛରେ ପଡଣ ଲୋକ; 3. ଭଅପୋକ ବିଶେଷ; 4. ବାଣ୍ଡୁଗୁଲି ଖେଳରେ ଧୀର ପେଣ୍ଡୁ ।—*v.t.* 1. ବାଣ୍ଡୁଗୁଲି ଖେଳରେ ପେଣ୍ଡୁ ଧୀରେ ଫୋପାଡିବା, ଟେନିସ୍ ଖେଳରେ ଖେଳିବା ଲୋକର ସୀମା ପର୍ଯ୍ୟନ୍ତ ପେଣ୍ଡୁ ମାରିବା; 2. ଭାର ଭର ନୁଅଁଇବା ।—*v.i.* 1. ପେଣ୍ଡୁ ଅତି ଧୀରେ ପକାଯିବା; 2. ନଇଁବା ।

**Lobby**, *n.* 1. ଘରର ସମ୍ମୁଖବର୍ତ୍ତୀ ଦାଲାଣ, ଉପଶାଳ ଦେହୁଡ; 2. ବ୍ୟବସ୍ଥାପକ ସଭାଗୃହର ଉପଶାଳା ଯେଉଁଠାରେ ବାହାରସ୍ଥ ଲୋକମାନେ ଆପଣା ପ୍ରତିନିଧିମାନଙ୍କୁ ଦେଖି ପାରନ୍ତି ।

**Lobe**, *n.* 1. କାନର ପତା; 2. କାନପତା ପରି ବର୍ତ୍ତୁଳାକାର ଭାଗ ।

**Lobster**, *n.* ସାମୁଦ୍ରିକ ବଡ଼ ଚିଙ୍ଗୁଡ଼ି, ଚିଙ୍ଗୁଡ଼ି ମାଛ ବିଶେଷ ।

**Lobworm**, *n.* ଭଅପୋକ ବିଶେଷ ।

**Local**, *a.* 1. ସ୍ଥାନୀୟ, ସ୍ଥାନିକ, ସ୍ଥାନସମ୍ବନ୍ଧୀୟ, ଏକ ସ୍ଥାନର, ବିଶେଷ ସ୍ଥାନ ବିଷୟକ; 2. ପ୍ରଦେଶୀୟ ।

**Locale**, *n.* *lo-käl'*, ସ୍ଥାନ, ସ୍ଥଳ ।

**Localisation**, *n.* ସ୍ଥାନ ନିର୍ଦ୍ଦେଶକରଣ, ସ୍ଥାନ ନିରୂପଣ ।

**Localise, Localize**, *v.t.* 1. ସ୍ଥାନ ନିର୍ଦ୍ଦିଷ୍ଟ-କ; 2. ନିର୍ଦ୍ଦିଷ୍ଟ ସ୍ଥାନରେ ରଖିବା ।

**Localism**, *n.* ସ୍ଥାନୀୟ ବୋଲି, ଗାଉଁଲିଆ କଥା, ଦେଶୀ ଢଙ୍ଗ, ପ୍ରାଦେଶିକ ସ୍ୱଭାବ ।

**Locality**, *n.* 1. ଅବସ୍ଥିତି; 2. ସ୍ଥାନ, ସ୍ଥଳ; 3. ପ୍ରଦେଶ ।

**Locally**, *ad.* ସ୍ଥାନ ଅନୁସାରେ, ସ୍ଥାନୀୟ ବିଷୟର ଦୃଷ୍ଟିରେ, ସ୍ଥାନରେ ।

**Locate**, *v.t.* 1. ନିର୍ଦ୍ଦିଷ୍ଟ ସ୍ଥାନରେ ରଖିବା, ଅବସ୍ଥିତ-କ; 2. ସ୍ଥାନ ନିର୍ଦ୍ଦିଷ୍ଟ-କ; 3. ସୀମା ନିର୍ଦ୍ଦିଷ୍ଟ-କ ।

**Location**, *n.* 1. ସ୍ଥାପନ; 2. ସ୍ଥିତି, ସ୍ଥାନ; 3. ସୀମା-ନିର୍ଦ୍ଦିଷ୍ଟ ଭୂମି ।

**Locative**, *a.* (*Gram.*) ଅଧିକରଣ ।—*n.* ସପ୍ତମୀ ବିଭକ୍ତି, ଅଧିକରଣ କାରକ ।

**Loch**, *n.* *lok*, ହ୍ରଦ, ଚିଲିକା, ଉପସାଗର, ଖାଡ଼ି ।

**Lochaber-axe**, *n.* ଟାଙ୍ଗିଆ, ଫାର୍ଶା ।

**Lock**, *n.* 1. କୋଲପ, ତାଲା; 2. କେନାଲରେ ପାଣି ରଖିବା କବାଟ; 3. ବନ୍ଧୁକର ରଞ୍ଜକଘର; 4. ମଲ୍ଲ ଯୁଦ୍ଧରେ କୁଣ୍ଢାକୁଣ୍ଢି; 5. ଯନ୍ତ୍ରାଯନ୍ତ୍ର; 6. ଚକ ବନ୍ଦ କରିବାର କାଠ ଖଣ୍ଡ ବା ଉପାୟ; 7. ସଙ୍କୀର୍ଣ୍ଣ ଜାଗା; 8. ବାଳର ଝୁଲପି, କେତେକ ବାଳ ।—*v.t.* 1. କୋଲପ ଦେଇ ବନ୍ଦ-କ, ଚାବି ପକାଇବା; 2. କାଠଖଣ୍ଡ ଦେଇ ଚକ ବନ୍ଦ-କ; 3. ବନ୍ଦ-କ, ଲୁଚ-କ; 4. କୁଣ୍ଢାଇବା; 5. କେନାଲରେ କବାଟ ଲଗାଇବା ।—*v.i.* 1. ଦୃଢ଼ରୂପେ ବନ୍ଦ-ହେ; 2. ଯୋଡଣାଲି ପରି ମିଳିଯିବା ।

**Lockage**, *n.* 1. କେନାଲର କବାଟସବୁ; 2. କେନାଲ ଜଳର ଉଚ୍ଚନୀଚତାର ପ୍ରଭେଦ; 3. କେନାଲରେ ଦୁଇ କବାଟ ମଧ୍ୟବର୍ତ୍ତୀ ସ୍ଥାନ ବନାଇବା ପାଇଁ ପ୍ରସ୍ତର, ଲକ୍ ଖୋଲ ବନାଇବା ସରଞ୍ଜାମ; 4. ଲକ୍ ଖୋଲ ପାର ହେବା ପାଇଁ ଦେୟ ମାଶୁଲ ।

**Locker**, *n.* 1. ବନ୍ଦ ହୋଇଥିବା ଥାକ କୋଠରି; 2. ତାଲା ଥିବା ଆଲମାରି ବା ଦରାଜ ।

**Locket**, *n.* ବେକରେ ପିନ୍ଧିବା ଅଳଙ୍କାର ଯହିଁରେ ଛବି ବା କେତେକ ବାଳ ଥାଏ ।

**Lock-jaw, Locked-jaw**, *n.* ଚିବୁ ସଙ୍କୋଚ ହେତୁ ମୁଖ ବନ୍ଦ, ଜାବଡ଼ା ଦାନ୍ତ ।

**Lock-keeper**, *n.* ଲକ୍ ଖୋଲର ରକ୍ଷକ ।

**Lockout**, *n.* ଅନୁମତ ଅପ୍ରାପ୍ତ ଲୋକ ନିମନ୍ତେ ଘରର ବନ୍ଦ, କର୍ମଚାରୀମାନଙ୍କୁ ବାଧ୍ୟ କରାଇବା ପାଇଁ କାରଖାନାଦାରଙ୍କ, ଶିକ୍ଷକ ବା ଛାତ୍ରମାନଙ୍କର ଧର୍ମଘଟ । [ଲୋକ ।

**Locksmith**, *n.* ତାଲା ବନାଇବା ବା ମରାମତି କରିବା

**Lockup**, *n.* ହାଜତ ଘର । [ମିସ୍ତ୍ରି ।

**Locomotion**, *n.* 1. ଗମନ, ଗତି; 2. ଗତିଶକ୍ତି, ଚଳନ

**Locomotive**, *a.* 1. ଗମନସମ୍ବନ୍ଧୀୟ; 2. ଗମନକାରୀ, ଗତିଶୀଳ, ଜଙ୍ଗମ; 3. ଚଳକ, ଚଳନକ୍ଷମ, ଗତିଶକ୍ତି ଉତ୍ପାଦକ ।—*n.* ରେଲ୍‌ସଡ଼କ ପାଇଁ ଚକ୍ରବିଶିଷ୍ଟ ଧୂଆଁକଳ । [ପ୍ରତିନିଧି ରୂପ କର୍ମ କରେ ।

**Locum-tenens**, *n.* ବଦଳୀ, ପ୍ରତିନିଧି, ଯେ ବଦଳୀ-

**Locust-bean**, *n.* ଶିମ୍ବଜାତୀୟ ଫଳବିଶେଷ ।

**Locution**, *n.* ବାକ୍‌ଶକ୍ତି, ବକ୍ତୃତା । [ଝୋଲ ।

**Lode**, *n.* 1. ଖଣିରେ ଧାତୁର ରେଖା; 2. ହିଲ; 3.

**Lodestar**, *n.* ଧ୍ରୁବନକ୍ଷତ୍ର ।

**Lodestone**, *n.* ଚୁମ୍ବକପଥର ।

**Lodge**, *n.* 1. ଉଦ୍ୟାନରେ ଥିବା କ୍ଷୁଦ୍ର ଗୃହ, ଉପଗୃହ; 2. ଦରୁଆନର ଘର; 3. ବସା ଘର, ଆଶ୍ରମ; 4. ଫ୍ରୀମେସନ ଆଦିର ବୈଠକ ଘର ।—*v.t.* 1. ବସାଘର-ଦେ, ଆଶ୍ରୟ-ଦେ; 2. ରଖିବା; 3. ବସାଇବା, ପ୍ରବେଶ କରାଇବା ।—To lodge information ଏତଲା-ଦେ, ଅଭିଯୋଗ-କ ।—*v.i.* 1. ବସା କରି ରହିବା, ପ୍ରବାସ-କ; 2. ବାସ-କ ।

**Lodger**, *n*. ଅର୍ଥ ଦେଇ ଯେ ଅନ୍ୟର ଗୃହରେ ବାସ ସ୍ୱେଚ୍ଛାଦ କରେ, ପ୍ରବାସୀ । [କୋଠରୀ ।

**Lodging**, *n*. ବସା, ଭଡ଼ାଟିଆ ଘର, ଭଡ଼ାଦିଆ

**Lodgment**, *n*. 1. ଅବସ୍ଥିତକରଣ, ସଂସ୍ଥାପନ; 2. ଅବସ୍ଥିତ; 3. ସ୍ଥିତି; 4. (Military), ଶତ୍ରୁଦେଶରେ ସ୍ଥାନର ସ୍ୱାଧିକାର ।

**Loft**, *n*. 1. ଛାତକୁ ଲାଗିଥିବା ଉପର କୋଠରୀ; 2. ଗାଡ଼ି ଘର ଅବର ମଞ୍ଚ; 3. ଉପର ଭାଗ ।

**Loftily**, *ad*. 1. ଉର୍ଦ୍ଧ୍ୱେ, ଉଚ୍ଚ ସ୍ଥାନରେ; 2. ସଗର୍ବେ, ପ୍ରଗଲ୍‌ଭରୂପେ, ଦାମ୍ଭିକଭାବେ ।

**Loftiness**, *n*. 1. ଉଚ୍ଚତା; 2. ଉତ୍କୃଷ୍ଟତା, ମହତ୍ତ୍ୱ; 3. ପ୍ରଗଲ୍‌ଭତା, ଦାମ୍ଭିକତା । [4. ଉତ୍କର୍ଷ ।

**Lofty**, *a*. 1. ଉଚ୍ଚ; 2. ମହତ, ଉନ୍ନତ; 3. ଦାମ୍ଭିକ;

**Log**, *n*. 1. କାଠ ମୁଣ୍ଡିଆ, କାଠ ଗଣ୍ଡି; 2. ମୋଟା ବୁଦ୍ଧିଆ; 3. ଜାହାଜର ଗତିମାପକ ଯନ୍ତ୍ର; 4. ଜାହାଜର ଗତିର ଲେଖା; 5. ଏବ୍ରୀମାନଙ୍କ ମଧ୍ୟରେ ତରଳ ପଦାର୍ଥର ମାପ ବିଶେଷ ।—*a*. କାଠ ଗଣ୍ଡିରେ ନିର୍ମିତ ।—*v.t.* ଜାହାଜର ଗତିମାପ ଲେଖିବା ।—At loggerheads, ସଙ୍ଗାତ୍ତର, ମତାମତ ବିବାଦରେ ।

**Log-book**, *n*. 1. ଜାହାଜର ଗତି ଆଦି ଲେଖା ହୋଇଥିବା ପୁସ୍ତକ, ଜାହାଜର ରୋଜନାମା; 2. ସ୍କୁଲ ବା କୌଣସି ସଭାର କାର୍ଯ୍ୟପ୍ରଣାଳୀର ସ୍ମାରକ ପୁସ୍ତକ ।

**Logarithm**, *n*. ଗଣନା ସଙ୍କେତ ।

**Logia**, *n*. *pl*. ସୂତ୍ର, ଉକ୍ତି, ଯୀଶୁଙ୍କର କେତେକ ଅନୁମାନକ ବଚନର ସଂଗ୍ରହ ।

**Logic**, *n*. 1. ତର୍କଶାସ୍ତ୍ର, ନ୍ୟାୟଶାସ୍ତ୍ର; 2. ନ୍ୟାୟ, ଯୁକ୍ତି ।

**Logical**, *a*. 1. ତର୍କଶାସ୍ତ୍ର ବିଷୟକ; 2. ନ୍ୟାୟ ଶାସ୍ତ୍ରର ନିୟମାନୁଯାୟୀ, ନ୍ୟାୟଶାସ୍ତ୍ରସଙ୍ଗତ; 3. ନ୍ୟାୟଶାସ୍ତ୍ରଜ୍ଞ, ସୁଯୁକ୍ତିରେ ଦର୍ଶୀ । [ନ୍ୟାୟତଃ ।

**Logically**, *ad*. ତର୍କଶାସ୍ତ୍ରାନୁସାରେ, ନ୍ୟାୟରୂପେ,

**Logician**, *n*. ତାର୍କିକ, ନୈୟାୟିକ, ତର୍କଶାସ୍ତ୍ରଜ୍ଞ ଲୋକ ।

**Logistic, Logistical**, *a*. 1. ଗଣନାଦକ୍ଷ; 2. ସମଗ୍ର, ଷଷ୍ଟିତମ ଅଙ୍କକମିକ ।

**Logistic**, *n*. 1. ଗଣିତବିଦ୍ୟା; 2. ଷଷ୍ଟିତମ ଅଙ୍କଶାସ୍ତ୍ର ।

**Logistics**, *n*. *pl*. 1. ସୈନ୍ୟସମୂହର ସ୍ଥାନାନ୍ତର ଓ ଅସ୍ତ୍ରୋଜନ ବିଷୟକ ବିଦ୍ୟା; 2. ଷଷ୍ଟିତମ ଅଙ୍କଶାସ୍ତ୍ର ।

**Log-line**, *n*. ଜାହାଜର ଗତିମାପକ ଯନ୍ତ୍ରରେ ଲାଗିଥିବା ରଜ୍ଜୁ ।

**Logomachy**, *n*. ବାକ୍ୟୁଦ୍ଧ, ବାଗ୍‌ବିତଣ୍ଡା ।

**Logos**, *n*. 1. ବାକ୍ୟ, ବଚନ; 2. ଈଶ୍ୱରଙ୍କ ଅବତାର, ଦେବତ୍ୱର ବାକ୍ୟ, ଖ୍ରୀଷ୍ଟ ।

**Logwood**, *n*. ଲାଲମ କାଠ, ରଙ୍ଗ କାଠ ବିଶେଷ ।

**Loimic**, *a*. ମହାମାରୀସମ୍ବନ୍ଧୀୟ, ସଂକ୍ରାମକ ରୋଗସମ୍ବନ୍ଧୀୟ । [କଟିଦେଶ ।

**Loin**, *n*. 1. ପଞ୍ଜରତଳ; (in *pl.*) 2. କଟୀ, ଅଣ୍ଟା,

**Loiter**, *v.i.* ଡେରି-କ, ବିଳମ୍ବ-କ, ଅଳସ୍ୟ-କ, ଲେଉଟିଲ -କ ।

**Loiterer**, *n*. ମନ୍ଥର, ଅଳସୁଆ, ଶୁଣ୍ଠି, ଲେଉଟିଲାର ।

**Loiteringly**, *ad*. ବିଳମ୍ବିଭାବେ, ଧୀରେ, ମନ୍ଥରେ, ଅଳସଭାବେ ।

**Loll**, *v.i.* 1. ଅଳସ୍ୟରେ ଅଉଜିବା, ଅଳସ୍ୟରେ ବସିଣାରେ ପଡ଼ିରହିବା; 2. ଜିଭ ଲହଲହ-ହେ ।—*v.t.* ଜିଭ ବାହାରକରିବା, ଜିଭ ଲହଲହ-କ ।

**Lollards**, *n*. *pl*. ଉଇକ୍ଲିଫ୍ ନାମକ ଧର୍ମସଂସ୍କାରକର ଅନୁଚରବର୍ଗ, ଯୀଶୁ ଓ ମୃତମାନଙ୍କ ତତ୍ତ୍ୱ ବୁଝିବା ନିମନ୍ତେ ଇଂଲଣ୍ଡ ଦେଶରେ ସ୍ଥାପିତ ସଦାକାଳୀନ ସମିତି ।

**Lolly**, (*pl*. Lollies), *n*. ମିଠାଇ, ମିଶ୍ରୀ ।

**Lone, Lonely**, *a*. 1. ଏକାକୀ, ଏକଲା, ଏକା, ନିଃସଙ୍ଗ; 2. ନିର୍ଜନ, ନିର୍ଜ୍ଜନ ।

**Loneliness**, *n*. 1. ନିର୍ଜ୍ଜନତା; 2. ଏକାକୀତ୍ୱ, ନିଃସଙ୍ଗତା ।

**Lonesome**, *a*. 1. ନିର୍ଜ୍ଜନତା ହେତୁ ବିଷଣ୍ଣ, ଉଦାସୀନ; 2. ନିର୍ଜ୍ଜନ ।

**Lonesomely**, *ad*. ନିର୍ଜ୍ଜନଭାବେ ।

**Lonesomeness**, *n*. ନିର୍ଜ୍ଜନତା ।

**Long**, *a*. 1. ଲମ୍ବ, ଲମ୍ବା; 2. ବିସ୍ତୃତ; 3. ଚିର, ଦୀର୍ଘ; 4. ଦୂର; 5. ବିଳମ୍ବୀ ।—*ad*. ଦୀର୍ଘକାଳେ, ଦେରିରେ, ବିଳମ୍ବରେ ।—*v.i.* 1. ବାଞ୍ଛା-କ, ସାଧ-କ, ଅତ୍ୟନ୍ତ ଇଚ୍ଛା-କ, ଆକାଂକ୍ଷା-କ; 2. ଲାଳସା-କ, ଶ୍ପୃହା-କ ।—In the long run, ଅବଶେଷରେ । The long and the short, ମୋଟାମୋଟି ।

**Long-ago**, *ad*. ବହୁକାଳପୂର୍ବେ ।

**Longanimity**, *n*. ଧୈର୍ଯ୍ୟ, ସହିଷ୍ଣୁତା ।

**Longboat**, *n*. ଜାହାଜର ବଡ଼ ନୌକା ।

**Longevity**, *n*. ଦୀର୍ଘାୟୁ, ଚିରଜୀବିତା ।

**Longhand**, *n*. ସାଧାରଣ ହସ୍ତାକ୍ଷର ।

**Longheaded**, *a*. ତୀକ୍ଷ୍ଣବୁଦ୍ଧି, ଦକ୍ଷ । [ବିଦ୍ୟା ।

**Longimetry**, *n*. *lon-jim-etri*, ଦୂରତ୍ୱ ମାପକରଣ

**Longing**, *n*. ବାଞ୍ଛା, ଅଭିଳାଷ, ଲାଳସା, ଅତ୍ୟାକାଂକ୍ଷା, ସ୍ପୃହା । [ଭାବେ, ସତୃଷ୍ଣଭାବେ ।

**Longingly**, *ad*. ଅଭିଳାଷରେ, ଆକାଂକ୍ଷାପୂର୍ବକ, ଉତ୍ସୁକ-

**Longish**, *a*. ଅଳ୍ପ ଲମ୍ବ ।

**Longitude**, *n*. 1. ଭୂଗୋଳ ମଧ୍ୟରେଖାରୁ କୌଣସି ସ୍ଥାନର ପୂର୍ବ ବା ପଶ୍ଚିମ ଦିଗର ଦୂରତ୍ୱ; 2. ଦୈର୍ଘ୍ୟ, ଦୂରତ୍ୱ ।

**Longitudinal**, *a*. 1. ଭୂଗୋଳ ମଧ୍ୟରେଖାରୁ କୌଣସି ସ୍ଥାନର ଦୂରତ୍ୱ ସମ୍ବନ୍ଧୀୟ; 2. ଅନୁଲମ୍ବ । [ର୍ଘ୍ୟରେ ।

**Longitudinally**, *ad*. ଲମ୍ବାଲମ୍ବି, ଲମ୍ବଅଡ଼େ, ଦୈ-

**Longlegs**, *n*. ଲମ୍ବପାଦ କୀଟ ବିଶେଷ ।

**Longlived**, *a*. ଦୀର୍ଘଜୀବୀ ।

**Long-measure**, *n*. ଦୈର୍ଘ୍ୟକ୍ରମେ ମାପ ।

**Long-primer**, *n*. ମଧ୍ୟମ ଛାପାକ୍ଷର ବିଶେଷ

**Longshoreman**, *n*. 1. ମାଲ ବୋହାଇ ଉଠାଇବା ବା ଓହ୍ଲାଇବା ଲୋକ; 2. ବେଳାତଟ ବ୍ୟବସାୟୀ ଲୋକ ।

**Longsighted**, *a*. 1. ଦୂରଦୃଷ୍ଟି, ତୀକ୍ଷ୍ଣଦୃଷ୍ଟିବିଶିଷ୍ଟ; 2. ଦୂରଦର୍ଶୀ, ବିଚକ୍ଷଣ; 3. ନିକଟ ଅପେକ୍ଷା ଅଧିକ ଦୂରକୁ ଦେଖିବା ସମର୍ଥ ।

**Long-spun**, *a.* 1. ଦୀର୍ଘକାଳ, ଦୀର୍ଘୀକୃତ; 2. କ୍ଳାନ୍ତିକର ।

**Long-suffering**, *n.* ଦୀର୍ଘସହିଷ୍ଣୁତା, ଧୈର୍ଯ୍ୟ ।—*a.* ଦୀର୍ଘସହିଷ୍ଣୁ, ଧୀର । [କ୍ଳାନ୍ତିକର ।

**Long-winded**, *a.* 1. ଦୀର୍ଘଶ୍ୱାସଯୁକ୍ତ ; 2. ବିରକ୍ତିକର,

**Longwise**, (same as Longways), *ad.* ଲମ୍ବ-ଆଡେ, ଲମ୍ବାଲମ୍ବି ।

**Loo**, *n.* ତାସ ଖେଳ ବିଶେଷ ।

**Loof**, *n.* 1. ଜାହାଜର ଏକ ଭାଗ ଯେଉଁଠାରେ ପଟା ସବୁ ଗୋଲ ହେବାକୁ ଆରମ୍ଭ ହୋଇଥାଏ; 2. ପାପୁଲି ।

**Look**, *v.i.* 1. ଅନାଇବା, ଦେଖିବା, ଦୃଷ୍ଟି-କ, ଦର୍ଶନ-କ; 2. ଲକ୍ଷ୍ୟ-କ; 3. ଅନ୍ୱେଷା-କ ; 4. ଦିଶିବା ; 5. ସମ୍ମୁଖୀନ-ହେ ।—*v.t.* ଦେଖାଇବା, ପ୍ରକାଶ-କ । —To look about, ଚାରିଆଡେ ଅନାଇବା, ଜାଗ୍ରତ-ହେ, ସତର୍କ-ହେ । To look after, 1. ଯତ୍ନ ନେବା; 2. ମନୋଯୋଗ-କ, ନଜର ରଖିବା । To look alive, ତତ୍ପର-କ, ସ୍ଫୂର୍ତ୍ତିରେ-କ । To look down on or upon, ତୁଚ୍ଛ-କ, ଘୃଣା-କ । To look for 1. ଖୋଜିବା, ଅନୁସନ୍ଧାନ-କ ; 2. ଅପେକ୍ଷା-କ, ଆଶା-କ । To look into, ନିରୀକ୍ଷଣ-କ । To look on or upon, 1. ଅନାଇବା ; 2. ବୋଧ-କ, ବିଚାର-କ । To look out, 1. ଜଗିବା ; 2. ବାଛିବା, ମନୋନୀତ-କ । To look over, ଲଘୁଭାବରେ ଅନାଇବା । To look to, 1. ସାବଧାନ-ହେ; 2. ଚାହିଁ ରହିବା । To look up, 1. ଖୋଜିବା ; 2. ଦେଖାସାକ୍ଷାତ-କ । To look up to, ସମ୍ମାନ-କ ।—*n.* 1. ଦୃଷ୍ଟି, ଦୃଷ୍ଟିପାତ ; 2. ଦର୍ଶନ; 3. ଚେହେରା, ମୁଖାକୃତି, ବଦନ ।—*interj.* ଦେଖ ! ଅନାଅ !

**Looker** *n.* ଦର୍ଶନକାରୀ ।

**Looker-on**, *n.* ଦର୍ଶକ, ଦର୍ଶକମାତ୍ର ।

**Looking-glass**, *n.* ଆଇନା, ଅରସି, ଦର୍ପଣ ।

**Lookout**, *n.* 1. ଜାଗରଣ ଚୌକି ; 2. ଜଗୁଆଳି ବସା, ଚୌକି ଦେବା ସ୍ଥାନ ; 3. ଜଗୁଆଳି, ପ୍ରହରୀ ।

**Loom**, *n.* 1. ତନ୍ତ, ତନ୍ତକାଠ; 2. ଅସ୍ପଷ୍ଟଦର୍ଶନ ।—*v.i.* ଦିଙ୍ମଣ୍ଡଳ ଊର୍ଦ୍ଧ୍ୱରେ ଦେଖାଯିବା, ପ୍ରକୃତ ଆକୃତିରୁ ବଡ ଦେଖାଯିବା, କୁହୁଡି ବା ଅନ୍ଧାରରେ ବଡ ଦିଶିବା ।

**Looming**, *n.* ମରୀଚିକା, ମୃଗତୃଷ୍ଣା ।

**Loon**, *n.* 1. ବୋକା, ପାଷଣ୍ଡ ; 2. ଭେଣ୍ଡିଆ; 3. ଲମ୍ବଗୋଡିଆ ପାଣି ଚଢେଇ ବିଶେଷ ।

**Loop**, *n.* ଫାଶ ।—*v.t.* ଫାଶ ଦେଇ ବାନ୍ଧିବା, ଫାଶ ଦ୍ୱାରା ସୁଶୋଭିତ-କ ।

**Loophole**, *v.* 1. ଗଡର କାନ୍ଥ ମଧ୍ୟରେ ବନ୍ଧୁକ ମାରିବା ନିମନ୍ତେ ଫାଙ୍କ, ଛିଦ୍ର, କଣା ; 2. ପଳାଇବା ଉପାୟ ।

**Loose**, *a. loos*, 1. ଢିଲା, ଖୋଲା, ଅଲଗା; 2. ମୁକ୍ତ, ବାଧିନ୍ଦୁରୁ ମୁକ୍ତ ; 3. ଅନିଶ୍ଚିତ, ଅଠିକ ; 4. ଲମ୍ପଟ ; 5. ଅମନୋଯୋଗୀ ; 6. ତରଳ ।—*v.t.* 1. ମୁକୁଳା-କ, ଖୋଲିବା, ଫିଟାଇବା, ଫେଡିବା; 2. ମୁକ୍ତ-କ; 3. ଢିଲା-କ ।—*v.i.* ଜାହାଜ ବନ୍ଦରରୁ ଛାଡିବା ।

**Loose-bodied**, *a.* ଖୋଲା ।

**Loosely**, *ad.* 1. ଢିଲାଭାବେ ; 2. ଅସଂଲଗ୍ନରୂପେ ; 3 ଲମ୍ପଟଭାବେ; 4. ଅସାବଧାନରୂପେ, ଶିଥିଳଭାବେ ।

**Loosen**, *v.t.* 1. ଖୋଲିବା ; 2. ଢିଲା-କ, ଢିଲେଇ ; 3. ଝାଡା କରାଇବା ।—*v.i.* ଢିଲା-ହେ, ଢିଲା-ହେ । —To break loose, ବନ୍ଧନ ଛିଣ୍ଡାଇବା, ପଳାଇବା । On the loose, ବଦମାସ-ହେ ।

**Loosener**, *n.* ରେଚକ ଔଷଧ । [ଝାଡା ।

**Looseness**, *n.* 1. ଢିଲାମି, ଶୈଥିଲ୍ୟ; 2. ଲମ୍ପଟତ୍ୱ; 3.

**Loot**, *n.* ଲୁଟପାଟ, ଲୁଟ, ଅପହରଣ ।—*v.t.* ଲୁଟ-କ, ଲୁଟପାଟ-କ, ଅପହରଣ-କ ।

**Lop**, *v.i.* ଝୁଲିବା, ଲମ୍ବିପଡିବା ।—*v.t.* 1. କାଟିବା, ଛାଟିବା, ଛେଦନ-କ ; 2. ଝୁଲାଇବା, ଲମ୍ବାଇବା ।—*n.* ଖୋଟ କଟା ଡାଳ ।

**Lop-eared**, *a.* ଝୁଲା କାନଯୁକ୍ତ ।

**Lopping**, *n.* 1. ଛେଦନ ; 2. କଟା ଡାଳ ।

**Lop-sided**, *a.* ଏକ ପାଖକୁ ଢାଳୁ, ଏକ ପାଖକୁ ଭାରି ।

**Loquacious**, *a.* 1. କଥାପ୍ରିୟ, ବକୁଆ, ବାକ୍‌ପଟୁ, ବାଚାଳ ; 2. ବଡବଡିଆ ; 3. ଗପିଆ ।

**Loquaciously**, *ad.* ବାଚାଳବତ୍ । [କଥାପ୍ରିୟତା ।

**Loquaciousness**, **Loquacity**, *n.* ବାଚାଳତା,

**Lord**, *n.* 1. ପ୍ରଭୁ, କର୍ତ୍ତା, ମାଲିକ ; 2. ସ୍ୱାମୀ ; 3. ଅଧିପତି, ଶାସନକର୍ତ୍ତା ; 4. ଇଂଲଣ୍ଡ ଦେଶରେ ବଡ ଜାତିର ଜମିଦାର ; 5. ଧର୍ମାଧ୍ୟକ୍ଷ ; 6. ସରକାର ଦତ୍ତ ଉପାଧି ବିଶେଷ ବା ତାହା ପ୍ରାପ୍ତ ବ୍ୟକ୍ତି ; 7. ପରମେଶ୍ୱର, ମହାପ୍ରଭୁ ; 8. ଖ୍ରୀଷ୍ଟ ।—*v.i.* followed by *it* and *over*, 1. ପ୍ରଭୁତ୍ୱ-କ, ଦାମ୍ଭିକଭାବେ କର୍ତ୍ତୃତ୍ୱ-କ ; 2. ଅତ୍ୟାଚାର-କ । [କାର, ଦାମ୍ଭିକତା ।

**Lordliness**, *n.* 1. ମାହାତ୍ମ୍ୟ, ଆଧିପତ୍ୟ; 2. ଅହଂ-

**Lordling**, *n.* 1. କ୍ଷୁଦ୍ର ପ୍ରଭୁ ; 2. ପ୍ରଭୁ ପଦାଭିଳାଷୀ ।

**Lordly**, *a.* 1. କର୍ତ୍ତା ପରି ; 2. କୁଳୀନୋପଯୁକ୍ତ, ମହତ୍ତ୍ୱମାନ୍ୟ ; 3. ପ୍ରଭୁର ସମ୍ବନ୍ଧୀୟ; 4. ଦାମ୍ଭିକ, ଅହଂକାରୀ ; 5. ଅତ୍ୟାଚାରୀ ।—*ad.* ଦାମ୍ଭିକଭାବେ । [ରବିବାର ।

**Lord's-day**, *n.* ସପ୍ତାହର ପ୍ରଥମ ଦିନ, ପ୍ରଭୁଙ୍କ ଦିନ,

**Lordship**, *n.* 1. କୁଳୀନତ୍ୱ ; 2. କୁଳୀନ ପଦ୍ଧତି ; 3. କର୍ତ୍ତାର ଅଧିକାର ବା ଇଲାକା ; 4. ପ୍ରଭୁତ୍ୱ, ଆଧିପତ୍ୟ ।

**Lord's-supper**, *n.* ପ୍ରଭୁଙ୍କ ଭୋଜ, ଖ୍ରୀଷ୍ଟଙ୍କ ମରଣ ସ୍ମରଣାର୍ଥକ ପବିତ୍ର ଭୋଜ । [ସ୍ମୃତି, ଜ୍ଞାନ ।

**Lore**, *n.* ଶିକ୍ଷା, ଉପଦେଶ, ବିଦ୍ୟା, ପାଣ୍ଡିତ୍ୟ, ଅଧ୍ୟୟନ,

**Lorgnette**, **Lorgnon**, *n.* ବେଣ୍ଟଲଗା ଚଷମା ବିଶେଷ ।

**Lorist**, *n.* ବଣଗ ପକ୍ଷୀ ବିଶେଷ, ହଳଦିବସନ୍ତ ।

**Loris**, *n.* ଲଙ୍କା ଦ୍ୱୀପର ବାନର ବିଶେଷ ।

**Lorn**, *a.* ଅନାଥ, ବନ୍ଧୁହୀନ, ତ୍ୟକ୍ତ, ଏକାକୀ, ଆଜନହୀନ ।

**Lorry**, *n.* ଚାରିଚକିଆ ମାଲଗାଡି ।

**Lory**, *n.* ତୋତା ବିଶେଷ, ଶୁଆ ।

**Losable**, *a. looz-abl*, ହଜି ଯିବାର ଯୋଗ୍ୟ ।

**Lose**, *v.t. looz*, 1. ହରାଇବା, ଛାଡିବା, ହଜାଇବା; 2. ଅପବ୍ୟୟ-କ ; 3. ନଷ୍ଟ-କ ।—*v.i.* 1. ହଜିବା, ହାରିବା; 2. ଅକୃତକାର୍ଯ୍ୟ-ହେ ; 3. କ୍ଷତିଗ୍ରସ୍ତ-ହେ ।—To lose

one's-self, ବାଟ ବଣା-ହେ, ପାଗଳ-ହେ, ହତବୁଦ୍ଧି-ହେ । To lose sight of, ଛାଡ଼ିଦେବା । To lose one's temper, ରାଗିଉଠିବା, ରାଗ-କ ।

Loser, n. ଯେ ହାରେ, କ୍ଷତିଗ୍ରସ୍ତ ଲୋକ, ହାରିବା ଲୋକ ।

Losing, a. କ୍ଷତିକର, କ୍ଷତିଜନକ ।—n. କ୍ଷତି ।

Losingly, ad. କ୍ଷତିକରରୂପେ ।

Loss, n. 1. ହଜାଇବା କାର୍ଯ୍ୟ; 2. ହାନି, କ୍ଷତି, ଲୋକସାନ; 3. ନାଶ; 4. ପରାଜୟ; 5. ଅପଚୟ ।—To be at a loss, ସନ୍ଦିଗ୍ଧ-ହେ, ଅପ୍ରସ୍ତୁତ-ହେ, ହତଜ୍ଞାନ-ହେ । To bear a loss, କ୍ଷତି ସହିବା, କ୍ଷତିପୂରଣ-କ ।

Lost, a. 1. ହଜିଗଲା, ହଜା; 2. ପତିତ; 3. ଚ୍ୟୁତ: 4. ନଷ୍ଟ; 5. ବୋଧଶୂନ୍ୟ; 6. ଅଦୃଶ୍ୟ ।—The lost ପରଲୋକରେ ଦଣ୍ଡପାତ୍ରମାନେ ।

Lot, n. 1. ଭାଗ୍ୟ, କପାଳ, ଅଦୃଷ୍ଟ; 2. ଗୁଳିବାଣ୍ଟ; 3. ଅଂଶ, ଭାଗ, ବାଣ୍ଟ; 4. ଅନେକଗୁଡ଼ିଏ ।—v.t. 1. ବିଭାଗ-କ, ବାଣ୍ଟ-କ; 2. ଭାଗବା-କ ।—To cast or draw lots, ଗୁଳିବାଣ୍ଟ-କ ।

Loth, a. loth, see Loath.

Lotion, n. ପ୍ରକ୍ଷାଳନାର୍ଥକ ଔଷଧ, ଜଳମୟ ଔଷଧ ।

Lottery, n. ଗୁଳିବାଣ୍ଟ, ଗୁଡ଼ିଖେଳା ।

Lotus, n. ପଦ୍ମ, କମଳ, ପଙ୍କଜ, ରାଜୀବ ।

Lotus-eyed, a. ପଦ୍ମଲୋଚନ ।

Lotus-eater, n. ସୁଖପ୍ରିୟ ଲୋକ, ଅଳସୁଆ ।

Loud, a. 1. ଶବ୍ଦକାରୀ; 2. ଉଚ୍ଚ; 3. କଳହକାରୀ, ଭୁଣ୍ଡେଇ; 4. ଆଡ଼ମ୍ବରଯୁକ୍ତ; 5. ଗୁରୁତର ।

Loudly, ad. ଉଚ୍ଚଶବ୍ଦରେ, ପାଟି କରି, ଉଚ୍ଚୈଃସ୍ୱରେ ।

Loudness, n. 1. ଉଚ୍ଚସ୍ୱର, ବଡ଼ ନାଦ, କୋଳାହଳ: 2. ବାହ୍ୟାଡମ୍ବର ।

Louis, Louisdar, n. ଦଶ ଟଙ୍କା ମୂଲ୍ୟ ଫ୍ରାନ୍ସ ଦେଶର ସ୍ୱର୍ଣ୍ଣ ମୁଦ୍ରା ବିଶେଷ ।

Lounge, v.i. ଆଉଜିପଡ଼ି ଆରାମ-କ, ଆଳସ୍ୟରେ କାଳ କାଟିବା, କ୍ଳାନ୍ତ ଲୋକ ପରି ବୁଲିବା ।—n. 1. ଶୟନକରଣ, ଆରାମ ଅବସ୍ଥା; 2. ଆରାମ ନିମନ୍ତେ ବୁଲା; 3. ଆରାମ ନିମନ୍ତେ ବୁଲିବା ଜାଗା; 4. ଆରାମ ନିମିତ୍ତ ପଲଙ୍କବିଶେଷ । [ସୁଆ ।

Lounger, n. ଆଳସ୍ୟରେ କାଳ କାଟିବା ଲୋକ, ଅଳ-

Lour, same as Lower.

Louse, n. lows, ଉକୁଣି, ଡାଉଁସ, ନଶ । (pl. Lice). ବ୍ୟବହାର ।

Lousiness, n. 1. ଉକୁଣିରେ ପୂର୍ଣ୍ଣତା; 2. କୁତ୍ସିତ

Lousy, n. 1. ଉକୁଣିରେ ପୂର୍ଣ୍ଣ; 2. କୁତ୍ସିତ, ପାଜି ।

Lout, n. ମୂର୍ଖ, ଅଜ୍ଞାନ ଲୋକ ।

Loutish, a. ଅସଭ୍ୟ, ଅଜ୍ଞାନ, ଗଉଁଆର ।

Loutishly, ad. ଅସଭ୍ୟରୂପେ, ଅଜ୍ଞାନ ପରି ।

Loutishness, n. ଅସଭ୍ୟତା ।

Lovable, a. ପ୍ରେମଯୋଗ୍ୟ, ପ୍ରିୟ, ପ୍ରୀତିଜନକ

Lovability, Lovableness, Loveableness, n. ପ୍ରେମଯୋଗ୍ୟତା, ପ୍ରୀତିଯୋଗ୍ୟତା ।

Love, luv, n. 1. ପ୍ରେମ, ପ୍ରୀତି, ସ୍ନେହ, ମାୟା, ପ୍ରଣୟ, ଆସକ୍ତି, ଅନୁରାଗ, ଶ୍ରଦ୍ଧା, ଭକ୍ତି; 2. ପ୍ରିୟ, ପ୍ରିୟା, ପ୍ରିୟତମ, ପ୍ରିୟତମା; 3. କନ୍ଦର୍ପ; 4. ଟେନିସ୍ ଆଦି ଖେଳର ଗଣନାରେ ଶୂନ୍ୟ ।—v.t. ପ୍ରେମ-କ, ପ୍ରୀତି-କ, ସ୍ନେହ-କ, ଭଲ ପାଇବା, ପ୍ରିୟଜ୍ଞାନ-କ, ଅନୁରାଗ-କ, ପ୍ରଣୟ-କ ।—v.i. ପ୍ରେମୀ-ହେ, ପ୍ରଣୟୀ-ହେ ।—To make love, ବିବାହ ନିମନ୍ତେ ପ୍ରୀତି ଚେଷ୍ଟା-କ । To play for love, ବିନା ବାଜିରେ ତାସ ଖେଳିବା । For love or money, କୌଣସିମତେ ।

Lovebird, n. ତୋତାଜାତୀୟ ପକ୍ଷୀ ବିଶେଷ ।

Love-child, n. ଜାରଜ, ଜାରଜ ସନ୍ତାନ ।

Love-feast, n. ପ୍ରେମ ଭୋଜ ।

Love-knot, n. ପ୍ରେମସୂଚକ ଗଣ୍ଠି, ଫାଶଟିଆ ଗଣ୍ଠି ।

Loveless, a. ପ୍ରେମଶୂନ୍ୟ, ସ୍ନେହହୀନ, ନିର୍ଦ୍ଦୟ ।

Love-letter, n. ପ୍ରେମଚିଠି, ପ୍ରୀତିପତ୍ର, ଅନଙ୍ଗଲେଖ ।

Loveliness, n. ସୌନ୍ଦର୍ଯ୍ୟ, ଲାବଣ୍ୟ, ପ୍ରିୟତା, ମନୋହରତା, ସୁରୂପତା ।

Lovelock, n. ଯୁବ କାମୀଙ୍କ ସ୍କନ୍ଧଲମ୍ବିତ ଚୂଳ ।

Lovelorn, a. ବିରହୀ, ଆପଣା ପ୍ରିୟ ବା ପ୍ରିୟା ଦ୍ୱାରା ତ୍ୟକ୍ତ । [ହର, ରମ୍ୟ ।

Lovely, a. ପ୍ରୀତିଜନକ, ପ୍ରେମୋତ୍ପାଦକ, ପ୍ରିୟ, ମନୋ-

Love-match, n. ପ୍ରେମ ହେତୁ ବିବାହ । [ପ୍ରିୟପାତ୍ର ।

Lover, n. 1. ପ୍ରେମକାରୀ, ପ୍ରିୟ; 2. ସଖା, ନାୟକ; 3.

Love-sick, a. ପ୍ରେମପୀଡ଼ିତ, କାମାତୁର ।

Love-sickness, n. କାମପୀଡ଼ା ।

Love-token, n. ପ୍ରେମଦାନ, ପ୍ରେମଚିହ୍ନ ।

Loving, a. ପ୍ରେମୀ, ସ୍ନେହକାରୀ, ପ୍ରଣୟୀ, ପ୍ରେମପ୍ରକାଶକ ।

Loving-kindness, n. କରୁଣା, କୃପା, ଦୟା ।

Lovingly, ad. ପ୍ରେମପୂର୍ବକ, ବାତ୍ସଲ୍ୟଭାବେ ।

Lovingness, n. ସ୍ନେହଶୀଳତା ।

Low, (1) v.i. lo, ଷଣ୍ଢ ପରି ହମ୍ବାଳିବା, ହେମାରବ-କ ।—n. ଗୋରୁରବ ।

Low, (2) a. 1. ଖାଟ, କମ୍, ନୀଚ; 2. ଅନୁଚ୍ଚ; 3. ଅଗଭୀର; 4. ଶସ୍ତା; 5. ମ୍ଳାନ, ବିଷଣ୍ଣ, ନୀରସ; 6. ଇତର, ଦରିଦ୍ର; 7. ଅଧମ, ଅଶ୍ଳୀଳ; 8. ନମ୍ର; 9. କ୍ଷୀଣ, ଦୁର୍ବଳ; 10. ଲଘୁ; 11. ମୃଦୁ ।

Lower, (1) v.t. 1. ଖାଟ-କ, ତଳ-କ, ନମ୍ର-କ; 2. ନୀଚ-କ, କମ୍-କ; 3. ନୁଆଁଇବା; 4. ଖାଟପଦସ୍ଥ-କ ।—v.i. 1. ତଳ-ହେ; 2. କମ୍-ହେ, ନୀଚ-ହେ, ଊଣା-ହେ; 3. ଅସ୍ତ-ହେ, ବୁଡ଼ିବା ।

Lower, (2) v.i. low'er, 1. ମେଘାଚ୍ଛନ୍ନ-ହେ; 2. ମୁହଁ ଭୁରୁଙ୍ଗା-କ ।

Lowering, a. ମେଘାଚ୍ଛନ୍ନ, ଘୋର ।—n. ନୀଚକରଣ ।

Loweringly, ad. ମେଘାଚ୍ଛନ୍ନରୂପେ, ଘୋରରୂପେ ।

Lowermost, a. ଖାଟତମ ।

Lowery, a. ମେଘୁଆ, ଘୋର ।

Lowing, n. ହେମାରବ, ହମ୍ବାଳ, ହମ୍ବାରବ ।

Lowland, n. ନିମ୍ନଭୂମି, ଖାଲଜମି, ପର୍ବତର ଅଧୋଦେଶ ।

Lowliness, *n.* 1. ନମ୍ରତା, ଅଭିମାନଶୂନ୍ୟତା; 2. ନୀଚତା, ସାନଗୁଣତା ।

Lowly, *a.* 1. ନୀଚ; 2. ଇତର, ସାନ; 3. ବିନତ, ନମ୍ର, ମୃଦୁ ।—*ad.* 1. ନମ୍ରଭାବେ, ମୃଦୁଭାବେ; 2. ଇତରରୂପେ, ସାମାନ୍ୟରୂପେ ।

Lowness, *n.* 1. ଅନୁଚ୍ଚତା, ନୀଚତା, ଅଧମତା; 2. ବାଧ୍ୟତା, ନମ୍ରତା; 3. ବିଷାଦ, ଉଦାସୀନତା; 4. ସାନଗୁଣତା ।

Low-spirited, *a.* ନିସ୍ତେଜ, ଶିଥିଳ, ବିଷଣ୍ଣ, ଦୁଃଖିତ ।

Loxodromics, *n. sing.* ଜାହାଜ ତେର୍ଚ୍ଛା ଚଳାଇବା ବିଦ୍ୟା । [ବିଶ୍ୱସ୍ତ, ସତ୍ୟବନ୍ତ ।

Loyal, *a.* 1. ରାଜଭକ୍ତ; 2. ଅକ୍ଷୟବନ୍ଧୁ, ବାଧ୍ୟ; 3.

Loyally, *ad.* ରାଜଭକ୍ତିପୂର୍ବକ, ବିଶ୍ୱସ୍ତଭାବେ ।

Loyalty, *n.* 1. ରାଜଭକ୍ତି, ପ୍ରଭୁଭକ୍ତି; 2. ନାରୀ ନାୟକ ମଧ୍ୟରେ ବିଶ୍ୱସ୍ତତା, ସତୀତ୍ୱ ।

Lozenge, *n.* ଚତୁର୍ଭୁଜ ଆକୃତି, ଔଷଧୀୟ ଟିକିଲି ।

Lubber, *n.* 1. ଅନାଡ଼ି ଲୋକ; 2. ଅଳସୁଆ; 3. ଅଶିକ୍ଷିତ ନାବିକ ।

Lubberly, *a.* ଅନାଡ଼ି ।—*ad.* ଅନାଡ଼ିରୂପେ ।

Lubric, Lubrical, Lubricous, *a.* 1. ଚିକ୍କଣ, ଖସଡ଼ା, ତେଲିଆ; 2. ଲମ୍ପଟ; 3. ଅସ୍ଥିର ।

Lubricant, *n.* ଯେ ବା ଯାହା ଖସଡ଼ା କରେ ।

Lubricate, *v.t.* ଖସଡ଼ା-କ, ତେଲିଆ-କ ।

Lubrication, *n.* ଖସଡ଼ାକରଣ, ତେଲିଆକରଣ ।

Lubricity, *n.* 1. ଖସଡ଼ାଭାବ, ତେଲିଆଭାବ, ଚିକ୍କଣତା; 2. କାମୁକତା ।

Lubrifaction, *n.* ଚିକ୍କଣକରଣ, ଖସଡ଼ାକରଣ ।

Luce, *n.* ଜଳମତ୍ସ୍ୟ ବିଶେଷ ।

Lucent, *a.* ଉଜ୍ଜ୍ୱଳ, ଦେଦୀପ୍ୟ । [ପ୍ରକାର ତୃଣ ।

Lucerne, *n.* ପଶୁମାନଙ୍କ ଖାଦ୍ୟ ନିମନ୍ତେ ଫୁଲଯୁକ୍ତ ଏକ

Lucid, *a.* 1. ଦୀପ୍ତିମାନ୍, ଉଜ୍ଜ୍ୱଳ; 2. ନିର୍ମଳ, ସ୍ୱଚ୍ଛ; 3. ସ୍ପଷ୍ଟ, ବୋଧଗମ୍ୟ; 4. ଯୁକ୍ତିବୁଦ୍ଧିବିଶିଷ୍ଟ; 5. ସଚେତନ ।

Lucidity, Lucidness, *n.* 1. ଉଜ୍ଜ୍ୱଳତା; 2. ସ୍ପଷ୍ଟତା ।

Lucidly, *ad.* ସ୍ପଷ୍ଟରୂପେ ।

Lucifer, *n.* 1. ଶୁକ୍ରତାରା, ପ୍ରଭାତ ତାରା; 2. ଶୟତାନ; 3. ନିଆଁ ଦିଆସିଲି ।

Luciferous, *a.* ଦୀପ୍ତିକର, ପ୍ରକାଶକ ।

Luck, *n.* 1. ଭାଗ୍ୟ, ଅଦୃଷ୍ଟ, କପାଳ, ଶୁଭାଶୁଭ, ଘଟଣା, ଦଶା; 2. ସୌଭାଗ୍ୟ । [ବିଶେଷତଃ ।

Luckily, *ad.* ସୌଭାଗ୍ୟକ୍ରମେ, ଭାଗ୍ୟକ୍ରମେ, ଶୁଭାଦୃଷ୍ଟ

Luckiness, *a.* ସୌଭାଗ୍ୟଶାଳିତା, ସୁଦଶା ।

Luckless, *a.* 1. ଭାଗ୍ୟହୀନ; 2. ଅଭାଗା, ଦୁର୍ଭାଗ୍ୟ, ଦୁର୍ଦ୍ଦଶାପ୍ରାପ୍ତ, ଅସଫଳ ।

Lucklessly, *ad.* ଦୁର୍ଭାଗ୍ୟକ୍ରମେ ।

Lucklessness, *ad.* ଭାଗ୍ୟହୀନତା, ଦୁର୍ଭାଗ୍ୟତା ।

Luck-penny, *n.* 1. ବକ୍ସିସ; 2. ଶୁଭ ନିମନ୍ତେ ରଖିବା ମୁଦ୍ରା ।

Lucky, *a.* 1. ସୌଭାଗ୍ୟବନ୍ତ, ଭାଗ୍ୟବାନ୍; 2. ଶୁଭ, ଅନୁକୂଳ, ମଙ୍ଗଳଜନକ ।

Lucrative, *a.* ଲାଭକର, ଲାଭଜନକ, ଲାଭଦାୟକ, ଅର୍ଥୋପାର୍ଜନକାରୀ, ପ୍ରାପ୍ତିକର ।

Lucratively, *ad.* ଲାଭଜନକରୂପେ ।

Lucre, *n.* 1. ଅର୍ଥ, ଧନ; 2. ଲାଭ, ପ୍ରାପ୍ତି ।

Lucubrate, *luku-brat, v.i.* ରାତିରେ ଅଧ୍ୟୟନ-କ, ପରିଶ୍ରମପୂର୍ବକ ଅଧ୍ୟୟନ-କ ।

Lucubration, *n.* 1. ରାତିଯୋଗେ ଅଧ୍ୟୟନ, ରାତିରେ ଅଧ୍ୟୟନ; 2. ନିର୍ଜନରେ ରଚିତ ପ୍ରବନ୍ଧ ।

Lucubratory, *a.* ଦୀପାଲୋକରେ ରଚିତ ।

Luculent, *a.* ସ୍ପଷ୍ଟ, ନିର୍ମଳ, ପ୍ରତ୍ୟକ୍ଷ ।

Ludicrous, *a.* ହାସ୍ୟଜନକ, ହାସ୍ୟକର, ହାସ୍ୟୋତ୍ପାଦକ, କୌତୁକ, ଉପହାସ୍ୟ ।

Ludicrously, *ad.* ହାସ୍ୟଜନକରୂପେ ।

Ludicrousness, *n.* କୌତୁକଜନକତା, ହାସ୍ୟକରତା ।

Luff, *n.* 1. ଜାହାଜର ପବନାଭିମୁଖ ପାର୍ଶ୍ୱ; 2. ପବନାଭିମୁଖେ ଜାହାଜର ଚଳନ ।—*v.t.* ଜାହାଜକୁ ପବନାଭିମୁଖୀ-କ ।

Lug, *v.t.* ଓଟାରିବା, ଟାଣିବା, କଷ୍ଟରେ ଟାଣିବା ।—*n.* 1. ଭାରି ବୋଝ; 2. କାନର ପାଳି ।

Luggage, *n.* ଜିନିଷପତ୍ର, ଚିଜବସ୍ତୁ, ଗଣ୍ଠିଲି, ମାଲ୍ ।

Luggage-van, *n.* ମାଲ୍‌ଗାଡ଼ି ।

Lugubrious, *a.* ଶୋକାର୍ତ୍ତ, ଦୁଃଖସୂଚକ, ନିରାନନ୍ଦ ।

Lugubriously, *ad.* ଶୋକାର୍ତ୍ତଭାବେ, ନିରାନନ୍ଦପୂର୍ବକ ।

Lugworm, *n.* ମାଛର ଟୋପ ନିମନ୍ତେ ଉପଯୋଗୀ କୀଟ ବିଶେଷ । (same as Lobworm.)

Luke, *n.* ଧର୍ମଶାସ୍ତ୍ରର ଚାରି ମଙ୍ଗଳସମାଚାର ଗ୍ରନ୍ଥ ମଧ୍ୟରୁ ତୃତୀୟ ଗ୍ରନ୍ଥ; ତାହା ବିଶେଷତଃ ଖ୍ରୀଷ୍ଟ ଲୋକମାନଙ୍କ ଉଦ୍ଦେଶରେ ପ୍ରେରିତ ପାଉଲଙ୍କ ସଙ୍ଗୀ ଲୂକ ନାମକ ଏକ ବୈଦ୍ୟଙ୍କ ଦ୍ୱାରା ଲିଖିତ ହୋଇଥିଲା, ତହିଁରେ ଈଶ୍ୱରଙ୍କ ପୁତ୍ର ଯୀଶୁ ଖ୍ରୀଷ୍ଟଙ୍କ ଜୀବନୀ ବିସ୍ତାରିତରୂପେ ପ୍ରକାଶିତ ଅଛି ।

Lukewarm, *a.* 1. ଈଷଦୁଷ୍ଣ, କବୋଷ୍ଣ; 2. ଉଦାସୀନ, ନିରୁତ୍ସାହ, ନିରୁଦ୍ୟମ, ଅନୁଦ୍ୟମୀ । [ଭାବେ ।

Lukewarmly, *ad.* 1. ଈଷଦୁଷ୍ଣଭାବେ; 2. ଉଦାସୀନ-

Lukewarmness, *n.* 1. ଈଷଦୁଷ୍ଣତା; 2. ଉଦାସୀନତା, ଅନୁତ୍ସାହ ।

Lull, *v.t.* ଗୀତ ଗାଇ ଶୁଆଇବା, ସାନ୍ତ୍ୱନା-କ, ସ୍ଥିର-କ, ଶାନ୍ତ-କ ।—*v.i.* ଶାନ୍ତ-ହ, ନିବୃତ୍ତ-ହ, ସ୍ଥିର-ହ ।

Lullaby, *n.* ଶିଶୁକୁ ଶୁଆଇବା ଗୀତ, ଦୋଳଣା ଗୀତ ।

Lumbago, *n.* କଟିବାତ, କଟିର ବେଦନା ।

Lumbaginous, Lumbar, Lumbal, *a.* କଟି-ସମ୍ବନ୍ଧୀୟ, କଟିଦେଶସ୍ଥ ।

Lumber, *n.* 1. ଅକର୍ମଣ୍ୟ ଚିଜବସ୍ତୁ; 2. କରତ ଦିଆ କାଠ ଚିରା ପଟା ।—*v.t.* ଅବ୍ୟବସ୍ଥିତ କରି ଗଦା-କ, ଅକର୍ମଣ୍ୟ ଚିଜବସ୍ତୁରେ ଭର୍ତ୍ତି-କ ।—*v.i.* 1. ଘଡଘଡ ଶବ୍ଦ କରି ଗତି-କ; 2. ବନରୁ କାଠ କାଟି ବିକିବା ନିମନ୍ତେ ପ୍ରସ୍ତୁତ-କ ।

Lumber-room, *n.* অবর্ম্মণ্য জিনিস রখিবা কোঠরী ।

Luminary, *n.* 1. জ্যোতিঃ ; 2. প্রসিদ্ধ শিক্ষক, মানব জাতির জ্ঞানদাতা ।

Luminant, *a.* আলোকদায়ক, উজ্জ্বল ।—*n.* জ্যো- [তিষ্ক ।

Luminiferous, *a.* দীপ্তিদায়ক ।

Luminosity, Luminousness, *n.* 1. উজ্জ্বলতা ; 2. স্পষ্টতা, মানসিক তীক্ষ্ণতা ।

Luminous, *a.* 1. আলোকদায়ক ; 2. উজ্জ্বল, আলোময়, আলোকিত ; 3. বুদ্ধিমান্ ।

Luminously, *ad.* উজ্জ্বলরূপে, স্পষ্টরূপে ।

Lump, *n.* 1. ঢেলা, পিণ্ডলা, ঢেকা, ঢেপ, থলা ; 2. গদা ; 3. অবু, পুঞ্জ ।—*v.t.* 1. একঠা-কর ; 2. মোটরে দেবা ।—In the lump, মোটরে, স্থূলতরে, সমস্তরে । [বুদ্ধিয় ।

Lumpish, *a.* 1. পিণ্ডবৎ ; 2. স্থূল ; 3. মোটা-

Lumpishness, *n.* মোটাবুদ্ধিয়ত, স্থূলবুদ্ধিবিশিষ্টতা ।

Lumpy, *a.* পিণ্ডময়, ঢেলাপূর্ণ, গুণ্ডিগুণ্ডি, মেঞ্জামেঞ্জা ।

Lunacy, *n.* উন্মত্ততা যাহা চন্দ্রর পরিবর্ত্তনরে বৃদ্ধি হোই পূর্ব্বকালর কথা অছি, বাতুলতা, পাগলামি ।

Lunar, Lunary, *a.* 1. চন্দ্রসম্বন্ধীয় ; 2. চন্দ্রাধীন, চান্দ্র ; 3. চন্দ্র পর ; 4. চন্দ্র দ্বারা গণিত ।

Lunate, Lunated, *a.* অর্দ্ধচন্দ্রাকৃত ।

Lunatic, *a.* বায়ু, পাগল, ক্ষিপ্ত, বাতুলিতবুদ্ধি ।—*n.* বায়ু, ক্ষিপ্ত লোক যে সবুবেলে পাগল ন থাএ, উন্মত্ত ব্যক্তি ।

Lunation, *n.* চন্দ্রর চক্রগতির কাল, শুক্ল প্রতিপদ্ অবধি অমাবস্যা পর্য্যন্ত সময়, চান্দ্রমাস ।

Lunch, *n.* জলখিয়া, জলপান, নিয়মিত ভোজন মধ্য অহার ।—*v.i.* জলখিয়া-কর ।

Luncheon, *n.* অল্প ভোজন, অর্দ্ধ ভোজন, টিফিন্ ।

Lung, *n.* ফুসফুস, ফোফ্ফ, ফোফস, ফেফ্ফড়া ।

Lunge, *n.* ভুষা, ধেঞ্চা ।—*v.i.* ভুষিবা, ধেঞ্চবা ।

Lupine, *a.* বেক্সিয়াবাঘ পর, বেক্সিয়াঘবর্গ, হিংস্র ।

Lurch, *n.* এক অঙ্গকু কাত্কর হঠাৎ হেলা ।—*v.i.* 1. এক অঙ্গকু হঠাৎ হেলিবা ; 2. লুচিবা ; 3. ছল-কর ।—To leave in the lurch, কষ্টদায় অবস্থারে ছাড়িবা, অসহায়রে ছাড়িবা । [প্রতারক ।

Lurcher, *n.* 1. শিকারি কুকুর ; 2. যে ছল থাএ ;

Lure, *n.* 1. বাজ ফেরিবাকু চেরা বস্তু ; 2. টোপ, থপ, মোহনকর দ্রব্য, প্রলোভন ।—*v.t.* লোভ দেখাইবা, ফুসলাইবা, আকর্ষণ-কর, প্রলোভিত-কর ।

Lurid, *a.* 1. ম্লান, বিবর্ণ ; 2. ঘোর, ধূম্র পর, উজ্জ্বল অন্ধকারপূর্ণ ।

Lurk, *v.i.* ওগালি করিবা, ছপ করিবা, লুচি রহিবা ।—*n.* ঠগামি ।

Lurker, *n.* যে ওগালি করিথাএ । [গুপ্ত, গহ্বর ।

Lurking-place, *n.* 1. লুচি রহিবা স্থান ; 2.

Luscious, *a.* *lush'us*, 1. সুমিষ্ট, সুস্বাদু ; 2. তৃপ্তিকর ; 3. বৃতৃপ্তিকর, অতিরিক্ত ।

Lust, *n.* 1. লালসা, অভিলাষ, কামনা, অভিলাষ ; 2. লোভ ; 3. কাম ; 4. কু অভিলাষ ।—*v.i.* (with *after* or *for*) অভিলাষী-হ, লালসা-কর ; 2. কামাসক্ত-হ ; 3. কু অভিলাষী-হ ।

Lustful, *a.* 1. কামুক, কামাসক্ত, রমণেচ্ছু, লম্পট ; 2. লোভী ; 3. শারীরিক ; 4. কামোদ্দীপক ।

Lustfully, *ad.* কামাসক্তভাবে, কামুকভাবে ।

Lustfulness, *n.* কামুকতা, ইন্দ্রিয়াভিলাষ ।

Lustily, *ad.* বলিষ্ঠরূপে, সবলরূপে, সতেজভাবে, সজোররে ।

Lustiness, *n.* পুষ্টতা, বলবত্ত্ব, সবলতা, পুষ্টতা ।

Lustral, *a.* 1. শোধক, শুচিকারী, পবিত্রকারী ; 2. সংস্কারসম্বন্ধীয় ।

Lustration, *n.* 1. শোধনকরণ, পবিত্রকরণ, সংস্কার ; 2. যেউঁ প্রায়শ্চিত্ত ক্রিয়া দ্বারা পূর্ব্বকালরে দেবালয় শুচি হেউথিলে ।

Lustre, *n.* 1. উজ্জ্বলতা, দীপ্তি, শোভা ; 2. সুনাম, যশঃ ; 3. দীপবৃক্ষ ।

Lustreless, *a.* দীপ্তিহীন, নিস্তেজ ।

Lustrous, *a.* উজ্জ্বল, দীপ্তিমান্, চক্চকিয়া ।

Lustrously, *ad.* উজ্জ্বলরূপে ।

Lustring, *n.* চিক্কণ রেশমবস্ত্র বিশেষ ।

Lustrum, *n.* 1. পাঞ্চ বর্ষ কাল ; 2. সংস্কার, প্রাচীন রোমর লোকসংখ্যা নেবা পরে কর যাউথিবা প্রায়শ্চিত্ত ক্রিয়া ।

Lusty, *a.* 1. মোটা ; 2. বলিষ্ঠ, হৃষ্টপুষ্ট, সবল ।

Lutarious, *a.* 1. কাদুঅসম্বন্ধীয় ; 2. পঙ্কস্থ, পঙ্কবাসী ; 3. পঙ্কবৎ ।

Lute, *n.* 1. সিতার ; 2. কাদুঅর মশাল ; 3. মিস্ত্রির কাদুঅ পদ ।—*v.i.* 1. সিতার বজাইবা ; 2. কাদুঅ দ্বারা বন্ধ-কর ।

Luteous, *a.* পাণ্ডু, পঙ্কবৎ, পঙ্করঙ্গ, পঙ্কিল ।

Lute-string, *n.* 1. সিতারর তার ; 2. চিক্কণ রেশমবস্ত্র বিশেষ ।

Lutheran, *a.* লুথর্ নামক ধর্ম্মসংস্কারকঙ্ক মতাবলম্বী ।—*n.* লুথরঙ্ক মতাবলম্বী লোক ।

Lutheranism, Lutherism, *n.* মার্টিন্ লুথরঙ্ক ধর্ম্ম সম্বন্ধীয় মত ।

Lutist, *n.* সিতার বাদক, সিতার বজাইবা লোক ।

Lutose, *a.* কাদুঅময়, মৃত্তিকাময় ।

Luxate, *v.t.* হাড় খসাইবা, গণ্ঠি চ্যুত-কর ।

Luxation, *n.* 1. গণ্ঠিচ্যুতকরণ ; 2. চ্যুত গণ্ঠি ।

Luxuriance, Luxuriancy, *n.* বহুলতা, বাহুল্য, আধিক্য, অত্যধিক বৃদ্ধি ।

Luxuriant, *a.* 1. বর্দ্ধনশীল ; 2. বহুল ।

Luxuriantly, *ad.* বহুলরূপে ।

Luxuriate, *v.i.* 1. ଅତିଶୟ ବଢ଼ିବା, ବର୍ଦ୍ଧନଶୀଳ-ହେ, ବର୍ଦ୍ଧିଷ୍ଣୁ-ହେ ; 2. ବେଶ୍ ସୁଖରେ କାଳ କାଟିବା ; 3. ଅତ୍ୟଧିକ ଭୋଜନପାନ-କ ; 4. ଅତିଶୟ ଅହ୍ଲାଦିତ-ହେ ।

Luxuriation, *n.* 1. ଅତିଶୟ ବର୍ଦ୍ଧନ ; 2. ଅତିଶୟ ଭୋଜନ ।

Luxurious, *a.* 1. ସୁଖଭୋଗୀ, ଭୋଗାର୍ଥୀ ; 2. ବିଳାସୀ, ସୁଖଭୋଗପରାୟଣ ; 3. ଅତି ସୁଖାବହ, ବହୁବ୍ୟୟୀ ; 4. ବହୁଳ ।

Luxuriously, *ad.* ସୁଖଭୋଗପୂର୍ବକ, ଅତି ସୁଖରେ, ବିଳାସିରୂପେ ।

Luxury, *n.* 1. ବିଳାସସୁଖ, ସୁଖଭୋଗ ; 2. ଅପ୍ରୟୋଜନୀୟ ଓ ଦୁର୍ମୂଲ୍ୟ ପଦାର୍ଥ ; 3. ବହୁବ୍ୟୟ ।

Lycanthropy, *n.* ପଶୁସ୍ୱଭାବଜନକ ଉନ୍ମାଦ ।

Lyceum, *n.* 1. ସାହିତ୍ୟ ସମାଜ ; 2. ବିଦ୍ୟାଳୟ ।

Lychgate, same as Lichgate.

Lydian, *a.* 1. ଏସିଆ ମାଇନରର ଲିଡିଆ ନାମକ ଦେଶସମ୍ବନ୍ଧୀୟ ; 2. କୋମଳ ଓ ଧୀର ; 3. ମୃଦୁ ଓ ମାଧୁର୍ଯ୍ୟ ।

Lye, (1) *n.* କ୍ଷାର ମିଶା ପାଣି, କ୍ଷାରଯୁକ୍ତ ଜଳ ।

Lye, (2) *n.* ରେଲ୍ ବାଟର ପାର୍ଶ୍ୱ ବାଟ ।

Lying, *a.* ମିଥ୍ୟାପ୍ରିୟ, ମିଥ୍ୟାବାଦୀ ।—*n.* ମିଥ୍ୟା କହିବା ଅଭ୍ୟାସ ।

Lying-in, *n.* ପ୍ରସବାବସ୍ଥା, ପ୍ରସବାର୍ଥେ ସ୍ତ୍ରୀର ଶୟନ ।

Lyingly, *ad.* ମିଥ୍ୟାରେ, ମିଥ୍ୟାବାଦୀରୂପେ ।

Lymph, *n.* *limf,* 1. ଜନ୍ତୁ ଦେହରେ ଥିବା ବର୍ଣ୍ଣହୀନ ବା ପୀତବର୍ଣ୍ଣ ତରଳ ପଦାର୍ଥ ; 2. ଗୋବୀଜ, ଟୀକା ଦେବା ନିମନ୍ତେ ରସ ; 3. (Poetry) ଜଳ ।

Lymphatic, *a.* 1. ରସସମ୍ବନ୍ଧୀୟ ; 2. ଶ୍ଳେଷ୍ମିକ ।—*n.* ଶରୀରରେ ଥିବା ଧାତୁ ରସର ନଳ ।

Lynch, *v.t.* ଅନ୍ୟାୟାନୁସାରେ ବିଚାର ନ କରି ଦଣ୍ଡ ଦେବା ।

Lynch-law, *n.* ବିଚାରକ ବିଚାର ନ କରି ଲୋକଙ୍କ ଦ୍ୱାରା ଦଣ୍ଡ ଦିଆ ଯିବା ପ୍ରଥା ।

Lynx, *n.* 1. ବନ ବିଡ଼ାଳ, ବନ୍ୟ, କ୍ଷୁଦ୍ର ବ୍ୟାଘ୍ର ବିଶେଷ ; 2. ଉତ୍ତର ଦିଗସ୍ଥ ନକ୍ଷତ୍ରପୁଞ୍ଜ ବିଶେଷ ।

Lynx-eyed, *a.* ସୂକ୍ଷ୍ମଦର୍ଶୀ, ତୀକ୍ଷ୍ଣଦୃଷ୍ଟି ।

Lyrate, Lyrated. *a.* ବୀଣାକୃତି ।

Lyre, *n.* 1. ବୀଣା ବିଶେଷ ; 2. ଉତ୍ତର ଦିଗସ୍ଥ ଏକ ପ୍ରସିଦ୍ଧ ନକ୍ଷତ୍ର । [ପକ୍ଷି ।

Lyre-bird, *n.* ଅଷ୍ଟ୍ରେଲିଆ ଦେଶରେ ବୀଣାକୃତି ପୁଚ୍ଛର

Lyric, Lyrical, *a.* *liric,* ବୀଣାସମ୍ବନ୍ଧୀୟ ; 2. ବୀଣା ବାଦ୍ୟଯୋଗ୍ୟ ।

Lyric, *n.* ରସପ୍ରଧାନ କବିତା ।

Lyricism, *n.* ବୀଣାସମ୍ବନ୍ଧୀୟ କବିତା ।

Lyrist, *n.* ବୀଣାବାଦକ ।

Lyssa, *n.* *lis'a,* *n.* ଜଳାତଙ୍କ ।

# M.

M, 1. ଇଂରାଜୀ ବର୍ଣ୍ଣମାଳାର ତ୍ରୟୋଦଶ ଅକ୍ଷର ; 2. ରୋମୀୟ ଗଣନାନୁସାରେ ଏକ ସହସ୍ର ସଂଖ୍ୟାର ସଙ୍କେତ । M.A., (Artium magister) B.A. ଉପାଧି ଅପେକ୍ଷା ବିଶ୍ୱବିଦ୍ୟାଳୟର ଉଚ୍ଚତର ଉପାଧି । M-roof, ଏମ୍ ଅକ୍ଷରର ଛାତ । MS., (Manuscript) ହସ୍ତଲେଖା, ହସ୍ତଲିପି । MSS., ହସ୍ତଲିପିମାନ ।

Ma, *n.* *mä,* ମା ।

Ma'am, *n.* ଠାକୁରାଣୀ, ଆଜ୍ଞା ।

Mab, *n.* ପରୀମାନଙ୍କର ରାଣୀ ।

Mac, *n.* ସ୍କଟଲାଣ୍ଡ ଦେଶୀୟ ଭାଷାରେ ପୁତ୍ରାର୍ଥବୋଧକ ଶବ୍ଦ ।

Macadamisation, *n.* ରାସ୍ତାରେ ପଥର ଚୂର୍ଣ୍ଣ ବିଛାଇ ଠିକ୍ କରିବା କାର୍ଯ୍ୟ ।

Macadamise, Macadamize, *v.t.* ଚୂର୍ଣ୍ଣ ପଥରରେ ରାସ୍ତା ପକ୍କା-କ ।

Macaroni, *n.* ମୋଟା ସିମେଇ, ସୂଜିର ଖାଦ୍ୟ ଦ୍ରବ୍ୟ ବିଶେଷ ।

Macaroon, *n.* ବାଦାମ ଚିନି ଓ ଅଣ୍ଡା ମିଶ୍ରିତ ଏକପ୍ରକାର ମିଠାଇ ।

Macassar-oil, *n.* କେଶରଞ୍ଜକ ତୈଳ ବିଶେଷ ।

Macaw, *n.* ଆମେରିକା ଦେଶର ଏକପ୍ରକାର ଶୁଆ ପକ୍ଷୀ ।

Maccabean, *a.* ମାକାବାସ୍ ନାମକ ଯିହୁଦୀମାନଙ୍କ ମଧ୍ୟରେ ଏକ ରାଜପରିବାର ସମ୍ବନ୍ଧୀୟ ।

Macabees, *n.* 1. ଯିହୁଦୀମାନଙ୍କ ମଧ୍ୟରେ ଏକ ରାଜପରିବାର ; 2. ଉକ୍ତ ପରିବାର ସମ୍ବନ୍ଧରେ ଦୁଇ ଗ୍ରନ୍ଥ ।

Mace, *n.* *mās,* 1. ଗଦା, ଦଣ୍ଡ, ଐଶ୍ୱର୍ଯ୍ୟସୂଚକ ଯଷ୍ଟି ; 2. ଜାଇତ୍ରୀ ।

Mace-bearer, *n.* ଦଣ୍ଡଧର ।

Macer, *n.* ଦ୍ୱାରପାଳ ।

Macerate, *v.t.* 1. କୃଶ କରିବା, ରୋଗା-କ, ଆର୍ଦ୍ର-କ ; 2. କ୍ଷୀଣ-କ । [କ୍ଷୀଣକରଣ ।

Maceration, *n.* 1. ଆର୍ଦ୍ରକରଣ ; 2. ଉପବାସ ଦ୍ୱାରା

Machiavellian, *a.* ରାଜନୀତିରେ ଧୂର୍ତ୍ତ, ଚତୁର, ପ୍ରବଞ୍ଚକ ।—*n.* କୂଟ ନୀତିଜ୍ଞ ।

Machivate, *v.t.* *mak'i-vat,* 1. କୌଶଳ-କ ; 2. ଷଡ଼ଯନ୍ତ୍ର-କ ।

Machivation, *n.* କୁମନ୍ତ୍ରଣା, ଷଡ଼ଯନ୍ତ୍ରକରଣ ।

Machivator, *n.* ଷଡ଼ଯନ୍ତ୍ରକାରୀ ।

Machine, *n.* ଯନ୍ତ୍ର, କଳ ।

Machinery, *n.* 1. କଳସବୁ, ଯନ୍ତ୍ରସମୂହ, ଯନ୍ତ୍ରର ଅଂଶ ; 2. ଉପାୟ, କୌଶଳ ।

Machinist, *n.* 1. ଯନ୍ତ୍ରନିର୍ମାତା ; 2. କଳଚାଳକ ; 3. ଯନ୍ତ୍ରବିଦ୍ୟାବେତ୍ତା ।

Mackerel, *n.* ସମୁଦ୍ରର ଏକପ୍ରକାର ମାଛ ।

**Mackintosh**, *n.* ବର୍ଷାତି ଲୁଗା ।
**Macrocosm**, *n.* ବିଶ୍ୱ, ଭୁବନ, ବହିର୍ଜଗତ୍ ।
**Mad**, *a.* 1. ବାୟା, ବାତୁଳ, ପାଗଳ, ହତବୁଦ୍ଧି, ଉନ୍ମତ୍ତ, କ୍ଷିପ୍ତ ; 2. ପ୍ରଚଣ୍ଡ । [ରାଣୀ ।
**Madam**, *n.* ସମ୍ଭ୍ରାନ୍ତା ସ୍ତ୍ରୀର ଉପାଧି, ସାଆନ୍ତାଣୀ, ଠାକୁ-
**Madcap**, *n.* 1. ବାୟା, କ୍ଷିପ୍ତ ଲୋକ ; 2. ରାଗୀ ଲୋକ ; 3. ଅବିବେକୀ ଲୋକ ।—*a.* ଚଞ୍ଚଳତାପ୍ରିୟ, ଦୁଃସାହସୀ ।
**Madden**, *v.t.* 1, ପାଗଳ କରାଇବା, କ୍ଷିପ୍ତ-କ ; 2. କୋପାନ୍ୱିତ-କ ।—*v.i.* 1. ପାଗଳ-ହେ, କ୍ଷିପ୍ତ-ହେ ; 2. ବାୟା ପରି ବ୍ୟବହାର-କ ।
**Madder**, *n.* ମଞ୍ଜିଷ୍ଠାବୃକ୍ଷ ।
**Made**, *pret.* and *p.p.* of ***Make***, କୃତ, ନିର୍ମିତ, ସୃଷ୍ଟ, ପ୍ରସ୍ତୁତ, ରଚିତ ।
**Madeira**, *n.* ମେଡେରା ଦ୍ୱୀପରେ ପ୍ରସ୍ତୁତ ଶରାବ ବିଶେଷ ।
**Mademoiselle**, *n. mad-mwa-zel*. ଫ୍ରାନ୍ସ ଦେଶରେ ଅବିବାହିତା ଯୁବତୀର ନାମ, କୁମାରୀ ।
**Madhouse**, *n.* ପାଗଳଶାଳା, ବାତୁଳାଶ୍ରମ ।
**Madly**, *ad.* ଉନ୍ମତ୍ତଭାବେ, ପ୍ରଚଣ୍ଡଭାବେ ।
**Madman**, *n.* ପାଗଳ, ବାୟା, ଉନ୍ମତ୍ତ ଲୋକ ।
**Madness**, *n.* 1. ପାଗଳାମି, ବାୟାପଣ, ବାତୁଳତା, ଉନ୍ମତ୍ତତା ; 2. ପ୍ରଚଣ୍ଡ ରାଗ ।
**Madonna**, *n.* 1. ସମ୍ବୋଧନସୂଚକ ଶବ୍ଦ, ଯଥା ; ସାଆନ୍ତାଣୀ, ଠାକୁରାଣୀ ; 2. ମାରିୟା କୁମାରୀ ; 3. ମାରିୟା କୁମାରୀର ଛବି ।
**Madrigal**, *n.* 1. ପ୍ରେମ ଗୀତ ; 2. ପାଞ୍ଚ ଛ ଜଣର ଗାଇବା ନିମନ୍ତେ କଣ୍ଠର ସ୍ୱର ବିଶେଷ ।
**Maelstrom**, *n.* 1. ନରୱେ ଉପକୂଳର ବିଶେଷ ଘୂର୍ଣ୍ଣିଜଳ ; 2. ପାଣିଭଉଁରୀ, ଘୂର୍ଣ୍ଣିଜଳ ।
**Magazine**, *n.* 1. ମାଲଖାନା, ଭଣ୍ଡାର ; 2. ଅସ୍ତ୍ରଶସ୍ତ୍ରାଗାର ; 3. ଦୁର୍ଗ ବା ଜାହାଜରେ ଥିବା ବାରୁଦଘର ; 4. ପତ୍ରିକା ।
**Magdalen, Magdalene**, *n.* ଅନୁତାପିନୀ ଓ ପରିବର୍ତ୍ତିତା ବେଶ୍ୟା ।
**Maggot**, *n.* 1. ପୋକ, କୀଟ, କୃମି, ଘୁଣ ; 2. ଖିଆଲ ।
**Maggoty**, *a.* କୀଟମୟ, କୃମିପୂର୍ଣ୍ଣ ।
**Magi**, *n. pl. ma'ji*, 1. ପୂର୍ବଦେଶୀୟ ପଣ୍ଡିତମାନେ ଯେଉଁମାନେ ଦାର୍ଶନିକ ଗଣକ ଓ ଜ୍ୟୋତିର୍ବେତ୍ତା ଥିଲେ ; 2. ଯେଉଁ ପଣ୍ଡିତମାନେ ଶିଶୁ ଯୀଶୁଙ୍କୁ ଦର୍ଶନ କରିବାକୁ ବେଥଲିହିମକୁ ଯାଇଥିଲେ ।
**Magian**, *a.* ପୂର୍ବଦେଶୀୟ ପଣ୍ଡିତସମ୍ବନ୍ଧୀୟ ।
**Magic**, *n.* ଇନ୍ଦ୍ରଜାଲ, ଭେଲକିବିଦ୍ୟା, ଭେଲ୍କି, ଜାଦୁ, ମନ୍ତ୍ର, ମାୟାବି କ୍ରିୟା ।
**Magic, Magical**, *a.* ଐନ୍ଦ୍ରଜାଲିକ, ମାୟାବୀ, କୁହକୀ ।
**Magically**, *ad.* ଇନ୍ଦ୍ରଜାଲ ଦ୍ୱାରା, ଭେଲକିବିଦ୍ୟାନୁସାରେ, ମନ୍ତ୍ରରେ, ମାୟାରେ ।
**Magician**, *n.* ମାୟାବୀ, ଜାଦୁକର, ଭେଲକିବିଦ୍ୟାବେତ୍ତା ।
**Magic-lantern**, *n.* କାଚରେ ଚିତ୍ରିତ ଛବି ଅନ୍ଧକାରରେ ବଡ଼ କରି ଦେଖାଇବା ଲାଣ୍ଟନ ବିଶେଷ ।

**Magisterial**, *a.* 1. କର୍ତ୍ତାଯୋଗ୍ୟ ; 2. ବିଚାରକର୍ତ୍ତା ସମ୍ବନ୍ଧୀୟ ; 3. କ୍ଷମତାପନ୍ନ ; 4. ଦାମ୍ଭିକ, ଅହଂକାରୀ ; 5. ମହତ୍ତ୍ୱ । [ଦାମ୍ଭିକଭାବେ ।
**Magisterially**, *ad.* ବିଚାରକର୍ତ୍ତା ପରି, ପ୍ରଭୁତ୍ୱପୂର୍ବକ,
**Magisterialness**, *n.* ପ୍ରଭୁତ୍ୱ, ଦାମ୍ଭିକତା ।
**Magistracy**, *n.* 1. ବିଚାରକର୍ତ୍ତାର ପଦ ବା କାର୍ଯ୍ୟ ; 2. ବିଚାରକର୍ତ୍ତାବର୍ଗ, ଶାସନକର୍ତ୍ତାଗଣ ।
**Magistral**, *a.* ବିଚାରକର୍ତ୍ତାଯୋଗ୍ୟ, କ୍ଷମତାପନ୍ନ, ପ୍ରଭୁତ୍ୱବିଶିଷ୍ଟ ।
**Magistrate**, *n.* ଫୌଜଦାରୀ ବିଚାରକର୍ତ୍ତା, ଶାସନକର୍ତ୍ତା ।
**Magna Charta**, *n.* ଯନ୍ ରାଜାଙ୍କ ଦତ୍ତ ଇଂରାଜ ଲୋକମାନଙ୍କ ସ୍ୱାଧୀନତାଜ୍ଞାପକ ପତ୍ର ।
**Magnanimity**, *n.* ମାହାତ୍ମ୍ୟ, ମହିମା, ମହାନୁଭବ, ମହତ୍ତ୍ୱ, ଉଦାରତା ।
**Magnanimous**, *a.* ମହାନ୍, ମହାମନାଃ, ମହାତ୍ମା, ଉଦାର, ନିଃସ୍ୱାର୍ଥ ।
**Magnanimously**, *ad.* ମହାନ୍‌ରୂପେ, ଉଦାରଭାବେ ।
**Magnate**, *n.* ବଡ଼ଲୋକ, ଧନୀ, ନବାବ ।
**Magnesia**, *n.* ଭେଦକ ଔଷଧ ବିଶେଷ ।
**Magnesium**, *n.* ରସାୟନ ବିଦ୍ୟାରେ ଧାତୁ ବିଶେଷ ଯାହାର ଲବଣରୁ ଭେଦକ ଔଷଧ ପ୍ରସ୍ତୁତ ହୁଏ । [ପ୍ରସ୍ତର ।
**Magnet**, *n.* ଚୁମ୍ବକପଥର, ଅୟସ୍କାନ୍ତ, ଲୌହାକର୍ଷକ
**Magnetic, Magnetical**, *a.* 1. ଚୁମ୍ବକପଥର ସମ୍ବନ୍ଧୀୟ ; 2. ଚୁମ୍ବକପଥରର ଗୁଣବିଶିଷ୍ଟ, ଲୌହାକର୍ଷକ ; 3. ଆକର୍ଷକ । [ଶକ୍ତିରେ ।
**Magnetically**, *ad.* ଚୁମ୍ବକପଥର ଦ୍ୱାରା, ଆକର୍ଷଣ-
**Magnetic battery**, *n.* ବିଶେଷ ଶକ୍ତି ଉତ୍ପାଦନାର୍ଥେ ଏକାଠି ରଖିଥିବା କେତେକ ଚୁମ୍ବକପଥର ।
**Magnetism**, *n.* 1. ଅୟସ୍କାନ୍ତମଣିର ଗୁଣ, ଚୁମ୍ବକପଥରର ଶକ୍ତି ; 2. ଅୟସ୍କାନ୍ତ ବିଦ୍ୟା ; 3. ଆକର୍ଷଣ ଶକ୍ତି ।
**Magnetise, Magnetize**, *v.t.* 1. ଚୁମ୍ବକ ପଥରର ଗୁଣବିଶିଷ୍ଟ-କ ; 2. ଆକର୍ଷଣ-କ ।
**Magnetist**, *n.* ଅୟସ୍କାନ୍ତ-ବିଦ୍ୟାବେତ୍ତା ।
**Magnifiable**, *a.* 1. ବର୍ଦ୍ଧନୀୟ ; 2. ପ୍ରଶଂସାଯୋଗ୍ୟ ।
**Magnific, Magnifical**, *a.* ମହତ୍, ବିଖ୍ୟାତ, ଶୋଭାପନ୍ନ ।
**Magnifically**, *ad.* ଐଶ୍ୱର୍ଯ୍ୟଶାଳୀରୂପେ ।
**Magnificat**, *n.* ପରମେଶ୍ୱରଙ୍କ ପ୍ରତି ଧନ୍ୟବାଦସୂଚକ ମାରିୟାଙ୍କ ଏକ ଗୀତ ।
**Magnification**, *n.* 1. ବୃଦ୍ଧିକରଣ ; 2. ବୃଦ୍ଧିବର୍ଦ୍ଧନକାରୀ ଶକ୍ତି । [ବଦାନ୍ୟତା ।
**Magnificence**, *n.* 1. ମହିମା, ଐଶ୍ୱର୍ଯ୍ୟ, ପ୍ରତାପ ; 2.
**Magnificent**, *a.* 1. ମହିମାବନ୍ତ, ଐଶ୍ୱର୍ଯ୍ୟଶାଳୀ, ମହାପ୍ରତାପବିଶିଷ୍ଟ ; 2. ବୃହତ୍ । [ରୂପେ ।
**Magnificently**, *ad.* ଐଶ୍ୱର୍ଯ୍ୟବନ୍ତରୂପେ, ମହିମାଯୁକ୍ତ-
**Magnifier**, *n.* 1. ଯେ ବା ଯାହା ବଢ଼ାଏ, ବର୍ଦ୍ଧକ, ବିସ୍ତାରକାରୀ, କ୍ଷୁଦ୍ର ବସ୍ତୁକୁ ବୃହତ୍ ଆକାରରେ ଦେଖାଏ ଯେ କାଚ ; 2. ସ୍ତବକାରୀ, ସ୍ତୁତିକାରୀ, ସ୍ତାବକ ।

**Magnify**, *v.t.* 1. ବଡ଼-କ, ବୃଦ୍ଧି-କ ; 2. ବୃହତ ଆକାରରେ ଦେଖାଇବା ; 3. ଗୁଣାନୁବାଦ-କ, ସ୍ତବ-କ, ପ୍ରଶଂସା-କ, ସ୍ତୁତିବାଦ-କ, ମାହାତ୍ମ୍ୟ ପ୍ରକାଶ-କ ।

**Magniloquence**, *n.* ବାଗାଡ଼ମ୍ବର, ଶବ୍ଦାଡ଼ମ୍ବର, ଫମ୍ପା କଥା, ଗର୍ବୋକ୍ତି । [ଫମ୍ପା ।

**Magniloquent**, *a.* ବାଗାଡ଼ମ୍ବରକାରୀ, ଶବ୍ଦାଡ଼ମ୍ବରବିଶିଷ୍ଟ,

**Magniloquently**, *ad.* ବାଗାଡ଼ମ୍ବରରେ, ଶବ୍ଦାଡ଼ମ୍ବରରେ, ଗର୍ବୋକ୍ତିରେ ।

**Magnitude**, *n.* 1. ବୃହତ୍ତ୍ୱ, ଆୟତନ, ପରିମାଣ ; 2. ମହତ୍ତ୍ୱ, ଗୁରୁତ୍ୱ ।

**Magnolia**, *n.* କାଠଚମ୍ପା ଜାତୀୟ ଏକପ୍ରକାର ଗଛ ।

**Magot**, *n.* 1. ମାଙ୍କଡ଼ ବିଶେଷ ; 2. ଫଲ ରଖିବା ପାତ୍ରରେ ଖାଳ ମୂର୍ତ୍ତି ।

**Magpie**, *n.* ଚିତ୍ରିତ ରଙ୍ଗର ଏକ ପ୍ରକାର ପକ୍ଷୀ ଯେ କଥା କହିବାକୁ ଶିଖି ପାରେ ।

**Mahl-stick, Maul-stick**, *n.* ହାତ ସ୍ଥିର ରଖିବା ପାଇଁ ଚିତ୍ରକରର ବାଡ଼ି ବିଶେଷ ।

**Mahogany**, *n.* ଆମେରିକା ଦେଶୀୟ ବଡ଼ ଗଛ ବିଶେଷ ଓ ତହିଁର ବହୁମୂଲ୍ୟ କାଷ୍ଠ । [medan.

**Mahomedan, Mahometan**, see Mohammedan.

**Mahout**, *n.* ହସ୍ତିଚାଳକ, ମାହୁନ୍ତ ।

**Maid**, *n.* 1. ଅନୂଢ଼ା, କୁମାରୀ, ଯୁବତୀ, ବାଳୋଇ ; 2. ପରିଚାରିଣୀ, ଦାସୀ, ପରିଚାରିକା ; 3. ସ୍ତ୍ରୀବାଚକ ଶବ୍ଦ ।

**Maiden**, *n.* 1. କୁମାରୀ ; 2. ସ୍କଟଲାଣ୍ଡ ଦେଶରେ ପୂର୍ବକାଳୀନ ମସ୍ତକଚ୍ଛେଦନକାରୀ ଯନ୍ତ୍ର ବିଶେଷ ; 3. ଲୁଗା ଧୋଇବାର ଏକ ପ୍ରକାର ଯନ୍ତ୍ର ।—*a.* 1. ଯୁବତୀସମ୍ବନ୍ଧୀୟ, କୁମାରୀସମ୍ବନ୍ଧୀୟ ; 2. ବିଶୁଦ୍ଧ ; 3. ନୂଆ, ପ୍ରାଥମିକ, ଅଭିନବ ।

**Maidenhood**, *n.* 1. ଅନୂଢ଼ାବସ୍ଥା, କୁମାରୀତ୍ୱ, କୌମାର୍ଯ୍ୟ ; 2. ଅଭିନବତ୍ୱ, ନବ୍ୟତା ; 3. ବିଶୁଦ୍ଧତା ।

**Maidenly**, *a.* 1. ଯୁବତୀ ତୁଲ୍ୟ, କୁମାରୀଯୋଗ୍ୟ ; 2. ଲଜ୍ଜାଶୀଳ ; 3. କୋମଳ ।

**Maid-servant**, *n.* ପରିଚାରିଣୀ, ଦାସୀ, ପରିଚାରିକା ।

**Mail**, *n.* 1. ସାଞ୍ଜୁଆ, ଯୁଦ୍ଧସଜ୍ଜା, କବଚ ; 2. ଡାକ ; 3. ଡାକ ପୁଳିନ୍ଦା ; 4. ଡାକବାଲା, ଡାକହରକରା, ଡାକଗାଡ଼ି ।—*v.t.* 1. ସୁସଜ୍ଜ-କ ; 2. ଡାକରେ ଚିଠି ପଠାଇବା, ଡାକଯୋଗେ ପଠାଇବା ।

**Mail-bag**, *n.* ଡାକ ପୁଳିନ୍ଦା, ଡାକଥଳୀ ।

**Mail-boat**, *n.* ଡାକ ନୌକା ବା ଜାହାଜ ।

**Mail-cart**, *n.* 1. ଡାକବୁହା ଠେଲା ଗାଡ଼ି ; 2. ଲମ୍ବ ବେଣ୍ଟର ଖାଲ ଗାଡ଼ି ଯହିଁରେ ପିଲାଙ୍କୁ ବସାଇ ଟାଣିବାକୁ ହୁଏ ।

**Mail-catcher**, *n.* ରେଲ୍ ଗାଡ଼ି ପାଇଁ ଡାକ ପୁଳିନ୍ଦା କାହାରୁ ଧରିନେବା ପକାଶେ ଏକ ପ୍ରକାର ଯନ୍ତ୍ର ।

**Mail-coach**, *n.* ଡାକ ନେବାର ଘୋଡ଼ା ଗାଡ଼ି ।

**Mail-train**, *n.* ଡାକ ନେବାର ରେଲଗାଡ଼ି ।

**Maim**, *v.t.* 1. ଅଙ୍ଗହୀନ-କ, ବିକଳାଙ୍ଗ-କ ; 2. ଅକ୍ଷମ-କ, ଜଖମ-କ, ଆଘାତ ଦ୍ୱାରା ଅକର୍ମ-କ ; 3. କ୍ଷତବିକ୍ଷତ-କ ।

**Maimed**, *p.p.* ହୀନାଙ୍ଗ, ଛୁଟା, ପଙ୍ଗୁ ।

**Maimedness**, *n.* ଅଙ୍ଗହୀନତ୍ୱ, ବିକଳାଙ୍ଗାବସ୍ଥା, ଅକ୍ଷମତା ।

**Main**, *a.* 1. ପ୍ରଧାନ, ମୁଖ୍ୟ, ବଡ଼ ; 2. ତାବନ୍ତ, ସମୁଦାୟ, ସକଳ ।—*n.* 1. ବଳ, ଶକ୍ତି ; 2. ମହାସାଗର ; 3. ଭୂମିର ମହାଖଣ୍ଡ, ମହାଦେଶ ; 4. ଜଳ ବା ବାଷ୍ପାଦିର ବଡ଼ ନଳ ।— In the main, ପ୍ରଧାନତଃ, ଅଧିକାଂଶରେ ।

**Main-deck**, *n.* ଜାହାଜର ପ୍ରଧାନ ମେଢ଼ିଆ ।

**Mainland**, *n.* ବୃହତ୍ ଭୂଖଣ୍ଡ, ମହାଦେଶ, ସ୍ଥଳ ।

**Mainly**, *ad.* ବିଶେଷରେ, ବିଶେଷତଃ, ପ୍ରଧାନତଃ ।

**Main-mast**, *n.* ଜାହାଜର ପ୍ରଧାନ ମାସ୍ତୁଲ ।

**Mainsail**, *n.* ଜାହାଜର ପ୍ରଧାନ ପାଲ ।

**Mainspring**, *n.* 1. ଘଡ଼ି ଆଦିର ପ୍ରଧାନ କଳ ; 2. ମୁଖ୍ୟ ଉଦ୍ଦେଶ, ପ୍ରଧାନ କାରଣ ।

**Mainstay**, *n.* 1. ମାସ୍ତୁଲ ସ୍ଥିର କରିବା ପାଇଁ ଦଉଡ଼ି ; 2. ପ୍ରଧାନ ଅବଲମ୍ବନ, ଆଶ୍ରୟ ।

**Maintain**, *v.t.* 1. ରଖିବା, ରକ୍ଷା-କ ; 2. ଧରିବା ; 3. ପ୍ରତିପୋଷଣ-କ, ଭରଣପୋଷଣ-କ, ପାଳନ-କ, ଖୋରାକ-ପୋଷାକ-ଦେ ; 4. ସମର୍ଥନ-କ, ପୋଷକତା-କ, ସାବ୍ୟସ୍ତ-କ ।—*v.i.* ସ୍ଥିର କରି କହିବା ।

**Maintainable**, *a.* 1. ରକ୍ଷଣୀୟ, ପାଳନୀୟ ; 2. ସମର୍ଥନୀୟ, ଧାରଣୀୟ, ଧାର୍ଯ୍ୟ ।

**Maintainer**, *n.* 1. ପ୍ରତିପୋଷକ, ପ୍ରତିପାଳକ, ରକ୍ଷକ ; 2. ସମର୍ଥନକାରୀ, ପୋଷକତାକାରୀ ।

**Maintenance**, *n.* 1. ପ୍ରତିପାଳନ, ଭରଣପୋଷଣ ; 2. ସମର୍ଥନ, ପୋଷକତା ; 3. ଜୀବିକା ; 4. ରକ୍ଷଣ ; 5. କୌଣସି ମକଦ୍ଦମାରେ ଉଦାସୀନ ବ୍ୟକ୍ତିର ହସ୍ତକ୍ଷେପ ।

**Maintop**, *n.* ଜାହାଜର ପ୍ରଧାନ ମାସ୍ତୁଲର ଉପରିଭାଗ ।

**Mainyard**, *n.* ପ୍ରଧାନ ମାସ୍ତୁଲର ତଳ ପାଲ ଦଣ୍ଡ ।

**Maize**, *n.* ମକା ।

**Majestic, Majestical**, *a.* ଗୌରବାନ୍ୱିତ, ପ୍ରତାପାନ୍ୱିତ, ରାଜଯୋଗ୍ୟ, ମହତ, ଶ୍ରୀମାନ୍, ଉଚ୍ଚାଶୟ, ଉଦାର ।

**Majestically**, *ad.* ଗୌରବପୂର୍ବକ, ରାଜୋଚିତରୂପେ, ଐଶ୍ୱର୍ଯ୍ୟରେ ।

**Majesticalness**, *n.* ମହତ୍ତ୍ୱ, ରାଜୋଚିତତା, ପ୍ରତାପଶାଳିତା, ଉଚ୍ଚତା ।

**Majesty**, *n.* 1. ରାଜଶ୍ରୀ, ଗୌରବ, ମହିମା, ପ୍ରତାପ, ଐଶ୍ୱର୍ଯ୍ୟ ; 2. ରାଜପଦବୀ, ରାଜା ବା ରାଣୀର ଉପାଧି ; 3. ମହତ୍ତ୍ୱ ।

**Major**, *a.* ଅଧିକତର, ପ୍ରଧାନ, ଶ୍ରେଷ୍ଠ ।—*n.* 1. ବୟଃପ୍ରାପ୍ତ ଲୋକ, ସାବାଳକ ; 2. କପ୍ତାନର ଉପରସ୍ଥ ପଦର ସୈନିକ କର୍ମଚାରୀ ।

**Major-domo**, *n.* ରାଜଗୃହର ପ୍ରଧାନ କର୍ମଚାରୀ, ଭଣ୍ଡାରଘରିଆ, ପ୍ରଧାନ ମନ୍ତ୍ରୀ ।

**Major-general**, *n.* ସୈନ୍ୟାଧ୍ୟକ୍ଷର ନିକଟସ୍ଥ ନିମ୍ନସ୍ଥ କର୍ମଚାରୀ ।

**Majority**, *n.* 1. ଅଧିକାଂଶ, ଅର୍ଦ୍ଧାଧିକ ; 2. ବୟଃପ୍ରାପ୍ତି, ସାବାଳତ୍ୱ, ପ୍ରାପ୍ତବୟସ୍କତ୍ୱ ।

**Make**, *v.t.* 1. ବନାଇବା, ଗଢିବା, ସୃଷ୍ଟି-କ, ନିର୍ମାଣ-କ, ପ୍ରସ୍ତୁତ-କ ; 2. ଉତ୍ପନ୍ନ-କ ; 3. କରିବା ; 4. ଲାଭ-କ ; 5. ସ୍ଥାପନ-କ ; 6. ପହଞ୍ଚିବା ; 7. ବାଧ୍ୟ-କ ; 8. ଦର୍ଶାଇବା ।—*v.i.* 1. ଗମନ-କ ; 2. କଲ୍ପାଇବା ।—To make amends, କ୍ଷତିପୂରଣ-କ । To make away, ହତ୍ୟା-କ, ବିନାଶ-କ । To make away with, ଅପବ୍ୟୟ-କ । To make believe, ଛଳନା-କ । To make good, 1. ସମର୍ଥନ-କ, ସାବ୍ୟସ୍ତ-କ ; 2. ସଫଳ-କ ; 3. କ୍ଷତିପୂରଣ-କ । To make light of, ହାଲୁକା ଜ୍ଞାନ-କ, ଅବହେଳା-କ । To make much of, ସ୍ୱାଗତ-କ, ସେଷ୍ଟା-କ । To make of, 1. ବୁଝିବା ; 2. ଲାଭ-କ ; 3. ଜ୍ଞାନ-କ, ମଣିବା । To make off with, ନେଇ ପଳାଇବା । To make out, 1. ଜାଣିବା, ଉପଲବ୍ଧ-କ ; 2. ପ୍ରମାଣ-କ ; 3. ଦେବା । To make over, 1. ହସ୍ତାନ୍ତର-କ ; 2. ପୁନର୍ବାର ନୂଆ ପରି ବନାଇବା । To make sail, ପାଲ ବିସ୍ତାର-କ । To make sure, ନିଶ୍ଚିତ-ହେ । To make sure of, 1. ଲାଭ-କ ; 2. ନିଶ୍ଚିତ ବୋଲି ମଣିବା । To make the most of, ଯଥାସାଧ୍ୟ ଲାଭ ବାହାର-କ । To make up, 1. ଏକାଠି ବାନ୍ଧିବା ; 2. ପ୍ରସ୍ତୁତ-କ ; 3. ପୂର୍ଣ୍ଣ-କ ; 4. ସ୍ଥିର-କ ; 5. ଠିକ୍-କ ; 6. ମିଳାଇବା, ନିଷ୍ପତ୍ତି-କ ; 7. ମିଥ୍ୟାରେ କହିବା । To make water, ପରିସ୍ରା-କ । To make way, 1. ଅଗ୍ରଗତି ହେବା ; 2. ବାଟ ଫିଟାଇବା ।—*n.* ଆକାର, ଆକୃତି, ଗଠନ, ଗଢଣ, ଢୋଲ, ଛାପ, ବୁଣାଟ ।

**Make-believe**, *n.* ଛଳନା ।

**Maker**, *n.* ଯେ ନିର୍ମାଣ କରେ, ନିର୍ମାଣକର୍ତ୍ତା, ନିର୍ମିତା, ସୃଷ୍ଟିକର୍ତ୍ତା, ରଚକ ।

**Makeshift**, *n.* କୌଶଳ, ଉପାୟ । [ବିନ୍ୟାସ ।

**Make-up**, *n.* 1. ଗଠନ ; 2. ରୂପ ; 3. ଛପା ଅକ୍ଷରର

**Make-weight**, *n.* 1. ପାସଙ୍ଗ ; 2. ଅବଶିଷ୍ଟକର ପୂରକ ବସ୍ତୁ ।

**Making**, *n.* 1. ଗଢଣ, ଗଠନ, ନିର୍ମାଣ ; 2. ରୂପ ।

**Mal**, *prefix*, ଉପସର୍ଗ ପଦ ଯାହାର ଅର୍ଥ କୁ ମନ୍ଦ ଓ ନାଶକ ଅଟେ ।

**Maladministration**, *n.* କୁଶାସନ ।

**Maladroit**, *a.* ଅଦକ୍ଷ, ଅନାଡ଼ି ।

**Maladroitly**, *ad.* ଅନାଡ଼ିରୂପେ, ଅନାଡ଼ିପଣରେ ।

**Maladroitness**, *n.* ଅଦକ୍ଷତା, ଅନାଡ଼ିପଣ । [ଦୋଷ ।

**Malady**, *n.* 1. ରୋଗ, ପୀଡ଼ା, ବ୍ୟାଧି ; 2. ନୈତିକ

**Malapert**, *a.* ନିର୍ଲଜ୍ଜ, ଦୁର୍ମୁଖ, ଧୃଷ୍ଟ ।

**Malaria**, *n.* 1. ମନ୍ଦବାୟୁ, ଦୂଷିତବାୟୁ, ପୀଡ଼ାଜନକ ବାଷ୍ପ ; 2. କମ୍ପଜ୍ୱର ।

**Malarial**, *a.* ଦୂଷିତ ବାୟୁଜାତ ରୋଗ ସମ୍ବନ୍ଧୀୟ ।

**Malarious**, *a.* ଦୂଷିତବାୟୁପୂର୍ଣ୍ଣ, କମ୍ପଜ୍ୱର ଉତ୍ପାଦକ ।

**Malcontent**, *n.* 1. ଅସନ୍ତୁଷ୍ଟ ବ୍ୟକ୍ତି ; 2. ବିଦ୍ରୋହୀ ପ୍ରଜା ।

**Malcontented**, *a.* 1. ଅସନ୍ତୁଷ୍ଟ ; 2. ବିଦ୍ରୋହୀ ।

**Malcontentedly**, *ad.* ଅସନ୍ତୁଷ୍ଟଭାବେ ।

**Malcontentedness**, *n.* ଅଶାନ୍ତି, ଅସନ୍ତୋଷ । [ନର ।

**Male**, *a.* ପୁଂ, ପୁରୁଷ ଜାତୀୟ, ପୌରୁଷ ।—*n.* ପୁରୁଷ,

**Malediction**, *n.* 1. ଶାପଦାନ ; 2. ନିନ୍ଦାବାକ୍ୟ, ଅଭିଶାପ । [ବାକ୍ୟ ।

**Maledictory**, *a.* 1. ଅଭିଶାପସୂଚକ ; 2. ଅଭିଶାପ-

**Malefactor**, *n.* ଅପରାଧୀ, ମହାପାତକୀ ।

**Malefic**, *a.* ଅଶୁଭକର, ଅମଙ୍ଗଳଜନକ ।

**Maleficence**, *n.* ଅପକାରିତା, ଦୌରାତ୍ମ୍ୟ ।

**Maleficent**, *a.* ଅପକାରୀ, କ୍ଷତିକର ।

**Malevolence**, *n.* ଅହିତେଚ୍ଛା, ଅପକାରେଚ୍ଛା, ଈର୍ଷା ।

**Malevolent**, *a.* 1. ଅହିତାକାଂକ୍ଷୀ, ଅପକାରେଚ୍ଛୁ ; 2. ଈର୍ଷାପରାୟଣ, ପରଶ୍ରୀକାତର ; 3. ହିଂସକ । [ଚ୍ଛାରେ ।

**Malevolently**, *ad.* ଅପକାରେଚ୍ଛୁକଭାବେ, ଅହିତେ-

**Malfeasance**, *n.* କୁକର୍ମ, ଅକର୍ତ୍ତବ୍ୟ କର୍ମ, ଆଇନ ବିରୁଦ୍ଧ କର୍ମ ।

**Malformation**, *n.* ମନ୍ଦଗଠନ, ବିକୃତି ।

**Malformed**, *a.* ବିକୃତ ।

**Malice**, *n.* ହିଂସା, ଦ୍ୱେଷ, ଅନିଷ୍ଟ ଚେଷ୍ଟା, ଈର୍ଷା, ଅଦାଉତ ।—Malice prepense, ଜ୍ଞାନକୃତ ଅନିଷ୍ଟ ଚେଷ୍ଟା ।

**Malicious**, *a.* 1. ହିଂସକ, ଦ୍ୱେଷୀ ; 2. ଈର୍ଷାଜାତ, ଈର୍ଷାପରାୟଣ, ଈର୍ଷାଳୁ ; 3. ଅନିଷ୍ଟଚେଷ୍ଟକ ।

**Maliciously**, *ad.* ଈର୍ଷାକ୍ରମେ, ଅଦାଉତକ୍ରମେ, ଦ୍ୱେଷପୂର୍ବକ ।

**Maliciousness**, *n.* ଈର୍ଷାପରାୟଣତା, ଅପକାରିତା ।

**Malign**, *a.* 1. ଅପକାରେଚ୍ଛୁ, ଦୁରାଶୟ ; 2. ହିଂସକ, ପ୍ରତିକୂଳ, ଅଶୁଭ ।—*v.t.* ନିନ୍ଦା-କ, କୁତ୍ସା-କ, ଅପବାଦ-କ, ଦୁର୍ନାମ-କ ।

**Malignance, Malignancy**, *n.* 1. ଦ୍ୱେଷ ; 2. ସାଂଘାତିକତା ; 3. ଅଶୁଭଜନକତା ।

**Malignant**, *ma-lig-nant*, 1. ଅପକାରକ, ଈର୍ଷାକାରୀ, ଦ୍ୱେଷପରାୟଣ, ଅନିଷ୍ଟଚେଷ୍ଟକ ; 2. ସାଂଘାତିକ ପ୍ରାଣନାଶକ ; 3. ଅଶୁଭକର ; 4. ଉତ୍କଟ ।

**Malignantly**, *ad.* ଦ୍ୱେଷପୂର୍ବକ, ଈର୍ଷାକ୍ରମେ, ଅଶୁଭଜନକରୂପେ ।

**Maligner**, *n.* ନିନ୍ଦକ, ଅପବାଦକ ।

**Malignity**, *n.* 1. ଈର୍ଷାପରାୟଣତା, ବିଦ୍ୱେଷ ; 2. ସାଂଘାତିକତା ।

**Malignly**, *ad.* ବିଦ୍ୱେଷଭାବେ ।

**Malinger**, *v.i.* *ma-ling'-ger*, କାର୍ଯ୍ୟରୁ ନିବୃତ୍ତ ହେବା ନିମନ୍ତେ ପୀଡ଼ାର ଛଳନା-କ ।

**Malingerer**, *n.* କାର୍ଯ୍ୟରୁ ନିବୃତ୍ତ ହେବା ନିମନ୍ତେ ପୀଡ଼ା ଛଳନାକାରୀ ସେନା ।

**Malingery**, *n.* କାର୍ଯ୍ୟରୁ ନିବୃତ୍ତ ହେବା ନିମନ୍ତେ ପୀଡ଼ାର ଛଳନା ।

**Malison**, *n.* ଅଭିଶାପ ।

**Mall**, *n.* 1. ମୁଦ୍ଗର, ପିଟଣା ; 2. ବଡ଼ାର ସ୍ଥାନ ।—*v.t.* ମୁଦ୍ଗରଘାତ-କ, ଠେଙ୍ଗା ମାରିବା ।

**Mallard**, *n.* ବଣୁଆ ବତକ ।

**Malleable**, *a.* ଅଘାତ ଦ୍ୱାରା ବର୍ଦ୍ଧନୀୟ, ବିସ୍ତାର୍ଯ୍ୟ ।

**Malleability, Malleableness**, *n.* ଅଘାତ ଦ୍ୱାରା ବର୍ଦ୍ଧନୀୟତା, ବିସ୍ତାର୍ଯ୍ୟତା । [ତରଳ-କ ।

**Malleate**, *v.t.* ମୁଦ୍ଗରଘାତ-କ, ଧାତୁ ଆଦି ଅଘାତ ଦ୍ୱାରା

**Malleation**, *n.* 1. ଧାତୁଆଦି ଅଘାତ ଦ୍ୱାରା ପତର-କରଣ ; 2. ଅଘାତ ଦ୍ୱାରା ବର୍ଦ୍ଧନ ।

**Mallet**, *n.* ମୁଦ୍ଗର ।

**Malodour**, *n.* ଦୁର୍ଗନ୍ଧ ।

**Malodourous**, *a.* ଦୁର୍ଗନ୍ଧଯୁକ୍ତ ।

**Malodourousness**, *n.* ଦୁର୍ଗନ୍ଧବିଶିଷ୍ଟତା । [କାର୍ଯ୍ୟ ।

**Malpractice**, *n.* 1. କଦାଚାର ; 2. ବ୍ୟବସାୟବିରୁଦ୍ଧ

**Malt**, *n.* ମଦ୍ୟ ପ୍ରସ୍ତୁତ ହେବା ନିମନ୍ତେ ଯବ ଆଦି ଭିଜା ଶସ୍ୟ ।—*a.* ଯବମିଶ୍ରିତ, ଯବରୁ ପ୍ରସ୍ତୁତ ।—*v.t.* ମଦ୍ୟ ପ୍ରସ୍ତୁତ କରିବା ନିମନ୍ତେ ଯବ ଆଦି ଭିଜାଇ ଫମ୍ପା-ଇବା ।—*v.i.* 1. ମଦ୍ୟ ପ୍ରସ୍ତୁତରେ ଯବ ଆଦି ଫାମ୍ପି ଉଠିବା ; 2. ନିଶାଖୋର-ହେ । [ଫମ୍ପାଇବା ଲୋକ ।

**Malster, Maltman**, *n.* ମଦ୍ୟ ପ୍ରସ୍ତୁତରେ ଯବ ଆଦି

**Malt liquor**, *n.* ଯବ ଆଦିରୁ ପ୍ରସ୍ତୁତ ମଦ୍ୟ ।

**Maltreat**, *v.t.* ଅତ୍ୟାଚାର-କ, କୁବ୍ୟବହାର-କ, ମାର-ପିଟ-କ, କ୍ଳେଶ-ଦେ ।

**Maltreatment**, *n.* ଅତ୍ୟାଚାର, ମାରପିଟ, ନିଗ୍ରହ ।

**Malversation**, *n.* ଅସଦାଚାର, ପ୍ରତାରଣା, ଧୂର୍ତ୍ତତା ।

**Mamma**, *n.* ସ୍ନେହସୂଚକ ଶବ୍ଦ, ଯଥା : ମାମା ।

**Mammal**, *n.* ସ୍ତନ୍ୟପାୟୀ ପ୍ରାଣୀ ।

**Mammalia**, *n pl.* ସ୍ତନ୍ୟପାୟୀ ପ୍ରାଣିବର୍ଗ ।

**Mammillary**, *a.* ସ୍ତନସମ୍ବନ୍ଧୀୟ, ସ୍ତନ ପରି ।

**Mammon**, *n.* ଧନ, ସମ୍ପତ୍ତି, କୁବେର, ଲକ୍ଷ୍ମୀ । [ପୂଜକତା ।

**Mammonism**, *n.* ଧନାସକ୍ତି, ଧନଲୋଭ, ବିଷୟପରାୟଣତା

**Mammoth**, *n.* ପୂର୍ବ କାଳର ହସ୍ତୀ ବିଶେଷ ।—*a.* ବୃହତ୍, ପ୍ରକାଣ୍ଡ ।

**Mammy**, *n.* ମାମା ଶବ୍ଦର ଅପଭ୍ରଂଶ, ଯଥା : ମା ।

**Man**, *n.* 1. ମନୁଷ୍ୟ, ମାନବ, ଲୋକ, ଜନ ; 2. ନର, ପୁରୁଷ ; 3. ବ୍ୟକ୍ତି ; 4. ନରବଂଶ, ମାନବଜାତି ; 5. ଚାକର, ଦାସ ; 6. ମର୍ଦ୍ଦ, ସ୍ୱାମୀ ; 7. ସମ୍ବୋଧନ ଶବ୍ଦ, ଯଥା : ହେ ! ହରେ ! ଅବଧାନ ! 8. ପଶା ଖେଳା-ଦିରେ ଗୋଟିଏ କାଠି ।—Man of war, ଯୁଦ୍ଧଜାହାଜ, ରଣତରୀ ।—*v.t.* 1. ଲୋକ ଯୋଗାଇବା ; 2. ବଳିଷ୍ଠ-କ, ସାହସୀ-କ ।

**Manacle**, *n.* ହାତକଡ଼ି ।—*v.t.* 1. ହାତକଡ଼ି-ଦେ ; 2. ରୁଦ୍ଧ-କ, ବନ୍ଦୀ-କ ।

**Manage**, *v.t.* 1. ଚଳାଇବା ; 2. ନିର୍ବାହ-କ, ତତ୍ତ୍ୱାବ-ଧାରଣ-କ ; 3. ପ୍ରବର୍ତ୍ତାଇବା, ମଣାଇବା ; 4. ଶିକ୍ଷିତ କରାଇବା, ବଶ-କ ; 5. ପରିମିତ ବ୍ୟୟ-କ ।

**Manageability, Manageableness**, *n.* 1. ଦମ-ନୀୟତା, ବଶ୍ୟତା ; 2. ନିର୍ବାହଯୋଗ୍ୟତା ।

**Manageable**, *a.* 1. ଚାଳନୀୟ ; 2. ନିର୍ବାହଯୋଗ୍ୟ ; 3. ଶାସନୀୟ, ଦମନୀୟ ; 4. ପ୍ରବର୍ତ୍ତନୀୟ ।

**Manageably**, *ad.* ଦମନୀୟରୂପେ ।

**Management**, *n.* 1. ଚାଳନା, ନିର୍ବାହ, ତତ୍ତ୍ୱାବଧାନ, ଶାସନ ; 2. ପ୍ରବର୍ତ୍ତନା, କୌଶଳ ; 3. କାର୍ଯ୍ୟନିର୍ବାହକ-ମାନେ ।

**Manager**, *n.* 1. କର୍ମନିର୍ବାହକ, ପରିଚାଳକ, ତତ୍ତ୍ୱାବ-ଧାରକ, ସମ୍ପାଦକ ; 2. ପରିମିତବ୍ୟୟୀ । [କାର୍ଯ୍ୟ ।

**Managership**, *n.* ସମ୍ପାଦକର ପଦ, ତତ୍ତ୍ୱାବଧାରକର

**Managing**, *p.a.* ସମ୍ପାଦକ, ନିର୍ବାହକ । [ନାମା ।

**Mandamus**, *n.* *man-da-mus*, ଅଦାଲତର ହୁକୁମ୍-

**Mandarin**, *n.* 1. ଚୀନ୍ ଦେଶର ରାଜକର୍ମଚାରୀ ; 2. ଚୀନ୍ ଦେଶର ସରକାରୀ ଭାଷା ; 3. ନାରଙ୍ଗି ବିଶେଷ ; 4. ବତକବିଶେଷ ।

**Mandate**, *n.* ହୁକୁମ୍, ଆଜ୍ଞା, ଆଦେଶ ।

**Mandatory**, *a.* ଆଜ୍ଞାଜ୍ଞାପକ, ଆଦେଶକ ।

**Mandible**, *n.* 1. ଜଳପାଟି ; 2. ପକ୍ଷୀର ଉପର ବା ତଳ ଭାଗ । [ନିଦ୍ରାଫଳର ବୃକ୍ଷ ।

**Mandrake**, *n.* ନିଦ୍ରାକାରକ ଓଷଧିଗଛ ବିଶେଷ. (Bible)

**Mandrel, Mandril**, *n.* 1. କୁନ୍ଦ ଯନ୍ତ୍ରରେ କାଠ ଆଦି ଧରି ରଖିବା ଲୁହା ଖଣ୍ଡ ; 2. ଗୋଲ କର୍ଣ୍ଣର ଅଟ ।

**Mandrill**, *n.* ଅଫ୍ରିକା ଦେଶର ବାନର ବିଶେଷ ।

**Mane**, *n.* କେଶର ।

**Man-eater**, *n.* ନରଭକ୍ଷକ, ମନୁଷ୍ୟଖିଆ ଜନ୍ତୁ ।

**Manes**, *n. pl.* ପୂର୍ବ କାଳର ରୋମୀୟମାନଙ୍କ ପୂଜିତ ମୃତ ଲୋକମାନଙ୍କର ଆତ୍ମା, ପ୍ରେତ ଲୋକ ।

**Manful**, *a.* ପୌରୁଷ, ବୀର, ବିକ୍ରାନ୍ତ, ସାହସିକ ।

**Manfully**, *ad.* ବୀରବତ୍, ବିକ୍ରାନ୍ତରୂପେ, ସାହାସପୂର୍ବକ ।

**Manfulness**, *n.* ପୌରୁଷ, ବୀର୍ଯ୍ୟ, ବିକ୍ରମ, ସାହାସିକତା ।

**Manganese**, *n.* ସମଳ ଧାତୁ ବିଶେଷ ।

**Mange**, *n.* ପଶୁମାନଙ୍କ କାଛୁ ବା କୁଣ୍ଡିଆ ।

**Manger**, *n.* ଗୁହାଳ କୁଣ୍ଡ, ଘୋଡ଼ା ନିମନ୍ତେ କାନ୍ଥରେ ଲଗା ଜାଲି କାଠର ଖାଦ୍ୟପାତ୍ର ।

**Manginess**, *n.* କାଛୁ ଦ୍ୱାରା ଅକ୍ରାନ୍ତାବସ୍ଥା ।

**Mangle**, *v.t.* *mang-gl*, 1. ଖଣ୍ଡ-କ, କଦାଡ଼ିବା ; 2. ଭୁଲକ୍ରମେ-କ, ବିପର୍ଯ୍ୟ-କ ; 3. ଯନ୍ତ୍ର ଦ୍ୱାରା ବସ୍ତ୍ର ଚିକ୍କଣ-କ ।—*n.* ଲୁଗାଦି ଚିକ୍କଣକାରୀ ବେଲଣାଲଗା ଯନ୍ତ୍ର ବିଶେଷ ।

**Mango**, *n.* 1. ଆମ୍ବ, ଆମ୍ର, ଚୂତ ; 2. ଆମ୍ବଗଛ ; 3. ଖରଭୂଜର ଏକପ୍ରକାର ଅଚାର ।

**Mango-bird**, *n.* ହଳଦବସନ୍ତ ।

**Mangosteen**, *n.* ଭାରତବର୍ଷୀୟ ଫଳଗଛ ବିଶେଷ ।

**Mangrove**, *n.* ଭାରତବର୍ଷ ଇତ୍ୟାଦିର ପଙ୍କମୟ ସ୍ଥାନରେ ବଢ଼ିଥିବା ଏକ ପ୍ରକାର ଗଛ ।

**Mangy**, *a.* କାଛୁଆ, ଖୁଜୁଲିଯୁକ୍ତ ।

**Manhole**, *n.* 1. ନର୍ଦ୍ଦମା ଇତ୍ୟାଦିର ଭିତରକୁ ଯାଇ ଦେଖିବା ନିମନ୍ତେ ବାଟ ; 2. ସୁଡ଼ଙ୍ଗ ଭିତର ପାର୍ଶ୍ୱରେ ମନୁଷ୍ୟର ଆଶ୍ରୟ ନିମନ୍ତେ ସଙ୍କୀର୍ଣ୍ଣ ସ୍ଥାନ ।

Manhood, *n.* 1. ମନୁଷ୍ୟତ୍ଵ ; 2. ବୟଃପ୍ରାପ୍ତି, ଯୌବନ; 3. ସାହସିକତା, ସାରତ୍ଵ, ପୁରୁଷତ୍ଵ ।

Mania, *n.* 1. ପାଗଳାମି, କ୍ଷିପ୍ତତା, ଉନ୍ମାଦ; 2. ଅତିରକ୍ତ ଅନୁରାଗ, ଅଭିଳାଷ, ଝୁଙ୍କ ।

Maniac, *n.* ପାଗଳ ଲୋକ, ଉନ୍ମତ୍ତ ବ୍ୟକ୍ତି ।—*a.* ପାଗଳ, କ୍ଷିପ୍ତ, ଉନ୍ମତ୍ତ । [3. ଉନ୍ମାଦାକ୍ରାନ୍ତ ।

Maniacal, *a.* 1. ପାଗଳାମିସମ୍ବନ୍ଧୀୟ ; 2. କ୍ଷିପ୍ତତା ସହ;

Maniacally, *ad.* ଉନ୍ମତ୍ତବତ୍, ପାଗଳାମି ଢଙ୍ଗରେ ।

Manicure, *n.* 1. ଯେ ହାତର ନଖ କଟାକଟି ଓ ସଫା କରେ; 2. ହାତନଖର କଟାକଟି ଓ ସଫା କରିବା କାର୍ଯ୍ୟ ।—*v.t.* ହାତନଖ କଟାକଟି ଓ ସଫା-କ ।

Manifest, *a.* ପ୍ରତ୍ୟକ୍ଷ, ସ୍ପଷ୍ଟ, ବ୍ୟକ୍ତ, ପ୍ରକଟ ।—*n.* ବୋହାଜ ।—*v.t.* 1. ପ୍ରକାଶ-କ, ବ୍ୟକ୍ତ-କ ; 2. ଦର୍ଶାଇବା, ଦେଖାଇବା ; 3. ନିଃସନ୍ଦିଗ୍ଧ-କ । [ଯୋଗ୍ୟ ।

Manifestable, Manifestible, *a.* ପ୍ରକାଶ୍ୟ, ପ୍ରକଟ-

Manifestation, *n.* 1. ପ୍ରକାଶକରଣ, ପ୍ରକାଶନ, ପ୍ରକାଶ, ପ୍ରତ୍ୟକ୍ଷତା ; 2. ଅବତାର । [ରୂପେ ।

Manifestly, *ad.* ସ୍ପଷ୍ଟରୂପେ, ପ୍ରତ୍ୟକ୍ଷରୂପେ, ପ୍ରକାଶ-

Manifestness, *n.* ସ୍ପଷ୍ଟତା, ପ୍ରତ୍ୟକ୍ଷତା, ବ୍ୟକ୍ତତା ।

Manifesto, *n.* ରାଜାଙ୍କର ଘୋଷଣାପତ୍ର, ରାଜନୈତିକ ଦଳର ବିଜ୍ଞାପନପତ୍ର ।

Manifold, *a.* ବିବିଧ, ବହୁବିଧ, ନାନାପ୍ରକାର, ଅନେକ ପ୍ରକାର ।—*v.t.* କଳା କାଗଜ ଦ୍ଵାରା ଚିଠି ଇତ୍ୟାଦିର ନକଲ ଉଠାଇବା ।—*n.* କଳା କାଗଜ ଦ୍ଵାରା ନକଲ କରା ଚିଠି ।

Manifoldly, *ad.* ବିବିଧରୂପେ, ଅନେକ ପ୍ରକାରରେ ।

Manifoldness, *n.* ବହୁଳତା, ଅନେକତା ।

Maniform, *a.* ହସ୍ତାକୃତି ।

Manikin, *n.* 1. ବାଙ୍ଗର, ବାମନ ; 2. କ୍ଷୁଦ୍ର ନର ; 3. ମନୁଷ୍ୟ ଶରୀରର ଅଙ୍ଗପ୍ରତ୍ୟଙ୍ଗର ଛାଞ୍ଚ ।

Manilla, *n.* 1. ଫିଲିପାଇନ ଦ୍ଵୀପପୁଞ୍ଜର ମାନିଲା ନାମକ ଦ୍ଵୀପରେ ପ୍ରସ୍ତୁତ ଚିରା ; 2. ଆଫ୍ରିକାଦେଶୀୟ ଅସଭ୍ୟ ଲୋକମାନଙ୍କ ବାହୁ ବା କଲା ଅଲଙ୍କାର ଯାହା ସେମାନେ କାରବାରରେ ଟଙ୍କା ପରି ବିନିମୟ କରନ୍ତି ।

Maniple, *n.* 1. ରୋମୀୟ ପଦାତିକ ସୈନ୍ୟଦଳ ; 2. ପ୍ରଭୁ ଭୋଜ ସମୟରେ ରୋମାନ୍ କ୍ୟାଥଲିକ୍ ପୁରୋହିତ ଆଦିଙ୍କ ବାମ ହାତରେ ପିନ୍ଧିଥିବା ଚୌଡ଼ା ଫିତା ।

Manipular, *a.* 1. ହସ୍ତଚାଳନାସମ୍ବନ୍ଧୀୟ ; 2. ରୋମୀୟ ପଦାତିକ ସୈନ୍ୟଦଳସମ୍ବନ୍ଧୀୟ ; 3. ପୁରୋହିତଙ୍କ ପିନ୍ଧିଥିବା ଫିତା ସମ୍ବନ୍ଧୀୟ ।

Manipulate, *v.t.* 1. ଦକ୍ଷରୂପେ ହସ୍ତରେ କାର୍ଯ୍ୟ-କ, ହାତରେ ଚଳାଇବା ; 2. ପ୍ରତାରଣା-କ ; 3. ସୁବିଧା କରି ନେବା ।—*v.i.* 1. ହାତ ଚଳାଇବା, ହାତ ବୁଲାଇବା ; 2. ହାତକାମ-କ । [କୌଶଳ ।

Manipulation, *n.* 1. ହସ୍ତଚାଳନା, ଲଘୁହସ୍ତତା ; 2.

Manipulative, Manipulatory, *a.* 1. ହସ୍ତଚାଳନା ବିଷୟକ; 2. ନିପୁଣ ହସ୍ତରେ କୃତ । [ଜାତି ।

Mankind, *n.* 1. ମନୁଷ୍ୟଜାତି, ମାନବବଂଶ; 2. ପୁରୁଷ-

Manlike, *a.* 1. ମନୁଷ୍ୟ ସଦୃଶ ; 2. ମାନବଜାତୀୟ ; 3. ପୁଂବତ୍ ; 4. ପୌରୁଷ, ନିର୍ଭୀକ ।

Manliness, *n.* ପୁରୁଷତ୍ଵ, ସାହସିକତା, ସାରତ୍ଵ, ବିକ୍ରମ ।

Manly, *a.* ମନୁଷ୍ୟବତ୍, ମନୁଷ୍ୟୋଚିତ, ସାହସିକ, ବଳିଷ୍ଠ, ନିର୍ଭୟ ।

Manna, *n.* 1. ଇସ୍ରାଏଲ ବଂଶ ଯାତ୍ରା କରିବା ସମୟରେ ପରମେଶ୍ଵରଙ୍କ ଦତ୍ତ ଖାଦ୍ୟ ବିଶେଷ ; 2. ଈଶ୍ଵରଦତ୍ତ ଆହାର, ଅଚିନ୍ତିକ ଭକ୍ଷ୍ୟ ; 3. ଔଷଧୀୟ ନିର୍ଯ୍ୟାସ ବିଶେଷ ।

Manner, *n.* 1. ପ୍ରକାର, ମତ, ଧାରା, ଧରଣ, ଢଙ୍ଗ, ରୀତି, ରୂପ ; 2. ଆଚରଣ, ବ୍ୟବହାର ; 3. ଅଭ୍ୟାସ; 4. (*pl*) ରୀତିନୀତି, ଶିଷ୍ଟାଚାର, ଭଦ୍ରତା ।

Mannered, *a.* 1. ଅଭ୍ୟାସବିଶିଷ୍ଟ; 2. ବିଶେଷ ଢଙ୍ଗଯୁକ୍ତ ।

Mannerism, *n.* ଏକଧାରାର ଅତିରକ୍ତ ଅନୁରାଗ, ବିଶେଷ ଢଙ୍ଗ, ଧରଣ ।

Mannerist, *n.* ବିଶେଷ ଢଙ୍ଗପ୍ରିୟ ବ୍ୟକ୍ତି ।

Mannerliness, *n.* ଶିଷ୍ଟତା, ଭଦ୍ରତା, ସୁଶୀଳତା ।

Mannerly, *a.* ଶିଷ୍ଟାଚାରୀ, ଶିଷ୍ଟ, ସୁଶୀଳ, ଭଦ୍ର ।—*ad.* ଶିଷ୍ଟାଚାର ପୂର୍ବକ, ସୁରୀତିରେ, ସୁଶୀଳଭାବେ, ଭଦ୍ରୋଚିତରୂପେ ।

Mannish, *a.* ସ୍ତ୍ରୀ ଚରିତ୍ର, ପୁରୁଷ ନ୍ୟାୟ, ମନୁଷ୍ୟ ସଦୃଶ, ପୁରୁଷାନୁକରଣ [illegible] [ଭାବ ।

Mannishly, *ad.* ପୁରୁଷବତ୍, ପୁରୁଷୋଚିତରେ ।

Mannishness, *n.* ସ୍ତ୍ରୀଚରିତ୍ରରେ ପୁରୁଷାନୁ-

Manœuvre, *n.* *ma-noo'ver*, 1. ସୈନ୍ୟଦଳ ବା ଯୁଦ୍ଧ ଜାହାଜର ସୁଦକ୍ଷରୂପେ ଚଳନା ; 2. କୌଶଳ, କଳ, ପେଞ୍ଚପାଞ୍ଚ ।—*v.t.* ସୈନ୍ୟଦଳ ବା ଯୁଦ୍ଧଜାହାଜ ସୁନିୟମରେ ଚଳାଇବା, କୌଶଳକ୍ରମେ ସ୍ଥାନ ଅଧିକାର-କ ।—*v.i.* 1. ସୈନ୍ୟଦଳ ବା ଯୁଦ୍ଧଜାହାଜ ଦକ୍ଷତାରେ ଚଳିବା ; 2. ଚଳକ-ହେ, କୌଶଳ-କ ।

Man-of-war, *n.* ଯୁଦ୍ଧଜାହାଜ ।

Manometer, *n.* ବାଷ୍ପ ପରିମାପକ ଯନ୍ତ୍ର ବିଶେଷ ।

Manor, *n.* ଇଂଲଣ୍ଡର କୁଳୀନ ଲୋକର ତାଲୁକ, ଜମିଦାରୀ, ଜାଗିରୀ । [ଦାରର ଘର ।

Manor-house, *n.* କୁଳୀନ ଲୋକର ପ୍ରାସାଦ, ଜମି-

Manorial, *a.* କୁଳୀନ ଲୋକର ତାଲୁକ ସମ୍ବନ୍ଧୀୟ, ଜମିଦାରିବିଷୟକ ।

Manse, *n.* ଧର୍ମୋପଦେଶକର ଗୃହ, ମଣ୍ଡଳୀ ଦ୍ଵାରା ରକ୍ଷିତ ପାଳକର ବାସ ଗୃହ ।

Mansion, *n.* 1. ଧନଲୋକର ବୃହତ୍ ଗୃହ, ପ୍ରାସାଦ, ଅଟ୍ଟାଳିକା ; 2. ଜମିଦାରର ଘର ।

Mansion-house, *n.* 1. ପ୍ରାସାଦ ; 2. ପ୍ରଧାନ ନଗରାଧ୍ୟକ୍ଷର ସର୍କାରୀ ବାସଗୃହ ।

Manslaughter, *n.* ଅବହୃତ କର୍ମ କରିବା ସମୟରେ ଅଜ୍ଞାନକୃତ ମନୁଷ୍ୟ ବଧ, ନରହତ୍ୟା ।

Mantel, Mantel-piece, *n.* ଶୀତପ୍ରଧାନ ଦେଶରେ ଅଗ୍ନି ଆଧାରର ଉପରସ୍ଥ ଥାକ । [ବିଶେଷ ।

Mantilla, *n.* 1. ଓଢ଼ଣୀ ; 2. ସ୍ତ୍ରୀଲୋକର ଜାମା

Mantis, *n.* ଲମ୍ବ-ଗୋଡ଼ବିଶିଷ୍ଟ କୀଟ ବିଶେଷ ।

**Mantle**, *n.* 1. ଢିଲା ଜାମା, ଅଙ୍ଗରଖା, ଚୋଗା; 2. ଆଚ୍ଛାଦନ, ଆବରଣ; 3. ଗ୍ୟାସ୍ ବତି ଅଧିକ ତେଜସ୍କର କରିବା ନିମନ୍ତେ ମାଟିର ଆବରକ ଜାଲିକାମ।—*v.t.* 1. ଘୋଡାଇବା, ଢାଙ୍କିବା ଝାମ୍ପିବା, ଆଚ୍ଛାଦନ-କ; 2. ଗୋପନ-କ; 3. ଛଦ୍ମବେଶ କରାଇବା।—*v.i.* 1. ବ୍ୟାପିଯିବା, ଆବୋରିବା; 2. ଫେଣ ବାହାରିବା; 3. ଉଚ୍ଛ୍ରିତ-ହେ।

**Mantua**, *n.* ନାରୀର ଏକପ୍ରକାର ଘାଗରା।

**Manual**, *a.* 1. ହସ୍ତବିଷୟକ; 2. ହସ୍ତକୃତ; 3. ହସ୍ତରେ ବ୍ୟବହୃତ।—*n.* 1. ଉପକ୍ରମଣିକା; 2. କୌଣସି ବିଷୟର ସାରସଂଗ୍ରହ ପୁସ୍ତକ; 3. ରୋମାନ୍‌କାଥଲିକ୍ ମଣ୍ଡଳୀର ଭଜନା ପଦ୍ଧତି; 4. ବାଦ୍ୟ-ବାଦ୍ୟଯନ୍ତ୍ରର ସ୍ୱର ବଜାଇବାର ଚାବିଶ୍ରେଣୀ।

**Manual-alphabet**, *n.* ମୂକ ବଧିର ସହିତ କଥାବାର୍ତ୍ତାରେ ହସ୍ତ ସଙ୍କେତ ବର୍ଣ୍ଣମାଳା। [ପୂର୍ବକ।

**Manually**, *ad.* ହାତରେ, ହସ୍ତ ଦ୍ୱାରା, ହସ୍ତଚାଳନା-

**Manufactory**, *n.* କାରଖାନା, ଶିଳ୍ପଶାଳା।

**Manufactural**, *a.* ଶିଳ୍ପକାର୍ଯ୍ୟ ବିଷୟକ, କାରିଗର ସମ୍ବନ୍ଧୀୟ।

**Manufacture**, *n.* 1. ଦ୍ରବ୍ୟ ପ୍ରସ୍ତୁତକରଣ, ଶିଳ୍ପନିର୍ମାଣ, ଶିଳ୍ପକର୍ମ; 2. ଶିଳ୍ପନିର୍ମିତ ବସ୍ତୁ, କାରିଗରି।—*v.t.* ଶିଳ୍ପ ଦ୍ୱାରା ନିର୍ମାଣ-କ, କାରିଗରି-କ, ପ୍ରସ୍ତୁତ-କ।—*v.i.* କାରିଗର-ହେ, ଶିଳ୍ପ କାର୍ଯ୍ୟର ବ୍ୟବସାୟୀ-ହେ।

**Manufacturer**, *n.* କାରିଗର, ଶିଳ୍ପୀ, ନିର୍ମାତା, ଶିଳ୍ପ ବ୍ୟବସାୟୀ।

**Manufacturing**, *p.a.* 1. ଶିଳ୍ପକାର୍ଯ୍ୟସମ୍ବନ୍ଧୀୟ; 2. ଶିଳ୍ପକାର୍ଯ୍ୟକାରୀ; 3. ଶିଳ୍ପକାର୍ଯ୍ୟରେ ଲିପ୍ତ।

**Manumission**, *n.* ଦାସତ୍ୱରୁ ମୁକ୍ତିକରଣ, ଗୋଲାମ ଅବସ୍ଥାରୁ ଛାଡ, ମୁକ୍ତି।

**Manumit**, *v.t.* ଦାସତ୍ୱରୁ ମୁକ୍ତ-କ, ଉଦ୍ଧାର-କ, ଗୋଲାମ ଅବସ୍ଥାରୁ ଛାଡ-ଦେ।

**Manurable**, *a.* ଖତ ଦ୍ୱାରା ଉର୍ବର କରା ଯୋଗ୍ୟ।

**Manure**, *n.* ଖତ, ସାରମାଟି, ଗୋବର ଆଦି।—*v.t.* ଖତ-ଦେ, ସାରମାଟି-ଦେ, ଗୋବର ଆଦି ଦେଇ ଉର୍ବର-କ।

**Manurer**, *n.* ଖତ ପକାଏ ଯେ।

**Manuring**, *n.* ଭୂମିରେ ଖତ ପକାଇବା କାର୍ଯ୍ୟ।

**Manuscript**, *a.* *man'ū-skript*, 1. ହାତଲେଖା, ହସ୍ତଲିଖିତ; 2. ହାତଲେଖା ସମ୍ବନ୍ଧୀୟ, ହସ୍ତଲିଖନରେ ପୂର୍ଣ୍ଣ।—*n.* ହାତଲେଖା କାଗଜ, ହସ୍ତଲିଖିତ ପୁସ୍ତକ, ହସ୍ତଲିପି।

**Manx**, *a.* ଇଂଲଣ୍ଡର ପଶ୍ଚିମ ଦିଗସ୍ଥ ମାନ୍ ନାମକ ଦ୍ୱୀପ ଓ ତନ୍ନିବାସୀମାନଙ୍କ ଭାଷା ସମ୍ବନ୍ଧୀୟ।—*n.* ମାନ ନାମକ ଦ୍ୱୀପର ଭାଷା।

**Many**, *a.* ଅନେକ, ବହୁତ, ବହୁଳ, ପ୍ରଚୁର।—*n.* ଲୋକମାନଙ୍କର ଅଧିକାଂଶ, ଲୋକସମୂହ।—Too many, ଅତ୍ୟଧିକ, ଅଧିକ ବଳବାନ୍, ଅଧିକ ପଟୁ।

**Many-sided**, *a.* 1. ନାନାବିଧ, ନାନାରୂପ; 2. ବହୁଗୁଣଯୁକ୍ତ, ଚୌକସିଆ, ଅନେକ ବିଷୟରେ ନିପୁଣ।

**Maori**, *a.* *mow'ri*, ନ୍ୟୁ ଜିଲାଣ୍ଡ ଦ୍ୱୀପର ଆଦିମ ନିବାସୀ ଓ ସେମାନଙ୍କର ଭାଷା ସମ୍ବନ୍ଧୀୟ।—*n.* ନ୍ୟୁ ଜିଲାଣ୍ଡ ଦ୍ୱୀପର ଆଦିମ ନିବାସିମାନଙ୍କ ମଧ୍ୟରୁ ଜଣେ।

**Map**, *n.* 1. ମାନଚିତ୍ର, ଦେଶାଦିର ନକ୍ସା; 2. ସ୍ପଷ୍ଟ ବର୍ଣ୍ଣନା।—*v.t.* 1. ଦେଶାଦିର ନକ୍ସା-କ, ମାନଚିତ୍ର ଆଙ୍କିବା; 2. ଠିକ୍ କରି ବର୍ଣ୍ଣନା-କ।—with *out*, କଳ୍ପନା-କ, ନିର୍ଦ୍ଦିଷ୍ଟ-କ।

**Maple**, *n.* *ma'pl*, ଶୀତୋଷ୍ଣ ଦେଶରେ ଜାତ ବୃକ୍ଷ ବିଶେଷ ଓ ତହିଁର କାଠ।

**Mar**, *v.t.* କ୍ଷତ-କ, ନଷ୍ଟ-କ, ହାନି-କ, ବିଗାଡିବା।

**Maranatha**, *n.* (Syriac) ପ୍ରଭୁ ଆସୁଅଛନ୍ତି। (1 Corinthians 16 ; 23.)

**Marasmus** *n.* (Medical) କ୍ଷୟକାଶ, କ୍ଷୟରୋଗ।

**Maraud**, *v.t.* ଲୁଟ୍‌ପାଟ୍-କ, ଲୁଟିବା।—*v.i.* ଲୁଟ୍‌ପାଟ କରିବା ନିମନ୍ତେ ବୁଲିଯିବା।

**Marauder**, *n.* ଲୁଟିଅର, ତସ୍କର, ଦସ୍ୟୁ।

**Marble**, *n.* 1. ମର୍ମରପ୍ରସ୍ତର; 2. ଗୋଟି।—*a.* 1. ମର୍ମରପ୍ରସ୍ତରରେ ନିର୍ମିତ; 2. ମର୍ମରପ୍ରସ୍ତରବତ୍; 3. କଠିନ, ନିଷ୍ଠୁର।—*v.t.* ମର୍ମରପ୍ରସ୍ତର ତୁଲ୍ୟ ଚିତ୍ର-କ।

**Marble-edged**, *a.* ଚିତ୍ରିତ ଧାରଯୁକ୍ତ।

**Marble-hearted**, *a.* ପାଷାଣ ହୃଦୟବିଶିଷ୍ଟ, ନିର୍ଦ୍ଦୟ।

**Marble-paper**, *n.* ମର୍ମରପଥର ପରି ଚିତ୍ରବିଚିତ୍ର କାଗଜ।

**Marbling**, *n.* ମର୍ମରପଥର ପରି ରଙ୍ଗ ଦେବା କାର୍ଯ୍ୟ।

**Marbly**, *a.* 1. ମର୍ମରପ୍ରସ୍ତର ତୁଲ୍ୟ; 2. ମର୍ମରପ୍ରସ୍ତରରେ ନିର୍ମିତ।

**Marcescent**, *a.* *mar-ses'ent*, *a.* ମ୍ଳାନ, କ୍ଷୟଶୀଳ।

**March**, *n.* 1. ଇଂରାଜୀ ବର୍ଷର ତୃତୀୟ ମାସ, ଫାଲ୍‌ଗୁନ ଓ ଚୈତ୍ର; 2. ସୈନିକ ଯାତ୍ରା, ସୈନ୍ୟଦଳର ଗମନ, ପ୍ରସ୍ଥାନ; 3. ସୈନ୍ୟମାନଙ୍କ ଗମନୋପଯୋଗୀ ବାଦ୍ୟ; 4. ମୁକାମ, ଚଟୀ, ଯାତ୍ରାର ଦୂରତ୍ୱ; 5. ସୀମା, ଦେଶର ପ୍ରାନ୍ତ।—*v.i.* ସୈନ୍ୟ ପରି ଚାଲିବା, ଯାତ୍ରା-କ, ଗମ୍ଭୀରଭାବରେ ଗମନ-କ।—*v.t.* ସୈନ୍ୟଦଳ ଚଳାଇବା, ଗମ୍ଭୀର ଭାବରେ ଗମନ କରାଇବା।—March past, ପରିଦର୍ଶନ ନିମନ୍ତେ ସୈନ୍ୟାଧ୍ୟକ୍ଷର ସମ୍ମୁଖରେ ଗମନ। Forced march, ବଳାତ୍କୃତ ଯାତ୍ରା।

**Marcher**, *n.* ଯାତ୍ରା କରେ ଯେ। [ଯିବା।

**Marching**, *a.* ଯାତ୍ରାସମ୍ବନ୍ଧୀୟ, ଯାତ୍ରାକାରୀ, ଯୁଦ୍ଧକୁ

**Marchioness**, *n.* (Fem. of Marquis.) ଇଉରୋପରେ ଦ୍ୱିତୀୟଶ୍ରେଣିସ୍ଥ କୁଳୀନ ଉପାଧିଧାରୀ ଲୋକର ଭାର୍ଯ୍ୟା ବା ବିଧବା।

**Marcid**, *a.* *mar'sid*, କ୍ଷୀଣ, ଶୁଷ୍କ, ମ୍ଳାନ।

**Mare**, *n.* 1. ଘୋଡୀ, ଘୋଟକୀ, ଅଶ୍ୱା; 2. ମାଡୁଆଣି [?]।

**Mare's-nest**, *n.* ଯାହା ଆରମ୍ଭରେ ଗୁରୁତର କିନ୍ତୁ ପରେ କିଛି ନୁହେଁ ବୋଲି ଦେଖାଯାଏ, ହାସ୍ୟାସ୍ପଦ କଥା, ଅସମ୍ଭବ କଥା।

**Mare's tail**, *n.* 1. ଘୋଡାର ଲାଞ୍ଜ ପରି ମେଘ; 2 ଜଳଜାତ ଏକପ୍ରକାର ଜଳଗଛ।

**Margarine**, *n.* ମୁକ୍ତା ପରି ଚକଚକିଆ ଏକପ୍ରକାର ତରଳ ।

**Margin**, *n.* 1. ଧାର, କନାର; 2. ତଟ, କୂଳ; 3. ପୃଷ୍ଠାର ଧାର ପାଖରେ ଅଲେଖା ଜାଗା, ହାସିଆ, ପୃଷ୍ଠାର ପାର୍ଶ୍ୱ; 4. ଅଧିକ; 5. କିଣାବିକାରେ ଲାଭ, ଫାଇ ।—*v.t.* 1. ଧାର-କ; 2. ହାସିଆରେ କିଛି ଲେଖିବା ।—*v.i.* ବ୍ୟାପାରର ପାଖରେ ଅଧିକ ନ୍ୟସ୍ତ-କ ।

**Marginal**, *a.* 1. ଧାର ସମ୍ବନ୍ଧୀୟ; 2. ଧାରସ୍ଥିତ, ପୃଷ୍ଠାର ପାର୍ଶ୍ୱସ୍ଥ; 3. ହାସିଆରେ ଲିଖିତ ।

**Marginally**, *ad.* ଧାରରେ, ହାସିଆରେ, ପୃଷ୍ଠାର ପାର୍ଶ୍ୱରେ ।

**Marginate, Marginated**, *a.* ଧାରଯୁକ୍ତ, ପାର୍ଶ୍ୱବିଶିଷ୍ଟ ।

**Marguerite**, *n.* ବଗିଚାରେ ଜାତ ଏକ ବିଶେଷର ଧଳା ଫୁଲ ।

**Marian**, *a.* କୁମାରୀ ମାରିୟା ବା ଇଙ୍ଗ୍ଲଣ୍ଡର ମେରି ନାମ୍ନୀ ମହାରାଣୀଙ୍କ ସମ୍ବନ୍ଧୀୟ ।

**Marigold**, *n.* ଗେଣ୍ଡୁ ଫୁଲ ।

**Marine**, *a.* 1. ସମୁଦ୍ରସମ୍ବନ୍ଧୀୟ, ସମୁଦ୍ରୀୟ, ସାମୁଦ୍ରିକ; 2. ସମୁଦ୍ର ଉପରେ କୃତ; 3. ନାବ୍ୟ, ଜାହାଜୀୟ; 4. ସମୁଦ୍ରଭିତରସ୍ଥ ।—*n.* 1. ନୌସେନା, ଜାହାଜୀୟ ସୈନ୍ୟ; 2. ଦେଶର ଜାହାଜସମୂହ; 3. ନାବ୍ୟକର୍ମ; 4. ସାମୁଦ୍ରିକ ଛବି ।

**Marine engine**, *n.* ଧୂଆଁ ଜାହାଜର କଳ ।

**Marine insurance**, *n.* ନୌବୀମା ।

**Mariner**, *n.* ନାବିକ, ଜାହାଜୀ ଲୋକ, ପୋତବାହକ, ଖଲାସୀ ।

**Mariner's compass**, *n.* ସାମୁଦ୍ରିକ ଦିଗ୍‌ଦର୍ଶନ ଯନ୍ତ୍ର ।

**Marine soap**, *n.* ଲୁଣିଆ ପାଣିରେ ଧୋଇବା ଉପଯୋଗୀ ନଡ଼ିଆ ତେଲରେ ପ୍ରସ୍ତୁତ ସାବୁନ ।

**Mariolater**, *n.* ମାରିୟା କୁମାରୀର ପୂଜକ ।

**Mariolatry**, *n.* ମାରିୟା କୁମାରୀର ପୂଜା ।

**Marionette**, *n.* *mar-i-o-net*, ନାଟଶାଳାରେ ଦଉଡ଼ି ଦ୍ୱାରା ଚଳାଯିବା ପିତୁଳା ।

**Marital**, *a.* 1. ସ୍ୱାମିସମ୍ବନ୍ଧୀୟ, ପତିବିଷୟକ; 2. ବୈବାହିକ ।

**Maritime**, *a.* 1. ସମୁଦ୍ର ବିଷୟକ, ସାମୁଦ୍ରିକ, ନାବ୍ୟ; 2. ସମୁଦ୍ର ନିକଟସ୍ଥ; 3. ସମୁଦ୍ର କୂଳବାସୀ; 4. ସାମୁଦ୍ରିକ କ୍ଷମତାବିଶିଷ୍ଟ ।

**Marjoram**, *n.* ଏକ ପ୍ରକାର ସୁଗନ୍ଧି ଗୁଳ୍ମଗଛ ।

**Mark**, (1) *n.* 1. ଚିହ୍ନ, ଦାଗ, ରେଖା, ଅଙ୍କ; 2. ମୁଦ୍ରା; 3. ଲକ୍ଷଣ; 4. ଲକ୍ଷ୍ୟ, ନିଶାଣ; 5. ସଙ୍କେତ; 6. ସାମୁଦ୍ର, ଅକ୍ଷରର ଚିହ୍ନ; 7. ବିଶିଷ୍ଟତା; 8. ସୀମା; 9. ପ୍ରାଚୀନ ଇଙ୍ଗ୍ଲଣ୍ଡରେ ଗ୍ରାମର ସାଧାରଣ ଗୋଚର ଭୂମି ।—A man of mark, ଖ୍ୟାତାପନ୍ନ ବ୍ୟକ୍ତି, ପ୍ରସିଦ୍ଧ ଲୋକ । Beside the mark, ଅପ୍ରାସଙ୍ଗିକ । Up to the mark, ଆଦର୍ଶ ପ୍ରମାଣେ ।—*v. t.* 1. ଚିହ୍ନ-ଦେ, ଅଙ୍କ-ଦେ, ଦାଗ-କ; 2. ସଙ୍କେତ କାଟିବା, ଦସ୍ତଖତ-କ; 3. (ଖେଳରେ ଜିତର) ହିସାବ ରଖିବା; 4. ଗୁଣାଦିର କମିବେଶି ବୁଝିବା ପାଇଁ ସଂଖ୍ୟା-ଦେ; 5. ଟିପି ରଖିବା; 6. ମନୋଯୋଗ-ଦେ; 7. ନିଶାଣ-କ, ଠଉରାଇବା ।—To mark down, ଟିପି ରଖିବା । To mark out, 1. ସୀମା ନିର୍ଦ୍ଦେଶ-କ; 2. ଚିହ୍ନିତ-କ । To mark time, ଏକ ସ୍ଥାନରେ ଠିଆ ହୋଇ ଗୋଡ ଉଠାଇବା ଓ ପକାଇବା । To make one's mark, ପ୍ରତିଷ୍ଠା, ଲାଭ-କ । To toe the mark, ପ୍ରତିଜ୍ଞାବଦ୍ଧ-ହେବ, ପ୍ରତିଫଳ ଭୋଗିବାକୁ ସଜ-ହେ ।

**Mark**, (2) *n.* 1. ପୂର୍ବ କାଳର ଇଙ୍ଗ୍ଲଣ୍ଡ ଦେଶର ଟ ୬ ୪୵ ମୂଲ୍ୟର ଏକ ରୂପା ମୁଦ୍ରା; 2. ଜର୍ମାନ ଦେଶର ଟ ॰ ୮୵ ମୂଲ୍ୟର ଏକ ରୂପା ମୁଦ୍ରା ।

**Mark**, (3) *n.* ନୂତନ ନିୟମର ଚାରି ମଙ୍ଗଳସମାଚାର ଗ୍ରନ୍ଥ ମଧ୍ୟରୁ ଦ୍ୱିତୀୟ ଗ୍ରନ୍ଥ, ତାହା ବିଶେଷତଃ ରୋମୀୟ ଲୋକମାନଙ୍କ ଉଦ୍ଦେଶରେ ପ୍ରେରିତ ପିତରଙ୍କର ମିତ୍ର ମାର୍କଙ୍କ ଦ୍ୱାରା ଲିଖିତ ହୋଇଥିଲା ଓ ତହିଁରେ ଯୀଶୁ ଯେ ସର୍ବଶକ୍ତିମାନ୍ କର୍ମଯୋଗୀ ଓ ତେଜସ୍ୱୀ ପୁରୁଷ ଏହା ସୁପ୍ରମାଣିତ ଅଛି ।

**Marked**, *p.a.* 1. ପ୍ରସିଦ୍ଧ, ଚିହ୍ନିତ; 2. ଦାଗୀ; 3. ବିଶେଷ ।

**Markedly**, *ad.* ବିଶେଷରୂପେ ।

**Marker**, *n.* 1. ଯେ ବା ଯାହା ଦାଗ କରେ; 2. ଅଣ୍ଡା-ଖେଳାଦିରେ ଯେ ହିସାବ ରଖେ; 3. ତାସ ଖେଳରେ ସଂଖ୍ୟାକାରୀ ଯନ୍ତ୍ର; 4. କେଉଁ ପୃଷ୍ଠାରୁ ପାଠ ବନ୍ଦ ଅଛି ଜାଣିବା ପାଇଁ ଚିହ୍ନସ୍ୱରୂପ ଯାହା (କାଗଜ ବା କାଠି ଇତ୍ୟାଦି) ଦିଆ ଯାଏ; 5. ସେନା ମଧ୍ୟରେ ପରେଡରେ ଗୁଳି ବାଜିବା ସ୍ଥାନ ଯେ ଦେଖାଏ ।

**Market**, *n.* 1. ହାଟ, ଗଞ୍ଜ, କିଣାବିକା ସ୍ଥାନ; 2. କିଣାବିକା, କାରବାର; 3. ଭାଉ, ଦର ।—*v.i.* ହାଟ-କ, କିଣାବିକା-କ ।

**Marketability**, *n.* କ୍ରୟବିକ୍ରୟର ଉପଯୋଗିତା ।

**Marketable**, *a.* କିଣାବିକା ଯୋଗ୍ୟ, ବିକ୍ରେୟ, ପଣ୍ୟ ।

**Market-basket**, *n.* ସଉଦା ଆଣିବା ଟୋକେଇ ।

**Market-day**, *n.* ହାଟପାଳି, ହାଟଦିନ ।

**Marketer**, *n.* ହାଟୁଆ ।

**Market-garden**, *n.* ହାଟରେ ବିକିବା ପାଇଁ ପରିବା ବାଡ଼ି ।

**Marketing**, *n.* 1. ହାଟରେ କିଣାବିକା ପଦାର୍ଥ, ସଉଦା, 2. ହାଟରେ କିଣାବିକାର କାରବାର ।

**Market-place**, *n.* ହାଟସ୍ଥଳୀ ।

**Market-price**, *n.* ହାଟ ଭାଉ, ବଜାର ଦର, ଦାଣ୍ଡି ଭାଉ ।

**Market-town**, *n.* ଯେଉଁ ସହରରେ ହାଟ ବସିବା ପାଇଁ କ୍ଷମତା ଦିଆଯାଇଅଛି ସେହି ସହର ।

**Market-woman**, *n.* ହାଟୁଆଣୀ ।

**Marking**, 1. ଲକ୍ଷଣ; 2. ଚିହ୍ନାବଳୀର ବିନ୍ୟାସ; 3. ସ୍ୱାଭାବିକ ରଙ୍ଗ; 4. ଚିହ୍ନ ଦେବା ।

**Marking-ink**, *n.* ଲୁଗାଦିରେ ସ୍ଥାୟୀ ଚିହ୍ନ ଦେବା ନିମନ୍ତେ ଗାଢ଼ କାଳି ।

**Marking-nut**, *n.* ଭଲିଆ ଗଛର ଫଳ ଯହିଁରୁ ଲୁଗାଦିରେ ଦାଗ ଦେବା ନିମନ୍ତେ କାଳିଆ ରସ ବାହାରେ ।

**Marksman**, *n.* ଲକ୍ଷ୍ୟଭେଦରେ ନିପୁଣ ଲୋକ ।

**Marksmanship**, *n.* ଲକ୍ଷ୍ୟଭେଦରେ ନୈପୁଣ୍ୟ, ଅସ୍ତ୍ରଧାରର କୌଶଳ ।

**Markswoman.** *n.* ଲକ୍ଷ୍ୟଭେଦରେ ନିପୁଣା ସ୍ତ୍ରୀ ।

**Marl,** (1) *n.* ଚୂନ କାଚୁଅ ଓ ବାଲିମିଶ୍ରିତ ଗଡ଼-ମାଟି ।—*v.t.* ଉକ୍ତ ଗଡ଼-ମାଟି ଜମିରେ ବୁଣିବା, ତଦ୍ୱାରା ଭୂମିକୁ ଉର୍ବର-କ ।

**Marl,** (2) *v.t.* (*Nautical*) ଛଣୀ ସୂତ୍ରରେ ରଜ୍ଜୁ ପଦକୁ ଗଣ୍ଠି ଦେଇ ଗୁଡ଼ାଇବା ।

**Marline,** *n.* ଦୁଇ ସୂତ୍ରରେ କଳା ହୋଇଥିବା ଦଉଡ଼ି ଯାହା ଜାହାଜ ଛିଣ୍ଡି ନ ଯିବ ବୋଲି ମୋଟ ରଜ୍ଜୁରେ ଗୁଡ଼ାହୁଏ ।

**Marline-spike, Marling-spike, Marlin-spike,** *n.* (*Nautical*) ଲୁହାରେ ତିଆରି ଏକପ୍ରକାର ମୁନିଆ ହତିଆର ଯଦ୍ୱାରା ନାବିକମାନେ ମୋଟ ଦଉଡ଼ିକୁ ଛଣୀ ସୂତ୍ରରେ ଗୁଡ଼ାଇବାବେଳେ ତହିଁର ଖିଅ ଫିଟାଇ କମ୍ବା ଦୁଇ ଦଉଡ଼ିର ମୁଣ୍ଡକୁ ବଢ଼ା ଗଣ୍ଠିରେ ଯୋଡ଼ନ୍ତି ।

**Marly,** *a.* ଚୂନ କାଚୁଅ ଓ ବାଲିମିଶ୍ରିତ ଗଡ଼ମାଟି ପରି, ଉକ୍ତ ଗଡ଼ମାଟିବିଶିଷ୍ଟ ।

**Marmalade.** *n* କମଳା ଲେମ୍ବୁ ଆଦି ଖଟାଫଳରୁ ତିଆରି ନିର୍ମିଶ୍ରିତ ମୋରବା ।

**Marmoraceous,** *a.* ମର୍ମରପ୍ରସ୍ତର ସମ୍ବନ୍ଧୀୟ, ମର୍ମର- [ପ୍ରସ୍ତରବତ୍ ।

**Marmoreal, Marmorean,** *a.* 1. ମର୍ମରପ୍ରସ୍ତର-ନିର୍ମିତ ; 2. ମର୍ମରସମ୍ବନ୍ଧୀୟ ; 3. ମର୍ମର ସଦୃଶ ।

**Marmose,** *n.* ପେଟରେ ଥଳି ଥାଉଥିବା ଦକ୍ଷିଣ ଆମେରିକାର ବଣମୂଷା ପରି ଏକପ୍ରକାର ଜନ୍ତୁ ।

**Marmoset,** *n.* ଆମେରିକାଦେଶୀୟ ସୁନ୍ଦର ଲାଞ୍ଜବିଶିଷ୍ଟ ଲୋମମୟ ସାନ ମାଙ୍କଡ଼ ।

**Marmot,** *n.* ଇଉରୋପଦେଶୀୟ ଛୋଟ ଲାଞ୍ଜବିଶିଷ୍ଟ ପାହାଡ଼ିଆ ମୂଷା ।

**Maronite,** *n.* ଲିବାନୋନ ପର୍ବତ ନିକଟସ୍ଥ ଆରବୀ ଭାଷା-ବାଦୀ ଖ୍ରୀଷ୍ଟଧର୍ମାବଲମ୍ବୀ ଗୋଷ୍ଠୀ ବିଶେଷର ଏକ ବ୍ୟକ୍ତି ।

**Maroon,** *n.* 1. ପଶ୍ଚିମ ଭାରତ ଦ୍ୱୀପପୁଞ୍ଜରେ ପର୍ବତ-ନିବାସୀ ପଳାତକ କ୍ରୀତଦାସ ; 2. ଦଣ୍ଡଭୋଗ ନିମନ୍ତେ କୌଣସି ନିର୍ଜନ ଦ୍ୱୀପରେ ପରିତ୍ୟକ୍ତ ଲୋକ ; 3. ଆମୋଦ-ଭ୍ରମଣରେ ତମ୍ବୁବାସ ।—*v.t.* 1. ନିର୍ଜନ ଦ୍ୱୀପରେ ପରିତ୍ୟାଗ-କ ; 2. ଆମୋଦ-ଭ୍ରମଣରେ ତମ୍ବୁରେ ବାସ-କ ।

**Marooner,** *n.* 1. ପଳାତକ କ୍ରୀତଦାସ ; 2. ଆମୋଦ-ଭ୍ରମଣରେ ଯାଇ ଯେ ବ୍ୟକ୍ତି ତମ୍ବୁରେ ବାସ କରେ ।

**Marplot,** *n.* ଯେ ଅଜ୍ଞତାର ଫଳରେ କୌଣସି ଷଡ଼ଯନ୍ତ୍ର ଅବା ସଙ୍କଳ୍ପ ବିଫଳ କରେ । [Letter.

**Marque,** *n.* see "Letters of marque," under

**Marquee,** *n.* 1. ସୈନ୍ୟାଧ୍ୟକ୍ଷର ବଡ଼ ତମ୍ବୁ ; 2. ସଭା-ମଣ୍ଡପ । [ଶିଳ୍ପକାର୍ଯ୍ୟ ।

**Marquetry,** *n.* ନାନା ବର୍ଣ୍ଣର କାଷ୍ଠ ପ୍ରଭୃତିରେ ଖଚିତ

**Marquis,** *n.* **Marquess,** ଇଉରୋପରେ ଦ୍ୱିତୀୟ ଶ୍ରେଣୀର କୁଳୀନ ଲୋକର ଉପାଧି ।

**Marred,** *p.p.* ନଷ୍ଟ, କ୍ଷତଗ୍ରସ୍ତ ।

**Marriage.** *n.* 1. ବିବାହ, ପାଣିଗ୍ରହଣ, ପରିଣୟ ; 2. ବିବାହ ନିୟମ ; 3. ବିବାହୋତ୍ସବ ; 4. ଘନିଷ୍ଠ ସଂଯୋଗ ।

**Marriageable,** *a.* ବିବାହଯୋଗ୍ୟ, ବିବାହ ବୟସ ପ୍ରାପ୍ତ ।

**Marriage-contract,** *n.* 1. ବିବାହବନ୍ଧ ; 2. ବିବାହ ପୂର୍ବରୁ ଉଭୟ ପକ୍ଷ ମଧ୍ୟରେ ଧନସମ୍ପତ୍ତି-ସମ୍ବନ୍ଧରେ ନିର୍ଦ୍ଧାରଣ ।

**Marriage-lines,** *n.* ବିବାହ-ପରିଚାଳକଠାରୁ ପ୍ରାପ୍ତ ପରିଚୟପତ୍ର ।

**Married,** *p.a.* 1. ବିବାହସମ୍ବନ୍ଧୀୟ, ବୈବାହିକ ; 2. ବିବାହିତ, କୃତଦାର ।

**Marrow,** *n.* 1. ମଜ୍ଜା, ଅସ୍ଥି-ସାର ; 2. ମର୍ମ୍ମ, ସାରାଂଶ ।

**Marrow-bone,** *n.* ମଜ୍ଜାବିଶିଷ୍ଟ ଅସ୍ଥି । *pl.* (*Humorous*) ଆଣ୍ଠୁଦ୍ୱୟ ।

**Marrowfat,** *n.* ଏକପ୍ରକାର ଉତ୍ତମ ବଡ଼ ମଟର ।

**Marrowless,** *a.* ମଜ୍ଜାହୀନ, ସାରହୀନ ।

**Marrowy,** *a.* ମେଦଯୁକ୍ତ, ମଜ୍ଜାପୂର୍ଣ୍ଣ, ସାରବିଶିଷ୍ଟ ।

**Marry,** *v.t.* ବିବାହ-କ, ବିବାହ-ଦେ ; 2. ବିବାହ ପରି-ଚାଳନ-କ ।—*v.i.* ବିବାହ ନିୟମରେ ଆବଦ୍ଧ-ହେ, ବିବା-ହିତ-ହେ । [ବାସ୍ତବିକ !

**Marry,** *interj.* 1. ବାପରେ ! ମଲି ! ; 2. ସତ !

**Mars,** *n. marz.* 1. ସୂର୍ଯ୍ୟଠାରୁ ୧୪,୧୫,୦୦,୦୦୦ ମାଇଲ ଦୂରବର୍ତ୍ତୀ ପୃଥିବୀର ନିକଟତମ ରକ୍ତବର୍ଣ୍ଣ ଦୃଶ୍ୟମାନ ଏବଂ ଇଂରାଜୀ ଗଣନା ଅନୁସାରେ ଚତୁର୍ଥ ଓ ଓଡ଼ିଆ ଗଣନା ଅନୁସାରେ ତୃତୀୟ ଗ୍ରହ, ମଙ୍ଗଳଗ୍ରହ ; 2. ରୋମୀୟ ଲୋକଙ୍କର ଯୁଦ୍ଧଦେବତା ।

**Marsala,** *n.* ସିସିଲିଦ୍ୱୀପରେ ପ୍ରସ୍ତୁତ ଏକପ୍ରକାର ମଦ୍ୟ ।

**Marseillaise,** *n.* ଫ୍ରାନ୍ସଦେଶୀୟ ପ୍ରଜାତନ୍ତ୍ରର ଜାତୀୟ ସଙ୍ଗୀତ, ଯାହା ୧୭୯୨ ଖ୍ରୀଷ୍ଟାବ୍ଦର ଜୁଲାଇ ମାସ ତା ୩୦ ରିଖରେ ମାର୍ସେଲ୍ ନଗରରୁ ଯାଇଥିବା ୫୦୦ ସ୍ୱେଚ୍ଛା-ସେବୀ ସୈନ୍ୟଦ୍ୱାରା ପାରିସ୍ ନଗରରେ ପ୍ରବେଶ କରିବା ସମ-ୟରେ ଗାନ କରାଯାଇଥିଲା ।

**Marsh,** *n.* ଜଳାଭୂମି, ଝିଲ, ପାଟଭୂମି ।—*a.* ଜଳୁଆ, ସନ୍ତସନ୍ତିଆ, ଦଲଦଲିଆ ।

**Marshal,** *n.* 1. ସଭାର ଯାବତୀୟ ନିର୍ବାହକାରକ ବ୍ୟକ୍ତି, ନିୟନ୍ତା ; 2. ସେନାନୀ, ସୈନ୍ୟର ଅଗ୍ରଣୀ ।—*v.t.* 1. ଶ୍ରେଣୀବଦ୍ଧ-କ, ବ୍ୟୂହ-କ ; 2. (ରଚନା) ବିନ୍ୟାସ-କ ।

**Marshaller,** *n.* ଶ୍ରେଣୀବଦ୍ଧ କରେ ଯେ, ବ୍ୟୂହରଚକ ।

**Marshalling,** *n.* ବ୍ୟୂହରଚନା, ଶ୍ରେଣୀବଦ୍ଧକରଣ ।

**Marshalsea,** *n.* ରାଜକୀୟ ନିୟନ୍ତାର ଅଧୀନରେ ପୂର୍ବ-କାଳର ଏକ କାରାଗାର ।

**Marshalship,** *n.* ସେନାନୀର ପଦ ।

**Marshiness,** *n.* ଦଲଦଲିଆ ଅବସ୍ଥା ।

**Marshmallow,** *n.* ସନ୍ତସନ୍ତିଆ ଲୁଣିଆ ଭୂମିରେ ଉତ୍ପନ୍ନ ଏକପ୍ରକାର ଅଠାଳିଆ ବାରମାସୀ ବଣଗଛ ଯହିଁରୁ ଔଷଧ ପ୍ରସ୍ତୁତ ହୁଏ ।

**Marshy,** *a.* ଜଳାଭୂମି ସମ୍ବନ୍ଧୀୟ, ଜଳଆ ଭୂମରେ ଉତ୍ପନ୍ନ, ଜଳାଭୂମିପୂର୍ଣ୍ଣ ।

**Marsupial,** *a.* ଉଦରସ୍ଥ ଥଳିରେ ଆପଣା ଛୁଆ ଧାରଣକାରୀ ।—*n.* ଉଦରସ୍ଥ ଥଳିରେ ଆପଣା ଜନ୍ମିତ ଛୁଆ-ଧାରଣକାରୀ ପଶୁ ।

**Marsupium,** *n.* ପଶୁର ଉଦରସ୍ଥ ଛୁଆ ରଖିବା ଥଳି ।

**Mart**, *n.* ଦ୍ରବ୍ୟ କିଣାବିକା ସ୍ଥାନ, ବାଣିଜ୍ୟସ୍ଥଳ ।

**Martagon**, *n.* ବାଇଗଣିଅରଙ୍ଗ-ଚିହ୍ନିତ ନାରଙ୍ଗିବର୍ଣ୍ଣ ଜାତୀୟ ପୁଷ୍ପ ।

**Martel**, *n.* ଅଶ୍ୱାରୋହୀ ଯୋଦ୍ଧାର ଏକମୁହା ହାତୁଡ଼ି ବିଶେଷ ।—*v.t.* ହାତୁଡ଼ିରେ ପିଟିବା ।

**Martello**, *n.* ଦେଶର ରକ୍ଷା ନିମନ୍ତେ ସମୁଦ୍ରକୂଳରେ ଥିବା ଗୋଲାକୃତ ଦୁର୍ଗ ।

**Marten**, *n.* 1. ମୂଲ୍ୟବାନ୍-ଚର୍ମବିଶିଷ୍ଟ ଏକପ୍ରକାର ଖଟାଶ-ଜାତୀୟ ଜନ୍ତୁ; 2. Same as Martin.

**Martial**, *a.* 1. ଯୁଦ୍ଧସମ୍ବନ୍ଧୀୟ; 2. ସୈନ୍ୟୋପଯୋଗୀ; 3. ବିକ୍ରାନ୍ତ, ସାହସୀ; 4. ରୋମୀୟମାନଙ୍କ ଯୁଦ୍ଧଦେବତା ସମ୍ବନ୍ଧୀୟ; 5. ମଙ୍ଗଳଗ୍ରହ ସମ୍ବନ୍ଧୀୟ ।

**Martialism**, *n.* ଯୋଦ୍ଧାର ଯୁଝିବା ଗୁଣ ।

**Martialist**, *n.* ଯୁଦ୍ଧପ୍ରିୟ ଲୋକ, ଯୋଦ୍ଧା ।

**Martial law**, *n.* ସୈନିକ ଅଶୃଙ୍ଖଳକାରୀର ଦଣ୍ଡ ନିମନ୍ତେ ସୈନ୍ୟାଧ୍ୟକ୍ଷ ଦ୍ୱାରା ଅବଶ୍ୟ ଆଇନ ।

**Martially**, *ad.* ସୈନ୍ୟୋପଯୁକ୍ତରୂପେ ।

**Martin, Martinet**, *n.* ଏକପ୍ରକାର ଚଟକପକ୍ଷୀ ।

**Martinet**, *n.* 1. ଅତି କଠିନ ଶାସନକର୍ତ୍ତା; 2. ନିୟମାନୁରାଗୀ ଲୋକ ।

[ନିୟମାନୁରାଗ ।

**Martinetism**, *n.* 1. କଠିନ ଶାସନକର୍ତ୍ତାର ଶାସ୍ତି ଗୁଣ;

**Martingal, Martingale**, *n.* 1. ମୁଣ୍ଡ ଟେକି ନ ପାରିବା ଲାଗି ଘୋଡ଼ାର ମୁହଁରୁ ଉଭୟ ଆଗଗୋଡ଼ ମଧ୍ୟରେ ଯାଇ ପେଟରେ ବନ୍ଧା ହୋଇଥିବା ଚର୍ମପଟି; . ଜାହାଜର ଅଗ୍ରଭାଗରୁ ବାହାରିପଡ଼ିଥିବା ପାଲଦଣ୍ଡ ତଳସ୍ଥିତ ଷ୍ଟେ କଡ଼କାଠ; 3. ଜୁଆ ଖେଳରେ ହାରିଯାଇଥିବା ପଣକୁ ଉତ୍ତରୋତ୍ତର ଦୁଇଗୁଣ ବୃଦ୍ଧି କରିବା ପ୍ରଥା ।

**Martinmas**, *n.* ପୂର୍ବକାଳରେ ନଭେମ୍ବର ମାସ ତା ୧୧ ଦିନରେ ପ୍ରତିପାଳିତ ସାଧୁ ମାର୍ଟିନଙ୍କ ସ୍ମରଣାର୍ଥକ ବାର୍ଷିକ ଉତ୍ସବ ।

**Martlet**, *n.* 1. ଏକପ୍ରକାର ଚଟକପକ୍ଷୀ; 2. ପଦହୀନ ଚଟକପକ୍ଷୀ ରୂପ ଚତୁର୍ଥ ପୁତ୍ରସୂଚକ କୌଳିକ ଚିହ୍ନ ।

**Martyr**, *n.* 1. ଧର୍ମ ପ୍ରମାଣାର୍ଥେ ଯେ ମୃତ୍ୟୁ ଭୋଗ କରେ, ଖ୍ରୀଷ୍ଟଧର୍ମ ଲାଗି ହତ ବ୍ୟକ୍ତି; 2. ସ୍ୱମତ ରକ୍ଷଣାର୍ଥେ ଯେ ଆପଣା ପ୍ରାଣ ଦିଏ; 3. ଦୁଃଖଜନକ ରୋଗରେ ଦୀର୍ଘକାଳାକ୍ରାନ୍ତ ବ୍ୟକ୍ତି ।—*v.t.* 1. ଧର୍ମ ବା ସ୍ୱମତ ଲାଗି ବଧ-କ; 2. ମୃତ୍ୟୁଦାୟକ କ୍ଲେଶ-ଦେ ।

**Martyrdom**, *n.* 1. ଧର୍ମାର୍ଥେ ହତ ବ୍ୟକ୍ତିର ମୃତ୍ୟୁ ଘଟଣା; 2. ଧର୍ମ ପ୍ରମାଣାର୍ଥେ ତୀବ୍ର ଯାତନା; 3. ଅତ୍ୟନ୍ତ କ୍ଲେଶ ।

**Martyrise**, *v.t.* ଧର୍ମ ବା ସ୍ୱମତ ଲାଗି ଯାତନା ଦିଆଇବା ।

**Martyrology**, *n.* ଧର୍ମାର୍ଥେ ହତ ବ୍ୟକ୍ତିର ଜୀବନୀ, ଧର୍ମାର୍ଥେ ହତବ୍ୟକ୍ତିଗଣର ଇତିହାସ ।

**Martyrologist**, *n.* ଧର୍ମାର୍ଥେ ହତବ୍ୟକ୍ତିଗଣର ଇତିହାସିକ, ଧର୍ମାର୍ଥେ ହତବ୍ୟକ୍ତି ସମ୍ବନ୍ଧରେ ଲେଖକ ।

**Marvel**, *n.* 1. ଆଶ୍ଚର୍ଯ୍ୟ ବିଷୟ, ଅଦ୍ଭୁତ କର୍ମ; 2. ବିସ୍ମୟ, ଚମତ୍କାର ।—*v.t.* ଆଶ୍ଚର୍ଯ୍ୟବୋଧ-କ ।—*v.i.* ଚମତ୍କୃତ-ହେ, ବିସ୍ମିତ-ହେ ।

**Marvellous**, *a.* ଆଶ୍ଚର୍ଯ୍ୟ, ଅଦ୍ଭୁତ, ଅବିଶ୍ୱାସ୍ୟ, ଅପୂର୍ବ, ଅସମ୍ଭବ ।

**Marvellously**, *ad.* ଆଶ୍ଚର୍ଯ୍ୟରୂପେ, ଅପୂର୍ବରୂପେ ।

**Marvellousness**, *n.* ଆଶ୍ଚର୍ଯ୍ୟତ୍ୱ, ଅପୂର୍ବତା ।

**Mascle**, *n.* *mas'kl*, 1. ରୁହିତନ ଆକୃତିର କୌଳିକ ଚିହ୍ନବିଶେଷ; 2. ସାଞ୍ଜୁଅ ପ୍ରସ୍ତୁତରେ ରୁହିତନ ଆକୃତିର ଖାଣ୍ଡଲୌହ ପତ୍ର ।

**Mascot**, *n.* 1. ଶୁଭାର୍ଥେ ରକ୍ଷିତ [illegible]; 2. ଯାହାର ଉପସ୍ଥିତି ଶୁଭକାରକ ବୋଲି ଲୋକଙ୍କର ବିଶ୍ୱାସ ।

**Masculine**, *a.* 1. ପୁଂ, ପୌରୁଷ, ପୁରୁଷବତ୍, ପୁରୁଷୋପଯୋଗୀ, ବୀର୍ଯ୍ୟବାନ୍; 2. (of a woman) ଅସଙ୍କୋଚ, ନିର୍ଲଜ୍ଜା; 3. ପୁଂଲିଙ୍ଗସୂଚକ ।—*n.* (*Gram.*) ପୁଂଲିଙ୍ଗ ।

**Mash**, *v.t.* 1. ପେଷିବା, ଚକଟିବା, ଚୂର୍ଣ୍ଣ-କ; 2. ଗୋଳାଇବା; 3. ସ୍ତ୍ରୀ ବା ପୁରୁଷର ପରସ୍ପର ପ୍ରୀତ ଜନ୍ମାଇବା । —To be mashed on, ପ୍ରୀତମଗ୍ନ-ହେ ।—*n.* କୁଣ୍ଡି ଆଦି ମିଶ୍ରିତ ପଶୁଖାଦ୍ୟ, ମଦ୍ୟ ପ୍ରସ୍ତୁତରେ ଯବ ଆଦି ଉଷ୍ଣଜଳମିଶ୍ରିତ ଦ୍ରବ୍ୟ ।

**Masher**, *n.* ଫୁଲବାବୁ, ସୌଖୀ ।

**Mashie, Mashy**, *n.* “ଗଲ୍ଫ” ଖେଳର ଶାମିଯୁକ୍ତ ଏକପ୍ରକାର ଯଷ୍ଟି ।

**Mash-tub**, *n.* ମଦ୍ୟ ପ୍ରସ୍ତୁତରେ ଯବ ଆଦି ଉଷ୍ଣଜଳରେ ଭିଜାଇବା କୁଣ୍ଡ ।

**Mashy**, *a.* ପଣାରେ ପେଷା, ଲସଲସିଆ ।—*n.* Same as Mashie.

**Masjid**, *n.* ପଠାଣମାନଙ୍କ ଭଜନାଳୟ, ମହମ୍ମଦୀୟ ଦେବମନ୍ଦିର ।

**Mask**, *n.* 1. ମୁଖା, କୃତ୍ରିମ ମୁଖ; 2. ମୁଖାବରଣ; 3. ଛଦ୍ମବେଶ; 4. ଛଳ; 5. ପୂର୍ବ କାଳରେ ଛଦ୍ମ ଦେବମୁଖା ପିନ୍ଧା ନାଟ; 6. ଦୁର୍ଗାଦିରେ ପ୍ରତିମୂର୍ତ୍ତି ।—*v.t.* 1. ମୁଖା ପିନ୍ଧିବା, ଛଦ୍ମବେଶ ଧାରଣ-କ; 2. ଗୁପ୍ତ-କ ।—*v.i.* or Masque, ଛଦ୍ମ ଦେବମୁଖାପିନ୍ଧା ନାଟରେ ସହଯୋଗୀ-ହେ, ରସିକ-ହେ ।

**Masked**, *a.* 1. ମୁଖାପିନ୍ଧା; 2. ଗୁପ୍ତ ।

**Masked-ball**, *n.* ମୁଖାପିନ୍ଧା ଲୋକଙ୍କ ନାଟ ।

**Masked battery**, *n.* ସଜ୍ଜିତ ଗୁପ୍ତ ତୋପପଂକ୍ତି ।

**Masker**, *n.* ଯେ ମୁଖା ପିନ୍ଧେ ।

**Maskinonge**, *n.* *mas'ki-nonj* ଉତ୍ତର ଆମେରିକାର ଏକପ୍ରକାର ବଡ଼ ମାଛ ।

**Mason**, *n.* 1. ପଥୁରିଆ, ରାଜମିସ୍ତ୍ରି; 2. ପରସ୍ପର ଉପକାରାର୍ଥେ ଗୁପ୍ତ ସମ୍ପ୍ରଦାୟବିଶେଷର ସଭ୍ୟ ।

**Masonic**, *a.* ପରସ୍ପର ଉପକାରାର୍ଥେ ଗୁପ୍ତ ସମ୍ପ୍ରଦାୟବିଶେଷର ସମ୍ବନ୍ଧୀୟ ।

**Masonry**, *n.* 1. ପଥରକାମ; 2. ରାଜମିସ୍ତ୍ରିର ଗୁଣ, ରାଜମିସ୍ତ୍ରିର ବୃତ୍ତି; 3. ରାଜମିସ୍ତ୍ରିର କର୍ମ; 4. ପଥରରେ ଶିଳ୍ପ କର୍ମ; 5. ପରସ୍ପର ଉପକାରାର୍ଥେ ଗୁପ୍ତ ସମ୍ପ୍ରଦାୟବିଶେଷର ନିଗୂଢ଼ କଥାସବୁ ।

**Mason-work**, *n.* ପଥରକାମ ।

Masoolah-boat, Masula-boat, *n.* ସମୁଦ୍ର ତରଙ୍ଗର ଲହରକୁ ପାର ହେବା ନିମନ୍ତେ ଛଣପଟ ସୂତା ଦ୍ୱାରା ଗ୍ରଥିତ ବହୁ ଅଙ୍କୁଶଯୁକ୍ତ ଏକପ୍ରକାର ଭାରତୀୟ ଉଚ୍ଚ ନୌକା ।

Masquerade, *n.* 1. ମୁଖାପିନ୍ଧା ଲୋକଙ୍କ ସମ୍ମିଳନ ; 2. ଛଳ ; 3. ଛଦ୍ମବେଶ ।—*v.i.* ମୁଖା ପିନ୍ଧିବା, ମୁଖାପିନ୍ଧା ଲୋକଙ୍କ ସମ୍ମିଳନରେ ସହଯୋଗୀ-ହେ, ଛଦ୍ମବେଶ ଧାରଣ-କ ।

Masquerader, *n.* ମୁଖାପିନ୍ଧା ଲୋକ, ଯେ କପଟବେଶ ଧାରଣ କରେ ।

Mass, *v.t.* ଗଦା-କ, ସଂଗ୍ରହ-କ ।—*v.i.* ଏକାଠି-ହେ, ଏକତ୍ରିତ-ହେ ।—(1) *n.* 1. ପିଣ୍ଡ ; 2. ଅନେକ, ବହୁଳ ; 3. ଗଦା, ସମଷ୍ଟି, ରାଶି ; 4. ଅଧିକାଂଶ ; 5. ପରିମାଣ । (*pl.*) ନୀଚ ଜାତିସମୂହ ।—In the mass, ମୋଟରେ ।

Mass, (2) *n.* 1. ରୋମୀୟ ମତରେ ପ୍ରଭୁଙ୍କ ଭୋଜ ପ୍ରତିପାଳନ ; 2. ରୋମୀୟ ମତର ସ୍ତୋତ୍ରମାଳାରୁ ଉଦ୍ଧୃତ ଓ ବାଦ୍ୟସହ ଉଚ୍ଚାରିତ କେତେକାଂଶ ; 3. ରୋମୀୟ ମତାନୁଯାୟୀ ଉତ୍ସବ ଦିନ ।

Massacre, *n.* ଅକାତର ହତ୍ୟା, ନିଷ୍ଠୁର ସଂହାର ।—Massacre of the innocents, ଖ୍ରୀଷ୍ଟଙ୍କ ଜନ୍ମ ପରେ ହେରୋଦ ନାମକ ରାଜାଙ୍କ ଦ୍ୱାରା ବେଥଲିହିମସ୍ଥ ଶିଶୁଗଣର ବଧ । (Mat. 11; 16).—*v.t.* ଅକାତର ହତ୍ୟା-କ, ନିର୍ଦ୍ଦୟରୂପେ ବିନାଶ-କ, ଅରକ୍ଷିତ ବହୁ ସଂଖ୍ୟକ ପ୍ରାଣୀ ବଧ-କ ।

Massage, *n.* ସ୍ୱାସ୍ଥ୍ୟ ଉପଲକ୍ଷେ ଅଙ୍ଗମର୍ଦ୍ଦନର ରୀତିସବୁ ।—*v.t.* ଅଙ୍ଗମର୍ଦ୍ଦନ-କ, ଶରୀର ଘଷିଦେବା ।

Massagist, Masseur, *n.* ଅଙ୍ଗମର୍ଦ୍ଦନୋପଜୀବୀ ।

Masseuse, *n.* ଅଙ୍ଗମର୍ଦ୍ଦନ ଦ୍ୱାରା ଜୀବିକା ନିର୍ବାହକାରିଣୀ ।

Massive, *a.* ବୃହତ୍, ଭାରି, ସ୍ଥୂଳ ।

Massiveness, *n.* ଗୁରୁତ୍ୱ, ଓଜନ, ସ୍ଥୂଳତା ।

Mass-meeting, *n.* ସର୍ବସାଧାରଣ ସଭା ।

Massorah, Masora, *n.* ଧର୍ମପୁସ୍ତକର ଆଦିଭାଗର ଶୋଧନ ରକ୍ଷଣାର୍ଥେ ଏବ୍ରୀୟ ପଣ୍ଡିତମାନଙ୍କ ଦ୍ୱାରା ଷଷ୍ଠଠାରୁ ଦଶମ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଲିଖିତ ପରମ୍ପରାଗତ ଟୀକାସମୂହ ।

Massoretic, *a.* ଧର୍ମପୁସ୍ତକର ଆଦିଭାଗର ଶୋଧନ ରକ୍ଷଣାର୍ଥେ ଏବ୍ରୀୟମାନଙ୍କ ପରମ୍ପରାଗତ ଟୀକା ସମ୍ବନ୍ଧୀୟ ।

Massy, *a.* ପିଣ୍ଡମୟ, ମୋଟା ।

Mast, (1) *n.* ଜାହାଜର ପାଲଦଣ୍ଡ, ମାସ୍ତୁଲ ।

Mast, (2) *n.* ଓକ୍ ଇତ୍ୟାଦି ବନ୍ୟୀୟ କେତୋଟି ବନ୍ୟ ଗଛର ଶୂକର-ଖାଦ୍ୟ ଫଳ ।

Master, *n.* 1. ପ୍ରଭୁ, କର୍ତ୍ତା ; 2. ନେତା : 3. ପ୍ରଧାନ, ପାଠଗୁରୁ ; 4. ମନିବ ; 5. ଅଧ୍ୟକ୍ଷ, ସ୍ୱାମୀ, ମାଲିକ ; 6. ବାଣିଜ୍ୟ-ଜାହାଜର ଅଧ୍ୟକ୍ଷ ; 7. କୌଣସି କର୍ମ ବା ବ୍ୟବସାୟରେ ନିପୁଣ ବ୍ୟକ୍ତି, ନେତା ; 8. ବାଳକର ନାମ ପୂର୍ବରେ ବ୍ୟବହୃତ ସମ୍ବୋଧନସୂଚକ ପଦ ; 9. ବ୍ୟାଚେଲର ଓ ଡକ୍ଟରର ମଧ୍ୟମ ଶ୍ରେଣୀ ବିଦ୍ୟାର ବିଶ୍ୱବିଦ୍ୟାଳୟ-ପ୍ରଦତ୍ତ ଉପାଧି ।—*a.* 1. ଶ୍ରେଷ୍ଠ, ପ୍ରଧାନ ; 2. କର୍ତ୍ତୃସମ୍ବନ୍ଧୀୟ ।—*v.t.* 1. ଅଧୀନ-କ, ଦମନ-କ, ପରାଜୟ-କ ; 2. ପାରଗତା ଲାଭ-କ ; 3. ନିପୁଣଭାବରେ କାର୍ଯ୍ୟ ସମ୍ପାଦନ-କ ; ପ୍ରଭୁତ୍ୱ-କ, ଦାମ୍ଭିକଭାବରେ କର୍ତ୍ତୃତ୍ୱ-କ ।

Master-builder, *n.* ପ୍ରଧାନ ରାଜମିସ୍ତ୍ରି ।

Masterdom, *n.* ଶାସନାଧିକାର ।

Masterful, *a.* 1. ପ୍ରଭୁତ୍ୱବିଶିଷ୍ଟ ; 2. ସ୍ୱେଚ୍ଛାଧୀନ, ଦାମ୍ଭିକ ; 3. ଦକ୍ଷତାସୂଚକ ।

Masterfully, *ad.* ଦାମ୍ଭିକଭାବରେ ।

Master-key, *n.* କୋଲପର ୨୨ କଣ୍ଠି ଛଡ଼ା ବ୍ୟବହାରର ସୁବିଧା ନିମନ୍ତେ ଯେଉଁ ଗୋଟିଏ କଣ୍ଠି ଅନେକ କୋଲପ ଫିଟାଏ । [ଶୀଳତା ।

Masterless, *n.* 1. ପ୍ରଭୁହୀନ ; 2. ଅବଶ ; 3. ଅନ-

Masterliness, *n.* ବିଚକ୍ଷଣତା ।

Masterly, *a.* 1. କର୍ତ୍ତା ସଦୃଶ, ପ୍ରଭୁ ତୁଲ୍ୟ ; 2. ବିଚକ୍ଷଣ, ଉତ୍କୃଷ୍ଟ ; 3. ଦାମ୍ଭିକ ।

Masterpiece, *n.* 1. ନିପୁଣ ଲୋକ ଦ୍ୱାରା କୃତ କୌଣସି କର୍ମ ; 2. ଅନୁପମ କର୍ମ, ଉତ୍କୃଷ୍ଟ କାରିଗରି । [ପ୍ରାଧାନ୍ୟ ।

Mastership, *n.* 1. ଶିକ୍ଷକପଦ ; 2. ପ୍ରଭୁତ୍ୱ, କର୍ତ୍ତାପଣ,

Master-stroke, *n.* ଉତ୍ତମ କୌଶଳ, ବୁଦ୍ଧିମାନ ଲୋକର କାର୍ଯ୍ୟ ।

Mastery, *n.* 1. ପ୍ରଭୁତ୍ୱ, ଶାସନ ; 2. ଜୟଲାଭ ; 3. ଉତ୍କୃଷ୍ଟତା ; 4. ପାରଗତା ।

Mast-head, *n.* ଜାହାଜର ମାସ୍ତୁଲର ମୁଣ୍ଡ, ପାଲଦଣ୍ଡର ଅଗ୍ରଭାଗ ।—*v.t.* 1. ପତାକାଦି ମାସ୍ତୁଲର ମୁଣ୍ଡକୁ ଉଠାଇବା ; 2. ଦଣ୍ଡଭୋଗ ନିମନ୍ତେ ନାବିକକୁ ମାସ୍ତୁଲର ମୁଣ୍ଡରେ ବସାଇରଖିବା ।

Mastic, Mastich, *n.* *mas-tik*, ଏକପ୍ରକାର ଗଛର ଅଠାଳିଆ ଝୁଣା ।

Masticable, *a.* ଚର୍ବଣଯୋଗ୍ୟ । [ଚର୍ବଣ-କ ।

Masticate, *v.t.* ଚୋବାଇବା, ଦନ୍ତରେ ପେଷିବା,

Mastication, *n.* ଚର୍ବଣ, ଦନ୍ତପେଷଣ ।

Masticator, *n.* ଚର୍ବଣକାରୀ ଯନ୍ତ୍ର ।

Masticatory, *a.* ଚର୍ବ୍ୟ, ଚର୍ବଣଯୋଗ୍ୟ ।—*n.* ମୁଣ୍ଡରୁ ଲାଳ ବାହାରିବା ନିମନ୍ତେ ଚୋବାଇବା ଦ୍ରବ୍ୟ ।

Mastiff, *n.* ଘରେ ପହରା ଦେବାର ଏକପ୍ରକାର ବଡ଼ କୁକୁର ।

Mastitis, *n.* ସ୍ତନବେଣ୍ଟର ପ୍ରଦାହ ।

Mastodon, *n.* ପୂର୍ବକାଳର ହସ୍ତିବିଶେଷ ଯାହାର ପେଷଣଦନ୍ତରେ ସ୍ତନ ପରି ଅବୁସବୁ ଥାଏ ।

Mastodynia, *n.* ସ୍ତନବ୍ୟଥା ।

Mastoid, *n.* ସ୍ତନାକାର, ସ୍ତନବୃନ୍ତାକୃତ ।

Masturbate, *v.i.* ହସ୍ତମୈଥୁନ-କ ।

Masturbation, *n.* ହସ୍ତମୈଥୁନ ।

Mat, *n.* 1. ଚଟାଇ, ଚଟେଇ, ଜଲେଇ, ପଟି, ମସିଣା ; 2. ବୋଝ ବୋହିବା ସମୟେ ମୁଣ୍ଡ ମୁଟୁଳି ।—*v.t.* 1. ଚଟାଇ ବୁଣିବା ; 2. ଜଲେଇ ମଡ଼ାଇବା, (ସର ଭଳିରେ) ଚଟାଇ ବିଛାଇବା ।

Matador, Matadore, *n.* ଯେ ଖେଳ ଷଣ୍ଢ ଓ ମନୁଷ୍ୟର ଲଢାଇରେ ଶେଷରେ ଷଣ୍ଢକୁ ଖଡ୍ଗ ଦ୍ୱାରା ମାରିପକାଏ ।

Match, (1) *n.* ଯାହା ଶୀଘ୍ର ନିଆଁ ଧରେ, ଦିଆସିଲି, ନିଆ କାଠି, ସଳିତା, ବଳିତା ।—Safety match, ଯେ ଦିଆସିଲି ତାର ବାକ୍ସ ଛଡା ଅନ୍ୟ ସ୍ଥାନରେ ଘଷିଲେ ନିଆ ଧରେ ନାହିଁ, କଳା ଦିଆସିଲି ।

Match, (2) *n.* 1. ଉପମା ; 2. ସମତୁଲ୍ୟ ଲୋକ, ଯୋଡର; 3. ଯୋଡା ; 4. ବାଜିରଖା ଖେଳ ; 5. ବିବାହ ।—*v.i.* 1. ସମତୁଲ୍ୟ-ହେ, ସମାନ-ହେ ; 2. ସଂଯୁକ୍ତ-ହେ ।—*v.t.* 1. ଯୋଡା-କ ; 2. ସମକକ୍ଷ-କ ; 3. ସମାନ-କ ; 4. ବିବାହ-ଦେ । [ଯୋଗ୍ୟ ।

Matchable, *a.* ଉପମାଯୋଗ୍ୟ, ସମତୁଲ୍ୟ ହେବାର

Match-board, *n.* ମିଶାଇବା ନିମନ୍ତେ ପ୍ରସ୍ତୁତ ପଟା ।

Match-box, *n.* ଦିଆସିଲି ବାକ୍ସ ବା ଖୋଳ ।

Matchless, *a.* ଅନୁପମ, ଅତୁଲ୍ୟ, ଅଦ୍ୱିତୀୟ ।

Matchlock, *n.* ତୋଡାଦାର ବନ୍ଧୁକ ।

Match-maker, *n.* 1. ଦିଆସିଲି ନିର୍ମାଣକର୍ତ୍ତା ; 2. ବିବାହଘଟକ, ବିବାହରେ ମଧ୍ୟସ୍ଥ ।

Matchwood, *n.* ଦିଆସିଲି ନିମନ୍ତେ ପ୍ରସ୍ତୁତ ଚିରା କାଠ ।

Mate, (1) *n.* 1. ସାଥୀ, ସହଚର; 2. ପତି, ପତ୍ନୀ, ଯୋଡା; 3. ଜାହାଜର କର୍ମଚାରୀ ମାନଙ୍କ ମଧ୍ୟରୁ ଏକ ; 4. ଜାହାଜର କପ୍ତାନଙ୍କ ନିମ୍ନସ୍ଥ କର୍ମଚାରୀ ।—*v.t.* 1. ଯୋଡା ପଟାଇବା ; 2. ବିବାହ-କ ।

Mate, (2) *n.* ଶତରଞ୍ଜ ଖେଳରେ ପରାଜୟ, କିସ୍ତିମାତ୍, ହାର ।—*v.t.* ଶତରଞ୍ଜ ଖେଳରେ ହରାଇବା ।

Mateless, *a.* ସଙ୍ଗିବିହୀନ ।

Mater, *n.* 1. ମାତା, ମା ; 2. ମସ୍ତିଷ୍କର ବହିଃସ୍ଥ ବା ଅନ୍ତରସ୍ଥ ସୂକ୍ଷ୍ମଚର୍ମ ।

Mater familias, *n.* ପରିବାରର ମାତା ।

Material, *a.* 1. ଭୌତିକ, ପାର୍ଥିବ; 2. ଶାରୀରିକ ; 3. ସ୍ଥୂଳ, ଗୁରୁ ; 4. ଆବଶ୍ୟକ ; 5. ପ୍ରଧାନ ।—*n.* especially in *pl.* ଉପାଦାନ, ଉପକରଣ, ସରଞ୍ଜାମ, ସାମଗ୍ରୀ, ସରଞ୍ଜାମ ।—Raw material, ଅପ୍ରସ୍ତୁତ ଉପାଦାନ ।

Materialisation, *n.* ରୂପକରଣ, ପ୍ରତ୍ୟକ୍ଷୀଭୂତକରଣ ।

Materialise, *v.t.* 1. ଆକାରବିଶିଷ୍ଟ-କ ; 2. ବସ୍ତୁ ବିଷୟକୁ ପଦାର୍ଥ ବୋଲି ଜ୍ଞାନ-କ ; 3. ସଂସାରୀ-କ, ବିଷୟାସକ୍ତ-କ ।—*v.i.* ପ୍ରତ୍ୟକ୍ଷୀଭୂତ-ହେ ।

Materialism, *n.* 1. ପଦାର୍ଥ ବ୍ୟତୀତ ଅପର ସ୍ୱତନ୍ତ୍ର ବିଦ୍ୟମାନତା ଅସ୍ୱୀକାର କରିବା ମତ, ଜଡବାଦ ; 2. ସଂସାର ଲାଳସା, ବିଷୟବାସନା ।

Materialist, *n.* 1. ପଦାର୍ଥବ୍ୟତୀତ ଅପର ସ୍ୱତନ୍ତ୍ର ବିଦ୍ୟମାନତା ଯେ ଅସ୍ୱୀକାର କରେ, ଜଡବାଦୀ ; ବିଷୟାସକ୍ତ ଲୋକ, ସଂସାରପ୍ରିୟ ।

Materialistic, Materialistical, *a.* ଜଡବାଦ ସମ୍ବନ୍ଧୀୟ । [ପ୍ରଧାନରୂପେ ।

Materially, *ad.* 1. ପାର୍ଥିବରୂପେ, ସ୍ଥୂଳଭାବେ ; 2.

Materia medica, *n.* 1. ଔଷଧୀୟ ଦ୍ରବ୍ୟାଦି ; 2. ଔଷଧୀୟ ଦ୍ରବ୍ୟାଦି ନିର୍ଣ୍ଣୟକାରକ ବିଦ୍ୟା ।

Maternal, *a.* ମାତୃକ, ମାତୃସମ୍ବନ୍ଧୀୟ, ମାତୃକୁଳ ।

Maternally, *ad.* ମାପରି, ମାତାଭାବେ, ମାତୃକୁଳ ବା ପକ୍ଷରେ ।

Maternity, *n.* 1. ମାତୃତ୍ୱ, ମାତୃସ୍ଥାନ ; 2. ଚିକିତ୍ସାଳୟସ୍ଥ ସୂତିକାଗାର ।

Mathematical, *a.* 1. ଅଙ୍କବିଦ୍ୟାସମ୍ବନ୍ଧୀୟ, ଗାଣିତିକ; 2. ଅତିଶୁଦ୍ଧ । [ନୁସାରୀ ।

Mathematically, *ad.* ଗଣିତାନୁସାରେ, ଅଙ୍କଶାସ୍ତ୍ରା-

Mathematician, *n.* ଗଣିତଜ୍ଞ, ଅଙ୍କବିଦ୍ୟାବିତ୍ ।

Mathematics, *n.* ଗଣପାଠ, ଅଙ୍କବିଦ୍ୟା, ଗଣିତ ।—Pure mathematics, ପାଟୀଗଣିତ, ବୀଜଗଣିତ ଇତ୍ୟାଦି । Mixed or applied mathematics, କ୍ଷେତ୍ର ପରିମାଣ ବିଦ୍ୟା, ଶିଳ୍ପଗଣିତ ଇତ୍ୟାଦି । Higher mathematics, ଉଚ୍ଚଗଣିତ ।

Matin, *a.* ପ୍ରାତଃକାଳର, ପ୍ରାତର୍ବ୍ୟବହାର୍ଯ୍ୟ ।—*n.* in *pl.* ଇଙ୍ଗ୍ଲଣ୍ଡର ସର୍ବସାଧାରଣ ମଣ୍ଡଳୀର ପ୍ରାତଃକାଳର ଉପାସନା ।

Matinal, *a.* ପ୍ରାତସ୍ତନ, ପ୍ରାତଃକାଳୀନ ।

Matinee, *n.* 1. ଦିବସରେ ସମ୍ପାଦିତ ଗୀତବାଦ୍ୟ ବା ସମାରୋହ; 2. ସ୍ତ୍ରୀଲୋକର ପ୍ରାତଃ ପରିହିତ ପରିଚ୍ଛଦ ।

Matrass, *n.* ଚୂର୍ଣ୍ଣଇବା ନିମନ୍ତେ ରସାୟନରେ ବ୍ୟବହୃତ ଲମ୍ବାଗଳା କାଚପାତ୍ର ।

Matriarch, *n.* 1. ଗୋଷ୍ଠୀମାତା; 2. ଗୋଷ୍ଠୀପତିର ସ୍ତ୍ରୀ ।

Matriarchal, *a.* ଗୋଷ୍ଠୀମାତା ସମ୍ବନ୍ଧୀୟ ।

Matriarchy, *n.* 1. ଗୋଷ୍ଠୀମାତାର ଆଧିପତ୍ୟ ; 2. ମୌତୃକ ଉତ୍ତରାଧିକାରିତ୍ୱ ।

Matricide, *n.* 1. ମାତୃହତ୍ୟା; 2. ମାତୃହନ୍ତା, ମାତୃଘାତକ, ମାତୃଘ୍ନ ।

Matricidal, *a.* ମାତୃବଧ ସମ୍ବନ୍ଧୀୟ ।

Matriculate, *v.t.* ବିଦ୍ୟାର୍ଥୀକୁ କୌଣସି ବିଶ୍ୱବିଦ୍ୟାଳୟରେ ନାମ ଲେଖି ଭୁକ୍ତ-କ ।—*v.i.* ବିଦ୍ୟାର୍ଥୀ ନାମ ଲେଖାଇ ବିଶ୍ୱବିଦ୍ୟାଳୟରେ ଭୁକ୍ତ-ହେ ।—*n.* 1. ବିଶ୍ୱବିଦ୍ୟାଳୟର ଛାତ୍ର ; 2. ସମାଜଭୁକ୍ତ ବ୍ୟକ୍ତି ।

Matriculation, *n.* 1. ବିଦ୍ୟାର୍ଥୀକୁ ବିଶ୍ୱବିଦ୍ୟାଳୟରେ ଭୁକ୍ତକରଣ, ବିଶ୍ୱବିଦ୍ୟାଳୟରେ ବିଦ୍ୟାର୍ଥୀର ପ୍ରବେଶ ; 2.—(examination) ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷା ।

Matrimonial, *a.* ବୈବାହିକ, ବିବାହ ସମ୍ବନ୍ଧୀୟ ।

Matrimonially, *ad.* ବିବାହ ବିଧ୍ୟନୁସାରେ ।

Matrimony, *n.* ସ୍ତ୍ରୀ ପୁରୁଷର ବୈବାହିକ ମିଳନ, ପରିଣୟ, ଦାମ୍ପତ୍ୟାବସ୍ଥା ।

Matrix, *n.* 1. ଛାଞ୍ଚ ; 2. ଗର୍ଭାଶୟ, ଜରାୟୁ ।

Matron, *n.* 1. ପ୍ରୌଢା ସ୍ତ୍ରୀ, କୁଟୁମ୍ବିନୀ, ଗୃହିଣୀ, ପ୍ରବୁଦ୍ଧା ସ୍ତ୍ରୀ, ପୁରନ୍ଧ୍ରୀ; 2. ଧାଈ ଓ ପ୍ରବୀଣା ଗାଭିଣୀ ସ୍ତ୍ରୀ ; 3. ଚିକିତ୍ସାଳୟର ପ୍ରଧାନ ଧାତ୍ରୀ; 4. ପାଠଶାଳା ବା ଅନାଥାଶ୍ରମର ତତ୍ତ୍ୱାବଧାରିକା ।

Matronliness, *n.* ବରଣୀଚରିତ୍ର, ପୁରନ୍ଧ୍ରୀଗୁଣ । [ଧୀର ।
Matronly, *a.* ବରଣୀତୁଲ୍ୟ, ପୁରନ୍ଧ୍ରୀଯୋଗ୍ୟ, ପ୍ରାଜ୍ଞା,
Matronymic. *n. mat-ro-nim-ik*, ମାତୃବଂଶୀୟ ନାମ, ମାତୃନାମ । —*a.* ମାତୃକୁଳନାମ ସମ୍ବନ୍ଧୀୟ ।
Matter, *n.* 1. ଦ୍ରବ୍ୟ, ସାକାର ବସ୍ତୁ, ପ୍ରକୃତ: 2. ଉପାଦାନ, ଉପକରଣ ; 3. ବିଷୟ, ପ୍ରସଙ୍ଗ ; 4. ପ୍ରସ୍ତାବ ; 5. କାରଣ, ହେତୁ ; 6. ସାରାଂଶ, ମର୍ମ ; 7. ବ୍ୟାପାର, କାଣ୍ଡ; 8. ଗୁରୁତ୍ୱ; 9. ପୂଯ, ପୂଜ ।—Matter of course, *a.* ସ୍ୱାଭାବିକ, ଅବଶ୍ୟ । As a matter of course, ବସ୍ତୁତଃ, ଅପେକ୍ଷିତଭାବେ । Matter of fact, *a.* 1. ଯଥାର୍ଥ, ପ୍ରକୃତ ; 2. ନୀରସ । As a matter of fact, ବସ୍ତୁତଃ, କାର୍ଯ୍ୟତଃପ୍ରେ । A matter of life and death, ପ୍ରାଣସଂଶୟର ବ୍ୟାପାର ।
Matthew, *n.* ଧର୍ମପୁସ୍ତକର ଚାରି ମଙ୍ଗଳସମାଚାର ଗ୍ରନ୍ଥ ମଧ୍ୟରୁ ପ୍ରଥମ ଗ୍ରନ୍ଥ, ଯହିଁରେ ଯୀଶୁ ଯେ ଭବିଷ୍ୟଦ୍ବକ୍ତାମାନଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ମଶୀହ, ଏହା ଖ୍ରୀଷ୍ଟଙ୍କ ବାର ଶିଷ୍ୟଙ୍କ ମଧ୍ୟରୁ ମାଥିଉ ନାମକ ଶିଷ୍ୟ ଯିହୁଦୀମାନଙ୍କ ନିକଟରେ ପ୍ରମାଣ କରିଅଛନ୍ତି ।
Matting, *n.* ଚଟେଇ, ମସିଣା । Cocoanut matting, ନଡିଆକତାର ଚାଲି । Grass matting, ମସୃଣ, ଘାସ ଚଟେଇ ।
Mattock, *n.* ମାଟି ଖୋଳିବାର ଏକପ୍ରକାର ଲମ୍ବୋଦଣ୍ଡଯୁକ୍ତ ହତିଆର, ଏହାର ଏକ ପାଖ ମୁନିଆ, ଅନ୍ୟ ପାଖ ବଉଳି ପରି ଓସାରିଆ ; ଗଇନ୍ତି ।
Mattress, *n.* ତୋଷକ, ତୂଳିକା, ଗଦି ।
Maturant, *n.* (ବ୍ରଣାଦି) ପଚାଇବା ଔଷଧ ।
Maturate, *v.t.* (ବ୍ରଣାଦି) ପଚାଇବା, ପକ୍ୱ-କ ।—*v.i.* ପାଚିବା, ପୂଜ-ହେ ।
Maturation, *n.* ପରିପକ୍ୱକରଣ, ପାଚିବା ଅବସ୍ଥା ।
Maturative, *a.* ପକ୍ୱକାରକ ।
Mature, *a.* 1. ସିଦ୍ଧ ; 2. ପରିପୂର୍ଣ୍ଣ ; 3. ପରିପକ୍ୱ, ପାଚିଲା, ପାକଳ ; 4. ପ୍ରଜ୍ଞାଯୁକ୍ତ ; 5. ସୁଚିନ୍ତିତ, ସୁବିବେଚିତ ।—*v.t.* 1. ପଚାଇବା, ପକ୍ୱ-କ ; 2. ସମ୍ପୂର୍ଣ୍ଣ-କ ; 3. ଉପଯୁକ୍ତ-କ ।—*v.i.* 1. ପୂର୍ଣ୍ଣାବସ୍ଥାପ୍ରାପ୍ତ-ହେ, ପରିଣତ-ହେ ; 2. ପ୍ରବୀଣ-ହେ ; 3. ପାଚିବା ; 4. ମିଆଦପୂର୍ଣ୍ଣ-ହେ ।
Maturely, *ad.* ପରିପକ୍ୱଭାବେ, ସିଦ୍ଧାନ୍ତରୂପେ ।
Matureness, 1. ପରିପକ୍ୱତା, ପରିଣତ, ପ୍ରୌଢତା ।
Maturity, *n.* ପକ୍ୱଦଶା, ସମ୍ପୂର୍ଣ୍ଣତା, ପ୍ରୌଢାବସ୍ଥା ।
Matutinal, *a.* ସକାଳିଆ, ପ୍ରାତଃକ, ପ୍ରାତଃକାଳୀନ ।
Maudlin, *a.* 1. ମଦବିହ୍ୱଳ, ମତ୍ତପ୍ରାୟ ; 2. ଅତିରିକ୍ତ ରସମୟ ।
Maudlinism, *n.* ମଦ୍ୟପାନର ନିର୍ବୋଧ କନ୍ଦନାବସ୍ଥା ।
Maul, *v.t. mawl*, ମାରପିଟ-କ, ପିଟି ଖଣ୍ଡିଆଖାବରା କରି ପକାଇବା, ମାରି କ୍ଷତବିକ୍ଷତ-କ ।—*n.* 1. ପିଟଣା, ମୁଦ୍ଗର, ମୁଦ୍ଗର ; 2. ରଗ୍‌ବି ଫୁଟ୍‌ବଲ୍ ଖେଳରେ ବାଡିଗୁଳରେ ଧସ୍ତାପଡା ।
Maulstick, same as Mahl-stick.

Maund, *n.* ଏକ ମହଣ, ୪୦ ସେର ।
Maunder, *v.i.* 1. ଭିକାରି ପରି ଗାଳୁଗାଲିବା : 2 ବଡବଡା-କ ; 3. ନିର୍ବୋଧ ପରି କହିବା ; 4. ମନ୍ଥର ପରିଜ ଗଡାଇବା ।
Maundy, *n.* ଯୀଶୁ ଶିଷ୍ୟହସ୍ତଗତ ହେବା ସମୟରେ ଆପଣା ଶିଷ୍ୟମାନଙ୍କ ପାଦପ୍ରକ୍ଷାଳନ କରିଥିବାର ସ୍ମାରକ ପର୍ବ ।—Maundy money, ଉକ୍ତ ପର୍ବ ଦିବସରେ ରାଜଦତ୍ତ ମୁଦ୍ରା, ଏହାର ମୂଲ୍ୟ ରାଜତ୍ୱ କାଳ ବର୍ଷ ସଂଖ୍ୟାନୁସାରେ ପ୍ରତି ବର୍ଷ କ୍ରମରେ ଏକ ପଇସା ଲେଖାଏଁ ହୁଏ । Maundy Thursday, ଉକ୍ତ ପର୍ବ ଦିବସ, ଅର୍ଥାତ୍ ଖ୍ରୀଷ୍ଟଙ୍କ କ୍ରୁଶାରୋହଣର ପୂର୍ବ ଦିନ ।
Mauser, *n.* ଗୁଳି ଭର୍ତ୍ତିକରି ଛୁଟିବା କ୍ରମରେ ଜର୍ମାନ ଦେଶୀୟ ଏକପ୍ରକାର ବନ୍ଧୁକ ।
Mausoleum, *n.* ସୁଶୋଭିତ ବୃହତ୍ ସମାଧି, ମୃତ ବ୍ୟକ୍ତିର ସ୍ମରଣାର୍ଥକ ସ୍ତମ୍ଭ । [ସମ୍ବନ୍ଧୀୟ ।
Mausolean, *a.* ବୃହତ୍ ସମାଧିସମ୍ବନ୍ଧୀୟ, ସ୍ମରଣାର୍ଥକ ସ୍ତମ୍ଭ-
Maw, *n.* 1. ପଶ୍ୱାଦିର ପାକସ୍ଥଳୀ ; 2. କୁକୁଡାଦିର ଗଳାର ଥଳୀ ।
Mawk, *n.* କୃମି ।
Mawkish, *a.* ଘୃଣାଜନକ, ଅରୁଚିକର ।
Maw-worm, *n.* ପେଟର ଜିଆ, କୃମି ।
Maxilla, *n.* କଳପାଟି ହାଡ ।
Maxillary, *a.* କଳପାଟି ହାଡସମ୍ବନ୍ଧୀୟ ।
Maxim, *n.* ମୂଳସୂତ୍ର, ପ୍ରବାଦ, ନୀତିକଥା ।
Maxim-gun, *n.* ସ୍ୱୟଂଚାଳିତ କଳତୋପ ବିଶେଷ ।
Maximum, *a.* ସବୁଠାରୁ ବେଶୀ, ସର୍ବାଧିକ ।—*n.* ସବୁଠାରୁ ବୃହଦଂଶ, ସର୍ବୋଚ୍ଚ ସଂଖ୍ୟା, ମୋଟ ।
May, *v.i.* 1. ପାରିବା ; 2. ଅନୁମତି ପାଇବା ; 3. ସକ୍ଷମ-ହେ ; 4. ସମ୍ଭବ-ହେ ।—*n.* 1. ଇଂରାଜୀ ବର୍ଷର ପଞ୍ଚମ ମାସ ; 2. ଯୌବନ କାଳ ।
Maya, *n.* ମାୟା, ଅବିଦ୍ୟା ।
Mayday, *n.* ମେ ମାସର ପ୍ରଥମ ଦିନ ।
Maying, *n.* ମେ ମାସର ପ୍ରଥମ ଦିନୋତ୍ସବର ଅନୁଷ୍ଠାନ ।
Mayor, *n.* ନଗରାଧ୍ୟକ୍ଷ, ନିର୍ଦ୍ଦିଷ୍ଟ କାଳ ପାଇଁ ନିର୍ବାଚିତ ନଗରର ପ୍ରଧାନ ଶାସନକର୍ତ୍ତା ।
Mayoral, *a.* ନଗରାଧ୍ୟକ୍ଷ ସମ୍ବନ୍ଧୀୟ । [କର୍ମ ।
Mayoralty, Mayorship, *n.* ନଗରାଧ୍ୟକ୍ଷର ପଦ ବା
Mayoress, *n.* ନଗରାଧ୍ୟକ୍ଷର ସ୍ତ୍ରୀ ।
Maypole, *n.* ଭୂମିରେ ପୋତା ଏକ ସୁସଜ୍ଜିତ ଦଣ୍ଡ, ଲୋକେ ମେ ମାସ ପ୍ରଥମ ଦିନରେ ଏହାର ଚାରି ପାଖରେ ନାଚନ୍ତି ।
May-queen, *n.* ମେ ମାସର ପ୍ରଥମ ଦିନୋତ୍ସବରେ ରାଣୀ ପରି ପୁଷ୍ପମୁକୁଟମଣ୍ଡିତା ଯୁବତୀ ।
Mazarine, *n.* ଗାଢ ନୀଳରଙ୍ଗ ।
Maze, *n.* 1. ଦୁର୍ଗମ ବାଟ, ଗୋଲକଧନ୍ଦା; 2. ସଙ୍କଟ, ମନର ଉଦ୍ବେଗ, ବ୍ୟଗ୍ରତା ।
Mazy, *a.* ଜଟିଳ, କୁଟିଳ, ଘୂରଣି ।
Me, *pers. pro.* (objective case of "I.") ମୋତେ, ମତେ, ଆମ୍ଭକୁ ।

Mead, *n.* 1. ମହୁ ଜଳ ଓ ମସଲା ମିଶ୍ରିତ ମଦ୍ୟ ; 2. (*Poetry*) ଘାସ ପଡ଼ିଆ ।
Meadow, *n.* ଘାସପଡ଼ିଆ, ତୃଣବନ, ତୃଣମୟଭୂମି ।
Meadow grass, *n.* ଚରିବା ଓ କାଟି ଶୁଖାଇ ରଖିବାର ଉପଯୁକ୍ତ ଲମ୍ବ ଘାସ ।
Meagre, *a.* 1. ଶୁଷ୍କ, ସାମାନ୍ୟ ; 2. ନୀରସ ; 3. କୃଶ, କ୍ଷୀଣ, ଦୁର୍ବଳ ।
Meagrely, *ad.* ଶୁଷ୍କଭାବରେ, କ୍ଷୀଣରୂପେ ।
Meagreness, *n.* ଶୁଷ୍କତା, କ୍ଷୀଣତା, ଦୁର୍ବଳତା ।
Meal, (1) *n.* 1. ଭୋଜନ, ଆହାର, ଖାଦ୍ୟ : 2. ଭୋଜନ କାଳ ।
Meal, (2) *n.* ପିଷ୍ଟ ଶସ୍ୟ, ଅଟା, ମଇଦା, ଛତୁ ଇତ୍ୟାଦି ।
Mealiness, *n.* ପିଷ୍ଟ ଶସ୍ୟର ଭାବ । [ଉତ୍ପାଦକ ।
Mealy, *a.* ମଇଦାପରି, ଶସ୍ୟଚୂର୍ଣ୍ଣବତ୍, କୋମଳ, ମଣ୍ଡ-
Mealy-mouthed, *a.* ମଧୁର ଭାଷୀ, ଖୋଷାମୋଦିଆ, ମୃଦୁଭାଷୀ ।
Mean, (1) *a.* 1. ନୀଚ, ଇତର ; 2. କୃପଣ ; 3. ଅଧମ, ନିକୃଷ୍ଟ, କୁତ୍ସିତ ; 4. କ୍ଷୁଦ୍ର ; 5. ହୀନ ; 6. କାତର ।
Mean, (2) *a.* 1. ମଧ୍ୟ, ମଧ୍ୟମ ; 2. ମଧ୍ୟବର୍ତ୍ତୀ; 3. ହାରାହାରି ; 4. ପରିମିତ ।—*v.t.* 1. ମନରେ-କ, ମନସ୍ଥ-କ, ଅଭିପ୍ରାୟ-କ; 2. ବୁଝିବା, ବୋଧ-କ; 3. ବୁଝାଇବା ।—*n.* ମଝି, ମଧ୍ୟସ୍ଥଳ । *pl.* 1. ଉପାୟ ; 2. ଅର୍ଥ, ଧନସମ୍ପଦ ।—Means of grace, ଅନୁଗ୍ରହପ୍ରାପକ ଉପାସନା ଆଦି । Arithmetical mean, ହାରାହାରି । Golden mean, ଶ୍ରେୟସ୍କର ପରିମିତାଚାର, ଶ୍ରେଷ୍ଠ ଧର୍ମ । By all means, ସର୍ବଥା, ଅବଶ୍ୟ । By any means, କୌଣସି ପ୍ରକାରେ । By no means, କୌଣସି ପ୍ରକାରେ ନୁହେ । By fair means or foul, ଯେମନ୍ତ ପାରେ ସେମନ୍ତ, ଭଲରେ ହେଉ ବା ମନ୍ଦରେ ହେଉ ।
Meander, *v.i.* ବକ୍ରଗତିରେ ବହିବା, ବୁଲି ଯିବା ।—*n.* ବକ୍ରଗତି ; ବଙ୍କତା ।
Meandering, *a.* ବକ୍ରଗତିବିଶିଷ୍ଟ ।
Meaning, *n.* 1. ଅର୍ଥ, ଭାବ, ମର୍ମ; 2. ଅଭିପ୍ରାୟ, ଇଙ୍ଗିତ ; 3. ତାତ୍ପର୍ଯ୍ୟ ।—*a.* ଅର୍ଥବୋଧକ, ଇଙ୍ଗିତସହ ।
Meaningless, *a.* ନିରର୍ଥକ, ଅନର୍ଥକ ।
Meaningly, *ad.* ଇଙ୍ଗିତପୂର୍ବକ, ଜାଣିଶୁଣି ।
Meanly, *ad.* କୃପଣରୂପେ, ଅପକୃଷ୍ଟଭାବରେ, ଅଧମରୂପେ, କୁତ୍ସିତରୂପେ ।
Meanness, *n.* କୃପଣତା, ନିକୃଷ୍ଟତା, ନୀଚକର୍ମ ।
Mean-spirited, *a.* ନୀଚାଶୟ, କ୍ଷୁଦ୍ରମନା । [ସମୟରେ ।
Meantime, Meanwhile, *ad.* ଏହିମଧ୍ୟରେ, ଇତ୍ୟ-
Measles, *n.* ମିଳିମିଳା ରୋଗ ।—German measles, ମିଳିମିଳାଠାରୁ ଭିନ୍ନ ଏକପ୍ରକାର ସାମାନ୍ୟ ରୋଗ ।
Measurable, *a.* 1. ମାପିବା ଯୋଗ୍ୟ, ପରିମେୟ ; 2. ପରିମିତ, ଅଳ୍ପ ।
Measurableness, *n.* ପରିମେୟତା ।
Measurably, *ad.* କେତେକ ପରିମାଣରେ ।
Measure, *n.* 1. ମାପ, ପରିମାଣ ; 2. ଅନୁଭବ ; 3. ଆଦର୍ଶ ; 4. (ରାଜନୈତିକ) ପ୍ରସ୍ତାବ ବା ଆନ୍ଦୋଳନ ; 5. ଅଂଶ, ଅନୁପାତ ; 6. ନିର୍ଦ୍ଦିଷ୍ଟ ସୀମା ; 7. ଗୁଣାଙ୍କ, ତାରତମ୍ୟ ; 8. ଉପାୟ ପ୍ରୟୋଗ ; 9. ଛନ୍ଦ ; 10. ବାଦ୍ୟର ତାଳ ।—*v.t.* 1. ମାପିବା, ପରିମାଣ-କ ; 2. ଅନୁମାନ-କ ; 3. ନିରୂପଣ-କ ; 4. ବାଣ୍ଟି-ଦେ ।—*v.i.* ମପା-ହେ, ସମାୟତନ-ହେ ।—To measure one's length, ଦଣ୍ଡବତ୍ ପଡ଼ିବା, ସଷ୍ଟାଙ୍ଗରେ (ଭୂମିରେ) ପଡ଼ିବା । To measure strength, ଲଢ଼ାଇ-କ । Above or beyond measure, ଅତିରିକ୍ତ ପରିମାଣରେ । In a measure, ଅଳ୍ପ ପରିମାଣରେ । To take measures, ଉପାୟ ଅବଲମ୍ବନ-କ । To take one's measure, କୌଣସି ଲୋକର ସ୍ୱଭାବ ଓ ଶକ୍ତି ଅନୁମାନ-କ । Within measure, ପରିମିତରୂପେ । Without measure, ଅପରିମିତରୂପେ । Greatest common measure, ଗରିଷ୍ଠ ସାଧାରଣ ଗୁଣନୀୟକ ।
Measured, *a.* 1. ମପା, ପରିମାଣଯୁକ୍ତ ; 2. ସମତୁଲ୍ୟ ; 3. ସମାନ ; 4. ସ୍ଥିର ; 5. ସୀମାବଦ୍ଧ, ପରିମିତ ।
Measureless, *a.* 1. ଅସୀମ, ଅପରିମିତ ; 2. ଅତି ବହୁତ ।
Measurement, *n.* 1. ମାପକରଣ; 2. ପରିମାଣ ।
Measurer, *n.* ମାପିବା ଲୋକ, ମପକ, ପରିମାଣ ନିର୍ଣ୍ଣାୟକ । [3. ଭୋଜନ ।
Meat, *n.* 1. ମାଂସ ; 2. ଖାଦ୍ୟ, ଆହାର, ଅନ୍ନ, ଭକ୍ଷ୍ୟ ;
Meat-safe, *n.* ମାଂସ ନିରାପଦରେ ରଖିବା ନିମନ୍ତେ ଛିଦ୍ରମୟ ଆଧାର, ତୋଲ୍ ।
Meaty, *a.* ମାଂସିଆ, ମାଂସଯୁକ୍ତ, ମାଂସଳ ।
Mechanic, (1) Mechanical, *a.* *me-kan'ik,* 1. ଯନ୍ତ୍ରସମ୍ବନ୍ଧୀୟ, ଯାନ୍ତ୍ରିକ ; 2. ଶିଳ୍ପଗତ ।
Mechanic, (2) *n.* ଶିଳ୍ପକାର, କାରିଗର, ଶିଳ୍ପୋପଜୀବୀ ।
Mechanically, *ad.* ଶିଳ୍ପବିଦ୍ୟାନୁସାରେ, ଯନ୍ତ୍ରଦ୍ୱାରା, ଯନ୍ତ୍ରବତ୍ । [ଯନ୍ତ୍ରବିଦ୍ୟାଜ୍ଞ ।
Mechanician, *n.* *meka-nish'an,* ଯନ୍ତ୍ରନିର୍ମାତା
Mechanics, *n.* ଶିଳ୍ପବିଦ୍ୟା, କଳ ବା ଯନ୍ତ୍ର ବିଦ୍ୟା, ଶକ୍ତିନିର୍ଣ୍ଣାୟକ ବିଦ୍ୟା ।
Mechanism, *n.* 1. କଳର ଗଠନ, ଯନ୍ତ୍ରରଚନା; 2. ଯନ୍ତ୍ରର ଗତି ; 3. କଳକୌଶଳ ; 4. କାରିଗରି ।
Medal, *n.* ପଦକ, ଛାପି ମୁଦ୍ରା, ପୁରସ୍କାରାର୍ଥ ନିର୍ମିତ ମୁଦ୍ରା ।
Medallion, *n.* ବଡ଼ ପଦକ, ତକ୍ମା, ଅଙ୍କୋଷିତ ଖୋଦିତମୂର୍ତ୍ତିବିଶିଷ୍ଟ ଗୋଲ ବା ଅଣ୍ଡାକୃତି ମୁଦ୍ରା ।
Medallist, Medalist, *n.* 1. ପଦକନିର୍ମାତା, ମୁଦ୍ରାବିଦ୍ୟାବେତ୍ତା; 2. ପଦକଖୋଦକ; 3. କର୍ମ ବା ଗୁଣ ହେତୁ ପଦକପ୍ରାପ୍ତ ବ୍ୟକ୍ତି ।
Meddle, *v.i.* *med'l,* ପରର କାର୍ଯ୍ୟରେ ଅକାରଣରେ ହାତ-ଦେ, ଅନଧିକାର ଚର୍ଚ୍ଚା-କ ।
Meddler, *n.* ଅନଧିକାର ଚର୍ଚ୍ଚକ, ପରାଧିକାର ଚର୍ଚ୍ଚକ ।

**Meddlesome**, *a.* ଅନଧିକାର ଚର୍ଚ୍ଚାଶୀଳ ।
**Meddlesomeness**, *n.* ଅନଧିକାର ଚର୍ଚ୍ଚାଶୀଳତା ।
**Meddling**, *a.* ଅନଧିକାର ଚର୍ଚ୍ଚାକାରୀ ।—*n.* ଅନଧିକାର ଚର୍ଚ୍ଚା, ଅବ୍ୟାପାରରେ ବ୍ୟାପାର ।
**Mediæval**, see Medieval.
**Medial**, *a.* 1. ଦୁଇ ସୀମାର ମଧ୍ୟସ୍ଥିତ, ମଧ୍ୟମ ; 2. ଭୂତବେତାଳାଶ୍ରିତ ଲୋକର ସମ୍ବନ୍ଧୀୟ ।
**Median**, (1) *a.* ମଧ୍ୟବର୍ତ୍ତୀ, ମଧ୍ୟସ୍ଥଳ ସମ୍ବନ୍ଧୀୟ ।
**Median**, (2) *a.* ମାଦୀୟ, ମାଦୀୟ ଦେଶ ସମ୍ବନ୍ଧୀୟ ।
**Mediate**, *a.* 1. ମଧ୍ୟବର୍ତ୍ତୀ, ମଧ୍ୟସ୍ଥ; 2. ଉପାୟସ୍ୱରୂପ; 3. ପରୋକ୍ଷ; 4. ଦ୍ୱିତୀୟ କାରଣ ଉପରେ ନିର୍ଭର ।—*v.i.* 1. ମଧ୍ୟସ୍ଥ-ହେ ; 2. ମଧ୍ୟବର୍ତ୍ତୀ-ହେ ।—*v.t.* ମଧ୍ୟସ୍ଥ ହୋଇ ମିଳନ କରାଇବା, ମୀମାଂସା-କ । [ମୀମାଂସା ।
**Mediation**, *n.* 1. ମଧ୍ୟସ୍ଥତା, ପରାର୍ଥେ ପ୍ରାର୍ଥନା ; 2.
**Mediator**, *n.* ମଧ୍ୟସ୍ଥ ବ୍ୟକ୍ତି ।
**Mediatorial, Mediatory**, *a.* ମଧ୍ୟସ୍ଥ ବ୍ୟକ୍ତି ସମ୍ବନ୍ଧୀୟ, ପରାର୍ଥେ ପ୍ରାର୍ଥନା ବିଷୟକ ।
**Mediatorially**, *ad.* ମଧ୍ୟସ୍ଥସ୍ୱରୂପେ ।
**Mediatorship**, *n.* ମଧ୍ୟସ୍ଥର କର୍ମ ବା ପଦ ।
**Mediatress, Mediatrix**, *n.* (Fem. of Mediator) ମଧ୍ୟସ୍ଥା ସ୍ତ୍ରୀ ।
**Medicable**, *a.* ସାଧ୍ୟ, ଚିକିତ୍ସନୀୟ । [ବୈଦ୍ୟକ ।
**Medical**, *a.* ସ୍ୱାସ୍ଥ୍ୟ ରକ୍ଷଣ ସମ୍ବନ୍ଧୀୟ, ଆୟୁର୍ବେଦୀୟ,
**Medical jurisprudence**, *n.* ବିଚାରାଳୟରେ ସନ୍ଦେହ ବିଷୟ ମୀମାଂସା ନିମନ୍ତେ ଚିକିତ୍ସାବିଜ୍ଞାନର ପ୍ରୟୋଗ, ପ୍ରମାଣ ନିମନ୍ତେ ଆଇନ ସମ୍ପର୍କୀୟ ଡାକ୍ତର ମାଇନା ।
**Medically**, *ad.* ଚିକିତ୍ସା ପୂର୍ବକ ।
**Medicament**, *n.* 1. ଭେଷଜ, ବ୍ୟାଧିର ପ୍ରତିକାରକ ଦ୍ରବ୍ୟ ; 2. ଆରୋଗ୍ୟର ଉପାୟ, ଆରୋଗ୍ୟକାରୀ ଗୁଣ ବା ଶକ୍ତି ।
**Medicate**, *v.t.* 1. ଔଷଧ ପ୍ରୟୋଗ-କ; 2. (କୌଣସି ବସ୍ତୁକୁ) ଔଷଧୀୟ ଗୁଣବିଶିଷ୍ଟ-କ । [ଚିକିତ୍ସିତ ।
**Medicated**, *a.* 1. ଔଷଧ ମିଶ୍ରିତ; 2. ଔଷଧଯୁକ୍ତ; 3.
**Medication**, *n.* 1. ଔଷଧର ମିଶ୍ରଣ ; 2. ଔଷଧୀୟ ଗୁଣବିଶିଷ୍ଟ କରଣ ; 3. ଔଷଧ ପ୍ରୟୋଗ ।
**Medicative**, *a.* ସ୍ୱାସ୍ଥ୍ୟକର, ଆରୋଗ୍ୟକାରୀ ।
**Medicine**, *n.* *med'sin*, *med'i-sin*, 1. ଦବେଇ, ଔଷଧ, ଭେଷଜ ; 2. ଆୟୁର୍ବେଦ, ବୈଦ୍ୟଶାସ୍ତ୍ର ।
**Medicinal**, *a.* 1. ଔଷଧୀୟ ; 2. ଆରୋଗ୍ୟଜନକ, ଉପଶମକାରକ, ରୋଗହାରକ ।
**Medicinally**, *ad.* ଔଷଧ ପ୍ରୟୋଗ ଦ୍ୱାରା ।
**Medicine-chest**, *n.* ଔଷଧ ବାକ୍ସ ।
**Medicine-man**, *n.* ଅସଭ୍ୟ ଜାତିର ଟୋଣାକାରୀ, ଗୁଣିଆ ।
**Medieval, Mediæval**, *a.* ଇଉରୋପ ଇତିହାସର ମଧ୍ୟମ କାଳ ଅର୍ଥାତ୍ ୫ମ ଖ୍ରୀଷ୍ଟାବ୍ଦଠାରୁ ୧୫ଶ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଯେଉଁ କାଳ, ତତ୍ସମ୍ବନ୍ଧୀୟ ।
**Medieval Art**, *n.* ଉକ୍ତ କାଳବ୍ୟାପୀ ଇଉରୋପରେ ପ୍ରଚଳିତ ଶିଳ୍ପ କୌଶଳ ।
**Medievalism, Mediævalism**, *n.* 1. ଇଉରୋପ ଇତିହାସର ମଧ୍ୟମ କାଳର ମାହାତ୍ମ୍ୟ ; 2. ଉକ୍ତ କାଳର ଲୋକମାନଙ୍କର ଆଚାରବ୍ୟବହାର ; 3. ଉକ୍ତ କାଳର ମାହାତ୍ମ୍ୟ ବା ଲୋକଙ୍କ ଆଚାରବ୍ୟବହାର ପ୍ରତି ଶ୍ରଦ୍ଧା ।
**Medievalist, Madiævalist**, *n.* ଉକ୍ତ କାଳର ଆଚାରବ୍ୟବହାରରେ ଦକ୍ଷ ଲୋକ ।
**Mediocre**, *a.* ଭଲ ନୁହେ ବା ଅଧିକ ନୁହେ, ମଧ୍ୟମଗୁଣବିଶିଷ୍ଟ, ସାଧାରଣ ।
**Mediocrity**, *n.* 1. ମଧ୍ୟମାବସ୍ଥା ; 2. ମଧ୍ୟବିତ୍ତ ଲୋକ ଅର୍ଥାତ୍ ଯାହାର ବେଶୀ କ୍ଷମତା ବା ପ୍ରାଧାନ୍ୟ ନାହିଁ ।
**Meditate**, *v.i.* ଧ୍ୟାନ-କ ।—*v.t.* 1. ସଙ୍କଳ୍ପ-କ, ମନସ୍ଥ-କ ; 2. ଭାବନା-କ, ଚିନ୍ତା-କ ।
**Meditated**, *a.* ସଙ୍କଳ୍ପିତ ।
**Meditation**, *n.* 1. ଧ୍ୟାନ, ଭାବନା, ଏକାଗ୍ରଚିନ୍ତା ; 2. ଯୋଗ ; 3. ଅନୁଚିନ୍ତା । [ଭାବନାପ୍ରସୂତ ।
**Meditative**, *a.* 1. ଧ୍ୟାନପରାୟଣ, ଚିନ୍ତାଶୀଳ ; 2.
**Meditatively**, *ad.* ଚିନ୍ତାଶୀଳଭାବେ ।
**Meditativeness**, *n.* ଚିନ୍ତାଶୀଳତା ।
**Mediterranean**, *a.* 1. ଭୂମଧ୍ୟସ୍ଥ, ସ୍ଥଳବେଷ୍ଟିତ ; 2. ଭୂମଧ୍ୟସାଗର ଉପକୂଳବାସୀ ।
**Mediterranean sea** *n.* ଭୂମଧ୍ୟସାଗର ।
**Medium**, *a.* ମଧ୍ୟମ, ମଝିମଝିଆ ।—*n.* ମଧ୍ୟପଥ, ମଧ୍ୟସ୍ଥଳ ; 2 ଉପାୟ, ଯୋଗ ; 3. ଅଂଶ ; 4. ବାହନ, ଯନ୍ତ୍ର ; 5. (in spiritualism) ଭୂତବେତାଳାଶ୍ରିତ ଲୋକ ।—Circulating medium, ପ୍ରଚଳିତ ମୁଦ୍ରା ।
**Medius**, *n.* ହସ୍ତର ମଧ୍ୟମାଙ୍ଗୁଳି ।
**Medley**, *n.* ନାନା ଦ୍ରବ୍ୟସମୂହ, ସଙ୍କର । [3. ମଜ୍ଜା ।
**Medulla**, *n.* 1. ମଜ୍ଜା ; 2. ମେରୁଦଣ୍ଡ ମଧ୍ୟସ୍ଥ ଶିର ;
**Medullar, Medullary**, *a.* 1. ମଜ୍ଜାବିଶିଷ୍ଟ ; 2. ମଜ୍ଜା ପରି ।
**Medusa**, *n.* 1. ଗର୍ଗନ୍ ନାମ୍ନୀ ତିନି ରାକ୍ଷସୀଙ୍କ ମଧ୍ୟରୁ ଯେଉଁ ରାକ୍ଷସୀର ମସ୍ତକ ପର୍ସିଉସ୍ ଦ୍ୱାରା ଛେଦିତ ହୋଇ ମିନର୍ଭା ଦେବୀର ଢାଲଉପରେ ରକ୍ଷିତ ହୋଇଥିଲା ସେହି ରାକ୍ଷସୀ, (କଥିତ ଅଛି ଯେ ଏହି ମୁଣ୍ଡକୁ ଯେ କେହି ଅନାଇଥିଲେ ସେ ପଥର ହୋଇଯାଉଥିଲେ) ; 2. ଦେଖିବାକୁ କୌଣସି ଅଧା ବଢ଼ିଲା ଅଠାକଡ଼ ପଦାର୍ଥ ପରି ଏକ ପ୍ରକାର ସାମୁଦ୍ରିକ ଜନ୍ତୁ ଯାହାକୁ ଇଂରାଜୀରେ "ଜେଲି ଫିଶ୍" କୁହାଯାଏ ।
**Meed**, *n.* 1. ପୁରସ୍କାର, ପ୍ରତିଦାନ ; 2. ମୂଲ୍ୟ, ବେତନ ; 3. ଦାନ । [ଅନୁଗତ ।
**Meek**, *a.* 1. ମୃଦୁ, ନମ୍ର ; 2. ବାଧ୍ୟ, ସୁଶୀଳ; 3.
**Meekly**, *ad.* ମୃଦୁଭାବରେ, ସୁଶୀଳଭାବରେ ।
**Meekness**, *n.* ମୃଦୁତା, ସୁଶୀଳତା ।
**Meet**, (1) *a.* ଉପଯୁକ୍ତ, ଯୋଗ୍ୟ, ଉଚିତ ।
**Meet**, (2) *v.t.* 1. ଭେଟିବା, ସାକ୍ଷାତ୍-କ ; 2. ଅନୁଭବ-କ, ପ୍ରାପ୍ତ-ହେ ; 3. ଖଣ୍ଡନ-କ ; 4. (ହିସାବ) ନିକାଶ-କ ।—*v.i.* 1. ମିଶିବା, ମିଳିବା ; 2. ସମାଗତ-ହେ,

ଏକତ୍ର-ହେ ; 3. ସମ୍ମିଳିତ-ହେ ; 4. (ଯୁଦ୍ଧରେ) ସମ୍ମୁଖୀନ -ହେ ; 5. (ଅସ୍ କଂସ୍) ସମାନ-ହେ ।—To meet half way, ଉଭୟ ମତର ସାମଞ୍ଜସ୍ୟ-ହେ, ଦୁଇ ପକ୍ଷରୁ କିଛି କ୍ଷମା-କ । To meet the ear or eye, ଦୃଷ୍ଟିଗୋଚରରେ କଥିତ ବା ଦୃଶ୍ୟ-ହେ ; ସହଜରେ ଦୃଷ୍ଟି ପଥରେ ପଡ଼ିବା ।—*n.* ମେଳି ।

**Meeting**, *n.* 1. ସଭା, ମେଳା, ସମାଗମ ; 2. ଭେଟ, ସାକ୍ଷାତ୍ ; 3. ସଂଯୋଗ, ସଂଗମ ; 4. ଦୁଇ କାଠର ସମ୍ମିଳିତ ସ୍ଥଳ, ଛକ ; 5. ଯାତ୍ରା ।—Race meeting, କେତୁକିତ ଘୋଡ଼ଦୌଡ଼ ଦେଖିବା ନିମନ୍ତେ ସମାଗମ ।

**Meeting-house**, *n.* ଯାତ୍ରା ଘର, ଭଜନାଳୟ ।

**Meetly**, *ad.* ଉପଯୁକ୍ତମତେ, ଯଥାଯୋଗ୍ୟ ।

**Meetness**, n. ଉପଯୁକ୍ତତା, ଔଚିତ୍ୟ, ଯୋଗ୍ୟତା ।

**Megaphone**, *n.* କୌଣସି ପର୍ଯ୍ୟନ୍ତ ଅନ୍ତରରୁ କଥା ଭାରରେ କଥାବାର୍ତ୍ତା କରିବାର ଏକପ୍ରକାର ଯନ୍ତ୍ର, ତହିଁରେ ତନ ବିଶେଷ ଉଚ୍ଚ ଥାଏ ଅର୍ଥାତ୍ କହିବା ପାଇଁ ଏକପ୍ରକାର ତୂରୀ ଓ ଶୁଣିବା ପାଇଁ କାନରେ ଦେବାର ନଳସଂଲଗ୍ନ ଦୁଇ ଗୋଟି ଚୌଡ଼ାମୁହାଁ ତୂରୀ ।

**Megrim**, *n.* 1. ଅଧାକପାଳି ବ୍ୟଥା ; ଶିରୋବେଦନା ; 2. ବିଷାଦ ; 3. ଘୋଡ଼ାର ହଠାତ୍ ମୁଣ୍ଡବୁଲା ଓ ମୂର୍ଚ୍ଛା ।

**Melancholia**, *n.* ଘୋର ବିଷାଦପୂର୍ଣ୍ଣ ଚିତ୍ତଭ୍ରମ ; ବାୟୁରୋଗ ।

**Melancholic, Melancholious**, *a.* 1. ନୈରାଶ୍ୟ-ଜର୍ଜରିତ, ମନୋମାଳିନ୍ୟଜାତ ; 2. ବିମର୍ଷ, ଉଦାସ, ସଦାବିଷଣ୍ଣ ।

**Melancholy**, *n.* *mel'an-kol-i*, 1. ବିଷାଦ, ବିଷଣ୍ଣତା ; 2. ମନୋମାଳିନ୍ୟ ; 3. ନୈରାଶ୍ୟ ।—*a.* ଦୁଃଖପୂର୍ଣ୍ଣ, ଶୋକାବହ, ନିରାନନ୍ଦ ।

**Melange**, *n.* 1. ମିଶ୍ରଣ, ବହୁଭିନ୍ନ ଦ୍ରବ୍ୟସମୂହ ; 2. ନାନା ପ୍ରସଙ୍ଗସମ୍ବନ୍ଧୀୟ ରଚନା ।

**Melee**, *n.* ହାତାହାତି ଯୁଦ୍ଧ, ମିଳିତ ଲୋକଙ୍କ ଲଢ଼ାଇ, ମରାମରି ।

**Melic**, *a.* ଗାନଯୋଗ୍ୟ, ଗୀତସମ୍ବନ୍ଧୀୟ ।

**Meliorate**, *v.t.* 1. ଭଲ-ଉନ୍ନତ-କ ; 2. ଉପଶମ-କ । —*v.t.* ପୂର୍ବାପେକ୍ଷା ଉତ୍ତମ-ହେ ।

**Melioration**, *n.* ଉତ୍ତମକରଣ, ଉନ୍ନତି ।

**Meliorator**, *n.* ଯେ ଉତ୍ତମ କରେ ।

**Meliphagous**, *a.* ମଧୁଜୀବୀ, ମଧୁଭକ୍ଷଣକାରୀ ।

**Melliferous, Mellific**. *a.* ମଧୁଉତ୍ପାଦକ ।

**Mellification**, *n.* ମଧୁପ୍ରସ୍ତୁତକରଣ, ମଧୁଉତ୍ପାଦନ ।

**Mellifluence**, *n.* ମିଷ୍ଟପ୍ରବାହ ।

**Mellifluent, Mellifluous**, *a.* 1. ମଧୁପ୍ରବାହୀ, ମିଷ୍ଟପ୍ରବାହୀ ; 2. ମିଷ୍ଟ ।

**Mellifluently, Mellifluously**, *ad.* ମିଷ୍ଟପ୍ରବାହରୂପେ, ମଧୁରଭାବେ ।

**Mellow**, *a.* 1. ପାଚିଲା, ପରିପକ୍ୱ ; 2. ନରମ, କୋମଳ ; 3. ମୃଦୁ ; 4. ଅର୍ଦ୍ଧମତ୍ତ ; 5. ମଦରେ ପ୍ରାୟ ବିହ୍ୱଳ । —*v.t.* 1. ପାଚିବା, ପକ୍ୱ-କ ; 2. ନରମ-କୋମଳ-କ ; —*v.i.* 1. ପାଚିଯିବା ; 2. ପକ୍ୱାବସ୍ଥା ଲଭିବା ; 3. କୋମଳ-ହେ ।

**Mellowness**, କୋମଳତା, ସୁପକ୍ୱତା ।

**Mellowy**, *a.* ନରମ, ଚିକ୍କଣୀୟ ।

**Melodeon**, *n.* କେତେ ଧାତୁନଳୀ ଥିବା କ୍ଷୁଦ୍ର ବାୟୁବାଦ୍ୟଯନ୍ତ୍ର ବିଶେଷ ।

**Melodious**, *a.* ସୁସ୍ୱର, ମିଷ୍ଟ, ସୁଶ୍ରାବ୍ୟ ।

**Melodiously**, *ad.* ସୁସ୍ୱରରେ, ମିଷ୍ଟରୂପେ ।

**Melodiousness**, *n.* ସୁଶ୍ରାବ୍ୟତା ।

**Melodise**, *v.t.* 1. ସୁଶ୍ରାବ୍ୟ-କ ; 2. ଏକସ୍ୱର-କ ; 3. ସୁମିଷ୍ଟ ସ୍ୱର ରଚନା-କ ; 4. ସୁଗାନ-କ ।

**Melodrama**, *n.* ପ୍ରେମାତ୍ମକ ନାଟକ, ଗୀତ ସମ୍ମିଳିତ [ଯାତ୍ରା ।

**Melody**, *n.* 1. ସ୍ୱର ; 2. ବାଦ୍ୟ ; 3. ଏକସ୍ୱର ।

**Melon**, *n.* ତରଭୁଜ ; (Musk—) ଖରଭୁଜ ; (Water—) ଫୁଟି ।

**Melrose**, *n.* ମଧୁ ଗୋଲାପଗନ୍ଧ ଓ ଜଳରେ ମିଶ୍ରିତ ମଦ୍ୟର ପଦାର୍ଥ ।

**Melt**, *v.t.* 1. (ତାପରେ) ତରଳାଇବା, ପିଘଳାଇବା, ଦ୍ରବ-କ ; 2. କୋମଳ-ଶାନ୍ତ-କ ।—*v.i.* 1. ତରଳିଯିବା ; 2. ମିଳିତ-ହେ ; 3. କରୁଣାର୍ଦ୍ର-ହେ ।

**Meltable**, *a.* ତରଳଯୋଗ୍ୟ, ଦ୍ରବଣୀୟ ।

**Melter**, *n.* 1. ଯେ ତରଳାଏ ; 2. କୋଇ ।

**Melting**, *n.* ଦ୍ରବକରଣ ।—Melting pan, (ଧାତୁ ଆଦି) ତରଳାଇବା ପାତ୍ର । Melting-point, ତାପରେ ଯେଉଁ ପରିମାଣରେ ସବୁ ପଦାର୍ଥ ତରଳିଯାଏ । Melting-pot, କୋଇ ।

**Melton**, *n.* ପୁରୁଷ ପୋଷାକ ପାଇଁ ଲୋମରେ ପ୍ରସ୍ତୁତ ମୋଟ ଲୁଗା ବିଶେଷ ।

**Member**, *n.* 1. ଅଙ୍ଗ, ଅବୟବ ; 2. ଅଂଶ ; 3. ଖଣ୍ଡବାକ୍ୟ, ପ୍ରକରଣ, ସ୍କନ୍ଧ ; 4. ସମାଜର ଜଣେ, ସଭାସ୍ଥ ଜନ, [ସଭ୍ୟ ।

**Membered**, *a.* ଅଙ୍ଗଯୁକ୍ତ ।

**Membership**, *n.* 1. ଅଂଶିତ୍ୱ ; 2. ସମାଜର ସଭ୍ୟାବସ୍ଥା ; 3. ସମାଜର ସଭ୍ୟସମୂହ ।

**Membral**, *a.* ଅଙ୍ଗସମ୍ବନ୍ଧୀୟ ।

**Membrane**, *n.* 1. ମାଂସପିଣ୍ଡ ବା ଅଭ୍ୟନ୍ତରକ ନଳୀର ଅନ୍ତର ପର ଆଚ୍ଛାଦକ ସୂକ୍ଷ୍ମମୟ ସୂକ୍ଷ୍ମଚର୍ମ, ଝିଲ୍ଲୀ ; 2. କାଗଜର ସୂକ୍ଷ୍ମ ଆବରଣ ।

**Membraneous, Membranous, Membranacious**, *a.* ସୂକ୍ଷ୍ମଚର୍ମ ସମ୍ବନ୍ଧୀୟ, ସୂକ୍ଷ୍ମଚର୍ମବିଶିଷ୍ଟ, ସୂକ୍ଷ୍ମ ଚର୍ମ ପରି ।

**Memento**, *n.* ସ୍ମୃତିଜନକ ଚିହ୍ନ, ସ୍ମରଣାର୍ଥକ ଦ୍ରବ୍ୟ ।

**Memoir**, *n.* 1. ସ୍ମରଣାର୍ଥେ ଲିଖିତ ବିବରଣ ; 2. ମୃତ ବ୍ୟକ୍ତିଙ୍କ ସଂକ୍ଷିପ୍ତ ଜୀବନୀ, ଚରିତ ; 3. ପ୍ରାମାଣିକ ସ୍ମରଣାର୍ଥକ ଲେଖା ।

**Memorabilia**, *n. pl.* 1. ସ୍ମରଣୀୟ ବିଷୟ ; 2. ସ୍ମରଣୀୟ ବିଷୟର ଲେଖା ।

**Memorable**, *a.* 1. ସ୍ମରଣୀୟ, ସ୍ମରଣଯୋଗ୍ୟ, ପ୍ରସିଦ୍ଧ ; 2. ଅସାଧାରଣ ।

**Memorably,** *ad.* 1. ସ୍ମରଣୀୟରୂପେ; 2. ଅପୂର୍ବରୂପେ ।

**Memoradum,** *n.* (*pl.* Memorandums, Memoranda) ସ୍ମାରକ ଲିପି, ସ୍ମୃତଚିହ୍ନ ଟିପ୍ପଣୀ ।

**Memorative,** *a.* ସ୍ମରଣ ସମ୍ବନ୍ଧୀୟ, ସ୍ମୃତିଦାୟକ ।

**Memorial,** *a.* 1. ସ୍ମରଣାର୍ଥକ, ସ୍ମୃତିଚିହ୍ନ; 2. ସ୍ମରଣରେ ରକ୍ଷିତ ।—*n.* 1. ସ୍ମରଣାର୍ଥକ ସ୍ତମ୍ଭ ବା ପଥର, 2. ବ୍ୟବସ୍ଥାପକ ସଭା ସଙ୍ଘ ନିକଟକୁ ପ୍ରେରିତ ନିବେଦନର ହେତୁବାଦସୂଚକ ପତ୍ର, ଆବେଦନପତ୍ର ।

**Memorialise,** *v.t.* 1. ଆବେଦନପତ୍ର-ଦେ, ସଙ୍ଘ ନିକଟରେ ନିବେଦନର ହେତୁବାଦସୂଚକ ପତ୍ର ଅର୍ପଣ-କ; 2. ସ୍ମରଣାର୍ଥକ କ୍ରିୟା-କ ।

**Memorialist,** *n.* ଆବେଦନ ପତ୍ର ଅର୍ପଣକାରୀ, ସଙ୍ଘ ନିକଟରେ ନିବେଦନର ହେତୁବାଦସୂଚକ ପତ୍ର ସ୍ୱାକ୍ଷରକାରୀ ବା ଅର୍ପଣକାରୀ ।

**Memorise,** *v.t.* 1. ମୁଖସ୍ଥ-କ; 2. ସ୍ମରଣରେ ରଖିବା ।

**Memory,** *n* 1. ସ୍ମରଣ ଶକ୍ତି; 2. ସ୍ମରଣ, ସ୍ମୃତି, ମନେକରିବା, ପୂର୍ବାନୁଭୂତ ବିଷୟର ଜ୍ଞାନ; 3. ମାନବଗଣର ସ୍ମରଣାନୁମିତ କାଳ; 4. ସ୍ମୃତ ବିଷୟ; 5. ସ୍ମରଣାର୍ଥକ ବିଷୟ; 6. ମୃତ ବ୍ୟକ୍ତିର ସୁଖ୍ୟାତି ।

**Men,** *pl.* of Man.

**Menace** *v.t.* ଭୟ ଦେଖାଇବା, ଧମକାଇବା, ତର୍ଜ୍ଜନଗର୍ଜ୍ଜନ-କ ।—*n.* 1. ଧମକ, ତର୍ଜ୍ଜନ; 2. ଦ୍ୱେଷ ପ୍ରକାଶନ, ହାନିକର ଭାବ ମନୋଭାବର ପ୍ରଦର୍ଶନ ।

**Menacer,** *n.* ଯେ ଧମକାଏ ।

**Menacing,** *a.* 1. ଉପରେ ଓହଳିବା ପରି, ଉପରେ ବାହାରି ଥିବା ପରି; 2. ଭୟାନକ, ଆପଦସୂଚକ ।

**Menacingly,** *ad.* ଧମକଦେବା, ଭୟାନକରୂପେ ।

**Menage,** *n.* *me-näzh',* 1. ପରିବାରର ଶୃଙ୍ଖଳା; 2. ଗୃହର ପରିଚାଳନା; 3. ଉପାର୍ଜ୍ଜନୀୟ ବାଉଳରମାନଙ୍କ ସମାଜ ।

**Menagerie,** *n* *men-aj'eri,* 1. ଲୋକଙ୍କ ଦେଖିବା ପାଇଁ ବନ୍ୟ ପଶୁ ସଂଗ୍ରହ; 2. ସଂଗୃହୀତ ବନ୍ୟ ପଶୁ ରଖିବା ଯୋଗ୍ୟ ସ୍ଥାନ ।

**Menagogue,** *n.* ସ୍ତ୍ରୀର ଋତୁ ବାହାର କରିବା ଔଷଧ ।

**Mend,** *v.t.* 1. ମରାମତି-କ, ଅସମ୍ପୂରଣ-କ; 2. ଶୁଧରାଇବା, କ୍ଷତିପୂରଣ-କ; 3. ଉନ୍ନତ-କ, ସ୍ୱାଭାବିକ କରିବା । 4. ବୃଦ୍ଧି-କ ।—*v.i.* 1. ଭଲ-ହେ; 2. ଉନ୍ନତ ସ୍ୱଭାବବିଶିଷ୍ଟ-ହେ । [ଯୋଗ୍ୟ ।

**Mendable,** *a.* ମରାମତି କରି ସାଧ୍ୟ, ମରାମତି ହେବା-

**Mendacious,** *a.* 1. ମିଥ୍ୟାକହୁଥିବା, ମିଥ୍ୟାବାଦୀ; 2. ପ୍ରବଞ୍ଚନାପୂର୍ଣ୍ଣ; 3. ମିଥ୍ୟା, ଅସତ୍ୟ । [ରୂପେ ।

**Mendaciously,** *ad.* ମିଥ୍ୟାକହୁଥିବାରୂପେ, ପ୍ରବଞ୍ଚନାପୂର୍ଣ୍ଣ-

**Mendaciousness,** *n.* ମିଥ୍ୟାକହୁଥିବା, ମିଥ୍ୟାଶୀଳ, ମିଥ୍ୟାଭାଷା ।

**Mendacity,** *n.* ମିଥ୍ୟାକହିବା, ମିଥ୍ୟାକଥନ, ଅନୃତ ।

**Mender,** *n.* 1. ମରାମତିକାରୀ; 2. ଯେ ଶୁଧରେ ।

**Mendicancy, Mendicity,** *n.* ଭିକ୍ଷୁକତା, ଉଦାସୀନତା, ଭିକ୍ଷୋପଜୀବିତା ।

**Mendicant,** *a.* ଯାଚକ, ଉଦାସୀ, ଭିକ୍ଷାଜୀବୀ ।—*n.* 1. ଭିକାରୀ, ଭିକ୍ଷୋପଜୀବୀ; 2. ଭିକ୍ଷୁକ ମତାବଲମ୍ବୀ ।

**Mending,** *n.* 1. ମରାମତକରଣ; 2. ମରାମତ ଅବସ୍ଥାରେ ହେବା ବସ୍ତ୍ରାଦି ।

**Men-folk,** *n.* ଏକ ପରିବାରର ପୁରୁଷଗଣ ।

**Menial,** *a.* 1. ଚାକରଗଣ ସମ୍ବନ୍ଧୀୟ, ସେବାକାରୀ; 2. ଅଧୀନ, ଦାସ ଯୋଗ୍ୟ, ନୀଚ ।—*n.* 1. ଘର ଚାକର, ନଫର; 2. ନୀଚ କର୍ମ ଯେ କରେ; 3. ଖୋସାମୁଦିଆ ଲୋକ ।

**Meningitis,** *n.* ମସ୍ତିଷ୍କ ବା ମେରୁଦଣ୍ଡ ମଜ୍ଜାକୁ ଆବୋରିଥିବା ସୂକ୍ଷ୍ମ ଚର୍ମର ଜ୍ୱାଳା ।

**Meniscus,** *n.* 1. ନବୀନ ଚନ୍ଦ୍ରର ଆକାର; 2 ଏକ ପାର୍ଶ୍ୱରେ ମଧ୍ୟନିମ୍ନ ଅନ୍ୟ ପାର୍ଶ୍ୱରେ ମଧ୍ୟସ୍ଥୂଳ କାଚ ।

**Mennonite,** *n.* ଷୋଡଶ ଶତାବ୍ଦୀରେ ମେନ୍ନୋ ନାମକ ଏକ ବ୍ୟକ୍ତିଙ୍କ ଦ୍ୱାରା ଉଦ୍ଭୂତ ଜର୍ମନ ମଣ୍ଡଳୀର ଓ ବ୍ୟକ୍ତିମାନଙ୍କ ଶିକ୍ଷାନୁଯାୟୀ ମତର ମତାବଲମ୍ବୀ ।

**Menology,** *n* ମାସର ପାଞ୍ଜି, ସମୟାନୁକ୍ରମିକ ଧର୍ମସ୍ୱର ପତ୍ରିକା ।

**Menorrhagia** *n.* (*Path.*) ପ୍ରଦର ।

**Menostasis,** *n.* ସ୍ତ୍ରୀଧର୍ମ ବନ୍ଦ ରୋଗ ।

**Mensal,** 1) **Mensual,** *a.* ମାସକୁ ଥରେ ଘଟିତ, ମାସିକ ।

**Mensal,** (2) *a.* ମେଜ ସମ୍ବନ୍ଧୀୟ ।

**Menses,** *n. pl.* ସ୍ତ୍ରୀଧର୍ମ, ଋତୁ, ରଜଃ, ଆର୍ତ୍ତବ ।

**Menstrual,** *a.* 1. ମାସିକ; 2. ସ୍ତ୍ରୀଧର୍ମ ସମ୍ବନ୍ଧୀୟ ।

**Menstruate,** *v.i.* ସ୍ତ୍ରୀଧର୍ମ-ହେ ।

**Menstruation,** *n.* 1. ଋତୁସ୍ରାବ; 2. ସ୍ତ୍ରୀଧର୍ମର ନିୟମିତ କାଳ ।

**Menstruous,** *a.* 1. ରଜସ୍ୱଲା; 2. ସ୍ତ୍ରୀଧର୍ମ ସମ୍ପର୍କୀୟ ।

**Menstruum,** *n* ଯେଉଁ ଦ୍ରବ କଠିନପଦାର୍ଥକୁ ତରଳାଏ, ଦ୍ରାବକ ।

**Mensurable,** *a.* ମାପନୀୟ, ପରିମେୟ, ପରିମାଣାର୍ହ ।

**Mensurability, Mensurableness,** *n.* ମାପନୀୟତା, ପରିମେୟତା ।

**Mensural,** *a.* ମାପସମ୍ବନ୍ଧୀୟ ।

**Mensuration,** *n.* 1. ମାପକରଣ, ପରିମାଣନିର୍ଣ୍ଣୟ; 2. ପରିମାଣ ବିଦ୍ୟା; 3. ମାପ, ପରିମିତ ।

**Mensurative,** *a.* ମାପୋପଯୁକ୍ତ, ପରିମେୟ ।

**Mentagra,** *n.* ଚିବୁକର ବର୍ଣ୍ଣ ରୋଗ ।

**Mental,** (1) *a.* ମନଃ ସମ୍ବନ୍ଧୀୟ, ମାନସିକ, ମନସ୍ଥିତ ।—Mental arithmetic, ମୌଖିକ ଅଙ୍କ ।

**Mental,** (2) *a.* ଚିବୁକ ସମ୍ବନ୍ଧୀୟ ।

**Mentality,** *n.* 1. ମାନସିକ ଗୁଣସମୂହ; 2. ମାନସିକ ବୁଦ୍ଧି; 3. ଧୀଶକ୍ତି ।

**Mentation,** *n.* 1. ମାନସିକ କ୍ରିୟା, ମନଃକର୍ମ; 2. ମନସ୍ଫୁରଣ ।

**Menthal,** *n.* ବାଷ୍ପ ପୀଡାଦି ଉପଶମକାରକ ଏକ ପ୍ରକାର ପୋଦିନା ତେଲରୁ ପ୍ରସ୍ତୁତ କର୍ପୂର ବିଶେଷ ।

**Mention**, *n.* *men'shun*, 1. ଉଲ୍ଲେଖକରଣ; 2. ଉଲ୍ଲେଖନ, ଉତ୍ଥିତପ୍ରସ୍ତାବ, ସଙ୍କେତବାକ୍ୟ।—*v.t.* 1. ଉଲ୍ଲେଖ-କ; 2. ଉତ୍ଥିତପ୍ରସ୍ତାବ-କ, ପ୍ରସଙ୍ଗ-କ, ସଙ୍କେତବାକ୍ୟ କହିବା; 3. ନାମ ପ୍ରକାଶ-କ।

**Mentionable**, *a.* ଉଲ୍ଲେଖ ଯୋଗ୍ୟ।

**Mentor**, *n.* ବୁଦ୍ଧିମାନ ଗୁରୁ, ବୟୋଧିକ ପରାମର୍ଶକ।

**Mentorial**, *a.* *men-to'rial*, ପରାମର୍ଶଯୁକ୍ତ, ଚେତନାଦାୟକ।

**Mentum**, *n.* ଚିବୁକ, (ବିଶେଷରେ କୀଟର ଚିବୁକ।)

**Menu**, *n.* ଭୋଜ ଦ୍ରବ୍ୟର ତାଲିକା।

**Mephistopheles**, *n.* *mef'is-tof'e-lez*, ଜୁନ ବିଶେଷ ବାକ୍ୟରେ ଉଲ୍ଲିଖିତ ପାପାସୁର ଏକ ନାମ।

**Mephistophelian**, *a.* ଦୁଷ୍ଟ, ଉପହାସକାରୀ, ଦ୍ୱେଷୀ।

**Mephitic, Mephitical**, *a.* *me-fit'ic, me-fit'-ical*, ଦୁର୍ଗନ୍ଧ, ମାରାତ୍ମକ, ଦୁର୍ଗନ୍ଧଯୁକ୍ତ, ପ୍ରାଣନାଶକ।

**Mephitis, Mephitism**, *n.* ଭୂମି ବା କ୍ଷୟପ୍ରାପ୍ତ ଜିନିଷରୁ ଉତ୍ପନ୍ନ ଘାତକ ବାଷ୍ପ।

**Mercantile**, *a.* 1. ବଣିକଗଣ ସମ୍ବନ୍ଧୀୟ; 2. ବାଣିଜ୍ୟ ବିଷୟକ; 3. ସୌଦାଗରୀ। –Mercantile agency, ସମ୍ବାଦ ଦେଶର ବଣିକମାନଙ୍କ ସାମର୍ଥ୍ୟ ବିଷୟ ବୋଧାର୍ଥେ ବିକ୍ରେତାମାନଙ୍କ ମଧ୍ୟରେ ଏକ ସଂଘବିଶେଷ। Mercantile law, ବଣିକମାନଙ୍କ ଉପଯୋଗୀ ଆଇନ। Mercantile marine, ବାଣିଜ୍ୟରେ ବ୍ୟବହୃତ କୌଣସି ଦେଶର ଜାହାଜମାନ ଓ ତହିଁର ନାବିକସମୂହ। Mercantile system, ଯିବା ଧନଠାରୁ ଆସିବା ଧନ ଯେମନ୍ତ ବେଶି ହେବ ଏଥିପାଇଁ ରପ୍ତାନି ଅଧିକ ଓ ଆମଦାନି ନ୍ୟୂନ କରିବା ମତ।

**Mercator's projection**, see **Projection.**

**Mercenary**, *a.* *mer'se-nar-i*, 1. ଧନଲୋଭୀ, ଅର୍ଥପ୍ରିୟ, ବେତନାପେକ୍ଷୀ; 2. ବେତନଗ୍ରାହୀ, ଠିକା; 3. ଧନାର୍ଥେ କୃତ।—*n.* ବେତନାପେକ୍ଷୀ ଦାସ, ଠିକା ସିପାହୀ।

**Mercenarily**, *ad.* ବେତନଗ୍ରାହୀରୂପେ।

**Mercer**, *n.* ପଟ୍ଟବସ୍ତ୍ରାଦିର ବ୍ୟାପାରୀ, ରେଶମ ଲୁଗାବିକେତା।

**Mercery**, *n.* 1. ପଟ୍ଟବସ୍ତ୍ରାଦିର ବ୍ୟାପାର; 2. ବିକ୍ରୟାର୍ଥ ପଟ୍ଟବସ୍ତ୍ରାଦି।

**Merchandise**, *n.* ଲାଭ ପାଇଁ କିଣାବିକା ପଦାର୍ଥ, ବାଣିଜ୍ୟ ଦ୍ରବ୍ୟ।

**Marchant**, *n.* 1. ମହାଜନ, ବଣିକ; 2 ବ୍ୟାପାରୀ; 3. ବାଣିଜ୍ୟକାରୀ।—*a.* 1. ବଣିକଗଣ ସମ୍ବନ୍ଧୀୟ; 2. ବାଣିଜ୍ୟ ଦ୍ରବ୍ୟବିଷୟକ; 3. ବାଣିଜ୍ୟୋପଯୋଗୀ।

**Merchantable**, *a.* ବାଣିଜ୍ୟଯୋଗ୍ୟ, ବିକ୍ରେୟ।

**Merchantman**, *n.* ବାଣିଜ୍ୟ ଜାହାଜ।

**Merchant service**, 1. ବାଣିଜ୍ୟରେ ବ୍ୟବହୃତ ଜାହାଜସମୂହ; 2. ସାମୁଦ୍ରିକ ବାଣିଜ୍ୟ।

**Merchantry**, *n.* 1. ବଣିକକୁଳ; 2. ବାଣିଜ୍ୟବୃତ୍ତି।

**Merciful**, *a.* ଦୟାଳୁ, ସଦୟ, କରୁଣାମୟ, କୃପାବାନ୍।

**Mercifully**, *ad.* ଦୟାପୂର୍ବକ।

**Mercifulness**, *n.* ଦୟାଭାବ, ସଦୟତା।

**Merciless**, *a.* ନିର୍ଦ୍ଦୟ, କୃପାହୀନ, ନିଷ୍ଠୁର।

**Mercilessly**, *ad.* ନିର୍ଦ୍ଦୟଭାବେ, ନିଷ୍ଠୁରଭାବେ।

**Mercilessness**, *n.* ନିର୍ଦ୍ଦୟତା, ନିଷ୍ଠୁରତା।

**Mercury**, *n.* 1. ରୋମୀୟମାନଙ୍କ ମଧ୍ୟରେ ବାଣିଜ୍ୟ ଓ ବାକପଟୁତାର ଦେବତା ପୁଣି ଦେବଗଣର ଦୂତ; 2. ବୁଧଗ୍ରହ, ସୂର୍ଯ୍ୟର ଅତିନିକଟବର୍ତ୍ତୀ ଗ୍ରହ; 3. ପାରା, ପାରଦ, ରସେନ୍ଦ୍ର; 4. ତାପମାନ ବା ବାୟୁମାନ ଯନ୍ତ୍ରର ପାରଦ; 5. ବାର୍ତ୍ତାବାହକ, ଦୂତ; 6. ସମ୍ବାଦପତ୍ର, ଖବରକାଗଜ।

**Mercurial**, *a.* 1. ମର୍କ୍ୟୁରି ନାମକ ରୋମୀୟ ଦେବତା ସମ୍ବନ୍ଧୀୟ; 2. ଚଞ୍ଚଳ, ସଚେତ, ପରିବର୍ତ୍ତନଶୀଳ; 3. ପାରଦନିର୍ମିତ, ରସେନ୍ଦ୍ରରୁ ଜାତ।

**Mercuric**, *a.* ପାରଦମୟ, ରସେନ୍ଦ୍ରପୂର୍ଣ୍ଣ।

**Mercurially**, *od.* 1. ସଚେତରୂପେ; 2. ପାରଦରେ

**Mercy**, *n.* 1. ଦୋଷୀ ପ୍ରତି ଦୟା; 2. କ୍ଷମାଶୀଳ ସ୍ୱଭାବ; 3. ଦୟା, କୃପା; 4. ଅନୁଗ୍ରହ; 5. କରୁଣା।—At the mercy of, ଅଧୀନରେ। Mercy seat 1. ଯିହୁଦୀ ଲୋକଙ୍କ ପବିତ୍ର ସିନ୍ଦୁକର ଉପରଭାଗ, ପାପାଚ୍ଛାଦକ; 2. ଦୟାସିଂହାସନ। Sisters of mercy, ପୀଡ଼ିତାଦିମାନଙ୍କ ସେବାର୍ଥେ ଏକଧର୍ମାବଲମ୍ବୀ ସ୍ତ୍ରୀଦଳ।

**Mere**, (1) *n.* ହ୍ରଦ, ଡିହ୍ଲିବା, ଜଳାଶୟ।

**Mere**, (2) *n.* ସୀମା।—*v.t.* ସୀମାବଦ୍ଧ-କ।

**Mere**, (3) *a.* ମାତ୍ର, ସିନା।

**Merely**, *ad.* ଖାଲି, ଏତେମାତ୍ର, କେବଳ।

**Meretricious**, *a.* 1. କୁଳଟା ସମ୍ବନ୍ଧୀୟ; 2. ମିଥ୍ୟାଡମ୍ବରରେ ଆକର୍ଷକ; 3. ରଙ୍ଗିଲ।

**Meretrix**, *n.* ବେଶ୍ୟା, କୁଳଟା।

**Merganser**, *n.* ଉପର ଥଣ୍ଟରେ କରତ ପରି ଦାନ୍ତ ଥିବା ଏକ ପ୍ରକାର ସାମୁଦ୍ରିକ ବତକ।

**Merge**, *v.t.* *merj*, (with *in* or *into*) ମଗ୍ନ-କ, ଗ୍ରାସ-କ।—*v.i.* ମିଶିବା, ମଗ୍ନ-ହେ, ଲୀନ-ହେ।

**Mericarp**, *n.* ଛତ୍ରାକୃତି ପୁଷ୍ପସ୍ତବକଯୁକ୍ତ ଗଛର ଫଳର ଗୋଟିଏ ଅଂଶ।

**Meridian**, *a.* 1. ମଧ୍ୟାହ୍ନ ସମ୍ବନ୍ଧୀୟ; 2. ମଧ୍ୟାହ୍ନ ସୂର୍ଯ୍ୟ ସ୍ଥଳସ୍ଥିତ; 3 ମଧ୍ୟାହ୍ନ ରେଖା ସମ୍ବନ୍ଧୀୟ; 4. ସର୍ବୋଚ୍ଚ, ମସ୍ତକୋପରିସ୍ଥିତ।—*n.* 1. ମଧ୍ୟାହ୍ନ, ଦୁଇ ପ୍ରହରବେଳ; 2. ସର୍ବୋଚ୍ଚ ସ୍ଥାନ, ଅତିଶୟ ପରାକ୍ରମ ବା ଗୌରବକାଳ; 3. (*Geog.*) କୌଣସି ସ୍ଥାନ ଦେଇ କେନ୍ଦ୍ର ମଧ୍ୟଗମନକାରୀ ପୃଥିବୀ ଉପରସ୍ଥ କଳ୍ପିତ ବୃତ୍ତ; 4. (*Astron.*) ମଧ୍ୟାହ୍ନ ରେଖା ଅର୍ଥାତ୍ ଦର୍ଶକ ମସ୍ତକୋପରିସ୍ଥ ସ୍ଥାନ ଦେଇ ଆକାଶମଣ୍ଡଳର କେନ୍ଦ୍ର ମଧ୍ୟଗମନକାରୀ କଳ୍ପିତ ବୃତ୍ତ ଯାହା ମଧ୍ୟାହ୍ନ ସମୟରେ ସୂର୍ଯ୍ୟକୁ ଅତିକ୍ରମ କରେ।

**Meridional**, *a.* 1. ମଧ୍ୟାହ୍ନ ରେଖା ସମ୍ବନ୍ଧୀୟ; 2. ଦକ୍ଷିଣଦିଗସ୍ଥ; 3. ଦକ୍ଷିଣାଭିମୁଖ।

**Meringue**, *n.* *me-rang'*, ମିଠାଇ ଆଦି ଶୋଭିତ କରିବା ପାଇଁ ଲଗାହେବା ଚିନି ଓ ଅଣ୍ଡାର ଶୁକ୍ଳାଂଶ ମିଶ୍ରିତ ପଦାର୍ଥ।

**Merino**, *n*. 1. ଆଦ୍ୟରେ ସ୍ପେନଦେଶଜାତ ପାଟ ପରି ସୂକ୍ଷ୍ମ ଲୋମବିଶିଷ୍ଟ ଏକପ୍ରକାର ମେଷ; 2. ସ୍ତ୍ରୀମାନଙ୍କ ବ୍ୟବହାରୋପଯୋଗୀ ସୂକ୍ଷ୍ମ ଲୋମରେ ପ୍ରସ୍ତୁତ ବସ୍ତ୍ର ବିଶେଷ ।—*a*. ପାଟପରି ସୂକ୍ଷ୍ମ ଲୋମବିଶିଷ୍ଟ ଏକପ୍ରକାର ମେଷ ବା ତହିଁର ଲୋମ ସମ୍ବନ୍ଧୀୟ ।

**Merit**, *n*. 1. (ପୁରସ୍କାର ବା ଦଣ୍ଡର) ଯୋଗ୍ୟତା; 2. ଗୁଣ; 3. ପୁଣ୍ୟ; 4. ଉପାର୍ଜିତ କୌଣସି ବିଷୟ । *pl*. (*Law*) ଆଇନ ନିର୍ଲକ୍ଷ୍ୟରେ ମକଦମାର ନ୍ୟାଯ୍ୟାନ୍ୟାୟ ।—*v.t.* ଉପାର୍ଜନ-କ, ପୁରସ୍କାର ପ୍ରାପ୍ତିର ଦାବୀ ରଖ-କ, ଯୋଗ୍ୟତା ଲଭିବା ।—*v.i.* ଉପଯୁକ୍ତ-ହେ ।—Order of merit, ଯୋଗ୍ୟତାନୁସାରେ ଶ୍ରେଣୀର କ୍ରମିକ ସ୍ଥାନ ।

**Meritorious**, *a*. 1. ଯୋଗ୍ୟତାବନ୍ତ, ପୁଣ୍ୟବନ୍ତ; 2. ପୁରସ୍କାର ବା ମର୍ଯ୍ୟାଦାଯୋଗ୍ୟ, ପ୍ରଶଂସନୀୟ ।

**Meritoriously**, *ad*. ପ୍ରଶଂସନୀୟରୂପେ, ପୁଣ୍ୟବନ୍ତ-ଭାବେ ।

**Meritoriousness**, *n* ପ୍ରଶଂସନୀୟତା, ପୁଣ୍ୟବନ୍ତତ୍ୱ ।

**Merlin**, *n*. ପାଶ୍ଚାତ୍ୟ ଦେଶର ଏକ ପ୍ରକାର କ୍ଷୁଦ୍ର ଶ୍ୟେନ ।

**Merling**, *n*. ଭକ୍ଷଣୀୟ ଏକ ପ୍ରକାର ସାମୁଦ୍ରିକ କ୍ଷୁଦ୍ର ମାଛ ।

**Merlon**, *n*. ତୋପ ମାରିବା ନିମନ୍ତେ ଦୁର୍ଗପ୍ରାଚୀରରେ ଥିବା ପ୍ରତି ଦୁଇ ଛିଦ୍ର ମଧ୍ୟବର୍ତ୍ତୀ କାନ୍ଥର ଅଂଶ ।

**Mermaid**, *n*. ଗଳ୍ପ କଥାରେ ଅର୍ଦ୍ଧ ସ୍ତ୍ରୀ ଓ ଅର୍ଦ୍ଧ ମତ୍ସ୍ୟ ଅର୍ଥାତ୍ କଟି ପର୍ଯ୍ୟନ୍ତ ନାରୀବେଶବିଶିଷ୍ଟ ସ୍ୱରୂପ ସ୍ତ୍ରୀ ପୁଣି ନିମ୍ନାଂଶ ମତ୍ସ୍ୟପୁଚ୍ଛଯୁକ୍ତ କଳ୍ପିତ ସମୁଦ୍ର ଜନ୍ତୁ ।—Mermaids'-glove, ଇଂଲଣ୍ଡୀୟ ସର୍ବାପେକ୍ଷା ବୃହତ୍ ସ୍ପଞ୍ଜ ।

**Merman**, *n*. ଅର୍ଦ୍ଧ ପୁରୁଷ ଓ ଅର୍ଦ୍ଧ ମତ୍ସ୍ୟାକାର କଳ୍ପିତ ସାମୁଦ୍ରିକ ଜନ୍ତୁ ।

**Merrily**, *ad*. ହର୍ଷଚିତ୍ତରେ, ପ୍ରଫୁଲ୍ଲରୂପେ, ଆମୋଦ-ପୂର୍ବକ ।

**Merriment, Merriness**, *n*. କୌତୁକ, ପ୍ରଫୁଲ୍ଲତା, ରସିକତା ।

**Merry**, *a*. 1. ହାସ୍ୟପ୍ରିୟ, କୁତୂହଳୀ, ରସିକ, ପ୍ରଫୁଲ୍ଲ; 2. ଆମୋଦକର; 3. ହୃଷ୍ଟଚିତ୍ତ; 4. ଆହ୍ଲାଦଦାୟକ, ଉଲ୍ଲାସଜନକ ।—To make merry, ଆମୋଦ-ପ୍ରମୋଦ-କ, ଖେଳ ହାସ ଆନନ୍ଦ-କ ।

**Merry-andrew, Merry-man**, *n*. ମସ୍କରା, କୌତୁକୀ, ହାସ୍ୟକାରୀ ।

**Merry-go-round**, *n*. ମେଳାଦିରେ କୌତୁକ ନିମନ୍ତେ ପିଲାମାନଙ୍କ ଚଢ଼ିବା ପାଇଁ କେତେକ କାଠଘୋଡ଼ା ଝୁଲୁଥିବା ଘୂରୁଥିବା ଯନ୍ତ୍ର ବିଶେଷ । [ଖେଳ ।

**Merry-making**, *n*. ହର୍ଷଯୁକ୍ତ ଉତ୍ସବ, ଆନନ୍ଦୋତ୍ସବ

**Merry-thought**, *n*. କୁକ୍କୁଟର ଦ୍ୱିଶାଖାବିଶିଷ୍ଟ ବକ୍ଷାସ୍ଥି ।

**Mésalliance**, *n*. ଇତର ଲୋକ ସହିତ ବିବାହ । [ହୁଏ ।

**Meseems**, *v. impers*. ବୋଧ ହୁଏ, ମୋତେ ଏପରି

**Mesenteric**, *a. mes'en-ter'ic*, ଅନ୍ତ୍ର ସ୍ଥାନରେ ରଖିଥିବା ସୂକ୍ଷ୍ମ ଚର୍ମସମ୍ବନ୍ଧୀୟ ।

**Mesentery**, *n*. ତଳପେଟରେ ଅନ୍ତ୍ର ସ୍ଥାନରେ ରଖିଥିବା ମେରୁଦଣ୍ଡରେ ସଂଲଗ୍ନ ସୂକ୍ଷ୍ମ ଚର୍ମ ।

**Mesh**, *n*. 1. ଜାଲର ଛିଦ୍ର, ଲୁହା ଜାଲିର ଫାଙ୍କ; 2. ଜାଲକର୍ମ; 3. ଫାନ୍ଦ ।—*v.t.* 1. ଜାଲ ବୁଣିବା; 2. ଜାଲରେ ଧରିବା; 3. ଛନ୍ଦ-କ ।—*v.i.* ଛନ୍ଦାଛନ୍ଦି-ହେ ।

**Mesmeric, Mesmerical**, କୃତ୍ରିମ ନିଦ୍ରାବସ୍ଥା ଜନ୍ମାଇବା ସମ୍ବନ୍ଧୀୟ ।

**Mesmerise**, *v.t.* 1. କୌଣସି ଲୋକର ଅଙ୍ଗୁଳିରେ ଚେତନ୍ୟ ନଷ୍ଟ ନ କରି ତାହାକୁ କର୍ମକର୍ତ୍ତାର ଇଚ୍ଛାଧୀନରେ ରଖି ବାହ୍ୟ ବିଷୟ ପ୍ରତି ଏକ ପ୍ରକାର କୃତ୍ରିମ ନିଦ୍ରାବସ୍ଥା ଜନ୍ମାଇବା; 2. ମୋହ-କ ।

**Mesmerism**, *n*. 1 ଉପରୋକ୍ତ କୃତ୍ରିମ ନିଦ୍ରାବସ୍ଥା ଜନ୍ମାଇବା କ୍ରିୟା; 2. ଉକ୍ତ କୃତ୍ରିମ ନିଦ୍ରାବସ୍ଥା ଜନ୍ମାଇବା ବ୍ୟକ୍ତିର ଗୁଣ ବା ଶକ୍ତି ।

**Mesmerist**, *n*. ଯେ ଉକ୍ତ କୃତ୍ରିମ ନିଦ୍ରାବସ୍ଥା ଜନ୍ମାଏ ।

**Mesne**, *a*. ମଧ୍ୟମ ।

**Mesne lord**, *n*. ପୂର୍ବକାଳୀନ ଇଂଲଣ୍ଡୀୟ ଜମିଦାର ଓ ରୟତର ମଧ୍ୟବର୍ତ୍ତୀ ପଟ୍ଟାଦାର ।

**Mesocolon**, *n*. ମଧ୍ୟମ ଅନ୍ତ୍ର ଓ ଅଭ୍ୟନ୍ତରିକ ଗହ୍ୱରାବରଣ ସହିତ ସଂଲଗ୍ନ ସୂକ୍ଷ୍ମ ଚର୍ମ ।

**Mesogastric**, *a*. ମଧ୍ୟୋଦରସ୍ଥ ବା ତତ୍ ସମ୍ବନ୍ଧୀୟ ।

**Mess**, (1) *n*. 1. ଅସ୍ୱାଦୁକର ବା ଦୃଷ୍ଟିରେ ଅପସନ୍ଦ ଦ୍ରବ୍ୟ ମିଶ୍ରଣ; 2. ନାନା ଦ୍ରବ୍ୟର ମିଶ୍ରଣ; 3. ବିଶୃଙ୍ଖଳା; 4. ମଇଳାରେ ଅସ୍ତବ୍ୟସ୍ତ ।—*v.t.* 1. ଲଣ୍ଡଭଣ୍ଡରେ ମିଶାଇବା; 2. ମଳିନ-କ; 3. ଗୋଳମାଳିଆ-କ, ଅସ୍ତବ୍ୟସ୍ତ-କ ।—To make a mess of ବିଗାଡ଼ିବା ।

**Mess**, (2) *n*. 1. ଏକ ଥାଳୀ ଅନ୍ନାଦି; 2. ଧାସମରେ ଏକତ୍ର ଭୋଜନକାରୀ ସଙ୍ଗୀ ଦଳ; 3. ଥରକେ ଜାଲରେ ଧରା ମାଛ ।—*v.t.* 1. ଘୋଡ଼ାଦିକୁ ଦାନା-ଦେ; 2. ଧାସମରେ ଲୋକ ଯୋଗାଇବା ।—*v.i.* ଧାସମରେ ଏକତ୍ର ଭୋଜନକାରୀ ସଙ୍ଗୀ ଦଳ ସହିତ ଆହାର-କ, ଏକାଠି ଭୋଜନ-କ ।

**Message**, *n*. 1. ପ୍ରେରିତ ସମ୍ବାଦ, ସମାଚାର; 2. ତାର-ଖବର; 3. ପଦସ୍ଥ ବ୍ୟକ୍ତିଙ୍କ ଦ୍ୱାରା ଧାସମତ ପ୍ରେରିତ ସର୍କାରୀ କାର୍ଯ୍ୟ ।

**Messenger**, *n*. 1. ସନ୍ଦେଶହର, ବାର୍ତ୍ତାବାହକ, ଦୂତ; 2. ଚାକର; 3. ସୂଚନାକାରୀ ଅଗ୍ରଗାମୀ ବିଷୟ ଯଥା ତୋଫାନ ଦର୍ଶାଇବା ଅଗ୍ରଗାମୀ ମେଘ; 4. ଉଡ଼ନ୍ତା ଘୁଡ଼ିକୁ କାଗଜପତ୍ର ନେଇଯିବା ପାଇଁ ଦଉଡ଼ିରେ ପ୍ରେରିତ କାଗଜଖଣ୍ଡ ।—Queen's or King's messenger, ରାଣୀ ବା ରାଜାଙ୍କ ସର୍କାରୀ ବାର୍ତ୍ତାବାହକ କର୍ମଚାରୀ ।

**Messiah, Messias**, *n*. ଅଭିଷିକ୍ତ ଏ ଶବ୍ଦ, (*Heb.*) ମଶୀହ, (*Grk.*) ଖ୍ରୀଷ୍ଟ ।

**Messiahship**, *n*. ମଶୀହଙ୍କ ପଦ ବା କ୍ଷମତା, ଅଭିଷିକ୍ତ ତ୍ରାଣକର୍ତ୍ତାଙ୍କ ପଦରେ ଖ୍ରୀଷ୍ଟଙ୍କ ସ୍ୱଭାବ ଓ ବାଣୀ ।

**Messianic**, *a*. ମଶୀହସମ୍ବନ୍ଧୀୟ ।

**Messieurs**, *me-sye'*, (*pl.*) of *Monsieur*, (abbreviated form *Messrs.*)

**Messmate**, *n*. ସହଭୋଜୀ, ଏକାଠି ଭୋଜନକାରୀ ।

**Messuage**, *n*. (*Law*) ଭୂମିବାଡ଼ି ସଂଯୁକ୍ତ ବାସଗୃହ ।

**Met**, *pret*. and *pa. p*. of Meet.

**Metabolism**, *n*. 1. ଜୀବିତ ଉପାଦାନର ରାସାୟନିକ ପରିବର୍ତ୍ତନ; 2. ରୂପାନ୍ତର ।

**Metacarpal**, *a.* ମଣିବନ୍ଧ ଓ ଅଙ୍ଗୁଳି ମଧ୍ୟସ୍ଥ ଅସ୍ଥି ସମ୍ବନ୍ଧୀୟ ।—*n.* ମଣିବନ୍ଧ ଓ ଅଙ୍ଗୁଳି ମଧ୍ୟସ୍ଥ ପଞ୍ଚାସ୍ଥିର କୌଣସି ଅସ୍ଥି ।

**Metacarpus**, *n.* 1. ମଣିବନ୍ଧ ଓ ଅଙ୍ଗୁଳି ମଧ୍ୟସ୍ଥ ପଞ୍ଚାସ୍ଥି; 2. ଘୋଡାର ଅଗଗୋଡ ଆଣ୍ଠୁ ଓ ଖୁରଗଣ୍ଠି ମଧ୍ୟସ୍ଥ ଅସ୍ଥି ।

**Metachrosis**, *n.* କଣ୍ଟୁରୂପାପରି ବର୍ଣ୍ଣ ପରିବର୍ତ୍ତନକରଣ ।

**Metage**, *n.* 1. କୋଇଲା ମାପକରଣ ; 2. କୋଇଲା ମାପ କରିବା ମୂଲ୍ୟ ; 3. ପବ୍ବକାଳରେ ନଗରକୁ ଜଳରେ ଆଣୀତ କୋଇଲାଦିର ପରିମାଣାନୁଯାୟୀ ମାଶୁଲ ।

**Metal**, *n.* 1. ଧାତୁ, ସୁନା ରୂପାଦି ଖନିଜ ପଦାର୍ଥ ; 2. ସ୍ୱାଭାବିକ ଗୁଣ ; 3. ସଡକ ପାଇଁ ଭଙ୍ଗା ପଥର ; 4. in *pl.* ଯେଉଁ ଲୁହାଖଣ୍ଡ ଉପରେ ରେଲ୍ ଗାଡ଼ି ଚଳେ ।—*v.t.* ସଡକରେ ଭଙ୍ଗା ପଥର ପକାଇବା ।—Base metals, ଶୀସା, ଦସ୍ତା, ତମ୍ବା ଓ ଲୁହା ଧାତୁମାନ । Noble or perfect metals, ସ୍ୱର୍ଣ୍ଣ, ରୌପ୍ୟ ଓ ପ୍ଲାଟିନମ୍ ନାମକ ଧାତୁମାନ ।

**Metalepsis**, *n.* ଦ୍ୱିଅର୍ଥ ବୋଧକ ପଦ ପ୍ରୟୋଗଜାତ ଶବ୍ଦାଳଙ୍କାର ।

**Metalled**, *a.* ଭଙ୍ଗା ପଥରରେ ପ୍ରସ୍ତୁତ ।

**Metallic**, *a.* *met-al'ic*, 1. ଧାତୁ ସମ୍ବନ୍ଧୀୟ ; 2. ଧାତୁ ପରି ; 3. ଧାତୁମୟ, ଧାତୁନିର୍ମିତ ।—Metallic oxide. କୌଣସି ଧାତୁ ସହିତ ଅମ୍ଳଜାନ ବାଷ୍ପ ସଂଯୁକ୍ତ ଯୌଗିକ ପଦାର୍ଥ । Metallic salts, ଉପାଦାନସ୍ୱରୂପ ଧାତୁ ବା ଧାତୁ ସହିତ ଅମ୍ଳଜାନ ବାଷ୍ପ ସଂଯୁକ୍ତ ଯୌଗିକ ପଦାର୍ଥରୁ ଜାତ କ୍ଷାର ।

**Metallically**, *ad.* ଧାତୁ ଦ୍ୱାରା ।

**Metalliferous**, *a.* *met'al-if'er-us*, ଧାତୁ ଉତ୍ପାଦକ ।

**Metalliform**, *a.* *met-al'i-form*, ଧାତୁରୂପ, ଧାତୁ ଆକାର, ଧାତୁବତ୍ ।

**Metalline**, *a.* ଧାତୁ ବିଷୟକ, ଧାତୁନିର୍ମିତ, ଧାତୁବିଶିଷ୍ଟ ।

**Metalling**, *n.* ସଡକରେ ପକାଇବା ଭଙ୍ଗା ପଥର ।

**Metallise**, *v.t.* 1. ଧାତୁ-କ ; 2. ଧାତୁ ଧର୍ମକ-କ ; 3. ଧାତୁମୟ-କ ।

**Metallist**, *n.* 1. ଧାତୁକର୍ମକାରୀ ; 2. ଧାତୁବ୍ୟବସାୟୀ; 3. ସର୍ବଦା ନୋଟ କାଗଜ ବଦଳେ ଧାତୁ ମୁଦ୍ରା ବ୍ୟବହାର କରିବା ମତର ପକ୍ଷସମର୍ଥକ ।

**Metalloid**, *n.* କେତେ ବିଷୟରେ ଧାତୁ ପରି କିନ୍ତୁ ଯାହା ଧାତୁ ନୁହେ ଏମନ୍ତ ମୌଳିକ ପଦାର୍ଥ, ଯଥା ; ହରିତାଳ ଓ ସୁରମା ।

**Metallophone**, *n.* ଲମ୍ବରେ କ୍ରମିକ ସାନ କେତେକ ଧାତୁଖଣ୍ଡଯୁକ୍ତ କାଠିରେ ବଜାଯିବା ବାଜାବିଶେଷ ।

**Metallurgist**, *n.* 1. ଧାତୁବିଜ୍ଞାନବେତ୍ତା ; 2. ଖନିଜ ଧାତୁ ପରିଷ୍କାରକରଣ ବିଦ୍ୟାରେ ସେ ନିପୁଣ ।

**Metallurgy**, *n.* *met'al-ur-ji*, 1. ଧାତୁ ବିଜ୍ଞାନ ; 2. ଖନିଜ ଧାତୁ ପରିଷ୍କାରକରଣ ବିଦ୍ୟା ।

**Metamorphic**, *a* *met-a-mor'fik*, ଅଦ୍ଭୁତ ପରିବର୍ତ୍ତନୀୟ. ରୂପାନ୍ତର ଯୋଗ୍ୟ । [ରୂପବର୍ତ୍ତୀ ।

**Metamorphism**, *n.* ଅଦ୍ଭୁତ ପରିବର୍ତ୍ତନୀୟତା, ରୂପାନ୍ତର ।

**Metamorphist**, *n.* ପ୍ରଭୁଭୋଜନ ଉତ୍ସବରେ ଖ୍ରୀଷ୍ଟଙ୍କ ଶରୀର ଯେ ପରମେଶ୍ୱରଙ୍କଠାରେ ଲୀନ ହୋଇ ଏହି ମତରେ ବିଶ୍ୱାସକାରୀ । [-କ ।

**Metamorphose**, *v.t.* ଅଦ୍ଭୁତ ପରିବର୍ତ୍ତନ-କ, ରୂପାନ୍ତର

**Metamorphosis**, *n.* 1. ଆକାର ପରିବର୍ତ୍ତନ, ରୂପାନ୍ତର; 2. ଉପକଥା ଅନୁସାରେ ମନୁଷ୍ୟର ପଶୁ ପକ୍ଷୀ ଓ ଗଛାଦିର ମୂର୍ତ୍ତିଧାରଣ ; 3. କୀଟ ପ୍ରଜାପତି ହେବା ଓ ବେଙ୍ଗଛୁଆ ବେଙ୍ଗ ହେବା ସଦୃଶ ଜୀବନ୍ତ ପ୍ରାଣୀର କୌଣସି ବିଶେଷ ପରିବର୍ତ୍ତନ ।

**Metaphor**, *n.* ରୂପକ, ଦୃଷ୍ଟାନ୍ତ, ବାକ୍ୟାଳଙ୍କାର ବିଶେଷ ।—Mixed metaphor, 1. ଅଳଙ୍କୃତ ବାକ୍ୟରେ ଦୁଇ ବା ତତୋଧିକ ବ୍ୟବହୃତ ଅସଙ୍ଗତ ରୂପକ ; 2. ଏକ ବାକ୍ୟରେ ରୂପକ ସଙ୍ଗେ ଅନଳଙ୍କୃତ ଭାଷାର ଅନୁପଯୁକ୍ତ ମିଶ୍ରଣ ।

**Metaphoric, Metaphorical**, *a.* 1. ରୂପକ ସମ୍ବନ୍ଧୀୟ ; 2. ଦୃଷ୍ଟାନ୍ତମୟ ; 3. ପ୍ରତିରୂପକ, ଅଳଙ୍କୃତ, ନିଦର୍ଶନୀୟ ।

**Metaphorically**, *ad.* ରୂପକପୂର୍ବକ, ଅଳଙ୍କାରିକଭାବେ ।

**Metaphrase**, *n.* 1. ଅକ୍ଷରଶଃ ଭର୍ଜମା, ପଦେ ଭାଷାନ୍ତରକରଣ ; 2. ଚତୁର ଓ ହଠାତ୍ ପ୍ରତ୍ୟୁତ୍ତର ; 3. ଏକ ଭାଷାରେ ଗଦ୍ୟକୁ ପଦ୍ୟାକାର ବା ପଦ୍ୟକୁ ଗଦ୍ୟାକାରକରଣ ।

**Metaphysical**, *a.* 1. ବସ୍ତୁ ଓ ମାନସିକବୋଧର ମୂଳତତ୍ତ୍ୱ ବିଦ୍ୟା ସମ୍ବନ୍ଧୀୟ ; 2. ପ୍ରକୃତିର ବିଜ୍ଞାନାନୁଗତ ; 3. ବିବେକଶାସ୍ତ୍ରୀୟ; 4. କେବଳ ମନରେ ସ୍ଥାୟୀ ।

**Metaphysically**, *ad.* ପ୍ରକୃତିର ବିଜ୍ଞାନାନୁସାରେ, ଦର୍ଶନଶାସ୍ତ୍ରକରୂପେ ।

**Metaphysician**, *n.* ବସ୍ତୁ ଓ ମାନସିକବୋଧର ମୂଳତତ୍ତ୍ୱ ବିଦ୍ୟାବେତ୍ତା ।

**Metaphysics**, *n.* 1. ଦର୍ଶନ ଶାସ୍ତ୍ରର ଏକାଂଶ ; 2. ବସ୍ତୁ ଓ ମାନସିକ ବୋଧର ମୂଳତତ୍ତ୍ୱ ବିଦ୍ୟା ; 3. ପ୍ରକୃତିର ବିଜ୍ଞାନ ; ବିବେକ ଶାସ୍ତ୍ର ।

**Metastasis**, *n.* 1. ପରିବର୍ତ୍ତନ, ରୂପାନ୍ତର; 2. (*Med.*) ଶରୀର ମଧ୍ୟରେ ବିକାର ସ୍ଥାନାନ୍ତର; 3. (*Bot.*) ଜୀବିତ ଉଦ୍ଭିଦର ରାସାୟନିକ ପରିବର୍ତ୍ତନ ।

**Metatarsal**, *a.* ଗୁଲ୍ଫ ଓ ପାଦାଙ୍ଗୁଳିର ମଧ୍ୟଦେଶ ସମ୍ବନ୍ଧୀୟ ।

**Metatarsus**, *n.* ଗୁଲ୍ଫ ଓ ପାଦାଙ୍ଗୁଳିର ମଧ୍ୟଦେଶ ।

**Metathesis**, *n.* (*Gram.*) ଶବ୍ଦର ଅକ୍ଷର ପରିବର୍ତ୍ତନ ।

**Mete**, *v.t.* ମାପିବା, ମାପାନୁସାରେ ବାଣ୍ଟିବା ।

**Metempiric, Metempirical**, *a.* ଅନୁଭବରୁ ବହିର୍ଭୂତ, ପରୀକ୍ଷଣାତୀତ ।

**Metempsychosis**, *n.* ମୃତ୍ୟୁ ଉତ୍ତାରେ ଜୀବାତ୍ମା ଅନ୍ୟ ଶରୀରରେ ପ୍ରବେଶକରଣ. ଜୀବାତ୍ମାର ପୁନର୍ଜନ୍ମ ।

**Metensomatosis** *n.* ଶରୀରର ଉପାଦାନ ବିଶ୍ଳେଷଣ ଅନ୍ତେ ଅନ୍ୟ ଶରୀରାକାର ଧାରଣ ।

**Meteor**, *n.* ଉଲ୍କା. ଉଲ୍କାପିଣ୍ଡ, ଆକାଶରେ ହଠାତ୍ ଦୃଶ୍ୟ ଅଗ୍ନିମୟ ପଦାର୍ଥ ।

**Meteoric,** *a.* 1. ଉଲ୍କାସମ୍ବନ୍ଧୀୟ ; 2. ଉଲ୍କା ତୁଲ୍ୟ ; 3. କ୍ଷଣିକ ଅତ ତେଜସ୍ୱର ।—Meteoric showers, କାଳାନ୍ତରେ ଅସଂଖ୍ୟ ଉଲ୍କା ପାତ ।

**Meteorite,** *n.* ପତିତ ଉଲ୍କା, ଆକାଶରୁ ପତିତ ପ୍ରସ୍ତର ବା ଲୌହପିଣ୍ଡ ।

**Meteoroid,** *n.* ଆକାଶରେ ଭ୍ରମଣକାରୀ ଅସଂଖ୍ୟ ଜଡ଼ପିଣ୍ଡ ଯାହା ବାୟୁମଣ୍ଡଳରେ ତେଜସ୍ୱର ହେଲେ ଉଲ୍କା ବୋଲି ଯାଏ ।

**Meteorologic, Meteorological,** *a.* ଆକାଶବିଦ୍ୟା ସମ୍ବନ୍ଧୀୟ, ଉଲ୍କାବିଦ୍ୟା ସମ୍ବନ୍ଧୀୟ, ଶୀତୋଷ୍ଣ ବିଷୟକ ବିଦ୍ୟା ସମ୍ବନ୍ଧୀୟ ।

**Meteorologist,** *n.* ଆକାଶ ବା ଉଲ୍କାବିଦ୍ୟା ବେତ୍ତା, ଜଳବାୟୁ ବିଜ୍ଞାନଜ୍ଞ ।

**Meteorology,** *n.* ଆକାଶବିଦ୍ୟା, ଋତୁ ଓ ଜଳବାୟୁ ସମ୍ବନ୍ଧୀୟ ଜଡ଼ବିଜ୍ଞାନର ଏକାଂଶ ।

**Meter,** *n.* 1. ଫଳାଫଳ ଚିହ୍ନାଇବା ଦ୍ରବ୍ୟ ପରିମାପକ ଯନ୍ତ୍ର ; 2. ମାପକାରୀ ।—*v.t.* ପରିମାପକ ଯନ୍ତ୍ରରେ ମାପିବା । [ମାପିବା ମୂଲ୍ୟ ।

**Meterage,** *n.* 1. ମାପର ଫଳ ; 2. ମାପକରଣ ; 3.

**Metheglin,** *n.* ଜଳ ଓ ମହୁ ମିଶ୍ରିତ ଏକ ପ୍ରକାର ମଦ୍ୟ ।

**Methinks,** *v. impers.* ବୋଧ ହୁଏ, ମୋତେ ଦଶୁଛି ।

**Method,** *n.* 1. ଧାରା, ରୀତି ; 2. ପ୍ରଥା, ପଦ୍ଧତି ; 3. ପ୍ରକାର ; 4. କ୍ରମ, ଶୃଙ୍ଖଳା ; 5. ପ୍ରଣାଳୀ ; 6. ନିୟମ ; 7. ଶ୍ରେଣୀକ୍ରମ ; 8. ଶିକ୍ଷାର ଉପଯୋଗୀ ବ୍ୟବସ୍ଥାକର ପୁସ୍ତକ ।

**Methodic, Methodical,** *a.* ଧାରାନୁକ୍ରମିକ, ନିୟମିତ, ଯଥାବ୍ୟସ୍ଥ, ଶ୍ରେଣୀକ୍ରମିକ ।

**Methodically,** *ad.* ରୀତ୍ୟନୁସାରେ, ଧାରାମତେ, ଶୃଙ୍ଖଳାପୂର୍ବକ, ନିୟମିତରୂପେ । [ଶୃଙ୍ଖଳା-କ ।

**Methodise,** *v.t.* ନିୟମାନୁଗତ-କ, ଶ୍ରେଣୀକ୍ରମ-କ,

**Methodism,** *n.* ମେଥଡିଷ୍ଟ ମତାବଲମ୍ବୀମାନଙ୍କ ମୂଳଶିକ୍ଷା ଓ ଧର୍ମବିଧି ।

**Methodist,** *n.* 1. ନିୟମ ପାଳନକାରୀ ; 2. ଯନ ଉଏସଲି କର୍ତ୍ତୃକ ସ୍ଥାପିତ ଖ୍ରୀଷ୍ଟିୟାନ ମତର ଏକ ମତାବଲମ୍ବୀ ; 3. ଧର୍ମର ବ୍ୟବସ୍ଥାନରେ ନିଷ୍ଠାବାନ୍ ବ୍ୟକ୍ତି ।

**Methodistic, Methodistical,** *a.* 1, ମେଥଡିଷ୍ଟମାନଙ୍କ ପରି ; 2. ଧର୍ମର ବ୍ୟବସ୍ଥାନରେ ନିଷ୍ଠାବାନ୍ ।

**Methought,** *pret.* of Methinks.

**Methuselah,** *n.* 1. ୯୬୯ ବର୍ଷ ବଞ୍ଚିଥିବା ଜଣେ ପିତୃପୁରୁଷ (Gen. 5; 27); 2. କୌଣସି ଅତି ବୟୋବୃଦ୍ଧ ଲୋକ ।

**Methyl,** *n.* *meth'il,* (*Chem*) ବ ଶୁଦ୍ଧକର ଅନୁମାନଙ୍କ ମୂଳ ପଦାର୍ଥର ପତ୍ତ ନାମ ।

**Methylene,** *n.* ରୂପାନ୍ତର କାଷ୍ଠରୁ ପ୍ରସ୍ତୁତ ଅତି ଜ୍ୱଳନୀୟ ଓ କାଷ୍ଠବତ୍ ଉଦ୍ବାୟୀ ଦ୍ରବ୍ୟ ।

**Methylated spirit,** *n.* ବତି ଜଳାଇବା ପାଇଁ ଉତ୍ପାଦ କାର୍ଯ୍ୟରେ ବ୍ୟବହୃତ ନବାଂଶ ସୁରାସାର ଓ ଏକାଂଶ କାଷ୍ଠଜ ମିଶ୍ରିତ ଦ୍ରବ୍ୟ ।

**Metonymy,** *n.* ଅଳଙ୍କାର ଶାସ୍ତ୍ରରେ ନିର୍ଦ୍ଦିଷ୍ଟ ବିଷୟର ବଦଳେ ସମ୍ପର୍କୀୟ ବିଷୟର ନାମୋଲ୍ଲେଖ, ଯଥା : ରାଜାଙ୍କ ବଦଳେ ରାଜମୁକୁଟ, ବୃଦ୍ଧାବସ୍ଥା ବଦଳେ ପକ୍ୱକେଶ ।

**Metoposcopy,** *n.* ମୁଖମଣ୍ଡଳ ଦର୍ଶନରୁ ସ୍ୱଭାବନିର୍ଣ୍ଣୟକ ବିଦ୍ୟା, ସାମୁଦ୍ରିକ ବିଦ୍ୟା ।

**Metre,** (1) *n.* 1. କାବ୍ୟର ଛନ୍ଦ, ଚରଣ ; 2. ପଦ୍ୟ, କାବ୍ୟ ; 3. ସ୍ୱର ; 4. ତାଳ, ପଦପାତ ।—Common metre, ପ୍ରଥମ ଓ ତୃତୀୟ ଧାଡ଼ିରେ ଅଠ ପାଦ ପୁଣି ଦ୍ୱିତୀୟ ଓ ଚତୁର୍ଥ ଧାଡ଼ିରେ ଛଅ ପାଦ ଥିବା ଚାରି ଧାଡ଼ିଆ ପଦ୍ୟ । Long metre, ପ୍ରତ୍ୟେକ ଧାଡ଼ିରେ ଅଠ ପାଦ ଥିବା ଚାରି ଧାଡ଼ିଆ ପଦ୍ୟ । Short metre, ପ୍ରଥମ ଦ୍ୱିତୀୟ ଓ ଚତୁର୍ଥ ଧାଡ଼ିରେ ଛଅ ପାଦ ପୁଣି ତୃତୀୟ ଧାଡ଼ିରେ ଅଠ ପାଦ ଥିବା ଚାରି ଧାଡ଼ିଆ ପଦ୍ୟ ।

**Metre,** (2) *n.* ଫ୍ରାନ୍ସ ଦେଶର କଳ୍ପିତ ଦୈର୍ଘ୍ୟମାପର ମୌଳିକ ଅଂଶ, (୨୫୦ ମିଟର ପ୍ରାୟ ଏକ ମାଇଲ ସହିତ ସମାନ ଅଟେ ।) [ଗଠିତ, ପଦ୍ୟବିଶିଷ୍ଟ ।

**Metric, Metrical,** (1) *a.* ଛନ୍ଦ ସମ୍ବନ୍ଧୀୟ, ଶ୍ଳୋକ

**Metric, Metrical,** (2) *a.* ଫ୍ରାନ୍ସ ଦେଶର କଳ୍ପିତ ମାର୍ଗ ମାପାନୁଯାୟୀ, ଉକ୍ତ ମାପ ସମ୍ବନ୍ଧୀୟ । Metric system, ଫ୍ରାନ୍ସ ଦେଶର କଳ୍ପିତ ତୌଲ ଓ ମାପର ପ୍ରଣାଳୀ ।

**Metrics,** (1) *n.* ପଦ୍ୟ ରଚନା ବିଦ୍ୟା, ଛନ୍ଦ ଶାସ୍ତ୍ର ।

**Metrics,** (2) *n.* ମାପ ବିଜ୍ଞାନ ।

**Metrification,** *n.* ଛନ୍ଦୀକରଣ ।

**Metrograph,** *n.* ରେଲ୍ ଗାଡ଼ିର ଗତିସ୍ଥିତ ସ୍ଥିତିସ୍ଥାନ ଓ ସମୟ ଚିହ୍ନାଇବା ଯନ୍ତ୍ର ।

**Metrology,** *n.* ତୌଲ ଓ ମାପ ବିଦ୍ୟା । [ବିଶେଷ ।

**Metronome,** *n.* ବାଦ୍ୟରେ ବ୍ୟବହୃତ ତାଳ ଦେବା ଯନ୍ତ୍ର

**Metropolis,** *n.* 1. ରାଜଧାନୀ, ପ୍ରଧାନ ନଗର; 2. ପ୍ରାଚୀନକାଳୀନ ଗ୍ରୀକମାନଙ୍କ କୌଣସି ଉପନିବେଶର ଅଦି ନଗର ।

**Metropolitan,** *a.* 1. ରାଜଧାନୀ ସମ୍ପର୍କୀୟ ; 2. ମାତୃମଣ୍ଡଳୀ ସମ୍ବନ୍ଧୀୟ ।—*n.* ପ୍ରାଦେଶିକ ବେହର୍ତ୍ତମାନଙ୍କ ଉପରେ ନିଯୁକ୍ତ ରାଜଧାନୀର ମହା ଧର୍ମାଧ୍ୟକ୍ଷ, ପ୍ରଧାନ ଧର୍ମାଧ୍ୟକ୍ଷ ।

**Mettle,** *n.* 1. ପ୍ରକୃତି; 2. ଉତ୍ସାହପୂର୍ଣ୍ଣ ସ୍ୱଭାବ; 3. ତେଜ, ପ୍ରତାପ; 4. ସାହସ ।—To put one on his mettle, ଯଥାସାଧ୍ୟ ଯତ୍ନ କରିବା ପାଇଁ କାହାକୁ ଉତ୍ତେଜିତ-କ ।

**Mew,** (1) *n.* ସାମୁଦ୍ରିକ ପକ୍ଷୀ ବିଶେଷ ।

**Mew,** (2) *n.* ପିଞ୍ଜର ; (in *pl.*) ଘୋଡ଼ାଶାଳା ।—*v.t.* ପିଞ୍ଜରରେ ରଖିବା ।—*v.i.* ପକ୍ଷୀ ଝଡ଼ା ଦେବା ।

**Mew,** (3) *n.* ବିରାଡ଼ି ବୋବାଇବା ରବ ।—*v.i.* ବିରାଡ଼ି ପରି ବୋବାଇବା ।

**Mewl,** *v.t.* ଶିଶୁ ପରି କାନ୍ଦିବା ।

**Mezzatint, Mezzatinto,** *n.* 1. ଛବି ଛାପିବା ପାଇଁ ତମ୍ବାପଟ ଖୋଦିବା ଧାର ବିଶେଷ ; 2. ଉକ୍ତ ଧାରାନୁସାରେ ପ୍ରସ୍ତୁତ ତମ୍ବାପଟରୁ ଅଙ୍କିତ ଛବି ଯାହାର ଛାୟା କ୍ରମାନ୍ୱୟେ ଦଳାବର୍ଣ୍ଣ ଦେଖା ଯାଏ ।

**Miasma**, *n.* ପଚା ବା ସଡ଼ା ଦ୍ରବ୍ୟରୁ ନିର୍ଗତ ରୋଗଜନକ ବାଷ୍ପ ।

**Miasmal, Miasmatic, Miasmatous**, *a.* ପଚା ବା ସଡ଼ା ଦ୍ରବ୍ୟରୁ ନିର୍ଗତ ରୋଗଜନକ ବାଷ୍ପ ସମ୍ବନ୍ଧୀୟ, ଦୂଷିତ ବାୟୁପୂର୍ଣ୍ଣ ।

**Mica**, *n.* ଚକମକିଆ ଓ ସାଧାରଣରେ ସ୍ୱଚ୍ଛ ସ୍ତରସ୍ତର ପତ୍ର ଥିବା ଏକ ପ୍ରକାର ଅଭ୍ରର ଉପଧାତୁସମୂହ ।

**Micaceous**, *a.* ପୂର୍ବୋକ୍ତ ଉପଧାତୁ ସମ୍ବନ୍ଧୀୟ ।

**Mice**, *pl.* of *Mouse.*

**Michaelmas**, *n. mik'el-mas*, 1. ସାଧୁ ମିଖାଏଲ ନାମକ ଏକ ଜଣର ସ୍ମରଣାର୍ଥକ ପର୍ବ, ଯାହା ସେପ୍ଟେମ୍ବର ତା ୨୯ ଦିନରେ ପ୍ରତିପାଳିତ ହୁଏ; 2. ଇଂଲଣ୍ଡ ଦେଶରେ ଘର ଭଡ଼ା ଦେବା ପାଇଁ ବର୍ଷର ଚାରି ନିରୂପିତ ଦିନ ମଧ୍ୟରେ ଏକ ଦିନ ।

**Mickle**, *a. mik'l*, ବହୁତ ।—*n.* 1. ବୃହତ୍ ବିଷୟ; 2. କ୍ଷୁଦ୍ର ବିଷୟ ।—Many mickles make a muckle, ଅନେକ କ୍ଷୁଦ୍ର ବିଷୟ ମିଶିଲେ ବୃହତ୍ ବିଷୟ ହୁଏ ।

**Microbe**, *n.* ଅତି କ୍ଷୁଦ୍ରତମ ଜୀବଜନ୍ତୁ, ଜୀବାଣୁ, ପଚା ପଦାର୍ଥରେ ଦେଖା ଯିବା କୀଟାଣୁ ।

**Microbial, Microbian, Microbic**, *a.* 1. କୀଟାଣୁ ସମ୍ବନ୍ଧୀୟ; 2. କୀଟାଣୁ ପ୍ରକୃତିବିଶିଷ୍ଟ; 3. କୀଟାଣୁଜାତ ।

**Microbiology**, *n.* କ୍ଷୁଦ୍ରତମ ଜୀବଜନ୍ତୁ ବିଦ୍ୟା, କୀଟାଣୁ ବିଜ୍ଞାନ ।

**Microcosm**, *n.* 1. କ୍ଷୁଦ୍ର ଜଗତ୍; 2. ମନୁଷ୍ୟ—ଯେଣୁ ପୂର୍ବକାଳୀନ ଦାର୍ଶନିକଗଣ ମନୁଷ୍ୟକୁ ବୃହତ୍ ଜଗତର ପ୍ରତିମୂର୍ତ୍ତି ବୋଲି ସ୍ୱୀକାର କଲେ ।

**Microcosmic, Microcosmical**, *a.* 1. କ୍ଷୁଦ୍ର ଜଗତ୍ ସମ୍ବନ୍ଧୀୟ; 2. ଜଗତକୁ କ୍ଷୁଦ୍ରାଦର୍ଶକାରୀ ।

**Micrology**, *n.* ଅତି କ୍ଷୁଦ୍ରତମ ପଦାର୍ଥବିଜ୍ଞାନ, ଅଣୁବୀକ୍ଷଣ ଯନ୍ତ୍ର ଦ୍ୱାରା ଦୃଶ୍ୟ ଦ୍ରବ୍ୟର ବିଦ୍ୟା ।

**Micrometer**, *n.* ଅତ୍ୟଳ୍ପ ଅନ୍ତର ବା ସୂକ୍ଷ୍ମ କୋଣର ପରିମାପକ ଯନ୍ତ୍ର ।

**Microscope**, *n.* ଅଣୁବୀକ୍ଷଣ ଯନ୍ତ୍ର, ଅତ୍ୟନ୍ତ କ୍ଷୁଦ୍ର ଦ୍ରବ୍ୟ ଦୃଷ୍ଟିଗୋଚରାର୍ଥେ ବୃଦ୍ଧିକାରକ ଯନ୍ତ୍ର ।

**Microscopic, Microscopical**, *a.* 1. ଅଣୁବୀକ୍ଷଣ ଯନ୍ତ୍ର ସମ୍ବନ୍ଧୀୟ; 2. ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ନିର୍ମିତ; 3. କେବଳ ଅଣୁବୀକ୍ଷଣ ଯନ୍ତ୍ର ଦ୍ୱାରା ଦୃଶ୍ୟ ।

**Microscopically**, *ad.* ଅଣୁବୀକ୍ଷଣ ଯନ୍ତ୍ରପୂର୍ବକ ।

**Microscopist**, *n.* ଅଣୁବୀକ୍ଷଣ ଯନ୍ତ୍ର ବ୍ୟବହାରରେ ନିପୁଣ ବ୍ୟକ୍ତି ।

**Micturition**, ମୂତ୍ରକରଣ, ଅଳ୍ପପରିମାଣେ ପୁନଃ ପୁନଃ ପରିସ୍ରାବ ଇଚ୍ଛା ।

**Mid**, *a.* ମଝି, ମଧ୍ୟ, ମଧ୍ୟମ, ଅଭ୍ୟନ୍ତର ।

**Midday**, *n.* ମଧ୍ୟାହ୍ନ, ଦୁଇ ପ୍ରହର ।

**Middle**, *a.* 1. ମଧ୍ୟ, ମଧ୍ୟମ, ମଧ୍ୟାନ୍ତର, ମଧ୍ୟବର୍ତ୍ତୀ, ମଧ୍ୟସ୍ଥିତ; 2. (*Gram.*) କର୍ତ୍ତୃ ଓ କର୍ମବାଚ୍ୟର ମଧ୍ୟସ୍ଥ ।—*n.* 1. ମଝି, ମଧ୍ୟଭାଗ, ମଧ୍ୟସ୍ଥାନ; 2. ଅଣ୍ଟା, କଟିଦେଶ ।—Middle aged, ମଧ୍ୟମ ବୟସ୍କ, ୪୫ ଠାରୁ ୫୫ ବର୍ଷ ବୟଃପ୍ରାପ୍ତ । The Middle ages, ମଧ୍ୟମ ଶତାବ୍ଦୀ, ୫ମ ଖ୍ରୀଷ୍ଟାବ୍ଦର ରୋମ ରାଜ୍ୟ ପତନଠାରୁ ୧୬ଶ ଖ୍ରୀଷ୍ଟାବ୍ଦର ଇଉରୋପୀୟ ଧର୍ମମଣ୍ଡଳୀର ସଂସ୍କରଣ କାଳ ପର୍ଯ୍ୟନ୍ତ ଶତାବ୍ଦୀମାନ । (ଏହି ଶତାବ୍ଦୀମାନଙ୍କ ମଧ୍ୟରେ ଅର୍ଥାତ୍ ୧୫ ଶର ଶେଷାଂଶରେ ଛାପା ଯନ୍ତ୍ର ନିର୍ମିତ ହେଲା, ଆମେରିକା ମହା ଦେଶ ଆବିଷ୍କାର ହେଲା, ଏବଂ ବିଦ୍ୟାଧ୍ୟୟନ ପୁନଃ ଉଦ୍ଦୀପିତ ହେଲା ।

**Middleman**, *n.* 1. ମଧ୍ୟସ୍ଥ ବ୍ୟକ୍ତି; 2. ବଣିକମାନଙ୍କଠାରୁ ମୋଟରେ କିଣି କୋଇ ବ୍ୟାପାରୀମାନଙ୍କୁ ବିକିବା ଲୋକ; 3. ଆୟରଲଣ୍ଡ ଦେଶର ଜମିଦାର ।

**Middlemast**, *a.* ମଧ୍ୟର ସର୍ବାପେକ୍ଷା ନିକଟବର୍ତ୍ତୀ ।

**Middling**, *a.* 1. ମଧ୍ୟଭଳି, ମଧ୍ୟମପ୍ରକାର; 2. ମଝିମଝିଆ; 3. ମଧ୍ୟବିତ୍ତ, ମଧ୍ୟମ; 4. କିଞ୍ଚିତ୍ ଅସୁସ୍ଥ; 5. ଏକପ୍ରକାର ଭାଗ୍ୟବନ୍ତ ।

**Midge**, *n. mij*, 1. ଅକାମୁଡ଼ା କେତେ ପ୍ରକାର କ୍ଷୁଦ୍ର ମଶା; 2. ବାମନ, ଅତି ବାଙ୍ଗର ମନୁଷ୍ୟ; 3. କ୍ଷୁଦ୍ର ଦ୍ରବ୍ୟ; 4. ଏକ ଘୋଡ଼ିଆ ସାନ ଗାଡ଼ି ବିଶେଷ ।

**Midget**, *n.* 1. କ୍ଷୁଦ୍ର ବାମନ; 2. ଚଞ୍ଚଳ ସାନ ପିଲା ।

**Midland**, *a.* 1. ଦେଶ ମଧ୍ୟସ୍ଥ; 2. ଭୂମିବେଷ୍ଟିତ; 3. ସମୁଦ୍ରଠାରୁ ଦୂରବର୍ତ୍ତୀ ।—The Midlands, *n. pl.* ଇଂଲଣ୍ଡ ଦେଶର ମଧ୍ୟସ୍ଥ ପ୍ରଦେଶମାନ ।

**Midmast**, same as *Middlemast.*

**Midnight**, *n.* ଅର୍ଦ୍ଧରାତ୍ର, ରାତ୍ରି ର ୧୨ ଘଣ୍ଟା ସମୟ, ନିଶୀଥ, ନିଶାର୍ଦ୍ଧ ।

**Midriff**, *n.* ବକ୍ଷ ଓ ଉଦର ପ୍ରଭେଦକ ସୂକ୍ଷ୍ମ ପେଶୀ ।

**Midst**, *n.* ମଝି, ମଧ୍ୟସ୍ଥାନ ।—*ad.* ମଧ୍ୟରେ ।

**Mid-sea**, *n.* ବିସ୍ତୀର୍ଣ୍ଣ ସମୁଦ୍ର ।

**Midship**, *a.* ଜାହାଜ ମଧ୍ୟଭାଗସ୍ଥ ।

**Midshipman**, *n.* ଜାହାଜ କର୍ମ ଶିକ୍ଷାର୍ଥୀଙ୍କ ମଧ୍ୟରେ ଉଚ୍ଚ ଶ୍ରେଣୀର ପଦସ୍ଥ ବ୍ୟକ୍ତି ।

**Midstream**, *n.* ସ୍ରୋତର ମଝି ।

**Midsummer**, *n.* ଗ୍ରୀଷ୍ମ କାଳର ମଧ୍ୟମ ଭାଗ ଅର୍ଥାତ୍ ଜୁନ୍ ମାସର ପ୍ରାୟ ତା ୨୧ ଦିନ, ଉତ୍ତରାୟଣ ।

**Midsummer day**, *n.* ଜୁନ ମାସର ତା ୨୪ ଦିନ ।

**Midway**, *n.* 1. ବାଟର ମଝି; 2. ମଧ୍ୟପଥ, ସ୍ଥାନ ।

**Midwife**, *n.* ପ୍ରସବ କରାଉଥିବା ସ୍ତ୍ରୀ, ଧାଈ, ଧାତ୍ରୀ ।

**Midwifery**, *n.* ପ୍ରସବ କରାଇବା କର୍ମ, ଧାତ୍ରୀବିଦ୍ୟା ।

**Midwinter**, *n.* ଶୀତ କାଳର ମଧ୍ୟମ ଭାଗ ଅର୍ଥାତ୍ ଡିସେମ୍ବର ମାସର ତା ୨୧ ଦିନ ବା ତା ୨୨ ଦିନ, ଦକ୍ଷିଣାୟନ ।

**Mien**, *n.* 1. ଭଙ୍ଗୀ, ଆକୃତି; 2. ଚେହେରା, ମୁଖର ରୂପ; 3. ଚାଲି, ଢଙ୍ଗ; 4. ଆଚରଣ ।

**Might**, (1) *pret.* of *May.*

**Might**, (2) *n.* 1. ପରାକ୍ରମ, 2. କ୍ଷମତା, ପାରଗତା; 3. ବଳ, ଶକ୍ତି; 4. ମାନସର ଦୃଢ଼ତା ।—With might and main, ଯଥାସାଧ୍ୟ, ପାରୁ ପର୍ଯ୍ୟନ୍ତ । [ରୂପେ ।

**Mightily**, *ad.* 1. ପରାକ୍ରମରେ, ବଳପୂର୍ବକ; ଅଶେଷ-

Mightiness, *n.* 1. ପରାକ୍ରମଶାଳିତା ; 2. ପ୍ରଭାବ, ପ୍ରତାପ ; 3. ମହତ୍ତ୍ୱ ; 4. ବାହୁଲ୍ୟ ; 5. ମର୍ଯ୍ୟାଦାସୂଚକ ଉପାଧି ବିଶେଷ ; 6. ମାହାତ୍ମ୍ୟ ।

Mighty, *a.* 1. ଅତି ପରାକ୍ରାନ୍ତ ; 2. ବଳବାନ, ଶକ୍ତିମନ୍ତ ; 3. ବଳିଷ୍ଠ ; 4. ପ୍ରତାପାନ୍ୱିତ ; 5. ପ୍ରଧାନ ; 6. ପ୍ରବଳ ; 7. ଅଦ୍ଭୁତ ।

Mignonette, *n. min-yo-net*, ସୁମଧୁର ବାସନାଫୁଲ ଧରିବା ବର୍ଣ୍ଣଶାଳୀ ପତ୍ର ବିଶେଷ ।

Migrant, Migratory, *a.* ଦେଶାନ୍ତର ଗମନକାରୀ, ସ୍ଥାନ ପରିବର୍ତ୍ତନେ ରତ, ଭ୍ରମଣକାରୀ ।

Migrate, *v.i.* ସ୍ଥାନାନ୍ତର-ହେ, ଦେଶାନ୍ତର-ହେ, ବସତି ନିମିତ୍ତ ସ୍ଥାନ ପରିବର୍ତ୍ତନ-କ ।

Migration, *n.* 1. ବସତି ପରିବର୍ତ୍ତନ ; 2. ଦେଶାନ୍ତର-ଗମନ ; 3. ସ୍ଥାନାନ୍ତର ଗମନକାରୀ ଦଳ ।

Mikado, *n.* ଯାପାନ ସମ୍ରାଟଙ୍କ ଏକ ଉପାଧି ।

Mil, *n.* ତାରର ବ୍ୟାସ ମାପିବାରେ ବ୍ୟବହୃତ କ୍ଷୁଦ୍ରତମ ମାପ ଅର୍ଥାତ୍ ଇଞ୍ଚର ସହସ୍ରାଂଶରୁ ଏକାଂଶ ।

Milch, *a.* ଦୁଗ୍ଧବତୀ । [ଧେନୁ ।

Mild, *a.* 1. କୋମଳସ୍ୱଭାବବିଶିଷ୍ଟ ; 2. ଶାନ୍ତ, ଅନୁଗ୍ର ; 3.

Mildew, *n.* ଚିତମରା, ଛତଖମରା, ଛତା ।—*v.i.* ଚିତ ମାରିବା, ଛତୁଆ ମାଡ଼ିଯିବା, ଛତା-ହେ ।

Mildly, *ad.* କୋମଳଭାବେ, ଶାନ୍ତରୂପେ, ଧୀରେ ।

Mildness, *n.* କୋମଳ ସ୍ୱଭାବ, ଧୀରତା ।

Mile, *n.* ଅର୍ଦ୍ଧକ୍ରୋଶ, ୧୭୬୦ ଗଜ ଦୈର୍ଘ୍ୟ ।

Mileage, *a.* 1. ମାଇଲ ଅନୁସାରୀ ଲମ୍ବ ପରିମାଣ ; 2. ମାଇଲ ଦରରେ ଖର୍ଚ୍ଚା, ମାଇଲ ଭଡ଼ା ।

Milestone, *n.* ମାଇଲ ପଥର, କୌଣସି ସ୍ଥାନରୁ ମାଇଲ ଦୂରତା ଚିହ୍ନାଇବା ପାଇଁ ପଥ ପାର୍ଶ୍ୱରେ ସ୍ଥାପିତ ପଥର ବା ସ୍ତମ୍ଭ । [ସଂଗ୍ରାମୋଦ୍ୟତ ।

Militant, *a.* 1. ଯୁଦ୍ଧକାରୀ ; 2. ଯୁଦ୍ଧରେ ପ୍ରବୃତ୍ତ ; 3.

Militarism, *n.* ସୈନିକ ଭାବର ଅତିରିକ୍ତତା ।

Military, *a.* 1. ସୈନିକ ; 2. ଯୁଦ୍ଧ ସମ୍ବନ୍ଧୀୟ ; 3. ଯୁଦ୍ଧ ଯୋଗ୍ୟ, ସୈନ୍ୟ ଉପଯୋଗୀ ; 4. ଅସ୍ତ୍ରଧାରୀ ; 5. ସୈନିକ କର୍ମରୁ ଲବ୍ଧ ।

Militate, *v.i.* 1. ପ୍ରତିକୂଳ-ହେ, ବିରୁଦ୍ଧ-ହେ ; 2. ସପକ୍ଷ ବା ବିପକ୍ଷ-ହେ ।

Militia, *n. mi-lish'a*, ସ୍ୱଦେଶରେ କାର୍ଯ୍ୟ କରିବା ନିମିତ୍ତ ନିଯୁକ୍ତ ଓ ଶିକ୍ଷିତ ସୈନ୍ୟ ଦଳ ।

Militiaman, *n.* ସ୍ୱଦେଶସ୍ଥିତ ସୈନ୍ୟ ।

Milk, *n.* 1. ଦୁଧ ଦୁଗ୍ଧ, ପୟଃ ; 2. ଦୁଧ ପରି କେତେକ ବୃକ୍ଷର ରସ ।—*v.t.* 1. ଦୁଧ ଦୁହିଁବା ; 2. ଦୁଧ ଦେବା ।—Condensed milk, ଘନୀଭୂତ କରା ଦୁଧ ।

Milken, *a.* 1. ଦୁଗ୍ଧମୟ ; 2. ଦୁଗ୍ଧବତ୍ ।

Milker, *n.* 1. ଯେ ଦୁଧ ଦୁହେଁ, ଦୁହାଁଳି, ଦୁଗ୍ଧ ଦୋହକ ; 2. ଗାଈ ଦୁହିଁବା ଯନ୍ତ୍ର ; 3. ଦୁଧ ଦିଆ ଗାଈ ।

Milk-fever, *n.* ପ୍ରସବରେ ଦୁଧଜ୍ୱର ।

Milkily, *ad.* ଦୁଗ୍ଧବତୀ ପରି ।

Milkiness, *n.* ଦୁଗ୍ଧବତ୍ ଭାବ, ଦୁଗ୍ଧଧର୍ମ ।

Milking, *n.* ଏକବାରରେ ଦୁହାଁ ଦୁଧ ।—Milking stool, ଦୁହାଁଳିର ପିଢ଼ା । Milking time, ଦୁଧ ଦୁହାଁ ବେଳ । [ଦୁହାଁଳୁଣୀ ।

Milkmaid, *n.* ଗୌଡୁଣୀ, ଦୁଧଲୁଣୀ, ଗୋପୀ, ଦୁଧ

Milkman, *n.* ଗୌଡ, ଦୁଧବାଲା ।

Milk-molar, *n.* ବାଲ୍ୟକାଳୀନ ପେଷଣଦନ୍ତ । [ପାତ୍ର ।

Milkpail, *n.* ଦୁଧ ଦୁହିଁବା ବାଲଟି, ଦୁଧ ରଖିବା କାଷ୍ଠ

Milkpan, *n.* ସର ବାହାରିବା ପାଇଁ ଦୁଧ ରଖିବା ଅଗଭୀର ପାତ୍ର ।

Milksop, *n.* 1. ଦୁଧରେ ଭିଜା ପାଉଁରୁଟି ; 2. କାପୁରୁଷ, କ୍ଷୀଣବୁଦ୍ଧି ଲୋକ । [ଦାନ୍ତ ।

Milk-tooth, *n.* ଦୁଧଦାନ୍ତ, ଶିଶୁର ପ୍ରଥମ ବାହାରିବା

Milky, *a.* 1. ଦୁଧରେ ପ୍ରସ୍ତୁତ, ଦୁଗ୍ଧମୟ ; 2. ଦୁଗ୍ଧବତ୍ ; 3. ଦୁଗ୍ଧବତୀ ; 4. ନରମ, କୋମଳ ।

Milky-way, *n.* (*Astron.*) ସ୍ୱର୍ଗ ପଥ, ମନ୍ଦାକିନୀ, ଆକାଶ ଗଙ୍ଗା ।

Mill, *n.* 1. ଶସ୍ୟ ପେଷଣ ଯନ୍ତ୍ର, ପେଷଣୀ, ଯନ୍ତା ; 2. କାରଖାନା ; 3. ମୁଷ୍ଟାମୁଷ୍ଟି ଲଢ଼ାଇ ।—*v.t.* 1. ଯନ୍ତ୍ରରେ ପେଷିବା, ଚୂର୍ଣ୍ଣ-କ ; 2. ଯନ୍ତ୍ରରେ ଚାପିବା, ଯନ୍ତ୍ରଦ୍ୱାରା ମୁଦ୍ରାଙ୍କିତ-କ ; 3. ମୁଦ୍ରାର ଧାରରେ ଗିଅର-କ ; 4. ଯନ୍ତ୍ରରେ ଲୁଗା ପରିଷ୍କାର କରି ମୋଟ-କ ; 5. ଜୋରରେ ବିଧା ମାରିବା ।—To go through the mill, କୌଣସି କାର୍ଯ୍ୟ ବା କ୍ଷମତା ପ୍ରାପ୍ତି ଯୋଗ୍ୟ କ୍ଲେଶଭୋଗ ଅନୁଭବ କରିବା । [ପଟା ।

Mill-board, *n.* ପୁସ୍ତକ ବନ୍ଧା ପାଇଁ ବ୍ୟବହୃତ କାଗଜ

Millcog, *n.* ପେଷଣଯନ୍ତ୍ର, ଚକର ଦନ୍ତ ।

Milldam, Millpond, *n.* କାରଖାନାର ଯନ୍ତ୍ର ଚଳାଇବା ନିମନ୍ତେ ଜଳ ରକ୍ଷାର ବନ୍ଧ ।

Milled, *a.* 1. ପେଷଣ ଯନ୍ତ୍ରରେ ପ୍ରସ୍ତୁତ ; 2. ମୁଦ୍ରା ଛାପିବା ଯନ୍ତ୍ରରେ ପ୍ରସ୍ତୁତ ; 3. ଧାରେ ଗିଅରଯୁକ୍ତ ; 4. କାଗଜ କାରଖାନା ଯନ୍ତ୍ର-ର ଚିକ୍କଣ କରା ; 5. ଲୁଗା ପରି ଯନ୍ତ୍ରରେ ସଙ୍କୁଚିତ ।

Millenarian, *a.* 1. ସହସ୍ରବର୍ଷବ୍ୟାପୀ ; 2. ପୃଥିବୀରେ ଖ୍ରୀଷ୍ଟଙ୍କର ସହସ୍ର ବର୍ଷ ସାକ୍ଷାତ୍ ରାଜତ୍ୱ ସମ୍ବନ୍ଧୀୟ ।—*n.* ପୃଥିବୀରେ ଖ୍ରୀଷ୍ଟଙ୍କର ସହସ୍ର ବର୍ଷ ସାକ୍ଷାତ୍ ରାଜତ୍ୱ କରିବା ମତରେ ବିଶ୍ୱାସକାରୀ ବ୍ୟକ୍ତି ।

Millenary, *a.* ସହସ୍ର ସଂଖ୍ୟକ ।—*n.* ସହସ୍ର ବର୍ଷ ।

Millenial, *a.* ସାହସ୍ରିକ, ସହସ୍ର ବର୍ଷ ସମ୍ବନ୍ଧୀୟ ; 2. ପୃଥିବୀରେ ଖ୍ରୀଷ୍ଟଙ୍କର ସହସ୍ର ବର୍ଷ ସାକ୍ଷାତ୍ ରାଜତ୍ୱ ସମ୍ବନ୍ଧୀୟ ।

Millenium, *n.* 1. ଏକ ସହସ୍ର ବର୍ଷ ; 2. ପୃଥିବୀରେ ଖ୍ରୀଷ୍ଟଙ୍କର ସହସ୍ର ବର୍ଷ ସାକ୍ଷାତ୍ ରାଜତ୍ୱ । [ଣୀ ପୋକ ।

Milleped, Millepede, *n.* ସହସ୍ରପଦ କୀଟ, ଚେଲୁ-

Miller, *n.* 1. ଶସ୍ୟ ପେଷଣ ଯନ୍ତ୍ରର କର୍ତ୍ତା ବା ଚାଳକ ; 2. ଡେଣା ବର୍ଣ୍ଣର ପତଙ୍ଗ ବିଶେଷ ; 3. ଏକପ୍ରକାର ମତ୍ସ୍ୟଭକ୍ଷଣ ପକ୍ଷୀ ; 4. ମୁଦ୍ରା ଧାରରେ ଗିଅର କରିବା ଯନ୍ତ୍ର ।

Millesimal, *a.* 1. ସହସ୍ରତମ ; 2. ସହସ୍ର ଅଂଶ ସମ୍ବଳିତ ।

Millet, *n.* ଖାଦ୍ୟୋପଯୋଗୀ ଶସ୍ୟ ଉତ୍ପାଦକ ଏକପ୍ରକାର ଘାସ ଗଛ, ଚିନା, କଙ୍ଗୁ ।

Mill-horse, *n*. ପେଷଣ ଯନ୍ତ୍ର ବୁଲାଇବା ଘୋଡ଼ା ।

Millimetre, *n*. ଫ୍ରାନ୍ସ ଦେଶର ଜରୂପିତ ଦୈର୍ଘ୍ୟ ମାପର ମୌଳିକ ଅଂଶର ସହସ୍ରାଂଶ ।

Milliner, *n*. 1. ସ୍ତ୍ରୀମାନଙ୍କ ଟୋପି ଓ ମସ୍ତକାବରଣ ସଜାଇବା ଲୋକ ; 2. ସ୍ତ୍ରୀ ପରିଚ୍ଛଦ ବିକ୍ରୟକାରିଣୀ ।

Millinery, *n*. 1. ସ୍ତ୍ରୀମାନଙ୍କ ଟୋପି ଓ ମସ୍ତକାବରଣ ସଜାଇବା ଲୋକ ଦ୍ୱାରା ବିକ୍ରୟ ଲୁଗାଦି ; 2. ଉକ୍ତ ଲୁଗାଦିର ଶିଳ୍ପ କର୍ମ ।

Milling. *n*. 1. ଯନ୍ତ୍ର ଦ୍ୱାରା ଯୌଣସି କାର୍ଯ୍ୟକରଣ ; 2. ଶସ୍ୟ ପେଷଣ: 3. ଲୁଗା ମୋଟ କରିବା କାର୍ଯ୍ୟ; 4. ମୁଦ୍ରା ଧଡ଼ରେ ସିଅରି କରିବା କାର୍ଯ୍ୟ ।

Million, *a*. ନିୟୁତ ସଂଖ୍ୟକ, ଦଶଲକ୍ଷ ।—*n*. ଏକ ନିୟୁତ. ଦଶ ଲକ୍ଷ ସଂଖ୍ୟା ।

Millionare, *n*. ଦଶ ଲକ୍ଷାଧିପତି ।

Millionth, *a*. ନିୟୁତତମ ।—*n* ନିୟୁତାଂଶ ।

Millpond, same as Milldam.

Millrace, *n*. ଯନ୍ତ୍ରର ଚକ ଚଳାଇବା ଜଳସ୍ରୋତ ବା ସ୍ରୋତପଥ ।

Millstone, *n*. ପେଷଣ ଯନ୍ତ୍ରର ପଥର, ଚକି, ଘୋରଣା ।—To see through a millstone, ଅଦ୍ଭୁତ ସୂକ୍ଷ୍ମବୁଦ୍ଧି ପ୍ରକାଶ କରିବା ।

Millwheel, *n*. ପେଷଣ ଯନ୍ତ୍ରର ଜଳ ଦ୍ୱାରା ଚାଳିତ ଚକ ।

Millwright, *n*. ପେଷଣ ଯନ୍ତ୍ରର ନିର୍ମାତା ବା ମରାମତିକାରୀ ।

Milord, *n* ଇଉରୋପରେ ଧନବନ୍ତ ଇଂରାଜ ପର୍ଯ୍ୟଟକ ପ୍ରତି ସମ୍ବୋଧନ ସୂଚକ ଉପାଧି ।

Milt, *n*. 1. ପୁଂ ମତ୍ସ୍ୟର ବୀଜ ; 2. ପିଲ୍ହୋଇ ।

Milter, *n*. ପୁଂମତ୍ସ୍ୟ ।

Mime, *n*. 1. ହାସ୍ୟୋତ୍ପାଦକ ନାଟକ; 2. ମସ୍କରା ।

Mimetic, Mimetical, *a*. ଅନୁକରଣ ପ୍ରିୟ, ନକଲିଆ ।

Mimic, *v.t*. ଅନୁକରଣ-କ, ଛଦ୍ମବେଶ ଧରିବା, ଭଣ୍ଡାମି-କ, ବହୁରୂପ-କ ।—*n*. 1. ଅନୁକାରୀ ବ୍ୟକ୍ତି ; 2. ଭଣ୍ଡ, ବହୁରୂପୀ ।—*a*. 1. ଅନୁକାରୀ, ବହୁରୂପକର ; 2. କ୍ଷୁଦ୍ର ।

Mimicket, *n*. ଭଣ୍ଡ, ମସ୍କରା ।

Mimicry, *n*. 1. ମସ୍କରାମି, ବହୁରୂପ; 2. ଅନୁକରଣ କ୍ରିୟା ; 3. ବେଶଧାରଣ ।

Mimographer, *n*. 1. ହାସ୍ୟୋତ୍ପାଦକ ନାଟକ ଲେଖକ; 2. ପୁରୁଣା କାଳର ଅଜ୍ଞ ଲୋକମାନଙ୍କ ପାଇଁ ଚିହ୍ନ ଭାଷା ଲେଖକ ।

Mimosa, *n*. ଲଜ୍ଜକୁଳୀ ଗଛ ଜାତି ।

Mina, (1) *n*. ଆଥେନ୍ସ ନଗରରେ ରୌପ୍ୟ ବାଣିଜ୍ୟ ସମ୍ବନ୍ଧେ ବ୍ୟବହୃତ ଓଜନ ବା ମୁଦ୍ରା ବିଶେଷ ।

Mina, (2) *n*. ମଇନା, ସାରି ପକ୍ଷୀ, ଶାରି ।

Minaret, *n*. ମସ୍‌ଜିଦର ଚୂଡ଼ା ।

Mince, *v.t*. 1. ଖଣ୍ଡ-କ, ଟିକିଟିକି-କ; 2. କଥା ଛୋଟଛୋଟ କହିବା ; 3. ଲଘୁ-କ, ହେୟ-କ ।—*v i*. 1. ଅସ୍ୱାଭାବିକ ସୁନ୍ଦରାଚରଣ ଦେଖାଇବା ; 2. ଛୋଟ ପାହୁଣ୍ଡ ପକାଇ ଚାଲିବା ; 3. କଥାରେ ଅତିରିକ୍ତରୂପେ ନମ୍ରାସକ୍ତ-ହେ ।—To mince matters, 1. କୃତ୍ରିମ କୋମଳଭାବେ ତର୍କ କରିବା ; 2. ଅଯଥାର୍ଥରୂପେ ଲଘୁ କରି କହିବା ।

Mince-meat, *n*. 1. ଖାଇମା; 2. ଟିକିଟିକି କଟା ହୋଇଥିବା ମିଷ୍ଟ ଫଳାଦିରେ ମିଶ୍ରିତ ମାଂସ ।

Mince-pie, *n*. ମିଷ୍ଟ ଫଳାଦିରେ ମିଶ୍ରିତ ମାଂସପୂରିତ ମଇଦାପ୍ରସ୍ତୁତ ପିଷ୍ଟକ ।

Mincingly, *ad*. ଅସ୍ୱାଭାବିକରୂପେ, ସତର୍କଭାବେ ।

Mind, *n*. 1. ମନ, ଚିତ୍ତ ; 2. ଧୀଶକ୍ତି, ବୁଦ୍ଧି ; 3. ଅଧ୍ୟାତ୍ମିକ ସ୍ୱଭାବ ; 4. ସ୍ମରଣ; 5. ଇଚ୍ଛା ; 6. ମାନସ ; 7. ବୋଧ, ମତ ; 8. ମତ ; 9. ସ୍ୱାଭାବିକ ବୋଧଗତ ।—*v.t*. 1. ଅବଧାନ-କ, ମନୋଯୋଗ-କ. ମନୋନିବେଶ-କ ; 2. ମାନିବା, ଆଜ୍ଞା ପାଳିବା ; 3. ଜଗିବା ।—*v.i*. ମାନସ-କ ।—Absence of mind, ବର୍ତ୍ତମାନ ବିଷୟରେ ଅମନୋଯୋଗ, ମନର ପାସୋରା ଭାବ । Presence of mind, ମନର ପ୍ରସ୍ତୁତ ଭାବ, ପ୍ରତ୍ୟୁତ୍ପନ୍ନ ମତି. ମାନସିକ ଚେତନା । To bear in mind, ମନେ ରଖିବା । To be out of one's mind, ଅସ୍ଥିର ମତି ହେବା । To have a mind. ଅଭିଳାଷୀ ହେବା । To have half a mind, ଅଳ୍ପ ଇଚ୍ଛୁକ ହେବା । To make up one's mind, ମନ ସ୍ଥିର କରିବା । Never mind, ଚିନ୍ତା କର ନାହିଁ । To be of one mind, ଏକଚିତ୍ତ ହେବା । To be of two minds, ଦୋଚିତ୍ତା ହେବା । To put in mind, ସ୍ମରଣ କରାଇବା ।

Minded, *a*. ଇଚ୍ଛୁକ. ପ୍ରବୃତ୍ତ. ଦୃଢମନସ୍କ ।

Mindedness, *n*. ଇଚ୍ଛୁକତା, ପ୍ରବୃତ୍ତି ।

Minder, *n*. ଜଗୁଆଳ ରକ୍ଷକ ।

Mindful, *a*. ମନୋଯୋଗୀ, ନିବିଷ୍ଟମନା, ସଚେତନ ।

Mindfully, *ad*. ମନୋଯୋଗପୂର୍ବକ, ସଚେତନଭାବେ ।

Mindfulness, *n*. ମନୋଯୋଗିତା ।

Mindless, *a*. 1. ବୁଦ୍ଧିହୀନ, ନିର୍ବୋଧ ; 2. ଅମନୋଯୋଗୀ ।

Mine, (1) *a. pro*. ମୋର, ଆମ୍ଭର ।

Mine, (2) *v.t*. 1. ଖଣିଜ ପଦାର୍ଥ ପାଇଁ ଖୋଳିବା, ଆକର ଖୋଳିବା ; 2. ଖୋଳିବା, ଖନନ-କ ; 3. ସୁଡ଼ଙ୍ଗ ପଥ-କ ; 4. ଗୁପ୍ତରେ ବିନାଶ-କ ।—*n*. 1. ଖଣି, ଆକର; 2. ସୁଡ଼ଙ୍ଗ ; 3. ଧନାକର ।

Miner, *n*. 1. ଖଣି ଖୋଳିବା ଲୋକ, ଆକର ଖନନକାରୀ; 2. ସୁଡ଼ଙ୍ଗ ଖୋଳିବା ଲୋକ ।

Mineral, *n*. 1. ଭୂମିରୁ ପ୍ରାପ୍ତ ନିର୍ଜୀବ ପଦାର୍ଥ ; 2. ଆକରୀୟ ଦ୍ରବ୍ୟ, ଖଣିଜ ପଦାର୍ଥ ; 3. ଧାତୁବିଶିଷ୍ଟ ଦ୍ରବ୍ୟ ।—*a*. 1. ଖଣିଜ ପଦାର୍ଥ ସମ୍ବନ୍ଧୀୟ ; 2. ଧାତୁଦ୍ରବ୍ୟର ଗୁଣବିଶିଷ୍ଟ ; 3. ଧାତୁଦ୍ରବ୍ୟରେ ପୂର୍ଣ୍ଣ ; 4. ନିର୍ଜୀବ ପଦାର୍ଥସୂଚକ ।—Mineral kingdom, ନିର୍ଜୀବ ଶ୍ରେଣୀ । Mineral water, ଔଷଧରୂପେ ବ୍ୟବହୃତ ଧାତୁଦ୍ରବ୍ୟ ମିଶ୍ରିତ କେତେ ନିର୍ଝରର ଜଳ ।

Mineralisation, *n*. ପଦାର୍ଥର ଜୀବିତ ଉପାଦାନର ନିର୍ଜୀବାଂଶରେ ପ୍ରସ୍ତରୀଭୂତକରଣ ଦ୍ୱାରା ପରିବର୍ତ୍ତନ

**Mineralise**, *v.t.* 1. ଧାତବରେ ପରିଣତ-କ; 2. ଧାତୁର ଗୁଣବିଶିଷ୍ଟ-କ ।—*v.i.* ଧାତବ ସଂଗ୍ରହ-କ ।

**Mineralist**, *n.* ଧାତବ ପରୀକ୍ଷକ ।

**Mineralogical**, *a.* 1. ଧାତବବିଜ୍ଞାନ ସମ୍ବନ୍ଧୀୟ; 2. ଆକରୀୟ ।

**Mineralogise**, *v.i.* 1. ଧାତବ ସଂଗ୍ରହ-କ; 2. ଧାତବ ବିଦ୍ୟାଭ୍ୟାସ-କ ।

**Mineralogist**, *n.* ଧାତବବିଜ୍ଞାନବେତ୍ତା ।

**Mineralogy**, *n.* 1. ଧାତବବିଜ୍ଞାନ; 2. ଆକରୀୟ ବସ୍ତୁ ନିରୂପଣ ବିଦ୍ୟା ।

**Minerva**, *n.* ରୋମୀୟ ଲୋକଙ୍କର ବିଦ୍ୟାଦେବୀ ।

**Mingle**, *v.t.* 1. ମିଶାଇବା, ମିଳାଇବା; 2. ଘୋଳାଇବା; 3. ଆମୋଦରେ ଏକତ୍ର ମେଳ-କ ।—*v.i.* ମିଶ୍ରିତ-ହେ, ମିଳିଯିବା ।

**Mingling**, *n.* ମିଶ୍ରଣ ।

**Miniature**, *n.* 1. ହସ୍ତିଦନ୍ତ ବା ଧାତୁ ବା ଚର୍ମ ଉପରେ ଅଙ୍କିତ କ୍ଷୁଦ୍ର ଛବି; 2. ବୃହତ୍ ପଦାର୍ଥର କ୍ଷୁଦ୍ର ପ୍ରତିରୂପ ।—*a.* ପରିମାଣାନୁଯାୟୀ କ୍ଷୁଦ୍ର, ଅତି ସାନ ।

**Minify**, *v.t.* 1. ସାନ-କ, କ୍ଷୁଦ୍ରତର-କ; 2. ସାମାନ୍ୟ-କ ।

**Minikin**, *n.* ଅତି କ୍ଷୁଦ୍ର ବିଷୟ ।

**Minim**, *n.* 1. ତରଳ ପଦାର୍ଥର କ୍ଷୁଦ୍ରତମ ମାପ; 2. ଟୋପା, ବିନ୍ଦୁ; 3. ବାଦ୍ୟସ୍ୱରର ଚିହ୍ନ ବିଶେଷ; 4. ଅତି ବାଙ୍ଗର ଲୋକ; 5. ୧୫ଶ ଶତାବ୍ଦୀରେ ସ୍ଥାପିତ ଇଉରୋପ ଦେଶୀୟ ଏକ ବିଶେଷ ମତର ଭିକ୍ଷୁସନ୍ନ୍ୟାସୀ ।

**Minimise**, *v.t.* ସବୁଠାରୁ ନ୍ୟୂନ-କ, କ୍ଷୁଦ୍ରତମ ପରିମାଣ-କ; 3. ଲଘୁଜ୍ଞାନ-କ ।

**Minimum**, *a.* ସବୁଠାରୁ ନ୍ୟୂନ, କ୍ଷୁଦ୍ରତମ ପରିମାଣସୂଚକ ।—*n.* 1. ସବୁଠାରୁ ନ୍ୟୂନାଂଶ, କ୍ଷୁଦ୍ରତମ ପରିମାଣ; 2. ଲଘୁ ବିଷୟ ।

**Mining**, *n.* 1. ଖଣି ଖୋଳିବା ବ୍ୟବସାୟ; 2. ଆକର ଖନନର କାର୍ଯ୍ୟ ।—*a.* 1. ଆକରୀୟ; 2. ଗର୍ତ୍ତ କରିବା ସ୍ୱଭାବବିଶିଷ୍ଟ ।

**Minion**, *n.* *min'yun*, 1. ଖୋସାମୋଦିଆ ପ୍ରିୟପାତ୍ର, ନୀଚ ଅନୁଗାମୀ; 2. ଛାପା କ୍ଷୁଦ୍ର ଅକ୍ଷର ବିଶେଷ ଅର୍ଥାତ୍ ଯେଉଁ ଅକ୍ଷରରେ ଛାପା କଲେ ଏକ ପୃଷ୍ଠରେ ୬୬ ପଂକ୍ତି ରହେ; 3. ଚଞ୍ଚଳା ବାଳିକା ।

**Minister**, *n.* 1. ସେବକ, ଅନୁଚର; 2. ପୁରୋହିତ, ଯାଜକ, ଖ୍ରୀଷ୍ଟୀୟ ଧର୍ମୋପଦେଶକ; 4. ସରକାରୀ କାର୍ଯ୍ୟ ବିଭାଗର କର୍ମଚାରୀଙ୍କ ଅଧିପତି; 5. ମନ୍ତ୍ରିସଭାର ଏକ ସଭ୍ୟ, ରାଜମନ୍ତ୍ରୀ; 5. ବିଦେଶରେ ସରକାରନିଯୁକ୍ତ ପ୍ରତିନିଧି ।—*v.i.* 1. ସେବା-କ; 2. ଧର୍ମସମ୍ବନ୍ଧୀୟ କର୍ମ ନିର୍ବାହ-କ; 3. ଅଭାବ ପୂର୍ଣ୍ଣ-କ ।—*v.t.* ଯୋଗାଇବା, ଖଟାଇବା ।

**Ministerial**, *a.* 1. ସେବକ କର୍ମ ସମ୍ବନ୍ଧୀୟ; 2. ଆଜ୍ଞାଧୀନ; 3. ଖ୍ରୀଷ୍ଟୀୟ ଧର୍ମୋପଦେଶକ ପଦ ସମ୍ବନ୍ଧୀୟ, ଯାଜକୀୟ; 4. କର୍ମନିର୍ବାହକ; 5. ରାଜମନ୍ତ୍ରିସମ୍ବନ୍ଧୀୟ ।

**Ministering**, *a.* ସେବାକାରୀ, ପରିଚର୍ଯ୍ୟାକାରୀ ।

**Ministrant**, *a.* କର୍ମଚାରୀ, ଆନୁଷଙ୍ଗିକ ।



**Ministration**, *n.* 1. ସେବାକାର୍ଯ୍ୟ; 2. ଖ୍ରୀଷ୍ଟୀୟ ଧର୍ମୋପଦେଶକ ପଦ ବା କର୍ମ ।

**Ministrative**, *a.* ସାହାଯ୍ୟକାରକ, କର୍ମନିର୍ବାହକ ।

**Ministry**, *n.* 1. ସେବାକ୍ରିୟା, ପରିଚର୍ଯ୍ୟା; 2. ସେବା, ଉପାସନା, ଧର୍ମୋପଦେଶକ ପଦ ବା କର୍ମ; 3. ଖ୍ରୀଷ୍ଟୀୟ ଧର୍ମୋପଦେଶକବର୍ଗ; 4. ଖ୍ରୀଷ୍ଟୀୟ ଧର୍ମୋପଦେଶକ ବୃତ୍ତି; 5. ରାଜମନ୍ତ୍ରିସଭା ।

**Minium**, *n.* ସିନ୍ଦୂର, ହିଙ୍ଗୁଳ ।

**Minnow**, *n.* 1. ମିଷ୍ଟଜଳୀୟ ଏକପ୍ରକାର ଅତି କ୍ଷୁଦ୍ର ମାଛ; 2. କୌଣସି ବଡ ମାଛର ଛୁଆ ।

**Minor**, *a.* 1. କ୍ଷୁଦ୍ରତର, ଛୋଟ; 2. ନୀଚତର, ନିକୃଷ୍ଟ; 3. ସାନ; 4. ଲଘୁ; 5. କମ୍‌ତର ।—*n.* 1. ନାବାଳକ, ଅବୟଃପ୍ରାପ୍ତ ବ୍ୟକ୍ତି; 2. (Logic) ଦ୍ୱିତୀୟ ପକ୍ଷ ।

**Minority**, *n.* 1. ଅବୟଃପ୍ରାପ୍ତାବସ୍ଥା; 2. ନ୍ୟୂନାଂଶ; 3. ଅର୍ଦ୍ଧରୁ ଊଣା ସଂଖ୍ୟା

**Minorship**, *n.* ନାବାଳକତ୍ୱ ।

**Minotaur**, *n.* ଗ୍ରୀସ୍ ଦେଶୀୟ କାଳ୍ପନିକ ଶାସ୍ତ୍ରରେ ଅର୍ଦ୍ଧ ନର ଓ ଅର୍ଦ୍ଧ ବୃଷଭାକୃତି ରାକ୍ଷସ ବିଶେଷ ।

**Minster**, *n.* ପୂର୍ବକାଳୀନ ଇଉରୋପୀୟ ଉଦାସୀନମାନଙ୍କ ମଠର ଭଜନାଳୟ, ପ୍ରଧାନ ଭଜନାଳୟ ।

**Minstrel**, *n.* 1. ସ୍ତୁତିପାଠକ; 2. ଅଟ୍ଟାଳିକାରେ ବୀଣାବାଦ୍ୟ ସହ ସ୍ୱରଚିତ କାବ୍ୟ ଗାୟକ; 3. ଭ୍ରମଣକାରୀ ବାଦକ; 4. ମୁଖ କଳା କରି ନିଗ୍ରୋ ତୁଲ୍ୟ ହାସ୍ୟୋଦ୍ଦୀପକ ଗୀତାଦି ଗାୟକ ।

**Minstrelsy**, *n.* 1. ସ୍ତୁତିପାଠକ ବିଦ୍ୟା; 2. ଭ୍ରମଣକାରୀ ବାଦକ ବୃତ୍ତି; 3. ନିଗ୍ରୋ ତୁଲ୍ୟ ଗୀତାଦି ଗାୟକଦଳ; 4. କବିତାବଳୀ; 5. ବାଦ୍ୟବିଦ୍ୟା ।

**Mint**, (1) *n.* 1. ଟଙ୍କାଶାଳା; 2. କୌଣସି ବିଷୟ ଉଦ୍ଭାବିତ ବା ନିର୍ମିତ ହେବା ସ୍ଥାନ; 3. ପ୍ରଚୁରତା ।—*v.t.* 1. ଟଙ୍କା ପ୍ରସ୍ତୁତ-କ, ମୁଦ୍ରା-କ; 2. ଉଦ୍ଭାବନ-କ, ନୂତନ କଳ୍ପନା-କ ।

**Mint**, (2) *n.* 1. ପୋଦିନା; 2. ବଡ ବାସନାଯୁକ୍ତ ତୈଳୋତ୍ପାଦକ ଫୁଲ ଧରିବା ଗୁଳ୍ମ ବିଶେଷ ।

**Mintage**, *n.* 1. ଟଙ୍କାଶାଳାରେ ପ୍ରସ୍ତୁତ ଟଙ୍କାସମୁଦାୟ, ମୁଦ୍ରାସମୂହ; 2. ଟଙ୍କା ପ୍ରସ୍ତୁତ କରିବା ପାଇଁ ସରକାରୀ କର ।

**Minter**, *n.* 1. ଟଙ୍କା ପ୍ରସ୍ତୁତକାରୀ ଲୋକ, ମୁଦ୍ରାନିର୍ମାତା; 2. ଉଦ୍ଭାବକ ।

**Mint-mark** *n.* ଟଙ୍କା ଚିହ୍ନାଇବା ପାଇଁ ଟଙ୍କାଶାଳାର ସ୍ୱଚିହ୍ନ ।

**Mint-master**, *n.* ଟଙ୍କାଶାଳାର ଅଧ୍ୟକ୍ଷ ।

**Minuend**, *n.* ଫେଡାଣରେ ବୃହତ୍ତର ରାଶି, ବିଯୋଜ୍ୟ ରାଶି ।

**Minuet**, *n.* 1. ଧୀର ପ୍ରଗଲ୍ଭ ଗତିରେ ତ୍ରିପୁଟତାଳ ନୃତ୍ୟ ବିଶେଷ; 2. ଉକ୍ତ ନୃତ୍ୟର ବାଦ୍ୟ ସ୍ୱର ।

**Minus**, *a.* 1. ଊଣା; 2. ଶୂନ୍ୟଠାରୁ ନ୍ୟୂନ; 3. ହୀନ, ବର୍ଜିତ ।—*n.* ଶୂନ୍ୟରୁ ନ୍ୟୂନ ସଂଖ୍ୟା ।—Minus sign, (—) ଫେଡାଣ ଚିହ୍ନ ।

**Minute**, *mi'nūt*, *a.* 1. ଅତିକ୍ଷୁଦ୍ର ; 2. ଅତି ସୂକ୍ଷ୍ମ; 3. ସବିଶେଷ: 4. ସାମାନ୍ୟ ବିଷୟରେ ମନୋଯୋଗୀ; 5. ଠିକ୍, ଅବିକଳ ।

**Minute**, *n.* *min'it*, 1. ଘଣ୍ଟାର ଷଷ୍ଟିତମ ଅଂଶ ; 2. ଅକ୍ଷାଂଶର ଷଷ୍ଟିତମ ଅଂଶ; 3. ନିମିଷ, ନିମେଷ; 4. ଟିପ୍ପଣୀ; 5. ସଭାରେ ନିର୍ଦ୍ଧାରିତ ବିଷୟର ସାଂସ୍ପଶ ଲେଖା ।—*v.t.* 1. ଟିପି ରଖିବା ।—Minute book, ସଭାରେ ନିର୍ଦ୍ଧାରିତ ବିଷୟର ସାରାଂଶ ଲେଖା ପୁସ୍ତକ । Minute glass, ଏକନିମେଷ ନିରୂପକ ବାଲି ଘଡ଼ି । Minute-gun, ଆପଦ ବା ଶୋକ ସୂଚକ ପ୍ରତି ନିମେଷ ଅନ୍ତରେ ମରା ତୋପ । Minute hand, ଘଡ଼ିର ନିମେଷସୂଚକ କାଠି । [ଭାବେ ।

**Minutely**, *ad.* ଅତି ସୂକ୍ଷ୍ମରୂପେ, ଠିକ୍‌ରୂପେ, ତନ୍ନତନ୍ନ-

**Minutely**, *ad.* *min'it-li*, ପ୍ରତି ନିମେଷରେ, ନିମିଷକୁ [ନିମିଷ ।

**Minuteness**, *n.* 1. ସୂକ୍ଷ୍ମତା; 2. ସବିଶେଷତା ।

**Minutiæ**, *n. pl.* 1. ଅତି କ୍ଷୁଦ୍ର ବା ସୂକ୍ଷ୍ମ ବିଷୟ; 2. ସବିଶେଷ ବିଷୟର କ୍ଷୁଦ୍ରତମ ଅଂଶଗୁଡ଼ିକ ।

**Minx**, *n.* 1. ଚଞ୍ଚଳା ବାଳିକା ; 2. ଦୁଷ୍ଟା ସ୍ତ୍ରୀ; 3. କୁକୁରର ମାଈ ଛୁଆ ।

**Miracle**, *n.* 1. ଅଦ୍ଭୁତ ବିଷୟ, ଚମତ୍କାର ବ୍ୟାପାର; 2. ଆଶ୍ଚର୍ଯ୍ୟ କ୍ରିୟା, ଅଲୌକିକ କର୍ମ ; 3. ଅପୂର୍ବ ଘଟଣା ।

**Miraculous**, *a.* 1. ଅଲୌକିକ, ଅପୂର୍ବ; 2. ଐଶ୍ୱରିକ ଶକ୍ତିରେ କୃତ; 3. ଅତି ଆଶ୍ଚର୍ଯ୍ୟ, ଅଦ୍ଭୁତ, ଚମତ୍କାରଜନକ; 4. ଆଶ୍ଚର୍ଯ୍ୟ କ୍ରିୟା ସାଧକ । [ରୂପେ

**Miraculously**, *ad.* ଅଲୌକିକଭାବେ, ଅତି ଆଶ୍ଚର୍ଯ୍ୟ-

**Miraculousness**, *n.* ଅଲୌକିକତା [ଭ୍ରମ ।

**Mirage**, *n.* ମୃଗତୃଷ୍ଣା, ମରୀଚିକା, ସୂର୍ଯ୍ୟ କିରଣରେ ଜଳ

**Mire**, *n.* କର୍ଦ୍ଦମ, ପଙ୍କ;—*v.t.* 1. ପଙ୍କରେ ମଗ୍ନ-କ; 2. କର୍ଦ୍ଦମମୟ-କ ।—*v.i.* ପଙ୍କରେ ବୁଡ଼ିବା ।

**Mirror**, *n.* 1. ଦର୍ପଣ, ମୁକୁର ; 2. ଆଦର୍ଶ ।—*v.t.* ଦର୍ପଣ ପରି ପ୍ରତିବିମ୍ବିତ-କ ।

**Mirth**, *n.* 1. ଆମୋଦ ; 2. ଉଲ୍ଲାସ, ହର୍ଷ ; 3. ହାସ୍ୟ ।

**Mirthful**, *a.* 1. ଆମୋଦପୂର୍ଣ୍ଣ ; 2. ଉଲ୍ଲାସଜନକ; 3. ପ୍ରଫୁଲ୍ଲଚିତ୍ତ ; 4. ହର୍ଷଯୁକ୍ତ ।

**Mirthfully**, *ad.* ଆମୋଦପୂର୍ବକ, ସହର୍ଷରେ ।

**Mirthfulness**, *n.* ଆମୋଦପ୍ରମୋଦ ଭାବ, ପ୍ରଫୁଲ୍ଲତା ।

**Miry**, *a.* କର୍ଦ୍ଦମମୟ, ପଙ୍କିଳ ।

**Misacceptation**, *n.* 1. ଭ୍ରମରେ ଗ୍ରହଣ, ବିପରୀତ ବୋଧକରଣ; 2. ବାକ୍ୟର ପ୍ରଚଳିତ ଭ୍ରମାର୍ଥ ।

**Misadventure**, *n.* 1. ଅଦ୍ଭୁତ ଦୁର୍ଘଟଣା ; 2. ଦୁର୍ଭାଗ୍ୟ; 3. ମହାବିପଦ ।

**Misadvertence**, *n.* ଅସାବଧାନତା, ଅମନୋଯୋଗିତା ।

**Misadvise**, *v.t.* କୁପରାମର୍ଶ-ଦେ, କୁମନ୍ତ୍ରଣା-କ ।

**Misaimed**, *a.* ଅଠିକ ଲକ୍ଷ୍ୟ କରା, ଅଯଥା ଲକ୍ଷିତ ।

**Misallege**, *v.t.* ଭ୍ରମପୂର୍ବକ ଦୃଢ଼ରୂପେ କହିବା ।

**Misallience**, *n.* 1. ଅସଙ୍ଗତ ଅବିବାହିତା, ଅନୁପଯୁକ୍ତ ସନ୍ଧି ; 2. ଅସମାନ ବିବାହ, ଇତର ଲୋକ ସହିତ ବିବାହ ।

**Misallied**, *a.* ଅସଙ୍ଗତଭାବେ ଆବଦ୍ଧ ।

**Misallotment**, *n.* ଅଯଥାର୍ଥ ବଣ୍ଟନ ।

**Misanthrope**, *n.* *mis'an-thrope*, Misan'-thropist, 1. ମାନବଜାତି ପ୍ରତି ଘୃଣାକାରୀ ବ୍ୟକ୍ତି, ଜଗନ୍ନିନ୍ଦକ ; 2. ସମସ୍ତ ମନୁଷ୍ୟଠାରେ ସନ୍ଦେହୀ ଜନ ।

**Misanthropic**, **Misanthropical**, *a.* ମାନବଜାତି ପ୍ରତି ଘୃଣାକାରୀ, ସମସ୍ତ ମନୁଷ୍ୟଠାରେ ସନ୍ଦେହୀ ।

**Misanthropically**, *ad.* ମାନବଜାତି ପ୍ରତି ଘୃଣାଭାବେ ।

**Misanthropy**, *n.* ମାନବଜାତି ପ୍ରତି ଘୃଣାଭାବ, ଜଗନ୍ନିନ୍ଦା ।

**Misapplication**, *n.* 1. ଅନୁପଯୁକ୍ତ ପ୍ରୟୋଗ ; 2. ଅଯଥା ଉଦ୍ଦେଶ୍ୟ ବ୍ୟବହାର ।

**Misapply**, *v.t.* 1. ଅନୁପଯୁକ୍ତରୂପେ ପ୍ରୟୋଗ-କ ; 2. ଅଯଥା ଉଦ୍ଦେଶ୍ୟରେ ବ୍ୟବହାର-କ ।

**Misappreciation**, *n.* ଅଯଥାର୍ଥ ମୂଲ୍ୟ ନିରୂପଣ ।

**Misapprehend**, *v.t.* 1. ଅଯଥାର୍ଥଭାବେ ଗ୍ରହଣ-କ ; 2. ଭୁଲରେ ବୁଝିବା, ଭ୍ରମରେ ବୋଧ-କ ।

**Misapprehension**, *n.* ଭ୍ରମଯୁକ୍ତ ବୋଧ ।

**Misapprehensively**, *ad.* ଭ୍ରମଯୁକ୍ତ ବୋଧପୂର୍ବକ ।

**Misappropriate**, *v.t.* ଅଯଥାର୍ଥରୂପେ ସ୍ୱାର୍ଥେ ଗ୍ରହଣ-କ, ଅନୁପଯୁକ୍ତ ଉଦ୍ଦେଶ୍ୟରେ ବ୍ୟବହାର-କ ।

**Misappropriation**, *n.* 1. ଅଯଥାର୍ଥରୂପେ ସ୍ୱାର୍ଥେ-ଗ୍ରହଣ ; 2. ଅନୁପଯୁକ୍ତ ଉଦ୍ଦେଶ୍ୟ ବ୍ୟବହାର ।

**Misarrange**, *v.t.* ଭୁଲକ୍ରମେ ଶ୍ରେଣିବଦ୍ଧ-କ, ଭୁଲରେ ସଜାଇବା ।

**Misassign**, *v.t.* ଭ୍ରମପୂର୍ବକ ନିର୍ଦ୍ଦେଶ-କ, ଭୁଲରେ ଅର୍ପଣ-କ ।

**Misbecome**, *v.t.* ଅନୁପଯୁକ୍ତ-ହେ, ଅନୁଚିତ-ହେ, ଅସୁନ୍ଦର-ହେ ।

**Misbecoming**, *a.* ଅନୁପଯୁକ୍ତ, ଅସୁନ୍ଦର ।

**Misbegotten**, *p.a.* ଜାରଜ, ଅସଜ୍ଜାତ ।

**Misbehave**, *v.i.* ଅସଦାଚାର-କ, ଅନୁଚିତ ବ୍ୟବହାର-କ ।

**Misbehaviour**, *n.* ଅସଦାଚାର, ଅନୁଚିତ ବ୍ୟବହାର ।

**Misbelief** *n.* ଭ୍ରମଯୁକ୍ତବିଶ୍ୱାସ, ଧର୍ମମତରେ ଭ୍ରାନ୍ତି ।

**Misbirth**, *n.* ଅକାଳଜନ୍ମ ।

**Miscalculate**, *v.t.* ଭୁଲକ୍ରମେ ଗଣନା-କ, ହିସାବରେ ଭୁଲ-କ ।

**Miscalculation**, *n.* ଭ୍ରମଯୁକ୍ତ ଗଣନା ।

**Miscall**, *v.t.* 1. ଅପ୍ରକୃତ ନାମ-ଦେ, ଭୁଲରେ ନାମ-ଦେ; 2. ଗାଳି-ଦେ, ତିରସ୍କାର-କ ।

**Miscarriage**, *n.* 1. ଅକାଳ ପ୍ରସବ, ଗର୍ଭପାତ; 2. ବିଫଳ କାର୍ଯ୍ୟ ; 3. କୁବ୍ୟବହାର ।

**Miscarry**, *v.i.* 1. ଅକୃତକାର୍ଯ୍ୟ-ହେ ; 2. ବିଫଳ-ହେ; 3. ପେଟଖସା-ହେ, ଗର୍ଭପାତ-ହେ ; 4. ଭୁଲକ୍ରମେ ବହନ କରାଯିବା ।

**Miscast**, *v.t.* and *v.i.* ଅଶୁଦ୍ଧରୂପେ ସଂଖ୍ୟା-କ ।

**Miscellaneous**, *a.* 1. ବିବିଧ, ବିଭିନ୍ନ, ନାନାପ୍ରକାର ; 2. ମିଶାମିଶି, ଗୋଳିଆ ।

Miscellany, *n.* 1. ବିବିଧ ବିଷୟରେ ଲିଖିତ ପ୍ରବନ୍ଧମାଳା; 2. ବିବିଧ ପ୍ରସଙ୍ଗୀୟ ପୁସ୍ତକ; 3. ନାନା ବିଷୟର ସଂଗ୍ରହ ।

Mischance, *n.* 1. ଦୁର୍ଭାଗ୍ୟ; 2. ଦୁର୍ଘଟଣା, ଦୁର୍ଦ୍ଦଶା; 3. ବିପଦ ।—*v.i.* 1. ଦୁର୍ଦ୍ଦଶା ଘଟିବା; 2. ଦୁର୍ଭାଗା-ହେ ।

Mischarge, *v.t.* 1. ଭୁଲରେ ଦୋଷାରୋପଣ-କ; 2. ହିସାବରେ ଭୁଲ-କ ।—*n.* ଅଠିକ ହିସାବ, ଅଶୁଦ୍ଧ ଦାବିମୂଲ୍ୟ ।

Mischief, *n.* 1. ଅମଙ୍ଗଳ ଘଟନା; 2. ମନ୍ଦ, ଅନିଷ୍ଟ; 3. ଅପକାର, କ୍ଷତି, ହାନି; 4. ଉତ୍ପାତ; 5. ବ୍ୟସ୍ତକାରୀ ଲୋକ; 6. କୌତୁକଭାବ ।—To play the mischief with, ଭଗ୍ନ ଅସ୍ତବ୍ୟସ୍ତ କରିବା ।

Mischief-maker, *n.* 1. ଅପକାର କରୁଥିବା ଲୋକ; 2. କ୍ଷତିକାରକ ଲୋକ ।

Mischief-making, *a.* କ୍ଷତିକାରକ ।

Mischievous, *a.* 1. ଅପକାରକ; 2. କ୍ଷତିଜନକ, ଦୁରନ୍ତ; 3. କୌତୁକ ପ୍ରିୟ ।

Mischievously, *ad.* 1. ଅପକାରକରୂପେ; 2. କ୍ଷତି ପୂର୍ବକ; 3. କୌତୁକଭାବେ । [କପ୍ରିୟତା ।

Mischievousness, *n.* 1. ଅପକାରତା; 2. କୌତୁ-

Mischoose, *v.t.* ଭୁଲରେ ପସନ୍ଦ-କ, ଭ୍ରମରେ ମନୋନୀତ-କ ।

Miscible, *a.* ମିଶ୍ରଣୀୟ, ମିଶ୍ରଣଯୋଗ୍ୟ । [-ଦେ ।

Miscite, *v.t.* ପ୍ରମାଣ ନିମନ୍ତେ ଭୁଲକ୍ରମେ ଉଦାହରଣ

Miscolour, *v.t.* ମିଥ୍ୟା ବର୍ଣ୍ଣନା-କ, ବିପରୀତ ବୋଧ-ଦେ ।

Miscomprehend, *v.t.* ଭୁଲକ୍ରମେ ଜାଣିବା, ଭ୍ରମଜ୍ଞାନ-କ ।

Miscomprehension, *n.* ଭ୍ରମଜ୍ଞାନ ।

Miscomputation, *n.* 1. ଭ୍ରମଯୁକ୍ତ ଅନୁମାନକ ଗଣନା; 2. ଅଶୁଦ୍ଧ ହିସାବ ।

Misconceit, *n.* ମିଥ୍ୟାବୋଧ, ଭ୍ରମ ।

Misconceive, *v.t.* 1. ଭ୍ରମପୂର୍ବକ ମନରେ ଗ୍ରହଣ-କ; 2. ମିଥ୍ୟାରେ ଭାବିବା; 3. ଭୁଲକ୍ରମେ ବିଚାର-କ ।—*v.i.* କୌଣସି ବିଷୟରେ ଭ୍ରମଯୁକ୍ତ-ହେ ।

Misconception, *n.* ଭ୍ରମବିଚାର ।

Misconduct, *n.* *mis-kon'-dukt*, 1. କଦାଚାର, କୁକର୍ମ, ଦୁଷ୍ଟଚରିତ୍ର; 2. କୁପରିଚାଳନ, ଭୁଲକ୍ରମେ କର୍ମନିର୍ବାହ ।—*v.t.* *mis-kon-dukt'*, 1. କଦାଚାରୀ-ହେ, ଦୁଷ୍ଟଚରିତ୍ର-ହେ, କୁକର୍ମ-କ; 2. ଭୁଲକ୍ରମେ କର୍ମନିର୍ବାହ-କ ।

Misconjecture, *n.* ଭୁଲଯୁକ୍ତ ଅନୁମାନ, ଭ୍ରମ ଅନ୍ଦାଜ ।—*v.t.* or *v.i.* ମିଥ୍ୟାନୁମାନ-କ, ଭ୍ରମ ଅନ୍ଦାଜ-କ ।

Misconstruct, *v.t.* ଭ୍ରମଯୁକ୍ତରୂପେ ନିର୍ମାଣ-କ ।

Misconstruction, *n.* 1. ଭ୍ରମଯୁକ୍ତ ନିର୍ମାଣ; 2. ମିଥ୍ୟାର୍ଥ, ଭ୍ରମାତ୍ମକ ଅର୍ଥବୋଧ ।

Misconstrue, *v.t.* 1. ମିଥ୍ୟାର୍ଥ-କ, ଭୁଲ ବ୍ୟାଖ୍ୟା-କ; 2. ବୁଝିବାରେ ଭ୍ରମ-କ ।

Miscount, *v.t.* 1. ଭୁଲ କରି ଗଣିବା, ଗଣନାରେ ଭୁଲ-କ; 2. ଭ୍ରମାତ୍ମକ ବିବେଚନା-କ ।—*n.* ଅଶୁଦ୍ଧ ଗଣନା ।

Miscreant, *n.* 1. ପାଷଣ୍ଡ ବ୍ୟକ୍ତି, ପାମର ଲୋକ; 2. ବଟୋଲ ଲୋକ, ଦୁରନ୍ତ ଲୋକ ।

Miscreated, *a.* 1. କୁଗଠିତ; 2. କୁରୂପ ।

Misdate, *v.t.* ଭୁଲ ତାରିଖ-ଦେ ।—*n.* ଅଶୁଦ୍ଧ ତାରିଖ ।

Misdeal, *n.* ଖେଳିବା ତାସ୍ ବଣ୍ଟନରେ ଭୁଲ ।—*v.t.* ଭୁଲ କରି ବାଣ୍ଟିବା ।—*v.i.* କୁବ୍ୟବହାର-କ ।

Misdecision, *n.* 1. ଅଯଥାର୍ଥ ନିଷ୍ପତ୍ତିକରଣ; 2. ଭ୍ରମଯୁକ୍ତ ନିଷ୍ପତ୍ତି । [ବିଶୃଙ୍ଖଳପଣ ।

Misdeed, *n.* 1. କୁକ୍ରିୟା; 2. ଦୋଷ; 3. ଅପରାଧ,

Misdeem, *v.t.* 1. ଭ୍ରମଯୁକ୍ତ ଅନୁମାନ-କ, ଭୁଲକ୍ରମେ ବୋଧ-କ; 2. ବିଚାରରେ ଭୁଲ-କ ।

Misdemean, *v.t.* ମନ୍ଦଭାବରେ ବ୍ୟବହାର-କ ।—*v.i.* ଅସଦାଚାରୀ-ହେ ।

Misdemeanant, *n.* ସାମାନ୍ୟ ଦୋଷୀ, ସାମାନ୍ୟ ଦଣ୍ଡଲଙ୍ଘନକାରୀ ବ୍ୟକ୍ତି । [ସାମାନ୍ୟ ଦୋଷ ।

Misdemeanour, *n.* 1. ଦୁରାଚାର, କୁବ୍ୟବହାର; 2.

Misdescribe, *v.t.* ମିଥ୍ୟାରୂପେ ବର୍ଣ୍ଣନା-କ ।

Misdirect, *v.t.* 1. ବତାଇବାରେ ଭୁଲ-କ, ଭୁଲରେ ପଥ ଦେଖାଇବା; 2. ଅଶୁଦ୍ଧ ଶିରୋନାମା ଲେଖିବା ।

Misdirection, *n.* 1. ବତାଇବାରେ ଭୁଲକରଣ; 2. ମିଥ୍ୟା ପଥଦର୍ଶନ; 3. ଅଶୁଦ୍ଧ ଶିରୋନାମା ।

Misdivide, *v.t.* ଅଶୁଦ୍ଧରୂପେ ବିଭାଗ-କ ।

Misdivision, *n.* ଅଯଥାର୍ଥ ବଣ୍ଟନ ।

Misdo, *v.t.* ମନ୍ଦରୂପେ-କ ।—*v.i.* ଦୁରାଚାରୀ-ହେ, ଭ୍ରାନ୍ତିରେ ପଡ଼ିବା । [ଅପରାଧୀ ।

Misdoer, *n.* ଦୁଷ୍କର୍ମକାରୀ ଲୋକ, ଦୁରାଚାରୀ ବ୍ୟକ୍ତି,

Misdoing, *n.* କୁକର୍ମ, ଅପରାଧ, ମନ୍ଦ ଆଚରବ୍ୟବହାର ।

Misdoubt, *v.t.* ସଂଶୟ-କ, ଆଶଙ୍କା-କ, ସନ୍ଦେହ-କ ।—*v.i.* ସନ୍ଦିଗ୍ଧଚିତ୍ତ-ହେ ।

Misemploy, *v.t.* 1. ଅଯଥାର୍ଥରୂପେ ବ୍ୟବହାର-କ; 2. ମିଥ୍ୟାରେ ବ୍ୟୟ-କ ।

Misemployment, *n.* 1. ଅଯଥାର୍ଥ ବ୍ୟବହାର; 2. ଅନୁପଯୁକ୍ତ ପ୍ରୟୋଗ; 3. ମିଥ୍ୟାବ୍ୟୟ । [ଲିଖନ ।

Misentry, *n.* *mis-en'tri*, ହିସାବ ଖାତାରେ ଭୁଲ

Miser, *n.* 1. କୃପଣ ଲୋକ, ବ୍ୟୟକୁଣ୍ଠ ବ୍ୟକ୍ତି; 2. ଅତିରିକ୍ତରୂପେ ଅର୍ଥସଞ୍ଚୟକାରୀ ଲୋକ ।

Miserable, *a.* 1. ଦୀନହୀନ, ଦୁର୍ଦ୍ଦଶାଗ୍ରସ୍ତ, ଦୁଃଖୀ; 2. ଦୁଃଖଦାୟକ; 3. ନୀଚ; 4. ଅକର୍ମଣ୍ୟ, ନାକସ; 5. ନୀରସ ।

Miserableness, *n.* ଦୀନତା, ଦୁର୍ଦ୍ଦଶାଗ୍ରସ୍ତତା ।

Miserably, *ad.* ଦୀନହୀନରୂପେ, ନୀଚଭାବେ, ମନ୍ଦରୂପେ ।

Miserere, *n.* 1. ରୋମାନ୍‌କାଥଲିକ୍‌ମାନଙ୍କ ମଧ୍ୟରେ ଗୀତସଂହିତାର ୫୧ ଗୀତର ନାମ; 2. ଭଜନାଳୟର ଆସନ ବିଶେଷ ଯହିଁରେ ଠିଆ ହେବା ଲୋକ ଅଉଜି ପାରେ ।

**Misericarde**, *n.* *miz-e-ri-kard'* 1. କୃପା, କ୍ଷମା, ଦୟା; 2. ଭଙ୍ଗାଇବା ଭଳି ଏକପ୍ରକାର ଅସ୍ତ୍ର; 3. ଛୁଞ୍ଚିବାପାଇଁ ଦ୍ୱିଧାର ଖଡ୍ଗାକାର ପୂର୍ବକାଳୀନ କ୍ଷୁଦ୍ର ଅସ୍ତ୍ର ବିଶେଷ.

**Miserly**, *a.* 1. ଅତି ଲୋଭୀ; 2. ବ୍ୟୟକାତର, କୃପଣ ।

**Misery**, *n.* 1. ଦୀନାବସ୍ଥା; 2. ଦୁର୍ଦ୍ଦଶା; 3. କ୍ଲେଶ, ଅତି ଦୁଃଖ; 4. ବିପତ୍ତି ।

**Misestimate**, *v.t.* ଅନୁମାନିକ ଗଣନାରେ ଭୁଲ-କ ।

**Misexpression**, *n.* ଅଶୁଦ୍ଧ ଉକ୍ତି, ଭୁଲଯୁକ୍ତ କଥା ।

**Misfashion**, *v.t.* ଅସୁନ୍ଦରରୂପେ ଗଠନ-କ, ବିକୃତରୂପେ ନିର୍ମାଣ-କ ।

**Misfeasance**, *n.* (Law) 1. ଅପରାଧ, ଆଜ୍ଞାଲଙ୍ଘନ; 2. ଅନୁଚିତ କାର୍ଯ୍ୟ ଅବୈଧମତେ ସାଧନା ।

**Misfit**, *n.* 1. ଅସମାନ ଯୋଡ; 2. ଯାହା ଯୁକ୍ତ ହେଉ ନାହିଁ ।—*v.t.* 1. ଅଠିକରୂପେ ବନାଇବା; 2. ଅସମାନ ବସ୍ତ୍ରାଦି ଯୋଗାଇବା; 3. ଅସଙ୍ଗତରୂପେ ଯୁକ୍ତ-ହେ ।

**Misform**, *v.t.* ମନ୍ଦରୂପେ ଗଢିବା, ଅନୁପଯୁକ୍ତମତେ ବନାଇବା । [3. ବିପଦ ।

**Misfortune**, *n.* 1. ଦୁର୍ଭାଗ୍ୟ; 2. ଦୁର୍ଘଟନା, ବିଘଟନ;

**Misgotten**, *a.* ଅବୈଧରୂପେ ପ୍ରାପ୍ତ ।

**Misgive**, *v.t.* ସନ୍ଦେହ ଜନ୍ମାଇବା, ଆଶାଭଙ୍ଗ-କ ।—*v.i.* 1. ସନ୍ଦିଗ୍ଧ-ହେ, ସଂଶୟାପନ୍ନ-ହେ; 2. ବିଫଳ-ହେ ।

**Misgiving**, *n.* 1. ସନ୍ଦେହ, ଅପ୍ରତ୍ୟୟ; 2. ଆଶଙ୍କା ।

**Misgovern**, *v.t.* 1. କୁଶାସନ-କ; 2. ଅନ୍ୟାୟଭାବେ କର୍ତ୍ତୃତ୍ୱ-କ । [କାଣ୍ଡ ବାହ୍ୟ ବୃଦ୍ଧି ।

**Misgrowth**, *n.* ଅନିୟମିତ ବୃଦ୍ଧି, ଅସ୍ୱାଭାବିକ ବିରୂପ-

**Misguide**, *v.t.* 1. ପଥ କଢାଇବାରେ ଭୁଲ-କ, ବିପଥରେ ନେବା; 2. କୁପରାମର୍ଶ-ଦେ, ଭ୍ରାନ୍ତିରେ ପକାଇବା ।

**Misguidance**, *n.* 1. ଭୁଲଯୁକ୍ତ ପଥପ୍ରଦର୍ଶନ; 2. କୁପରାମର୍ଶ, କୁପ୍ରବୃତ୍ତି ।

**Mishandle**, *v.t.* 1. ମନ୍ଦଭାବେ ଚଳାଇବା; 2. ଅତ୍ୟାଚାର-କ, କ୍ଲେଶ-ଦେ ।

**Mishap**, *n.* ଅଶୁଭ ଘଟନା, ଦୁର୍ଘଟନା, ବିଘଟନ, ବିପତ୍ତି ।

**Mishnah**, **Mishna**, *n.* ଟାଲ୍‌ମଡ୍ ନାମକ ଯିହୁଦୀୟମାନଙ୍କ ପରମ୍ପରାଗତ ବ୍ୟବସ୍ଥା ଶାସ୍ତ୍ରର ପ୍ରଥମ ଭାଗ ।

**Misinfer**, *v.t.* ଭୁଲରେ ଅନୁମାନ-କ ।

**Misinform**, *v.t.* ଅଶୁଦ୍ଧରୂପେ ଜଣାଇବା, ଅଯଥାର୍ଥରୂପେ ଜ୍ଞାତ କରାଇବା ।

**Misinformation**, *n.* ଅଶୁଦ୍ଧ ବୃତ୍ତାନ୍ତ, ମିଥ୍ୟା ସମ୍ବାଦ ।

**Misinformant**, **Misinformer**, *n.* ଅଶୁଦ୍ଧ ବୃତ୍ତାନ୍ତଜ୍ଞାପକ, ମିଥ୍ୟା ସମ୍ବାଦଦାତା ।

**Misinstruct**, *v.t.* 1. ଭ୍ରମଯୁକ୍ତରୂପେ ଶିକ୍ଷା-ଦେ; 2. କୁଉପଦେଶ-ଦେ ।

**Misinterpret**, *v.t.* 1. ମିଥ୍ୟାର୍ଥ ବୁଝାଇବା, ଭୁଲ କରି ବ୍ୟାଖ୍ୟା-କ; 2. ଭ୍ରମରେ ବୁଝିବା ।

**Misinterpretation**, *n.* 1. ମିଥ୍ୟାର୍ଥ, ଭୁଲଯୁକ୍ତ ବ୍ୟାଖ୍ୟା; 2. ଭ୍ରମବୋଧ ।

**Misjoin**, *v.t.* ଅଠିକରୂପେ ଯୋଡିବା ।

**Misjoinder**, *n.* ମକଦ୍ଦମାରେ ବ୍ୟକ୍ତିମାନଙ୍କର ଜଡିତ ହେଉଥିବାଦର ଅନୁପଯୁକ୍ତ ମିଳନ ।

**Misjudge**, *v.t.* 1. ଭୁଲ କରି ବିଚାର-କ; 2. ବିଚାରରେ ଅନ୍ୟାୟ-କ ।—*v.i.* 1. କୁତର୍କ-କ; 2. ଭ୍ରମପୂର୍ବକ ମତ ସ୍ଥିର-କ ।

**Misjudgment**, *n.* ଭ୍ରମଯୁକ୍ତ ବିଚାର ।

**Mislabel**, *v.t.* ଅଶୁଦ୍ଧ ଲେବଲ ଲଗାଇବା ।

**Mislay**, *v.t.* 1. ଅସ୍ଥାନରେ ରଖିବା; 2. ଭୁଲିଯିବା ସ୍ଥାନରେ ରଖିବା; 3. ହଜାଇବା ।

**Misle**, see Mizzle.

**Mislead**, *v.t.* 1. ବିପଥରେ ନେବା, ଭୁଲରେ ବାଟ କଢାଇବା; 2. ଭ୍ରାନ୍ତିରେ ପକାଇବା; 3. ଭୁଲାଇବା ।

**Misleading**, *a.* ଭ୍ରାନ୍ତିଜନକ, ଭ୍ରମୋତ୍ପାଦକ ।

**Misleadingly**, *ad.* ଭ୍ରାନ୍ତିଜନକଭାବେ ।

**Misletoe**, see Mistletoe.

**Mislike**, *v.t.* 1. ଘୃଣା-କ; 2. ଅଶ୍ରଦ୍ଧା-କ; 3. ଅରୁଚିକର ମଣିବା, ଅପସନ୍ଦ-କ ।—*n.* ବିରକ୍ତି ଭାବ, ଅଶ୍ରଦ୍ଧା, ଘୃଣା ।

**Mislikeness**, ଭ୍ରାନ୍ତିଜନକ ସାଦୃଶ୍ୟ ।

**Mismanage**, *v.t.* ମନ୍ଦଭାବେ କାର୍ଯ୍ୟ ଚଳାଇବା, ଅଜ୍ଞାତରେ କାର୍ଯ୍ୟ-କ, ଅପଟୁଭାବେ କର୍ମନିର୍ବାହ-କ ।

**Mismanagement**, *n.* ଅଜ୍ଞାତଭାବେ କର୍ମନିର୍ବାହ, ମନ୍ଦଭାବେ କାର୍ଯ୍ୟସାଧନା ।

**Mismanager**, *n.* ତ୍ରୁଟିକାରୀ କର୍ମନିର୍ବାହକ ।

**Mismatch**, *v.t.* ଅସମାନରୂପେ ଯୋଡା-କ ।

**Mismate**, *v.t.* ଅସମାନରୂପେ ବିବାହ-କ ।

**Mismeasurement**, *n.* ଭୁଲ ମାପ, ଅଶୁଦ୍ଧ ପରିମାଣ ।

**Misname**, *v.t.* ମିଥ୍ୟା ନାମ-ଦେ, ଅନ୍ୟ ନାମରେ ଡାକିବା ।

**Misnomer**, *n.* 1. ଅଶୁଦ୍ଧ ନାମକରଣ: 2. ମିଥ୍ୟାନାମ ।

**Misogamist**, *n.* ବିବାହ ଦ୍ୱେଷକ ।

**Misogamy**, *n.* ବିବାହ ଘୃଣା, ପରିଣୟ ଦ୍ୱେଷ ।

**Misogynist**, *n.* ସ୍ତ୍ରୀଜାତି ଦ୍ୱେଷକ ।

**Misogyny**, *n.* ସ୍ତ୍ରୀଦ୍ୱେଷ, ସ୍ତ୍ରୀ ଜାତି ପ୍ରତି ଘୃଣା ।

**Misologist**, *n.* ତର୍କ ଦ୍ୱେଷକ, ଯୁକ୍ତି ଘୃଣାକାରୀ ବ୍ୟକ୍ତି ।

**Misology**, *n.* ତର୍କ ଦ୍ୱେଷ, ଯୁକ୍ତି ପ୍ରତି ଘୃଣା ।

**Misotheism**, *n.* ପରମେଶ୍ୱରଙ୍କ ପ୍ରତି ଘୃଣାଭାବ, ଦୈବ ଦ୍ୱେଷ ।

**Mispersuasion**, *n.* ଅସଙ୍ଗତ ବୋଧ, ମିଥ୍ୟା ମତ ।

**Misplace**, *v.t.* 1. ଅସ୍ଥାନରେ ଥୋଇବା; 2. ଅନୁପଯୁକ୍ତ ସ୍ଥାନରେ ରଖିବା । କାର୍ଯ୍ୟରେ ଭୁଲ-କ ।

**Misplead**, *v.i.* ଭୁଲକ୍ରମେ ଓକିଲ କାର୍ଯ୍ୟ-କ, ଓକାଲତି

**Mispoint**, *v.t.* ଭୁଲକରି ପଦଚ୍ଛେଦ-ଦେ ।

**Mispolicy**, *n.* ମନ୍ଦ କୌଶଳ ।

**Misprint**, *v.t.* ଅଶୁଦ୍ଧ ଛାପା-କ ।—*n.* ଛାପାର ଭୁଲ ।

**Misprision**, *n.* (Law) ରାଜଦ୍ରୋହାଦି ମହାପରାଧ ଗୁପ୍ତକରଣ ।

**Mispronounce**, *v.t.* ଅଶୁଦ୍ଧ ଉଚ୍ଚାରଣ-କ ।

**Mispronunciation**, *n.* ଅଶୁଦ୍ଧୋଚ୍ଚାରଣ ।

**Mispunctuate**, *v.t.* ଅଶୁଦ୍ଧରୂପେ ପଦଚ୍ଛେଦ-କ, ଭୁଲକରି ପଦଚିହ୍ନ-ଦେ ।

**Misproportion**, *v.t.* ଅସ୍ୱାଭାବିକରୂପେ ଭାଗ-କ ।

**Misquote**, *v.t.* ଅଶୁଦ୍ଧରୂପେ ଉଦ୍ଧୃତ-କ, ଭ୍ରମପୂର୍ବକ ଶାସ୍ତ୍ରରୁ ଉଲ୍ଲେଖ-କ ।

**Misquotation**, *n.* ଅଶୁଦ୍ଧ ଉଦ୍ଧୃତ ବାକ୍ୟ ।

**Misread**, *v.t.* 1. ଅଶୁଦ୍ଧରୂପେ ପାଠ-କ; 2. ଭୁଲରେ ବ୍ୟାଖ୍ୟା-କ; 3. ଭ୍ରମରେ ବୁଝିବା । [-କ ।

**Misreckon**, *v.t.* ଅଶୁଦ୍ଧରୂପେ ଗଣନା-କ, ଭୁଲ ହିସାବ

**Misreckoning**, *n.* ଅଶୁଦ୍ଧ ଗଣନା, ଭୁଲଯୁକ୍ତ ହିସାବ ।

**Misrelate**, *v.t.* ଅଶୁଦ୍ଧରୂପେ ବର୍ଣ୍ଣନା-କ, ଭୁଲକ୍ରମେ ବୃତ୍ତାନ୍ତ କହିବା ।

**Misremember**, *v.t.* ସ୍ମରଣରେ ଭୁଲ-କ ।—*v.i.* ଠିକ୍‌ରୂପେ ମନେ ନ ପଡିବା ।

**Misreport**, *v.t.* ମିଥ୍ୟା ସମ୍ବାଦ-ଦେ, ଭ୍ରମପୂର୍ବକ ବିବରଣ-କ ।—*n.* ମିଥ୍ୟାବାର୍ତ୍ତା ।

**Misrepresent**, *v.t.* 1. ମିଥ୍ୟାଭାବେ ଦେଖାଇବା; 2. ପ୍ରତିନିଧି କାର୍ଯ୍ୟ ଅବିଶ୍ୱସ୍ତ ଭାବେ-କ ।—*v.i.* ଭ୍ରମବୋଧ ଜନ୍ମାଇବା ।

**Misrepresentation**, *n.* 1. ମିଥ୍ୟାଭାବେ ଦେଖାଇବା କିମ୍ବା, ଭ୍ରମବୋଧ ଦାନ ; 2. ମିଥ୍ୟା ବର୍ଣ୍ଣନା; 3. ପ୍ରତିନିଧି କାର୍ଯ୍ୟରେ ଅବିଶ୍ୱସ୍ତପଣ ।

**Misresemblance**, *n.* ଅସମ୍ପୂର୍ଣ୍ଣ ସାଦୃଶ୍ୟ ।

**Misrule**, *n.* 1. କୁଶାସନ, ଅନ୍ୟାୟ ରାଜତ୍ୱ; 2. ବିଶୃଙ୍ଖଳତା ; 3. ବିଦ୍ରୋହଜାତ ଗଣ୍ଡଗୋଳ ।—*v.t.* and *i.* ମନ୍ଦରୂପେ ରାଜତ୍ୱ-କ ।

**Miss**, (1) *n.* (*pl*) Misses, 1. ଅବିବାହିତା ସ୍ତ୍ରୀର ଉପାଧି, ଅନୂଢାର ପଦବୀ; 2. ଯୁବତୀ, କୁମାରୀ ।

**Miss**, (2) *n.* 1. ଲକ୍ଷ୍ୟସ୍ଥାନ ଅଭେଦକରଣ; 2. ହାନି ।—A miss is as good as a mile, ଅଳ୍ପରୁ ଅତ୍ୟଳ୍ପରେ ରକ୍ଷା ପାଇବା, ତହିଁରେ ଅଟେ ନ ପଡିବା ପରି ଅଟେ ।—*v.t.* 1. ଲକ୍ଷ୍ୟକୁ ନ ମାରିବା; 2. ହରାଇବା; 3. ଛାଡିବା ; 4. ଅଭାବ ବୋଧ-କ; 5. ପାଳନ ନ-କ, ତ୍ରୁଟି-କ ।—*v.i.* 1. ଲକ୍ଷ୍ୟ ନ ବାଜିବା, ଲକ୍ଷ୍ୟ ଫିଟିଯିବା; 2. ଅପ୍ରାପ୍ତ-ହେ; 3. ବିଫଳ-ହେ; 4. ଭୁଲରେ ପଡିବା ।—To miss fire, ବନ୍ଧୁକ ନ ଫୁଟିବା ।

**Missal**, *n.* ରୋମାନ୍‌କାଥଲିକ୍ ମତରେ ପ୍ରଭୁଭୋଜ ପ୍ରତିପାଳନ ବିଷୟକ ବର୍ଷବ୍ୟାପୀ ଉପାସନା ପୁସ୍ତକ, ପ୍ରାର୍ଥନାପଦ୍ଧତି ଗ୍ରନ୍ଥ ।

**Missay**, *v.t.* ଅଶୁଦ୍ଧରୂପେ କହିବା, ମିଥ୍ୟାରେ କହିବା ।

**Missel-thrush, Mistle-thrush**, *n.* ଇଉରୋପ ଦେଶର ମଲଙ୍ଗ କୋଳି ଖାଇବା ସୁନାଦସ୍ୱରବିଶିଷ୍ଟ ପକ୍ଷୀ ବିଶେଷ ।

**Misshape**, *v.t.* 1. କଦାକାର-କ, ବିରୂପକରି ନିର୍ମାଣ-କ; 2. ରୂପ ବିକୃତ-କ ।—*n.* ବିକୃତାକାର, କୁତ୍ସିତ ରୂପ ।

**Misshapen**, *p.a.* କୁତ୍ସିତ, ବିକୃତାକାର ବିଶିଷ୍ଟ ।

**Missile**, *a.* କ୍ଷେପଣୀୟ, ନିକ୍ଷେପ ଯୋଗ୍ୟ, ହସ୍ତକ୍ଷିପ୍ତବ୍ୟ ।—*n.* 1. ହସ୍ତ କ୍ଷେପଣୀୟ ଅସ୍ତ୍ର; 2. ପ୍ରକ୍ଷିପ୍ତ ବସ୍ତୁ ।

**Missing**, *a.* 1. ସମୁଚିତ ସ୍ଥାନେ ଅବର୍ତ୍ତମାନ ; 2. ହଜା; 3. ନ ଥିବା ।—Missing link, (Zoology) ଶିକୁଳିରେ ଯୋଡିବେ ନ ଥିବା କଡା ପରି ଦୁଇ ଶ୍ରେଣୀ ଜୀବ ମଧ୍ୟରେ ଅନୁମାନିକ ଅଦୃଶ୍ୟ ଯୋଗାଂଶ ।

**Mission**, *n.* 1. କୌଣସି କର୍ମନିର୍ବାହକ, ପ୍ରତିନିଧି ବା ଦୂତ ପ୍ରେରଣ, ବିଶେଷ କର୍ମରେ ନିଯୋଗ; 2. ଦୌତ୍ୟ କର୍ମ, ପ୍ରେରଣର ଅଭିପ୍ରାୟ; 3. ଧର୍ମ ବିସ୍ତାରାର୍ଥେ ଲୋକଙ୍କ ପ୍ରେରଣ; 4. ଧର୍ମ ଉଦ୍ଦୀପନାର୍ଥେ ବିଶେଷ ପ୍ରଚାରକଙ୍କ ଦ୍ୱାରା ସାଧିତ ସେବାକର୍ମ; 5. ଧର୍ମ ବିସ୍ତାରାର୍ଥେ ମନୋନୀତ କୌଣସି କାର୍ଯ୍ୟକ୍ଷେତ୍ର; 6. ବିଶେଷ କର୍ମରେ ପ୍ରେରିତ ଲୋକଗଣ; 7. ରାଜଦୂତଗଣ; 8. ଧର୍ମ ବିସ୍ତାରାର୍ଥେ ପ୍ରେରିତ ଏକ ସ୍ଥାନର ବ୍ୟକ୍ତିସମୂହ ବା ସେମାନଙ୍କ ବସତି ସ୍ଥାନ; 9. ମନୋନୀତ କାର୍ଯ୍ୟ ।

**Missionary**, *n.* ଧର୍ମ ବିସ୍ତାରାର୍ଥେ ପ୍ରେରିତ ବ୍ୟକ୍ତି ।—*a.* 1. ଦୌତ୍ୟ କର୍ମ ବିଷୟକ; 2. ଧର୍ମ ବିସ୍ତାରାର୍ଥେ କାର୍ଯ୍ୟ ସମ୍ବନ୍ଧୀୟ । [ପରିତ୍ୟକ୍ତ ।

**Missioner**, *n.* ଧର୍ମ ଉଦ୍ଦୀପନାର୍ଥେ ବିଶେଷ ସେବାକର୍ମ

**Mission-school**, 1. ଦାନ ଦ୍ୱାରା ସଂରକ୍ଷିତ ଧର୍ମ ବା ସାଧାରଣ ଶିକ୍ଷା ଦେବା ପାଇଁ ଗରିବ ପିଲାମାନଙ୍କ ପାଠଶାଳା, ଧର୍ମ ପାଠଶାଳା; 2. ବିଦେଶରେ ଧର୍ମ ବିସ୍ତାରାର୍ଥେ ସଂସ୍ଥାପିତ ପାଠଶାଳା । [ମାଇପ, ଗୃହିଣୀ ।

**Missis**, *n.* a colloquial form of Mistress,

**Missish**, *a.* କୁମାରୀ ପରି ସୁବେଶଧାରୀ, ଅସ୍ୱାଭାବିକ ଲଜ୍ଜାଶୀଳ, କରୁଣରସଯୁକ୍ତ ।—*n.* ସାନ କୁମାରୀ ।

**Missive**, *a.* 1. ପ୍ରେରିତ, ପ୍ରେଷିତ; 2. ପ୍ରେରଣୀୟ, ପଠା ଯିବା ଯୋଗ୍ୟ; 3. କ୍ଷେପଣୀୟ ।—*n.* ପ୍ରେରିତ ଚିଠା ପତ୍ର । [ଭୁଲିଯିବା ।

**Misspeak**, *v.t.* ଭୁଲକ୍ରମେ କହିବା ।—*v.i.* କହିବାରେ

**Misspell**, *v.t.* ଅଶୁଦ୍ଧରୂପେ ବନାନ-କ, ଅକ୍ଷର ଭୁଲରେ ଯୋଡିବା, ବର୍ଣ୍ଣଯୋଗରେ ଭୁଲ-କ ।

**Misspelling**, *n.* ଅଶୁଦ୍ଧ ବନାନ ।

**Misspend**, *v.t.* 1. ମନ୍ଦଭାବେ ବ୍ୟୟ-କ, ଅନର୍ଥକ ବ୍ୟୟ-କ; 2. ଉଡାଇବା, ଅପବ୍ୟୟ-କ ।

**Misstate**, *v.t.* 1. ଅଯଥାର୍ଥରୂପେ ବୃତ୍ତାନ୍ତ କହିବା, ଅଶୁଦ୍ଧରୂପେ ବର୍ଣ୍ଣନା-କ; 2. ମିଥ୍ୟାରୂପେ ଦର୍ଶାଇବା ।

**Misstatement**, *n.* ଅଯଥାର୍ଥ ବୃତ୍ତାନ୍ତ, ମିଥ୍ୟା ବର୍ଣ୍ଣନା, ଭୁଲ ବିବରଣୀ ।

**Missuit**, *v.t.* ଯେକୌଣସିରେ ଅନୁପଯୁକ୍ତ-ହେ ।

**Missy**, *n.* ସାନ କୁମାରୀ ।

**Mist**, *n.* 1. କୁହୁଡି, କୁହୁଡ଼ିଟିକା, ତୁଷାର, କୁଅଁଶା ; 2. ଗୁଣ୍ଡା ବୃଷ୍ଟି; 3. (ଦୃଷ୍ଟି ବା ବିଚାରକୁ) ଅସ୍ପଷ୍ଟକାରୀ ବିଷୟ; 4. ଧନ୍ଦାମି ।

**Mistakable**, *a.* ଭ୍ରାନ୍ତିଯୋଗ୍ୟ, ଭ୍ରମବୋଧ୍ୟ ।

**Mistake**, *v.t.* ଭ୍ରମ-କ, ଭୁଲକରି ବୁଝିବା, ଭ୍ରମବୋଧ-କ ।—*v.i.* ଭ୍ରାନ୍ତିରେ ପଡିବା, ବିଚାରରେ ଭୁଲିଯିବା ।—*n.* 1. ତ୍ରୁଟି, ଭୁଲ, ଭ୍ରମ, ଭ୍ରାନ୍ତି, ଅଶୁଦ୍ଧ ବୋଧ; 2. ତ୍ରୁଟି ।—And no mistake, ଏଥି ସନ୍ଦେହ ନାହିଁ, ନିଶ୍ଚେ ।

**Mistaken,** *a.* ଭ୍ରାନ୍ତ, ଭ୍ରମଯୁକ୍ତ, ଭ୍ରମବିଶିଷ୍ଟ, ଅଶୁଦ୍ଧ ।

**Mistakenly,** *ad.* ଭୁଲରେ, ଭ୍ରମପୂର୍ବକ ।

**Misteach,** *v.t.* 1. ଭୁଲକରି ଶିକ୍ଷା-ଦେ; 2. ମନ୍ଦ ଶିକ୍ଷା-ଦେ ।

**Mistell,** *v.t.* ଭୁଲ କରି କହିବା ।

**Mister,** written Mr. *n.* ମହାଶୟ, ସମ୍ଭ୍ରମସୂଚକ ଉପାଧି ବିଶେଷ, ଯଥା :—ବାବୁ ।

**Misterm,** *v.t.* ଅଶୁଦ୍ଧ ନାମ-ଦେ, ନାମ ଦେବାରେ ଭୁଲ-କ ।

**Misthink,** *v.i.* 1. ଭ୍ରମଯୁକ୍ତ ବୋଧ-କ; 2. ମନ୍ଦଭାବେ ଭାବିବା ।

**Mistily,** *ad.* କୁହୁଡି ଭାବରେ, କୁହୁଡି ପରି ଅସ୍ପଷ୍ଟରୂପେ ।

**Mistiness,** *n.* 1. କୁହୁଡିଆ ଭାବ; 2. ଅସ୍ପଷ୍ଟତା; 3. ଧନ୍ଦଳାମି ।

**Mistimed,** *a.* ଅକାଳ, ଅସାମୟିକ ।

**Mistletoe,** *n.* ଇଂଲଣ୍ଡୀୟ କେତେ ଫଳଗଛ ଉପରେ ଜାତ ହେବା ଏକପ୍ରକାର ପରଗଛ କୋଳି ଲତା ।

**Mistrain,** *v.t.* ଅନୁଚିତରୂପେ ଶିକ୍ଷା ଦିଆଇବା ।

**Mistral,** *n.* ଦକ୍ଷିଣ ଫ୍ରାନ୍ସ ଓ ତନ୍ନିକଟବର୍ତ୍ତୀ ଦେଶମାନଙ୍କରେ ସମୟେ ସମୟେ ଉତ୍ତରପଶ୍ଚିମ ଦିଗରୁ ବହିବା ପ୍ରଚଣ୍ଡ ବାୟୁ ।

**Mistranslate,** *v.t.* ଭୁଲ କରି ତର୍ଜମା-କ, ଅଶୁଦ୍ଧରୂପେ ଭାଷାନ୍ତର-କ, ଅପ୍ରକୃତ ଅନୁବାଦ-କ ।

**Mistranslation,** *n.* ଭ୍ରମଯୁକ୍ତ ତର୍ଜମା, ଅଶୁଦ୍ଧ ଭାଷାନ୍ତର, ଅପ୍ରକୃତ ଅନୁବାଦ ।

**Mistress,** *n.* (*fem.* of Master) 1. ଠାକୁରାଣୀ, ଯାଆନ୍ତାଣୀ, ଗୃହିଣୀ: 2. କର୍ତ୍ତ୍ରୀ; 3. ଶିକ୍ଷାଦାୟିନୀ; 4. ସୁଦକ୍ଷା ସ୍ତ୍ରୀ; 5. ପ୍ରିୟା, ପ୍ରେମପାତ୍ରୀ; 6. ଉପପତ୍ନୀ । (*fem.* of Mister, written Mrs.) ବିବାହିତ ସ୍ତ୍ରୀର ସମ୍ଭ୍ରମସୂଚକ ଉପାଧି ବିଶେଷ ଯଥା :—ବାବୁଆଣୀ ।

**Mistrust,** *n.* ଅପ୍ରତ୍ୟୟ, ଅଶ୍ରଦ୍ଧା, ନିର୍ଭରର ଅଭାବ ।—*v.t.* ଅପ୍ରତ୍ୟୟ-କ, ସନ୍ଦେହ-କ ।

**Mistrustful,** *a.* ଅପ୍ରତ୍ୟୟୀ, ଶଙ୍କାଗ୍ରାହୀ, ସନ୍ଦେହୀ ।

**Mistrustfulness,** *n.* ଅପ୍ରତ୍ୟୟତା, ସନ୍ଦିଗ୍ଧତା ।

**Mistrustingly,** *ad.* ଅପ୍ରତ୍ୟୟପୂର୍ବକ, ସନ୍ଦିଗ୍ଧଭାବେ ।

**Misture,** *v.t.* 1. ସ୍ୱର ବିକାର-କ; 2. ବାଦ୍ୟଯନ୍ତ୍ର ଅଶୁଦ୍ଧରୂପେ ସାଜ-କ ।

**Misty,** *a.* କୁହୁଡିଆ, କୁଜ୍ଝଟିକାମୟ ।

**Misunderstand,** *v.t.* 1. ଭୁଲ କରି ବୋଧ-କ, ଅଯଥାର୍ଥରୂପେ ବୁଝିବା, ବିପରୀତ ଅର୍ଥ ଗ୍ରହଣ-କ; 2. ଭାବ ନ ବୁଝିବା ।

**Misunderstanding,** *n.* 1. ଅଯଥାର୍ଥବୋଧ, ବିପରୀତ ଜ୍ଞାନ; 2. ଅମିଳନ, ମନାନ୍ତର ।

**Misusage,** *n.* 1. ଅତ୍ୟାଚାର; 2. ଭ୍ରଷ୍ଟକରଣ ।

**Misuse,** *n.* ଅସଙ୍ଗତ ବ୍ୟବହାର, ଅପପ୍ରୟୋଗ ।—*v.t.* 1. କୁଅଭିପ୍ରାୟରେ ବ୍ୟବହାର-କ, ଅନୁପଯୁକ୍ତରୂପେ ବ୍ୟବହାର-କ, ଅପପ୍ରୟୋଗ-କ; 2. ଅତ୍ୟାଚାର-କ; 3. ଭ୍ରଷ୍ଟ-କ ।

**Mite,** (1) *n.* ଅତି କ୍ଷୁଦ୍ର କୀଟ, ପନିର ଆଦିରେ ଥିବା ପୋକ ।

**Mite,** (2) *n.* 1. ଅର୍ଦ୍ଧ ପାହୁଲା ମୂଲ୍ୟ ସର୍ବାପେକ୍ଷା କ୍ଷୁଦ୍ରତମ ମୁଦ୍ରା; 2. ଅତି କ୍ଷୁଦ୍ର ବିଷୟ; 3. ନିହାତି ସାନ ପିମ୍ପୁଡି ।

**Mithras,** *n.* ବେଦ ଶାସ୍ତ୍ରୀୟ ମିତ୍ର ସମତୁଲ୍ୟ ପାରସ୍ୟ ଲୋକଙ୍କ ଜ୍ୟୋତିର୍ଦେବ ।

**Mithridate,** *n.* ବିଷନାଶକ ଔଷଧ, ବିଷଘ୍ନ ଔଷଧ ।

**Mitigable,** *a.* 1. ହ୍ରାସ୍ୟ, ଲଘୁକରଣୀୟ; 2. ଉପଶମଯୋଗ୍ୟ; 3. ଶାନ୍ତକରଣୀୟ ।

**Mitigate,** *v.t.* 1. ହ୍ରାସ-କ, ଲାଘବ-କ; 2. ଉପଶମ-କ; 3. ଶାନ୍ତ-କ, ଥୟ-କ; 4. ଊଣା-କ ।

**Mitigation,** *n.* 1. ହ୍ରାସକରଣ; 2. ଉପଶମ; 3. ହ୍ରାସ, ଲାଘବ ।

**Mitigative, Mitigatory,** *a.* 1. ହ୍ରାସଜନକ; 2. ଉପଶମକାରୀ ।

**Mitigator,** *n.* 1. ହ୍ରାସକାରୀ ବ୍ୟକ୍ତି; 2. ଉପଶମ [କର୍ତ୍ତା ।

**Mitre,** *n.* 1. ମହା ଧର୍ମାଧ୍ୟକ୍ଷଙ୍କ ଶିରୋଭୂଷଣ; 2. ମହା ଧର୍ମାଧ୍ୟକ୍ଷଙ୍କ ପଦ; 3. ଯିହୁଦୀ ମହାଯାଜକଙ୍କ ପାଗ; 4. କୋଣର ଅର୍ଦ୍ଧ ଯୋଡ; 5. ଧୂମନଳୀର ଢୋଙ୍କଣୀ ବିଶେଷ; 6. (ସିଲାଇ କାର୍ଯ୍ୟରେ) ତିନି କୋଣିଆ ଲୁଗା-ଖଣ୍ଡ ।—*v.t.* 1. ମହା ଧର୍ମାଧ୍ୟକ୍ଷଙ୍କ ଶିରୋଭୂଷଣ ଲଗାଇବା; 2. କୋଣର ଅର୍ଦ୍ଧ ଯୋଡ ଦ୍ୱାରା ଯୁକ୍ତ-କ ।

**Mitten,** *n.* 1. ପ୍ରତ୍ୟେକ ଅଙ୍ଗୁଳି ପାଇଁ ଭିନ୍ନ ଭିନ୍ନ ଖୋଳ ନ ଥିବା ଶୀତକାଳୀନ ପିନ୍ଧିବା ଦସ୍ତାନା ବିଶେଷ; 2. ଅଙ୍ଗୁଳୀ ଖୋଲା ଏକପ୍ରକାର ଅଧ ହାତ ମୋଜା ।

**Mittimus,** *n.* 1. (Law) ଦୋଷ ବିଚାର ପୂର୍ବେ ଦୋଷିକୁ କାରାବଦ୍ଧ କରିବାର ଆଜ୍ଞାପତ୍ର; 2. ଏକ ଅଦାଲତରୁ ଅନ୍ୟ ଅଦାଲତକୁ କାଗଜ ପତ୍ରର ଶିରସ୍ତା ପଠାଇବା ପାଇଁ ପରୱାନା; 3. କାର୍ଯ୍ୟରୁ ବିଦାୟ, [ପଦଚ୍ୟୁତ ।

**Mity,** *a.* କୀଟମୟ, ପୋକଯୁକ୍ତ ।

**Mix,** *v.t.* 1. ମିଶାଇବା, ମିଶ୍ରଣ-କ; 2. ମିଳାଇବା; 3. ସଙ୍ଗ-କ; 4. ଯୋଗଦାନ-କ ।—*v.i.* 1. ମିଳିବା, ମିଶ୍ରିତ-ହେ; 2. ସଂଯୁକ୍ତ-ହେ; 3. ସଙ୍ଗୀ-ହେ ।

**Mixable, Mixible,** *a.* ମିଶ୍ରଣଯୋଗ୍ୟ ।

**Mixed,** *a.* 1. ମିଶ୍ରିତ; 2. ମିଶାମିଶି; 3. ଗୋଳମାଳିଆ । —Mixed marriage, ବିଭିନ୍ନ ଧର୍ମାବଲମ୍ବୀମାନଙ୍କ ବିବାହ ।

**Mixer,** *n.* 1. ମିଶାଇବା ଲୋକ; 2. ମିଳାଇବା ପଦାର୍ଥ; [3. ମିଳାଇବା ଯନ୍ତ୍ର ।

**Mixture,** *n.* 1. ମିଶ୍ରଣକରଣ; ମିଶ୍ରିତାବସ୍ଥା; 3. ମିଶ୍ରିତ ଦ୍ରବ୍ୟ; 4. ଅରସାୟନିକ ମିଳିତ ପଦାର୍ଥ; 5. ଚିତ୍ରବିଚିତ୍ର ଲୁଗା ।

**Mizzen, Mizen,** *n.* ତୋଫାନ ସମୟରେ ବ୍ୟବହୃତ ତ୍ରିମାସ୍ତୁଲବିଶିଷ୍ଟ ଜାହାଜର ସବୁ ପଶ୍ଚାତ୍ ମାସ୍ତୁଲରେ ଯୁକ୍ତ ତିନିକୋଣିଆ ପାଲ ।—*a.* ଜାହାଜର ପଶ୍ଚାତ୍ ଭାଗର ସମୀପସ୍ଥ ।—Mizen mast, ତ୍ରିମାସ୍ତୁଲବିଶିଷ୍ଟ ଜାହାଜର ସବୁ ପଶ୍ଚାତ୍ ମାସ୍ତୁଲ ।

**Mizzle,** (1) *v.i.* କୁଣ୍ଡା ବୃଷ୍ଟି-ହେ, କୁହୁଡି ପରି ବର୍ଷିବା ।

**Mizzle,** (2) *v.t.* ମଦ୍ୟପାନ ଦ୍ୱାରା ବିହ୍ୱଳ-କ ।

**Mnemonic, Mnemonical,** *a.* ସ୍ମରଣକାରକ, ସ୍ମୃତିଜନକ ।

**Mnemonics**, *n.* 1. ସ୍ମରଣ ସହାୟ୍ୟ ବଦ୍ୟା; 2. ଅସଙ୍ଗତ ଘଟନା ଅଦ ସ୍ମରଣ ରଖିବା ଉପାୟ ବଶେଷ ।

**Moabite**, *n.* ଲୋଟର ପୁତ୍ର ମୋୟାବ ବଂଶଜ ଲୋକ ।—*a.* ମୋୟାବୀୟ, ମୋୟାବ ଦେଶୀୟ ।

**Moan**, *v.i.* ଧୀର ସ୍ୱରରେ କାତରୋକ୍ତି-କ, ଖେଦୋକ୍ତି-କ, ଆର୍ତ୍ତନାଦ-କ, ବେଦନାରେ କ୍ରନ୍ଦନ କରିବା; ବଳାପ-କ ।—*n.* ଆର୍ତ୍ତନାଦ, କାତରୋକ୍ତି, ବେଦନା କ୍ରନ୍ଦନ, ବଳାପ ରବ ।

**Moat**, *n.* ନଗର ଖାଇ, ଦୁର୍ଗ ଚତୁର୍ଦ୍ଦିଗସ୍ଥ ଗର୍ତ୍ତ ।—*v.t.* (ସୁରକ୍ଷା ନମିତ୍ତ) ଘର ପାଖେ ଖାଇ-କ, (ଦୁର୍ଗକୁ) ଗର୍ତ୍ତ ବେଷ୍ଟିତ-କ ।

**Mob**, (1) *n.* 1. ସାଧାରଣ ଲୋକସମୂହ, ଇତର ଲୋକବର୍ଗ; 2. ଲୋକଗହଳ; 3. ଗଣ୍ଡଗୋଳ, ଜନତା; 4. ବୃହତ୍ ପଶୁଦଳ ।—*v.t.* ଲୋକଗହଳ ସହତେ ଆକ୍ରମଣ-କ ।—Mob law, ଲୋକଗହଳ ଦ୍ୱାରା ଦଣ୍ଡ ଦେବା ପ୍ରଥା ।

**Mob**, (2) *n.* or Mob-cap, ସ୍ତ୍ରୀ ଉପଯୋଗୀ ଫିତାରେ ବନ୍ଧାଯିବା ଏକପ୍ରକାର ଟୋପୀ ।—*v.t.* ଟୋପୀ ଦ୍ୱାରା ମୁଖାଚ୍ଛାଦନ-କ ।

**Mobbish**, *a.* 1. ଲୋକଗହଳ ସମ୍ବନ୍ଧୀୟ; 2. ଇତର ଲୋକବର୍ଗ ପର ଗଣ୍ଡଗୋଳିଆ; 3. ଅସଭ୍ୟ ।

**Mobile**, *a.* 1. ଗମନଶୀଳ, ଚଳନୀୟ, ଚରିଷ୍ଣୁ, ଜଙ୍ଗମ; 2. ଚଞ୍ଚଳମତବଶିଷ୍ଟ ।

**Mobilisation**, *n.* ସୈନ୍ୟସମୂହକୁ ରଣ ପାଇଁ ପ୍ରସ୍ତୁତକରଣ ।

**Mobilise**, *v.t.* 1. ସୈନ୍ୟସମୂହକୁ ଏକତ୍ର କରି ରଣ ପାଇଁ ପ୍ରସ୍ତୁତ-କ; 2. ଯୁଦ୍ଧରେ ପ୍ରବେଶ କରାଇବା ।—*v.i.* ଯୁଦ୍ଧ ପାଇଁ ଅଗ୍ରସର-ହ ।

**Mobility**, *n.* 1. ଗମନଶୀଳତା, ଚାଞ୍ଚଲ୍ୟ, ଚପଳତା; 2. ଇତର ଲୋକବର୍ଗ ।

**Moccasin**, *n.* 1. ହରିଣ ଚର୍ମରେ ପ୍ରସ୍ତୁତ କୋମଳ ଜୋତା; 2. ଉତ୍ତର ଆମେରିକା ଦେଶର ବଷାକ୍ତ ସର୍ପ ବଶେଷ ।

**Mock**, *v.t.* 1. ବଦ୍ରୂପ-କ; 2. ଉପହାସ-କ, ପରିହାସ-କ, ଥଟ୍ଟା-କ, ଟାହିଟିପ୍ପଣୀ-କ, ଟାପରା-କ; 3. ଅଣାୟତ୍ତ-କ, ଭୁଲାଇବା; 4. ଛଦ୍ମବେଶ ଧରିବା; 5. ଅବଜ୍ଞା-କ, ତୁଚ୍ଛଜ୍ଞାନ-କ ।—*n.* 1. ବଦ୍ରୂପକରଣ; 2. ଟାପରା ।—*a.* କୃତ୍ରିମ, ମିଥ୍ୟା, ଅବାସ୍ତବକ ।

**Mockable**, *a.* ବଦ୍ରୂପଯୋଗ୍ୟ, ଉପହାସ୍ୟ ।

**Mocker**, *n.* ବଦ୍ରୂପକର୍ତ୍ତା, ପରିହାସକ ।

**Mockery**, **Mocking**, *n.* 1. ବଦ୍ରୂପ, ଉପହାସ, ଥଟ୍ଟା, ତରସ୍କାର, ବଡମ୍ବନା; 2. ଛଦ୍ମବେଶ, ମାୟାଦର୍ଶନ, ପ୍ରତାରଣା; 3. ହାସ୍ୟାସ୍ପଦ ବଷୟ; 4. ବୃଥାଶ୍ରମ ।—Mocking bird, ଥଟ୍ଟାରେ ଅନ୍ୟ ପକ୍ଷୀ ପରି ସ୍ୱର ଅନୁକରଣକାରୀ ଆମେରିକା ଦେଶର ପକ୍ଷୀ ବଶେଷ ।

**Mockingly**, *ad.* ବଦ୍ରୂପରୂପେ, ଥଟ୍ଟାରେ, ପରିହାସରେ, ତରସ୍କାରପୂର୍ବକ ।

**Modal**, *a.* 1. ରୂପସମ୍ବନ୍ଧୀୟ; 2. ଧାରା ବଷୟକ; 3. (Logic) ପ୍ରଣାଳୀସୂଚକ ।

**Mode**, *n.* 1. ରୂପ, ଆକାର, ଢୋଲ, ଢଙ୍ଗ; 2. ପ୍ରକାର, ଧାରା, ରୀତ, ଚଳନ, ପ୍ରଥା, ଦସ୍ତୁର; 3. (Gram) same as Mood, କ୍ରିୟାପଦର ଅବସ୍ଥା; 4. ସ୍ତ୍ରୀ ଲୋକର ଜନମଣ୍ଡଳ ମସ୍ତକାବରଣଯୁକ୍ତ ଅଙ୍ଗରଖା ।

**Model**, *n.* 1. ଆଦର୍ଶ, ଅନୁରୂପ; 2. ନମୁନା; 3. ଛାଞ୍ଚ; 4. କ୍ଷୁଦ୍ର ପ୍ରତରୂପ; 5. ଖୋଦକାରକର ମୃତ୍ତିକା ଆଦର୍ଶ; 6. ଚିତ୍ରକରର ଜୀବନ୍ତ ଆଦର୍ଶ; 7. ଅନୁକରଣୀୟ ବଷୟ ।*a.* 1. ନମୁନାସ୍ୱରୂପ; 2. ଆଦର୍ଶଗତ, ଅନୁକରଣୀୟ ।—*v.t.* 1. ନମୁନାନୁଯାୟୀ ଗଢିବା; ଅଙ୍କିତ-କ; 3. ଅନୁରୂପ-କ; 4. ମୃତ୍ତିକା ଦ୍ୱାରା-କ, କୋମଳ ବସ୍ତୁରେ ରୂପ ନର୍ମାଣ-କ ।—*v.i.* ମୃତ୍ତିକା ଦ୍ୱାରା ଅଭ୍ୟାସୀ-ହ, ମାଟି ପିଣ୍ଡୁଳା ଗଢା ପେଶା-କ; 2. ଆଦର୍ଶର ରୂପ ଧରିବା ।

**Modeller**, *n.* 1. ପ୍ରତରୂପକାରୀ ଲୋକ; 2. ଖୋଦକାରକର ମୃତ୍ତିକାଦର୍ଶ ନର୍ମାତା ।

**Modelling**, *n.* 1. ପ୍ରତରୂପକରଣ; 2. ଖୋଦକାରକର ମୃତ୍ତିକାଦର୍ଶ ନର୍ମାଣ ବଦ୍ୟା ।

**Moderate**, *v.t.* 1. ସୀମାରେ ରଖିବା, ମଧ୍ୟବର୍ତ୍ତୀ-କ; 2. ଧୀରମନ୍ଥ-କ; 3. ଉଗ୍ରତା ଉଣା-କ; 4. ପରମିତ-କ, ଦମନ-କ; 5. ଶାନ୍ତ-କ, ଥମାଇବା ।—*v.i.* ଉଗ୍ରତା ଉଣା-ହ ।—*a.* 1. ସୀମାରେ ରକ୍ଷିତ; 2. ପରମିତ, ପରମିତାଚାରୀ; 3. ମଧ୍ୟବର୍ତ୍ତୀ, ମଧ୍ୟମ ।

**Moderately**, *ad.* ପରମିତରୂପେ, ମଧ୍ୟବର୍ତ୍ତୀଭାବେ, ମଧ୍ୟମଭାବେ ଧୀରମନ୍ଥରେ ।

**Moderateness**, *n.* ପରମିତତା ।

**Moderation**, *n.* 1. ମଧ୍ୟବର୍ତ୍ତୀ ଅବସ୍ଥା; 2. ଶାନ୍ତକରଣ, ସୀମାରେ ରକ୍ଷଣ; 3. ପରମିତଭୋଗ; 4. ମନର ସ୍ଥିରତା ।

**Moderator**, *n.* ଶାନ୍ତକର୍ତ୍ତା, ନବର୍ତ୍ତକ, ଉପଶମକର୍ତ୍ତା; 2. ସ୍କଟଲଣ୍ଡ ଦେଶୀୟ ମଣ୍ଡଳୀର କଚେରୀର ସଭାପତ; 3. କେତେ ବଶ୍ୱବଦ୍ୟାଳୟରେ ଉପାଧି ପରୀକ୍ଷାର ତତ୍ତ୍ୱାବଧାରକ; 4. ପରମିତରୂପେ ତେଲ ଯୋଗାଇବା ପ୍ରଦୀପ ବଶେଷ ।

**Modern**, *a.* ବର୍ତ୍ତମାନକାଳୀନ, ଅଧୁନକ, ଇଦାନୀନ୍ତନ; 2. ଅପ୍ରାଚୀନ, ନବ୍ୟ ।—*n.* ବର୍ତ୍ତମାନକାଳୀନ ମତପୋଷକ, ଅଧୁନକ ବ୍ୟକ୍ତି । (*pl.*) ପ୍ରାଚୀନ ଗ୍ରୀକ ଓ ରୋମୀୟ ଗୋଷ୍ଠୀରୁ ଭିନ୍ନ ବର୍ତ୍ତମାନକାଳୀନ ଗୋଷ୍ଠୀବର୍ଗ ।—Modern languages 1. ବର୍ତ୍ତମାନ କାଳରେ ବ୍ୟବହୃତ ଭାଷା; 2. ସଂସ୍କୃତ ଭାଷାରୁ ଜାତ ଅଧୁନକ ଭାରତୀୟ ଭାଷା ।

**Modernisation**, *n.* ଅଧୁନକକରଣ, ବର୍ତ୍ତମାନ କାଳୋପଯୋଗିକରଣ ।

**Modernise**, *v.t.* ପ୍ରାଚୀନ ବଷୟକୁ ବର୍ତ୍ତମାନକାଳୋପଯୋଗୀ-କ, ଅଧୁନକ-କ, ବର୍ତ୍ତମାନ ରୁଚ୍ୟନୁଯାୟୀ-କ ।

**Moderniser**, *n.* ପ୍ରାଚୀନ ବଷୟକୁ ବର୍ତ୍ତମାନକାଳୋପଯୋଗୀ କରିବା ବ୍ୟକ୍ତି ।

**Modernism**, *n.* 1. ପୂର୍ବକାଳୀନ ମତରୁ ଭିନ୍ନ ବର୍ତ୍ତମାନ କାଳୀନ ମତ, ନୂଆ ଢଙ୍ଗ, ଅଧୁନକ ବ୍ୟବହାର; 2. ନବ୍ୟ ଉଦ୍ଭାବନ ବଷୟ ।

**Modernist**, *n.* ଅଧୁନକ ବଷୟର ପ୍ରଣାଳୀ, ବର୍ତ୍ତମାନ କାଳର ମତର ପୋଷକ ।

Modernly, *ad.* ବର୍ତ୍ତମାନ ରୀତ୍ୟନୁସାରେ, ଆଧୁନିକ ଭାବରେ ।

Moderness, Modernity, *n.* 1. ଆଧୁନିକ ଅବସ୍ଥା; 2. ଅପ୍ରାଚୀନତ୍ୱ, ନବୀନତା ।

Modest, *a.* 1. ଶିଷ୍ଟ, ସୁଶୀଳ; 2. ବିନୀତ, ଅଦାମ୍ଭିକ ; 3. ସଲଜ୍ଜ; 4. ସତୀ; 5. ସାଧୁ; 6. ଅପରିମିତ ।

Modestly, *ad.* ଶିଷ୍ଟରୂପେ, ସଲଜ୍ଜଭାବେ ।

Modesty, *a.* 1. ନମ୍ରତା; 2. ସଦାଚାର; 3. ଶିଷ୍ଟତା; 4. ସତୀତ୍ୱ, ସାଧୁତ୍ୱ; 5. ପରିମିତଭୋଗ । [ଅଂଶ ।

Modicum, *n.* 1. ଯତ୍କିଞ୍ଚିତ୍; 2. କ୍ଷୁଦ୍ର ପଦାର୍ଥ; 3.

Modify, *v.i.* 1. ସୀମାବଦ୍ଧ-କର; 2. ଧୀମ୍ୟମତ-କର; 3. ରୂପାନ୍ତର-କର, ପ୍ରକାରାନ୍ତର-କର ; 4. ବଦଳାଇବା ।

Modifiable, *a.* ପ୍ରକାରାନ୍ତରକରଣୀୟ, ବଦଳାଇବା ଯୋଗ୍ୟ ।

Modification, *n.* 1. ପ୍ରକାରାନ୍ତରକରଣ; 2. ପରିବର୍ତ୍ତନ; 3. ପ୍ରକାରାନ୍ତର ଫଳ; 4. ପରିବର୍ତ୍ତିତ ଆକାର ।

Modificative, Modificatory, *a.* ପ୍ରକାରାନ୍ତରକାରକ । [ଶବ୍ଦ ।

Modifier, *n.* ପରିବର୍ତ୍ତକ, (Gram.) କ୍ରିୟାବିଶେଷଣ

Modillion, *n.* *mod-il'yun*, ଗୃହ ଗଠନରେ କାର୍ନିସ ତଳେ କାନ୍ଥରୁ ବାହାରିଥିବା ଶିଳ୍ପପୂର୍ଣ୍ଣ କାଠ ବା ପଥରଖଣ୍ଡ ।

Modist, *a.* 1. ରୀତ୍ୟନୁଯାୟୀ; 2. ଚଳିତ ମତାନୁରକ୍ତ ।

Modishly, *ad* ରୀତ୍ୟନୁସାରେ, ଚଳିତ ମତ ପ୍ରକାରେ ।

Modishness, *n.* ଚଳିତ ମତାନୁରକ୍ତତା ।

Modiste, *n.* ଚଳିତ ମତ ପ୍ରକାରେ ପୋଷାକ ପ୍ରସ୍ତୁତକାରିଣୀ ।

Modular, *a.* 1. ରୀତି ସମ୍ବନ୍ଧୀୟ; 2. ସ୍ୱର ପରିବର୍ତ୍ତନ ସମ୍ବନ୍ଧୀୟ ; 3. ସ୍ତମ୍ଭ ଭାଗର ସୁମେଳ ରକ୍ଷା କରିବା ପରିମାଣ ସମ୍ବନ୍ଧୀୟ ।

Modulate, *v.t.* 1. ଧୀମ୍ୟମତ-କର; 2. ଉପଯୁକ୍ତ ଉଚ୍ଚାରଣରୀତି ଅନୁସାରେ ସ୍ୱର ବଦଳାଇବା ।—*v.i.* ତାନ ପରିବର୍ତ୍ତିତ-ହେ ।

Modulation, *n.* 1. ସ୍ୱର ପରିବର୍ତ୍ତନକରଣ ; 2. ସ୍ୱର ପରିବର୍ତ୍ତିତାବସ୍ଥା; 3. (Music) ତାନ ପରିବର୍ତ୍ତନ ।

Modulator, *n.* 1. ଯେ ବା ଯାହା ସ୍ୱର ବଦଳାଏ; 2. ସ୍ୱର ବଦଳା ଶିଖାଇବା ନିମନ୍ତେ ତାନ ପରିବର୍ତ୍ତନ ଦର୍ଶକ ପଟ୍ଟ ।

Module, *n.* (Archit.) ଗୃହ ଗଠନରେ ସ୍ତମ୍ଭ ଭାଗର ସୁମେଳ ରକ୍ଷା କରିବା ପରିମାଣ ।

Modus, *n.* 1. ରୀତି, ପ୍ରଣାଳୀ; 2. (Law) ଚଳିତ ରୀତିର ପରିବର୍ତ୍ତନ, ଫସଲ ଭାଗର ବଦଳେ ନିରୂପିତ କରଦାନ ।—Modus operandi କାର୍ଯ୍ୟର ପ୍ରଣାଳୀ । Modus vivandi, ଜୀବନ କଟାଇବା ରୀତି ।

Mofussil, *n.* ମଫସଲ, ସହର ଭିନ୍ନ ପ୍ରଦେଶ ।

Mogul, *n.* 1. ମୋଗଲ ଜାତୀୟ ଲୋକ ; 2. ବାବର ନାମକ ଦିଲ୍ଲୀ ସମ୍ରାଟଙ୍କର ଜଣେ ଅନୁଚର ; 3. ଉତ୍କୃଷ୍ଟ ଖେଳିବା ତାସ୍ ।

Mohair, *n.* ଅଙ୍ଗୋରା ନାମକ ଛାଗର ଉତ୍ତମ ରେଶମୀ ଲୋମ ବା ତନ୍ନିର୍ମିତ ବସ୍ତ୍ର ।

Mohammedan, *a.* ମହମ୍ମଦୀୟ, ମହମ୍ମଦଧର୍ମ ସମ୍ବନ୍ଧୀୟ ।—*n.* ମହମ୍ମଦଙ୍କ ଶିଷ୍ୟ, ମହମ୍ମଦୀୟ ମତାବଲମ୍ବୀ ।

Mohammedanise, *v.t.* ମହମ୍ମଦୀୟମତାବଲମ୍ବୀ-କର, ମହମ୍ମଦୀୟ ଧର୍ମୋପଯୋଗୀ-କର ।

Mohammedanism, Mohammedism, *n.* ମହମ୍ମଦୀୟ ମତ, ଯବନ ଧର୍ମ ।

Moharram, *n.* 1. ମହମ୍ମଦୀୟ ବର୍ଷର ପ୍ରଥମ ମାସ ; 2. ଉକ୍ତ ମାସର ପ୍ରଥମ ଦଶ ଦିନ ପର୍ଯ୍ୟନ୍ତ ପବିତ୍ର ଉପବାସ ପର୍ବ ।

Mohawk, *n.* 1. ଉତ୍ତର ଆମେରିକା ଦେଶର ପୂର୍ବକାଳୀନ ଏକ ଜାତିର ନାମ ; 2. ଅଷ୍ଟାଦଶ ଶତାବ୍ଦୀରେ ଲଣ୍ଡନ୍ ନଗରରେ ଥିବା କେତେକ ବଦ୍‌ମାଶ ।

Mohar, *n.* ମୋହର, ଟ ୧୬ ଙ୍କା ମୂଲ୍ୟର ଭାରତୀୟ ସ୍ୱର୍ଣ୍ଣ ମୁଦ୍ରା ।

Moidore, *n.* ପର୍ତ୍ତୁଗାଲ ଦେଶୀୟ ପୁରାତନ ସ୍ୱର୍ଣ୍ଣମୁଦ୍ରା ।

Moiety, *n.* 1. ଅର୍ଦ୍ଧ, ଅର୍ଦ୍ଧାଂଶ; 2. ଅର୍ଦ୍ଧେକ; 3. କ୍ଷୁଦ୍ରାଂଶ ।

Moil, *v.t.* କାଦୁଅରେ ଲିପିବା ।—*v.i.* ପରିଶ୍ରମ-କର, ଗୋଲାମ ପରି କାର୍ଯ୍ୟ-କର ।

Moire, *n.* 1. ଜଳସିକ୍ତ ପଟ୍ଟବସ୍ତ୍ର ; 2. ଲୁଣାଟ ବା ଧାତୁକୁ ଦିଆଯାଇଥିବା ମେଘୁଆ ଦୃଶ୍ୟ ।—Moire antique, ପୂର୍ବ କାଳର ସିଦ୍ଧିବା ବସ୍ତ୍ର ଅନୁରୂପ ଜଳସିକ୍ତ ପଟ୍ଟ ବସ୍ତ୍ର ।

Moist, *a.* 1. ଓଦା ; 2. ସରସ; 3. ସରସ; 4. ସଜଳ ।

Moisten, *v.t.* ଓଦା-କର, ତିନ୍ତାଇବା ।

Moistness, *n.* ଆର୍ଦ୍ରତା, ଓଦାଳିଆ । [ତିନ୍ତିବ ।

Moisture, *n.* 1. ଅଳ୍ପ ଓଦାଳିଆ ; 2. ତରଳ ପଦାର୍ଥ

Moke, *n.* (Slang) ଗଧ ।

Molar, (1) *a.* 1. ପେଷକ, ଚୂର୍ଣ୍ଣକାରକ ; 2. ପେଷଣଦନ୍ତ ସମ୍ବନ୍ଧୀୟ ।—*n.* କଳ ଦାନ୍ତ, ପେଷଣଦନ୍ତ ।

Molar, (2) *a.* 1. ପରିମାଣ ସମ୍ବନ୍ଧୀୟ; 2. ସର୍ଗ ବର୍ଦ୍ଧକ ।

Molasses, *n.* (Sing) ଚିନି ପ୍ରସ୍ତୁତ କରଣରେ ବାହାରିବା ଗାଢ ରସ, ଝୋଲ ଗୁଡ଼ । [ବାଳ୍ପଥ ଦାଗ ।

Mold, see Mould.

Mole, (1) *n.* ଜାଇ, ଜାଇମଚା, ଦେହରେ ସ୍ୱାଭାବିକ

Mole, (2) *n.* ମାଟିରେ ଗର୍ତ୍ତ କରି ବାସ କରିଥିବା ଛୁଚୁନ୍ଦର ପରି ଗୋଟିଏ ଜନ୍ତୁ ।—*v.t.* ଉକ୍ତ ଜନ୍ତୁ ପରି ଗାତ ଖୋଳିବା, ଦଣ୍ଡ-କର ।

Mole, (3) *n.* ଜାହାଜ ରକ୍ଷାର୍ଥେ ବନ୍ଦର ସମ୍ମୁଖସ୍ଥ ପଥରନିର୍ମିତ ବନ୍ଧ ।

Molecast, *n.* ମୋଲ ଜନ୍ତୁ କୃତ ମାଟିଗଦା ।

Mole-catcher, *n.* ଜୀବିକା ସକାଶେ ମୋଲ ଜନ୍ତୁ ଧରିବା ଲୋକ ।

Mole-cricket, *n.* ମାଟି ଖୋଳିବା ଭଳି ଯୋଡ଼ିଥିବା ଝିଙ୍କାରି ପରି ପୋକ ।

Molecular, *a.* ବସ୍ତୁର କ୍ଷୁଦ୍ରତମାଂଶ ସମ୍ବନ୍ଧୀୟ, କ୍ଷୁଦ୍ରାଂଶରେ ନିର୍ମିତ ।—Molecular attraction, କ୍ଷୁଦ୍ରାଂଶର ପରସ୍ପର ଆକର୍ଷଣ ।

Molecule, *n.* କୌଣସି ବସ୍ତୁର ଏକ କ୍ଷୁଦ୍ରାଂଶ, ପଦାର୍ଥର ସ୍ୱଗୁଣବିଶିଷ୍ଟ କ୍ଷୁଦ୍ରତମ ଅଂଶ ।

**Molehill,** *n.* ମୋଲ୍ ଜନ୍ତୁ କୃତ ମାଟିଗଦା ।—To make a mountain out of a molehill, 1. ସାମାନ୍ୟ ବିଷୟକୁ ଅତି ଗୁରୁତର ଜ୍ଞାନ-କ; 2. ତିଳକୁ ତାଳ-କ । [ବିଶେଷ ।
**Moleskin,** *n.* ମୋଲ୍ ଜନ୍ତୁର ଚର୍ମ, ଉତ୍କୃଷ୍ଟ ମୋଟା ଲୁଗା
**Molest,** *v.t.* କ୍ଲେଶ-ଦେ, ବିରକ୍ତ-କ, ଉପଦ୍ରବ-କ, ଅଙ୍ଗ-ମର୍ଦ୍ଦନ ଦ୍ୱାରା କଷ୍ଟ-ଦେ ।
**Molestation,** *n.* କ୍ଲେଶଦାନ, ଉପଦ୍ରବ ।
**Molester,** *n.* କ୍ଲେଶକାରୀ, ଉପଦ୍ରବୀ, କଷ୍ଟଦାତା ।
**Molimen,** *n.* ଅତିଶୟ ଯତ୍ନ, ବିଶେଷତଃ ଶାରୀରିକ କାର୍ଯ୍ୟରେ ସାମୟିକ ଯତ୍ନ ।
**Moline,** *n.* ମାଣିଗୁଣ୍ଡି ଧରିବାପାଇଁ ଘୋରଣାରେ ଥିବା କ୍ରୁଶାକୃତ ଲୁହାଖଣ୍ଡ ।
**Molinism,** *n.* ମନୁଷ୍ୟ ସ୍ୱତନ୍ତ୍ର ହେବା ସମ୍ବନ୍ଧରେ ଯେସୁଇଟଙ୍କ ମୋଲିନ୍ ନାମକ ଏକ ମତ ।
**Mollah, Molla,** *n. mol'a,* ମହମ୍ମଦୀୟମାନଙ୍କ ମଧ୍ୟରେ ଶାସ୍ତ୍ରଜ୍ଞ ବା ଧର୍ମବେତ୍ତାଙ୍କ ଏକ ଉପାଧି ।
**Mollie,** *n.* ବିଦେଶରେ ପ୍ରଚଳିତ ଜମିଦାର ଉତ୍ସବ ଯାହାକୁ ମିଳିତ ନାବିକମାନଙ୍କ ପାର୍ଟୀ ।
**Mollient,** *a.* କୋମଳକାରୀ, ଉପଶାମକ ।
**Mollifiable,** *a.* ସ୍ନିଗ୍ଧକରଣୀୟ, ଉପଶାମ୍ୟ ।
**Mollification,** *n.* ସ୍ନିଗ୍ଧକରଣ, ଉପଶମକରଣ ।
**Mollifier,** *n.* ଯେ ବା ଯାହା ସ୍ନିଗ୍ଧ କରେ ।
**Mollify,** *v.t.* 1. ନରମ-କ, କୋମଳ-କ, ସ୍ନିଗ୍ଧ-କ; 2. ଉପଶମ-କ; 3. ଶାନ୍ତ-କ, ସୁସ୍ଥିର-କ ।
**Molline,** *n.* 1. ଚର୍ମ ରୋଗ ଉପଶାମକ କେତେକ ଲେପର ମୂଳାଂଶ; 2. କେଶୀ ତେଲ ଓ ଗ୍ଲିସରନ୍ ମିଶ୍ରିତ ନରମ ସାବୁନ ।
**Mollipilase,** *a* କୋମଳ ପରଯୁକ୍ତ ।
**Mollipilasity,** *n.* ପଶମୀ ଭାବ ।
**Molluscs, Mollusca, Mollusks,** *n. pl.* ଶ୍ରେଣୀ ପ୍ରଭୃତି ମେରୁଦଣ୍ଡ ନ ଥିବା ପ୍ରାଣୀ ବର୍ଗ ।
**Molly-coddle,** *n.* (Slang) ମାଇଚିଆ ।
**Moloch, Molech,** *n.* 1. ଫିନିକ ଦେଶୀୟ ନରବଳି-ଭୋକ୍ତା ଅପଦେବତା; 2. ଅଷ୍ଟ୍ରେଲିଆ ଦେଶୀୟ ଝିଟିପିଟି ବିଶେଷ । [ନିର୍ମିତ ।
**Molten,** *a.* 1. ତରଳିତ, ଦ୍ରବୀଭୂତ; 2. ତରଳ ଧାତୁ-
**Molybdosis,** *n.* ସୀସେଦ୍ୱାରା ବିଷଜାତ ରୋଗ ।
**Moment,** *n.* 1. ମୁହୂର୍ତ୍ତ, ନିମିଷ; 2. ଏକ ମୁହୂର୍ତ୍ତ; 3. ସୁଯୋଗ; 4. ଗୁରୁତ୍ୱ; 5. ଗତିଶକ୍ତିର ପରିମାଣ ।
**Momentarily,** *ad.* କ୍ଷଣକେ, ଏକ ମୁହୂର୍ତ୍ତରେ, କ୍ଷଣେ କ୍ଷଣକେ ।
**Momentary,** *a.* କ୍ଷଣସ୍ଥାୟୀ, କ୍ଷଣଭଙ୍ଗୁର, କ୍ଷଣିକ ।
**Momentous,** *a.* ଗୁରୁତର, ଅତ୍ୟାବଶ୍ୟକ ।
**Momentously,** *ad.* ଗୁରୁତରରୂପେ ।
**Momentousness,** *n.* ଅତ୍ୟାବଶ୍ୟକତା ।
**Momentum,** *n.* ଗତିଶକ୍ତିର ପରିମାଣ ।
**Monachism,** *n. mon'ak-izm* ସନ୍ନ୍ୟାସ ଧର୍ମ ।

**Monachal,** *a.* 1. ଏକାକୀ ବାସ; 2. ସନ୍ନ୍ୟାସୀ ବା ସନ୍ନ୍ୟାସିନୀ ସମ୍ବନ୍ଧୀୟ; 3. ସନ୍ନ୍ୟାସ ଧର୍ମ ବିଷୟକ ।
**Monad,** *n.* 1. ଅଖଣ୍ଡନୀୟ ପରମାଣୁ; 2. ଜୈବ ମୌଳିକ କୀଟାଣୁ ।—*a.* ଅଖଣ୍ଡନୀୟ ପରମାଣୁ ବା ମୌଳିକ କୀଟାଣୁ ସମ୍ବନ୍ଧୀୟ ।
**Monadic, Monadical,** *a.* 1. ଅଖଣ୍ଡନୀୟ ପରମାଣୁ ସମ୍ପର୍କୀୟ; 2. ମୌଳିକ କୀଟାଣୁ ବିଷୟକ; 3. ଏକାକୀ ।
**Monatomic,** *a.* ଏକ ପରମାଣୁନିର୍ମିତ ।
**Monandria,** *n.* ଏକ କେଶରଯୁକ୍ତ ପୁଷ୍ପରୁ ଜାତ ଉଦ୍ଭିଦ ।
**Monandrous,** *a.* ଏକ କେଶରଯୁକ୍ତ ।
**Monandry,** *n.* ଏକ ପତିଗ୍ରହଣ ରୀତି ।
**Monarch,** *n. mon'ark,* 1. ସମ୍ରାଟ୍, ଚକ୍ରବର୍ତ୍ତୀ, ରାଜାଧିରାଜ; 2. ସ୍ୱଶ୍ରେଣୀରେ ପ୍ରଧାନ ।—*a.* ପରମ, ସର୍ବଶ୍ରେଷ୍ଠ ।
**Monarchal,** *a.* ସମ୍ରାଟ୍ ସମ୍ବନ୍ଧୀୟ, ରାଜକୀୟ ।
**Monarchial, Monarchic, Monarchical,** *a.* 1. ସମ୍ରାଟ୍ ସମ୍ପର୍କୀୟ; 2. ସାମ୍ରାଜ୍ୟ ସମ୍ପର୍କୀୟ; 3. ଏକାଧିପତ୍ୟାଧୀନ ।
**Monarchise,** *v.t.* 1. ସମ୍ରାଟ୍‌ରୂପେ ଶାସନ-କ; 2. ସାମ୍ରାଜ୍ୟରେ ପରିଣତ-କ । [ପ୍ରୀତି ।
**Monarchism,** *n.* 1. ସାମ୍ରାଜ୍ୟ ନୀତି; 2. ସାମ୍ରାଜ୍ୟ
**Monarchist,** *n.* 1. ସାମ୍ରାଜ୍ୟ ମତ ପୋଷକ; 2. ସାମ୍ରାଜ୍ୟପ୍ରିୟ ।
**Monarchy,** *n.* 1. ଏକାଧିପତ୍ୟାଧୀନ ଦେଶ ବା ନୈଶ-ସମୁଦ୍ର; 2. ସାମ୍ରାଜ୍ୟ, ଏକାଧିପତ୍ୟ; 3. ରାଜ୍ୟ ।
**Monastery,** *n.* ମଠ, ସନ୍ନ୍ୟାସିମାନଙ୍କର ଆଶ୍ରମ ।
**Monasterial, Monastic, Monastical,** *a.* 1. ମଠ ସମ୍ବନ୍ଧୀୟ; 2. ସନ୍ନ୍ୟାସୀ ବା ସନ୍ନ୍ୟାସିନୀ ସମ୍ବନ୍ଧୀୟ; 3. ଉଦାସୀନ; 4. ଏକାକୀ ।—Monastic vows, ଦରିଦ୍ର ଅବିବାହିତ ଓ ଆଜ୍ଞାନୁବର୍ତ୍ତୀ ହେବା ପାଇଁ ମଠ ପ୍ରବେଶକାରୀର ବ୍ରତ ।
**Monastic,** *n.* ସନ୍ନ୍ୟାସୀ ।
**Monasticism,** *n.* 1. ସନ୍ନ୍ୟାସିର ସାମାଜିକ ଜୀବନ; 2. ସନ୍ନ୍ୟାସ ଧର୍ମ ।
**Monday,** *n.* ସୋମବାର, ସପ୍ତାହର ଦ୍ୱିତୀୟ ଦିନ ।
**Mondayish,** *a.* କ୍ଲାନ୍ତ, ରବି ଦିନର ବିଶେଷ କାର୍ଯ୍ୟ ହେତୁ ସୋମବାରରେ ଉପଦେଶକ ପରି କ୍ଲାନ୍ତ ।
**Monde,** *n. mond,* ସଂସାର ।—Beau monde, ଭଦ୍ର ସଂସାର । Demi monde, ରକ୍ଷିତା ସ୍ତ୍ରୀ, ବେଶ୍ୟା ଜାତି ।
**Monetary,** *a. mun'e-tar-i,* 1. ଧନସମ୍ବନ୍ଧୀୟ; 2. ଆର୍ଥିକ ବିଷୟ ସମ୍ବନ୍ଧୀୟ; 3. ଅର୍ଥବିଷୟକ ।—Monetary unit, ଦେଶର ପ୍ରଧାନ ମୁଦ୍ରା ।
**Money,** 1. ମୁଦ୍ରା, ଟଙ୍କା ପଇସା; 2. ଧନ, ଅର୍ଥ, ସମ୍ପତ୍ତି ।—Hard money, ଟଙ୍କା ପଇସା । Ready money, ନଗଦ ଟଙ୍କା ।
**Money-bag,** *n.* ଟଙ୍କା ଥଳି, ପଇସା ମୁଣି, ଗାଞ୍ଜିଆ ।
**Money-changer,** *n.* ବଟା ନେଇ ଟଙ୍କା ଭଙ୍ଗାଇ-ଦେବା ଲୋକ ।

Moneyed, Monied, 1. ଧନୀ, ଅର୍ଥଶାଳୀ ; 2. ଅର୍ଥବିଷୟକ ।

Money-less, a. ଅର୍ଥହୀନ ।

Money-making, n. ଅର୍ଥସଞ୍ଚୟ, ଧନାର୍ଜ୍ଜନ ।

Money's-worth, n. ଅର୍ଥ ପରି ମୂଲ୍ୟବାନ୍ ପଦାର୍ଥ; 2. ପୂର୍ଣ୍ଣ ମୂଲ୍ୟ ।

Monger, n. *mung'-ger*, ବ୍ୟାପାରୀ, ବ୍ୟବସାୟୀ ।

Mongol, n. ମଙ୍ଗୋଲୀୟ ଲୋକ ।—a. ମଙ୍ଗୋଲୀୟ ।

Mongolian, a. ମଙ୍ଗୋଲୀୟ ଦେଶ ବା ଲୋକ ସମ୍ବନ୍ଧୀୟ ।

Mongoose, n. ନେଉଳ, ନକୁଳ ।

Mongrel, a. ସଙ୍କର, ଦ୍ୱିଜାତୀୟ, ଅଶୁଦ୍ଧ ।—n. ଦ୍ୱିଜାତୀୟ କୁକ୍କୁରାଦି ଜନ୍ତୁ ।

Monied, see Moneyed.

Moniliform, a. ମାଳାବତ୍, ମାଳାର ସମଦୂରବର୍ତ୍ତୀ ଗଣ୍ଠି ପରି ସଂଯୁକ୍ତ ।

Monism, n. 1. ବସ୍ତୁ ଓ ଆତ୍ମାର ଏକମୂଳବିଶିଷ୍ଟ ଦାର୍ଶନିକ ମତ; 2. ଅଦ୍ୱୈତବାଦ ।

Monist, n. ଅଦ୍ୱୈତବାଦୀ ।

Monistic, Monistical, a. ଅଦ୍ୱୈତବାଦ ସମ୍ବନ୍ଧୀୟ ।

Monition, n. 1. ପରାମର୍ଶ, ଚେତନା ବାକ୍ୟ, ପ୍ରତ୍ୟାଦେଶ; 2. ବିଜ୍ଞାପନ, ଇସ୍ତିହାର ; 3. (Law) ତଲବ ପତ୍ର, ସମନ ।

Monitor, n. 1. ଉପଦେଶକ ; 2. ପରାମର୍ଶଦାତା ; 3. ଚେତକ ; 4. ଶିକ୍ଷକଙ୍କ ସାହାଯ୍ୟକାରୀ ଛାତ୍ର; 5. ଏକପ୍ରକାର ଯୁଦ୍ଧଜାହାଜ ; 6. କେତେକ ପାଦ ସ୍ଥଳର ଝିଡକଯୁକ୍ତ ଉଚ୍ଚାଂଶ; 7. ଏକପ୍ରକାର ଝିଟିପିଟି ।

Monitory, a. ପରାମର୍ଶପୂର୍ଣ୍ଣ, ଚେତନାଦାୟକ ।

Monitress, Monitrix, n. ଉପଦେଶିକା, ଶିକ୍ଷୟିତ୍ରୀ, ବଡ ସ୍ତ୍ରୀ ।

Monk, n. 1. ସନ୍ନ୍ୟାସୀ, ବୈରାଗୀ ; 2. ମଠବାସୀ ; 3. ଛପା ପୃଷ୍ଠାରେ କଳା ଦାଗ ; 4. ସୁଡଙ୍ଗ ଫୁଟାଇବା ପାଇଁ ଚୁଙ୍ଗୀ ।

Monkery, n. 1. ସନ୍ନ୍ୟାସିର ଆଚାର ବ୍ୟବହାର; 2. ସନ୍ନ୍ୟାସଧର୍ମ ।

Monkhood, n. 1. ସନ୍ନ୍ୟାସାବସ୍ଥା ; 2. ସନ୍ନ୍ୟାସିତ୍ୱଭାବ; 3. ସନ୍ନ୍ୟାସିବର୍ଗ ।

Monkish, a. 1. ସନ୍ନ୍ୟାସିବିଷୟକ ; 2. ସନ୍ନ୍ୟାସୀ ପରି; 3. ସନ୍ନ୍ୟାସଧର୍ମ ସମ୍ବନ୍ଧୀୟ ।

Monk's-hood, n. ସନ୍ନ୍ୟାସିର ମସ୍ତକାବରଣ ପରି ପୁଷ୍ପଯୁକ୍ତ ବିଷାକ୍ତ ଲତା ।

Monk's-seam, n. ନାବିକମାନଙ୍କ ମଧ୍ୟରେ ଦୁଇ ଖଣ୍ଡ ପାଲ ଧରି ଟାଣ ସିଲାଇ ଯୋଡ ବିଶେଷ ।

Monkey, n. 1. ମାଙ୍କଡ, ବାନର, ମର୍କଟ, କପି ; 2. ଚପଳ ଲୋକ ; 3. ଗୁଣ୍ଡ ପୋତିବା ନିମନ୍ତେ ବଡ ଲୁହା ଖଣ୍ଡ; 4. ଖିଲ ମାରିବା ପାଇଁ ବଡ ହାତୁଡ; 5. ହାଲିକା କାର୍ଯ୍ୟରେ ବ୍ୟବହୃତ ଏକପ୍ରକାର ଦୃଢ ଦ୍ରବ୍ୟ ।—v.i. ପରିହାସରେ ଅକାରଣରେ ହାତ-ଦେ ।—v.t. ମାଙ୍କଡ ପରି ଅନୁକରଣ-କ ।—Monkey engine, ଗୁଣ୍ଡ ପୋତିବା ପାଇଁ ଲୁହାଖଣ୍ଡ ଟେକିବାର କାଷ୍ଠୀୟ କଳ । Monkey-wrench, ମୁହଁ ସାନ ବଡ କରାଯାଇ ପାରିବା ମୋଡାଣି ବା ରେଞ୍ଚ । To get one's monkey up, ଚିଡିବା, କୋପ ପଡିବା । To suck the monkey, ପିମ୍ପାରେ ନଳ ଦେଇ ଢେର ପର ମଦ ଖାଇବା ।

Monobasic, a. (ରସାୟନ ବିଦ୍ୟାରେ ଅମ୍ଳଦ୍ରବ୍ୟ ସମ୍ବନ୍ଧେ କଥିତ) ଏକ ପରମାଣୁ ପରିବର୍ତ୍ତନୀୟ ଉଦଜାନଯୁକ୍ତ ।

Monocarpic, Monocarpous, a. ଧାନ ପ୍ରଭୃତି ପରି ଥରେମାତ୍ର ଫଳଯୁକ୍ତ ।

Monocentric, a. 1. ଏକକେନ୍ଦ୍ରଯୁକ୍ତ; 2. ଏକକେନ୍ଦ୍ର [ନିର୍ମିତ ।

Monochard, n. ଏକ ତାରବିଶିଷ୍ଟ ସ୍ୱରପରିମାପକ ଯନ୍ତ୍ର ।

Monochrome, n. ଏକ ରଙ୍ଗଯୁକ୍ତ ଚିତ୍ର ।

Monocle, n. 1. ଏକ ଚକ୍ଷୁବିଶିଷ୍ଟ କାଚ; 2. ଏକଚକ୍ଷୁଯୁକ୍ତ

Monocrasy, n. ଏକ ବ୍ୟକ୍ତିଙ୍କ କର୍ତ୍ତୃକ ଶାସନ । [ପ୍ରଭୁତ୍ୱ ।

Monocular, a. 1. ଏକ ଚକ୍ଷୁବିଶିଷ୍ଟ; 2. ଏକ ଚକ୍ଷୁ ଉପଯୋଗୀ ।

Monodrama, n. ଏକ ଅଭିନେତା ଉପଯୋଗୀ ଅଭିନୟ ।

Monody, n. 1. ଏକ ବିଳାପକାରୀ ଉପଯୋଗୀ ଶୋକସୂଚକ ଗାନ; 2. ଏକ ସ୍ୱର ଉପଯୋଗୀ ଗୀତ; 3. ସମସ୍ୱର ।

Monogamic, Monogamous, a. 1. ଏକ ସ୍ତ୍ରୀ ବିବାହ ବିଷୟକ ; 2. ଏକ ପତ୍ନିକ ।

Monogamy, n. 1. ଏକ ପତ୍ନୀ ଗ୍ରହଣ ; 2. ଏକ ସ୍ତ୍ରୀ ବିବାହ ପ୍ରଥା ।

Monogenesis, n. (ଜୀବ ବିଜ୍ଞାନରେ) 1. ଏକକୋଷରୁ ଉତ୍ପତ୍ତି ; 2. ଏକ ଜନ୍ମଦାତାଠାରୁ ଉତ୍ପତ୍ତି; 3. ସ୍ୱସଦୃଶ ଜନ୍ମଦାତାଠାରୁ ଅଣ୍ଡର ବୃଦ୍ଧି ।

Monogram, n. 1. ଏକାଧିକ ଅକ୍ଷରମିଶ୍ରିତ ଚିହ୍ନ ; 2. ଶବ୍ଦସୂଚକ ଅକ୍ଷର ବା ଚିହ୍ନ ।

Monograph, n. ଏକ ପ୍ରସଙ୍ଗ ବିଷୟକ ପ୍ରବନ୍ଧ ।—v.t. ଏକ ପ୍ରସଙ୍ଗ ବିଷୟରେ ଲେଖିବା ।

Monogynian, Monogynous, a. (Bot.) ଏକ ବର୍ତ୍ତିକାଯୁକ୍ତ ।

Monogyny, n. ଏକ ସ୍ତ୍ରୀ ସହବାସ ପ୍ରଥା ।

Monologue, n. 1. ଏକ ବ୍ୟକ୍ତିର କଥନ ; 2. ନାଟକରେ ଆପଣାକୁ ଆପେ କଥନ ; 3. ଏକ ଅଭିନେତା ଉପଯୋଗୀ କବିତା ପ୍ରଭୃତି ।

Monomania, n. 1. ଏକ ପ୍ରସଙ୍ଗ ବିଷୟକ ବାତୁଳତା ; 2. ଏକ ବିଷୟରେ ଅସଙ୍ଗତ ଅନୁରାଗ ।

Monometallism, n. ଏକ ଧାତୁ ନିର୍ମିତ ମୁଦ୍ରା ବ୍ୟବହାର [ପ୍ରଥା ।

Monopolise, v.t. 1. କୌଣସି ପଦାର୍ଥର ଏକମାତ୍ର କେତା ବା ଅଂଶିଦାର ହେବାର ଅଧିକାର ଲଭିବା ; 2. ଏକମାତ୍ର ଅଧିକାରୀ-ହେ ; 3. ସମୁଦାୟ ନେଇଯିବା ।

Monopoly, n. 1. କୌଣସି ପଦାର୍ଥର ଏକମାତ୍ର କେତା ହେବାର ଅଧିକାର ; 2. ଅଦ୍ୱିତୀୟ କ୍ଷମତା ; 3. କୌଣସି ପଦାର୍ଥର ଏକମାତ୍ର କେତା ହେବା ନିମନ୍ତେ ସରକାରୀ ଅନୁମତି ।

Monosyllabic, a. 1. ଏକ ପଦାଂଶବିଶିଷ୍ଟ : 2. ଏକ ପଦାଂଶ ରଚିତ ।

**Monosyllable,** *n.* ଏକପଦାଂଶର ଶବ୍ଦ ।

**Monotheism,** *n.* ଏକେଶ୍ୱରବାଦ ।

**Monotheist,** *n.* ଏକେଶ୍ୱରବାଦୀ ।

**Monotheistic,** *a.* 1. ଏକେଶ୍ୱରବାଦ ସମ୍ବନ୍ଧୀୟ ; 2. ଏକେଶ୍ୱରବାଦ ଶିକ୍ଷା ପ୍ରଦାୟକ ।

**Monotonous,** *a.* 1. ସମସ୍ୱରରେ ଉଚ୍ଚାରିତ ; 2. କ୍ଳେଶଦାୟକ ପରିବର୍ତ୍ତନାଭାବ ପୂର୍ଣ୍ଣ ।

**Monotony,** *n.* 1. ସମସ୍ୱର ; 2. ଉଚ୍ଚାରଣରେ ସ୍ୱର ପରିବର୍ତ୍ତନାଭାବ ; 3. କ୍ଳେଶଦାୟକ ପରିବର୍ତ୍ତନାଭାବ ।

**Monotype,** *n.* 1. ସ୍ୱଜାତିର ଏକମାତ୍ର ପ୍ରତିନିଧି; 2. ଚିହ୍ନିତ ଧାତୁ ପଟାରୁ ଏକମାତ୍ର ଛାପା ପୃଷ୍ଠା ; 3. ଏକ ଛାପାକ୍ଷର ପ୍ରସ୍ତୁତକାରୀ ଯନ୍ତ୍ର ବିଶେଷ ।

**Monsieur,** *n.* (Fr.) ମହାଶୟ, ଫ୍ରାନ୍ସ ଦେଶୀୟ ସମ୍ମାନସୂଚକ ପଦ ।

**Monsoon,** *n.* 1. ଏପ୍ରେଲଠାରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ଦକ୍ଷିଣ-ପଶ୍ଚିମ ଦିଗରୁ ଓ ଅନ୍ୟ ସବୁ ମାସରେ ଉତ୍ତର-ପୂର୍ବ ଦିଗରୁ ଭାରତ ମହାସାଗରୀୟ ପ୍ରବାହିତ ପବନ ; 2. ସାମୟିକ ବାୟୁ ।

**Monster,** *n.* 1. ଅସ୍ୱାଭାବିକ ଜନ୍ତୁ ; 2. ରାକ୍ଷସ, ପର୍ବନର ଓ ପର୍ବପଶୁ ଅବୟବବିଶିଷ୍ଟ କାଳ୍ପନିକ ଜୀବ; 3. ପ୍ରକାଣ୍ଡ ଓ ହିଂସ୍ରକ ମନୁଷ୍ୟ ବା ପଶୁ ; 4. ବିକଟାକାର ପ୍ରାଣୀ ।—*a.* ଅତ୍ୟନ୍ତ ପ୍ରକାଣ୍ଡ, ବିଶାଳକାୟ ।

**Monstrosity,** *n.* ଅସ୍ୱାଭାବିକ ବସ୍ତୁ ।

**Monstrous,** *a.* ଅସ୍ୱାଭାବିକ ; 2. ପ୍ରକାଣ୍ଡ ; 3. ଅଦ୍ଭୁତ ; 4. ଭୟାନକ ।

**Monstrance,** *n.* ରୋମାନ କାଥଲିକ୍ ମଣ୍ଡଳୀରେ ଲୋକଙ୍କ ଦୃଷ୍ଟିଗୋଚରାର୍ଥେ ଉତ୍ସର୍ଗିତ ପ୍ରଭୁଭୋଜର ପବିତ୍ରୀକୃତ ରୁଟୀ ଥିବା ପାତ୍ର ବିଶେଷ ।

**Month,** *n.* ମାସ, ଶୁକ୍ଳକୃଷ୍ଣ ଉଭୟ ପକ୍ଷାତ୍ମକ କାଳ, ବର୍ଷର ଦ୍ୱାଦଶ ଭାଗ ।

**Monthly,** *a.* ମାସିକ, ମାସିକୀୟ, ମାସକର ।—*n.* ମାସିକ [ପତ୍ରିକା । *pl.* Monthlies, ସ୍ତ୍ରୀ ଋତୁ ।—*ad.* ମାସକେ ଥରେ, ପ୍ରତି ମାସରେ ।

**Monument,** *n.* 1. ବ୍ୟକ୍ତି ବା ଘଟଣା ବିଶେଷର ସ୍ମରଣାର୍ଥକ ସ୍ତମ୍ଭ ପ୍ରଭୃତି ; 2. ପୂର୍ବ କାଳର ସ୍ମାରକ କୌଣସି ପ୍ରସିଦ୍ଧ ଅଟ୍ଟାଳିକା ; 3. କୌଣସି ଚିରସ୍ମରଣୀୟ କର୍ମ ; 4. ସୀମାସୂଚକ ଚିହ୍ନ ।—*v.t.* ସ୍ମରଣାର୍ଥକ ସ୍ତମ୍ଭ ସ୍ଥାପନ-କ ।

**Monumental,** *a.* 1. ସ୍ମରଣାର୍ଥକ ସ୍ତମ୍ଭ ସମ୍ବନ୍ଧୀୟ ; 2. ସ୍ମାରକ ; 3. ଚିରସ୍ମରଣୀୟ ; 4. ପ୍ରସିଦ୍ଧ ।

**Monumentally,** *ad.* ସ୍ମାରକରୂପେ ।

**Moo,** *v.i.* ଗାଈ ପରି ବୋବାଇବା ।

**Mood,** (1) *n.* (Gram.) କ୍ରିୟା ପଦର ଅବସ୍ଥା; (Logic) ଯୌକ୍ତିକ ବାଦର ପୂର୍ବପକ୍ଷ ବିନ୍ୟାସ ।

**Mood,** (2) *n.* 1. ଭାବ, ସ୍ୱଭାବ, ମନର କ୍ଷଣିକ ଅବସ୍ଥା ; 2. ଅବସ୍ଥାଯୁକ୍ତ ଚିତ୍ତ ପ୍ରବୃତ୍ତି ।

**Moodiness,** *n.* 1. ବିଷଣ୍ଣତା ; 2. ବିରକ୍ତତା ।

**Moody,** *a.* 1. ଚିନ୍ତା ପ୍ରବୃତ୍ତିଯୁକ୍ତ ; 2. ଚିଡ଼ଚିଡ଼ିଆ ; 3. କୋପୀ ; 4. ବିଷଣ୍ଣ ।

Moon, *n.* 1 ଚନ୍ଦ୍ର, ଚନ୍ଦ୍ରମା, ଇନ୍ଦୁ, ସୋମ, ଶଶୀ, ବିଧୁ, ସୁଧାଂଶୁ, ଇନ୍ଦୁ ; 2. ଗ୍ରହର ପରିଭ୍ରମଣକାରୀ ଉପଗ୍ରହ ; 3. ମାସ ; 4. ଚନ୍ଦ୍ରବତ୍ ବସ୍ତୁ ।—*v.i.* କ୍ଷିପ୍ତ ବ୍ୟକ୍ତି ପ୍ରାୟ ଅକାରଣରେ ଅନାଇବା ବା ଏଣେତେଣେ ବୁଲିବା ।—To bay the moon, ନିରର୍ଥକ କର୍ମରେ ପ୍ରବୃତ୍ତ-ହେ ।

Moonbeam, *n.* ଚନ୍ଦ୍ରକିରଣ ।

Moonfaced, *n.* ଚନ୍ଦ୍ରମୁଖୀ, ଶଶିମୁଖୀ, ବିଧୁମୁଖୀ ।

Moonless, *a.* 1. ଚନ୍ଦ୍ରହୀନ ; 2. ଚନ୍ଦ୍ରାଲୋକ ବର୍ଜିତ ।

Moonlight, *n.* ଚନ୍ଦ୍ରାଲୋକ ।—*a.* 1. ଚନ୍ଦ୍ରାଲୋକ ସମ୍ବନ୍ଧୀୟ ; 2. ଚନ୍ଦ୍ରାଲୋକରେ ଘଟିତ ।

Moonlit, *a.* ଚନ୍ଦ୍ରାଲୋକିତ ।

Moonshine, *n.* 1. ଚନ୍ଦ୍ର ଜ୍ୟୋତିଃ, ଜ୍ୟୋତ୍ସ୍ନା; 2. ଅସାରତା, ମାୟା; 3. ଅନର୍ଥକ କଥା ।

Moonstone, ମୁକ୍ତା ପରି ତେଜସ୍ୱର ଶୁକ୍ଳବର୍ଣ୍ଣ ରତ୍ନ ବିଶେଷ ।

Moonstruck, *a.* ଚନ୍ଦ୍ର ଦ୍ୱାରା ପୀଡ଼ିତ, ବାତୁଳ, କ୍ଷିପ୍ତ ।

Moor, (1) *n.* 1. ବିସ୍ତୃତ ପତିତ ଭୂମି, ହିଲ; 2. ମୃଗୟା ଉଦ୍ଦେଶ୍ୟରେ ରକ୍ଷିତ ଭୂମିଖଣ୍ଡ ।

Moor, (2) *n.* 1. ଅଫ୍ରିକାଦେଶୀୟ ପଠାଣ, ଅରବୀ ଲୋକ ; 2. କୃଷ୍ଣବର୍ଣ୍ଣ ମନୁଷ୍ୟ ।

Moor, (3) *v.t.* 1. ଲଙ୍ଗର ପକାଇ ଜାହାଜ ବନ୍ଦ-କ ; 2. ଦୃଢ଼ରୂପେ ବାନ୍ଧି ରଖିବା ।—*v.i.* ଉକ୍ତ ଭାବରେ ବନ୍ଧା-ହେ ।

Moorage, *n.* ଜାହାଜ ବନ୍ଦ କରିବାର ସ୍ଥାନ ।

Moorcock, Moorfowl, *n.* ପତିତ ଭୂମିର ଶିକାର ପକ୍ଷୀ ବିଶେଷ ।

Moorhen, *n.* 1. ପତିତ ଭୂମିର ମାଈ ଶିକାରୀ ପକ୍ଷୀ; 2. ଜଳଚର ପକ୍ଷୀ ବିଶେଷ ।

Mooring, *n.* 1. ଲଙ୍ଗର ପକାଇ ଜାହାଜ ବନ୍ଦକରଣ ; 2. *pl.* ଜାହାଜ ବନ୍ଦ କରିବାର ସ୍ଥାନ ; 3. ଜାହାଜ ବାନ୍ଧିବାର ରଜ୍ଜୁ ଆଦି : 4. ବନ୍ଧନ ।

Moorish, Moory, *a.* 1. ପତିତ; 2. ଅନୁର୍ବର, ମରୁ ; 3. ହିଲମୟ ; 4. ଜଳୁଆ ।

Moorland, *n.* ବିସ୍ତୃତ ପତିତ ଭୂମିଖଣ୍ଡ ।

Moose, *n.* ଆମେରିକା ଦେଶୀୟ ବୃହତ୍ ଶୃଙ୍ଗଯୁକ୍ତ ସମ୍ବର ।

Moot, *v.t.* 1. ତର୍କ ସକାଶେ ପ୍ରସ୍ତାବ-କ; 2. ତର୍କବିତର୍କ-କ; 3. ନୈପୁଣ୍ୟ ସକାଶେ କାଳ୍ପନିକ ଯୁକ୍ତି-କ ।—*a.* 1. ଅମୀମାଂସିତ, ବିବାଦଗ୍ରସ୍ତ ; 2. ତର୍କ ଉପଯୋଗୀ ।—*n.* Sometimes written *Mote*, ଇଂଲଣ୍ଡର ପୂର୍ବକାଳୀନ ଗ୍ରାମ୍ୟ ପଞ୍ଚାୟତ, ଭଦ୍ର ଲୋକଙ୍କ ସଭା ।

Mootable, *a.* ପ୍ରସ୍ତାବ ଯୋଗ୍ୟ, ତର୍କୋପଯୋଗୀ ।

Moot-case, Moot-point, *n.* 1. ବିବାଦଗ୍ରସ୍ତ ବିଷୟ; 2. ଅସିଦ୍ଧାନ୍ତ ପ୍ରସଙ୍ଗ ।

Mop, *n.* ଘର ତଳ ଆଦି ସଫା କରିବା ନିମନ୍ତେ ଚିପ ବଡ଼ାରେ ପ୍ରସ୍ତୁତ ଦେଣ୍ଡଯୁକ୍ତ ଝାଡ଼ୁ; ଉକ୍ତ ଝାଡ଼ୁ ପରି ପଦାର୍ଥ ।—*v.t.* ଚିପ ବଡ଼ାରେ ପ୍ରସ୍ତୁତ ଝାଡ଼ୁରେ ପୋଛିବା ।—To mop the floor with, ସର୍ବତୋଭାବେ ପରାଜୟ-କ ।

Mope, *v.i.* ବିଷଣ୍ଣ-ହେ, ନିସ୍ତେଜ-ହେ, ଅଳସ-ହେ ।

**Mopish**, *a.* ବିଷଣ୍ଣ, ନିସ୍ତେଜ, ଅଳସ ।
**Moppet**, *n.* 1. କନା କୁଣ୍ଢାଇ ; 2. କୁମାରୀ ।
**Mopsy**, *n.* କୁବେଶୀ ସ୍ତ୍ରୀ ।
**Moral**, *a.* ନୀତିବିଷୟକ, ଭଦ୍ରାଭଦ୍ରସୂଚକ; 2. ଯଥାର୍ଥ, ନୈତିକ, ଧାର୍ମିକ; 3. ଭଲମନ୍ଦ ଜାଣିବା ସକ୍ଷମ; 4. ନୈତିକ ବ୍ୟବସ୍ଥାଧୀନ; 5. ନୀତି ଶିକ୍ଷାପ୍ରଦ; 6. ସମ୍ଭାବନାଶ୍ରିତ; 7. ମାନସିକ ।—*n.* ତାତ୍ପର୍ଯ୍ୟ, ନୀତିକଥାର ଅର୍ଥ । *pl.* 1. ରୀତିନୀତି; 2. ନୀତିକଥା; 3. ନୀତିଶାସ୍ତ୍ର; 4. ସଦାଚାର ।—Moral certainty, ଅପ୍ରମାଣିତ ହେଲେ ହିଁ ଗ୍ରହଣୋପଯୋଗୀ ସମ୍ଭାବନା । Moral victory, ଯେଉଁ ପରାଜୟ ଜୟଠାରୁ ପ୍ରାୟ ଗଣିତ ହୋଇ ପାରେ ।
**Morale**, *n.* 1. ନୈତିକ ଅବସ୍ଥା; 2. ସାହସ ବା ଅନୁକର୍ଷତା ବିଷୟକ ମାନସିକ ଅବସ୍ଥା ।
**Moralise**, *v.t.* 1. ନୈତିକ ଉଦ୍ଦେଶ୍ୟ ସାଧନରେ ପ୍ରୟୋଗ -କ; ନୈତିକ ଭାବରେ ବ୍ୟାଖ୍ୟା-କ ।—*v.i.* ନୀତି ବିଷୟକ ପ୍ରବନ୍ଧ ଲେଖିବା, ନୀତିଶିକ୍ଷା ପ୍ରଦାନ-କ ।
**Moralist**, *n.* 1. ନୀତି ଶିକ୍ଷକ; 2. ନୀତି ଅଭ୍ୟାସୀ; 3. ନୈତିକ ମନୁଷ୍ୟ; 4. ନୀତି ଦର୍ପୀ ।
**Morality**, *n* 1. ନୈତିକ ଭାବ; 2. ଭଲମନ୍ଦକାରକ ଗୁଣ; 3. ନୈତିକ ଅଭ୍ୟାସ; 4. ସଦାଚାର; 5 ପାପ ପୁଣ୍ୟ ଲୀଳା; 6. ନୀତିଶାସ୍ତ୍ର, ନୀତିବିଦ୍ୟା ।
**Morally**, *ad.* 1. ନୀତିଶାସ୍ତ୍ର ଅନୁସାରେ; 2. ନୈତିକ ଭାବରେ; 3. ଯଥାର୍ଥରୂପେ; 4. ଫଳତଃ ।
**Morass**, *n.* ପଙ୍କଭୂମିଖଣ୍ଡ, ଝିଲ, ଜଳଜ ଭୂମି ।
**Moravian**, *n.* 1. ମରେଭିଆ ଦେଶୀୟ ଲୋକ; 2. ପଞ୍ଚଦଶ ଶତାବ୍ଦୀରେ ମରେଭିଆ ଦେଶରେ ଉତ୍ପନ୍ନ ଖ୍ରୀଷ୍ଟୀୟ ମତ ବିଶେଷର ଜଣେ ପୋଷକ ।
**Morbid**, *a.* 1. ପୀଡିତ, ଅସୁସ୍ଥ; 2. ଶରୀର ବା ମନର ପୀଡାସୂଚକ ବା ପୀଡାକାରକ; 3. ବ୍ୟାଧି ସମ୍ବନ୍ଧୀୟ ।
**Morbidity**, *n.* 1. ଅସ୍ୱାସ୍ଥ୍ୟ; 2. ବ୍ୟାଧି ।
**Morbidness**, *n.* ଅସୁସ୍ଥତା ।
**Morbase**, *a.* ବ୍ୟାଧିରୁ ଉତ୍ପନ୍ନ, ଅସୁସ୍ଥ ।
**Morbus**, *n.* ବ୍ୟାଧି । [3. କଟୁ ।
**Mordaceous**, *a.* 1. ଦଂଶନକାରୀ; 2. ବ୍ୟଙ୍ଗୋକ୍ତିପୂର୍ଣ୍ଣ;
**Mordant**, *a.* 1. କାମୁଡା; 2. ବ୍ୟଙ୍ଗୋକ୍ତିପୂର୍ଣ୍ଣ; 3. କଟୁ; 4. ରଙ୍ଗ ଦୃଢକାରୀ ।—*n.* 1. ରଙ୍ଗ ଦୃଢ କରିବା ଦ୍ରବ୍ୟ; 2. କାଚ ବା ତମ୍ବା ପତ୍ର ଖୋଳିବା ଅମ୍ଳଦ୍ରବ୍ୟ ।
**More**, *a.* ଅଧିକ, ବେଶୀ, ଅଧିକତର, ଅତିରିକ୍ତ, ଅତିରିକ୍ତ ।—*ad.* 1. ଅଧିକ ଅଧିକ; 2. ପୁନର୍ବାର, ପୁନଶ୍ଚ, ପୁନଃ ।—*n.* ଅଧିକ ପରିମାଣ, ବେଶୀ ସଂଖ୍ୟା ।—More or less, ଉଣାଅଧିକ, ପ୍ରାୟ ।
**Moreover**, *ad.* 1. ଉକ୍ତରୁ ଅଧିକ; 2. ଅଧିକ; 3. ତାହା ଛଡା; 4. ଅଧିକ ମଧ୍ୟ, ଅଧିକନ୍ତୁ ।
**Morganatic**, *a.* ଅକୁଳୀନା ସ୍ତ୍ରୀର ସଙ୍ଗେ କୁଳୀନ ପୁରୁଷର ବିବାହସୂଚକ । [ଗୃହ ।
**Morgue**, *n. morg*, 1. ମଡା ରଖିବା ସ୍ଥାନ; 2. ଶବ-
**Moribund**, *a.* ମୃତପ୍ରାୟ, ମୁମୂର୍ଷୁ ।

**Morion**, *n.* ପୂର୍ବକାଳୀନ ସେନାର ଏକପ୍ରକାର ଲୁହା ଟୋପି ।
**Mormon**, **Mormonite**, **Mormonist**, *n.* ଆମେରିକା ଦେଶରେ ବହୁସ୍ତ୍ରୀ ବିବାହମତ ସମର୍ଥନକାରୀ ଧର୍ମାବଲମ୍ବୀ ।
**Mormonism**, *n.* ବହୁସ୍ତ୍ରୀ ବିବାହମତ ସମର୍ଥନକାରୀ ଧର୍ମ ।
**Morn**, *n.* ପ୍ରଭାତ, ପ୍ରତ୍ୟୁଷ, ଅରୁଣୋଦୟ ।
**Morning**, *n.* 1. ସକାଳ, ପାହାନ୍ତିଆ, ପ୍ରାତଃକାଳ, ପୂର୍ବାହ୍ନ; 2. ଆଦ୍ୟଭାଗ ।—*a.* ସକାଳୁଆ, ପ୍ରାତଃକାଳୀନ, ପୂର୍ବାହ୍ନ ସମ୍ବନ୍ଧୀୟ ।—Morning sickness, ଗର୍ଭଧାରଣୀ ସ୍ତ୍ରୀର ସକାଳ ବାନ୍ତି । Morning star ପ୍ରଭାତ ନକ୍ଷତ୍ର, ଶୁକ୍ର ଆଦି ପ୍ରାତଃକାଳୀନ ତେଜସ୍ୱର ତାରା । Morning-tide, ପୂର୍ବାହ୍ନକାଳ । Morning watch, ନାବିକମାନଙ୍କ ମଧ୍ୟରେ ସକାଳ ଘ ୪ ଘଣ୍ଟାଠାରୁ ଘ ୮ ଘଣ୍ଟା ଯାଏ ନିରୂପିତ ପ୍ରହର ।
**Morocco**, *n.* ଏକପ୍ରକାର ଉତ୍କୃଷ୍ଟ ଛାଗ ଚର୍ମ ।
**Morose**, *a.* 1 କଟୁ; 2. ବିଷଣ୍ଣ; 3. କର୍କଶ ।
**Morosely**, *ad.* ବିଷଣ୍ଣଭାବେ, କର୍କଶଭାବେ ;
**Moroseness**, *n.* କଟୁତା, ବିଷଣ୍ଣତା, କର୍କଶଭାବ ।
**Morpheus**, *n.* 1. ନିଦ୍ରା ଦେବୀ; 2. ନିଦ୍ରା ।
**Morphic**, *a.* ଜୀବରୂପ ସମ୍ବନ୍ଧୀୟ ।
**Morphologic**, **Morphological**, *a.* ଜୀବରୂପବିଜ୍ଞାନ ସମ୍ବନ୍ଧୀୟ ।
**Morris**, **Morrice**, **Morris-dance**, *n.* ଘଣ୍ଟି ଘାଗୁଡି ଆଦି ସହିତ ନୃତ୍ୟ ବିଶେଷ । [କଲ୍ୟ ।
**Morrow**, *n.* ଆସିବା ଦିନ, ଅସନ୍ତା କାଲି, ଆଗାମୀ
**Morse**, (1) *n.* ସମୁଦ୍ର ଘୋଡା ।
**Morse**, (2) *n.* ତାରଖବର ପ୍ରେରଣର ପ୍ରଥାବିଶେଷ ।—Morse alphabet, ତାରଖବର ପ୍ରେରଣର ପ୍ରଥାବିଶେଷରେ ଅକ୍ଷରଚିହ୍ନର ସଙ୍କେତ ।
**Morsel**, *n.* ଗୁଣ୍ଡାଏ, ଅଳ୍ପ ମାତ୍ରାଏ; 2. ଖଣ୍ଡିଏ, ଟିକିଏ ।
**Mort**, *n.* 1. ମୃତ୍ୟୁ; 2. ହରିଣ ଆଦି ଶିକାରର ମରଣ କାଳୀନ ତୂରୀ ବାଦନ ।
**Mortal**, *a.* 1. ମର, ମରଣାଧୀନ; 2. ମୃତ୍ୟୁଜନକ, ବିନାଶକ; 3. ପ୍ରାଣଦଣ୍ଡ ଯୋଗ୍ୟ; 4. ଅକ୍ଷମଣୀୟ, ଅଶାମ୍ୟ; 5. ମର୍ତ୍ତ୍ୟ ।
**Mortality**, *n.* 1. ମୃତ୍ୟୁର ଅଧୀନତା; 2. ମୃତ୍ୟୁ; 3. ମରଣସଂଖ୍ୟା; 4. ମାନବ ଜାତି ।
**Mortally**, *ad.* 1. ସାଂଘାତିକରୂପେ, ପ୍ରାଣନାଶପୂର୍ବକ; 2. ମାନବ ସ୍ୱଭାବାନୁସାରେ; 3. ଅତିଶୟ ।
**Mortar**, *n.* 1. ପେଷଣାର୍ଥ ପାତ୍ରବିଶେଷ, ଖଲ, ଦସ୍ତା; 2. ଛୋଟ ଓ ମୋଟ କମାଣ; 3. ମିଶ୍ରିତ ବାଲି ଚୂନ ।—*v.t.* 1. ମିଶ୍ରିତ ବାଲି ଚୂନରେ ଲେପ-କ; 2. ଖଲ ବା ଦସ୍ତାରେ ପେଷଣ-କ ।—Mortar board, 1. ଚୂନ ଧରିବା ବେଣ୍ଟଯୁକ୍ତ ପଟା; 2. ବିଦ୍ୟାର୍ଥୀର ଚଉକୋଣିଆ ଟୋପି ।
**Mortgage**, *n.* 1. ବନ୍ଧା, ବନ୍ଧକ; 2. ବନ୍ଧାକରଣ; 3. ବନ୍ଧକପତ୍ର ।—*v.t.* ଋଣ ସକାଶେ ବନ୍ଧା-ଦେ ।
**Mortgagee**, *n.* ବନ୍ଧକଗ୍ରହୀତା ।

**Mortice**, see Mortise.

**Mortify**, *v.t.* 1. କପାଡ଼-କ; 2. ତପସ୍ୟା ଦ୍ୱାରା ଇନ୍ଦ୍ରିୟ ଦମନ-କ; 3. କ୍ଲେଶ-ଦେ; 4. ନମ୍ର-କ, ଲଜ୍ଜିତ-କ।—*v.i.* 1. କପ୍ରେକ-ହେ; 2. ସଢ଼ ଯିବା; 3. ନଷ୍ଟ-ହେ।

**Mortification**, *n.* 1. କପାଡକରଣ; ଜୀବଶରୀରର ଅଂଶର ମରଣ ବା ଜଡ଼ତା, ଶରୀରର ମାଂସ ପଚନ; 3. ତପସ୍ୟା ଦ୍ୱାରା ଇନ୍ଦ୍ରିୟ ଦମନ; 4. ଅବମାନନା, ଲଜ୍ଜାବୋଧ; 5. ଅବନତିର କାରଣ।

**Mortifier**, *n.* କପାଡକାରୀ।

**Mortifying**, *a.* 1. କପାଡଜନକ; 2. ନମ୍ରକାରକ, ଲଜ୍ଜାଜନକ; 3. କ୍ଲେଶଦାୟକ।

**Mortise, Mortice**, *n.* 1. କାଠ ଯୋଡ଼ିବା ନିମନ୍ତେ ଗର୍ତ୍ତ; 2. ଷ୍ଟାପିଡ଼୍; 3. ଅସକ୍ତି ଭାବ।—*v.t.* କାଠରେ ଗର୍ତ୍ତ-କ, ଖିଲ ଓ ଗର୍ତ୍ତ ଦ୍ୱାରା କାଠ ଯୋଡ଼ିବା।

**Mortmain**, *n.* 1. ହସ୍ତାନ୍ତର ଅସମ୍ଭବ କରିବା ନିମନ୍ତେ ମଠ ପ୍ରଭୃତିକୁ ସମ୍ପତ୍ତିର ସ୍ଥାୟୀ ହସ୍ତାନ୍ତର; 2. ହସ୍ତାନ୍ତରର ଅଯୋଗ୍ୟ ସ୍ୱତ୍ୱ।—Statutes of mortmain, ମଠ ପ୍ରଭୃତିକୁ ସମ୍ପତ୍ତିର ସ୍ଥାୟୀ ହସ୍ତାନ୍ତର ନିଷେଧକ ଆଇନ।

**Mortuary**, *a.* ସମାଧି ଦେବା ସମ୍ବନ୍ଧୀୟ।—*n.* 1. ଅନ୍ତ୍ୟେଷ୍ଟି କାଳ ପାଇଁ ଶବ ରଖା ସ୍ଥାନ, ମଡ଼ା ଘର; 2. ଅଧୀନସ୍ଥ ବ୍ୟକ୍ତିର ମୃତ୍ୟୁକାଳରେ ଧର୍ମାଧ୍ୟକ୍ଷଙ୍କୁ ଦତ୍ତ ଦାନ।

**Mosaic**, (1) *n.* ନାନା ଖଣ୍ଡ ବିବିଧ ପ୍ରସ୍ତର କାଚ ଅଦ ଢଙ୍ଗରେ କିମ୍ବା କୌଣସି ଖୋଦିତ ଧାତୁରେ ଗଢ଼ିତ ଚିତ୍ର-କାର୍ଯ୍ୟ।—*a.* ଉକ୍ତ ଚିତ୍ର କାର୍ଯ୍ୟ ସମ୍ବନ୍ଧୀୟ।

**Mosaic**, (2) *a.* 1. ମୋଶା ନାମକ ଯିହୁଦୀୟ ଧର୍ମର ପ୍ରଧାନ ବ୍ୟବସ୍ଥାପକ ସମ୍ବନ୍ଧୀୟ; 2. ମୋଶାଙ୍କର କାର୍ଯ୍ୟ ବା ଗ୍ରନ୍ଥ ସମ୍ବନ୍ଧୀୟ।

**Moslem**, *n.* ମୁସଲମାନ ବା ମହମ୍ମଦୀୟ ଲୋକ।—*a.* ମୁସଲମାନର, ମହମ୍ମଦୀୟ।

**Mosque**, *n.* ମସଜିଦ୍, ମହମ୍ମଦୀୟମାନଙ୍କ ଭଜନାଳୟ।

**Mosquito**, *n.* ମଶା, ମଶକ।—Mosquito curtain or net, ମଶୁରି, ମଶାରି।

**Moss**, *n.* 1. ଶିଉଳି, ଶୈବାଳ; 2. ହ୍ରିଲ।—*v.t.* ଶିଉଳିରେ ଆଚ୍ଛାଦନ-କ।

**Moss-grown**, *a.* ଶିଉଳିରେ ଆଚ୍ଛାଦିତ।

**Moss-hag**, *n.* ହ୍ରିଲର ପଙ୍କମୟ ହ୍ରଦ।

**Mossiness**, *n.* ଶିଉଳିପୂର୍ଣ୍ଣତା।

**Moss-land**, *n.* ହ୍ରିଲମୟ ଭୂମି।

**Moss-rose**, *n.* ଉପର ପାଖୁଡ଼ାରେ ଶିଉଳିଯୁକ୍ତ ଗୋଲାପ ଫୁଲ।

**Mossy**, *a.* ଶିଉଳିମୟ, ଶୈବାଳପୂର୍ଣ୍ଣ।

**Most**, *a.* (Superl. of More.) ଅଧିକତମ, ସର୍ବାଧିକ, ଅଧିକାଂଶ।—*ad.* ଅତଶୟ, ସର୍ବାଧିକରୂପେ।—*n.* ସଂଖ୍ୟାରେ ବା ପରିମାଣରେ ଅଧିକାଂଶ।—At most, At the most, ଅଧିକାଂଶ ପକ୍ଷରେ। For the most part, ସାଧାରଣରେ, ଅଧିକନ୍ତୁ।

**Mostly**, *ad.* ଅଧିକାଂଶରେ, ଅଧିକନ୍ତୁ।

**Motatorious**, *a.* ସ୍ପନ୍ଦନକାରୀ

**Mote**, (1) *n.* 1. ଧୂଳି କଣିକା, ଖଣ୍ଡ; 2. ଦାଗ, ଚିହ୍ନ; 3. ଛଳ, ମାତ୍ରା।

**Mote**, (2) *n.* ଉଚ୍ଚ ଲୋକଙ୍କ ଘର। See Moat.

**Moth**, *n.* 1. ବିଶେଷତଃ ରାତିରେ ଦେଖାଯିବା ପତଙ୍ଗ; 2. ଲୁଗାର ପୋକ।

**Moth-eaten**, *a.* ପୋକକଟା।

**Mother**, (1) *n.* 1. ମା, ମାତା, ମାତୃ, ଜନନୀ; 2. ପ୍ରୌଢ଼ା ସ୍ତ୍ରୀ, ପ୍ରସୂତା; 3. ପ୍ରଭୁ; 4. ଉତ୍ପାଦିକା; 5. ମାଉସୀ।—*a.* 1. ମାତୃ; 2. ଜନ୍ମର, ନି; 3. ଉତ୍ପାଦକାରୀ।—*v.t.* 1. ମାତା ପରି ବ୍ୟବହାର-କ; 2. ପୋଷ୍ୟପୁତ୍ର-କ, ଦତ୍ତ ପୁତ୍ର-କ।

**Mother** (2) *n.* ସିର୍କାର ଗାଦ ବା ମଇଳା।—*v.i.* ଜମାଟ ଭୂତ-ହେ।

**Mother-Church**, *n.* ମାତୃମଣ୍ଡଳୀ।

**Mother-country, Mother-land**, *n.* ମାତୃଭୂମି, ଜନ୍ମଭୂମି, ସ୍ୱଦେଶ।

**Motherhood**, *n.* 1. ମାତାର ପଦ; 2. ମାତୃତ୍ୱ, ମାତୃଭାବ।

**Mothering**, *n.* ମଣ୍ଡଳୀର ଉପବାସପର୍ବର ମଧ୍ୟମ ରବିବାରରେ ପିତାମାତାଙ୍କୁ ସାକ୍ଷାତ କରିବାର ଇଂଲଣ୍ଡୀୟ ଗ୍ରାମ୍ୟ ରୀତି।

**Mother-in-law**, *n.* ଶାଶୁ, ସ୍ୱାମୀ ବା ସ୍ତ୍ରୀଙ୍କ ମାତା।

**Motherless**, *a.* ମା ଛେଉଣ୍ଡ, ମାତୃହୀନ।

**Motherliness**, *n.* ମାତୃବତ୍ ଭାବ।

**Motherly**, *a.* 1. ମାତୃ ସମ୍ବନ୍ଧୀୟ; 2. ମାତୃ ଉପଯୋଗୀ; 3. ମା ପରି, ମାତୃବତ୍; 4. ସ୍ନେହୀ।

**Mother-of-pearl**, *n.* କେତେକ ଶାମୁକାର ଚାଣ ଭିତରର ଉଜ୍ଜଳ ସ୍ତର ଯହିଁରୁ ମୁକ୍ତା ଜାତ ହୁଏ।

**Mother-tongue**, *n.* ମାତୃଭାଷା।

**Mother-wit**, *n.* ସ୍ୱାଭାବିକ, ସ୍ୱାଭାବିକ ବୁଦ୍ଧି।

**Mother-wort**, *n.* ଋତୁ ଆଦି ଉପଶମାର୍ଥେ ବ୍ୟବହୃତ ପୁଷ୍ପଯୁକ୍ତ ତୃଣ ବିଶେଷ।

**Mothery**, *a.* 1. ସିର୍କା ଗାଦ ପରି; 2. ଗାଦବିଶିଷ୍ଟ।

**Mothy**, *a.* ପୋକପୂର୍ଣ୍ଣ, କୀଟମୟ।

**Motif**, *n.* (an old form of Motive.) 1. ମାନସିକ କ୍ରିୟାର ହେତୁବାଦ; 2. ଅଳଙ୍କାରର ବିଶେଷ ପ୍ରସଙ୍ଗ; 3. ସଙ୍ଗୀତ ରଚନାରେ ତାଳ ନିର୍ଦ୍ଦେଶକ ପ୍ରଧାନ ପ୍ରସଙ୍ଗ।

**Motile**, *a.* ସ୍ୱତଃ ଚଳନକ୍ଷମ।

**Motility**, *n.* ଚଳନ ଶକ୍ତି।

**Motion**, *n.* 1. ଗମନ, ଗତି, ଚଳନ; 2. ଅଙ୍ଗଚାଳନ; 3. ଶରୀର ବିନ୍ୟାସ ପରିବର୍ତ୍ତନ; 4. ଗତିରେ ରଙ୍ଗ; 5. ଚଳନ ଶକ୍ତି; 6. (Astron.) କୋଣସମ୍ବନ୍ଧୀୟ ବୃତ୍ତ ଗତି; 7. ମନର ଉଦ୍‌ବେଗ; 8. ସ୍ୱାଭାବିକ ପ୍ରବୃତ୍ତି, ପ୍ରବର୍ତ୍ତନା; 9. ପ୍ରସ୍ତାବ, କାର୍ଯ୍ୟ କରାହେବା ସକାଶେ ଉତ୍ଥାପିତ ପ୍ରସଙ୍ଗ; 10. ମକଦମାରେ ଆଦେଶ ସକାଶେ ନିବେଦନ-ପତ୍ର; 11. ଝାଡ଼ା, ମଳତ୍ୟାଗ।—*v.t.* 1. ଠାରିବା, ସଙ୍କେତ-କ।—*v.i.* ସଙ୍କେତ ଦ୍ୱାରା ବାର୍ତ୍ତା ଜଣାଇବା 2. ପ୍ରସ୍ତାବ-କ।

**Motional**, *a.* 1. ଗତି ସମ୍ବନ୍ଧୀୟ ; 2. ଗମନଶୀଳ ।

**Motionless**, *a.* ଅଚଳ, ଗତିରହିତ, ସ୍ଥିର ।

**Motive**, *a.* 1. ଗତିକାରକ ; 2. ଚାଳନଶକ୍ତିବିଶିଷ୍ଟ ।—*n.* 1. ଅଭିପ୍ରାୟ ; 2. ପ୍ରବର୍ତ୍ତକ ; 3. ହେତୁ ।

**Motiveless**, *a.* ଅଭିପ୍ରାୟବର୍ଜ୍ଜିତ ।

**Motive-power, Motive-force**, *n.* ପଦାର୍ଥଚାଳକ-ଶକ୍ତି ।

**Motivity**, *n.* 1. ଚାଳନଶକ୍ତି ; 2. ଚାଳନୀୟତା ।

**Motley**, *a.* 1. ଚିତ୍ରବିଚିତ୍ର ; 2. ନାନା ରଙ୍ଗିଆ, ବହୁରଙ୍ଗୀ ; 3. ବହୁ ଜାତୀୟ ।—*n.* 1. ନାନା ରଙ୍ଗର ଲୁଗା ଖଣ୍ଡମାନଙ୍କରେ ନିର୍ମିତ ବସ୍ତ୍ର ; 2. କୌତୁକର ଭୂଷା ; 3. ବହୁରଙ୍ଗ ମିଶ୍ରଣ ।

**Motophone**, *n.* ଶବ୍ଦ ଦ୍ୱାରା ଜାତ ସୂକ୍ଷ୍ମ ବାୟୁଲହରୀରେ ଚାଳିତ ଯନ୍ତ୍ରବିଶେଷ ।

**Motor**, *n.* 1. ଯାହା ଗମନ କରେ ବା କରାଏ ; 2. ଚାଳନକାରୀ, ଚାଳକ ; 3. ଗମନ ବା କାର୍ଯ୍ୟ କରାଇବା ଯନ୍ତ୍ର ।—*a.* ଚାଳନକାରକ ।

**Motor-car**, *n.* ସଡ଼କ ଉପରେ ଯିବା ନିମନ୍ତେ ବାଷ୍ପ ବା ବିଦ୍ୟୁତ୍ ଦ୍ୱାରା ଚାଳିତ ଯାନ ।

**Motorial, Motory**, *a.* ଚାଳନସମ୍ବନ୍ଧୀୟ ।

**Motor-nerve**, *n.* ମାଂସପେଶୀ ଚାଳକ ସ୍ନାୟୁ ।

**Mottle**, *v.t.* ଦାଗ ପକାଇଲା ପରି ଚିତ୍ରବିଚିତ୍ର-କ ।—*n.* ପ୍ରସ୍ତର ଅବୟବରେ ଚିତ୍ରର ବିନ୍ୟାସ ।

**Mottled**, *a.* ନାନା ରଙ୍ଗରେ ଚିହ୍ନିତ ।

**Motto**, *n.* 1. ପ୍ରବନ୍ଧ ଆଦ୍ୟରେ ମୂଳ ପ୍ରସଙ୍ଗସୂଚକ ସଂକ୍ଷିପ୍ତ ବାକ୍ୟ ; 2. ଜୀବନର ମୂଳସୂତ୍ର ପ୍ରକାଶକ କ୍ଷୁଦ୍ର ବାକ୍ୟ ; 3. କୌଳିକ ଚିହ୍ନରେ ଦତ୍ତ ସଂକ୍ଷିପ୍ତ ବାକ୍ୟ ।

**Mouch**, *v.i.* 1. ଲୁଚି ବୁଲିବା ; 2. ମାଗି ଖାଇ ବୁଲିବା ।

**Moucher**, *n.* ଅଳସୁଆ, ମାଗିଖିଆ ।

**Mould**, (1) *n.* 1. ଖତମାଟି, ଉଦ୍ଭିଦ ସାର ; 2. ଉପାଦାନ ; 3. ଛତୁଆ ; 4. ମୃତ୍ତିକା ।—*v.t.* ମୃତ୍ତିକାରେ ଘୋଡାଇବା, ଛତୁଆ ମରାଇବା ।—*v.i.* ଛତୁଆ ପଡିବା ।—Mould-board, ଲଙ୍ଗଳର ମାଟି ଉଠାଇବା ବକ୍ର ଲୁହା ପଟା ।

**Mould**, (2) *n.* 1. ଛାଞ୍ଚ ; 2. ଫରମା ; 3. ଡୌଲ, ରୂପ ; 4. ଲବଣୀ ଆଦି ଛାଞ୍ଚରୁ କଢା ଖାଦ୍ୟ ପଦାର୍ଥ ।—*v.t.* 1. ଛାଞ୍ଚରେ ଗଢିବା ; 2. ମଇଦା ଆଦି ଦଳିବା ।

**Mouldable**, ଛାଞ୍ଚରେ ଗଢା ଯୋଗ୍ୟ ।

**Moulder**, *v.i.* 1. ଖତମାଟି ହୋଇଯିବା ; 2. ଗୁଣ୍ଡା ହୋଇଯିବା, ଧୂଳି ହୋଇଯିବା ; 3. କ୍ଷୟ ପାଇବା ।—*v.t.* ଗୁଣ୍ଡା-କ ।

**Mouldiness**, *n.* ଚିତାମୟ ବା ଛତୁଆମୟ ଅବସ୍ଥା ।

**Moulding**, *n.* 1. ଛାଞ୍ଚରେ ଗଠନ ; 2. ଛାଞ୍ଚରେ ପ୍ରସ୍ତୁତ ପଦାର୍ଥ ; 3. ପ୍ରସ୍ତର ବା କାଷ୍ଠରେ ଶୋଭାର୍ଥେ ଖୋଦିତ ରେଖା ଆଦି ।—Moulding sand, ଧାତୁ ଛାଞ୍ଚ ପ୍ରସ୍ତୁତ କରିବାରେ ଲୌହକାରମାନଙ୍କ ଦ୍ୱାରା ବ୍ୟବହୃତ ବାଲି ଓ ସାରମାଟି ମିଶାଣ ।

**Mouldy**, *a.* 1. ଛତୁଆମୟ, ଚିତାମୟ ; 2. ପଚିଆ ; 3. ଅଳ୍ପ ପଚା ।

**Moult**, *v.i.* ପର ଝଡିବା ।—*v.t.* ଖୋଳ ଛାଡିବା, ଶୃଙ୍ଗ ଝାଡିବା, ପର ବଦଳାଇବା ।

**Moulting** *n.* ନିର୍ମୋକ ତ୍ୟାଗ, ପର ବଦଳକରଣ ।

**Mound**, (1) *n.* 1. ମାଟି ଗଦା, ମୃତ୍ତିକା ଢିପ ; 2. ଢିମିରି ; 3. ବନ୍ଧ, ସେତୁ ; 4. ମାଟି ଖୋଳିବା ସ୍ଥାନରେ ମାପ ଜାଣିବା ପାଇଁ ଛଡା ଢିପ ।—*v.t.* ରକ୍ଷା ନିମନ୍ତେ ସେତୁ ବାନ୍ଧିବା ।

**Mound**, (2) *n.* ରତ୍ନଖଚିତ ବଳୟ ଓ କ୍ରୁଶଯୁକ୍ତ ରାଜକୀୟ ଗୋଲାକୃତି ଆଭରଣ ବିଶେଷ । Called also "Orb."

**Mount**, (1) *n.* ପାହାଡ, ଢିମିରି, ପର୍ବତ ।

**Mount**, (2) *n.* 1. ସୁରକ୍ଷା ବା ସୁଦୃଶ୍ୟତା ନିମନ୍ତେ ପଦାର୍ଥର ସ୍ଥିତ ସ୍ଥାନ ; 2. ସବାର ଘୋଡା ; 3. ଘୋଡା ଉପରେ ଚଢିବା ନିମନ୍ତେ ପାହାଚ ; 4. ଘୋଡା ଚଢାରେ ସାହାଯ୍ୟଦାନ ; 5. ଘୋଡା ଚଢିବାକୁ ସଙ୍କେତ ।—*v.t.* 1. ଚଢିବା, ଆରୋହଣ-କ ; 2. ଉପରକୁ ଉଠାଇବା ; 3. ଘୋଡାରେ ବସାଇବା ; 4. ସୁରକ୍ଷା ବା ସୁଦୃଶ୍ୟତା ନିମନ୍ତେ ପଦାର୍ଥ ସ୍ଥାପନ-କ ; 5. ଗାଡି ବା ଗାଡିଆରେ ଉପରେ ତୋପ ଉଠାଇ ରଖିବା, ବ୍ୟବହାର ନିମନ୍ତେ ସଜାଡି ରଖିବା ; 6. ସଜ୍ଜା-କ ; 7. ଆରୋହଣ ନିମନ୍ତେ ଅଶ୍ୱ ଯୋଗାଇବା ।—*v.i.* 1. ଉପରକୁ ଉଠିବା, ଊର୍ଦ୍ଧ୍ୱଗତ-କ ; 2. ଅଶ୍ୱାରୂଢ଼-ହେ ; 3. ବଢିବା ।—To mount guard, ପ୍ରହରୀ ଜଗିବାକୁ ଯିବା ।

**Mountable**, *a.* ଆରୋହଣଯୋଗ୍ୟ ।

**Mounted**, *a.* 1. ଅଶ୍ୱାରୂଢ଼ ; 2. ପାହାଡରେ ସ୍ଥାପିତ ; 3. ସଜ୍ଜିତ ।

**Mounting**, *n.* ଆରୋହଣକରଣ, ଊର୍ଦ୍ଧ୍ୱଗମନ ; 2. ବହୁମୂଲ୍ୟ ପ୍ରସ୍ତର ସ୍ଥାପନ ; 3. ସ୍ଥିତସ୍ଥାନ ।

**Mountain**, *n.* ପର୍ବତ, ଗିରି, ଅଦ୍ରି, ନଗ ; 2. ବୃହତ୍ ପଦାର୍ଥ ; 3. ପର୍ବତର ଦ୍ରାକ୍ଷାଫଳରୁ ପ୍ରସ୍ତୁତ ମାଦକ ଦ୍ରବ୍ୟ ବିଶେଷ ।—*a.* 1. ପାର୍ବତୀୟ ; 2. ଗିରିଜାତ ।

**Mountain-ash**, *n.* ଲାଲ କୋଳିଲେମ୍ବୁଯୁକ୍ତ ପାର୍ବତୀୟ ବୃକ୍ଷ ବିଶେଷ ।

**Mountain-cat**, *n.* ବନ୍ୟ ବିରାଡି, ବଣବିରାଡି ।

**Mountain-chain**, *n.* ପର୍ବତମାଳା, ଗିରିଶ୍ରେଣୀ ।

**Mountain-dew**, *n.* ଗୋପନରେ ପ୍ରସ୍ତୁତ ମଦିରା ।

**Mountaineer**, *n.* 1. ପର୍ବତବାସୀ ; 2. ପର୍ବତାରୋହୀ ; 3. ପାର୍ବତୀୟ ଲୋକ, ଅସଭ୍ୟ ଲୋକ ।

**Mountaineering**, *n.* ପର୍ବତାରୋହଣ କରିବା ଅଭ୍ୟାସ ।

**Mountainous**, *a.* 1. ପର୍ବତମୟ, ଗିରିପୂର୍ଣ୍ଣ ; 2. ପର୍ବତ ପରି ବୃହତ୍, ଅତି ବଡ ।

**Mountebank**, *n.* 1. ପ୍ରବଞ୍ଚକ ବୈଦ୍ୟ ; 2. ବାଜିକର ; 3. ପ୍ରତାରକ ।—*a.* ପ୍ରବଞ୍ଚକ ବୈଦ୍ୟ ସମ୍ବନ୍ଧୀୟ, ଠକ ।—*v.t.* ପ୍ରତାରଣା-କ, ଫାକି-ଦେ ।—*v.i.* ପ୍ରବଞ୍ଚକ ବୈଦ୍ୟ-ହେ ।

**Mourn**, *v.i.* 1. ଶୋକାର୍ତ୍ତ-ହେ, ଦୁଃଖିତ-ହେ ; 2. ଶୋକସୂଚକ ବସ୍ତ୍ର ପରିଧାନ-କ ।—*v.t.* କାନ୍ଦିବା, ଶୋକ-କ, ବିଳାପ-କ, ରୋଦନ-କ, ଖେଦ-କ ।

**Mourner**, *n.* 1. କାନ୍ଦିବାଲୋକ, ଶୋକକାରୀ, ଶୋକାର୍ତ୍ତ; 2. ମୃତ ବ୍ୟକ୍ତିର ସମାଧି ଦେବା ସମୟରେ ଶୋକସୂଚକ ବସ୍ତ୍ର ପିନ୍ଧିବା ଲୋକ ।

**Mournful**, *a.* 1. ଶୋକାନ୍ୱିତ ; 2. ଦୁଃଖଜନକ ; 3. ଶୋକସୂଚକ; 4. ଖେଦଯୁକ୍ତ ।

**Mournfulness**, *n.* ଶୋକପୂର୍ଣ୍ଣତା ।

**Mourning**, *a.* ଶୋକସୂଚକ, ବିଳାପସମ୍ବନ୍ଧୀୟ ।—*n.* 1. ଶୋକ, ବିଳାପ, ଖେଦ ; 2. ଶୋକକାଳୀନ ପରିଧେୟ କଳା ବସ୍ତ୍ର ପ୍ରଭୃତି ।

**Mourning-coach**, *n.* ସମାଧି କ୍ଷେତ୍ରକୁ ନେବା ନିମନ୍ତେ ଶୋକକାରୀମାନଙ୍କ ବ୍ୟବହୃତ ଗାଡ଼ି । [ଦିଆଯିବା ମୁଦି ।

**Mourning-ring**, *n.* ମୃତବ୍ୟକ୍ତିର ସ୍ମରଣାର୍ଥେ ଧାରଣ

**Mouse**, *n.* (*pl.* Mice.) ଘର ବା ବଣରେ ଥିବା ମୂଷା, ମୂଷିକ ।—*v.i.* *mowz*, 1. ମୂଷା ଧରିବାକୁ ଚେଷ୍ଟା-କ; 2. ଲୁଚି ଖୋଜାଡ଼ିବା ।

**Mousekin**, Mousie, *n.* ମୂଷା ଛୁଆ । [ବଣା ।

**Mouse-hole**, *n.* ମୂଷା ଗର୍ତ୍ତ, ମୂଷା ପାଇ ପର ଛାଟ

**Mouser**, *n.* ଯେଉଁ ଜନ୍ତୁ ମୂଷା ମାରେ, ମୂଷା ଶିକାରୀ ।

**Mouse-trap**, *n.* ମୂଷା ଯନ୍ତ୍ର ।

**Mousy**, *a.* ବର୍ଣ୍ଣ ବା ଗନ୍ଧରେ ମୂଷା ପରି, ମୂଷିକପୂର୍ଣ୍ଣ ।

**Moustache**, Mustache, *n.* *mus-tash'*; 1. ନିଶ; 2. ଗିଫାନ୍ ।

**Mouth**, *n.* 1. ପାଟି, ମୁଖ; 2. ମୁହଁ, ମୁଖ, ପ୍ରବେଶ ଦ୍ୱାର; 3. ବାଗିନ୍ଦ୍ରିୟ; 4. ବକ୍ତା ; 5. ରବ; 6. ଅସ୍ୱାଦ 7. ମୁଖବିକୃତ ।—*v.t.* ପାଟିକରି କହିବା ।—By word of mouth, ବଚନ ଦ୍ୱାରା । Down in the mouth, ବିଷାଦପୂର୍ଣ୍ଣ, ହତାଶ । From hand to mouth, ପୂର୍ବରୁ କିଛି ସଞ୍ଚୟ ନ କରି । To make a mouth or mouths, ମୁଖବିକୃତ-କ । To be born with a silver spoon in one's mouth, ସମୃଦ୍ଧିଶାଳୀ ହୋଇ ଜନ୍ମିବା, ସୌଭାଗ୍ୟକୁ ଜନ୍ମିବା । To make the mouth water, ଲୋଭ ଜନ୍ମାଇବା ।

**Mouthable**, *a.* ସ୍ୱରରେ ଉଚ୍ଚାରିତ, ସୁଶ୍ରାବ୍ୟ ।

**Mouthful**, *n.* ଗ୍ରାସେ, ଗଣ୍ଡାଏ । (*pl.* Mouthfuls.)

**Mouthless**, *a.* ମୁଖହୀନ ।

**Mouthpiece**, *n.* 1. ବାଦ୍ୟର ଯେଉଁ ଅଂଶରେ ମୁହଁ ଲଗାଇ ବଜାଯାଏ, ମୁଖନଳୀ; 2. ଯେ ଅନ୍ୟ ନିମନ୍ତେ କଥା କହେ, ପ୍ରତିବକ୍ତା ।

**Mouthy**, *a.* 1. ବହୁଭାଷୀ; 2. ଅହଙ୍କାରୀ ।

**Movability**, Movableness, *n.* ଗମନଶୀଳତା, ଚଳନଯୋଗ୍ୟତା ।

**Movable**, *a.* 1. ଚଳନଯୋଗ୍ୟ ; 2. ଅସ୍ଥାବର, ଜଙ୍ଗମ, ଚଳନ୍ତି; 3. କାଳ ପରିବର୍ତ୍ତନୀୟ । *n.* (*pl.* Moveables,) ଅସ୍ଥାବର ସମ୍ପତ୍ତି, ଅସ୍ଥିର, ଚଳସମ୍ପଦ ।

**Movably**, *ad.* ଚଳନୀୟରୂପେ ।

**Move**, *v.t.* 1. ଘୁଞ୍ଚାଇବା, ସ୍ଥାନ ପରିବର୍ତ୍ତନ କରାଇବା; 2. ଚଳାଇବା; 3. ପ୍ରବର୍ତ୍ତାଇବା; 4. ମଣାଇବା; 5. ଉତ୍ସାହ ଜନ୍ମାଇବା; 6. ଦୁଃଖ ବା କ୍ରୋଧ ଜନ୍ମାଇବା; 7. ଅନୁରୋଧ-କ ।—*v.i.* 1. ଯିବା, ପ୍ରସ୍ଥାନ-କ; 2. ଘୁଞ୍ଚିବା, ସ୍ଥାନାନ୍ତରିତ ହେ; 3. ଚଳିବା, ଗମନ-କ; 4. ପ୍ରସ୍ତାବ-କ; 5. ପ୍ରଣୋଦନ-କ ।—*n.* 1. ପ୍ରସ୍ତାବ; 2. ଗତିଶୀଳତା ସ୍ଥାନ । —On the move, ଗମନୋନ୍ମୁଖ ।

**Moveless**, *a.* ଅଚଳ, ଅଟଳ ।

**Movement**, *n.* 1. ଚଳନ, ଗତି, ଗତ; 2. ସ୍ଥାନ ପରିବର୍ତ୍ତନ; 3. ମନୋଭାବ; 4. ଏକ ଲକ୍ଷ୍ୟବିଶିଷ୍ଟ କାର୍ଯ୍ୟାବଳୀ ।

**Mover**, *n.* 1. ଚାଳକ; 2. ଚଳନକାରୀ; 3. ପ୍ରସ୍ତାବକ । —Prime mover, ଆଦିକାରଣ, ଉଦ୍ୟୋଗର ମୂଳ ଉପାୟ ।

**Moving**, *a.* 1. ଗତିକାରକ ; 2. ସ୍ଥାନ ପରିବର୍ତ୍ତନକାରୀ; 3. ଉତ୍ତେଜନାକାରୀ; 4. କରୁଣାଜନକ, ମର୍ମଭେଦକ ।

**Movingly**, *ad.* କରୁଣାଜନକରୂପେ, ସ୍ନେହକରୁଣରେ ।

**Mow**, (1) *n.* ଗଦାକରିବା ଘାସ ବା ଧାନ୍ୟାଦିର ଗଦା । —*v.t.* ଘାସ ବା ଶସ୍ୟାଦି ଶସ୍ୟାଗାରରେ ଗଦାକର ।

**Mow**, (2) *v.t.* 1. ଦାଆ ଧାରରେ କାଟିବା, ଘାସ ଅଧ ଯନ୍ତ୍ରରେ କାଟିବା ; 2. ଘାସ ପରି ବହୁସଂଖ୍ୟାରେ କାଟି ପକାଇବା । [କଟା ।

**Mowed**, Mown, *a.* 1. ଦାଆ ଧାରରେ କଟା ; 2. ଘାସ

**Mower**, *n.* 1. ଘାସକଟାଳି ; 2. ଘାସ କାଟିବା ଯନ୍ତ୍ର ।

**Mowing**, *n.* 1. ଧାରରେ କାଟିବା କ୍ରିୟା 2. ଘାସ ପଡ଼ିଆ ।

**Mowing-machine**, *n.* ଘୂର୍ଣ୍ଣିକାରୀ ଧାରବିଶିଷ୍ଟ ଘାସ କାଟିବା ଯନ୍ତ୍ର ।

**Mr.** see Mister.

**Much**, *a.* 1. ଅପାର, ବହୁତ, ପ୍ରଚୁର ; 2. ବହୁକାଳ । —*ad.* 1. ଅତ୍ୟନ୍ତ, ବହୁଳରୂପେ ; 2. ଅନେକଥର ; 3. ପ୍ରାୟ ।—*n.* ବାହୁଲ୍ୟ, ଆତିଶଯ୍ୟ ।—Much of a muchness, ପ୍ରାୟ ସମାନ । How much ? କେତେ ? How much ! କେତେ ! Thus much, ଏତେ, ଏତେ । As much, ସେତେ । Twice as much, ଦ୍ୱିଗୁଣ ।

**Mucid**, *a.* 1. ଘଲଘ; 2. ଛତାପମ୍ପ, ଚିକ୍କଣମୟ ।

**Mucilage**, *n.* 1. ଅଠା, ବୃକ୍ଷର ନିର୍ଯ୍ୟାସ ।

**Mucilaginous**, *n.* 1. ଅଠା ସମ୍ବନ୍ଧୀୟ ; 2. ଅଠାଳିଆ, ଚଟଚଟିଆ ।

**Muck**, *n.* 1. ମଳ, ଗୋବର; 2. ଖତ; 3. ମଇଳା । —*v.t.* ଖତ ପକାଇବା ।

**Muck-heap**, *n.* ଖତ ଗଦି, ମଇଳା ଗଦା ।

**Mucky**, *a.* 1. କୁତ୍ସିତ; 2. ମଇଳା, ଅପରିଷ୍କୃତ ।

**Mucous**, *a.* ଶିଙ୍ଘାଣି ପରି, ଘଲଘ ।—Mucous membrane, ଘଲଘଜନକ ଅଭ୍ୟନ୍ତରିକ ସୂକ୍ଷ୍ମ ଚର୍ମ ।

**Mud**, *n.* କାଦୁଅ, ପଙ୍କ, କର୍ଦ୍ଦମ ।—*v.t.* 1. କାଦୁଅରେ ବୁଡ଼ିବା; 2. କର୍ଦ୍ଦମମୟ-କ ; 3. ଗାତ ପାଣିବା ।—*v.i.* ଗୋଳିଆ ହୋଇ ପଙ୍କ ଉପରେ ଯିବା ।

**Muddily**, *ad.* ଗୋଳିଆଭାବେ ।

**Muddiness**, *n.* ଗୋଳିଆଭାବ, ପଙ୍କିଳତା, ପଙ୍କମୟତା ।

Muddle, *v.t.* 1. ଗୋଳିଆ-କ; ଭାଡୁଆ-କ ; 2. ମଜୁଅଲା-କ ; 3. ଅପବ୍ୟୟ-କ ।—*n.* 1. ଗୋଳମାଳ, ଉଦ୍‌ଘୋଷ; 2. ବହୁଳତ୍ୱ ।

Muddle-head, *n.* ମୂଢ ।

Muddy, *a.* 1. ଗୋଳିଆ, ଭାଡୁଆ, ପଙ୍କିଳ, ପଙ୍କମୟ; 2. ପାତର ; 3. ଜଡ଼ବୋଧ ।

Mud-guard, *n.* ମୂଢ ।

Muezzin, *n.* ମସ୍‌ଜିଦରେ ନିରୂପିତ ପ୍ରାର୍ଥନା କାଳର ଘୋଷଣାକାରୀ ।

Muff (1) *n.* ଶୀତ ନିବାରଣାର୍ଥେ ସ୍ତ୍ରୀମାନଙ୍କ ଦ୍ୱାରା ବ୍ୟବହୃତ ଲୋମନିର୍ମିତ ହାତ ପୁଞ୍ଜ ମୁଣି ।

Muff, (2) ମୂର୍ଖ ।—*v.t.* or *i.* ଅପଟୁରୂପେ କାର୍ଯ୍ୟ-କ : ଅଦକ୍ଷରୂପେ କାର୍ଯ୍ୟ ନିର୍ବାହ-କ ।

Muffin, *n.* ଖଦ୍ୟ ଖାବାବେଳେ ଲବଣୀ ସଙ୍ଗେ ଉଷ୍ଣ ଖାଦ୍ୟ ପୋଲଉ । ମୋଟ ପିଷ୍ଟକ ବିଶେଷ ।

Muffle, *v.t.* 1. ମୁଖାଦି ଆଚ୍ଛାଦନ-କ : 2. ନୀରବ-କ ; 3. ଶବ୍ଦ ହ୍ରାସ କମନ୍ତେ ଢୋଲ ବା ଘଣ୍ଟାକୁ ଘୋଡାଇବା ।

Muffler, *n.* ମୁଖାଚ୍ଛାଦନ ।

Mufti, *n.* 1. ତୁରସ୍କ ଦେଶରେ ମୁସଲମାନ ବ୍ୟବସ୍ଥାର ଅଧ୍ୟାପକ; 2. ଯୁଦ୍ଧ ବେଶରୁ ଭିନ୍ନ ସୈନ୍ୟର ସାଧାରଣ ବସ୍ତ୍ର ।

Mug, (1) *n.* 1. ମୃତ୍ତିକା ବା ଧାତୁରେ ନିର୍ମିତ ଜଳ ପିଅଣ ବିଶେଷ ; 2. ଯାହା ଉକ୍ତ ପିଅଣରୁ ପାନ କରା ଯାଏ ।

Mug, (2) *n.* 1. ମୁହଁ ; 2. ପାଟି ।

Muggy, *a.* 1. କୁହୁଡିଆ, ମେଘୁଆ; 2. ଓଦାଳ ।

Mulatto, *n.* ଆମେରିକା ଦେଶରେ ଶ୍ୱେତ ଓ କୃଷ୍ଣାଙ୍ଗ ପିତାମାତା ଜାତ ସନ୍ତାନ ।

Mulberry, *n.* 1. ତୁତ କୋଳି ଗଛ : 2. ତୁତ କୋଳି ।

Mulct, *n.* ଅର୍ଥଦଣ୍ଡ, ଜରିମାନା ।—*v.t.* ଅର୍ଥଦଣ୍ଡ-କ ।

Mule, *n.* ଗଧ ଓ ଘୋଡ଼ା ଜାତ ଜନ୍ତୁ, ଖଚର, ଅଶ୍ୱତର ।

Muleteer, *n.* ଖଚରଚାଳକ, ଖଚରବାଲା । [-କ ।

Mull, *n.* ବସ୍ତ୍ରଖଣ୍ଡ ।—*v.t.* 1. ଚୂର୍ଣ୍ଣ-କ; 2. କଣ୍ଟଙ୍ଗଲା

Muller, *n.* 1. ରଙ୍ଗ ପିଷିଣ କମନ୍ତେ କାଚ ପୁଅ ; 2. ପେଷଣୀ ବିଶେଷ ।

Mullet, *n.* ସୁସ୍ୱାଦୁ ମତ୍ସ୍ୟ ବିଶେଷ ।

Mulligatawny, *n.* ତର୍କାରୀ ମଶଲାଯୁକ୍ତ ସୁରୁଆ ।

Mullion, *n.* ଝିଡକିର ମଧ୍ୟରେ ଲମ୍ବଭାବରେ ଠିଆ କାଠଖଣ୍ଡ ।—*v.t.* ଠିଆ କାଠଖଣ୍ଡ ଦ୍ୱାରା ଝିଡକି ବିଭାଗ-କ ।

Mulsh, Mulch, *n.* ଗାଳ ପତ୍ର ।—*a.* ଗଳୁଆ ।—*v.t.* ଗାଳ ପତ୍ରରେ ଘୋଡାଇବା ।

Multangular, *a.* ବହୁ କୋଣିଆ, ବହୁକୋଣବିଶିଷ୍ଟ ।

Multicolour, *a.* ବହୁରଙ୍ଗୀ, ନାନାରଙ୍ଗିଆ ।

Multifarious, *a.* 1. ନାନାପ୍ରକାର; 2. ବହୁଭାଗଯୁକ୍ତ; 3. ବହୁବିଧ : 4. (Law) ଅପ୍ରାସଙ୍ଗିକ ।

Multifariously, *ad.* ନାନାପ୍ରକାରେ, ବହୁବିଧରୂପେ ।

Multifariousness, *n.* 1. ବହୁବିଧତା ; 2. ଅପ୍ରାସଙ୍ଗିକତା ।

Multiform, *a.* ବହୁରୂପ, ଅନେକାକୃତି ।

Multiformity, *n.* ବହୁରୂପତ୍ୱ ।

Multiparity, *n.* ଏକକାଳେ ବହୁପ୍ରସବ ।

Multipartite, *a.* ବହୁବିଭକ୍ତ ।

Multiped *n.* ବହୁପଦୀ କୀଟ ।

Multiple, *a.* 1. ବହୁଭାଗଯୁକ୍ତ ; 2. ବାରମ୍ବାର ଘଟନଶୀଳ ।—*n.* ଗୁଣିତକ ।—Least common multiple, ଲଘିଷ୍ଠ ସାଧାରଣ ଗୁଣିତକ । [ଯୋଗ୍ୟ ।

Multipliable, Multiplicable, *a.* ଗୁଣ୍ୟ, ଗୁଣକର

Multiplication, *n.* ଗୁଣନ, ଅଙ୍କପୂରଣ ।—Multiplication table, ପଣକିଆ, ଗୁଣନ ଅଙ୍କମାଳା ।

Multipicator, Multiplier, *n.* ଗୁଣକ, ଅଙ୍କପୂରକ ।

Multiplicity, *n.* 1. ବହୁଳତା, ଅନେକତ୍ୱ ; 2. ବହୁସଂଖ୍ୟା ।

Multiply, *v.t.* 1. ବୃଦ୍ଧି-କ; 2. ବହୁଳ-କ; 3. ଗୁଣିବା, ଗୁଣନ-କ ।—*v.i.* ବଢିବା, ବୃଦ୍ଧି ପାଇବା, ବାହୁଲ୍ୟ-ହେ ।

Multitude, *n.* 1. ବହୁସଂଖ୍ୟା; 2. ଜନସମୂହ, ଲୋକାରଣ୍ୟ, ଲୋକଗହଳି, ଜନତା, 3. ସାଧାରଣ ଲୋକଶ୍ରେଣୀ ।

Multitudinous, *a.* 1. ବହୁସଂଖ୍ୟକ ; 2. ଅପାର ଜନପୂର୍ଣ୍ଣ ; 3. ବହୁବିଧ ।

Multitudinously, *ad.* ବହୁସଂଖ୍ୟକରୂପେ ।

Multitudinousness, *n.* ବହୁସଂଖ୍ୟକତା ।

Multivalve, *a.* ବହୁକପାଟିଯୁକ୍ତ । *n.* ଦୁଇରୁ ଅଧିକ କପାଟି ଥିବା ଶମ୍ବୁକାଯୁକ୍ତ ଜନ୍ତୁ ।

Multocular, *a.* ବହୁଚକ୍ଷୁବିଶିଷ୍ଟ ।

Mum, (1) *a.* ନୀରବ, ଅବାକ୍ ।—*n.* ନୀରବତା । *Interj.* ଚୁପ୍ ! ଚୁପ ହୋ !

Mum, (2) *n.* ଗହମରୁ ପ୍ରସ୍ତୁତ ମଦ୍ୟ ବିଶେଷ ।

Mumble, *v.i.* 1. ଅସ୍ପଷ୍ଟ ଉଚ୍ଚାରଣ-କ, ଦାନ୍ତ କାମୁଡି କଥା କହିବା; 2. ନିଃଶବ୍ଦରେ ଚୋବାଇବା ।—*v.t.* ଅସ୍ପଷ୍ଟ କରି କହିବା ; 2. ଧୀରେ ଦାନ୍ତ ମୂଳରେ ଚର୍ବଣ-କ । [କଥା କହେ ।

Mumbler, *n.* ଅସ୍ପଷ୍ଟ ଉଚ୍ଚାରଣକାରୀ, ଯେ ଦାନ୍ତ କାମୁଡି

Mumbling, *a.* 1. ଧୀରେ ଉଚ୍ଚାରିତ : 2. ଅସ୍ପଷ୍ଟ ।

Mumblingly, *ad.* ଅସ୍ପଷ୍ଟ ଉଚ୍ଚାରଣରେ ।

Mumbo-jumbo, *n.* 1. ଆଫ୍ରିକା ...ର ଗୋଷ୍ଠୀର ଉପାସ୍ୟ ବିଶେଷ; 2. ନିରର୍ଥକରୂପେ ପୂଜିତ କୌଣସି ବସ୍ତୁ ।

Mummer, *n.* ଛଦ୍ମବେଶଧାରୀ । [କ୍ରିୟା ।

Mummery, *n.* 1. ଛଦ୍ମବେଶଧାରଣ : 2. ନିରର୍ଥକ

Mummify, *v.t.* ସୁଗନ୍ଧି ଦ୍ରବ୍ୟରେ ଶବ ରକ୍ଷା-କ ।

Mummy, *n.* 1. ସୁଗନ୍ଧି ଦ୍ରବ୍ୟରେ ରକ୍ଷିତ ଶବ; 2. କଲମ କରିବାରେ ବ୍ୟବହୃତ ମହମ ; 3. ତାମ୍ରବର୍ଣ୍ଣ ଏକପ୍ରକାର ରଙ୍ଗ ।

Mump, *v.t.* and *v.i.* 1. ଅସ୍ପଷ୍ଟରେ କଥା କହିବା; 2. ଅଳ୍ପ ଚୋବାଇବା; 3. ଗୁମ୍ଫାଲା-ହେ; 4. ପ୍ରତାରଣା-କ ।

Mumpish, *a.* ଗୁମୁହାଁ, ଗୁମାନୀ, ଅପ୍ରସନ୍ନ ।

**Mumps**, *n.* 1. ଗଳାଗ୍ରନ୍ଥିର ପ୍ରଦାହ ରୋଗ; 2. ଗୁମାନ । [ବଢ଼ ଚାକର-କ ।
**Munch**, *v.t.* and *v.i.* ଗାଲ ଭର ଦେଇ ଖାଇବା, ଚାବି
**Mundane**, *a.* 1. ଜଗତ ସମ୍ବନ୍ଧୀୟ; 2. ପାର୍ଥିବ, ସାଂସାରିକ ।
**Mundanely**, *ad.* ପାର୍ଥିବଭାବେ ।
**Mundify**, *v.t.* ପରିଷ୍କାର-କ, ମାର୍ଜନା-କ ।
**Munerary**, *a.* ଦାନାର୍ଥକ ।
**Mungoose**, *n.* same as Mongoose.
**Municipal**, *a.* 1. ନଗରୀୟ, ନାଗରିକ; 2. ନଗର କାର୍ଯ୍ୟ ସମ୍ପାଦନାର୍ଥ ସମିତି ସମ୍ବନ୍ଧୀୟ ।
**Municipally**, *ad.* ନାଗରିକ ପ୍ରଣାଳୀ ଦ୍ୱାରା । [ଶୀଳତା ।
**Munificence**, *n.* ଅସାଧାରଣ ଦାନଶୀଳତା, ବଦା-
**Munificent**, *a.* ଦାନରେ ଉଦାର, ଅତି ଦାନଶୀଳ ।
**Muniment**, *n.* (generally in *pl.* Muniments.) ଦଲିଲ ପ୍ରମାଣପତ୍ର । [ଦୁର୍ଗ ।
**Munition** *n.* 1. ଯୁଦ୍ଧର ସରଞ୍ଜାମ; 2. (Bible)
**Mural**, *a.* 1. ପ୍ରାଚୀର ସମ୍ବନ୍ଧୀୟ; 2. ପାଚେରି ପରି; 3. କାନ୍ଥ ଉପରେ ଅବଲମ୍ବିତ ।
**Murder**, *n.* ନରହତ୍ୟା, ଇଚ୍ଛାକୃତ ବଧ, ଖୁନ ।—*v.t.* 1. ନରହତ୍ୟା-କ; 2. ନଷ୍ଟ-କ, ନଷ୍ଟ କ-କ ।—To murder the king's English, ଭାଷାକୁ ବିକୃତ-କ ।
**Murderer**, *n.* ନରହନ୍ତା, ଖୁନୀ, ବଧକାରୀ ।
**Murderess**, *n.* ବଧକାରିଣୀ, ସ୍ତ୍ରୀ ଖୁନୀ ।
**Murderous**, *a.* 1. ନରହତ୍ୟା ସମ୍ବନ୍ଧୀୟ; 2. ମାରାତ୍ମକ; 3. କ୍ରୂର; 4. ବିନାଶକ; 5. ବଧପ୍ରିୟ ।
**Murderously**, *ad.* କ୍ରୂରଭାବେ, ମାରାତ୍ମକରୂପେ ।
**Murex**, *n.* ଶାମ୍ବୁକଯୁକ୍ତ ସାମୁଦ୍ରିକ ଜନ୍ତୁ ବିଶେଷ ଯହିଁରୁ ପୁରାକାଳୀନ ଲୋକେ ବାଇଗଣିଆ ରଙ୍ଗ ପ୍ରସ୍ତୁତ କରୁଥିଲେ ।
**Muriatic**, *a.* ସମୁଦ୍ର ଲବଣ ସମ୍ବନ୍ଧୀୟ, ସମୁଦ୍ର ଲବଣରୁ ପ୍ରାପ୍ତ ।
**Muricate**, Muricated, *a.* କଣ୍ଟକମୟ, କଣ୍ଟକଯୁକ୍ତ ।
**Murkily**, *ad.* 1. ମେଘାଚ୍ଛନ୍ନଭାବେ; 2. ଘୋରରୂପେ ।
**Murkiness**, *n.* 1. ଅନ୍ଧକାରୁଆଭାବ; 2. ମେଘାଚ୍ଛନ୍ନତା ।
**Murky**, *a.* 1. ଅନ୍ଧାରୁଆ, ଅନ୍ଧକାରମୟ; 2. ଘୋର; 3. ମେଘୁଆ, ମେଘାଚ୍ଛନ୍ନ ।
**Murmur**, *n.* 1. ଧୀର ଅସ୍ପଷ୍ଟ ରବ; 2. ଧୀର ସ୍ୱରରେ ... ।—*v.i.* 1. ମୃଦୁ ରବ ପରି ଧ୍ୱନି-କ; 2. ବଡ଼ବଡ଼-କ, ବଡବଡି-କ ।
**Murmurer**, *n.* ବଡ଼ବଡ଼କାରୀ । [ଧୀର ଧ୍ୱନିକାରକ ।
**Murmuring**, *a.* 1. ଅସନ୍ତୁଷ୍ଟିପ୍ରକାଶକ; 2. କଳକଳ
**Murrain**, *n.* ପଶୁମାନଙ୍କ ମଡ଼କ ରୋଗ ।
**Muscadel**, Muscat, Muscatel, *n.* ବିଶେଷ ଦ୍ରାକ୍ଷା ଫଳରୁ ପ୍ରସ୍ତୁତ ଶେତବର୍ଣ୍ଣ ମିଷ୍ଟ ମଦ୍ୟ ।
**Muscle**, *n.* *mus'l*, ମାଂସପେଶୀ । [ବଳିଷ୍ଠ ପରି ।
**Muscoid**, *a.* ଶିଉଳି ପରି ।—*n.* ଶିଉଳି ପରି ବୃକ୍ଷ-
**Muscadity**, *n.* ଶିଉଳିମୟ ଭାବ ।
**Muscular**, *a.* 1. ମାଂସପେଶୀ ସମ୍ବନ୍ଧୀୟ; 2. ସୁଗଠିତ ମାଂସପେଶୀଯୁକ୍ତ; 3. ବଳବନ୍ତ, ବଳିଷ୍ଠ ।
**Muscularity**, *n.* ସୁଗଠିତ ମାଂସପେଶୀଯୁକ୍ତତା ।
**Muse**, *v.i.* 1. ଗଭୀରରେ ଭାବିବା, ଧ୍ୟାନକରିବା; 2. ଅନ୍ୟ-ମନସ୍କ-ହେ; 3. ଧ୍ୟାନ-କ ।—*n.* 1. ଗଭୀର ଚିନ୍ତା; 2. ଧ୍ୟାନ; 3. ଅନ୍ୟମନସ୍କତା; 4. କାବ୍ୟାଧିଷ୍ଠାତ୍ରୀ ଦେବୀ; 5. କାବ୍ୟ ରଚନା ଶକ୍ତି ।
**Museful**, *a.* ଗଭୀର ଚିନ୍ତାଯୁକ୍ତ ।
**Museum**, *n.* ଅଦ୍ଭୁତ ଓ ଦୁଷ୍ପ୍ରାପ୍ୟ ପଦାର୍ଥର ସଞ୍ଚୟ ବା ତହିଁର ଆଗାର, ଚିତ୍ରଶାଳା ।
**Mushroom**, *n.* ଛତୁ, ... ।
**Music**, *n.* 1. ବାଦ୍ୟ ସ୍ୱର, ବାଜଣା; 2. ସ୍ୱର ବଦ୍ଧ, ସଙ୍ଗୀତ ବିଜ୍ଞାନ; 3. ସଙ୍ଗୀତ ଲେଖା ।
**Musical**, *a.* 1. ସଙ୍ଗୀତ ସମ୍ବନ୍ଧୀୟ; 2. ସ୍ୱରଉତ୍ପାଦକ; 3. ସୁଶ୍ରାବ୍ୟ, ମିଷ୍ଟସ୍ୱରଯୁକ୍ତ ।—Musical instrument, ବାଦ୍ୟ ଯନ୍ତ୍ର, ବାଜା ।
**Musically**, *ad.* ସ୍ୱରରେ ।
**Musician**, *n.* 1. ସଙ୍ଗୀତ ବେତ୍ତା; 2. ବାଦ୍ୟକର ।
**Musing**, *n.* 1. ଧ୍ୟାନକରଣ; 2. ଭାବନା, ଧ୍ୟାନ ।—*a.* ଭାବୁକ, ଧ୍ୟାନଯୁକ୍ତ ।
**Musingly**, *ad.* ଭାବୁକରୂପେ । [ବେଢେ ଗଛ ।
**Musk**, *n.* 1. କସ୍ତୁରୀ, ମୃଗମଦ; 2. କସ୍ତୁରୀ ଗନ୍ଧଯୁକ୍ତ
**Musket**, *n.* ପୁରାକାଳୀନ ବନ୍ଧୁକ । ସୈନ୍ୟ ।
**Musketeer**, *n.* 1. ବନ୍ଧୁକଧାରୀ ସୈନ୍ୟ; 2. ପଦାତିକ
**Musket-proof**, *a.* ବନ୍ଧୁକ ଗୁଳି ନିବାରକ । [ବର୍ଗ ।
**Musketry**, *n.* 1. ବନ୍ଧୁକଶ୍ରେଣୀ; 2. ବନ୍ଧୁକଧାରୀ ସୈନ୍ୟ-
**Musket shot**, *n.* 1. ବନ୍ଧୁକ ଗୁଳିର ନିକ୍ଷେପଣ; 2. ବନ୍ଧୁକ ଗୁଳି ନିକ୍ଷେପର ମାପ ।
**Musk-melon**, *n.* ଖରଭୁଜ ।
**Musk-rat**, *n.* ଛୁଞ୍ଚୁନ୍ଦ୍ରା, ଗନ୍ଧମୂଷିକ ।
**Musk-rose**, *n.* ସୁଗନ୍ଧ ଶୁକ୍ଳ ଗୋଲାପ ପୁଷ୍ପ ।
**Musky**, *a.* କସ୍ତୁରୀ ଗନ୍ଧଯୁକ୍ତ ।
**Muslim**, *n.* same as Moslem.
**Muslin**, *n.* ମଲମଲ ଲୁଗା, ତୁଳାର ସୂକ୍ଷ୍ମ ବସ୍ତ୍ର ।
**Musquito**, *n.* same as Mosquito.
**Mussel**, *n.* 1. ଦ୍ୱିଶାମ୍ବୁକବିଶିଷ୍ଟ ସୁସ୍ୱାଦ୍ୟ ସାମୁଦ୍ରିକ ଜନ୍ତୁ; 2. ଜଳଶୁକ୍ତି ବିଶେଷ ।
**Mussulman**, *n.* ମୁସଲମାନ, ମହମ୍ମଦୀୟ ଲୋକ ।
**Must**, (1) *v.i.* 1. ହେବ, ହେବାକୁ ହେବ; 2. ପ୍ରୟୋଜନ ଅଛି, ଅବଶ୍ୟକ ଅଛି ।
**Must**, (2) *n.* ଦ୍ରାକ୍ଷା ଫଳରୁ ସେଚ୍ଚା କଢାଯାଇଥିବା ରସ ।
**Must**, (3) *n.* 1. ହସ୍ତିର ମଦାବସ୍ଥା; 2. ମଦ ହସ୍ତୀ ।
**Mustard** *n.* 1. ସୋରିଷ ଗଛ ବା ମଞ୍ଜି; 2. ସୋରିଷ ।
**Muster**, *v.t.* ଏକତ୍ର-କ, ସଂଗ୍ରହ-କ ।—*v.i.* ଏକତ୍ରିତ-ହେ, ମିଳିତ-ହେ ।—*n.* 1. ସୈନ୍ୟଦଳ, ଜନତା; 2. ସୈନ୍ୟ ସଂଗ୍ରହ; 3. ଏକତ୍ର ସୈନ୍ୟଙ୍କର ଗଣନା ବା ଗଣିତ ସଂଖ୍ୟା ।—To pass muster, ପରିଦର୍ଶନରେ ନିର୍ଦ୍ଦୋଷଯୁକ୍ତ ହୋଇବା, ଗ୍ରହଣୀୟ ହେବା ।

**Mustiness**, *n.* ଛତାପଡ଼ାଅବସ୍ଥା ।
**Musty**, *a.* 1. ଗନ୍ଧିତ; 2. ଛତାପଡ଼ା; 3. ପଚା ।
**Mutability**, **Mutableness**, *n.* ପରିବର୍ତ୍ତନୀୟତା ।
**Mutable**, *a.* 1. ପରିବର୍ତ୍ତନୀୟ; 2. ଅସ୍ଥିର; 3. ଚଞ୍ଚଳ ।
**Mutably**, *ad.* ପରିବର୍ତ୍ତନୀୟରୂପେ ।
**Mutate**, *v.t.* ସ୍ୱରବର୍ଣ୍ଣ ପରିବର୍ତ୍ତନ-କ ।
**Mutation**, *n.* 1. ପରିବର୍ତ୍ତନକରଣ; 2. ପର ପଦର ସ୍ୱରବର୍ଣ୍ଣ ପ୍ରଭାବରେ ପୂର୍ବ ପଦର ସ୍ୱରବର୍ଣ୍ଣ ପରିବର୍ତ୍ତନ ।
**Mutative**, **Mutatory**, *a.* 1. ପରିବର୍ତ୍ତନକାରକ; 2. ପରିବର୍ତ୍ତନୀୟ ।
**Mute**, *a.* 1. ମୂକ, ଗୁଙ୍ଗା; 2. ନୀରବ, ମୌନ; 3. ଅନୁଚ୍ଚାରିତ ।—*n.* 1. ମୂକ ବ୍ୟକ୍ତି, ଗୁଙ୍ଗା ଲୋକ; 2. ଶବ ଯିବା ଗୃହ ଦ୍ୱାରରେ ଠିଆହେବା ନିମନ୍ତେ ନିଯୁକ୍ତ ମୌନ ବ୍ୟକ୍ତି; 3. (Gram.) ବର୍ଣ୍ଣ ଉଚ୍ଚାରଣରେ ମୁଖ ବନ୍ଦ କରିବା ଦ୍ୱାରା ଜାତ ସ୍ୱର; 4. (Law) ପ୍ରତିବାଦ ଅନିଚ୍ଛୁକ ବ୍ୟକ୍ତି; 5. ସ୍ୱର କ୍ଷୀଣ କରିବା ଅଭିପ୍ରାୟରେ ବେହେଲା ଆଦିରେ ଲଗା ଯନ୍ତ୍ର ବିଶେଷ ।—*v.t.* ଶବ୍ଦ କ୍ଷୀଣ-କ ।
**Mutely**, *ad.* ନୀରବରେ, ମୌନଭାବେ ।
**Muteness**, *n.* ନିଃଶବ୍ଦତା, ମୌନଭାବ ।
**Mutilate**, *v.t.* 1. ବିକଳାଙ୍ଗ-କ; 2. ଅଙ୍ଗ ଛେଦନ-କ; 3. ପ୍ରଧାନ ଅଂଶ ବର୍ଜିତ-କ ।
**Mutilation**, *n.* 1. ବିକଳାଙ୍ଗକରଣ; 2. ଅଙ୍ଗଛେଦନ; 3. ପ୍ରଧାନ ଅଂଶର ବିଚ୍ଛେଦ ।
**Mutilator**, *n.* 1. ବିକଳାଙ୍ଗକାରୀ; 2. ଅଙ୍ଗଛେଦକ; 3. ପ୍ରଧାନ ଅଂଶ ବିଚ୍ଛେଦକ ।
**Mutineer**, *n.* ବିଦ୍ରୋହୀ ସୈନ୍ୟ ବା ନାବିକ ।—*v.t* ବିଦ୍ରୋହାଚରଣ-କ । [ଜନକ ।
**Mutinous**, *a.* 1. ବିଦ୍ରୋହପ୍ରିୟ, କଳହୀ; 2. ବିଦ୍ରୋହ-
**Mutinously**, *ad.* ବିଦ୍ରୋହରୂପେ ।
**Mutiny**, *n.* 1. ସୈନିକ ବା ନାବିକ ବିଦ୍ରୋହ; 2. ଅବାଧ୍ୟାଚରଣ; 3. ଗଣ୍ଡଗୋଳ, କଳହ ।—*v.i.* ଅବାଧ୍ୟହେ, ବିଦ୍ରୋହୀ-ହେ ।
**Mutter**, *v.i.* 1. ଧୀର ସ୍ୱରରେ ଉଚ୍ଚାରଣ-କ; 2. ବିଡ଼ବିଡ଼-ହେ; 3. ଗଡଗଡ ଶବ୍ଦ ପରି ଶୁଭିବା ।—*n.* ଗଣଗଣ କରି କହିବା; ଅସ୍ପଷ୍ଟରୂପେ କହିବା ।
**Mutterer**, *n.* ଅସ୍ପଷ୍ଟ ଉଚ୍ଚାରଣକାରୀ ।
**Muttering**, *n.* ଅସ୍ପଷ୍ଟ ଉଚ୍ଚାରଣ ।
**Mutteringly**, *ad.* 1. ଅସ୍ପଷ୍ଟ ଉଚ୍ଚାରଣରେ; 2. ବଡବଡଭାବରେ, ଗଣଗଣ କରି ।
**Mutton**, *n.* 1. ମେଣ୍ଢା ମାଂସ; 2. ମେଣ୍ଢା ।
**Muttonhead**, *n.* ସ୍ଥୂଳବୁଦ୍ଧି ବ୍ୟକ୍ତି, ମୂର୍ଖ । [ପକ୍ଷ ।
**Mutual**, *a.* 1. ପରସ୍ପର, ଏକରୁ ଅନେକ; 2. ଉଭୟ
**Mutuality**, *n.* ପରସ୍ପର ସମ୍ପର୍କ ।
**Mutually**, *ad.* ପରସ୍ପରରେ, ଉଭୟ ପକ୍ଷରେ ।
**Muzzle**, *n.* 1. ପଶୁର ଅଗର ଥୋମ; 2. ତୁଣ୍ଡୀ, ମୁଖ ବନ୍ଧନୀ; 3. ବନ୍ଧୁକ ନଳୀର ମୁହଁ ।—*v.t.* 1. ତୁଣ୍ଡୀ ବାନ୍ଧିବା; 2. କ୍ଷତ କରିବାରୁ ଅଟକାଇବା; 3. ବାକ୍ୟରୋଧ-କ ।
**Muzzle-loader**, *n* ନଳୀ ମୁହଁ ଦ୍ୱାରା ବାରୁଦ ଦେବା ବନ୍ଧୁକ ।
**My**, *poss. a.* ମୋର, ମୋହର, ଆମ୍ଭର ।
**Myoid**, *a.* ମାଂସପେଶୀ ତୁଲ୍ୟ । [ବିଜ୍ଞାନ ।
**Myography**, *n.* ଶରୀରସ୍ଥ ମାଂସପେଶୀର ବୈଜ୍ଞାନିକ
**Myolozy**. *n.* ମାଂସପେଶୀ ସମ୍ବନ୍ଧୀୟ ଶରୀରବିଜ୍ଞାନର ଅଂଶ ।
**Myriad**, *n.* 1. ଅପାର ସଂଖ୍ୟା; 2. ଦଶ ସହସ୍ର ।—*a.* ଅସଂଖ୍ୟ । [ଜନ୍ତୁ ।
**Myriapod**, **Myriopod**, *n.* ବହୁସଂଖ୍ୟକ ପଦଯୁକ୍ତ
**Myriapoda**, *n.* କୃମିବର୍ଗ ।
**Myrmidon**, *n.* 1. ଅସଭ୍ୟ ସୈନ୍ୟ; 2. ଦସ୍ୟୁ; 3. ନିର୍ଦ୍ଦୟ ଓ ନିର୍ଲଜ୍ଜ ଅନୁଚର ।
**Myrobalan**, *n.* ହରିତକୀ, ହରିଡ଼ା ।
**Myrrh**, *n.* ରକ୍ତବୋଳ, ସୁଗନ୍ଧିଦ୍ରବ୍ୟ ବିଶେଷ ।
**Myrtle**, *n.* ମହୁଅଳ ଗଛ, ମେହେନ୍ଦୀ ।
**Myself**, *pro.* ଆପେ, ନିଜେ, ସ୍ୱୟଂ ।
**Mysterious**, *a.* ନିଗୂଢ଼, ଗୁପ୍ତ, ବୋଧାଗମ୍ୟ ।
**Mysteriously**, *ad.* ନିଗୂଢ଼ରୂପେ, ଗୁପ୍ତରେ ।
**Mysteriousness**, *n.* ନିଗୂଢ଼ତା, ଗୁପ୍ତଭାବ, ବୋଧାଗମ୍ୟତା ।
**Mystic**, *n.* ଈଶ୍ୱରଙ୍କ ସହିତ ସାକ୍ଷାତ୍ ସମ୍ଭାଷଣକାରୀ ।
**Mystic**, **Mystical**, *a.* 1. ଗୁପ୍ତ ବିଷୟ ସମ୍ବନ୍ଧୀୟ; 2. ଧର୍ମ-ନିଗୂଢ଼; 3. ଅପ୍ରକାଶିତ; 4. ଈଶ୍ୱରଙ୍କ ସହିତ ସାକ୍ଷାତ୍ ସମ୍ଭାଷଣ ସମ୍ବନ୍ଧୀୟ । [ରୂପେ ।
**Mystically**, *ad.* 1. ଧର୍ମ-ନିଗୂଢ଼ଭାବେ; 2. ଅପ୍ରକାଶିତ-
**Mysticism**, *n.* 1. ଈଶ୍ୱରଙ୍କ ସହିତ ସାକ୍ଷାତ୍ ସମ୍ଭାଷଣ ମତ; 2. ମତର ନିଗୂଢ଼ତା ।
**Mystification**, *n.* 1. ଅସ୍ପଷ୍ଟକରଣ; 2. ଘୋରଅବସ୍ଥା ।
**Mystify**, *v.t.* 1. ଘୋରପ୍ତ-କ; 2. ଗୁପ୍ତ-କ, ନିଗୂଢ଼-କ, ଅସ୍ପଷ୍ଟ-କ ।
**Myth**, *n.* 1. କାଳ୍ପନିକ ଇତିହାସ, ଗଳ୍ପ; 2. ମିଥ୍ୟା କାହାଣୀ; 3. ମିଥ୍ୟା କଥା ।
**Mythic**, **Mythical**, *a.* 1. କାଳ୍ପନିକ ଇତିହାସ ସମ୍ବନ୍ଧୀୟ; 2. କାଳ୍ପନିକ; 3. ମିଥ୍ୟା ।
**Mythically**, *ad.* କାଳ୍ପନିକଭାବେ ।
**Mythist**, *n.* କାଳ୍ପନିକ ଇତିହାସ ଲେଖକ ।
**Mythologic**, **Mythological**, *a.* କାଳ୍ପନିକ ଇତିହାସ ଅନୁସନ୍ଧାନ ବିଦ୍ୟା ସମ୍ବନ୍ଧୀୟ, କାଳ୍ପନିକ
**Mythologise**, *v.t.* 1. କାଳ୍ପନିକ ଇତିହାସ ବ୍ୟାଖ୍ୟା-କ; 2 କାଳ୍ପନିକ-କ; 3. କାଳ୍ପନିକଭାବେ ଅର୍ଥ-କ ।
**Mythologist**, *n.* କାଳ୍ପନିକ ଇତିହାସ ଅନୁସନ୍ଧାନ ବିଦ୍ୟାବେତ୍ତା ।
**Mythology**, *n.* 1. ଦେଶର କାଳ୍ପନିକ ଇତିହାସସମୂହ; 2. କାଳ୍ପନିକ ଇତିହାସ ସମ୍ବନ୍ଧୀୟ ପ୍ରବନ୍ଧ; 3. କାଳ୍ପନିକ ଇତିହାସ ସଂଗ୍ରହ; 4. କାଳ୍ପନିକ ଇତିହାସ ଅନୁସନ୍ଧାନ ବିଦ୍ୟା ।
**Myxoma**, *n.* କୋମଳ ମାଂସଳ ଗୁଣ୍ଡ ବିଶେଷ ।

# A COMPREHENSIVE ENGLISH-ORIYA DICTIONARY

J.G. PIKE
GORDON S. WILKINS

GORDON S. WILKINS

VOLUME II
N-Z

# PREFACE TO VOLUME II.

The first volume of tnis dictionary was published in 1916. The present volume completes the work.

In the preparation of this volume the compiler has been assisted by Pandit Ram Krishna Panda to whose wide scholarship and careful scrutinising of proofs he is greatly indebted. In clerical work Babu Nayananand Singh has rendered much assistance.

As in Vol. I the basis of the work has been Chamber's Twentieth Century Dictionary. Owing to lack of italicised type it has been impossible always to show the pronunciation of unusual words. Where this has been done the following signs have been used:—

Fāte, făt, far; mē, met; pīne, pin; nōte, not; tūbe, tub.

Gordon S. Wilkins.

*Cuttack, December, 1923.*

# N.

**N.** 1. ଇଂରାଜୀ ବର୍ଣ୍ଣମାଳାର ଚତୁର୍ଦ୍ଦଶ ଅକ୍ଷର; 2. ରୋମୀୟ ଗଣନାନୁସାରେ ନବେ ବା ନଅଶତ ବୁଝାଏ ।

**Nab,** *v.t.* ହଠାତ୍ ଧରିବା ।

**Nabob,** *n.* 1. ନବାବ, ମୋଗଲ ସାମ୍ରାଜ୍ୟରେ ପ୍ରଦେଶସ୍ଥ ସମ୍ରାଟ୍; 2. ବହୁସମ୍ପତ୍ତିଶାଳୀ ବ୍ୟକ୍ତି ।

**Nadir,** *n.* 1. ଠିକ୍ ପଦତଳସ୍ଥ ପାତାଳର ସ୍ଥଳ; 2. ନିମ୍ନତମ ସ୍ଥାନ ।

**Nag,** (1) *n.* ସାନ ଘୋଡା, ଟଟୁ ।

**Nag,** (2) *v.t.* 1. ସବୁବେଳେ ଝଗଡ଼ାର-କ; 2. ବିରକ୍ତ-କ; 3. ସର୍ବଦା ଦୋଷ ଧରିବା ।

**Naiad,** *n.* କଳ୍ପିତ ଜଳଦେବୀ ।

**Nail,** *n.* 1. ନଖ; 2. କଣ୍ଟା; 3. ଲମ୍ବର ମାପ ବିଶେଷ ଅର୍ଥାତ୍ ୨¼ ଇଞ୍ଚ ।—*v.t.* 1. କଣ୍ଟାରେ ଯୋଡିବା, କଣ୍ଟା ମାରିବା; 2. ନିଶ୍ଚିତ-କ; 3. ଦୃଢରୂପେ ଧରିବା; 4. ଦୁଷ୍କର୍ମିତ୍ୱରେ ଧରପକାଇବା ।—To nail to the counter, କୃତ୍ରିମ ବୋଲି ପ୍ରକାଶ-କ । To bit the nail on the head, ଲକ୍ଷ୍ୟ ସ୍ଥଳ ସ୍ପର୍ଶ-କ । On the nail, ତତ୍କ୍ଷଣି, ହଠାତ୍, ଅବିଳମ୍ବେ ।

**Nailery,** *n.* କଣ୍ଟା ତିଆରି କରିବା ସ୍ଥାନ ।

**Nainsook,** *n.* ନୈନ୍ସୁଖ, ଏକପ୍ରକାର ମଲମଲ ଲୁଗା ।

**Naive,** *a.* ସ୍ୱାଭାବିକ ସରଳଭାବଯୁକ୍ତ, ପ୍ରବଞ୍ଚନାରହିତ, [ଅକପଟ ।

**Naively,** *ad.* ସରଳରୂପେ ।

**Naivete,** *n.* ସ୍ୱାଭାବିକ ସରଳତା, ଚିନ୍ତା ବା କ୍ରିୟା ବା ବାକ୍ୟରେ ଅକପଟତ୍ୱ ।

**Naked,** *a.* ନଙ୍ଗଳା, ଉଲଙ୍ଗ, ଉଲଗ୍ନ, ବସ୍ତ୍ରହୀନ; 2. ଅନାଚ୍ଛାଦିତ; 3. ସ୍ପଷ୍ଟ, ବ୍ୟକ୍ତ; 4. ପ୍ରତ୍ୟକ୍ଷ; 5. ଅସ୍ତ୍ରହୀନ; 6. ନିରୁପାୟ; 7. ଅନଳଙ୍କୃତ; 8. ମାତ୍ର ।

**Nakedly,** *ad.* ଅନାଚ୍ଛାଦିତରୂପେ ।

**Nakedness,** *n.* ଉଲଙ୍ଗତା, ଅନାବୃତତା ।

**Namby-pamby,** *n.* ଅତିରିକ୍ତ ପ୍ରୀତିକର ଗପ ବା ଲେଖା ।—*a.* ଅସ୍ୱାଭାବିକରୂପେ ଭୂଷିତ, ବସ୍ତ୍ରବିଳାସୀ ।

**Name,** *n.* 1. ନାମ, ସଂଜ୍ଞା; 2. ପଦ, ପଦବୀ, ଉପାଧି; 3. ଯଶଃ, କୀର୍ତ୍ତି, ସୁଖ୍ୟାତି; 4. ସ୍ମୃତି; 5. ବଂଶ, ପରିବାର; 6. କ୍ଷମତା ।—*v.t.* 1. ନାମ-ଦେ, ନାମ ଦ୍ୱାରା ଚିହ୍ନିତ-କ; 2. ନାମ ଧରି ଡାକିବା; 3. ନାମ ପ୍ରସ୍ତାବ-କ ।—To call names, ଉଲ୍ଟା ନାମ ଦେଇ ଗାଳି [-ଦେ ।

**Nameable, Namable,** *a.* ନାମ ଯୋଗ୍ୟ ।

**Nameless,** *a.* 1. ନାମହୀନ, ଅନାମକ, ବେନାମ; 2. ଅପ୍ରସିଦ୍ଧ ।

**Namelessly,** *ad.* ଅନାମକରୂପେ ।

**Namely,** *ad.* ଯଥା, ଅର୍ଥାତ୍ । [ନାମକ ଲୋକ, ମିତ ।

**Namesake,** *n.* ସମନାମକ ବ୍ୟକ୍ତି, ପ୍ରେମ ସକାଶେ ଏକ

**Nancy,** *n.* ମାଇଚେଳି, ବକସ ।

**Nankeen,** *n.* ଚୀନ୍ ଦେଶର ଉତ୍ପନ୍ନ ହଳଦିଆ ବର୍ଣ୍ଣ କାର୍ପାସ ନିର୍ମିତ ବସ୍ତ୍ର ।

**Nap,** (1) *n.* ଅଳ୍ପ ନିଦ୍ରା, ଘୁମ, ଢୋଳ, ତନ୍ଦ୍ରା ।—*v.i.* ଘୁମାଇବା, ଅଳ୍ପ ନିଦ୍ରା-କ ।—To catch napping, ଅପ୍ରସ୍ତୁତରେ ସାକ୍ଷାତ-କ, ଅଜାଣତ ସମୟରେ ଧରିବା ।

**Nap,** (2) *n.* 1. ବସ୍ତ୍ରର ଉପର ଅଂଶୁ; 2. ଉଦ୍ଭିଦର ଲୋମବତ୍ ଆବରଣ ।

**Nap,** (3) *n.* ଯେଉଁ ତାସ ଖେଳାରେ ପ୍ରତ୍ୟେକ ଖେଳାଳୀ ୫ ଖଣ୍ଡି ତାସରେ ଖେଳେ ।

**Nape,** *n.* ବେକର ଉପର ଭାଗ ।

**Napery,** *n.* ମେଜ ପ୍ରଭୃତିର ତଉଲିଆ ଇତ୍ୟାଦି ।

**Naphtha,** *n.* 1. ଚୂଆଇବା ଦ୍ୱାରା ପ୍ରସ୍ତୁତ ସ୍ୱଚ୍ଛ ଜଳଶୀଘ୍ର ଦ୍ରବଦ୍ରବ୍ୟ; 2. ମାଟିଆ ତେଲ । [ବିଶେଷ ।

**Naphthalene,** *n.* ଅଙ୍ଗାରକଯୁକ୍ତ ଧାଡ଼ିଶିଆବର୍ଣ୍ଣ ଦ୍ରବ୍ୟ

**Napiform,** *a.* ଲଟୁ ଆକାରବିଶିଷ୍ଟ, ଉପରେ ଗୋଲ ତଳେ ଗୋଜିଆ ।

**Napkin,** *n.* ହାତପୋଛା ମେଜ-ତଉଲିଆ, ଗାମୁଛା ।

**Napless,** *a.* ବସ୍ତ୍ରାଂଶୁହୀନ, ଝାଲଝାଲିଆ ।

**Napolean,** *n.* 1. ଫ୍ରାନ୍ସ ଦେଶର ଟ ୬।୪ ମୂଲ୍ୟର ସ୍ୱର୍ଣ୍ଣ ମୁଦ୍ରା; 2. ଯେଉଁ ତାସ ଖେଳାରେ ପ୍ରତ୍ୟେକ ଖେଳାଳୀ ୫ ଖଣ୍ଡି ତାସରେ ଖେଳେ; 3. ନବାତ ଚଳା ଏକ ପ୍ରକାର ପିଷ୍ଟକ ।

**Nappy,** (1) *a.* 1. ଘୁମା, ଢୋଳିଆ; 2. ନିଦ୍ରାକାରକ; 3. ନିଶାଜନକ ।

**Nappy,** (2) *a.* ଅଂଶୁଯୁକ୍ତ, ଲୋମଶ ।

**Narcissus,** *n.* 1. ଗ୍ରୀସ ଦେଶର କେଫିସସ୍ ନାମକ ଜଳଦେବତାର ପୁତ୍ର; 2. ଉତ୍ତରପ୍ରଦେଶର ବସନ୍ତକାଳୀନ ହଳଦିଆ ପୁଷ୍ପ ବିଶେଷ ।

**Narcotic,** *a.* ଜଡ଼ତାଜନକ, ନିଦ୍ରାକାରକ, ନିଶାଉତ୍ପାଦକ ।—*n.* ଜଡ଼ତାଜନକ ଔଷଧ, ନିଦ୍ରାକାରକ ଦ୍ରବ୍ୟ ।

**Narcoticism,** *n.* 1. ନିଦ୍ରାକାରକ ଦ୍ରବ୍ୟର ପ୍ରଭାବ; 2. ଔଷଧ ବ୍ୟବହାରରୁ ଜାତ ଜଡ଼ତା ।

**Nard,** *n.* 1. ସୁଗନ୍ଧି ତେଲ ବା ପ୍ରଲେପ ବିଶେଷ; 2. ଜଟାମାଂସୀ ।

**Naris,** *n.* ନାସିକାରନ୍ଧ୍ର । *pl.* Nares.

**Narrate,** *v.t.* କହିବା, ବିବୃତ-କ, ବର୍ଣ୍ଣନା-କ । [ହାସ ।

**Narration,** *n.* 1. କଥନ; 2. ବିବରଣ, ବର୍ଣ୍ଣନା, ଇତି-

**Narrative,** *a.* 1. ବିବରଣ ସମ୍ବନ୍ଧୀୟ; 2. ବର୍ଣ୍ଣନା ଉପଯୋଗୀ; 3. କଥନପ୍ରିୟ ।—*n.* ବୃତ୍ତାନ୍ତ, ଉପାଖ୍ୟାନ ।

**Narrator,** *n.* ବର୍ଣ୍ଣନାକାରୀ, ବିବରଣ କଥକ ।

**Narrow,** *a.* 1. ସଂକୀର୍ଣ୍ଣ, ଅଣଓସାର, ଅପ୍ରଶସ୍ତ; 2. ସୀମାବଦ୍ଧ; 3. ସଂକୀର୍ଣ୍ଣମନା; 4. ଧର୍ମାନ୍ଧ; 5. କୃପଣ, କାଙ୍କି; 6. ସ୍ୱାର୍ଥପର; 7. ଅଳ୍ପ; 8. ସତର୍କ ।—*n.* (oftener used in *pl.*) ଅଣଓସାର ବାଟ, ଅପ୍ରଶସ୍ତ ପଥ ।—*v.t.* ସଂକୀର୍ଣ୍ଣ-କ, ସଙ୍କୁଚିତ-କ, ସୀମାବଦ୍ଧ-କ, ଊଣା-କ ।—*v.i.* ସଙ୍କୁଚିତ-ହେ, ହାତବୁଣା କାର୍ଯ୍ୟରେ ଖିଅର ସଂଖ୍ୟା ଊଣା-କ ।

Narrow-guage, *a.* ଓସାରରେ ୨ ଫୁଟ ୬ ଇଞ୍ଚ ଥିବା ରେଲ୍ ସଡ଼କସ୍ଥ ରେଳ ।

Narrowing, *n.* 1. ସଂକୀର୍ଣ୍ଣକରଣ ; 2. ସଙ୍କୁଚିତାବସ୍ଥା ; 3. ଅଣଓସାର କରାଯାଇଥିବା ସ୍ଥାନ ।

Narrow-minded, *a.* ସଂକୀର୍ଣ୍ଣମନା, କ୍ଷୁଦ୍ରମନା ।

Narrowness, *n.* ଅପ୍ରଶସ୍ତତା, ସଂକୀର୍ଣ୍ଣତା ।

Narwhal, Narwal, *n.* ଶିଙ୍ଗାଥିବା ସମୁଦ୍ର ମାଛ ।

Nasal, *a.* *nā'zal*, 1. ନାସିକା ସମ୍ପର୍କୀୟ ; 2. ଅନୁନାସିକ ।—*n.* ଅନୁନାସିକ ବର୍ଣ୍ଣ ।

Nasalisation, *n.* ଅନୁନାସିକ ସ୍ୱରରେ ଉଚ୍ଚାରଣକରଣ ।

Nasalise, *v.i.* 1. ସ୍ୱର ଅନୁନାସିକ-କ ; 2. ଅନୁନାସିକ ବର୍ଣ୍ଣ ମିଶାଇବା ।

Nasally, *ad.* ନାକରେ, ନାସିକା ଦ୍ୱାରା । [ହୋଇଥିବା ।

Nascent, *a.* 1. ଉତ୍ପଦ୍ୟମାନ ; 2. ଉତ୍ପନ୍ନୋନ୍ମୁଖ, ବର୍ଦ୍ଧ-

Nastily, *ad.* ଜଘନ୍ୟରୂପେ । [ଅଶ୍ଳୀଳତା ।

Nastiness, *n.* 1. ଜଘନ୍ୟତା ; 2. ମଳିନତା ; 3.

Nasty, *a.* 1. ମଇଳା, ଅତି ମଳିନ ; 2. କୁତ୍ସିତ, ଜଘନ୍ୟ ; 3. ଅଶ୍ଳୀଳ ; 4. ଖେଚଡ଼ା ; 5. ବମନଜନକ ।

Natal, (1) *a.* 1. ଜନ୍ମ ସମ୍ପର୍କୀୟ ; 2. ସ୍ୱଦେଶୀୟ ; 3. ଜନ୍ମକାଳୀନ ।

Natal (2) *a.* ପିଚ୍ଛ ସମ୍ବନ୍ଧୀୟ ।

Natant, *a.* ଭାସମାନ ।

Natation, *n.* ପହଁରା, ସନ୍ତରଣ ।

Nation, *n.* 1. ଗୋଷ୍ଠୀ ; 2. ଏକଦେଶବାସୀ ; 3. ଏକ ଶାସନାଧୀନ ଲୋକସମୂହ ; 4. ଜାତି ।

National, *a.* 1. ଲୋକସମୂହ ସମ୍ବନ୍ଧୀୟ ; 2. ଜାତୀୟ, ଦେଶୀୟ ; 3. ସାଧାରଣ ; 4. ସ୍ୱଦେଶାନୁରାଗୀ ।

National Anthem, *n.* ଜାତୀୟ ଗୀତ ।

Nationalisation, *n.* 1. ସରକାରାଧୀନକରଣ ; 2. ସରକାରାଧୀନାବସ୍ଥା । [-କ ।

Nationalise, *v.t.* 1. ସରକାରାଧୀନ-କ ; 2. ଜାତି ଗଠନ

Nationalism, *n.* 1. ଜାତୀୟ ଅନୁରାଗ ; 2. ସ୍ୱଦେଶର ସାର୍ଥକ୍ୟ ବାଞ୍ଛା ।

Nationalist, *n.* 1. ଦେଶୀୟ ଏକତା ମତପୋଷକ ; 2. ସ୍ୱଦେଶର ପୃଥକ୍ ଶାସନ ସମର୍ଥନକାରୀ ।

Nationality, *n.* 1. ଜାତୀୟତ୍ୱ ; 2. ଦେଶର ସାର୍ଥକ୍ୟ ; 3. ଲୋକସମୂହ, ଜାତି ; 4. ଜାତୀୟ ସ୍ୱଭାବ ।

Native, *a.* 1. ସ୍ୱାଭାବିକ ; 2. ଜନ୍ମକାଳ ବା ସ୍ଥାନ ସମ୍ବନ୍ଧୀୟ ; 3. ପୈତୃକ ; 4. ଅସଲ ।—*n.* 1. କୌଣସି ସ୍ଥାନରେ ଜାତ ବ୍ୟକ୍ତି ; 2. ଦେଶୀୟ ଲୋକ ।

Nativity, *n.* 1. ଜନ୍ମ, ଉତ୍ପତ୍ତି ; 2. ଜନ୍ମର ସମୟ ବା ସ୍ଥାନ ବା ଧରଣ ; 3. ଖ୍ରୀଷ୍ଟଙ୍କ ଜନ୍ମ ବା ଜନ୍ମୋତ୍ସବ ; 4. ଖ୍ରୀଷ୍ଟଙ୍କ ଜନ୍ମର ଛବି ; 5. ଜାତକ, ଜନ୍ମପତ୍ରିକା ।

Natty, *a.* ସୁବେଶୀ, ସୁନ୍ଦର, ଅଳଙ୍କୃତ ।

Natural, *a.* 1. ପ୍ରାକୃତିକ ; 2. ସ୍ୱାଭାବିକ ; 3. ନୈସର୍ଗିକ ; 4. ଅକୃତ୍ରିମ ; 5. ସହୋଦର ; 6. ଅପରିବର୍ତ୍ତିତ, ସାଂସାରିକ ; 7. ଜାରଜ ।—*n.* 1. ବୋକା ; 2. (Music) ସ୍ୱରକୁ ସ୍ୱାଭାବିକ କରିବା ଚିହ୍ନ ।

Naturalisation, *n.* 1. ଭିନ୍ନ ଜଳବାୟୁ ବା ଜୀବନଯାତ୍ରାର ଉପଯୋଗୀକରଣ ; 2. ବିଦେଶୀଙ୍କୁ ସ୍ୱଦେଶୀୟମାନଙ୍କ କ୍ଷମତା ପ୍ରଦାନ ।

Naturalise, *v.t.* 1. ସ୍ୱାଭାବିକ ପରି-କ, ସହଜ-କ ; 2. ଭିନ୍ନ ଜଳବାୟୁ ବା ଜୀବନଯାତ୍ରାର ଉପଯୋଗୀ କରାଇବା ; 3. ବିଦେଶୀଙ୍କୁ ସ୍ୱଦେଶୀୟମାନଙ୍କ କ୍ଷମତା ପ୍ରଦାନ-କ ।

Naturalism, *n.* 1. ପ୍ରାକୃତିକାବସ୍ଥା ; 2. ପ୍ରକୃତିରୁ ଶିକ୍ଷାପ୍ରାପ୍ତ ଧର୍ମ ହିଁ ଯଥେଷ୍ଟ, ଦୈବ ପ୍ରତ୍ୟାଦେଶ ଅନାବଶ୍ୟକ ଏହି ଲୋକ ଯେଉଁ ମତ ।

Naturalist, *n.* 1. ପ୍ରାକୃତିକ ବିଜ୍ଞାନବେତ୍ତା ; 2. ପ୍ରାକୃତିକ ଶକ୍ତି ହିଁ ଜଗତର ଆଦ୍ୟ କାରଣ ମତ ଧାରକ ।

Natural-history, *n.* ପ୍ରାକୃତିକ ବିଜ୍ଞାନ ।

Naturally, *ad.* 1. ସ୍ୱାଭାବିକରୂପେ, ସ୍ୱଭାବତଃ ; 2. ଅନାୟାସେ, ସହଜରେ ; 3. ପ୍ରକୃତ୍ୟନୁସାରେ ।

Natural-religion, *n.* ଈଶ୍ୱରଙ୍କ ଦୈବ ପ୍ରତ୍ୟାଦେଶ ବିନା ମାନସିକ ଜ୍ଞାନ ଦ୍ୱାରା ପ୍ରକୃତିଜନିତ ଧର୍ମ ଶିକ୍ଷା ।

Nature, *n.* 1. ଆଦି କାରଣ ; 2. ପ୍ରକୃତି, ସୃଷ୍ଟ ବସ୍ତୁସକଳ ; 3. ବ୍ରହ୍ମାଣ୍ଡ, ବିଶ୍ୱ, ଭୁବନ ; 4. ସ୍ୱଭାବ, ଗୁଣ, ଶୋଭା ; 5. ଜାତି ; 6. ଅପରିବର୍ତ୍ତିତ ଅବସ୍ଥା ; 7. ଜୀବନୀ ଶକ୍ତି ; 8. ଉଲଙ୍ଗତା ; 9. ବନ୍ୟାବସ୍ଥା ।—Debt of nature, ମରଣ । To ease nature, ଝାଡ଼ା ଯିବା ।

Natured, *a.* ଗୁଣବିଶିଷ୍ଟ । *e.g.* Good-natured, ଉତ୍ତମ ଗୁଣବିଶିଷ୍ଟ ।

Naught, *n.* *nawt*, 1. କିଛି ନାହିଁ ; 2. ଶୂନ୍ୟ ଚିହ୍ନ ।—*a.* ମୂଲ୍ୟହୀନ, ଅକର୍ମଣ୍ୟ ।—To come to naught, ବୃଥା-ହେ, ବିଫଳ-ହେ । To set at naught, ହେୟଜ୍ଞାନ-କ, ଖାତିର ନ କରିବା ।

Naughty, *a.* 1. ଦୁଷ୍ଟ ; 2. ଚପଳ ; 3. ମନ୍ଦ, ଅମାନିଆ ; 4. ନଟଖଟ ।

Naughtily, *ad.* ନଟଖଟରୂପେ ।

Naughtiness, *n.* ଦୁଷ୍ଟତା, ଚପଳମି ।

Nausea, *n.* *naw'shea*, 1. ସମୁଦ୍ର ପୀଡ଼ା ; 2. ବାନ୍ତି, ବମନେଚ୍ଛା ; 3. ଅରୁଚି ।

Nauseant, *a.* ବାନ୍ତିକାରକ ।—*n.* ବାନ୍ତି କରାଇବା ପଦାର୍ଥ ।

Nauseate, *v.i.* ଅରୁଚି-ହେ ।—*v.t.* ଘୃଣା-କ, ବାନ୍ତି -କ ।

Nauseative, *a.* ବମନକାରକ । [ଜନକ ।

Nauseous, *a.* 1. ଉଦ୍ଗାରଜନକ ; 2. ଘୃଣ୍ୟ ; 3. ଅରୁଚି-

Nauseously, *ad.* 1. ଉଦ୍ଗାରଜନକଭାବେ ; 2. ଘୃଣ୍ୟ-ଭାବେ । [ଭାବ ।

Nauseousness, *n.* 1. ଉଦ୍ଗାରଜନକତା ; 2. ଘୃଣ୍ୟ-

Nautch, *n.* ନାଚ ।

Nautical, *a.* 1. ଜାହାଜ ବା ନାବିକ ବା ସମୁଦ୍ରଗମନ ସମ୍ବନ୍ଧୀୟ ; 2. ନାବ୍ୟ ; 3. ସାମୁଦ୍ରିକ ।

Nautically, *ad.* ନାବ୍ୟରୂପେ, ନାବିକ ଧାରାମତେ ।

Nautilus, *n.* 1. ବହୁପତ୍ରବିଶିଷ୍ଟ ଶାମୁକାଯୁକ୍ତ ସାମୁଦ୍ରିକ ଜନ୍ତୁ ବିଶେଷ ; 2. ଏକପ୍ରକାର ନିମଜ୍ଜକ ଯନ୍ତ୍ର ।

**Naval**, *a.* 1. ଜାହାଜ ସମ୍ବନ୍ଧୀୟ; 2. ଜାହାଜ ଥିବା; 3. ଜାହାଜୀୟ; 4. ନାବ୍ୟ; 5. ଦେଶର ଯୁଦ୍ଧଜାହାଜ-ସମୂହର ।

**Nave**, (1) *n.* ଭଜନାଳୟର ମଧ୍ୟ ବା ପ୍ରଧାନ ସ୍ଥଳ ।

**Nave**, (2) *n.* ନାହିଁଆ, ଚକର ଗୁମ୍ବ, ଚକର ନାଭି ।—*v.t.* ଚକର ଗୁମ୍ବ ପରି ଗଢିବା ।

**Navel**, *n.* ନାଭି, ନାହି ।

**Navel-string**, *n.* ନାହିବାଡ଼ି ।

**Navigable**, *a.* ନୌକାର ଗମନୋପଯୋଗୀ ।

**Navigate**, *v.t.* 1. ଜାହାଜ ଚଳାଇବା; 2. ଜଳ ପଥରେ ଗମନ-କ ।—*v.i.* ଜାହାଜରେ ଯିବା ।

**Navigation**, *n.* 1. ଜାହାଜ ଚଳାଇବା କ୍ରିୟା ବା କୌଶଳ; 2. ନୌବାଣିଜ; 3. ନାବଶ୍ରେଣୀ; 4. ଜଳପଥ, ନାଳ ।—Aerial navigation, ବ୍ୟୋମଯାନ ଚାଳନ । [ଅଧ୍ୟକ୍ଷ ।

**Navigator**, *n.* 1. ନାବିକ, ପୋତବାହକ; ଜାହାଜ

**Navvy**, *n.* 1. ନାଳ ଖୋଳିବା ମୂଲିଆ, କୁଲି; 2. ମାଟି ଖୋଳିବା ଯନ୍ତ୍ର ।

**Navy**, *n.* 1. ଜାହାଜସମୂହ; 2. ଦେଶର ସମୁଦାୟ ଯୁଦ୍ଧଜାହାଜ, ରଣତରୀସମୂହ; 3. ଯୁଦ୍ଧଜାହାଜସମୂହର କର୍ମଚାରୀଗଣ ।

**Nawab**, *n.* same as Nabob.

**Nay**, *ad.* 1. ନା, ନାହିଁ, ନୁହେ; 2. ଅଧିକନ୍ତୁ, ବରଂ, ମାତ୍ର ।—*n.* ନାସ୍ତି, ଅସମ୍ମତି ।

**Nazarene**, *n.* 1. ନାଜରିଥ ନଗର ନିବାସୀ; 2. ନାଜରିଥୀୟ ଯୀଶୁଙ୍କ ଶିଷ୍ୟର ଏକ ନାମ; 3. ପୂର୍ବକାଳୀନ ନାଜରିଥୀୟ ମତାବଲମ୍ବୀ ।

**Nazarite**, **Nazirite**, *n.* ସୁରାପାନରୁ ରହିତ ଶୁଦ୍ଧ ଯାହୁଦି ଭିକ୍ଷୁକ ଭେଦ ।

**Naze**, *n.* ଅନ୍ତରୀପ ।

**Nazir**, *n.* ନାଜର ।

**Neap**, *a.* କମ୍ ବା କମ୍ତମ ।—*n.* 1. ସମୁଦ୍ରର କମ୍ତମ ଜୁଆର ଭଟ୍ଟା; 2. କମ୍ତମ ଭଟ୍ଟା ।

**Near**, *a.* 1. ନିକଟ, ସମୀପ; 2. ସମୀପବର୍ତ୍ତୀ; 3. ଘନିଷ୍ଠ; 4. ପ୍ରିୟ; 5. ଅବିକଳ; 6. ଲୋଭୀ; 7. କାମ୍ପେ; 8. ବାମ ପାର୍ଶ୍ୱସ୍ଥ ।—*ad.* 1. ନିକଟରେ, କଡରେ; 2. ପ୍ରାୟ; 3. ଅବିକଳରୂପେ ।—*prep* ଲଗିରେ ।—*v.t.* ନିକଟ-କ ।—*v.i.* ନିକଟବର୍ତ୍ତୀ-ହେ, ପାଖକୁ ଯିବା, ଅଗାଇବା ।

**Near-by**, *a.* ନିକଟସ୍ଥ, ସମୀପବର୍ତ୍ତୀ ।

**Nearly**, *ad.* 1. ଅନତିଦୂରରେ; 2. ଲଗାଲଗିଭାବେ; 3. ଘନିଷ୍ଠରୂପେ; 4. ପ୍ରାୟ; 5. କୃପଣଭାବେ ।

**Nearness**, *n.* 1. ନୈକଟ୍ୟ, ସାମୀପ୍ୟ; 2. ଘନିଷ୍ଠତା; 3. କୃପଣତା ।

**Near-sighted**, *a.* ଅଦୂରଦର୍ଶୀ ।

**Neat**, (1) *a.* 1. ସୁନ୍ଦର, ପରିପାଟୀଯୁକ୍ତ; 2. ପରିଷ୍କୃତ; 3. ରୁଚିବନ୍ତ; 4. ନିର୍ଭେଜାଲ, ବିଶୁଦ୍ଧ; 5. ଦକ୍ଷ, ନିପୁଣ ।

**Neat**, (2) *a.* ବୃଷ ଜାତୀୟ ।—*n.* 1. ବୃଷ ଜାତି; 2. ଗାଈ ବା ଗୋରୁ ।

**Neat-handed**, *a.* ଦକ୍ଷହସ୍ତ, ନିପୁଣ ।

**Neatly**, *ad.* 1. ସୁନ୍ଦରରୂପେ, ପରିପାଟୀରୂପେ; 2. ଦକ୍ଷଭାବେ । [ନିପୁଣତା ।

**Neatness**, *n.* 1. ପାରିପାଟ୍ୟ; 2. ପରିଷ୍କୃତତା; 3.

**Neb**, *n.* 1. ଥଣ୍ଟ; 2. ନାକ; 3. ମୁହଁ ।

**Nebula**, *n.* 1. ଅତି ଦୂରବର୍ତ୍ତୀ କୁହୁଡିଆ ନକ୍ଷତ୍ରପୁଞ୍ଜ; 2. ଆକାଶସ୍ଥ ବିସ୍ତୃତ ବାଷ୍ପୀୟ ତେଜୋମୟ ପଦାର୍ଥ । *pl.* Nebulae. [କୁହୁଡିଆ ।

**Nebular**, *a.* 1. କୁହୁଡିଆ ନକ୍ଷତ୍ରପୁଞ୍ଜ ସମ୍ବନ୍ଧୀୟ; 2.

**Nebulous**, *a.* 1. ଅସ୍ପଷ୍ଟ, କୁହୁଡିଆ; 2. ଅତି ଦୂରବର୍ତ୍ତୀ ନକ୍ଷତ୍ରପୁଞ୍ଜ ପରି । [ଦୈବାୟତ୍ତବାଦୀ ।

**Necessarian**, **Necessitarian**, *n.* ଅଦୃଷ୍ଟବାଦୀ,

**Necessarianism**, **Necessitarianism**, *n.* ଦୈବାୟତ୍ତବାଦ, ମନୁଷ୍ୟ ସ୍ୱତନ୍ତ୍ର ନୁହେ ବୋଲି ଯେଉଁ ମତ ।

**Necessarily**, *ad.* ଅବଶ୍ୟ, ଅବଶ୍ୟକରୂପେ ।

**Necessary**, *a.* ଆବଶ୍ୟକ, ପ୍ରୟୋଜନୀୟ ।—*n.* (used chiefly in *pl.*) 1. ଆବଶ୍ୟକୀୟ ପଦାର୍ଥ, ଯାହା ନୋହିଲେ ନ ଚଳେ ଅର୍ଥାତ୍ ଅନ୍ନବସ୍ତ୍ରାଦି; 2. ପାଇଖାନା ।

**Necessitate**, *v.t.* 1. ଆବଶ୍ୟକ-କ, ପ୍ରୟୋଜନ-କ; 2. ବାଧ୍ୟ-କ ।

**Necessitous**, *a.* 1. ଦୁରବସ୍ଥାପନ୍ନ; 2. ଅତି ଦରିଦ୍ର; 3. ଅଭାବଗ୍ରସ୍ତ, ନିରୂପାୟ ।

**Necessity**, *n.* 1. ଆବଶ୍ୟକତା; 2. ପ୍ରୟୋଜନୀୟ ବିଷୟ; 3. ଅଦୃଷ୍ଟ; 4. ବାଧ୍ୟତା; 5. ଅଭାବଗ୍ରସ୍ତତା; 6. ଦରିଦ୍ରତା ।

**Neck**, *n.* 1. ବେକ, ଗଳା, କଣ୍ଠ, ଗ୍ରୀବା; 2. ବେକ ପରି କୌଣସି ପଦାର୍ଥର ସଙ୍କୀର୍ଣ୍ଣ ସ୍ଥଳ; 3. (*Geog.*) ଅପ୍ରଶସ୍ତ ଭୂମିଖଣ୍ଡ, ଉପଦ୍ୱୀପ ।—Neck and crop, ସମ୍ପୂର୍ଣ୍ଣରୂପେ । Neck and neck, ଠିକ ସମାନରେ । Neck or nothing, ଦୁଃସାହସିକରୂପେ, ମରିଲେ ମରିବେ ।

**Neckerchief**, *n.* ଗଳାରେ ପିନ୍ଧିବା ରୁମାଲ ।

**Necklace**, *n.* ମାଳା, କଣ୍ଠୀ, ଗଳାହାର ।

**Necktie**, *n.* ଶୋଭା ନିମନ୍ତେ ପିନ୍ଧିବା ଗଳା ବନ୍ଧନୀ ।

**Necrolatry**, *n.* ପୂର୍ବପୁରୁଷ ପୂଜା, ମୃତ ଲୋକଙ୍କ ପ୍ରେତ ପୂଜା ।

**Necrology**, *n.* 1. ସମାଜର ମୃତ ବ୍ୟକ୍ତିମାନଙ୍କ ବିବରଣ; 2. ମୃତ ବ୍ୟକ୍ତିମାନଙ୍କ ଲିଖିତ ନାମାବଳୀ ।

**Necromancer**, *n.* ଗୁଣିଆ, ଭୂତଚେଷ୍ଟ ।

**Necromancy**, *n.* ଭୌତିକ ବିଦ୍ୟା, ମନ୍ତ୍ରତନ୍ତ୍ର ଅଭ୍ୟାସ ।

**Necromantic**, **Necromantical**, *a.* 1. ଭୌତିକ ବିଦ୍ୟା ସମ୍ବନ୍ଧୀୟ; 2. ମନ୍ତ୍ରତନ୍ତ୍ର ଦ୍ୱାରା ସାଧିତ ।

**Necrasis**, *n.* ଅସ୍ଥିପଚନ ।

**Nectar**, *n.* 1. ଅମୃତ, ସୁଧା, ଅମିୟ; 2. ସୁସ୍ୱାଦୁ ପେୟ; 3. ମକରନ୍ଦ ।

**Nectareous**, **Nectarous**, *a.* 1. ଅମୃତ ସମ୍ବନ୍ଧୀୟ, ଅମୃତ ବିଶିଷ୍ଟ ବା ତୁଲ୍ୟ; 2. ସୁସ୍ୱାଦୁ ।

**Nectarine**, *a.* ଅମୃତ ପରି ମଧୁର ।—*n.* ସୁସ୍ୱାଦୁ ଚିକ୍କଣ ଫଳ ବିଶେଷ ।

**Nectary**, *n.* ପୁଷ୍ପର ମଧ

Neddy, *n.* ଗଧ ।
Née, *a.* ଜନ୍ମ ଦ୍ୱାରା । (ବିବାହିତା ସ୍ତ୍ରୀର ପାରିବାରିକ ନାମ-ସୂଚକ ବିଶେଷଣ ।
Need, *n.* 1. ଅଭାବ, ଅପ୍ରତୁଳ; 2. ପ୍ରୟୋଜନ; 3. ଦୀନାବସ୍ଥା; 4. ଖାଇବା ଅଭାବ ।—*v.i.* 1. ପ୍ରୟୋଜନ-ହେ, ଆବଶ୍ୟକ-ହେ, ଅପ୍ରତୁଳ-ହେ; 2. ଅଭାବଗ୍ରସ୍ତ-ହେ ।
Need-be, *n.* ପ୍ରୟୋଜନ ବିଷୟ ।
Needful, *a.* 1. ପ୍ରୟୋଜନୀୟ, ଆବଶ୍ୟକୀୟ, ଦରକାରୀ ।—The needful, ନଗଦ ଟଙ୍କା ।
Needily, *ad.* ପ୍ରୟୋଜନୀୟ ଭାବେ, ଆବଶ୍ୟକରୂପେ ।
Neediness, *n.* ଦୀନତା, ଅପ୍ରତୁଳାବସ୍ଥା ।
Needle, *n.* ଛୁଞ୍ଚି, ସୂଚୀ ।
Needle-book, *n.* ଛୁଞ୍ଚି ରଖିବା କନା ବା ଚର୍ମରେ ନିର୍ମିତ ବହି ।
Needle-case, *n.* ଛୁଞ୍ଚି ରଖିବା ଖୋଳ ।
Needleful, *n.* ଛୁଞ୍ଚି ଏକାଥରେ ଯେତିକି ସୂତା ଧରେ ।
Needle-pointed, *a.* 1. ଛୁଞ୍ଚି ପରି ମୁନିଆ; 2. କେନା ନ ଥିବା ବନଶୀକଣ୍ଟା ଭଳି ।
Needle-shaped, *a.* ସୂଚୀ ଆକାରବିଶିଷ୍ଟ ।
Needless, *a.* ଅନାବଶ୍ୟକ, ଅନର୍ଥକ, ଅକାରଣ ।
Needle-telegraph, *n.* ଯେଉଁ ତାରଖବରଯନ୍ତ୍ରରେ ଏକ ସୂଚୀର ଚଳନ ଦ୍ୱାରା ଖବର ବୁଝାଯାଏ ।
Needle-woman, *n.* ସିଲେଇ ଜୀବନୀ ସ୍ତ୍ରୀ, ସ୍ତ୍ରୀ ଦରଜୀ ।
Needle-work, *n.* ସୂଚୀକର୍ମ, ସିଲେଇକାର୍ଯ୍ୟ ।
Needly, *a.* 1. ଛୁଞ୍ଚିପରି; 2. କଣ୍ଟାପୂର୍ଣ୍ଣ, କଣ୍ଟକାକୀର୍ଣ୍ଣ ।
Needs, *ad.* ଅବଶ୍ୟ, ନିଶ୍ଚୟ ।
Needy, *a.* ଦୀନହୀନ, ଗରିବ, ନିଃସ୍ୱ ।
Ne'er, *ad.* କେବେ ନୁହେ ।—Ne'er do well, ନଷ୍ଟ ଲୋକ, ଅକର୍ମଣ୍ୟ ଲୋକ ।
Nefandous, *a.* ଅଧମନ, ଘୃଣ୍ୟ, ଅବଦ୍ୟ ।
Nefarious, *a.* ପାଷଣ୍ଡ, ଅଧାର୍ମିକ, ପାପିଷ୍ଠ, ଅତି ଖରାପ ।
Nefariously, *ad.* ପାଷଣ୍ଡରୂପେ, ଅଧାର୍ମିକରୂପେ, ଅତି ଖରାପଭାବେ ।
Nefariousness, *n.* ପାଷଣ୍ଡତା, ଅଧାର୍ମିକତା ।
Negation, *n.* 1. ଅସ୍ୱୀକାରକରଣ; 2. ନାସ୍ତିବାଦ; 3. (Logic) ଅନୁପସ୍ଥିତ ଗୁଣ କହିବା ଦ୍ୱାରା ବର୍ଣ୍ଣନା; 4. ଅଭାବ, ଅନୁପସ୍ଥାନ ।
Negative *a.* 1. ନାସ୍ତିବୋଧକ, ଅସ୍ୱୀକାରବୋଧକ; 2. (Algebra) ଫେଡାଣସୂଚକ ।—*n.* 1. ଅସ୍ୱୀକାର ବା ଅନଙ୍ଗୀକାର ବୋଧକ ବାକ୍ୟ; 2. ଅସମ୍ମତ; 3. ନାସ୍ତି; 4. ଯେଉଁ କାଚରେ ଆଲୋକଦ୍ୱାରା ଚିତ୍ର ଅଙ୍କିତ କରାଯାଇଅଛି ଓ ଯହିଁରେ କଳା ପଦାର୍ଥ ଧଳା ଓ ଧଳା ପଦାର୍ଥ କଳା ଦେଖାଯାଏ ।—*v.t.* 1. ନାସ୍ତି-କ, ନାହିଁ-କ, ଅସ୍ୱୀକାର-କ; 2. ଅସମ୍ମତ ଦ୍ୱାରା ଅଗ୍ରାହ୍ୟ-କ ।
Negative-electricity, *n.* କାଚ ବଦଳରେ ପଶମୀ ଲୁଗା ଓ ଝୁଣାଯୁକ୍ତ ପଦାର୍ଥ ଘର୍ଷଣଦ୍ୱାରା ଉତ୍ପନ୍ନ ବୈଦ୍ୟୁତିକ ଶକ୍ତି ।
Negatively, *ad.* ଅସ୍ୱୀକାର ପୂର୍ବକ, ଅସମ୍ମତକ୍ରମେ ।
Negatory, *a.* ଅସ୍ୱୀକାରସୂଚକ ।
Neglect, *v.t.* 1. ହେୟଜ୍ଞାନ-କ; 2. ଅନାଦର-କ, ଅମର୍ଯ୍ୟାଦା-କ, ଉପେକ୍ଷା-କ; 3. ତ୍ରୁଟି-କ ।
Neglectable, *a.* ହେଳନୀୟ, ଅନାଦରଣୀୟ, ଲଘୁ ।
Neglecter, *n.* ଯେ ହେଳା କରେ ।
Neglectful, *a.* 1. ହେଳାକାରୀ, ଅମନୋଯୋଗୀ; 2. ତ୍ରୁଟିପୂର୍ଣ୍ଣ; 3. ଅନାଦରକାରୀ ।
Neglectfully, *ad.* ହେଳାଭାବରେ ।
Neglectfulness, *n.* ହେଳାଭାବ ।
Negligée, *n.* 1. ଘରେଇ ସାମାନ୍ୟ ଲୁଗା; 2 ସାଦା ଢିଲା ଅଙ୍ଗାବିଶେଷ; 3. ଲାଲପୋହଳାର ଗଳାର ହାର ।—*a.* ସାମାନ୍ୟ ଲୁଗା ପିନ୍ଧା ।
Negligence, *n.* 1. ଅବହେଳା ଭାବ; 2. ଅମନୋଯୋଗିତା; 3. ଧାରାବାହିକ ହେଳା; 4. ହେଳାକ୍ରିୟା; 5. ଅନାଦର କର୍ମ; 6. ବସ୍ତ୍ର ଆଦି ଲଘନ; 7. କର୍ତ୍ତବ୍ୟ ତ୍ରୁଟି ।
Negligent, *a.* 1. ଅବହେଳାକାରୀ; 2. ଅମନୋଯୋଗୀ; 3. ବସ୍ତ୍ର ଆଦି ଲଘନକାରୀ ।
Negligently, *ad.* ଅମନୋଯୋଗିରୂପେ ।
Negligible, *a.* ଅବହେଳନୀୟ ।
Negligibly, *ad.* ଅବହେଳାଭାବରେ ।
Negotiable, *a.* 1. ହସ୍ତାନ୍ତର କରଣ ଯୋଗ୍ୟ; 2. କ୍ରୟବିକ୍ରୟ ଯୋଗ୍ୟ ।
Negotiate, *v.i.* and *t.* 1. ବ୍ୟବସାୟ ବା ବାଣିଜ୍ୟ-କ; 2. ଚୁକ୍ତି-କ; 3. ବିବାଦ ଆଦି ବିଷୟରେ କଥୋପକଥନ-କ; 4. ହୁଣ୍ଡି ଭଙ୍ଗାଇବା; 5. ବିକ୍ରୟ-କ ।
Negotiation, *n.* 1. ବ୍ୟବସାୟକରଣ; 2. କୌଣସି ବିଷୟର କ୍ରିୟାକଳାପ; 3. ବାଣିଜ୍ୟ ସମ୍ବନ୍ଧୀୟ କଥୋପକଥନ ।
Negotiator, *n.* 1. ବ୍ୟବସାୟର କର୍ତ୍ତା; 2. ଯେ ହୁଣ୍ଡି ଭଙ୍ଗାଏ ।
Negotiatrix, *n.* ବ୍ୟବସାୟକାରିଣୀ ।
Negotiatory, *a.* ବ୍ୟବସାୟକରଣ ସମ୍ବନ୍ଧୀୟ । |ନାମ ।
Negrito, *n.* ଫିଲିପାଇନ୍ ଦ୍ୱୀପ ନିବାସୀଙ୍କ ସ୍ପେନ୍ ଦେଶୀୟ
Negro, (*mas.*) Negress (*fem.*) *n.* ଆଫ୍ରିକା ଦେଶର କୁଞ୍ଚିତ କେଶଯୁକ୍ତ କୃଷ୍ଣବର୍ଣ୍ଣ ମନୁଷ୍ୟ, କାଫ୍ରି ବା କାଫ୍ରିଣୀ ।
Negus, (1) *n.* ମଦ୍ୟ ଜଳ ଓ ଲେମ୍ବୁ ରସ ମିଶ୍ରିତ ପେୟ ଦ୍ରବ୍ୟ ।
Negus, (2) *n.* ଆବିସିନିଆ ଦେଶର ରାଜାଙ୍କ ଉପାଧି ।
Neigh, *v.i.* ଘୋଡ଼ା ବୋବାଇବା, ହ୍ରେଷାରବ-କ, ଅଟ୍ଟନାଦ-କ ।—*n.* ଘୋଡ଼ାର ଧ୍ୱନି ।
Neighbour, *n.* 1. ପଡ଼ୋଶୀ, ପଡ଼ିଶା, ପ୍ରତିବାସି, ପ୍ରତିବେଶୀ; 2. ବାନ୍ଧବ ।
Neighbourhood, *n.* 1. ସାହି, ପଡ଼ା; 2. ପ୍ରତିବାସିବର୍ଗ; 3. ନୈକଟ୍ୟ; 4. ପଡ଼ୋଶୀ ଅବସ୍ଥା; 5. ଅଞ୍ଚଳ, ଭାଗ ।
Neighbouring, *a.* ନିକଟସ୍ଥ, ସମୀପବର୍ତ୍ତୀ ।

**Neighbourliness**, *n.* 1. ପ୍ରତିବାସିତ୍ୱ; 2. ଜନସଙ୍ଗମପ୍ରିୟତା ।

**Neighbourly**, *ad.* 1. ପ୍ରତିବାସିଭୁକ୍ତ; 2. ସହୋଦରୀ ଉପଯୋଗୀ; 3. ମିତ୍ରବତ୍; 4. ଜନସଙ୍ଗମପ୍ରିୟ ।

**Neither**, *a.* ଏହ ନୁହେ ସେହ ନୁହେ ।—*pro.* ଦୁଇ ମଧ୍ୟରୁ କେହି ନୁହେ ବା କୌଣସି ନୁହେ ।—*conj.* followed by *nor*, ନାହିଁ...ବା...ନାହିଁ, ନବା...ନା ।

**Nelumbium**, *n.* 1. ଚିନରେ ପଦ୍ମ ପୁଷ୍ପର ଯାବତୀୟ ଜାତି ଚିହ୍ନ; 2. ପଙ୍କଜ, ନୀଳୋତ୍ପଳ ।

**Nelumbo**, *n.* ଲଙ୍କା ଦ୍ୱୀପର ପଦ୍ମର ନାମ ।

**Nemesis**, *n.* 1. ଗ୍ରୀକ୍ ଲୋକଙ୍କ ମଧ୍ୟରେ ପ୍ରତିଫଳର ଦେବୀ; 2. ଦୈବ କ୍ରୋଧ; 3. ପ୍ରତିଫଳସୂଚକ ନ୍ୟାୟଦଣ୍ଡ ।

**Nemoral**, *a.* ବନ ସମ୍ବନ୍ଧୀୟ ।

**Nemorous**, *a.* ବନମୟ ।

**Neogrammarian**, *n.* ବ୍ୟାକରଣ ଓ ଭାଷା ଜ୍ଞାନରେ ସ୍ୱର ପରିବର୍ତ୍ତନ ନିୟମର ଗୁରୁତ୍ୱ ସମର୍ଥନ କରିବା ଅଧୁନାତନ ପଣ୍ଡିତବର୍ଗଙ୍କ ମଧ୍ୟରେ ଜଣେ ।

**Neologist** *n.* 1. ନବପଦର ରଚୟିତା; 2. ଅଧୁନାତନ ମତ ପୋଷକ ।

**Neology**, *n.* 1. ନବପଦର ବ୍ୟବହାର; 2. ନୂତନ ବାକ୍ୟ; 3. ହେତୁବାଦ ଶାସ୍ତ୍ରରେ ଅଧୁନାତନ ମତ ।

**Neophyte**, *n.* 1. ନବଶିଷ୍ୟ; 2. ନୂତନ ଦୀକ୍ଷିତ ଯାଜକ; 3. ଆରମ୍ଭକର୍ତ୍ତା, ନବ ଛାତ୍ର ।

**Neoteric, Neoterical**, *a.* ଅଧୁନାତନ, ଇଦାନୀନ୍ତନ ।

**Neotic**, *a.* ବୁଦ୍ଧିର ପ୍ରତି ଲକ୍ଷିତ ।

**Nephalism**, *n.* ମଦ୍ୟପାନରୁ ବିରତ ।

**Nephew**, *n.* ଭାଇ ବା ଭଉଣୀର ପୁଅ, ପୁତୁରା, ଭଣଜା ।—(*fem.*) Neice.

**Nephralgia, Nephralgy**, *n.* 1. ମୂତ୍ରଗ୍ରନ୍ଥିର ବେଦନା; 2. ମୂତ୍ରଗ୍ରନ୍ଥିର ରୋଗ ।

**Nephritic**, *n.* ମୂତ୍ରଗ୍ରନ୍ଥି ରୋଗ ଉପଶମକାରକ ଔଷଧ ।

**Nephritic, Nephritical**, *a*, 1. ମୂତ୍ରଗ୍ରନ୍ଥି ସମ୍ବନ୍ଧୀୟ; 2. ମୂତ୍ରଗ୍ରନ୍ଥି ରୋଗଗ୍ରସ୍ତ; 3. ମୂତ୍ରଗ୍ରନ୍ଥି ଉପଶମକାରକ ।

**Nephritis**, *n.* ମୂତ୍ରଗ୍ରନ୍ଥି ପ୍ରଦାହ ।

**Nephrocele**, *n.* ମୂତ୍ରଗ୍ରନ୍ଥିର ଯନ୍ତ୍ରଣା ।

**Nephrography**, *n.* ମୂତ୍ରଗ୍ରନ୍ଥିର ବର୍ଣ୍ଣନା ।

**Nephroid**, *a.* ମୂତ୍ରଗ୍ରନ୍ଥିର ଆକାରବିଶିଷ୍ଟ ।

**Nephrology**, *n.* ମୂତ୍ରଗ୍ରନ୍ଥିର ବୈଜ୍ଞାନିକ ଜ୍ଞାନ ।

**Nephrotomy**, *n.* ମୂତ୍ରଗ୍ରନ୍ଥି ଉଚ୍ଛେଦକରଣ ।

**Nepotist**, *n.* ଜ୍ଞାତି ପ୍ରତି ପକ୍ଷପାତ ଲୋକ ।

**Neptune**, *n.* (Rom. Myth.) 1. ବରୁଣ, ଜଳାଧିପ, କଳ୍ପିତ ସମୁଦ୍ରୀୟ ଦେବତା; 2. ୧୮୪୬ ରେ ଆବିଷ୍କୃତ ଗ୍ରହବିଶେଷ ।

**Neptunian** *a.* 1. ସମୁଦ୍ର ସମ୍ବନ୍ଧୀୟ, ସାମୁଦ୍ରିକ; 2. ଜଳ କର୍ତ୍ତୃକ ଗଠିତ ।

**Neptunist** *n.* ଭୂତତ୍ତ୍ୱବିଦ୍ୟାରେ ଜଳ କର୍ତ୍ତୃକ ଗଠନର ମତପୋଷକ ।

**Nero**, *n.* 1. ରୋମୀୟ ସାମ୍ରାଜ୍ୟର ନଗର ସର୍ବଶେଷ ବାଦଶାହ; 2. କୌଣସି ନିଷ୍ଠୁର ଓ ମନ ଅତ୍ୟାଚାରୀ ।

**Neronian** *a.* ନୀରୋ ନାମକ ରୋମୀୟ ବାଦଶାହ ସମ୍ବନ୍ଧୀୟ ।

**Nerve**, *n.* 1. ଶାରୀରିକ ବଳ; 2. ଦୃଢ଼ତା; 3. ସାହସ; 4. ସ୍ନାୟୁ; 5. ପତ୍ରର ଶିରା; 6. ବାଣିଜ୍ୟ ଉପଯୋଗୀ ଏକପ୍ରକାର ଦାରୁ ।—*pl.* Nerves, ସ୍ନାୟୁବ୍ୟାଧି ।—*v.t.* ସବଳ-କ, ତେଜସ୍ୱୀ-କ, ସାହସ-ଦେ ।

**Nerve-cell**, *n.* ସ୍ନାୟୁ କୋଷ ।

**Nerve-centre**, *n.* ସଂଗୃହୀତ ସ୍ନାୟୁକୋଷର କେନ୍ଦ୍ରସ୍ଥଳ ।

**Nerved**, *a.* ସ୍ନାୟୁବିଶିଷ୍ଟ ।

**Nerve fibre**, *n.* ସ୍ନାୟୁ ସୂତ୍ର ।

**Nerveless**, *a.* ବଳହୀନ ।

**Nervine**, *a.* 1. ସ୍ନାୟୁ ସମ୍ବନ୍ଧୀୟ; 2. ସ୍ନାୟୁ ଉତ୍ତେଜନାନାଶକ ।—*n.* ସ୍ନାୟୁ ଉତ୍ତେଜନାନାଶକ ଔଷଧ ।

**Nervous**, *a.* 1. ସ୍ନାୟୁ ସମ୍ବନ୍ଧୀୟ; 2. ସହଜରେ ବ୍ୟାକୁଳ ବା ଭୀତ; 3. ତେଜୋମୟ; 4. ସ୍ନାୟୁପୂର୍ଣ୍ଣ ।

**Nervous system**, *n.* ସ୍ନାୟୁଜାଲ ।

**Nervous tissue**, *n.* ସ୍ନାୟୁମଣ୍ଡଳୀ ।

**Nervule**, *n.* 1. କ୍ଷୁଦ୍ର ସ୍ନାୟୁ; 2. ପତଙ୍ଗ ଡେଣାର ଶିରା ।

**Nurvure**, *n.* 1. ପତ୍ରର ଶିରା ମଧ୍ୟରୁ ଏକ; 2. ପତଙ୍ଗ ଡେଣାର ପ୍ରସାରକ ନଳ; 3. ଶିରା ପରି ପ୍ରସ୍ତର ରେଖା ।

**Nervy**, *a.* ବଳିଷ୍ଠ, ସତେଜ ।

**Nescience**, *n.* ଅଜ୍ଞାନତା ।

**Nescient**, *a.* ଅଜ୍ଞ ।

**Nesh**, *a.* କୋମଳ, ସୁକୁମାର ।

**Ness**, *n.* ଅନ୍ତରୀପ ।

**Nest**, *n.* 1. ବସା, ନୀଡ଼; 2. ବସତି ସ୍ଥାନ; 3. ସ୍ଥାନ କୋଠରୀ; 4. ଦୃଷ୍ଟମାନଙ୍କର ଏକାଠି ହେବା ସ୍ଥାନ; 5. ଅନ୍ୟ ସେଥିରେ ଥିବା ସେଥିଗୁଡ଼ିକ, ଏକାଠିରେ ରହିଥିବା ପଦାର୍ଥର ଶୃଙ୍ଖଳା ।—*v.t.* ବସା-କ ।—*v.i.* ନୀଡ଼ରେ ବାସ-କ ।

**Nest-egg**, *n.* ବସାରେ ଛଡ଼ାଯିବା ଡିମ୍ବ, ବୃଦ୍ଧି ଆଶାରେ ରଖାଯିବା କୌଣସି ପଦାର୍ଥ ।

**Nestle**, *v.i.* 1. ବସାରେ ପକ୍ଷୀ ପରି ... 2. ସୁଖରେ ସ୍ଥିର ହୋଇ ପଡ଼ିବା ।—*v.t.* ପକ୍ଷୀ ପରି ଛୁଆକୁ ପାଳିବା ।

**Nestling**, *a.* 1. ବସାସ୍ଥିତ; 2. ଡିମ୍ବରୁ ନବଜାତ ।—*n.* 1. ବସା ନିର୍ମାଣକରଣ; 2. ବସାସ୍ଥିତ ପକ୍ଷିଶାବକ, ପକ୍ଷୀର ଛୁଆ ।

**Net**, *n.* 1. ଜାଲ; 2. ଫାନ୍ଦ; 3. ଅପଦ ।—*a.* 1. ଜାଲୀ; 2. ଜାଲରେ ଧୃତ ।—*v.t.* 1. ଜାଲରେ ଧରିବା; 2. ଫାନ୍ଦରେ ଧରିବା; 3. ଜାଲପରି-କ; 4. ଜାଲରେ ଘୋଡ଼ାଇବା ।—*v.i.* 1. ଜାଲ ବୁଣିବା; 2. ଫାନ୍ଦ ପକାଇବା ।

**Net, Nett**, *a.* 1. ବ୍ୟୟ ଉତ୍ତାରେ ବାକୀ; 2. ମାସୁଲ ଆଦି ଛଡ଼ା; 3. ନିମ୍ନତମ ।—*v.t.* ବ୍ୟୟ ଉତ୍ତାରେ ଯଥାର୍ଥ ଲାଭ-କ ।

Nether, *a.* 1. ନୀଚସ୍ଥ; 2. ନିମ୍ନତର; 3. ଅଧସ୍ଥ, ପାତାଳସ୍ଥ ।
Netherlander, *n.* ହଲାଣ୍ଡ ଦେଶନିବାସୀ ।
Nethermost, *a.* ନିମ୍ନତମ ।
Netherward, Netherwards, *ad.* ତଳକୁ, ନୀଚକୁ, ନିମ୍ନପଥେ ।
Nettle, *n.* ବିଛୁଅତି ପରି ଏକ ଗଛ ।—*v.t.* 1. କୁଣ୍ଡାଇବା; 2. ବିରକ୍ତ-କ ।
Nettlerash, *n.* ବିମ୍ବିର ଉତ୍ପାଦକ ରୋଗ ।
Network, *n.* ଜାଲିକାମ ।
Neural, *a.* ସ୍ନାୟୁ ସମ୍ବନ୍ଧୀୟ ।
Neuralgia, *n.* ସ୍ନାୟୁ ବେଦନା ।
Nenrasthenia, *n.* ସ୍ନାୟବିକ ଦୁର୍ବଳତା ।
Nenrasthenic, *n.* ସ୍ନାୟବିକ ଦୁର୍ବଳତାଗ୍ରସ୍ତ ଲୋକ ।
Neuritis, *n.* ସ୍ନାୟୁଜ୍ୱଳନ ।
Neuro-hypnology, *n.* 1. କୃତ୍ରିମ ନିଦ୍ରାବସ୍ଥା ଜନ୍ମାଇବା ବିଜ୍ଞାନ; 2. କୃତ୍ରିମ ନିଦ୍ରାବସ୍ଥା ଜନ୍ମାଇବା ଉପାୟମାନ ।
Neurology, *n.* ସ୍ନାୟୁବିଜ୍ଞାନ ।
Neurological, *a.* ସ୍ନାୟୁବିଜ୍ଞାନ ସମ୍ବନ୍ଧୀୟ ।
Neurologist, *n.* ସ୍ନାୟୁବିଜ୍ଞାନ ବିଷୟ ଲେଖକ ।
Neuron, *n.* 1. ମସ୍ତିଷ୍କ ଓ ମେରୁଦଣ୍ଡର ଶିରା; 2. କୌଣସି ପତଙ୍ଗର ଡେଣାର ଶିରା । [ସମୂହ ।
Neuropathology, *n.* ସ୍ନାୟୁଜାଳ ବ୍ୟାଧି ଜାଣିବା ବିଦ୍ୟା-
Nenropathy, *n.* ସ୍ନାୟୁ ପୀଡ଼ା ସମୁଦାୟ ।
Neurotic, *a.* 1. ସ୍ନାୟୁ ସମ୍ବନ୍ଧୀୟ; 2. ସ୍ନାୟୁସ୍ଥ ।—*n.* 1. ସ୍ନାୟୁ ପୀଡ଼ା; 2. ସ୍ନାୟୁ ପୀଡ଼ା ଉପଶାମକ ଔଷଧ ।
Neurotomy, *n.* ସ୍ନାୟୁ ବ୍ୟବଚ୍ଛେଦକରଣ ।
Neuter, *a.* 1. (Gram.) କ୍ଲୀବ; 2. (Bot.) ଗର୍ଭକୋଷବର୍ଜିତ ।—*n.* 1. (Bot.) ଗର୍ଭକୋଷବର୍ଜିତ ବୃକ୍ଷ; 2. ନପୁଂସକ; 3. (Gram.) କ୍ଲୀବ ଲିଙ୍ଗ ବିଶେଷ୍ୟ ।
Neutral, *a.* 1. ଉଦାସୀନ; 2. ଅପକ୍ଷପାତୀ; 3. ଅତି ଭଲ ନୁହେଁ କି ମନ୍ଦ ନୁହେଁ, ମଧ୍ୟଭଳି; 4. ସାଦରଙ୍ଗ ବର୍ଜିତ, ଈଷତ୍ ନୀଳ ବା ପାଉଁଶବର୍ଣ୍ଣଯୁକ୍ତ ।—*n.* ଯୁଦ୍ଧରେ ଉଦାସୀନ ବ୍ୟକ୍ତି ବା ଜାତି ।
Neutralisation, *n.* ଅପକ୍ଷପାତକରଣ ।
Nentralise, *v.t.* 1. ଯୁଦ୍ଧ ସମୟରେ ସନ୍ଧି ଦ୍ୱାରା ଜାତିର ଉଦାସୀନତ୍ୱ ପ୍ରକାଶ-କ; 2. ଗତଶକ୍ତିହୀନ-କ; 3. ନିଷ୍ଫଳ-କ, ବ୍ୟର୍ଥ-କ ।
Neutrality, *n.* 1. ଅପକ୍ଷପାତିତ୍ୱ; 2. ଯୁଦ୍ଧ ସମୟରେ ଜାତିର ଉଦାସୀନତ୍ୱ ।—Armed neutrality, ଯୁଦ୍ଧ କରୁଥିବା ଜାତିର ପ୍ରତି ସତର୍କ ଉଦାସୀନ ଭାବ ।
**Never,** *ad.* କେବେ ନାହିଁ, କଦାପି ନୁହେଁ ।
**Nevermore,** *ad.* ଆଉ କେବେ ନୁହେଁ ।
**Nevertheless,** *conj.* ତଥାପି, ତଥାଚ ।
**New,** *a.* 1. ନୂଆ, ନୂତନ, ନବ, ନବୀନ; 2. ଆଧୁନିକ, ଅଭ୍ୟାଗତ; 3. ଅପୂର୍ବ; 4. ଭିନ୍ନ; 5. ପରିବର୍ତ୍ତିତ; 6. ଅନଭ୍ୟସ୍ତ; 7. ଅଦେଖା ।

Newborn, *a.* ନବଜାତ ।
New-comer, *n.* ଅଜ୍ଞାତ ଲୋକ, ଆଗନ୍ତୁକ ବ୍ୟକ୍ତି ।
Newel, *n* ଘୁରଣିଆ ପାବଚ୍ଛର ମଧ୍ୟବର୍ତ୍ତୀ ସ୍ତମ୍ଭ ।
Newfangled, *a.* 1. ନୂତନ ବିଷୟାନୁରକ୍ତ, ନବ୍ୟସଭ୍ୟ; 2. ନବକଳ୍ପିତ; 3. ଅପୂର୍ବ ।
Newfonndland, *n.* ନ୍ୟୁଫାଉଣ୍ଡଲାଣ୍ଡ ଦେଶରୁ ପ୍ରଥମେ ଆଗତ ବୁଦ୍ଧିମାନ୍ ବୃହତ୍ କୃଷ୍ଣବର୍ଣ୍ଣ କୁକ୍କୁର ।
Newish, *a.* 1. ଈଷତ୍ ନୂତନ; 2. ପ୍ରାୟ ନୂଆ ।
Newly, *ad.* ଅଳ୍ପ ଦିନର, ଇଦାନୀଂ, ସମ୍ପ୍ରତି ।
Newness, *n.* ନବ୍ୟତା ।
News, *n.* 1. ଶୁଣାଯିବା ନୂତନ କଥା; 2. ଅଧୁନାତନ ବାର୍ତ୍ତା; 3. ସମ୍ବାଦ, ଖବର, ସମାଚାର ।
News-agent, *n.* ଖବରକାଗଜ ବ୍ୟବସାୟୀ ।
Newsboy, Newsman, *n.* ଖବରକାଗଜ ବାଲା ସମ୍ବାଦପତ୍ର ବିକ୍ରେତା ।
Newsmonger, *n.* ଏଣେତେଣେ ଯାଇ ସମ୍ବାଦ ଶୁଣି କହୁବା ଲୋକ, ଗପୁଆ ।
Newspaper, *n.* ସମ୍ବାଦପତ୍ର, ଖବରକାଗଜ ।
Newspaperdom, *n.* ବାହାରୁଥିବା ସମ୍ବାଦପତ୍ରସମୂହ ।
Newsroom, *n.* ସମ୍ବାଦପତ୍ର କୋଠରି ଅର୍ଥାତ୍ ଯେଉଁ କୋଠରିରେ ଖବରକାଗଜ ପଡ଼ିବା ଆଉ ପଢ଼ିବା ନିମନ୍ତେ ରଖାଯାଏ ।
Newsvender, *n.* ସମ୍ବାଦପତ୍ର ବିକ୍ରେତା ।
Newsy, *a.* ସମ୍ବାଦପୂର୍ଣ୍ଣ ।
Newt, *n.* କ୍ଷୁଦ୍ର ଜଳଗୋଧିକା ।
Next, *a.* ଲାଗିଥିବା, ସବୁଠାରୁ ନିକଟସ୍ଥ, ପର, ଅବ୍ୟବହିତ ।—*ad.* ତହୁଁ, ଅନନ୍ତରେ, ପରେ ।—Next to nothing ପ୍ରାୟ କିଛି ନାହିଁ ।
Nexus, *n.* ବନ୍ଧନ ।
Nib, *n.* 1. କଲମର ମୁନ; 2. ଥଣ୍ଟ; ଶାବଳ ଆଦିର ଅଗ୍ରଭାଗ ।—*v.t.* ତୋଳିଆ-କ, କଲମ ମୁନିଆ-କ ।
Nibble, *v.t.* ଟିକିଏ୨ କାମୁଡ଼ିବା, କ୍ରମେ୨ ଖାଇବା ।—*v.i.* ମାଛପରି ଖୁମ୍ପି ଖାଇବା ।—*n.* ସାନ ଖଣ୍ଡ, ଟିକିଏ ।
Nice, *a.* 1. ସୂକ୍ଷ୍ମବୁଦ୍ଧି; 2. ଶୁଦ୍ଧ; 3. ସନ୍ତୁଷ୍ଟ କରିବାକୁ ଦୁଷ୍କର, ଦୁଷ୍ପ୍ରସାଦ୍ୟ; 4. ସୁକୁମାର; 5. ତୃପ୍ତିକର, ରୁଚିକର ।
Nicely, *ad.* ସୁକୁମାରରୂପେ, ତୃପ୍ତିକରରୂପେ ।
Niceness, *n.* 1. ତୃପ୍ତିକରତା; 2. ବିଶୁଦ୍ଧତା; 3. ସୂକ୍ଷ୍ମଦର୍ଶିତା ।
Nicety, *n.* 1. ଠିକ୍‌ତ୍ୱ; 2. ସୂକ୍ଷ୍ମଦର୍ଶିତ୍ୱ; 3. ଦୁଷ୍ପ୍ରାସାଦ୍ୟତା; 4. ସୁସ୍ୱାଦୁ ଦ୍ରବ୍ୟ, ରୁଚିର ପଦାର୍ଥ ।—To a nicety, ଅତି ଠିକ୍ ଭାବେ ।
Niche, *n.* 1. କାନ୍ଥ ମଧ୍ୟରେ ମୂର୍ତ୍ତି ଆଦି ରଖିବା ଠାଣି; 2. ଗୁଣଜ୍ଞାନୁଯାୟୀ କୌଣସି ବ୍ୟକ୍ତିର ଉପଯୁକ୍ତ ସ୍ଥାନ ।
Nick, (1) *n.* 1. ଖାଞ୍ଜ, ଖଞ୍ଚ; 2. ହିସାବ ଚିହ୍ନ; 3. ଠିକ୍ ସମୟ, ସୁଯୋଗ; 4. ପଶାର ଶୁଭ ଖେପ ।—*v.t.* 1. ଖାଞ୍ଜ କାଟିବା, ଖଞ୍ଚ-କ; 2. ସୁଯୋଗ ଧରିବା ।
Nick, (2) Old Nick, *n.* ଶୟତାନ, ପାପାତ୍ମା ।

**Nickel**, *n.* ଈଷତ୍ ପାଣ୍ଡୁରିତ ଚମକୀୟ ଧାତୁ ବିଶେଷ ।
**Nickel, Nickelise**, *v.t.* ନିକେଲ୍ ଧାତୁଦ୍ୱାରା ମଢାଇବା ।
**Nicknack**, *n.* same as Knick-knack.
**Nickname**, *n.* କୌତୁକଜନକ ନାମ, ଅବଜ୍ଞା ବା କୌଣସି ଗୁଣଜନ୍ୟ ହେତୁରୁ ଦତ୍ତ ଉପନାମ । [ପଦାର୍ଥ ।
**Nicotine, Nicotin**, *n.* ତମାଖୁ ପତ୍ରରୁ ଉତ୍ପନ୍ନ ବିଷାକ୍ତ
**Nicotinism**, *n.* ଅପରିମିତ ତମାଖୁ ଖାଇବାରୁ ଯେ ଅସ୍ୱାସ୍ଥ୍ୟ ।
**Nictate**, *v.t.* ଚକ୍ଷୁ ମୁଦିବା, ପଲକ ପକାଇବା ।
**Nidification**, *n.* ପକ୍ଷିବସା ନିର୍ମାଣକରଣ ।
**Nidificate**, *v.i.* ପକ୍ଷିବସା-କ ।
**Niece**, *n.* (*fem.* of Nephew) ଭାଇ ବା ଭଉଣୀର ଝିଅ, ଝିଆରୀ, ଭଣିଜୀ ।
**Nigella**, *n.* କଳା ଜୀରା । [ବ୍ୟକ୍ତି ।
**Niggard**, *n.* ବ୍ୟୟକୁଣ୍ଠ ଲୋକ, ଅଦାତା, ହାଣ୍ଡି, କୃପଣ
**Niggardly**, *a.* କୃପଣ ।—*ad.* କୃପଣଭାବେ ।
**Nigger**, *n.* କଳା ଲୋକ ।
**Nigger-killer**, *n.* ବଡଭା ବଣ୍ଣ ।
**Niggle**, *v.i.* ସାମାନ୍ୟ ବିଷୟରେ ବ୍ୟସ୍ତ-ହେ ।—*v.t.* ଠକିବା ।—*n.* ସଙ୍କୁଚିତ କ୍ଷୁଦ୍ର ହସ୍ତାକ୍ଷର ।
**Niggler**, *n.* ଅନର୍ଥକ କର୍ମକର୍ତ୍ତା ।
**Nigh**, *a.* 1. ସନ୍ନିକଟ, ସମୀପବର୍ତ୍ତୀ; 2. ଅନତିଦୂର; 3. ଘନିଷ୍ଠ ।—*ad.* 1. ଅନତିଦୂରରେ; 2. ପ୍ରାୟ ।—*prep.* ନିକଟରେ, ପାଖରେ ।
**Nighness**, *n.* ସାନ୍ନିଧ୍ୟ ।
**Night**, *n.* 1. ରାତ, ରାତ୍ରି, ରଜନୀ, ନିଶା; 2. ଅନ୍ଧକାର; 3. ଅଜ୍ଞାନତା; 4. ମୃତ୍ୟୁ; 5. ଦୁର୍ଦ୍ଦଶାକାଳ ।
**Night-blindness**, *n.* ଅନ୍ଧାରକଣା, ରାତ୍ର୍ୟନ୍ଧତା ।
**Night-fall**, *n.* ସାୟଂକାଳ, ଦିବାବସାନ, ନିଶାଗମ ।
**Night-light**, *n.* ରାତସାରା ଜଳିବା ଦୀପ ।
**Night-line**, *n.* ରାତସାରା ପାଣିରେ ଛଡାଯିବା ମାଛ ଧରା ବଡଶୀ ।
**Night-long**, *a.* ରାତ୍ରିବ୍ୟାପୀ ।
**Nightly**, *a.* 1. ରାତ୍ରିକାଳୀନ; 2. ପ୍ରତିରାତ୍ର ।—*ad.* ରାତ୍ରିରେ, ପ୍ରତି ରାତ୍ରିରେ ।
**Night-soil**, *n.* ରାତ୍ରିରେ କଢାଯିବା ପାଇଖାନା ମଇଳା ।
**Night-walker**, *n.* 1. ନିଦ୍ରାବସ୍ଥାରେ ପରିଭ୍ରମଣକାରୀ; 2. ରାତ୍ରିରେ ବୁଲିବା ବେଶ୍ୟା ।
**Night-watch**, *n.* ରାତ୍ରି ପ୍ରହର ।
**Nightingale**, (1) *n.* ରାତ୍ରିରେ ବୋବାଇବା ସୁସ୍ୱରବିଶିଷ୍ଟ ପକ୍ଷୀ ବିଶେଷ ।
**Nightingale**, (2) *n.* ଶଯ୍ୟାଶାୟୀ ରୋଗୀ ବ୍ୟକ୍ତିର ପଶମୀ ପୋଷାକ ବିଶେଷ ।
**Night-mare**, *n.* କଥା କହିବାକୁ ବା ହଲଚଲ ହେବାକୁ ଅକ୍ଷମବୋଧ ସଙ୍ଗେ ନିଦ୍ରାରେ ଭାରଯୁକ୍ତ ଭୟଙ୍କର ସ୍ୱପ୍ନ, କୁସ୍ୱପ୍ନ । [ପ୍ରକ୍ରିୟା ।
**Nigrescence**, *n.* ଅନ୍ଧକାରମୟ ବା କୃଷ୍ଣବର୍ଣ୍ଣ ହେବା
**Nigrescent**, *a.* 1. ତିମିରଯୁକ୍ତ; 2. ଈଷତ୍ କୃଷ୍ଣ ।
**Nigritude**, *n.* କୃଷ୍ଣତ୍ୱ ।
**Nihil**, *n.* କିଛି ନୁହେ ।
**Nihilism**, *n.* 1. ଅତିରିକ୍ତ ନାସ୍ତିକତା ବା ଅଜ୍ଞେୟବାଦ; 2. ଶୂନ୍ୟବସ୍ତୁବାଦ ।
**Nihilist**, *n.* ଶୂନ୍ୟବସ୍ତୁବାଦୀ ।
**Nike**, *n.* ଗ୍ରୀସ୍ ଦେଶର ଯୁଦ୍ଧଜୟ ଦେବୀ ।
**Nil**, *n.* କିଛି ନାହିଁ ।
**Nilometer**, *n.* (ନୀଳ ନାମକ) ନଦୀର ପାଣି ମାପିବା ଯନ୍ତ୍ର ।
**Nimble**, *a.* 1. ଦ୍ରୁତ; 2. କ୍ଷିପ୍ର; 3. ତତ୍ପର; 4. ଶୀଘ୍ରଗାମୀ ।
**Nimble-fingered**, *a.* 1. ଅଙ୍ଗୁଳି ବ୍ୟବହାରରେ ଦକ୍ଷ; 2. ଚୋରପଣରେ ତତ୍ପର ।
**Nimble-footed**, *a.* ପାଦରେ ଦ୍ରୁତଗାମୀ ।
**Nimbleness**, *n.* ଶାରୀରିକ ବା ମାନସିକ ଦ୍ରୁତତା ।
**Nimbly**, *ad.* ତତ୍ପରରୂପେ ।
**Nimbus**, *n.* 1. ବର୍ଷିବା ମେଘ; 2. ଖ୍ରୀଷ୍ଟଙ୍କ ବା କୌଣସି ସାଧୁଙ୍କ ଚିତ୍ରରେ ମସ୍ତକ ବେଷ୍ଟନକାରୀ ଜ୍ୟୋତିର୍ମଣ୍ଡଳ ।
**Nimbiferous**, *a.* ମେଘ ଆନୟନକାରୀ ।
**Niminy-piminy**, *n.* କୃତ୍ରିମ ସୁକୁମାରତା ।
**Nincompoop**, *n.* ଓଲୁ, ଓଳ ।
**Nine**, *a.* ନଅ ।—*n.* ନଅ ସଂଖ୍ୟା, "୯" ଅଙ୍କ ।
**Nine-eyes**, *n.* ନଦୀର କ୍ଷୁଦ୍ର ଚୋଢ ମାଛ ।
**Nine-pins**, *n.* ବଳ କାଠପେଣ୍ଡୁ ଗଡାଇବା ଦ୍ୱାରା ଭୂମିରେ ଠିଆ ନଅ ଖଣ୍ଡ କାଠକୁ ମାରିବା ଖେଳ ବିଶେଷ ।
**Nine-score**, *a.* ନଅକୋଡ଼ି ।
**Nineteen**, *a.* ଊଣାଇଶ ।
**Nineteenth**, *a.* ଊନବିଂଶତିତମ ।
**Ninety**, *a.* ନବ୍ବେ, ନବେ, ନବତି, ନବ୍ବେ ଅଙ୍କ (୯୦) ।
**Ninny**, *n.* ନିର୍ବୋଧ ।
**Ninth**, *a.* ନବମ ।
**Nip**, (1) *n.* ଢୋକେ ।—*v.i.* ଢୋକିବା ।
**Nip**, (2) 1. ଚିମୁଟା; 2. କାମୁଡା; 3. ଚିମୁଟେ; 4. ବୃଦ୍ଧିନାଶ ।—*v.t.* 1. ଚିମୁଟିବା; 2. ଚିପିବା; 3. ଖଣ୍ଡିଏ କାଟିବା; 4. ବୃଦ୍ଧି ବା ବଳ ହ୍ରାସ-କ; 5. ବିନାଶ-କ; 6. କାମୁଡିବା; 7. ଟାହୁରି-କ ।—To nip in the bud, ଆରମ୍ଭରେ ନାଶ-କ ।
**Nip-cheese**, *n.* 1. କୃପଣ ଲୋକ; 2. ଜାହାଜ ଭଣ୍ଡାର ଅଧ୍ୟକ୍ଷର ନିମ୍ନ କର୍ମଚାରୀ ।
**Nipper**, *n.* 1. ଯେ ବା ଯାହା ଚିମୁଟେ ବା କାମୁଡେ; 2. ଘୋଡାର ଆଗ ଦାନ୍ତ; 3. କୁଲିମାନଙ୍କୁ ସାହାଯ୍ୟ କରିବା ଟୋକା ।—*pl.* ସାନ ସଣ୍ଡାସି, ଚିମୁଟା ।
**Nipple**, *n.* 1. କୁଚାଗ୍ର, ସ୍ତନର ଅଗ୍ରଭାଗ, ଚୂଚୁକ, ଦୁଧର ମୁଣ୍ଡି; 2. ବନ୍ଧୁକରେ ଟୋପି ଲଗାଇବା ସ୍ଥାନ ।
**Nipter**, *n.* କେତେକ ମଣ୍ଡଳୀରେ ପ୍ରଚଳିତ ପାଦ ପ୍ରକ୍ଷାଳନ ପର୍ବ ।
**Nirnand**, *n.* 1. ନିର୍ବାଣ, ବିନାଶ; 2. ମୋକ୍ଷ ।
**Nisi**, *cong.* ଯଦି......ନ ।

Nisi prius, *n.* ଇଂଲଣ୍ଡରେ ଦେଓଆନୀ ମକଦ୍ଦମା ଜୁରିର ସମ୍ମୁଖରେ ବିଚାର ।
Nisus, *n* ଚେଷ୍ଟା, ଯତ୍ନ ।
Nit, *n.* ଉକୁଣିର ଡିମ୍ବ, ଲିଖ ।
Nitty, *a.* ଲିଖପୂର୍ଣ୍ଣ ।
Nithsdale, *n.* ମୃତ ଅଣ୍ଟାବନ୍ଦ ଉପଯୋଗୀ ଲମ୍ବମାନ୍ ବଡ ମସ୍ତକାବରଣ ବିଶେଷ ।
Nitre, *n.* ଯବକ୍ଷାର, ସୋରା ।
Nitric-acid, *n.* ଯବକ୍ଷାରାମ୍ଳ ।
Nitrogen, *n.* ଯବକ୍ଷାର ବାଷ୍ପ ।
Nitrometer, *n.* ଯବକ୍ଷାର ବାଷ୍ପ ପରିମାପକ ଯନ୍ତ୍ର ।
Nitter, *n.* ଡାଂଶ ମାଛି, ଡାଂଶ ।
Nittings, *n. pl.* କାର୍ଯ୍ୟୋପଯୋଗୀ ଅପରିଷ୍କୃତ ଧାତୁର ଅକର୍ମଣ୍ୟ ଖଣ୍ଡ ।
Nival, *a. niv'al.* 1. ହିମ ସମ୍ବନ୍ଧୀୟ; 2. ତୁଷାର ତଳେ ବର୍ଦ୍ଧନଶୀଳ ।
Niveous, *a.* ହିମବତ୍, ତୁଷାରବତ୍ ଶୁଭ୍ର ।
Nix, (1) *n.* ଅମଙ୍ଗଳକାରୀ ଜଳ ପ୍ରେତ ।
Nix, (2) *n.* କିଛି ନୁହେଁ ।
Nix, (3) *n.* ଅବଧାନ ଅର୍ଥ ଆଗମସୂଚକ ଶିକ୍ଷମାନଙ୍କ ମଧ୍ୟରେ ବ୍ୟବହୃତ ଶବ୍ଦ । [ଉପାଧି ।
Nizam, *n.* ଭାରତବର୍ଷସ୍ଥ ହାଇଦରାବାଦ୍ ନବାବଙ୍କ
No, *ad.* ନା, ନାହିଁ, ଅସ୍ୱୀକାରବୋଧକ ଅବ୍ୟୟ ।—*n.* ନାସ୍ତି, ଅସ୍ୱୀକାର, ବିରୁଦ୍ଧ ମତ ।—*pl.* Noes.—No account, ଅକର୍ମଣ୍ୟ । No go, ହେବ ନାହିଁ, ଅସମ୍ଭବ । No joke, ହାସ୍ୟର କଥା ନୁହେଁ ।
Noway, Noways, Nowise, *ad.* କୌଣସି ପ୍ରକାରେ ନୁହେଁ ।
Nob, (1) *n.* ମୁଣ୍ଡ । [ଲୋକ ।
Nob, (2) *n.* 1. ଉଚ୍ଚଲୋକ, କୁଳୀନ ବ୍ୟକ୍ତି; 2. ଧୁନ
Nobbily, *ad.* ସୁନ୍ଦରରୂପେ ।
Nobby, *a.* 1. ସୁବେଶୀ; 2. ବଡ ଭଲ ।
Nobble, *v.t.* (Slang.) 1. ଅଯଥାର୍ଥରୂପେ ନେବା; 2. ପ୍ରେର-କ; 3. ଅଶ୍ୱର ଜୀବନ ଧାବନରେ ଜିତିବା ସୁବିଧା ନଷ୍ଟ-କ ।
Nobilitate, *v.t.* ମହତ୍-କ, ଉଚ୍ଚପଦସ୍ଥ-କ ।
Nobility, *n.* 1. ମାହାତ୍ମ୍ୟ; 2. ମହତ୍ ପଦ; 3. ଗୌରବ, ମହତ୍ତ୍ୱ; 4. ଶ୍ରେଷ୍ଠତା; 5. ପ୍ରାଚୀନ ବଂଶ; 6. ଉଚ୍ଚ କୁଳରୁ ଉତ୍ପତ୍ତି; 7. କୁଳୀନବର୍ଗ ।
Noble, *a.* 1. ଶୌର୍ଯ୍ୟଶାଳୀ; 2. ଗୁଣରେ ବା ପଦରେ ମହତ୍; 3. ଉଚ୍ଚବଂଶସମ୍ଭୂତ; 4. ମହାଶୟ; 5. ଉଦାର; 6. ଶ୍ରେଷ୍ଠ ।—*n.* ଉଚ୍ଚପଦସ୍ଥ ଲୋକ ।
Nobleman, *n.* 1. ଉଚ୍ଚ ପଦସ୍ଥ ଲୋକ; 2. ସମ୍ମାନୀୟ ଉଚ୍ଚ ବଂଶଜ ବ୍ୟକ୍ତି ।
Nobleness, *n.* 1. ମହତ୍ତ୍ୱ; 2. ଶ୍ରେଷ୍ଠତା; 3. ଗୌରବ; 4. ଉଦାରତା; 5. ଯୋଗ୍ୟତା ।
Nobly, *ad.* 1. ମହତ୍ତ୍ୱ ଅନୁସାରେ; 2. ଉଚ୍ଚକୁଳ ଯୋଗ୍ୟରୂପେ; 3. ଉଦାରଭାବେ ।
Nobody, *n.* 1. କେହି ନୁହେଁ; 2. ଅବଜ୍ଞାତ ଲୋକ; 3. ସମାଜରେ ଯେ କିଛି ନୁହେଁ ।
Nocake, *n.* ଆମେରିକା ଦେଶର ଏକ ପ୍ରକାର ମଇଦା ।
Noctambulation, *n.* ନିଦ୍ରାବସ୍ଥାରେ ଭ୍ରମଣ ।
Noctambulism, *n.* ନିଦ୍ରିତ ଭ୍ରମଣ ।
Notambulist, *n.* ଯେ ନିଦ୍ରାବସ୍ଥାରେ ଭ୍ରମଣ କରେ ।
Noctilio, *n.* ଆମେରିକା ଦେଶର ଏକ ପ୍ରକାର ବାଦୁଡି ଜାତି ।
Noctivagant, *a.* ରାତ୍ରି ଭ୍ରମଣଶୀଳ ।
Noctograph, *n.* 1. ଅନ୍ଧ ଲୋକମାନଙ୍କ ପାଇଁ ଲେଖିବା ଯନ୍ତ୍ର; 2. ରାତ୍ରିକାଳର ଚୌକିରେ ଥିବା ଚୌକିଦାର ଉପସ୍ଥିତ ଜଣାଇବା ଯନ୍ତ୍ର ।
Nocturnograph, *n.* କାରଖାନାଆଦିରେ ରାତ୍ରିକାଳୀନ କାର୍ଯ୍ୟର ବିବରଣ କହିବା ଯନ୍ତ୍ର ବିଶେଷ । [ଋଣ ।
Noctuary, *n.* ରାତ୍ରିର ଚିନ୍ତା ବା ଘଟନାର ଲିଖିତ ବି-
Nocturn, *n.* 1. ଆଦ୍ୟ ମଣ୍ଡଳୀରେ ପ୍ରାତଃକାଳ ବା ଅର୍ଦ୍ଧରାତ୍ରର ସ୍ତୁତି ଓ ଉପାସନା; 2. ସେ ଉପାସନାରେ ବ୍ୟବହୃତ ଗୀତସଂହତାର ଭାଗ । [ବିଶେଷ ।
Nocturnal, *a.* 1. ରାତ୍ରି ସମ୍ବନ୍ଧୀୟ; 2. ରାତ୍ରିକାଳୀନ,
Nocturne, *n.* 1. ରାତ୍ରିର ଦୃଶ୍ୟ ଦେଖାଇବା ଚିତ୍ର; 2. ରାତ୍ରି ବା ସନ୍ଧ୍ୟାକାଳୀନ ଚିନ୍ତୋପଯୋଗୀ ସଙ୍ଗୀତ; 3. ରାତ୍ରିକାଳୀନ ଗାନ; 4. କେଶ ଚିତ୍ର ।
Nod, *v.i.* 1. ମୁଣ୍ଡ ହଲାଇବା; 2. ସମ୍ମତି ପ୍ରକାଶରେ ମୁଣ୍ଡ ନୁଆଁଇବା; 3. ମୁଣ୍ଡ ହଲାଇ ପ୍ରଣାମ-କ; 4. ନିଦ୍ରା ହେତୁ ମୁଣ୍ଡ ନୁଆଁଇବା, ଢୋଳାଇବା ।—*v.t.* 1. ହଠାତ୍ ନୁଆଁଇବା; 2. ମୁଣ୍ଡ ହଲାଇବା ଦ୍ୱାରା ଭାବ ପ୍ରକାଶ-କ ।—*n.* 1. ହଠାତ୍ ଅଳ୍ପ ଅଳ୍ପ ମୁଣ୍ଡ ନୁଆଁ, ମୁଣ୍ଡହଲା; 2. ଈଷତ୍ ପ୍ରଣାମ; 3. ହୁକୁମ ।—The land of Nod, ନିଦ୍ରା ଜଗତ ।
Noddle, *n.* ମଥା ।—*v.t.* ଘନଘନ ମୁଣ୍ଡ ହଲାଇବା ।
Noddy, *n.* 1. ଲୋକ ଦେଖିଲେ ଯାହାର ମୁଣ୍ଡ ହଲେ; 2. ମୂର୍ଖ ଲୋକ; 3. ସମୁଦ୍ରରେ ଥିବା ଜଳଚର ପକ୍ଷୀ; 4. ଘୋଡାଗାଡିରେ ବ୍ୟବହୃତ ଅତିଦୀର୍ଘ ଗାଡି ବିଶେଷ; 5. ପଦାର୍ଥର ଚଳନ ମାପିବା ପାଇଁ ଅଗ୍ରରେ ସ୍ପ୍ରିଙ୍ଗସଂଯୁକ୍ତ ଠିଆ ହୋଇଥିବା ଲେଖା ଲମ୍ବମାନ୍ ଲୌହ ଖଣ୍ଡ ।
Node, *n.* 1 ଗଣ୍ଠି, ଗ୍ରନ୍ଥି; 2 ଫୁଲା; 3. ଗଣ୍ଡ ବା ବେଢ଼ୁ; 4. ଗଳ୍ପ ବା କାବ୍ୟର ରହସ୍ୟ । [ବନ୍ଧୀୟ ।
Nodal, *a.* 1. ଗ୍ରନ୍ଥି ସମ୍ବନ୍ଧୀୟ; 2. ଗଣ୍ଡ ବା ବେଢ଼ୁ ସମ୍-
Nodation, *n.* ଗଣ୍ଠି ପକାଇବା କାର୍ଯ୍ୟ ।
Nodifarm, Nodase, *a.* ଗ୍ରନ୍ଥିପୂର୍ଣ୍ଣ ।
Noel, *n.* ଖ୍ରୀଷ୍ଟଙ୍କ ଜନ୍ମୋତ୍ସବ । Same as Nowel.
Noematic, Noematical, Noetic, Noetical, *a.* ମାନସିକ ।
Noemics, *n.* ମନ ବିଜ୍ଞାନ । [ବିଶେଷ ।
Nog, (1) *n.* 1. ବଡ ଶିଖର ବିଶେଷ; 2. ମଦ୍ୟ
Nog, (2) *n.* 1. ଇଟା ମାଡିବା ପାଇଁ କାନ୍ଥରେ ବସାଇବା ଇଟା ସଦୃଶ କାଠଖଣ୍ଡ; 2. ଖଣିର ଛାତ ଧର ଉପରସ୍ଥିତ ଧାରଣ କରିବା କାଠଖଣ୍ଡ ।

Noggin, *n.* 1. ଏକ କ୍ଷୁଦ୍ର କାଷ୍ଠ ପିଅଲ ବା ଭଣ୍ଡିରେ ଥିବା ପଦାର୍ଥ ।

Nohow, *ad.* 1. କୌଣସିପ୍ରକାରେ ନୁହେଁ; 2. (ଦେଶ୍ୟ) ଭଲ ନୁହେଁ ।

Noils, *n. pl.* ଛୋଟ ଛୋଟ ଲୋମଖଣ୍ଡ ।

Noise, *n.* 1. ଶବ୍ଦ, ରବ, ପାଟି, ନାଦ; 2. ଗୋଳମାଳ; 3. ବାଦାନୁବାଦ ।—*v.t.* ଜନରବ ଦ୍ୱାରା ପ୍ରଚାର-କର ।—*v.i.* ଉଚ୍ଚରେ ଶୁଭିବା ।—To make a noise in the world, ଜଗତ୍‌ବ୍ୟାପୀ ସୁନାମ ଲାଭ-କର ।

Noiseful, *a.* ଶବ୍ଦପୂର୍ଣ୍ଣ, ଶବ୍ଦାୟମାନ ।

Noiseless, *a.* ଶବ୍ଦହୀନ, ନିଃଶବ୍ଦ, ନୀରବ ।

Noiselessly, *ad.* ନିଃଶବ୍ଦରୂପେ ।

Noiselessness, *n.* ନିଃଶବ୍ଦତା ।

Noisome, *a.* 1. ସ୍ୱାସ୍ଥ୍ୟ କ୍ଷତିକାରକ; 2. ଅନିଷ୍ଟକାରୀ; 3. ଦୁର୍ଗନ୍ଧମୟ ।

Noisomely, *ad.* ଅନିଷ୍ଟକାରୀରୂପେ ।

Noisomeness, *n.* ଅନିଷ୍ଟକାରିତା ।

Nokes, *n.* ନିର୍ବୋଧ ।

Nolens nolens, ଇଚ୍ଛୁକ ବା ଅନିଚ୍ଛୁକ ।

Noll, *n.* ମୁଣ୍ଡ, ମସ୍ତକ ।

Nom, *n.* ନାମ ।

Nom de plume, *n.* ନିଜ ନାମ ବଦଳରେ ରଚୟିତାଙ୍କ କଳ୍ପିତ ନାମ ।

Nomad, Nomade, *n.* ଭ୍ରମଣକାରୀ ପଶୁପାଳକ ।

Nomadic, *a.* 1. ଭ୍ରମଣଶୀଳ ଲୋକଙ୍କର ନାମୀୟ; 2. ଭ୍ରମଣକାରୀ; 3. ସ୍ଥାୟୀ ଗୃହ ନ ଥିବା ।

Nomadically, *ad.* ଭ୍ରମଣଶୀଳରୂପେ । [କାଟିବା ।

Nomadise, *v.i.* ଭ୍ରମଣଶୀଳ ଲୋକଙ୍କପରି ଜୀବନ

Nomadism, *n.* ଭ୍ରମଣଶୀଳ ଲୋକଙ୍କର ଅବସ୍ଥା ।

Nomancy, *n.* ନାମର ଅକ୍ଷରରୁ ଭବିଷ୍ୟତ୍ କଥନ ।

No-man's-land, *n.* ଅନଧିକୃତ ଭୂମିଖଣ୍ଡ ।

Nomarch, *n.* ଗ୍ରୀସ ଦେଶର ଏକ ଜିଲ୍ଲାର ଶାସନକର୍ତ୍ତା ।

Nomarchy, *n.* ଉକ୍ତ ଶାସନକର୍ତ୍ତାଙ୍କ ଦ୍ୱାରା ଶାସିତ ହେବା ଜିଲ୍ଲା ।

Nomenclator, *n.* ନାମଦାତା ।

Nomenclature, *n.* 1. ନାମ ଦେବା ବ୍ୟବସ୍ଥା; 2. ବୈଜ୍ଞାନିକ ନାମର ତାଲିକା ।

Nomic, *a.* ସାଧାରଣ ପ୍ରଥାନୁଯାୟୀ । [ନାମଧାରୀ ।

Nominal, *a.* 1. ନାମସମ୍ବନ୍ଧୀୟ; 2. ନାମ ମାତ୍ର; 3.

Nominally, *ad.* ନାମ ମାତ୍ରରେ ।

Nominate, *v.t.* 1. ନାମ ଦେବା; 2. ନାମ କରି କହିବା; 3. ନିଯୁକ୍ତ-କର; 4. କାର୍ଯ୍ୟରେ ନିଯୁକ୍ତ ନିମନ୍ତେ ନାମ ନିର୍ବାଚନ-କର ।

Nomination, *n.* 1. ନିଯୋଗକରଣ; 2. ନିର୍ବାଚନ କ୍ଷମତା; 3. ନିଯୁକ୍ତାବସ୍ଥା ।

Nominative, *a.* 1. ନାମବାଚୀ; 2. (Gram.) କର୍ତ୍ତୃକାରକ ସମ୍ବନ୍ଧୀୟ ।—*n.* କର୍ତ୍ତୃକାରକ ।

Nominator, *n.* ନାମ ନିର୍ବାଚନକାରୀ ।

Nominee, *n.* 1. ନିର୍ବାଚିତ ବ୍ୟକ୍ତି, ନାମ ପ୍ରସ୍ତାବିତ ବ୍ୟକ୍ତି; 2. ବାର୍ଷିକ ଦେୟ ଟଙ୍କା ପାଇବା ବ୍ୟକ୍ତି ।

Nomocracy, *n.* *no-mok'rasi,* ବ୍ୟବସ୍ଥା ଶାସ୍ତ୍ରାନୁସାରେ ରାଜ୍ୟଶାସନ ।

Nomogeny, *n.* *no-mog'eni,* ପ୍ରକୃତିର ନିୟମାନୁସାରେ ଜୀବୋତ୍ପତ୍ତି । [କଟା ।

Nomography, *n.* ନିୟମିତରୂପେ ବ୍ୟବସ୍ଥା ଲେଖିବା

Nomology, *n.* ମାନସିକ ନିୟମ ବିଜ୍ଞାନ ।

Nomothetic, *a.* 1. ବ୍ୟବସ୍ଥାପକ; 2. ବ୍ୟବସ୍ଥାନୁଯାୟୀ ସ୍ଥାପିତ; 3. ବ୍ୟବସ୍ଥାପକ ଦ୍ୱାରା କୃତ ।

Non, *ad.* ନାହିଁ, ସାଧାରଣରେ ଅଭାବସୂଚକ ଅବ୍ୟୟ, ଯଥା :—ଅ ବା ଅନ । ଅ-କ୍ଷମତା, ଅନୁପସ୍ଥିତ, ଅବର୍ତ୍ତମାନଙ୍କ ପ୍ରତିବାଦ ।—Non est, ନ ଥିବା, ଅନୁପସ୍ଥିତ ।

Nonage, *n.* ଅପ୍ରାପ୍ତବୟସ୍କତା, ନାବାଳକତା, ଶୈଶବକାଳ ।

Nonagenarian, *n.* ନବତ ବର୍ଷ ବୟସ୍କ ବ୍ୟକ୍ତି ।—*a.* ନବତ ସମ୍ବନ୍ଧୀୟ ।

Nonce, *n.* ବର୍ତ୍ତମାନ ସମୟ, ସୁଯୋଗ ।—For the nonce, ଏ ଥର, ଏ ସୁଯୋଗ ପାଇଁ ।

Nonchalance, *n.* *non'shal-ans,* 1. ତାଚ୍ଛଲ୍ୟ; 2. ଉପେକ୍ଷା; 3. ଉଦାସୀନତା । [ଭିନ୍ନ ମତାବଲମ୍ବୀ ।

Nonconformist, *n.* and *a.* ସ୍ଥାନୀୟ ମଣ୍ଡଳୀରୁ

Nonconformity, *n.* 1. ଅନଙ୍ଗୀକାର; 2. ସ୍ଥାନୀୟ ମଣ୍ଡଳୀର ମତରେ ଅସମ୍ମତି ।

Nondescript, *a.* ଅବର୍ଣ୍ଣିତ, ବର୍ଣ୍ଣନାତୀତ, ଅଦ୍ଭୁତ ।—*n.* ବର୍ଣ୍ଣନାତୀତ ବ୍ୟକ୍ତି ବା ପଦାର୍ଥ ।

None, *a.* and *pro.* *nun,* କେହି ନୁହେଁ, କିଛି ନାହିଁ ।—*ad.* କୌଣସି ପ୍ରକାରେ ନୁହେଁ, କୌଣସି ପରିମାଣରେ ନୁହେଁ ।

Nonentity, *n.* 1. ଅସତ୍; 2. ଅବର୍ତ୍ତମାନ ବିଷୟ; 3. ସାମାନ୍ୟ ଲୋକ ।

Nones, *n. pl.* ରୋମୀୟ ପଞ୍ଜିକା ଅନୁସାରେ ମାର୍ଚ୍ଚ, ମେ, ଜୁଲାଇ ଓ ଅକ୍ଟୋବର ମାସର ତା ୭ ରଖ, ଅନ୍ୟ ଅନ୍ୟାନ୍ୟ ମାସର ତା ୫ ରଖ ।

Nonpareil, *n.* 1. ଅତୁଲ୍ୟ ବ୍ୟକ୍ତି, ଅଦ୍ୱିତୀୟ ପଦାର୍ଥ; 2. ସୁସ୍ୱାଦୁ ଅପଲ୍ ଫଳ ବିଶେଷ; 3. ଏକ ଇଞ୍ଚରେ ୧୪ ଧାଡ଼ି ହେବା କ୍ଷୁଦ୍ର ପ୍ରକାର ଅକ୍ଷର ।—*a.* ଅତୁଲ୍ୟ, ଅଦ୍ୱିତୀୟ ।

Nonplus, *n.* 1. ହତବୁଦ୍ଧିତା, ଅପ୍ରସ୍ତୁତାବସ୍ଥା; 2. ହଇରାଣ, ବଡ ସଙ୍କଟ ।—*v.t.* ହତବୁଦ୍ଧି-କର ।

Nonsense, *n.* 1. ବୃଥା କଥା, ଅନର୍ଥକ ବାକ୍ୟ; 2. ଅସଙ୍ଗତ ବିଷୟ; 3. ସାମାନ୍ୟ ପଦାର୍ଥ ।

Nonsensical, *a.* ଅନର୍ଥକ, ଅସଙ୍ଗତ ।

Noodle, *n.* ଗର୍ଦ୍ଦଭ, ଅଜ୍ଞ ଲୋକ ।

Nook, *n.* 1. କୋଣ; 2. ଗଳି; 3. ଗୁପ୍ତ ସ୍ଥାନ ।

Noology, *n.* *no-ol'o-ji,* ମାନସିକ କ୍ରିୟାକଳାପର ବିଜ୍ଞାନ ।

**Noon**, *n.* 1. ଦିବସ ୧୨ ଘଣ୍ଟା ସମୟ, ଦୁଇ ପ୍ରହର ବେଳ, ମଧ୍ୟାହ୍ନ ; 2. ମଧ୍ୟମ ସମୟ; 3. ଜୀବନର ସର୍ବଶ୍ରେଷ୍ଠ କାଳ ।—*a.* ଦୁଇ ପ୍ରହର ବେଳର, ମାଧ୍ୟାହ୍ନିକ । —*v.i.* ଦୁଇ ପ୍ରହର ବେଳରେ ବିଶ୍ରାମ ନେବା ।

**Noonday**, *n.* 1. ଦିବସର ମଧ୍ୟମ ସମୟ ; 2. ସର୍ବାପେକ୍ଷା ସୌଭାଗ୍ୟ କାଳ ।—*a.* ଦିବସର ମଧ୍ୟମ ସମୟ ସମ୍ବନ୍ଧୀୟ, ମଧ୍ୟାହ୍ନ ।

**Nooning**, *n.* ମଧ୍ୟାହ୍ନ ସମୟର ବିଶ୍ରାମ ବା ଭୋଜନ ।

**Noontide**, *n.* ମଧ୍ୟାହ୍ନ କାଳ, ଦିବସର ମଧ୍ୟମ ସମୟ । —*a.* ମାଧ୍ୟାହ୍ନିକ ।

**Noose**, *n.* 1. ଫାଶ; 2. ଫାନ୍ଦ ।—*v.t.* ଫାଶରେ [ଧରିବା ।

**Nor**, *conj.* ନା, କିମ୍ବା, (when preceded by *neither*) ଯଥା......ନାହିଁ ।

**Norm**, *n.* 1. ନିୟମ; 2. ଆଦର୍ଶ; 3. ନିରୂପିତ ପରିମାଣ; 4. ମୂଳ ବିଷୟ ।

**Normal**, *a.* 1. ନିୟମାନୁଯାୟୀ; 2. କ୍ରମାନୁଯାୟୀ; 2. 3. ଠିକ; 4. ଠିଆ, ସିଧା ।—Normal School, ଗୁରୁ ବିଦ୍ୟାଳୟ ।

**Normalise**, *v.t.* 1. ନିୟମାନୁଯାୟୀ-କର ; ନିରୂପିତ ପରିମାଣାନୁସାରେ-କର ।

**Normally**, *ad.* ନିୟମାନୁସାରେ ।

**Norman**, *n.* ନର୍ମାଣ୍ଡି ଦେଶର ନିବାସୀ ।—*a.* ନର୍ମାଣ୍ଡି [ଦେଶୀୟ ।

**Normative**, *a.* ଆଦର୍ଶଦାୟକ ।

**Norse**, *n.* ପୁରାତନ ସ୍କାଣ୍ଡିନେଭିଆ ଦେଶର ଭାଷା ।—*a.* ପୁରାତନ ସ୍କାଣ୍ଡିନେଭିଆ ଦେଶୀୟ ।

**North**, *n.* ଉତ୍ତର, ଉତ୍ତରଦିଗ, ଉଦକ୍ ।—*a.* ଉତ୍ତରସ୍ଥ, ଉତ୍ତର; 2. ଉତ୍ତରରୁ ନିର୍ଗତ; 3. ଉତ୍ତର ନିବାସୀ ।—*ad.* ଉତ୍ତରକୁ, ଉତ୍ତର ଦିଗରେ ।

**North-east**, *n.* ଉତ୍ତରପୂର୍ବ କୋଣ, ଈଶାନକୋଣ, ଐଶାନୀ ।—*a.* ଐଶାନ୍ୟ ।

**North-easterly**, *a.* 1. ଐଶାନୀ ଦିଗକୁ ; 2. ଉତ୍ତରପୂର୍ବକୋଣରୁ ଆଗତ ।

**North-eastern**, *a.* 1. ଈଶାନକୋଣର; 2. ଉତ୍ତର- [ପୂର୍ବସ୍ଥ ।

**Northerly**. *a.* ଉତ୍ତରାଭିମୁଖ; 2. ଉତ୍ତର ଦିଗରୁ ଆଗତ । —*ad.* ଉତ୍ତରାଭିମୁଖେ ।

**Northern**, *a.* ଉତ୍ତର ସମ୍ବନ୍ଧୀୟ; 2. ଉତ୍ତରସ୍ଥ; 3. ଉତ୍ତର ଦିଗରୁ ଆଗତ ।—*n.* ଉତ୍ତର ନିବାସୀ ।

**Northerner**, *n.* ଉତ୍ତର ଦେଶର ନିବାସୀ ।

**Northernmost**, *a.* ସର୍ବୋତ୍ତର ଦିଗସ୍ଥ ।

**Northing**, *n.* 1. ଉତ୍ତର ଦିଗଅଭିମୁଖ ଗତି ; 2. ବିଷୁବ ରେଖାଠାରୁ ଉତ୍ତର ଦିଗରେ ଭାଗ ପରିମିତ ଦୂରତ୍ୱ ।

**Northpole**, *n.* ଉତ୍ତର କେନ୍ଦ୍ର ।

**North-star**, *n.* ଉତ୍ତର କେନ୍ଦ୍ର ନିକଟବର୍ତ୍ତୀ ନକ୍ଷତ୍ର, ଧ୍ରୁବ [ତାରା ।

**Northward, Northwardly**, *a.* ଉତ୍ତର ଦିଗସ୍ଥ । —*ad.* ଉତ୍ତରକୁ, ଉତ୍ତର ଦିଗରେ ।

**Northwards**, *ad.* ଉତ୍ତରାଭିମୁଖେ ।

**North-west**, *n.* ଉତ୍ତରପଶ୍ଚିମ କୋଣ, ବାୟବ୍ୟ କୋଣ । —*a.* ବାୟବ୍ୟ ।

**North-westerly**, *a.* 1. ବାୟବ୍ୟ ଦିଗକୁ ; 2. ଉତ୍ତରପଶ୍ଚିମ କୋଣରୁ ଆଗତ ।

**North-western**, *a.* 1. ବାୟବ୍ୟ କୋଣର; 2. ଉତ୍ତରପଶ୍ଚିମ ଦିଗସ୍ଥ ।

**Norwegian**, *a.* ନର୍ୱେ ଦେଶୀୟ ।

**Nose**, *n.* 1. ନାକ, ନାସିକା, ନାସା, ଘ୍ରାଣେନ୍ଦ୍ରିୟ; 2. କୌଣସି ପଦାର୍ଥର ନାକ ପରି ବାହାରିବା ଭାଗ ।—*v.t.* 1. ଶୁଙ୍ଘିବା; 2. ମୁହାମୁହିଁ ହୋଇ ପ୍ରତିକୂଳ-କର; 3. ନାକରେ ଉଚ୍ଚାରଣ-କର ।—Aquiline or Roman nose, ବଙ୍କ ନାସିକା । Pug nose, ଚେପା ନାକ । To keep one's nose to the grindstone, ପାଉଟିରେ ନାକ ଘୋରିବା, କଷ୍ଟ କାର୍ଯ୍ୟରେ ଅବିରତ ଲଗାଇଦେବା । To lead by the nose, ଇଚ୍ଛାନୁସାରେ ନେଇଯିବା । To put one's nose out of joint, ଅନ୍ୟର ବଦଳରେ ସ୍ନେହପାତ୍ର ହେବା । To thrust one's nose into, ଅନଧିକାର ଚର୍ଚ୍ଚା-କର । To turn up one's nose, ଅବଜ୍ଞା ପ୍ରକାଶ-କର ।

**Nosebag**, *n.* ଘୋଡାର ନାକ ପାଖରେ ବନ୍ଧା ଯିବା ଦାନା ଥଳି ।

**Noseband**, *n.* ନାକରେ ପଡୁଥିବା ଲଗାମର ଭାଗ ।

**Nosed**, *a.* ନାସିକାବିଶିଷ୍ଟ ।

**Noseless**, *a.* ନାସିକାବିହୀନ ।

**Nose of wax**, *n.* ଅତିଶୀଘ୍ର ନମନୀୟ ଲୋକ ବା ପଦାର୍ଥ ।

**Nosegay**, *n.* ସୁବାସ ପୁଷ୍ପଗୁଚ୍ଛ ।

**Nose-piece**, *n.* 1. ନଳ ଆଦିର ଅଗ୍ର ଭାଗ; 2. ନାକରେ ପଡୁଥିବା ଲଗାମର ଭାଗ ।

**Nose-ring**, *n.* ନୋଥ, ଗୁଣା ।

**Nosology**, *n.* ବ୍ୟାଧିବିଜ୍ଞାନ ।

**Nostalgia**, *n.* ଗୃହ ପ୍ରତି ଗମନାର୍ଥେ ଅତ୍ୟନ୍ତ ଇଚ୍ଛା ।

**Nostology**, *n.* ଅତି ବୃଦ୍ଧାବସ୍ଥା ଲକ୍ଷଣର ବିଜ୍ଞାନ ।

**Nostril**, *n.* ନାସାରନ୍ଧ୍ର, ନାସିକାଛିଦ୍ର ।

**Nostrum**, *n.* 1. ଗୁପ୍ତ ଔଷଧ ; 2. ପ୍ରବଞ୍ଚକ ବୈଦ୍ୟର ମନ୍ତ୍ର ସଦୃଶ କୃତ୍ରିମ ଉପାୟ ।

**Not**, *ad.* ନ, ନା, ନାହିଁ, ନାସ୍ତି ବା ଅସମ୍ମତିସୂଚକ ଅବ୍ୟୟ । —Not in it, ସୁବିଧାରୁ ବଞ୍ଚିତ ।

**Notable**, *a.* 1. ଜ୍ଞାତବ୍ୟ; 2. ପ୍ରସିଦ୍ଧ; 3. ସ୍ମରଣୀୟ; 4. ଖ୍ୟାତାପନ୍ନ; 5. ଅଖ୍ୟାତିବିଶିଷ୍ଟ; 6. ଦକ୍ଷ, ଚତୁର; 7. ପରିଶ୍ରମୀ ।—*n.* ପ୍ରସିଦ୍ଧ ବ୍ୟକ୍ତି ବା ବିଷୟ ।

**Notabilia**, *n.* 1. ମନୋଯୋଗ୍ୟ ବିଷୟମାନ; 2. ପ୍ରସିଦ୍ଧ ଉକ୍ତି ।

**Notability**, *n.* 1. ପ୍ରସିଦ୍ଧି; 2. ପ୍ରସିଦ୍ଧ ବ୍ୟକ୍ତି, ବା ବିଷୟ ।

**Notableness**, *n.* ପ୍ରସିଦ୍ଧତା ।

**Notably**, *ad.* ପ୍ରସିଦ୍ଧରୂପେ, ସ୍ମରଣୀୟରୂପେ ।

**Notalgia**, *n.* ପୃଷ୍ଠପୀଡା ।

**Notary**, *n.* ଶପଥପତ୍ର ଆଦି ମୋହର ଦେଇ ପ୍ରମାଣ କରିବା ନିମନ୍ତେ କ୍ଷମତାପ୍ରାପ୍ତ ସର୍କାରୀ କର୍ମଚାରୀ ।

**Notation**, *n.* 1. ଚିହ୍ନ ବା ଅଙ୍କକରଣ; 2. ଚିହ୍ନ ବା ଅଙ୍କ ଦ୍ୱାରା ଲେଖନ ପ୍ରଣାଳୀ ।

Notch, *n.* 1. ଖାଞ୍ଜ, ଖଦ; 2. ଚିହ୍ନଦାଗ, ।—*v.t.* ଖଦ-କ ।

Notched, *a.* ଖଦଯୁକ୍ତ ।

Note, *n.* 1. ଚିହ୍ନ; 2. ମନୋଯୋଗ ଆକର୍ଷକ ଚିହ୍ନ; 3. ଟୀକା; 4. ମନ୍ତବ୍ୟ; 5. ସଂକ୍ଷିପ୍ତ ବିବରଣ; 6. ଭାଷ୍ୟ: ଟିପ୍ପଣୀ; 8. ସ୍ୱାକ୍ଷର ପତ୍ର, ଚିଠି; 9. ସନ୍ଧି ପ୍ରଭୃତି ସମ୍ବନ୍ଧୀୟ ପତ୍ର; 10. ଚିଠିକାଗଜ; 11. ସ୍ୱର ବୋଧକ ଚିହ୍ନ; 12. ସ୍ୱର; 13. ଋଣସ୍ୱୀକାର ପତ୍ର, କରଜ ଚିଠା, ଟଙ୍କା କାଗଜ; 14. ମନୋଯୋଗ; 15. ସୁଖ୍ୟାତି; 16. ଯଶ ।—*v.t.* 1. ଟିପି କରି ରଖିବା; 2. ଦେଖିବା; 3. ମନୋଯୋଗ-କ; 4. ଲେଖି ରଖିବା; 5. ଟୀକା ସହିତ ଲେଖିବା ।

Note-book, *n.* ଟିପ୍ପଣୀ ପୁସ୍ତକ, ଟୀପାବହି ।

Noted, *a.* 1. ଚିହ୍ନିତ; 2. ବିଖ୍ୟାତ; 3. ପ୍ରସିଦ୍ଧ; 4. ଯଶୋବନ୍ତ; 5. ଖ୍ୟାତିବିଶିଷ୍ଟ ।

Notedly, *ad.* ଖ୍ୟାତାପନ୍ନରୂପେ ।

Notedness, *n.* ଖ୍ୟାତି, ପ୍ରସିଦ୍ଧତା ।

Noteless, *a.* ଖ୍ୟାତିହୀନ, ଅପ୍ରସିଦ୍ଧ ।

Note-paper, *n.* ଚିଠି କାଗଜ ।

Noteworthy, *a.* 1. ଖ୍ୟାତିଯୋଗ୍ୟ; 2. ମନୋଯୋଗ୍ୟ ।

Nothing, *n.* 1. କିଛି ନାହିଁ; 2. ଅବସ୍ତୁ; 3. ଅକର୍ମ-ଣ୍ୟତ୍ୱ; 4. ନାସ୍ତ୍ୟବସ୍ଥା; 5. ମୂଲ୍ୟହୀନତା; 6. ଅକିଞ୍ଚିତ୍କର ବିଷୟ; 7. ପରମାଣୁଶୂନ୍ୟତା; 8. ଶୂନ୍ୟ, ଶୂନ ।—To come to nothing, ନଷ୍ଟ ହେବା । To make nothing of, ଗଣନା ନ କରିବା, ଲଘୁ ଜ୍ଞାନ କରିବା ।

Nothingness, *n.* ଶୂନ୍ୟତା ।

Notice, *n.* 1. ଅବଧାନକରଣ; 2. ମନୋଯୋଗ; 3. ଅବଲୋକନ; 4. ଖବର; 5. ଚେତନା; 6. ଜ୍ଞାପନ; 7. ଘୋଷଣା; 8. ଭଦ୍ର ବ୍ୟବହାର; 9. ସଂକ୍ଷିପ୍ତ ସମାଲୋଚନା ।—*v.t.* 1. ଅବଧାନ-କ; 2. ଅବଲୋକନ-କ; 3. ମନୋଯୋଗ-କ; 4. କହିଦେବା; 5. ମନ୍ତବ୍ୟ ପ୍ରକାଶ-କ; 6. ଭଦ୍ର ବ୍ୟବହାର-କ ।—To give notice, ଆଗରୁ ଜଣାଇବା ।

Noticeable, *a.* 1. ଦ୍ରଷ୍ଟବ୍ୟ; 2. ମନୋଯୋଗ୍ୟ; 3. ଦୃଷ୍ଟି ଆକର୍ଷକ ।

Noticeably, *ad.* ମନୋଯୋଗ୍ୟରୂପେ ।

Notice-board, *n.* ଜ୍ଞାପନ ପଟ୍ଟ ।

Notify, *v.t.* 1. ଜ୍ଞାପନ ଦ୍ୱାରା ଜଣାଇବା; 2. ଜ୍ଞାପନ କରାଇବା; 3. ଖବର ଦେବା ।

Notion, *n.* 1. ବୋଧ; 2. ଉପଲବ୍ଧି; 3. ମତ; 4. ବିଶ୍ୱାସ; 5. ମାନସ, ସଙ୍କଳ୍ପ; 6. ଖିଆଲ; 7. ନୈପୁଣ୍ୟ ସଙ୍କଳ୍ପିତ କୌଣସି କ୍ଷୁଦ୍ର ବସ୍ତୁ । [ମାନିକ ।

Notional, *a.* 1. ସଙ୍କଳ୍ପିତ; 2. ଆଦର୍ଶମୟ; 3. ଅନୁ-

Notoriety, *n.* 1. ଅସତ୍କାର୍ଯ୍ୟରେ ପ୍ରସିଦ୍ଧାବସ୍ଥା; 2. ଅଖ୍ୟାତି, ଦୁର୍ନାମ ।

Notorious, *a.* 1. ଅସତ୍କାର୍ଯ୍ୟରେ ପ୍ରସିଦ୍ଧ; 2. ଅଖ୍ୟାତିବିଶିଷ୍ଟ, ଦୁର୍ନାମଯୁକ୍ତ । [ଖ୍ୟାତରୂପେ ।

Notoriously, *ad.* 1. ଅଖ୍ୟାତିବିଶିଷ୍ଟରୂପେ; 2. ପ୍ରକା-

Notoriousness, *n.* ଅଖ୍ୟାତିବିଶିଷ୍ଟତା ।

Notum, *n.* କୀଟମାନଙ୍କର ଗଳାର ପୃଷ୍ଠଦେଶ ।

Notus, *n.* ଦକ୍ଷିଣ ବା ଦକ୍ଷିଣପଶ୍ଚିମର ବାୟୁ ।

Notwithstanding, *ad.* and *conj.* ତଥାପି, ତଥାଚ, ତେବେହେଁ, ଯାହା ହେଉ ।

Nougat, *n.* *noo-ga*, ବାଦାମ୍ ମିଶ୍ରିତ ମିଠାଇ ବିଶେଷ ।

Nought, *n.* କିଛି ନୁହେଁ, ଶୂନ୍ୟ ।—*ad.* To set at nought, ହେୟଜ୍ଞାନ-କ, ଖାତିର ନ କରିବା ।

Noun, *n.* ବିଶେଷ୍ୟ, ନାମବାଚକ ପଦ ।

Nourish, *v.t.* *nur'-ish*, 1. ଖାଦ୍ୟପାନ କରାଇବା; 2. ପାଳିବା; 3. ପୋଷଣ-କ; 4. ବୃଦ୍ଧି କରାଇବା; 5. ଉତ୍ସାହିତ-କ; 6. ପ୍ରତିପୋଷଣ-କ ।

Nourishable, *a.* ପାଳନୀୟ, ପୋଷ୍ୟ ।

Nourishment, *n.* 1. ପୋଷଣକରଣ; 2. ଆହାର, ଭକ୍ଷ୍ୟ ଦ୍ରବ୍ୟ ।

Nous, *n.* *nows*, 1. ଧୀଶକ୍ତି; 2. ଦକ୍ଷତା; 3. ବୁଦ୍ଧି ।

Novel, *a.* 1. ନୂଆ, ନୂତନ; 2. ଅସାଧାରଣ; 3. ଅପୂର୍ବ ।—*n.* ଉପାଖ୍ୟାନ, ଉପକଥା, କାଳ୍ପନିକ ବିବରଣ ।

Novelette, *n.* କ୍ଷୁଦ୍ର ଉପାଖ୍ୟାନ ।

Novelise, *v.t.* 1. ନୂଆ ବିଷୟ ଦେଇ ପରିବର୍ତ୍ତନ-କ; 2. ଉପାଖ୍ୟାନ ପରି ଲେଖିବା ।—*v.i.* ନୂତନ ପ୍ରଥା ପ୍ରଚଳିତ-କ ।

Novelist, *n.* 1. ଉପାଖ୍ୟାନ ଲେଖକ; 2. ନୂତନ ପ୍ରଥା ପ୍ରବର୍ତ୍ତକ, ସଂସ୍କାରକ ।

Novelistic, *a.* 1. ଉପାଖ୍ୟାନ ସମ୍ବନ୍ଧୀୟ; 2. ଉପାଖ୍ୟାନରେ ବର୍ଣ୍ଣିତ ।

Novelty, *n.* 1. ନୂତନତ୍ୱ, ନବ୍ୟତା; 2. ଅସାଧାରଣ ଦୃଶ୍ୟ; 3. ଅପୂର୍ବ ବିଷୟ ।

November, *n.* ବର୍ଷର ଏକାଦଶ ମାସ, ନବେମ୍ବର ମାସ ।

Novice, *n.* 1. କୌଣସି ବ୍ୟବସାୟ ଆରମ୍ଭକାରୀ; 2. ଅନଭିଜ୍ଞ ଲୋକ; 3. ମଣ୍ଡଳୀର ନୂତନ ସଭ୍ୟ; 4. ପରୀକ୍ଷାଧୀନରେ ନୂତନଭୁକ୍ତ ମଠବାସୀ ।

Noviciate, Novitiate, *n.* 1. ଅନଭିଜ୍ଞ ଲୋକର ଅବସ୍ଥା; 2. ନୂତନ ମଠବାସିଙ୍କ ପରୀକ୍ଷାକାଳ; 3. ପରୀକ୍ଷାଧୀନରେ ନୂତନ ଭୁକ୍ତ ମଠବାସୀ ।

Now, *ad.* ଏବେ, ଏକ୍ଷଣେ, ଏତେବେଳେ, ସମ୍ପ୍ରତି, ଏରୂପ ହେଲେ ।—*n.* ବର୍ତ୍ତମାନକାଳ, ଏହି ମୁହୂର୍ତ୍ତ ।—Now and then, କେବେ୨, ସମୟେ୨ ।

Nowadays, *ad.* ଆଜିକାଲି ।

Noway, Noways, *ad.* କୌଣସି ପ୍ରକାରେ ବା ଭାବରେ ନୁହେଁ ।

Nowel, *n.* 1. ଖ୍ରୀଷ୍ଟଙ୍କ ଜନ୍ମୋତ୍ସବ; 2. ତତ୍କାଳୀନ ଆନନ୍ଦଜନକ ଧ୍ୱନି ବା ଗୀତ । same as Noël.

Nowhere, *ad.* କାହିଁରେ ନାହିଁ, କେଉଁଠାରେ ନୁହେଁ ।

Nowhither, *ad.* କୌଣସି ଆଡ଼କୁ ନୁହେଁ, କୌଣସି ସ୍ଥଳରେ ନାହିଁ ।

Noxious, *a.* 1. କ୍ଷତିକାରକ; 2. ଅସ୍ୱାସ୍ଥ୍ୟକର; 3 ଅନିଷ୍ଟକର. 4. ବିନାଶକ; 5. ବିଷାକ୍ତ ।

**Noxiously**, *ad.* କ୍ଷତିକାରକରୂପେ ।

**Noxiousness**, *n.* କ୍ଷତିକାରକତା ।

**Nozzle**, *n.* 1. ପଶୁର ଥୋମଣି; 2. ଘଣ୍ଟା ନଳାଦିର ଅଗ୍ର ଭାଗ । [ଶସ୍ୟ ।

**Nucleus**, *n.* 1. କୌଣସି ଦ୍ରବ୍ୟର ମଧ୍ୟାଂଶ; 2. ବୀଜ,

**Nude**, *a.* 1. ଲଙ୍ଗଳା, ଉଲଙ୍ଗ; 2. ଅନାବୃତ; 3. ଅକାର୍ଯ୍ୟକର ।—The nude, ଚିତ୍ର ବିଦ୍ୟାରେ ଅଙ୍କାବର୍ଣ୍ଣସ୍ୱରୂପ ବିବସ୍ତ୍ର ମାନବ ଶରୀର ।

**Nudeness**, *n.* ଉଲଙ୍ଗତା, ବିବସ୍ତ୍ରତା ।

**Nudity**, *n.* ଅନାବୃତାଂଶ ।

**Nudge**, *n.* ଧୀର ଧକ୍କା ।—*v.t.* ଧୀରେ ଧକ୍କା ମାରିବା ।

**Nugatory**, *a.* 1. ତୁଚ୍ଛ; 2. ଅକାର୍ଯ୍ୟକର; 3. ଅନର୍ଥକ; 4. ନିଷ୍ଫଳ ।

**Nugget**, *n.* (ସ୍ୱର୍ଣ୍ଣ) ପିଣ୍ଡ ।

**Nuisance**, *n.* 1. କ୍ଲେଶଜନକ ବିଷୟ; 2. ଉତ୍ପାତ; 3. ଅପ୍ରାମାଣିକ; 4. ଲଘୁ ।

**Nullah**, *n.* ନାଳ ।

**Nullification**, *n.* ବ୍ୟର୍ଥକରଣ, ଅନ୍ୟଥାକରଣ ।

**Nullify**, *v.t.* ବ୍ୟର୍ଥ-କ, ରଦ-କ, ଅନ୍ୟଥା-କ ।

**Nullity**, *n.* 1. ଅସତ୍ତ୍ୱ ଅବସ୍ଥା; 2. ବ୍ୟର୍ଥତା; 3. ନାସ୍ତି ।

**Numb**, *a.* *num*, ଅବଶ, ଜଡ, ସ୍ତବ୍ଧ, ସ୍ପନ୍ଦନରହିତ ।

**Number**, *n.* 1. ସଂଖ୍ୟା; 2. ସମୂହ; 3. ଏକାଂଶକ; 4. ଅଙ୍କ; 5. ଛନ୍ଦ; 6. (*Gram.*) ବଚନ ।—*pl.* ଗଣନାପୁସ୍ତକ, ଧର୍ମପୁସ୍ତକର ଚତୁର୍ଥଖଣ୍ଡ ।—*v.t.* 1. ଗଣନା-କ, ସଂଖ୍ୟା-କ; 2. ଅଙ୍କ ଦେଇ ଚିହ୍ନାଇବା; 3. ସୁମାରି-କ ।

**Numberer**, *n.* ଗଣନାକାରୀ ।

**Numberless**, *a.* ଅଗଣ୍ୟ, ଅସଂଖ୍ୟ ।

**Numbness**, *n.* ଅବଶ ଅବସ୍ଥା, ସ୍ତବ୍ଧତା ।

**Numerability, Numerableness**, *n.* ଗଣ୍ୟତ୍ୱ, ସଂଖ୍ୟେୟତା ।

**Numerable**, *a.* ଗଣ୍ୟ, ସଂଖ୍ୟେୟ ।

**Numerably**, *ad.* ଗଣ୍ୟରୂପେ ।

**Numeral**, *a.* 1. ଗଣନା ସମ୍ବନ୍ଧୀୟ; 2. ସଂଖ୍ୟକ; 3. ସଂଖ୍ୟାବାଚକ, ଅଙ୍କବୋଧକ ।—*n.* 1. ଅଙ୍କ ଚିହ୍ନ; 2. (*Gram.*) ସଂଖ୍ୟାବାଚକ ପଦ ।

**Numerally**, *ad.* ସଂଖ୍ୟାନୁସାରେ । [ସମ୍ବନ୍ଧୀୟ ।

**Numerary**, *a.* 1. ସଂଖ୍ୟା ସମ୍ବନ୍ଧୀୟ; 2. ନିର୍ଦ୍ଦିଷ୍ଟ ସଂଖ୍ୟା

**Numerate**, *v.t.* ସଂଖ୍ୟା-କ ।

**Numeration**, *n.* 1. ସଂଖ୍ୟାକରଣ; 2. ଅଙ୍କବିଦ୍ୟା ।

**Numerator**, *n.* 1. ସଂଖ୍ୟାକାରୀ; 2. ଲବ, ଭଗ୍ନାଂଶର ଉର୍ଦ୍ଧ୍ୱ ଅଙ୍କ ।

**Numeric, Numerical**, *a.* ଅଙ୍କ ବିଷୟକ, ଅଙ୍କାତ୍ମକ ।

**Numerically**, *ad.* ସଂଖ୍ୟାରେ ।

**Numerous**, *a.* ବହୁସଂଖ୍ୟକ, ଅନେକାନେକ ।

**Numerously**, *ad.* ବହୁସଂଖ୍ୟକ ପରିମାଣରେ ।

**Numerousness**, *n.* ବହୁସଂଖ୍ୟକତା ।

**Numismatic**, *a.* ମୁଦ୍ରା ସମ୍ବନ୍ଧୀୟ ।

**Numismatics**, *n.* ମୁଦ୍ରା ବିଜ୍ଞାନ ।

**Numismatist**, *n.* ମୁଦ୍ରା ବିଜ୍ଞାନ ବେତ୍ତା । [ର୍କୀୟ ।

**Nummular, Nummary**, *a.* ଟଙ୍କା ମୁଦ୍ରା ସମ୍ପ-

**Numskull**, *n.* ଅଜ୍ଞାନ ।

**Nun**, *n.* ବ୍ରହ୍ମଚାରିଣୀ, ମଠବାସିନୀ ।

**Nunnery**, *n.* ବ୍ରହ୍ମଚାରିଣୀମାନଙ୍କ ମଠ ।

**Nun's-veiling**, *n.* କୋମଳ ସୂକ୍ଷ୍ମ ସାଦା ପଶମୀ ଲୁଗା ବିଶେଷ ।

**Nune dimith's**, *n.* ମଣ୍ଡଳୀରେ ଶିଶୁ ଯୀଶୁଙ୍କୁ ହସ୍ତରେ ଧରିଥିବା ସମୟରେ ବୃଦ୍ଧ ଶିମିୟୋନଙ୍କ ଗାନ ।

**Nuncio**, *nun'shi-o*, 1. ଦୂତ; 2. ବାର୍ତ୍ତାବାହକ; 3. ସମ୍ରାଟ ବା ରାଜାଙ୍କ ନିକଟକୁ ପୋପଙ୍କ ଦ୍ୱାରା ପ୍ରେରିତ [ପ୍ରତିନିଧି ।

**Nuptual**, *a.* ପରିଣୟ ସମ୍ପର୍କୀୟ, ବୈବାହିକ ।

**Nuptuals**, *n. pl.* ପରିଣୟ, ପାଣିଗ୍ରହଣ ।

**Nurse**, *n.* 1. ଧାଈ, ଧାତ୍ରୀ; 2. ସ୍ତନ୍ୟଦାୟିନୀ ମାତା; 3. ଆୟା; 4. ସେବା ସେବକ, ପୀଡିତମାନଙ୍କୁ ଶୁଶ୍ରୂଷା କରିବା ଲୋକ ।—*v.t.* 1. ସେବା-କ, ଶୁଶ୍ରୂଷା-କ; 2. ପାଳନ-କ; 3. ଅଳ୍ପ ବ୍ୟୟ-କ; 4. ଅଣ୍ଡା ଖେଳରେ ପେଣ୍ଡୁ ଠିକ ସ୍ଥାନରେ ରହିବାକୁ ଦକ୍ଷରୂପେ ଖେଳିବା ।

**Nurse-maid**, *n.* ପିଲାଙ୍କୁ ଜଗିବା ଯୁବତୀ ।

**Nursery**, *n.* 1. ଶିଶୁପାଳନଶାଳା; 2. ପିଲାମାନଙ୍କ କୋଠରି; 3. ବୃକ୍ଷବାଟିକା ।

**Nursery-maid**, *n.* ପିଲାମାନଙ୍କ କୋଠରିର ରକ୍ଷଣୀ ।

**Nurseryman**, *n.* 1. ବୃକ୍ଷବାଟିକା ମାଳୀ; 2. ବୃକ୍ଷରୋପକାରୀ ।

**Nursling**, *n.* ଶିଶୁ ।

**Nurture**, *n.* 1. ପାଳନକରଣ; 2. ଆହାର; 3. ଶିକ୍ଷାଦାନ ।—*v.t.* ପାଳିବା, ପୋଷିବା, ଶିକ୍ଷା ଦେବା ।

**Nurturer**, *n.* ପାଳନକର୍ତ୍ତା ।

**Nut**, *n.* 1. କଠିନ ଖୋଷାଯୁକ୍ତ ଫଳ, ଯଥା ଗୁଆ ବାଦାମ୍ ଇତ୍ୟାଦି; 2. ପେଚର ଢିବରି ।—*v.i.* ବାଦାମ୍ ଆଦି ଗୋଟାଇବା ।—A nut to crack, ବିଷମ ସମସ୍ୟା ।

**Nutant**, *a.* ନତଶିର ।

**Nutation**, *n.* 1. (Astron.) ଭୂମିର ମେରୁଦଣ୍ଡର କମ୍ପ; 2. (Bot.) ସୂର୍ଯ୍ୟ ଆଡକୁ ପୁଷ୍ପର ଢଳଗତି; 3. (Pathol.) ଅବଶରେ ମସ୍ତକ କମ୍ପନ ।

**Nut-brown**, *a.* ବାଦାମ୍ ପରି ତାମ୍ରବର୍ଣ୍ଣଯୁକ୍ତ ।

**Nut-crackers**, *n. pl.* ଗୁଆକାତି ।

**Nutmeg**, *n.* ଜାଇଫଳ, ଜାଫ ଫଳ ।

**Nut-oil**, *n.* ବାଦାମ୍ ଆଦିର ତେଲ ।

**Nutshell**, *n.* ଖୋଷା, ଖୋଳପା ।—In a nutshell, ସଂକ୍ଷେପରେ । [ସ୍ୱାଦବିଶିଷ୍ଟ ।

**Nutty**, *a.* 1. ବାଦାମ୍ ଆଦିପୂର୍ଣ୍ଣ; 2. ବାଦାମ୍ ଆଦିର

**Nut-wrench**, *n.* ପେଚର ଢିବରି ଘୁରାଇବା ମୋଡଣି ।

**Nutrient**, *a.* ପୁଷ୍ଟିଜନକ ।—*n.* ପୁଷ୍ଟିଜନକ ବସ୍ତୁ ।

**Nutriment**, *n.* 1. ପୁଷ୍ଟିଜନକ ବିଷୟ; 2. ଧାତୁପୋଷକ ଦ୍ରବ୍ୟ; 3. ଖାଦ୍ୟ ।

**Nutrimental**, *a.* ପୌଷ୍ଟିକ, ପୁଷ୍ଟିଜନକ, ଧାତୁପୋଷକ ।

Nutrition, *n.* ପୁଷ୍ଟିକରଣ ।
Nutritious, *a.* ପୁଷ୍ଟିକର ।
Nutritiously, *ad.* ପୁଷ୍ଟିକରଭାବେ ।
Nutritive, *a.* ପୁଷ୍ଟିଜନକ ।
Nux-vomica, *n.* କୋଚିଲା ।
Nymph, (1) *n. nimf*, 1. ସୁନ୍ଦରୀ କୁମାରୀ; 2. ବନ ପର୍ବତ ନଦୀ ଆଦିର ସୁନ୍ଦରୀ ଦେବୀ ।
Nymph, (2) *n.* କୀଟର ମଧ୍ୟମାବସ୍ଥା ।
Nymphal, *a.* ବନଦେବୀ ସମ୍ବନ୍ଧୀୟ ।
Nymphean, *a.* 1. ବନଦେବୀ ସମ୍ପର୍କୀୟ; 2. ବନଦେବୀ ଅଧିବାସିତ ।
Nymphic, Nymphical, *a.* ବନ ଦେବୀର ।
Nymph-like, *a.* ବନଦେବୀ ସଦୃଶ ।
Nyula, *n.* ନେଉଳ, ନକୁଳ ।

# O.

O, (1) *n.* 1. ଇଂରାଜୀ ବର୍ଣ୍ଣମାଳାର ପଞ୍ଚଦଶ ଅକ୍ଷର ପୁଣି ଚତୁର୍ଥ ସ୍ୱରବର୍ଣ୍ଣ; 2. ଶୂନ୍ୟ ।
O, (2) Oh, *interj.* 1. ଆଶ୍ଚର୍ଯ୍ୟ ଶୋକ ବା ବିସ୍ମୟସୂଚକ ଅବ୍ୟୟ; 2. ସମ୍ବୋଧନସୂଚକ ଅବ୍ୟୟ, ଯଥା:—ହେ, ଭୋ, ଅହେ ଇତ୍ୟାଦି ।—O dear! ବାପରେ! O dear me! ମୋ ବାପରେ !
O, (3) *prep.* ର ବା ରେ ।
Oaf, *n.* 1. ନିର୍ବୋଧ ବା କୁରୂପ ଶିଶୁ; 2. ବୋକା ।
Oak, *n.* ଇଂଲଣ୍ଡୀୟ ବୃହତ୍ ବୃକ୍ଷ ବିଶେଷ ବା ତହିଁର କାଠ, ଯାହା ଜାହାଜ ନିର୍ମାଣରେ ବେଶି ବ୍ୟବହୃତ ହୁଏ ।
Oaken, *a.* ଓକ୍ କାଠନିର୍ମିତ ।
Oaky, *a.* 1. ଓକ୍ ବୃକ୍ଷ ତୁଲ୍ୟ; 2. ଶକ୍ତ, ଦୃଢ ।
Oakum, *n.* ନୌକାର ଫଟାଫାଟ ବନ୍ଦ କରିବା ପାଇଁ ପୁରୁଣା ଫିଟା ଦଉଡ଼ି ।
Oar, *n.* 1. ଆହୁଲା, କ୍ଷେପଣୀ; 2. ଆହୁଲା ମାରିବା ଲୋକ ।—*v.t.* ଆହୁଲା ଦ୍ୱାରା ଚଳାଇବା ।—*v.i.* ଆହୁଲା ମାରିବା ।—To feather oars, ଆହୁଲା ଫେରାଇବା ସମୟରେ ତହିଁର ଚେପ୍ଟା ଭାଗ ପାଣି ଉପରେ ଶୁଆଇ ଆଣିବା । To lie on the oars, ବିଶ୍ରାମ ନେବା, କାର୍ଯ୍ୟରୁ ନିବୃତ୍ତ ହେବା ।
Oarage, *n.* କ୍ଷେପଣୀସମୂହ ।
Oared, *a.* ଆହୁଲା ଥିବା ।
Oarsman, *n.* ଆହୁଲା ମାରିବା ଲୋକ, କ୍ଷେପଣୀ ଚାଳକ ।
Oarsmanship, *n.* ଆହୁଲା ମାରିବାରେ ଦକ୍ଷତା ।
Oasis, *n.* 1. ମରୁଭୂମି ମଧ୍ୟସ୍ଥ ଉର୍ବର ସ୍ଥଳୀ; 2. ପରିଶ୍ରମ ଓ ବିଷାଦ ମଧ୍ୟରେ ଆରାମ ସ୍ଥଳ ।
Oat, *n.* (oftener in *pl.* Oats,) 1. ଖାଦ୍ୟୋପଯୋଗୀ ମଞ୍ଜିଯୁକ୍ତ ଘାସ ବିଶେଷ; 2. ଓଟ୍ ଶସ୍ୟର ମଞ୍ଜି; 3. ଓଟ୍ ନାଡ଼ର ବଂଶୀ; 4. ମେଷପାଳକ ସମ୍ବନ୍ଧୀୟ ଗାନ ।—To sow one's wild oats, ଯୁବା କାଳରେ ଇନ୍ଦ୍ରିୟ ସେବା-କ ।
Oaten, *n.* ଓଟ ଶସ୍ୟ ନାଳ ବା ଅଟାରେ ତିଆରି ।
Oatmeal, *n.* ଓଟ୍ ଶସ୍ୟର ଅଟା ।
Oath, *n.* ପଣ, ଶପଥ ।—Upon one's oath, ସତ୍ୟ ବ୍ରତରେ ।
Obbligato, *n.* ଗାନର ସହିତାଙ୍କି ବାଦ୍ୟସ୍ୱର ।
Obduracy, *n.* 1. ଧେଣ୍ଡାବସ୍ଥା; 2. ଅନ୍ତଃକରଣ କାଠିନ୍ୟ ।
Obdurate, *a.* 1. କଠିନମନା; 2. କୁକର୍ମରେ ଦୃଢ଼ୀ; 3. ଧେଣ୍ଡା; 4. କର୍କଶ, ନିର୍ଦ୍ଦୟ ।
Obdurateness, *n.* କାଠିନ୍ୟ, ନିର୍ଦ୍ଦୟତା ।
Obedience. *n.* 1. ଆଜ୍ଞାବହତା, ବଶୀଭୂତତା, ଅଧୀନତା; 2. ଆଜ୍ଞାପାଳନ ।
Obedient, *a.* ଆଜ୍ଞାବହ, ଆଜ୍ଞାଧୀନ, କର୍ତ୍ତବ୍ୟପରାୟଣ ।
Obediently, *ad.* ଆଜ୍ଞାଧୀନଭାବେ ।
Obeisance, *n.* 1. ପ୍ରଣାମ, ପ୍ରଣିପାତ; 2. ନମସ୍କାର; 3. ରାଜପୂଜା ।
Obelisk, *n.* 1. ଉଚ୍ଚ ଚତୁଷ୍କୋଣ ଚୂଡ଼ାଯୁକ୍ତ ପ୍ରସ୍ତର ସ୍ତମ୍ଭ; 2. ପୁସ୍ତକର ପାର୍ଶ୍ୱରେ ମନ୍ତବ୍ୟ କଥାର ଦ୍ୱିତୀୟ ଚିହ୍ନ, ଯଥା †
Obese, *a.* 1. ସ୍ଥୂଳକାୟ; 2. ମାଂସଳ ।
Obesity, *n.* ଅତିସ୍ଥୂଳକାୟତ୍ୱ ।
Obey, *v.t.* 1. ମାନିବା; 2. ଆଜ୍ଞାପାଳନ-କ ।—*v.i.* ଆଜ୍ଞାବହ-ହେ, ବଶୀଭୂତ-ହେ, ଅନୁଗତ-ହେ ।
Obeyer, *n.* ଆଜ୍ଞାକାରୀ ।
Obit, *n.* 1. ମୃତ୍ୟୁ; 2. ମରଣସମ୍ବାଦ; 3. ଅନ୍ତ୍ୟେଷ୍ଟିକ୍ରିୟା; 4. ମରଣର ବାର୍ଷିକ ଦିନ ବା ତତ୍କାଳୀନ ଉପାସନା ।
Obitnary, *a.* ମରଣସମ୍ବନ୍ଧୀୟ ।—*n.* ମୃତ ବ୍ୟକ୍ତିଙ୍କ ବିବରଣ ବା ମରଣ ସମ୍ବାଦ ।
Object, *v.t. ob-jekt'*, ଆପତ୍ତି-କ, ଓଜର-କ, ଖଣ୍ଡନ-କ । *v.i.* ବିରୁଦ୍ଧ-ହେ ।
Object, *ob'jekt*, 1. ପଦାର୍ଥ, ବସ୍ତୁ, ବିଷୟ; 2. ଲକ୍ଷ୍ୟ; 3. ବାଞ୍ଛିତ ବିଷୟ; 4. ଉଦ୍ଦେଶ୍ୟ, ଅଭିପ୍ରାୟ; 5. (*Gram.*) କର୍ମ ।
Object-finder, *n.* ପଦାର୍ଥର ସ୍ଥିତି ସ୍ଥିର କରଣାର୍ଥେ ଅଣୁବୀକ୍ଷଣ ଯନ୍ତ୍ରର ଏକ ଭାଗ ।
Object-glass, *n.* ଦର୍ଶିତ ବସ୍ତୁର ନିକଟରେ ଥିବା ଦୂରବୀକ୍ଷଣ ବା ଅଣୁବୀକ୍ଷଣ ଯନ୍ତ୍ରର କାଚ ।
Objection, *n.* 1. ଆପତ୍ତିକରଣ; 2. ଆପତ୍ତି, ବାଧା, ବିତର୍କ ।
Objectionable, *n.* ଆପତ୍ତିଜନକ, ବାଧାଯୋଗ୍ୟ, [ବିବାଦଯୋଗ୍ୟ ।
Objectionably, *ad.* ଆପତ୍ତିଜନକରୂପେ ।
Objective, *a.* 1. ବାହ୍ୟ ବସ୍ତୁ ସମ୍ବନ୍ଧୀୟ; 2. ବାସ୍ତବିକ; 3. (*Gram.*) କର୍ମ ପଦୀୟ ।—*n.* 1. କର୍ମପଦ; 2. ସୈନ୍ୟସମୂହର କାର୍ଯ୍ୟକଳାପର ଲକ୍ଷ୍ୟ ସ୍ଥଳ ।

Objectively, *ad.* ବାସ୍ତବିକରୂପେ, ବାହ୍ୟିକଭାବେ ।
Objectivity, *n.* ବାସ୍ତବିକତ୍ୱ ।
Objector, *n.* ଆପତ୍ତିକାରୀ ।
Objure, *v.i.* ଶପଥ ଦ୍ୱାରା ଆବଦ୍ଧ-କ ।
Objuration, *n.* ଶପଥ ଦ୍ୱାରା ଆବଦ୍ଧକରଣ ।
Objurgation, *n.* 1. ଭର୍ତ୍ସନାକରଣ; 2. ଅନୁଯୋଗ ।
Objurgate, *v.t.* ଅନୁଯୋଗ-କ ।
Objurgatory, *a.* ଅନୁଯୋଗ ପ୍ରକାଶକ ।
Oblate, *a.* କମଳା ପରି ବିପରୀତାଗ୍ରମୁଖେ ଚେପ୍ଟା ।
Oblation, *n.* 1. ଯଜ୍ଞକରଣ; 2. ହୋମ, ନୈବେଦ୍ୟ ।
Obligate, *v.t.* କୌଣସି କର୍ମସୂତ୍ରରେ ନିୟମଦ୍ୱାରା ଆବଦ୍ଧ-କ ।
Obligato, see Obbligato.
Obligation, *n.* 1. ବାଧିତକରଣ; 2. ଧର୍ମବନ୍ଧନ, କର୍ତ୍ତବ୍ୟ, ଔଚିତ୍ୟ; 3. ଦାୟିତ୍ୱ; 4. (Law) କରାର ନାମା, ନିବନ୍ଧ ।
Obligatory *a.* ଅନୁବନ୍ଧନୀୟ, ଅପରିହାର୍ଯ୍ୟ, କର୍ତ୍ତବ୍ୟ ।
Oblige, *v.t.* 1. ବାଧ୍ୟ-କ; 2. ବାଧିତ-କ; 3. ଅନୁଗ୍ରହ-କ ।
Obliging, *a.* ଅନୁଗ୍ରାହକ, ଉପକାରୀ ।
Obligingly, *ad.* ଅନୁଗ୍ରାହକରୂପେ ।
Oblique, *a.* 1. ଢାଲୁ, ତିର୍ଯ୍ୟକ୍; 2. ଅସ୍ପଷ୍ଟ; 3. (*Gram.*) ବିଭକ୍ତ୍ୟନ୍ତ ପଦ ବୋଧକ ।
Obliquely, *ad*, ଢାଲୁଭାବେ ।
Obliqueness, *n.* ତିର୍ଯ୍ୟକ୍ ଅବସ୍ଥା, ବକ୍ରତା ।
Obliquity, *n.* 1. ଢାଲୁଭାବ; 2. ଭ୍ରମ, ଅସଦାଚାର ।
Obliterate *v.t.* 1. ଲୋପ-କ, ଲିଭାଇବା; 2. କ୍ଷୟ-କ, ବିନାଶ-କ ।
Obliteration, *n.* 1 ଲୋପକରଣ; 2. ନିର୍ବାଣ, ବିନାଶ ।
Oblivion, *n.* 1. ବିସ୍ମରଣ; 2. ବିସ୍ମୃତି; 3. ଦୋଷ-ମାର୍ଜନା ।
Oblivious, *a.* 1. ବିସ୍ମରଣକାରୀ, ବିସ୍ମରଣଶୀଳ; 2. ଅନ୍ୟମନସ୍କ; 3. ବିସ୍ମୃତିଜନକ ।
Oblong, *a.* ଦୀର୍ଘଚତୁରସ୍ର ।—*n.* ଆୟତକ୍ଷେତ୍ର ।
Oblongish, *a.* ଆୟତକ୍ଷେତ୍ର ସଦୃଶ ।
Obloquy, *n. ob'lo-kwi*, 1. ଗ୍ଲାନି, ନିନ୍ଦା; 2. ଅଯଶ ।
Obnoxious, *a.* 1. ଘୃଣାଜନକ, କୁତ୍ସିତ; 2. ଦଣ୍ଡ୍ୟ, ଦାୟୀ ।
Obnoxiously, *ad.* ଘୃଣ୍ୟରୂପେ ।
Oboe, *n.* କାହାଳୀ ପରି ଛିଦ୍ରଯୁକ୍ତ ବାଦ୍ୟଯନ୍ତ୍ର ବିଶେଷ ।
Obscene, *a.* 1. ଅଶ୍ଳୀଳ; 2. ନିର୍ଲଜ୍ଜ; 3. ଲମ୍ପଟୀୟ; 4. ଅଶୁଚି ।
Obsceneness, Obscenity, *n.* ଅଶ୍ଳୀଳତା, ଲାମ୍ପଟ୍ୟ ।
Obscurantism, *n.* ସଂସ୍କାରବିରୁଦ୍ଧବାଦ ।
Obscure, *a.* 1. ଘୋର; 2. ଅସ୍ପଷ୍ଟ; 3. ଦୁର୍ବୋଧ; 4. ଅବୁଝା; 5. ଅପରିଚିତ; 6. ଅପ୍ରସିଦ୍ଧ ।
Obscurity, *n.* 1. ଅନ୍ଧକାର; 2. ଅସ୍ପଷ୍ଟତା; 3. ଦୁର୍ବୋଧତା; 4. ଅପ୍ରସିଦ୍ଧାବସ୍ଥା ।
Obsequies, *n. pl.* ଅନ୍ତ୍ୟେଷ୍ଟିକ୍ରିୟା ।
Obsequious, *a.* ଚରଣସେବକ, ଅତିରିକ୍ତ ଝୁଙ୍କିବାଲା ।
Obsequiousness, *n.* ତୋଷାମଦି, ଚରଣସେବକତା ।
Observable, *a.* 1. ଅବଲୋକନୀୟ, ଦୃଶ୍ୟ; 2. ମନୋଯୋଗ୍ୟ; 3. ପ୍ରଚଳିତ ।
Observance, *n.* 1. ଅବଲୋକକରଣ; 2. ପ୍ରତିପାଳନ; 3. ବ୍ରତ, ଉପାସନା ।
Observant, *a.* 1. ଅତି ମନୋଯୋଗୀ, ସତର୍କ; 2. ନିଷ୍ଠାପର ।
Observantly, *ad.* ମନୋଯୋଗ ପୂର୍ବକ ।
Observation, *n.* 1. ଅବଲୋକନ; 2. ମନୋଯୋଗ; 3. ନିରୀକ୍ଷଣ, ପରିଦର୍ଶନ; 4. ଉକ୍ତି, ମନ୍ତବ୍ୟ ।
Observatory, *n. ob-zerv'a-tori*, ଆକାଶ ବା ଭୂମଣ୍ଡଳସ୍ଥ ବିଷୟମାନଙ୍କ ପରିଦର୍ଶନାର୍ଥେ ଘର ।
Observe, *v.t.* 1. ଅବଲୋକନ-କ; 2. ଅବଧାନ-କ, ମନୋଯୋଗ-କ; 3. ନିରୀକ୍ଷଣ-କ, ସ୍ଥିର ଦୃଷ୍ଟି-କ; 4. କହିବା, ଉକ୍ତି-କ; 5. ପାଳିବା; 6. ମାନିବା; 7. ପ୍ରତି-ପାଳନ-କ ।—*v.i.* ସମାଲୋଚନା-କ ।
Observer, *n.* ଅବଲୋକନକାରୀ, ଦର୍ଶକ ।
Observing, *a.* ମନୋଯୋଗୀ ।
Observingly, *ad.* ମନୋଯୋଗିରୂପେ ।
Obsersion, *n.* 1. ଉତ୍କ୍ରମଣ; 2. ଘେର ଦ୍ୱାରା ଅବରୋଧକରଣ ।
Obsolete, *a.* ବ୍ୟବହାରାତୀତ, ଅଚଳନୀୟ ।
Obstacle, *n.* ବିଘ୍ନ, ବାଧା, ପ୍ରତିବନ୍ଧ, ବ୍ୟାଘାତ ।—Obstacle race, ବାଧା ଅତିକ୍ରମକ ଦୌଡ଼ ।
Obstinacy, *n.* 1. ଏକଗୁଣ୍ଡିଆମି; 2. ଥେଙ୍କାପଣିଆ; 3. ଅମାନ୍ୟତ୍ୱ ।
Obstinate, *a.* 1. ଏକଗୁଣ୍ଡିଆ; 2. ଥେଙ୍କା; 3. ଅବାଧ୍ୟ; 4. ଅମାନିଆ ।
Obstinately, *ad.* ଏକଗୁଣ୍ଡିଆଭାବେ, ଅବାଧ୍ୟରୂପେ ।
Obstinateness, *n.* ଅବାଧ୍ୟତା ।
Obstreporous, *a.* ବଡପାଟିଆ, କୋଳାହଳକାରୀ, ନିନାଦୀ ।
Obstreporously, *ad.* ନିନାଦରେ ।
Obstruct, *v.t.* 1. ପ୍ରତିରୋଧ-କ, ପ୍ରତିବନ୍ଧ-କ; 2. ବାଧା-ଦେ; 3. ଅଟକ-କ ।
Obstructer, Obstructor, *n.* ପ୍ରତିବନ୍ଧକାରୀ ।
Obstruction, *n.* 1. ପ୍ରତିବନ୍ଧକରଣ; 2. ପ୍ରତିରୋଧ, ବାଧା, ବ୍ୟାଘାତ ।
Obstructive, *a.* ପ୍ରତିବନ୍ଧକ, ବ୍ୟାଘାତଜନକ ।
Obstruent, *a.* ରୋଧକ, ନିବାରକ ।
Obtain, *v.t.* 1. ପାଇବା, ମିଳିବା; 2. ଧରିବା, ଲଭିବା, ଲାଭ-କ, ଉପାର୍ଜ୍ଜନ-କ ।—*v.i.* ପ୍ରଚଳିତ-ହେ ।
Obtainable, *a.* ଲଭ୍ୟ, ପ୍ରାପ୍ୟ ।
Obtrade, *v.t.* ଅନ୍ୟର ଅନିଚ୍ଛା ସତ୍ତ୍ୱେ ଉପରେ ପକାଇବା ।—*v.i.* ଉପରପଡ଼ା-ହେ, ଅନାହୂତ ଭାବରେ ନିଜକୁ ଭର୍ତ୍ତି-କ ।
Obtruder, *n.* 1. ଅନାହୂତ ଭାବରେ ନିଜକୁ ଭର୍ତ୍ତି କରିବା ଲୋକ; 2. ଅନଧିକାରରେ ପ୍ରବେଶକାରୀ ।
Obtrusion, *n.* ଅନଧିକାର ଚର୍ଚ୍ଚାକରଣ ।
Obtrusive, *a.* ଅନଧିକାର ଚର୍ଚ୍ଚାଶୀଳ, ଧୃଷ୍ଟ ।
Obtrusively, *ad.* ଧୃଷ୍ଟରୂପେ ।

Obtuse, *a.* 1. (Geom.) ସ୍ଥୂଳ; 2. (Bot.) ମୁଣ୍ଡସ୍ଥୂଳ; 3. ଅତୀକ୍ଷ୍ଣ; 4. ମୋଟାବୁଦ୍ଧିଆ; 5. ଅକର୍କଶ ।—Obtuse angle, ସ୍ଥୂଳକୋଣ ।

Obtusely, *ad.* ମୋଟାବୁଦ୍ଧିଆପରି ।

Obtuseness, *n.* ସ୍ଥୂଳତା ।

Obtusity, *n.* ମୋଟା ବୁଦ୍ଧି ।

Obverse, *a.* ଅଭିମୁଖୀନ ।—*n.* 1. ମୁଦ୍ରାର ପ୍ରଜାମୂର୍ତ୍ତି-ଅଙ୍କିତ ପାର୍ଶ୍ୱ; 2. ପକ୍ଷାନ୍ତର ମତ ।

Obversely, *ad.* ପକ୍ଷାନ୍ତରଭାବେ ।

Obversion *n.* ଅଭିମୁଖକରଣ ।

Obvert, *v.t.* ଅଭିମୁଖ-କ ।

Obviate, *v.t.* 1. ବାରଣ-କ; 2. ଅସୁବିଧା ଦୂର-କ; 3. ପୂର୍ବରୁ ଆପତ୍ତି ଆଦି ଖଣ୍ଡନ-କ ।

Obvious, *a.* 1. ସୁସ୍ପଷ୍ଟ; 2. ସୁଗୋଚର; 3. ପ୍ରତ୍ୟକ୍ଷ ।

Obviously, *ad.* ପ୍ରତ୍ୟକ୍ଷରୂପେ, ସୁସ୍ପଷ୍ଟଭାବେ ।

Obviousness, *n.* ସୁସ୍ପଷ୍ଟତା, ପ୍ରତ୍ୟକ୍ଷତା ।

Ocarina, *n.* ମାଟିରେ ଗଢା ଅମ୍ବଆକାର ଫୁଙ୍କି ବଜାଇବା ଏକପ୍ରକାର ବାଜା ।

Occasion, *n.* 1. ବିଶେଷ ସମୟ; 2. ପ୍ରୟୋଜନ; 3. କାରଣ; 4. ଘଟଣା, ସୁଯୋଗ ।—*v.t.* କରାଇବା, ଘଟାଇବା ।—By occasion of, କାରଣ ବଶତଃ । On occasion, ପ୍ରୟୋଜନାନୁସାରେ, ସୁଯୋଗମାତ୍ରେ, ସମୟକୁ ସମୟ । To take occasion, ସୁଯୋଗ ଧରିବା ।

Occasional, *a.* 1. ସାମୟିକ; 2. ବେଳା; 3. ସୁଯୋଗରୁ ଘଟିତ ।

Occasionally, *ad.* 1. ସମୟେ; 2. ପ୍ରୟୋଜନମତେ ।

Occident, *n.* 1. ପଶ୍ଚିମ, ସୂର୍ଯ୍ୟାସ୍ତ ଦିଗ ।

Occidental, *a.* 1. ପଶ୍ଚିମ ଦିଗବର୍ତ୍ତୀ; 2. ପାଶ୍ଚାତ୍ୟ; 3. (ମଣି ସମ୍ବନ୍ଧେ) କମ୍ ମୂଲ୍ୟର ।—*n.* ପାଶ୍ଚାତ୍ୟ ଦେଶ ନିବାସୀ ।

Occidentalise, *v.t.* ପାଶ୍ଚାତ୍ୟ ପ୍ରତ୍ୟନୁଯାୟୀ-କ ।

Occidentalist, *n.* 1. ପାଶ୍ଚାତ୍ୟ ମତ ପୋଷକ; 2. ପାଶ୍ଚାତ୍ୟ ଦେଶର ବିଷୟ ବେତ୍ତା ।

Occiput, *n.* *ok-si-put*, ମସ୍ତକର ପଶ୍ଚାଦ୍ଭାଗ ।

Occipital, *a.* ମସ୍ତକର ପଶ୍ଚାଦ୍ଭାଗ ସମ୍ବନ୍ଧୀୟ ।—*n.* ମସ୍ତକର ପଛ ଅସ୍ଥି ।

Occlusion, *n.* 1. (Path.) ରୋମ କୂପ ଆଦି ରୁଦ୍ଧକରଣ; 2. (Chem.) ବାଷ୍ପ ଆଦି ଶୋଷଣ ।

Occult, *a.* 1. ଗୁପ୍ତ, ଗୂଢ଼; 2. ଅଜ୍ଞାତ, ଦୁର୍ଜ୍ଞେୟ ।

Occult sciences, *n. pl.* ଗଣନାବିଦ୍ୟା ପ୍ରଭୃତି ।

Occultation, *n.* 1. ନକ୍ଷତ୍ର ନକ୍ଷତ୍ରକୁ ଆଚ୍ଛାଦନକରଣ; 2. ନକ୍ଷତ୍ରାଦିର ଅଦୃଶ୍ୟ ଅବସ୍ଥା ।

Occultism, *n.* ବ୍ରହ୍ମଜ୍ଞାନ ପ୍ରଭୃତି ଗୂଢ଼ ବିଦ୍ୟା ।

Occultist, *n.* ଗୂଢ଼ ବିଦ୍ୟା ଅଭ୍ୟାସକାରୀ ।

Occupancy, *n.* 1. ଅଧିକାରକରଣ; 2. ଦଖଲ; 3. ଭୋଗକାଳ ।

Occupant, *n.* ଅଧିକାରୀ, ଭୋଗକାରୀ, ଦଖଲକାରୀ ।

Occupation, *n.* 1. ଅଧିକାରକରଣ; 2. ଦଖଲ; 3. ବ୍ୟବସାୟ, କାର୍ଯ୍ୟ, ବୃତ୍ତି ।

Occupier, *n.* ଅଧିକାରୀ, ଦଖଲକାର ।

Occupy, *v.t.* 1. ଜାଗା ନେବା, ସ୍ଥାନ ମାଡ଼ି ବସିବା; 2. ଯାପନ-କ; 3. ଧରିବା, ଅଧିକାର-କ; 4. ଦଖଲ-କ; 5. କାର୍ଯ୍ୟ ଯୋଗାଇବା; 6. ପଦଅଧିକାର-କ ।—*v.i.* ବାଣିଜ୍ୟ-କ ।

Occur, *v.i.* 1. ମନେ ପଡ଼ିବା, ମନରେ ଉଦୟ-ହେ; 2. ଘଟିବା; 3. ଦେଖାଯିବା ।

Occurrence, *n.* ଘଟନା, ଦୈବଘଟନା ।

Ocean, *n.* 1. ପୃଥିବୀର ଲବଣାକ୍ତ ଜଳଭାଗ; 2. ମହାସାଗର, ସିନ୍ଧୁ, ଅର୍ଣ୍ଣବ; 3. ପ୍ରକାଣ୍ଡ ବସ୍ତୁ; 4. ଅସୀମ ପରିମାଣ ।

Ocean-basin, *n.* ଅର୍ଣ୍ଣବାଧାର ।

Oceanic, *a.* 1. ମହାସାଗର ସମ୍ବନ୍ଧୀୟ; ସିନ୍ଧୁ ପରି ପ୍ରଶସ୍ତ; 3. ଅର୍ଣ୍ଣବବାସୀ ।

Ocellated, *a.* ମୟୂର ପୁଚ୍ଛ ପରି ଚକ୍ଷୁବତ୍ ଚିହ୍ନିତ ।

Ocellus, *n.* ମୟୂର ପୁଚ୍ଛରେ ଚକ୍ଷୁବତ୍ ଚିହ୍ନ ।

Ochre, *n.* ରଙ୍ଗରେ ବ୍ୟବହୃତ ଲୌହଯୁକ୍ତ ମୃତ୍ତିକା ।—Red ochre, ଗେରୁମାଟି । Yellow ochre, ହରିତାଳ ।

Ochreous, *a.* ଗେରୁମାଟିମୟ ।

Ochry, *a.* ଗେରୁମାଟିଧର୍ମକ ।

Octachord, *n.* 1. ଅଷ୍ଟତାରଯୁକ୍ତ ବାଦ୍ୟଯନ୍ତ୍ର; 2. ଅନୁକ୍ରମିକ ଅଷ୍ଟ ସ୍ୱର ।

Octagon, *n.* ଅଷ୍ଟ ଭୁଜ ଓ କୋଣ ବିଶିଷ୍ଟ କ୍ଷେତ୍ର ।

Octagonal, *a.* ଅଷ୍ଟ ଭୁଜ ଓ କୋଣ ବିଶିଷ୍ଟ ।

Octahedron, *n.* ଅଷ୍ଟମୁଖ ବିଶିଷ୍ଟ ଘନ ବସ୍ତୁ ।

Octangular, *a.* ଅଠକୋଣିଆ ।

Octant, *n.* 1. ବୃତ୍ତର ଅଷ୍ଟମାଂଶ; 2. କୋଣ ମାପିବା ଯନ୍ତ୍ର; 3. ଦୁଇ ନକ୍ଷତ୍ରର ପରସ୍ପର ଦୂରତ୍ୱ ।

Octave, *a.* 1. ଅଷ୍ଟଯୁକ୍ତ; 2. ଅଠଧାଡ଼ିଆ; 3. ଅଷ୍ଟ ସ୍ୱର ସମ୍ବନ୍ଧୀୟ ।—*n.* 1. ଅଷ୍ଟମାଂଶ; 2. ଅଷ୍ଟକ ସମାହାର; 3. ମଣ୍ଡଳୀର ପର୍ବ ଦିନଠାରୁ ଅଷ୍ଟମ ଦିବସ; 4. (Mus.) ଅଷ୍ଟସ୍ୱର, ସା-ରି-ଗା-ମା ଆଦିରେ ସାଠାରୁ ଦ୍ୱିତୀୟ ସା ବା ପାଠାରୁ ଦ୍ୱିତୀୟ ପା ଇତ୍ୟାଦ ଯେଉଁ ସ୍ୱର-ପ୍ରଭେଦ, କୌଣସି ତାର ଏକ କମ୍ପରେ ଯେତେ ଥର ହଲେ ସେହି ତାର ଉକ୍ତ ସମୟରେ ତହିଁର ଅର୍ଦ୍ଧେକ ବା ଦୁଇ ଗୁଣ ହଲିବା ହାର ଯେଉଁ ସ୍ୱର ଜାତ କରେ ତହିଁର ପ୍ରଭେଦ ।

Octavo, *a.* ଫର୍ଦ୍ଦରେ ଅଠ ପୃଷ୍ଠିଆ ।—*n.* ଏକ ଫର୍ଦ୍ଦରେ ଅଠ ପୃଷ୍ଠା ହୋଇଥିବା ପୁସ୍ତକ ।

Octennial, *a.* 1. ଅଷ୍ଟବାର୍ଷିକ, ଅଠ ବର୍ଷ ଅନ୍ତେ ଘଟୁଥିବା; 2. ଅଠବର୍ଷିଆ ।

Octennially, *ad.* ଅଷ୍ଟବାର୍ଷିକରୂପେ ।

October, *n.* ବର୍ଷର ଦଶମ ମାସ, ଅକ୍ଟୋବର ମାସ ।

Octogenarian, *n.* ଅଶୀତିବର୍ଷୀୟ ବ୍ୟକ୍ତି ।—*a.* ଅଶୀତି ବର୍ଷୀୟ ।

Octohedron, *n.* same as Octahedron.

Octolateral, *a.* ଅଷ୍ଟଭୁଜବିଶିଷ୍ଟ ।

Octonocular, *a.* ଅଷ୍ଟଚକ୍ଷୁବିଶିଷ୍ଟ ।

Octopetalous, *a.* ଅଷ୍ଟଦଳ ।
Octopus, *n.* 1. ଅଠ ଭୁଜଯୁକ୍ତ ସାମୁଦ୍ରିକ ଜନ୍ତୁ; 2. ସର୍ବତ୍ର-ଚରବ୍ୟାପୀ କୌଣସି କ୍ଷତିକାରକ ବ୍ୟାପାର ।
Octosyllabic, *a.* ଅଷ୍ଟପଦାଂଶଯୁକ୍ତ ।
Octroi, *n.* 1. ସରକାର ଦତ୍ତ ବାଣିଜ୍ୟ କ୍ଷମତା; 2. ଜନସ୍ୱତ୍ୱ ସହରରେ ପ୍ରବେଶିବା କର, ମାଶୁଲ, ଘାଟି; 3. ଘାଟିଘର ।
Octuple, *a.* ଅଷ୍ଟଗୁଣ ।
Ocular, *a.* 1. ଚକ୍ଷୁ ସମ୍ବନ୍ଧୀୟ; 2. ପ୍ରତ୍ୟକ୍ଷ; 3. ଦୃଷ୍ଟ ।
Ocularly, *ad.* ପ୍ରତ୍ୟକ୍ଷରୂପେ । [ଚିହ୍ନିତ ।
Oculate, Oculated, *a.* 1. ଚକ୍ଷୁବିଶିଷ୍ଟ; 2. ଚକ୍ଷୁବତ୍
Oculist, *n.* ନେତ୍ରରୋଗ ଚିକିତ୍ସକ ।
Odd, *a.* 1. ବିଷମ, ବିଯୋଡ, ଅସମ; 2. ପୂର୍ଣ୍ଣ ସଂଖ୍ୟା ଉପରୁ ଅବଶିଷ୍ଟାଂଶ; 3. ଅସାଧାରଣ; 4. ଅନିୟମିତ; 5. ଖଣ୍ଡିତ, ଯୋଡିଏ । [ସଭ୍ୟ ।
Odd-Fellow, *n.* ପରୋପକାରୀ ଗୁପ୍ତ ସମାଜ ବିଶେଷର
Oddity, *n.* 1. ବୈଷମ୍ୟ; 2. ଅଦ୍ଭୁତତ୍ୱ; 3. ଅସାଧାରଣ ଲୋକ ବା ବିଷୟ ।
Oddment, *n.* 1. ଅବଶିଷ୍ଟାଂଶ; 2. ଅସମ ପଦାର୍ଥ, ଶ୍ରେଣିର ବହିର୍ଭୂତ ବସ୍ତୁ ।
Oddness, *n.* ବିଷମତା, ଅସାଧାରଣତା ।
Odds, *n. pl.* 1. ଅସମତା; 2. ଆଧିକ୍ୟ; 3. ଜୟପ୍ରାପ୍ତି । —Odds and ends, ଅବଶିଷ୍ଟାଂଶ, ଅପଦାର୍ଥ । At odds, ପରସ୍ପର ବିରୁଦ୍ଧ ।
Ode, *n.* 1. ଅନିୟମିତ ଛନ୍ଦବିଶିଷ୍ଟ ଗାନ; 2. ଗମ୍ଭୀର ବିଷୟକ କାବ୍ୟ ବିଶେଷ, ସ୍ତବଗାନ; 3. ଗୀତୋପଯୋଗୀ କାବ୍ୟପୁର ।
Odeon, Odeum, *n.* ନାଟ୍ୟଶାଳା ।
Odin, *n.* ପୁରାତନ ସ୍କାଣ୍ଡିନେବିଅ ଦେଶର କାଳ୍ପନିକ ଶାସ୍ତ୍ରାନୁଯାୟୀ ପରମ ଈଶ୍ୱର ।
Odious, *a.* 1. ଘୃଣାର୍ହ, ଅରୁଚିକର, କୁତ୍ସିତ; 2. ଘୃଣାଜନକ ।
Odiously, *ad.* ଘୃଣାର୍ହରୂପେ ।
Odiousness, *n.* ଘୃଣ୍ୟତା ।
Odium, *n.* 1. ଘୃଣା; 2. ଦୋଷାରୋପ, ଦୁର୍ନାମ; 3. ଘୃଣାଜନକତା ।
Odontalgia, *n.* ଦନ୍ତଶୂଳ ।
Odontalogy, *n.* ଦନ୍ତ ବିଜ୍ଞାନ । [ଯୁକ୍ତ ।
Odoriferous, *a.* 1. ଗନ୍ଧଯୁକ୍ତ; 2. ସୁବାସିତ, ସୁରଭି-
Odorous, *a.* ସୁଗନ୍ଧି, ସୁଘ୍ରାଣମୟ ।
Odorously, *ad.* ସୁଗନ୍ଧିରୂପେ ।
Odour, *n.* 1. ବାସନା, ଗନ୍ଧ; 2. ସୁବାସ; 3. ଖ୍ୟାତି ।
Odourless, *a.* ଗନ୍ଧହୀନ ।
Odyssey, *n.* ଗ୍ରୀକ୍ ଭାଷାରେ ହୋମର୍ ଦ୍ୱାରା ରଚିତ ଐତିହାସିକ ମହାକାବ୍ୟ ।
O'er, *n.* Contracted from *Over.*
Œcumenical, see Ecumenical.
Œsophagus, *n.* ଅନ୍ନନାଳୀ ।
Of, *prep.* 1. ର; 2. ଦ୍ୱାରା; 3. ନିମିତ୍ତ; 4. ନାମକ; 5. ରୁ, ଠାରୁ; 6. ବିଷୟେ, ସମ୍ବନ୍ଧେ; 7. ମଧ୍ୟରେ ।—Of late ସମ୍ପ୍ରତି । Of purpose, ଜାଣିଶୁଣି ।
Off, *ad.* 1. ଦୂରେ; 2. ସମ୍ପୂର୍ଣ୍ଣରୂପେ ।—*a.* 1. ଦୂରସ୍ଥ; 2. ଶାଖାସ୍ୱରୂପ; 3. ଅବସର ସୂଚକ; 4. (Cricket) ପେଣ୍ଡୁ ଚଳାଉଥିବା ଲୋକର ବାମ ପାର୍ଶ୍ୱସ୍ଥ; 5. (Print.) ସମାପ୍ତ; 6. (Colloq.) ଅବସ୍ଥାପନ୍ନ; 7. (Colloq.) ଭ୍ରାନ୍ତ ।—Off hand, ବିବେଚନା ରହିତ । Off and on ସମୟେ ସମୟେ । Off side, ଅଠିକ ପାର୍ଶ୍ୱସ୍ଥ । To tell off, 1. ଗଣନା-କ; 2. କାର୍ଯ୍ୟ ବଣ୍ଟାଇବା । Off one's feed, କ୍ଷୁଧାବର୍ଜିତ । —*prep.* ରୁ, ଦୂରରୁ ।—*interj.* ଦୂର୍! ଦୂର ହୁଅ !
Offal, *n.* 1. ଅଳିଆ; 2. ଅନ୍ତ୍ର ଆଦି ଅଭକ୍ଷ୍ୟ ମାଂସ; 3. ମଳ; 4. ଅକାର୍ଯ୍ୟକର ପଦାର୍ଥ ।
Offence, *n.* 1. କ୍ରୋଧ ବା ଅସନ୍ତୋଷଜନକ ବିଷୟ ବା ବସ୍ତୁ; 2. ଅପରାଧ, ଦୋଷ; 3. ଆକ୍ରମଣ; 4. ବିଘ୍ନ ।—To give offence, ଅସନ୍ତୋଷ ଜାତ କରାଇବା । To take offence, ଅସନ୍ତୁଷ୍ଟ ବୋଧ-କ ।
Offenceless, *a.* ନିରପରାଧ, ନିର୍ଦ୍ଦୋଷ ।
Offender, *n.* ଦୋଷୀ, ଅପରାଧୀ ।
Offend, *v.t.* 1. କ୍ରୋଧାନ୍ୱିତ-କ, ଅସନ୍ତୁଷ୍ଟ-କ; 2. କ୍ଷତିଗ୍ରସ୍ତ -କ; 3. (Bible) ବିଘ୍ନ ଜନ୍ମାଇବା ।—*v.i.* 1. ଅପରାଧ -କ, ଦୋଷ-କ; 2. ଅସନ୍ତୋଷ ଜନ୍ମାଇବା ।
Offensive, *a.* 1. ଅସନ୍ତୋଷଜନକ; 2. ଅପ୍ରୀତିକର; 3. ଆକ୍ରମକ; 4. କ୍ଷତିକାରକ ।—*n.* ଆକ୍ରମଣକାରୀର ଅବସ୍ଥା ।
Offensively, *ad.* ଅସନ୍ତୋଷଜନକରୂପେ ।
Offensiveness, *n.* ଅସନ୍ତୋଷଜନକତା ।
Offer, *v.t.* 1. ଅର୍ପଣ-କ; 2. ଦେବାକୁ ଚାହିଁବା; 3. ପ୍ରସ୍ତାବ-କ; 4. ଚେଷ୍ଟା-କ; 5. ଉତ୍ସର୍ଗ-କ, ବଳିଦାନ-କ । —*v.i.* 1. ଉପସ୍ଥିତ-ହେ; 2. ଉଦ୍ୟତ-ହେ ।— *n.* 1. ଅର୍ପଣକରଣ; 2. ପ୍ରଥମ ଉଦ୍ୟମ; 3. ପ୍ରସ୍ତାବିତ ମୂଲ୍ୟ; 4. ବିବାହ ପ୍ରସଙ୍ଗ ।
Offerer. *n.* ଉତ୍ସର୍ଗକାରୀ ।
Offering, *n.* 1. ଦାନକାର୍ଯ୍ୟ; 2. ଦାନ; 3. ନୈବେଦ୍ୟ, ବଳିଦାନ ।
Offertory, *n.* 1. ଦାନକ୍ରିୟା; 2. ଉପହାର ଦ୍ରବ୍ୟ; 3. ମଣ୍ଡଳୀରେ ଟଙ୍କା ସଂଗ୍ରହ କରାଯିବା ସମୟର ସ୍ତବଗାନ; 4. ଧର୍ମ କାର୍ଯ୍ୟ ସକାଶେ ସଂଗୃହୀତ ଟଙ୍କା, ପଇସା ।
Office, *n.* 1. ନିରୂପିତ କାର୍ଯ୍ୟ; 2. ପଦ; 3. ବ୍ୟବସାୟ; 4. ଉପାସନା; 5. କାର୍ଯ୍ୟସ୍ଥଳ, ଦପ୍ତରଖାନା; 6. ଏକ କାର୍ଯ୍ୟସ୍ଥଳର କର୍ମଚାରୀସମୂହ ।—*pl.* ଭଲ ବା ମନ୍ଦ କ୍ରିୟାକଳାପ ।
Office-bearer, *n.* 1. ପଦଧାରୀ; 2. କର୍ମଚାରୀ ।
Officer, *n.* 1. ପଦସ୍ଥ ବ୍ୟକ୍ତି; 2 ସୈନ୍ୟଦଳ ବା ଯୁଦ୍ଧ ଜାହାଜରେ ନିଯୁକ୍ତ କର୍ମଚାରୀ ।—*v.t.* 1. କର୍ମଚାରୀ ନିଯୁକ୍ତ-କ; 2. କର୍ମଚାରୀରୂପେ କାର୍ଯ୍ୟ ନିର୍ବାହ-କ ।

Official, *a.* 1. ନିରୂପିତ ପଦ ସମ୍ବନ୍ଧୀୟ ; 2. କର୍ମଚାରୀଙ୍କ ଦ୍ୱାରା କୃତ ।—*n.* 1. କର୍ମଚାରୀ ; 2. ନିମ୍ନପଦସ୍ଥ କର୍ମଚାରୀ; 3. ଧର୍ମାଧ୍ୟକ୍ଷର ପ୍ରତିନିଧି ।

Officialism, *n.* 1. କର୍ମଚାରୀର ଅବସ୍ଥା; 2. କର୍ମଚାରୀ ପଦରେ ଅତିରିକ୍ତ ଆସକ୍ତି ।

Officialdom, *n.* କର୍ମଚାରୀବର୍ଗ ।

Officially, *ad.* କ୍ଷମତା ପୂର୍ବକ, ଅଧ୍ୟକ୍ଷତା ଅନୁସାରେ ।

Officiant, *n.* ଧର୍ମସେବା ପରିଚାଳକ ।

Officiate, *v.i.* ନିରୂପିତ ପଦର କାର୍ଯ୍ୟ ନିର୍ବାହ-କ ।

Offing, *n.* ତୀର ଓ ଚକ୍ରବାଳ ମଧ୍ୟରେ ଅର୍ଦ୍ଧେକରୁ ଅଧିକ ଦୂରସ୍ଥ ସମୁଦ୍ରର ଅଂଶ ।

Oft, Often, *ad.* 1. ଅନେକ ସମୟରେ ; 4. ଥରକୁ-ଥର, ବାରମ୍ବାର ।

Ofttimes, Oftentimes, *ad.* ବାରମ୍ବାର. ବହୁଥର ।

Ogle, *v.t.* କଟାକ୍ଷ-କ, ଅନୁରକ୍ତରେ ଅନାଇବା ।—*v.i.* ପ୍ରୀତିପୂର୍ଣ୍ଣ କଟାକ୍ଷ ପକାଇବା ।

Oh, *interj.* ବିସ୍ମୟ ବା ବେଦନାସୂଚକ ଅବ୍ୟୟ ।

Oho, *interj.* କୃତ୍ରିମ ବିସ୍ମୟସୂଚକ ଅବ୍ୟୟ ।

Oil, *n.* ତେଲ, ତୈଲ, ଜାତଫଳର ରସ ।—*v.t.* ତେଲ ଲଗାଇ-ଦେ, ତୈଲମର୍ଦ୍ଦନ-କ ।—To burn the midnight oil, ଅନେକ ରାତ୍ରି ପର୍ଯ୍ୟନ୍ତ ପଢ଼ିବା ।

Oil-bag, *n.* ଜନ୍ତୁମାନଙ୍କଠାରେ ଥିବା ତେଲମୁଣା ।

Oil-cake, *n.* ତୁଣପଟ ମଞ୍ଜିରୁ ତେଲ କଢ଼ାଗଲାଉତ୍ତାରେ ଅବଶିଷ୍ଟାଂଶ, ପୀଡ଼ିଆ ।

Oil-cloth, *n.* 1. ଚଟାଣର ଚିତ୍ରିତ ଲୁଗା ବିଶେଷ ; 2. 2. ମହମ ଲୁଗା ।

Oilery, *n.* ତେଲର ଜିନିସପତ୍ରାଦି ।

Oil-gas, *n.* ତେଲରୁ ଉତ୍ପନ୍ନ ବାଷ୍ପ ।

Oiliness, *n.* ତେଲିଆ ଗୁଣ, ଚିକ୍କଣ ଭାବ. ତୈଳାକ୍ତତା ।

Oil-painting, *n.* 1. ତେଲରଙ୍ଗ ଚିତ୍ର; 2. ତେଲରଙ୍ଗ ଚିତ୍ର ବିଦ୍ୟା ।

Oil-palm, *n.* ତୈଳୋତ୍ପାଦକ ତାଳ ଗଛ ।

Oily, *a.* ତେଲିଆ, ତୈଳମୟ ।

Ointment, *n.* 1. ପ୍ରଲେପ, ମଲମ; 2. ସୁଗନ୍ଧି ତୈଳ ।

Old, *a.* 1. ବୁଢ଼ା, ପ୍ରାଚୀନ; 2. ଜୀର୍ଣ୍ଣଶୀର୍ଣ୍ଣ ; 3. ପୂର୍ବ; 4. ପୁରାତନଧରଣର ; 5. ପୁରୁଣା, ପୁରାତନ; 6. ଜ୍ଞାନୀ ।

Old-clothes man, *n.* ବର୍ଜିତ ପୋଷାକ ଆଦି କିଣିବା ଲୋକ ।

Olden, *a.* ପୁରାତନ, ପ୍ରାଚୀନ ।—*v.i.* ବୁଢ଼ା-ହେ. ବୟସ [ହେତୁ ଶୀର୍ଣ୍ଣ-ହେ ।

Old-fashioned, *a.* 1. ପୁରାତନ ଧରଣର; 2. ଅପ୍ରଚଳିତ; 3. ପୂର୍ବପ୍ରଥା ପ୍ରିୟ; 4. ବୟସାଧିକ ଲୋକର ଧରଣବିଶିଷ୍ଟ ।

Oldish, କିଞ୍ଚିତ୍ ପୁରୁଣା ।

Oldmaid, *n.* ଅବିବାହିତା ବୟୋଧିକା ସ୍ତ୍ରୀ ।

Old Nick, *n.* ଶୟତାନ ।

Old Testament, *n.* ପୁରାତନ ନିୟମ, ଧର୍ମପୁସ୍ତକର ଆଦ୍ୟ [ଭାଗ ।

Old-world, *a.* 1. ପୂର୍ବକାଳୀନ ; 2. ପୁରାତନ ।—*n.* Old World, ପୃଥିବୀର ପୂର୍ବ ଗୋଲାର୍ଦ୍ଧ, ପୁରାତନ ଦେଶସମୂହ ।

Oleaginous, *a.* ତୈଳଯୁକ୍ତ. ଚିକ୍କଣ, ସ୍ନିଗ୍ଧ ।

Oleander, *n.* ନାଲି ବା ଧଳା ଫୁଲଯୁକ୍ତ ଚିରହରିତ ବୃକ୍ଷ ବିଶେଷ ।

Oleaster, *n.* ବନ୍ୟ ଜାତବୃକ୍ଷ ।

Olein, *n.* କେତେକ ତେଲିଆ ତରଳର ବିଶେଷ ଉପା- [ଦାନ ।

Olefiant, *a.* ତୈଳୋତ୍ପାଦକ ।

Oleograph, *n.* ତେଲରଙ୍ଗ ଚିତ୍ର ଅନୁରୂପ ଛାପା ଚିତ୍ର ।

Oleography, *n.* ତେଲରଙ୍ଗ ଚିତ୍ର ଅନୁରୂପ ଛାପା ଚିତ୍ର ପ୍ରସ୍ତୁତ କରିବା ବିଦ୍ୟା ।

Olfactory, *a.* ଘ୍ରାଣେନ୍ଦ୍ରିୟ ସମ୍ବନ୍ଧୀୟ, ଘ୍ରାଣବୋଧକ ।

Oligarchy, *n.* 1. କତିପୟ ବର୍ଗଙ୍କ ରାଜ୍ୟଶାସନ; 2. କତିପୟ ବର୍ଗଙ୍କ ଦ୍ୱାରା ଶାସିତ ରାଜ୍ୟ; 3. କୌଣସି ରାଜ୍ୟରେ ପ୍ରଧାନ କ୍ଷମତାପନ୍ନ ଅଳ୍ପସଂଖ୍ୟକ ଲୋକଦଳ ।

Oligarchal, Oligarchic, *a.* କତିପୟ ବର୍ଗଙ୍କ ରାଜ୍ୟ-ଶାସନ ସମ୍ବନ୍ଧୀୟ ।

Oligochrome, *a.* ଅଳ୍ପସଂଖ୍ୟକ ବର୍ଣ୍ଣରେ ଚିତ୍ରିତ ।—*n.* ଅଳ୍ପସଂଖ୍ୟକ ରଙ୍ଗଯୁକ୍ତ ଚିତ୍ର ।

Oliphant, *n.* ପୂର୍ବକାଳରେ ଶିକାରରେ ବ୍ୟବହୃତ ହସ୍ତୀ-ଦନ୍ତ ନିର୍ମିତ ଶିଙ୍ଗା ।

Olive, *a.* 1. ଜାତବୃକ୍ଷ ସମ୍ବନ୍ଧୀୟ ; 2. ଅପକ୍ୱ ଜାତ ଫଳର ବର୍ଣ୍ଣଯୁକ୍ତ ।—*n.* 1. ଜାତବୃକ୍ଷ; 2. ଅପକ୍ୱ ଜାତ ଫଳର ବର୍ଣ୍ଣ ।—Olive branch, ଶାନ୍ତିର ଚିହ୍ନ । *pl.* ସନ୍ତାନସନ୍ତତି ।

Olympiad, *n.* ପୁରାତନ ଗ୍ରୀକ୍ ଦେଶରେ ଚାରିବର୍ଷ କାଳ ।

Olympic games, *n.* ଓଲିମ୍ପିଆ ନାମକ ସ୍ଥାନରେ ଚାରି-ବର୍ଷ ଅନ୍ତରରେ ହେବା କ୍ରିଡ଼ା-ଉତ୍ସବ !

Olympus, *n.* ଗ୍ରୀସ ଦେଶୀୟ ଲୋକଙ୍କ ଦେବତାମାନ-ଙ୍କର ବାସସ୍ଥାନ ।

Om, *n.* ହିନ୍ଦୁମାନଙ୍କ ମଧ୍ୟରେ ପରମବ୍ରହ୍ମଙ୍କ ସାକ୍ଷାତ୍ ବିଷ-ୟକ ଅଭିଧାନ ।

Ombrometer, *n.* ବର୍ଷାଜଳ ମାପକ ଯନ୍ତ୍ର ।

Omega, *n.* 1. ଗ୍ରୀକ୍ ବର୍ଣ୍ଣମାଳାର ଶେଷ ଅକ୍ଷର; 2. [ଅନ୍ତ ।

Omelet, Omelette, *n.* ଡିମ୍ବ ଓ ମଇଦାରେ ତିଆରି ଏକପ୍ରକାର ପିଷ୍ଟକ ।

Omen, *n.* 1. ଆଗତ ବିଷୟର ଚିହ୍ନ, ଭାବୀ ଶୁଭାଶୁଭର ଲକ୍ଷଣ; 2. ଅନିଷ୍ଟ ସୂଚନା ।—*v.t.* and *i.* ଅନିଷ୍ଟ ସୂଚନା-କ ।

Omened, *a.* ଶୁଭାଶୁଭ ଲକ୍ଷଣଯୁକ୍ତ ।

Omer, *n.* ଏବ୍ରିମାନଙ୍କ ପରିମାଣ ବିଶେଷ—ପ୍ରାୟ ତେର [ସେର ।

Ominous, *a.* 1. ଭାବୀ ଶୁଭାଶୁଭ ଲକ୍ଷଣ ସମ୍ବନ୍ଧୀୟ ; 2. ଅମଙ୍ଗଳ ସୂଚକ, ଅନିଷ୍ଟକର ।

Omissible, *a.* ଛାଡ଼ିବାଯୋଗ୍ୟ, ତ୍ୟାଜ୍ୟ ।

Omission, *n.* 1. ତ୍ୟାଗ ବା ଲୋପକରଣ; 2. ତ୍ରୁଟି, କର୍ତ୍ତବ୍ୟରେ ହେଳା; 3. ତ୍ୟକ୍ତ ବା ଲୁପ୍ତ ବିଷୟ ।

Omit, *v.t.* 1. ଛାଡ଼-ଦେ; 2. ଅବହେଳା-କ ; 3. ତ୍ରୁଟି -କ ; 4. କାର୍ଯ୍ୟରେ ବ୍ୟବହାର ନ କରିବା ।

Omittance, *n.* 1. ବର୍ଜନକରଣ; 2. ବର୍ଜିତାବସ୍ଥା ; 3. କାର୍ଯ୍ୟ ସହିଷ୍ଣୁତା ।

Omnibus, *a.* ସର୍ବଯାତ୍ରୀ ।—*n.* ସର୍ବସାଧାରଣ ଲୋକଙ୍କ ଗମନାଗମନ ନିମନ୍ତେ ସ୍ଥାନ ମଧ୍ୟରେ ଯାତାୟାତ ଏକ ଶକଟ
Omnifarious, *a.* ସର୍ବବିଧ, ସର୍ବପ୍ରକାର । [ଯାନ ।
Omniferous, *a.* ସର୍ବୋପଧାୟକ ।
Omnific, *a.* ସର୍ବୋତ୍ପାଦକ, ସର୍ବସର୍ଜକ ।
Omniform, *a.* ସକଳ ଆକାରବିଶିଷ୍ଟ ।
Omnigenous, *a.* ସର୍ବପ୍ରକାରବିଶିଷ୍ଟ ।
Omnipotence, Omnipotency, *n.* ସର୍ବଶକ୍ତିମତ୍ତା, ଅସୀମ ପରାକ୍ରମ ।
Omnipotent, *a.* ସର୍ବଶକ୍ତିମାନ୍ ।
Omnipotently, *ad.* ସର୍ବଶକ୍ତିମାନ୍‌ରୂପେ ।
Omnipresence, *n.* ସର୍ବବ୍ୟାପିତ୍ୱ, ସର୍ବବ୍ୟାପକତା, ସର୍ବତ୍ରବର୍ତ୍ତମାନତା ।
Omnipresent, *a.* ସର୍ବବ୍ୟାପୀ, ସର୍ବତ୍ର ବର୍ତ୍ତମାନ ।
Omniscience, *n.* ସର୍ବଜ୍ଞାନ, ସର୍ବଜ୍ଞତା ।
Omniscient, *a.* ସର୍ବଜ୍ଞ, ସର୍ବସାକ୍ଷୀ, ସକଳଜ୍ଞାନମୟ ।
Omnivorous, *a.* 1. ସର୍ବଭକ୍ଷକ; 2. (Zool.) ଉଦ୍ଭିଦ ଓ ମାଂସାହାରୀ ।
Omphalomancy, *n.* ନାଭିସୂତ୍ରର ଗଣ୍ଠି ଦେଖି ମା କେତେଗୋଟି ସନ୍ତାନ ଜାତ କରିବ ବୋଲି ସ୍ଥିର କରିବା ଗଣନା ବିଦ୍ୟା ।
Omphalos, *n.* 1. ନାଭି; 2. କୌଣସି ପଦାର୍ଥର ନାଭିସଦୃଶ ଉଚ୍ଚ ଭାଗ ।
On, *prep*, 1. ଉପରେ; 2. ରେ, ଲାଗି କରି; 3. ପକ୍ଷରେ; 4. ଆଡ଼କୁ; 5. ହେତୁରୁ; 6. ବିଷୟରେ ।—*ad.* 1. ଉପରେ; 2. ଆଗକୁ; 3. ନିରନ୍ତର ।—*interj.* ଆଗକୁ ଯାଅ ।—*a.* (Cricket) ଗେଣ୍ଡୁ ଚଳାଉଥିବା ଲୋକର ଡାହାଣ ପାର୍ଶ୍ୱସ୍ଥ ।
Onager, *n.* ମଧ୍ୟ ଏସିଆର ବନ୍ୟ ଗର୍ଦ୍ଦଭ ।
Onanism, *n.* ହସ୍ତମୈଥୁନ । see Gen. XXXVIII; 9.
Once, *ad.* 1. ଏକଥର, ଥରେ, ଥରକେ; 2. ପୂର୍ବରେ; 3. କୌଣସି ସମୟରେ ।—All at once, ହଠାତ୍ । Once far all, ଏକେବାରେ, ଚିରକାଳ ନିମନ୍ତେ, ଏକାଥରକେ । Once in a way, ଅତି କ୍ୱଚିତ୍, ଅଳ୍ପଥର ମାତ୍ର । At once, ଅବିଳମ୍ବେ । For once, କେବଳ ଥରକ ନିମନ୍ତେ ।
Oncology, *n.* ଅର୍ବୁଦ ଚିକିତ୍ସା ଶାସ୍ତ୍ର ।
Oncotomy, *n.* ଅର୍ବୁଦ କର୍ତ୍ତନ ।
One, *pron.* କେହି, କୌଣସି ଲୋକ ।—*n.* 1. ଏକ ଜଣ, ଏକ ପଦାର୍ଥ; 2. ଏକକ; 3. '୧' ସଂଖ୍ୟା ।—*a.* 1. ଏକ, ଗୋଟିଏ; 2. ଅବିଭକ୍ତ; 3. କୌଣସି, ସେହି । —One another, ପରସ୍ପର । One by one, ଏକେଏକେ, ଗୋଟିଏଗୋଟିଏ । [ବିଶିଷ୍ଟ ।
One-eyed, *a.* 1. ଏକଆଖିଆ, କଣା; 2. ଅଳ୍ପ ଦୃଷ୍ଟି-
One-handed, *a.* 1. ଏକ ହାତ ବ୍ୟବହାରକ୍ଷମ; 2.
One-horse, *a.* ଏକ ଘୋଡ଼ାଯୁକ୍ତ । [ଏକହାତିଆ ।
One-idea'd, *a.* କେବଳ ଏକ ଭାବପୂର୍ଣ୍ଣ ।
Oneiromancy, *n.* ସ୍ୱପ୍ନ ଗଣନା ବିଦ୍ୟା ।
Oneness, *n.* ଏକତା, ଐକ୍ୟ, ଏକତ୍ୱ ।
Onerous, *a.* ଭାରଯୁକ୍ତ, ଭାରି, ଗୁରୁ ।
Oneself, *pro.* ଆପେ, ନିଜେ ।
One-sided, *a.* 1. ପକ୍ଷପାତୀ; 2. ଏକପାଖିଆ ।
One-sidedly, *ad.* 1. ପକ୍ଷପାତରୂପେ; 2. ଏକ ପାଖିଆଭାବେ ।
One-sidedness, *n.* ପକ୍ଷପାତିତା ।
Ongoing, *n.* 1. ଅଗ୍ରଗମନ; 2. ବୃତ୍ତି; 3. ଘଟନା । —*pl.* କ୍ରିୟାକଳାପ, ଆଚରଣବ୍ୟବହାର ।
Onion, *n.* ପିଆଜ । [କାଗଜ ।
Onion-skin, *n.* ପିଆଜ ଚୋପା ପରି ଅତି ପାତଳ
Onlooker, *n.* ଦର୍ଶକ, ଅବଲୋକନକାରୀ ।
Only, *a.* ଏକମାତ୍ର, ଏକ, ଅଦ୍ୱିତୀୟ ।—*ad.* 1. କେବଳ; 2. ମାତ୍ର ।—*Conj.* ହେଲେ । [ଆରମ୍ଭ ।
Onset, *n.* 1. ଉପରେ ଆକ୍ରମଣ; 2. ଚଢ଼ାଉ; 3.
Onslaught, *n.* ଅତ୍ୟୁଗ୍ରପୂର୍ଣ୍ଣ ଆକ୍ରମଣ ।
Ontology, *n.* ଯଥାର୍ଥ ଅସ୍ତିତ୍ୱ ବିଷୟକ ବିଜ୍ଞାନ ।
Onus, *n.* 1. ଭାର; 2. ଦାୟିତ୍ୱ ।—Onus probandi, ପ୍ରମାଣ କରିବା ଦାୟିତ୍ୱ ।
Onward, (1) *a.* ଅଗ୍ରଗାମୀ, ଅଗ୍ରସର ।
Onward, (2) Onwards, *ad.* 1. ଆଗେ; 2. ଉତ୍ତରୋତ୍ତରକ୍ରମରେ । [2. ବୈଦୂର୍ଯ୍ୟମଣି ।
Onyx, *n.* 1. ଭିନ୍ନ ବର୍ଣ୍ଣର ସ୍ତରଯୁକ୍ତ ବହୁମୂଲ୍ୟ ପ୍ରସ୍ତର;
Oology, *n.* *ō-olo'-ji*, ପକ୍ଷୀ ଡିମ୍ବ ବିଷୟକ ବିଜ୍ଞାନ ।
Oolong, *n.* *oo'long*, ଚୀନ୍ ଦେଶୀୟ ଏକପ୍ରକାର କଳା ଚା ।
Ooze, *n.* 1. କାଦୁଅ, କର୍ଦ୍ଦମ; 2. ଝରିବା ପାଣି; 3. ମହାସାଗର ତଳେ ଥିବା ପଙ୍କ ।—*v.i.* ଝରିବା ।
Oozy, *a.* କାଦୁଅ, କର୍ଦ୍ଦମବହୁ ।
Opacity, *n.* ଅସ୍ୱଚ୍ଛତା, ଅସ୍ପଷ୍ଟତା ।
Opacous, *a.* *ō-pā'kus*, ଅସ୍ୱଚ୍ଛ । same as *Opaque*.
Opal, *n.* ଆଲୁଅରେ ବିବିଧ ବର୍ଣ୍ଣ ଦେଖାଉଥିବା ଶୁକ୍ଳବର୍ଣ୍ଣ, ଗୋମେଦକ ମଣି ।
Opaque, *a.* 1. ଛାୟାବୃତ; 2. ଅନ୍ଧକାର; 3. ଅସ୍ୱଚ୍ଛ, ଦୃଷ୍ଟିରୋଧକ, କିରଣରୋଧ୍ୟ ।
Opaquely, *ad.* ଅସ୍ୱଚ୍ଛରୂପେ, ଅସ୍ପଷ୍ଟରୂପେ ।
Opaqueness, *n.* ଦୃଷ୍ଟିରୋଧକତା, ଅସ୍ୱଚ୍ଛତା, ନିଷ୍ପ୍ରଭତା ।
Opeidoscope, *n.* ପ୍ରତିବିମ୍ବିତ ଆଲୋକ ଦ୍ୱାରା ଶବ୍ଦ ବ୍ୟାଖ୍ୟା କରିବା ଏକପ୍ରକାର ଯନ୍ତ୍ର ।
Open, *a.* 1. ମେଲା, ଖୋଲା, ମୁକ୍ତ, ଫିଟା; 2. ବୃକ୍ଷବର୍ଜିତ; 3. ବାନ୍ଧ ଅଛୁଡ଼ା, ମୁକୁଳା; 4. ଫୁଟିଲା; 5. ବିସ୍ତାରିତ; 6. ସର୍ବ ଲୋକଙ୍କ ବ୍ୟବହାର୍ଯ୍ୟ; 7. ପ୍ରକାଶ; 8. ସରଳ; 9. ସୁବୋଧ୍ୟ; 10. ଦାନଶୀଳ; 11. ଉଦାର; 12. ଅନାବୃତ; 13. (ହିସାବ ସମ୍ବନ୍ଧେ) ଅପରିଷ୍କାର; 14. ମନୋଯୋଗୀ; 15. ଅନିର୍ଦ୍ଧାରିତ ।—*v.t.* 1. ଫିଟାଇବା, ମେଲାଇବା, ମୁକ୍ତ-କର; 2. ଦୂର-କର; 3. ବ୍ୟାଖ୍ୟା-କର; 4. ଆରମ୍ଭ-କର ।—*v.i.* 1. ଫିଟିବା; 2. ବିକଶିତ-ହେ; 3. ଆରମ୍ଭ-ହେ ।—*n.* ମେଲା ଜାଗା, ମୁକ୍ତସ୍ଥାନ ।
Open-handed, *a.* ମୁକ୍ତହସ୍ତ, ବଦାନ୍ୟ, ଉଦାର ।

**Open-handedness,** *n.* ମୁକ୍ତହସ୍ତତା, ବଦାନ୍ୟତା ।
**Open-hearted,** *a.* 1. ସରଳାନ୍ତଃକରଣବିଶିଷ୍ଟ, ଅକପଟ; 2. ଦାନଶୀଳ ।
**Open-heartedness,** *n.* 1. ଦାନଶୀଳତା; 2. ସରଳାନ୍ତଃକରଣତା, ଅକପଟତା, ସାରଲ୍ୟ ।
**Opening,** *n.* 1. ମୁକ୍ତକରଣ; 2. ମେଲା ଜାଗା; 3. ଦୁଆର, ବାଟ; 4. ଛିଦ୍ର; 5. ଆରମ୍ଭ; 6. ସୁଯୋଗ ।
**Openly,** *ad.* ପ୍ରକାଶ୍ୟଭାବେ, ଅଗୋପନରେ, ସ୍ପଷ୍ଟରୂପେ ।
**Open-minded,** *a.* 1. ଅବରୋଧଶୂନ୍ୟ; 2. ପକ୍ଷପାତଶୂନ୍ୟ; 3. ନୂତନ ମତ ଗ୍ରହଣ ତତ୍ପର, ମୁକ୍ତମନା ।
**Open-mindedness,** *n.* 1. ପକ୍ଷପାତଶୂନ୍ୟତା; 2. ମୁକ୍ତମନସ୍କତା ।
**Open-mouthed,** *a.* 1. ମେଲାପାଟିଆ; 2. ଲୋଭୀ; 3. ବଡ଼ପାଟିଆ ।
**Openness,** *n.* 1. ସରଳତା; 2. ପ୍ରକାଶତା ।
**Open-sesame,** *n.* "ଖୁଲିଶ ସେସ୍ର" ନାମକ କାଳ୍ପନିକ ବିବରଣରେ ଦ୍ୱାର ମୁକ୍ତ କରଣାର୍ଥେ ବ୍ୟବହୃତ ମନ୍ତ୍ର ବିଶେଷ, ଦ୍ୱାର ମୁକ୍ତିସାଧକ ବାକ୍ୟ ।
**Open verdict,** see Verdict.
**Open-work,** *n.* ଜଣା ଜଣା ହୋଇଥିବା କାର୍ଯ୍ୟ, ଜାଲି-କାମ ।
**Opera,** *n.* ଗାନବାଦ୍ୟସମ୍ମିଳିତ ଅଭିନୟ, ନାଟକ ବିଶେଷ । —*a.* ଗାନବାଦ୍ୟସମ୍ମିଳିତ ଅଭିନୟ ଉପଯୋଗୀ ।
**Opera-bouffe,** *n.* ହାସ୍ୟୋଦ୍ଦୀପକ ଗାନବାଦ୍ୟସମ୍ମିଳିତ ଅଭିନୟ ।
**Opera-cloak,** *n.* ନାଟକ ଦର୍ଶକର ବ୍ୟବହୃତ ମୂଲ୍ୟବାନ୍ ଦେହାବରକ ପରିଚ୍ଛଦ ବିଶେଷ ।
**Opera-glass,** *n.* ନାଟକ ଦର୍ଶକର ବ୍ୟବହୃତ ଦୁଇ ନଳୀ ଥିବା ସାନ ଦୂରବୀନ ।
**Opera-hat,** *n.* ନାଟକ ଦର୍ଶକର ଚେପ୍ଟା ହୋଇଥିବା ଟୋପି ବିଶେଷ ।
**Opera-house,** *n.* ଗାନବାଦ୍ୟସମ୍ମିଳିତ ଅଭିନୟୋପଯୋଗୀ ନାଟକ ଗୃହ ।
**Operate,** *v.i.* 1. ଚଳିବା, କାର୍ଯ୍ୟ-କ; 2. ବଳପ୍ରୟୋଗ-କ; 3. ଫଳୋତ୍ପାଦନ-କ; 4. କୈଣସି ଶକ୍ତି ପ୍ରୟୋଗ-କ; 5. (Surg.) ଅସ୍ତ୍ର ଚିକିତ୍ସା-କ ।—*v.t.* ଚଳାଇବା, ସାଧନ-କ; 2. ତତ୍ତ୍ୱାବଧାରଣ-କ; 3. ଉପାୟ ଦ୍ୱାରା ସମ୍ପନ୍ନ-କ ।
**Operatic, Operatical,** *a.* 1. ଗାନବାଦ୍ୟସମ୍ମିଳିତ ଅଭିନୟ ସମ୍ବନ୍ଧୀୟ; 2. ଗାନବାଦ୍ୟସମ୍ମିଳିତ ଅଭିନୟ ସଦୃଶ ।
**Operation,** *n.* 1. କର୍ମକରଣ; 2. କାର୍ଯ୍ୟ, ସାଧିତ କର୍ମ; 3. ଉପାୟ; 4. କାର୍ଯ୍ୟପ୍ରଣାଳୀ; 5. (ସୈନ୍ୟର) ଗତି; 6. ଅସ୍ତ୍ର ଚିକିତ୍ସା ।
**Operative,** *a.* 1. କର୍ମକ୍ଷମ, କାର୍ଯ୍ୟକାରକ; 2. ବଳପ୍ରୟୋଗକାରୀ; 3. ଫଳୋତ୍ପାଦକ; 4. ଗୁଣକାରୀ ।—*n.* କାରଖାନାରେ କାର୍ଯ୍ୟକାରୀ, ଶ୍ରମଜୀବୀ ।
**Operatively,** *ad.* କାର୍ଯ୍ୟକାରୀରୂପେ ।
**Operator,** *n.* 1. (କଳ) ଚାଳକ; 2. ନିପୁଣ କର୍ମକାରକ; 3. ଅସ୍ତ୍ର ଚିକିତ୍ସକ; 4. ଦଲାଲ; 5. (Math.) ଗଣିତ ଶାସ୍ତ୍ରରେ ପ୍ରକ୍ରିୟା ସୂଚକ ଅକ୍ଷର ବା ଚିହ୍ନ ।

**Operculum,** *n.* 1. (Bot.) (ବୀଜକୋଷର) ଢାଙ୍କୁଣି; 2. (Zool.) ଶାମୁକା ପ୍ରଭୃତିର କବାଟି; 3. ମାଛର ଗାଲିସି ରକ୍ଷକ ଘୋଡ଼ଣୀ ।
**Operose,** *a.* ଶ୍ରମପୂର୍ଣ୍ଣ, କ୍ଳେଶକର ।
**Ophidian,** *a.* 1. ସର୍ପଜାତି ସମ୍ବନ୍ଧୀୟ; 2. ସର୍ପପ୍ରକୃତିବିଶିଷ୍ଟ ।—*n.* ପ୍ରକୃତ ସର୍ପ ।
**Ophidiana,** *n. pl.* ସର୍ପ ସମ୍ବନ୍ଧୀୟ ଜାତିଗଣ ।
**Ophiolatry,** *n.* ସର୍ପ ପୂଜା ।
**Ophthalmia.** *n.* ଚକ୍ଷୁପୀଡ଼ା, ନେତ୍ର ଜ୍ୱାଳା ।
**Ophthalmic,** *a.* ଚକ୍ଷୁସମ୍ବନ୍ଧୀୟ ।
**Ophthalmist,** Ophthalmologist, *n.* ନେତ୍ର ବିଜ୍ଞାନ ବେତ୍ତା ।
**Ophthalmodynia,** *n.* ବାତଜନିତ ଚକ୍ଷୁ ବେଦନା ।
**Ophthalmology,** *n.* ନେତ୍ର ବିଜ୍ଞାନ ।
**Ophthalmoplegia,** *n.* ଚକ୍ଷୁର ମାଂସପେଶୀ ଅବଶ ହେବା ରୋଗ ।
**Ophthalmoscope,** *n.* ଚକ୍ଷୁପଟକୁ ମଧ୍ୟଛିଦ୍ର ଦର୍ପଣ ଦ୍ୱାରା ଚକ୍ଷୁର ଅଭ୍ୟନ୍ତରର ଭାଗ ଦେଖିବା ଯନ୍ତ୍ର ।
**Opiate,** *n.* 1. ଅଫିମବିଶିଷ୍ଟ ନିଦ୍ରାକାରକ କୌଣସି ଔଷଧ; 2. ଅନୁଭବବୋଧ ନିସ୍ତେଜ କରିବା ପଦାର୍ଥ ।
**Opiated,** *a.* 1. ଅଫିମମିଶ୍ରିତ; 2. ଅଫିମ ସେବନ ଦ୍ୱାରା ନିସ୍ତେଜ ।
**Opine,** *v.i.* 1. ବିଚାର-କ, ବୋଧ-କ; 2. ମତ ଧାରଣ-କ ।
**Opinion,** *n.* 1. ମତ, ବିଚାର; 2. ସମ୍ମାନ ।
**Opinionable,** *a.* 1. ବିଚାର୍ଯ୍ୟ; 2. ବିବାଦନୀୟ ।
**Opinionated,** Opinioned, *a.* ମତରେ ଏକଗୁଁଆ ।
**Opinionative,** *a.* ଏକଗୁଁଆ ।
**Opium** *n.* ଅଫୁ, ଅଫିମ ।
**Opium-eater,** *n.* ଅଫୁଆ, ଅଫିମ ସେବନକାରୀ ।
**Oppidan,** *n.* ଇଟନ୍ ବିଦ୍ୟାଳୟ ସମ୍ପର୍କୀୟ ସହରବାସୀ ଛାତ୍ର ।
**Opponent,** *n.* ପ୍ରତିବାଦୀ, ବିପକ୍ଷ ଲୋକ, ଶତ୍ରୁ ।—*a.* ବିରୋଧୀ, ବିପକ୍ଷ ।
**Opportune,** *a.* 1. କାଳୋପଯୋଗୀ; 2. ଅନୁକୂଳ ।
**Opportunely,** *ad.* ଅନୁକୂଳଭାବେ, ସୁଯୋଗରେ ।
**Opportuneness,** *n.* କାଳୋପଯୋଗିତା ।
**Opportunism,** *n.* ନ୍ୟାୟ ଅନ୍ୟାୟ ନ ଦେଖି ସୁଯୋଗାନୁସାରେ କାର୍ଯ୍ୟ କରିବା ନୀତି ।
**Opportunist,** *n.* ସୁଯୋଗ ଗ୍ରହଣ କରିବା ଲୋକ ।
**Opportunity,** *n.* ସୁଯୋଗ, ଶୁଭକାଳ, ଅନୁକୂଳ ସମୟ ।
**Opposability,** *n.* ବିପକ୍ଷଣୀୟତା ।
**Opposable,** *a.* 1. ବିପକ୍ଷଣୀୟ; 2. ପ୍ରତିବାଦଯୋଗ୍ୟ; 3. ସମ୍ମୁଖବର୍ତ୍ତୀ ହେବାଯୋଗ୍ୟ ।
**Oppose,** *v.t.* 1. ସମ୍ମୁଖରେ ବିପକ୍ଷରୂପେ ରଖିବା; 2. ବିରୋଧ-କ; 3. ବାଧା-ଦେ, ବ୍ୟାଘାତ-କ; 4. ପ୍ରତିରୋଧ-କ; 5. ଅଟକାଇବା; 6. ପ୍ରତିଯୋଗିତା-କ ।—*v.i.* 1. ଆପତ୍ତି ଉଠାଇବା; 2. ସମ୍ମୁଖବର୍ତ୍ତୀ-ହେ ।

Opposer, *n.* ବାଧକ, ବିରୋଧକ ।

Opposite, *a.* 1. ବିପରୀତ; 2. ସମ୍ମୁଖବର୍ତ୍ତୀ; 3. ଓଲଟା; 4. ବିପକ୍ଷ; 5. ପ୍ରତିକୂଳ; 6. ଭିନ୍ନ ସ୍ୱଭାବଯୁକ୍ତ ।—*n.* 1. ବିପରୀତ ବିଷୟ; 2. ବିପକ୍ଷ ଲୋକ ।

Oppositely, *ad.* 1. ସମ୍ମୁଖରେ; 2. ବିପରୀତଭାବେ ।

Opposition, *n.* 1. ପ୍ରାତିକୂଲ୍ୟକରଣ; 2. ବିପକ୍ଷତା; 3. ସମ୍ମୁଖବର୍ତ୍ତିତ୍ୱ; 4. ବାଧା, ବିଘ୍ନ; 5. ବିପକ୍ଷଦଳ; 6. ପ୍ରତିବାଦିକତା । [ଦଳର ଲୋକ ।

Oppositionist, *n.* ରାଜ୍ୟ ଶାସନ ସମ୍ବନ୍ଧୀୟ ବିପକ୍ଷ-

Oppossum, *n.* ଆମେରିକା ଦେଶର ଲାଙ୍ଗୁଡ଼ରେ ଧରି ପାରିବା ମୂଷାପରି ଗଛଜନ୍ତୁ ବିଶେଷ । ଅଷ୍ଟ୍ରେଲିଆ ଦେଶରେ ଏ ଜନ୍ତୁ ବିସ୍ତରପରି ବଡ଼ ହୁଏ ।

Oppress, *v.t.* 1. ଅତ୍ୟାଚାର-କ, ଦୌରାତ୍ମ୍ୟ-କ, ଉପଦ୍ରବ-କ; 2. ଭାରଗ୍ରସ୍ତ-କ; 3. ଅନ୍ୟାୟ-କ; 4. ପୀଡ଼ା-ଦେ ।

Oppression, *n.* 1. ଅତ୍ୟାଚାରକରଣ; 2. ଅନ୍ୟାୟ ବ୍ୟବହାର, ଉପଦ୍ରବ; 3. ଦୁର୍ଦ୍ଦଶା; 4. କ୍ଲେଶ, କଷ୍ଟ ।

Oppressive, *a.* 1. ଅତ୍ୟାଚାରୀ, ଉପଦ୍ରବକାରୀ; 2. ଭାରଯୁକ୍ତ; 3. ଦୁଃସହ ।

Oppressively, *ad.* ଅତ୍ୟାଚାରରୂପେ ।

Oppresisveness, *n.* ଅତ୍ୟାଚାରିତା ।

Oppressor, *n.* ଅତ୍ୟାଚାରୀ ବ୍ୟକ୍ତି । [3. ଅବଜ୍ଞାତ ।

Opprobrious, *a.* 1. ଅପମାନସୂଚକ; 2. ନିନ୍ଦନୀୟ;

Opprobriously, *ad.* ଅପମାନସୂଚକଭାବେ ।

Opprobriousness, *n.* ଅପମାନସୂଚକତା ।

Opprobrium, *n.* 1. ଅପମାନ, ଅବଜ୍ଞା, ନିନ୍ଦା; 2. ଅଖ୍ୟାତି, ଅପଯଶଃ ।

Oppugn, *v.t.* *o-pūn'*. ତର୍କବିତର୍କରେ ବିରୋଧବାଦ-କ ।

Opsomania, *n.* (Path.) ବିଶେଷ ଖାଦ୍ୟ ପାଇଁ ଅତିରିକ୍ତ ଆସକ୍ତି ।

Optative, *a.* ଇଚ୍ଛାପ୍ରକାଶକ ।—*n.* (Gram.) ଇଚ୍ଛା ପ୍ରକାଶକ କ୍ରିୟା ପଦର ଅବସ୍ଥା । [ଚକ୍ଷୁ ।

Optic, *a.* 1. ଦୃଷ୍ଟି ସମ୍ବନ୍ଧୀୟ; 2. ଚକ୍ଷୁ ସମ୍ବନ୍ଧୀୟ ।—*n.*

Optical, *a.* ଦୃଷ୍ଟି ବା ଚକ୍ଷୁ ସମ୍ବନ୍ଧୀୟ । [ଦୃଷ୍ଟିପୂର୍ବକ ।

Optically, *ad.* 1. ଆଲୋକ ଦ୍ୱାରା ପରୀକ୍ଷିତ; 2.

Optic axis, *n.* ଚକ୍ଷୁର କେନ୍ଦ୍ରସ୍ଥିତ କାଳ୍ପନିକ ରେଖା ।

Optician, *n.* 1. ଦୃଷ୍ଟି ବିଦ୍ୟାବେତ୍ତା; 2. ପ୍ରତିଚକ୍ଷୁ ନିର୍ମାତା ବା ବିକ୍ରେତା ।

Optics, *n.* (Sing.) ଆଲୋକ ଓ ଦୃଷ୍ଟି ବିଷୟକ ବିଦ୍ୟା, ଆଲୋକ ବିଜ୍ଞାନ ।

Optimates, *n. pl.* ରୋମୀୟ ସମ୍ଭ୍ରାନ୍ତବର୍ଗ ।

Optimise, *v.i.* ଆଶାପୂର୍ଣ୍ଣ ସ୍ୱାଭାବିକଗୁଣବିଶିଷ୍ଟ-ହେ ।

Optimism, *n.* 1. ସବୁ ବିଷୟ ମଙ୍ଗଳଜନକ ଅଟେ ବୋଲି ଯେଉଁ ମତ; 2. ଆଶାପୂର୍ଣ୍ଣ ସ୍ୱାଭାବିକ ଗୁଣ ।

Optimist, *n.* ସବୁ ବିଷୟ ମଙ୍ଗଳଜନକ ଅଟେ ବୋଲି ଏହି ମତାବଲମ୍ବୀ ।

Optimistic, *a.* 1. ସବୁ ବିଷୟ ମଙ୍ଗଳଜନକ ଅଟେ ବୋଲି ଏହି ମତ ସମ୍ବନ୍ଧୀୟ; 2. ଆଶାପୂର୍ଣ୍ଣ ।

Optimistically, *ad.* ଆଶାପୂର୍ଣ୍ଣଭାବେ ।

Option, *n.* 1. ନିର୍ବାଚନକରଣ; 2. ମନୋନୀତ କରିବା କ୍ଷମତା, ପସନ୍ଦ; 3. ଇଚ୍ଛା, ଅଭିରୁଚି ।—Local option, ମାଦକ ଦ୍ରବ୍ୟ ବିକ୍ରୟ ନିଷେଧ କରିବାକୁ ପ୍ରାଦେଶିକ କ୍ଷମତା ।

Optional, *a.* ଇଚ୍ଛାଧୀନ ।

Optionally, *ad.* ଇଚ୍ଛାଧୀନଭାବେ ।

Options, *n.* ବାଣିଜ୍ୟ ଅଂଶ ଆଦି କୌଣସି ପଦାର୍ଥ ନିରୂପିତ ମୂଲ୍ୟ ଓ ତାରିଖରେ ସମର୍ପିବାକୁ ବା ଗ୍ରହଣ କରିବାକୁ କ୍ରୟପ୍ରାପ୍ତ କ୍ଷମତା ।

Optometer, *n.* ଦୃଷ୍ଟିଶକ୍ତିମାପକ ଯନ୍ତ୍ର ବିଶେଷ ।

Optometry, *n.* ଦୃଷ୍ଟିଶକ୍ତି ମାପକରଣ ।

Opulent, *a.* ଧନାଢ୍ୟ, ଐଶ୍ୱର୍ଯ୍ୟବାନ୍ ।

Opulence, *n.* ସମ୍ପତ୍ତି, ଧନର ପ୍ରାଚୁର୍ଯ୍ୟ, ଐଶ୍ୱର୍ଯ୍ୟ ।

Opulently, *ad.* ଧନାଢ୍ୟଭାବେ ।

Opus, *n.* କାର୍ଯ୍ୟ, କର୍ମ ।

Opus magnum, *n.* 1. ରଚକର ସ୍ୱଲିଖିତ ସର୍ବଶ୍ରେଷ୍ଠ ଗ୍ରନ୍ଥ; 2. କୌଣସି ବ୍ୟକ୍ତିର କୃତ କାର୍ଯ୍ୟ ମଧ୍ୟରେ ପ୍ରଧାନ କାର୍ଯ୍ୟ ।

Or, *ad.* ପୂର୍ବେ, ଆଗରେ ।—*conj.* ବା, କିମ୍ବା, ଅଥବା, ନଚେତ୍, ନହେଲେ, କି ।—*n.* (Heraldry) ସୁବର୍ଣ୍ଣ ।

Oracle, *n.* 1. ଦୈବବାଣୀ; 2. ଦେବମନ୍ଦିର; 3. ଖ୍ୟାତାପନ୍ନ ଜ୍ଞାନୀ ଲୋକ; 4. ଜ୍ଞାନପୂର୍ଣ୍ଣ ନିଷ୍ପତ୍ତି ।—*pl.* ଭବିଷ୍ୟଦ୍ବକ୍ତାଙ୍କ ପ୍ରତି ପ୍ରତ୍ୟାଦେଶ, ଧର୍ମଶାସ୍ତ୍ର ।

Oracular, Oraculous, *a.* 1. ଦୈବବାଣୀ ସମ୍ବନ୍ଧୀୟ ବା ସଦୃଶ; 2. କର୍ତ୍ତୃତ୍ୱସୂଚକ; 3. ଦ୍ୱ୍ୟର୍ଥବୋଧକ; 4. ପ୍ରତ୍ୟାଦେଶ ଜ୍ଞାପକ ।

Oracularity, Oraculousness, *n.* 1. ଦୈବବାଣୀ-ବିଶିଷ୍ଟତା; 2. ପ୍ରତ୍ୟାଦେଶକତା ।

Oral, *a.* ମୌଖିକ, ଅଲିଖିତ, ବାଚନିକ ।

Orally, *ad.* ମୌଖିକଭାବେ ।

Orang, *n.* see. Orang-outang.

Orange, *n.* 1. କମଳା, ନାରଙ୍ଗ; 2. କମଳା ବା ନାରଙ୍ଗ ଗଛ; 3. ଲାଲ ଓ ହଳଦିଆ ମିଶ୍ରିତ ବର୍ଣ୍ଣ, ନାରଙ୍ଗୀ ରଙ୍ଗ ।—*a.* 1. ନାରଙ୍ଗସମ୍ବନ୍ଧୀୟ; 2. ନାରଙ୍ଗ ବର୍ଣ୍ଣଯୁକ୍ତ ।

Orange-blossom, *n.* ନାରଙ୍ଗ ଗଛର ଶୁକ୍ଳ ପୁଷ୍ପରେ ନିର୍ମିତ କନ୍ୟାର ଶିରୋଭୂଷଣ ।

Orange-coloured, *a.* ନାରଙ୍ଗ ବର୍ଣ୍ଣଯୁକ୍ତ ।

Orange-peel, *n.* ନାରଙ୍ଗ ଚୋପା ।

Orangery, *n.* ନାରଙ୍ଗ ତୋଟା, କମଳା ବଗିଚା ।

Orang-outang, *n.* ଲମ୍ବହାତିଆ ମନୁଷ୍ୟବତ୍ ବାନର ବିଶେଷ ଯାହା କେବଳ ବର୍ଣ୍ଣିଓ ଓ ସୁମାତ୍ରା ଦ୍ୱୀପରେ ଦେଖାଯାଏ । [ନିବାସୀ ।

Orarian, *a.* ସମୁଦ୍ର ତୀର ସମ୍ବନ୍ଧୀୟ ।—*n.* ସମୁଦ୍ର ତୀର-

Orate, *v.i.* 1. ବାକ୍ୟାଲଙ୍କୃତ ବକ୍ତୃତା ପ୍ରଦାନ-କ ।

Oration, *n.* ବାକ୍ୟାଲଙ୍କୃତ ବକ୍ତୃତା, ବାହ୍ୟାଡମ୍ବରବିଶିଷ୍ଟ ବକ୍ତୃତା ।

Orator, *n.* 1. ସୁବକ୍ତା, ବାଗ୍ମୀ; 2. ସପକ୍ଷବାଦୀ ।

Oratorial, Oratorical, *a.* 1. ବାକ୍ୟାଲଙ୍କୃତ ବକ୍ତୃତା ସମ୍ବନ୍ଧୀୟ : 2. ସୁବକ୍ତାର ଯୋଗ୍ୟ ।

Oratorically, *ad.* ବାଗ୍ମିଭାବେ ।

Oratorio, *n.* ଗାନବାଦ୍ୟସମ୍ବଳିତ ଧର୍ମବିଷୟକ ବିବରଣର ସଙ୍ଗୀତ ।

Oratory, *n.* 1. ବକ୍ତୃତା କରିବା ନୈପୁଣ୍ୟ, ବାକ୍ ବିଦ୍ୟା; 2. ବାକ୍‌ପଟୁତା ଅନୁଶୀଳନ; 3. ଅପ୍ରକାଶ୍ୟ ପ୍ରାର୍ଥନା ନିମିତ୍ତ ଗୃହ ।

Oratress, Oratrix, *n.* ସୁବକ୍ତ୍ରୀ, ବାକ୍‌ପଟୁ ସ୍ତ୍ରୀ ।

Orb, *n.* 1. ବୃତ୍ତ; 2. ମଣ୍ଡଳ; 3. ଆକାଶସ୍ଥ ଜ୍ୟୋତିଷ୍କ; 4. ଚକ୍ର; 5. ଚକ୍ଷୁ; 6. ରତ୍ନଖଚିତକଣ୍ଟକୀ ଓ କ୍ରୁଶଯୁକ୍ତ ରାଜକୀୟ ଗୋଲାକୃତି ଆଭରଣ ବିଶେଷ; 7. ଗ୍ରହର ବାର୍ଯ୍ୟକାରିତା ଶକ୍ତିର କ୍ଷେତ୍ର ।—*v.t.* 1. ଚତୁର୍ଦ୍ଦିଗେ ବେଷ୍ଟନ-କ; 2. ଗୋଲାକୃତ-କ ।

Orbate, Orbed, *a.* ମଣ୍ଡଳାକାର, ଗୋଲାକୃତ ।

Orbicular, *a.* ମଣ୍ଡଳାକାରବିଶିଷ୍ଟ ।

Orbit, *n.* 1. ଗ୍ରହ ପରିଭ୍ରମଣର ଗୋଲାକାର ପଥ, କକ୍ଷ; 2. ଚକ୍ଷୁ ଗହ୍ୱର ।

Orbita, *n.* ଚକ୍ଷୁର ଚତୁଃପାର୍ଶ୍ୱସ୍ଥ ଚର୍ମ ।

Orbital, *a.* 1. କକ୍ଷ ସମ୍ବନ୍ଧୀୟ; 2. ଚକ୍ଷୁଗହ୍ୱର ସମ୍ବନ୍ଧୀୟ ।

Orc, *n.* *ork*, ତିମି ମାଛ ।

Orchard, *n.* ଫଳ ବଗିଚା ।

Orchard-house, *n.* ଫଳ ବୃକ୍ଷ କରିବା ନିମନ୍ତେ କାଚର ଘର ।

Orchitis, *n.* ଅଣ୍ଡକୋଷ ଜ୍ୱାଳା ।

Orchesis, *n.* ନୃତ୍ୟ କୌଶଳ ।

Orchestra, *n.* *or'kes-tra*, 1. ଗ୍ରୀସ୍ ଦେଶୀୟ ନାଟକରେ ଗାୟକ ଦଳ ନାଚିବା ସ୍ଥାନ; 2. ନାଟକ ଗୃହର ବାଦକଦଳ ରହିବାର ଏକ ଅଂଶ: 3. ତାରଯୁକ୍ତ ବାଦ୍ୟ ଆଦିର ବାଦକଦଳ ।

Orchestral, Orchestric, *a.* ତାରଯୁକ୍ତ ବାଦ୍ୟ ଆଦିର ବାଦକଦଳ ସମ୍ବନ୍ଧୀୟ ବା ସେହିପରି ଦଳ ଦ୍ୱାରା କୃତ ।

Orchestrate, *v.t.* ବାଦକଦଳ ନିମନ୍ତେ ସଙ୍ଗୀତ ଲେଖା ପ୍ରସ୍ତୁତ-କ ।

Orchid, *n.* *or'kid*, ଗଛ ଗଣ୍ଠି ଆଦିରେ ଥିବା ସୁବାସ ପୁଷ୍ପଯୁକ୍ତ ବୃକ୍ଷ ବିଶେଷ ।

Orchidaceous, Orchideous *a.* ଗଛ ଗଣ୍ଠି ଆଦିରେ ଥିବା ସୁବାସ ପୁଷ୍ପଯୁକ୍ତ ବୃକ୍ଷ ସମ୍ବନ୍ଧୀୟ [ଶ୍ରେଣୀ ।

Orchis, *n.* ଦଶଗୋଟି ଉକ୍ତ ବୃକ୍ଷଗଚ୍ଛ ଜାତିର ଏକ

Orchotomy, *n.* ଅଣ୍ଡକୋଷ ଛେଦନ ।

Ordain, *v.t.* 1. ନିରୂପଣ-କ; 2. ନିଯୁକ୍ତ-କ; 3. ଧର୍ମ ପଦର ସ୍ୱତ୍ୱାର୍ପଣ-କ ।

Ordainable, *a.* ନିୟୋଗଯୋଗ୍ୟ ।

Ordainer, *n.* ନିରୂପକ, ନିୟୋଗକର୍ତ୍ତା ।

Ordainment, *n.* 1. ନିୟୋଗକରଣ: 2. ନିଯୁକ୍ତାବସ୍ଥା; 3. ନିରୂପିତ ଦଶା ।

Ordeal, *n.* 1. ଦୁଃସହ ପରୀକ୍ଷା; 2. ପୂର୍ବକାଳୀନ ବିଚାରର ଅଗ୍ନି ବା ଜଳ ଦ୍ୱାରା ପୂର୍ବକାଳୀନ ନ୍ୟାୟାନ୍ୟାୟ ବିଚାର ।

Order, *n.* 1. ବିନ୍ୟାସ, ଶୃଙ୍ଖଳା, ଧାରା; 2. କ୍ରମ; 3. ଶାସନ ପ୍ରଣାଳୀ; 4. ଆଜ୍ଞା, ଆଦେଶ, ହୁକୁମ; 5. ଶ୍ରେଣୀ: 6. ଧର୍ମ ସମ୍ବନ୍ଧୀୟ ଦଳ; 7. ରାଜପଦବୀ; 8. ସାମାଜିକ ଅବସ୍ଥା; 9. କ୍ରୟ ଆଦେଶ ।—*pl.* ଧର୍ମପଦମାନ ।—*v.t.* 1. ବିନ୍ୟାସ-କ, ଶୃଙ୍ଖଳାବଦ୍ଧ-କ; 2. ଚଳାଇବା; 3. ଆଜ୍ଞା-କ, ଆଦେଶ-ଦେ, ହୁକୁମ-ଦେ ।—Out of order, 1. ସଭାରେ କହିବା ପ୍ରଥା ବିରୁଦ୍ଧ; 2. ବିଶୃଙ୍ଖଳ; 3. ପୀଡିତ ।

Order-book, *n.* 1. ଗ୍ରାହକମାନଙ୍କ କ୍ରୟ ଆଦେଶ ଲେଖିବା ପୁସ୍ତକ; 2. ସୈନ୍ୟାଧ୍ୟକ୍ଷର ଆଦେଶ ପୁସ୍ତକ; 3. ରାଜକୀୟ ମହାସଭାରେ ଉପସ୍ଥାପିତ ଆଲୋଚ୍ୟ ପ୍ରସ୍ତାବ ଲେଖିବା ପୁସ୍ତକ ।

Orderer, *n.* ଆଦେଶକ ।

Ordering, *n.* 1. ନିରୂପଣକରଣ; 2. ବିନ୍ୟାସ; 3. ସୁଶାସନ; 4. ଧର୍ମ ପଦରେ ନିଯୁକ୍ତି ।

Orderless, *a.* ଧାରାରହିତ, ବିଶୃଙ୍ଖଳ ।

Orderliness, *n.* ସୁଶୃଙ୍ଖଳତା ।

Orderly, *a.* 1. ଧାରାନୁବର୍ତ୍ତୀ, ସୁଶୃଙ୍ଖଳ; 2. ଆଜ୍ଞାନୁବର୍ତ୍ତୀ; 3. ଶାନ୍ତ ।—*ad.* ଧାରାମତେ, ଶୃଙ୍ଖଳାବଦ୍ଧରୂପେ ।—*n.* 1. ଉପରସ୍ଥ ସୈନିକ କର୍ମଚାରୀଙ୍କ ଆଦେଶପତ୍ର ନେବା ଆଣିବା ନିମନ୍ତେ ନିଯୁକ୍ତ ସିପାହୀ; 2. ଶୃଙ୍ଖଳା ରକ୍ଷା ନିମନ୍ତେ ଚିକିତ୍ସାଳୟର ଚାକର ।

Ordinal, *a.* କ୍ରମସୂଚକ, ଅନୁକ୍ରମିକ ।—*n.* 1. କ୍ରମସୂଚକ ସଂଖ୍ୟା, ଯଥା : ପ୍ରଥମ, ଦ୍ୱିତୀୟ ଇତ୍ୟାଦି; 2. ହସ୍ତାର୍ପଣ ଆଦି ସମ୍ବନ୍ଧରେ ଧର୍ମ ବିଧାନାବଳୀ ।

Ordinance, *n.* 1. ବ୍ୟବସ୍ଥା, ବିଧାନ; 2. ଧର୍ମ ବିଧି ।

Ordinarily, *ad.* ସାଧାରଣରେ, ସଚରାଚରରୂପେ ।

Ordinary, *a.* 1. ଚଳିତ, ସଚରାଚର; 2. ସାଧାରଣ; 3. ସାମାନ୍ୟ ।—*n.* 1. ସ୍ୱାଧୀନ ବିଚାରକର୍ତ୍ତା, ଧର୍ମାଧିକରଣ; 2. ଚଳିତ ପ୍ରଥା, ସାଧାରଣ ବିଷୟ; 3. ଧର୍ମ[illegible] 4. ମୂଲ୍ୟରେ ଯୋଗା ଯାଉଥିବା ଖାଦ୍ୟର [illegible] ରଣ ଲୋକ ସମୂହ ।

Ordinate, *a.* କ୍ରମାଗତ, ନିୟମିତ ।

Ordination, *n.* 1. ନିୟୋଗକରଣ; 2. ଧର୍ମ ପଦରେ ହସ୍ତାର୍ପଣ ଦ୍ୱାରା ନିଯୁକ୍ତି; 3. ବିନ୍ୟାସ ।

Ordnance, *n.* କମାଣ, ତୋପସମୂହ ।

Ordnance Survey, *n.* ପଥ ଆଦି ପ୍ରସ୍ତୁତକାରୀ ସୈନ୍ୟମାନଙ୍କ ଦ୍ୱାରା ଦେଶମାପ ଓ ମାନଚିତ୍ର ଅଙ୍କନ ।

Ordonnance, *n.* ଚିତ୍ରରେ ମୂର୍ତ୍ତିଲେଖନ ବା ଗୃହ ନିର୍ମାଣରେ ଭିନ୍ନ ଅଂଶ ଯଥାସ୍ଥାନରେ ସ୍ଥାପନ ।

Ordure, *n.* ବିଷ୍ଠା ।

Ore, *n.* ଅକରୀୟ ଅପରିଷ୍କୃତ ଧାତୁ ।

Organ, *n.* 1. ଇନ୍ଦ୍ରିୟ; 2. ରାଜନୀତି ବା ଧର୍ମ ସମ୍ବନ୍ଧୀୟ ସମ୍ବାଦପତ୍ର; 3. ଭିତର ପବନରେ ପୂରିତ ଠେକ ମାରିବା ଦ୍ୱାରା ବଜାଯିବା ଭିନ୍ନ ସ୍ୱର ଉତ୍ପାଦକ ନଳୀବିଶିଷ୍ଟ ବାଦ୍ୟଯନ୍ତ୍ର; 4. ଉକ୍ତ ବାଦ୍ୟଯନ୍ତ୍ର ପରି କୌଣସି ବାଜା ।

Organ-builder, *n.* ଉକ୍ତ ବାଦ୍ୟଯନ୍ତ୍ର ନିର୍ମାତା ।
Organ-grinder, *n.* ଏକପ୍ରକାର ବାଜାର କଳ ବେଣ୍ଟ ବୁଲାଇବା ଦ୍ୱାରା ବଜାଇବା ଲୋକ ।
Organic, Organical, *a.* 1. ଇନ୍ଦ୍ରିୟବିଶିଷ୍ଟ ବା ସମ୍ଭୂତ; 2. କାରଣୀଭୂତ; 3. ଜୈବନ୍ତ ।
Organically, *ad.* ଇନ୍ଦ୍ରିୟବିଶିଷ୍ଟରୂପେ, ଜୀବନ୍ତଭାବେ ।
Organic chemistry, *n.* ଜୀବ ଓ ଉଦ୍ଭିଦ ସମ୍ବନ୍ଧୀୟ ରସାୟନିକ ଶାସ୍ତ୍ର ।
Organic disease, *n.* ଇନ୍ଦ୍ରିୟ ପରିବର୍ତ୍ତକ ପୀଡ଼ା ।
Organic remains, *n.* ପ୍ରସ୍ତରୀଭୂତ ଜୀବ ବା ଉଦ୍ଭିଦ ।
Organisability, *n.* 1. ସଂସ୍ଥାପନୀୟତ୍ୱ; 2. ଗଠନ-ଯୋଗ୍ୟତା ।
Organisable, *a.* 1. ସଂସ୍ଥାପନୀୟ; 2. ଗଠନଯୋଗ୍ୟ, ବନ୍ଦୋବସ୍ତକରଣୀୟ ।
Organisation, *n.* 1. ସଂସ୍ଥାପନକରଣ; 2. ଗଠିତା-ବସ୍ଥା, ଅବୟବଗ୍ରନ୍ଥ ।
Organise, *v.t.* 1. (Biol.) ଇନ୍ଦ୍ରିୟବିଶିଷ୍ଟ-କ, ଶାବ-ୟବ-କ; 2. ସଂସ୍ଥାପନ-କ; 3. ଗଠନ-କ; 4. ବନ୍ଦୋବସ୍ତ-କ, ବ୍ୟୂହ-କ; 5. ପଦସ୍ଥମାନଙ୍କୁ ନିଯୁକ୍ତ କରିବା ଦ୍ୱାରା କାର୍ଯ୍ୟ ପ୍ରସ୍ତୁତ-କ ।—*v.i.* ଦଳବଦ୍ଧ-ହ ।
Organiser, *n.* ସଂସ୍ଥାପକ, ବନ୍ଦୋବସ୍ତକାରୀ ।
Organism, *n.* 1. ଇନ୍ଦ୍ରିୟବିଶିଷ୍ଟ ଗଠନ; 2. ଅବୟବ; 3. ଜୀବ; 4. ଉଦ୍ଭିଦ ।
Organist, *n.* ଅର୍ଗନ୍ ନାମକ ବାଦ୍ୟଯନ୍ତ୍ରର ବାଦକ ।
Organ-loft, *n.* ଅର୍ଗନ ବାଦ୍ୟଯନ୍ତ୍ର ରହିବା ମଞ୍ଚ ।
Organ-pipe, *n.* ଅର୍ଗନ୍ ବାଦ୍ୟଯନ୍ତ୍ରର ସ୍ୱର ଉତ୍ପାଦକ ନଳୀ । [ଲେଖା ।
Organry, *n.* ଅର୍ଗନ୍ ବାଦ୍ୟଯନ୍ତ୍ର ଉପଯୋଗୀ ସଙ୍ଗୀତ
Orgasm, *n.* ଅତଶୟ ଉଗ୍ରତା । [ପୂର୍ଣ୍ଣ ଆମୋଦ ।
Orgy, *n.* (*pl.* Orgies.) ଉନ୍ମତ୍ତତାଜନିତ କୋଳାହଳ-
Oriel, *n.* କାନ୍ଥରୁ ବାହାରିଥିବା ଓ ପିଲ୍‌ପାୟା ଉପରେ ସ୍ଥାପିତ ହୋଇଥିବା କରୋଖ ।
Orient, *a.* 1. ସୂର୍ଯ୍ୟ ପରି ଉଦୀୟମାନ; 2. ପୂର୍ବ ଦିଗ ସମ୍ବନ୍ଧୀୟ; 3. ବର୍ଣ୍ଣରେ ଉଜ୍ଜ୍ୱଳ ।—*n.* 1. ସୂର୍ଯ୍ୟ ଉଦୟ ହେବା ଦିଗ; 2. ପୂର୍ବ ଦେଶମାନ; 3. ଅତିର ବିଶୁଦ୍ଧତା ।—*v.t.* ପୂର୍ବାଭିମୁଖେ ସ୍ଥାପିବା ।
Oriental, *a.* 1. ପ୍ରାଚ୍ୟ, ପୂର୍ବୀୟ; 2. ପୂର୍ବ ସମ୍ବନ୍ଧୀୟ ।—*n.* ପୂର୍ବଦେଶ ନିବାସୀ ।
Orientalise, *v.t.* ପ୍ରାଚ୍ୟ ପଦ୍ଧତ୍ୟନୁଯାୟୀ-କ ।
Orientalism, *n.* ପୂର୍ବ ଦେଶୀୟ ଉକ୍ତି ବା ମତ ।
Orientalist, *n.* 1. ପ୍ରାଚ୍ୟ ଭାଷାବେତ୍ତା; ପୂର୍ବଦେଶ ନିବାସୀ ।
Orientation, *n.* 1. ପୂର୍ବାଭିମୁଖକରଣ; 2. ପୂର୍ବଦିଗ ନିର୍ଣ୍ଣୟକରଣ; 3. ଦିଗାନୁସାରେ ସ୍ଥାପନ; 4. ପାଖ ଅଟର ସ୍ଥିତିକୁ ଫେରିଯାଇ ପାଇବା ସ୍ୱାଭାବିକ ଜ୍ଞାନ ।
Orifice, *n.* ଛିଦ୍ର, ଫାଙ୍କ, ରନ୍ଧ୍ର ।
Origin, *n.* 1. ଉତ୍ପତ୍ତି, ଆରମ୍ଭ; 2. ମୂଳକାରଣ; 3. ମୂଳ, ବଂଶ ।
Original, *a.* 1. ମୌଳିକ, ଆଦ୍ୟ; 2. ସ୍ୱରଚିତ; 3. ପ୍ରଥମଭୂତ; 4. ନୂତନ ସଙ୍କଳ୍ପ ଉତ୍ପାଦକ ।—*n.* 1. ଆଦର୍ଶ, ପ୍ରଥମଲେଖା; 2. ଆଦଭାଷା; 3. ଅଦ୍ଭୁତଗୁଣୀୟ ଲୋକ ।
Originality, *n.* 1. ନୂତନ ସଙ୍କଳ୍ପ ଉତ୍ପାଦନା ଶକ୍ତି; 2. ମୂଳତ୍ୱ ।
Originalness, *n.* 1. ମୌଳିକ ଅବସ୍ଥା; 2. ସ୍ୱରଚିତତା ।
Originally, *ad.* 1. ଆଦ୍ୟରେ, ପ୍ରଥମରେ, ଆରମ୍ଭରେ; 2. ନୂତନ ସଙ୍କଳ୍ପଭାବେ ।
Originate, *v.t.* 1. ଉତ୍ପନ୍ନ-କ; 2. ଜନ୍ମାଇବା, ସୃଷ୍ଟି-କ, ଆରମ୍ଭ-କ ।—*v.i.* ଉତ୍ପନ୍ନ-ହ, ଆରମ୍ଭ-ହ ।
Origination, *n.* 1. ଉତ୍ପାଦନ; 2. ଜନ୍ମ ସ୍ଥାନ, ଉତ୍ପତ୍ତି ଧାମ ।
Originative, *a.* ସୃଷ୍ଟିକାରକ, ଉତ୍ପାଦନକାରୀ ।
Originator, *n.* ସୃଷ୍ଟିକର୍ତ୍ତା, ଉତ୍ପାଦକ ।
Oriole, *n.* ହଳଦୀ ବସନ୍ତ ଚଢ଼େଇ ।
Orior, *n.* ଅନୁରାଗି, ମୃଗଶୀର୍ଷ ।
Orison, *n.* ପ୍ରାର୍ଥନା ।
Ornament, *n.* 1. ଅଳଙ୍କାର, ଭୂଷଣ, ଆଭରଣ; 2. ସମ୍ମାନସୂଚକ ଚିହ୍ନ ।—*v.t.* ଭୂଷଣ-କ, ଅଳଙ୍କୃତ-କ ।
Ornamental, *a.* ଶୋଭାକର, ସୌନ୍ଦର୍ଯ୍ୟକାରକ ।
Ornamentally, *ad.* ଶୋଭାକରରୂପେ ।
Ornamentation, *n.* 1. ଭୂଷଣକରଣ; 2. (Archit.) ଶୋଭନଶୀଳ କାର୍ଯ୍ୟ ।
Ornate, *a.* ଅଳଙ୍କୃତ, ବିଭୂଷିତ ।
Ornithology, *n.* ପକ୍ଷିବିଜ୍ଞାନ ।
Orography, *n.* ପର୍ବତ ବିଷୟକ ବିଦ୍ୟା ।
Orology, *n.* ଗିରିବିଜ୍ଞାନ ।
Orphan, *n.* ଅନାଥ ପିଲା, ପିତୃମାତୃହୀନ ସନ୍ତାନ ।—*a.* ନିରାଶ୍ରୟ, ଅନାଥ, ପିତୃମାତୃହୀନ ।
Orphanage, *n.* 1. ପିତୃମାତୃହୀନ ଅବସ୍ଥା; 2. ଅନାଥାଶ୍ରମ ।
Orphanhood, *n.* ଅନାଥତ୍ୱ ।
Orpiment, *n.* ଗୋଦନ୍ତ ହରିତାଳ ।
Orrery, *n.* ଗ୍ରହାଦିର ଗତିପଥ ଦର୍ଶନାର୍ଥେ ଯନ୍ତ୍ର ।
Orris, *n.* 1. ସୁନା ବା ରୂପାର ଜରି; 2. ସୁଗନ୍ଧି ଦ୍ରବ୍ୟ-ରେ ବ୍ୟବହୃତ ବୃକ୍ଷ ବିଶେଷ ।
Orthodox, *a.* 1. ସ୍ୱଧର୍ମପରାୟଣ; 2. ପ୍ରଚଳିତ ଧର୍ମାନୁ-ମୋଦିତ; 3. ଶାସ୍ତ୍ରାନୁବର୍ତ୍ତୀ । [ପ୍ରୀତି ।
Orthodoxy, *n.* ପ୍ରଚଳିତ ଧର୍ମାନୁମୋଦନ, ସ୍ୱଧର୍ମରେ
Orthoepy, *n.* *or'tho-e-pi*, 1. ଶବ୍ଦର ବିଶୁଦ୍ଧ ଉଚ୍ଚା-ରଣ ବିଦ୍ୟା; 2. ଉଚ୍ଚାରଣ ପ୍ରଣାଳୀ ।
Orthographer, *n.* 1. ବିଶୁଦ୍ଧବର୍ଣ୍ଣ ଲେଖକ; 2. ଶବ୍ଦ ବ୍ୟୁତ୍ପତ୍ତି ଜ୍ଞାନବେତ୍ତା ।
Orthography, *n.* 1. ବିଶୁଦ୍ଧବର୍ଣ୍ଣ ଲିଖନ ପ୍ରଣାଳୀ; 2. ଶବ୍ଦ ବ୍ୟୁତ୍ପତ୍ତି ଜ୍ଞାନ ।
Orthophony, *n.* 1. ବିଶୁଦ୍ଧ କଥନ ବିଦ୍ୟା; 2. ସ୍ୱର ବିଦ୍ୟାଭ୍ୟାସ ।

**Ortive**, *a.* 1. ଉଦୀୟମାନ; 2. ପ୍ରାଚ୍ୟ ।

**Ortolan**, *n.* ୟୁରୋପ୍ ଦେଶର ଉକ୍ତନାମ୍ନୀ କ୍ଷୁଦ୍ର ପକ୍ଷୀ [ବିଶେଷ ।

**Oscillate**, *v.i.* 1. ଦୋହଲିବା, ଝୁଲିବା; 2. ଦୋଳାୟମାନ-ହେ, ଆନ୍ଦୋଳିତ-ହେ ।

**Oscillation**, *n.* ଦୋଳନ, ଝୁଲଣ, ଆନ୍ଦୋଳନ ।

**Oscillatory**, *a.* ଦୋଳାୟମାନ, ଦୋଦୁଲ୍ୟମାନ ।

**Oscitancy**, *n.* 1. ଜୃମ୍ଭଣ; 2. ତନ୍ଦ୍ରାକର୍ଷଣ ।

**Osculation**, *n.* 1. ଚୁମ୍ବନକରଣ; 2. (Geom.) ଦୁଇ ବକ୍ରରେଖାର ପରସ୍ପର ସ୍ପର୍ଶନ ।

**Osculum**, *n.* ସ୍ପଞ୍ଜରେ ଥିବା ପାଟି ।

**Osier**, *n.* ଟୋକାଇ ତିଆର ହେବା ଏକପ୍ରକାର ବଳ ।

**Osprey**, *n.* ଉତ୍ତର ଆମେରିକାର ଏକପ୍ରକାର ମାଛଖିଆ ଚିଲ ପକ୍ଷୀ ।

**Osseous**, *a.* ଅସ୍ଥିମୟ, ଅସ୍ଥିବତ୍ ।

**Ossiferous**, *a.* ଅସ୍ଥି ଉତ୍ପାଦକ ।

**Ossification**, *n.* ମାଂସ ଅସ୍ଥିରେ ପରିଣତ ହେବା ପ୍ରକ୍ରିୟା ।

**Ossify**, *v.t.* ଅସ୍ଥିବତ୍-କ ।—*v.i.* ମାଂସ ଅସ୍ଥିରେ ପରିଣତ-ହେ ।

**Ostensible**, *a.* 1. ପ୍ରକାଶ୍ୟ; 2. ଅପ୍ରକୃତଭାବେ ପ୍ରଦ- [ଶିତ ।

**Ostensibly**, *ad.* 1. ପ୍ରକାଶ୍ୟରୂପେ; 2. ଅପ୍ରକୃତଭାବେ; 3. ପ୍ରଦର୍ଶିତଭାବେ ।

**Ostensive**, *a.* 1. ପ୍ରଦର୍ଶନୀୟ; 2. ପ୍ରଦର୍ଶକ ।

**Ostentation**, *n.* 1. ଜାକଜମକକରଣ; 2. ବାହ୍ୟାଡମ୍ବର, ଜାକ୍‌ଜମକ; 3. ଆତ୍ମଶ୍ଳାଘା; 4. ମିଥ୍ୟାଦର୍ପ, ବଡାଇ ।

**Ostentatious**, *a.* 1. ଆତ୍ମଶ୍ଳାଘୀ, ବାହ୍ୟାଡମ୍ବରପ୍ରିୟ; 2. ଜାକଜମକ ଉପଯୋଗୀ ।

**Ostentatiously**, *ad.* ଆତ୍ମଶ୍ଳାଘାପୂର୍ବକ ।

**Ostentatiousness**, *n* ବାହ୍ୟାଡମ୍ବରପ୍ରିୟତା ।

**Osteology**, *n.* ଅସ୍ଥି ବିଜ୍ଞାନ ।

**Ostler**. *n.* ସଇସ, ସରାଇ ଘରେ ଘୋଡା ରକ୍ଷକ ।

**Ostracise**, *v.t.* ସମାଜଚ୍ୟୁତ-କ. ସମ୍ପ୍ରଦାୟରୁ ବହିଷ୍କୃତ-କ ।

**Ostracism**, *n.* 1. ସମ୍ପ୍ରଦାୟରୁ ବହିଷ୍କୃତକରଣ; 2. ସମାଜଚ୍ୟୁତ ।

**Ostrich**, *n.* ଉଟପକ୍ଷୀ ।

**Ostrich-farm**, *n.* ପର ପାଇବା ପାଇଁ ଉଟପକ୍ଷୀ ପାଳିବା ଜାଗା ।

**Otacoustic**, *a. ot'-a-kows'tik*, ଶ୍ରବଣ ଉପକାରୀ ।—*n.* ଶ୍ରବଣ ଉପକାରୀ ଯନ୍ତ୍ର ।

**Otalgia**, *n.* କର୍ଣ୍ଣ ଶୂଳ ।

**Other**, *a.* and *pro.* 1. ଅନ୍ୟ, ଅନ୍ୟ, ଅପର; 2. ଏତଦ୍ଭିନ୍ନ ।—The other day, ଅଳ୍ପ ଦିନ ତଳେ ।

**Otherwise**, *ad.* ଅନ୍ୟପ୍ରକାରେ, ଭିନ୍ନରୂପେ ।—*conj.* ଅଥବା, ନତୁବା, କିମ୍ବା ।

**Otic**, *a.* କର୍ଣ୍ଣ ସମ୍ବନ୍ଧୀୟ ।

**Otitis**, *n.* କର୍ଣ୍ଣ ଜ୍ୱାଳା ।

**Otology**, *n.* କର୍ଣ୍ଣ ବିଷୟକ ଜ୍ଞାନ ।

**Otter**, *n.* ଓଧ, ଓଧୁଅ, ଜଳମାର୍ଜାର

**Otto**, *n.* (same as *Attar.*) ଅତର୍. ସୁଗନ୍ଧି ।

**Ottoman**, *a.* ତୁରସ୍କ ସାମ୍ରାଜ୍ୟ ସମ୍ବନ୍ଧୀୟ ।—*n.* 1. ତୁରସ୍କ ଜାତୀୟ ଲୋକ; 2. ଗଦିଯୁକ୍ତ ଆସନବିଶେଷ; ପାଲଙ୍କରେ ଅଡ଼ାକର ପାଦପୀଠ ।

**Ought**, (1) *v.i. awt*, ଉଚିତ-ହେ, କର୍ତ୍ତବ୍ୟ-ହେ ।

**Ought**, (2) *n.* କିଛୁ, କିଛି ।

**Ounce**, (1) *n.* 1. ସ୍ୱର୍ଣ୍ଣ ଆଦି ତୌଲିବାରେ ପାଉଣ୍ଡର ଦ୍ୱାଦଶାଂଶ, $=2\frac{2}{5}$ ତୋଳା; 2. ସାଧାରଣ ଓଜନରେ ପାଉଣ୍ଡର ଷୋଡ଼ଶାଂଶ, ଅଢାଇ ତୋଳା ବା ବାଲେଶ୍ୱର ଅର୍ଦ୍ଧ ଛଟାଙ୍କ ।

**Ounce**, (2) *n.* ତିବ୍ବତ ପର ଅସିଆ ଦେଶର ଏକ ପ୍ରକାର ଜନ୍ତୁ ।

**Our**, *poss. pro.* (when not followed by a noun *Ours.*) ଆମ୍ଭମାନଙ୍କର ।

**Ourself**, (used by royalty only.) *ref. pro. pl.* Ourselves, 1. ଆମ୍ଭେମାନେ ନିଜେ; 2. ଆପଣାମାନଙ୍କୁ ।

**Oust**, *v.t.* ବାହାର କରି-ଦେ, ପଦରୁ ଅନ୍ତର-କ, ବହିଷ୍କୃତ-କ ।

**Out**, *ad.* 1. ବାହାରେ, ବାହ୍ୟରେ; 2. ଶେଷ ପର୍ଯ୍ୟନ୍ତ; 3. ସମ୍ପୂର୍ଣ୍ଣରୂପେ; 4. ପ୍ରକାଶିତ ଅବସ୍ଥାରେ; 5. ନଷ୍ଟ ଅବସ୍ଥାରେ; 6. ଅମିଳନରେ; 7. ଅସ୍ତ କରି ।—*interj.* ଦୂର ହୁଅ! ବାହାର ହୁଅ!—*v.i.* ବାହାରିବା ।—Out of, 1. ହେତୁରୁ; 2. ମଧ୍ୟରୁ । Out of the way, ଅତି ଅସାଧାରଣ, ଅପୂର୍ବ । Out and away, ଅଧିକ ପରିମାଣରେ । Out and out, 1. ଖୁବ, ପକ୍କା; 2. ସମ୍ପୂର୍ଣ୍ଣରୂପେ । Out of date, ଅପ୍ରଚଳିତ । Out of one's mind, ବାୟା । Out of pocket, କ୍ଷତିଗ୍ରସ୍ତ । Out of sorts, ଅସୁସ୍ଥ । Out of the question, ଅସମ୍ଭବ । Out of the woods, ବିପଦଶୂନ୍ୟ । Out of repair, ବେମରମତି ।

**Outbid**, *v.t.* ଅନ୍ୟଠାରୁ ଅଧିକ ମୂଲ୍ୟ ଅଙ୍ଗୀକାର-କ, ନିଲାମରେ ଅଧିକ ମୂଲ୍ୟ ଡାକିବା ।

**Outbreak**, *n.* 1. ରୋଗର ଉଦ୍ଭବ, ରୋଗର ହଠାତ୍ ପ୍ରାଦୁର୍ଭାବ ବା ବହୁଲୋକଙ୍କ ମଧ୍ୟରେ ବିସ୍ତୃତ; 2. ଗୋଳମାଳ, ଖାନ୍ଦରଙ୍ଗ ।

**Out-breaker**, *n.* ତୀରରୁ ଦୂରରେ ଭଗ୍ନ ଲହରୀ ।

**Out-building**, *n.* ବାହାର ଘର ।

**Outburst**, *n.* 1. (କ୍ରୋଧ) ବିସ୍ଫୋଟନ; 2. ସବେଗେ ବିଦାରଣ, ଫୁଟନ ।

**Outcast**, *a.* 1. ନିର୍ବାସିତ; 2. ସମାଜବହିଷ୍କୃତ; 3. ପରିତ୍ୟକ୍ତ ।—*n.* 1. ସମାଜଚ୍ୟୁତ ଲୋକ; ମିଥ୍ୟା ଭ୍ରମଣକାରୀ; ଦେଶନିର୍ବାସିତ ବ୍ୟକ୍ତି ।

**Outcome**, *n.* ଫଳ, ପ୍ରତିଫଳ, ଶେଷଫଳ ।

**Outcry**, *n.* 1. ଚିତ୍କାର, ଆର୍ତ୍ତନାଦ, ନିନାଦ; 2. ତହଲ; 3. ନିଲାମ ।

**Outdistance**, *v.t.* ଦୂର ପଛରେ ପକାଇବା ।

**Outdo**, *v.t.* ଅତିକ୍ରମ-କ ।

Outdoor, *a.* ବାହାରସ୍ଥ ।
Outdoors, *ad.* ଗୃହ ବାହାରେ ।—*n.* ବାହ୍ୟ ଜଗତ ।
Outer, *a.* ବାହ୍ୟ, ବହିଃସ୍ଥ ।
Outermost, *a.* 1. ସର୍ବବହିଃସ୍ଥ; 2. ସର୍ବଦୂରସ୍ଥ ।
Outfit, *n.* 1. ଯାହା ନିମନ୍ତେ ସରଞ୍ଜାମ ଆୟୋଜନ; 2. ପ୍ରୟୋଜନୀୟ ସରଞ୍ଜାମ, ସମ୍ପୂର୍ଣ୍ଣ ସଜ୍ଜା; 3. ଯାତ୍ରାର୍ଥ ଦ୍ରବ୍ୟାଦି ବା ତହିଁର ଖରଚ ।—*v.t.* ଯାହା ନିମନ୍ତେ ସରଞ୍ଜାମ ଆୟୋଜନ-କ, ସୁସଜ୍ଜିତ-କ ।
Outfitter, *n.* ଯେ ପ୍ରୟୋଜନୀୟ ସରଞ୍ଜାମ ଯୋଗାଏ ।
Outflank, *v.t.* 1. ସୈନ୍ୟଦଳ ପାର୍ଶ୍ୱ ଦେଇ ଯେଉ ଯିବା; 2. କୌଶଳରେ ଜିଣିବା, ପରାଭୂତ-କ ।
Outfly, *v.t.* ଉଡ଼ନାରେ ଅନ୍ୟକୁ ପଛରେ ପକାଇବା, ଅଧିକ ଶୀଘ୍ର ଉଡ଼ିବା । [ଅତିକ୍ରମ-କ ।
Outgeneral, *v.t.* ଯୁଦ୍ଧବିଦ୍ୟାରେ କୌଶଳ ଦ୍ୱାରା
Outgive, *v.t* and *v.i.* ଦାନରେ ଶ୍ରେଷ୍ଠ-ହେ ।
Outgoing, *a.* ବାହାରୁଥିବା, ପ୍ରସ୍ଥାନକାରୀ ।—*n.* 1. ବହିର୍ଗମନ; 2. ଖରଚ ।
Outgrow, *v.t.* 1. ବୃଦ୍ଧି ବିଷୟରେ ଅନ୍ୟକୁ ଅତିକ୍ରମ-କ; 2. ବେଶି ବୃଦ୍ଧି ପାଇ ପରିତ୍ୟାଗ-କ ।
Outgrowth, *n*, 1. ବହିର୍ବୃଦ୍ଧି; 2. ପରିଣାମ ଫଳ ।
Out-house, *n.* ବାହାର ଘର ।
Outing, *n.* 1. ବାହାରିଯିବା କାର୍ଯ୍ୟ; 2. ବାୟୁ ସେବନ, ବାହାରେ ଭ୍ରମଣ ।
Outland, *n.* ନୃପ ଭୂମି ସୀମାରୁ ବାହାରେ ଥିବା ଦେଶ ।
Outlander, *n.* ବିଦେଶୀ ।
Outlandish, *a.* 1. ଅସଭ୍ୟ, ମ୍ଳେଚ୍ଛ; 2. ସୀମା ବାହାରସ୍ଥ; 3. ବିଦେଶୀୟ ।
Outlast, *v.t.* ଅନ୍ୟଠାରୁ ଅଧିକ କାଳ ଭୋଗ-କ ।
Outlaw, *n.* 1. ବ୍ୟବସ୍ଥାବହିର୍ଭୂତ ଲୋକ; 2. ଡକାୟତ, ଦସ୍ୟୁ ।—*v.t.* ବ୍ୟବସ୍ଥାବହିର୍ଭୂତ-କ, ରାଜରକ୍ଷଣରୁ ବଞ୍ଚିତ-କ ।
Outlawry, *n.* ରାଜରକ୍ଷଣରୁ ବଞ୍ଚିତ ଅବସ୍ଥା ।
Outlay, *n.* ବ୍ୟୟ, ଖରଚ ।
Outlet, *n.* ମୁହାଁଣ, ବହିର୍ଗମନ ପଥ, ଦ୍ୱାର ।
Outline, *n.* 1. ବହିରେଖା; 2. ସୀମାର ରେଖାମାତ୍ର ନକ୍ସା; 3. ପାଣ୍ଡୁଲିପି ।—*v.t.* ସୀମାର ରେଖାମାତ୍ର ନକ୍ସା ଆଙ୍କିବା ।
Outlive, *v.t.* ଅନ୍ୟଠାରୁ ଅଧିକ କାଳ ବଞ୍ଚିବା ।
Outlook, *n.* 1. ଦୃଶ୍ୟ; 2. ଆଶା; 3. ଭବିଷ୍ୟଦର୍ଶନ; 4. ଦର୍ଶନ ସ୍ଥାନ, ପ୍ରହରୀ ଦୁର୍ଗ; 5. ଚୌକି ।
Outlying, *a.* ସୀମାନ୍ତ, ଦୂରସ୍ଥ, ପୃଥକ୍‌ଭୂତ ।
Outmanœuver, *v.t.* କୌଶଳକ୍ରମେ ଅନ୍ୟକୁ ଜିଣିବା ।
Outmatch, *v.t.* ବଳିପଡ଼ିବା, ଅତିକ୍ରମ-କ ।
Outmost, *a.* same as Outermost.
Outnumber, *v.t.* ସଂଖ୍ୟାରେ ବଳିଯିବା, ସଂଖ୍ୟାରେ ଅତିକ୍ରମ-କ ।
Outpatient, *n.* ଯେ ରୋଗୀ ଚିକିତ୍ସାଳୟରେ ନ ରହି ବାହାରେ ଥାଇ ଔଷଧ ପାଏ, ବାହାର ମଲ୍ଲୁ ।
Outpost, *n.* ସୈନ୍ୟଦଳର ଛାଉଣୀଠାରୁ ଦୂରବର୍ତ୍ତୀ ପ୍ରହରୀ ସ୍ଥାନ ବା ତହିଁର ପ୍ରହରୀଦଳ, ଫାଣ୍ଡି ।
Outpour, *v.t.* ଢାଳି-ଦେ, ନିର୍ଗମନ କରାଇବା ।—*v.i.* ନିର୍ଗତ-ହେ ।
Outpray, *v.t.* ପ୍ରାର୍ଥନା କରୁ୬ ଔତ୍ସୁକ୍ୟରେ ଅଧିକ-ହେ ।
Output, *n.* ନିରୂପିତ ସମୟ ମଧ୍ୟରେ ଖଣି ଆଦିରୁ ବାହାରିବା ପଦାର୍ଥର ପରିମାଣ ।
Outquarters, *n.* ସୈନ୍ୟ ଗୃହଠାରୁ ଭିନ୍ନ ସୈନ୍ୟାବାସ ଘର ।
Outrage, *n.* 1. ଭୟଙ୍କର ଉପଦ୍ରବ, ଦୌରାତ୍ମ୍ୟ; 2. ମହତ୍ ହାନି; 3. ଅନର୍ଥକ ଅତ୍ୟାଚାର ।—*v.t.* ମହତ୍ ହାନି-କ ।—*v.i.* ବଳାତ୍କାର ଦୋଷରେ ଅପରାଧୀ-ହେ ।
Outrageous, *a.* 1. ଅତ୍ୟାଚାର ବିଷୟକ; 2. ଦୌରାତ୍ମ୍ୟକ; 3. ଦାରୁଣ; 4. ଅତ୍ୟଧିକ ।
Outrageously, *ad.* ଦାରୁଣଭାବେ । [କାରକତା ।
Outrageousness, *n.* ଅତ୍ୟାଚାରତା, ଉପଦ୍ରବ-
Outré, *a.* 1. ପ୍ରଚ୍ୟାଧିକ; 2. ଅସଙ୍ଗତ । [ରିବା ।
Outride, *v.t.* ଅଶ୍ୱାରୋହଣରେ ଅନ୍ୟକୁ ପଛରେ ପକା-
Outrider, *n.* ଗାଡ଼ି ସଙ୍ଗରେ ଯିବା ଅଶ୍ୱାରୋହୀ ।
Outrigger, *n.* 1. ଜାହାଜର ପାଲ ବିସ୍ତାର କରିବା ପାଇଁ ଲଗାହୋଇଥିବା କାଷ୍ଠଖଣ୍ଡ; 2. ସମୁଦ୍ରରେ ଯିବା ଡଙ୍ଗା ନ ବୁଡ଼ିବା ପାଇଁ ତହିଁରେ ଲଗାଥିବା ଏକପ୍ରକାର ଭେଳା; 3. ଅହୁଲ ଧରିବା ପାଇଁ ନୌକାର ଦୁଇ ପାର୍ଶ୍ୱରେ ଲଗାଥିବା ଲୁହା ବିଶେଷ ।
Outright, *ad.* 1. ତତ୍‌କ୍ଷଣେ; 2. ସମ୍ପୂର୍ଣ୍ଣରୂପେ ।
Outrival, *v.t.* ବଳି ଯିବା, ଅତିକ୍ରମ-କ ।
Outrun, *v.t.* ଦୌଡ଼ରେ ଅନ୍ୟକୁ ପଛରେ ପକାଇବା ।
Out-sentry, *n.* ବାହାର ପ୍ରହରୀ, ଦୂରରେ ଜଗିଥିବା ଚୌକିଦାର ।
Outset, *n.* ଆରମ୍ଭ ।
Outside, *n.* ବାହାର, ବାହାର ଭାଗ, ବହିର୍ଭାଗ ।—*a.* ବାହାରସ୍ଥ, ବାହ୍ୟ, ଉପରସ୍ଥ, ସୀମା ବହିଃସ୍ଥ ।—*ad.* ବାହାରେ ।
Outsider, *n.* ବାହାର ଲୋକ, ଅପରିଚିତ ବ୍ୟକ୍ତି ।
Outskirts, *n.* ଗ୍ରାମ ବା ସହରର ଶେଷ ସୀମା ।
Outspoken, *a.* ସରଳଭାଷୀ ।
Outvie, *v.t.* ପରଠାରୁ ଭଲ କରିବାକୁ ଚେଷ୍ଟା-କ ।
Outvote, *v.t.* ଅଧିକ ସମ୍ମତିଚିହ୍ନ ଦ୍ୱାରା ପରାସ୍ତ-କ ।
Outward, *a.* 1. ବାହାରର, ବାହ୍ୟିକ; 2. (Theol.) ପାର୍ଥିବ, ସାଂସାରିକ, ଶାରୀରିକ ।—*ad.* ବାହାର ଆଡ଼କୁ, ବନ୍ଦରଠାରୁ ଦୂରକୁ ।
Outwardly, *ad.* ବାହ୍ୟିକରୂପେ ।
Outwit, *v.t.* କୌଶଳରେ ଜିଣିବା, ବୁଦ୍ଧିରେ ବଳିଯିବା ।
Outwork, *n.* 1. ଗଡ଼ ବାହାରେ ଥିବା ବନ୍ଧ; 2. ବାହାର କାର୍ଯ୍ୟ ।
Oval, *a.* ଅଣ୍ଡାକାର ।—*n.* 1. ଅଣ୍ଡାକାର କୌଣସି ପଦାର୍ଥ; 2. ଅଣ୍ଡାକାର ଭୂମିଖଣ୍ଡ ।
Ovary, *n.* ଅଣ୍ଡ କୋଷ, ଅଣ୍ଡାଧାର ।

**Ova**, *n. pl.* ଅଣ୍ଡାଗୁଚ୍ଛ ।

**Ovarious**, *a.* ଅଣ୍ଡଯୁକ୍ତ, ଅଣ୍ଡମୟ ।

**Ovate**, *a.* ଅଣ୍ଡାକୃତି ।

**Ovation**, *n.* ଜୟୋଲ୍ଲାସ ବନ୍ଦନା, ପ୍ରଶଂସାସୂଚକ ଅଭିନନ୍ଦନ ।

**Oven**, *n.* ସିଝିବା ଚୁଲ୍ଲି, ତନ୍ଦୁର ।

**Over**, *prep.* 1. ଉପରେ, ଊର୍ଦ୍ଧ୍ୱରେ; 2. ଠାରୁ ଅଧିକ ।—*ad.* 1. ଉପରେ; 2. ଅନ୍ୟ ପାଖରେ, ସେ ପାଖକୁ; 3. ବଳିକରି, ଉଚ୍ଛୁଳି ହୋଇ; 4. ପୁନର୍ବାର, ପୁନଃପୁନଃ; 5. ବେଶି, ଅତିରିକ୍ତ ।—*a.* 1. ଉପର; 2. ଅବଶିଷ୍ଟ; 3. ଗତ ।—Over again, ଆଉ ଥରେ, ପୁନର୍ବାର । Over against, ସମ୍ମୁଖେ । Over and above, ଏତଦ୍ ବ୍ୟତୀତ । Over and over, ବାରମ୍ବାର, ପୁନଃପୁନଃ । Over head and ears, ସମ୍ପୂର୍ଣ୍ଣରୂପେ, ସର୍ବତୋଭାବେ ।

**Overalls**, *n. pl.* ଭଲ ଲୁଗା ସଫା ରଖିବା ନିମନ୍ତେ ଉପରେ ପିନ୍ଧା ଲୁଗା ।

**Overawe**, *v.t.* ଭୟ ଦେଖାଇ ଦମନ-କ ।

**Overbalance**, *v.t.* 1. ଏକ ପାଖ ଅଧିକ ଭାରାକ୍ରାନ୍ତ-କ; 2. ଲେଉଟି ପଡିବା ।

**Overbearing**, *a.* ଦାମ୍ଭିକ, ପ୍ରଗଲ୍ଭ, ଅତିରିକ୍ତ କର୍ତ୍ତୃତ୍ୱପରାୟଣ ।

**Overblown**, *a.* ପୁଷ୍ପ ସମୟରୁ ଅତିକ୍ରାନ୍ତ, ଶୁଷ୍କ ।

**Overboard**, *ad.* ଜାହାଜ ବାହାରେ ।—Thrown overboard, ପରିତ୍ୟକ୍ତ ।

**Overbold**, *a.* ଅତି ନିର୍ଲଜ୍ଜ ।

**Overburden**, *v.t.* ଅଧିକ ଭାରଯୁକ୍ତ-କ ।

**Overcast**, *v.t.* 1. ଘୋଡାଇ-ଦେ, ମେଘାଚ୍ଛନ୍ନ-କ; 2. ଲୁଗାରେ ଅତି ସିଲାଇ-କ ।—*v.i.* ମେଘୁଆ-ହେ ।

**Overcharge**, *v.t.* 1. ଅଧିକ ଭାର-ଦେ: 2. ବେଶି ମୂଲ୍ୟ ବସାଇବା ।—*n.* 1. ଅଧିକ ବୋଝ; 2. ବେଶି ମୂଲ୍ୟ; 3. (ବନ୍ଧୁକରେ) ଅଧିକ ବାରୁଦ ।

**Overcoat**, *n.* ଉପର ଅଙ୍ଗରଖା ।

**Overcome**, *v.t.* ଜୟ-କ, ପରାସ୍ତ-କ, ଜିଣିବା ।

**Overcrowd**, *v.t.* ଅତ୍ୟନ୍ତ ସଙ୍କୁଳ-କ ।

**Overdaring**, *a.* ଦୁଃସାହସୀ ।

**Overdo**, *v.t.* 1. ଅତି ଅଧିକ-କ; 2. କ୍ଳାନ୍ତ କରାଇବା; 3. ବେଶି ପାକ-କ ।

**Overdraw**, *v.t.* 1. ଜମା ଟଙ୍କାରୁ ଅଧିକ ନେବା; 2. ବଢାଇ କହିବା ।

**Overdress**, *v.t.* ଅତିରିକ୍ତରୂପେ ପୋଷାକ ପିନ୍ଧିବା ।

**Overdue**, *a.* ଉପଯୁକ୍ତ ସମୟରୁ ଅତିବାହିତ ।

**Overestimate**, *v.t.* ଅଧିକ ମୂଲ୍ୟ ନିରୂପଣ-କ ।—*n.* ଅଧିକ ମୂଲ୍ୟ ନିରୂପଣ ।

**Overflow**, *v.t.* 1. ଉଚ୍ଛୁଳି ପଡିବା; 2. ପ୍ଲାବିତ-କ ।—*v.i.* ବହୁଳ-ହେ, ଅଧିକ-ହେ ।—*n.* 1. ପ୍ଲାବନ; 2. ଆଧିକ୍ୟ ।

**Overflowingly**, *ad.* ଅତ୍ୟାଧିକ୍ୟରୂପେ, ବହୁଳରୂପେ ।

**Overflow meeting**, *n.* ପ୍ରଧାନ ସଭାରେ ସ୍ଥାନାଭାବ ହେତୁରୁ ଅନ୍ୟ ଏକ ଅଧିବେଶନ ।

**Overhand**, *a.* ଊର୍ଦ୍ଧ୍ୱ କ୍ଷିପ୍ତ ।

**Overhang**, *v.i.* 1. ଉପରୁ ମାଡି ପଡିବା; 2. ବାହାର ହୋଇ ପଡିବା ।

**Overhead**, *ad.* ଉପରେ, ମୁଣ୍ଡ ଉପରେ ।—*a.* ମସ୍ତକୋପରସ୍ଥ ।

**Overhear**, *v.t.* 1. ନ ଶୁଣିବାପରି ଶୁଣିବା; 2. ଦୈବକ୍ରମେ ଶ୍ରବଣ-କ ।

**Overjoy**, *v.t.* ଅତ୍ୟନ୍ତ ଆନନ୍ଦିତ-କ, ଅତି ଉଲ୍ଲାସିତ-କ ।—*n.* ଅତ୍ୟାନନ୍ଦ, ଉଲ୍ଲାସ ।

**Overland**, *a.* ସ୍ଥଳପଥ ଉପଯୋଗୀ ।

**Overlap**, *v.t.* ଏକ ପଦାର୍ଥ ଅଳ୍ପ ପରିମାଣରେ ଅନ୍ୟର ଉପରେ ବସାଇବା ।

**Overlay**, *v.t.* 1. ମଡାଇବା, ମଣ୍ଡିତ-କ; 2. ଚାପି ମଡାଇବା ।

**Overleaf**, *ad.* ପର ପୃଷ୍ଠାରେ ।

**Overlie**, *v.t.* ଚାପି ମାଡି ପକାଇବା ।

**Overload**, *v.t.* ଭାରି ବୋହାଇ-କ, ଅଧିକ ଭାର-ଦେ ।

**Overlook**, *v.t.* 1. ତତ୍ତ୍ୱାବଧାରଣ-କ; 2. ଉଚ୍ଚ ସ୍ଥାନରୁ ଦେଖିବା; 3. ପର୍ଯ୍ୟବେକ୍ଷଣ-କ; 4. ଦୃଷ୍ଟି ନ ପକାଇବା; 5. କ୍ଷମା-କ, ଛାଡି-ଦେ; 6. ଭୁଲ-କ ।

**Overlord**, *n.* ସର୍ବାଧିପତି ।

**Overmuch**, *a.* and *ad.* ଅତ୍ୟଧିକ, ଅତିରିକ୍ତ, ଅତିଶୟ ।

**Overnice**, *a.* ଦୁଷ୍ଟସାଧ୍ୟ ।

**Overnight**, *n.* ପୂର୍ବ ରାତ୍ରି ।

**Overpower**, *v.t.* 1. ପରାକ୍ରମରେ ବଳିବା: 2. ଦମନ-କ, ବଶୀଭୂତ-କ; 3. ପରାସ୍ତ-କ ।

**Overpowering**, *a.* ଅନିବାର୍ଯ୍ୟ ।

**Overprize**, *v.t.* ଅଧିକ ମୂଲ୍ୟବାନ ଜ୍ଞାନ-କ ।

**Overproduction**, *n.* ପ୍ରୟୋଜନରୁ ଅଧିକ ଯୋଗାଣ ।

**Over-reach**, *v.t.* 1. ବଳିକରି ଯିବା; 2. ପ୍ରତାରଣା-କ ।—*v.i.* ଘୋଡାର ପଛ ଗୋଡ ଆଗ ଗୋଡରେ ଲଗାଲଗି ହୋଇ ବାଜିବା ।

**Override**, *v.t.* 1. ଘୋଡାଚଢାରେ ବଳିଯିବା; 2. ଘୋଡାକୁ ପ୍ରାଣାନ୍ତକ-କ; 3. ପଦଦଳିତ-କ ।—Override one's commission, ଉଚିତ ଭାବେ କ୍ଷମତା ପ୍ରୟୋଗ-କ ।

**Over-rule**, *v.t.* 1. କର୍ତ୍ତୃତ୍ୱ-କ, ଶାସନ-କ; 2. ଅନ୍ୟଥା-କ ।

**Over-run**, *v.t.* 1. ବ୍ୟାପ୍ତ-କ; 2. ଉଲ୍ଲଙ୍ଘ-କ; 3. ଦୌଡରେ ବଳିଯିବା ।—*v.i.* ବ୍ୟାପିଯିବା ।

**Overscrupulous**, *a.* ଅତି ସଂଶୟୀ ।

**Oversea**, *a.* 1. ବିଦେଶୀ; 2. ବିଦେଶରୁ ଆଗତ ।

**Oversee**, *v.t.* 1. ତତ୍ତ୍ୱାବଧାନ-କ; 2. ପରିଦର୍ଶନ-କ, ପର୍ଯ୍ୟବେକ୍ଷଣ-କ ।

**Overseer**, *n.* ତତ୍ତ୍ୱାବଧାୟକ, କାର୍ଯ୍ୟାଧ୍ୟକ୍ଷ, ପରିଦର୍ଶକ ।

**Overshadow**, *v.t.* 1. ଛାୟା-କ; 2. ଆଶ୍ରୟ-ଦେ ।

**Oversight**, *n.* 1. ଅମନୋଯୋଗ; 2. ତ୍ରୁଟି, ଭୁଲ; 3. ତତ୍ତ୍ୱାବଧାନ ।

**Oversleep**, *v.t.* ନିର୍ଦ୍ଦିଷ୍ଟ ସମୟରୁ ଅଧିକ କାଳ ନିଦ୍ରାରେ କଟାଇବା ।—*v.i.* ଅଧିକ ନିଦ୍ରା ଯିବା ।
**Overspread**, *v.t.* 1. ବ୍ୟାପ୍ତ-କ; 2. ବିସ୍ତାରିବା, ବୁଣି ପକାଇବା ।
**Overstate**, *v.t.* ବଢ଼ାଇ କହିବା ।
**Overstay**, *v.t.* ଅଧିକ ସମୟ ଅତିବାହିତ-କ ।
**Overt**, *a.* ସୁପ୍ରକାଶ, ବ୍ୟକ୍ତ ।
**Overtake**, *v.t.* 1. ଆଗେଇ ଯାଇ ଧରିବା; 2. ମିଳି ଯିବା ।
**Overthrow**, *v.t.* 1. ଓଲଟାଇ ପକାଇବା; 2. ବିନାଶ-କ; 3. ଭଗ୍ନ-କ; 4. ପରାଜୟ-କ । [କାଳବ୍ୟୟ ।
**Overtime**, *n.* କାର୍ଯ୍ୟରେ ନିରୂପିତ ସମୟରୁ ଅଧିକ
**Overtly**, *ad.* ବ୍ୟକ୍ତରୂପେ ।
**Overture**, *n.* 1. ପ୍ରସ୍ତାବ; 2. ନାଟକାରମ୍ଭରେ ପ୍ରାସଙ୍ଗିକ ବାଦ୍ୟ ବିଶେଷ ।
**Overturn**, *v.t.* 1. ଓଲଟାଇ ପକାଇବା; 2. ବିପର୍ଯ୍ୟସ୍ତ-କ; 3. ବିଧ୍ୱସ୍ତ-କ ।
**Overweight**, *n.* ଓଜନରେ ନ୍ୟାଯ୍ୟାଧିକ, ଭାର ।
**Overwhelm**, *v.t.* 1. ଶୋକାଭିଭୂତ-କ, ବ୍ୟାକୁଳ-କ; 2. ଜୟ-କ ।
**Overwhelming**, *a.* 1. ଶୋକାଭିଭୂତକାରୀ; 2. ମହତ୍କାରୀ; 3. ଅକାର୍ଯ୍ୟ ।
**Overwork**, *v.t.* ଅଧିକ ପରିଶ୍ରମ-କ ।—*v.i.* ପରିଶ୍ରମରେ କ୍ଲାନ୍ତ-ହେ ।—*n.* 1. ଅଧିକ ପରିଶ୍ରମ; 2. ଅତିରିକ୍ତ କାର୍ଯ୍ୟ ।
**Oviferous**, *a.* ଅଣ୍ଡ ଉତ୍ପାଦକ ।
**Ovine**, *a.* 1. ମେଷ ସମ୍ବନ୍ଧୀୟ; 2. ମେଷବତ୍ ।
**Oviparous**, *a.* ଅଣ୍ଡଜ ।
**Ovoid**, *a.* ଅଣ୍ଡାକାର ।
**Ovum**, *n.* ଅଣ୍ଡ ।
**Owe**, *v.i.* 1. ଋଣୀ-ହେ, ଧାରୁଅ-ହେ; 2. ବାଧିତ-ହେ ।
**Owing**, *a.* 1. ପ୍ରାପ୍ୟ; 2. ହେତୁରୁ ସଂଘଟିତ ।
**Owl**, *n.* ପେଚା, ପେଚକ, ଉଲୁକ ।
**Owlet**, *n.* ପେଚା ଛୁଆ ।
**Own**, (1) *v.t.* 1. ସ୍ୱୀକାର-କ; 2. ଅଙ୍ଗୀକାର-କ ।
**Own**, (2) *v.t.* ଅଧିକାର-କ ।—*a.* ନିଜର, ଆପଣାର, ସ୍ୱୀୟ ।
**Owner**, *n.* ଅଧିକାରୀ, କର୍ତ୍ତା ।
**Ownership**, *n.* ସ୍ୱତ୍ୱ, ସ୍ୱାମିତ୍ୱ, ଅଧିକାରିତ୍ୱ ।
**Ox**, *n.* (*pl.* Oxen.) ବଳଦ, ବୃଷ, ବଳୀବର୍ଦ୍ଦ ।
**Oxide**, *n.* ଅମ୍ଳଜାନ ଓ ଅନ୍ୟ କୌଣସି ଉପାଦାନ ମିଶ୍ରିତ ବସ୍ତୁ ।
**Oxygen**, *n.* ଅମ୍ଳଜାନ ।
**Oxygenous**, *a.* 1. ଅମ୍ଳଜାନ ସମ୍ବନ୍ଧୀୟ; 2. ଅମ୍ଳଜାନରୁ ପ୍ରସ୍ତୁତ ।
**Oyster**, *n.* ଶାମୁକା, ଶୁକ୍ତିକା ।
**Ozæna**, *n.* ନାସିକା ଘା, ପୀନସ ରୋଗ ।
**Ozone**, *n.* ଅମ୍ଳଜାନପୂର୍ଣ୍ଣ ବାଷ୍ପ ବିଶେଷ (ଯେ କି ସମୁଦ୍ରର ପବନରେ ବେଶି ପରିମାଣରେ ଥାଏ) ।

# P.

**P**, ଇଂରାଜୀ ବର୍ଣ୍ଣମାଳାର ଷୋଡ଼ଶ ଅକ୍ଷର, ସଙ୍କେତରେ "*p.*" ସୂଚ୍ୟ । P.M. (Post Meridian) ଅପରାହ୍ନ, ଦ୍ୱିପ୍ରହରଓଳି; P.S. (Postscript) 1. ସମାପ୍ତ ପତ୍ରରେ ପଦ୍ଧାତ୍ ଲେଖା; 2. କୋଡ଼ପତ୍ର ।—To mind one's p's and q's, ଶାଣ୍ଡି ଠିକ-ହେ ।
**Pa**, *n. pä*, 1. ବା-ବା; 2. ସାନ ପିଲେ ବାପକୁ ଡାକିବା ନାମ, ବାପ । [ସ୍ୱପଥ୍ୟ ।
**Pabular, Pabulous**, *a.* 1. ଖାଦ୍ୟ ସମ୍ବନ୍ଧୀୟ; 2.
**Pabulum**, *n.* 1. ଖାଦ୍ୟ ଦ୍ରବ୍ୟ, ବିଶେଷତଃ ଉଦ୍ଭିଦ ଓ ପଶୁମାନଙ୍କର ଖାଦ୍ୟ; 2. ଶୁଷ୍କ ତୃଣ; 3. ଇନ୍ଧନ; 4. ମାନସିକ ଆହାର ।
**Pace**, *n. pās*, 1. ଏକ ପାଦ, ପଦକ୍ଷେପ; 2. ପଦବିକ୍ଷେପର ଅନ୍ତର; 3. ୩॥ ଫୁଟ ଲମ୍ବ; 4. ପଦକ୍ଷେପ; 5. ଚାଲିବା ଢଙ୍ଗ; 6. ଦ୍ରୁତଗମନର ପରିମାଣ; 7. ଦ୍ରୁତଗତି; 8. ବ୍ୟାପାର ।—*v.t.* 1. ପଦକ୍ଷେପ ଦ୍ୱାରା ମାପିବା; 2. କଦମ୍ ଚାଲ୍ ଶିଖାଇବା ।—*v.i.* 1. ଧୀରେ ଯିବା; 2. କଦମ୍ ଚାଲିବା ।—To keep pace with, ସମାନ ଗତିରେ ଚାଲିବା, ସଙ୍ଗେ ଯିବା ।
**Paced**, *a.* କୌଣସି ଏକ ଚାଲିବାଢଙ୍ଗବିଶିଷ୍ଟ ।
**Pace-maker**, *n.* ଦୌଡ଼ରେ ଗତିର ପରିଚାଳକ ।
**Pacer**, *n.* କଦମ୍ ଚାଲିବା ଘୋଡ଼ା ।
**Pacha**, see Pasha.
**Pachydermatous**, *a. pak'i-derm'a-tus*, 1. ସ୍ଥୂଳତ୍ୱଗ୍‌ବିଶିଷ୍ଟ; 2. ଅନୁଭବଶକ୍ତିରହିତ ।
**Pacific**, *a.* 1. ଶାନ୍ତିକାରକ, ବିବାଦଭଞ୍ଜକ; 2. ସମ୍ମିଳନଦାୟକ; 3. ପ୍ରଶାନ୍ତ, ଶାନ୍ତ; 4. ମୃଦୁ; 5. ବନ୍ଧୁତ୍ୱପୂର୍ଣ୍ଣ ।—*n.* ପ୍ରଶାନ୍ତ ମହାସାଗର ।
**Pacifically**, *ad.* ଶାନ୍ତଭାବେ ।
**Pacification**, *n.* ବିବାଦଭଞ୍ଜନ, ଶାନ୍ତିସ୍ଥାପନ ।
**Pacificator**, *n.* ଶାନ୍ତିସ୍ଥାପକ ।
**Pacifier**, *n.* ଶାନ୍ତିକର୍ତ୍ତା, ମିଳନକର୍ତ୍ତା ।
**Pacify**, *v.t.* 1. ଶାନ୍ତ-କ, ସୁସ୍ଥିର-କ; 2. ଉପଶମ-କ; 3. ଥଣ୍ଡା-କ ।
**Pack**, *n.* 1. ଗଣ୍ଠିଲି, ପୁଟୁଳା; 2. ବୋଝ; 3. ତାସ ମୁଠା; 4. ଶିକାରୀ କୁକୁର ପ୍ରଭୃତି ଜନ୍ତୁର ଦଳ; 5. ମନ୍ଦ ଉଦ୍ଦେଶ୍ୟରେ ବନ୍ଧ ଲୋକଦଳ; 6. ଜ୍ୱର ଉପଶମାର୍ଥେ ବ୍ୟବହୃତ ଓଦା ଚଦର ।—*v.t.* 1. ବୋଝ ବସ୍ତା ପ୍ରଭୃତି ବାନ୍ଧିବା; 2. ମାଡ଼ିକରି ଭର୍ତ୍ତି-କ; 3. ଠକିବା ନିମନ୍ତେ ତାସ ସଜାଇବା; 4. ବୋହାଇ-କ; 5. ହରଣ ଅନ୍ତ-କାଇବା ପାଇଁ ଯୋଗ ମୁହିଁ ବନ୍ଦ-କ ।—*v.i.* 1. ଜମାଟ

-ଦେ; 2. ଶୀଘ୍ର ସଜାଡ଼ିବା ।—To pack a jury or meeting, ନିଜ ପକ୍ଷୀୟ ସ୍ୱପକ୍ଷାର୍ଥେ ସଦସ୍ୟ ଲୋକଙ୍କ ଦ୍ୱାରା ଭର୍ତ୍ତି-କ । To pack off, ଶୀଘ୍ର ପଠାଇ-ଦେବା ।

Package, *n.* 1. ପେଣ୍ଡି, ପୁଳିକା; 2. ବସ୍ତୁ ପ୍ରଭୃତି ବାନ୍ଧିବା ମୂଲ ।

Pack-animal, *n.* ଭାରବାହୀ ପଶୁ ।

Pack-cloth, *n.* ଜିନିଷପତ୍ର ବାନ୍ଧିବା ଲୁଗା ।

Packer, *n.* ଜିନିଷପତ୍ର ବନ୍ଧାବନ୍ଧି କରିବା ଲୋକ ।

Packet, *n.* 1. ସାନ ପୁଟୁଳା; 2. ପୁଳିକା; 3. ଡାକ ଜାହାଜ ।

Packet-boat, or ship, *n.* ନିୟମିତରୂପେ ଚିଠି ପତ୍ର ବା ଯାତ୍ରୀ ନେବା ନୌକା ବା ଜାହାଜ, ଡାକ ଜାହାଜ ।

Pack-horse, *n.* 1. ଭାରବାହକ ଘୋଡ଼ା; 2. ଖଟିକର୍ମକାରୀ ।

Pact, *n.* 1. ଚୁକ୍ତି; 2. ନିୟମ; 3. ବନ୍ଦୋବସ୍ତ ।

Paction, *n.* 1. ଚୁକ୍ତି; 2. ସନ୍ଧି ।

Pactional, *a.* ଚୁକ୍ତି ସଂକ୍ରାନ୍ତ ।

Pad, (1) *n.* 1. ପଥ; 2. ସଡ଼କରେ ଯିବା ବା କଦମ୍ ଚାଲୁ ସବାରୀ ଘୋଡ଼ା ।—*v.t.* 1. ପାଦଚଲାରେ ଯିବା; 2. ପଥଲୁଣ୍ଠନ-କ ।

Pad, (2) *n.* 1. ଗୁଡ଼ୁଲା; 2. ଗଦି; 3. ଲେଖିବା ପାଇଁ ଗୁଚ୍ଛା ହୋଇଥିବା କେତେକ କାଗଜ; 4. କେତେକ ଜନ୍ତୁର ପାଦତଳସ୍ଥ ମାଂସ ପିଣ୍ଡୁଳା ।—*v.t.* 1. କୋମଳ ବସ୍ତୁ ଦ୍ୱାରା ଭର୍ତ୍ତି-କ; 2. ଅନାବଶ୍ୟକ କଥାରେ ଲେଖା ପୂର୍ଣ୍ଣ-କ ।

Pad-cloth, *n.* ଘୋଡ଼ାର ଜିନିତଳେ ଘୋଡ଼ାଇବା ଲୁଗା ।

Padder, *n.* ଚୋର ବା ରାଜପଥରେ ଲୁଟି ପକାଇବା ଲୋକ ।

Pad-elephant, *n.* ସାଧାରଣ ଭାର ବହିବା ହାତୀ ।

Paddle, *v.i.* 1. ଗୋଡ଼ ବା ହାତ ବୁଡ଼ାଇ ପାଣିରେ ଖେଳିବା; 2. ଟଳି ଟଳି ଚାଲିବା; 3. କେରୁଆଳ ମାରିବା ।—*v.t.* କେରୁଆଳ ଦ୍ୱାରା ଚଳାଇବା, ଅଙ୍ଗୁଳି ଚାଳିବା ।—*n.* (1) 1. କେରୁଆଳ; 2. ଅଙ୍ଗୁଳିପତ୍ର; 3. ଧୂଆଁ ଜାହାଜ ଚକର ପଟା ।

Paddle, (2) *n.* (Bible) ସାନ କୋଡ଼ି ।

Paddle-beam, *n.* ଧୂଆଁ ଜାହାଜ ଚକର କଡ଼କାଠ ।

Paddle-board, *n.* ଧୂଆଁ ଜାହାଜ ଚକର ପଟା ।

Paddle-staff, *n.* ଲଙ୍ଗଳଲୁହା ସଫା କରିବା ପାଇଁ ଏକପ୍ରକାର ଖୁଆଁ ।

Paddle-wheel, *n.* ଧୂଆଁ ଜାହାଜର ଚକ ।

Paddock, (1) *n.* କଇଁକଟିଆ ବେଙ୍ଗ, ଭେକ ।

Paddock, (2) *n.* 1. ଘୋଡ଼ାଶାଳ ନିକଟରେ ଥିବା ଘେର ପାଇ ପଡ଼ିଆ; 2. ଘୋଡ଼ା ରଖିବା ପଡ଼ିଆ ।

Paddy, (1) *n.* ଧାନ, ଧାନ୍ୟ ।

Paddy, (2) *n.* 1. ଆୟର୍ଲାଣ୍ଡଦେଶୀୟ ଲୋକର କୌତୁକ ନାମ; 2. କୂଅ ଖୋଳିବାର ଏକପ୍ରକାର ଖନ୍ତାର ।

Paddy-bird, *n.* ବଗ, ବକପକ୍ଷୀ ।

Paddy-field, *n.* ଧାନବିଲ, ଧାନ୍ୟକ୍ଷେତ୍ର ।

Padella, *n.* ଉତ୍ସବ ଦେଖିର ସାପାକ୍ଷ ।

Padlock, *n.* ତାଲା, କୋଲପ ।

Padma, *n.* ପଦ୍ମ ।

Pad-nag, *n.* କଦମ୍ ଚାଲୁ ଘୋଡ଼ା । [ଭ୍ରମଣାର୍ଥ ।

Padre, *n.* ପାଦ୍ରି, ପିତା, କେତେକ ଦେଶରେ ଖ୍ରୀଷ୍ଟଧର୍ମ-

Pæan, *n.* ଜୟଗୀତ ।

Pædagogy, Pædobaptism, etc. see Pedagogy, Pedobaptism.

Pagan, *n.* 1. ପୌତ୍ତଳିକ ଲୋକ, ଦେବପୂଜକ ଲୋକ; 2. ଯେ ଯଥାର୍ଥ ଈଶ୍ୱରଙ୍କୁ ପୂଜା କରେ ନାହିଁ ।—*a.* 1. ପୌତ୍ତଳିକ, ଦେବପୂଜକ; 2. ଦେବପୂଜା ସମ୍ବନ୍ଧୀୟ ।

Paganise, *v.t.* ପୌତ୍ତଳିକ କରାଇବା ।

Paganish, *a.* ପୌତ୍ତଳିକ ମତ ସମ୍ବନ୍ଧୀୟ ।

Paganism, *n.* ପୌତ୍ତଳିକ ମତ ।

Page, (1) *n.* 1. କୁଳୀନ ବ୍ୟକ୍ତିର ବାଳଭୃତ୍ୟ; 2. ଉତ୍ସବବେଳେ ସ୍ତ୍ରୀମାନଙ୍କ ଲୁଗା ତଳରୁ ଟେକି ରଖିବା ଯନ୍ତ୍ର ବିଶେଷ ।

Page, (2) *n.* ପୃଷ୍ଠା, ପୃଷ୍ଠ, ପତ୍ର ।—*v.t.* ପୃଷ୍ଠାଙ୍କ-ଦେ ।

Pageant, *n.* ସମାରୋହ, ଆଡ଼ମ୍ବରପୂର୍ଣ୍ଣ ଦୃଶ୍ୟ ।—*a.* ବାହ୍ୟାଡ଼ମ୍ବର ପ୍ରିୟ ।

Pageantry, *n.* ବାହ୍ୟାଡ଼ମ୍ବର, ଜାକଜମକ ।

Page-hood, *n.* ବାଳଭୃତ୍ୟତ୍ୱ ।

Paginal, *a.* ପୃଷ୍ଠା ସମ୍ବନ୍ଧୀୟ । [-ଦେ ।

Paginate, *v.t.* ପୃଷ୍ଠାରେ କ୍ରମିକ ସଂଖ୍ୟା ଦେବା, ପତ୍ରାଙ୍କ

Pagination, *n.* 1. ପତ୍ରାଙ୍କକରଣ; 2. ପୃଷ୍ଠାର ଅଙ୍କ ।

Paging, *n.* 1. ପତ୍ରାଙ୍କ କରଣ; 2. ପୁସ୍ତକର ପୃଷ୍ଠାମାନଙ୍କର ଚିହ୍ନ ।

Pagoda, *n.* 1. ଦେବମୂର୍ତ୍ତି ରଖିବା ସ୍ଥାନ; 2. ଦେବମନ୍ଦିର; 3. ପୂର୍ବକାଳୀନ ଭାରତୀୟ ଦେବମନ୍ଦିର ଅଙ୍କିତ ସ୍ୱର୍ଣ୍ଣ ମୁଦ୍ରା ।

Pagus, *n.* ପଲ୍ଲୀଗ୍ରାମବିଶିଷ୍ଟ ଜିଲ୍ଲା ।

Pah, *interj.* ଘୃଣା ବା ବିରକ୍ତିସୂଚକ ଅବ୍ୟୟ, ଯଥା—ଛି ! ଛିଃ !

Paid, *pret.* and *pa. p.* of Pay. [ବାଲ୍ଟି ।

Pail, *n.* କାଷ୍ଠ ବା ଲୁହା ନିର୍ମିତ ଜଳ ବହିବା ପାତ୍ର,

Pailful, *n.* ଉକ୍ତ ପାତ୍ରର ପରିମାଣ ।

Pain, *n.* 1. ବ୍ୟଥା, ଦୁଃଖ, ବେଦନା; 2. ଶାରୀରିକ ବା ମାନସିକ ଯନ୍ତ୍ରଣା; 3. ବ୍ୟାକୁଳତା; 4. ଯତ୍ନ; 5. ଦଣ୍ଡ ।—*pl.* 1. ପରିଶ୍ରମ, ଯତ୍ନ, କଷ୍ଟ; 2. ପ୍ରସବବେଦନା ।—*v.t.* 1. ଦୁଃଖ-ଦେ, କଷ୍ଟ-ଦେ; 2. ଯାତନା-ଦେ, ଯନ୍ତ୍ରଣା-ଦେ; 3. ଶୋକ ଜନ୍ମାଇବା ।—To take pains, ଯତ୍ନଶୀଳ ହେବା । Under or on pain of ଦଣ୍ଡାର୍ଥ ।

Pained, *a.* ଦୁଃଖପୂର୍ଣ୍ଣ, ଶୋକଯୁକ୍ତ ।

Painful, *a.* 1. ଯାତନାପୂର୍ଣ୍ଣ; 2. ଦୁଃଖଦାୟକ, ଯନ୍ତ୍ରଣାଦାୟକ; 3. କଷ୍ଟକର ।

Painfully, *ad.* ଦୁଃଖରେ, କଷ୍ଟକରରୂପେ ।

**Painfulness**, *n.* ଯନ୍ତ୍ରଣାପୂର୍ଣ୍ଣତା ।

**Painless**, *a.* ବ୍ୟଥାହୀନ, ଯନ୍ତ୍ରଣାଶୂନ୍ୟ ।

**Painlessness**, *n.* ଯନ୍ତ୍ରଣାଶୂନ୍ୟତା ।

**Painstaker**, *n.* ପରିଶ୍ରମୀ ଲୋକ ।

**Painstaking**, *a.* ଯତ୍ନଶୀଳ, ଶ୍ରମଶୀଳ ।—*n* ପରିଶ୍ରମ ।

**Paint**, *v.t.* 1. ରଙ୍ଗ-ଦେ; 2. ଚିତ୍ର-କର: 3. କଥାରେ ବର୍ଣ୍ଣନା-କର; 4. ସୁଶୋଭିତ-କର ।—*v.i.* 1. ଚିତ୍ରକର-ହେ: 2. ମୁଖରେ ରଙ୍ଗ-ଦେ; 3. ରକ୍ତିମାବର୍ଣ୍ଣ-ହେ ।—*n.* ରଙ୍ଗ, ବର୍ଣ୍ଣ ।

**Paintable**, *a.* ଚିତ୍ରଯୋଗ୍ୟ ।  [ରଖାଯାଏ ।

**Paint-box**, *n.* ଯେଉଁ ପେଡ଼ିରେ ଭିନ୍ନ ପ୍ରକାର ରଙ୍ଗ

**Paint-brush**, *n.* ଚିତ୍ରକରର ତୂଳି ।

**Painted**, *a.* ଚିତ୍ରିତ, ରଞ୍ଜିତ ।  [ନିପୁଣ ଲୋକ ।

**Painter**, (1) *n.* 1. ଚିତ୍ରକର; 2. ରଙ୍ଗ ଦେବାରେ

**Painter**, (2) *n.* ନୌକା ବାନ୍ଧିବା ଦଉଡ଼ି ।

**Painting**, *n.* 1. ଚିତ୍ରାଙ୍କନ: 2. ଚିତ୍ରବିଦ୍ୟା; 3. ଚିତ୍ର; 4. ଅଳଙ୍କୃତ ବର୍ଣ୍ଣନା ।

**Pair**, 1. ଯୋଡ଼ା, ହଳେ; 2. ଯୁଗଳ, ଦ୍ୱୟ; 3. ସ୍ତ୍ରୀପୁରୁଷ, ଦମ୍ପତି; 4. ବ୍ୟବସ୍ଥାପକ ସଭାର ଭିନ୍ନ ଦଳର ଏକ ସମୟରେ ଅନୁପସ୍ଥିତ ହେବାକୁ ସମ୍ମତ ଲୋକଦ୍ୱୟ ।—*v.t.* ଦୁଇ କରି ରଖିବା, ଯୋଡ଼ା ବାନ୍ଧିବା, ଯୁକ୍ତ-କର ।—*v.i.* 1. ଯୁଗଳ-ହେ; 2. ଯୋଡ଼ା ପାଇଁ ଉପଯୁକ୍ତ-ହେ ।— To pair off, see Pairing.

**Paired**, *a.* 1. ହଳେ ରଖା; 2. ଯୁଗ୍ମଭାବେ ସଜ୍ଜିତ; 3. ଯୋଡ଼ାବନ୍ଧା ।

**Pairing**, *n.* ବ୍ୟବସ୍ଥାପକ ସଭାର ଦୁଇ ଜଣ ସଭ୍ୟଙ୍କ ମଧ୍ୟରେ ମତ ଦେବା ସମୟରେ ଅନୁପସ୍ଥିତ ହେବାକୁ ଚୁକ୍ତି ।

**Pairing-time**, *n.* ପକ୍ଷୀମାନଙ୍କର ସଙ୍ଗମକାଳ ।

**Palace**, *n.* 1. ରାଜବାଟୀ, ନଅର, ଉଆସ, ରାଜପ୍ରାସାଦ; 2. ଅଟ୍ଟାଳିକା; 3. ଧର୍ମାଧ୍ୟକ୍ଷଙ୍କ ଗୃହ ।  [ଗାଡ଼ି ।

**Palace-car**, *n.* ଅତ୍ୟନ୍ତ ବହୁମୂଲ୍ୟରୂପେ ସୁସଜ୍ଜିତ ରେଲ୍-

**Palæographer**, *n.* ପୂର୍ବକାଳୀନ ଲିଖନ ବିଦ୍ୟାବେତ୍ତା ।

**Palæography**, Paleography, *n.* 1. ପୂର୍ବକାଳୀନ ଲିଖନ ପ୍ରଣାଳୀ; 2. ପୂର୍ବକାଳୀନ ଲିଖନ ବିଦ୍ୟା ।

**Palæolith**, *n.* ପ୍ରସ୍ତରର ଅସ୍ତ୍ରଶସ୍ତ୍ରାଦି ।

**Palæolithic**, *a.* ପ୍ରସ୍ତର ଅସ୍ତ୍ରଶସ୍ତ୍ର ବ୍ୟବହାର କରିବା ଯୁଗର, ପ୍ରସ୍ତର ଯୁଗ ସମ୍ବନ୍ଧୀୟ ।

**Palæology**, *n.* 1. ପ୍ରାଚୀନ କାଳ ସମ୍ବନ୍ଧୀୟ ଜ୍ଞାନ; 2. ପ୍ରାଚୀନ କାଳ ସମ୍ବନ୍ଧୀୟ ବିଦ୍ୟା ।

**Palæologist**, *n.* ପ୍ରାଚୀନ କାଳୀନ ବିଦ୍ୟାବେତ୍ତା

**Palæontology**, *n.* 1. ଆଦ୍ୟ ଜଗତର ଜୀବର ବିଜ୍ଞାନ: 2. ପ୍ରସ୍ତରୀଭୂତ ପଦାର୍ଥର ବର୍ଣ୍ଣନା; 3. ପ୍ରାଚୀନ କାଳ ସମ୍ବନ୍ଧୀୟ ବିଦ୍ୟା ।

**Palæozoic**, *a.* ଆଦ୍ୟ ସୃଷ୍ଟ ଜନ୍ତୁମାନଙ୍କର ମୃତ ଶବାସ୍ଥ୍ୟାଦି ଧାରକ ପ୍ରସ୍ତର ସ୍ତବକ ।

**Palanquin**, Palankeen, Palkee, *n.* ପାଲିକି, ସୁଖାସନ, ଶିବିକା ।

**Palatable**, *a.* ସୁସ୍ୱାଦୁ, ସୁରସ, ରୁଚିକର ।

**Palatal**, *a.* 1. ତାଳୁ ସମ୍ବନ୍ଧୀୟ; 2. ତାଲବ୍ୟ ।

**Palatalise**, *v.t.* ତାଲବ୍ୟ-କର ।

**Palate**, *n.* 1. ମୁଖର ଉପର ଭାଗ, ତାଳୁ; 2. ଆସ୍ୱାଦନ; 3. ରୁଚି; 4. ସ୍ପୃହା ।—Cleft palate, ବିଭକ୍ତ ତାଳୁ ।

**Palatial**, *a.* 1. ଉଆସର, ପ୍ରାସାଦ ସମ୍ବନ୍ଧୀୟ; 2. ପ୍ରାସାଦ ସଦୃଶ; 3. ରାଜକୀୟ; 4. ଐଶ୍ୱର୍ଯ୍ୟଯୁକ୍ତ ।

**Palatic**, *a.* ତାଳୁ ସମ୍ବନ୍ଧୀୟ ।

**Palatinate**, *n.* ରାଜକ୍ଷମତାବିଶିଷ୍ଟ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ପଦ ।

**Palatine**, (1) *n.* ତାଳୁ ଦ୍ୱାରା ଉଚ୍ଚାରିତ ହେବା ଅକ୍ଷର ।

**Palatine**, (2) *a.* 1. ରାଜଗୃହ ସମ୍ବନ୍ଧୀୟ; 2. ରାଜକ୍ଷମତାବିଶିଷ୍ଟ ।—*n.* ରାଜକ୍ଷମତାବିଶିଷ୍ଟ ସମ୍ଭ୍ରାନ୍ତ ବ୍ୟକ୍ତି ।

**Palaver**, *n.* 1. ଅନର୍ଥକ କଥାବାର୍ତ୍ତା: 2. ପ୍ରକାଶ୍ୟ ବିଚାର ସଭା ।—*v.i.* ଖୋଷାମୋଦିଆ କଥା କହିବା, ଅନର୍ଥକ କଥାବାର୍ତ୍ତା-ହେ ।

**Pale**, (1) *a.* ଫିକା, ମ୍ଳାନ, ବିବର୍ଣ୍ଣ, ନିଷ୍ପ୍ରଭ, ପାଣ୍ଡୁବର୍ଣ୍ଣ ।—*v.t.* ମ୍ଳାନ-କର ।—*v.i.* ଫିକା-ହେ ।

**Pale**, (2) *n.* 1. କାଠର ଖୁଣ୍ଟି: 2. ଖୁଣ୍ଟି ଦ୍ୱାରା ବେଷ୍ଟିତ ସ୍ଥାନ; 3. ଅଞ୍ଚଳ ।

**Paleness**, *n.* ବିବର୍ଣ୍ଣତା, ମ୍ଳାନତା ।

**Palish**, *a.* ଈଷତ୍ ମ୍ଳାନ ।

**Palestinian**, *a. a.* ପାଲେଷ୍ଟାଇନ୍ ଦେଶ ସମ୍ବନ୍ଧୀୟ ।

**Palestra**, *n.* 1. ମଲ୍ଲ କୁସ୍ତି ବିଦ୍ୟାଳୟ; 2. ମଲ୍ଲ କୁସ୍ତି ଅନୁଶୀଳନ; 3. ବିଦ୍ୟାଳୟ ସଂକ୍ରାନ୍ତ ବାକ୍‌ପଟୁତା ।

**Palette**, *n.* ଚିତ୍ରକରର ରଙ୍ଗରଖା ଅଣ୍ଡାକୃତି ପଟା ।

**Palfrey**, *n.* ଜିନ୍ ଲଗା ଘୋଡ଼ା, ସ୍ତ୍ରୀମାନଙ୍କ ପାଇଁ ସୁଶିକ୍ଷିତ ଘୋଡ଼ା ।

**Pali**, *n.* *pä'lē* ପୂର୍ବ ଭାରତର ବୌଦ୍ଧ ଧର୍ମାବଲମ୍ବୀମାନଙ୍କର ପବିତ୍ର ଭାଷା ।

**Palimpsest**, *n.* ପୁରୁଣା ଲେଖା ଉପରେ ନୂଆ ବିଷୟ ଲିଖିତ ଚର୍ମପୁସ୍ତକ ।

**Palinal**, *a.* ପଛ ଆଡ଼କୁ ଗମନକାରୀ ।

**Palindrome**, *n.* ବିଶେଷ ପଦ ବା ବାକ୍ୟ ଯାହା ଆଗରୁ ପଢ଼ିଲେ ଯେପରି ପଛରୁ ପଢ଼ିଲେ ସେପରି, ଯଥା :— "Madam I'm Adam."

**Paling**, *n.* କାଷ୍ଠର ବେଢ଼ା ।

**Palisade**, *n.* ମୁନଯୁକ୍ତ ଖୁଣ୍ଟିର ବେଢ଼ା ।

**Palkee**, *n.* (same as Palanquin) ପାଲିକି ।

**Pall**, (1) *n.* 1. ଉପରର ପରିଚ୍ଛଦ; 2. ସମାଧିସ୍ଥଳକୁ ନିବା ସମୟରେ ବ୍ୟବହୃତ ଶବସିନ୍ଦୁକର ଆଚ୍ଛାଦକ ବସ୍ତ୍ର; 3. ଅତ୍ୟନ୍ତ ଶୋକଜନକ କୌଣସି ବିଷୟ ।

**Pall**, (2) *v.i.* 1. ନିରସ-ହେ; 2. ଅରୁଚି-ହେ; 3. କ୍ଳାନ୍ତିକର-ହେ ।—*v.t.* 1. ଅରୁଚି-କର; 2. ନିସ୍ତେଜ-କର ।

**Palladium**, *n.* 1. ପାଲାସ (ହିନ୍ଦୁମାନଙ୍କର ସରସ୍ୱତୀ) ନାମ୍ନୀ ଦେବୀର ମୂର୍ତ୍ତି; 2. ଆଶ୍ରୟ; 3. ଦୁର୍ଲଭ ଈଷତ୍ ଶୁଭ୍ର ଧାତବୀୟ ଉପାଦାନ ବିଶେଷ ।

**Pall-bearer**, *n.* ଶବ ସିନ୍ଦୁକ ଆଚ୍ଛାଦକ ବସ୍ତ୍ରର କୋଣ ଧରିଥିବା ଲୋକ ।

**Pallet**, (1) *n.* 1. ଚିତ୍ରକରର ରଙ୍ଗରଖା ଅଣ୍ଡାକୃତ ପଟା; 2. କୁମ୍ଭାରର ପିଟଣା; 3. ସୁନା ପତର ଲଗାଇବା ପାଇଁ ବ୍ୟବହୃତ ତୂଳିଅର; 4. କଣ୍ଟା ଉଠା କରିବା ପାଇଁ ପଟା ।

**Pallet**, (2) *n.* ଖଟ, ସାମାନ୍ୟ ବିଛଣା ।

**Palliate**, *v.t.* 1. ଦୋଷାଚ୍ଛାଦନ-କ, ଦୋଷ ଲଘୁ-କ; 2. ଉପଶମ-କ ।

**Palliation**, *n.* 1. ଦୋଷାଚ୍ଛାଦନ, ଦୋଷ ଲଘୂକରଣ; 2. ଉପଶମ ।

**Palliative**, *a.* 1. ଦୋଷ ଲଘୁକାରକ, ଦୋଷ ନ୍ୟୂନ-କାରକ; 2. ଉପଶାମକ ।

**Pallid**, *a.* ମ୍ଳାନ, ଫିକା, ଅନୁଜ୍ଜ୍ୱଳ ।

**Pallidity, Pallidness**, *n.* ମାଳିନ୍ୟ, ବିବର୍ଣ୍ଣତା ।

**Pall-mall**, *n.* 1. କାଠ ମୁଦ୍ଗର ଦ୍ୱାରା ଲୁହା ମୁଦ ଦେଇ ବେଣ୍ଡୁ ମାରିବା ପ୍ରଚଳିତ ଖେଳ ବିଶେଷ; 2. ଲଣ୍ଡନ୍ ସହରର ଏକ ରାସ୍ତା ।

**Pallar**, *n.* ବର୍ଣ୍ଣହୀନତା ।

**Palm**, (1) *n.* 1. ହାତପାପୁଲି, କରତଳ; 2. 'English) ପାପୁଲିର ଓସାର ସମାନ ମାପ, (Roman) ମଣିବନ୍ଧଠାରୁ ଅଙ୍ଗୁଳି ଅଗ୍ର ପର୍ଯ୍ୟନ୍ତ ସମାନ ମାପ; 3. ଲଙ୍ଗରର ଫାଳ; 4. ହରିଣ ଶିଙ୍ଗର ଚେପ୍ଟା-ଅଂଶ ।—*v.t.* 1. ପାପୁଲିରେ ଲୁଚାଇବା; 2. ପ୍ରତାରଣାପୂର୍ବକ ଅର୍ପଣ-କ ।

**Palm**, (2) *n.* 1. ତାଳ ନଡ଼ିଆ ଖଜୁରୀ ଗଛ; 2. ଜୟ ଚିହ୍ନସ୍ୱରୂପ ବାହୁଙ୍ଗା; 3. ଜୟ ।

**Palmaceous**, *a.* ତାଳଗଛ ଶ୍ରେଣୀୟ ।

**Palma Christi**, *n.* ଏରଣ୍ଡ ବୃକ୍ଷ, ଜଡ଼ା ଗଛ ।

**Palm-butter**, *n.* ନଡ଼ିଆର ତେଲ ।

**Palmery**, *n.* ତାଳବର୍ଗର ଗଛ ଲଗାଇବା ସ୍ଥାନ ।

**Palm-house**, *n.* ତାଳ ଗଛର ରଖିବା ପାଇଁ କାଚ ଘର ।

**Palmiferous**, *a.* ତାଳ ଉତ୍ପାଦକ । [ଘୁଷ ।

**Palm-oil**, *n.* 1. ନଡ଼ିଆ ଜାତୀୟ ଫଳର ତେଲ; 2.

**Palm-sugar**, *n.* ଖଜୁରି ଗୁଡ଼ ।

**Palm-Sunday**, *n.* ସମାରୋହ ସହିତ ଯିରୂଶାଲମ ନଗରରେ ପ୍ରବେଶ ସ୍ମରଣାର୍ଥେ ଉତ୍ସବରୂପେ ପ୍ରତିପାଳିତ ରବିବାର ।

**Palm-wine**, *n.* ଖଜୁରି ମଦ, ତାଡ଼ି ।

**Palmer**, *n.* 1. ପାଲେଷ୍ଟାଇନ୍ ଦେଶରୁ ଆଗତ ତାଳ ବାହୁଙ୍ଗାଧାରୀ ଯାତ୍ରୀ; 2. ତାସ ଖେଳାରେ ପ୍ରତାରକ ।

**Palmist**, *n.* ସାମୁଦ୍ରିକ ବିଦ୍ୟାବେତ୍ତା ।

**Palmistry**, *n.* ହାତ ଦେଖି ଶୁଭାଶୁଭ କହିବା ବିଦ୍ୟା, ସାମୁଦ୍ରିକ ବିଦ୍ୟା । [ଯୁକ୍ତ ।

**Palmy**, *a.* 1. ତାଳବିଶିଷ୍ଟ; 2. ସମୃଦ୍ଧିଶାଳୀ; 3. ଜୟ-

**Palmyra**, *n.* ତାଳ ଗଛ । [ସୁସ୍ପଷ୍ଟ ।

**Palpable**, *a.* 1. ସ୍ପର୍ଶବୋଧ୍ୟ; 2. ସହଜ ଜ୍ଞେୟ; 3.

**Palpability, Palpableness**, *n.* 1. ସ୍ପର୍ଶବୋଧ୍ୟତା; 2. ସୁସ୍ପଷ୍ଟତା ।

**Palpably**, *ad.* ସୁସ୍ପଷ୍ଟରୂପେ ।

**Palpate**, *v.t.* ସ୍ପର୍ଶ ଦ୍ୱାରା ପରୀକ୍ଷା-କ ।

**Palpation**, *n.* ସ୍ପର୍ଶ ଦ୍ୱାରା ପରୀକ୍ଷାକରଣ ।

**Palpitate**, *v.i.* 1. କମ୍ପିବା; 2. ଧୁକୁଧୁକୁ-ହେ ।

**Palpitation**, *n.* 1. କମ୍ପନ; 2. ହୃତ୍କମ୍ପ, ହୃତ୍ପିଣ୍ଡର ଧୁକ୍ ଧୁକ୍ ।

**Palsy**, *n.* ପକ୍ଷାଘାତ, ଏକାଙ୍ଗବାତ ରୋଗ ।—*v.t.* 1. ପକ୍ଷାଘାତଗ୍ରସ୍ତ-କ; 2. ଅବଶ-କ ।

**Palter**, *v.i.* 1. ଛଳ କଥା କହିବା; 2. ଫାକି-ଦେ; 3. ଦ୍ୱ୍ୟର୍ଥବାକ୍ୟ କହିବା ।

**Palterer**, *n.* ଛଳକଥା କହିବା ଲୋକ ।

**Paltry**, *a.* 1. ନୀଚ; 2. ତୁଚ୍ଛ; 3. ହେୟ ।

**Paltrily**, *ad.* ତୁଚ୍ଛଭାବେ ।

**Paltriness**, *n.* ତୁଚ୍ଛତ୍ୱ ।

**Pampas**, *n. pl. pam'paz*, ଦକ୍ଷିଣ ଆମେରିକାର ବୃକ୍ଷହୀନ ବିସ୍ତୃତ ସମତଳ ଭୂମି ।

**Pampas-grass**, *n.* ରୂପାବର୍ଣ୍ଣ ଗୁଚ୍ଛଯୁକ୍ତ ସୁଶୋଭିତ ନଳ ପରି ଲମ୍ବ ଘାସ ।

**Pamper**, *v.t.* 1. ସୁସ୍ୱାଦୁ ଭୋଜନ କରାଇବା; 2. ସବୁ ଇଚ୍ଛା ପୂର୍ଣ୍ଣ-କ; 3. ଅତ୍ୟଧିକ ଭୋଜନ କରାଇବା ।

**Pampero**, *n.* ଦକ୍ଷିଣ ଆମେରିକାରେ ସମତଳ ଭୂମି ଦେଇ ବହିବା ଦକ୍ଷିଣ ପଶ୍ଚିମ ଭୟଙ୍କର ବାୟୁ ।

**Pamphlet**, *n.* 1. ପୁସ୍ତିକା; 2. ମନୋଯୋଗ୍ୟ ପ୍ରସଙ୍ଗ ସମ୍ବନ୍ଧୀୟ ପ୍ରବନ୍ଧ ।

**Pamphleteer**, *n.* ପୁସ୍ତିକା ଲେଖକ ।

**Pan**, (1) *n.* 1. ଚଉଡ଼ା ଅଗଭୀର ପାତ୍ର ବିଶେଷ, କରେଇ; 2. କଣ୍ଟେଇ; 3. ପୁରାତନ ବନ୍ଧୁକର ରଞ୍ଜକ ଗଗ ।—Flash in the pan, ଜାକଜମକ ସହିତ ବୃଥା ଚେଷ୍ଟା ।

**Pan**, (2) *n.* ଗ୍ରୀସ୍ ଦେଶୀୟ ଗୋଚାରଣ ଭୂମିର ଦେବତା ।

**Panacea**, *n.* ସର୍ବରୋଗ ନାଶକ ଔଷଧ ।

**Panache**, *n. pa-nash'*, ଶିରସ୍ତ୍ରାଣ ଉପରସ୍ଥ ପକ୍ଷଗୁଚ୍ଛ ।

**Pan-American**, *a.* 1. ସମୁଦାୟ ଆମେରିକା ଦେଶ ସମ୍ବନ୍ଧୀୟ; 2. ଆମେରିକା ଦେଶର ସମସ୍ତ ଲୋକ ସମ୍ବନ୍ଧୀୟ ।

**Pan-Anglican**, *a.* ସରକାରସ୍ଥାପିତ ଇଂଲଣ୍ଡୀୟ ମଣ୍ଡଳୀର ସମୁଦାୟ ସଭ୍ୟ ସମ୍ବନ୍ଧୀୟ ।

**Panary**, *a.* 1. ରୁଟିର; 2. ରୁଟି ସମ୍ବନ୍ଧୀୟ ।—*n.* ରୁଟିର ଭଣ୍ଡାର ।

**Pancake**, *n.* ମଇଦା ଚିନି ଅଣ୍ଡା ଓ ଦୁଧ ମିଶ୍ରିତ କରେଇରେ ଭଜା ପାତଳ ପିଷ୍ଟକ ।

**Panch, Paunch**, *n.* ଘର୍ଷଣରୁ ଜାହାଜକୁ ରକ୍ଷା କରିବା ପାଇଁ ବ୍ୟବହୃତ ଦଉଡ଼ିରେ ନିର୍ମିତ ବହଳ ପଟି ।

**Panchatantra**, *n.* ପାଞ୍ଚଗୋଟି ତନ୍ତ୍ରରେ ବିଭକ୍ତ ପୁସ୍ତକ ସଂସ୍କୃତ ନୀତିଶାସ୍ତ୍ର, ପଞ୍ଚତନ୍ତ୍ର ।

**Pancratium**, *n.* ପ୍ରାଚୀନ ଗ୍ରୀକମାନଙ୍କ ମଧ୍ୟରେ ପ୍ରଚଳିତ ମୁଷ୍ଟାମୁଷ୍ଟି ସହିତ ମଲ୍ଲଯୁଦ୍ଧ ।

**Panda,** *n.* ଦକ୍ଷିଣପୂର୍ବ ହିମାଳୟରେ ପ୍ରାପ୍ତ ଭଲ୍ଲୁକ ଜାତୀୟ ମାଂସାଶୀ ପଶୁ ।

**Pandect,** *n.* କୌଣସି ବିଜ୍ଞାନର ଯାବତ୍ ବିଷୟର ଗ୍ରନ୍ଥ । *pl.* ଷଷ୍ଠ ଶତାବ୍ଦୀରେ ରୋମୀୟ ସମ୍ରାଟଙ୍କ ଆଜ୍ଞା ଦ୍ୱାରା ରଚିତ ଦେଓଆନି ବ୍ୟବସ୍ଥା ଶାସ୍ତ୍ରର ସାରସଂଗ୍ରହ ।

**Pandemic,** *a.* 1. ସାର୍ବଜନୀନ; 2. ବହୁଜନ ବ୍ୟାପକ ।

**Pandemia,** *n.* ମହାମାରୀ ।

**Pandemonium,** *n.* 1. ଭୂତଗଣର ବାସସ୍ଥାନ ବା ସଭାଗୃହ; 2. ପାତାଳପୁରୀ; 3. ଗୋଳମାଳପୂର୍ଣ୍ଣ ଜନତା ।

**Pander,** *n.* କୁଟ୍ଟଣୀ, ଭଡୁଆ, ଯୋଟକ ।—*v.t.* 1. କୁଟ୍ଟଣୀକାର୍ଯ୍ୟ-କ; 2. କୁଅଭିଳାଷ ବୃଦ୍ଧି-କ ।

**Panderage,** *n.* କୁଟ୍ଟଣୀର କାର୍ଯ୍ୟ ।

**Panderess,** *n.* କୁଟ୍ଟଣୀ ।

**Panderism,** *n.* କୁଟ୍ଟଣୀ ବ୍ୟବସାୟ ।

**Pandiculation,** *n.* 1. ନିଦ୍ରା ଭଙ୍ଗରୁ ଆଳସ୍ୟ ଭଞ୍ଜନ; 2. ଜ୍ୱର ଆକ୍ରମଣ ପୂର୍ବେ ଅନୁଭୂତ ଉଦ୍‌ବେଗ; 3. ଜୃମ୍ଭଣ ।

**Pandit,** *n.* same as Pundit.

**Pandora,** *n.* ପ୍ରମିଥିୟସ ସ୍ୱର୍ଗାଗ୍ନି ହରଣ କରିବାରୁ ତାହାଙ୍କୁ ଦଣ୍ଡ ଦେବା ଅଭିପ୍ରାୟରେ ଜୁପିଟର ଦ୍ୱାରା ପ୍ରେରିତା ରମଣୀ ଯାହାର ସିନ୍ଦୂକରୁ ମାନବୀୟ ସକଳ ଅଶୁଭ ବିଷୟ ବହିର୍ଗତ ହୋଇ ସମୁଦାୟ ଜଗତରେ ବ୍ୟାପ୍ତମାନ ହେଲା । [ବାଦ୍ୟ ଯନ୍ତ୍ର ।

**Pandore,** *n.* ଛଅ ବା ନଅ ତାରଯୁକ୍ତ ବୀଣା ଜାତୀୟ

**Pandour,** *n.* ହଙ୍ଗେରି ଦେଶର ପଦାତିକ ସୈନ୍ୟ ।

**Pandowdy,** *n.* ରୁଟି ଓ ଆପଲ୍ ଫଳରେ ପ୍ରସ୍ତୁତ ପରମାନ୍ନ ।

**Pandy,** *n.* ହାତରେ ବେତ ପ୍ରହାର ।—*v.t.* ବେତ ଦ୍ୱାରା ହାତରେ ଦଣ୍ଡ ଦେ ।

**Pane,** *n.* 1. କାଚଫଲକ, (ଝିଟକିର) ଅରଳା; 2. ବସ୍ତ୍ରରେ ଅଙ୍କିତ ଚିହ୍ନର ଚୌରସ ଭାଗ ।—*v.t.* କାଚଫଲକ ବସାଇବା ।

**Panegyric,** *n.* *pan-ē-jir'ik,* 1. କୌଣସି ବ୍ୟକ୍ତି ବା ଘଟଣାର ସ୍ତୁତିବାଦ; 2. କୀର୍ତ୍ତିବର୍ଣ୍ଣନା ।

**Panegyrical,** *a* ସ୍ତୁତିବାଦ ସମ୍ବନ୍ଧୀୟ ।

**Panegyrically,** *ad.* ଅତି ପ୍ରଶଂସନୀୟଭାବେ ।

**Panegyricon,** *n.* ଗ୍ରୀସ୍ ଦେଶୀୟ ଧର୍ମମଣ୍ଡଳୀର ପର୍ବ ସମ୍ବନ୍ଧୀୟ ଧର୍ମୋପଦେଶ ।

**Panegyrise,** *v.t.* 1. ସ୍ତୁତିପାଠ-କ; 2. ଅତ୍ୟନ୍ତ ପ୍ରଶଂସା-କ, କୀର୍ତ୍ତି ବର୍ଣ୍ଣନା ପ୍ରବୃତ୍ତ-କ ।

**Panegyrist,** *n.* ଭାଟ, ବନ୍ଦୀ, ସ୍ତୁତିପାଠକ ।

**Panel, Pannel,** *n.* 1. କବାଟର ପଟା, ଚାରୁକାର୍ଯ୍ୟବିଶିଷ୍ଟ ପଟା; 2. ଜୁରିମାନଙ୍କର ତାଲିକା; 3. ଜୁରିର ସଭ୍ୟବୃନ୍ଦ ।—*v.t.* କବାଟର ପଟା ଯୋଗାଇବା, ଶୋଭିତ ପଟାରେ ସଜାଇବା ।

**Panel-game,** *n.* କବାଟ ପଟା ଖସାଇ ପ୍ରବେଶ କରିବା ଦ୍ୱାରା ପଦାର୍ଥହରଣ ।

**Panelling,** *n.* ଚାରୁକାର୍ଯ୍ୟବିଶିଷ୍ଟ ପଟାଯୁକ୍ତ ।

**Panful,** *n.* କରେଇ ପରିମାଣ, କରେଇଏ ।

**Pang,** *n.* 1. କ୍ଷଣିକ ଯନ୍ତ୍ରଣା; 2. ଆକସ୍ମିକ ବେଦନା ।

**Panhellenic,** *a.* ସମୁଦାୟ ଗ୍ରୀସ୍ ଦେଶ ସମ୍ବନ୍ଧୀୟ ।

**Panhellenion, Panhellenium,** *n.* ଗ୍ରୀସ୍ ଦେଶର ସମସ୍ତ ଲୋକଙ୍କ ପ୍ରତିନିଧିଗଣର ବଡ଼ସଭା ।

**Panic,** *n.* ଆତଙ୍କ ଭୟ, ଆକସ୍ମିକ ଭୟ, ଅକାରଣ ଶଙ୍କା, ଆତଙ୍କ ।—*a.* ଆକସ୍ମିକ ବା ଅକାରଣ ଭୟଯୁକ୍ତ ।

**Panic-monger,** *n.* ଅକାରଣ ଭୟ ଉତ୍ପାଦନକାରୀ ଲୋକ ।

**Panic-stricken, Panic-struck,** *a.* ଭୟବିହ୍ୱଳ ।

**Panidrosis,** *n.* ସର୍ବାଙ୍ଗ ସ୍ୱେଦ ।

**Panification,** *n.* ରୁଟିରେ ପରିଣତକରଣ ।

**Panivorous,** *a.* ରୁଟିଭୋଜୀ ।

**Panislamic,** *a.* ସମୁଦାୟ ମହମ୍ମଦୀୟ ଜାତି ସମ୍ବନ୍ଧୀୟ

**Panislamism,** *n.* ମହମ୍ମଦୀୟ ଜାତିରେ ଏକତା ସ୍ଥାପନର ମତ ।

**Pannade,** *n.* ଅଶ୍ୱର ଉଲ୍ଲମ୍ଫନ ।

**Pannel,** same as Panel.

**Pannier,** *n.* 1 ରୁଟି ଟୋକାଇ; 2. ଘୋଡ଼ା ଉପରେ ପଡ଼ିବା ପଲାଣ; 3. କାନ୍ଧରୁ ବାହାରିଥିବା ଅବଲମ୍ବ; 4 କଟିଦେଶର ଲୁଗା ଫୁଲାଇ ରଖିବା ପାଇଁ ସ୍ତ୍ରୀଲୋକମାନଙ୍କର ଉପାୟ; 5. ତୀରନ୍ଦାଜମାନଙ୍କୁ ରକ୍ଷା କରିବା ପାଇଁ ଚାଟି ଢାଲ ।

**Panniered,** *a.* ପଲାଣବିଶିଷ୍ଟ ।

**Pannikin,** *n.* ସାନ କରେଇ । [ବିଶେଷ ।

**Pannuscorium,** *n.* ଜୋତାର ସାଜ ପାଇଁ ଚର୍ମ ଲୁଗା ।

**Panochia,** *pa-nō'chi-a,* *n.* କାଖ ଗୋଳୀ ।

**Panophobia,** *n.* ସବୁ ବିଷୟରେ ପୀଡ଼ାଦାୟକ ଭୟ ।

**Panophthalmitis,** *n.* ସମୁଦାୟ ଚକ୍ଷୁର ପ୍ରଦାହକ ଜ୍ୱଳନ ।

**Panoply,** *n.* ସର୍ବାଙ୍ଗର ସାଞ୍ଜୁଆ, କବଚ ।

**Panopticon,** *n.* 1. ଏକପ୍ରକାର କାରାଗାର ଯହିଁରେ ଏକ ସ୍ଥାନରୁ ସମସ୍ତ କାରାବାସୀ ଦେଖାଯାନ୍ତି; 2. ଦର୍ଶନୀ ଗୃହ ।

**Panorama,** *n.* 1. ବିସ୍ତୃତ ଦୃଶ୍ୟ; 2. ଚତୁର୍ଦ୍ଦିଗସ୍ଥ ଦୃଶ୍ୟ ଦେଖାଇବା ଚିତ୍ର; 3. ଭିନ୍ନ ଭିନ୍ନ ଦୃଶ୍ୟ ଦେଖାଇବା କ୍ରମେ କ୍ରମେ ମେଲା ହେଉଥିବା ଲମ୍ବ ଚିତ୍ର ।

**Panoramic,** *a.* ବିସ୍ତୃତ ଦୃଶ୍ୟ ସମ୍ବନ୍ଧୀୟ ।

**Panotitis,** *n.* ମଧ୍ୟମ ଓ ଆଭ୍ୟନ୍ତରିକ କର୍ଣ୍ଣର ଜ୍ୱଳନ ।

**Pansy,** *n.* ଭିନ୍ନ ଭିନ୍ନ ବର୍ଣ୍ଣଯୁକ୍ତ ବଗିଚ ବନ ପୁଷ୍ପ ବିଶେଷ ।

**Pant,** (1) *v.i.* 1. ଘନ ଘନ ନିଶ୍ୱାସ ମାରିବା, ହାଲ୍ଲି ଯିବା; 2. ବ୍ୟଗ୍ରଚିତ୍ତ-ହେ; 3. ଧକାଇବା, ହାମ୍ପିବା ।—*v.t.* ଆକାଂକ୍ଷା-କ ।

**Pant,** (2) **Panting,** *n.* ବକ୍ଷଃସ୍ଥଳ ଧକ୍‌ଧକ୍‌କରଣ ।

**Pantagraph,** *n.* same as Pantograph.

**Pantaleon,** *n.* ତାରଯୁକ୍ତ ଏକପ୍ରକାର ବାଦ୍ୟଯନ୍ତ୍ର ।

**Pantaloon,** *n.* ଭଣ୍ଡ, ମସ୍ଖରା । (*pl.*) **Pantaloons,** ପାଜାମା ।

**Pantaloonery,** *n.* ଭଣ୍ଡାମି, ମସ୍ଖରାମି ।

**Pantatrophy**, *n.* ସର୍ବାଙ୍ଗ ଦେହର କ୍ଷୀଣତା ।

**Pantechnicon**, *n.* ହସ୍ତନିର୍ମିତ ସର୍ବପ୍ରକାର ଦ୍ରବ୍ୟର ବିକ୍ରୟସ୍ଥାନ ।

**Pantheism**, *n.* ଅଦ୍ୱୈତବାଦ, ମନ ଓ ବସ୍ତୁକୁ ପରମେଶ୍ୱରଙ୍କର ଅବୟବ ବୋଲି ଜ୍ଞାନ କରିବା ମତ ।

**Pantheist**, *n.* ଅଦ୍ୱୈତବାଦୀ, ସବୁ ବିଷୟକୁ ପରମେଶ୍ୱରଙ୍କ ଅବୟବ ବୋଲି ବିଶ୍ୱାସକାରୀ ।

**Pantheon**, *n.* 1. ରୋମ ନଗରସ୍ଥ ଦେବସମୂହର ମନ୍ଦିର; 2. କୌଣସି ଜାତିର ଦେବସମୂହ ।

**Panther**, *n.* ଚିତାବାଘ ।

**Pantile**, *pan'tīl*, *n.* ଘର ଛାଇବା ବଙ୍କ ଖପର ବିଶେଷ ।

**Panting**, *n.* ବକ୍ଷଃସ୍ଥଳ ଧୁକ୍ ଧୁକ୍ କରଣ ।

**Pantingly**, *ad.* ଧକ୍ଧକ୍ଭାବେ ।

**Pantograph**, *n.* ମାନଚିତ୍ରାଦି ନକଲ କରିବା ଯନ୍ତ୍ର ।

**Pantography**, *n.* 1. କୌଣସି ପଦାର୍ଥର ପୂର୍ଣ୍ଣ ବର୍ଣ୍ଣନା; 2. ଯନ୍ତ୍ର ଦ୍ୱାରା ମାନଚିତ୍ରାଦି ନକଲ କରିବା ବିଦ୍ୟା ।

**Pantometer**, *n.* କୋଣ ଓ ଠିଆ ରେଖା ମାପକ ଯନ୍ତ୍ର ।

**Pantomime**, *n.* 1. କେବଳ ଅଙ୍ଗଭଙ୍ଗି ଦ୍ୱାରା ଅଭିନେତା; 2. ବାକ୍ୟହୀନ ଅଭିନୟ; ନାଟକ ବିଶେଷ ଯହିଁରେ ଭଣ୍ଡ ମସ୍କରା ଇତ୍ୟାଦି କୌତୁକ କରନ୍ତି ।

**Pantomimic, Pantomimical**, *a.* ବାକ୍ୟହୀନ ଅଭିନୟ ସମ୍ବନ୍ଧୀୟ ।

**Pantomimically**, *ad.* ବାକ୍ୟହୀନ ଅଭିନୟଭାବେ ।

**Pantomimist**, *n.* ବାକ୍ୟହୀନ ଅଭିନେତା ।

**Pantophagy**, *n.* *pan-tof'a-ji*, ସର୍ବଭକ୍ଷଣେଚ୍ଛା ।

**Pantry**, *n.* ଖାଦ୍ୟ ସାମଗ୍ରୀର ଭଣ୍ଡାର ।

**Pants**, *n. pl.* (Colloq.) same as Pantaloons.

**Pap**, (1) *n.* 1. ଶିଶୁମାନଙ୍କର କୋମଳ ଖାଦ୍ୟ ଦ୍ରବ୍ୟ; 2. ଫଳର ଶସ; 3. ଆହାର ।

**Pap**, (2) *n.* 1. କୁଚାଗ୍ର, ଦୁଧର ମୁଣ୍ଡି; 2. ସ୍ତ୍ରୀର ବକ୍ଷଦେଶ; 3. କୁଚାଗ୍ର ସଦୃଶ ପାହାଡ ।

**Papa**, *n.* 1. ବାପ; 2. ଧର୍ମାଧ୍ୟକ୍ଷ; 3. ଗ୍ରୀକ୍ ଧର୍ମମଣ୍ଡଳୀର ଯାଜକ ।

**Papacy**, *n.* 1. ପୋପଙ୍କର ପଦ; 2. ପୋପଙ୍କର କ୍ଷମତା; 3. ପୋପ ମତ; 4. ପୋପ ସମଷ୍ଟି । [ବନ୍ଧୀୟ ।

**Papal**, *a.* 1. ପୋପ ସମ୍ବନ୍ଧୀୟ; 2. ପୋପ ମତ ସମ୍-

**Papalise**, *v.t.* ପୋପ ମତାଧୀନ-କର ।—*v i.* ପୋପ ମତାବଲମ୍ବୀ-ହେ ।

**Papalism**, *n.* ପୋପ ଧର୍ମ ।

**Papalist**, *n.* ପୋପ ଧର୍ମାବଲମ୍ବୀ ।

**Papally**, *ad.* ପୋପ ଧର୍ମାନୁସାରୀ ।

**Papaphobia**, *n.* 1. ପୋପ ବିଷୟକ ଅତ୍ୟନ୍ତ ଭୟ; 2. ପୋପ ଧର୍ମର ଅଭିବୃଦ୍ଧିର ଭୟ ।

**Paparchy**, *n.* ପୋପ କର୍ତ୍ତୃକ ରାଜ୍ୟଶାସନ ।

**Papaw**, *n.* ଅମୃତଭଣ୍ଡା, ପପେୟା ।

**Paper**, *n.* 1. କାଗଜ; 2. ଖଣ୍ଡେ କାଗଜ; 3. ଲିଖିତ ବା ଛପା ଦସ୍ତାବିଜ ପ୍ରଭୃତି; 4. ପ୍ରବନ୍ଧ; 5. ଖବର କାଗଜ; 6. ହୁଣ୍ଡି; 7. କାନ୍ଥରେ ମଡାଇବା କାଗଜ; 8. ପରୀକ୍ଷାର ପ୍ରଶ୍ନ କାଗଜ; 9. ନାଟକକୁ ଯିବା ପାଇଁ ଅନୁମତି ପତ୍ର ବା ତାହା ପାଇଥିବା ଲୋକସମୂହ ।—*a.* କାଗଜରେ ତିଆରି, କାଗଜଯୁକ୍ତ ।—*v.t.* କାଗଜ ମଡାଇବା; 2. କାଗଜରେ ଗୁଡାଇବା ।

**Paper-chase**, *n.* କୁକୁର ଠେକୁଆକୁ ଗୋଡାଇବା ପରି ଖେଳ ବିଶେଷ ଯହିଁରେ ଠେକୁଆ ନାମଧାରୀ ପିଲା ବାଟ ଦେଖାଇବା ପାଇଁ ଛିଣ୍ଡା କାଗଜ ପକାଇ ଦିଏ ।

**Paper-cigar**, *n.* କାଗଜରେ ପ୍ରସ୍ତୁତ ପିକା ।

**Paper-cloth**, *n.* ବକଳରୁ ପ୍ରସ୍ତୁତ କାଗଜ ପରି ବସ୍ତ୍ର ।

**Paper-credit**, *n.* ପାଉଣା ଟଙ୍କାର ଦଲିଲ ଦେଖି ଦତ୍ତ ଋଣ ।

**Paper-cutter**, *n.* କାଗଜାଦି କାଟିବା ଯନ୍ତ୍ର ।

**Paper-file**, *n.* ସଜଡା କାଗଜ ଧରିବା ଯନ୍ତ୍ର ।

**Paper-hanger**, *n.* କାନ୍ଥରେ କାଗଜ ମଡାଇବା ଲୋକ । [କାଗଜ ।

**Paper-hangings**, *n.* କାନ୍ଥରେ ମଡାଇବା ଚିତ୍ରବିଚିତ୍ର

**Papering**, *n.* କାଗଜ ମଡାଇବା କାର୍ଯ୍ୟ ।

**Paper-money**, *n.* 1. ହୁଣ୍ଡି; 2. ଟଙ୍କାର ଚିଠି; 3. ନୋଟ କାଗଜ ।

**Paper-pulp**, *n.* ଯେ ଶସ ଦ୍ୱାରା କାଗଜ ପ୍ରସ୍ତୁତ ହୁଏ ।

**Paper-punch**, *n.* କାଗଜରେ ରନ୍ଧ୍ର କରିବା ଯନ୍ତ୍ର ।

**Paper-stainer**, *n.* କାନ୍ଥରେ ମଡାଇବା କାଗଜ ପ୍ରସ୍ତୁତକାରୀ ଲୋକ ।

**Paper-weight**, *n.* କାଗଜ ଉପରେ ରଖା ହୋଇଥିବା କୌଣସି ଭାରି ପଦାର୍ଥ ।

**Papery**, *a.* କାଗଜ ସଦୃଶ ।

**Papier-mâche'**, *n.* *pap'yā-mā'shā*, କାଗଜ ଶସରୁ ପ୍ରସ୍ତୁତ ଉପାଦାନ ବିଶେଷ ।

**Papilla**, *n.* (*pl.* Papillae,) ସ୍ପର୍ଶାନୁଭବ ନିମନ୍ତେ ଜିହ୍ୱା ଓ ଅଙ୍ଗୁଳିର ଅଗ୍ରଭାଗସ୍ଥିତ ଅତି ସୂକ୍ଷ୍ମ ଉନ୍ନତାଂଶ ।

**Papillary**, *a.* 1. କ୍ଷୁଦ୍ର କୁଚାଗ୍ର ତୁଲ୍ୟ; 2. ଅତି ସୂକ୍ଷ୍ମ ଉନ୍ନତାଂଶବିଶିଷ୍ଟ ।

**Papist**, *n.* ପୋପ୍ ମତାବଲମ୍ବୀ ।

**Papistical**, *a.* ପୋପ୍ ମତ ସମ୍ବନ୍ଧୀୟ ।

**Papistry**, *n.* ପୋପ୍ ମତ, ରୋମାନ୍ କାଥଲିକ ଧର୍ମ ।

**Papuan**, *a.* 1. ନ୍ୟୁ ଗିନି ନାମକ ଦ୍ୱୀପ ସମ୍ବନ୍ଧୀୟ; 2. ପ୍ରଶାନ୍ତ ମହାସାଗରସ୍ଥ କେତେକ ଦ୍ୱୀପବାସୀ କୁଞ୍ଚିତ କେଶଯୁକ୍ତ କୃଷ୍ଣବର୍ଣ୍ଣ ଲୋକ ।

**Papula**, *n.* (*pl.* Papulae,) ବ୍ରଣ, ସ୍ଫୋଟକ ।

**Papulous**, *a.* ବ୍ରଣପୂର୍ଣ୍ଣ ।

**Papyrus**, *n.* *pa-pī'rus*, (*pl.* Papyri,) 1. ମିଶର ଦେଶର ବୃକ୍ଷ ବିଶେଷ ଯାହାର ପତ୍ରରେ କାଗଜ ପ୍ରାୟ ଲେଖାଯାଏ; 2. ଉକ୍ତ ବୃକ୍ଷର ପତ୍ରପୋଷ ।

**Par**, *n.* 1. ସମଭାବ; 2. ତୁଲ୍ୟମୂଲ୍ୟଭାବ, ମୂଲ୍ୟର ସମାନତା ।—Above par, ସାଧାରଣ ମୂଲ୍ୟରୁ ଅଧିକ ମୂଲ୍ୟଯୁକ୍ତ । At par, ସାଧାରଣ ମୂଲ୍ୟର ମୂଲ୍ୟଯୁକ୍ତ । Below par, ସାଧାରଣ ମୂଲ୍ୟରୁ ଊଣା ମୂଲ୍ୟଯୁକ୍ତ ।

**Para**, *n*. ତୁରସ୍କ ଓ ମିଶର ଦେଶରେ ପ୍ରଚଳିତ ମୁଦ୍ରା ବିଶେଷ ।

**Parable**, *n*. 1. ଉପମା, ଦୃଷ୍ଟାନ୍ତ, ପଟାନ୍ତର; 2. ପ୍ରବାଦ ।

**Parabola**, *n*. ସୂଚ୍ୟାକୃତି ବସ୍ତୁର ଉପରରୁ ତଳ ପର୍ଯ୍ୟନ୍ତ ପାର୍ଶ୍ୱକୁ ସମାନ୍ତରାଳରୂପେ କାଟିଲେ ଯେଉଁ ଆକାର ହୁଏ, କ୍ଷେପଣୀ ।

**Parabole**, *n*. ଅଳଙ୍କାର ଶାସ୍ତ୍ରରେ ଅର୍ଥ ତୁଳନା ।

**Parabolic, Parabolical**, *a*. 1. ଦୃଷ୍ଟାନ୍ତବତ୍; 2. ଉପମାସମ୍ବଳିତ; 3. ପଟାନ୍ତର ସମ୍ବନ୍ଧୀୟ ।

**Parabolically**, *ad*. ଦୃଷ୍ଟାନ୍ତରୂପେ, ଉପମାଭାବେ ।

**Parachute**, *n*. ବ୍ୟୋମଯାନରୁ ଓହ୍ଲାଇବା ନିମନ୍ତେ ବଡ଼ ଛତା ପରି ଯନ୍ତ୍ର ।

**Paraclete**, *n*. ଯୋହନ ଲିଖିତ ମଙ୍ଗଳସମାଚାରର ୧୪ ପର୍ବ ୧୬ ପଦାଦିରେ ସାନ୍ତ୍ୱନାକର୍ତ୍ତା ବା ଉପକାରକ ବା ସପକ୍ଷବାଦୀ ଅର୍ଥପ୍ରକାଶକ ପବିତ୍ର ଆତ୍ମାଙ୍କର ନାମ ।

**Parade**, *n*. 1. ପ୍ରଦର୍ଶନ ନିମନ୍ତେ ସେନାଗଣ ଶୃଙ୍ଖଳାବଦ୍ଧକରଣ; 2. ସୈନିକ ପ୍ରଦର୍ଶନ; 3. କବାଜ ସ୍ଥାନ; 4. ସମାରୋହ, ଆଡ଼ମ୍ବର; 5. ବାୟୁ ସେବନାର୍ଥେ ଭ୍ରମଣୋପଯୋଗୀ ବିସ୍ତୃତ ପଥ ।—*v.t.* ସମାରୋହ-କ, ଲୋକଙ୍କୁ ଦେଖାଇହେବା ଅଭିପ୍ରାୟରେ କାର୍ଯ୍ୟ-କ; 2. ପ୍ରଦର୍ଶନ ନିମନ୍ତେ ସେନାଗଣ ଶୃଙ୍ଖଳାବଦ୍ଧ-କ ।—*v.i.* 1. ଲୋକଙ୍କୁ ଦେଖାଇବା ଅଭିପ୍ରାୟରେ ଏଣେତେଣେ ବୁଲିବା; 2. ସେନାଗଣ ଶୃଙ୍ଖଳାବଦ୍ଧ ହୋଇ ବୁଲିବା; 3. ଦଳବଦ୍ଧ ହୋଇ ଯାତ୍ରା-କ ।

**Paradigm**, *n*. *par'a-dim*, 1. ଉଦାହରଣ, ଆଦର୍ଶ; 2. (Gram.) ଶବ୍ଦର ରୂପ ।

**Paradise**, *n*. 1. ସୁଖମୟ ଉପବନ; 2. ଏଦନ ଉଦ୍ୟାନ; 3. ସ୍ୱର୍ଗୋଦ୍ୟାନ; 4. ଅତି ସୁନ୍ଦର ସ୍ଥାନ; 5. ସ୍ୱର୍ଗ ତୁଲ୍ୟ ସୁଖାବସ୍ଥା; 6. ଧାର୍ମିକ ଲୋକଙ୍କର ସ୍ୱର୍ଗୀୟ ସୁଖମୟ ବାସସ୍ଥାନ; 7. (Slang) ନାଟ୍ୟଶାଳାର ସର୍ବୋଚ୍ଚ ମଞ୍ଚ; 8. (Archi.) ଏକ କ୍ଷୁଦ୍ର ଗୁପ୍ତ କୋଠରୀ, ଗୀର୍ଜାଘରର ସମ୍ମୁଖସ୍ଥ ପ୍ରାଙ୍ଗଣ ।—Bird of Paradise, ଅତି ସୁନ୍ଦର ପକ୍ଷଯୁକ୍ତ ପୂର୍ବ ଦେଶର ଏକପ୍ରକାର ପକ୍ଷୀ ।

**Paradisaic, Paradisaical, Paradisiac. Paradisiacal**, *a*. ସ୍ୱର୍ଗୋଦ୍ୟାନ ସମ୍ବନ୍ଧୀୟ, ସ୍ୱର୍ଗୋଦ୍ୟାନ ତୁଲ୍ୟ, ସ୍ୱର୍ଗୋଦ୍ୟାନୋପଯୋଗୀ ।

**Paradisial, Paradisian**, *a*. ସ୍ୱର୍ଗୋଦ୍ୟାନ ତୁଲ୍ୟ, ସ୍ୱର୍ଗୋଦ୍ୟାନୋପଯୋଗୀ ।

**Parados**, *n*. ପଶ୍ଚାତ୍ ଆକ୍ରମଣରୁ ରକ୍ଷା କରିବା ପାଇଁ ବସ୍ତାର ବନ୍ଧ ।

**Paradox**, *n*. ଯାହା ଗ୍ରାହ୍ୟ ମତର ବିପରୀତ, ଯାହା ଅସଙ୍ଗତ ବୋଲି ବୋଧ ହେଲେହେଁ ପ୍ରକୃତରେ ସତ୍ୟ ।

**Paradoxical**, *a*. 1. ଅସଙ୍ଗତ ବାକ୍ୟ ସଦୃଶ; 2. ଅସଙ୍ଗତ ବାକ୍ୟ ପ୍ରିୟ ।

**Paræsthesia**, *n*. ଅସ୍ୱାଭାବିକ ବୋଧ ।

**Paraffin-oil**, *n*. ଏକପ୍ରକାର ଧାତବୀୟ ତେଲ ।

**Parage**, *n*. 1. ବ୍ୟବସ୍ଥା ସମ୍ବନ୍ଧରେ ସମାନତା; 2. ସ୍ତ୍ରୀର ଯୌତୁକ ।

**Paragoge**, *n*. *par-a-gō'jē*, ଶବ୍ଦ ଶେଷରେ ଏକ ବର୍ଣ୍ଣର ଯୋଗକରଣ ।

**Paragon**, *n*. 1. ଆଦର୍ଶ, ତୁଳନାଯୋଗ୍ୟ ନମୁନା; 2. ସଙ୍ଗୀ, ପ୍ରତିଯୋଗୀ; 3. ସର୍ବୋତ୍କୃଷ୍ଟ ବିଷୟ; 4. ଛାପାକ୍ଷର ବିଶେଷ ।—*v.t.* 1. ତୁଳନା-କ; 2. ଅତିକ୍ରମ-କ ।

**Paragram**, *n*. ଦ୍ୱ୍ୟର୍ଥ ବାକ୍ୟ ।

**Paragraph**, *n*. ପରିଚ୍ଛେଦ, ପ୍ରକରଣ ।—*v.t.* ପ୍ରକରଣରେ ବିଭାଗ-କ ।

**Paraleipsis**, *n*. (Rhet.) କୌଣସି ପ୍ରସଙ୍ଗ ପରିତ୍ୟାଗ କଲା ପରି ଦେଖାଇବା ଦ୍ୱାରା ତହିଁରେ ଅଧିକ ମନୋଯୋଗ ଆକର୍ଷଣ କରିବା ବାକ୍ୟ କୌଶଳ ।

**Paralipomena**, *n. pl.* କ୍ରୋଡ଼ପତ୍ରରେ ପ୍ରକାଶିତ ଗ୍ରନ୍ଥର ପରିତ୍ୟକ୍ତ ଅଂଶମାନ ।

**Parallax**, *n*. 1. ଦର୍ଶକର ସ୍ଥିତିର ପରିବର୍ତ୍ତନରେ ପଦାର୍ଥର ସ୍ଥିତିର ଅପ୍ରକୃତ ପରିବର୍ତ୍ତନ; 2. (Astron.) ଗ୍ରହାଦିର ଦୃଷ୍ଟ ହେଉଥିବା ସ୍ଥାନ ଓ ପ୍ରକୃତ ସ୍ଥାନର ମଧ୍ୟରେ ଯେଉଁ ପ୍ରଭେଦ ।

**Parallel**, *a*. 1. ପାଶେ ସ୍ଥିତ; 2. ସମାନ ଅଭିମୁଖେ ଓ ସମାନ ଅନ୍ତରରେ ବିସ୍ତୃତ; 3. ଏକାଭିମୁଖୀ; 4. ସମସ୍ତ ଆବଶ୍ୟକୀୟ ବିଷୟରେ ସମାନ; 5. ସମତୁଲ୍ୟ ।—*n*. 1. ସମାନ୍ତରାଳ ରେଖା, ସମସରଳ ରେଖା; 2. ଅକ୍ଷରେଖା; 3. ସାଦୃଶ୍ୟ; 4. ସମତୁଲ୍ୟତା; 5. ପ୍ରତିରୂପ ।—*pl.* ବେଷ୍ଟନକାରୀମାନଙ୍କ ପ୍ରତିବାଧା କରିବା ପାଇଁ ଦୁର୍ଗର ସୀମା ସମାନ୍ତରାଳରେ ଖୋଦିତ ପରିଖା ।—*v.t.* 1. ସମାନ୍ତରାଳରେ ସ୍ଥାପନ-କ; 2. ଅନୁରୂପ କରାଇବା ।

**Parallelism**, *n*. 1. ସମାନ୍ତରାଳତା; 2. ସାଦୃଶ୍ୟ; 3. ସମତୁଲ୍ୟତା; 4. ଅନୁରୂପ, ସମାନ ଅର୍ଥ ।

**Parallelly**, *ad*. ସମାନ୍ତରାଳରୂପେ, ସମତୁଲ୍ୟରୂପେ ।

**Parallelogram**, *n*. ସମାନ୍ତର ସରଳରୈଖିକ ଚତୁଷ୍କୋଣଯୁକ୍ତ କ୍ଷେତ୍ର ।

**Paralogise**, *v.t.* ସଦୋଷ ଯୁକ୍ତି-କ ।

**Paralogism**, *n*. ସଦୋଷ ଯୁକ୍ତି ।

**Paralyse**, *v.t.* 1. ପକ୍ଷାଘାତଗ୍ରସ୍ତ-କ; 2. ଅକର୍ମଣ୍ୟ-କ; 3. କାର୍ଯ୍ୟକାରିତା ଶକ୍ତିକୁ ହ୍ରାସ-କ ।

**Paralysis**, *n*. 1. ଶରୀରସ୍ଥ କୌଣସି ଅଂଶର ଗତି ବା ଚୈତନ୍ୟ କ୍ରିୟାର କ୍ଷୟ; 2. ପକ୍ଷାଘାତ; 3. କାର୍ଯ୍ୟକାରିତା ଶକ୍ତିର ହ୍ରାସ; 4. ହସ୍ତପଦର ଅବଶ ଅବସ୍ଥା ।

**Paralytic**, *a*. 1. ପକ୍ଷାଘାତ ସମ୍ବନ୍ଧୀୟ; 2. ପକ୍ଷାଘାତଯୁକ୍ତ ।—*n*. ପକ୍ଷାଘାତୀ ।

**Paramatta**, *n*. ପଶମ ଓ ସୂତା ମିଶ୍ରିତ ବସ୍ତ୍ର ବିଶେଷ ।

**Paramenia**, *n. pl.* କଷ୍ଟଦାୟକ ବା ଅନିୟମିତ ସ୍ତ୍ରୀ ଋତୁ ।

**Paramesia**, *n*. ବିକୃତ ସ୍ମରଣଶକ୍ତି ।

**Paramo**, *n*. ବୃକ୍ଷହୀନ ବାୟୁବିତାଡ଼ିତ ଉଚ୍ଚ ସମଭୂମି ।

**Paramount**, *a*. ସର୍ବଶ୍ରେଷ୍ଠ, ପ୍ରଧାନ, ଅତିମହତ୍ ।

**Paramour**, *n*. ଉପପତି ବା ଉପପତ୍ନୀ ।

**Parang**, *n*. ମାଳୟ ଦେଶର ଏକ ଲମ୍ବା ଛୁରୀ ।

**Paranymph**, *n*. *par'-a-nimf* 1. ବିବାହ ଗୃହକୁ କନ୍ୟାକୁ ସଙ୍ଗେ ନେଇ ଯିବା ବରର ଜଣେ ବନ୍ଧୁ, ବରଯାତ୍ରୀ; 2. ପରିପୁଷ୍ଟ ପୋଷକ ।

**Parapet**, *n.* 1. ଶତ୍ରୁଗଣଠାରୁ ସେନାମାନଙ୍କୁ ରକ୍ଷା କରିବା ନିମିତ୍ତ ଦୁର୍ଗର ପ୍ରାଚୀର ଉପରସ୍ଥ ବକ୍ଷର ସମଉଚ୍ଚ ପାଚେରୀ; 2. ଲୋକଙ୍କୁ ପଡ଼ିଯିବାରୁ ରକ୍ଷା କରିବା ପାଇଁ ପୋଲ ବା ଘରର ଛାତଆଦିର ଉପରସ୍ଥିତ ବକ୍ଷର ସମଉଚ୍ଚ ପାଚେରୀ ।

**Paraph**, *n.* ସ୍ୱାକ୍ଷର ନିମ୍ନସ୍ଥ ଚିହ୍ନ ।—*v.t.* ଛଟାଅକ୍ଷରରେ [ସ୍ୱାକ୍ଷର-କ ।

**Paraphernalia**, *n.* 1. କାରୁକାର୍ଯ୍ୟବିଶିଷ୍ଟ ବେଶଭୂଷା; 2. ଅସ୍ତ୍ରାଦିର ସାଜସଜ୍ଜା; 3. ସ୍ତ୍ରୀର ବସ୍ତ୍ରାଲଙ୍କାରାଦି ଯୌତୁକ ପଦାର୍ଥ; 4. ଯୌତୁକ ଛଡ଼ା ସ୍ତ୍ରୀର ନିଜର ସମ୍ପତ୍ତିସ୍ୱରୂପ ଯେଉଁ ବସ୍ତ୍ର ଓ ଅଳଙ୍କାରାଦି ଥାଏ ।

**Paraphonia**, *n.* ଯୌବନପ୍ରାପ୍ତିରେ ସ୍ୱରଭଙ୍ଗ ।

**Paraphrase**, *n.* 1. ଅଧିକ ସୁସ୍ପଷ୍ଟରୂପେ ଅନ୍ୟ କଥା ଦ୍ୱାରା ଏକ ବିଷୟର କଥନ; 2. ଗ୍ରନ୍ଥର ଏକାଂଶର ବ୍ୟାଖ୍ୟା; 3. ଅର୍ଥପ୍ରକାଶକ ଅନୁବାଦ ।—*v.t.* 1. ଅନ୍ୟ କଥାରେ କହିବା; 2. ଅଧିକ ସୁସ୍ପଷ୍ଟରୂପେ ପ୍ରକାଶ-କ; 3. ଅର୍ଥପ୍ରକାଶକଭାବେ ଅନୁବାଦ-କ ।—*v.i.* ଅନ୍ୟ କଥା ଦ୍ୱାରା ପ୍ରକାଶିତ-ହେ ।

**Paraphrast**, *n.* ଯେ ଅନ୍ୟ କଥାରେ କୌଣସି ବିଷୟର ଅର୍ଥ ପ୍ରକାଶ କରେ ।

**Paraphrastic, Paraphrastical**, *a.* 1. ଅର୍ଥପ୍ରକାଶକ ଅନୁବାଦ ସମ୍ବନ୍ଧୀୟ; 2. ମୂଳ ବିଷୟ ଅପେକ୍ଷା ଅଧିକ ସୁସ୍ପଷ୍ଟୀକୃତ; 3. ଅର୍ଥପ୍ରକାଶକମାତ୍ର; 4. ବିସ୍ତାରିତ ।

**Parapsis**, *n.* ବିକୃତ ସ୍ପର୍ଶେନ୍ଦ୍ରିୟ ।

**Parasang**, *n.* ପାରସ୍ୟ ଦେଶର ଏକ ପରିମାଣ ବିଶେଷ ।

**Parasceve**, *n.* *par'a-sēv*, ଯିହୁଦୀୟମାନଙ୍କ ବିଶ୍ରାମବାରର ପୂର୍ବ ଅଯୋଜନର ଦିନ । [କିରଣଶୀଳ ।

**Paraschematic**, *a.* *par-a-skē-mat'ik*, ଅନୁ-

**Paraselene**, *n.* କୃତ୍ରିମ ଚନ୍ଦ୍ର, ଚନ୍ଦ୍ରାଭାସ ।

**Parasite**, *n.* 1. ପରାନ୍ନଭୋଜୀ; 2. ଅନୁଯାଚକ; 3. ତୋଷାମୋଦକାରୀ; 4. ଅନ୍ୟ ଏକ ବୃକ୍ଷ ଉପରେ ବର୍ଦ୍ଧିତ ଓ ତାହାର ରସରେ ପରିପୁଷ୍ଟ ବୃକ୍ଷ, ମଳଙ୍ଗ; 5. (Zool.) ଅନ୍ୟ ଜୀବ ଉପରେ ବଞ୍ଚିଥିବା ପ୍ରାଣୀ ।

**Parasitic, Parasitical**, *a.* 1. ପରାନ୍ନଭୋଜୀ ତୁଲ୍ୟ; 2. ତୋଷାମୋଦିଆ; 3. ଅନ୍ୟ ଜୀବରେ ଉପଜୀବୀ ।

**Parasol**, *n.* ସୂର୍ଯ୍ୟ ଉତ୍ତାପରୁ ରକ୍ଷାର୍ଥେ ସ୍ତ୍ରୀଲୋକମାନଙ୍କ ଦ୍ୱାରା ବ୍ୟବହୃତ କ୍ଷୁଦ୍ର ଛତା ।—*v.t.* ସୂର୍ଯ୍ୟ ଉତ୍ତାପରୁ ଛାୟା-କ ।

**Paratonic**, *a.* ବୃକ୍ଷ ବୃଦ୍ଧିର ପ୍ରତିବାଧାଜନକ ।

**Paravail**, *a.* ଅତି ନୀଚ, ନଗଣ୍ୟ, ହେୟ ।

**Parbake**, *v.t.* ଅର୍ଦ୍ଧପାକ-କ ।

**Parboil**, *v.t.* ଅଂଶିକଭାବେ ସିଦ୍ଧ-କ, ଦରସିଝା-କ ।

**Parbuckle**, *n.* ରଜ୍ଜୁର ସାହାଯ୍ୟରେ ଭାରି ପିମ୍ପାମାନ ଉଠାଣିରେ ଉଠାଇବାର ବା ଓହ୍ଲାଇବାର ଏକ ଉପାୟ ।

**Parcel**, *n.* 1. କ୍ଷୁଦ୍ରାଂଶ; 2. ଏକ ଖଣ୍ଡ; 3. କେତେ ପୁଞ୍ଜ; 4. ପୁଳିନ୍ଦା, ପୁଟୁଳା ।—*v.t.* ଭିନ୍ନ ଅଂଶରେ ବିଭାଗ-କ ।

**Parcel-office**, *n.* ପ୍ରେରଣ ଓ ବଣ୍ଟନ ନିମନ୍ତେ ଯେଉଁ ସ୍ଥାନରେ ପୁଳିନ୍ଦାସବୁ ଗ୍ରହଣ କରାଯାଏ ।

**Parcel post**, *n.* ପୁଳିନ୍ଦାସବୁ ପ୍ରେରଣ ଓ ବଣ୍ଟନ କରିବା ଡାକ ଘରର କାର୍ଯ୍ୟବିଭାଗ ।

**Parcenary**, *n.* ସହ ଉତ୍ତରାଧିକାରିତ୍ୱ ।

**Parch**, *v.t.* ଭାଜିବା, ଅଳ୍ପ ଦଗ୍ଧ-କ, ଶୁଷ୍କ-କ ।—*v.i.* ଭଜା-ହେ, ଦଗ୍ଧ-ହେ, ଶୁଷ୍କ-ହେ ।

**Parched**, *a.* ଶୁଷ୍କ, ଦଗ୍ଧ, ଭଜା ।

**Parchment**, *n.* ଲେଖିବା ନିମିତ୍ତ ପ୍ରସ୍ତୁତ ମେଷ ବା ଛାଗର ଚର୍ମ, ଚର୍ମନିର୍ମିତ କାଗଜ ।

**Pard**, (1) *n.* (Slang) ସାଙ୍ଗ, ସଙ୍ଗୀ ।

**Pard**, (2) *n.* ଚିତାବାଘ, (In poetry) ଚିତ୍ରବିଚିତ୍ର କୌଣସି ପଶୁ । [ସ୍ୱରେ ।

**Pardieu**, *ad.* *pär'dū*, ଧର୍ମରେ, ପ୍ରକୃତରେ, ନିଶ୍ଚ-

**Pardon**, *v.t.* 1. କ୍ଷମା-କ; 2. ଦଣ୍ଡ ବା ଦୋଷରୁ ରକ୍ଷା-କ; 3. ଦଣ୍ଡରୁ ମୁକ୍ତ-କ; 4. ଛାଡ଼-ଦେ ।—*n.* 1. କ୍ଷମା, ମୋଚନ; 2. ଦଣ୍ଡରୁ ମୁକ୍ତି; 3. କ୍ଷମାପ୍ରକାଶକ ଆଜ୍ଞାପତ୍ର; 4. ପୋପ ଦତ୍ତ କ୍ଷମାପତ୍ର ।

**Pardonable**, *a.* କ୍ଷମାଯୋଗ୍ୟ, ମୋଚନୀୟ ।

**Pardoner**, *n.* 1. କ୍ଷମାଦାତା; 2. (Formerly) ପୋପ୍ ଦତ୍ତ କ୍ଷମାପତ୍ର ବିକ୍ରୟ କରିବାକୁ କ୍ଷମତାପ୍ରାପ୍ତ ବ୍ୟକ୍ତି ।

**Pardoning**, *p.a.* 1. କ୍ଷମାଶୀଳ; 2. କ୍ଷମା ଦେବାକୁ ଅଧିକାର ପ୍ରକାଶକାରୀ; 3. କ୍ଷମାଦାନ କରିବାକୁ ଅଧିକାର ଅର୍ପଣକାରୀ ।

**Pare**, *v.t.* କର୍ତ୍ତନ-କ, ଅଳ୍ପ କାଟି ଛୋଟ-କ ।

**Paregoric**, *a.* ବେଦନା ନିବାରକ, ଉପଶମକାରକ ।—*n.* ବେଦନା ନିବାରକ ଔଷଧ, ଅଫିମର କର୍ପ୍ୟାସ ।

**Parenesis**, *n.* ପ୍ରବର୍ତ୍ତନା ।

**Parenetic, Parenetical**, *a.* ପ୍ରବର୍ତ୍ତନାଜନକ, ଉପଦେଶପ୍ରଦ ।

**Parent**, *n.* 1. ଜନ୍ମଦାତା ବା ଜନ୍ମଦାତ୍ରୀ; 2. ଜନକ ବା ଜନନୀ, ପିତା ବା ମାତା; 3. ଉତ୍ପାଦକ; 4. ଉଦ୍ଭବ; 5. କାରଣ ।

**Parentage**, *n.* 1. ଉତ୍ପତ୍ତି; 2. ଜନ୍ମ; 3. ବଂଶ, କୁଳ; 4. ପୂର୍ବପୁରୁଷଠାରୁ ଆଗତ ମର୍ଯ୍ୟାଦା ବା ଉତ୍ତର; 5. ପିଲାମାନଙ୍କ ସହିତ ପିତାମାତାର ସମ୍ବନ୍ଧ ।

**Parental**, *a.* 1. ପିତାମାତା ସମ୍ବନ୍ଧୀୟ; 2. ପିତମାତ-ଯୋଗ୍ୟ; 3. ଅନୁରାଗୀ, ବତ୍ସଳ; 4. କୋମଳ ।

**Parentally**, *ad.* ପିତାମାତାରୂପେ ।

**Parenthesis**, *n.* ବ୍ୟାକରଣାନୁସାରେ ସମ୍ପୂର୍ଣ୍ଣ ଏକ ବାକ୍ୟରେ ସନ୍ନିବିଷ୍ଟ ବାକ୍ୟ ।—*pl.* ଉପରୋକ୍ତ ସନ୍ନିବିଷ୍ଟ ବାକ୍ୟକୁ ଚିହ୍ନିତ କରିବା ପାଇଁ ବ୍ୟବହୃତ ଚିହ୍ନ ଯଥା, ( ), ବନ୍ଧନୀ ।

**Parenthood**, *n.* 1. ପିତୃ ବା ମାତୃଯୋଗ୍ୟ ଅବସ୍ଥା; 2. ପିତାମାତାର ଯୋଗ୍ୟ କର୍ମ ବା ବୋଧ । [ବଧକାରୀ ।

**Parenticide**, *n.* ପିତୃ ବା ମାତୃହନ୍ତା, ପିତା ବା ମାତା

**Parentless**, *a.* ପିତୃମାତୃହୀନ ।

**Parer**, *n.* ଯେ ବା ଯାହା କର୍ତ୍ତନ କରେ ।

**Parergon**, *n.* କାର୍ଯ୍ୟର ସହକାରୀ କାର୍ଯ୍ୟ ।

Paresis, *n.* ଆଂଶିକ ପକ୍ଷାଘାତ ।

Parfleche, *n.* *pär-flesh'*, 1. ମହିଁଷି ଚମଡ଼ା; 2. ମହିଁଷି ଚମଡ଼ାରୁ ପ୍ରସ୍ତୁତ ଥଳୀ ଆମ୍ଭ ଇତ୍ୟାଦି ।

Parhelion, *n.* ସୂର୍ଯ୍ୟର ନିକଟରେ ପ୍ରକାଶିତ ଏକ ବିଶେଷ ଆଲୋକ. କୃତ୍ରିମ ସୂର୍ଯ୍ୟ ।

Parhesia, *n.* କଥନରେ ପ୍ରଗଲ୍ଭତା ।

Pariah, *n.* 1. ବ୍ରାହ୍ମଣାଦି ଚତୁର୍ବର୍ଣ୍ଣରୁ ନୀଚ ଦକ୍ଷିଣ ଭାରତର ଏକ ଜାତିର ଲୋକ; 2. ଜାତି ହରାଇଥିବା ଲୋକ, ଜାତିଭ୍ରଷ୍ଟ ଲୋକ ।

Parian, *a.* 1. ପେରସ୍ ନାମକ ଦ୍ୱୀପ ସମ୍ବନ୍ଧୀୟ; 2. ପେରସ୍ ଦ୍ୱୀପରେ ପ୍ରାପ୍ତ ।—*n.* ପେରସ୍ ଦ୍ୱୀପର ନିବାସୀ ।

Parietal, *a.* 1. ଭିତ୍ତି ସମ୍ବନ୍ଧୀୟ; 2. ପ୍ରାଚୀର ବେଷ୍ଟିତ ସ୍ଥାନର ନିବାସୀ; 3. (Anat.) ଶରୀରର କୌଣସି ଗର୍ତ୍ତର ପ୍ରାଚୀର ପର ।—*n.* କପୋଳର ଏକ ଅସ୍ଥି ।

Paring, *n.* 1. କର୍ତ୍ତନକରଣ; 2. ବକଲ; 3. ଚାଷ ନିମନ୍ତେ ଘାସପୂର୍ଣ୍ଣ ଭୂମିର ଉପରଭାଗ କର୍ତ୍ତନକାର୍ଯ୍ୟ ।

Parish, *n.* 1. ଏକ ପାଳକଙ୍କ ଅଧୀନସ୍ଥ ଅଞ୍ଚଳ; 2. ସ୍ଥାନୀୟ କାର୍ଯ୍ୟକାରକ ଅଧୀନସ୍ଥ ହୋଇ ନିଜ ଦରିଦ୍ରମାନଙ୍କୁ ପ୍ରତିପୋଷଣକାରୀ ମଣ୍ଡଳୀସଂକ୍ରାନ୍ତ ଅଞ୍ଚଳ; 3. ଏହିପରି ଅଞ୍ଚଳସ୍ଥ ଲୋକଗଣ ।—*a.* 1. ମଣ୍ଡଳୀସଂକ୍ରାନ୍ତ ସ୍ୱାଧୀନ ଅଞ୍ଚଳ ସମ୍ବନ୍ଧୀୟ; 2. ଉକ୍ତ ଅଞ୍ଚଳ ଦ୍ୱାରା ନିଯୁକ୍ତ ବା ପ୍ରତିପାଳିତ ।

Parish clerk, *n.* 1. ମଣ୍ଡଳୀ ସଂକ୍ରାନ୍ତ ସ୍ୱାଧୀନ ଅଞ୍ଚଳର ଲେଖକ; 2. ଉକ୍ତ ଅଞ୍ଚଳସ୍ଥ ସରକାରୀ ମଣ୍ଡଳୀର ସେବା କାର୍ଯ୍ୟଚାଳକ ।

Parishioner, *n.* 1. ମଣ୍ଡଳୀସଂକ୍ରାନ୍ତ ସ୍ୱାଧୀନ ଅଞ୍ଚଳର ଏକ ଲୋକ; 2. ଉକ୍ତ ଅଞ୍ଚଳସ୍ଥ ମଣ୍ଡଳୀର ଏକ ସଭ୍ୟ ।

Parish priest, *n.* ମଣ୍ଡଳୀସଂକ୍ରାନ୍ତ ସ୍ୱାଧୀନ ଅଞ୍ଚଳର ଭାରପ୍ରାପ୍ତ ଯାଜକ ।

Parish register, *n.* ମଣ୍ଡଳୀସଂକ୍ରାନ୍ତ ସ୍ୱାଧୀନ ଅଞ୍ଚଳର ଜନ୍ମ ମରଣ ଓ ବିବାହ ଲେଖା ହୋଇଥିବା ନାମ ବହି ।

Parisian, *a.* ପାରିସ୍ ନଗର ସମ୍ବନ୍ଧୀୟ ।—*n.* ପାରିସ ନଗରବାସୀ ।

Parisyllabic, *a.* ସମାନ ଶବ୍ଦାଂଶଯୁକ୍ତ ।

Parity, *n.* 1. ପଦ ଅବସ୍ଥା ବା ଗୁଣରେ ସମାନତା; 2. ତୁଲ୍ୟତା; 3. ସାଦୃଶ୍ୟ ।

Park, *n.* 1. ବନ୍ୟ ଜନ୍ତୁ ଅବରୋଧ ରଖିବା ପାଇଁ ବା ଏପରି କୌଣସି ବିଶେଷ ଉଦ୍ଦେଶ୍ୟରେ ରଖାଯାଇଥିବା ପରିବେଷ୍ଟିତ ଭୂମିଖଣ୍ଡ; 2. ଘାସପଡ଼ିଆ; 3. ବୃହତ୍ ଗୃହରେ ବେଷ୍ଟନକାରୀ ପତିତ ଭୂମି. ଉଦ୍ୟାନ; 4. ଆମୋଦ ଓ କ୍ରୀଡ଼ା ନିମନ୍ତେ ରଖାଯାଇଥିବା ବେଷ୍ଟିତ ଭୂମିଖଣ୍ଡ; 5. (Mil.) ତୋପ ବା ତୋପଚାଳକମାନଙ୍କ ପାଇଁ ଛାଉଣିର ମଧ୍ୟସ୍ଥିତ ଖୋଲା ଭୂମି ।—*v.t.* 1. ବେଷ୍ଟନ-କର; 2. ଏକତ୍ର-କର ।

Parlance, *n.* 1. କଥନ; 2. କଥୋପକଥନ; 3. ବିଶେଷ ଢଙ୍ଗରେ କଥୋପକଥନ ।

Parley, *v.i.* 1. ଅନ୍ୟର ସହିତ କଥାବାର୍ତ୍ତା-ହେ; 2. କୌଣସି ଗୁରୁତର ପ୍ରସଙ୍ଗରେ କଥାବାର୍ତ୍ତା-ହେ; 3. ଶତ୍ରୁ ସହିତ ସନ୍ଧି ସ୍ଥାପନ ଅଭିପ୍ରାୟରେ କଥାବାର୍ତ୍ତା-ହେ ।—*n.* 1. କଥାବାର୍ତ୍ତା; 2. ଯୁଦ୍ଧ ସମୟରେ ଶତ୍ରୁ ସହିତ ସନ୍ଧି ସ୍ଥାପନ ଅଭିପ୍ରାୟରେ କଥାବାର୍ତ୍ତା ।

Parliament, *n.* 1. ବିଚାର ନିମନ୍ତେ ମହାସଭା; 2. ଇଙ୍ଗଲଣ୍ଡ ଦେଶର ରାଜକୀୟ ବ୍ୟବସ୍ଥାପକମାନଙ୍କ ମହାସଭା ।—Act of Parliament, ଆଇନ, ରାଜକୀୟ ବ୍ୟବସ୍ଥାପକ ସାଧାରଣ ଓ ଉଚ୍ଚତର ସଭାରେ ନିର୍ଦ୍ଧାରିତ ବିଷୟ ଯହିଁରେ ରାଜା ଆପଣା ସମ୍ମତି ପ୍ରକାଶ କରିଅଛନ୍ତି ।

Parliamentarian, *a.* ପ୍ରଥମ ଚାର୍ଲସ୍ ନାମକ ରାଜାଙ୍କ ସମୟରେ ରାଜାଙ୍କ ବିରୁଦ୍ଧ ବ୍ୟବସ୍ଥାପକ ମହାସଭାର ସମର୍ଥନକାରୀ ।

Parliamentary, *a.* 1. ବ୍ୟବସ୍ଥାପକ ମହାସଭା ସମ୍ବନ୍ଧୀୟ; 2. ବ୍ୟବସ୍ଥାପକ ମହାସଭା ଦ୍ୱାରା ସ୍ଥିରୀକୃତ; 3. ବ୍ୟବସ୍ଥାପକ ମହାସଭାର ନିୟମାନୁଯାୟୀ ।

Parlour, *n.* 1. ସାଧାରଣ ପାରିବାରିକ ବୈଠକ ଘର; 2. ଅତିଥିଗଣଙ୍କୁ ଗ୍ରହଣ କରିବା ବଖରା । [ପ୍ରସିଦ୍ଧ ।

Parlous, *a.* 1. ବିପଦସଙ୍କୁଳ; 2. ଦୁଃସାହସିକ; 3.

Parochial, *a.* *par-ō'ki-al*, 1. ମଣ୍ଡଳୀସଂକ୍ରାନ୍ତ ସ୍ୱାଧୀନ ଅଞ୍ଚଳ ସମ୍ବନ୍ଧୀୟ; 2. ସଙ୍କୀର୍ଣ୍ଣ ସୀମା ମଧ୍ୟରେ ଆବଦ୍ଧ; 3. ସଙ୍କୀର୍ଣ୍ଣ ମତଯୁକ୍ତ ।

Parodist, *n.* ଅନ୍ୟର ପଦ୍ୟ ଅନୁକରଣ କରି ହାସ୍ୟୋତ୍ପାଦ ପଦ୍ୟ ରଚକ ।

Parody, *n.* ଅନ୍ୟର ପଦ୍ୟ ଅନୁକରଣରେ ହାସ୍ୟୋତ୍ପାଦ କୃତ୍ରିମ ପଦ୍ୟ ।—*v.t.* ଅନ୍ୟର ପଦ୍ୟ ଅନୁକରଣ କରି ହାସ୍ୟୋତ୍ପାଦ ପଦ୍ୟ ରଚନା-କର ।

Parole, *n.* 1. ମୁଖରୁ ନିର୍ଗତ କଥା; 2. (Mil.) ଯୁଦ୍ଧରେ ବନ୍ଦୀ ହୋଇଥିବା ବ୍ୟକ୍ତିର ଲଙ୍ଘନ ନ କରିବା ପ୍ରତିଜ୍ଞା ବଚନ; 3. ଛାଉଣି ବା ଗଡ଼ର ସେନାମାନଙ୍କ ମଧ୍ୟରେ ପ୍ରଚଳିତ ଦୈନିକ ଗୁପ୍ତ ବାକ୍ୟ ।—*a.* ମୌଖିକ ।

Paronomasia, *n.* ଦ୍ୱ୍ୟର୍ଥବାକ୍ୟ ।

Paroquet, Parroquet, *n.* ଗ୍ରୀଷ୍ମ ଦେଶସ୍ଥ ଲମ୍ବପୁଚ୍ଛଯୁକ୍ତ କ୍ଷୁଦ୍ର ଶୁକପକ୍ଷୀ ।

Parosmia, *n.* ଦୋଷଯୁକ୍ତ ଘ୍ରାଣଶକ୍ତି ।

Parotic, *a.* 1. କର୍ଣ୍ଣସମ୍ବନ୍ଧୀୟ; 2. (ବାହାର) କର୍ଣ୍ଣସ୍ଥିତ ।

Parotid, *n.* କର୍ଣ୍ଣର ସମ୍ମୁଖସ୍ଥ ଲାଳ ଯୋଗାଇ ଦେଉଥିବା ଗ୍ରନ୍ଥି ମଧ୍ୟରେ ବୃହତ୍ତମ ଗ୍ରନ୍ଥି ଯୋଡ଼ାକ ।

Parotitis, *n.* କର୍ଣ୍ଣସମ୍ବନ୍ଧୀୟ ଗ୍ରନ୍ଥିର ଫୁଲନ ।

Paroxysm, *n.* 1. ମଧ୍ୟେ ମଧ୍ୟେ ଉତ୍କଟ ବେଦନା ଆକ୍ରମଣ; 2. ମୂର୍ଚ୍ଛାବେଗ; 3. କ୍ରୋଧର ଆକସ୍ମିକ ଆକ୍ରମଣ; 4. କୌଣସି ଆକସ୍ମିକ ପ୍ରତିକ୍ରିୟା ।

Parquet, *n.* 1. ନାଟ୍ୟଶାଳାର ମଞ୍ଚ ସମ୍ମୁଖରେ ବାଦକମାନଙ୍କ ଆସନର ପଶ୍ଚାଦ୍‌ବର୍ତ୍ତୀ ଚଟାଣଖଣ୍ଡ; 2. ନାଟ୍ୟଶାଳାର ସମୁଦାୟ ଚଟାଣ ।

Parquetry, *n.* ଚଟାଣ ନିମନ୍ତେ ଏକପ୍ରକାର ଖଚିତ କାଷ୍ଠ କାର୍ଯ୍ୟ ।

Parrakeet, *n.* same as Paroquet.

Parricidal, *a.* ପିତୃ ବା ମାତୃ ହତ୍ୟା ସମ୍ବନ୍ଧୀୟ ।

Parricide, *n.* 1. ପିତୃ ବା ମାତୃ ହତ୍ୟା; 2. କୌଣସି ମାନ୍ୟ ବ୍ୟକ୍ତିର ବଧ; 3. ପିତୃ ବା ମାତୃ ହନ୍ତା ।

Parrot, *n.* 1. ଶୁଆ, ଡୋଡା, ଶୁକପକ୍ଷୀ; 2. ଅନ୍ୟର କଥାକୁ କେବଳ ପୁନରୁକ୍ତିକାରୀ ଲୋକ ।—*v.t.* ଅର୍ଥ ନ ବୁଝି ପୁନରୁକ୍ତି-କ ।

Parrot-coal, *n.* ଜଳିବା ସମୟରେ ଚଡ଼୍ ଶବ୍ଦକାରୀ ଏକପ୍ରକାର ଅଙ୍ଗାର ।

Parry, *v.t.* 1. ରୋକିବା; 2. ନିବାରଣ-କ; 3. ଏଡ଼ାଇବା ।—*n.* 1. ଆଘାତ ନିବାରଣ; 2. କୌଣସି ପ୍ରକାର ରକ୍ଷାର କୌଶଳ ।

Parse, *v.t.* ଅନ୍ୱୟ-କ, ପଦ ସାଧନ-କ ।

Parsee, Parsi, *n.* 1. ସପ୍ତମ ଶତାବ୍ଦୀରେ ପାରସ୍ୟ ଦେଶରୁ ଆସି ଭାରତବର୍ଷରେ ଆଶ୍ରୟ ନେଇଥିବା ଜୋରଆଷ୍ଟ୍ରିୟ ମତର ଲୋକ; 2. ଅଗ୍ନି ଉପାସକ ।

Parsimony, *n.* 1. ଅର୍ଥବ୍ୟୟରେ କୁଣ୍ଠିତ ଭାବ; 2. କୃପଣତା, ବ୍ୟୟକୁଣ୍ଠତା ।

Parsimonious, *a.* 1. ବ୍ୟୟକୁଣ୍ଠ; 2. କୃପଣ, ଲୋଭୀ ।

Parsley, *n.* ରନ୍ଧନରେ ବ୍ୟବହୃତ ସୁବାସ ପତ୍ରଯୁକ୍ତ ଗାଢ ସବୁଜବର୍ଣ୍ଣ ଶାକ ବିଶେଷ ।

Parsnip, *n.* ଗାଜର ପରି ମୂଳଯୁକ୍ତ ପରିବା ବିଶେଷ ।

Parson, *n.* 1. ମଣ୍ଡଳୀସଂକ୍ରାନ୍ତ ସ୍ୱାଧୀନ ଅଞ୍ଚଳର ଯାଜକ; 2. ପ୍ରଭୁର ନିମନ୍ତେ କ୍ଷମତାପ୍ରାପ୍ତ ବ୍ୟକ୍ତି ।

Parsonage, *n.* 1. ମଣ୍ଡଳୀ ସଂକ୍ରାନ୍ତ ସ୍ୱାଧୀନ ଅଞ୍ଚଳର ଭାରପ୍ରାପ୍ତ ଯାଜକଙ୍କ ଗୃହ; 2. (Orig.) ଯାଜକର ଭରଣପୋଷଣ ନିମନ୍ତେ ପୃଥକ୍‌କୃତ ଘର ଭୂମି ଦଶମାଂଶ ଇତ୍ୟାଦି । [ଯାଜକ ବୃତ୍ତି ।

Parsonic, Parsonish, *a.* 1. ଯାଜକ ସମ୍ବନ୍ଧୀୟ; 2.

Part, *n.* 1. ପୂର୍ଣ୍ଣ ଅଂଶର ବା ପରିମାଣରୁ ଊଣା; 2. ଅଂଶ, ଖଣ୍ଡ; 3. ସମୁଦାୟ ମଧ୍ୟରୁ ଏକ ଭାଗ; 4. କର୍ତ୍ତବ୍ୟାଂଶ; 5. ଜନର ଦାୟିତ୍ୱ; 6. ସମ୍ପର୍କ; 7. ପକ୍ଷ; 8. ନାଟକରେ ଅଭିନୟର ପ୍ରସଙ୍ଗ; 9. (Math.) ପ୍ରକୃତ ଭାଜକ; 10. (Mus.) ମିଳିତସ୍ୱରର ଏକ ତାନ; 11. ଦେଶାଂଶ ।—*pl.* ଗୁଣ ।—*v.t.* 1. ଭାଗ-କ; 2. ଅଂଶ-କ; 3. ଅଲଗା-କ ।—*v.i.* 1. ପୃଥକ୍‌କୃତ-ହ; 2. ଅଂଶୀଦାର-ହ; 3. ବିଦାୟ ନେବା ।—For my part, ମୋର ପକ୍ଷରେ, ମୋର କଥା କହିବାକୁ ଗଲେ । For the most part, ଅଧିକାଂଶରେ, ସାଧାରଣରେ । In bad or ill part, ଅସନ୍ତୁଷ୍ଟ ହୋଇ, ପ୍ରତିକୂଳ ଭାବେ । In good part, ସନ୍ତୁଷ୍ଟ ହୋଇ, ଅନୁକୂଳ ଭାବେ । To take part in, 1. ଅଂଶୀ-ହ; 2. ସାହାଯ୍ୟକାରୀ-ହ । To take part with, 1. ପକ୍ଷାବଲମ୍ବନ-କ; 2. ସହଯୋଗିତା-କ ।

Partake, *v.i.* 1. ଅଂଶୀଦାର-ହ; 2. ସହଭାଗୀ-ହ ।—*v.t.* ଅଂଶୀ-ହ, ଭାଗୀ-ହ ।

Partaker, *n.* 1. ଅଂଶୀଦାର; 2. ସାହାଯ୍ୟକାରୀ ।

Parted, *a.* 1. ପୃଥକ୍‌କୃତ; 2. ଅଂଶବିଶିଷ୍ଟ ।

Parter, *n.* ବିଭାଗକାରୀ ।

Parterre, *n.* 1. ପଦଚାରଣୋପଯୋଗୀ ପଥ ଦ୍ୱାରା ବ୍ୟବଚ୍ଛିନ୍ନ ପୁଷ୍ପବୃକ୍ଷାଧାର ବିନ୍ୟାସ; 2. ନାଟ୍ୟଶାଳାର ମଞ୍ଚ ତଳସ୍ଥ ଗର୍ଭ ।

Parthenon, *n.* ଏଥେନ୍ସ ନଗରସ୍ଥ ପରସ୍ପତୀ ଦେବୀର ମନ୍ଦିର ।

Partial, *a.* 1. ଅଂଶ ସମ୍ବନ୍ଧୀୟ; 2. ଆଂଶିକ; 3. ଅସମ୍ପୂର୍ଣ୍ଣ; 4. ପକ୍ଷପାତୀ, ଉପଦେଶୀ; 5. (Bot.) ଅଧୀନସ୍ଥ ।

Partialism, *n.* ଉପଦେଶ୍ଚ ମତାବଲମ୍ବିମାନଙ୍କର ମତ ।

Partialist, *n.* ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପ୍ରାୟଶ୍ଚିତ୍ତ ମାନବ ଜାତିର କେବଳ ଏକ ଭାଗର ନିମନ୍ତେ ଅଟେ ଏହି ମତର ଅବଲମ୍ବୀ ।

Partiality, *n.* ପକ୍ଷପାତଗୁଣ, ପକ୍ଷପାତିତ୍ୱ, ମୁଖାପେକ୍ଷା ।

Partible, *a.* 1. ବିଭାଜ୍ୟ; 2. ଅଂଶନୀୟ; 3. ପୃଥକ୍ କରଣୀୟ ।

Particeps criminis, *n.* 1. ଅନୁପସ୍ଥିତ ଥିଲେ ମଧ୍ୟ କୌଣସି ଅପରାଧରେ ସାହାଯ୍ୟକାରୀ; 2. ଅପରାଧୀକୁ ଲୁଚାଇବା ଲୋକ ।

Participable, *a.* 1. ବିଭାଜ୍ୟ; 2. ଅଂଶନୀୟ ।

Participant, *a.* 1. ଅଂଶୀ; 2. ଭାଗୀ ।—*n.* ଅଂଶୀଦାର ।

Participantly, *ad.* ବିଭାଜ୍ୟରୂପେ, ଆଂଶିକଭାବେ ।

Participate, *v.i.* ଭାଗୀ-ହ, ଅଂଶୀ-ହ ।—*v.t.* ଅଂଶ ବା ଭାଗ ପାଇବା ।

Participation, *n.* ଭାଗପ୍ରାପଣ ।

Participative, *a.* ଭାଗପ୍ରାପକ ।

Participator, *n.* ସହଭାଗୀ, ଅଂଶୀଦାର ।

Particípial, *a.* କୃଦନ୍ତ ପଦ ଜାତୀୟ ।

Participle, *n.* କୃଦନ୍ତ ପଦ ।

Particle, *n.* 1. କ୍ଷୁଦ୍ରାଂଶ; 2. (Physics) ସବୁଠାରୁ କ୍ଷୁଦ୍ରାଂଶ, ରେଣୁ, ପରମାଣୁ; 3. (Gram.) ଅପରିବର୍ତ୍ତନୀୟ ଶବ୍ଦ, ଅବ୍ୟୟ; 4. (R. C. Church) ପବିତ୍ର ରୁଟୀରୁ ଖଣ୍ଡିଏ ।

Parti-coated, same as Party-coated.

Parti-coloured, same as Party-coloured.

Particular, *a.* 1. କୌଣସି ବସ୍ତୁର ଅଂଶ ସମ୍ବନ୍ଧୀୟ; 2. ଏକମାତ୍ର ବ୍ୟକ୍ତି ବା ବସ୍ତୁର ସମ୍ବନ୍ଧୀୟ; 3. ବ୍ୟକ୍ତିଗତ; 4. ବିଶେଷ, ଅସାଧାରଣ; 5. ଅତି ମନୋଯୋଗୀ; 6. ନିର୍ଦ୍ଦିଷ୍ଟ; 7. ଅତି ଠିକ, ଅବିକଳ ।—*n.* 1. ଏକ ବିଶେଷ ଅଂଶ; 2. ବିଶେଷ ବିଷୟ, ଏକମାତ୍ର ଘଟଣା; (*pl.*) ସବିଶେଷ ବର୍ଣ୍ଣନା ।—In particular, 1. ବିଶେଷତଃ; 2. ସ୍ପଷ୍ଟରୂପେ ।

Particularise, *v.t.* 1. ପୃଥକ୍ କରି ବର୍ଣ୍ଣନା-କ, ଗୋଟିଏ କରି ଉଲ୍ଲେଖ-କ; 2. ସବିଶେଷ କହିବା ।—*v.i.* 1. ପୃଥକ୍ ପଦାର୍ଥମାନ ଉଲ୍ଲେଖ-କ; 2. କ୍ଷୁଦ୍ର ବିଷୟର ସବିଶେଷ ତତ୍ତ୍ୱ ନେବା ।

Particularism, *n.* 1. ନିଜର ବା ନିଜ ଦଳର ସୁବିଧା ପ୍ରତି ମନୋଯୋଗ; 2. ସବିଶେଷ ବର୍ଣ୍ଣନା; 3. ସମୁଦାୟ ମାନବଜାତିକୁ ପରିତ୍ରାଣ ଦିଆ ନ ହୋଇ କେବଳ ବିଶେଷ ଅର୍ଥାତ୍ ମନୋନୀତ ଲୋକଙ୍କୁ ଦିଆ ହେବାର ଯେଉଁ ମତ ।

Parting, *a.* 1. ପୃଥକ୍‌କାରକ; 2. ବିଦାୟକାଳୀନ ।—*n.* 1. ବିଭାଗ କ୍ରିୟା; 2. ବିଭାଗ; 3. ବାଟ ଭାଗି ଯିବା ସ୍ଥଳ; 4. ସୀମନ୍ତ, ସୃକ୍ରାଣି, ପାଟିଏ । [ପ୍ରାନ୍ତପାଶ ।

Parting-cup, *n.* ଦୁଇ ପାଖରେ ହାତୁଆ ଲାଗିଥିବା

Partisan, (1) *n.* 1. ଦଳଭୁକ୍ତ ଲୋକ, ପକ୍ଷାବଲମ୍ବୀ ବ୍ୟକ୍ତି; 2. ଅନ୍ଧଭକ୍ତଭାବେ ସ୍ୱପକ୍ଷାନୁରାଗୀ ।—*a.* ପକ୍ଷୀୟ ।

Partisan, (2) *n* 1. ପରଶୁ ପରି ସୁଦୀର୍ଘ ଫାଳର ଯୁଦ୍ଧାସ୍ତ୍ର ବିଶେଷ; 2. ଉକ୍ତ ଅସ୍ତ୍ରଧାରୀ ସୈନିକ ।

Partisanship, *n.* ଅନ୍ଧଭକ୍ତି ସ୍ୱପକ୍ଷାନୁରାଗ ।

Partite, *a.* 1. ଅଂଶରେ ବିଭକ୍ତ; 2. (Bot.) ଭୂମି ନିକଟରୁ ବିଭକ୍ତ ।

Partition, *n.* 1. ବିଭାଗକରଣ, ବଣ୍ଟନ, ଅଙ୍ଗଚ୍ଛେଦନ; 2. ବିଭାଗର ଅବସ୍ଥା; 3. ପୃଥକ୍ ଅଂଶ; 4. ଯାହା ବିଭାଗ କରେ, ବିଭାଜକ; 5. ଦୁଇ କୋଠରୀ ମଧ୍ୟସ୍ଥିତ କାନ୍ଥ ବା ଲୁଗାବାଡ଼; 6. ବିଭାଗ; 7. ବିଚ୍ଛେଦସ୍ଥଳ ।—*v.t.* 1. ଅଂଶରେ ବିଭାଗ-କ; 2. କାନ୍ଥ ଦ୍ୱାରା ବିଭାଗ-କ ।

Partitive, *a.* 1. ପୃଥକ୍‌କାରକ; 2. ବିଭାଜକ; 3. ବଣ୍ଟନକାରକ । *n.*—(Gram.) ବିଯୋଗଜ୍ଞାପକ ଶବ୍ଦ ।

Partitively, *ad.* ବିଭାଜକଭାବେ ।

Partly, *ad.* ଆଂଶିକରୂପେ, କେତେକ ପରିମାଣରେ ।

Partner, *n.* 1. ଅଂଶୀ; 2. ସାଥୀ, ସହକାରୀ; 3. ବାଣିଜ୍ୟରେ ସହଭାଗୀ; 4. ଖେଳରେ ଏକ ପକ୍ଷରେ ଖେଳାଳୀ; 5. ନୃତ୍ୟରେ ଯୋଡ଼ା; 6. ସ୍ୱାମୀ ବା ଭାର୍ଯ୍ୟା ।—Sleeping-partner, ଯେଉଁ ଅଂଶୀ ବ୍ୟବସାୟରେ ଟଙ୍କା ଦେବା ଭିନ୍ନ ଆଉ କିଛି କରନ୍ତି ନାହିଁ ।

Partnership, *n.* 1. ଅଂଶିତ୍ୱାବସ୍ଥା; 2. ବାଣିଜ୍ୟରେ ସହଭାଗିତା; 3. ବ୍ୟବସାୟରେ ଅଂଶିମାନଙ୍କ ମଧ୍ୟରେ ହାନିଲାଭର ଚୁକ୍ତି ।

Partridge, *n.* ତିତିର ପକ୍ଷୀ ।

Part-singing, *n.* ସ୍ୱରର ଭିନ୍ନ ଅଂଶ ମେଳ କରାଇ ଗାନ କରିବାର ରୀତି, ବହୁଂଶଗାନ ।

Part-song, *n.* ସ୍ୱରାଂଶରେ ଗାନ କରା ଗୀତ ।

Parturient, *a.* 1. ପ୍ରସବୋନ୍ମୁଖୀ, ଆସନ୍ନପ୍ରସବା; 2. [ଫଳବତୀ ।

Parturition, *n.* ପ୍ରସବକରଣ ।

Parturitive, *a.* ପ୍ରସବ ସମ୍ବନ୍ଧୀୟ ।

Party, *n.* 1. ଲୋକଦଳର ଏକ ଅଂଶ; 2. ବିବାଦୀ ଦଳ; 3. ସମାଗତ ଲୋକବୃନ୍ଦ; 4. ଭାଗୀ; 5. ମକଦ୍ଦମାରେ ବାଦୀ ବା ପ୍ରତିବାଦୀ; 6. (Colloq.) ଜଣେ, ଅମୁକ; 7. (Mil.) ପୃଥକ୍‌କୃତ ସୈନ୍ୟ ଦଳ ।—*a.* ଦଳ ସମ୍ବନ୍ଧୀୟ; 2. ଭିନ୍ନ ଦଳ ବା ଅଂଶ ବା ପଦାର୍ଥଗଠିତ; 3. (Her.) ବିଭକ୍ତ ।

Party-coated, Parti-coated, *a.* ବିବିଧ ରଙ୍ଗଯୁକ୍ତ କୁର୍ତ୍ତି ପରିହିତ ।

Party-coloured, Parti-coloured, *a.* ଭିନ୍ନ ଅଂଶ ଭିନ୍ନ ରଙ୍ଗରେ ରଞ୍ଜିତ, ନାନା ରଙ୍ଗଯୁକ୍ତ ।

Partyism, *n.* ସ୍ୱପକ୍ଷାନୁରାଗ ।

Party-jury, *n.* ଅର୍ଦ୍ଧେକ ସ୍ୱଦେଶୀ ଅର୍ଦ୍ଧେକ ବିଦେଶୀ ଲୋକଗଠିତ "ଜୁରୀ" ।

Party-man, 1. ଦଳର ଏକ ଲୋକ; 2. ଅନ୍ଧଭକ୍ତଭାବେ ସ୍ୱପକ୍ଷାନୁରାଗୀ ।

Party-politics, *n.* ସ୍ୱଦଳର ମତାନୁଯାୟୀ ରାଜନୀତି ।

Party-spirit, *n.* 1. ସ୍ୱପକ୍ଷାନୁରାଗୀ ଲୋକ ଦ୍ୱାରା ଅନ୍ୟମାନଙ୍କ ପ୍ରତି ପ୍ରଦର୍ଶିତ ଅଯଥାର୍ଥ ଭାବ; 2. ସ୍ୱଦଳ ପ୍ରତି ଅତ୍ୟନୁରାଗ ।

Party-spirited, *a.* ସ୍ୱଦଳ ପ୍ରତି ଅତ୍ୟନୁରାଗଯୁକ୍ତ ।

Party-wall, *n.* 1. ଦୁଇ ଭୂମ୍ୟଧିକାର ମଧ୍ୟସ୍ଥିତ କୋଠ କାନ୍ଥ; 2. ଦୁଇ ଘରକୁ ପୃଥକ୍ କରୁଥିବା କାନ୍ଥ ।

Parure, *n.* ଅଳଙ୍କାରର ଏକ ସାଜ ।

Parvenimity, *n.* ମନର କ୍ଷୁଦ୍ରତା ।

Parvenu, *n.* ହଠାତ୍ ଧନୀ, ନବ ବାବୁ, ଅଧୁନାତନ କ୍ଷମତାପନ୍ନ ବ୍ୟକ୍ତି ।—*a.* ନବ ବାବୁ ସଦୃଶ, ଅଧୁନାତନ କ୍ଷମତାପନ୍ନ ।

Parvis, Parvise, *n.* 1. ମଞ୍ଚ; 2. ଗୀର୍ଜା ଘର ସମ୍ମୁଖସ୍ଥ ପ୍ରାଙ୍ଗଣ; 3. ଗୀର୍ଜାଘର ସମ୍ମୁଖସ୍ଥ ମଞ୍ଚ ଉପର କୋଠରୀ ।

Pas, *n. pä.* 1. ନୃତ୍ୟରେ ବା ଗମନରେ ପଦବିକ୍ଷେପ; 2. ନୃତ୍ୟ ବିଶେଷ ।

Pasch, *n. pask*, 1. ଯିହୁଦୀୟମାନଙ୍କ ନିସ୍ତାର ପର୍ବ; 2. ଖ୍ରୀଷ୍ଟଙ୍କ ପୁନରୁତ୍ଥାନ ସ୍ମରଣାର୍ଥକ ପର୍ବ ।

Paschal, *a.* ନିସ୍ତାରପର୍ବ ସମ୍ବନ୍ଧୀୟ ।

Paschal-lamb, *n.* ଯିହୁଦୀୟ ନିସ୍ତାର ପର୍ବରେ ହତ ଓ ଭକ୍ଷିତ ମେଷଶାବକ ।

Pascuage, *n. pas'ku-aj.* (Leg.) ପଶୁଚାରଣ ।

Pasha, Pacha, *n. pash'a,* ତୁରସ୍କ ରାଜ୍ୟର ଦେଶାଧିପତି ବା ସାମୁଦ୍ରିକ ଓ ସୈନିକ ଉଚ୍ଚ କର୍ମଚାରୀମାନଙ୍କୁ ଦତ୍ତ ଉପାଧି ।

Pashalic, Pachalic, *n.* ତୁରସ୍କ ରାଜ୍ୟର ଦେଶାଧିପତିର ଅଧିକାର ସୀମା ।

Pasigraphy, *n.* ସାର୍ବଜନିକ ଅକ୍ଷର ।

Pasilaly, *n.* ସାର୍ବଜନୀନ ଭାଷା ।

Pasque-flower, *n.* ଖ୍ରୀଷ୍ଟଙ୍କ ପୁନରୁତ୍ଥାନ ସ୍ମାରକ ପର୍ବ କାଳରେ ପ୍ରସ୍ଫୁଟିତ ଏକପ୍ରକାର ଫୁଲ ।

Pasquil, *v.t.* ବ୍ୟଙ୍ଗୋକ୍ତି ବିଶିଷ୍ଟ କବିତା ରଚନା-କ ।

Pasquin, *n. pas'kwin,* 1. ବ୍ୟଙ୍ଗୋକ୍ତିବିଶିଷ୍ଟ କବିତା; 2. ନିନ୍ଦାସୂଚକ ଲେଖା ଦ୍ୱାରା ଆକ୍ରମଣ ।

Pasquinade, *n.* ନିନ୍ଦାସୂଚକ ଲେଖା ଦ୍ୱାରା ଆକ୍ରମଣ ।—*v.t.* ନିନ୍ଦାସୂଚକ ଲେଖା ଦ୍ୱାରା ଆକ୍ରମଣ-କ ।

Pass, *v.i.* 1. ଆଗକୁ ଚାଲିବା; 2. ଏକ ସ୍ଥାନ ବା ଅବସ୍ଥାରୁ ଅନ୍ୟ ସ୍ଥାନ ବା ଅବସ୍ଥାରେ ପହଞ୍ଚିବା; 3. ଯାଆ-କ; 4. ପରିବର୍ତ୍ତିତ-ହେ; 5. ଚଳିବା, ପ୍ରଚଳିତ-ହେ; 6. ଗଣ୍ୟ-ହେ; 7. ପାଖ ଦେଇ ଯିବା; 8. ଉପେକ୍ଷିତ-ହେ; 9. ଅତିବାହିତ-ହେ; 10. ସମାପ୍ତ-ହେ; 11. ଗତ ହୋଇଯିବା; 12. ଅଦୃଶ୍ୟ-ହେ, ଅନ୍ତର୍ହିତ ହୋଇଯିବା; 13. ମରିଯିବା; 14. ଉତ୍ତୀର୍ଣ୍ଣ-ହେ; 15. ଗ୍ରାହ୍ୟ-ହେ; 16. ମନକୁ ପାଇବା; 17. ଘଟିବା; 18. ହାତକୁ ଆସିବା; 19. ମଧ୍ୟ ଦେଇ ପ୍ରବାହିତ-ହେ; 20. ଭୁଷା

ମାରିବା; 21. (ବାଟ) ପଡ଼ିବା ।—*v.t.* 1. ଅତିକ୍ରମ କରି ଯିବା; 2. ଯାପନ-କ; 3. ଭୂଲରେ ସ୍ଖଳିତ ଯିବା; 4. ଉପେକ୍ଷା-କ; 5. ଅତିକ୍ରମ-କ, ବଳି ଯିବା; 6. ଅଭିନ ସ୍ଥିର-କ; 7. ଚଳାଇବା; 8. ପଠାଇବା; 9. ହସ୍ତାନ୍ତର -କ; 10. ଅଙ୍ଗୀ-ଦେ; 11. ଅବସ୍ଥାନ୍ତର କରାଇବା; 12. ଆହ୍ୱାନ-କ; 13. ଉତ୍ତୀର୍ଣ୍ଣ-କ; 14. ପ୍ରଚଳିତ କରାଇବା; 15. (*Fencing*) ଖୁଞ୍ଚି-ଦେ ।—*n.* 1. ପଥ; 2. ଗିରିସଙ୍କଟ; 3. ସଙ୍କୀର୍ଣ୍ଣ ବାଟ; 4. ସରକାରୀ ଅନୁମତି-ପତ୍ର; 5. ଦଶା; 6. ଯିବା ଆସିବା ପାଇଁ ଖୋଲା ଚିଠି; 7. ଖୋଲା ଟିକଟ; 8. (*Fencing*) ଖୁଞ୍ଚା ମାଡ଼; 9. ପରୀକ୍ଷାରେ ଫଳପ୍ରାପ୍ତି; 10. ସାଧାରଣଭାବେ ଫଳପ୍ରାପ୍ତିର ଅଭିଜ୍ଞାନପତ୍ର ।—To pass muster, ପରିଦର୍ଶନରେ ଦୋଷ ଧରା ନ ପଡ଼ିବା । To pass off, 1. ଠକ ଭାବରେ ଚଳାଇବା, ପ୍ରତାରଣାପୂର୍ବକ ଅର୍ପଣ-କ; 2. ଘଟିବା । To pass on, (1) ଆଗକୁ ଯିବା, ଅଗ୍ରସର -ହେ । To pass on (2) or upon, 1. କହିବା; 2. ଅନ୍ୟକୁ-ଦେ; 3. ଦଣ୍ଡାଜ୍ଞା-ଦେ । To pass over or by, 1. ଅନ୍ୟ ପାଖକୁ ଯିବା; 2. ପାର-ହେ; 3. ଉପେକ୍ଷା-କ, ଅମନୋଯୋଗ-କ । To pass the time of day, ସମ୍ମାନସୂଚକ ନମସ୍କାରାଦି ଅଦାନପ୍ରଦାନ -କ । To pass through, ଅନୁଭବ-କ, ଭୋଗିବା । To bring to pass, ଘଟାଇବା । To come to pass, ଘଟିବା ।

Passable, *a.* 1. ଗମନଯୋଗ୍ୟ; 2. ଅଧର୍ତ୍ତବ୍ୟ; 3. ମଧ୍ୟମପ୍ରକାର; 4. ଚଳି ଯିବା ଭଳି ।

Passably, *ad.* ମଧ୍ୟମପ୍ରକାରେ ।

Passage, *n.* 1. ଗମନ; 2. ଏକ ସ୍ଥାନ ବା ଅବସ୍ଥାରୁ ଅନ୍ୟ ସ୍ଥାନ ବା ଅବସ୍ଥାରେ ଉପସ୍ଥାନ; 3. ଭ୍ରମଣ, ଯାତ୍ରା; 4. ପଥ; 5. ପାର ହେବାରେ ଯାପିତ ସମୟ; 6. ଭିତର ବା ବାହାରକୁ ଯିବାର ମାର୍ଗ; 7. ବାଟ; 8. ପ୍ରବେଶ ଦ୍ୱାର; 9. ବ୍ୟବସ୍ଥା ସ୍ଥାପନ; 10. ଗମନାଗମନର ଅଧିକାର; 11. ଜଳଯାତ୍ରାର ମାସୁଲ; 12. ଘଟଣା; 13. ଗ୍ରନ୍ଥର ଏକ ଅଂଶ, ବାକ୍ୟାଂଶ; 14. ବାଦ୍ୟଲିପିର ଏକ ଅଂଶ; 15. (*Bible*) ଗିରିସଙ୍କଟ; 16. ଜଳରେ ପଶି ଯିବା ବାଟ; 17. (*Zool.*) (ପକ୍ଷିର) ଦେଶାନ୍ତର ଭ୍ରମଣ ଅଭ୍ୟାସ ।—Bird of passage, ଋତୁ ପରିବର୍ତ୍ତନ ହେତୁ ଦେଶାନ୍ତର ଭ୍ରମଣକାରୀ ପକ୍ଷୀ । Passage of arms, 1. ଯୁଦ୍ଧାସ୍ତ୍ରରେ ସାଧିତ ଅଦ୍ଭୁତ କର୍ମ; 2. ବାଗ୍‌ଯୁଦ୍ଧ ।

Passant, *a.* (*Her.*) ଗମନକାରୀ ।—En passant, ଦେଇ ଯିବାବେଳେ, ବାଟ ଚଳନ୍ତା ।

Passbook, *n.* 1. କେତା ଓ ବିକେତା ମଧ୍ୟରେ ଉଠାଣ ସଉଦାର ଖାତାବହି; 2. ଧନାଗାରରେ ସଞ୍ଚିତ ଟଙ୍କାର ହିସାବ ବହି ।

Pass-check, *n.* ପ୍ରବେଶ ବା ପୁନଃପ୍ରବେଶର ନିଦର୍ଶନ ।

Passenger, *n.* 1. ପଥିକ; 2. ରେଲ୍‌ଗାଡ଼ି ପ୍ରଭୃତିରେ ଯାତ୍ରୀ ।

Passenger train, *n.* ମନୁଷ୍ୟ ନେଉଥିବା ରେଲ୍‌ଗାଡ଼ି, [ଯାତ୍ରୀଗାଡ଼ି ।

Passer, *n.* ଗମନକାରୀ । [ଲୋକ ।

Passer-by, *n.* 1. ପଥିକ; 2. ପାଖ ଦେଇ ଯାଉଥିବା

Passible, *a.* ଦୁଃଖଭୋଗ ଅନୁଭବକ୍ଷମ ।

Passimeter, *n.* ପଦପରିମାପକ କ୍ଷୁଦ୍ର ଯନ୍ତ୍ର ବିଶେଷ ।

Passing, *a.* 1. ନିକଟ ଦେଇ ଗମନକାରୀ; 2. କ୍ଷଣସ୍ଥାୟୀ; 3. ବର୍ତ୍ତମାନ ଘଟିତ; 4. ଅତ୍ୟାଧିକ ।—*ad.* ଅତ୍ୟନ୍ତ, ବଡ଼ ।

Passing bell, *n.* ଏକ ବ୍ୟକ୍ତିର ମୃତ୍ୟୁର ପରକ୍ଷଣେ ବାଦିତ [ଘଣ୍ଟା ଧ୍ୱନି ।

Passion, *n.* *pash'un*, 1. ବେଦନା ଓ କଷ୍ଟ ଅନୁଭବ କରିବା ଶକ୍ତି; 2. ମାନସିକ ଦୃଢ଼ବୋଧ; 3. ମନର ଉତ୍ତେଜନା, କ୍ରୋଧ; 4. ଆଦରସ, କାମ, ଅନୁରାଗ; 5. ପ୍ରବଳ ଇଚ୍ଛା, କାମନା; 6. ଦୁଃଖଭୋଗାବସ୍ଥା; 7. ଖ୍ରୀଷ୍ଟଙ୍କର ଦୁଃଖଭୋଗ ।—*pl.* ମନର ଉତ୍ତେଜିତାବସ୍ଥା ।

Passional, (1) Passionary, *n.* ସାଧୁ ଓ ଧର୍ମ ନିମିତ୍ତ ହତ ବ୍ୟକ୍ତିଗଣର ଦୁଃଖଭୋଗ ବିଷୟକ ପୁସ୍ତକ ।

Passional, (2) *a.* ଆଦରସ ସମ୍ବନ୍ଧୀୟ, କାମୋତ୍ସାହିତ ।

Passionate, *a.* 1. କାମୁକ; 2. ଉତ୍ସାହୀ; 3. ଉଗ୍ର, କ୍ରୋଧଶୀଳ; 4. ପ୍ରଗାଢ଼ ।

Passion-flower, *n.* ଖ୍ରୀଷ୍ଟଙ୍କ ଦୁଃଖଭୋଗ କାଳୀନ ପରିହିତ କଣ୍ଟାର ମୁକୁଟ ସଦୃଶ ଏକ ପୁଷ୍ପର ନାମ ।

Passionless, *a.* 1. ନିଷ୍କାମ; 2. ଅକ୍ରୋଧକ ।

Passion-play *n.* ଖ୍ରୀଷ୍ଟଙ୍କ ଦୁଃଖଭୋଗ ଓ ମରଣ ପରିଚୟସୂଚକ ଅଭିନୟ ।

Passive, *a.* 1. ସହିଷ୍ଣୁ, ଧୀର; 2. ସହନଶୀଳ, ନିର୍ବିରୋଧକ; 3. ଅକର୍ମା; 4. (*Gram.*) କର୍ମପ୍ରଧାନ ।

Passively, *ad.* ସହନଶୀଳଭାବେ ।

Passiveness, Passivity, *n.* 1. ମାନ୍ଦ୍ୟ; 2. ସହିଷ୍ଣୁତା; 3. ପଦାର୍ଥର ସ୍ୱଅବସ୍ଥାରେ ରହିବା ପ୍ରବୃତ୍ତି ।

Passless, *a.* 1. ଖୋଲାଚିଠି ରହିତ; 2. ଅଗମ୍ୟ ।

Passover, *n.* ସଂହାରକ ଦୂତ ମିଶ୍ରୀୟ ପ୍ରଥମଜାତ ସନ୍ତାନଗଣଙ୍କୁ ହତ କରିବାବେଳେ ଇସ୍ରାଏଲୀୟ ଲୋକଙ୍କ ଗୃହ ସକଳ ଛାଡ଼ିଦେଇ ଯିବାର ଘଟଣା ସ୍ମରଣାର୍ଥେ ଯିହୁଦୀୟମାନଙ୍କ ବାର୍ଷିକ ପର୍ବ, ନିସ୍ତାରପର୍ବ ।—*a.* ନିସ୍ତାରପର୍ବ ସମ୍ବନ୍ଧୀୟ ।

Passport, *n.* ଦେଶଭ୍ରମଣ କରିବା ଓ ସୁରକ୍ଷିତ ହେବା ପାଇଁ ସରକାରୀ ଅନୁମତିପତ୍ର ।

Pass-word, *n.* (*Mil.*) ଛାଉଣି ଭିତରେ ପ୍ରବେଶ କରିବା ପାଇଁ ବା ବାହାରକୁ ଯିବାକୁ ଛାଡ଼ ଦେବା ପାଇଁ ଶତ୍ରୁମିତ୍ର ପ୍ରଭେଦକାରୀ ଏକ ଗୁପ୍ତ ବାକ୍ୟ ।

Past, *pa. p.* of Pass, *a.* 1. ଗତ; 2. ଅତୀତ; 3. ସମାପ୍ତ; 4. କାର୍ଯ୍ୟରୁ ଅବସରପ୍ରାପ୍ତ; 5. ଭୂତପୂର୍ବ; 6. (*Gram.*) ଅତୀତ, ଭୂତ ।—*prep.* 1. ପରେ; 2. ଦୂରରେ; 3. ଏଣିକି ଅସମର୍ଥ ।—The past, ଗତ କାଳ ।

Paste, *n.* 1. ଜଳରେ ଚକଟାଇବା ଦ୍ୱାରା କୋମଳୀକୃତ କୌଣସି ବସ୍ତୁ; 2. ମଇଦା ଓ ପାଣିମିଶ୍ରିତ ଅଣ; 3. ଲେହି; 4. କୃତ୍ରିମ ମଣି ପ୍ରସ୍ତୁତ କରିବା ନିମନ୍ତେ ଏକ ପ୍ରକାର କାଚ ।—*v.t.* ଲେହି ଦ୍ୱାରା ଯୋଡ଼ିବା ।

Paste-board, *n.* ଲେହି ଦ୍ୱାରା ଏକତ୍ର ଯୋଡ଼ା ଯାଇଥିବା କାଗଜର ଶକ୍ତ ପଟା ।

Pastern, *n.* ଘୋଡ଼ାର ଖୁରା ଉପରେ ଥିବା ପଦାଂଶ ।

Pastime, *n.* 1. ବିନୋଦ; 2. ଆମୋଦ; 3. ଖେଳ, କ୍ରୀଡ଼ା ।

Pastor, (1) *n.* 1. ପଲ ରକ୍ଷକ; 2. ମେଷପାଳକ; 3. ମଣ୍ଡଳୀ ପାଳକ, ଧର୍ମୋପଦେଶକ ।

Pastor, (2) *n.* ଆସିଆ ମହାଦେଶର ପଶ୍ଚିମ ଦିଗରେ ପ୍ରାପ୍ତ ସୁନ୍ଦର ପକ୍ଷୀ ବିଶେଷ ।

Pastoral, *a.* 1. ମେଷପାଳକ ସମ୍ବନ୍ଧୀୟ; 2. ଗ୍ରାମ୍ୟ; 3. ମଣ୍ଡଳୀର ପାଳକ ସମ୍ବନ୍ଧୀୟ; 4. ମଣ୍ଡଳୀ ପାଳକଙ୍କ ପ୍ରତି ଧର୍ମାଧ୍ୟକ୍ଷଙ୍କ ଦ୍ୱାରା ଲିଖିତ ।—*n.* 1. ମଫସଲର ଦୃଶ୍ୟ ଓ ଜୀବନ ବର୍ଣ୍ଣନାତ୍ମକ ପଦ୍ୟ; 2. ପାଳକ ଦ୍ୱାରା ଆପଣା ଲୋକଙ୍କ ପ୍ରତି ଲିଖିତ ପତ୍ର; 3. ମଣ୍ଡଳୀପାଳକମାନଙ୍କ ପ୍ରତି ଧର୍ମାଧ୍ୟକ୍ଷଙ୍କ ଦ୍ୱାରା ଲିଖିତ ପତ୍ର; 4. (Mus.) ଏକ ସରଳ ସ୍ୱର ।

Pastoral charge, *n.* 1. ପାଳକର ପଦ; 2. ଯାହା ଉପରେ ପାଳକ ନିଯୁକ୍ତ ହୁଅନ୍ତି ଏପରି ମଣ୍ଡଳୀ ପ୍ରଭୃତି; 3. ନୂତନ ନିଯୁକ୍ତ ପାଳକଙ୍କ ପ୍ରତି ଦତ୍ତ ଉପଦେଶ ।

Pastoral epistles, *n.* ତୀମଥି ଓ ତୀତସଙ୍କ ପ୍ରତି ଲିଖିତ ତିନ ଚିଠାଉ ।

Pastoral theology, *n.* ପାଳକର କର୍ତ୍ତବ୍ୟ କାର୍ଯ୍ୟ ସମ୍ବନ୍ଧୀୟ ପରମାର୍ଥ ବିଦ୍ୟାର ଅଂଶ ।

Pastoral work, *n.* ମଣ୍ଡଳୀସ୍ଥ ଲୋକଙ୍କ ପରିଦର୍ଶନ ବିଷୟକ ପାଳକଙ୍କ କାର୍ଯ୍ୟ ।

Pastorate, Pastorship, *n.* 1. ମଣ୍ଡଳୀ ପାଳକର ପଦ ବା କାର୍ଯ୍ୟ; 2. ପାଳକ ଥିବା ସମୟ; 3. ଏକ ମଣ୍ଡଳୀର ବା ଏକ ଅଞ୍ଚଳର ପାଳକବୃନ୍ଦ ।

Pastry, *n.* ମଇଦା ଓ ପାଣି ମିଶ୍ରିତ ଅଣରେ ପ୍ରସ୍ତୁତ ଖାଦ୍ୟ, ପିଷ୍ଟକ ।

Pastry-cook, *n.* ପୁର ଇତ୍ୟାଦି ପିଠା ବନାଇବା ବା ବିକିବା ଲୋକ, ହାଲୁଇ ।

Pasturable, *a.* ଚରଣ ଯୋଗ୍ୟ ।

Pasturage, *n.* 1. ଗୋଚରଣ; 2. ଗୋଚରଣ ଭୂମି; 3. ଚରାଇବା ନିମନ୍ତେ ଘାସ ।

Pasture, *n.* 1. ଚରିବା ନିମନ୍ତେ ଘାସ; 2. ଚର ଭୂମି, ତୃଣାବୃତ ଭୂମି ।—*v.t.* ଚରାଇବା, ଘାସ ଯୋଗାଇବା ।—*v.i.* ଚରିବା ।

Pasture-land, *n.* ଗୋଚର ଭୂମି ।

Pastureless, *a.* ଚରବିହୀନ ।

Pasty, *a.* 1. ଲେହି ପରି ।—*n.* ମାଂସପୂରିତ ପିଷ୍ଟକ ବିଶେଷ ।

Pat, (1) *n.* ଲଘୁ ଆଘାତ, ଥପଥପ ଚାପୁଡ଼ା ।—*v.t.* ଧୀରେ ଆଘାତ-କ, ଥାପୁଡ଼ାଇବା ।—To pat on the back, 1. ପିଠିରେ ଧୀରେ ଆଘାତ କରିବା ଦ୍ୱାରା ସନ୍ତୋଷ ଭାବ ପ୍ରକାଶ-କ; 2. ଅନୁମୋଦନ-କ ।

Pat, (2) *n.* ଲହୁଣୀ ପ୍ରଭୃତିର କ୍ଷୁଦ୍ର ପିଣ୍ଡୁଳା ।

Pat, (3) *n.* ଅସ୍ପର୍ଶ୍ୟ ଦେଶବାସୀର ଏକ ନାମ ।

Pat, (4) *a.* 1. ଉପଯୁକ୍ତ, ଯୋଗ୍ୟ; 2. ଠିକ ବା ସମୟ ଉପଯୋଗୀ ।

Patagium, *n.* 1. ଚେମଣି ଡେଣାର ଡ୍ରୁଣ୍ଡ; 2. ଉଡ଼ନ୍ତା ମୂଷାର ଅବତରଣୋପଯୋଗୀ ଚର୍ମଛଦ; 3. ପକ୍ଷିଡେଣାର ଅଗ୍ରଭାଗର ଚମର ଭାଞ୍ଜ; 4. ଚତୁଷ୍ପଦଯୁକ୍ତ କୀଟର ପୃଷ୍ଠସଂଲଗ୍ନ ଚାଳ ।

Patch, *v.t.* 1. ତାଳି ପକାଇବା, ତାଳି ପକାଇ ମରାମତ୍-କ; 2. ଅସୁନ୍ଦରରୂପେ ମରାମତ୍-କ; 3. ଖଣ୍ଡ ଖଣ୍ଡ ଯୋଡ଼ି କନ୍ଥା ବନାଇବା; 4. ତରତର ହୋଇ ତିଆର-କ ।—*n.* 1. ତାଳି; 2. କ୍ଷୁଦ୍ର ଭୂମିଖଣ୍ଡ; 3. ପୂର୍ବ କାଳରେ ଶୋଭା ବୃଦ୍ଧି ନିମନ୍ତେ ବ୍ୟବହୃତ ସ୍ତ୍ରୀମାନଙ୍କ ମୁଖରେ ଲଗାଯାଉଥିବା କଳା ରେଶମୀ ବସ୍ତ୍ରର କ୍ଷୁଦ୍ର ତାଳି ।—Not a patch on, ତୁଳନାରେ ନିତାନ୍ତ ଅଯୋଗ୍ୟ ।

Patchable, *a.* ତାଳି ଦ୍ୱାରା ମରାମତ୍ ଯୋଗ୍ୟ ।

Patchbox, *n.* ପୂର୍ବକାଳୀନ ସ୍ତ୍ରୀମାନଙ୍କ ମୁଖ ତାଳି ରଖିବା ନିମନ୍ତେ ସୁନ୍ଦର ବାକ୍ସ ଯହିଁର ଢାଙ୍କୁଣିରେ ସାଧାରଣରେ ଦର୍ପଣ ଲାଗିଥାଏ ।

Patcher, *n.* ଯେ ତାଳି ପକାଏ ।

Patchouli, *n.* ପାଚୁଲି ନାମକ ଗଛ ବା ତହିଁରୁ ଉତ୍ପନ୍ନ ସୁଗନ୍ଧି ଦ୍ରବ୍ୟ ।

Patchwork, *n.* 1. ଭିନ୍ନ ଭିନ୍ନ ବସ୍ତ୍ରଖଣ୍ଡରେ ସିଲାଇ କରାଯାଇଥିବା ବସ୍ତ୍ର ବିଶେଷ, କନ୍ଥା; 2. ଅସୁନ୍ଦର ଯୋଡ଼ାଯୋଡ଼ି କାମ ।

Patchy, *a.* 1. ଅନେକ ତାଳିଯୁକ୍ତ; 2. ମେଳ ଖାଉ ନ ଥିବା; 3. ଅସଙ୍ଗତ ।

Pate, *pāt*, 1. ମୁଣ୍ଡ; 2. ତାଳୁ ।

Patella, *n.* 1. ଅଣ୍ଠୁଚକି; 2. ସାମୁଦ୍ରିକ ଗେଣ୍ଡା ବିଶେଷ ।

Patellar, *a.* ଅଣ୍ଠୁଚକି ସମ୍ବନ୍ଧୀୟ ।

Paten, *n.* ପ୍ରଭୁଙ୍କ ଭୋଜ ପାଳନରେ ବ୍ୟବହୃତ ଥେଟି-ପାତ୍ର ।

Patent, *a.* 1. ସୁବ୍ୟକ୍ତ; 2. ପ୍ରତ୍ୟକ୍ଷ, ସ୍ପଷ୍ଟ; 3. ସାଧାରଣ, ପ୍ରକାଶିତ; 4. (Bot.) ବିସ୍ତୃତ, ବିକଶିତ ।—*n.* 1. ଉପାୟ ବା ବାଣିଜ୍ୟ ସମ୍ବନ୍ଧୀୟ ସରକାରଦତ୍ତ ସ୍ୱତ୍ୱାଧିକାରପତ୍ର; 2. ଯାହା ପାଇଁ ସରକାରରୁ ସ୍ୱତ୍ୱାଧିକାରପତ୍ର ଦିଆଯାଇଅଛି ଏପରି ନୂତନ ଆବିଷ୍କୃତ କୌଣସି ପଦାର୍ଥ ।—*v.t.* ସରକାରଙ୍କ ପକ୍ଷରୁ ସ୍ୱତ୍ୱାଧିକାରପତ୍ର ଦେବା ବା ପ୍ରାପ୍ତ ହେବା ।

Patentable, *a.* ନବାବିଷ୍କାର ଲାଗି ସରକାରରୁ ସ୍ୱତ୍ୱାଧିକାର ପତ୍ର ପାଇବା ଯୋଗ୍ୟ ।

Patentee, Patenter, *n.* ନବାବିଷ୍କାର ଲାଗି ସରକାରରୁ ସ୍ୱତ୍ୱାଧିକାରପତ୍ର ଗ୍ରହୀତା ।

Patent medicine, *n.* ଯେଉଁ ଔଷଧ ଲାଗି ସରକାରରୁ ସ୍ୱତ୍ୱାଧିକାରପତ୍ର ଦିଆ ଯାଇଅଛି ।

Patentor, *n.* ନବାବିଷ୍କାର ଲାଗି ସ୍ୱତ୍ୱାଧିକାରପତ୍ର ଦାତା ।

Paterfamilias, *n.* ଗୃହକର୍ତ୍ତା, କୌଟୁମ୍ବିକ ।

Paternal, *a.* 1. ପିତୃତୁଲ୍ୟ; 2. ପିତୃକ; 3. ପୈତୃକ; 4. ପିତାଗତ ।

Paternally, *ad.* ପିତୃରୂପେ ।

Paternity, *n.* 1. ପିତାବସ୍ଥା; 2. ପିତୃତ୍ୱ; 3. ସନ୍ତାନସନ୍ତତି ପ୍ରତି ପିତାର ସମ୍ବନ୍ଧ; 4. ଉତ୍ପାଦକତ୍ୱ, କର୍ତ୍ତୃତ୍ୱ ।

**Paternoster**, *n.* 1. ପ୍ରଭୁ ଯୀଶୁଙ୍କ ଦତ୍ତ ଆଦର୍ଶ ପ୍ରାର୍ଥନା, ପ୍ରଭୁଙ୍କ ପ୍ରାର୍ଥନା; 2. ରୋମାନ୍ କାଥଲିକ୍‌ମାନଙ୍କ ପ୍ରାର୍ଥନା-ମାଳା ବା ତହିଁର ପ୍ରତ୍ୟେକ ଏକାଦଶ ମାଳି ।

**Path**, *n.* 1. ବାଟ, ପଥ; 2. କାର୍ଯ୍ୟର ଗତି ।

**Pathan**, *n.* ପଠାଣ ।

**Pathematic**, *a.* ମନୋଗତ ସମ୍ବନ୍ଧୀୟ ।

**Pathetic**, *a.* 1. ଦୁଃଖ ପ୍ରକାଶକ; 2. କରୁଣାଜନକ; 3. ମାନସିକ ଦୁଃଖ କ୍ଲେଶ ବା ବେଦନାଜନକ; 4. ହୃଦୟସ୍ପର୍ଶୀ ।

**Pathetically**, *ad.* ସକରୁଣଭାବେ, ହୃଦୟସ୍ପର୍ଶଭାବେ ।

**Path-finder**, *n.* 1. ପଥ ପରିଷ୍କାରକ; 2. ଅଗ୍ରଗାମୀ ।

**Pathic**, *a.* ବ୍ୟାଧି ସମ୍ବନ୍ଧୀୟ ।

**Pathless**, *a.* 1. ପଥହୀନ; 2. ଅମଡ଼ା ।

**Pathogenesis, Pathogeny**, *n.* ବ୍ୟାଧିର ଉତ୍ପତ୍ତି ବା କ୍ରମବିକାଶର ପ୍ରଣାଳୀ । [ବନ୍ଧୀୟ ।

**Pathologic, Pathological**, *a.* ନିଦାନଶାସ୍ତ୍ର ସମ୍-

**Pathologically**, *ad.* ନିଦାନଶାସ୍ତ୍ରାନୁଯାୟୀ ।

**Pathologist**, *n.* ନିଦାନଶାସ୍ତ୍ରବେତ୍ତା ।

**Pathology**, *n.* 1. ନିଦାନଶାସ୍ତ୍ର, ବ୍ୟାଧିର ପ୍ରକୃତ ହେତୁ ଓ ପ୍ରତିକାର ସମ୍ବନ୍ଧୀୟ ବିଜ୍ଞାନ; 2. ବ୍ୟାଧିର ଉପସର୍ଗ ।

**Pathos**, *n.* *pā'thos*, 1. କରୁଣ ରସ; 2. ମାନସିକ ବେଦନା ପ୍ରକାଶନ ।

**Pathway**, *n.* 1. ଉପପଥ; 2. ମଡ଼ା ବାଟ; 3. କାର୍ଯ୍ୟର ଗତି । [ତାସ ଖେଳ ।

**Patience**, *n.* 1. ସହିଷ୍ଣୁତା; 2. ଧୈର୍ଯ୍ୟ; 3. ଏକପ୍ରକାର

**Patient**, *a.* 1. ସହିଷ୍ଣୁ; 2. ଧୈର୍ଯ୍ୟଶାଳୀ; 3. ଧୀର, ପ୍ରଶାନ୍ତ; 4. ଅଧ୍ୟବସାୟଶୀଳ ।—*n.* 1. ଦୁଃଖ ଭୋଗକାରୀ; 2. ମଲ୍, ଚିକିତ୍ସାଧୀନ ରୋଗୀ ।

**Patiently**, *ad.* ସହିଷ୍ଣୁଭାବେ, ଧୀରଭାବେ ।

**Patina**, *n.* 1. ରୋମୀୟ ଲୋକଙ୍କ ପରିବେଷଣ ବିଶେଷ; 2. ଅଣ୍ଡର ରଙ୍ଗି; 3. ପୁରାତନ ପିତ୍ତଳ ପଦାର୍ଥ ବା ମୁଦ୍ରା ଉପରେ ଲାଗିଥିବା କଳଙ୍କ ।

**Patio**, *n.* ଗୃହ ସଂଲଗ୍ନ ଅଗଣା ।

**Patios**, *n.* *pat'waw*, ଗ୍ରାମ୍ୟ ଭାଷା, ସ୍ଥାନୀୟ ବୋଲି ।

**Patly**, *ad.* 1. ଉପଯୁକ୍ତରୂପେ, ସଙ୍ଗତଭାବେ; 2. ସୁବିଧାରୂପେ ।

**Patness**, *n.* 1. ଉପଯୋଗିତା; 2. ସଙ୍ଗତି ।

**Patres conscripti**, *n. pl.* ତାଲିକାଭୁକ୍ତ ପିତୃଗଣ, ପୁରାତନ ରୋମର ସଚିବଗଣ ବା ବ୍ୟବସ୍ଥାପକ ସଭାର ସଭ୍ୟଗଣ ।

**Patrial**, *a.* ଜାତି ନିର୍ଦ୍ଦେଶକାରୀ ।—*n.* ଦେଶର ନାମରୁ ଉତ୍ପାଦିତ ବିଶେଷ୍ୟ ପଦ ।

**Patria potestas**, *n.* ପୁରାତନ ରୋମରେ ସ୍ୱପରିବାର ଉପରେ ପିତାର କ୍ଷମତାଭୁକ୍ତ ଅସୀମ କ୍ଷମତା ।

**Patriarch**, *n.* 1. ପିତୃପୁରୁଷ; 2. ପିତୃକୁଳ ଅଧିକାରରେ ଆପଣା ପରିବାରକୁ ଶାସନ କରିବା ବ୍ୟକ୍ତି; 3. ଗୋଷ୍ଠୀପତି, କୁଳପତି; 4. ପ୍ରାଚ୍ୟ ମଣ୍ଡଳୀରେ ମହାଧର୍ମାଧ୍ୟକ୍ଷ; 5. ବୃଦ୍ଧଜନ, ପ୍ରାଚୀନ ବ୍ୟକ୍ତି ।

**Patriarchal, Patriarchic**, *a.* 1. ପିତୃପୁରୁଷ ବା କୁଳପତି ସମ୍ବନ୍ଧୀୟ ବା ଅଧୀନ; 2. ପିତୃପୁରୁଷୋଚିତ, କୁଳପତି ତୁଲ୍ୟ ।

**Patriarchalism**, *n.* କୁଳପତିଙ୍କ ଦ୍ୱାରା ଶାସନ ।

**Patriarchy**, *n.* ଏକ କୁଳପତିର ଶାସନାଧୀନ ପରସ୍ପର ସମ୍ପର୍କବିଶିଷ୍ଟ ପରିବାରବର୍ଗ ।

**Patrician**, *n.* 1. ରୋମ ଦେଶୀୟ କୁଳୀନ ଜନ; 2. ଭଦ୍ର ବ୍ୟକ୍ତି;—*a.* 1. ରୋମର ପ୍ରାଚୀନ ସଚିବ ବା ସେମାନଙ୍କର ବଂଶଧର ସମ୍ବନ୍ଧୀୟ; 2. କୁଳୀନ, ସଦ୍‌ବଂଶଜ ।

**Patricidal**, *a.* ପିତୃହତ୍ୟା ସମ୍ବନ୍ଧୀୟ ।

**Patricide**, *n.* 1. ପିତୃହତ୍ୟା; 2. ପିତୃହନ୍ତା, ପିତୃଘ୍ନ ।

**Patrimonial**, *a.* 1. ପୈତୃକ ଧନ ସମ୍ବନ୍ଧୀୟ; 2. ପୂର୍ବପୁରୁଷଠାରୁ ପ୍ରାପ୍ତ, ପିତ୍ରାଗତ, ମୌରସୀ ।

**Patrimony**, *n.* 1. ପୈତୃକ ଧନ, ପୂର୍ବପୁରୁଷଠାରୁ ପ୍ରାପ୍ତ ସମ୍ପତ୍ତି; 2. ମଣ୍ଡଳୀର ଭୂସମ୍ପତ୍ତି ବା ଦତ୍ତ ଧନର ଉପସ୍ୱତ୍ୱ ।

**Patriot**, *n.* ନିଜ ଦେଶର ପ୍ରକୃତ ପ୍ରେମିକ ଓ ସେବକ, ସ୍ୱଦେଶ ହିତୈଷୀ, ସ୍ୱଦେଶାନୁରାଗୀ ।—*a.* ସ୍ୱଦେଶାନୁରକ୍ତ ।

**Patriotic**, *a.* 1. ସ୍ୱଦେଶ ହିତୈଷିବତ୍; 2. ସ୍ୱଦେଶାନୁରାଗବିଶିଷ୍ଟ, ସ୍ୱଦେଶାନୁରକ୍ତ; 3. ସାଧାରଣର ମଙ୍ଗଳ ପ୍ରତି ଉଦ୍ଦିଷ୍ଟ ।

**Patriotism**, *n.* ସ୍ୱଦେଶ ହିତୈଷଣା, ସ୍ୱଦେଶାନୁରାଗ, ସ୍ୱଦେଶର ମଙ୍ଗଳଚେଷ୍ଟା । [ଗଣ ସମ୍ବନ୍ଧୀୟ ।

**Patristic, Patristical**, *a.* ଖ୍ରୀଷ୍ଟୀୟ ମଣ୍ଡଳୀର ପିତୃ-

**Patristicism**, *n.* ପିତୃଗଣର ବସ୍ତ୍ରଧରଣ ।

**Patristics**, *n.* ପିତୃଗଣଙ୍କ ବିଷୟକ ଜ୍ଞାନ ।

**Patrol**, *v.i.* 1. ଛାଉଣି ବା ଦୁର୍ଗର ଚତୁର୍ଦ୍ଦିଗରେ ପହରା-ଦେ; 2. ପହରା ଦେଇ ରକ୍ଷା-କ ।—*v.t.* ପ୍ରହରୀରୂପେ ଚତୁର୍ଦ୍ଦିଗେ ଭ୍ରମଣ-କ ।—*n.* 1. ରାତ୍ରିରେ ପ୍ରହରୀର ଚୌକିଦେବା କର୍ମ; 2. ଚୌକିଦାର, ଭ୍ରମଣକାରୀ ରାତ୍ରି-ପ୍ରହରୀ ।

**Patron**, *n.* 1. ରକ୍ଷାକର୍ତ୍ତା, ପ୍ରତିପାଳକ; 2. ପୃଷ୍ଠପୋଷକ; 3 ମୁରବି; 4. ସ୍ୱଜାତୀୟ ମଣ୍ଡଳୀରେ ଧର୍ମୋପଦେଶକ ପଦ ଓ ବୃତ୍ତି ଦେବାର ଅଧିକାରପ୍ରାପ୍ତ ବ୍ୟକ୍ତି ।

**Patronage**, *n.* 1. ପ୍ରତିପାଳକ ଦ୍ୱାରା ଦତ୍ତ ସାହାଯ୍ୟ; 2. ପୃଷ୍ଠପୋଷକତା; 3. ମହାତ୍ମାମାନଙ୍କ ଅନୁଗ୍ରହ; 4. ଅଯାଚିତ ବଦାନ; 5. ସ୍ୱଜାତୀୟ ମଣ୍ଡଳୀରେ ଧର୍ମୋପଦେଶକ ପଦ ଓ ବୃତ୍ତି ଦେବା ଅଧିକାର ।

**Patroness**, *n.* 1. ରକ୍ଷାକାରିଣୀ; 2. ପୃଷ୍ଠପୋଷିକା ।

**Patronise**, *v.t.* 1. ପ୍ରତିପାଳକ ପରି ବ୍ୟବହାର-କ; 2. ପୃଷ୍ଠପୋଷକତା-କ; 3. ଅପରକୁ ଅନୁଗ୍ରହ ପ୍ରକାଶ-କ ।

**Patronising**, *a.* ଅପରକୁ ଅନୁଗ୍ରହପୂର୍ଣ୍ଣ ।

**Patronisingly**, *ad.* ଅପରକୁ ଅନୁଗ୍ରହପୂର୍ବକ ।

**Patronymic**, *n.* ପୈତୃକ ନାମ, ଗୋତ୍ରନାମ ।

**Patronymical**, *a.* ପୈତୃକ ବା ଗୋତ୍ର ନାମରୁ ସମ୍ଭୂତ ।

**Patten**, *n.* 1. ଗୋଡ଼ାକୁ ଓଦା ହେବାରୁ ରକ୍ଷା କରିବା ନିମନ୍ତେ ତହିଁର ନିମ୍ନରେ ପରିହିତ କାଷ୍ଠପାଦୁକା, କଠଉ; 2. (*Arch.*) ସ୍ତମ୍ଭର ମୂଳଦେଶ ।

Patter, (1) *v.i.* 1. ଶିଳାବୃଷ୍ଟିବତ୍ ଶବ୍ଦ-ହେ, ଟପଟପ ଶବ୍ଦ-ହେ; 2. ଶୀଘ୍ର ପଦକ୍ଷେପର ଶବ୍ଦ-ହେ ।

Patter, (2) *v.i.* 1. ପ୍ରଭୁଙ୍କ ପ୍ରାର୍ଥନା ପୁନରୁକ୍ତି-କ: 2. ପ୍ରାର୍ଥନା-କ; 3. ଅସ୍ପଷ୍ଟଭାବେ ପୁନରୁକ୍ତି-କ; 4. ବଡ଼ବଡ଼ -ହେ ।—*v.t.* ଶୀଘ୍ର ଶୀଘ୍ର ପୁନରୁକ୍ତି-କ; ଅସ୍ପଷ୍ଟଭାବେ ଉଚ୍ଚାରଣ-କ ।—*n.* 1. ଚପଳ ବାକ୍ୟ, ବକ୍‌ବକ୍; 2. ସାମ୍ପ୍ରଦାୟିକ ଭାଷା ।

Patterer, *n.* ବକୁଆ ଲୁଗାବିକା ।

Pattern, *n.* 1. ଅନୁକରଣୀୟ ବ୍ୟକ୍ତି ବା ପଦାର୍ଥ; 2. ଆଦର୍ଶ, ଦୃଷ୍ଟାନ୍ତ; 3. ନିଦର୍ଶନ; 4. କାରୁକାର୍ଯ୍ୟର ଛାଞ୍ଚ: 5. ନମୁନା; 6. ନିଶାଣରେ ଛରସ ଗୁଳିର ଦାଗସବୁ ।

Pattern-book, *n.* ବୁଣାକାମରେ ବା ଅନ୍ୟ ପ୍ରକାର ଲୁଗାର ଖଣ୍ଡମାନଙ୍କରେ ଗଠିତ ହୋଇଥିବା ନମୁନା ବହି ।

Pattern-maker, *n.* ନମୁନା ନିର୍ମାତା ।

Pattern-shop, *n.* କାରଖାନା ନିମନ୍ତେ ନମୁନାସବୁ ପ୍ରସ୍ତୁତ ହେବା ସ୍ଥାନ ।

Pattern-wheel, *n.* ଘଡ଼ିର ଦାନ୍ତଲଗା ଚକ ବିଶେଷ ଯାହା ଦ୍ୱାରା ସମୟ ଜ୍ଞାପକ ଶବ୍ଦ ବାଜେ ।

Patty, *n.* ମାଂସପୂରିତ କ୍ଷୁଦ୍ର ପିଷ୍ଟକ ।

Patulous, *a.* 1. ବିସ୍ତୃତ: 2. ପ୍ରସାରିତ ।

Paucity, *n.* ଅଳ୍ପତା, ସଂଖ୍ୟା ବା ପରିମାଣରେ ନ୍ୟୂନତା ।

Pauline, *a.* *paw'līn*, ପ୍ରେରିତ ପାଉଲଙ୍କ ସମ୍ବନ୍ଧୀୟ ।

Paulinism, *n.* 1. ପାଉଲଙ୍କ ମତ ପାରମାର୍ଥିକ ଶିକ୍ଷା: 2. ପାଉଲଙ୍କ ବାକ୍ୟର ଶୈଳୀ ।

Paulinist, *n.* ପାଉଲଙ୍କ ଶିଷ୍ୟ ।

Paunch, *n.* *pawnch or panch*, *n.* 1. ଉଦର: 2. ରୋମନ୍ଥକ ପ୍ରାଣିର ପ୍ରଥମ ଓ ବୃହତ୍ ପାକସ୍ଥଳୀ ।

Paunchy, *a.* ଲମ୍ବୋଦର, ଭୁଣ୍ଡିଲ ।

Pauper, *n.* 1. ଆଶ୍ରୟହୀନ ଲୋକ, କଙ୍ଗାଳି, ଅତ୍ୟନ୍ତ ଦରିଦ୍ର ଲୋକ; 2. ଦାନ ଦ୍ୱାରା ପ୍ରତିପାଳିତ ଲୋକ ।

Pauperise, *v.t.* 1. ଅତ୍ୟନ୍ତ ଦରିଦ୍ର-କ; 2. ଦାନ ଦ୍ୱାରା ପ୍ରତିପାଳନ-କ ।

Pauperism, *n.* ଦରିଦ୍ରାବସ୍ଥା, କଙ୍ଗାଳିପଣ ।

Pause, *n.* ନିବୃତ୍ତି; 2. ବିରାମ; 3. ଅଳ୍ପକାଳସ୍ଥିତି; 4. ସନ୍ଦେହ ହେତୁ କ୍ଷାନ୍ତ: 5. ବିରାମ ଚିହ୍ନ; 6. (Mus.) ସ୍ୱର ଚଳାଇବା ବା ବନ୍ଦ କରିବା ସୂଚକ ଚିହ୍ନ ।—*v.i.* ବିରତ-ହେ, ନିବୃତ୍ତ-ହେ ।

Pauseless, *a.* ନିବୃତ୍ତିରହିତ, ଅବିରତ ।

Pavage, Paviage, *n.* 1. ସଡ଼କ ପାର୍ଶ୍ୱରେ ପଥର ବସାଇବା ନିମନ୍ତେ ଟଙ୍କା ।

Pave, *v.t.* *pāv*. 1. ପଥର ବସାଇବା; 2. ଭ୍ରମଣାର୍ଥେ ସମଭୂମି ଗଠନ-କ; 3. ପଥ ପ୍ରସ୍ତୁତ-କ; 4. କାର୍ଯ୍ୟ ସହଜ -କ, ବାଟ ସମାନ-କ ।—**To pave the way,** ପଥ ପରିଷ୍କାର-କ, ପଥ ପ୍ରସ୍ତୁତ-କ ।

Paved, *a.* ପଥରବସା ।

Pavement, *n.* ପଥରବସା ସଡ଼କ ବା ଉପପଥ ।

Paver, Pavier, *n.* ପଥର ବସାଇବା ଲୋକ ।

Pavid, *a.* ଭୀତ ।

Pavilion, *n.* 1. ତାମ୍ବୁ; 2. କାରୁକାର୍ଯ୍ୟବିଶିଷ୍ଟ ସଚୂଡ଼ ଗୃହ; 3. (Mil.) ଖୁଣ୍ଟି ଦ୍ୱାରା ଠିଆ କରାହୋଇଥିବା ତାମ୍ବୁ; 4. ଚନ୍ଦ୍ରାତପ, ଚାନ୍ଦୁଆ; 5. ବହିଃସ୍ଥ କର୍ଣ୍ଣ: 6. ଜାହାଜର ପଶ୍ଚାଦ୍ଭାଗର ମାସ୍ତୁଲରେ ଥିବା ପତାକା ।—*v.t.* 1. ତାମ୍ବୁ ଦ୍ୱାରା ସୁସଜ୍ଜ-କ; 2. ତାମ୍ବୁରେ ଆଶ୍ରୟ -ଦେ ।

Pavilion-roof, *n.* ଚତୁର୍ଦ୍ଦିଗେ ସମାନଭାବେ ଢାଲୁ ହୋଇଥିବା ଛାତ ।

Paving, *n.* 1. ପଥର ବସାଇବା କାର୍ଯ୍ୟ; 2. ପଥର-ବସା ଉପପଥ ।—*a.* ପଥର ବସାଇବାରେ ନିଯୁକ୍ତ ବା ବ୍ୟୟିତ ।

Pavise, *n.* ସମୁଦାୟ ଶରୀର ରକ୍ଷାର୍ଥେ ଢାଲ ।

Pavon, *n.* ବର୍ଚ୍ଛିରେ ସଂଯୁକ୍ତ ଏକ କ୍ଷୁଦ୍ର ତ୍ରିକୋଣ ପତାକା ।

Pavonine, *a.* 1. ମୟୂର ସମ୍ବନ୍ଧୀୟ; 2. ମୟୂରପୁଚ୍ଛ ସଦୃଶ; 3. ମୟୂର ପୁଚ୍ଛରେ ନିର୍ମିତ; 4. ମେଘଧନୁ-ବର୍ଣ୍ଣ ପ୍ରକାଶକ ।

Paw, *n.* 1. ଶିକାରୀ ପଶୁର ପାଦ; 2. ହସ୍ତ (ତୁଚ୍ଛଭାବେ ବ୍ୟବହୃତ) ।—*v.i.* ପଶୁର ନ୍ୟାୟ ଭୂମିକୁ ସମ୍ମୁଖ ପାଦରେ ଆଘାତ-କ ।—*v.t.* 1. ସମ୍ମୁଖ ପାଦରେ ଆଞ୍ଚୁଡ଼ିବା; 2. ପଶୁର ପାଦରେ ଧରିବା; 3. କର୍କଶଭାବେ ହାତରେ ଧରିବା; 4. ତୋଷାମୋଦ-କ ।

Pawed, *a.* 1. ପଶୁପାଦଯୁକ୍ତ; 2. ବିସ୍ତୃତ ପଦଯୁକ୍ତ ।

Pawky, *a.* (Scot.) ଧୂର୍ତ୍ତ, ଚତୁର, ନିପୁଣ । [ଖିଲ ।

Pawl, *n.* ଦନ୍ତଯୁକ୍ତ ଚକ୍ରକୁ ପଛକୁ ଫେରିବାରୁ ଅଟକାଇବା

Pawn, (1) *n.* ବନ୍ଧକ ।—*v.t.* ବନ୍ଧକ-ଦେ ।—At pawn, ବନ୍ଧକରୂପେ ରକ୍ଷିତ ।

Pawn, (2) *n.* ଶତରଞ୍ଚଖେଳର ସାଧାରଣ ବଳ, ବଡ଼ଅ, ପିଅଦା ।

Pawn, (3) *n.* ମଞ୍ଚ ।

Pawn-broker, *n.* ବନ୍ଧକ ଗ୍ରହଣକାରୀ, ଯେ ବନ୍ଧକ ରଖି ଋଣ ଦିଏ, ବନ୍ଧକୀ ମହାଜନ ।

Pawn-broking, *n.* ବନ୍ଧକୀ କାରବାର ।

Pawnee, *n.* 1. କୌଣସି ବସ୍ତୁ ବନ୍ଧକରୂପେ ଗ୍ରହଣକାରୀ: 2. ଉତ୍ତର ଆମେରିକାର ଏକ ଗୋଷ୍ଠୀ ।

Pawner, *n.* ବନ୍ଧକକାରୀ ।

Pawnshop, *n.* ବନ୍ଧକ ଗ୍ରହଣକାରୀର ଦୋକାନ ।

Pax, *n.* ଶାନ୍ତିସୂଚକ ଚୁମ୍ବନ (ରୋମୀୟ ଚିଠି ୧୬; ୧୬) ।—Pax vobiscum, ତୁମ୍ଭମାନଙ୍କର କଲ୍ୟାଣ ହେଉ, (ଯୋହନ ୨୦; ୧୯) ।

Paxwax, *n.* ପଶୁମାନଙ୍କର ଗଳସ୍ଥିତ ଦୃଢ଼ ଶିରା ।

Pay, (1) *v.t.* 1. ଋଣ ପରିଶୋଧ-କ; 2. ପାରିତୋଷିକ -ଦେ; 3. ପ୍ରତିଫଳ-ଦେ; 4. ଦଣ୍ଡ-ଦେ; 5. ଦାନ-କ ।—*v.i.* 1. ପ୍ରତିଶୋଧ-ଦେ; 2. ଲାଭଜନକ-ହେ ।—*n.* 1. କାର୍ଯ୍ୟ ନିମନ୍ତେ ଦତ୍ତ ଟଙ୍କା, ପାରିଶ୍ରମିକ; 2. ବର୍ତ୍ତନ, ବେତନ, ମୂଲ, ଦରମାହା ।—**In the pay of,** ଅମୁକଠାରୁ ବର୍ତ୍ତନ ପାଇବା । **To pay down,** ନଗଦ ଟଙ୍କା ଦେଇଦେବା । **To pay for,** କ୍ଷତିପୂରଣ-କ, ଖରଚଭାର ବହିବା । **To pay off.** 1.

ଋଣ ପରିଶୋଧ-କ; 2. ପ୍ରତିଶୋଧ-ନେ; 3. ପ୍ରତିଫଳ -ଦେ । To pay out, ଦଉଡ଼ି ଅଦ ଖସାଇ-ଦେ । To pay the piper, ବାଧ୍ୟ ହୋଇ ଖରଚ-ଦେ ।

Pay, (2) *v.t.* ଝୁଲ ବା ବଗିଡ଼ାର ଦ୍ୱାରା ଲେପନ-କ ।

Payable, *a.* ପରିଶୋଧନୀୟ; 2. ଦେବାର ଯୋଗ୍ୟ, ଦାତବ୍ୟ, ଦେୟ ।

Paybill, *n.* କାର୍ଯ୍ୟକାରୀମାନଙ୍କ ବେତନର ତାଲିକା ।

Pay-clerk, *n.* ବର୍ତ୍ତନ ଦେବା କରଣି ।

Pay-day, *n.* ଚୁକ୍ତିଅନୁସାରେ ବର୍ତ୍ତନ ଦେବା ଦିନ ।

Payee, *n.* ଯାହାକୁ ଟଙ୍କା ଦିଆଯାଏ, ପାଉଣାଦାର ।

Pay-list, *n.* କାର୍ଯ୍ୟକାରୀମାନଙ୍କ ନାମ ଓ ପ୍ରତ୍ୟେକର ଉପଯୁକ୍ତ ମୂଲ୍ୟର ତାଲିକା ।

Pay-master, *n.* ସୈନ୍ୟଗଣଙ୍କୁ ବର୍ତ୍ତନ ଦେବା କର୍ମଚାରୀ ।

Payment, *n.* 1. ଟଙ୍କା ପ୍ରଦାନ; 2. ଟଙ୍କା ବା ପଦାର୍ଥ ଦ୍ୱାରା ଋଣ ପରିଶୋଧନ; 3. ପାରିଶ୍ରମିକ; 4. ପ୍ରତିଶୋଧ; 5. ପୁରସ୍କାର; 6. ଦଣ୍ଡ ।

Pay-office, *n.* ଯେଉଁ ଘରେ ଟଙ୍କା ଦିଆଯାଏ ।

Paynim, Painim, *n.* 1. ପୌତ୍ତଳିକ; 2. ବିଧର୍ମୀ ।

Pea, *n.* ମଟର ।

Peace, *n.* 1. ସ୍ଥିରତା; 2. ଶାନ୍ତି, ନିର୍ବିରୋଧତା; 3. ଯୁଦ୍ଧରୁ କ୍ଷାନ୍ତି, ସନ୍ଧି; 4. ବନ୍ଧୁତା; 5. ମଙ୍ଗଳ; 6. ବିଶ୍ରାମ; 7. ମିଳନ; 8. ନିସ୍ତବ୍ଧତା ।—*interj.* 1. ସ୍ଥିର ହୁଅ! 2. ଚୁପ୍ କର! 3. ଶୁଣ!—A breach of the peace, ଶାନ୍ତିଭଙ୍ଗ । Queen's or King's peace, ଜନସାଧାରଣର ଶାନ୍ତି ସହ ରେ ଲୋକଙ୍କ ରକ୍ଷା ନିମନ୍ତେ ଶାସନର ପରିଚାଳକ ମସ୍ତକସ୍ୱରୂପେ ରଜା ବା ରାଣୀ ଦାୟୀ ଥାନ୍ତି । To hold one's peace, ଚୁପ୍ ରହିବା, ତୁନି-ହେ । To keep the peace, ଶାନ୍ତି-ଭଙ୍ଗ କରିବାରୁ ନିବୃତ୍ତ-ହେ । To make one's peace with, 1. ପୁନର୍ମିଳନ-କ; 2. ମିଳିତ-ହେ ।

Peaceable, *a.* 1. ଶାନ୍ତିପ୍ରିୟ; 2. ଯୁଦ୍ଧ ବା କଳହ-ବର୍ଜିତ; 3. ସୁସ୍ଥିର; 4. ନିର୍ବିରୋଧ ।

Peaceableness, *n.* ସୁସ୍ଥିରତା, ନିର୍ବିରୋଧତା ।

Peaceably, *ad.* ସୁସ୍ଥିରରୂପେ, ଅବିରୋଧରେ, ଶାନ୍ତ-ଭାବେ ।

Peace-breaker, *n.* ଶାନ୍ତିଭଙ୍ଗକାରୀ, କଳହକାରୀ ଲୋକ ।

Peace-establishment, *n.* ଶାନ୍ତି ସମୟରେ ରକ୍ଷିତ ହ୍ରାସୀକୃତ ସୈନିକ ଦଳ ।

Peaceful, *a.* ଶାନ୍ତିମୟ, ଶାନ୍ତ, ସୁସ୍ଥିର, ନିର୍ବିରୋଧ, ପ୍ରଶାନ୍ତ ।

Peacefully, *ad.* ଶାନ୍ତଭାବରେ, ସୁସ୍ଥିରରୂପେ, ନିର୍ବି-ରୋଧଭାବେ ।

Peaceless, *a.* ଅଶାନ୍ତ, ଶାନ୍ତିହୀନ ।

Peacelessness, *n.* ଶାନ୍ତିହୀନତା, ଅଶାନ୍ତଭାବ, ଶାନ୍ତି-ଶୂନ୍ୟତା ।

Peace-maker, *n.* 1. ମିଳନକର୍ତ୍ତା, ସନ୍ଧିସ୍ଥାପକ; 2. ବିବାଦଭଞ୍ଜକ ।

Peace-offering, *n.* 1. ମଙ୍ଗଳାର୍ଥକ ବଳି; 2. ଉପ ମଙ୍ଗଳଦାନ ହେତୁ କୃତଜ୍ଞତାପ୍ରଦର୍ଶନରେ ଅବା ଭବିଷ୍ୟତ ମଙ୍ଗଳଦାନ ପ୍ରାପ୍ତି ଆଶାରେ ଯିହୁଦୀୟମାନଙ୍କ ମଧ୍ୟରେ ପ୍ରଚଳିତ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ନୈ-ବେଦ୍ୟ. (ଲେବ ୩ ଅଧ ଓ ୭; ୧୧-୨୧); 3. ବିରକ୍ତ ହୋଇଥିବା ଲୋକଙ୍କୁ ସନ୍ତୋଷକରଣ ।

Peace-officer, *n.* 1. ଶାନ୍ତିରକ୍ଷକ; 2. ପୁଲିସ୍ କର୍ମଚାରୀ ।

Peace-party, *n.* ଶାନ୍ତିପକ୍ଷାବଲମ୍ବନକାରୀ ରାଜନୈତିକ ଦଳ ।

Peach, *v.t.* 1. ସଙ୍ଗିର ଗୁପ୍ତ ଅପରାଧ ପ୍ରକାଶ-କ; 2. ଯୋଗେଇ-ଦେ ।

Peach, *n.* ସୁସ୍ୱାଦୁ ରସାଳ ଫଳୋତ୍ପାଦକ ବୃକ୍ଷ ବିଶେଷ: 2. ଉକ୍ତ ବୃକ୍ଷର ଫଳ ।

Peach-brandy, *n.* ପିଚ୍ ଫଳର ରସରୁ ପ୍ରସ୍ତୁତ ମଦ୍ୟ ।

Peach-coloured, *a.* ପିଚ୍ ଫୁଲର ରଙ୍ଗପରି ରଙ୍ଗଯୁକ୍ତ ।

Pea-chick, *n.* ମୟୂର ଛୁଆ ।

Peach-stone, *n.* ପିଚ୍ ଫଳର ଟାକୁଆ ।

Peach-water, *n.* ପିଚ୍ ଫଳରୁ ପ୍ରସ୍ତୁତ ସୁଗନ୍ଧଯୁକ୍ତ ନିର୍ଯ୍ୟାସ ଯାହା ରନ୍ଧନ ସାମଗ୍ରୀରେ ବ୍ୟବହୃତ ହୁଏ ।

Peachy, *a.* ପିଚ୍ ଫଳପରି ବା ତାହାର ସ୍ୱାଦଯୁକ୍ତ ।

Peach-yellow, *n.* ପିଚ୍ ବୃକ୍ଷମାନଙ୍କୁ ଆକ୍ରମଣକାରୀ ରୋଗ ବିଶେଷ ।

Peacock, *n.* ମୟୂର, ଶିଖୀ, ବର୍ହୀ, ନୀଳକଣ୍ଠ

Pea-fowl, *n.* ମୟୂର, ମୟୂରୀ ।

Pea-green, *n.* କଞ୍ଚା ମଟରି ବର୍ଣ୍ଣ ପରି ସବୁଜ ବର୍ଣ୍ଣ ।

Pea-hen, *n.* ମୟୂରୀ, ଶିଖିନୀ, ବର୍ହିଣୀ ।—*v.i.* ଗର୍ବିତ-ଭାବେ ଏଣେତେଣେ ବୁଲିବା ।

Pea-jacket, *n.* ନାବିକମାନଙ୍କ ଦ୍ୱାରା ପରିହିତ ଅତି ମୋଟା ଲୁଗାର ଫତେଇ ।

Peak, *n.* 1. ଶିଖା, ଚୂଡ଼; 2. କୌଣସି ବସ୍ତୁର ତୀକ୍ଷ୍ଣାଗ୍ର-ଭାଗ; 3. ପର୍ବତ ଶୃଙ୍ଗ, ଶିଖର; 4. (Naut.) ପାଲ-ଦଣ୍ଡର ଅଗ୍ରଭାଗ ।—*v.i.* 1. ଶୃଙ୍ଗଯୁକ୍ତ-ହେ; 2. ଦୁର୍ବଳ ବା ଅସୁସ୍ଥ ଦେଖା ଯିବା ।—*v.t.* ପାଲ ଦଣ୍ଡର ଅଗ୍ର-ଭାଗକୁ ଠିଆଭାବେ ଉତ୍ତୋଳନ-କ ।

Peaked, *a.* 1. ଚୂଡ଼ାଯୁକ୍ତ; 2. ଛୁଞ୍ଚିଆ ।

Peaking, *a.* 1. ଅସୁସ୍ଥ, କ୍ଷୀଣ; 2. ନୀଚ ।

Peakish, *a.* 1. ଶୃଙ୍ଗଯୁକ୍ତ; 2. ଦୁର୍ବଳ, ଅସୁସ୍ଥ ।

Peal, *n.* 1. ଉଚ୍ଚ ଧ୍ୱନି; 2. ଏକର ଉପରେ ଅନେକ ଅନୁଷ୍ଠିତ କେତେକ ମହାଧ୍ୱନି; 3. ସ୍ୱରରେ ମିଳିତ ହୋଇଥିବା ଘଣ୍ଟାଶ୍ରେଣୀ; 4. ଘଣ୍ଟାଶ୍ରେଣୀର ଧ୍ୱନି ।—*v.i.* 1. ଘଣ୍ଟାପରି ପ୍ରତିଧ୍ୱନିତ-ହେ; 2. ଉଚ୍ଚର ଧ୍ୱନି-ହେ ।—*v.t.* 1. ଉଚ୍ଚ ଧ୍ୱନି କରାଇବା; 2. ଧ୍ୱନି କରି ଆକ୍ରମଣ-କ; 3. ଉତ୍ସବ ପାଳନ-କ ।

Pea-maggot, *n.* ମଟର ଖୋସାରେ ଜନ୍ମ ହେବା ଏକ-ପ୍ରକାର କ୍ଷୁଦ୍ର ପତଙ୍ଗର ପୋକଟିପୋକ ।

Pean, *n.* See Pæan.

Pea-nut, *n.* See Ground-nut.

Pear, *n.* *pār*, 1. ସୁଚ୍ୟାକୃତ ସୁସ୍ୱାଦୁ ଫଳବିଶେଷ; 2. ଉକ୍ତ ଫଳର ବୃକ୍ଷ ।

Pea-rifle, *n.* ଅତି କ୍ଷୁଦ୍ରଗୁଳିନିକ୍ଷେପକ ବନ୍ଧୁକବିଶେଷ ।

Peariform, Pear-shaped, *a.* ପେର୍‌ଫଳାକୃତି ।

Pearl, *n.* 1. ମୋତି, କେତେକ ଜାତୀୟ ଶାମୁକାରୁ ପ୍ରାପ୍ତ ପ୍ରସିଦ୍ଧ ଉଜ୍ଜ୍ୱଳ ମୁକ୍ତା; 2. କୌଣସି ଗୋଲାକାର ଓ ସ୍ୱଚ୍ଛ ପଦାର୍ଥ; 3. ଅତି ମୂଲ୍ୟବାନ୍ କୌଣସି ପଦାର୍ଥ; 4. ମଣି; 5. ଚକ୍ଷୁସ୍ଥିତ ଏକ ଶୁକ୍ଳ ବିନ୍ଦୁ, ମୋତିଆ ବିନ୍ଦୁ; 6. ଛାପାର କ୍ଷୁଦ୍ର ଅକ୍ଷର ବିଶେଷ ଯଦ୍ଦ୍ୱାରେ ଛାପା କଲେ ଏକ ଇଞ୍ଚରେ ୧୫ ପଂକ୍ତି ରହେ ।—*a.* ମୋତିମୟ, ମୁକ୍ତାରେ ନିର୍ମିତ । —*v.t.* 1. ମଣି ଦ୍ୱାରା ଅଳଙ୍କୃତ-କ, ମୋତିଯୁକ୍ତ-କ; 2. କ୍ଷୁଦ୍ର ଗୋଲାକାର କଣିକାରେ ପରିଣତ-କ ।—*v.i.* ମୋତି ପରି ଗୋଲାକାର ଆକୃତିରେ ପରିଣତ-ହେ, ମଣି ସଦୃଶ -ହେ ।

Pearlaceous, *a.* 1. ମୁକ୍ତା ସଦୃଶ; 2. ଶୁକ୍ତିର ଭିତର ଶୁଭ୍ରବର୍ଣ୍ଣରେ ଚିତ୍ରିତ ।

Pearl-button, *n.* ଶୁକ୍ତିକାରେ ପ୍ରସ୍ତୁତ ବୋତାମ, ଶିପ ବୋତାମ ।

Pearl-diver, *n.* ମୁକ୍ତା ତୋଳିବା ପାଇଁ ବୁଡ଼ିବା ଲୋକ ।

Pearled, *a.* 1. ମଣିଖଚିତ; 2. ମୁକ୍ତାସଦୃଶ; 3. ସୂତାର ଜାଲରେ ନିର୍ମିତ ଦଶୀଯୁକ୍ତ ।

Pearl-eye, *n.* ମୋତିଆବିନ୍ଦୁ ।

Pearl-eyed, *a.* ମୋତିଆବିନ୍ଦୁଯୁକ୍ତ ।

Pearl-fisher, *n.* ଶୁକ୍ତିକା ଉତ୍ତୋଳନକାରୀ ଲୋକ ।

Pearl-fishery, *n.* 1. ଶୁକ୍ତିକା ଉତ୍ତୋଳନ ବ୍ୟବସାୟ; 2. ଯେଉଁ ସ୍ଥାନରେ ଶୁକ୍ତିକା ଉତ୍ତୋଳନ ବ୍ୟବସାୟ ଚଳେ ।

Pearl-gray, *n.* ଫିକା ପାଉଁଶିଆ ରଙ୍ଗ;—*a.* ମୁକ୍ତାଧୂସର, ମୁକ୍ତାସଦୃଶ ଫିକା ପାଉଁଶିଆ ।

Pearliness, *n.* ମୌକ୍ତିକର ସାଦୃଶ୍ୟ ।

Pearling, (1) *n.* ରେଶମ ବା ଅନ୍ୟପ୍ରକାର ସୂତାରେ ପ୍ରସ୍ତୁତ ଜାଲିକାମ ।

Pearling, (2) *n.* ଶସ୍ୟର ବାହ୍ୟ ଆବରଣ ଛଡ଼ାଇବା [ପ୍ରକ୍ରିୟା ।

Pearl-oyster, *n.* ମୁକ୍ତା ଉତ୍ପାଦକ ଶୁକ୍ତିକା ।

Pearl-powder, *n.* ରୂପର ଲାବଣ୍ୟ ବୃଦ୍ଧିକାରୀ ଔଷଧ ।

Pearly, *a.* 1. ମୁକ୍ତାସଦୃଶ; 2. ମୋତି ପରି ଉଜ୍ଜ୍ୱଳ; 3. ମୁକ୍ତା ଉତ୍ପାଦକ; 4. ମୁକ୍ତା ଦ୍ୱାରା ଚିତ୍ରିତ; 5. ଶ୍ୱେତ; 6. ସ୍ୱଚ୍ଛ; 7. ଶୁଦ୍ଧ ସୁମିଷ୍ଟ ସ୍ୱରଯୁକ୍ତ ।

Peasant, *n.* 1. ଗ୍ରାମ୍ୟ ଲୋକ; 2. କୃଷକ, ଚଷା; 3. ବୃଳିଆ ।—*a.* 1. ଗ୍ରାମ୍ୟ ଲୋକ ସମ୍ବନ୍ଧୀୟ; 2. ଗ୍ରାମ୍ୟ; 3. ଅସଭ୍ୟ ।

Peasant-proprietor, *n.* ସ୍ୱୀୟ କ୍ଷେତ୍ରରେ କାର୍ଯ୍ୟକାରୀ [କୃଷକ ।

Peasantry, *n.* 1. କୃଷକ ଦଳ, ଚଷାକୁଳ; 2. ଗ୍ରାମ୍ୟ ଲୋକେ; 3. ଶ୍ରମଜୀବୀ ଶ୍ରେଣୀ ।

Pea-shooter, *n.* ମଟରମଞ୍ଜି ଫୁଙ୍କି ପକାଇବା ପାଇଁ ଧାତୁନିର୍ମିତ ନଳୀ ।

Peat, *n.* *pēt.* ଜଳଆ ଭୂମିରୁ କଟାହୋଇଥିବା ସଢ଼ା ପାସରେଜା ଯାହା ଶୁଖିଲେ ଇନ୍ଧନରେ ଜଳାଯାଏ ।

Peat-bog, *n.* 1. ସଢ଼ା ପାସରେଜାପୂର୍ଣ୍ଣ ଜଳଆ ଭୂମି; 2. ଯେଉଁ ସ୍ଥାନରୁ ସଢ଼ା ପାସରେଜା କଟାଯାଏ ।

Peat-reek, *n.* ସଢ଼ା ଶୁଖିଲା ପାସରେଜାର ଧୂଆଁ ।

Pebble, *n.* 1. କ୍ଷୁଦ୍ର ପଥରଗୋଡ଼ି; 2. ଚଷମାରେ କାଚସ୍ୱରୂପ ବ୍ୟବହୃତ ସ୍ୱଚ୍ଛ ବର୍ଣ୍ଣହୀନ ସ୍ଫଟିକ ପ୍ରସ୍ତର; 3. ବଡ଼ ଦାନାଯୁକ୍ତ ବାରୁଦ ।—*v.t.* ଚମଡ଼ାକୁ କୁଟାଦାର-କ ।

Pebbled, Pebbly, *a.* ପଥରଗୋଡ଼ିପୂର୍ଣ୍ଣ, କଙ୍କରମୟ ।

Pebble-powder, *n.* ଧୀରେ ଜଳିବା ବଡ଼ ଦାନାଯୁକ୍ତ ବାରୁଦ ।

Pebble-ware, *n.* କାରୁ ଉପରେ ଚିତ୍ର ନାନାବର୍ଣ୍ଣମିଶ୍ରିତ ସୁନ୍ଦର ମାଟି ପାତ୍ର ।

Pebbling, *n.* ଚମଡ଼ାକୁ କୁଟାଦାର କରିବା ପ୍ରଣାଳୀ ।

Pebrine, *n.* ପୋଟୋପୋକ ବିନାଶକ ରୋଗ ।

Pecan, *n.* ଉତ୍ତରଆମେରିକାସ୍ଥିତ ଏକପ୍ରକାର ବୃକ୍ଷ ଯାହାର କାଷ୍ଠ ବିଶେଷତଃ ଜାଳିବା ପାଇଁ ବ୍ୟବହାର କରାଯାଏ ।

Peccability, Peccancy, *n.* 1. ପାପାଧୀନତା, ଅଧାର୍ମିକତା; 2. ଅପରାଧ ।

Peccable, *a.* ପାପାଧୀନ, ପାପପ୍ରବଣ ।

Peccadillo, *n.* କ୍ଷୁଦ୍ର ପାପ, ସାମାନ୍ୟ ଦୋଷ ।

Peccant, *a.* 1. ଅଧର୍ମରତ; 2. ଅପରାଧକାରୀ; 3. ଦୋଷୀ; 4. ଅପ୍ରୀତିକର; 5. ରୋଗାକ୍ରାନ୍ତ; 6. ମନ୍ଦ ।

Peccary, *n.* ଦକ୍ଷିଣଆମେରିକାସ୍ଥ ଶୂକର ସଦୃଶ ଚତୁଷ୍ପଦ ଜନ୍ତୁ ବିଶେଷ ।

Peck, *n.* 1. ଶସ୍ୟର ଅଠସେର ଓଜନ ପରିମାଣ; 2. ଅଧିକ ପରିମାଣ ।—*v.t.* 1. ଚଞ୍ଚୁ ଦ୍ୱାରା ମାରିବା; 2. ଚଞ୍ଚୁ ଦ୍ୱାରା ଧରିବା; 3. ଖୁଣ୍ଟି ଖାଇବା; 4. କୌଣସି ସୂକ୍ଷ୍ମ ପଦାର୍ଥ ଦ୍ୱାରା ଆଘାତ-କ; 5. ବାରମ୍ବାର ଆଘାତ-କ, ଠୋକର ମାରିବା ।

Pecker, *n.* 1. ଠୋକର ମାରିବା ପକ୍ଷୀ, କାଠହଣା ପକ୍ଷୀ; 2. ଉଲ୍ଲସିତ ଭାବ ।—To keep one's pecker up, ଉଲ୍ଲସିତ ଭାବ ରଖିବା ।

Pecking, *n.* ପକ୍ଷିମାନଙ୍କୁ ଗୋଡ଼ ପକାଇବା ଖେଳ ।

Peckish, *a.* ଅଳ୍ପ ଭୋକିଲା, ଈଷତ୍ କ୍ଷୁଧିତ ।

Pecksniff, *n.* ଯେ ସଦ୍‌ଗୁଣ ଓ ଦୟାର କାର୍ଯ୍ୟ ବିଷୟ ବକ୍ତୃତା କରାଏ ମାତ୍ର ଅନ୍ତରରେ ସ୍ୱାର୍ଥପର ଓ ଖାଣ୍ଟି ଠକ ।

Peckten, *n.* 1. ଗେଣ୍ଡା ଜାତୀୟ ଏକପ୍ରକାର ପ୍ରାଣୀ; 2. ପକ୍ଷିମାନଙ୍କର ଅକ୍ଷିର ଝିଲ୍ଲି ।

Pectic, *a.* ଛେନାପରି ଘନୀଭୂତ ।

Pectinal, *a.* 1. କଙ୍କତକାନିର୍ମିତ; 2. କଙ୍କତକାସଦୃଶ; 3. କଙ୍କତକା ଦନ୍ତ ପରି ଅସ୍ଥି ବିଶେଷ ।

Pectinate, Pectinated, *a.* 1. କଙ୍କତକା ପରି ଦନ୍ତବିଶିଷ୍ଟ; 2. କଙ୍କତକା ଦନ୍ତ ସଦୃଶ ।

Pectineal, *a.* କଙ୍କତକା ସଦୃଶ ଚଢ଼ାବିଶିଷ୍ଟ ।

Pectiniform, *a.* କଙ୍କତକା ସଦୃଶ ।

Pectoral, *a.* ବକ୍ଷସମ୍ବନ୍ଧୀୟ ।—*n.* 1. ବକ୍ଷସ୍ଥିତ କବଚ; 2. ବକ୍ଷସ୍ଥଳରେ ପରିହିତ ଅଳଙ୍କାର ବିଶେଷତଃ ପ୍ରାଚୀନ ଯିହୁଦୀୟ ଯାଜକ ଦ୍ୱାରା ପରିହିତ ବୁକପଟା; 3. ପୂର୍ବକାଳୀନ ଧର୍ମାଧ୍ୟକ୍ଷମାନଙ୍କ ଦ୍ୱାରା ସେବା ସମୟରେ ପରିହିତ ସୁବର୍ଣ୍ଣର ଚତୁଷ୍କୋଣ କଣ୍ଠାଳଙ୍କାର; 4. ବକ୍ଷସ୍ଥିତ କଣ କାଷ୍ଠ; 5. ମାଛର ବକ୍ଷସ୍ଥିତ ଡେଣା; 6. ବକ୍ଷସ୍ଥଳ ପାଇଁ ଔଷଧ ।

**Peculate**, *v.t.* 1. ନିଜ ଜିମାରେ ଗଚ୍ଛିତ ସମ୍ପତ୍ତି ଅତ୍ମସାତ୍-କ; 2. ଜନସ୍ୱ ଧନ ଅପହରଣ-କ, ତହବିଲ ଭାଙ୍ଗିବା; 3. ଚୋର-କ ।

**Peculation**, *n.* ଜନସ୍ୱଧନାପହରଣ, ତହବିଲ ତୋସରପ ।

**Peculator**, *n.* ଜନସ୍ୱଧନାପହାରକ, ତହବିଲ ତୋସରପ୍‌କାରୀ ।

**Peculiar**, *a.* 1. ଅପଣାର, ନିଜର; 2. ସ୍ୱୀୟ; 3. ଉପଯୁକ୍ତ; 4. ବିଶେଷ; 5. ଅସାଧାରଣ; 6. ଅପୂର୍ବ ।

**Peculiarise**, *v.t.* ପୃଥକ୍-କ, ସ୍ୱତନ୍ତ୍ର କରି ରଖିବା ।

**Peculiarity**, *n.* 1. ବିଶେଷତ୍ୱ; 2. ବିଶେଷ ଗୁଣ; 3. ସ୍ୱାଭାବିକ ପାର୍ଥକ୍ୟ; 4. ବ୍ୟକ୍ତିଗତ ଭାବ ।

**Peculiar people**, *n.* 1. ଇହୁଦୀ ଜାତି; 2. ରୋଗାକ୍ରାନ୍ତ ହେଲେ ଔଷଧ ବ୍ୟବହାର ନ କରି ପ୍ରାଚୀନମାନଙ୍କ ଦ୍ୱାରା ତୈଳାଭିଷେକ ଓ ପ୍ରାର୍ଥନା ଓ ଶୁଶ୍ରୂଷା ଦ୍ୱାରା ଆରୋଗ୍ୟ ମିଳିବାରେ ବିଶ୍ୱାସକାରୀ ଏକ ଦଳ ।

**Peculium**, *n.* ସ୍ୱସମ୍ପତ୍ତି ବିଶେଷତଃ ପିତା ଦ୍ୱାରା ପୁତ୍ରକୁ ଦତ୍ତ ସମ୍ପତ୍ତି ।

**Pecuniarily**, *ad.* ଅର୍ଥବିଷୟରେ ।

**Pecuniary**, *a.* 1. ଅର୍ଥସମ୍ବନ୍ଧୀୟ; 2. ଆର୍ଥିକ ।

**Pedagogic, Pedagogical**, *a.* 1. ଶିକ୍ଷାଦାନ ସମ୍ବନ୍ଧୀୟ; 2. ପିଲାମାନଙ୍କର ଶିକ୍ଷାଗୁରୁ ସମ୍ବନ୍ଧୀୟ ।

**Pedagogics, Pedagogism, Pedagogy**, *n.* 1. ଶିକ୍ଷାବିଜ୍ଞାନ; 2. ଶିକ୍ଷାଦାନ; 3. ଶାସନ ।

**Pedagogue**, *n.* 1. ଅଧ୍ୟାପକ, ଶିକ୍ଷକ; 2. ପାଣ୍ଡିତ୍ୟାଭିମାନୀ ବ୍ୟକ୍ତି ।—*v.t.* ଶିକ୍ଷା-ଦେ ।

**Pedal**, *a.* ପାଦସମ୍ବନ୍ଧୀୟ ।—*n.* 1. କୌଣସି ଯନ୍ତ୍ରର ପାଦଚାଳିତ ଭାଗ; 2. ବାଦ୍ୟଯନ୍ତ୍ରର ପାଦଚାଳିତ ଭାଗ ।—*v.i.* ପାଦରେ ଚଳାଇବା ।

**Pedalian**, *a.* ପାଦସମ୍ବନ୍ଧୀୟ ।

**Pedant**, *n.* 1. ପାଣ୍ଡିତ୍ୟାଭିମାନୀ ବ୍ୟକ୍ତି: 2. ବୃଥାରେ ଅପଣା ବିଦ୍ୟା ଦେଖାଉଥିବା ଲୋକ ।

**Pedantic, Pedantical**, *a.* ଲୋକ ଦେଖାଇବା ଅଭିପ୍ରାୟରେ ପାଣ୍ଡିତ୍ୟ ପ୍ରକାଶକ ।

**Pedantically**, *ad.* ପାଣ୍ଡିତ୍ୟାଭିମାନରୂପେ ।

**Pedantocracy**, *n.* ପାଣ୍ଡିତ୍ୟାଭିମାନୀ ଦ୍ୱାରା ଶାସନ ।

**Pedantry**, *n.* 1. ପାଣ୍ଡିତ୍ୟାଭିମାନୀ ବ୍ୟକ୍ତିର ଆଚାର ବ୍ୟବହାର ବା ଚରିତ୍ର; 2. ଅହଂକାରରେ ସ୍ୱବିଦ୍ୟା ପ୍ରକାଶନ ।

**Pedate**, *a.* ପାଦଯୁକ୍ତ ବିଭକ୍ତ ।

**Peddle**, *v.i.* 1. ବିକିବା ପାଇଁ ସାମାନ୍ୟ ପଦାର୍ଥମାନ ଟୋକାଇ ବା ବୋକଚାରେ ଧରି ବୁଲିବା; 2. ତୁଚ୍ଛ ବିଷୟରେ ବ୍ୟସ୍ତ-ହେ ।—*v.t.* ଫେରି-କ ।

**Peddler, Pedlar, Pedler**, *n.* ବୁଲିକରି ବିକିବା ଲୋକ, ପଇକାରୀ, ଫେରିବାଲା, କାବୁଲିଆ ।

**Peddlery, Pedlary**, *n.* 1. ବୁଲିକରି ବିକିବା ଲୋକର ବ୍ୟବସାୟ; 2. ବୁଲିକରି ବିକିବା ଲୋକର ଜିନିଷ; 3. ପଇକାରର ମାଲ ।

**Peddling**, *a.* ତୁଚ୍ଛ, ଅନାବଶ୍ୟକ ।—*n.* ବୁଲିକରି ବିକିବା ଲୋକର ବ୍ୟବସାୟ ବା ଜିନିଷ ।

**Pederast**, *n.* ପୁଂମୈଥୁନକାରୀ ।

**Pedestal**, *n.* 1. ପୀଠ; 2. ବେଦୀ; 3. ସ୍ତମ୍ଭର ମୂଳଦେଶ ।

**Pedestrial**, *a.* 1. ପାଦର; 2. ପାଦ ସମ୍ବନ୍ଧୀୟ: 3. ପଦବ୍ରଜେ ଗମନଶୀଳ ।

**Pedestrially**, *ad.* ପଦବ୍ରଜରେ, ପାଦଗତରେ ।

**Pedestrian**, *a.* 1. ପଦବ୍ରଜେ ଗମନଶୀଳ; 2. ପାଦସାଧିତ; 3. ସାଧାରଣ ଲୋକ ସମ୍ବନ୍ଧୀୟ; 4. ଇତର ।—*n.* 1. ପଦାତିକ; 2. ଚାଲିବାରେ ନିପୁଣ ଲୋକ; 3. ଚାଲିବା ବା ଦୌଡିବାର କୌଶଳ ଅଭ୍ୟାସକାରୀ ।

**Pedestrianism**, *n.* 1 ପଦବ୍ରଜେ ଗମନ; 2. ଭ୍ରମଣ; 3. ଚାଲିବା ବା ଦୌଡିବାର କୌଶଳ ଅଭ୍ୟାସ ।

**Pediatrics**, *n.* ପିଲାମାନଙ୍କର ରୋଗସମ୍ବନ୍ଧୀୟ ଚିକିତ୍ସା ବିଜ୍ଞାନ ।

**Pedicel**, *ped'i-sel*. **Pedicle**, *n.* ବୃନ୍ତ, ପୁଷ୍ପ ବା ପତ୍ରର ଡେମ୍ଫ ।

**Pedicellate, Pediculate**, *a.* ସବୃନ୍ତ, ଡେମ୍ଫଯୁକ୍ତ ।

**Pedicle**, *n.* ପଦଶୃଙ୍ଖଳ,

**Pedicular, Pediculous**, *a.* ଉକୁଣିମୟ, କୀଟପୂର୍ଣ୍ଣ ।

**Pediculus**, *n.* ଏକପ୍ରକାର ଉକୁଣୀ ।

**Pedicure**, *n.* 1. ପାଦର ଚୁଟିଆଙ୍ଗୁଳିରେ ହୋଇଥିବା କଣ୍ଠି ବା ଉପମାଂସର ଚିକିତ୍ସା: 2. ପାଦଚିକିତ୍ସକ ।

**Pediferous**, *a.* ପାଦଯୁକ୍ତ ।

**Pediform**, *a.* ପାଦାକାର ।

**Pedigree**, *n.* 1. କୁଳ, ବଂଶ, ଗୋଷ୍ଠୀ: 2. ବଂଶାବଳୀ: 3. ଉତ୍ପତ୍ତି ।

**Pedimanous**, *a.* ହସ୍ତ ତୁଲ୍ୟ ପଶ୍ଚାତ୍‌ପଦବିଶିଷ୍ଟ ।

**Pediment**, *n.* ଗୃହ ସମ୍ମୁଖ ଭାଗର ଉପରିସ୍ଥିତ ତ୍ରିକୋଣ ବା ମଣ୍ଡଳାକାର ସୁନ୍ଦର ଗଠନକାର୍ଯ୍ୟ ।

**Pedlar** see **Peddler**.

**Pedobaptism**, *n.* ଶିଶୁଜ୍ଞାନ, ଶିଶୁ ସଂସ୍କାରକରଣ ।

**Pedobaptist**, *n.* ଶିଶୁ ସଂସ୍କାରକରଣରେ ବିଶ୍ୱାସକାରୀ ।

**Pedometer**, *n.* ପାଦଗତି ପରିମାପକ ଘଡି ପ୍ରାୟ ଯନ୍ତ୍ର ବିଶେଷ ।

**Pedomotor**, *n.* 1. ପାଦଚାଳିତ ଯନ୍ତ୍ର ବା ଯାନ; 2. ପାଦର ଚାଳକ ଶକ୍ତି ପ୍ରୟୋଗ କରିବା ଉପାୟ ।

**Pedotrophy**, *n.* ଶିଶୁପାଳନ ।

**Pedum**, *n.* ମେଷପାଳକର ଯଷ୍ଟି ।

**Peduncle**, *n.* ବୃନ୍ତ, ଡେମ୍ଫ ।

**Peek**, *v.i.* ଚାହିଁବା । [ଖେଳ ।

**Peekaboo**, *n.* ପିଲାମାନଙ୍କର ଏକପ୍ରକାର ଲୁଚକାଳି

**Peel**, (1) *pēl*, *v.t.* 1. ଚୋପା ଛଡାଇବା; 2. ଚର୍ମ ବା ବକଳ ବାହାର-କ; 3. ଅନାବୃତ-କ ।—*v.i.* 1. ଚର୍ମ ଫାଟି ବାହାରି ଆସିବା; 2. ଚର୍ମରୁ ଚୋପା ଛାଡିବା; 3. (Slang) ଲୁଗା କାଢିବା ।—*n.* 1. ଚର୍ମ, ତ୍ୱକ୍; 2. ଚୋପା; 3. ବକଳ; 4. ଯେଉଁ କାଠ ଖଣ୍ଡରେ ଛପା

ପର୍ଦ୍ଦମାନ ଖୋଲା ହେବାକୁ ଥାଏ ତାହା ଜନଙ୍କୁ ଜାଣି ବନ୍ଦ କେବା ପାଇଁ ବ୍ୟବହୃତ କ୍ଷୁଦ୍ର ଅଙ୍ଗୁଳିବିଶିଷ୍ଟ ଦଣ୍ଡ; 5. ଯେଉଁମାନେ ଲେଖି ନ ଜାଣନ୍ତି ସେମାନଙ୍କର ସଙ୍କେତ ଯଥା 'O' ।

Peel, (2) *n.* ସୀମାବର୍ତ୍ତୀ ଦୁର୍ଗ ।

Peel, (3) *n.* 1. ରୋଟୀବାଲାର ଚଟୁ; 2. ନଅଁ କାଢ଼ିବା କରଛୁଲ ।

Peel, (4) *v.t.* ଲୁଣ୍ଠନ-କ, ଲୁଟ୍‌ପାଟ୍-କ ।

Peeled, *a.* 1. ଚର୍ମ୍ମବର୍ଜିତ; 2. ବକଲଛଡ଼ା; 3. ଲୁଣ୍ଠିତ ।

Peeler, (1) *n.* 1. ଚର୍ମ୍ମ ବା ବକଲ ଛଡ଼ାଇବା ଲୋକ; 2. ଲୁଟିଅଳ ।

Peeler, (2) *n.* ପୋଲିସ୍ ଲୋକ ।

Peeling, *n.* 1. ଛାଲ ବା ବକଲ ଛଡ଼ାଇବା କାର୍ଯ୍ୟ; 2. ଛଡ଼ାଯାଇଥିବା ଛାଲ ବା ବକଲ ।

Peen, *n.* ହାତୁଡ଼ିମୁଣ୍ଡର ଅଗ୍ରଭାଗ ।—*v.t.* ହାତୁଡ଼ିମୁଣ୍ଡର ଅଗ୍ରଭାଗ ଦ୍ୱାରା ପିଟିବା ।

Peep, (1) *v.i.* କୁକୁଡ଼ାଛୁଆ ପରି ଶବ୍ଦ-କ ।—*n.* କୁକୁଡ଼ାଛୁଆର ଶବ୍ଦ ।

Peep, (2) *v.i.* 1. କଣା ବାଟେ ଦେଖିବା; 2. ଝାଙ୍କି ଦେଖିବା, ଲୁଚିକରି ଦେଖିବା; 3. ଚତୁରଭାବେ ଦେଖିବା; 4. ଦିଶିବାକୁ ଆରମ୍ଭ-ହେ ।—*n.* 1. ଚତୁର ଦୃଷ୍ଟି; 2. ଦିଶିବାର ଆରମ୍ଭ; 3. କ୍ଷଣଦୃଷ୍ଟି; 4. ସଂକୀର୍ଣ୍ଣ ଦୃଷ୍ଟି ।

Peeper, *n.* 1. ଝାଙ୍କିବା ଲୋକ; 2. ଉଙ୍କି ମାରିବା ଲୋକ; 3. ସଦ୍ୟଜାତ କୁକୁଡ଼ାଛୁଆ; 4. (Slang) ଆଖି ।

Peep-hole, *n.* ଯେଉଁ ଛିଦ୍ର ଦେଇ ଲୋକ ଆପେ ଗୁପ୍ତ ରହି ଦେଖି ପାରେ, ସେପରି ଛିଦ୍ର ।

Peeping Tom, *n.* ଝାଙ୍କିବା ଲୋକ ବିଶେଷତଃ ଯେ ଖିଡ଼କି ବାଟେ ଉଙ୍କି ମାରେ ।

Peep-o'-day, *n.* ଅରୁଣୋଦୟ, ପ୍ରତ୍ୟୁଷ ।

Peep-show, *n.* କ୍ଷୁଦ୍ର ଛିଦ୍ର ଦେଇ ଦେଖାଯାଉଥିବା ତମାସାଗୁଡ଼ିକ ।

Peep-sight, *n.* ଲକ୍ଷ୍ୟ କରିବା ନିମନ୍ତେ ବନ୍ଧୁକର ଟୋଟା ବସିବା ସ୍ଥାନରେ ଥିବା କ୍ଷୁଦ୍ର ଛିଦ୍ରଯୁକ୍ତ ଲୁହାଖଣ୍ଡ ।

Peer, (1) *n.* 1. ପଦ ଗୁଣ ଚରିତ୍ରରେ ସମାନସ୍କନ୍ଧ ବ୍ୟକ୍ତି; 2. ସଙ୍ଗୀ; 3. 'ପୀଅର୍' ପଦଧାରୀ କୁଳୀନ ବ୍ୟକ୍ତି; 4. ଇଂରେଜ କୁଳୀନ ମହାସଭାର ସଭ୍ୟ ।—Spiritual peer, ଯେଉଁ ଧର୍ମ୍ମବେତ୍ତା କୁଳୀନ ମହାସଭାରେ ସଭ୍ୟ ଅଟନ୍ତି । Temporal peer, ଧର୍ମ୍ମବେତ୍ତା ଛଡ଼ା କୁଳୀନ ମହାସଭାର ସଭ୍ୟ ।

Peer, (2) *v.i.* 1. ନିରେଖି ଦେଖିବା; 2. ଉଙ୍କି ମାରିବା; 3. ଉଦୟ ବା ଦୃଶ୍ୟ-ହେ ।

Peerage, *n.* 1. 'ପୀଅର୍' ର ପଦ; 2. ସମୁଦାୟ କୁଳୀନବର୍ଗ; 3. ଉକ୍ତ କୁଳୀନ ବ୍ୟକ୍ତିଙ୍କର ଇତିହାସ ଓ କୁଟୁମ୍ବ ବିଷୟ ଲିଖିତ ଥିବା ପୁସ୍ତକ ।

Peeress, *n.* ଇଂରେଜ କୁଳୀନା ସ୍ତ୍ରୀ, 'ପୀଅର୍' ର ପତ୍ନୀ ।

Peerie, Peery, *a.* 1. ଦଉଡ଼ି ଦ୍ୱାରା ଘୂର୍ଣ୍ଣିତ ଲଟୁ ।

Peerless, *a.* ଅତୁଲ୍ୟ, ଅନୁପମ, ସର୍ବଶ୍ରେଷ୍ଠ ।

Peerlessly, *ad.* ଅତୁଲ୍ୟରୂପେ, ଅନୁପମଭାବେ ।

Peerlessness, *n.* ସର୍ବଶ୍ରେଷ୍ଠତା, ଅତୁଲ୍ୟତା, ଅନୁପମତା ।

Peevish, *a.* 1. ସ୍ୱାଭାବିକ ଚିଡ଼ଚିଡ଼ିଆ; 2. କ୍ଷଣକ୍ରୋଧୀ; 3. ଉଗ୍ର ସ୍ୱଭାବ; 4. ଅସନ୍ତୋଷୀ; 5. ବାଳକ ପରି ।

Peevishness, *n.* ଚିଡ଼ଚିଡ଼ିଆ ଭାବ; କ୍ଷଣକ୍ରୋଧତା; 3. ଉଗ୍ରତା ।

Peewit, same as Pewit.

Peg, *n.* 1. ଖିଲା, ଗୋଜ, ମେଖ, ଖିଲ, ଖୁଣ୍ଟି; 2. ତାରଯୁକ୍ତ ବାଦ୍ୟର ଖୁଣ୍ଟି; 3. କାର୍ଯ୍ୟ କରିବାର କାରଣ ବା ବାହାନା; 4. ସୋଡ଼ାପାଣିମିଶା ମଦର ପାନ; 5. ପରିମାଣ ବା କ୍ରମ ।—*v.t.* 1. ଖୁଣ୍ଟରେ ବାନ୍ଧିବା; 2. ଏକ ଭାବରେ କିଣାବିକା ଦ୍ୱାରା ବଜାର ଦର ବଜାୟ ରଖିବା; 3. ଏକପ୍ରକାର ତାସ ଖେଳରେ କେତେକ ଜୟଚିହ୍ନ ଲାଭ-କ ।—*v.i.* ଅବିରତ ଉଦ୍ୟୋଗସହ କାର୍ଯ୍ୟ-କ ।—To peg away, ଅବିରତ ପରିଶ୍ରମ କରୁଥିବା । To take down a peg, ଦର୍ପ ଭାଙ୍ଗି-ଦେ ।

Pegasus, *n.* 1. କାଳ୍ପନିକ ପକ୍ଷଯୁକ୍ତ ପେଗାସସ୍ ନାମକ ଏକ ଅଶ୍ୱ; 2. ବଡ଼ପକ୍ଷଯୁକ୍ତ ଏକପ୍ରକାର ମାଛ; 3. ଉତ୍ତର ଆକାଶସ୍ଥିତ ଏକ ନକ୍ଷତ୍ରପୁଞ୍ଜ ।

Pegged, *a.* ଖିଲଯୁକ୍ତ ।

Pegging, *n.* 1. ଖିଲା ଦ୍ୱାରା ଆବଦ୍ଧକରଣ; 2. ଖିଲାସମୂହ; 3. ଖୁବ୍ ମାଡ଼, ବେଶି ପ୍ରହାର; 4. କାର୍ଯ୍ୟରେ ଦୃଢ଼ ଅଧ୍ୟବସାୟ ।

Peggy, *n.* ଶୁଭ୍ର କଣ୍ଠଯୁକ୍ତ ଏକ ପକ୍ଷୀ ।

Peg-leg, *n.* 1. ସାମାନ୍ୟ ଧରଣର କାଷ୍ଠ-ପାଦ; 2. କାଷ୍ଠ-ପାଦରେ ଚାଲୁଥିବା ଲୋକ ।

Pegmatite, *n.* ସ୍ଫଟିକାକୃତ ଦାନା ମୋଟ ପଥର ।

Peg-top, *n.* 1. ଲଟୁ; 2. (*pl.*) ଉପରକୁ ଢିଲା ତଳକୁ ଚଳାପଣ୍ଡି ନିକଟରେ ସଂକୀର୍ଣ୍ଣ ଏକପ୍ରକାର ପାଜାମା ।—*a.* ଲଟୁ ଆକାରଯୁକ୍ତ ।

Peirastic, *a.* ପରୀକ୍ଷାମୂଳକ, ପରୀକ୍ଷାସ୍ୱରୂପ ।

Pejoration, *n.* ଅପକୃଷ୍ଟ ହେବାର ପ୍ରକ୍ରିୟା ।

Pekoe, *n.* ବାସନାଯୁକ୍ତ ଏକପ୍ରକାର କଳା ଚା ପତ୍ର ।

Pelagian, *n.* *pe-lā-ji-an*, ମୌଳିକ ପାପ ସମ୍ବନ୍ଧେ ନାସ୍ତିକବାଦୀ ପେଲେଜିୟସ୍‌ର ମତାବଲମ୍ବୀ ।

Pelf, *n.* 1. ଟଙ୍କାପଇସା, ଧନ ।

Pelican, *n.* 1. ଥଳୀଯୁକ୍ତ ବଡ଼ ଜଳପକ୍ଷୀ ବିଶେଷ; 2. ଚୁଆଇବା ଯନ୍ତ୍ର ବିଶେଷ; 3. ଦନ୍ତବୈଦ୍ୟର ବ୍ୟବହୃତ ଏକ ଅସ୍ତ୍ର ।

Pelisse, *n.* *pe-lēs*, 1. ସ୍ତ୍ରୀଲୋକଙ୍କର ଅସ୍ତିନ୍‌ଯୁକ୍ତ ରେଶମ ବା ଅନ୍ୟ କୌଣସି ବସ୍ତ୍ରନିର୍ମିତ ପୋଷାକ; 2. ଲୋମ ଦ୍ୱାରା ଅସ୍ତର କରାଯାଇଥିବା ପୋଷାକ ବିଶେଷ; 3. ଅଶ୍ୱାରୋହୀ ସୈନ୍ୟର ଲୋମଶ ଅସ୍ତରଯୁକ୍ତ ଫତେଇ ।

Pellagra, *n.* ଇଟାଲୀର ଉତ୍ତରାଂଶରେ ହେଉଥିବା ଏକପ୍ରକାର ଘୃଣାଜନକ ଚର୍ମ୍ମରୋଗ ।

Pellet, *n.* 1. କପା ବା ମହମ ପରି ପଦାର୍ଥର ଏକ କ୍ଷୁଦ୍ର ଗୋଲକ; 2. ଏକ କ୍ଷୁଦ୍ର ଗୋଲାକାର ସମୁନ୍ନତ ଅଂଶ; 3. ଏକ ସାନ ବଟି; 4. ଛର୍‌ରା ଗୁଳି ।

**Pellicle**, *n.* 1. ସୂକ୍ଷ୍ମ ଚର୍ମ; 2. ପାତଲ ପର୍ଦ୍ଦା; 3. ମଦ ଉପରେ ପଡ଼ୁଥିବା ସର ।

**Pellitory**, *n.* ପୁରାତନ କାନ୍ଥ ବା ଗଡ଼ଗଡ଼ାରେ ଉଠିଥିବା ଏକପ୍ରକାର ଉଦ୍ଭିଦ ।

**Pell-mell**, *ad.* ଗୋଳମାଳଭାବେ, ବିଶୃଙ୍ଖଳରୂପେ ।

**Pellucid**, *a.* 1. ନିର୍ମଳ; 2. ସୂକ୍ଷ୍ମ; 3. ସ୍ୱଚ୍ଛ ।

**Pellucidness**, *n.* 1. ନିର୍ମଳତା; 2. ସ୍ୱଚ୍ଛତା ।

**Pellucidly**, *ad.* 1. ନିର୍ମଳରୂପେ; 2. ସ୍ୱଚ୍ଛରୂପେ ।

**Pelma**, *n.* ପାଦର ତଳଦେଶ, ତଳିପା ।

**Pelmatogram**, *n.* ପାଦଚିହ୍ନ ।

**Pelt**, (1) *n.* 1. କଞ୍ଚା ଚମ; 2. ବାଜପକ୍ଷୀ ଦ୍ୱାରା ବଧାଶିକାର ।

**Pelt**, (2) *v.t.* 1. ଫୋପାଡ଼ି ମାରିବା; 2. ନିକ୍ଷେପ-କ ।—*v.i.* ବର୍ଷାପରି ବର୍ଷିବା ।—*n.* ଫୋପଡ଼ା ପଦାର୍ଥର ମାଡ଼ ।

**Pelta**, *n.* ଏକ ହାଲୁକା କ୍ଷୁଦ୍ର ଢାଲ ।

**Pelter**, *n.* 1. ଯେ ବା ଯାହା ନିକ୍ଷେପ କରେ; 2. ଶିଳାବୃଷ୍ଟି; 3. ପ୍ରଚଣ୍ଡ କ୍ରୋଧ ।

**Pelting**, *n.* ଗୁଳି ଦ୍ୱାରା ମାରପିଟ୍ ।

**Peltry**, *n.* ଜନ୍ତୁର ଲୋମଯୁକ୍ତ ଚମଡ଼ା ।

**Pelvic**, *a.* ପୃଷ୍ଠାସ୍ଥି ଶେଷରେ ଥିବା ଗହ୍ୱର ସମ୍ବନ୍ଧୀୟ ।

**Pelviform**, *a.* ପୃଷ୍ଠାସ୍ଥି ଶେଷରେ ଥିବା ଗହ୍ୱରର ଆକାରଯୁକ୍ତ ।

**Pelvis**, *n.* ପୃଷ୍ଠାସ୍ଥି ଶେଷରେ ଥିବା ଗହ୍ୱର ।

**Pen**, (1) *v.t.* 1. ବନ୍ଦ-କ; 2. ଖୁଆଡ଼ରେ ରଖିବା ।—*n.* 1. ସଙ୍କୀର୍ଣ୍ଣ ଘେରା ଜାଗା; 2. ଖୁଆଡ଼; 3. କୁକୁଡ଼ା ରଖିବା ଟୋପା ।

**Pen**, (2) *n.* ଲେଖନୀ, କଲମ;—*v.t.* 1. ଲେଖିବା; 2. ଲିପିବଦ୍ଧ-କ ।

**Penal**, *a.* 1. ଦଣ୍ଡସମ୍ବନ୍ଧୀୟ; 2. ଦଣ୍ଡାର୍ହ; 3. ଦଣ୍ଡ ବିଧାୟକ; 4. ଦଣ୍ଡସ୍ୱରୂପ ବ୍ୟବହୃତ ।

**Penalise**, *v.t.* ଦଣ୍ଡାଧୀନ-କ ।

**Penal-servitude**, *n.* ଦ୍ୱୀପାନ୍ତର ପରିବର୍ତ୍ତେ ୧୮୫୩ ସାଲରୁ ଇଂଲଣ୍ଡରେ ପ୍ରଚଳିତ କଠିନ ପରିଶ୍ରମସହ କାରାଦଣ୍ଡ ।

**Penalty**, *n.* 1. ଦଣ୍ଡ; 2. ଅପରାଧ ବା ଅଙ୍ଗୀକାରଭଙ୍ଗ ହେତୁ ଶାରୀରିକ ବା ଆର୍ଥିକ ଦଣ୍ଡଭୋଗ; 3. କୌଣସି କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟରେ ସମ୍ପୂର୍ଣ୍ଣ ନ କଲେ ଅଙ୍ଗୀକୃତ ଆର୍ଥିକ ଦଣ୍ଡ; 4. ଅର୍ଥଦଣ୍ଡ, ଜରିମାନା ।

**Penance**, *n.* 1. ଅନୁତାପ; 2. ତପସ୍ୟା, ପାପ ପାଇଁ ଦୁଃଖ ପ୍ରକାଶାର୍ଥେ ବା ପାପର ପ୍ରତୀକାର ନିମନ୍ତେ କୃତ କର୍ମକାଣ୍ଡ; 3. ଆପଣାକୁ ଦଣ୍ଡ ଦେବା ନିମନ୍ତେ କୌଣସି ସତ୍ତ୍ୱ ।—*v.t.* 1. ପ୍ରାୟଶ୍ଚିତ୍ତ ଧାର୍ଯ୍ୟ-କ; 2. ଦଣ୍ଡ ବିଧାନ-କ ।

**Pen-and-ink**, *a.* 1. କାଳି କଲମରେ ଚିତ୍ରାଙ୍କିତ; 2. ଲିଖିତ; 3. ଶାସ୍ତ୍ରୀୟ ।

**Pen-case**, *n.* କଲମର ଖୋଳ ।

**Pence**, *n. pl.* see Penny.

**Penchant**, *n.* 1. ପ୍ରବୃତ୍ତି; 2. ଆସକ୍ତି; 3. ପ୍ରବଣତା ।

**Pencil**, *n.* 1. ସୀସାର ଲେଖନୀ; 2. ଲୋମର ତୂଳୀ; 3. ଏକାଗ୍ରମୁଖୀ ଆଲୋକର କିରଣସମୂହ; 4. ଚିତ୍ରାଙ୍କନ-ରୀତି ।—*v.t.* 1. ପେନସିଲ୍ ଦ୍ୱାରା ଲେଖିବା ବା ଚିତ୍ର-କ; 2. ଚିତ୍ର-କ, ଅଙ୍କନ-କ ।

**Pencil-case**, *n.* ପେନସିଲ୍ ଖୋଳ ।

**Pencilled**, *a.* 1. ପେନସିଲ୍ ଦ୍ୱାରା ଲିଖିତ ବା ଅଙ୍କିତ; 2. ରଶ୍ମିତ, କିରଣୋଜ୍ଜ୍ୱଳ; 3. (Bot.) ପେନସିଲ୍ ଦ୍ୱାରା ଅଙ୍କିତ ହେଲାପରି ସୂକ୍ଷ୍ମ ରେଖା ଦ୍ୱାରା ଅଙ୍କିତ ।

**Pencilling**, *n.* 1. ପେନସିଲ୍ ଦ୍ୱାରା ଲିଖନ ବା ଅଙ୍କନ ରୀତି; 2. ପେନସିଲ୍ ଦ୍ୱାରା କୃତ ଅଙ୍କନ; 3. ପୁଷ୍ପ ବା ପକ୍ଷୀର ପକ୍ଷ ଉପରେ ଥିବା ସୂକ୍ଷ୍ମ ରେଖା; 4. ଏକ ଚିତ୍ର ।

**Pencil-sketch**, *n.* ପେନସିଲ୍ ଦ୍ୱାରା କୃତ ନକ୍ସା ବା ଚିତ୍ର ।

**Pen-craft**, *n.* 1. ଲିଖନ କୌଶଳରେ ଦକ୍ଷତା; 2. ରଚନା କୌଶଳ ।

**Pend**, *v.i.* ପଡ଼ିରହିବା ।

**Pendant**, *n.* ଲମ୍ବମାନ ଅଳଙ୍କାର; 2. କର୍ଣ୍ଣାଭରଣ; 3. ଛାତରୁ ଲମ୍ବମାନ ପ୍ରଦୀପ; 4. ଛାତରୁ ତଳ ଆଡ଼କୁ ଲମ୍ବିଥିବା କାଠ ବା ପଥରର କାରୁକାର୍ଯ୍ୟ; 5. ରାଜକୀୟ ଜାହାଜର ପ୍ରଧାନ ମାସ୍ତୁଲର ଅଗ୍ରଭାଗରେ ଉଡ଼ୁଥିବା ଏକ ଲମ୍ବ ଓ ସଙ୍କୀର୍ଣ୍ଣ ପତାକା ।

**Pendent**, *a.* 1. ଲମ୍ବମାନ, ଅବଲମ୍ବିତ; 2. (Bot.) ଉପରରୁ ଦୋଳାୟମାନ ।

**Pendicle**, *n.* 1. ଅନୁବନ୍ଧ; 2. ଅନ୍ୟର ସହିତ ବଦ୍ଧ ପଦାର୍ଥ; 3. କୃଷି ନିମନ୍ତେ କ୍ଷୁଦ୍ର ଭୂମିଖଣ୍ଡ ।

**Pending**, *a.* 1. ଲମ୍ବମାନ; 2. ଅନିଷ୍ପନ୍ନ, ବିଚାରାଧୀନ ।

**Pen-driver**, *n.* ଜଣେ କିରାଣି ।

**Pendular**, *a.* ଦୋଳନସମ୍ବନ୍ଧୀୟ ।

**Pendulate**, *v.i.* ଆନ୍ଦୋଳିତ-ହ, ଦୋଳାୟମାନ-ହ ।

**Pendulous**, *a.* ଶିଥିଳଭାବେ ଲମ୍ବମାନ, ବାୟା ଚଢ଼େଇର ବସାପରି ସ୍ୱାଧୀନଭାବେ ଦୋଳାୟମାନ ।

**Pendulously**, *ad.* ଦୋଳାୟମାନରୂପେ ।

**Pendulum**, *n.* 1. ସ୍ୱାଧୀନଭାବେ ଦୋହଲିବା ପାଇଁ ଲଟକା ହୋଇଥିବା କୌଣସି ଓଜନ ପଦାର୍ଥ; 2. ଘଣ୍ଟାର ଗତି-ନିୟାମକ ଦୋହଲୁଥିବା ଓଜନ ପଦାର୍ଥ; 3. ଛାତରୁ ଲମ୍ବମାନ ପ୍ରଦୀପ ।

**Penetrability**, **Penetrableness**, *n.* ବେଧ୍ୟତ୍ୱ, ଭେଦ୍ୟତା ।

**Penetrable**, *a.* 1. ବେଧ୍ୟ, ଭେଦ୍ୟ; 2. ଧାରଣାକ୍ଷମ; 3. ବୋଧଗମ୍ୟ, ଉପଲବ୍ଧିଯୋଗ୍ୟ ।

**Penetrate**, *v.t.* 1. ଅଭ୍ୟନ୍ତରରେ ପ୍ରବେଶ-କ; 2. ବିଦ୍ଧ-କ; 3. ମନରେ ଉପଲବ୍ଧି-କ; 4. ଅନ୍ତର୍ଗତ-କ; 5. ବୋଧଗମ୍ୟ-କ, କଥା ବାହାର-କ ।—*v.i.* 1. ବାଟ-କ; 2. ଭିତରେ ପ୍ରବେଶ-ହ ।

**Penetrating**, *a.* 1. ବିଦ୍ଧକାରୀ; 2. ତୀକ୍ଷ୍ଣ; 3. ଚତୁର, ସୂକ୍ଷ୍ମ ଅନୁଭବ ଶକ୍ତିବିଶିଷ୍ଟ ।

**Penetration**, *n.* 1. ପ୍ରବେଶ; 2. ସୂକ୍ଷ୍ମବୁଦ୍ଧି; 3. ବିଚକ୍ଷଣତା; 4. ଦୂରବୀକ୍ଷଣ ବା ଅଣୁବୀକ୍ଷଣର ସୂକ୍ଷ୍ମଦର୍ଶନ ଗୁଣ; 5. ଦୂରରୁ ଦେଖିବା ଶକ୍ତି ।

Penetrative, *a.* 1. ତୀକ୍ଷ୍ଣ, ପ୍ରଖର; 2. ମନଃଅଘାତକାରୀ। [ପାରେ।
Penful, *n.* ଥରେ କଲମ ବୁଡାଇ ଯେତେ ଲେଖାଯାଇ
Penguin, *n.* ଦକ୍ଷିଣ ଦେଶମାନଙ୍କରେ ଥିବା ଉଡିବାକୁ ଅକ୍ଷମ ମାତ୍ର ପୋଉଁମାରିବାରେ ବଡ ପଟୁ ଏପରି ଏକ ଜଳଚର ପକ୍ଷୀ।
Peninsula, *n.* ପ୍ରାୟ-ଦ୍ୱୀପ, ଉପଦ୍ୱୀପ।
Peninsular, *a.* 1. ଉପଦ୍ୱୀପସମ୍ବନ୍ଧୀୟ; 2. ଉପଦ୍ୱୀପ ଆକାରଯୁକ୍ତ; 3. ଉପଦ୍ୱୀପବାସୀ।
Peninsulate, *v t.* 1. ଉପଦ୍ୱୀପରେ ପରିଣତ-କ; 2. ଜଳ ଦ୍ୱାରା ପ୍ରାୟ ବେଷ୍ଟନ-କ।
Penis, *n.* ପୁରୁଷାଙ୍ଗ।
Penitence, *n.* 1. ଖେଦଯୁକ୍ତ ଅବସ୍ଥା; 2. ପାପ ପାଇଁ ଅନୁତାପ ବା ଅନୁଶୋଚନା।
Penitent, *a.* ପାପ ନିମିତ୍ତ ଅନୁତାପକାରୀ, ଅନୁତପ୍ତ, ଖେଦଯୁକ୍ତ।—*n.* ଅନୁତାପୀ, ପାପ ସ୍ୱୀକାର କରି ତନ୍ନିମିତ୍ତ ଖେଦ କରୁଥିବା ବ୍ୟକ୍ତି।
Penitential, *a.* ଅନୁତାପସୂଚକ, ଅନୁତାପପ୍ରକାଶକ।—*n.* ପ୍ରାୟଶ୍ଚିତ୍ତ କଳ୍ପଗ୍ରନ୍ଥ।
Penitentiary, *a.* ପ୍ରାୟଶ୍ଚିତ୍ତସଂକ୍ରାନ୍ତ, ଅନୁତାପସମ୍ବନ୍ଧୀୟ।—*n.* 1. ଅନୁତାପୀ; 2. ପ୍ରାୟଶ୍ଚିତ୍ତ ଧାର୍ଯ୍ୟ କରିବାକୁ ସାହାଯ୍ୟକାରୀ ପୁସ୍ତକ; 3. ଅପରାଧୀମାନଙ୍କର ଦଣ୍ଡବିଧାନାଗାର।
Penitently, *ad.* ଅନୁତପ୍ତଭାବେ, ଖେଦଯୁକ୍ତଭାବେ।
Penknife, *n.* ପର କଲମ କାଟିବାର ସାନ ଛୁରି, କଲମକାତି। [ଗ୍ରନ୍ଥକର୍ତ୍ତା।
Penman, 1. ଲେଖନୀ ଚାଳନାରେ ପଟୁବ୍ୟକ୍ତି; 2.
Penmanship, *n.* ଲେଖନୀ ଚାଳନା; ଲେଖିବାର କୌଶଳ, ଲିପି-ପଦ୍ଧତି।
Pen-name, *r.* ପ୍ରକୃତ ନାମଛଡା ଅନ୍ୟ ଯେଉଁ ନାମରେ ଗ୍ରନ୍ଥକର୍ତ୍ତା ସାଧାରଣଙ୍କ ନିକଟରେ ପରିଚିତ ହୁଅନ୍ତି ସେହି ନାମ।
Pennant, *n.* 1. ପ୍ରସ୍ଥାନୁପାତରେ ଅତ୍ୟଧିକ ଦୀର୍ଘ ଏକ ପତାକା; 2. ବାୟୁରେ ଉଡୁଥିବା ଲମ୍ବ ପତାକା; 3. ଯୁଦ୍ଧଜାହାଜର ମାସ୍ତୁଲ ଅଗରେ ଥିବା ଲମ୍ବ ସଙ୍କୀର୍ଣ୍ଣ ପଟ୍ଟବସ୍ତ୍ର।
Pennate, Pennated, *a.* ପକ୍ଷବିଶିଷ୍ଟ।
Penniform, *a.* ପକ୍ଷାକୃତିଯୁକ୍ତ।
Penniless, *a.* ନିତାନ୍ତ ଦରିଦ୍ର। [3. ଡେଣା।
Pennon, *n.* 1. ପତାକା; 2. ଏକ ଲମ୍ବ ସଂକୀର୍ଣ୍ଣ ଧ୍ୱଜା;
Penny, *n.* 1. ଚାରି ପଇସା ମୂଲ୍ୟର ଇଂଲଣ୍ଡୀୟ ତାମ୍ର ମୁଦ୍ରା ବିଶେଷ, ଶିଲିଙ୍ଗର ଦ୍ୱାଦଶାଂଶ; 2. ଅଳ୍ପ ଟଙ୍କା; 3. ଟଙ୍କାପଇସା।—A pretty penny, ବହୁତ ଟଙ୍କା।—To turn an honest penny, ନ୍ୟାୟରେ ଧନ ଅର୍ଜିବା।
Penny-a-liner, *n.* 1. ଧାଡିସଂଖ୍ୟା ଦରରେ ଖବରକାଗଜ ନିମନ୍ତେ ପ୍ରବନ୍ଧ ଲେଖିବା ଲୋକ; 2. ବେତନଭୋଗୀ ଲେଖକ।
Penny-royal, *n.* ଝାଳ ବାହାର କରିବା ପାଇ ଘରେଇ ଔଷଧରେ ବ୍ୟବହୃତ ଏକପ୍ରକାର ପୋଦିନା।
Penny-wise, *a.* ପଣକାହାଣିଆ।—Penny-wise and pound foolish, ବଡ ବିଷୟରେ ଅତି ବ୍ୟୟୀ ମାତ୍ର ଅଳ୍ପ ବିଷୟରେ ବ୍ୟୟକୁଣ୍ଠ।
Penologist, *n.* ଦୋଷାନୁରୂପ ଦଣ୍ଡବିଧାନବେତ୍ତା।
Penology, *n.* 1. ଦୋଷାନୁରୂପ ଦଣ୍ଡବିଧାନ ବିଦ୍ୟା; 2. କାରାଗାର ପରିଚାଳନା।
Pensile, *a.* 1. ଲମ୍ବମାନ; 2. ଦୋଦୁଲ୍ୟମାନ।
Pension, (1) *n.* 1. ଅତୀତରେ ସାଧିତ କାର୍ଯ୍ୟ ନିମନ୍ତେ ବୃତ୍ତି; 2. ବୟସ ବା ଦୁର୍ବଳତା ହେତୁରୁ କାର୍ଯ୍ୟରୁ ଅବସର ଗ୍ରହଣ କରିଥିବା ବ୍ୟକ୍ତିଙ୍କୁ ଦତ୍ତ ବୃତ୍ତି; 3. ଦଶମାଂଶ ପରିବର୍ତ୍ତେ ଧର୍ମୋପଦେଶକଙ୍କୁ ଦତ୍ତ ଧନ।—*v.t.* ବୃତ୍ତି-ଦେ, ବୃତ୍ତିଧାରୀ-କ।
Pension, (2) *n.* *pong-song* Fr. ଇଉରୋପ ମହାଦେଶରେ ଯେଉଁ ଘରେ ବା ସ୍ଥଳରେ ମୂଲ୍ୟ ଦେବା ଦ୍ୱାରା ଭୋଜନପାନ ଓ ବାସ ମିଳେ। [ଯୋଗ୍ୟ।
Pensionable, *a.* 1. ବୃତ୍ତି ପାଇବା ଯୋଗ୍ୟ; 2. ବୃତ୍ତି
Pensionary, *a.* 1. ବୃତ୍ତିଭୋଗୀ; 2. ବୃତ୍ତିଘଟିତ।—*n.* ବୃତ୍ତିଭୋଗୀ ଲୋକ।
Pensioner, *n.* 1. ବୃତ୍ତିଧାରୀ ଲୋକ; 2. ପରାଧୀନ ଲୋକ, ଅନୁଜୀବୀ; 3. କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ଯେଉଁ ବିଦ୍ୟାର୍ଥୀ ନିଜ ବ୍ୟୟରେ ଶିକ୍ଷାଲାଭ କରନ୍ତି।
Pensive, *a.* 1. ଚିନ୍ତାଶୀଳ; 2. ଧ୍ୟାନମଗ୍ନ; 3. ଦୁଃଖସହ ଚିନ୍ତା ପ୍ରକାଶକ।
Pensively, *ad.* ଚିନ୍ତିତଭାବେ।
Pensiveness, *n.* 1. ଚିନ୍ତିତ ଅବସ୍ଥା; 2. ଚିନ୍ତାଶୀଳତା; 3. ବିଷଣ୍ଣତା, ଗ୍ଳାନି।
Pentachord, *n.* 1. ପଞ୍ଚତାରଯୁକ୍ତ ବାଦ୍ୟଯନ୍ତ୍ର; 2. ପାଞ୍ଚ ଭାଗରେ ବିଭକ୍ତ ସ୍ୱରକ୍ରମ।
Pentacle, *n.* 1. ଦୁଇ ସମବାହୁ ତ୍ରିଭୁଜ ପରସ୍ପର ଛେଦନ ଦ୍ୱାରା ଗଠିତ କ୍ଷେତ୍ର ଯାହା ଷଟ୍କୋଣଯୁକ୍ତ ତାରାର ଆକାର ସହିତ ସମାନ ଅଟେ; 2. ଭୂତଠାରୁ ରକ୍ଷା ନିମନ୍ତେ ଲିଖିତ ପଞ୍ଚକୋଣଯୁକ୍ତ ଯନ୍ତ୍ର।
Pentad, *n.* 1. ପାଞ୍ଚ ସଂଖ୍ୟା; 2. ପଞ୍ଚ ପଦାର୍ଥର ସମାହାର; 3. ପାଞ୍ଚ ଦିନର ହାରାହାରି ତାପମାନ।
Pentaglot, *a.* ପାଞ୍ଚ ଭାଷାରେ ଲିଖିତ।—*n.* ପାଞ୍ଚ ଭାଷାରେ ଲିଖିତ ପୁସ୍ତକ।
Pentagon, *n.* (Geom.) 1. ପାଞ୍ଚ କୋଣ ଓ ପାଞ୍ଚ ବାହୁଯୁକ୍ତ ସାମତଳିକ କ୍ଷେତ୍ର; 2. ପାଞ୍ଚ ବୁରୁଜ ଥିବା ଦୁର୍ଗ।
Pentagonal, *a.* ପାଞ୍ଚକୋଣିଆ, ପାଞ୍ଚ ବାହୁ ଓ ପାଞ୍ଚ କୋଣବିଶିଷ୍ଟ।
Pentagonally, *ad.* ପାଞ୍ଚକୋଣିଆଭାବେ।
Pentagram, *n.* 1. ପଞ୍ଚକୋଣଯୁକ୍ତ ତାରା; 2. ପଞ୍ଚକୋଣଯୁକ୍ତ ଐନ୍ଦ୍ରଜାଲିକ ଯନ୍ତ୍ର।
Pentamerous, *a.* (Bot.) 1. ପଞ୍ଚଭାଗବିଶିଷ୍ଟ; 2. ପାଞ୍ଚ ଭାଗରେ ବିଭକ୍ତ। [ଶ୍ଳୋକ।
Pentameter, *pen-tam'e-tir*, *n.* ପାଞ୍ଚ ଚରଣବିଶିଷ୍ଟ

**Pentangular**, *a.* ପଞ୍ଚକୋଣବିଶିଷ୍ଟ ।

**Pentarchy**, *n.* ପଞ୍ଚାଧିପ କର୍ତ୍ତୃକ ଶାସନ ।

**Pentasyllabic**, *a.* ପଞ୍ଚପଦାଂଶବିଶିଷ୍ଟ ।

**Pentateuch**, *n.* ଖ୍ରୀଷ୍ଟୀୟ ଧର୍ମପୁସ୍ତକର ପ୍ରଥମ ପାଞ୍ଚ ଭାଗ ।

**Pentecost**, *n.* 1. ବ୍ୟବସ୍ଥାଦାନର ସ୍ମରଣାର୍ଥେ ନିସ୍ତାର-ପର୍ବର ପଞ୍ଚାଶ ଦିନରେ ପ୍ରତିପାଳିତ ଯିହୁଦୀୟ ପର୍ବ; 2. ଉକ୍ତ ପର୍ବ ସମୟରେ ଯୀଶୁ ଖ୍ରୀଷ୍ଟଙ୍କ ଶିଷ୍ୟମାନଙ୍କ ଉପରେ ଧର୍ମାତ୍ମାଙ୍କ ଅବତରଣ ସ୍ମରଣାର୍ଥେ ପ୍ରତିପାଳିତ Whitsuntide ନାମକ ଉତ୍ସବ ।

**Pentecostal**, *a.* ଉପରୋକ୍ତ ପର୍ବସମ୍ବନ୍ଧୀୟ ।

**Penthouse**, *n.* 1. ବାସଗୃହ ସଂଲଗ୍ନ ଚାଳିଘର ; 2. ଖରବର୍ଷାରୁ ରକ୍ଷା ନିମନ୍ତେ କବାଟ ବା ଝରକା ଉପରେ ଥିବା ଛାତ ; 3. ଚାଳିଘର ସଦୃଶ କୌଣସି ପଦାର୍ଥ ।—*v.t.* 1. ବାସଗୃହ ସଂଲଗ୍ନ ଚାଳିଘର ତିଆରି-କର; 2. କାନ୍ଥରୁ ଅସିଥିବା ଚାଳି ଛାତ ଦ୍ୱାରା ଖର ବର୍ଷାରୁ ରକ୍ଷା-କର ।

**Pentroof**, *n.* ଏକଚାଳିଆ ଛାତ ।

**Penult, Penultima**, *n.* ଶେଷର ପୂର୍ବବର୍ତ୍ତୀ ପଦାଂଶ, ଉପାନ୍ତ ପଦାଂଶ ।

**Penultimate**, *a.* ଉପାନ୍ତ ।

**Penumbra**, *n.* 1. ଚନ୍ଦ୍ର ବା ସୂର୍ଯ୍ୟର ଗ୍ରହଣକାଳୀନ ପ୍ରଚ୍ଛାୟାର ଚତୁର୍ଦ୍ଦିଗସ୍ଥ କ୍ଷୀଣ ଛାୟା ; 2. ଚିତ୍ରର ଯେଉଁ ଅଂଶରେ ଆଲୋକ ଓ ଛାୟା ମିଳିଯାଏ ।

**Penurious** *a.* 1. ଦରିଦ୍ରତାପ୍ରକାଶକ; 2. ଅବଦାନ୍ୟ; 3. ବ୍ୟୟକୁଣ୍ଠ ; 4. କୃପଣ ।

**Penury**, *n.* 1. ଅଭାବ ; 2. ନିଃସ୍ୱତା ; 3. ଦୀନତା, ଦରିଦ୍ରତା ।

**Pen-wiper**, *n.* କଲମପୋଛା କନା ବା ଚମ ।

**Penwoman**, *n.* 1. ଲେଖିକା ; 2. ଗ୍ରନ୍ଥକର୍ତ୍ତ୍ରୀ, ରଚିକା ।

**Peon**, *n.* (in America) ମୂଲିଆ ; (in India) 1. ପଦାତିକ ସିପାହୀ ; 2. ଚପରାସି, ପିଅଦା ; 3. ହରକରା ।

**Peony**, *n.* ଲାଲ ବା ଧଳା ରଙ୍ଗର ବଡ ଫୁଲଯୁକ୍ତ ଏକପ୍ରକାର ଗଛ ।

**People**, *n.* 1. ଲୋକେ ; 2. ଏକ ଦେଶ ବା ଜାତିର ପୁରୁଷ ସ୍ତ୍ରୀ ଓ ପିଲା; 3. ଶାସନକର୍ତ୍ତା ଭିନ୍ନ ଜନସମୁଦାୟ; 4. କେତେକେ ; 5. ଦେଶବାସିଗଣ ; 6. ଇତର ଲୋକସମୂହ; 7. ସାଧାରଣ ଲୋକ, ପ୍ରଜାବର୍ଗ ।—*pl.* Peoples, *n.* ଜାତିସମୂହ, ବଂଶ ।—*v.t.* ଦେଶକୁ ଲୋକପୂର୍ଣ୍ଣ କରାଇବା, ଲୋକାଳୟ କରାଇବା, ଜନପଦ କରାଇବା ।—The People, ସାଧାରଣ ଲୋକସମୂହ ।

**People's palace**, *n.* ଶ୍ରମଜୀବୀ ଲୋକମାନଙ୍କ ଆମୋଦ ପ୍ରମୋଦ କ୍ରୀଡା ଓ ସଭାଦି ନିମନ୍ତେ ବଡ ଘର ।

**Pepper**, *n.* ଗୋଲମରିଚ ।—*v.t.* 1. ମରିଚଯୁକ୍ତ-କର, ମରିଚଗୁଣ୍ଡା ଛିଞ୍ଚ ଲଗା-କର; 2. ଛରସ ବା ଛଟାଗୁଳି ଛିଞ୍ଚାଡ ମାରିବା ।

**Pepper-and-salt**, *a.* କଳା ଧଳା ଦାଗଯୁକ୍ତ ।

**Pepper-box**, *n.* ଗୋଲମରିଚଗୁଣ୍ଡା ଛିଞ୍ଚିବା ନିମିତ୍ତ କଣା ଡାଲାଯୁକ୍ତ ବାକ୍ସ ।

**Peppercorn**, *n.* 1. ମରିଚ; 2. ଅତି ତୁଚ୍ଛ ଦ୍ରବ୍ୟ, ନଗଣ୍ୟ ଦ୍ରବ୍ୟ ।

**Peppermint**, *n.* 1. ଗୋଲମରିଚ ପରି ସୁବାସ ଓ ସ୍ୱାଦଯୁକ୍ତ ଏକପ୍ରକାର ପୋଦିନା; 2. ପୋଦିନା ତେଲ ବା ରସ; 3. ପୋଦିନା ବାସଯୁକ୍ତ ଚକ୍ତି ମିଠାଇ ।

**Peppery**, *a.* 1. ମରିଚଗୁଣବିଶିଷ୍ଟ; 2. ଉଗ୍ର; 3. ଚିଡଚିଡିଆ ।

**Pepsin, Pepsine**, *n.* ପାକସ୍ଥଳୀସ୍ଥ ରସର ଏକ ବିଶେଷ ଉପାଦାନ ।

**Peptic**, *a.* 1. ପରିପାକ ସମ୍ବନ୍ଧୀୟ; 2. ଜୀର୍ଣ୍ଣକାରକ, ଅଗ୍ନିବର୍ଦ୍ଧକ ।

**Per**, *prep.* ଦେଇ, ଦ୍ୱାରା, ଅନୁସାରେ ।—Per annum, ବର୍ଷକୁ ବର୍ଷ, ପ୍ରତ୍ୟେକ ବର୍ଷ ନିମିତ୍ତ, ବାର୍ଷିକ । Per cent, ଶତକଡା । Per diem, ଦିନକୁ ଦିନ, ପ୍ରତିଦିନ । Per mensem, ମାସିକ, ମାସକୁ ମାସ; Per se, 1. ସ୍ୱତଃ; 2. ମୌଳିକଭାବେ ।

**Peradventure**, *ad.* 1. ଦୈବାତ୍; 2. କେଜାଣି; 3. ହେଲେ ହୋଇପାରେ ।—*n.* 1. ଅଠିକଣା, ଅନିଶ୍ଚିତତା; 2. ସନ୍ଦେହ ।

**Perambulate**, *v.t.* 1. ପର୍ଯ୍ୟଟନ-କର; 2. ପରିଦର୍ଶନ କରିବା ନିମନ୍ତେ ମଧ୍ୟ ଦେଇ ଗମନ-କର; 3. ସୀମା ପରୀକ୍ଷା ବା ଜରିପ-କର ।

**Perambulation**, *n.* 1. ପର୍ଯ୍ୟଟନ ; 2. ଦେଶଭ୍ରମଣ କରିବା ଦ୍ୱାରା ତତ୍ତ୍ୱଦର୍ଶନ ; 3. ପରିଦର୍ଶନ ନିମନ୍ତେ ଜଣକର ଅଧିକାରଭୁକ୍ତ ଇଲାକା ।

**Perambulator**, *n.* 1. ପରିଦର୍ଶକ ; 2. ପଥର ଦୂରତ୍ୱ ମାପକ ଯନ୍ତ୍ର; 3. ଶିଶୁମାନଙ୍କର ହାଲୁକା ଗାଡି ।

**Perambulatory**, *a.* ପରିଦର୍ଶକ ସମ୍ବନ୍ଧୀୟ ।

**Perceivable**, *a.* 1. ବୋଧ୍ୟ; 2. ଇନ୍ଦ୍ରିୟଗୋଚର, ଦୃଶ୍ୟ ।

**Perceivably**, *ad.* 1. ବୋଧଗମ୍ୟଭାବେ; 2. ଦୃଶ୍ୟଭାବେ ।

**Perceive**, *v.t.* 1. ଇନ୍ଦ୍ରିୟ ଦ୍ୱାରା ଗୋଚରୀଭୂତ-କର; 2. ଜ୍ଞାନ-କର; 3. ଦୃଷ୍ଟି-କର; 4. ବୋଧ-କର; 5. ଭେଦାଭେଦ-କର ।

**Perceiver**, *n.* ବିଷୟଗ୍ରାହକ ।

**Perceiving**, *n.* ବିଷୟଗ୍ରହଣ ।

**Percentage**, *n.* ଶତକଡା ଦର, ଶତକଡା ହାର ।

**Percept**, *n.* ଇନ୍ଦ୍ରିୟ ଦ୍ୱାରା ଗୋଚରୀଭୂତ ବିଷୟ ।

**Perceptibility**, *n.* ଇନ୍ଦ୍ରିୟଗୋଚରତ୍ୱ ।

**Perceptible**, *a.* 1. ଉପଲଭ୍ୟ; 2. ଇନ୍ଦ୍ରିୟଗୋଚର; 3. ଭେଦାଭେଦ ଯୋଗ୍ୟ ।

**Perceptibly**, *ad.* 1. ଇନ୍ଦ୍ରିୟଗୋଚରରେ, ପ୍ରତ୍ୟକ୍ଷରୂପେ ।

**Perception**, *n.* 1. ବିଷୟଗ୍ରହଣ; 2. ଉପଲବ୍ଧି; 3. ଇନ୍ଦ୍ରିୟଜ୍ଞାନ ।

**Perceptive**, *a.* ବିଷୟଗ୍ରହଣକ୍ଷମ ।

**Perceptiveness**, *n.* ବିଷୟଗ୍ରହଣରେ ସାମର୍ଥ୍ୟ ।

**Perceptivity**, *n.* ବିଷୟଗ୍ରହଣଶକ୍ତି ।

**Perch,** (1) *n.* 1. ପକ୍ଷୀର ବସିବା ଅଡ୍ଡା: 2. କୌଣସି ଉଚ୍ଚ ଆସନ ବା ଅବସ୍ଥାନ; 3. ୫½ ଗଜ ପରିମିତ ମାପ; 4. ୩୦¼ ବର୍ଗଗଜ; 5. ଲୁଗାର ଦୋଷ ପରୀକ୍ଷାର୍ଥେ ବ୍ୟବହୃତ ଆଧାର ବିଶେଷ ।—*v.i.* ଅଡ୍ଡା ଉପରେ ବସିବା ।—*v.t.* ଅଡ୍ଡା ଉପରେ ବସାଇବା ।

**Perch,** (2) *n.* ମଧୁର ଜଳର ଏକପ୍ରକାର ମାଛ ।

**Perchance,** *ad.* 1. ଦୈବାତ୍, ଘଟନାକ୍ରମେ; 2. ହୋଇପାରେ, କେଜାଣି ।

**Percipient,** *a.* ବିଷୟ ଗ୍ରହଣଗୁଣବିଶିଷ୍ଟ ।—*n.* ବିଷୟ ଗ୍ରହଣକର୍ତ୍ତା ।

**Percolate,** *v.t.* 1. ଛାଣିବା ।—*v.i.* କ୍ଷରିବା, ବନ୍ଧୁ ସ୍ରବିବା ।

**Percolation,** *n.* 1. ଛାଣିବା କାର୍ଯ୍ୟ, କ୍ଷରଣ ।

**Percussion,** *n.* 1. ଧକ୍କା; 2. ସଜୋରରେ ସଂଘର୍ଷଣ; 3. କର୍ଣ୍ଣରେ ଶବ୍ଦର ଆଘାତ; 4. ଶବ୍ଦ ଦ୍ୱାରା ଅଭ୍ୟନ୍ତରୀଣ ଯନ୍ତ୍ରର ଅବସ୍ଥା ଜାଣିବା ନିମନ୍ତେ ଅଙ୍ଗୁଳି ଦ୍ୱାରା ଲଘୁ ଆଘାତ ।

**Percussion-bullet,** *n.* କୌଣସି ବସ୍ତୁରେ ବାଜିବାକ୍ଷଣି ଫୁଟିବା ବନ୍ଧୁକ ଗୁଳି ।

**Percussion-cap,** *n.* ଆଘାତପ୍ରାପ୍ତିମାତ୍ରେ ଫୁଟିବା ତାମ୍ରନିର୍ମିତ ବନ୍ଧୁକ ଟୋପି ।

**Perdition,** *n.* 1. ପରଲୋକରେ ସୁଖର ଉଚ୍ଛେଦ; 2. ନରକଭୋଗ ।

**Perdu, Perdue,** *a.* 1. ଦୃଷ୍ଟିର ଅଗୋଚର; 2. ଲୁକ୍କାୟିତ ।

**Peregrinate,** *v.i.* ଦେଶେ ବା ସ୍ଥାନେ ଭ୍ରମଣ-କ ।

**Peregrination,** *n.* ସ୍ଥାନେ ଭ୍ରମଣ ।

**Peregrine,** *a.* 1. ବିଦେଶୀ; 2. ଭ୍ରମଣଶୀଳ ।

**Peremptorily,** *ad.* 1. ଅନିବାର୍ଯ୍ୟରୂପେ; 2. ଅଟଳଭାବେ ।

**Peremptoriness,** *n.* 1. ଅନିବାର୍ଯ୍ୟତା; 2. ସୁଦୃଢ଼ତା ।

**Peremptory,** *a.* 1. ଅନିବାର୍ଯ୍ୟ; 2. କ୍ଷମତାପ୍ରକାଶକ; 3. ଲୁହିମଭାବେ କଥିତ; 4. ଅଟଳ; 5. ସୁଦୃଢ଼; 6. ଅବଶ୍ୟ କର୍ତ୍ତବ୍ୟ ।

**Perennial,** *a.* 1. ବର୍ଷବ୍ୟାପୀ; 2. ଚିରସ୍ଥାୟୀ; 3. ନିତ୍ୟ; 4. ନିତ୍ୟ ବର୍ଦ୍ଧନଶୀଳ ।—*n.* ଦ୍ୱିବର୍ଷାଧିକସ୍ଥାୟୀ ଉଦ୍ଭିଦ ।

**Perennially,** *ad.* ଚିରସ୍ଥାୟିରୂପେ ।

**Perfect,** *a.* 1. ସିଦ୍ଧ; 2. ସମ୍ପୂର୍ଣ୍ଣ, ପୂର୍ଣ୍ଣାଙ୍ଗ; 3. ନିଷ୍କଳଙ୍କ; 4. ଅନ୍ୟୂନ; 5. ଅଖଣ୍ଡ; 6. ପୂର୍ଣ୍ଣମାତ୍ରାଯୁକ୍ତ; 7. ସବୁଗୁଣାନ୍ୱିତ; 8. ପୂର୍ଣ୍ଣ ପାରଦର୍ଶୀ, ପୁରା ପଟୁ, (Gram.) କାର୍ଯ୍ୟର ସମ୍ପୂର୍ଣ୍ଣତାପ୍ରକାଶକ, ସମାପିକା ।—*v.t.* 1. ସମ୍ପୂର୍ଣ୍ଣ-କ, ଶେଷ-କ; 2. ସମ୍ପୂର୍ଣ୍ଣରୂପେ ନିପୁଣ-କ ।

**Perfectibility,** *n.* ସିଦ୍ଧ ହୋଇପାରିବା ଗୁଣ ।

**Perfectible,** *a.* ପୂର୍ଣ୍ଣାଙ୍ଗ କରଣୀୟ ।

**Perfection,** *n.* 1. ସିଦ୍ଧି; 2. ପୂର୍ଣ୍ଣାବସ୍ଥା, ପରିପୂର୍ଣ୍ଣତା; 3. ପରାକାଷ୍ଠା ।

**Perfectionism,** *n.* ମନୁଷ୍ୟ ଏହି ଜୀବନରେ ପାପଶୂନ୍ୟ ଜୀବନ ଯାପନ କରି ପାରେ ବୋଲି ଯେଉଁ ବିଶ୍ୱାସ ।

**Perfectionist,** *n.* 1. ଆପଣାକୁ ସିଦ୍ଧ ବୋଲି ମଣିବା ବ୍ୟକ୍ତି; 2. ମନୁଷ୍ୟ ଏହି ଜୀବନରେ ପାପଶୂନ୍ୟ ଜୀବନ ଯାପନ କରିବା ମତଧାରୀ ।

**Perfective,** *a.* ସିଦ୍ଧିକାରକ, ପରିପୂର୍ଣ୍ଣକାରୀ ।

**Perfectly,** *ad.* 1. ସିଦ୍ଧରୂପେ; 2. ସମ୍ପୂର୍ଣ୍ଣରୂପେ; 3. ଅବିକଳଭାବେ; 4. ଅଖଣ୍ଡରୂପେ ।

**Perfectness,** *n.* 1. ସିଦ୍ଧତା; 2. ସମ୍ପୂର୍ଣ୍ଣତା; 3. ପରିପୂର୍ଣ୍ଣତା; 4. ସର୍ବୋତ୍କୃଷ୍ଟତା ।

**Perfervid,** *a.* 1. ଅତି ବ୍ୟଗ୍ର; 2. ଅତ୍ୟୁଗ୍ର ।

**Perfidious,** *a.* 1. ଅବିଶ୍ୱାସୀ; 2. ଅବିଶ୍ୱସ୍ତ; 3. ବିଶ୍ୱାସଘାତକ; 4. ପ୍ରତାରକ ।

**Perfidiously,** *ad.* 1. ଅବିଶ୍ୱସ୍ତଭାବେ; 2. ବିଶ୍ୱାସଘାତକରୂପେ ।

**Perfidiousness, Perfidy,** *n.* 1. ବିଶ୍ୱାସଘାତକତା; 2. ପ୍ରତାରଣା ।

**Perforable,** *a.* କଣାକଣା ହେବା ଭଳି, ଭେଦ୍ୟ ।

**Perforate,** *v.t.* ଛିଦ୍ର-କ, ବିଦ୍ଧ-କ, ଭେଦ-କ ।—*a.* କଣାକଣା ହୋଇଥିବା ।

**Perforation,** *n.* 1. ଛିଦ୍ରକରଣ, ଭେଦନ, ବେଧନ; 2. ଛିଦ୍ର, ରନ୍ଧ୍ର ।

**Perforative,** *a.* ଛିଦ୍ରକାରକ ।

**Perforator,** *n.* 1. ବିଦ୍ଧକାରୀ ଲୋକ; 2. ଛିଦ୍ର କରିବାର ଯନ୍ତ୍ର, ବେଧନୀ ।

**Perforce,** *ad.* 1. ବଳପୂର୍ବକ, ପ୍ରବଳରୂପେ; 2. ଅବଶ୍ୟକରୂପେ ।

**Perform,** *v.t.* 1. ସମ୍ପନ୍ନ-କ; 2. ନିର୍ବାହ-କ; 3. ସମାଧା-କ; 4. ଅଭିନୟ-କ ।—*v.i.* 1. କାର୍ଯ୍ୟରେ-କ; 2. ଅଭିନୟ-କ; 3. ଯନ୍ତ୍ରବାଦନ-କ ।

**Performable,** *a.* 1. କରଣୀୟ, ସାଧ୍ୟ; 2. ଅଭିନେତବ୍ୟ ।

**Performance,** *n.* 1. ସମ୍ପାଦନ; 2. ସମାଧାନ; 3. ସାଧିତ କର୍ମ; 4. କାର୍ଯ୍ୟ; 5. ଅଭିନୟ ।

**Performer,** *n.* 1. ସମ୍ପାଦନକାରୀ; 2. ଅଭିନେତା, ଅଭିନେତ୍ରୀ; 3. ବାଦ୍ୟଯନ୍ତ୍ର ବାଦକ ।

**Performing,** *a.* 1. କାର୍ଯ୍ୟକାରୀ; 2. ଖେଳ କୌତୁକ କରିବାରେ ଶିକ୍ଷିତ ।

**Perfume,** *n.* 1. ସୁଗନ୍ଧଯୁକ୍ତ ଧୂମ, ଧୂପ; 2. ସୁବାସ; 3. ସୁଗନ୍ଧି ଦ୍ରବ୍ୟ ।—*v.t.* 1. ସୁଗନ୍ଧରେ ପୂର୍ଣ୍ଣ-କ; 2. ସୁଗନ୍ଧିଯୁକ୍ତ-କ, ସୁବାସିତ-କ ।

**Perfumer,** *n.* ସୁଗନ୍ଧଯୁକ୍ତ କରିବା ଲୋକ; 2. ସୌରଭଜନକ ପଦାର୍ଥ; 3. ସୁଗନ୍ଧି ଦ୍ରବ୍ୟ ବ୍ୟବସାୟୀ ।

**Perfumery,** *n.* 1. ସୁଗନ୍ଧି ଦ୍ରବ୍ୟସମୂହ; 2. ସୁଗନ୍ଧି ଦ୍ରବ୍ୟ ପ୍ରସ୍ତୁତ କରିବା ବିଦ୍ୟା ।

**Perfunctorily,** *ad.* 1. ଅମନୋଯୋଗିଭାବେ 2. ଉଦାସୀନଭାବେ ।

**Perfunctoriness,** *n.* 1. ଅମନୋଯୋଗିତା; 2. ଅନୁଦ୍ୟମତା ।

Perfunctory, *a.* 1. ଦାୟିରୁ ମୁକ୍ତ ହେବା ପାଇଁ କୃତ; 2. ଅମନୋଯୋଗପୂର୍ବକ ସାଧିତ; 3. ସାମାନ୍ୟ ।

Perfuse, *v.t.* ବ୍ୟାପ୍ତ-କ ।

Perfusion, *n.* ବ୍ୟାପ୍ତି ।

Perfusive, *a.* ବ୍ୟାପକ ।

Perhaps, *ad.* କାଳେ, ହୋଇପାରେ, ସମ୍ଭବତଃ ।

Peribolos, *n.* ପ୍ରାଚୀରବେଷ୍ଟିତ ସ୍ଥାନ ବିଶେଷତଃ ଯେଉଁଠାରେ ମନ୍ଦିର ଥାଏ ।

Pericardiac, Pericardial, Pericardian, *a.* ହୃତ୍କୋଷ ସମ୍ବନ୍ଧୀୟ ।

Pericarditis, *n.* ହୃତ୍କୋଷଦାହ ।

Pericardium, *n.* (Anat.) ହୃତ୍କୋଷ ।

Pericarp, *n.* (Bot.) ବୀଜକୋଷ ।

Pericranium, *n.* କର୍ପରର ଝିଲ୍ଲୀ ।

Perigee, *n. per'i ji* (Astron.) ଚନ୍ଦ୍ରକକ୍ଷର ଯେଉଁ ସ୍ଥାନ ପୃଥିବୀର ନିକଟତମ ।

Perihelion, *n.* ଗ୍ରହ ବା ଧୂମକେତୁକକ୍ଷର ଯେଉଁ ସ୍ଥାନ ସୂର୍ଯ୍ୟର ନିକଟତମ ।

Peril, *n.* 1. ବିପଦ; 2. ବିପଦର କାରଣ; 3. ବିପଦର ଅଧୀନତା ।—*v.t.* ବିପଦରେ ପକାଇବା, ବିପନ୍ନ-କ ।

Perilous, *a.* 1. ବିପଦପୂର୍ଣ୍ଣ; 2. ବିପଜ୍ଜନକ ।

Perilously, *ad.* 1. ବିପଦପୂର୍ଣ୍ଣରୂପେ; 2. ବିପଜ୍ଜନକଭାବେ ।

Perilousness, *n.* ବିପଦପୂର୍ଣ୍ଣତା ।

Perimeter, *n.* 1. (Geom.) ସାମତଳିକ କ୍ଷେତ୍ରର ସୀମା ରେଖା ବା ରେଖାସମୂହର ସମଷ୍ଟି; 2. ଦୃଷ୍ଟି ଦୃଶ୍ୟମାନ ଭୂମିଖଣ୍ଡର ପରିମାପକ ଯନ୍ତ୍ର ବିଶେଷ ।

Perimetric, *a.* ପେରିମିଟର୍ ଯନ୍ତ୍ର ସମ୍ବନ୍ଧୀୟ ।

Perimetry, *n.* ପେରିମିଟର୍ ଯନ୍ତ୍ରରେ ମାପିବା କାର୍ଯ୍ୟ ।

Period, *n.* 1. କାଳ, ସମୟ; 2. (Astron.) କୌଣସି ଗ୍ରହର ଆବର୍ତ୍ତନ ସମୟ; 3. ନିର୍ଦ୍ଦିଷ୍ଟ କାଳ; 4. ଯୁଗ, ଘଟନାପର୍ଯ୍ୟାୟ; 5. ବର୍ଷଚକ୍ର; 6. ସମୟର ପରିମାଣ; 7. ସମାପ୍ତି, ଅବସାନ; 8. (Gram.) ପରିଚ୍ଛେଦ, ବିରାମ; 9. (Rhet.) ପୂର୍ଣ୍ଣବାକ୍ୟ ।

Periodic, Periodical, *a.* 1. ସାମୟିକ; 2. ପର୍ଯ୍ୟାୟକ୍ରମେ ସଂଘଟିତ; 3. କାଳାନୁବର୍ତ୍ତୀ ଅବସରରେ ଘଟନଶୀଳ; 4. କାଳକ୍ରମିକ ପତ୍ରିକାସମ୍ବନ୍ଧୀୟ ।

Periodical, *n.* କାଳକ୍ରମିକ ପତ୍ରିକା ।

Periodically, *ad.* ସାମୟିକରୂପେ, ନିରୂପିତ କାଳକ୍ରମେ ।

Periodicity, *n.* 1. ସାମୟିକ ଅବସ୍ଥା; 2. କାଳକ୍ରମେ ଘଟନଶୀଳତା ।

Periorbital, *a.* ଚକ୍ଷୁକୋଟର ସମ୍ବନ୍ଧୀୟ ।

Periosteum, *n.* ଅସ୍ଥିର ଆବରକ ଝିଲ୍ଲୀ ।

Periostitis, *n.* ଅସ୍ଥି ଆବରକ ଝିଲ୍ଲୀର ଦାହ ।

Periotic, *a.* କର୍ଣ୍ଣର ଅଭ୍ୟନ୍ତରାଂଶର ବେଷ୍ଟକ ।

Peripatetic *a.* 1. ଭ୍ରମଣଶୀଳ; 2. ଆରିଷ୍ଟଟଲ୍‌ନାମକ ଦାର୍ଶନିକଙ୍କ ଦର୍ଶନବିଜ୍ଞାନ ସଂକ୍ରାନ୍ତ ।—*n.* 1. ଆରିଷ୍ଟଟଲଙ୍କ ଦର୍ଶନଶାସ୍ତ୍ର ଅନୁଗାମୀ; 2. ପାଦଗତିରେ ଅଭ୍ୟସ୍ତ ଲୋକ ।—*Pl.* ବକ୍ତୃତା ଦ୍ୱାରା ଅଧ୍ୟାପକଙ୍କ ଶିକ୍ଷାଦାନ ।

Peripheral, Peripheric, *a.* ପରିଧିସମ୍ବନ୍ଧୀୟ ।

Periphery, *n.* (Geom.) *n.* ପରିଧି; 2. ପଦାର୍ଥର ବହିରଂଶ ।

Periphractic, *a.* ଚତୁର୍ଦ୍ଦିଗବେଷ୍ଟିତ ।

Periphrase, *v.t.* or *v.i.* ଘୂରାଣିଆ କଥା ବ୍ୟବହାର-କ; ଘୁରାଇ ଫେରାଇ କଥା କହିବା ।—*n.* 1. ଘୁରାଇ ଫେରାଇ କଥାକହିବା ଢଙ୍ଗ; 2. ବହୁଳ ଉକ୍ତି, ବାଗ୍‌ଜାଲ ।

Periphrastic, *a.* ବହୁଳ ଉକ୍ତିରେ ବ୍ୟକ୍ତ ।

Peripteral, *a.* ସ୍ତମ୍ଭଶ୍ରେଣୀ ଦ୍ୱାରା ପରିବେଷ୍ଟିତ ।

Periscope, *n.* ବୁଡ଼ାଜାହାଜ ଆଦିରେ ବ୍ୟବହୃତ ଦର୍ପଣଯୁକ୍ତ ଏକପ୍ରକାର ଦୃଷ୍ଟିଯନ୍ତ୍ର ।

Perish, *v.i.* 1. ଲୋପପାଇବା; 2. କ୍ଷୟପାଇବା; 3. ବିନଷ୍ଟ-ହେ, ଧ୍ୱଂସପାଇବା; 4. ହ୍ରାସ ଲଭିବା; 5. ମରିଯିବା; 6. ନରକ ଭୋଗ-କ ।

Perishability, Perishableness, *n.* 1. କ୍ଷୟଶୀଳତ୍ୱ; 2. ନଶ୍ୱରତା ।

Perishable, *a.* 1. ନଶ୍ୱର; 2. କ୍ଷୟଣୀୟ; 3. ଆଶୁ କ୍ଷୟଶୀଳ, ଧ୍ୱଂସଶୀଳ ।

Perishably, *ad.* ନଶ୍ୱରଭାବେ, କ୍ଷୟଣୀୟରୂପେ ।

Peristyle, *n.* ଅଟ୍ଟାଳିକା ବା ଅଗଣାର ଚତୁଷ୍ପାର୍ଶ୍ୱସ୍ଥ ସ୍ତମ୍ଭଶ୍ରେଣୀ ।

Peritoneum, Peritonæum, *n.* ଜଠରସ୍ଥ ଅନ୍ତ୍ରବେଷ୍ଟକ ଝିଲ୍ଲୀ ।

Periwig, *n.* ଉପକେଶ, କୃତ୍ରିମ କେଶଯୁକ୍ତ ମସ୍ତକାବରଣ ।—*v.t.* କୃତ୍ରିମକେଶଯୁକ୍ତ ମସ୍ତକାବରଣ ପିନ୍ଧାଇବା ।

Periwig-pated, *a.* କୃତ୍ରିମ କେଶଧାରୀ ।

Periwinkle, (1) *n.* ସଦା ସବୁଜବର୍ଣ୍ଣ ବନଜାତ ଏକପ୍ରକାର ଲତା ।

Periwinkle, (2) *n.* ଖାଦ୍ୟୋପଯୁକ୍ତ ଶମ୍ବୁକବିଶେଷ ।

Perjure, *v.t.* 1. ମିଥ୍ୟା ଶପଥ-କ; 2. ମିଥ୍ୟା ଶପଥ କରାଇବା ।—*v.i.* ଶପଥ ଲଙ୍ଘିବା ।

Perjurer, *n.* ମିଥ୍ୟାଶପଥକାରୀ, ହଲପୀ ।

Perjurious, Perjurous, *a.* ମିଥ୍ୟାଶପଥରେ ଦୋଷୀ ।

Perjury, *n.* 1. ମିଥ୍ୟାଶପଥ; 2. ନିୟମଭଞ୍ଜନ; 3. ଶପଥ ପୂର୍ବକ ମିଥ୍ୟାସାକ୍ଷ୍ୟ ଦେବା ଅପରାଧ ।

Perk, *a.* 1. ପ୍ରଗଲ୍ଭ; 2. ଚକଚକିଆ ।—*v.t.* ଚକଚକିଆ-କ ।—*v.i.* ଉଙ୍କି କରି ମୁଣ୍ଡ ଟେକିବା ।

Perky, *a.* 1. ଚଞ୍ଚଳ; 2. ଚକଚକିଆ ।

Permanence, Permanency, *n.* ନିତ୍ୟତା, ସ୍ଥାୟିତ୍ୱ ।

Permanent, *a.* 1. ଚିରସ୍ଥାୟୀ; 2. ଧ୍ରୁବ; 3. ଅପରିବର୍ତ୍ତନୀୟ; 4. ସ୍ଥାବର; 5. (Zool.) ନିତ୍ୟସ୍ଥାୟୀ ।

Permanently, *a.* ସ୍ଥାୟିଭାବେ ।

Permanent way, *n.* ରେଲଗାଡ଼ିର ସ୍ଥାୟୀ ପଥ ।

Permeable, *a.* 1. ପ୍ରବେଶ୍ୟ; 2. ଭେଦ୍ୟ; 3. ବ୍ୟାପ୍ୟ ।

Permeably, *ad.* ଭେଦ୍ୟଭାବେ ।

Permeate, *v.t.* 1. ଲୋମକୂପ ଦେଇ ପ୍ରବେଶ-କ; 2. ଫୁଟାଇ ପାର-ହେ; 3. ବ୍ୟାପିଯିବା ।

**Permeation**, *n.* ପ୍ରବେଶକରଣ, ବ୍ୟାପନ ।
**Permeative**, *a.* 1. ପ୍ରବେଶକ; 2. ଭେଦକ; 3. ବ୍ୟାପକ ।
**Permissibility**, *n.* ଅନୁମନ୍ତବ୍ୟତ୍ୱ ।
**Permissible**, *a.* ଅନୁମନ୍ତବ୍ୟ ।
**Permissibly**, *ad.* ଅନୁମନ୍ତବ୍ୟଭାବେ ।
**Permission**, *n.* 1. ଅନୁମତିଦାନ; 2. ଅନୁମତି; 3. ସ୍ୱୀକୃତ; 4. କ୍ଷମତାଦାନ ।
**Permissive**, *a.* 1. ଅନୁମୋଦକ; 2. କ୍ଷମତାଦାୟକ; 3. ଗ୍ରାହ୍ୟ ।
**Permissively**, *ad.* 1. ଅନୁମତିପୂର୍ବକ; 2. ଅବାଧରେ ।
**Permit**, *v.t.* 1. ଅନୁମତି-ଦେ; 2. ମଞ୍ଜୁର-କ; 3. ସୁଯୋଗ-ଦେ; 4. କ୍ଷମତା-ଦେ ।
**Permittance**, *n.* ଅନୁମତି, ଆଜ୍ଞାପ୍ରଦାନ ।
**Permittee**, *n.* ଅନୁମତିପ୍ରାପ୍ତ ବ୍ୟକ୍ତି ।
**Permitter**, *n.* ଅନୁମତିଦାତା, ସ୍ୱୀକୃତିଦାତା ।
**Permutable**, *a.* ପରିବର୍ତ୍ତନୀୟ, ବିନିମୟଯୋଗ୍ୟ ।
**Permutableness, Permutability**, *n.* ପରିବର୍ତ୍ତନୀୟତା, ବିନିମେୟତ୍ୱ ।
**Permutably**, *ad.* ପରିବର୍ତ୍ତନୀୟଭାବେ, ବିନିମୟଯୋଗ୍ୟରୂପେ ।
**Permutation**, *n.* 1. ପରିବର୍ତ୍ତନ, ବିନିମୟ; 2. (Math.) ଅଙ୍କ ବା ଅକ୍ଷରରେ ସୁଶୃଙ୍ଖଳ ସନ୍ନିବେଶ ।
**Permute**, *v.t.* 1. ପରିବର୍ତ୍ତନ-କ; 2. ବିନିମୟ-କ ।
**Pernicious**, *a.* 1. ସାଂଘାତିକ; 2. କ୍ଷତିକର; 3. ବିନାଶକ; 4. ଅତି ଅନିଷ୍ଟକର ।
**Perniciously**, *ad.* 1. ସାଂଘାତିକଭାବେ; 2. କ୍ଷତିକରଭାବେ ।
**Perniciousness**, *n.* ଅପକାରିତା, ଅନିଷ୍ଟକାରିତା ।
**Peroration**, *n.* 1. ବକ୍ତୃତାର ଶେଷାଂଶ; 2. ବକ୍ତୃତାର ଉପସଂହାର ।
**Perpendicular**. *a.* 1. ଠିଆ, ଦଣ୍ଡାୟମାନ; 2. ଲମ୍ବମାନ ।—*n.* ଲମ୍ବରେଖା ।
**Perpendicularity**, *n.* ଲମ୍ବମାନ ଅବସ୍ଥିତି ।
**Perpendicularly**, *ad.* 1. ଠିଆଭାବେ; 2. ଲମ୍ବମାନରୂପେ ।
**Perpetrate**, *v.t.* 1. ସମ୍ପାଦନ-କ; 2. ମନ୍ଦକାର୍ଯ୍ୟ-କ ।
**Perpetration**, *n.* 1. ଦୁଷ୍କର୍ମ ସାଧନ; 2. ସମ୍ପାଦନ; 3. ଦୁଷ୍କାର୍ଯ୍ୟ ।
**Perpetrator**, *n.* 1. ସମ୍ପାଦନକର୍ତ୍ତା; 2. ଦୁଷ୍କର୍ମକାରୀ ଲୋକ ।
**Perpetuable**, *a.* ବହୁକାଳରୁ ରକ୍ଷଣୀୟ ।
**Perpetual**, *a.* 1. ଅବିରତ; 2. ଚିରସ୍ଥାୟୀ; 3. ଅନନ୍ତ ।
**Perpetually**, *ad.* 1. ଅବିରତଭାବେ; 2. ଚିରସ୍ଥାୟିଭାବେ; 3. ସର୍ବଦା ।
**Perpetuance**, *n.* ବହୁକାଳରୁ ସଂରକ୍ଷଣ ।
**Perpetuate**, (1) *v.t.* 1. ଚିରସ୍ଥାୟୀ-କ; 2. ଅନନ୍ତକାଳ ବା ବହୁକାଳ ବ୍ୟାପୀ-କ; 3. ବହୁକାଳରୁ ବା ଶେଷରୁ ରକ୍ଷା-କ ।
**Perpetuate**, (2) **Perpetuated**, *a.* 1. ଚିରସ୍ଥାୟୀକୃତ; 2. ବହୁକାଳସ୍ଥାୟୀ ।
**Perpetuation** *n.* 1. ବହୁକାଳରୁ ସଂରକ୍ଷଣ; 2. ବହୁକାଳ ସଂରକ୍ଷଣ ।
**Perpetuity**, *n.* 1. ଚିରସ୍ଥାୟିତ୍ୱ; 2. ଅନନ୍ତକାଳ; 3. ଯାବଜ୍ଜୀବନ ନିର୍ଦ୍ଦିଷ୍ଟ ବୃତ୍ତି କ୍ରମାନ୍ୱେ ପଠିତ ହେବା; 4. ଯାବଜ୍ଜୀବନ ନିର୍ଦ୍ଦିଷ୍ଟ ବୃତ୍ତି ।
**Perplex**, *v.t.* 1. ଦୁର୍ବୋଧ୍ୟ-କ; 2. ସନ୍ଦିଗ୍ଧ-କ, ଗୋଳମାଳ-କ; 3. ହତବୁଦ୍ଧି-କ ।
**Perplexedly**, *ad.* ସନ୍ଦିଗ୍ଧଭାବେ ।
**Perplexedness**, *n.* 1. ହତବୁଦ୍ଧିତା; 2. ସନ୍ଦିଗ୍ଧତା; 3. କିଂକର୍ତ୍ତବ୍ୟବିମୂଢତା ।
**Perplexing**, *a.* 1. ଜଟିଳ; 2. ସନ୍ଦେହଜନକ ।
**Perplexingly**, *ad.* 1. ଜଟିଳଭାବେ; 2. ସନ୍ଦେହଜନକରୂପେ ।
**Perplexity**, *n.* 1. ଗୋଳମାଳ ଅବସ୍ଥା; 2. ସନ୍ଦିଗ୍ଧତା; 3. ଜଟିଳତା; 4. ଅସ୍ତବ୍ୟସ୍ତତା; 5. ସନ୍ଦେହ ।
**Perquisite**, *n.* 1. ଉପରି ଲାଭ; 2. ଦସ୍ତୁରି, ରସୁମ ।
**Persecute**, *v.t.* 1. କ୍ଳେଶ-ଦେ; 2. ନିର୍ଯ୍ୟାତନ-କ, ତାଡନା-କ; 3. ପଛେ ପଛେ ଅନୁଧାବନ-କ; 4. ଧର୍ମ ହେତୁରୁ ଉପଦ୍ରବ-କ ।
**Persecution**, *n.* 1. ନିଗ୍ରହ, ତାଡନା; 2. ଧର୍ମ ହେତୁରୁ ଉପଦ୍ରବର ସମୟ ।
**Persecutor**, *n.* ନିଗ୍ରହକାରୀ, ତାଡନାକାରୀ, ଉତ୍ପୀଡକ ।
**Perseverance**, *n.* 1. ଅଧ୍ୟବସାୟ; 2. ଅବିରତ ଉଦ୍ଯୋଗ ।
**Persevere**, *v.i.* 1. ଅଧ୍ୟବସାୟୀ-ହେ; 2. ସ୍ଥିରଚେଷ୍ଟା-କ; 3. କୌଣସି କାର୍ଯ୍ୟ ଅଧା କରି ନ ଛାଡିବା ।
**Persevering**, *a.* 1. ଅଧ୍ୟବସାୟୀ; 2. ଯତ୍ନଶୀଳ ।
**Perseveringly**, *ad.* 1. ଅଧ୍ୟବସାୟପୂର୍ବକ; 2. ଯତ୍ନଶୀଳଭାବେ ।
**Persian**, *a.* 1. ପାରସ୍ୟ ଦେଶ ସମ୍ବନ୍ଧୀୟ; 2. ପାରସ୍ୟ ଦେଶୀୟ ।—*n.* 1. ପାରସ୍ୟବାସୀ ଲୋକ; 2. ପାରସ୍ୟ ଭାଷା ।
**Persiflage**, *n.* 1. ଚପଳତାପୂର୍ଣ୍ଣ କଥୋପକଥନ; 2. ବିଦ୍ରୂପ ।
**Persiflant**, *a.* ବିଦ୍ରୂପ ବ୍ୟଞ୍ଜକ ।
**Persist**, *v.i.* 1. ଜିଦ୍ ଧରିବା; 2. ଦୃଢ ଚେଷ୍ଟା-କ; 3. ବାଧାସତ୍ତ୍ୱେ ଜିଦ୍-କ; 4. ଅଧ୍ୟବସାୟୀ-ହେ ।
**Persistence, Persistency**, *v.* 1. ଦୃଢତା; 2. ଅବିରତ ଚେଷ୍ଟା; 3. ଜିଦ୍ ।
**Persistent**, *a.* 1 ଦୃଢ; 2. ଯତ୍ନଶୀଳ; 3. ଜିଦ୍‌ଖୋର; 4. ବଦ୍ଧମୂଳ ।
**Persistently**, *ad.* 1. ଦୃଢଭାବେ; 2. ଯତ୍ନପୂର୍ବକ; 3. ବଦ୍ଧମୂଳରୂପେ ।
**Persisting**, *a.* ଦୃଢ, ଅଟଳ ।
**Person**, *n.* 1. ଲୋକ, ଜନ; 2. ବ୍ୟକ୍ତି; 3. ରୂପ

4. ମାନବପ୍ରାଣୀ; 5. ଶରୀର; 6. (Gram.) କ୍ରିୟାର ପୁରୁଷ ।—In person, ଆପେ, ସ୍ୱୟଂ ।
Personable, a. ସୁରୂପ, ସୁନ୍ଦର ।
Personage, n. 1. ବ୍ୟକ୍ତି; 2. ଭଦ୍ରଲୋକ; 3. ସମ୍ଭ୍ରାନ୍ତବ୍ୟକ୍ତି; 4. ବାହ୍ୟାକୃତି ।
Personal, a. 1. ଦୈହିକ ସମ୍ବନ୍ଧୀୟ; 2. ମାନୁଷିକ; 3. ବ୍ୟକ୍ତିଗତ; 4. ଶାରୀରିକ; 5. ସ୍ୱୟଂକୃତ; 6. ସ୍ୱକୀୟ; 7. (Gram.) ବ୍ୟକ୍ତିବାଚକ ।
Personal estate, ଅସ୍ଥାବର ସମ୍ପତ୍ତି ।
Personal identity, n. ନିଜର ପରିଚୟ ।
Personalisation, n. ଅପ୍ରାଣବସ୍ତୁରେ ପ୍ରାଣିତ୍ୱ ଆରୋପଣ ।
Personalise, vt. ଅପ୍ରାଣ ବସ୍ତୁରେ ପ୍ରାଣିତ୍ୱ ଆରୋପ-କ ।
Personality, n. ବ୍ୟକ୍ତିତ୍ୱ pl. Personalities, କୌଣସି ବ୍ୟକ୍ତି ବିରୁଦ୍ଧରେ ଅପମାନଜନକ ବାକ୍ୟ ।
Personally, ad. ବ୍ୟକ୍ତିଗତଭାବେ, ସ୍ୱୟଂ, ନିଜେ ନିଜେ ।
Personal security, ମନୁଷ୍ୟ ଜାମିନ ।
Personate, v.t. 1. ଆପଣାକୁ ଅନ୍ୟ ବୋଲି ଜଣାଇବା; 2. ଛଦ୍ମବେଶ ଧାରଣ-କ; 3. ଜାଲ୍-କ; 4. ଅଯଥା ଭାନ-କ ।
Personated, a. 1. ଛଦ୍ମବେଶ ଦ୍ୱାରା ପ୍ରକାଶିତ; 2. ଜାଲ୍‌କୃତ; 3. କୃତ୍ରିମ ।
Personation, n. 1. ଛଦ୍ମବେଶଧାରଣ; 2. ନିଜକୁ ଅନ୍ୟ ବୋଲି ଜ୍ଞାପନ ।
Personator, n. 1. ଛଦ୍ମବେଶଧାରୀ; 2. ଜାଲିଆ ।
Personification, n. ବ୍ୟକ୍ତିତ୍ୱ ଆରୋପ ।
Personify, v.t. 1. ବ୍ୟକ୍ତିତ୍ୱ ଆରୋପ-କ; 2. ବ୍ୟକ୍ତିରୂପେ ବର୍ଣ୍ଣନା-କ ।
Personisation, n. see Personification.
Personise, v.t. see Personify.
Perspective, n. 1. ଦୃଶ୍ୟ; 2. କୌଣସି ପଦାର୍ଥର ଅବିକଳ ଚିତ୍ରାଙ୍କନ; 3. ଚିତ୍ରାଙ୍କନରେ ଗଠନର ସୌସାଦୃଶ୍ୟ; 4. ଦୂରବୀକ୍ଷଣ ଯନ୍ତ୍ର; 5. ସୁସଦୃଶ ଚିତ୍ର ।—a. 1. ଦୃଶ୍ୟାନୁଯାୟୀ; 2. ସୁସଦୃଶ ଚିତ୍ର ସମ୍ବନ୍ଧୀୟ ।
Perspectively, ad. ସୁସଦୃଶ ଚିତ୍ରାଙ୍କନ ପ୍ରଣାଳୀରେ ।
Perspectograph, n. ସୁସଦୃଶ ଚିତ୍ରାଙ୍କନରେ ବ୍ୟବହୃତ ଏକପ୍ରକାର ଯନ୍ତ୍ର ।
Perspicacious, a. 1. କୁଶାଗ୍ରୀୟବୁଦ୍ଧି; 2. ସୂକ୍ଷ୍ମଦର୍ଶୀ ।
Perspicaciousness, Perspicacity, n. 1. କୁଶାଗ୍ରୀୟବୁଦ୍ଧିତା; 2. ସୂକ୍ଷ୍ମଦର୍ଶିତା । [ଗତ୍ୟ ।
Perspicuity, n. 1. ସ୍ପଷ୍ଟତା; 2. ସୁବୋଧ୍ୟତା, ବୋ-
Perspicuous, a. 1. ସ୍ପଷ୍ଟ; 2. ସୁସ୍ପଷ୍ଟ; 3. ସୁବୋଧ୍ୟ; 4. ସୁଗମ; 5. ପ୍ରତ୍ୟକ୍ଷ ।
Perspicuously, ad. 1. ସ୍ପଷ୍ଟଭାବେ; 2. ସୁସ୍ପଷ୍ଟରୂପେ; 3. ବିଶଦରୂପେ ।
Perspicuousness, n. ସ୍ପଷ୍ଟତା, ସୁସ୍ପଷ୍ଟତା ।
Perspirability, n. ସ୍ୱେଦନୀୟତା, ନିଃସରଣୀୟତା ।
Perspirable, a. ସ୍ୱେଦନୀୟ, ନିଃସରଣୀୟ ।
Perspiration, n. 1. ଘର୍ମ, ସ୍ୱେଦ; 2. ଘର୍ମସ୍ରାବ ।
Perspiratory, a. perspī'r'atary, 1. ଘର୍ମକାରକ; 2. ଘର୍ମସମ୍ବନ୍ଧୀୟ ।
Perspire, v.i. ଘର୍ମ ନିର୍ଗତ-ହେ, ସ୍ୱେଦ ନିଃସୃତ-ହେ ।
Persuade, v.t. 1. ଯୁକ୍ତି ବା ପରାମର୍ଶ ଦ୍ୱାରା ଅନୁରକ୍ତ-କ; 2. କୌଣସି ମତରେ ଉପନୀତ-କ; 3. ପ୍ରବର୍ତ୍ତାଇବା, ପ୍ରବୋଚନା-ଦେ; 4. ହୃଦ୍‌ବୋଧ କରାଇବା ।
Persuader, n. ପ୍ରବର୍ତ୍ତକ. ପ୍ରବୋଚକ ।
Persuasible, a. ପ୍ରବର୍ତ୍ତନୀୟ. ପ୍ରବୋଚନୀୟ ।
Persuasion, n. 1. ପ୍ରବର୍ତ୍ତନା. ପ୍ରବୋଚନା; 2. ଦୃଢ ବୋଧ; 3. ମତ, ପନ୍ଥା; 4. ସମ୍ପ୍ରଦାୟ ।
Persuasive, Persuasory, a. 1. ପ୍ରବୃତ୍ତିଜନକ; 2. ପ୍ରବର୍ତ୍ତକ; 3. ପ୍ରବୋଚକ; 4. ହୃଦୟଗ୍ରାହୀ ।
Persuasively, ad. ପ୍ରବୃତ୍ତିଜନକରୂପେ, ପ୍ରବୋଚକଭାବେ ।
Persuasiveness, n. 1. ପ୍ରବୋଚକତା; 2. ହୃଦୟଗ୍ରାହିତା ।
Pert, a. 1. ଅପଗଣ୍ଡ; 2. ପ୍ରଗଲ୍‌ଭ; 3. ଧୃଷ୍ଟ, ନିର୍ଲଜ୍ଜ ।
Pertain, v.i. ସମ୍ପର୍କୀୟ-ହେ; ସମ୍ବନ୍ଧବିଶିଷ୍ଟ-ହେ ।
Pertinacious, a. 1. ଦୃଢନିଷ୍ଠ; 2. ଏକଗୁଁଆ, ଏକବୁଝା; 3. ଥେଣ୍ଟା; 4. ଅବାଧ୍ୟ ।
Pertinaciously, ad. 1. ଦୃଢନିଷ୍ଠଭାବେ; 2. ଅବାଧ୍ୟରୂପେ ।
Pertinaciousness, Pertinacity, n. 1. ଦୃଢନିଷ୍ଠତା; 2. ଅବାଧ୍ୟତା; 3. ଥେଣ୍ଟାପଣ ।
Pertinence, Pertinency, n. 1. ଉପଯୋଗିତା; 2. ସଙ୍ଗତି; 3. ଉପଯୁକ୍ତତା ।
Pertinent, a. 1. ସମ୍ବନ୍ଧୀୟ; 2. ପ୍ରସଙ୍ଗୋପଯୋଗୀ; 3. ଯଥାଯୋଗ୍ୟ, ଉପଯୁକ୍ତ, ସଙ୍ଗତ ।
Pertinently, ad. ସଙ୍ଗତଭାବେ, ଉପଯୁକ୍ତଭାବେ; ଯଥାଯୋଗ୍ୟରୂପେ ।
Pertinentness, n. see Pertinence.
Pertness, n. 1. ପ୍ରଗଲ୍‌ଭତା; 2. ଧୃଷ୍ଟପଣିଆ ।
Pertly, adv. 1. ଧୃଷ୍ଟପରି; 2. ପ୍ରଗଲ୍‌ଭଭାବେ ।
Perturb, v.t. 1. ବ୍ୟତିବ୍ୟସ୍ତ-କ, ବ୍ୟାକୁଳ-କ; 2. ଆନ୍ଦୋଳିତ-କ ।
Perturbable, a. 1. ବ୍ୟାକୁଳ ହେବାଯୋଗ୍ୟ; 2. ଆନ୍ଦୋଳନୀୟ ।
Perturbance, Perturbation, n. 1. ବ୍ୟାକୁଳତା; 2. ଚିତ୍ତଚାଞ୍ଚଲ୍ୟ; 3. (Astron.) ଗତିର ବିଶୃଙ୍ଖଳତା ।
Perturbed, a. 1. ଅସ୍ତବ୍ୟସ୍ତ; 2. ବ୍ୟାକୁଳିତ ।
Perturbedly, ad. 1. ଅସ୍ତବ୍ୟସ୍ତଭାବେ; 2. ବ୍ୟାକୁଳଭାବେ ।
Pertussis, n. ଗୁଁଗୁଁ କାଶ ।
Peruke, n. ଉପକେଶ । See Periwig.
Perusal, n. 1. ପାଠକରଣ; 2. ପାରାୟଣ; 3. ଅଧ୍ୟୟନ ।
Peruse, v.t. 1. ମନୋଯୋଗପୂର୍ବକ ପାଠ-କ; 2. ପାରାୟଣ-କ ।
Peruvian, a. ପେରୁଦେଶୀୟ ।—n. ପେରୁଦେଶବାସୀ ଲୋକ ।

Pervade, *v.t.* 1. ଅନୁପ୍ରବେଶ-କ; 2. ବ୍ୟାପିବା ।
Pervasion, *n.* 1. ଅନୁପ୍ରବେଶକରଣ; 2. ବ୍ୟାପନ ।
Perverse, *a.* 1. ବିପଥଗାମୀ; 2. ଅବାଧ୍ୟ; 3. ମନ୍ଦ; 4. ବିରକ୍ତିକର ।
Perversely, *ad.* 1. ବିପଥଗାମିରୂପେ; 2. ଅବାଧ୍ୟରୂପେ ।
Perverseness, *n.* 1. ବିପଥଗାମିତା; 2. ଅବାଧ୍ୟତା ।
Perversion, *n.* 1. ବିପଥେ ଗମନ; 2. ବିକୃତକରଣ; 3. ଅପପ୍ରୟୋଗ ।
Perversity, *n.* 1. ବିପଥଗାମିତ୍ୱ; 2. ଉନ୍ମାର୍ଗଗାମିତ୍ୱ; 3. ଦୁଷ୍ଟତା ।
Perversive, *a.* ବିକୃତକାରକ ।
Pervert, *v.t.* 1. ବିପଥଗାମୀ କରାଇବା; 2. ବିକୃତ-କ; 3. ଦୂଷିତ-କ, ଭ୍ରଷ୍ଟ-କ ।—*v.i.* ବିପଥଗାମୀ-ହେ ।—*n.* ସ୍ୱଧର୍ମତ୍ୟାଗୀ ଲୋକ ।
Perverter, *n.* 1. ଅପପ୍ରୟୋଜକ; 2. ଭ୍ରଷ୍ଟକାରୀ ।
Pervertible, *a.* ବିକୃତ କରଣୀୟ ।
Pervious, *a.* 1. ଅନୁପ୍ରବେଶନୀୟ; 2. ପ୍ରବେଶ୍ୟ; 3. ଭେଦନୀୟ; 4. କଣା ହୋଇଥିବା ।
Perviously, *ad.* 1. ପ୍ରବେଶ୍ୟଭାବେ; 2. ଭେଦନୀୟରୂପେ ।
Perviousness, *n.* 1. ଅନୁପ୍ରବେଶନୀୟତା; 2. ଭେଦନୀୟତ୍ୱ ।
Pessary, *n.* ଗର୍ଭସ୍ରାବ ନିବାରଣାର୍ଥେ ଯୋନିରେ ଲଗାଇବା ଯନ୍ତ୍ର ବିଶେଷ ।
Pessimism, *n.* 1. ମୋଟାମୋଟିରେ ଜଗତ୍ ଅମଙ୍ଗଳକର ଅଟେ ବୋଲି ଯେ ମତ; 2. ଦୁରଦୃଷ୍ଟ ପ୍ରତି ଅନାଇବା ପ୍ରବୃତ୍ତି; 3. ଜୀବନ ବିଷାଦପୂର୍ଣ୍ଣ ବୋଲି ଯେ ଧାରଣା ।
Pessimist, *n.* 1. ଜଗତ କ୍ରମେ ମନ୍ଦତର ହେଉଥିବା ମତାବଲମ୍ବୀ; 2. ବିଷନ୍ନକ; (opposed to Optimist) ।
Pessimistic, Pessimistical, *a.* 1. ଜଗତ କ୍ରମେ ମନ୍ଦତର ହେଉଥିବା ମତସମ୍ବନ୍ଧୀୟ; 2. ବିଷନ୍ନକାତ୍ମକ ।
Pest, *n.* 1. ମାରାତ୍ମକ ରୋଗ; 2. ମଡ଼କ; 3. ଅନିଷ୍ଟକର ବିଷୟ; 4. ଦିକ୍ଦାରିଆ ମନୁଷ୍ୟ ।
Pester, *v.t.* 1. ବ୍ୟସ୍ତ-କ; 2. ବିରକ୍ତ-କ, ଦିକ୍ଦାର-କ ।
Pesterer, *n.* ବ୍ୟସ୍ତକାରୀ ।
Pesteringly, *ad.* ବିରକ୍ତିଜନକଭାବେ ।
Pesthouse, *n.* ସଂକ୍ରାମକ ରୋଗର ଚିକିତ୍ସାଳୟ ।
Pestiferous, *a.* 1. ସଂକ୍ରାମକ; 2. ସାଂଘାତିକ; 3. ଶାନ୍ତିବାଧକ ।
Pestiferously, *ad.* 1. ସଂକ୍ରାମକରୂପେ; 2. ସାଂଘାତିକରୂପେ; 3. ଶାନ୍ତିବାଧକଭାବେ ।
Pestilence, *n.* 1. କୌଣସି ସଂକ୍ରାମକ ମାରାତ୍ମକ ରୋଗ, ମହାମାରୀ; 2. ନୈତିକ ଚରିତ୍ର ଭ୍ରଷ୍ଟକାରୀ ବିଷୟ ।
Pestilent, *a.* 1. ମଡ଼କ ଉତ୍ପାଦକ; 2. ସ୍ୱାସ୍ଥ୍ୟ ଓ ଜୀବନ ପକ୍ଷେ ଅପକାରୀ; 3. କ୍ଷତିକାରକ; 4. ଭ୍ରଷ୍ଟ; 5. ଶାନ୍ତିନାଶକ ।
Pestilential, *a.* 1. ସଂକ୍ରାମକ; 2. ମଡ଼କ ଉତ୍ପାଦକ; 3. ବିନାଶକ ।
Pestilentially, Pestilently, *ad.* 1. ମଡ଼କ ଉତ୍ପାଦକରୂପେ; 2. ବିନାଶକଭାବେ ।
Pestle, *n.* 1. ହାମାମ୍‌ଦସ୍ତାର ପୁଅ; 2. କୁଟଣା, ଉଖୁଳ ।—*v.t.* and *v.i.* ହାମାମ୍‌ଦସ୍ତାରେ କୁଟିବା, କୁଟଣା ବା ଉଖୁଳ ବ୍ୟବହାର-କ ।
Pet, (1) *n.* 1. ପୋଷାଜନ୍ତୁ; 2. 'ସଙ୍ଗାଳି'ପର ପ୍ରେମସୂଚକ ଶବ୍ଦ; 3. ପିଲାଙ୍କ ମଧ୍ୟରୁ ପ୍ରିୟପାତ୍ର ।—*a.* 1. ଗେହ୍ଲା; 2. ପାଳିତ; 3. ପ୍ରିୟତମ ।—*v.t.* 1. ପୋଷା ଜନ୍ତୁପରି ପାଳିବା; 2. ଗେହ୍ଲା-କ ।
Pet, (2) *n.* 1. ବିରକ୍ତି; 2. ଈଷତ୍ କ୍ରୋଧ ।
Petal, *n.* ଫୁଲର ପାଖୁଡ଼ା, ପୁଷ୍ପଦଳ ।
Petaled, Petalous, *a.* ପାଖୁଡ଼ାବିଶିଷ୍ଟ ।
Petaline, *a.* 1. ପୁଷ୍ପଦଳ ସମ୍ବନ୍ଧୀୟ; 2. ପୁଷ୍ପଦଳ ସଦୃଶ ।
Petaloid, *a.* ପୁଷ୍ପଦଳାକାର ।
Petard, *n.* ଫାଟକପ୍ରଭୃତି ଉଡ଼ାଇବା ଆଗ୍ନେୟାସ୍ତ୍ର ବିଶେଷ ।
Peter's-pence, *n.* ପ୍ରାଚୀନକାଳରେ ପୋପଙ୍କୁ ଦେୟ ବାର୍ଷିକ କର ।
Petiole, *n.* ପତ୍ରର ଡେମ୍ଫ, ପତ୍ରବୃନ୍ତ ।
Petiolar, Petiolary, *a.* 1. ପତ୍ରବୃନ୍ତ ସମ୍ବନ୍ଧୀୟ; 2. ପତ୍ରବୃନ୍ତରୁ ଅଙ୍କୁରିତ ।
Petiolule, *n.* ପତ୍ରର କ୍ଷୁଦ୍ର ଡେମ୍ଫ ।
Petit, *a.* *pet'i*, (Fem. Petite, *pe-tēt.*) ସାନ, ଛୋଟ ।
Petition, *n.* 1. ନିବେଦନପତ୍ର; 2. ଦରଖାସ୍ତ; 3. ପ୍ରାର୍ଥନା, ବିନତି ।—*v.t.* ଦରଖାସ୍ତ-ଦେ, ଅବେଦନ-କ, ଅନୁଗ୍ରହ ପ୍ରାର୍ଥନା-କ ।
Petitionary, *a.* 1. ଅବେଦନଯୁକ୍ତ; 2. ଅନୁନୟସୂଚକ ।
Petitioner, *n.* ଆବେଦନକାରୀ, ଦରଖାସ୍ତକାରୀ ।
Petitioning, *n.* ଅନୁନୟ, ଆବେଦନ ।
Petrary, *n.* ପ୍ରସ୍ତର ନିକ୍ଷେପକ ଯନ୍ତ୍ରବିଶେଷ ।
Petre, same as Saltpetre.
Petrean, *n.* ପାଷାଣ ସମ୍ବନ୍ଧୀୟ ।
Petrel, *n.* ଦୀର୍ଘପକ୍ଷ ଓ ଜାଲ-ପାଦ ବିଶିଷ୍ଟ ଏକପ୍ରକାର ସାମୁଦ୍ରିକ ପକ୍ଷୀ ।—Stormy petrel (Mother Carey's chickens) ଜାଲ-ପାଦବିଶିଷ୍ଟ ପକ୍ଷୀ ମଧ୍ୟରେ କ୍ଷୁଦ୍ରତମ ପକ୍ଷୀ ।
Petrescence, *n.* ପ୍ରସ୍ତରୀଭୂତ ହେବା ପ୍ରକ୍ରିୟା ।
Petrescent, *a.* ପ୍ରସ୍ତରୀଭୂତ ।
Petrifaction, *n.* 1. ପ୍ରସ୍ତରୀଭୂତକରଣ; 2. ପ୍ରସ୍ତରୀଭୂତ ଅବସ୍ଥା; 3. ପ୍ରସ୍ତରୀଭୂତ ପଦାର୍ଥ ।
Petrifactive, Petrific, *a.* ପ୍ରସ୍ତରୀଭୂତ କରଣକ୍ଷମ ।
Petrify, *r.t.* 1. ପଥରରେ ପରିଣତ-କ; 2. ପ୍ରସ୍ତରବତ୍ କଠିନ-କ; 3. ସ୍ତମ୍ଭୀଭୂତ-କ ।—*v.i.* 1. ପ୍ରସ୍ତରୀଭୂତ-ହେ; 2. ପ୍ରସ୍ତରବତ୍ କଠିନ-ହେ ।
Petrine, *a.* 1. ପ୍ରେରିତ ପିତରଙ୍କ ସମ୍ବନ୍ଧୀୟ; 2. ପ୍ରେରିତ ପିତରଙ୍କ ଦ୍ୱାରା ରଚିତ ।

Petrogeny, *n.* ପ୍ରସ୍ତରଉତ୍ପତ୍ତି ସମ୍ବନ୍ଧୀୟ ବିଜ୍ଞାନ ।
Petroglyph, *n.* ପ୍ରସ୍ତରଖୋଦିତ ଲେଖା ।
Petroglyphy, *n.* ପାହାଡ ବା ପ୍ରସ୍ତର ଉପରେ ଲିଖନ କୌଶଳ ।
Petrographer, *n.* ପାହାଡ ବା ପ୍ରସ୍ତର ଉପରେ ଲିଖନ କୌଶଳବେତ୍ତା ।
Petrography, *n.* ପ୍ରସ୍ତର ବିଷୟକ ଶିକ୍ଷା ।
Petrol, Petroleum, *n.* କେତେକ ଦେଶରେ ମୃତ୍ତିକାରୁ ନିଃସୃତ ଜ୍ୱଳନୀୟ ତରଳ ପଦାର୍ଥ, ଶିଳାତେଲ ।
Petrology, *n.* ପ୍ରସ୍ତରର ଉପାଦାନ ଓ ଶ୍ରେଣୀବିଭାଗର ବିଜ୍ଞାନ ।
Petronel, *n.* ପୂର୍ବତନକାଳୀନ ଅଶ୍ୱାରୂଢ ସୈନ୍ୟର ବଡ ପିସ୍ତଲ ।
Petrous, *a.* 1. ପ୍ରସ୍ତରବତ୍; 2. ଶକ୍ତ; 3. ପାଷାଣମୟ ।
Petted, *a.* ସ୍ନେହରେ ପାଳିତ, ଅଦୃତ ।
Petticoat, *n.* 1. ସ୍ତ୍ରୀଲୋକ ଓ ଛୋଟ ବାଳକମାନଙ୍କର ଲୁଗାତଳେ ପିନ୍ଧିବାର ଢିଲା ଘାଗରା; 2. ଜଣେ ସ୍ତ୍ରୀଲୋକ; 3. କେତୁଟର ତେଲବସ୍ତ୍ରରେ ନିର୍ମିତ ଢିଲା ଘାଗରା ।—*a.* 1. ସ୍ତ୍ରୀସମ୍ବନ୍ଧୀୟ; 2. ସ୍ତ୍ରୀ କର୍ତ୍ତୃକ ।
Petticoat government, *n.* ଘରେ କିମ୍ବା ରାଜ୍ୟରେ ସ୍ତ୍ରୀକର୍ତ୍ତୃକ ଶାସନ ।
Pettifogger, *n.* ଯେ ଛୋଟ ଓକିଲପରି କାର୍ଯ୍ୟ କରେ ।
Pettifoggery, *n.* 1. ଛୋଟ ଓକିଲ ବ୍ୟବସାୟ; 2. ଚତୁରତା ।
Pettifogging, *a.* 1. ଛୋଟ ଓକିଲ ବ୍ୟବସାୟ ସମ୍ବନ୍ଧୀୟ; 2. ପରଶ୍ରୀକାତର; 3. ନିକୃଷ୍ଟ ।
Pettish, *a.* 1. ଖିଟଖିଟିଆ; 2. ଅଳ୍ପକ୍ରୋଧୀ ।
Pettitoes, *n.* ଘୁଷୁରିଛୁଆର ଖୁରା ପଛଭାଗରେ ଥିବା ଅଙ୍ଗୁଠି ।
Pettily, *a.* 1. ସାମାନ୍ୟଭାବେ; 2. ତୁଚ୍ଛଭାବେ ।
Petty, *a.* 1. ଛୋଟ; 2. ସାମାନ୍ୟ; 3. ଅପକୃଷ୍ଟ; 4. ନଗଣ୍ୟ; 5. ତୁଚ୍ଛ, ଘୃଣାର୍ହ ।
Petty cash, *n.* ବାଜେ କାରବାରରେ ଅଳ୍ପ ଟଙ୍କା-ପଇସା ।
Petulance, Petulancy, *n.* 1. ଚିଡଚିଡଆସ୍ୱଭାବ; 2. ଅଧୈର୍ଯ୍ୟ ।
Petulant, *a.* 1. ଚିଡଚିଡଆ; 2. ଅଧୀର ।
Pew, *n.* ଖ୍ରୀଷ୍ଟୀୟ ଉପାସନାଳୟରେ ଏକାଧିକ ଶ୍ରୋତାମାନଙ୍କ ନିମନ୍ତେ ନିର୍ଦ୍ଦିଷ୍ଟ ଏକପ୍ରକାର କାଷ୍ଠାସନ ।
Pew-holder, *n.* ଉକ୍ତ କାଷ୍ଠାସନ ଭଡା ନେଇଥିବା ଲୋକ ।
Pewit, *n.* *pē'wit*, ନିମ୍ନ ପଡିଆ ଭୂମିରେ ରହୁଥିବା କଳାମୁଣ୍ଡ ଓ ଶିଖାଯୁକ୍ତ ପକ୍ଷିବିଶେଷ, ଟିଟ୍ଟିଭ ।
Pew-rent, *n.* ଉପାସନାଳୟରେ କାଷ୍ଠାସନର ଭଡା ।
Pewter, *n.* 1. ସୀସା ଓ ରଙ୍ଗ ମିଶ୍ରିତ ଧାତୁ, ଦସ୍ତା; 2. ଦସ୍ତାନିର୍ମିତ ପାତ୍ର ।—*a.* ଦସ୍ତାନିର୍ମିତ ।
Pewterer, *n.* ଦସ୍ତାର କାରିଗର ।
Phaeton, *n.* 1. ଏକପ୍ରକାର ଖୋଲା ଚାରିଚକିଆ ଗାଡି, ଫିଟନ୍ ଗାଡି; 2. ଉଷ୍ଣପ୍ରଧାନ ଦେଶର ଏକପ୍ରକାର ଲମ୍ବ-ଲାଞ୍ଜିଆ ପକ୍ଷୀ
Phalanx, *n.* *fal'angks*, 1. ସୈନ୍ୟଶ୍ରେଣୀ; 2. ସୈନ୍ୟବ୍ୟୂହ; 3. ଘନସନ୍ନିବିଷ୍ଟ ଲୋକଦଳ; 4. ଅଙ୍ଗୁଳି ପବର କ୍ଷୁଦ୍ର ଅସ୍ଥି ।—*pl.* Phalan'ges or Phal'anxes.
Phantasm, *n.* 1. ଅପଚ୍ଛାୟା; 2. କଳ୍ପିତ ଦର୍ଶନ; 3. ପ୍ରେତ ।
Phantasmagoria, *n.* ଛାୟାବାଜି, ମାଜିକ୍‌ଲଣ୍ଠନ ଦ୍ୱାରା କ୍ରମେ ବଡ ହେଉଥିବା ଛାୟାଚିତ୍ର ।
Phantasmagorial, *a.* ଛାୟାବାଜି ସମ୍ବନ୍ଧୀୟ ।
Phantastic, Phantasy, see Fantastic, Fantasy.
Phantom, *n.* ଅପଚ୍ଛାୟା, ପ୍ରେତ ।—*a.* ଛାୟାଦୃଷ୍ଟ ।
Pharoah, *n.* ମିସର ଦେଶର ପୂର୍ବକାଳୀନ ରାଜାଙ୍କ ଉପାଧି ।
Pharisaic, Pharisaical, *a.* 1. ଫାରୁଶୀ ସମ୍ବନ୍ଧୀୟ; 2. ଫାରୁଶୀ ସଦୃଶ; 3. କପଟୀ ।
Pharisaically, *ad.* କପଟଭାବେ ।
Pharisaism, Phariseeism, *n.* 1. ଫାରୁଶିମାନଙ୍କ ରୀତିନୀତି; 2. ଫାରୁଶିମତ; 3. ବାହ୍ୟିକ ଧର୍ମକର୍ମରେ ନିଷ୍ଠାପରତା; 4. କପଟତା ।
Pharisee, *n.* 1. ବ୍ୟବସ୍ଥା ଓ ଧର୍ମସମ୍ବନ୍ଧୀୟ ରୀତିନୀତି ପାଳନରେ ନିଷ୍ଠାପର ଯିହୁଦିଦଳ; 2. ବାହ୍ୟ ରୀତିନୀତି-ପ୍ରିୟ ଲୋକ; 3. କପଟୀ ଲୋକ ।
Pharmaceutic, Pharmaceutical, *fär-ma-sū'tik-al*, *a.* 1. ଔଷଧ ପ୍ରସ୍ତୁତକରଣ ବିଦ୍ୟା ସମ୍ବନ୍ଧୀୟ; 2. ଔଷଧ ପ୍ରସ୍ତୁତକରଣର କୌଶଳ ସମ୍ବନ୍ଧୀୟ ।
Pharmaceutics, *n.* ଔଷଧ ପ୍ରସ୍ତୁତକରଣ ବିଜ୍ଞାନ ।
Pharmaceutist, *n.* ଔଷଧ ପ୍ରସ୍ତୁତକାରୀ ବ୍ୟକ୍ତି ।
Pharmacist, *n.* 1. ଔଷଧ ବିକ୍ରେତା; 2. ଔଷଧ ପ୍ରସ୍ତୁତରେ ନିପୁଣ ଲୋକ ।
Pharmacon, *fär-ma-son*, *n.* 1. ଭୈଷଜ୍ୟ; 2. ବିଷ ।
Pharmacopœia, *n.* 1. ଔଷଧ ପ୍ରସ୍ତୁତକରଣ ସମ୍ବନ୍ଧୀୟ ଗ୍ରନ୍ଥ; 2. ଭୈଷଜ୍ୟ ସଂଗ୍ରହ ।
Pharmacy, *n.* 1. ଔଷଧ ସଂଗ୍ରହ ପ୍ରସ୍ତୁତକରଣ ସଂରକ୍ଷଣ ଓ ବିତରଣ ବିଷୟକ ଚିକିତ୍ସାବିଦ୍ୟାର ବିଭାଗ; 2. ଔଷଧ ପ୍ରସ୍ତୁତକରଣ ଓ ମିଶ୍ରଣର ବିଦ୍ୟା; 3. ଔଷଧାଳୟ ।
Pharology, *n.* ସମୁଦ୍ରକୂଳରୁ ଆଲୋକ ଚିହ୍ନଦ୍ୱାରା ଜାହାଜର ପଥପ୍ରଦର୍ଶନ ବିଦ୍ୟା ।
Pharos, *n.* ସମୁଦ୍ରତୀରସ୍ଥ ବତିଘର ।
Pharynx, *n.* ଗଳନାଳୀ ।
Phase, *n.* 1. ଦୃଶ୍ୟ; 2. ଆକାର; 3. ବିଶିଷ୍ଟକାଳ; 4. ଭାବ; 5. (Astron.) ଚନ୍ଦ୍ରାଦି ଗ୍ରହଗଣର ହ୍ରାସବୃଦ୍ଧିର ଆକାର ।
Pheasant, *n.* ବନ୍ୟ କୁକ୍କୁଟପରି ସୁନ୍ଦର ପକ୍ଷବିଶିଷ୍ଟ ଖାଦ୍ୟୋପଯୋଗୀ ଏକପ୍ରକାର ବଣଚଢେଇ ପକ୍ଷୀ ।

Pheasantry, *n.* ଉପବେଶକ୍ତ ପକ୍ଷିର ପାଳନ ନିମିତ୍ତ ଘେର ଜାଗା ।

Phenacetin, *n.* ଏକପ୍ରକାର ଜ୍ୱରଘ୍ନ ଔଷଧ ।

Phenakistoscope, *n.* ଏକପ୍ରକାର ଯନ୍ତ୍ର ଯଦ୍ଦ୍ୱାରା ପଦାର୍ଥମାନ ଗତିଶକ୍ତିବିଶିଷ୍ଟ ଦେଖାଯାଏ ।

Phenix, *n.* same as Phœnix.

Phenomenal, *a.* 1. ଦୃଶ୍ୟସମ୍ବନ୍ଧୀୟ; 2. ଅଦ୍ଭୁତ; 3. ଅସାଧାରଣ ।

Phenomenist, *n.* ଯେ ଅନ୍ୟ ସମସ୍ତ ଅଜ୍ଞାତ ମନେକରି କେବଳ ଦୃଶ୍ୟ ବିଷୟରେ ବିଶ୍ୱାସ କରେ ।

Phenomenon, *n.* 1. ଦୃଶ୍ୟ; 2. ଦୃଷ୍ଟିର ବିଷୟୀଭୂତ ବସ୍ତୁ; 3. ଅଦ୍ଭୁତ ବ୍ୟାପାର; 4. ଅସାଧାରଣ ବ୍ୟକ୍ତି; 5. ଅଦ୍ଭୁତ ଦର୍ଶନ ।—*pl.* Phemomena.

Pheon, *n.* (Her.) ତୀରର ଖାଞ୍ଜଯୁକ୍ତ ଅଗ୍ରଭାଗ ।

Phew, *interj.* ଓହୋ !

Phial, *fial*, *n.* ଶିଶି, ଛୋଟ ବୋତଲ ।

Philander, *v.i.* କୃତ୍ରିମ ପ୍ରଣୟ ଦେଖାଇବା, ରସିକପଣିଆ ଦେଖାଇବା ।—*n.* କୃତ୍ରିମ ପ୍ରଣୟୀ ।

Philanthropic, Philanthropical, *a.* ଲୋକହିତୈଷୀ, ସର୍ବମଙ୍ଗଳାକାଂକ୍ଷୀ ।

Philanthropist, *n.* 1. ଲୋକହିତୈଷୀ ବ୍ୟକ୍ତି; 2. ବିଶ୍ୱପ୍ରେମିକ ।

Philanthropy, *n.* 1. ମାନବପ୍ରୀତି; 2. ଲୋକହିତୈଷଣା; 3. ବିଶ୍ୱପ୍ରେମ ।

Philatelic, *a.* ଟିକଟ୍ ପ୍ରଭୃତିର ବିଜ୍ଞାନ ସମ୍ବନ୍ଧୀୟ ।

Philatelist, *n.* ଟିକଟ୍ ପ୍ରଭୃତିର ବିଜ୍ଞାନବେତ୍ତା ।

Philately, *n.* ଟିକଟ୍ ପ୍ରଭୃତିର ବିଜ୍ଞାନ ଓ ସଂଗ୍ରହକରଣ ।

Philhellene, Philhellenist, *n.* ଗ୍ରୀସ୍ ଦେଶର ପୃଷ୍ଠପୋଷକ । [ଅଧିବାସୀ ।

Philippian, *n.* ମାକେଦୋନିଆ ଦେଶସ୍ଥ ଫିଲିପି ନଗରର

Philippic, *n.* ତୀବ୍ର ଭର୍ତ୍ସନାପୂର୍ଣ୍ଣ ବକ୍ତୃତା ।

Philistine, *n.* 1. ପାଲେଷ୍ଟାଇନର ଦକ୍ଷିଣ-ପଶ୍ଚିମାଂଶର ପୁରାତନ ଅଧିବାସୀ ଯେଉଁମାନେ ଇସ୍ରାୟେଲ ବଂଶର ଶତ୍ରୁ ଥିଲେ; 2. ଅସଭ୍ୟ ଲୋକ ।

Philogyny, *fil-oj'i-ni*, *n.* ସ୍ତ୍ରୈଣତ୍ୱ ।

Philologist, *n.* ଭାଷାତତ୍ତ୍ୱବେତ୍ତା, ଭାଷାବିଜ୍ଞାନବେତ୍ତା ।

Philology, *n.* 1. ଭାଷାବିଜ୍ଞାନ; 2. ଶବ୍ଦ ନିର୍ଣ୍ଣୟ ଓ ବ୍ୟାକରଣ ବିଦ୍ୟା ।

Philomath, *n.* ବିଦ୍ୟାନୁରାଗୀ ବ୍ୟକ୍ତି । [ପକ୍ଷୀ ।

Philomel, Philomela, *n.* ନାଇଟିଙ୍ଗେଲ୍ ଜାତୀୟ

Philopolemic, *a.* ଯୁଦ୍ଧ ବା ବାଗ୍‌ଯୁଦ୍ଧପ୍ରିୟ ।

Philoprogenitiveness, *n.* 1. ସ୍ୱାଭାବିକ ଅପତ୍ୟସ୍ନେହ; 2. ବାତ୍ସଲ୍ୟମମତା ।

Philosopher, *n.* 1. ଜ୍ଞାନନିଷ୍ଠ ବ୍ୟକ୍ତି; 2. ଦାର୍ଶନିକ, ତର୍କଜ୍ଞ; 3. ତତ୍ତ୍ୱଜ୍ଞ; 4. ଜୀବନରେ ଘଟିତ ସମସ୍ତ ବିଷୟ ଓ ପରିବର୍ତ୍ତନରେ ସୁଧୀର ଓ ଯୁକ୍ତିସିଦ୍ଧଭାବେ ଯେ ଆଚରଣ କରେ ।

Philosopher's-stone, *n.* ସ୍ପର୍ଶମଣି, ପରଶପଥର ।

Philosophic, Philosophical, *a.* 1. ଦର୍ଶନଶାସ୍ତ୍ର ସମ୍ବନ୍ଧୀୟ; 2. ସୁଧୀର, ଶାନ୍ତ ।

Philosophically, *ad.* 1. ଦାର୍ଶନିକଭାବେ, ପାଣ୍ଡିତ୍ୟପୂର୍ବକ; 2. ସୁଧୀରଭାବେ ।

Philosophise, *v.i.* 1. ଦାର୍ଶନିକଙ୍କ ପରି ଯୁକ୍ତି-କ; 2. ବସ୍ତୁର ତତ୍ତ୍ୱାନୁସନ୍ଧାନ-କ ।

Philosophiser, *n.* ଦାର୍ଶନିକ ହେବାକୁ ଲାଳାୟିତ ବ୍ୟକ୍ତି ।

Philosophy, *n.* 1. ତତ୍ତ୍ୱଜ୍ଞାନ; 2. ଦର୍ଶନଶାସ୍ତ୍ର; 3. ଜ୍ଞାନବିଭାଗର ମତସମୂହ; 4. ତର୍କବିଦ୍ୟା; 5. ମନର ସ୍ଥିରତା ।

Philotechnic, Philotechnical, *a.* ଶିଳ୍ପବିଦ୍ୟାପ୍ରିୟ ।

Philtre, Philter, *n.* କାମୋଦ୍ଦୀପକ ଜଳ ।

Phiz, *n.* (Humorous) ମୁହଁ ।

Phlebitis, *n.* ଶିରାର ପ୍ରଦାହ ।

Phlebology, *n.* ଶିରାବିଜ୍ଞାନ ।

Phlegm, *flem.* *n.* 1. କଫ, ଶ୍ଳେଷ୍ମା; 2. ଜାଡ୍ୟ; 3. ଔଦାସ୍ୟ; 4. ସ୍ଥିରତା ।

Phlegmagogue, *n.* କଫନିଃସାରକ ଔଷଧ ।

Phlegmatic, Phlegmatical, *a.* 1. କଫଯୁକ୍ତ; 2. ଉଦାସୀନ; 3. ଜଡସ୍ୱଭାବଯୁକ୍ତ, ନିସ୍ତେଜ; 4. ଅନୁଦ୍‌ବେଗ ।

Phlegmatically, *ad.* ଜଡଭାବେ, ନିସ୍ତେଜରୂପେ ।

Phlogiston, *n.* ଜ୍ୱଳନୀୟ ବସ୍ତୁରେ ଥିବା କାଳ୍ପନିକ ଉପାଦାନ ବିଶେଷ ।

Phlox, *n.* ଆମେରିକାଦେଶର ଏକପ୍ରକାର ବର୍ଣ୍ଣାଢ୍ୟ ଫୁଲଗଛ ।

Phoca, *fo'sa*, *n.* ସୀଲ୍‌ମାଛ ।

Phocine, *fo'sin*, *a.* ସୀଲଜାତୀୟ ଜନ୍ତୁ ସମ୍ବନ୍ଧୀୟ ।

Phœbe, *fe'be*, *n.* ଚନ୍ଦ୍ରମା ।

Phœbus, *n.* ସୂର୍ଯ୍ୟଦେବତା, ସୂର୍ଯ୍ୟ ।

Phœnix, *n.* 1. ଚିତାଭସ୍ମରୁ ପୁନରୁତ୍ଥିତ କାଳ୍ପନିକ ପକ୍ଷୀ ବିଶେଷ ଏଣୁ—ଅମରତାର ନିଦର୍ଶନ; 2. ଅତ୍ୟୁତ୍କୃଷ୍ଟ ଆଦର୍ଶ ।

Phonate, *v.t.* ସ୍ୱରରେ ଉଚ୍ଚାରଣ-କ ।

Phonation, *n.* ସ୍ୱରନିର୍ଗମନ ।

Phonometer, *n.* ବସ୍ତୁର ଦୋଳନ ପରିମାପକ ଯନ୍ତ୍ର ।

Phonetic, Phonetical, *a.* 1. ସ୍ୱରସମ୍ବନ୍ଧୀୟ; 2. ସ୍ୱରାନୁଯାୟୀ; 3. ସ୍ୱରପ୍ରକାଶକ; 4. ଧ୍ୱନିକର ।

Phonetician, *n.* ସ୍ୱରବିଜ୍ଞାନର ପାଠକ ।

Phonetics, *n.* ସ୍ୱରବିଜ୍ଞାନ ।

Phonetic-spelling, *n.* ଉଚ୍ଚାରଣାନୁଯାୟୀ ବନାନ ।

Phonics, *n.* *Sing.* ସ୍ୱରବିଜ୍ଞାନ ।

Phonograph, *n.* 1. ସ୍ୱର ବ୍ୟକ୍ତ କରିବା ନିମନ୍ତେ ଅକ୍ଷର ବା ଚିହ୍ନ; 2. କଥିତ ବାକ୍ୟ ବା ଅନ୍ୟ ଶବ୍ଦ ଗ୍ରହଣ କରି

ତାହା ପୁନଃସୃଷ୍ଟି କରିବାରେ ସକ୍ଷମ ଏକ ଯନ୍ତ୍ର ।

**Phonographer, Phonographist,** *n.* ସାଙ୍କେତିକ ସଂକ୍ଷିପ୍ତ ଲିପି କୌଶଳଜ୍ଞ ।

**Phonographic, Phonographical,** *a.* ଚିହ୍ନ ବା ଅକ୍ଷରଦ୍ୱାରା ଶବ୍ଦ ପ୍ରକାଶ କରିବା ବିଦ୍ୟା ବିଷୟକ ।

**Phonography,** *n.* 1. ଚିହ୍ନ ବା ଅକ୍ଷରଦ୍ୱାରା ଶବ୍ଦ ପ୍ରକାଶ କରିବା ବିଦ୍ୟା; 2. ସାଙ୍କେତିକ ସଂକ୍ଷିପ୍ତ ଲିପି ।

**Phonological,** *a.* ଧ୍ୱନି ବା ଶବ୍ଦବିଜ୍ଞାନ ବିଷୟକ ।

**Phonologist,** *n.* ଧ୍ୱନି ବା ଶବ୍ଦବିଜ୍ଞାନ ବେତ୍ତା ।

**Phonology,** *n.* ଧ୍ୱନି ବା ଶବ୍ଦବିଜ୍ଞାନ ।

**Phonotype,** *n.* ଧ୍ୱନି ବା ଶବ୍ଦ ପ୍ରକାଶକ ଅକ୍ଷର ବା ଚିହ୍ନ ।

**Phonotypy,** *n.* ନିର୍ଦ୍ଦିଷ୍ଟପ୍ରକାରେ ଓ ନିର୍ଦ୍ଦିଷ୍ଟ ଅକ୍ଷରରେ ପ୍ରତ୍ୟେକ ମୌଳିକ ଶବ୍ଦ ପ୍ରକାଶକ କୌଶଳ ।

**Phosphate, Phosphite,** *n.* ଫସ୍ଫରସ ଅମ୍ଳ ଓ କୌଣସି ଉପାଦାନର ସଂଯୋଗରୁ ଉତ୍ପନ୍ନ ଲବଣ ।

**Phosphide,** *n.* ଫସ୍ଫରସ ଓ ଅନ୍ୟ ଏକ ଉପାଦାନ ମିଶ୍ରିତ ପଦାର୍ଥ ।

**Phosphor,** *n.* ଶୁକ୍ରତାରା, ପ୍ରଭାତ ତାରା ।

**Phosphorate,** *vt.* ଫସ୍ଫରସ ସହିତ ସଂଯୋଗ-କ ।

**Phosphorescent,** *a* ଫସ୍ଫରସ ପରି ଅନ୍ଧକାରରେ ଦୀପ୍ତିମାନ୍ ।

**Phosphoric acid,** *n.* ଫସ୍ଫରସ ଅମ୍ଳ ।

**Phosphorous,** *a.* 1. ଫସ୍ଫରସସମ୍ବନ୍ଧୀୟ; 2. ଫସ୍ଫରସରୁ ଜାତ ।—*n.* 1. ଶୁକ୍ରତାରା; 2. ଜ୍ୱଳନଶୀଳ ଓ ଅନ୍ଧକାରରେ ଦୀପ୍ତିକର ମହମଭଳି ଏକପ୍ରକାର ହଳଦିଆ ପଦାର୍ଥ, ଫସ୍ଫରସ ।

**Phosphoretted,** *a.* ଫସ୍ଫରସ ସଂଯୁକ୍ତ ।

**Photochemistry,** *n.* ଆଲୋକସମ୍ବନ୍ଧୀୟ ରସାୟନ ବିଦ୍ୟା ।

**Photo-engraving,** *n.* ଆଲୋକଚିତ୍ର ସାହାଯ୍ୟରେ ନକ୍ସାର ଛାଞ୍ଚ ଖୋଦନ ।

**Photograph,** *n.* ଆଲୋକଚିତ୍ର, ନକ୍ସା ।—*v.t.* ଆଲୋକ ସାହାଯ୍ୟରେ ଚିତ୍ରାଙ୍କନ-କ, ନକ୍ସା ଉଠାଇବା ।

**Photographer, Photographist,** *n.* ଆଲୋକଚିତ୍ର ବ୍ୟବସାୟୀ ।

**Photographic, Photographical,** *a.* ଆଲୋକଚିତ୍ର ବିଦ୍ୟା ବିଷୟକ; 2. ଆଲୋକଚିତ୍ର କୌଶଳଦ୍ୱାରା ପ୍ରସ୍ତୁତ ।

**Photography,** *n.* ଆଲୋକ ସାହାଯ୍ୟରେ ଚିତ୍ରାଙ୍କନ ବିଦ୍ୟା ।

**Photometer,** *n.* ଆଲୋକ ପରିମାପକ ଯନ୍ତ୍ର ।

**Photophobia,** *n.* ଆଲୋକାତଙ୍କ ରୋଗ ।

**Photophone,** *n.* କିରଣରେଖା ଦ୍ୱାରା ଦୂରକୁ ସମ୍ବାଦ ପ୍ରେରଣ କରିବା ଯନ୍ତ୍ର ।

**Photo-xylography,** *f-tŏ-zĭ-log'ra-fi,* *n.* ଆଲୋକଚିତ୍ର ସାହାଯ୍ୟରେ କାଠଉପରେ ଚିତ୍ର ଅଙ୍କନ କରିଉତ୍ତାରେ ତହିଁଉପରେ ଖୋଦନ କାର୍ଯ୍ୟ ।

**Phrase,** *n.* 1. ଏକାର୍ଥ ପ୍ରକାଶକ ଦୁଇ ବା ତତୋଽଧିକ ପଦ; 2. ବାକ୍ୟାଂଶ; 3. ବାକ୍ୟ କଥନର ଧାରା; 4. ବାକ୍ୟସମଷ୍ଟି ।—*v.t.* 1. ବାକ୍ୟରେ ପ୍ରକାଶ-କ; 2. ଆଖ୍ୟାତ-କ ।

**Phraseless,** *a.* ଅବର୍ଣ୍ଣନୀୟ ।

**Phraseologic, Phraseological,** *a.* 1. ବାକ୍ୟ କଥନ ପଦ୍ଧତିସମ୍ବନ୍ଧୀୟ; 2. ବାକ୍ୟାଂଶମାନଙ୍କରେ ଘଟିତ ।

**Phraseologist,** *n.* 1. ବାକ୍ୟାଂଶ ରଚକ; 2. ବାକ୍ୟାଂଶ ସଂଗ୍ରହକାରୀ ।

**Phraseology,** *n.* 1. ବାକ୍ୟବିନ୍ୟାସ; 2. କହିବାର ବିଶେଷ ଢଙ୍ଗ; 3. କୌଣସି ଭାଷାରେ ବାକ୍ୟାଂଶମାନର ସଂଗ୍ରହ ।

**Phrenics,** *n.* ମନଃ ସମ୍ବନ୍ଧୀୟ ଦର୍ଶନଶାସ୍ତ୍ର ।

**Phrenism,** *n.* ମନନ ଶକ୍ତି ।

**Phrenitis,** *n.* ମସ୍ତିଷ୍କର ପ୍ରଦାହ ।

**Phrenological,** *a.* ଶିରୋଽସ୍ଥିର ଆକୃତି ପରୀକ୍ଷାଦ୍ୱାରା ମାନସିକ ଶକ୍ତି ଓ ଚରିତ୍ର ନିର୍ଣ୍ଣୟବିଦ୍ୟା ସମ୍ବନ୍ଧୀୟ ।

**Phrenologist,** *n.* 1. ଶିରୋଽସ୍ଥିର ଆକୃତି ପରୀକ୍ଷାଦ୍ୱାରା ମାନସିକ ଶକ୍ତି ଓ ଚରିତ୍ର ନିର୍ଣ୍ଣୟକାରୀ ବ୍ୟକ୍ତି; 2. ମସ୍ତିଷ୍କ ବିଦ୍ୟାବିତ୍ ।

**Phrenology,** *n.* ଶିରୋଽସ୍ଥିର ଆକୃତି ପରୀକ୍ଷାଦ୍ୱାରା ମାନସିକ ଶକ୍ତି ଓ ଚରିତ୍ରାଦି ନିର୍ଣ୍ଣୟ ବିଦ୍ୟା, ମସ୍ତିଷ୍କ ବିଦ୍ୟା ବା ତତ୍ତ୍ୱ ।

**Phthisis,** *thī'sis,* *n.* କ୍ଷୟକାଶ, ଯକ୍ଷ୍ମାରୋଗ ।

**Phycology,** *fī-kol'ŏji,* *n.* ସମୁଦ୍ରଜଳ ବିଷୟକ ଜ୍ଞାନ ।

**Phylactery,** *n.* 1. ରକ୍ଷାକବଚ ବିଶେଷ; 2. ୟିହୁଦୀମାନଙ୍କ ମଧ୍ୟରେ ବାମବାହୁ ବା କପାଳରେ ପରିହିତ ଧର୍ମପୁସ୍ତକ-ପଦାଙ୍କିତ ପଟା; 3. ଆଦ୍ୟ ଖ୍ରୀଷ୍ଟିୟାନମାନଙ୍କ ମଧ୍ୟରେ ମୃତ ବ୍ୟକ୍ତିର ସ୍ମାରକ ଚିହ୍ନ ରଖିବା ଖୋଳ ।

**Phyle,** *fī'lē,* *n.* ଗ୍ରୀସ୍ ଦେଶର ପୂର୍ବକାଳୀନ ଜାତି ବା ଗୋଷ୍ଠୀ ।

**Phyletic,** *a.* ଜାତି ବା ଗୋଷ୍ଠୀସମ୍ବନ୍ଧୀୟ ।

**Physic,** *n.* 1. ଭୈଷଜ୍ୟ ବିଦ୍ୟା; 2. ଚିକିତ୍ସାକୌଶଳ; 3. ଔଷଧ ।—*v.t.* ଔଷଧ ପ୍ରୟୋଗ-କ ।

**Physical,** *a.* 1. ପ୍ରକୃତି ବା ପ୍ରାକୃତିକ ପଦାର୍ଥ ସମ୍ବନ୍ଧୀୟ; 2. ଜଡ଼ପଦାର୍ଥ ସମ୍ବନ୍ଧୀୟ; 3. ପ୍ରାକୃତିକ ତତ୍ତ୍ୱଜ୍ଞାନ ସମ୍ବନ୍ଧୀୟ; 4. ଇନ୍ଦ୍ରିୟଗୋଚର; 5. ଶାରୀରିକ; 6. ସ୍ଥୂଳ ।

**Physical astronomy,** *n.* ଗ୍ରହ ନକ୍ଷତ୍ରାଦିମାନଙ୍କ ଗତିର କାରଣସକଳର ବିବରଣ ।

**Physical education,** *n.* ବ୍ୟାୟାମଦ୍ୱାରା ଶାରୀରିକ ଶକ୍ତିବୃଦ୍ଧିକର ଅନୁଶୀଳନ ।

**Physical force,** *n.* ବାହ୍ୟିକ ଶକ୍ତି ।

**Physical geography,** *n.* ପ୍ରାକୃତିକ ଭୂଗୋଳ ।

**Physically,** *ad.* 1. ପ୍ରକୃତ୍ୟନୁସାରେ; 2. ଶାରୀରିକଭାବେ ।

**Physical world,** *n.* ଜଡ଼ଜଗତ ।

**Physicist,** 1. ପ୍ରକୃତିବେତ୍ତା; 2. ଚିକିତ୍ସାବିଦ୍ୟାରେ ନିପୁଣ ଲୋକ; 3. ପ୍ରାକୃତିକ ତତ୍ତ୍ୱଜ୍ଞାନବେତ୍ତା; 4. ଜୀବନକୁ ପ୍ରାକୃତିକ ଶକ୍ତି ବୋଲି ଯେ ବିଶ୍ୱାସ କରେ ।

Physics, *n.* ପଦାର୍ଥବିଜ୍ଞାନ, ପ୍ରାକୃତିକ ତତ୍ତ୍ୱଜ୍ଞାନ ।
Physiognomist, *n.* ମୁଖସାମୁଦ୍ରିକ ।
Physiognomy, *n.* 1. ମୁଖଲକ୍ଷଣରୁ ଚରିତ୍ର ନିରୂପଣ ବିଦ୍ୟା; 2. ମୁଖର ଭାବଭଙ୍ଗୀ; 3. ମୁଖ; 4. ଆକୃତି ।
Physiography, *n.* 1. ପ୍ରାକୃତିକ ଭୂଗୋଳର ମୂଳତତ୍ତ୍ୱର ବ୍ୟାଖ୍ୟା; 2. ପ୍ରାକୃତିକ ବିଜ୍ଞାନର ଉପକ୍ରମଣିକା; 3. ପ୍ରାକୃତିକ ଭୂଗୋଳ ।
Physiolatry, *n.* ପ୍ରକୃତିପୂଜା ।
Physiologic, Physiological, *a.* ପଦାର୍ଥବିଦ୍ୟା ସମ୍ବନ୍ଧୀୟ ।
Physiologist, *n.* ପଦାର୍ଥ ତତ୍ତ୍ୱବିତ୍ ।
Physiology, *n.* 1. ଜୀବବିଜ୍ଞାନର ଗୋଟିଏ ବିଭାଗ; 2. ଶାରୀରିକ ତତ୍ତ୍ୱଜ୍ଞାନ ।
Physique, *n.* ମନୁଷ୍ୟର ଶାରୀରିକ ବା ପ୍ରାକୃତିକ ଗଠନ ।
Phytology, *n.* ଉଦ୍ଭିଦ ବିଜ୍ଞାନ ।
Phytophagic, Phytophagous, *a.* ବୃକ୍ଷାଶୀ, ତୃଣଭୋଜୀ ।
Phytozoa, *n. pl.* ସ୍ପଞ୍ଜ ପ୍ରଭୃତି ଉଦ୍ଭିଦ ସଦୃଶ ପ୍ରାଣୀ ।
Pi, Pie, *n.* ଅବ୍ୟବସ୍ଥିତ ବିଭିନ୍ନ ପ୍ରକାର ଛାପାକ୍ଷରର ମିଶ୍ରଣ ।
Piacular, *n.* 1. ପ୍ରଶମକ; 2. ପ୍ରାୟଶ୍ଚିତ୍ତାର୍ହ; 3. ଅତି ଦୁଷ୍ଟ ।
Pianissimo, *ad.* ଅତି ଧୀରେ ।
Pianist, *n.* "ପିୟାନୋ" ଯନ୍ତ୍ର ବାଦକ ।
Piano, Pianoforte, *n.* ପିୟାନୋ ନାମକ ଏକପ୍ରକାର ବାଦ୍ୟଯନ୍ତ୍ର ।
Piastre, Piaster, *n.* ତୁରସ୍କ ଓ ଅନ୍ୟାନ୍ୟ ଦେଶରେ ବ୍ୟବହୃତ ଏକ ରୌପ୍ୟ ମୁଦ୍ରା ।
Piazza, *n.* 1. ଇଟାଲିଦେଶର ଘରବେଷ୍ଟିତ ମେଳ ସ୍ଥାନ; 2. ବାରଣ୍ଡା 3. ସ୍ତମ୍ଭଯୁକ୍ତ ଦାଲାନ ।
Pibroch, *n.* "ବ୍ୟାଗପାଇପ୍" ଯନ୍ତ୍ରର ସାମରିକ ବାଜଣା ।
Pica, *píka*, *n.* ଛାପାକ୍ଷରର ବିଶେଷ ଯାହାକୁ ଛାପା କଲେ ଏକ ଇଞ୍ଚରେ ଛ ଧାଡି ହୁଏ ।
Picador, *n.* ଷଣ୍ଢ ସଙ୍ଗେ ବଲ୍ଲମଦ୍ୱାରା ଯୁଦ୍ଧକାରୀ ଅଶ୍ୱାରୋହୀ ଲୋକ ।
Picaroon, *n.* 1. ଧୂର୍ତ୍ତତାଦ୍ୱାରା ଯେ ରୋଜଗାର କରେ; 2. ଠକ; 3. ଜଳଦସ୍ୟୁ ।
Piccaninny, Pickaninny, *n.* 1. ସାନ ଶିଶୁ; 2. ଆଫ୍ରିକାବାସୀ ଲୋକର ଶିଶୁ ।
Piccolo, *n.* ଏକ କ୍ଷୁଦ୍ର ବଂଶୀ ।
Pice, *n.* ପଇସା, ଅଣାର ଚତୁର୍ଥାଂଶ ।
Pick, *v.t.* 1. ମୁନିଆ ହତିଆର ଦ୍ୱାରା ବିନ୍ଧ-କ; 2. ପକ୍ଷୀ ପରି ଖୁମ୍ପିବା; 3. ଭେଦ-କ; 4. ତୀକ୍ଷ୍ଣ ହତିଆରଦ୍ୱାରା ତାଲା ଖୋଲିବା; 5. ଫୁଲ ଆଦି ତୋଳିବା; 6. ଛଣ୍ଟାଇ-ନେ; 7. ଦାନ୍ତଦ୍ୱାରା ହାଡରୁ ମାଂସ ଛଡାଇ-ନେ; 8. ସଞ୍ଚୟ-କ; 9. ବାଛିବା; 10. ପସନ୍ଦ-କ; 11. ଗୋଟାଇବା; 12. ଚୋରି -କ; 13. ଟିକିଏ ଟିକିଏ ଖାଇବା ।—*n.* 1. ଗଇନ୍ତି; 2. ଖୋଲିବା ପାଇଁ କୌଣସି ତୀକ୍ଷ୍ଣ ହତିଆର; 3. ପ୍ରଥମେ ପସନ୍ଦ କରିବାର ଅଧିକାର; 4. ସର୍ବୋତ୍କୃଷ୍ଟ ବସ୍ତୁ ।—To pick a hole in one's coat, କାହାର ଛିଦ୍ରାନୁସନ୍ଧାନ-କ । To pick a quarrel, ଉପରେ ପଡି ଝଗଡା-କ । To pick off, ଗୋଟିଏ ଗୋଟିଏ କରି ମାରିବା । To pick one's teeth, ଦାନ୍ତ ଖୁଣ୍ଟିବା । To pick one's way, ସତର୍କଭାବେ ପାଦ ପକାଇବା । To pick out, ରଙ୍ଗର ରେଖା ବା ଛିଟା ଦ୍ୱାରା ଚିତ୍ର-କ । To pick to pieces, 1. ଚିରି-ଦେ; 2. ନିନ୍ଦା-କ । To pick up, 1. କ୍ରମେ କ୍ରମେ ଉନ୍ନତି-କ; 2. ବଳ ଲାଭ-କ; 3. ସଙ୍ଗରେ ନେଇଯିବା; 4. ଘଟଣାକ୍ରମେ ପ୍ରାପ୍ତ-ହେ । Pick-me-up, ଉତ୍ତେଜକ ପେୟ ଦ୍ରବ୍ୟ ।
Pickaback, *ad.* ପିଠିଉପରେ ।
Pickaxe, *n.* ଗଇନ୍ତି ।
Picklock, *n.* ତାଲା ଖୋଲିବାର ତୀକ୍ଷ୍ଣ ହତିଆର ।
Pickpocket, *n.* ଜେବ୍ କଟୁଆ, ପାକେଟ୍ ଚୋର ।
Picked, *n.* 1. ବଛା; 2. ସର୍ବୋତ୍କୃଷ୍ଟ; 3. ମୁନିଆ ।
Picket, *n.* 1. ସୂକ୍ଷ୍ମାଗ୍ର ଖୁଣ୍ଟ; 2. ସେନା ସମ୍ମୁଖୀନ ପ୍ରହରୀଦଳ ।—*v.t.* 1. ଘୋଡା ଇତ୍ୟାଦି ଖୁଣ୍ଟରେ ବାନ୍ଧିବା; 2. ସେନା ସମ୍ମୁଖୀନ ପ୍ରହରୀଦଳ ନିଯୁକ୍ତ-କ ।
Pickle, *n.* 1. ଆଚାର; 2. ସିର୍କାରେ ରକ୍ଷିତ ମାଂସ ବା ପରିବା; 3. ଅସୁବିଧା; 4. ଦୁଷ୍ଟ ପିଲା ।—*v.t.* 1. ଆଚାର-କ; 2. ଲବଣାକ୍ତ ଜଳ ଦ୍ୱାରା ରକ୍ଷିବା ।—To have a rod in pickle, ପାହାର ଥୁଆ-ହେ ।
Picnic, *n.* ବନଭୋଜି ।—*v.i.* ବନଭୋଜି-କ ।
Pict, *n.* ସ୍କଟଲଣ୍ଡ ଦେଶର ପୂର୍ବକାଳୀନ ଏକ ଜାତି ।
Pictorial, *a.* 1. ଚିତ୍ର ସମ୍ବନ୍ଧୀୟ; 2. ସଚିତ୍ର; 3. ଚିତ୍ରସମନ୍ୱିତ ।
Picture, *n.* 1. ଚିତ୍ର; 2. ରଙ୍ଗର ଅଙ୍କିତ ଛବି; 3. ନକ୍ସା, ଚିତ୍ରପଟ; 4. ଅନୁରୂପ; 5. ପ୍ରତିମୂର୍ତ୍ତି; 6. ସୁସ୍ପଷ୍ଟ ବର୍ଣ୍ଣନା ।—*v.t.* 1. ଚିତ୍ର-କ; 2. ଅଙ୍କନ-କ; 3. ମନ ମଧ୍ୟରେ ପ୍ରତିମୂର୍ତ୍ତି ଗଠନ-କ; 3. ସୁସ୍ପଷ୍ଟରୂପେ ବର୍ଣ୍ଣନା-କ ।
Picture-book, *n.* ଛବିବହି, ଚିତ୍ରପୁସ୍ତକ ।
Picture-frame, *n.* ଚିତ୍ରାଧାର ।
Picture-gallery, *n.* ଚିତ୍ରଶାଳା ।
Picturesque, *a.* 1. ଚିତ୍ରସଦୃଶ; 2. ମନୋହର ଚିତ୍ରୋପଯୋଗୀ; 3. ଚିତ୍ରର ସୌନ୍ଦର୍ଯ୍ୟ ପ୍ରକାଶକ ।
Picturesquely, *ad.* ମନୋହର ଚିତ୍ରୋପଯୋଗିରୂପେ ।
Piddle, *v.i.* 1. ସାମାନ୍ୟ ବିଷୟର ବ୍ୟବସାୟ-କ; 2. ମୁତିବା ।
Pidgin-English, *n.* ଚୀନଦେଶୀୟ ଲୋକର ଅଶୁଦ୍ଧ ଇଂରାଜୀ ଭାଷା ।
Pie, (1) *n.* 1. ଚିହ୍ନିତ ରଙ୍ଗର ଏକପ୍ରକାର ପକ୍ଷୀ; 2. ମିଶା ଛାପା ଅକ୍ଷର ।
Pie, (2) *n.* ପାହୁଲା ।
Pie, (3) *n.* ମଇଦା ଖୋଳରେ ମାଂସ ବା ଫଳ ପୂରିତ ପିଠା ।—A finger in the pie, କାର୍ଯ୍ୟ ସମ୍ପାଦନରେ କିଛି ଅଂଶ ।
Piebald, Pyebald, *a.* ଚିତ୍ରବିଚିତ୍ର ।
Piece, *a.* 1. ଖଣ୍ଡ, ଟୁକୁରା, ଥାନ; 2. ତୋପ; 3. ବନ୍ଧୁକ; 4. କିଛି ସମୟର ନିର୍ଦ୍ଧାରିତ କାର୍ଯ୍ୟ; 5. [illegible]

ଅଭିନୟ; 6. ସାହିତ୍ୟିକ ପ୍ରବନ୍ଧ; 7. ବାଜ୍ୟର ଅଂଶ; 8. ବନ୍ଧୁକ, ତୋପ; 9. ମୁଦ୍ରା; 10. ଶତରଞ୍ଜ ପ୍ରଭୃତି ଖେଳର ଗୋଟି; 11. କୌଣସି ବିଶେଷ ଧରଣର ଲୋକ ।—*v.t.* ଅନ୍ୟ ଖଣ୍ଡେ ଯୋଡିବା, ତାଳି-ଦେ ।—*v.i.* ସଂଯୁକ୍ତ-ହେ ।—To give one a piece of one's mind, ଜଣକର ମୁହଁ ଉପରେ କହିଦେବା । Of a piece, ସମାନ ।

Piece-goods, *n.* ସୂତା ପାଟ ରେଶମ ବା ଗରମ ଲୁଗାର ଖଣ୍ଡମାନ ।

Pieceless, *a.* ଅଖଣ୍ଡ, ସମ୍ପୂର୍ଣ୍ଣ ।

Piecemeal, *ad.* 1. ଖଣ୍ଡ ଖଣ୍ଡ କରି; 2. ଅଳ୍ପ ଅଳ୍ପ କରି; 3. କ୍ରମେ କ୍ରମେ ।—*a.* 1. ବହୁଖଣ୍ଡ ଦ୍ୱାରା ପ୍ରସ୍ତୁତ; 2. ପୃଥକ୍ ଭାବରେ ପ୍ରକାଶିତ ।

Piecer, *n.* ସୂତା କାରଖାନାରେ ଛିଣ୍ଡାସୂତା ଯୋଡିବା କାର୍ଯ୍ୟରେ ନିଯୁକ୍ତ ବାଳକ ବା ବାଳିକା ।

Piecework, *n.* ଭୁକ୍ତିକାମ, ଠିକା କାର୍ଯ୍ୟ ।

Piecing, *n.* ଛିଣ୍ଡାସୂତା ଯୋଡିବା କାର୍ଯ୍ୟ ।

Pied, *a.* ଚିତ୍ରବିଚିତ୍ର, ବହୁରଙ୍ଗୀ ।

Pier, *n.* 1. ପିଲ୍‌ପାୟା; 2. ସ୍ତମ୍ଭ; 3. ଭିତ୍ତି; 4. ଘୋଲ, ଜାହାଜକୁ ଓହ୍ଲାଇବା ପାଇଁ ସମୁଦ୍ର ଭିତରେ ତିଆରି ହୋଇଥିବା ପଥର ବା କାଠର ସେତୁ ।

Pierage, *n.* ଘୋଲରେ ଯାତାୟାତ ନିମନ୍ତେ ପ୍ରଦତ୍ତ ମାସୁଲ ।

Pierce, *v.t.* 1. ଫୋଡି-ଦେ, ବିଦ୍ଧ-କର; 2. ପ୍ରବେଶ-କର; 3. ବ୍ୟାପ୍ତି-କର; 4. ରହସ୍ୟ ଭେଦ-କର ।—*v.i.* ଭିତରକୁ ଯିବା ।

Pierceable, *a.* ଭେଦ୍ୟ, ଭେଦନୀୟ ।

Piercer, *n.* 1. ଭେଦକାରୀ; 2. ବିଦ୍ଧ କରିବାରେ ବ୍ୟବହୃତ ତୀକ୍ଷ୍ଣ ଅସ୍ତ୍ର ।

Piercing, *a.* 1. ବିଦାରକ; 2. ମର୍ମଭେଦୀ; 3. ତୀବ୍ର ।

Piercingly, *ad.* ତୀବ୍ରରୂପେ, ପ୍ରଖରଭାବେ ।

Pierglass, *n.* ଦୁଇ ଝରକା ମଧ୍ୟରେ ରଖାହୋଇଥିବା ବଡ ଦର୍ପଣ ।

Pierrot, *n.* ମସ୍ଖରା ।

Pietism, *n.* ପ୍ରଗାଢ ଧର୍ମାନୁରାଗୀ ଓ ଧର୍ମସଂସ୍କାରକ ଏକ ସମ୍ପ୍ରଦାୟର ମତ ଓ ରୀତି ।

Pietist, *n.* ସପ୍ତଦଶ ଶତାବ୍ଦୀର ଜର୍ମାନୀର ପ୍ରଗାଢ ଧର୍ମାନୁରାଗୀ ଓ ଧର୍ମସଂସ୍କାରକ ଏକ ସମ୍ପ୍ରଦାୟର ଲୋକ ।

Pietistic, Pietistical, *a.* ପ୍ରଗାଢ ଧର୍ମାନୁରାଗୀ ।

Piety, *n.* 1. ସାଧୁତା; 2. ଈଶ୍ୱରଭକ୍ତି, ଈଶ୍ୱରଙ୍କ ଆଜ୍ଞା ପାଳନେଚ୍ଛା; 3. ପିତା ମାତା ମିତ୍ର ବା ଦେଶ ପ୍ରତି ପ୍ରେମ ଓ କର୍ତ୍ତବ୍ୟ କର୍ମ; 4. କର୍ତ୍ତବ୍ୟ ଜ୍ଞାନ; 5. ଧର୍ମନିଷ୍ଠା ।

Pig, *n.* 1. ଘୁଷୁରି, ଶୂକର; 2. ତରଳା ହୋଇଥିବା ଲୌହପିଣ୍ଡ ।—*v.i.* 1. ଘୁଷୁରି ଛୁଆ ଜନ୍ମାଇବା; 2. ଘୁଷୁରି ଛୁଆପରି ଏକାଠି ବାସ-କର ।

Pig-eyed, *a.* ଘୁଷୁରି ପରି ଆଖି ଥିବା, ଘୁଷୁରି ଚକ୍ଷୁ ।

Pig-faced, *a.* ଘୁଷୁରିମୁହାଁ ।

Piggery, *n.* ଘୁଷୁରି ରଖିବା ସ୍ଥାନ ।

Piggish, *a.* 1. ଶୂକର ସମ୍ବନ୍ଧୀୟ; 2. ଘୁଷୁରିପରି; 3. ପେଟୁକ ।

Pigheaded, *a.* 1. ବଡମୁଣ୍ଡିଆ; 2. ଏକ ଗୁଆଁ ।

Pig-iron, *n.* ତରଳା ହୋଇଥିବା ଲୌହପିଣ୍ଡ ।

Pig-sty, *n.* ଶୂକରଶାଳା ।

Pigtail, *n.* 1. ଘୁଷୁରି ଲାଞ୍ଜ; 2. ଚୀନାମାନଙ୍କର ଲମ୍ବା ଚୁଟି; 3. ଚୀନଦେଶୀୟ ଲୋକ; 4. ବଳା ହୋଇଥିବା ଧୂଆଁପତ୍ରର ବଡା ।

Pigeon, *n.* ପାରା, ପାରାବତ ।

Pigeon-breasted, *a.* ଉନ୍ନତ ବକ୍ଷବିଶିଷ୍ଟ ।

Pigeon-hearted, *a.* ଭୀରୁ, ଭୟାଳୁ ।

Pigeon-hole, *n.* ପାରାଘରର କୋଠରି, ଆଲମାରି ଆଦିରେ କାଗଜ ରଖିବାର ଭିନ୍ନ ଭିନ୍ନ ଥାକ ବା ଖୋପ ।—*v.t.* 1. ଆଲମାରିର ଭିନ୍ନ ଭିନ୍ନ ଥାକରେ କାଗଜ ରଖିବା; 2. ଅଲଗା କରି ରଖି ହେଲା-କର ।

Pigeon-house, *n.* ପାରାଘର ।

Pigeon-toed, *a.* ପାରା ପାଦପରି ପାଦଯୁକ୍ତ ।

Pigmean, *a.* 1. ବାମନ ସଦୃଶ; 2. ଅତି କ୍ଷୁଦ୍ର ।

Pigment, *n.* ରଙ୍ଗ, ରଙ୍ଗର ଉପାଦାନ ।

Pigmy, *n.* same as Pygmy.

Pignoration, *n.* (Law) ବନ୍ଧକ ଥିବା ପଶୁକୁ କ୍ଷତିପୂରଣ ପାଇବା ପର୍ଯ୍ୟନ୍ତ ଅଟକକରଣ ।

Pike, *n.* 1. ତୀକ୍ଷ୍ଣ ମୁନ; 2. ପୂର୍ବକାଳର ପଦାତିକ ସୈନ୍ୟମାନଙ୍କର ଏକପ୍ରକାର ବର୍ଚ୍ଛା, ବଲମ; 3. ଶୃଙ୍ଗଯୁକ୍ତ ପାହାଡ; 4. ବାଲିଅ ମାଛ ।

Piked, *a.* ଚୋଖିଆ ।

Pikeman, *n.* ବର୍ଚ୍ଛାଧାରୀ ଲୋକ, ବଲମଧାରୀ ।

Pikestaff, *n.* ବର୍ଚ୍ଛାଦଣ୍ଡ, ବଲମବାଡି ।

Pilar, *a.* ଲୋମଶ ।

Pilaster, *n.* କାନ୍ଥମଧ୍ୟରେ ଅଧେ ଓ ବାହାରେ ଅଧେ ଏପ୍ରକାରେ ନିର୍ମିତ ହୋଇଥିବା ଚତୁଷ୍କୋଣ ସ୍ତମ୍ଭ ।

Pilchard, *n.* "ହେରିଙ୍ଗ" ପରି ଏକପ୍ରକାର ସମୁଦ୍ର ମାଛ ।

Pile, (1) *n.* 1. ରାଶି, ସ୍ତୂପ; 2. ଭିନ୍ନ ଭିନ୍ନ ପଦାର୍ଥର ଗଦା; 3. ମୃତଦେହ ଜଳାଇବାର କାଷ୍ଠ; 4. ବୃହତ୍ ଅଟ୍ଟାଳିକା; 5. ଗୋଳାଗୁଳିର ଗଦା; 6. (Slang) ଟଙ୍କାର ଗଦା ।—*v.t.* 1. ରାଶୀକୃତ-କର; 2. ସଂଗ୍ରହ-କର; 3. ସ୍ତୂପ-କର, ଗଦା-କର; 4. ଉଚ୍ଛୁଳାଇ ପୂର୍ଣ୍ଣ-କର ।

Pile, (2) *n.* 1. ପିଲ୍‌ପାୟା; 2. ଖୁଣ୍ଟ ।—*v.t.* ଖୁଣ୍ଟ ପୋତିବା ।

Pile, (3) *n.* ଲୋମ ।

Pile-driver, Pile-engine, *n.* ଖୁଣ୍ଟ ପୋତିବାର ଯନ୍ତ୍ର ବିଶେଷ ।

Pile-dwelling, *n.* ଖୁଣ୍ଟ ଉପରେ ନିର୍ମିତ ଘର ।

Piles, *n.* ଅର୍ଶରୋଗ ।

Pilfer, *v.t.* and *i.* ସାନ ସାନ ଜିନିଷ ଚୋରି-କର ।

Pilferer, *n.* ପାତଚୋର ।

Pilfering, *n.* ପାତଚୋର ।

**Pilgrim**, *n.* 1. ତୀର୍ଥଯାତ୍ରୀ; 2. ଭ୍ରମଣକାରୀ; 3. ପରିବ୍ରାଜକ, ପଥିକ ।—*a.* 1. ଯାତ୍ରୀ ସମ୍ବନ୍ଧୀୟ; 2. ଯାତ୍ରୀ ସଦୃଶ; 3. ଯାତ୍ରାକାରୀ ।

**Pilgrimage**, *n.* 1. ତୀର୍ଥଯାତ୍ରା; 2. ଧର୍ମାର୍ଥେ ପର୍ଯ୍ୟଟନ; 3. ତୀର୍ଥଯାତ୍ରାରେ ବ୍ୟୟିତ ସମୟ; 4. ଜୀବନଯାତ୍ରା, ଜୀବନକାଳ ।

**Pilgrim Fathers**, *n.* ବିନା ବାଧାରେ ଉପାସନା କରିବା ପାଇଁ ୧୬୨୦ ଖ୍ରୀଷ୍ଟାବ୍ଦରେ ଯେଉଁମାନେ ଇଂଲଣ୍ଡ ଦେଶରୁ ଯାଇ ଆମେରିକାରେ ଉପନିବେଶ ସ୍ଥାପନ କଲେ ।

**Piliform**, *a.* କେଶ ପରି ସୂକ୍ଷ୍ମ ।

**Piling**, (1) *n.* 1. ସ୍ତୂପୀକୃତକରଣ; 2. ଖୁଣ୍ଟଶ୍ରେଣୀ ।

**Piling**, (2) *n.* ଖୁଣ୍ଟ ପିଟଣ ।

**Pill**, *n.* 1. ଔଷଧର ଗୁଳି, ବଟିକା; 2. କୌଣସି ଅରୁଚିକର ବିଷୟ ଯାହା ସହ୍ୟ କରିବାକୁ ପଡେ ।

**Pill-box**, *n.* ବଟିକା ଡବା ।

**Pillage**, *n.* ଲୁଟପାଟ ।—*v.t.* ଲୁଟପାଟ-କ ।

**Pillager**, *n.* ଲୁଟପାଟ କରିବା ଲୋକ ।

**Pillar**, *n.* 1. ସ୍ତମ୍ଭ, ଖମ୍ବ, ପିଲ୍‌ପାୟା; 2. ପ୍ରତିପାଳକବର୍ଗ; 3. ଆକୃତିରେ ସ୍ତମ୍ଭସଦୃଶ ବସ୍ତୁ ।—From pillar to post, 1. ଏକ ସ୍ଥାନରୁ ଅନ୍ୟ ସ୍ଥାନରେ; 2. ଏଣେ ତେଣେ ।

**Pillared**, *a.* 1. ସ୍ତମ୍ଭଦ୍ୱାରା ଅବଲମ୍ବିତ; 2. ସ୍ତମ୍ଭାକୃତ ।

**Pillar-box**, *n.* ଗୋଲସ୍ତମ୍ଭାକାର ଚିଠିବାକ୍ସ ।

**Pillion**, *n.* ଅଶ୍ୱାରୋହୀର ପଶ୍ଚାତରେ ସ୍ତ୍ରୀଲୋକର ବସିବାର ଗଦି ।

**Pillorise**, *v.t.* 1. "ପିଲରି" ଯନ୍ତ୍ରଦ୍ୱାରା ଦଣ୍ଡ-ଦେ; 2. ଅପମାନ-କ ।

**Pillory**, *n.* ଅପରାଧୀର ମୁଣ୍ଡ ଓ ହାତ ପଳାଇ ଠିଆକରି ଦଣ୍ଡ ଦେବା କାଷ୍ଠଯନ୍ତ୍ର ।

**Pillow**, *n.* ଗଦି, ତକିଆ, ମୁଣ୍ଡ ରଖିବାର ମୁରୁଳା, ଉପାଧାନ ।—*v.t.* ତକିଆକୁ ଅଉଜିବା, ତକିଆରେ ମୁଣ୍ଡ-ଦେ ।

**Pillow-case, Pillow-slip**, *n.* ତକିଆଖୋଳ, ତକିଆ ଗିଲାପ୍ ।

**Pillowed**, *a.* 1. ତକିଆ ଦ୍ୱାରା ଅବଲମ୍ବପ୍ରାପ୍ତ; 2. ତକିଆଥିବା ।

**Pillowy**, *a.* 1. ତକିଆପରି; 2. କୋମଳ ।

**Pilose**, *a.* ଲୋମଶ ।

**Pilot**, *n.* 1. କର୍ଣ୍ଣଧାର; 2. ଅପଦ ସ୍ଥଳରେ ଜାହାଜର ପଥପ୍ରଦର୍ଶକ; 3. ପଥପ୍ରଦର୍ଶକ ।—*v.t.* 1. ଅପଦସ୍ଥଳରେ ଜାହାଜର ପଥପ୍ରଦର୍ଶନ-କ; 2. ଅପଦସ୍ଥଳରେ ପଥ ଦେଖାଇବା ।

**Pilotage**, *n.* 1. ଜାହାଜର ପଥପ୍ରଦର୍ଶକର ଦକ୍ଷତା; 2. ଅପଦସ୍ଥଳରେ ଜାହାଜର ପଥପ୍ରଦର୍ଶନ; 3. ଜାହାଜ ପଥପ୍ରଦର୍ଶକର ମୂଲ ।

**Pilot-boat**, *n.* ଅନ୍ୟ ଜାହାଜକୁ ବା କୂଳକୁ ନିବା ପାଇଁ ଜାହାଜର ପଥପ୍ରଦର୍ଶକର ସାନ ନୌକା ।

**Pilot-engine**, *n.* ପଥପ୍ରଦର୍ଶକରୂପେ ରେଲଗାଡ଼ି ଆଗେ ଆଗେ ଯାଉଥିବା ଇଞ୍ଜିନ୍ ।

**Pilular**, *a.* ବଟିକା ସମ୍ବନ୍ଧୀୟ ।

**Pilule**, *n.* କ୍ଷୁଦ୍ର ବଟିକା ।

**Pimento, Pimenta**, *n.* 1. "ଜମେକା" ଦ୍ୱୀପର କଳାମରିଚ; 2. କବାବଚିନି; 3. କଳା ମରିଚର ବୃକ୍ଷ ।

**Pimp**, *n.* କୁଟଣା, ଭଡୁଆ ।—*v.i.* କୁଟଣାପଣ-କ, ଭଡୁଆଗିରି-କ ।

**Pimping**, *a.* ସାମାନ୍ୟ, ଛୋଟ ।

**Pimpernel, Pimpinella**, *n.* ବର୍ଷାପୂର୍ବେ ଫୁଲ ବୁଜି ହୋଇଯାଉଥିବା ଲାଲ୍ ଫୁଲର ଏକପ୍ରକାର ଗଛ ।

**Pimple**, *n.* କ୍ଷୁଦ୍ର ବ୍ରଣ, ଫୁଟ୍କା ।

**Pimpled, Pimply**, *a.* କ୍ଷୁଦ୍ର ବ୍ରଣଯୁକ୍ତ ।

**Pin**, (1) *n.* 1. ଆଲପିନ୍, ପିନ୍‌କଣ୍ଟା; 2. ମେଖ, ଖିଲା, ଗୋଞ୍ଜ; 3. "ସ୍କିଟଲ୍" ଖେଳରେ ବ୍ୟବହୃତ କାଠଖିଲ; 4. ବାଦ୍ୟଯନ୍ତ୍ରରେ ତାର ବାନ୍ଧିବା ଖିଲ; 5. ଅକିଞ୍ଚିତ୍କର ବସ୍ତୁ ।—*v.t.* 1. ପିନ୍ ଲଗାଇବା; 2. କଣ୍ଟାରେ ବନ୍ଦ-କ; 3. ବେଷ୍ଟନ-କ; 4. ଟାଣରେ ଯାଉଁଟି ଧରିବା ।—To get pins and needles, ଝିମ୍ ଝିମ୍-ହେ । On one's pins, 1. ନିଜ ଗୋଡରେ; 2. ଉତ୍ତମ ଅବସ୍ଥାପନ୍ନ ।

**Pin**, (2) *n.* ଚକ୍ଷୁର ମୋତିଆବିନ୍ଦୁ ରୋଗ ।

**Pin-cushion**, *n.* ଆଲପିନ୍ ଗୁଞ୍ଜି ରଖିବା ସାନ ତକିଆ ।

**Pin-feather**, *n.* ନୂଆ ପର ।

**Pin-hole**, *n.* ଅତି କ୍ଷୁଦ୍ର କଣା ।

**Pin-money**, *n.* ସ୍ତ୍ରୀକି ସ୍ୱାମୀ ଦେଉ ହାତଖର୍ଚ୍ଚ ଟଙ୍କା ।

**Pin-point**, *n.* ଆଲପିନ୍‌ର ଅଗ; 2. ଅକିଞ୍ଚିତ୍କର ବସ୍ତୁ ।

**Pin-tail**, *n.* ଏକଜାତି ପାତିହଂସ ।

**Pin-tailed**, *a.* ଲମ୍ବ ସଙ୍କୀର୍ଣ୍ଣ ଲାଞ୍ଜଯୁକ୍ତ ।

**Pinafore**, *n.* ପିଲାଙ୍କ ପୋଷାକ ଉପରେ ବନ୍ଧାହୋଇଥିବା ଛିଟ ଆବରଣ ।

**Pince-nez**, *pangs-nā*, *n.* ନାକକୁ ଚିପି ଧରୁଥିବା ଚଷମା ।

**Pincers**, *n.* ଚିମୁଟା, ସଣ୍ଡାଶୀ ।

**Pinch**, *v.t.* 1. ଜୋରରେ ମୁଠାଇ ଧରିବା; 2. ଦୁଇ କଠିନ ବସ୍ତୁଦ୍ୱାରା ଚିପି-ଦେ; 3. ଚିମୁଟିବା; 4. ଚିପିବା; 5. ଚୁପୁଡ଼ିବା, ଆରସ-କ; 6. ପୀଡ଼ା-ଦେ; 7. ହାତଚୋରି-କ ।—*v.i.* 1. ସବଳେ କାର୍ଯ୍ୟ-କ; 2. ଶକ୍ତଭାବେ ଚିପିବା; 3. ପରିମିତ ବ୍ୟୟୀ-ହେ, କଷାକଷିରେ ଚଳିବା ।—*n.* 1. ଚିମୁଟା; 2. ଚୁଟକି; 3. ଅକସ୍ମାତ୍ ବେଦନା; 4. କ୍ଲେଶ; 5. ଅତ୍ୟାଚାର ।—At a pinch, ଆବଶ୍ୟକ ସ୍ଥଳେ । To know where the shoe pinches, କଷ୍ଟର କାରଣ ବୁଝିବା ।

**Pinchcommons**, *n*, କୃପଣ ଲୋକ ।

**Pinched**, *a.* 1. ଜୋରରେ ଚିପି ହୋଇଥିବା; 2. ଅର୍ଥାଭାବ ହେତୁ ଦୁଃଖୀ; 3. ଶୀତାର୍ତ୍ତ; 4. ସଙ୍କୁଚିତ ।

**Pincher**, *n.* ଚିମୁଟି ଧରିବା ବା କଷ୍ଟ ଦେବା ବ୍ୟକ୍ତି ବା ବସ୍ତୁ ।

**Pinchers**, *n.* see Pincers.

**Pinchingly**, *ad.* କୃପଣଭାବେ ।

Pindaric, *a.* ଗ୍ରୀକ୍ କବି ପିଣ୍ଡାରଙ୍କ ରୀତି କୌଶଳାନୁଯାୟୀ ।—*n.* ଅମିତ୍ରାକ୍ଷର ଛନ୍ଦରେ ରଚିତ କାବ୍ୟ ।

Pine, (1) *n.* 1. ଶୀତପ୍ରଧାନ ଦେଶର ଶଙ୍କୁଆକୃତି ଫଳଧାରୀ କାର୍ଯ୍ୟୋପଯୋଗୀ ଚିରହରିତ ଝୁଣାମୟ ଏକପ୍ରକାର ଗଛ; 2. ଉକ୍ତ ଗଛର କାଠ ।

Pine, (2) *v.i.* କ୍ଲେଶରୁ କ୍ଷୀଣ-ହେ, ଝୁରି ୨ କୃଶ-ହେ । —*v.t.* ଦୁଃଖରେ ଯାପନ-କ ।

Pineapple, *n.* ଅନାରସ, ସପୁରୀ ।

Pinfold, *n.* କାଞ୍ଜିହୁଡା, କାଞ୍ଜିଘର, କାଞ୍ଜିହାଉଦା ।

Ping, *n.* ବନ୍ଧୁକ ଗୋଳି ପବନରେ ଯିବାରେ ସାଇଁ ୨ ଶବ୍ଦ । —*v.i.* ପବନରେ ସାଇଁ ୨ ଶବ୍ଦ-କ ।

Pinion, *n*, 1. ପକ୍ଷ, ପର୍ଣ୍ଣ; 2. ଅନ୍ୟ ଚକରେ ଲାଗୁଥିବା ଗୋଟିଏ ସାନ ଦାନ୍ତୁଆ ଚକ ।—*v.t.* 1. ପକ୍ଷିର ଡେଣା ବାନ୍ଧି-ଦେ; 2. ହାତ ବାନ୍ଧି ଅବଦ୍ଧ-କ ।

Pink, (1) *n.* 1. ଈଷତ୍ ରକ୍ତବର୍ଣ୍ଣ ଏକପ୍ରକାର ଉଦ୍ୟାନପୁଷ୍ପ; 2. ପାଟଳବର୍ଣ୍ଣ; 3. ରକ୍ତବର୍ଣ୍ଣ ଶିକାରପୋଷାକ ବା ତାହା ପିନ୍ଧିଥିବା ଲୋକ; 4. ଅତି ଉତ୍କୃଷ୍ଟ ଆଦର୍ଶ ।—*a.* ଫିକା ଲାଲ ।

Pink, (2) *v.t.* ଖଡ୍ଗାଦି ତୀକ୍ଷ୍ଣାସ୍ତ୍ରଦ୍ୱାରା ଭୁଷି-ଦେ ।

Pink-eye, *n.* ଘୋଡାମାନଙ୍କର ଆଖିଧରା ରୋଗ ।

Pink-eyed, *a.* ଫିକା ଲାଲ ଚକ୍ଷୁବିଶିଷ୍ଟ ।

Pinkish, *a.* ଈଷତ୍ ପାଟଳବର୍ଣ୍ଣ ।

Pinnace, *n.* 1. ଯୁଦ୍ଧ-ଜାହାଜ ସଙ୍ଗେ ଥିବା ସାନ ନୌକା; 2. ଲମ୍ବ ଅହୁଲ ଓ ପାଲ ଲାଗିଥିବା ସାନ ଜାହାଜ ।

Pinnacle, *n.* 1. ଚୂଡା; 2. ମନ୍ଦିର ଛାତ ଉପରର ଅଗ୍ରଯୁକ୍ତ ଆଭରଣ; 3. ଶୃଙ୍ଗ, ଶିଖର ।—*v.t.* 1. ଚୂଡା ନିର୍ମାଣ-କ; 2. ଚୂଡା ଉପରେ ସ୍ଥାପନ-କ ।

Pinnate, Pinnated, *a.* 1. ପକ୍ଷ ଆକାର, ପର ଭଳି; 2. ପକ୍ଷଯୁକ୍ତ ।

Pinner, *n.* ଆଲପିନ୍ ପ୍ରସ୍ତୁତକାରୀ ଲୋକ ।

Pint, *n.* 1. ତରଳ ପଦାର୍ଥର ପରିମାଣ ବିଶେଷ, ଅଧସେର; 2. (Med.) ୧୬ ଅଉନ୍ସ ।

Pioneer, *n.* 1. ସୈନ୍ୟ ସମ୍ମୁଖରେ ପଥ ପରିଷ୍କାରକ ସେନାଦଳ; 2. ପଥ ପ୍ରସ୍ତୁତାର୍ଥ ଅଗ୍ରଗାମୀ ବ୍ୟକ୍ତି ।—*v.t.* ଅଗ୍ରଗାମୀ ହୋଇ ପଥ ପ୍ରସ୍ତୁତ-କ ।

Pious, *a.* 1. ଈଶ୍ୱରପରାୟଣ; 2. ଧାର୍ମିକ ।

Piously, *ad.* ଧାର୍ମିକରୂପେ ।

Pip, (1) *n.* କୁକୁଡାର ଏକପ୍ରକାର ଗଳାରୋଗ ।

Pip, (2) *n.* ଲେମ୍ବୁ ପ୍ରଭୃତି ଫଳର ମଞ୍ଜି ।

Pip, (3) *n.* ପଶା ବା ତାସର ଚିହ୍ନ ।

Pip, (4) *v.t.* ପକ୍ଷିଶାବକ ପରି ଚିଁ ଚିଁ-ହେ ।

Pipe, *n.* 1. ବଂଶୀ; 2. କୌଣସି ଲମ୍ବ ନଳ, ଚୁଙ୍ଗି; 3. ଧୂଆଁ ଖାଇବା ନଳୀ, ଚିଲମ; 4. ଚିଲମେ ତମାଖୁ; 5. ପକ୍ଷିର ସ୍ୱର; 6. ବଡ ପିମ୍ପା ।—*v.t.* and *i.* 1. ବଂଶୀ ବଜାଇବା; 2. ଜାହାଜରେ ଶିଟି ଦ୍ୱାରା ଡାକିବା; 3. ତେତେଇପରି ବୋବାଇବା; 4. କର୍କଶ ଶବ୍ଦ-କ; 5. ନଳ ଲଗାଇବା; 6. ନଳଦ୍ୱାରା ଆଣିବା ।—To pipe one's eye, (Slang) କାନ୍ଦିବା ।

Pipage, *n.* ନଳଦ୍ୱାରା ବିତରଣ ।

Pipe-case, *n.* ଧୂଆଁଖିଆ ନଳୀ ରଖିବା ଖୋଳ ।

Pipe-clay, *n.* ନଳ ତିଆରି କରିବାର ଧଳା ମାଟି ।—*v.t.* ଧଳା ମାଟିରେ ସଫା-କ ।

Piper, *n.* ବଂଶୀବାଦକ ।—To pay the piper, ବ୍ୟୟଭାର ବହନ-କ ।

Piping, *a.* 1. କ୍ଷୀଣ; 2. ତୀବ୍ର; 3. ଅତି ଉତ୍ତପ୍ତ ।—*n.* 1. ବଂଶୀ ବାଦନ; 2. ବଂଶୀ ଧ୍ୱନି; 3. ନଳସମୂହ; 4. ଲୁଗା ଧାରରେ ଲଗାହୋଇଥିବା ଡୋରି ।

Pippin, *n.* ଏକପ୍ରକାର ଆପଲ୍ ଫଳ ।

Pipy, *a.* 1. ନଳସମୂହ; 2. ନଳାକୃତି ।

Piquancy, *n.* କଟୁତା ।

Piquant, *a.* 1. ରୁଚିଜନକ; 2. କଟୁ ।

Pique, *n.* 1. ବିରକ୍ତି; 2. ଈଷଦ୍ରାଗ; 3. ଅସନ୍ତୋଷ । —*v.t.* 1. ଅସନ୍ତୁଷ୍ଟ-କ; 2. ବିରକ୍ତ-କ; 3. ଆତ୍ମଶ୍ଳାଘା-କ ।

Piquet, *n.* ଦୁଇଜଣିଆ ଏକପ୍ରକାର ତାସ ଖେଳ ।

Piracy, *n.* 1. ଜଳଦସ୍ୟୁତା, ଜଳଡକାୟତି; 2. ବିନା ଅନୁମତିରେ ଅନ୍ୟର ଲିଖିତ ବିଷୟ ଛାପାକରଣ ।

Pirate, *n.* 1. ସମୁଦ୍ରରେ ଜାହାଜ ଆକ୍ରମଣ କରି ଧରିନେବା ଡକାୟତ, ଜଳଦସ୍ୟୁ; 2. ସମୁଦ୍ରରେ ଜାହାଜକୁ ବିନା ଅଧିକାରରେ ଲୁଟପାଟକାରୀ ସୁସଜ୍ଜିତ ଜାହାଜ; 3. ଗ୍ରନ୍ଥକର୍ତ୍ତାର ସ୍ୱତ୍ୱାପହାରକ ।—*v.t.* 1. ସମୁଦ୍ରରେ ଡକାୟତି-କ; 2. ଗ୍ରନ୍ଥକର୍ତ୍ତାର ସ୍ୱତ୍ୱାପହରଣ-କ ।

Piratic, Piratical, *a.* 1. ଜଳଦସ୍ୟୁ ସମ୍ବନ୍ଧୀୟ; 2. ଜଳଦସ୍ୟୁତା ବ୍ୟବସାୟୀ ।

Pironette, *n.* 1. ନୃତ୍ୟକାଳରେ ପାଦଅଗୁଠି ଉପରେ ଘୂର୍ଣ୍ଣନ; 2. ଘୋଡାର ଅକସ୍ମାତ୍ ଘୂରଣ ।—*v.i.* ନୃତ୍ୟରେ ଘୂରିବା ।

Piscary, *n.* ଅନ୍ୟର ଜଳାଶୟରେ ମାଛ ମାରିବା ଅଧିକାର ।

Piscatology, *n.* ମତ୍ସ୍ୟବିଜ୍ଞାନ ।

Piscator, *n.* ବନଶୀଦ୍ୱାରା ମତ୍ସ୍ୟଧାରୀ ।

Piscatorial, Piscatory, *a.* 1. ମତ୍ସ୍ୟ ସମ୍ବନ୍ଧୀୟ; 2. ମତ୍ସ୍ୟ ଧରିବା କୌଶଳ ସମ୍ବନ୍ଧୀୟ; 3. ମତ୍ସ୍ୟଧାରଣ ପ୍ରିୟ ।

Pisces, *n.* ମୀନରାଶି, ରାଶିଚକ୍ରର ଦ୍ୱାଦଶସ୍ଥାନୀୟ ନକ୍ଷତ୍ରପୁଞ୍ଜ ।

Pisciculture, *n.* ମତ୍ସ୍ୟ ପ୍ରତିପାଳନ କୌଶଳ ।

Pisciform, *a.* 1. ମତ୍ସ୍ୟସଦୃଶ; 2. ମତ୍ସ୍ୟାକୃତିବିଶିଷ୍ଟ ।

Piscina, *n.* 1. ପୁରାତନ ଗୀର୍ଜାରେ ଏକପ୍ରକାର ପାଣିକୁଣ୍ଡ; 2. ମତ୍ସ୍ୟ ବା ଜଳଜ ବୃକ୍ଷ ରଖିବା ନିମିତ୍ତ ପ୍ରସ୍ତୁତ ଜଳାଶୟ ।

Piscine, *a.* ମତ୍ସ୍ୟ ସମ୍ବନ୍ଧୀୟ ।

Piscivorous, *a.* ମତ୍ସ୍ୟଭୋଜୀ ।

Pish, *int.* ଅବଜ୍ଞାସୂଚକ ଶବ୍ଦ ଯଥା ଈସ୍ ।

Pisiform, *a.* ମଟର ଆକାରବିଶିଷ୍ଟ ।

Piss, *v.i.* ମୁତିବା ।

Pistachio, Pistacia, *n.* ପିସ୍ତାଫଳ ।

Pistil, *n.* (Bot.) 1. ପୁଷ୍ପର ଗର୍ଭକେଶର; 2. ଗର୍ଭକୋଷ ।

**Pistillaceous, Pistillary,** *a.* 1. ଗର୍ଭକେଶରସମ୍ବନ୍ଧୀୟ; 2. ଗର୍ଭକେଶରର ସମ୍ବନ୍ଧୀୟ; 3. ଗର୍ଭକେଶରର ଜାତୀୟ ।

**Pistillate,** *a.* ଗର୍ଭକେଶରଯୁକ୍ତ ।

**Pistilliferous,** *a.* 1. ପୁଂ କେଶର ବର୍ଜିତ; 2. ଗର୍ଭକେଶରଯୁକ୍ତ ।

**Pistol,** *n.* ଏକହାତିଆ ସାନ ବନ୍ଧୁକ, ପିସ୍ତୋଲ ।—*v.t.* ପିସ୍ତୋଲରେ ମାରିବା ।

**Pistoleer,** *n.* ପିସ୍ତୋଲଧାରୀ ମନୁଷ୍ୟ ।

**Piston,** *n.* ପବନ ଶୋଷିବା ପାଇଁ ଦମ୍‌କଳ ଭିତରେ ଥିବା ଗୋଲ ପଟା ।

**Piston-rod,** *n.* ପିଷ୍ଟନରେ ଲାଗିଥିବା ଦଣ୍ଡ ।

**Pit,** *n.* 1. ଗର୍ତ୍ତ; 2. ଖଣି; 3. ଅତଳସ୍ପର୍ଶ ଗହ୍ୱର, ନରକ; 4. କବର; 5. ଭଦ୍ରମାନଙ୍କର ବସିବା ସ୍ଥଳ; 6. ବନ୍ୟଜନ୍ତୁ ଧରିବା ପାଇଁ ଗାଡ; 7. କୁକ୍ଷି, କକ୍ଷଦେଶ; 8. ବସନ୍ତ-ଦାଗର ଚିହ୍ନ; 9. ନାଟ୍ୟଶାଳାର ନିମ୍ନତମ ସ୍ଥାନ; 10. କୁକୁଡ଼ା ଲଢ଼ାଇବାର ଘେର ଜାଗା; 11. ଖଣି ପ୍ରବେଶର ସୁଡଙ୍ଗ ।—*v.t.* 1. କ୍ଷୁଦ୍ର ଗର୍ତ୍ତଦ୍ୱାରା ଚିହ୍ନିତ-କ; 2. ଗର୍ତ୍ତ ବା ଗହ୍ୱରରେ ରଖିବା; 3. ପ୍ରତିଯୋଗୀ କରାଇବା ।

**Pitaka,** *n.* ବୌଦ୍ଧ ଧର୍ମଶାସ୍ତ୍ରର ସଂହିତା ।

**Pitapat,** *ad.* ହୃତ୍‌ପିଣ୍ଡର ଘନ ସ୍ପନ୍ଦନ ସହକାରେ ।—*v.i.* 1. ହୃତ୍‌ପିଣ୍ଡ ଘନ ସ୍ପନ୍ଦନ-କ; 2. ଚଞ୍ଚଳ ଚଞ୍ଚଳ ପାଦ ପକାଇବା ।

**Pitch,** (1) *n.* ଅଲକାତରାରୁ ତିଆରି ଏକପ୍ରକାର କଳା ଚକଚକିଆ ଟାଣ ପଦାର୍ଥ ।—*v.t.* ପିଚ୍ ଲଗାଇବା ।

**Pitch,** (2) *v.t.* 1. ବସାଇବା; 2. ସ୍ଥାପନ-କ; 3. ମୂଲ୍ୟ ଧାର୍ଯ୍ୟ-କ; 4. ଫୋପାଡ଼ିବା; 5. (Mus.) ସ୍ୱର ବାନ୍ଧିବା ।—*v.i.* 1. ଅଧୋମୁଖେ ପଡ଼ିତ-ହେ; 2. ପସନ୍ଦ-କ; 3. ତମ୍ବୁ ପକାଇବା; 4. ଜାହାଜର ଆଗ ଓ ପଛଭାଗ ଉଠିବା ପଡ଼ିବା ।—*n.* 1. ହସ୍ତର ପ୍ରକ୍ଷେପ; 2. ଉଚ୍ଚତା ବା ନୀଚତାର ପରିମାଣ; 3. ସୀମା; 4. କ୍ରମନିମ୍ନତାର ପରିମାଣ; 5. ନିମ୍ନପ୍ରବଣତା; 6. ବକ୍ତୃତା ବା ସଙ୍ଗୀତରେ ସ୍ୱରର ଉଚ୍ଚଗ୍ରାମ; 7. ଚକ ବା କରତର ଦୁଇ ପ୍ରାନ୍ତର ମଧ୍ୟବର୍ତ୍ତୀସ୍ଥିର ବ୍ୟବଧାନ ।—Pitch and toss, ଏକପ୍ରକାର ଜୁଆଖେଳ ।—To pitch in, ସଜୋରରେ ଆରମ୍ଭ-କ ।—To pitch into, ଚଢ଼ାଉ-କ ।

**Pitch-dark,** *a.* 1. ଗାଢ଼ କୃଷ୍ଣବର୍ଣ୍ଣ; 2. ଘୋର ଅନ୍ଧକାରମୟ ।

**Pitched-battle,** *n.* 1. ତୁମୁଳ ଯୁଦ୍ଧ; 2. ଉଭୟ ପକ୍ଷର ପୂର୍ବ ସୁସଜ୍ଜିତ ଯୁଦ୍ଧ ।

**Pitcher,** (1) *n.* କ୍ଷେପକ ।

**Pitcher,** (2) *n.* ମାଠିଆ, ଜଳପାତ୍ର, କଳସ ।

**Pitchfork,** *n.* 1. ଉଦ୍‌ଖଣ୍ଡୀ, ଶୁଖିଲାଘାସ ପ୍ରଭୃତି ନିକ୍ଷେପ କରିବାର କୃଷିଯନ୍ତ୍ର; 2. ସ୍ୱର ବାନ୍ଧିବାର ଏକପ୍ରକାର ଦୁଇଫାଳିଆ ଘଣ୍ଟା ।—*v.t.* 1. ଉଦ୍‌ଖଣ୍ଡୀରେ ଉଠାଇ... 2. ହଠାତ୍ କୌଣସି ପଦରେ ନିଯୁକ୍ତ କରି ପକାଇବା ।

**Pitching,** *n.* 1. ନିକ୍ଷେପଣ; 2. ନଦୀ ବା ପୋଖରୀ କୂଳରେ ପ୍ରସ୍ତର ବନ୍ଧ ।

**Pitchpipe,** *n.* ବାଦ୍ୟଯନ୍ତ୍ରର ସ୍ୱର ବାନ୍ଧିବାର ନଳୀ ।

**Pitchy,** *a.* 1. ପିଚ୍ ଗୁଣଯୁକ୍ତ; 2. ପିଚ୍ ସଂଲିପ୍ତ; 3. ପିଚ୍ ପରି କଳା; 4. ଅନ୍ଧକାରମୟ ।

**Piteous,** *a.* 1. ଦୟାଜନକ; 2. ଦୟାଳୁ, ଅନୁକମ୍ପାପର ।

**Piteously,** *ad.* ଦୟାଜନକଭାବେ ।

**Pitfall,** *n.* 1. ଅନ୍ଧକୂପ, ପଶୁାଦି ଧରିବାର ଆଚ୍ଛାଦିତ ଗର୍ତ୍ତ; 2. କୌଣସି ପ୍ରକାର ଗୁପ୍ତ ଆପଦ ।

**Pith,** *n.* 1. ଗଛର ମଜ୍ଜା; 2. ବଳ, ଓଜଃ; 3. ଗୁରୁତ୍ୱ; 4. ସାରାଂଶ, ତତ୍ତ୍ୱ ।

**Pithily,** *ad.* ଓଜସ୍ୱୀଭାବେ ।

**Pithiness,** *n.* ଓଜସ୍ୱିତା ।

**Pithless,** *a.* ବଳହୀନ, ସାରାଂଶ ରହିତ ।

**Pithy,** *a.* 1. ମଜ୍ଜାପୂର୍ଣ୍ଣ; 2. ସାରଗର୍ଭ; 3. ଓଜସ୍ୱୀ; 4. ବଳବାନ୍ ।

**Pitiable,** *a.* 1. ଦୟାଯୋଗ୍ୟ; 2. ମର୍ମଭେଦୀ; 3. ଘୃଣାସ୍ପଦ; 4. ଘୃଣାର୍ହ ।

**Pitiableness,** *n.* ଅନୁକମ୍ପନୀୟତା ।

**Pitiably,** *ad.* 1. ମର୍ମଭେଦରୂପେ; 2. ଅନୁକମ୍ପନୀୟ-[ଭାବେ ।

**Pitiful,** *a.* 1. ଦୟାଳୁ; 2. ଅନୁକମ୍ପାନ୍ୱିତ; 3. ଦୟାଜନକ; 4. ଦୁଃଖପୂର୍ଣ୍ଣ, 5. ଘୃଣାର୍ହ ।

**Pitifulness,** *n.* ଦୟାଳୁତା ।

**Pitiless,** *a.* 1. ନିର୍ଦ୍ଦୟ; 2. ନିଷ୍ଠୁର, କ୍ରୂର ।

**Pitilessly** *ad.* 1. ନିର୍ଦ୍ଦୟଭାବେ; 2. ନିଷ୍ଠୁରଭାବେ ।

**Pitilessness,** *n.* 1. ନିର୍ଦ୍ଦୟତା; 2. ନିଷ୍ଠୁରତା ।

**Pitsaw,** *n.* ଦୁଇ ଜଣିଆ ବଡ଼ କରତ ।

**Pittance,** *n.* 1. ଦୈନିକ ଗ୍ରାସାଚ୍ଛାଦନମାତ୍ର; 2. ସାମାନ୍ୟ ଦାନ; 3. ଅତ୍ୟଳ୍ପ ପରିମାଣ ।

**Pity,** *n.* 1. ଦୟା, ପରଦୁଃଖକାତରତା, ଅନୁକମ୍ପା; 2. ସହାନୁଭୂତି; 3. ଦୟାର କାରଣ ।—*v.t.* 1. ଦୟା-କ; 2. ସମବେଦନା ଅନୁଭବ-କ, ସହାନୁଭୂତି ପ୍ରକାଶ-କ ।

**Pityingly,** *ad.* ଦୟାପୂର୍ବକ, ସଦୟଭାବେ ।

**Pivot,** *n.* 1. ଅକ୍ଷାଗ୍ର କୀଲକ; 2. ସୈନ୍ୟଶ୍ରେଣୀର ପାର୍ଶ୍ୱସ୍ଥିତ ଏକ ସେନା ଯାହାର ଚତୁର୍ଦ୍ଦିଗରେ ସୈନ୍ୟଦଳ ପରିଭ୍ରମଣ କରନ୍ତି; 3. ଯାହା ଉପରେ କୌଣସି ବିଷୟର ପ୍ରଧାନ ଫଳ ନିର୍ଭର ଥାଏ, କେନ୍ଦ୍ରସ୍ଥଳ ।

**Pivotal,** *a.* ଅକ୍ଷାଗ୍ର କୀଲକ ସଦୃଶ ।

**Pix,** *n.* same as Pyx.

**Pixy, Pixie,** *n.* କ୍ଷୁଦ୍ର ପରୀ ।

**Pizzicato,** *a.* କମାଣୀରେ ନ ବଜାଇ ଟିପ ମାରି ବଜାଇବା ସୂଚକ ।

**Placability,** *n.* ସନ୍ତୋଷଣୀୟତା, ଶାନ୍ତତ୍ୱ ।

**Placable,** *a.* 1. ଶାନ୍ତ; 2. ନମନୀୟ; 3. କ୍ଷମେଚ୍ଛୁ ।

**Placably,** *ad.* 1. ଶାନ୍ତଭାବେ; 2. କ୍ଷମେଚ୍ଛା ପୂର୍ବକ ।

**Placard,** *n.* 1. କାନ୍ଥରେ ମାରିବା ପାଇଁ ଛପା ବିଜ୍ଞାପନ; 2. ଘୋଷଣାପତ୍ର ।—*v.t.* ଛପା ବିଜ୍ଞାପନ କାନ୍ଥରେ ମାରିବା ଦ୍ୱାରା ପ୍ରକାଶ-କ ।

**Place,** *n.* 1. ଜାଗା, ସ୍ଥାନ, ସ୍ଥଳ; 2. ନଗରର ପ୍ରଶସ୍ତ ଛକ; 3. ପଦ, ପଦବୀ; 4. ପଦର ଅଧିକାର; 5. ପ୍ରାସାଦ;

6. ଗ୍ରନ୍ଥର ଅନୁଚ୍ଛେଦ ।—*v.t.* 1. ରଖିବା, ଥୋଇବା; 2. ସ୍ଥାନ-ଦେ; 3. ନିଯୁକ୍ତ-କ; 4. କାରବାରରେ (ଟଙ୍କା) ଲଗାଇବା ।

Placeless, *a.* ପଦ ବା କାର୍ଯ୍ୟହୀନ ।

Place-monger, *n.* ପଦ-ବିକ୍ରେତା, ଯେ ଅର୍ଥ ଗ୍ରହଣ କରି ପଦରେ ନିଯୁକ୍ତ କରେ ବା କରାଏ ।—To give place, ସ୍ଥାନ-ଦେ । To have place, ସ୍ଥାନ ପାଇବା । In place, 1. ଯଥୋପଯୁକ୍ତ; 2. ସାମୟିକ । Out of place, 1. ଅନୁପଯୁକ୍ତ; 2. ଅସାମୟିକ । To take place, ଘଟିବା ।

Placenta, *n.* ଗର୍ଭଫୁଲ, ଜରାୟୁପୃଷ୍ଠ ।

Placental, *a.* ଗର୍ଭଫୁଲ ସମ୍ବନ୍ଧୀୟ ।

Placentitis, *n.* ଜରାୟୁ ପୃଷ୍ଠର ପ୍ରଦାହ ।

Placet, *n.* ରାଜା ବା କର୍ତ୍ତୃପକ୍ଷମାନଙ୍କ ପ୍ରକାଶିତ ସମ୍ମତ ।

Placid, *a.* 1. ଧୀର; 2. ଶାନ୍ତ । [ଭାବ ।

Placidity, Placidness, *n.* 1. ଧୀରତା; 2. ଶାନ୍ତ-

Placidly, *ad.* ଧୀରଭାବେ ।

Plagiarise, *v.t.* ରଚନା ଚୋର-କ, ଅନ୍ୟର ଭାବକୁ ନିଜର ବୋଲି ଦାବୀ-କ ।

Plagiarism, *n.* ରଚନା ଚୋର କାର୍ଯ୍ୟ ।

Plagiarist, *n.* ରଚନା ଚୋର ।

Plagiary, *n.* ରଚନା ଚୋର ।

Plague, *n.* 1. ମହାମାରୀ, ମଡ଼କ; 2. ଈଶ୍ୱରଙ୍କ ମହା ବିପଦ; 3. ଅତ୍ୟନ୍ତ ଦୁଃଖଦାୟକ ବ୍ୟକ୍ତି ବା ବିଷୟ ।—*v.t.* 1. ରୋଗଗ୍ରସ୍ତ-କ; 2. ଦୁଃଖଗ୍ରସ୍ତ-କ; 3. ବକ୍-ଦାର-କ ।

Plague-mark, Plague-spot; *n.* 1. ମଡ଼କ-ରୋଗର ଚିହ୍ନ; 2. ଯେଉଁ ସ୍ଥାନରେ ମଡ଼କରୋଗ ସର୍ବଦା ବର୍ତ୍ତମାନ ଥାଏ ।

Plaguily, *ad.* ବିରକ୍ତିପୂର୍ବକ ।

Plaguy, *a.* ବିରକ୍ତିଜନକ, କ୍ଲେଶଦାୟକ ।

Plaice, *n.* ଏକପ୍ରକାର ସୁସ୍ୱାଦୁ ଚେପ୍ଟା ମାଛ ।

Plaid, *n.* ସ୍କଟଲଣ୍ଡ ଦେଶୀୟ ଲୋକଙ୍କ ଦ୍ୱାରା ବ୍ୟବହୃତ ଚିତ୍ରବିଚିତ୍ର ପଶମୀ ଚିଲା ବାହ୍ୟ ଉପରଣ ।

Plaided, *a.* 1. ଉକ୍ତ ବସ୍ତ୍ର ପରିହିତ; 2. ଉକ୍ତ ବସ୍ତ୍ରରେ ନିର୍ମିତ ।

Plain, *a.* 1. ସମ, ସମତଳ; 2. ସମପୃଷ୍ଠ, ସମାନ; 3. ଅବାଧ; 4. ସହଜ, ସରଳ; 5. ଅନଳଙ୍କୃତ, ସାମାନ୍ୟ; 6. ଆଡମ୍ବରଶୂନ୍ୟ, ସାଦାସିଧା; 7. ସୁସ୍ପଷ୍ଟ, ଭ୍ରମଶୂନ୍ୟ; 8. ସାଦା; 9. ଅରଞ୍ଜିତ; 10. ରଙ୍ଗ ମସଲାଦି ରହିତ ।—*n.* 1. ସମତଳ ଭୂମି; 2. ପ୍ରାନ୍ତର, ପଦା, ବିସ୍ତୃତ ପଡ଼ିଆ ।—*ad.* 1. ସରଳଭାବେ; 2. ସୁସ୍ପଷ୍ଟରୂପେ ।

Plain-clothes, *n. pl.* ଘରୋଇ ପୋଷାକ ।

Plain-dealing, *a.* ସରଳଭାବବିଶିଷ୍ଟ ।—*n.* 1. ସରଳ ବ୍ୟବହାର ବା ଭାଷଣ; 2. ସରଳତା, ଅକପଟତା ।

Plainly, *ad.* 1. ସ୍ପଷ୍ଟରୂପେ; 2. ଅକପଟଭାବେ, ସରଳଭାବେ ।

Plain-speaking, *n.* ନିଷ୍କପଟ ସମ୍ଭାଷଣ ।

Plaint, *n.* 1. ବିଳାପ; 2. ଅଭିଯୋଗ; 3. ଶୋକଗାନ; 4. (Law.) ଅଭିଯୋଗ ପତ୍ର, ନାଲିଶ ।

Plaintful, *a.* ବିଳାପକ, ଶୋକପ୍ରକାଶକ ।

Plaintiff, *n.* ବାଦୀ, ଅଭିଯୋକ୍ତା, ମୁଦେଇ ।

Plaintive, *a.* 1. ଦୁଃଖଜନକ; 2. ଶୋକପ୍ରକାଶକ; 3. ଖେଦସୂଚକ । [ଭାବେ ।

Plaintively, *ad.* 1. ଦୁଃଖଜନକଭାବେ; 2. ଦୁଃଖିତ-

Plait, *n.* 1. ଭାଞ୍ଜ; 2. ଚୁନଟ, କୁଞ୍ଚ; 3. ବେଣୀ ।—*v.t.* 1. ଭାଞ୍ଜ-କ; 2. ଚୁନଟ-କ; 3. ବେଣୀ ବନ୍ଧନ-କ; 4. ବୁଣାଟ-କ ।

Plaited, *a.* 1. କୁଞ୍ଚିତ; 2. ବଳିତ; 3. ବୁଣାଟ ।

Plaiting, *n.* 1. ବେଣୀବନ୍ଧନ; 2. ବୁଣିବାକାର୍ଯ୍ୟ ।

Plan, *n.* 1. ସମତଳ କ୍ଷେତ୍ରରେ ଅଙ୍କିତ; 2. ଘର ନକ୍ସା; 3. କଳ୍ପନା; 4. ଅଭିସନ୍ଧି; 5. କୌଶଳ; 6. କାର୍ଯ୍ୟ-ତାଲିକା, ପାଲିପତ୍ର ।—*vt.* 1. ନକ୍ସା-କ; 2. ଅଭିସନ୍ଧି-କ; 3. ମନଃସ୍ଥ-କ; 4. କାର୍ଯ୍ୟତାଲିକା ପ୍ରସ୍ତୁତ-କ ।

Planary, *a.* ସମତଳ କ୍ଷେତ୍ର ସମ୍ବନ୍ଧୀୟ ।

Planchet, *n.* ମୁଦ୍ରା ପ୍ରସ୍ତୁତପାଇଁ ଧାତୁର ଚେପ୍ଟାଖଣ୍ଡ ।

Planchette, *n.* ଅଦୃଷ୍ଟ ଜାଣିବା ନିମନ୍ତେ ଲେଖନୀଯୁକ୍ତ ହୃତ୍ପିଣ୍ଡ ଆକାର ଏକପ୍ରକାର ପଟା ।

Plane, (1) *n.* 1. (Geom.) ସମତଳକ୍ଷେତ୍ର; 2. (Astron.) ଗ୍ରହାଦିର ଗତିରେଖାଦ୍ୱାରା ବେଷ୍ଟିତ କଳ୍ପିତ ମଣ୍ଡଳ; 3. କୋଇଲା ପ୍ରଭୃତି ଖସାଇ ଦେବାପାଇଁ ଢାଲୁ-ବାଟ; 4. ଉଚ୍ଚତର ସୋପାନ ।—*a.* ସମତଳ ।

Plane, (2) *n.* ରନ୍ଦା ।—*vt.* ରନ୍ଦାରେ ଚିରସ-କ ।

Plane-sailing, *n.* ସହଜ କର୍ମ ।

Planet, *n.* ଗ୍ରହ ।—Minor planets, କ୍ଷୁଦ୍ର ଗ୍ରହ-ଗଣର ଅସଂଖ୍ୟ ପୁଞ୍ଜ ।

Planetary, *a.* 1. ଗ୍ରହସମ୍ବନ୍ଧୀୟ; 2. ଗ୍ରହମୟ, ଗ୍ରହ-ସଂକୁଳ; 3. ଗ୍ରହଜନିତ; 4. ଗ୍ରହାଧୀନ; 5. ଅସ୍ଥିର; 6. ଭ୍ରମଣଶୀଳ ।

Planetoid, *n.* ଉପଗ୍ରହ ।

Plane-tree, *n.* ସଲଖେ କଟିଥିବା ଏକପ୍ରକାର ଜାତୀୟ କାଠଗଛ । [ଗ୍ରହକ୍ଲିଷ୍ଟ ।

Planet-stricken, Planet-struck, *a.* ଗ୍ରହପୀଡ଼ିତ,

Planetule, *n.* କ୍ଷୁଦ୍ର ଗ୍ରହ ।

Plank, *n.* 1. ଲମ୍ବା ମୋଟପଟା; 2. ରାଜନୈତିକ ଦଳର ନିୟମମାନଙ୍କ ମଧ୍ୟରୁ ଏକ ନିୟମ ।—*v.t.* ପଟାଦ୍ୱାରା ଆବୃତ-କ, ପଟୋତନ-କ ।—To walk the plank, ସମୁଦ୍ର ଦସ୍ୟୁମାନଙ୍କ ଜାହାଜରେ ଥିବା ଖଣ୍ଡେ ପଟା ଉପରେ ଚାଲି ଖସିପଡ଼ି ମରିବା ।

Planking, *n.* 1. ପଟା ବିଛାଇବା କାମ; 2. ପଟା-ଗଢ଼ଏ; 3. ପଟାବସା କାଠ ଇତ୍ୟାଦି ।

Plant, *n.* 1. ଗଛ, ଗୁଳ୍ମ; 2. ଅଙ୍କୁର; 3. ଉଦ୍ଭିଦ; 4. ବ୍ୟବସାୟର ସାଜସରଞ୍ଜାମ; 5. (Slang) ଗୁପ୍ତ ଲୁଣ୍ଠିତ ଧନ ।—*v.t.* 1. ରୋପଣ-କ; 2. ବୃକ୍ଷଦ୍ୱାରା ସୁସଜ୍ଜିତ-କ; 3. ମନରେ ସ୍ଥାପନ-କ; 4. ସ୍ଥାପନ-କ ।

Plantable, *a.* ରୋପଣଯୋଗ୍ୟ ।

**Plantain**, *n.* 1. କଦଳୀଗଛ; 2. କଦଳୀ ।

**Plantation**, *n.* 1. ବୃକ୍ଷ ବଗିଚ୍; 2. ଉପବନ; 3. ବିଦେଶରୁ ଲୋକ ଆଣାଇ କରୁଥିବା ଚା ପ୍ରଭୃତିର କ୍ଷେତ ।

**Planter**, *n.* 1. ରୋପକ; 2. ଚା ପ୍ରଭୃତି କ୍ଷେତର ସ୍ୱାମୀ ।

**Plant-house**, *n.* ଗ୍ରୀଷ୍ମପ୍ରଧାନ ଦେଶୀୟ ଉଦ୍ଭିଦର ରକ୍ଷା ଓ ବୃଦ୍ଧି ନିମନ୍ତେ ଶୀତପ୍ରଧାନ ଦେଶରେ ତିଆରି ଘର ।

**Plantigrade**, *a.* ତଳିପାଦ୍ୱାରା ଗମନଶୀଳ । *n.* ଭାଲୁପରି ତଳିପାଦ୍ୱାରା ଗମନକାରୀ ପଶୁ ।

**Planting**, *n.* 1. ରୋପଣକାର୍ଯ୍ୟ; 2. ଉପବନ ପ୍ରସ୍ତୁତ କରିବା କୌଶଳ; 3. ଉପବନ ।

**Plantless**, *a.* ଉଦ୍ଭିଦଶୂନ୍ୟ ।

**Plant-louse**, *n.* ବୃକ୍ଷନାଶକ କୀଟ ।

**Plash, (1)** *v.t.* ବୃକ୍ଷର ଡାଳମାନ ବାନ୍ଧି ଛନ୍ଦିବା ।—*v.i.* ଡାଳ ନୁଆଁଇବା ।—*n.* ଯେଉଁ ଡାଳ ଅଳ୍ପ କଟାଯାଇ ଅନ୍ୟ ଡାଳସହିତ ବନ୍ଧାଯାଏ ।

**Plash, (2)** *n.* 1. ଜଳୋଚ୍ଛ୍ୱାସ; 2. ସାନ ଗାଡ଼ିଆ; 3. ଡବୁଆ, କ୍ଷୁଦ୍ର ଜଳାଶୟ; 4. ଜଳ ଆଘାତର ଶବ୍ଦ; 5 ଅକସ୍ମାତ୍ ବୃଷ୍ଟିପତନ ।—*v.i.* 1. ଜଳକ୍ରୀଡ଼ା-କ; 2. ପାଣି ଛିଟାଇବା ।—*v.t.* ଛିଟାମାରି ଭିଜାଇବା ।

**Plaster**, *n.* 1. ମୂର୍ତ୍ତି ଗଢ଼ିବାଉପଯୋଗୀ ମାଟି; 2. ଚୂନ ବାଲି ଓ ଜଳଦ୍ୱାରା ପ୍ରସ୍ତୁତ ଜମାଟ; 3. ମଲମ ଲଗାଯାଇଥିବା ଲୁଗା ।—*a.* ମୂର୍ତ୍ତିଗଢ଼ିବାଉପଯୋଗୀ ମାଟିରେ ନିର୍ମିତ ।—*v.t.* 1. ଚୂନ ଲଗାଇବା, ପଲସ୍ତରା-କ; 2. ମଲମଲିପ୍ତ ଲୁଗା ଚପାଇବା; 3. ଲେପ-ଦେ ।

**Plasterer**, *n.* ଚୂନକାମ କରିବା ଲୋକ ।

**Plastering**, *n.* କୋଠାର ଚୂନକାମ, ପଲସ୍ତରା ।

**Plastic**, *a.* 1. ଗଠନକ୍ଷମ; 2. ଆକୃତି ଧାରଣଯୋଗ୍ୟ; 3. ମୁଡ଼ିବା ପରି ନମନୀୟ ।

**Plasticity**, *n.* ମୁଡ଼ିବା ପରି ନମନୀୟତା ।

**Plastography**, *n.* ଜାଲ୍ ହସ୍ତାକ୍ଷର ଲିଖନ ।

**Plastron**, *n.* 1. ବୁକପଟା; 2. ସ୍ତ୍ରୀଲୋକର ବେକରୁ ଅଣ୍ଟାଯାଏ ସମ୍ମୁଖଭାଗରେ ଥିବା ପୋଷାକ ସଂଲଗ୍ନ ଆଭରଣ; 3. ପୁରୁଷମାନଙ୍କ କମିଜ୍ ସମ୍ମୁଖଭାଗର ପ୍ଲେଟ୍; 4. କଚ୍ଛପର ତଳ ଖୋଳପା; 5. ବକ୍ଷୋସ୍ଥି ।

**Plat, (1)** *v.t.* same as Plait.

**Plat, (2)** *n.* କ୍ଷୁଦ୍ର ଭୂମିଖଣ୍ଡ ।

**Plate**, *n.* 1. ଧାତୁର ପଟା; 2. ଥାଳୀ ଥାଳିଆ ପ୍ରଭୃତି ବାସନ; 3. ସ୍ୱର୍ଣ୍ଣ ବା ରୌପ୍ୟନିର୍ମିତ ଭୋଜନପାତ୍ର; 4. ଛାପାର ଖୋଦିତ ପ୍ରଶସ୍ତ ଧାତୁପଟାଖଣ୍ଡ; 5. ଖୋଦିତ ଧାତୁଖଣ୍ଡରୁ ମୁଦ୍ରିତ ଚିତ୍ର; 6. କାନ୍ଥ ଚାଳରେ ଥିବା କାଠ ଖେଣି; 7. ମୁହଁରେ ଖଞ୍ଜିବା ପାଇଁ କୃତ୍ରିମ ଦନ୍ତଶ୍ରେଣୀ ବସିଥିବା ଧାତୁନିର୍ମିତ ପଟ ବା ଖାପ ।—*v.t.* 1. ସୁନା ରୁପାରେ ମଡ଼ାଇବା; 2. ଧାତୁ ପଟାରେ ଆଚ୍ଛାଦିତ-କ; 3. ଧାତୁ ପିଟି ପତର-କ ।

**Plate-armour**, *n.* ଯୋଦ୍ଧାମାନଙ୍କ ରକ୍ଷାର୍ଥ ବ୍ୟବହୃତ ଟାଣ ଧାତୁପତରର ଆବରଣ ।

**Plateau**, *n.* 1. ପ୍ରଶସ୍ତ ଉଚ୍ଚ ସମତଳ କ୍ଷେତ୍ର; 2. ଅଧିତ୍ୟକା ।

**Plated**, *a.* 1. ଧାତୁପତ୍ରର ଦ୍ୱାରା ଆବୃତ; 2. ବହୁମୂଲ୍ୟ ଧାତୁଦ୍ୱାରା ମଣ୍ଡିତ ।

**Plateful**, *n.* ଥାଳୀଏ ।

**Plateglass**, *n.* ଦର୍ପଣ ଓ ଦୋକାନର ଝରକାରେ ବ୍ୟବହୃତ ଏକପ୍ରକାର ମୋଟା କାଚ ।

**Plate-layer**, *n.* ରେଲପଥରେ ଲୁହା ବସାଇବା ଲୋକ ।

**Plate-mark**, *n.* ପ୍ରସ୍ତୁତ ହେବାର ସ୍ଥାନ ଓ ବିଶୁଦ୍ଧତା ପ୍ରକାଶାର୍ଥ ସୁନା ବା ରୁପାର ଜିନିଷ ଉପରେ ଅଙ୍କିତ ଚିହ୍ନ ।

**Platen**, *n.* ଛାପାକଲର ଚେପ୍ଟା ଅଂଶ ଯାହାର ଚାପଦ୍ୱାରା ଅକ୍ଷର ଉଠେ ।

**Plate-powder**, *n.* ସୁନା ବା ରୁପା ପାତ୍ର ପରିଷ୍କାରାର୍ଥ ବ୍ୟବହୃତ ଚୂର୍ଣ୍ଣ ।

**Platform**, *n.* 1. ଉନ୍ନତ ସମଭୂମି; 2. ବକ୍ତା ବା କାର୍ଯ୍ୟକାରୀ ଠିଆହେବା ନିମିତ୍ତ ମଞ୍ଚ, ଚଉତରା; 3. ଦଳବିଶେଷର ମତର ମୂଳଭିତ୍ତି; 4. ତୋପ ବସାଇବାର ଉଚ୍ଚଭୂମି ।

**Plating**, *n.* 1. ଧାତୁପତ୍ରର ମଡ଼ାଇବା କାର୍ଯ୍ୟ; 2. ଅନ୍ୟପଦାର୍ଥ ଉପରେ ଧାତୁର ପାତଳ ଆବରଣ ।

**Platinotype**, *n.* 1. "ପ୍ଲାଟିନମ୍" ଧାତୁରେ ପ୍ରସ୍ତୁତ କାଗଜଦ୍ୱାରା ଚିତ୍ର ଉଠାଇବା କୌଶଳ; 2. ଉକ୍ତ ପ୍ରକାର ଚିତ୍ର ।

**Platinous**, *a.* "ପ୍ଲାଟିନମ" ଧାତୁ ସମନ୍ୱିତ ବା ବିଶିଷ୍ଟ ।

**Platinum**, *n.* ରୁପାଠାରୁ ଉଣା ଉଜ୍ଜ୍ୱଳ ଏକପ୍ରକାର ଧାତୁ ।

**Platitude**, *n.* 1. ନୀରସତା; 2. ନୀରସ ଉକ୍ତି; 3. ଅସାର ମନ୍ତବ୍ୟ ।

**Platonic**, *a.* ଗ୍ରୀକ୍ ଦାର୍ଶନିକ ପ୍ଲେଟୋ ବା ତାହାଙ୍କ ମତ ସମ୍ବନ୍ଧୀୟ ।—Platonic love, ପାଶବ ପ୍ରବୃତ୍ତି ରହିତ ପ୍ରେମ, ନିଷ୍କାମ ପ୍ରେମ ।

**Platonise**, *v.t.* and *i.* ଦାର୍ଶନିକ ପ୍ଲେଟୋଙ୍କ ପରି ତର୍କ-କ ।

**Platonism**, *n.* ପ୍ଲେଟୋଙ୍କ ଦର୍ଶନ ସମ୍ବନ୍ଧୀୟ ମତସକଳ ।

**Platonist**, *n.* ପ୍ଲେଟୋଙ୍କ ମତାନୁଗାମୀ ।

**Platoon**, *n.* 1. ନୂତନ ସୈନ୍ୟର କ୍ଷୁଦ୍ରଦଳ; 2. ସୈନ୍ୟବିଭାଗ ।

**Platter**, *n.* ଅଗଭୀର ବଡ଼ ଥାଳୀ ।

**Plaudit**, *n.* ପ୍ରଶଂସାସୂଚକ ଧ୍ୱନି; 2. ପ୍ରଶଂସା ।

**Plauditory**, *a.* ପ୍ରଶଂସାକାରୀ ।

**Plausible**, *a.* 1. ପ୍ରଶଂସାଯୋଗ୍ୟ; 2. ପ୍ରଶଂସ୍ୟବତ୍; 3. ବାହ୍ୟତଃ ଯୁକ୍ତିକର; 4. ଯଥାର୍ଥବତ୍; 5. ମିଷ୍ଟଭାଷୀ; 6. ଲୋକପ୍ରିୟ ।

**Plausibility, Plausibleness**, *n.* 1. ଯଥାର୍ଥବତ୍ତ୍ୱ; 2. ବାହ୍ୟତଃ ପ୍ରଶଂସନୀୟତା ।

**Play**, *v.i.* 1. ଖେଳିବା; 2. ଆମୋଦଜନକ କାର୍ଯ୍ୟରେ ରତ-ହେ; 3. ଜୁଆ ଖେଳିବା; 4. କ୍ରୀଡ଼ା-କ, ଲୀଳା-କ; 5. କୌତୁକ-କ; 6. ଚଞ୍ଚଳ-ହେ; 7. ଅଭିନୟ-କ; 8. ବାଦ୍ୟ ବାଜିବା; 9. ତାମସା-କ ।—*v.t.* 1. ଚଳାଇବା;

2. ବାଦ୍ୟ ବଜାଇବା; 3. ସମ୍ପାଦନ-କ ।—*n.* 1. ଆମୋଦପ୍ରମୋଦ; 2. ଖେଳ, କ୍ରୀଡ଼ା; 3. ଜୟ ବା ପୁରସ୍କାର ନିମିତ୍ତ ପ୍ରତିଯୋଗିତା; 4. ପ୍ରତିଯୋଗିତାରେ ଅଭ୍ୟାସ; 5. ଜୁଆଖେଳ; 6. ବ୍ୟବହାର; 7. ନାଟକ; 8. ପ୍ରସର ।—To play first and loose, 1. ଅସ୍ଥିରଭାବରେ କାର୍ଯ୍ୟ-କ; 2. ଏକପ୍ରକାରେ କହି ଅନ୍ୟ ପ୍ରକାରେ-କ । To play off, 1. ଏଗୁଣ ଦେଖାଇବା; 2. ନଲୁଚିତ ଖେଳଗୁଡ଼ିକରୁ ଶୋଷିବ ଯାଇବା । To play up, 1. ଉତ୍ସାହରେ ଖେଳିବା; 2. ଅସ୍ଥିରଗତି ଦେଖାଇବା । To bring into play, କାର୍ଯ୍ୟରେ ଲଗାଇବା । To come into play, ବ୍ୟବହାରରେ ଆସିବା । A play upon words, ଦ୍ୱ୍ୟର୍ଥ ବାକ୍ୟ ପ୍ରୟୋଗ । Played out, *a.* 1. ଅବାମତ୍ତ, କ୍ଳାନ୍ତ : 2. ଶେଷୀଭୂତ ।

Play-actor, *n.* ଅଭିନେତା ।

Play-bill, *v.* ଅଭିନୟର ବିଜ୍ଞାପନପତ୍ର ।

Player, *n.* 1. ଖେଳାଳୀ, ଖେଳୁଅଳ, କ୍ରୀଡ଼କ; 2. ନଟ, ଅଭିନେତା; 3. ବାଦକ; 4. କ୍ରିକେଟ୍ ଖେଳ ଉପଜୀବୀ ।

Play-fellow, Playmate, *n.* ଖେଳସାଥୀ, ସହକ୍ରୀଡ଼କ ।

Playful, *a.* 1. କ୍ରୀଡ଼ାସକ୍ତ; 2. କୌତୁକୀ ।

Playfulness, *n.* କ୍ରୀଡ଼ାସକ୍ତତା, କୌତୁକସ୍ୱଭାବ ।

Play-goer, *n.* ବରାବର ନାଟ୍ୟଶାଳାକୁ ଯାଉଥିବା ଲୋକ ।

Play-ground, *n.* ଖେଳ ପଡ଼ିଆ ।

Play-house, *n.* ନାଟ୍ୟଶାଳା, ନାଟମନ୍ଦିର ।

Playing-card, *n.* ତାସ୍ ।

Plaything, *n.* ଖେଳନା, କ୍ରୀଡ଼ନକ ।

Play-writer, *n.* ନାଟକ ରଚୟିତା ।

Plea, *n.* 1. ପ୍ରତିବାଦ, ଦରଖାସ୍ତର ଜବାବ; 2. ଓଜର, ବାହାନା; 3. ହେତୁବାଦ; 4. ବିଚାରାଧୀନ ମୋକଦ୍ଦମା; 5. ଅନୁନୟ ।

Pleach, *v.t.* ବୃକ୍ଷର ଶାଖାଦି ଜଡ଼ି ସଂଯୁକ୍ତ-କ ।

Plead, *v.i.* 1. ମୋକଦ୍ଦମା ଚଳାଇବା; 2. ପକ୍ଷ ସମର୍ଥନ-କ; 3. ପ୍ରବର୍ତ୍ତାଇବାକୁ ଯତ୍ନ-କ; 4. ଦୋଷ ସ୍ୱୀକାର ବା ଅସ୍ୱୀକାର-କ ।—*v.t.* 1. ଯୁକ୍ତି ଦ୍ୱାରା ତର୍କ-କ; 2. ପକ୍ଷ ସମର୍ଥନ ନିମନ୍ତେ ଉଲ୍ଲେଖ-କ; 3. ଯୁକ୍ତି ପ୍ରଦର୍ଶନ-କ; 4. ନିବେଦନ-କ ।—To plead guilty, ଦୋଷୀ ବୋଲି ସ୍ୱୀକାର-କ; To plead not guilty, ନିଜକୁ ନିର୍ଦ୍ଦୋଷ ବୋଲି ପ୍ରକାଶ-କ ।

Pleader, *n.* 1. ଓକିଲ; 2. ଉତ୍ତରପ୍ରତ୍ୟୁତ୍ତରକାରୀ; 3. ନିବେଦକ ।

Pleading, *a.* ସକରୁଣ ।—*n.* 1. ଉତ୍ତରପ୍ରତ୍ୟୁତ୍ତରକରଣ, ସଓଆଲ ଜବାବ; 2. *pl.* ମୋକଦ୍ଦମାର ଉଭୟ ପକ୍ଷର ଲିଖିତ ବର୍ଣ୍ଣନା ।—Special pleading, ଉତ୍ତରପ୍ରତ୍ୟୁତ୍ତରରେ ଜିତିବା ଉଦ୍ଦେଶ୍ୟରେ ଅଯଥା ତର୍କ ।

Pleadingly, *ad.* ସକରୁଣଭାବେ ।

Pleasance, *n.* 1. କୌତୁକ; 2. ବିହାର ଉଦ୍ୟାନ ।

Pleasant, *a.* 1. ସୁଖକର; 2. ମନୋରମ; 3. ତୃପ୍ତ; 4. ପ୍ରଫୁଲ୍ଲ; 5. କୌତୁକୀ ।

Pleasantly, *ad.* ପ୍ରଫୁଲ୍ଲଭାବରେ ।

Pleasantness, *n.* ତୁଷ୍ଟତା, ପ୍ରଫୁଲ୍ଲତା ।

Pleasantry, *n.* 1. କୌତୁକ, ପରିହାସ; 2. ଆମୋଦ; 3. ଫାକି ।

Please, *v.t.* 1. ଖୁସୀ କରାଇବା; 2. ତୁଷ୍ଟ-କ, ସନ୍ତୁଷ୍ଟ-କ ।—*v.i.* 1. ଭଲ ଲାଗିବା; 2. ଖୁସି-ହ ।—If you please, ଆପଣଙ୍କର ଅନୁଗ୍ରହ ହେଲେ ।

Pleasing, *a.* 1 ସୁଖଦାୟକ; 2. ମନୋରମ; 3. ପ୍ରୀତିକର ।

Pleasingly, *ad.* ସୁଖଦାୟକଭାବେ ।

Pleasurable, *a.* 1. ରମ୍ୟ; 2. ତୃପ୍ତିକର; 3. ପ୍ରୀତିକର ।

Pleasurableness, *n.* ରମ୍ୟତା ।

Pleasurably, *ad.* 1. ରମଣୀୟରୂପେ; 2. ସନ୍ତୋଷଜନକଭାବେ ।

Pleasure, *n.* 1. ସୁଖ; 2. ଅନୁରଞ୍ଜନ; 3. ଖୁସି; 4. ଇଚ୍ଛା ।—At pleasure, ଇଚ୍ଛାନୁସାରେ ।

Pleasure-boat, *n.* କ୍ରୀଡ଼ାନୌକା ।

Pleasure-ground, *n.* ବିହାରସ୍ଥଳୀ ।

Pleasureless, *a.* ସୁଖହୀନ ।

Pleasure-trip, *n.* ସୁଖଯାତ୍ରା ।

Plebeian, *a.* 1. ଇତର, ଅକୁଳୀନ; 2. ସାଧାରଣ ।—*n.* 1. ପୂର୍ବକାଳୀନ ରୋମ୍ ନଗରର ଇତର ଲୋକ; 2. ନୀଚ ଶ୍ରେଣୀର ଲୋକ ।

Plebiscite, *n. pleb'-i-sit,* 1. ଦେଶୀୟ ସାଧାରଣ ଲୋକସମୂହ ଦ୍ୱାରା ନିର୍ଦ୍ଧାରିତ ଆଇନ; 2. କୌଣସି ଅଞ୍ଚଳ ନିବାସୀ ଲୋକମାନଙ୍କ ମତ ନେବା କୌଶଳ ।

Plebs, *n.* ସାଧାରଣ ଲୋକସମୂହ ।

Pled, *pa. p.* of Plead.

Pledge, *n.* 1. ବନ୍ଧକ; 2. ଜାମିନ; 3. ଶୁଭକାମନା ପୂର୍ବକ ପାନ ।—*v.t.* 1. ବନ୍ଧକ-ଦେ; 2. ପ୍ରତିଜ୍ଞା-କ; 3. ଚୁକ୍ତି-କ, କରାର-କ; 4. ଅପେ ଅପେ ପିଇବା ଦ୍ୱାରା ଅନ୍ୟଙ୍କୁ ପିଇବା ପାଇଁ ଆହ୍ୱାନ-କ; 5. ଶୁଭକାମନାପୂର୍ବକ ପାନ-କ ।—To hold in pledge, ବନ୍ଧକ ରଖିବା ।—To put in pledge, ବନ୍ଧକ-ଦେ । To take or sign the pledge, ନିଶାନିଷେଧକ ପ୍ରତିଜ୍ଞାପତ୍ରରେ ସ୍ୱାକ୍ଷର-କ ।

Pledge card, *n.* ପ୍ରତିଜ୍ଞାପତ୍ର ।

Plenary, *a.* 1. ପୂର୍ଣ୍ଣ; 2. ସମ୍ପୂର୍ଣ୍ଣ; 3. ସଂସିଦ୍ଧ ।—Plenary inspiration, ଅଭ୍ରାନ୍ତ ପ୍ରତ୍ୟାଦେଶ ।

Plenipotentiary, *a.* 1. ପୂର୍ଣ୍ଣ କ୍ଷମତାଦାୟକ; 2. ପୂର୍ଣ୍ଣ କ୍ଷମତାପ୍ରାପ୍ତ ।—*n.* ପୂର୍ଣ୍ଣ କ୍ଷମତାପ୍ରାପ୍ତ ରାଜଦୂତ ।

Plenish, *v.t.* 1. ପୂର୍ଣ୍ଣ-କ; 2. ଯୋଗ ଘରକୁ ସାଜ ସରଞ୍ଜାମ ଓ ପାଇ ଯୋଗୁଅବ ଯୋଗାଇବା ।

Plenitude, *n.* 1. ପୂର୍ଣ୍ଣତା; 2. ସମ୍ପତ୍ତି; 3. ଅତ ବାହୁଲ୍ୟ ।

**Plenteous**, *a.* 1. ପ୍ରଚୁର, ବହୁଳ; 2. ବହୁଫଳ; 3. ଫଳପ୍ରଦ ।
**Plenteousness**, *a.* ପ୍ରଚୁରତା, ବହୁଳତା ।
**Plentiful**, *a.* 1. ପ୍ରଚୁର, ବହୁତ; 2. ବହୁ ପଦାର୍ଥ-ପ୍ରାପକ ।
**Plentifully**, *ad.* ପ୍ରଚୁରରୂପେ, ବହୁଳରୂପେ ।
**Plenty**, *n.* 1. ପ୍ରାଚୁର୍ଯ୍ୟ, ବାହୁଲ୍ୟ; 2. ଆଧିକ୍ୟ ।
**Plethora**, *n.* 1. ରକ୍ତାଧିକ୍ୟ; 2. ଅତିରେକ ।
**Plethoric**, *a.* 1. ରକ୍ତାଧିକ୍ୟ ରୋଗଯୁକ୍ତ; 2. ଅତିରକ୍ତ; 3. ସ୍ଫୀତ ।
**Pleura**, *n* ଫୁସ୍‌ଫୁସ୍ ଆବରକ ସୂକ୍ଷ୍ମ ଚର୍ମ ।
**Pleurisy**, *n.* ପାର୍ଶ୍ୱଶୂଳ ।
**Plexus**, *n.* (Anat.) ସ୍ନାୟୁ ଶୋଣିତ ସୂକ୍ଷ୍ମଶିରା ପ୍ରଭୃତିର ଜାଲ ।
**Pliability, Pliableness**, *n.* ନମନୀୟତା ।
**Pliable**, *a.* 1. ନମନୀୟ; 2. କୋମଳ; 3. ଚଞ୍ଚଳମନା ।
**Pliably**, *ad.* ନମନୀୟଭାବେ ।
**Pliancy**, *n.* 1. ନମନୀୟତ୍ୱ; 2. କୋମଳଭାବ ।
**Pliant**, *a.* 1. ନମନଶୀଳ; 2. ନରମ; 3. ବଶ୍ୟ ।
**Pliantly**, *ad.* ନମନଶୀଳଭାବେ ।
**Pliers**, *n.* ସାନ ସଣ୍ଡାସି, ଚିମୁଟା ।
**Plight**, (1) *n.* ବନ୍ଧକ, ଚୁକ୍ତି ।—*v.t.* 1. ବନ୍ଧକ-କର; 2. ପ୍ରତିଜ୍ଞା-ଦେ ।
**Plight**, (2) *n.* 1. ଦଶା; 2. ସଙ୍କଟ ।
**Plinth**, *n.* ସ୍ତମ୍ଭ ମୂଳଦେଶର ବେଦୀ ।
**Plod**, *v.i.* 1. ଅବସନ୍ନଭାବେ ଚାଲିବା; 2. ବିରକ୍ତିରେ ଅଧ୍ୟୟନ-କର; 3. ଅଧ୍ୟବସାୟ ସହିତ କାର୍ଯ୍ୟ-କର; 4. ପରିଶ୍ରମ-କର ।
**Plodder**, *n.* ସ୍ଥୂଳବୁଦ୍ଧି ପରିଶ୍ରମୀ ଲୋକ ।
**Plot**, (1) *n.* 1. ଛୋଟ ଭୂମିଖଣ୍ଡ; 2. ନକସା; 3. କ୍ଷେତ୍ରର ନକ୍ସା ।
**Plot**, (2) *n.* 1. ଷଡଯନ୍ତ୍ର, କୁମନ୍ତ୍ରଣା; 2. ଉପାଖ୍ୟାନର ସାରାଂଶ ।—*v.i.* 1. ଷଡଯନ୍ତ୍ର-କର, କୁମନ୍ତ୍ରଣା-କର; 2. ବଡ୍ରୋହ-କର ।—*v.t.* କଳ୍ପନା-କର ।
**Plough**, *n.* 1. ଲଙ୍ଗଳ, ହଳ; 2. କୃଷି; 3. କାଠ ପଟାରେ ଖାଲ କରିବାପାଇଁ ବଢ଼ାଇର ଏକପ୍ରକାର ଯନ୍ତ୍ର ।—*v.t.* 1. ହଳ-କର; 2. କୃଷି-କର; 3. ଜାହାଜ ଚାଲିବାରେ ପାଣିକୁ ଦୁଇଭାଗ-କର; 4. (Slang) ପରୀକ୍ଷାରେ ଅକୃତକାର୍ଯ୍ୟ-କର ।—*v.i.* ହଳ ବୁଲାଇବା ।—To put one's hand to the plough, କାର୍ଯ୍ୟ ଆରମ୍ଭ-କର ।
**Plough-beam**, *n.* ଲଙ୍ଗଳ ଈଷ ।
**Ploughboy**, *n.* ହଳିଆ ଟୋକା ।
**Plough-land**, *n.* 1. କୃଷି ଜମି; 2. ଏକ ହଳର କୃଷି ।
**Ploughman**, *n.* ହଳୁଆ ଲୋକ, କୃଷକ ।
**Ploughshare**, *n.* ଲଙ୍ଗଳର ଫାଳ ।
**Plover**, *n.* ସମୁଦ୍ରକୂଳବାସୀ ଚିତ୍ରିତ ପକ୍ଷଯୁକ୍ତ ଏକପ୍ରକାର [ପକ୍ଷୀ ।
**Ploy**, *n.* 1. କାର୍ଯ୍ୟ; 2. କ୍ରୀଡା ।
**Pluck**, (1) *v.t.* 1. ଛିଣ୍ଡାଇବା; 2. ଉତ୍ପାଟନ-କର; 3. କାଢ଼ିନେବା 4. ଝିଙ୍କାଇ-ଦେ; 5. ପରୀକ୍ଷାର୍ଥୀଙ୍କୁ ଅକୃତକାର୍ଯ୍ୟ-କର ।—*n.* ଟାଣ, ଆକର୍ଷଣ ।—To pluck up courage, ସାହସ ବାନ୍ଧିବା ।
**Pluck**, (2) *n.* 1. ପଶୁର ଅନ୍ତ୍ରଭାଗ; 2. ସାହସ ।
**Plucked**, *a.* 1. ପରୀକ୍ଷାରେ ଅକୃତକାର୍ଯ୍ୟ; 2. ଉତ୍ପାଟିତ; 3. ଅପହୃତ ।
**Pluckily**, *ad.* ନିର୍ଭୟରେ, ସାହସପୂର୍ବକ ।
**Pluckiness**, *n.* ନିର୍ଭୀକତା, ସାହସିକତା ।
**Plucky**, *a.* ନିର୍ଭୟ, ସାହସୀ ।
**Plug**, *n.* 1. ଠିପି, ଖିଲ; 2. ବଳା ତମାଖୁ ଖଣ୍ଡ ।—*v.t.* 1. ଠିପି ବା ଖିଲଦ୍ୱାରା ବନ୍ଦ-କର; 2. ଦାନ୍ତ ସନ୍ଧି ବନ୍ଦ-କର ।
**Plugging**, *n.* 1. ଠିପିଦ୍ୱାରା ବନ୍ଦକରଣ; 2. ଠିପି ତଆର ହେବା ଜନିସ ।
**Plum**, *n.* 1. କୋଳି; 2. କୋଳିଗଛ; 3. ଖର୍ଜୁରାକୃତି ଅଙ୍ଗୁର; 4. ପ୍ରଚୁର ଧନ ।
**Plum-colour**, *n.* ଗାଢ ବାଇଗଣୀ ରଙ୍ଗ ।
**Plumage**, *n.* ପକ୍ଷୀର ପର ।
**Plumb**, *n. plum*, ଓଳମ ।—*a.* ସରଳୋଲମ୍ବ ।—*ad.* ସରଳୋଲମ୍ବଭାବେ ।—*v.t.* 1. ଓଳମଦ୍ୱାରା ପରୀକ୍ଷା-କର; 2. ସରଳୋଲମ୍ବ-କର; 3. ଜଳର ଗଭୀରତା ପରିମାଣ-କର ।
**Plumbago**, *n.* 1. ଅଙ୍ଗାର ଓ ଲୌହନିର୍ମିତ ଖନିଜ ପଦାର୍ଥ, ସୀସା; 2. ଏକପ୍ରକାର ପୁଷ୍ପବୃକ୍ଷ ।
**Plumber**, *n.* ସୀସା କାରିଗର ।
**Plumbing**, *n.* ସୀସା ଢାଳିବା ବା ସୀସାରେ କାର୍ଯ୍ୟ କରିବା କୌଶଳ ।
**Plumbless**, *a.* ଅତଳସ୍ପର୍ଶ ।
**Plumbline**, *n.* ଓଳମ ସୂତା ।
**Plum-cake**, *n.* କିସ୍‌ମିସ୍ ପଡିଥିବା ପିଠା ।
**Plume**, *n.* 1. ପକ୍ଷ; 2. ପକ୍ଷଗୁଚ୍ଛ; 3. ଅଳଙ୍କାରସ୍ୱରୂପ ପରିହିତ ପକ୍ଷ; 4. ଶିଖା, ଚୂଡା; 5. ସମ୍ମାନ ଚିହ୍ନ; 6. ପ୍ରତିଯୋଗିତାର ପୁରସ୍କାର ।—*v.t.* 1. ପକ୍ଷ ବିନ୍ୟାସ-କର; 2. ପକ୍ଷଦ୍ୱାରା ଅଲଂକୃତ-କର; 3. ପକ୍ଷ ଉତ୍ପାଟନ-କର; 4. ଗର୍ବ-କର ।
**Plumed**, *a.* ପକ୍ଷଦ୍ୱାରା ଅଲଙ୍କୃତ ।
**Plumiped**, *a.* ପକ୍ଷଯୁକ୍ତ ପାଦବିଶିଷ୍ଟ ।
**Plummet**, *n.* 1. ଓଳମର ସୀସା; 2. ଗଭୀରତା ପରିମାପକ ଭାର ବିଶେଷ ।
**Plump**, (1) *ad.* 1. ପତନରେ ସିଧା ତଳକୁ; 2. ସରଳରୂପେ; 3. ହଠାତ୍ ।—*a.* 1. ସ୍ପଷ୍ଟ; 2. ହୋଧା—*v.i.* 1. ହଠାତ୍ ପତିତ-ହେ; 2. ଏକାଧିକ ପଦାର୍ଥୀଙ୍କ ମଧ୍ୟରୁ ଜଣକପାଇଁ ସମୁଦାୟ ସମ୍ମତଚିହ୍ନ (ଭୋଟ୍)-ଦେ ।—*v.t.* ହଠାତ୍ ପତନ ଘଟାଇବା ।
**Plump**, (2) *a.* 1. ମୋଟା; 2. ପୁଷ୍ଟ; 3. ହୃଷ୍ଟପୁଷ୍ଟ ।—*v.i.* 1. ମୋଟା-ହେ; 2. ଫୁଲିବା ।—*v.t.* ମୋଟା-କର ।
**Plum-pudding**, *n.* କିସ୍‌ମିସ୍ ପ୍ରଭୃତି ସଂଯୁକ୍ତ ପିଷ୍ଟକ ।

**Plunder**, *v.t.* 1. ଲୁଟ-କ; 2. ଅପହରଣ-କ; 3. ଉଜାଡ଼-କ ।—*n.* ଲୁଟିମାଲ, ଲୁଣ୍ଠିତ ଦ୍ରବ୍ୟ ।
**Plunderage**, *n.* ଜାହାଜରେ ଲୁଣ୍ଠନ ।
**Plunderer**, *n.* ଲୁଣ୍ଠନକାରୀ, ଦସ୍ୟୁ ।
**Plunge**, *v.t.* 1. ତରଳ ପଦାର୍ଥରେ ଅକସ୍ମାତ୍ ନିକ୍ଷେପ-କ; 2. ହଠାତ୍ ବଳପୂର୍ବକ ପ୍ରବେଶ କରାଇବା; 3. ଜଳରେ ବୁଡ଼ାଇବା ।—*v.i.* 1. ତରଳ ପଦାର୍ଥରେ ମଗ୍ନ-ହେ; 2. ଗୋତା ମାରିବା; 3. ପ୍ରବଳବେଗେ ବିପଦରେ ପ୍ରବେଶ-କ; 4. ଜୁଆଖେଳରେ ଅଧିକ ବାଜି ରଖିବା ।—*n.* 1. ନିମଜ୍ଜନ; 2. ଅବାଧ୍ୟ ଘୋଡ଼ାର ବେଗରେ ପ୍ରଧାବନ ।
**Plunger**, *n.* ମଜ୍ଜନକାରୀ ।
**Plunging**, *a.* 1. ବେଗେ ଧାବମାନ; 2. ପ୍ରବଳବେଗେ ନିମ୍ନାଭିଗାମୀ ।—*n.* 1. ଜଳରେ ବା ତରଳ ଦ୍ରବ୍ୟରେ ନିମଜ୍ଜନ; 2. ସବାରକୁ ପକାଇଦେବା ପାଇଁ ଘୋଡ଼ାର ଚେଷ୍ଟା ।
**Pluperfect**, *a.* ଅତୀତ ଘଟଣାବୋଧକ, ପ୍ରାଗ୍ଭୂତ ।
**Plural**, *a.* ଏକାଧିକବୋଧକ, ବହୁବଚନାନ୍ତ ।—*n.* ବହୁବଚନ ।
**Pluralise**, *v.t.* ବହୁବଚନାନ୍ତ-କ ।
**Pluralism**, *n.* 1. ଏକାଧିକତ୍ୱ; 2. ଏକକାଳେ ଏକାଧିକ ଯାଜକୀୟ ବୃତ୍ତିର ଉପଭୋଗ ।
**Pluralist**, *n.* ବହୁ ବୃତ୍ତିଭୋଗୀ ଯାଜକ ।
**Plurality**, *n.* 1. ଏକାଧିକତ୍ୱ; 2. ଏକାଧିକ ସଂଖ୍ୟା; 3. ଅଧିକାଂଶ; 4. ଏକାଧିକ ଯାଜକୀୟ ବୃତ୍ତିର ଉପଭୋଗ ।
**Pluriliteral**, *a.* ତିନିରୁ ଅଧିକ ବର୍ଣ୍ଣଯୁକ୍ତ ।
**Pluriparous**, *a.* ଏକକାଳେ ବହୁଶାବକ ପ୍ରସବକାରିଣୀ ।
**Plus**, *a.* 1. ଅଧିକ; 2. ସଂଯୋଜ୍ୟ; 3. ମିଶ୍ରଣସୂଚକ ।—*n.* ଯୋଗଚିହ୍ନ ଯଥା '+' ।
**Plush**, *n.* ଏକପ୍ରକାର ଲୋମଶ ବସ୍ତ୍ର ।
**Plutocracy**, *n.* ଧନାଢ୍ୟମାନଙ୍କ କର୍ତ୍ତୃକ ରାଜ୍ୟଶାସନ ।
**Plutonian**, *a.* 1. ନାରକୀୟ; 2. ଅନ୍ଧକାରମୟ ।
**Plutonic action**, *n.* ଭୂଗର୍ଭରେ ଅଗ୍ନେୟ ଉତ୍ପାତ ।
**Plutonic theory**, *n.* ଅଗ୍ନି ଦ୍ୱାରା ପୃଥିବୀର ଉପରିଭାଗ ବର୍ତ୍ତମାନ ଅବସ୍ଥା ପ୍ରାପ୍ତ ହେଲା ବୋଲି ଯେଉଁ ମତ ।
**Pluvial**, *a.* 1. ବୃଷ୍ଟିସମ୍ବନ୍ଧୀୟ; 2. ବୃଷ୍ଟିମୟ ।
**Pluviameter, Pluviometer**, *n.* ବୃଷ୍ଟିପରିମାପକ ଯନ୍ତ୍ର ।
**Pluvious**, *a.* ବୃଷ୍ଟିବହୁଳ ।
**Ply**, *v.t.* 1. ଅବିଶ୍ରାନ୍ତଭାବେ ସମ୍ପନ୍ନ-କ; 2. ଯତ୍ନପୂର୍ବକ ବ୍ୟବହାର-କ; 3. ଉଦ୍-କ; 4. ପୁନଃ୨ ମାଗିବା ।—*v.i.* 1. ଅବିରତଭାବେ କାର୍ଯ୍ୟରେ ଲାଗିବା; 2. ବେଗଗାମୀ-ହେ; 3. (ଜାହାଜ ଅଦି) ନିୟମିତରୂପେ ଯିବା-ଆସିବା-କ; 4. (ଜାହାଜ) ପବନ ଅଭିମୁଖରେ ଯିବା ।—*n.* 1. ପରସ୍ତ, ସ୍ତର; 2. ପ୍ରବୃତ୍ତି ।
**Pneuma**, *n.* 1. ପ୍ରାଣବାୟୁ; 2. ଆତ୍ମା; 3. ପ୍ରାଣ ।
**Pneumatic, Pneumatical**, *a.* 1. ବାୟୁସମ୍ବନ୍ଧୀୟ, ବାୟବୀୟ; 2. ବାୟୁପୂର୍ଣ୍ଣ; 3. ବାୟୁଚାଳିତ ।
**Pneumatic despatch**, *n.* ବାୟୁଦ୍ୱାରା ନଳରେ ଚିଠିପତ୍ର ବା ଛୋଟପେଣ୍ଡିର ପଠାଇବାର କୌଶଳ ।
**Pneumatic railway**, *n.* ବାୟୁଚାଳିତ ରେଳଗାଡ଼ି ।
**Pneumatics**, *n.* ବାୟୁବିଜ୍ଞାନ ।
**Pneumatic tyre**, *n.* ଶୂନ୍ୟଗାଡ଼ି ପ୍ରଭୃତିର ଚକ୍ରସଂଲଗ୍ନ ବାୟୁପୂର୍ଣ୍ଣ ରବରନଳ ।
**Pneumonia**, *n.* ଫୁସ୍‌ଫୁସ୍ ଦାହ, କ୍ଳୋମପାକ ।
**Pneumonic**, *a.* ଫୁସ୍‌ଫୁସ ସମ୍ବନ୍ଧୀୟ ।—*n.* ଫୁସ୍‌ଫୁସ୍ ରୋଗର ଔଷଧ ।
**Poach**, (1) *v.t.* ଅଣ୍ଡା ଭାଙ୍ଗି ଗରମପାଣିରେ ସିଝାଇବା ବା ମଖନରେ ପାକ-କ ।
**Poach**, (2) *v.i.* ଶିକାର ଚୋରି କରିବାପାଇଁ ଅନ୍ୟର ଇଲାକାରେ ପଶିବା ।—*v.t.* ଶିକାର ଚୋରି-କ ।
**Poacher**, *n.* 1. ଶିକାର ଚୋର; 2. ଏକପ୍ରକାର ବତକ; 3. ଅଣ୍ଡା ଭାଙ୍ଗି ଗରମ ପାଣିରେ ସିଝାଇବାର ଏକପ୍ରକାର ପାତ୍ର ।
**Poachy**, *a.* ଓଦା ଓ ନରମ (ଭୂମି) ।
**Pock**, *n* ବସନ୍ତ ଫୋଟକା ।
**Pocked**, *a.* ବସନ୍ତ ଚିହ୍ନଯୁକ୍ତ ।
**Pock mark**, *n.* ବସନ୍ତ ଚିହ୍ନ ।
**Pocket**, *n.* 1. କୁର୍ତ୍ତା ପାକେଟ୍ 2. ମୁଣି ବା ଥଳୀ ।—*v.t.* 1. ପାକେଟରେ ରଖିବା; 2. ଗୋପନରେ-ନେ; 3. ଲୁଚାଇବା ।—To pocket an insult. ଅପମାନ ସହ୍ୟ-କ । To be out of pocket, କ୍ଷତିଗ୍ରସ୍ତ-ହେ ।
**Pocket-book**, *n.* 1. ଟିପାବହି; 2. ଚିଠିପତ୍ରାଦି ରଖିବା ନିମିତ୍ତ କ୍ଷୁଦ୍ରପୁସ୍ତକ ।
**Pocket-glass**, *n.* କ୍ଷୁଦ୍ର ଦର୍ପଣ ।
**Pocket-money**, *n.* ହାତ ଖର୍ଚ୍ଚ ।
**Pocket-picking**, *n.* ପାକେଟ୍ ଚୋରି ।
**Pocket-edition**, *n.* କ୍ଷୁଦ୍ରାକାରରେ ମୁଦ୍ରିତ ପୁସ୍ତକ ।
**Pod**, *n.* 1. ବୀଜକୋଷ, ମଟର ପ୍ରଭୃତିର ଚୋପା; 2. ମାଛ ମନା ।—*v.i.* 1. ଚୋପା ପଡ଼ିବା; 2. ଚୋପା ଜନ୍ମିବା ।
**Podgy**, *a.* ଥାକୁଲା ।
**Poem**, *n.* 1. କବିତା; 2. କାବ୍ୟ; 3. ପଦ୍ୟ ।
**Poesy**, *n.* 1. କବିତା ରଚନାର କୌଶଳ; 2. କବିତା; 3. ପଦ୍ୟ; 4. କାବ୍ୟ ।
**Poet**, *n.* 1. କବି, କାବ୍ୟରଚକ; 2. କଳ୍ପନା ବିଳାସୀ ।
**Poetaster**, *n.* 1. ନିମ୍ନଶ୍ରେଣୀର କବି; 2. କୁକବି ।
**Poetess**, *n.* ନାରୀ କବି ।
**Poetic, Poetical**, *a.* 1. କବି ବା କବିତା ସମ୍ବନ୍ଧୀୟ; 2. କବି ବା କବିତାଯୋଗ୍ୟ; 3. କାବ୍ୟବର୍ଣ୍ଣିତ; 4. କାବ୍ୟୋଚିତ ଭାଷା ସଂବଳିତ; 5. କଳ୍ପନାପ୍ରସୂତ ।
**Poetically**, *ad.* କାବ୍ୟସୂତ୍ରାନୁସାରେ, କାବ୍ୟୋଚିତଭାବେ ।
**Poetics**, *n. sing.* କବିତାର ସମାଲୋଚନା ବିଦ୍ୟା ।
**Poetise**, *v.i.* 1. କବିଭଳି ଲେଖିବା; 2. କବିତା ରଚନା-କ ।
**Poet-laureate**, *n.* ରାଜକବି ।

**Poetry**, *n.* 1. କବିତା; 2. କାବ୍ୟ; 3. ପଦ୍ୟ ।

**Poh**, *interj.* ଅବଜ୍ଞାସୂଚକ ଅବ୍ୟୟପଦ ଯଥା—ଛିଃ, ଛିଛି ।

**Poignancy**, *n.* 1. ତୀବ୍ରତା; 2. ତୀକ୍ଷ୍ଣତା ।

**Poignant**, *a.* 1. ତୀବ୍ର; 2. ଭେଦକ 3. ତୀକ୍ଷ୍ଣ; 4. ମର୍ମଭେଦୀ; 5. ଅତିବ ଯନ୍ତ୍ରଣାଦାୟକ; 6. ଗ୍ଲାନିକର; 7. କଟୁ ।

**Poignantly**, *ad.* 1. ତୀକ୍ଷ୍ଣରୂପେ; 2. ତୀବ୍ରଭାବେ ।

**Point**, *n.* 1. ମୁନ, ତୀକ୍ଷ୍ଣାଗ୍ର; 2. ମୁନିଆ ଯନ୍ତ୍ରଦ୍ୱାରା କୃତ ଚିହ୍ନ; 3. (Geom.) ଯାହାର ଅବସ୍ଥିତି ଅଛି ମାତ୍ର ଦୈର୍ଘ୍ୟ ଓ ପ୍ରସ୍ଥ ନାହିଁ—ବିନ୍ଦୁ; 4. ପଦରେ ବିରାମ ବା ଛେଦଚିହ୍ନ; 5. ସୂକ୍ଷ୍ମ ସୂତାକର୍ମ; 6. ଆଲୋଚ୍ୟ ବିଷୟ; 7. ବାକ୍ୟର କଟୁତା; 8. କ୍ଷଣ; 9. ଖେଳରେ ହାରଜିତ ଗଣିବା ସଂଖ୍ୟା; 10. ଉଦ୍ଦେଶ୍ୟ; 11. ଛାପାକ୍ଷର ପରିମାଣ ବିଶେଷ; 12. କ୍ରିକେଟ୍‌ଖେଳରେ ବ୍ୟାଟ୍ ଧରିଥିବା ଲୋକର ସମ୍ମୁଖର ଅଳ୍ପ ଡାହାଣକୁ ଥିବା ଖେଳାଳୀ; 13. ଘୋଡ଼ାବାଦର ଭଲଗୁଣ; 14. ରେଳଗାଡ଼ି ଅନ୍ୟ ଦିଗରେ ଯିବାପାଇଁ ଚଳନଶୀଳ ସୂକ୍ଷ୍ମାଗ୍ର ରେଳଦ୍ୱୟ ।—*v.t.* 1. ମୁନିଆ-କ; 2. ତୀକ୍ଷ୍ଣ-କ; 3. ଲକ୍ଷ୍ୟ-କ; 4. ମନୋଯୋଗ ଆକର୍ଷଣ-କ; 5. ପଦମଧ୍ୟରେ ବିରାମ ବା ଛେଦଚିହ୍ନ ସନ୍ନିବେଶିତ-କ; 6. କାନ୍ଥର ସନ୍ଧିସ୍ଥାନ ଚୂନଦ୍ୱାରା ପୂର୍ଣ୍ଣ-କ ।—*v.i.* 1. ଅଙ୍ଗୁଳି ବା ଚକ୍ଷୁଦ୍ୱାରା ସଙ୍କେତ-କ; 2. ଶିକାରପ୍ରତି ସ୍ଥିରଦୃଷ୍ଟି ରଖିବା ।—Point of order, ତର୍କ ସଭାରେ ଉପସ୍ଥାପିତ ବିଷୟ ନିୟମିତ ଅଛି କି ନାହିଁ ଏହି ପ୍ରଶ୍ନ । Points of the compass, ଦିଗ୍‌ବିଦିକ୍ । To give points to, 1. ଖେଳପଟୁକୁ ହାରଜିତ ସଂଖ୍ୟା-ଦେ; 2. ଆଲୋଚ୍ୟ ପ୍ରସଙ୍ଗ ସମ୍ବନ୍ଧରେ ପୂର୍ବରୁ ପରାମର୍ଶ-ଦେ । To the point, ପ୍ରସଙ୍ଗୋପଯୋଗୀ ।

**Point-blank**, *a.* ସିଧା ।—*ad.* ସିଧାଭାବେ, ସିଧାସିଧି ।

**Pointed**, *a.* 1. ମୁନିଆ, ସୂକ୍ଷ୍ମାଗ୍ର; 2. ତୀକ୍ଷ୍ଣ; 3. କୌଣସି ବ୍ୟକ୍ତି ନିମନ୍ତେ ନିର୍ଦ୍ଦିଷ୍ଟ; 4. ବ୍ୟକ୍ତିଗତ; 5. ତୀବ୍ର; 6. ଫଳପ୍ରଦ ।

**Pointedly**, *ad.* 1. ତୀକ୍ଷ୍ଣରୂପେ; 2. ତୀବ୍ରଭାବେ; 3. ବ୍ୟକ୍ତିଗତଭାବରେ ।

**Pointedness**, *n.* ସୂକ୍ଷ୍ମତା, ତୀକ୍ଷ୍ଣତା ।

**Pointer**, *n.* 1. ପ୍ରଦର୍ଶକ; 2. ଶିକାର ଦେଖାଇବାରେ ଶିକ୍ଷିତ କୁକ୍କୁର ।

**Pointing**, *n.* 1. ସୂକ୍ଷ୍ମକରଣ; 2. ଛେଦଚିହ୍ନଦ୍ୱାରା ପଦ ବିଭାଗକରଣ; 3. ଚୂନଦ୍ୱାରା କାନ୍ଥର ସନ୍ଧିସ୍ଥାନ ପୂରଣ ।

**Point-lace**, *n.* ସୂତାଦ୍ୱାରା ବୁଣାକାର୍ଯ୍ୟ ।

**Pointless**, *a.* 1. ମୁଣ୍ଡା, ଦନ୍ତୁରା, ତୀକ୍ଷ୍ଣାଗ୍ରହୀନ; 2. ତୀବ୍ରତାଶୂନ୍ୟ ।

**Pointsman**, *n.* ରେଳଷ୍ଟେସନରେ ଚଳନଶୀଳ ରେଳଦ୍ୱୟ ଚଳାଇବା ଲୋକ ।

**Poise**, *v.t.* 1. ତଉଳିବା; 2. ସମତୁଲ୍ୟ-କ; 3. ଚିତ୍ତରେ ପରୀକ୍ଷା-କ ।—*v.i.* ସ୍ଥିରଭାବେ ଝୁଲିବା ।—*n.* 1. ଭାର; 2. ସମଭାବ; 3. ସମଭାର ।

**Poison**, *n.* ବିଷ, ଗରଳ; 2. ପ୍ରାଣନାଶକ ପଦାର୍ଥ; 3. ଯାହା ଚରିତ୍ରକୁ କଳଙ୍କିତ କରେ ।—*v.t.* 1. ବିଷଦ୍ୱାରା ମାରିବା; 2. ବିଷାକ୍ତ-କ; 3. ଭ୍ରଷ୍ଟ-କ ।

**Poisonable**, *a.* ବିଷାକ୍ତ ହେବାଯୋଗ୍ୟ ।

**Poison-fang**, *n.* ବିଷଦନ୍ତ ।

**Poisoning**, *n.* ବିଷପ୍ରୟୋଗ; 2. ବିଷସଂସ୍ରବ ।

**Poisonous**, *a.* 1. ବିଷାକ୍ତ, ବିଷମୟ; 2. ମାରାତ୍ମକ; 3. ଅନିଷ୍ଟକାରକ ।

**Poisonously**, *ad.* ମାରାତ୍ମକରୂପେ ।

**Poisonousness**, *n.* 1. ବିଷାକ୍ତତା; 2. ମାରାତ୍ମକତା ।

**Poke**, (1) *n.* ମୁଣି ।—A pig in a poke, ଅନ୍ଧ ବ୍ୟବସାୟ ।

**Poke**, (2) *v.t.* 1. ଗେଞ୍ଜିବା, କେଞ୍ଚିବା; 2. ଉଗାଇ-ଦେ; 3. ଲମ୍ବ ଶସ୍ତ୍ରଦ୍ୱାରା ଖୋଳିବା; 4. ଶିଙ୍ଗରେ ଭୁଷିବା ।—*v.i.* ଦରିଦ୍ର-ହେ ।—*n.* 1. ଭୁଷା, କେଞ୍ଚା; 2. ସ୍ତ୍ରୀମାନଙ୍କର ପୂର୍ବକାଳୀନ ଏକପ୍ରକାର ଗୋଲିଆ ଟୋପି ।—To poke fun at, ଥଟ୍ଟା-କ ।

**Poker**, (1) *n.* ଉଷୁରିଆ, କେଞ୍ଚଣା ।

**Poker**, (2) *n.* ଏକପ୍ରକାର ଜୁଆ ତାସ୍‌ଖେଳ ।

**Poking**, *a.* 1. ଗୋଲାମୀ; 2. ନୀଚ ।

**Poky**, *a.* 1. ନିର୍ବୋଧ; 2. ବିମର୍ଷ; 3. ଅତି ସଙ୍କୀର୍ଣ୍ଣ, ଯାକ ।

**Polar**, *a.* 1. ମେରୁପ୍ରାନ୍ତ ସମ୍ବନ୍ଧୀୟ; 2. ମେରୁପ୍ରାନ୍ତ ନିକଟସ୍ଥ; 3. ଚୁମ୍ବକ ଶଳାକାର ଆକର୍ଷକ ବା ବିକର୍ଷକ ବିନ୍ଦୁସମ୍ବନ୍ଧୀୟ ।

**Polar bear**, *n.* ଧଳାଭାଲୁ, ଶ୍ୱେତ ଭଲ୍ଲୁକ ।

**Polar circle**, *n.* ମେରୁବୃତ୍ତ ।

**Polarise**, *v.t.* ଆକର୍ଷକ ଓ ବିକର୍ଷକ ଗୁଣବିଶିଷ୍ଟ-କ ।

**Polarity**, *n.* ଆକର୍ଷକ ଓ ବିକର୍ଷକ ଦୁଇ ବିପରୀତ ଗୁଣ ସଂଯୁକ୍ତ ଅବସ୍ଥା ।

**Pole**, (1) *n.* 1. କେନ୍ଦ୍ର; 2. ପୃଥିବୀର ମେରୁର ଦୁଇପ୍ରାନ୍ତ; 3. ଚୁମ୍ବକ ଶଳାକାର ଆକର୍ଷକ ବା ବିକର୍ଷକ ବିନ୍ଦୁଦ୍ୱୟ ।

**Pole**, (2) *n.* 1. ଦଣ୍ଡ, ଲମ୍ବଯଷ୍ଟି; 2. ଦୈର୍ଘ୍ୟ ପରିମାଣରେ ୫½ ଗଜ; 3. ବର୍ଗପରିମାଣରେ ୩୦¼ ବର୍ଗଗଜ ।—*v.t.* ଲମ୍ବଯଷ୍ଟିରେ ଠେଲିଦେଇ ପେଲିବା ।

**Pole axe**, *n.* ଟାଙ୍ଗି, ଫାର୍ଶା, ପରଶୁ ।

**Polecat**, *n.* ନେଉଳପରି ଏକପ୍ରକାର ଗନ୍ଧାଇବା ଜନ୍ତୁ-ଗନ୍ଧମାର୍ଜାର ।

**Polemic, Polemical**, *a.* 1. ବାଦାନୁବାଦପ୍ରିୟ; 2. ତର୍କପୂର୍ଣ୍ଣ ।

**Polemic**, *n.* 1. ତାର୍କିକ; 2. ପ୍ରତିବାଦକ; 3. ବାଦାନୁବାଦ ।

**Polemically**, *ad.* ତର୍କପୂର୍ଣ୍ଣଭାବେ ।

**Polemics**, *n. Sing.* 1. ତର୍କବିଦ୍ୟା; 2. ବାଦାନୁବାଦ ।

**Pole star**, *n.* ଧ୍ରୁବ ତାରା ।

**Police**, *n.* 1. ଶାନ୍ତିରକ୍ଷାର ଶାସନ; 2. ପୋଲିସ୍‌ଦଳ ।

**Policeman,** *n.* ପୋଲିସ୍ ଲୋକ ।
**Police court,** *n.* ଫୌଜଦାରୀ ଅଦାଲତ ।
**Policy,** (1) *n.* 1. ମତ; 2. ରାଜନୀତି; 3. ଶାସନ-ପ୍ରଣାଳୀ; 4. ସ୍ୱାର୍ଥନୀତି; 5. ପରିଣାମଦର୍ଶିତା ।
**Policy,** (2) *n.* ବୀମାର ଚୁକ୍ତିପତ୍ର ।
**Policy-holder,** *n.* ବୀମାର ଚୁକ୍ତିପତ୍ରଧାରୀ ।
**Polish,** (1) *pō-lish, a.* ପୋଲାଣ୍ଡଦେଶ ବା ତନ୍ନିବାସି ସମ୍ବନ୍ଧୀୟ ।
**Polish,** (2) *pol'-ish, v.t.* 1. ପାଲିସ୍-କ; 2. ଚିକ୍କଣ-କ; 3. ସଭ୍ୟ-କ ।—*v.i.* ଚିକ୍କଣ-ହେ ।—*n.* 1. ମସୃଣତା; 2. ଶିଷ୍ଟତା; 3. ଝିଲ୍କକାରକ ପଦାର୍ଥ, ପାଲିସ୍ ।
**Polished,** *a.* 1. ମସୃଣ; 2. ଶିଷ୍ଟ; 3. ସଭ୍ୟ ।
**Polisher,** *n.* ଯେ ବା ଯାହା ପାଲିସ୍ କରେ ।
**Polite,** *a.* 1. ଶିଷ୍ଟାଚାରୀ, ସୁଶୀଳ; 2. ଅନୁଗ୍ରାହକ ।
**Politely,** *ad.* ଶିଷ୍ଟାଚାରପୂର୍ବକ, ସୁଶୀଳଭାବେ ।
**Politeness,** *n.* ଶିଷ୍ଟତା, ଭଦ୍ରତା, ସଭ୍ୟତା, ସୁଶୀଳତା ।
**Politic,** *a.* 1. ସ୍ୱାର୍ଥନୀତି ସମ୍ବନ୍ଧୀୟ; 2. ରାଜନୀତିଜ୍ଞ; 3. ପରିଣାମଦର୍ଶୀ ।—Body politic, ପ୍ରଜାବର୍ଗ ।
**Political,** *a.* 1. ରାଜନୈତିକ; 2 ଜାତିସମ୍ବନ୍ଧୀୟ; 3. ରାଜଶାସନ ସମ୍ବନ୍ଧୀୟ; 4. ସରକାର ଦତ୍ତ ।
**Political economy,** *n.* 1. ଅର୍ଥବିଜ୍ଞାନ; 2. ଲୋକ-ଯାତ୍ରାବିଧାନ ।
**Politically,** *ad.* ରାଜନୈତିକଭାବେ ।
**Political science,** *n.* ରାଜନୀତିବିଜ୍ଞାନ ।
**Polka,** *n.* ବୋହେମିଆ ଦେଶୀୟ ଏକପ୍ରକାର ନୃତ୍ୟ ଓ ବାଦ୍ୟ ।
**Poll,** (1) *n.* ଶୁଆ ।
**Poll,** (2) *pōl, n.* 1. ମୁଣ୍ଡର ପଛଭାଗ; 2. ଲୋକସଂଖ୍ୟାର ତାଲିକା; 3. ରାଜନୈତିକ ସଭାସଦମାନଙ୍କ ନିର୍ବାଚନ ପାଇଁ ସମ୍ମତିଦାତାମାନଙ୍କ ନାମତାଲିକା; 4. ରାଜନୈତିକ ସଭା-ସଦମାନଙ୍କ ନିର୍ବାଚନ; 5. ରାଜନୈତିକ ସଭାସଦମାନଙ୍କ ନିର୍ବାଚନ ସ୍ଥାନ ।—*v.t.* 1. ଅଗ୍ରଭାଗ କାଟିବା; 2. କର୍ତ୍ତନ-କ; 3. ଗଛ ଓଲାଇବା ବା ଉଞ୍ଛିବା; 4. ତାଲି-କାରେ ନାମ ଲେଖିବା; 5. ସମ୍ମତିଦାତାଙ୍କୁ ନିର୍ବାଚନ ସ୍ଥାନକୁ ଆଣିବା; 6. ସମ୍ମତି-ଦେ; 7. ସମ୍ମତି ପାଇବା ।—*v.i.* ସମ୍ମତି ପ୍ରକାଶ-କ ।—At the head of the poll, ନିର୍ବାଚନରେ ସର୍ବାଧିକ ସମ୍ମତିସଂଖ୍ୟାପ୍ରାପ୍ତ ।
**Pollack,** *n.* ଇଂଲଣ୍ଡ ଉପକୂଳରେ ପ୍ରାପ୍ତ କଡ଼ଜାତୀୟ ସାମୁଦ୍ରିକ ମାଛ ।
**Pollan,** *n.* ଆଇର୍ଲାଣ୍ଡ ଦେଶୀୟ ହ୍ରଦମାନରେ ପ୍ରାପ୍ତ ଏକ-ପ୍ରକାର ମାଛ ।
**Pollarchy,** *n.* ଇତରଲୋକଙ୍କ ଦ୍ୱାରା ଚାଳିତ ଶାସନ ।
**Pollard,** *n.* 1. ଅଗ୍ରଭାଗ-କର୍ତ୍ତିତ ବୃକ୍ଷ, ଉଞ୍ଛାଗଛ; 2. ଶୃଙ୍ଗବିହୀନ ପଶୁ; 3. ଭୁସି ।
**Pollaxe,** *n.* see Pole axe.
**Poll book,** *n.* ସମ୍ମତିଦାତାମାନଙ୍କର ନାମତାଲିକା ।
**Polled,** *a.* 1. ଲଣ୍ଡା; 2. ଝାଙ୍ଗର; 3. ଶୃଙ୍ଗବିହୀନ ।
**Pollen,** *n.* ପୁଷ୍ପରେଣୁ, ପରାଗ ।—*v.t.* ପରାଗରେ ଆବୃତ-କ ।
**Pollenarious,** *a.* ପରାଗମୟ ।
**Pollenise,** *v.t.* ପରାଗ ଯୋଗାଇବା ।
**Pollinar,** *a.* ପରାଗତୁଲ୍ୟ ସୂକ୍ଷ୍ମରେଣୁରେ ଆବୃତ ।
**Pollinate,** *v.t.* ପୁଷ୍ପର ଗର୍ଭକେଶରରେ ପରାଗ ସଞ୍ଚାର-କ ।
**Pollination,** *n.* ପରାଗସଙ୍ଗମ, କୀଟପତଙ୍ଗାଦିଦ୍ୱାରା ପୁଷ୍ପର ଗର୍ଭକେଶରରେ ପରାଗସଞ୍ଚାର ।
**Polliwig, Pollywig,** *n.* ବେଙ୍ଗଫୁଲ ।
**Pollman,** *n.* କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ସାଧାରଣ ଉପାଧିଧାରୀ ।
**Poll-tax,** *n.* ପ୍ରତ୍ୟେକ ବ୍ୟକ୍ତି ଉପରେ ଧାର୍ଯ୍ୟ କର ।
**Pollute,** *v.t.* 1. ମଇଳା-କ, ଅପରିଷ୍କାର-କ; 2. ଅଶୁଚି-କ, ଅପବିତ୍ର-କ; 3. ଦୂଷିତ-କ; 4. ଭ୍ରଷ୍ଟ-କ; 5. କଳଙ୍କିତ-କ ।—*a.* ଅପବିତ୍ର ।
**Polluted,** *a.* 1. ଅପରିଷ୍କୃତ; 2. ଅପବିତ୍ର; 3. କଳୁଷିତ ।
**Pollution,** *n.* 1. ଦୂଷିତକରଣ; 2. ଅପରିଷ୍କୃତାବସ୍ଥା; 3. ଅଶୁଚିତା ।
**Polly,** same as Poll, (1).
**Polo,** *n.* ଘୋଡ଼ା ଚଢ଼ି ବାଡ଼ିଦ୍ୱାରା ଖେଳାଯାଉଥିବା ଖେଳ ।
**Polony,** *n.* ଅଳ୍ପସିଦ୍ଧ ଶୂକର ମାଂସରେ ପୂରିତ ଅନ୍ତ୍ରରେ ପ୍ରସ୍ତୁତ ଖାଦ୍ୟପଦାର୍ଥ ।
**Poltroon,** *n.* 1. ଅଳସୁଆ ଲୋକ; 2. କାପୁରୁଷ; 3. ଭୀରୁ ବ୍ୟକ୍ତି ।—*a.* 1. ନିକୃଷ୍ଟ; 2. ଅଧମ; 3. ଘୃଣ୍ୟ ।
**Poltroonery,** *n.* 1. ଆଳସ୍ୟ; 2. କାପୁରୁଷତ୍ୱ; 3. ଭୀରୁତା ।
**Polyacoustic,** *a.* ଶବ୍ଦବର୍ଦ୍ଧକ ।—*n.* ଶବ୍ଦବର୍ଦ୍ଧକ ଯନ୍ତ୍ରବିଶେଷ ।
**Polyact,** *a.* ବହୁସଂଖ୍ୟକ ରଶ୍ମି କିରଣବିଶିଷ୍ଟ ।
**Polyadelphia,** *n. pl.* ତିନି ବା ତତୋଽଧିକ ଗୁଚ୍ଛ ପୁଂକେଶରଗୁଚ୍ଛଯୁକ୍ତ ପୁଷ୍ପ ।
**Polyadelphous,** *a.* ବହୁ ପୁଂକେଶରଯୁକ୍ତ ।
**Polyandrous,** *a.* ବହୁପତିକା, ବହୁଭର୍ତ୍ତୃକା ।
**Polyandry,** *n.* ବହୁସ୍ୱାମିକବାଦ, ବହୁଭର୍ତ୍ତୃତା ।
**Polyanthea,** *n.* ଉତ୍କୃଷ୍ଟ ଉଦ୍ଧୃତ ବାକ୍ୟ ଲେଖିରଖିବା ପାଇଁ ଟିପାଖାତା ।
**Polyanthus,** *n.* ଉଦ୍ୟାନୋତ୍ପନ୍ନ ଏକପ୍ରକାର ଗୁଚ୍ଛପୁଷ୍ପ ।
**Polyarchy,** *n.* ବହୁଲୋକଙ୍କଦ୍ୱାରା ପରିଚାଳିତ ଶାସନ ।
**Polyautography,** *n.* ପ୍ରସ୍ତରରେ ଖୋଦନଦ୍ୱାରା ହସ୍ତା-କ୍ଷରର ବହୁ ପ୍ରତିଲିପି ପ୍ରସ୍ତୁତ କରିବା ବିଦ୍ୟା ।
**Polycarpic,** *a.* ବହୁଫଳଶାଳୀ, ବହୁଫଳା ।
**Polycarpous,** *a.* ବହୁଫଳୋତ୍ପାଦକ ।
**Polychord,** *a.* ବହୁତାରବିଶିଷ୍ଟ ।—*n.* ଦଶତାରବିଶିଷ୍ଟ ବାଦ୍ୟଯନ୍ତ୍ର ବିଶେଷ ।
**Polychromatic,** *a.* ବହୁବର୍ଣ୍ଣବିଶିଷ୍ଟ ।
**Polycladous,** *a.* ବହୁଶାଖାବିଶିଷ୍ଟ ।
**Polycracy,** *n.* ବହୁ ଶାସନକର୍ତ୍ତାଙ୍କ ଦ୍ୱାରା ପରିଚାଳିତ ଶାସନ ।

Polyergic, *a.* ବହୁପ୍ରକାରେ କାର୍ଯ୍ୟକାରୀ ।

Polygamy, *n.* ବହୁସ୍ତ୍ରୀ ବିବାହ, ଏକାଧିକ ଦାରପରିଗ୍ରହଣ ପ୍ରଥା ।

Polygamist, *n.* ବହୁଦାରପରିଗ୍ରହୀତା ।

Polygastric, *a.* ବହୁଉଦରବିଶିଷ୍ଟ ।

Polygenesis, *n.* 1. ବହୁଜୀବାଣୁରୁ ଉତ୍ପତ୍ତି; 2. ଶରୀର ବହୁଜୀବାଣୁରୁ ଉତ୍ପନ୍ନ ବୋଲି ଯେଉଁ ମତ ।

Polyglot, *a.* ବହୁଭାଷା ସମ୍ବଳିତ, ବହୁଭାଷୀୟ ।—*n.* 1. ବହୁଭାଷାରେ ଅନୁବାଦିତ ପୁସ୍ତକ; 2. ବହୁଭାଷାବେତ୍ତା ।

Polygon, *n.* ବହୁକୋଣୀ କ୍ଷେତ୍ର, ବହୁଭୁଜ କ୍ଷେତ୍ର ।

Polygonal, *a.* ବହୁକୋଣୀ, ବହୁଭୁଜବିଶିଷ୍ଟ ।

Polygram, *n.* ବହୁରେଖାବିଶିଷ୍ଟ କ୍ଷେତ୍ର ।

Polygraph, *n.* 1. ଲେଖାର ପ୍ରତିଲିପି ପ୍ରସ୍ତୁତ କରିବାର ଏକ ଯନ୍ତ୍ର; 2. ବିଭିନ୍ନ ପୁସ୍ତକର ସଂଗ୍ରହ ।

Polygraphy, *n.* 1. ବିସ୍ତାରିତ ଲେଖା; 2. ଗୁପ୍ତାକ୍ଷରରେ ଲିଖନବିଦ୍ୟା ।

Polygynous, *a.* ବହୁସ୍ତ୍ରୀକ, ବହୁପତ୍ନୀବିଶିଷ୍ଟ ।

Polyhedron, *n.* ବହୁପାର୍ଶ୍ୱବିଶିଷ୍ଟ ଘନପଦାର୍ଥ ।

Polyhedrous, Polyhedral, *a.* ବହୁପାର୍ଶ୍ୱଯୁକ୍ତ ।

Polymorphic, Polymorphous, *a.* 1. ବହୁ ଆକାରବିଶିଷ୍ଟ; 2. ବହୁରୂପୀ, ଅନେକରୂପଧାରୀ ।

Polynomial, *a.* ଯୋଗ ବା ବିଯୋଗ ଚିହ୍ନଦ୍ୱାରା ସମ୍ବଳିତ ବୀଜଗଣିତର ରାଶି ।

Polypetalous, *a.* ବହୁଦଳଯୁକ୍ତ, ଅନେକ ପାଖୁଡ଼ାଯୁକ୍ତ ।

Polyphagous, *a.* ବହୁ ବିଭିନ୍ନଖାଦ୍ୟଭୋଜୀ ।

Polypharmacy, *n.* ବହୁ ଔଷଧର ଡାବକରଣ ।

Polyphonic, *a.* 1. ବିଭିନ୍ନ ପ୍ରକାରେ ପଠିତ ହେବା ଯୋଗ୍ୟ; 2. ବହୁସ୍ୱରଯୁକ୍ତ ।

Polyphonist, *n.* ଗାରୁଡ଼ବାଦୀ ।

Polyplastic, *a.* ବହୁଆକୃତିବିଶିଷ୍ଟ, ବହୁରୂପଯୁକ୍ତ ।

Polypode, *n.* ବହୁପଦବିଶିଷ୍ଟ ଜନ୍ତୁ ।

Polypus, *n.* 1. ବହୁପଦୀ ଜଳଜନ୍ତୁ ବିଶେଷ; 2. ବହୁ ପାଦ ବା ଚେରବିଶିଷ୍ଟ ପଦାର୍ଥ; 3. ନାସାରୋଗ, ନାକର ଉଦ୍ଧି ।

Polyscope, *n.* 1. ଏକପ୍ରକାର କାଚ ଯହିଁରେ ଏକ ବସ୍ତୁ ଅନେକ ଦେଖାଯାଏ; 2. ଶରୀରଅଭ୍ୟନ୍ତରରେ ରଶ୍ମି ପକାଇବାର ଯନ୍ତ୍ର ।

Polysperm, *n.* ଯେ ବୃକ୍ଷର ଫଳରେ ଅନେକ ମଞ୍ଜି ଥାଏ ।

Polystome, *n.* ବହୁମୁଖବିଶିଷ୍ଟ ଜନ୍ତୁ ।

Polystyle, *a.* ବହୁସ୍ତମ୍ଭବିଶିଷ୍ଟ ।

Polysyllabic, *a.* ବହୁ ବର୍ଣ୍ଣଯୋଜନାବିଶିଷ୍ଟ ।

Polysyllable, *n.* ତିନିଠାରୁ ଅଧିକ ବର୍ଣ୍ଣଯୋଜନାବିଶିଷ୍ଟ ଶବ୍ଦ ।

Polytechnic, Polytechnical, *a.* ବହୁ ଶିଳ୍ପକଳାବିତ୍ ।—*n.* 1. ବହୁଶିଳ୍ପକଳା ପ୍ରଦର୍ଶନୀ; 2. ବହୁଶିଳ୍ପକଳାର ବିଦ୍ୟାଳୟ ।

Polytheism, *n.* ବହୁଦେବମତ, ବହୁଦେବବାଦ ।

Polytheist, *n.* ବହୁଦେବବିଶ୍ୱାସୀ ।

Polytheistic, Polytheistical, *a.* ବହୁଦେବମତ ସମ୍ବନ୍ଧୀୟ, ବହୁଦେବମତ ବିଷୟକ ।

Polytocus, *a.* ବହୁପ୍ରସୂ ।

Polytype, *n.* ଖୋଦିତ ଚିହ୍ନ ବା ଅକ୍ଷର ପ୍ରତିଛବିର ଧାତୁନିର୍ମିତ ଛାଞ୍ଚ ।

Pomaceous, *a.* ଅପଲ୍‌ଫଳ ସମ୍ବନ୍ଧୀୟ ବା ତତ୍ସଦୃଶ ।

Pomade, Pomatum, *n.* କେଶରଞ୍ଜକ ଲେପ ।

Pome, *n.* 1. ଅପଲ୍‌ଫଳ; 2. ଅପଲ୍‌ସଦୃଶ କୌଣସି ଫଳ; 3. ଯାଜକଙ୍କର ଉତ୍ତାପ ସେବନାର୍ଥ ରୂପାନିର୍ମିତ ଉଷ୍ଣଜଳପୂର୍ଣ୍ଣ ଏକପ୍ରକାର ଗୋଲାକାର ପାତ୍ର ।

Pomegranate, *n.* ଡାଳିମ୍ବ, ଅନାର, ବେଦାନା, ଦାଡ଼ମ ।

Pomeranian, *a.* ଜର୍ମାନଦେଶର ଉତ୍ତରସ୍ଥ ପମରେନିଅ ନାମକ ପ୍ରଦେଶ ସମ୍ବନ୍ଧୀୟ ।

Pommel, *n.* 1. ଗୋବ, ଗୁବା; 2. ତରବାରମୁଠାର ଗଣ୍ଠି; 3. ଘୋଡ଼ା ଜିନର ଉଚ୍ଚଭାଗ ।—*v.t.* 1. ମୋଟା ବା ଭାରୀ ପଦାର୍ଥଦ୍ୱାରା ପିଟିବା; 2. କଠିନ ପ୍ରହାର-କ; 3. ଛେଚିବା ।

Pomology, *n.* ଫଳଗଛର କୃଷିବିଜ୍ଞାନ ।

Pomona, *n.* ଫଳବୃକ୍ଷର ଅଧିଷ୍ଠାତ୍ରୀ ଦେବୀ ।

Pomp, *n.* 1. ସମାରୋହରେ ଯାତ୍ରା; 2. ମହାଡମ୍ବର; 3. ସମାରୋହ; 4. ଯାକ୍‌ଯମକ; 5. ବାହ୍ୟାଡମ୍ବର; 6. ପ୍ରତାପ ।

Pompom, *n.* ଏକପାଉଣ୍ଡିଆ ଗୋଳା ନିକ୍ଷେପକାରୀ ତୋପ ବିଶେଷ ।

Pomposity, Pompousness, *n.* 1. ପ୍ରଗଲ୍‌ଭତା; 2. ଐଶ୍ୱର୍ଯ୍ୟବତ୍ତା; 3. ଆତ୍ମଶ୍ଳାଘା ।

Pompous, *a.* 1. ପ୍ରଗଲ୍‌ଭ; 2. ଐଶ୍ୱର୍ଯ୍ୟଶାଳୀ; 3. ଆଡମ୍ବରପୂର୍ଣ୍ଣ, ଯାକ୍‌ଯମକଶାଳୀ ।

Pond, *n.* 1. ପୋଖରୀ, ପୁଷ୍କରିଣୀ, ଜଳାଶୟ ।—*v.t.* ପୋଖରୀ-କ ।

Ponder, *v.t.* 1. ମନେ ମନେ ତାରତମ୍ୟ-କ; 2. ଭାବିବା; 3. ବିଚାର-କ ।—*v.i.* (with *on* or *over*) ଚିନ୍ତାମଗ୍ନ-ହ ।

Ponderability, *n.* ତୁଳାଯୋଗ୍ୟତା, ତୁଳନୀୟତ୍ୱ ।

Ponderable, *a.* ତୁଳାଯୋଗ୍ୟ, ତୁଳନୀୟ ।

Ponderance, *n.* ଭାର, ଓଜନ ।

Ponderingly, *ad.* ଚିନ୍ତାଶୀଳଭାବେ ।

Pondrous, *a.* 1. ଅତଗୁରୁ, ଭାରୀ; 2. ବୃହତ୍, ବଡ଼; 3. ବଳବତ୍; 4. ପ୍ରଧାନ; 5. ବେଢଙ୍ଗିଆ ।

Pondrosity, Pondrousness, *n.* ଗୁରୁତ୍ୱ, ଭାରବତ୍ତା ।

Poniard, *n.* 1. କଟାରୀ; 2. ଛୋରା ।—*v.t.* ଛୋରା ଦ୍ୱାରା ବଧ-କ ।

Pons, *n.* (Anat.) 1. ସଂଯୋଜକ ଅଂଶ; 2. ପୋଲ ।

Pontage, *n.* ପୋଲ ଉପରେ ଯିବାପାଇଁ ଦେୟ ମାଶୁଲ; 2. ପୋଲ ପ୍ରସ୍ତୁତ ମରାମତ ନିମନ୍ତେ ଟିକସ ।

Pontiff, *n.* ପ୍ରଧାନ ଧର୍ମାଧ୍ୟକ୍ଷ ବିଶେଷତଃ ପୋପ୍, ପ୍ରାଚୀନ ରୋମୀୟ ମହାଯାଜକ ।

Pontifical, *a.* ପ୍ରଧାନ ଧର୍ମାଧ୍ୟକ୍ଷ ସମ୍ବନ୍ଧୀୟ, ବିଶେଷତଃ ପୋପସମ୍ବନ୍ଧୀୟ; 2. ଆଡମ୍ବରମୟ; 3. ଐଶ୍ୱର୍ଯ୍ୟଶାଳୀ ।—*n.* ପ୍ରଧାନ ଧର୍ମାଧ୍ୟକ୍ଷଙ୍କ ନିଜ କ୍ରିୟାପଦ୍ଧତିର ପୁସ୍ତକ ।

Pontificals, *n* ପ୍ରଧାନ ଧର୍ମାଧ୍ୟକ୍ଷଙ୍କ ବେଶଭୂଷା ।

Pontificate, *n.* 1 ପ୍ରଧାନ ଧର୍ମାଧ୍ୟକ୍ଷଙ୍କ ପଦମର୍ଯ୍ୟାଦା; 2. ପୋପଙ୍କର କର୍ତ୍ତୃତ୍ୱକାଳ ।

Pontlevis, *n.* ଟଣାଯିବା ସେତୁ, ଯେଉଁ ପୋଲ ଉଠାଯାଇ ପକାଯାଏ ।

Pontoon, Ponton, *n.* 1. ସୈନ୍ୟ ପାରହେବା ନିମନ୍ତେ ପୋଲବାନ୍ଧିବାରେ ବ୍ୟବହୃତ ଏକପ୍ରକାର ଅଗଭୀର ନୌକା; 2. ନୌକାଦ୍ୱାରା ପ୍ରସ୍ତୁତ ସେତୁ, ଭସାପୋଲ; 3. ଜାହାଜ ବୋହାଇ ବା ଖାଲି କରିବା ନିମନ୍ତେ ଚଉଡ଼ା ନୌକା ।

Pony, *n.* 1. କ୍ଷୁଦ୍ର ଘୋଡ଼ା, ଟାଟୁ, ଟାଙ୍ଗନ; 2. କୌଣସି ଛାତ୍ରବର୍ଗଙ୍କ ଛାତ୍ରର ଅର୍ଥପୁସ୍ତକ; 3. କ୍ଷୁଦ୍ର ଗିଲାସରେ ଗିଲାସେ ମଦ ।—*v.t.* ଅନୁବାଦ କରିବାରେ ଅର୍ଥପୁସ୍ତକ ବ୍ୟବହାର-କ ।—Jerusalem pony, ଗର୍ଦ୍ଦଭ ।

Poodle, *n.* ଲୁଥୁରୁଥା ଲୋମଥିବା ସାନ ସେଜ୍ଞା କୁକୁର ।

Pooh pooh, *v.t.* ହେୟଜ୍ଞାନ-କ ।

Pool, (1) *n.* ସାନ ପୋଖରୀ, ଗାଡ଼ିଆ; 2. ଜଳସ୍ରୋତର ଗଭୀର ସ୍ଥଳ ।

Pool, (2) *n.* 1. କେତେକ ପ୍ରକାର ତାସଖେଳରେ ବାଜି; 2. ମେଜ ଉପରେ ହାତବାଲ୍ରର ପେଣ୍ଡୁଦ୍ୱାରା ଖେଳା ବିଶେଷ ।

Poop, *n.* 1. ଜାହାଜର ପଛପଟ; 2. ଉପରର ପଟାତଳ ।—*v.t.* ପୁନର୍ବିତରଣ ପାଇଁ କୋଠ ଜମାରେ ରଖାଇବା ।

Poor, *a.* 1. ଦରିଦ୍ର, ନିର୍ଦ୍ଧନ, ଗରିବ; 2. ଦୁଃଖୀ, ନିଃସମ୍ବଳ; 3. ସାରହୀନ; 4. ନିସ୍ତେଜ, ଦୁର୍ବଳମନା; 5. କଷଣ୍ଡ; 6. (Bible) ନମ୍ର; 7. ଅନୁର୍ବର; 8. ରୁକ୍ଷ; 9. କ୍ଷୀଣ; 10. ବଳହୀନ; 11. ଦୁର୍ବଳ; 12. ଅଦକ୍ଷ; 13. ନିକୃଷ୍ଟ; 14. ଅନାଦୃତ; 15. ଜଘନ୍ୟ; 16. ଅନୁପଯୁକ୍ତ; 17. ଅସୁନ୍ଦର; 18. ଅମାନ୍ୟ; 19. ତୁଚ୍ଛ, ହେୟ; 20. ବାଛା, ଧନଟା (endearingly).

Poor-house, *n.* ଦରିଦ୍ରମାନଙ୍କ ଆଶ୍ରୟ ନିମନ୍ତେ ସାଧାରଣଙ୍କଠାରୁ ଅର୍ଥ କରିଦ୍ୱାରା ପ୍ରତିଷ୍ଠିତ ଗୃହ, ଦରିଦ୍ରାଶ୍ରମ ।

Poor-laws, *n.* ଦରିଦ୍ରର ଭରଣପୋଷଣାର୍ଥେ ଆଇନସମୂହ ।

Poorly, *a.* ଅସୁସ୍ଥ, ପୀଡ଼ିତ ।—*ad.* ସାମାନ୍ୟଭାବେ; 2. ଅନୁତ୍ତମରୂପେ; 3. ଦରିଦ୍ରଭାବେ; 4. ନୀଚଭାବେ ।

Poorness, *n.* 1. ଦରିଦ୍ରତା, ଦରିଦ୍ରାବସ୍ଥା, ଦାରିଦ୍ର୍ୟ; 2. ନୀଚତା, ନିକୃଷ୍ଟତା ।

Poor-rate, *n.* ଦରିଦ୍ରର ସାହାଯ୍ୟାର୍ଥ ଅର୍ଥ କର ।

Poor-spirited, *a.* 1. ଭୀରୁ, 2. ନୀଚ ।

Pop, *v.i.* 1. ସଶବ୍ଦେ ଫୁଟିବା; 2. ହଠାତ୍ ବାହାରପଡ଼ିବା; 3. ହଠାତ୍ ପଶିଯିବା; 4. ବିବାହର ପ୍ରାର୍ଥୀ-ହେ ।—*v.t.* 1. ହଠାତ୍ ବାହାର କରିପକାଇବା; 2. ସଶବ୍ଦେ ଫୁଟାଇବା; 3. (Slang) ବନ୍ଧକ-ଦେ ।—*n.* 1. ଫୁଟିବା ଶବ୍ଦ; 2. ସଶବ୍ଦେ ବୋତଲ-ନିର୍ଗତ ପାନୀୟ ଦ୍ରବ୍ୟ ।—To pop the question, ବିବାହର ପ୍ରାର୍ଥୀ-ହେ ।

Pope, *n.* 1. ରୋମୀୟ ପ୍ରଧାନ ଧର୍ମାଧ୍ୟକ୍ଷ; 2. ଗ୍ରୀକ ମଣ୍ଡଳୀର ଧର୍ମଯାଜକ; 3. କୌଣସି ମଣ୍ଡଳୀ ବା ସମ୍ପ୍ରଦାୟର ଅଭ୍ରାନ୍ତ କ୍ଷମତାପନ୍ନ ବ୍ୟକ୍ତି ।

Popedom, *n.* ପୋପଙ୍କର ଖାଲି ପଦ ବା ଅଧିକାର ।

Popery, *n.* 1. ପୋପର ମତ; 2. ରୋମାନକାଥଲିକ ଧର୍ମ ।

Popeship, *n.* ପୋପଙ୍କ ପଦ ।

Popish, *a.* 1. ପୋପ୍ କିମ୍ବା ରୋମାନକାଥଲିକ୍ ଧର୍ମ ସମ୍ବନ୍ଧୀୟ; 2. ରୋମାନକାଥଲିକ୍ ଧର୍ମଶିକ୍ଷାନୁଯାୟୀ ।

Popinjay, *n.* 1. ଶୁକପକ୍ଷୀ; 2. ଲକ୍ଷ୍ୟ କରିବା ପାଇଁ ଖୁଣ୍ଟଉପରେ ଥିବା ଶୁକଆକାର ନିଶାଣ; 3. ଫୁଲବାବୁ ।

Poplar, *n.* ଶୀତପ୍ରଧାନଦେଶୀୟ ଏକପ୍ରକାର ଅବସ୍ଥିତ ଉଚ୍ଚ ବୃକ୍ଷ ।

Poplin, *n.* ପଶମ ଓ ରେଶମମିଶ୍ରିତ ଏକପ୍ରକାର ଲୁଗା ।

Poppet, *n.* 1. ପିତୁଳା; 2. ଜାହାଜ ଜଳରେ ଭସାଇବାରେ ବ୍ୟବହୃତ କାଷ୍ଠଖଣ୍ଡ ବିଶେଷ ।

Poppy, *n.* ଅଫିମଗଛ, ପୋସ୍ତାଗଛ ।

Poppy-oil, *n.* ଅଫିମମଞ୍ଜିରୁ ଉତ୍ପନ୍ନ ତେଲ, ଅଫିମତେଲ ।

Poppy-seed, *n.* ପୋସ୍ତାଗଛର ମଞ୍ଜି, ପୋସ୍ତଦାନା, ଅଫିମ ମଞ୍ଜି ।

Populace, *n.* 1. ସାଧାରଣ ଲୋକସମୂହ; 2. ଇତର ଲୋକସମୂହ ।

Popular, *a.* 1. ଲୋକସମୂହ ସମ୍ବନ୍ଧୀୟ; 2. ସର୍ବଜନପ୍ରିୟ; 3. ସାଧାରଣରେ ପ୍ରଚଳିତ ବା ବ୍ୟାପ୍ତ; 4. ଲୋକାନୁମୋଦିତ, ଲୋକରୁଚିକର; 5. ସହଜବୋଧଗମ୍ୟ ।

Popularise, *v.t.* ସର୍ବପ୍ରିୟ-କ; 2. ସାଧାରଣୋପଯୋଗୀ-କ; 3. ସାଧାରଣରେ ପ୍ରଚଳିତ-କ ।

Popularity, Popularness, *n.* 1. ଜନପ୍ରିୟତା, ସର୍ବଗ୍ରାହ୍ୟତା; 2. ପ୍ରସିଦ୍ଧି; 3. ଲୋକାନୁଗ୍ରହ ପ୍ରାପ୍ତୀଚ୍ଛା ।

Popularly, *ad.* ଲୋକରୁଚିକର ଭାବେ ।

Populate, *v.t.* 1. ଜନାକୀର୍ଣ୍ଣ-କ; 2. ନଗର ବସାଇବା ।—*v.i.* ଜନସଂଖ୍ୟା ବୃଦ୍ଧିପାଇବା ।

Population, *n.* ଜନସଂଖ୍ୟା ।

Populous, *a.* 1. ଜନପୂର୍ଣ୍ଣ, ଜନାକୀର୍ଣ୍ଣ; 2. ବହୁ ଜନବସତିପୂର୍ଣ୍ଣ ।

Populously, *ad.* ଜନପୂର୍ଣ୍ଣଭାବେ, ଜନାକୀର୍ଣ୍ଣଭାବେ ।

Populousness, *n.* ଜନପୂର୍ଣ୍ଣତା, ଜନାକୀର୍ଣ୍ଣତା ।

Porcelain, *n.* 1. ପାତ୍ର ନିର୍ମାଣୋପଯୋଗୀ ଚୀନଦେଶୀୟ ଏକପ୍ରକାର ମୃତ୍ତିକା; 2. ଚୀନବାସନ, ଚୀନଦେଶନିର୍ମିତ ମୃଣ୍ମୟ ପାତ୍ର ।

Porch, *n.* 1. ଦ୍ୱାରସମ୍ମୁଖସ୍ଥ ଛାତବିଶିଷ୍ଟ ମେଲା ଜାଗା, ଅଳିନ୍ଦ; 2. ଭଜନାଳୟାଦିର ଦ୍ୱାରସମ୍ମୁଖସ୍ଥ ପ୍ରକୋଷ୍ଠ ।

Porcine, *a.* *por'sin*, 1. ଶୂକରଜାତି ସମ୍ବନ୍ଧୀୟ; 2. ଶୂକରସଦୃଶ; 3. ଘୃଣ୍ୟଭାବ ବିଶିଷ୍ଟ ।

Porcupine, *n.* ଝିଙ୍କ, ଶଜାରୁ, ଶଲ୍ଲକୀ ।

Pore, (1) *n.* ଲୋମକୂପ ।

Pore, (2) *v.i.* 1. ସ୍ଥିର ଦୃଷ୍ଟିରେ ନିରୀକ୍ଷଣ-କ; 2. ଏକାଗ୍ର-ଭାବରେ ପାଠ-କ ।

Porifera, *n. pl.* ସ୍ପଞ୍ଜସମୂହ ।

Pork, *n.* ଶୂକର ମାଂସ ।

Pork-butcher, *n.* ଶୂକରମାଂସ ବ୍ୟବସାୟୀ କଂସାଇ ।

Porker, *n.* 1. ଶୂକର ଶାବକ; 2. ଖାଦ୍ୟାର୍ଥେ ପୋଷା ପୁଷ୍ଟ ଘୁଷୁରି ।

Porky, *a.* ମାଉଁସିଆ, ମାଂସଳ ।

Porous, *a.* 1. ଲୋମକୂପବିଶିଷ୍ଟ: 2. ଛିଦ୍ରମୟ, ସଚ୍ଛିଦ୍ର; 3. ଜଳଭେଦ୍ୟ ।

Porousness, *n.* ଜଳଭେଦ୍ୟତା ।

Porphyry, *n.* ବିଚିତ୍ର ରଙ୍ଗର ଶକ୍ତ ମର୍ମରଜାତୀୟ ପ୍ରସ୍ତର ବିଶେଷ ।

Porpoise, *n. por'pus,* ଶିଶୁକ, ଶିଶୁମାର ।

Porridge, *n.* ପାଣି ବା ଦୁଧରେ ପ୍ରସ୍ତୁତ ଓଟ୍ ଶସ୍ୟର ଯାଉ; 2. ପରିବାକୁ ପାଣିରେ ସିଝାଇବାଦ୍ୱାରା ପ୍ରସ୍ତୁତ ଏକପ୍ରକାର ଝୋଳ ।

Porringer, *n.* ଓଟ୍ ଶସ୍ୟର ଯାଉ ଖାଇବାପାଇଁ ପାତ୍ର ଥାଳୀ ।

Port, (1) *n.* ଜାହାଜର ବାମପାର୍ଶ୍ୱ ।—*v.t.* ଜାହାଜ ବାମଦିଗକୁ ଚଳାଇବା ।—*v.i.* ଜାହାଜ ବାମଦିଗରେ ଯିବା ।

Port, (2) *n.* ବନ୍ଦର, ଜାହାଜ ଘାଟ ।

Port, (3) *n.* 1. ନଗର-ପ୍ରାଚୀରର ଦ୍ୱାର; 2. ଜାହାଜ ପାର୍ଶ୍ୱସ୍ଥ ସାନ ଝରକା: 3. ତୋପ ମାରିବାପାଇଁ ରଣତରୀର ପାର୍ଶ୍ୱସ୍ଥ ଛିଦ୍ର ।

Port, (4) *n.* ଅପର୍ଟୋ ନଗରରେ ପ୍ରସ୍ତୁତ ଗାଢ଼ ଲାଲ-ରଙ୍ଗର ମଦ୍ୟ ।

Portable, *a.* 1. ବହନୀୟ; 2. ଅନତିସ୍ଥୂଳ ।

Portableness, *n.* ବହନୀୟତା ।

Port-admiral, *n.* ବନ୍ଦରସ୍ଥ ପୋତାଧ୍ୟକ୍ଷ ।

Portage, *n.* 1. ବହନ; 2. ଜାହାଜର ବୋଝ; 3. ବହନର ମାସୁଲ ।

Portal, *n.* 1. ସାନ ଦ୍ୱାର; 2. ଫାଟକ; 3. ପ୍ରବେଶଦ୍ୱାର ।

Port-charges, *n.* ଜାହାଜ ବନ୍ଦରରେ ରହିବାବେଳେ ଦେୟ ମାସୁଲ ।

Portcullis, *n.* ପ୍ରବେଶଦ୍ୱାର ବା ଫାଟକ ଉପରେ ଝୁଲୁଥିବା ଲୌହମୁଖଯୁକ୍ତ ବଡ଼ କବାଟରେ ଗଠିତ କବାଟ ଯାହାକୁ ଶତ୍ରୁର ପ୍ରବେଶ ପାଇଁ ହଠାତ୍ ତଳକୁ ଖସାଇଦିଆଯାଇ ପାରେ ।

Porte, *n.* ତୁର୍କିଦେଶୀୟ ରାଜଶାସନ ।

Portend, *v.t.* 1. ଚିହ୍ନଦ୍ୱାରା ଭାବୀ ଘଟନାର ସୂଚନା-ଦେ; 2. ପୂର୍ବସୂଚନା-କ ।

Portent, *n.* 1. ପୂର୍ବଲକ୍ଷଣ; 2. କୁଲକ୍ଷଣ, ଅଶୁଭ ଲକ୍ଷଣ ।

Portentous, *a.* 1. ଭାବୀ ଅମଙ୍ଗଳଜ୍ଞାପକ; 2. ଅଶୁଭ ସୂଚକ; 3. ଆଶ୍ଚର୍ଯ୍ୟଜନକ; 4. ଭୟଙ୍କର; 5. ଘୋର ।

Porter, (1) *n.* 1. ଦ୍ୱାରୀ, ଦ୍ୱାରପାଳ, ଦରବାନ୍ ।

Porter, (2) *n.* 1. କୁଲି, ଭରୁଆ; 2. କଳାରଙ୍ଗର ଗାଢ଼ ମଦ୍ୟ ବିଶେଷ ।

Portfolio, *n.* 1. ଖଣ୍ଡିକିଆ କାଗଜପତ୍ର ରଖିବାର ଖୋଳ; 2. ଖଣ୍ଡିକିଆ କାଗଜରେ ଛାପା ନକ୍ସାପ୍ରଭୃତିର ସଂଗ୍ରହ; 3. ରାଜମନ୍ତ୍ରିଙ୍କ ପଦ ।

Porthole, *n.* 1. ବାୟୁ ଓ ଆଲୋକ ନିମନ୍ତେ ଜାହାଜର ଝରକା: 2. ତୋପ ମାରିବା ନିମନ୍ତେ ରଣତରୀ ପାର୍ଶ୍ୱସ୍ଥ ଛିଦ୍ର ।

Portico, *n.* 1. ଗୃହ ସମ୍ମୁଖସ୍ଥ ସ୍ତମ୍ଭଶ୍ରେଣୀ; 2. ଅଳିନ୍ଦ ।

Portiere, *n. por-tyar,* କୋଠରୀ ଦ୍ୱାରରେ ପଡ଼ିଥିବା ପରଦା ।

Portion, *n.* 1. ଅଂଶ, ଭାଗ; 2. ବାଣ୍ଟ, ନିର୍ଦ୍ଦିଷ୍ଟାଂଶ; 3. କପାଳ, ଅଦୃଷ୍ଟ; 4. ଶେଷଦଶା; 5. ଯୌତୁକ; 6. ଭୂସମ୍ପତ୍ତିର ଉତ୍ତରାଧିକାର ଅଂଶ; 7. ଯୌତୁକ ।

Portioned, *ad.* 1. ବିଭକ୍ତ, ଅଂଶିତ ।

Portliness, *n.* 1. ଭାବଭଙ୍ଗୀର ଗମ୍ଭୀରତା; 2. ସ୍ଥୂଳତା ।

Portly, *a.* ଗମ୍ଭୀର ଭାବଭଙ୍ଗିବିଶିଷ୍ଟ; 2. ସ୍ଥୂଳକାୟ, ମୋଟା ।

Portmanteau, *n.* ପଥିକର ଚର୍ମଥଳୀ ବିଶେଷ ।

Portrait, *n.* 1. ନକ୍ସା; 2. ମୁଖର ଛବି, ଆଲେଖ୍ୟ; 3. ଓଜସ୍ୱିନୀ ଭାଷାରେ ବିଷୟର ଉଜ୍ଜ୍ୱଳ ବର୍ଣ୍ଣନ ।

Portraitist, *n.* ଚିତ୍ରକର, ଆଲେଖ୍ୟକର ।

Portraiture, *n.* 1. ଛବି, ନକ୍ସା; 2. ଚିତ୍ରାଙ୍କନ; 3. ଭାଷାଦ୍ୱାରା ବର୍ଣ୍ଣନ; 4. ବହୁଚିତ୍ର ସଂଗ୍ରହ ।

Portray, *v.t.* 1. ଚିତ୍ର-କ, ଛବି ଅଙ୍କନ-କ; 2. ଭାଷାରେ ବର୍ଣ୍ଣନା-କ ।

Portrayal, *n.* 1. ଚିତ୍ରଣ; 2. ଅଙ୍କନ; 3. ଭାଷାରେ ବର୍ଣ୍ଣନ ।

Portrayer, *n.* 1. ଅବିକଳ ଚିତ୍ରକର; 2. ଭାଷାରେ ଅବିକଳ ବର୍ଣ୍ଣନାକାରୀ ।

Portuguese, *a.* ପର୍ତ୍ତୁଗାଲଦେଶ ବା ତହିଁର ଅଧିବାସି ସମ୍ବନ୍ଧୀୟ ।—*n.* 1. ପର୍ତ୍ତୁଗାଲବାସୀ ଜଣେ ଲୋକ; 2. ପର୍ତ୍ତୁଗାଲଦେଶର ଲୋକସମୂହ; 3. ପର୍ତ୍ତୁଗାଲର ଭାଷା ।

Pose, (1) *n.* 1. ଅଙ୍ଗଭଙ୍ଗୀ; 2. ପ୍ରାକୃତିକ ବା ଧୃତ ଭାବଭଙ୍ଗୀ ।—*v.i.* ଭାବଭଙ୍ଗୀ ଧରିବା ।—*v.t.* ଉପ-ଯୁକ୍ତ ଭାବଭଙ୍ଗିରେ ରଖିବା ।

Pose, (2) *v.t.* 1. ସଙ୍କଟରେ ପକାଇବା; 2. ପ୍ରଶ୍ନଦ୍ୱାରା ପରାସ୍ତ-କ; 3. ଅବାକ୍ କରି-ଦେ ।

Poser, *n.* 1. ଯେ ବା ଯାହା ଅବାକ୍ କରିଦିଏ; 2. କୌଣସି କଠିନ ପ୍ରଶ୍ନ ।

Posit, *v.t.* 1. ଯଥାସ୍ଥାନରେ ରଖିବା; 2. ସ୍ୱୀକାର୍ଯ୍ୟ ବୋଲି ଗ୍ରହଣ-କ ।

Position, *n.* 1. ସ୍ଥାନ, ଅବସ୍ଥିତ ସ୍ଥଳ; 2. ସ୍ୱଭଙ୍ଗୀ; 3. ସୈନ୍ୟମାନଙ୍କ ଅଧିକୃତ ସ୍ଥାନ; 4. ସାଂସାରିକ ଅବସ୍ଥା; 5. ତର୍କର ମୂଳକାରଣ; 6. ନିର୍ଦ୍ଦିଷ୍ଟ ମତ; 7. ସମାଜରେ ସ୍ଥାନ; 8. (Arith.) ଅନୁମାନକ ପ୍ରକ୍ରିୟା ଦ୍ୱାରା ସମାଧାନ କରିବା ଧାରା ।—Strategic position, ଶତ୍ରୁର ପଥବନ୍ଧରେ ବାଧା ଦେବା ନିମନ୍ତେ ସୈନ୍ୟମାନଙ୍କ ଦ୍ୱାରା ଅଧିକୃତ ସ୍ଥାନ ।

Positional, *a.* 1. ସ୍ଥାନୀୟ; 2. ସ୍ଥିତବିଷୟକ ।

Positive, *a.* 1. ସ୍ଥାପିତ; 2. ନିର୍ଦ୍ଦେଶିତ; 3. ସୁନିଶ୍ଚିତ; 4. ଯଥାର୍ଥ, ବାସ୍ତବିକ; 5. ପ୍ରକୃତ; 6. ନିଃସନ୍ଦେହ; 7. ନିଶ୍ଚୟମୂଳକ; 8. ନିରୂପିତ; 9. ଆତ୍ମାଭିମାନୀ; 10. ସହଜ ବୋଧପ୍ରାପ୍ତ; 11. ନିହିତ; 12. (Gram.) ମୂଳ ବିଶେଷଣବାଚକ; 13. (Math.) ସଂଯୋଜକ; 14. (Electr.) ଶକ୍ତିସଞ୍ଚାରକ ।—*n.* 1. ଯାଥାର୍ଥ୍ୟ; 2. ଯେଉଁ ଛବିରେ ବସ୍ତୁ ସ୍ୱବର୍ଣ୍ଣରେ ପ୍ରତିବିମ୍ବିତ ହୁଏ ।

Positively, *ad.* ନିଶ୍ଚିତରୂପେ, ଅବଶ୍ୟ, ନିତାନ୍ତ ।

Positiveness, *n.* 1. ଦୃଢ଼ତା; 2. ନିଶ୍ଚୟ; 3. ଆତ୍ମାଭିମାନ ।

Positivism, *n.* ପ୍ରତ୍ୟକ୍ଷବାଦ ।

Posse, *n.* 1. ସମ୍ଭାବନା; 2. (ପୋଲିସ) ଦଳ ।

Possess, *v.t.* 1. ଅଧିକାର-କ; 2. ଦଖଲ-କ; 3. ଲାଭ-କ; 4. ଅନୁମାନ-କ; 5. ଲଭିବା ।

Possessed, *a.* 1. ଗ୍ରସ୍ତ; 2. ଉନ୍ମତ୍ତ ।

Possession, *n.* 1. ଅଧିକାରକରଣ; 2. ଦଖଲ; 3. ଅଧିକୃତ ବସ୍ତୁ; 4. ଜିତ ଦେଶ; 5. ସମ୍ପତ୍ତି, ଧନ; 6. ଭୂତଗ୍ରସ୍ତତା; 7. ଉନ୍ମାଦ ।

Possessive, *a.* 1. ଅଧିକାର ସମ୍ବନ୍ଧୀୟ; 2. ଅଧିକାର-ସୂଚକ; 3. ସମ୍ବନ୍ଧବାଚକ ।—Possessive case, (Gram.) ସମ୍ବନ୍ଧକାରକ ।

Possessor, *n.* 1. ଦଖଲକାର; 2. ଅଧିକାରୀ, ମାଲିକ ।

Possessory, *a.* 1. ଅଧିକାରୀ ବା ଅଧିକାର ସମ୍ବନ୍ଧୀୟ; 2. ଅଧିକାରପ୍ରାପ୍ତ ।

Posset, *n.* ଶିର୍କାଦି ଦ୍ୱାରା ବସାଯାଇଥିବା ଦୁଧ ।

Possibility, *n.* 1. ସମ୍ଭାବନା; 2. ସମ୍ଭବ ବିଷୟ; 3. ଦୈବଘଟଣା ।

Possible, *a.* 1. ସମ୍ଭବ, ସମ୍ଭାବନୀୟ; 2. ସାଧ୍ୟ; 3. ପ୍ରାକୃତିକ ।

Possibly, *ad.* ହୋଇ ପାରେ, ସମ୍ଭବତଃ, ସାଧ୍ୟତଃ ।

Post, (1) *n.* 1. କାଠଖୁଣ୍ଟ; 2. ସ୍ତମ୍ଭ ।—*v.t.* 1. ଖୁଣ୍ଟରେ ଲଗାଇ-ଦେ; 2. ନିନ୍ଦାଜନକ କରିବା; 3. ପରୀକ୍ଷାରେ ଅକୃତକାର୍ଯ୍ୟ ବୋଲି ପ୍ରକାଶ କ ।

Post, (2) *n.* 1. ସୈନ୍ୟସଂସ୍ଥାନ; 2. ମୁକାମ; 3. ପଦ; 4. ଡାକବାଲା; 5. ଡାକ, ଚିଠି; 6. ଲେଖିବା କାଗଜର ଲମ୍ବଓସାର ।—*v.t.* 1. (ସୈନ୍ୟ) ସଂସ୍ଥାପନ-କ; 2. ଡାକରେ (ଚିଠି) ପଠାଇବା; 3. ଦେଣଦାରମାନଙ୍କୁ ଖତିଆନରେ ଚଢ଼ାଇବା; 4. ଜ୍ଞାପକ କରାଇବା—*v.i.* 1. ଡାକଘୋଡ଼ାରେ ଯାତ୍ରା-କ; 2. ଦ୍ରୁତଗତିରେ ଯିବା ।—*ad.* 1. ଘୋଡ଼ା-ଡାକରେ; 2. ବେଗରେ ।

Postage, *n.* ଡାକ ମାସୁଲ ।

Postage-stamp, *n.* ଡାକ ଟିକଟ ।

Postal, *a.* ଡାକ ବିଭାଗ ସମ୍ବନ୍ଧୀୟ ।

Post-bag, *n.* ଡାକଥଳି ।

Post-card, *n.* ଡାକରେ ପଠାଇବାପାଇଁ ଟିକଟଥିବା ଖାଲି ମୋଟା କାଗଜଖଣ୍ଡ ।

Post-chaise, *n.* ଡାକଘୋଡ଼ା ଦ୍ୱାରା ଚଳିତ ଚାରିଚକିଆ ଠିକାଗାଡ଼ି ।—*v.i.* ଉକ୍ତପ୍ରକାର ଗାଡ଼ିରେ ଯାତ୍ରା-କ ।

Postdate, *v.t.* ପ୍ରକୃତ ତାରିଖ ନ ଲେଖି ପରର ତାରିଖ ଲେଖିବା ।

Post-deluvial, Post-deluvian, *a.* ଜଳପ୍ଳାବନ ଉତ୍ତାରେ ଘଟିତ ।

Poster, *n.* 1. ବଡ଼ ଅକ୍ଷରରେ ମୁଦ୍ରିତ ବିଜ୍ଞାପନ; 2. ଉକ୍ତ ବିଜ୍ଞାପନ କାନ୍ଥ ବା ଖୁଣ୍ଟରେ ଲଗାଇବା ଲୋକ ।

Posterior, *a.* 1. ପରବର୍ତ୍ତୀ; 2. ପଶ୍ଚାତ୍କାଳିକ; 3. ପୃଷ୍ଠସ୍ଥ; 4. ପଛର ।

Posteriors, *n. pl.* ପଶ୍ଚାଦ୍ଦେଶ, ପିଚ୍ଛ ।

Posterity, *n.* 1. ପରପୁରୁଷ; 2. ଭାବି ବଂଶ; 3. ସନ୍ତାନସନ୍ତତି, ପୁତ୍ରପୌତ୍ରାଦି; 4. ଗୋଷ୍ଠୀ ।

Postern, *n.* 1. ପଛଆଡ଼ର କ୍ଷୁଦ୍ର ଦ୍ୱାର; 2. ବଡ଼ ଦ୍ୱାର ନିକଟସ୍ଥ ସାନ ଦ୍ୱାର ।—*a* 1. ପଛଆଡ଼ର; 2. ଗୁପ୍ତ ।

Post-free, *a.* ଡାକମାସୁଲ ବର୍ଜିତ ।

Posthaste, *n.* ଦ୍ରୁତଗତି ।—*a.* ବେଗବାନ୍ ।—*ad.* ଦ୍ରୁତଗତିରେ, ଶୀଘ୍ର ।

Post-horn, *n.* ଡାକବାଲାର ଶିଙ୍ଗା, ଡାକଗାଡ଼ିର ଚାଳକ ଦ୍ୱାରା ବାଦିତ ଶିଙ୍ଗା ।

Posthorse, *n.* ଡାକ ବହାଇବାର ଘୋଡ଼ା ।

Posthumous, *a.* ମୃତ୍ୟୁପରେ ସଂଘଟିତ ।

Postil, *n.* ଧର୍ମପୁସ୍ତକ ଧାରରେ ଥିବା ଟିପ୍ପଣୀ; 2. ଧର୍ମୋପଦେଶ ।

Postillion, *n.* 1. ଡାକଘୋଡ଼ାର ସବାର; 2. ଡାକଘୋଡ଼ାମାନଙ୍କ ମଧ୍ୟରୁ ଅଗ ଘୋଡ଼ାକୁ ଚଳାଇବା ଅଶ୍ୱାରୋହୀ ।

Postliminy, *n.* 1. ଯୁଦ୍ଧରେ ଶତ୍ରୁ ଦ୍ୱାରା ଜିତ ମନୁଷ୍ୟ ବା ଦ୍ରବ୍ୟାଦି ପୂର୍ବାବସ୍ଥାକୁ ପ୍ରତ୍ୟର୍ପଣ କରିବାର ଅଧିକାର; 2. ବନ୍ଦୀ ବା ନିର୍ବାସିତ ଲୋକଙ୍କୁ ତାହାର ପୂର୍ବାବସ୍ଥାକୁ ପ୍ରତ୍ୟର୍ପଣ ।

Postman, *n.* 1. ଡାକବାଲା; 2. ହରକରା, ଧାଉଡ଼ିଆ ।

Postmark, *n.* ଡାକ ମୋହର ।

Postmaster, *n.* 1. ଡାକଘରର ମାଲିକ, ଡାକବାବୁ; 2. ଡାକଘୋଡ଼ା ଯୋଗାଇବା ଲୋକ ।

Post-meridian, *a.* P. M., ଅପରାହ୍ନିକ, ଉତ୍ତର-ଓଳିଆ ।

Post-millennialism, *n.* ପୃଥିବୀରେ ଖ୍ରୀଷ୍ଟଙ୍କର ସହସ୍ରବର୍ଷ ସାକ୍ଷାତ୍ ରାଜତ୍ୱ ପରେ ତାହାଙ୍କର "ଦ୍ୱିତୀୟ ଆଗମନ" ଘଟିବ ବୋଲି ଯେଉଁ ମତ ।

Post-mortem, *a* ମୃତ୍ୟୁୋତ୍ତର, ମୃତ୍ୟୁପର ।—*n.* ମୃତଦେହର ପରୀକ୍ଷା ।

Post-natal, *a.* ଜନ୍ମୋତ୍ତର, ଜନ୍ମପର ।
Post-nuptial, *a.* ବିବାହପରବର୍ତ୍ତୀ ।
Post-office, *n.* ଡାକଘର ।
Post-paid, *a.* ଡାକ ମାସୁଲଦତ୍ତ ।
Postpone, *v.t.* 1. ସ୍ଥଗିତ ରଖିବା; 2. ବିଳମ୍ବ-କ; ଡେରି-କ; 3. ମୁଲତବି ରଖିବା ।
Postponement, *n.* 1. ସ୍ଥଗିତକରଣ; 2. ବହୁକାଳ ବିଳମ୍ବ ।
Post-prandial, *a.* ଭୋଜନୋତ୍ତର, ଆହାର ପର ।
Postscript, *n.* 1. ଚିଠିରେ ସ୍ୱାକ୍ଷର ଅନନ୍ତରରେ ପୁନଃ ସଂଯୁକ୍ତ ଅଂଶ; 2. କ୍ରୋଡ଼ପତ୍ର ।
Post-town, *n.* ଡାକଘରଥିବା ସହର ।
Postulant, *n.* ପ୍ରାର୍ଥୀ ଲୋକ ।
Postulate, *v.t.* 1. ବିନା ପ୍ରମାଣରେ ଗ୍ରହଣ-କ; 2. ସ୍ୱତଃସିଦ୍ଧ ବୋଲି ସ୍ୱୀକାର କରି-ନେ ।—*v.i.* ଦାବି ପ୍ରକାଶ-କ ।—*n.* 1. ସ୍ୱତଃ ପ୍ରମାଣିତ ରୂପେ ଗୃହୀତ ବିଷୟ; 2. ହେତୁ; 3. Geom.) ସ୍ୱୀକାର୍ଯ୍ୟ ।
Postulation, *n.* 1. ବିନା ପ୍ରମାଣରେ ଗ୍ରହଣ; 2. ସ୍ୱୀକରଣ ।
Posture, *n.* 1. ଅଙ୍ଗଭଙ୍ଗୀ; 2. ଭାବଭଙ୍ଗୀ; 3. ମନୋଭାବ ।—*v.t.* ଅଙ୍ଗଭଙ୍ଗୀ ପ୍ରକାଶ କରାଇବା ।—*v.i.* ଅସ୍ୱାଭାବିକ ଅଙ୍ଗଭଙ୍ଗୀ ପ୍ରକାଶ-କ ।
Posturer, *n.* ବାଜିକର ।
Posture-master, *n.* ଅଙ୍ଗାଭ୍ୟାସର ଓସ୍ତାଦ ।
Posy, *n* *pozi*, 1. ମୁଦ୍ରିକାରେ ଖୋଦିତ ସଂକ୍ଷିପ୍ତ ବାକ୍ୟ; 2. ଫୁଲତୋଡ଼ା ।
Pot, *n.* 1. ଧାତୁପାତ୍ର; 2. ହାଣ୍ଡି; 3. କଳସୀ; 4. ପାନପାତ୍ର; 5. କୁଣ୍ଡ; 6. ପାତ୍ରରେ ଧରିବା ପରିମାଣ; 7. (Slang) ପ୍ରଚୁର ଟଙ୍କା ।—*v.t.* 1. ହାଣ୍ଡି ବା ପାତ୍ରରେ ରଖିବା; 2. ପାତ୍ରରେ ରନ୍ଧନ-କ; 3. କୁଣ୍ଡରେ ରୋପଣ-କ; 4. ଗୁଳିବା; 5. ଲକ୍ଷ୍ୟାତିକ୍ରମଭାବେ ଗୁଳି ମାରିବା ।—To go to pot, ବିନାଶବାଟରେ ଯିବା ।
Potash, Potass, *n* ଗଛର ଭସ୍ମରୁ ପ୍ରସ୍ତୁତ କଟୁକ୍ଷାର ।
Potassium, *n.* କଟୁକ୍ଷାରର ଉପାଦାନକ ମୌଳିକ ଦ୍ରବ୍ୟ ।
Potation, *n.* 1. ପାନକରଣ; 2. ଢୋକ; 3. ମଦ୍ୟପାନ ।
Potato, *n.* ଆଳୁ, ବିଲାତି ଆଳୁ ।—Sweet potato, 1. କନ୍ଦମୂଳ; 2. ଶକରକନ୍ଦ ।
Pot-bellied, *a.* ଅଧିକପେଟା, ଭୁଡ଼ିଲ, ଲମ୍ବୋଦର ।
Pot-belly, *n.* ଅଧିକ ପେଟ ।
Pot-boiler, *n.* ଖାଇବା ନିମନ୍ତେ କୃତ ଚିତ୍ରକର ବା ରଚକର ସାମାନ୍ୟ କାର୍ଯ୍ୟ ।
Potching-engine, *n.* ଧୂଆ କନାକୁ ଅଧିକ ସଫା କରିବା କଳ ।
Potence, Potency, *n.* 1. ଶକ୍ତି; 2. କ୍ଷମତା; 3. ପ୍ରଭାବ ।
Potent, *a.* 1. ବଳବାନ; 2. ଶାରୀରିକ ବା ମାନସିକ ଭାବେ ଶକ୍ତିମନ୍ତ; 3. ମହାନ କ୍ଷମତାଶାଳୀ, ମହା ପ୍ରଭାବଶାଳୀ ।
Potentate, *n.* କ୍ଷମତାଶାଳୀ ବ୍ୟକ୍ତି; 2. ମହାରାଜ ।
Potential, *a.* 1. ଶକ୍ତିମନ୍ତ; 2. ଅପ୍ରକଟିତ ଫଳୋତ୍ପାଦକ; 3. (Gram.) ଶକ୍ତି ସମ୍ଭାବ୍ୟତା ସ୍ୱାଧୀନତା ବା ବାଧ୍ୟତା ପ୍ରକାଶକ ।—*n.* 1. ସମ୍ଭବପର ବିଷୟ; 2. ବିଦ୍ୟୁତ୍‌ସ୍ରୋତର ବଳ ।
Potentiary, *n.* କ୍ଷମତାପନ୍ନ ବ୍ୟକ୍ତି, ଶକ୍ତିପ୍ରାପ୍ତ ବ୍ୟକ୍ତି ।
Pother, *n.* 1. ଧୂମଧାମ; 2. ଲଣ୍ଡଭଣ୍ଡ ।—*v.t.* 1. ଘାବରା-କ; 2. ହଇରାଣ-କ ।—*v.i.* ଗୋଳମାଳ-କ ।
Potion, *n.* 1. ଢୋକ; 2. ତରଳ ଔଷଧ; 3. ଥରକେ ସେବନୀୟ ଔଷଧମାତ୍ରା, ପାନୀୟ ଔଷଧ ।
Pot-luck, *n.* ଯାହା କିଛି (ଖାଦ୍ୟ) ହାଣ୍ଡିରେ ଥାଇପାରେ ।
Potsherd, *n.* ଖପର, ଠିକୁରା ।
Pot-shop, *n.* ଭାଟିଭଟି ।
Pot-stick, *n.* ଡଣ୍ଡ, ଡଙ୍କା, ଡଗା, କରଚୁଲି ।
Pottage, *n.* 1. ହାଣ୍ଡିରେ ରନ୍ଧା ଦ୍ରବ୍ୟ; 2. ମାଂସ ଓ ପରିବା ମିଶା ଖାଦ୍ୟ ସୁରୁଆ; 3. ଡାଲି; 4 ଓଟ ଶସ୍ୟର ଯାଉ ।
Potter, (1) *n.* କୁମ୍ଭାର, କୁମ୍ଭକାର, କୁଲାଳ, ଚକୀ ।
Potter, (2) *v.i.* 1. ସାମାନ୍ୟ ବିଷୟରେ ବ୍ୟସ୍ତ-ହେ; 2. ବିଳମ୍ବ-କ, ସାର୍ଦ୍ଦସ୍ୱସ୍ତୀ-ହେ ।
Potterer, *n.* ସାମାନ୍ୟ ବିଷୟରେ ବ୍ୟସ୍ତ ଲୋକ ।
Potter's clay, *n.* ହାଣ୍ଡିଗଢ଼ା ମାଟି ।
Potter's field, *n.* ବିଦେଶିମାନଙ୍କ ନିମନ୍ତେ ସମାଧିସ୍ଥଳୀ (ମାଥି. ୨୭ ; ୭) ।
Potter's wheel, *n.* କୁମ୍ଭାରର ଚକ ।
Pottery, *n.* 1. ହାଣ୍ଡି ମାଠିଆ ପ୍ରଭୃତି ମୃଣ୍ମୟପାତ୍ର; 2. କୁମ୍ଭାର ଶାଳ; 3. କୁମ୍ଭାର ବ୍ୟବସାୟ ।
Potting, *n.* 1 କୁଣ୍ଡରେ ରୋପଣ; 2. ପାତ୍ରରେ ଖାଦ୍ୟପଦାର୍ଥ ସଂରକ୍ଷଣ ।
Pot-valiant, *a.* ମଦ୍ୟଜବଳ ।
Pouch, *n.* 1. ଥଳୀ, ମୁଣି; 2. ଜନ୍ତୁର ମୁଣା ବା ଥଳୀ ।—*v.t.* 1. ଜୋଳି ବା ଥଳୀରେ ରଖିବା; 2. ଗିଳିବା ।
Poult, *n.* 1. ଛୁଆ କୁକୁଡ଼ା; 2. କୁକୁଡ଼ାଛୁଆ ।
Poulterer, *n.* କୁକୁଡ଼ା ହଂସ ପ୍ରଭୃତି ଖାଦ୍ୟପକ୍ଷୀର ବିକ୍ରେତା ।
Poultice, *n.* କାଥ ପ୍ରଭୃତି ପକ୍ୱକାରୀ ମଲମପଟି ।—*v.t.* ଘାଉରେ ମଲମପଟି ଲଗାଇବା ।
Poultry, *n.* ଗୃହପାଳିତ ହଂସ କୁକୁଡ଼ାଦି ପକ୍ଷୀ ।
Poultry-yard, *n.* ଗୃହପାଳିତ ପକ୍ଷୀ ରଖିବା ସ୍ଥାନ ।
Pounce, (1) *v.t.* 1. ସାଙ୍କୁଆ ଛିଦ୍ର ଦ୍ୱାରା ସୁନ୍ଦର-କ; 2. ନଖ ଓ ଥଣ୍ଟ ଦ୍ୱାରା ଆକ୍ରମଣ-କ ।—*v.i.* ଝାମ୍ପ ମାରିବା ।—*n.* 1. ବାଜ ପ୍ରଭୃତିର ନଖ; 2. ସଂହାରକ ପଞ୍ଝା ।
Pounce, (2) *n.* ଲେଖାବାଳି ଶୋଷିବା ପାଇଁ ଏକପ୍ରକାର ଗୁଣ୍ଡ ।—*v.t.* ଉକ୍ତ ଗୁଣ୍ଡ କାଗଜରେ ଛିଞ୍ଚିବା ।
Pounce-box, *n.* ପୂର୍ବୋକ୍ତ ଗୁଣ୍ଡ ଛିଞ୍ଚିବାର ଛିଦ୍ର ଡବା ।
Pound, (1) *n.* 1. ଇଂଲଣ୍ଡୀୟ ଓଜନ ବିଶେଷ, ବାଲେଣ୍ଡ ଅର୍ଦ୍ଧ ସେର; 2. ୧୫ ଟଙ୍କା ମୂଲ୍ୟର ଇଂଲଣ୍ଡୀୟ ମୁଦ୍ରା ବିଶେଷ ।

**Pound**, (2) *v.t.* ବୁଲୁଥିବା ପଶୁଙ୍କୁ କାଞ୍ଜିହାଉସରେ ବନ୍ଦ-କର ।—*n.* କାଞ୍ଜିହାଉସ୍ ।

**Pound**, (3) *v.t.* 1. କୁଟିବା; 2. ଛେଚିବା ।—*v.i.* ଜୋର କରି ପିଟିବା ।

**Poundage**, *n.* 1. ପ୍ରତି ପାଉଣ୍ଡ ଉପରେ ଦସ୍ତୁରି ବା କଟା; 2. କାଞ୍ଜିହାଉସରେ ବନ୍ଦଥିବା ପଶୁକୁ ମୁକୁଳାଇବା ପାଇଁ ଦତ୍ତ ମାସୁଲ ।

**Pounder**, *n.* 1. ମୂଷଳ; 2. କେତେକ ପାଉଣ୍ଡ ଓଜନର ଏକ ଜିନିଷ; 3. କୁଟାଳି ।

**Pound-keeper**, *n.* କାଞ୍ଜିହାଉସର ରକ୍ଷକ ।

**Pound-net**, *n.* ମାଛ ଧରିବା ନିମନ୍ତେ ଏକପ୍ରକାର ମୂଗୁର ।

**Pour**, *v.t.* 1. ଢାଳିବା; 2. ଅଜାଡ଼ି ପକାଇବା; 3. କଥାଗୁଡ଼ାକ ଝାଡ଼ିପକାଇବା ।—*v.i.* 1. ଅଜାଡ଼ିହୋଇ ପଡ଼ିବା; 2. ମୂଷଳଧାରରେ ବର୍ଷିବା ।

**Pout**, *v.i.* 1. ମୁହଁ ଲେଫେଡ଼ିବା; 2. ଗୁମାନ-କର ।—*n.* 1. ମୁହଁ ଲେଫେଡ଼ା; 2. ଗୁମାନ ।

**Pouting**, *n.* ଗୁମାନପଣ ।

**Poverty**, *n.* 1. ଦରିଦ୍ରତା, ଦାରିଦ୍ର୍ୟ; 2. ଅଭାବ; 3. ନିର୍ଦ୍ଧନତା, 4. ହୀନତା; 5. କ୍ଷତି ।

**Poverty-stricken**, *a.* ଅତିଦରିଦ୍ର, ଦାରିଦ୍ର୍ୟପୀଡ଼ିତ, ଅଭାବଗ୍ରସ୍ତ ।

**Powder**, *n.* 1. ଧୂଳି; 2. ଚୂର୍ଣ୍ଣ, ଗୁଣ୍ଡା, ଚୂନା; 3. ବାରୁଦ; 4. କେଶ-ସୁଗନ୍ଧି ଚୂର୍ଣ୍ଣ ।—*v.t.* 1. ଚୂର୍ଣ୍ଣ-କର, ଗୁଣ୍ଡା-କର; 2. ଗୁଣ୍ଡ ଛିଞ୍ଚିବା; 3. ଲବଣାକ୍ତ-କର ।—*v.i.* 1. ଚୂର୍ଣ୍ଣ-ହେ; 2. କେଶ-ସୁଗନ୍ଧି ଚୂର୍ଣ୍ଣ ବ୍ୟବହାର-କର ।

**Powder-box**, *n.* କେଶ-ସୁଗନ୍ଧି ଚୂର୍ଣ୍ଣ ରଖିବା ଡବା ।

**Powdered**, *a.* 1. ଚୂର୍ଣ୍ଣୀକୃତ; 2. ଲବଣାକ୍ତ ।

**Powder-flask, Powder-horn**, *n.* ବାରୁଦ ଡବା, ବାରୁଦ ଦାନି, ବାରୁଦ ଶିଙ୍ଗା ।

**Powder-magazine**, *n.* ବାରୁଦଖାନା ।

**Powder-mill**, *n.* ବାରୁଦ ତିଆରି କଳ ।

**Powder-mine**, *n.* ପାହାଡ଼ ଫଟାଇବା ନିମନ୍ତେ ବାରୁଦପୂର୍ଣ୍ଣ ଗର୍ତ୍ତ ।

**Powder-monkey**, *n.* ପୂର୍ବକାଳରେ ରଣତରୀରେ ଗୋଲନ୍ଦାଜମାନଙ୍କୁ ବାରୁଦ ଯୋଗାଇବା ଟୋକା ।

**Powder-room**, *n.* ଜାହାଜରେ ବାରୁଦ ରଖିବା କୋଠରି ।

**Powdery**, *a.* 1. ଚୂର୍ଣ୍ଣବତ୍; 2. ଧୂଳିମୟ; 3. ଚୂର୍ଣ୍ଣୀୟ ।

**Power**, *n.* 1. ଶକ୍ତି; 2. ବଳ, ପରାକ୍ରମ; 3. ତେଜ; 4. ଅଧିକାର; 5. କର୍ତ୍ତୃତ୍ୱ; 6. କ୍ଷମତା; 7. ପ୍ରଭାବ, ପ୍ରତାପ; 8. ସାମର୍ଥ୍ୟ; 9. ସୈନ୍ୟ; 10. ଶାସନକର୍ତ୍ତା; 11. ରାଜଶକ୍ତି; 12. ଦେବ; 13. (Math. and Optics) ଗୁଣ ।—Balance of power, ବଳର ସମତା । Civil power, ରାଜକୀୟ ଶକ୍ତି । Horse power, କଳର ଶକ୍ତିର ପରିମାଣ ଅର୍ଥାତ୍ ଏହା କେତେ-ଗୋଟା ଘୋଡାର ସମାନ କାର୍ଯ୍ୟ କରେ ।

**Powerful**, *a.* 1. ଶକ୍ତିମାନ, ବଳିଷ୍ଠ; 2. ସକ୍ଷମ; 3. ପ୍ରବଳ; 4. ପରାକ୍ରମୀ; 5. ଫଳପ୍ରଦ ।

**Powerfully**, *ad.* 1. ପ୍ରବଳରୂପେ; 2. ପରାକ୍ରାନ୍ତଭାବେ; 3. ଶକ୍ତରୂପେ ।

**Powerfulness**, *n.* ଶକ୍ତିମତ୍ତ୍ୱ, ସାମର୍ଥ୍ୟ ।

**Powerless**, *a.* 1. ବଳହୀନ; 2. ଦୁର୍ବଳ; 3. ଅକ୍ଷମ, ଅସମର୍ଥ ।

**Power-loom**, *n.* କଳର ତନ୍ତ, ବାଷ୍ପାଦଚାଳିତ ତନ୍ତ ।

**Power of attorney**, *n.* କ୍ଷମତାପତ୍ର, ମୋକଦ୍ଦମା ଚଳାଇବା କ୍ଷମତା ।

**Power press**, *n.* ବାଷ୍ପଦ୍ୱାରା ଚାଳିତ ଛାପାକଳ ।

**Powwow**, *n.* 1. ଉତ୍ତର ଆମେରିକାର ଯାଦୁକର; 2. ଯୁଦ୍ଧଯାତ୍ରାପୂର୍ବେ ନୃତ୍ୟବିଶେଷ; 3. ଗୋଳମାଳିଆ ଗ୍ରାମ୍ୟ ସଭା ।

**Pox**, *n.* ଗର୍ମି ।—Small pox, ବସନ୍ତରୋଗ, ଠାକୁରାଣୀ । Chicken pox, ହାଉଫୁଟା । Cow pox, ଗୋବସନ୍ତ ।

**Practicability, Practicableness**, *n.* 1. ସାଧ୍ୟତ୍ୱ; 2. ବ୍ୟାବହାରିକତା ।

**Practicable**, *a.* 1. ସାଧ୍ୟ 2. ବ୍ୟବହାର୍ଯ୍ୟ; 3. ସୁଗମ ।

**Practicably**, *ad.* 1. ବ୍ୟବହାରତଃ; 2. ସାଧ୍ୟତଃ ।

**Practical**, *a.* 1. କାର୍ଯ୍ୟୋପଯୋଗୀ; 2. କାର୍ଯ୍ୟକାରୀ; 3. ବ୍ୟାବହାରିକ; 4. ଅଭ୍ୟାସୋତ୍ପନ୍ନ ।

**Practical joke**, *n.* ଥଟ୍ଟାର ଖେଳ, ନବରଙ୍ଗ ।

**Practically**, *ad.* 1. ବ୍ୟବହାରତଃ; 2. ବସ୍ତୁତଃ; 3. ଅଭ୍ୟାସତଃ ।

**Practical man**, *n.* 1. କାମିକା ଲୋକ ।

**Practice**, *n.* 1. ଅଭ୍ୟାସ, ଖୋଇ; 2. ପୁନଃ ପୁନଃ ବ୍ୟବହାର; 3. ନିୟମିତ ଅନୁଶୀଳନ; 4. ସମ୍ପାଦନ; 5. ଧାରା, ସୂତ୍ର; 6. ଚିକିତ୍ସା; 7. ବୃତ୍ତି; 8. (Math.) ସାଙ୍କେତିକ ଧାରା ।

**Practise**, *v.t.* 1. ଅଭ୍ୟାସ-କର; 2. ବ୍ୟବହାର-କର; 3. ସମ୍ପାଦନ-କର; 4. ବୃତ୍ତି ଚଳାଇବା; 5. ଅଭ୍ୟସ୍ତ କରାଇବା; 6. ଅନୁଶୀଳନ-କର ।—*v.i.* 1. ଅଭ୍ୟସ୍ତ-ହେ; 2 ବୃତ୍ତି-କର; 3. ଫିକର-କର, କୌଶଳ-କର ।

**Practised**, *a.* ଅଭ୍ୟାସତଃ ନିପୁଣ ।

**Practitioner**, *n.* 1. ବୃତ୍ତିଜୀବୀ; 2. ବ୍ୟବହାରଜୀବ ।—General practitioner, ଔଷଧ ଓ ଅସ୍ତ୍ର ଉଭୟରେ ଚିକିତ୍ସକ । Legal practitioner, ବ୍ୟବହାରଜୀବ, ଓକିଲ । Medical practitioner, ବୈଦ୍ୟ ।

**Prætor, Pretor**, *n.* ପୁରାତନ ରୋମସାମ୍ରାଜ୍ୟର ଶାସନକର୍ତ୍ତା ବିଶେଷ ।

**Prætorian**, *a.* ଉକ୍ତ ଶାସନକର୍ତ୍ତା ସମ୍ବନ୍ଧୀୟ ।

**Pragmatic, Pragmatical**, *a.* 1. ସାଧାରଣ ବ୍ୟବସାୟ ସମ୍ବନ୍ଧୀୟ; 2. କର୍ମଶୀଳ; 3. ପରସ୍ୱକାର ଚର୍ଚ୍ଚାକାରୀ; 4. ଅଡୁଗ୍ରାସୀ ।

**Pragmatic**, *n.* 1. ବ୍ୟବସାୟୀ ଲୋକ; 2. ପରସ୍ୱକାର ଚର୍ଚ୍ଚକ; 3. ପକାଣ୍ଡ ।

**Pragmatist**, *n.* ପରସ୍ୱକାର ଚର୍ଚ୍ଚକ ।

**Prairie**, *n.* ବିସ୍ତୀର୍ଣ୍ଣ ତୃଣମୟ ଭୂମି, ବୃହତ୍ ପଡ଼ିଆ ।

**Praise**, *n*. 1. ପ୍ରଶଂସା, ସ୍ତବ; 2. ଧନ୍ୟବାଦ; 3. ଉପାସନା; 4. ପ୍ରଶଂସାର କାରଣ ।—*v.t*. 1. ପ୍ରଶଂସା-କ; 2. ଗୌରବାନ୍ୱିତ-କ, ସ୍ତବ-କ, ବନ୍ଦନା-କ ।

**Praiseworthy**, *a*. ପ୍ରଶଂସନୀୟ, ପ୍ରଶଂସାଯୋଗ୍ୟ, ସ୍ତୋତବ୍ୟ ।

**Praiseworthily**, *ad*. ପ୍ରଶଂସନୀୟଭାବେ ।

**Praiseworthiness**, *n*. ପ୍ରଶଂସନୀୟତା ।

**Prance**, *v.i*. 1. ସାଡମ୍ବରଭାବେ ପଦାକ୍ଷେପଣ କରି ଯିବା; 2. କୁଦା ପକାଇବା, ପ୍ଲୁତଗତିରେ ଯିବା ।

**Prancing**, *a*. ପ୍ଲୁତଗତିବିଶିଷ୍ଟ ।

**Prank**, *n*. 1. ଜବରଙ୍ଗ; 2. ହୁନର ।

**Prankish**, *a*. ଜବରଙ୍ଗିଆ ।

**Prate**, *v.i*. 1. ଜଳ୍ପନା-କ; 2. ବକ୍‌ବକ୍-କ; 3. ବହୁଭାଷୀ-ହେ ।—*v.t*. 1. ନିରର୍ଥକଭାବେ କହିବା; 2. ଗୁପ୍ତ ବିଷୟ ପ୍ରକାଶ-କ ।

**Prattle**, *v.i*. ଜଳ୍ପନା-କ, ପିଲାପରି କଥା କହିବା ।—*v.t*. ଅନର୍ଥକ କଥା କହିବା ।—*n*. ଜଳ୍ପନା, ବୃଥା ବାକ୍ୟ, ଅନର୍ଥକ ଗପ ।

**Prattler**, *n*. 1. ଜଳ୍ପକ, ବହୁଭାଷୀ; 2. ପେଚା ।

**Prawn**, *n*. ଚିଙ୍ଗୁଡ଼ମାଛ, ଚିଙ୍ଗୁଡ଼ି ।

**Praxis**, *n*. 1. ଅଭ୍ୟାସ; 2. ଅଭ୍ୟାସ ନିମିତ୍ତ ପାଠ ।

**Pray**, *v.t*. and *v.i*. 1. ପ୍ରାର୍ଥନା-କ; 2. ମାଗିବା. ଯାଚ୍ଞା-କ; 3. ନିବେଦନ-କ; 4. ଭଜନ-କ; 5. ଈଶ୍ୱରଙ୍କ ନିକଟରେ ଜଣାଣ-କ ।

**Prayer**, *n*. 1. ପ୍ରାର୍ଥନା; 2. ନିବେଦନ, ଆବେଦନ; 3. ଭଜନ; 4. ଆରାଧନା, ଉପାସନା, ଅର୍ଚ୍ଚନା ।

**Prayer-book**, *n*. 1. ପ୍ରାର୍ଥନାବଳୀ; 2. ପ୍ରାର୍ଥନା ପଦ୍ଧତି, ଆରାଧନା ପୁସ୍ତକ ।

**Prayerful**, *a*. ପ୍ରାର୍ଥନାଶୀଳ, ପ୍ରାର୍ଥନାବନ୍ତ, ପ୍ରାର୍ଥନାରତ ।

**Prayerfully**, *ad*. ପ୍ରାର୍ଥନାଶୀଳଭାବେ ।

**Prayerfulness**, *n*. ପ୍ରାର୍ଥନାଶୀଳତା ।

**Prayerless**, *a*. ପ୍ରାର୍ଥନାଶୂନ୍ୟ, ପ୍ରାର୍ଥନାହୀନ, ପ୍ରାର୍ଥନାରହିତ ।

**Prayerlessly**, *ad*. ପ୍ରାର୍ଥନାରହିତଭାବେ ।

**Prayerlessness**, *n*. ପ୍ରାର୍ଥନାଶୂନ୍ୟତା ।

**Prayer-meeting**, *n*. ପ୍ରାର୍ଥନା ସଭା ।

**Prayer-monger**, *n*. ପ୍ରାର୍ଥନା ବ୍ୟବସାୟୀ ।

**Praying**, *n*. ପ୍ରାର୍ଥନାକରଣ ।

**Praying-machine, -mill, -wheel**, *n*. ତିବ୍ବତ ଦେଶରେ ପ୍ରାର୍ଥନା କରିବା ନିମନ୍ତେ ବ୍ୟବହୃତ ଘୂର୍ଣ୍ଣିତ ଯନ୍ତ୍ର ବିଶେଷ ।

**Pre**, ପୂର୍ବାର୍ଥକ ଉପସର୍ଗ ।

**Preach**, *v.t*. and *v.i*. 1. ଧର୍ମୋପଦେଶ-ଦେ; 2. ଉପଦେଶଦ୍ୱାରା ଶିକ୍ଷା-ଦେ; 3. ପ୍ରଚାର-କ, ଘୋଷଣା-କ; 4. ଧର୍ମୋପଦେଶତୁଲ୍ୟ ଧୃଷ୍ଟଭାବେ ପରାମର୍ଶ-ଦେ ।

**Preach-down**, *v.t*. ନିନ୍ଦା-କ, ଅଶ୍ରଦ୍ଧା-କ ।

**Preacher**, *n*. 1. ଧର୍ମୋପଦେଶକ; 2. ଧର୍ମପ୍ରଚାରକ ।

**Preachership**, *n*. ଧର୍ମପ୍ରଚାରକଙ୍କ ପଦ ବା କାର୍ଯ୍ୟ ।

**Preachify**, *v.i*. ଅତିରିକ୍ତଭାବେ ଉପଦେଶ-ଦେ ।

**Preaching**, *n*. 1. ଧର୍ମପ୍ରଚାର, ଘୋଷଣା; 2. ଧର୍ମୋପଦେଶ ।

**Preaching-cross**, *n*. ପ୍ରଚାର କରିବା ସ୍ଥାନରେ ସ୍ଥାପିତ କ୍ରୁଶ ।

**Preachment**, *n*. ବାହ୍ୟଭାବେ ଧର୍ମୋପଦେଶ ।

**Preach-up**, *v.t*. ପ୍ରଶଂସା-କ ।

**Pre-Adamite**, *a*. ଆଦମର ପୂର୍ବବର୍ତ୍ତୀ ।

**Preadaptation**, *n*. ପୂର୍ବରୁ ଉପଯୋଗୀକରଣ ।

**Preadjustment**, *n*. ପୂର୍ବରୁ ଠିକ୍‌କରଣ ।

**Preadmonish**, *v.t*. ପୂର୍ବରୁ ସାବଧାନ କରାଇବା ।

**Preamble**, *n*. 1. ଭୂମିକା, ଆଭାଷ; 2. ଆଇନର ଆଦ୍ୟ ହେତୁବାଦ ।

**Preappoint**, *v.t*. ପୂର୍ବରୁ ନିଯୁକ୍ତ-କ ।

**Pre-audience**, *n*. 1. ଅନ୍ୟମାନଙ୍କ ଅପେକ୍ଷା ପୂର୍ବରୁ କହିବାର ଅଧିକାର; 2. ଓକିଲମାନଙ୍କ ମଧ୍ୟରେ ପ୍ରାଧାନ୍ୟ ।

**Prebendary**, *n*. ଧର୍ମଭଜନାଳୟରୁ ବୃତ୍ତିଭୋଗୀ ଧର୍ମାଧ୍ୟକ୍ଷ ବିଶେଷ ।

**Precarious**, *a*. 1. ଅନିଶ୍ଚିତ, ଅନିର୍ଦ୍ଧାରିତ; 2. ଅପ୍ରମାଣିତ; 3. ଆକସ୍ମିକ, ଦୈବ; 4. ବିପଜ୍ଜନକ ।

**Precariously**, *ad*. 1. ଅନିଶ୍ଚିତରୂପେ; 2. ବିପଜ୍ଜନକଭାବେ ।

**Precatory**, *a*. 1. ପ୍ରାର୍ଥନାସମ୍ବନ୍ଧୀୟ; 2. ପ୍ରାର୍ଥନାତ୍ମକ ।

**Precaution**, *n*. 1. ପୂର୍ବସାବଧାନତା, ପୂର୍ବାବଲମ୍ବିତ ଉପାୟ; 2. ସତର୍କତା ।—*v.t*. ପୂର୍ବରୁ ସତର୍କ କରାଇବା ।

**Precautional, Precautionary**, *a*. 1. ସତର୍କତାତ୍ମକ, 2. ପ୍ରତିଷେଧକ ।

**Precede**, *v.t*. ପରବର୍ତ୍ତୀ କରି ଯିବା ।—*v.i*. 1. ଅଗ୍ରଗଣ୍ୟ-ହେ; 2. ଆଗବଢ଼ି ଯିବା ।

**Precedence, Precedency**, *n*. 1. ଅଗ୍ରଗତ; 2. ଅଗ୍ରଗଣ୍ୟତା, ପ୍ରାଧାନ୍ୟ; 3. ମାନ୍ୟସ୍ଥଳ ।

**Precedent**, *a*. ପୂର୍ବଗ, ଅଗ୍ରଗାମୀ ।—*n*. 1. ପୂର୍ବପ୍ରଥା; 2. ଉଦାହରଣ, ନଜିର ।

**Precedented**, *a*. ଦୃଷ୍ଟାନ୍ତଦ୍ୱାରା ପ୍ରମାଣୀକୃତ, ଦୃଷ୍ଟାନ୍ତନିଷ୍ଠ ।

**Precedential**, *a*. ପୂର୍ବପ୍ରଥାବତ୍ ।

**Precedently**, *a*. ପୂର୍ବେ, ଆଗେ, ଅଗ୍ରେ ।

**Preceding**, *a*. 1. ପୂର୍ବସ୍ଥିତ; 2. ପୂର୍ବୋକ୍ତ; 3. ଅଗ୍ରଗତ ।

**Precentor**, *n*. ଶ୍ରୀଗାୟକ, ଅଗ୍ରଗାୟକ ।

**Precept**, *n*. 1. ବିଧି; 2. ଆଜ୍ଞା, ଆଦେଶ; 3. ମୂଳସୂତ୍ର; 4. ହୁକୁମନାମା ।

**Preceptor**, *n*. 1. ଗୁରୁ; 2. ଉପଦେଷ୍ଟା; 3. ଆଦେଶଦାତା; 4. ଅଧ୍ୟାପକ, ଶିକ୍ଷକ ।

**Preceptorial, Preceptory**, *a*. 1. ଆଦେଶପ୍ରଦାୟକ; 2. ଶିକ୍ଷାଦାୟକ ।

**Preceptress**, *n*. ଶିକ୍ଷୟିତ୍ରୀ ।

**Prechristian**, *a*. ଖ୍ରୀଷ୍ଟାବ୍ଦ ପୂର୍ବବର୍ତ୍ତୀ ।

**Precinct**, *n*. 1. ସୀମା, ସୀମାନ୍ତ; 2. ଅଞ୍ଚଳ; 3. ଇଲାକା ।

**Precious**, *a*. 1. ବହୁମୂଲ୍ୟ, ମୂଲ୍ୟବାନ୍; 2. ମୂଲ୍ୟଯୁକ୍ତ; 3. ସୁକୁମାର; 4. (Coll.) ଅନଳ୍ପ ।

**Preciously**, *ad*. 1. ମୂଲ୍ୟବାନ୍‌ରୂପେ; 2. ଅନଳ୍ପଭାବେ ।

**Precious-metal**, *n*. ସ୍ୱର୍ଣ୍ଣରୌପ୍ୟାଦି ମୂଲ୍ୟବାନ୍ ଧାତୁ ।

**Preciousness**, *n*. ବହୁମୂଲ୍ୟତା, ମହାର୍ଘତା ।

**Precious-stone**, *n*. ହୀରା ପଦ୍ମରାଗ ପ୍ରଭୃତି ବହୁମୂଲ୍ୟ ପ୍ରସ୍ତର ।

**Precipice**, *n*. 1. ପ୍ରାଚୀର ପରି ଖାଡ଼ା ଉଠାଣି ସ୍ଥାନ; 2. ଗିରିଶୃଙ୍ଗ; 3. ଅତଟ ।

**Precipitance, Precipitancy**, *n*. 1. ବେଗ, ତ୍ୱରା, କ୍ଷିପ୍ରକାରିତା, ସତ୍ୱରତା; 2. ଦୁଃସାହସ ।

**Precipitant**, *a*. 1. ଦ୍ରୁତ, ବେଗବାନ୍; 2. ହଠାତ୍, 3. ଅନାହୂତ; 4. ଅବିବେଚୀ; 5. ଦୁଃସାହସୀ ।—*n*. ଅଧୋଗାମୀ ସ୍ରୋତ ।

**Precipitate**, *v.t*. 1. ଉଚ୍ଚସ୍ଥାନରୁ ସବେଗରେ ତଳକୁ ପକାଇବା; 2. ଉତ୍ତପ୍ତଭାବେ ପ୍ରବର୍ତ୍ତାଇବା; 3. ଅସନ୍ଦର୍ଭ-ଭାବେ ତ୍ୱରା-କ; 4. ଶୀଘ୍ର-କ; 5. (Chem.) ତରଳ ଅବସ୍ଥାରୁ ଗାଦ ଉପାଦାନ ପୃଥକ୍-କ ।—*v.i*. 1. ସ-ବେଗରେ ତଳକୁ ପଡ଼ିବା; 2. ଅତର୍କିତଭାବେ ତରତର -ହେ ।—*a*. 1. ବେଗେ ପତନଶୀଳ; 2. ଅତିଚଞ୍ଚଳ; 3. ଅତ୍ୟନ୍ତ ବ୍ୟଗ୍ର ।—*n*. ତରଳାବସ୍ଥାରୁ ପୃଥକ୍‌କୃତ ଗାଦ ଉପାଦାନ ।

**Precipitation**, *n*. 1. ବେଗ, ଦ୍ରୁତପତନ, କ୍ଷିପ୍ରଗମନ; 2. ବୃଷ୍ଟି; 3. ଅଧଃ ନିକ୍ଷେପକରଣ; 4. ଅବିବେଚନା; 5. ଦୁଃସାହସ; 6. ଗାଦ, ତଳାଣି ।

**Precipitator**, *n*. 1. ଦ୍ରୁତପତନକାରକ; 2. ତରଳ ଅବସ୍ଥାରୁ ଗାଦ ଉପାଦାନ ପୃଥକ୍‌କାରକ ।

**Precipitous**, *a*. 1. ଗିରିଶୃଙ୍ଗବତ୍; 2. ସରଳଭାବେ ଉଚ୍ଚ; 3. ଚଞ୍ଚଳ; 4. ଦୁଃସାହସୀ ।

**Precipitously**, *ad*. 1. ହଠାତ୍, ତ୍ୱରାପୂର୍ବକ; 2. ଦୁଃସାହସପୂର୍ବକ ।

**Précis**, *n*. ସଂକ୍ଷିପ୍ତ ବିବରଣ, ସାରାଂଶ ।

**Precise**, *a*. 1. ସୁନିର୍ଦ୍ଦିଷ୍ଟ; 2. ଠିକ୍; 3. ନିଃସନ୍ଦିଗ୍ଧ; 4. ଯଥାର୍ଥ; 5. ଅତିଶାନ୍ତ; 6. ସୁକୁମାର; 7. ସୂକ୍ଷ୍ମଦର୍ଶୀ ।

**Precisely**, *ad*. 1. ନିର୍ଦ୍ଦିଷ୍ଟରୂପେ; 2. ଠିକ୍‌ରୂପେ; 3. ପ୍ରକୃତରୂପେ; 4. ବସ୍ତୁମତେ ।

**Preciseness, Precision**, *n*. 1. ଯାଥାର୍ଥ୍ୟ; 2. ବିଶୁଦ୍ଧତା ।

**Preclude**, *v.t*. 1. ପୂର୍ବରୁ ବାରଣ-କ; 2. ପୂର୍ବରୁ ବାଧା-ଦେ; 3. ପ୍ରତିବନ୍ଧକତା-କ ।

**Preclusion**, *n*. 1. ନିବାରଣ; 2. ନିବାରିତ ଅବସ୍ଥା ।

**Preclusive**, *a*. ପୂର୍ବରୁ ନିବାରଣକାରୀ ।

**Precocious**, *a*. 1. ଅକାଳପକ୍-ବୁଦ୍ଧିବିଶିଷ୍ଟ; 2. ଅକାଳେ ପରିଣତ; 3. (Bot.) ପତ୍ରପୂର୍ବେ ଉଦ୍ଗତ ।

**Precociousness, Precocity**, *n*. 1. ଅକାଳପକ୍ୱତା; 2. [illegible]

**Preconceive**, *v.t*. 1. ପୂର୍ବରୁ କଳ୍ପନା-କ; 2. ପୂର୍ବରୁ ଧାରଣା-କ ।

**Preconception**, *n*. 1. ପୂର୍ବୋପଲବ୍ଧି; 2. ପୂର୍ବକଳ୍ପନା ।

**Preconcert**. *v.t*. ପୂର୍ବରୁ ଅବଧାରଣ-କ, ପୂର୍ବରୁ ସ୍ଥିର-କ ।—*n*. ପୂର୍ବାବଧାରଣ, ପୂର୍ବନିର୍ଦ୍ଧାରଣ ।

**Preconcerted**, *a*. ପୂର୍ବନିର୍ଦ୍ଧାରିତ, ପୂର୍ବସ୍ଥିରୀକୃତ

**Precursive**, *a*. ପୂର୍ବଲକ୍ଷଣପ୍ରକାଶକ ।

**Precursor**, *n*. 1. ଅଗ୍ରଗ ଦୂତ; 2. ଅଗ୍ରଗନ୍ତା; 3. ପୂର୍ବ ଲକ୍ଷଣ ।

**Precursory**, *a*. 1. ଅଗ୍ରଗାମୀ; 2. ପ୍ରସ୍ତାବକ ।

**Predatory**, *a*. 1. ଲୁଣ୍ଠନକାରୀ; 2. ଲୁଣ୍ଠନପ୍ରିୟ; 3. ଦସ୍ୟୁବୃତ୍ତିଧାରୀ; 4. ହିଂସ୍ର ।

**Predecease**, *n*. ଅଗ୍ରେ ମରଣ ।—*v.t*. ପୂର୍ବରୁ ମରିଯିବା, ଅଗ୍ରତ ମରିଯିବା ।

**Predecessor**, *n*. ପୂର୍ବ ଭୋଗୀ, ପୂର୍ବର ପଦସ୍ଥ ଲୋକ ।

**Predestinarian**, *a*. ପୂର୍ବ ନିରୂପଣ ସମ୍ବନ୍ଧୀୟ ।—*n*. ଅଦୃଷ୍ଟବାଦୀ ।

**Predestinarianism**, *n*. ଅଦୃଷ୍ଟବାଦମତ ।

**Predestinate**, *v.t*. ପୂର୍ବରୁ ନିରୂପଣ-କ ।

**Predestination**. *n*. 1. ପୂର୍ବନିରୂପଣ; 2. ଅଦୃଷ୍ଟ-ବାଦ ।

**Predestine**, *v.t*. 1. ପୂର୍ବରୁ ନିର୍ଦ୍ଧାରଣ-କ; 2. ପୂର୍ବରୁ [ବିଧାନ-କ ।

**Predeterminable**, *a*. ପୂର୍ବନିର୍ଦ୍ଧାରଣୀୟ ।

**Predeterminate**, *a*. ପୂର୍ବନିର୍ଦ୍ଧାରିତ ।

**Predetermination**, *n*. ପୂର୍ବେ ସ୍ଥିରୀକରଣ, ପୂର୍ବନିର୍ଦ୍ଧାରଣ ।

**Predetermine**, *v.i*. ପୂର୍ବରୁନିର୍ଦ୍ଧାରଣ-କ ।

**Predial**, *a*. 1. ଭୂସମ୍ପତ୍ତିବିଶିଷ୍ଟ; 2. ଭୂମିସମ୍ବନ୍ଧୀୟ; 3. ଭୂମିରୁ ଜାତ ।

**Predicable**, *a*. ବକ୍ତବ୍ୟ, ବାଚ୍ୟ ।

**Predicament**, *n*. 1. (Logic) ବାଚ୍ୟ ପଦାର୍ଥବର୍ଗ; 2. ଅବସ୍ଥା; 3. ସଙ୍କଟାବସ୍ଥା ।

**Predicant**, *a*. 1. ଅବଧାରଣକାରୀ; 2. ପ୍ରଚାରକାରୀ ।—*n*. 1. କଥକ; 2. ଧର୍ମପ୍ରଚାରକ ।

**Predicate**, *n*. (Gram.) କର୍ତ୍ତାର ବାକ୍ୟାଂଶ ।—*v.t*. 1. ଅବଧାରଣ-କ; 2. ନିଶ୍ଚୟକରି କହିବା; 3. କାରଣ ଅବଲମ୍ବନ-କ ।

**Predication**, *n*. 1. ଅବଧାରଣ; 2. ଦୃଢ଼ କଥନ ।

**Predicative**, *a*. ଅବଧାରଣପ୍ରକାଶକ ।

**Predicatory**, *a*. ଅସ୍ତ୍ୟର୍ଥକ ।

**Predict**, *v.t*. 1. ଭବିଷ୍ୟଦ୍‌ବାକ୍ୟ କହିବା, ଅନାଗତ କଥା କହିବା; 2. ଭାବୀ ସୂଚନା-କ ।

**Prediction**, *a*. 1. ଭାବିକଥନ; 2. ଭବିଷ୍ୟଦ୍‌ବାକ୍ୟ, ଅନାଗତ କଥା ।

**Predictive**, *a*. ଭବିଷ୍ୟତ୍‌ସୂଚକ, ଭାବିପ୍ରକାଶକ ।

**Predictor**, *n*. ଭବିଷ୍ୟଦ୍‌ବକ୍ତା, ଭାବିକଥକ ।

**Predilection**, *n*. 1. ଅଗ୍ରେ ପସନ୍ଦ; 2. ପୂର୍ବାନୁରାଗ; 3. ପକ୍ଷପାତ ।

Predilect, *v.t.* ପୂର୍ବାନୁରାଗ ଦେଖାଇବା ।

Predispose, *v.t.* 1. ପୂର୍ବରୁ ପ୍ରବୃତ୍ତ କରାଇବା; 2. ପୂର୍ବରୁ ଅନୁରକ୍ତ-କ ।

Predisposition, *n.* 1. ପୂର୍ବାନୁରକ୍ତି, ପୂର୍ବପ୍ରବୃତ୍ତି; 2. ରୋଗୋତ୍ପତ୍ତିର ସମ୍ଭାବନାଯୁକ୍ତ ଶରୀରର ଅବସ୍ଥା ।

Predominance, Predominancy, *n.* 1. ପ୍ରଭୁତ୍ୱ; 2. ପ୍ରଭାବାଧିକ୍ୟ; 3. ଶ୍ରେଷ୍ଠତା; 4. ପ୍ରାବଲ୍ୟ ।

Predominant, *a.* 1. ପ୍ରଧାନ; 2. ଶ୍ରେଷ୍ଠ; 3. ପ୍ରବଳ ।

Predominate, *v.t.* 1. ଦମନ-କ ।—*v.i.* 1. ପ୍ରଧାନ-ହେ; 2. କର୍ତ୍ତୃତ୍ୱରେ ଚଳିଥିବା; 3. ପ୍ରବଳ-ହେ ।

Predomination, *n.* ପ୍ରଭୁତ୍ୱ ।

Pre-eminence, *n.* 1. ଉତ୍କର୍ଷ, ପ୍ରାଧାନ୍ୟ; 2. ଅଗ୍ରଗଣ୍ୟତା, ଶ୍ରେଷ୍ଠତା ।

Pre-eminent, *a.* 1. ଉତ୍କୃଷ୍ଟ, ପ୍ରଧାନ; 2. ସର୍ବଶ୍ରେଷ୍ଠ; 3. ପ୍ରସିଦ୍ଧ; 4. ଅଗ୍ରଗଣ୍ୟ, ମୁଖ୍ୟ ।

Preen, *v.t.* ପକ୍ଷୀ ଥଣ୍ଟଦ୍ୱାରା ଆପଣା ଡେଣାର ପର ସଜାଡ଼ିଲା ପରି ସଜାଡ଼ିବା ।

Pre-engagement, *n.* ପୂର୍ବ ଚୁକ୍ତି, ପୂର୍ବନିବନ୍ଧ ।

Pre-exist, *v.i.* ପୂର୍ବରେ ବର୍ତ୍ତମାନ ଥିବା ।

Pre-existence, *n.* ପୂର୍ବବର୍ତ୍ତମାନତା ।

Pre-existent, *a.* ପୂର୍ବବର୍ତ୍ତମାନ ।

Preface, *n.* 1. ଭୂମିକା, ଆଭାଷ, ମୁଖବନ୍ଧ; 2. ପ୍ରସ୍ତାବନା, ମଙ୍ଗଳାଚରଣ; 3. ଉପକ୍ରମଣିକା, ଅବତରଣିକା; 4. ପରଚା ।—*v.t.* 1. ଭୂମିକା ଲେଖିବା; 2. ପ୍ରସ୍ତାବନା-କ ।

Prefatorial, Prefatory, *a.* 1. ଭୂମିକା ସମ୍ବନ୍ଧୀୟ, ଆଭାଷିକ; 2. ପ୍ରାଥମିକ ।

Prefatorily, *ad.* ଆଭାଷିକରୂପେ ।

Prefect, *n.* 1. ଅଧିପତି, ଅଧ୍ୟକ୍ଷ; 2. ତତ୍ତ୍ୱାବଧାରକ; 3. ଫ୍ରାନ୍ସ ଦେଶରେ ବିଭାଗୀୟ ଶାସନକର୍ତ୍ତା ।

Prefectship, *n.* 1. ଅଧିପତିର ପଦ; 2. ଶାସନକର୍ତ୍ତାର ଅଧିକାର ।

Prefecture, *n.* 1. ଅଧ୍ୟକ୍ଷତା; 2. ଶାସନକର୍ତ୍ତାଙ୍କ ଆବାସ ।

Prefer, *v.t.* 1. ପସନ୍ଦ-କ, ମନୋନୀତ-କ; 2. ଅପେକ୍ଷାକୃତ ଶ୍ରେଷ୍ଠ ଜ୍ଞାନ-କ; 3. ଉନ୍ନୀତ-କ; 4. ନିବେଦନ ଅର୍ପଣ-କ; 5. ପ୍ରସ୍ତାବ-କ; 6. ବନ୍ଧୁ-କ ।—To prefer a claim, ଦାବୀ ଆବେଦ-କ । To prefer a charge, ଅଭିଯୋଗ-କ ।

Preferability, Preferableness, *n.* ଅଧିକ ବାଞ୍ଛନୀୟତା ।

Preferable, *a.* 1. ଅଧିକ ବାଞ୍ଛନୀୟ; 2. ଅପେକ୍ଷାକୃତ ଭଲ, ଉତ୍କୃଷ୍ଟତର ।

Preference, *n.* 1. ଅଭିରୁଚି; 2. ଅପେକ୍ଷାକୃତ ଶ୍ରେଷ୍ଠବୋଧ; 3. ଅଭିବାଞ୍ଛିତ ବିଷୟ; 4. ମନୋନୀତକରଣ ।—Preference shares, ଯୌଥ କାରବାରରେ ଯେଉଁ ଅଂଶର ସୁଧ ଅଗ୍ରେ ପରିଶୋଧିତ ହୁଏ ।

Preferential, *a.* 1. ଅଭିବାଞ୍ଛିତ; 2. ଅଭିରୁଚିପ୍ରକାଶକ ।

Preferment, *n.* 1. ଅପେକ୍ଷାକୃତ ଶ୍ରେଷ୍ଠ ବୋଧକରଣ; 2. ପଦୋନ୍ନତି, ସମ୍ମାନବୃଦ୍ଧି; 3. ଉଚ୍ଚପଦ ।

Prefigure, *v.t.* 1. ଲକ୍ଷଣଦ୍ୱାରା ପୂର୍ବରୁ ଦେଖାଇବା; 2. ନିଦର୍ଶନଦ୍ୱାରା ରଚିତ-କ ।

Prefix, *v.t.* 1. ପୂର୍ବେ ସଂଯୋଗ-କ; 2. ଅଗ୍ରେ ସ୍ଥାପନ-କ ।—*n.* ଉପସର୍ଗ ।

Prefixion, *n.* ପୂର୍ବେ ସଂଯୋଜନ, ଅଗ୍ରେ ସଂସ୍ଥାପନ ।

Pregnancy, *n.* 1. ଗର୍ଭଧାରଣ, ଅନ୍ତଃସତ୍ତ୍ୱାବସ୍ଥା; 2. ଉର୍ବରତ୍ୱ, ଫଳବତ୍ତ୍ୱ; 3. ଅସାଧାରଣ ସାମର୍ଥ୍ୟ ।

Pregnant, *a.* 1. ଗର୍ଭବତୀ, ଗର୍ଭିଣୀ, ଅନ୍ତଃସତ୍ତ୍ୱା; 2. ଫଳବାନ୍; 3. ସାରଗର୍ଭକ; 4. ଅର୍ଥମୟ; 5. ଗୁରୁତର, ଭାରୀ ।

Prehensible, *a.* 1. ଧାରଣୀୟ; 2. ଧରିବା ଭଳି ।

Prehensile, *a.* ଧାରଣକ୍ଷମ ।

Prehistoric, *a.* ଇତିହାସପୂର୍ବ ।

Prejudge, Prejudicate, *v.t.* ଶୁଣାଣି ବିନା ବିଚାର-କ, ନ ଶୁଣି ନିଷ୍ପତ୍ତି-କ ।

Prejudgment, *n.* ଶୁଣାଣି ପୂର୍ବରୁ ନିଷ୍ପତ୍ତି ।

Prejudice, *n.* 1. ପୂର୍ବାବଧାରିତ ମତ; 2. କୁସଂସ୍କାର; 3. ଉପରୋଧ, 4. ପକ୍ଷପାତ; 5. କ୍ଷତି ।—*v.t.* 1. ପକ୍ଷପାତୀ କରାଇବା; 2. କ୍ଷତି-କ ।

Prejudiced, *a.* 1. କୁସଂସ୍କାରବିଶିଷ୍ଟ; 2. ପକ୍ଷପାତୀ ।

Prejudicial, *a.* 1. କୁସଂସ୍କାରଜନକ; 2. ଅପକାରକ, ଅନିଷ୍ଟକର; 3. କ୍ଷତିକର; 4. ବିରୋଧକାରକ ।

Prelacy, *n.* 1. ମହାଧର୍ମାଧ୍ୟକ୍ଷଙ୍କ ପଦ; 2. ଧର୍ମାଧ୍ୟକ୍ଷସମୂହ; 3. ଧର୍ମାଧ୍ୟକ୍ଷଙ୍କ କର୍ତ୍ତୃକ ଶାସନ ।

Prelate, *n.* ମହାଧର୍ମାଧ୍ୟକ୍ଷ, ପ୍ରଧାନ ଧର୍ମଯାଜକ ।

Prelatic, Prelatical, *a.* 1. ମହାଧର୍ମାଧ୍ୟକ୍ଷ ସମ୍ବନ୍ଧୀୟ; 2. ଧର୍ମାଧ୍ୟକ୍ଷକର୍ତ୍ତୃକ ଶାସନସମ୍ବନ୍ଧୀୟ ।

Prelect, *v.t.* 1. ସମାଜରେ ପ୍ରବନ୍ଧପାଠ-କ; 2. ବକ୍ତୃତା-କ ।

Preliminary, *a.* 1. ପ୍ରାରମ୍ଭିକ, ପ୍ରାଥମିକ; 2. ଆଭାଷିକ ।—*n.* 1. ଆରମ୍ଭ କର୍ମ; 2. ଆଭାଷ; 3. ପ୍ରସ୍ତାବନା ।

Preliminarily, *ad.* ପ୍ରାରମ୍ଭିକଭାବେ, ପ୍ରାଥମିକଭାବେ ।

Prelude, *n.* 1. ପ୍ରାରମ୍ଭିକ ବାଦ୍ୟ, ଉପକ୍ରମବାଦନ; 2. ଭୂମିକା, ଆଭାଷ ।—*v.t.* ପ୍ରାରମ୍ଭିକ ବାଦନ-କ ।—*v.i.* ପ୍ରାରମ୍ଭରେ ବାଦିତ-ହେ ।

Premature, *a.* 1. ଅକାଳପକ୍ୱ; 2. ଅସାମୟିକ, ଅକାଳପ୍ରାପ୍ତ; 3. ଅପ୍ରମାଣିତ ।

Prematurely, *ad.* ଅକାଳରେ, ଅସମୟରେ, ଅପୂର୍ଣ୍ଣ କାଳରେ ।

Prematureness, Prematurity, *n.* 1. ଅକାଳପକ୍ୱତା; 2. ଅକାଳିକତା, ଅସାମୟିକତ୍ୱ ।

Premeditate, *v.t.* ପୂର୍ବସଙ୍କଳ୍ପ-କ, ପୂର୍ବେ ମନଃସ୍ଥ-କ ।—*v.i.* ପୂର୍ବଚିନ୍ତା-କ, ପୂର୍ବେ ଧ୍ୟାନ-କ ।

Premeditated, *a.* ପୂର୍ବସଙ୍କଳ୍ପିତ, ପୂର୍ବରୁ ମନଃସ୍ଥ ।

Premeditatedly, *ad.* ପୂର୍ବସଙ୍କଳ୍ପିତରୂପେ, ପୂର୍ବମନଃସ୍ଥଭାବେ ।

**Premeditation**, *n.* ପୂର୍ବକଳ୍ପନା ।

**Premier**, *a.* 1. ପ୍ରଧାନ, ଶ୍ରେଷ୍ଠ, ମୁଖ୍ୟ; 2. ଆଦ୍ୟ ।—*n.* ପ୍ରଧାନ ରାଜମନ୍ତ୍ରୀ, ପ୍ରଧାନ ରାଜସଚିବ ।

**Premiership**, *n.* 1. ପ୍ରଧାନ-ରାଜମନ୍ତ୍ରିପଦ; 2. ପ୍ରଧାନତ୍ୱ, ପ୍ରାଧାନ୍ୟ ।

**Premillennial**, *a.* ପୃଥିବୀରେ ଖ୍ରୀଷ୍ଟଙ୍କର ଶତସହସ୍ରବର୍ଷ ସାକ୍ଷାତ୍ ରାଜତ୍ୱପୂର୍ବ ।

**Premise**, *v.t.* 1. ଅନ୍ୟାନ୍ୟ ବିଷୟଠାରୁ ଆଗେ କହିବା ବା ପଠାଇବା; 2. ଆରମ୍ଭ-କ, ଭୂମିକା-କ; 3. ଫଳିତାର୍ଥ କଥା କହିବା ବା ଲେଖିବା; 4. ପ୍ରସ୍ତାବ-କ ।

**Premise, Premiss**, *n.* 1. ପୂର୍ବବାଦ; 2. ଦଲିଲର ଶିରୋନାମା ।

**Premises**, *n. pl.* ଗୃହ ଓ ତତ୍ସଂଲଗ୍ନ ଭୂମ୍ୟାଦି, ଘରଦ୍ୱାର, ଘରବାଡ଼ି ।

**Premium**, *n.* 1. ପାରିତୋଷିକ; 2. ପୁରସ୍କାର; 3. ବୀମାକରଣାର୍ଥେ ଦତ୍ତ ଟଙ୍କା; 4. ଦରବୃଦ୍ଧି; 5. ଉତ୍ସାହଜନକ ଦାନ ।

**Premonition**, *n.* ପୂର୍ବଚେତନା ।

**Premonitive, Premonitory**, *a.* ପୂର୍ବଚେତନାଦାୟକ ।

**Prenatal**, *a.* ଜନ୍ମପୂର୍ବ ।

**Preoccupancy, Preoccupation**, *n.* 1. ପୂର୍ବାଧିକାରକରଣ; 2. ବିଷୟାନ୍ତରରେ ଚିତ୍ତନିବେଶ ।

**Preoccupied**, *a.* 1. ପୂର୍ବାଧିକୃତ; 2. ଅନ୍ୟମନସ୍କ, ବିଷୟାନ୍ତରରେ ନିବିଷ୍ଟଚିତ୍ତ ।

**Preoccupy**, *v.t.* 1. ଆଗେ ଅଧିକାର-କ; 2. ପୂର୍ବରୁ ଏକପକ୍ଷରେ ନତ-କ ।

**Preordain**, *v.t.* 1. ପୂର୍ବରୁ ବିଧାନ-କ; 2. ପୂର୍ବରୁ ସ୍ଥିର-କ, ପୂର୍ବରୁ ନିରୂପଣ-କ ।

**Prepaid**, *a.* ଆଗେ ମାସୁଲ ଦିଆ ।

**Preparation**, *n.* 1. ପ୍ରସ୍ତୁତକରଣ; 2. ପୂର୍ବାୟୋଜନ; 3. ପୂର୍ବୋଦ୍ୟୋଗ; 4. ପ୍ରସ୍ତୁତାବସ୍ଥା; 5. ପ୍ରସ୍ତୁତ ଦ୍ରବ୍ୟ; 6. ଯିହୁଦୀ ମତରେ ଶାବତ ବା ଅନ୍ୟ ପର୍ବଦିନର ପୂର୍ବଦିବସ, ଆୟୋଜନ ଦିନ; 7. ପୂର୍ବ ବିଧାନ ।

**Preparative**, *a.* 1. ପ୍ରସ୍ତୁତକରଣକ୍ଷମ; 2. ଉପଯୋଗୀ ।

**Preparatory**, *a.* 1. ପ୍ରସ୍ତୁତକାରକ; 2. ଆୟୋଜକ; 3. ପ୍ରାସଙ୍ଗିକ ।

**Prepare**, *v.t.* 1. ପ୍ରସ୍ତୁତ-କ; 2. କାର୍ଯ୍ୟୋପଯୋଗୀ-କ; 3. ବ୍ୟବହାରୋପଯୋଗୀ-କ; 4. ଗଠନ-କ; 5. ନିଯୁକ୍ତ-କ; 6. ଆୟୋଜନ-କ; 7. ଯୋଗାଇବା; 8. ସଜ୍ଜିତ-କ ।—*v.i.* 1. ପ୍ରସ୍ତୁତ-ହ; 2. ଶୃଙ୍ଖଳାବଦ୍ଧ-ହ; 3. ହେତୁସ୍ୱରୂପ-ହ ।

**Prepared**, *a.* 1. ପ୍ରସ୍ତୁତ; 2. ନିଯୁକ୍ତ; 3. ଉପଯୁକ୍ତ ।

**Prepay**, *v.t.* ଆଗେ ମୂଲ୍ୟ-ଦେ ।

**Prepayment**, *n.* ଅଗ୍ରିମ ଦାନ ।

**Prepense**, *a.* 1. ପୂର୍ବ ସଙ୍କଳ୍ପିତ; 2. ଅଭିପ୍ରେତ ।

**Prepensely**, *ad.* 1. ପୂର୍ବସଙ୍କଳ୍ପିତରୂପେ; 2. ଅଭିପ୍ରେତାନୁସାରେ ।

Preponderate, *v.t.* 1. ଭାରରେ ଅତିକ୍ରମ-କ; 2. ଗୁରୁତର ହେବା; 3. ପ୍ରଭାବରେ ଅତିକ୍ରମ-କ ।

Preponderance, Preponderancy, Preponderation, *n.* 1. ଭାରାଧିକ୍ୟ; 2. ପ୍ରଭାବାଧିକ୍ୟ ।

Preponderant, *a.* 1. ଅଧିକ ଭାରୀ, ଗୁରୁତର; 2. ଅଧିକ ପ୍ରବଳ ।

Preposition, *n.* 1. ବିଭକ୍ତିସୂଚକ ଅବ୍ୟୟ; 2. ଉପସର୍ଗ ।

Prepositional, *a.* ଔପସର୍ଗିକ ।

Prepossess, *v.t.* ପୂର୍ବେ ଅଧିକାର-କ ।

Prepossessing, *a.* ହୃଦୟଗ୍ରାହୀ ।

Prepossessingly, *ad.* ହୃଦୟଗ୍ରାହୀରୂପେ ।

Prepossession, *n.* ପୂର୍ବ ବୋଧ ।

Preposterous, *a.* 1. ଅସ୍ୱାଭାବିକ; 2. ଅଯୌକ୍ତିକ; 3. ଅସଙ୍ଗତ ।

Preposterously, *ad.* 1. ଅଯୌକ୍ତିକଭାବେ; 2. ମୂର୍ଖରୂପେ ।

Preposterousness, *n.* 1. ଅସଙ୍ଗତତା; 2. ଅଯୌକ୍ତିକତା ।

Prepuce, *n.* ଲିଙ୍ଗାଗ୍ର ତ୍ୱକ୍ ।

Prerequisite, *n.* ପୂର୍ବାବଶ୍ୟକୀୟ ବସ୍ତୁ ।—*a.* ପୂର୍ବାବଶ୍ୟକୀୟ ।

Prerogative, *n.* 1. ଅଦ୍ୱିତୀୟ କ୍ଷମତା; 2. କୌଳିକ ଅଧିକାର ।

Presage, *n.* 1. ଭାବିବୋଧକ ଲକ୍ଷଣ; 2. ଶୁଭାଶୁଭସୂଚକ ବୋଧ ।—*v.t.* ପୂର୍ବସୂଚନା-କ, ଭବିଷ୍ୟତ୍ କହିବା ।—*v.i.* ଶୁଭାଶୁଭସୂଚକ ବୋଧ ପ୍ରାପ୍ତ-ହ ।

Presbyter, *n.* ମଣ୍ଡଳୀଦ୍ୱାରା ନିଯୁକ୍ତ ପ୍ରାଚୀନ ବ୍ୟକ୍ତି ।

Presbyterian, *a.* 1. ପୂର୍ବୋକ୍ତ ପ୍ରାଚୀନ ବ୍ୟକ୍ତି ସମ୍ବନ୍ଧୀୟ; 2. ପୂର୍ବୋକ୍ତ ପ୍ରାଚୀନମାନଙ୍କ କର୍ତ୍ତୃକ ଶାସନ ସମ୍ବନ୍ଧୀୟ ।—*n.* ପୂର୍ବୋକ୍ତ ପ୍ରାଚୀନମାନଙ୍କ କର୍ତ୍ତୃକ ଶାସନାଧୀନ ବ୍ୟକ୍ତି ।

Presbyterianism, *n.* ପୂର୍ବୋକ୍ତ ପ୍ରାଚୀନମାନଙ୍କ କର୍ତ୍ତୃକ ମଣ୍ଡଳୀ-ଶାସନ ।

Presbytery, *n.* ମଣ୍ଡଳୀର ପ୍ରାଚୀନସମୂହ ।

Prescience, *n.* 1. ପୂର୍ବଜ୍ଞାନ; 2. ଭାବିଦର୍ଶନ ।

Prescient, *a.* 1. ପୂର୍ବଜ୍ଞ; 2. ଭବିଷ୍ୟଦ୍ଦର୍ଶୀ ।

Prescribe, *v.t.* 1. ନିର୍ଦ୍ଦେଶ-କ; 2. ଆଜ୍ଞା-ଦେ; 3. ନିଯୁକ୍ତ-କ; 4. ଔଷଧର ଭାବ-ଦେ, ଔଷଧର ବ୍ୟବସ୍ଥା-ଦେ; 5. କାଳାତୀତ ଦୋଷରୁ ଅମାନ୍ୟ-କ ।—*v.i.* 1. ବିଧି ସ୍ଥାପନ-କ; 2. ବହୁକାଳ ଭୋଗଦଖଲ ହେତୁରୁ ଦାବିଦାର-ହ; 3. ଅମାନ୍ୟ-ହ ।

Prescript, *n.* 1. ବିଧି; 2. ଆଦେଶ; 3. ପ୍ରଦର୍ଶିତାଦର୍ଶ ।

Prescription, *n.* 1. ଔଷଧର ବ୍ୟବସ୍ଥା, ଔଷଧର ଭାବ; 2. ଚଳନ୍ତି ବ୍ୟବହାର; 3. ଚିରବ୍ୟବହାରଜନିତ ଅଧିକାର ।

Prescriptive, *a.* 1. ଚିରବ୍ୟବହାରସିଦ୍ଧ; 2. ପ୍ରଚଳିତ ।

Presence, *n.* 1. ଉପସ୍ଥିତି, ବିଦ୍ୟମାନତା; 2. ସମକ୍ଷ, ସମ୍ମୁଖ, ଆଗ; 3. ସନ୍ନିହିତତା; 4. ସାନ୍ନିଧ୍ୟ; 5. ମହତ୍‌ଜନମାନଙ୍କ ସମ୍ମିଳନ; 6. ଭଙ୍ଗୀ; 7. ଆକୃତି; 8. ଭୂତ ।—Presence chamber or room, ସାକ୍ଷାତ କରିବା ଗୃହ, ଦରବାର ଘର । Presence of mind, ପ୍ରତ୍ୟୁତ୍ପନ୍ନମତି, ଉପସ୍ଥିତବୁଦ୍ଧି ।

Present, *v.t.* 1. ସମ୍ମୁଖରେ ରଖିବା; 2. ସାକ୍ଷାତ କରାଇବା, ପରିଚୟ-ଦେ; 3. ଦର୍ଶାଇବା, ପ୍ରଦର୍ଶନ-କ; 4. ଦାନସ୍ୱରୂପେ ଯାଚିବା; 5. ଅନ୍ୟଙ୍କୁ ଅର୍ପଣ କରାଇବା; 6. ଦମନ-କ; 7. ଧର୍ମୋପଦେଶକଙ୍କୁ ବୃତ୍ତିଭୋଗୀ-କ; 8. ଉପସ୍ଥାପିତ-କ; 9. ବନ୍ଧୁକ ଲକ୍ଷ୍ୟ-କ ।—To present arms, ସୈନ୍ୟ ବନ୍ଧୁକକୁ ସିଧାଭାବରେ ସମ୍ମୁଖରେ ଧରିବାଦ୍ୱାରା ସମ୍ମାନ ଦେଖାଇବା ।

Presentable, *a.* 1. ଉପହାରଯୋଗ୍ୟ; 2. ଧର୍ମୋପଦେଶକବୃତ୍ତି ପ୍ରାପ୍ତିଯୋଗ୍ୟ ।

Presentation, *n.* 1. ଦାନକରଣ; 2. ଉପଢୌକନ; 3. ଅବେଦନ ।

Presentee, *n.* ବୃତ୍ତିଭୋଗୀ ଧର୍ମୋପଦେଶକ ।

Presenter, *n.* ଉପଢୌକନଦାତା ।

Presentiment, *n.* 1. ପୂର୍ବବୋଧ; 2. ପୂର୍ବସୂଚନା; 3. ଆଗାମୀ ଅମଙ୍ଗଳ ବିଷୟର ଆଶଙ୍କା ।

Presently, *ad.* ଅଳ୍ପକ୍ଷଣପରେ, ଅଚିରେ ।

Presentment, *n.* 1. ଦାନକରଣ; 2. ପ୍ରତିମୂର୍ତ୍ତି; 3. ଅଦାଲତରେ ଜୁରିଦ୍ୱାରାପ୍ରକାଶିତ ଅଭିଯୋଗ ।

Preservation, *n.* 1. ରକ୍ଷଣ, ସଂରକ୍ଷଣ; 2. ସଂରକ୍ଷିତାବସ୍ଥା; 3. ପ୍ରତିପାଳନ, 4. ରକ୍ଷା ।

Preservative, Préservatory, *a.* 1. ରକ୍ଷଣକ୍ଷମ; 2. ରକ୍ଷାକାରୀ ।—*n.* 1. ରକ୍ଷଣକ୍ଷମ ବସ୍ତୁ; 2. କ୍ଷୟାବରୋଧକବସ୍ତୁ ।

Preserve, *v.t.* 1. ରକ୍ଷା-କ; 2. ଆପଦ ନିବାରଣ-କ; 3 ଉତ୍ତମାବସ୍ଥାରେ ରକ୍ଷା-କ; 4. ଗାରଯୋଗ କରି ରଖିବା; 5. ସ୍ଥାୟୀ-କ; 6. ଅକ୍ଷୁଣ୍ଣ ରଖିବା ।—*n.* 1. ମୋରବ୍ବା, ଅଚାର, ଚିନିଶିରାରେ ପକାଇବା ଫଳ ଫଳାଦ; 2. ମୃଗୟାର୍ଥେ ପକ୍ଷାଦି ଥିବା ରକ୍ଷିତ ବନ ।

Preserver, *n.* 1. ରକ୍ଷାକର୍ତ୍ତା, ପ୍ରତିପାଳକ, ତ୍ରାତା; 2. ମୋରବ୍ବା ଅଚାର ପ୍ରଭୃତି ପ୍ରସ୍ତୁତକାରୀ ଲୋକ ।

Preside, *v.i.* 1. ଅଧ୍ୟକ୍ଷ-ହେ, ସଭାପତିର ଆସନ ଗ୍ରହଣ-କ; 2. ତତ୍ତ୍ୱାବଧାନ-କ ।

Presidency, *n.* 1 ଅଧ୍ୟକ୍ଷଙ୍କର ପଦ ବା କାର୍ଯ୍ୟ; 2. ଅଧ୍ୟକ୍ଷଙ୍କ କ୍ଷମତାର ସମୟ; 3. ପ୍ରଦେଶ, ଶାସନୀୟ ଭୂଭାଗ ।

President, *n.* 1. ସଭାପତି; 2. ବିଦ୍ୟାଳୟର ଅଧ୍ୟକ୍ଷ; 3. ସାଧାରଣ ତନ୍ତ୍ର ରାଜ୍ୟର ପ୍ରଧାନ ଶାସନକର୍ତ୍ତା ।

Presidential, *a.* 1. ସଭାପତି ସମ୍ବନ୍ଧୀୟ; 2. କର୍ତ୍ତୃତ୍ୱକାରୀ ।

Presidentship, *n.* ସଭାପତିତ୍ୱ ।

Presidial, Presidiary, *a.* 1. ଗଡ ସମ୍ବନ୍ଧୀୟ; 2. ଦୁର୍ଗବିଶିଷ୍ଟ ।

Press, *v.t.* 1. ଚପ-ଦେ, ଚିପିବା; 2. ପୀଡନ-କ, ପେଷିବା, ଚିପୁଡିବା; 3. ଆଲିଙ୍ଗନ-କ; 4. ଠେଲିବା; 5. କ୍ଲେଶ-ଦେ; 6. ବାଧ୍ୟ-କ; 7. ଉତ୍ସାହପୂର୍ବକ ମନୋନିବେଶ କରାଇବା; 8. ଟାଣକରି କହିବା; 9. ଦ୍ରୁତବେଗରେ ଚଳାଇବ; 10. ଚାପଦ୍ୱାରା ଚିକ୍କଣ-କ ।—*v.i.* 1. ଚିପିହୋଇ ରହିବା; 2. ଠେଲାଠେଲି-ହେ; 3. ଭିଡ-ହେ, ଗହଳ-ହେ; 4. ସବେଗରେ ଅଗ୍ରସର-ହେ; 5. ବାରମ୍ବାର ଜଗର-କ; 6. ବିଶେଷ ପ୍ରଭାବ ପ୍ରକାଶ-କ ।—To press into service, ଜୋର କରି କାର୍ଯ୍ୟରେ ଲଗାଇବା । To press forward, ଅଗ୍ରସର-ହେ । To press one hard, ଅତ୍ୟନ୍ତ ଅନୁରୋଧ-କ ।—*n.* 1. ଚପ ଦେବାର କଳ; 2. ଛାପାଯନ୍ତ୍ର, ମୁଦ୍ରାଯନ୍ତ୍ର; 3. ମୁଦ୍ରଣ ବ୍ୟବସାୟ; 4. ମୁଦ୍ରାଯନ୍ତ୍ରାଳୟ, ଛାପାଖାନା; 5. ଉତ୍ସାହପୂର୍ବକ ଅନ୍ୟର ମନୋନିବେଶକରଣ; 6. ବାଧ୍ୟତା; 7. ସମ୍ବାଦପତ୍ର ଓ ତତ୍ସମ୍ପାଦକସମୂହ; 8. ଲୁଗାରଖିବା ଆଲମାରି ।—Press of business, କାର୍ଯ୍ୟର ଗାଦାଗାଦି ।

Pressgang, *n.* ଯୁଦ୍ଧଜାହାଜ ନିମନ୍ତେ ବଳାତ୍କାରରେ ଲୋକସଂଗ୍ରହ କରିବା ସୈନ୍ୟଦଳ ।

Pressing, *a.* ଅତ୍ୟାବଶ୍ୟକ ।

Pressman, *n.* 1. ଛାପିବା ଲୋକ, ମୁଦ୍ରଣକାରୀ; 2. ସମ୍ବାଦପତ୍ର ଲେଖକ ।

Pressmoney, *n.* ଯୁଦ୍ଧାର୍ଥ ଧୃତ ଲୋକକୁ ଦତ୍ତ ଅଗ୍ରିମ ଟଙ୍କା ।

Pressure, *n.* 1. ମୁଦ୍ରଣ; 2. ଚାପିତ ଅବସ୍ଥା; 3. ପ୍ରବଳ; 4. କଷ୍ଟ, ଦୁଃଖ; 5. ଅତ୍ୟାବଶ୍ୟକତା; 6. ବିଶେଷ ଦାବି ।

Prestige, *n.* ମହତ୍ତ୍ୱ, ଦୃଷ୍ଟାନ୍ତଜନିତ ପ୍ରଭାବ ।

Presto, *ad* 1. ଶୀଘ୍ର, ତୁରନ୍ତ; 2. ସଙ୍ଗେସଙ୍ଗେ ।

Presumable, *a.* ଅନୁମେୟ, ଅନୁଭବନୀୟ, ଉପଲଭ୍ୟ ।

Presume, *v.t.* 1. ବିନା ପ୍ରମାଣରେ ସତ୍ୟ ବୋଲି ଜ୍ଞାନ-କ; 2. ସ୍ୱୀକାର କରିନେବା ।—*v.i.* 1. ସତ୍ୟ ବୋଲି ପ୍ରତ୍ୟୟମାନ-ହେ; 2. ଦୁଃସାହସୀ-ହେ ।—With *on* or *upon*, ଅତିରିକ୍ତଭାବେ ନିର୍ଭର ରହିବା, ସାହସରେ ଯେତେଦୂର ଯିବା ଉଚିତ ତତୋଽଧିକ ଯିବା ।

Presuming, *a.* ଦୁଃସାହସୀ, ଅଯଥା ନିର୍ଭୟ ।

Presumption, *n.* 1. ବିନାପ୍ରମାଣରେ ସତ୍ୟଜ୍ଞାନ; 2. ଅନୁମାନ; 3. ଅତ୍ୟନ୍ତ ସମ୍ଭାବନା; 4. ସ୍ୱୀକୃତ ବିଷୟ; 5. ପ୍ରଗଳ୍ଭତା; 6. ଦୁଃସାହସ ।

Presumptive, *a.* 1. ଅନୁମାନିକ; 2. ସମ୍ଭାବ୍ୟ ।—Heir presumptive, ସମ୍ଭାବ୍ୟ ଉତ୍ତରାଧିକାରୀ । Presumptive evidence, ଅନୁମାନିକ ପ୍ରମାଣ, ପରୋକ୍ଷ ପ୍ରମାଣ ।

Presumptuous, *a.* 1. ଦୁଃସାହସୀ, ନିର୍ଭୟ; 2. ପ୍ରଗଳ୍ଭ; 3. ଦାମ୍ଭିକ; 4. ଧେଣ୍ଡା ।

Presuppose, *v.t.* 1. ପୂର୍ବରୁ ଅନୁମାନ-କ; 2. ବିନା ପ୍ରମାଣରେ ଗ୍ରହଣ-କ ।

Presupposition, *n.* ପୂର୍ବାନୁମାନ ।

Pretence, Pretense, *n.* 1. ଛଳ, ଛଳନା, ବାହାନା; 2. ଛଦ୍ମବେଶ; 3. ଓଜର, ଆପତ୍ତି; 4. ଅମୂଳକ ଅନୁମାନ; 5. ଦାବି ।

Pretend, *v.t.* 1. ଛଳନା-କ, କପଟତା-କ; 2. ସତ୍ୟର ଭାନ-କ; 3. ଦାବି-କ ।—*v.i.* 1. ଦାବିସ୍ଥାପନ-କ; 2. ଛଦ୍ମବେଶ ଧରିବା ।

Pretended, *a.* କୃତ୍ରିମ ।

**Pretendedly**, *ad.* କୃତ୍ରିମଭାବେ ।

**Pretender**, *n.* ପ୍ରତାରକ, ଛଳନାକାରୀ ।

**Pretension**, *n.* 1. କୃତ୍ରିମାଚରଣ; 2. ଛଳ, ଛଳନା; 3. ପ୍ରତାରଣା; 4. ଦାବି ।

**Pretentious**, *a.* 1. କୃତ୍ରିମତାବିଶିଷ୍ଟ; 2. ଦୁଃସାହସୀ; 3. ଦାମ୍ଭିକ ।

**Preterhuman**, *a.* ଲୋକାତୀତ ।

**Preterite**, *a.* ଅତୀତ, ଭୂତ ।—*n.* ଅତୀତ କାଳ, ଭୂତ କାଳ ।

**Preternatural**, *a.* 1. ଅସ୍ୱାଭାବିକ; 2. ପ୍ରକୃତିକ୍ରମାତୀତ; 3. ଅଦ୍ଭୁତ, ଆଶ୍ଚର୍ଯ୍ୟଜନକ ।

**Pretext**, *n.* 1. ମିଥ୍ୟା କାରଣ; 2. ବାହାନା, ଫାଙ୍କ; 3. ବ୍ୟାଜ ।

**Pretor**, *n.* Same as Prætor.

**Prettify**, *v.t.* ଅତ୍ୟନ୍ତ ସୁରୂପ-କ, ସୁଡୌଲ-କ, କୋଠି-କମ-କ ।

**Prettily**, *ad.* ମନୋହରରୂପେ, ସୁନ୍ଦରଭାବେ ।

**Prettiness**, *n.* ସୁରୂପତା, ସୁଡୌଲି, ଲାବଣ୍ୟ, ସୁନ୍ଦର ।

**Pretty**, *a.* 1. ସୁରୂପ, ମନୋହର; 2. ଅଯତ୍ନସୁନ୍ଦର; 3. ପରିପାଟୀଯୁକ୍ତ; 4. ଶ୍ରେଷ୍ଠିଆ, ସାନ ।—*ad.* କିୟଦଂଶରେ ।

**Prettyish**, *a.* କିଞ୍ଚିତ୍ମନୋହର ।

**Pretty much**, *ad.* ପ୍ରାୟ ।

**Prettypretty**, *n.* (Coll.) ସାଜସାଜ ସୁନ୍ଦର ଜିନିଷ ।

**Pretty-spoken**, *a.* 1. ସୁକଥିତ; 2 ମିଷ୍ଟଭାଷୀ ।

**Prevail**, *v.i.* 1. ଅତି ପ୍ରବଳ-ହେ; 2. ଜୟ ଲାଭ-କ; 3. ପ୍ରାଧାନ୍ୟ ଲାଭ-କ; 4. ପ୍ରଚଳିତ-ହେ; 5. କୃତକାର୍ଯ୍ୟ-ହେ; 6. ବ୍ୟାପ୍ତ-ହେ ।—With *on* or *upon*, ପ୍ରବୃତ୍ତ-କ । With *over*, ପ୍ରବଳ-ହେ ।

**Prevailing**, *a.* 1. ଚଳିତ; 2. ପ୍ରବଳ; 3. ଅତି ସାଧାରଣ ।

**Prevalence, Prevalency**, *n.* 1. ବ୍ୟାପକତା; 2. ପ୍ରାବଲ୍ୟ; 3. ପ୍ରାଧାନ୍ୟ ।

**Prevalent**, *a.* 1. ବଳବାନ୍; 2. ସର୍ବତ୍ର ବ୍ୟାପ୍ତ; 3. ଜୟଯୁକ୍ତ; 4. ପ୍ରଚଳିତ ।

**Prevaricate**, *v.i.* 1. ସତ୍ୟର ଅପଲାପ-କ; 2. ଭଣ୍ଡାଇବା; 3. ଦୋମୁହାଁ କଥା କହିବା; 4. କଥା ଓଲଟାଇବା ।

**Prevarication**, *n.* 1. ସତ୍ୟର ଅପଲାପ; 2. ଦୋମୁହାଁ କଥା ।

**Prevaricator**, *n.* ସତ୍ୟର ଅପଲାପକାରୀ, ଶଠ ।

**Prevent**, *v.t.* 1. ବାଧା-ଦେ, ବ୍ୟାଘାତ ଜନ୍ମାଇବା; 2. ନିବାରଣ-କ; 3. ଅଟକାଇବା; 4. ଅଗ୍ରଗମନ-କ ।

**Preventable**, *a.* 1. ନିବାର୍ଯ୍ୟ, ନିବାରଣୀୟ; 2. ବାଧାପ୍ରାପ୍ତି ଯୋଗ୍ୟ ।

**Preventative, Preventive**, *a.* ନିବାରକ, ପ୍ରତିବାଧକ ।—*n.* ପ୍ରତିବାଧକ ଔଷଧ ।

**Prevention**, *n.* ନିବାରଣ, ପ୍ରତିବାଧା ।

**Previous**, *a.* ପୂର୍ବବର୍ତ୍ତୀ, ଗତ ।

**Previously**, *ad.* ପୂର୍ବେ, ଆଗେ, ଅଗରେ ।

**Previousness**, *n.* ପୂର୍ବବର୍ତ୍ତିତା ।

**Prevision**, *n.* 1. ପୂର୍ବଦୃଷ୍ଟି; 2. ପୂର୍ବଜ୍ଞାନ ।

**Prey**, *n.* 1. ଅପହୃତ ବସ୍ତୁ; 2. ଲୁଣ୍ଠିତ ଦ୍ରବ୍ୟ; 3. ଶିକାର ।—*v.i.* With *on* or *upon*, 1. ଲୁଣ୍ଠନ-କ; 2. ଶିକାର-କ, ଜନ୍ତୁ ମାରି ଖାଇବା; 3. କ୍ରମଶଃ କ୍ଷୟ-ହେ; 4. ଦୁଃଖରେ ଭାରାକ୍ରାନ୍ତ-ହେ ।

**Price**, *n.* 1. ମୂଲ୍ୟ, ଦାମ୍, ଦର, ଭାଉ; 2. ଉତ୍କର୍ଷ; 3. କର୍ମର ଫଳ ।—*v.t.* 1. ମୂଲ୍ୟ ନିରୂପଣ-କ, ଦର ବସାଇବା; 2. (Coll.) ଭାଉ ବୁଝିବା ।—Cost price, କିଣା ଦାମ୍ ।

**Priceless**, *a.* ଅମୂଲ୍ୟ ।

**Price-list**, *n.* ମୂଲ୍ୟର ତାଲିକା ।

**Prick**, *n.* 1. କଣ୍ଟାଫୁଟିବା; 2. ତୀକ୍ଷ୍ଣାଗ୍ରଭାଗ; 3. ଯାତନା; 4. ବିନ୍ଧ, ଛିଦ୍ର; 5. ଅନୁତାପ ।—*v.t.* 1. ବିନ୍ଧ-କ, ଫୋଡିବା; 2. ଭେଦିବା, ଠିଆ-କ; 3. ଛିଦ୍ରଦ୍ୱାର ଚିହ୍ନିତ-କ; 4. ଉତ୍ତେଜିବା; 5. ବେଦନା-ଦେ ।—*v.i.* 1. କଣ୍ଟା ବୋଧ-କ; 2. ଭେଦ-ହେ, ଠିଆ-ହେ; 3. କଣ୍ଟାଲଗା ଜୋତା ପିନ୍ଧି ଘୋଡାସବାର-ହେ ।

**Prick-eared**, *a.* ସ୍ୱଚ୍ୟାକୃତି କର୍ଣ୍ଣବିଶିଷ୍ଟ ।

**Pricker**, *n.* 1. ବେଧକ, ଫୋଡଣୀ; 2. ତୀକ୍ଷ୍ଣାଗ୍ର ଯନ୍ତ୍ର; 3. ଅଳ୍ପ ଅସ୍ତ୍ରଶସ୍ତ୍ରଧାରୀ ଅଶ୍ୱାରୋହୀ ସୈନିକ ।

**Pricking**, *n.* 1. କଣ୍ଟାଫୁଟିବାର ବୋଧ; 2. ଶୂଳ ଅନୁଭୂତ ।

**Prickliness**, *n.* କଣ୍ଟକମୟତ୍ୱ, କଣ୍ଟକଯୁକ୍ତତା ।

**Prickly**, *a.* କଣ୍ଟାଯୁକ୍ତ, କଣ୍ଟକମୟ ।

**Prickly-heat** *n.* ଘିମିରି, ଘର୍ମର, ଘର୍ମବିଛୁ ।

**Pride**, *n.* 1. ଆତ୍ମଶ୍ଳାଘା, ଆତ୍ମବଡିମା; 2. ଅହଙ୍କାର, ଦର୍ପ, ଗର୍ବ, ଗାରିମା; 3. ଅଭିମାନ, ଦାମ୍ଭିକତା, ଦମ୍ଭ; 4. ଆତ୍ମସମ୍ମାନ; 5. ଦର୍ପର କାରଣ ।—*v.t.* ଦୃପ୍ତ ମଣିବା ।—*v.i.* ଅହଙ୍କାର-କ, ଗର୍ବ-କ, ଆତ୍ମଶ୍ଳାଘା-କ, ଦର୍ପ-କ ।

**Priest**, *n.* 1. ପୁରୋହିତ, ଯାଜକ; 2. ଧର୍ମୋପଦେଶକ ।—High Priest, ମହାଯାଜକ ।

**Priestcraft**, *n.* ପୌରୋହିତ୍ୟକୌଶଳ, ଯାଜକୀୟ ଧୂର୍ତ୍ତତା ।

**Priestess**, *n.* ସ୍ତ୍ରୀଯାଜକ, ଯାଜକା ।

**Priesthood**, *n.* 1. ଯାଜକପଦ ବା କର୍ମ; 2. ଯାଜକତା; 3. ଯାଜକବର୍ଗ ।

**Priestliness**, *n.* ଯାଜକୋଚିତତା ।

**Priestly**, *a.* 1. ଯାଜକବତ୍; 2. ଯାଜକୋଚିତ; 3. ପୁରୋହିତସମ୍ବନ୍ଧୀୟ ।

**Priest-ridden**, *a.* 1. ଯାଜକବଶତାପନ୍ନ; 2. ପୁରୋହିତଶାସିତ ।

**Prig**, *n.* 1. ଆତ୍ମଶ୍ଳାଘୀ ଲୋକ; 2. ବୃଥାଗର୍ବୀ ।—*v.t.* (Slang) ହାତଉଠାପଣ-କ ।

**Priggish**, *a.* ବୃଥାଗର୍ବିତ ।

**Prim**, *a.* 1. ଶୃଙ୍ଖଳ; 2. ପରିପାଟୀଯୁକ୍ତ, ପରିଚ୍ଛନ୍ନ ।—*v.t.* ପରିପାଟୀ ସହିତ ଭୂଷିତ-କ ।

**Primacy**, *n.* 1. ପ୍ରାଧାନ୍ୟ; 2. ପ୍ରଧାନ ଧର୍ମାଧ୍ୟକ୍ଷର କର୍ମ ବା ପଦ ।

**Prima-donna**, *n.* ଗାନବାଦ୍ୟ ସମ୍ମିଳିତ ଅଭିନୟରେ ପ୍ରଧାନ ଗାୟିକା ।

**Prima facie**, ପ୍ରଥମଦୃଷ୍ଟିରେ ।

**Primal**, *a.* 1. ଆଦ୍ୟ; 2. ମୌଳିକ; 3. ପ୍ରଧାନ ।

**Primality**, *n.* 1. ଆଦ୍ୟ; 2. ମୌଳିକତା ।

**Primarily**, *ad.* ପ୍ରଥମତଃ, ଆଦ୍ୟରେ, ପ୍ରଥମରେ, ଆରମ୍ଭରେ ।

**Primary**, *a.* 1. ଆଦିମ; 2. ମୌଳିକ; 3. ପ୍ରଧାନ; 4. ପ୍ରାରମ୍ଭିକ; 5. ପ୍ରାଥମିକ; 6. ପ୍ରସ୍ତୁତକାରକ ।

**Primary-colours**, *n.* ମୂଳବର୍ଣ୍ଣ, ଇନ୍ଦ୍ରଧନୁରେ ପ୍ରତିଫଳିତ ସାତୋଟି ବର୍ଣ୍ଣ ଯଥା,—ଲୋହିତ, ନାରଙ୍ଗୀ, ପୀତ, ହରିତ୍, ନୀଳ, ଗାଢନୀଳ, ବାଇଗଣୀ ।

**Primary-planet**, *n.* ସୂର୍ଯ୍ୟବେଷ୍ଟନକାରୀ ଗ୍ରହସକଳ ।

**Primary-rocks**, *n.* ଆଦିମ ପ୍ରସ୍ତର ଯହିଁରେ କୌଣସି ମୃତଜନ୍ତୁର ଅସ୍ଥିଆଦି ଦେଖାଯାଏ ନାହିଁ ।

**Primate**, *n.* ପ୍ରଧାନ ଧର୍ମାଧ୍ୟକ୍ଷ ।

**Prime**, *a.* 1. ଆଦ୍ୟ, ପ୍ରଥମ; 2. ପ୍ରଧାନ, ଅଗ୍ରଗଣ୍ୟ; 3. ଅତ୍ୟୁତ୍ତମ; 4. ଯୌବନଯୁକ୍ତ ।—*n.* 1. ଆରମ୍ଭ; 2. ଉଦୟକାଳ; 3. ବିକାଶାବସ୍ଥା; 4. ସାରଭାଗ, ଉତ୍ତମାଂଶ; 5. ପରାକାଷ୍ଠା; 6. ଯୌବନକାଳ ।—Full health and strength, ପୂର୍ଣ୍ଣ ସ୍ୱାସ୍ଥ୍ୟ ଓ ସବଳତା ।—*v.t.* 1. ବନ୍ଧୁକରେ ବାରୁଦ-ଦେ; 2. ପ୍ରଥମ ଥର ରଙ୍ଗ-ଦେ; 3. ତାଲିମ୍-କର ।

**Prime-minister**, *n.* ପ୍ରଧାନ ମନ୍ତ୍ରୀ, ପ୍ରଧାନ ସଚିବ ।

**Prime-mover**, *n.* ପ୍ରଧାନ କାରକ, ପ୍ରଧାନ ଚାଳକ ।

**Prime-number**, *n.* ମୌଳିକ ସଂଖ୍ୟା ।

**Primer**, (1) *n.* 1. ପ୍ରଥମପାଠ, ଶିଶୁପାଠ, ବର୍ଣ୍ଣମାଳା ଶିକ୍ଷାର୍ଥ ପ୍ରଥମପୁସ୍ତକ; 2. ଧର୍ମସଂକ୍ରାନ୍ତ ଆଦ୍ୟପୁସ୍ତକ ।—Great primer, Long primer, ଦୁଇପ୍ରକାର ଛପା ଅକ୍ଷର ବିଶେଷ ।

**Primer**, (2) *n.* ବନ୍ଧୁକରେ ବାରୁଦ ଦେବା ଲୋକ ।

**Primero**, *n.* ପୁରାତନ ତାସ୍‌ଖେଳ ବିଶେଷ ।

**Primeval**, *a.* 1. ଆଦିକାଳୀନ; 2. ଆଦିଭୂତ; 3. ମୌଳିକ ।

**Primigenial, Primogenial**, *a.* 1. ଅଗ୍ରଜ, ବଡ଼ଜ; 2. ଆଦିମ; 3. ମୂଳୀଭୂତ ।

**Primigenious, Primogenious**, *a.* ଆଦ୍ୟସୃଷ୍ଟ ।

**Primitive**, *a.* 1. ଆଦିମ; 2. ପ୍ରାରମ୍ଭିକ; 3. ମୌଳିକ; 4. ପୂର୍ବକାଳୀନ; 5. ପ୍ରାଚୀନ; 6. ପୁରାତନ ଧରଣର ।—*n.* ମୂଳଶବ୍ଦ ।

**Primitive colours**, *n.* ମୌଳିକ ବର୍ଣ୍ଣ, ତିନି ମୂଳବର୍ଣ୍ଣ ଯଥା,—ଲୋହିତ, ପୀତ, ନୀଳ ।

**Primitively**, *ad.* 1. ମୌଳିକରୂପେ; 2. ପ୍ରାଚୀନଭାବେ ।

**Primitiveness**, *n.* 1. ମୌଳିକତା; 2. ପ୍ରାଚୀନତା ।

**Primly**, *ad.* ପରିଚ୍ଛନ୍ନଭାବେ ।

**Primness**, *n.* ପରିଚ୍ଛନ୍ନତା, ପାରିପାଟ୍ୟ ।

**Primogenitor**, *n.* 1. ଆଦିଜନକ; 2. ପୂର୍ବପୁରୁଷ ।

**Primogeniture**, *n.* 1. ଜ୍ୟେଷ୍ଠତ୍ୱ; 2. (Law) ଜ୍ୟେଷ୍ଠାଧିକାର ପ୍ରଥା ।

**Primogenitureship**, *n.* ଜ୍ୟେଷ୍ଠାଧିକାରତ୍ୱ ।

**Primordial**, *a.* 1. ସର୍ବପ୍ରଥମ; 2. ଆରମ୍ଭରୁ ବିଦ୍ୟମାନ ।

**Primrose**, *n.* ବସନ୍ତକାଳୀନ ଏକପ୍ରକାର ହଳଦିଆ ଫୁଲ ଓ ତାହାର ଗଛ ।—*a.* 1. ଫିକା ହଳଦିଆ; 2. ପ୍ରଫୁଲ୍ଲ ।

**Prince**, *n.* 1. ରାଜକୁମାର, ଯୁବରାଜ; 2. ରାଜା, ଭୂପତି; 3. ଅଧିପତି; 4. ମୁଖ୍ୟ ବ୍ୟକ୍ତି; 5. ଦଳପତି ।—Prince of darkness, ଶୟତାନ । Prince of peace, ଯୀଶୁ ଖ୍ରୀଷ୍ଟ, ମଶୀହ । Prince of the blood, ରାଜାଙ୍କର ନିକଟ କୁଟୁମ୍ବ । Prince of this world, ଶୟତାନ (John 14; 30) । Prince of Wales, ଇଂଲଣ୍ଡର ଯୁବରାଜ । Merchant prince, ଐଶ୍ୱର୍ଯ୍ୟଶାଳୀ ବଣିକ, ସବୁଠାରୁ ଧନୀ ବଣିକ ।

**Prince-consort**, *n.* ଶାସନ କର୍ତ୍ତ୍ରୀ ଥିବା ରାଣୀଙ୍କର ସ୍ୱାମୀ ।

**Princedom**, *n.* ରାଜକୁମାରଙ୍କ ଅଧିକାର ପଦ ବା ଅବସ୍ଥା ।

**Princehood**, *n.* ରାଜକୁମାରଙ୍କ ପଦ ବା ଗୁଣ ।

**Prince-Imperial**, *n.* ସମ୍ରାଟଙ୍କ ଜ୍ୟେଷ୍ଠ ପୁତ୍ର ।

**Prince-like**, *a.* 1. ରାଜକୁମାରଯୋଗ୍ୟ ।

**Princely**, *a.* 1. ରାଜକୁମାରବତ୍; 2. ରାଜକୁମାରୋଚିତ; 3. ଐଶ୍ୱର୍ଯ୍ୟଶାଳୀ; 4. ରାଜକୀୟ ।—*ad.* ରାଜୋଚିତଭାବେ ।

**Princess**, *n.* 1. ରାଜକୁମାରୀ, ରାଜକନ୍ୟା, ରାଜଜେମା; 2. ଯୁବରାଜପତ୍ନୀ ।

**Princess-Royal**, *n.* ରାଜାଙ୍କର ଜ୍ୟେଷ୍ଠା କନ୍ୟା ।

**Principal**, *a.* ମୁଖ୍ୟ, ଶ୍ରେଷ୍ଠ, ପ୍ରଧାନ ।—*n.* 1. ପ୍ରଧାନ ବ୍ୟକ୍ତି ବା ବସ୍ତୁ; 2. ବିଦ୍ୟାଳୟର ଅଧ୍ୟକ୍ଷ; 3. ମୁଖ୍ୟ ବ୍ୟକ୍ତି; 4. ମୂଳଧନ, ପାଣ୍ଠି ।

**Principality**, *n.* 1. ରାଜତ୍ୱ; 2. ରାଜ୍ୟ, ରାଷ୍ଟ୍ର ।

**Principally**, *ad.* 1. ବିଶେଷତଃ; 2. ପ୍ରଧାନତଃ ।

**Principalship**, *n.* ବିଦ୍ୟାଳୟର ଅଧ୍ୟକ୍ଷପଦ ।

**Principia**, *n. pl.* 1. ମୂଳସୂତ୍ର; 2. ମୂଳତତ୍ତ୍ୱ ।

**Principle**, *n.* 1. ମୂଳତତ୍ତ୍ୱ; 2. ମୂଳସୂତ୍ର; 3. ମନୋବୃତ୍ତି; 4. କାର୍ଯ୍ୟନିୟମ ।—5. (Chem.) ଉପାଦାନ ।

**Principled**, *a.* ସୁନିଷ୍ଠ ।

**Prink**, *v.t.* ନିଜକୁ ଅତିରିକ୍ତଭାବେ ଭୂଷିତ-କର ।

**Print**, *v.t.* 1. ଚାପ-ଦେ, ଚିପିବା; 2. ଚାପଦ୍ୱାରା ଚିହ୍ନ-ଦେ; 3. ଛପା-କର, ମୁଦ୍ରାଙ୍କିତ-କର; 4. (ପତ୍ରିକାର) ପ୍ରକାଶ-କର; 5. (Phot.) ଛବି ତୋଳିବା ।—*v.i.* 1. ଛପାକାର୍ଯ୍ୟ-କର; 2. ପୁସ୍ତକ ପ୍ରକାଶ-କର ।—*n.* 1. ଚିହ୍ନ; 2. ଛପା, ମୁଦ୍ରାଙ୍କ; 3. ଅନୁକୃତି; 4. ମୁଦ୍ରିତ ଛବି, ଆଲେଖ୍ୟ; 5. ଖୋଦିତ ଚିତ୍ର; 6. ସମ୍ବାଦପତ୍ର; 7. ଅଙ୍କିତ ବସ୍ତ୍ର; 8. ଛିଟଲୁଗା; 9. ଧାତୁ ବା କାଠର ଛାଞ୍ଚ ।—In print, ମୁଦ୍ରିତ ହୋଇ ରହିଛି । Out of print, ମୁଦ୍ରିତ ହେଲେହେଁ ନିଃଶେଷିତ ।

**Printer**, *n.* ମୁଦ୍ରଣକାରୀ, ଯେ ସମ୍ବାଦପତ୍ରାଦି ଛାପା କରେ ।
**Printer's devil**, *n.* ଛାପାଖାନାରେ ନୂଆ ଶିକ୍ଷାନବୀସ୍ ।
**Printer's ink**, *n.* ଛାପାର କାଳି ।
**Printing**, *n.* 1. ମୁଦ୍ରଣବ୍ୟବସାୟ; 2. ମୁଦ୍ରାଙ୍କନ, ଛାପାକାର୍ଯ୍ୟ; 3. ମୁଦ୍ରଣବିଦ୍ୟା ।
**Printing-ink**, *n.* ଛାପାର କାଳି ।
**Printing-machine**, *n.* କଳଚାଳିତ ମୁଦ୍ରାଯନ୍ତ୍ର ।
**Printing-office**, *n.* ମୁଦ୍ରାଯନ୍ତ୍ରାଳୟ, ଛାପାଖାନା ।
**Printing-paper**, *n.* ଛାପାର କାଗଜ ।
**Printing-press**, *n.* ମୁଦ୍ରାଯନ୍ତ୍ର ।
**Prior**, *a.* 1. ପୂର୍ବ; 2. ପୂର୍ବବର୍ତ୍ତୀ; 3. ପୂର୍ବକାଳୀନ ।—*n.* ଯୁରୋପ ଦେଶରେ ମଠର ପ୍ରଧାନ ମହନ୍ତ ।
**Prioress**, *n.* ଯୁରୋପ ଦେଶରେ ମଠର ପ୍ରଧାନ ମାତାଜୀ ।
**Priority**, *n.* 1. ପୂର୍ବବର୍ତ୍ତିତ୍ୱ; 2. ଅପେକ୍ଷାକୃତ ଶ୍ରେଷ୍ଠତ୍ୱ ।
**Priory**, *n.* ଯୁରୋପଦେଶୀୟ ମଠ ।
**Prism**, *n.* 1. (Geom.) ସମଭୂଜ ଓ ସମକୋଣ ବଶିଷ୍ଟ ଘନପଦାର୍ଥ; 2. (Opt.) ଆଲୋକବିଦ୍ୟାରେ ବ୍ୟବହୃତ ସନ୍ନିକୋଣ କାଚଖଣ୍ଡ ।
**Prismatic, Prismatical**, *a.* 1. ଆଲୋକ ବିଦ୍ୟାରେ ବ୍ୟବହୃତ ସନ୍ନିକୋଣ କାଚ ସମ୍ବନ୍ଧୀୟ; 2. ଉକ୍ତ ସନ୍ନିକୋଣ କାଚଦ୍ୱାରା ବହିର୍ଗ୍ଗୀକୃତ ।
**Prismatically**, *ad.* ଉକ୍ତ କାଚଦ୍ୱାରା ବହିର୍ଗ୍ଗୀକୃତରୂପେ ।
**Prison**, *n.* କାରାଗାର, ବନ୍ଦିଶାଳା, ଜେଲଖାନା, କଏଦଖାନା ।—*v.t.* ବନ୍ଦୀ-କ, କଏଦ-କ, କାରାବଦ୍ଧ-କ ।
**Prisoner**, *n.* 1. ବନ୍ଦୀ, କଏଦୀ, କାରାବଦ୍ଧ ଲୋକ; 2. ଯୁଦ୍ଧରେ ଧୃତ ବ୍ୟକ୍ତି ।—**State prisoner**, *n.* ରାଜଦ୍ରୋହ ହେତୁ ବନ୍ଦୀ, ରାଜନୈତିକ ବନ୍ଦୀ ।
**Prison-van**, *n.* କଏଦମାନଙ୍କ ନିମନ୍ତେ ଏକପ୍ରକାର ବନ୍ଦ ଗାଡ଼ି ।
**Pristine**, *a.* 1. ପୂର୍ବକାଳୀନ; 2. ପ୍ରାଥମିକ ।
**Prithee**,—a corruption of "I pray thee," ମୁଁ ମିନତି କରି କହୁଛି ।
**Privacy**, *n.* 1. ଗୁପ୍ତାବସ୍ଥା; 2. ନିର୍ଜନସ୍ଥାନ; 3. ନିର୍ଜନତା; 4. ଗୁପ୍ତଭାବ ।
**Private**, *a.* 1. ବେସରକାରୀ; 2. ସ୍ୱକୀୟ, ନିଜର, ଅପଣାର; 3. ଘରୁଆ; 4. ନିର୍ଜନ, ନିଭୃତ, ଗୁପ୍ତ; 5. ଗୋପନୀୟ; 6. ଅପ୍ରକାଶ୍ୟ ।—*n.* ସାମାନ୍ୟ ପଦାତିକ, ସାଧାରଣ ସୈନିକ ପୁରୁଷ, ସିପାହି ।—**In private**, ଗୋପନରେ, ଗୁପ୍ତଭାବେ, ଅପ୍ରକାଶ୍ୟଭାବେ ।
**Privateer**, *n.* ଲୁଣ୍ଠନାର୍ଥେ ରାଜାଦେଶପ୍ରାପ୍ତ ବେସରକାରୀ ଜାହାଜ ।—*v.i.* ଲୁଣ୍ଠନାର୍ଥେ ରାଜାଦେଶପ୍ରାପ୍ତ ବେସରକାରୀ ଜାହାଜରେ ଭ୍ରମଣ-କ ।
**Privateering**, *n.* ଉପରୋକ୍ତ ପ୍ରକାରେ ଲୁଣ୍ଠନକାର୍ଯ୍ୟ ।
**Privateersman**, *n.* ଜଳଦସ୍ୟୁ ।
**Private judgment**, *n.* ବ୍ୟକ୍ତିଗତ ବିଚାର ।
**Private law**, *n.* ବ୍ୟକ୍ତିଗତଭାବେ ସାଧାରଣଙ୍କ ସ୍ୱତ୍ୱସମ୍ବନ୍ଧୀୟ ବିଧି ।
**Private legislation**, *n.* ବ୍ୟକ୍ତିଗତଭାବେ ସାଧାରଣଙ୍କ ସ୍ୱତ୍ୱ ସମ୍ବନ୍ଧରେ ବ୍ୟବସ୍ଥାପନ ।
**Privately**, *ad.* 1. ଗୁପ୍ତଭାବେ, ଗୋପନରେ, ଅପ୍ରକାଶ୍ୟଭାବେ; 2. ନିର୍ଜ୍ଜନରେ ।
**Private parts**, *n.* ଗୁପ୍ତାଙ୍ଗ ।
**Privation**, *n.* 1. ଅଭାବଗ୍ରସ୍ତତା; 2. କଷ୍ଟ, ଦୁଃଖ କ୍ଳେଶ; 3. ହୀନତା; 4. (Logic) ନାସ୍ତିତ୍ୱ ।
**Privative**, *a.* 1. ଅଭାବଜନକ; 2. ଅଭାବଗ୍ରସ୍ତ ।—*n.* 1. (Logic) ନାସ୍ତ୍ୟର୍ଥବାଚକ ପଦ; 2. (Gram.) ନଞର୍ଥକ ଉପସର୍ଗ ।
**Privilege**, *n.* 1. ବିଶେଷ ସ୍ୱତ୍ୱ; 2. ଅନନ୍ୟସାଧାରଣ କ୍ଷମତା; 3. ବିଶେଷ ଅଧିକାର; 4. ବିଶେଷ ସୁବିଧା ।—*v.t.* 1. ବିଶେଷ କ୍ଷମତା-ଦେ; 2. ଅଧିକାର ବା ସ୍ୱତ୍ୱ-ଦେ; 3. ଛାଡ଼-ଦେ; ମୁକ୍ତି-ଦେ ।—**Writ of privilege**, ମୁକ୍ତିପତ୍ର ।
**Privily**, *ad.* ଗୋପନରେ, ଗୁପ୍ତଭାବେ, ଅପ୍ରକାଶ୍ୟଭାବେ ।
**Privity**, *n.* ସମ୍ମତିସୂଚକ ପୂର୍ବଜ୍ଞାନ ।
**Privy**, *a.* 1. ଗୋପନୀୟ, ଗୂଢ଼, ଅପ୍ରକାଶ୍ୟ, ଗୁପ୍ତ; 2. ଅପ୍ରକାଶ୍ୟଭାବେ ଜ୍ଞାତ ।—*n.* ପାଇଖାନା ।
**Privy-chamber**, *n.* ରାଜାଙ୍କର ଗୁପ୍ତ ଗୃହ ।
**Privy-council**, *n.* ରାଜାଙ୍କର ଗୁପ୍ତ ମନ୍ତ୍ରଣାସଭା ।
**Privy-councillor**, *n.* ରାଜାଙ୍କ ଗୁପ୍ତ ମନ୍ତ୍ରଣାସଭାର ସଭ୍ୟ ।
**Privy-purse**, *n.* ରାଜାଙ୍କର ସ୍ୱକୀୟ ଧନ ।
**Privy-seal or signet**, *n.* ରାଜାଙ୍କର ସାଧାରଣ ମୋହର ବା ମୁଦ୍ରା । [ପିଠାଉଚିତା ।
**Prize**, (1) **Prise**, *v.t.* ବଳ ପ୍ରୟୋଗରେ ଟାଣିବେ
**Prize**, (2) *n.* 1. ପୁରସ୍କାର, ପାରିତୋଷିକ; 2. ଯୁଦ୍ଧଲବ୍ଧ ବସ୍ତୁ; 3. ଶିକାର ମାରପଡ଼ିବା ସମୟରେ ଲୁଣ୍ଠିତଧନ; 4. ଗୁଡ଼ିଖେଳାରେ ଲବ୍ଧ ଦ୍ରବ୍ୟ ।—*a.* 1. ପୁରସ୍କାରଯୋଗ୍ୟ; 2. ପୁରସ୍କାରପ୍ରାପ୍ତ ।—*v.t.* 1. ଅତ୍ୟନ୍ତ ଆଦର-କ. ମୂଲ୍ୟବାନ୍ ମଣିବା ।
**Prizable, Prizeable**, *a.* ମୂଲ୍ୟବାନ୍ । [ଅଦାଲତ ।
**Prize-court**, *n.* ଯୁଦ୍ଧଲବ୍ଧ ବସ୍ତୁ ବିଷୟରେ ବିଚାର-
**Prize-fight**, *n.* ପଣନିମନ୍ତେ ମୁଷ୍ଟିଯୁଦ୍ଧ ।
**Prize-fighter**, *n.* ପଣନିମନ୍ତେ ମୁଷ୍ଟିଯୁଦ୍ଧକାରୀ ମଲ୍ଲ ।
**Prize-man**, *n.* ପୁରସ୍କାରପ୍ରାପ୍ତ ବ୍ୟକ୍ତି ।
**Prize-money**, *n.* ଜୟଲବ୍ଧ ଧନ ।
**Prize-ring**, *n.* 1. ମୁଷ୍ଟିଯୁଦ୍ଧ ନିମନ୍ତେ ମଣ୍ଡଳାକାର ସ୍ଥାନ; 2. ମୁଷ୍ଟିଯୁଦ୍ଧ ବ୍ୟବସାୟ ।
**Pro**, *prep.* ନିମିତ୍ତ ସପକ୍ଷତା ଓ ପରିବର୍ତ୍ତବୋଧକ ଶବ୍ଦ ।—**Pros and cons**, ମତର ସପକ୍ଷ ଓ ବିପକ୍ଷ ଯୁକ୍ତି ।
**Probability**, *n.* ସମ୍ଭାବନା ।
**Probable**, *a.* ସମ୍ଭବନୀୟ, ସମ୍ଭାବ୍ୟ ।
**Probably**, *ad.* ସମ୍ଭବତଃ, ସମ୍ଭବରେ, ହୋଇପାରେ ।
**Probate**, *n.* 1. ଅଦାଲତରେ ଉଇଲପତ୍ରର ପ୍ରମାଣକରଣ; 2. ଉଇଲପତ୍ରର ସହମୋହରି ନକଲ; 3. ଉଇଲପତ୍ର ପ୍ରମାଣକରଣର କ୍ଷମତା ।

Probation, *n.* 1. ପରୀକ୍ଷା; 2. ପରୀକ୍ଷାକାଳ; 3. ଶିକ୍ଷାନବୀଶ୍ ଥିବା ସମୟ ।—The doctrine of future probation, ଅବିଶ୍ୱାସୀ ଆତ୍ମା ଯେଉଁମାନେ ଇହଜୀବନରେ ମଙ୍ଗଳସମାଚାର ଶୁଣି ନାହାନ୍ତି ସେମାନଙ୍କ ନିକଟରେ ପରଲୋକରେ ମଙ୍ଗଳସମାଚାର ପ୍ରଚାରିତ ହେବ ବୋଲି ଯେଉଁ ମତ ।

Probational, Probationary, *a.* 1. ପରୀକ୍ଷା ସମ୍ବନ୍ଧୀୟ; 2. ପରୀକ୍ଷାଧୀନ ।

Probationer, *n.* 1. ଶିକ୍ଷାନବୀଶ୍; 2. ପରୀକ୍ଷାଧୀନ ଲୋକ ।

Probative, Probatory, *a.* 1. ପ୍ରମାଣକାରୀ; 2. ପରୀକ୍ଷାସାଧକ; 3. ପ୍ରମାଣସମ୍ବନ୍ଧୀୟ ।

Probe, *n.* କ୍ଷତାଦି ପରୀକ୍ଷା କରିବା ନିମନ୍ତେ ଅସ୍ତ୍ରଚିକିତ୍ସକର ଶଲାକା ।—*v.t.* 1. ଶଲାକା ଦ୍ୱାରା କ୍ଷତାଦି ପରୀକ୍ଷା-କ; 2. ଉତ୍ତମରୂପେ ପରୀକ୍ଷା-କ ।

Probity, *n.* 1. ନ୍ୟାୟପରତା; 2. ସୌଜନ୍ୟ; 3. ବିଶ୍ୱସ୍ତତା ।

Problem, *n.* 1. ଗୂଢ଼ତର ପ୍ରଶ୍ନ, ସମସ୍ୟା; 2. (Geom.) ସମ୍ପାଦ୍ୟ ପ୍ରତିଜ୍ଞା ।

Problematic, Problematical, *a.* 1. ସମସ୍ୟାବତ୍; 2. ପ୍ରଶ୍ନବ୍ୟ; 3. ସନ୍ଦେହାତ୍ମକ ।

Proboscidate, Proboscidean, *a.* ଶୁଣ୍ଢଯୁକ୍ତ ।

Proboscis, *n.* 1. ହସ୍ତିଶୁଣ୍ଢ; 2. କୀଟାଦିର ଶୁଣ୍ଢ ।

Procedure, *n.* 1. ଅଗ୍ରଗତି; 2. କାର୍ଯ୍ୟପ୍ରଣାଳୀ; 3. ବ୍ୟବହାର; 4. ଚଳନ ।

Proceed, *v.i.* 1. ଅଗ୍ରସର-ହୁ; 2. ପ୍ରଣାଳୀ ଅନୁସାରେ କାର୍ଯ୍ୟ-କ; 3. ତର୍କବାଦରେ ପରମ୍ପରା ଯୁକ୍ତି-କ; 4 ଉତ୍ପନ୍ନ-ହୁ; 5. ଅବିରତ କାର୍ଯ୍ୟରେ ଲାଗିବା ।

Proceeding, *n.* 1. ଅଗ୍ରଗମନ; 2. କ୍ରିୟା, କର୍ମ; 3. ମୋକଦ୍ଦମା; 4. *pl.* ସଭାସମିତିର କାର୍ଯ୍ୟବିବରଣୀ ।

Proceeds, *n.* 1. ଲବ୍ଧ ଟଙ୍କା; 2. ଫଳଣା; 3. ଉତ୍ପନ୍ନ ଦ୍ରବ୍ୟ ।

Process, *n.* 1. କ୍ରମୋନ୍ନତି; 2. ପ୍ରକ୍ରିୟା; 3. କାର୍ଯ୍ୟପ୍ରଣାଳୀ; 4. ଅଦାଲତର ସମନପତ୍ର; 5. ମୋକଦ୍ଦମାର କାର୍ଯ୍ୟକଳାପ; 6. ଅସ୍ଥିର ଉନ୍ନତାଂଶ ।

Procession, *n.* 1. ପ୍ରବେଗମନ; 2. ସମାରୋହରେ ଯାତ୍ରା; 3. ଲୋକଶ୍ରେଣୀ ।

Processional, Processionary, *a.* ଯାତ୍ରା ସମ୍ବନ୍ଧୀୟ ।

Proclaim, *v.t.* 1. ପ୍ରଚାର-କ; 2. ପ୍ରକାଶ-କ; 3. ପ୍ରକାଶ୍ୟ ଘୋଷଣା-କ ।

Proclaimant, Proclaimer, *n.* ଘୋଷଣାକାରୀ, ଢେଣ୍ଡୁରଉଆ ।

Proclamation, *n.* 1. ପ୍ରଚାରକରଣ; 2. ଘୋଷଣାପତ୍ର ।

Proclivity, *n.* 1. ସ୍ୱାଭାବିକ ଇଚ୍ଛା; 2. ପ୍ରବୃତ୍ତି; 3. ପ୍ରବଣତା ।

Proconsul, *n.* 1. ରୋମର ପୂର୍ବକାଳୀନ ଏକ ପ୍ରଧାନ ଶାସନକର୍ତ୍ତାଙ୍କ ପ୍ରତିନିଧି; 2. ରୋମୀୟ ପ୍ରଦେଶାଧିପତି ।

Proconsular, *a.* 1. ରୋମୀୟ ପ୍ରଦେଶାଧିପତି ସମ୍ବନ୍ଧୀୟ; 2. ରୋମୀୟ ପ୍ରଦେଶାଧିପତିର ଶାସନାଧୀନ ।

Proconsulate, Proconsulship, *n.* ରୋମୀୟ ପ୍ରଦେଶାଧିପତିର ପଦ ।

Procrastinate, *v.t.* 1. ଟାଳମଟାଳ-କ; 2. ସ୍ଥଗିତ ରଖିବା ।—*v.i.* 1. ବିଳମ୍ବ-କ; 2. ଦୀର୍ଘସୂତ୍ରୀ-ହୁ ।

Procrastination, *n.* 1. ଟାଳମଟାଳ, ବିଳମ୍ବ; 2. ଦୀର୍ଘସୂତ୍ରିତା ।

Procrastinator, *n.* 1. ବିଳମ୍ବକାରୀ; 2. ଦୀର୍ଘସୂତ୍ରୀ ।

Procreant, *n.* ଉତ୍ପାଦକ, ଜନୟିତା ।—*a.* 1. ଉତ୍ପାଦନକ୍ଷମ, ଜନନକ୍ଷମ; 2. ଉତ୍ପତ୍ତି ସମ୍ବନ୍ଧୀୟ ।

Procreate, *v.t.* 1. ଗର୍ଭାଧାନ-କ; 2. ଉତ୍ପାଦନ-କ, ଜନ୍ମ-ଦେ; 3. ଉତ୍ପନ୍ନ-କ ।

Procreation, *n.* 1. ଗର୍ଭାଧାନକରଣ; 2. ଜନ୍ମଦାନ, ଉତ୍ପାଦନ; 3. ବଂଶୋତ୍ପତ୍ତି ।

Procreative, *a.* 1. ଉତ୍ପାଦନକ୍ଷମ; 2. ଉତ୍ପାଦକ ।

Procreator, *n.* ଜନୟିତା, ଉତ୍ପାଦକ ।

Proctor, *n.* 1. କାର୍ଯ୍ୟାଧ୍ୟକ୍ଷ; 2. ଧର୍ମସମ୍ବନ୍ଧୀୟ ବିଚାରାଳୟର ଓକିଲ; 3. ବିଶ୍ୱବିଦ୍ୟାଳୟର ନୈତିକ ବିଷୟର ତତ୍ତ୍ୱାବଧାୟକ ।

Proctorial, *a.* 1. କାର୍ଯ୍ୟାଧ୍ୟକ୍ଷ ସମ୍ବନ୍ଧୀୟ; 2. ବିଚାରକର୍ତ୍ତା ସମ୍ବନ୍ଧୀୟ ।

Proctorship, *n.* 1. ଧର୍ମସମ୍ବନ୍ଧୀୟ ବିଚାରାଳୟର ଓକିଲପଦ ବା କାର୍ଯ୍ୟ; 2. ବିଶ୍ୱବିଦ୍ୟାଳୟରେ ନୈତିକ ବିଷୟର ତତ୍ତ୍ୱାବଧାୟକ ପଦ ବା କାର୍ଯ୍ୟ ।

Procurable, *a.* ପ୍ରାପ୍ୟ, ପ୍ରାପଣୀୟ ।

Procuracy, *n.* ରୋମୀୟ ପ୍ରାଦେଶିକ ତହସିଲଦାରୀ କାର୍ଯ୍ୟ ।

Procuration, *n.* 1. ଅନ୍ୟର କାର୍ଯ୍ୟନିର୍ବାହ; 2. ଅନ୍ୟ ନିମନ୍ତେ କାର୍ଯ୍ୟନିର୍ବାହର କ୍ଷମତାପତ୍ର ।

Procurator, *n.* 1. ଅନ୍ୟର କାର୍ଯ୍ୟନିର୍ବାହକ; 2. ଓକିଲ; 3. ରୋମୀୟ ପ୍ରାଦେଶିକ ତହସିଲଦାର ।

Procuratorship, *n.* 1. ରୋମୀୟ ପ୍ରାଦେଶିକ ତହସିଲଦାରର ପଦ ବା କାର୍ଯ୍ୟ ।

Procure, *v.t.* 1. ଲାଭ-କ; 2. ଘଟାଇବା ।—*v.i.* କୁଟ୍ଟଣୀଗିରି-କ ।

Procurement, *n.* 1. ଲାଭକରଣ; 2. ଘଟାଇବା କାର୍ଯ୍ୟ; 3. ଅନ୍ୟର କାର୍ଯ୍ୟନିର୍ବାହ ।

Procurer, *n.* କୁଟ୍ଟଣା, ଭଡୁଆ, ଗ୍ରେକାର ।

Procuress, *n.* କୁଟ୍ଟଣୀ ।

Prodigal, *a.* 1. ଅତିବ୍ୟୟୀ; 2. ଅମିତବ୍ୟୟୀ; 3. ଅପବ୍ୟୟୀ, ଉଡାଣିଆ ।—*n.* 1. ଅତିବ୍ୟୟୀ ଲୋକ; 2. 2. ଅମିତ ବ୍ୟୟକାରୀ; 3. ଅପବ୍ୟୟୀ ଲୋକ ।

Prodigalise, Prodigate, *v.t.* 1. ଅମିତ ବ୍ୟୟ-କ; 2. ଅତିବ୍ୟୟ-କ; 3. ଅପବ୍ୟୟ-କ ।

Prodigality, *n.* 1. ଅପବ୍ୟୟ; 2. ଅତିବ୍ୟୟ ।

Prodigally, *ad.* ଅପବ୍ୟୟପୂର୍ବକ ।

Prodigious, *a.* 1. ବୈଚିତ୍ର୍ୟବତ୍; 2. ଅଦ୍ଭୁତ; 3. ପ୍ରକାଣ୍ଡ ।

**Prodigiously**, *ad.* ଅଦ୍ଭୁତରୂପେ ।
**Prodigy**, *n.* 1. ଅଶୁଭ ଲକ୍ଷଣ; 2. ଅଦ୍ଭୁତ ବିଷୟ; 3. ବୈଚିତ୍ର୍ୟ ।
**Produce**, *v.t.* 1. ଦର୍ଶାଇବା, ଦେଖାଇବା; 2. ଜନ୍ମ-ଦେ, ଉତ୍ପାଦନ-କ; 3. ପ୍ରସବ-କ; 4. ଘଟାଇବା; 5. (Geom.) ବର୍ଦ୍ଧିତ-କ, ବଢାଇବା ।—*v.i.* ଉର୍ବର-ହେ ।—*n.* 1. ଉତ୍ପନ୍ନ; 2. ଗୁଣଫଳ; 3. ଶସ୍ୟ, ଲାଭ; 4. ଦେଶଜାତ ଦ୍ରବ୍ୟ; 5. ଶସ୍ୟ ।
**Producer**, *n.* 1. ଉତ୍ପାଦକ; 2. ଘଟକ ।
**Producible**, *a.* 1. ଉତ୍ପାଦନୀୟ, ଉତ୍ପାଦ୍ୟ; 2. ପ୍ରଦର୍ଶନୀୟ ।
**Producibleness**, Producibility, *n.* ଉତ୍ପାଦନୀୟତା ।
**Product**, *n.* 1. ଉତ୍ପନ୍ନ ଦ୍ରବ୍ୟ; 2. କାର୍ଯ୍ୟ; 3; ରଚନା; 4. ଫଳ; 5. (Arith.) ଗୁଣଫଳ ।
**Productibility**, *n.* ଉତ୍ପାଦନୀୟତା ।
**Productible**, *a.* ଦୈର୍ଘ୍ୟରେ ବର୍ଦ୍ଧନଶୀଳ ।
**Production**, *n.* 1. ଉତ୍ପାଦନ, ଜନନ; 2. ଉତ୍ପନ୍ନ ଦ୍ରବ୍ୟ; 3. ଶ୍ରମଫଳ ।
**Productive**, *a.* 1. ଉର୍ବର; 2. ଉତ୍ପାଦନକ୍ଷମ; 3. ଉତ୍ପାଦକ; 4. ଫଳୋତ୍ପାଦକ ।
**Productiveness**, Productivity, *n.* 1. ଉର୍ବରତା; 2. ଉତ୍ପାଦକତା; 3. ଫଳଜନକତା; 4. ଫଳବତ୍ତା ।
**Proem**, *n.* 1. ଅନୁକ୍ରମଣିକା; 2. ପ୍ରସ୍ତାବନା; 3. ଆଭାଷ ।
**Proemial**, *a.* 1. ଆଭାଷବିଶିଷ୍ଟ; 2. ଅନୁକ୍ରମଣିକା ସମ୍ବନ୍ଧୀୟ ।
**Profanation**, *n.* 1. ଅପବିତ୍ରୀକରଣ; 2. ପବିତ୍ର ବସ୍ତୁ ପ୍ରତି ଅନାସ୍ଥା; 3. ଅବମାନନା ।
**Profane**, *a.* 1. ଅପବିତ୍ର; 2. ଅସଂସ୍କୃତ; 3. ସାଂସାରିକ; 4. ପବିତ୍ର ବସ୍ତୁ ପ୍ରତି ଅନାସ୍ଥାବାନ୍; 5. ଅଶୁଚି ।—*v.t.* 1. ଅପବିତ୍ର-କ; 2. ପବିତ୍ର ବସ୍ତୁ ପ୍ରତି ଅନାସ୍ଥା ଦେଖାଇବା; 3. ଅସତ୍ ବ୍ୟବହାର-କ; 4. ଅଶୁଚି-କ; 5. ଭ୍ରଷ୍ଟ-କ ।
**Profanely**, *ad.* 1. ଅପବିତ୍ରଭାବେ; 2. ଅଶୁଚିଭାବେ ।
**Profaneness**, Profanity, *n.* 1. ଅଭକ୍ତି; 2. ଧର୍ମରେ ଅଶ୍ରଦ୍ଧା; 3. ଦୂଷିତ ବାକ୍ୟ; 4. ଅସଦ୍ବ୍ୟବହାର ।
**Profaner**, *n.* ଅଶୁଚିକାରୀ ଲୋକ ।
**Profess**, *v.t.* 1. ସ୍ୱମତ ବ୍ୟକ୍ତ-କ; 2. ଅବଲମ୍ବନ-କ; 3. ଦୃଢଭାବେ କହିବା; 4. ଅତନ୍ନୈପୁଣ୍ୟ ବ୍ୟକ୍ତ-କ; 5. ଛଳନା-କ ।
**Professed**, *a.* 1. ପ୍ରକାଶିତ; 2. ଅବଲମ୍ବିତ ।
**Professedly**, *ad.* ପ୍ରକାଶ୍ୟଭାବେ ।
**Profession**, *n.* 1. ସ୍ୱମତ ପ୍ରକାଶ; 2. ଅବଲମ୍ବନ; 3. ଛଳନା; 4. ବୃତ୍ତି, ଜୀବିକା; 5. ବ୍ୟବସାୟ; 6. ଏକ ବୃତ୍ତିର ବ୍ୟବସାୟିସମୂହ; 7. ଧର୍ମାବଲମ୍ବନ ।
**Professional**, *a.* 1. ବୃତ୍ତିସମ୍ବନ୍ଧୀୟ; 2. ଜୀବିକାର୍ଥୀ; 3. ବ୍ୟବସାୟୀ ।
**Professor**, *n.* 1. ଅଧ୍ୟାପକ, ଶିକ୍ଷକ; 2. ଧର୍ମାବଲମ୍ବୀ ବ୍ୟକ୍ତି ।
**Professorship**, *n.* 1. ଅଧ୍ୟାପକପଦ; 2. ଶିକ୍ଷକତା, ଅଧ୍ୟାପକତା ।
**Proffer**, *v.t.* 1. ପ୍ରସ୍ତାବ-କ; 2. ଯାଚିବା; 3. ଅର୍ପଣ-କ ।—*n.* ପ୍ରସ୍ତାବ ।
**Proficience**, Proficiency, *n.* 1. ଦକ୍ଷତା; 2. ଉନ୍ନତି; 3. ବୃଦ୍ଧି ।
**Proficient**, *a.* 1. ପ୍ରବୀଣ; 2. ବ୍ୟୁତ୍ପନ୍ନ; 3. ଦକ୍ଷ ।—*n.* 1. ପ୍ରବୀଣ ଜନ; 2. ବିଜ୍ଞ ଲୋକ ।
**Proficiently**, *ad.* ପ୍ରବୀଣଭାବେ ।
**Profile**, *n.* 1. ବାହ୍ୟାକୃତି; 2. ମୁଖର ଏକପାର୍ଶ୍ୱର ଛବି; 3. ଭୂମିର ଖାଲଢିପ ଦର୍ଶାଇବା ମାନଚିତ୍ର ।—*v.t.* ମୁଖର ଏକପାର୍ଶ୍ୱର ଛବି ଅଙ୍କିବା ।
**Profilist**, *n.* ମୁଖର ଏକପାର୍ଶ୍ୱର ଚିତ୍ରାଙ୍କନକାରୀ ।
**Profit**, *n.* 1. ଲାଭ; 2. ପ୍ରାପ୍ତି; 3. ଉପାର୍ଜନ; 4. ହିତ; 5. ଉପକାର; 6. ଉନ୍ନତି ।—*v.t.* ଲାଭ ପାଇବା ।—*v.i.* 1. ହିତକର-ହେ; 2. ଲାଭଜନକ-ହେ ।—Profit and loss, ଲାଭକ୍ଷତି । Net profits, ଖର୍ଚ୍ଚ ବ୍ୟୟ ଉତ୍ତାରେ ଅସଲ ଲାଭ ।
**Profitable**, *a.* 1. ଲାଭଜନକ, ଲାଭକର; 2. ହିତକର, ଉପକାରକ ।
**Profitableness**, *n.* ଲାଭଜନକତା ।
**Profitably**, *ad.* 1. ଲାଭଜନକଭାବେ; 2. ହିତକରଭାବେ ।
**Profitless**, *a.* ଲାଭରହିତ, ଅଲାଭ, ନିଷ୍ଫଳ ।
**Profligacy**, Profligateness, *n.* 1. ଲମ୍ପଟତା; 2. ଭ୍ରଷ୍ଟତା, ଦୁଷ୍କର୍ମ ।
**Profligate**, *a.* 1. ଲମ୍ପଟସ୍ୱଭାବ; 2. ଭ୍ରଷ୍ଟ, ଦୁରାଚାର ।—*n.* 1. ଲମ୍ପଟ; 2. ଭ୍ରଷ୍ଟଲୋକ ।
**Profluent**, *a.* ପ୍ରବାହୀ ।
**Pro forma**, *ad.* ବାହ୍ୟରକ୍ଷାର୍ଥେ ।
**Profound**, *a.* 1. ଗଭୀର, ଗମ୍ଭୀର; 2. ଅତଳସ୍ପର୍ଶ; 3. ବିନୀତ; 4. ନିଗୂଢ; 5. ଗୁପ୍ତ; 6. ଗୂଢ ତତ୍ତ୍ୱଜ୍ଞ ।—*n.* 1. ସାଗର; 2. ଅତଳସ୍ପର୍ଶ ଖାତ ।
**Profoundly**, *ad.* 1. ଗଭୀରଭାବେ; 2. ଗୂଢତତ୍ତ୍ୱଜ୍ଞଭାବେ; 3. ଚିନ୍ତାଶୀଳଭାବେ ।
**Profoundness**, Profundity, *n.* 1. ଗାମ୍ଭୀର୍ଯ୍ୟ, ଗଭୀରତା; 2. ଗୂଢତତ୍ତ୍ୱଜ୍ଞତା; 3. ଗୂଢ ତତ୍ତ୍ୱ ।
**Profuse**, *a.* 1. ଅତିବଦାନ୍ୟ; 2. ମୁକ୍ତହସ୍ତ; 3. ଅତିରିକ୍ତ, ବହୁଳ; 4. ଅମିତ ।
**Profusely**, *ad.* 1. ବହୁଳଭାବେ; 2. ଅମିତଭାବେ ।
**Profuseness**, Profusion, *n.* 1. ବହୁଳତା; 2. ମୁକ୍ତହସ୍ତତା; 3. ଅମିତତା ।
**Prog**, *v.t.* 1. ଭିକ୍ଷିବା; 2. ଉଷ୍ଟାଇବା ।—*n.* 1. ମୁଣ୍ଡିଆ ଦୁଣ୍ଡଅର; 2. ଭିକ୍ଷାଲବ୍ଧ ଖାଦ୍ୟ ।
**Progenitor**, *n.* 1. ଆଦିପୁରୁଷ; 2. ପୂର୍ବପୁରୁଷ; 3. ପିତା ବା ମାତା; 4. ବଂଶୋତ୍ପାଦକ । (*fem.* Progenitress, Progenitrix).
**Progeniture**, *n.* ଜନ୍ମ, ଉତ୍ପତ୍ତି, ଉଦ୍ଭବ ।

Progeny, *n.* 1. ସନ୍ତାନସନ୍ତତି; 2. କୁଳ, ବଂଶ ।
Prognosis, *n.* 1. ପୂର୍ବଜ୍ଞାନ; 2. ରୋଗର ପୂର୍ବଲକ୍ଷଣରୁ ଭାବୀ ଅବସ୍ଥା ନିର୍ଣ୍ଣୟ କରିବା କାର୍ଯ୍ୟ ବା କଳା; 3. ରୋଗର ଭାବୀ ଅବସ୍ଥା ନିର୍ଣ୍ଣୟ ।
Prognostic, *a.* ଭାବିଅବସ୍ଥାସୂଚକ ।—*n.* ପୂର୍ବଲକ୍ଷଣ ।
Prognosticate, *v.t.* 1. ପୂର୍ବସୂଚନା-ଦେ; 2. ପୂର୍ବଲକ୍ଷଣ ଦ୍ୱାରା ଭାବୀ ବିଷୟ ଜଣାଇବା । [ଲକ୍ଷଣ ।
Prognostication, *n.* 1. ପୂର୍ବସୂଚନାଜ୍ଞାପକ; 2. ପୂର୍ବ-
Prognosticative, *a.* ପୂର୍ବସୂଚନାଜ୍ଞାପକ ।
Prognosticator, *n.* 1. ଭାବିକଥକ; 2. ଦୈବଜ୍ଞ ।
Programme, *n.* 1. ବିଜ୍ଞାପନ; 2. କାର୍ଯ୍ୟନିୟମାବଳୀ; 3. କାର୍ଯ୍ୟର ସଂକ୍ଷିପ୍ତ ପୂର୍ବ ବିବରଣୀ ।
Progress, *n.* 1. ଗତି, ଅଗ୍ରଗମନ, ଚଳନ; 2. ବୃଦ୍ଧି; 3. ଉନ୍ନତି; 4. ବୃଂହଣ; 5. ଯାତ୍ରା; 6. ପର୍ଯ୍ୟଟନ ।—*v.i.* ଅଗ୍ରସର-ହେ; 2. ଉନ୍ନତ-ହ; 3. କ୍ରମଶଃ ବର୍ଦ୍ଧିତ-ହେ ।
Progression, *n.* 1. ଗତି, ଚଳନ, ଗମନ; 2. ଉନ୍ନତି; 3. କ୍ରମଶଃ ବୃଦ୍ଧି, କ୍ରମୋନ୍ନତି; 4 ନିୟମାନୁଯାୟୀ ସଂଖ୍ୟାର ହ୍ରାସବୃଦ୍ଧି ।
Progressional, *a.* 1. ବର୍ଦ୍ଧନୋନ୍ମୁଖ; 2. ଉନ୍ନତିଶୀଳ; 3. ଅଗ୍ରଗାମୀ ।
Progressionist, Progressist, *n.* 1. ସମାଜର କ୍ରମବୃଦ୍ଧି ଓ ପୂର୍ଣ୍ଣତା ପ୍ରାପ୍ତିରେ ବିଶ୍ୱାସକାରୀ; 2. ପ୍ରାଣିର କ୍ରମବିକାଶରେ ବିଶ୍ୱାସକାରୀ ।
Progressive, *a.* 1. ଉନ୍ନତିଶୀଳ; 2. ସଂକ୍ରାମକ ।—*n.* ସଂସ୍କାରପ୍ରିୟ ବ୍ୟକ୍ତି ।
Progressiveness, *n.* ଉନ୍ନତିଶୀଳତା, ବର୍ଦ୍ଧନଶୀଳତା ।
Prohibit, *v.t.* 1. ନିଷେଧ-କ; 2. ବାରଣ-କ; 3. ବାଧା-ଦେ; 4. ନିଷେଧାଜ୍ଞା-ଦେ ।
Prohibiter, *n.* ନିଷେଧକାରୀ, ବାରଣକାରୀ ।
Prohibition, *n.* 1. ନିଷେଧକରଣ; 2. ବାରଣ; 3. ଆଇନ ସ୍ଥାପନଦ୍ୱାରା ମଦ୍ୟାଦି ପ୍ରସ୍ତୁତ ଓ ବିକ୍ରୟର ନିଷେଧାଜ୍ଞା ପ୍ରଦାନ ।
Prohibitionist, *n.* ଆଇନ ସ୍ଥାପନଦ୍ୱାରା ମଦ୍ୟାଦି ପ୍ରସ୍ତୁତ ଓ ବିକ୍ରୟର ନିଷେଧାଜ୍ଞା ପ୍ରଦାନରେ ସମର୍ଥନକାରୀ ।
Prohibitive, Prohibitory, *a.* ନିଷେଧକ, ନିବାରକ ।
Project, *n.* 1. କଳ୍ପନା, ମନୋରଥ; 2. ଉପାୟ; 3. କୌଶଳ ।—*v.t.* 1. ନିକ୍ଷେପ-କ; 2. କଳ୍ପନା-କ; 3. ଉଦ୍ଭାବନ-କ; 4. (ପ୍ରତିବିମ୍ବ) ପାତ-କ ।—*v.i.* ଆଗକୁ ବାହାରିପଡ଼ିବା ।
Projectile, *a.* 1. ନିକ୍ଷେପକ; 2. କ୍ଷେପଣୀୟ ।—*n.* 1. ନିକ୍ଷିପ୍ତ ବସ୍ତୁ; 2. ତୋପ ଗୋଳା, ବନ୍ଧୁକ ଗୁଳି ।
Projecting, *a.* ବହିର୍ଗତ ।
Projection, *n.* 1. ନିକ୍ଷେପକରଣ, ନିକ୍ଷେପଣ; 2. କଳ୍ପନା; 3. ଅଭିସନ୍ଧି; 4. ବର୍ଣ୍ଣନ; 5. ପ୍ରତିବିମ୍ବପାତ ।
Projector, *n.* 1. ଉପାୟ ଉଦ୍ଭାବକ; 2. ପ୍ରତିବିମ୍ବପାତାର୍ଥ ଏକପ୍ରକାର ବାକ୍ସ ।

Prolate, *a.* ଲମ୍ବଭାବେ ବିସ୍ତୃତ ।
Prolegomena, *n.* ପ୍ରବନ୍ଧ ବା ଗ୍ରନ୍ଥର ଆଭାଷ ।
Prolepsis, *n.* 1. ପୂର୍ବରୁ ଆପତ୍ତି ଖଣ୍ଡନ; 2. ଘଟନାର ପ୍ରକୃତକାଳ ସ୍ଥଳେ ଭ୍ରମାତ୍ମକ ପୂର୍ବବର୍ତ୍ତୀ କାଳ ନିର୍ଦ୍ଦେଶ ।
Proleptic, Proleptical, *a.* 1. ପୂର୍ବରୁ ଆପତ୍ତି ଖଣ୍ଡନବିଷୟକ; 2. ପୌର୍ବିକ ।
Proletaneous, *a.* ବହୁସନ୍ତାନସମ୍ପନ୍ନ ।
Proletarian, *a.* 1. ଦରିଦ୍ର ସମାଜଭୁକ୍ତ, ଦରିଦ୍ରଶ୍ରେଣୀୟ; 2. ଇତର; 3. ନୀଚ ।
Proletarianism, *n.* ନୀଚଶ୍ରେଣୀୟ ଜନସମୂହର ଅବସ୍ଥା ।
Proletariat, Proletariate, *n.* ନୀଚଶ୍ରେଣୀୟ ଜନସମୂହ ।
Prolific, Prolifical, *a.* 1. ବହୁଫଳା, ଫଳନ୍ତ; 2. ବହୁପ୍ରସବିନୀ; 3. ଫଳଜନକ ।
Prolification, *n.* 1. ଜନନ; 2. ଫଳୋତ୍ପାଦନ ।
Prolificness, *n.* ବହୁପ୍ରସବଶୀଳତା ।
Prolix, *a.* 1. ଅତିଦୀର୍ଘ; 2. ବାଚାଳତାପୂର୍ଣ୍ଣ ।
Prologise, Prologuise, *v.i.* ପ୍ରସ୍ତାବନା-କ ।
Prologue *n.* 1. ପ୍ରସ୍ତାବନା; 2. ନାଟକାଭାଷ ।
Prolong, *v.t.* 1. ବିସ୍ତୃତ-କ; 2. ବିଲମ୍ବ-କ; 3. ଦୀର୍ଘ-କ ।
Prolongate *v.t.* ଦୀର୍ଘ-କ ।
Prolongation, *n.* 1. ଦୀର୍ଘୀକରଣ, ବିସ୍ତୃତକରଣ; 2. ବିଲମ୍ବ ।
Prolusion, *n.* ଉପକ୍ରମଣିକା ।
Promenade, *n.* 1. ଆମୋଦାର୍ଥେ ବିହାର; 2. ବୁଲବୁଲ କରିବା ବାଟ ।—*v.i.* ଆମୋଦାର୍ଥେ ବିହାର-କ ।
Prominence, Prominency, *n.* 1. ସ୍ଫୀତ, ସମୁନ୍ନତତା; 2. ସହଜ ପ୍ରତ୍ୟକ୍ଷତା; 3. ବିଖ୍ୟାତି ।
Prominent, *a.* 1. ସ୍ଫୀତ, ସମୁନ୍ନତ; 2. ବହିର୍ଗତ; 3. ସହଜପ୍ରତ୍ୟକ୍ଷ; 4. ସୁବ୍ୟକ୍ତ; 5. ପ୍ରଧାନ; 6. ବିଖ୍ୟାତ ।
Prominently, *ad.* ସୁବ୍ୟକ୍ତରୂପେ ।
Promiscuity, Promiscuousness, *n.* 1. ମିଶ୍ରିତାବସ୍ଥା; 2. ବିଶୃଙ୍ଖଳତା; 3. ନିର୍ବିଶେଷତା ।
Promiscuous, *a.* 1. ମିଶ୍ରିତ; 2. ବିଶୃଙ୍ଖଳ, ଗୋଳମାଳିଆ; 3. ନିର୍ବିଶେଷ ।
Promiscuously, *ad.* ମିଶ୍ରିତଭାବେ, ବିଶୃଙ୍ଖଳରୂପେ, ଗୋଳମାଳିଆଭାବେ ।
Promise, *n.* 1. ଅଙ୍ଗୀକାର, ପ୍ରତିଜ୍ଞା, ପ୍ରତିଶ୍ରୁତି; 2. ପ୍ରତ୍ୟାଶା; 3. ଆଶା ।—*v.t.* 1. ପ୍ରତିଜ୍ଞା-ଦେ; 2. ଆଶା-ଦେ ।—*v.i.* ଅଙ୍ଗୀକାର-କ, ପ୍ରତିଶ୍ରୁତ-ହେ, ସ୍ୱୀକୃତ-ହେ ।
Promised land, *n.* 1. ପ୍ରତିଜ୍ଞାତ ଦେଶ; 2. ଅବ୍ରାହାମର ସନ୍ତାନସନ୍ତତିଙ୍କୁ ଦେବା ନିମନ୍ତେ ଈଶ୍ୱରଙ୍କଦ୍ୱାରା ପ୍ରତିଜ୍ଞାତ ଦେଶ ଅର୍ଥାତ୍ କିଣାନଦେଶ; 3. ସ୍ୱର୍ଗ ।
Promisee, *n.* ପ୍ରତିଜ୍ଞାପ୍ରାପ୍ତ ବ୍ୟକ୍ତି ।
Promiser, *n.* ପ୍ରତିଜ୍ଞାକାରୀ ।
Promising, *a.* ଆଶାପ୍ରଦ ।
Promissory, *a.* ପ୍ରତିଜ୍ଞାଯୁକ୍ତ, ସ୍ୱୀକୃତ, ଅଙ୍ଗୀକୃତ ।
Promissory-note, *n.* ପ୍ରତିଜ୍ଞାପତ୍ର, ତମସୁକ ।

**Promontory**, *n.* ଅନ୍ତରୀପ ।

**Promote**, *v.t.* 1. ବୃଦ୍ଧି-କ; 2. ଶ୍ରୀବୃଦ୍ଧି-କ; 3. ଉଚ୍ଚପଦ-ଦେ; 4. ଉନ୍ନତ-କ ।

**Promoter**, *n.* 1. ଶ୍ରୀବୃଦ୍ଧିକର୍ତ୍ତା; 2. ଉଚ୍ଚପଦଦାତା; 3. ଉତ୍ତେଜକ ।

**Promotion**, *n.* ଶ୍ରୀବୃଦ୍ଧି, ଉନ୍ନତ, ପଦବୃଦ୍ଧି ।

**Prompt**, *a.* 1. ସତ୍ୱର, ତ୍ୱରିତ; 2. ପ୍ରସ୍ତୁତ; 3. ଆଗ୍ରହ; 4. ଉଦ୍ୟମୀ ।—*v.i.* 1. ଉତ୍ତେଜିତ-କ; 2. ପ୍ରବର୍ତ୍ତନା-ଦେ; 3. ପାଠିରୁ ଜଣାଇ ଦେବା; 4. କହି ମନେ ପକାଇ-ଦେ ।

**Prompter**, *n.* 1. ଉତ୍ତେଜକ; 2. ପ୍ରବର୍ତ୍ତକ; 3. ସ୍ମାରକ, ଚେତାଇଦାତା ।

**Prompting**, *n.* 1. ଉତ୍ତେଜନ, ପ୍ରବର୍ତ୍ତନ; 2. ସ୍ମାରକ ଉକ୍ତି ।

**Promptitude, Promptness**, *n.* 1. ସତ୍ୱରତା; 2. ପ୍ରସ୍ତୁତତା; 3. ଆଗ୍ରହତା; 4. ଉଦ୍ୟମଶୀଳତା ।

**Promptly**, *ad.* ଝଟିତ, ଶୀଘ୍ର, ଅବିଳମ୍ବେ, ସତ୍ୱର, ଅଚିରତ ।

**Promulgate**, *v.t.* 1. ପ୍ରଚାର-କ; 2. ପ୍ରକଟ-କ; 3. ପ୍ରକାଶ୍ୟରେ ଜଣାଇ-ଦେ ।

**Promulgation**, *n.* 1. ପ୍ରଚାରକରଣ; 2. ପ୍ରକାଶନ; 3. ଜ୍ଞାପନ; 4. ନୂତନ ବ୍ୟବସ୍ଥାର ପ୍ରଥମ ପ୍ରଚାର ।

**Promulgator**, *n.* 1. ପ୍ରଚାରକ; 2. ପ୍ରକାଶକ ।

**Prone**, *a.* 1. ଅଧୋମୁଖ; 2. ନତ; 3. ବେଶି ଢାଲୁ; 4. ପ୍ରବଣ; 5. ଆସକ୍ତ ।

**Proneness**, *n.* 1. ଅଧୋମୁଖତା; 2. ଆସକ୍ତି ।

**Prong**, *n.* 1. ବେଜା; 2. ଶୂଳ ।

**Pronged**, *a.* ବେଜାଯୁକ୍ତ ।

**Pronominal**, *a.* ସର୍ବନାମପଦ ସମ୍ବନ୍ଧୀୟ ।

**Pronoun**, *n.* ସର୍ବନାମ ।

**Pronounce**, *v.t.* 1. ଉଚ୍ଚାରଣ-କ; 2. ବ୍ୟକ୍ତ-କ; 3. ଦଣ୍ଡାଜ୍ଞା ପ୍ରଦାନ-କ ।

**Pronounceable**, *a.* ଉଚ୍ଚାର୍ଯ୍ୟ ।

**Pronounced**, *a.* 1. ଉଚ୍ଚାରିତ; 2. ଚିହ୍ନିତ, ବଶିଷ୍ଟ ।

**Pronouncement**, *n.* 1. କଥନ; 2. ଘୋଷଣା; 3. ଦୃଢ ବିଜ୍ଞାପନ ।

**Pronouncer**, *n.* ଉଚ୍ଚାରଣକର୍ତ୍ତା ।

**Pronunciation**, *n.* 1. ଉଚ୍ଚାରଣ; 2. କହିବାର ରୀତି ।

**Proof**, *n.* 1. ପ୍ରମାଣ, ସାକ୍ଷ୍ୟ; 2. ପରୀକ୍ଷା; 3. ସତ୍ୟତା ନିର୍ଦ୍ଧାରଣର ଉପାୟ; 4. (Arith.) ଉପପତ୍ତି; 5. ଛାପାର ଅଶୁଦ୍ଧ ସଂଶୋଧନୀୟ ପତ୍ର; 6. ମଦ୍ୟର ନମୁନା ।—*a.* 1. ଶକ୍ତ, ଦୃଢ; 2. ପରୀକ୍ଷିତ; 3. ଅଭେଦ୍ୟ ।—Burden of proof, ପ୍ରମାଣ ଭାର । Proof against, ଦୁର୍ଭେଦ୍ୟ । Fire-proof, ଅଦାହ୍ୟ । Water-proof, ଜଳାଭେଦ୍ୟ ।

**Proofless**, *a.* ପ୍ରମାଣଶୂନ୍ୟ, ଅପ୍ରମାଣିତ ।

**Proof-reader**, *n.* ଛାପାର ଅଶୁଦ୍ଧ ବା ଭୁଲ ସଂଶୋଧନକାରୀ ।

**Proof-sheet, Proof-leaf**, *n.* [illegible]ାର୍ଥେ ଛାପାପତ୍ର ।

**Proof-text**, *n.* ମୂଳତତ୍ତ୍ୱର [illegible] କରିବା ନିମନ୍ତେ ଧର୍ମପୁସ୍ତକରୁ ପଦ ।

**Prop**, *n.* 1. ଅବଲମ୍ବନ, ଆଶ୍ରୟ; 2. ଖୁଣ୍ଟ, ଠିପ, ଠେକ ।—*v.t.* 1. ଆଶ୍ରୟ-ଦେ; 2. ଅବଲମ୍ବନ-କ; 3. ଠିପ-ଦେ ।

**Propaganda**, *n.* ମତ ପ୍ରଚାରାର୍ଥେ ଗଠିତ ସମିତ ।

**Propagandism**, *n.* 1. ମତ; 2. ପ୍ରଚାର, ମତ ଉଦ୍ଭାବନ ।

**Propagandist**, *n.* ମତପ୍ରଚାରକ ।

**Propagate**, *v.t.* 1. ପ୍ରସବ-କ; 2. ଉତ୍ପନ୍ନ-କ; 3. ବିସ୍ତାର-କ, ବର୍ଦ୍ଧିତ-କ; 4. ଜ୍ଞାପନ କରାଇବା ।—*v.i.* ଉତ୍ପନ୍ନ-ହେ, ଜନ୍ମିବା ।

**Propagation**, *n.* 1. ଉତ୍ପନ୍ନକରଣ; 2. ବ୍ୟାପନ; 3. ବୃଦ୍ଧିକର୍ତ୍ତା; 4. ପ୍ରଚାର ।

**Propagative**, *a.* 1. ଉତ୍ପାଦନକ୍ଷମ; 2. ବିସ୍ତାରକ ।

**Propagator**, *n.* 1. ଉତ୍ପାଦକ; 2. ଜନ୍ମଦାତା; 3. ବର୍ଦ୍ଧକ; 4. ପ୍ରଚାରକ ।

**Propel**, *v.t.* 1. ପ୍ରକ୍ଷେପ-କ; 2. ପେଲି ବା ଠେଲି ଚଳାଇବା ।

**Propellant**, *n.* ଚାଳକ ।

**Propeller**, *n.* 1. ଯାହା ପେଲେ ବା ଠେଲେ; 2. ଜାହାଜ ପରିଚାଳକ ଯନ୍ତ୍ର ।

**Propelment**, *n.* ପ୍ରକ୍ଷେପଣ, ଚାଳନ ।

**Propensity**, *n.* 1. ପ୍ରବୃତ୍ତି; 2. ଆସକ୍ତି; 3. ସ୍ୱାଭାବିକ ଇଚ୍ଛା ।

**Proper**, *a.* 1. ଆପଣାର, ନିଜର, ସ୍ୱକୀୟ; 2. ଉପଯୁକ୍ତ, ଯଥାର୍ଥ, ଠିକ୍, ଉଚିତ; 3. ସ୍ୱାଭାବିକ ।

**Properly**, *ad.* 1. ଉଚିତମତେ, ଯଥାମତ; 3. ଉପଯୁକ୍ତରୂପେ, ଠିକ୍‌ରୂପେ ।

**Property**, *n.* 1. ଗୁଣ, ଧର୍ମ, ସ୍ୱଭାବ; 2. ସମ୍ପତ୍ତି, ଧନ, ବିଭବ; 3. ଅଧିକାର ।

**Property-tax**, *n.* ସମ୍ପତ୍ତି ଉପରେ କର ।—Movable or Personal property, ଅସ୍ଥାବର ସମ୍ପତ୍ତି ।

**Prophecy**, *n.* 1. ଭବିଷ୍ୟଦ୍‌ବାଣୀ, ଭବିଷ୍ୟଦ୍‌ବାକ୍ୟ; 2. ଧର୍ମବ୍ୟାଖ୍ୟା ।

**Prophesy**, *v.t.* ଭବିଷ୍ୟଦ୍‌ବାଣୀ କହିବା, ଅଗତ କଥା କହିବା ।—*v.i.* ଧର୍ମବ୍ୟାଖ୍ୟା-କ ।

**Prophet**, *n.* 1. ଭବିଷ୍ୟଦ୍‌ବକ୍ତା, ଭାବବାଦୀ; 2. ଅଗତ ବିଷୟ ପ୍ରକାଶକାରୀ ଦୈବଜ୍ଞ; 3. ଈଶ୍ୱରେଚ୍ଛା ବ୍ୟକ୍ତକାରୀ ।

**Prophetess**, *n.* ଭବିଷ୍ୟଦ୍‌ବକ୍ତ୍ରୀ ।

**Prophethood, Prophetship**, *n.* ଭବିଷ୍ୟଦ୍‌ବକ୍ତାର ପଦ ବା ମର୍ଯ୍ୟାଦା ।

**Prophetic, Prophetical**, *a.* 1. ଭବିଷ୍ୟଦ୍‌ବକ୍ତା ସମ୍ବନ୍ଧୀୟ; 2. ଭାବବାଦବିଶିଷ୍ଟ; 3. ଭାବିବିଷୟ ଜ୍ଞାପକ, ଭାବିସୂଚକ ।

**Prophylactic**, *a.* 1. ସଂରକ୍ଷକ; 2. ରୋଗନିଗ୍ରାହକ, ରୋଗନିବାରକ ।—*n.* ଔଷଧ ।

**Propinquity**, *n.* 1. ନୈକଟ୍ୟ; 2. ଜ୍ଞାତିତ୍ୱ, ଅନ୍ତରଙ୍ଗତା; 3. ସାଦୃଶ୍ୟ ।

Propitiable, *a.* ପ୍ରସାଦନୀୟ, ଅନୁରଞ୍ଜନୀୟ ।

Propitiate, *v.t.* ପ୍ରସନ୍ନ କରାଇବା, ଅନୁରଞ୍ଜିତ-କ ।—*v.i.* ପ୍ରାୟଶ୍ଚିତ୍ତ-କ ।

Propitiation, *n.* 1. ପ୍ରସନ୍ନକରଣ; 2. ପ୍ରାୟଶ୍ଚିତ୍ତ; 3. ପାପାର୍ଥକ ବଳି; 4. ଖ୍ରୀଷ୍ଟଙ୍କ ମୃତ୍ୟୁ ।

Propitiator, *n.* ପ୍ରାୟଶ୍ଚିତ୍ତକର୍ତ୍ତା ।

Propitiatory, *a.* 1. ପ୍ରସନ୍ନକାରୀ; 2. ପ୍ରାୟଶ୍ଚିତ୍ତକାରକ; 3. ଯିହୁଦୀୟମାନଙ୍କର ଦୟାର ସିଂହାସନ ।

Propitious, *a.* 1. ଅନୁକୂଳ; 2. ପ୍ରସନ୍ନ; 3. କୃପାମୟ; 4. କ୍ଷମାଶୀଳ ।

Propitiousness, *n.* 1. ଆନୁକୂଲ୍ୟ; 2. ପ୍ରସନ୍ନତା; 3. କ୍ଷମାଶୀଳତା ।

Proportion, *n.* 1. ସମସଙ୍ଗତାବସ୍ଥତା; 2. (Math.) ଅନୁପାତ; 3. ପରିମାଣ; 4. ଯଥାଭାଗ ।—*v.i.* 1. ବିନ୍ୟାସ-କ; 2. ସୁସଦୃଶ-କ; 3. ବାଣ୍ଟ-କ; 4. ଯଥୋପଯୁକ୍ତ ଭାଗ-କ ।

Proportionable, *a.* ଯଥୋପଯୁକ୍ତରୂପେ କରଣୀୟ ।

Proportional, *a.* 1. ପରସ୍ପରାନୁଷଙ୍ଗିକ; 2. ସୁମିଳିତ; 3. (Math.) ସମାନୁପାତକ ।

Proportionality, *n.* 1. ପରସ୍ପରାନୁଷଙ୍ଗ, 2. ସୁମେଳ ।

Proportionate, *a.* 1. ଯଥୋପଯୁକ୍ତ; 2. ପରସ୍ପରାନୁଷଙ୍ଗିକ ।—*v.t.* 1. ଯଥୋପଯୁକ୍ତ ଭାଗ-କ; 2. ପରସ୍ପରାନୁଷଙ୍ଗିକ-କ ।

Proposal *n.* 1. ପ୍ରସ୍ତାବ; 2. କର୍ତ୍ତବ୍ୟ ସୂଚନା ।

Propose, *v.t.* 1. ପ୍ରସ୍ତାବ-କ, ପ୍ରସଙ୍ଗ-କ; 2. ଉପାୟ କଳ୍ପନା-କ ।—*v.i* 2. ବିବାହର ପ୍ରସ୍ତାବ-କ ।

Proposer, *n.* ପ୍ରସ୍ତାବକାରୀ, ପ୍ରସଙ୍ଗକର୍ତ୍ତା ।

Proposition, *n.* 1. ପ୍ରସ୍ତାବକରଣ; 2. ପ୍ରସଙ୍ଗ; 3. ପୂର୍ବପକ୍ଷ; 4. (Gram. and Log.) ସମ୍ପୂର୍ଣ୍ଣ ବାକ୍ୟ, ନିଶ୍ଚୟାର୍ଥ ବା ଅସ୍ତ୍ୟର୍ଥବୋଧକ ବାକ୍ୟ; 5. (Math.) ପ୍ରମାଣ କରିବା ନିମନ୍ତେ କୌଣସି ପ୍ରତିଜ୍ଞା ।

Propositional, *a.* 1. ପ୍ରସଙ୍ଗାଧୀନ; 2. ପ୍ରସ୍ତାବିତ ।

Propound, *v.t.* ଉପସ୍ଥାପିତ-କ ।

Propounder *n.* ଉପସ୍ଥାପକ ।

Proprietary, *a.* ସ୍ୱତ୍ୱାଧିକାରବିଶିଷ୍ଟ, ସ୍ୱତ୍ୱବାନ୍ ।—*n.* 1. ସ୍ୱତ୍ୱାଧିକାରିବ୍ୟକ୍ତି; 2. ସ୍ୱତ୍ୱାଧିକାରିବର୍ଗ; 3. ସ୍ୱତ୍ୱ ।

Proprietor, *n.* ସ୍ୱତ୍ୱାଧିକାରୀ, ସ୍ୱାମୀ ।

Proprietorship, *n.* ଅଧିକାରର ସ୍ୱତ୍ୱ, ସ୍ୱତ୍ୱାଧିକାର ।

Proprietress, *n.* ସ୍ୱତ୍ୱାଧିକାରିଣୀ, ସ୍ୱାମିନୀ ।

Propriety, *n,* ଔଚିତ୍ୟ, ଯଥାର୍ଥତା ।—The proprieties, ସାମାଜିକ ରୀତି ।

Propulsion, *n.* ପ୍ରକ୍ଷେପଣ ।

Propulsive, Propulsory, *a.* ପ୍ରକ୍ଷେପକ ।

Prorate, *a.* 1. ସ୍ୱାଂଶାନୁକ୍ରମେ; 2. ଯଥାଭାଗକ୍ରମେ ।

Prorogue, *v.t.* ବ୍ୟବସ୍ଥାପକମାନଙ୍କ ସଭାର କାର୍ଯ୍ୟ, ସ୍ଥଗିତ କରିବା ।

Prosaic, Prosaical, *a.* 1. ଗଦ୍ୟସମ୍ବନ୍ଧୀୟ; 2. ଗଦ୍ୟମୟ; 3. ନୀରସ; 4. ସାମାନ୍ୟ ।

Prosaicism, Prosaicness, *n.* ଗଦ୍ୟମୟତା ।

Prosaist, *n.* 1. ଗଦ୍ୟଲେଖକ; 2. ସାମାନ୍ୟ ଲୋକ ।

Proscribe, *v.t.* 1. ଦଣ୍ଡନୀୟ ଲୋକମାନଙ୍କର ନାମ ପ୍ରକାଶ-କ; 2. ବ୍ୟବସ୍ଥାବହିର୍ଭୂତ-କ; 3. ନିର୍ବାସିତ-କ; 4. ନିଷେଧ-କ; 5. ଅସ୍ୱୀକାର-କ ।

Proscript, *n.* ବ୍ୟବସ୍ଥାଶ୍ରୟରୁ ବହିର୍ଭୂତ ଲୋକ ।

Proscription, *n.* 1. ପ୍ରାଣଦଣ୍ଡକରଣ; 2. ବ୍ୟବସ୍ଥାଶ୍ରୟରୁ ବହିଷ୍କରଣ; 3. ସମ୍ପୂର୍ଣ୍ଣ ପରିତ୍ୟାଗ ।

Proscriptive, *a.* ବ୍ୟବସ୍ଥାଶ୍ରୟରୁ ବହିଷ୍କରଣକାରକ ।

Prose, *n.* ଗଦ୍ୟ, ଅପଦ୍ୟ ।—*a.* 1. ଗଦ୍ୟସମ୍ବନ୍ଧୀୟ; 2. ନୀରସ ।—*v.t.* 1. ଗଦ୍ୟରେ ଲେଖିବା ।—*v.i.* 1. ଗଦ୍ୟ ଲେଖିବା; 2. ନୀରସଭାବେ କହିବା ।

Prosecute, *v.t.* 1. ଅନୁସରଣ-କ; 2. ଅନବରତ ଅନୁଷ୍ଠାନ-କ; 3. ଅଭିଯୋଗ-କ, ନାଲିଶ-କ, ମୋକଦ୍ଦମା-କ ।—*v.i.* ମୋକଦ୍ଦମା ଚଳାଇବା ।

Prosecution, *n.* 1. ଅନୁସରଣ; 2. ଅନବରତ ଅନୁଷ୍ଠାନ; 3. ଅଭିଯୋଗ ।

Prosecutor, *n.* 1. ଅନବରତାନୁଷ୍ଠାତା; 2. ଅଭିଯୋକ୍ତା, ବାଦୀ, ମୁଦେଇ (*fem.* Prosecutrix.)

Proselyte, (1) *n.* 1. ଧର୍ମାନ୍ତରଗ୍ରାହୀ, ଅନ୍ୟମତାବଲମ୍ବୀ; 2. ଯିହୁଦୀମତଗ୍ରାହୀ ।

Proselyte, (2) Proselytise, *v.t.* ଧର୍ମାନ୍ତରିତ-କ, ଭିନ୍ନଧର୍ମାବଲମ୍ବୀ-କ ।

Proselytiser, *n.* ଧର୍ମାନ୍ତର ପ୍ରବର୍ତ୍ତକ ।

Proselytism, *n.* ଧର୍ମାନ୍ତରକୁ ଆନୟନ, ଭିନ୍ନଧର୍ମାବଲମ୍ବିକରଣ ।

Proser, *n.* ନୀରସ ବକ୍ତା ।

Prose-writer, *n.* ଗଦ୍ୟଲେଖକ, ଗଦ୍ୟରଚକ ।

Prosily, *ad.* ନୀରସଭାବେ ।

Prosiness, *n.* ନୀରସତା ।

Prosodial, Prosodic, Prosodical, *a.* 1. ଛନ୍ଦଃପ୍ରକରଣ ସମ୍ବନ୍ଧୀୟ; 2. ଛନ୍ଦୋବଦ୍ଧାନୁଯାୟୀ ।

Prosodian, Prosodist, *n.* ଛନ୍ଦୋବିଦ୍ୟାବେତ୍ତା ।

Prosody, *n.* 1. ଛନ୍ଦଃପ୍ରକରଣ; 2. ଛନ୍ଦୋବିଦ୍ୟା ।

Prospect, *n.* 1. ଦୃଶ୍ୟ; 2. ଦୃଷ୍ଟିଗୋଚର ପ୍ରଦେଶ; 3. ଦର୍ଶନ; 4. ଭାବୀ ଆଶା ।

Prospecter, Prospector, *n.* ବହୁମୂଲ୍ୟ ଧାତୁର ଗବେଷକ ।

Prospective, *a.* 1. ଭାବୀ; 2. ପରିଣାମଦର୍ଶୀ; 3. ଭବିଷ୍ୟତ୍ ସମ୍ବନ୍ଧୀୟ ।

Prospectus, *n.* ଅନୁଷ୍ଠାନପତ୍ର ।

Prosper, *v.t.* 1. ସୁଫଳ-କ; 2. ବର୍ଦ୍ଧିତ-କ ।—*v.i.* 1. କୃତକାର୍ଯ୍ୟ-ହେ, ସଫଳ-ହେ; 2. ସମୃଦ୍ଧିଶାଳୀ-ହେ, ଶ୍ରୀବୃଦ୍ଧିପ୍ରାପ୍ତ-ହେ ।

Prosperity, *n.* 1. ସୁଖାବସ୍ଥା; 2. ସମୃଦ୍ଧି, ଅଭ୍ୟୁଦୟ; 3. ସୌଭାଗ୍ୟ ।

Prosperous, *a.* 1. ଅନୁକୂଳ; 2. ଉନ୍ନତିକ; 3. ସମୃଦ୍ଧିମାନ୍, ଭାଗ୍ୟବାନ୍ ।

Prosperously, *ad.* 1. ସୌଭାଗ୍ୟରେ; 2. ଅନୁକୂଳଭାବେ ।

Prostitute, *n.* ବେଶ୍ୟା, ବାରାଙ୍ଗନା ।—*v.t.* 1. ବେଶ୍ୟାବୃତ୍ତିରେ ଅର୍ପଣ-କ; 2. ମନ୍ଦ ବ୍ୟବହାରରେ ଲଗାଇବା ।—*a.* ବେଶ୍ୟାବୃତ୍ତିରେ ରତ ।

Prostitution, *n.* 1. ବେଶ୍ୟାବୃତ୍ତି; 2. ବେଶ୍ୟାଗମନ; 3. ଅପବ୍ୟବହାର ।

Prostrate, *a.* 1. ଭୂପତିତ, ଭୂମିଷ୍ଠ; 2. ସାଷ୍ଟାଙ୍ଗ ପ୍ରଣତ ।—*v.t.* 1. ଭୂମିସାତ୍-କ; 2. ନଷ୍ଟ-କ; 3. ଅଶକ୍ତ-କ; 4. ଭୂପତିତ-କ ।

Prostration, *n.* 1. ଭୂମିସାତ୍କରଣ; 2. ସାଷ୍ଟାଙ୍ଗ ପ୍ରଣାମ; 3. କ୍ଲାନ୍ତି; 4. ନିତାନ୍ତ ଅଶକ୍ତାବସ୍ଥା ।

Prosy, *a.* 1. ନୀରସ; 2. କ୍ଳେଶକର ।

Protean, *a.* ବହୁବେଶଧାରୀ, ବହୁରୂପୀ ।

Protect, *v.t.* 1. ଅପାୟରୁ ରକ୍ଷିବା; 2. ରକ୍ଷା-କ; 3. ଆଶ୍ରୟ-ଦେ; 4. ଶରଣ-ଦେ ।

Protection, *n.* 1. ରକ୍ଷଣ; 2. ରକ୍ଷିତାବସ୍ଥା, ଆଶ୍ରୟ; 3. ଶରଣ; 4. ଛାଡ଼ଚିଟି; 5. ସ୍ୱଦେଶୀ ବାଣିଜ୍ୟର ଶ୍ରୀବୃଦ୍ଧି ନିମନ୍ତେ ବିଦେଶରୁ ଆମଦାନି ମାଲ ଉପରେ ଅଧିକ କର ଧାର୍ଯ୍ୟକରଣ ।

Protective, *a.* 1. ରକ୍ଷାକାରୀ; 2. ଆଶ୍ରୟଦାୟୀ; 3. ଶରଣଦାୟକ ।

Protector, *n.* 1. ରକ୍ଷକ; 2. ଅଭିଭାବକ; 3. ରାଜା ପକ୍ଷରେ ରାଜ୍ୟରକ୍ଷକ । (*Fem.* Protectress, Protectrix.)

Protectoral, Protectorial, *a.* ରାଜାଙ୍କ ପକ୍ଷରେ ରାଜ୍ୟରକ୍ଷକଙ୍କ ସମ୍ବନ୍ଧୀୟ ।

Protectorate, *n.* 1. ରାଜ୍ୟରକ୍ଷକଙ୍କ ଦ୍ୱାରା ଶାସନ; 2. ଶକ୍ତିଶାଳୀ ରାଜା କ୍ଷୁଦ୍ର ରାଜ୍ୟମାନଙ୍କୁ ବୈଦେଶିକ ଆକ୍ରମଣରୁ ରକ୍ଷା କରିବା ସର୍ତ୍ତ ।

Protectorship, *n.* ରାଜ୍ୟରକ୍ଷକଙ୍କ ପଦ ବା ଶାସନ ।

Protégé, *n.* *prō-tā-zhā*, 1. ରକ୍ଷିତ ଜନ; 2. ପ୍ରିୟ ଛାତ୍ର; 3. ନାବାଳକ ।

Pro tempore, କିଛିକାଳ ପାଇଁ ।

Protest, *v.i.* 1. ଧର୍ମତଃ କହିବା; 2. ଦୃଢ଼ ପ୍ରତିବାଦ-କ; 3. ଅସ୍ୱୀକୃତ ହୁଣ୍ଡିରେ ଆପତ୍ତିର ଦରଜ-ଦେ ।—*n.* 1. ପ୍ରତିବାଦ, ଆପତ୍ତି; 2. ଅସ୍ୱୀକୃତ ହୁଣ୍ଡିଉପରେ ଆପତ୍ତିର ଉଲ୍ଲେଖ ।

Protestant, *n.* ପୋପ ମତ ଅସ୍ୱୀକାରୀ ।—*a.* 1. ଆପତ୍ତିକାରୀ; 2. ପୋପ ମତ ଅସ୍ୱୀକାର ସମ୍ବନ୍ଧୀୟ ।

Protestantism, *n.* ପୋପ ମତ ଅସ୍ୱୀକାରର ଧର୍ମ ।

Protestation, *n.* 1. ଆପତ୍ତିକରଣ; 2. ଶପଥ; 3. ପ୍ରତିବାଦ ପ୍ରକାଶନ; 4. ଅସ୍ୱୀକାର ଜ୍ଞାପନ ।

Proteus, *n.* କାଳ୍ପନିକ ବହୁରୂପୀ ସମୁଦ୍ରଦେବତା ବିଶେଷ ।

Protocol, *n.* 1. ସନ୍ଧି; 2. ସନ୍ଧିପତ୍ରର ପାଣ୍ଡୁଲିପି ।

Protogenal, *a.* ଆଦିମ ।

Protogenesis, *n.* ନିର୍ଜୀବ ପ୍ରକୃତିରୁ ଜୀବନ୍ତ ପ୍ରକୃତି ଉତ୍ପନ୍ନ ହୋଇ ପାରେ ବୋଲି ସେହି ମତ ।

Protoplasm, *n.* 1. ଜୀବନ୍ତ ଉପାଦାନ; 2. କୈବିକାଣର ମିଳିତାବସ୍ଥା ।

Prototype, *n.* 1. ପ୍ରଥମ ଆଦର୍ଶ; 2. ନିଦର୍ଶନ ।

Protozoa, *n. pl.* ପ୍ରାଣିର ନିମ୍ନତମ ଶ୍ରେଣୀ ।

Protract, *v.i.* 1. ବିଲମ୍ବ-କ; 2. ଲମ୍ବମାନ-କ, ଦୀର୍ଘ-କ; 3. ପରିମାଣକମାନଦାୟୀ ଚିତ୍ରାଙ୍କନ-କ ।

Protracted, *a.* 1. ଦୀର୍ଘକାଳବ୍ୟାପୀ; 2. କ୍ଳେଶକର; 3. ସ୍ଥଗିତ ।

Protraction, *n.* 1. ଦୀର୍ଘୀକରଣ; 2. ପରିମାଣକମାନଦାୟୀ ଚିତ୍ରାଙ୍କନ ।

Protractive, *a.* ବିଲମ୍ବକାରକ, ଦୀର୍ଘକାରକ ।

Protractor, *n.* 1. କୋଣପରିମାପକ ଯନ୍ତ୍ର ବିଶେଷ; 2. (Anat.) ବିସ୍ତାରକ ମାଂସପେଶୀ; 3. ଦୀର୍ଘସୂତ୍ରୀ ।

Protrude, *v.t.* ବାହାର କରି ପକାଇବା—*v.i.* ବହିର୍ଗତ-ହେ, ବାହାରିପଡିବା ।

Protrusion, *n.* 1. ନିଷ୍କାସନ; 2. ଉଦ୍ଗତାଂଶ ।

Protrusive, *a.* 1. ନିଷ୍କାସକ; 2. ବାହାରିପଡିଥିବା ।

Protuberance, *n.* 1. ଉଦ୍ଗତାଂଶ; 2. ଅବ୍ଦ ।

Protuberant, *a.* ସ୍ଫୀତ, ଫୁଲା ।

Proud, *a.* 1. ଅହଂକାରୀ, ଗର୍ବୀ, ଦର୍ପୀ; 2. ଜାଜ୍ଜ୍ୱଲ୍ୟ; 3. ପ୍ରତାପଶାଳୀ ।

Proud-flesh, *n.* କ୍ଷତର ମାଂସବୃଦ୍ଧି ।

Proudly, *ad.* ଅହଙ୍କାରପୂର୍ବକ, ସଗର୍ବେ, ସଦର୍ପେ ।

Proudness, *n.* 1. ଗର୍ବିତାବସ୍ଥା; 2. ଅହଙ୍କାର ।

Provable, *a.* ପ୍ରମାଣଯୋଗ୍ୟ, ପ୍ରମାଣସାଧ୍ୟ ।

Prove, *v.t.* 1. ପରୀକ୍ଷା-କ, ପରଖ-କ; 2. ପ୍ରତିପାଦନ-କ; 3. ପ୍ରମାଣ-କ, ସାବ୍ୟସ୍ତ-କ ।—*v.i.* 1. ପ୍ରମାଣିତ-ହେ; 2. ପରେ ପ୍ରକାଶିତ-ହେ ।

Provender, *n.* 1. ପଶୁର ଶୁଷ୍କତୃଣାଦି ଖାଦ୍ୟଦ୍ରବ୍ୟ; 2. ଖାଦ୍ୟ ।—*v.t.* ଖାଦ୍ୟ ଯୋଗାଇବା ।

Prover, *n.* 1. ପରୀକ୍ଷକ; 2. ପ୍ରମାଣକର୍ତ୍ତା ।

Proverb, *n.* 1. ପ୍ରବାଦ, ପ୍ରବଚନ, ଢଗ; 2. *pl.* ଧର୍ମପୁସ୍ତକର ହିତୋପଦେଶ ନାମକ ଏକ ଅଂଶ ।

Proverbial, *a.* 1. ଜଣାଶୁଣା; 2. ପ୍ରବାଦସଦୃଶ; 3. ଚଳନ୍ତି ।

Proverbially, *ad.* ଜଣାଶୁଣାରୂପେ ।

Provide, *v.t.* 1. ପୂର୍ବରୁ ପ୍ରସ୍ତୁତ କରି ରଖିବା; 2. ଯୋଗାଇବା; 3. ତିଆରି-କ ।—*v.i.* 1. ଦ୍ରବ୍ୟାଦି ଯୋଗାଇବା; 2. ଉପାୟ ଅବଲମ୍ବନ-କ; 3. ଚୁକ୍ତି ବା ସନ୍ଧିର ସର୍ତ୍ତ ରଖିବା ।

Provided, *a.* (often with *that*) ଯଦି, ଯଦ୍ୟପି, ଯଦିବା ।

Providence, *n.* 1. ବିଧାତାପଣ; 2. ବିଧାତା; 3. ଦୈବ; 3. ପରିଣାମଦର୍ଶିତା ।

Provident, *a.* 1. ପରିଣାମଦର୍ଶୀ, ପୂର୍ବଦର୍ଶୀ; 2. ସତର୍କ, ସାବଧାନ; 3. ମିତବ୍ୟୟୀ ।

Providential, *a.* ଦୈବାଧୀନ, ବିଧାତାକୃତ ।

Providentially, *ad.* ଦୈବଯୋଗେ, ଦୈବାତ୍ ।

Province *n.* 1. ପ୍ରଦେଶ; 2. ମଫସଲ; 3. ଦେଶ, ଅଞ୍ଚଳ; 4. କର୍ତ୍ତବ୍ୟ କାର୍ଯ୍ୟ; 5. ଏଲକା; 6. ଜ୍ଞାନର ବିଭାଗ ।

Provincial, *a.* 1. ପ୍ରଦେଶ ସମ୍ବନ୍ଧୀୟ; 2. ପ୍ରାଦେଶିକ, ପ୍ରଦେଶୀୟ; 3. ସ୍ଥାନୀୟ; 4. ଗ୍ରାମ୍ୟ, ଅସଭ୍ୟ ।

Provincialism, 1. ପ୍ରାଦେଶିକ ଭାଷା; 2. ସ୍ଥାନୀୟ ବୋଲି, ଗ୍ରାମ୍ୟ ବୋଲି; 3. ସଙ୍କୀର୍ଣ୍ଣତା ।

Provision, *n.* 1. ଆୟୋଜନ; 2. ଆୟୋଜିତ ବା ସଞ୍ଚିତ ଧନଦ୍ରବ୍ୟ; 3. ଭବିଷ୍ୟତ ପାଇଁ ଉପାୟ; 4. ଆଇନ ବା ଦଲିଲର ଏକ ଦଫା; 5. ନିୟମ; 6. ଖାଦ୍ୟ-ସାମଗ୍ରୀ ।—*v.t.* ଖାଦ୍ୟ ଯୋଗାଇବା ।

Provisional, Provisionary, *a.* 1. ସାମୟିକ ଭାବେ ଆୟୋଜିତ: 2. ଅଳ୍ପକାଳୀନ; 3. ସର୍ତ୍ତଯୁକ୍ତ: 4. ସମୟାନୁଯାୟୀ ।

Provision-merchant, *n.* ଖାଦ୍ୟଦ୍ରବ୍ୟର ବଣିକ ।

Proviso, *n.* 1. ବିଶେଷ ନିୟମ; 2. ଆଇନ ବା ଦଲିଲର ସର୍ତ୍ତ ।

Provisory, *a.* 1. ସର୍ତ୍ତଯୁକ୍ତ; 2. ସାପେକ୍ଷ; 3. ଅଳ୍ପ-କାଳୀନ ।

Provocation, *n.* 1 କ୍ରୋଧୋତ୍ପାଦନ; 2 କ୍ରୋଧର କାରଣ ।

Provocative, Provocatory, *a.* 1. ଉଦ୍ଦୀପକ, ଉତ୍ତେଜକ, ପ୍ରବୃତ୍ତିଜନକ; 2. ଦ୍ୱେଷଜନକ ।

Provocativeness, *n.* 1. ଉତ୍ତେଜନାର କାରଣ; 2. ଉତ୍ତେଜକତା, ପ୍ରବୃତ୍ତିଜନକତା; 3 ଦ୍ୱେଷଜନକତା ।

Provoke, *v.t.* 1. ପ୍ରବୃତ୍ତ କରାଇବା; 2. ଆହ୍ୱାନ-କ; 3. ଉତ୍ତେଜିତ କରାଇବା, ଉସ୍କାଇବା; 4. କୁପିତ କରାଇବା ।

Provoking, *a.* ବିରକ୍ତିକର, କ୍ରୋଧଜନକ ।

Provost, *n.* 1. ବିଦ୍ୟାଳୟର ଅଧ୍ୟକ୍ଷ; 2. ନଗରାଧ୍ୟକ୍ଷ ।

Provost-marshal, *n.* 1. ଶାନ୍ତିରକ୍ଷକ; 2. ବନ୍ଦିରକ୍ଷକ ।

Prow, *n.* ନୌକାର ଅଗ୍ରଭାଗ, ଆଗମୁହଁ ।

Prowess, *n.* ବିକ୍ରମ, ବୀର୍ଯ୍ୟ, ପୌରୁଷ ।

Prowl, *v.i.* ଶିକାର ଖୋଜି ବୁଲିବା, ଲୁଣ୍ଠନ କରିବାକୁ ଭ୍ରମଣ-କ ।

Prowler, *n.* ଶିକାରାର୍ଥେ ଭ୍ରମଣ କରୁଥିବା ଲୋକ ।

Prowling, *a.* ଶିକାରାର୍ଥୀ, ମୃଗୟାନ୍ୱେଷୀ, ଲୁଟ ବା ଶିକାର ଖୋଜି ବୁଲୁଥିବା ।

Proximate, *a.* 1. ସମୀପତମ; 2. ପ୍ରତ୍ୟାସନ୍ନ; 3. ଅବ୍ୟବହିତ ।

Proximity, *n.* ସାମୀପ୍ୟ, ସାନ୍ନିଧ୍ୟ ।

Proximo, *a.* ପରବର୍ତ୍ତୀ (ମାସ) ।

Proxy, *n.* 1. ପ୍ରତିନିଧିତ୍ୱ; 2. ପ୍ରତିଭୂ ।

Prude, *n.* କୃତ୍ରିମ ଲଜ୍ଜାଶୀଳା ସ୍ତ୍ରୀ, ଛଦ୍ମ ସାଧ୍ୱୀ ।

Prudence, *n.* 1. ପରିଣାମଦର୍ଶିତା; 2. ବିଜ୍ଞତା; 3. ସାବଧାନତା ।

Prudent, *a.* 1. ପରିଣାମଦର୍ଶୀ, ଦୂରଦର୍ଶୀ; 2. ବିଜ୍ଞ; 3. ସାବଧାନ, ସତର୍କ; 4. ମିତବ୍ୟୟୀ ।

Prudential, *a.* ପରିଣାମଦର୍ଶିତା ପ୍ରକାଶକ ।—*n.* ପରିଣାମଦର୍ଶନ ।

Prudently, *ad.* 1. ପରିଣାମଦର୍ଶିତାପୂର୍ବକ; 2. ସାବଧାନତାସହିତ ।

Prudery, *n.* କୃତ୍ରିମ ଲଜ୍ଜାଶୀଳତା, କପଟ ଶିଷ୍ଟତା ।

Prud-homme, *n.* 1. ପରିଣାମଦର୍ଶୀ ଲୋକ; 2. ସୁଦକ୍ଷ କାର୍ଯ୍ୟକାରୀ; 3. ଫ୍ରାନ୍ସଦେଶରେ ଅଧ୍ୟକ୍ଷ ଓ କାର୍ଯ୍ୟକାରୀ ଉଭୟପକ୍ଷମିଳିତ ପଞ୍ଚାୟତର ଜଣେ ବ୍ୟକ୍ତି ।

Prudish, *a.* କୃତ୍ରିମ ଶିଷ୍ଟ, ମିଥ୍ୟା ଲାଜୁକ ।

Prune, (1) *v.t.* 1. ଗଛ ଓଳାଇବା, ଗଛ ଛାଟିବା; 2. (ପକ୍ଷୀ ସ୍ୱ ପକ୍ଷକୁ) ସଜାଡିବା ।

Prune, (2) *n.* ଏକପ୍ରକାର ମିଷ୍ଟ ଶୁଷ୍କ କୋଳି ।

Pruner, *n.* ଛେଦନକାରୀ, କଟାଳି ।

Pruning, *n.* ଛେଦନ, କର୍ତ୍ତନ ।

Prurience, Pruriency, *n.* କଣ୍ଡୁ, କାମୁକତା ।

Prurient, *a.* କଣ୍ଡୂୟମାନ, କାମାତୁର ।

Prussian, *a.* 1. ପ୍ରୁସୀୟ; 2. ପ୍ରୁସିଆ ଦେଶବାସୀ ।

Prussic acid, *n.* ଅତ୍ୟୁତ୍କଟ ବିଷ ବିଶେଷ ।

Pry, *v.i.* 1. ଭିଙ୍କିମାରିବା; 2. ସୂକ୍ଷ୍ମନିରୀକ୍ଷଣ-କ; 3. ଅନୁସନ୍ଧାନ ଇଚ୍ଛାରେ ଅନ୍ୟବ୍ୟାପାର ଚର୍ଚ୍ଚା-କ ।

Prying, *a.* 1. ସୂକ୍ଷ୍ମନିରୀକ୍ଷଣକାରୀ; 2. ଅନ୍ୟବ୍ୟାପାରଚର୍ଚ୍ଚକ; 3. ଅନୁସନ୍ଧିତ୍ସୁ ।

Psalm, *n.* ଧର୍ମସଂହିତାର ଏକ ଗୀତ ।—The Psalms, ଧର୍ମସଂହିତା ।

Psalmist, *n.* ଦାଉଦ ପ୍ରଭୃତି ଗୀତସଂହିତାର ପ୍ରଣେତା ।

Psalmody, *n.* 1. ଗୀତସଂହିତାର ଗାୟନ; 2. ଧର୍ମଗୀତସଂଗ୍ରହ ।

Psalter, *n.* ଯିହୁଦୀମାନଙ୍କର ଗୀତପୁସ୍ତକ, ଗୀତସଂହିତା ।

Psaltery, *n.* ଯିହୁଦୀମାନଙ୍କର ବାଦ୍ୟଯନ୍ତ୍ର ବିଶେଷ, ବେହେଲା ।

Pseudo-, *n.* ମିଥ୍ୟାସୂଚକ ଉପପଦ ।

Pseudo-martyr, *n.* କୃତ୍ରିମଭାବେ ଧର୍ମାର୍ଥେ ହତ ବ୍ୟକ୍ତି ।

Pseudonym, *n.* ମିଥ୍ୟା ନାମ, କୃତ୍ରିମ ନାମ ।

Pshaw, *int,* ଅବଜ୍ଞାବୋଧକ ଅବ୍ୟୟ ଯଥା—ଛୁଃ ।

Psychic, Psychical, *a.* 1. ପ୍ରାଣସମ୍ବନ୍ଧୀୟ; 2. ମାନସିକ ।

Psychic-force, ମାନସିକ ଶକ୍ତି ।

Psychism, *n.* ଏକମାତ୍ର ବିଶ୍ୱବ୍ୟାପୀ ପ୍ରାଣ ଅଛି ବୋଲି ଯେଉଁ ମତ ।

Psychological, *a.* ମନୋବିଜ୍ଞାନ ସମ୍ବନ୍ଧୀୟ ।

Psychologist, *n.* ମନୋବିଜ୍ଞାନବେତ୍ତା ।

Psychology, *n.* ମନୋବିଜ୍ଞାନ ।

Ptarmegan, *n.* ସପକ୍ଷପାଦ ପାର୍ବତୀୟ ପକ୍ଷିବିଶେଷ ।

Ptomaine, *n.* ବିକୃତ ମାଂସଜାତ ବିଷ ।

Pub, *n.* ଶୁଣ୍ଡିଘର ।

Puberty, *n.* 1. ଯୌବନ କାଳ; 2. ବୟଃପ୍ରାପ୍ତି; 3. ବୃକ୍ଷର ପୁଷ୍ପବିକାଶ କାଳ ।

Pubes, *n.* 1. ଶରୀରର ଗୁପ୍ତାଙ୍ଗ; 2. ଯୌବନରେ ଗୁପ୍ତାଙ୍ଗଜାତ ଲୋମ ।

Pubescence, *n.* 1. ଯୌବନାବସ୍ଥା; 2. ବୃକ୍ଷର ଅଁଶୁ ।
Pubescent, *a.* ପ୍ରାପ୍ତଯୌବନ, ବୟଃପ୍ରାପ୍ତ ।
Public, *a.* 1. ସାର୍ବଜନୀନ; 2. ସାଧାରଣ, ସରକାରୀ; 3. ସର୍ବସ ବିଦିତ, ସର୍ବଜ୍ଞାତ; 4. ପ୍ରକାଶିତ ।—*n.* ସାଧାରଣ ଲୋକେ, ପ୍ରଜାବର୍ଗ ।
Publican, *n.* 1. କର ସଂଗ୍ରହକାରୀ; 2. ଶୁଣ୍ଡି ।
Publication, *n.* 1. ପ୍ରକାଶକରଣ; 2. ଘୋଷଣାପତ୍ର; 3. ନୂଆପ୍ରକାଶିତ ଗ୍ରନ୍ଥ ।
Public funds, *n.* ସରକାରଙ୍କ ଦତ୍ତ ଋଣ ।
Public-house, *n.* ଶୁଣ୍ଡିଶାଳା ।
Publicist, *n.* 1. ସାଧାରଣ ଅଧିକାର ସମ୍ବନ୍ଧୀୟ ଲେଖକ; 2. ରାଜନୀତି ପଣ୍ଡିତ ।
Publicity, *n.* 1. ବ୍ୟକ୍ତତା, ପ୍ରକାଶତ୍ୱ; 2. ଅପଶଂସା ।
Publicly, *ad.* 1. ପ୍ରକାଶ୍ୟରୂପେ; 2. ସାଧାରଣ ସ୍ଥଳରେ ।
Public-spirit, *n.* ସାଧାରଣ ହିତେଚ୍ଛା ।—In public, ସର୍ବ ସମକ୍ଷରେ ।
Public-spirited, *a.* ଲୋକହିତରତ ।
Publish, *v.t.* 1. ପ୍ରକାଶ-କ; 2. ପ୍ରଚାର-କ, ଘୋଷଣା-କ; 3. ସର୍ବସାଧାରଣଙ୍କ ଗୋଚର କରାଇବା; 4. ଗ୍ରନ୍ଥ ମୁଦ୍ରିତ କରି ପ୍ରକାଶ-କ; 5. ପ୍ରଚଳିତ କରାଇବା ।
Publishable, *a.* ପ୍ରକାଶଯୋଗ୍ୟ ।
Publisher, *a.* 1. ଜ୍ଞାପକ; 2. ପୁସ୍ତକାଦି ପ୍ରକାଶକ ।
Pucelage, *n.* କୌମାର୍ଯ୍ୟ ।
Pucker, *v.t.* and *v.i.* 1. ଚୂନାଟ-କ, କୁଞ୍ଚିତ-କ; 2. ଭ୍ରୂକୁଟି-କ ।—*n.* ଚୂନାଟ, କୁଞ୍ଚ ।
Pudding, *n.* 1. ପୁଡିଙ୍ଗ, ଦୁଗ୍ଧ ଅଣ୍ଡା ମଇଦା ପ୍ରଭୃତି ସଂଯୋଗ ଦ୍ୱାରା ପ୍ରସ୍ତୁତ ମିଷ୍ଟ ଖାଦ୍ୟ; 2. ଚର୍ବିକଟା ମାଂସର ପୁର ଥିବା ଏକପ୍ରକାର ଖାଦ୍ୟ ।
Pudding-headed *a.* ଜଡ଼ବୋଧ ।
Puddle, *n.* 1. ଗୋଳିଆ ପାଣିର ଗାଡ଼ିଆ, ଚୂଅ; 2. ଚିକଟାମାଟି ଓ ବାଲିମିଶ୍ରିତ ପିଣ୍ଡ ।—*v.t.* 1. ଗୋଳିଆ-କ; 2. ପଙ୍କ ଘାଣ୍ଟିବା; 3. କାଦୁଅ ଲେଶିବା; 4.ତରଳ ଲୁହା ଘାଣ୍ଟି ବିଶୁଦ୍ଧ-କ ।
Puddling, *n.* 1. କାଦୁଅ ଲେଶିବା କାର୍ଯ୍ୟ; 2. ତରଳ ଲୁହା ଘାଣ୍ଟି ବିଶୁଦ୍ଧ କରିବା ପ୍ରକ୍ରିୟା ।
Puddly, *a.* ଗୋଳିଆ, ପଙ୍କୁଆ ।
Puerile, *a.* 1. ବାଲ୍ୟାବସ୍ଥା ସମ୍ବନ୍ଧୀୟ; 2. ବାଳୋଚିତ, ଶିଶୁବତ୍, ପିଲାଳିଆ; 3. ଜଡ଼ବୋଧ ।
Puerility, *n.* 1. ବାଳକତ୍ୱ, ଶିଶୁତ୍ୱ; 2. ବାଳୋଚିତ କାର୍ଯ୍ୟ; 3. ପିଲାଳିଆ କଥା ।
Puerperal, *a.* ପ୍ରସବସମ୍ବନ୍ଧୀୟ ।
Puerperal fever, *n.* ପ୍ରସବକାଳୀନ ଜ୍ୱର, ସୂତିକା ଜ୍ୱର ।
Puerperal insanity, *n.* ପ୍ରସବଜନିତ ମତିଭ୍ରମ ।
Puff, *n.* 1. ଫୁଙ୍କ; 2. ଦମକା ପବନ, ଧୂମ; 3. ଅତିରିକ୍ତ ପ୍ରଶଂସା; 4. ଗର୍ବ; 5. ସୁଗନ୍ଧିଦ୍ରବ୍ୟ ଲଗାଇବାର ଫାଲୁକା ଘୋସା; 6. ଅତିରିକ୍ତ ପ୍ରଶଂସାବାଦ ।—*v.t.* 1. ଫୁଙ୍କିବା; 2. ପବନଦ୍ୱାରା ଫୁଲାଇବା; 3. ଅତିଶୟ ପ୍ରଶଂସା-କ ।—*v.i.* 1. ଧଇଁସଇଁ ହେବା; 2. ପବନଦ୍ୱାରା ଫୁଲିବା; 3. ଫୁଲିଉଠିବା ।
Puff-adder, *n.* ଆଫ୍ରିକାଦେଶସ୍ଥ ଏକପ୍ରକାର ବିଷଧର ଅଜଗର ସର୍ପ ।
Puff-box, *n.* ସୁଗନ୍ଧି ଚୂର୍ଣ୍ଣ ଓ ତାହା ଲଗାଇବା ଘୋସାର ବାକ୍ସ ।
Puffer, *a.* 1. ଅତିରିକ୍ତ ପ୍ରଶଂସାକାରୀ; 2. ନିଲାମରେ ମୂଲ୍ୟ ବର୍ଦ୍ଧନକାରୀ ।
Puffery, *n.* ଅତିରିକ୍ତ ପ୍ରଶଂସା ।
Puffin, *n.* ମୋଟା ଚଞ୍ଚୁ ଥିବା ଏକପ୍ରକାର ସାମୁଦ୍ରିକ ପକ୍ଷୀ ।
Puffiness, *n.* ଫୁଲା, ସ୍ଫୀତ ।
Puffy, *a.* 1. ବାୟୁପୂର୍ଣ୍ଣ; 2. ଦମ୍ଭୀ; 3. ଫୁଲା ।
Pug, *n.* ପଶୁର ପାଦଚିହ୍ନ ।
Pug-dog, *n.* ସାନ ଲୋମବଶିଷ୍ଟ ଏକପ୍ରକାର କୁକୁର । ଖେଣ୍ଡାକୁକୁର ।
Pug-faced, *a.* ମାଙ୍କଡ଼ମୁହାଁ ।
Pug-nose, *n.* ଖେଣ୍ଡା ପରି ନାକ ।
Pugh, *int.* ଫୁଃ ।
Pugilism, *n.* ମୁଷ୍ଟିଯୁଦ୍ଧ କୌଶଳ ।
Pugilist, *n.* ମୁଷ୍ଟିଯୁଦ୍ଧକାରୀ ।
Pugilistic, *a.* ମୁଷ୍ଟିଯୁଦ୍ଧ କୌଶଳ ସମ୍ବନ୍ଧୀୟ ।
Pugnacious, *a.* 1. ଯୁଦ୍ଧେଚ୍ଛୁ; 2. କଳହପ୍ରିୟ, କନ୍ଦଳିଆ, କଜିଆଖୋର ।
Pugnaciously, *ad.* କଳହପ୍ରିୟଭାବେ ।
Pugnacity, *n.* 1. ଯୁଦ୍ଧେଚ୍ଛା; 2. କଳହପ୍ରିୟତା ।
Puissance, *n.* ଶକ୍ତି, କ୍ଷମ ।
Puissant, *a.* ଶକ୍ତିଶାଳୀ, କ୍ଷମୀ ।
Pule, *v.i.* 1. ପିଲା ପରି କେଁ କେଁ ହୋଇ କାନ୍ଦିବା; 2. କୁକୁଡ଼ାଛୁଆ ପରି କୋବାଇବା
Pull, *v.t.* and *v.i.* 1. ଟାଣିବା, ହିଞ୍ଚିବା; 2. ଓଟାରିବା; 3. ଛିଣ୍ଡାଇବା; 4. ତୋଳିବା; 5. ଓପାଡ଼ିବା; 6. ଅନୁକୂଳରେ ଚଳାଇବା; 7. ଛପା ପ୍ରୁଫ୍ ଟାଣିବା ।—*n.* 1. ଟଣା, ଓଟରା; 2. ହଗଡ଼ା; 3. ଅନୁକୂଳତା; 4. (Slang) ସୁଯୋଗ; 5. ଢୋକ; 6. ହାତପ୍ରେସ୍ ପ୍ରୁଫ୍ ।—To pull a face, ମୁଖ ବକ୍ରିତ-କ । To pull down, ଭାଙ୍ଗି ପକାଇବା । To pull off, 1. ସୁସଫଳ-କ; 2. ଛିଣ୍ଡାଇ ପକାଇବା । To pull one's leg, 1. ଛଳରେ ପ୍ରବୃତ୍ତ କରାଇବା; 2. କୌତୁକ-କ । To pull one's self together, ଧୈର୍ଯ୍ୟ ବାନ୍ଧିବା । To pull the long bow, ଗପ ବଢ଼ାଇ କହିବା । To pull the strings or the wires, ଗୁପ୍ତ ଉପାୟରେ କାର୍ଯ୍ୟ ସାଧନ-କ । To pull through, କଷ୍ଟରେ ଉଦ୍ଧାର ପାଇବା । To pull up, ଉତ୍ପାଟନ-କ, ଉଛିନ୍ନ-କ ।
Puller, *n.* ଯେ ବା ଯାହା ଉତ୍ପାଟନ କରେ ।—Nail puller, କଣ୍ଟା ଉପାଡ଼ିବା ଯନ୍ତ୍ର ।
Pullet, *n.* ସାନ କୁକୁଡ଼ା ।

**Pulley**, *n.* କପିକଳ ।
**Pullman-car**, *n.* ଶୋଇବା ବା ବସିବା ପାଇଁ ସୁସଜ୍ଜିତ ରେଲ୍ ଡବା ।
**Pulmometer**, *n.* ଫୁସଫୁସ ପରିମାପକ ଯନ୍ତ୍ର ବିଶେଷ ।
**Pulmonary** *a.* 1. ଫୁସଫୁସ ସମ୍ବନ୍ଧୀୟ; 2. ଫୁସଫୁସ ଦ୍ୱାରା ସାଧିତ; 3. ଫୁସଫୁସ ବିଶିଷ୍ଟ ।
**Pulmonic**, *a.* ଫୁସଫୁସ ସମ୍ବନ୍ଧୀୟ ।—*n.* 1. ଫୁସ୍‌ଫୁସ୍ ରୋଗର ଔଷଧ; 2. ଫୁସ୍‌ଫୁସ୍ ରୋଗାକ୍ରାନ୍ତ ବ୍ୟକ୍ତି ।
**Pulp**, *n.* 1. ବୃକ୍ଷର ମାଂସଳ ଅଂଶ; 2. ଫଳର ଶସ; 3. କୋମଳ ଉପାଦାନ ।—*v.t.* 1. କୋମଳ ଉପାଦାନରେ ପରିଣତ-କ; 2. ଶସ କାଢ଼ିନେବା ।—*v.i.* ଶସ ପରି କୋମଳ-ହେ ।
**Pulpit**, *n.* ଧର୍ମୋପଦେଶକଙ୍କ ଠିଆହେବା ମଞ୍ଚ ବା ସିଂହାସନ ।—The pulpit, *n.* ଧର୍ମୋପଦେଶକ ସମୂହ ।
**Pulpiteer**, Pulpiter, *n.* ଧର୍ମୋପଦେଶକଙ୍କର ଗୋଟିଏ ଉପନାମ ।
**Pulpous**, Pulpy, *a.* 1. ଶସଭରା; 2. କୋମଳ ।
**Pulsate**, *v.i.* ହୃତ୍‌ପିଣ୍ଡ ବା ନାଡ଼ୀ ପରି ଚାଲିବା, ଧୁକ୍‌ଧୁକ୍-କ ।
**Pulsation**, *n.* 1. ନାଡ଼ୀର ଗତି ବା ଚଳନ; 2. ସ୍ପନ୍ଦନ ।
**Pulsative**, Pulsatory, *a.* ସ୍ପନ୍ଦିତ ।
**Pulse**, (1) *n.* 1. ନାଡ଼ୀର ସ୍ପନ୍ଦନ; 2. ଭାବବୋଧ ।—To feel one's pulse, ନାଡ଼ୀ ଦେଖିବା । Public pulse, କୌଣସି ବିଷୟରେ ସାଧାରଣଙ୍କର ଗତିବିଧି ।
**Pulse**, (2) *n.* ମଟର ବିରି ପ୍ରଭୃତି ଶସ୍ୟ ।
**Pulseless**, *a.* 1. ସ୍ପନ୍ଦନହୀନ; 2. ନିର୍ଜୀବ ।
**Pulse-rate**, *n.* ପ୍ରତି ମିନିଟରେ ନାଡ଼ୀସ୍ପନ୍ଦନ ସଂଖ୍ୟା ।
**Pulverable**, Pulverisable, *a.* ଗୁଣ୍ଡ ହେବାଯୋଗ୍ୟ ।
**Pulverate**, Pulverise, *v.t.* ଚୂର୍ଣ୍ଣ-କ, ଗୁଣ୍ଡ-କ ।
**Pulverisation**, *n.* ଚୂର୍ଣ୍ଣୀକରଣ, ଗୁଣ୍ଡକରଣ ।
**Pulverous**, Pulverulent, *a.* 1. ଚୂର୍ଣ୍ଣବିଶିଷ୍ଟ; 2. ଧୂଳିବତ୍ ।
**Puma**, *n.* ବିରାଡ଼ିଜାତୀୟ ଏକପ୍ରକାର ମାଂସାଶୀ ଜନ୍ତୁ ।
**Pumice**, Pumice-stone, *n.* ଆଗ୍ନେୟ ପର୍ବତରୁ ପ୍ରାପ୍ତ ଏକପ୍ରକାର ଶକ୍ତ ଓ ହାଲୁକା ପଥର ।
**Pumiceous**, *a.* ପୂର୍ବୋକ୍ତ ପଥର ପରି ।
**Pump**, (1) *n.* 1. ବାୟୁ ସାହାଯ୍ୟରେ ଜଳ ଉଠାଇବା କଳ; 2. ପବନ ଦେବା ବା ଟାଣିବା ଯନ୍ତ୍ର ।—*v.t.* 1. ପମ୍ପକଳ ଦ୍ୱାରା ଉଠାଇବା; 2. ପ୍ରଶ୍ନକୌଶଳରେ କଥା ବାହାର-କ ।—*v.i.* ପମ୍ପକଳ ଚଳାଇବା ।
**Pump**, (2) *n.* ଏକପ୍ରକାର ପଧା-ଯୋତା ।
**Pumpage**, *n.* ପମ୍ପକଳରେ ଉତ୍ଥିତ ଜଳର ପରିମାଣ ।
**Pumped**, *a.* 1. ବେଦମ୍, ହାଙ୍ଫେଇଥିବା; 2. ପମ୍ପକଳ ଦ୍ୱାରା ଉତ୍ଥିତ ।
**Pumpkin**, *n.* ଲାଉ, କଖାରୁ ।
**Pun**, *n.* ଦ୍ୱ୍ୟର୍ଥ କଥା, ଦ୍ୱ୍ୟର୍ଥଯୁକ୍ତ ବାକ୍ୟ ।—*v.t.* ଦ୍ୱ୍ୟର୍ଥ ବାକ୍ୟ ବ୍ୟବହାର-କ ।
**Punch**, (1) *n.* ସୁରା ଜଳ ଚିନି ଲେମ୍ବୁରସ ଓ ମସଲା ଏହି ପାଞ୍ଚଦ୍ରବ୍ୟ ମିଶ୍ରିତ ମଦ୍ୟ ବିଶେଷ ।
**Punch**, (2) *n.* 1. ବିଧା; 2. କହୁଣୀ ।—*v.t.* ବିଧା ବା କହୁଣୀ ମାରିବା ।
**Punch**, (3) *n.* ଫୋଡ଼ିବା ହତିଆର ବିଶେଷ ।—*v.t.* କୌଣସି ଦୃଢ଼ ହତିଆରରେ ଫୋଡ଼ିବା, ବିନ୍ଧ-କ ।
**Punch**, (4) *n.* କୁଜା ଓ ଗେଣ୍ଡାକାବା ଏକପ୍ରକାର ପିତୁଳା; 2. ଏକ ପ୍ରସିଦ୍ଧ ସଚିତ୍ର ଇଂରାଜୀ ସାପ୍ତାହିକ ପତ୍ରିକା ।
**Puncheon**, *n.* 1. ପିଙ୍ଗା; 2. ତରଳପଦାର୍ଥର ମାପ ବିଶେଷ ।
**Punchinello**, *n.* ତମାସାରେ ଏକପ୍ରକାର ଗେଡ଼ା ଓ କୁଜା ପିତୁଳା; 2. ହବଢ଼ିଆ ଲୋକ ।
**Punctilio**, *n.* 1. ଶିଷ୍ଟାଚାର; 2. ନିଷ୍ଠା ।
**Punctilious**, *a.* 1. ନିଷ୍ଠ; 2. ଦୃଢ଼ପ୍ରତିଜ୍ଞ ।
**Punctiliousness**, *n.* 1. ନିଷ୍ଠତା; 2. ଦୃଢ଼ପ୍ରତିଜ୍ଞତା ।
**Punctual**, *a.* ସମୟନିଷ୍ଠ, ସମୟାନୁବର୍ତ୍ତୀ ।
**Punctuality**, *n.* ସମୟନିଷ୍ଠତା, ସମୟାନୁବର୍ତ୍ତିତା ।
**Punctually**, *ad.* ଠିକ୍ ସମୟରେ ।
**Punctuate**, *v.t.* ବିରାମଚିହ୍ନ ଦ୍ୱାରା ବାକ୍ୟ ବିଚ୍ଛେଦ-କ ।
**Punctuation**, *n.* ବିରାମଚିହ୍ନ ନିବେଶନ ।
**Puncture**, *n.* କ୍ଷୁଦ୍ର ଛିଦ୍ର, ବିନ୍ଧ, ରନ୍ଧ୍ର ।—*v.t.* କଣା-କ, ଫୋଡ଼ିବା, କ୍ଷୁଦ୍ର ଛିଦ୍ର-କ ।
**Pundit**, *n.* 1. ପଣ୍ଡିତ, ଭାରତୀୟ ଶାସ୍ତ୍ରଜ୍ଞ ବ୍ୟକ୍ତି; 2. ବିଦ୍ୱାନ୍ ବ୍ୟକ୍ତି ।
**Pungency**, *n.* 1. ରାଗ, କଟୁତା; 2. ତୀକ୍ଷ୍ଣତା ।
**Pungent**, *a.* 1. ରାଗୁଆ; 2. କଟୁ, 3. ବ୍ୟଙ୍ଗୋକ୍ତିଯୁକ୍ତ ।
**Punic**, *a.* 1. ବିଶ୍ୱାସଘାତ; 2. ଅବିଶ୍ୱସ୍ତ ।
**Puniness**, *n.* 1. କ୍ଷୁଦ୍ରତା; 2. ଦୁର୍ବଳତା; 3. କ୍ଷୁଦ୍ରାଶୟତା ।
**Punish**, *v.t.* 1. ଶାସ୍ତି-ଦେ, ଦଣ୍ଡ-ଦେ, ସଜା-ଦେ; 2. ମାଡ଼-ଦେ ।
**Punishability**, Punishableness, *n.* ଦଣ୍ଡନୀୟତା, ଦଣ୍ଡଯୋଗ୍ୟତା ।
**Punishable**, *a.* ଦଣ୍ଡନୀୟ, ଦଣ୍ଡଯୋଗ୍ୟ ।
**Punisher**, *n.* ଦଣ୍ଡଦାତା, ଶାସ୍ତିଦାତା ।
**Punishment**, *n.* ଦଣ୍ଡ, ଶାସ୍ତି, ସଜା ।
**Punitive**, *a.* 1. ଶାସ୍ତି ସମ୍ବନ୍ଧୀୟ; 2. ଦଣ୍ଡଦାୟକ ।
**Punitory**, *a.* ଦଣ୍ଡଦାୟକ ।
**Punnage**, Punning, *n.* ଦ୍ୱ୍ୟର୍ଥବାକ୍ୟ ବ୍ୟବହାରର ଅଭ୍ୟାସ ।
**Punster**, *n.* ଦ୍ୱ୍ୟର୍ଥବାକ୍ୟ ବ୍ୟବହାର କରିବା ଲୋକ ।
**Punt**, *n.* ପ୍ରଶସ୍ତ ତଳାବିଶିଷ୍ଟ ଏକପ୍ରକାର ଲମ୍ବାଳିଆ ନୌକା ।—*v.t.* 1. ବାଉ ମାରି ନୌକା ଚଳାଇବା; 2. ଗେଣ୍ଡୁ ତଳେ ନ ପଡ଼ୁଣୁ ଗୋଡ଼ରେ ମାରିବା ।
**Puny**, *a.* ଅତି କ୍ଷୁଦ୍ର, ଦୁର୍ବଳ, ହୀନ, ବଳହୀନ ।
**Pup**, *n.* କୁକୁରଛୁଆ, (also Puppy) ।—*v.t.* କୁକୁର ଛୁଆ ପ୍ରସବ-କ ।

Pupa, *pl.* Pupæ, *n.* ପତ୍ତିପୋକ, କୀଟର ଦ୍ୱିତୀୟାବସ୍ଥା ।

Pupil, (1) *n.* ଚକ୍ଷୁର ତାରା, ଅକ୍ଷିର ପୁପ ।

Pupil, (2) *n.* 1. ଛାତ୍ର, ବିଦ୍ୟାର୍ଥୀ, ପଢ଼ୁଆ; 2. ନାବାଳକ ।—Pupil teacher, ପଢ଼ୁଆ ଶିକ୍ଷକ ।

Pupilage, Pupillage, *n.* 1. ଛାତ୍ରାବସ୍ଥା; 2. ନାବାଳକତ୍ୱ ।

Pupilarity, Pupillarity, *n.* ଜନ୍ମଠାରୁ ଯୌବନପ୍ରାପ୍ତି ପର୍ଯ୍ୟନ୍ତ କାଳ, କୈଶୋର ।

Puppet, *n.* 1. ପୁତ୍ତଳିକା; 2. ସାକ୍ଷିଗୋପାଳ, ଅନ୍ୟର ମନ୍ତ୍ରଣାରେ ଚାଳିତ ବ୍ୟକ୍ତି ।

Puppetry, *n.* 1. ବେଶଭୂଷା; 2. ବାହ୍ୟାଡମ୍ବର; 3. ପୁତ୍ତଳୀକୀଡ଼ା, କଣ୍ଢେଇ ନାଚ ।

Puppet-show, *n.* ପୁତ୍ତଳୀକୀଡ଼ା, କଣ୍ଢେଇ ନାଚ ।

Puppy, *n.* 1. କୁକୁର ଶାବକ, କୁକୁର ଛୁଆ; 2. ଗର୍ବୀ ଯୁବା ।

Pur, Same as Purr.

Purblind, *a.* କ୍ଷୀଣଦୃଷ୍ଟି, ପ୍ରାୟ ଅନ୍ଧ ।

Purchasable, *a.* 1. କ୍ରେୟ, କଣିବାଯୋଗ୍ୟ; 2. ଲାଞ୍ଚୁଆ ।

Purchase, *v.t.* 1. କ୍ରୟ-କ, କଣିବା; 2. ଶ୍ରମ ବା କଷ୍ଟରେ ଲାଭ-କ ।—*n.* 1. କ୍ରୟ; 2. କୀତ ଦ୍ରବ୍ୟ; 3. ମୂଲ୍ୟ; 4. ଟେକିବାର ଉପାୟ, ଭାଡ଼ା ।

Purchase money, *n.* ମୂଲ୍ୟ ।

Purchaser, *n.* କ୍ରେତା, କ୍ରୟକାରୀ, କଣିବା ଲୋକ ।

Pure, *a.* 1. ନିର୍ମଳ; 2. ପରିଷ୍କୃତ; 3. ଅମିଶ୍ରିତ; 4. ଖାଣ୍ଟି; 5. ଯଥାର୍ଥ; 6. ଶୁଚି; 7. ସତୀ; 8. ସୁଶୀଳ ।

Purely, *ad.* 1. ଶୁଦ୍ଧଭାବେ; 2. ସମ୍ପୂର୍ଣ୍ଣରୂପେ ।

Pureness, *n.* ନିର୍ମଳତା, ଶୁଚିତା ।

Purgation, *n.* 1. ପରିଷ୍କାରକରଣ, ଶୋଧନ; 2. ରେଚନ; 3. ନିରପରାଧକରଣ ।

Purgative, *a.* 1. ରେଚକ; 2. ଶୋଧକ ।—*n.* ବିରେଚକ, ଜୋଲାପ, ରେଚକ ଔଷଧ ।

Purgatorial, *a.* 1. ଯମଲୋକ ସମ୍ବନ୍ଧୀୟ; 2. ପରିଷ୍କାରକ, ନିର୍ମଳକାରକ ।

Purgatory, *n.* ମୃତ୍ୟୁପରେ ମାନବାତ୍ମା ପବିତ୍ରୀକୃତ ହେବାର ସ୍ଥାନ, ଯମଲୋକ ।

Purge, *v.t.* 1. ପେଟ ସଫା-କ; 2. ପାପରୁ ମୁକ୍ତ-କ, ଦୋଷ ମାର୍ଜନା-କ; 3. ନିରପରାଧ-କ; 4. ମଦ୍ୟ ପରିଷ୍କାର-କ; 5. ଓଲାଇବା ।—*v.i.* ବେଶି ଝାଡ଼ା-ହେ ।

Purger, *n.* 1. ଶୋଧନକାରୀ; 2. ରେଚକ ଔଷଧ ।

Purging, *n.* ବିରେଚନ, ଅତିରିକ୍ତ ଝାଡ଼ା ।

Purification, *n.* 1. ଶୁଦ୍ଧକରଣ; 2. ଶୁଚିକରଣ; 3. ଶୋଧନ, ପବିତ୍ରୀକରଣ; 4. ନିର୍ଦ୍ଦୋଷକରଣ ।

Purificative, Purificatory, *a.* ଶୋଧକ, ପାବକ, ପବିତ୍ରକାରୀ ।

Purified. *a.* ପବିତ୍ରୀକୃତ, ପରିଷ୍କୃତ, ନିର୍ମଳୀକୃତ ।

Purifier, *n.* ପରିଷ୍କାରକ, ଶୋଧନକାରୀ, ପବିତ୍ରକାରୀ ।

Purify, *v.t.* 1. ନିର୍ମଳ-କ, ପରିଷ୍କୃତ-କ; 2. ବିଶୁଦ୍ଧ-କ, ନିର୍ଦ୍ଦୋଷ-କ; 4. ସଂଶୋଧନ-କ ।

Purifying, *n.* 1. ପରିଷ୍କୃତକରଣ; 2. ଶୋଧନ ।

Purim, *n.* ହାମନର ଷଡ଼ଯନ୍ତ୍ରରୁ ରକ୍ଷା ସ୍ମରଣାର୍ଥ ଯିହୁଦୀମାନଙ୍କର ପର୍ବବିଶେଷ ।

Purism, *n.* ବିଶୁଦ୍ଧ ଭାଷା ପ୍ରୟୋଗରେ ଯତ୍ନ ।

Purist, *n.* ବିଶୁଦ୍ଧ ଭାଷା ପ୍ରୟୋଗରେ ଯତ୍ନବାନ୍ ବ୍ୟକ୍ତି ।

Puritan, *n.* 1. ବିଶୁଦ୍ଧ ଧର୍ମପ୍ରିୟ; 2. ଇଂଲଣ୍ଡରେ ରାଣୀ ଏଲିଜାବେଥ୍ ଓ ଷ୍ଟୁଆର୍ଟମାନଙ୍କ ସମୟରେ ଜନୈକ ବିଶୁଦ୍ଧ ଧର୍ମାବଲମ୍ବୀ ।

Puritanic, Puritanical, *a.* 1. ବିଶୁଦ୍ଧ ଧର୍ମପ୍ରିୟ-ସମ୍ବନ୍ଧ; 2. ଠିକ୍, ଦୃଢ଼ ।

Puritanise, *v.i.* ବିଶୁଦ୍ଧ ଧର୍ମଚର୍ଯ୍ୟାରେ ଶିକ୍ଷିତ-କ ।

Puritanism, *n.* 1. କଠୋର ଧର୍ମାଚରଣ; 2. ବିଶୁଦ୍ଧ ଉପାସନାପଦ୍ଧତି ।

Purity, *n.* 1. ଶୁଚିତା; 2. ନିର୍ମଳତା; 3. ସାଧୁତା; 4. ସତୀତ୍ୱ; 5. ସରଳତା; 6. ବିଶୁଦ୍ଧତା ।

Purl, (1) *n.* ଜଳସ୍ରୋତର କଳକଳ ଶବ୍ଦ ।—*v.i.* କଳକଳ ଶବ୍ଦ-କ ।

Purl, (2) *n.* ଝାଲର ।—*v.t.* ଝାଲରଦ୍ୱାରା ଶୋଭିତ-କ ।

Purlieu, *n.* ଅଞ୍ଚଳ ।

Purlin, *n.* ଏକପ୍ରକାର କଡ଼ି ।

Purling, *n.* 1. କଳକଳଶବ୍ଦକରଣ; 2. ପ୍ରବାହିତ ସ୍ରୋତର ଝର ଝର ଶବ୍ଦ ।

Purloin, *v.t.* 1. ନେଇଯିବା; 2. ଚୋରି-କ ।—*v.i.* ଚୋରି ବ୍ୟବସାୟ-କ ।

Purple, *n.* 1. ବାଇଗଣିଆ ରଙ୍ଗ; 2. ରାଜାମାନଙ୍କର ବାଇଗଣିଆ ରଙ୍ଗର ପୋଷାକ; 3. ସମ୍ରାଟସୂଚକ ପରିଚ୍ଛଦ; 4. ରାଜା ବା ସମ୍ରାଟ୍ ପଦବୀ ।—*a.* 1. ବାଇଗଣୀ; 2. ଗାଢ଼ ରକ୍ତବର୍ଣ୍ଣ ।—*v.t.* 1. ବାଇଗଣିଆ ରଙ୍ଗରେ ରଞ୍ଜିତ-କ; 2. ବାଇଗଣିଆ ରଙ୍ଗର ପୋଷାକ ପିନ୍ଧାଇବା ।—*v.i.* ବାଇଗଣିଆ ରଙ୍ଗ-ହେ ।—Born in the purple, ରାଜବଂଶୋଦ୍ଭବ ।—Purple emperor, ନୀଳ ଓ ବେଗିନ ରଙ୍ଗର ଏକ ବଡ଼ଜାତି ପ୍ରଜାପତି ।

Purples, *n.* 1. ଦେହରେ ଜ୍ୱର ବେଳେ ଜାତ ବାଇଗଣୀ ଦାଗ; 2. ଗହମର ଏକପ୍ରକାର ରୋଗ ।

Purplish, *a.* ଈଷତ୍ ବାଇଗଣୀ ।

Purport, *n.* 1. ଅଭିପ୍ରାୟ; 2. ଅର୍ଥ; 3 ଭାବାର୍ଥ, ତାତ୍ପର୍ଯ୍ୟ ।—*v.t.* 1. ଅର୍ଥ ପ୍ରକାଶ-କ; 2. ସୂଚିତ-କ ।—*v.i.* ବୋଧ-ହେ ।

Purportless, *a.* ଅଭିପ୍ରାୟଶୂନ୍ୟ ।

Purpose, *n.* 1. ଉଦ୍ଦେଶ୍ୟ; 2. ମାନସ, ମତଲବ, ଅଭିସନ୍ଧି; 3. ଫଳ ।—*v.t.* ମାନସ-କ, ମନସ୍ଥ-କ ।—*v.i.* ଉଦ୍ଦେଶ୍ୟ ରଖିବା ।—Of or On purpose, ଜାଣିଶୁଣିକରି, ଅଭିପ୍ରାୟପୂର୍ବକ । To no purpose, ବୃଥା । To the purpose, ଉପଯୋଗୀ । For all practical purposes, ବସ୍ତୁତଃ, ବସ୍ତୁତରେ । For the purpose of, ଉଦ୍ଦେଶ୍ୟରେ, ନିମନ୍ତେ ।

Purposeful, *a.* 1. ଉଦ୍ଦେଶ୍ୟଯୁକ୍ତ; 2. ଉଦ୍ଦେଶ୍ୟନିଷ୍ଠ ।
Purposefulness, *n.* ଉଦ୍ଦେଶ୍ୟଯୁକ୍ତତା ।
Purposeless, *a.* 1. ଉଦ୍ଦେଶ୍ୟଶୂନ୍ୟ; 2. ନିରୁଦ୍ଦେଶ ।
Purposely, *ad.* ଉଦ୍ଦେଶ୍ୟାନୁସାରେ, ଜାଣିଶୁଣି, ଜ୍ଞାତସାରରେ ।
Purposive, *a.* ଉଦ୍ଦେଶ୍ୟଯୁକ୍ତ ।
Purposiveness, *n.* ଉଦ୍ଦେଶ୍ୟଯୁକ୍ତତା ।
Purr, Pur, *v.i.* ବିରାଡ଼ିପରି ଘୁରୁ ଘୁରୁ ଶବ୍ଦ-କ ।—*n.* (also Purring) ବିରାଡ଼ିର ଘୁରୁ ଘୁରୁ ଶବ୍ଦ ।
Purse, *n.* 1. ଟଙ୍କାଥଳୀ, ଟଙ୍କାମୁଣି, ଜୋଳା, ଗାଞ୍ଜିଆ; 2. ଟଙ୍କା, ବିଶେଷତଃ ବାଜିର ଟଙ୍କା; 3. ଧନାଗାର ।—*v.t.* 1. ଥଳୀ ବା ମୁଣିରେ ଟଙ୍କା ରଖିବା; 2. (ବଟୁଆ ପରି) ଓଷ୍ଠ କୁଞ୍ଚିତ-କ ।
Privy purse, *n.* ବ୍ରିଟିଶ ରାଜାଙ୍କର ହାତଖର୍ଚ୍ଚ ନିମନ୍ତେ ଟଙ୍କା ।
Purseful, *n.* ଥଳୀଏ, ଜୋଳାଏ, ଗୋଟିଏ ଥଳୀରେ ଯେତେ ରହିବ ସେତେ ପରିମାଣ ।
Purse-pride, *n.* ଧନଗର୍ବ ।
Purse-proud, *a.* ଧନଗର୍ବିତ ।
Purser, *n.* ଜାହାଜରେ ଖାଦ୍ୟଦ୍ରବ୍ୟ ଓ ଲୁଗାପଟା ରକ୍ଷକ, ଜାହାଜର ବକ୍ସି ।
Purslain, Purslane, *n.* ଏକପ୍ରକାର ଖାଦ୍ୟ ଶାକ ।
Pursuable, *a.* 1. ଅନୁଧାବନୀୟ; 2. ଅବଲମ୍ବନୀୟ ।
Pursuance, *n.* 1. ଅନୁଧାବନ, ପଶ୍ଚାଦ୍ଧାବନ; 2. ଅନୁସରଣ ।
Pursuant, *a.* ଅନୁଯାୟୀ, ଅନୁବର୍ତ୍ତୀ ।
Pursue, *v.t.* 1. ଅନୁଗମନ-କ; 2. ଗୋଡ଼ାଇବା, ପଶ୍ଚାଦ୍ଧାବନ-କ; 3. (ବ୍ୟବସାୟ) ଅବଲମ୍ବନ-କ; 4. ଚଳାଇବା; 5. ଅନ୍ୱେଷଣ-କ ।—*v.i.* 1. ଅନୁଗାମୀ-ହେ; 2. ବାଦୀ-ହେ ।
Pursuer, *n.* 1. ପଶ୍ଚାଦ୍ଧାବକ, ଅନୁଧାବକ; 2. ବାଦୀ ।
Pursuit, *n.* 1. ପଶ୍ଚାଦ୍ଧାବନ; 2. ଉଦ୍ୟୋଗ; 3. ବୃତ୍ତି; 4. ବ୍ୟବସାୟ ।
Pursuivant, *n.* 1. ଅନୁଚର, ଚୋବଦାର; 2. ରାଜଦୂତ; 3. ଘୋଷକର ଅନୁଚର ।
Pursy, *a.* ଗେଡ଼ା ଓ ଥାଲୁଆ ।
Purulence, Purulency, *n.* ପୂଜୋତ୍ପତ୍ତି ।
Purulent, *a.* ପୂଜପୂର୍ଣ୍ଣ ।
Purvey, *v.t.* 1. ଖାଦ୍ୟ ସାମଗ୍ରୀ ଯୋଗାଇବା; 2. ଖଞ୍ଜାଇବା; 3. ସରବରାହ-କ ।—*v.i.* ଖାଦ୍ୟ କ୍ରୟ-କ ।
Purveyance, *n.* 1. ଖାଦ୍ୟ ଦ୍ରବ୍ୟାୟୋଜନ; 2. ଖାଦ୍ୟ ସାମଗ୍ରୀ ।
Purveyor, *n.* 1. ଭକ୍ଷ୍ୟଦ୍ରବ୍ୟାୟୋଜନକର୍ତ୍ତା; 2. ଆହାର୍ଯ୍ୟ ସରବରାହକାରୀ; 3. କୁଟ୍ଟଣୀ ।
Purview, *n.* 1. ସୀମା; 2. ବ୍ୟବସ୍ଥାର ମୁଖ୍ୟଭାଗ ।
Pus, *n.* ପୂଜ, ପୂୟ, କ୍ଳେଦ ।
Push, *v.t.* 1. ଠେଲିବା, ପେଲିବା; 2. ଆଗକୁ ଚଳାଇବା; 3. ଜିଦ୍-କ; 4. ଉସ୍କାଇବା; 5. ତଗାଦା-କ; 6. ଠୁସିବା ।—*v.i.* 1. ଠେଲାମାରିବା; 2. ଠୁସା-ହେ; 3. ଚେଷ୍ଟା-କ; 4. ପଟାଇ-ହେ ।—*n.* 1. ଠେଲା, ପେଲା; 2. ଉତ୍ତେଜନା; 3. ଆକ୍ରମଣ; 4. ଚେଷ୍ଟା; 5. ଅତ୍ୟାବଶ୍ୟକତା ।
Pusher, *n.* ଯେ ଠେଲେ ବା ଧକ୍କା ଦିଏ ।
Pushing, *a.* 1. ଉଦ୍ୟୋଗୀ, ଯତ୍ନବାନ୍; 2. ଉଦ୍ଧତ, ସାହସୀ, ଅନଧିକାର ଚର୍ଚ୍ଚକ ।
Pusillanimous, *a.* 1. ଲଘୁଚିତ୍ତ; 2. କ୍ଷୀଣ; 3. ସଂକୀର୍ଣ୍ଣମନା; 4 ନୀଚମନା; 5. ଭୀରୁ ।
Pusillanimousness, Pusillanimity, *n.* 1. ଲଘୁଚିତ୍ତତା; 2. ଭୀରୁତା ।
Puss, *n.* 1. ବିଲେଇର ଡାକ ନାମ; 2. ବାଣୁଆ କଥାରେ ଠେକୁଆର ନାମ; 3. ପିଲାର କୌତୁକ ନାମ ।
Pussy, Pussy-cat, *n.* ଛୋଟ ବିରାଡ଼ି, ପାଳ ବିଲେଇ ।
Pustule, *n.* ପାକ ଫୋଟକା ।
Put, *v.t.* 1. ରଖିବା, ଥୋଇବା; 2. ଦୈର୍ଘ୍ୟାଗ୍ରରେ ଫିଙ୍ଗିବା; 3. ପକାଇବା; 4. ପ୍ରସ୍ତାବ-କ; 5. ନିଯୁକ୍ତ-କ; 6. ସନ୍ନିବେଶ-କ ।—*v.i.* ଜାହାଜ ଚଳିବା ।—*n.* 1. ନିକ୍ଷେପଣ; 2. ତାସରେ ଏକପ୍ରକାର ଖେଳ; 3. ନିର୍ଦ୍ଦିଷ୍ଟ ସମୟ ଓ ମୂଲ୍ୟରେ ବିକ୍ରୟର ଚୁକ୍ତି ।—To put about, 1. ବିପରୀତ ଦିଗରେ ବୁଲିବା; 2. କଷ୍ଟରେ ପକାଇବା । To put an end to, ନିବୃତ୍ତ କରାଇବା, ବନ୍ଦ-କ । To put away, ତ୍ୟାଗପତ୍ର-ଦେ । To put back, 1. ବାଧା-ଦେ; 2. ଫେରାଇ ଆଣି ଯଥାସ୍ଥାନରେ ରଖିବା । To put by, ସଞ୍ଚୟ କରି ରଖିବା । To put down, 1. ଦମନ-କ; 2. ନାମ ଲେଖିବା । To put forth, 1. ପ୍ରସାରିତ-କ; 2. ଅଙ୍କୁରିତ-ହେ; 3. ପ୍ରୟୋଗ-କ; 4. ପ୍ରକାଶିତ-କ; 5. ପ୍ରସ୍ତାବ-କ । To put in for, ଦାବି-କ । To put in mind, ସ୍ମରଣ କରାଇବା । To put in hand, ଆରମ୍ଭ-କ । To put in practice, କାର୍ଯ୍ୟରେ ପରିଣତ-କ । To put off, ବିଳମ୍ବ-କ; 2. ଟାଳଟୁଳ-କ; 3. କୂଳରୁ ଭସିଯିବା । To put on, 1. ପରିଧାନ-କ; 2. ଆରୋପଣ-କ । To put out, 1. ନିଭାଇବା; 2. ସୁଧରେ ଲଗାଇବା; 3. ଅଙ୍କୁରିତ-ହେ; 4. ବାହାର-କ; 5. ପ୍ରକାଶିତ-କ; 6. ବିରକ୍ତ-କ । To put to death, ଦଣ୍ଡାଜ୍ଞାନୁଯାୟୀ ବଧ-କ । To put up, 1. ଶିକାର ଉଠାଇବା; 2 ଖାପରେ ରଖି-ଦେ; 3. ବସାକରି ରହିବା; 4. କୁଣିଆ-କ; 5. ନାମ ପ୍ରସ୍ତାବ-କ; 6. ପେଶ୍-କ । To put up with, ସହିବା । To put up for, ପ୍ରାର୍ଥୀ-ହେ । To put to rights, ସୁଧାରିବା । To put to the proof, ପରୀକ୍ଷା କରିବା । To put to the sword, ବଧ-କ । To put through, ସମ୍ପନ୍ନ-କ, ଶେଷ-କ । To put two and two together, ଘଟଣା ଦେଖି ସିଦ୍ଧାନ୍ତରେ ଉପନୀତ-ହେ । To put one out of countenance, ଲଜ୍ଜିତ-କ । To put one out of conceit, କାହାର ମନ ଭାଙ୍ଗି-ଦେ । To put one out of court, ଖଣ୍ଡନ-କ । To put heads together,

ପରଷର ବୁଦ୍ଧି ଗରଠ କର ମନ୍ତ୍ରଣା-କ । To put one out, ତଡ଼ାଇ-ଦେ, ବିରକ୍ତ-କ । To put a false construction on, ଭୁଲକରି ବୁଝିବା । To put one's nose out of joint, ସାଗଭଡ଼୍ଗ-କ । To put out of humour, ବିରକ୍ତ-କ । To put to the blush, ଲଜ୍ଜିତ-କ । To put to the rack, ଯନ୍ତ୍ରରେ ଯନ୍ତ୍ରଣା-ଦେ । To put to the vote, ମତପ୍ରକାଶସଂଖ୍ୟା ଦ୍ୱାରା ସ୍ଥିର-କ । To put in force, ଜାରି-କ । To put a good face upon, ଉଲ୍ଲାସରେ ଦେଖାଇବା । To put to inconvenience, ଅସୁବିଧାରେ ପକାଇବା । To put to rout, ପରାଜିତ-କ । To put the best foot foremost, ଯଥାସାଧ୍ୟ ଚେଷ୍ଟା-କ । To put the cart before the horse, ଓଲଟାଭାବରେ କାର୍ଯ୍ୟ-କ । To put in a word, ମଝିରୁ ଗୋଟିଏ କଥା କହି-ଦେ । To put in an appearance, ଉପସ୍ଥିତ ହେ । To put one's hand into a hornet's nest, ଇଚ୍ଛାପୂର୍ବକ ବିପଦରେ ହାତ-ଦେ, ସାପ ଗାତରେ ହାତ ପୂରାଇବା । To put up to, ମନ୍ତ୍ରଣା-ଦେ ।

**Putage**, *n.* (Law) ପରସ୍ତ୍ରୀଗମନ ।

**Putation**, *n.* ଅନୁମାନକରଣ ।

**Putative**, *a.* 1. ଅନୁମିତ: 2. ପ୍ରଥିତ ।

**Putrefaction**, *n.* 1. ପଚନ; 2. ପଚିବା ଅବସ୍ଥା ।

**Putrefactive**, *a.* 1. ଦୁର୍ଗନ୍ଧକାରକ, ଦୂଷିତକାରକ; 2. ପଚନ ସମ୍ବନ୍ଧୀୟ ।

**Putrefy**, *v.t.* 1. ଦୁର୍ଗନ୍ଧ-କ; 2. ଦୂଷିତ-କ ।—*v.i.* ପଚିଯିବା, ଗଳିତ-ହେ, ଦୂଷିତ-ହେ ।

**Putrescence**, *n.* ପଚୁଆପଣ, ପଚନ ।

**Putrescent**, *a.* 1. ଦୂଷିତ, ପଚା, ସଢ଼ା; 2. ପଚନଶୀଳ ।

**Putrid**, *a.* 1. ସଢ଼ା, ପଚା; 2. ଦୁର୍ଗନ୍ଧଯୁକ୍ତ; 3. ଦୂଷିତ ।

**Putrid fever**, *n.* ଟାଇଫସ୍ ବା ଟାଇଫଏଡ୍ ଜାତ ଜ୍ୱର ।

**Putridity, Putridness**, *n.* 1. ଦୂଷିତାବସ୍ଥା, ପଚୁଆପଣ; 2 ସଢ଼ା ଜିନିଷ ।

**Putrifiable**, *a.* ପଚନଶୀଳ ।

**Putt**, *v.i.* "ଗଲ୍ଫ" ଖେଳରେ ଗାତକୁ ବେଣ୍ଡ ମାରିବା ।—*n.* ଗାତକୁ ବେଣ୍ଡ ମାରିବା ପାଇଁ ଲଘୁ ଆଘାତ ।

**Putter**, *n.* 1. ଯେ ନିକ୍ଷେପଭାବରେ ପଥର ଫିଙ୍ଗେ; 2. ଭୂତଳ ପଥରେ କୋଇଲା ବୁହାଳି; 3. "ଗଲ୍ଫ" ଖେଳରେ ଲଘୁ ଆଘାତ ଦେବାର ଏକପ୍ରକାର ଛଡ଼ି ।

**Putting**, *n.* 1. ନିକ୍ଷେପଭାବରେ ପଥର ନିକ୍ଷେପଣ; 2. ଏକପ୍ରକାର ଛଡ଼ି ।

**Putty**, *n.* କାଚ ଲଗାଇବା ପଟା ।

**Puzzle**, *n.* 1. ପ୍ରହେଳିକା; 2. ସମସ୍ୟା; 3. ବୁଦ୍ଧି ପରୀକ୍ଷାର ଖେଳ ।—*v.t.* 1. ସମସ୍ୟାରେ ପକାଇବା; 2. ସାରସ-କ ।—*v.i.* 1. ହତବୁଦ୍ଧି-ହେ; 2. କିଂକର୍ତ୍ତବ୍ୟବିମୂଢ଼-ହେ ।

**Puzzling**, *a.* 1. ସମସ୍ୟାପୂର୍ଣ୍ଣ; 2. କିଂକର୍ତ୍ତବ୍ୟବିମୂଢ଼କାରୀ ।

**Pyebald**, Same as Piebald.

**Pygmy, Pigmy**, *n.* 1. ପୁରାକାଳର କଳ୍ପିତ ବାମନ ଜାତି; 2. ବାମନ; 3. ଅଫ୍ରିକାଦେଶର ଏକ ବାମନଜାତି ।—*a.* ବାଉଁଶ, ବାମନ ।

**Pyramid**, *n.* 1. ମିଶରଦେଶର ତ୍ରିକୋଣାକୃତି ବୃହତ୍ ସ୍ତମ୍ଭ; 2. ତିନି ଚାରି ବା ତତୋଽଧିକ ପାର୍ଶ୍ୱବିଶିଷ୍ଟ ସୂଚ୍ୟଗ୍ରସ୍ତମ୍ଭ ବା ଘନକ୍ଷେତ୍ର ।

**Pyramidal**, *a.* ଉକ୍ତ ସ୍ତମ୍ଭସଦୃଶ ।

**Pyre**, *a.* ଚିତା, ଶବଦାହାର୍ଥ ସଜ୍ଜିତ କାଷ୍ଠସ୍ତୂପ ।

**Pyretic**, *a.* ଜ୍ୱରସମ୍ବନ୍ଧୀୟ, ଜ୍ୱରନାଶକ ।

**Pyrogen**, *n.* ଜ୍ୱରୋତ୍ପାଦକ ଦ୍ରବ୍ୟ ।

**Pyrogenic**, *a.* ଜ୍ୱରୋତ୍ପାଦକ ।

**Pyrognostic** *a.* ଅଗ୍ନି ବା ତାପ ସମ୍ବନ୍ଧୀୟ ।

**Pyrolatry**, *n.* ଅଗ୍ନିପୂଜା ।

**Pyrology**, *n*, ତାପବିଜ୍ଞାନ ।

**Pyromancy**, *n.* ଅଗ୍ନି ଦ୍ୱାରା ଶୁଭାଶୁଭ ଗଣନା ।

**Pyrotechnic, Pyrotechnical**, *a.* ଆତସବାଜି ସମ୍ବନ୍ଧୀୟ ।

**Pyrotechnics**, *n.* ଆତସବାଜି ପ୍ରସ୍ତୁତ ବିଦ୍ୟା ।

**Pyrotechnist**, *n.* 1. ଆତସବାଜି ପ୍ରସ୍ତୁତକାରୀ; 2. ଆତସବାଜି ବିଦ୍ୟାରେ ନିପୁଣ ଲୋକ ।

**Pyrotic**, *a.* ଦାହକ ।

**Pyrrhic**, (1) *n.* 1. ପ୍ରାଚୀନ ଗ୍ରୀକ୍‌ମାନଙ୍କ ମଧ୍ୟରେ ରଣନୃତ୍ୟ ବିଶେଷ; 2. ଛନ୍ଦର ଦୁଇ ହ୍ରସ୍ୱ ସ୍ୱରାଂଶବିଶିଷ୍ଟ ଏକ ଚରଣ ।

**Pyrrhic**, (2) *a.* ପିରସ୍ ନାମକ ରାଜା ସମ୍ବନ୍ଧୀୟ ।

**Pyrrhic victory**, *n.* ପ୍ରଚୁରତର କ୍ଷତିଜାତ ଜୟ ।

**Python**, *n.* 1. ଅଜଗର ସାପ; 2. ଏକପ୍ରକାର ଭୂତ ।

**Pythonic**, *a.* 1. ଭବିଷ୍ୟତ୍ ଜ୍ଞାପକ; 2. କୃତ୍ରିମ ସ୍ୱରପୂରିତ ।

**Pythonism**, *n.* କୃତ୍ରିମ ସ୍ୱରପୂରଣର ବିଦ୍ୟା ।

**Pythonist**, *n.* କୃତ୍ରିମ ସ୍ୱରପୂରଣର ବିଦ୍ୟାବେତ୍ତା ।

**Pyx**, *n.* 1. ରୋମାନ୍‌କ୍ୟାଥଲିକ୍ ମଣ୍ଡଳୀରେ ପ୍ରଭୁଙ୍କ ଭୋଜର ରୁଟୀ ସଂସ୍କାର ଉପରେ ରଖାଯିବା ସିନ୍ଦୁକ; 2. ଟଙ୍କାଶାଳାରେ ଆଦର୍ଶ ଟଙ୍କା ରଖା ସିନ୍ଦୁକ ।

# Q.

**Q**, 1. ଇଂରାଜୀ ବର୍ଣ୍ଣମାଳାର ସପ୍ତଦଶ ଅକ୍ଷର; 2. ରୋମୀୟ ଗଣନାରେ ପାଞ୍ଚଶତ ସଂଖ୍ୟା ।

**Quack**, *v.i.* 1. ହଂସ ପରି ବୋବାଇବା, ପ୍ୟାକ୍ ଶବ୍ଦ-କର; 2. ବଢ଼ାଇ-କହ; 3. କୁବୈଦ୍ୟ ପରି ଚିକିତ୍ସା-କର ।—*n.* 1. ହଂସର ରବ; 2. କୁବୈଦ୍ୟ ।—*a.* କୁବୈଦ୍ୟବୃତ୍ତି ସମ୍ବନ୍ଧୀୟ ।

**Quackery**, *n.* 1. କୁବୈଦ୍ୟବୃତ୍ତି; 2. ଠକାମି ।

**Quackish**, *a.* 1. କୁବୈଦ୍ୟବତ୍; 2. ଗପୀ; 3. ଠକ ।

**Quad**, (1) **Quod**, *n.* 1. ଚତୁଷ୍କୋଣ ଅଗଣା; 2. (Slang) ବନ୍ଦିଶାଳା ।

**Quad**, (2) *n.* ଛାପାକାର୍ଯ୍ୟରେ ବ୍ୟବହୃତ ଉପକରଣ ବିଶେଷ ।

**Quadragenerian**, *a.* 1. ଚାଳିଶସଂଖ୍ୟା ବିଶିଷ୍ଟ; 2. ଚାଳିଶବର୍ଷ ବୟସ୍କ ।

**Quadrangle**, *n.* 1. ଚତୁର୍ଦିଗ ଗୃହବେଷ୍ଟିତ ସ୍ଥାନ; 2. (Geom.) ସମଚତୁର୍ଭୁଜ କ୍ଷେତ୍ର ।

**Quadrangular**, *a.* ସମଚତୁରସ୍ର ।

**Quadrant**, *n.* 1. ବୃତ୍ତର ଚତୁର୍ଥାଂଶ; 2. ସୂର୍ଯ୍ୟର ଉଚ୍ଚତା ମାପିବା ଯନ୍ତ୍ର ।

**Quadrat**, *n.* ଶୂନ୍ୟସ୍ଥାନ ପୂରଣାର୍ଥ ଛାପାକର୍ମରେ ବ୍ୟବହୃତ ଚତୁଷ୍କୋଣ ସୀସାଖଣ୍ଡ ।

**Quadrate**, *a.* 1. ଚତୁଷ୍କୋଣ; 2. ସମଚତୁରସ୍ର; 3. ଠିକ୍, ଉପଯୁକ୍ତ ।—*n.* ସମଚତୁର୍ଭୁଜ କ୍ଷେତ୍ର ।—*v.i.* ସମାନୁରୂପ-ହେ ।

**Quadratic**, *a* ଚତୁରସ୍ର ସମ୍ବନ୍ଧୀୟ ।

**Quadrel**, *n.* ଚତୁଷ୍କୋଣ ପଥର ବା ଇଟା ।

**Quadrennial**, *a.* 1. ଚତୁର୍ବର୍ଷୀୟ, ଚତୁର୍ବାର୍ଷିକ; 2. ଚତୁର୍ଥ ।

**Quadrenniate**, **Qudrennium**, *n.* ଚାରିବର୍ଷକାଳ-ବ୍ୟାପୀ ।

**Quadriform**, *a.* 1. ଚତୁଷ୍ପରସ୍ତ; 2. ଚତୁଃଅଂଶିକ ।

**Quadrilateral**, *a.* ଚତୁର୍ଭୁଜ ।—*n.* (Geom.) ଚତୁର୍ଭୁଜ କ୍ଷେତ୍ର ।

**Quadrille**, *n.* 1. ଚାରି ଯୋଡ଼ା ବିଶିଷ୍ଟ ନୃତ୍ୟବିଶେଷ; 2. ଚାଳିଶଖଣ୍ଡ ତାସରେ ଚାରିଜଣିଆ ଏକପ୍ରକାର ଖେଳ ।

**Quadripartite**, *a.* ଚତୁର୍ବିଭକ୍ତ ।

**Quadripennate**, *a.* ଚତୁଷ୍ପକ୍ଷଯୁକ୍ତ ।

**Quadriphyllous**, *a.* ଚତୁଷ୍ପତ୍ରବିଶିଷ୍ଟ ।

**Quadrisection**, *n.* ଚାରି ସମଭାଗ ।

**Quadrisyllable**, *n.* ଚତୁଃଅକ୍ଷରବିଶିଷ୍ଟ ପଦ ।

**Quadrivalvular**, *a.* ଚାରି କପାଟବିଶିଷ୍ଟ ।

**Quadruped**, *n.* ଚତୁଷ୍ପଦ ଜନ୍ତୁ ।—*a.* ଚତୁଷ୍ପଦ ।

**Quadrupedal**, *a.* ଚତୁଷ୍ପଦ ।

**Quadruple**, *a.* ଚତୁର୍ଗୁଣ ।—*n.* କୌଣସି ସଂଖ୍ୟାର ଚତୁର୍ଗୁଣ ।—*v.i.* ଚତୁର୍ଗୁଣ-ହେ ।

**Quadruplicate**, *a.* ଚାରି ପ୍ରସ୍ତବିଶିଷ୍ଟ ।—*v.t.* ଚାରି ପ୍ରସ୍ତ-କର ।

**Quaff**, *v.t.* ବଡ଼ ଢୋକ ଗିଳିବା ।—*v.i.* ଅଧିକ ପାନ-କର ।

**Quaggy**, *a.* ଜଳଜଳିଆ, ପଙ୍କୁଆ ।

**Quagmire**, *n.* ଜଳଜଳିଆ ଭୂମି, ପଙ୍କୁଆ ଜାଗା ।

**Quail**, (1) *n.* ଘଣ୍ଟୋଇପକ୍ଷୀ, ଗୁଡ଼ୁରୁ ।

**Quail**, (2) *v.i.* 1. ଭୟରେ କୁଙ୍କୁଡ଼ାକୁଞ୍ଚା-ହେ; 2. ସାହସ ହରା-ହେ ।—*v.t.* 1. ପରାଜିତ-କର; 2. ଭୟ ଦେଖାଇବା ।

**Quaint**, *a.* 1. ଅପରୂପ; 2. ଅସାଧାରଣ; 3. ଶିଆଳ, ଅସମ୍ଭବ କଳ୍ପନାକାରୀ ।

**Quaintness**, *n.* 1. ଅପରୂପତା; 2. ଶିଆଳପଣ, ଅବସ୍ତୁ ର କଳ୍ପନା ।

**Quake**, *v.i* ଥରଥର-ହେ ।—*v.t.* କମ୍ପିତ କରାଇବା ।—*n.* କମ୍ପ, ସ୍ପନ୍ଦ ।

**Quaker**, *n.* ଜର୍ଜ ଫକ୍ସ ସାହେବଙ୍କ ଦ୍ୱାରା ସ୍ଥାପିତ ଧର୍ମମତର ଅବଲମ୍ବୀ ।

**Quakerism**, *n.* କ୍ୱେକର୍ଙ୍କ ଧର୍ମମତ ।

**Quaking**, *n.* କମ୍ପନ, ଥରଥର, ସ୍ପନ୍ଦନ ।

**Qualifiable**, *a.* 1. କାର୍ଯ୍ୟଯୋଗ୍ୟ; 2. ଲଘୁକ ହେବା ଯୋଗ୍ୟ; 3. ପରମେୟ ।

**Qualification**, *n.* 1. ଯୋଗ୍ୟତା; 2. କ୍ଷମତା; 3. ଗୁଣ, ଧର୍ମ; 4. ଦୋଷ; 5. ନ୍ୟୂନୀକରଣ ।

**Qualified**, *a.* 1. ଯୋଗ୍ୟ, ଦକ୍ଷ; 2. କ୍ଷମତାପନ୍ନ ।

**Qualify**, *v.t.* 1. ଯୋଗ୍ୟ-କର, ଉପଯୁକ୍ତ-କର; 2. ଅଧିକ ସମ୍ବନ୍ଧୀୟ କ୍ଷମତା-ଦେ; 3. ପରିମିତ-କର, ନିୟମିତ-କର; 4. ନ୍ୟୂନ-କର ।—*v.i.* ଉପଯୁକ୍ତ-ହେ ।

**Qualitative**, *a.* 1. ଗୁଣସମ୍ବନ୍ଧୀୟ, ଗୁଣବାଚକ; 2. (Chem.) ପ୍ରକୃତିସୂଚକ ।

**Quality**, *n.* 1. ଗୁଣ, ଧର୍ମ; 2. ପ୍ରକୃତି, ସ୍ୱଭାବ; 3. ପଦ, 4. କୁଳୀନତା ।

**Qualm**, *n.* 1. ବମନେଚ୍ଛା; 2. ବିବେକ ଶଙ୍କା; 3. ଭୟ ।

**Qualmish**, *a.* 1. ବମନେଚ୍ଛୁ; 2. ବିବେକଶଙ୍କିତ ।

**Quandary**, *n.* 1. ଦ୍ୱିଧା, ପେଞ୍ଚ; 2. ସଙ୍କଟ ।

**Quantitative**, *a.* 1. ପରିମାଣ ସମ୍ବନ୍ଧୀୟ; 2. ସଂଖ୍ୟାବାଚକ ।

**Quantity**, *n.* 1. ପରିମାଣ; 2. ମାତ୍ରା; 3. ଗୁଚ୍ଛ, ରାଶି; 4. ଅଧିକାଂଶ; 5. (Math.) ସଂଖ୍ୟା ।

**Quantum**, *n.* 1. ପିଣ୍ଡ; 2. ଅଂଶ; 3. ପରିମାଣ ।

**Quarantine**, *n.* 1. ସଂକ୍ରାମକ ରୋଗ ହେତୁରୁ ଜାହାଜର ଘାଟକୁ ଯିବା ନିଷେଧକାଳ; 2. ସଂକ୍ରାମକ ରୋଗ ହେତୁରୁ ମନୁଷ୍ୟ ବା ସ୍ଥାନର ପୃଥକ୍ ଅବସ୍ଥା ।—*v.t.* ସଂକ୍ରାମକ ରୋଗ ହେତୁରୁ ମିଳାମିଶା କୁ ନିଷେଧ-କର ।

**Quarrel**, (1) *n.* କଳହ, କଳି, ବିବାଦ ।—*v.i.* କଳି-କର, ବିବାଦ-କର ।

Quarrel, (2) 1. କୋଣସ୍ଥଳରେ ଠିଆହେବା ବରକ୍ଷେବାକାର୍ ଜାଳଖଣ୍ଡ; 2. "ରମ୍ଭସ୍" ଅକାରର କାଚଖଣ୍ଡ; 3. ଚତୁଷ୍କୋଣାଗ୍ରଯୁକ୍ତ ଶର; 4. କାଚ କାଟିବାର ଏକପ୍ରକାର ହୀରକ ।—To quarrel with one's bread and butter, ଆପଣା ଥାଳାରେ ଧୂଳି ପକାଇବା । To pick a quarrel with, ଉପରେ ପଡ଼ କଳହ-କ । To take up a quarrel, କଳିରେ ପକ୍ଷ ଧରିବା ।

Quarry, (1) n. ପଥରଖଣି ।—v.t. ଖଣିରୁ ପଥର କାଟିବା ।

Quarry, (2) n. 1. ଶିକାର, ମୃଗୟା; 2. ଶିକାରରେ ମୃତ ଜନ୍ତୁସମୂହ ।

Quarry-man, n. ପଥରଖଣିରେ କାମକାରୀ ।

Quart, n. ଇଂରାଜ ମାପରେ ପ୍ରାୟ ଏକସେର ପରିମାଣ ।

Quarter, n. 1. ଚତୁର୍ଥାଂଶ, ଚାରିଭାଗରୁ ଏକ ଭାଗ, ପୌଠ, ପାଏ; 2. ଇଂରାଜ ମାପରେ ବାଲେଶ୍ୱର ଚଉଦ ସେର; 3. ବତ୍ସରର ଋତୁ; 4. ସ୍ଥାନ, ପଡ଼ା; 5. ବସା; 6. ଆକାଶର ଏକ ଭାଗ, ଦିଗ; 7. ସେନା ନିବାସ; 8. ଯୁଦ୍ଧରେ ପରାଜିତ ଶତ୍ରୁପ୍ରତି ଦୟା ।—v.t. 1. ଚାରି ସମାନ ଭାଗରେ ବିଭକ୍ତ-କ; 2. ଭାଗଭାଗ-କ; 3. ବସା ଯୋଗାଇବା; 4. ଅଧିଷ୍ଠ-କ ।—v.i. ଅବସ୍ଥିତ-କ, ଠିକଣା ହୋଇ ରହିବା ।—To give quarter, ଶତ୍ରୁପ୍ରତି ଦୟା ପ୍ରକାଶ-କ ।—Free quarters, ବିନା ଭଡ଼ାର ବସା । From every quarter, ଚତୁର୍ଦ୍ଦିଗରୁ । Head quarters, ସେନାପତିର ଆବାସ । To come to close quarters, ଲଗାଲଗି ହୋଇ ଯୁଦ୍ଧ-କ ।

Quarter-day, n. ବର୍ଷର ତ୍ରୈମାସିକ କିସ୍ତିର ପ୍ରଥମ ବା ଶେଷ ଦିନ ।

Quarter-deck, n. ନୌକର୍ମ୍ମଚାରୀମାନଙ୍କ ଦ୍ୱାରା ବ୍ୟବହୃତ ଯୁଦ୍ଧଜାହାଜର ଉପର ତଳା ।

Quartered, a. 1. ଚାରି ସମାନ ଭାଗରେ ବିଭକ୍ତ; 2. ବସା କରି ରହିଥିବା ।

Quarterly, a. 1. ଚତୁର୍ଥାଂଶ ସମ୍ବନ୍ଧୀୟ; 2. ଚତୁର୍ଥ ଭାଗ ବିଶିଷ୍ଟ; 3. ତ୍ରୈମାସିକ ।—ad. ତିନିମାସରେ ଥରେ ।

Quartermaster, n. ସୈନ୍ୟର ବାସସ୍ଥାନ ଓ ଖାଦ୍ୟ ବନ୍ଦୋବସ୍ତ କରିବା କର୍ମ୍ମଚାରୀ ।

Quarters, n. ବାସସ୍ଥାନ ।

Quartette, Quartet, n. 1. ଏକକାଳୀନ ଚାରି ଗାୟକଙ୍କ ଗୀତ; 2. ଚାରି ଜଣ ଏକତ୍ର ଗାଇବାର ସଙ୍ଗୀତ ।

Quarto, a. ଚାରି ଭାଞ୍ଜ ବିଶିଷ୍ଟ ।—n. ଚାରିପେଜୀ ବହି ।

Quartz, n. ଶିଳାସ୍ଫଟିକ ।

Quartzitic, Quartzose, a. ଶିଳାସ୍ଫଟିକମୟ ।

Quash, (1) v.t. (Law) ରଦ-କ ।

Quash, (2) v.t. 1. ଦମନ-କ; 2. ଶେଷ-କ; 3. ଚିପିବା ।

Quasi, conj. and ad. ଯେମନ୍ତ କି, ଯେପରି ।

Quassia, n. ଦକ୍ଷିଣ ଆମେରିକାର ଏକପ୍ରକାର ତିକ୍ତ ଔଷଧ ବୃକ୍ଷ ।

Quaternion, n. ଚାରିର ସମଷ୍ଟି, ଚତୁଷ୍ଟୟ ।

Quatrain, n. ଏକାନ୍ତରମିଳାକ୍ଷର ଚାରି ଚରଣବିଶିଷ୍ଟ ପଦ୍ୟ ।

Quaver, v.i. 1. ଥରିବା; 2. ଗଳା ଥରାଇ ଗାଇବା ।—n. 1. କମ୍ପିତ ସ୍ୱର; 2. ବାଦ୍ୟଯନ୍ତ୍ରରେ ବ୍ୟବହୃତ ଏକ ଅର୍ଦ୍ଧ ସ୍ୱରଚିହ୍ନ ।

Quay, n. kē, ନୌକାକୁ ଲଗାଇବା ସ୍ଥାନ, ଘାଟ ।

Quayage, n. ଘାଟ ମାସୁଲ ।

Queen, n. 1. ରାଣୀ, ରାଜମହିଷୀ, ରାଜପତ୍ନୀ; 2. ସ୍ୱାମିନୀ; 3. ପ୍ରଧାନା; 4. ତାସ୍ ବିବି; 5. ଶତରଞ୍ଜ ଖେଳର ମନ୍ତ୍ରୀ ।

Queen-bee, n. ମହୁମାଛିମାନଙ୍କର ରାଣୀ ।

Queen-consort, n. ରାଜପତ୍ନୀ ।

Queen-craft, n. ରାଣୀଙ୍କର କୌଶଳ ।

Queendom, n. ରାଣୀଙ୍କର ପଦ ବା ରାଜତ୍ୱ ।

Queen-dowager, n. ରାଜାଙ୍କର ବିଧବାପତ୍ନୀ ।

Queenhood, n. ରାଜ୍ଞୀତ୍ୱ ।

Queenly, Queenlike, a. ରାଣୀତୁଲ୍ୟ, ରାଣୀଯୋଗ୍ୟ, ରାଜ୍ଞୋଚିତ ।

Queen of diamonds, n. ତାସ୍‌ର ରୁହିତନ ବିବି ।

Queen of heaven, n. ରୋମାନକାଥଲିକ୍‌ମାନଙ୍କ ଦ୍ୱାରା ମରିୟମଙ୍କୁ ଦତ୍ତ ପଦବୀ ।

Queen-regent, n. ଯୁବରାଜ ନାବାଳକ ଥିବାରୁ ପ୍ରତିନିଧିରୂପେ ଶାସନ କରୁଥିବା ରାଣୀ ।

Queen's bench, n. ସବୁଠାରୁ ବଡ଼ ଧର୍ମ୍ମାଧିକରଣ ।

Queen's English, n. ବିଶୁଦ୍ଧ ଇଂରାଜୀଭାଷାର ବ୍ୟବହାର ।

Queenship, n. ରାଣୀଙ୍କର ପଦ ମର୍ଯ୍ୟାଦା ବା ସମ୍ମାନ ।

Queer, a. 1. ଅପୂର୍ବ, ଅଦ୍ଭୁତ; 2. ଅଡଙ୍ଗା; 3. ହାସ୍ୟଜନକ ।

Queerness, n. ଅଦ୍ଭୁତତା, ଅସାଧାରଣତ୍ୱ, ଅପୂର୍ବତା ।

Quell, v.t. 1. ଦମନ-କ; 2. ବଶ-କ; 3. ଶାନ୍ତ-କ, ନିବୃତ୍ତ-କ ।

Quench, v.t. 1. ନିର୍ବାଣ-କ, ନିଭାଇବା; 2. ଦମନ-କ; 3. ପ୍ରଶମିତ-କ; 4. ତୃଷା ନିବୃତ୍ତ-କ ।—v.i. ନିର୍ବାପିତ-ହେ ।

Quenchable, a. 1. ନିର୍ବାପଣୀୟ; 2. ଦମନୀୟ; 3. ନିବୃତ୍ତକରଣୀୟ ।

Quenchless, a. 1. ଅନିର୍ବାପଣୀୟ; 2. ଅଦମ୍ୟ ।

Querist, n. ପ୍ରଶ୍ନକର୍ତ୍ତା, ଜିଜ୍ଞାସୁ ବ୍ୟକ୍ତି ।

Quern, n. ଶସ୍ୟ ପେଷଣାର୍ଥ ହାତଚକି ବା ଯନ୍ତା ।

Querulous, a. 1. ଖଣଖଣିଆ; 2. ଦୁଃଖୋକ୍ତିପୂର୍ଣ୍ଣ; 3. ଖିଟିଖିଟିଆ, ଖୁଁଥୁଖୁଁଥୁ ।

Querulousness, n. 1. ଦୁଃଖୋକ୍ତିତା; 2. ଖିଟିଖିଟିଆ ଭାବ ।

Query, n. 1. ପ୍ରଶ୍ନ, ଜିଜ୍ଞାସା; 2. ପ୍ରଶ୍ନଚିହ୍ନ ଯଥା (?) ।—v.t. 1. ପ୍ରଶ୍ନ ପଚାରିବା, ଜିଜ୍ଞାସା-କ; 2. ସନ୍ଦେହ-କ ।

Quest, n. 1. ଅନୁସନ୍ଧାନକରଣ; 2. ଅନ୍ୱେଷଣ; 3. ଅନୁଧାବନ ।—In quest of, ଅନୁସନ୍ଧାନରେ, ଖୋଜି ।

**Question,** *n.* 1. ପ୍ରଶ୍ନ, ଜିଜ୍ଞାସା; 2. ଅନୁସନ୍ଧାନ; 3. ବିବାଦ; 4. ସନ୍ଦେହ; 5. ଆଲୋଚ୍ୟ ବିଷୟ; 6. ପ୍ରସଙ୍ଗ । —*v.t.* 1. ପ୍ରଶ୍ନ-କ, ଜିଜ୍ଞାସା-କ; 2. ପ୍ରଶ୍ନଦ୍ୱାରା ପରୀକ୍ଷା -କ; 3. ସନ୍ଦେହ-କ; 4. ଅବିଶ୍ୱାସ-କ ।—To beg the question, ବିନା ପ୍ରମାଣରେ ସ୍ୱୀକୃତ ବୋଲି ଗ୍ରହଣ -କ । To call in question, ଆପତ୍ତି-କ, ବିଚାରାଧୀନରେ ପଡ଼ିବା । In question, ଆଲୋଚ୍ୟ । Leading question, ଉତ୍ତରସୂଚକ ପ୍ରଶ୍ନ । Out of the question, ଅଯୌକ୍ତିକ । To pop the question, ବିବାହ କରିବାକୁ ପ୍ରସ୍ତାବ-କ । Question at issue, ଆଲୋଚ୍ୟ ବିଷୟ ।

**Questionable,** *a.* 1, ସନ୍ଦେହଯୋଗ୍ୟ; 2. ସଂଶୟପୂର୍ଣ୍ଣ; 3. ଅନିଶ୍ଚିତ ।

**Questioner,** *n.* ପ୍ରଶ୍ନକର୍ତ୍ତା, ପ୍ରଷ୍ଟା ।

**Questioning,** *n.* 1. ପ୍ରଶ୍ନକରଣ; 2. ସନ୍ଦେହ, ସଂଶୟ ।

**Queue,** *n.* 1. ପୃଷ୍ଠ ଲମ୍ବିତ ବେଣୀ; 2. ପଛକୁ ପଛ ଠିଆ ହୋଇଥିବା ଲୋକଶ୍ରେଣୀ ।

**Quibble,** *n.* 1. ଆଲୋଚ୍ୟ ବିଷୟର ପରିତ୍ୟାଗ; 2. ବାକ୍-ଛଳ; 3. ବୃଥା ଆପତ୍ତି ।—*v.i.* ବାକ୍‌ଛଳରେ ଆଲୋଚ୍ୟ ବିଷୟ ପରିତ୍ୟାଗ-କ ।

**Quibbler,** *n.* 1. କୂଟାର୍ଥବାଦୀ; 2. ବାକ୍‌ଛଳକାରୀ; 3. ବୃଥା ଆପତ୍ତିକାରୀ ।

**Quick,** *a.* 1. ସଜୀବ, ଜୀବନ୍ତ; 2. ସ୍ଫୂର୍ତ୍ତିଯୁକ୍ତ; 3. କ୍ଷିପ୍ର; 4. ଦ୍ରୁତ, ଶୀଘ୍ର; 5. ଗର୍ଭିଣୀ; 6. ତୀକ୍ଷ୍ଣ ।—*n.* 1. ଜୀବନ୍ତ ପ୍ରାଣିସମୂହ; 2. ଜୀବନ୍ତ ଦେହସ୍ଥ ମାଂସ; 3. ମର୍ମସ୍ଥାନ ।—*ad.* ଶୀଘ୍ର, ବେଗେ, ଅବିଳମ୍ବେ ।—Quick as thought, ମନୋବେଗରେ । To cut to the quick, ମର୍ମ ଭେଦ-କ ।

**Quicken,** *v.t.* 1. ସଜୀବ-କ; 2. ପୁନଃ ସଚେତନ-କ, ପୁନରୁଜ୍ଜୀବିତ-କ; 3. ଉତ୍ସାହିତ-କ; 4. ଉତ୍ତେଜିତ -କ; 5. ତ୍ୱରିତ-କ ।—*v.i.* 1. ସଜୀବ-ହ; 2. ଚଳ-ଚଳ-ହ; 3. ଗର୍ଭେ ସନ୍ତାନ ବୁଲିବାର ଅନୁଭବ-କ ।

**Quickening,** *n.* ମାତାର ଗର୍ଭସ୍ଥ ସନ୍ତାନ ବୁଲିବାର ପ୍ରଥମ ଜାଣିବା ସମୟ ।

**Quick-eyed,** *a.* ତୀକ୍ଷ୍ଣଦୃଷ୍ଟିବିଶିଷ୍ଟ ।

**Quicklime,** *n.* କଳିଚୂନ ।

**Quickly,** *ad.* ଶୀଘ୍ର, ଝଟିତ, ତ୍ୱରା, ଜଲ୍‌ଦ ।

**Quickness,** *n.* ଶୀଘ୍ରତା, ଦ୍ରୁତତା ।

**Quicksand,** *n.* ପୋତ ବାଲି, ଧସା ବାଲି ।

**Quick-scented,** *a.*, ତୀକ୍ଷ୍ଣ ଘ୍ରାଣଶକ୍ତିବିଶିଷ୍ଟ ।

**Quickset,** *n.* ବାଡ଼ପାଇଁ ଜୀଅନ୍ତା ଗଛ ।—*a.* ଜୀଅନ୍ତା ଗଛରେ ତିଆରି ।

**Quick-sighted,** *a.* 1. ତୀକ୍ଷ୍ଣଦୃଷ୍ଟି; 2. ତୀକ୍ଷ୍ଣବୁଦ୍ଧି ।

**Quicksilver,** *n.* ପାରା, ପାରଦ ।—*v.t.* ପାରା ଲଗାଇବା, ପାରଦଲିପ୍ତ-କ ।

**Quick-tempered,** *a.* 1. କ୍ଷଣକୋପୀ, ଆଶୁକୋପୀ ।

**Quick-witted,** *a.* ଉପସ୍ଥିତବୁଦ୍ଧି, ପ୍ରତ୍ୟୁତ୍ପନ୍ନମତି ।

**Quid,** (1) *n.* ଥରେ ଚୁଣ୍ଡିବା ତମାଖୁ ।

Quid, (2) *n.* ବସ୍ତୁ ।

Quidnunc, *n.* 1. ସମ୍ବାଦପ୍ରିୟ ଲୋକ; 2. ସବୁ ବିଷୟ ଜାଣିଲା ପରି ଦେଖାଉଥିବା ଲୋକ; 3. ଗପୁଡ଼ା ।

Quiesce, *v.i.* 1. ସ୍ଥିର-ହ; 2. ଅନୁଚ୍ଚାରିତ-ହ ।

Quiescence, Quiescency, *n.* 1. ବିଶ୍ରାମ; 2. ଶାନ୍ତି, କ୍ଷାନ୍ତି; 3. ଅନୁଚ୍ଚାରିତା; 4. ସ୍ଥିରତା; 5. ନିସ୍ତବ୍ଧତା ।

Quiescent, *a.* 1. ବିଶ୍ରାନ୍ତ; 2. ଶାନ୍ତ, କ୍ଷାନ୍ତ; 3. ଅନୁଚ୍ଚାର୍ଯ୍ୟ; 4. ସ୍ଥିର; 5. ନିସ୍ତବ୍ଧ ।

Quiet, *a.* 1. ସ୍ଥିର; 2. ଶାନ୍ତ; 3. ଧୀର; 4. ନୀରବ, ତୁନି, ମୌନ, ନିଘୋଳ; 5. ନିରାଡ଼ମ୍ବର; 6. ସୁଶୀଳ ।—*n.* 1. ଶାନ୍ତି; 2. ନିସ୍ତବ୍ଧତା; 3. ନିଘୋଳତା; 4. ବିରାମ; 5. ସ୍ଥୈର୍ଯ୍ୟ ।—*v.t.* 1. ସ୍ଥିର-କ; 2. ଶାନ୍ତ-କ; 3. ନିବୃତ୍ତ-କ, ବିରତ-କ; 4. ପ୍ରଶମିତ-କ ।

Quieten, *v.t.* 1. ତୁନି-କ; 2. ସୁସ୍ଥିର-କ; 3. ଶାନ୍ତ -କ ।—*v.i.* 1. ସ୍ଥିର-ହ; 2. ନିବୃତ୍ତ-ହ; 3. ଶାନ୍ତ -ହ ।

Quietism, *n.* 1. ମନର ସ୍ଥିରତା; 2. ଔଦାସୀନ୍ୟ; 3. ମନର ସ୍ଥିରତା ଓ ଧୈର୍ଯ୍ୟ ସହିତ ଈଶ୍ୱରସାଧନାହିଁ କେବଳ ଧର୍ମ ବୋଲି ଯେଉଁ ମତ ।

Quietist, *n.* ଔଦାସୀନ୍ୟ ମତାବଲମ୍ବୀ ।

Quietly, *ad.* 1. ନିଃଶବ୍ଦଭାବେ, ନୀରବଭାବେ; 2. ଶାନ୍ତଭାବେ, ଧୀରଭାବେ; 3. ଧୈର୍ଯ୍ୟଶୀଳଭାବେ ।

Quietness, Quietude, *n.* 1. ସ୍ଥିରତା, ଶାନ୍ତି; 2. ବିଶ୍ରାମ, ବିରାମ ।

Quietus, *n.* 1. ବିଶ୍ରାମ; 2. ମୃତ୍ୟୁ; 3. ଶେଷ ମୀମାଂସା ।

Quill, (1) *n.* 1. ପକ୍ଷିର ପର, ଡେଣାର ପକ୍ଷା; 2. ପରକଲମ; 3. କଲମ; 4. [illegible]; 5. ଝିଙ୍କ କାଠି; 6. ତନ୍ତୁର ସୂତାନଳୀ, ନଣ୍ଡା; 7. ବାଦ୍ୟକରର ନଖୀ ବା ଅଙ୍ଗୁଠା ।—*v.t.* ପକ୍ଷିଡେଣାରୁ (ପର) ଝଡ଼ାଇବା ।

Quill, (2) *n.* ଚୁନାଟ ।—*v.t.* ଚୁନାଟ-କ ।

Quill-driver, *n.* ମସୀଜୀବୀ, ଲେଖକଜୀବୀ, କିରାଣି ।

Quill-driving, *n.* କିରାଣିଗିରି ।

Quilt, *n.* ତୁଳାପୂର୍ଣ୍ଣ ଲେପ, ରେଜାଇ ।—*v.t.* ରେଜାଇ ତିଆରି-କ ।

Quilting, *n.* 1. ରେଜାଇ ତିଆରି କାର୍ଯ୍ୟ; 2. ରେଜାଇ ତିଆରି କରିବା ଲୁଗା ।

Quince, *n.* ମୋରବ୍ବା ପାଇଁ ଉପଯୁକ୍ତ ଏକପ୍ରକାର ଫଳ ।

Quincentenary, *a.* 1. ପଞ୍ଚଶତ ସମ୍ବନ୍ଧୀୟ; 2. ପଞ୍ଚ ଶତାବ୍ଦୀୟ ।—*n.* ପଞ୍ଚ ଶତାବ୍ଦୀୟ ଉତ୍ସବ ।

Quincunx, *n.* ଚାରି କୋଣରେ ଚାରି ଓ ମଝିରେ ଗୋଟିଏ ବୃକ୍ଷ ଥିବା ବର୍ଗକ୍ଷେତ୍ର ।

Quinine, *n.* ଜ୍ୱରନାଶକ ଔଷଧ ବିଶେଷ, ସିଙ୍କୋନା ଗଛରୁ ପ୍ରସ୍ତୁତ ଔଷଧ, କୁଇନାଇନ୍ ।

Quinquagenarian, *n.* ପଚାଶଠାରୁ ଷଷ୍ଟିବର୍ଷ ବୟସ୍କ ଲୋକ ।

Quinquagesima, *n.* ପଞ୍ଚାଶଦିବସବ୍ୟାପୀ କାଳ ।

Quinquangular, *a.* ପଞ୍ଚକୋଣବିଶିଷ୍ଟ, ପଞ୍ଚାସ୍ର ।

**Quinquefoliate, Quinquefoliated,** *a.* ପଞ୍ଚପତ୍ରବିଶିଷ୍ଟ ।
**Quinqueliteral,** *a.* ପଞ୍ଚାକ୍ଷରବିଶିଷ୍ଟ ।
**Quinquenniad, Quinquennium,** *n.* ପଞ୍ଚବର୍ଷବ୍ୟାପୀ କାଳ, ପାଞ୍ଚ ବର୍ଷ, ପଞ୍ଚବତ୍ସର ।
**Quinquennial,** *a.* ପଞ୍ଚବାର୍ଷିକ, ପଞ୍ଚବର୍ଷୀୟ ।
**Quinsy,** *n.* ଗଳା ଭିତରର ପ୍ରଦାହ, କଣ୍ଠରୋଗ ବିଶେଷ ।
**Quintal,** *n.* ୧୧୨ ବା ୧୦୦ ପାଉଣ୍ଡ ପରିମାଣ ।
**Quintessence,** *n.* ସାର, ସାରାଂଶ ।
**Quintuple,** *a.* ପଞ୍ଚଗୁଣ ପରିମିତ ।—*v.t.* ପାଞ୍ଚଗୁଣ-କ ।
**Quip,** *n.* ବିଦ୍ରୂପ, ଥଟ୍ଟା, ବ୍ୟଙ୍ଗୋକ୍ତି ।—*v.i.* ବ୍ୟଙ୍ଗୋକ୍ତି-କ ।—*v.t.* ବିଦ୍ରୂପ-କ, ଥଟ୍ଟା-କ ।
**Quire,** (1) *n.* କାଗଜର ବସ୍ତା, ୨୪ ଫର୍ଦ, ଏକ ରିମ୍‌ର ୨୦ ଭାଗରୁ ଭାଗେ ।—*v.t.* ବସ୍ତା ବସ୍ତା କରି ସଜାଇବା ।
**Quire,** (2) *n.* Old form of Choir.
**Quirk,** *n.* 1. କ୍ଷିପ୍ର ବ୍ୟାବୃତ୍ତି; 2. ବାକ୍‌ଛଳ, ବ୍ୟଙ୍ଗୋକ୍ତି; 3. ଅସମ୍ଭବ ଉକ୍ତି; 4. (Arch.) ସୂକ୍ଷ୍ମକୋଣ ।—*v.i.* କ୍ଷିପ୍ର ବ୍ୟାବୃତ୍ତି-କ ।—*v.t.* ସୂକ୍ଷ୍ମକୋଣାକାର-କ ।
**Quit,** *v.t.* 1. ତ୍ୟାଗ-କ, ଛାଡ଼ିବା, ପରିହାର-କ; 2. ପରିଶୋଧ-କ; 3. ମୁକ୍ତ-କ; 4. ପ୍ରତିଦାନ-କ ।—*a.* 1. ଦାୟମୁକ୍ତ; 2. ସମାନ ।—To be quits, ସମତୁଲ୍ୟ-ହେ । To quit one's self, ଆଚରଣ-କ ।
**Quit-claim,** *n.* ମୁକ୍ତିପତ୍ର ।—*v.t.* ଭୂସ୍ୱତ୍ୱର ଦାବୀ ପରିତ୍ୟାଗ-କ ।
**Quite,** *ad.* ଏକବାରେ, ସବୁପ୍ରକାରେ, ସମ୍ପୂର୍ଣ୍ଣରୂପେ ।
**Quit-rent,** *n.* ସେବକସ୍ୱ, ଲଘୁ କର ।
**Quittance,** *n.* 1. ଋଣମୁକ୍ତି; 2. ରସିଦ; 3. ପ୍ରତିଫଳ ।
**Quiver,** (1) *n.* 1. ଶରତୂଣ; 2. ବାଣାଧାର, ତୂଣୀର ।
**Quiver,** (2) *v.i.* ଥରଥର-ହେ, କମ୍ପିତ-ହେ ।—*n.* କମ୍ପନ ।
**Quivering,** *n.* କମ୍ପ, ଥରଥର ।
**Qui vive,** କିଏ ଯାଉଛି?—To be on the qui vive, ସତର୍କ ରହିବା ।
**Quixotic,** *a.* 1. ଖିଆଲୀ; 2. ଅସଙ୍ଗତ ସାହସିକ ।
**Quixotism,** *n.* ଅସଙ୍ଗତ ସାହସ ।
**Quiz,** *n.* 1. ପହେଳି, ପ୍ରହେଳିକା; 2. ବ୍ୟଙ୍ଗ୍ୟକାରୀ; 3. କିମ୍ଭୂତ କିମାକାର ଲୋକ ।—*v.t.* 1. ହତବୁଦ୍ଧି-କ; 2. ଭଙ୍ଗିମାରି ଅନାଇବା ।—*v.i.* ବିଦ୍ରୂପଜନକ ଥଟ୍ଟା-କ ।
**Quizzical,** *a.* 1. ପ୍ରହେଳିକା ସମ୍ବନ୍ଧୀୟ; 2. ବିଦ୍ରୂପସୂଚକ ।
**Quizzically,** *ad.* ବିଦ୍ରୂପସୂଚକଭାବେ ।
**Qnod,** *n.* (Slang) ଜେଲଖାନା ।
**Quoin,** *n.* (Arch.) 1. ଖିଲା; 2. ଗୃହଭିତ୍ତିର କୋଣ; 3. ତୋପ ମୁହଁ ଟେକିବା ପାଇଁ ଖିଲା; 4. ଛପା ଫର୍ମ ଅଟକିବା ଖିଲ ।
**Quoit,** *n.* ଖେଳରେ ବ୍ୟବହୃତ ଲୁହାର ଚକ୍ର ।—*v.i.* ଲୁହା ଚକ୍ର ଫୋପାଡ଼ି ଖେଳିବା ।
**Quoits,** *n. pl.* ଲୁହା ଚକ୍ର ଫୋପଡ଼ା ଖେଳ ।
**Quondam,** *a.* ଭୂତପୂର୍ବ, ପୂର୍ବତନ ।
**Quorum,** *n.* ସଭା ସମିତିର କାର୍ଯ୍ୟ ସମ୍ପାଦନାର୍ଥ ନିର୍ଦ୍ଦିଷ୍ଟ ସଭ୍ୟସଂଖ୍ୟା ।
**Quota,** *n.* 1. ସ୍ୱ ସ୍ୱ ନିର୍ଦ୍ଦିଷ୍ଟ ଅଂଶ; 2. ଅନୁପାତାନୁଯାୟୀ ଅଂଶ ।
**Quotability,** *n.* ଉଦ୍ଧରଣୀୟତା ।
**Quotable,** *a.* ଉଦ୍ଧରଣୀୟ, ଉଦ୍ଧୃତ ହେବା ଯୋଗ୍ୟ ।
**Quotation,** *n.* 1. ଉଦ୍ଧୃତ ବଚନ; 2. ବଜାର ଦର, ଚଳନ୍ତି ମୂଲ୍ୟ ।
**Quote,** *v.t.* 1. ଉଦ୍ଧୃତ-କ; 2. ବଜାରଦର-ଦେ ।
**Quoth,** *v.t.* କହିବା (କେବଳ ବର୍ତ୍ତମାନ ଓ ଭୂତ କାଳ ୧ମ ଓ ୩ୟ ପୁରୁଷରେ ବ୍ୟବହୃତ) ।
**Quotidian,** *a.* ପ୍ରାତ୍ୟହିକ ।—*n.* ପ୍ରାତ୍ୟହିକ ପାଳିଜ୍ୱର ।
**Quotient,** *n.* ହରଣଫଳ, ଭାଗଫଳ ।

# R.

**R.** ଇଂରାଜୀ ବର୍ଣ୍ଣମାଳାର ଅଷ୍ଟାଦଶ ବର୍ଣ୍ଣ । "R" ଦେଶୀୟ ଗଣିତରେ ବ୍ୟବହୃତ ଅଶୀ ସହସ୍ର ସଂଖ୍ୟା ଜ୍ଞାପକ ଚିହ୍ନ ।—The three R's, ଲିଖନ, ପଠନ ଓ ଗଣିତ ।
**Rabbet,** *n.* ଯୋଡ଼ ଦେବାନିମନ୍ତେ ପଟା ବା ପ୍ଲେଅଂଶୀ କାଠର ଧାରରେ କଟା ଏକପାର୍ଶ୍ୱିୟ ଖାଞ୍ଜ ବା ସନ୍ଧ ।
**Rabi, Rabbin,** *n.* 1. ଯିହୁଦୀ ଅଧ୍ୟାପକଙ୍କ ଉପାଧି; 2. ଗୁରୁ ।
**Rabbinical,** *a.* ଯିହୁଦୀମାନଙ୍କ ଗୁରୁସମ୍ବନ୍ଧୀୟ ।
**Rabbinist, Rabbinite,** *n.* ଯିହୁଦୀ ଗୁରୁମାନଙ୍କ ମତାବଲମ୍ବୀ ।
**Rabbit,** *n.* ଗାତରେ ରହୁଥିବା ଏକପ୍ରକାର ଛୋଟ ଠେକୁଆ, ଶଶକ ।
**Rabbiting,** *n.* ଉପରୋକ୍ତ ଜନ୍ତୁର ଶିକାର ।
**Rabble,** *n.* 1. କୋଳାହଳକାରୀ ଜନତା; 2. ନିମ୍ନତମ ଲୋକଶ୍ରେଣୀ ।—*a.* କୋଳାହଳକାରୀ ।
**Rabid,** *a.* 1. ପ୍ରଚଣ୍ଡ; 2. ବାତୁଳ, ପାଗଳ; 3. ଅତିରିକ୍ତରୂପେ ମତ୍ତ ।
**Rabidness,** *n.* କୁକୁରର ପାଗଳାମି ।
**Rabies,** *n.* କୁକୁର ପ୍ରଭୃତିର ବାତୁଳରୋଗ ।
**Raca,** *a.* ଯିହୁଦୀମାନଙ୍କ ମଧ୍ୟରେ ପ୍ରଚଳିତ ଅପମାନସୂଚକ ଶବ୍ଦ—ଯଥା ପାଷଣ୍ଡ । (Math. 5 ; 22).
**Race,** (1) *n.* 1. ମାନବଜାତି; 2. ବଂଶ, ଗୋଷ୍ଠୀ; 3. ଜାତି; 4. ଗୋତ୍ର; 5. ବର୍ଗ; 6. ଦଳ, ଗୋଠ; 7, ମାନବ ଜାତିର ବିଶେଷକ ସ୍ୱାଦ ।

Race, (2) *n.* 1. ଦ୍ରୁତଗତି; 2. ଦୌଡ଼; 3. ପ୍ରବଳ ସ୍ରୋତ; 4. ଜଳନାଳୀ; 5. ଘୋଡ଼ାଙ୍କର ପଣ-ଦୌଡ଼ ।—*v.i.* 1. ବେଗେ ଦୌଡ଼ିବା; 2. ପଣ ରଖି ଦୌଡ଼ିବା ।—*v.t.* ପ୍ରତିଯୋଗିତାରେ ଶୀଘ୍ର ଚଳାଇବା ।

Race-course, *n.* ଘୋଡ଼ଦୌଡ଼ର ପଡ଼ିଆ, ଦୌଡ଼ର ପଥ ।

Race-ground, *n.* ଘୋଡ଼ଦୌଡ଼ ପଡ଼ିଆ ।

Race-horse, *n.* ପଣ-ଦୌଡ଼ର ଘୋଡ଼ା ।

Racer, *n.* 1. ଧାବକ; 2. ପଣ-ଦୌଡ଼ର ଘୋଡ଼ା ।

Race-track, *n.* ଦୌଡ଼ର ପଥ ।

Rach, Ratch, *n.* ଶୁଙ୍ଘି ଶୁଙ୍ଘି ଶିକାର କରିବା କୁକୁର ।

Racial, *a.* 1. ବଂଶ ସମ୍ବନ୍ଧୀୟ; 2. କୌଳିକ, ଗୋତ୍ରୀୟ ।

Racing, *n.* 1. ଦୌଡ଼; 2. ପଣ-ଦୌଡ଼ ।

Rack, *n.* 1. କଳସ୍ଥିତ ହାତଗୋଡ଼ ଉପରେ ଟାଣି ଯାତନା ଦେବାର ଏକପ୍ରକାର ଯନ୍ତ୍ର, ଯନ୍ତ୍ରଣାଦାୟକ ଯନ୍ତ୍ର; 2. ତୀବ୍ର ବେଦନା, ଅତ୍ୟନ୍ତ ଯନ୍ତ୍ରଣା; 3. ଦ୍ରବ୍ୟାଦି ସଜାଇ ରଖିବା ଥାକ; 4. ଘୋଡ଼ା ଚାଲିବା ଭଙ୍ଗୀ ।—*v.t.* 1. ହାତ ଗୋଡ଼ ଟାଣି ଯନ୍ତ୍ରଣାଦାୟକ ଯନ୍ତ୍ରରେ ଚଢ଼ାଇବା; 2. ଯନ୍ତ୍ରଣା-ଦେ; କ୍ଳେଶ-ଦେ; 3. ଉତ୍ପୀଡ଼ନ-କ; 4. ଥାକରେ ରଖିବା ।—To put to the rack, ଅତି ଯନ୍ତ୍ରଣା-ଦେ । To rack one's brain, ବୃଥା ଘୋର ଚିନ୍ତା-କ । To go to rack and ruin, ଉଚ୍ଛିନ୍ନ-ହେ, ଛନ୍ନଛତ୍ର ହୋଇଯିବା ।

Racker, *n.* ଯନ୍ତ୍ରଣାଦାତା ।

Racket, (1) Racquet, *n.* 1. ଟେନିସ୍ ଖେଳିବା ବାଡ଼ି; 2. ହିମ ଉପରେ ଚାଲିବା ନିମନ୍ତେ ଏକପ୍ରକାର ଲମ୍ବ ଯୋତା ।—*pl.* ଚାରିପାଖ କାନ୍ଥଘେରା ଜାଗାରେ ଏକପ୍ରକାର ଟେନିସ୍ ଖେଳ ।

Racket, (2) *n.* ଗଣ୍ଡଗୋଳ ଶବ୍ଦ ।—*v.i.* 1. ଗଣ୍ଡଗୋଳ ଶବ୍ଦ-କ; 2. ଫାଳ୍ଟି-କ; 3. ଉଚ୍ଛୃଙ୍ଖଳ-ହେ ।

Rack-rent, *n.* ଅତ୍ୟଧିକ ଖଜଣା, ଅଯଥା କର ।

Racy, *a.* ମାଟିଗୁଣେ ସ୍ୱାଦଯୁକ୍ତ; 2. ସରସ; 3. ରସଯୁକ୍ତ; 4. ଚମତ୍କାର ।

Raddle, (1) *v.t.* ବୁଣିବା ।—*n.* ଡାଳଦ୍ୱାରା ବୁଣା ହୋଇଥିବା ବାଡ଼ ।

Raddle, (2) *n.* ଗେରୁର ପ୍ରଲେପ ।—*v.t.* 1. ଗେରୁ ଲଗାଇବା; 2. ଚଢ଼କିଳିରେ ରାଙ୍ଗି-କ ।

Radial, *a.* 1. ବ୍ୟାସାର୍ଦ୍ଧ ସମ୍ବନ୍ଧୀୟ; 2. ହସ୍ତର ଅସ୍ଥି ସମ୍ବନ୍ଧୀୟ ।

Radian, *n.* ବ୍ୟାସାର୍ଦ୍ଧଦ୍ୱୟ ଓ ତତ୍ ସମାନ ପରିଧିଦ୍ୱାରା ନିର୍ମିତ କେନ୍ଦ୍ରସ୍ଥ କୋଣ ।

Radiance, Radiancy, *n.* 1. ସମୁଜ୍ଜ୍ୱଳତା; 2. ପ୍ରଭା, କାନ୍ତି ।

Radiant, *a.* 1. କିରଣୋତ୍ପାଦକ; 2. ପ୍ରଭାଯୁକ୍ତ, କିରଣମୟ; 3. ସମୁଜ୍ଜ୍ୱଳ ।

Radiate, *v.t.* ଅନେକ ଦିଗକୁ କିରଣ-କ, ପ୍ରଭା ବିକ୍ଷିପ୍ତ-କ ।—*v.i.* କିରଣ ପ୍ରକାଶ-ହେ, ପ୍ରଭାଯୁକ୍ତ-ହେ ।

Radiate, Radiated, *a.* କିରଣବିଶିଷ୍ଟ, ରଶ୍ମିମୟ ।

Radiation, *n.* ବିକିରଣ, କିରଣ ।

Radiator, *n.* 1. ତାପ ବା ଆଲୋକ ବିକିରକ ବିନ୍ଦୁ; 2. ଗୃହରେ ତାପ ଦେବାର ଯନ୍ତ୍ର ।

Radical, *a.* 1. ମୌଳିକ; 2. ପ୍ରକୃତ, ଯଥାର୍ଥ, ଠିକ୍; 3. ଅତ୍ୟ, ଆଦ୍ୟ; 4. ପ୍ରାକୃତିକ; 5. (Bot.) ମୂଳଜ ।—*n.* 1. ମୂଳ, ଧାତୁ; 2. ମୂଳପଦ; 3. ପ୍ରଜାତନ୍ତ୍ର-ମୂଳକ ମତର ଅବଲମ୍ବୀ ।

Radicalism, *n.* ପ୍ରଜାତନ୍ତ୍ରମୂଳକ ମତ ।

Radically, *ad.* 1. ସମୂଳ, ସମୂଳେ; 2. ସ୍ୱଭାବତଃ ।

Radicant, *a.* (Bot.) ଚେର ଉତ୍ପାଦନକାରୀ, ଚେର ଉତ୍ପାଦକ ।

Radicate, *a.* ବଦ୍ଧମୂଳ, ଉତ୍ପନ୍ନ, ସ୍ଥିରୀକୃତ ।—*v.t.* 1. ରୋପଣ-କ; 2. ବଦ୍ଧମୂଳ-କ, ସ୍ଥିରୀକୃତ-କ ।

Radicated, *a.* ବଦ୍ଧମୂଳ ।

Radication, *n.* ବଦ୍ଧମୂଳକରଣ ।

Radicel, *n.* ଶାଖାଚେର ।

Radicle, *n.* ଅଙ୍କୁର ।

Radish, *n.* ମୂଳା, ମୂଳକ ।

Radius, *n.* 1. ବ୍ୟାସାର୍ଦ୍ଧ; 2. ହାତର ଅସ୍ଥି ।

Radix, *n.* 1. ମୂଳ; 2. ମୂଳାଧାର; 3. ମୂଳ ଅଙ୍କ ।

Raffle, *n.* 1. ଲୁଚ୍ଚି ଖେଳ; 2. ଗୁଳିବାଣ୍ଟ ।—*v.i.* ଲୁଚ୍ଚି ଖେଳିବା ।

Raffling, *n.* 1. ଲୁଚ୍ଚି ଖେଳ; 2. ଗୁଳିବାଣ୍ଟ ।

Raft, *n.* ଭେଳା, ଭେଳକ ।—*v.t.* 1. ଭେଳାଦ୍ୱାରା ବହନ-କ; 2. ଭେଳା ତିଆରି-କ ।

Raft-bridge, *n.* ଭେଳାଦ୍ୱାରା ନିର୍ମିତ ସେତୁ ।

Rafter, *n.* କଡ଼ି ।

Raftsman, *n.* ଭେଳା ବାହକ ।

Rag, *n.* 1. ଚିରା କନା, ଛିଣ୍ଡି ବସ୍ତ୍ର; 2. କନ୍ଥର ଖାଉଆ; 3. ଲୁଗା ପରି ଛିଣ୍ଡି ଶୀର୍ଣ୍ଣ ପଦାର୍ଥ ।—*a.* ଚିରା କନାରେ ତିଆରି ।—*v.t.* 1. ଚିଡ଼-ଦେ; 2. କଷ୍ଟ-ଦେ; 3. ଅନ୍ଧ କରି ଉଡ଼ାଇବା ।—*v.i.* ଛିଣ୍ଡିଯିବା, ଖଣ୍ଡି-ହେ ।

Ragamuffin, *n.* ଖାଲ ଲୋକ, ଖେଡ଼ା ଲୋକ, ଛନ୍ନଛଡ଼ା ଲୋକ ।

Rag-bush, *n.* କୌଣସି ଦେବତା ଉଦ୍ଦେଶ୍ୟରେ ଉତ୍ସୃଷ୍ଟ ଖଣ୍ଡିବସ୍ତ୍ରଯୁକ୍ତ ବୃକ୍ଷ ।

Rag-fair, *n.* ପୁରୁଣା ଲୁଗା ଓ ଛିଣ୍ଡା କନାର ହାଟ ।

Rag-man, *n.* ଛିଣ୍ଡା କନା ସଂଗ୍ରହ କରିବା ଲୋକ ।

Rag-tag, *n.* ସମାଜର ନୀଚତମ ଲୋକଶ୍ରେଣୀ ।—Rag-tag and bobtail, ନୀଚତମ ଲୋକଶ୍ରେଣୀର ଜନତା ।

Rage, *n.* 1. ପ୍ରଚଣ୍ଡ ରାଗ, କୋପ, କ୍ରୋଧ, ରୋଷ; 2. ଅତ୍ୟଧିକ ପ୍ରବଳତା; 3. ଅତ୍ୟନ୍ତ ଇଚ୍ଛା; 4. ଲୋକପ୍ରଚଳିତ ମତ ।—*v.i.* 1. କ୍ରୋଧାନ୍ଧ-ହେ, ପ୍ରଚଣ୍ଡ ରାଗ-ହେ; 2. ଅତ୍ୟନ୍ତ ପ୍ରାଦୁର୍ଭୂତ-ହେ; 3. ପ୍ରଚଣ୍ଡଭାବେ ଆନ୍ଦୋଳିତ-ହେ ।—All the rage, ଲୋକପ୍ରଚଳିତ ରୀତି ଅନୁସାରେ ।

Rageful, *a.* ଅତ୍ୟନ୍ତ, ପ୍ରଚଣ୍ଡ ।

Ragged, *a.* 1. ଖଣ୍ଡି, ଛିଣ୍ଡା, ଚିରା; 2. ବନ୍ଧୁର; 3. ଖଣ୍ଡି ବସ୍ତ୍ରପରିହିତ, ଛିଣ୍ଡା ଲୁଗା ପିନ୍ଧିଥିବା ।

**Raggedness**, *n.* ଜୀର୍ଣ୍ଣବସ୍ତ୍ର ପରିହିତାବସ୍ଥା ।

**Ragged-school**, *n.* ଦରିଦ୍ରମାନଙ୍କ ନିମନ୍ତେ ପାଠଶାଳା ।

**Raging**, *a.* ପ୍ରଗାଢ଼, ପ୍ରଚଣ୍ଡ, ଭୟଙ୍କର ।

**Ragingly**, *ad.* ପ୍ରଚଣ୍ଡରୂପେ ।

**Ragout**, *n.* ଫ୍ରାନ୍ସ ଦେଶରେ ଶାକସହିତ ରନ୍ଧା ମାଂସ ।

**Raid**, *n.* ଆକ୍ରମଣ, ଚଢ଼ାଉ ।—*v.t.* ହଠାତ୍ ଆକ୍ରମଣ-କ, ହଠାତ୍ ଚଢ଼ାଉ-କ ।

**Raider**, *n.* ଆକ୍ରମଣକାରୀ, ଚଢ଼ାଉକାରୀ ।

**Rail**, (1) *n.* 1. କାଠଗଡ଼ର ବାଡ଼; 2. ଲୁହାପଟି; 3. ରେଲବାଟ, ଲୌହବର୍ତ୍ମ; 4. ରେଲଗାଡ଼ି ।—*v.t.* 1. କାଠଗଡ଼ର ବାଡ଼ ଘେରାଇବା; 2. ଲୁହାପଥ ବସାଇବା ।—By rail, ରେଲଗାଡ଼ିରେ, ରେଲଗାଡ଼ି ଯୋଗେ ।

**Rail**, (2) *v.t.* and *i.* 1. ଗାଳି-ଦେ; 2. ନିନ୍ଦା-କ; 3. ପରିହାସ-କ ।

**Railing**, (1) *n.* ଲୁହା ବା କାଠଗଡ଼ର ବାଡ଼ ।

**Railing**, (2) *n.* ଗାଳି, ନିନ୍ଦା ।—*a.* 1. କୁତ୍ସାପୂର୍ଣ୍ଣ; 2. ଭର୍ତ୍ସନାସୂଚକ ।

**Railroad**, **Railway**, *n.* ରେଲରାସ୍ତା, ରେଲପଥ, ଲୌହବର୍ତ୍ମ ।

**Railer**, *n.* ଯେ ଗାଳିଦିଏ, ନିନ୍ଦକ ।

**Raillery**, *n.* 1. ପରିହାସ, ଥଟ୍ଟା; 2. ବ୍ୟଙ୍ଗୋକ୍ତି ।

**Raiment**, *n.* 1. ବସ୍ତ୍ର; 2. ଲୁଗାପଟା ।

**Rain**, *n.* 1. ବର୍ଷା, ବୃଷ୍ଟି; 2. କ୍ଷଣିକ ବୃଷ୍ଟି; 3. ବୃଷ୍ଟିବତ୍ ଊର୍ଦ୍ଧ୍ୱରୁ ପତନ ।—*v.i.* ଜଳ ବର୍ଷିବା, ବୃଷ୍ଟି-ହେ ।—*v.t.* ବୃଷ୍ଟିପରି ପକାଉ-ଦେ ।—Rainy season, The rains, ବର୍ଷାକାଳ, ବର୍ଷାଋତୁ । To rain in torrents, ପ୍ରବଳ ବୃଷ୍ଟି-ହେ । Against a rainy day, ଅସମୟ ନିମନ୍ତେ । To rain cats and dogs, ମୂଷଳ ଧାରରେ ବୃଷ୍ଟି-ହେ ।

**Rainbow**, *n.* ମେଘଧନୁ, ଇନ୍ଦ୍ରଧନୁ ।

**Raindrop**, *n.* ବୃଷ୍ଟିବିନ୍ଦୁ ।

**Rainfall**, *n.* ବୃଷ୍ଟିପାତ ।

**Rain-gauge**, *n.* ବୃଷ୍ଟିପରିମାପକ ଯନ୍ତ୍ର ।

**Raininess**, *n.* ବୃଷ୍ଟ୍ୟାଧିକ୍ୟ, ବର୍ଷାର ପ୍ରାବଲ୍ୟ ।

**Rain-water**, *n.* ବୃଷ୍ଟିଜଳ, ବର୍ଷାପାଣି ।

**Rainy**, *a.* 1. ମେଘାବୃତ, ମେଘୁଆ; 2. ବୃଷ୍ଟିବହୁଳ ।

**Raisable**, *a.* ଉତ୍ଥାପନୀୟ, ଉଠାଇବା ଯୋଗ୍ୟ ।

**Raise**, *v.t.* 1. ଉଠାଇବା, ତୋଳିବା; 2. ଟେକିବା; 3. ଠିଆ-କ; 4. ଉତ୍ପାଦନ-କ; 5. ସଂଗ୍ରହ-କ; 6. ଜନ୍ମାଇବା; 7. ଉନ୍ନତ-କ; 8. ବଢ଼ାଇବା; 9. ପୁନରୁତ୍ଥିତ-କ; 10. ଫୁଲାଇବା; 11. ପ୍ରତିପାଳନ-କ; 12. ଅବରୋଧ ଛାଡ଼-ଦେ ।—To raise the wind, କୌଣସି କୌଶଳରେ ଟଙ୍କାପଇସା ବାହାର କରିବା । To raise the mischief, ଗଣ୍ଡଗୋଳ ଉଠାଇବା । To raise the market upon, ସାଧାରଣ ମୂଲ୍ୟରୁ ଅଧିକ ଦାବି-କ ।

**Raiser**, *n.* ଉତ୍ଥାପନକର୍ତ୍ତା, ଉତ୍ଥାପକ ।

**Raising**, *n.* 1. ଉତ୍ତୋଳନ; 2. ଧାତୁରେ ଫୁଟାକାମ; 3. ରଙ୍ଗ ପାଡ଼ କରିବା କୌଶଳ; 4. ଫୁଲାଇବା ପାଇଁ ଲୁଗାପ୍ରଭୃତିରେ ଦେବା ଭାତ ।

**Raisin**, *n.* ଶୁଷ୍କ ଦ୍ରାକ୍ଷାଫଳ, କିସ୍‌ମିସ୍ ।

**Rake**, (1) *n.* କୃଷିକାର୍ଯ୍ୟରେ ବ୍ୟବହୃତ ଦନ୍ତାଳ ସଂଗ୍ରହର ଯନ୍ତ୍ର, ବିଦା ।—*v.t.* 1. ଗୋଟାଇବା, ସଂଗ୍ରହ-କ; 2. ଯତ୍ନପୂର୍ବକ ଅନୁସନ୍ଧାନ-କ; 3. (Naut.) ଲମ୍ବାଲମ୍ବିଭାବେ ଜାହାଜକୁ ତୋପ ମାରିବା; 4. ଗୋଡ଼ିବା ।—*v.i.* 1. ବିଦାରେ କାମ-କ, ବିଦା-ଦେ; 2. ପୁଙ୍ଖାନୁପୁଙ୍ଖରୂପେ ଅନୁସନ୍ଧାନ-କ ।—To rake up, ପାସୋରା କଥା ଖୋଳି ବାହାର-କ ।

**Rake**, (2) *n.* ଲମ୍ପଟ ।—*v.i.* ଲମ୍ପଟତା-କ ।

**Rakish**, *a.* ସ୍ୱେଚ୍ଛା, ଭ୍ରଷ୍ଟ, ଲମ୍ପଟ, ବ୍ୟଭିଚାରୀ ।

**Rakishness**, *n.* ସ୍ୱେଚ୍ଛାଚାରିତା, ଲମ୍ପଟତା, ଭ୍ରଷ୍ଟତା ।

**Rallier**, *n.* ସମ୍ମିଳିତକାରୀ, ପୁନର୍ମିଳିତକାରୀ ।

**Rally**, (1) *v.t.* 1. ପୁନର୍ମିଳିତ-କ, ଛତ୍ରଭଙ୍ଗ ସୈନ୍ୟାଦି ପୁନଃ ଏକତ୍ର-କ ।—*v.i.* 1. ପୁନର୍ବାର ଏକତ୍ର-ହେ; 2. ସ୍ୱାସ୍ଥ୍ୟ ବା ବଳ ପୁନଃ ପ୍ରାପ୍ତ-ହେ ।—*n.* 1. ଛତ୍ରଭଙ୍ଗ ସୈନ୍ୟମାନଙ୍କ ଏକତ୍ରୀକରଣ; 2. ସମ୍ମିଳନ ସ୍ଥାନ; 3. ଟେନିସ୍ ଖେଳରେ ବଲ୍‌ର କ୍ରମାଗତ ବହୁବାର ଫେରାଫେରି । [ହାର-କ ।

**Rally**, (2) *v.t.* ଥଟ୍ଟା-କ ।—*v.i.* ଥଟ୍ଟାକଥା ବ୍ୟବ-

**Ram**, *n.* 1. ମେଷ, ଅଣ୍ଡିରା ମେଣ୍ଢା; 2. ପ୍ରାଚୀର ଭାଙ୍ଗିବାର ଯୁଦ୍ଧଯନ୍ତ୍ର; 3. ମେଷରାଶି ।—*v.t.* 1. ଠେଲିବା, ମାଡ଼ି ପୂରାଇବା; 2. ଧମୁସ-କ ।

**Ramble**, *v.i.* 1. ବୁଲାବୁଲି-କ; 2. ପର୍ଯ୍ୟଟନ-କ; 3. ଏଣୁ ତେଣୁ ଗୋଳମାଳିଆ କଥା କହିବା ।—*n.* 1. ପର୍ଯ୍ୟଟନ; 2. ଲକ୍ଷ୍ୟହୀନ ଭ୍ରମଣ ।

**Rambler**, *n.* ବୁଲାବୁଲି କରୁଥିବା ଲୋକ, ଭ୍ରମଣକାରୀ ।

**Rambling**, *a.* 1. ପର୍ଯ୍ୟଟନଶୀଳ; 2. ବୁଲାଣି; 3. ଅପ୍ରାସଙ୍ଗିକ ।

**Ramification**, *n.* 1. ଶାଖାପ୍ରଶାଖାବିସ୍ତାର; 2. ଶାଖା; 3. ବିଭାଗ ବା ଉପବିଭାଗ ।

**Ramify**, *v.t.* ଶାଖାରେ ବିଭକ୍ତ-କ ।—*v.i.* 1. ଶାଖାପ୍ରଶାଖାରେ ବିସ୍ତୃତ-ହେ; 2. ବିସ୍ତୃତ-ହେ ।

**Rammer**, *n.* 1. ବନ୍ଧୁକର ଗଜ; 2. ଧମୁସ, ପିଟଣା ।

**Ramose**, **Ramous**, *a.* ବହୁଶାଖାବିଶିଷ୍ଟ ।

**Ramp**, *v.i.* 1. ଲମ୍ଫାଇବା, ମାଡ଼ିବା; 2. ଡେଇଁବା; 3. ଲୁଦକୁଦ ଦେବା ।—*n.* ଲମ୍ଫ, ଡିଆଁ, କୁଦା ।

**Rampage**, *n.* ପ୍ରଗାଢ଼ ଅବସ୍ଥା ।—*v.i.* କ୍ରୋଧରେ ଝମ୍ପାଝମ୍ପି-ହେ ।

**Rampageous**, *a.* 1. ଦୁର୍ଦ୍ଦାନ୍ତ; 2. ଗୋଳମାଳକାରୀ

**Rampancy**, *n.* ଆଧିକ୍ୟ, ବାହୁଲ୍ୟ, ପ୍ରାଚୁର୍ଯ୍ୟ, ବୃଦ୍ଧି ।

**Rampant**, *a.* 1. ଅତ୍ୟଧିକ ବର୍ଦ୍ଧିଷ୍ଣୁ; 2. ବହୁଳ, ପ୍ରଚୁର; 3. ଉଲ୍ଲମ୍ଫନଶୀଳ; 4. ଅନିୟନ୍ତ୍ରିତ, ଅଦମ୍ୟ; 5. (Her.) ପଶ୍ଚାତ୍‌ପଦଦ୍ୱୟରେ ଦଣ୍ଡାୟମାନ ।

**Rampart**, *n.* ଗଡ଼ର ପ୍ରାଚୀର, ମୁର୍ଚ୍ଚା ।—*v.t.* ପ୍ରାଚୀର ବେଷ୍ଟିତ କରି ଗଡ଼କୁ ଦୃଢ଼-କ ।

Rampick, *n.* ମରାଗଛ, ଶୁଷ୍କ ବୃକ୍ଷ ।

Ramrod, *n.* ବନ୍ଧୁକର ଗଜ, ଠେସିବା ଦଣ୍ଡ ।

Rancid, *a.* 1. ପଚାଗନ୍ଧଯୁକ୍ତ; 2. ସଡ଼ା; 3. ଅରୁଚିକର ।

Rancidity, *n.* ପଚାପଣ ।

Rancour, *n.* 1. ବଦ୍ଧମୂଳ ଦ୍ୱେଷ; 2. ହିଂସା; 3. ଅନିଷ୍ଟ ଚିନ୍ତା ।

Rancourous, *a.* 1. ଈର୍ଷାଳୁ, ରୁଷ୍ଟ, ଖଳ ।

Rand, *n.* 1. ଚମଡ଼ାପଟି; 2. ଜୋତା ଏଡ଼ିତଳର ଗଣ୍ଡେ ଚମଡ଼ା; 3. ନଦୀର ଧାର; 4. ପ୍ରଦେଶ, ରାଜ୍ୟ ।

Randan, *n.* 1. ଗୋଲମାଲ; 2. ମଦ୍ୟପାନୋତ୍ସବ; 3. ତିନି ଅନୁଚରମାନଙ୍କ ଦ୍ୱାରା ଚାଳିତ ନୌକା ।

Random, *a.* 1. ଅନିୟମିତ; 2. ଦୈବାଧୀନ; 3. ଅଲକ୍ଷିତ ।—At random, ଯଦୃଚ୍ଛାକ୍ରମେ, ଯଥେଚ୍ଛାମତେ ।

Range, *v.t.* 1. ବିନ୍ୟାସ-କ, ସୁଶୃଙ୍ଖଳରୂପେ ରଖିବା; 2. ଶ୍ରେଣୀବଦ୍ଧ-କ; 3. ଭ୍ରମଣ-କ, ବୁଲିବା ।—*v.i.* 1. ସୁଶୃଙ୍ଖଳରୂପେ ରହିବା; 2. ସମାନ୍ତରରୂପେ ରହିବା; 3. କୌଣସି ବସ୍ତୁର ସମ୍ମୁଖରେ ରହିବା; 4. ଇଚ୍ଛାରେ ବୁଲିବା ।—*n.* 1. ଧାଡ଼ି, ପଂକ୍ତି; 2. ଶ୍ରେଣୀ, ବର୍ଗ; 3. ପରିଭ୍ରମଣ, ପର୍ଯ୍ୟଟନ; 4. ଗମନାଗମନର ସୀମା; 5. ଅଞ୍ଚଳ, ଚରା; 6. ମାନସିକ ଶକ୍ତି; 7. ଗୋଲାଗୁଳିର ଗତିସୀମା; 8. ଚାନ୍ଦମାରି; 9. ଏକପ୍ରକାର ରନ୍ଧନ ଚୁଲ୍ଲୀ ।

Ranger, *n.* 1. ପର୍ଯ୍ୟଟକ, ଭ୍ରମଣକାରୀ; 2. ଶିକାରାର୍ଥେ ଜନ୍ତୁ ଖୋଜିଆଣିବା କୁକୁର; 3. ଅରଣ୍ୟପାଳ, ଅଟକ ଜଙ୍ଗଲର ଜଗୁଆଳ ।

Rank, (1) *v.t.* ଶ୍ରେଣୀବଦ୍ଧ-କ, ଧାଡ଼ିଏ-କ ।—*v.i.* 1. ଶ୍ରେଣୀବଦ୍ଧ-ହେ, ଧାଡ଼ିଏ-ହେ; 2. ସମ୍ଭ୍ରାନ୍ତ-ହେ ।—*n.* 1. ସୈନ୍ୟବ୍ୟୂହ; 2. ଶ୍ରେଣୀ, ଧାଡ଼ି, ପଂକ୍ତି; 3. କୁଳ; 4. ପଦ; 5. ଉଚ୍ଚପଦ, ସମ୍ମାନିତ ଅବସ୍ଥା ।—Rank and file, ସାଧାରଣ ସୈନ୍ୟଦଳ ।—To take rank of, ଉଚ୍ଚତର ପଦର ଅଧିକାରୀ-ହେ ।—To take rank with, ପଦରେ ସମକକ୍ଷ-ହେ ।—The ranks, ସାଧାରଣ ସୈନ୍ୟର ବ୍ୟୂହ ।

Rank, (2) *a.* 1. ଅତି ବର୍ଦ୍ଧିଷ୍ଣୁ; 2. ମୋଟା; 3. ଅତ୍ୟୁଗ୍ର; 4. ସାତିଶୟ ଉର୍ବର; 5. ବାସି; 6. ପଚା; 7. ଚୂଡ଼ାନ୍ତ ।

Ranker, *n.* ସାଧାରଣ ସୈନ୍ୟଦଳରୁ ଉଚ୍ଚତର ପଦପ୍ରାପ୍ତ ସୈନିକ ।

Rankle, *v.i.* 1. ଜ୍ୱାଳାଯନ୍ତ୍ରଣା ଜନ୍ମାଇବା; 2. ମନଃପୀଡ଼ା ଜନ୍ମାଇବା; 3. ପାଚି ବଢ଼ିଯା-ହେ ।

Rankness, *n.* ଅତି ବର୍ଦ୍ଧିଷ୍ଣୁତା ।

Ransack, *v.t.* 1. ତନ୍ନ ତନ୍ନ କରି ଅନୁସନ୍ଧାନ-କ, ପୁଙ୍ଖାନୁପୁଙ୍ଖରୂପେ ଅନ୍ୱେଷଣ-କ; 2. ଲୁଣ୍ଠନ-କ ।

Ransom, *n.* 1. ଉଦ୍ଧାରର ମୂଲ୍ୟ; 2. ବନ୍ଦୀକୁ ମୁକ୍ତି; 3. ପ୍ରାୟଶ୍ଚିତ୍ତ; 4. ପାପର ପ୍ରତିକାର ।—*v.t.* ମୁକ୍ତି ଦେଇ ଉଦ୍ଧାର-କ ।

Rant, *v.i.* 1. ଅଯୁକ୍ତିକର କହିବା; 2. ଅଯଥା ବାକ୍‌ପ୍ରଗଲ୍ଭତା-କ; 3. ପ୍ରମତ୍ତରୂପେ ଆମୋଦପ୍ରମୋଦ-କ ।

Ranter, *n.* 1. ବାଗାଡ଼ମ୍ବର ବକ୍ତା; 2. ପ୍ରଳାପୀ; 3 ପ୍ରମତ୍ତ ଧର୍ମପ୍ରଚାରକ ।

Rap, (1) *n.* 1. ଠୋକର; 2. ଅୟର୍ଲାଣ୍ଡ ପ୍ରଚଳିତ ପୂର୍ବକାଳୀନ ମେକି ଦୋପଇସି ।—Not worth a rap, ମୂଲ୍ୟହୀନ ।—*v.t.* and *i.* 1. ଠୋକର ମାରିବା; 2. ହଠାତ୍ କହି-ଦେ; 3. ମିଥ୍ୟା ଶପଥ-କ ।

Rap, (2) *v.t.* ଅପହରଣ-କ ।

Rapper, *n.* 1. ଯେ ଠୋକର ମାରେ; 2. ଠୋକର ମାରିବାପାଇଁ କବାଟରେ ଲାଗିଥିବା ହାତୁଡ଼ି ।

Rapacious, *a.* 1. ହିଂସ୍ର; 2. ଲୁଣ୍ଠନପ୍ରିୟ; 3. ସଙ୍କଲାଷୀ; 4. ଅପହାରକ, ଲୁଟିଅଣ ।

Rapaciously, *ad.* ସଙ୍କଲାଷିରୂପେ ।

Rapacity, *n.* 1. ହିଂସ୍ରତ୍ୱ; 2. ସଙ୍କଲାଷିତ୍ୱ; 3. ଦୌରାତ୍ମ୍ୟ ।

Rape, (1) *n.* 1. ବଳାତ୍କାର; 2. ବଳାତ୍କାରରେ ସ୍ତ୍ରୀ ହରଣ ।

Rape, (2) *n.* ତୈଳବୀଜୋତ୍ପାଦକ ଶାଲଗମ ସଦୃଶ ଏକପ୍ରକାର ଗଛ ।

Rapid, *a.* 1. ଦ୍ରୁତଗାମୀ, ପ୍ରଖର; 2. ଚଞ୍ଚଳ; 3. ତ୍ୱରିତ ।—*n.* ନଦୀର ଯେଉଁ ଅଂଶରେ ତୋଡ଼ ଥାଏ, ଝରଣ ।

Rapidity, *n.* 1. ଦ୍ରୁତତା, ପ୍ରଖରତା; 2. ଚଞ୍ଚଳତା; 3. ବେଗ; 4. ତ୍ୱରା ।

Rapidly, *ad.* 1. ଦ୍ରୁତଗତିରେ; 2. ବେଗେ; 3. ସତ୍ୱର ।

Rapier, *n.* ଗୁପ୍ତି ପରି ଭୁଷା ମାରିବା ଶସ୍ତ୍ର, କୁନ୍ତ ।

Rapine, *n.* 1. ବଳାତ୍କାରରେ ଅପହରଣ; 2. ଲୁଟପାଟ; 3. ଡକାତି; 4. ଉପଦ୍ରବ ।

Rappel, *n.* ସୈନ୍ୟସମୂହ ସୁସଜ୍ଜିତ ହେବା ନିମନ୍ତେ ଢକ୍କାବାଦନ ।

Rapprochement, *n.* ପୁନର୍ମିଳନ ।

Rapt, *a.* 1. ଅପହୃତ; 2. ଅତ୍ୟୁଲ୍ଲସିତ; 3. ମହାହ୍ଲାଦିତ ।

Rapture, *n.* 1. ଅପହୃତ; 2. ଅତ୍ୟୁଲ୍ଲାସ; 3. ମହାହ୍ଲାଦ ।

Rapturous, *a.* 1. ଉଲ୍ଲସିତ; 2. ମହାହ୍ଲାଦସୂଚକ ।

Rara avis, *n.* 1. ଅତି ଦୁର୍ଲଭ ପକ୍ଷୀ; 2. ଅଦ୍ଭୁତ ଲୋକ ।

Rare, (1) *a.* 1. ଲଘୁ; 2. ପାତଳ; 3. ବିରଳ; 4. ଦୁର୍ଲଭ, ଦୁଷ୍ପ୍ରାପ୍ୟ; 5. ଅସାଧାରଣ; 6. ଅନୁପମ ।

Rare, (2) *a.* ପ୍ରାୟ କଞ୍ଚା, ଅର୍ଦ୍ଧପକ୍ୱ (ମାଂସ) ।

Rarefaction, *n.* ତାପଦ୍ୱାରା ବାଷ୍ପାଦି ଲଘୂକରଣ, ତାପଦ୍ୱାରା ଅତି ପାତଳକରଣ ।

Rarefy, *v.t.* 1. ପାତଳ-କ; 2. ତାପଦ୍ୱାରା ସୂକ୍ଷ୍ମ ବା ବିସ୍ତାରିତ-କ ।—*v.i.* 1. ପାତଳ-ହେ; 2. ତାପଦ୍ୱାରା ବିସ୍ତାରିତ-ହେ ।

**Rarely**, *ad*. 1. କ୍ୱଚିତ୍, କଦାଚିତ୍, କେବେ; 2. ବିରଳରୂପେ ।

**Rareness**, *n*. 1. ଲଘୁତା; 2. ଅଭାବ ।

**Rarity**, *n*. 1. ଦୁଷ୍ପ୍ରାପ୍ୟତା; 2. ବିରଳତା; 3. ସୂକ୍ଷ୍ମତ୍ୱ, ପାତଳପଣ; 4. ଦୁର୍ଲଭ ପଦାର୍ଥ ।

**Raree-show**, *n*. ଛୋଟେ ଛବି ଦେଖାଇବା ତମାସା-ବିଶେଷ ।

**Rascal**, *n*. 1. ଠକ ଲୋକ; 2. ଦୁଷ୍ଟ, ଖଳ ।

**Rascalism, Rascality**, *n*. 1. ଠକାମି, ଦୁଷ୍ଟପଣ; 2. ଦୌରାତ୍ମ୍ୟ ।

**Rase**, *v.t.* 1. ଘଷି-ଦେ, ପୋଛି-ଦେ; 2. କାଟି-ଦେ; 3. ଭୂମିସାତ୍-କ, ଧ୍ୱଂସ-କ ।—*n*. ସାମାନ୍ୟ କ୍ଷତ ।

**Rash**, *a*. 1. ଅବିବେଚକ, ଅବିମୃଶ୍ୟକାରୀ; 2. ଦୁଃସାହସୀ; 3. ଏକଗୁଁଆ; 4. ଅଚିନ୍ତିତ ।—*n*. ଚର୍ମ ଉପରେ ସିମିଉ ପ୍ରାୟ ରୋଗବିଶେଷର ଚିହ୍ନ ।

**Rasher**, *n*. ଶୂକରମାଂସର ପାତଳ ଖଣ୍ଡ ।

**Rashly**, *ad*. 1. ଅବିବେଚନାପୂର୍ବକ; 2. ଅଚିନ୍ତିତ ଭାବେ ।

**Rashness**, *n*. 1. ଅବିବେଚକତା; 2. ଦୁଃସାହସ; 3. ଅନବଧାନତା ।

**Rasp**, *v.t.* 1. ମୋଟା ଉଖାଦ୍ୱାରା ଘଷିବା; 2. କର୍କଶ ସ୍ୱରରେ କହିବା ।—*n*. ମୋଟା ଉଖା ।

**Rasure**, *n*. 1. ଘର୍ଷଣ; 2. ଲୋପକରଣ; 3. ପୋଛା-ପୋଛି, ପ୍ରୋଞ୍ଛନ ।

**Rat**, *n*. 1. ମୂଷିକ, ବଡମୂଷା, ଉନ୍ଦୁର; 2. ଦଳତ୍ୟାଗୀ ଲୋକ; 3. ନିର୍ଦ୍ଦିଷ୍ଟ ଦରରୁ ଊଣା ବେତନଗ୍ରାହୀ ଶ୍ରମଜୀବୀ ।—*v.i.* ମୂଷା ଧରିବା ।—To smell a rat, ସୂଚନା ପାଇବା, ଠଉରାଇବା ।

**Ratable**, *a*. 1. ମୂଲ୍ୟକରଣୀୟ; 2. କରଧାର୍ଯ୍ୟଯୋଗ୍ୟ ।

**Ratan**, *n*. Same as Rattan.

**Ratch**, *n*. 1. ଘଣ୍ଟା-କଳର ଦାନ୍ତଯୁକ୍ତ ଦଣ୍ଡ ବା ଚକ ଯାହାଦ୍ୱାରା ଘଣ୍ଟା ବାଜେ; 2. ଘୋଡ଼ା ମୁହଁରେ ଥିବା ଧଳା ଦାଗ ।—*v.t.* ବିସ୍ତାରିତ-କ ।—*v.i.* ନୌକା ବଙ୍କ ପଥରେ ଚଳିବା ।

**Ratchet**, *n*. ଦାନ୍ତୁଆ ଚକରେ ଲାଗିଥିବା ଖିଳ ।

**Rate**, (1) *n*. 1. ଦର, ଭାଉ; 2. ଗତିର ପରିମାଣ; 3. କର ।—*v.t.* 1. ଗଣନା-କ; 2. ମୂଲ୍ୟ ନିରୂପଣ-କ, ଦର-କ, ଭାଉ-କ; 3. କର ସ୍ଥିର-କ ।—*v.i.* 1. ଧାରଣ-କ; 2. କରଧାର୍ଯ୍ୟ-କ; 3. ହାର ସ୍ଥିର-କ; 4. ଶ୍ରେଣୀଭୁକ୍ତ-ହେ ।

**Rate**, (2) *v.t.* 1. ଦାଉରେ ପକାଇବା; 2. ଭର୍ତ୍ସନା-କ, ତିରସ୍କାର-କ ।—At any rate, ଯେକୌଣସି ପ୍ରକାରେ । At the rate of, ହାରରେ, ହିସାବରେ, ଦରରେ ।

**Ratepayer**, *n*. କରଦାତା ।

**Rather**, *ad*. 1. ବରଂ, ବରଞ୍ଚ; 2. ଅପେକ୍ଷାକୃତ; 3. ପକ୍ଷାନ୍ତରେ; 4. କେତେକ ପରିମାଣରେ ।

**Ratification**, *n*. ସ୍ଥିରୀକରଣ, ଦୃଢ଼ୀକରଣ ।

**Ratify**, *v.t.* 1. ଅନୁମୋଦନପୂର୍ବକ ସ୍ଥିର-କ, ମଞ୍ଜୁର-କ; 2. ନିଶ୍ଚୟ-କ; 3. ନିର୍ଦ୍ଧାରିତ ବିଷୟ ଦୃଢ଼-କ ।

**Rating**, (1) *n*. 1. କରନିର୍ଦ୍ଧାରଣ; 2. ଶ୍ରେଣ୍ୟନୁଯାୟୀ ବିଭାଗକରଣ ।

**Rating**, (2) *n*. ଭର୍ତ୍ସନା, ତିରସ୍କାର ।

**Ratio**, *n*, 1. ପରସ୍ପର ସମ୍ବନ୍ଧ ବା ଅନୁପାତ; 2. ହାର; 3. ହେତୁ, କାରଣ ।

**Ration**, *n*. ଦୈନିକ ଭାଗେ ନିର୍ଦ୍ଦିଷ୍ଟ ଖାଦ୍ୟଦ୍ରବ୍ୟ; 2. ଖୋରାକ ।—*v.t.* ନିର୍ଦ୍ଦିଷ୍ଟ ଖାଦ୍ୟ ଯୋଗାଇବା ।

**Rational**, *a*. 1. ବିଚାରବୁଦ୍ଧି ସମ୍ବନ୍ଧୀୟ; 2. ବିଚାରବୁଦ୍ଧିବିଶିଷ୍ଟ; 3. ଯୁକ୍ତିସଙ୍ଗତ; 4. ପ୍ରକୃତିସ୍ଥ; 5. ବୁଦ୍ଧିଜୀବୀ; 6. ବିଚାରସମ୍ମତ; 7. (Arith. and Alg.) ଗଣିରେ ପ୍ରକାଶ୍ୟ ।

**Rationale**, *n*. 1. ଯୁକ୍ତିସଙ୍ଗତ ବିବରଣ; 2. ଅନୁମାନିକ ବ୍ୟାଖ୍ୟା; 3. ନ୍ୟାୟସଙ୍ଗତ ମୂଳତତ୍ତ୍ୱ ।

**Rationalise**, *v.t.* 1. ଐଶ୍ୱରିକ ପ୍ରତ୍ୟାଦେଶ-ନାସ୍ତିକ ମତାନୁଯାୟୀ ବ୍ୟାଖ୍ୟା-କ; 2. ସ୍ୱ ବିଚାରବୁଦ୍ଧ୍ୟନୁସାରେ ବିଚାର-କ ।—*v.i.* ସ୍ୱ ବିଚାରବୁଦ୍ଧିରେ ଅତିରିକ୍ତଭାବେ ନିର୍ଭର-ହେ ।

**Rationalism**, *n*. ଐଶ୍ୱରିକ ପ୍ରତ୍ୟାଦେଶ-ନାସ୍ତିକର ମତ ।

**Rationalist**, *n*. 1. ସ୍ୱ ବିଚାରବୁଦ୍ଧିନିର୍ଭର ବ୍ୟକ୍ତି; 2. ଐଶ୍ୱରିକ ପ୍ରତ୍ୟାଦେଶ-ନାସ୍ତିକ ।

**Rationalistic, Rationalistical**, *a*. ଐଶ୍ୱରିକ ପ୍ରତ୍ୟାଦେଶ-ନାସ୍ତିକର ମତସମ୍ବନ୍ଧୀୟ ।

**Rationality**, *n*. 1. ବିଚାରବୁଦ୍ଧିବିଶିଷ୍ଟତା; 2. ଯୁକ୍ତିସଙ୍ଗତତା ।

**Rationally**, *ad*. ଯୁକ୍ତିସିଦ୍ଧରୂପେ ।

**Ratline, Ratlin**, *n*. ମାସ୍ତୁଲକୁ ଚଢ଼ିବାପାଇଁ ଜାହାଜସ୍ଥ ଦଉଡ଼ିସିଡ଼ିର ପଟି ।

**Ratoon**, *n*. ଅଖୁମୂଳର ଗଜା ।—*v.i.* କଟାହେଲା ପରେ ଅଖୁ ମୂଳରୁ ଗଜା ବାହାରିବା ।

**Rat's-bane**, *n*. ମୂଷା ମାରିବା ବିଷ ।

**Rattan**, *n*. ତାଳଜାତୀୟ ଦୁଇପ୍ରକାର ଗଛ ଯହିଁରୁ ହାତବାଡ଼ି ଓ ବୁଣାବାଣି ପାଇଁ ଲଉ ପ୍ରସ୍ତୁତ ହୁଏ, ଏକଜାତୀୟ ବେତ ।

**Ratter**, *n*. ମୂଷା ଶିକାରୀ କୁକ୍କୁର ।

**Ratting**, *n*. ମୂଷାଧରା ।

**Rattle**, *v.i.* 1. ଝମ୍ ବା ରଣଝଣ ଶବ୍ଦ-କ; 2. ଘଡ଼ଘଡ଼ ଶବ୍ଦ-କ; 3. ଗଡ଼ଗଡ଼ କରି କହିଯିବା ।—*v.t.* ଝମଝମ ଶବ୍ଦ କରାଇବା ।—*n*. 1. ଘଡ଼ଘଡ଼ ଶବ୍ଦ; 2. ଝମଝମ ଶବ୍ଦ; 3. ପିଲାଙ୍କର ଝୁମୁକା ଖେଳନା ।

**Rattler**, *n*. ଉଚ୍ଚଶବ୍ଦକାରୀ ଜନ୍ତୁ ।

**Rattlesnake**, *n*. ଆମେରିକା ଦେଶସ୍ଥ ଘଡ଼ଘଡ଼ଶବ୍ଦକାରୀ ଏକପ୍ରକାର ବିଷାକ୍ତ ସର୍ପ ।

**Rattling**, *n*. ଘଡ଼ଘଡ଼ ଶବ୍ଦକରଣ ।

**Raucity**, *n*. 1. ସ୍ୱରଭଙ୍ଗ; 2. ସ୍ୱରକାର୍କଶ୍ୟ ।

**Ravage**, *v.t.* 1. ଉଜାଡ଼-କ; 2. ଧ୍ୱଂସ-କ; 3. ଲୁଣ୍ଠନ-କ ।—*n*. ଉଜାଡ଼, ବିଧ୍ୱଂସ ।

**Rave**, *v.i.* 1. ପାଗଳ-ହେ; 2. ପାଗଳ ପରି ପ୍ରଚଣ୍ଡ-ହେ; 3. ଅଯଥା ବକିବା ।—*v.t.* ଉନ୍ମତ୍ତଭାବେ କହିବା ।

Ravel, *v.t.* 1. ବୁଣାଟ ଫିଟାଇବା; 2. ପାକଳ ଫିଟାଇବା ।—*v.i.* ଜଟିଳ-ହେ ।

Raven, (1) *rā'vn n.* ଡାମରାକୁଆ ।—*a.* ଡାମରାକୁଆ ପରି କୃଷ୍ଣବର୍ଣ୍ଣ ।

Raven, (2) *rav'n v.t.* 1. ବଳାତ୍କାରରେ ଲୁଟ-କ; 2. ଲୁଣ୍ଠି ଖାଇବା ।—*v.i.* ହିଂସ୍ରଜନ୍ତୁର ଶିକାର ଧରି ଲୁଣ୍ଠିବା ।

Ravenous, *a.* 1. ବହୁଭକ୍ଷୀ; 2. ଅତି କ୍ଷୁଧିତ; 3. ଲୋଭୀ ।

Ravenousness, *n.* ଅତିକ୍ଷୁଧା, ଅହାର-ଲୋଭ ।

Ravine, *n.* 1. ପର୍ବତ ସ୍ରୋତଦ୍ୱାରା ଖୋଳିହୋଇଥିବା ମାହାଳ; 2. ଗିରିସଙ୍କଟ ।

Raving, *n.* ପ୍ରଳାପ ।—*a.* ପ୍ରଳାପକାରୀ ।

Ravish, *v.t.* 1. ବଳପୂର୍ବକ ହରଣ-କ; 2. ଅପହରଣ-କ; 3. ବଳପୂର୍ବକ ଭ୍ରଷ୍ଟ-କ, ବଳାତ୍କାରରେ ରମଣ-କ; 4. ଆନନ୍ଦମଗ୍ନ-କ ।

Ravisher, *n.* 1. ବଳାତ୍କାରକ; 2. ଭ୍ରଷ୍ଟକାରୀ ଲୋକ ।

Ravishing, *a.* 1. ମନୋହର, ଚିତ୍ତହରଣକାରୀ; 2. ବେଶ-ଘାତକର ।

Ravishment, *n.* 1. ବଳାତ୍କାର; 2. ସ୍ତ୍ରୀହରଣ; 3. ମହାନନ୍ଦ, ପରମାହ୍ଲାଦ ।

Raw, *a.* 1. ଅପକ୍ୱ, କଞ୍ଚା; 2. ଅରନ୍ଧା, ଅସିଦ୍ଧ; 3. ଅପ୍ରସ୍ତୁତ; 4. ଅମିଶ୍ରିତ; 5. ଅସମାପ୍ତ; 6. ଚମ ଛଡ଼ିଯାଇଥିବା; 7. ଅପରିପକ୍ୱ; 8. ଶୈତ୍ୟଯୁକ୍ତ ।—*n.* 1. ଚମ ଛଡ଼ିଯାଇଥିବା ଘା; 2. ଦୁଃଖଦାୟକ ବିଷୟ ।

Raw-boned, *a.* ହାଡ଼ୁଆ, କ୍ଷୀଣ ।

Rawhide, *n.* 1. କଞ୍ଚା ଚମଡ଼ା; 2. କଞ୍ଚା ଚମଡ଼ାରେ ବଳା ଚାବୁକ ।

Rawness, *n.* 1. କଞ୍ଚାପଣ; 2. ଅପକ୍ୱତା; 3. ଶୈତ୍ୟ ।

Ray, (1) *n.* 1. କିରଣ, ରଶ୍ମି, ଅଂଶୁ; 2. ଜ୍ୟାରେଖ; 3. ପାତ୍ରଣାର ବହିର୍ଗତ ଅଂଶ; 4. ସ୍ତବକର ପ୍ରତ୍ୟେକ କ୍ଷୁଦ୍ର ପୁଷ୍ପ ।—*v.t.* 1. ସରଳରେଖାକ୍ରମେ ବିକୀର୍ଣ୍ଣ-କ; 2. କିରଣଯୁକ୍ତ-କ ।—*v.i.* କିରଣ-ଦେ ।

Ray, (2) *n.* ଅମେରିକାର ସାମୁଦ୍ରିକ ମତ୍ସ୍ୟ ବିଶେଷ ।

Raze, *v.t.* 1. ଭୂମିସାତ୍-କ; 2. ସମୂଳୋତ୍ପାଟନ-କ; 3. ଧ୍ୱଂସ-କ ।

Razor, *n.* ଖୁର, କ୍ଷୁର, ଅସ୍ତୁରା ।

Razor-strop, *n.* ଚଟପଟି, ଖୁର ଧାର କରିବାର ଚର୍ମଖଣ୍ଡ ।

Re, (1) *n.* ସମ୍ବନ୍ଧ, ସମ୍ପର୍କ ।—In re, (Leg.) ସ୍ଥଳେ ।

Re, (2), ପୁନର୍ବାଚକ ଉପସର୍ଗ ।

Reabsorb, *v.t.* ପୁନଃ ଶୋଷଣ-କ ।

Reaccuse, *v.t.* ପୁନରଭିଯୁକ୍ତ-କ ।

Reach, *v.t.* 1. ପହଞ୍ଚ-କ, ବଢ଼ାଇବା; 2. ହାତ ବଢ଼ାଇ ଧରିବା; 3. ଅର୍ପଣ-କ; 4. ସ୍ପର୍ଶ-କ; 5. ପହଞ୍ଚିବା; 6. ପାଇବା ।—*v.i.* 1. ବିସ୍ତୃତ-ହେ; 2. ଲମ୍ବ-ହେ, ମୋଟ-ହେ; 3. ହସ୍ତ ପ୍ରସାରିବା; 4. ପାଇବାକୁ ଯତ୍ନଶୀଳ-ହେ ।—*n.* 1. ପ୍ରସାର; 2. ଦୃଷ୍ଟିଗୋଚର; 3. ବସ୍ତୁର ଅଗ୍ରଭାଗ; 4. ବୁଦ୍ଧିର ପ୍ରବେଶ; 5. ବ୍ୟାପ୍ତି; 6. କୌଶଳ; 7. ଦୁଇ ବାଙ୍କ ମଧ୍ୟରେ ସ୍ରୋତର ସରଳ ଅଂଶ; 8. (Naut.) ପାଲ-ଜାହାଜର ବଙ୍କପଥ ମଧ୍ୟରେ ସରଳ ପଥର ଦୂରତା ।—Beyond reach, 1. ସ୍ପର୍ଶାତୀତ; 2. ଗୋଚରାତୀତ । Within the reach of, 1. ଗୋଚରାଧୀନ; 2. ସାଧ୍ୟ । To reach one's ear, କର୍ଣ୍ଣଗୋଚର-ହେ ।

Reachable, *a.* 1. ସ୍ପର୍ଶ୍ୟ; 2. ପ୍ରାପ୍ୟ ।

React, *v.t.* ପୁନରଭିନୟ-କ ।—*v.i.* 1. ପ୍ରତିକ୍ରିୟା-କ; 2. ପରସ୍ପର ଉପରେ କ୍ରିୟା-କ ।

Reaction, *n.* 1. ପ୍ରତିକ୍ରିୟା; 2. ଅଧୋଗତି, କ୍ରମଗତି ।

Reactionary, *a.* 1. ପ୍ରତିକ୍ରିୟା ସମ୍ବନ୍ଧୀୟ; 2. ଅଧୋଗତିଜନକ ।—*n.* ରାଜନୈତିକ ସଂସ୍କାରର ପ୍ରତିକ୍ରିୟାର ସମର୍ଥକ ।

Read, (1) *v.t.* 1. ପଢ଼ିବା, ପାଠ-କ; 2. ବୋଧ-କ; 3. ଅଧ୍ୟୟନ-କ; 4. ବ୍ୟାଖ୍ୟା-କ; 5. ବିଦ୍ୟାଭ୍ୟାସ-କ ।—To read a lecture or sermon, ଅନୁଯୋଗ-କ । To read between the lines, ପାଠ ଧରି ଗୂଢ଼ାର୍ଥ ବାହାର-କ ।

Read, (2) *a. red*, ବିଜ୍ଞ, ବିଦ୍ୱାନ୍ ।

Readable, *a.* 1. ପାଠ୍ୟ, ପଠନୀୟ; 2. ସୁପାଠ୍ୟ; 3. ଚିତ୍ତାକର୍ଷକ ।

Reader, *n.* 1. ପାଠକ; 2. ଭଜନାଳୟର ଶାସ୍ତ୍ରପାଠକ; 3. ବିଶ୍ୱବିଦ୍ୟାଳୟର ଅଧ୍ୟାପକ; 4. ମୁଦ୍ରଣରେ ପୁସ୍ତକ ସଂଶୋଧନକର୍ତ୍ତା; 5. ପାଠାନୁରାଗୀ ଲୋକ; 6. ପାଠ୍ୟପୁସ୍ତକ ।

Readily, *ad.* 1. ଅନାୟାସରେ; 2. ସଙ୍ଗେସଙ୍ଗେ; 3. ଇଚ୍ଛୁକଭାବେ; 4. ଉତ୍ସୁକଭାବେ ।

Readiness, *n.* 1. ତତ୍ପରତା, ପ୍ରସ୍ତୁତତା; 2. ଦକ୍ଷତା; 3. ଇଚ୍ଛୁକତା; 4. ଔତ୍ସୁକ୍ୟ ।

Reading, *n.* 1. ପଠନ; 2. ଅଧ୍ୟୟନ; 3. ପ୍ରକାଶ୍ୟଭାବେ ପୁସ୍ତକ ପଠନ; 4. ବ୍ୟାଖ୍ୟା; 5. ଅନୁବାଦ; 6. ଯନ୍ତ୍ରରେ ପରିମାଣ ସୂଚନା ।

Reading-book, *n.* ପାଠ୍ୟପୁସ୍ତକ ।

Reading-room, *n.* ସାଧାରଣ ପଠନାଗାର ।

Readjourn, *v.t.* ପୁନଃ ସ୍ଥଗିତ-କ ।

Readjournment, *n.* ପୁନଃ ସ୍ଥଗିତକରଣ ।

Readjust, *v.t.* ପୁନର୍ବାର ସଜାଡ଼ିବା, ପୁଣି ଠିକ୍ଠାକ୍-କ

Readjustment, *n.* 1. ପୁନଃ ସଜ୍ଜିତକରଣ; 2. ପୁନଃ ସମାଧାନ ।

Readmission, *n.* ପୁନର୍ଗ୍ରହଣ ।

Readmit, *v.t.* ପୁନର୍ଗ୍ରହଣ-କ ।

Readore, *v.t.* ପୁନର୍ଭୂଷିତ-କ ।

Ready, *a.* 1. ପ୍ରସ୍ତୁତ; 2. ଯଥୋଚିତ; 3. ଇଚ୍ଛୁକ; 4. ସମ୍ମତ; 5. ଉତ୍ସୁକ; 6. ତତ୍ପର, ଉଦ୍ୟତ; 7. ଦକ୍ଷ; 8. ଅଗ୍ରିମ, ଉପସ୍ଥିତ; 9. ହସ୍ତଗତ; 10. ନଗଦ; 11. ସହଜ; 12. ସନ୍ନଦ୍ଧ ।—To make ready, ପ୍ରସ୍ତୁତ-କ ।

Readymade, *a.* ଆଗରୁ ପ୍ରସ୍ତୁତ ।

Ready-money, *n.* ନଗଦ ଟଙ୍କା ।

Ready-reckoner, *n.* ହିସାବର କଷୋଟି ବହି, କଷୋଟି ଧାରଣା ଥିବା ପୁସ୍ତକ ।

Ready-witted, *a.* ଉପସ୍ଥିତବୁଦ୍ଧି, ଚତୁର୍ ।

Reaffirm, *v.t.* ପୁନର୍ବାର ଦୃଢ଼ରୂପେ କହିବା ।

Reagent, *n.* (Chem.) ପଦାର୍ଥର ଅନ୍ତର୍ଗତ ଉପାଦାନ ପରୀକ୍ଷାର୍ଥ ବ୍ୟବହୃତ ଦ୍ରବ୍ୟ ।

Real, *a.* 1. ବିଦ୍ୟମାନ; 2. ପ୍ରକୃତ, ବାସ୍ତବିକ; 3. ସତ୍ୟ, ଯଥାର୍ଥ; 4. ଅସଲ, ଖାଣ୍ଟି; 5. ପ୍ରମାଣସିଦ୍ଧ; 6. ସ୍ୱାଭାବିକ; 7. ସ୍ଥାବର, ଅଚଳନ୍ତ ।

Realisable, *a.* 1. ସିଦ୍ଧକରଣୀୟ; 2. ଜ୍ଞେୟ; 3. ଅଦାୟ-ଯୋଗ୍ୟ, ଆଦେୟ ।

Realisation, *n.* 1. ସତ୍ୟବୋଧକରଣ; 2. ସିଦ୍ଧକରଣ; 3. ଟଙ୍କାକୁ ଭୂସମ୍ପତ୍ତିରେ ପରିଣତକରଣ; 4. ସମ୍ପତ୍ତିକୁ ଟଙ୍କାରେ ପରିଣତକରଣ ।

Realise, *v.t.* and *i.* 1. ସିଦ୍ଧ-କ; 2. ଅବଗତ-ହେ; 3. ସତ୍ୟ ବୋଧ-କ; 4. ସାଧନ-କ, କାର୍ଯ୍ୟରେ ପରିଣତ-କ; 5. ଆଦାୟ-କ; 6. ନଗଦଟଙ୍କା ବା ସ୍ଥାବର ସମ୍ପତ୍ତିରେ ପରିବର୍ତ୍ତନ-କ; 7. ହୃଦୟଙ୍ଗମ-କ ।

Realism, *n.* 1. ପଦାର୍ଥବାଦ, ଦୃଶ୍ୟପଦାର୍ଥର ସତ୍ତା ଅଛି ବୋଲି ଯେଉଁ ମତ; 2. ଇନ୍ଦ୍ରିୟଜ୍ଞାନରେ ନିର୍ଭରଶୀଳ ମତ; 3. ଚିତ୍ର ଶିଳ୍ପାଦିରେ ସୌନ୍ଦର୍ଯ୍ୟ ନ ଖୋଜି ବାସ୍ତବିକତା ପ୍ରକଟନର ମତ ।

Realist, *n.* 1. ପଦାର୍ଥବାଦୀ; 2. ଚିତ୍ର ଶିଳ୍ପାଦିରେ ସୌନ୍ଦର୍ଯ୍ୟ ନ ଖୋଜି ବାସ୍ତବିକତା ପ୍ରକାଶକ ।

Realistic, *a.* 1. ପଦାର୍ଥବାଦସମ୍ବନ୍ଧୀୟ; 2. ପଦାର୍ଥବାଦସମ୍ବନ୍ଧୀୟ ।

Reality, *n.* 1. ସତ୍ତ୍ୱ; 2. ବାସ୍ତବିକତା; 3. ପ୍ରକୃତ ପଦାର୍ଥ; 4. (Law) ସ୍ଥାବର ସମ୍ପତ୍ତିର ପ୍ରକୃତ ।

Reallege, *v.t.* 1. ପୁନଶ୍ଚ କାରଣରୂପେ ଦର୍ଶାଇବା; 2. ପୁନର୍ବାର ଓଜର ବା ଆପତ୍ତି-କ ।

Really, *ad.* ପ୍ରକୃତପକ୍ଷେ, ଯଥାର୍ଥତଃ, ବସ୍ତୁତଃ ।

Realm, *s.* 1. ରାଜାଙ୍କ କ୍ଷମତା; 2. ରାଜ୍ୟ; 3. ଖଣ୍ଡ, ପ୍ରଦେଶ; 4. ଦେଶ; 5. ଅଧିକାର ।

Ream, *n.* ୨୦ ଦସ୍ତା କାଗଜ ।

Reanimate, *v.t.* 1. ପୁନର୍ଜୀବିତ-କ, ପୁନଃ ଅନୁପ୍ରାଣିତ-କ; 2. ପୁନରୁତ୍ତେଜିତ-କ; 3. ପୁନଶ୍ଚେତନ-କ ।

Reanimation, *n.* ପୁନର୍ଜୀବିତକରଣ ।

Reannex, *v.t.* 1. ପୁନର୍ବାର ଆତ୍ମସାତ୍-କ; 2. ପୁନଃ ସଂଯୁକ୍ତ-କ ।

Reap, *v.t.* 1. ଶସ୍ୟ କାଟିବା; 2. ପରିଶ୍ରମଦ୍ୱାରା ସଂଗ୍ରହ-କ; 3. ପୁରସ୍କାରରୂପେ ପାଇବା; 4. କର୍ମଫଳ ଭୁଞ୍ଜିବା ।

Reaper, *n.* 1. କଟାଳି, ଶସ୍ୟଚ୍ଛେଦକ; 2. ଶସ୍ୟକଟା କଳ ।

Reaping-hook, *n.* ଦା, ଶସ୍ୟକାଟିବା ଅସ୍ତ୍ର ।

Reaping-machine, *n.* ଶସ୍ୟକାଟିବା ଯନ୍ତ୍ର ।

Reapparel, *v.t.* ପୁନର୍ବାର ବସ୍ତ୍ରାବୃତ-କ ।

Reappear, *v.i.* ପୁନର୍ଦୃଶ୍ୟ-ହେ ।

Reappearance, *n.* ପୁନର୍ଦର୍ଶନ ।



Reapply, *v.t.* and *i.* 1. ପୁନର୍ବାର ପ୍ରୟୋଗ-କ; 2. ପୁନର୍ବାର ଆବେଦନ-କ ।

Reappoint, *v.t.* ପୁନର୍ବାର ନିଯୁକ୍ତ-କ ।

Reapportion, *v.t.* ପୁନର୍ବାର ବିଭାଗ-କ ।

Rear, *n.* 1. ପଶ୍ଚାଦ୍ଭାଗ; 2. ସୈନ୍ୟ ବା ଯୁଦ୍ଧଜାହାଜ ସମୂହର ପଶ୍ଚାଦ୍ଭାଗ ।—*a.* ପଶ୍ଚାଦ୍ବର୍ତ୍ତୀ ।—*v.t.* 1. ପ୍ରତିପାଳନ-କ; 2. ଶିକ୍ଷିତ-କ; 3. ଉତ୍ଥାପନ-କ ।—*v.i.* 1. ଘୋଡ଼ାପରି ପଛଗୋଡ଼ରେ ଡେଇଁଉଠିବା ।

Rear-admiral, *n.* ପଶ୍ଚାଦ୍ଭାଗୀୟ ଯୁଦ୍ଧଜାହାଜସମୂହର ତୃତୀୟ ଶ୍ରେଣୀୟ ଅଧ୍ୟକ୍ଷ ।

Rear-guard, *n.* ପଶ୍ଚାଦ୍ଭାଗୀୟ ସୈନ୍ୟର ପହରଦଳ ।

Rearward, *n.* (Bible) ସୈନ୍ୟର ପଶ୍ଚାଦ୍ଭାଗୀୟ ରକ୍ଷକଦଳ ।

Rearing-bit, *n.* ପଛଗୋଡ଼ରେ ଡେଇଁଉଠିବା ଘୋଡ଼ାର ମୁଣ୍ଡ ଅଟକାଇବାପାଇଁ କଡ଼େଇ ।

Reargue, *v.t.* 1. ପୁନର୍ବାର ପ୍ରମାଣ-କ; 2. ପୁନର୍ବାର ତର୍କବିତର୍କ-କ ।

Rearrange, *v.t.* 1. ପୁନର୍ବାର ଶ୍ରେଣୀବଦ୍ଧ-କ; 2. ପୁନର୍ବାର ସଜାଇବା; 3. ପୁନର୍ବାର ନିଷ୍ପନ୍ନ-କ ।

Reascend, *v.t.* ପୁନରାରୋହଣ-କ ।

Reason, *n.* 1. କାରଣ, ହେତୁ; 2. ନିମିତ୍ତ; 3. ପ୍ରମାଣ, ଯୁକ୍ତି; 4. ଆପତ୍ତି, ବାହାନା; 5. ବ୍ୟାଖ୍ୟା; 6. ବୁଦ୍ଧି, ବିଚାରଶକ୍ତି; 7. ନ୍ୟାୟବିଚାର; 8. ଔଚିତ୍ୟ; 9. ନ୍ୟାୟ, ଯାଥାର୍ଥ୍ୟ ।—*v.i.* 1. ବିଚାରବୁଦ୍ଧି ପରିଚାଳନ-କ; 2. କାରଣ ଦର୍ଶାଇବା; 3. ମୀମାଂସା-କ; 4. ତର୍କ-କ, ଯୁକ୍ତି-କ ।—*v.t.* 1. ବିଚାର-କ; 2. ଯୁକ୍ତିଦ୍ୱାରା ପ୍ରବର୍ତ୍ତାଇବା ।—By reason of, ହେତୁରୁ । It stands to reason, ଏହା ନ୍ୟାୟସଙ୍ଗତ ଅଟେ ।

Reasonable, *a.* 1. ବୁଦ୍ଧିମାନ୍; 2. ଯୁକ୍ତିସଙ୍ଗତ; 3. ନ୍ୟାଯ୍ୟ, ଯଥାର୍ଥ; 4. ପରିମିତ ।

Reasonableness, *n.* 1. ଯୁକ୍ତିସିଦ୍ଧତା; 2. ଉପଯୁକ୍ତତା; 3. ପରିମିତତା ।

Reasonably, *ad.* 1. ଯୁକ୍ତିସଙ୍ଗତରେ; 2. ଉପଯୁକ୍ତରୂପେ; 3. ବିଚାରପୂର୍ବକ ।

Reasoner, *n.* 1. ଯୁକ୍ତିକାରକ; 2. ତର୍କବାଦୀ; 3. ନ୍ୟାୟୀ; 4. ପ୍ରମାଣବାଦୀ ।

Reasoning, *n.* 1. ବିଚାରକରଣ; 2. କାରଣପ୍ରଦର୍ଶନ; 3. ତର୍କବିତର୍କ, ବାଦାନୁବାଦ ।

Reassemble, *v.t.* and *i.* 1. ପୁନର୍ବାର ଏକତ୍ର-କ; 2. ପୁନର୍ବାର ସମବେତ-ହେ; 3. ପୁନରାୟ ମିଳିତ-ହେ ।

Reassert, *v.t.* 1. ପୁନର୍ବାର ନିଶ୍ଚୟକରି କହିବା; 2. ପୁନର୍ବାର ସମର୍ଥନ-କ; 3. ପୁନର୍ବାର ପ୍ରତିପାଦନ-କ ।

Reassertion, *n.* ପୁନର୍ନିଶ୍ଚୟକରଣ ।

Reassess, *v.t.* ପୁନର୍ବାର କରନିରୂପଣ-କ ।

Reassessment, *n.* ପୁନର୍ବାର କରନିରୂପଣ ।

Reassign, *v.t.* ପୁନର୍ବାର ନିର୍ଦ୍ଦେଶ-କ ।

Reassignment, *n.* ପୁନର୍ବାର ନିଶ୍ଚୟକରଣ ।

Reassure, *v.t.* 1. ଭୟରୁ ମୁକ୍ତ-କ; 2. ପୁନର୍ବାର ବିଶ୍ୱାସ ଜନ୍ମାଇବା ।

Reast, *v.t.* ଧୂଅଁରେ ଶେକିବା ।

Reasty, *a.* ପଚ୍‌ଗନ୍ଧଯୁକ୍ତ ।
Reattach, *v.t.* ପୁନର୍ବାର ସଂଯୁକ୍ତ-କ ।
Reattachment, *n.* ପୁନଶ୍ଚ ସଂଯୋଗକରଣ ।
Reattempt, *v.t.* ପୁନର୍ବାର ଚେଷ୍ଟା-କ ।
Rebaptise, *v.t.* ଦ୍ୱିତୀୟଥର ଡୁବନ-ଦେ ।
Rebate, *v.t.* 1. ଦୁର୍ବଳ-କ; 2. କଟା-ଦେ ।
Rebatement, *n.* (କର) ହ୍ରାସ ।
Rebel, *n.* *reb-el.* ବିଦ୍ରୋହୀ, ରାଜଦ୍ରୋହୀ ।—*a.* ଅବାଧ୍ୟ ।—*v.i.* *re-bel,* ରାଜଦ୍ରୋହ-କ, ବ୍ୟବସ୍ଥା ବିରୋଧୀ-ହେ ।
Rebellion, *n.* 1. ରାଜଦ୍ରୋହ; 2. ବ୍ୟବସ୍ଥାର ବିରୁଦ୍ଧା-ଚରଣ; 3. ବିଦ୍ରୋହାଚରଣ ।
Rebellious, *a.* 1. ରାଜଦ୍ରୋହାତ୍ମକ; 2. ରାଜଦ୍ରୋହ-ସୂଚକ; 3. ଅବାଧ୍ୟ ।
Rebelliously, *ad.* 1. ରାଜଦ୍ରୋହରୂପେ; 2. ବ୍ୟବସ୍ଥା-ବିରୋଧରୂପେ; 3. ଅବାଧ୍ୟରୂପେ । [ବନ୍ଧାଇବା ।
Rebind, *v.t.* 1. ପୁଣି ବାନ୍ଧିବା; 2. ପୁସ୍ତକକୁ ପୁନର୍ବାର
Rebirth, *n.* ପୁନର୍ଜନ୍ମ ।
Reborn, *a.* 1. ପୁନର୍ଜୀବିତ; 2. ପୁନର୍ଜାତ ।
Rebound, *v.i.* 1. ଛିଟିକିଆସିବା; 2. ପ୍ରତିଘାତ-ହେ; 3. ପୁନଶ୍ଚ ପ୍ରତିଧ୍ୱନିତ-ହେ ।—*n.* ପ୍ରତିଘାତକରଣ ।
Rebuff, *n.* 1. ଧମକ; 2. ବାରଣ; 3. ଝାଡ଼ି ।—*v.t.* 1. ଧମକ-ଦେ; 2. ଅନପେକ୍ଷିତଭାବେ ଝାଡ଼ି-କ ।
Rebuild, *v.t.* 1. ପୁନର୍ନିର୍ମାଣ-କ; 2. ପୁନର୍ଗଠନ-କ ।
Rebuke, *v.t.* 1. ଅନୁଯୋଗ-କ; 2. ଭର୍ତ୍ସନା-କ ।—*n.* ଭର୍ତ୍ସନା, ଅନୁଯୋଗ ।
Rebukable, *a.* ଭର୍ତ୍ସନାଯୋଗ୍ୟ ।
Rebukeful, *a.* ଅନୁଯୋଗପୂର୍ଣ୍ଣ । [ପ୍ରହେଳିକା ।
Rebus, *n.* ଅକ୍ଷର ପରିବର୍ତ୍ତେ ଚିତ୍ରାର୍ପିତ ସମସ୍ୟା, ସଚିତ୍ର
Rebut, *v.t.* ପ୍ରମାଣଦ୍ୱାରା ଖଣ୍ଡନ-କ ।—*v.i.* ପ୍ରତ୍ୟୁତ୍ତର-କ ।
Rebuttable, *a.* ପ୍ରତ୍ୟୁତ୍ତରଯୋଗ୍ୟ ।
Recalcitrant, *a.* 1. ବିଦ୍ୱେଷ ପ୍ରକାଶକ; 2. ଅବଶ ।
Recall, *v.t.* 1. ଫେରି ଆସିବାନିମନ୍ତେ ଡାକିବା; 2. ପ୍ରତ୍ୟାହାର-କ; 3. ଅନ୍ୟଥା-କ; 4. ମନରେ ଆଣିବା ।—*n.* 1. କଥାପରିବର୍ତ୍ତନ; 2. ସେନାମାନଙ୍କୁ ଫେରିଆସିବା-ନିମନ୍ତେ ବିଷାଣ ।
Recallable, *a.* ଅନ୍ୟଥାଯୋଗ୍ୟ ।
Recant, *v.t.* ପ୍ରତ୍ୟାଖ୍ୟାନ-କ ।—*v.i.* ପୂର୍ବମତ ପରି-ବର୍ତ୍ତନ-କ ।
Recantation, *n.* ପୂର୍ବମତ ପରିବର୍ତ୍ତନକରଣ ।
Recapitulate, *v.t.* 1. ଦ୍ୱିତୀୟଥର ସାରାଂଶ କହିବା; 2. ପୁନରାବୃତ୍ତି-କ ।
Recapitulation, *n.* ପୁନରାବୃତ୍ତି, ସଂକ୍ଷିପ୍ତ ଉଲ୍ଲେଖ ।
Recapitulatory, *a.* ସଂକ୍ଷିପ୍ତ ଉଲ୍ଲେଖବିଶିଷ୍ଟ ।
Recast, *v.t.* 1. ପୁନର୍ବାର ଗଣାକାଠି କରାଇବା; 2. ପୁନର୍ବାର ଛାଞ୍ଚରେ ଢାଳିବା; 3. ପରିବର୍ତ୍ତିତାକାର-କ; 4. ପୁନର୍ବାର ଅଙ୍କ କଷିବା ।—*n.* ପରିବର୍ତ୍ତିତାକାର ପୁସ୍ତକ ।

Recede, *v.i.* 1. ପଛକୁ ଯିବା; 2. ହଟିଯିବା; 3. ପଛକୁ ଚଳିବା; 4. ଉଠିଯିବା; 5. ଦାବି ଛାଡିବା ।—*v.t.* ପୂର୍ବାଧିକାରୀକୁ ପ୍ରତ୍ୟର୍ପଣ-କ ।
Receipt, *n.* 1. ଗ୍ରହଣ; 2. ପାଉତି, ରସିଦ୍; 3. ପାକ-ବିଦ୍ୟାର ନିୟମ ।—*v.t.* 1. ପାଉତି-ଦେ; 2. ସ୍ୱାକ୍ଷରିତ-କ ।
Receiptable, *a.* 1. ପାଉତି ପାଇବାଯୋଗ୍ୟ; 2. ସ୍ୱାକ୍ଷରିତ ହେବାଯୋଗ୍ୟ ।
Receipt-book, *n.* ପାଉତିପୁସ୍ତକ, ରସିଦ୍‌ବହି ।
Receivable, *a.* 1. ଗ୍ରହଣୀୟ; 2. ପ୍ରାପ୍ୟ; 3. ଆଦେୟ ।
Receive, *v.t.* 1. ପାଇବା; 2. ଗ୍ରହଣ-କ; 3. ଉପ-ଲବ୍ଧ-କ; 4. ସ୍ୱୀକାର-କ; 5. ଅଙ୍ଗୀକାର-କ; 6. ଶୁଭ-ଗ୍ରହଣ-କ; 7. ଧାରଣ-କ; 8. (Law) ଚୋରମାଲ୍-ନେ ।—*v.i.* 1. ଗ୍ରାହକ-ହେ; 2. ଅତିଥିସତ୍କାର-କ ।
Receiver, *n.* 1. ଗ୍ରାହକ; 2. କରଆଦାୟକାରୀ; 3. ମକଦ୍ଦମା ସମୟରେ ଜମିର ଖଜଣା ଗ୍ରହଣକରିବାପାଇଁ ବା ସମ୍ପତ୍ତି ବୁଝିବାପାଇଁ ଅଦାଲତଦ୍ୱାରା ନିଯୁକ୍ତ ବ୍ୟକ୍ତି; 4. ଚୋରମାଲ ଗ୍ରହଣକାରୀ; 5. ବାୟୁନିଷ୍କାଶକ କଳର କାଚନିର୍ମିତ ଆଧାର; 6. ତାରକଳ ଖବରର ଶବ୍ଦ-ଗ୍ରାହୀ ଯନ୍ତ୍ର । [ପ୍ରତିପାଳନ-କ ।
Recelebrate, *v.t.* ପୁନର୍ବାର ସ୍ମରଣାର୍ଥକ ଉତ୍ସବରେ
Recency, *n.* ନବୀନତା, ନୂତନତ୍ୱ ।
Recension, *n.* 1. ପୁସ୍ତକର ସଂଶୋଧନ; 2. ପୁସ୍ତକର ସଂଶୋଧିତ ସଂସ୍କରଣ; 3. ପୁନରାଲୋଚନା ।
Recent, *a.* 1. ଉଦ୍ଭାବିତ; 2. ଅନତିପୂର୍ବର; 3. ନବୀନ; 4. ଆଧୁନିକ; 5. (Geol.) ବର୍ତ୍ତମାନ ଯୁଗର ।
Recently, *ad.* ଅନତିପୂର୍ବେ, ଅଳ୍ପଦିନ ତଳେ, ଅଳ୍ପଦିନ ହେଲା ।
Recentness, *n.* 1. ଆଧୁନିକତା; 2. ନବ୍ୟତା ।
Recept, *n.* ବାହ୍ୟବସ୍ତୁରୁ ଜାତ ମନୋଭାବ ।
Receptacle, *n.* 1. ଆଧାର, ପାତ୍ର; 2. କୋଷ ।
Receptibility. *n.* 1. ଧାରଣକ୍ଷମତା; 2. ଗ୍ରହଣୀୟତା ।
Reception, *n.* 1. ଗ୍ରହଣକରଣ; 2. ପ୍ରବେଶାନୁମତି; 3. ଅଭ୍ୟର୍ଥନା, ଆଦରଗ୍ରହଣ; 4. ସ୍ୱୀକାର ।
Receptive, *a.* 1. ଗ୍ରହଣଶୀଳ; 2. ଧାରଣକ୍ଷମ ।
Recess, *n.* 1. ପ୍ରତ୍ୟାବର୍ତ୍ତନ; 2. ଛୁଟି, ବିଶ୍ରାମ, ଅବସର-କାଳ; 3. ତାକ, ଠଣା; 4. ନିଭୃତସ୍ଥାନ ।
Recession, *n.* ପ୍ରତ୍ୟାଗମନ, ପ୍ରତ୍ୟାବର୍ତ୍ତନ ।
Recessional, *n.* ପ୍ରତ୍ୟାଗମନକାଳୀନ ଧର୍ମଗୀତ ।
Rechabite, *n.* "ରେକବାଇଟ" ନାମକ ନିଶାନିଷେଧକ-କାରୀ ଦଳର ଏକ ବ୍ୟକ୍ତି ।
Rechristen, *v.t.* ପୁନର୍ବାର ନାମ-ଦେ ।
Recipe, *n.* 1. ଔଷଧର ବ୍ୟବସ୍ଥାପତ୍ର ବା ତାଲିକା; 2. ରନ୍ଧନଉପକରଣର ତାଲିକା ।
Recipient, *a.* ଗ୍ରାହୀ ।—*n.* ଗ୍ରହୀତା ।
Reciprocal, *a.* 1. ପରସ୍ପର, ଅନ୍ୟୋନ୍ୟ, ଏକକୁ-ଅପରେକ; 2. ପରସ୍ପରର ଅନୁବର୍ତ୍ତୀ । [ମୟକ୍ରମେ ।
Reciprocally, *ad.* ପରସ୍ପରଠାରେ, ଅନ୍ୟୋନ୍ୟରେ, ବିନି-

**Reciprocate**, *v.t.* 1. ପରସ୍ପର ଆଦାନପ୍ରଦାନ-କ, ପରସ୍ପରପ୍ରତି ସମବ୍ୟବହାର-କ; 2. ବିନିମୟ-କ ।
**Reciprocation**, *n.* 1. ପରସ୍ପର ଆଦାନପ୍ରଦାନ; 2. ପରସ୍ପର କ୍ରିୟାବିନିମୟ ।
**Reciprocity**, *n.* 1. ପରସ୍ପର ବାଧ୍ୟବାଧକତା; 2. ଦୁଇଦେଶ ମଧ୍ୟରେ ପରସ୍ପର ବାଣିଜ୍ୟର ସମାନାଧିକାର ।
**Reciprocornous**, *a.* ମେଷଭଳି ଶୃଙ୍ଗଯୁକ୍ତ ।
**Recision**, *n.* ଛେଦନ ।
**Recital**, *n.* 1. ଆବୃତ୍ତିକରଣ; 2. ଶିକ୍ଷାର୍ଥ ଆବୃତ୍ତି; 3. ବର୍ଣ୍ଣନା; 4. ପ୍ରକାଶ୍ୟରୂପେ ବାଦନ; 5. (Law) ଦଲିଲରେ ଅବସ୍ଥାବର୍ଣ୍ଣନାତ୍ମକ ଅଂଶ ।
**Recitation**, *n.* 1. ଆବୃତ୍ତିକରଣ; 2. ମୁଖସ୍ଥକଥନ; 3. ପ୍ରକାଶ୍ୟରୂପେ ପଠନ; 4. ଶିକ୍ଷାର୍ଥ ଆବୃତ୍ତି ।
**Recitative**, *n.* କଥନଢଙ୍ଗରେ ଉଚ୍ଚାରିତ ସଂଗୀତର ଅଂଶ ।—*a.* କଥନଢଙ୍ଗରେ ଉଚ୍ଚାରିତ ।
**Recite**, *v.t.* 1. ଆବୃତ୍ତି-କ, ମୁଖସ୍ଥ କହିବା; 2. ବର୍ଣ୍ଣନା-କ । [ପୁସ୍ତକ ।
**Reciter**, *n.* 1. ଆବୃତ୍ତିକର୍ତ୍ତା; 2. ଆବୃତ୍ତି ନିମିତ୍ତ ସଙ୍କଳିତ
**Reck**, *v.t.* 1. ମନୋଯୋଗ-କ; 2. ଚିନ୍ତା-କ; 3. ଖାତିର୍-କ ।—*v.i.* ସତର୍କ-ହ ।
**Reckless**, *a.* 1. ଅସାବଧାନ, ଅବିବେଚକ; 2. ଅମନୋଯୋଗୀ; 3. ପ୍ରମତ୍ତ; 4. ନିଶ୍ଚିନ୍ତ ।
**Recklessness**, *n.* 1. ଅସାବଧାନତା, ଅସତର୍କତା; 2. ଅବିବେଚକତା; 3. ନିଶ୍ଚିନ୍ତତା; 4. ପ୍ରମତ୍ତତା ।
**Reckon**, *v.t.* 1. ଗଣନା-କ, ସଂଖ୍ୟା-କ, ସୁମାର୍-କ; 2. ସ୍ଥାପନ-କ; 3. ବୋଧ-କ; 4. ବିଶ୍ୱାସ-କ ।—*v.i.* 1. କଷିବା, ହିସାବ୍-କ; 2. ହିସାବରେ ଆଣିବା; 3. ହିସାବ ଠିକ୍ଠାକ୍-କ; 4. ହିସାବ ନିକାଶ-କ; 5. ଅନୁମାନ-କ ।—To reckon without his host, ନିଜ ନିଜ ଅନୁମାନରେ ଭୁଲ-କ ।—Day of reckoning, ନିକାଶ ଦେବା ଦିନ ।
**Reckoner**, *n.* ଗଣନାକାରୀ ।
**Reckoning**, *n.* 1. କାଳ ନିର୍ଦ୍ଧାରଣ; 2. ଗଣନା; 3. ହିସାବ ନିକାଶ; 4. ଅତିଥିବ୍ୟୟ; 5. ଲେଖା ଅନୁସାରେ ସ୍ଥାନ; 6. ଜାହାଜ ଅବସ୍ଥିତିର ସ୍ଥିରୀକରଣ ।
**Reclaim**, *v.t.* 1. ଫେରପାଇବାର ଦାବି-କ; 2. ପୁନର୍ଲାଭ-କ; 3. ସତ୍ପଥକୁ ପୁନର୍ବାର ଆଣିବା; 4. ଶୁଧୁରାଇବା; 5. ଜଙ୍ଗଲ କାଟି ଉଠିଆ-କ; 6. ପୋଷ ମଣାଇବା । [ଯୋଗ୍ୟ ।
**Reclaimable**, *a.* 1. ସଂଶୋଧନୀୟ; 2. ଉଠିଆ-
**Reclaimant**, *n.* ସଂଶୋଧନକାରୀ ।
**Reclamation**, *n.* 1. ଉଠିଆକରଣ; 2. ସତ୍ପଥକୁ ଆନୟନ, ଅନ୍ୟର ଚରିତ୍ର ସଂଶୋଧନ; 3. ପୁନଃପ୍ରାପ୍ତି ।
**Reclination**, *n.* 1. ନତକରଣ; 2. ପରଳ କାଟିବା ପାଇଁ ଅସ୍ତ୍ରକରଣ ।
**Recline**, *v.i.* 1. ଢଳିପଡ଼ିବା; 2. ଶୟନ-କ ।—*v.t.* ନତ-କ ।
**Reclothe**, *v.t.* ପୁନର୍ବାର ବସ୍ତ୍ରାବୃତ-କ ।
**Recluse**, *a.* 1. ନିଭୃତ; 2. ଉଦାସୀନ; 3. ଏକାକୀ ।—*n.* 1. ଉଦାସୀନ ବ୍ୟକ୍ତି; 2. ସଂସାରତ୍ୟାଗୀ; 3. ସନ୍ନ୍ୟାସୀ ।
**Reclusely**, *ad.* 1. ନିଭୃତରେ; 2. ଉଦାସୀନଭାବେ ।
**Recluseness**, *n.* 1. ଉଦାସୀନତା; 2. ନିର୍ଜ୍ଜନତା ।
**Reclusion**, *n.* ସଂସାରତ୍ୟାଗ । [କାର୍ଯ୍ୟ ।
**Recognisable**, *a.* 1. ସ୍ମରଣୀୟ; 2. ସ୍ୱୀକାର୍ଯ୍ୟ, ଅଙ୍ଗୀ-
**Recognisance**, *n.* 1. ପରିଚୟକରଣ; 2. ସ୍ୱୀକାର, ଅଙ୍ଗୀକାର; 3. ମୁଚଲିକା ।
**Recognise**, *v.t.* 1. ଚିହ୍ନିବା; ପରିଚୟ-କ; 2. ସ୍ମରଣ-କ; 3. ସ୍ୱୀକାର-କ, ଅଙ୍ଗୀକାର-କ; 4. ମାନିବା ।
**Recognition**, *n.* 1. ପରିଚୟକରଣ; 2. ପରିଚିତାବସ୍ଥା; 3. ସ୍ୱୀକାର, ଅଙ୍ଗୀକାର; 4. ସ୍ମୃତି, ଚେତନ ।
**Recoil**, *v.i.* 1. ପଛକୁ ହଟିବା; 2. ଫେରି ଆସିବା, ପ୍ରତ୍ୟାବର୍ତ୍ତନ-କ; 3. ସଙ୍କୁଚିତ-ହ; 4. ଫେରିପଡ଼ିବା ।—*n.* 1. ପଛହଟା; 2. ପ୍ରତ୍ୟାବୃତ୍ତି ।
**Recoin**, *v.t.* ମୁଦ୍ରା ପୁନର୍ବାର ପ୍ରସ୍ତୁତ-କ ।
**Recollect**, *v.t.* 1. ସ୍ମରଣରେ ଆଣିବା; 2. (ନିଜକୁ) ଚେତରେ ଆଣିବା ।
**Recollection**, *n.* 1. ସ୍ମରଣ; 2. ସ୍ମରଣଶକ୍ତି; 3. ସ୍ମୃତି; 4. ସ୍ମୃତିର ବିଷୟ ।
**Recollective**, *a.* ସ୍ମରଣଶକ୍ତିଶାଳୀ ।
**Recommence**, *v.t.* ପୁନର୍ବାର ଆରମ୍ଭ-କ ।
**Recommencement**, *n.* ପୁନରାରମ୍ଭ ।
**Recommend**, *v.t.* 1. ସୁପାରିସ୍-କ; 2. ପ୍ରଶଂସା-କ; 3. ପରାମର୍ଶ-ଦେ । [ପ୍ରଶଂସନୀୟ ।
**Recommendable**, *a.* 1. ସୁପାରିସ୍ଯୋଗ୍ୟ; 2.
**Recommendably**, *ad.* ପ୍ରଶଂସନୀୟରୂପେ ।
**Recommendation**, *n.* 1. ସୁପାରିସ୍କରଣ; 2. ସୁପାରିସ୍; 3. ପ୍ରଶଂସାପତ୍ର ।
**Recommendatory**, *a.* ପ୍ରଶଂସାକର, ପ୍ରଶଂସାତ୍ମକ ।
**Recommender**, *n.* ସୁପାରିସ୍କାରୀ ।
**Recommit**, *v.t.* ପୁନର୍ବିଚାରାର୍ଥ ପ୍ରତ୍ୟର୍ପଣ-କ ।
**Recommitment**, *n.* ପୁନର୍ବିଚାରାର୍ଥ ପ୍ରତ୍ୟର୍ପଣ ।
**Recompense**, *v.t.* 1. ପ୍ରତିଦାନ-କ; 2. ପ୍ରତିଶୋଧ-ଦେ; 3. ପୁରସ୍କାର-ଦେ; 4. କ୍ଷତିପୂରଣ-ଦେ; 5. ପାରିଶ୍ରମିକ-ଦେ ।—*n.* 1. ପ୍ରତିଦାନ; 2. ପ୍ରତିଶୋଧ; 3. ପୁରସ୍କାର; 4. କ୍ଷତିପୂରଣ; 5. ପାରିଶ୍ରମିକ ଦାନ ।
**Recompose**, *v.t.* 1. ପୁନଃ ରଚନା-କ; 2. ନୂତନାକାର-କ; 3. ଶାନ୍ତ-କ ।
**Reconcilable**, *a.* 1. ପୁନର୍ମିଳନୀୟ, ପୁନର୍ବାର ମିଳିତ ହେବାଯୋଗ୍ୟ; 2. ଏକୀକରଣୀୟ ।
**Reconcile**, *v.t.* 1. ପୁନର୍ମିତ୍ରତା ସ୍ଥାପନ-କ; 2. ପୁନର୍ମିଳିତ-କ; 3. ମିଳନରେ ଆଣିବା; 4. ସନ୍ତୁଷ୍ଟ କରାଇବା; 5. ଶାନ୍ତ-କ; 6. ସୁସଙ୍ଗତ-କ; 7. ନିଷ୍ପନ୍ନ-କ ।
**Reconcilement, Reconciliation**, *n.* 1. ପୁନର୍ମିତ୍ରତାସ୍ଥାପନ; 2. ପୁନର୍ମିଳନ; 3. ପୁନଃ ସମାଧାନକରଣ; 4. ସମ୍ମିଳନ; 5. ପ୍ରାୟଶ୍ଚିତ୍ତ; 6. ଏକୀକରଣ ।

**Reconciliatory** *a.* 1. ପୁନର୍ମିଳନକାରକ; 2. ବିରୋଧଭଞ୍ଜକ ।

**Recondite,** *a.* 1. ଗୁପ୍ତ; 2. ଗଭୀର; 3. ଗୂଢ଼, ଦୁର୍ଜ୍ଞେୟ ।

**Reconditeness,** *n.* ଦୁର୍ଜ୍ଞେୟତା ।

**Reconnaisance,** *n.* 1. ପର୍ଯ୍ୟବେକ୍ଷଣ; 2. ଯୁଦ୍ଧ ବା ସର୍ଵେ କାର୍ଯ୍ୟନିମିତ୍ତ କୌଣସି ଅଞ୍ଚଳର ପରିଦର୍ଶନ ।

**Reconnoitre,** *v.t.* 1. ପର୍ଯ୍ୟବେକ୍ଷଣ-କ; 2. ଯୁଦ୍ଧାଭିପ୍ରାୟରେ ପରିଦର୍ଶନ-କ । [ର୍ଲାଭ-କ ।

**Reconquer,** *v.t.* 1. ପୁନର୍ବାର ଜୟ-କ; 2. ପୁନ-

**Reconsecrate,** *v.t.* ପୁନଃ ପ୍ରତିଷ୍ଠା-କ ।

**Reconsider,** *v.t.* 1. ପୁନର୍ବାର ବିବେଚନା-କ; 2. ପୁନର୍ବିବେଚନା-କ ।

**Reconstitute,** *v.t.* ପୁନଃସ୍ଥାପନ-କ ।

**Reconstruct,** *v.t.* ପୁନର୍ନିର୍ମାଣ-କ, ପୁନର୍ଗଠନ-କ ।

**Record,** (1) *v.t.* 1. ଲେଖିରଖିବା; 2. ସ୍ମରଣାର୍ଥ ଲିପିବଦ୍ଧ-କ; 3. ତାଲିକାଭୁକ୍ତ-କ ।

**Record,** (2) *rek'ord*, *n.* 1. ସ୍ମରଣାର୍ଥକ ଲିପି; 2. ସେରେସ୍ତା; 3. ମକଦ୍ଦମାର ନଥି ବା କାଗଜପତ୍ର ।—Record office-room, ମହାଫେଜ୍‌ଖାନା ।—To break the record, ପୂର୍ବନିର୍ଦ୍ଦିଷ୍ଟ ବିଷୟକୁ ଅତିକ୍ରମ-କ ।

**Recorder,** *n.* 1. ଲେଖକ; 2. ସେରେସ୍ତାଦାର; 3. ମହାଫେଜ୍; 4. ନଗରର ଲେଖସଂରକ୍ଷଣକାରୀ କର୍ମଚାରୀ; 5. ସ୍ୱତଃ ଘଟଣାବଳୀ ନିର୍ଦ୍ଦେଶ କରିବା ଯନ୍ତ୍ର । [ଯୋଗ୍ୟ ।

**Recordable,** *a.* 1. ଲେଖନୀୟ; 2. ଲେଖି ରଖିବା-

**Recount,** *v.t.* 1. ପୁନର୍ବାର ଗଣିବା; 2. ବର୍ଣ୍ଣନା-କ, ସମସ୍ତ ବୃତ୍ତାନ୍ତ ଜଣାଇବା, ସମସ୍ତ ବିବୃତ-କ ।—*n.* ପୁନର୍ଗଣନା ।

**Recoup,** *v.t.* କ୍ଷତିପୂରଣ-କ ।

**Recourse,** *n.* ଆଶ୍ରୟାର୍ଥ ଗମନ ।—*v.t.* ପ୍ରତ୍ୟାବର୍ତ୍ତନ-କ ।—To have recourse to, 1. ଅବଲମ୍ବନ କରିବା; 2. ଆଶ୍ରୟ ନେବା ।

**Recover,** *v.t.* 1. ପୁନର୍ଲାଭ-କ, ଫେରି ପାଇବା; 2. କ୍ଷତି ପୂରଣ-କ; 3. ହାନିର ପ୍ରତିକାର-କ; 4. ଆରୋଗ୍ୟ-କ; 5. ପୁନର୍ଜୀବିତ-କ; 6. ଉଦ୍ଧାର-କ; 7. କ୍ଷତିପୂରଣସ୍ୱରୂପ ପାଇବା ।—*v.i.* 1. ରୋଗମୁକ୍ତ-ହେ, ସୁସ୍ଥ-ହେ; 2. ପୂର୍ବାବସ୍ଥା ଲଭିବା, (Law) ଡିକ୍ରୀ ପାଇବା ।

**Recoverable,** *a.* 1. ପୁନର୍ଲଭ୍ୟ, ପୁନଃପ୍ରାପ୍ୟ; 2. ପୂର୍ବାବସ୍ଥାକୁ ପୁନରାନୟନସାଧ୍ୟ ।

**Recovery,** *n.* 1. ପୁନର୍ଲାଭ, ପୁନଃପ୍ରାପ୍ତି; 2. ପୁନରୁଦ୍ଧାର; 3. ଆରୋଗ୍ୟଲାଭ; 4. (Law) ଋଣ ବା ଅର୍ଥ ଫେରି ପାଇବା ହୁକୁମ ।

**Recreancy,** *n.* ଭୀରୁତା, କାପୁରୁଷତ୍ୱ ।

**Recreant,** *a.* 1. ଭୀରୁ; 2. ଶଠ; 3. ସ୍ୱଧର୍ମତ୍ୟାଗୀ ।—*n.* 1. କାପୁରୁଷ, ଭୀରୁଲୋକ; 2. ସ୍ୱଧର୍ମତ୍ୟାଗୀ ଲୋକ ।

**Recreate,** (1) *v.t.* 1. ନବଜୀବନ ପ୍ରଦାନ-କ; 2. ସ୍ଫୂର୍ତ୍ତିଯୁକ୍ତ-କ; 3. ପ୍ରମୋଦିତ-କ ।—*v.i.* ଆମୋଦ-ପ୍ରମୋଦ-କ, କ୍ରୀଡ଼ାକୌତୁକ-କ ।

Recreate, (2) *v.t.* ପୁନଃସୃଷ୍ଟି-କ, ପୁନର୍ଗଠନ-କ, ପୁନର୍ନିର୍ମାଣ-କ ।

Recreation, *n.* 1. ନୂତନସୃଷ୍ଟି, ପୁନର୍ଗଠନ; 2. ଶ୍ରମାପନୋଦନ; 3. ଆମୋଦପ୍ରମୋଦ, କ୍ରୀଡ଼ାକୌତୁକ ।

Recreational, Recreative, *a.* 1. ନବସ୍ଫୂର୍ତ୍ତିଜନକ; 2. ଶ୍ରମାପନୋଦକ; 3. ଆମୋଦଦାୟକ ।

Recrement, *n.* (Med.) ରକ୍ତକୁ ଫେରିଯାଉଥିବା ଲାଳପ୍ରଭୃତି ରସ । [ଅଭିଯୋଗ ଆଣିବା ।

Recriminate, *v.t.* ପ୍ରତ୍ୟପବାଦ-ଦେ ।—*v.i.* ପ୍ରତ୍ୟ-

Recrimination, *n.* 1. ପ୍ରତ୍ୟପବାଦ; 2. ପରସ୍ପର ନିନ୍ଦା; 3. ପ୍ରତ୍ୟଭିଯୋଗ ।

Recriminative, Recriminatory, *a.* 1. ପ୍ରତ୍ୟପବାଦକ; 2. ପ୍ରତ୍ୟଭିଯୋଗକାରୀ । [ପ୍ରତ୍ୟଭିଯୋକ୍ତା ।

Recriminator, *n.* 1. ପ୍ରତ୍ୟପବାଦକାରୀ ଲୋକ; 2.

Recrudesce, *v.i.* 1. ପୁନଃ ଦୂଷିତ-ହେ; 2. ଜାଗ୍ରତ-ହେ । [କଦାବସ୍ଥା ପ୍ରାପ୍ତି ।

Recrudescence, *n.* 1. ପୁନଃପୀଡ଼ା; 2. ପୁନର୍ବାର

Recrudescent, *a.* ପୁନଃ ଦୂଷିତ ।

Recruit, *v.i.* 1. ନୂଆ ଜନସମ୍ପଦ ମିଳିବା; 2. ସ୍ୱାସ୍ଥ୍ୟଲାଭ-କ; 3. ନୂତନ ସୈନ୍ୟ ତାଲିକାଭୁକ୍ତ-କ ।—*v.t.* 1. ସରବରାହ-କ, ଯୋଗାଇବା; 2. ନୂତନ ସୈନ୍ୟ ଯୋଗାଇବା ।—*n.* 1. ଅଭାବପୂରଣ; 2. ନୂତନ ଯୋଗାଣି; 3. ନବ ସୈନିକ ।

Recruiter, *n.* ଯେ ନୂତନ ସୈନ୍ୟ ତାଲିକାଭୁକ୍ତ କରେ ।

Recruiting, *a.* ନୂତନ ସୈନ୍ୟ ତାଲିକାଭୁକ୍ତକାରୀ ।—*n.* ନୂତନସୈନ୍ୟ ତାଲିକାଭୁକ୍ତକରଣ ।

Rectangle, *n.* ସମଭୁଜ-ସମକୋଣାକୃତି କ୍ଷେତ୍ର ।

Rectangular, *a.* ସମଭୁଜବିଶିଷ୍ଟ ।

Rectifiable, *a.* 1. ସଂଶୋଧନଯୋଗ୍ୟ; 2. ଶୋଧନୀୟ ।

Rectification, *n.* 1. ସଂଶୋଧନକରଣ; 2. ଶୋଧନ ।

Rectifier, *n.* 1. ସଂଶୋଧନକାରୀ; 2. ଶୋଧନକର୍ତ୍ତା ।

Rectify, *v.t.* 1. ସିଧା-କ; 2. ଠିକ୍-କ; 3. ସଂଶୋଧନ-କ; 4. ଶୋଧନ-କ; 5. (Math.) ଦୁଇ ସୀମା ମଧ୍ୟରେ ଥିବା ବକ୍ରରେଖାର ଲମ୍ବ ନିର୍ଣ୍ଣୟ-କ; 6. ଅବଲେପନାର୍ଥ ଛୁପ୍ୟାପଜ ସଜାଡ଼ିବା ।

Rectilineal, *a.* 1. ସରଳରେଖାବେଷ୍ଟିତ; 2. ସଳଖ ।

Rectitis, *n.* ଗୁହ୍ୟବଳିର ଜ୍ୱାଲାପୀଡ଼ା ।

Rectitude, *n.* 1. ଯଥାର୍ଥତା; 2. ଶୁଦ୍ଧତା; 3. ସରଳତା ।

Rector, *n.* 1. ଶାସନକର୍ତ୍ତା; 2. କ୍ଷମତାପୂର୍ଣ୍ଣ ଉଚ୍ଚଶ୍ରେଣୀୟ କେତେକ ଧର୍ମୋପଦେଶକ; 3. କେତେକ ବିଶେଷ ବିଦ୍ୟାଳୟର ପ୍ରଧାନଶିକ୍ଷକ ।

Rectory, *n.* ଉକ୍ତ ଧର୍ମୋପଦେଶକଙ୍କ ଗୃହ ବା ଅଧିକାର ।

Rectum, *n.* ବୃହତ୍ ଅନ୍ତ୍ରର ଅନ୍ତିମ ପ୍ରାନ୍ତ, ଗୁହ୍ୟବଳି ।

Recumbency, *n.* ଶୟାନାବସ୍ଥା ।

Recumbent, *a.* ଶୟାନ, ସୁପ୍ତ, ହେଲିତ ।

Recuperate, *v.t.* ନଷ୍ଟ ବଳ ଆଦି ପୁନର୍ଲାଭ-କ ।

Recuperation, *n.* ନଷ୍ଟ ବଳ ଆଦି ପୁନଃପ୍ରାପ୍ତି ।

Recuperative, Recuperatory, *a.* ନଷ୍ଟ ବଳ ଆଦି ପୁନଃ ପ୍ରଦାୟକ ।

Recur, *v.i.* 1. ନିୟମିତ ଅନ୍ତରରେ ଘଟିବା; 2. ପୁନଃ ପ୍ରତ୍ୟାବୃତ୍ତ-ହେ; 3. ପୁନଃ ସ୍ମୃତିଗୋଚର-ହେ ।

Recurrence, Recurrency, *n.* 1. ପୁନରୁପସ୍ଥିତି; 2. ପୁନଃ ପ୍ରତ୍ୟାବର୍ତ୍ତନ ।

Recurring, *a.* ପୁନର୍ଘଟନଶୀଳ, ପୌନଃପୁନିକ ।

Red, *a.* 1. ଲାଲ, ଲୋହିତ, ରକ୍ତବର୍ଣ୍ଣ; 2. ରାଜଦ୍ରୋହ ସମ୍ବନ୍ଧୀୟ ।—*n.* ଲାଲରଙ୍ଗ, ଲୋହିତବର୍ଣ୍ଣ, ରକ୍ତିମା ।

Red-book, *n.* ସରକାରୀ କର୍ମଚାରୀଗଣର ତାଲିକାବହି ।

Red-breast, *n.* ଇଉରୋପୀୟ ଲୋହିତବକ୍ଷଯୁକ୍ତ ଏକପ୍ରକାର କ୍ଷୁଦ୍ରପକ୍ଷୀ ।

Red-coat, *n.* ଇଂରାଜ ସୈନିକ ।

Red-cross, *a.* ରକ୍ତବର୍ଣ୍ଣ କ୍ରୁଶଚିହ୍ନଧାରୀ ।—*n.* 1. ସେଣ୍ଟ ଜର୍ଜଙ୍କର କ୍ରୁଶ; 2. ଯୁଦ୍ଧରେ ଆହତ ସୈନିକଙ୍କର ସେବା ଶୁଶ୍ରୂଷା ନିମନ୍ତେ ଉପକାରୀ ଦଳ ।

Red-deer, *n.* ମୃଗ, ହରିଣ ।

Redden, *v.t.* ଲାଲରଙ୍ଗ-କ, ରକ୍ତବର୍ଣ୍ଣରେ ରଞ୍ଜିତ-କ ।—*v.i.* 1. ରକ୍ତବର୍ଣ୍ଣ-ହେ; 2. ଗଣ୍ଡଦେଶରେ ରକ୍ତିମାବର୍ଣ୍ଣ-ହେ ।

Reddendum, *n.* (Law) କର ନିର୍ଦ୍ଧାରଣ କ୍ଷମତା ପଟ୍ଟାଦାତାଙ୍କ ଅଧୀନ ରଖି ପ୍ରକାଶ କରୁଥିବା ପଟ୍ଟାର ଗୋଟିଏ ଦଫା ।

Reddish, *a.* ଈଷତ୍ ଲାଲ, ଆଲୋହିତ ।

Reddishness, *n.* ଆଲୋହିତତା ।

Reddle, *n.* ରକ୍ତୋପଲ, ଗେରୁମାଟି, ରଙ୍ଗାପଥର ।

Redecraft, *n.* ନ୍ୟାୟଶାସ୍ତ୍ର ।

Rededication, *n.* ପୁନରୁତ୍ସର୍ଗୀକରଣ ।

Redeem, *v.t.* 1. ଉଦ୍ଧାର-କ; 2. ମୂଲ୍ୟ ଦେଇ ଉଦ୍ଧାର-କ; 3. ରକ୍ଷା-କ; 4. ତ୍ରାଣ-କ, ମୁକ୍ତ-କ, ନିସ୍ତାର-କ; 5. ଦାୟମୁକ୍ତ-କ, ଋଣ ପରିଶୋଧପୂର୍ବକ ମୁକ୍ତ-କ; 6. ପ୍ରାୟଶ୍ଚିତ୍ତ-କ; 7. ଅଙ୍ଗୀକାର ପାଳନ-କ, ପ୍ରତିଜ୍ଞା ପୂରଣ-କ; 8. ବନ୍ଧକ ମୁକ୍ତ-କ । [ପରିଶୋଧ୍ୟ ।

Redeemable, *a.* 1. ଉଦ୍ଧରଣୀୟ, ମୋଚନୀୟ; 2.

Redeemer, *n.* 1. ଉଦ୍ଧାରକର୍ତ୍ତା, ତ୍ରାତା, ନିସ୍ତାରକର୍ତ୍ତା; 2. ଯୀଶୁ ଖ୍ରୀଷ୍ଟ ।

Redeliver, *v.t.* 1. ପୁନର୍ବାର ଅର୍ପି-ଦେ; 2. ପୁନରୁଦ୍ଧାର-କ ।

Redelivery, *n.* 1. ପୁନଃପ୍ରଦାନ; 2. ପୁନରୁଦ୍ଧାର ।

Redemand, *v.t.* 1. ପୁନର୍ବାର ଦାବି-କ; 2. ଫେରି ମାଗିବା ।

Redemise, *v.t.* ପ୍ରତ୍ୟର୍ପଣ-କ ।

Redemption, *n.* 1. ନିସ୍ତାର, ମୁକ୍ତି, ଉଦ୍ଧାର; 2. ପ୍ରାୟଶ୍ଚିତ୍ତଦ୍ୱାରା ମୁକ୍ତି, ଖ୍ରୀଷ୍ଟଙ୍କର ମରଣଦ୍ୱାରା ଈଶ୍ୱରଙ୍କର ଅନୁଗ୍ରହପ୍ରାପ୍ତି; 3. ମାନବଜାତିର ପରିତ୍ରାଣ ।

Redemptive, *a.* 1. ଉଦ୍ଧାରସମ୍ବନ୍ଧୀୟ; 2. ଉଦ୍ଧରଣଶୀଳ । [ଶୀଳ ।

Redemptory, *a.* 1. ମୁକ୍ତ୍ୟର୍ଥେ ପ୍ରଦତ୍ତ; 2. ଉଦ୍ଧରଣ-

Red-ensign, *n.* ଇଂଲଣ୍ଡର ସଓଦା ଜାହାଜରେ ବ୍ୟବହୃତ ଓ ଏକ କୋଣରେ ଗ୍ରେଟ୍ ବ୍ରିଟେନର ଜାତୀୟ ଧ୍ୱଜଚିହ୍ନ ଅଙ୍କିତଥିବା ଲାଲ ପତାକା । [ବିଶେଷ ।

Red-gum, *n.* ଦାନ୍ତ ଉଠିବା ସମୟରେ ଶିଶୁର ଚର୍ମରୋଗ

Red-hand, *n.* ରକ୍ତାକ୍ତ ହସ୍ତ ।

Red-handed, *a.* ହିଂସାରତ (ଅର୍ଥାତ୍ ବଧକାଳରେ ଘାତକର ହସ୍ତ ରକ୍ତାକ୍ତ ଥିବାପ୍ରାୟ) ।

Red-hot, *a.* ଅଗ୍ନି ସଂଯୋଗେ ରକ୍ତବର୍ଣ୍ଣ, ଖୁବ୍ ତତଲା ।

Red-lead, *n.* ରଙ୍ଗକାର୍ଯ୍ୟରେ ବ୍ୟବହୃତ ଏକପ୍ରକାର ସିନ୍ଦୂର ।

Red-letter day, *n.* 1. ଶୁଭଦିନ; 2. ପଞ୍ଜିକାରେ ଲାଲ ଅକ୍ଷରରେ ଛପାଥିବା ଦିନ ।

Redness, *n.* ଲୋହିତତା, ରକ୍ତିମା ।

Red-ochre, *n.* ଗେରୁ, ରଙ୍ଗମାଟି, ରକ୍ତୋପଳ ।

Redolence, Redolency, *n.* ସୌରଭ, ସୁଗନ୍ଧ ।

Redolent, *a.* ସୁରଭିତ, ସୌରଭଯୁକ୍ତ, ସୁଗନ୍ଧମୟ ।

Redouble, *v.t.* 1. ପୁନର୍ଦ୍ୱିଗୁଣିତ-କ; 2. ବାରମ୍ବାର ଉଦ୍ୟୋଗ-କ, ପୁନଃ ଚେଷ୍ଟା-କ; 3. ଅତ୍ୟନ୍ତ ବୃଦ୍ଧି-କ ।—*v.i.* 1. ପୁନର୍ଦ୍ୱିଗୁଣିତ-ହେ; 2. ଅତ୍ୟନ୍ତ ବୃଦ୍ଧିପ୍ରାପ୍ତ-ହେ ।

Redoubt, *n.* Same as Redout.

Redoubtable, *a.* ଭୀଷଣ ।

Redound, *v.i.* 1. ପ୍ରତିଘାତଦ୍ୱାରା ପଛକୁ ଯିବା, ଫେରି ଆସିବା; 2. କାର୍ଯ୍ୟ ଫଳରେ ପରିଣତ-ହେ ।

Redout, *n.* ଉପଦୁର୍ଗ । [ହୁଣ୍ଡି ।

Redraft, *n.* 1. ଦ୍ୱିତୀୟଥରର ପାଣ୍ଡୁଲିପି; 2. ନୂତନ

Redraw, *v.t.* 1. ପୁନରଙ୍କିତ-କ; 2. ପୁନର୍ବାର ପାଣ୍ଡୁଲିପି-କ; 3. ନୂତନ ହୁଣ୍ଡି ଲେଖିବା ।

Redress, *v.t.* 1. ପ୍ରତିବିଧାନ-କ, ପ୍ରତିକାର-କ; 2. କ୍ଷତିପୂରଣ-ଦେ; 3. ପୁନର୍ବାର ବସ୍ତ୍ର ପରିଧାନ-କ ।—*n.* 1. ପ୍ରତିବିଧାନ, ପ୍ରତିକାର; 2. କ୍ଷତିପୂରଣ ।

Redresser, *n.* ପ୍ରତିକାରକର୍ତ୍ତା, ପ୍ରତିବିଧାନକର୍ତ୍ତା ।

Redressible, *a.* ପ୍ରତିକାର୍ଯ୍ୟ, ପ୍ରତିବିଧେୟ ।

Redressive, *a.* ପ୍ରତିକାରକ, ପ୍ରତିବିଧାୟକ ।

Reds, Red Republicans, *n.* ପ୍ରଜାତନ୍ତ୍ରର ଏକାନ୍ତ ପୃଷ୍ଠପୋଷକ ।

Red-sand, *n.* ସିନ୍ଦୂର ।

Red-shank, *n.* ଲାଲଗୋଡ଼ବିଶିଷ୍ଟ ଜଳଚର ପକ୍ଷୀ ।

Red-tape, *n.* 1. ସରକାରୀ କାର୍ଯ୍ୟାଳୟ ପ୍ରଭୃତିରେ ବ୍ୟବହୃତ କାଗଜ ବାନ୍ଧିବା ଲାଲଫିତା; 2. ବାହ୍ୟ ଢଙ୍ଗଢାଙ୍ଗ ।—*a.* ସରକାରୀ କାର୍ଯ୍ୟାଳୟର ବାହ୍ୟ ଢଙ୍ଗଢାଙ୍ଗ ସମ୍ବନ୍ଧୀୟ ।

Reduce, *v.t.* 1. ନିମ୍ନତର ଅବସ୍ଥାକୁ ଆଣିବା; 2. ହ୍ରାସ-କ, ନ୍ୟୂନ-କ, ଲଘୁ-କ, ଖର୍ବ-କ; 3. ଦୁର୍ବଳ-କ; 4. ଦମନ-କ, ବଶୀଭୂତ-କ; 5. ଶୃଙ୍ଖଳାବଦ୍ଧ-କ, ବିନ୍ୟାସ-କ; 6. ପରିଣତ-କ; 7. ଅବନତ-କ ।—To reduce to the ranks, ଉଚ୍ଚପଦରୁ ସାଧାରଣ ସୈନ୍ୟ ଶ୍ରେଣୀକୁ ଅବନତ-କ ।

Reducible, *a.* 1. ନ୍ୟୂନକରଣୀୟ, ହ୍ରାସକରଣୀୟ; 2. ଦମନୀୟ; 3. ଉପଶମନୀୟ ।
Reducibility, Reducibleness, *n.* 1. ନ୍ୟୂନକରଣୀୟତା; 2. ଦମନୀୟତା ।
Reduction, *n.* 1. ହ୍ରାସକରଣ, ନ୍ୟୂନକରଣ; 2. ହ୍ରାସ; 3. ବଶୀଭୂତକରଣ; 4. (Math.) ଲଘୂକରଣର ନିୟମ । —Reductio ad absurdum, ବିପକ୍ଷବାଦର ଅସଙ୍ଗତା ପ୍ରମାଣଦ୍ୱାରା ଯାଥାର୍ଥ୍ୟର ପ୍ରମାଣ ।
Reductive, *a.* ନ୍ୟୂନକରଣକ୍ଷମ, ହ୍ରାସକାରୀ ।
Redundance, Redundancy, *n.* ପ୍ରୟୋଜନାତିରିକ୍ତତା, ଆଧିକ୍ୟ, ବାହୁଲ୍ୟ, ଅତିଶଯ୍ୟ ।
Redundant, *a.* ପ୍ରୟୋଜନାତିରିକ୍ତ, ଅଧିକ, ବହୁଳ ।
Reduplicate, *v.t.* 1. ପୁନର୍ବାର ଦୋହରା-କ; 2. ବର୍ଦ୍ଧିତ-କ; 3. ପୁନରାବୃତ୍ତି-କ ।—*a.* ଦ୍ୱିଗୁଣିତ ।
Reduplication, *n.* 1. ଦୋହରାକରଣ; 2. ବର୍ଦ୍ଧିତକରଣ; 3. ପୁନରାବୃତ୍ତି ।
Re-echo, *v.t.* ପୁନଃ ପ୍ରତିଧ୍ୱନିତ-କ ।—*v.i.* ପୁନଃ ପ୍ରତିଧ୍ୱନିତ-ହେ ।—*n.* ପ୍ରତିଧ୍ୱନିର ପ୍ରତିଧ୍ୱନି ।
Reed, *n.* 1. ନଳଗଛ; 2. ନଳୀ, ଶର; 3. ବଂଶୀ, ମୁରଲୀ; 4. ବଂଶୀର ମୁଖନଳ; 5. ମହୁରପ୍ରଭୃତି ବାଦ୍ୟଯନ୍ତ୍ରର ଜିଭ; 6. କେତେକ ବାଦ୍ୟଯନ୍ତ୍ରର ଧାତୁନିର୍ମିତ ଜିଭ ।
Reeded, *a.* ନଳଗଛସମାଚ୍ଛନ୍ନ । [ଶବ୍ଦକାରୀ ।
Reedy, *a.* 1. ନଳଗଛପୂର୍ଣ୍ଣ; 2. ବାଦ୍ୟଯନ୍ତ୍ରର ଜିଭପରି
Reef, (1) *n.* 1. ଚଡ଼ା; 2. ପର୍ବତଶୈଳମାଳା; 3. ଖଣି ମଧ୍ୟରେ ଦୃଶ୍ୟ ଧାତୁରେଖା ।
Reef, (2) *v.t.* ଜାହାଜର ପାଲ ଊଣା କରି-ଦେ ।—*n.* ଭାଙ୍ଗ ହୋଇଥିବା ପାଲ ।—Reef-knot, ଗଳାଗଣ୍ଠି ।
Reek, *n.* 1. ଧୂଆଁ; 2. ବାଷ୍ପ ।—*v.i.* 1. ଧୂଆଁ ବାହାରିବା; 2. ବାଷ୍ପ ବାହାରିବା; 3. ଦୁର୍ଗନ୍ଧଯୁକ୍ତ-ହେ ।
Reeky, *a.* 1. ଧୂଆଁଟିଆ; 2. ବାଷ୍ପପୂର୍ଣ୍ଣ; 3. ଦୁର୍ଗନ୍ଧଯୁକ୍ତ, ଦୁର୍ଗନ୍ଧ ।
Reel, (1) *n.* 1. ସ୍କଟ୍‌ଲଣ୍ଡ ଦେଶର ଏକପ୍ରକାର ନୃତ୍ୟ ।—*v.i.* ଉକ୍ତ ପ୍ରକାରେ ନାଚିବା ।
Reel, (2) *v.t.* ଚର୍ଖି ବା ନଟାଇରେ ସୂତା ଗୁଡାଇବା ।—*n.* ଚର୍ଖି, ନଟାଇ, ଲେଟି ।
Reel, (3) *v.i.* 1. ଟଳଟଳ-ହେ; 2. ଦୋମନା-ହେ, ଝୁଣ୍ଟ୍-ହେ ।—*n.* ମୁଣ୍ଡବୁଲାବେଗ ।
**Re-elect,** *v.t.* ପୁନର୍ନିର୍ବାଚନ-କ ।
**Re-election,** *n.* ପୁନର୍ନିର୍ବାଚନ ।
**Re-elevate,** *v.t.* ପୁନରୁତ୍ଥାପିତ-କ ।
**Re-elegible,** *a.* ପୁନର୍ନିର୍ବାଚନୀୟ ।
**Re-embark,** *v.t.* ପୁନର୍ବାର ଜାହାଜ ଆରୋହଣ-କ ।
**Re-embarkation,** *n.* ପୁନଃ ଜାହାଜାରୋହଣ ।
**Re-enact,** *v.t.* 1. ପୁନର୍ବାର ଅଭିନୟ-କ; 2. ପୁନର୍ବାର ବ୍ୟବସ୍ଥା ସ୍ଥାପନ-କ ।
**Re-enactment,** *n.* ପୁନର୍ବାର ବ୍ୟବସ୍ଥା ସ୍ଥାପନ ।
Re-enforce, Re-enforcement, see Reinforce, Reinforcement.
Re-engage, *v.t.* and *i.* 1. ପୁନର୍ବାର ଅଙ୍ଗୀକାର -କ; 2. ପୁନର୍ବାର ନିଯୁକ୍ତ-ହେ । [ପୁନଃ ପ୍ରବିଷ୍ଟ-ହେ ।
Re-enter, *v.t.* and *i.* 1. ପୁନଃ ପ୍ରବେଶ-କ; 2.
Re-enthrone, *v.t.* ପୁନର୍ବାର ଗାଦିରେ ବସାଇବା, ସିଂହାସନରେ ପୁନରଧିଷ୍ଠିତ-କ । [ଷ୍ଠିତ-କ ।
Re-establish, *v.t.* ପୁନଃ ସଂସ୍ଥାପନ-କ, ପୁନଃ ପ୍ରତି-
Re-examine, *v.t.* ପୁନଃ ପରୀକ୍ଷା-କ ।
Re-exhibit, *v.t.* ପୁନଃ ପ୍ରଦର୍ଶନ-କ । [-କ ।
Re-export, *v.t.* ଆମଦାନି ମାଲକୁ ପୁନର୍ବାର ରପ୍ତାନି
Refection, *n.* ଜଳଖିଆ, ଲଘୁଭୋଜନ ।
Refectory, *n.* ମଠାଦିର ଭୋଜନଶାଳା ।
Refer, *v.t.* 1. ବିଚାରାର୍ଥେ ଅନ୍ୟକୁ ପଠାଇବା; 2. ସମର୍ପଣ-କ; 3. ଆରୋପ-କ; 4. ଲକ୍ଷ୍ୟ କରି କହିବା; 5. ପ୍ରୟୋଗ-କ; 6. ଉଲ୍ଲେଖ-କ; 7. ପ୍ରଦର୍ଶନ-କ ।—*v.i.* 1. ସମ୍ପୃକ୍ତ-ହେ; 2. ସମ୍ବନ୍ଧବିଶିଷ୍ଟ-ହେ ।
Referable, Referrible, *a.* 1. ସମର୍ପଣୀୟ; 2. ଆରୋପଣୀୟ; 3. ଅର୍ପଣୀୟ ।
Referee, *n.* 1. ମଧ୍ୟସ୍ଥ; 2. ବିଚାରକ, ଯାହାଠାରେ ବିଚାରଭାର ଅର୍ପିତ ହୋଇଥାଏ ।
Reference, *n.* 1. ଉଲ୍ଲେଖକରଣ; 2. ମୀମାଂସାର୍ଥ ସମର୍ପଣ; 3. ସମ୍ବନ୍ଧ, ସମ୍ପର୍କ; 4. ପ୍ରୟୋଗ; 5. ଉଦ୍ଧୃତ ବାକ୍ୟାଂଶ ।
Referendum, *n.* ସମ୍ମତ୍ୟସମ୍ମତି ନିମନ୍ତେ ଲୋକସମୂହଙ୍କ ନିକଟରେ ପ୍ରସ୍ତାବିତ ବ୍ୟବସ୍ଥାର ଅର୍ପଣ ।
Referential, *a.* ସମ୍ପର୍କୀୟ, ସମ୍ବନ୍ଧୀୟ ।
Refill, *v.t.* ପୁନର୍ବାର ପୂରଣ-କ ।
Refine, *v.t.* 1. ନିର୍ମଳ-କ, ବିଶୁଦ୍ଧ-କ; 2. ସଂସ୍କାର-କ; 3. ମାର୍ଜିତ-କ; 4. ପରିପାଟୀଯୁକ୍ତ-କ; 5. ସଭ୍ୟ କରାଇବା ।—*v.i.* 1. ବିଶୁଦ୍ଧ-ହେ; 2. ଶିଷ୍ଟ-ହେ ।
Refined, *a.* 1. ନିର୍ମଳ, ବିଶୁଦ୍ଧ; 2. ମାର୍ଜିତ; 3. ଶିଷ୍ଟ, ସଭ୍ୟ ।—A man of refined taste, ଜଣେ ବିଶୁଦ୍ଧ ରୁଚିସମ୍ପନ୍ନ ବ୍ୟକ୍ତି ।
Refinedness, Refinement, *n.* 1. ବିଶୁଦ୍ଧୀକରଣ, ମାର୍ଜନ; 2. ଶିଷ୍ଟାଚାର, ସଭ୍ୟତା; 3. ଶୁଦ୍ଧତା, ନିର୍ମଳତା; 4. ସୌକୁମାର୍ଯ୍ୟ ।
Refiner, *n.* ପରିଷ୍କାରକ, ନିର୍ମଳକାରକ, ଶୋଧକ ।
Refinery, *n.* ଶୋଧନ କରିବା ସ୍ଥାନ ।
Refit, *v.t.* 1. ପୁନଃ ପ୍ରସ୍ତୁତ-କ; 2. ମରାମତି-କ ।—*n.* ମରାମତି । [କରଣ ।
Refitment, *n.* 1. ପୁନଃ ପ୍ରସ୍ତୁତକରଣ; 2. ମରାମତି-
Reflect, *v.t.* ପ୍ରତିବିମ୍ବିତ-କ ।—*v.i.* 1. ବିବେଚନା -କ; 2. ଚିନ୍ତା-କ, ଭାବନା-କ; 3. ଗ୍ଲାନିଯୁକ୍ତ-କ, ଦୋଷାରୋପ-କ ।—To reflect credit or honour on, କାହାର ପକ୍ଷରେ ଶ୍ଲାଘନୀୟ-ହେ ।
Reflected, *a.* ପ୍ରତିବିମ୍ବିତ, ପ୍ରତିଫଳିତ । [ନୀୟ ।
Reflectible, *a.* ପ୍ରତିବିମ୍ବିତ ହେବା ଯୋଗ୍ୟ, ପ୍ରତିଫଳ-

**Reflecting**, *a.* 1. ପ୍ରତିବିମ୍ବକାରୀ, ପ୍ରତିଫଳକ; 2. ଚିନ୍ତାଶୀଳ; 3. ଅନୁଧ୍ୟାନକାରୀ ।

**Reflection**, Reflexion, *n.* 1. ଚିନ୍ତନ, ଧ୍ୟାନ; 2. ଅନୁଚିନ୍ତା, ପଶ୍ଚାତ୍ତାପ; 3. ନିନ୍ଦା, ଗ୍ଳାନି; 4. ପ୍ରତିବିମ୍ବପାତ; 5. ପ୍ରତିବିମ୍ବ ।

**Reflective**, *a.* 1. ପ୍ରତିବିମ୍ବପାତକାରୀ; 2. ଚିନ୍ତାକାରୀ; 3. ଚିନ୍ତାଶୀଳ, ଧ୍ୟାନଶୀଳ; 4. ଗ୍ଳାନିକର ।—Reflective faculty, ଚିନ୍ତାଶକ୍ତି, ଧ୍ୟାନଶକ୍ତି ।

**Reflector**, *n.* 1. ଯାହା ପ୍ରତିବିମ୍ବ ପାତ କରେ; 2. ଦର୍ପଣ; 3. ଗ୍ଳାନିକର୍ତ୍ତା ।

**Reflex**, *a.* 1. ପ୍ରତିବିମ୍ବିତ, ପ୍ରତିଫଳିତ; 2. ଅନୈଚ୍ଛିକ; 3. କ୍ରିୟା ଓ ପ୍ରତିକ୍ରିୟାକାରୀ ।—*n.* 1. ପ୍ରତିବିମ୍ବ, ପ୍ରତିଛାୟା; 2. ପ୍ରତିରୂପ ।

**Reflexibility**, *n.* ପ୍ରତିଫଳନୀୟତା, ପ୍ରତିକ୍ଷେପଣୀୟତ୍ୱ ।

**Reflexible**, *a.* ପ୍ରତିଫଳନୀୟ, ପ୍ରତିକ୍ଷେପଣୀୟ ।

**Reflexive**, *a.* 1. ସ୍ୱାତ୍ମବାଚକ; 2. ପ୍ରତିକ୍ଷେପକ ।

**Reflow**, *v.i.* ଉଲଟିଭାବେ ବହିବା, ବିପରୀତ ଦିଗରେ ବହିବା ।

**Refluence**, *n.* ପ୍ରତିପ୍ରବାହ ।

**Refluent**, *a.* ପ୍ରତିପ୍ରବାହିତ ।

**Reform**, *v.t.* 1. ପୁନର୍ଗଠନ-କ; 2. ପରିବର୍ତ୍ତନ-କ; 3. ସଂଶୋଧନ-କ, ଶୁଧରାଇବା; 4. ସଂସ୍କାର-କ ।—*v.i.* 1. ଉନ୍ନତତର-ହେ; 2. ମନ୍ଦତା ତ୍ୟାଗ-କ; 3. ସଂଶୋଧିତ-ହେ, ସଂସ୍କୃତ-ହେ ।—*n.* 1. ସଂସ୍କାର; 2. ବ୍ୟବସ୍ଥାସମ୍ବନ୍ଧୀୟ ସଂସ୍କାର ।—Political reform, ରାଜନୈତିକ ସଂସ୍କାର ।—Religious reform, ଧର୍ମ୍ମସଂସ୍କାର ।—Social reform, ସାମାଜିକ ସଂସ୍କାର ।

**Reformation**, *n.* 1. ଭଲ ପାଇଁ ପରିବର୍ତ୍ତନ; 2. ସଂସ୍କାର, ମନ୍ଦତାତ୍ୟାଗ; 3. ଉନ୍ନତି, ଉନ୍ନତିବର୍ଦ୍ଧନ; 4. ଲୁଥରଙ୍କ ପ୍ରତିଷ୍ଠିତ ଇଉରୋପୀୟ ଧର୍ମ୍ମସଂସ୍କାର । [ପରିବର୍ତ୍ତକ ।

**Reformative**, *a.* ସଂସ୍କାରକ, ସଂଶୋଧନକାରକ,

**Reformatory**, *a.* ସଂସ୍କାରକ, ସଂଶୋଧନକାରକ ।—*n.* ଅପ୍ରାପ୍ତବୟସ୍କ ଅପରାଧୀମାନଙ୍କ ଚରିତ୍ର ସଂଶୋଧନାଗାର ।

**Reformed**, *a.* 1. ସଂସ୍କୃତ, ଶୋଧିତ, ମାର୍ଜିତ; 2. ପରିବର୍ତ୍ତିତ ଅବା ପ୍ରଟେଷ୍ଟାଣ୍ଟ ମତାବଲମ୍ବୀ । [ବର୍ତ୍ତକ ।

**Reformer**, *n.* 1. ସଂସ୍କାରକ; 2. ମତ ବା ଧର୍ମ୍ମ ପରି-

**Refortify**, *v.t.* ପୁନଃ ସବଳ-କ, ପୁନଃ ସୁଦୃଢ-କ ।

**Refound**, *v.t.* 1. ପୁନର୍ବାର ସ୍ଥାପନ-କ; 2. ପୁନର୍ବାର ଛାଞ୍ଚରେ ଢାଳିବା ।

**Refract**, *v.t.* (କିରଣାଦିର) ସରଳପଥରୁ ବକ୍ର-କ ।

**Refracting**, *a.* ବକ୍ରକରଣକ୍ଷମ, ପଥର ବକ୍ରତା ସାଧକ ।

**Refraction**, *n.* (କିରଣାଦିର) ବକ୍ରପରିବର୍ତ୍ତନ ।

**Refractive**, *a.* (କିରଣାଦିର) ବକ୍ରପରିବର୍ତ୍ତନ ସାଧକ ।

**Refractory**, *a.* 1. ଅଦମ୍ୟ, ଅଶାସିତ; 2. ଜେଦିଆ; 3. ଏକଜିଦିଆ; 4. ଅପ୍ରଜ୍ୱଳନୀୟ, ଦୁର୍ଦ୍ରବଣୀୟ ।

**Refragable**, *a.* 1. ନିବାରଣୀୟ; 2. ଖଣ୍ଡନୀୟ ।

**Refrain**, (1) *n.* ଘୋଷା, ଧ୍ରୁବପଦ ।

Refrain, (2) *v.t.* 1. ଦମନ-କ; 2. ସମ୍ବରଣ-କ ।—*v.i.* ନିବୃତ୍ତ-ହେ, କ୍ଷାନ୍ତ-ହେ ।

Refrangible, *a.* କିରଣାଦିବତ୍ ବକ୍ର ପରିବର୍ତ୍ତନୀୟ ।

Refresh, *v.t.* 1. ନୂତନ ବଳ-ଦେ; 2. କ୍ଲାନ୍ତିରୁ ସ୍ଫୂର୍ତ୍ତିଯୁକ୍ତ-କ, କ୍ଲମାପହ-କ; 3. ସଂଯୋଜିତ-କ; 4. ସଚେତ-କ ।—*v.i.* 1. ସଚେତ-ହେ; 2. (Coll.) ଖିଆପିଆ କରି ଥଣ୍ଡା-ହେ ।

Refreshing, *a.* 1. ସଚେତକାରକ; 2. ସ୍ଫୂର୍ତ୍ତିଜନକ; 3. ବଳପ୍ରଦ । [3. ଖିଆପିଆ ।

Refreshment, *n.* 1. କ୍ଲମାପନୋଦକ; 2. ଆରାମ;

Refrigerate, *v.t.* ଖୁବ୍ ଥଣ୍ଡା-କ, ଶୀତଳ-କ ।

Refrigeration, *n.* ଶୀତଳକରଣ ।

Refrigerative, *a.* ଶୀତଳକରଣକ୍ଷମ ।

Refrigerator, *n.* 1. ମାଂସାଦି ଜମାଟ କରି ରଖିବା ଯନ୍ତ୍ର; 2. ବରଫବାକ୍ସ ।

Refrigeratory, *n.* ମଦ୍ୟାଦି ଶୀତଳ କରିବା ଯନ୍ତ୍ର ।

Refuge, *n.* 1. ଆଶ୍ରୟ, ଶରଣ; 2. ଆଶ୍ରମ, ଆଶ୍ରୟସ୍ଥଳ; 3. ଉପାୟ ।

Refugee, *n.* 1. ଆଶ୍ରୟାର୍ଥେ ପଳାତକ ବ୍ୟକ୍ତି; 2. ଧର୍ମ୍ମାର୍ଥେ ତାଡିତ ହୋଇ ଦେଶାନ୍ତର ପଳାୟନକାରୀ ବ୍ୟକ୍ତି ।

Refulgence, Refulgency, *n.* 1. ପ୍ରଭା; 2. ଔଜ୍ଜ୍ୱଲ୍ୟ; 3. ତେଜୋମୟତା । [3. ତେଜୋମୟ ।

Refulgent, *a.* 1. ପ୍ରଭାପ୍ରଦ; 2. ଦୀପ୍ତିମାନ୍, ଉଜ୍ଜ୍ୱଳ;

Refund, *v.t.* 1. (ଟଙ୍କାପଇସା) ଫେରାଇ-ଦେ; 2. ପରିଶୋଧ-କ; 3. ପ୍ରତିଦାନ-କ; 4. ପ୍ରତ୍ୟର୍ପଣ-କ ।—*n.* ଫେରସ୍ତ ଟଙ୍କା । [ପ୍ରତ୍ୟର୍ପଣ ।

Refundment, *n.* 1. ପରିଶୋଧ; 2. ପ୍ରତିଦାନ; 3.

Refurbish, *v.t.* 1. ଘର୍ଷଣ ମାର୍ଜ୍ଜନଦ୍ୱାରା ପୁନରୁଜ୍ଜ୍ୱଳ-କ; 2. ପାଲିସ୍-କ । [ଯୋଗାଇବା ।

Refurnish, *v.t.* 1. ପୁନଃ ସଜ୍ଜିତ-କ; 2. ପୁନର୍ବାର

Refusable, *a.* ଅସ୍ୱୀକାର୍ଯ୍ୟ, ଅଗ୍ରାହ୍ୟ ।

Refusal, *n.* 1. ଅନଙ୍ଗୀକାର, ନାମଞ୍ଜୁର; 2. ଅସ୍ୱୀକାର; 3. ପ୍ରତ୍ୟାଖ୍ୟାନ; 4. ଅନ୍ୟମାନଙ୍କ ପୂର୍ବରୁ ଗ୍ରହଣ କରିବା ଅଧିକାର ।

Refuse, (1) *v.t.* 1. ଅନଙ୍ଗୀକାର-କ, ନାମଞ୍ଜୁର-କ, ନାସ୍ତି-କ; 2. ପ୍ରତ୍ୟାଖ୍ୟାନ-କ; 3. ଅସ୍ୱୀକାର-କ; 4. ଅଗ୍ରାହ୍ୟ-କ । [2. ମଳ ।

Refuse, (2) *a.* ଅକର୍ମ୍ମଣ୍ୟ ।—*n.* 1. ଅକର୍ମ୍ମଣ୍ୟ ବସ୍ତୁ;

Refuse, (3) *v.t.* ପୁନର୍ବାର ତରଳାଇବା ।

Refuser, *n.* 1. ଅଗ୍ରାହ୍ୟକର୍ତ୍ତା; 2. ଅସ୍ୱୀକାରକର୍ତ୍ତା ।

Refutable, *a.* 1. ଖଣ୍ଡନୀୟ; 2. ଅପ୍ରାମାଣ୍ୟ ।

Refutation, *n.* 1. ଖଣ୍ଡନ, ବିତଣ୍ଡା; 2. ଅପ୍ରମାଣିତକରଣ ।

Refutatory, *a.* 1. ଖଣ୍ଡନକାରୀ; 2. ଅପ୍ରମାଣକାରକ ।

Refute, *v.t* 1. ଖଣ୍ଡନ-କ; 2. ଅପ୍ରମାଣିତ-କ ।

Refuter, *n.* ଖଣ୍ଡନକର୍ତ୍ତା ।

Regain, *v.t.* ପୁନର୍ଲାଭ-କ । [ଚିତ ।

Regal, (1) *a.* 1. ରାଜକୀୟ, ରାଜସମ୍ବନ୍ଧୀୟ; 2. ରାଜୋ-

Regal, (2) *n.* ନଳୀଯୁକ୍ତ ପୂର୍ବକାଳୀନ ସୁବହନୀୟ ବାଦ୍ୟଯନ୍ତ୍ରବିଶେଷ ।

Regale, (1) *v.t.* 1. ବହୁସମ୍ଭାରରେ ସତ୍କାର-କ; 2. ତୃପ୍ତିସହିତ ଭୋଜନପାନ କରାଇବା; 3. ଆପ୍ୟାୟିତ-କ; 4. ପରିତୃପ୍ତ-କ ।—*v.i.* ଭୋଜନପାନରେ ପରିତୃପ୍ତ-ହେ ।

Regale, (2) *n.* ମଣ୍ଡଳୀ ଶାସନରେ ରାଜକୀୟ କର୍ତ୍ତୃତ୍ୱ ।

Regalia, *n. pl.* 1. ରାଜଚିହ୍ନ; 2. ରାଜମୁକୁଟ ଧାରଣ ସମୟରେ ବ୍ୟବହୃତ ବିଶିଷ୍ଟ ଦଣ୍ଡ ଓ ଗୋଲକ; 3. ରାଜାଙ୍କର ବିଶେଷାଧିକାର; 4. ପଦମର୍ଯ୍ୟାଦାସୂଚକ ବେଶଭୂଷା ।

Regalian, *a.* ରାଜକୀୟ ।

Regalism, *n.* 1. ରାଜାବସ୍ଥା; 2. ରାଜତ୍ୱ ।

Regality, *n.* 1. ରାଜତ୍ୱ; 2. ପ୍ରଭୁତ୍ୱ ।

Regally, *ad.* ରାଜକୀୟଭାବେ ।

Regard, *v.t.* 1. ବିଶେଷ ମନୋଯୋଗପୂର୍ବକ ଲକ୍ଷ୍ୟ-କ; 2. ସମାଦର-କ; 3. ଭକ୍ତି-କ; 4. ଅବଧାନ-କ; 5. ଶ୍ରଦ୍ଧାପୂର୍ବକ ପାଳନ-କ ।—*n.* 1. ମନୋଯୋଗ; 2. ଖାତିର, ପ୍ରତିପତ୍ତି; 3. ପାଳନ; 4. ସମ୍ମାନ, 5. ଶ୍ରଦ୍ଧା; 6. ସମ୍ପର୍କ; 7. *pl.* ଶୁଭାକାଂକ୍ଷା ।—As regards, ସମ୍ବନ୍ଧେ, ସମ୍ପର୍କେ, ବିଷୟେ ।

Regardful, *a.* 1. ମନୋଯୋଗୀ; 2. ଅବହିତ ।

Regarding, *prep.* ସମ୍ବନ୍ଧେ, ସମ୍ପର୍କେ ।

Regardless, *a.* 1. ଅମନୋଯୋଗୀ; 2. ଅନବହିତ; 3. ଉପେକ୍ଷାପରାୟଣ । [ନୌକାର ବାଇଚଦୌଡ଼ ।

Regatta, *n.* 1. ପାଲଯୁକ୍ତ ନୌକାର ପଣ-ଧାଡ଼ି; 2.

Regency, *n.* 1. ପ୍ରତିନିଧି ରାଜାଙ୍କର ପଦ ଅଧିକାର ବା ରାଜ୍ୟ; 2. ରାଜାଙ୍କର ପ୍ରତିନିଧିରୂପେ ଶାସନଭାରପ୍ରାପ୍ତ ବ୍ୟକ୍ତିବର୍ଗ ।

Regenerate, *v.t.* 1. ପୁନରୁତ୍ପାଦନ-କ; 2. ପୁନର୍ଜନ୍ମ ପ୍ରଦାନ-କ; 3. ନବଜୀବନ ପ୍ରଦାନପୂର୍ବକ ଉନ୍ନତଧର୍ମଶୀଳ କରାଇବା; 4. ନବରୂପ ଜନ୍ମାଇବା ।—*a.* ପୁନର୍ଜୀବିତ, ନୂତନସ୍ୱଭାବ ବିଶିଷ୍ଟ ।

Regeneration, *n.* 1. ପୁନରୁତ୍ପାଦନ, ନବଜୀବନଦାନ; 2. ପୁନର୍ଜନ୍ମ; 3. ଖ୍ରୀଷ୍ଟଙ୍କ ପୁନରାଗମନ ସମୟରେ ଜଗତର ନୂତନୀକରଣ । [ଦାନକ୍ଷମ ।

Regenerative, *a.* 1. ପୁନର୍ଜନ୍ମସମ୍ବନ୍ଧୀୟ; 2. ପୁନର୍ଜନ୍ମ-

Regent, *a.* କିଛିକାଳ ନିମନ୍ତେ ରାଜକ୍ଷମତାପ୍ରାପ୍ତ ।—*n.* 1. ରାଜାଙ୍କ ପରିବର୍ତ୍ତେ କିଛିକାଳ ନିମନ୍ତେ ଶାସନକର୍ତ୍ତା, ପ୍ରତିନିଧି ରାଜା; 2. ଶାସନକର୍ତ୍ତା; 3. କେତେକ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ । [ଏକପ୍ରକାର ପକ୍ଷୀ ।

Regent-bird, *n.* ଅଷ୍ଟ୍ରେଲିଆ ଦେଶର କୃଷ୍ଣ ଓ ପୀତବର୍ଣ୍ଣ

Regicide, *n.* 1. ରାଜହତ୍ୟା; 2. ରାଜହନ୍ତା ।

Regime, *n.* 1. ଖାଦ୍ୟ ସଂଯମର ପ୍ରଣାଳୀ; 2. ଶାସନପ୍ରଣାଳୀ; 3. ରାଜ୍ୟଶାସନ ପଦ୍ଧତି ।

Regimen, *n.* 1. ନିର୍ଦ୍ଧାରିତ ପଥ୍ୟ; 2. ସୁଶୃଙ୍ଖଳ ଶାସନ; 3. ସ୍ୱାସ୍ଥ୍ୟୋନ୍ନତି ନିମନ୍ତେ କୌଣସି ବିଧାନ; 4. ପଥ୍ୟାପଥ୍ୟର ନିୟମ; 5. (Gram.) ଅନୁଶାସନ ।

Regiment, *n.* କର୍ଣ୍ଣେଲ୍ ବା ଅଧ୍ୟକ୍ଷଙ୍କ ଅଧୀନସ୍ଥ ବୃହତ୍ ସେନାଦଳ ।—*v.t.* ସୈନ୍ୟଙ୍କୁ ବୃହତ୍ ସେନାଦଳରେ ଭୁକ୍ତ-କ ।

Regimental, *a.* ବୃହତ୍ ସେନାଦଳ ସମ୍ବନ୍ଧୀୟ ।

Regimentals, *n.* ବୃହତ୍ ସେନାଦଳର ନିର୍ଦ୍ଦିଷ୍ଟ ବେଶଭୂଷା । [ଅଞ୍ଚଳ ।

Region, *n.* 1. ଭୂଭାଗ; 2. ଦେଶ; 3. ପ୍ରଦେଶ,

Regional, *a.* 1. ପ୍ରାଦେଶିକ; 2. ସ୍ଥାନୀୟ; 3. ବିଶେଷ ଅଞ୍ଚଳର ବିବରଣ ସମ୍ବନ୍ଧୀୟ ।

Register, *n.* 1. ବିଧିପୂର୍ବକ ଲିଖିତ ସ୍ଥାୟୀ ବିବରଣ; 2. ସ୍ଥାୟୀ ବିବରଣ ଲେଖିରଖିବା ବହି, ଦଲିଲ; 3. ନାମ ତାଲିକାବହି; 4. ସେରସ୍ତାଦାର; 5. ସଂଖ୍ୟାପରିଚାୟକ କୌଣସି ଯନ୍ତ୍ର; 6. ଚୁଲୀ ବା ଚୁଲ୍ଲୀର ବାୟୁନିୟାମକ କବାଟ; 7. ସ୍ୱର ବା ବାଦ୍ୟଯନ୍ତ୍ରର ତାନର ସୀମା; 8. (Print.) କାଗଜର ଉଭୟ ପାର୍ଶ୍ୱରେ ଛପାର ସମସଂସ୍ଥାନ ।—*v.t.* 1. ତାଲିକାଭୁକ୍ତ-କ; 2. ଦଲିଲସ୍ୱରୂପ ଲେଖି ରଖିବା । [କରଣୀୟ ।

Registerable, Registrable, *a.* ତାଲିକାଭୁକ୍ତ

Registered, *a.* ତାଲିକାଭୁକ୍ତ, ରେଜିଷ୍ଟ୍ରିକୃତ ।

Registrant, *n.* ବ୍ୟବସାୟର ରେଜିଷ୍ଟ୍ରିକୃତ ଚିହ୍ନ-ଗ୍ରହୀତା । [ମହାଫିଜ ।

Registrar, *n.* ସରକାରୀ କାଗଜପତ୍ର ରକ୍ଷକ, ସେରସ୍ତାଦାର,

Registrarship, *n.* ସରକାରୀ କାଗଜପତ୍ର ରକ୍ଷକର ପଦ ବା କର୍ମ । [ବିଧିପୂର୍ବକ ରକ୍ଷଣ ।

Registration, *n.* 1. ତାଲିକାଭୁକ୍ତକରଣ; 2. ଲିପି-

Registry, *n.* 1. ଲିପିବଦ୍ଧକରଣ, ରେଜିଷ୍ଟ୍ରିକରଣ; 2. ସେରସ୍ତା, ମହାଫିଜଖାନା; 3. ରେଜିଷ୍ଟ୍ରିକୃତ ବିଷୟ ।

Regius, *a.* ରାଜନିଯୁକ୍ତ ।

Reglet, *n.* ଛପାର ପଂକ୍ତି ପୃଥକ୍କାରକ କାଷ୍ଠଖଣ୍ଡ ।

Regnancy, *n.* 1. ରାଜତ୍ୱ; 2. ପ୍ରଭୁତ୍ୱ, ଆଧିପତ୍ୟ ।

Regnant, *a.* 1. ରାଜତ୍ୱକାରୀ; 2. ପ୍ରବଳ; 3. ପ୍ରଧାନ ।

Regrate, (1) *v.t.* ପଟ୍ଟା ଖାଦ୍ରମା ଘଷି ପରିଷ୍କାର-କ ।

Regrate, (2) *v.t.* ଏକ ସ୍ଥାନରେ ଜିନିଷ କିଣି ପୁଣି ସେହି ସ୍ଥାନରେ ଅଧିକ ମୂଲ୍ୟରେ ବିକ୍ରୀ-କ ।

Regression, *n.* 1. ପ୍ରତିଗମନ; 2. ପ୍ରତ୍ୟାବର୍ତ୍ତନ; 3. ପଶ୍ଚାଦ୍ଗମନ ।

Regret, *v.t.* 1. ଖେଦ-କ; 2. ଅନୁତାପ-କ, ପଶ୍ଚାତ୍ତାପ-କ ।—*n.* 1. ଖେଦ; 2. ଅନୁତାପ; 3. ଖେଦସୂଚକ ଉକ୍ତି ।

Regretful, *a.* 1. ଖିନ୍ନ; 2. ଅନୁତପ୍ତ ।

Regrettable, *a.* 1. ଖେଦ୍ୟ; 2. ଅନୁଶୋଚନୀୟ, ଅନୁତପନୀୟ ।

Regula, *n.* ଆଶ୍ରମାଦିର ନିୟମାବଳୀ ପୁସ୍ତକ ।

Regular *a.* 1. ନିୟମାନୁଗତ; 2. ବିଧାନାନୁଯାୟୀ, ବିଧିମତ; 3. ପ୍ରଥାନୁଯାୟୀ, ପ୍ରଥାମତ; 4. ସୁବ୍ୟବସ୍ଥିତ; 5. ପ୍ରକୃତିସିଦ୍ଧ, ସୁସଂଗତ; 6. ନିୟନ୍ତ୍ରିତ; 7. ସମଭାବାପନ୍ନ; 8. କାଳକ୍ରମିକ; 9. ନିରତ; 10. ଧାରାକ୍ରମିକ; 11. ଖାଣ୍ଟି, ବିଶୁଦ୍ଧ, ପକ୍କା; 12. ସରଳ; 13. ସମତଳ, ଅବନ୍ଧୁର; 14. ସମ (କ୍ଷେତ୍ର); 15. ସ୍ଥାୟୀ ସେନାଦଳଭୁକ୍ତ ।—*n.* 1. ସ୍ଥାୟୀ ସେନାଦଳଭୁକ୍ତ ସୈନିକ; 2. ଆଶ୍ରମାଧୀନ ସନ୍ନ୍ୟାସୀ ।

**Regularity**, *n.* 1. ନିୟମାନୁଗାମିତା; 2. ନିୟମିତତା; 3. ସାମ୍ୟ, ସାମଞ୍ଜସ୍ୟ; 4. ଶୃଙ୍ଖଳା; 5. ପଦ୍ଧତି ।

**Regulate**, *v.t.* 1. ନିୟମାନୁଗତ-କ; 2. ସଜାଡ଼ି ଠିକ୍-କ, ସୁଶୃଙ୍ଖଳ-କ ।

**Regulation**, *n.* 1. ନିୟମାନୁଗତକରଣ; 2. ନିୟମିତାବସ୍ଥା, ନିୟମିତତା; 3. ନିୟମ; 4. ବିଧି ।

**Regulative**, *a.* ନିୟାମକ, ସୁଶୃଙ୍ଖଳକାରକ ।

**Regulator**, *n.* 1. ଗତିନିୟାମକ ଯନ୍ତ୍ର; 2. ନିୟମାନୁଗତକାରୀ ବ୍ୟକ୍ତି; 3. ଠିକ୍ ସମୟ ରକ୍ଷିବା ଆଦର୍ଶ ଘଡ଼ି ।

**Rehabilitate**, *v.t.* ପୂର୍ବପଦରେ ପୁନଃ ପ୍ରତିଷ୍ଠିତ-କ, ସ୍ୱତ୍ୱାଧିକାର ପୁନଃପ୍ରଦାନ-କ ।

**Rehabilitation**, *n.* ସ୍ୱତ୍ୱାଧିକାରର ପୁନଃପ୍ରଦାନ ।

**Rehear**, *v.t.* 1. ପୁନଃଶ୍ରବଣ-କ; 2. ପୁନର୍ବିଚାର-କ ।

**Rehearing** *n.* ପୁନଃଶ୍ରବଣ, ଦ୍ୱିତୀୟ ଶୁଣାଣି ।

**Rehearsal**, *n.* ଅଭ୍ୟାସାର୍ଥ ପୂର୍ବାଭିନୟ ।

**Rehearse**, *v.t.* 1. ପୁନର୍ବର୍ଣ୍ଣନା-କ; 2. ବିବୃତ-କ; 3. ଅଭ୍ୟାସାର୍ଥ ପୂର୍ବାଭିନୟ-କ ।

**Rehybridise**, *v.t.* ବିଭିନ୍ନଜାତର ସଙ୍ଗମଦ୍ୱାରା ଉତ୍ପାଦନ କରାଇବା । [ସ୍ୱ ।

**Reichstag**, *n.* ଜର୍ମାନ ସାମ୍ରାଜ୍ୟର ପ୍ରଧାନ ବ୍ୟବସ୍ଥାପକ

**Reign**, *n.* 1. ରାଜକ୍ଷମତା; 2. ସର୍ବୋଚ୍ଚକ୍ଷମତା; 3. ପ୍ରଭାବ; 4. ରାଜତ୍ୱକାଳ, ଅମଳ ।—*v.i.* 1. ରାଜତ୍ୱ-କ; 2. ସର୍ବୋଚ୍ଚକ୍ଷମତା ଲାଭ-କ; 3. ପ୍ରଧାନ-ହେ ।

**Reimbursable**, *a.* ପୁନର୍ଦେୟ ।

**Reimburse**, *v.t.* କ୍ଷତିପୂରଣ-କ ।

**Reimbursement**, *n.* 1. କ୍ଷତିପୂରଣ; 2. ପ୍ରତିଦାନ ।

**Rein**, *n.* 1. ଲଗାମ, ରଶି, ବଲ୍ଗା; 2. ଦମନୋପାୟ ।—*v.t.* 1. ଲଗାମଦ୍ୱାରା ଶାସନ-କ; 2. ଦମନ-କ ।—*v.i.* ଶାସନ ମାନିବା ।—To give the reins to, ପ୍ରଶ୍ରୟ-ଦେ ।—To take the reins, ସ୍ୱହସ୍ତରେ ଶାସନଭାର ନେବା ।

**Reinless**, *a.* 1. ଅସଂଯତ; 2. ଉଦ୍ଦାମ ।

**Reindeer**, *n.* ବଲ୍ଗାହରିଣ ।

**Reinforce**, *v.t.* 1. ପୁନଃପ୍ରବର୍ତ୍ତିତ-କ, ପୁନର୍ବାର ଜାରି-କ; 2. ସୁଦୃଢ଼-କ, ମଜବୁତ-କ ।

**Reinforcement**, *n.* 1. ପୁନଃ ପ୍ରବର୍ତ୍ତନ, ପୁନର୍ବାର ଜାରିକରଣ; 2. ସୈନ୍ୟ ଦ୍ୱାରା ବଳ ବୃଦ୍ଧିକରଣ; 3. ନୂତନ ସହଯୋଗୀ ସୈନ୍ୟ । [କରଣ ।

**Reins**, *n. pl.* 1. କଟିଦେଶ; 2. (Bible) ଅନ୍ତଃ-

**Reinstate**, *v.t.* ପୂର୍ବପଦରେ ପୁନଃ ପ୍ରତିଷ୍ଠିତ-କ ।

**Reinstatement**, *n.* ପୂର୍ବପଦରେ ପୁନଃ ସ୍ଥାପନ ।

**Reinter**, *v.t.* ପୁନଃ ସମାଧି-ଦେ, ପୁଣି କବର-ଦେ ।

**Reinvigorate**, *v.t.* ପୁନଃ ସତେଜ-କ ।

**Reiterate**, *v.t.* ପୁନଃ୨ କହିବା ।

**Reject**, *v.t.* 1. ଅଗ୍ରାହ୍ୟ-କ; 2. ଅସ୍ୱୀକାର-କ; 3. ନାମଞ୍ଜୁର-କ; 4. ତୁଚ୍ଛ-କ । [ତୁଚ୍ଛଣୀୟ ।

**Rejectable, Rejectible**, *a.* 1. ଅଗ୍ରାହ୍ୟ; 2.

**Rejection**, *n.* 1. ଅଗ୍ରାହ୍ୟକରଣ; 2. ଅସ୍ୱୀକାର ।

Rejoice, *v.i.* 1. ଆନନ୍ଦିତ-ହେ, ତୁଷ୍ଟ-ହେ, ଆହ୍ଲାଦିତ-ହେ; 2. ପରମାନନ୍ଦିତ-ହେ; 3. ଜୟୋଲ୍ଲସିତ-ହେ ।

Rejoicing, *n.* 1. ଆନନ୍ଦ, ଖୁସି; 2. ଆନନ୍ଦୋତ୍ସବ; 3. ଜୟୋଲ୍ଲାସ ।

Rejoicingly, *ad.* ପରମାନନ୍ଦରେ ।

Rejoin, *v.t.* 1. ପୁନର୍ଯୋଗ-ଦେ; 2. ପୁନର୍ମିଳିତ-କ; 3. ପୁନର୍ବାର ଭେଟିବା ।

Rejoinder, *n.* 1. ପ୍ରତ୍ୟୁତ୍ତର; 2. (Law) ଜବାବ ।—*v.i.* ପ୍ରତ୍ୟୁତ୍ତର-କ । [ପ୍ରଦାନ-କ ।

Rejuvenate, *v.t.* 1. ନବୀକୃତ-କ; 2. ପୁନର୍ଯୌବନ

Rejuvenescence, *n.* ପୁନର୍ଯୌବନାବସ୍ଥା ପ୍ରାପ୍ତି । [-କ ।

Rekindle, *v.t.* 1. ପୁନଃ ପ୍ରଜ୍ୱଳିତ-କ; 2. ପୁନରୁଦ୍ଦୀପ୍ତ

Relapse, *v.i.* 1. ପୁନଃ ପୀଡ଼ିତ-ହେ; 2. ପୁନର୍ବାର ପାପରେ ପତିତ-ହେ; 3. ପିଛଘୁଞ୍ଚା-ହେ ।—*n.* 1. ପୁନରସୁସ୍ଥତା; 2. ପୂର୍ବ କଦବସ୍ଥା ପୁନଃପ୍ରାପ୍ତି ।

Relate, *v.t.* 1. ବର୍ଣ୍ଣନା-କ, ବିବୃତ-କ; 2. କହିବା; 3. ସମ୍ପର୍କବଦ୍ଧ-କ ।—*v.i.* ସମ୍ବନ୍ଧବିଶିଷ୍ଟ-ହେ, ସମ୍ପର୍କୀୟ-ହେ ।

Related, *a.* ସମ୍ପର୍କବଦ୍ଧ, ସମ୍ବନ୍ଧବିଶିଷ୍ଟ, ସଂସୃଷ୍ଟ ।

Relation, *n.* 1. ବର୍ଣ୍ଣନ, କଥନ, ଆଖ୍ୟାନ; 2. ଆବୃତ୍ତି; 3. ବୃତ୍ତାନ୍ତ; 4. ସମ୍ବନ୍ଧ, ସମ୍ପର୍କ; 5. ଜ୍ଞାତି, କୁଟୁମ୍ବ; 6. ଆତ୍ମୀୟ ଲୋକ; 7. ରକ୍ତସମ୍ପର୍କ; 8. ବୈବାହିକ ସମ୍ବନ୍ଧ ।

Relational, *a.* 1. ସମ୍ବନ୍ଧସୂଚକ; 2. ସମ୍ପର୍କବିଶିଷ୍ଟ ।

Relationship, *n.* 1. ଆତ୍ମୀୟତା; 2. କୁଟୁମ୍ବିତା; 3. ସମ୍ପର୍କୀୟତା ।

Relative, *a.* 1. ସମ୍ବନ୍ଧବିଶିଷ୍ଟ; 2. ସମ୍ବନ୍ଧୀୟ, ସମ୍ପର୍କୀୟ; 3. ସମ୍ବନ୍ଧସାପେକ୍ଷ; 4. (Gram.) ସମ୍ବନ୍ଧବାଚକ ।—*n.* ଜ୍ଞାତି, ଆତ୍ମୀୟ, ସ୍ୱଜନ । [ବିଶିଷ୍ଟତା ।

Relativeness, Relativity, *n.* ସମ୍ପର୍କୀୟତା, ସମ୍ବନ୍ଧ-

Relax, *v.t.* 1. ଶିଥିଳ-କ, ଢିଲା-କ; 2. ଲଘୁ-କ; 3. କଠିନତ୍ୱ ହ୍ରାସ-କ; 4. ଉପଶାନ୍ତ-କ; 5. ଦୁର୍ବଳ-କ ।—*v.i.* 1. ଶିଥିଳ-ହେ, ଢିଲା-ହେ; 2. ଉଣା ମନୋଯୋଗୀ-ହେ ।

Relay, (1) *n.* 1. ପଥିକ ନିମନ୍ତେ ଘୋଡା-ଡାକ; 2. ଶିକାର ସମୟରେ ଏକ ଦଳ ନୂତନ କୁକୁର; 3. କାର୍ଯ୍ୟ ସମୟରେ ଲୋକ ବଦଳି; 4. ଅତିରିକ୍ତ ଭଣ୍ଡାର ।

Relay, (2) *v.t.* ପୁନର୍ବାର ବସାଇବା, ପୁନଃ ଗଠିତ-କ ।

Releasable, *a.* ମୁକ୍ତିଲାଭଯୋଗ୍ୟ ।

Release, (1) *v.t.* ନୂତନ ପଟ୍ଟା-ଦେ ।

Release, (2) *v.t.* ମୁକ୍ତ-କ, ଖଲାସ-କ, ଅବ୍ୟାହତି-ଦେ, ଛାଡ଼ି-ଦେ ।—*n.* 1. ମୁକ୍ତି, ଖଲାସ, ଅବ୍ୟାହତି; 2. ଦାବୀତ୍ୟାଗ; 3. ଯନ୍ତ୍ରଣାରୁ ମୁକ୍ତିଲାଭ ।

Releasee, *n.* ନୂତନ ପଟ୍ଟାଗ୍ରହୀତା ।

Releasor, *n.* ନୂତନ ପଟ୍ଟାଦାତା ।

Relegate, *v.t.* 1. ନ୍ୟସ୍ତ-କ; 2. ବିଦାୟ-ଦେ, ଛାଡ଼ି-ଦେ; 3. ରୋମୀୟ ଶାସନାନୁସାରେ ଦେଶାନ୍ତର-କ ।

Relent, *v.i.* 1. ଅନୁକମ୍ପାନ୍ୱିତ-ହେ; 2. ଦୟାର୍ଦ୍ରଚିତ୍ତ-ହେ, କୋମଳ-ହେ ।

Relenting, *a*. 1. କୋମଳାନ୍ତଃକରଣ; 2. ବଶବର୍ତ୍ତୀ ।
Relentless, *a*. ନିଷ୍ଠୁର, କ୍ରୂର, ଦୟାବିବର୍ଜିତ ।
Relet, *v.t* ପୁନର୍ବାର ଭଡ଼ାରେ ଦେ ।
Relevancy, *n*. 1. ପ୍ରାସଙ୍ଗିକତା; 2. ପ୍ରସଙ୍ଗସମ୍ବନ୍ଧ ।
Relevant, *a*. 1. ପ୍ରାସଙ୍ଗିକ; 2. ଅଭିନ୍ନସଙ୍ଗତ ।
Reliability, *n*. 1. ବିଶ୍ୱସନୀୟତା; 2. ବିଶ୍ୱସ୍ତତା ।
Reliable, *a*. 1. ବିଶ୍ୱାସଯୋଗ୍ୟ, ବିଶ୍ୱସନୀୟ; 2. ବିଶ୍ୱସ୍ତ ।
Reliance, *n*. 1. ପ୍ରତ୍ୟୟ; 2. ନିର୍ଭରତା ।
Reliant, *a*. ଆତ୍ମନିର୍ଭର ।
Relic, *n*. 1. ଧ୍ୱଂସ ବିଶେଷ; 2. ମୃତଶରୀର; 3. ସ୍ମୃତିନିଦର୍ଶନ; 4. ସାଧୁପୁରୁଷଙ୍କ ମରଣାନ୍ତେ ଶ୍ରଦ୍ଧାପୂର୍ବକ ରକ୍ଷିତ ତାହାଙ୍କର ତ୍ୟକ୍ତ ପଦାର୍ଥ ।
Relict, *n*. ମୃତପତିକା ।
Relief, *n*. 1. ଅନିଷ୍ଟଦୂର କରଣ; 2. କାର୍ଯ୍ୟରୁ ଅବକାଶଦାନ; 3. ପ୍ରତିକାର; 4. ଉପଶମ; 5. ଉପକାର; 6. ଦରିଦ୍ର ପ୍ରତି ସାହାଯ୍ୟଦାନ; 7. ଭାସ୍କର୍ଯ୍ୟ ପ୍ରସ୍ତରରେ ଉଦ୍ଧୃତକାର୍ଯ୍ୟ ।—Relief map, ଦେଶର ଉଚ୍ଚାବଚତାନିର୍ଦ୍ଦେଶକ ମାନଚିତ୍ର ।—Relief work, ଦୁର୍ଭିକ୍ଷାଦି କାଳରେ ଦରିଦ୍ରମାନଙ୍କୁ ସାହାଯ୍ୟକରଣାର୍ଥ ପୂର୍ତ୍ତକାର୍ଯ୍ୟ ।
Relievable, *a*. ଉପଶମନୀୟ ।
Relieve. *v.t*. 1. ଉପଶମ-କ; 2. ଲାଘବ-କ; 3. ସାହାଯ୍ୟ-କ; 4. ଅବରୋଧରୁ ମୁକ୍ତ-କ ।
Relieving, *a* ଉପଶମଦାୟକ ।
Relieving Officer, *n*. ଦରିଦ୍ରମାନଙ୍କ ସାହାଯ୍ୟାର୍ଥ ବେତନଗ୍ରାହୀ କର୍ମଚାରୀ ।
Relight, *v.t*. and *i*. 1. ଦୀପ ବା ବତି ପୁନର୍ବାର ଲଗାଇବା; 2. ପୁନଃ ପ୍ରଜ୍ୱଳିତ-ହେ ।
Religieuse, *n*. ସନ୍ନ୍ୟାସିନୀ ।
Religieux, *n*. ସନ୍ନ୍ୟାସୀ ।
Religion, *n*. 1. ଧର୍ମ; 2. ଈଶ୍ୱରନିଷ୍ଠା; 3. ପରମାର୍ଥସାଧନ; 4. ଧର୍ମମତ; 5. କର୍ତ୍ତବ୍ୟଜ୍ଞାନ । – Established religion, ସରକାରୀ ଧର୍ମ ।—Natural religion, ପ୍ରାକୃତିକ ଧର୍ମ ।—Revealed religion, ପ୍ରକାଶିତ ଧର୍ମ । [ବଲମ୍ବୀ-ହେ ।
Religionise, *v.t* ଧର୍ମରେ ଅନୁପ୍ରବିଷ୍ଟ-କ ।—*v.i*. ଧର୍ମା-
Religionist, *n*. 1. ଧର୍ମମତାବଲମ୍ବୀ; 2. ଧର୍ମନିଷ୍ଠ ।
Religionless, *a* ଧର୍ମଶୂନ୍ୟ ।
Religious, *a*. 1. ଧର୍ମସମ୍ବନ୍ଧୀୟ; 2. ଧର୍ମାର୍ଥରକ୍ଷିତ; 3. ଧାର୍ମିକ; 4. ଧର୍ମପରାୟଣ; 5. ସନ୍ନ୍ୟାସବ୍ରତଧାରୀ ।—*n* ନିୟମବଦ୍ଧ ସନ୍ନ୍ୟାସୀ ।
Religiously, *ad*. ଧର୍ମପରାୟଣଭାବେ ।
Religiousness, *n*. ଧର୍ମପରାୟଣତା ।
Relinquish, *v.t*. 1. ପରିତ୍ୟାଗ-କ; 2. ଛାଡ଼ିବା; 3. ଦାବୀ ବର୍ଜନ-କ ।
Relinquishment, *n*. ପରିତ୍ୟାଗକରଣ ।
Reliquary, *n*. 1. ମୃତ ସାଧୁର ତ୍ୟକ୍ତ ପଦାର୍ଥ ରକ୍ଷଣାର୍ଥ କ୍ଷୁଦ୍ର ସିନ୍ଦୁକ; 2. (Law) ଋଣିବ୍ୟକ୍ତି ।
Relique, *n*. ମୃତସାଧୁର ତ୍ୟକ୍ତ ପଦାର୍ଥ ।

Relish, *v.t*. 1. ରୁଚିବା; 2. ପସନ୍ଦ-କ; 3. ସୁଗନ୍ଧୋପେତ-କ ।—*v.i*. 1. ସୁସ୍ୱାଦୁ-ହେ; 2. ସୁଗନ୍ଧଦାୟକ-ହେ ।—*n*. 1. ସୁରୁଚି, ସ୍ୱାଦ; 2. ସୁଗନ୍ଧଦାୟକ ଗୁଣ; 3. ସ୍ପୃହା; 4. ଉପବ୍ୟଞ୍ଜନ ।
Relishable, *a*. ଆସ୍ୱାଦନୀୟ ।
Relive, *v.i*. ପୁନର୍ବାର ସଜୀବ-ହେ ।
Reload, *v.t*. ପୁନର୍ବାର ଭାରାକ୍ରାନ୍ତ-କ ।
Relocate, *v.t*. ପୁନର୍ବାର ଅବସ୍ଥିତ-କ ।
Reluctance, *n*. 1. ଅସମ୍ମତି; 2. ଅସ୍ପୃହା ।
Reluctancy, *n*. 1 ଅନିଚ୍ଛାବସ୍ଥା; 2. ଅନଭିଳାଷ ।
Reluctant, *a*. 1. ବିମୁଖ; 2. ଅସମ୍ମତ, ଅନିଚ୍ଛୁକ; 3. ନିସ୍ପୃହ ।
Reluctantly, *ad*. 1. ଅନିଚ୍ଛୁକଭାବେ; 2. ନିସ୍ପୃହରୂପେ ।
Rely, *v.t*. 1. ନିର୍ଭର-କ; 2. ଭରସା ରଖିବା; 3. ଆସ୍ଥା-କ ।
Remain, *v.i*. 1. ରହିବା, ସ୍ଥିତ-କ; 2. ବାକି ଥିବା, ଅବଶିଷ୍ଟ ରହିବା; 3. ଅଂଶ ରହିବା; 4. ସ୍ଥାୟୀ-ହେ ।
Remainder, *n*. 1 ବାକିଆ, ଅବଶିଷ୍ଟାଂଶ; 2. ଭୋଗଶେଷ ।—*a*. ବାକି, ଅବଶିଷ୍ଟ ।
Remains, *n*. *pl*. 1. ଶବ; 2. ମୃତ ଗ୍ରନ୍ଥକର୍ତ୍ତାଙ୍କର ରଚନାବଳି; 3. ଧ୍ୱଂସାବଶେଷ ।
Remake, *v.t*. ପୁନର୍ବାର ନିର୍ମାଣ-କ ।
Remand, *v.t*. 1. ପ୍ରତ୍ୟର୍ପଣ-କ; 2. ମହଲତ-ଦେ ।
Remark, *v.t*. 1. ମନୋଯୋଗ-ଦେ; 2. ମନ୍ତବ୍ୟ ପ୍ରକାଶ-କ; 3. କହିବା ।—*n*. 1. ମନ୍ତବ୍ୟ; 2. ମନୋଯୋଗ ।
Remarkable, *a*. 1. ମନୋଯୋଗ୍ୟ; 2. ପ୍ରସିଦ୍ଧ; 3. ଅଦ୍ଭୁତଜନକ; 4. ଅସାଧାରଣ ।
Remarkableness, *n*. ଅସାଧାରଣତା ।
Remarkably, *ad*. ଅସାଧାରଣରୂପେ ।
Remarry, *v.t*. ପୁନର୍ବିବାହ-କ ।
Remarriage, *n*. ପୁନର୍ବିବାହ ।
Rembrandtesque, *a*. ରେମ୍ବ୍ରାଣ୍ଟ ନାମକ ପ୍ରସିଦ୍ଧ ଚିତ୍ରକରଙ୍କର କାର୍ଯ୍ୟତୁଲ୍ୟ ।
Remediable, *a*. 1. ପ୍ରତିକାର୍ଯ୍ୟ; 2 ଚିକିତ୍ସ୍ୟ ।
Remediableness, *n*. ପ୍ରତିକାର୍ଯ୍ୟତା ।
Remediably, *ad*. ପ୍ରତିକାର୍ଯ୍ୟରୂପେ ।
Remedial, *a*. ପ୍ରତିକାରକ ।
Remediless, *a*. 1. ଅପ୍ରତିକାର୍ଯ୍ୟ; 2. ଅନୁପାୟ ।
Remedy, *n*. 1. ଆରୋଗ୍ୟ ଉପାୟ, ଔଷଧ; 2. ପ୍ରତିକାର ।
Remember, *v.t*. 1. ମନରେ ରଖିବା; 2. ସ୍ମରଣ-କ, ଚେତିବା; 3. ଧ୍ୟାନ-କ; 4. କୃତଜ୍ଞଭାବେ ଅର୍ଥଦାନ-କ ।
Rememberable, *a*. ସ୍ମରଣୀୟ ।
Remembrauce, *n*. 1. ସ୍ମରଣ; 2. ସ୍ମରଣାର୍ଥ ଚିହ୍ନ; 3. ସ୍ମୃତି, ସ୍ମରଣଶକ୍ତି; 4. ସ୍ମରଣକାଳ । [ଅମାତ୍ୟ ।
Remembrancer, *n*. 1. ସ୍ମାରକ; 2. ରାଜକୋଷର
Remind, *v.t*. 1. ଉଦ୍‌ବୋଧନ-କ; 2. ସ୍ମରଣ କରାଇବା ।

Reminder, *n.* ସ୍ମରଣାର୍ଥକ ବସ୍ତୁ ।
Reminiscence, *n.* 1. ଉଦ୍‌ବୋଧ; 2 ପୂର୍ବସ୍ମୃତ; 3. ସ୍ମରଣାର୍ଥକ ବୃତ୍ତାନ୍ତ ।
Reminiscent, *a.* ସ୍ମୃତପୂର୍ଣ୍ଣ ।
Remise, *v.t.* (Law) ପ୍ରତ୍ୟର୍ପଣ-କ । [ଯୁକ୍ତ ।
Remiss, *a.* 1. ଅମନୋଯୋଗୀ; 2. ଶିଥିଳ; 3. ହେଳା-
Remissible, *a.* କ୍ଷମାଯୋଗ୍ୟ, ମୋଚନୀୟ ।
Remission, *n.* 1. ଶିଥିଳୀକରଣ; 2 ହ୍ରାସ; 3. ପ୍ରତ୍ୟର୍ପଣ; 4. ମୁକ୍ତି; 5. ପାପମୋଚନ 6. କ୍ଷମା ।
Remissive, *a.* କ୍ଷମାଶୀଳ, କ୍ଷମାପର ।
Remissness, *n.* 1. ଶିଥିଳତା; 2. ଅମନୋଯୋଗିତା ।
Remit, *v.t.* 1 ଛାଡ଼-କ; 2. କ୍ଷମା କ; 3. ତ୍ୟାଗ-କ; 4. ଟଙ୍କା ପ୍ରେରଣ-କ; 5. ଫେରାଇ-ଦେ; 6. ପୂର୍ବକାର ଅବସ୍ଥା-କ; 7. ବିଚାରାର୍ଥେ ଅନ୍ୟ ଅଦାଲତକୁ ପଠାଇବା ।—*v.i.* ହ୍ରାସ-ହେ, ଲଘୁ-ହେ ।
Remitment, *n.* କାରାଗାରେ ପୁନଃ ପ୍ରେରଣ ।
Remittal, *n.* 1. ପ୍ରେରଣ; 2. ତ୍ୟାଗ ।
Remittance, *n.* 1. ଟଙ୍କାପ୍ରେରଣ; 2. ପ୍ରେରିତ ଟଙ୍କା ।
Remittent, *a.* 1. ମୁକ୍ତ ବିରାମପ୍ରାପ୍ତ; 2. ସାମୟିକ ହ୍ରାସବୃଦ୍ଧିପ୍ରାପ୍ତ ।—Remittent fever, ମୁକ୍ତବିରାମପ୍ରାପ୍ତ ଜ୍ୱର, ବାତ ଶ୍ଳେଷ୍ମିକ ଜ୍ୱର ।
3. ଖଣ୍ଡ, ଟୁକୁରା ।
Remnant, *n.* 1. ଅବଶିଷ୍ଟାଂଶ; 2. ଅଂଶ, ବାକି;
Remodel, *v.t.* ପୁନର୍ନିର୍ମାଣ-କ, ପୁନର୍ଗଠନ-କ ।
Remonstrance, *n.* 1. ପ୍ରତିବାଦ, ଘୋର ଆପତ୍ତି; 2. ଅଭିଯୋଗ ।
Remonstrant, *a.* ପ୍ରତିବାଦାତ୍ମକ ।—*n.* ପ୍ରତିବାଦକ ।
Remonstrate, *v.i.* କୌଣସି ନିୟମ ବିରୁଦ୍ଧରେ ଘୋର ଆପତ୍ତି ଉଠାଇବା ।
Remorse, *n.* ଅନୁତାପ, ମନସ୍ତାପ ।
Remorseful, *a.* 1. ଅନୁତାପପୂର୍ଣ୍ଣ; 2. ଦୟାଳୁ ।
Remorseless, *a.* 1. ଅନୁତାପଶୂନ୍ୟ; 2. ନିର୍ଦ୍ଦୟ, ନିଷ୍ଠୁର ।
Remorselessly, *ad.* ନିର୍ଦ୍ଦୟରୂପେ ।
Remorselessness, *n.* ନିର୍ଦ୍ଦୟତା ।
Remote, *a.* 1. ଦୂରବର୍ତ୍ତୀ, ଦୂରସ୍ଥ; 2. ଅନିକଟ; 3. ପ୍ରାଥମିକ, ଅଦମ; 4. ଅମିଳିତ; 5. ଦୂରସମ୍ପର୍କୀୟ ।
Remotely, *ad.* ଦୂରବର୍ତ୍ତୀରୂପେ ।
Remoteness, *n.* ଦୂରବର୍ତ୍ତିତା ।
Remould, *v.t.* ପୁନର୍ବାର ଗଢ଼ିବା । [କରଣୀୟ ।
Removable, *a.* 1. ଅପସାରଣୀୟ; 2. ସ୍ଥାନାନ୍ତର-
Removal, *n.* 1. ଅପସାରଣ; 2. ସ୍ଥାନାନ୍ତର; 3. ସ୍ଥାନପରିବର୍ତ୍ତନ; 4. ବଧ ।
Remove, *v.t.* 1. ସ୍ଥାନାନ୍ତର-କ; 2. ଅପସାରିତ-କ; 3. ଉଦ୍ଧୃତ-କ; 4. ପଦଚ୍ୟୁତ-କ; 5. ବିନାଶ-କ ।—*v.i.* ସ୍ଥାନାନ୍ତରେ ଯିବା ।—*n.* 1. ଅନିର୍ଦ୍ଦିଷ୍ଟ ଦୂରତ୍ୱ; 2. ପାହେଚ; 3. ଶ୍ରେଣୀ । [ପୁରସ୍କାରୀ ।
Remunerable, *a.* 1. ବେତନ ପାଇବାଯୋଗ୍ୟ; 2.
Remunerate, *v.t.* 1. ବେତନ-ଦେ; 2. ପ୍ରତିଦାନ-କ; 3. ପୁରସ୍କାର-ଦେ । [ପୁରସ୍କାର ।
Remuneration, *n.* 1. ବେତନ; 2. ପ୍ରତିଦାନ; 3.
Remunerative, *a.* 1. ବେତନପ୍ରଦାୟକ; 2. ଲାଭଜନକ; 3. ଫଳଦାୟକ ।
Renaissance, *n.* 1. ପୁନରଭ୍ୟୁଦୟ; 2. ପଞ୍ଚଦଶ ଶତାବ୍ଦୀରେ କଳା ଓ ବିଦ୍ୟାର ପୁନରୁଦ୍ଦୀପନ ।
Renal, *a.* ମୂତ୍ରଗ୍ରନ୍ଥି ସମ୍ବନ୍ଧୀୟ ।
Rename, *n.* ନୂଆ ନାମ-ଦେ ।
Renard, *n.* Same as Reynard.
Renascent, *a.* ପୁନରୁଦିତ ।
Rend, *v.t.* 1. ବଳପୂର୍ବକ ବିଦୀର୍ଣ୍ଣ-କ; 2. ଚିରିପକାଇବା; 3. ବିଚ୍ଛିନ୍ନ-କ ।—*v.i.* ଫାଟିଯିବା, ଦୁଇଫାଳ-ହେ ।
—To rend the air—ଗଗନଭେଦୀ ଶବ୍ଦ-କ ।
Render, *v.t.* 1. ପରିତ୍ୟାଗ-କ; 2. ପ୍ରତ୍ୟର୍ପଣ-କ; 3. ଅର୍ପଣ-କ; 4. ଯୋଗାଇବା; 5. ଦାନ-କ; 6. ଅନୁବାଦ-କ; 7. ସମ୍ପନ୍ନ-କ; 8. ପାକବାଦ୍ୟ-କ ।—*n.* ଖଜଣାଦାନ । [ପ୍ରଦର୍ଶନ ।
Rendering, *n.* 1. ଅନୁବାଦ, ତର୍ଜମା; 2. ଅଭିନୟରେ
Rendezvous, *n.* ନିର୍ଦ୍ଦିଷ୍ଟ ସମ୍ମିଳନ ସ୍ଥାନ ।
Renegade, *n.* 1. ଅବିଶ୍ୱସ୍ତ ବ୍ୟକ୍ତି; 2. ସ୍ୱଧର୍ମତ୍ୟାଗୀ ବ୍ୟକ୍ତି; 3. ପଳାତକ ।
Renew, *v.t.* 1. ନୂତନ-କ; 2. ନବଜୀବନ ପ୍ରଦାନ-କ; 3. ପୁନଃସ୍ଥାପନ-କ; 4. ପୁନରାରମ୍ଭ-କ; 5. ପୁନର୍ନିର୍ମାଣ-କ; 6. ପୁନଃ ପ୍ରଦାନ-କ; 7. ବଦଳ-କ; 8. ପୁନର୍ଘୋଷଣା-କ ।—*v.i* 1. ନୂତନୀଭୂତ-ହେ, ନବୀଭୂତ-ହେ; 2. ପୁନରାରମ୍ଭ-ହେ ।
Renewable, *a.* ନବୀକରଣୀୟ ।
Renewal, *n.* 1. ନବୀକରଣ; 2. ପୁନର୍ଜନ୍ମ; 3. ପୂର୍ବାବସ୍ଥା ପ୍ରାପ୍ତି ।
Renounce, *v.t.* 1. ଦାବି ତ୍ୟାଗ-କ; 2. ଅସ୍ୱୀକାର-କ; 3 ସମ୍ପର୍କଛେଦନରେ ଛାଡ଼ି-କ; 4. ପରିତ୍ୟାଗ-କ ।—*v.i.* ତାସ ଖେଳରେ ଅନୁସରଣ କରିବାକୁ ଅକ୍ଷମ-ହେ । [ତ୍ୟାଗ ।
Renouncement, *n.* 1. ପରିତ୍ୟାଗକରଣ; 2. ଦାବି
Renovate, *v.t.* 1. ନୂତନ-କ; 2. ପ୍ରାଥମିକ ଅବସ୍ଥାକୁ ଫେରାଇ ଆଣିବା ।
Renovator, *n.* ପୁନର୍ନିର୍ମାତା ।
Renown, *n.* 1. ମହତ୍ତ୍ୱ ନାମ; 2. ଖ୍ୟାତି; 3. ଯଶଃ ।
Renowned, *a.* 1. ପ୍ରସିଦ୍ଧ; 2. ମହତ୍ତ୍ୱ; 3. ବିଖ୍ୟାତ ।
Rent, (1) *n.* 1. ଫାଟ; 2. ଭଗା, ଛିଦ୍ର ।
Rent, (2) *n.* 1. ଭଡ଼ା; 2. ଖଜଣା, କର ।—*v.t.* 1. ଭଡ଼ାରେ-ଦେ; 2. ଖଜଣାରେ ଲଗାଇବା; 3. ଭଡ଼ାରେ ପାଇବା; 4. କର ପାଇବା ।—*v.i.* ଭଡ଼ାଟିଆ-ହେ ।
Rental, *n.* 1. ଖଜଣାର ତାଲିକା; 2. ଖଜଣା, କର ।
Renter, *n.* କରଦାତା ।
Rent-free, *a.* ନିଷ୍କର, ଲାଖରାଜ ।
Rent-roll, *n.* ଖଜଣାର ହିସାବ ।

Renunciation, *n.* 1. ଅସ୍ୱୀକାରକରଣ; 2. ପଶ୍ଚାତ୍-କରଣ, ପରିହାର; 3. ତ୍ୟାଗକରଣ; 4. ସ୍ୱତ୍ୱତ୍ୟାଗ ।
Reorganisation, *n.* 1. ପୁନର୍ଗଠନ; 2. ପୁନର୍ବିନ୍ୟାସ ।
Reorganise, *v.t.* 1. ପୁନର୍ଗଠିତ-କ; 2. ପୁନର୍ବିନ୍ୟାସ-କ ।
Repair, (1) *v.i.* 1. ପ୍ରସ୍ଥାନ-କ; 2. ଆଶ୍ରୟ-ନେ ।
Repair, (2) *v.t.* 1. ଜୀର୍ଣ୍ଣସଂସ୍କାର-କ; 2. ସଂଶୋଧନ-କ; 3. ମରାମତି-କ ।—*n.* 1. ଜୀର୍ଣ୍ଣସଂସ୍କାର; 2. ମରାମତ ।
Repairer, *n.* 1. ସଂଶୋଧନକାରୀ; 2. ମରାମତିକାରୀ ।
Reparable, *a.* 1. ସଂଶୋଧନୀୟ; 2. ମରାମତଯୋଗ୍ୟ ।
Reparation, *n.* 1. ଜୀର୍ଣ୍ଣସଂସ୍କାର; 2. କ୍ଷତିପୂରଣ; 3. ପ୍ରତିକାର ।
Reparative, *a.* 1. ସଂସ୍କାରକ; 2. କ୍ଷତିପୂରକ ।
Repartee, *n.* ଉପସ୍ଥିତ ଉତ୍ତର ।
Repartition, *n.* ପୁନର୍ବିଭାଗକରଣ । [ସାମଗ୍ରୀ ।
Repast, *n.* 1. ଆହାରଗ୍ରହଣ; 2. ଭୋଜ; 3. ଭୋଜ-
Repatriate, *v.t.* ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରାଇବା ।
Repatriation, *n.* ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ ।
Repay, *v.t.* 1. ପରିଶୋଧ-କ; 2. ପ୍ରତିଦାନ-କ; 3. ଦ୍ୱିତୀୟଥର-ଦେ ।
Repayable, *a.* ପରିଶୋଧନୀୟ ।
Repayment, *n.* ପରିଶୋଧ ।
Repeal, *v.t.* 1. ରହିତ-କ; 2. ରଦ୍-କ; 3. ଅନ୍ୟଥା-କ ।—*n.* 1. ରଦ୍‌କରଣ; 2. ଅନ୍ୟଥାକରଣ ।
Repealable, *a.* 1. ରଦ୍‌ହେବାଯୋଗ୍ୟ; 2. ଅନ୍ୟଥାକରଣୀୟ ।
Repealer, *n.* ଆଇନ ରଦ୍ କରିବାକୁ ଉତ୍ସୁକ ଲୋକ ।
Repeat, *v.t.* 1. ପୁନର୍ବାର-କ; 2. ଫେର କହିବା; 3. ପୁନରୁକ୍ତି-କ; 4. ଘୋଷିବା; 5. ଆବୃତ୍ତି-କ ।—*v.i.* 1. ଘଡ଼ିଘଣ୍ଟା ବାଜିବା; 2. ପୁନଃ ପୁନଃ-ହେ ।—*n.* 1. ସଙ୍ଗୀତ ଲେଖାରେ ଯେ ଭାଗ ଦୁଇଥର ହୁଏ; 2. ଦୁଇଥର ହେବାପାଇଁ ଚିହ୍ନ ।
Repeatable, *a.* ବାରମ୍ବାର ହେବାଯୋଗ୍ୟ ।
Repeated, *a.* ବାରମ୍ବାରକୃତ ।
Repeatedly, *ad.* ବାରମ୍ବାର, ଥରକୁଥର, ପୁନଃ ପୁନଃ ।
Repeater, *n.* 1. ଯନ୍ତ୍ରରେ ଗୋଟିଏ ସଂଖ୍ୟା ଥରକୁଥର ଦେଖାଯାଏ ଏପରି ଦଶମିକ ଅଙ୍କ; 2. ପ୍ରୟୋଜନାନୁସାରେ ପୂର୍ବ ଘଣ୍ଟାକୁ ଫେର ବଜାଇବା ଘଡ଼ି ।
Repel, *v.t.* 1. ହଟାଇ-ଦେ; 2. ବାରଣ-କ; 3. ଅଟକ-କ; 4. ପ୍ରତିରୋଧ-କ ।—*v.i.* ପ୍ରତିକୂଳ-ହେ ।
Repellent, *a.* 1. ପ୍ରତିରୋଧକ; 2. ନିବାରକ ।
Repent, *v.i.* 1. ଅନୁତାପ-କ; 2. ଖେଦ-କ; 3. ମନ-ଫେରଣ-କ ।—*v.t.* ଦୁଃଖରେ ସ୍ମରଣ-କ ।
Repentable, *a.* ଅନୁତାପଯୋଗ୍ୟ ।
Repentance, *n.* 1. ଅନୁତାପ; 2. ଖେଦ; 3. ମନ-ଫେରଣ । [ଖିନ୍ନ ।
Repentant, *a.* 1. ଅନୁତାପୀ; 2. ପାପ ଜନ୍ୟରେ
Repentantly, *ad.* ଅନୁତାପିରୂପେ ।
Repenter, *n.* ଅନୁତାପକାରୀ ।
Repentless, *a.* ଅନୁତାପଶୂନ୍ୟ, ଅନନୁତାପୀ ।
Repeople, *v.t.* ପୁନର୍ବାର ଲୋକପୂର୍ଣ୍ଣ କରାଇବା ।
Repertoire, *n.* ବାଦକ ବା ଗାୟକର ଜ୍ଞାତ ଗୀତସକଳ ।
Repertory, *n.* 1. ଭଣ୍ଡାର ଘର; 2. ବିଦ୍ୟାସାର-ସଂଗ୍ରହ ।
Repetition, *n.* 1. ପୁନରୁକ୍ତି; 2. ଆବୃତ୍ତି ।
Repetitional, *a.* ପୁନରୁକ୍ତି ସମ୍ବନ୍ଧୀୟ ।
Repine, *v.i.* 1. ବିରକ୍ତ-ହେ; 2. ଅସନ୍ତୁଷ୍ଟ-ହେ; 3. କ୍ଷୁଣ୍ଣ-ହେ; 4. ପରଶ୍ରୀକାତର-ହେ ।
Repiner, *n.* ଅସନ୍ତୁଷ୍ଟ ବ୍ୟକ୍ତି ।
Repining, *n.* ଅସନ୍ତୁଷ୍ଟି ବା ବିରକ୍ତି ପ୍ରକାଶକରଣ ।
Repiningly, *ad.* 1. ବିରକ୍ତଭାବେ; 2. ଅସନ୍ତୁଷ୍ଟିପୂର୍ବକ ।
Replace, *v.t.* 1. ପୂର୍ବସ୍ଥାନରେ ରଖିବା; 2. ପରିଶୋଧ-କ; 3. ବଦଳ-ଦେ; 4. ସ୍ଥାନାଧିକାର-କ ।
Replaceable, *a.* ବଦଳଯୋଗ୍ୟ, ବିନିମେୟ ।
Replacement, *n.* ବଦଳକରଣ, ବିନିମୟକରଣ ।
Replant, *v.t.* 1. ପୁନଃ ରୋପଣ-କ; 2. ପୁନଃ ସ୍ଥାପନ-କ ।
Replenish, *v.t.* 1. ପୁନର୍ବାର ପୂର୍ଣ୍ଣ-କ; 2. ପରିପୂର୍ଣ୍ଣ-କ ।
Replete, *a.* 1. ପୂର୍ଣ୍ଣ; 2. ଭରା; 3. ବହୁଳ ।—*v.t.* ଭର୍ତ୍ତି-କ ।
Repleteness, Repletion, *n.* 1. ପରିପୂର୍ଣ୍ଣତା; 2. ବାହୁଲ୍ୟ; 3. ତୃପ୍ତି । [ନକଲ ।
Replica, *n.* 1. ଦୋହର; 2. ଚିତ୍ରକରର ସ୍ୱହସ୍ତାଙ୍କିତ
Reply, *v.t.* ଉତ୍ତର-କ ।—*v.i.* 1. ପ୍ରତ୍ୟୁତ୍ତର-ଦେ, ଜବାବ-ଦେ; 2. ପ୍ରତ୍ୟାକ୍ରମଣ-କ ।—*n.* 1. ଉତ୍ତର, ଜବାବ୍; 2. ପ୍ରତ୍ୟୁତ୍ତର କରିବା ଶକ୍ତି; 3. ପ୍ରତ୍ୟାକ୍ରମଣ ।
Repopulate, *v.t.* ପୁନର୍ବାର ଲୋକପୂର୍ଣ୍ଣ କରାଇବା ।
Report, *v.t*, and *i.* 1. ବାର୍ତ୍ତା-ଦେ, ସମ୍ବାଦ-ଦେ; 2. ବର୍ଣ୍ଣନା-କ, ଜଣାଇବା; 3. ସମ୍ବାଦପତ୍ରରେ ଲେଖିବା; 4. ଅଭିଯୋଗ-କ; 5. ପ୍ରତିଧ୍ୱନି-କ ।—*n.* 1. ବୃତ୍ତାନ୍ତ; 2. ବର୍ଣ୍ଣନା; 3. ବାର୍ତ୍ତା, ସମ୍ବାଦ; 4. ଜନରବ, କିମ୍ବଦନ୍ତୀ; 5. ଶବ୍ଦ; 6. (Bible) ସୁସମ୍ବାଦ ।
Reportable, *a.* ବର୍ଣ୍ଣନୀୟ ।
Reporter, *n.* ସମ୍ବାଦପତ୍ରର ଲେଖକ । [ଲେଖନ !
Reporting, *n.* 1. ବାର୍ତ୍ତାଦାନ; 2. ସମ୍ବାଦପତ୍ର ପାଇଁ
Repose, *v.t.* 1. ଶୟନ କରାଇବା; 2. ଅରାମକରାଇବା; 3. ରଖିବା ।—*v.i.* 1. ଶୟନ-କ, ନିଦ୍ରାଯିବା; 2. ନିର୍ଭର-କ; 3. ସ୍ଥିର-ହେ ।—*n.* 1. ଶୟନ; 2. ନିଦ୍ରା; 3. ବିଶ୍ରାମ; 4. ଆରାମ ।
Reposed, *a.* ବିଶ୍ରାମଯୁକ୍ତ ।
Reposedly, *ad.* ବିଶ୍ରାମପୂର୍ବକ ।
Reposeful, *a.* ବିଶ୍ରାମପୂର୍ଣ୍ଣ ।
Reposit, *v.t.* ନ୍ୟସ୍ତ-କ ।
Repository, *n.* 1. ରକ୍ଷଣସ୍ଥାନ; 2. ବସ୍ତୁମାନେ ସଞ୍ଚିତ ସ୍ଥାନ; 3. ଦୋକାନ ।

Repossess, *v.t.* ପୁନରଧିକାର-କ ।
Reposure, *n.* ଶାନ୍ତିପୂର୍ଣ୍ଣ ବିଶ୍ରାମ ।
Reprehend, *v.t.* 1. ଭର୍ତ୍ସନା-କ; 2. ଅନୁଯୋଗ-କ ।
Reprehensible, *a.* 1. ଭର୍ତ୍ସନୀୟ; 2. ଦୂଷଣୀୟ ।
Reprehensibleness, *n.* 1. ଭର୍ତ୍ସନୀୟତା; 2. ଦୂଷଣୀୟତା । [ଣୀୟରୂପେ ।
Reprehensibly, *ad.* 1. ଭର୍ତ୍ସନୀୟରୂପେ; 2. ଦୂଷ-
Reprehension, *n.* 1. ଅନୁଯୋଗ; 2. ଭର୍ତ୍ସନା ।
Reprehensive, *a.* 1. ଭର୍ତ୍ସନାପୂର୍ଣ୍ଣ; 2. ଅନୁଯୋଗକାରୀ । [ଗର୍ଭକ ।
Reprehensory, *a.* 1. ଦୋଷପ୍ରଦର୍ଶକ; 2. ଭର୍ତ୍ସନା-
Represent, *v.t.* 1. ଦର୍ଶାଇବା; 2. ଚିତ୍ରାଇବା; 3. ଅଭିନୟ-କ; 4. ପ୍ରତିନିଧି-କ; 5. ବର୍ଣ୍ଣନା-କ; 6. ଅଙ୍କିତ-କ; 7. ଦୃଷ୍ଟାନ୍ତଦ୍ୱାରା ବ୍ୟାଖ୍ୟା-କ ।
Representable, *a.* 1. ପ୍ରଦର୍ଶନୀୟ; 2. ବର୍ଣ୍ଣନୀୟ ।
Representation, *n.* 1. ପ୍ରଦର୍ଶନ; 2. ନିଦର୍ଶନ, ପ୍ରତିରୂପ; 3. ଅଭିନୟ; 4. ପ୍ରତିନିଧିର କାର୍ଯ୍ୟ; 5. ଚିତ୍ର; 6. ବର୍ଣ୍ଣନା; 7. ପ୍ରତିନିଧିନିଯୋଗ ।
Representational, *a.* ପ୍ରଦର୍ଶନସୂଚକ ।
Representative, *a.* 1. ନିଦର୍ଶନପ୍ରକାଶକ; 2. ପ୍ରତିରୂପପ୍ରଦର୍ଶକ; 3. ପ୍ରତିନିଧିତ୍ୱପ୍ରାପ୍ତ ।—*n.* 1. ପ୍ରତିନିଧି; 2. ଉକିଲ; 3. (Law) ଉତ୍ତରାଧିକାରୀ ।— Representative faculty, ଚିନ୍ତେଶିକ ସାମର୍ଥ୍ୟ ।
Repress, (1) *v.t.* 1. ନିବୃତ୍ତ-କ; 2. ଦମନ-କ ।
Repress, (2) *v.t.* ପୁନର୍ବାର ଛାପ-ଦେ ।
Repressible, *a.* ଦମନୀୟ ।
Repression, *n.* ଦମନକରଣ ।
Repressive, *a.* ଦମନକାରୀ ।
Repressively, *ad.* ଦମନକାରୀରୂପେ ।
Reprieve, *v.t.* 1. କ୍ଷଣକାଳନିମନ୍ତେ ପ୍ରାଣଦଣ୍ଡରୁ ରହିତ-କ; 2. ବିଶ୍ରାମ-ଦେ ।—*n.* 1. କ୍ଷଣକାଳନିମନ୍ତେ ପ୍ରାଣଦଣ୍ଡରୁ ରହିତକରଣ ବା ଅବକାଶ; 2. ବିଶ୍ରାମ ।
Reprimand, *n.* 1. ଦୃଢ଼ ଅନୁଯୋଗ ।—*v.t.* 1. ଅନୁଯୋଗ-କ; 2. ପ୍ରକାଶ୍ୟରୂପେ ଭର୍ତ୍ସନା-କ ।
Reprint, *v.t.* 1. ପୁନର୍ବାର ଛାପିବା; 2. ନୂତନ ସଂସ୍କରଣ-କ ।—*n.* ନୂତନ ସଂସ୍କରଣ ।
Reprisal, *v.t.* 1. ପ୍ରତ୍ୟପହାର; 2. କ୍ଷତି ବଦଳେ କ୍ଷତି ।
Reproach, *n.* 1. ନିନ୍ଦା-କ; 2. ଭର୍ତ୍ସନା-କ; 3. ତିରସ୍କାର-କ; 4. ଅବଜ୍ଞା-କ; 5. ଗ୍ଲାନି-କ ।—*n.* 1. ଭର୍ତ୍ସନ; 2. ଅନୁଯୋଗ; 3. ତିରସ୍କାର; 4. ଗ୍ଲାନି; 5. ଅପମାନ, ନିନ୍ଦା; 6. ଲଜ୍ଜାର ବିଷୟ ।
Reproachable, *a.* 1. ନିନ୍ଦନୀୟ; 2. ଲଜ୍ଜାକର ।
Reproachful, *a.* 1. ଭର୍ତ୍ସନାପୂର୍ଣ୍ଣ; 2. ନିନ୍ଦାକର; 3. ନିନ୍ଦାଜନକ ।
Reproachfully, *ad.* ଭର୍ତ୍ସନାପୂର୍ଣ୍ଣଭାବେ ।
Reprobate, *a.* 1. ଦୁଷ୍ଟ; 2. ଅଧମ; 3. ପାମର; 4. ଭ୍ରଷ୍ଟାଚାରୀ; 5. ପାଷଣ୍ଡ ।—*n.* ଭ୍ରଷ୍ଟଲୋକ ।—*v.t.* 1. ଘୃଣା-କ; 2. ନିନ୍ଦା-କ; 3. ଅସ୍ୱୀକାର-କ ।
Reprobation, *n.* 1. ନିନ୍ଦାକରଣ; 2. ଅସ୍ୱୀକାର; 3. କର୍ତ୍ତାର୍ଥ ତ୍ୟକ୍ତକରଣ ।
Reprobative, *a.* ଅଭିଯୋଗ ସମ୍ବନ୍ଧୀୟ ।
Reproduce, *v.t.* 1. ପୁନରୁତ୍ପାଦନ-କ; 2. ପୁନର୍ଗଠନ-କ; 3. ନକଲାଇବା; 4. ଅନୁରୂପ-କ ।
Reproduction, *n.* ପୁନରୁତ୍ପାଦନ ।
Reproductive, *a.* ପୁନରୁତ୍ପାଦକ ।
Reproof, *n.* 1. ଅନୁଯୋଗ; 2. ତିରସ୍କାର; 3. ଭର୍ତ୍ସନା ।
Reprovable, *a.* 1. ତିରସ୍କାରଯୋଗ୍ୟ; 2. ଦୂଷଣୀୟ ।
Reprove, *v.t.* 1. ଦୋଷୀ-କ; 2. ତିରସ୍କାର-କ; 3. ଅନୁଯୋଗ-କ, ଭର୍ତ୍ସନା-କ ।
Reprovingly, *ad.* ଭର୍ତ୍ସନାପ୍ରକାଶକଭାବେ ।
Reptile, *a.* 1. ଉରୋଗାମୀ; 2. ନୀଚାଶୟ ।—*n.* 1. ସରୀସୃପ; 2. ନୀଚାଶୟ ବ୍ୟକ୍ତି ।
Reptilian, *a.* ସରୀସୃପସମ୍ବନ୍ଧୀୟ ।
Reptilivorous, *a.* ସରୀସୃପଭକ୍ଷକ । [ତନ୍ତ୍ର ।
Republic, *n.* 1. ପ୍ରଜାତନ୍ତ୍ର ଶାସନ; 2. ସାଧାରଣତନ୍ତ୍ର
Republican, *a.* 1. ପ୍ରଜାତନ୍ତ୍ର ସମ୍ବନ୍ଧୀୟ; 2. ସାଧାରଣତନ୍ତ୍ର ।—*n.* ପ୍ରଜାତନ୍ତ୍ର ଶାସନର ପକ୍ଷପାତୀ ।
Republicanism, *n.* 1. ସାଧାରଣତନ୍ତ୍ରମତ; 2. ପ୍ରଜାତନ୍ତ୍ରାନୁରାଗ ।
Republication, *n.* ପୁନଃ ପ୍ରକାଶକରଣ ।
Republish, *v.t.* ପୁନଃ ପ୍ରକାଶ-କ ।
Repudiate, *v.t.* 1. ପ୍ରତ୍ୟାଖ୍ୟାନ-କ; 2. ଅସ୍ୱୀକାର-କ; 3. ଛାଡ଼ପତ୍ର ଦାନ-କ ।
Repudiation, *n.* 1. ପ୍ରତ୍ୟାଖ୍ୟାନ; 2. ଅସ୍ୱୀକାର ।
Repudiator, *n.* 1. ପ୍ରତ୍ୟାଖ୍ୟାନକାରୀ; 2. ଅସ୍ୱୀକାରକାରୀ । [ଅପ୍ରୀତି ।
Repugnance, *n.* 1. ବିରୋଧ; 2. ବୈପରୀତ୍ୟ; 3.
Repugnant, *a.* 1. ବିରୁଦ୍ଧ; 2. ବିପରୀତ; 3. ଅପ୍ରୀତିକର; 4. ଅନୈକ୍ୟ । [କରଭାବେ ।
Repugnantly, *ad.* 1. ବିପରୀତଭାବେ; 2. ଅପ୍ରୀତି-
Repulse, *v.t.* 1. ବିତାଡ଼ିତ-କ; 2. ବାରଣ-କ; 3. ପରାଜୟ-କ; 4. ଅଗ୍ରାହ୍ୟ-କ ।—*n.* 1. ବିତାଡ଼ିତାବସ୍ଥା; 2. ପରାଜୟ; 3. ପ୍ରତ୍ୟାଖ୍ୟାନ ।
Repulsion, *n.* 1. ତାଡ଼ନକରଣ; 2. ଅନିଚ୍ଛୁକତା; 3. ପ୍ରତିକୂଳ ।
Repulsive, *a.* 1. ଅପ୍ରୀତିକର; 2. ଅପ୍ରସନ୍ନ; 3. ଘୃଣାଜନକ । [ଭାବେ ।
Repulsively, *ad.* 1. ଅପ୍ରୀତିକରରୂପେ; 2. ଅପ୍ରସନ୍ନ-
Repulsiveness, *n.* ଅପ୍ରସନ୍ନତା ।
Repurchase, *v.t.* ପୁନଃ କ୍ରୟ-କ ।—*n.* ପୁନଃକ୍ରୟ ।
Reputable, *a.* 1. ବରିଷ୍ଠ; 2. ସମ୍ଭ୍ରାନ୍ତ; 3. ମାନ୍ୟ; 4. ମର୍ଯ୍ୟାଦାବନ୍ତ ।
Reputation, *n.* 1. ସମ୍ଭ୍ରମ; 2. ଯଶଃ; 3. ମର୍ଯ୍ୟାଦା; 4. ନାମ; 5. ସୁଖ୍ୟାତି । [ଯଶଃ ।
Repute, *v.t.* ଗଣନା-କ ।—*n.* 1. ସୁଖ୍ୟାତି; 2.
Reputedly, *ad.* ସାଧାରଣମତେ ।

Request, *v.t.* 1. ଏକାନ୍ତ ପ୍ରାର୍ଥନା-କ; 2. ଅନୁନୟ-କ, ବିନତି-କ; 3. କାମନା-କ ।—*n.* 1. ନିବେଦନ; 2. ପ୍ରାର୍ଥନା; 3. କାମନା; 4. ମାଗୁଣି ।
Requiem, *n.* 1. ମୃତବ୍ୟକ୍ତିର ଆତ୍ମାର ଶାନ୍ତି ନିମନ୍ତେ ଉପାସନା; 2. ମୃତବ୍ୟକ୍ତି ସମ୍ବନ୍ଧ ସ୍ତବଗାନ ।
Requirable, *a.* 1. ପ୍ରାର୍ଥନୀୟ; 2. ପ୍ରୟୋଜନୀୟ ।
Require, *v.t.* 1. ପ୍ରାର୍ଥନା-କ; 2. ମାଗିବା; 3. ଦରକାର-କ; 4. ହକ ବୋଲି ଦାବି-କ; 5. ଆଦେଶ-ଦେ ।
Requirement, *n.* 1. ଦରକାରକରଣ; 2. ଦାବି; 3. ପ୍ରୟୋଜନୀୟ ବିଷୟ ।
Requisite, *a.* 1. ଆବଶ୍ୟକୀୟ; 2. ପ୍ରୟୋଜନୀୟ; 3. ଅପରିତ୍ୟାଜ୍ୟ ।—*n.* 1. ଆବଶ୍ୟକୀୟ ବିଷୟ, 2. ଅପରିତ୍ୟାଜ୍ୟ ବସ୍ତୁ ।
Requisition, *n.* 1. ଯାଚ୍ଞାକରଣ; 2. ଦରଖାସ୍ତ; 3. ଆବେଦନପତ୍ର ।—*v.t.* ଆବେଦନ-କ ।
Requital, *n.* 1. ପରିଶୋଧକରଣ; 2. ପ୍ରତିଫଳ ।
Requite, *v.t.* 1. ପରିଶୋଧ-କ; 2. ପ୍ରତିଫଳ-ଦେ ।
Reredos, *n.* ବେଦିର ପଶ୍ଚାଦ୍ଭାଗରେ ଥିବା ସଚିତ୍ର ପରଦାବିଶେଷ ।
Rereward, *n.* Same as Rearward. [-କ ।
Rescind, *v.t.* 1. ରହିତ-କ; 2. ରଦ୍-କ; 3. ନସ୍ୟାତ
Rescission, *n.* 1. ରହିତକରଣ; 2. ଅନ୍ୟଥାକରଣ ।
Rescript, *n.* 1. ଆଇନ୍ ସମ୍ବନ୍ଧୀୟ ପ୍ରଶ୍ନରେ ପୋପ୍ ବା ସମ୍ରାଟଙ୍କର ଲିଖିତ ଉତ୍ତର; 2. ଆଦେଶପତ୍ର ।
Rescue, *v.t.* 1. ଆପଦ ବା ଉପଦ୍ରବରୁ ଉଦ୍ଧାର-କ; 2. ନିସ୍ତାର-କ; 3. ମୁକ୍ତ-କ ।—*n.* 1. ଉଦ୍ଧାରକରଣ, ଉଦ୍ଧରଣ; 2. ମୁକ୍ତି; 3. ବଳପୂର୍ବକ ନିସ୍ତାର ।
Rescuer, *n.* ନିସ୍ତାରକାରୀ ।
Research, *n.* 1. ଗବେଷଣାପୂର୍ବ ଅନୁସନ୍ଧାନ; 2. ତତ୍ତ୍ୱପରୀକ୍ଷା; 3. ସୂକ୍ଷ୍ମତତ୍ତ୍ୱ । [ତୁଲ୍ୟତା ।
Resemblance, *n.* 1. ସାଦୃଶ୍ୟ; 2. ସମାନତା; 3.
Resemble, *v.i.* 1. ସଦୃଶ-ହେ; 2. ସମାନ ଦେଖିବା ।
Resent, *v.t.* and *i.* 1. ଆକ୍ରୋଶ-କ; 2. କ୍ରୁଦ୍ଧ-ହେ, ରୁଷ୍ଟ-ହେ; 3. ବିରକ୍ତି ପ୍ରକାଶ-କ । [ହିଂସାଳୁ ।
Resentful, *a.* 1. ଆକ୍ରୋଶୀ; 2. ଦ୍ୱେଷୀ; 3. ପ୍ରତି-
Resentment, *n.* 1. ଆକ୍ରୋଶକରଣ; 2. ଅସନ୍ତୋଷ; 3. ଦ୍ୱେଷ; 4. କ୍ରୋଧ ।
Reservation, *n.* 1. ଗୋପନକରଣ; 2. ଅପ୍ରକାଶ; 3. ସଂରକ୍ଷଣ ସର୍ତ୍ତ; 4. ରକ୍ଷିତ ଭୂମି ।
Reserve, *v.t.* 1. ହାତରେ ରଖିବା; 2. ସଞ୍ଚୟ-କ; 3. ଗଚ୍ଛିତ-କ ।—*n.* 1. ସଞ୍ଚିତ ଦ୍ରବ୍ୟ; 2. ପଶ୍ଚାଦ୍ଭାଗରେ ରକ୍ଷିତ ସୈନ୍ୟ; 3. ଗୁଢ଼ଭାବ; 4. ସତର୍କତା; 5. ଗଚ୍ଛିତ ପାଣ୍ଠି ।
Reserved, *a.* 1. ଗୁଢ଼ଭାବବିଶିଷ୍ଟ; 2. ଲଜ୍ଜାଶୀଳ; 3. ସଂଯତ; 4. ରକ୍ଷିତ । [ସେନା ।
Reservist, *n.* ପଶ୍ଚାଦ୍ଭାଗରେ ରକ୍ଷିତ ସୈନ୍ୟଦଳର ଜଣେ
Reservoir, *n.* 1. ଭଣ୍ଡାର; 2. ଜଳାଶୟ ।
Resettlement, *n.* 1. ପୁନର୍ନ୍ୟାସ; 2. ପୁନଃସ୍ଥିତି ।
Reship, *v.t.* ପୁନର୍ବାର ଜାହାଜରେ ପୂର୍ଣ୍ଣ-କ ।
Reside, *v.i.* 1. ଚିରସ୍ଥାୟୀରୂପେ ବାସ-କ; 2. ବସତି-କ; 3. ଅନ୍ତର୍ବର୍ତ୍ତୀ-ହେ ।
Residence, *n.* 1. ଅବସ୍ଥିତିକରଣ; 2. ନିବାସ ।
Residency, *n.* 1. ବାସସ୍ଥାନ; 2. ରେଜିଡେଣ୍ଟ ସାହେବଙ୍କ ଆବାସ ।
Resident, *a.* 1. ବାସକାରୀ; 2. ନିବାସୀ ।—*n.* 1. ଅଧିବାସୀ; 2. ବିଦେଶୀୟ ରାଜପ୍ରତିନିଧି ।
Residential, *a.* 1. ଅଧିବାସୀ; 2. ବାସୋପଯୋଗୀ; 3. ବାସସମ୍ବନ୍ଧୀୟ । [ବାସକାରୀ ଧର୍ମ୍ମାଧ୍ୟକ୍ଷ ।
Residentiary, *a.* ବାସୀ ।—*n.* ନିର୍ଦ୍ଦିଷ୍ଟ ବାସସ୍ଥାନରେ
Residual, *a.* ଅବଶିଷ୍ଟ ।
Residuary, *a.* ଅବଶିଷ୍ଟାଂଶ ସମ୍ବନ୍ଧୀୟ ।
Residue, *n.* 1. ଅବଶେଷ; 2. ଅବଶିଷ୍ଟାଂଶ ।
Residuum, *n.* ସଂଶୋଧନ ଉତ୍ତାରୁ ଅବଶିଷ୍ଟାଂଶ ।
Resign, *v.t.* and *i.* 1. ପଦ ପରିତ୍ୟାଗ-କ; 2. ଇସ୍ତଫା-ଦେ; 3. ବଶବର୍ତ୍ତୀ-କ; 4. ଆୟତ୍ତାଧୀନ-ହେ ।
Resignation, *n.* 1. ପରିତ୍ୟାଗ; 2. ଇସ୍ତଫା; 3. ବଶବର୍ତ୍ତିତା; 4. ସମ୍ମତ ।
Resilience, Resiliency, *n.* 1. ପ୍ରତିଘାତଦ୍ୱାରା ଉଲ୍ଲମ୍ଫନ; 2. ପ୍ରତ୍ୟାବର୍ତ୍ତନ ।
Resilient, *a.* ଉତ୍ପତନଶୀଳ ।
Resin, *n.* ଝୁଣା, ଧୂନା ।
Resinous, *a.* 1. ଝୁଣାବତ୍; 2 ଧୂନାମୟ ।
esiny, *a.* ଝୁଣାଯୁକ୍ତ ।
Resist, *v.t.* 1. ପ୍ରତିବାଧା-ଦେ; 2. ପ୍ରତିରୋଧ-କ; 3. ନିବାରଣ-କ ।—*v.i.* ପ୍ରତିକୂଳ-ହେ ।
Resistance, *n.* 1. ପ୍ରତିବାଧା; 2. ପ୍ରତିରୋଧ; 3. ପ୍ରତିଘାତର ଶକ୍ତି ।
Resister, *n.* ପ୍ରତିବାଧକ । [3. ନିବାରଣୀୟ ।
Resistible, *a.* 1. ପ୍ରତିରୋଧନୀୟ; 2. ପ୍ରତିବାଧାଯୋଗ୍ୟ;
Resistless, *a.* 1. ଅପ୍ରତିରୋଧନୀୟ; 2. ଅନିବାର୍ଯ୍ୟ ।
Resistlessly, *a.* ଅନିବାର୍ଯ୍ୟରୂପେ ।
Resistlessness, *n.* ଅନିବାର୍ଯ୍ୟତା ।
Resolute, *a.* 1. ସ୍ଥିରସଙ୍କଳ୍ପ; 2. ଦୃଢପ୍ରତିଜ୍ଞ; 3. ଦୃଢମନା; 4. ଉଦ୍ୟମୀ । [ରୂପେ ।
Resolutely, *ad.* 1. ସ୍ଥିରସଙ୍କଳ୍ପରୂପେ; 2. ଦୃଢମନା-
Resoluteness, *n.* ସ୍ଥିରସଙ୍କଳ୍ପତା ।
Resolution, *n.* 1. ସ୍ଥିରକରଣ; 2. ବିଶ୍ଳେଷଣ; 3. ସମାଧାନ; 4. ଦୃଢପ୍ରତିଜ୍ଞା; 5. ସ୍ଥିରତା; 6. ପ୍ରସ୍ତାବ; · 7. ନିର୍ଦ୍ଧାରଣ ।
Resolvable, *a.* 1. ଦ୍ରବଯୋଗ୍ୟ; 2. ବିଶ୍ଳେଷଣୀୟ ।
Resolve, *v.t.* 1. ଉପାଦାନରେ ପରିଣତ-କ; 2. ବିଶ୍ଳେଷଣ-କ; 3. ସନ୍ଦେହ ଦୂର-କ; 4. ବ୍ୟାଖ୍ୟା-କ; 5. ସ୍ଥିର-କ, ମୀମାଂସା-କ; 6. ନିର୍ଦ୍ଧାରିତ-କ; 7. (Math.) ବିଶ୍ଳେଷଣ-କ; 8. (Med.) ଛିନ୍ନଭିନ୍ନ-କ ।—*v.i.* ସ୍ଥିର ନିଶ୍ଚିତ-ହେ ।—*n.* 1. ସ୍ଥିରସଙ୍କଳ୍ପ; 2. ନିର୍ଦ୍ଧାରଣ; 3. ଅଟଳ ଅଭିପ୍ରାୟ ।

Resolved, *a.* 1. ଦୃଢପ୍ରତିଜ୍ଞ; 2. ନିର୍ଦ୍ଧାରିତ ।
Resolvent, *a.* ଦ୍ରବକରଣକ୍ଷମ ।—*n.* 1. (Med.) ଅବୁ କ୍ଷୟକାରକ ଦ୍ରବ୍ୟ; 2. (Math.) ସମସ୍ୟାର୍ଥକାରକ ଭୁଲକ ।
Resonance, *n.* 1. ପ୍ରତିଶବ୍ଦ; 2. ଶବ୍ଦସଂକ୍ରମିତ ଶବ୍ଦ ।—Resonance box, ବାଦ୍ୟଯନ୍ତ୍ରର ଶବ୍ଦ ବୃଦ୍ଧି-କାରୀ ସନ୍ଦୁକ ।
Resonant, *a.* 1. ପ୍ରତିଶବ୍ଦାୟମାନ; 2. ଆନ୍ଦୋଳନୀୟ ।
Resort, *v.i.* 1. ପ୍ରସ୍ଥାନ-କ; 2. ଅବଲମ୍ବନ-କ; 3. ପ୍ରୟୋଗ-କ ।—*n.* 1. ପ୍ରସ୍ଥାନ; 2. ଗମ୍ୟସ୍ଥାନ; 3. ଉପାୟ । —Last resort, ଶେଷ ଉପାୟ ।
Resound, *v.t.* 1. ପ୍ରତିଶବ୍ଦ-କ; 2. ପ୍ରତିଧ୍ୱନି-କ; 3. ଶବ୍ଦଦ୍ୱାରା ପ୍ରଶଂସା-କ; 4. ଯଶଃ ବିସ୍ତାର-କ ।—*v.i.* 1. ପ୍ରତିଧ୍ୱନିତ-ହେ; 2. ଉଚ୍ଚଧ୍ୱନି-କ ।
Resource, *n.* 1. ସାହାଯ୍ୟୋପାୟ; 2. କୌଶଳ; 3. (Pl.) ଉପଜୀବିକା, ଉପାୟମାନ ।
Resourceful, *a.* କୌଶଳପୂର୍ଣ୍ଣ ।
Resourcefulness, *n.* କୌଶଳପୂର୍ଣ୍ଣତା ।
Respect, *v.t.* 1. ଆଦର-କ; 2. ସମ୍ମାନ-କ; 3. ସମ୍ବନ୍ଧ ରଖିବା; 4. ମୁଖାପେକ୍ଷା-କ; 5. ମାନିବା ।—*n.* 1. ସମାଦର; 2. ସମ୍ମାନ; 3. ଗୁଣାନୁବାଦ; 4. ସମ୍ପର୍କ; 5. ପ୍ରକାର; 6. ମୁଖାପେକ୍ଷା; 7. ପକ୍ଷପାତ; 8. ଶ୍ରଦ୍ଧା ।
Respectable, *a.* 1. ଆଦରଣୀୟ; 2. ଭଦ୍ର; 3. ସଙ୍ଗତିସମ୍ପନ୍ନ । [3. ଶିଷ୍ଟ, ବିନୟୀ ।
Respectful, *a.* 1. ସମ୍ମାନସୂଚକ; 2. ସମ୍ଭ୍ରମକାରୀ;
Respectfully, *ad.* ସବିନୟପୂର୍ବକେ । [ନ୍ଧୀୟ ।
Respective, *a.* 1. ନିଜର; 2. ବିଶେଷର; 3. ସମ୍ବ-
Respectively, *ad.* କ୍ରମାନ୍ୱୟେ, ଯଥାକ୍ରମେ ।
Respirable, *a.* ନିଶ୍ୱାସପ୍ରଶ୍ୱାସର ଉପଯୁକ୍ତ ।
Respiration, *n.* ନିଶ୍ୱାସପ୍ରଶ୍ୱାସ ।—Artificial respiration, ଅଙ୍ଗଚାଳନଦ୍ୱାରା ନିଶ୍ୱାସପ୍ରଶ୍ୱାସ ଉତ୍ପାଦନ ।
Respirator, *n.* ଶ୍ୱାସଜାଲ ।
Respiratory, *a.* ନିଶ୍ୱାସପ୍ରଶ୍ୱାସ ସମ୍ବନ୍ଧୀୟ ।
Respire, *v.i.* ନିଶ୍ୱାସପ୍ରଶ୍ୱାସ-କ ।—*v.t.* ଶ୍ୱାସତ୍ୟାଗ-କ
Respite, *n.* 1. ବିରାମ; 2. ବିଳମ୍ବ; 3. ଅବକାଶ; 4. (Law) ପ୍ରାଣଦଣ୍ଡ ଦେବାରେ ଅଳ୍ପ ବିଳମ୍ବ ।—*v.t.* 1. ବିଳମ୍ବ-କ; 2. ସ୍ଥଗିତ-କ । [ଅତ୍ୟନ୍ତ ତେଜସ୍ୱୀ ।
Resplendent, *a.* 1. ଅତ୍ୟୁଜ୍ଜ୍ୱଳ; 2. ପ୍ରଭାମୟ; 3.
Resplendently, *ad.* ଅତ୍ୟୁଜ୍ଜ୍ୱଳରୂପେ ।
Respond, *v.i.* 1. ଉତ୍ତର-ଦେ; 2. ଅନୁରୂପ-ହେ; 3. ଦାୟୀ-ହେ; 4. ଉପାସନାରେ ଉପଦେଶକଙ୍କୁ ପ୍ରତ୍ୟୁ-ତ୍ତର-ଦ ।—*v.t.* ତୃପ୍ତ-କ ।
Respondent, *a.* ଆଶାନୁରୂପ ।—*n.* 1. ପ୍ରତ୍ୟୁତ୍ତରକାରୀ; 2. ପ୍ରତିବାଦୀ; 3. ଅପର ଖଣ୍ଡନକାରୀ ।
Response, *n.* 1. ଉତ୍ତର; 2. ଦୈବବାଣୀ; 3. ଉପାସନାରେ ଉପଦେଶକଙ୍କ ଉପାସକମାନଙ୍କର ପ୍ରତ୍ୟୁତ୍ତର ।
Responsibility, *n.* 1. ଦାୟିତ୍ୱ; 2. କାର୍ଯ୍ୟଭାର ।
Responsible, *a.* 1. ଦାୟୀ; 2. ଭାରପ୍ରାପ୍ତ; 3. ସଙ୍ଗତିବାନ୍ । [ସଙ୍ଗତ ।
Responsive, *a.* 1. ପ୍ରତ୍ୟୁତ୍ତରକାରୀ; 2. ଅନୁରୂପ; 3.
Responsively, *ad.* ପ୍ରତ୍ୟୁତ୍ତରକାରୀରୂପେ ।
Rest, (1) *n.* 1. ବିରାମ; 2. ଶାନ୍ତି; 3. ସ୍ଥିରତା; 4. ନିଦ୍ରା; 5. ମୃତାବସ୍ଥା; 6. ବିଶ୍ରାମସ୍ଥାନ; 7. ବିଶ୍ରାମ; 8. ଅବଲମ୍ବନ; 9. କ୍ଷାନ୍ତି ।—*v.i.* 1. କାର୍ଯ୍ୟରୁ ବିରତ-ହେ; 2. ସ୍ଥିର-ହେ; 3. ବିଶ୍ରାମ-କ; 4. ନିଦ୍ରାଯିବା; 5. ମୃତ-ହେ; 6. ଅବଲମ୍ବିତ-ହେ; 7. ନିର୍ଭର-କ; 8. ତୃପ୍ତ-ହେ; 9. ଶୟନ-କ; 10. ସ୍ଥଗିତ-ହେ; 11. ଅପରି-ବର୍ତ୍ତନ-ହେ ।—*v.t.* 1. ଶୟନ କରାଇବା; 2. ଶାନ୍ତ-କ; 3. ଆଧାର ଉପରେ ସ୍ଥାପନ-କ ।
Rest, (2) *n.* 1. ଅବଶିଷ୍ଟ ଦ୍ରବ୍ୟ; 2. ଅବଶିଷ୍ଟାଂଶ; 3. ଅନ୍ୟାନ୍ୟ ବିଷୟ ।—*v.i.* ଅବଶିଷ୍ଟ ରହିବା ।
Restaurant, *n.* ସାଧାରଣ ଭୋଜନାଳୟ ।
Restful, *a.* 1. ଆରାମପୂର୍ଣ୍ଣ; 2. ବିଶ୍ରାମପ୍ରଦ ।
Restfulness, *n.* ଆରାମ ପୂର୍ଣ୍ଣତା ।
Rest-house, *n.* 1. ଭଟିଘର; 2. ଡାକବଙ୍ଗଳା ।
Restitution, *n.* 1. ପ୍ରତ୍ୟର୍ପଣ; 2. ପ୍ରତୀକାର, କ୍ଷତି-ପୂରଣ; 3. ପୁନଃସଂସ୍ଥାପନ । [ଦୁର୍ଦ୍ଦମ; 3. ମନ୍ଥର ।
Restive, *a.* 1. ଅଗ୍ରସର ହେବାପାଇଁ ଅନିଚ୍ଛୁକ; 2.
Restively, *ad.* ଦୁର୍ଦ୍ଦମରୂପେ ।
Restiveness, *n.* ଦୁର୍ଦ୍ଦମତା । [କଳହକାରୀ ।
Restless, *a.* 1. ଅସ୍ଥିର; 2. ଅଶାନ୍ତ; 3. ଚଞ୍ଚଳ; 4.
Restlessly, *ad.* ଅସ୍ଥିରରୂପେ ।
Restlessness, *n.* ଅସ୍ଥିରତା ।
Restoration, *n.* 1. ପ୍ରତୀକାରକରଣ; 2. ପୁନଃସ୍ଥାପନ; 3. ପୁନଃପ୍ରାପଣ; 4. ପୁନର୍ଜୀବନ; 5. କ୍ଷତିପୂରଣ ।
Restorative, *a.* ବଳକାରକ ।—*n.* ବଳକାରକ ଔଷଧ ।
Restore, *v.t.* 1. ପ୍ରତିକାର-କ; 2. ପୁନଃସ୍ଥାପନ-କ; 3. ପ୍ରତ୍ୟର୍ପଣ-କ; 4. ପୂର୍ବାବସ୍ଥାକୁ ଆନୟନ-କ; 5. ପୁନ-ର୍ଜୀବନ-କ; 6. ଆରୋଗ୍ୟ-କ; 7. କ୍ଷତିପୂରଣ-କ; 8. ଶୁଧରାଇବା ।
Restrain, *v.t.* 1. ଅଟକାଇବା; 2. ଦମନ-କ; 3. ରହିତ-କ; 4. ବାରଣ-କ; 5. ସୀମାବଦ୍ଧ-କ ।
Restrainable, *a.* ଦମନୀୟ ।
Restraint, *n.* 1. ଦମନକରଣ; 2. ମୁକ୍ତିହୀନତା; 3. ସୀମାନିର୍ଦ୍ଦେଶ; 4. ବାଧା ।
Restrict, *v.t.* 1. ସୀମାବଦ୍ଧ-କ; 2. ବନ୍ଧନ-କ; 3. ଅଟକ-କ; 4. ନିର୍ଦ୍ଦେଶ-କ । [3. ବନ୍ଧନ ।
Restriction, *n.* 1. ସୀମାବନ୍ଧନ; 2. ନିର୍ଦ୍ଦିଷ୍ଟକରଣ;
Restrictive, *a.* 1. ବନ୍ଧନକାରୀ; 2. ସଙ୍କୋଚକ ।
Restrictively, *ad.* ବନ୍ଧନକାରୀରୂପେ ।
Result, *v.i.* 1. ଫଳୋତ୍ପନ୍ନ-ହେ; 2. ଉତ୍ପନ୍ନ-ହେ; 3. ପ୍ରତ୍ୟାଗତ-ହେ; 4. ଶେଷ-ହେ ।—*n.* 1. ଫଳ; 2. ସିଦ୍ଧାନ୍ତ; 3. ନିଷ୍କର୍ଷ । [ସଂଘାତ ।
Resultant, *a.* ମିଳନୋତ୍ପନ୍ନ ।—*n.* (Physics) ଶକ୍ତି

Resumable, *a.* ପୁନର୍ଗ୍ରହଣୀୟ ।
Resume, *v.t.* 1. ପୁନର୍ଗ୍ରହଣ-କ; 2. ପୁନରାରମ୍ଭ-କ ।
Resumption, *n.* 1. ପୁନର୍ଗ୍ରହଣ; 2. ପୁନରାରମ୍ଭ ।
Resurgent, *a.* ଉତ୍ଥାନକାରୀ ।
Resurrect, *v.t.* (Coll.) ସଜୀବ-କ ।
Resurrection, *n.* 1. ପୁନରୁତ୍ଥାନ; 2. ମୃତ୍ୟୁତ୍ଥାନ ।
Resuscitate, *v.t.* 1. ପୁନର୍ଜୀବିତ-କ, ପୁନର୍ବାର ସଜୀବ -କ ।—*v.i.* 1. ସଜୀବ-ହେ; 2. ବଞ୍ଚିଉଠିବା ।
Resuscitation, *n.* 1. ପୁନଃ ସଜୀବକରଣ; 2. ଉତ୍ଥାନ ।
Resuscitative, *a.* 1. ସଜୀବକାରୀ; 2. ଉତ୍ତେଜକ; 3. ଚେତନାକାରୀ ।
Retail, *v.t.* 1. ଖୁଚୁରା ବିକ୍ରୟ-କ, ରେଜା ବିକିବା; 2. ଅନ୍ୟକୁ ଜଣାଇବା ।—*a.* ଖୁଚୁରାସମ୍ବନ୍ଧୀୟ ।—*n.* ଖୁଚୁରାବିକ୍ରୟ ।
Retailer, *n.* 1. ଖୁଚୁରା ବିକ୍ରୟକାରୀ; 2. ଦୋକାନୀ ।
Retain, *n.* 1. ଧାରଣ-କ; 2. ବନ୍ଦ-କ; 3. ସଙ୍ଗରେ ରଖିବା; 4. ଅଟକ-କ; 5. ସମର୍ଥନ-କ; 6. ମନରେ ରଖିବା ।
Retainable, *a.* 1. ଧାରଣଯୋଗ୍ୟ; 2. ରକ୍ଷଣୀୟ ।
Retainer, *n.* 1. ଅନୁଚର; 2. ଭୃତ୍ୟ; 3. ଓକିଲ ନିଯୋଗର ଟଙ୍କା ।
Retainment, *n.* ନିଯୋଗକରଣ ।
Retaliate, *v.t.* 1. ପ୍ରତିଫଳ ଦେ; 2. ପରିଶୋଧ-କ ।—*v.i.* ପ୍ରତିଶୋଧ-ଦେ ।
Retaliation, *n.* 1. ପରିଶୋଧକରଣ; 2. ପ୍ରତିଶୋଧ ।
Retaliative, Retaliatory, *a.* ପ୍ରତିଶୋଧକାରୀ ।
Retard, *v.t.* 1. ବାଧା-ଦେ; 2. ବ୍ୟାଘାତ ଜନ୍ମାଇବା; 3. ବିଳମ୍ବ-କ ।
Retardation, *n.* 1. ବିଳମ୍ବ; 2. ବ୍ୟାଘାତ; 3. ବାଧା ।
Retch, *v.i.* ଉଦ୍ଗାର କରିବାକୁ ଉଦ୍ୟତ-ହେ ।
Retention, *n.* 1. ଧାରଣକରଣ; 2. ସ୍ମୃତିଶକ୍ତି ।
Retentive, *a.* 1. ଧାରଣଶୀଳ; 2. ସ୍ମାରକ ।
Retentively, *ad.* ଧାରଣଶୀଳରୂପେ ।
Retentiveness, *n.* ଧାରଣଶୀଳତା । [ତୁଷ୍ଣୀମ୍ଭାବ ।
Reticence, Reticency, *n.* 1. ମୌନଭାବ; 2.
Reticent, *a.* 1. ମୌନୀ; 2. ତୁଷ୍ଣୀମ୍ଭୂତ ।
Reticular, *a.* ଜାଲକାର ।
Reticulate, Reticulated, *a.* ଜାଲବଦ୍ଧ ।
Reticulation, *n.* ଜାଲକର୍ମ ।
Reticule, Reticle, *n.* 1. ବୁଣାହୋଇଥିବା ଛୋଟ ଥଳୀ; 2. ସ୍ତ୍ରୀଲୋକର ଛୋଟ ଥଳୀ ।
Retiform, *a.* ଜାଲରୂପ ।
Retina, *n.* ଚକ୍ଷୁପଟ, ଚକ୍ଷୁର ପଶ୍ଚାଦ୍ବର୍ତ୍ତୀ ଝିଲ୍ଲୀ ।
Retinue, *n.* 1. ଅନୁଚରବର୍ଗ; 2. ପାରିଷଦ୍‌ଗଣ ।
Retire, *v.i.* 1. ପଶ୍ଚାଦ୍ଗମନ-କ; 2. ହଟିଯିବା; 3. ଶୟନାଗାରକୁ ଯିବା ।—*v.t.* 1. ଉଦ୍ଧୃତ-କ; 2. ଅବସର-ଦେ; 3. ଅପସାରଣ-କ ।—*n.* 1. ହଟିଯିବାପାଇଁ ରଣତୂର୍ଯ୍ୟର ନାଦ; 2. ପଶ୍ଚାଦ୍ଗମନ ।
Retired, *a.* 1. ନିର୍ଜନ; 2. ଗୁପ୍ତ; 3. ଅବସରପ୍ରାପ୍ତ ।
Retirement, *n.* 1. ଅବସରଗ୍ରହଣ; 2. ଅପସାରଣ; 3. ନିର୍ଜନତା । [ଅବସରୋପଯୋଗୀ ।
Retiring, *a.* 1. ଦୃଷ୍ଟାଭାବବିଶିଷ୍ଟ; 2. ଲଜ୍ଜାଶୀଳ; 3.
Retort, *v.t.* 1. ପ୍ରତ୍ୟପବାଦ-ଦେ; 2. ପ୍ରତ୍ୟାବର୍ତ୍ତିତ -କ ।—*v.i.* ସୁତୀକ୍ଷ୍ଣ ଉତ୍ତର-ଦେ ।—*n.* 1. ସୁତୀକ୍ଷ୍ଣ ଉତ୍ତର; 2. ରସାୟନ ବିଦ୍ୟାରେ ସ୍ୟନ୍ଦନାର୍ଥ ବ୍ୟବହୃତ ବକ୍ର କାଚପାତ୍ର । [ପୁନଃ ସ୍ପର୍ଶ ।
Retouch, *v.t.* ପୁନଃ ସ୍ପର୍ଶଦ୍ୱାରା ଅଧିକ ଉତ୍ତମ-କ ।—*n.*
Retrace, *v.t.* 1. ପ୍ରତ୍ୟାନୁସରଣ-କ; 2. ପ୍ରତ୍ୟାଗମନ -କ; 3. ଫେର ବର୍ଣ୍ଣନା-କ ।
Retract, *v.t.* 1. ପ୍ରତ୍ୟାଖ୍ୟାନ-କ; 2. ଅନ୍ୟଥା-କ ।—*v.i.* ପୂର୍ବକଥା ରଦ୍-କ ।
Retractile, Retractible, *a.* ପ୍ରତ୍ୟାଖ୍ୟାନ ଯୋଗ୍ୟ ।
Retraction, *n.* ପ୍ରତ୍ୟାଖ୍ୟାନକରଣ ।
Retreat, *n.* 1. ପ୍ରତ୍ୟାଗମନ; 2. ଅପସାରଣ; 3. ଗୁପ୍ତସ୍ଥାନ; 4. ଆଶ୍ରୟ; 5. ହଟିଯିବାପାଇଁ ରଣତୂର୍ଯ୍ୟର ନାଦ; 6. ନିଭୃତ ଉପାସନା ।—*v.i.* ହଟିଯିବା ।
Retreating, *a.* ଅବନତ ।
Retrench, *v.t.* 1. ଛେଦନ-କ; 2. ଲଘୁ-କ, 3. ହ୍ରାସ -କ ।—*v.i.* ପୂର୍ବାପେକ୍ଷା ମିତବ୍ୟୟୀ-ହେ ।
Retrenchment, *n.* 1. ଛେଦନ; 2. ଲଘୁକରଣ; 3. ବ୍ୟୟସଙ୍କୋଚ । [3. ପ୍ରତିଫଳ ।
Retribution, *n.* 1. ପରିଶୋଧକରଣ; 2. ପ୍ରତିଦାନ;
Retributive, *a.* 1. ପରିଶୋଧାତ୍ମକ; 2. ପ୍ରତିଦାନକାରୀ; 3. ପ୍ରତିଫଳଦାୟୀ ।
Retrievable, *a.* ପ୍ରତିକାର୍ଯ୍ୟ ।
Retrievably, *ad.* ପ୍ରତିକାର୍ଯ୍ୟରୂପେ । [ସଂସ୍କାର-କ ।
Retrieve, *v.t.* 1. ପ୍ରତିକାର-କ; 2. ପୂରଣ-କ; 3.
Retriever, *n.* ଶୀକାରୀ କୁକ୍କୁରବିଶେଷ ।
Retrocede, *v.i.* ପ୍ରତ୍ୟାଗମନ-କ ।—*v.t.* ପ୍ରତ୍ୟର୍ପଣ-କ ।
Retrocession, *n.* (Med.) ଅଙ୍କୁର ଅନ୍ତର୍ଦ୍ଧାନ ।
Retrograde, *a.* 1. ପଶ୍ଚାଦ୍ଗାମୀ; 2. ଅବନତ ।—*v.i.* ପଶ୍ଚାଦ୍ଗମନ-କ ।
Retrogression, *n.* 1. ପଶ୍ଚାଦ୍ଗମନ; 2. ଅବନତ ।
Retrogressive, *a.* ପଶ୍ଚାଦ୍ଗମନକାରୀ ।
Retrospect, *n.* 1. ପଶ୍ଚାଦ୍ଦର୍ଶନ; 2. ଅତୀତର ପର୍ଯ୍ୟାଲୋଚନା; 3. ଅତୀତବିଷୟ ।
Retrospection, *n.* ଅତୀତ ବିଷୟରେ ଦୃଷ୍ଟି ।
Retrospective, *a.* 1. ଅତୀତକାଳସମ୍ବନ୍ଧୀୟ; 2. ଅତୀତଦର୍ଶୀ ।
Retrospectively, *ad.* ଅତୀତଦର୍ଶିରୂପେ ।
Return, *v.i.* 1. ଫେରିଆସିବା; 2. ବାହୁଡିଯିବା; 3. ପ୍ରତ୍ୟୁତ୍ତର-ଦେ; 4. ପଶ୍ଚାଦ୍ଗମନ-କ; 5. ପ୍ରତ୍ୟାବର୍ତ୍ତିତ-ହେ ।—*v.t.* 1. ଫେରସ୍ତ-ଦେ; 2. ପ୍ରତ୍ୟର୍ପଣ-କ; 3. ପରିଶୋଧ-କ; 4. ପ୍ରତିନିଧି ପ୍ରେରଣ-କ ।—*n.* 1. ପ୍ରତ୍ୟାଗମନ; 2. ଆବର୍ତ୍ତନ; 3. ସାମୟିକ ନୂତନକରଣ; 4. ପୁନରାଗମନ; 5. ପ୍ରତିଦାନ; 6. ପରିଶୋଧକରଣ; 7. ବ୍ୟବସାୟରେ ଲାଭ; 8. ପ୍ରତ୍ୟୁତ୍ତର; 9. କର୍ମସ୍ଥଳର ବିବରଣ ।—*a.* ଫେରନ୍ତା ।

Returnable, *a.* 1. ପ୍ରତ୍ୟର୍ପଣୀୟ; 2. ପ୍ରତିପ୍ରେରଣୀୟ ।
Reunion, *n.* 1. ପୁନର୍ମିଳନ; 2. ସାମାଜିକ ସମାଗମ ।
Reunite, *v.t.* ପୁନଃ ସଂଯୋଗ-କ ।—*v.i.* ପୁନର୍ମିଳିତ-ହେ ।
Rev. An abridgment of Reverend.
Reveal, *v.t.* 1. ଅନାଚ୍ଛାଦନ-କ; 2. ପ୍ରକାଶ-କ; 3. ପ୍ରତ୍ୟାଦେଶ-ଦେ ।—Revealed religion, ଈଶ୍ୱରଦତ୍ତ ଧର୍ମ । [ବାଦନ ।
Reveille, *n.* ପ୍ରତ୍ୟୁଷରେ ସୈନ୍ୟଗଣଙ୍କ ଜାଗରଣାର୍ଥ ଭେରୀ-
Revel, *v.i.* 1. କୋଳାହଳରେ ଭୋଜନପାନ-କ; 2. ପାନୋତ୍ସବ-କ ।—*n.* 1. କୋଳାହଳପୂର୍ଣ୍ଣ ଭୋଜ; 2. ପାନୋତ୍ସବ; 3. ନାଟ ।
Revelation, *n.* 1. ପ୍ରକାଶକରଣ; 2. ପ୍ରତ୍ୟାଦେଶ; 3. ଈଶ୍ୱରଦେଶଦ୍ୱାରା ଦତ୍ତଶାସ୍ତ୍ର; 4. ନୂତନନିୟମର ଶେଷ ଗ୍ରନ୍ଥ ଅର୍ଥାତ୍ ପ୍ରକାଶିତ ଭବିଷ୍ୟଦ୍ବାକ୍ୟ । [ରସ ।
Revelry, *n.* 1. କୋଳାହଳପୂର୍ଣ୍ଣ ଭୋଜନପାନ; 2. ରଙ୍ଗ-
Revenge, *v.t.* 1. ପ୍ରତିହିଂସା-କ; 2. ପରିଶୋଧ-ନେ ।—*v.i.* ପ୍ରତିଫଳ-ଦେ ।—*n.* 1. ପ୍ରତିଫଳଦାନ; 2. ପ୍ରତିହିଂସା; 3. ବୈରସାଧନ ପ୍ରବୃତ୍ତି ।—To give one his revenge—ହାରିତ ଲୋକକୁ ପୁଣି ଖେଳିବା ପାଇଁ ଅବକାଶ-ଦେ ।
Revengeful, *a.* ପ୍ରତିହିଂସାପରାୟଣ ।
Revengefully, *ad.* ପ୍ରତିହିଂସାପରାୟଣରୂପେ ।
Revenue, *n.* 1. ଖଜଣା; 2. କର; 3. ଆୟ, ଧନାଗମ; 4. ରାଜସ୍ୱ । [—*v.i.* ପ୍ରତିଧ୍ୱନିତ-ହେ ।
Reverberate, *v.t.* 1. ପ୍ରତିଘାତ-କ; 2. ପ୍ରତିକ୍ଷେପ-କ ।
Reverberation, *n.* ପ୍ରତିଶବ୍ଦକରଣ ।
Reverberative, Reverberatory, *a.* 1. ପ୍ରତିଶବ୍ଦକାରୀ; 2. ପ୍ରତିକ୍ଷେପକାରୀ ।
Revere, *v.t.* 1. ସମ୍ମାନ-କ; 2. ଶ୍ରଦ୍ଧା-କ ।
Reverence, *n.* 1. ଭକ୍ତି; 2. ସମ୍ମାନ; 3. ଶ୍ରଦ୍ଧା; 4. ମର୍ଯ୍ୟାଦା; 5. ଆଦରପ୍ରକାଶ; 6. ପ୍ରଣାମ; 7. ରୋମୀୟ ଧର୍ମୋପଦେଶକଙ୍କ ଉପାଧି ।—*v.t.* 1. ଭକ୍ତି-କ; 2. ସମ୍ମାନ-କ ।
Reverend, *a.* 1. ମାନ୍ୟାସ୍ପଦ; 2. ଆଦରଣୀୟ; 3. ଧର୍ମୋପଦେଶକଙ୍କ ଉପାଧିପ୍ରାପ୍ତ, ପାଦ୍ରୀ ।
Reverent, *a.* 1. ଭକ୍ତିମାନ୍; 2. ବିନୀତ; 3, ନମ୍ର ।
Reverently, *ad.* ଭକ୍ତିମାନ୍‌ଭାବେ । [ବିନୀତ ।
Reverential, *a.* 1. ଭକ୍ତିପ୍ରଦ; 2. ସମ୍ମାନସୂଚକ; 3.
Reverentially, *ad.* ସମ୍ମାନସୂଚକଭାବେ ।
Reverie, *n.* 1, ବିଶୃଙ୍ଖଳ ଚିନ୍ତା; 2. ଅସଦ୍ଭାବନା; 3. ଧ୍ୟାନଯୋଗ । [ଖଣ୍ଡନ ।
Reversal, *n.* 1. ଓଲଟପାଲଟ; 2. ପରିବର୍ତ୍ତନ; 3.
Reverse, *v.t.* 1. ବିପରୀତ-କ; 2. ସମ୍ପୂର୍ଣ୍ଣରୂପେ ପରିବର୍ତ୍ତିତ-କ; 3. ଓଲଟପାଲଟ-କ; 4. ବିପର୍ଯ୍ୟସ୍ତ-କ; 5. ଅନ୍ୟଥା-କ; 6. ରହିତ-କ ।—*n.* 1. ପରିବର୍ତ୍ତିତ ବିଷୟ; 2. ବିପରୀତ ଦିଗ; 3. ମୁଦ୍ରାର ପୃଷ୍ଠଦେଶ; 4. ପରିବର୍ତ୍ତନ; 5. ବିପଦ ।—*a.* 1. ବିପରୀତ; 2. ବିପର୍ଯ୍ୟସ୍ତ; 3. ଓଲଟା ।
Reversi, *n.* ୬୪ଟି ଗୋଟି ଓଲଟା କରିବା ଖେଳ ବିଶେଷ ।
Reversible, *a.* ବିପର୍ଯ୍ୟସନୀୟ ।
Reversion, *n.* 1. ପ୍ରତ୍ୟାବର୍ତ୍ତନ; 2. ପ୍ରତ୍ୟାବର୍ତ୍ତିତ ବିଷୟ; 3. ଭାବୀ ସ୍ୱତ୍ୱ; 4. ପାରମ୍ପର୍ଯ୍ୟାଧିକାର ।
Reversionary, *a.* 1. ଭାବୀ ସ୍ୱତ୍ୱ ସମ୍ବନ୍ଧୀୟ; 2. ପାରମ୍ପର୍ଯ୍ୟାଧିକାର ବିଶିଷ୍ଟ ।
Revert, *v.t.* 1. ପ୍ରତ୍ୟାବର୍ତ୍ତନ-କ; 2. ପରିବର୍ତ୍ତିତ-କ ।—*v.i.* 1. ପ୍ରତ୍ୟାବର୍ତ୍ତିତ-ହେ; 2. ଓଲଟିଯିବା; 3. ପୂର୍ବାଧିକାରୀ ନିକଟକୁ ପ୍ରତ୍ୟାଗତ-ହେ ।
Reverted, *a.* 1. ପ୍ରତ୍ୟାବୃତ୍ତ; 2. ବିପର୍ଯ୍ୟସ୍ତ ।
Revertible, *a.* ପ୍ରତ୍ୟାବର୍ତ୍ତନୀୟ ।
Revery, *n.* Same as Reverie.
Review, *v.t.* 1. ପୁନର୍ଦୃଷ୍ଟି-କ; 2. ପୁନରାଲୋଚନା-କ; 3. ସମାଲୋଚନା-କ; 4. ପରିଦର୍ଶନ-କ, ପର୍ଯ୍ୟବେକ୍ଷଣ-କ ।—*n.* 1. ପୁନର୍ଦୃଷ୍ଟି; 2. ପୁନରାଲୋଚନା; 3. ସମାଲୋଚନା; 4. ସମାଲୋଚନାପତ୍ରିକା; 5. ସୈନ୍ୟ ବା ଜାହାଜର ପର୍ଯ୍ୟବେକ୍ଷଣ ।
Reviewal, *n.* ସମାଲୋଚନା । [କାରେ ଲେଖକ ।
Reviewer, *n.* 1. ପରିଦର୍ଶକ; 2. ସମାଲୋଚନାପତ୍ରି-
Revile, *v.t.* 1. ନିନ୍ଦା-କ; 2. ଅପଯଶ-କ, ଗ୍ଳାନି-କ ।
Reviler, *v.* ନିନ୍ଦକ ।
Revindicate, *v.t.* ପୁନର୍ନିର୍ଦ୍ଦୋଷ-କ । [ସଂଶୋଧନ ।
Revisal, Revision, *n.* 1. ପୁନଃ ପରୀକ୍ଷା; 2.
Revise, *v.t.* ପୁନଃ ପରୀକ୍ଷା କରି ସଂଶୋଧନ-କ ।—*n.* 1. ପୁନରାଲୋଚନା; 2. ଦ୍ୱିତୀୟବାର ଅବଲୋକନାର୍ଥ ସଂଶୋଧିତ ମୁଦ୍ରିତ ପତ୍ର ।
Reviser, Revisor, *n.* ପୁନରାଲୋଚକ ।
Revisit, *v.t.* ପୁନଃ ସାକ୍ଷାତ୍-କ ।
Revitalise, *v.t.* ପୁନଃ ସଜୀବ-କ । [ଦୀପନ ।
Revival, *n.* 1. ସଚେତନ; 2. ପୁନରୁଦୟ; 3. ଧର୍ମୋ-
Revive, *v.i.* 1. ସଜୀବ-ହେ; 2. ପୁନର୍ବାର ବଳିଷ୍ଠ-ହେ; 3. ପୁନର୍ଯଶସ୍ୱୀ-ହେ; 4. ପୁନଃ ସଚେତ-ହେ; 5. ପୁନଃ ପ୍ରଚଳିତ-ହେ; 6. ପୁନଃ ସ୍ମରଣ-କ ।—*v.t.* 1. ସଜୀବ-କ; 2. ପୁନରୁଦିତ-କ; 3. ପୁନଃ ପ୍ରସିଦ୍ଧ-କ ।
Revivification, *n.* (Chem.) ମିଶ୍ରିତ ଧାତୁକୁ ସ୍ୱାଭାବିକ ଅବସ୍ଥାରେ ପରିଣତକରଣ । [ଉତ୍ତେଜିତ-କ ।
Revivify, *v.t.* 1. ସଚେଷ୍ଟ କରାଇବା; 2. ସଜୀବ-କ; 3.
Revocable, *a.* 1. ରହିତକରଣୀୟ; 2. ଅନ୍ୟଥା-ଯୋଗ୍ୟ । [3. ବିପରୀତକରଣ ।
Revocation, *n.* 1. ରହିତକରଣ; 2. ରଦ୍‌କର;
Revoke, *v.t.* 1. ରଦ୍-କ; 2. ଅନ୍ୟଥା-କ; 3. ବିପରୀତ-କ; 4. ତାସଖେଳ ଅନୁକରଣ କରିବାରେ ହେଳା-କ ।—*n.* ତାସଖେଳ ଅନୁକରଣରେ ହେଳା ।
Revolt, *v.i.* 1. ବିଦ୍ରୋହୀ-ହେ; 2. ବିଗ୍ ଯାଇବା; 3. ବିରକ୍ତ-ହେ ।—*v.t.* 1. ରାଜଦ୍ରୋହ ଘଟାଇବା; 2. ବିରକ୍ତି ଜନ୍ମାଇବା ।—*n.* 1. ବିଦ୍ରୋହ; 2. ରାଜଦ୍ରୋହ; 3. ପରିତ୍ୟାଗକରଣ; 4. ପକ୍ଷାନ୍ତରକରଣ ।

Revolting, *a.* 1. ଘୃଣାଜନକ; 2. ବିରକ୍ତିକର ।

Revolution, *n.* 1. ଆବର୍ତ୍ତନ; 2. ପରିଭ୍ରମଣ; 3. ଚକ୍ରପଥ; 4. ରାଷ୍ଟ୍ରବିପ୍ଳବ; 5. ବିଦ୍ରୋହ; 6. ପରିଣାମ ।

Revolutionary, *a.* 1. ରାଷ୍ଟ୍ରବିପ୍ଳବ ସମ୍ବନ୍ଧୀୟ; 2. ରାଷ୍ଟ୍ରବିପ୍ଳବଜନକ ।—*n.* ରାଷ୍ଟ୍ରବିପ୍ଳବକାରୀ ଲୋକ ।

Revolutionise, *v.t.* 1. ସମ୍ପୂର୍ଣ୍ଣ ପରିବର୍ତ୍ତିତ-କର; 2. ବିପ୍ଳାବିତ-କର ।

Revolutionist, *n.* 1. ରାଷ୍ଟ୍ରବିପ୍ଳବକାରୀ ଲୋକ; 2. ରାଷ୍ଟ୍ରବିପ୍ଳବର ପୃଷ୍ଠପୋଷକ ।

Revolve, *v.t.* and *i.* 1. ପରିଘୂରିବା; 2. ଚକ୍ରପଥ -ହ; 3. କେନ୍ଦ୍ରର ଚତୁର୍ଦ୍ଦିଗରେ ପରିଭ୍ରମଣ-କର; 4. ପୁନଃ ପୁନଃ ଚିନ୍ତା-କର ।

Revolver, *n.* ଯୋଟିଏ ପ୍ରକୋଷ୍ଠ ଉପରେ କେତେ କୋଠା ଥିବା ଏକପ୍ରକାର ଷାଡ଼ ବନ୍ଧୁକ ।

Revulsion, *n.* 1. ବିତୃଷ୍ଣା; 2. ଶରୀରର ଏକ ଅଂଶରୁ ଅନ୍ୟ ଅଂଶକୁ ରୋଗର ସଂକ୍ରମ ।

Reward, *n.* 1. ପ୍ରତିଫଳ; 2. ପ୍ରତିଦାନ; 3. ପୁରସ୍କାର, ପାରିତୋଷିକ; 4. କର୍ମଫଳ; 5. ମୂଲ ।—*v.t.* 1. ପ୍ରତିଫଳ-ଦେ; 2. ପ୍ରତିଦାନ-କର; 3. କ୍ଷତିପୂରଣ-କର; 4. ଶାସ୍ତି-ଦେ; 5. ପୁରସ୍କାର-ଦେ ।

Rewardable, *a.* ପୁରସ୍କାରଯୋଗ୍ୟ ।

Reynard, *n.* କୋକଶିଆଳି, ଭଲ୍ଲୁକୀ ।

Rhapsodic, Rhapsodical, *a.* 1. ଅସଂଲଗ୍ନ ରଚନା ସମ୍ବନ୍ଧୀୟ; 2. ଅତିରିକ୍ତ ଭାବନାକାରୀ ।

Rhapsodically, *ad.* ଅତିରିକ୍ତ ଭାବନାକାରୀରୂପେ ।

Rhapsodise, *v.t.* and *i.* 1. ଅସଂଲଗ୍ନ ରଚନା-କର; 2. ଅତ୍ୟୁକ୍ତି ବର୍ଣ୍ଣନା-କର ।

Rhapsodist, *n.* ଅସଂଲଗ୍ନ ରଚନାର ଗାୟକ ।

Rhapsody, *n.* 1. ଅସଂଲଗ୍ନ ରଚନା; 2. ଏକାଥରେ ଗାଇବାପାଇଁ ମହାକାବ୍ୟର ଗୋଟିଏ ଅଂଶ ।

Rhenish, *a.* ରାଇନ୍ ନଦୀ ସମ୍ବନ୍ଧୀୟ ।

Rhetoric, *n.* 1. ଅଳଙ୍କାରଶାସ୍ତ୍ର; 2. ବାଗ୍ମିତା; 3. ବାଗାଡ଼ମ୍ବର ।

Rhetorical, *a.* 1. ଅଳଙ୍କାରଶାସ୍ତ୍ର ବିଷୟକ; 2. ବାଗ୍ମିତା ସମ୍ବନ୍ଧୀୟ ।

Rhetorically, *ad.* ଅଳଙ୍କାରବିଷୟେ ।

Rhetorician, *a.* 1. ଅଳଙ୍କାରଶାସ୍ତ୍ରର ଅଧ୍ୟାପକ; 2. ବାଗ୍ମୀ, ସୁବକ୍ତା ।

Rheum, *n.* ଶ୍ଳେଷ୍ମା ।

Rheumatic, Rheumatical, *a.* 1. ବାତ ସମ୍ବନ୍ଧୀୟ; 2. ବାତରୋଗାକ୍ରାନ୍ତ ।

**Rheumatism, *n.* 1. ବାତରୋଗ; 2. ଅସ୍ଥିସନ୍ଧିବାତ ।**

**Rheumy, *a.* 1. ଶ୍ଳେଷ୍ମାପୂର୍ଣ୍ଣ; 2. ଶ୍ଳେଷ୍ମାଜନକ ।**

**Rhino, *n.* (Slang) ଟଙ୍କା ପଇସା ।**

**Rhinoceros, *n.* ଗଣ୍ଡା ।**

**Rhododendron, *n.* ଗୋଲାପ ପରି ବଡ ପୁଷ୍ପବତ ଚିର-ହରିତ ବୃକ୍ଷ ବିଶେଷ ।**

Rhomb, Rhombus, *n.* ଅସମକୋଣ ସମଚତୁର୍ଭୁଜ କ୍ଷେତ୍ର । [କାର ।

Rhombic, *a.* ଅସମକୋଣ ସମଚତୁର୍ଭୁଜକ୍ଷେତ୍ରା-

Rhomboid, *n.* ବିପରୀତ ସମବାହୁ ଓ ସମକୋଣ ବର୍ଜିତ ଚତୁର୍ଭୁଜ କ୍ଷେତ୍ର ।

Rhomboidal, *a.* ବିପରୀତ ସମବାହୁ ଓ ସମକୋଣ ବର୍ଜିତ ଚତୁର୍ଭୁଜ କ୍ଷେତ୍ରାକାର ।

Rhubarb, *n.* 1. ରେଉଚିନି; 2. ରେଉଚିନିମୂଳରୁ ପ୍ରସ୍ତୁତ ବିରେଚକ ଔଷଧ ।

Rhumb, *n.* *rumb or rum*, 1. ପ୍ରଧାନ ଦ୍ରାଘିମା; 2. ଏହ ଦ୍ରାଘିମାର ସହିତ କୌଣସି କୋଣ ।

Rhumbline, *n.* ସମସ୍ତ ଦ୍ରାଘିମାକୁ ଏକ କୋଣରେ ଛେଦନ କରୁଥିବା ରେଖା ।

Rhyme, *n.* 1. ମିତାକ୍ଷର କବିତା; 2. ପଦ୍ୟ ।—*v.t.* and *i.* 1. ମିତାକ୍ଷର-ଦେ; 2. ପଦ୍ୟ ରଚନା-କର ।—Neither rhyme nor reason, ଛନ୍ଦବନ୍ଧ ଓ ଯୁକ୍ତିଶୂନ୍ୟ, ଅକାରଣ । [ପ୍ରାସ ।

Rhythm, *n.* 1. ଛନ୍ଦ; 2. ତାଳ ଓ ଲୟ; 3. ଅନୁ-

Rhythmic, Rhythmical, *a.* ଛନ୍ଦସମ୍ବନ୍ଧୀୟ ।

Rib, *n.* 1. ପଞ୍ଜରା, ପଞ୍ଜର; 2. ପାର୍ଶ୍ୱାସ୍ଥି; 3. ପତ୍ରର ଶିରା; 4. ଜାହାଜର ପାର୍ଶ୍ୱସ୍ଥ କାଠ; 5. ଛତାର ଶିଙ୍ଗ; 6. ଦଣ୍ଡା ।—*v.t.* 1. ପଞ୍ଜରଯୁକ୍ତ-କର; 2. ଦଣ୍ଡାଯୁକ୍ତ-କର ।

Ribald, *a.* 1. ଶଠ; 2. ଅଶୁଚି; 3. ଅଶ୍ଳୀଳ ।

Ribaldry, *n.* 1. ଅଶୁଚିକଥା; 2. ଅଶ୍ଳୀଳ କାର୍ଯ୍ୟ ।

Riband, Same as Ribbon.

Ribbed, *a.* 1. ପଞ୍ଜରବିଶିଷ୍ଟ; 2. ଦଣ୍ଡାଯୁକ୍ତ ।

Ribbing, *n.* ପଞ୍ଜର ବିନ୍ୟାସ ।

Ribbon, *n.* 1. ରେଶମଫିତା; 2. ଅଣଓସାରିଆ କାନିଆ ।—(Pl.) ଲଗାମ, ରାଶ ।—*v.t.* ରେଶମ ଫିତାଦ୍ୱାରା ସଜ୍ଜିତ-କର ।—The blue ribbon, ଜଣା-ଜଣାଶୁଣାଙ୍କ ଗାର ଫିତା ।

Rice, *n.* 1. ଧାନ; 2. ଚାଉଳ; 3. ଭାତ ।

Rice-bird, *n.* ବଗ ।

Rice-flour, *n.* ଚାଉଳଅଟା । [କାଗଜବିଶେଷ ।

Rice-paper, *n.* ପାତ୍ରଲେଖାର୍ଥୀୟ ଅଟାରଗର ଚିକ୍କଣ

Rice-water *n.* ପେଜ ।

Rich, *a.* 1. ଧନଶାଳୀ; 2. ଧନବାନ୍; 3. ବହୁମୂଲ୍ୟ; 4. ପ୍ରଚୁର; 5. ଉର୍ବର; 6. ପୁଷ୍ଟିକର; 7. ବହୁସ୍ୱାଦକ; 8. ଐଶ୍ୱର୍ଯ୍ୟଶାଳୀ; 9. ସୁମଧୁର ।

Riches, *n.* (Pl.) 1. ଧନ; 2. ସମ୍ପଦ; 3. ପ୍ରାଚୁର୍ଯ୍ୟ, ପ୍ରଚୁରତା; 4. ରତ୍ନ । [ବହୁଳରୂପେ ।

Richly, *ad.* ଧନବାନରୂପେ; 2. ଯଥେଷ୍ଟରୂପେ; 3.

Richness, *n.* ଐଶ୍ୱର୍ଯ୍ୟ; 2. ପ୍ରଚୁରତା; 3. ଉର୍ବରତା; 4. ମୂଲ୍ୟ; 5. ବହୁମୂଲ୍ୟତା ।

Rick, *n.* ଘାସ ପ୍ରଭୃତିର ଗଦା ।

Rickets, *n.* (Sing.) ଶିଶୁମାନଙ୍କର ଅସ୍ଥି ବକ୍ରତା-କାରକ ଏକପ୍ରକାର ରୋଗ ।

Ricketiness, *n.* ଦୁର୍ବଳାବସ୍ଥା ।

**Rickety**, *a.* 1. ଅସ୍ଥିବକ୍ରତାରୂପ ରୋଗାକ୍ରାନ୍ତ; 2. ଦୁର୍ବଳ; 3. ଦଦର ।
**Ricochet**, *v.i.* ପୁନଃ୨ ଭୂମି ସ୍ପର୍ଶ କରି ଉଠିବା ।
**Rid**, *v.t.* 1. ମୁକ୍ତ କରାଇବା; 2. ନିସ୍ତାର-କ; 3. ଛଡ଼ -କ; 4. ଖଲାସ-କ; 5. ଛଡ଼ାଇବା; 6. ମାରିପକାଇବା ।
**Ridable**, *a.* ଆରୋହଣୀୟ ।
**Riddance**, *n.* 1. ଖଲାସ; 2. ନିସ୍ତାର; 3. ଅର୍ଦ୍ଧ କରିବା ଜଞ୍ଜାଳରୁ ମାଟିପଦ ।—A good riddance, ସଫଳ ଖଲାସ ।
**Riddle**, (1) *n.* 1. କୂଟପ୍ରଶ୍ନ; 2. ପ୍ରହେଳିକା ।—*v.i.* କୂଟପ୍ରଶ୍ନ-କ । [ଚଳାଇବା ।
**Riddle**, (2) *n.* ବଡ଼ ଚାଲୁଣି ।—*v.t.* ଚାଲୁଣିରେ
**Riddlings**, *n. pl.* ଚାଲୁଣିରେ ରହୁଥିବା ଅଛଣା ଜିନିଷ ।
**Ride**, *v.i.* 1. ଗାଡ଼ିରେ ଯିବା; 2. ଘୋଡ଼ା ଚଢ଼ିବା, ଅଶ୍ୱାରୋହଣ-କ; 3. ଭାସିବା ।—*v.t.* ଚଳାଇବା, ଚାଳନ-କ ।—*n.* 1. ଅଶ୍ୱାରୋହଣ; 2. ଅଶ୍ୱାରୋହଣରେ ଗମନ; 3. ଗାଡ଼ିରେ ପରିଭ୍ରମଣ; 4. ଅଶ୍ୱଚାଳନାର ପଥ ।—To ride rough shod, ଅନ୍ୟମାନଙ୍କ ଫଳାଫଳ ପ୍ରତି ଲକ୍ଷ୍ୟ ନ କରି କାର୍ଯ୍ୟ କରିବା ।
**Rider** *n.* 1. ଘୋଡ଼ସବାର; 2. ଅଶ୍ୱାରୋହୀ; 3. ଅଶ୍ୱଚାଳକ; 4. କ୍ରୋଡ଼ପତ୍ର ।
**Riderless**, *a.* ଚାଳକଶୂନ୍ୟ ।
**Ridge**, *n.* 1. ପୃଷ୍ଠର ଉର୍ଦ୍ଧ୍ୱଦେଶ; 2. ପର୍ବତଶ୍ରେଣୀ; 3. ଦବାଣ; 4. ଲଙ୍ଗଳଗାର, ଲଙ୍ଗଳପଦ୍ଧତି; 5. ମଥାନ ।—*v.t.* 1. ଦଣ୍ଡାକୃତ-କ; 2. ଆକୁଞ୍ଚିତ-କ ।
**Ridge-pole**, *n.* ଛାତର ପେଣା ।
**Ridgy**, *a.* 1. ଦଣ୍ଡାୟୁକ୍ତ; 2. ଲଙ୍ଗଳ ପଦ୍ଧତି ବିଶିଷ୍ଟ ।
**Ridicule**, *n.* 1. ଥଟ୍ଟା; 2. ପରିହାସ; 3. ବିଦ୍ରୂପ ।—*v.t.* 1. ଥଟ୍ଟା-କ; 2. ବିଦ୍ରୂପ-କ; 3. ପରିହାସ-କ ।
**Ridiculous**, *a.* 1. ପରିହାସଯୋଗ୍ୟ; 2. ହାସ୍ୟାସ୍ପଦ; 3. ଅନର୍ଥକ । [ଭାବେ ।
**Ridiculously**, *ad.* 1. ହାସ୍ୟାସ୍ପଦରୂପେ; 2. ଅନର୍ଥକ-
**Riding**, (1) *a.* 1. ଅଶ୍ୱାରୋହଣୋପଯୁକ୍ତ; 2. ଆରୋହଣୀୟ ।—*n.* 1. ଅଶ୍ୱାରୋହଣ କରିବାର ବିଦ୍ୟା; 2. କର ଅଦାୟକାରୀଙ୍କ ପରିଦୃଷ୍ଟ ଅଞ୍ଚଳ ।
**Riding**, (2) *n.* ୟର୍କ ନାମକ ପ୍ରଦେଶର ତିନି ବିଭାଗ ।
**Rife**, *a.* 1. ପ୍ରବଳ; 2. ପ୍ରଚୁର; 3. ଚଳଣୀୟ; 4. ପ୍ରତ୍ୟକ୍ଷ ।
**Rifeness**, *n.* ପ୍ରବଳତା । [ଇତର ଲୋକ ।
**Riff-raff**, *n.* 1. ଆବର୍ଜନା; 2. ଲୋକଗହଳ; 3.
**Rifle**, (1) *v.t.* 1. ହରଣ-କ; 2. ଲୁଟ୍-କ ।
**Rifle**, (2) *v.t.* ଦାନ-କ, ଘାଣ-ବେ ।
**Rifle**, (3) *v.t.* ବନ୍ଧୁକ ନଳୀରେ ବଙ୍କ ଗାର କାଟିବା ।—*n.* ନଳୀରେ ବଙ୍କ ଗାରଥିବା ବନ୍ଧୁକ ।
**Rifleman**, *n.* ଉକ୍ତ ବନ୍ଧୁକଧାରୀ ସୈନିକ ।
**Rift**, *n.* 1. ଛିଦ୍ର; 2. ଫାଟ ।—*v.t.* 1. ଭେଦ-କ; 2. ଫାଡ଼ିବା ।—*v.i.* 1. ଫାଟିଯିବା; 2. ବିଦୀର୍ଣ୍ଣ-ହେ ।

Rig, *v.t.* 1. ପୋଷାକ ପିନ୍ଧିବା; 2. ପରିଧାନ-କ; 3. ସଜ୍ଜିତ-କ ।—*n.* 1. ଜାହାଜର ପାଲ ଓ ରଜ୍ଜୁ; 2. ଘୋଡ଼ାଗାଡ଼ି ସାଜ; 3. (Coll.) ଲୁଗାପଟା ।—To rig out, ପୋଷାକାଦି ଯୋଗାଇବା ।—To rig the market, ଦର ଚଢ଼ାଇବା ।
Rigging, *n.* 1. ଜାହାଜର ପାଲ ଓ ରଜ୍ଜୁ; 2. ଛଳ ।
Right, *a.* 1. ସଳଖ; 2. ଠିକ୍; 3. ସିଧା; 4. ଯଥାର୍ଥ; 5. ନ୍ୟାଯ୍ୟ; 6. ସତ୍ୟ; 7. ଉପଯୁକ୍ତ; 8. ସୁବିଧାଜନକ; 9. କୌଶଳୀ; 10. ଦକ୍ଷିଣ, ଡାହାଣ; 11. ପ୍ରକୃତ; 12. ସୁସ୍ଥ ।—*ad.* 1. ସଳଖରେ; 2. ଯଥାର୍ଥରୂପେ; 3. ସତ୍ୟାନୁସାରେ; 4. ଠିକ୍‌ରୂପେ; 5. ଅତ୍ୟନ୍ତ ।—*n.* 1. ଯାଥାର୍ଥ୍ୟ; 2. ସତ୍ୟ; 3. ନ୍ୟାୟ; 4. ଧର୍ମ; 5. ଉପଯୁକ୍ତତା; 6. ହକ୍‌ଦାବି; 7. କ୍ଷମତା; 8. ସ୍ୱତ୍ୱ; 9. ଦକ୍ଷିଣ ଦିଗ ।—*v.t.* 1. ଠିକ୍-କ; 2. ଅନ୍ୟାୟ ଦୂର-କ; 3. ସଳଖରେ ଠିଆ-କ ।—*v.i.* ସଳଖରେ ଠିଆ-ହେ ।—By right or rights, ଯଥାର୍ଥରୂପେ ।
Right-angle, *n.* ସମକୋଣ ।
Right-angled, *a.* ସମକୋଣୀ ।
Righteous, *a.* 1. ନ୍ୟାୟବାନ୍; 2. ନିର୍ଦ୍ଦୋଷ; 3. ଧାର୍ମିକ; 4. ଉପଯୋଗୀ ।
Righteously, *ad.* 1. ନ୍ୟାୟଭାବେ; 2. ଧାର୍ମିକରୂପେ ।
Righteousness, *n.* 1. ନ୍ୟାୟାଚାର; 2. ଯାଥାର୍ଥ୍ୟ; 3. ପବିତ୍ରତା; 4. ଧାର୍ମିକତା ।
Rightful, *a.* 1. ହକ୍‌ଦାବିଦାର; 2. ନ୍ୟାୟସଙ୍ଗତ; 3. ଉପଯୁକ୍ତ । [ଯୁକ୍ତମତେ ।
Rightfully, *ad.* 1. ନ୍ୟାୟସଙ୍ଗତରୂପେ; 2. ଉପ-
Rightfulness, *n.* ନ୍ୟାୟସଙ୍ଗତତା ।
Rigid, *a.* 1. ଶକ୍ତ; 2. କଠିନ; 3. କଠୋର 4. ଗାଢ଼ ।
Rigidity, *n.* 1. ଶକ୍ତତା; 2. ଦୃଢ଼ତା ।
Rigidly, *ad.* 1. ଶକ୍ତରୂପେ; 2. କଠିନଭାବେ ।
Rigidness, *n.* କଠିନତା ।
Rigmarole, *n.* 1. ଅନର୍ଥକ ଗଳ୍ପ; 2. ପ୍ରଳାପ ।
Rigor, *n.* (Med.) ରୋଗସୂଚକ ଶୈତ୍ୟଜନିତ କମ୍ପ ।
Rigorous, *a.* 1. କଠୋର; 2. କଠିନ; 3. ଅତିଶୟିତ 4. ଦାରୁଣ; 5. କର୍କଶ ।
Rigorously, *ad.* କଠୋରଭାବେ ।
Rigorousness, *n.* କଠୋରତା । [କଠୋରତ ।
Rigour, *n.* 1. କାଠିନ୍ୟ; 2. ଉଗ୍ରତା; 3. ଜଳବାୟୁର
Rill, *n.* 1. ସ୍ରୋତସ୍ୱତୀ; 2. କ୍ଷୁଦ୍ର ନଦୀ ।—*v.i.* ସ୍ରୋତସ୍ୱତୀପରି ପ୍ରବାହିତ-ହେ ।
Rim, *n.* 1. ଉଚ୍ଚଧାର; 2. କଡ଼; 3. ପ୍ରାନ୍ତଭାଗ, ଘେର; 4. ଚକର ନେମୀ ।—*v.t.* ଘେର-କ ।
Rime, (1) *n.* ନୀହାର, ହିମାନୀ ।
Rime, (2) *n.* ଫାଟ, ଛିଦ୍ର ।
Rimy, *a.* ନୀହାରମୟ ।
Rind, *n.* 1. ବକଳ; 2. ଛାଲ ।—*v.t.* ବକଳ କାଢ଼ିବା ।

**Rinderpest**, *n.* ଗୋରୁର ଏକ ସାଂଘାତିକ ସଂକ୍ରାମକ ରୋଗ ।

**Ring**, (1) *n.* 1. ବୃତ୍ତ; 2. ମୁଦି, ମୁଦ୍ରିକା, ଅଙ୍ଗୁରୀୟ; 3. ରଙ୍ଗଭୂମି; 4. ସ୍ୱତ୍ୱ ରଖାଇବାନିମନ୍ତେ ଗୁପ୍ତ ମନ୍ତ୍ରଣାକାରୀ ବ୍ୟାପାରିଦଳ; 5. ବୃତ୍ତାକାରେ ସମବେତ ଜନମଣ୍ଡଳୀ ।—*v.t.* 1. ବେଷ୍ଟନ-କ; 2. ମୁଦି ଲଗାଇବା, ଅଙ୍ଗୁରୀୟ ଦ୍ୱାରା ସଜ୍ଜିତ-କ ।

**Ring**, (2) *v.i.* 1. ଘଣ୍ଟାପରି ଶବ୍ଦାୟମାନ-ହେ; 2. ଠଣ୍-ହେ; 3. ଘଣ୍ଟା ବାଜିବା; 4. ପୁନଃ ଶବ୍ଦ-ହେ ।—*v.t.* 1. ଘଣ୍ଟା ନିନାଦିତ-କ; 2. ଶବ୍ଦ-କ ।—To ring the changes, 1. ଭିନ୍ନ ଅନୁକ୍ରମରେ ଘଣ୍ଟା-ସମୂହ ବଜାଇବା; 2. ଏକ କଥାକୁ ଭିନ୍ନ ପ୍ରଣାଳୀରେ କହିବା । [ରଙ୍ଗର ପରଯୁକ୍ତ କପୋତ ।

**Ringdove**, *n.* ଗଳଦେଶରେ ମୁଦ୍ରାକୃତି ଥିବା ଭିନ୍ନ

**Ringleader**, *n.* ଦଳପତି ।

**Ringlet**, *n.* 1. ଛୋଟମୁଦି; 2. ବାଳର ଗୋଟିଏ କୁଞ୍ଚ ।

**Ringworm**, *n.* ଦାଉ, ଦଦ୍ରୁ । [ପ୍ରସ୍ତୁତ କ୍ରୀଡ଼ାଭୂମି ।

**Rink**, *n.* "Roller-skate" ରେ ଚଢ଼ିବାପାଇଁ

**Rinse**, *v.t.* 1. ଜଳଦ୍ୱାରା ପରିଷ୍କାର-କ; 2. ଧୁଆ ଜିନିଷକୁ ସର୍ବଶେଷରେ ପରିଷ୍କାର ଜଳରେ ଧୋଇବା ।

**Riot**, *n.* 1. ଗୋଳମାଳ; 2. ଦଙ୍ଗା, କଳହ; 3. ଶାନ୍ତିଭଙ୍ଗ; 4. ଅତିରିକ୍ତ ପାନୋତ୍ସବ; 5. ବିଳାସ ।—*v.i.* 1. କଳହ-କ; 2. ଗୋଳମାଳ-କ; 3. ଅତିରିକ୍ତ ପାନୋତ୍ସବ-କ; 4. ଅତିରିକ୍ତ ଉତ୍ତପ୍ତ-ହେ ।

**Rioter**, *n.* 1. ଦଙ୍ଗାବାଜ ଲୋକ; 2. ଶାନ୍ତିଭଙ୍ଗକାରୀ ବ୍ୟକ୍ତି; 3. ଅତିରିକ୍ତ ପାନୋତ୍ସବକାରୀ ବ୍ୟକ୍ତି ।

**Rioting**, *n.* 1. ଗୋଳମାଳ; 2. ଅପରିମିତତା ।

**Riotous**, *a.* 1. ଗୋଳମାଳରେ ବ୍ୟାପୃତ; 2. ରାଜଦ୍ରୋହୀ; 3. କୋଳାହଳକାରୀ; 4. ବିଳାସୀ; 5. ଉଚ୍ଛୃଙ୍ଖଳ ।

**Rip**, *v.t.* 1. ଚିରିବା; 2. ଫାଡ଼ିବା; 3. କାଟି ଦୁଇଖଣ୍ଡ-କ; 4. ଫୁଟିଉଠିବା ।—*n.* 1. ଫାଟ; 2. ଛିଦ୍ର; 3. ବଦମାଶ ।

**Riparian**, *a.* ନଦୀତଟର ସମ୍ବନ୍ଧୀୟ ।

**Ripe**, *a.* 1. ପାଚିଲା; 2. ଅମଳ ଉପଯୋଗୀ; 3. ବ୍ୟବହାରୋପଯୋଗୀ; 4. ସିଦ୍ଧ; 5. ସମ୍ପୂର୍ଣ୍ଣ; 6. ପ୍ରସ୍ତୁତ ।

**Ripen**, *v.i.* 1. ପାଚିବା, ପକ୍ୱ-ହେ; 2. ସିଦ୍ଧତାରେ ପହଞ୍ଚିବା ।—*v.t.* 1. ପକ୍ୱ-କ; 2. ସିଦ୍ଧ-କ ।

**Ripple**, (1) *n.* ଜଳଉର୍ମି, କ୍ଷୁଦ୍ରତରଙ୍ଗ ।—*v.t.* ଉର୍ମିଳ-କ ।

**Ripple**, (2) *v.t.* ଲୁହା ପାନିଅଦ୍ୱାରା ଅଞ୍ଜୁଡ଼ ବାହାର-କ ।—*n.* ଅଞ୍ଜୁଡ଼ିବା ପାନିଅ ।

**Rippling**, *a.* କ୍ଷୁଦ୍ର ତରଙ୍ଗଯୁକ୍ତ ।

**Rise**, *v.i.* 1. ଉଠିବା; 2. ଠିଆ-ହେ; 3. ଆରୋହଣ-କ; 4. ଉପରକୁ ଉଠିବା; 5. ଫୁଲି ଉଠିବା; 6. ସଭାଭଙ୍ଗ-କ; 7. ଉଦୟ-ହେ; 8. ବଢ଼ିବା; 9. ବିଦ୍ରୋହୀ-ହେ; 10. ଯଶସ୍ୱୀ-ହେ; 11. ମନରେ ଉଠିବା; 12. ଉଠି ପ୍ରସ୍ଥାନ-କ; 13. କବରରୁ ଉଠିବା ।—*n.* 1. ଉତ୍ଥାନ; 2. ଆରୋହଣ; 3. ଉଚ୍ଚତାର ପରିମାଣ, 4. ଉଠାଣି; 5. ଉତ୍ପତ୍ତି; 6. ବୃଦ୍ଧି; 7. (Mus.) ସ୍ୱରର ଉଠାଣ ।—To rise to the occasion, ସୁଯୋଗାନୁଯାୟୀ ପ୍ରସ୍ତୁତ-ହେ ।—To take a rise out of, ହାସ୍ୟାସ୍ପଦ କରାଇବା ।

Rishi, *n.* ଋଷି ।

Risibility, *n.* ହାସ୍ୟୋଦ୍ଦୀପକତା । [ହର୍ଷଜନକ ।

Risible, *a.* 1. ହାସ୍ୟୋଦ୍ଦୀପକ; 2. ହାସ୍ୟଜନକ; 3.

Risibly, *ad.* ହାସ୍ୟୋଦ୍ଦୀପକରୂପେ ।

Rising, *n.* 1. ଉଦୟ; 2. ଉତ୍ଥାନକରଣ; 3. ବିଦ୍ରୋହ; 4. ଥରକପାଇଁ ପ୍ରସ୍ତୁତ ଦଳାମଇଦା; 5. ଅବୁ ।

Risk, *n.* 1. ବିପଦ; 2. କ୍ଷତିର ସମ୍ଭାବନା ।—*v.t.* 1. ବିପନ୍ନ-କ; 2. ପଣ-କ; 3. ଦାୟ-ନେ ।

Rissole, *n.* ରୋଟି ଗୁଣ୍ଡା ଓ ଅଣ୍ଡା ସଙ୍ଗରେ ଭଜା ହୋଇଥିବା ଟୁକୁଡ଼ା ମାଂସ ବା ମାଛ ।

Rite, *n.* ଧର୍ମକର୍ମ, ବ୍ରତ ।

Ritual, *a.* 1. ଧର୍ମକର୍ମ ଅନୁଗତ; 2. ଶାସ୍ତ୍ରସିଦ୍ଧ ।—*n.* 1. ଧର୍ମକର୍ମ ପଦ୍ଧତି; 2. ମଣ୍ଡଳୀରେ ବ୍ୟବହୃତ ଶାସ୍ତ୍ରୀୟ ଅନୁଷ୍ଠାନ ସକଳ । [ଧର୍ମାନୁଷ୍ଠାନ ସକଳ ।

Ritualism, *n.* 1. ଧର୍ମକର୍ମପଦ୍ଧତି ପାଳନ ମତ; 2.

Ritualist, *n.* 1. ଧର୍ମକର୍ମପଦ୍ଧତିଜ୍ଞ; 2. ଇଂଲଣ୍ଡୀୟ ମଣ୍ଡଳୀରେ ଧର୍ମାନୁଷ୍ଠାନ ଅନୁମୋଦନକାରୀ ଗୋଟିଏ ଦଳ ।

Ritualistic, *a.* ଧର୍ମକର୍ମପଦ୍ଧତିସମ୍ବନ୍ଧୀୟ ।

Rival, *n.* 1. ସମାଭିଳାଷୀ ବ୍ୟକ୍ତି; 2. ପ୍ରତିଦ୍ୱନ୍ଦ୍ୱୀ; 3. ପ୍ରତିଯୋଗୀ ।—*a.* 1. ବିପକ୍ଷ; 2. ପ୍ରତିଯୋଗିତାପୂର୍ଣ୍ଣ ।—*v.t.* 1. ପ୍ରତିଯୋଗିତା-କ; 2. ସମାଭିଳାଷ-କ; 3. ଅତିକ୍ରମ-କ । [ଈର୍ଷା ।

Rivalry, *n.* 1. ପ୍ରତିଦ୍ୱନ୍ଦ୍ୱିତା; 2. ପ୍ରତିଯୋଗିତା; 3.

Rive, *v.t.* 1. ବିଦୀର୍ଣ୍ଣ-କ; 2. ଚିରିବା ।—*v.i.* 1. ବିଦୀର୍ଣ୍ଣ-ହେ; 2. ଚିରିଯିବା ।

Riven, *p.a.* ବିଦୀର୍ଣ୍ଣ ।

River, *n.* ନଦୀ, ପ୍ରବାହିନୀ ।

River-craft, *n.* ନଦୀର ନୌକା ।

River-horse, *n.* ନଦୀଘୋଟକ, ଜଳହସ୍ତୀ । [ଲୋକ ।

River-man, *n.* ନଦୀକାନ୍ଥିରେ ଜୀବନନିର୍ବାହକାରୀ

River-side, *n.* ନଦୀକୂଳ ।

Rivet, *n.* ଅଗ ମୋଡ଼ାହୋଇଥିବା ପ୍ରେକ ।—*v.t.* 1. ଅଗ ମୋଡ଼ାହୋଇଥିବା ପ୍ରେକଦ୍ୱାରା ଆବଦ୍ଧ-କ; 2. ଦୃଢ଼-କ ।

Rivulet, *n.* 1. କ୍ଷୁଦ୍ରନଦୀ, ଉପନଦୀ; 2. କ୍ଷୁଦ୍ରପ୍ରବାହ ।

Roach, *n.* ଏକପ୍ରକାର ଚକ୍‌ଚକିଆ ମିଠା ମାଛ ।

**Road**, (1) *n.* 1. ସଡ଼କ; 2. ରାଜପଥ; 3. ମାର୍ଗ, ପଥ ।

**Road, Roadstead, Roads**, (2) *n.* ଜାହାଜର ଲଙ୍ଗର କରିବା ସ୍ଥାନ ।

**Roadster**, *n.* 1. ସଡ଼କରେ ଚଢ଼ିବା ଘୋଡ଼ା; 2. ସଡ଼କରେ ଯିବା ଗାଡ଼ି ।

Roadway, *n.* ଗାଡ଼ିର ରାସ୍ତା ।

Roam, *v.t.* and *i.* 1. ଇତସ୍ତତଃ ଭ୍ରମଣ-କ; 2 ପର୍ଯ୍ୟଟନ-କ; 3. ବୁଲିବା ।

Roamer, *n.* ଭ୍ରମଣକାରୀ ।
Roan, *a.* ଶ୍ୱେତ ଓ ତାମ୍ର ବର୍ଣ୍ଣରେ ଚିତ୍ରିତ ।—*n.* 1. ତାମ୍ରବର୍ଣ୍ଣ; 2. ତାମ୍ରବର୍ଣ୍ଣ ଘୋଟକ; 3. ଅଁଶଯୁକ୍ତ ମେଣ୍ଢା-ଚମ ।
Roar, *v.i.* 1. ଗର୍ଜ୍ଜନ-କ; 2. ବଡ ପାଟି-କ; 3. ଡକା-ପକାଇବା; 4. ଠୋ୬ କରି ହସିବା ।—*n.* 1. ଗର୍ଜ୍ଜନ; 2. ବଡପାଟି; 3. ଉଚ୍ଚହାସ୍ୟ ।
Roaring, *n.* 1. ତର୍ଜ୍ଜନଗର୍ଜ୍ଜନ; 2. ଅଶ୍ୱର ଶ୍ୱାସ-ପ୍ରଶ୍ୱାସ କଲାବେଳେ ବଡପାଟି କରିବା ଏକପ୍ରକାର ରୋଗ ।
Roast, *v.t.* 1. ପାକ-କ; 2. ଥଟ୍ଟା ପରିହାସ-କ; 3. ଭର୍ଜ୍ଜନ-କ; 4. ଅତ୍ୟନ୍ତ ଉତ୍ତପ୍ତ-କ ।—*n.* କବାବ ।
Rob, *v.t.* 1. ବଳାତ୍କାରପୂର୍ବକ-ନେ; 2. ଲୁଣ୍ଠନ-କ; 3. ହରଣ-କ, ଚୋରି-କ; 4. ବଞ୍ଚିତ-କ ।
**Robber**, *n.* ଦସ୍ୟୁ, ଷଣ୍ଡ, ଡକାଇତ ।
Robbery, *n.* 1. ଦସ୍ୟୁବୃତ୍ତି; 2. ଡକାଇତି ।
Robe, *n.* 1. ପରିଚ୍ଛଦ; 2. ରାଜକୀୟ ପରିଚ୍ଛଦ; 3. ବହୁମୂଲ୍ୟ ପରିଚ୍ଛଦ ।—*v.t.* 1. ବସ୍ତ୍ରାଚ୍ଛାଦିତ-କ; 2. ପୋଷାକ ପିନ୍ଧାଇବା ।—The robe, *or* The long robe, ଓକିଲ୍ ବ୍ୟବସାୟ ।
Robin, *n.* ରକ୍ତବର୍ଣ୍ଣବକ୍ଷବିଶିଷ୍ଟ ସୁଗାୟକ କ୍ଷୁଦ୍ରପକ୍ଷୀ ।
Robust, *a.* 1. ବଳବାନ୍; 2. ହୃଷ୍ଟପୁଷ୍ଟ; 3. ଅସଭ୍ୟ ।
Robustly, *ad.* ବଳବାନ୍‌ରୂପେ ।
Robustness, *n.* ବଳବତ୍ତ୍ୱ ।
Roc, Rok, Ruc, Rukh, *n.* ହସ୍ତୀକୁ ବହିନେବା ପାଇଁ ସମର୍ଥ ଗୋଟିଏ ଅତି ବୃହତ୍ କାଳ୍ପନିକ ପକ୍ଷୀ ।
Rock, (1) *n.* 1. ଶୈଳ; 2. (Geol.) ପ୍ରାକୃତିକ ବାଲିଗଦା; 3. ଦୃଢ଼ସ୍ଥାନ; 4. ଆଶ୍ରୟଭୂମି; 5. ଏକପ୍ରକାର ଶକ୍ତ ମିଷ୍ଟାନ୍ନ ।
Rock, (2) *n.* ଚରଖା ।
Rock, (3) *v.t.* and *i.* 1. ଦୋହଲିବା; 2. ଶାନ୍ତ କରିବାପାଇଁ ପିଲାକୁ ଝୁଲାଇବା ।
Rock-candy, *n.* ମିଶ୍ରୀ ଚିନି ।
Rocker, *n.* ଦୋଳନାର ବଙ୍କା କାଠ ଗୋଡ ।
Rockery, *n.* କୃତ୍ରିମ ଭାବରେ ପଥରଗଦା ।
Rocket, *n.* ହାଉଇ ବାଣ ।
Rock-goat, *n.* ପାର୍ବତୀୟ ଛେଳି । [ଲଗା ଚୌକି ।
Rocking-chair, *n.* ବସି ଝୁଲିବାର ବଙ୍କା କାଠଗୋଡ-
Rocking-horse, *n.* ପିଲାଙ୍କର ବଙ୍କା କାଠଗୋଡ ଲଗା ଖେଳ ଘୋଡା ।
Rocky, *a.* 1. ଶୈଳମୟ; 2. ପର୍ବତ ସଦୃଶ; 3. ଶକ୍ତ ।
Rod, *n.* 1. ଡାଙ୍ଗ; 2. ସରୁବାଡ଼; 3. ଯଷ୍ଟି; 4. ବନଶୀ; 5. ବେତ; 6. ଦଣ୍ଡ; 7. ୫½ ଗଜ ଲମ୍ବର ମାପ, ପଦକା; 8. ଶାସ୍ତି; 9. କ୍ଷମତାଚିହ୍ନ; 10. ଅତ୍ୟାଚାର; 11. ବିଜୁଳିରୁ ରକ୍ଷକର ଲୌହଦଣ୍ଡ । [ମୂଷିକ ।
Rodent, *a.* 1. ଖଣ୍ଡକାରୀ; 2. ମୂଷିକଜାତୀୟ ।—*n.*
Roe, (1) *n.* 1. ମାଛର ଡିମ୍ବ ବା ଅଣ୍ଡା; 2. "ମେହଗନି" କାଠରେ କଳା ଓ ଧଳା ଗାର ।
Roe, (2) *n.* ହରିଣୀ ।

Roebuck, *n.* ହରିଣ ।
Rogation, *n.* ଉତ୍ସବମାତ୍ର ଯାଞ୍ଚା ଆବେଦନ ।
Rogatory, *a.* 1. ସମାଚାର ସଂଗ୍ରହ କରିବାପାଇଁ କ୍ଷମତାପନ୍ନ; 2. ତଦାରକ ସମ୍ବନ୍ଧୀୟ ।
Roger-de-Coverley, also Sir Roger-de-Coverley, *n*, ଇଂଲଣ୍ଡ ଦେଶର ଏକପ୍ରକାର ଗ୍ରାମ୍ୟ ନାଚ ।
Rogue, *n.* 1. ଠକ; 2. ଶଠ; 3. କୌତୁକପ୍ରିୟ ଲୋକ; 4. ବାରବୁଲା ।
Rogue-elephant, *n.* ବଣୁଆ ମତ୍ତ ହସ୍ତୀ ।
Roguery, *n.* 1. ଠକପଣିଆ; 2. ଧୂର୍ତ୍ତତା; 3. ରସିକତା ।
Roguish, *a.* 1. ଧୂର୍ତ୍ତ; 2. କୌତୁକପ୍ରିୟ; 3. ରସିକ ।
Roguishness, *n.* ଧୂର୍ତ୍ତତା ।
Roisterer, *n.* ତର୍ଜ୍ଜନଗର୍ଜ୍ଜନକାରୀ ଲୋକ ।
Roland, *n.* କୁଳୀନ ବୀର ।—A Roland for an Oliver, 1. ଘୁଷା ପାଲଟେ ଘୁଷା; 2. କଥା ଉତ୍ତରେ କଥା ।
Role, *n.* 1. ଅଭିନେତାର ପ୍ରସଙ୍ଗ; 2. ସାଧାରଣ ଜୀବନରେ ମହାନ୍ ବ୍ୟକ୍ତିର କାର୍ଯ୍ୟ ।
Roll, *v.i.* 1. ଗଡିଯିବା; 2. ଘୂରିବା; 3. ଚକ୍ରପରି ବୁଲିବା; 4. ଗୁଡା-ହେ; 5. ଲହରୀ ପ୍ରାୟ ମାଡି ଆସିବା; 6. ଟଳମଳ-ହେ; 7. ଲଟପଟ-ହେ; 8. ଢୋଲ ପରି ଶବ୍ଦ-ହେ; 9. ଆଗକୁ ଗତି-କ ।—*v.t.* 1. ଗୁଡାଇବା; 2. ବୁଲାଇବା; 3. ଗଡାଇବା; 4. ଗୋଲାକାର ବସ୍ତୁ ଦ୍ୱାରା ପେଷଣ-କ; 5. ଢୋଲ ଶୀଘ୍ର ବଜାଇବା ।—*n.* 1. ଘୂର୍ଣ୍ଣନ; 2. ବେଲଣା; 3. ଗୁଡା କାଗଜ; 4. ନାମ ତାଲିକା; 5. ଦଲିଲ; 6. ବେଲଣାକୃତି ରୁଟି; 7. ଢୋଲର ଅନବରତ ଶବ୍ଦ ।—Master of the Rolls, ସେରସ୍ତାଦାର ।
Roll-call, *n.* ନାମ ଡାକରା ।
Roller, *n.* 1. ବେଲଣା; 2. ଶିଳପଟା; 3. ଭୂମି ସମାନ କରିବାପାଇଁ ଲୁହାର ବଡ ବେଲଣା ।
Rolling, *a.* 1. ଘୂର୍ଣ୍ଣ୍ୟମାନ; 2. ଅନବରତ ଶବ୍ଦକାରୀ ।
Rolling-stock, *n.* ରେଲ ଲାଇନର ସମୁଦାୟ କଳ ଓ ଗାଡି ।
Roly-poly, *n.* 1. ଏକପ୍ରକାର ଗୋଲାକାର ମିଷ୍ଟାନ୍ନ; 2. ମୋଟା ବାଙ୍ଗରଲୋକ; 3. ଗାତରେ ପେଣ୍ଡୁ ପୂରାଇବା ପ୍ରଭୃତି ଖେଳ ବିଶେଷ ।—*a.* ଥାବୁଲା ।
Roman, *a.* 1. ରୋମୀୟ; 2. ରୋମାନ୍‌କାଥଲିକ୍ ମତ ସମ୍ବନ୍ଧୀୟ; 3. ଛପା ଅକ୍ଷର ସୂଚକ; 4. ଅଙ୍କସୂଚକ ଅକ୍ଷରରେ ଲିଖିତ ।—*n.* 1. ରୋମୀୟ ଲୋକ; 2. ରୋମାନକାଥଲିକ୍ ମତାବଲମ୍ବୀ; 3. ଅଙ୍କସୂଚକ ଅକ୍ଷର; 4. ଛପା ଅକ୍ଷର ।
Roman candle, *n.* ତାରାପରି ଅଗ୍ନି ଗୋଳକ ବାହାର କରୁଥିବା ବାଣ ।
Roman Catholic, *a.* ପୋପ୍ ମତ ସମ୍ବନ୍ଧୀୟ ।—*n.* ପୋପଙ୍କ ଅଧୀନସ୍ଥ ବ୍ୟକ୍ତି ।

Romance, *n.* 1. ଲାଟିନ୍ ଭାଷାରୁ ଉତ୍ପନ୍ନ କେତେକ ଭାଷା ଅର୍ଥାତ୍ ଇଟାଲିଅନ୍ ଫ୍ରେଞ୍ଚ ଇତ୍ୟାଦି; 2. ଉକ୍ତ ଭାଷାରେ ରଚିତ ଉପନ୍ୟାସ; 3. କାହାଣୀ; 4. ପଦ୍ୟ ବା ଗଦ୍ୟରେ ରଚିତ କାଳ୍ପନିକ ଉପନ୍ୟାସ ।—*a.* ପୂର୍ବୋକ୍ତ ଭାଷାରେ ରଚିତ ।—*v.i.* 1. କାହାଣୀ କହିବା; 2. ଉପନ୍ୟାସ ରଚନା-କ; 3. ଅଯୁକ୍ତି କଥା କହିବା; 4. ମନେ୨ କଳ୍ପନା-କ ।

**Romancer,** *n.* କାଳ୍ପନିକ ଉପନ୍ୟାସ ରଚକ ।

**Romanesque,** *n.* 1. ଲାଟିନ୍ ଭାଷାରୁ ଉତ୍ପନ୍ନ ଭାଷା ସମ୍ବନ୍ଧୀୟ; 2. ରୋମାନ୍ ଧାଞ୍ଚ ପରେ ପାଞ୍ଚଣୀ କରିବାର ଧାଞ୍ଚ ବିଶେଷ ।

**Romanise,** *v.t.* 1. ରୋମାନ୍‌କାଥଲିକ୍ ମତରେ ଦୀକ୍ଷିତ କରାଇବା; 2. ରୋମାନ ଅକ୍ଷରରେ ଲେଖିବା ।

**Romantic,** *a.* 1. ଔପନ୍ୟାସିକ; 2. କଳ୍ପିତ; 3. ଅସଙ୍ଗତ; 4. ଅଦ୍ଭୁତ; 5. ଭାବପୂର୍ଣ୍ଣ; 6. କାଳ୍ପନିକ ।

**Romantically,** *ad.* ଔପନ୍ୟାସିକରୂପେ ।

**Romanticism,** *n.* ଭାବପୂର୍ଣ୍ଣ ମତ ।

**Romany,** Rommany, *n.* 1. ବେଦିଆଜାତିର ଲୋକ; 2. ବେଦିଆଜାତିର ଭାଷା ।—*a.* ବେଦିଆଜାତି ସମ୍ବନ୍ଧୀୟ । [ମଣ୍ଡଳୀ ସମ୍ବନ୍ଧୀୟ ।

**Romish,** *a.* 1. ରୋମ୍ ସମ୍ବନ୍ଧୀୟ; 2. ରୋମାନ୍‌କାଥଲିକ୍

**Romp,** *v.i.* 1. ପାଟିକରି ଖେଳିବା; 2. କୁଦା ଖେଳିବା ।—*n.* 1. ବାଳକ ସହ ଖେଳିବା ବାଳିକା; 2. ଗଣ୍ଡଗୋଳିଆ ଖେଳ ।

**Rompingly,** *ad.* ଗଣ୍ଡଗୋଳିଆ ଭାବେ ।

**Rompish,** *a.* ଗଣ୍ଡଗୋଳିଆ ଖେଳପ୍ରିୟ ।

Rontgen rays, See X-rays.

**Rood,** *n.* 1. ଏକରର ଚତୁର୍ଥାଂଶ, ୧୨୧୦ ଗଜ; 2. ମଧ୍ୟମ କାଳୀନ ମଣ୍ଡଳୀରେ ଖ୍ରୀଷ୍ଟଙ୍କ କ୍ରୁଶର ମୂର୍ତ୍ତି ।—Holy-rood, କ୍ରୁଶ ମୂର୍ତ୍ତି ।

**Roof,** *n.* 1. ଛାତ, ଚାଳ; 2. ବାସସ୍ଥାନ; 3. ତାଳୁ; 4. ସର୍ବୋଚ୍ଚ ଭାଗ ।—*v.t.* 1. ଛପର-କ; 2. ଆଶ୍ରୟ-ଦେ ।

**Roofing,** *n.* 1. ଛପରକାମ; 2. ଛାତର ଉପକରଣ; 3. ଚାଳ । [ହୀନ ।

**Roofless,** *a.* 1. ଛାତହୀନ; 2. ବାସହୀନ; 3. ଆଶ୍ରୟ-

**Roof-plate,** *n.* ବରଗା ମାରିବା ପାଇଁ କାନ୍ଥ ପଟା ।

**Rook,** (1) *n.* ଦଳବଦ୍ଧ କାଉ ।

**Rook,** (2) *n.* (In chess) ଗଜ ।

**Room,** *n.* 1. ଜାଗା; 2. କୋଠରୀ, କାମରା; ଅନଧିକୃତ ସ୍ଥାନ; 4. ସୁଯୋଗ; 5. ଅବସର; 6. ପଦ ।—*v.i.* ବାସ-କ ।

**Roomful,** *n.* କୋଠରୀରେ ଯେତିକି ଧରେ ।

**Roomily,** *ad.* ପ୍ରଶସ୍ତରୂପେ ।

**Roominess,** *n.* ପ୍ରଶସ୍ତତା ।

**Roomy,** *a.* 1. ପ୍ରଶସ୍ତ; 2. ବିସ୍ତୃତ; 3. ଚୌଡା ।

**Roost,** *n.* 1. ଅଡ୍ଡା; 2. କୁକୁଡାଘର; 3. ଶୋଇଥିବା କୁକୁଡାପଲ ।—*v.i.* ଅଡ୍ଡାରେ ଶୋଇବା ।

Rooster, *n.* 1. ଗଞ୍ଜା; 2. ଅଡ୍ଡାରେ ଶୋଇବା ଯେକୌଣସି ପକ୍ଷୀ ।

Root, *n.* 1. ଚେର, ମୂଳ; 2. ମୂଳା ଆଦି ଭକ୍ଷ୍ୟ ମୂଳ; 3. ମୂଳ ସଦୃଶ କୌଣସି ବସ୍ତୁ; 4. ତଳି; 5. ତଳ, ଭିତ୍ତି; 6. ଶବ୍ଦର ଧାତୁ; 7. ଆଦିକାରଣ; 8. ଉତ୍ପତ୍ତି-ସ୍ଥାନ; 9. ଜନ୍ମସ୍ଥଳ; 10. ଆଦିପୁରୁଷ; 11. (Math.)ମୂଳ ।—*v.i.* 1. ଚେର ମାଡିବା; 2. ବଦ୍ଧମୂଳ-ହେ; 3. ଉପୁଜିବା; 4. ସମ୍ପ୍ରତିଷ୍ଠିତ-ହେ ।—*v.t.* 1. ମାଟିରେ ରୋପଣ-କ; 2. ଦୃଢରୂପେ ସ୍ଥାପିତ-କ; 3. ଥୋମ୍ବଣିରେ ଉପାଡିବା ।—Root and branch, ସମୂଳେ ।

Rooted, *a.* 1. ବଦ୍ଧମୂଳ; 2. ସ୍ଥିରୀକୃତ ।

Rooty, *a.* ଚେରୁଆ । [ସମୂହ ।

Rope, *n.* 1. ରଜ୍ଜୁ; 2. ଏକତ୍ରରେ ସଂଯୁକ୍ତ ଜିନିଷ

Rope-dancer, *n.* ରଜ୍ଜୁ ଉପରେ ନର୍ତ୍ତକ ।

Rope in, *v.t.* 1. ସଂଗ୍ରହ-କ; 2. ସୈନିକ ବର୍ଗରେ ନାମ ଲେଖିବା ।

Rope-ladder, *n.* ରଜ୍ଜୁ ସୋପାନ ।

Roper, (1) *n.* ରଜ୍ଜୁ ପ୍ରସ୍ତୁତକାରୀ । [2. ଧୂର୍ତ୍ତ ଲୋକ ।

Roper, (2) *n.* 1. ପଶୁସବୁ ଦଉଡା ପକାଇବା ଲୋକ;

Rope-walk, *n.* ରଜ୍ଜୁ ପ୍ରସ୍ତୁତ କରିବା ସ୍ଥାନ ।

Rosary, *n.* 1. ଜପମାଳା; 2. ଉପାସନାର ପଦ୍ଧତି; 3. ଗୋଲାପଫୁଲ ବଗିଚା; 4. ପୁଷ୍ପମାଳା; 5. କବିତା-ମାଳା ।

Roscid, *a.* *ros'id,* ଶିଶିରମୟ ।

Rose, *n.* 1. ଗୋଲାପଫୁଲ; 2. ଗୋଲାପୀ ରଙ୍ଗ; 3. ଜଳ ସେଚନାର୍ଥ ନଳରେ ଲଗାଯିବା କଣାଯୁକ୍ତ ମୁଣ୍ଡି; 4. (Med.) ଅଗ୍ନେୟବାତ ।—*v.t.* ରକ୍ତିମାବର୍ଣ୍ଣ କରାଇବା । [ବିକଶିତ; 4. ରକ୍ତିମାଭ ।

Roseate, *a.* 1. ଗୋଲାପୀ; 2. ଗୋଲାପପୂର୍ଣ୍ଣ; 3.

Rose-bud, *n.* 1. ଗୋଲାପ କଢ; 2. ନବ କୁମାରୀ ।

Rose-bush, *n.* ଗୋଲାପ ଗଛ ।

Rose-colour, *n.* 1. ରକ୍ତିମାବର୍ଣ୍ଣ; 2. ଈଷତ୍ ରକ୍ତବର୍ଣ୍ଣ; 3. ଅପ୍ରକୃତ ବର୍ଣ୍ଣନା ।

Rose-coloured, *a.* ଗୋଲାପୀ ରଙ୍ଗଯୁକ୍ତ ।

Rose-gall, *n.* ଗୋଲାପ ଗଛରେ କୀଟଦ୍ୱାରା ଜାତ ମାଜୁଫଳ ।

Rose-lipped, *a.* ରକ୍ତିମାବର୍ଣ୍ଣ ଅଧରଯୁକ୍ତ, ବିମ୍ବୋଷ୍ଠ ।

Rosemary, *n.* ଭୂମଧ୍ୟସାଗର ପାର୍ଶ୍ୱ ଦେଶରେ ସୁବାସିତ ଚିରହରିତ ପତ୍ରଯୁକ୍ତ କ୍ଷୁଦ୍ର ବୁଦା ଯାହା ପୂର୍ବକାଳରେ ବନ୍ଧୁତାର ଚିହ୍ନସ୍ୱରୂପ ଥିଲା ।

Rose-pink, *a.* 1. ଈଷତ୍ ରକ୍ତବର୍ଣ୍ଣଯୁକ୍ତ; 2. କରୁଣା-ରସବିଶିଷ୍ଟ ।—*n.* ଈଷତ୍ ରକ୍ତବର୍ଣ୍ଣ ।

Rosery, *n.* ଗୋଲାପ ବଗିଚା ।

Rose-tree, *n.* ଗୋଲାପ ଗଛ ।

Rosette, *n.* ଫିତାନିର୍ମିତ ଗୋଲାପ ଫୁଲ ।

Rose-vinegar, *n.* ସିରକାରେ ବୁଡାଇବାଦ୍ୱାରା ଗୋଲାପ ଫୁଲରୁ ପ୍ରସ୍ତୁତ ପଦାର୍ଥ ।

Rose-water, *n.* ଗୋଲାପ ପାଣି ।

Rose-wood, *n.* ଗୋଲାପ ବାସନାଯୁକ୍ତ ଦକ୍ଷିଣ ଅମେରିକାର ଏକପ୍ରକାର କାଠ ।

Rosin, *n.* ଝୁଣା ।—*v.t.* ଝୁଣା ଲଗାଇବା ।

Rosiny, *a.* 1. ଝୁଣାଯୁକ୍ତ; 2. ଧୂନକମୟ ।

Rostrate, Rostrated, *a.* 1. ଥଣ୍ଟବିଶିଷ୍ଟ; 2. ଥଣ୍ଟଯୁକ୍ତ ଉଦ୍ଧତାଂଶଦ୍ୱାରା ଭୂଷିତ ।

Rostrum, *n.* 1. ମଞ୍ଚ, ସିଂହାସନ; 2. ବକ୍ତୃତାବେଦି; 3. (Zool.) ଥୋମ୍ପଣୀ ବା ଥଣ୍ଟ ।

Rosy, *a.* 1. ଗୋଲାପୀ; 2. ଲାଲ୍; 3. ପୁଷ୍ପିତ; 4. ରକ୍ତିମାବର୍ଣ୍ଣଯୁକ୍ତ; 5. ରମ୍ୟ ।

Rot, *v.i.* 1. ସଢ଼ିଯିବା; 2. ପଚିଯିବା, ଗଳିତ-ହେ; 3. ଦୂଷିତ-ହେ; 4. ମେଣ୍ଢାର ଯକୃତରେ ଘା-ହେ ।—*v.t.* 1. ପଚାଇବା; 2. ଭ୍ରଷ୍ଟ-କ ।—*n.* 1. କ୍ଷୟ; 2. ପଚନ; 3. ମେଣ୍ଢା ଯକୃତର ଘା ।

Rota, *n.* 1. କାର୍ଯ୍ୟପ୍ରଣାଳୀ; 2. ନିୟମ; 3. ଚକ୍ର; 4. ରୋମାନ୍ କାଥଲିକ୍ ମଣ୍ଡଳୀର ପଞ୍ଚାୟତ । [ନ୍ୟାୟାଳୟ ।

Rotary, *a.* 1. ଘୂର୍ଣ୍ଣାୟମାନ; 2. ଘୂରଣଶୀଳ; 3. ପାଳି-

Rotate, *v.t.* 1. ଘୂରାଇବା; 2. ପାଳିକ୍ରମେ-କ ।—*v.i.* 1. ଚକ୍ରବତ୍ ଘୂରିବା; 2. ପାଳିକ୍ରମେ ପରିଭ୍ରମଣ-କ ।—*a.* ଚକ୍ରାକୃତି । [କ୍ରମ ।

Rotation, *n.* 1. ଚକ୍ରଗତି; 2. ପର୍ଯ୍ୟାୟ; 3. ପାଳି-

Rote, *n.* ମୁଖସ୍ଥ ଅଭ୍ୟାସ ।

Rotten, *a.* 1. ସଢ଼ା; 2. ପଚା; 3. ଭ୍ରଷ୍ଟ; 4. ଗଳିତ; 5. ଅବିଶ୍ୱସ୍ତ; 6. ଗନ୍ଧଯୁକ୍ତ; 7. ଭଞ୍ଜନଶୀଳ ।

Rottenly, *ad.* 1. ଗଳିତରୂପେ; 2. ଦୂଷିତଭାବେ ।

Rottenness, *n.* 1. ପଚାଭାବ; 2. ଦୂଷିତତା । [ପଥର ।

Rottenstone, *n.* ପିତଳପ୍ରଭୃତି ମାଜିବା ନିମନ୍ତେ ଚୂର୍ଣ୍ଣ-

Rotula, *n.* ଆଣ୍ଠୁ ଚକ । [ଥାଳୁଆ ।

Rotund, *a.* 1. ବର୍ତ୍ତୁଳ; 2. ମଣ୍ଡଳାକାର; 3.

Rouble, *n.* ରୁଷ ଦେଶୀୟ ପ୍ରସିଦ୍ଧ ରୌପ୍ୟ ମୁଦ୍ରା ।

Roué, *n.* 1. ଭ୍ରଷ୍ଟ କୁଳୀନ ଲୋକ; 2. ସ୍ୱେଚ୍ଛାକର୍ମକାରୀ; 3. ଲମ୍ପଟ ।

Rouge, *n. roozh*, ଗାଲ ବା ଓଠରେ ଲଗାଇବାର ଲାଲ ରଙ୍ଗର ଗୁଣ୍ଡ ।—*v.t.* ଉକ୍ତ ଗୁଣ୍ଡରେ ଲାଲ୍-କ ।—*v.i.* 1. ଉକ୍ତ ଗୁଣ୍ଡଦ୍ୱାରା ରଞ୍ଜିତ-ହେ; 2. ରକ୍ତିମାବର୍ଣ୍ଣ-ହେ ।

Rough, *a.* 1. ରଗଡ଼ା; 2. ଅସମାନ; 3. ଅକଟା; 4. ଅମସୃଣ; 5. ଅସମ୍ପୂର୍ଣ୍ଣ; 6. ଗୋଳମାଳିଆ; 7. ଝଡ଼ମୟ; 8. ପ୍ରଚଣ୍ଡ; 9. କର୍କଶ; 10. କଠିନ; 11. ଅଶିଷ୍ଟ; 12. ଅସଭ୍ୟ; 13. ବିଶୃଙ୍ଖଳ; 14. ମୋଟାମୋଟି; 15. କଷା; 16. (Gram.) ଘର୍ଷୋଚ୍ଚାରଣସୂଚକ ।—*n.* 1. ରଗଡ଼ାବସ୍ଥା; 2. ଅପକ୍ୱତା; 3. ଘୋଡ଼ା ନ ଖସିବା ପାଇଁ ଘୋଡ଼ା ନାଲରେ ଲଗା ଲୁହାଖଣ୍ଡ; 4. ବଦମାସ; 5. କନ୍ଦଳିଆ ଲୋକ ।—*v.t.* ରଗଡ଼ା-କ ।—To rough it, କଷ୍ଟ ସହ୍ୟ-କ ।—To rough dry, ଖଳ କାଢ଼ିବା ।

Rough-draft, *v.t.* ଚିଠା-କ ।

Roughen, *v.t.* 1. କର୍କଶ-କ; 2. ରଗଡ଼ା-କ ।—*v.i.* ଝଡ଼ମୟ-ହେ ।

Roughish, *a.* 1. ଟିକିଏ ରଗଡ଼ା; 2. ଅଳ୍ପ ଗୋଳମାଳିଆ; 3. ସାମାନ୍ୟ ଝଡ଼ମୟ । [3. ଅଶିଷ୍ଟରୂପେ ।

Roughly, *ad.* 1. ଅସଭ୍ୟରୂପେ; 2. କର୍କଶଭାବେ;

Roughness, *n.* 1. ଅପକ୍ୱତା; 2. କର୍କଶତା; 3. କଟୁତା; 4. ଅସଭ୍ୟତା । [2. ଅଶ୍ୱଦମନକର୍ତ୍ତା ।

Rough-rider, *n.* 1. ଅମଣିଆ ଘୋଡ଼ାରେ ଯେ ଚଢ଼େ;

Rough-shod, *a.* ନାଲବନ୍ଦଯୁକ୍ତ ଜୋତା ପରିହିତ ।

Roulette, *n.* 1. ଚକ୍ରର ରଙ୍ଗିଆ ଘରରେ ଗୁଳି ପଡ଼ିବା ଏକ ପ୍ରକାର ପାଶା ଖେଳ; 2. ଛିଦ୍ର କାଟିବା ଚକ୍ରାକୃତି ହତିଆର ।

Round, *a.* 1. ଗୋଲ, ଚକ୍ରାକାର; 2. ବର୍ତ୍ତୁଳାକାର; 3. ନଳାକୃତି; 4. ସମ୍ପୂର୍ଣ୍ଣ; 5. ଥାଳୁଆ: 6. ଉଣାଶୂନ୍ୟ; 7. ସରଳ ।—*ad.* 1. ଚତୁର୍ଦ୍ଦିଗେ, ସବୁଆଡ଼େ; 2. ଅନ୍ୟପକ୍ଷେ; 3. ଗୋଲାକାରରୂପେ; 4. ଆଦ୍ୟପ୍ରାନ୍ତ ।—*prep.* ଚତୁର୍ଦ୍ଦିଗ ।—*n.* 1. ଗୋଲକ; 2. ବୃତ୍ତ; 3. ଆବର୍ତ୍ତନ; 4. ପର୍ଯ୍ୟାୟ; 5. ଅଭ୍ୟସ୍ତ ପଥ; 6. ସୋପାନର ପାହାଚ; 7. ପାଳିକ୍ରମେ ଆରମ୍ଭ ହେବା ସମ୍ମିଳିତ ଗୀତ; 8. ଏକାବେଳେ ଅନେକ ଗୁଳି ମାଡ଼; 9. ଥରକେ ଫୁଟାଇବା ନିମନ୍ତେ ବାରୁଦ; 10. ପେର୍ଦ୍ଦ-ଓଅରରୌଦ; 11. ମଣ୍ଡଳ; 12. ଅନୁକ୍ରମର କ୍ରମେକ; 13. ମୁଷ୍ଟିଯୁଦ୍ଧର ଗୋଟିଏ ବାର ।—*v.t.* 1. ଗୋଲାକାର-କ; 2. ପରିଭ୍ରମଣ-କ; 3. ସମ୍ପୂର୍ଣ୍ଣ-କ ।—*v.i.* 1. ବର୍ତ୍ତୁଳାକାର-ହେ; 2. ଚତୁର୍ଦ୍ଦିଗ ବୁଲିବା; 3. ପେର୍ଦ୍ଦ-ଓଅର ରୌଦ-ଦେ ।

Round-about, *a.* 1. ଚତୁର୍ଦ୍ଦିଗସ୍ଥ; 2. ବୁଲାଣି; 3. ବଙ୍କ ।—*n.* ପିଲାମାନଙ୍କ ଚଢ଼ିବାପାଇଁ ଘୂରୁଥିବା ଯନ୍ତ୍ର ।

Round-hand, *n.* ଗୋଲାକାର ଓ ସରଳ ଅକ୍ଷର ଲେଖନ ଧାରା ।

Roundhead, *n.* ବାଳ ଲଣ୍ଡା କରିଥିବା ଇଂଲଣ୍ଡୀୟ ବିଶୁଦ୍ଧ ଧର୍ମାଚାରମାନଙ୍କ ଦତ୍ତ ଏକ ନାମ ।

Roundish, *a.* ଈଷତ୍ ଗୋଲ ।

Roundly, *ad.* 1. ସମ୍ପୂର୍ଣ୍ଣରୂପେ; 2. ସାହସ ପୂର୍ବକ; 3. ସ୍ପଷ୍ଟରୂପେ; 4. ଉଣାଶୂନ୍ୟରୂପେ । [ସ୍ପଷ୍ଟତା ।

Roundness, *n.* 1. ବର୍ତ୍ତୁଳତା; 2. ପୂର୍ଣ୍ଣତା; 3.

Round-numbers, *n.* ମୋଟାମୋଟି ସଂଖ୍ୟା ।

Round-off, *v.t.* ସମ୍ପୂର୍ଣ୍ଣରୂପେ ଶେଷ-କ ।

Round-up, *n.* ଗୋଠ ଏକତ୍ରୀକରଣ । [ଆବେଦନପତ୍ର ।

Round-robin, *n.* ଚକ୍ରାକୃତିରେ ଦସ୍ତଖତ ଥିବା

Roup, *n.* କୁକୁଡ଼ାମାନଙ୍କ କଣ୍ଠର ଏକ ରୋଗ ।

Rouse, *v.t.* 1. ଉଠାଇବା; 2. ଜାଗ୍ରତ-କ; 3. ଉତ୍ତେଜିତ-କ; 4. ଲବଣାକ୍ତ-କ ।—*v.i.* 1. ଜାଗ୍ରତ-ହେ; 2. ଉତ୍ତେଜିତ-ହେ ।

Rousing, *a.* 1. ଜାଗ୍ରତକାରୀ; 2. ମହାନ; 3. ପ୍ରଚଣ୍ଡ ।

Roust, *v.t.* ଉଠାଇ ଆଣିବା ।

Rout, (1) *n.* ଭିଡ଼, ଲୋକସମୂହ ।

Rout, (2) *n.* 1. ପରାଜୟ; 2. ରଣଭଙ୍ଗ, ପୃଷ୍ଠଭଙ୍ଗ । —*v.t.* 1. ପୃଷ୍ଠଭଙ୍ଗ କରାଇବା; 2. ପରାଜୟ-କ ।

Rout, (3) *v.t.* 1. ଘୁଷୁରି ପରି ଉପାଡ଼ିବା; 2. ବାହାର-କ ।—*v.i.* ଉପୁଡ଼ି-ହେ ।

Route, *n. root*, 1. ପଥ, ମାର୍ଗ; 2. ସୈନ୍ୟମାନଙ୍କର ନିରୂପିତ ଯାତ୍ରା ।

Routine, *n.* 1. କର୍ମକ୍ରମ; 2. ପାଳିପଦ; 3. ନିତ୍ୟ-କର୍ମ ।—*a.* ପାଳିପଦାନୁଯାୟୀ ।

Rove, (1) *v.t.* 1. ପର୍ଯ୍ୟଟନ-କ; 2. ଜଙ୍ଗଲ ପର୍ବତ-କ ।—*v.i.* 1. ବୁଲିଯିବା; 2. ପରିଭ୍ରମଣ-କ ।

Rove, (2) *v.t.* 1. ଛିଦ୍ରରେ ସୂତା ଚଳାଇବା; 2. ବଳିବା ପୂର୍ବରୁ ପଶମ ପ୍ରସ୍ତୁତ-କ; 3. ବୁଣାଟ ସୂତା ଫିଟାଇବା; 4. ଭୁଲ ଭଣିବା । [3. ପରିବ୍ରାଜକ ।

Rover, *n*, 1. ପର୍ଯ୍ୟଟକ; 2. ଜାହାଜ ବା ଜଳଦସ୍ୟୁ;

Roving, *n.* ପରିଭ୍ରମଣ ।

Row, (1) *n. ro*, 1. ଧାଡ଼ି; 2. ପଂକ୍ତି; 3. ଶ୍ରେଣୀବଦ୍ଧ ବିଷୟ ।—*v.t.* ଅହୁଳ ଦ୍ୱାରା ଚଳାଇବା ।—*v.i.* ଅହୁଳ ମାରିବା ।

Row, (2) *n. row* 1. ପାଟି, ଭୁଣ୍ଡ ଶବ୍ଦ; 2. ଗୋଳମାଳ; 3. କଳହ ।—*v.t.* ଗାଳି-ଦେ ।—*v.i.* ଗୋଳମାଳ-କ ।

Rowdy, *a.* 1. ଗୋଳମାଳିଆ; 2. କଳହପ୍ରିୟ ।—*n.* ବଦଲିଆ ଲୋକ ।

Rowdyism, *n.* ବଦଲିଆ ବ୍ୟବହାର ।

Rowel, *n.* 1. ଅଶ୍ୱାରୋହୀ ପାଦରେ ପିନ୍ଧିଥିବା କଣ୍ଟାଯୁକ୍ତ ଚାକ ଚକ; 2. (Vet. Sur.) ପୂଜ ବାହାରିବା ପାଇଁ ଘୋଡ଼ା ଚମରେ ଲଗାଯାଇଥିବା ରେଶମ ସୂତା ।

Royal, *a.* 1. ରାଜକୀୟ; 2. ରାଜୋପଯୁକ୍ତ; 3. ଐଶ୍ୱର୍ଯ୍ୟବନ୍ତ; 4. ଯଶସ୍ୱୀ; 5. ମହାତ୍ମା; 6. ଚକ୍ରବର୍ତ୍ତୀଙ୍କର ଅନୁଗ୍ରହାଧୀନ; 7. ବୃହଦାକାର; 8. ମହତ୍ ।—*n.* 1. ବଡ଼ଆକାର କାଗଜ; 2. ଜାହାଜ ଉପର ପାଲ; 3. ହରିଣ ଶିଙ୍ଗର ଶାଖା । [ଳୟ ।

Royal Academy, *n.* ରାଜାନୁଷ୍ଠିତ ଇଂଲଣ୍ଡୀୟ ବିଦ୍ୟା-

Royal bounty, *n.* ଅସାଡ଼ିଦ୍ୱାରା ହତ ସେନାଙ୍କର ବିଧବାମାନଙ୍କୁ ଦତ୍ତ ରାଜକୀୟ ଟଙ୍କା ।

Royal household, *n.* ସମ୍ରାଟଙ୍କ ଗାର୍ହସ୍ଥ୍ୟ କର୍ମଚାରୀ-ଗଣ । [ପୃଷ୍ଠପୋଷକତା ।

Royalism, *n.* 1. ରାଜାନୁରାଗ; 2. ରାଜଶାସନରେ

Royalist, *n.* ରାଜାନୁରାଗୀ । [ରୂପେ ।

Royally, *ad.* 1. ରାଜୋପଯୁକ୍ତ ଭାବେ; 2. ଐଶ୍ୱର୍ଯ୍ୟବନ୍ତ-

Royal-mast, *n.* ମାସ୍ତୁଲର ସର୍ବୋଚ୍ଚ ଭାଗ ।

Royalty, *n.* 1. ରାଜତ୍ୱ; 2. ରାଜଧର୍ମ; 3. ଐଶ୍ୱର୍ଯ୍ୟ; 4. ସ୍ୱୟଂ ରାଜାଙ୍କ ଉପସ୍ଥିତି; 5. ଖଣିପ୍ରଭୃତିର ରାଜସ୍ୱ ।

Rub, *v.t.* 1. ଘଷିବା, ମୋଡ଼ିବା; 2. ମାଲିସ-କ, ମର୍ଦ୍ଦନ-କ; 3. ମାଜିବା; 4. ଘର୍ଷଣଦ୍ୱାରା କ୍ଷୟ-କ ।—*v.i.* 1. ଘଷିହୋଇ ଯିବା; 2. ବାଧା ଏଡ଼ାଇ ଯିବା ।—*n.* 1. ଘର୍ଷଣ; 2. ଘର୍ଷକବସ୍ତୁ; 3. କଷ୍ଟ; 4. ବାଧା; 5. ଠିମୁଟା; 6. ଥଟ୍ଟା; 7. ବ୍ୟଙ୍ଗୋକ୍ତି; 8. ଛିଦ୍ର ।—To rub in, 1. ଧୀରେ ମାଜିବା; 2. ପୁନଃ କହିବା ।—To rub off, ପୋଛି-ଦେ । To rub out, ଘଷି ନିଗାଡ଼ିବା । To rub the wrong way, ବାଧାଦେଇ ବିରକ୍ତ କରାଇବା ।

Rubber, *n.* 1. ରବର; 2. ମୋଟ ତଉଲିଆ; 3. ଶାଣ; 4. ରନ୍ଦା; 5. ଖେଳକ୍ରମରେ ଜୟସୂଚକ ଖେଳ; 6. ତାଳ ପାଇବା ପାଇଁ ତିନି ବାରର ଖେଳ ।—*a.* ରବର ନିର୍ମିତ ।

Rubbers, *n.* (*pl.*) 1. ମେଣ୍ଢାର ଛାଲ ଓ କଣ୍ଡୁରାଯୁକ୍ତ ରୋଗ ବିଶେଷ; 2. ଅନ୍ୟ ଜୋତା ଉପରେ ପିନ୍ଧିବା ପାଇଁ ରବର ଜୋତା । [ଦ୍ୱାରା ପ୍ରସ୍ତୁତ ନକଲ ।

Rubbing, *n.* 1. ଘର୍ଷଣ; 2. କୋଦା ରେଖାର କାଳି

Rubbing-post, *n.* ଗୋରୁ ଘଷିହେବା ନିମନ୍ତେ ପୋତା ଖୁଣ୍ଟ । [କଥା ।

Rubbish, *n.* 1. ଅଳିଆ; 2. ଇଟାଟୁକୁରା; 3. ଅନର୍ଥକ

Rubbish-heap, *n.* ଅଳିଆ ଗଦା ।

Rubbishy, *a.* ଅନର୍ଥକ, ଜାବର ।

Rubble, *n.* 1. ପାଣିରେ ଚିକ୍କଣ ହୋଇଥିବା ପଥର; 2. ପାଚେରୀରେ ବ୍ୟବହୃତ ଅକଟା ପଥର ।

Rubble-work, *n.* ଅକଟା ପଥରରେ ନିର୍ମିତ ପାଚେରୀ ।

Rubella, *n.* ମିଳିମିଳା ପରି ଏକପ୍ରକାର ଚର୍ମ ରୋଗ ।

Rubicon, *n.* ମଧ୍ୟ ଇଟାଲି ଦେଶର ଗୋଟିଏ ନଦୀ ।—To pass the Rubicon, ଅଟଳ ଭାବେ ସୀମାତିକ୍ରମ-କ ।

Rubicund, *a.* ଆରକ୍ତ ।

Rubify, *v.t* ଆରକ୍ତ-କ ।

Rubigo, *n.* ଛଟା ।

Ruble, *n.* Same as Rouble.

Rubric, *roo'brik*, *n.* 1. ରକ୍ତାକ୍ଷରେ ଲିଖିତ ସୂତ୍ର; 2. ପ୍ରାର୍ଥନା ପୁସ୍ତକର ପଦ୍ଧତି; 3. ସ୍ଥିରୀକୃତ ବିଷୟ ।

Rubricate, *v.t.* 1. ରକ୍ତାକ୍ଷରେ ଚିହ୍ନିତ-କ; 2. ପ୍ରାର୍ଥନା ପୁସ୍ତକରେ ଉଲ୍ଲେଖ-କ ।

Rubricose, *a.* (Bot.) ରକ୍ତବର୍ଣ୍ଣରେ ଚିହ୍ନିତ ।

Ruby, *n.* 1. ପଦ୍ମରାଗମଣି, ମାଣିକ୍ୟ; 2. "ପେଲ୍" ଠାରୁ ଟିକିଏ ବଡ଼ ଛାପାକ୍ଷର ।—*a.* ରକ୍ତବର୍ଣ୍ଣ ।—*v.t.* ରକ୍ତବର୍ଣ୍ଣ-କ ।

Ruck, (1) *n.* 1. ଚୁନଟ; 2. ଭାଙ୍ଗ, ଲୁଗାର ଭାଞ୍ଜ ।—*v.t.* 1. ଚୁନଟ-କ; 2. ଭାଙ୍ଗ-କ; 3. ବିରକ୍ତ-କ ।—*v.i.* ଭାଙ୍ଗ-ହେ ।

Ruck, (2) *v.i.* 1. ଗୋଡ଼ମାଡ଼ି ବସିବା; 2. ଭୟରେ ସଙ୍କୁଚିତ-ହେ; 3. ଭିଡ଼-ହେ ।—*v.t.* ପକ୍ଷିର ଅଣ୍ଡା-କ ।—*n.* 1. ଭିଡ଼; 2. ସାଧାରଣ ଲୋକସମୂହ; 3. ଅନର୍ଥକ କଥା ।

Ruck, (3) *n.* ଛୋଟ ଛୁଆ ।

Ruckle, *n.* କଣ୍ଠର ଘଡ଼ଘଡ଼ ଶବ୍ଦ । [ମାଳ ।

Ruction, *n.* 1. ବିରକ୍ତି; 2. ଶାନ୍ତିଭଙ୍ଗ; 3. ଗୋଳ-

Rudder, *n.* ମଙ୍ଗଧର

Ruddiness, *n.* ରକ୍ତିମା ।

Ruddy, *a.* 1. ଲାଲିଆ; 2. ଗୋଲାପୀ; 3. ତେଜସ୍କର ।

Rude, *a.* 1. କଞ୍ଚା, କଚା; 2. ଅଶିକ୍ଷିତ; 3. ଅସଭ୍ୟ; 4. ଅଜାଣ; 5. କର୍କଶ; 6. ଅଜ୍ଞାନ; 7. ଅଶିଷ୍ଟ; 8. ଅକଟା; 9. ନୀଚ; 10. [illegible]; 11. ଦୁରନ୍ତ ।
Rudely, *ad.* 1. ଅଜାଣଭାବେ; 2. ଅଶିଷ୍ଟଭାବେ; 3. ଅସଭ୍ୟରୂପେ ।
Rudeness, *n.* ଅସଭ୍ୟତା । [ବିଜ୍ଞାନର ମୂଳତତ୍ତ୍ୱ ।
Rudiment, *n.* 1. ଉପକ୍ରମଣିକା; 2. ମୂଳସୂତ୍ର; 3. *pl.*
Rudimentary, *a.* 1. ଉପକ୍ରମଣିକା ସମ୍ବନ୍ଧୀୟ; 2. ମୂଳସୂତ୍ର ସୂଚକ; 3. ପ୍ରାଥମିକ; 4. ଅପକ୍ୱ ।
Rue, (1) *n.* ଶୋକସନ୍ତାପର ନିଦର୍ଶନସ୍ୱରୂପ ତିକ୍ତ ପତ୍ର ଓ ହଳଦିଆ ପୁଷ୍ପ ଯୁକ୍ତ ବୃକ୍ଷ ।
Rue (2) *v.t.* 1. ଦୁଃଖ-କ; 2. ବିଳାପ-କ; 3. ଅନୁତାପ-କ; 4. କଠୋରବସ୍ତୁରୁ କ୍ଷାନ୍ତ ହେବାପାଇଁ ଚେଷ୍ଟା -କ ।—*v.i.* 1. ଶୋକାର୍ତ୍ତ-ହେ; 2. କ୍ଲିଷ୍ଟ-ହେ; 3. କରୁଣାଯୁକ୍ତ-ହେ ।—*n.* ଶୋକ ।
Rueful, *a.* 1. ଶୋକାନ୍ୱିତ; 2. ଦୟାଜନକ; 3. ଶୋଚନୀୟ; 4. କଷଣ୍ଟ ।
Ruefulness, *n.* ଶୋଚନୀୟତା ।
Ruff, (1) *n.* 1. ପୂର୍ବକାଳୀନ କୁଞ୍ଚିତ କଣ୍ଠଭୂଷଣ; 2. ପକ୍ଷିର ଗଳଦେଶସ୍ଥ ପକ୍ଷଗୁଚ୍ଛ ।
Ruff, (2) *n.* ଏକପ୍ରକାର ଇଂଲଣ୍ଡୀୟ ସ୍ୱାଦୁ ମିଠା ମାଛ ।
Ruffian, *n.* 1. ଗୁଣ୍ଡା, ଦସ୍ୟୁ; 2. ଘାତକ; 3. ଲୁଟେରା ।—*a.* 1. ପାଶବ; 2. ଗୁଣ୍ଡାମୀଳିଆ; 3. ଲମ୍ପଟୀ ।
Ruffianly, *a.* 1. ଦସ୍ୟୁବତ୍; 2. ଅତ୍ୟାଚାରୀ ।
Ruffle, *v.t.* 1. ଚକ୍ରାଟ-କ; 2. ଅସ୍ଥିର-କ ।—*v.i.* 1. ଅସ୍ଥିର-ହେ; 2. ଦୋଳାୟମାନ-ହେ ।—*n.* 1. ଅସ୍ଥିରତା; 2. ବିବାଦ; 3. ଚକ୍ରାଟ ।
Rufous, *a.* 1. ଈଷତ୍ ଲାଲ; 2. କପିଳବର୍ଣ୍ଣବିଶିଷ୍ଟ ।
Rug, *n.* 1. ଦରି, ଶତରଞ୍ଜି; 2. କମ୍ବଳ ।
Rugged, *a.* 1. ରଗଡ଼ା; 2. ଅବଡ଼ାଖାବଡ଼ା, ଅସମାନ; 3. ଲୋମଶ; 4. ରୁକ୍ଷକଟୁ; 5. କରଡ଼ା । [ଭାବେ ।
Ruggedly, *ad.* 1. ଅସମାନରୂପେ; 2. ରୁକ୍ଷକଟୁ-
Ruggedness, *n.* 1. ଅସମାନତା; 2. ରୁକ୍ଷକଟୁତା ।
Ruin, *n.* 1. ବିନାଶ; 2. ଉଚ୍ଛେଦ; 3. ଧ୍ୱଂସ; 4. ନିପାତ; 5. ଉଜାଡ଼ ।—*v.t.* 1. ବିନାଶ-କ; 2. ଉଚ୍ଛିନ୍ନ-କ; 3. ନଷ୍ଟ-କ; 4. ଭ୍ରଷ୍ଟ-କ ।—*v.i.* 1. ନଷ୍ଟ -ହେ; 2. ଜୀର୍ଣ୍ଣଶୀର୍ଣ୍ଣ-ହେ; 3. କ୍ଷୟପ୍ରାପ୍ତ-ହେ ।
Ruination, *n.* 1. ସର୍ବନାଶ; 2. ଉଚ୍ଛିନ୍ନତା ।
Ruinous, *a.* 1. ବିନାଶକ; 2. ଧ୍ୱଂସପ୍ରାପ୍ତ ।
Ruinously, *ad.* ବିନାଶକରୂପେ ।
Rule, *n.* 1. ଶାସନ; 2. ମୂଳସୂତ୍ର; 3. ଆଦେଶ; 4. ବ୍ୟବସ୍ଥା, ନିୟମ; 5. ବିଧି; 6. ରେଖା ଟାଣିବାର ଦଣ୍ଡ; 7. ପ୍ରଥା ।—*v.t.* 1. ମୀମାଂସା-କ; 2. ଶାସନ-କ; 3. ଦଣ୍ଡ ଦ୍ୱାରା ରେଖା ଟାଣିବା ।—*v.i.* 1. କର୍ତ୍ତୃତ୍ୱ-କ; 2. ନିଷ୍ପତ୍ତି-କ; 3. ନିର୍ଦ୍ଦିଷ୍ଟ-ହେ ।—Rule of three, ତ୍ରୈରାଶିକ । Rule of thumb, ମୋଟାମୋଟି ପ୍ରଣାଳୀ । To rule the roost, ଅନ୍ୟଙ୍କ ଉପରେ କର୍ତ୍ତୃ-ପଣ-କ । [ଟାଣିବା ଦଣ୍ଡ ।
Ruler, *n.* 1. ଭୂପତି; 2. ଶାସନକର୍ତ୍ତା; 3. ରେଖା
Ruling, *a.* 1. କର୍ତ୍ତୃତ୍ୱକାରୀ; 2. ପ୍ରଚଳିତ; 3. ଶାସନ-କାରୀ ।
Rum, (1) *n.* ଗୁଡ଼ରୁ ପ୍ରସ୍ତୁତ ଏକପ୍ରକାର ସୁରା । [ଧାରଣ ।
Rum, (2) *a.* 1. ଅଦ୍ଭୁତ; 2. ହାସ୍ୟକର; 3. ଅସ୍ୱା-
Ruminant, *a.* ରୋମନ୍ଥକ ।
Ruminate, *v.i.* 1. ରୋମନ୍ଥ-କ; 2. ଧ୍ୟାନ-କ ।
Rumination, *n.* 1. ରୋମନ୍ଥକରଣ; 2. ଗଭୀର ଧ୍ୟାନ ।
Rummage, *v.t.* ଓଲଟପାଲଟ କରି ଖୋଜିବା ।—*n.* ସୂକ୍ଷ୍ମ ଅନୁସନ୍ଧାନ ।—Rummage sale, ବେ-ଦାବୀଦାର ପୁରୁଣା ଜିନିଷର ନିଲାମ ।
Rummy, *a.* ଅଦ୍ଭୁତ । [*v.t.* ଜନରବ-କ ।
Rumour, *n.* 1. ଜନରବ, ଜନଶ୍ରୁତି; 2. କିମ୍ବଦନ୍ତୀ ।—
Rump. *n.* 1. ପଶୁର ପଶ୍ଚାଦ୍ଦେଶ; 2. ନିତମ୍ବ ।
Rumple, *v.t.* 1. ଦଳାମଳା-କ; 2. ଅଳିଆ-କ ।
Rumpus, *n.* 1. କଳହ; 2. ଗୋଳମାଳ ।
Run, *v.i.* 1. ଦୌଡ଼ିବା, ଧାଇଁବା; 2. ଧାରମତେ ପଡ଼ିବା; 3. ପ୍ରବାହିତ-ହେ; 4. ଚଳିବା; 5. ବ୍ୟବହାର-ହେ; 6. ବେଗେ ପଳାଇ ଯିବା; 7. ପଦପ୍ରାର୍ଥୀ-ହେ; 8. କ୍ରମଶଃ ଘଟ-କ; 9. ନିରନ୍ତର ଚାଲିବା; 10. ପ୍ରଚଳିତ-ହେ; 11. ପଳାଇବା; 12. ବ୍ୟାପ୍ତ-ହେ; 13. ତରଳିଯିବା; 14. ଟଙ୍କବଙ୍କ ପୂରିବା; 15. ପୁଞ୍ଜ ଅଦ ବାହାରିବା; 16. ବ୍ୟାଙ୍କରୁ ହଠାତ୍ ଟଙ୍କା ଦାବୀ-କ ।—*v.t.* 1. ଦୌଡ଼ାଇବା; 2. ପ୍ରବେଶ କରାଇବା; 3. ତରଳାଇବା; 4. ପୁଞ୍ଜ ଅଦ ନିର୍ଗତ-କ; 5. ଏକାଥରେ ଅନେକ ଟଙ୍କା ମାଗିବା; 6. କୌଶଳକ୍ରମେ ଏଡ଼ାଇବା; 7. ଚଳା-ଇବା ।—*n.* 1. ଧାବନ; 2. ଗମନମାର୍ଗ; 3. ପ୍ରବାହ; 4. କ୍ଷତରୁ ନିର୍ଗମନ; 5. ଜାହାଜର ଦୈନିକ ଗତି; 6. ଜିନିଷ ପାଇବା ନିମନ୍ତେ ଲୋକସମୂହର ମାଗୁଣି; 7. ବ୍ୟାଙ୍କରୁ ହଠାତ୍ ଟଙ୍କା ଦାବୀ; 8. ଅଳ୍ପକାଳୀନ ଯାତ୍ରା; 9. "Base-ball" ଖେଳରେ ପେଣ୍ଡୁ ମାରିବା ଲୋକର ଏକଥର ପରିଭ୍ରମଣ; 10. "Cricket" ଖେଳରେ ପେଣ୍ଡୁ ମାରିବା ଲୋକର ଏକ ପାଖରୁ ଅନ୍ୟ ପାଖକୁ ଗୋଟିଏ ଦୌଡ଼; 11. କୁକୁଟୀର ଚରସ୍ଥାନ । To run across, ଦୈବାତ୍ ଭେଟିବା । To run away with, 1. ଅନ୍ୟର ଉପରେ ଘେନିଯିବା; 2. ପଳାୟନ କାଳେ ଘେନିଯିବା । To run down, 1. ଦୌଡ଼ାଇ କ୍ଳାନ୍ତ-କ; 2. ଜାହାଜକୁ ଧକ୍କା ମାରି ବୁଡ଼ାଇବା; 3. ଅପବାଦ-କ । To run in, 1. ପଶିବା; 2. ହାଜତକୁ ନେଇଯିବା । To run into debt, ଋଣ-ଗ୍ରସ୍ତ-ହେ । To run to seed, ଅତିରିକ୍ତ ପକ୍ୱତା ହେତୁ ଅବ୍ୟବହାର୍ଯ୍ୟ-ହେ । To run up, 1. ଶୀଘ୍ର ଗଠନ-କ; 2. ଟେକିବା । In the long run, ସର୍ବଶେଷରେ । In the running, 1. ପଣ ପାଇବା ପାଇଁ ଧାବକମାନଙ୍କ ମଧ୍ୟରେ ଥିବା; 2. ପଣ ପାଇବା ପାଇଁ ଆଶାନ୍ୱିତ ହେବା । Out of the running, 1. ପଣ ପାଇବାପାଇଁ ଧାବକମାନଙ୍କ ମଧ୍ୟରେ ନ ଥିବା; 2. ପଣ ପାଇବା ପାଇଁ ଅଶାନ୍ୱିତ ନୋହିବା । The run of mankind, ସାଧାରଣ ଲୋକସମୂହ ।

**Runaway**, *n.* ପଳାତକ ।—*a.* ପଳାୟନକାରୀ ।
**Rune**, *n.* ଉତ୍ତର ଇଉରୋପ ମହାଦେଶରେ ଷଷ୍ଠଦଶ ଶତାବ୍ଦୀ ପର୍ଯ୍ୟନ୍ତ ବ୍ୟବହାର୍ଯ୍ୟ ଅକ୍ଷର ।
**Runic**, *a.* ଉତ୍ତର ଇଉରୋପ ନିବାସୀ ବା ତତ୍ସ୍ଥ ଅକ୍ଷର ସମ୍ବନ୍ଧୀୟ । [ପିଅଦା; 5. ହରକରା ।
**Runner**, *n.* 1. ଧାବକ; 2. ଦୂତ; 3. ଓହଳ; 4.
**Running**, *a.* 1. ଧାବମାନ; 2. କ୍ରମିକ; 3. ଗଡ଼ିଗଡ଼ି; 4. ବେଗଗାମୀ ।—*n.* 1. ବେଗଗମନ; 2. କ୍ଷତରୁ ନିର୍ଗମନ; 3. କୌଶଳରେ ଅତିକ୍ରମ ।
**Rupee**, *n.* ଏକଟଙ୍କା, ଷୋହଳ ଅଣାର ମୂଲ୍ୟର ରୌପ୍ୟ ମୁଦ୍ରା ।
**Rupture**, *n.* 1. ସ୍ଫୁଟନ; 2. ଶାନ୍ତିଭଙ୍ଗ; 3. ଅନ୍ତ୍ରବୃଦ୍ଧି ।—*v.t.* 1. ସ୍ଫୁଟନ-କ; 2. ବଳାତ୍କାରରେ ଛିନ୍ନ-କ ।—*v.i.* ଛିନ୍ନ-ହେ । [ନ୍ଧୀୟ ।
**Rural**, *a.* 1. ଗ୍ରାମ୍ୟ; 2. ମଫସଲୀୟ; 3. କୃଷି ସମ୍ବ-
**Ruse**, *n.* 1. ଫିକର; 2. ଫାନ୍ଦି ।
**Rush**, (1) *v.i.* 1. ପ୍ରଚଣ୍ଡବାୟୁବତ୍ ଗତି-କ; 2. ଠେଲି ମାଡ଼ି ଯିବା; 3. ଉଗ୍ରଭାବେ ପ୍ରବେଶ-କ ।—*v.t.* ଠେଲି-ଦେ ।—*n.* 1. ବଳରେ ପ୍ରବେଶକରଣ; 2. ଏକତ୍ର; 3. ବ୍ୟସ୍ତତା ।
**Rush**, (2) *n.* 1. ଜଳଗଛ; 2. ଜାଗର ମୁଥା ।
**Rush-light**, *n.* ବାଉଁରିଆ ବତି ।
**Rusk**, *n.* ଦୁଇଥର ଟାଣ ଓ ମାଟିଆ ରଙ୍ଗି ରୁଟୀ ।
**Russet**, *a.* 1. ମାଟିଆ ରଙ୍ଗ; 2. ମୋଟା ।
**Russian**, *a.* ରୁଷ୍ ଦେଶୀୟ ।

**Rust**, *n.* କଳଙ୍କ, ଲୌହର ମଳ ।—*v.i.* 1. କଳଙ୍କୀ-ହେ; 2. ଅବ୍ୟବହାର ଯୋଗୁ ନଷ୍ଟ-ହେ ।—*v.t.* କଳଙ୍କଯୁକ୍ତ-କ ।
**Rustic**, 1. ମଫସଲ ସମ୍ବନ୍ଧୀୟ; 2. ଗାଉଁଲି; 3. ଜଙ୍ଗଲ ।
**Rusticate**, *v.t.* ଅଳ୍ପକାଳ ନିମନ୍ତେ ବିଦ୍ୟାଳୟରୁ ବହିଷ୍କୃତ-କ ।—*v.i.* ମଫସଲରେ ବସତି-କ ।
**Rustication**, *n.* ଅଳ୍ପକାଳ ନିମନ୍ତେ ବିଦ୍ୟାଳୟରୁ ବହିଷ୍କରଣ । [ଅଶିଷ୍ଟତା ।
**Rusticity**, *n.* 1. ମଫସଲୀ ଢଙ୍ଗ; 2. ସାରଲ୍ୟ; 3.
**Rustle**, *v.i.* 1. ଖସ୍୬ ଶବ୍ଦ-କ; 2. ମର୍ମ୍ମର ଶବ୍ଦ-କ ।—*n.* 1. ଖସ୍୬ ଶବ୍ଦ; 2. ମର୍ମ୍ମର ଶବ୍ଦ ।
**Rustling**, *n.* 1. ଖସ୍୬ ଶବ୍ଦ; 2. ମର୍ମ୍ମର ଶବ୍ଦ ।
**Rusty**, *a.* 1. କଳଙ୍କିତ; 2. ଅଭ୍ୟାସ ଭ୍ରଷ୍ଟ; 3. ନିସ୍ତେଜ ।
**Rut**, (1) *n.* ଚକଦାଗ, ଶଗଡ଼ର ଗଳି ବା ଦାଣ୍ଡୀ ।
**Rut**, (2) *n.* 1. ଶୃଙ୍ଗାର; 2. ପଶ୍ୱାଦିର ସଙ୍ଗମ କାଳ ।—*v.i.* ପଶ୍ୱାଦିର ସଙ୍ଗମ କାଳ-ହେ ।
**Ruthfully**, *ad.* ଶୋଚନୀୟଭାବେ ।
**Ruthless**, *a.* 1. ନିର୍ଦ୍ଦୟ; 2. କୃପାହୀନ; 3. ନିଷ୍ଠୁର ।
**Ruthlessly**, *ad.* ନିର୍ଦ୍ଦୟଭାବେ ।
**Ruthlessness**, *n.* ନିର୍ଦ୍ଦୟତା ।
**Ruttish**, *a.* ସଙ୍ଗମେଚ୍ଛୁ ।
**Rutty**, *a.* ଚକଦାଗପୂର୍ଣ୍ଣ ।
**Rye**, *n.* ଗହମ ଓ ଯବ ଜାତିର ଶସ୍ୟ ବିଶେଷ ।
**Rye-grass**, *n.* ଉକ୍ତ ଶସ୍ୟ ସଦୃଶ ଏକପ୍ରକାର ଘାସ ।
**Ryot**, *n.* ରଇତ, ରୟତ, ପ୍ରଜା ।

# S.

**S**, *n.* 1. ଇଂରାଜୀ ବର୍ଣ୍ଣମାଳାର ଊନବିଂଶତ ଅକ୍ଷର; 2. ରୋମୀୟ ଗଣନାନୁସାରେ ସାତ ବା ସତୁରି ସଂଖ୍ୟାର ସଙ୍କେତ ।
**Sabaoth**, *n. pl.* ସୈନ୍ୟ ସାମନ୍ତବର୍ଗ ।
**Sabbatarian**, *n.* 1. ବିଶ୍ରାମବାରର ଯଥାର୍ଥ ପାଳନକାରୀ; 2. ସପ୍ତାହର ସପ୍ତମ ଦିବସକୁ ବିଶ୍ରାମବାର ବୋଲି ଯେ ପାଳନ କରେ ।
**Sabbath**, *n.* 1. ବିଶ୍ରାମବାର; 2. ଯିହୁଦୀୟମାନଙ୍କ ମଧ୍ୟରେ ସପ୍ତାହର ସପ୍ତମ ଓ ଖ୍ରୀଷ୍ଟିୟାନମାନଙ୍କ ମଧ୍ୟରେ ପ୍ରଥମ ଦିବସ; 3. ବିଶ୍ରାମକାଳ ।
**Sabbath-day's journey**, *n.* ପ୍ରାୟ ଅଧ ପା ମାଇଲ ବାଟ ଯାହା ଯିହୁଦୀୟମାନଙ୍କର ବିଶ୍ରାମବାରରେ ଚାଲିବାର ଅଧିକାର ଥିଲା ।
**Sabbatical year**, *n.* ବିଶ୍ରାମବର୍ଷ ଅର୍ଥାତ୍ ଯେଉଁ ପ୍ରତ୍ୟେକ ସପ୍ତମବର୍ଷରେ ଯିହୁଦୀୟମାନେ ଭୂମିକୁ କୃଷି ନ କରି ତାହା ପଡ଼ିଆ ଛାଡ଼ୁଥିଲେ ।
**Sabian**, *n.* ରବିଶଶିତାରକାଦିର ପୂଜକ ।
**Sabianism**, *n.* ପାରସ୍ୟଦେଶରେ ପୂର୍ବକାଳୀନ ରବିଶଶିତାରକାଦିର ପୂଜା ।
**Sable**, *n.* 1. ଲୋମ ସକାଶେ ମୂଲ୍ୟବାନ୍ ନକୁଳଜାତୀୟ ଛୋଟିଏ ଜନ୍ତୁ; 2. ଏହାର ଗାଢ଼ ମାଟିଆ ବା କଳା ରଙ୍ଗର ଲୋମ; 3. ଏହାର ଲୋମରେ ନିର୍ମିତ ଚିତ୍ର ଅଙ୍କିବାର ତୁଳି; 4. କୃଷ୍ଣବର୍ଣ୍ଣ; 5. ଦୁଃଖସୂଚକ କୃଷ୍ଣବର୍ଣ୍ଣ ପୋଷାକ ।—*a.* 1. "Sable" ଜନ୍ତୁର ଲୋମର ରଙ୍ଗ; 2. ଉକ୍ତ ଜନ୍ତୁର ଲୋମନିର୍ମିତ । [ବିଶେଷ ।
**Sabot**, *n.* ଇଉରୋପୀୟ କୃଷକମାନଙ୍କର କାଠଯୋତା
**Sabotage**, *n.* ମେଲିଆମାନଙ୍କର ଅତ୍ୟାଚାର ।
**Sabre**, *n.* 1. ଅଶ୍ୱାରୋହୀ ସେନାର ଏକଧାରଯୁକ୍ତ ବକ୍ର ଖଡ୍ଗ; 2. କରବାଳ, ତରବାରି ।—*v.t.* ତରବାରିଦ୍ୱାରା ଆଘାତ ବା ବଧ-କ ।
**Sac**, (1) *n.* ମୁଣା ।
**Sac**, (2) *n.* ସ୍ୱ ତାଲୁକରେ ଇଂରାଜୀ କୁଳୀନ ଲୋକର ବିଚାର କରିବା କ୍ଷମତା । [ପଦାର୍ଥ ।
**Saccharin**, *n.* ଗନ୍ଧକାମ୍ଳ ଓ ଚିନିଠାରୁ ମଧୁର ଏକପ୍ରକାର
**Sacerdotal**, *a.* 1. ଯାଜକୀୟ; 2. ପୁରୋହିତ ସମ୍ବନ୍ଧୀୟ ।
**Sacerdotalism**, *n.* 1. ପୁରୋହିତ ଭାବ; 2. ପୌରୋହିତ୍ୟ ପ୍ରଭୁତ୍ୱ; 3. ପ୍ରଭୁଙ୍କ ଭୋଜ ପାଳନ ସମୟରେ ପୁରୋହିତ ଯେ ପ୍ରକୃତରେ ଗୋଟିଏ ବଳି ଉତ୍ସର୍ଗ କରନ୍ତି ଏହି ମତ ।
**Sachet**, *n.* ଅତର ଥଳୀ ।
**Sack**, (1) *n.* 1. ବସ୍ତା, ଅଖା; 2. ବସ୍ତାଏ ପରିମାଣ; 3. ପରିମାଣ ବିଶେଷ ।—*v.t.* ବସ୍ତାରେ ପୂରାଇବା ।

Sack, (2) *v.t.* 1. ଲୁଟ୍‌ପାଟ୍-କ; 2. ଉଜାଡିବା ।—*n.* 1. ଲୁଟପାଟ୍; 2. ଧ୍ୱଂସ ।
Sack, (3) *n.* ସ୍ପେନ୍‌ର ମଦ୍ୟବିଶେଷ ।—To get the sack, କାର୍ଯ୍ୟରୁ ବିଦାୟ ପାଇବା ।—To give the sack, କାର୍ଯ୍ୟରୁ ବିଦାୟ ଦେବା ।
Sackbut, *n.* 1. ଭେରୀ, ଶୃଙ୍ଗ; 2. ତନ୍ତୁଯନ୍ତ୍ରୀ ।
Sackcloth, *n.* 1. ଚଟ; 2. ଶୋକ ବା ପଶ୍ଚାତ୍ତାପସୂଚକ ମୋଟ ଲୁଗା ।
Sackful, *n.* ଅଖେ ବା ବସ୍ତାଏ ପରିମାଣ ।
Sacking *n.* ଅଖା, ଚଟଲୁଗା ।
Sacque, *n.* Sometimes spelt Sack. ସ୍ତ୍ରୀମାନଙ୍କର ଏକପ୍ରକାର ଢିଲା ପୋଷାକ ।
Sacrament, *n.* 1. ଧର୍ମକୃତ୍ୟ; 2. ପ୍ରଭୁଙ୍କ ଭୋଜ; 3. ଶପଥ; 4. ଧର୍ମବନ୍ଧନ । [ଭୋଜରେ ବ୍ୟବହୃତ ।
Sacramental, *a.* 1. ଧର୍ମକୃତ୍ୟ ସମ୍ପର୍କୀୟ; 2. ପ୍ରଭୁଙ୍କ
Sacramentally, *ad.* ଧର୍ମକୃତ୍ୟ ପ୍ରମାଣେ । [ପୋଷକ ।
Sacramentarian, *n.* ଧର୍ମକୃତ୍ୟର ପବିତ୍ରତା ପୃଷ୍ଠ-
Sacramentary, *a.* 1. ପ୍ରଭୁଙ୍କ ଭୋଜସମ୍ବନ୍ଧୀୟ; 2. ଧର୍ମକୃତ୍ୟର ପବିତ୍ରତା ପୃଷ୍ଠପୋଷକ ସମ୍ବନ୍ଧୀୟ ।—*n.* ରୋମାନ୍ କାଥଲିକ୍ ମଣ୍ଡଳୀରେ ପ୍ରଭୁଙ୍କ ଭୋଜର ପଦ୍ଧତି ।
Sacred, *a.* 1. ପ୍ରତିଷ୍ଠିତ; 2. ପବିତ୍ର; 3. ଈଶ୍ୱରଦତ୍ତ; 4. ପୁଣ୍ୟବନ୍ତ; 5. ଧର୍ମ ସମ୍ବନ୍ଧୀୟ; 6. ପୂଜନୀୟ; 7. ଅଲଂଘ୍ୟ; 8. ପାରମାର୍ଥିକ ।
Sacredly, *ad.* 1. ଧର୍ମଭାବେ; 2. ପୁଣ୍ୟବନ୍ତରୂପେ ।
Sacredness, *n.* 1. ଧର୍ମଭାବ; 2. ପୁଣ୍ୟବତ୍ତ୍ୱ ।
Sacrifice, *v.t.* 1. ବଳିଦାନ-କ; 2. ହୋମ-କ; 3. ଯଜ୍ଞ-କ; 4 ପରିତ୍ୟାଗ-କ; 5. କ୍ଷତିସ୍ୱୀକାର-କ ।—*v.i.* ଈଶ୍ୱରଙ୍କ ଉଦ୍ଦେଶେ ସାମଗ୍ରୀ ଉତ୍ସର୍ଗ-କ ।—*n.* 1. ଯଜ୍ଞ, ହୋମ, ନୈବେଦ୍ୟ; 2. ବଳିଦାନକରଣ; 3. ତ୍ୟାଗସ୍ୱୀକାର; 4. ଉତ୍ସର୍ଗ; 5. କ୍ଷତିପ୍ରାପ୍ତି ।
Sacrificial, *a.* 1. ହୋମ ସମ୍ବନ୍ଧୀୟ; 2. ଯଜ୍ଞୀୟ; 3. ବଳିଦାନକାରକ ।
Sacrilege, *n.* 1. ପବିତ୍ର ବସ୍ତୁ ବା ସ୍ଥାନ ପ୍ରତି ଅନୁଚିତ ବ୍ୟବହାର; 2. ଈଶ୍ୱରଙ୍କୁ ଦତ୍ତ ଦ୍ରବ୍ୟ ହରଣ ।
Sacrilegous, *a.* 1. ଈଶ୍ୱରଙ୍କୁ ଦତ୍ତ ଦ୍ରବ୍ୟ ହରଣ ଦୋଷରେ ଦୂଷିତ; 2. ଅପବିତ୍ର ।
Sacrilegously, *ad.* ଅପବିତ୍ରଭାବେ ।
Sacristan, *n.* ଭଜନାଳୟ ଦ୍ରବ୍ୟାଦି ରକ୍ଷକ ।
Sacrosanct, *a.* ମହାପବିତ୍ର, ଅତି ପୁଣ୍ୟବାନ୍ ।
Sacrum, *n.* ପୃଷ୍ଠାସ୍ଥିର ନିମ୍ନଭାଗୀୟ ତ୍ରିକୋଣାକୃତି ଅସ୍ଥି ।
Sad, *a.* 1. ଦୁଃଖପୂର୍ଣ୍ଣ; 2. ଉଦାସ; 3. ବିଷଣ୍ଣ, ମ୍ଳାନ; 4. ନିରାନନ୍ଦ; 5. ଅନ୍ଧକାର ।
Sadden, *v.t.* 1. ଦୁଃଖ-ଦେ; 2. ବିଷଣ୍ଣ-କ; 3. ନିରାନନ୍ଦ-କ ।—*v.i.* ବିଷାଦଯୁକ୍ତ-ହେ ।
Saddle, *n.* 1. ଜିନ୍, ଘୋଡାର ଗଦି; 2. ପର୍ଯ୍ୟାଣ; 3. ପଶୁର ଏକ ପାର୍ଶ୍ୱସ୍ଥ ପୃଷ୍ଠାସ୍ଥି ଓ ପଞ୍ଜରରେ ସଂଯୁକ୍ତ ମାଂସଖଣ୍ଡ; 4. ଶୁକ୍ ଗାଡିର ଆସନ ।—*v.t.* 1. ଜିନ୍ ଲଗାଇବା; 2. ବୋହାଇ-କ; 3. ଭାରାକ୍ରାନ୍ତ-କ ।
Saddle-bag, *n.* ଘୋଡା ପିଠିରେ ଝୁଲାଇବା ପାଇଁ ଚମଡାଦ୍ୱାରା ବନା ଦୁଇ ମୁଣି ମଧ୍ୟରୁ ଏକ ମୁଣି ।
Saddle-cloth, *n.* ଜିନ୍‌ର ଲୁଗା ।
Saddle-horse, *n.* ଜିନ୍ ସବାରୁ ଘୋଡା ।
Saddler, *n.* ଜିନ୍ ନିର୍ମାତା ।
Saddlery, *n.* 1. ଜିନ୍ ନିର୍ମାତାର ବ୍ୟବସାୟ; 2. ଜିନ୍ ପ୍ରସ୍ତୁତ କରିବାର ଉପକରଣ; 3. ଜିନ୍ ନିର୍ମାତାଦ୍ୱାରା ବିକ୍ରୀତ ସାମଗ୍ରୀ । [ଦଳର ଲୋକ ।
Sadducee, *n.* ପୁନରୁତ୍ଥାନ ନାସ୍ତିକ ଅବିଶ୍ୱାସୀ ଯିହୁଦୀୟ
Sadduceeism, *n.* ପୂର୍ବୋକ୍ତମତ ।
Sadly, *ad.* ବିଷଣ୍ଣଭାବେ ।
Sadness, *n.* ବିଷଣ୍ଣତା ।
Safe, *a.* 1. ସୁରକ୍ଷିତ; 2. ନିରାପଦ; 3. ନିଃଶଙ୍କ; 4. ରକ୍ଷାକାରୀ; 5. ବିଶ୍ୱସ୍ତ; 6. ନିଶ୍ଚିତ ।—*n.* 1. ନିରାପଦରେ ଟଙ୍କା ରଖିବାପାଇଁ ଲୁହାସିନ୍ଦୁକ; 2. ମାଂସ ରଖିବାପାଇଁ ଡୋଲି ।
Safeguard, *n.* 1. ରକ୍ଷକ; 2. ରକ୍ଷଣ; 3. ଅଭୟପତ୍ର, ଦସ୍ତକ୍; 4. ରେଲବାଟର ଧାରରେ ପ୍ରହରୀ ।
Safekeeping, *n.* ରକ୍ଷା, ସୁରକ୍ଷଣ ।
Safely, *ad.* 1, ନିରାପଦେ; 2. ସୁରକ୍ଷିତଭାବେ ।
Safety, *n.* 1. ସୁରକ୍ଷା; 2. ନିର୍ଭୟତା, ନିରାପଦତା ।
Safety-bicycle, *n.* ସାନ ଚକଥିବା ଶୁକ୍ ଗାଡି ।
Safety-lamp, *n.* ଖଣିରେ ବ୍ୟବହୃତ ହେବା ପାଇଁ ସୁଆବୃତ ପ୍ରଦୀପ । [ଜଳି ଉଠିବା ଦିଆସିଲି ।
Safety-match, *n.* କେବଳ ପ୍ରସ୍ତୁତ ସ୍ଥାନରେ ଘଷିଲେ
Safety-valve *n.* ଅତିରିକ୍ତ ବାଷ୍ପ ନିର୍ଗମନର କବାଟି ।
Safflower, *n.* କୁସୁମ ଫୁଲ ।
Saffron, *n.* 1. କୁଙ୍କୁମ, ଜାଫ୍ରାନ; 2. କୁଙ୍କୁମ ପୁଷ୍ପରୁ ପ୍ରସ୍ତୁତ ରଙ୍ଗ ।—*a.* ହଳଦିରଙ୍ଗ ।
Sag, *v.i.* ଭାରରେ ନୁଇଁ ପଡିବା । [ବିଚକ୍ଷଣ ।
Sagacious, *a.* 1. ବୋଧା; 2. ସୁବିବେଚକ; 3.
Sagaciously, *ad.* ସୁବିବେଚକଭାବେ ।
Sagaciousness, *n.* ସୁବିବେଚକତା । [ବିଚକ୍ଷଣତା ।
Sagacity, *n.* 1. ତୀକ୍ଷ୍ଣବୁଦ୍ଧି; 2. ସୁବିବେଚକତ୍ୱ; 3.
Sage, (1) *n.* ପୋଦିନା ଜାତୀୟ ବୃକ୍ଷ ।
Sage, (2) *n.* 1. ଋଷି, ମୁନି; 2. ଜ୍ଞାନୀ ଲୋକ ।—*a* 1. ପ୍ରାଜ୍ଞ; 2. ଜ୍ଞାନୀ ।
Sagely, *ad.* 1. ଜ୍ଞାନଭାବେ; 2. ପ୍ରାଜ୍ଞରୂପେ ।
Sageness, *n.* ପ୍ରାଜ୍ଞତା ।
Sagittarious, *n.* ଧନୁରାଶି, ଧାନୁଷ୍କ ।
Sago, *n.* ସାଗୁଦାନା ।
Sago-palm, *n.* ସାଗ ଗଛ ।
Sahib, *n.* ସାହେବ ।
Sail, *n.* 1. ପାଲ; 2. ଜାହାଜ; 3. ଜଳଯାତ୍ରା; 4. ଜାହାଜ ଶ୍ରେଣୀ; 5. ପବନଚକର ଦଣ୍ଡ ।—*v.i.* 1. ପାଲଦ୍ୱାରା ଚାଳିତ-ହେ; 2. ଜଳଯାତ୍ରା-କ; 3. ଜାହାଜରେ ଯାତ୍ରାରମ୍ଭ-କ; 4. ଅନାୟାସେ ଗତି-କ ।—*v.t.* 1. ପାଲଦ୍ୱାରା ଚଳାଇବା; 2. ଜଳପଥରେ ଗମନାଗମନ-କ ।—To set sail, ପାଲ ବିସ୍ତାର-କ ।

Sailable, *a.* ଜାହାଜ ଗମନୋପଯୋଗୀ ।
Sail-cloth, *n.* ପାଲ ପ୍ରସ୍ତୁତ କରିବାପାଇଁ ମୋଟାଲୁଗା ।
Sailed, *a.* ବିସ୍ତାରିତ ପାଲଯୁକ୍ତ ।
Sailing, *n.* 1. ପାଲଦ୍ୱାରା ଜାହାଜର ଗମନ; 2. ଜାହାଜ ଚଳାଇବା; 3. ଜାହାଜପଥର ଲିଖିତ ବିବରଣ ।
Sailor, *n.* 1. ଜଳଯାତ୍ରୀ; 2. ନାବିକ; 3. ପୋତବାହକ, ଜାହାଜୀ; 4. ଖଲାସୀ ।
Sailorman, *n.* ଜାହାଜୀଲୋକ ।
Sail-yard, *n.* ପାଲଦଣ୍ଡ ।
Saint, *n.* 1. ସାଧୁ; 2. ପୁଣ୍ୟବନ୍ତ ଲୋକ; 3. ସିଦ୍ଧ ପୁରୁଷ; 4. ସ୍ୱର୍ଗୀୟ ବ୍ୟକ୍ତିଙ୍କ ମୂର୍ତ୍ତି; 5. ଦେବଦୂତ ।—The Communion of Saints, ପୃଥିବୀସ୍ଥ ଓ ସ୍ୱର୍ଗୀୟ ବିଶ୍ୱାସିବର୍ଗର ସହଭାଗିତା ।—Patron Saint, ରକ୍ଷାକାରୀ ସାଧୁ ।
Sainted, *a.* 1. ପୁଣ୍ୟବନ୍ତ; 2. ପବିତ୍ରୀକୃତ; 3. ସ୍ୱର୍ଗୀୟ; 4. ସାଧୁପୁରୁଷ ଶ୍ରେଣୀଭୁକ୍ତ ।
Sainthood, *n.* ସାଧୁପଣ ।
Saintish, *a.* ସାଧୁତୁଲ୍ୟ ।
Saintism, *n.* ସାଧୁର ସ୍ୱଭାବ ।
Saintliness, *n.* ସାଧୁତା ।
Saintly, *a.* ସାଧୁପୁରୁଷୋପଯୋଗୀ ।
Saintship, *n.* ସାଧୁତ୍ୱ ।
Saiva, *n.* ଶୈବ ।
Saivism, *n.* ଶିବପୂଜା ।
Sake, (1) *n.* ଜାପାନ ଦେଶରେ ଚାଉଳରୁ ପ୍ରସ୍ତୁତ ମଦ୍ୟ, ହାଣ୍ଡିଆ ।
Sake, (2) *n.* 1. ସକାଶ; 2. କାରଣ; 3. ଅଭିପ୍ରାୟ ।
Sal, (1) *n.* 1. ଶାଳଗଛ; 2. ଶାଳୁଆ କାଠ ।
Sal, (2) *n.* ଲବଣ ।—Sal volatile, ସୁରାରେ କ୍ଷାରର ଅଙ୍ଗାରାମ୍ଳ ମିଶ୍ରିତ ଗୋଟିଏ ଦ୍ରବ ପଦାର୍ଥ ।
Salacious, *a.* କାମୁକ, ଲମ୍ପଟ ।
Salaciously, *ad.* କାମୁକଭାବେ ।
Salaciousness, Salacity, *n.* କାମୁକତା, ଲାମ୍ପଟ୍ୟ ।
Salad, *n.* ସଲେଡ୍, ଅସିଦ୍ଧ କେତେକ ଶାକର ବ୍ୟଞ୍ଜନ ।—Salad days, ଯୁବାମାନଙ୍କର ଅପକ୍ୱ ଅନୁଭବର ସମୟ ।
Salad-oil, *n.* ଜୀତଫଳର ରସ ।
Salamander, *n.* ଏଣ୍ଡୁଅ ପରି ଏକ ସରୀସୃପ ଯେ ଅଗ୍ନିରେ ବାସ କରି ପାରେ ବୋଲି ଲୋକେ ବିଶ୍ୱାସ କରୁଥିଲେ ।
Salaried, *a.* ବର୍ତ୍ତନଭୋଗୀ, ବେତନପ୍ରାପ୍ତ ।
Salary, *n.* ବର୍ତ୍ତନ, ଦରମାହା ।
Sale, *n.* 1. ବିକ୍ରୟ; 2. ବିକ୍ରୟ କ୍ଷମତା; 3. କିଣିବାର ଇଚ୍ଛା; 4. ସାମୟିକ ହାଟ; 5. ନିଲାମ ।—Forced sale, ମହାଜନଙ୍କଦ୍ୱାରା ବଳପୂର୍ବକ ବିକ୍ରୟ ।—Terms of sale, କ୍ରେତାପାଇଁ ସର୍ତ୍ତ ।
Saleable, *a.* 1. ବିକ୍ରୟଯୋଗ୍ୟ; 2. ପ୍ରୟୋଜନୀୟ ।
Saleableness, *n.* ବିକ୍ରୟଯୋଗ୍ୟତା ।
Saleably, *ad.* ବିକ୍ରୟଯୋଗ୍ୟରୂପେ ।
Sale-room, *n.* ନିଲାମ ଘର ।
Salesman, *n.* ବିକ୍ରୟକାରୀ ।
Saleswoman, *n.* ବିକ୍ରୟକାରିଣୀ ।
Salework, *n.* 1. କେବଳ ବିକିବାପାଇଁ ତିଆରି ଜିନିଷ; 2. ଅବହେଳାରେ କରାହୋଇଥିବା କାର୍ଯ୍ୟ ।
Salicin, Salicine, *n.* ବାଇଶୀ ବୃକ୍ଷର ବକଳରୁ ପ୍ରସ୍ତୁତ ତିକ୍ତ ସ୍ଫଟିକମୟ ଦ୍ରବ୍ୟ ।
Salient, *a.* 1. ଲମ୍ଫଯୁକ୍ତ; 2. ବହିର୍ଗତ; 3. ସୁପ୍ରକାଶିତ; 4. (Geom.) ପ୍ରଧାନ କୋଣସୂଚକ ।
Salify, *v.t.* ଅମ୍ଳଯୋଗେ କ୍ଷାର-କର ।
Saline, *a.* 1. ଲବଣଯୁକ୍ତ; 2. ଲୁଣିଆ ।—*n.* ମୃଦୁ ବିରେଚକ, ଫୁଟି ଉଠିବା ଔଷଧ ।
Salinity, *n.* ଲବଣତ୍ୱ ।
Saliva, *n.* ଲାଳ, ସୃଣିକା ।
Salivary, *a.* 1. ସୃଣିକା ସମ୍ବନ୍ଧୀୟ; 2. ଲାଳ ନିଃସାରକ ।
Salivate, *v.t.* ଲାଳ ଉତ୍ପାଦନ-କର ।
Salivation, *n.* ଅତିରିକ୍ତ ଲାଳା ନିର୍ଗମନ, ସୃଣିକାପାତ ।
Sallow, *a.* ପାଣ୍ଡୁର, ଈଷତ୍ ପୀତ ।
Sally, *n.* 1. ହଠାତ୍ ଆକ୍ରମଣ; 2. ରସିକ ବାକ୍ୟ ହଠାତ୍ ନିର୍ଗମନ ।—*v.t.* 1. ହଠାତ୍ ଆକ୍ରମଣ-କର; 2. ପୋତା ଛାଡି ବାହାରିବା ।
Salmon, *n.* ଖାଦ୍ୟୋପଯୋଗୀ ଏକପ୍ରକାର ମାଛ ଯେ ନଦୀରେ ଜାତ ହୋଇ ସମୁଦ୍ରରେ ବୃଦ୍ଧି ପାଇଲାଉତ୍ତାରେ ଅଣ୍ଡାଦେବାନିମନ୍ତେ ନଦୀକୁ ଫେରି ଆସେ ।
Salmon-colour, *n.* ନାରଙ୍ଗ ଓ ଈଷତ୍ ଲାଲବର୍ଣ୍ଣ ।
Salon, *sa-long'*, *n.* 1. ହଲ୍‌କାମରା; 2. ଭଦ୍ରଲୋକମାନଙ୍କର ବୈଠକ; 3. ପାରିସ୍ ନଗରରେ ଚିତ୍ରକରମାନଙ୍କର ବାର୍ଷିକ ପ୍ରଦର୍ଶନ ।
Saloon, *n.* 1. ସୁସଜ୍ଜିତ ପ୍ରଶସ୍ତ କକ୍ଷ; 2. ଜାହାଜସ୍ଥ ପ୍ରଧାନ କୋଠରି; 3. ରେଲଗାଡିର ସୁସଜ୍ଜିତ କାମରା; 4. ସୁରା ଦୋକାନ୍ ।
Salt, *n.* 1. ଲବଣ, ଲୁଣ; 2. କଟୁତା; 3. ଅନୁଭବୀ ନାବିକ; 4. ପଚନନିବାରକ ଦ୍ରବ୍ୟ; 5. (Chem.) କ୍ଷାର ।—*v.t.* 1. ଲବଣାକ୍ତ-କର; 2. ଲୁଣ-ଦେ ।—*a.* 1. ସଲବଣ; 2. ଲୁଣିଆ; 3. କଟୁ ।—Not worth one's salt, କିଛି କାମର ନୁହେଁ ।—To take with a grain of salt, ସନ୍ଦେହରେ ଗ୍ରହଣ-କର
Saltcellar, *n.* ଲୁଣଦାନ ।
Salter, *n.* 1. ମଲଙ୍ଗୀ; 2. ଲୁଣ ବିକ୍ରେତା ।
Saltish, Salty, *n.* କିଞ୍ଚିତ୍ ଲବଣାକ୍ତ, ଅଳ୍ପ ଲୁଣିଆ ।
Salt-mine, *n.* ଲୁଣ ଖଣି ।
Salt-pan, *n.* ଲବଣ ପ୍ରସ୍ତୁତ ସ୍ଥାନ ।
Saltpetre, *n.* ସୋରା ।
Salt-pit, *n.* ଲବଣାକର ।
Salt-water, *n.* ଲୁଣିଆ ପାଣି ।
Salubrious, *a.* 1. ସ୍ୱାସ୍ଥ୍ୟଜନକ; 2. ହିତକାରୀ ।
Salubriousness, Salubrity, *n.* ସ୍ୱାସ୍ଥ୍ୟଜନକତା ।

Salutary, *a.* 1. ସ୍ୱାସ୍ଥ୍ୟଦାୟକ; 2. ହିତକର ।
Salutariness, *n.* ସ୍ୱାସ୍ଥ୍ୟଦାୟକତା ।
Salutation, *n.* 1. ବନ୍ଦନ; 2. ସମ୍ମାନ ପ୍ରଣାମ, ନମସ୍କାର; 3. ଚୁମ୍ବନ ।
Salute, *v.t.* 1. ମଙ୍ଗଳାକାଙ୍କ୍ଷା ପ୍ରକାଶ-କ; 2. ସାକ୍ଷାତ୍ ସମୟରେ ଚୁମ୍ବନ-ଦେ; 3. ବନ୍ଦନା-କ; 4. ପ୍ରଣାମ-କ; 5. ସମ୍ମାନୀ ତୋପ-ଦେ ।—*n.* 1. ପ୍ରଣାମକରଣ; 2. ସମ୍ମାନୀ ତୋପ; 3. ସମ୍ମାନରେ ଜାହାଜର ପତାକା ଅବନତକରଣ ।
Salvability, *n.* ଉଦ୍ଧାର୍ଯ୍ୟତା ।
Salvable, *a.* ଉଦ୍ଧରଣୀୟ, ରକ୍ଷଣୀୟ ।
Salvage, *n.* 1. ଜାହାଜ ରକ୍ଷଣାର୍ଥ ପୁରସ୍କାର; 2. ନଷ୍ଟ ଜାହାଜରୁ ରକ୍ଷିତ ପଦାର୍ଥ ।
Salvation, *n.* 1. ଉଦ୍ଧାର, ପରିତ୍ରାଣ, ରକ୍ଷା, ମୁକ୍ତି; 2. ପାପମୋଚନ; 3. ମୋକ୍ଷ ।—Salvation Army, ଖ୍ରୀଷ୍ଟ ସେନାଦଳ ।
Salve, *n.* 1. ମଲମ, ପ୍ରଲେପ; 2. ଅଞ୍ଜନ ।
Salver, *n.* ଥାଳୀ, ରେକାବୀ ।
Salvo, (1) *n.* ବ୍ୟତିରେକ । [ଅଗ୍ନିବର୍ଷଣ ।
Salvo, (2) *n.* 1. ସମ୍ମାନୀ ତୋପମାରଣ; 2. ଏକକାଳୀନ
Samaritan, *a.* ଶମିରୋଣୀୟ ।—*n.* 1. ଶମିରୋଣୀୟ ଲୋକ ବା ଭାଷା; 2. ଦୟାଳୁ ବ୍ୟକ୍ତି ।
Samaritanism, *n.* 1. ଦାନଶୀଳସ୍ୱଭାବ; 2. ପରହିତୈଷିତା ।
Sambo, *n.* 1. କାଫ୍ରି ଲୋକ; 2. ଗୋରା ଓ କାଫ୍ରି ସ୍ତ୍ରୀର ସନ୍ତାନର ସନ୍ତାନ ।
Sambur, *n.* ସମ୍ବର ।
Same, *a.* 1. ଏକ ସମାନ; 2. ଏକର; 3. ଅଭିନ୍ନ; 4. ପୂର୍ବୋକ୍ତ ।—At the same time, ତଥାପି ।
Samely, *ad.* ଅଭିନ୍ନରୂପେ ।
Sameness, *n.* 1. ସମାନତା; 2. କ୍ଳେଶଦାୟକ ପୁନରାବର୍ତ୍ତନାଭାବ । [ଦ୍ୱୀପ ସମ୍ବନ୍ଧୀୟ ।
Samoan, *a.* ପ୍ରଶାନ୍ତ ମହାସାଗରସ୍ଥ ସାମୋଆ ନାମକ
Sampan, *n.* ଚୀନ୍ ଓ ଜାପାନ୍ ଦେଶୀୟ ଡଙ୍ଗୀ ।
Sample, *n.* 1. ନମୁନା; 2. ନିଦର୍ଶନ; 3. ଆଦର୍ଶ ।—*v.t.* 1. ନମୁନା ପ୍ରସ୍ତୁତ-କ; 2. ଏକସଙ୍ଗରେ ତୁଳନା-କ; 3. ପରୀକ୍ଷାଦ୍ୱାରା ପରଖ-କ ।
Sampler, *n.* 1. ନମୁନା; 2. ଅକ୍ଷର ଅଙ୍କ ଓ ଶାସ୍ତ୍ରୀୟ ପଦାଦି ଥିବା ଛୁଞ୍ଚିକାମର ନିଦର୍ଶନ ।
Sanatorium, *n.* 1. ସ୍ୱାସ୍ଥ୍ୟକର ସ୍ଥାନ; 2. ସ୍ୱାସ୍ଥ୍ୟାଳୟ ।
Sanatory, *a.* 1. ଆରୋଗ୍ୟକାରକ; 2. ସ୍ୱାସ୍ଥ୍ୟକର ।
Sanctification, *n.* 1. ପବିତ୍ରୀକରଣ; 2. ପବିତ୍ରାବସ୍ଥା; 3. ଧର୍ମ୍ମଭ୍ରଷ୍ଟତାରୁ ବିଶୁଦ୍ଧରୂପ ହେବାପାଇଁ ବିଶ୍ୱାସୀମାନଙ୍କଠାରେ ଈଶ୍ୱରଙ୍କ ଅନୁଗ୍ରହର କାର୍ଯ୍ୟ; 4. ଉତ୍ସର୍ଗୀକରଣ ।
Sanctified, *a.* ପବିତ୍ରୀକୃତ ।
Sanctifier, *n.* 1. ପବିତ୍ର ଯେ କରେ; 2. ପବିତ୍ରାତ୍ମା ।
Sanctify, *v.t.* 1. ପବିତ୍ର-କ; 2. ଧର୍ମ୍ମ ନିମନ୍ତେ ପୃଥକ୍-କ; 3. ଶୁଚି-କ; 4. ଉତ୍ସର୍ଗ-କ; 5. ପୁଣ୍ୟବନ୍ତ-କ ।
Sanctimonious, *a.* 1. ଅଧାର୍ମିକ; 2. କୃତ୍ରିମ ପୁଣ୍ୟବାନ୍ ।
Sanctimoniousness, Sanctimony, *n.* କୃତ୍ରିମ ପୁଣ୍ୟବତ୍ତ୍ୱ, ସାଧୁ ପ୍ରବଞ୍ଚକତା ।
Sanction, *n.* 1. ଅନୁମତିକରଣ; 2. ସମ୍ମତି; 3. ସମର୍ଥନ, ମଞ୍ଜୁର; 4. ଆଦେଶ ।—*v.t.* 1. ସ୍ଥିର-କ; 2. ଅନୁମତି-ଦେ; 3. ସମର୍ଥନ-କ ।
Sanctionable, *a.* ଅନୁମତିଯୋଗ୍ୟ ।
Sanctitude, *n.* 1. ପବିତ୍ରତା; 2. କୃତ୍ରିମ ସାଧୁତା ।
Sanctity, *n.* 1. ପୁଣ୍ୟବତ୍ତ୍ୱ; 2. ସାଧୁତ୍ୱ; 3. ପବିତ୍ରତା ।
Sanctuary, *n.* 1. ପବିତ୍ରସ୍ଥାନ; 2. ମନ୍ଦିର; 3. ମନ୍ଦିରର ଅନ୍ତସ୍ଥସ୍ଥାନ; 4. ଆଶ୍ରୟ ।
Sanctum, *n.* 1. ପୁଣ୍ୟସ୍ଥାନ; 2. ଗୁପ୍ତ କୋଠରି ।
Sanctum sanctorum, *n.* ମହାପବିତ୍ରସ୍ଥାନ ।
Sand, *n.* 1. ବାଲି, ବାଲୁକା; 2. ବାଲୁକାମୟ ତଟ; 3. ସମୟର ପରମାଣୁ ।
Sandal, *n.* 1. ପାଦୁକା; 2. ଚମଡ଼ାଯୁକ୍ତ କଠାଉ ।
Sandalwood, *n.* ଚନ୍ଦନକାଠ ।
Sand-bank, *n.* ଚଡ଼ା, ପୁଲିନ ।
Sand-box, *n.* ବାଲୁକା ଛିଞ୍ଚିବାର ପାତ୍ର ।
Sand-dune, *n.* ବାଲୁକାମୟ ଶ୍ରେଣୀ ।
Sand-fly, *n.* ଏକପ୍ରକାର କାମୁଡ଼ା କ୍ଷୁଦ୍ରତମ ମକ୍ଷିକା ।
Sand-glass, *n.* ବାଲି ଘଡ଼ି ।
Sand-hill, *n.* ବାଲି ପାହାଡ଼ । [ପକ୍ଷୀ ।
Sand-lark, *n.* ବାଲି ଉପରେ ଦୌଡ଼ୁଥିବା ଲମ୍ବଗୋଡ଼ିଆ
Sand-natter, *n.* ବାଲୁକାସ୍ଥିତ ଏକଜାତିର ସାପ ।
Sand-paper, *n.* ଘଷି ଚିକ୍କଣ କରିବାନିମନ୍ତେ ବାଲିଯୁକ୍ତ କାଗଜ ।
Sand-piper, *n.* ବାଲୁକାମୟସ୍ଥାନରେ ଥିବା ଉଚ୍ଚସ୍ୱରବିଶିଷ୍ଟ ଓ ଲମ୍ବଗୋଡ଼ିଆ ପକ୍ଷୀ ।
Sand-pit, *n.* ବାଲି ଖୋଳିବା ଜାଗା ।
Sand-screen, *n.* ବାଲିଚାଲୁଣି ।
Sand-snake, *n.* ଷ୍ଟେଟଲେଜିଆ ବୋଡ଼ାସାପ ।
Sand-spout, *n.* ବାଲୁକାସ୍ତମ୍ଭ ।
Sandstone, *n.* କୁଣ୍ଡାପଥର ।
Sand-viper, *n.* ଯୋମଶିଯୁକ୍ତ ଏକଜାତିର ସାପ ।
Sandwich, *n.* ପାତଳ ମାଂସାଦି ପୁର ହୋଇଥିବା ଦୁଇଖଣ୍ଡ ରୋଟି ।
Sand-worm, *n.* ବାଲିରେ ଥିବା ପୋକ । [ବର୍ଣ୍ଣଯୁକ୍ତ ।
Sandy, *a.* 1. ବାଲୁକାମୟ; 2. ବାଲିଆ; 3. ବାଲୁକା
Sane, *a.* 1. ସଜ୍ଞାନ; 2. ସୁସ୍ଥ; 3. ପ୍ରକୃତିସ୍ଥ ।
Sanely, *ad.* ସଜ୍ଞାନରୂପେ ।
Saneness, *n.* ସଜ୍ଞାନତା ।
Sang-froid, *sang-frwo'*, *n.* 1. ଉଦାସୀନତା; 2. ସ୍ୱସ୍ଥ; 3. ଅବିଚଳିତ୍ତ ।
Sanglant, *a.* 1. ରକ୍ତାକ୍ତ; 2. ଶୋଣିତ ପ୍ରବାହୀ ।
Sanguify, *v.i.* ରକ୍ତରେ ପରିଣତ-ହେ ।—*v.t.* ରକ୍ତ କରାଇବା ।

Sanguinarily, *ad.* ରକ୍ତପୂର୍ଣ୍ଣରୂପେ ।
Sanguinary, *a.* 1. ରକ୍ତାକ୍ତ; 2. ରକ୍ତପାତପ୍ରିୟ; 3. ରକ୍ତଲୋଲୁପ ।
Sanguine, *a.* 1. ରକ୍ତବର୍ଣ୍ଣ; 2. ରକ୍ତାକ୍ତ; 3. ଉତ୍ସାହଶୀଳ; 4. ଭରସାଯୁକ୍ତ ।
Sanguinivorous, *a.* ରକ୍ତଭୁକ୍, ଶୋଣିତଭକ୍ଷୀ ।
Sanhedrim, Sanhedrin, *n.* ଯିହୁଦୀମାନଙ୍କର ମହାସଭା ।
Sanitary, *a.* 1. ସ୍ୱାସ୍ଥ୍ୟକର; 2. ଆରୋଗ୍ୟଦାୟୀ ।
Sanitation, *n.* ସ୍ୱାସ୍ଥ୍ୟରକ୍ଷଣ ।
Sanitorium, See Sanatorium.
Sanity, *n.* 1. ସଜ୍ଞାନତା; 2. ସ୍ୱାସ୍ଥ୍ୟ ।
Sans, *prep.* ବିନା, ବ୍ୟତିରେକେ ।
Sanskrit, *n.* ସଂସ୍କୃତ ।
Santa Claus, *n.* ବଡଦିନ ପର୍ବଦିନରେ ପିଲାମାନଙ୍କ ପାଇଁ ପାରିତୋଷିକ ଆଣୁଥିବା କାଳ୍ପନିକ ମୋଟା ଓ ଦାଢିଆ ବୁଢା ।
Sap, (1) *n.* 1. ବୃକ୍ଷର ରସ; 2. ସାର ।
Sap, (2) *n.* (Mil.) ସୁଡଙ୍ଗ ।—*v.t.* 1. ସୁଡଙ୍ଗ-କ; 2. ସିନ୍ଧି-କ; 3. ଗୁପ୍ତରୂପେ ନଷ୍ଟ-କ ।
Sap, (3) *n.* ଜଡ଼ବୁଦ୍ଧିଲୋକ ।—*v.i.* ଜଡ଼ବୁଦ୍ଧି-ହ ।
Sapfull, *a.* ରସପୂର୍ଣ୍ଣ ।
Saphead, *n.* ଜଡ଼ବୁଦ୍ଧିଲୋକ ।
Sapid, *a.* 1. ସୁସ୍ୱାଦୁ; 2. ରୁଚିକର ।
Sapience, *n.* 1. ସୂକ୍ଷ୍ମବୁଦ୍ଧି; 2. ଜ୍ଞାନ; 3. ଧୀଶକ୍ତି ।
Sapient, *a.* 1. ସୂକ୍ଷ୍ମବୁଦ୍ଧିବିଶିଷ୍ଟ; 2. ଜ୍ଞାନୀ ।
Sapiently, *ad.* ଜ୍ଞାନରୂପେ ।
Sapless, *a.* ରସହୀନ ।
Sapling, *n.* 1. ଗଛର ଚାରା; 2. ଯୁବକ ।
Saponaceous, *a.* 1. ସାବୁନଯୁକ୍ତ; 2. ସାବୁନ ସଦୃଶ ।
Sapper, (1) *n.* ସୁଡଙ୍ଗ ଯେ ଖୋଳେ ।
Sapper, (2) *n.* ଦୁର୍ଗ ନିର୍ମାଣକାରୀ ସେନା ।
Sapphire, *n.* ନୀଳକାନ୍ତମଣି, ଇନ୍ଦ୍ରନୀଳମଣି ।
Sapphirine, *a.* 1. ନୀଳକାନ୍ତମଣିଦ୍ୱାରା ନିର୍ମିତ; 2. ଇନ୍ଦ୍ରନୀଳମଣିବତ୍ ।
Sappiness, *n.* ରସାଳତା ।
Sapping, *n.* ସୁଡଙ୍ଗକରଣ ।
Sappy, *a.* 1. ରସାଳ, ରସପୂର୍ଣ୍ଣ; 2. ଜଡ଼ବୁଦ୍ଧି ।
Saprophagous, *a.* ଶବାଂଶଭକ୍ଷକ ।
Saracen, *n.* ଆରବୀୟ ମୁସଲମାନ ।
Saracenic, Saracenical, *a.* ଆରବୀୟ ମୁସଲମାନ ସମ୍ବନ୍ଧୀୟ । [କଟୁ ସ ।
Sarcasm, *n.* 1. ବ୍ୟଙ୍ଗୋକ୍ତି, ଶ୍ଳେଷୋକ୍ତି; 2. ଟାହୁଲି,
Sarcastic, Sarcastical, *a.* 1. ବ୍ୟଙ୍ଗସୂଚକ; 2. କଟୁପୂର୍ଣ୍ଣ ।
Sarcastically, *ad.* ବ୍ୟଙ୍ଗସୂଚକରୂପେ ।
Sarcenet, See Sarsenet. [ଅଧ୍ୟାୟର ବିଷୟ ।
Sarcology, *n.* ଶରୀରର କୋମଳଅଂଶସମ୍ବନ୍ଧୀୟ ଶାସ୍ତ୍ର-

Sarcophagous, *a.* ମାଂସାଶୀ ।
Sarcophagus, *n.* ପ୍ରସ୍ତର ନିର୍ମିତ ଶବାଧାର ।
Sarcosis, *n.* ମାଂସବୃଦ୍ଧି । [ଶୁଷ୍କମାଛ ।
Sardine, *n.* ରୁପାକ ନମକରେ ତେଲରେ ପ୍ରସ୍ତୁତ ସାମୁଦ୍ରିକ
Sardius, *n.* ଚୁଣୀ ।
Sardonic, *a.* 1. ଶୁଷ୍କହାସ୍ୟ ସମ୍ବନ୍ଧୀୟ; 2. ନିର୍ଦ୍ଦୟ ।
Sardonyx, *n.* ବୈଦୂର୍ଯ୍ୟମଣି ।
Sarsaparilla, *n.* ସାଲସା ।
Sarsenet, *n.* ଏକପ୍ରକାର ସରୁ ରେଶମ ଲୁଗା । [ନ୍ଧୀୟ ।
Sartorial, *a.* 1. ଦର୍ଜି ସମ୍ବନ୍ଧୀୟ; 2. ଦର୍ଜିକାମ ସମ୍-
Sash, (1) *n.* ପଟୁକା ।
Sash, (2) *n.* ଫଲକା ଝରକା ।
Satan, *n.* ଶୟତାନ, ପାପାତ୍ମା, ଭୂତପତି ।
Satanic, Satanical, *a.* 1. ଶୟତାନ ସମ୍ବନ୍ଧୀୟ; 2. ପୈଶାଚିକ; 3. ଦାରୁଣ ।
Satanism, *n.* ଶୟତାନ ସ୍ୱଭାବ ।
Satchel, *n.* ବସ୍ତାନି, ପୁସ୍ତକ ମୁଣି । [ଚକିଆ ଲୁଗା ।
Sateen, *n.* ପଶମ ସୂତାରେ ନିର୍ମିତ ଏକପ୍ରକାର ଚକ୍-
Satellite, *n.* 1. ଚରଣସେବକ ଅନୁଚର; 2. ଉପଗ୍ରହ ।
Satiability, *n.* ଅକଣ୍ଠ ଯୋଗ୍ୟତା ।
Satiable, *a.* ଅକଣ୍ଠଯୋଗ୍ୟ ।
Satiate, *v.t.* 1. ପରିତୃପ୍ତ-କ; 2. ଅକଣ୍ଠ-କ ।
Satiety, *n.* 1. ଅକଣ୍ଠାବସ୍ଥା; 2. ବିତୃଷ୍ଣା ।
Satin, *n.* ଏକପ୍ରକାର ରେଶମିବସ୍ତ୍ର, ସାଟିନ ଲୁଗା ।
Satin-carpet, *a.* ଇଂଲଣ୍ଡୀୟ ଏକପ୍ରକାର ଉତ୍ତମ ପୋକ
Satinet, *n.* ସରୁ ସାଟିନ୍ ଲୁଗା । [ବାକ୍ୟ ।
Satire, *n.* 1. ଉପହାସଯୁକ୍ତ କବିତା; 2. କଟୁ ପ
Satirical, *a.* 1. କଟୁ ପବାକ୍ୟ ସମ୍ବନ୍ଧୀୟ; 2. ଉପହାସ-ସୂଚକ । [2. ତିରସ୍କାର-କ ।
Satirise, *v.t.* 1. ଉପହାସଯୁକ୍ତ କବିତା ରଚନା-କ;
Satirist, *n.* ଉପହାସଯୁକ୍ତ କବିତା ରଚକ ।
Satisfaction, *n.* 1. ତୃପ୍ତି, ସନ୍ତୋଷ; 2. ପ୍ରତିକାର: 3. ପ୍ରାୟଶ୍ଚିତ୍ତ; 4. ପରିଶୋଧ; 5. ସନ୍ଦେହଭଞ୍ଜନ ।
Satisfactorily, *ad.* ସନ୍ତୋଷଜନକରୂପେ ।
Satisfactory, *a.* 1. ତୃପ୍ତିକର; 2. ସନ୍ତୋଷଜନକ; 3. ପ୍ରତିକାରୀ; 4. ପ୍ରାୟଶ୍ଚିତ୍ତକାରୀ ।
Satisfy, *v.t.* 1. ପରିତୃପ୍ତ-କ; 2. ସନ୍ତୁଷ୍ଟ-କ; 3. ପରିଶୋଧ-କ; 4. ସନ୍ଦେହଭଞ୍ଜନ-କ ।—*v.i.* ତୃପ୍ତି ଜନ୍ମାଇବା ।
Satrap, *n.* ପାରସ୍ୟ ଦେଶୀୟ କ୍ଷିତିପାଳ ।
Saturate, *v.t.* 1. ଆର୍ଦ୍ର-କ; 2. ପରିପୂର୍ଣ୍ଣ-କ ।
Saturation, *n.* ଆର୍ଦ୍ରକରଣ ।
Saturday, *n.* ଶନିବାର ।
Saturn, *n.* 1. ଶନି; 2. ଶନିଗ୍ରହ ।
Saturnalia, *n.* ଶନିଦେବତାର ବାର୍ଷିକ ମହୋତ୍ସବ ସମୟରେ ଅତ୍ୟନ୍ତ ଲମ୍ପଟାମିର ବେଶ୍ୟାଗାମିତା ।
Saturnalian, *n.* 1. ଶନିଦେବତାର ବାର୍ଷିକ ଉତ୍ସବ ସମ୍ବନ୍ଧୀୟ; 2. ଘୋର ।

Saturnine, *a.* 1. ବିମର୍ଷ; 2. ଶନିଗ୍ରସ୍ତ ।

Satyr, *n.* 1. ଛାଗଳ କର୍ଣ୍ଣ ଓ ଶୃଙ୍ଗଯୁକ୍ତ ବନଦେବତା; 2. ଅତିକାମୁକ ଲୋକ ।

Sauce, *n.* 1. ଉପବ୍ୟଞ୍ଜନ, ଆଚାର; 2. ଧୃଷ୍ଟତା ।—Poor man's sauce, କ୍ଷୁଧା ।

Saucepan, *n.* କଡ଼ାଇ, ସସ୍‌ପାନ୍ ।

Saucer, *n.* ପିରିଚ୍, ରେକାବି ।

Saucy, *a.* 1. ହଠ; 2. ଧୃଷ୍ଟ ।

Saunter, *v.i.* 1. ନିରର୍ଥକ ବୁଲିବା; 2. ଆଳସ୍ୟ-କ ।

Sausage, *n.* ମସଲାଯୁକ୍ତ କଟାମାଂସପୂରିତ ଅନ୍ତ୍ର ।

Savable, Saveable, *a.* ରକ୍ଷଣୀୟ, ଉଦ୍ଧରଣୀୟ ।

Savage, *a.* 1. ବନ୍ୟ; 2. ଅସଭ୍ୟ; 3. କ୍ରୂର; 4. ଉଲଙ୍ଗ ।—*n.* 1. ଅସଭ୍ୟ ଲୋକ, ବର୍ବର ବ୍ୟକ୍ତି; 2. ନିଷ୍ଠୁରଲୋକ ।

Savagedom, *n.* 1. ଅସଭ୍ୟ ଅବସ୍ଥା; 2. ବନ୍ୟ-[ଜାତିସବୁ ।

Savagely, *ad.* ନିଷ୍ଠୁରଭାବେ ।

Savagery, *n.* କ୍ରୂରତା, ନିଷ୍ଠୁରତା ।

Savant, *n.* *sav'ang*, ବିଜ୍ଞବ୍ୟକ୍ତି ।

Save, *v.t.* 1. ମନ୍ଦରୁ ରକ୍ଷା-କ; 2. ଉଦ୍ଧାର-କ; 3. ରଖିବା; 4. ଛାଡ଼-ଦେ; 5. ମୁକ୍ତି-ଦେ, ପାପରୁ ତ୍ରାଣ-କ; 6. ସଞ୍ଚୟ-କ; 7. ଦୁର୍ଦଶା ଅଟକାଇବା ।—*v.i.* ମିତବ୍ୟୟୀ-ହେ ।—*prep.* ବ୍ୟତୀତ, ଛଡ଼ା ।

Saving, *a.* 1. ବ୍ୟୟକୁଣ୍ଠ; 2. ରକ୍ଷାକାରୀ; 3. ସଞ୍ଚୟୀ; 4. ମୁକ୍ତିଦାୟକ ।—*n.* ବଳକା ଟଙ୍କା । (Pl.) ସଞ୍ଚିତ ଧନ ।

Savings-bank, *n.* କ୍ଷୁଦ୍ର ସଞ୍ଚିତ ଅର୍ଥର ଧନାଗାର ।

Saviour, *n.* 1. ତ୍ରାଣକର୍ତ୍ତା, ଉଦ୍ଧାରକର୍ତ୍ତା, ମୁକ୍ତିଦାତା; 2. ଯୀଶୁ ଖ୍ରୀଷ୍ଟ ।

Savoir-faire, *n.* 1. ଯଥୋଚିତ ବ୍ୟବହାରର ବୁଦ୍ଧି; [2. ଚତୁର୍ଯ୍ୟ ।

Savour, *n.* 1. ସ୍ୱାଦ; 2. ଗନ୍ଧ; 3. ଆସ୍ୱାଦ; 4. ଗୁଣ ।—*v.i.* 1. ସ୍ୱାଦୁ-ହେ; 2. ସଦୃଶ-ହେ ।—*v.t.* ମସଲାଯୁକ୍ତ-କ ।

Savoury, *a.* 1. ସୁସ୍ୱାଦୁ; 2. ରୁଚିକର; 3. ହିତକର ।

Saw, (1) *n.* କରତ, କରପତ୍ର ।—*v.t.* କରତରେ କାଟିବା ।

Saw, (2) *n.* 1. ଚଳନ୍ତିକଥା; 2. ଢଗ ।

Saw-bones, *n.* (Slang) ଅସ୍ତ୍ର ଚିକିତ୍ସକ ।

Sawdust, *n.* କରତଚୂର୍ଣ୍ଣ ।

Sawpit, *n.* କରତ ଗାତ ।

Sawyer, *n.* କରତି ।

Saxicolous, *a.* ଶୈଳବାସୀ ।

Saxon, *n.* 1. ପଞ୍ଚମ ଓ ଷଷ୍ଠ ଶତାବ୍ଦୀରେ ଉତ୍ତର ଜର୍ମାନୀରୁ ଆସି ଇଂଲଣ୍ଡକୁ ଅଧିକାର କରିଥିବା ଗୋଟିଏ ଜାତିର ଜଣେ; 2. ଉକ୍ତ ଜାତିର ଭାଷା; 3. ଇଂଲଣ୍ଡୀୟ ଲୋକ ।—*a.* ଉକ୍ତ ଜାତିର ଭାଷା ବା ଦେଶସମ୍ବନ୍ଧୀୟ ।

Say, *v.t.* and *i.* 1. ବୋଲିବା; 2. କହିବା ।—*n.* 1. ଉକ୍ତି; 2. ମନ୍ତବ୍ୟ; 3. କହିବା ପାଳି ।—They say, ଲୋକେ କହନ୍ତି ।—That is to say, ଅର୍ଥାତ୍ ।—It is said, କଥିତ ଅଛି ।

Saying *n.* 1. କଥା, ଉକ୍ତି; 2. ପ୍ରବାଦ ।

Scab, *n.* 1. ଘାଉ ଚେପା ବା ଶୋଲପା; 2. ଖାଜୁ; 3. ପାମା; 4. ଧର୍ମଘଟୀଙ୍କ ବଦଳେ ଯେ କାର୍ଯ୍ୟ କରିବାକୁ ଯାଏ ।—*v.i.* ଘାଉରେ ଶୋଲପା ପଡ଼ିବା ବା ବକଳ ବାନ୍ଧିବା ।

Scabbard, *n.* ଅସି କୋଷ, ତରବାରି ଖାପ ।

Scabbed, *a.* ଶୋଲପାପଡ଼ା ବା ବକଳବନ୍ଧା ।

Scabby, *a.* 1. ଖାଜୁଆ; 2. ଶୋଲପାପଡ଼ା; 3. ଖାଉସ୍ତି ।

Scaffold, *n.* 1. ମଞ୍ଚା, ଭାଡ଼ା; 2. ଫାଶିକାଠ ।—*v.t.* ଭାଡ଼ା ଲଗାଇବା ।

Scaffolding, *n.* 1. ଭାଡ଼ା; 2. ଭାଡ଼ାର ଉପକରଣ ।

Scalable, *a.* ଆରୋହଣସାଧ୍ୟ ।

Scald, *v.t.* 1. ତତଲା ପାଣି ବା ବାଷ୍ପରେ ଫୋଟକା-କ; 2. ଗରମ ପାଣିରେ ସିଝାଇବା; 3. ଫୁଟା ପାଣିରେ ପରିଷ୍କାର-କ ।—Scalding hot, ଖୁବ୍ ତତଲା ।

Scale, (1) *n.* 1. ଗାରକଟା ମାପ; 2. ସ୍ୱରଗ୍ରାମ, ସା, ରି, ଗ, ମ, ଇତ୍ୟାଦି; 3. ପରିମାଣ; 4. ଅନୁପାତ; 5. କ୍ରମ ।—*v.t.* 1. ଶିଡ଼ି ଲଗାଇ ଚଢ଼ିବା; 2. ଆରୋହଣ-କ; 3. ଅନୁପାତାନୁଯାୟୀ ଅଙ୍କନ-କ; 4. ମାପ-କ ।—*v.i.* ପାହାଚପରି-ହେ ।

Scale, (2) *n.* 1. କାତି; 2. ସ୍ତର; 3. ଚେପା, ଭୁଷ ।

Scale, (3) *n.* 1. ନିକିତିର ଥାଳୀ, ଦଣ୍ଡଯନ୍ତ୍ରର ପାର୍ଶ୍ୱ ।—(Pl.) 1. ତୁଳାଦଣ୍ଡ, ନିକିତି; 2. ତୁଳାରାଶି ।

Scaled, *a.* କାତିବିଶିଷ୍ଟ, ଶଲ୍କାବୃତ ।

Scaleless, *a.* ଅକାତିଆ, କାତିଶୂନ୍ୟ ।

Scalene, *a.* (Geom.) ବିଷମତ୍ରିବାହୁଯୁକ୍ତ ।—*n.* 1. ବିଷମବାହୁତ୍ରିଭୁଜ; 2. ତ୍ରିକୋଣବିଶିଷ୍ଟ ମାଂସପେଶୀମାନଙ୍କ ମଧ୍ୟରୁ ଗୋଟିଏ ।

Scall, *n.* ପାମା ।—*a.* ପାମର ।

Scallop, *n.* 1. ଶୁକ୍ତି; 2. କୌଣସି ଦ୍ରବ୍ୟର ପ୍ରାନ୍ତସ୍ଥ ବୃତ୍ତାଂଶ; 3. ଅଳ୍ପଗଭୀର କଡ଼ାଇ ।—*v.t.* 1. ପ୍ରାନ୍ତଦେଶ ବୃତ୍ତାଂଶାକାରରେ କାଟିବା; 2. ଅଳ୍ପଗଭୀର କଡ଼ାଇରେ ପାକ-କ ।

Scalp, *n.* 1. କପୋଟିର ଆବରଣ; 2. ମସ୍ତକର କେଶଯୁକ୍ତ ଚର୍ମ ।—*v.t.* ମସ୍ତକର ଚର୍ମଛେଦ-କ ।

Scalpel, *n.* ଅସ୍ତ୍ରଚିକିତ୍ସକଙ୍କ କ୍ଷୁଦ୍ର ମୁନିଆ ଛୁରୀ ।

Scalpless, *a.* 1. ମସ୍ତକ ଚର୍ମହୀନ; 2. ଟାଙ୍ଗସ ।

Scaly, *a.* 1. କାତିଆ; 2. କାତିତୁଲ୍ୟ ।

Scamp, (1) *n.* ବଦମାଶ, ଦୁଷ୍ଟଲୋକ ।

Scamp, (2) *v.t.* ହେଳ କରି ଅସିଦ୍ଧ କାର୍ଯ୍ୟ-କ ।

Scamper, *v.i.* ବ୍ୟାକୁଳ ହୋଇ ପଳାଇବା ।

Scan, *v.t.* 1. ପଦ୍ୟର ଚରଣ ଭାଗ-କ; 2. ତନ୍ନ କରି ନିରୀକ୍ଷଣ-କ ।

Scandal, *n.* 1. କୁତ୍ସା; 2. ମନ୍ଦଚର୍ଚ୍ଚା; 3. ଅପବାଦ; 4. ଲଜ୍ଜା ।—*v.t.* ଦୁର୍ନାମ-କ ।

Scandalise, *v.t.* 1. ଦୁଃଖ ଜନ୍ମାଇବା; 2. ବିରକ୍ତ-କ; 3. ଲଜ୍ଜିତ-କ; 4. ମିଥ୍ୟାପବାଦ-ଦେ ।

Scandal-monger, *n.* କୁତ୍ସାରଟନକାରୀ ।
Scandalous, *a.* 1. କୁତ୍ସାଜନକ; 2. ଲଜ୍ଜାକର; 3. ଅପବାଦପୂର୍ଣ୍ଣ ।
Scanning, Scansion, *n.* ଛନ୍ଦନିର୍ଣ୍ଣୟ, ମାତ୍ରା-ନିର୍ଦ୍ଦେଶ ।
Scant, *a.* 1. ଅପ୍ରଚୁର; 2. ଜଘନ୍ୟ; 3. ବିରଳ ।
Scantily, *ad.* 1. ଜଘନ୍ୟରୂପେ; 2. ବିରଳଭାବେ ।
Scantiness, *n.* 1. ଅପ୍ରାଚୁର୍ଯ୍ୟ; 2. ଅଳ୍ପତା ।
Scantling, *n.* 1. (Building) ମୋଟ ଓ ଓସାରରେ ପାଞ୍ଚ ଇଞ୍ଚରୁ କମ କାଷ୍ଠ ଖଣ୍ଡ; 2. ସାନ ଖଣ୍ଡେ ।
Scanty, *a.* 1. ଅପ୍ରଚୁର; 2. ସାମାନ୍ୟ; 3. ସଙ୍କୀର୍ଣ୍ଣ ।
Scapegoat, *n.* 1. ପାପସ୍ୱସ୍କାନ୍ତ ଛାଗ; 2. ଅନ୍ୟକୃତ ଦୋଷର ଫଳଭୋଗୀ ବ୍ୟକ୍ତି ।
Scapegrace, *n.* ନରାଧମ ।
Scapula, *n.* ସ୍କନ୍ଧାସ୍ଥି ।
Scapular, *a.* ସ୍କନ୍ଧ ସମ୍ବନ୍ଧୀୟ ।—*n.* 1. ସ୍କନ୍ଧାସ୍ଥି ପାଇଁ ବନ୍ଧନୀ; 2. ପକ୍ଷୀ କାନ୍ଧରେ ଥିବା ପର; 3. ଉଦାସୀନର କାନ୍ଧସ୍ଥିତ ଲମ୍ବ ଲୁଗାଖଣ୍ଡ ।
Scar, (1) *a.* 1. କ୍ଷତ ଚିହ୍ନ; 2. କଟାଦାଗ ।—*v.t.* କଟାଦାଗ-ଦେ ।—*v.i.* କ୍ଷତ ଚିହ୍ନଯୁକ୍ତ-ହେ ।
Scar, (2) *n.* 1. ସରଳୋନ୍ନତ ତଟ; 2. ଗିରି ପାର୍ଶ୍ୱସ୍ଥ ଟାଙ୍ଗର ସ୍ଥାନ ।
Scaramouch, *n.* 1. ଜବଢଅ; 2. ମୂର୍ଖ ବାଇଗିଅ ।
Scarce, *a.* 1. ଅପ୍ରଚୁର; 2. ଦୁର୍ଲଭ; 3. ବିରଳ 4. କମ୍ତି; 5. ଦୁଷ୍ପ୍ରାପ୍ୟ ।—To make oneself scarce, ପଳାଇବା ।
Scarcely, *ad.* 1. କଷ୍ଟରେ; 2. କଦାଚିତ୍; 3. ପ୍ରାୟ ନାହିଁ ।
Scarceness, Scarcity, *n.* 1. ଦୁଷ୍ପ୍ରାପ୍ୟତା; 2. ଅନଟନ; 3. ବିରଳତା; 4. ଅଭାବ; 5 ଦୁର୍ଭିକ୍ଷ ।
Scare, *v.t.* 1. ଭୟ ଦେଖାଇ ତଡିବା; 2. ଭୀତ-କର; 3. ଚମକାଇବା ।—*n.* 1. ବୃଥା ଶଙ୍କା; 2. ଆକସ୍ମିକ ଭୟ ।—Scare-crow, 1. ପାଳଭୂତ; 2. ଛିଣ୍ଡା କନା ପିନ୍ଧିଥିବା ଲୋକ ।
Scarf (1) *n.* ଗଳାବନ୍ଧ ।
Scarf (2) *v.t.* ଦୁଇ ଖଣ୍ଡ କାଠ ଲମ୍ବରେ ଯୋଡ-ଦେ ।
Scarify, *v.t.* 1. ରକ୍ତମୋକ୍ଷଣାର୍ଥ ଦ୍ୱାର ଚର୍ମକୁ ଅଞ୍ଚଡ଼ିବା; 2. ଚିହ୍ନ ଦଗ୍ଧ-କର ।
Scarlatina, *n.* ଲାଲ୍ ପିମିଡ଼ି ଜାତକାରୀ ଅପକୃଷ୍ଟ ଓ ସଂକ୍ରାମକ ଜ୍ୱର ।
Scarlet, *n.* ଲୋହିତବର୍ଣ୍ଣ ।—*a.* ଲୋହିତ ।
Scarlet-fever, *n.* ଏକପ୍ରକାର ସଂକ୍ରାମକ ଜ୍ୱର ।
**Scarp**, *n.* Same as Escarp.
**Scarred**, *a.* କ୍ଷତ ଚିହ୍ନରେ ଚିହ୍ନିତ ।
**Scarry**, *a.* ଘାଅଦାଗଯୁକ୍ତ ।
**Scary**, *a.* 1. ଭୟପ୍ରଦ; 2. ଭୀରୁ; 3. ଘାବଦଯୁକ୍ତ ।
**Scathe**, *n.* ଅନିଷ୍ଟ, କ୍ଷତି ।—*v.t.* କ୍ଷତି-କର ।
**Scatheful**, *a.* ଅନିଷ୍ଟକର ।
**Scathing**, *a.* 1. କ୍ଷତିକର; 2. ନାଶକାରୀ; 3. ଦାହକ ।
**Scathless**, *a.* କ୍ଷତିଶୂନ୍ୟ ।

Scatter, *v.t.* 1. ଛିନ୍ନଭିନ୍ନ-କର; 2. ବିଞ୍ଚି-ଦେ; 3. ଚଗ୍ନଇବା; 4. ଛିଞ୍ଚିବା; 5. ବୁଣିବା ।—*v.i.* ଏଣେ ତେଣେ ଯିବା ।
Scatterbrain, *n.* ଅସ୍ଥିର ଲୋକ ।
Scattered, *a.* 1. ଛିନ୍ନଭିନ୍ନ; 2. ଭ୍ରମଣକାରୀ 3. ବ୍ୟାକୁଳିତ; 4. ବେଧାର ।
Scatterer, *n.* ଛିନ୍ନଭିନ୍ନକାରୀ ।
Scavenger, *n.* ଝାଡୁଦାର, ଦାଣ୍ଡଓଲା ହାଡି ।
Scavenger-beetle, *n.* ସଡାମାଂସଭକ୍ଷକ ଗୋବର ପୋକ ।
Scavenger-crab, *n.* ସଡାମାଂସଭକ୍ଷକ କଙ୍କଡ଼ା ।
Scavengery, *n.* ଦାଣ୍ଡଓଲା କାମ ।
Scene, *n.* 1. ଘଟଣାସ୍ଥଳର ପ୍ରତିରୂପ; 2. ସୁଦୀର୍ଘ ଦୃଶ୍ୟପଟ; 3. ଘଟଣାସ୍ଥଳ; 4. ପ୍ରଦର୍ଶନର ସ୍ଥାନ; 5. ଗର୍ଭାଙ୍କ; 6. ନାଟ୍ୟମଞ୍ଚ; 7. ଦୃଶ୍ୟ; 8. ଲୋକଙ୍କ ଆଗରେ ଅବିହିତ ଓ ଅସାମୟିକ କ୍ରୋଧ ପ୍ରକାଶ ।—To make a scene, ଲୋକଙ୍କ ଆଗରେ ଗଣ୍ଡଗୋଳ-କର ।
Scene-man, *n.* ଦୃଶ୍ୟପଟ ଘୁଞ୍ଚାଇବା ଲୋକ ।
Scenery, *n.* 1. ନାଟ୍ୟମଞ୍ଚର ଦୃଶ୍ୟପଟସମୂହ; 2. ଦୃଶ୍ୟାବଳୀ; 3. ଦେଶାକୃତି ।
Scenic, *a.* 1. ଦୃଶ୍ୟପଟସମ୍ବନ୍ଧୀୟ; 2. ଅଭିନୟିକ; 3. ନାଟକୀୟ ।
Scent, *v.t.* 1. ଆଘ୍ରାଣ-କର; 2. ସୁବାସିତ-କର; 3. ସନ୍ଦେହ-କର ।—*v.i.* 1. ସୁବାସିତ-ହେ; 2. ଗନ୍ଧଯୁକ୍ତ-ହେ ।—*n.* 1. ସୁଗନ୍ଧ, ବାସନା; 2. ଗନ୍ଧ; 3. ଆଘ୍ରାଣ; 4. ଘ୍ରାଣଦ୍ୱାରା ଅନୁଧାବନ; 5. ଅନୁଧାବନ ପଥ; 6. "ଠେକୁଅ-କୁକୁର" ଖେଳରେ ଠେକୁଅଦ୍ୱାରା ପକାଯାଇଥିବା ଟୁକୁରା କାଗଜ ।
Scented, *a.* ସୁବାସଯୁକ୍ତ ।
Scentless, *a.* ଗନ୍ଧହୀନ ।
Sceptic, (1) *n.* 1. ସଂଶୟବାଦୀ ବ୍ୟକ୍ତି; 2. ନାସ୍ତିକ ।
Sceptic, (2) Sceptical, *a.* 1. ସଂଶୟୀ; 2. ନାସ୍ତିକବାଦୀ ।
Scepticism. *n.* 1. ସଂଶୟବାଦ; 2. ଅଜ୍ଞେୟବାଦ ।
Sceptre, *n.* 1. ରାଜଦଣ୍ଡ; 2. ରାଜଶକ୍ତି ।
Sceptred, *n.* 1. ରାଜଦଣ୍ଡଧାରୀ; 2. ରାଜଶକ୍ତିଦ୍ୱାରା ଭୂଷିତ
Sceptreless, *a.* ରାଜଶକ୍ତିହୀନ ।
Schedule, *n.* 1. ଫର୍ଦ୍ଦ, ତାଲିକା, ନିର୍ଘଣ୍ଟ ।
Scheme, *n.* 1. ମାନସ; 2. ସଂକଳ୍ପ; 3. ଅଭିପ୍ରାୟ; 4. ଫିକର; 5. ମନ୍ତ୍ରଣା; 6. ନକ୍ସା; 7. ପ୍ରଣାଳୀ; 8. ନିର୍ଘଣ୍ଟ ।—*v.t.* 1. ମନ୍ତ୍ରଣା-କର; 2. ଫିକର-କର ।—*v.i.* ସଂକଳ୍ପ-କର ।
Schemer, *n.* ଫିକିରବାଜ ଲୋକ ।
Schism, *n.* *sizm*, 1. ମଣ୍ଡଳୀରେ ବିଚ୍ଛେଦ; 2. ଅନୈକ୍ୟ; 3. ମନୋମାଳିନ୍ୟ ।
Schismatic, (1) *n.* ମନୋମାଳିନ୍ୟହେତୁ ମଣ୍ଡଳୀରୁ ବହିର୍ଭୂତ ବ୍ୟକ୍ତି ।
Schismatic, (2) Schismatical, *a.* 1. ମତାନ୍ତର-ପ୍ରଦାୟୀ; 2. ବିଚ୍ଛେଦଭାବଯୁକ୍ତ ।

**Scholar**, *n.* 1. ଛାତ୍ର; 2. ଶିଷ୍ୟ; 3. ବିଦ୍ୟାର୍ଥୀ; 4. ପଣ୍ଡିତ; 5. ବିଦ୍ୱାନ୍‌ବ୍ୟକ୍ତି; 6. ବୃତ୍ତିଧାରୀ ଛାତ୍ର ।

**Scholarly**, *a.* 1. ବିଦ୍ୱାନ୍; 2. ପଣ୍ଡିତୋଚିତ ।

**Scholarship**, *n.* 1. ବିଦ୍ୟା; 2. ବିଦ୍ୟାର୍ଥୀର ବେତନ; 3. ଛାତ୍ରବୃତ୍ତି ।

**Scholastic**, *a.* 1. ବିଦ୍ୟାଳୟସମ୍ବନ୍ଧୀୟ; 2. ଛାତ୍ରୋପଯୋଗୀ; 3. ପଣ୍ଡିତବର୍ଗସମ୍ବନ୍ଧୀୟ; 4. ସୂକ୍ଷ୍ମପ୍ରଭେଦବାଦୀ; 5. ପାଣ୍ଡିତ୍ୟପ୍ରକାଶକ ।

**Scholiast**, *n.* ପ୍ରାଚୀନ ବୈୟାକରଣ ।

**School**, *n.* 1. ପାଠଶାଳା, ଚାଟଶାଳୀ; 2. ବିଦ୍ୟାଳୟ; 3. କୌଣସି ସ୍କୁଲର ଛାତ୍ରବୃନ୍ଦ; 4. ଶିକ୍ଷାର ଅନୁଶୀଳନୀ; 5. ଜଣେ ଗୁରୁଙ୍କ ଶିଷ୍ୟବର୍ଗ; 6. ସମ ମତର ଶିଷ୍ୟବର୍ଗ; 7. ମାଦ୍ରସା; 8. ଶିକ୍ଷାପ୍ରଣାଳୀ; 9. ବିଶ୍ୱବିଦ୍ୟାଳୟର ପରୀକ୍ଷାକକ୍ଷ; 10. ବିଶ୍ୱବିଦ୍ୟାଳୟର ଏକମାତ୍ର ବିଭାଗ ।—*v.t.* 1. ପାଠଶାଳାରେ ଶିଖାଇବା; 2. ଶିକ୍ଷା-ଦେ; 3. ଅନୁଯୋଗ-କ; 4. ଦମନ-କ ।—High School, ଉଚ୍ଚ ବିଦ୍ୟାଳୟ ।—Normal School, ଗୁରୁଶିକ୍ଷା ବିଦ୍ୟାଳୟ ।—Primary School, ପ୍ରାଥମିକ ବିଦ୍ୟାଳୟ ।—Ragged School, ଅବୈତନିକ ବିଦ୍ୟାଳୟ ।

**Schoolable**, *a.* ପାଠଶାଳାଭୁକ୍ତ ହେବାର ବୟଃପ୍ରାପ୍ତ ।

**School-board**, *n.* କରଦାତାଙ୍କଦ୍ୱାରା ନିର୍ବାଚିତ ଶିକ୍ଷାବିଷୟର ସଭା ।

**School-boy**, *n.* 1. ଚାଟପିଲା; 2. ଛାତ୍ର ।

**School-days**, *n.* ପଠନକାଳ ।

**School-fellow**, *n.* ସହଛାତ୍ର, ସଙ୍ଗୀ ପଢୁଆ ।

**School-girl**, *n.* ଛାତ୍ରୀ ।

**School-hours**, *n.* ସ୍କୁଲରେ ପାଠ ହେଉଥିବା ନିର୍ଦ୍ଦିଷ୍ଟ ସମୟ ।

**School-house**, *n.* 1. ସ୍କୁଲଘର; 2. ସ୍କୁଲ ସମ୍ପର୍କୀୟ ଶିକ୍ଷକଙ୍କ ବାସଗୃହ ।

**Schooling**, *n.* 1. ପାଠଶାଳାରେ ଶିକ୍ଷା; 2. ବିଦ୍ୟାଶିକ୍ଷା; 3. ସ୍କୁଲଦରମା, ଗୁରୁଦକ୍ଷିଣା; 4. ଅନୁଯୋଗ ।

**Schoolman**, *n.* ମଧ୍ୟଯୁଗର ଦାର୍ଶନିକ ପଣ୍ଡିତ ।

**Schoolmaster**, *n.* 1. ଅବଧାନ, ଶିକ୍ଷାଗୁରୁ; 2. ଶିକ୍ଷକ ।

**Schoolmistress**, *n.* ଶିକ୍ଷୟିତ୍ରୀ ।

**Schoolmate**, *n.* ଏକ ସ୍କୁଲର ପିଲା ।

**Schoolroom**, *n.* ପାଠ ପ୍ରକୋଷ୍ଠ, ପଢିବା କୋଠରୀ ।

**Schooner**, *n.* ଦୁଇ ମାସ୍ତୁଲ ଥିବା ପାଲଜାହାଜ ।

**Sciatica**, *n.* କଟିବାତ, ନିତମ୍ବ ବେଦନା ।

**Sciatical**, *a.* ନିତମ୍ବ ସମ୍ବନ୍ଧୀୟ ।

**Science**, *n.* 1. ବିଜ୍ଞାନ; 2. ସୁବିଷୟସଂଗ୍ରହ; 3. ଜ୍ଞାନକୌଶଳ ।—Applied science, ବ୍ୟକ୍ତ ପଦାର୍ଥର ବିଜ୍ଞାନ ।—Inductive science, ଘଟନା ବିଜ୍ଞାନ ।—Mental science, ମନୋବିଜ୍ଞାନ ।—The exact sciences, ବିଶୁଦ୍ଧ ବିଜ୍ଞାନ ।

**Scientific**, *a.* 1. ବୈଜ୍ଞାନିକ; 2. ବିଜ୍ଞାନବିତ୍; 3. ବିଜ୍ଞାନାନୁମୋଦିତ; 4. ସୁସଙ୍ଗତ; 5. ଶୁଦ୍ଧ ।

**Scientifically**, *ad.* ବିଜ୍ଞାନାନୁମୋଦିତରୂପେ ।

**Scientist**, *n.* ବିଜ୍ଞାନବେତ୍ତା, ବୈଜ୍ଞାନିକ ପଣ୍ଡିତ ।

**Scimitar**, *n.* ଚନ୍ଦ୍ରହାସ, ଏକଧାରଯୁକ୍ତ ବକ୍ର ତରବାରି ।

**Scintilla**, *n.* 1. ଅଗ୍ନି କଣିକା; 2. କ୍ଷୁଦ୍ରତମ ପରମାଣୁ ।

**Scintillate**, *v.i.* 1. ସ୍ଫୁଲିଙ୍ଗ ନିର୍ଗତ-କ; 2. ଚକ୍‌ଚକ୍-ହେ ।

**Scintillation**, *n.* 1. ଅଗ୍ନି ସ୍ଫୁଲିଙ୍ଗ; 2. ଚକ୍‌ଚକ ପ୍ରକାଶନ ।

**Scion**, *n.* 1. କଲମ; 2. କୁମାର; 3. ବଂଶଧର ।

**Scissors**, *n.* (*pl.*) କଇଁଚି, କତୁରୀ ।

**Scoff**, *v.t.* 1. ଟାପରା-କ; 2. ବିଦ୍ରୂପ-କ ।—*v.i.* 1. ଅବଜ୍ଞା ପ୍ରକାଶ-କ; 2. ଟାହୁଳିକଥା କହିବା ।—*n.* 1. ଟାହୁଳିକଥା; 2. ବିଦ୍ରୂପବାଦ ।

**Scoffer**, *n.* ବିଦ୍ରୂପକାରୀ ।

**Scold**, *v.i.* 1. ତିରସ୍କାର-କ; 2. ଛିଦ୍ର ଧରିବା ।—*v.t.* 1. ଗଞ୍ଜଣା-ଦେ; 2. ଅନୁଯୋଗ-କ ।—*n.* 1. ଗାଳି କରିବା ସ୍ତ୍ରୀ; 2. କଳହୀ ସ୍ତ୍ରୀ ।

**Scollop**, Same as Scallop.

**Sconce**, (1) *n.* 1. କ୍ଷୁଦ୍ରଦୁର୍ଗ; 2. ଶିରସ୍ତ୍ରାଣ; 3. ଶିର; 4. ମସ୍ତିଷ୍କ ।

**Sconce**, (2) *n.* 1. ଦେଓ୍ୱାଲଗିରି; 2. ଲଣ୍ଠନ ।

**Scoop**, *v.t.* 1. ହାତ ଖାଲୁଅ କରି ଉଠାଇବା; 2. ଡଙ୍କାରେ ଖାଳ-କ; 3. ଖୋଳିବା; 4. ଅନ୍ୟ ସମ୍ବାଦପତ୍ର ବାହାରିବା ପୂର୍ବରୁ ପ୍ରକାଶ-କ ।—*n.* 1. ଡଙ୍କା; 2. କୋଡ଼; 3. କୋଳିସ ବାଲ୍ଟି; 4. ଏକା ଥରକେ ଘର ହୋଇଥିବା ଅଳୀକ ଟଙ୍କା; 5. ହାଡ ବା ଅସ୍ଥିର ତଳୁ ଉତ୍ତୋଳକ ।

**Scoop-net**, *n.* ପେଲଣା ଜାଲ ।

**Scope**, *n.* 1. ଦୃଷ୍ଟିସୀମା; 2. ଅବକାଶ; 3. କାର୍ଯ୍ୟକ୍ଷେତ୍ର; 4. ଉଦ୍ଦେଶ୍ୟ ।

**Scopeless**, *a.* ଉଦ୍ଦେଶ୍ୟହୀନ ।

**Scorch**, *v.t.* 1. ଉପରପୋଡ଼-କ; 2. ପୋଡ଼ିବା ।—*v.i.* 1. ଝିଙ୍ଗିଯିବା; 2. ଶୁଖି ଯିବା; 3. ବାଣ୍ଡରେ ଅତ୍ୟଦ୍ଭୁତ ବେଗରେ ଗୁଳି ଗାଡ଼ି ଚଳାଇବା ।

**Scorcher**, *n.* 1. ବର୍ବର ଭର୍ତ୍ସନା; 2. ଅତ ଦ୍ରୁତ ବେଗରେ ଗୁଳିଗାଡ଼ି ଚାଳକ ।

**Scorching**, *a.* 1. ଦଗ୍ଧକାରୀ; 2. କଟୁ ।

**Score**, *n.* 1. ଦାଗ; 2. ରେଖା; 3. ଏକକୋଡ଼ି; 4. ହିସାବ; 5. ଋଣ; 6. ଖେଳର ଗଣନା; 7. କାରଣ; 8. ସଙ୍ଗୀତ ଲେଖା ।—*v.t.* 1. ଦାଗ-ଦେ; 2. ସ୍ଥିର-କ; 3. ହିସାବରେ ଲେଖିବା; 4. ଖେଳରେ ଗଣନା-କ ।—*v.i.* 1. ଋଣଗ୍ରସ୍ତ-ହେ; 2. ଖେଳରେ ସଂଖ୍ୟା ପାଇବା ।—To pay off old scores, ପ୍ରତିହିଂସା-ନେ ।—To run up a score, ଋଣ ବୃଦ୍ଧି-କ ।

**Scorer**, *n.* ଖେଳରେ ହିସାବ ରଖିବା ଲୋକ ।

**Scoring**, *n.* ଖେଳର ଗଣନା ।

**Scoria**, *n.* ଧାତୁର ମଳ, ଖାଦ ।

**Scoriæ**, *n.* (*pl.*) ଆଗ୍ନେୟଗିରିସମ୍ଭୂତ ଭସ୍ମ ।

**Scorn**, *n.* 1. ଅବଜ୍ଞା; 2. ହେୟଜ୍ଞାନ; 3. ଘୃଣାର ପାତ୍ର । —*v.t.* 1. ହେୟଜ୍ଞାନ-କ; 2 ଅବଜ୍ଞା-କ; 3. ନିନ୍ଦା-କ । —To laugh to scorn, ପରିହାସ-କ ।
**Scorner**, *n.* 1. ଅବଜ୍ଞାକାରୀ ଲୋକ 2. ଧର୍ମନିନ୍ଦକ ।
**Scornful** *a.* 1. ଘୃଣାଭାବପୂର୍ଣ୍ଣ; 2. ଅବଜ୍ଞାକାରୀ; 3. ତାଚ୍ଛଲ୍ୟପ୍ରକାଶକ ।
**Scornfully**, *ad.* ଅବଜ୍ଞାକାରରୂପେ ।
**Scornfulness**, *n.* ଅବଜ୍ଞାକାରିତା ।
**Scorning**, *n.* ଅବଜ୍ଞାଭାବ ।
**Scorpio**, *n.* ବୃଶ୍ଚିକରାଶି ।
**Scorpion**, *n.* 1. କଙ୍କଡ଼ାବିଛା; 2 ବୃଶ୍ଚିକରାଶି; 3. ଘୃଣାକାରୀ ଲୋକ ।
**Scot**, (1) *n.* ମାଶୁଲ ।
**Scot**, (2) *n.* ସ୍କଟ୍‌ଲଣ୍ଡ ଦେଶୀୟ ଲୋକ ।
**Scotch**, (1) *a.* ସ୍କଟ୍‌ଲଣ୍ଡ ଦେଶ ବା ଭାଷା ବା ଲୋକ ସମ୍ବନ୍ଧୀୟ ।
**Scotch**, (2) *v t.* 1. ଅଳ୍ପକରି କାଟିବା; 2. ଦାଗ-କ । —*n.* ଦାଗ ।
**Scotch**, (3) *v.t.* କାଷ୍ଠଦ୍ୱାରା ଚକ ଅଟକାଇବା ।—*n.* ଚକ ଅଟକାଇବା କାଷ୍ଠଖଣ୍ଡ ।
**Scot-free**, *a.* 1. ବେମାଶୁଲ; 2. ନିସ୍ତାର; 3. ଅକ୍ଷତ ।
**Scoundrel**, *n.* 1. ପାମର 2. ଦୁଷ୍ଟଲୋକ, ବଦ୍‌ମାଶ; 3. ଦଗାବାଜ ।
**Scoundrelism**, *n.* ଦୁଷ୍ଟାମି ।
**Scour**, *v.t.* 1. ମାଜିବା; 2. ପରିଷ୍କାର-କ; 3. ବେଗ-ଗତି-କ; 4. ଖୋଜି ବୁଲିବା; 5. ତାଡ଼ା କରିବା । —*n.* 1. ଜଳସ୍ରୋତ ଦ୍ୱାରା ପାଣିନାଳ ପରିଷ୍କାରକରଣ; 2. ଉଦରାମୟ ।
**Scourge**, *n.* 1. କୋରଡ଼ା, କଶା; 2. ଶାସ୍ତି; 3. ଦଣ୍ଡଦାୟକ ।—*v.t.* 1. କଶାଘାତ-କ, କୋରଡ଼ା ପ୍ରହାର-କ; 2. ଶାସ୍ତି-ଦେ ।
**Scout** (1) *n.* 1. ଚର, ଗୋଇନ୍ଦା; 2. କ୍ରିକେଟ ଖେଳରେ ଫେଣ୍ଡୁ ଗୋଟାଇବା ଲୋକ ।—*v.t.* ଖୋଜ-ଦେ ।
**Scout**, (2) *v.t.* ଅବଜ୍ଞା କରି ଅଗ୍ରାହ୍ୟ-କ ।
**Scout-master**, *n.* ଚରମାନଙ୍କର ଅଧ୍ୟକ୍ଷ ।
**Scowl**, *v.i.* 1. ଭ୍ରୂକୁଟି-କ; 2. ଚକ୍ଷୁ ରଙ୍ଗ-କ; 3. ବିଷଣ୍ଣବଦନ-ହେ ।—*n.* ଭ୍ରୂକୁଟି ।
**Scrabble**, *v.i.* ଗାରେଇବା ।—*v.t.* ଶୀଘ୍ର ସଂଗ୍ରହ-କ ।
**Scraggily**, *ad.* ଅବଡ଼ାଖାବଡ଼ା ।
**Scragginess**, *n.* ମୁର୍କୁଟିଆ ଅବସ୍ଥା ।
**Scraggy**, *a.* 1. ମୁର୍କୁଟିଆ; 2. ଅବଡ଼ାଖାବଡ଼ା ।
**Scramble**, *v.i.* 1. ହଟାପଟା-କ; 2. କଡ଼ାକଡ଼ି-କ; 3. ଗୁରୁଣ୍ଡିବା ।—*n.* 1. କଡ଼ାକଡ଼ି; 2. ପ୍ରତିଦ୍ୱନ୍ଦ୍ୱିତା ।
**Scrambling**, *a.* ବିଶୃଙ୍ଖଳ ।
**Scramblingly**, *ad.* ବିଶୃଙ୍ଖଳରୂପେ ।
**Scrap**, *n.* 1. ଟୁକୁରା; 2. ଉଚ୍ଛିଷ୍ଟ; 3. ଛାପା ଛବି; 4. ଲେଶ; 5. ଅସମ୍ପର୍କୀୟ ଉଦ୍ଧୃତାଂଶ ।
**Scrap-book**, *n.* 1. ଛାପା ଛବି ରଖିବା ବହି; 2. ସମ୍ବାଦପତ୍ରର ଉଦ୍ଧୃତାଂଶ କାଟି ରଖିବା ବହି ।
**Scrap-heap**, *n.* ଖଣ୍ଡଖଣ୍ଡିଆ ମାଳଗଦା ।
**Scrape**, *v.t.* 1. କୋରିବା; 2. ଘୃଷ୍ଟପକାଇବା; 3. ଘଷିବା; 4. କଷ୍ଟରେ ସଞ୍ଚୟ-କ; 5. ଘଷି ଲିଭାଇବା ।—*v.i.* 1. ଭୂମି ଘଷ୍ଟିବା; 2. ଘସି-ହେ; 3. ତାରଯୁକ୍ତ ବାଜା ଘଷି ବଜାଇବା ।—*n.* 1. ସଙ୍କଟାବସ୍ଥା; 2. ଆପଦ; 3. ଘେଁର ।—To scrape acquaintance with, ଯତ୍ନରେ ପରିଚୟ-କ ।
**Scraper**, *n.* 1. ଘୃଷୁଡ଼ିବାର ହତିଆର; 2. ଯୋତାରୁ କାଦୁଅ କାଢ଼ିବାପାଇଁ ଦ୍ୱାର ନିକଟରେ ଥିବା ଲୁହାଖଣ୍ଡ; 3. ଖୋଳିବା ଯନ୍ତ୍ର ।
**Scraping**, *n.* 1. ଘର୍ଷଣ; 2. (*pl.*) ଅଳିଆ; 3. ଯାହା ଚଞ୍ଚାହୋଇ ପକାଯାଏ; 4. କଷ୍ଟରେ ସଞ୍ଚିତ ପଇସା ।
**Scratch**, *v.t.* 1. ଘୃଷୁଡ଼ିବା; 2. ଆମ୍ପୁଡ଼ିବା; 3. ଘଷିବା ।—*n.* 1. ଘୃଷୁଡ଼ା, ନଖାଘାତ; 2. ଖଣ୍ଡିଆ; 3. ମୁଷ୍ଟିଯୁଦ୍ଧରେ ଯୋଦ୍ଧାଦ୍ୱୟଙ୍କର ପ୍ରଥମରେ ଠିଆ ହେବାର ଚିହ୍ନ ।—*a.* 1. ଅନିର୍ଦ୍ଦିଷ୍ଟରୂପେ କଟା; 2. ବାଜିଦୌଡ଼ରେ ଶେଷ ଚିହ୍ନରୁ ।—To scratch out, ଘଷି ଲିଭାଇବା ।
**Scratcher**, *n.* ଘୃଷୁଡ଼ିବା ପକ୍ଷୀ ।
**Scratchy**, *a.* ଘୃଷୁଡ଼ା ।
**Scrawl**, *v.t.* and *i.* ଘୃଷୁଡ଼ାଇ ଲେଖିବା ।—*n.* ଅସୁନ୍ଦର ଲିଖନ, କଦକ୍ଷର ।
**Scrawly**, *a.* କଦକ୍ଷରଯୁକ୍ତ ।
**Scream**, *v.i.* 1. ଉଚ୍ଚରେ ଡାକଛାଡ଼ିବା; 2. ଚିତ୍କାର-କ; 3. ରଡ଼ଛାଡ଼ିବା ।—*n.* 1. ଉଚ୍ଚାବରୁ ଡାକ; 2. ଚିତ୍କାର ଶବ୍ଦ ।
**Screamer**, *n.* ଚିତ୍କାର ଯେ କରେ ।
**Screech**, *v.i.* ପେଚକବତ୍ ଚିତ୍କାର-କ, କର୍କଶ ଶବ୍ଦ-କ ।—*n.* ପେଚକବତ୍ ଶବ୍ଦ ।
**Screech-owl**, *n.* କାଳପେଚା ।
**Screechy**, *a.* 1. କର୍କଶ; 2. ପେଚକ ଶବ୍ଦ ପରି ।
**Screed**, *n.* ଦୀର୍ଘ କଥାବାର୍ତ୍ତା ।
**Screen**, *n.* 1. ପର୍ଦ୍ଦା; 2. ଅନ୍ତରାଳ; 3. ଆବରଣ; 4. ବିଚ୍ଛେଦ; 5. ବଡ଼ ଚାଲୁଣି ।—*v.t.* 1. ଆବୃତ-କ; 2. ଆଚ୍ଛାଦନ-କ; 3. ରକ୍ଷା-କ; 4. ବଡ଼ ଚାଲୁଣିରେ ଚଲାଇବା ।
**Screw**, *n.* 1. ପେଚ; 2. ଜାହାଜ ପରିଚାଳକ ପେଚଯୁକ୍ତ ଯନ୍ତ୍ର; 3. ମୋଡ଼; 4. ସୁଧଖୋର; 5. ଘୁଷ; 6. ଦରମା ।—*v.t.* 1. ପେଚ ଦେଇ ଅଣ୍ଟିବା; 2. ମୋଡ଼ିବା; 3. ଉପଦ୍ରବ-କ; 4. ପୀଡ଼ା-ଦେ ।—To have a screw loose, ଅଡ଼ବାୟା-ହେ ।
**Screw-driver**, *n.* ପେଚକସ୍ ।
**Screwing**, *a.* ମୋଡ଼କ ।
**Screw-pine**, *n.* କେତକୀ ବୃକ୍ଷ ।
**Screw-press**, *n.* ପେଚ ଦ୍ୱାରା ଚାପିଦେବା ଯନ୍ତ୍ର ।
**Screw-propeller**, *n.* ଜାହାଜପରିଚାଳକ ପେଚଯୁକ୍ତ ଯନ୍ତ୍ର ।

Screw-steamer, *n.* ପେଚଭଳି ଯନ୍ତ୍ରଦ୍ୱାରା ଚଳିତ ବାଷ୍ପୀୟ ପୋତ । [ମୋଡଣା ।

Screw-wrench, *n.* ମୁଣ୍ଡି ଖୋଲିବା ବସାଇ ପାରିବା

Scribal, *a.* ଶିକ୍ଷାଗୁରୁସମ୍ବନ୍ଧୀୟ ।

Scribble, *v.t.* and *i.* 1. ଅଯତ୍ନରୂପେ ଲେଖିବା; 2. ଅସାର ଲେଖାରେ ପୂର୍ଣ୍ଣ-କ; 3. ଅଶୁଦ୍ଧାଇ ଲେଖିବା ।—*n.* 1. ଅସାର ରଚନା; 2. କଦକ୍ଷର ।

Scribe, *n.* 1. ଲେଖକ; 2. ଲିପିକର; 3. କରଣ; 4. ଯିହୁଦୀମାନଙ୍କ ଅଧ୍ୟାପକ, ଶିକ୍ଷାଗୁରୁ ।

Scrimmage, *n.* 1. ଦଙ୍ଗା, ମରାମରି; 2. ହୁଡାହୁଡି ।

Scrimp, *v.t.* and *i.* 1. ସଙ୍କୋଚ-କ; 2. କୃପଣ-ହେ ।

Scrimped, *a.* ସଙ୍କୁଚିତ ।

Scrimpy, *a.* କାମ୍ପି ।

Scrip, (1) *n.* 1. ଲିଖିତ କାଗଜ; 2. ଲିଖିତ କାଗଜଖଣ୍ଡ; 3. ବଣିକ ସମାଜର ପ୍ରମାଣପତ୍ର । [ମୁଣା ।

Scrip, (2) *n.* 1. କ୍ଷୁଦ୍ର ଥଳୀ; 2. ବସ୍ତାନି; 3. ଝୁଲି,

Script, *n.* 1. (Print.) ହସ୍ତାକ୍ଷରର ଅନୁକରଣରେ ଛପାର ଅକ୍ଷର; 2. ଲିଖିତ କାଗଜ; 3. (Law) ପ୍ରଥମ ଦଲିଲ; 4. ହସ୍ତାକ୍ଷର ।

Scriptural, *a.* 1. ଧର୍ମପୁସ୍ତକାନ୍ତର୍ଗତ; 2. ଧର୍ମଶାସ୍ତ୍ରାନୁଯାୟୀ; 3. ବାଇବଲ ସମ୍ବନ୍ଧୀୟ ।

Scripturally, *ad.* ଧର୍ମଶାସ୍ତ୍ରାନୁସାରେ ।

Scripture, *n.* 1. ପବିତ୍ର ଶାସ୍ତ୍ର; 2. ଧର୍ମପୁସ୍ତକ, ବାଇବଲ; 3. ଲେଖା; 4. ଧର୍ମଶାସ୍ତ୍ର ।—The Scriptures, ଧର୍ମପୁସ୍ତକ, ବାଇବଲ । [ଧର୍ମପୁସ୍ତକ ପଢନ୍ତି ।

Scripture-reader, *n.* ଯେଉଁ ପ୍ରଚାରକ ଘରେ ଘରେ ଯାଇ

Scripturist, *n.* ଧର୍ମଶାସ୍ତ୍ରଜ୍ଞ ।

Scrivener, *n.* 1. ଲେଖକ; 2. ନକଲକାରୀ; 3. ଦଲିଲ ଲେଖକ; 4. ଯେ ଟଙ୍କା ଧାର ଦିଏ ।

Scrofula, *n.* 1. ଗଣ୍ଡମାଳା ରୋଗ; 2. ଗଳଗଣ୍ଡ ।

Scrofulous, *a.* ଗଣ୍ଡମାଳା ରୋଗରେ ପୀଡିତ ।

Scroll, *n.* 1. ଲେଖିବା ଚର୍ମ; 2. ଗୁଡ଼ା ଲେଖା କାଗଜ; 3. ଚିଠା; 4. ତାଲିକା, ଫର୍ଦ୍ଦ; 5. ପୁସ୍ତକର ଘାଟ; 6. ଜଳକୁ ନିୟମାନୁସାରେ ଚଳାଇବା ପାଇଁ କଳ୍ପିତ ସରଣିରେ ଜଳପଥ; 7. (Anat.) ଆବର୍ତ୍ତିତ ଅସ୍ଥି; 8. (Archit.) ଆବର୍ତ୍ତିତ କାରୁକାର୍ଯ୍ୟ ।—*v.t.* 1. ଚିଠା-କ; 2. ପ୍ରଥମଥର ଲେଖିବା ।

Scrotal, *a.* ଅଣ୍ଡକୋଷ ସମ୍ବନ୍ଧୀୟ ।

Scrotitis, *n.* ଅଣ୍ଡକୋଷର ଜ୍ୱାଳା ।

Scrotocele, *n.* ଅଣ୍ଡକୋଷର ଅନ୍ତ୍ରବୃଦ୍ଧି ।

Scrotum, *n.* ଅଣ୍ଡକୋଷ ।

Scrub, *v.t.* 1. ଉତ୍ତମରୂପେ ଘଷିବା; 2. ମାଜିବା ।—*v.i.* ସରୁକମା ଓ କାମ୍ପି-ହେ ।—*n.* 1. କଠୋର ପରିଶ୍ରମୀ ଓ କାମ୍ପି ଲୋକ; 2. ସାମାନ୍ୟ ପଦାର୍ଥ; 3. ଛିଣ୍ଡାମାର୍ଜ୍ଜନୀ; 4. ଅନୁଚ ଗୁଳ୍ମ; 5. ବୁଦା; 6. ଛୁଗୁଛିଆ ଗଛ; 7. ଅକର୍ମଣ୍ୟ ଘୋଡ଼ା ।

Scrubber, *n.* ଚମ ଘଷିବା କଳ ।

Scrubbing-brush, *n.* ମାର୍ଜ୍ଜନୀ ।

Scrubby, *a.* 1. ସରୁକମା ଓ କୃପଣସ୍ୱଭାବ; 2. ନୀଚ; 3. ବୁଦାମୟ; 4. ଗୁଳ୍ମାବୃତ ।

Scruff, *n.* ବେକର ପଛପାର୍ଶ୍ୱ ।

Scrumptious, *a.* (Slang) 1. ସୁନ୍ଦର; 2. ସୁକୁମାର; 3. ମନୋହର ।

Scruple, *n.* 1. ଅଠର ଗ୍ରେନ ପରିମାଣ; 2. ସାମାନ୍ୟପରିମାଣ; 3. ଦ୍ୱିଧା; 4. ବିବେକରୁ ଜାତ ସନ୍ଦେହ, ଚିନ୍ତା ।—*v.i.* ବିଷୟରେ ବା କର୍ମରେ ଦ୍ୱିଧା-କ ।

Scrupulous, *a.* 1. ସନ୍ଦେହ ବା ଆଶଙ୍କାପୂର୍ଣ୍ଣ; 2. ବିବେକୀ; 3. ସତର୍କ; 4. ଠିକ୍; 5. ଛିଦ୍ରାନ୍ୱେଷୀ ।

Scrupulously, *ad.* 1. ସତର୍କରୂପେ; 2. ଛିଦ୍ରାନ୍ୱେଷିରୂପେ ।

Scrupulousness, Scrupulosity, *n.* 1. ସନ୍ଦିଗ୍ଧାବସ୍ଥା; 2. ସନ୍ଦେହ; 3. ଧର୍ମଭୟ; 4. ଯଥାର୍ଥତା ।

Scrutineer, *n.* ସୂକ୍ଷ୍ମାନୁସନ୍ଧାନକାରୀ ଲୋକ ।

Scrutinise, *v.t.* 1. ସୂକ୍ଷ୍ମରୂପେ ଅନୁସନ୍ଧାନ-କ; 2. ଅନୁସନ୍ଧୃତ ପରୀକ୍ଷା-କ; 3. ତତ୍ତ୍ୱାନୁସନ୍ଧାନ-କ ।

Scrutiny, *n.* 1. ସୂକ୍ଷ୍ମାନୁସନ୍ଧାନ; 2. ସୂକ୍ଷ୍ମପରୀକ୍ଷା; 3. ନିର୍ବାଚନ ସମୟରେ ମତଦାତାମାନଙ୍କ ସମ୍ମତିର ପରୀକ୍ଷା ।

Scud, *v.i.* 1. ବେଗରେ ଦୌଡିବା; 2. ବାୟୁସମ୍ମୁଖରେ ବେଗରେ ଭାସମାନ-ହେ ।

Scuff, Same as Scruff.

Scuffle, *v.i.* 1. ହାତାହାତି-ହେ; 2. ଗୋଳମାଳିଆରୂପେ ଲଢାଇ-କ ।—*n.* 1. ହାତାହାତି; 2. ଗୋଳମାଳିଆ ଲଢାଇ ।

Sculk, Same as Skulk.

Scull, *n.* 1. ଛୋଟ ଓ ହାଲୁକା ଅହଳ, କ୍ଷେପଣୀ; 2. ଛୋଟ ଡଙ୍ଗା, କ୍ଷୁଦ୍ର ନୌକା ।—*v.t.* 1. ଜଣେ ଲୋକ ଦୁଇ କ୍ଷେପଣୀଦ୍ୱାରା ନୌକା ଚଳାଇବା; 2. ଏକ କ୍ଷେପଣୀଦ୍ୱାରା ନୌକା ଚଳାଇବା ।

Sculler, *n.* 1. ଦୁଇ କ୍ଷେପଣୀ ଦ୍ୱାରା ନୌକା ଚଳାଇବା ଲୋକ; 2. କ୍ଷୁଦ୍ର ନୌକା ।

Scullery, *n.* ବାସନ ଓ ରନ୍ଧନପାତ୍ର ରଖିବା ସ୍ଥାନ ।

Scullion, *n.* 1. ବାସନମଜା ଭୃତ୍ୟ; 2. ଚାକର; 3 ନୀଚ ଲୋକ ।

Sculptor, *n.* ଖୋଦକାରକ, ଭାସ୍କର ।

Sculptural, *a.* ଖୋଦନସମ୍ବନ୍ଧୀୟ, ଭାସ୍କରବିଦ୍ୟାସମ୍ବନ୍ଧୀୟ ।

Sculpture, *n.* 1. ଖୋଦନକର୍ମ; 2. ଭାସ୍କରବିଦ୍ୟା ।—*v.t.* ଖୋଦନ-କ ।

Sculptured, *a.* ଖୋଦିତ ।

Scum, *n.* 1. ଫେଣ; 2. ମଇଳା; 3. ଗାଦ ।—*v.t.* 1. ଫେଣ କାଢିବା; 2. ମଇଳା ଟାଣି ଆଣିବା ।

Scummy, *a.* ଫେଣାବୃତ ।

Scupper, *n.* ଜାହାଜର ଉପର ଚଟାଣରୁ ଜଳ ବାହାରିବା ବାଟ ।

Scurf, *n.* 1. ରୁଛିଆ; 2. ଶୁଷ୍କଚର୍ମ; 3. ମଇଳା ।

**Scurfy**, *a.* 1. କୁଣ୍ଡିଅଯୁକ୍ତ; 2. କୁଣ୍ଡିଅପର ।
**Scurrile**, *a.* 1. ମସ୍କରାବତ; 2. କୌତୁକଅ; 3. ଅଶ୍ଳୀଳ; 4 ଇତର ।
**Scurrility**, *n.* 1. ମସ୍କରାମି; 2. ଅଶ୍ଳୀଳତା; 3. ଇତ-[ରତ୍ୱ; 4. ଗାଳି ।
**Scurrilous**, *a.* 1. ଅଶ୍ଳୀଳ ଭାଷା; 2. ମସ୍କରାଯୋଗ୍ୟ; 3. ଅଶ୍ଳୀଳ; 4. ଜଘନ୍ୟ ।
**Scurvily**, *a.* 1. ଇତରଭାବେ; 2. ଜଘନ୍ୟଭାବେ ।
**Scurviness**, *n.* 1. ଜଘନ୍ୟାବସ୍ଥା; 2. ନୀଚତା ।
**Scurvy**, *a.* 1. କୁଣ୍ଡିଅଯୁକ୍ତ; 2. କଦର୍ଯ୍ୟ; 3. କୁତ୍ସିତ । —*n.* ଏକପ୍ରକାର ଘାଆଯୁକ୍ତ ଚର୍ମରୋଗ, ଖାଜୁ ।
**Scutage**, *n.* ପୂର୍ବକାଳରେ କାର୍ଯ୍ୟବଦଳେ କୁଳୀନ ଲୋକର ପ୍ରାପ୍ୟ କର ।
**Scutcheon**, *n.* ଢାଲ ।
**Scutiform**, *a.* ଢାଲାକୃତ ।
**Scutter**, *v.i.* ବେଗେ ଧାଇଁବା ।
**Scuttle**, (1) *n.* 1. ଖଣ୍ଡ ଗହୀରଅ ଟୋକାଇ; 2. କୋଇଲାର ଆଧାର ।
**Scuttle**, (2) *n.* 1. ଜାହାଜର ଦ୍ୱାର; 2. ଜାହାଜର ପାର୍ଶ୍ୱ ବା ତଳଭାଗର କଣା ।—*v.t.* ଜାହାଜକୁ କଣା କରି ବୁଡାଇବା ।
**Scuttle**, (3) *v.i.* 1. ବେଗେ ପଳାଇବା; 2. ତରତର -ହେ ।—*n.* ଦ୍ରୁତ ଧାବନ ।
**Scutum**, *n.* ରୋମୀୟ ପଦାତିକମାନଙ୍କ ଲମ୍ବ ଢାଲ ।
**Scylla**, *n.* ମେସାନା ପ୍ରଣାଳୀ ଅନ୍ତର୍ଗତ ଇଟାଲୀ ଦେଶସ୍ଥ ଗୋଟିଏ ଅପକାରକ ପାହାଡ ।—Between Scylla and Charybdis, ଦୁଇ ଅପଦର ମଧ୍ୟରେ, ଯେପରି ମେସାନାପ୍ରଣାଳୀର ଏକ ପାଖରେ Scylla ନାମକ ପାହାଡ ଓ ଅନ୍ୟ ପାଖରେ Charybdis ନାମକ ଘୂର୍ଣ୍ଣିଜଳ ।
**Scythe**, *n.* 1. ଲମ୍ବବେଣ୍ଟଯୁକ୍ତ ଦାଆ: 2. ତୃଣ ଛେଦକାସ୍ତ୍ର ।
**Scythian**, *a.* ସୁଥୀୟ, ଏସିଅ ମହାଦେଶର ଉତ୍ତର ଭାଗର ଏକ ପୁରାତନ ଭ୍ରମଣକାରୀ ଜାତିସମ୍ବନ୍ଧୀୟ ।—*n.* ସୁଥୀୟ ଲୋକ ।
**Sea**, *n.* 1. ସମୁଦ୍ର; 2. ଜଳଧି, ସିନ୍ଧୁ, ସାଗର; 3. ହିଲ୍ଲୋଳ; 4. ଢେଉ ।—At sea, 1. ସମୁଦ୍ରବକ୍ଷରେ; 2. ଅବାଟରେ ।—To go to sea, ନାବିକ-ହେ ।—Half-seas over, ଅର୍ଦ୍ଧମତୁଆଲା ।—Heavy sea, ପ୍ରବଳ ତରଙ୍ଗମୟ ସମୁଦ୍ର ।—High seas, ଉନ୍ମୁକ୍ତ ସାଗର ।—To ship a sea, ବଡ ଲହରୀଧକ୍କା ଖାଇବା ।
**Sea-beach**, *n.* ସମୁଦ୍ରୋପକୂଳ ।
**Sea-board**, *n.* ସମୁଦ୍ର ତଟ ।
**Sea-boat**, *n.* ତରଙ୍ଗାଘାତ ସହନକ୍ଷମ ପୋତ ।
**Sea-born**, *n.* ସମୁଦ୍ରଜ ।
**Sea-breeze**, *n.* ପ୍ରାତଃ ୧୦ ଘଣ୍ଟାଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ସମୁଦ୍ରରୁ ବହୁଥିବା ବାୟୁ ।
**Sea-captain**, *n.* ପୋତାଧ୍ୟକ୍ଷ ।
**Seacoast** *n.* 1. ବେଳାଭୂମି; 2. ସମୁଦ୍ରକୂଳସ୍ଥ ଭୂମି ।
**Sea-craft**, *n.* ନୌଚାଳନ ନୈପୁଣ୍ୟ ।
**Sea-dog**, *n.* 1. ଶୀଲ; 2. ବୁଢା ଜାହାଜୀଆ; 3. ଜଳଦସ୍ୟୁ ।
**Sea-dragon**, *n.* ଉଡ୍ଡୀୟମାନ ବାଳୁକାର ସିନ୍ଧୁଘୋଟକ ।
**Sea-eagle**, *n.* ଶୁଭ୍ରପୁଚ୍ଛଯୁକ୍ତ ଉତ୍କ୍ରୋଶପକ୍ଷୀ ।
**Seafarer**, *n.* 1. ସମୁଦ୍ରଯାତ୍ରୀ; 2. ନାବିକ ।
**Seafaring**, *a.* 1. ସମୁଦ୍ରଗାମୀ; 2. ନାବିକସମ୍ବନ୍ଧୀୟ ।
**Sea-fight**, *n.* ଜଳଯୁଦ୍ଧ ।
**Sea-fish**, *n.* ସାମୁଦ୍ରିକ ମତ୍ସ୍ୟ ।
**Sea-gauge**, *n.* 1. ଜାହାଜର ଯେପର୍ଯ୍ୟନ୍ତ ପାଣିରେ ବୁଡିଥାଏ; 2. ସମୁଦ୍ରର ଗଭୀରତା ପରିମାପକ ଯନ୍ତ୍ର ।
**Sea-girt**, *a.* ସାଗରବେଷ୍ଟିତ ।
**Sea-going**, *a.* ସମୁଦ୍ରଗାମୀ ।
**Sea-green**, *a.* ସମୁଦ୍ରଜଳର ବର୍ଣ୍ଣ ତୁଲ୍ୟବର୍ଣ୍ଣ ।
**Sea-gull**, *n.* ସାମୁଦ୍ରିକ ପକ୍ଷିବିଶେଷ, ଗାଂଚିଲ ।
**Seahorse**, *n.* 1. ସିନ୍ଧୁଘୋଟକ; 2. ଜଳହସ୍ତୀ ।
**Sea-king**, *n.* ପୂର୍ବକାଳୀନ ଜଳଦସ୍ୟୁମାନଙ୍କର ନେତା ।
**Seal**, (1) *n.* 1. ମୋହର; 2. ମୁଦ୍ରିତ ଲାଖ; 3. ଯାହା ପକ୍କା କରେ; 4. ଯାହା ଦୃଢ ବା ପ୍ରମାଣିତ କରେ; 5. ନିଶ୍ଚିତତା ।—*v.t.* 1. ମୋହର-କ; 2. ମୋହର ବସାଇବା; 3. ମୋହରଦ୍ୱାରା ଚିହ୍ନିତ-କ; 4. ପକ୍କା-କ; 5. ନିଶ୍ଚୟ-କ; 6. ଦୃଢ-କ; 7. ନିଶ୍ଚିତରୂପେ ବନ୍ଦ-କ; 8. ସ୍ୱାକ୍ଷରଦ୍ୱାରା ଗ୍ରହଣ-କ; 9. ବୃଦ୍ଧାଙ୍ଗୁଷ୍ଠଦ୍ୱାରା ଚିହ୍ନିତ-କ ।—Great seal, ସମ୍ମିଳିତ ସର୍କାର ରାଜମୋହର ।—Privy seal, ରାଜାଙ୍କର ସ୍ୱନାମାଙ୍କିତ ମୋହର ।—To set one's seal to, ମୋହର ମାରି ସମ୍ମତ ପ୍ରକାଶ-କ ।—Under seal, ମୋହରଯୁକ୍ତ ।
**Seal**, (2) *n.* ଏକପ୍ରକାର ସାମୁଦ୍ରିକ ସ୍ତନ୍ୟପାୟୀ ଜନ୍ତୁ, ଶୀଲ ।—*v.t.* ଉକ୍ତ ଜନ୍ତୁ ଶିକାର-କ ।
**Sealed**, *a.* 1. ମୁଦ୍ରାଙ୍କିତ; 2. ଅଗମ୍ୟ ।
**Seal-engraving**, *n.* ମୋହର ଖୋଳିବା ବିଦ୍ୟା ।
**Sea-level**, *n.* ଜୁଆର ଓ ଭଟ୍ଟାର ମଧ୍ୟବର୍ତ୍ତୀ ସମତଳ ।
**Sea-line**, *n.* 1. ସମୁଦ୍ର ଓ ଆକାଶ ମିଶିଥିବା ରେଖା; 2. ସମୁଦ୍ର ମାଛ ଧରିବାର ଡୋର ।
**Sealing-wax**, *n.* ଜଉ, ଲାଖ ।
**Sea-lion**, *n.* 1. ଜଳସିଂହ; 2. ଶୀଲ ।
**Seam**, *n.* 1. ଲୁଗାର ଦୁଇଧାରର ଯୋଡ; 2. ଯୋଡ-ମୁହଁ; 3. ଧାତୁର ଥାକ; 4. ତାଳୁର ଯୋଡ; 5. ସିଲାଇର ସନ୍ଧି; 6. (Geol.) ମୋଟା ଥାକର ମଧ୍ୟବର୍ତ୍ତୀ ସରୁଚିପ ।—*v.t.* 1. ସିଲାଇଦ୍ୱାରା ଯୋଡିବା; 2. ସିଲାଇ-କ ।
**Seaman**, *n.* 1. ଖଲାସୀ; 2. ନାବିକ ।
**Seamanship**, *n.* ନାବିକ ବିଦ୍ୟା ।
**Seamark**, *n.* 1. ନାବିକମାନଙ୍କର ପଥପ୍ରଦର୍ଶକ କୌଣସି ନିଦର୍ଶନ; 2. ଜଳୁଅଚିହ୍ନ ।
**Sea-mew**, *n.* ସାମୁଦ୍ରିକ ସାଧାରଣ ପକ୍ଷୀ ।
**Seamless**, *a.* 1. ଯୋଡଶୂନ୍ୟ; 2. ଅଦ୍ୟପ୍ରାନ୍ତ ବୁଣାଟ ।
**Sea-monster**, *n.* କୌଣସି ବୃହତ ସାମୁଦ୍ରିକ ଜନ୍ତୁ ।

**Seamster**, *n.* ଦର୍ଜି ।
**Seamstress**, *n.* ଦର୍ଜିଅଣୀ ।
**Seamy**, *a.* ଯୋଡଚିହ୍ନିତ ।
**Seamy-side**, *n.* ନିକୃଷ୍ଟ ପାର୍ଶ୍ୱ । [ବୈଠକ ।
Seance, *n.* 1. ଅଧିବେଶନ; 2. ପ୍ରେତାତ୍ମବାଦୀମାନଙ୍କର
Sea-nymph, *n.* ଜଳ ପରୀ ।
Sea-piece, *n.* ସାଗର ଦୃଶ୍ୟର ଚିତ୍ର ।
Seaport, *n.* 1. ବନ୍ଦର; 2. ସମୁଦ୍ରତୀରସ୍ଥ ନଗର ।
Sear, *v.t.* 1. ଶୁଷ୍କ-କ; 2. ଉପରିଭାଗ ଦଗ୍ଧ-କ; 3. ଦାହକ ଔଷଧଦ୍ୱାରା ପୋଡିବା; 4. ପୋଡି କଠିନ-କ । —*a.* ଶୁଷ୍କ, ଶୀର୍ଣ୍ଣ ।
Search, *v.t.* 1. ଅନୁସନ୍ଧାନ-କ; 2. ଅନ୍ୱେଷଣ-କ; 3. ତଦନ୍ତ-କ; 4. ପରିଦର୍ଶନ-କ; 5. ଆବିଷ୍କାର-କ; 6. ପରଖ-କ; 7. ତନ୍ନ ତନ୍ନ ପରୀକ୍ଷା-କ । —*v.i.* 1. ଖୋଜ-ହେ; 2. ତତ୍ତ୍ୱ ଜିଜ୍ଞାସା-କ । —*n.* 1. ଅନୁସନ୍ଧାନ; 2. ତଲାସ; 3. ତଦନ୍ତ; 4. ତଦାରଖ; 5. ପଶ୍ଚାଦ୍ଧାବନ । —Right of search, ବାଣିଜ୍ୟ ଜାହାଜରେ ଯୁଦ୍ଧାସ୍ତ୍ର ଅନ୍ୱେଷଣ ପାଇଁ ସୈନ୍ୟାଧ୍ୟକ୍ଷଙ୍କର ପ୍ରାପ୍ତାଧିକାର ।
Searchable, *a.* 1. ଅନୁସନ୍ଧାନଯୋଗ୍ୟ, ଅନୁସନ୍ଧେୟ; 2. ଅନ୍ୱେଷଣୀୟ ।
Searcher, *n.* 1. ଅନୁସନ୍ଧାନକାରୀ; 2. ତଦନ୍ତକାରୀ ।
Searching, *a.* 1. ସୂକ୍ଷ୍ମଦର୍ଶୀ; 2. ବିଚକ୍ଷଣ; 3. ତୀକ୍ଷ୍ଣ; 4. କଠୋର ।
Search-light, *n.* ଜାହାଜ ଓ ସୈନ୍ୟ ବିଭାଗରେ ବ୍ୟବହୃତ ତଦନ୍ତକାରୀ ବୈଦ୍ୟୁତିକ ଆଲୋକ ।
Search-warrant, *n.* ଚୋରମାଲ ଖୋଜିବାପାଇଁ ଅଦାଲତର ହୁକୁମନାମା ।
Seared, *a.* 1. ଶୁଷ୍କ; 2. ଦଗ୍ଧୀଭୂତ; 3. କଠିନୀଭୂତ ।
Searedness, *n.* 1. କଠିନତା; 2. ବୋଧଶୂନ୍ୟତା ।
Sea-robber, *n.* ଜଳଦସ୍ୟୁ ।
Sea-room, *n.* ଖୋଲାସମୁଦ୍ର ।
Sea-rover, *n.* 1. ଜଳଦସ୍ୟୁ; 2. ଲୁଣ୍ଠନକାରୀ ଜାହାଜ ।
Sea-salt, *n.* ସମୁଦ୍ର ଲୁଣ ।
Sea-serpent, *n.* ସାମୁଦ୍ରିକ କାଳ୍ପନିକ ପ୍ରକାଣ୍ଡ ସର୍ପ ।
Seashore, *n.* 1. ବେଳାଭୂମି, ସମୁଦ୍ରତଟ; 2. (Law) ଜୁଆର ଓ ଭଟ୍ଟାର ସୀମା ମଧ୍ୟବର୍ତ୍ତୀ ଭୂମି । [ଯୁକ୍ତ ।
Seasick, *a.* ଜାହାଜ ଟଳମଳ ଯୋଗୁଁ ବମନୋଦ୍ବେଗ-
Seasickness, *n.* ଜାହାଜର ଟଳମଳ ଯୋଗୁଁ ବାନ୍ତି ।
Seaside, *n.* ସମୁଦ୍ର ନିକଟସ୍ଥ ଭୂମି ।
Season, *n.* 1. ଋତୁ; 2. ଯଥାର୍ଥ ସମୟ; 3. ନିର୍ଦ୍ଦିଷ୍ଟ ସମୟ; 4. କାଳ, ସମୟ । —*v.t.* 1. ପକ୍ୱ-କ; 2. ବ୍ୟବହାରୋପଯୋଗୀ-କ; 3. ଅଭ୍ୟସ୍ତ-କ; 4. ସୁସ୍ୱାଦୁ-କ; 5. ମିଶ୍ରିତ-କ; 6. ପରିମିତ-କ; 7. ନଷ୍ଟାଦିରୁ ରକ୍ଷା-କ । —*v.i.* 1. ପରିପକ୍ୱ-ହେ; 2. ବ୍ୟବହାରୋପଯୋଗୀ-ହେ; 3. ଅଭ୍ୟସ୍ତ-ହେ । —In season and out of season, ସମୟରେ ଅସମୟରେ ।
Seasonable, *a.* 1. ଋତୁନୁଯାୟୀ; 2. କାଳୋପଯୋଗୀ; 3. ସାମୟିକ ।
Seasonably, *ad.* କାଳୋପଯୋଗିରୂପେ, ସାମୟିକଭାବେ ।
Seasoner, *n.* ଯାହା ସୁସ୍ୱାଦୁ କରେ ।
Seasoning, *n.* 1. ଖାଦ୍ୟ ସୁସ୍ୱାଦୁକାରକ ମସଲା; 2. ଆନନ୍ଦଜନକ ବିଷୟ ।
Seasonless, *a.* 1. ଅସ୍ୱାଦୁ; 2. ନୀରସ ।
Seat, *n.* 1. ଆସନ; 2. ପୀଢ଼ି; 3. ବସିବା ଜାଗା; 4. କ୍ଷମତାସ୍ଥଳ; 5. ଆବାସ; 6. ପିଣ୍ଡି; 7. ପାଇଜାମାର ପଛଭାଗ; 8. ଅଶ୍ୱାରୋହୀର ବସିବା ଢଙ୍ଗ; 9. ବସିବା ଅଧିକାର । —*v.t.* 1. ଉପବେଶନ କରାଇବା; 2. ବସାଇବା; 3. ଆସନ ନିର୍ଦ୍ଦିଷ୍ଟ-କ; 4. ଆସନଦ୍ୱାରା ପୂର୍ଣ୍ଣ-କ; 5. ପାଇଜାମାର ପଛଭାଗ ବଦଳାଇବା । —To take a seat, ବସିବା ।
Seated, *a.* ଉପବିଷ୍ଟ, ଆସୀନ ।
Seating, *n.* 1. ଆସନଦ୍ୱାରା ପୂରଣ; 2. ଆସନ ଆୟୋଜନ ।
Sea-wall, *n.* ସମୁଦ୍ର ସେତୁ ।
Seaward, *ad.* ସାଗରାଭିମୁଖେ ।
Sea-way, *n.* ତରଙ୍ଗରେ ଜାହାଜର ଗତି ।
Seaweed, *n.* ସମୁଦ୍ରଜାତ ଉଦ୍ଭିଦ ।
Seaworthy, *a.* ସମୁଦ୍ର ଯାତ୍ରୋପଯୋଗୀ ।
Secant, *a.* ଛେଦକ । —*n.* ଛେଦକ ରେଖା ।
Secede, *v.i.* 1. ଦୂରବର୍ତ୍ତୀ-ହେ; 2. ପୃଥକ୍-ହେ; 3. ମତ ତ୍ୟାଗ-କ ।
Seceder, *n.* ମତତ୍ୟାଗୀ ।
Secession, *n.* ମତତ୍ୟାଗ ।
Seclude, *v.t.* 1. ପୃଥକ୍ ରଖିବା; 2. ସ୍ୱତନ୍ତ୍ର-କ ।
Secluded, *a.* 1. ନିଭୃତ; 2. ଗୁପ୍ତ ।
Seclusion, *n.* 1. ସ୍ୱତନ୍ତ୍ରକରଣ; 2. ନିଭୃତାବସ୍ଥା; 3. ପୃଥକ୍କରଣ; 4. ନିର୍ଜନାବସ୍ଥା ।
Second, *a.* 1. ଦ୍ୱିତୀୟ; 2. ପରବର୍ତ୍ତୀ; 3. ନିମ୍ନ; 4. ଦୋସର; 5. ଅନ୍ୟ; 6. ଅନୁମୋଦକ । —*n.* 1. ଦ୍ୱିତୀୟ ବିଷୟ; 2. ଅନ୍ୟଲୋକ; 3. ଦ୍ୱନ୍ଦ୍ୱଯୋଦ୍ଧାର ସଖା; 4. ଅନୁମୋଦନକାରୀ; 5. ଏକ ମିନିଟର ଷାଠିଏ ଭାଗରୁ ଭାଗେ, ପଲକ । —*v.t.* 1. ସାହାଯ୍ୟ-କ; 2. ଉତ୍ତେଜିତ-କ; 3. ଅନୁମୋଦନ-କ । —Second childhood, ବାର୍ଦ୍ଧକ୍ୟ ହେତୁରୁ ବୁଦ୍ଧିକ୍ଷୀଣାବସ୍ଥା । —Second coming, ଖ୍ରୀଷ୍ଟଙ୍କ ଦ୍ୱିତୀୟାଗମନ ।
Second-adventist, *n.* ପୃଥିବୀରେ ଖ୍ରୀଷ୍ଟଙ୍କର ଶତସହସ୍ରବର୍ଷ ସାକ୍ଷାତ୍ ରାଜତ୍ୱ ଅପେକ୍ଷାକାରୀ ଲୋକ ।
Secondary, *a.* 1. ଦ୍ୱିତୀୟସ୍ଥାନସ୍ଥ; 2. ନିମ୍ନତର; 3. ଅପ୍ରଧାନ ।
Second-best, *a.* ସର୍ବୋତ୍ତମର ପରବର୍ତ୍ତୀ । —To come off second best, ହାରି ଯିବା ।
Second-class, *a.* ଦ୍ୱିତୀୟ ଶ୍ରେଣୀୟ ।
Seconder, *n.* ଅନୁମୋଦନକାରୀ ।
Second-hand, *a.* ଅଳ୍ପପୁରୁଣା ।
Secondly, *ad.* ଦ୍ୱିତୀୟତଃ ।

**Second-rate**, *a.* 1. ଅପ୍ରଧାନ; 2. ମଧ୍ୟମ ।

**Second-sight**, *n.* ଦୂରରେ ଘଟିବା ବିଷୟ ଜାଣିବା ଶକ୍ତି । [ପନ ।

**Secrecy**, *n.* 1. ଗୁପ୍ତାବସ୍ଥା; 2. ନିର୍ଜ୍ଜନତା; 3. ସଂଗୋ-

**Secret**, *a.* 1. ଲୁକ୍କାୟିତ; 2. ଅପ୍ରକାଶିତ; 3. ଗୁପ୍ତ; 4. ନିଗୂଢ଼ ।—*n.* 1. ନିଗୂଢ଼ବାକ୍ୟ; 2. ରହସ୍ୟ; 3. ଗୂଢ଼ବିଷୟ; 4. ମର୍ମ୍ମ; 5. (*pl.*) ମନ୍ତ୍ର; 6. ଗୁପ୍ତାଙ୍ଗ ।—Secret service, ସରକାରଙ୍କ ଗୋପନୀୟ କାର୍ଯ୍ୟବିଭାଗ ।—Open secret, ଉଦ୍ଭିନ୍ନ ରହସ୍ୟ ।

**Secretaire**, *n.* ଲେଖିବାପାଇଁ ଥାକ ଓ ଦରାଜଯୁକ୍ତ ଢାଲୁ ମେଜ ।

**Secretarial**, *a.* 1. ଅନ୍ୟର ଲେଖକସମ୍ବନ୍ଧୀୟ; 2. କାର୍ଯ୍ୟାଧ୍ୟକ୍ଷସମ୍ବନ୍ଧୀୟ । [ସେରସ୍ତାଘର ।

**Secretariate**, *n.* 1. ଲେଖକର ପଦ; 2. କାର୍ଯ୍ୟାଧ୍ୟକ୍ଷର

**Secretary**, *n.* 1. ଅନ୍ୟର ଲେଖକ; 2. କାର୍ଯ୍ୟନିର୍ବାହକ ସଭାର ସମ୍ପାଦକ; 3. କାର୍ଯ୍ୟାଧ୍ୟକ୍ଷ ।

**Secretary-bird**, *n.* ମୁଣ୍ଡରେ କଲମସଦୃଶ ପରଯୁକ୍ତ ସର୍ପଭକ୍ଷକ ଶାରସପକ୍ଷୀ । [କର୍ମ୍ମସ୍ଥ ।

**Secretary of State**, *n.* ରାଜ୍ୟଶାସନ ବିଭାଗର ପ୍ରଧାନ

**Secretaryship**, *n.* କାର୍ଯ୍ୟାଧ୍ୟକ୍ଷତ୍ୱ । [ନିଃସରଣ-କ ।

**Secrete**, *v.t.* 1. ଗୁପ୍ତ ରଖିବା; 2. ଲୁଚାଇବା; 3.

**Secretion**, *n.* 1. ନିଃସରଣ; 2. ନିଃସୃତ ରସ ।

**Secretive**, *a.* 1. ନିଃସାରକ; 2. ଗୋପନକାରୀ ।

**Secretly**, *ad.* 1. ଗୁପ୍ତରେ; 2. ଅଜ୍ଞାତସାରେ; 3. ମନେ୨ ।

**Secretness**, *n.* ଗୁପ୍ତତା ।

**Sect**, *n.* 1. ଧର୍ମ୍ମସମ୍ପ୍ରଦାୟ; 2. କୌଣସି ମତାବଲମ୍ବିଦଳ; 3. ବିଶେଷ ମତ ।

**Sectarian**, *a.* 1. ଧର୍ମ୍ମସମ୍ପ୍ରଦାୟସମ୍ବନ୍ଧୀୟ; 2. ମତାବଲମ୍ବୀ; 3. ସ୍ୱଧର୍ମ୍ମାଭିମାନୀ ।

**Sectarianism**, *n.* ସ୍ୱଧର୍ମ୍ମାଭିମାନ ।

**Sectary**, *n.* ବିଶେଷ ମତାବଲମ୍ବୀ ।

**Sectile**, *a.* କର୍ତ୍ତନୀୟ ।

**Section**, *n.* 1. କର୍ତ୍ତନ; 2. ବିଭାଗ; 3. ଅଂଶ; 4. ପରିଚ୍ଛେଦ; 5. କର୍ତ୍ତିତାଂଶର ଚିହ୍ନ; 6. ସମକ୍ଷେତ୍ର ଓ ସମତଳର ପରସ୍ପର ଛେଦୋତ୍ପନ୍ନ ତଳ ।—*v.t.* 1. ବିଭାଗ-କ; 2. ଅଣୁବୀକ୍ଷଣ ଯନ୍ତ୍ରରେ ଦେଖିବା ପାଇଁ ପାତଳ-କ ।

**Sectional**, *a.* 1. କର୍ତ୍ତିତାଂଶସମ୍ବନ୍ଧୀୟ; 2. ସ୍ଥାନୀୟ ।

**Sectionalism**, *n.* ସାମ୍ପ୍ରଦାୟିକତା ।

**Sector**, *n.* 1. ଜ୍ୟାସାର୍ଦ୍ଧଦ୍ୱୟର ମଧ୍ୟବର୍ତ୍ତୀ ବୃତ୍ତାଂଶ; 2. ଗଣିତ ଯନ୍ତ୍ର । [3. ପାର୍ଥିବ ।

**Secular**, *a.* 1. ଏକଯୁଗ ସମ୍ବନ୍ଧୀୟ; 2. ସାଂସାରିକ;

**Secularise**, *v.t.* 1. ସାଂସାରିକ-କ; 2. ପବିତ୍ର ବସ୍ତୁ ସାଧାରଣ କାର୍ଯ୍ୟରେ ଲଗାଇବା ।

**Secularism**, *n.* ସାଂସାରିକତା ।

**Secularist**, *n.* 1. ବିଷୟୀ ଲୋକ; 2. ଶିକ୍ଷାବିଭାଗରୁ ଧର୍ମଶିକ୍ଷା ପୃଥକ୍ ରଖିବା ମତାବଲମ୍ବୀ ଲୋକ ।

**Secularity**, *n.* ସାଂସାରିକ ଭାବ ।

**Securable**, *a.* ରକ୍ଷଣୀୟ ।

**Secure**, *a.* 1. ନିଶ୍ଚିନ୍ତ; 2. ନିରୁଦ୍‌ବେଗ; 3. ନିରାପଦ; 4. ରକ୍ଷିତ; 5. ସୁଦୃଢ଼ ।—*v.t.* 1. ସୁଦୃଢ଼-କ; 2. ଆପଦରୁ ରକ୍ଷା-କ; 3. ବନ୍ଦ-କ; 4. ହସ୍ତଗତ-କ; 5. ଅସ୍ୱଧୀନ-କ ।

**Securely**, *ad.* 1. ନିରାପଦରେ; 2. ସୁଦୃଢ଼ରୂପେ; 3. ନିଶ୍ଚିନ୍ତଭାବେ ।

**Security**, *n.* 1. ନିରାପଦାବସ୍ଥା; 2. ନିର୍ଭୟତା; 3. ନିଶ୍ଚିନ୍ତତା; 4. ସୁରକ୍ଷଣ; 5. ନିଶ୍ଚୟତା; 6. ବନ୍ଧକ; 7. (*pl.*) ବନ୍ଧକପତ୍ର । [ଚୌକି ।

**Sedan-chair**, *n.* ପାଲିଙ୍କିପରି ଛାତଯୁକ୍ତ ବହନୀୟ

**Sedate**, *a.* 1. ଧୀର; 2. ପ୍ରଶାନ୍ତ; 3. ଗମ୍ଭୀର ।

**Sedately**, *ad.* ପ୍ରଶାନ୍ତଭାବେ ।

**Sedateness**, *n.* ପ୍ରଶାନ୍ତତା ।

**Sedative**, *a.* ଶାନ୍ତିକର ।—*n.* ଶାନ୍ତିକର ଔଷଧ ।

**Sedentary**, *a.* 1. ଉପବେଶନପୂର୍ଣ୍ଣ; 2. ଅଚଳିଷ୍ଣୁ; 3. ଅନୁଦ୍ୟୋଗୀ ।

**Sedge**, *n.* ଜଳଜାତ ମୋଟା ଘାସ ।

**Sediment**, *n.* ଗାଦ, କାଣ୍ଟି ।

**Sedition**, *n.* 1. ରାଜବିରୁଦ୍ଧାଚାର; 2. ଶାସନରେ ଗଣ୍ଡଗୋଳ ଉତ୍ପାଦନ । [ଲୋକ ।

**Seditionary**, *n.* ଶାସନରେ ଗଣ୍ଡଗୋଳ ଉତ୍ପାଦକ

**Seditious**, *a.* 1. ରାଜବିରୁଦ୍ଧାଚାର ସମ୍ବନ୍ଧୀୟ; 2. ଶାସନରେ ଗଣ୍ଡଗୋଳ ଉତ୍ପାଦନକାରୀ ।

**Seduce**, *v.t.* 1. କୁପଥରେ ନେବା; 2. ଭ୍ରଷ୍ଟ କ; 3. ସତୀତ୍ୱ ନାଶ-କ ।

**Seducement**, *n.* 1. ଭ୍ରଷ୍ଟକରଣ; 2. ପ୍ରଲୋଭନ ।

**Seducer**, *n.* 1. ଭ୍ରଷ୍ଟକାରୀ; 2. ସତୀତ୍ୱ ନାଶକାରୀ ।

**Seducible**, *a.* ସତୀତ୍ୱହରଣୀୟ । [ନାଶ ।

**Seduction**, *n.* 1. କୁକର୍ମ୍ମରେ ପ୍ରବୃତ୍ତିଦାନ; 2. ସତୀତ୍ୱ-

**Seductive**, *a.* 1. ପ୍ରଲୋଭକ; 2. ମୋହଜନକ ।

**Sedulous**, *a.* 1. ପରିଶ୍ରମୀ; 2. ଅଧ୍ୟବସାୟୀ ।

**See**, (1) *n.* 1. ଧର୍ମ୍ମାଧ୍ୟକ୍ଷଙ୍କ ନିବାସ ବା ଅଧିକାର; 2. ସିଂହାସନ ।—Holy See, ପୋପଙ୍କ ଅଦାଲତ ।

**See**, (2) *v.t.* 1. ଦେଖିବା, ଦର୍ଶନ-କ; 2. ଅବଲୋକନ-କ; 3. ସନ୍ଧାନ ପାଇବା; 4. ଦୃଷ୍ଟି-କ; 5. ସାକ୍ଷାତ୍-କ; 6. ସଙ୍ଗରେ ନେବା; 7. ବୁଝିବା ।—*v.i.* 1. ଦୃଷ୍ଟିପ୍ରାପ୍ତ-ହେ; 2. ମନୋଯୋଗୀ-ହେ; 3. ଭାବିବା ।—*Interj.* ଦେଖ !—To see about a thing, ବିବେଚନା-କ ।—To see one through, ଶେଷପର୍ଯ୍ୟନ୍ତ ସହାୟ ହେବା ।—To see through one, ଭଲରୂପେ ଚିହ୍ନିବା ।—To see to it, ମନୋଯୋଗ-କ ।—Let me see, ଭାବି ଦେଖେଁ (ସନ୍ଦେହସୂଚକ) ।

**Seeable**, *a.* ଦ୍ରଷ୍ଟବ୍ୟ ।

**Seed**, *n.* 1. ମଞ୍ଜି, ବୀଜ; 2. ବୀର୍ଯ୍ୟ; 3. ମୌଳିକ ତତ୍ତ୍ୱ; 4. ଆଦିକାରଣ; 5. ସନ୍ତାନ; 6. ବଂଶ ।—*v.i.* 1. ବୀଜୋତ୍ପାଦନ-କ; 2. ବୟଃପ୍ରାପ୍ତ-ହେ ।—*v.t.* 1. ବୀଜ ବପନ-କ; 2. ମଞ୍ଜି କାଢ଼ିବା ।

Seed-corn, *n.* ବିହନ ।
Seediness, *n.* 1. ବୀଜମୟତା; 2. ଶୀର୍ଣ୍ଣାବସ୍ଥା ।
Seedling, *n.* ଚାରା, ବୀଜାଙ୍କୁର ।
Seedtime, *n.* ବୀଜବପନକାଳ । [ପୀଡ଼ିତ ।
Seedy, *a.* 1. ମଞ୍ଜିଭରା, ବୀଜମୟ; 2. ଶୀର୍ଣ୍ଣ; 3. ଅଳ୍ପ
Seeing, *n.* 1. ଦୃଷ୍ଟି; 2. ଦର୍ଶନଶକ୍ତି ।—*Conj.* ଯେହେତୁ, କାରଣ ।
Seek, *v.t.* and *i.* 1. ଖୋଜିବା; 2. ଅନୁସନ୍ଧାନ-କ; 3. ଅନ୍ୱେଷଣ-କ; 4. ଚେଷ୍ଟା-କ; 5. ମାଗିବା; 6. ପଚାରିବା; 7. ଅନୁରୋଧ-କ ।
Seeker, *n.* ଅନ୍ୱେଷଣକାରୀ । [ଯିବା ।
Seem, *v.i.* 1. ଦିଶିବା; 2. ବୋଧ-ହେ; 3. ଦେଖା-
Seeming, *a.* 1. ପ୍ରତୀୟମାନ; 2. ଅପ୍ରକୃତ; 3. ବାହ୍ୟିକ ।—*n.* 1. ପ୍ରତୀୟମାନତା; 2. ଅପ୍ରକୃତତା ।
Seemingly, *ad.* 1. ଦୃଷ୍ଟତଃ; 2. ଅପ୍ରକୃତରୂପେ ।
Seemliness, *n.* 1. ଉପଯୋଗିତା; 2. ସୌନ୍ଦର୍ଯ୍ୟ ।
Seemly, *a.* 1. ଉଚିତ; 2. ଉପଯୁକ୍ତ; 3. ଶିଷ୍ଟ; 4. ସୁନ୍ଦର ।
Seer, (1) *n.* 1. ଦର୍ଶକ; 2. ଭବିଷ୍ୟଦ୍‌ବକ୍ତା ।
Seer, (2) *n.* ଏକସେର ପରିମାଣ । [ବଡ଼ ମାଛ ।
Seer-fish, *n.* ଏକପ୍ରକାର ସାମୁଦ୍ରିକ ସୁରସ ସୁସ୍ୱାଦୁ
Seesaw, *n* ପିଲାମାନଙ୍କର ପଟାଉଠା ଖେଳିବା ପଟା ।—*v.i.* ଆଗକୁ ପଛକୁ ଦୋହଲିବା ।
Seethe, *v.t.* 1. ସିଝାଇବା; 2. ଗରମ ପାଣିରେ ପାକ-କ ।—*v.i.* ସିଝା-ହେ ।
Segment, *n.* 1. ଛେଦିତାଂଶ; 2. ବୃତ୍ତାଂଶ ।
Segmental, *a.* ଖଣ୍ଡାକାର ।
Segregate, *v.t.* ପୃଥକ୍-କ ।—*a.* ପୃଥକ୍‌କୃତ ।
Seignior, Seigneur, *n.* ଇଉରୋପୀୟ କେତେକ ଦେଶରେ ପ୍ରଚଳିତ ସମ୍ମାନସୂଚକ ପଦବୀ, ମହୋଦୟ ।—Grand Seignior, ତୁରସ୍କଦେଶର ସୁଲତାନ ।
Seine, *n.* ମାଛ ଧରିବାର ବଡ଼ ଜାଲ ।
Seismic, *a.* ଭୂକମ୍ପସମ୍ବନ୍ଧୀୟ ।
Seismograph, *n.* ଭୂକମ୍ପଜ୍ଞାପକ ଯନ୍ତ୍ର ।
Seismology, *n.* ଭୂକମ୍ପ ବିଜ୍ଞାନ ।
Seismometer, *n.* ଭୂକମ୍ପ ପରିମାପକ ଯନ୍ତ୍ର ।
Seizable, *a.* 1. ଧାରଣୀୟ; 2. କ୍ରୋକକରଣୀୟ ।
Seize, *v.t.* 1. ଆକ୍ରମଣ-କ; 2. ଧରିପକାଇବା; 3. ଧାରଣ-କ; 4. କ୍ରୋକ-କ; 5 ଦଖଲ-କ ।
Seizing, *n.* ଧୃତକରଣ ।
Seizure, *n.* 1. କ୍ରୋକକରଣ; 2. ବଳପୂର୍ବକ ଅଧିକାର; 3. ଧାରଣା; 4. ଅଧିକୃତ ବସ୍ତୁ; 5. ଅକସ୍ମାତ୍ ଆକ୍ରମଣ ।
Selah, *n.* ଗୀତସଂହିତାରେ ଏବ୍ରିଭାଷାର ଏକ ବିସ୍ମୟସୂଚକ ଶବ୍ଦ ।
Seldom, *ad.* କେବେ, କ୍ୱଚିତ୍ ।
Select, *v.t.* 1. ବାଛି-ନେ; 2. ପସନ୍ଦ-କ, ମନୋନୀତ-କ; 3. ଉଦ୍ଧୃତ-କ ।—*a.* 1. ନିର୍ବାଚିତ; 2. ମନୋନୀତ; 3. ବଛା; 4. ଅନୁଦାର ।
Selected, *a.* ବଛା । [ସାରସଂଗ୍ରହ ।
Selection, *n.* 1. ନିର୍ବାଚନ; 2. ନିର୍ବାଚିତ ବସ୍ତୁ; 3.
Selective, *a.* ନିର୍ବାଚକ ।
Selene, *n.* ଚନ୍ଦ୍ରମାଦେବୀ ।
Seleniscope, *n.* ଚନ୍ଦ୍ରାବଲୋକନ ଯନ୍ତ୍ର ।
Selenite, *n.* 1. ଏକପ୍ରକାର ସ୍ୱଚ୍ଛ ଖଡ଼ିମାଟି; 2. ଚନ୍ଦ୍ରସ୍ଥିତ ଅନୁମାନିକ ନିବାସୀ ।
Selenography, *n.* ଚନ୍ଦ୍ରମଣ୍ଡଳବୃତ୍ତାନ୍ତ ।
Self, *n.* 1. ସ୍ୱୟଂ; 2. ନିଜର ସ୍ୱାର୍ଥ; 3. ସ୍ୱାର୍ଥପରତା ।—*a.* 1. ଆତ୍ମୀୟ; 2. ନିଜର, ସ୍ୱକୀୟ, ସ୍ୱୀୟ ।
Self-abandonment, *n.* ଆତ୍ମତ୍ୟାଗ ।
Self-abasement, *n.* ଆତ୍ମନମ୍ରତା ।
Self-abuse, *n.* ହସ୍ତମୈଥୁନ ।
Self-applause, *n.* ଆତ୍ମଶ୍ଳାଘା ।
Self-centred, *a.* ଆତ୍ମାର୍ଥୀ ।
Self-conceit, *n.* ଆତ୍ମାଭିମାନ ।
Self-condemned, *a.* ଆତ୍ମଦୋଷୀ ।
Self-confidence, *n.* ଆତ୍ମନିର୍ଭରତା । [ଲଜ୍ଜା ।
Self-conscious, *a.* 1. ଆତ୍ମବୋଧଯୁକ୍ତ; 2. ଆତ୍ମ-
Self-contradictory, *a.* 1. ସ୍ୱୋକ୍ତି ବିରୋଧୀ; 2. ପରସ୍ପର ବିରୁଦ୍ଧସ୍ୱଭାବପନ୍ନ ।
Self-control, *n.* ଆତ୍ମଦମନ ।
Self-culture, *n.* ଆତ୍ମୋତ୍କର୍ଷ ।
Self-deceit, *n.* ଆତ୍ମବଞ୍ଚନା ।
Self-defence, *n.* ଆତ୍ମରକ୍ଷା ।
Self-denial, *n.* ଆତ୍ମତ୍ୟାଗ ।
Self-destruction, *n.* ଆତ୍ମହତ୍ୟା ।
Self-esteem, *n.* ଆତ୍ମାଦର ।
Self-evident, *a.* ସ୍ୱତଃସିଦ୍ଧ, ସ୍ୱପ୍ରକାଶ ।
Self-existent, *a.* ସ୍ୱୟମ୍ଭୂ ।
Self-government, *n.* 1. ଆତ୍ମଶାସନ; 2. ସ୍ୱରାଜ ।
Self-help, *n.* ଆତ୍ମସାହାଯ୍ୟ ।
Self-interest, *n.* ସ୍ୱାର୍ଥ, ଆତ୍ମହିତ ।
Selfish, *a.* ସ୍ୱାର୍ଥପର, ଆତ୍ମମ୍ଭରି ।
Selfishness, *n.* ସ୍ୱାର୍ଥପରତା ।
Self-made, *a.* ସ୍ୱୟଂସିଦ୍ଧ ।
Self-possessed, *a.* ସ୍ଥିରଚିତ୍ତ ।
Self-preservation, *n.* ଆତ୍ମରକ୍ଷା ।
Self-propagating, *a.* ଆତ୍ମୋତ୍ପାଦକ ।
Self-reliance, *n.* ଆତ୍ମନିର୍ଭର ।
Self-restraint, *n.* ଆତ୍ମସଂଯମ ।
Self-righteous, *a.* ସ୍ୱଧର୍ମଗର୍ବୀ ।
Self-sacrifice, *n.* ତ୍ୟାଗସ୍ୱୀକାର ।
Self-same, *a.* ଏକାଇ, ଠିକ୍ ସେହି ।
Self-satisfaction, *n.* ଆତ୍ମସନ୍ତୋଷ ।
Self-seeking, *a.* ସ୍ୱାର୍ଥସେବୀ ।—*n.* ସ୍ୱାର୍ଥସେବା ।
Self-styled, *a.* ସ୍ୱଘୋଷିତ ।
Self-sufficient, *n.* 1. ସ୍ୱୟଂସମ୍ପୂର୍ଣ୍ଣ; 2. ଅହଙ୍କାରୀ ।

Self-will, *n.* 1. ଯଥେଚ୍ଛାଚାରିତା; 2. ସ୍ୱେଚ୍ଛାଧୀନତା ।
Self-willed, *a.* 1. ଯଥେଚ୍ଛା; 2. ସ୍ୱେଚ୍ଛାଧୀନ ।
Sell, *v.t.* 1. ବିକିବା; 2. ମୂଲ୍ୟ ନେଇ-ଦେ; 3. ଠକିବା । —*v.i.* 1. କାରବାର-କର; 2. ବିକି-ହେ ।—*n.* —ପ୍ରତାରଣା ।—To sell one's life dearly, ଅନେକଙ୍କୁ ମାରି ଆପେ ମରିବା ।—To sell out, ନିଃଶେଷରୂପେ ବିକିବା ।
Sellable, *a.* ବିକ୍ରୟଯୋଗ୍ୟ, ବିକ୍ରେୟ ।
Seller, *n.* ବିକ୍ରେତା ।
Selvage, *n.* ଧଡ଼ି ।
Selves, *pl.* of Self.
Semaphore, *n.* ଚାଳିତ ବାହୁଦ୍ୱାରା ଦୂରରୁ ସଙ୍କେତ ଦେବା ଯନ୍ତ୍ର । [ଅନୁରୂପ ।
Semblance, *n.* 1. ତୁଲ୍ୟତା; 2. ସାଦୃଶ୍ୟ; 3.
Semblant, *a.* 1. ସଦୃଶ; 2. ତୁଲ୍ୟ ।
Semen, *n.* ଶୁକ୍ର, ବୀର୍ଯ୍ୟ, ରେତଃ ।
Semi-, *a.* ଅର୍ଦ୍ଧସୂଚକ ଅବ୍ୟୟ ।
Semibarbarian, *a.* ଅର୍ଦ୍ଧବର୍ବର ।
Semibreve, *n.* ସ୍ୱର ବା ତାଳ ପରିମାପକ ଚିହ୍ନ ବିଶେଷ, ଯଥା ◡ ।
Semicircle, *n.* ବୃତ୍ତାର୍ଦ୍ଧ, ଅର୍ଦ୍ଧମଣ୍ଡଳ ।
Semicolon, *n.* ପଦଚ୍ଛେଦର ଚିହ୍ନ ଯଥା (;) ।
Semidetached, *a.* ଅଂଶିକଭାବେ ବିଚ୍ଛିନ୍ନ ।
Semifluid, *a.* ଅର୍ଦ୍ଧତରଳ । [ଆଦିମ ।
Seminal, *a.* 1. ବୀଜସମ୍ବନ୍ଧୀୟ; 2. ମୌଳିକ; 3.
Seminar, *n.* କୌଣସି ଶିକ୍ଷାବିଭାଗରେ ଏକ ଶିକ୍ଷକଙ୍କ ଅଧୀନସ୍ଥ ଶିକ୍ଷିତ ବିଦ୍ୟାର୍ଥୀଦଳ ।
Seminary, *n.* 1. ବିଦ୍ୟାଳୟ; 2. କୌଣସି ଶିକ୍ଷା-ବିଭାଗରେ ଏକ ଶିକ୍ଷକଙ୍କ ଅଧୀନସ୍ଥ ଶିକ୍ଷିତ ବିଦ୍ୟାର୍ଥୀଦଳ ।
Seminiferous, *a.* ବୀଜୋତ୍ପାଦକ ।
Semitic, *a.* 1. ୟିହୁଦୀ ବା ଶେମର ବଂଶଧରସମ୍ବନ୍ଧୀୟ; 2. ୟିହୁଦୀୟ ଭାଷା ବା ସାହିତ୍ୟ ସମ୍ବନ୍ଧୀୟ ।
Semitone, *n.* ଅର୍ଦ୍ଧସ୍ୱର, ଅର୍ଦ୍ଧମାତ୍ରା, ନ୍ୟୂନମାତ୍ରା ।
Semi-transparent, *a.* ଅର୍ଦ୍ଧସ୍ୱଚ୍ଛ ।
Semivocal, *a.* ଅର୍ଦ୍ଧସ୍ୱରବର୍ଣ୍ଣସମ୍ବନ୍ଧୀୟ ।
Semivowel, *n.* ଅର୍ଦ୍ଧସ୍ୱର ଓ ଅର୍ଦ୍ଧହଲ୍, ସାଧାରଣତଃ W and Y ଅକ୍ଷରଦ୍ୱୟ ।
Sempiternal, *a.* ଅନନ୍ତକାଳସ୍ଥାୟୀ ।
Senary, *a.* 1. ଷଡାତ୍ମକ; 2. ଷଟ୍‌ସଂଖ୍ୟ ।
Senate, *n.* 1. ବ୍ୟବସ୍ଥାପକ ସଭା; 2. ଖ୍ୟାତନାମା ଲୋକ-ମାନଙ୍କର ଦଳ; 3. ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷମାନଙ୍କ ସଭା ।
Senate-house, *n.* ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷମାନଙ୍କ ସଭାଗୃହ ।
Senator, *n.* କର୍ତ୍ତୃତ୍ୱ ସଭାର ସଭ୍ୟ ।
Senatorial, *a.* 1. କର୍ତ୍ତୃତ୍ୱ ସଭାର ସଭ୍ୟସମ୍ବନ୍ଧୀୟ; 2. କର୍ତ୍ତୃପକ୍ଷମାନଙ୍କର ଉପଯୋଗୀ ।
Senatus, *n.* କେତେକ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଦଳ ।
Send, *v.t.* 1. ପଠାଇବା; 2. ପ୍ରେରଣ-କର; 3. ବଳ-ପୂର୍ବକ କରାଇବା; 4. ଯୋଗାଇବା; 5. ନିକ୍ଷେପ-କର; 6. କ୍ଷମତାପନ୍ନ-କର; 7. ବିଦାୟ-କର; 8. ଆଦେଶ-କର; 9. ବିସ୍ତୃତ-କର; 10. ଦାନ-କର ।—*v.i.* କୌଣସି ସମ୍ବାଦ ବା ସମ୍ବାଦବାହକ ପ୍ରେରଣ-କର ।—To send forth, 1. ନିର୍ଗତ-କର; 2. ଉତ୍ପନ୍ନ-କର; 3. ଉଦ୍ଗତ-କର ।—To send to Coventry, ଦଳଚ୍ୟୁତ-କର ।—Send-off, ଶୁଭବିଦାୟ । [କରିବା ଯନ୍ତ୍ର ।
Sender, *n.* 1. ପ୍ରେରକ; 2. (Teleg.) ବାର୍ତ୍ତା ପ୍ରେରଣ
Seneschal, *n.* 1. ଅଧ୍ୟକ୍ଷ; 2. ଭଣ୍ଡାରରକ୍ଷକ ।
Senile, *a.* 1. ବାର୍ଦ୍ଧକ୍ୟସମ୍ବନ୍ଧୀୟ; 2. ଜରାଗ୍ରସ୍ତ ।
Senility, *n.* 1. ବାର୍ଦ୍ଧକ୍ୟ; 2. ଜରାବସ୍ଥା ।
Senior, *a.* 1. ଅଗ୍ରଜ; 2. ପ୍ରଧାନ, ବଡ ।—*n.* 1. ବୟୋଜ୍ୟେଷ୍ଠ ଲୋକ; 2. ପ୍ରାଚୀନ କର୍ମଚାରୀ; 3. ଗୁରୁଜନ; 4. ଚତୁର୍ଥବର୍ଷୀୟ ଛାତ୍ର ।
Seniority, *n.* 1. ପ୍ରାଚୀନତ୍ୱ; 2. ଜ୍ୟେଷ୍ଠତ୍ୱ ।
Senna, *n.* ସୁନାମୁଖୀ ପତ୍ର, ରେଚକ ପତ୍ର ।
Sennight, *n.* 1. ସପ୍ତାହ; 2. ସପ୍ତରାତ୍ର ।
Sensate, Sensated, *a.* ଇନ୍ଦ୍ରିୟାନୁଭୂତ ।
Sensation, *n.* 1. ଇନ୍ଦ୍ରିୟବୋଧ; 2. ଅନୁଭୂତି; 3. ଉତ୍ତେଜନାଭାବ ।
Sensational, *a.* 1. ଇନ୍ଦ୍ରିୟବୋଧ ସମ୍ବନ୍ଧୀୟ; 2. ଔତ୍ସୁକ୍ୟବର୍ଦ୍ଧକ ।
Sensationalism, *n.* 1. ପ୍ରତ୍ୟକ୍ଷ ଯେ ଜ୍ଞାନର ଏକମାତ୍ର ମୂଳ ଏହି ଦାର୍ଶନିକ ମତ; 2. ଔତ୍ସୁକ୍ୟବର୍ଦ୍ଧକ ଲେଖା ।
Sensationalist, *n.* 1. ପ୍ରତ୍ୟକ୍ଷବାଦୀ; 2. ଔତ୍ସୁକ୍ୟ-ବର୍ଦ୍ଧକ ଲେଖକ ।
Sense, *n.* 1. ଇନ୍ଦ୍ରିୟ, ଜ୍ଞାନେନ୍ଦ୍ରିୟ; 2. ବୋଧ; 3. ବିବେକ; 4. ବୁଦ୍ଧି; 5. ବିଚାରଶକ୍ତି; 6. ମତ; 7. ଧାରଣା; 8. ଅର୍ଥ; 9. ଅବ୍ୟବହିତ ଅନ୍ତର୍ବୋଧ ।—To bring one to one's senses, 1. ବୁଝିବା ପର୍ଯ୍ୟନ୍ତ ଭ୍ରମ ବୁଝାଇ-ଦେ; 2. ଚୈତନ୍ୟ ଉଦୟ କରାଇବା ।—Common sense, 1. ସହଜ ବୁଦ୍ଧି; 2. କାଣ୍ଡଜ୍ଞାନ ।—In one sense, ଏକ ଭାବରେ ।—Moral sense, 1. ନୀତିବୁଦ୍ଧି; 2. ହିତାହିତ ଜ୍ଞାନ ।
Senseless, *a.* 1. ଅବିବେକୀ; 2. ଅଚେତନ; 3. ଅଜ୍ଞାନ; 4. ମୂର୍ଖ; 5. ଅସଙ୍ଗତ ।
Sensibility, *n.* 1. ଇନ୍ଦ୍ରିୟଗ୍ରାହ୍ୟତ୍ୱ; 2. ଅନୁଭବ; 3. ଚେତନଶକ୍ତି; 4. ଧାରଣକ୍ଷମତା; 5. ଯଥାର୍ଥବୋଧ; 6. କୋମଳତ୍ୱ; 7. ମାନସିକ ଗ୍ରହଣଶକ୍ତି ।
Sensible, *a.* 1. ଇନ୍ଦ୍ରିୟଗୋଚର; 2. ଅନୁଭୂତିସମ୍ପନ୍ନ; 3. କୋମଳ; 4. ବୁଦ୍ଧିମାନ୍, ବିଜ୍ଞ; 5. ଜ୍ଞାତ; 6. ଅବଗତ ।—To be sensible of, ହୃଦ୍‌ଗତ-କର ।
Sensitive, *a.* 1. ଅନୁଭବଶକ୍ତିବିଶିଷ୍ଟ; 2. ଅତ୍ୟନ୍ତ ଧାରଣକ୍ଷମ; 3. ସହଜେ ଅଭିଭୂତ; 4. ଅନୁଭୂତିଜାତ ।
Sensitiveness, *n.* 1. ଧାରଣକ୍ଷମତା; 2. ସହଜେ ଅଭିଭୂତତା ।
Sensitive plant, *n.* ଲାଜକୁଳୀ ଗଛ ।

Sensorial, *a.* ଜ୍ଞାନେନ୍ଦ୍ରିୟ ସମ୍ବନ୍ଧୀୟ ।

Sensorium, *n.* 1. ଜ୍ଞାନେନ୍ଦ୍ରିୟ; 2. ମସ୍ତିଷ୍କ ।

Sensory, *a.* ଅନୁଭବ ସମ୍ବନ୍ଧୀୟ ।

Sensory nerves, *n.* ଅନ୍ତର୍ମୁଖୀ ସ୍ନାୟୁମଣ୍ଡଳୀ ।

Sensual, *a.* 1. ଇନ୍ଦ୍ରିୟପରତନ୍ତ୍ର; 2. ଭୋଗବିଳାସୀ; 3. କାମୁକ; 4. ଶାରୀରିକ; 5. ସାଂସାରିକ ।

Sensualise, *v.t.* 1. ଇନ୍ଦ୍ରିୟ ସୁଖଭୋଗଦ୍ୱାରା କଳୁଷିତ-କର; 2. ଭୋଗବିଳାସୀ କରାଇବା ।

Sensualism, *n.* 1. ଇନ୍ଦ୍ରିୟାସକ୍ତି; 2. ପ୍ରତ୍ୟକ୍ଷବାଦ ।

Sensualist, *n.* 1. ଇନ୍ଦ୍ରିୟସୁଖାସକ୍ତ ବ୍ୟକ୍ତି; 2. ଲମ୍ପଟ; 3. ପ୍ରତ୍ୟକ୍ଷବାଦୀ ।

Sensuality, *n.* 1. ଇନ୍ଦ୍ରିୟପରାୟଣତା; 2. କାମୁକତା ।

Sensuous, *a.* 1. ଜ୍ଞାନେନ୍ଦ୍ରିୟ ସମ୍ବନ୍ଧୀୟ; 2. ଇନ୍ଦ୍ରିୟ-ଭୋଗ୍ୟ ।

Sentence, *n.* 1. ବିଚାର; 2. ଦଣ୍ଡାଜ୍ଞା; 3. ନୀତିକଥା; 4. (Gram.) ପଦ, ବାକ୍ୟ ।—*v.t.* 1. ଦଣ୍ଡାଜ୍ଞା-ଦେ; 2. ଦୋଷୀ-କର ।—A dark sentence, କୂଟବାକ୍ୟ ।

Sententious, *sen-ten'shus*, *a.* 1. ନୀତିକଥାପୂର୍ଣ୍ଣ; 2. ସାରଗର୍ଭ; 3. ଶବ୍ଦାଡମ୍ବରପୂର୍ଣ୍ଣ ।

Sentient, *sen'shi-ent*, *a.* 1. ସଚେତନ; 2. ବୋଧକ୍ଷମ ।

Sentiment, *n.* 1. ମତ; 2. ମନ; 3. ବିଚାର, ଚିନ୍ତା; 4. ଅନୁଭବ; 5. ଭାବ, ରସ; 6. ନୀତିକଥା; 7. ଉକ୍ତି; 8. ଉଦ୍ଦେଶ ।

Sentimental, *a.* 1. ଭାବପୂର୍ଣ୍ଣ; 2. ଉଦ୍ବେଗବିଶିଷ୍ଟ; 3. କୋମଳଭାବପୂର୍ଣ୍ଣ ।

Sentimentalism, Sentimentality, *n.* 1. ଭାବପୂର୍ଣ୍ଣତା; 2. କୃତ୍ରିମ ଭାବୁକତା ।

Sentimentalist, *n.* 1. ଭାବୁକ; 2. ଭାବପ୍ରବଣବ୍ୟକ୍ତି; 3. କୋମଳଭାବପୂର୍ଣ୍ଣ ଲୋକ ।

Sentinel, *n.* 1. ପ୍ରହରୀ; 2. ଜଗୁଆଳି ।

Sentry, *n.* 1. ସୈନିକ ପ୍ରହରୀ; 2. ସୈନିକଦ୍ୱାର ।

Sentry-box, *n.* ପ୍ରହରୀର ଆଶ୍ରୟ ଘର ।

Separable, *a.* 1. ବିଭାଜ୍ୟ, ବିଚ୍ଛେଦ୍ୟ; 2. ବିଶ୍ଳେଷଣୀୟ ।

Separably, *ad.* ବିଚ୍ଛେଦ୍ୟରୂପେ ।

Separate, *v.t.* 1. ଭିନ୍ନ-କର; 2. ପୃଥକ୍-କର; 3. ଅଲଗା-କର; 4. ସ୍ୱତନ୍ତ୍ର-କର; 5. ବିଚ୍ଛିନ୍ନ-କର ।—*v.i.* 1. ପୃଥକ୍-ହେ; 2. ବିଯୁକ୍ତ-ହେ; 3. ବିଚ୍ଛିନ୍ନ-ହେ ।—*a.* 1. ଭିନ୍ନ; 2. ଅଲଗା ।

Separated, *a.* 1. ବିଭିନ୍ନ; 2. ପୃଥକ୍‌କୃତ; 3. ବିଚ୍ଛିନ୍ନ ।

Separately, *ad.* 1. ସ୍ୱତନ୍ତ୍ରଭାବେ; 2. ଭିନ୍ନ ।

Separation, *n.* 1. ପୃଥକ୍‌କରଣ; 2. ପାର୍ଥକ୍ୟ; 3. ବିଭେଦ; 4. ରାସାୟନିକ ବିଶ୍ଳେଷଣ; 5. ବିଚ୍ଛେଦ ।

Separatism, *n.* ଭିନ୍ନ ମତାବଲମ୍ବନ ।

Separatist, *n.* ପ୍ରଚଳିତ ମଣ୍ଡଳୀରୁ ଭିନ୍ନମତାବଲମ୍ବୀ ।

Sepia, *n.* 1. ଏକ ସାମୁଦ୍ରିକ ମାଛ; 2. ଏଥିରୁ କାଳି ।

Sepoy, *n.* ସିପାହି, ଦେଶୀୟ ସୈନ୍ୟ ।

September, *n.* ସେପ୍ଟେମ୍ବର ମାସ, ବର୍ଷର ନବମ ମାସ ।

Septenary, *a.* 1. ସପ୍ତସଂଖ୍ୟକ; 2. ସପ୍ତବର୍ଷବ୍ୟାପୀ; 3. ସାତବର୍ଷରେ ଥରେ ।

Septennial, *a.* ସପ୍ତବର୍ଷବ୍ୟାପୀ; 2. ସପ୍ତବାର୍ଷିକ ।

Septic, *a.* ପଚନକ୍ଷମ ।

Septuagenarian, *n.* ସତୁରିବର୍ଷ ବୟସ୍କ ଲୋକ ।

Septuagenary, *a.* ସପ୍ତତି ସହିତ ।—*n.* ସତୁରିବର୍ଷ ବୟସ୍କ ଲୋକ ।

Septuagesima, *n.* ଖ୍ରୀଷ୍ଟୀୟ ଉପବାସ ପର୍ବ ପୂର୍ବର ତୃତୀୟ ରବିବାର ।

Septuagesimal, *a.* 1. ସପ୍ତତିପୂର୍ଣ୍ଣ; 2. ସପ୍ତତିକ୍ରମେ ଗଣିତ ।

Septuagint, *n.* ଗ୍ରୀକ୍ ଭାଷାରେ ଅନୁବାଦିତ ଧର୍ମପୁସ୍ତକର ଅଦଭୁତ ।

Sepulchral, *se-pul'kral*, *a.* ସମାଧିସ୍ତମ୍ଭସମ୍ବନ୍ଧୀୟ ।

Sepulchre, *n.* ସମାଧି, କବର ।

Sepulture, *n.* 1. ଅନ୍ତ୍ୟେଷ୍ଟିକ୍ରିୟା; 2. ସମାଧିଦାନ ।

Sequel, *n.* 1. ପରିଶିଷ୍ଟ; 2. ପରିଣାମ, ଫଳ ।

Sequence, *n.* 1. ଅନୁକ୍ରମ; 2. ପର୍ଯ୍ୟାୟକ୍ରମ; 3. କ୍ରିୟା-ପରିଣାମ ।—The sequence of tenses, କ୍ରିୟାପଦ ସକଳର ପରସ୍ପର ଅନ୍ୱୟ ।

Sequent, *a.* 1. ଅନୁକ୍ରମିକ; 2. ପରବର୍ତ୍ତୀ ।

Sequester, *v.t.* 1. ସମାଜରୁ ଅପସୃତ-କର; 2. ବହିର୍ଗତ-କର; 3. ସ୍ୱତନ୍ତ୍ର-କର; 4. (Law) ବିବାଦ ନିଷ୍ପତ୍ତି ନିର୍ଦ୍ଦିଷ୍ଟ ତୃତୀୟ ବ୍ୟକ୍ତି ହସ୍ତରେ ସମର୍ପଣ-କର; 5. ଉତ୍ତମର୍ଣ୍ଣମାନଙ୍କ ମଧ୍ୟରେ ବାଣ୍ଟିଦେବାପାଇଁ ଉପସ୍ୱତ୍ୱ ଦଖଲ-କର; 6. କ୍ରୋକ-କର ।—*v.i.* ମୃତପତିର ସମ୍ପତ୍ତିରୁ ସମ୍ବନ୍ଧ ତ୍ୟାଗ-କର ।

Sequestered, *a.* 1. ନିର୍ଜନ; 2. ନିଭୃତ ।

Seraglio, *n.* 1. ସୁଲତାନଙ୍କର ପୂର୍ବକାଳୀନ ବାସସ୍ଥାନ; 2. ଅନ୍ତଃପୁର, ଅନ୍ଦର ମହଲ ।

Serai, *n.* 1. ସରାଇ; 2 ଅନ୍ତଃପୁର ।

Serang, *n.* ଜାହାଜର ସାରଙ୍ଗ ।

Seraph, *n.* ସ୍ୱର୍ଗୀୟ ପ୍ରଧାନ ଦୂତ, ସରଫ୍ ।

Seraphic, Seraphical, *a.* 1. ସ୍ୱର୍ଗୀୟ ପ୍ରଧାନ ଦୂତ ସମ୍ବନ୍ଧୀୟ; 2. ଶୁଦ୍ଧ; 3. ମହାନ୍ ।

Seraphine, *n.* ଧାତୁଜିହ୍ୱାଯୁକ୍ତ ଏକପ୍ରକାର ପୂର୍ବକାଳୀନ ବାଦ୍ୟଯନ୍ତ୍ର ।

Serenade, *n.* 1. ପ୍ରଣୟିନୀକୁ ପ୍ରୀତ କରିବାପାଇଁ ରାତ୍ରିକାଳରେ ପ୍ରାନ୍ତରରେ ଗୀତବାଦ୍ୟ; 2. ଉକ୍ତ ସମୟୋପଯୋଗୀ କବିତ୍ୱ ଗୀତ ।—*v.t.* ଗୀତବାଦ୍ୟରେ ତୁଷ୍ଟ-କର ।

Serene, *a.* 1. ଶାନ୍ତ; 2. ନିର୍ମଳ, ମେଘାଦମୁକ୍ତ; 3. ସ୍ଥିର; 4. କେତେକ ମହାପୁରୁଷଙ୍କ ଉପାଧି ।

Serenely, *ad.* ସୁସ୍ଥିରଭାବେ; 2. ଧୀରଭାବେ ।

Serenity, *n.* 1. ସୁସ୍ଥିରତା; 2. ଶାନ୍ତି ।

Serf, *n.* କ୍ରୀତଦାସ; 2. ଚାକର ।

Serfdom, *n.* 1. ଦାସତ୍ୱ; 2. ଗୋଲାମି ।

Serge, *n.* ପଶମୀ ଲୁଗା ।

**Sergeant**, **Serjeant**, *n.* 1. ସେନାନୀ, ସାର୍ଜେଣ୍ଟ; 2. ଜାଜର; 3. ମଠର ଭୃତ୍ୟ; 4. ପୁଲିସ୍ ବିଭାଗର ଉଚ୍ଚ କର୍ମଚାରୀ ।

**Sergeant-at-arms**, *n.* ବ୍ୟବସ୍ଥାପକ ମହାସଭାର ଶାନ୍ତିରକ୍ଷକ କର୍ମଚାରୀ ।

**Sergeant-at-law**, *n.* ଶ୍ରେଷ୍ଠ ଓକିଲ ।

**Sergeant-major**, *n.* ଲେଫ୍ଟେନାଣ୍ଟର ନିମ୍ନପଦସ୍ଥ ସେନାନୀ ।

**Sergeantship**, *n.* ସାର୍ଜେଣ୍ଟର ପଦ ।

**Serial**, *a.* 1. କ୍ରମିକ; 2. କ୍ରମଶଃ ପ୍ରକାଶିତ ।—*n.* 1. କ୍ରମଶଃ ପ୍ରକାଶିତ ଉପାଖ୍ୟାନ; 2. କାଳକ୍ରମିକ ପତ୍ରିକା । —Serial numbers, କ୍ରମସଂଖ୍ୟା ।

**Serially**, *ad.* 1. ପରେପରେ; 2. କ୍ରମାନୁସାରେ ।

**Seriate**, *a.* କ୍ରମାନୁସାରେ ସନ୍ନିବେଶିତ ।

**Seriatim**, *ad.* ଧାରାବାହିକରୂପେ ।

**Series**, *n.* 1. ଅନୁକ୍ରମ; 2. ପର୍ଯ୍ୟାୟ; 3. ଧାର, ପ୍ରଣାଳୀ; 4. (Math.) ନିୟମାନୁଯାୟୀ ସଂଖ୍ୟାର କ୍ରମବୃଦ୍ଧି । —Arithmetical series, ସମାନ୍ତର ଶ୍ରେଢୀ ।— Geometrical series, ସମଗୁଣ ଶ୍ରେଢୀ ।

**Serif**, *n.* କେତେକ ଛପାଅକ୍ଷରରେ ଲାଗିଥିବା ଛୋଟ ଚିହ୍ନ ।

**Serio-comic**, **Serio-comical**, *a.* ଗମ୍ଭୀର ଓ ହାସ୍ୟରସ ମିଶ୍ରିତ ।

**Serious**, *a.* 1. ଗମ୍ଭୀର; 2. ଚିନ୍ତାଶୀଳ; 3. ଗୁରୁତର; 4. ବିପଜ୍ଜନକ; 5. ସତ୍ୟ; 6. ବାହ୍ୟରୂପେ ଧାର୍ମିକ । —A serious matter, ଏକ ଗୁରୁତର ବ୍ୟାପାର ।

**Seriously**, *ad.* 1. ଗମ୍ଭୀରଭାବେ; 2. ପ୍ରକୃତପକ୍ଷେ ।

**Seriousness**, *n.* 1. ଗାମ୍ଭୀର୍ଯ୍ୟ; 2. ଗୁରୁତା; 3. ବିପଜ୍ଜନତା

**Sermon**, *n.* 1. ଧର୍ମୋପଦେଶ; 2. ଉପଦେଶ; 3. ଅନୁଯୋଗ ।

**Sermonise**, *v.t.* and *i.* 1. ଧର୍ମୋପଦେଶ ପ୍ରସ୍ତୁତ-କ; 2. ଉପଦେଶ-ଦେ; 3. ଅନୁଯୋଗ-କ ।

**Serpent**, *n.* 1. ସର୍ପ, ନାଗ, ଭୁଜଙ୍ଗ; 2. ସର୍ପବତ୍ କୁଟିଳପ୍ରକୃତି; 3. ହିଂସକ ଲୋକ; 4. ସର୍ପାକୃତି ଏକପ୍ରକାର ସୁଷିରବାଦ୍ୟ ।—The old serpent, ଶୟତାନ । Sea-serpent, କାଳ୍ପନିକ ପ୍ରକାଣ୍ଡ ସାମୁଦ୍ରିକ ସର୍ପ ।

**Serpent-charmer**, *n.* ସାପୁଆ କେଳା ।

**Serpentine**, *a.* 1. ସର୍ପାକୃତି; 2. ସର୍ପବତ୍; 3. ବଙ୍କ, ଅଙ୍କାବଙ୍କା ।

**Serrate**, **Serrated**, *a.* କରତପରି କଟାକଟା ।

**Serried**, *a.* 1. ଘନିଷ୍ଠଭାବରେ ସନ୍ନିବିଷ୍ଟ; 2. ନିବିଡ ।

**Serum**, *n.* 1. ଛେନାର ଜଳ, ଛେନାପାଣି; 2. ରକ୍ତର ଜଳୀୟ ଭାଗ ।

**Servant**, *n.* 1. ଚାକର, ଦାସ, ଭୃତ୍ୟ; 2. ମୁନିଷ; 3. ଈଶ୍ୱରଙ୍କ ସେବକ; 4. ପ୍ରଣୟୀ ଜନ; 5. ଆଜ୍ଞାଧୀନ ବ୍ୟକ୍ତି ।

**Servant-girl**, **Servant-maid**, *n.* ଚାକରାଣୀ, ଦାସୀ ।

**Serve**, *v.t.* 1. ସେବା-କ; 2. କାର୍ଯ୍ୟ-କ; 3. ମାନିବା; 4. ପରିଚର୍ଯ୍ୟା-କ; 5. ବ୍ୟବହାର-କ; 6. ଉପକାର-କ; 7. ଯୋଗାଇବା; 8. "Tennis" ଖେଳରେ ଖେଣ୍ଡ ପ୍ରଥମରେ ମାରିବା ।—*v.i.* 1. ଦାସ-ହେ; 2. କର୍ମଚାରୀ-ହେ; 3. ଆଜ୍ଞାଧୀନ-ହେ; 4. ଯଥେଷ୍ଟ-ହେ; 5. ଉପଯୁକ୍ତ-ହେ ।—*n.* "Tennis" ଖେଳରେ ଖେଣ୍ଡର ପ୍ରଥମ ନିକ୍ଷେପ ବା ତାହା ମାରିବା ଢଙ୍ଗ ।

**Service**, *n.* 1. ଦାସତ୍ୱ; 2. ସେବା; 3. ଚାକିରି; 4. କର୍ମ; 5. ଉପାସନା; 6. ଧର୍ମବିଷୟକ ସଙ୍ଗୀତ; 7. ଉପକାର; 8. ଭୋଜନ ସାମଗ୍ରୀର ଅନୁକ୍ରମ; 9. ଭୋଜନ ପାତ୍ରାଦି ।

**Serviceable**, *a.* 1. କାର୍ଯ୍ୟୋପଯୋଗୀ; 2. କାର୍ଯ୍ୟକ୍ଷମ; 3. ବହୁକାଳସ୍ଥାୟୀ 4. ଉପକାରୀ ।

**Serviceability**, **Serviceableness**, *n.* 1. କାର୍ଯ୍ୟୋପଯୋଗିତା; 2. ଉପକାରିତା ।

**Serviette**, *n.* ହାତପୋଛା ମେଜ ଲୁଗାଖଣ୍ଡ ।

**Servile**, *a.* 1. ଦାସବତ୍; 2. ଚରଣସେବାକାରୀ; 3. ଖୋସାମୋଦିଆ ।

**Servilely**, *ad.* 1. ଚରଣସେବାକାରୀରୂପେ; 2. ନୀଚଭାବେ । [ଖୋସାମୋଦ ।

**Servility**, *n.* 1. ଦାସତ୍ୱ; 2. ଚରଣସେବା; 3.

**Servitor**, *n.* 1. ସେବକ; 2. ଅନୁଚର । [ବେଠି ।

**Servitude**, *n.* 1. ଦାସାବସ୍ଥା; 2. ଗୋଲାମି; 3.

**Sesame**, *n.* ତଳଶସ୍ୟ, ରାଶି ।—Open sesame, ଅଲିବାବାର ଗଳ୍ପରେ ଦ୍ୱାରୋଦ୍ଘାଟନ ମନ୍ତ୍ର ।

**Session**, *n.* 1. ଅଧିବେଶନ; 2. ଦଉରା, ଦୋରା; 3. ଅଧିବେଶନର କାଳ; 4. ପରମେଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଖ୍ରୀଷ୍ଟଙ୍କ ଉପବେଶନ ।

**Sessional**, *a.* ଅଧିବେଶନ ସମ୍ବନ୍ଧୀୟ ।

**Set**, *v.t.* 1. ବସାଇବା; 2. ଥୋଇବା; 3 ସ୍ଥାପନ-କ; 4. ସ୍ଥିର-କ; 5. ସ୍ଥାପନ-କ; 6. ଜମାଇବା; 7. ଶାଣ-ଦେ; 8. ବସ୍ତୁତ-କ; 9. (ଡାକ) ଉଠାଇବା; 10. ସଙ୍ଗୀତ ଲେଖା ପ୍ରସ୍ତୁତ-କ; 11. ଲଗାଇ-ଦେ ।—*v.i.* 1. ଅସ୍ତମିତ -ହେ; 2. ଅବସାନପ୍ରାପ୍ତ-ହେ; 3. ଜମିଯିବା; 4. ପ୍ରବୃତ୍ତ -ହେ ।—*a.* 1. ସ୍ଥିର; 2. ଦୃଢ; 3. ନିୟମିତ, ପ୍ରଚଳିତ । —*n.* 1. ଏକଜାତୀୟ ଦ୍ରବ୍ୟର ସମଷ୍ଟି; 2. ଖେଳରେ ନିୟମିତ ଜିତିବା ସଂଖ୍ୟା; 3. ଦଳ; 4. ପ୍ରବୃତ୍ତି ।—To set eyes on, ନଜର-କ, ଦୃଷ୍ଟିରଖିବା । To set on foot, ଆରମ୍ଭ-କ । To set one's cap at, ପୁରୁଷର ଅନୁରାଗ ଚେଷ୍ଟା-କ । To set the Thames on fire, ପରାକ୍ରମପୂର୍ଣ୍ଣ କାର୍ଯ୍ୟ ଲାଭ-କ ।

**Settee**, *n.* ଦୁଇଜଣ ବସିବା ଭଳି ପ୍ରଶସ୍ତ ଚୌକି ।

**Setter**, *n.* 1. ସ୍ଥିର କରିବା ଲୋକ; 2. ଶିକାରୀ କୁକୁର; 3. ଯେ ବସାଏ ।

**Setting**, *n.* 1. ଅସ୍ତଗମନ; 2. ବସାଇବାକାର୍ଯ୍ୟ ।

**Settle**, (1) *v.t.* 1. ବାସ କରାଇବା; 2. ବନ୍ଦୋବସ୍ତ-କ; 3. ନିର୍ମଳ-କ; 4. ସ୍ଥିର-କ; 5. ଶାନ୍ତ-କ; 6. (ଉପନିବେଶ) ସ୍ଥାପନ-କ ।—*v.i.* 1. ବସତି-କ; 2. ବସିଯିବା; 3. ସ୍ଥିର-ହେ ।

**Settle**, (2) *v.t.* and *i.* 1. ନିଷ୍ପତ୍ତି-କ; 2. ନିଯୁକ୍ତ-କ; 3. ବସାବ ଜମାଣ-କ; 4. ଋଣ ପରିଶୋଧ-କ ।

**Settle**, (3) *n.* ପୃଷ୍ଠଯୁକ୍ତ ପ୍ରଶସ୍ତ କାଷ୍ଠାସନ ।

**Settled**, *a.* 1. ସ୍ଥିରୀକୃତ; 2. ସ୍ଥାୟୀ; 3. ଅଟଳ; 4. ଶାନ୍ତ ।

**Settlement**, *n.* 1. ସ୍ଥିରୀକରଣ; 2. ସ୍ଥାପିତାବସ୍ଥା; 3. ଋଣ ପରିଶୋଧ; 4. ବନ୍ଦୋବସ୍ତ; 5. ଉପନିବେଶ; 6. ଯୌତୁକ ।

**Settler**, *n.* ଉପନିବେଶିକ ।

**Settling**, *n.* 1. ବନ୍ଦୋବସ୍ତକରଣ; 2. ନିଷ୍ପତ୍ତି; 3. କାଣ୍ଟି, ମଇଳା, ଗାଦ ।

**Seven**, *a.* and *n.* ସାତ, ସପ୍ତ ।

**Seven-fold**, *a.* 1. ସପ୍ତଗୁଣ; 2. ସାତପ୍ରସ୍ଥ ।

**Seventeen**, *a.* and *n.* ସତର ।

**Seventeenth**, *a.* and *n.* ସପ୍ତଦଶ ।

**Seventh**, *a.* ସପ୍ତମ ।

**Seventieth**, *a.* and *n.* ସପ୍ତତିତମ ।

**Seventy**, *a.* and *n.* 1. ସତୁରି, ସପ୍ତତି ।—The Seventy, 1. ଯିହୁଦୀୟମାନଙ୍କ ମହାସଭା; 2. ଖ୍ରୀଷ୍ଟଙ୍କ ଦ୍ୱାରା ପ୍ରେରିତ ସତୁରି ଶିଷ୍ୟ; 3. ଗ୍ରୀକ୍ ଭାଷାରେ ଧର୍ମପୁସ୍ତକ ଅବଲ୍ପଗର ସତୁରି ଅନୁବାଦକ ।

**Sever**, *v.t.* 1. ଛିଣ୍ଡାଇବା; 2. ଭାଗ-କ ।

**Severable**, *a.* ବିଭଜ୍ୟ ।

**Several**, *a.* 1. ଭିନ୍ନ; 2. ଅନେକ; 3. ବିବିଧ ।

**Severally**, *ad.* ଭିନ୍ନଭାବେ, ଏକଏକ କରି ।

**Severance**, *n.* 1. ଛେଦକରଣ; 2. ପୃଥକ୍‌କରଣ ।

**Severe**, *a.* 1. କଠିନ; 2. ଗୁରୁତର; 3. ନିର୍ଦ୍ଦୟ; 4. ଅଲଙ୍କାରଶୂନ୍ୟ; 5. କ୍ଳେଶକର, ଦାରୁଣ; 6. ଦୁଃସହ ।

**Severely**, *ad.* 1. ନିର୍ଦ୍ଦୟଭାବେ; 2. ଗୁରୁତରରୂପେ ।

**Severeness, Severity**, *n.* 1. କଠିନତା; 2. ନିର୍ଦ୍ଦୟତା; 3. ଦାରୁଣତା ।

**Sew**, *v.t.* ସିଁଇବା, ସିଲାଇ-କ ।—*v.i.* ସିଲାଇ କାମ-କ ।

**Sewage**, *n.* ନର୍ଦ୍ଦମାର ମଇଳା ।

**Sewer**, *n.* ନର୍ଦ୍ଦମା, ପାଣିନାଳ ।

**Sewerage**, *n.* 1. ନର୍ଦ୍ଦମାସମୂହ; 2. ନାଳଦ୍ୱାରା ଜଳ ନିର୍ଗମନ କରିବା ପ୍ରଥା ।

**Sewing**, *n.* ସିଲାଇ କାମ ।

**Sewing-machine**, *n.* ସିଲାଇକଳ ।

**Sex**, *n.* 1. ଲିଙ୍ଗ; 2. ସ୍ତ୍ରୀ ପୁଂ ଜାତିଭେଦ; 3. ସ୍ତ୍ରୀଜାତି ।

**Sexagenarian**, *n.* ଷାଠିଏ ବର୍ଷ ବୟସ୍କ ଲୋକ ।

**Sexagenary**, *a.* ଷାଠିଏବର୍ଷସୂଚକ ।—*n.* ଷାଠିଏ ବର୍ଷ ବୟସ୍କ ଲୋକ ।

**Sexennial**, *a.* 1. ଷଷ୍ଠବର୍ଷୀୟ; 2. ଷଡ୍‌ବାର୍ଷିକ ।

**Sexless**, *n.* ଲିଙ୍ଗହୀନ ।

**Sextant**, *n.* 1. ବୃତ୍ତର ଷଷ୍ଠାଂଶ; 2. ଦୂରପଦାର୍ଥର ଅନ୍ତର ପରିମାପକ କୋଣମାପୀୟ ଯନ୍ତ୍ର ।

**Sexton**, *n.* 1. ଧର୍ମାଳୟର ପରିଚାରକ; 2. କବର ଖୋଳିବା ଲୋକ ।

**Sexual**, *a.* 1. ଲିଙ୍ଗସମ୍ବନ୍ଧୀୟ; 2. ଉପସ୍ଥଘଟିତ; କାମୁକ ।—Sexual intercourse, ସ୍ତ୍ରୀସଂସର୍ଗ ।

**Sexuality**, *n.* କାମୁକତା ।

**Shabbily**, *ad.* 1. ଅପରିଷ୍କୃତଭାବେ; 2. କଦର୍ଯ୍ୟଭାବେ ।

**Shabbiness**, *n.* 1. ଜୀର୍ଣ୍ଣତା; 2. କୁତ୍ସିତତା ।

**Shabby**, *a.* 1. ଜୀର୍ଣ୍ଣ; 2. କୁତ୍ସିତ; 3. କଦର୍ଯ୍ୟ; 4. ଅପରିଷ୍କୃତ ।—Shabby genteel, ଦରିଦ୍ରତା ସତ୍ତ୍ୱେ ଧନୀବତ୍ ପ୍ରଦର୍ଶକ ।

**Shackle**, *v.t.* 1. ବେଡ଼ି ପକାଇବା; 2. ଶୃଙ୍ଖଳାବଦ୍ଧ-କ ।

**Shackles**, *n.* (*pl.*) 1. ବେଡ଼ି; 2. ଶୃଙ୍ଖଳ; 3. ବାଧା ।

**Shade**, *n.* 1. ଛାୟା; 2. ଅନ୍ଧାର; 3 ପର୍ଦ୍ଦା; 4. ରଙ୍ଗର ପରିମାଣ; 5. ପ୍ରେତାତ୍ମା ।—*pl.* 1. ପ୍ରେତାତ୍ମଗଣ; 2. ପାତାଳ ।—*v.t.* and *i.* 1. ଛାୟାଯୁକ୍ତ-କ; 2. ଉତ୍ତାପ ନିବାରଣ-କ; 3. ଆଚ୍ଛାଦନ-କ; 4. ରଙ୍ଗକୁ କ୍ରମେ ଗାଢ଼ ବା ଫିକା-କ; 5. ଚିତ୍ରର ଛାୟାସ୍ଥାନ କଳା-କ ।

**Shading**, *n.* 1. ଛାୟାକରଣ; 2. ଚିତ୍ରର ଛାୟାସ୍ଥାନ ।

**Shadow**, *n.* 1. ଛାୟା; 2. ଅନ୍ଧକାର; 3. ଆଶ୍ରୟ; 4. ଅଭେଦ୍ୟ ମିତ୍ର; 5. ପ୍ରତିରୂପ; 6. ଭୂତ ।—*v.t.* 1. ଛାୟାଯୁକ୍ତ-କ; 2. ନିରନ୍ତର ଦୃଷ୍ଟି ରଖିବା ।—Shadow of death, 1. ମୃତ୍ୟୁର ଛାୟା; 2. ଭୟାନକ ବିପଦ ।

**Shadowless**, *a.* ଛାୟାହୀନ ।

**Shadowy**, *a.* 1. ଛାୟାପୂର୍ଣ୍ଣ; 2. ଅନ୍ଧକାରମୟ; 3. ଅସାର ।

**Shady**, *a.* 1. ଛାୟାଯୁକ୍ତ; 2. ଆଚ୍ଛାଦିତ; 3. ଅସରଳ ।

**Shaft**, (1) *n.* 1. ବାଣ, ଶର; 2. ସ୍ତମ୍ଭଦଣ୍ଡ; 3. ଗାଡ଼ିର ବମ୍; 4. ହତିଆର ବେଣ୍ଟ ।

**Shaft**, (2) *n.* 1. ଖଣିର ପ୍ରବେଶ ଗର୍ତ୍ତ; 2. ସୁଡ଼ଙ୍ଗ ପଥ ।

**Shafted**, *a.* ବେଣ୍ଟଯୁକ୍ତ ।

**Shag**, *n.* 1. ରୁକ୍ଷକୁଞ୍ଚିତ ଲୋମ; 2. ଲୋମଲୋମିଆ ଲୁଗା; 3. ଏକପ୍ରକାର ତମାଖୁ ।

**Shaggy**, *a.* ଲୋମଲୋମିଆ, ଲୋମଶ; 2. ଅବଡ଼ାଖାବଡ଼ା ।

**Shah**, *n.* ପାରସ୍ୟ ଦେଶର ବାଦ୍‌ଶାହ ।

**Shahi**, *n.* ପାରସ୍ୟ ଦେଶୀୟ ତାମ୍ରମୁଦ୍ରା ।

**Shake**, *v.t.* 1. ହଲାଇବା; 2. ଅସ୍ଥିର-କ; 3. ଥରଥର କରାଇବା; 4. ସନ୍ଦିଗ୍ଧ କରାଇବା ।—*v.i.* 1. ଅସ୍ଥିର-ହ; 2. କମ୍ପିବା; 3. ଥରଥର-ହ; 4. ବିଚଳିତ-ହ ।—*n.* 1. କମ୍ପନ; 2. ଥରଥର; 3. (Mus.) ଦୁଇ ସ୍ୱରର ଦ୍ରୁତ ପର୍ଯ୍ୟାୟ; 4. (Slang) ପଲକ ।—To shake hands, କରମର୍ଦ୍ଦନ-କ ।—To shake off the dust from one's feet, ବିରକ୍ତିରେ ସମ୍ପୂର୍ଣ୍ଣ ପରିତ୍ୟାଗ-କ ।—To shake the head, ମୁଣ୍ଡ ହଲାଇବାଦ୍ୱାରା ଅସମ୍ମତି ପ୍ରକାଶ-କ ।—No great shakes, ଭଲ ନୁହେଁ ।

**Shakespearian**, *a.* "Shakespeare" ବା ତଦୀୟ ଗ୍ରନ୍ଥାବଳି ସମ୍ବନ୍ଧୀୟ ।

**Shako**, *n.* ସିପାହୀମାନଙ୍କ ଶିରସ୍ତ୍ରାଣ ।

**Shakily,** *ad.* କମ୍ପିତଭାବେ ।
**Shaky,** *a.* 1. କମ୍ପମାନ; 2. ଦୁର୍ବଳ; 3. ବିଚଳିତ ।
**Shale,** *n.* ପାତଳ ସ୍ତରଯୁକ୍ତ କୋମଳ ପଥର ।
**Shall,** *v.i.* ଭବିଷ୍ୟତ୍କାଳର ସହକାରୀ କ୍ରିୟା ।
**Shallop,** *n.* ଛୋଟ ମାସ୍ତୁଲଯୁକ୍ତ ମାଛଧରା ଡଙ୍ଗା ।
**Shallot,** *n.* ରସୁଣ ସ୍ୱାଦଯୁକ୍ତ ଏକପ୍ରକାର ପିଆଜ ।
**Shallow,** *n.* 1. ଗଭା; 2. ପୁଳିନ ।—*a.* 1. ଅଗଭୀର; 2. କ୍ଷୁଦ୍ରଦର୍ଶୀ; 3. ଅବୋଧ; 4. ଲଘୁ ।
**Shallow-brained,** *a* ସ୍ୱଳ୍ପବୁଦ୍ଧି ।
**Shallowness,** *n.* 1. ଅଗଭୀରତା; 2. ଅସାମର୍ଥ୍ୟ ।
**Sham,** *n.* 1. ପ୍ରତାରଣା; 2. ଛଳ; 3. ଢୋଙ୍ଗ ।—*a.* 1. ଅପ୍ରକୃତ, କୃତ୍ରିମ; 2. ମିଥ୍ୟା ।—*v.t.* 1. ପ୍ରତାରଣା -କର; 2. ଢୋଙ୍ଗ-ହେ ।—*v.i.* ଛଳନା-କର ।
**Shamble,** *v.i.* 1. ଗୋଡ ଘୋଷାରି ଚାଲିବା; 2. ଟଳଟଳ ହୋଇ ଚାଲିବା ।
**Shambles,** *n.* (*pl.*) କଂସାଇଶାଳା ।
**Shame,** *n.* 1. ଲଜ୍ଜା, ସରମ; 2. ଅପମାନ; 3. କଳଙ୍କ ।—*v.t.* 1. ଲଜ୍ଜିତ-କର; 2. ଅପମାନିତ-କର । —**For shame,** ଧିକ୍ ତୋତେ ।
**Shamefaced,** *a.* 1. ସଲଜ୍ଜ; 2. ମାନମୁଖୀ ।
**Shameful,** *a.* 1. ଲଜ୍ଜାକର; 2. ଅଶ୍ଳୀଳ ।
**Shameless,** *a.* 1. ନିର୍ଲଜ୍ଜ, ବେହାୟା; 2. ଧୃଷ୍ଟ ।
**Shamelessly,** *ad.* ନିର୍ଲଜ୍ଜଭାବେ ।
**Shamelessness,** *n.* ନିର୍ଲଜ୍ଜତା ।
**Sham-fight,** *n.* ମିଥ୍ୟାଯୁଦ୍ଧ ।
**Shampoo,** *v.t.* 1. ସାବୁନରେ ମୁଣ୍ଡ ଧୋଇବା; 2. ସ୍ନାନବେଳେ ସର୍ବାଙ୍ଗ ମର୍ଦ୍ଦନ-କର ।—*n.* ସାବୁନରେ ମୁଣ୍ଡ ଧୁଆ ।
**Shamrock,** *n.* 1. ତିନିପତ୍ରିଆ ଲତାବିଶେଷ; 2. ଆୟର୍ଲାଣ୍ଡର ଜାତୀୟ ଚିହ୍ନ ।
**Shank,** *n.* 1. ଗୋଡର ନଳୀ; 2. ଲଙ୍ଗରର ମଧ୍ୟଖଣ୍ଡ; 3. ଚାବିର ଓ ଚାମଚର ମଝିଅଂଶ; 4. ଗୋଡର ଜଙ୍ଘା ଓ ପାଦର ମଧ୍ୟଭାଗ ।
**Shanty,** *n.* 1. କୁଡିଆ; 2. କୁଟୀର ଘର ।
**Shapable, Shapeable,** *a.* ଗଠନଯୋଗ୍ୟ, ଗଠନୀୟ ।
**Shape,** *v.t.* 1 ଗଠନ-କର; 2. ଆକାର-ଦେ; 3. ଉପଯୋଗୀ-କର; 4. କଳ୍ପନାଗତ-କର; 5. କଳ୍ପନା-କର । —*v.i.* ଉପଯୋଗୀ-ହେ ।—*n.* 1. ଆକୃତି, ଗଠନ, ଗଢଣ, ଡୌଲ; 2. ଛାଞ୍ଚ ।—**To take shape,** ଆକୃତିବିଶିଷ୍ଟ-ହେ ।
**Shaped,** *a.* ଆକୃତିବିଶିଷ୍ଟ ।
**Shapeless,** *a.* 1. ବେଡୌଲ; 2. ନିରାକାର ।
**Shapeliness,** *n.* ସୁଡୌଲତା ।
**Shapely,** *a.* ସୁଡୌଲ, ସୁଗଠିତ ।
**Shard,** *n.* 1. ଖର୍ପର; 2. ପୋକର ଡେଣା-କୋଷ ।
**Share,** (1) *n.* 1. ଅଂଶ; 2. ଭାଗ; 3. ବାଣ୍ଟ; 4. ହିସ୍ସା । —*v.t.* 1. ଭାଗ-କର; 2. ଅନ୍ୟ ସଙ୍ଗରେ ଭୋଗ-କର । —*v.i.* 1. ଭାଗୀ-ହେ; 2. ଅଂଶୀଦାର-ହେ ।— **To go shares,** ସମାନଭାବେ ବାଣ୍ଟିବା ।
**Share,** (2) *n.* ଲଙ୍ଗଳର ଫାଳ ।
**Share-broker,** *n.* ଅଂଶ କ୍ରୟବିକ୍ରୟର ଦଲାଲ୍ ।
**Shareholder,** *n.* ଅଂଶୀ, ଅଂଶୀଦାର, ହିସ୍ସାଦାର ।
**Sharer,** *n.* ଭାଗୀ ।
**Shark,** (1) *n.* ହାଙ୍ଗର ମାଛ ।
**Shark,** (2) *n.* 1. ଠକପ୍ରବଞ୍ଚକ; 2. ଠକ ।
**Sharp,** *a.* 1. ଧାରୁଆ, ତୀକ୍ଷ୍ଣ; 2. କର୍କଶ, କଟୁ; 3. ତୀବ୍ର; 4. କୌଶଳପର; 5. ଚତୁର; ବୁଦ୍ଧିଆର; 6. କଟା; 7. ଉଗ୍ର; 8. ଜୋର ।—*n.* 1. କର୍କଶ ସ୍ୱର; 2. (*Mus.*) ଉଦାତ୍ତ ଚିହ୍ନ ।—**To look sharp,** 1. ସଂଜ୍ଞ-ହେ; 2. ଝଟ୍ପଟ୍-କର ।
**Sharpen,** *v.t.* 1. ଧାରୁଆ-କର, ଶାଣ-ଦେ, 2. ତୀକ୍ଷ୍ଣ-କର; 3. କଟା-କର; 4. ତୀବ୍ର-କର ।
**Sharper,** *n.* 1. ଠକପ୍ରବଞ୍ଚକ; 2. ପ୍ରବଞ୍ଚକ ।
**Sharply,** *ad.* 1. ଝଟ୍‌କେ; 2. ଠିକ୍ ସମୟରେ; 3. ଜୋରରେ; 4. କଟୁଭାବେ ।
**Sharpness,** *n.* ତୀକ୍ଷ୍ଣତା ।
**Sharp-sighted,** *a.* 1. ତୀକ୍ଷ୍ଣଦୃଷ୍ଟି; 2. ସୂକ୍ଷ୍ମଦର୍ଶୀ ।
**Sharp-witted,** *a.* ତୀକ୍ଷ୍ଣବୁଦ୍ଧି ।
**Shaster, Shastra,** *n.* ଶାସ୍ତ୍ର ।
**Shatter,** *v.t.* 1 ଖଣ୍ଡଖଣ୍ଡ-କର; 2. ଭଗ୍ନ-କର; 3. ବିଶୃଙ୍ଖଳ -କର; 4. ନଷ୍ଟ-କର ।—*v.i.* 1. ଖଣ୍ଡଖଣ୍ଡ-ହେ; 2. ଚୂର୍ଣ୍ଣ-ହେ ।
**Shave,** *v.t.* 1. କ୍ଷୌର-କର, ମୁଣ୍ଡନ-କର; 2. ଅଳ୍ପ କାଟି ଚିକ୍କଣ-କର; 3. ଛୁଲିବା ବା ପତଳା କାଟିବା; 4. ଲଘୁଭାବେ ସ୍ପର୍ଶ-କର; 5. ଠକାମିରେ ଲୁଟ-ନେ ।—*v.i.* କ୍ଷୌର-ହେ ।—*n.* 1. କ୍ଷୌରକରଣ; 2. ଛୁଲିବା; 3. ଅଳ୍ପକେ ରକ୍ଷା; 4. ଠକପ୍ରବଞ୍ଚକ ।—**Close or near shave,** ଅଳ୍ପକେ ପରିତ୍ରାଣ ।
**Shaver,** *n.* 1. କ୍ଷୌରକାର, ଭଣ୍ଡାରୀ; 2. ଧୂର୍ତ୍ତ ।
**Shaving,** *n.* 1. ମୁଣ୍ଡନ; 2. କ୍ଷୌରକାର୍ଯ୍ୟ; 3. ଛୁଲିବା ।
**Shawl,** *n.* 1. ଶାଲ୍, ଅଲୁଆନ; 2. ଯୋଡଣୀ ।
**She,** *pron. fem.* ସ୍ତ୍ରୀଲିଙ୍ଗବାଚକ ସର୍ବନାମ, ସେ (ସ୍ତ୍ରୀ) ।
**Sheaf,** *n.* 1. ଶସ୍ୟବିଡା; 2. ଶରଗୋଛ; 3. ପୁଳା, *pl.* Sheaves.—*v.t.* and *i.* 1. ବିଡା ବାନ୍ଧିବା; 2. ଗୋଛା-କର ।
**Shear,** *v.t.* 1. କଇଞ୍ଚିରେ କାଟିବା; 2. ଲୋମ ଛେଦନ -କର ।
**Shearing,** *n.* ଛେଦନ ।
**Shears,** *n. pl.* and *sing.* ବଡ କଇଞ୍ଚି ।
**Sheath,** *n.* 1. ଖାପ, କୋଷ; 2. ଆବରଣ ।
**Sheathe,** *v.t.* 1. ଖାପରେ ରଖିବା; 2. ଆବୃତ-କର । —**To sheathe the sword,** ଯୁଦ୍ଧ ନିବୃତ୍ତ-କର ।
**Sheathed,** *a.* ଆବୃତ ।
**Shechinah,** same as Shekinah.
**Shed,** (1) *v.t.* 1. ଝାଡ-ଦେ; 2. ବର୍ଷଣ-କର; 3. ଢାଳିବା ।—*v.i.* ଝଡିପଡିବା ।
**Shed,** (2) *n.* 1. କୁଡିଆ; 2. ଛଣି, ଛପର; 3. ଶାଳା ।
**Shedder,** *n.* ପାତକାରୀ ।
**Shedding,** *n.* ପାତନ ।

**Sheen**, *n.* 1. ଝଲକ; 2. ପ୍ରଭା ।

**Sheep**, *n.* 1. ମେଣ୍ଢା, ମେଷ; 2. ବୋକା ।—Black sheep, କୁଳାଙ୍ଗାର ।

**Sheep-cote**, *n.* ମେଣ୍ଢା ଗୁହାଳ ।

**Sheep-dog**, *n.* ମେଣ୍ଢାଜଗା କୁକୁର ।

**Sheep-fold**, *n.* 1. ମେଣ୍ଢାଶାଳ; 2. ମେଷପଲ ।

**Sheepish**, *a.* 1. ମେଣ୍ଢାପରି; 2. ଲାଜୁକ, ମାଇମୁହାଁ ।

**Sheepishly**, *ad.* ଲାଜୁକଭାବେ ।

**Sheep-pen**, *n.* ମେଣ୍ଢାଗୁହାଳ ।

**Sheep-shearer**, *n.* ମେଷଲୋମ ଛେଦକ ।

**Sheep-shearing**, *n.* ମେଷଲୋମ ଛେଦନ ।

**Sheep-tick**, *n.* ମେଷରକ୍ତ ଶୋଷକ ପୋକ ।

**Sheep-walk**, *n.* ମେଷଚରଣ ।

**Sheep-wash—dip.** *n.* ମେଷ ପରିଷ୍କାରକ ଔଷଧ ।

**Sheer**, (1) *a.* 1. ପ୍ରକୃତ; 2. ନିତାନ୍ତ; 3. ସିଧା ।—*ad.* ଏକେବାରେ ।

**Sheer**, (2) *v.i.* ବଙ୍କାଭାବେ ଯିବା, ପଳାୟନ-କ ।

**Sheet**, *n.* 1. ଚଦର; 2. ପରସ୍ତ; 3. କାଗଜ ଫର୍ଦ୍ଦ; 4. ପାଲ ।

**Sheet-anchor**, *n.* 1. ଜାହାଜର ବୃହତ୍ତମ ଲଙ୍ଗର; 2. ପ୍ରଧାନ ଅବଲମ୍ବନ; 3. ନିଶ୍ଚିତ ଆଶ୍ରୟ ।

**Sheeting**, *n.* ବହଳ ଚଦର ।

**Sheet-lightning**, *n.* ବିସ୍ତୃତ ବିଦ୍ୟୁତ୍‌ମାଳା ।

**Sheik, Sheikh**, *n.* ମୁସଲମାନମାନଙ୍କର ଗୋଷ୍ଠୀର ଉପାଧି, ନେତା ।

**Shekel**, *n.* ୟିହୁଦୀୟ ଓଜନ ଓ ପ୍ରାୟ ଏକ ଟଙ୍କା ପରିମାଣର ରୌପ୍ୟମୁଦ୍ରା ।

**Shekinah**, *n.* ୟିହୁଦୀମନ୍ଦିରର ପାପାଚ୍ଛାଦନ ଉପରେ ଆବିର୍ଭୂତ ଈଶ୍ୱରୀୟ ପ୍ରକାଶ ।

**Shelf**, *n.* 1. ପଟା, ତାକ; 2. ଥାକ, ତାକ; 3. ଧାର; 4. ଚଡା ।—To put on the shelf, ଅପ୍ରୟୋଜନୀୟ ଜ୍ଞାନ କରି ରଖି-ଦେ ।—*pl.* Shelves.

**Shell**, *n.* 1. ଚୋପା, ଖୋଳ; 2. ଶାମୁକା; 3. ଶଙ୍ଖ; 4. କଇଁଚ; 5. ଚୋପା; 6. ଘରର ଢାଞ୍ଚା ବା ଖୋଳ; 7. ବାରୁଦ ଗୋଳା, ବୋମା; 8. ସାମାନ୍ୟ ଶବାଧାର ।—*v.t.* 1. ଚୋପା ଛାଡିବା; 2. ଖୋଳ ଛଡାଇବା; 3. ଗୋଳା ନିକ୍ଷେପ-କ ।—*v.i.* ଖୋଳ ଛାଡିବା ।

**Shellac**, *n.* ଲାକ୍ଷା ପରେ ବିଶୋଧିତ ଏକପ୍ରକାର ଲାଖ ।—*v.t.* ଲାକ୍ଷ ଲାଖରେ ଲେପନ-କ ।

**Shelled**, *a.* ଶାମୁକାଯୁକ୍ତ ।

**Shellfish**, *n.* ଶାମୁକା, ଚିଙ୍ଗୁଡି ଜାତୀୟ ଜନ୍ତୁ ।

**Shellproof**, *a.* ଗୋଳା ଆଘାତ ସହ୍ୟକରଣକ୍ଷମ ।

**Shellwork**, *n.* ଶାମୁକାରେ ପ୍ରସ୍ତୁତ କାମ ।

**Shelly**, *a.* 1. ଶାମୁକାପୂର୍ଣ୍ଣ; 2. ଶଙ୍ଖମୟ ।

**Shelter**, *n.* 1. ଆଶ୍ରୟ; 2. ଆଶ୍ରୟସ୍ଥାନ; 3. ରକ୍ଷାସ୍ଥାନ; 4. ଶରଣ; 5. ଲୁଚାଣ ।—*v.t.* 1. ଆଶ୍ରୟ-ଦେ; 2. ରକ୍ଷା-କ ।—*v.i.* 1. ଆଶ୍ରୟ-ନେ; 2. ଶରଣାଗତ-ହେ ।

**Shelterless**, *a.* ଆଶ୍ରୟହୀନ, ନିରାଶ୍ରୟ ।

**Shelve**, (1) *v.t.* 1. (ଶାଗ୍ରତ୍ତଳ ଉପରେ) ତକ୍ତା ଲଗାଇବା; 2. ତାକ ଉପରେ ରଖିବା; 3. ଅଲଗା ରଖିବା ।

**Shelve**, (2) *v.i.* ଢାଲୁ-ହେ ।

**Shelving**, (1) *n.* କାଠ ପଟାସବୁ ।

**Shelving**, (2) *a.* ଢାଲୁ ।

**Sheol**, *n.* ପାତାଳ ।

**Shepherd**, *n.* 1. ମେଷପାଳକ, ମେଷ ରକ୍ଷକ; 2. ମଣ୍ଡଳୀର ପାଳକ, ଧର୍ମୋପଦେଶକ; 3. ଗ୍ରାମ୍ୟ ନାୟକ ।—*v.t.* 1. ପାଳନ-କ; 2. ରକ୍ଷା-କ ।

**Shepherdess**, *n.* ମେଷପାଳିକା ।

**Shepherd's-crook**, *n.* ମେଣ୍ଢାଜଗା ବାଡ଼ି ।

**Sherbert**, *n.* ଶରବତ, ସରବତ ।

**Sheriff**, *n.* 1. ଜମାଦାର; 2. କଲେକ୍ଟର; 3. ଅଦାଲତର ନାଜର; 4. ଦଣ୍ଡନାୟକ ।

**Sheriffalty, Sheriffdom, Sheriffship**, *n.* ଦଣ୍ଡନାୟକଙ୍କ ପଦ ବା କ୍ଷମତା ।

**Sherry**, *n.* ଏକପ୍ରକାର ସ୍ପେନୀୟ ମଦ୍ୟ ।

**Shew**, same as Show.

**Shewbread**, *n.* ୟିହୁଦୀୟମାନଙ୍କର ଦର୍ଶନ ରୋଟୀ ।

**Shiah**, *n.* ମୁସଲମାନମାନଙ୍କ ଶିଅ ଦଳର ଲୋକ ।

**Shibboleth**, *n.* 1. ଗିଲୀୟଦ ଇଫ୍ରୟିମୀୟ ଲୋକଙ୍କ ପରୀକ୍ଷାର୍ଥ ଉଚ୍ଚାରିତ ହେବାପାଇଁ କଥିତ ହୋଇଥିବା ଶବ୍ଦ; 2. ଦଳର ବିଶେଷ ଲକ୍ଷଣ ।

**Shield**, *n.* 1. ଢାଲ, ଫଳକ; 2. ଆଶ୍ରୟ; 3. ଢାଲଆକୃତିର କୁଳଚିହ୍ନ ।—*v.t.* 1. ରକ୍ଷା-କ; 2. ଆଶ୍ରୟ-ଦେ ।

**Shieldless**, *a.* 1. ଅରକ୍ଷ; 2. ନିରାଶ୍ରୟ ।

**Shift**, *v.t.* 1. ଘୁଞ୍ଚାଇବା; 2. ବଦଳାଇବା ।—*v.i.* 1. ଘୁଞ୍ଚିବା; 2. ଉପାୟ ଅବଲମ୍ବନ-କ; 3. ଦୋମୁହାଁ କଥା କହିବା; 4. (Mus.) ବେହେଲା ବଜାଇବାରେ ଅଙ୍ଗୁଠି ଉପରକୁ ଅଣିବା ।—*n.* 1. ଘୁଞ୍ଚାଘୁଞ୍ଚି; 2. କାର୍ଯ୍ୟକାରୀଦଳର ବଦଳ; 3. ଫିକର; 4. କୌଶଳ; 5. ସ୍ତ୍ରୀଲୋକର କାମିଜ ।—To shift for one's self, ସ୍ୱୀୟ ଅବସ୍ଥା ପରିବର୍ତ୍ତନ-କ ।—To make shift, ଚଳାଇ-ନେ ।

**Shiftable**, *a.* ଘୁଞ୍ଚିବାଯୋଗ୍ୟ ।

**Shifter**, *n.* 1. ଘୁଞ୍ଚାଇବା ଲୋକ; 2. ଫିକରବାଜ ।

**Shiftless**, *a.* 1. ନିରୁପାୟ; 2. ଉପାୟ ଉଦ୍ଭାବନାକ୍ଷମ ।

**Shifty**, *a.* 1. ବହୁ ଉପାୟଧାରୀ; 2. ଚଞ୍ଚଳ ।

**Shikar**, *n.* ଶିକାର ।

**Shikari**, *n.* ଶିକାରୀ ।

**Shillalah, Shillaly**, *n.* ଆଇର୍ଲାଣ୍ଡ ଦେଶୀୟ ଠେଙ୍ଗା

**Shilling**, *n.* ପ୍ରାୟ ୧୨ ଅଣା ପରିମାଣର ଇଂଲଣ୍ଡ ରୌପ୍ୟ ମୁଦ୍ରା ।

**Shilly-shally**, *ad.* ଅନିଶ୍ଚିତଭାବରେ ।—*n.* ଦ୍ୱିଧା ।—*v.i.* ଅନିଶ୍ଚିତ-ହେ ।

**Shimmer**, *v.i.* ଚକମକ-ହେ ।

**Shin**, (1) *n.* ଗୋଡର ନଳୀ ।

Shin, (2) *n.* 1. ଜାପାନ୍ ଓ ଚୀନ୍ ଦେଶରେ ପରିମେ-ୟର ନାମ; 2. ଦେବ ।
Shindy, *n.* ଗୋଳମାଳ ।—To kick up a shindy, ଗୋଳମାଳ ଉଠାଇବା ।
Shine, *v.i.* 1. ଆଲୁଅ-ଦେ; 2. ଉଜ୍ଜ୍ୱଳ-ହେ, ତେଜସ୍ୱୀ-ହେ; 3. ସୁପ୍ରଶଂସିତ-ହେ ।—*v.t.* ଚକ୍ମକ୍ କରାଇବା ।—*n.* 1. ଚାକଚକ୍ୟ; 2. ତେଜ; 3. ଖରାପାଗ ।—To make the face to shine upon, ସୁପ୍ରସନ୍ନ-ହେ ।—To take the shine out of, ଅଧିକତର ଉଜ୍ଜ୍ୱଳତାଦ୍ୱାରା ନିଷ୍ପ୍ରଭ-କ ।
Shingle, (1) *n.* ଛାତ ନିମନ୍ତେ ପାତଳ ତକ୍ତା ।
Shingle, (2) *n.* ନଦୀ ବା ସମୁଦ୍ର ତଟର କଙ୍କର, ବାଲିଗରଡ଼ା । [ବିଶେଷ ।
Shingles, *n.* କଟିର ସର୍ବାଂଶ ବ୍ୟାପିଯିବା ଚର୍ମରୋଗ
Shingly, *a.* ବାଲିଗରଡ଼ାପୂର୍ଣ୍ଣ । [ସୁପ୍ରଶଂସାପାତ୍ର ।
Shining, *a.* 1. ଉଜ୍ଜ୍ୱଳ, ତେଜସ୍ୱର; 2. ଜ୍ୱଳନ୍ତ; 3.
Shiningly, *ad.* 1. ଉଜ୍ଜ୍ୱଳରୂପେ; 2. ଜ୍ୱଳନ୍ତଭାବେ ।
Shintoism, *n.* ଜାପାନଦେଶର ପ୍ରକୃତି ଓ ଶୂରପୂଜା-ରୂପ ଧର୍ମ ।
Shiny, *a.* ଚକ୍ଚକିଆ ।
Ship, *n.* ଜାହାଜ, ମାସ୍ତୁଲଯୁକ୍ତ ପୋତ, ବୋଇତ ।—*v.t.* 1. ଜାହାଜରେ ବୋଝାଇ-କ; 2. ଜାହାଜ ଦ୍ୱାରା ପଠାଇବା; 3. (Naut.) ଯଥାସ୍ଥାନରେ ରଖିବା ।—*v.i.* 1. ଜାହାଜ କାର୍ଯ୍ୟରେ ନିଯୁକ୍ତ-ହେ; 2. ଜାହାଜରେ ଚଢ଼ିବା ।—To take ship, ଜାହାଜରେ ଚଢ଼ି ଯାତ୍ରା-କ ।
Shipboard, *n.* 1. ଜାହାଜର ମେଜିଆ; 2. ଜାହାଜ ।
Ship-boy, *n.* ଜାହାଜର ଚାକର ଟୋକା ।
Ship-broker, *n.* ଜାହାଜର ଦଲାଲ ।
Ship-chandler, *n.* ଜାହାଜର ପାଲ ଦଉଡ଼ି ଇତ୍ୟା-ଦିର ବ୍ୟବସାୟୀ ।
Ship-load, *n.* ଜାହାଜର ବୋଝାଇ ।
Shipman, *n.* ଜାହାଜିଆ, ପୋତବାହକ ।
Shipmate, *n.* 1. ଏକ ଜାହାଜର ସଙ୍ଗୀ; 2. ଏକ ଜାହାଜର ସହକର୍ମଚାରୀ ।
Shipment, *n.* 1. ଜାହାଜରେ ବୋଝାଇକରଣ; 2. ଜାହାଜରେ ପ୍ରେରଣ; 3. ଜାହାଜର ବୋଝାଇ ।
Shipper, *n.* ଜାହାଜରେ ମାଲ ଚଲାଣ ଦେବା ଲୋକ ।
Shipping, *n.* 1. ଜାହାଜସମୂହ; 2. ଜାହାଜର ମାଲ; 3. ଜାହାଜରେ ବୋଝାଇବାଙ୍କି ।
Shipping-agent, *n.* ଜାହାଜରେ ମାଲ ଦିଆ ନିଆ କରିବା ବ୍ୟବସାୟୀ ।
Shipping-office, *n.* ଜାହାଜରେ ମାଲ ଦିଆ ନିଆ କରିବା ବ୍ୟବସାୟ ସ୍ଥଳ ।
Ship-shape, *a.* 1. ଜାହାଜୋଚିତ; 2. ପରିପାଟୀଯୁକ୍ତ ।
Shipwreck, *n.* 1. ପୋତ ଧ୍ୱଂସ, ଜାହାଜଭଙ୍ଗା; 2. ବିନାଶ ।—*v.t.* 1. ସମୁଦ୍ରରେ ବିନଷ୍ଟ-କ; 2. ବିନଷ୍ଟ-କ ।
Shipwright, *n.* ଜାହାଜ ମିସ୍ତ୍ରୀ, ପୋତନିର୍ମାତା ।
Shipward, *n.* ଜାହାଜ ନିର୍ମାଣ ଓ ମରାମତି ଜାଗା ।
Shire, *n.* ଇଂଲଣ୍ଡ ଦେଶର ଜିଲ୍ଲା ।
Shirk, *v.t.* ଲୁଚ-ଦେ, ପରିହାର-କ ।
Shirt, *n.* କାମିଜ ।—*v.t.* କାମିଜ ପିନ୍ଧାଇବା ।
Shirting, *n.* 1. କାମିଜ କନା; 2. କାମିଜ ବସ୍ତ୍ର ।
Shiver, (1) *n.* ଖଣ୍ଡ, ଟୁକୁରା ।—*v.t.* ଖଣ୍ଡ-କ ।—*v.i.* ଖଣ୍ଡ ହୋଇଯିବା ।
Shiver, (2) *v.i.* 1. ଥରଥର-ହେ, କମ୍ପିବା ।—*v.t.* କମ୍ପିତ-କ ।
Shivering, *n.* କମ୍ପନ, ଥରଥର ।
Shiveringly, *ad.* କମ୍ପିକମ୍ପି, ଥରଥର ।
Shivery, (1) *a.* ଭଙ୍ଗପ୍ରବଣ ।
Shivery, (2) *a.* ଥରଥର, କମ୍ପମାନ୍ ।
Shoal, (1) *n.* ମାଛ ମଦା ।—*v.i.* 1. ଦଳ-ହେ; 2. ମଦା-ହେ ।
Shoal, (2) *n.* 1. ଚଡ଼ା; 2. ଅଗଭୀର ସ୍ଥାନ; 3. ଘୂଲିକ ।—*a.* ଅଗଭୀର ।—*v.i.* 1. ଅଗଭୀର-ହେ; 2. ଚଡ଼ା ଉପରେ ଅଟକି ପଡ଼ିବା ।
Shoaly, *a.* 1. ଚଡ଼ାମୟ; 2. ଅଗଭୀର ।
Shock, (1) *n.* 1. ଉତ୍ପାତକ କମ୍ପ; 2. ଆକସ୍ମିକ ଧକ୍କା; 3. ପ୍ରଚଣ୍ଡ ଆକ୍ରମଣ; 4. କଷ୍ଟ; 5 (Coll.) ପକ୍ଷାଘାତ; 6. ବୈଦ୍ୟୁତିକ ଉତ୍ତେଜନା; 7. ବିଶେଷ ଉଦ୍ବେଗ ।—*v.t.* 1. କମ୍ପାଇବା; 2. ଲଜ୍ଜିତ କରାଇବା; 3. ବିରକ୍ତ-କ; 4. ଭୟଯୁକ୍ତ-କ ।—*v.i.* ଧକ୍କା ବାଜିବା ।
Shock, (2) *n.* ଶସ୍ୟ କଣ୍ଡାର ଗଦା ।—*v.t.* ଶସ୍ୟ କଣ୍ଡା ଗଦା-କ ।
Shock, (3) *n.* 1. ଲୋମଶ କୁକୁର; 2. ଘନ କେଶ ।
Shock-headed, *a.* ଘନକେଶାବୃତ ମସ୍ତକବିଶିଷ୍ଟ ।
Shocking, *a.* 1. କମ୍ପଜନକ; 2. ଘୃଣାଜନକ; 3. କୁତ୍ସିତ ।
Shod, *pt.* and *p. p.* of Shoe.
Shoddy, *n.* 1. ପୁରାତନ ପଶମୀ ସୂତା; 2. ପୁରାତନ ପଶମୀ ସୂତାରେ ପ୍ରସ୍ତୁତ ନିକୃଷ୍ଟ ଲୁଗା; 3. ଅକର୍ମଣ୍ୟ ବସ୍ତୁ; 4. (Coll.) ଛଦ୍ମବେଶ ।—*a.* 1. ପଶମୀ ସୂତା-ନିର୍ମିତ; 2. କୃତ୍ରିମ ।
Shoe, *n.* 1. ଯୋତା, ଉପାନତ୍; 2. ନାଲ ।—*v.t.* ନାଲ ବାନ୍ଧିବା ।—Put the shoe on the right foot, ଉପଯୁକ୍ତରୂପେ ଦୋଷାରୋପ-କ ।
Shoeblack, *n.* ଯୋତାରେ କାଳି ଦେବା ବ୍ୟବ-ସାୟୀ ।
Shoehorn, *n.* ଯୋତା ପିନ୍ଧାଇବା ଶିଙ୍ଗ ।
Shoe-lace, *n.* ଯୋତା ଫିତା ।
Shoeless, *a.* ଯୋତାରହିତ ।
Shoemaker, *n.* 1. ମୋଚି; 2. ଚର୍ମକାର ।
Shoer, *n.* ନାଲବନ୍ଦ ।
Shone, *pa. t.* and *pa. p.* of Shine.
Shook, *pa. t.* of Shake.

**Shoot**, *v.t.* 1. ସବଳେ ନିକ୍ଷେପ-କ; 2. ଗୁଳି-କ; 3. ଫୁଟାଇବା; 4. ଦ୍ରୁତ ବେଗରେ ଅତିକ୍ରମ-କ; 5. ଶିକାର-କ; 6. (ଅଙ୍କୁର) ନିର୍ଗତ-କ ।—*v.i.* 1. ଶର ନିକ୍ଷେପ-କ; 2. ବନ୍ଧୁକ ମାରିବା; 3. ଝିକିମିକି-କ; 4. ଆଗକୁ ବାହାରି ପଡ଼ିବା; 5. ଅଙ୍କୁରିତ-ହେ; 6. ଶୀଘ୍ର ବର୍ଦ୍ଧିତ-ହେ; 7. ପକ୍ଷୀ ଶିକାର-କ ।—*n.* 1. ନିକ୍ଷେପଣ; 2. ଶିକାର; 3. ଶିକାରିଦଳ; 4. ନବ ପଲ୍ଲବ; 5. ବୋଝ ପକାଇବା ପାଇଁ ବାଡ଼ଯୁକ୍ତ ଢାଲୁପଟା; 6. ନଈର ସୋଅ ।

**Shootable**, *a.* ଶିକାର ଯୋଗ୍ୟ ।

**Shooter**, *n.* ଶିକାରୀ; 2. ଧନୁର୍ଦ୍ଧର; 3. ନିକ୍ଷେପକ ଯନ୍ତ୍ର; 4. "Cricket" ଖେଳରେ ଗଡ଼ି ଯିବା ପେଣ୍ଡୁ ।

**Shooting**, *n.* 1. ଶର ବା ଗୁଳି ନିକ୍ଷେପ; 2. ଅକସ୍ମାତ୍ ବେଦନା ଅନୁଭବ; 3. ଶିକାର, ମୃଗୟା; 4. ନିର୍ଦ୍ଦିଷ୍ଟ ସ୍ଥାନରେ ଶିକାର କରିବାର ଅଧିକାର ।

**Shooting-box**, *n.* ଶିକାର ନିମନ୍ତେ ବ୍ୟବହୃତ କୁଟୀର ।

**Shooting-star**, *n.* ଉଲ୍କା; ଖସାଡ଼ି ।

**Shop**, *n.* 1. ଦୋକାନ, ମୁଦିଘର, ବିପଣି; 2. ଶିଳ୍ପାଗାର, କାରଖାନା; 3. ବ୍ୟବସାୟ ସମ୍ବନ୍ଧରେ କଥାବାର୍ତ୍ତା ।—*v.i.* କିଣିବାପାଇଁ ଦୋକାନକୁ ଯିବା, ସୌଦା ଆଣିବା ।—To talk shop, ଅସମୟରେ ବ୍ୟବସାୟ ସମ୍ବନ୍ଧରେ କଥାବାର୍ତ୍ତା-କ ।

**Shop-keeper**, *n.* ଦୋକାନୀ, ମୁଦି ।

**Shopkeeping**, *n.* ଦୋକାନୀ ପେଶା ।

**Shop-lifting**, *n.* ଦୋକାନରୁ ମାଲ ଚୋରି ।

**Shopman**, *n.* ଦୋକାନରେ ବସିବା ଲୋକ ।

**Shopping**, *n.* ଦୋକାନରେ କ୍ରୟକରଣ ।

**Shoppy**, *a.* 1. କାରବାରୀ; 2. ଦୋକାନପୂର୍ଣ୍ଣ ।

**Shop-walker**, *n.* ଦୋକାନରେ କ୍ରେତାମାନଙ୍କର ତତ୍ତ୍ୱାବଧାରକ ।

**Shop-woman**, *n.* ଦୋକାନରେ କାର୍ଯ୍ୟକାରିଣୀ ।

**Shop-worn**, *a.* ଦୋକାନରେ ରହି ଅଳ୍ପ ପୁରୁଣା ।

**Shore**, (1) *n.* 1. ଉପକୂଳ; 2. ତଟ ।

**Shore**, (2) *n.* ଠେକ ।—*v.t.* ଠେକ-ଦେ ।

**Shoreless**, *a.* 1. ଅକୂଳ; 2. ତଟଶୂନ୍ୟ; 3. ଅସୀମ ।

**Shorn**, *n.* ଲୋମକଟା ।

**Short**, *a.* 1. ଅନତିଦୀର୍ଘ; 2. ଖାଟ; 3. ଅଳ୍ପ; 4. ସଂକ୍ଷିପ୍ତ; 5. ଅଚିରସ୍ଥାୟୀ; 6. ନିଅଣ୍ଟ; 7. ହ୍ରସ୍ୱ ।—*ad.* ସହସା, ହଠାତ୍ ।—To fall short, ଊଣା ପଡ଼ିବା ।—To be taken short, ଅକସ୍ମାତ୍ ଝାଡ଼ା ଫେରିବାକୁ ଇଚ୍ଛା କରିବା ।

**Shortage**, *n.* ନିଅଣ୍ଟ, ଅନାଟନ, ଅଳ୍ପଭାବ ।

**Shortcoming**, *n.* ତ୍ରୁଟି, ଅବହେଳା ।

**Short-commons**, *n. pl.* ନିଅଣ୍ଟ ଆହାର ।

**Short-cut**, *n.* ନିକଟତର ବାଟ ।

**Shorten**, *v.t.* 1. ଖାଟ-କ; 2. ହ୍ରସ୍ୱ-କ; 3. କମାଇବା, ଅଳ୍ପ-କ; 4. ସସ୍ତା-କ ।—*v.i.* 1. ହ୍ରସ୍ୱ-ହେ; 2. ସଙ୍କୁଚିତ-ହେ ।

**Shorthand**, *n.* ସଙ୍କେତରେ ଲିଖନ ।

**Short-lived**, *a.* 1. ଅଳ୍ପକାଳସ୍ଥାୟୀ; 2. ସ୍ୱଳ୍ପାୟୁ ।

**Shortly**, *ad.* 1. ଅବିଳମ୍ବେ; 2. ସଂକ୍ଷେପରେ ।

**Shortness**, *n.* 1. ଅଳ୍ପତା; 2. ସଂକ୍ଷିପ୍ତତା ।

**Shorts**, *n. pl.* ଅଧା ପାଇଜାମା, ଜଙ୍ଘିଆ ।

**Short-sighted**, *a.* 1. ଅଦୂରଦର୍ଶୀ; 2. ଅଳ୍ପବୁଦ୍ଧି ।

**Short-tempered**, *a.* ରାଗୀ, ଅସହିଷ୍ଣୁ ।

**Short-winded**, *a.* 1. କ୍ଷୀଣଶ୍ୱାସ; 2. ଘନଶ୍ୱାସ ।

**Short-witted**, *a.* ଅଳ୍ପବୁଦ୍ଧି ।

**Shot**, (1) *pa. t.* and *pa. p.* of Shoot.

**Shot**, (2) *n.* 1. ଗୁଳିକରଣ; 2. ନିପୁଣ ଲକ୍ଷ୍ୟଭେଦକ; 3. ଗୁଳି; 4. ଗୋଲାବର୍ଷଣ; 5. ଗୁଳି ନିକ୍ଷେପ; 6. ଛରରା ।—A bad shot, ଭ୍ରମଯୁକ୍ତ ଅନୁମାନ ।

**Shot-gun**, *a.* ଛରରା ମାରିବା ବନ୍ଧୁକ ।

**Shot-proof**, *a.* ଗୁଳିଦ୍ୱାରା ଅକ୍ଷତ ।

**Should**, *pa. t.* of Shall.

**Shoulder**, *n.* 1. କାନ୍ଧ, ସ୍କନ୍ଧ; 2. ଉଞ୍ଚୁଆ ।—*v.t.* 1. କାନ୍ଧରେ ଧକ୍କା ମାରିବା; 2. କାନ୍ଧେଇବା ।—To give, show or turn the cold shoulder, କାହାରି ପ୍ରତି ଅବଜ୍ଞା ପ୍ରକାଶ-କ ।

**Shoulder-blade**, *n.* ସ୍କନ୍ଧାସ୍ଥି ।

**Shout**, *n.* 1. ବଡ଼ପାଟି, ଉଚ୍ଚରବ; 2. ଚିତ୍କାର ଶବ୍ଦ ।—*v.i.* ଉଚ୍ଚରବ-କ ।—*v.t.* ବଡ଼ପାଟିରେ ଡାକିବା ।

**Shove**, *v.t.* 1. ଠେଲ-ଦେ; 2. ଧକ୍କାମାରିବା ।—*n.* 1. ଠେଲା; 2. ଧକ୍କା ।

**Shovel**, *n.* କୋଡ଼ ।—*v.t.* 1. କୋଡ଼ରେ ଉଠାଇ ପକାଇବା; 2. ସ୍ତୂପାକାରେ ସଂଗ୍ରହ-କ ।

**Shoveful**, *n.* କୋଡ଼ରେ ଯେତେ ଧରେ ।

**Show**, *v.t.* 1. ଦେଖାଇବା; 2. ଜ୍ଞାତ କରାଇବା; 3. ଜଣାଇବା; 4. ପ୍ରମାଣିତ-କ; 5. ବୁଝାଇବା ।—*v.i.* 1. ଦେଖାଯିବା; 2. ପ୍ରତୀୟମାନ-ହେ; 3. ଦିଶିବା ।—*n.* 1. ପ୍ରକାଶକରଣ; 2. ପ୍ରଦର୍ଶନ; 3. ଜାକ୍‌ଜମକ୍; 4. ତମାସା; 5. ଅଭିନୟ; 6. ଛଳନା ।—Show of hands, ହସ୍ତ ଉତ୍ତୋଳନ ।—To show the white feather, ଭୟ ପ୍ରକାଶ-କ ।

**Shower**, *n.* 1. ଆସାର; 2. ବର୍ଷଣ ।—*v.t.* 1. ବର୍ଷଣ-କ; 2. ଢାଳି-ଦେ ।—*v.i.* ବର୍ଷିବା ।

**Showery**, *a.* ଆସାରପାତୀ ।

**Showman**, *n.* ତମାସାବାଲା ।

**Showy**, *a.* 1. ଜାକ୍‌ଜମକପୂର୍ଣ୍ଣ; 2. ଲୋକଦେଖା ।

**Shrapnel** *n.* ଗୁଳିପୂର୍ଣ୍ଣ ବୋମା ।

**Shred**, *n.* 1. ଲମ୍ବା ଟୁକୁରା; 2. ଖଣ୍ଡ ।—*v.t.* 1. ଲମ୍ବା ଟୁକୁରା-କ; 2. ଛେଦିବା ।

**Shrew**, *n.* 1. କଳିହୁଡ଼ା ସ୍ତ୍ରୀ, ଚୁଗ୍ଲେଇ; 2. ମୂଷାପରି ଏକପ୍ରକାର [illegible] ଜନ୍ତୁ ।

**Shrewd**, 1. *a.* ବୁଦ୍ଧିମାନ୍; 2. ଚତୁର; 3. ଚଲାକ୍ ।

**Shrewdly**, *ad.* ବୁଦ୍ଧିମାନରୂପେ ।

**Shrewdness**, *n.* 1. ବୁଦ୍ଧିମତ୍ୱ; 2. ଚାତୁର୍ଯ୍ୟ ।

**Shrewish**, *a.* 1. କଳିହୁଡ଼ା ସ୍ତ୍ରୀ ପରି; 2. କନ୍ଦଳିଆ ।

**Shriek**, *v.i.* 1. ଚିତ୍କାର-କର; 2. ରଡ଼ ପକାଇବା ।—*v.t.* ଉଚ୍ଚସ୍ୱରରେ ଡାକିବା ।—*n.* 1. ଚିତ୍କାର; 2. ରଡ଼; 3. କଳକଳାଟ ।

**Shrift**, *n.* 1. ଧର୍ମୋପଦେଶକଙ୍କ ନିକଟରେ ପାପସ୍ୱୀକାର; 2. ମୁମୂର୍ଷୁ ଲୋକ ପାଇଁ ଧର୍ମୋପଦେଶକଙ୍କ ଦ୍ୱାରା ଉଚ୍ଚାରିତ ପାପକ୍ଷମା କଥା ।

**Shrill**, *a.* 1. ତୀକ୍ଷ୍ଣ; 2. ତୀବ୍ର; 3. କର୍କଶ ଶବ୍ଦକାରୀ ।

**Shrimp**, *n.* 1. କ୍ଷୁଦ୍ର ଜାତୀୟ ଚିଙ୍ଗୁଡ଼ି; 2. ବାମନଲୋକ ।

**Shrine**, *n.* 1. ପବିତ୍ର ବସ୍ତୁର ଆଧାର; 2. ଦେବାଳୟ; 3. ବେଦୀ ।

**Shrink**, *v.i.* 1. ସଙ୍କୁଚିତ-ହେ; 2. ଶୁଖିଯିବା; 3. ସଂକୀର୍ଣ୍ଣ-ହେ; 4. ଭୟରେ ଜଡ଼ସଡ଼-ହେ ।—*v.t.* 1. ସଙ୍କୁଚିତ-କର; 2. ପ୍ରତ୍ୟାହାର-କର ।

**Shrinkable**, *a.* ସଙ୍କୋଚନୀୟ ।

**Shrinkage**, *n.* ସଙ୍କୋଚ ।

**Shrinkingly**, *ad.* ଭୟପୂର୍ବକ ।

**Shrive**, *v.t.* ପାପସ୍ୱୀକାର ଶୁଣି ପାପକ୍ଷମା କଥା ଉଚ୍ଚାରଣ-କର ।—*v.i.* ପାପସ୍ୱୀକାର ଗ୍ରହଣ-କର ।

**Shrivel**, *v.i.* and *t.* 1. କୁଞ୍ଚୁଡ଼ିଯିବା; 2. ଶୁଷ୍କ-କର ।

**Shroff**, *n.* 1. ମୁଦ୍ରାପରୀକ୍ଷକ; 2. ବଣିଆ ।

**Shroud**, *n.* ଶବାଚ୍ଛାଦନ ।—(*pl.*) ମାସ୍ତୁଲ ବାନ୍ଧିବା ପାଇଁ ଜାହାଜ ଦୁଇ ପାର୍ଶ୍ୱରେ ଲଗିଥିବା ଦଉଡ଼ିସବୁ ।—*v.t.* 1. ଶବାଚ୍ଛାଦନରେ ଆବୃତ-କର; 2. ଆଚ୍ଛାଦନ-କର; 3. ଆଶ୍ରୟ-ଦେ ।

**Shroudless**, *a.* ଶବାଚ୍ଛାଦନଶୂନ୍ୟ ।

**Shrove-tide**, *n.* ଖ୍ରୀଷ୍ଟଙ୍କ ଉପବାସ ସ୍ମରଣାର୍ଥ ପର୍ବ ଆରମ୍ଭର ପୂର୍ବ କେତେକ ଦିନ ।

**Shrub**, *n.* 1. ଗୁଳ୍ମ; 2. ବୁଦା ।

**Shrubbery**, *n.* 1. ଗୁଲ୍ମୋଦ୍ୟାନ; 2. ଉପବନ ।

**Shrug**, *v.t.* and *i.* 1. ଶିହରି ଉଠିବା; 2. ସ୍କନ୍ଧ ଉତ୍ତୋଳନ-କର ।—*n.* ସ୍କନ୍ଧ ଉତ୍ତୋଳନ ।

**Shrunk**, *pa. t.* and *pa. p.* of Shrink.

**Shudder**, *v.i.* 1. ଭୟରେ ଥରହର-ହେ; 2. କମ୍ପିବା; 3. ଶୀତଯୋଗୁ ରୋମାଞ୍ଚିତ-ହେ ।—*n.* ଭୟରେ କମ୍ପନ ।

**Shuddering**, *a.* ଥରଥର, କମ୍ପମାନ ।

**Shudderingly**, *ad.* କମ୍ପମାନରୂପେ ।

**Shuffle**, *v.t.* 1. ବ୍ୟତ୍ୟସ୍ତ-କର; 2. ପଲଟ-କର ।—*v.i.* 1. ପାଦ ଘୋଷାରି ଚାଲିବା; 2. କୌଶଳାବଲମ୍ବନେ ଏଡ଼ାଇବା; 3. ତାସର ପତ୍ରାକୁ ପଲଟ-କର ।—*n.* 1. ପଲଟାପଲଟ; 2. କୌଶଳ ।—To shuffle off this mortal coil, ମାନବଲୀଳା ସମ୍ବରଣ-କର ।

**Shuffling**, *a.* ଛଳପ୍ରିୟ ।

**Shufflingly**, *ad.* 1. ଛଳପ୍ରିୟରୂପେ; 2. ଅଶୋଭନ ରୂପେ ।

**Shun**, *v.t.* 1. ପରିହାର-କର; 2. ତ୍ୟାଗ-କର; 3. ଅବହେଳା-କର ।

**Shunt**, *v.t.* ଅନ୍ୟଲାଇନକୁ ଫେରାଇବା ।—*v.i.* ରେଲଗାଡ଼ି ଏକଲାଇନରୁ ଅନ୍ୟଲାଇନକୁ ଯିବା ।

**Shunter**, *n.* ରେଲଗାଡ଼ିକୁ ଯେ ଏକ ଲାଇନରୁ ଅନ୍ୟ ଲାଇନକୁ ଫେରାଏ ।

**Shut**, *v.t.* 1. ବନ୍ଦ-କର; 2. ବାରଣ-କର; 3. ଅଟକାଇବା; 4. ରୁଦ୍ଧ-କର ।—*v.i.* 1. ବନ୍ଦ-ହେ; 2. ରୁଦ୍ଧ-ହେ ।—*a.* ବନ୍ଦ, ରୁଦ୍ଧ ।

**Shutter**, *n.* 1. ଯେ ବା ଯାହା ବନ୍ଦ କରେ; 2. କବାଟ; 3. (Phot.) ଯନ୍ତ୍ରକାଚକୁ ଆବୃତ ଓ ମୁକ୍ତ କରିବାର ଉପାୟ ।

**Shuttle**, *n.* ମାକୁ, କଣ୍ଡା ।

**Shuttlecock**, *n.* 1. କ୍ରୀଡ଼ାକନ୍ଦୁକ; 2. କ୍ରୀଡ଼ାକନ୍ଦୁକଦ୍ୱାରା ଖେଳ ।

**Shy**, (1) *a.* 1. ଲାଜୁକ; 2. ମାଉଁମୁହାଁ; 3. ଭୀରୁ; 4. ପଳାୟନଶୀଳ ।—*v.i.* ଭୟରେ ଚମକିଉଠିବା ।—*v.t.* ଏଡ଼ାଇବା ।—To look shy at, ସନ୍ଦେହ-କର ।

**Shy**, (2) *v.t.* ଫୋପାଡ଼ିବା, ଫିଙ୍ଗିବା ।—*n.* ନିକ୍ଷେପ ।

**Shyly, Shily**, *ad.* ଲାଜୁକଭାବେ ।

**Shyness**, *n.* ଲାଜୁକତା ।

**Sibilant**, *a.* ଶିସ୍ ଶବ୍ଦକାରୀ ।—*n.* ଊଷ୍ମବର୍ଣ୍ଣ ।

**Sibyl**, *n.* ପ୍ରାଚୀନ ଐତିହାସିକ ଅଦୃଷ୍ଟବାଦିନୀ ।

**Sibylline**, *a.* 1. ଅଦୃଷ୍ଟବାଦିନୀଦ୍ୱାରା ରଚିତ; 2. ଭବିଷ୍ୟଦ୍‌ବାଣୀସମ୍ବନ୍ଧ ।

**Sick**, *a.* 1. ରୋଗାକ୍ରାନ୍ତ, ପୀଡ଼ିତ; 2. ଅସୁସ୍ଥ; 3. ବମନୋଦ୍ରେକଯୁକ୍ତ; 4. ବିରକ୍ତ; 5. ମ୍ଳାନିଯୁକ୍ତ; 6. କ୍ଷୀଣ; 7. ନିସ୍ତେଜ; 8. ବୈମନସ୍ୟ ।

**Sick-bed**, *n.* ରୋଗଶଯ୍ୟା ।

**Sicken**, *v.t.* 1. ବିରକ୍ତ-କର; 2. କ୍ଲାନ୍ତ-କର ।—*v.i.* 1. ଅସୁସ୍ଥ-ହେ; 2. ବିରକ୍ତ-ହେ; 3. ଦୁର୍ବଳ-ହେ ।

**Sick-headache**, *n.* ବମନୋଦ୍ରେକଯୁକ୍ତ ମୁଣ୍ଡ ବିନ୍ଧା ।

**Sickish**, *a.* ଅଳ୍ପ ପୀଡ଼ିତ ।

**Sickle**, *n.* ଦା, ଶସ୍ୟ କାଟିବାର ଦନ୍ତଯୁକ୍ତ ବକ୍ରକର୍ତ୍ତନୀ ।

**Sicklily**, *ad.* ନିସ୍ତେଜଭାବେ ।

**Sickliness**, *n.* ନିସ୍ତେଜତା ।

**Sick-list**, *n.* ରୋଗୀମାନଙ୍କର ନାମଲେଖା ତାଲିକା ।

**Sickly**, *a.* 1. ରୋଗଗ୍ରସ୍ତ; 2. ଅସୁସ୍ଥ; 3. ଦୁର୍ବଳ; 4. ଅବସନ୍ନ; 5. ରୋଗୋତ୍ପାଦକ; 6. ଅରୁଚିଜନକ; 7. ରୁଗ୍ଣ; 8. ନିସ୍ତେଜ ।—*ad.* 1. ପୀଡ଼ିତରୂପେ; 2. ରୁଗ୍ଣଭାବେ ।

**Sickness**, *n.* 1. ପୀଡ଼ା, ରୋଗ, ବ୍ୟାଧି; 2. ଉଦରର ଚଞ୍ଚଳତା; 3. ରୁଗ୍ଣାବସ୍ଥା ।

**Sick-room**, *n.* ପୀଡ଼ିତ ବ୍ୟକ୍ତିର ପ୍ରକୋଷ୍ଠ ।

**Side**, *n.* 1. କୂଳ; 2. ପାଖ, ପାର୍ଶ୍ୱ; 3. ଉପରପଟ; 4. ଦେଶ; 5. ସ୍କନ୍ଧ ଓ ଉରୁଦେଶର ମଧ୍ୟବର୍ତ୍ତୀ ଅଂଶ; 6. ପକ୍ଷଦଳ; 7. ପକ୍ଷ; 8. ବଂଶପରମ୍ପରା; 9. (Slang) ଅହଙ୍କାର ।—*a.* ପାର୍ଶ୍ୱସ୍ଥ, ପାଖର ।—Side line, ଶାଖାରୂପ ବ୍ୟବସାୟ ।—Side by side, ପାଖେ ପାଖେ ।—To one side, ଏକପକ୍ଷ-ଭାବରେ ।

**Sidearms**, *n.* (*pl.*) ପାର୍ଶ୍ୱସ୍ଥ ଅସ୍ତ୍ରଶସ୍ତ୍ର ।

Sideboard, *n.* ବାସନ ରଖିବାପାଇଁ ଖାଇବାପିଇବା ଘରରେ ଥିବା ଅଲମାରି ।
Side-cut, *n.* 1. ପାର୍ଶ୍ୱସ୍ଥ କଟାମାଂସ; 2. ବଙ୍କାବାଟ ।
Sided, *a.* ପାର୍ଶ୍ୱସମନ୍ୱିତ ।
Side-glance, *n.* ବକ୍ରଦୃଷ୍ଟି ।
Sidelong, *a.* 1. ତେର୍ଚ୍ଛା; 2. ବକ୍ର ।—*ad.* ତେର୍ଚ୍ଛାଭାବରେ ।—*n.* ପାହାଡ଼ର ଗଡ଼ାଣ ।
Side-note, *n.* ପାର୍ଶ୍ୱସ୍ଥ ଟିପ୍ପଣୀ ।
Sidereal, *a.* 1. ନକ୍ଷତ୍ର ସମ୍ବନ୍ଧୀୟ; 2. ତାରକାମୟ ।
Side-saddle, *n.* ସ୍ତ୍ରୀମାନଙ୍କର ଅଶ୍ୱାସନ ।
Sideways, Sidewise, *ad.* 1. ଏକପାର୍ଶ୍ୱେ; 2. ଅଡ଼ଭାବେ ।
Siding, *n.* ଗାଡ଼ିସବୁ ପ୍ରଧାନ ରେଳପଥରୁ ଫେରାଇ ରଖିବାପାଇଁ ତତ୍ପାର୍ଶ୍ୱସ୍ଥ ଅନତିଦୀର୍ଘ ରେଳପଥ ।
Sidle, *v.i.* ଅଡ଼ଭାବରେ ଗତି-କ ।
Siege, *n.* 1. ଦୁର୍ଗ ବା ନଗର ଅବରୋଧକରଣ; 2. ଆକ୍ରମଣ ।—*v.t.* ଅବରୋଧ-କ ।
Sienna, *n.* ଅପୀତ-ଲୋହିତ ବର୍ଣ୍ଣର ଉପାଦାନ ।
Siesta, *n.* ମାଧ୍ୟାହ୍ନିକ ନିଦ୍ରା ।
Sieve, *n.* 1. ଚାଲୁଣୀ; 2. ଯେ ଲୋକ କୌଣସି କଥା ଗୁପ୍ତ ରଖି ନ ପାରେ ।—*v.t.* ଚାଲୁଣୀରେ ଚାଳିବା ।
Sift, *v.t.* 1. ଛାଣିବା; 2. ସୂକ୍ଷ୍ମରୂପେ ଅନୁସନ୍ଧାନ-କ ।
Sifter, *n.* ଯେ ବା ଯାହା ଛାଣେ ।
Sigh, *v.i.* 1. ଦୀର୍ଘ ନିଶ୍ୱାସ ତ୍ୟାଗ-କ; 2. ଦୁଃଖରେ ନିଶ୍ୱାସ ଛାଡ଼ିବା ।—*v.t.* ଦୀର୍ଘ ନିଶ୍ୱାସ ଦ୍ୱାରା ପ୍ରକାଶ-କ ।—*n.* ଦୀର୍ଘନିଶ୍ୱାସ ।—To heave a sigh, ଦୀର୍ଘନିଶ୍ୱାସ ଛାଡ଼ିବା ।
Sight, *n.* 1. ଦର୍ଶନକରଣ; 2. ଦୃଷ୍ଟି; 3. ଦର୍ଶନଶକ୍ତି 4. ଚକ୍ଷୁ; 5. ଦୃଶ୍ୟବସ୍ତୁ; 6. ଅଣ୍ଟାଳିଙ୍ଗନର ବୟସ; 7 ଦୃଷ୍ଟିପଥ; 8. ଅବଲୋକନ; 9. ନିଶାଣ କରିବାପାଇଁ ବନ୍ଧୁକରେ ଥିବା ମାଛି; 10. (Slang) ବହୁସଂଖ୍ୟା ବା ପରିମାଣ ।—*v.t.* 1. ଦୃଷ୍ଟି-କ; 2. ଦର୍ଶାଇବା ।—Out of sight, 1. ଦୃଷ୍ଟିର ବାହାରେ; 2. (Coll.) ଭୁଲିଯାଇଛି ।—At sight, ଦେଖିବାମାତ୍ର ।
Sighted, *a.* ଚକ୍ଷୁଷ୍ମାନ୍ ।
Sightless, *a.* 1. ଚକ୍ଷୁହୀନ; 2. ଅନ୍ଧ ।
Sightliness, *n.* ସୁଦୃଶ୍ୟତା ।
Sightly, *a.* 1. ସୁଦୃଶ୍ୟ; 2. ସୁନ୍ଦର ।
Sight-seeing, *n.* ଅପୂର୍ବ ବସ୍ତୁ ଦର୍ଶନ ।
Sight-seer, *n.* ଅପୂର୍ବ ବସ୍ତୁର ଦର୍ଶକ ।
Sign, *n.* 1. ଚିହ୍ନ; 2. ପ୍ରମାଣ; 3. ନିଦର୍ଶନ; 4. ସଙ୍କେତ; 5. ଅଦ୍ଭୁତ ଘଟଣା; 6. ଲକ୍ଷଣ; 7. ସ୍ମୃତିଚିହ୍ନ; 8. ବିଜ୍ଞାପନ; 9. (Math.) ସଂଖ୍ୟାସମ୍ପର୍କୀୟ ଚିହ୍ନ; 10. (Med.) ରୋଗର ପୂର୍ବଲକ୍ଷଣ; 11. (Astron.) ରାଶି ଚିହ୍ନ ।—*v.t.* 1. ଚିହ୍ନିତ-କ; 2. ସ୍ୱାକ୍ଷରିତ-କ ।—*v.i.* 1. ନାମସ୍ୱାକ୍ଷର-କ; 2. କୌଣସି ନିର୍ଦ୍ଦିଷ୍ଟ ଚିହ୍ନ ପ୍ରକାଶ-କ; 3. ଇଙ୍ଗିତ-କ ।
Signal, *n.* 1. ନିଶାଣ; 2. ଚିହ୍ନ; 3. ସଙ୍କେତ ।—*v.t.* and *i.* 1. ନିଶାଣ ଦେଖାଇବା; 2. ସଙ୍କେତ ଦ୍ୱାରା ଜଣାଇବା ।—*a.* 1. ସ୍ମରଣୀୟ; 2. ବିଲକ୍ଷଣ; 3. ଅପୂର୍ବ ।
Signal-gun, *n.* ନିଶାଣୀ ତୋପ, ସଙ୍କେତ ବନ୍ଧୁକ ।
Signalise, *v.t.* 1. ସ୍ମରଣୀୟ-କ; 2. ଖ୍ୟାତାପନ୍ନ-କ ।
Signalling, *n.* 1. ନିଶାଣ ପ୍ରଦର୍ଶନ; 2. ସଙ୍କେତକରଣ ।
Signally, *ad.* 1. ବିଶେଷରୂପେ; 2. ସ୍ପଷ୍ଟରୂପେ ।
Signalman, *n.* 1. ନିଶାଣପ୍ରଦର୍ଶକ; 2. ସଙ୍କେତକାରୀ ଲୋକ ।
Signatory, *a.* ସନ୍ଧିପତ୍ରରେ ସ୍ୱାକ୍ଷରକାରୀ ।
Signature, *n.* 1. ସ୍ୱାକ୍ଷର, ଦସ୍ତଖତ; 2. ମୁଦ୍ରା; 3. ଛାପାକାର୍ଯ୍ୟରେ ଫରମାନିର୍ଦ୍ଦେଶକ ସଂଖ୍ୟା ।
Sign-board, *n.* ବିଜ୍ଞାପନ ପଟା ।
Signet, *n.* ରାଜମୋହର ।
Signet-ring, *n.* ନାମମୁଦ୍ରାଯୁକ୍ତ ଅଙ୍ଗୁରୀୟକ ।
Significance, *n.* 1. ଗୂଢ଼ାର୍ଥ; 2. ଭାବ, ମାନେ; 3. ଗୁରୁତ୍ୱ ।
Significant, *a.* 1. ଗୂଢ଼ାର୍ଥପ୍ରକାଶକ; 2. ବ୍ୟଞ୍ଜକ; 3. ଗୁରୁତର ।
Signification, *n.* ଅର୍ଥ ।
Significative, *a.* ଅର୍ଥପ୍ରକାଶକ ।
Signify, *v.t.* 1. ଜ୍ଞାପନ-କ, ଜଣାଇବା; 2. ଅର୍ଥ ପ୍ରକାଶ-କ ।—*v.i.* ଗୁରୁତର-ହେ ।
Sign-manual, *n.* ରାଜସ୍ୱାକ୍ଷର ।
Signor, Signior, *n.* ଶ୍ରୀଯୁକ୍ତ ଶ୍ରୀମାନ୍ ଅର୍ଥ ବୋଧକ ଇଟାଲିଦେଶୀୟ ଉପାଧି ।
Signpost, *n.* 1. ବିଜ୍ଞାପନ ସ୍ତମ୍ଭ; 2. ଚିହ୍ନଦଣ୍ଡ ।
Silence, *n.* 1. ମୌନ; 2. ନିଃଶବ୍ଦତା; 3. ଚୁପ୍‌ଚାପ୍; 4. ସ୍ଥିରତା; 5. ବିସ୍ମୃତ ।—*v.t.* 1. ଚୁପ-କ; 2. ସ୍ଥିର-କ; 3. ନିରୁତ୍ତର-କ ।—*interj.* ଚୁପ୍‌ରୁହ ! ଚୁପ୍‌କର !—Silence gives consent, ମୌନଂ ସମ୍ମତି ଲକ୍ଷଣଂ ।—Vow of silence, ମୌନବ୍ରତ ।
Silent, *a.* 1. ନୀରବ; 2. ମୌନୀ; 3. ସ୍ଥିର; 4. ଅନୁଚ୍ଚାରିତ ।
Silently, *ad.* ନିଃଶବ୍ଦରେ, ଚୁପ୍‌ଚାପରେ ।
Silhouette, *sil-oo-et'*, *n.* ମନୁଷ୍ୟଛାୟାର ଚିତ୍ରାଙ୍କନ ।
Silica, *n.* ଚକ୍‌ମକି ପଥର, ଅଗ୍ନିପ୍ରସ୍ତର ।
Siliceous, Silicious, *a.* ଅଗ୍ନିପ୍ରସ୍ତରନିର୍ମିତ ।
Silk, *n.* 1. ରେଶମ; 2. ପଟ୍ଟବସ୍ତ୍ର; 3. ଟସର ।—*a.* 1. ରେଶମୀ; 2. ପାଟପ୍ରସ୍ତୁତ ।
Silk-cotton, *n.* ଶିମିଳିତୁଳା ।
Silken, *a.* 1. ରେଶମନିର୍ମିତ; 2. ପାଟର ।
Silk-mercer, *n.* ପଟ୍ଟବସ୍ତ୍ର ବ୍ୟବସାୟୀ ।
Silk-weaver, *n.* ରେଶମ ବୁଣିବା ତନ୍ତି ।
Silkworm, *n.* ପୋଟିପୋକ ।
Silky, *a.* 1. ରେଶମୀ; 2. ଚିକ୍କଣ; 3. କୋମଳ ।

**Sill**, *n.* ଦୋକାଠର ତଳଭାଗ, ଏଣ୍ଟୁଣ୍ଡି ।
**Sillily**, *ad.* ନିର୍ବୋଧରୂପେ ।
**Silliness**, *n.* 1. ନିର୍ବୋଧତା; 2. ବୋକାମି ।
**Silly**, *a.* 1. ନିର୍ବୋଧ; 2. ମୂର୍ଖ; 3. ଅସଙ୍ଗତ; 4. ଅଜ୍ଞାନୀ; 5. ପାଗଳ ।—*n.* ବୋକା ।
**Silt**, *n.* ପଟୁମାଟି ।—*v.t.* ପଟୁମାଟିଦ୍ୱାରା ଭର୍ତ୍ତି-କ ।—*v.i.* ପଟୁମାଟି ଜମିଯିବା ।
**Silva, Sylva**, *n.* କୌଣସି ପ୍ରଦେଶର ବନ୍ୟବୃକ୍ଷ ସମୂହ ।
**Silvan**, *a.* 1. ବନ୍ୟ; 2. ବୃକ୍ଷମୟ; 3. ବନବାସୀ ।
**Silver**, *n.* 1. ରୂପା, ରୌପ୍ୟ, ରଜତ; 2. ଧନ; 3. ରୌପ୍ୟମୁଦ୍ରା ।—*a.* 1. ରଜତନିର୍ମିତ; 2. ରୌପ୍ୟବତ୍; 3. ଶୁଭ୍ର; 4. ମଧୁର ସ୍ୱରବିଶିଷ୍ଟ ।—*v.t.* 1. ରୌପ୍ୟାବୃତ-କ; 2. ରୂପାପରି ଶୁଭ୍ରବର୍ଣ୍ଣ-କ ।—To be born with a silver spoon in one's mouth, ଧନୀଘରେ ଜନ୍ମିବା ।
**Silver-gray**, *a.* ରୌପ୍ୟବର୍ଣ୍ଣଯୁକ୍ତ ।
**Silveriness**, *n.* 1. ରୌପ୍ୟାବୃତ ଅବସ୍ଥା; 2. ଶୁଭ୍ରତା ।
**Silvering**, *n.* ରୂପାରେ ମଣ୍ଡନ ।
**Silverise**, *v.t.* ରୌପ୍ୟମଣ୍ଡନ-କ ।
**Silver-leaf**, *n.* ରୂପାପତ୍ର ।
**Silvern**, *a.* ରଜତନିର୍ମିତ ।
**Silverplated**, *a.* ଧନବନ୍ତା ।
**Silversmith**, *n.* ବଣିଆ ।
**Silver-tongued**, *a.* 1. ପଟୁବାକ୍; 2. ବାଗ୍ମୀ ।
**Silvery**, *a.* 1. ରୌପ୍ୟାବୃତ; 2. ରଜତବତ୍; 3. ଶୁଭ୍ର; 4. ମଧୁର ସ୍ୱରବିଶିଷ୍ଟ ।
**Similar**, *a.* 1. ତୁଲ୍ୟ; 2. ସଦୃଶ; 3. ତଦ୍ରୂପ ।
**Similarity**, *n.* 1. ତୁଲ୍ୟତା; 2. ସାମ୍ୟ ।
**Similarly**, *ad.* ତଦ୍ରୂପେ ।
**Simile**, *n.* 1. ଉପମା; 2. ରୂପକ କଥା ।
**Similitude**, *n.* 1. ସାଦୃଶ୍ୟ; 2. ତୁଳନା; 3. ଦୃଷ୍ଟାନ୍ତ ବାକ୍ୟ ।
**Simmer**, *v.i.* 1. ଅଳ୍ପେ ଫୁଟିବା; 2. ଧୈର୍ଯ୍ୟ-ଦେ ।
**Simonist**, *n.* ଧର୍ମପଦ କ୍ରୟବିକ୍ରୟକାରୀ ।
**Simony**, *n.* ଧର୍ମପଦ କ୍ରୟବିକ୍ରୟ କରଣାପରାଧ ।
**Simoom, Simoon**, *n.* 1. ଅଗ୍ନି ଦେଶର ଉଷ୍ଣବାୟୁ; 2. ଉତ୍ତପ୍ତ ପବନ ।
**Simper**, *v.i.* ମୁରୁକ ହସିବା ।—*n.* ମୁରୁକ ହସ ।
**Simpering**, *a.* ମୁରୁକ ।
**Simperingly**, *ad.* ମୁରୁକ ହସିକି ।
**Simple**, *a.* 1. ନିଷ୍କପଟ; 2. ଅକୁଟିଳ; 3. ମୌଳିକ; 4. ସରଳ; 5. ଅସୁବିଧାଶୂନ୍ୟ; 6. ନିର୍ବୋଧ ।—*n.* 1. ଅମିଶ୍ରିତ ବସ୍ତୁ; 2. ଜଡ଼ିବୁଟି ଔଷଧ ।
**Simple-hearted**, *a.* 1. ସରଳାନ୍ତଃକରଣ; 2. ନିଷ୍କପଟ ।
**Simple-minded**, *a.* 1. ସରଳମନା; 2. ଅସନ୍ଦେହୀ ।
**Simple-mindedness**, *n.* 1. ମାନସିକ ସରଳତା; 2. ନିଷ୍କପଟତା ।

**Simpleness**, *n.* 1. ସରଳତା; 2. ଅକୁଟିଳତା; 3. ନିର୍ବୋଧତା ।
**Simpleton**, *n.* ମୂର୍ଖଲୋକ, ବୋକାପ୍ରାଣୀ ।
**Simplicity**, *n.* 1. ସାରଲ୍ୟ; 2. ନିଷ୍କପଟତା; 3. ନିରଳଙ୍କାରତା; 4. ନିର୍ବୁଦ୍ଧିତା ।
**Simplification**, *n.* 1. ସରଳକରଣ; 2. ସହଜକରଣ ।
**Simplify**, *v.t.* 1. ସରଳ-କ; 2. ସହଜ-କ; 3. କଷତ-କ । [3. ଖାଲି ।
**Simply**, *ad.* 1. ସରଳଭାବେ; 2. କେବଳମାତ୍ର;
**Simulate**, *v.t.* 1. ଛଦ୍ମବେଶରେ ଅନୁକରଣ-କ; 2. ଛଳନା-କ ।
**Simulation**, *n.* 1. ଛଦ୍ମବେଶଧାରଣ; 2. ଅନୁରୂପକରଣ; 3. ସାଦୃଶ୍ୟ ।
**Simultaneous**, *a.* ସମକାଳୀନ ।
**Simultaneously**, *ad.* ସମକାଳେ, ଏକତ୍ର ।
**Sin**, *n.* 1. ପାପ, ପାତକ, ଦୁରିତ; 2. ଦୋଷ; 3. ଅଧର୍ମ ।—*v.t.* 1. ପାପ-କ; 2. ଅଧର୍ମ-କ ।
**Sinaitic**, *a.* ସିନୟ ପର୍ବତ ସମ୍ବନ୍ଧୀୟ ।
**Since**, *ad.* 1. ଅନନ୍ତର, ତତ୍ପରେ; 2. ପୂର୍ବେ ।—*prep.* ସେହି ସମୟରୁ ।—*conj.* ଯେହେତୁ, କାରଣ ।
**Sincere**, *a.* 1. ଶୁଦ୍ଧ; 2. ପ୍ରକୃତ; 3. ସରଳ; 4. ଯଥାର୍ଥ; 5. ଅମାୟିକ ।
**Sincerely**, *ad.* 1. ପ୍ରକୃତପକ୍ଷେ; 2. ଯଥାର୍ଥରେ ।
**Sincereness**, *n.* ଅମାୟିକତା ।
**Sincerity**, *n.* 1. ଶୁଦ୍ଧତା; 2. ସରଳତା ।
**Sinecure**, *n.* 1. ବିନା ପରିଶ୍ରମରେ ବେତନ ପ୍ରାପ୍ତି; 2. ବିନା ଯାଜନରେ ଲବ୍ଧ ବୃତ୍ତି । [ସାମର୍ଥ୍ୟ, ବଳ ।
**Sinew**, *n.* 1. ରଗ; 2. ମାଂସପେଶୀ; 3. ସ୍ନାୟୁ; 4.
**Sinewy**, *a.* 1. ରଗଯୁକ୍ତ; 2. ବଳବାନ୍ ।
**Sinful**, *a.* 1. ପାପିଷ୍ଠ; 2. ପାତକୀ; 3. ଅଧର୍ମ ।
**Sinfully**, *ad.* 1. ଅପବିତ୍ରଭାବେ; 2. ପାତକରୂପେ ।
**Sing**, *v.i.* 1. ଗୀତ ଗାଇବା; 2. କୂଜନ-କ; 3. ପଦ୍ୟାବୃତ୍ତି-କ; 4. ଧୈର୍ଯ୍ୟ-ଦେ ।—*v.t.* 1. ଗାନ-କ; 2. (ଗୁଣ) ବର୍ଣ୍ଣନା-କ; 3. ଗର୍ଜନ-କ ।—To sing out, ବଡ ପାଟିରେ ଡାକିବା ।
**Singable**, *a.* ଗାୟନଯୋଗ୍ୟ ।
**Singe**, *v.t.* ଅଳ୍ପ ଦଗ୍ଧ-କ, ଉପରପୋଡା-କ ।
**Singer**, *n.* ଗାୟକ ।
**Singing**, *n.* 1. ଗାୟନ; 2. ଗର୍ଜନ ।
**Single**, *a.* 1. ଏକମାତ୍ର; 2. ଅଦ୍ୱିତୀୟ; 3. ପୃଥକ୍; 4. ଏକାକୀ; 5. ଅବିବାହିତ; 6. ନିର୍ମଳ ।—*v.t.* (with "out") 1. ପୃଥକ୍-କ; 2. ବାଛିବା ।
**Singleness**, *n.* 1. ଏକାକିତ୍ୱ; 2. ନିଷ୍କପଟତା ।
**Singly**, *ad.* 1. ଏକେ, ଏକାକୀରୂପେ; 2. ସରଳଭାବେ ।
**Singsong**, *n.* 1. ଗୀତସ୍ୱର, ଗାନସ୍ୱର; 2. ଖରାପ ପଦ୍ୟ ।—*a.* ଏକା ସୁର ପର ।
**Singular**, *a.* 1. ଏକ; 2. (Gram.) ଏକବଚନ ବଚନ; 3. ଅସାଧାରଣ; 4. ଅପୂର୍ବ ।

**Singularity**, *n.* 1. ଅସାଧାରଣତ୍ୱ; 2. ବିଶେଷତ୍ୱ ।

**Singularly**, *ad.* 1. ଅସାଧାରଣରୂପେ; 2. ବିଶେଷରୂପେ ।

**Sinister**, *a.* 1. ବାମପାର୍ଶ୍ୱସ୍ଥ; 2. ମନ୍ଦ; 3. ଅଶୁଭ; 4. କୁଟିଳ ।

**Sink**, *v.i.* 1. ତଳକୁ ଯିବା; 2. କ୍ରମଶଃ ପତିତ-ହେବ; 3. ଅସ୍ତ-ହେବ, ବୁଡିବା; 4. ମଗ୍ନ-ହେବ; 5. ଅବନତ-ହେବ; 6. ଅବସନ୍ନ-ହେବ ।—*v.t.* 1. ବୁଡାଇବା; 2. ମଗ୍ନ-କର; 3. ଦମନ-କର; 4. ଗର୍ତ୍ତ କରାଇବା; 5. ଗୋପନ-କର; 6. ହ୍ରାସ-କର ।—*n.* 1. ନର୍ଦ୍ଦମା କୁଣ୍ଡ; 2. ନଳୀ; 3. କୁତ୍ସିତ ସ୍ଥାନ ।

**Sink-hole**, *n.* ନର୍ଦ୍ଦମାକୁଣ୍ଡର ଗଣ୍ଡା ।

**Sinking**, *n.* 1. ଅବନତି; 2. ମଗ୍ନତା ।

**Sinking-fund**, *n.* ଋଣ ପରିଶୋଧ ନିମନ୍ତେ ରକ୍ଷିତ ଅର୍ଥସଞ୍ଚୟ ।

**Sinless**, *a.* ପାପରହିତ, ନିଷ୍ପାପ ।

**Sinner**, *n.* ପାପୀ, ପାତକଗ୍ରସ୍ତ ।

**Sin-offering**, *n.* ପାପାର୍ଥକ ବଳି ।

**Sinuate, Sinuated**, *a.* 1. ତରଙ୍ଗାୟିତ; 2. (Bot.) ତରଙ୍ଗିତ ଧାରଯୁକ୍ତ । [କୁଟିଳ ।

**Sinuous, Sinuose**, *a.* 1. ବକ୍ରତାବିଶିଷ୍ଟ; 2.

**Sinus**, *n.* 1. ଖାତ; 2. ଛିଦ୍ର; 3. କ୍ଷତନାଳୀ ।

**Sip**, *v.t.* ଟୋକେ ଟୋକେ ପିଇବା ।—*n.* ଏକ ଚୋପ ।

**Siphon**, *n.* 1. ଜଳ ଉର୍ଦ୍ଧ୍ବ ଟାଣିବା ବକ୍ର ନଳ; 2. ବକ୍ରନଳଯୁକ୍ତ ବୋତଲ ।

**Sir**, *n.* ମହାଶୟ ଅବ ସମ୍ମାନ୍ତ ଲୋକଙ୍କ ଉପାଧି ।

**Sirdar**, *n.* ସରଦାର ।

**Sire**, *n.* 1. ଜନକ, ପିତା; 2. ମହାରାଜ; 3. ବଂଶୋତ୍ପାଦକ ।—*v.t.* ଉତ୍ପନ୍ନ-କର ।

**Siren**, *n.* 1. କଳ୍ପିତ କୋକିଳକଣ୍ଠୀ କୁହୁକମୟୀ ସମୁଦ୍ର-ନାରୀ; 2. ମୁଗ୍ଧକାରିଣୀ ସ୍ତ୍ରୀ ।—*a.* ମନୋମୁଗ୍ଧକର ।

**Sirius**, *n.* ଉଜ୍ଜ୍ୱଳତମ ତାରକା, ଲୁବ୍ଧକ ନକ୍ଷତ୍ର ।

**Sirloin**, *n.* ଗୋମାଂସର କଟିଦେଶ ।

**Sirocco**, *n.* ଅଫ୍ରିକାଦେଶରୁ ପ୍ରବାହିତ ଉଷ୍ଣ ବାୟୁ ।

**Sirrah**, *n.* ଅବଜ୍ଞାସୂଚକ ଶବ୍ଦ ଯଥା ଅରେ, ରେ ।

**Sister**, *n.* 1. ଭଉଣୀ, ଭଗିନୀ, ଭଗ୍ନୀ; 2. ଜ୍ୟେଷ୍ଠ ଧାତ୍ରୀ ।—*a.* 1. ସମ୍ପର୍କୀୟ; 2. ଏକଜାତୀୟ ।

**Sisterhood**, *n.* 1. ଭଗିନୀତ୍ୱ; 2. ଭଗିନୀ ସମାଜ ।

**Sister-in-law**, *n.* 1. ନଣନ୍ଦ; 2. ଶାଳୀ; 3. ଯା; 4. ଭାଉଜ; 5. ଭାଇବୋହୂ ।

**Sisterless**, *a.* ଭଗିନୀହୀନ ।

**Sister-like, Sisterly**, *a.* ଭଗିନୀବତ୍ ।

**Sit**, *v.i.* 1. ବସିବା, ଉପବେଶନ-କର; 2. ରହିବା; 3. ସ୍ଥିର-ହେବ; 4. ଡିମ୍ବ ଉପରେ ବସିବା; 5. ଉପଯୋଗୀ-ହେବ; 6. ଅଧିବେଶିତ-ହେବ ।—*v.t.* 1. ଚଢିବା; 2. ବସାଇବା ।—To sit down, 1. ବସି ପଡିବା; 2. ଅବରୋଧ ଆରମ୍ଭ-କର । To sit on or upon, (Slang) ଧମକାଇବା । To sit under, ଏକ ଉପଦେଶକଙ୍କ କଥା ଶୁଣିବାକୁ ଧାରାମତେ ଉପବେଶନ-କର ।

**Sitar**, *n.* ସିତାର ।

**Site**, *n.* 1. ସ୍ଥାନ; 2. ସ୍ଥଳ; 3. ଅବସ୍ଥିତି ।

**Sitter**, *n.* ଉପବେଶନକାରୀ ।

**Sitting**, *n.* 1. ଉପବେଶନ; 2. ଆସନ; 3. ଆସନରେ ବସିବା କ୍ଷମତା; 4. ଉପବେଶନ କାଳ, ବସିବା ସମୟ; 5. ବୈଠକ, ଅଧିବେଶନ; 6. ଥରକେ ଫୁଟାଇବାପାଇଁ କୁକୁଡାର ପକ୍ଷତଳେ ଥିବା ଅଣ୍ଡା ।

**Sitting-room**, *n.* ପରିବାରର ବସିବା କୋଠରୀ ।

**Situate, Situated**, *a.* 1. ସ୍ଥିତ; 2. ସ୍ଥାପିତ; 3. ଅବସ୍ଥିତ । [4. ବୃତ୍ତି, ପଦ ।

**Situation**, *n.* 1. ଅବସ୍ଥିତି; 2. ଜୀବନ ଦଶା; 3. ଅବସ୍ଥା;

**Siva**, *n.* ଶିବ ।

**Six**, *a.* ଛଅ, ଷଟ୍ ।—*n.* ଷଟ୍‌ସଂଖ୍ୟା ।—To be at sixes and sevens, ବିଶୃଙ୍ଖଳ-ହେବ ।

**Sixfold**, *a.* 1. ଛଅଗୁଣ; 2. ଛଅପ୍ରସ୍ଥ ।

**Sixpenny**, *a.* 1. ଛଅପଣ ମୂଲ୍ୟର; 2. ଅଳ୍ପମୂଲ୍ୟ ।

**Sixteen**, *a.* ଷୋଳ ।—*n.* ଷୋଳ ସଂଖ୍ୟା ।

**Sixteenth**, *a.* ଷୋଡଶ ।—*n.* ଷୋଡଶ ସଂଖ୍ୟା ।

**Sixth**, *a.* ଷଷ୍ଠ ।—*n.* 1. ଷଷ୍ଠ ସଂଖ୍ୟା; 2. ଷଷ୍ଠାଂଶ ।

**Sixthly**, *ad.* ଷଷ୍ଠତଃ ।

**Sixtieth**, *a.* ଷଷ୍ଟିତମ ।

**Sixty**, *a.* ଷାଠିଏ ।—*n.* ଷାଠିଏ ସଂଖ୍ୟା ।

**Sizable, Sizeable**, *a.* 1. ଆୟତନବିଶିଷ୍ଟ; 2. ବୃହଦାକାର ।

**Size**, (1) *n.* 1. ପରିମାଣ; 2. ଆୟତନ; 3. ମାପ ।—*v.t.* ପରିମାଣାନୁସାରେ ସଜାଇବା ।—*v.i.* ପରିମାଣ ବୃଦ୍ଧିପାଇବା ।—To size up, ବିବେଚନା କରି ସ୍ଥିର-କର ।

**Size**, (2) *n.* ମଣ୍ଡ ।

**Sized**, *a.* ଆୟତନବିଶିଷ୍ଟ ।

**Sizy**, *a.* ମଣ୍ଡୁଆ ।

**Skate**, *n.* ବରଫ ଉପରେ ବେଗରେ ଚାଲିବାପାଇଁ ଲୌହଯୁକ୍ତ ଏକପ୍ରକାର କଠାଉ ।—*v.i.* ଉକ୍ତ କଠାଉ-ମାଡି ଚାଲିବା ।

**Skein**, *n.* ସୂତାର ମୋଡା ବା ଗୋଛା ।

**Skeleton**, *n.* 1. କଙ୍କାଳ, ଅସ୍ଥିପଞ୍ଜର; 2. ଗଠନ, ଖସଡା; 3. ଅସ୍ଥିଚର୍ମ୍ମସାର ଦେହ; 4. ଏକପ୍ରକାର ସରୁ ଛାପାଅକ୍ଷର ।—*a.* କଙ୍କାଳ ସମ୍ବନ୍ଧୀୟ ।

**Skeleton-key**, *n.* ଗାଣ୍ଡସ୍ଥଳ ଚାବି ।

**Skeptic**, Same as Sceptic.

**Sketch**, *n.* 1. ପାଣ୍ଡୁଲେଖ; 2. ବାହ୍ୟରେଖା; 3. ସଂକ୍ଷିପ୍ତ ବର୍ଣ୍ଣନା; 4. ଚିତ୍ରକରର ଅସମ୍ପୂର୍ଣ୍ଣ ନକ୍ସା, ଖସଡାଚିତ୍ର ।—*v.t.* 1. ପାଣ୍ଡୁଲିପି-କର; 2. ବାହ୍ୟରେଖା ଟାଣିବା; 3. ସଂକ୍ଷେପରେ ପ୍ରଧାନ ବିଷୟ ଦେଖାଇବା ।—*v.i.* ଖସଡା ଚିତ୍ର-କର ।

Sketchable, *a.* ଚିତ୍ରଯୋଗ୍ୟ ।
Sketch-book, *n.* 1. ଖସଡ଼ା ଚିତ୍ରର ଖାତା; କୌଣସି ବିଷୟର ସଂକ୍ଷିପ୍ତ ଛପା ପୁସ୍ତକ ।
Sketcher, *n.* ଖସଡ଼ା ଚିତ୍ରକାର ।
Sketchy, *a.* 1. ସ୍ଥୂଳଭାବେ ଚିତ୍ରିତ; 2. ଅସମ୍ପୂର୍ଣ୍ଣ ।
Skew, *a.* ତେର୍ଛା ।—*ad.* ତେର୍ଛାଭାବେ ।
Skewer, *n.* କବାବ କଲାବେଳେ ମାଂସ ଧରିରଖିବା ଖିଲ ।—*v.t.* ଉକ୍ତ ଖିଲ ମାରିବା ।
Skid, *n.* ଚକର ଖଲକ ।—*v t.* ଚକରେ ଖଲକ ଲଗାଇବା ।—*v.i.* ନ ଘୂରି ଖସି ପଡ଼ିବା ।
Skiff, *n.* ଡଙ୍ଗା, ଡଙ୍ଗୀ, ଛୋଟ ନୌକା ।
Skilful, *a.* 1. ପ୍ରାଜ୍ଞ; 2. ପଟୁ, ଦକ୍ଷ, ପାରଗ ।
Skilfully, *ad.* 1. ପ୍ରାଜ୍ଞରୂପେ; 2. ପାରଗରୂପେ ।
Skilfulness, *n.* ଦକ୍ଷତା, ପାରଗତା ।
Skill, *n.* 1. ପ୍ରାଜ୍ଞତା; 2. ପଟୁତା; 3. ବ୍ୟୁତ୍ପତ୍ତି; 4. କୌଶଳ ।
Skilled, *a.* ବ୍ୟୁତ୍ପନ୍ନ ।
Skillet, *n.* ଏକପ୍ରକାର ବେଣ୍ଟଯୁକ୍ତ କଡ଼ାଇ ।
Skim, *v.t.* 1. ସର ବାହାର-କ; 2. ଫେଣ କାଢ଼ିବା; 3. ଲଘୁଭାବେ ସ୍ପର୍ଶ-କ ।
Skimmer, *n.* ଚଟୁ ।
Skim-milk, *n.* ସରକଢ଼ା ଦୁଧ ।
Skimming, *n.* 1. ସର ବାହାର କରା; 2. ଫେଣ ।
Skimp, *v.t.* କାମ୍ପିଭାବରେ-ଦେ ।—*v.i.* କାମ୍ପି-ହେ ।
Skimping, *a.* କାମ୍ପି ।
Skin, *n.* 1. ଚମ, ଚର୍ମ, ତ୍ୱକ୍; 2. ଚମଡ଼ା, ଛାଲ; 3. ଖୋଳ, ବକଳ ।—*v.t.* 1. ଚମ କାଢ଼ିବା; 2. ଚମଡ଼ା ବା ଛାଲ ଉତାରିବା; 3. ସମୂଳେ ଲୁଟପାଟ-କ ।—*v.i.* 1. ଚମ ବାହାରିବା; 2. ଚର୍ମବୃତ-ହେ ।—By the skin of one's teeth, ଅଳ୍ପକେ । To save one's skin, ସୁରକ୍ଷିତ-ହେ ।
Skin-deep *a.* 1. ଚର୍ମଗତ, ତ୍ୱକ୍‌ରେଖା; 2. ଅଗଭୀର ।
Skinflint, *n.* ନିହାତ କାମ୍ପିଲୋକ ।
Skinless, *a.* ତ୍ୱକ୍‌ରହିତ ।
Skinny, *a.* 1. ଚର୍ମମୟ; 2. ଚର୍ମସାର, ମୁର୍କୁଟିଆ; 3. ମାଂସହୀନ ।
Skip, *v.i.* 1. ଡେଇଁବା; 2. କୁଦିବା; 3. ଛାଡ଼ିଯିବା ।—*v.t.* ଛାଡ଼ିବା ।—*n.* କୁଦା, ଲମ୍ଫନ ।
Skipper, (1) *n.* ଯେ ଦଉଡ଼ିରେ ଡେଏଁ ।
Skipper, (2) *n.* ବାଣିଜ୍ୟ ପୋତାଧ୍ୟକ୍ଷ ।
Skipping-rope, *n.* ଡେଇଁବା ଦଉଡ଼ି ।
Skirl, *n.* ତୀବ୍ର ନାଦ ।
Skirmish, *n.* 1. ସାମାନ୍ୟ ଯୁଦ୍ଧ; 2. ହାତାହାତି ।—*v.i.* ହାତାହାତି-ହେ ।
Skirmisher, *n.* ଛିନ୍ନଭିନ୍ନରୂପେ ଯୁଦ୍ଧ କରିବା ସୈନିକ ।
Skirt, *n.* 1. ସ୍ତ୍ରୀମାନଙ୍କ ବସ୍ତ୍ରର ଅଧୋଭାଗ; 2. ଧାର, କିନାର, ପ୍ରାନ୍ତଭାଗ ।—*v.t.* and *i.* 1. ପ୍ରାନ୍ତ ଦେଇ ଯିବା; 2 ସୀମା ନିକଟରେ ବସତି-କ ।
Skit, *n.* ବ୍ୟଙ୍ଗୋକ୍ତିପୂର୍ଣ୍ଣ ଲେଖା ।
Skittish, *a.* 1. ଅସ୍ଥିର, ଚଞ୍ଚଳ; 2. ଅମଣିଆ ।
Skittles, *n.* (*pl.*) ଭୂମିରେ ଠିଆକରା ନଅଖଣ୍ଡ କାଠକୁ ପେଣ୍ଡୁ ମାରିବା ଖେଳ ।
Skulk, *v.i.* 1. ଲୁଚିଯାଇ ଥିବା; 2. ଛକ ବସିବା ।
Skull, *n.* ମୁଣ୍ଡର ଖପୁରି, ଖାପୁରି, କପାଳ ।—Skull and cross-bones, ମୃତ୍ୟୁ ଓ କ୍ଷୟର ନିଦର୍ଶନ ।
Skullcap, *n.* ମୁଣ୍ଡକୁ ଠିକ୍ ଲାଗିବା ଟୋପି ।
Skunk, *n.* 1. ଦୁର୍ଗନ୍ଧ ବାହାର କରୁଥିବା ନେଉଳପରି ଏକପ୍ରକାର ସାନଜନ୍ତୁ; 2. ପାମର ଲୋକ ।
Sky, *n.* 1. ଆକାଶ, ଗଗନମଣ୍ଡଳ, ଅନ୍ତରୀକ୍ଷ, ନଭଃ; 2. ପାଗ ।—*v.t.* ଊର୍ଦ୍ଧ୍ୱରେ ରଖିବା ।
Sky-blue, *a.* ଆକାଶବର୍ଣ୍ଣ, ଈଷତ୍ ନୀଳ ।
Sky-high, *a.* 1. ଅତ୍ୟୁଚ୍ଚ; 2. ଗଗନସ୍ପର୍ଶୀ ।
Skylark, *n.* ଚାତକପକ୍ଷୀ, ଭରୁଇପକ୍ଷୀ, ଉଦଉଦଳିଆ ଚଢ଼େଇ ।—*v.i.* କୌତୁକ-କ ।
Skylarking, *n.* କୌତୁକକରଣ, କ୍ରୀଡ଼ା ।
Sky-light, *n.* ଛାତରେ ଥିବା ଝରକା ।
Skyline, *n.* ଦିଙ୍ମଣ୍ଡଳ ।
Sky-pilot, *n.* ପାଦ୍ରି ।
Sky-rocket, *n.* ହାଉଇ ବାଣ ।
Sky-scraper, *n.* ଗଗନସ୍ପର୍ଶୀ ଗୃହ ।
Skyward *ad.* ଆକାଶାଭିମୁଖେ, ଉର୍ଦ୍ଧ୍ୱମୁଖେ ।
Slab, *n.* 1. ପାତଳ ପ୍ରସ୍ତରଖଣ୍ଡ; 2. ବକଳ ଲଗା ପଟା ।—*v.t.* ବକଳ ଲଗା ପଟା ଚିରିବା ।
Slabber, *v.i.* ଲାଳ ପଡ଼ିବା ।—*v.t.* ଲାଳରେ ଝଡ଼ାଇବା ।
Slack, *a.* 1. ଢୁଗୁଲା, ଢିଲା; 2. ଶିଥିଳ; 3. ଅମନୋଯୋଗୀ; 4. କାର୍ଯ୍ୟହୀନ ।—*ad.* 1. ଢିଲାଭାବେ; 2. ଅପର୍ଯ୍ୟାପ୍ତଭାବେ ।
Slack, Slacken, *v.i.* 1. ଢୁଗୁଲା-ହେ, ଢିଲା-ହେ; 2. କମିଯିବା; 3. ଶିଥିଳ-ହେ ।—*v.t.* 1. ଢିଲା-କ; 2. ଛାଡ଼ି-ଦେ ।
Slackly, *ad.* 1. ଢୁଗୁଲାରୂପେ; 2. ଶିଥିଳଭାବେ ।
Slackness, *n.* ଶିଥିଳତା ।
Slag, *n.* ଧାତୁର ଗାଦ ।
Slain, *pa. p.* of Slay.
Slake, *v.t.* 1. ନିବୃତ୍ତ-କ; 2. ନିର୍ବାପିତ-କ; 3. ପାଣିରେ ମିଶାଇବା ।—*v.i.* 1. ନିଭିଯିବା; 2. ନିର୍ବାପିତ-ହେ ।
Slakeless, *a.* ଅନିର୍ବାପନୀୟ; 2. ଅଦମ୍ୟ ।
Slam, *v.t.* and *i.* 1. ଜୋରରେ ବନ୍ଦ-କ; 2. ବଳରେ କବ୍‌ଜ-ଦେ; 3. ତାସ୍ ଖେଳରେ ସବୁ ପତା ଜିତିବା ।—*n.* 1. ଜୋରରେ ବନ୍ଦକରଣ; 2. ଧଡ଼୍ ଶବ୍ଦ; 3. ତାସ ଖେଳରେ ସବୁ ପତା ପ୍ରାପ୍ତି ।
Slander, *n.* 1. ମିଥ୍ୟାପବାଦ; 2. କୁତ୍ସା; 3. ଗ୍ଳାନି, ନିନ୍ଦା ।—*v.t.* 1. ମିଥ୍ୟାପବାଦ-ଦେ; 2. ନିନ୍ଦା-କ; 3. କଳଙ୍କିତ-କ ।
Slanderer, *n.* 1. କୁତ୍ସା ରଟନାକାରୀ; 2. ମିଥ୍ୟାପବାଦକ ।

Slanderous, *a.* 1. କୁତ୍ସାଉଚ୍ଚାରକ; 2. ମିଥ୍ୟାପବାଦପୂର୍ଣ୍ଣ; 3. ଗ୍ଲାନିକର ।

Slanderously, *ad.* ଗ୍ଲାନିକରରୂପେ ।

Slang, *n.* 1. ଅପଭାଷା; 2. ନୀଚଭାଷା ।

Slant, Slanting, *a.* 1. ଗଡ଼ାଣିଆ; 2. ଢାଲୁ; 3. ତେର୍ଛା ।

Slantingly, *ad.* ତେର୍ଛାଭାବେ ।

Slantwise, *ad.* ତର୍ଯ୍ୟଗ୍‌ଭାବେ ।

Slap, *n.* ଚାପୁଡ଼ା ।—*v.t.* ଚାପୁଡ଼ାମାରିବା ।—*ad.* ହଠାତ୍ ।

Slap-bang, *ad.* 1. ପ୍ରଚଣ୍ଡରୂପେ; 2. ଏକାବେ: ବେ ।

Slap-dash, *ad.* 1. ଦୁଃସାହସିରୂପେ; 2. ଅଶାଡ଼ରେ ।

Slash, *v.t.* and *i.* 1. ଖଡ୍ଗ ପ୍ରଚଣ୍ଡରୂପେ ଆଘାତ-କ; 2. ଏଣେ ତେଣେ ପିଟିବା; 3. ଲମ୍ବରେ କାଟିବା ।—*n.* 1. ଦୀର୍ଘକ୍ଷତ; 2. ଲମ୍ବକଟା ।

Slashed, *a.* ଦୀର୍ଘକ୍ଷତଯୁକ୍ତ ।

Slashing, *a.* 1. ନିର୍ଦ୍ଦୟ; 2. ଅତ୍ୟୁଗ୍ର; 3. ସ୍ପଷ୍ଟବକ୍ତା ।

Slate, (1) *n.* 1. ସ୍ଲେଟ୍‌ପଟା; 2. ଘର ଛାଉଣିପାଇଁ ସ୍ଲେଟ୍ ପଥର ।—*a.* ପାଣ୍ଡୁଗିଆ ।—*v.t.* ସ୍ଲେଟ୍ ପଥରରେ ଆଚ୍ଛାଦନ-କ ।

Slate, (2) *v.t.* ତିରସ୍କାର-କ, ଗାଳି-ଦେ ।

Slated, *a.* ସ୍ଲେଟ୍‌ପଥରରେ ଆବୃତ ।

Slate-pencil, *n.* ସ୍ଲେଟ୍‌ପଟାର ଲେଖଣୀ ।

Slating, (1) *n.* 1. ସ୍ଲେଟ୍‌ପଥରରେ ଆବୃତକରଣ; 2. ସ୍ଲେଟ୍‌ପଥର ।

Slating, (2) *n.* ଭୟଙ୍କର ତିରସ୍କାର ।

Slattern, *n.* ବେଶଭୂଷାରେ ଅମନୋଯୋଗିନୀ ସ୍ତ୍ରୀ ।

Slatternly, *a.* 1. ବେଶଭୂଷାରେ ଅମନୋଯୋଗୀ; 2. ଅପରିଷ୍କୃତ ।—*ad.* 1. ଅମନୋଯୋଗିରୂପେ; 2. ଅପରିଚ୍ଛନ୍ନରୂପେ ।

Slaughter, *n.* 1. ବଧ; 2. ସଂହାର; 3. ହତ୍ୟା; 4. କଟାକଟି ।

Slaughterer, *n.* 1. ହନ୍ତା; 2. ସଂହାରକର୍ତ୍ତା ।

Slaughterhouse, *n.* କଂସାଇଶାଳା ।

Slaughterman, *n.* କଂସାଇ ।

Slaughterous, *a.* 1. ନୃଶଂସ; 2. ସଂହାରକ; 3. ବଧପ୍ରିୟ ।

Slav, *n.* ରୁଷ୍ ପ୍ରଭୃତି କେତେକ ଇଉରୋପବାସି ମଧ୍ୟରୁ ଜଣେକ ।

Slave, *n.* 1. କ୍ରୀତଦାସ; 2. କିଙ୍କର; 3. ଗୋଲାମ; 4. ପରବଶ ସେବକ; 5. ଗୋଇଠ ।—*v.i.* 1. କ୍ରୀତଦାସପରି ଖଟିବା; 2. ଅତ୍ୟନ୍ତ କର୍ମ-କ ।

Slave-born, *a.* ଦାସତ୍ୱାବସ୍ଥାରେ ଜାତ ।

Slave-driver, *n.* ଗୋଲାମମାନଙ୍କର କାର୍ଯ୍ୟଧାରକ ।

Slave-holder, *n.* ଗୋଲାମମାନଙ୍କର ମାଲିକ ।

Slaver, (1) *n.* କ୍ରୀତଦାସ ବ୍ୟବସାୟରେ ବ୍ୟବହୃତ ଜାହାଜ ।

Slaver, (2) *n.* ମୁଖନିଃସୃତ ଲାଳ ।—*v.i.* ଲାଳ ନିଃସୃତ-ହେ ।—*v.t.* ଲାଳ ଲେପନ-କ ।

Slavery, *n.* 1. ଦାସତ୍ୱାବସ୍ଥା; 2. ଗୋଲାମିପଣ; 3. ପରବଶତା; 4. ବନ୍ଧନାବସ୍ଥା; 5. ଖଟଣି ।

Slave-ship, *n.* ଦାସ ବହିବା ଜାହାଜ ।

Slave-trade, *n.* କ୍ରୀତଦାସ ବ୍ୟବସାୟ ।

Slave-trader, *n.* କ୍ରୀତଦାସ ବ୍ୟବସାୟୀ ।

Slavey, *n.* (Slang) ଚାକରାଣୀ, ଦାସୀ ।

Slavish, *a.* 1. କ୍ରୀତଦାସ ସମ୍ବନ୍ଧୀୟ; 2. ଦାସୋଚିତ; 3. ଦାସବତ୍; 4. ନୀଚ; 5. ହୀନ; 6. ପରିଶ୍ରମୀ ।

Slavishly, *ad.* 1. ଦାସୋଚିତରୂପେ; 2. ହୀନଭାବେ ।

Slay, *v.t.* 1. ଆଘାତ-କ; 2. ବଧ-କ; 3. ପ୍ରାଣନାଶ-କ; 4. ବିନଷ୍ଟ-କ ।

Slayer, *n.* ଘାତକ, ହତ୍ୟାକାରୀ ।

Sled, Sledge, *n.* ବରଫଉପରେ ଦୁଇଖଣ୍ଡ କାଠ ଧାରରେ ଗଡ଼ିବା ଗାଡ଼ି ।

Sledding, *n.* ଉକ୍ତ ଗାଡ଼ିରେ ଗମନାଗମନ ।

Sledge-hammer, *n.* ବଡ଼ ଭାରି ହାତୁଡ଼ି ।

Sleek, *a.* 1. ମସୃଣ; ଚିକ୍କଣ; 2. କୋମଳ; 3. ଚତୁର ।—*v.t.* 1. ଚିକ୍କଣ-କ; 2. ଶାନ୍ତ-କ ।—*v.i.* ଅନାୟାସରେ ଗଡ଼-କ ।

Sleekly, *ad.* 1. ଚିକ୍କଣରୂପେ; 2. ଚତୁରପଣରେ ।

Sleekness, *n.* 1. ଚିକ୍କଣତା; 2. ଚତୁରତା ।

Sleeky, *a.* ମସୃଣ, ଚିକ୍କଣ ।

Sleep, *v.i.* 1. ନିଦ୍ରାଯିବା; 2. ଶୋଇପଡ଼ିବା; 3. ଘୁମାଇବା; 4. ଅଚଳ-ହେ; 5. ଅଲକ୍ଷିତ ରହିବା; 6. ନିଶ୍ଚିନ୍ତ-ହେ; 7. ମୃତ-ହେ ।—*n.* 1. ନିଦ୍ରା; 2. ଘୁମ; 3. ଅପ୍ରଚଳନ ।

Sleeper, *n.* 1. ଶୟନକାରୀ; 2. ନିଦ୍ରିତ ଲୋକ; 3. ଯେଉଁ କାଠ ବା ଲୌହଖଣ୍ଡ ଉପରେ ରେଲ୍ ବସାଯାଏ ।

Sleepiness, *n.* 1. ନିଦ୍ରାକର୍ଷଣ; 2. ନିଦ୍ରାଳୁତା ।

Sleeping, *a.* ନିଦ୍ରିତ ।—*n.* 1. ଶୟନ; 2. ନିଦ୍ରିତାବସ୍ଥା ।

Sleeping-draught, *n.* ନିଦ୍ରାକାରକ ଔଷଧ ।

Sleeping-partner, *n.* see Partner.

Sleepless, *a.* ନିଦ୍ରାହୀନ, ଉନ୍ନିଦ୍ର ।

Sleeplessly, *ad.* 1. ଉନ୍ନିଦ୍ରଭାବେ; 2. ଅବଶ୍ରାନ୍ତ-ଭାବେ ।

Sleeplessness, *n.* ଅନିଦ୍ରା ।

Sleep-walker, *n.* ନିଦ୍ରାବସ୍ଥାରେ ଭ୍ରମଣକାରୀ ।

Sleepy, *a.* 1. ତନ୍ଦ୍ରାଳୁ; 2. ନିଦ୍ରାଳୁ; 3. ଅଳସ ।

Sleet, *n.* 1. ହିମବୃଷ୍ଟି; 2. ଶିଳାବୃଷ୍ଟି ।—*v.i.* ହିମବୃଷ୍ଟି-ହେ ।

Sleety, *a.* ହିମବୃଷ୍ଟିସହିତ ।

Sleeve, *n.* ଅସ୍ତିନ୍ ।—*v.t.* ଅସ୍ତିନ୍‌ଯୁକ୍ତ-କ ।—To laugh in one's sleeve, ଅଲକ୍ଷିତଭାବେ ହସିବା ।

Sleeved, *a.* ଅସ୍ତିନ୍‌ଯୁକ୍ତ ।

Sleeveless, *a.* ଅସ୍ତିନ୍‌ହୀନ ।

Sleigh, same as Sled.

Sleight, *n.* 1. ଚତୁରତା; 2. ଦକ୍ଷତା; 3. କୌଶଳ ।

Sleight-of-hand, *n.* ଇନ୍ଦ୍ରଜାଲ, କୁହକ ।
Slender, *a.* 1. କ୍ଷୀଣ; 2. କୃଶ; 3. ସାମାନ୍ୟ ।
Slenderly, *ad.* 1. କ୍ଷୀଣରୂପେ; 2. ସାମାନ୍ୟଭାବେ ।
Slenderness, *n.* 1. କ୍ଷୀଣତା; 2. କୃଶତା ।
Slept, *pa. t.* and *pa. p.* of Sleep.
Sleuth-hound, *n.* ଶୁଙ୍ଘି ଶିକାର ଧରିବା କୁକୁର ।
Slew, *pa. t.* of Slay.
Slice, *v.t.* ପାତଳକରି କାଟିବା ।—*n.* ପାତଳଖଣ୍ଡ ।
Slick, *a.* 1. ଚିକ୍କଣ; 2. କୌଶଳଯୁକ୍ତ; 3. ଦକ୍ଷ ।—*ad.* 1. ସୁବ୍ୟକ୍ତରୂପେ; 2. ଦକ୍ଷତାପୂର୍ବକ ।
Slid, *pa. t.* and *pa. p.* of Slide.
Slide, *v.i.* 1. ଅନାୟାସେ ଗତି-କ; 2. ଖସିଯିବା; 3. ପିଚ୍ଛିଳି ପଡ଼ିବା ।—*v.t.* ଖସାଇବା ।—*n.* 1. ଖସଡ଼ା କାଠ; 2. ମୃତ୍ତିକା ବା ପ୍ରସ୍ତରଖଣ୍ଡର ପତନ; 3. ଗଡ଼ାଣିଆ ସ୍ଥାନ; 4. ଛବି ଦେଖାଇବା ଯାଦୁଯନ୍ତ୍ରର ଖସାଇବା କାଚ ପଟ; 5. ଅନେକ ଚିହ୍ନରେ ଖସିଯିବା ପର୍ଦ୍ଦା ।
Sliding, *n.* ସ୍ଖଳନ ।—*a.* 1. ଖସଡ଼ା; 2. ପରିବର୍ତ୍ତନୀୟ ।
Sliding-scale, *n.* ଦର ଅନୁସାରେ ହ୍ରାସବୃଦ୍ଧିର କ୍ରମ ।
Slight, *a.* 1. ଦୁର୍ବଳ; 2. କ୍ଷୀଣ; 3. ଅଳ୍ପମୂଲ୍ୟ; 4. ଅତ୍ୟସାମାନ୍ୟ; 5. ଲଘୁ ।—*v.t.* 1. ତୁଚ୍ଛ-କ; 2. ଅବଜ୍ଞା-କ ।—*n.* 1. ଅନାଦର; 2. ଉପେକ୍ଷା; 3. ଅବହେଳା ।
Slightingly, *ad.* ଅନାଦରଭାବେ ।
Slightly, *ad.* ଅତ୍ୟସାମାନ୍ୟରୂପେ ।
Slightness, *n.* କ୍ଷୀଣତା ।
Slily, *ad.* 1. ଧୂର୍ତ୍ତରୂପେ; 2. ଚୁପ୍‌ଚାପ୍‌ରେ ।
Slim, *a.* 1. ଅତିକ୍ଷୀଣ; 2. ଧୂର୍ତ୍ତ; 3. ସୁକୁମାର ।
Slime, *n.* 1. ଚିକଟାମାଟି; 2. କର୍ଦ୍ଦମ ।
Slimy, *a.* 1. କର୍ଦ୍ଦମମୟ; 2. ଅଠାପରି ।
Sliness, *n.* 1. ଧୂର୍ତ୍ତତା; 2. ଫିକୁଣି ।
Sling, *n.* 1. ଗୁଟେଣି; 2. ଅଘାତପ୍ରାପ୍ତ ଅଙ୍ଗକୁ ଟେକି ରଖିବାର ବନ୍ଧନୀ ।—*v.t.* 1. ଗୁଟେଣିରେ ଫୋପାଡ଼ିବା; 2. ଝୁଲାଇ ବାନ୍ଧିବା ।—*v.i.* ଲମ୍ବାଏ ପାହୁଣ୍ଡ ପକାଇ ଚାଲିବା ।
Slinger, *n.* ଯେ ଗୁଟେଣି ମାରେ ।
Slink, (1) *v.i.* ଲୁଚିକରି ଉଠିଯିବା, ଗୋପନରେ ଉଠି- [ଯିବା ।
Slink, (2) *v.t.* and *i.* ଜନ୍ତୁର ଅକାଳରେ ଗର୍ଭପାତ-ହେ ।—*n.* ଅସମୟରେ ଜାତ ବାଛୁର ।—*a.* ଅସମୟରେ ଜାତ ।
Slip, *v.i.* 1. ଖସି ପଡ଼ିବା; 2. ଖସିଯିବା; 3. ପଛୁଡ଼ିଯିବା; 4. ପଳାଇବା; 5. ଝୁଣ୍ଟିପଡ଼ିବା; 6. ଗୋପନରେ ବାହାରିଯିବା ।—*v.t.* 1. ଖସାଇବା; 2. ଛାଡ଼-ଦେ; 3. ଫୁସୁଲା-କ ।—*n.* 1. ସ୍ଖଳନ; 2. ପିଚ୍ଛିଳ ସ୍ଖଳନମାର୍ଗ; 3. ଭ୍ରମ; 4. ତ୍ରୁଟି; 5. ପଳାୟନ; 6. ପଲ୍ଲବ, କ୍ଷୁଦ୍ରଶାଖା; 7. ସରୁ ଲମ୍ବା ଖଣ୍ଡ; 8. ଜାହାଜ ନିର୍ମାଣ କରିବାପାଇଁ କ୍ରମନିମ୍ନ ତଟ; 9. ପିନ୍ଧିବା ଗଲା ।—To give a person the slip, କାହା ନିକଟରୁ ଗୁପ୍ତଭାବେ ପଳାଇବା ।
Slip-knot, *n.* ଫୁସୁଲା ଗଣ୍ଠି ।
Slipper, *n.* ସ୍ଲିପଟ୍, ଚଟି ଯୋତା ।
Slippered, *a.* ଚଟିଯୋତାପିନ୍ଧା ।
Slippery, Slippy, *a.* 1. ଖସଡ଼ା; 2. ପିଚ୍ଛିଳ; 3. ମସୃଣ; 4. ଅନିଶ୍ଚିତ ।
Slipshod, *a.* 1. ଚଟିଯୋତାପିନ୍ଧା; 2. ଢିଲା ।
Slit, *v.t.* 1. ଲମ୍ବଲମ୍ବକରି କାଟିବା; 2. ଫାଡ଼ିବା ।—*n.* 1. ଲମ୍ବାଚିର; 2. ଛିଦ୍ର ।
Slither, *v.i.* ଖସିଯିବା ।
Slobber, same as Slabber.
Sloe, *n.* ଏକପ୍ରକାର ପିତ୍ତ ବଣ କୋଳି ।
Slogan, *n.* ପ୍ରାଚୀନ ସ୍କଟଲଣ୍ଡ ଦେଶର ପାର୍ବତ୍ୟ ଲୋକଙ୍କ ସିଂହନାଦ ।
Sloop, *n.* ଏକମାସ୍ତୁଲଯୁକ୍ତ ଜାହାଜ ।
Slop, *n.* 1. ଛିଟିକି ପଡ଼ିବା ପାଣି; 2. ପାଣିଆ ଖାଦ୍ୟ; 3. (*pl.*) ମଇଳା ପାଣି ।—*v.t.* ପାଣି ଛାଟି ମଇଳା-କ ।
Slope, *n.* 1. ଢାଲୁ ଜାଗା, ଗଡ଼ନ୍ତି ସ୍ଥାନ; 2. କ୍ରମନିମ୍ନ ଭୂମି ।—*v.t.* ଢାଲୁ-କ ।—*v.i.* 1. ଢାଲୁ-ହେ; 2. (Slang) ପଳାଇଯିବା ।
Sloping, *a.* 1. ଢାଲୁ, ଗଡ଼ନ୍ତି; 2. କ୍ରମନିମ୍ନ ।
Slopingly, *ad.* ଗଡ଼ନ୍ତିରୂପେ, କ୍ରମନିମ୍ନରୂପେ ।
Sloppy, *a.* 1. ଓଦା; 2. କାଦୁଅ ।
Slot, (1) *n.* ଅର୍ଗଳ ।
Slot, (2) *n.* 1. ଖିଲର ଘର; 2. ଖାଳ ।
Slot, (3) *n.* ହରିଣର ପଦଚିହ୍ନ ।
Sloth, *n.* 1. ଆଳସ୍ୟ; 2. ଢିଲାମି; 3. ଜଡ଼ତା; 4. ଆମେରିକାଦେଶର ଗୋଟିଏ ବୃକ୍ଷବାସୀ ଅଳସ ଜନ୍ତୁ ।
Slothful, *a.* 1. ଅଳସୁଆ; 2. ସୁସ୍ତ; 3. ନିକମା ।
Slothfully, *ad.* 1. ଅଳସୁଆଭାବେ; 2. ସୁସ୍ତିପଣରେ ।
Slothfulness, *n.* 1. ଆଳସ୍ୟ; 2. ସୁସ୍ତିପଣ ।
Slouch, *v.i.* ଅସଭ୍ୟପରି ତଳମୁହାଁ ହୋଇ ଚାଲିବା ।
Slouching, *a.* ତଳମୁହାଁ ।
Slough, (1) *n.* *slow*, ଦଲଦଲିଆ ଭୂମି, ମହାପଙ୍କ ।
Slough, (2) *n.* *sluf*, 1. ସାପକାତି; 2. କ୍ଷତଚର୍ମ ।—*v.i.* କାତି ଛାଡ଼ିବା ।
Sloughy, (1) *a.* ପଙ୍କମୟ ।
Sloughy, (2) *a.* ସାପକାତିପରି ।
Sloven, *n.* ଅପରିଷ୍କୃତ ବସ୍ତ୍ରପରିହିତ ପୁରୁଷ ।
Slovenly, *a.* 1. ଅପରିଚ୍ଛନ୍ନ; 2. କଦର୍ଯ୍ୟ ।—*ad.* ଅପରିଚ୍ଛନ୍ନଭାବେ ।
Slow, *a.* 1. ଧୀର, ମନ୍ଥର; 2. ବିଳମ୍ବାଗତ; 3. ଅଚଞ୍ଚଳ; 4. ଶ୍ରମା; 5. ଅପ୍ରସ୍ତୁତ; 6. ଅନୁଦ୍ୟମଶୀଳ ।—*v.t.* ବିଳମ୍ବ-କ ।—*v.i.* ଧୀରଗତି-ହେ ।
Slowing, *n.* ଗତିର ହ୍ରାସ ।
Slowly, *ad.* 1. ଧୀରେ; 2. ମନ୍ଥରଭାବେ ।
Slowness, *n.* 1. ଅତତ୍ପରତା; 2. ମନ୍ଥରତା ।
Slow-worm, *n.* ଏକପ୍ରକାର ମନ୍ଦଗାମୀ ଚକ୍ଷୁରହିତ ବିଷଶୂନ୍ୟ ସରୀସୃପ ।

Sludge, *n.* 1. ପାଣିଆ କାଦୁଅ; 2. ଅର୍ଦ୍ଧତରଳ ହିମ ।

Sludgy, *a.* ପାଣିଆ କାଦୁଅଯୁକ୍ତ ।

Slug, (1) *n.* 1. ଅଳସୁଆ ଲୋକ; 2. ଉଦ୍ଭିଦ ନଷ୍ଟକାରୀ ଖୋଳଶୂନ୍ୟ ଗେଣ୍ଡା ।

Slug, (2) *n.* ବନ୍ଧୁକର ଏକପ୍ରକାର ଲମ୍ବଗୁଳି ।

Sluggard, *n.* ଅଳସୁଆ ଲୋକ ।

Sluggish, *a.* 1. ଅଳସୁଆ; 2. ସୁସ୍ତି; 3. ମନ୍ଦଗତି; 4. ଜଡ ।

Sluggishly, *ad.* 1. ଅଳସଭାବେ; 2. ମନ୍ଦଗତିରେ ।

Sluggishness, *n.* 1. ଆଳସ୍ୟ; 2. ଜଡତା ।

Sluice, *n.* 1. ସ୍ରୋତଦ୍ୱାର; 2. ସ୍ରୋତଦ୍ୱାରବାଟେ ବହୁଥିବା ଜଳ; 3. ପ୍ରବାହର ପଥ ।—*v.t.* ସମ୍ପୂର୍ଣ୍ଣରୂପେ ଧୁଆଇବା ।

Slum, *n.* ନଗରର କଦର୍ଯ୍ୟ ସାହି ।—*v.i.* ନଗରର କଦର୍ଯ୍ୟ ସାହି ବୁଲି ଦେଖିବା ।

Slumber, *v.i.* 1. ଅଳ୍ପ ନିଦ୍ରାଯିବା; 2. ଘୁମାଇବା; 3. ଅଳସୁଆ ହୋଇ ରହିବା ।—*n.* 1. ତନ୍ଦ୍ରା; 2. ଶୟନ ।

Slumbering, *n.* ଶୟନଯାପନ ।

Slumberless, *a.* ଶୟନହୀନ ।

Slumberous, Slumbrous, *a.* 1. ଶୟନପ୍ରଦ; 2. ତନ୍ଦ୍ରାକର୍ଷୀ ।

Slump, (1) *v.i.* ହଠାତ୍ ବୁଡିଯିବା ।—*n.* ଦରର ଆକସ୍ମିକ ହ୍ରାସ ।

Slump, (2) *v.t.* ଏକାଠି-କ ।—*n.* ହରଦର ।

Slung, *pa. t.* and *pa. p.* of Sling.

Slunk, *pa. t.* and *pa. p.* of Slink.

Slur, *v.t.* 1. କଳଙ୍କିତ-କ; 2. ଉପେକ୍ଷା-କ; 3. ଅସ୍ପଷ୍ଟରେ ଉଚ୍ଚାରଣ-କ; 4. ଘାଣ୍ଟିବା; 5. (Mus.) ସ୍ୱର ମିଶାଇ ଗାଇବା ।—*n.* 1. କଳଙ୍କ; 2. ଅପମାନ; 3. ସ୍ୱର ମିଶାଇ ଗାଇବାର ଚିହ୍ନ ।

Slush, *n.* 1. ଅତି ପାଣିଆ କାଦୁଅ; 2. ତରଳ ହିମ ।

Slushy, *a.* ପାଣିଆ କାଦୁଅଯୁକ୍ତ ।

Slut, *n.* 1. ଅପରିଷ୍କୃତ ବସ୍ତ୍ରପରିହିତା ସ୍ତ୍ରୀ; 2. ଦୁଷ୍ଟାସ୍ତ୍ରୀ; 3. କୁକୁରୀ ।

Sluttish, *a.* ଅପରିଷ୍କାର ।

Sly, *a.* 1. ଧୂର୍ତ୍ତ; 2. ଚିଅଣା; 3. ଗୁପ୍ତ ।—On the sly, ଗୁପ୍ତରୂପେ ।

Slyly, Slyness, see Slily, Sliness.

Smack, (1) *n.* 1. ସ୍ୱାଦ; 2. ସୁସ୍ୱାଦ; 3. ଅଳ୍ପ ପରିମାଣ; 4. ରସ ।

Smack, (2) *n.* ମାଛ ଧରିବାପାଇଁ ସାନ ଜାହାଜ ।

Smack, (3) *v.t.* 1. ଚାପୁଡ଼ା ମାରିବା; 2. ସଶବ୍ଦେ ଚୁମ୍ବନ-ଦେ ।—*v.i.* ରୁଚିହେତୁ ଓଷ୍ଠରେ ଶବ୍ଦ-କ ।—*ad.* ଠିକ୍‌ରୂପେ ।

Small, *a.* 1. ଅଳ୍ପ; 2. କ୍ଷୁଦ୍ର; 3. ସାନ; 4. ସାମାନ୍ୟ; 5. ଅନୁଦାର; 6. ଅକଷ୍ଟହକର; 7. ଅନୁଚ୍ଚ ।—*ad.* ମନ୍ଦ ଭାବେ ।—In a small way, ସାମାନ୍ୟ ସ୍ଥିତିରେ ।

Small-arms, *n. pl.* ମନୁଷ୍ୟଦ୍ୱାରା ଧାରଣୀୟ ଅସ୍ତ୍ରଶସ୍ତ୍ର ।

Small-hand, *n.* ସାଧାରଣ ହାତଲେଖା ।

Small-hours, *n. pl.* ଅର୍ଦ୍ଧରାତ୍ରର ପରବର୍ତ୍ତୀ ପ୍ରହର ।

Small-pica, *n.* ଏକପ୍ରକାର କ୍ଷୁଦ୍ରତର ଛାପାକ୍ଷର ।

Smallpox, *n.* ବସନ୍ତରୋଗ, ଠାକୁରାଣୀ ।

Small-talk, *n.* ଗପ, ବାଜେ କଥା ।

Smart, *n.* ତୀବ୍ରବେଦନା ।—*v.i.* 1. ଜ୍ୱାଳା-କ; 2. କଷ୍ଟିବା; 3. ମାଡ ଖାଇବା ।—*a.* 1. ବେଦନାଦାୟକ; 2. ତୀବ୍ର; 3. ପ୍ରବଳ; 4. ସୁବେଶୀ; 5. ଚଞ୍ଚଳ; 6. କାର୍ଯ୍ୟତତ୍ପର ।

Smarten, *v.t.* 1. ଚଞ୍ଚଳ-କ; 2. ସୁବେଶୀ କରାଇବା ।

Smartly, *ad.* 1. ତୀବ୍ରଭାବେ; 2. ସୁବେଶପୂର୍ବକ ।

Smartness, *n.* 1. ଚାଞ୍ଚଲ୍ୟ; 2. କାର୍ଯ୍ୟତତ୍ପରତା ।

Smash, *v.t.* 1. ସମ୍ପୂର୍ଣ୍ଣ ଭଙ୍ଗି-ଦେ; 2. ଚୂନା-କ; 3. ଜୋରରେ କଚାଡିବା ।—*v.i.* 1. ଚୂର୍ଣ୍ଣ-ହେ; 2. ନଷ୍ଟ-ହେ; 3. ଧକ୍କା ବାଜିବା ।—*n.* 1. ଚୂର୍ଣ୍ଣକରଣ; 2. ବିନାଶ; 3. ଦେଉଳିଆ ଅବସ୍ଥାପ୍ରାପ୍ତି ।

Smash-up, *n.* ଭୟଙ୍କର କ୍ଷତି ।

Smatter, *v.i.* 1. ଅଳ୍ପ ଜାଣି ଜ୍ଞାନପରି କଥା କହିବା; 2. ଅଳ୍ପଜ୍ଞାନବିଶିଷ୍ଟ-ହେ ।

Smattering, *n.* ଅଳ୍ପଜ୍ଞାନ, ଭସାଜ୍ଞାନ ।

Smear, *v.t.* 1. ଲିପିବା; 2. ମଖାଇବା ।

Smeariness, *n.* ଲେପନ ଚିହ୍ନବିଶିଷ୍ଟତା ।

Smeary, *a.* 1. ଅଠାଳିଆ; 2. ଲେପନ ଚିହ୍ନବିଶିଷ୍ଟ ।

Smell, *v.i.* 1. ବାସିବା; 2. ଗନ୍ଧାଇବା; 3. ଘ୍ରାଣ-ନେ ।—*v.t.* ଶୁଙ୍ଘିବା, ଆଘ୍ରାଣ-କ ।—*n.* 1. ଗନ୍ଧ, ବାସନା; 2. ସୁଗନ୍ଧ; 3. ଘ୍ରାଣେନ୍ଦ୍ରିୟ ।—To smell out, ଅନୁସନ୍ଧାନଦ୍ୱାରା ଟେର୍ ପାଇବା ।

Smelling, *n.* ଆଘ୍ରାଣ ।

Smelling-bottle, *n.* ଆଘ୍ରାଣାର୍ଥ ସୁଗନ୍ଧଯୁକ୍ତ ଉତ୍ତେଜକ ମସଲାର ଶିଶି ।

Smelling-salts, *n.* ଆଘ୍ରାଣାର୍ଥ ସୁଗନ୍ଧଯୁକ୍ତ ଉତ୍ତେଜକ ମସଲା ।

Smelly, *a.* ଦୁର୍ଗନ୍ଧଯୁକ୍ତ ।

Smelt, (1) *n.* ଗନ୍ଧଯୁକ୍ତ ଏକପ୍ରକାର ସୁସ୍ୱାଦୁ ମାଛ ।

Smelt, (2) *v.t.* (ଧାତୁ) ତରଳାଇ ନିର୍ମଳ-କ ।

Smelter, *n.* ଧାତୁ ଦ୍ରାବକ ।

Smelting, *n.* ଧାତୁ ଦ୍ରବକରଣ ।

Smelting-house, *n.* ଧାତୁ ତରଳାଇବା କାରଖାନା ।

Smile, *v.t.* 1. ଦରହାସ୍ୟ-କ; 2. ମୁର୍କି ହସିବା; 3. ଉପହ ଅବଜ୍ଞା ପ୍ରକାଶ-କ; 4. ପ୍ରଫୁଲ୍ଲବଦନ-ହେ; 5. ପ୍ରସନ୍ନ-ହେ ।—*n.* 1. ଦରହାସ୍ୟ; 2. ପ୍ରଫୁଲ୍ଲବଦନ; 3. ପ୍ରସନ୍ନତା ।

Smiler, *n.* ଦରହାସ୍ୟକାରୀ ।

Smiling, *a.* 1. ସସ୍ମିତ; 2. ପ୍ରଫୁଲ୍ଲ; 3. ପୁଲକିତ ।

Smilingly, *ad.* 1. ସସ୍ମିତରୂପେ; 2. ପୁଲକିତଭାବେ ।

Smirch, *v.t.* କଳଙ୍କିତ-କ ।—*n.* ଦାଗ ।

**Smirk,** *v.t.* କୃତ୍ରିମ ହାସ୍ୟ-କ ।—*n.* କୃତ୍ରିମ ହାସ୍ୟ ।

**Smite,** *v.t.* 1. ବାଡ଼ା ମାରିବା; 2. ପ୍ରହାର-କ; 3. ଚୂର୍ଣ୍ଣ-କ; 4. ପରାସ୍ତ-କ; 5. ଅଭିଭୂତ-କ ।—*v.i.* ବାଜିବା ।—To smite off, କାଟି ପକାଇବା । To smite with the tongue, କଠୋର ଗାଳି-ଦେ ।

**Smiter,** *n.* ପ୍ରହାରକ ।

**Smith,** *n.* କମାର, ଲୋହାର ।

**Smithery,** *n.* 1. କମାର ଶାଳ; 2. କମାର କାମ ।

**Smithy,** *n.* ଲୋହାରଶାଳା ।

**Smitten,** *pa. p.* of Smite.

**Smock-frock,** *n.* ଉପରେ ପିନ୍ଧିବାର ଝଲାଲୁଗାର ଲମ୍ବ ପୋଷାକ ।

**Smoke,** *n.* ଧୂଆଁ, ଧୂମ ।—*v.i.* 1. ଧୂଆଁ ବାହାରିବା; 2. ତମାଖୁ ଖାଇବା; 3. ଜଳିଯିବା ।—*v.t.* 1. ଧୂଆଁରେ ଶୁଖାଇବା; 2. ଧୂଆଁ ଖାଇବାରେ ବ୍ୟବହାର-କ; 3. ଧୂଆଁ ଦ୍ୱାରା ତଡ଼-ଦେ ।

**Smokeless,** *a.* ଧୂମଶୂନ୍ୟ ।

**Smokelessly,** *ad.* ଧୂମଶୂନ୍ୟରୂପେ, ନିର୍ଧୂମଭାବେ ।

**Smoker,** *n.* ଧୂଆଁଖିଆ ଲୋକ, ଧୂମପାୟୀ ।

**Smoking,** *n.* ଧୂମପାନ ।

**Smoky,** *a.* ଧୂଆଁଳିଆ, ଧୂମପୂର୍ଣ୍ଣ, ସଧୂମ ।

**Smooth,** *a.* 1. ସମତଳ; 2. ଚିକ୍କଣ; 3. ମସୃଣ; 4. ଧୀର; 5. ସମାନ; 6. କୋମଳ ।—*v.t.* 1. ସମତଳ-କ; 2. ସମାନ-କ; 3. ଉପଶମ-କ; 4. ଶାନ୍ତ-କ ।

**Smoothen,** *v.t.* ସମତୁଲ-କ, ସମାନ-କ ।

**Smooth-faced,** *a.* 1. ଶ୍ମଶ୍ରୁହୀନ; 2. ପ୍ରଶାନ୍ତ ବଦନ-[ବିଶିଷ୍ଟ ।

**Smoothing-iron,** *n.* ଦର୍ଜିର ଇସ୍ତ୍ରୀ ।

**Smoothly,** *ad.* 1. ଚିକ୍କଣଭାବେ; 2. ସହଜେ ।

**Smoothness,** *n.* 1. ଚିକ୍କଣତା; 2. କୋମଳତା ।

**Smooth-spoken,** *a.* 1. କୋମଳଭାଷୀ; 2. ତୋଷଣଶୀଳ ।

**Smooth-tongued,** *a.* 1. ମୃଦୁଭାଷୀ; 2. ଚାଟୁବାଦୀ ।

**Smote,** *pa. t.* and *pa. p.* of Smite.

**Smother,** *v.t.* 1. ଶ୍ୱାସ ରୁନ୍ଧ କରି ମାରିବା; 2. ଲୁଚାଇ ରଖିବା ।—*v.i.* 1. ଶ୍ୱାସରୁଦ୍ଧ-ହେ; 2. ଲୁଚି ହୋଇଯିବା; 3. ଭିତରେ ଧୂଆଁ ହୋଇ ପୋଡ଼ିଯିବା ।—*n.* ପୋଡ଼ା ଧୂଳି ।

**Smoulder,** *v.i.* ଭିତରେ ଧୂଆଁ ହୋଇ ପୋଡ଼ିଯିବା ।

**Smouldering,** *a.* ଭିତରେ ଦାହ୍ୟମାନ ।

**Smudge,** *n.* 1. ମଇଳାଦାଗ; 2. ଶ୍ୱାସରୋଧକ ଧୂମ ।—*v.t.* 1. ମଇଳା ଦାଗଯୁକ୍ତ-କ; 2. ଧୂଆଁଦ୍ୱାରା ତଡ଼-ଦେ ।

**Smudgy,** *a.* ମଇଳାଦାଗଯୁକ୍ତ ।

**Smug,** *a.* 1. ପରିପାଟୀ; 2. ଅହଙ୍କାରୀ ।

**Smuggle,** *v.t.* 1. ବିନା ମାସୁଲରେ ଆମଦାନି ରପ୍ତାନି-କ; 2. ଗୁପ୍ତରେ ଆଣି-ଦେ ।

**Smuggler,** *n.* 1. ଅବୈଧ ଆମଦାନିରପ୍ତାନିକାରୀ; 2. ବିନା ମାସୁଲରେ ମାଲ୍ ନେଇଯିବା ଜାହାଜ ।

**Smuggling,** *n.* ଅବୈଧ ଆମଦାନି ରପ୍ତାନି ।

**Smut,** *n.* 1. କଳଙ୍କର ଟୁକୁଡ଼ା; 2. ଗଛରେ ଲାଗୁଥିବା ଝୋଲା; 3. ଅଶ୍ଳୀଳ କଥା ।

**Smutch,** *v.t.* କଳା-କ ।

**Smutty,** *a.* 1. କଳାଦାଗ; 2. ଅଶ୍ଳୀଳ ।

**Snack,** *n.* 1. ଭାଗ; 2. ତରତରରେ ଯଥେଷ୍ଟ ଆହାର ।

**Snaffle,** *n.* ଘୋଡ଼ାଦେଇ ଦିଆ ଲଗାମ ।—*v.t.* ଉକ୍ତ ଲଗାମ ଲଗାଇବା ।

**Snag,** *n.* 1. ଅସମାନଶାଖା; 2. ବାହାରା ଦାନ୍ତ; 3. କାଠ ଜଳେ ଥିବା ଗଛର ଗଣ୍ଡି ।

**Snail,** *n.* ଶାମୁକା ।—Snail's pace, ଅତି ଧୀର ଗତି ।

**Snake,** *n.* ସାପ, ସର୍ପ ।

**Snake-root,** *n.* ସର୍ପଦଂଶନର ଉପଶମକାରୀ ଔଷଧ-ପାଇଁ ବ୍ୟବହୃତ ଚେର ।

**Snakish,** *a.* 1. ସାପପରି; 2. ଖଳ ।

**Snaky,** *a.* ସର୍ପମୟ ।

**Snap,** *v.t.* and *i.* 1. ଖଟ୍ କରି ଭାଙ୍ଗିବା; 2. ଖଟ୍କରି ଭାଙ୍ଗିଯିବା; 3. ଚଟ୍କରି କାମୁଡ଼ିବା; 4. ଚୁଟକି ମାରିବା; 5. ଫଲକମାତ୍ରେ ଛବି ଉଠାଇବା; 6. କଟୁବାକ୍ୟ କହିବା ।—*n.* 1. ଖଟ୍ଶବ୍ଦ; 2. ଚୁଟକି; 3. ଅଳ୍ପ ଆହାର; 4. ଶୁଣ୍ଠି ମିଶ୍ରିତ ଏକପ୍ରକାର ଭଙ୍ଗୁର ପିଠା; 5. ସ୍ଫୂର୍ତ୍ତି; 6. ପିଲାମାନଙ୍କର ଏକପ୍ରକାର ତାସ୍‌ଖେଳ ।

**Snapdragon,** *n.* 1. ଏକପ୍ରକାର ପୁଷ୍ପପ୍ରଦ ଗଛ; 2. ଜଳୁଥିବା ବ୍ରାଣ୍ଡିମଧ୍ୟରୁ ହଠାତ୍ କିସ୍‌ମିସ୍ ଛିଡ଼ିନେବାର ଖେଳ ।

**Snappish, Snappy,** *a.* 1. କାମୁଡ଼ା; 2. କଟୁବାଦୀ; 3. ଖିଟ୍‌ଖିଟିଆ ।

**Snappishly,** *ad.* ଖିଟ୍‌ଖିଟିଆରୂପେ ।

**Snapshot,** *n.* ପଲକମାତ୍ରେ ଉଠିଥିବା ଛବି ।

**Snare,** *n.* 1. ଫାନ, ଫାଶ, ପାଶ; 2. ଜାଲ ।—*v.t.* ଫାନରେ ପକାଇବା ।—*v.i.* ଫାଶ ବସାଇବା ।

**Snarer,** *n.* ଫାନପାତିବା ଲୋକ ।

**Snarl,** (1) *v.i.* 1. କୁକୁରପରି ଗର୍ଜିବା; 2. ଚିଡ଼ିଚିଡ଼ିଆଭାବେ କଥା କହିବା ।—*n.* କୁକୁରର ଗର୍ଜନ ।

**Snarl,** (2) *v.t.* ସଂଜଡ଼ିତ-କ ।

**Snarling,** *a.* ଗର୍ଜନକାରୀ ।

**Snatch,** *v.t.* 1. ସହସା ଧରିବା; 2. ଛିଣ୍ଡି-ନେ; 3. ଉଠାଇ-ନେ ।—*v.i.* ଝିଙ୍କାଇ ନେବାକୁ ଚେଷ୍ଟା-କ ।—*n.* 1. ଝିଙ୍କା; 2. ଅଳ୍ପାଂଶ; 3. ଅଳ୍ପ ଆହାର ।

**Snatcher,** *n.* ଛିଣ୍ଡା ମାରିବା ଲୋକ ।

**Snatchy,** *a.* ଅନିୟମିତ ।

**Sneak,** *v.i.* 1. ଲୁଚିକରି ଯିବା; 2. ଶଠ ବ୍ୟବହାର-କ ।—*v.t.* (Slang) ଚୋରି-କ ।—*n.* 1. ଶଠମନା ଲୋକ; 2. ପାଦଚୋର ।

**Sneaking,** *a.* 1. ଶଠ; 2. ଗୁପ୍ତ ।

**Sneakingly,** *ad.* 1. ଶଠଭାବେ; 2. ଗୁପ୍ତରେ ।

**Sneakiness,** *n.* ଶଠତା ।

Sneer, *v.i.* 1. ନାକ ଫୁଲାଇ ଅବଜ୍ଞା ପ୍ରକାଶ-କ; 2. ଉପହାସ-କ; 3. ଟାପର-କ ।—*n.* 1. ନାକ ଫୁଲାଇ ଅବଜ୍ଞା ପ୍ରଦର୍ଶନ; 2. ବ୍ୟଙ୍ଗ ।

Sneerer, *n.* ଅବଜ୍ଞାକାରୀ ।

Sneering, *a.* ଅବଜ୍ଞାସୂଚକ ।

Sneeringly, *ad.* ଅବଜ୍ଞାପୂର୍ବକ ।

Sneeze, *v.i.* ଛିଙ୍କିବା ।—*n.* ଛିଙ୍କ, ହାଁଚି ।—Not to be sneezed at, ଉପେକ୍ଷଣୀୟ ନୁହେଁ ।

Sneezing, *n.* ଛିଙ୍କ, ହାଁଚିକରଣ ।

Sniff, *v.t.* and *i.* 1. ଲୁକ୍ ଲୁକ୍ ରପର ଶୁଙ୍ଘିବା; 2. ନାକଦ୍ୱାରା ଜୋର୍‌ରେ ନିଶ୍ୱାସ ଟାଣିବା ।—*n.* 1. ଆଘ୍ରାଣ; 2. ନାସିକାଦ୍ୱାରା ଅଳ୍ପ ନିଶ୍ୱାସଗ୍ରହଣ; 3. ଜୋର୍‌ରେ ନିଶ୍ୱାସ ଟାଣିବା ଶବ୍ଦ ।

Snigger, *v.i.* ଅଲଣାହସ ହସିବା ।—*n.* ଅଲଣାହସ ।

Snip, *v.t.* କଇଁଚିରେ ଥରକେ କାଟିବା ।—*n.* 1. କଇଁଚିରେ ଥରକେ କର୍ତ୍ତନ; 2. ଟୁକୁରା ।

Snipe, *n.* ଦୁ ଉଭାଉ, କାଦୁଅପକ୍ଷୀ ।—*v.t.* ଦୂରରୁ ଲୁଚିଣ ଗୁଳି ମାରିବା ।

Sniper, *n.* ଦୂରରୁ ଲୁଚିଣ ଗୁଳି ମାରିବା ସୈନିକ ।

Snipper, *n.* କଇଁଚିରେ କାଟିବା ଲୋକ, ଦରଜି ।

Snipper-snapper, *n.* ଅତି କ୍ଷୁଦ୍ରଲୋକ ।

Snippet, *n.* ସାନ ଟୁକୁରା ।

Snippy, *a.* 1. ଖଣ୍ଡଖଣ୍ଡିଆ; 2. କାର୍ପଣ୍ୟ ।

Snivel, *v.i.* 1. ଶିଙ୍ଘାଣି ବାହାରିବା; 2. ନାକରେ କାନ୍ଦିବା, ଝଙ୍କାରିବା ।—*n.* ଶିଙ୍ଘାଣି ।

Sniveller, *n.* 1. ନାକରେ କାନ୍ଦିବା ଲୋକ; 2. ସାମାନ୍ୟ କାରଣରେ କାନ୍ଦିବା ଲୋକ ।

Snivelling, *a.* ନାକକାନ୍ଦୁରା ।

Snob, *n.* 1. ଉଚ୍ଚାକାଂକ୍ଷୀ ନୀଚର ଲୋକ; 2. ମୂଚି; 3. ଧର୍ମଘଟରେ ନ ମିଶିବା ଲୋକ; 4. (Slang) ବିଶ୍ୱବିଦ୍ୟାଳୟରେ ନ ପଢୁଥିବା ଲୋକ ।

Snood, *n.* କୁମାରୀର ମୁଣ୍ଡଉପରେ ବାନ୍ଧିବା ଫିତା ।

Snooze, *v.i.* 1. ଅଳ୍ପ ଶୋଇବା; 2. ତନ୍ଦ୍ରାଯିବା ।—*n.* ତନ୍ଦ୍ରା ।

Snore, *v.i.* ଘୁଙ୍ଗୁଡ଼ି ମାରିବା ।—*n.* ଘୁଙ୍ଗୁଡ଼ି ।

Snoring, *n.* ଘୁଙ୍ଗୁଡ଼ିମାରା ।

Snort, *v.i.* 1. ଘୋଡ଼ାପରି ନାକରେ ଶବ୍ଦ-କ, ଫୋଁସା-ଫୁଙ୍କାର-କ; 2. ଠୋ ହୋଇ ହସିବା ।—*n.* ଫୋଁସା-ଫୁଙ୍କାର ଶବ୍ଦ ।

Snot, *n.* ଶିଙ୍ଘାଣି ।

Snout, *n.* ଥୋମଣି, ପଶୁର ଲମ୍ବ ନାକ ।

Snow, *n.* ହିମ, ହିମାନୀ ।—*v.i.* ହିମ ପାତ-ହେ ।

Snowball, *n.* ହିମ ଗୋଲା ।—*v.t.* and *i.* ହିମ-ଗୋଲା ଫୋପାଡ଼ିବା ।

Snow-capped, Snow-capt, *a.* ହିମମଣ୍ଡିତ ।

Snow-drift, *n.* ବାୟୁଚାଳିତ ହିମରାଶି ।

Snowdrop, *n.* ହିମପରି ଶ୍ୱେତ ପୁଷ୍ପଯୁକ୍ତ କ୍ଷୁଦ୍ରଗଛ ।

Snowfall, *n.* 1. ହିମପାତ; 2. ହିମପାତର ପରିମାଣ ।

Snow-flake, *n.* ପାତଳ ଓ ଚେପ୍ଟା ହିମକଣିକା ।

Snowline, *n.* ପର୍ବତର ଚିର ହିମାନୀ ସୀମା ।

Snow-plough, *n.* ହିମ କାଢ଼ିବାର ଲଙ୍ଗଳପରି ଯନ୍ତ୍ର ।

Snow-shoe, *n.* ହିମ ଉପରେ ଚାଲିବାପାଇଁ ଲମ୍ବ ଓ ଓସାରିଆ ପାଦୁକା ।

Snow-white, *a.* 1. ହିମତୁଲ୍ୟ ଶ୍ୱେତ; 2. ଅତି ଶୁଭ୍ର ।

Snowy, *a.* 1. ହିମମୟ; 2. ହିମବତ୍ ଧବଳ; 3. ନିର୍ମଳ ।

Snub, *v.t.* 1. ଦବାଇବା; 2. ବ୍ୟଙ୍ଗୋକ୍ତିଦ୍ୱାରା ଧମକାଇବା ।

Snub-nose, *n.* ଚେପ୍ଟା ନାକ ।

Snub-nosed, *a.* ଚେପ୍ଟାନାକିଆ ।

Snuff, (1) *v.t.* and *i.* 1. ନାସିକାଦ୍ୱାରା ନିଶ୍ୱାସ ଟାଣିବା; 2. ସନ୍ଦେହରେ ଶୁଙ୍ଘିବା; 3. ନାସ ଶୁଙ୍ଘିବା ।—*n.* ନାସ ।

Snuff, (2) *v.t.* 1. ସଳିତା ଛାଣ୍ଟିବା; 2. ବତି କାଟିବା ।—*n.* ଫୁଲ, ବତିର ପୋଡ଼ା ଅଂଶ ।

Snuff-box, *n.* ନାସଡବା ।

Snuffers, *n.* ବତି କଟା କଇଁଚି, ଫୁଲକତରି ।

Snuffle, *v.i.* ନାସିକାଦ୍ୱାରା କଷ୍ଟରେ ନିଶ୍ୱାସ-ନେ ।—*n.* ନାସିକାରେ ଉଚ୍ଚାରିତ କଥା ।

Snuffy, *a.* ନାସରେ ଦୂଷିତ ।

Snug, *a.* 1. କୁଶଳ; 2. ଲୁକ୍କାୟିତ; 3. ସୁସ୍ୱଚ୍ଛନ୍ଦ; 4. ଦୃଢ଼ଆଚ୍ଛାଦକ ।

Snugly, *ad.* ସୁସ୍ୱଚ୍ଛନ୍ଦରେ ।

Snugness, *n.* ସୁସ୍ୱଚ୍ଛନ୍ଦତା ।

So, *ad.* 1. ଏରୂପ; 2. ଏମନ୍ତ; 3. ଏହେତୁ ।—*conj.* ତେବେ ।—*interj.* 1. ସେପରି ରୁହ!; 2. ଆଚ୍ଛା!—So and so, ଅମୁକ ଲୋକ । So as, ଯେପରି, ସେହିପରି । So far, ଏତେ ଦୂର । So much, ଏତେ । So much as, ଯେତେ ଅଧିକ । So on, ଏପରି । So that, ଯେପରି, ଯେମନ୍ତ । So to say or speak, କହିଲେ ଚଳେ । Quite so, ତୁମ୍ଭ କହିବା ପ୍ରମାଣେ, ଠିକ୍ ସେପରି ।

Soak, *v.t.* 1. ଭିଜାଇବା; 2. ତନ୍ତାଇବା; 3. ସିକ୍ତ-କ; 4. ଶୋଷି-ନେ ।—*v.i.* 1. ସିକ୍ତ-ହେ; 2. ଅତିରିକ୍ତ ପାନ-କ ।—*n.* 1. ଅତିରିକ୍ତ ମଦ୍ୟପାୟୀ; 2. ଅତିରିକ୍ତ ମଦ୍ୟପାନ ।

Soakage, *n.* 1. ଶୋଷଣ; 2. ଶୋଷଣର ପରିମାଣ ।

Soaker, *n.* ବଡ଼ ମଦୁଆ ଲୋକ ।

Soap, *n.* 1. ସାବୁନ୍; 2. ଚାଟୁବାଦ ।—*v.t.* 1. ସାବୁନ୍ ଲଗାଇବା; 2. ଚାଟୁବାଦ-କ ।

Soapnut, *n.* ରିଠାଫଳ ।

Soapstone, *n.* ଏକପ୍ରକାର ନରମ ପଥର ।

Soap-suds, *n.* ସାବୁନ୍ ଫେଣ ।

Soapy, *a.* 1. ସାବୁନ୍‌ଯୁକ୍ତ; 2. ସାବୁନତୁଲ୍ୟ ।

Soar, *v.i.* 1. ଉପରକୁ ଉଠିବା; 2. ଊର୍ଦ୍ଧ୍ୱକୁ ଉଡ଼ିବା; 3. ଉନ୍ନୀତ-ହେ ।

Sob, *v.i.* 1. କଇଁ କୋଇଁ କାନ୍ଦିବା; 2. କାନ୍ଦି କମ୍ପିତଭାବେ ନିଶ୍ୱାସ ଛାଡ଼ିବା ।

Sober, *a.* 1. ଧୀର; 2. ସତର୍କ; 3. ସଂଯତ; 4. ପ୍ରକୃ-ସ୍ଥ ।—*v.t.* ସଂଯତ କରାଇବା ।

Soberly, *ad.* 1. ସତର୍କରୂପେ; 2. ଧୀରଭାବେ ।

Sober-minded, *a.* ସ୍ଥିରଚିତ୍ତ ।

Sober-mindedness, *n.* ସ୍ଥିରଚିତ୍ତତା ।

Sobersides, *n.* ଗମ୍ଭୀର ଲୋକ ।

Sobriety, *n.* 1. ସଂଯତତା; 2. ଧୀରତା; 3. ଗାମ୍ଭୀର୍ଯ୍ୟ ।

Sobriquet, *n.* 1. ଅବଜ୍ଞାସୂଚକ ଉପନାମ; 2. ଅପ୍ରେମିତ [ନାମ ।

So-called, *a.* ତଥାକଥିତ ।

Sociability, Sociableness, *n.* 1. ସମାଜପ୍ରିୟତା; 2. ସଙ୍ଗଶୀଳତା ।

Sociable, *a.* 1. ସମାଜପ୍ରିୟ; 2. ସମାଜୋପଯୋଗୀ; 3. ସଙ୍ଗପ୍ରିୟ; 4. ଆଳାପୀ ।

Social, *a.* 1. ସାମାଜିକ; 2. ସମ୍ପ୍ରଦାୟସମ୍ବନ୍ଧୀୟ; 3. ଆଳାପୀ; 4. ଆମୋଦପ୍ରମୋଦକାରୀ ।—Social science, ସମାଜ ବିଜ୍ଞାନ ।

Socialise, *v.t.* ସାମାଜିକ ଅବସ୍ଥାରେ ପରିଣତ-କ ।

Socialism, *n.* ସମାଜ-ସାମ୍ୟବାଦ, ସାମ୍ୟନୀତି ।

Socialist, *n.* ସମାଜ-ସାମ୍ୟବାଦର ପୃଷ୍ଠପୋଷକ ।

Sociality, *n.* ସଙ୍ଗଶୀଳତା ।

Socially, *ad.* ସାମାଜିକଭାବେ ।

Sociative, *a.* ସଙ୍ଗସୂଚକ ।

Society, *n.* 1. ସହଭାଗିତ୍ୱ; 2. ସଙ୍ଗ; 3. ସମିତି; 4. ଉଦ୍ଭୁଦ; 5. ସମାଜ ।

Socinian, *a.* ଖ୍ରୀଷ୍ଟଙ୍କ ଅନୀଶ୍ୱରତ୍ୱବାଦୀ ।

Socinianism, *n.* ଖ୍ରୀଷ୍ଟଙ୍କ ଅନୀଶ୍ୱରତ୍ୱବାଦ ।

Sociologist, *n.* ମାନବସମାଜ ତତ୍ତ୍ୱଜ୍ଞ ।

Sociology, *n.* ମାନବସମାଜ ତତ୍ତ୍ୱ ।

Sock, *n.* ଅଧାମୋଜା ।—*v.t.* (Slang) ବାଡ଼େଇବା ।

Socket, *n.* 1. ଖୋପ, ଗର୍ତ୍ତ; 2. ଚକ୍ଷୁକୋଟର ।

Socratic, *a.* ଦାର୍ଶନିକ ସୋକ୍ରେଟୀସ୍ ସମ୍ବନ୍ଧୀୟ ।

Sod, *n.* 1. ଘାସଚେକା; 2. ଘାସଭୂମି ।

Soda, *n.* 1. କ୍ଷାରଦ୍ରବ୍ୟ; 2. ସୋଡା ।

Soda-water, *n.* ସୋଡା ପାଣି ।

Sodden, *a.* 1. ସିକ୍ତ; 2. ମତ୍ତବସ୍ଥାପନ୍ନ ।

Sodium, *n.* କ୍ଷାର ଦ୍ରବ୍ୟର ଉପାଦାନ ।

Sodomite, *n.* ପୁଂମୈଥୁନକାରୀ ।

Sodomy, *n.* ପୁଂମୈଥୁନ ।

Sofa, *n.* ଆରାମ କରିବାପାଇଁ ତକିଆଥିବା ଲମ୍ବ ଆସନ ।

Soft, *a.* 1. ନରମ; 2. କୋମଳ; 3. ଅଶକ୍ତ; 4. ଶାନ୍ତ; 5. ଧୀରଗତିବିଶିଷ୍ଟ; 6. ଅଲବଣାକ୍ତ; 7. ମୃଦୁଭାଷିତ ।—*n.* ବୋକା ।

Soften, *v.t.* 1. କୋମଳ-କ, ନରମ-କ; 2. ଉପଶମ-କ; 3. ଲଘୁ-କ; 4. (ସ୍ୱର) ହ୍ରସ୍ୱ-କ ।—*v.i.* 1. କୋମଳ-ହେ; 2. ସ୍ୱର କମିଯିବା ।

Soft-headed, *a.* କ୍ଷୀଣବୁଦ୍ଧିବିଶିଷ୍ଟ ।

Soft-hearted, *a.* କୋମଳାନ୍ତଃକରଣ, ଦୟାର୍ଦ୍ରଚିତ୍ତ ।

Soft-spoken, Soft-voiced, *a.* 1. କୋମଳସ୍ୱରଯୁକ୍ତ; 2. ମୃଦୁ ।

Softy, *n.* ନିତାନ୍ତ ବୋକା ।

Soil, (1) *n.* 1. ଭୂମି; 2. ଜମିମାଟି; 3. ଦେଶ ।

Soil, (2) *n.* 1. ମଇଳା; 2. କଳଙ୍କ; 3. ଦାଗ ।—*v.t.* 1. ମଇଳା-କ; 2. ଦାଗଯୁକ୍ତ-କ; 3. ଖତ-ଦେ ।

Soiled, *a.* ମଳିନ ।

Soiree, *n.* 1. ସାନ୍ଧ୍ୟମିଳନ; 2. ଜଳଯୋଗସହ ସନ୍ଧ୍ୟାକାଳୀନ ବୈଠକ ।

Sojourn, *v.t.* 1. ଦିନକପାଇଁ ରହିବା; 2. ପ୍ରବାସ-କ ।—*n.* ପ୍ରବାସ ।

Sojourner, *n.* ପ୍ରବାସୀ ।

Sojourning, Sojournment, *n.* ପ୍ରବାସକରଣ ।

Sola, *n.* 1. ଶୋଲ; 2. ଶୋଲର ମଞ୍ଜ ।

Solace, *n.* 1. ପ୍ରବୋଧ; 2. ଆଶ୍ୱାସ; 3. ଆରାମ ।—*v.t.* 1. ସନ୍ତୋଳିବା; 2. ପ୍ରବୋଧ-ଦେ, ଆଶ୍ୱାସ-ଦେ; 3. ଆରାମ-ଦେ ।

Solacement, *n.* ପ୍ରବୋଧନ ।

Solar, *a.* ସୌର, ସୂର୍ଯ୍ୟସମ୍ବନ୍ଧୀୟ ।

Solarisation, *n.* ଫଟୋଗ୍ରାଫର କାଚକୁ ସୂର୍ଯ୍ୟକିରଣରେ ଅତିରିକ୍ତ ପ୍ରକାଶ କରିବାର ଫଳ ।

Solarise, *v.t.* ଫଟୋଗ୍ରାଫର କାଚକୁ ଅତିରିକ୍ତ ଆଲୋକ ଦ୍ୱାରା ନଷ୍ଟ-କ ।

Solar-system, *n.* ସୌର ଜଗତ୍ ।

Sold, *pa. t.* and *pa. p.* of Sell.

Solder, *v.t.* ଝଳାଦ୍ୱାରା ଧାତୁପଦାର୍ଥ ଯୋଡ଼ିବା ।—*n.* ଝଳା ।

Soldier, *n.* 1. ସୈନିକ; 2. ସିପାହୀ; 3 ଯୋଦ୍ଧା ।—*v.i.* 1. ସୈନିକ-ହେ; 2. ସୈନ୍ୟଦଳଭୁକ୍ତ-ହେ ।—To come the old soldier over one, ପ୍ରବଞ୍ଚନା-କ ।

Soldiering, *n.* 1. ସୈନ୍ୟାବସ୍ଥା; 2. ସୈନିକ କାର୍ଯ୍ୟ, ସିପାହୀ କାମ ।

Soldier-like, Soldierly, *a.* 1. ସୈନିକ ସଦୃଶ; 2. ସୈନ୍ୟୋପଯୋଗୀ; 3. ସଙ୍ଗଠିତ ।

Soldiership, *n.* 1. ସୈନ୍ୟୋପଯୋଗୀ ଗୁଣ; 2. ରଣ-ପାଣ୍ଡିତ୍ୟ ।

Soldiery, *n.* 1. ସୈନ୍ୟସମୂହ; 2. ସେନାଦଳ ।

Sole, (1) *n.* 1. ପଦତଳ, ତଳିପା; 2. ଜୋତାର ତଳା ।—*v.t.* ଜୋତାର ତଳା ଲଗାଇବା ।

Sole, (2) *n.* ଅଣ୍ଡାକାର ଏକପ୍ରକାର ସୁସ୍ୱାଦ୍ୟ ଚଟକା ମାଛ ।

Sole, (3) *a.* 1. ଏକମାତ୍ର, ଏକା; 2. ଅଦ୍ୱିତୀୟ ।

Solecism, *n.* 1. ବାକ୍ୟରଚନାରେ ଅସଙ୍ଗତି; 2. ଅପ-ପ୍ରୟୋଗ; 3. ଅସାମଞ୍ଜସ୍ୟ ।

Solely, *ad.* 1. କେବଳ; 2. ଏକାନ୍ତରୂପେ ।

Solemn, *a.* 1. ଗମ୍ଭୀର; 2. ଗୁରୁତର; 3. ଉତ୍ସାହକ; 4. ଭକ୍ତିପୂର୍ଣ୍ଣ; 5. ଈଶ୍ୱରଙ୍କ ନାମ ସମ୍ବଳିତ; 6. ଘୋର ।
Solemnisation, *n.* ବିଧିପୂର୍ବକ ସମ୍ପାଦନ ।
Solemnise, *v.t.* 1. ସମାଧା-କ; 2. ବିଧିପୂର୍ବକ ସମ୍ପାଦନ-କ; 3. ଭକ୍ତିପୂର୍ଣ୍ଣ-କ ।
Solemnity, *n.* 1. ଗାମ୍ଭୀର୍ଯ୍ୟ; 2. ଧର୍ମୋତ୍ସବ ।
Solemnly, *ad.* 1. ଭକ୍ତିପୂର୍ଣ୍ଣଭାବେ; 2. ଗମ୍ଭୀରରୂପେ; 3. ବିଧିପୂର୍ବକ ।
Solemnness, *n.* 1. ଗମ୍ଭୀରତା; 2. ଭକ୍ତିପୂର୍ଣ୍ଣତା ।
Sol-fa, *v.i.* ସା ରି ଗା ମା ପ୍ରଭୃତି ଶବ୍ଦ ଉଚ୍ଚାରଣପୂର୍ବକ ତାନ ଧରିବା ।
Solicit, *v.t.* 1. ସବିନୟ ପ୍ରାର୍ଥନା-କ; 2. ମିନତି-କ; 3. ଯାଚ୍ଞା-କ ।
Solicitant, *n.* ଯାଚକ, ପ୍ରାର୍ଥକ ।
Solicitation, *n.* ସବିନୟ ପ୍ରାର୍ଥନା ।
Solicitor, *n.* 1. ଓକିଲ; 2. ଯାଚକ ।
Solicitor-general, *n.* ଇଂଲଣ୍ଡରେ ଦ୍ୱିତୀୟ ଶ୍ରେଣୀର ସରକାରୀ ଓକିଲ ।
Solicitous, *a.* 1. ଉତ୍ସୁକ; 2. ମିନତିପୂର୍ଣ୍ଣ; 3. ପ୍ରାର୍ଥୀ ।
Solicitously, *ad.* 1. ଉତ୍ସୁକଭାବେ; 2. ପ୍ରାର୍ଥୀରୂପେ ।
Solicitude, *n.* 1. ଉତ୍ସୁକଭାବ; 2. ଉଦ୍ବେଗ; 3. ଉତ୍କଣ୍ଠା ।
Solid, *a.* 1. ଘନ; 2. ନିଦା; 3. ଅଦ୍ରବ; 4. ସନ୍ନିବଦ୍ଧ; 5. ଯଥାର୍ଥ ।—*n.* ଘନ ପଦାର୍ଥ ।—Solid matter, (Print.) ଘନ ସନ୍ନିବଦ୍ଧ ମୁଦ୍ରାକ୍ଷର ।
Solidarity, *n.* 1. ଘନତ୍ୱ; 2. ଏକସୂତ୍ରାବଦ୍ଧତା ।
Solidification, *n.* ଘନୀକରଣ ।
Solidify, *v.t.* 1. ଘନ-କ; 2. ଶକ୍ତ-କ ।—*v.i.* 1. ଘନ-ହେ; 2. ଶକ୍ତ-ହେ ।
Solidity, *n.* 1. ଘନତ୍ୱ; 2. ଶକ୍ତତା; 3. (Geom.) ଘନଫଳ ।
Solidly, *ad.* 1. ଶକ୍ତରୂପେ; 2. ଘନଭାବେ ।
Solidness, *n.* ଘନତା ।
Soliloquise, *v.i.* 1. ମନେମନେ କଥୋପକଥନ-କ; 2. ଆପଣାଆପେ କଥାବାର୍ତ୍ତା-କ ।
Soliloquy, *n.* ମନେମନେ କଥୋପକଥନ ।
Solitaire, *n.* 1. ନିଃସଙ୍ଗ ବ୍ୟକ୍ତି; 2. ଗର୍ତ୍ତେ ପଟା ଓ କେତେ ଗୁଡ଼ିଏ ଗୁଳିଦ୍ୱାରା ଏକ ଜଣର ଖେଳ; 3. ଏକାକୀ ଏକପ୍ରକାର ତାସ୍‌ଖେଳ ।
Solitary, *a.* 1. ଏକାକୀ; 2. ଏକମାତ୍ର; 3. ଉଦାସୀନ; 4. ନିଃସଙ୍ଗ; 5. ସମାଜତ୍ୟାଗୀ; 6. ନିର୍ଜନ; 7. ବିଷାଦମୟ ।—*n.* 1. ନିର୍ଜନବାସୀ ଲୋକ; 2. ସନ୍ନ୍ୟାସୀ ।
Solitarily, *ad.* 1. ଏକାକୀରୂପେ; 2. ଉଦାସୀନଭାବେ ।
Solitude, *n.* 1. ଏକାକିତ୍ୱ; 2. ଔଦାସ୍ୟ; 3. ନିଃସଙ୍ଗତା; 4. ନିର୍ଜନ ସ୍ଥାନ ।
Solo, *n.* 1. ଜଣକର ଗାନ; 2. ଗୋଟିଏମାତ୍ର ବାଦ୍ୟଯନ୍ତ୍ରର ସ୍ୱର ।
Solstice, *n.* 1. ସୂର୍ଯ୍ୟର ଅୟନାନ୍ତ; 2. ଉତ୍ତରାୟଣ, ଦକ୍ଷିଣାୟନ ।
Solstitial, *a.* ସୂର୍ଯ୍ୟର ଅୟନାନ୍ତ ସମ୍ବନ୍ଧୀୟ ।
Solubility, Solubleness, *n.* ଦ୍ରବଣୀୟତ୍ୱ, ଗଳନଶୀଳତା ।
Soluble, *a.* 1. ମୀମାଂସାକରଣୀୟ; 2. ଦ୍ରବଣୀୟ, ଗଳନୀୟ ।
Solution, *n.* 1. ଦ୍ରବୀକରଣ, ଗଳନ; 2. ଘନଦ୍ରବ୍ୟର ତରଳାବସ୍ଥା; 3. ବ୍ୟାଖ୍ୟା; 4. ସନ୍ଦେହ ଭଞ୍ଜନ; 5. ପ୍ରଶ୍ନ ମୀମାଂସା; 6. ରୋଗର ଉପଶମ ବା ବୃଦ୍ଧିକାଳ ।
Solvability, Solvableness, *n.* 1. ସମାଧାଯୋଗ୍ୟତା; 2. ପରିଶୋଧନୀୟତ୍ୱ ।
Solvable, *a.* 1. ସମାଧାଯୋଗ୍ୟ; 2. ପରିଶୋଧନୀୟ ।
Solve, *v.t.* 1. ସମାଧା-କ; 2. ବ୍ୟାଖ୍ୟା-କ; 3. ଅପସାରିତ-କ ।
Solvency, *n.* ଋଣଶୋଧନ ସାମର୍ଥ୍ୟ ।
Solvent, *a.* 1. ଦ୍ରବଣକ୍ଷମ; 2. ଋଣଶୋଧନରେ ସକ୍ଷମ ।—*n.* ଦ୍ରାବକ ପଦାର୍ଥ ।
Soma, (1) *n.* ସୋମରସ ।
Soma, (2) *n.* 1. ପଶୁର ଗଣ୍ଡି; 2. ମାନବ ଦେହ ।
Sombre, *a.* 1. ନିଷ୍ପ୍ରଭ; 2. ବିଷଣ୍ଣ; 3. ନିରାନନ୍ଦ ।
Sombrely, *ad.* 1. ନିଷ୍ପ୍ରଭରୂପେ; 2. ବିଷଣ୍ଣଭାବେ ।
Some, *a.* 1. କିଛି, କିଞ୍ଚିତ୍; 2. କୌଣସିଟି; 3. କେତେକ; 4. (Coll.) ବିସ୍ତର ।—*ad.* ପ୍ରାୟ ।
Somebody, *n.* 1. କେହି, କୌଣସି ବ୍ୟକ୍ତି; 2. ଖ୍ୟାତନାମା ଲୋକ ।
Somehow, *ad.* କୌଣସିପ୍ରକାରେ ।
Somersault, *n.* ମୁଣ୍ଡ ତଳକୁ ଦେଇ ଉଲ୍ଲମ୍ଫନ, ଡିଆଁ, ମାଙ୍କଡ଼ଚିତ ।
Something, *n.* କିଛି, କିୟଦଂଶ ।—*ad.* କିୟତ୍ ପରିମାଣରେ ।
Sometime, *ad.* କୌଣସି ସମୟରେ ।
Sometimes, *ad.* କେବେକେବେ, ସମୟେସମୟେ ।
Somewhat, *n.* ସାମାନ୍ୟ ପରିମାଣ, ଯତ୍କିଞ୍ଚିତ୍ ।—ଯତ୍କିଞ୍ଚିତ୍‌ରୂପେ ।
Somewhen, *ad.* କେବେ ହେଲେ ।
Somewhere, *ad.* କୌଣସିସ୍ଥାନରେ, କେଉଁଠାରେ-ହେଲେ, କୁତ୍ରାପି ।
Somnambulate, *v.i.* ନିଦ୍ରାବସ୍ଥାରେ ଭ୍ରମିବା ।
Somnambulism, *n.* ନିଦ୍ରାବସ୍ଥାରେ ଭ୍ରମଣ ।
Somnambulist, Somnambulator, *n.* ନିଦ୍ରାବସ୍ଥାରେ ଭ୍ରମଣକାରୀ, ସ୍ୱପ୍ନଚର ।
Somniferous, *a.* ନିଦ୍ରାଜନକ ।
Somnific, *a.* ନିଦ୍ରାକର ।
Somnolence, Somnolency, *n.* 1. ନିଦ୍ରାଳୁତା; 2. ତନ୍ଦ୍ରା ।
Somnolent, *a.* 1. ନିଦ୍ରାଳୁ; 2. ତନ୍ଦ୍ରିତ ।
Somnolently, *ad.* ନିଦ୍ରାଳୁଭାବେ ।

Somnolescent, *a.* ଈଷତ୍ ନିଦ୍ରାଳୁ ।
Son, *n.* 1. ପୁଅ, ପୁତ୍ର, ତନୟ, ଆତ୍ମଜ; 2. କୁମାର; 3. ସୁତ, ବତ୍ସ; 4. ଶିଷ୍ୟ; 5. ଅଧିବାସୀ; 6. ବଂଶଜ । —Son of man, ମନୁଷ୍ୟପୁତ୍ର । The Son, ଯୀଶୁଖ୍ରୀଷ୍ଟ ।
Sonant, *a.* 1. ଶବ୍ଦକାରକ; 2. ଶବ୍ଦସମ୍ବନ୍ଧୀୟ ।
Sonata, *n.* ଏକଗୋଟି ବାଦ୍ୟଯନ୍ତ୍ର ନିମନ୍ତେ ତିନି ଅଂଶଯୁକ୍ତ ସଙ୍ଗୀତ ।
Song, *n.* 1. ଗୀତ, ଗାନ; 2. ଗାଥା; 3. ବିହଙ୍ଗରବ; 4. ପତଙ୍ଗମାନଙ୍କ ବିଷୟ ।—Song of Songs, ପରମଗୀତ ।
Song-bird, *n.* ଗାୟକ ପକ୍ଷୀ ।
Songbook, *n.* 1. ଗାନସଂଗ୍ରହ; 2. ଗୀତପୁସ୍ତକ ।
Songful, *a.* 1. ଗାନପୂର୍ଣ୍ଣ; 2. ଗାୟନାନୁରାଗୀ ।
Songless, *a.* ଗାନରହିତ ।
Songster, *n.* 1. ଗାନକର୍ତ୍ତା; 2. ଗାୟକ ପକ୍ଷୀ ।
Soniferous, *a.* ଶବ୍ଦାୟମାନ ।
Son-in-law, *n.* ଜ୍ୱାଇଁ, ଜାମାତା, ଦୁହିତା ପତି ।
Sonless, *a.* ପୁତ୍ରହୀନ, ଅପୁତ୍ର, ଅପୁତ୍ରକ ।
Sonnet, *n.* ଚତୁର୍ଦ୍ଦଶପଦୀ କବିତା ।
Sonneteer, *n.* ଚତୁର୍ଦ୍ଦଶପଦୀ କବିତା ରଚକ ।
Sonny, *n.* ଛୋଟ ପୁଅ ।
Sonorous, *a.* 1. ଉଚ୍ଚଶବ୍ଦକାରୀ, 2. ଧ୍ୱନିକର ।
Sonship, *n.* 1. ପୁତ୍ରତ୍ୱ; 2. ପୁତ୍ରାବସ୍ଥା ।
Soon, *ad.* ଅବିଳମ୍ବେ, ଅଚିରତ୍, ଶୀଘ୍ର ।—Sooner or later, ଶୀଘ୍ର ବା ବିଳମ୍ବରେ । As soon as, ଯେ କ୍ଷଣରେ ।
Soot, *n.* ଅଳଙ୍କ ।
Sooth, *n.* ଯାଥାର୍ଥ୍ୟ ।—*a.* ସତ୍ୟ ।—*ad.* ସତ୍ୟରୂପେ ।
Soothe, *v.t.* 1. ପ୍ରବୋଧ-ଦେ; 2. ତୋଷାମୋଦ-କ; 3. ଶାନ୍ତ-କ, ପ୍ରଶମିତ-କ ।
Soothingly, *ad.* ଶାନ୍ତିକରରୂପେ ।
Soothsay, *v.i.* ଭାବୀ ବିଷୟ କହିବା ।
Soothsayer, *n.* ଭାବୀ ବିଷୟ କହିବା ଲୋକ, ଶୁଭାଶୁଭବାଦୀ ।
Soothsaying, *n.* ଭବିଷ୍ୟକଥନ ।
Sooty, *a.* 1. ଅଳଙ୍କମୟ; 2. ଅଳଙ୍କପରି ।
Sop, *n.* 1. ଭିଜା ରୋଟି; 2. ଶାନ୍ତିପ୍ରଦ ବିଷୟ ।—*v.t.* ଭିଜାଇବା ।—*v.i.* ଭିଜି ଯିବା ।
Sophism, *n.* ଯଥାର୍ଥବୋଧକ ମିଥ୍ୟାଯୁକ୍ତି ।
Sophist, 1. *n.* ପ୍ରାଚୀନ ଗ୍ରୀସ୍‌ଦେଶର ତାର୍କିକ ପଣ୍ଡିତ ବିଶେଷ; 2. କୁଯୁକ୍ତ ତାର୍କିକ ।
Sophistic, Sophistical, *a.* କୁଯୁକ୍ତ ତର୍କସମ୍ବନ୍ଧୀୟ ।
Sophisticate, *v.t.* 1. ସତ୍ୟ ମିଥ୍ୟା ମିଶାଇ ଭୁଲ କରାଇବା; 2. ଦୂଷିତ-କ ।
Sophistry, *n.* କୁଯୁକ୍ତ ତର୍କ ।
Soporiferous, *a.* 1. ନିଦ୍ରାଜନକ; 2. ନିଦ୍ରାଳୁ ।
Soporific, *a.* ନିଦ୍ରାକର ।—*n.* ନିଦ୍ରାକର ଦ୍ରବ୍ୟ ।

Soppy, *a.* ଭିଜା, ସିକ୍ତ ।
Soprano, *n.* 1. ରମଣୀକଣ୍ଠ ନିର୍ଗତ ସର୍ବୋଚ୍ଚସ୍ୱର; 2. ଯେ ସର୍ବୋଚ୍ଚସ୍ୱରରେ ଗାନ କରେ ।
Sorcerer, *n.* ଗୁଣିଆ ।
Sorcery, *n.* 1. ଗୁଣିଆ ବିଦ୍ୟା; 2. ଇନ୍ଦ୍ରଜାଲ; 3. ଜାଦୁବିଦ୍ୟା ।
Sordid, *a.* 1. ଅପକୃଷ୍ଟ; 2. ଅଧମ; 3. ଲୋଭସକ୍ତ ।
Sordidly, *ad.* 1. ଅପକୃଷ୍ଟଭାବେ; 2. ଲୋଭସକ୍ତରୂପେ ।
Sordidness, *n.* 1. ଅପକୃଷ୍ଟତା; 2. ଲୋଭସକ୍ତତା ।
Sore, *n.* ଘା, କ୍ଷତ ।—*a.* 1. କ୍ଷତଯୁକ୍ତ; 2. ସହଜରେ ବ୍ୟଥାପ୍ରଦ; 3. ଦାରୁଣ; 4. ଦୁଃଖିତ ।—*ad.* 1. ଦାରୁଣଭାବେ; 2. ଅତ୍ୟନ୍ତ ।
Sorely, *ad.* 1. ଅତ୍ୟନ୍ତ; 2. ଦୁଃଖିତଭାବେ ।
Soreness, *n.* ଦରଦ, ଦରଜ, ପୀଡ଼ା ।
Sorrel, (1) *n.* ପାଟଳ ରଙ୍ଗ ।—*a.* ପାଟଳ ।
Sorrel, (2) *n.* ଖଟାପାଳଙ୍ଗ ।
Sorrily, *ad.* 1. ନିକୃଷ୍ଟଭାବେ; 2. ଦୁଃଖିତଭାବେ ।
Sorriness, *n.* 1. ନିକୃଷ୍ଟତା; 2. ଦୁଃଖପୂର୍ଣ୍ଣତା ।
Sorrow, *n.* 1. ଦୁଃଖ; 2. ଶୋକ; 3. ମନୋବେଦନା; 4. ବିଳାପ ।—*v.i.* 1. ଦୁଃଖ-କ; 2. ଶୋକ-କ; 3. ବେଦନାଗ୍ରସ୍ତ-ହେ ।
Sorrowful, *a.* 1. ଶୋକାର୍ତ୍ତ, ଦୁଃଖିତ; 2. ଦୁଃଖକର; 3. ବିଷଣ୍ଣ ।
Sorrowfully, *ad.* 1. ଦୁଃଖିତରୂପେ; 2. ବିଷଣ୍ଣଭାବେ ।
Sorrowfulness, *n.* 1. ଶୋକାର୍ତ୍ତତା; 2. ବିଷଣ୍ଣତା ।
Sorry, *a.* 1. ଦୁଃଖିତ; 3. ହୀନ; 4. ନିକୃଷ୍ଟ ।
Sort, *n.* 1. ପ୍ରକାର, ରକମ; 2. ଜାତି; 3. ବର୍ଗ, ଶ୍ରେଣୀ; 4. ଢାଞ୍ଚ ।—*v.t.* 1. ଯଥାଶ୍ରେଣୀରେ ବିଭକ୍ତ-କ; 2. ବାଛିବା; 3. ସଜାଡ଼ିବା ।—Out of sorts, ଅସୁସ୍ଥ ।
Sortable, *a.* ଶ୍ରେଣୀବଦ୍ଧଯୋଗ୍ୟ ।
Sorter, *n.* 1. ଶ୍ରେଣୀବଦ୍ଧକାରୀ; 2. ନିର୍ବାଚକ ।
Sortie, *n.* ଅବରୁଦ୍ଧ ସ୍ଥାନରୁ ଆକ୍ରମଣାର୍ଥ ସୈନ୍ୟଦଳର ହଠାତ୍ ବହିର୍ଗମନ ।
So-so, *a.* ମଝିରକମ, ମଧ୍ୟଭଳି ।
Sot, *n.* ମଦୁଆଲ, ନିଶାଖୋର ।
Soterial, *a.* ପରିତ୍ରାଣ ଶାସ୍ତ୍ର ସମ୍ବନ୍ଧୀୟ ।
Soteriology, *n.* ଖ୍ରୀଷ୍ଟଦ୍ୱାରା ପରିତ୍ରାଣର ଶାସ୍ତ୍ର ।
Sottish, *a.* 1. ମଦୁଆଲପରି; 2. ପାନୋନ୍ମତ୍ତ ।
Sou, *n.* ପ୍ରାୟ ଦୁଇ ପଇସା ମୂଲ୍ୟର ଫରାସୀ ତାମ୍ରମୁଦ୍ରା ।
Sough, *v.i.* *sow or suf*, ସୁସୁ ଶବ୍ଦ-କ ।—*n.* ସୁସୁ ଶବ୍ଦ ।
Sought, *pa. t.* and *pa. p.* of Seek.
Soul, *n.* 1. ପ୍ରାଣ; 2. ମନ; 3. ଜୀବାତ୍ମା; 4. ସାରାଂଶ; 5. ପ୍ରାଣୀ ।—All-soul's Day, ସାଧୁଜିବ ଅପମାନଙ୍କୁ ସ୍ମରଣ କରିବା ଦିନ (ନବେମ୍ବର ତା ୨ ରିଖ) ।
Souled, *a.* ଆତ୍ମବିଶିଷ୍ଟ ।

**Soulful**, *a.* ଭକ୍ତିପୂର୍ଣ୍ଣ ।
**Soulless**, *a.* 1. ଆତ୍ମାହୀନ; 2. ଜଡ଼ମନା ।
**Soul-sick**, *a.* ଆତ୍ମପୀଡ଼ିତ ।
**Soul-stirring**, *a.* ମନ ଉତ୍ତେଜକ ।
**Sound**, (1) *a.* 1. ସୁସ୍ଥ; 2. ସମ୍ପୂର୍ଣ୍ଣ; 3. ସ୍ଥିର; 4. ଅଭଗ୍ନ; 5. ପ୍ରଗାଢ଼; 6. ପ୍ରଚଳିତ ଧର୍ମାନୁମୋଦିତ ।—*ad.* ପ୍ରଗାଢ଼ରୂପେ ।
**Sound**, (2) *n.* ସଙ୍କୀର୍ଣ୍ଣ ସାଗର ।
**Sound**, (3) *v.i.* 1. ଶବ୍ଦ-କ; 2. ଧ୍ୱନ-କ; 3. ପ୍ରକାଶ-କ ।—*v.t.* 1. ଧ୍ୱନିତ-କ; 2. ଉଚ୍ଚାରଣ-କ; 3. ବଜାଇ ଦେଖିବା; 4. ଜଣାଇବା ।—*n.* 1. ଶବ୍ଦ; 2. ଧ୍ୱନି; 3. ରବ; 4. ଗୀତି ।
**Sound**, (4) *v.t.* 1. ଗଭୀରତା ସ୍ଥିର-କ; 2. ଜାଣିବାକୁ ଚେଷ୍ଟା-କ; 3. ପରୀକ୍ଷା-କ ।—*v.i.* ଓଳମରେ ଜଳ ମାପିବା ।—*n.* ଅସ୍ତ୍ର ବୈଦ୍ୟର ପରୀକ୍ଷାର୍ଥ ଶଳାକା ।
**Sounding**, (1) *a.* ଧ୍ୱନିକର ।
**Sounding**, (2) *n.* 1. ଓଳମରେ ଜଳ ପରିମାପନ; 2. (Pl.) ସମୁଦ୍ରାଦିର ଜଳସ୍ପର୍ଶ ସ୍ଥାନ ।
**Sounding-line**, *n.* ଜଳ ମାପିବା ରଜ୍ଜୁ ।
**Soundless**, *a.* ନିଃଶବ୍ଦ, ଶବ୍ଦହୀନ ।
**Soundly**, *ad.* 1. ସମ୍ପୂର୍ଣ୍ଣରୂପେ; 2. ଶକ୍ତରୂପେ ।
**Soundness**, *n.* ସୁସ୍ଥତା ।
**Soup**, *n.* ସୁରୁଆ ।
**Soupy**, *a.* ସୁରୁଆପରି ।
**Sour**, *a.* 1. ଖଟା, ଅମିଳା, ଅମ୍ଳ; 2. କଡ଼ା ।—*v.t.* 1. ଖଟା-କ, ଅମିଳା-କ; 2. ଅସନ୍ତୁଷ୍ଟ-କ ।—*v.i.* 1. ଖଟା-ହେ; 2. କଡ଼ା-ହେ ।
**Source**, *n.* 1. ଆଦିକାରଣ; 2. ମୂଳ; 3. ଝରଣା, ଉତ୍ସ ।
**Sourish**, *a.* ଅଳ୍ପ ଖଟା ।
**Sourly**, *ad.* 1. କଡ଼ାଭାବେ; 2. ଅସନ୍ତୁଷ୍ଟଭାବେ ।
**Sourness**, *n.* 1. ଅମ୍ଳତ୍ୱ; 2. କଟୁତା, କଡ଼ାଭାବ ।
**Souse**, (1) *v.t.* 1. ଜଳରେ ବୁଡ଼ାଇବା; 2. ପାଣି ଛାଟିବା; 3. ସିଝାଇବାଯୋଗ୍ୟ-କ ।—*n.* ଲୁଣପାଣିରେ ରକ୍ଷିତ ଘୁଷୁରି ମାଂସ ।
**Souse**, (2) *v.t.* and *i.* ଝାମ୍ପ ମାରିବା ।—*n.* ହଠାତ୍ ଆକ୍ରମଣ ।
**South**, *n.* 1. ଦକ୍ଷିଣ; 2. ଦକ୍ଷିଣ ଦିଗ ।—*a.* ଦକ୍ଷିଣ ଦିଗସ୍ଥ ।—*ad.* ଦକ୍ଷିଣଆଡ଼େ ।—South Sea, ପ୍ରଶାନ୍ତ ମହାସାଗର ।
**South-east**, *n.* ଦକ୍ଷିଣପୂର୍ବ କୋଣ, ଅଗ୍ନି କୋଣ ।
**South-easterly**, **South-eastern**, *a.* 1. ଦକ୍ଷିଣ-ପୂର୍ବୀୟ; 2. ଅଗ୍ନେୟ କୋଣାଗତ ।
**Southerly**, **Southern**, *a.* 1. ଦକ୍ଷିଣଦିଗ ସମ୍ବନ୍ଧୀୟ; 2. ଦକ୍ଷିଣଦିଗସ୍ଥ; 3. ଦକ୍ଷିଣ ଦିଗରୁ ଆଗତ ।
**Southerner**, *n.* ଦକ୍ଷିଣଦେଶ ନିବାସୀ ।
**Southward**, *ad.* ଦକ୍ଷିଣାଭିମୁଖେ, ଦକ୍ଷିଣେ ।
**Souvenir**, *n.* ସ୍ମରଣାର୍ଥକ ଦ୍ରବ୍ୟ ।

**Sovereign**, *a.* 1. ମୁଖ୍ୟ; 2. ସର୍ବପ୍ରଧାନ; 3. ପରମ ।—*n.* 1. ମହାରାଜା; 2. ଚକ୍ରବର୍ତ୍ତୀ; 3. ଇଂଲଣ୍ଡୀୟ ପ୍ରଧାନ ସ୍ୱର୍ଣ୍ଣମୁଦ୍ରା ।
**Sovereignly**, *ad.* ପରମରୂପେ ।
**Sovereignty**, *n.* 1. ଚକ୍ରବର୍ତ୍ତିତ୍ୱ; 2. ଆଧିପତ୍ୟ ।
**Sow**, (1) *n.* ମାଈ ଘୁଷୁରି, ଶୂକରୀ ।
**Sow**, (2) *v.t.* 1. ବପନ-କ; 2. ବ୍ୟାପ୍ତ କରାଇବା ।—*v.i.* ବୀଜ ବୁଣିବା ।
**Sower**, *n.* ବୁଣାଳି, ବୀଜବାପକ ।
**Sowing**, *n.* ବୀଜବପନ ।
**Spa**, *n.* ଖଣିଜ ଜଳର ଉତ୍ସ ଥିବା ସ୍ଥାନ ।
**Space**, *n.* 1. ଜାଗା; 2. ସ୍ଥାନ; 3. ବିସ୍ତୃତ; 4. ଦୂରତା, ବ୍ୟବଧାନ; 5. ଫାଙ୍କ; 6. କାଳ; 7. ଅବକାଶ; 8. ମହାଶୂନ୍ୟ ।—*v.t.* ଫାଙ୍କ ରଖିବା ।
**Spacer**, *n.* ଯେ ବା ଯାହା ଫାଙ୍କ ଦିଏ ।
**Spacing**, *n.* 1. ଫାଙ୍କକରଣ; 2. ସ୍ଥାନକରଣ ।
**Spacious**, *a.* 1. ପ୍ରଶସ୍ତ; 2. ଓସାର; 3. ବିସ୍ତୃତ ।
**Spaciously**, *ad.* ପ୍ରଶସ୍ତରୂପେ ।
**Spaciousness**, *n.* ପ୍ରଶସ୍ତତା ।
**Spade**, (1) *n.* 1. କୋଦାଳ; 2. ମାଟି ତାଡ଼ିବାର ଲମ୍ବ-ବେଣ୍ଟଯୁକ୍ତ ଅସ୍ତ୍ର; 3. ତାସର ଇସ୍ପାହାନ ।—To call a spade a spade, ପ୍ରକୃତ କଥା କହିବା ।
**Spade**, (2) *n.* 1. ନପୁଂସକ; 2. ଖାସି ।
**Spake**, *pa. t.* of Speak.
**Span**, (1) *n.* 1. ବିଘତ, ବିତସ୍ତି; 2. ଖିଲାଣର ମଧ୍ୟବର୍ତ୍ତୀ ପ୍ରସାର; 3. କାଳର ପରିମାଣ ।—*v.t.* 1. ବିଘତରେ ମାପିବା; 2. ପରିମାଣ-କ; 3. ଅନ୍ତର୍ଭୁକ୍ତ-କ ।
**Span**, (2) *ad.* ଏକେବାରେ ।—Span new, ଏକେବାରେ ନୂଆ ।
**Spandrel**, *n.* ଖିଲାଣ ଉପରର ଉଭୟ ପାର୍ଶ୍ୱସ୍ଥ ତ୍ରିକୋଣା- [କାର ଅଂଶ ।
**Spangle**, *v.t.* ଚକମକ ଦେଇ ସୁଶୋଭିତ-କ ।—*v.i.* ଚକମକ-ହେ ।
**Spaniard**, *n.* ସ୍ପେନୀୟ ଲୋକ ।
**Spaniel**, *n.* ଏକପ୍ରକାର କାନଝୁଲା ଶିକାରୀ କୁକୁର ।
**Spanish**, *a.* ସ୍ପେନୀୟ ।—*n.* ସ୍ପେନୀୟ ଭାଷା ।
**Spank**, *v.t.* ଚଟକଣା ମାରିବା ।—*n.* ଚଟକଣା ।
**Spanking**, *a.* 1. ବଳୀୟାନ; 2. ବେଗେ ଧାବମାନ; 3. ବୃହତ୍ ।
**Spanless**, *a.* ଅମାପନୀୟ ।
**Span-long**, *a.* ବିଘତେ ।
**Spanner**, *a.* ମୋଚାମା ।
**Spar**, (1) *n.* 1. ବରଗା; 2 ମାସ୍ତୁଲାଦି କାଷ୍ଠଖଣ୍ଡମାନ ।
**Spar**, (2) *n.* କେତେକ ଚକମକିଆ ଖଣିଜ ପ୍ରସ୍ତର ।
**Spar**, (3) *v.i.* 1. ମୁଷ୍ଟି ସମର-ହେ; 2 ବାଗ୍ୟୁଦ୍ଧ-କ ।
**Spare**, *v.t.* 1. ପରିମିତ ବ୍ୟୟ-କ; 2. ଛାଡ଼-ଦେ; 3. ସୁଲଭରେ-ଦେ; 4. ରକ୍ଷା-କ; 5. କ୍ଷମା-କ ।—*v.i.* 1. ମିତବ୍ୟୟୀ-ହେ; 2. କ୍ଷାନ୍ତ-ହେ; 3. କ୍ଷମାଶୀଳ-ହେ ।—*a.* 1. ଅପ୍ରଚୁର; 2. ମିତବ୍ୟୟୀ; 3. କୃଶ; 4. ଉଦ୍ବୃତ୍ତ ।

Sparing, *a.* 1. ଅପ୍ରଚୁର; 2. କୁଣ୍ଠିତ; 3. ବ୍ୟୟକୁଣ୍ଠ; 4. କ୍ଷମାଶୀଳ ।
Sparingly, *ad.* 1. ବ୍ୟୟକୁଣ୍ଠଭାବେ; 2. ଅପ୍ରଚୁରରୂପେ; 3. ସତର୍କଭାବେ ।
Sparingness, *n.* ବ୍ୟୟକୁଣ୍ଠତା ।
Spark, *n.* 1. ଅଗ୍ନିକଣା, ସ୍ଫୁଲିଙ୍ଗ; 2. କଣିକା; 3. ଛଇଲବାବୁ ।
Sparkle, *n.* 1. ଚକ୍‌ମକ୍‌ଭାବ; 2. ପ୍ରଭା ।—*v.i.* ଚକ୍‌ମକ୍‌-ହେ ।
Sparkling, *a.* 1. ଚକ୍‌ମକ୍; 2. ଉଜ୍ଜ୍ୱଳ; 3. ସତେଜ, ଓଜସ୍ୱୀ ।
Sparklingly, *ad.* 1. ସତେଜରୂପେ; 2. ଉଜ୍ଜ୍ୱଳଭାବେ ।
Sparrow, *n.* ଘରଚଟିଆ ଚଢ଼େଇ, ଚଟକପକ୍ଷୀ ।
Sparry, *a.* ଚକଚକିଆ ଅବସ୍ଥ ପ୍ରସ୍ତରବତ୍ ।
Sparse, *a.* 1. ବିରଳ; 2. ଅଘନ; 3. ଅପ୍ରଚୁର ।
Spartan, *a.* 1. ଗ୍ରୀସ୍‌ଦେଶର ସ୍ପାର୍ଟା ନଗର ସମ୍ବନ୍ଧୀୟ; 2. କଷ୍ଟସହିଷ୍ଣୁ; 3. ନିର୍ଭୀକ ।
Spasm, *n.* 1. ପେଶୀର ସଙ୍କୋଚ; 2. ହଠାତ୍ ଆବେଗ; 3. ବେଦନା ରୋଗ ।
Spasmodic, (1) Spasmodical, *a.* 1. କ୍ଷଣସ୍ଥାୟୀ; 2. ଆବେଗଯୁକ୍ତ ।
Spasmodic, (2) *n.* ବେଦନା ରୋଗ ନିବାରକ ଔଷଧ ।
Spasmodically, *ad.* କ୍ଷଣିକରୂପେ, ମଧ୍ୟେ ୨ ।
Spat, (1) *pa. t.* of Spit.
Spat, (2) *n.* ବର୍ଷାର ବଡ଼ ଟୋପା ।
Spat, (3) *n.* ଗୋଡ଼ା ଉପରେ ପିନ୍ଧା ଏକପ୍ରକାର ପାଦାବରଣ ।
Spate, Spait, *n.* ନଦୀର ହଠାତ୍ ବଢ଼ି ।
Spatter, *v.t.* 1. ଛିଟିକାଇବା; 2. କଳଙ୍କିତ-କ ।
Spatter-dashes, *n. pl.* କାଦୁଅରୁ ରକ୍ଷା କରିବାପାଇଁ ଗୋଡ଼ର ଆବରଣ ।
Spavin, *n.* ଘୋଡ଼ାର ସନ୍ଧିଶୋଥ ।
Spawn, *n.* 1. ମାଛ ବା ବେଙ୍ଗର ଡିମ୍ବ; 2. ସନ୍ତାନସନ୍ତତି ।—*v.t.* and *i.* 1. ମାଛ ବା ବେଙ୍ଗପରି ଡିମ୍ବ -ଦେ; 2. ଉତ୍ପାଦନ-କ ।
Spawner, *n.* ମାଈମାଛ ।
Speak, *v.i.* 1. କଥାକହିବା; 2. କଥାବାର୍ତ୍ତା-ହେ; 3. ଭାଷଣ-କ ।—*v.t.* 1. କହିବା; 2. ଉଚ୍ଚାରଣ-କ; 3. ବକ୍ତୃତା-କ; 4. ପ୍ରକାଶ-କ ।—To speak a ship, କଥାବାର୍ତ୍ତା ପାଇଁ ଜାହାଜକୁ ଡାକିବା । To speak for, 1. ସପକ୍ଷରେ କହିବା; 2. ପ୍ରମାଣ-ଦେ; 3. ଅଗ୍ରରୁ ବନ୍ଦୋବସ୍ତ-କ । To speak of, 1. କଥାବାର୍ତ୍ତା-କ; 2. ଉଲ୍ଲେଖଯୋଗ୍ୟ-ହେ । To speak one's mind, ହୃଦୟ ଖୋଲି କହିବା । To speak out, 1. ସ୍ପଷ୍ଟଭାବରେ କହିବା; 2. ଉଚ୍ଚସ୍ୱରରେ କହିବା । To speak to, 1. ଅନୁଯୋଗ-କ; 2. ସମର୍ଥନ-କ । So to speak, କହିଲେ ଚଳେ ।
Speakable, *a.* ବାଚ୍ୟ, କଥନୀୟ ।
Speaker, *n.* 1. କଥକ; 2. ବକ୍ତା; 3. ବ୍ୟବସ୍ଥାପକ ସଭାର ସଭାପତି ।
Speaking, *n.* 1. କଥନ; 2. କଥୋପକଥନ ।—*a.* ଅବିକଳ, ଜୀବନ୍ତ ।
Speaking terms, *n. pl.* ପରସ୍ପରରେ କେବଳ କଥା କହିବା ସମ୍ପର୍କ ।
Speaking-trumpet, *n.* ମନୁଷ୍ୟସ୍ୱରକୁ ଜଳଦଗମ୍ଭୀର କରିବା ତୂରୀ ।
Spear, *n.* ଶୂଳ, ବର୍ଚ୍ଛା, ବଲ୍ଲମ ।—*v.t.* ଶୂଳରେ ମାରିବା ।
Spearman, *n.* ବର୍ଚ୍ଛାଧାରୀ ଲୋକ ।
Special, *a.* 1. ବିଶେଷ; 2. ନିର୍ଦ୍ଦିଷ୍ଟ; 3. ଅସାଧାରଣ; 4. ପୃଥକ୍ ।—*n.* 1. ବିଶେଷ କାର୍ଯ୍ୟପାଇଁ ରକ୍ଷିତ ବ୍ୟକ୍ତି ବା ବସ୍ତୁ; 2. ସମ୍ବାଦ ପତ୍ରିକାର ବିଶେଷ ମୁଦ୍ରଣ ।
Specialisation, *n.* ଶିକ୍ଷାର ବିଶେଷ ବିଭାଗରେ ଅଧ୍ୟୟନ ।
Specialise, *v.t.* ବିଶେଷରୂପେ ଅବଧାରଣ-କ ।—*v.i.* ଶିକ୍ଷାର ବିଶେଷ ବିଭାଗରେ ଅଧ୍ୟୟନ-କ ।
Specialism, *n.* ଶିକ୍ଷାର ବିଶେଷ ବିଭାଗରେ ଅଧ୍ୟୟନାନୁରାଗ ।
Specialist, *n.* ଶିକ୍ଷାର ବିଶେଷ ବିଭାଗରେ ସୁଦକ୍ଷ ବ୍ୟକ୍ତି ।
Speciality, *n.* 1. ବିଶେଷତ୍ୱ; 2. ବିଶେଷଗୁଣ; 3. ବିଶେଷବୃତ୍ତି; 4. ବିଶେଷ ମନୋଯୋଗ୍ୟ ବିଷୟ ।
Specially, *ad.* ବିଶେଷରୂପେ ।
Specialty, *n.* 1. ବିଶେଷ ବିଷୟ; 2. ବିଶେଷ ଚୁକ୍ତିପତ୍ର ।
Specie, *n.* 1. ସ୍ୱର୍ଣ୍ଣ ଓ ରୌପ୍ୟ ମୁଦ୍ରା; 2. ଯେକୌଣସି ଧାତୁର ମୁଦ୍ରା ।
Species, *n.* 1. ଜାତି; 2. ବର୍ଗ; 3. ପ୍ରକାର ।
Specific, (1) *n.* ମହୌଷଧ, ଅବ୍ୟର୍ଥ ଔଷଧ ।
Specific, Specifical, *a.* 1. ଜାତିଭେଦକ; 2. ସ୍ୱୀୟ; 3. ନିର୍ଦ୍ଦିଷ୍ଟ; 4. ଅବ୍ୟର୍ଥ ।
Specifically, *ad.* ସ୍ୱୀୟ ସ୍ୱଭାବାନୁସାରେ ।
Specification, *n.* 1. ସବିଶେଷ ଉଲ୍ଲେଖ; 2. ନିର୍ଦ୍ଦିଷ୍ଟ ବିଷୟର ବୃତ୍ତାନ୍ତ ।
Specify, *v.t.* 1. ନିର୍ଦ୍ଦେଶ କରି କହିବା; 2. ସବିଶେଷ ନାମ ଉଲ୍ଲେଖ-କ ।
Specimen, *n.* 1. ନମୁନା; 2. ଦୃଷ୍ଟାନ୍ତ; 3. ପ୍ରାକୃତିକ ବିଜ୍ଞାନରେ ପ୍ରଦର୍ଶିତ ଉପକରଣ ।
Specious, *a.* 1. ବାହ୍ୟରେ ଯଥାର୍ଥ ପ୍ରତୀୟମାନ; 2. ଆପାତ ସୁନ୍ଦର ।
Speciously, *ad.* ଆପାତ ସୁନ୍ଦରରୂପେ ।
Speciousness, *n.* ଆପାତ ସୌନ୍ଦର୍ଯ୍ୟ ।
Speck, *n.* 1. ଦାଗ; 2. ଚିହ୍ନ; 3. ଅଣୁ ।
Speckled, *a.* ଚିତା, ଚିତ୍ରିତ ।
Speckless, *a.* 1. ନିଖୁନ୍ତ; 2. ସମ୍ପୂର୍ଣ୍ଣ ପରିଷ୍କୃତ ।
Spectacle, *n.* 1. ଦୃଶ୍ୟ; 2. ଅଦ୍ଭୁତ ଦର୍ଶନ, ତମାସା; 3. (Pl.) ଚଷମା, ଉପଚକ୍ଷୁ ।

Spectacled, *a.* ଚଷମାଧାରୀ ।

Spectacular, *a.* 1. ଅଦ୍ଭୁତ ଦର୍ଶନ ସମ୍ବନ୍ଧୀୟ; 2. ବହୁ ଆଡମ୍ବରପୂର୍ଣ୍ଣ ।

Spectator, *n.* ଦ୍ରଷ୍ଟା, ଦର୍ଶକ ।

Spectral, *a.* ଭୌତିକ ।

Spectre, *n.* ଭୂତ, ପ୍ରେତ ।

Spectroscope, *n.* ରଶ୍ମିପରୀକ୍ଷଣରେ ଅନେକ ବର୍ଣ୍ଣର [ଦେଖିବା ଯନ୍ତ୍ର ।

Spectrum, *n.* 1. ଅତି ଭୂତଳେ ଦୃଷ୍ଟପଦାର୍ଥର ସେହି ମୂର୍ତ୍ତି ପ୍ରତ୍ୟକ୍ଷ ହୁଏ; 2. ଅନେକର ବର୍ଣ୍ଣ ପୃଥକ୍ ବର୍ଣ୍ଣ ।

Speculate, *v.i.* 1. ଗଭୀର ଚିନ୍ତା-କର; 2. ଅନୁଧ୍ୟାନ -କର; 3. ଅଟକଳ-କର; 4. ଅଧିକ ଲାଭାର୍ଥ ବ୍ୟବସାୟ-କର ।

Speculation, *n.* 1. ଅନୁଧ୍ୟାନ; 2. ମତ; 3. ଅଟକଳ; 4. ଅଧିକ ଲାଭାର୍ଥ ବ୍ୟବସାୟ ।

Speculative, *a.* 1. ଅନୁଧ୍ୟାନପରାୟଣ; 2. ଅଟକଳ ସମ୍ବନ୍ଧୀୟ; 3. ଅଧିକ ଲାଭାର୍ଥ ବ୍ୟବସାୟ ସମ୍ବନ୍ଧୀୟ ।

Speculator, *n.* 1. ଅନୁଧ୍ୟାନକର୍ତ୍ତା; 2. ଅଧିକ ଲାଭାର୍ଥ ବ୍ୟବସାୟୀ ।

Speculum, *n.* 1. ଦର୍ପଣ; 2. ଅଦୃଶ୍ୟ ଅଂଶ ଦେଖା ଯିବା ନିମନ୍ତେ ଚିକିତ୍ସକଙ୍କ ଯନ୍ତ୍ର ।

Sped, *pa. t.* and *pa. p.* of Speed.

Speech, *n.* 1. ବୋଲି; 2. ଭାଷା; 3. ବାକ୍‌ଶକ୍ତି; 4. କହିବା ଢଙ୍ଗ; 5. ବକ୍ତୃତା; 6. ବାକ୍ୟ ।

Speechless, *a.* 1. ଅବାକ୍; 2. ବାକ୍‌ଶକ୍ତିରହିତ ।

Speech-maker, *n.* ବକ୍ତୃତାଦାତା ଲୋକ ।

Speed, *n.* 1. ବେଗ, କ୍ଷିପ୍ରତା, ତ୍ୱରା; 2. ଦ୍ରୁତଗତି; 3. କୃତକାର୍ଯ୍ୟତା ।—*v.i.* 1. ବେଗବାନ୍-ହେ, ଶୀଘ୍ର -ହେ; 2. କୃତକାର୍ଯ୍ୟ-ହେ; 3. ଉନ୍ନତି ଘଟିବା ।—*v.t.* 1. ବେଗଗାମୀ କରାଇବା; 2. ତ୍ୱରାନ୍ୱିତ କରାଇବା; 3. କାର୍ଯ୍ୟକାଳରେ ସାହାଯ୍ୟ-କର; 4. କୃତକାର୍ଯ୍ୟ କରାଇବା ।—To speed up, ଅଧିକ ବେଗଗାମୀ କରାଇବା ।

Speedily, *ad.* ଶୀଘ୍ର, ବେଗରେ, ସତ୍ୱର, ତୁରିତ ।

Speediness, *n.* ସତ୍ୱରତା ।

Speedy, *a.* ତ୍ୱରିତ, ଦ୍ରୁତ ।

Spell, (1) *n.* 1. ମନ୍ତ୍ର; 2. ଯାଦୁ; 3. ମୋହ ।

Spell, (2) *n.* 1. କାର୍ଯ୍ୟର ପାଳି; 2. ମଧ୍ୟବର୍ତ୍ତୀ କାଳ; 3. ଲୋକର ଅନୁମାନ କାଳ ।

Spell, (3) *v.t.* ବନାନ-କର, ବନିବା ।—*v.i.* ଠିକ୍ ଭାବରେ ବର୍ଣ୍ଣ ଯୋଜନା-କର ।

Spellable, *a.* ବନାନଯୋଗ୍ୟ ।

Spell-bound, *a.* 1. ମନ୍ତ୍ରମୁଗ୍ଧ; 2. ମୋହିତ ।

Speller, *n.* ବନାନକାରୀ ।

Spelling, *n.* 1. ବନାନକରଣ, ବନାନ; 2. ବର୍ଣ୍ଣବିନ୍ୟାସ [ପ୍ରଣାଳୀ ।

Spelling-book, *n.* ବର୍ଣ୍ଣବୋଧକ ବହି ।

Spelt, *n.* ଏକପ୍ରକାର ଗହମ, ଜଉ ।

Spend, *v.t.* 1. ବ୍ୟୟ-କର; 2. ଖରଚ-କର; 3. କ୍ଷୟ-କର; 4. ଉଜାଡ଼-ଦେ; 5. ଯାପନ-କର ।—*v.i.* 1. ଅର୍ଥ-ବ୍ୟୟ-କର; 2. ଅପଚୟ-ହେ ।

Spendable, *a.* ଖରଚଯୋଗ୍ୟ ।

Spendall, *n.* ଅପବ୍ୟୟୀ ।

Spender, *n.* ବ୍ୟୟକାରୀ ଲୋକ ।

Spending, *n.* ବ୍ୟୟକରଣ ।

Spendthrift, *n.* ଅତିବ୍ୟୟୀ, ଉଡ଼ାଣିଆ ଲୋକ ।

Spent, (1) *a.* 1. ବ୍ୟୟିତ; 2. କ୍ଲାନ୍ତ; 3. ଅସମର୍ଥ ।

Spent, (2) *pa. t.* and *pa. p.* of Spend.

Sperm, *n.* 1. ଶୁକ୍ର, ରେତଃ; 2. ବୀଜ; 3. ଏକପ୍ରକାର ତିମିମାଛର ମସ୍ତକଜାତ ତେଲିଆ ଦ୍ରବ୍ୟ ।

Spermacate, *n.* ଏକପ୍ରକାର ତିମିମାଛର ମସ୍ତକ ଜାତ ତେଲିଆ ଦ୍ରବ୍ୟ ।

Spermatic, Spermatical, *a.* 1. ଶୁକ୍ର ବିଷୟକ; 2. ପୁଂଶକ୍ତିସମ୍ବନ୍ଧୀୟ ।

Spermatorrhea, *n.* ଶୁକ୍ରକ୍ଷୟ, ସ୍ୱପ୍ନଦୋଷ ।

Sperm-oil, *n.* ଏକପ୍ରକାର ତିମିମାଛର ମସ୍ତକରୁ ଯାତ ତେଲ ।

Sperm-whale, *n.* ମସ୍ତକରେ ତେଲିଆ ଦ୍ରବ୍ୟଥିବା ଏକପ୍ରକାର ତିମିମାଛ ।

Spew, Spue, *v.t.* and *i.* ଉଦ୍‌ଗାର-କର, ବମନ-କର ।

Sphenoid, Sphenoidal, *a.* କୀଳକାକୃତ ।

Spheral, *a.* 1. ମଣ୍ଡଳାକାର; 2. ଗଗନମଣ୍ଡଳ ସମ୍ବନ୍ଧୀୟ ।

Sphere, *n.* 1. ମଣ୍ଡଳ, ଗୋଲକ; 2. ଅଧିକାର, ପରିସର; 3. (Geom.) ବୃତ୍ତକୃତ ଘନତଳ ।

Sphere-music, *n.* ଗ୍ରହମାନଙ୍କ ଗତିର ସାମଞ୍ଜସ୍ୟ ।

Spheric, Spherical, *a.* 1. ମଣ୍ଡଳସମ୍ବନ୍ଧୀୟ; 2. ଗୋଲକାକୃତ ।

Sphericalness, Sphericity, *n.* ଗୋଲକତା, ମଣ୍ଡଳାକାରତ୍ୱ ।

Spheroid, *n.* ଚ୍ୟୁତ ମଣ୍ଡଳ ।

Spheroidal, *a.* ଚ୍ୟୁତ ମଣ୍ଡଳାକାର ।

Spherule, *n.* କ୍ଷୁଦ୍ର ମଣ୍ଡଳ ।

Sphery, *a.* ଗଗନମଣ୍ଡଳ ବିଷୟକ ।

Sphinx, *n.* 1. ମିଶରଦେଶସ୍ଥ ସ୍ତ୍ରୀମସ୍ତକଯୁକ୍ତ ସିଂହର ପ୍ରତିମୂର୍ତ୍ତି; 2. ଅଜ୍ଞେୟ ବ୍ୟକ୍ତି ।

Spice, *n.* 1. ଗରମ ମସଲା; 2. ଅଳ୍ପପରିମାଣ; 3. ସୁଗନ୍ଧିଦ୍ରବ୍ୟ ।—*v.t.* 1. ମସଲା-ଦେ; 2. ରୁଚିକର-କର ।

Spiced, *a.* ମସଲାଯୁକ୍ତ ।

Spicily, *ad.* ରୁଚିକରଭାବେ ।

Spiciness, *n.* ରୁଚିକରତା ।

Spick, *a.* 1. ପରିପାଟୀଯୁକ୍ତ; 2. ନୂତନ ।

Spick-and-span, *a.* ଏବେକାରେ ନୂଆ ।

Spicy, *a.* 1. ମସଲାମୟ; 2. ସୁଗନ୍ଧି; 3. କଟୁ; 4. ରୁଚିକର ।

Spider, *n.* ବୁଢ଼ିଆଣି, ମାକଡ଼ସା, ଊର୍ଣ୍ଣନାଭ ।

Spiderdom, *n.* ବୁଢ଼ିଆଣି ସମୂହ ।

Spider-web, *n.* ବୁଢ଼ିଆଣି ଜାଲ ।

Spidery, *a.* 1. ବୁଢ଼ିଆଣିପରି; 2. ମାକଡ଼ସାପୂର୍ଣ୍ଣ ।

Spigot, *n.* ପିମ୍ପା କଣାରେ ମାରିବା ଠିପି ।
Spike, *n.* 1. ଶସ୍ୟର ଶୀଷ; 2. ଖିଲ, ଗୁଞ୍ଜା ।—*v.t.* 1. ଗୁଞ୍ଜା ମାରିବା; 2. କଣା ବନ୍ଦ-କ ।
Spiked, *a.* 1. ଗୁଞ୍ଜାଯୁକ୍ତ; 2. କଣାବୁଜା ।
Spikenard, *n.* 1. ଜଟାମାଂସୀ ତୈଳ; 2. ଜଟାମାଂସୀ ଗଛ ।
Spiky, *a.* 1. ଗୁଞ୍ଜାପୂର୍ଣ୍ଣ; 2. ମୁନିଆ ।
Spill, (1) *v.t.* 1. ଢାଳିବା; 2. ପକାଇ-ଦେ ।—*v.i.* 1. ଉଛୁଳି ପଡ଼ିବା; 2. ଅପଚୟ-ହେ ।
Spill, (2) *n.* ମହମବତି ଲଗାଇବା ପାଇଁ କାଠି ବା ମୋଡ଼ା କାଗଜ ଖଣ୍ଡ ।
Spillikin, Spilikin, *n.* ଖେଳର କାଠି ଓ ତହିଁର ଖେଳ ।
Spin, *v.t.* 1. ସୂତା କାଟିବା; 2. ବୁଢ଼ିଆଣି ପରି ବୁଣିବା; 3. ଲମ୍ବାଇବା; 4. ଲଟାଇ ପରି ଘୂରାଇବା ।—*v.i.* 1. ଲୁଗା ବୁଣିବା; 2. ଘୂରିବା ।—To spin a yarn, ଲମ୍ବା କାହାଣୀ କହିବା । To spin out, କଥାକୁ ଅଧିକ ଲମ୍ବାଇବା ।
Spinach, Spinage, *n.* ପୋଇ ଶାଗ ।
Spinal, *a.* ପୃଷ୍ଠାସ୍ଥି ସମ୍ବନ୍ଧୀୟ ।—Spinal column, ପୃଷ୍ଠାସ୍ଥି ।—Spinal cord, ପୃଷ୍ଠାସ୍ଥିର ମଜ୍ଜା ।
Spindle, *n.* ତାକୁଆ ।
Spindle-legged, *a.* ପାତଳ ଗୋଡ଼ବିଶିଷ୍ଟ, ସରୁ-ଗୋଡ଼ିଆ ।
Spine, *n.* 1. ପୃଷ୍ଠାସ୍ଥି, ମେରୁଦଣ୍ଡ; 2. କଣ୍ଟକ ।
Spined, *a.* କଣ୍ଟକିତ, କଣ୍ଟକଯୁକ୍ତ ।
Spinet, *n.* ପୂର୍ବକାଳୀନ ଚାବିଯୁକ୍ତ ବାଦ୍ୟଯନ୍ତ୍ର ।
Spinning-wheel, *n.* ଅରଟ, ଚରଖା ।
Spinose, Spinous, *a.* କଣ୍ଟକମୟ ।
Spinster, *n.* 1. ଅନୂଢ଼ା; 2. ଅବିବାହିତା ନାରୀ ।
Spiny, *a.* 1. କଣ୍ଟକପୂର୍ଣ୍ଣ; 2. ଜଟିଳ ।
Spiral, *a.* ପେଞ୍ଚାଳିଆ, ଚକ୍ରଣିଆ ।—*n.* ଚକ୍ରଣିଆ ରେଖା ।
Spirally, *ad.* ପେଞ୍ଚାଳିଆରୂପେ ।
Spire, *n.* 1. ଚୂଡ଼ା; 2. ଶିଖର ।
Spirit, *n.* 1. ଆତ୍ମା; 2. ଭୂତ, ପ୍ରେତ; 3. ଜୀବ; 4. ଉତ୍ସାହ; 5. ତେଜ; 6. ସାରାଂଶ; 7. ବିଶେଷ ଗୁଣ; 8. ସୁରା; (*pl.*) 9. ସ୍ଫୂର୍ତ୍ତି; 10. ଉତ୍ତେଜନା; 11. ମୂଳ-ମର୍ମ ।—*v.t.* ଗୋପନରେ ନେଇଯିବା ।
Spirited, *a.* 1. ସତେଜ; 2. ଉତ୍ସାହିତ ।
Spiritism, same as Spiritualism.
Spirit-lamp, *n.* ଶୋଧିତ ସୁରାରେ ଜଳୁଥିବା ବତି ।
Spiritless, *a.* 1. ଉତ୍ସାହହୀନ; 2. ନିସ୍ତେଜ ।
Spirit-rapping, *n.* ମେଜରେ ଆଘାତ ଶବ୍ଦଦ୍ୱାରା ପ୍ରେତାତ୍ମାମାନଙ୍କ ସହିତ କଥୋପକଥନ ।
Spirit-stirring, *a.* ଅନ୍ତର ଉତ୍ତେଜକ ।
Spiritual, *a.* ଆତ୍ମିକ; 2. ଅପାର୍ଥିବ; 3. ମାନସିକ; 4. ପାରମାର୍ଥିକ; 5. ପବିତ୍ରବସ୍ତୁ ବିଷୟକ ।

Spiritualise, *v.t.* ପାରମାର୍ଥିକ ଅର୍ଥ ପ୍ରଦାନ-କ ।
Spiritualism, *n.* 1. ଭୂତବାଦ; 2. ପ୍ରେତ ତତ୍ତ୍ୱ ।
Spiritualist, *n.* 1. ଭୂତବାଦୀ; 2. ପ୍ରେତାତ୍ମାମାନଙ୍କ ସହିତ କଥୋପକଥନକାରୀ ।
Spiritualistic, *a.* ଭୂତବାଦ ସମ୍ବନ୍ଧୀୟ ।
Spirituality, *n.* 1. ପାରମାର୍ଥିକତା; 2. ପରମାର୍ଥ-ନିଷ୍ଠା; 3. ଅଜଡ଼ତ୍ୱ ।
Spiritually, *ad.* ପାରମାର୍ଥିକଭାବେ ।
Spirituous, *a.* ସୁରାସାରବିଶିଷ୍ଟ, ମାଦକ ।
Spirt, same as Spurt.
Spiry, *a.* ଚୂଡ଼ାପୂର୍ଣ୍ଣ ।
Spit, (1) *n.* 1. କବାବ କରିବାର ଲୁହା କାଠି; 2. ସଙ୍କୀର୍ଣ୍ଣ ଅନ୍ତରୀପ ।—*v.t.* 1. କାଠିରେ ଖୋଞ୍ଚିବା; 2. କାଠିରେ ଖୋଞ୍ଚି ଶୁଖାଇବା ।
Spit, (2) *v.t.* ଉଦ୍ଗାର-କ ।—*v.i.* ଛେପ ପକାଇବା, ଥୁକ ପକାଇବା ।—*n.* ଛେପ, ଥୁକ ।
Spite, *n.* 1. ଅବଜ୍ଞା; 2. ହିଂସା; 3. ଦ୍ୱେଷ ।—*v.t.* 1. ବିରକ୍ତ-କ; 2. ଘୃଣା-କ ।—In spite of, ଥିଲେ ସୁଦ୍ଧା, ତଥାପି ।
Spiteful, *a.* 1. ହିଂସାପୂର୍ଣ୍ଣ; 2. ଦ୍ୱେଷୀ; 3. ଅପ-[କାରକ ।
Spitfire, *n.* ରାଗୀ ଲୋକ ।
Spitting, *n.* ଥୁଥୁକରଣ ।
Spittle, *n.* ଲାଳ, ଛେପ ।
Spittoon, *n.* ପିକଦାନୀ ।
Splash, *v.t.* ଛିଟିବା ।—*v.i.* ଗୋଳିଆ ପାଣି ଛିଟ-କାଇବା ।
Splashboard, *n.* ଗାଡ଼ିରେ ବସିଥିବା ଲୋକଙ୍କୁ କାଦୁଅ ଛିଟାରୁ ରକ୍ଷାକରିବାର ପଟା ।
Splashy, *a.* 1. କାଦୁଅ; 2. ଗୋଳିଆପାଣିପୂର୍ଣ୍ଣ ।
Spleen, *n.* 1. ପିଲେହି, ପ୍ଲୀହା; 2. ହିଂସା; 3. ବିଷାଦ ।
Spleenful, *a.* 1. କ୍ରୋଧୀ; 2. ଖିଟଖିଟିଆ ।
Splendent. *a.* ଉଜ୍ଜ୍ୱଳ, ତେଜସ୍କର ।
Splendid, *a.* 1. ପ୍ରତାପଶାଳୀ; 2. ଯଶସ୍ୱୀ; 3. ସୁଶୋଭିତ; 4. ଅତିସୁନ୍ଦର ।
Splendidly, *ad.* 1. ପ୍ରତାପଶାଳିରୂପେ; 2. ଅତି ସୁନ୍ଦରରୂପେ ।
Splendidness, *n.* ପ୍ରତାପଶାଳିତା ।
Splendour, *n.* 1. ପ୍ରତାପ, ମହିମା; 2. ପ୍ରଭା ।
Splenetic, Splenetical, *a.* 1. ପ୍ଲୀହାରୋଗଯୁକ୍ତ; 2. ଖିଟ୍‌ଖିଟିଆ; 3. ବିଷଣ୍ଣ ।
Splenic, *a.* ପ୍ଲୀହା ସମ୍ବନ୍ଧୀୟ ।
Splenitis, *n.* ପ୍ଲୀହାପ୍ରଦାହ ।
Splice, *v.t.* 1. ଦଉଡ଼ିର ଦୁଇ ଅଗକୁ ବୁଣିକରି ଯୋଡ଼ିବା; 2. ଦୁଇଖଣ୍ଡ ଅଗରୁ କାଠକୁ ସମାନ ଭାବରେ ଯୋଡ଼ିବା ।—*n.* ଅଗର ସମାନ ଯୋଡ଼ ।
Splint, *n.* 1. କାଠର ଛଲିକା; 2. ଅସ୍ଥି ଚିକିତ୍ସକଙ୍କ ପାତଳ କାଠ ପଟା ।

**Splinter**, *n.* କାଠର ଚେଲା ।—*v.t.* and *i.* କାଠ ଚେଲିବା ।

**Split**, *v.t.* 1. ଚିରିବା, ଫାଡ଼ିବା; 2. ଭାଗ-କ; 3. ବିଚ୍ଛିନ୍ନ-କ ।—*v.i.* 1. ବିଦୀର୍ଣ୍ଣ-ହେ, ଚିରିଯିବା; 2. ଗୁପ୍ତକଥା ଖୋଲିବା; 3. ଦୁଇ ବିପକ୍ଷ ଦଳର ପଦ-ପ୍ରାର୍ଥୀ ଜଣକେ ମତ-ଦେ; 4. ହସି ଉଠିବା ।—*n.* 1. ଫାଟ, ଚିର; 2. ମଣ୍ଡଳୀରେ ବିଚ୍ଛେଦ; 3. ସୋଡାପାଣି ପ୍ରଭୃତିର ଛୋଟ ବୋତଲ ।—To split on a rock, ବିନଷ୍ଟ-ହେ । To split one's sides, ଅତ୍ୟନ୍ତ ଜୋରେ ହସିବା । To split the difference, ଉଭୟର ପାର୍ଥକ୍ୟକୁ ସମଭାବରେ ସମାଧା-କ ।

**Splitting**, *a.* ବିଦୀର୍ଣ୍ଣକାରକ ।

**Splutter**, *v.i.* 1. ତରତରରେ କଥା କହିବାବେଳେ ଛେପ ପଡ଼ିବା; 2. ଲେଖିବାବେଳେ କାଳୀ ଛିଟିକି ଯିବା ।

**Spoil**, (1) *v.t.* ଲୁଣ୍ଠନ-କ ।—*v.i.* ଦସ୍ୟୁବୃତ୍ତି-କ ।—*n.* 1. ଲୁଟଦ୍ରବ୍ୟ; 2. ଲୁଟପାଟ ।

**Spoil**, (2) *v.t.* 1. ଖରାପ-କ; 2. ନଷ୍ଟ-କ ।—*v.i.* 1. ଖରାପ-ହେ; 2. ନଷ୍ଟ-ହେ ।

**Spoiler**, (1) *n.* 1. ଲୁଣ୍ଠକ; 2. ଦସ୍ୟୁ ।

**Spoiler**, (2) *n.* ନଷ୍ଟକାରୀ ।

**Spoke**, (1) *pa. t.* of Speak.

**Spoke**, (2) *n.* ଚକର ଅର ।—To put a spoke in one's wheel, ବାଧା ଦେଇ ବିଫଳ-କ ।

**Spoken**, *pa. p.* of Speak.

**Spokeshave**, *n.* ବଙ୍କା କାଠ ଚିକ୍କଣ କରିବାର ଦୁଇ-ବେଣ୍ଟଲଗା ରନ୍ଦା ।

**Spokesman**, *n.* ପ୍ରତିନିଧି ବକ୍ତା, ଅପରର ମୁଖସ୍ୱରୂପ [ବ୍ୟକ୍ତି ।

**Spoliate**, *v.t.* 1. ଅପହରଣ-କ; 2. ଲୁଣ୍ଠନ-କ ।

**Spoliation**, *n.* ଲୁଣ୍ଠନ ।

**Sponge**, *n.* ଜଳଶୋଷକ ସାମୁଦ୍ରିକ ପଦାର୍ଥ ବିଶେଷ, ସ୍ପଞ୍ଜ ।—*v.t.* 1. ସ୍ପଞ୍ଜରେ ସଫା-କ; 2. ଲୋପ-କ ।—*v.i.* 1. ଶୋଷଣ-କ; 2. ପରମୁଖାପେକ୍ଷୀ-ହେ, ଗଳଗ୍ରହ-ହେ ।

**Spongecake**, *n.* ସ୍ପଞ୍ଜସଦୃଶ ପିଷ୍ଟକ ।

**Sponger**, *n.* 1. ସ୍ପଞ୍ଜବ୍ୟବହାରକ; 2. ସ୍ପଞ୍ଜବ୍ୟବସାୟୀ; 3. ପରମୁଖାପେକ୍ଷୀ, ଗଳଗ୍ରହ ।

**Spongy**, *a.* 1. ସ୍ପଞ୍ଜପରି; 2. ଶୋଷଣକ୍ଷମ ।

**Sponsor**, *n.* 1. ପ୍ରତିଭୂ, ଜାମିନ; 2. ଧର୍ମପିତା ବା [ମାତା ।

**Sponsorial**, *a.* 1. ପ୍ରତିଭୂସମ୍ବନ୍ଧୀୟ; 2. ଧର୍ମପିତା ବା ମାତା ସମ୍ବନ୍ଧୀୟ ।

**Sponsorship**, *n.* ପ୍ରତିଭୂତ୍ୱ ।

**Spontaneity**, Spontaneousness, *n.* 1. ସ୍ୱତଃପ୍ରବୃତ୍ତି; 2. ସ୍ୱଚ୍ଛନ୍ଦତା ।

**Spontaneous**, *a.* 1. ସ୍ୱଚ୍ଛନ୍ଦ; 2. ସ୍ୱେଚ୍ଛାଜାତ; 3. ସ୍ୱତଃସିଦ୍ଧ ।

**Spontaneously**, *ad.* 1. ସ୍ୱଚ୍ଛନ୍ଦରୂପେ; 2. ଆପେ ।

**Spool**, *n.* ସୂତାର କାଠି, ତନ୍ତୁର ନଳୀ ।—*v.t.* ନଳୀରେ ଗୁଡ଼ାଇବା ।

**Spoon**, *n.* 1. ଚମଚ, ଚାମଚ୍; 2. "Golf" ଖେଳରେ ବ୍ୟବହୃତ ଚମଚମୁହାଁ ଯଷ୍ଟି ।—*v.t.* ଚମଚରେ ଖାଇବା ।—*v.i.* ଅତି ସ୍ନେହ ପ୍ରକାଶ-କ ।

**Spoonbill**, *n.* ଚମଚ ପ୍ରାୟ ଥଣ୍ଟଯୁକ୍ତ ଜଳଚର ପକ୍ଷୀ ।

**Spoonful**, *a.* 1. ଚାମଚେ; 2. ଅଳ୍ପ ପରିମାଣ ।

**Spoonily**, *ad.* ଅତି ସ୍ନେହରେ ।

**Spoony**, Spooney, *a.* ଅତି ସ୍ନେହୀ ।

**Sporadic**, Sporadical, *a.* ଅଳ୍ପଜନବ୍ୟାପକ ।

**Spore**, *n.* ପୁଷ୍ପବିହୀନ ଉଦ୍ଭିଦର ବୀଜକୋଷ ।

**Sporran**, *n.* ସ୍କଟ୍ଲଣ୍ଡରେ ପାହାଡ଼ିଆ ଲୋକମାନେ ସମ୍ମୁଖରେ ପିନ୍ଧୁଥିବା ଏକପ୍ରକାର ଥଳୀ ।

**Sport**, *v.i.* 1. କ୍ରୀଡ଼ା-କ; 2. ମୃଗୟା-କ; 3. ଥଟ୍ଟା-ପରିହାସ-କ; 4. ଲୀଳା-କ ।—*v.t.* ସୌଖିନଭାବେ ଧରିବା ।—*n.* 1. କ୍ରୀଡ଼ା; 2. କୌତୁକ; 3. ଲୀଳା; 4. ଥଟ୍ଟା; 5. କ୍ରୀଡ଼କ; 6. ଶିକାର; 7. ପ୍ରାକୃତିକ ନିୟମରୁ ଭିନ୍ନ ପ୍ରାଣୀ ବା ଉଦ୍ଭିଦ ।

**Sporting**, *a.* 1. କ୍ରୀଡ଼ା ବିଷୟକ; 2. କ୍ରୀଡ଼ାରତ ।

**Sportive**, *a.* 1. କ୍ରୀଡ଼ାସକ୍ତ; 2. କୌତୁକୀ; 3. ଲୀଳା-ପ୍ରିୟ; 4. କାମୁକ ।

**Sportively**, *ad.* କୌତୁକଭାବେ ।

**Sportiveness**, *n.* କୌତୁକତା ।

**Sportless**, *a.* 1. କ୍ରୀଡ଼ାବିହୀନ; 2. ବିଷଣ୍ଣ ।

**Sportsman**, *n.* 1. ଶିକାରୀ; 2. କ୍ରୀଡ଼ାକୌଶଳାଭିଳାଷୀ ।

**Sportsmanlike**, *a.* କ୍ରୀଡ଼ାକୌଶଳାଭିଳାଷିବତ୍ ।

**Sportsmanship**, *n.* କ୍ରୀଡ଼ାକୌଶଳାଭିଳାଷ ।

**Spot**, *n.* 1. ଛିଟା; 2. କଳଙ୍କ; 3. ଅଳ୍ପସ୍ଥାନ; 4. ନିର୍ଦ୍ଦିଷ୍ଟ ସ୍ଥାନ; 5. "ଅଣ୍ଡାକାର" ମେଜରେ ଥିବା ବିନ୍ଦୁ-ଚିହ୍ନ; 6. ସୂର୍ଯ୍ୟର ଦାଗ; 7. ଖୁଣ, ଖୁଣ୍ଟ ।—*v.t.* 1. ଛିଟା-ଦେ; 2. କଳଙ୍କିତ-କ; 3. ଚିହ୍ନିବା; 4. ନିର୍ଦ୍ଦିଷ୍ଟ ସ୍ଥାନରେ ରଖିବା ।

**Spotless**, *a.* 1. ନିଷ୍କଳଙ୍କ; 2. ନିଖୁଣ, ନିଖୁଣ୍ଟ ।

**Spotlessly**, *ad.* ନିଷ୍କଳଙ୍କରୂପେ ।

**Spotlessness**, *n.* ନିଷ୍କଳଙ୍କତା ।

**Spotted**, Spotty, *a.* 1. ଚିତ୍ରବିଚିତ୍ର; 2. ଦାଗଯୁକ୍ତ ।

**Spottiness**, *n.* ଚିତ୍ରବିଚିତ୍ରତା ।

**Spousal**, *a.* 1. ପରିଣୟସମ୍ବନ୍ଧୀୟ; 2. ବୈବାହିକ ।

**Spouse**, *n.* ସ୍ୱାମୀ ବା ସ୍ତ୍ରୀ, ପତି ବା ପତ୍ନୀ ।

**Spout**, *v.t.* 1. ବହୁପରିମାଣେ ଓ ଜୋରରେ ନିର୍ଗତ-କ; 2. ବକ୍ତୃତା କହିବା; 3. ବନ୍ଧକ-ଦେ ।—*v.i.* 1. ନଳରୁ ବାହାରିବା ପରି ଜୋରରେ ବାହାରିବା; 2. ଅନର୍ଗଳ କହିବା ।—*n.* 1. ନଳାମୁହଁ; 2. ନଳୀ ।

**Sprain**, *v.t.* ମକଚି-ଦେ ।—*n.* ମକଚ ।

**Sprang**, *pa. t.* of Spring.

**Sprat**, *n.* ଏକପ୍ରକାର ସାମୁଦ୍ରିକ ସାନ ମାଛ ।

**Sprawl**, *v.i.* 1. ଅସୁନ୍ଦରରୂପେ ଅଙ୍ଗ ବିକ୍ଷେପ-କ; 2. ଅସୁନ୍ଦର ଭାବରେ ଲମ୍ବ ହୋଇ ଶୋଇବା ।—*n.* ଅସୁନ୍ଦରରୂପେ ଅଙ୍ଗ ବିକ୍ଷେପ ।

Spray, (1) *n.* ବାୟୁଦ୍ୱାରା ଉତ୍କ୍ଷିପ୍ତ କ୍ଷୁଦ୍ରତମ ଜଳକଣା । —*v.t.* କ୍ଷୁଦ୍ରତମ ଜଳକଣା ନିର୍ଗତ-କର ।

Spray, (2) *n.* ଡାଳର ଅଗ, ପଲ୍ଲବ ।

Sprayer, *n.* କ୍ଷୁଦ୍ରତମ ଜଳକଣା ନିର୍ଗମକାରୀ ଲୋକ ବା ଯନ୍ତ୍ର ।

Spread, *v.t.* 1. ବିସ୍ତାର-କର; 2. ବିଛାଇବା; 3. ମେଲାଇବା; 4. ପ୍ରଚାରିତ-କର; 5. ଲେପିବା; 6. ବ୍ୟାପ୍ତ-କର; 7. (ମେଜ) ଲଗାଇବା । —*v.i.* 1. ବିସ୍ତାରିତ-ହେ; 2. ବ୍ୟାପ୍ତ-ହେ । —*n.* 1. ବିସ୍ତୃତ; 2. ବିସ୍ତାରର ପରିମାଣ; 3. ପଲଙ୍କର ଆଚ୍ଛାଦନୀ; 4. ଭୋଜ ।

Spreader, *n.* ଯେ ବା ଯାହା ବିସ୍ତାର କରେ ।

Spree, *n.* 1. ଆମୋଦ ବିଳାସ; 2. ମଦ୍ୟପାନର ରଙ୍ଗ ।

Sprig, *n.* 1. ପଲ୍ଲବ; 2. କଅଁଳ, କୁମାର; 2. ମୁଣ୍ଡି ନ ଥିବା ଛୋଟକଣ୍ଟା ।

Spriggy, *a.* ପଲ୍ଲବମୟ ।

Spright, same as Sprite.

Sprightly, *a.* 1. ପ୍ରଫୁଲ୍ଲ; 2. ସଜୀବ; 3. ଚପଳ ।

Spring, *v.i.* 1. ଲମ୍ଫ-ଦେ; 2. ଉତ୍ପନ୍ନ-ହେ; 3. ବାହାରିବା । —*v.t.* 1. ହଠାତ୍ ଉତ୍ପନ୍ନ-କର; 2. ଫଟାଇବା; 3. ଫଟାଇବା । —*n.* 1. ଲମ୍ଫ; 2. ସ୍ଥିତିସ୍ଥାପକ ଗୁଣ; 3. କାରଣ; 4. ଉତ୍ପତ୍ତିସ୍ଥାନ; 5. ଝର, ଉସ; 6. ବସନ୍ତ କାଳ, ଋତୁରାଜ; 7. ଘଡ଼ିଆଦିର ଚକ୍ରାକାର କଳ । —To spring a leak, ପାଣି ପଶିବାଭଳି ଛିଦ୍ରଯୁକ୍ତ-ହେ । To spring a mine, ସୁରଙ୍ଗ ଖୋଳି ବାରୁଦ ଫଟାଇବା । To spring at, ଲମ୍ଫ ଦେଇ ମାଡ଼ ଆସିବା । To spring forth, 1. ଲମ୍ଫ ଦେଇ ବାହାରିବା; 2. ଉତ୍ପନ୍ନ-ହେ । To spring on or upon, 1. ଆକ୍ରମଣ-କର; 2. ଅକସ୍ମାତ୍ ଆଗତ-ହ ।

Springer, *n.* ଲମ୍ଫକାରୀ ।

Spring-head, *n.* ଝର୍ଣ୍ଣର ଉତ୍ପତ୍ତିସ୍ଥାନ ।

Springlet, *n.* କ୍ଷୁଦ୍ର ଝରଣା ।

Spring-tide, (1) *n.* କୃଷ୍ଣ ବା ପୂର୍ଣ୍ଣିମା ସମୟର ଜୁଆର ।

Spring-tide, (2) Spring-time, *n.* 1. ବସନ୍ତ କାଳ; 2. ଯୌବନ କାଳ ।

Springy, *a.* 1. ସ୍ଥିତିସ୍ଥାପକ; 2. ଲମ୍ଫଯୁକ୍ତ; 3. ଉତ୍ସପୂର୍ଣ୍ଣ ।

Sprinkle, *v.t.* 1. ଛିଟା-ଦେ, ବିନ୍ଦୁପାତ-କର; 2. ପ୍ରୋକ୍ଷଣ-କର । —*v.i.* ଛିଟା ପଡ଼ିବା ।

Sprinkling, *n.* 1. ଅଳ୍ପପରିମାଣ; 2. ଛିଟାଣ; 3. ପ୍ରୋକ୍ଷଣ ।

Sprint, *n.* ପୂର୍ଣ୍ଣ ବେଗରେ ଦୌଡ଼ । —*v.i.* ପୂର୍ଣ୍ଣ ବେଗରେ ଦୌଡ଼ିବା ।

Sprit, *n.* ପାଲ ପ୍ରସାରଣାର୍ଥ ତେର୍ଚ୍ଛା କାଷ୍ଠଖଣ୍ଡ ।

Sprite, *n.* 1. ପ୍ରେତାତ୍ମା; 2. ପରୀ ।

Sprout, *n.* ଗଜା, ଅଙ୍କୁର । —*v.i.* ଗଜା-ହେ, ଅଙ୍କୁରିତ-ହେ ।

Spruce, *a.* 1. ଫିଟ୍‌ଫାଟ୍, ପରିପାଟୀଯୁକ୍ତ; 2. ଚକ୍-ଚକିଆ । —*v.t.* and *i.* ଫିଟ୍‌ଫାଟ୍-କର, ଫିଟ୍‌ଫାଟ୍-ହେ ।

Spruit, *n.* ନାଳ ।

Sprung, *pa. t.* and *pa. p.* of Spring.

Spry, *a.* 1. ଚପଳ; 2. ପ୍ରଫୁଲ୍ଲ ।

Spud, *n.* 1. ତୃଣଛେଦକ ଖଣତି; 2. ଆଳୁ ।

Spume, *n.* ଫେଣ, ଗେଜ ।

Spumous, Spumy, *a.* ଫେଣିଳ ।

Spun, *pa. t.* and *pa. p.* of Spin.

Spunk, *n.* 1. ସୋଲ; 2. ତେଜ; 3. ସାହସ ।

Spunky, *a.* 1. ତେଜସ୍ୱୀ; 2. ରାଗୀ ।

Spur, *n.* 1. ଅଶ୍ୱାରୋହୀର ଗୋଇଠିରେ ଲାଗିଥିବା କଣ୍ଟା; 2. ଉତ୍ତେଜକ ବସ୍ତୁ; 3. ବହିର୍ଗତ ଅଂଶ; 4. କୁକୁଡ଼ାର ଗୋଡ଼କଣ୍ଟା; 5. ପର୍ବତର ଶାଖା । —*v.t.* 1. ଅଶ୍ୱାରୋହୀ ଗୋଇଠି କଣ୍ଟାରେ ପେଲିବା; 2. ଉତ୍ତେଜିତ-କର; 3. ଅଶ୍ୱାରୋହୀର ଗୋଇଠିରେ କଣ୍ଟା ଲଗାଇବା । —*v.i.* ଦ୍ରୁତଗାମୀ-ହ ।

Spurious, *a.* 1. ଅପ୍ରକୃତ; 2. କୃତ୍ରିମ; 3. ମିଥ୍ୟା ।

Spuriously, *ad.* 1. ଅପ୍ରକୃତରୂପେ; 2. ମିଥ୍ୟାରୂପେ ।

Spuriousness, *n.* 1. ଅପ୍ରକୃତତା; 2. ଅସତ୍ୟତା ।

Spurn, *v.t.* 1. ପାଦରେ ଠେଲିବା; 2. ଘୃଣା କରି ଅଗ୍ରାହ୍ୟ-କର ।

Spurt, *v.t.* ହଠାତ୍ ବେଗରେ ନିର୍ଗତ-କର । —*v.i.* 1. ପ୍ରବଳରୂପେ ବା ମଧ୍ୟେ୨ ବହିବା; 2. ଫିଟିକି ଉଠିବା । —*n.* 1. ପ୍ରବଳ ପ୍ରବାହ; 2. ଉତ୍କ୍ଷିପ୍ତ ଝର୍ଣ୍ଣ; 3. କ୍ଷଣିକ ଚେଷ୍ଟା ।

Sputter, *v.i.* 1. ତରତର ହୋଇ କଥା କହିବାବେଳେ ଛେପ ବାହାରିବା; 2. ଶୀଘ୍ର ଅସ୍ପଷ୍ଟରୂପେ କଥା କହିବା ।

Spy, *n.* 1. ଗୁପ୍ତଚର, ଚର; 2. ଗୁଇନ୍ଦା ଲୋକ । —*v.t.* 1. ଦେଖିବା; 2. ସନ୍ଧାନ-ନେ; 3. ତଦନ୍ତ-କର ।

Spy-craft, *n.* ଚରବୃତ୍ତି ।

Spyglass, *n.* ହସ୍ତ ବ୍ୟବହାର୍ଯ୍ୟ ଦୂରବୀକ୍ଷଣ ଯନ୍ତ୍ର ।

Squab, *a.* ଗୁଳାଗୁଳ ।

Squabble, *v.i.* କଳହ-କର, କଳି-କର । —*n.* କଳହ, କଳି ।

Squad, *n.* ଅଳ୍ପସଂଖ୍ୟକ ସୈନ୍ୟଦଳ ।

Squadron, *n.* 1. ୧୨୦ ଠାରୁ ୨୦୦ ପର୍ଯ୍ୟନ୍ତ ଅଶ୍ୱାରୋହୀ ସୈନ୍ୟଦଳ; 2. ନୌସେନା ଦଳ; 3. ସେନାଦଳର ଏକ ଅଂଶ ।

Squalid, *a.* କୁତ୍ସିତ, ମଇଳା ।

Squalidity, *n.* କୁତ୍ସିତାବସ୍ଥା ।

Squalidly, *ad.* କୁତ୍ସିତରୂପେ ।

Squalidness, *n.* ମଳିନତା

Squall, *v.i.* ହୋବାଳି ଛାଡ଼ିବା, ବାଆ ଉଠିବା । —*n.* 1. ହୋବାଳି; 2. ହଠାତ୍ ଝଡ଼, ପ୍ରବଳ ବାତ୍ୟା ।

Squally, *a.* 1. ଝଡ଼ବାଯୁପୂର୍ଣ୍ଣ (ବାୟୁ); 2. ଝଡ଼ଯୁକ୍ତ ।

Squalor, *n.* 1. ମଇଳା ଅବସ୍ଥା; 2. ମଳିନତା ।

Squander, *v.t.* 1. ଅପରିମିତରୂପେ ଖର୍ଚ୍ଚ-କର; 2. ଅପଚୟ-କର; 3. ଅପବ୍ୟୟ-କର ।

Squanderer, *n.* ଅପବ୍ୟୟୀ ଲୋକ ।

Squanderingly, *ad.* ଅପବ୍ୟୟିରୂପେ ।

Square, *a.* 1. ଚତୁଷ୍କୋଣିଆ, ସମଚତୁରସ୍ର; 2. ଠିକ୍, ନ୍ୟାଯ୍ୟ; 3. ସତ୍; 4. ନିକାଶପ୍ରାପ୍ତ; 5. ତୃପ୍ତିଜନକ ।—*n.* 1. ସମଚତୁର୍ଭୁଜ କ୍ଷେତ୍ର; 2. ଗୃହ ବେଷ୍ଟିତ ଚୌକ; 3. ସେହି ସୈନ୍ୟଦଳର ଚତୁଷ୍ପାର୍ଶ୍ୱ ସମାଜ; 4. ବର୍ଗକ୍ଷେତ୍ର; 5. ସମକୋଣ ପରିମାପକ ଯନ୍ତ୍ର; 6. (Arith.) ବର୍ଗରାଶି ।—*v.t.* 1. ଚତୁଷ୍କୋଣିଆ-କ; 2. ବର୍ଗରାଶି କାଢ଼ିବା; 3. ଠିକ୍-କ; 4. (Naut.) ମାସ୍ତୁଲଅଡ଼େ ସମକୋଣରୂପେ ରଖିବା ।—*v.i.* 1. ଉପଯୋଗୀ-ହେ; 2. ମୁଷ୍ଟିଯୋଦ୍ଧାପ୍ରାୟ ଅଙ୍ଗଭଙ୍ଗି-କ ।—To square the circle, ଅସମ୍ଭବ ଚେଷ୍ଟା-କ । On the square, ସରଳରୂପେ ।

Square-built, *a.* 1. ଚତୁଷ୍କୋଣ; 2. ସମାନ ଲମ୍ବ ଓସାରଯୁକ୍ତ ।

Squarely, *ad.* ଠିକ୍‌ରୂପେ ।

Square-measure, *n.* ବର୍ଗପରିମାଣ ।

Squareness, *n.* 1. ଚତୁଷ୍କୋଣତା; 2. ନ୍ୟାଯ୍ୟତା ।

Square-root, *n.* ବର୍ଗମୂଳ ।

Squarish, *a.* ପ୍ରାୟ ଚତୁଷ୍କୋଣିଆ ।

Squash, *v.t.* 1. ଚଟକଚଟ-କ; 2. ଚେପାକର-ହେ ।—*v.i.* ଚଟଚଟ-ହେ ।—*n.* 1. ଚଟଚଟ ଫଳ; 2. ଚେପା ପଦାର୍ଥ ।

Squat, *v.i.* 1. ଗୋଇଠିରେ ବସିବା; 2. ଜଡ଼ସଡ଼ ହୋଇ ବସିବା; 3. ବିନା ଅନୁମତିରେ ନୂଆ ଭୂମିରେ ବସତି-କ ।—*a.* 1. ସ୍ଥୂଳ; 2. ଖଜାପ୍ରା ।

Squatter, *n.* 1. ବିନା ଅନୁମତିରେ ନୂଆ ଭୂମିରେ ବସତି କରିବା ଲୋକ; 2. ସରକାରଙ୍କଠାରୁ ପଡ଼ିଆ ପଟ୍ଟା ନେବା ଲୋକ ।

Squaw, *n.* ଉତ୍ତର ଅମେରିକାର ଆଦିମ ଅଧିବାସିର ସ୍ତ୍ରୀ ।

Squawk, *v.i.* କର୍କଶ ସ୍ୱରରେ ଶବ୍ଦ-କ

Squeak, *v.t.* ଚିଁ ଚିଁ ଶବ୍ଦ-କ ।—*n.* ଚିଁ ଚିଁ ଶବ୍ଦ ।—A narrow squeak, ଅଳ୍ପକେ ଉଦ୍ଧାର ।

Squeal, *v.i.* ସୂକ୍ଷ୍ମ ତୀବ୍ରସ୍ୱରରେ ଚିତ୍କାର-କ ।—*n.* ସୂକ୍ଷ୍ମ ତୀବ୍ରସ୍ୱର ଚିତ୍କାର ।

Squeamish, *a.* 1. ବମନେଚ୍ଛୁ; 2. ଖୁଣ୍ଟଖୋଷଣୀୟ; 3. ସୁକୁମାର ।

Squeamishly, *ad.* 1. ଖୁଣ୍ଟଖୋଷଣୀୟରୂପେ; 2. ସୁକୁମାରରୂପେ ।

Squeamishness, *n.* ଖୁଣ୍ଟଖୋଷଣୀୟତା ।

Squeegee, *n.* ଚଟାଣଉପରୁ ପାଣି ପୋଛିଦେବାର ରବରଲଗା କେଶଯୁକ୍ତ ଯନ୍ତ୍ର ।

Squeeze, *v.t.* 1. ଚିପିଦେବା; 2. କୁଣ୍ଢାଇ ଧରିବା; 3. ଜୋରଜୁଲୁମରେ-ନେ ।—*v.i.* 1. ଚାପି-ହେ; 2. ଚାପ-ହେ; 3. ପ୍ରବେଶ-ହେ ।—*n.* 1. ନିଷ୍ପେଷଣ; 2. ଚାପନ ।

Squib, *n.* 1. ଫଟକା; 2. ବ୍ୟଙ୍ଗ ରଚନା ।

Squint, *a.* ଟେରା ।—*v.i.* ଟେରେଇବା, ଅଡ଼ଦୃଷ୍ଟି-କ ।—*n.* 1. ଟେରା ଆଖି; 2. ବକ୍ର ଦୃଷ୍ଟି ।

Squint-eyed, *a.* 1. ଟେରା; 2. ଅଶୁଭ କଟାକ୍ଷଯୁକ୍ତ ।

Squinting, *n.* ଟେରା ଚାହାଁଣୀ ।

Squire, *n.* ଇଂଲଣ୍ଡଦେଶୀୟ ଜମିଦାର ।

Squire-like, Squirely, *a.* ଇଂଲଣ୍ଡଦେଶୀୟ ଜମିଦାରୋପଯୋଗୀ ।

Squiress, *n.* ଇଂଲଣ୍ଡଦେଶୀୟ ଜମିଦାରଙ୍କ ପତ୍ନୀ ।

Squirrel, *n.* ଗୁଣ୍ଡୁଚିମୂଷା ।

Squirt, *v.t.* and *i.* 1. ସରୁ ଧାରରେ ଜଳ ନିକ୍ଷେପ-କ; 2. ପିଚକାରି ମାରିବା ।—*n.* ପିଚକାରି ।

Stab, *v.t.* and *i.* 1. ଛୁରୀ ମାରିବା; 2. ଆଘାତ-କ; 3. ଗୋପନରେ କ୍ଷତ-କ; 4. ବଦ୍ଧ-କ ।

Stability, *n.* 1. ସ୍ଥାୟିତ୍ୱ; 2. ଦୃଢ଼ତା ।

Stable, (1) *a.* 1. ସ୍ଥାବର; 2. ସ୍ଥାୟୀ; 3. ଦୃଢ଼; 4. ଅଟଳ; 5. ଅପରିବର୍ତ୍ତନୀୟ ।

Stable, (2) *n.* ଘୋଡ଼ାଶାଳ, ଅସ୍ତବଲ୍, ଗାଡ଼ା ।—*v.t.* ଘୋଡ଼ାଶାଳରେ ବାନ୍ଧିବା ।—*v.i.* ଅସ୍ତବଲ୍‌ରେ ରହିବା ।

Stableness, *n.* ଅଟଳତା ।

Stabling, *n.* 1. ଅସ୍ତବଲ୍‌ରେ ବନ୍ଧନ: 2. ଶାଳା ।

Stack, *n.* 1. ଶୁଖିଲା ଘାସଗଦା; 2. ଜଡ଼ାଗଦା; 3. ଧୂମନାଳୀର ସମଷ୍ଟି; 4. ସଙ୍ଗୀନଯୁକ୍ତ ବନ୍ଧୁକର ସ୍ତୂପାକାରରେ ସଜାଡ଼ ।—*v.t.* ଗଦା-କ ।

Stackyard, *n.* ଶୁଖିଲାଘାସ ଗଦାଇବାର ଅଗଣା ।

Stadium, *n.* ଗ୍ରୀସ୍‌ଦେଶର ସୁବିସ୍ତୀର୍ଣ୍ଣ କ୍ରୀଡ଼ାଭୂମି ।

Staff, *n.* 1. ଯଷ୍ଟି, ଲଉଡ଼ି, ଠେଙ୍ଗା; 2. ଅବଲମ୍ବ; 3. ଦଣ୍ଡ; 4. ସଙ୍ଗୀତ ଲେଖାର ପାଞ୍ଚଗୋଟି ଟେରା ଓ ତନ୍ମଧ୍ୟସ୍ଥ ସ୍ଥାନ; 5. ଶ୍ଲୋକ; 6. ସୈନିକ ବିଭାଗର କର୍ମଚାରୀଦଳ; 7. କର୍ମଚାରୀବର୍ଗ ।

Stag, *n.* ହରିଣ, ମୃଗ, କୁରଙ୍ଗ ।

Staghound, *n.* ମୃଗ ଶିକାର କରିବା କୁକୁର ।

Stage, *n.* 1. ରଙ୍ଗମଞ୍ଚ; 2. ନାଟ୍ୟଶାଳା; 3. ଅଭିନେତାର ବୃତ୍ତି; 4. ମୁକାମ; 5. ଗତିର କ୍ରମ ।

Stage-coach, *n.* ମୁକାମରୁ ମୁକାମ ଯିବାପାଇଁ ଉଦ୍ଦିଷ୍ଟ ବା ଡାକଗାଡ଼ି ।

Stager, *n.* ଅଭିଜ୍ଞ ଲୋକ ।

Stage-whisper, *n.* ଶ୍ରୋତାମାନଙ୍କ ଜାଣିବା ଅଭିପ୍ରାୟରେ ରଙ୍ଗମଞ୍ଚରେ ଫୁସ୍ ଫୁସ୍ କଥନ ।

Stagger, *v.i.* 1. ଟଳମଳ-ହେ; 2. ଦୋହଲିବା; 3. ସନ୍ଦେହଚିତ୍ତ-ହେ ।—*v.t.* 1. ଦୋହଲାଇ-ଦେ; 2. ସନ୍ଦେହଚିତ୍ତ କରାଇବା; 3. ସ୍ତବ୍ଧ-କ ।

Staggers, *n.* ଘୋଡ଼ାମାନଙ୍କର କେତେକ ରୋଗ ।

Staging, *n.* ପାଡ଼ିଆ କାମର ପଟ ।

Stagnancy, *n.* 1. ଅପ୍ରବାହିତାବସ୍ଥା; 2. ନିଶ୍ଚଳତା ।

Stagnant, *n.* 1. ବଦ୍ଧ; 2. ନିଶ୍ଚଳ; 3. ଅପ୍ରବାହିତ ଯୋଗୁ ଅପରିଷ୍କୃତ; 4. ନିଶ୍ଚେଷ୍ଟ ।

Stagnantly, *ad.* ନିଶ୍ଚଳରୂପେ ।

Stagnate, *v.i.* 1. ଅପ୍ରବାହିତ-ହେ; 2. ନିଶ୍ଚେଷ୍ଟ-ହେ ।

Stagnation, *n.* 1. ବଦ୍ଧତା; 2. ପ୍ରବାହହୀନତା; 3. ନିଶ୍ଚେଷ୍ଟତା ।

Staid, *a.* 1. ସ୍ଥିର; 2. ଧୀର; 3. ଗମ୍ଭୀର ।
Staidly, *ad.* ଧୀରଭାବେ ।
Staidness, *n.* 1. ଧୀରତା; 2. ଗାମ୍ଭୀର୍ଯ୍ୟ ।
Stain, *v.t.* 1. ରଞ୍ଜିତ-କ; 2. ରଙ୍ଗ-ଦେ; 3. ଦୂଷିତ-କ; 4. ଅପମାନିତ-କ; 5. କଳଙ୍କିତ-କ ।—*v.i.* ରଞ୍ଜିତ-ହେ । —*n.* 1. କଳଙ୍କ; 2. ଦୋଷ ।
Stainer, *n.* ରଙ୍ଗକାର ।
Stainless, *a.* 1. ନିଷ୍କଳଙ୍କ; 2. ନିର୍ଦ୍ଦୋଷ ।
Stair, *n.* ସୋପାନ, ପାହାଚ ।
Staircase, *n.* କାଠବାଡ଼ଯୁକ୍ତ ସୋପାନଶ୍ରେଣୀ ।
Stake, *n.* 1. ଶୂଳ; 2. ଖୋଜ; 3. ଖୁଣ୍ଟି; 4. ଧର୍ମାର୍ଥ ହତ ବ୍ୟକ୍ତି ଯେଉଁ ଖୁଣ୍ଟରେ ବନ୍ଧା ହୋଇଥାଏ; 5. ବାଜି, ପଣ ।—*v.t.* 1. ଶୂଳରେ ବଦ୍ଧ-କ; 2. ଖୁଣ୍ଟଦ୍ୱାରା ସୀମା ନିର୍ଣ୍ଣୟ-କ; 3. ବାଜି ରଖିବା ।—At stake, 1. ପଣରେ ରକ୍ଷିତ; 2. ସଙ୍କଟାପନ୍ନ ।
Stale, *a.* 1. ବାସି, ପର୍ଯ୍ୟୁଷିତ; 2. ବିସ୍ୱାଦ; 3. ପୁରୁଣା; [4. ପଣ୍ଡ ।
Stalely, *ad.* ବିସ୍ୱାଦରୂପେ ।
Stalemate, *n.* ଚତୁରଙ୍ଗ ଖେଳାରେ ରଜା ଯେତେବେଳେ ଦୁଇଲେ କିସ୍ତିରେ ପଡ଼ନ୍ତ ।
Staleness, *n.* ପର୍ଯ୍ୟୁଷିତତ୍ୱ ।
Stalk, (1) *n.* 1. ଡେମ୍ଫ, ବୃନ୍ତ; 2. ପକ୍ଷକାଣ୍ଡ ।
Stalk, (2) *v.i.* 1. ଗୋଡ଼ ଲମ୍ବାଇ ଚାଲିବା; 2. ଦୂରେ ପାଦ ନିକ୍ଷେପକରି ଚାଲିବା; 3. ବ୍ୟାଧର ଅନ୍ତରାଳରେ ପଛେ ଚାଲିବା ।—*v.t.* ଲୁଚି ଯାଇ ଶିକାର-କ ।
Stalking, *n.* ବ୍ୟାଧର ଅନ୍ତରାଳରେ ପଛେ ଗମନ ।
Stalking-horse, *n.* 1. ଶିକାର କଲାବେଳେ ଶିକାରୀ ଯେଉଁ ଘୋଡ଼ାର ପଶ୍ଚାତରେ ଲୁଚିଥାଏ; 2. ଛଦ୍ମବେଶ ।
Stalkless, *a.* ବୃନ୍ତହୀନ ।
Stalky, *a.* ବୃନ୍ତତୁଲ୍ୟ ।
Stall, *n.* 1. ପଶୁଶାଳାସ୍ଥ ଖାଇବା ସ୍ଥାନ; 2. ଅସ୍ତବଲରେ ଘୋଡ଼ାମାନଙ୍କର ପୃଥକ୍ ସ୍ଥାନ; 3. ବିକିବା ସାମଗ୍ରୀ ରଖିବାର ମଞ୍ଚ; 4. ଦୋକାନର ଚାଳିଆ; 5. କେତେକ ଉପାସନାଳୟରେ ଧର୍ମୋପଦେଶକ ବା ଗାୟକ ଦଳ ନିମନ୍ତେ ରକ୍ଷିତ ଆସନ; 6. ରଙ୍ଗାଳୟରେ ରକ୍ଷିତ ଆସନ ।—*v.t.* ଅସ୍ତବଲରେ ରଖିବା ।
Stallage, *n.* ଦୋକାନରେ ଚାଳିଆ କରିବାର ଅଧିକାର ଓ ତନ୍ନିମନ୍ତେ କର ।
Stallion, *n.* ଖାସି ହୋଇ ନ ଥିବା ଘୋଡ଼ା, ପୁଂଘୋଟକ ।
Stalwart, *a.* 1. ବଳବାନ୍; 2. ମଜବୁତ୍; 3. ଦୃଢ଼ ପକ୍ଷାବଲମ୍ବୀ ।
Stalwartly, *ad.* 1. ବଳବତ୍ତରଭାବେ; 2. ଦୃଢ଼ଭାବେ ।
Stalwartness, *n.* 1. ବଳବତ୍ତରତା; 2. ଦୃଢ଼ତା ।
Stamen, *n.* ପୁଷ୍ପର ପୁଂକେଶର ।
Stamened, *a.* ପୁଂକେଶରଯୁକ୍ତ ।
Stamina, *n.* 1. ଶକ୍ତିସାର; 2. ଶାରୀରିକ ବଳ ।
Staminal, Stamineous, *a.* ପୁଂକେଶର ସମ୍ବନ୍ଧୀୟ ।
Stammer, *v.t.* ତୋତଲା କରି କହିବା ।—*v.i.* ଶବ୍ଦ ବାଧି ଯିବା ।—*n.* ଅସ୍ପଷ୍ଟ ଉଚ୍ଚାରଣ ।

Stammerer, *n.* ତୋତଲା, ଗଦା ।
Stammering, *n.* ତୋତଲାମି ।
Stammeringly, *ad.* ଅସ୍ପଷ୍ଟଭାବେ ।
Stamp, *v.t.* and *i.* 1. ପାଦ କଚାଡ଼ିବା; 2. ମୋହର ମାରିବା; 3. ଟିକଟ୍ ଲଗାଇବା; 4. ମୁଦ୍ରାଙ୍କିତ-କ; 5. ଚାପିବା ।—*n.* 1. ପାଦଚାପନ; 2. ମୁଦ୍ରିତ ଚିହ୍ନ; 3. ମୋହର, ମୁଦ୍ରା; 4. ଟିକଟ୍; 5. ଧରଣ; 6. ଧାତୁ ଚୂର୍ଣ୍ଣ କରିବା ମୁଷଳ ।—To stamp out, 1. ଚାପି ନିଭାଇବା; 2. ଉଚ୍ଛେଦ କରିବା ।
Stamp-act, *n.* ଶୁଲ୍କ ନିର୍ଣ୍ଣୟ କରିବା ଆଇନ ।
Stamp-collector, *n.* 1. ଶୁଲ୍କ ଆଦାୟ କରିବା କର୍ମଚାରୀ; 2. ଟିକଟ୍ ସଂଗ୍ରହକାରୀ ବ୍ୟକ୍ତି ।
Stamp-duty, *n.* ଦଲିଲ କାଗଜରେ ମୁଦ୍ରାଙ୍କିତ ଶୁଲ୍କ ।
Stampede, *n.* 1. ପଶୁପଲର ପଳାୟନକାରକ ଆକସ୍ମିକ ଭୟ; 2. ଭୟଜନିତ ପଳାୟନ ।
Stamping, *n.* ମୋହରଯୁକ୍ତକରଣ ।
Stanch, *v.t.* ରକ୍ତପ୍ରବାହ ରୋଧ-କ ।—*a.* 1. ଅଟଳ; 2. ବିଶ୍ୱସ୍ତ; 3. ନିଷ୍ଠାବାନ୍ ।
Stanchion, *stan'shun*, *n.* 1. ଅବଲମ୍ବ; 2. ଟେକ; 3. ଖୁଣ୍ଟ ।
Stanchly, *ad.* ବିଶ୍ୱସ୍ତଭାବେ ।
Stanchness, *n.* ବିଶ୍ୱସ୍ତତା ।
Stand, *v.i.* 1. ଠିଆ-ହେ, ଉଭା-ହେ, ଦଣ୍ଡାୟମାନ-ହେ; 2. ସ୍ଥଗିତ ରହିବା; 3. ଅବସ୍ଥିତ-ହେ; 4. ଅଟଳ ରହିବା; 5. ସମ୍ଭାଳିବା; 6. ପଦପ୍ରାର୍ଥୀ-ହେ; 7. ସଂପରମୁଖୀ -ହେ ।—*v.t.* 1. ଠିଆ କରାଇବା; 2. ସହ୍ୟ-କ; 3. ମାନିବା; 4. ବ୍ୟୟ ବହନ-କ ।—*n.* 1. ଅଡ଼ା; 2. ଥୋଇବା ସ୍ଥାନ; 3. ଘୋଡ଼ଦୌଡ଼ ପ୍ରଭୃତି ଦେଖିବାର ମଞ୍ଚ; 4. ଅଦାଲତରେ ସାକ୍ଷୀ ଠିଆହେବାର ସ୍ଥାନ; 5. ପ୍ରତିରୋଧ; 6. ସ୍ଥଗିତାବସ୍ଥା ।—To stand by, ସହାୟ-ହେ । To stand fire, ଗୁଳିବର୍ଷଣ ସହ୍ୟ-କ । To stand one's ground, ସ୍ୱାଧିକୃତ ସ୍ଥାନ ରକ୍ଷା -କ । To stand out, 1. ଶେଷ ପର୍ଯ୍ୟନ୍ତ ସହିବା; 2. ଅମତ ରହିବା; 3. ଉଦ୍ଗତ-ହେ ।—To stand to, ଅଟଳଭାବେ ରହିବା । To stand up, ଛିଡ଼ା-ହେ । To stand up for, ସମର୍ଥନ-କ ।
Standard, *n.* 1. ନିୟମ; 2. ଆଦର୍ଶ; 3. ମାନ; 4. ନିଶାଣ; 5. ରଣପତାକା ।—*a.* 1. ନିୟମାନୁଯାୟୀ; 2. ପ୍ରଚଳିତ; 3. ସ୍ଥାୟିମୂଲ୍ୟବିଶିଷ୍ଟ ।
Standard-bearer, *n.* ରଣପତାକା ଧରିବା ସୈନିକ ।
Standing, *a.* 1. ସ୍ଥିରୀକୃତ; 2. ଅଚଳ, ଅପ୍ରବାହିତ; 3. ଦଣ୍ଡାୟମାନ ।—*n.* 1. ଅସ୍ତିତ୍ୱ; 2. ସ୍ଥିତ; 3. ସାମାଜିକ ପଦ ।
Standing-orders, *n.* (*pl*) ସ୍ଥିରୀକୃତ ନିୟମ ।
Standish, *n.* କଲମଦାନ ।
Stand-off, Stand-offish, *a.* 1. ଅନାଳାପୀ; 2. [ଦାମ୍ଭିକ ।
Stand-point, *n.* 1. ଦର୍ଶକର ଠିଆହେବା ସ୍ଥାନ; 2. ବିଚାରର ମୌଳିକ ସୂତ୍ର ।

Standstill, *n.* ସ୍ଥଗିତାବସ୍ଥା ।
Stand-up, *a.* 1. ଠିଅଠିଅ; 2. ମୁହାଁମୁହିଁ ସମ୍ପାଦିତ ।
Stang, *n.* କାଷ୍ଠଦଣ୍ଡ ।
Stank, *pa. t.* of Stink.
Stannary, *n.* ଟିଣଖଣି ।
Stanza, *n.* 1. ଶ୍ଳୋକ; 2. କବିତାର ବିଶେଷ ବିଭାଗ ।
Staple, (1) *n.* 1. ଦେଶୋତ୍ପନ୍ନ ପ୍ରଧାନ ଦ୍ରବ୍ୟ; 2. ପ୍ରଧାନ ଉପାଦାନ; 3. ବାଣିଜ୍ୟସ୍ଥଳ ।—*a.* 1. ସ୍ଥାପିତ; 2. ଧାରାମତ ବିକ୍ରୟାର୍ଥ ପ୍ରସ୍ତୁତ ।
Staple, (2) *n.* ଖିଲସର ।
Star, *n.* 1. ତାରା, ତାରକା, ନକ୍ଷତ୍ର; 2. ମର୍ଯ୍ୟାଦାସୂଚନାର୍ଥ ତାରକା ଚିହ୍ନ; 3. ଉଜ୍ଜ୍ୱଳ ଗୁଣସମ୍ପନ୍ନ ବ୍ୟକ୍ତି; 4. ନାଟକ ଦଳର ପ୍ରଧାନ ନଟ; 5. ତାରାକୃତ ଚିହ୍ନ ଯଥା (*) ।—Stars and stripes, ଆମେରିକା ଦେଶର ପତାକା ।
Starboard, *n.* ଜାହାଜର ଦକ୍ଷିଣ ପାର୍ଶ୍ୱ ।—*a.* ଜାହାଜର ଦକ୍ଷିଣ ପାର୍ଶ୍ୱସ୍ଥ ।
Starch, *n.* 1. ମଣ୍ଡ, ଶ୍ୱେତସାର; 2. ଅନମନୀୟଭାବ; 3. ବାହ୍ୟ ଭଦ୍ରତା ।
Starched, *a.* ମଣ୍ଡଭରା, ମଣ୍ଡୁଆ ।
Starchily, *ad.* 1. ଅନମନୀୟଭାବେ; 2. ବାହ୍ୟଭଦ୍ରତାନୁଯାୟୀ ।
Starchiness, *n.* 1. ମଣ୍ଡୁଆ ଅବସ୍ଥା; 2. ଅନମନୀୟତା ।
Starchy, *a.* 1. ମଣ୍ଡୁଆ; 2. ମଣ୍ଡଯୁକ୍ତ; 3. ଅନମନୀୟ; 4. ବାହ୍ୟଭଦ୍ରତାପୂର୍ଣ୍ଣ ।
Stare, *v.i.* 1. ସ୍ଥିର ଦୃଷ୍ଟି-କ; 2. ଖାଡ଼ା ହୋଇ ଉଠିବା ।—*v.t.* ଏକଦୃଷ୍ଟିରେ ଅନାଇବା ।—*n.* ସ୍ଥିରଦୃଷ୍ଟି ।
Star-gazer, *n.* 1. ଗଣକ; 2. ଜ୍ୟୋତିର୍ବେତ୍ତା ।
Star-gazing, *n.* କୃତ୍ରିମ ନକ୍ଷତ୍ରବିଦ୍ୟା ।
Staring, *n.* ସ୍ଥିରଦୃଷ୍ଟିକରଣ ।
Staringly, *ad.* ସ୍ଥିର ଦୃଷ୍ଟିରେ । [ସମ୍ପୂର୍ଣ୍ଣରୂପେ ।
Stark, *a.* 1. ଅନମ୍ୟ; 2. ସମ୍ପୂର୍ଣ୍ଣ; 3. ଉଲଗ୍ନ ।—*ad.*
Stark-naked, *a.* ସମ୍ପୂର୍ଣ୍ଣ ଉଲଗ୍ନ ।
Starkness, *n.* ଅନମ୍ୟତା ।
Starless, *a.* ନକ୍ଷତ୍ରହୀନ ।
Starlight, *n.* ନକ୍ଷତ୍ରାଲୋକ ।
Starlike, *a.* 1. ନକ୍ଷତ୍ରବତ୍; 2: ତାରକାକୃତ; 3. ତେଜସ୍କର । [ଚିତ୍ରିତ ପକ୍ଷୀ ।
Starling, *n.* ମାଟିଆ ଓ କଳା ରଙ୍ଗର ଏକପ୍ରକାର
Starred, *a.* ନକ୍ଷତ୍ରଦ୍ୱାରା ସୁଶୋଭିତ ।
Starry, *a.* 1. ତାରକାମୟ; 2. ନକ୍ଷତ୍ରୋତ୍ପନ୍ନ ।
Start, *v.i.* 1. ଚମକି ଉଠିବା; 2. ଆରମ୍ଭ-କ; 3. ପ୍ରସ୍ଥାନ-କ ।—*v.t.* 1. ଚଳାଇବାକୁ ଆରମ୍ଭ-କ; 2. ଚମକାଇବା; 3. ଉତ୍ଥାପିତ-କ ।—*n.* 1. ଚମକ; 2. ପ୍ରସ୍ଥାନ; 3. ଆରମ୍ଭ ।—To start after, ପଛେ୨ ଗୋଡ଼ାଇବା । To get or have the start, ଅନ୍ୟର ପୂର୍ବରୁ ଆରମ୍ଭ-କ ।—By fits and starts, ମଧ୍ୟେ୨ ।

Starter, *n.* 1. ପ୍ରସ୍ଥାନ କରାଇବା ଲୋକ; 2. ଉତ୍ଥାପନକର୍ତ୍ତା ।
Starting-point, *n.* 1. ଯେଉଁ ସ୍ଥାନରୁ ପ୍ରସ୍ଥାନ କରାଯାଏ; 2. ଆରମ୍ଭ ସ୍ଥଳ ।
Starting-post, *n.* ଯେଉଁ ସ୍ତମ୍ଭ ନିକଟରୁ ଦୌଡ଼ ଆରମ୍ଭ ହୁଏ ।
Startle, *v.t.* 1. ଚମକାଇ-ଦେ; 2. ହଠାତ୍ ଭୟ ଦେଖାଇବା ।
Startling, *a.* 1. ଚମକପ୍ରଦ; 2. ଆତଙ୍କଜନକ ।
Startlingly, *ad.* ଚମକପ୍ରଦରୂପେ ।
Starvation, *n.* 1. ଅନାହାରରେ ପ୍ରାଣତ୍ୟାଗ; 2. ଅନ୍ନକଷ୍ଟାବସ୍ଥା ।
Starve, *v.i.* 1. ଅନାହାରରେ ମରିବା; 2. ଶୀତ ଯୋଗୁଁ ମରିବା; 3. ଅତ୍ୟନ୍ତ କ୍ଷୁଧାର୍ତ୍ତ-ହେ; 4. ଅତିଶୟ ଅଭାବଗ୍ରସ୍ତ-ହେ ।—*v.t.* 1. ଅନ୍ନକଷ୍ଟରେ ମାରିବା; 2. ଶକ୍ତିହୀନ-କ ।
Starveling, *a.* 1. କ୍ଷୁଧିତ; 2. କୃଶ; 3. ହୀନବଳ ।—*n.* ଅନାହାରରେ ଶୀର୍ଣ୍ଣ ପଦାର୍ଥ ।
Statable, *a.* ବର୍ଣ୍ଣନୀୟ ।
State, *n.* 1. ଅବସ୍ଥା, ଦଶା; 2. ରାଜ୍ୟ; 3. ଜନସମାଜ; 4. ସରକାର; 5. ଐଶ୍ୱର୍ଯ୍ୟ ।—*a.* 1. ସରକାରୀ; 2. ରାଜ୍ୟସମ୍ବନ୍ଧୀୟ; 3. ଆଡମ୍ବରପୂର୍ଣ୍ଣ; 4. ଐଶ୍ୱର୍ଯ୍ୟବନ୍ତ ।—*v.t.* 1. ବର୍ଣ୍ଣନା-କ; 2. ବ୍ୟାଖ୍ୟା-କ; 3. ବିବୃତ-କ ।
State-craft, *n.* ରାଜଶାସନ କୌଶଳ ।
Stated, *a.* 1. ଯଥାକାଳରେ ଘଟିତ; 2. ସ୍ଥିରୀକୃତ; 3. ନିୟମିତ ।
Statedly, *ad.* 1. ଯଥାବସ୍ଥ; 2. ନିୟମତେ ।
Stateliness, *n.* 1. ମହତ୍ତ୍ୱ; 2. ଐଶ୍ୱର୍ଯ୍ୟବତ୍ତା ।
Stately, *a.* 1. ମହାନ୍; 2. ପ୍ରତାପଶାଳୀ; 3. ଐଶ୍ୱର୍ଯ୍ୟବନ୍ତ ।—*ad.* ଐଶ୍ୱର୍ଯ୍ୟବନ୍ତରୂପେ ।
Statement, *n.* 1. ବର୍ଣ୍ଣନାକରଣ; 2. ବାକ୍ୟ; 3. ବୃତ୍ତାନ୍ତ ।
State-monger, *n.* କୁଟ ରାଜନୀତିଜ୍ଞ ପୁରୁଷ ।
State-paper, *n.* ସରକାରୀ ବୃତ୍ତାନ୍ତପତ୍ର ।
State-prisoner, *n.* 1. ରାଜଦ୍ରୋହ ହେତୁ ବନ୍ଦୀ; 2. ରାଜନୈତିକ ବନ୍ଦୀ ।
State-religion, *n.* ରାଜକୀୟ ଧର୍ମ ।
Stateroom, *n.* 1. ରାଜ ପ୍ରାସାଦର ଦରବାର କୋଷ୍ଠ; 2. ଜାହାଜର ପ୍ରଧାନ ପ୍ରକୋଷ୍ଠ ।
Statesman, *n.* 1. ରାଜନୀତିଜ୍ଞ ପୁରୁଷ; 2. ରାଜଶାସନ କୌଶଳରେ ନିପୁଣ ଲୋକ ।
Statesman-like, *a.* ରାଜନୀତିଜ୍ଞୋଚିତ, ରାଜନୀତିଜ୍ଞ ପୁରୁଷଯୁକ୍ତ ।
Statesmanly, *ad.* ରାଜନୀତିଜ୍ଞୋଚିତଭାବେ ।
Statesmanship, *n.* ରାଜନୀତିଜ୍ଞତା ।
Static, Statical, *a.* 1. ସ୍ଥିତିବିଜ୍ଞାନ ସମ୍ବନ୍ଧୀୟ; 2. ସମସ-ସ୍ଥାପିତ ବସ୍ତୁ ସମ୍ବନ୍ଧୀୟ; 3. ନିଶ୍ଚଳ ।
Statics, *n.* ସ୍ଥିତିବିଜ୍ଞାନ ।

Station, *n.* 1. ଅବସ୍ଥିତ ସ୍ଥାନ; 2. କାର୍ଯ୍ୟକ୍ଷେତ୍ର; 3. ବାସ, ଆଶ୍ରୟ; 4. ଦଶା; 5. ପଦ; 6. ବ୍ୟାପାର; 7. ରେଲଗାଡ଼ି ସ୍ଥଗିତ ହେବାର ସ୍ଥାନ, ଷ୍ଟେଶନ; 8. ଥାନା, ଫାଣ୍ଡି; 9. ଭାରତବର୍ଷରେ ସରକାରୀ କର୍ମଚାରୀମାନଙ୍କ ବସତି ସ୍ଥାନ ।—*v.t.* 1. କାର୍ଯ୍ୟକ୍ଷେତ୍ରରେ ନିଯୁକ୍ତ-କ; 2. ବସାଇବା ।

Stationary, *a.* 1. ସ୍ଥାବର; 2. ଅଟଳ; 3. ସ୍ଥିର; 4. ହ୍ରାସବୃଦ୍ଧିରହିତ ।

Stationer, *n.* କାଗଜ କଲମ ପ୍ରଭୃତିର ବିକ୍ରେତା ।

Stationery, *n.* ଲେଖାର୍ଥ କାଗଜ କଲମ ପ୍ରଭୃତି ।

Station-house, *n.* ଥାନା, ଫାଣ୍ଡି ।

Station-master, *n.* ରେଲ୍‌ଷ୍ଟେଶନର ପ୍ରଧାନ କର୍ମଚାରୀ ।

Statist, *n.* ରାଜନୀତିଜ୍ଞ ପୁରୁଷ ।

Statistic, Statistical, *a.* ଜନସାଧାରଣର ଅବସ୍ଥା ବିବରଣ ସମ୍ବନ୍ଧୀୟ ।

Statistically, *ad.* ଜନସାଧାରଣର ଅବସ୍ଥା-ବିଜ୍ଞାନାନୁସାରେ ।

Statistician, *n.* ଜନସାଧାରଣର ଅବସ୍ଥା-ବିଜ୍ଞାନବେତ୍ତା ।

Statistics, *n.* ଜନସାଧାରଣର ଅବସ୍ଥା ସଂଖ୍ୟା ଆୟ-ବ୍ୟୟାଦିର ତଥ୍ୟାବଳୀ, ଦେଶାବସ୍ଥାର ବିବରଣ; 2. ଜନସାଧାରଣର ଅବସ୍ଥା-ବିଜ୍ଞାନ ।

Stative, *a.* ସ୍ଥାୟୀ ସୈନ୍ୟ-ଶ୍ରେଣି ସମ୍ବନ୍ଧୀୟ ।

Statuary, *a.* 1. ପ୍ରସ୍ତରମୂର୍ତ୍ତି ଖୋଦନବିଦ୍ୟା; 2. ପ୍ରସ୍ତରମୂର୍ତ୍ତି ସଂଗ୍ରହ; 3. ପ୍ରସ୍ତରମୂର୍ତ୍ତିର ନିର୍ମାତା ବା ବ୍ୟବସାୟୀ ।

Statue, *n.* 1. ମୂର୍ତ୍ତି; 2. ପ୍ରତିମା ।

Statuesque, *a.* 1. ମୂର୍ତ୍ତିସଦୃଶ; 2. ପ୍ରତିମାବତ୍ ।

Statuette, *n.* କ୍ଷୁଦ୍ର ପ୍ରତିମା ।

Stature, *n.* ଦେହର ସ୍ୱାଭାବିକ ଉଚ୍ଚତା ।

Status, *n.* 1. ସ୍ଥିତି; 2. ପଦ; 3. ସମ୍ମାନିତ ଅବସ୍ଥା ।

Statutable, *a.* 1. ବ୍ୟବସ୍ଥାସିଦ୍ଧ; 2. ଆଇନାନୁଯାୟୀ ।

Statute, *n.* ଲିଖିତ ବ୍ୟବସ୍ଥା, ଆଇନ ।

Statute-book, *n.* ଆଇନ ବହି ।

Statutory, *a.* ବ୍ୟବସ୍ଥାସିଦ୍ଧ ।

Staunch, *a.* 1. ନିଷ୍ଠାବାନ୍; 2. ବିଶ୍ୱସ୍ତ; 3. ଅଟଳ ।

Stave, *n.* 1. ପିପାର କାଠ; 2. ସଙ୍ଗୀତ ଲେଖାର ଅଂଶ ।—*v.t.* 1. ଭାଙ୍ଗି ପକାଇବା; 2. ବିଳମ୍ବିତ-କ ।

Stay, (1) *v.i.* 1. ରହିବା; 2. କିଛିକାଳ ନିମନ୍ତେ ବାସ-କ; 3. ଅପେକ୍ଷାରେ ରହିବା; 4. କ୍ଷାନ୍ତ-ହେ; 5. ନିର୍ଭର-କ ।—*v.t.* 1. ସ୍ଥଗିତ-କ; 2. ଅଟକ-କ; 3. ବିଳମ୍ବିତ-କ; 4. ଠେସ-ଦେ ।—*n.* 1. ଅବସ୍ଥାନ; 2. ସ୍ଥଗିତାବସ୍ଥା; 3. ଅଟକ; 4. ଠେସ ।

Stay, (2) *n.* ଏକ ମାସ୍ତୁଲରୁ ଅନ୍ୟ ମାସ୍ତୁଲକୁ ଅବା ଜାହାଜ ପାର୍ଶ୍ୱରେ ଲାଗିଥିବା ରଜ୍ଜୁ ।—*v.t.* 1. ରଜ୍ଜୁଦ୍ୱାରା ଅଟଳ-କ; 2. ରଜ୍ଜୁଦ୍ୱାରା ଦୃଢ଼-କ ।

Stayer, *n.* 1. ଯେ ବା ଯାହା ଠେସ ଦିଏ; 2. ସହଜେ କ୍ଷାନ୍ତ ନ ହେବା ପ୍ରାଣୀ ।

Stays, *n.* ଏକପ୍ରକାର କାଞ୍ଚୁଲା ।

Stead, *n.* 1. ସ୍ଥାନ; 2. ଜାଗା; 3. ସାହାଯ୍ୟ ।

Steadfast, *a.* 1. ଦୃଢ଼ବଦ୍ଧ; 2. ସ୍ଥିରସଙ୍କଳ୍ପ; 3. ଅଟଳ ।

Steadfastly, *ad.* ଦୃଢ଼ବଦ୍ଧରୂପେ ।

Steadfastness, *n.* ଦୃଢ଼ତା ।

Steadily, *ad.* 1. ସ୍ଥିରଭାବେ; 2. ଅବିଶ୍ରାନ୍ତଭାବେ ।

Steadiness, *n.* 1. ସ୍ଥିରତା; 2. ଅଚଳତା; 3. ଅବିଶ୍ରାନ୍ତ ଭାବ ।

Steady, *a.* 1. ସ୍ଥିର; 2. ଅଟଳ; 3. ଅନବରତ; 4. ପରିଶ୍ରମୀ ।—*v.t.* 1. ଅଚଳ-କ, ଦୃଢ଼-କ; 2. ସ୍ଥିର-କ ।

Steady-going, *a.* 1. ଧୀରସ୍ୱଭାବଯୁକ୍ତ; 2. ଅବିଶ୍ରାନ୍ତ ଗତିବିଶିଷ୍ଟ ।

Steak, *n.* ଭଜାହେବାପାଇଁ ଗୋମାଂସ ଖଣ୍ଡ ।

Steal, *v.t.* 1. ଚୋରି-କ; 2. କ୍ରମଶଃ ଲାଭ-କ; 3. ହିଙ୍କା ମାରିବା ।—*v.i.* 1. ଚୋରି ଖାଇବା-କ; 2. ଅଜ୍ଞାତସାରେ ଚାଲିବା ।—To steal a march on, ଅଜ୍ଞାତସାରରେ ସ୍ୱ ଅଭିପ୍ରାୟ ସିଦ୍ଧ-କ ।

Stealing, *n.* ଚୋରପଣ, ଚୌର୍ଯ୍ୟ ।

Stealth, *n.* ଗୁପ୍ତଭାବ ।

Stealthily, *ad.* 1. ଗୁପ୍ତଭାବେ; 2. ଗୁପ୍ତେ; 3. ଛଳେ ।

Stealthiness, *n.* ଗୋପନୀୟତା ।

Stealthy, *a.* 1. ସଂଗୋପନରେ ସାଧିତ; 2. ଅଜ୍ଞାତ; 3. ଗୋପନୀୟ ।

Steam, *n.* ବାଷ୍ପ, ବାମ୍ଫ ।—*v.i.* 1. ବାମ୍ଫ ବାହାରିବା; 2. ବାଷ୍ପଦ୍ୱାରା ଚାଳିତ-ହେ ।—*v.t.* ବାଷ୍ପରେ ରନ୍ଧିବା ।

Steamboat, Steamship, Steam-vessel, *n.* ବାଷ୍ପୀୟ ପୋତ ।

Steam-boiler, *n.* ବାଷ୍ପ ଉତ୍ପାଦନ କରିବା ପାତ୍ର ।

Steam-engine, *n.* ବାଷ୍ପୀୟ କଳ ।

Steamer, *n.* 1. କଳ ଜାହାଜ; 2. ବାଷ୍ପରେ ରନ୍ଧିବାପାଇଁ ବସ୍ତୁର ଆଧାର ।

Steaminess, *n.* ବାଷ୍ପୀୟ ଗୁଣ ।

Steam-power, *n.* ବାଷ୍ପୀୟ ଶକ୍ତି ।

Steamy, *a.* ବାମ୍ଫମୟ, ବାଷ୍ପ ପରିପୂର୍ଣ୍ଣ ।

Steed, *n.* 1. ଘୋଟକ; 2. ରାଜକୀୟ ବା ସାମରିକ ଅଶ୍ୱ ।

Steel, *n.* 1. ଇସ୍ପାତ, କାନ୍ତ ଲୌହ; 2. ଇସ୍ପାତନିର୍ମିତ ଅସ୍ତ୍ର; 3. ଧାର ଦେବାର ଇସ୍ପାତ ନିର୍ମିତ ହତିଆର; 4. ଚକମକି ଲୁହା; 5. ଅତିଶୟ କାଠିନ୍ୟ ।—*a.* 1. ଇସ୍ପାତ-ନିର୍ମିତ; 2. କଠିନ; 3. ନିର୍ଦୟ ।—*v.t.* 1. ଇସ୍ପାତ ଲଗାଇବା; 2. ଶକ୍ତ-କ; 3. କଠିନ-କ ।

Steel-engraving, *n.* 1. ଇସ୍ପାତରେ ନକ୍ସା ଖୋଳିବା ବିଦ୍ୟା; 2. ଖୋଦିତ ଇସ୍ପାତରୁ ଛପା ହେବା ନକ୍ସା ।

Steel-pen, *n.* ଲୁହା କଲମ ।

Steely, *a.* 1. ଇସ୍ପାତନିର୍ମିତ; 2. ଇସ୍ପାତ ସଦୃଶ ।

Steelyard, *n.* ତୁଳାଦଣ୍ଡ, ଦାଣ୍ଡି ।

Steep, (1) *a.* 1. ଗଡ଼ାଣିଆ; 2. ଉଚ୍ଚ; 3. ଭୃଗୁ —*n.* 1. ଗଡ଼ାଣିଆ ସ୍ଥାନ; 2. ଗିରିଶୃଙ୍ଗ ।

Steep, (2) *v.t.* 1. ବୁଡ଼ାଇବା; 2. ଜଳପ୍ରବିଷ୍ଟ-କ ।

Steepen, *v.i.* ଉଚ୍ଚ-ହେ ।
Steepiness, Steepness, *n.* 1. ଉଚ୍ଚାବସ୍ଥା; 2. ଦୁର୍ଗମତା ।
Steeple, *n.* ଗୀର୍ଜାଘରର ଚୂଡ଼ା ।
Steeplechase, *n.* ଲମ୍ଫନ ଦ୍ୱାରା ବାଧାବସ୍ତୁ ଅତିକ୍ରମ ପୂର୍ବକ ଘୋଡ଼ଦୌଡ଼ ।
Steepled, *a.* ଚୂଡ଼ାଯୁକ୍ତ ।
Steer, (1) *n.* ବାଛୁରି ।
Steer, (2) *v.t.* 1. ମଙ୍ଗଯଷ୍ଟି ଦ୍ୱାରା ଚଳାଇବା; 2. ପଥରେ କଢ଼ାଇ-ନେ ।—*v.i.* ନୌକା ଚଳାଇବା ।
Steerage, *n.* 1. ନୌଚାଳନ; 2. ଜାହାଜର ଅଗ୍ରଭାଗସ୍ଥ କୋଠରି ଯହିଁରେ ଯାତ୍ରୀ କମ୍ ଭଡ଼ା ଦିଅନ୍ତି ।
Steerer, Steersman, *n.* ନାଉରି, ମାଝି, କର୍ଣ୍ଣଧାର ।
Stellar, Stellary, *a.* 1. ତାରକାସମ୍ବନ୍ଧୀୟ; 2. ନକ୍ଷତ୍ରପୂର୍ଣ୍ଣ ।
Stellate, Stellated, *a.* 1. ତାରକାକାର; 2. ଅଂଶୁମୟ ।
Stelliferous, *a.* ବହୁନକ୍ଷତ୍ରପୂର୍ଣ୍ଣ ।
Stelliform, *a.* ନକ୍ଷତ୍ରାକୃତି ।
Stellular, *a.* କ୍ଷୁଦ୍ର ନକ୍ଷତ୍ରାକାର ।
Stellulate, *a.* କ୍ଷୁଦ୍ର ନକ୍ଷତ୍ରବତ୍ ।
Stem, (1) *n.* 1. ବୃକ୍ଷକାଣ୍ଡ, ବୃନ୍ତ; 2. ବଂଶ, ଗୋତ୍ର ।
Stem, (2) *n.* ପୋତାଗ୍ରଭାଗ ।—*v.t.* ପ୍ରତିରୋଧ-କର, ଅଟକାଇବା ।—From stem to stern, 1. ପୋତର ଅଗ୍ରଭାଗରୁ ପଶ୍ଚାଦ୍ଭାଗ ପର୍ଯ୍ୟନ୍ତ; 2. ସମ୍ପୂର୍ଣ୍ଣରୂପେ ।
Stench, *n.* ଦୁର୍ଗନ୍ଧ, ପୂତିଗନ୍ଧ ।
Stencil, *n.* ଚିତ୍ରାଦି କଟାହୋଇଥିବା ଧାତୁପତ୍ର ।—*v.t.* କଟାହୋଇଥିବା ଧାତୁପତ୍ରଦ୍ୱାରା ଚିତ୍ରାଙ୍କନ-କର ।
Stenographer, Stenographist, *n.* ସାଙ୍କେତିକ ଲିପିକଳାଜ୍ଞ ଲୋକ ।
Stenography, *n.* ସାଙ୍କେତିକ ଲିପିକଳାବିଦ୍ୟା ।
Stentorian, *a.* ଉଚ୍ଚଶବ୍ଦକାରୀ, ଭୀମନାଦକାରୀ ।
Step, *n.* 1. ପାଦନ୍ୟାସ; 2. ପଦକ୍ଷେପ; 3. କ୍ରମ; 4. ସୋପାନ; 5. ପଦଚିହ୍ନ, ପଦାଙ୍କ; 6. ଚାଲିବା ଢଙ୍ଗ; 7. କାର୍ଯ୍ୟାବସ୍ଥା; 8. ଉପାୟ ।—*pl.* 1. ଗତି; 2. ଗମନର ପଥ; 3. ସୋପାନଶ୍ରେଣୀ ।—*v.i.* 1. ପାଦନ୍ୟାସ କରାଇବା, ପାଦ ନିକ୍ଷେପ-କର; 2. ଧୀରେ ଚାଲିବା; 3. ମନରେ ଗତି-କର ।—To step aside, 1. ଟିକେ ଛାଡ଼ି ଅଲଗା-ହେ; 2. ଭ୍ରାନ୍ତ-ହେ । To step in or into, ହଠାତ୍ ବା ଅନପେକ୍ଷିତଭାବେ ପ୍ରବେଶ-କର । To step out, ବଡ଼ ପାଦନ୍ୟାସ କରାଇବା । Step by step, 1. ଧୀରେ; 2. କ୍ରମେ ।
Step-brother, *n.* ସାବତ ଭାଇ ।
Step-child, *n.* ସାବତ ପିଲା ।
Step-daughter, *n.* ସାବତ ଝିଅ ।
Step-father, *n.* ସାବତ ବାପ, ଉପପିତା ।
Step-mother, *n.* ସାବତ ମା, ଉପମାତା ।
Steppe, *n.* ରୁଷିଆଦେଶର ବୃକ୍ଷଶୂନ୍ୟ ପ୍ରାନ୍ତର ।
Stepping-stone, *n.* ପାଦଦେଇ ଚାଲିବା ନିମନ୍ତେ କାଦୁଅ ବା ପାଣିରେ ପକାଯାଇଥିବା ପଥର ।
Step-sister, *n.* ସାବତ ଭଉଣୀ ।
Step-son, *n.* ସାବତ ପୁଅ ।
Stereoscope, *n.* ଯେଉଁ ଯନ୍ତ୍ରଦ୍ୱାରା ଚିତ୍ର ଘନପଦାର୍ଥପରି ପ୍ରତୀୟମାନ ହୁଏ, ଘନଦର୍ଶନ ଯନ୍ତ୍ର ।
Stereoscopic, Stereoscopical, *a.* ଘନଦର୍ଶନ ଯନ୍ତ୍ର ସମ୍ବନ୍ଧୀୟ ।
Stereotype, *n.* 1. ଅକ୍ଷରଯୁକ୍ତ ସୀସାର ପଟା; 2. ଛାପାକ୍ଷରରେ ସୀସା ପଟା ପ୍ରସ୍ତୁତ କରିବା କଳ୍ପ ।—*a.* ଅକ୍ଷରଯୁକ୍ତ ସୀସାପଟା ସମ୍ବନ୍ଧୀୟ ବା ତହିଁରୁ ମୁଦ୍ରିତ ।—*v.t.* 1. ଛାପାକ୍ଷରରେ ସୀସାପଟା ପ୍ରସ୍ତୁତ-କର; 2. ଅକ୍ଷରଯୁକ୍ତ ସୀସାପଟାଦ୍ୱାରା ମୁଦ୍ରିତ-କର ।
Stereotyped, *a.* 1. ଅକ୍ଷରଯୁକ୍ତ ସୀସାପଟାଦ୍ୱାରା ମୁଦ୍ରିତ; 2. ନିୟମିତ ।
Sterile, *a.* 1. ଅଫଳନ୍ତ; 2. ବନ୍ଧ୍ୟା, ବାଞ୍ଝ; 3. ମରୁ; 4. ଊଷର ।
Sterilisation, *n.* ରୋଗୋତ୍ପାଦକ ଜୀବାଣୁ ନାଶକରଣ ।
Sterilise, *v.t.* 1. ଫଳୋତ୍ପାଦକ ଶକ୍ତି ହୀନ-କର; 2. ରୋଗୋତ୍ପାଦକ ଜୀବାଣୁ ନାଶ-କର ।
Sterility, *n.* 1. ଅଫଳନ୍ତ ଅବସ୍ଥା; 2. ବନ୍ଧ୍ୟାତ୍ୱ ।
Sterling, *a.* 1. ଇଂଲଣ୍ଡରେ ପ୍ରଚଳିତ ମୁଦ୍ରାସମ୍ବନ୍ଧୀୟ; 2. ପ୍ରକୃତ, ଅକୃତ୍ରିମ ।
Stern, (1) *a.* 1. କଠୋର; 2. କଠୋର; 3. କର୍କଶ ।
Stern, (2) *n.* 1. ଜାହାଜାଦିର ପଶ୍ଚାଦ୍ଭାଗ; 2. ପଶୁର ପଶ୍ଚାଦ୍ଦେଶ ।—*v.t.* (ନୌକାଦି) ପଛଆଡ଼କୁ ଚଳାଇବା ।
Sternly, *ad.* 1. କଠୋରଭାବେ; 2. କର୍କଶରୂପେ ।
Sternmost, *a.* ସବୁଠାରୁ ପଶ୍ଚାଦ୍ବର୍ତ୍ତୀ ।
Sternness, *n.* କଠୋରତା ।
Sternum, *n.* ବକ୍ଷୋସ୍ଥି ।
Sternutation, *n.* ଛିଙ୍କ, କ୍ଷୁତପତନ ।
Sternutative, Sternutatory, *a.* ଛିଙ୍କକାରକ ।—*n.* ଛିଙ୍କକାରକ ଦ୍ରବ୍ୟ ।
Stertorous, *a.* ନାସାଶବ୍ଦକାରୀ ।
Stethoscope, *n.* ଫୁସଫୁସ ପରୀକ୍ଷା କରିବା ଯନ୍ତ୍ର ।
Stethoscopic, Stethoscopical, *a.* ଫୁସଫୁସ ପରୀକ୍ଷା କରିବା ଯନ୍ତ୍ରସମ୍ବନ୍ଧୀୟ ବା ତତ୍ସମ୍ବନ୍ଧୀୟ ।
Stevedore, *n.* ଜାହାଜର ବୋଝାଇ ଲଦିବା ଓ କାଢ଼ିବା ଲୋକ ।
Stew, *v.t.* ଅଳ୍ପଜଳରେ ସିଝାଇବା ।—*v.i.* 1. ଅଳ୍ପଜଳରେ ସିଦ୍ଧ-ହେ; 2. ଗାବଦ୍ଧ-ହେ; 3. ପରୀକ୍ଷାର୍ଥ ଅତିରିକ୍ତ ଅଧ୍ୟୟନ-କର ।—*n.* 1. ଅଳ୍ପଜଳରେ ସିଝା ମାଂସ; 2. ସାବଜ ଭାବ, ସାବଜଣି ।
Steward, *n.* 1. ଭଣ୍ଡାରଘରିଆ; 2. କର୍ମାଧ୍ୟକ୍ଷ; 3. ଜାହାଜରେ ଖାଦ୍ୟସାମଗ୍ରୀ ଯୋଗାଇବା କର୍ମଚାରୀ; 4. କ୍ରୀଡ଼ା ପ୍ରଭୃତିର ତତ୍ତ୍ୱାବଧାରକ ।

Stewardship, Stewardry, *n.* 1. ଭଣ୍ଡାରଘର-ଅର ପଦ; 2. ତତ୍ତ୍ୱାବଧାନ ।
Stibium, *n.* ଅଞ୍ଜନ, କଜ୍ଜଳ ।
Stick, (1) *v.t.* 1. କେଞ୍ଚା ମାରିବା; 2. ଗେଞ୍ଜି-ଦେ; 3. ବନ୍ଧ-କ; 4. ଲଗାଇବା ।—*v.i.* ଲାଗିବା; 2. ରହିବା; 3. ସ୍ଥଗିତ-ହେ; 4. ବାଧାପ୍ରାପ୍ତ-ହେ; 5. ସମସ୍ୟାରେ ପଡ଼ିବା; 6. ଅନୁରକ୍ତ-ହେ ।—To stick at, 1. ଦ୍ୱିଧା-କ; 2. ଅଧ୍ୟବସାୟୀ-ହେ । To stick by, ସମର୍ଥନ-କ । To stick out, ବାହାର ପଡ଼ିବା । To stick to, ଦୃଢ଼ରୂପେ ଧରିବା, ପରିତ୍ୟାଗ ନ କରିବା । To stick up for, ସପକ୍ଷ-ହେ ।
Stick, (2) *n.* 1. ବାଡ଼ି, ଯଷ୍ଟି; 2. ଏକଜିଦିଆ ଲୋକ ।
Sticking, *n.* ବନ୍ଧକରଣ ।
Sticking-plaster, *n.* କ୍ଷତରେ ଲଗାଇବା ପ୍ରଲେପ ।
Stickle, *v.i.* ଏକଜିଦିଆ ହୋଇ ବିବାଦ-କ ।
Stickleback, *n.* ପିଠିରେ କଣ୍ଟାଥିବା ଛୋଟ ମାଛ ।
Stickler, *n.* ଏକଜିଦିଆଭାବେ ବିବାଦକାରୀ ଲୋକ ।
Sticky, *a.* ଅଠାଳିଆ ।
Stiff, *a.* 1. ଅନମ୍ୟ; 2. ଶକ୍ତ; 3. ଦୁର୍ଦମନୀୟ; 4. ଅବାଧ୍ୟ; 5. ସ୍ୱଚ୍ଛନ୍ଦତାପ୍ରିୟ; 6. ଦୁଃସାଧ୍ୟ ।
Stiffen, *v.t.* 1. ଦୃଢ଼-କ, ଶକ୍ତ-କ; 2. କଠିନ-କ ।—*v.i.* 1. ଶକ୍ତ-ହେ; 2. ଦୃଢ଼ମନା-ହେ ।
Stiff-hearted, *a.* 1. ଜେଦିଆ; 2. ଏକଗୁଁୟା ।
Stiff-necked, *a.* 1. ଦୃଢ଼ଗ୍ରୀବ; 2. ଅବାଧ୍ୟବତ୍ ।
Stifle, *v.t.* 1. ଶ୍ୱାସରୁଦ୍ଧ-କ; 2. ଲିଭାଇବା; 3. ବନ୍ଦ-କ ।—*v.i.* ନିଶ୍ୱାସ ବନ୍ଦ-ହେ ।
Stifling, *a.* 1. ଶ୍ୱାସରୋଧକ; 2. ମେଘାଚ୍ଛନ୍ନ ।
Stigma, *n.* 1. ଚିହ୍ନ; 2 ଅପମାନର ଚିହ୍ନ; 3. କଳଙ୍କ ।
Stigmata, *n.* (*pl.*) ଖ୍ରୀଷ୍ଟଙ୍କର କ୍ଷତ ଚିହ୍ନ ।
Stigmatise, *v.t.* 1. ଅପମାନର ଚିହ୍ନରେ ଚିହ୍ନିତ-କ; 2. କଳଙ୍କିତ-କ ।
Stile, (1) *n.* ଛଅବାଟର ପାହାଚ ।
Stile, (2) *n.* ସୂର୍ଯ୍ୟଘଟିର କଣ୍ଟା ।
Stilletto, *n.* 1. ଛୋରା; 2. କଣା କରିବାପାଇଁ ଏକ-ପ୍ରକାର ମୁନିଆ ଉପକରଣ ।—*v.t.* ଛୋରା ମାରିବା ।
Still, (1) *a.* 1. ଚୁପ୍, ତୁନି, ନୀରବ; 2. ସ୍ଥିର, ନିଶ୍ଚଳ; 3. ଧୀର, ଶାନ୍ତ ।—*v.t.* 1. ସ୍ଥିର-କ; 2. ଶାନ୍ତ-କ; 3. ନିବୃତ୍ତ-କ ।—*ad.* 1. ଅଦ୍ୟାପି; 2. ତଥାପି; 3. ତତ୍ପରେ । [ମଦଭାଟି ।
Still, (2) *v.t.* ଚୁଆଇବା । *n.* ଚୁଆଇବାର ପାତ୍ର,
Still-born, *a.* ମୃତଜାତ, ମୃତପ୍ରସୂତ ।
Still-life, *n.* ନିର୍ଜୀବ ପଦାର୍ଥର ଚିତ୍ରାବଳୀ ।
Stillness, *n.* 1. ନୀରବତା, ମୌନଭାବ; 2. ସ୍ଥିରତା ।
Stilt, *n.* 1. ରଣପା; 2. ଏକପ୍ରକାର ଲମ୍ବାଗୋଡ଼ିଆ ପକ୍ଷୀ ।
Stilted, *a.* 1. ଅନ୍ନତ; 2. ପ୍ରଗଲ୍ଭ ।
Stimulant, *a.* ଉତ୍ତେଜକ ।—*n.* 1. ଉତ୍ତେଜକ ଔଷଧ; 2. ମଦ୍ୟ ।
Stimulate, *v.t.* 1. ଉତ୍ତେଜିତ-କ; 2. ଉତ୍ସାହ-ଦେ ।
Stimulation, *n.* ଉତ୍ତେଜନ ।
Stimulative, *a.* ଉତ୍ତେଜନାଜନକ ।
Stimulus, *n.* 1. ଅଙ୍କୁଶ; 2. ଉତ୍ତେଜନା ।
Sting, *v.t.* and *i.* 1. ନାହୁଡ଼ ମାରିବା; 2. ଦଂଶନ-କ; 3. ଯନ୍ତ୍ରଣା-ଦେ ।—*n.* 1. ନାହୁଡ଼; 2. ଦଂଶନ; 3. ଶେଷ ଶ୍ଳୋକରେ ଲୁକ୍କାୟିତ ଘଟୋକ୍ତି ।
Stinger, *n.* ଯେ ବା ଯାହା ତୀବ୍ର ଯନ୍ତ୍ରଣା ଦିଏ ।
Stinginess, *n.* *stin'ji-ness*, କୃପଣତା ।
Stinging, *a.* ଯନ୍ତ୍ରଣାଦାୟକ ।
Stingy, *stin'ji*, *a.* 1. କାଞ୍ଜି; 2. ଲୋଭୀ ।
Stink, *v.i.* 1. ଦୁର୍ଗନ୍ଧ-ଦେ; 2. ଅପମାନଯୁକ୍ତ-ହେ ।—*n.* ଦୁର୍ଗନ୍ଧ ।
Stinking, *a.* ଦୁର୍ଗନ୍ଧଯୁକ୍ତ ।
Stink-ball, Stink-pot, *n.* ଶତ୍ରୁର ଜାହାଜ ଆକ୍ରମଣ କଲାବେଳେ ବ୍ୟବହୃତ ଦୁର୍ଗନ୍ଧ ଦ୍ରବ୍ୟପୂର୍ଣ୍ଣ ପାତ୍ର ।
Stint, *v.t.* 1. ଛୋଟ-କ; 2. ସୀମାବଦ୍ଧ-କ; 3. ପରିମିତ-କ ।—*v.i.* 1. ଅଟକି ଯିବା; 2. କାଞ୍ଜି-ହେ ।—*n.* 1. ସୀମା; 2. ଅଟକ; 3. ସ୍ଥିରୀକୃତ ପରିମାଣ ।
Stinted, *a.* 1. ସୀମାବଦ୍ଧ; 2. ପରିମିତ ।
Stipend, *n.* ବୃତ୍ତି ।
Stipendiary, *a.* ବୃତ୍ତିଭୋଗୀ ।—*n.* ବୃତ୍ତିଭୋଗୀ ଶାସନକର୍ତ୍ତା ।
Stipulate, *v.i.* 1. ଚୁକ୍ତି-କ; 2. ନିୟମ-କ; 3. ସ୍ଥିର-କ ।
Stipulation, *n.* 1. ଚୁକ୍ତିକରଣ; 2. ସର୍ତ୍ତ ।
Stir, *v.t.* 1. ଘୋଳାଇବା, ଘାଣ୍ଟିବା; 2. ଉତ୍ତେଜିତ-କ; 3. ପ୍ରବର୍ତ୍ତନା-ଦେ ।—*v.i.* 1. ଘୁଞ୍ଚିବା; 2. ତରତର-ହେ; 3. ସ୍ୱଗ୍ୟାତାପନ୍ନ-ହେ ।—*n.* 1. ଗୋଳମାଳ; 2. ତରତର ।—To stir up, 1. ପ୍ରବୃତ୍ତି ଜନ୍ମାଇବା; 2. ଗୋଳମାଳ-କ ।
Stirring, *a.* 1. ପ୍ରବୃତ୍ତିଜନକ; 2. କର୍ମଠ; 3. ଉତ୍ତେଜକ ।
Stirrup, *n.* ଜିନର ରେକାବ ।
Stitch, *n.* 1. ସିଲାଇ, ଟାଙ୍କ; 2. ହଠାତ୍ ବେଦନା; 3. କଳା ।—*v.t.* and *i.* ସିଲାଇ-କ, ଟାଙ୍କ ମାରିବା ।
Stitching, *n.* 1. ସିଲାଇ, ସୀବନ; 2. ସିଲାଇକାର୍ଯ୍ୟ ।
Stiver, *n.* 1. ହଲଣ୍ଡଦେଶୀୟ ଅଣାକିଆ ମୁଦ୍ରା ବା ଅଣି; 2. ଅଳ୍ପମୂଲ୍ୟର ମୁଦ୍ରା ।
Stoat, *n.* ଏକଜାତୀୟ ନେଉଳ ।
Stoccade, Stoccado, *n.* ଖଡ୍ଗକ୍ରୀଡ଼ାର ଏକ ଭୁଷା ।
Stock, (1) *n.* 1. ଗଛର ଗଣ୍ଡି; 2. ସ୍ତମ୍ଭ; 3. ମୂଳ, 4. ବନ୍ଧୁକର ବେଣ୍ଟ; 5. ବଂଶ, ଗୋତ୍ର; 6. ମୂଳଧନ, ପୁଞ୍ଜି; 7. ଭଣ୍ଡାର; 8. ଚଷାର ଗୋମହିଷାଦି ଜନ୍ତୁ; 9. ସିଝା ମାଂସର ପାଣି; 10. ଏକପ୍ରକାର ଟାଣ ଗଳାବନ୍ଧ; 11. (*pl.*) ହାଡ଼ିକାଠ; 12. ଜାହାଜର ସ୍ତମ୍ଭ; 13. ଜାତୀୟ ଋଣ ।—*v.t.* 1. ସଞ୍ଚୟ-କ; 2. ଯୋଗାଇବା; 3. ପୂର୍ଣ୍ଣ-କ; 4. ଚଷଜମିରେ (ଗୋମହିଷାଦି) ଅଯୋଜନ-କ ।—*a.* 1. ସଞ୍ଚିତ; 2. ଉଚିତ ।—To take stock, ସମ୍ପତ୍ତିର ତାଲିକା ପ୍ରସ୍ତୁତ-କ ।

Stock, (2) *n.* ଉଦ୍ୟାନର ଏକପ୍ରକାର ମନୋହର ପୁଷ୍ପ ।
Stockade, *n.* ମଜବୁତ୍ ଗୁଣ୍ଡିର ବାଡ଼ ।
Stockbroker, *n.* ପୁଞ୍ଜି ବା କମ୍ପାନି କାଗଜର ଦଲାଲ ।
Stock-exchange, *n.* 1. ପୁଞ୍ଜି ବା କମ୍ପାନି କାଗଜର କଣାବିକା ସ୍ଥାନ; 2. ଦଲାଲ ସମ୍ପ୍ରଦାୟ ।
Stock-farmer, *n.* ଗୋମହିଷାଦି ପାଳିବା ଚଷା ।
Stock-holder, *n.* ପୁଞ୍ଜି ବା କମ୍ପାନି କାଗଜର ହକ୍‌ଦାୱାଦାର ।
Stockinet, *n.* ସଙ୍କୁଚିତ ଓ ଲମ୍ବିତ ହେଉଥିବା ଏକପ୍ରକାର ବୁଣାଟ ଲୁଗା ।
Stocking, *n.* ଗୋଡ଼ର ଲମ୍ବା ମୋଜା ।
Stock-jobber, *n.* ଲାଭ ନିମନ୍ତେ ପୁଞ୍ଜି ବା କମ୍ପାନି କାଗଜ କଣାବିକା କରିବା ଲୋକ ।
Stock-market, *n.* 1 ଗୋମହିଷାଦିର ହାଟ: 2. ପୁଞ୍ଜି ବା କମ୍ପାନି କାଗଜ କଣାବିକା ସ୍ଥାନ ।
Stock-taking, *n.* କାଳକ୍ରମିକ ମାଲପରୀକ୍ଷା ।
Stodgy, *a.* 1. ଗୁରୁପାକ; 2. ମେଞ୍ଚାମେଞ୍ଚା; 3. ସଙ୍କୀର୍ଣ୍ଣ ।
Stoic, (1) *n.* 1. ଜେନୋ ନାମକ ଦାର୍ଶନିକଙ୍କ ଶିଷ୍ୟ; 2. ଉଦାସୀନ ଲୋକ ।
Stoic, (2) Stoical, *a.* 1. ବିଷୟବିରାଗୀ; 2. ଉଦାସୀନ ।
Stoicism, *n.* ବୈରାଗ୍ୟମତ; 2. ଔଦାସୀନ୍ୟ ।
Stoke, *v.i.* 1. ନିଆଁକୁ କେଞ୍ଚି ଜଳାଇବା: 2. ଅଗ୍ନିକୁଣ୍ଡରେ କୋଇଲା ଢାଳିବା ।
Stoke-hole. *n.* ଅଗ୍ନିକୁଣ୍ଡର ମୁହଁ ।
Stoker, *n.* ଅଗ୍ନିକୁଣ୍ଡରେ କୋଇଲା ଢାଳିବା ଲୋକ ।
Stole, (1) *pa. t.* of Steal.
Stole, (2) *n.* ଧର୍ମଯାଜକମାନଙ୍କ ଏକପ୍ରକାର ପଟିବସ୍ତ୍ର [ଗଲବନ୍ଧ ।
Stolen, *pa. p.* of Steal.
Stolid, *a.* 1. ଗଧା; 2. ବୋକା: 3. ନିର୍ବୋଧ ।
Stolidity, Stolidness, *n.* 1. ଗଧାମି, ଗଧାପଣ: 2. ନିର୍ବୋଧତା ।
Stoma, *n.* ପତ୍ରାଦିର କ୍ଷୁଦ୍ର ରନ୍ଧ୍ର ।
Stomach, *n.* 1. ପାକସ୍ଥଳୀ: 2. ଉଦର: 3. କ୍ଷୁଧା; 4. ରୁଚି; 5. ଦମ୍ଭ ।
Stomacher, *n.* 1. ସ୍ତ୍ରୀମାନଙ୍କ ପୋଷାକର ବକ୍ଷଠାରୁ ଉଦର ପର୍ଯ୍ୟନ୍ତ ଅଳଙ୍କୃତାଂଶ; 2. ଏକପ୍ରକାର ବକ୍ଷାବରଣ ।
Stomachic, (1) *n.* ଜୀର୍ଣ୍ଣକାରକ ଔଷଧ ।
Stomachic, (2) Stomachical, *a.* 1. ଉଦର ସମ୍ବନ୍ଧୀୟ; 2. ଜୀର୍ଣ୍ଣକାରକ; 3. କ୍ଷୁଧାଜନକ ।
Stone, *n.* 1. ପଥର, ପ୍ରସ୍ତର, ଶିଳା, ପାଷାଣ: 2. ରତ୍ନ, ମଣି; 3. ସମାଧି ସ୍ତମ୍ଭ; 4. ଅଶ୍ମରୀ; 5. ଫଳର ଗୋଟିକିଆ ମଞ୍ଜି, ଟାକୁଆ: 6. ସାଧାରଣତଃ ୭ ସେର ଓଜନ ।—*a.* ପ୍ରସ୍ତରନିର୍ମିତ ।—*v.t.* 1. ପ୍ରସ୍ତରପାତ -କ; 2. ଫଳରୁ ମଞ୍ଜି କାଢ଼ିବା; 3. ପଥରରେ ଚଟା-କ ।—To leave no stone unturned, ଯଥାସାଧ୍ୟ ଚେଷ୍ଟା-କ ।
Stone age, *n.* ପ୍ରସ୍ତରନିର୍ମିତ ଅସ୍ତ୍ରଶସ୍ତ୍ର ବ୍ୟବହୃତ ହେଉଥିବା ଯୁଗ ।
Stone-blind, *a.* ସମ୍ପୂର୍ଣ୍ଣ ଅନ୍ଧ ।
Stone-breaker, *n.* ଯେ ବା ଯାହା ପଥର ଭାଙ୍ଗିଦଏ ।
Stone-coal, *n.* ପଥରକୋଇଲା ।
Stone-cold, *a.* ପ୍ରସ୍ତରବତ୍ ଶୀତଳ ।
Stone-cutter, *n.* ପଥର କଟାଳି, ପଥୁରିଆ ।
Stone-deaf, *a.* ସମ୍ପୂର୍ଣ୍ଣ କାଲ ।
Stone-fruit, *a.* ଗୋଟିଏମାତ୍ର ମଞ୍ଜିଥିବା ଫଳ ।
Stone-mason, *n.* ପଥୁରିଆ ରାଜମିସ୍ତ୍ରି ।
Stone's throw, *n.* ହାତରେ ଯେତେ ଦୂରକୁ ପଥର ଫୋପଡ଼ା ଯାଇ ପାରେ ।
Stoneware, *n.* ପୋଡ଼ା ମାଟିପାତ୍ରସମୂହ ।
Stonily, *ad.* ପ୍ରସ୍ତରବତ୍‌ଭାବେ ।
Stoniness, *n.* 1. ପ୍ରସ୍ତରମୟତା; 2. କଠିନ ହୃଦୟ ।
Stony, *a.* 1. ପ୍ରସ୍ତରନିର୍ମିତ; 2. ପ୍ରସ୍ତରବତ୍: 3. ପାଷାଣମୟ; 4. କଠିନ; 5. ନିର୍ଦ୍ଦୟ ।
Stony-hearted, *a.* 1. କଠିନାନ୍ତଃକରଣବିଶିଷ୍ଟ, ପାଷାଣ-ହୃଦୟ: 2. ନିଷ୍ଠୁର ।
Stood, *pa. t.* and *pa. p.* of Stand.
Stool, *n.* 1. କାଷ୍ଠାସନ; 2. ପିଢ଼ା; 3. ପାଦପୀଠ; 4. ଝାଡ଼ା, ମଳତ୍ୟାଗ ।—To fall between two stools, 1. ଦୁଇ କାମ କରିବାକୁ ଯାଇ କିଛି ନ କରିବା; 2. ଦୁଇ ନାହାରେ ଗୋଡ଼ ଦେଇ ଡୁବି ମରିବା ।
Stoop, *v.i.* 1. ଲଇଁପଡ଼ିବା, ଅବନତ-ହେ; 2. ବଶ-ହେ: 3. ନମ୍ର-ହେ; 4. ଝାମ୍ପ ମାରିବା ।—*v.t.* ନୁଆଁଇବା ।—*n.* 1. ନୁଆଁଣ, ଅବନତ; 2. ଝାମ୍ପମାର ।
Stooping, *a.* ନତ ।
Stop, *v.t.* 1. ବନ୍ଦ-କ, ରୁଦ୍ଧ-କ; 2. ବାଧା-ଦେ: 3. ଅଟକାଇବା ।—*v.i.* 1. ସ୍ଥଗିତ-ହେ; 2. ନିବୃତ୍ତ-ହେ, ବନ୍ଦ-ହେ; 3. ଅଳ୍ପକାଳ ରହିବା: 4. ଶେଷ-ହେ ।—*n.* 1. ସ୍ଥଗିତକରଣ; 2. ରୁଦ୍ଧାବସ୍ଥା; 3. ବାଧା: 4. ନଳୀବିଶିଷ୍ଟ ବାଦ୍ୟଯନ୍ତ୍ରର ସ୍ୱର ବନ୍ଦ କରିବାପାଇଁ ଟଣା ହେଉଥିବା ମୁଠା: 5. ପଦଚ୍ଛେଦ ଚିହ୍ନ ।
Stop-cock, *n.* ଜଳପ୍ରଣାଳୀର ମଧ୍ୟସ୍ଥିତ ଛୋଟନଳୀ ଯାହା ଦ୍ୱାରା ଜଳାଦି ବାହାରେ ଓ ବନ୍ଦ ହୁଏ ।
Stop-gap, *n.* 1. ଫାଙ୍କ ପୂରଣ କରିବା ବସ୍ତୁ; 2. ବଦଳି ।
Stoppage, *n.* 1. ଅଟକକରଣ: 2. ସ୍ଥଗିତାବସ୍ଥା; 3. ପ୍ରତିବନ୍ଧ ।
Stopper, *n.* ଠିପି ।—*v.t.* ଠିପି ମାରି ବନ୍ଦ-କ ।
Storable, *a.* ସଞ୍ଚିତ ହେବାଯୋଗ୍ୟ ।
Storage, *n.* 1. ଗୋଦାମରେ ସଂରକ୍ଷଣ: 2. ଗୋଦାମରେ ଜିନିଷ ରଖିବାର ଭଡ଼ା ।
Storax, *n.* ଏକପ୍ରକାର ଝୁଣା ।
Store, *n.* 1. ସଞ୍ଚିତ ଦ୍ରବ୍ୟ: 2. ପ୍ରାଚୁର୍ଯ୍ୟ: 3. ଭଣ୍ଡାର, ଗୋଦାମ: 4. ବଡ଼ ଦୋକାନ, ଗଞ୍ଜ: 5. (*pl.*) ସୈନ୍ୟଦଳ ବା ଜାହାଜପାଇଁ ଖାଦ୍ୟସାମଗ୍ରୀ ଓ ସରଞ୍ଜାମ ।—*v.t.* 1. ବହୁପରିମାଣରେ ସଂଗ୍ରହ-କ; 2. ଯୋଗାଇବା: 3. ସଞ୍ଚୟ କରି ରଖିବା; 4. ଭଣ୍ଡାରସ୍ଥ-କ ।—To set store by, ବହୁମୂଲ୍ୟ ଜ୍ଞାନ-କ ।

**Storehouse**, *n.* ଭଣ୍ଡାରଘର, ଗୋଦାମ ।

**Store-keeper**, *n.* 1. ଭଣ୍ଡାରଘରିଆ; 2. ବଡ ଦୋକାନର ମାଲିକ ।

**Storer**, *n.* ଗୋଦାମରେ ଜିନିଷ ଉଠାଇଥି ରଖିବା ଲୋକ ।

**Storeroom**, *n.* ଗୋଦାମ ଘର ।

**Storied**, (1) *a.* 1. ଗଳ୍ପରେ ବର୍ଣ୍ଣିତ; 2. ଇତିହାସ-ପ୍ରସିଦ୍ଧ; 3. ଐତିହାସିକ ଚିତ୍ରଦ୍ୱାରା ସଜ୍ଜିତ ।

**Storied**, (2) *a.* ମହଲାଯୁକ୍ତ, ତଳବିଶିଷ୍ଟ ।

**Stork**, *n.* ସାରସଜାତୀୟ ଏକପ୍ରକାର ପକ୍ଷୀ ।

**Storm**, *n.* 1. ଝଡ, ତୋଫାନ, ବତାସ, ଝଞ୍ଜାବାତ; 2. କ୍ରୋଧପ୍ରକାଶ; 3. ଗଣ୍ଡଗୋଳ; 4. ଆକ୍ରମଣ । —*v.i.* 1. ଝଡ-ହେ, ତୋଫାନ-ହେ; 2. କ୍ରୋଧୋନ୍ମତ୍ତ-ହେ ।—*v.t.* ଆକ୍ରମଣ-କ ।

**Stormbound**, *a.* ତୋଫାନଦ୍ୱାରା ବାଧାପ୍ରାପ୍ତ ।

**Stormy**, *a.* 1. ଝଡମୟ, ତୋଫାନିଆ; 2. ବାତ୍ୟାକୁଳ; 3. ଅତ୍ୟନ୍ତ କ୍ରୋଧଶୀଳ ।

**Story**, (1) *n.* 1. ବିବରଣ; 2. ବୃତ୍ତାନ୍ତ; 3. ଉପାଖ୍ୟାନ; 4. ମିଛକଥା; 5. କାହାଣୀ ।—*v.t.* 1. ବର୍ଣ୍ଣିବା-କ; 2. ଐତିହାସିକ ଚିତ୍ରଦ୍ୱାରା ସଜ୍ଜିତ-କ ।—*v.i.* କାହାଣୀ କହିବା ।—A cock and bull story, ଗଞ୍ଜେଇଖିଆ ଗପ ।

**Story**, (2) **Storey**, *n.* ଘରର ତଳ, ମହଲା ।—The upper story, ମସ୍ତିଷ୍କ ।

**Story-book**, *n.* କାହାଣୀ ବହି ।

**Story-teller**, *n.* 1. କାହାଣୀ କହିବା ଲୋକ; 2. ମିଛୁଆ ।

**Story-telling**, *n.* 1. କାହାଣୀ କହିବା; 2. ମିଥ୍ୟାକଥନ ।

**Stout**, *a.* 1. ବଳିଷ୍ଠ; 2. ହୃଷ୍ଟପୁଷ୍ଟ; 3. ମୋଟା, ସ୍ଥୂଳକାୟ; 4. ଗର୍ବୀ ।—*n.* ଏକପ୍ରକାର ଗାଢ ମଦ ।

**Stout-hearted**, *a.* ସାହସୀ, ନିର୍ଭୀକଚେତା ।

**Stoutly**, *ad.* 1. ଦୃଢଭାବେ; 2. ସାହସପୂର୍ବକ ।

**Stoutness**, *n.* 1. ସ୍ଥୂଳକାୟତା; 2. (Bible) ଅମାନ୍ୟତା ।

**Stove**, (1) *n.* 1. ଚୁଲିଚୁଲ୍ଲୀ; 2. ଗଛବାସନ ପ୍ରଭୃତି ସେକିବା ଘର ।

**Stove**, (2) *pa. t.* and *pa. p.* of Stave.

**Stove-pipe**, *n.* ଚୁଲିଚୁଲ୍ଲୀର ଧୂଆଁ ନଳ ।

**Stow**, *v.t.* 1. ଥୋଇବା; 2. ସଜାଡି ରଖିବା; 3. ମାଲପତ୍ର ଭର୍ତ୍ତି-କ; 4. (Slang) ଅମାନ୍ୟ-ହେ ।

**Stowage**, *n.* 1. ଭର୍ତ୍ତିକରଣ; 2. ରଖିବା ଜାଗା; 3. ଜିନିଷ ଥୋଇବାର ଭଡା ।

**Stowaway**, *n.* ଭଡା ନଦେଇ ଲୁଚି ଥିବା ଜାହାଜସ୍ଥ ଗୁପ୍ତ ଯାତ୍ରୀ ।

**Straddle**, *v.t.* and *i.* 1. ଗୋଡ ଫାରକରି ବସି ଠିଆ ହେବା ବା ବସିବା; 2. ଗୋଡ ଫାରକରି ଚାଲିବା ।—*n.* ଗୋଡ ଫାରକରିବାର ।

**Stradivarius**, *n.* "Stradivari" ନାମକ ଜଣେ ଇଟାଲୀୟ ଇଟାଲୀଦେଶୀୟ ଲୋକର ପ୍ରସ୍ତୁତ ବେହେଲା ।

**Straggle**, *v.i.* 1. ଅବାଟରେ ଯିବା; 2. ଏଣେତେଣେ ବୁଲିବା; 3. ଛିନ୍ନଭିନ୍ନ-ହେ ।

**Straggler**, *n.* ଅବାଟରେ ଯିବାଲୋକ; 2. ବାଉଁଳିଆ; 3. ଦଳଛଡା ଭ୍ରମଣକାରୀ ଜନ୍ତୁ ।

**Stragglingly**, *ad.* ଛିନ୍ନଭିନ୍ନରୂପେ ।

**Straight**, *a.* 1. ସିଧା, ସଳଖ; 2. ସରଳ; 3. ନିକଟତମ; 4. ଠିକ୍; 5. ଯଥାର୍ଥ ।—*ad.* 1. ସିଧାଭାବେ; 2. ତତ୍କ୍ଷଣାତ୍ ।

**Straighten**, *v.t.* 1. ସିଧା-କ, ସଳଖ-କ; 2. ଠିକ୍-କ ।

**Straightforward**, *a.* 1. ସରଳ; 2. ପ୍ରକୃତ ।

**Straightforwardly**, *ad.* 1. ସରଳଭାବେ; 2. ପ୍ରକୃତରୂପେ ।

**Straightforwardness**, *n.* ସରଳତା ।

**Straightly**, *ad.* ସଳଖଭାବେ ।

**Straightness**, *n.* ସଳଖଭାବ, ଋଜୁତା ।

**Straightway**, *ad.* ସେହିକ୍ଷଣି, ତତ୍କ୍ଷଣାତ୍, ଅବିଳମ୍ବେ ।

**Strain**, (1) *v.t.* 1. କଷିକରି ଟାଣିବା; 2. ଜୋରରେ ଟାଣିବା; 3. ଯଥାସାଧ୍ୟ ଚେଷ୍ଟା-କ; 4. ଅତିରିକ୍ତ କାର୍ଯ୍ୟଦ୍ୱାରା ନଷ୍ଟ-କ; 5. ଖାତ ଅତିକ୍ରମ-କ; 6. ଛାଣିବା ।—*v.i.* 1. ଅତ୍ୟନ୍ତ ପରିଶ୍ରମୀ-ହେ; 2. ଛଣା-ହେ ।—*n.* 1. ଟାଣିକରଣ; 2. ଅତ୍ୟନ୍ତ ଶ୍ରମ; 3. ମାଂସପେଶୀର ଖିଞ୍ଚିମ; 4. ସ୍ୱର, ଗାନ; 5. ଧରଣ; 6. ଶୋକ ।—To strain a point, ଧାରାକୁ ଅତିକ୍ରମ-କ । [ପ୍ରକୃତି ।

**Strain**, (2) *n.* 1. ବଂଶ, ଜାତି, କୁଳ; 2. ସ୍ୱାଭାବିକ

**Strainer**, *n.* 1. ଛାଣୁଣୀ; 2. ଛାଙ୍କୁଣୀ ।

**Strait**, *a.* ସଙ୍କୀର୍ଣ୍ଣ, ଅପ୍ରଶସ୍ତ ।—*n.* ଦୁଇ ସମୁଦ୍ରର ସଂଯୋଜକ ସଙ୍କୀର୍ଣ୍ଣ ଜଳପଥ, ପ୍ରଣାଳୀ; 2. କ୍ଲେଶାବସ୍ଥା ।

**Straiten**, *v.t.* ସଙ୍କୀର୍ଣ୍ଣ-କ ।

**Strait-jacket**, *n.* ପାଗଳର ହାତକୁ ବାନ୍ଧି ରଖିବା ଏକପ୍ରକାର କୁର୍ତ୍ତା ।

**Strait-laced**, *a.* ଗୋଣ୍ଡି ।

**Straitly**, *ad.* 1. ଦୃଢରୂପେ; 2. କଠିନଭାବେ ।

**Straitness**, *n.* ଟଣାଟଣି ଅବସ୍ଥା, ଦରିଦ୍ରତା ।

**Strand**, (1) *n.* 1. ସମୁଦ୍ର ତଟ; 2. ହ୍ରଦର କୂଳ ।—*v.t.* ତଟାଂଶରେ ଲଗାଇବା ।—*v.i.* ତଟାରେ ଲାଗିବା ।

**Strand**, (2) *n.* ଦଉଡିର ମୋଡା ବା ଗୁଣ ।

**Stranded**, *a.* 1. ତଟରେ ପଡିଥିବା; 2. ନିରୁପାୟ ।

**Strange**, *a.* 1. ବିଦେଶୀୟ; 2. ଅଜ୍ଞାତ; 3. ଅପୂର୍ବ; 4. ଅଦ୍ଭୁତ, ଅଦ୍ଭୁତି; 5. ଅସାଧାରଣ ।

**Strangely**, *ad.* ଅଦ୍ଭୁତରୂପେ ।

**Strangeness**, *n.* ଅଦ୍ଭୁତତା ।

**Stranger**, *n.* 1. ବିଦେଶୀ ଲୋକ; 2. ପ୍ରବାସୀ; 3. ଅପରିଚିତ ଲୋକ; 4. ଅତିଥି, ଆଗନ୍ତୁକ; 5. ମଦ୍ୟପାନ ପରିଚିତ ବଳା ବା ବୁନ୍ଦା ପିଆଲରୁ ଅକସ୍ମାତ୍ ବାହାରିବା ତାହା ଯାହାକୁ ଅପରିଚିତଆଗମନସୂଚକ ଶୁଭଲକ୍ଷଣ ବୁଝାଯାଏ ।

**Strangle,** *v.t.* 1. ଗଳା ଚିପି ମାରି ପକାଇବା; 2. ଦବାଇ ରଖିବା ।

**Strangulate,** *v.t.* 1. ନିଶ୍ୱାସ ରୁଦ୍ଧ କରି ମାରିବା; 2. ରକ୍ତଗତି ନାଡ଼ୀରେ ବାଧା-ଦେ ।

**Strangulated,** *a.* ଶ୍ୱାସଦ୍ୱାର ବାଧାପ୍ରାପ୍ତ ।

**Strangulation,** *n.* 1. ଶ୍ୱାସଦ୍ୱାର ବାଧାପ୍ରଦାନ; 2. ଶ୍ୱାସରୋଧରୁ ମରଣ ।

**Strangury,** *n.* ମୂତ୍ରକୃଚ୍ଛ୍ର ।

**Strap,** *n.* 1. ପଟି, ଚର୍ମବନ୍ଧନୀ; 2. କ୍ଷୁର ପଖିବା ଚମଡ଼ା ଖଣ୍ଡ ।—*v.t.* 1. ଚର୍ମବନ୍ଧନୀରେ ପିଟିବା; 2. ପଟିରେ ବାନ୍ଧିବା; 3. ପଖି / ତୀକ୍ଷ୍ଣଧାର-କ ।

**Strapping,** *n.* 1. ପଟିରେ ବନ୍ଧନ; 2. ପଟି ତିଆରି କରିବା ସରଞ୍ଜାମ; 3. ଚର୍ମବନ୍ଧନୀଦ୍ୱାରା ପ୍ରହାର ।—*a.* 1. ମୋଟା; 2. ସୁଶ୍ରୀ ।

**Stratagem,** *n.* 1. ଯୁଦ୍ଧକୌଶଳ; 2. ଛଳ ।

**Strategic, Strategical,** *a.* 1. ଯୁଦ୍ଧକୌଶଳ ସମ୍ବନ୍ଧୀୟ; 2. ଛଳକପଟ ସାଧିତ ।

**Strategics,** *n.* (*pl.*) ସମରବିଦ୍ୟା ।

**Strategist,** *n.* 1. ରଣଚାତୁର୍ଯ୍ୟରେ ନିପୁଣ ଲୋକ; 2. ଫିକରବାଜ, କୌଶଳୀ ଲୋକ ।

**Strategy,** *n.* 1. ରଣଚାତୁର୍ଯ୍ୟ; 2. ଫିକର ବା କୌଶଳକରଣ ।

**Stratification,** *n.* ଉପର୍ଯ୍ୟୁପରି ସ୍ତରବିନ୍ୟାସ ।

**Stratiform,** *a.* ସ୍ତରାକାର ।

**Stratify,** *v.t.* ସ୍ତରରେ ବିନ୍ୟାସ-କ ।

**Stratum,** *n.* ପରସ୍ତ, ସ୍ତର, ଥାକ ।

**Straw,** *n.* 1. ପାଳ, କୁଟା, ନଡ଼ା; 2. ନଳୀ; 3. ଅକିଞ୍ଚିତ୍କର ଦ୍ରବ୍ୟ ।

**Strawberry,** *n.* 1. ଭୂଇଁରେ ଲମ୍ବି ମାଡ଼ୁଥିବା ଏକପ୍ରକାର ବୁଦାରୁ ଉତ୍ପନ୍ନ ଲାଲ ମିଠା ଫଳ; 2. ଉକ୍ତ ଫଳର ବୁଦା ।

**Straw-colour,** *n.* ନଡ଼ାପରି ହଳଦିଆ ରଙ୍ଗ ।

**Strawy,** *a.* 1. ପାଳନିର୍ମିତ; 2. ନଡ଼ାପରି ।

**Stray,** *v.i.* 1. ଅବାଟରେ ଯିବା; 2. ପଥହରା-ହେ; 3. ଭ୍ରଷ୍ଟ-ହେ; 4. ଏଣେତେଣେ ବୁଲିବା ।—*n.* ଛୋଟା-ଛଡ଼ା ପଶୁ ।

**Strayed,** *a.* 1. ଭ୍ରମଣକାରୀ; 2. ପଥଭ୍ରଷ୍ଟ ।

**Streak,** *n.* 1. ଭିନ୍ନ ରଙ୍ଗର ଗାର; 2. ରେଖା; 3. ଲକ୍ଷଣ ।—*v.t.* ଭିନ୍ନ ରଙ୍ଗର ଗାର-ଦେ ।

**Streaked,** *a.* ଗାରଗାରିଆ ।

**Streaky,** *a.* 1. ଡୋରିଆ; 2. ଅସମାନ ।

**Stream,** *n.* 1. ସ୍ରୋତ; 2. ପ୍ରବାହ; 3. ରଶ୍ମି; 4. କ୍ଷୁଦ୍ରନଦୀ; 5. ପ୍ରବୃତ୍ତି ।—*v.i.* 1. ସ୍ରୋତ ବହିବା; 2. ପ୍ରଚୁରଭାବେ ପ୍ରବାହିତ-ହେ; 3. ରଶ୍ମି ଆକାରରେ ନିର୍ଗତ-ହେ; 4. ଲମ୍ବଭାବେ ବିସ୍ତୃତ-ହେ ।

**Streamer,** *n.* ବାୟୁରେ ଉଡ଼ୁଥିବା ଲମ୍ବପତାକା ।

**Streamless,** *a.* ସ୍ରୋତହୀନ ।

**Streamlet,** *n.* ଛୋଟ ନଦୀ ।

**Streamy,** *a.* 1. ସ୍ରୋତମୟ; 2. ପ୍ରବହମାନ ।

**Street,** *n.* 1. ଦାଣ୍ଡ, ସଡ଼କ, ଗଳି; 2. ଗଳିର ବାସିନ୍ଦାମାନେ; 3. ନଗରର ଘାଟବାଟ ।

**Street-sweeper,** *n.* 1. ଦାଣ୍ଡଓଳା ହାଡ଼ି; 2. ରାସ୍ତା ପରିଷ୍କାର କରିବା କଳ ।

**Street-walker,** *n.* ଦାଣ୍ଡବୁଲା ବେଶ୍ୟା ।

**Strength,** *n.* 1. ବଳ; 2. ପରାକ୍ରମ; 3. ଶକ୍ତି; 4. ସାମର୍ଥ୍ୟ; 5. ତେଜ; 6. ସୈନ୍ୟର ସଂଖ୍ୟା ।—On the strength, ନାମଢାଳିବାରେ ଭୁକ୍ତ । On or upon the strength of, ସେ ବସ୍ତୁ ଉପରେ ନିର୍ଭର କରି ।

**Strengthen,** *v.t.* 1. ସବଳ-କ, ଶକ୍ତିଶାଳୀ-କ; 2. ଉତ୍ସାହିତ-କ; 3. ଦୃଢ଼-କ ।—*v.i.* ବଳବତ୍ତର-ହେ ।

**Strengthening,** *n.* ଶକ୍ତିପ୍ରଦ ।

**Strengthless,** *a.* ଶକ୍ତିହୀନ ।

**Strenuous,** *a.* 1. ଉଦ୍ୟୋଗୀ; 2. ତେଜସ୍ୱୀ; 3. ବ୍ୟଗ୍ର; 4. ବଳୀୟାର ।

**Strenuously,** *ad.* 1. ବ୍ୟଗ୍ରଭାବେ; 2. ବଳୀୟାରରୂପେ ।

**Strenuousness,** *n.* 1. ବ୍ୟଗ୍ରତା; 2. ଉଦ୍ୟମ ।

**Stress,** *n.* 1. ଭାର, ଚାପ; 2. ଜୋର; 3. ଦୁଃଖ ।—*v.t.* 1. ଚାପ-ଦେ; 2. ଭାର-ଦେ; 3. ଜୋର୍-ଦେ ।

**Stretch,** *v.t.* 1. ପ୍ରସାରିତ-କ; 2. ଲମ୍ବାଇବା; 3. ବଢ଼ାଇବା ।—*v.i.* 1. ପ୍ରସାରିତ-ହେ; 2. ଲମ୍ବିବା; 3. କଥା ବଢ଼ାଇବା ।—*n.* 1. ପ୍ରସାରଣ; 2. ଉଦ୍ୟମ; 3. ବ୍ୟାପ୍ତି; 4. ଏକାଦିକ୍ରମ ।

**Stretcher,** *n.* 1. ବିସ୍ତାରକ ଯନ୍ତ୍ର; 2. ଚିତ୍ରକରର ଫର୍ଦ୍ଦ; 3. ମଲ୍ଲି ବହିବା ଡୋଲି; 4. ବୋକେଇ ।

**Strew,** *v.t.* 1. ବିଛାଇବା; 2. ବିଛି ବା ବୁଣି ପକାଇବା ।

**Stricken,** *pa. p.* of Strike.—Stricken in years, ବୟୋବୃଦ୍ଧ ।

**Strict,** *a.* 1. ଠିକ୍; 2. ଶାସ୍ତ୍ର. ଶାଣ୍ଟି; 3. ନିର୍ଦ୍ଦିଷ୍ଟ; 4. କଠିନ; 5. ଅତଥ୍ୟସ୍ପଷ୍ଟ; 6. ସଙ୍କୁଚିତ ।

**Strictly,** *ad.* 1. ଠିକ୍‌ରୂପେ; 2. ସ୍ପଷ୍ଟଭାବେ; 3. କଠିନଭାବେ; 4. ଶାଣ୍ଟିଭାବେ ।

**Strictness,** *n.* 1. କଠିନତା; 2. ଶାଣ୍ଟିପଣ ।

**Stricture,** *n.* (Slang) 1. ଅଙ୍ଗରୋଧ; 2. ପ୍ରତିକୂଳ ସମାଲୋଚନା; 3. ଭର୍ତ୍ସନା ।

**Stride,** *v.t.* and *i.* 1. ଦୀର୍ଘ ପଦକ୍ଷେପ-କ; 2. ଗୋଡ଼ ଫାରକଟା କରି ଠିଆହେବା ।—*n.* 1. ଦୀର୍ଘ ପଦକ୍ଷେପ; 2. ଦୀର୍ଘ ପଦକ୍ଷେପର ଦୂରତା ।

**Strident,** *a.* 1. କ୍ରୂରକଣ୍ଠ; 2. କର୍କଶ ।

**Stridently,** *ad.* କର୍କଶରୂପେ ।

**Strife,** *n.* 1. ବିବାଦ. ଦ୍ୱନ୍ଦ୍ୱ; 2. ଯୁଦ୍ଧ; 3. କଳହ ।

**Strike,** *v.t.* 1. ପିଟିବା; 2. ମାରିବା, ଆଘାତ-କ; 3. ଧକ୍କା-ଦେ; 4. ମୁଦ୍ରାଙ୍କିତ-କ; 5. ବଜାଇବା; 6. ଜୁଆଇଁ-ଦେ; 7. ଚମାରେ ଲଗାଇବା; 8. ଦଣ୍ଡ-ଦେ; 9. ଅଙ୍କନ-କ; 10. ଚକ୍ରି-କ; 11. ଉଠାଇ-ଦେ; 12. ଅକସ୍ମାତ୍‌ଭାବେ ପାଇବା; 13. ମନକୁ ଲାଗିବା; 14. ଅନୁମାନ-କ ।—*v.i.* 1. ଧକ୍କା ଖାଇବା; 2. ବାଜିବା; 3. ଲାଗିବା; 4. ପତାକା ଓହ୍ଲାଇ-ଦେ; 5. ଧର୍ମଘଟ-କ ।—*n.* 1. ଧର୍ମଘଟ; 2. ଅଧିକ ନିର୍ମିତ

ହୋଇଥିବା ମୁଦ୍ରା; 3. ଶସ୍ୟାଦିର ଗୋଟିଏ ମାପ ।—To strike a balance, ଦେଣାପାଉଣା ହିସାବ -କ । To strike hands, ଜାମିନ୍-ହେ । To strike home, ଲକ୍ଷ୍ୟ ଭେଦ-କ । To strike off, 1. ହିସାବରୁ କାଟି-ଦେ; 2. ମୁଦ୍ରିତ-କ; 3. ଛେଦନ -କ । To strike out, 1. ଲେଖାରୁ କାଟି-ଦେ; 2. ସାହସରେ ଅଗ୍ରସର-ହେ; 3. ଖୁବ୍ ଜୋରରେ ଭୁଷା ମାରିବା; 4 ନୂଆ ଉଦ୍ଭାବ-କ । To strike sail, ପାଲ ଓହ୍ଲାଇବା । To strike work, କାମ ବନ୍ଦ-କ ।

Striker, *n.* 1. ଧର୍ମଘଟକାରୀ; 2. ଯେ ବା ଯାହା ପିଟେ ।

Striking, *a.* 1. ହୃଦୟଗ୍ରାହୀ; 2. ଆଶ୍ଚର୍ଯ୍ୟଜନକ; 3. ଚିତ୍ତାକର୍ଷକ । [ରୂପେ ।

Strikingly, *ad.* 1. ଆଶ୍ଚର୍ଯ୍ୟଜନକଭାବେ; 2. ଚିତ୍ତାକର୍ଷକ-

String, *n.* 1. ଦଉଡ଼ି, ସୂତଲି; 2. ଗୁଣ; 3. ଫିତା; 4. ସ୍ନାୟୁ; 5. ତାର; 6. ଶ୍ରେଣୀ ।—*v.t.* 1. ତାର ଚଢ଼ାଇବା ବା ବାନ୍ଧିବା; 2. ଗୁନ୍ଥିବା ।—*v.i.* ସୂତଲିପରି ଲମ୍ବିବା ।—To have one on a string, କାହାରିକୁ ନିଜର ସମ୍ପୂର୍ଣ୍ଣ ଆୟତ୍ତାଧୀନ-କ । To have two strings to one's bow, ଉଦ୍ଦେଶ୍ୟ ସଫଳ କରିବା ନିମନ୍ତେ ଦୁଇ ଉପାୟ ଅବଲମ୍ବନ-କ ।

Stringed, *a.* ତାରଯୁକ୍ତ, ତନ୍ତ୍ରବିଶିଷ୍ଟ ।

Stringency, *n.* 1. କଠୋରତା; 2. ଅତ୍ୟାବଶ୍ୟକତା ।

Stringent, *a.* 1. ବନ୍ଧନକାରୀ; 2. କଠୋର; 3. ଅତ୍ୟାବଶ୍ୟକୀୟ ।

Stringless, *a.* ତାରଶୂନ୍ୟ ।

Stringy, *a.* 1. ସୂତ୍ରମୟ; 2. ଚେରୁଆ ।

Strip, *v.t.* 1. ଛେଲି କାଢ଼ିବା; 2. ବିବସ୍ତ୍ର-କ, ଲଙ୍ଗଳା -କ; 3. ଲୁଟ-କ ।—*v.i.* 1. ଲଙ୍ଗଳା-ହେ; 2. ପେଚର ପଟ ଖସଡ଼-ହେ; 3. ଛେଲି ଛାଡ଼ିବା ।—*n.* ଲମ୍ବା ଓ ଅଣଓସାରିଆ ଖଣ୍ଡ ।

Stripe, *n.* 1. କଶାଘାତ; 2. ବେତ୍ରାଘାତର ଚିହ୍ନ, ଡୋଳା; 3. ଭିନ୍ନ ବର୍ଣ୍ଣର ରେଖା; 4. ଡୋରି ।—*v.t.* ଭିନ୍ନବର୍ଣ୍ଣର ରେଖାରେ ଚିହ୍ନିତ-କ ।

Striped, *a.* ଚିହ୍ନିତ, ଡୋରିଆ ।

Stripling, *n.* ଯୁବକ, ଛଉଳିଆ ଟୋକା ।

Stripy, *a.* ଡୋରିସଦୃଶ ।

Strive, *v.i.* 1. ଉଦ୍ୟମ-କ; 2. ପରିଶ୍ରମ-କ; 3. ବିବାଦ-କ; 4. ଲଢ଼ାଇ-କ ।

Strode, *pa. t.* of Stride.

Stroke, (1) *n.* 1. ମାଡ଼, ଆଘାତ; 2. ହଠାତ୍ ଆକ୍ରମଣ; 3. ବିପଦ; 4. ଘଣ୍ଟର ବାଜିବା ଶବ୍ଦ; 5. କଲମ ତୂଳୀରେ ଟଣା ଦାଗ; 6. ଆହୁଲା ନିକ୍ଷେପର ଦୂରତା; 7. ନୌକାରେ ଆହୁଲା ପକାଉଥିବା ଲୋକଙ୍କ ମଧ୍ୟରେ ପଶ୍ଚାଦ୍ବର୍ତ୍ତୀ ଲୋକ; 8. ଦମକଳର ଦଣ୍ଡ ଥରକେ ଯେତେଦୂର ଯାଏ; 9. ଅସାଧାରଣ ଚେଷ୍ଟା ।—*v.i.* ନୌକାରେ ଆହୁଲା ପକାଉଥିବା ଲୋକଙ୍କ ମଧ୍ୟରେ ପଶ୍ଚାଦ୍ବର୍ତ୍ତୀ ଲୋକ-ହେ ।—*v.t.* ପଶ୍ଚାଦ୍ବର୍ତ୍ତୀ ହୋଇ ଆହୁଲା ମାରି ଚଳାଇବା ।

Stroke, (2) *v.t.* ଆଉଁସିବା ।

Stroll, *v.i.* 1. ବୁଲଚାଲ-କ; 2. ଅଳସଭାବରେ ଚାଲିବା ।—*n.* 1. ବୁଲଚାଲ; 2. ପର୍ଯ୍ୟଟନ ।

Stroller, *n.* ବୁଲଚାଲ କରିବା ଲୋକ ।

Strong, *a.* 1. ଦୃଢ଼; 2. ବଳବାନ୍; 3. ଶକ୍ତିମାନ୍; 4. ଅଟଳ; 5. ପ୍ରଚଣ୍ଡ; 6. କଟୁ; 7. ଗାଢ଼; 8. ମତ୍ତ-କାରକ; 9. ପ୍ରଖର; 10. ସୁପ୍ରତିଷ୍ଠିତ; 11. (Gram.) ଯେଉଁ କ୍ରିୟାର ଅତୀତକାଳରେ କେବଳ ସ୍ୱର ପରିବର୍ତ୍ତିତ ହୁଏ ।

Stronghold, *n.* ଦୁର୍ଗ, ଗଡ଼ ।

Strong-knit, *a.* ସୁଯୋଜିତ ।

Strongly, *ad.* 1. ଦୃଢ଼ରୂପେ; 2. ଶକ୍ତଭାବେ; 3. ପ୍ରଚଣ୍ଡଭାବେ ।

Strong-minded, *a.* ଅଟଳମତିବିଶିଷ୍ଟ, ଦୃଢ଼ମନା ।

Strong-mindedness, *n.* ଅଟଳମତିବିଶିଷ୍ଟତା ।

Strong-room, *n.* ମୂଲ୍ୟବାନ୍ ପଦାର୍ଥର ସଂରକ୍ଷଣାର୍ଥ ସୁଦୃଢ଼ କୋଠରୀ ।

Strop, *n.* କ୍ଷୁର ଘଷିବା ଚମଡ଼ା ।—*vt.* ଚମଡ଼ାରେ ଘଷି ଦାଢ଼-କ ।

Strove, *pa. t.* of Strive.

Strow, same as Strew.

Struck, *pa. t.* and *pa. p.* of Strike.

Structural, *a.* ପ୍ରାଣୀର ଗଠନ ସମ୍ବନ୍ଧୀୟ ।

Structure, *n.* 1. ନିର୍ମାଣକରଣ, ଗାନ୍ଥଣି; 2. ଗଢ଼ଣ, ଗଠନ; 3. କୋଠାଘର; 4. ଉପକରଣର ବିନ୍ୟାସ ।

Struggle, *v.i.* 1. ବହୁଚେଷ୍ଟା-କ, ଯତ୍ନ-କ; 2. ବାହୁ-ଯୁଦ୍ଧ-କ; 3. ବିବାଦ-କ; 4. କଷ୍ଟରେ ଛଟପଟ-ହେ ।—*n.* 1. ଛଟପଟ; 2. ବହୁଚେଷ୍ଟା; 3. ଯନ୍ତ୍ରଣା ।

Strum, *v.t.* ଅତି ଜୋରରେ ବାଜା ବଜାଇବା ।

Strumpet, *n.* ବାରାଙ୍ଗନା ।

Strung, *pa. t.* and *pa. p.* of String.

Strut, (1) *v.i.* ଛାତି ଫୁଲାଇ ଚାଲିବା ।—*n.* ଛାତିଫୁଲା ଚାଲି ।

Strut, (2) *n.* ବରଗାର ଅବଲମ୍ବ ।

Strychnia, Strychnine, *n.* କୋଚିଲାରୁ ପ୍ରସ୍ତୁତ ବିଷ ।

Stub, *n.* ଗଛ କାଟିଲାଉତ୍ତାରେ ଅଳ୍ପ ରହିଥିବା ଗଣ୍ଡି ।—*v.t.* 1. (କଟାଗଛର ମୂଳ) ଉପାଡ଼-ଦେ; 2. ଗଛର ମୂଳରୁ ଅଳ୍ପ ଉଚ୍ଚ କାଟିବା; 3. କଟାଗଛର ମୂଳକୁ ପଦାଘାତ-କ ।

Stubble, *n.* 1. ଧାନଗଛର ଗେଣ୍ଡା, ନଡ଼ାମୂଳ; 2. କୁଟା; 3. ମୁହଁର ଲୁଚ ।

Stubbly, *a.* 1. ଗେଣ୍ଡାପୂର୍ଣ୍ଣ; 2. ଲୁଚଭଳି ।

Stubborn, *a.* 1. ଏକଗୁଣ୍ଡିଆ, ଥେଣ୍ଟା; 2. ମଗୁଆ; 3. ଦୃଢ଼ମନା; 4. ଅବାଧ୍ୟ; 5. ଅନମ୍ୟ ।

Stubbornly, *ad.* 1. ମଗୁଆପଣରେ; 2. ଦୃଢ଼ମନା-ଭାବେ, ମନ ଅଣ୍ଟରେ; 3. ଅବାଧ୍ୟରୂପେ ।

Stubbornness, *n.* ମଗୁଆପଣ ।

Stubby, *a.* 1. ଖେଣ୍ଟାମୟ; 2. ଗେଡା, ଖେଣ୍ଟା ।

Stucco, *n.* 1. ପଲସ୍ତର; 2. ଚୂନକାମ ।—*v.t.* 1. ପଲସ୍ତର-କ; 2. ଚୂନରେ-କ ।

Stuck, *pa. t.* and *pa. p.* of Stick.

Stud, (1) *n.* 1. ପଲ ବଢାଇବାପାଇଁ ରକ୍ଷିତ ଘୋଡା-ଘୋଡ଼ୀ; 2. ଶିକାର ବା ବାଜଦୌଡପାଇଁ ରକ୍ଷିତ ଅଶ୍ୱଦଳ ।

Stud, (2) *n.* 1. ମୁଣ୍ଡିଲଗା ପେକ; 2. ଏକପ୍ରକାର ବୋତାମ ।—*v.t.* ଗୁଜର କଣ୍ଟାଦ୍ୱାରା ସୁଶୋଭିତ-କ ।

Student, *n.* 1. ଛାତ୍ର, ବିଦ୍ୟାର୍ଥୀ; 2. ବିଦ୍ୟାନୁରାଗୀ ଲୋକ ।

Studentship, *n.* ଛାତ୍ରବୃତ୍ତି ।

Stud-horse, *n.* ଅଣ୍ଡିରା ଘୋଡା, ଶାବକ ଜନ୍ମାଇବା ପାଇଁ ରକ୍ଷିତ ଘୋଡା ।

Studied, *a.* 1. ପାଣ୍ଡିତ୍ୟପୂର୍ଣ୍ଣ; 2. ସୁଚିନ୍ତିତ ।

Studio, *n.* ଚିତ୍ରକରଙ୍କର କାର୍ଯ୍ୟାଳୟ ।

Studious, *a.* 1. ପାଠାସକ୍ତ, ଅଧ୍ୟୟନଶୀଳ; 2. ବିଦ୍ୟାନୁରାଗୀ; 3. ଚିନ୍ତାଶୀଳ; 4. ମନୋଯୋଗୀ ।

Studiously, *ad.* ମନୋଯୋଗପୂର୍ବକ ।

Studiousness, *n.* ପାଠାସକ୍ତି ।

Study, *v.t.* 1. ଅଧ୍ୟୟନ-କ; 2. ଅଭ୍ୟାସ-କ; 3. ଅନ୍ୱେଷଣ-କ ।—*v.i.* 1. ମନୋନିବେଶ-କ; 2. ଚିନ୍ତାଶୀଳ-ହେ; 3. ସଚେଷ୍ଟ-ହେ; 4. ବିଦ୍ୟାଭ୍ୟାସ-କ ।—*n.* 1. ଅଧ୍ୟୟନ; 2. ବିଦ୍ୟାଭ୍ୟାସ; 3. ଧ୍ୟାନ; 4. ବିଦ୍ୟା; 5. ପାଠାଗାର; 6. ଅସମ୍ପୂର୍ଣ୍ଣ ଚିତ୍ର; 7. ମୁଖସ୍ଥ କରିବା ପଦ୍ଧତି ।

Stuff, *n.* 1. ଦ୍ରବ୍ୟ; 2. ସାମଗ୍ରୀ; 3. ପଶମୀ ଲୁଗା; 4. ଅନର୍ଥକ ବାକ୍ୟ; 5. ଭଣ୍ଡପଣ ।—*v.t.* 1. ଭର୍ତ୍ତି-କ; 2. ଠେଲିକରି ପୂରାଇବା; 3. ଅନର୍ଥକ ବାକ୍ୟରେ ପୂର୍ଣ୍ଣ-କ; 4. ମସଲାରେ ଭରିବା; 5. ମଲାଜନ୍ତୁର ଖୋଳରେ କଣ୍ଢ ଭରିକରି ସଜୀବପରି ଦେଖାଇବା ।—*v.i.* 1. ଅତି ଭୋଜନ-କ; 2. ମଲାଜନ୍ତୁର ଖୋଳରେ କଣ୍ଢ ଭରିକରି ସଜୀବପରି ଦେଖାଇବାରେ ବ୍ୟବସାୟୀ-ହେ ।

Stuffing, *n.* 1. ପୂରଣ; 2. ପୂରକ ଦ୍ରବ୍ୟ; 3. ମାଂସ ପାକର ମସଲା ।

Stultification, *n.* ପଣ୍ଡକରଣ ।

Stultify, *v.t.* 1. ହତବୁଦ୍ଧି-କ, ବୋକା ବନାଇବା; 2. ନିଜ ଉକ୍ତିକୁ ନିଜ ପ୍ରତିବାଦ ଦ୍ୱାରା ପଣ୍ଡ-କ ।

Stumble, *v.i.* 1. ଝୁଣ୍ଟିବା; 2. ଠୋକର ଖାଇବା; 3. (with *upon*) ଅକସ୍ମାତଭାବେ ପାଇବା; 4. ଭ୍ରମରେ ପଡିବା ।—*n.* 1. ଠୋକର; 2. ଭ୍ରମ ।

Stumbling-block, Stumbling-stone, *n.* 1. ଝୁଣ୍ଟିବାର କାରଣ, ବାଧା; 2. ବ୍ୟାଘାତ

Stumblingly, *ad.* ଝୁଣ୍ଟୁଝୁଣ୍ଟୁ ।

Stump, *n.* 1. ବୃକ୍ଷାଦିର ମୂଳ; 2. ଥୁଣ୍ଟା ବୃକ୍ଷକାଣ୍ଡ; 3. "Cricket" ଖେଳରେ ପୋତା ହୋଇଥିବା କାଠମଧ୍ୟରୁ ଗୋଟାଏ ।—*v.t.* 1. "Cricket" ଖେଳରେ ବେଣ୍ଟ ମାରିବା ଲୋକ ନିର୍ଦ୍ଦିଷ୍ଟ ସ୍ଥାନର ବାହାରେ ଥିବାସମୟରେ ପୋତାହୋଇଥିବା ବାଡ଼କୁ ବେଣ୍ଟ ମାରି ଖସାଇ-ଦେ; 2. ଜବୁଥର-କ; 3. (with *up*) (Slang.) ଦେଇ-ଦେ ।—*v.i.* 1. ଭାରି ପାଦରେ ଚାଲିବା; 2. ଏଣେତେଣେ ବୁଲି ବକ୍ତୃତା-ଦେ ।

Stumper, *n.* "Cricket" ଖେଳରେ ବେଣ୍ଟ ମାରିବା ଲୋକର ବିପକ୍ଷଦଳକୁ ପୋତାବାଡ ନିକଟରେ ଯେ ଠିଆ ହୋଇଥାଏ ।

Stump-orator, *n.* ଏଣେତେଣେ ବୁଲି ବକ୍ତୃତା ଦେବା ଲୋକ ।

Stumpy, *a.* 1. ବୃକ୍ଷାଦିମୂଳପୂର୍ଣ୍ଣ; 2. ଗେଡା ।

Stun, *v.t.* 1. ଆଘାତଦ୍ୱାରା ଅଚେତନ-କ; 2. ଶବ୍ଦ ଦ୍ୱାରା ବଧିର-କ; 3. ବିସ୍ମିତ-କ ।

Stung, *pa. t.* and *pa. p.* of Sting.

Stunk, *pa. p.* of Stink.

Stunner, *n.* ଯେ ବା ଯାହା ବିସ୍ମିତ କରେ ।

Stunning, *a.* 1. ବଧିରକାରୀ; 2. ବିସ୍ମୟଜନକ ।

Stunt, *v.t.* 1. ବୃଦ୍ଧିରେ ବାଧା-ଦେ; 2. ଛୋଟ-କ ।—*n.* 1. ବାଙ୍ଗର ଜନ୍ତୁ; 2. (Slang) କାର୍ଯ୍ୟର ଢଙ୍ଗ ।

Stunted, *a.* ବାଙ୍ଗର, ଖର୍ବୀକୃତ ।

Stupa, *n.* ବୌଦ୍ଧଧର୍ମର ସ୍ତୂପ ।

Stupefaction, *n.* 1. ସଂଜ୍ଞାଶୂନ୍ୟକରଣ; 2. ଅଚୈତନ୍ୟ ।

Stupefy, *v.t.* 1. ସଂଜ୍ଞାଶୂନ୍ୟ-କ; 2. ଅଚେତନ-କ ।

Stupendous, *a.* 1. ବୃହତ୍, ବିଶାଳ; 2. ଅଦ୍ଭୁତ ।

Stupendously, *ad.* 1. ବିଶାଳଭାବେ; 2. ଅଦ୍ଭୁତରୂପେ ।

Stupendousness, *n.* 1. ବିଶାଳତା; 2. ଅଦ୍ଭୁତତା ।

Stupid, *a.* 1. ଜଡ; 2. ସ୍ଥୂଳବୁଦ୍ଧି; 3. ଅଜ୍ଞାନ ।

Stupidity, Stupidness, *n.* 1. ଜଡତା; 2. ସ୍ଥୂଳବୁଦ୍ଧିତ୍ୱ; 3. ଅଜ୍ଞାନପଣ ।

Stupidly, *ad.* ଅଜ୍ଞାନପଣରେ ।

Stupor, *n.* 1. ଅଚେତନାବସ୍ଥା; 2. ବିସ୍ମୟାଭିଭୂତି ।

Sturdily, *ad.* ସବଳରେ ।

Sturdiness, *n.* ସବଳତା । [ଦୃଢ଼ପ୍ରତିଜ୍ଞ ।

Sturdy, *a.* 1. ଦୃଢମନା; 2. ହଟ୍ଟା; 3. ସବଳ; 4.

Sturgeon, *n.* ଏକପ୍ରକାର ସାମୁଦ୍ରିକ ସୁସ୍ୱାଦୁ ମାଛ ।

Stutter, *v.i.* ତୋତଲେଇକରି କହିବା ।—*n.* ତୋତଲା-ପଣ ।

Stutterer, *n.* ତୋତଲେଇକରି କହିବା ଲୋକ ।

Stuttering, *a.* ତୋତଲା ।

Stutteringly, *ad.* ତୋତଲାଭାବେ ।

Sty, (1) *n.* ଆଖିର ବ୍ରଣ ।

Sty, (2) *n.* ଘୁଷୁରି ଖୁଆଡ ।

Stygian, *a.* 1. ନାରକୀୟ; 2. ପ୍ରେତନଦୀ ସମ୍ବନ୍ଧୀୟ ।

Stylar, *a.* ସୂଚିପରର କଣ୍ଟାସମ୍ବନ୍ଧୀୟ ।

Style, *n.* 1. ଲେଖନୀ; 2. ଲେଖିବା ଧାର; 3. ରଚନା ପଦ୍ଧତି; 4. ରୀତି; 5. ଭାବଭଙ୍ଗୀ; 6. ସୂର୍ଯ୍ୟଘଡିର କଣ୍ଟା; 7. (Bot.) ଗର୍ଭଦଣ୍ଡ ।—*v.t.* 1. ଆଖ୍ୟା-ଦେ; 2. ଉପାଧି-ଦେ ।

Stylet, *n.* ଛୋଟ ଛୋରା ।
Stylish, *a.* 1. ଉଦ୍ଭଟ; 2. ଚାକଚକ୍ୟପ୍ରିୟ; 3. ବସ୍ତ୍ରବିଳାସୀ ।
Stylishly, *ad.* 1. ଉଦ୍ଭଟରୂପେ; 2. ବସ୍ତ୍ରବିଳାସି-[ରୂପେ ।
Stylishness, *n.* ଉଦ୍ଭଟତା ।
Stylist, *n.* ଶବ୍ଦଭଙ୍ଗୀନୁମୋଦିତ ସୁଲେଖକ ।
Styptic, *a.* ରକ୍ତରୋଧକ ।
Styx, *n.* ପ୍ରେତନଦୀ, ବୈତରଣୀ ନଦୀ ।
Suable, *a.* ନାଲିଶ ଯୋଗ୍ୟ ।
Suasion, *n.* 1. ପ୍ରବର୍ତ୍ତନା; 2. ପରାମର୍ଶ ।
Suasive, *a.* 1. ପ୍ରବର୍ତ୍ତକ; 2. ପରାମର୍ଶଦାୟୀ ।
Suave, *a.* 1. ମନୋରମ; 2. କୋମଳ ।
Suavely, *ad.* 1. ମନୋରମଭାବେ; 2. କୋମଳଭାବେ ।
Suavity, *n.* 1. ମନୋରମତ୍ୱ; 2. କୋମଳତ୍ୱ ।
Sub, (1) *n.* ଅଧୀନତା ବା ନିମ୍ନବର୍ତ୍ତିତା ସୂଚକ ଉପସର୍ଗ ।
Sub, (2) *n.* (Coll.) 1. ନିମ୍ନପଦସ୍ଥ ବ୍ୟକ୍ତି; 2. ଅପ୍ରଧାନ ସେନାପତି ।
Subaltern, *n.* ଅପ୍ରଧାନ ସେନାପତି ।
Subcommittee, *n.* ଅଧୀନସ୍ଥ କମିଟି ।
Subdivide, *v.t.* ବିଖଣ୍ଡିତ-କ ।
Subdivision, *n.* 1. ମହକୁମା; 2. ଉପବିଭାଗ; 3. ଅଂଶର ଅଂଶ ।
Subduable, *a.* 1. ପରାଜୟଯୋଗ୍ୟ; 2. ଦମନୀୟ ।
Subdual, *n.* ପରାଜୟ ।
Subdue, *v.t.* 1. ପରାଜୟ-କ; 2. ବଶୀଭୂତ-କ; 3. ଦମନ-କ ।
Subdued, *a.* ପରାଜିତ ।
Subeditor, *n.* ଅଧୀନସ୍ଥ ସମ୍ପାଦକ ।
Subinspector, *n.* 1. ପରିଦର୍ଶକଙ୍କ ଅଧୀନସ୍ଥ କର୍ମଚାରୀ; 2. ସବଇନ୍ସପେକ୍ଟର ।
Subjacent, *a.* ଅଧୋବର୍ତ୍ତୀ ।
Subject, *a.* 1. ପରାଧୀନ; 2. ଅଧୀନ; 3. ଆକ୍ରମଣାଧୀନ; 4. ବଶୀଭୂତ; 5. ବାଧ୍ୟ ।—*n.* 1. ପ୍ରଜା; 2. ପ୍ରସଙ୍ଗ; 3. (Anat.) ବ୍ୟବଚ୍ଛେଦାର୍ଥକ ଶବ; 4. ପରାଧୀନ ବ୍ୟକ୍ତି; 5. ଚିନ୍ତକରର ଅବଲମ୍ବ ବିଷୟ; 6. ମନ; 7. (Gram.) କର୍ତ୍ତୃପଦ ।—*v.t.* 1. ଅଧୀନସ୍ଥ-କ; 2. ବଶୀଭୂତ-କ; 3. ଦାୟଗ୍ରସ୍ତ କରାଇବା ।
Subjection, *n.* 1. ଅଧୀନକରଣ; 2. ପରାଧୀନତା ।
Subjective, *a.* 1. ସ୍ୱୀୟ ଅନୁଭବସିଦ୍ଧ; 2. ଆଧ୍ୟାତ୍ମିକ ।
Subjectively, *ad.* ଆଧ୍ୟାତ୍ମିକଭାବେ ।
Subjectiveness, *n.* ଆଧ୍ୟାତ୍ମିକତା ।
Subjectivity, *n.* 1. ଆଧ୍ୟାତ୍ମିକ ଅବସ୍ଥା; 2. ଆଧ୍ୟାତ୍ମିକ ବିଷୟ ।
Subject-matter, *n.* ଆଲୋଚ୍ୟ ବିଷୟ ।
Subjoin, *v.t.* 1. ନିମ୍ନରେ ସଂଯୋଗ-କ; 2. ପଶ୍ଚାତ ଯୋଗ-କ ।
Subjugate, *v.t.* 1. ବଶ-କ; 2. ପରାଧୀନ-କ; 3. ଜୟ-କ ।
Subjugation, *n.* 1. ପରାଜୟ; 2. ବଶୀଭୂତତା ।
Subjunctive, *a.* 1. ସଂଯୁକ୍ତ; 2. ସଂଶୟାର୍ଥ ।—*n.* (Gram.) କ୍ରିୟାର ସମ୍ଭାବ୍ୟାବସ୍ଥା ।
Subkingdom, *n.* ଅବାନ୍ତର ରାଜ୍ୟ ।
Sublet, *v.t.* 1. ସେକମ୍ ଇଜାରା-କ; 2. ଭଡା ନେଇ ପୁଣି ଅନ୍ୟଙ୍କୁ ଭଡାରେ-ଦେ ।
Sublimate, *v.t.* 1. ବାଷ୍ପସାର-କ; 2. ପରିଷ୍କାର-କ ।—*n.* ବାଷ୍ପସାର ।
Sublimation, *n.* 1. ବାଷ୍ପସାରକରଣ; 2. ପରିଷ୍କରଣ ।
Sublime, *a.* 1. ପରମ; 2. ଶ୍ରେଷ୍ଠ; 3. ମହଭାବପୂର୍ଣ୍ଣ ।—*n.* ମହଭାବ ।—*v.t.* 1. ମହଭାବପୂର୍ଣ୍ଣ-କ; 2. ବାଷ୍ପସାର-କ ।
Sublimely, *ad.* ମହଭାବପୂର୍ଣ୍ଣଭାବେ ।
Sublimity, *n.* 1. ମହତ୍ତ୍ୱ; 2. ଉତ୍କର୍ଷ ।
Sublunar, Sublunary, *a.* 1. ଚନ୍ଦ୍ରମଣ୍ଡଳର ଅଧଃସ୍ଥ; 2. ପାର୍ଥିବ; 3. ଐହିକ ।
Submarine, *a.* 1. ସମୁଦ୍ର ଗର୍ଭସ୍ଥ; 2. ସାଗରତଳସ୍ଥ ।—*n.* ବୁଡା ଜାହାଜ ।
Submerge, Submerse, *v.t.* 1. ଜଳରେ ମଗ୍ନ-କ; 2. ଜଳପ୍ଲାବିତ-କ ।—*v.i.* ଜଳମଗ୍ନ-ହେ ।
Submerged, Submersed, *a.* ଜଳମଗ୍ନ ।
Submergence, Submersion, *n.* 1. ନିମଜ୍ଜନ; 2. ଜଳପ୍ଲାବନ ।
Submission, *n.* 1. ବଶବର୍ତ୍ତିତା; 2. ଦୋଷସ୍ୱୀକାର; 3. ବିନୟ ।
Submissive, *a.* 1. ବଶବର୍ତ୍ତୀ; 2. ଦୋଷସ୍ୱୀକାରକାରୀ; 3. ବିନୀତ; 4. ଆଜ୍ଞାବହ ।
Submissively, *ad.* 1. ବଶବର୍ତ୍ତୀଭାବେ; 2. ବିନୀତ-[ଭାବେ ।
Submit, *v.t.* 1. ସମର୍ପଣ-କ; 2. ବିଚାରାର୍ଥ ପେଶ-କ ।—*v.i.* 1. ବଶ୍ୟତା ସ୍ୱୀକାର-କ; 2. ବଶୀଭୂତ-ହେ ।
Submontane, *a.* ଗିରିପାଦସ୍ଥ ।
Submundane, *a.* ଭୂମିତଳସ୍ଥ ।
Subnormal, *a.* ସ୍ୱାଭାବିକ ପରିମାଣରୁ ନ୍ୟୂନ ।
Subordinate, *a.* 1. ଅପ୍ରଧାନ; 2. ଅଧୀନ ।—*n.* 1. ଅଧୀନସ୍ଥ ବ୍ୟକ୍ତି; 2. ତାବେଦାର ଲୋକ; 3. ନିମ୍ନଶ୍ରେଣୀସ୍ଥ କର୍ମଚାରୀ ।—*v.t.* 1. ନିମ୍ନଶ୍ରେଣୀସ୍ଥ-କ; 2. ବଶରେ ଆଣିବା ।
Subordination, *n.* 1. ନିମ୍ନଶ୍ରେଣୀସ୍ଥକରଣ; 2. ଅଧୀନାବସ୍ଥା; 3. ତାବେଦାରି ।
Suborn, *v.t.* 1. ମିଥ୍ୟାଶପଥ କରାଇବା; 2. ଅସଦୁପାୟରେ ସମାଧା-କ ।
Subpœna, Subpena, *n.* ତଲବ ଚିଠି, ସପିନା ।—*v.t.* ଚିଠିଦ୍ୱାରା ତଲବ-କ ।
Subscribable, *a.* ଚାନ୍ଦାଯୋଗ୍ୟ ।
Subscribe, *v.t.* 1. ନିମ୍ନରେ ସ୍ୱାକ୍ଷର-କ; 2. ସ୍ୱାକ୍ଷର ଦ୍ୱାରା ସମ୍ମତି ପ୍ରକାଶ-କ; 3. ଚାନ୍ଦା-ଦେ, ଲେଖା-ଦେ ।—*v.i.* 1. ସ୍ୱାକ୍ଷର ଦ୍ୱାରା ଟଙ୍କା ଦେବାକୁ ପ୍ରତିଜ୍ଞା-କ; 2. ଗ୍ରାହକ ହେବାପାଇଁ ଦସ୍ତଖତ-ଦେ ।

Subscriber, *n.* 1. ସମ୍ବାଦପତ୍ରର ଗ୍ରାହକ; 2. ଚନ୍ଦା-ଦାତା ।

Subscription, *n.* 1. ସ୍ୱାକ୍ଷରକରଣ; 2. ସମ୍ବାଦପତ୍ରର ମୂଲ୍ୟ; 3. ଚନ୍ଦା ।

Subsection, *n.* ଉପବିଭାଗ ।

Subsequent, *a.* 1. ପଶ୍ଚାଦ୍‌ବର୍ତ୍ତୀ; 2. ପରବର୍ତ୍ତୀ ।

Subsequently, *ad.* 1. ପଶ୍ଚାତରେ; 2. ପରେ ।

Subserve, *v.t.* ସାହାଯ୍ୟ-କ ।

Subservience, Subserviency, *n.* 1. ଆଜ୍ଞାନୁଗତ୍ୟ; 2. ବଶ୍ୟତା ।

Subservient, *a.* 1. ଆଜ୍ଞାନୁଗତ; 2. ସେବାକାରୀ; 3. ବଶ୍ୟ ।

Subserviently, *ad.* ଆଜ୍ଞାନୁଗତଭାବେ ।

Subside, *v.i.* 1. ଥମିଯିବା, ନିବୃତ୍ତ-ହେ; 2. ତଳେ ବସିଯିବା; 3. ଶାନ୍ତ-ହେ; 4. ଦବିଯିବା ।

Subsidence, Subsidency, *n.* 1. ଅଧଃପତନ; 2. ତଳଗମନ ।

Subsidiary, *a.* 1. ଆର୍ଥିକ ସାହାଯ୍ୟକାରୀ; 2. କରଦ; 3. ସହକାରୀ ।

Subsidise, *v.t.* ଆର୍ଥିକ ସାହାଯ୍ୟ-କ ।

Subsidy, *n.* 1. ଆର୍ଥିକ ସାହାଯ୍ୟ; 2. କର ।

Subsist, *v.i.* 1. ବର୍ତ୍ତମାନ ଥିବା, ଅବସ୍ଥିତ-ହେ; 2. ଅନୁବର୍ତ୍ତୀ-ହେ; 3. ଜୀବନଧାରଣ-କ ।

Subsistence, *n.* 1. ବର୍ତ୍ତମାନତା; 2. ସତ୍ତା; 3. ଜୀବନୋପାୟ, ଜୀବିକା ।

Subsistent, *a.* 1. ସତ୍ତାବାନ୍; 2. ସ୍ଥିତ; 3. ଅନୁବର୍ତ୍ତୀ ।

Subsoil, *n.* ଅନ୍ତଃସ୍ତର, ତଳର ମାଟି ।

Substance, *n.* 1. ସାର; 2. ସାରାଂଶ; 3. ବସ୍ତୁ, ଦ୍ରବ୍ୟ; 4. ସମ୍ପତ୍ତି ।

Substantial, *a.* 1. ବାସ୍ତବିକ; 2. ଯଥାର୍ଥ; 3. ସୁଦୃଢ; 4. ସମ୍ପତ୍ତିଶାଳୀ; 5. ପ୍ରଚୁର; 6. ସାରବିଶିଷ୍ଟ ।

Substantially, *ad.* 1. ମୂଳତଃ; 2. ଯଥାର୍ଥରୂପେ ।

Substantials, *n. pl.* ସାରଭାଗ ।

Substantiate, *v.t.* ସାବ୍ୟସ୍ତ-କ, ସପ୍ରମାଣ-କ ।

Substantive, *a.* 1. ସତ୍ତାବାଚକ; 2. ବାସ୍ତବିକ ।—*n.* (Gram.) ବିଶେଷ୍ୟପଦ, ଦ୍ରବ୍ୟବାଚକ ସଂଜ୍ଞା ।

Substitute, *v.t.* ଅନ୍ୟର ପରିବର୍ତ୍ତେ ସ୍ଥାପନ-କ, ବଦଳରେ -ଦେ ।—*n.* ବଦଳି, ପ୍ରତିନିଧି ।

Substitution, *n.* ପରିବର୍ତ୍ତନକରଣ, ପାଲଟ ।

Substratum, *n.* 1. ତଳର ସ୍ତର; 2. ମୌଳିକ ଉପାଦାନ ।

Subtenant, *n.* ଶିକମି ରଇତ ।

Subterfuge, *n.* 1. ଠକିବା କୌଶଳ; 2. ଛଳ ।

Subterranean, Subterraneous, Subterrestrial, *a.* ଭୂଗର୍ଭସ୍ଥ ।

Subtile, *a.* 1. ସୂକ୍ଷ୍ମ; 2. ଶଠ ।

Subtitle, *n.* ପୁସ୍ତକର ଦ୍ୱିତୀୟ ନାମ ।

Subtle, *a.* 1. ସୂକ୍ଷ୍ମ; 2. ଚତୁର; 3. ଧୂର୍ତ୍ତ; 4. କୁଟିଳ ।

Subtleness, Subtlety, *n.* 1. ଚାତୁରୀ; 2. ଧୂର୍ତ୍ତତା ।

Subtly, *ad.* 1. ଚତୁରପଣରେ; 2. କୁଟିଳଭାବେ ।

Subtract, *v.t.* 1. ଫେଡିବା, ବିୟୋଗ-କ; 2. ଊଣା-କ ।

Subtraction, *n.* 1. ବିୟୋଗକରଣ; 2. ଫେଡାଣ, ବିୟୋଗ ।

Subtrahend, *n.* ବିୟୋଜ୍ୟ ରାଶି ।

Subtropical, *a.* ଗ୍ରୀଷ୍ମମଣ୍ଡଳର ନିକଟବର୍ତ୍ତୀ ।

Suburb, Suburbs, *n.* ନଗରୋପକଣ୍ଠ, ସହରତଳି ।

Suburban, *a.* ସହର ତଳିସ୍ଥ ।—*n.* ନଗରୋପକଣ୍ଠ-ବାସୀ ଲୋକ ।

Subvention, *n.* ସରକାରୀ ଦାନ ।

Subversion, *n.* 1. ସମୂଳୋତ୍ପାଟନ, ଉଚ୍ଛେଦ; 2. ଧ୍ୱଂସ ।

Subversionary, Subversive, *a.* 1. ସମୂଳୋତ୍ପାଟକ; 2. ଭଗ୍ନକାରୀ ।

Subvert, *v.t.* 1. ସମୂଳୋତ୍ପାଟନ-କ; 2. ଧ୍ୱଂସ-କ; 3. ଭଗ୍ନ-କ ।

Subway, *n.* ଭୂତଳସ୍ଥ ପଥ ।

Succeed, *v.t.* and *i.* 1. ଅନୁଗମନ-କ; 2. ସ୍ଥାନାଧିକାର-କ; 3. ପଶ୍ଚାଦ୍‌ଗାମୀ-ହେ; 4. କୃତକାର୍ଯ୍ୟ-ହେ; 5. ସମୃଦ୍ଧିଶାଳୀ-ହେ ।

Succeedable, *a.* ସିଦ୍ଧିଯୋଗ୍ୟ ।

Success, *n.* 1. ଇଷ୍ଟସିଦ୍ଧି, 2. କୃତକାର୍ଯ୍ୟତା; 3. ସାଫଲ୍ୟ; 4. କୃତାର୍ଥ ଲୋକ ।

Successful, *a.* 1. କୃତାର୍ଥ; 2. ସଫଳ; 3. ସମୃଦ୍ଧିଶାଳୀ ।

Successfully, *ad.* 1. କୃତାର୍ଥରୂପେ; 2. ସଫଳଭାବେ ।

Successfulness, *n.* 1. କୃତାର୍ଥତା; 2. ସଫଳତା ।

Succession, *n.* 1. ଅନୁକ୍ରମ; 2. ପରମ୍ପରା; 3. ବଂଶପର୍ଯ୍ୟାୟ; 4. ଉତ୍ତରାଧିକାର ସ୍ୱତ୍ୱ ।

Successional, *a.* ପାରମ୍ପର୍ଯ୍ୟ ସମ୍ବନ୍ଧୀୟ ।

Successive, *a.* 1. ଆନୁକ୍ରମିକ; 2. କ୍ରମାଗତ; 3. ପାରମ୍ପରିକ ।

Successively, *ad.* 1. ଆନୁକ୍ରମିକରୂପେ; 2. କ୍ରମାନୁସାରେ ।

Successor, *n.* 1. ଉତ୍ତରାଧିକାରୀ; 2. ପରବର୍ତ୍ତୀ ଲୋକ; 3. ପ୍ରତିନିଧି ।

Succinct, *a.* ସଂକ୍ଷିପ୍ତ, ଚୁମ୍ବକ ।

Succinctly, *ad.* ସଂକ୍ଷେପରେ, ଚୁମ୍ବକରୂପେ ।

Succinctness, *n.* ସଂକ୍ଷିପ୍ତତା ।

Succour, *v.t.* 1. ଉପକାର-କ; 2. ସାହାଯ୍ୟ-କ ।—*n.* 1. ଉପକାର; 2. ସାହାଯ୍ୟ ।

Succourer, *n.* 1. ଉପକାରୀଲୋକ; 2. ସାହାଯ୍ୟକାରୀ ।

Succulent, *a.* ରସାଳ ।

Succumb, *v.i.* 1. ଅବସନ୍ନ-ହେ; 2. ପରାସ୍ତ-ହେ; 3. [illegible] ।

Such, *a.* 1. ଏପରି, ଏପ୍ରକାର: 2. ଏମନ୍ତ; 3. ଏତେ; 4. ଅମୁକ, ଫଲଣା ।—*pro.* ଅମୁକଅମୁକ ।

Suck, *v.t.* and *i.* 1. ଶୋଷିବା, ଚୋଷିବା; 2. ସ୍ତନ୍ୟପାନ-କ; 3. ନିଶ୍ୱାସ ଟାଣିବା ।—*n.* 1. ଶୋଷଣ, ଚୋଷଣ; 2. ସ୍ତନ୍ୟ ।

Sucker, *n.* 1. ଶୋଷକ: 2. ପଲ୍ଲବ ।

Sucking, *a.* 1. ଦୁଗ୍ଧପୋଷ୍ୟ; 2. ଟୋକାଳିଆ ।

Suckle, *v.t.* ସ୍ତନ୍ୟପାନ କରାଇବା, କ୍ଷୀର-ଦେ ।

Suckling, *n.* 1. ସ୍ତନ୍ୟପାୟୀ ଜନ୍ତୁ; 2. ଦୁଗ୍ଧପୋଷ୍ୟ ଶିଶୁ ।

Sucrose, *n.* ଶର୍କର ।

Suction, *n.* 1. ଶୋଷଣ; 2. ଊର୍ଦ୍ଧ୍ୱାକର୍ଷଣ ।

Suction-pump, *n.* ଦମକଳ ।

Sudden, *a.* 1. ଅନପେକ୍ଷିତ; 2. ତ୍ୱରିତ; 3. ଆକସ୍ମିକ ।—Of a sudden, ସହସା ।

Suddenly, *ad.* ଅକସ୍ମାତ୍, ହଠାତ୍, ସହସା ।

Suddenness, *n.* ଆକସ୍ମିକତା ।

Sudorific, *a.* ସ୍ୱେଦଜନକ ।—*n.* ଘର୍ମକାରକ ଔଷଧ ।

Sudra, *n.* ଶୂଦ୍ର ।

Suds, *n. pl.* ସାବୁନ ପାଣି ।

Sue, *v.t.* 1. ଆଦାଲତରେ ଆଣିବା, ଅଭିଯୁକ୍ତ-କ; 2. ଗୁହାରି-କ ।—*v.i.* 1. ଯାଚ୍ଞା-କ: 2. ପ୍ରଣୟପ୍ରାର୍ଥୀ-ହେ ।

Suede, *n.* ଛେଳିର ଅମସୃଣ ଛାଲ ।

Suet, *n.* 1. ପଶୁଙ୍କର ଚର୍ବୀ; 2. କଠିନ ବସା ।

Suety, *a.* ଚିକଣା, ଚର୍ବୀଯୁକ୍ତ ।

Suffer, *v.t.* 1. ଭୋଗ-କ; 2. ସହ୍ୟ-କ; 3. ଅନୁଭବ-କ; 4. ଅନୁମତି-ଦେ ।—*v.i.* 1. କଷ୍ଟଭୋଗ-କ; 2. ଶାସ୍ତି ପାଇବା; 3. କ୍ଷତିଗ୍ରସ୍ତ-ହେ ।

Sufferable, *a.* 1. ଭୋଗ୍ୟ; 2. ଅନୁମତିଯୋଗ୍ୟ ।

Sufferance, *n.* 1. ଦୁଃଖାବସ୍ଥା; 2. ଧୈର୍ଯ୍ୟ; 3. ଅନୁମତି; 4. ସହ୍ୟକରଣ ।

Sufferer, *n.* 1. ଦୁଃଖଭୋଗୀବ୍ୟକ୍ତି; 2. ପୀଡ଼ାଗ୍ରସ୍ତ ଲୋକ ।

Suffering, *n.* 1. ଦୁଃଖଭୋଗ; 2. ବେଦନା; 3. କ୍ଷତି ।

Suffice, *v.i.* 1. ଅଣ୍ଟିବା: 2. ଯଥେଷ୍ଟ-ହେ ।—*v.t.* ତୁଷ୍ଟ-କ ।

Sufficiency, *n.* 1. ଯଥେଷ୍ଟତା; 2. ପର୍ଯ୍ୟାପ୍ତି; 3. ସାମର୍ଥ୍ୟ; 4. ଆତ୍ମଶ୍ଳାଘା ।

Sufficient, *a.* 1. ଯଥେଷ୍ଟ; 2. ପର୍ଯ୍ୟାପ୍ତ; 3. ସମର୍ଥ ।

Sufficiently, *ad.* 1. ଯଥେଷ୍ଟରୂପେ; 2. ପର୍ଯ୍ୟାପ୍ତରୂପେ ।

Suffix, *n.* 1. ଶବ୍ଦର ଯୋଗ; 2. ପ୍ରତ୍ୟୟ ।—*v.t.* ପ୍ରତ୍ୟୟଯୁକ୍ତ-କ ।

Suffocate, *v.t.* 1. ରୁଦ୍ଧଶ୍ୱାସ-କ; 2. ନିଶ୍ୱାସ ବନ୍ଦ କରି ମାରିବା ।

Suffocating, *a.* ଶ୍ୱାସରୋଧକ ।

Suffocation, *n.* ଶ୍ୱାସରୋଧ ।

Suffocative, *a.* ଶ୍ୱାସରୋଧକାରକ ।

Suffragan, *a.* ସହକାରୀ ।—*n.* ସହକାରୀ ଧର୍ମାଧ୍ୟକ୍ଷ ।

Suffrage, *n.* 1. ମତ ଦେବା କ୍ଷମତା; 2. ସମ୍ମତି; 3. *pl.* ମଣ୍ଡଳୀର ସମ୍ମିଳିତ ପ୍ରାର୍ଥନା ।

Suffuse, *v.t.* 1. ପରିପ୍ଲୁତ-କ; 2. ବ୍ୟାପ୍ତ-କ ।

Suffusion, *n.* 1. ପରିପ୍ଲୁତକରଣ; 2. ପରିବ୍ୟାପ୍ତି ।

Sugar, *n.* 1. ଚିନି; 2. ନବାତ; 3. ମିଷ୍ଟବାକ୍ୟ ।—*v.t.* 1. ଚିନିମିଶ୍ରିତ-କ; 2. ମିଠା-କ; 3. ତୋଷାମୋଦ-କ ।

Sugar-candy, *n.* ମିଶିରି ।

Sugar-cane, *n.* ଆଖୁ, ଇକ୍ଷୁ ।

Sugared, *a.* 1. ଚିନିମିଶା; 2. ମିଷ୍ଟ ।

Sugariness, *n.* ମିଷ୍ଟତା, ମିଠାସ୍ୱାଦ ।

Sugar-loaf, *n.* କନ୍ଦ ।

Sugar-mill, *n.* ଆଖୁପେଡ଼ା କଳ ।

Sugar-plum, *n.* 1. ଚିନିଲଡୁ; 2. ତୋଷାମୋଦିଆ କଥା ।

Sugar-refinery, *n.* ଚିନି ପ୍ରସ୍ତୁତ ହେବା କାରଖାନା ।

Sugary, *a.* 1. କନ୍ଦପରି ମିଠା, ମିଷ୍ଟ; 2. ମିଷ୍ଟାନ୍ନପ୍ରିୟ ।

Suggest, *v.t.* 1. ଅନୁରୋଧ-କ; 2. ସଙ୍କେତରେ କହିବା; 3. ସୂଚନା-କ ।—*v.i.* ପରାମର୍ଶ ଦାନ-କ ।

Suggestion, *n.* 1. ଅନୁରୋଧ; 2. ପରାମର୍ଶ: 3. ସୂଚନା; 4. ପ୍ରସ୍ତାବ; 5. କୃତ୍ରିମ ଉପାୟରେ ଲୋକଙ୍କୁ ସଙ୍କେତରେ ଶାସନ ।

Suggestive, *a.* 1. ଅନୁରୋଧକାରକ; 2. ସୂଚନାପୂର୍ଣ୍ଣ: 3. ସଙ୍କେତଯୋଗ୍ୟ ।

Suggestiveness, *n.* ସୂଚନାପୂର୍ଣ୍ଣତା ।

Suicidal, *a.* ଆତ୍ମହତ୍ୟା ସମ୍ବନ୍ଧୀୟ ।

Suicide, *n.* 1. ଆତ୍ମହନ୍ତା; 2. ଆତ୍ମହତ୍ୟା ।

Suing, *n.* 1. ନାଲିଶ; 2. ପ୍ରଣୟ ପ୍ରାର୍ଥନା ।

Suit, *n.* 1. ନାଲିଶ; 2. ମୋକଦ୍ଦମା; 3. ଆବେଦନ; 4. ଜମ; 5. ତାସ୍‌ର ଏକ ରଙ୍ଗ; 6. ଏକାଥରକେ ପିନ୍ଧିବା ପୋଷାକ; 7. ବିବାହାର୍ଥ ପ୍ରୀତିଚେଷ୍ଟା ।—*v.t.* 1. ଉପଯୋଗୀ କରାଇବା; 2. ତୁଷ୍ଟ-କ ।—*v.i.* ଉପଯୋଗୀ-ହେ ।

Suitable, *a.* 1. ଉପଯୁକ୍ତ; 2. ଉପଯୋଗୀ; 3. ଯୋଗ୍ୟ ।

Suitableness, Suitability, *n.* 1. ଉପଯୋଗିତା; 2. ଯୋଗ୍ୟତା ।

Suitably, *ad.* ଉପଯୁକ୍ତରୂପେ ।

Suite, *n.* 1. ଅନୁଚରବର୍ଗ; 2. ପ୍ରକୋଷ୍ଠାଦିର ଶ୍ରେଣୀ ।

Suitor, *n. pl.* 1. ବିବାହପ୍ରାର୍ଥୀ; 2. ନାଲିଶ କରିବା ଲୋକ, ବାଦୀ, ମୁଦେଇ; 3. ଆବେଦକ ।

Sulk, *v.i.* ଗୁମାନ-ହେ ।

Sulkily, *ad.* ଗୁମାନରେ ।

Sulkiness, *n.* ଗୁମାନ ।

Sulks, *n. pl.* ଗୁମାନଭାବ ।

Sulky, *a.* ଗୁମାନୀ ।

Sullen, *a.* 1. ରୁଷ୍ଟ; 2. ଅପ୍ରସନ୍ନ; 3. ଈର୍ଷାଳୁ; 4. ମେଘୁଆ ।

Sullenly, *ad.* ଅପ୍ରସନ୍ନଭାବେ ।
Sullenness, *n.* ଅପ୍ରସନ୍ନତା ।
Sully, *v.t.* 1. କଳଙ୍କିତ-କ; 2. ମଳିନ-କ; 3. ଦାଗ-ଯୁକ୍ତ-କ ।—*v.i.* ମଳିନ-ହେ ।
Sulphate, *n.* ଗନ୍ଧକାମ୍ଳ ସହିତ ପଦାର୍ଥର ମିଶ୍ରିତ [ଦ୍ରବ୍ୟ ।
Sulphite, *n.* ଗନ୍ଧକାମ୍ଳରୁ ଜାତ ଏକପ୍ରକାର କ୍ଷାର ।
Sulphur, *n.* ଗନ୍ଧକ ।
Sulphureous, *a.* ଗନ୍ଧକଗୁଣବିଶିଷ୍ଟ ।
Sulphuretted, *a.* ଗନ୍ଧକମିଶ୍ରିତ ।
Sulphuric, *a.* 1. ଗନ୍ଧକସମ୍ବନ୍ଧୀୟ; 2. ଗନ୍ଧକଜାତ ।
Sulphuric acid, *n.* ଗନ୍ଧକାମ୍ଳ ।
Sulphurous, *a.* 1. ଗନ୍ଧକମୟ; 2. ଜ୍ୱଳନ୍ତ ଗନ୍ଧକରୁ ଜାତ ଅମ୍ଳ ସମ୍ବନ୍ଧୀୟ ।
Sulphury, *a.* ଗନ୍ଧକବତ୍ ।
Sultan, *n.* ତୁରସ୍କଦେଶୀୟ ରାଜା, ସୁଲତାନ ।
Sultana, (1) Sultaness, *n.* ସୁଲତାନଙ୍କ ମାତା ବା ସ୍ତ୍ରୀ ବା ଦୁହିତା ।
Sultana, (2) *n.* ଏକପ୍ରକାର ମଞ୍ଜିହୀନ କିସ୍‌ମିସ୍ ।
Sultry, *a.* 1. ବଡ ଗରମ; 2. ମେଘାଚ୍ଛନ୍ନ ଗ୍ରୀଷ୍ମ, ଗୁଳୁଗୁଳିଆ ।
Sum, *n.* i. ମୋଟ, ସମଷ୍ଟି; 2. ଅର୍ଥାଦିର ପରିମାଣ; 3. ପାଟୀଗଣିତର ପ୍ରଶ୍ନ, ଅଙ୍କଖଣ୍ଡ; 4. ପ୍ରଧାନ ଆଲୋଚ୍ୟ ବିଷୟ; 5. ସାରସଂଗ୍ରହ; 6. ସମାପ୍ତି ।—*v.t.* 1. ମୋଟ-କ; 2. ଅଙ୍କ କଷିବା; 3. ସାର ସଂଗ୍ରହ-କ ।
Summarily, *ad.* 1. ଅଳ୍ପକଥାରେ; 2. ଝଟିତି ।
Summarise, *v.t.* 1. ସାର ସଂଗ୍ରହ-କ; 2. ସଂକ୍ଷେପରେ କହିବା ।
Summary, *a.* 1. ସାରସଂଯୁକ୍ତ; 2. ସଂକ୍ଷିପ୍ତ; 3. ଶୀଘ୍ର ସାଧିତ ।—*n.* 1. ସାରସଂଗ୍ରହ; 2. ସଂକ୍ଷିପ୍ତ ଲେଖା ।
Summer, (1) *n.* ଗ୍ରୀଷ୍ମକାଳ, ଗରମଦିନ ।—*v.i.* ଗ୍ରୀଷ୍ମକାଳ ଯାପନ-କ ।—*v.t.* ଗ୍ରୀଷ୍ମକାଳବ୍ୟାପୀ ପାଳିବା ।
Summer, (2) *n.* ଅଙ୍କ କଷିବା ଲୋକ ।
Summer-house, *n.* 1. ନିକୁଞ୍ଜାବାସ; 2. ଗ୍ରୀଷ୍ମକାଳୀନ ଗୃହ ।
Summerset, same as Somersault.
Summing, *n.* ଅଙ୍କକରଣ ।
Summing-up *n.* 1. ପ୍ରଧାନ ବିଷୟର ପୁନରାଲୋଚନା; 2. ଜୁରି ନିକଟରେ ବିଚାରକର୍ତ୍ତାଙ୍କ ସାରସଂଗ୍ରହ ପ୍ରକାଶନ ।
Summit, *n.* 1. ଉଚ୍ଚାଗ୍ର; 2. ଗିରିଶୃଙ୍ଗ ।
Summon, *v.t.* 1. କ୍ଷମତାପୂର୍ବକ ଡାକିବା; 2. ତଲବ-କ, ସମନ-କ; 3. ଆହ୍ୱାନ-କ ।
Summons, *n.* ତଲବପତ୍ର, ସମନ ।
Sumptuary, *a.* 1. ବ୍ୟୟସମ୍ବନ୍ଧୀୟ: 2. ବ୍ୟୟ-ନିୟାମକ ।
Sumptuous, *a.* 1. ମହାର୍ଘ; 2. ଐଶ୍ୱର୍ଯ୍ୟଶାଳୀ ।
Sumptuously, *ad.* 1. ମହାର୍ଘରୂପେ; 2. ଐଶ୍ୱର୍ଯ୍ୟ-ଶାଳିରୂପେ ।
Sumptuousness, *n.* 1. ମହାର୍ଘତା; 2. ଐଶ୍ୱର୍ଯ୍ୟ-ଶାଳିତା ।
Sun, *n.* 1. ସୂର୍ଯ୍ୟ, ଦିବାକର, ରବି, ଭାସ୍କର, ତପନ; 2. ପ୍ରଭାବାନ୍ ବସ୍ତୁ; 3. ଖରା, ସୂର୍ଯ୍ୟାଲୋକ ।—*v.t.* ଖରା-ଦେ, ସୂର୍ଯ୍ୟକିରଣରେ ଥୋଇବା ।—*v.i.* ଖରା ପୁଇଁବା ।
Sunbeam, *n.* ସୂର୍ଯ୍ୟକିରଣ, ରଶ୍ମି ।
Sunburned, Sunburnt, *a.* ଖରାରେ ସିଝା ସୂର୍ଯ୍ୟତପ୍ତ ।
Sunday, *n.* ରବିବାର, ସପ୍ତାହର ପ୍ରଥମ ଦିବସ ।
Sunday-school, *n.* ବିଶ୍ରାମବାରର ପାଠଶାଳା, ରବିବାରର ବିଦ୍ୟାଳୟ ।
Sunder. *v.t.* 1. ଦ୍ୱିଖଣ୍ଡ-କ; 2. ବିଭାଗ-କ ।—*v.i.* ବିଭକ୍ତ-ହେ ।—In sunder, ଦ୍ୱିଖଣ୍ଡ କରି ।
Sun-dial, *n.* ସୂର୍ଯ୍ୟ ଘଡି ।
Sundown, *n.* ସୂର୍ଯ୍ୟାସ୍ତ ।
Sundried, *a.* ଖରାଶୁଖା ।
Sundries, *n. pl.* 1. ବିବିଧ ସାମଗ୍ରୀ; 2. ବାଜେ ଖରଚ ।
Sundry, *a.* 1. ନାନାପ୍ରକାର, ବିବିଧ; 2. ଅନେକ; 3. ବାରମିଶା ।—All and sundry, ସମସ୍ତ ଏକାଠି ।
Sun-flower, *n.* ସୂର୍ଯ୍ୟମୁଖୀ ଫୁଲ ।
Sung, *pa. t.* and *pa. p.* of Sing.
Sunk, Sunken, *pa. p.* of Sink.
Sunless, *a.* 1. ଖରାହୀନ; 2. ଅନ୍ଧକାରାଚ୍ଛନ୍ନ ।
Sunlight, *n.* ସୂର୍ଯ୍ୟାଲୋକ ।
Sunny, *a.* 1. ସୂର୍ଯ୍ୟାଲୋକପୂର୍ଣ୍ଣ; 2. ଦୀପ୍ତିମାନ୍; 3. ସୂର୍ଯ୍ୟବତ୍; 4. ପ୍ରଫୁଲ୍ଲ ।
Sunrise, Sunrising, *n.* 1. ସୂର୍ଯ୍ୟୋଦୟ; 2. ପ୍ରାତଃକାଳ; 3. ପ୍ରାଚୀ ।
Sunset, Sunsetting, *n.* 1. ସୂର୍ଯ୍ୟାସ୍ତ, ବେଳବୁଡ; 2. ସନ୍ଧ୍ୟାକାଳ; 3. ପ୍ରତୀଚୀ ।
Sunshade, *n.* 1. ସୂର୍ଯ୍ୟାତପରୁ ରକ୍ଷାର୍ଥ ସ୍ତ୍ରୀମାନଙ୍କର ରଞ୍ଜିତ ଛତା; 2. ଚନ୍ଦୁଆ ।
Sunshine, *n.* 1. ସୂର୍ଯ୍ୟକିରଣ, ଆତପ: 2. ହର୍ଷ: 3. ଉଜ୍ଜ୍ୱଳତା ।
Sunshiny, *a.* 1. ସୂର୍ଯ୍ୟସମୋଜ୍ଜ୍ୱଳ; 2. ପ୍ରଫୁଲ୍ଲ ।
Sunstroke, *n.* ଅତିଉତ୍ତାପଜନିତ ପୀଡା, ସୂର୍ଯ୍ୟାଘାତ ।
Sup, *v.t.* ଶୋଷି-ନେ ।—*v.i.* ରାତ୍ରିକାଳୀନ ଭୋଜନ-କ ।—*n.* ଢୋକ ।
Super, *n.* 1. ବାହୁଲ, ଅଧିକ, ଉପରିସ୍ଥତାସୂଚକ ଉପସର୍ଗ; 2. ଅଭିନେତାର ପ୍ରତିନିଧି ।
Superable, *a.* 1. ସାଧ୍ୟ; 2. ଜେତବ୍ୟ ।
Superabound, *v.i.* ଅତ୍ୟଧିକ-ହେ, ଅପର୍ଯ୍ୟାପ୍ତ-ହେ ।
Superabundance, *n.* ଆତ୍ୟଧିକ୍ୟ, ଅପର୍ଯ୍ୟାପ୍ତି ।
Superabundant, *a.* ଅତ୍ୟଧିକ, ଅପର୍ଯ୍ୟାପ୍ତ ।
Superabundantly, *ad.* ଅପର୍ଯ୍ୟାପ୍ତରୂପେ ।
Superadd, *v.t.* ଯୋଗକଲାପରେ ଯୋଗ-କ ।

Superannuate, *v.t.* ବାର୍ଦ୍ଧକ୍ୟହେତୁ ଅବସର-ଦେ । —*v.i.* ବାର୍ଦ୍ଧକ୍ୟହେତୁ ଅକ୍ଷମ-ହେ ।
Superannuated, *a.* ବାର୍ଦ୍ଧକ୍ୟହେତୁ ଅବସରପ୍ରାପ୍ତ ।
Superannuation, *n.* ବାର୍ଦ୍ଧକ୍ୟପ୍ରଯୁକ୍ତ ଅବସର ।
Superb, *a.* 1. ପ୍ରତାପୀ; 2. ଶୋଭାଯୁକ୍ତ; 3. (Coll.) ଅତ୍ୟୁତ୍କୃଷ୍ଟ ।
Superbly, *ad.* 1. ପ୍ରତାପିରୂପେ; 2. ଅତ୍ୟୁତ୍କୃଷ୍ଟରୂପେ ।
Supercargo, *n.* ବଣିକ୍ ଜାହାଜର ତତ୍ତ୍ୱାବଧାରକ ।
Supercilious, *a.* 1. ଗର୍ବୀ, ଅହଙ୍କାରୀ; 2. ତୁଚ୍ଛକାରୀ; 3. ଦାମ୍ଭିକ ।
Superciliously, *ad.* ତୁଚ୍ଛରୂପେ ।
Superciliousness, *n.* ତୁଚ୍ଛତା ।
Supererogation, *n.* କର୍ତ୍ତବ୍ୟର ଆଧିକ୍ୟ ।
Superficial, *a.* 1. ବାହ୍ୟିକ, ଉପରିଆ; 2. ଅଗଭୀର; 3. ଅଳ୍ପଜ୍ଞାନଯୁକ୍ତ ।
Superficially, *ad.* ବାହ୍ୟିକଭାବେ, ଉପରେ ଉପରେ ।
Superficialness, Superficiality, *n.* 1. ଅଗଭୀରତା; 2. ଅଳ୍ପଜ୍ଞାନଯୁକ୍ତତା ।
Superficies, *n.* 1. ଉପରିଭାଗ; 2. ବହିର୍ଭାଗ ।
Superfine, *a.* 1. ଅତିଶ୍ରେଷ୍ଠ; 2. ଅତ୍ୟୁତ୍ତମ ।
Superfluity, *n.* 1. ଅତିରିକ୍ତତା; 2. ବାହୁଲ୍ୟ ।
Superfluous, *a.* 1. ଅତିରିକ୍ତ; 2. ବହୁଳ; 3. ଅନାବଶ୍ୟକ ।
Superfluously, *ad.* ଅତିରିକ୍ତରୂପେ । [ଦୈବ ।
Superhuman, *a.* 1. ମନୁଷ୍ୟର କ୍ଷମତାତୀତ; 2.
Superimpose, *v.t.* ଅନ୍ୟର ଉପରେ ସ୍ଥାପନ-କ ।
Superintend, *v.t.* ତତ୍ତ୍ୱାବଧାରଣ-କ ।
Superintendence, Superintendency, *n.* ତତ୍ତ୍ୱାବଧାରଣ ।
Superintendent, *n.* ତତ୍ତ୍ୱାବଧାରକ ।
Superintendentship, *n.* ତତ୍ତ୍ୱାବଧାରକତ୍ୱ ।
Superior, *a.* 1. ଶ୍ରେଷ୍ଠ; 2. ଉତ୍କୃଷ୍ଟତର; 3. ଉପରିସ୍ଥ । —*n.* 1. ଉପରିସ୍ଥ କର୍ମଚାରୀ; 2. ମଠାଦିର ଅଧ୍ୟକ୍ଷ ।
Superiority, *n.* 1. ଶ୍ରେଷ୍ଠତ୍ୱ; 2. ଉତ୍କୃଷ୍ଟତା ।
Superlative, *a.* 1. ଉତ୍ତମ; 2. ସର୍ବଶ୍ରେଷ୍ଠ ।—*n.* (Gram.) 1. ସର୍ବଶ୍ରେଷ୍ଠତାସୂଚକ ବିଶେଷଣ; 2. ଅତ୍ୟୁକ୍ତିପୂର୍ଣ୍ଣ ବାକ୍ୟ ।
Supernal, *a.* 1. ଉପରିସ୍ଥ; 2. ସ୍ୱର୍ଗୀୟ ।
Supernatural, *a.* 1. ଅଲୌକିକ; 2. ପ୍ରକୃତିର ଅତୀତ ।
Supernaturalism, *n.* ଜଗତରେ ଦୈବଶକ୍ତିର କର୍ତ୍ତୃତ୍ୱ ଅଛି ବୋଲି ସେହି ମତ ।
Supernaturalist, *n.* ଉକ୍ତ ମତାବଲମ୍ବୀ ବ୍ୟକ୍ତି ।
Supernaturally, *ad.* ଅଲୌକିକରୂପେ ।
**Supernumerary, *a.* ନିର୍ଦ୍ଦିଷ୍ଟ ସଂଖ୍ୟାରୁ ଅଧିକ, ଅତିରିକ୍ତ ।—*n.* 1. ନିର୍ଦ୍ଦିଷ୍ଟ ସଂଖ୍ୟାରୁ ଅଧିକ ବ୍ୟକ୍ତି ବା ବସ୍ତୁ; 2. ଯେଉଁ ଅଭିନେତାର କଥା କହିବାର ନ ଥାଏ ।**
Super-royal, *n.* ବଡ ଅଡାଠାରୁ ଟିକିଏ ବଡ କାଗଜ ।
Superscribe, *v.t.* ଶିରୋନାମା ବା ଶୀର୍ଷକ ଲେଖିବା ।
Superscript, Superscription, *n.* ଶିରୋନାମା, ଶୀର୍ଷକ ।
Supersede, *v.t.* 1. ଅନ୍ୟର ସ୍ଥାନାଧିକାର-କ; 2. ରଦ୍-କ ।
Superstition, *n.* 1. ଅତିରିକ୍ତ ଭକ୍ତି; 2. ଅଳୀକ ଧର୍ମ; 3. କଳ୍ପିତ ମତ; 4. ଭ୍ରମାତ୍ମକ ବିଶ୍ୱାସ ।
Superstitious, *a.* 1. ଅଳୀକ ଧର୍ମସମ୍ବନ୍ଧୀୟ; 2. ଭ୍ରମାତ୍ମକ ବିଶ୍ୱାସପୂର୍ଣ୍ଣ ।
Superstitiously, *ad.* 1. ଅଳୀକ ଧର୍ମାନୁସାରେ; 2. ଭ୍ରମାତ୍ମକ ବିଶ୍ୱାସପୂର୍ଣ୍ଣରୂପେ ।
Superstructure, *n.* ମୂଳଭୂମି ଉପରିସ୍ଥ ଗାନ୍ଥଣି ।
Supervene, *v.i.* 1. ଘଟିବା; 2. ଅବ୍ୟବହିତ ପରେ-ହେ ।
Supervise, *v.i.* 1. ପରିଦର୍ଶନ-କ; 2. ତତ୍ତ୍ୱାବଧାନ-କ ।
Supervision, *n.* 1. ପରିଦର୍ଶନ; 2. ତତ୍ତ୍ୱାବଧାନ ।
Supervisor, *n.* 1. ତତ୍ତ୍ୱାବଧାରକ; 2. ପରିଦର୍ଶକ; 3. କାର୍ଯ୍ୟାଧ୍ୟକ୍ଷ ।
Supine, *a.* 1. ପୃଷ୍ଠରେ ଶୟାନ, ଉତ୍ତାନ; 2. ଅନୁଦ୍ୟୋଗୀ ।
Supinely, *ad.* 1. ଉତ୍ତାନଭାବେ; 2. ଅନୁଦ୍ୟୋଗିଭାବେ ।
Supineness, *n.* ଉତ୍ତାନାବସ୍ଥା ।
Supper, *n.* ରାତ୍ରିକାଳୀନ ଭୋଜ, ନୈଶଭୋଜନ ।—The Lord's Supper, ପ୍ରଭୁଙ୍କ ଭୋଜ ।
Supperless, *a.* ନୈଶଭୋଜନ ରହିତ ।
Supplant, *v.t.* ଛଳରେ ଅନ୍ୟର ସ୍ଥାନ ଅଧିକାର-କ ।
Supple, *a.* 1. ନମନୀୟ; 2. ନରମ; 3. ମୃଦୁ ।
Supplement, *n.* 1. ନ୍ୟୂନତାପୂରକ ବିଷୟ; 2. କ୍ରୋଡପତ୍ର, ପରିଶିଷ୍ଟାଂଶ ।—*v.t.* ମିଶାଇ ପୂରଣ-କ ।
Supplemental, Supplementary, *a.* 1. ନ୍ୟୂନତାପୂରକ; 2. ଅତିରିକ୍ତ; 3. ସଂଯୁକ୍ତ ।
Suppleness, *n.* 1. ନମନୀୟତା; 2. ମୃଦୁତା ।
Suppliant, Supplicant, *a.* 1. ବିନୀତ ପ୍ରାର୍ଥନାକାରୀ; 2. ମାଗନ୍ତା; 3. ଅନୁନୟକାରୀ ।—*n.* ବିନୀତ ପ୍ରାର୍ଥକ । [ନୟ-କ ।
Supplicate, *v.t.* 1. ବିନୀତ ପ୍ରାର୍ଥନା-କ; 2. ଅନୁ-
Supplication, *n.* 1. ପ୍ରାର୍ଥନାକରଣ; 2. ଅନୁନୟ ।
Supplicatory, *a.* 1. ପ୍ରାର୍ଥନାସୂଚକ; 2. ବିନତ ।
Supplier, *n.* ଯେ ବା ଯାହା ଯୋଗାଏ ।
Supply, *v.t.* 1. ଅଭାବ ପୂରଣ-କ; 2. ଯୋଗାଇବା; 3. ପରର ବଦଳେ କାର୍ଯ୍ୟ-କ ।—*n.* 1. ଅଭାବପୂରଣ; 2. ଖାଦ୍ୟସାମଗ୍ରୀ; 3. ଅର୍ଥର ସାହାଯ୍ୟ; 4. ପ୍ରତିନିଧି ଉପଦେଶକ ।—Supply and demand, ସରବରାହ ଓ ପ୍ରୟୋଜନ ।
Support, *v.t.* 1. ବହନ-କ; 2. ସହ୍ୟ-କ; 3. ପ୍ରତିପାଳନ-କ; 4. ଭରଣପୋଷଣ-କ; 5. ସାହାଯ୍ୟ-କ; 6. ଠେସ-ଦେ; 7. ସମର୍ଥନ-କ ।—*n.* 1. ଠେସ; 2. ଭରଣପୋଷଣ; 3. ସମର୍ଥନ; 4. ପ୍ରଧାନ ଅଭିନେତାର ସହକାରୀ ବ୍ୟକ୍ତି ।

Supportable, *a.* 1. ସହନୀୟ; 2. ଅବଲମ୍ବନୀୟ; 3. ପ୍ରତିପାଳନୀୟ ।

Supporter, *n.* 1. ସମର୍ଥନକାରୀ, ପୃଷ୍ଠପୋଷକ; 2. ପ୍ରତିପାଳକ ।

Supposable, *a.* ଅନୁମେୟ ।

Suppose, *v.t.* 1. ବୋଧ-କ; 2. ଅନୁମାନ-କ, ଅନ୍ଦାଜ-କ; 3. ମନେ-କ ।

Supposition, *n.* 1. ବୋଧକରଣ; 2. ଅନୁମାନ, ଅନ୍ଦାଜ ।

Suppositional, *a.* ଆନୁମାନିକ ।

Suppositionally, *ad.* ଆନୁମାନିକଭାବେ ।

Suppress, *v.t.* 1. ନିବାରଣ-କ; 2. ଦମନ-କ; 3. ଲୁଚା ଅଟକାଇବା; 4. ରୋଧ-କ ।

Suppression, *n.* 1. ନିବାରଣ; 2. ରୋଧକରଣ, ଅଟକ; 3. ଗୋପନ ।

Suppressive, *a.* 1. ନିବାରକ; 2. ଦମନକାରୀ ।

Suppurate, *v.i.* ପୂଯୋତ୍ପାଦନ-କ, ପୂଜେଇବା ।

Suppuration, *n.* ପୂଯୋତ୍ପାଦନ ।

Suppurative, *a.* ପୂଯୋତ୍ପାଦକ ।—*n.* ପୂଯୋତ୍ପାଦକ ଔଷଧ ।

Supra, *n.* ଉପର, ଅଧିକତ୍ୱ ଓ ଊର୍ଦ୍ଧ୍ୱ ସୂଚକ ଉପସର୍ଗ ।

Supramundane, *a.* ପୃଥିବୀ ଊର୍ଦ୍ଧ୍ୱସ୍ଥ ।

Supremacy, *n.* 1. ଆଧିପତ୍ୟ; 2. ପ୍ରାଧାନ୍ୟ ।—Oath of supremacy, ପୋପଙ୍କ ଆଧିପତ୍ୟ ଅସ୍ୱୀକାର ପୂର୍ବକ ରାଜପ୍ରାଧାନ୍ୟ ସ୍ୱୀକାରସୂଚକ ଶପଥ ।

Supreme, *a.* 1. ସର୍ବୋପରିସ୍ଥ; 2. ସର୍ବଶ୍ରେଷ୍ଠ; 3. ପରମ ।—*n.* ଚୂଡ଼ାନ୍ତ ।—The Supreme Being, ପରମେଶ୍ୱର ।

Supremely, *ad.* 1. ପରମଭାବେ; 2. ପ୍ରଧାନରୂପେ ।

Surcharge, *v.t.* 1. ଅତିରିକ୍ତ ବୋଝାଇ-କ; 2. ଅଧିକ ଖର୍ଚ୍ଚା ଦାବି-କ ।—*n.* 1. ଅତିରିକ୍ତ ବୋଝାଇ; 2. ଅଧିକ ଖର୍ଚ୍ଚା ।

Surd, *n.* 1. (Math.) ଯେଉଁ ରାଶିର ମୂଳ ନ ଥାଏ; 2. (Gram.) k, t, p, f, ପ୍ରଭୃତି ବର୍ଣ୍ଣ ପରି ଉଚ୍ଚାରିତ ବ୍ୟଞ୍ଜନ ।

Sure, *a.* 1. ନିଶ୍ଚିତ; 2. ଦୃଢ଼, ଅଟଳ; 3. ନିଃସନ୍ଦେହ ।—Sure enough, ନିଶ୍ଚୟ ।

Surefooted, *a.* ଅଟଳ ପଦବିଶିଷ୍ଟ ।

Surely, *ad.* 1. ନିର୍ଭୟରେ; 2. ନିଶ୍ଚିତଭାବେ; 3. ନିଃସନ୍ଦେହରେ ।

Sureness, *n.* ନିଶ୍ଚିତତା ।

Surety, *n.* 1. ନିଶ୍ଚିତତା; 2. ଜାମିନ୍, ଲଗା; 3. ପ୍ରତିଭୂ ।

Suretyship, Suretiship, *n.* ପ୍ରତିଭୂତ୍ୱ ।

Surf, *n.* ବେଳାଭୂମିରେ ଉଚ୍ଚ ସମୁଦ୍ର ତରଙ୍ଗ ।

Surface, *n.* 1. ବହିର୍ଭାଗ; 2. ଉପରଭାଗ ।

Surfeit, *v.t.* ବହୁ ଅଧିକ ଖାଇବା ।—*n.* 1. ଅତିରିକ୍ତ ଭୋଜନ; 2. ଅତିଭୋଜନ ହେତୁ ପୀଡ଼ା ।

Surfeiting, *n.* 1. ଅତି ଭୋଜନ; 2. ଔଦରିକତା ।

Surfy, *a.* ଉଚ୍ଚତରଙ୍ଗମୟ ।

Surge, *n.* 1. ତରଙ୍ଗର ମହାବୃଦ୍ଧି; 2. ବଡ଼ ଢେଉ ।—*v.i.* ଢେଉପରି ମାଡ଼ି ଆସିବା ।

Surgeon, *n.* ଅସ୍ତ୍ରଚିକିତ୍ସକ ।

Surgeoncy, Surgeonship, *n.* ସୈନିକ ବିଭାଗରେ ଅସ୍ତ୍ରଚିକିତ୍ସକଙ୍କ କାର୍ଯ୍ୟ ବା ପଦ ।

Surgery, *n.* 1. ଅସ୍ତ୍ରଚିକିତ୍ସା; 2. ଅସ୍ତ୍ରଚିକିତ୍ସାଳୟ ।

Surgical, *a.* 1. ଅସ୍ତ୍ରଚିକିତ୍ସା ବା ଅସ୍ତ୍ରଚିକିତ୍ସକ ସମ୍ବନ୍ଧୀୟ; 2. ଅସ୍ତ୍ରଚିକିତ୍ସାଦ୍ୱାରା ସାଧିତ ।

Surgy, *a.* ବଡ଼ଢେଉପୂର୍ଣ୍ଣ ।

Surlily, *ad.* ଉଗ୍ରଭାବେ ।

Surliness, *n.* ଉଗ୍ରତା ।

Surloin, same as Sirloin.

Surly, *a.* 1. ଉଗ୍ର; 2. ଦ୍ୱେଷପରବଶ ।

Surmisable, *a.* ଉପଲଭ୍ୟ ।

Surmise, *n.* 1. କଳ୍ପନା; 2. ଉପଲବ୍ଧି; 3. ସନ୍ଦେହ ।—*v.t.* 1. କଳ୍ପନା-କ; 2. ସନ୍ଦେହ-କ ।

Surmount, *v.t.* 1. ଅତିକ୍ରମ-କ; 2. ଜୟ-କ; 3. ପରାଭବ-କ ।

Surmountable, *a.* ଅତିକ୍ରମଣୀୟ ।

Surmounted, *a.* ଅତିକ୍ରାନ୍ତ ।

Surname, *n.* ଉପନାମ; 2. କୁଳର ସଂଜ୍ଞା; 3. ପୈତୃକ ନାମ ।—*v.t.* ଉପନାମ-ଦେ ।

Surpass, *v.t.* 1. ସୀମାତିକ୍ରମ-କ; 2. ଗୁଣରେ ବଳାଇଯିବା ।

Surpassable, *a.* ସୀମାତିକ୍ରମଣୀୟ ।

Surpassing, *a.* 1. ଅପୂର୍ବ; 2. ଉତ୍ତମୋତ୍ତମ ।

Surpassingly, *ad.* ଉତ୍ତମୋତ୍ତମଭାବେ ।

Surplice, *n.* ସେବାସମୟରେ ଧର୍ମୋପଦେଶକ ଓ ଗାୟକଙ୍କ ପରିହିତ ଶୁକ୍ଳ ପରିଚ୍ଛଦ ।

Surpliced, *a.* ଉକ୍ତ ପରିଚ୍ଛଦଦ୍ୱାରା ପରିହିତ ।

Surplus, *n.* 1. ବଳକା ଦ୍ରବ୍ୟ; 2. ଅତିରିକ୍ତ ଅଂଶ; 3. ଉଦ୍ବୃତ୍ତ ଟଙ୍କା ।

Surprise, *n.* 1. ଅନପେକ୍ଷିତ ଆଗମନ; 2. ଚମତ୍କାର, ବିସ୍ମୟ; 3. ଆଶ୍ଚର୍ଯ୍ୟଜ୍ଞାନ; 4. ଅକସ୍ମାତ୍ ଆକ୍ରମଣ ।—*v.t.* 1. ହଠାତ୍ ଆଗମନ-କ; 2. ବିସ୍ମୟାପନ୍ନ-କ; 3. ଆଶ୍ଚର୍ଯ୍ୟାନ୍ୱିତ-କ; 4. ଘାବର-କ ।

Surprising, *a.* 1. ଚମତ୍କାରକ, ବିସ୍ମୟକର; 2. ଆଶ୍ଚର୍ଯ୍ୟଜନକ; 3. ଅଦ୍ଭୁତ ।

Surprisingly, *ad.* ଅଦ୍ଭୁତଭାବେ ।

Surrender, *v.t.* 1. ସମର୍ପଣ-କ; 2. ତ୍ୟାଗ-କ ।—*v.i.* 1. ପରାଜୟ ସ୍ୱୀକାର-କ; 2. ଶରଣ ପଶିବା ।

Surreptitious, *a.* 1. ଚୋରାଇରେ କୃତ; 2. ଛଳରେ ସାଧିତ ।

Surreptitiously, *ad.* 1. ଗୁପ୍ତଭାବରେ; 2. ଛଳନା କରି ।

Surround, *v.t.* 1. ପରିବେଷ୍ଟନ-କ, ଘେରିବା; 2. ଅବରୋଧ-କ ।

**Surrounding**, *n.* 1. ପରିବେଷ୍ଟନ; 2. *pl.* ଚତୁର୍ଦ୍ଦିଗସ୍ଥ ବସ୍ତୁ ।—*a.* ଚତୁର୍ଦ୍ଦିଗସ୍ଥ ।

**Surtout**, *n.* ସବୁଥର ଉପରେ ପିନ୍ଧା ବଡ଼ ଜାମା ।

**Surveillance**, *n.* 1. ଜାଗ୍ରତାବସ୍ଥା; 2. ପର୍ଯ୍ୟବେକ୍ଷଣ ।

**Survey**, *v.t.* 1. ଅବଲୋକନ-କ; 2. ପରିଦର୍ଶନ-କ; 3. ଦୃଷ୍ଟିରେ ରଖିବା; 4. ନିରୀକ୍ଷଣ-କ; 5. ଭୂମି ମାପିବା, ଜରିପ-କ ।—*n.* 1. ଅବଲୋକନ; 2. ନିରୀକ୍ଷଣ; 3. ଭୂମିମାପ, ଜରିପ ।

**Surveying**, *n.* ଭୂମିମାପ କର୍ମ, ଜରିପ ।

**Surveyor**, *n.* ଅମିନ, ଜରିପକର୍ତ୍ତା ।

**Survival**, *n.* 1. ଅନ୍ୟଠାରୁ ଅଧିକକାଳ ଜୀବନଧାରଣ; 2. ବଂଶରକ୍ଷା; 3. ପରମ୍ପରାଗତ ଧାରଣା ।—The survival of the fittest, ସର୍ବାପେକ୍ଷା ଅଧିକ ଉପଯୋଗୀ ପ୍ରାଣିର ବଂଶରକ୍ଷା, ଯୋଗ୍ୟତମର ଉଦ୍ବର୍ତ୍ତନ ।

**Survive**, *v.t.* ଅତିକ୍ରମ କରି ଅଧିକ କାଳ ବଞ୍ଚିବା ।—*v.i.* ଅବଶେଷଜୀବୀ-ହେ ।

**Surviving**, *a.* ବଞ୍ଚିରହିଥିବା, ଅବଶେଷଜୀବୀ ।

**Survivor**, *n.* ଅବଶେଷଜୀବୀ ଲୋକ ।

**Susceptibility**, **Susceptibleness**, *n.* 1. ଅନୁଭବକ୍ଷମତ୍ୱ; 2. ପ୍ରଯୋଜ୍ୟତା ।

**Susceptible**, *a.* 1. ଅନୁଭବକ୍ଷମ; 2. ପ୍ରଯୋଜ୍ୟ; 3. ବେଦନାପ୍ରଦ ।

**Susceptive**, *a.* 1. ଗ୍ରହଣଶୀଳ; 2. ପ୍ରବଣ ।

**Susceptiveness**, **Susceptivity**, *n.* 1. ଗ୍ରହଣଶୀଳତା; 2. ପ୍ରବଣତା ।

**Suspect**, *v.t.* 1. ସଂଶୟ-କ; 2. ଦୋଷୀ ମଣିବା; 3. ସନ୍ଦେହ-କ; 4. ଅନୁମାନ-କ ।—*v.i.* 1. ସନ୍ଦେହୀ-ହେ; 2. ସଂଶୟୀ-ହେ ।—*n.* 1. ଦାଗୀ ଲୋକ; 2. ସନ୍ଦେହଭାଜନ ।

**Suspend**, *v.t.* 1. ଲଟକାଇବା; 2. ଅବଲମ୍ବନ କରାଇବା; 3. ଅଟକ-କ; 4. ବିଲମ୍ବ-କ ।—To suspend payment, ଦେଉଳିଆ ହେବାରୁ ଋଣ ଶୁଝିବାର ବନ୍ଦ-କ ।

**Suspense**, *n.* 1. ସନ୍ଦିଗ୍ଧାବସ୍ଥା; 2. ଅନିଶ୍ଚିତତା; 3. ସନ୍ଦେହଜନକ ଉତ୍କଣ୍ଠା ।

**Suspension**, *n.* 1. ଲଟକା; 2. ବିଲମ୍ବ; 3. ଅଟକ; 4. ଅଳ୍ପକାଳ ପାଇଁ କର୍ମଚ୍ୟୁତ ।—Suspension bridge, ଝୁଲା ପୋଲ ।

**Suspicion**, *n.* 1. ସଂଶୟ; 2. ବିନାପ୍ରମାଣରେ ଅନୁମାନ; 3. (Coll.) ଅଳ୍ପ ପରିମାଣ ।

**Suspicious**, *a.* 1. ସଂଶୟାତ୍ମକ; 2. ସଂଶୟୀ; 3. ସନ୍ଦିଗ୍ଧ ।

**Suspiciously**, *ad.* ସଂଶୟାତ୍ମକଭାବେ ।

**Suspiciousness**, *n.* ସଂଶୟାତ୍ମକତା ।

**Sustain**, *v.t.* 1. ଧାରଣ-କ; 2. ବହନ-କ; 3. ପ୍ରତିପାଳନ-କ; 4. ସୁସ୍ଥିର-କ; 5. ପ୍ରମାଣିତ-କ; 6. ଲମ୍ବାଇବା ।

**Sustained**, *a.* 1. ଲମ୍ବିତ; 2. ସମସ୍ତରରେ ରକ୍ଷିତ ।

**Sustenance**, *n.* 1. ଉପଜୀବିକା; 2. ଭରଣପୋଷଣ; 3. ଖାଦ୍ୟସାମଗ୍ରୀ ।

**Sustentation**, *n.* 1. ରକ୍ଷଣ; 2. ପୋଷଣ ।

**Suttee**, *n.* ସତୀ, ସହମୃତା ସ୍ତ୍ରୀ । [ସନ୍ଧି ।

**Suture**, *n.* 1. ମୁଣ୍ଡ ଖପୁରିର ଯୋଡ଼; 2. ସିଲାଇର

**Suzerain**, *n.* 1. ଭୂସ୍ୱାମୀ; 2. ଅଧିପତି ।

**Suzerainty**, *n.* 1. ଅଧିପତିତ୍ୱ; 2. ପ୍ରଭୁକ୍ଷମତା ।

**Swab**, *n.* 1. ଜାହାଜ ମେଞ୍ଚଅ ପରିଷ୍କାର କରିବା ଏକପ୍ରକାର ଝାଡ଼ୁ; 2. ପେଟିର ପାଟି ସଫା କରିବାର ତୁଳାମେଞ୍ଚା ବା ଝୁଞ୍ଜ ।

**Swaddle**, *v.t.* ନବଜାତ ଶିଶୁକୁ ଲୁଗାରେ ଗୁଡ଼ାଇପକାଇବା ।

**Swaddling-band**, **Swaddling-cloth**, *n.* ନବଜାତ ଶିଶୁକୁ ଗୁଡ଼ାଇବା ଲୁଗା, ପିଲାକନା ।

**Swag**, *n.* (Slang) 1. ଲୁଟି ମାଲ; 2. ଖଣ୍ଡକର ବୁଜୁଳା ।

**Swagger**, *v.i.* 1. ଦମ୍ଭ ଦମ୍ଭ ଚାଲିବା; 2. ତର୍ଜ୍ଜନଗର୍ଜ୍ଜନ କରି ଭୟ ଦେଖାଇବା ।—*n.* 1. ଦମ୍ଭ ଚାଲି; 2. ଅହଙ୍କାର ।—*a.* ବଡ଼ଲୋକିଆ ।

**Swain**, *n.* 1. ଯୁବକ; 2. ଚଷା; 3. ଗ୍ରାମବାସୀ ପ୍ରଣୟୀ ଲୋକ ।

**Swallow**, (1) *n.* ଏକ ପକ୍ଷୀ ।

**Swallow**, (2) *v.t.* 1. ଗିଳିବା; 2. ଅଦୃଶ୍ୟ-କ; 3. ଗ୍ରାସ-କ; 4. ବିନା ପରୀକ୍ଷାରେ ଗ୍ରହଣ-କ ।

**Swallow-tailed**, *a.* ଏକ ପକ୍ଷିର ପୁଚ୍ଛପରି ।

**Swam**, *pa. t.* of Swim.

**Swamp**, *n.* 1. ଦଳଦଳିଆ ଭୂମି; 2. ହିଲ ।—*v.t.* 1. ବୁଡ଼ାଇବା; 2. ଜଳମଗ୍ନ-କ ।

**Swampy**, *a.* 1. ହିଲମୟ; 2. ଦଳଦଳିଆ ।

**Swan**, *n.* ଅତି ଲମ୍ବବେକଯୁକ୍ତ ବଡ଼ହଂସ, ଧଳହଂସ ।

**Swank**, *n.* 1. ଅହଙ୍କାର; 2. ବାହ୍ୟାଡମ୍ବର ।—*v.i.* ଗର୍ବ ପ୍ରକାଶ କରିବା ।

**Swan's-down**, *n.* ବଡ଼ ହଂସର କୋମଳ ପର ।

**Swan-song**, *n.* 1. ହଂସର ମରଣକାଳୀନ ଚିତ୍କାର; 2. କବିଙ୍କର ଶେଷ କବିତା ।

**Swap**, *v.t.* ବଦଳ-କ ।—*n.* ବଦଳ ।

**Sward**, *n.* 1. ତୃଣାଚ୍ଛନ୍ନ ଭୂପୃଷ୍ଠ; 2. ଘାସ ଚକା ।

**Swarm**, (1) *n.* 1. ମହୁମାଛିର ଝାଙ୍କ; 2. ପତଙ୍ଗଦଳ; 3. ଲୋକ ଭିଡ଼ ।—*v.i.* 1. ଦଳେ ହୋଇ ଉଡ଼ିଯିବା; 2. ଦଳେ ହୋଇ ଜମା-ହେ; 3. ବହୁସଂଖ୍ୟକ-ହେ ।—*v.t.* ବହୁସଂଖ୍ୟକ କରାଇବା ।

**Swarm**, (2) *v.t.* ଖମ୍ବରେ ଚଢ଼ିବା ।

**Swarthy**, *a.* 1. କାଳିଆ; 2. ଶ୍ୟାମଳ ।

**Swash**, *v.t.* ପାଣି ଧକ୍କା ମାରିବା ।—*n.* ପାଣିର ଧକ୍କା ।

**Swash-buckler**, *n.* ତର୍ଜ୍ଜନଗର୍ଜ୍ଜନକାରୀ ଲୋକ ।

**Swastika**, *n.* ଏକପ୍ରକାର ମାଙ୍ଗଳିକ ଚିହ୍ନ ଯଥା 卐 ।

**Swath**, *n.* 1. କଟାଘାସର ଧାଡ଼ି; 2. ଘାସକଟା ଲମ୍ବବେଢ଼ିଆ ବା ସେତେଦୂର ଭୂମି ।

**Swathe**, *v.t.* ପଟିଦ୍ୱାରା ବାନ୍ଧିବା, କନା ଗୁଡ଼ାଇବା ।—*n.* ପଟି ।

**Sway**, *v.t.* 1. ଦୋହଲାଇବା; 2. ପ୍ରବର୍ତ୍ତାଇବା; 3. କର୍ତ୍ତୃତ୍ୱାଧୀନ-କ ।—*v.i.* 1. ଢଳି ପଡ଼ିବା; 2. କ୍ଷମତାଶାଳୀ-ହେ ।—*n.* 1. କର୍ତ୍ତୃତ୍ୱ; 2. କ୍ଷମତା; 3. ଅସ୍ତ୍ର ସଞ୍ଚାଳନର ସୀମା ।

**Swear**, *v.i.* 1. ପଣ ପକାଇବା, ଶପଥ-କ; 2. ହଲପ୍ ଧରିବା; 3. ଅକାରଣରେ ଈଶ୍ୱରଙ୍କ ନାମ-ନେ ।—*v.t.* ହଲପ୍ ଧରାଇବା ।—To swear at, ଅଭିଶାପ-ଦେ । To swear by, କାହାରିକୁ ଅତିଶୟ ବିଶ୍ୱାସ-କ । To swear in, ଶପଥ କରାଇ ଅଭିଷେକ-କ ।—To swear off, ପଣ ପକାଇ ତ୍ୟାଗ-କ ।

**Swearer**, *n.* ଶପଥକାରୀ, ପଣ ପକାଇବା ଲୋକ ।

**Swearing**, *n.* ଶପଥକରଣ ।

**Sweat**, *n.* ଝାଳ, ଘର୍ମ, ସ୍ୱେଦ ।—*v.i.* 1. ଝାଳ ବାହାରିବା; 2. ଅଳ୍ପ ମୂଲରେ ବେଶି ଶ୍ରମ-କ; 3. ଶାସ୍ତି ପାଇବା ।—*v.t.* 1. ଘର୍ମ ନିର୍ଗତ କରାଇବା; 2. ଅଳ୍ପ ମୂଲରେ ଅତି ଶ୍ରମ କରାଇବା ।

**Sweater**, *n.* 1. ମୂଲିଆମାନଙ୍କୁ କମ୍ ମୂଲ ଦେବା ଲୋକ; 2. ଘର୍ମକାରକ ଔଷଧ; 3. ଖେଳାଳିମାନଙ୍କର ଏକପ୍ରକାର ମୋଟ ପୋଷାକ ।

**Sweatiness**, *n.* ଘର୍ମଯୁକ୍ତତା ।

**Sweating-sickness**, *n.* ପଞ୍ଚଦଶ ଓ ଷୋଡ଼ଶ ଖ୍ରୀଷ୍ଟାବ୍ଦରେ ପ୍ରବଳ ହୋଇଥିବା ସ୍ୱେଦଜନକ ସଂକ୍ରାମକ ରୋଗ ।

**Sweaty**, *a.* 1. ଘର୍ମଯୁକ୍ତ; 2. ଶ୍ରମସାଧ୍ୟ ।

**Swede**, *n.* 1. ସ୍ୱିଡେନ୍ ଦେଶବାସୀ; 2. ବଡ଼ ଶାଲଗମ ।

**Swedish**, *a.* ସ୍ୱିଡେନ୍ ଦେଶୀୟ ।

**Sweep**, *v.t.* 1. ଝାଡ଼ିବା, ଓଳାଇବା; 2. ସବୁଯାକ ନେଇଯିବା; 3. ଧ୍ୱଂସ-କ ।—*v.i.* 1. ପ୍ରବଳ ବେଗରେ ବହିବା; 2. ବିସ୍ତୀର୍ଣ୍ଣ-ହେ; 3. ସମାରୋହରେ ଚାଲିଯିବା ।—*n.* 1. ଆଘାତର ସୀମା; 2. ବ୍ୟାପକ ଧ୍ୱଂସ; 3. ଧୂଆଁନାଳୀ ସଫା କରିବା ଲୋକ; 4. (*pl.*) ବଡ଼ ଅହୁଲ ।

**Sweeper**, *n.* ମେହେନ୍ତର, ହାଡ଼ି, ଝାଡ଼ୁଦାର ।

**Sweeping**, *a.* 1. ବ୍ୟାପ୍ୟମାନ; 2. ବିସ୍ତାରିତ ।

**Sweepings**, *n. pl.* ଅଳିଆ, ଝାଟିଆ ।

**Sweepstakes**, *n.* ଜୁଆଖେଳରେ ସମୁଦାୟ ଜିତା ଟଙ୍କା ।

**Sweet**, *a.* 1. ମିଠା, ମଧୁର, ମିଷ୍ଟ; 2. ସୁଗନ୍ଧି; 3. ସୁନ୍ଦର; 4. ତାଜା ।—*n.* 1. ମିଠାଇ; 2. ଆଦରସୂଚକ ପଦ ।—To be sweet on or upon, ଅନୁରାଗ ପ୍ରକାଶ-କ ।

**Sweetbread**, *n.* ବାଛୁରିର ଉଦରସ୍ଥ ଖାଦ୍ୟୋପଯୋଗୀ ମାଂସଗ୍ରନ୍ଥି ।

**Sweet-brier**, *n.* ଏକପ୍ରକାର ସୁଗନ୍ଧି ଗୋଲାପ ବୁଦା ।

**Sweeten**, *v.t.* 1. ମିଠା-କ; 2. ସୁସ୍ୱାଦୁ-କ; 3. ସୁଖକର-କ; 4. ସ୍ୱାସ୍ଥ୍ୟକର-କ ।

**Sweetening**, *n.* ମିଷ୍ଟକାରକ ଦ୍ରବ୍ୟ ।

**Sweetheart**, *n.* 1. ପ୍ରଣୟୀ; 2. ପ୍ରଣୟିନୀ; 3. ପ୍ରିୟବ୍ୟକ୍ତି ।

**Sweetish**, *a.* ଅଳ୍ପ ମଧୁର ।

**Sweetly**, *ad.* ମଧୁରଭାବେ, ମିଷ୍ଟଭାବେ ।

**Sweetmeat**, *n.* ମିଠାଇ, ମିଷ୍ଟାନ୍ନ ।

**Sweetness**, *n.* ମଧୁରତା, ମିଷ୍ଟତା ।

**Sweet-oil**, *n.* ଜୀତବୃକ୍ଷର ତେଲ ।

**Sweet-potato**, *n.* କନ୍ଦମୂଳ ।

**Sweet-scented**, *a.* ସୁଗନ୍ଧଯୁକ୍ତ, ସୁବାସିତ ।

**Swell**, *v.i.* 1. ଫୁଲିବା; 2. ବର୍ଦ୍ଧିତ-ହେ; 3. ଗର୍ଜିବା ।—*v.t.* 1. ଫୁଲାଇବା; 2. ବଢ଼ାଇବା; 3. ଉଚ୍ଚତର-କ; 4. ଗର୍ବାଇବା ।—*n.* 1. କ୍ରମିକ ଉଠାଣି; 2. ଝଡ଼ ଉତ୍ତାରେ ସାଗରୋର୍ମି; 3. ସ୍ୱର ବଢ଼ାଇବା ପାଇଁ ବାଦ୍ୟଯନ୍ତ୍ରର ଠେକ; 4. ଫୁଲ୍‌ବାବୁ ।—*a.* ବଡ଼ଲୋକିଆ ।

**Swelling**, *n.* 1. ଅର୍ବୁଦ; 2. ଫୁଲା; 3. ଶୋଥ; 4. ବୃଦ୍ଧି ।

**Swell-mob**, *n.* ଫୁଲ୍‌ବାବୁ ବେଶଧାରୀ ପକେଟ୍‌ମାରର ସମୂହ ।

**Swelter**, *v.i.* 1. ଉତ୍ତାପରେ କ୍ଲିଷ୍ଟ-ହେ; 2. ମାଠିଆ ଝାଳ ବାହାରିବା ।

**Swept**, *pa. t.* and *pa. p.* of Sweep.

**Swerve**, *v.i.* 1. ବାଟ ଭୁଲିବା; 2. ଦୂରପଥ ସ୍ଖଳିବା; 3. ଅବାଟରେ ଯିବା ।—*n.* ବକ୍ରଗତି ।

**Swift**, *a.* ଦ୍ରୁତଗାମୀ, ଶୀଘ୍ରଗତି, ବେଗବାନ୍ ।—*n.* ଚଟକ ଜାତୀୟ ଏକପ୍ରକାର ଦ୍ରୁତଗାମୀ ପକ୍ଷୀ ।

**Swift-footed**, *a.* ଦ୍ରୁତପଦ ।

**Swiftly**, *ad.* ଦ୍ରୁତବେଗରେ, କ୍ଷିପ୍ର, ଶୀଘ୍ର ।

**Swiftness**, *n.* ଦ୍ରୁତତା, ସତ୍ୱରତା ।

**Swill**, *v.t.* and *i.* 1. ଅତିରିକ୍ତ ପାନ-କ; 2. ମତୁଆଲା-ହେ; 3. ଧୋଇ-ଦେ ।—*n.* 1. ମଦ୍ୟର ବେଶି ମାତ୍ରା; 2. ଘୁଷୁରିର ପାଣିଆ ଆହାର ।

**Swim**, *v.i.* 1. ପହଁରିବା; 2. ଭାସମାନ-ହେ; 3. (ମୁଣ୍ଡ) ଘୂରିବା; 4. ଆର୍ଦ୍ର-ହେ; 5. ବହୁଳ-ହେ ।—*v.t.* 1. ପହଁରାଇବା; 2. ଭସାଇବା ।—*n.* 1. ପହଁରା, ସନ୍ତରଣ; 2. ମାଛର ଫୁଟି ।—In the swim, କାର୍ଯ୍ୟ-ସ୍ରୋତରେ ।

**Swimmable**, *a.* ସନ୍ତରଣୀୟ ।

**Swimmer**, *n.* ପହଁରିବା ଲୋକ, ସନ୍ତରଣକାରୀ ।

**Swimming**, *n.* 1. ସନ୍ତରଣ; 2. ମୁଣ୍ଡଘୂରା ରୋଗ ।

**Swimmingly**, *ad.* 1. ଭାସମାନଭାବେ; 2. ଅନାୟାସେ; 3. ବହୁଳଭାବେ ।

**Swindle**, *v.t.* 1. ଜୁଆଚୋରି-କ; 2. ଛଳରେ ଠକିବା ।—*n.* 1. ଜୁଆଚୋରି; 2. ଠକାମି ।

**Swindler**, *n.* 1. ଜୁଆଚୋର; 2. ଠକ ।

**Swindling**, *n.* ଜୁଆଚୋରପଣ ।

**Swine**, *n.* 1. ଘୁଷୁରି; 2. ଶୂକର ଜାତି ।

**Swineherd**, *n.* ଘୁଷୁରିଆ, ଶୂକର ରକ୍ଷକ ।

**Swing**, *v.i.* 1. ଝୁଲିବା, ଦୋଳାୟମାନ-ହେ; 2. ଫାଶି ପାଇବା ।—*v.t.* ଝୁଲାଇବା, ଲଟକାଇବା ।—*n.* ଝୁଲଣା, ଦୋଳା ।—To give full swing, ଅନାୟାସେ ଚଳିବାକୁ-ଦେ, ପ୍ରଶ୍ରୟ-ଦେ । In full swing, ଭଲ ଚଳୁଥିବା ଅବସ୍ଥାରେ ।

**Swinging,** *n.* ଝୁଲଣ, ଦୋଳନ ।
**Swingle,** *v.t.* ପିଟିକି ଛଣପଟରୁ ସୂତା ବାହାର-କ । —*n.* ଛଣପଟ ପିଟା ଠେଙ୍ଗା ।
**Swinish,** *a.* 1. ଘୁଷୁରି ସଦୃଶ; 2. ଅଶୁଚି ।
**Swipe,** *n.* ପ୍ରବଳ ମାଡ ।—*v.t.* 1. ପ୍ରବଳମାଡ ମାରିବା; 2. ହିଙ୍କାମାରି ଢୋକିବା ।
**Swirl,** *v.i.* ଆବର୍ତ୍ତିତ-ହେ, ଘୂରିବା ।—*n.* ଆବର୍ତ୍ତ ।
**Swish,** *v.t.* 1. ଶିଷ୍ଶବ୍ଦ କରି କାଟିବା; 2. ପ୍ରହାର-କ ।—*n.* ଶିଷ୍ଶବ୍ଦ ।
**Swiss,** *a.* ସୁଇଜର୍ଲାଣ୍ଡ ଦେଶୀୟ ।
**Switch,** *n.* 1. ଛାଟ; 2. ରେଲଗାଡ଼ି ପଦାର୍ଥକୁ ପଥାନ୍ତରକୁ ଫେରାଇବା କୌଶଳ; 3. ବୈଦ୍ୟୁତିକ ଯନ୍ତ୍ରରେ ବିଦ୍ୟୁତର ଗତିନିୟାମକ ଉପାୟ ।—*v.t.* 1. ଛାଟରେ ମାରିବା; 2. ରେଲଗାଡ଼ି ପଥାନ୍ତରକୁ ଫେରାଇବା ।
**Switching,** *n.* ଛାଟମାଡ ।
**Swivel,** *n.* 1. ଘୂରାଯାଇ ପାରିବା କଡ଼ା; 2. ଘୂରାଯାଇ ପାରିବା ସାନ ତୋପ ।—*v.i.* ମୂଳ ଉପରେ ଘୂରିବା ।
**Swollen,** *pa. p.* of Swell.
**Swoon,** *v.i.* ମୂର୍ଚ୍ଛିତ-ହେ ।—*n.* ମୂର୍ଚ୍ଛା, ଅଚେତନାବସ୍ଥା ।
**Swoop,** *v.t.* 1. ଝାମ୍ପିବା; 2. ଉପରୁ ଝାମ୍ପି-ନେ ।—*v.i.* ଝାମ୍ପମାରିବା ।—*n.* ଝାମ୍ପ ।
**Swop,** *v.t.* ବଦଳାଇବା ।
**Sword,** *n.* 1. ଖଡ୍ଗ, ଖଣ୍ଡା, ଅସି, ତରବାରି; 2. ସୈନ୍ୟବଳ; 3. ନ୍ୟାୟବିଚାରର ଚିହ୍ନ ।
**Sword-cane, Sword-stick,** *n.* ଗୁପ୍ତି ।
**Swordcraft,** *n.* 1. ଖଡ୍ଗନୈପୁଣ୍ୟ; 2. ସୈନ୍ୟବଳ ।
**Swordplay,** *n.* ଖଣ୍ଡାଖେଳ ।
**Swordsman,** *n.* 1. ଅସି ପ୍ରୟୋଗରେ ନିପୁଣ ଲୋକ; 2. ଖଡ୍ଗଧାରୀ ସେନା ।
**Sworn,** *pa. p.* of Swear.
**Swum,** *pa. p.* of Swim.
**Swung,** *pa. t.* and *pa. p.* of Swing.
**Sybarite,** *n.* ଭୋଗବିଳାସୀ ।
**Sycamine,** *n.* ତୁତବୃକ୍ଷ ।
**Sycamore,** *n.* ଡିମ୍ବିରି ଜାତୀୟ ବୃକ୍ଷ ।
**Sycophancy, Sycophantism,** *n.* 1. ଖଳ; 2. ଚାଟୁବାଦ । [ଲୋକ ।
**Sycophant,** *n.* 1. ଖଳ; 2. ଚାଟୁବାଦୀ; 3. ପରଭୃ-
**Sycophantic, Sycophantical, Sycophantish,** *a.* 1. ଚାଟୁବାଦପୂର୍ଣ୍ଣ; 2. ପରଭୃତ୍ୟୋଚିତ ଗୁଣ ।
**Syllabic, Syllabical,** *a.* ପଦାଂଶ ସହିତ ।
**Syllable,** *n.* ପଦାଂଶ ।—*v.t.* ଉଚ୍ଚାରଣ-କ ।
**Syllabus,** *n.* 1. ସାରସଂଗ୍ରହ; 2. ନିର୍ଘଣ୍ଟ ।
**Syllogism,** *n.* ଯୁକ୍ତିବାଦ, ତ୍ରିଅବୟବ ବାକ୍ୟ ।
**Syllogistic, Syllogistical,** *a.* ତ୍ରିଅବୟବ ବାକ୍ୟ ସମ୍ବନ୍ଧୀୟ ।
**Syllogistically,** *ad.* ତ୍ରିଅବୟବ ବାକ୍ୟାନୁସାରେ ।
**Sylph,** *n.* 1. ଦେବଜାତୀୟ ବିଶେଷ; 2. ପରୀ ।
**Sylva,** same as Silva.
**Sylvan,** same as Silvan.
**Symbol,** *n.* 1. ନିଦର୍ଶନ; 2. ପ୍ରତିରୂପ; 3. ଚିହ୍ନ; 4. ଦୃଷ୍ଟାନ୍ତ; 5. ଧର୍ମବିଶ୍ୱାସ ।
**Symbolic, Symbolical,** *a.* 1. ନିଦର୍ଶନଯୁକ୍ତ; 2. ପ୍ରତିରୂପକ ।
**Symbolically,** *ad.* ପ୍ରତିରୂପକ ଭାବେ ।
**Symbolics,** *n.* 1. ଧର୍ମବିଶ୍ୱାସର ଶାସ୍ତ୍ର; 2. ନିଦର୍ଶନ-ବିଦ୍ୟା ।
**Symbolise,** *v.i.* 1. ନିଦର୍ଶନ-ହେ; 2. ପ୍ରତିରୂପ-ହେ ।—*v.t.* ଦୃଷ୍ଟାନ୍ତ ଛଳରେ ପ୍ରକାଶ-କ ।
**Symbolism,** *n.* 1. ନିଦର୍ଶନଦ୍ୱାରା ପ୍ରକାଶ; 2. ଚିହ୍ନ ପ୍ରୟୋଗ; 3. ଧର୍ମବିଶ୍ୱାସ ବିଜ୍ଞାନ ।
**Symmetric, Symmetrical,** *a.* ସର୍ବାଙ୍ଗ ସୁମେଳଯୁକ୍ତ, ଅଙ୍ଗସୌଷ୍ଠବବିଶିଷ୍ଟ ।
**Symmetrically,** *ad.* ସର୍ବାଙ୍ଗ ସୁମେଳଯୁକ୍ତରୂପେ ।
**Symmetry,** *n.* ସର୍ବାଙ୍ଗର ସୁମେଳ, ଅଙ୍ଗସୌଷ୍ଠବ ।
**Sympathetic, Sympathetical,** *a.* 1. ସହାନୁଭୂତିପୂର୍ଣ୍ଣ; 2. ସହୃଦୟ ।
**Sympathetically,** *ad.* ସହାନୁଭୂତିପୂର୍ଣ୍ଣଭାବେ ।
**Sympathise,** *v.t.* 1. ସହାନୁଭୂତି ପ୍ରକାଶ-କ; 2. ଅନୁକମ୍ପା ଦେଖାଇବା; 3. ସମ ବେଦନାନୁଭବ-କ ।
**Sympathiser,** *n.* ସହାନୁଭୂତି ପ୍ରକାଶକାରୀ ।
**Sympathy,** *n.* 1. ସହାନୁଭୂତି; 2. ଅନୁକମ୍ପା; 3. ନିର୍ଜୀବ ପଦାର୍ଥର ପରସ୍ପର ସହିତ ମିଳିବାର ପ୍ରବୃତ୍ତି; 4. ଉଭୟର ମିଳନ ।
**Symphony,** *n.* 1. ସ୍ୱରମେଳ; 2. ସମୁଦାୟ ବାଦକ ଦଳର ସଙ୍ଗୀତଲେଖା ବିଶେଷ ।
**Symposium,** *n.* 1. ଭୋଜନୋତ୍ସବ ସମୟରେ ତର୍କବିତର୍କ; 2. କୌଣସି ବିଶେଷ ପ୍ରସଙ୍ଗରେ ଭିନ୍ନ ଲେଖକଙ୍କ ମତପ୍ରକାଶ ।
**Symptom,** *n.* 1. ଚିହ୍ନ; 2. ରୋଗର ଲକ୍ଷଣ ।
**Symptomatic, Symptomatical,** *a.* 1. ଚିହ୍ନ ସମ୍ବନ୍ଧୀୟ; 2. ଲାକ୍ଷଣିକ ।
**Synagogue,** *n.* ଯିହୁଦୀୟ ଉପାସନାଳୟ ।
**Synchronise,** *v.i.* 1. ସମକାଳେ ଘଟିବା; 2. ସମକାଳୀନ-ହେ ।
**Synchronism,** *n.* 1. ଏକାଧିକ ଘଟଣାର ସଂଘଟନ; 2. ସମକାଳୀନ ଘଟଣାର କ୍ରମିକ ତାଲିକା ।
**Syncopate,** *v.t.* 1. ଶବ୍ଦର ମଧ୍ୟଭାଗରୁ ଅକ୍ଷର କାଟି ସଂକ୍ଷିପ୍ତ-କ; 2. (Mus.) ଗୋଟିଏ ତାଳ-ଚିହ୍ନର ଶେଷସ୍ଥ ଓ ଅପରର ପ୍ରଥମସ୍ଥ ସ୍ୱରବୋଧକ ଚିହ୍ନକୁ ସଂଯୋଗ-କ ।
**Syncope,** *n.* 1. ଶବ୍ଦର ମଧ୍ୟଭାଗରୁ ଅକ୍ଷର ଉଚ୍ଛେଦନ; 2. ମୂର୍ଚ୍ଛାରୋଗ ।
**Syndicate,** *n.* 1. ବ୍ୟବସାୟୀମାନଙ୍କ ସଙ୍ଘ; 2. ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ସଭା ।
**Synecdoche,** *n.* ଯେଉଁ ବାକ୍ୟରେ ଏକ ବିଷୟ ତତ୍ସମ୍ପର୍କୀୟ ସମସ୍ତ ବିଷୟକୁ ବୁଝାଏ, ଲକ୍ଷଣା ।

Synod, *n.* 1. ସଭା; 2. ଧର୍ମପ୍ରଶ୍ନାଦିର ମୀମାଂସା ସଭା: 3. ଭିନ୍ନ ମଣ୍ଡଳୀର ପ୍ରାଚୀନମାନଙ୍କ ସଭା ।

Synodic, Synodical, *a.* ଉକ୍ତ ସଭାସମ୍ବନ୍ଧୀୟ ବା ତଦ୍ଦ୍ୱାରା ନିର୍ଦ୍ଧାରିତ ।

Synonym, *n.* ସମାନାର୍ଥ ଶବ୍ଦ, ପ୍ରତିଶବ୍ଦ ।

Synonymous, *a.* ସମାନାର୍ଥବୋଧକ ।

Synonymously, *ad.* ସମାନାର୍ଥବୋଧକଭାବେ ।

Synopsis, *n.* 1. ଗ୍ରନ୍ଥର ସାରସଂଗ୍ରହ; 2. ପ୍ରସଙ୍ଗର ସଂକ୍ଷିପ୍ତ ସାର ।

Synoptic, Synoptical, *a.* ସଂକ୍ଷିପ୍ତସାରବୋଧକ । —The Synoptic Gospels, ମାଥିଉ ଓ ମାର୍କ ଓ ଲୂକଙ୍କ ଲିଖିତ ସୁସମାଚାର ।

Synoptist, *n.* ପ୍ରଥମ ତିନି ସୁସମାଚାରର ଲେଖକଗଣ ଅର୍ଥାତ୍ ମାଥିଉ ଓ ମାର୍କ ଓ ଲୂକ ।

Syntactic, Syntactical, *a.* 1. ବାକ୍ୟବିନ୍ୟାସ ବିଧି ସମ୍ବନ୍ଧୀୟ; 2. ପଦଯୋଜନାନୁଯାୟୀ ।

Syntax, *n.* (Gram.) 1. ବାକ୍ୟବିନ୍ୟାସ ବିଧି; 2. ପଦଯୋଜନା ।

Synthesis, *n.* 1. ସଂଶ୍ଳେଷଣ: 2. ଯୋଗକରଣ ।

Synthetic, Synthetical, *a.* ସାଂଯୋଗିକ ।

Synthetically, *ad.* ସାଂଯୋଗିକରୂପେ ।

Syphilis, *n.* ଗର୍ମିରୋଗ, ଉପଦଂଶ ।

Syphilitic, *a.* 1. ଗର୍ମିରୋଗ ସମ୍ବନ୍ଧୀୟ; 2. ଗର୍ମି-ରୋଗାକ୍ରାନ୍ତ ।

Syphon, same as Siphon.

Syren, same as Siren.

Syriac, *a.* ସୁରିୟାଦେଶୀୟ ।—*n.* ସୁରିୟାଦେଶର ଭାଷା ।

Syrian, *a.* ସୁରିୟାଦେଶ ସମ୍ବନ୍ଧୀୟ ।

Syriarch, *n.* ସୁରିୟାଦେଶର ମହାଯାଜକ ।

Syringe, *n.* ପିଚକାରୀ ।—*v.t.* ପିଚକାରୀ-ଦେ ।

Syrup, *n.* ଚିନିମିଶା ଫଳରସ, ଶିରା ।

System, *n.* 1. ପ୍ରଣାଳୀବଦ୍ଧ ବିଷୟ; 2. ବ୍ୟବସ୍ଥା; 3. ପଥ, ଶୃଙ୍ଖଳା; 4. ଗୁରୁମାନଙ୍କ ମତ: 5. ବିଶ୍ୱ ବ୍ରହ୍ମାଣ୍ଡ ।

Systematic, Systematical, *a.* 1. ପ୍ରଣାଳୀବଦ୍ଧ: 2. ଯୁକ୍ତିସଙ୍ଗତ ।

Systematically, *ad.* 1. ପ୍ରଣାଳୀବଦ୍ଧରୂପେ; 2. ଯୁକ୍ତିସଙ୍ଗତଭାବେ ।

Systematise, Systemise, *v.t.* ପ୍ରଣାଳୀବଦ୍ଧ-କର ।

Systemless, *a.* ପ୍ରଣାଳୀଶୂନ୍ୟ, ନିୟମରହିତ ।

Systole, *n.* 1. ହୃତ୍ପିଣ୍ଡର ସଙ୍କୋଚ; 2. ଶବ୍ଦାଂଶର ସଂକ୍ଷେପ ।

# T.

T, ଇଂରେଜୀବର୍ଣ୍ଣମାଳାର ବିଂଶତିତମ ଅକ୍ଷର ।—T-square, T ଅକ୍ଷରବତ୍ ଚିହ୍ନ ରେଖାଟାଣିବା ଦଣ୍ଡ ।—To a T, ଅବିକଳ ଠିକ୍ ।

Tabby, *n.* ମାର୍ଜ୍ଜାରୀ ।—*a.* ତାମ୍ରବର୍ଣ୍ଣରେ ଚିହ୍ନିତ ।

Tabernacle, *n.* 1. ଯିହୁଦୀୟମାନଙ୍କର ସମାଗମ ତମ୍ବୁ; 2. ମାନବଶରୀର; 3. ଭଜନାଳୟ ।—*v.i.* 1. ତମ୍ବୁରେ ବାସ-କର; 2. ଅଳ୍ପକାଳପାଇଁ ରହିବା ।—Feast of tabernacles, ଯିହୁଦୀୟମାନଙ୍କର ତମ୍ବୁବାସ ପର୍ବ ।

Table, *n.* 1. ମେଜ; 2. ଭୋଜନ; 3. ଭୋଜନୋପବିଷ୍ଟ ବ୍ୟକ୍ତିସମୂହ; 4. ପଟା: 5. ନିର୍ଘଣ୍ଟ, ତାଲିକା ।—*a.* ମେଜରେ ବ୍ୟବହୃତ ।—*v.t.* 1. ତାଲିକାଭୁକ୍ତ-କର; 2. ମେଜ ଉପରେ ଥୋଇବା ।—*v.i.* ବସିର ଭୁଞ୍ଜିତ-କର । —The Lord's Table, ପ୍ରଭୁଙ୍କ ଭୋଜର ମେଜ । To turn the tables, ହଠାତ୍ କାହାର ଅବସ୍ଥା ବିପରୀତ କରି-ଦେ ।

Tableau, *n.* ଐତିହାସିକ ଘଟନା ପ୍ରଦର୍ଶନାର୍ଥ ବେଶାନ୍ବିତ ନିସ୍ତବ୍ଧ ଅଭିନୟ ।

Table-cloth, *n.* ମେଜଚଦର ।

Table-d'hote, *n.* ନିର୍ଦ୍ଦିଷ୍ଟ ସମୟ ଓ ମୂଲ୍ୟରେ ପଂକ୍ତି-[ଭୋଜନ ।

Tableland, *n.* ଅଧିତ୍ୟକା, ଉଚ୍ଚ ସମଭୂମି ।

Table-spoon, *n.* ବଡ଼ ଚାମଚ ।

Tablet, *n.* 1. ଲେଖନାର୍ଥ କ୍ଷୁଦ୍ର ପଟା; 2. ମୃତବ୍ୟକ୍ତିର ସ୍ମରଣାର୍ଥ ଲିଖିତ ପଟା: 3. ଚଉକୋଣିଆ ଚକ୍ତି ମିଠାଇ ।

Table-talk, *n.* ଭୋଜନକାଳୀନ ସଂଳାପ ।

Table-turning, *n.* ମେଜ ସଞ୍ଚାଳନ ଯାହା ପ୍ରେତାତ୍ମାବଳରେ ହୁଏ ବୋଲି ଭୂତବାଦୀମାନେ କହନ୍ତି ।

Tabloid, *n.* ଔଷଧୀୟ ଟିକଲି ।

Taboo, Tabu, *n.* ଧର୍ମଗତ ନିଷେଧ ।

Tabour, Tabor, *n.* ଢୋଲ, ତାସ, ଡିଣ୍ଡିମ ।

Tabular, *a.* 1. ମେଜତୁଲ୍ୟ ସମତଳ; 2. ନିର୍ଘଣ୍ଟପତ୍ର ଶ୍ରେଣୀ-[ବଦ୍ଧ

Tabularise, *v.t.* ନିର୍ଘଣ୍ଟପତ୍ର ଶ୍ରେଣୀବଦ୍ଧ-କର ।

Tabulate, *v.t.* ନିର୍ଘଣ୍ଟ-କର ।

Tabulation, *n.* ନିର୍ଘଣ୍ଟକରଣ ।

Tacit, *a.* 1. ଅବ୍ୟକ୍ତ; 2. ମୌନସମ୍ମତ ।

Tacitly, *ad.* ମୌନସମ୍ମତଭାବେ ।

Tacitness, *n.* ମୌନସମ୍ମତି ।

Taciturn, *a.* ମୌନ, ସ୍ୱଭାବତଃ ନୀରବ ।

Taciturnity, *n.* ମୌନଭାବ ।

Tack, *n.* 1. କ୍ଷୁଦ୍ର ପେରେକ, ବରଗୁଣା; 2. ଟାଙ୍କ; 3. ଜାହାଜର ଗତି; 4. ନିର୍ଦ୍ଦିଷ୍ଟ ପଥ ।—*v.t.* ଟାଙ୍କିବା —*v.i.* 1. ପାଲଦ୍ୱାରା ଜାହାଜର ଗତି ପରିବର୍ତ୍ତନ-କର 2. ମତ ବଦଳାଇବା ।

Tackle, *n.* 1. ଜାହାଜର ରଜ୍ଜୁ ପାଲ ଓ କପି ପ୍ରଭୃତି 2. ହାତହତିଆର; 3. ସାଜ; 4. କପି ।—*v.t.* 1 ସାଜ ଲଗାଇବା; 2. ଧରିପକାଇବା ।—*v.i.* ମନ-ଦେ

Tackling, *n.* 1. ଜାହାଜର ରଜ୍ଜୁ ପାଲ ଓ କପିପ୍ରଭୃତି 2. ସାଜ; 3. ଅସ୍ତ୍ରଶସ୍ତ୍ର ।

Tact *n*. 1. ବିଚକ୍ଷଣତା; 2. ବୁଦ୍ଧି ।

Tactful, *a*. 1. ବିଚକ୍ଷଣ; 2. ବୁଦ୍ଧିମାନ; 3. ଚତୁର ।

Tactfully, *ad*. 1. ବିଚକ୍ଷଣରୂପେ; 2. ଚତୁରଭାବେ ।

Tactic, Tactical, *a*. ଯୁଦ୍ଧକୌଶଳ ସମ୍ବନ୍ଧୀୟ ।

Tactician, *n*. ଯୁଦ୍ଧକୌଶଳଜ୍ଞ ।

Tactics, *n*. 1. ଯୁଦ୍ଧକୌଶଳ; 2. କାର୍ଯ୍ୟପ୍ରଣାଳୀ ।

Tactile, *a*. ସ୍ପର୍ଶଗ୍ରାହ୍ୟ, ବୋଧ୍ୟ ।

Tactility, *n*. ସ୍ପର୍ଶଗ୍ରାହ୍ୟତା ।

Tactual, *a*. 1. ସ୍ପର୍ଶଜନିତ; 2. ସ୍ପର୍ଶସମ୍ବନ୍ଧୀୟ ।

Tadpole, *n*. ବେଙ୍ଗଫୁଲ ।

Tael, *n*. ପ୍ରାୟ ଛଅଟଙ୍କା ମୂଲ୍ୟର ଚୀନଦେଶୀୟ ମୁଦ୍ରା ।

Taffeta, Taffety, *n*. ରେଶମରେ ପ୍ରସ୍ତୁତ ଧୂପଛାୟା ଲୁଗା ।

Tag, (1) *n*. 1. ଡୋର ବା ଫିତାରେ ଲାଗିଥିବା ଧାତୁନିର୍ମିତ ଅଗ୍ରଭାଗ; 2. ନାମାଦି ଲେଖିବାପାଇଁ କ୍ଷୁଦ୍ର ଚିହ୍ନପତ୍ର; 3. ଇତରଲୋକସମୂହ ।—Tagrag and bobtail, ଇତର ଓ ନୀଚ ଲୋକେ ।

Tag, (2) *n*. ପରସ୍ପରକୁ ଛୁଇଁବାପାଇଁ ପିଲାମାନଙ୍କର ଗୋଡ଼ାଗୋଡ଼ି ଖେଳ ।

Tail, *n*. 1. ଲାଙ୍ଗୁଡ଼, ଲାଞ୍ଜ, ଲାଙ୍ଗୁଳ; 2. ପୁଚ୍ଛ ।—To turn tail, ଯୁଦ୍ଧରେ ପୃଷ୍ଠଭଙ୍ଗ-ଦେ ।—With the tail between the legs, ଲାଙ୍ଗୁଡ଼ ଯାକି ପଳାଉଥିବା କୁକୁର ପରି ।

Tailed, *a*. 1. ଲାଙ୍ଗୁଳବିଶିଷ୍ଟ; 2. ସପୁଚ୍ଛ ।

Tailless, *a*. ଲାଙ୍ଗୁଳହୀନ ।

Tailor, *n*. ଦରଜି, ସୂଚିଜୀବୀ ।—*v.i*. ଦରଜିକାମ-କର ।

Tailor-bird, *n*. ବାୟାଚଢ଼େଇ ।

Tailoring, *n*. ଦରଜି ବ୍ୟବସାୟ ।

Tailpiece, *n*. 1. ପୁଚ୍ଛଲଗ୍ନ ଅଂଶ; 2. ଶେଷଖଣ୍ଡ ।

Taint, *v.t*. 1. ଦୂଷିତ-କର; 2. କଳୁଷିତ-କର; 3. ଦାଗଯୁକ୍ତ-କର ।—*v.i*. ଦୂଷିତ-ହେ, ପଚିଯିବା ।—*n*. 1. ଅଳ୍ପ ମାତ୍ରା; 2. କଳୁଷ; 3. ଦାଗ; 4. ଦୋଷ, କଳଙ୍କ ।

Take, *v.t*. 1. ନେବା, ଘେନିବା, ଗ୍ରହଣ-କର; 2. ଧରିବା; 3. ହସ୍ତଗତ-କର, ଅଧିକାର-କର; 4. ମୋହିତ-କର; 5. ମନୋନୀତ-କର ।—*v.i*. 1. ସମ୍ମତ-ହେ; 2. (ରୋଗରେ) ଆକ୍ରାନ୍ତ-ହେ; 3. ତୃପ୍ତିକର-ହେ; 4. ଆରମ୍ଭ-ହେ, କରିବାକୁ ଲାଗିବା ।—To take advantage of, ସୁଯୋଗ-ନେ । To take after, ସଦୃଶ-ହେ । To take for, ଭ୍ରମରେ ମନେ-କର । To take heed, ସାବଧାନ-ହେ । To take heed to, ମନୋଯୋଗ-କର । To take in, 1. ଅନ୍ତର୍ଭୁକ୍ତ-କର; 2. ଆତିଥ୍ୟ-କର; 3. ଉପଲବ୍ଧି-କର; 4. ପ୍ରତାରଣା-କର । To take off, 1. କାଢ଼ି-ନେ; 2. ବ୍ୟଙ୍ଗ୍ୟଭାବରେ ଅନୁକରଣ-କର । To take orders, ଧର୍ମୋପଦେଶକ ପଦରେ ନିଯୁକ୍ତ-ହେ । To take place, ଘଟିବା । To take to, 1. ପ୍ରବୃତ୍ତ-ହେ; 2. ଭଲ ପାଇବା ।

Taker, *n*. ଗ୍ରାହକ ।

Taking, *n*. ଗ୍ରହଣ ।—*a*. 1. ତୃପ୍ତିକର; 2. ମୁଗ୍ଧକାରୀ ।

Takingly, *ad*. ତୃପ୍ତିକରରୂପେ ।

Talc, *n*. ଅଭ୍ର, ଅଭ୍ରକ ।

Talcky, Talcose, Talcous, *a*. 1. ଅଭ୍ରମୟ; 2. ଅଭ୍ରବତ୍ ।

Tale, *n*. 1. ବିବରଣ; 2. କାହାଣୀ, ଗଳ୍ପ; 3. ସଂଖ୍ୟା, ସୁମାର ।—Old wive's tale, ବୁଢ଼ୀମାନଙ୍କର କାହାଣୀ । To tell tales out of school, ଗୁପ୍ତକଥା ପ୍ରକାଶ-କର ।

Tale-bearer, *n*. 1. କର୍ଣ୍ଣେଜପ; 2. ଚୁଗୁଲିଆ ।

Tale-bearing, *n*. 1. କର୍ଣ୍ଣେଜପନ; 2. ଚୁଗୁଲି ।

Talent, *n*. 1. ପ୍ରାଚୀନ ଦେଶର ମୁଦ୍ରାବିଶେଷ; 2. ଓଜନର ତୋଳା; 3. ସ୍ୱାଭାବିକ ଗୁଣ, ପ୍ରତିଭା ।

Talented, *a*. ପ୍ରତିଭାଶାଳୀ ।

Tale-teller, *n*. ଚୁଗୁଲିଖୋର ।

Talisman, *n*. 1. କବଚ; 2. ତାନ୍ତ୍ରିକ ଚକ୍ର; 3. ଆଶ୍ଚର୍ଯ୍ୟଜନକ ଫଳପ୍ରଦ ଯନ୍ତ୍ର ।

Talismanic, Talismanical, *a*. 1. କବଚ ସମ୍ବନ୍ଧୀୟ; 2. ମନ୍ତ୍ରସାଧିତ ।

Talk, *v.i*. 1. କଥାକହିବା; 2. କଥାବାର୍ତ୍ତା-କର, ଆଳାପ-କର; 3. କହିବା; 4. ଯୁକ୍ତି-କର ।—*n*. 1. କଥାବାର୍ତ୍ତା; 2. ସଂଳାପ; 3. କଥା; 4. ଜନରବ ।—To talk over, 1. ବୁଦ୍ଧିବୋଧ କରାଇବା; 2. ତର୍କବିତର୍କ-କର । To talk round, 1. ସମ୍ପୂର୍ଣ୍ଣରୂପେ ବିବେଚନା-କର; 2. ମଣାଇ ସ୍ୱମତରେ ଆଣିବା । To talk to, 1. କାହା ସଙ୍ଗରେ କଥାବାର୍ତ୍ତା-କର; 2. ଅନୁଯୋଗ-କର ।

Talkative, *a*. 1. ବକୁଆ, ବାଚାଳ; 2. ବହୁଭାଷୀ ।

Talkatively, *ad*. ବାଚାଳଭାବେ ।

Talkativeness, *n*. ବାଚାଳତା ।

Talker, *n*. 1. କଥକ; 2. ଗପୁଡ଼ା ।

Talking, *a*. କଥନଶୀଳ, କଥନକ୍ଷମ ।

Tall, *a*. 1. ଡେଙ୍ଗା; 2. ଉଚ୍ଚ; 3. ଲମ୍ବା; 4. ବଡ଼; 5. ଅସମ୍ଭାବ୍ୟ ।

Tallness, *n*. ଉଚ୍ଚତା ।

Tallow, *n*. ପଶୁର ଚର୍ବି ।

Tallowy, *a*. 1. ଚର୍ବିବତ୍; 2. ଚିକ୍କଣ ।

Tally, *n*. 1. ହିସାବ ରଖିବାପାଇଁ ଖାଞ୍ଜକଟା କାଠ; 2. ତୁଲ୍ୟବସ୍ତୁ, ଯୋଡ଼ର ।—*v.i*. ମେଳ ଖାଇବା, ସମାନ-ହେ ।

Tally-ho, *interj*. 1. କୋକିଶିଆଳୀକୁ ଦେଖି ଶିକାରୀର ଉଚ୍ଚାରିତ ଯେଉଁ ସ୍ୱର ଶବ୍ଦ; 2. ଶିକାରଘୋଡ଼ାର ଗାଡ଼ି ।

Tally-system, *n*. ଦୋକାନଘରେ ମୂଲ୍ୟ ଆଦାୟର କିସ୍ତି ।

Talmud, *n*. ଯିହୁଦୀମାନଙ୍କର ପୁରାଣ ।

Talon, *n*. ଶିକାରୀ ପକ୍ଷୀର ନଖ ।

Tamable, Tameable, *a*. 1. ବଶ୍ୟ; 2. ପୋଷ୍ୟ ।

Tamarind, *n*. 1. ତେନ୍ତୁଳି; 2. ତେନ୍ତୁଳି ଗଛ ।

Tamarisk, *n*. ଭୂମଧ୍ୟସାଗର ନିକଟସ୍ଥ ଦେଶର ଧଳା ଓ ଗୋଲାପୀ ଫୁଲଯୁକ୍ତ ଚିରହରିତ ବୃକ୍ଷ ।

Tambour, *n.* ଡମ୍ବୁର ବାଜା ।
Tambourine, *n.* 1. ଖଞ୍ଜଣୀ; 2. ଡଫଲ ।
Tame, *a.* 1. ପୋଷା; 2. ଗୃହପାଳିତ; 3. ଶାନ୍ତ, ଥଣ୍ଡା; 4. ଭୀରୁ; 5. ନିରୁତ୍ସାହ ।—*v.t.* 1. ବଶ-କ, ପୋଷ ମନାଇବା; 2. ଶାନ୍ତ-କ; 3. ଭଦ୍ର-କ ।
Tameless, *a.* ଅପୋଷ୍ୟ ।
Tamely, *ad.* ନିରୁତ୍ସାହରେ ।
Tameness, *n.* 1. ପୋଷ୍ୟତା; 2. ନିରୁତ୍ସାହ; 3. ନିସ୍ତେଜତା ।
Tamer, *n.* ପୋଷ ମନାଇବା ଲୋକ ।
Tamil, *n.* ତାମିଲ ବା ଦ୍ରାବିଡ଼ ଭାଷା ଅବା ଲୋକ ।
Tam-o'-shanter, *n.* ସ୍କଟଲଣ୍ଡୀୟ ଏକପ୍ରକାର ଟୋପି ।
Tammany, *n.* ନ୍ୟୁୟର୍କ ନଗରରେ ପ୍ରଜାତନ୍ତ୍ର ସମ୍ବନ୍ଧୀୟ ଉତ୍କୋଚପ୍ରିୟ ଦଳ ।
Tamper, *v.i.* 1. ଅବୈଧଭାବରେ ହାତ-ଦେ; 2. ଅନ୍ୟାୟରେ ବଦଳାବଦଳି-କ ।
Tamperer, *n.* ଅବୈଧଭାବରେ ହସ୍ତକ୍ଷେପକାରୀ ।
Tan, *n.* 1. ଗଛର ଛେଲ୍‌ହୋଇଥିବା ବକଳ; 2. ପିଙ୍ଗଳ ବା ବାଦାମୀ ରଙ୍ଗ ।—*v.t.* 1. ଚମଡ଼ା କଷାଇବା; 3. ପିଙ୍ଗଳ ବା ବାଦାମୀ ରଙ୍ଗ ଚଢ଼ାଇବା; 3. ପ୍ରହାର-କ ।—*v.i.* ଖରାରେ ସିଝିବା ।
Tan-coloured, *a.* ପିଙ୍ଗଳବର୍ଣ୍ଣଯୁକ୍ତ, ବାଦାମୀ ।
Tandem, *ad.* ଅଗପଛ ହୋଇ ।—*n.* 1. ଅଗପଛ ହୋଇ ଖଟିଥିବା ଦୁଇଘୋଡ଼ା; 2. ଅଗପଛ ହୋଇ ବସି ଚଳାଇବା ଯୁଗଯାନ ।
Tang, *n.* ତୀବ୍ର ଆସ୍ୱାଦ ।
Tangent, *n.* ସ୍ପର୍ଶଜ୍ୟା, ବୃତ୍ତକୁ ଛେଦ ନ କରି କେବଳ ସ୍ପର୍ଶ କରିଥିବା ସରଳରେଖା ।
Tangibility, *n.* ସ୍ପର୍ଶନୀୟତା ।
Tangible, *a.* 1. ସ୍ପର୍ଶନୀୟ; 2. ସ୍ପର୍ଶଦ୍ୱାରା ଅନୁଭବନୀୟ ।
Tangibleness, *n.* 1. ସ୍ପର୍ଶନୀୟତା; 2. ସ୍ପର୍ଶଯୋଗ୍ୟତା ।
Tangibly, *ad.* ସ୍ପର୍ଶନୀୟଭାବେ ।
Tangle, *n.* 1. ଜଟିଳ ଗଣ୍ଠି; 2. ହିଂଜିଡ଼ି, ଜଞ୍ଜାଳ ।—*v.t.* 1. ଅଡ଼ୁଆ କର-ଦେ; 2. ଜଟିଳ ଗଣ୍ଠି ପକାଇବା; 3. ଫାନ୍ଦରେ ପକାଇବା, ଜାଲରେ ପକାଇବା ।
Tangled, *a.* ଜଟିଳ ଗ୍ରନ୍ଥିଯୁକ୍ତ ।
Tank, *n.* 1. ଜଳାଧାର; 2. ପୋଖରୀ, ପଠଆ; 3. ତେଲାଦି ଭର୍ତ୍ତି କରିବାପାଇଁ ବଡ଼ ଲୁହାପିପା; 4. ଖାଲୁଆ ଓ ଅସମାନ ଭୂମିରେ ଅବାଧେ ଯତାୟାତ ପାଇଁ ସଜାଯାଇଥିବା କଳଚାଳିତ ଲୁହାଯାନ ।
Tankard, *n.* ଢାକୁଣି ଥିବା ବଡ଼ ପାନପାତ୍ର ।
Tanner, *n.* ଚମଡ଼ା ପ୍ରସ୍ତୁତକାରୀ ।
Tannery, *n.* ଚମଡ଼ା ପ୍ରସ୍ତୁତହେବା କାରଖାନା ।
Tannin, *n.* 1. ଚମଡ଼ା ପ୍ରସ୍ତୁତ କରିବା କଷ; 2. ଏ ପଦାର୍ଥର କ୍ୱାଥ ।
Tanning, *n.* ଚମଡ଼ା ପ୍ରସ୍ତୁତକରଣ ।
Tantalisation, *n.* ବଞ୍ଚନା ।
Tantalise, *v.t.* 1. ମିଥ୍ୟାଆଶା-ଦେ; 2. ଅପ୍ରାପ୍ୟ ବସ୍ତୁ କହିକି ଲାଳାୟିତ-କ; 3. ବଞ୍ଚନା-କ ।
Tantamount, *a.* ସମତୁଲ୍ୟ, ତୁଲ୍ୟମୂଲ୍ୟ ।
Tan-yard, *n.* ଚମଡ଼ା ପ୍ରସ୍ତୁତହେବା ପଡ଼ଣା ।
Tap, (1) *n.* ଲଘୁଆଘାତ ।—*v.t.* ଲଘୁଆଘାତ-କ ।—*v.i.* ଠୋକର ମାରିବା ।
Tap, (2) *n.* 1. ପିପାର ଚୁଙ୍ଗୀ ବା କଳ; 2. ପାଣିକଳ ଫିଟାଇବା ବା ବନ୍ଦ କରିବା ପେଚ ।—*v.t.* 1. ଛିଦ୍ରକରି ତରଳଦ୍ରବ୍ୟ ବାହାର-କ; 2. ପିପା ଫିଟାଇ ମଦ ଢାଳିବା ।
Tape, *n.* ଫିତା, ସୂତାପଟି ।—*v.t.* ଫିତାରେ ବାନ୍ଧିବା ।
Tape-line, Tape-measure, *n.* ମାପିବା ଫିତା ।
Taper, *n.* ସରୁ ମହମବତୀ ।—*a.* ଶୁଣ୍ଡାକୃତି ।—*v.i.* କ୍ରମେ ସରୁ-ହେ ।—*v.t.* ଶୁଣ୍ଡାକୃତି-କ ।
Tapering, *a.* ଶୁଣ୍ଡାକୃତି; 2. କ୍ରମଶଃ ସରୁ ।
Tapestry, *n.* 1. ହାତବୁଣା ବହୁଚିତ୍ରବିଶିଷ୍ଟ ପରଦା; 2. ଚିତ୍ରିତ ଯବନିକା ।
Tapir, *n.* ଦକ୍ଷିଣ ଆମେରିକାର ସ୍ଥୂଳଚର୍ମ୍ମ ଓ ଛୋଟ ଶୋମଣ୍ଡିବିଶିଷ୍ଟ ଏକପ୍ରକାର ଜନ୍ତୁ ।
Tapis, *n.* ମେଜର ଚିତ୍ରବିଚିତ୍ର ଘୋଡ଼ଣ ।—Upon the tapis, ଆଲୋଚନା ସ୍ଥଳରେ ଉପସ୍ଥାପିତ ।
Taproom, *n.* ପିପା ଫିଟାଇ ମଦ ଢାଳିବା କୋଠରୀ ।
Taproot, *n.* ଚାହାଳା ଚେର । [ଶୁଣ୍ଡୀ ।
Tapster, *n.* ପିପା ଫିଟାଇ ମଦ ଢାଳିବା ଯାହାର କାର୍ଯ୍ୟ,
Tar, *n.* 1. ଝୁଣା, ଅଲକାତରା, କୋଲତାର; 2. ଜାହାଜୀ, ନାବିକ ।—*v.t.* ଅଲକାତରା ଲଗାଇବା ।—To tar and feather, (ଦଣ୍ଡାର୍ଥେ) ଝୁଣା ଲଗାଇବା ।—To be tarred with the same brush or stick, ସମ ଦୋଷରେ ଦୋଷୀ ହେବା ।
Tarantula, Tarentula, *n.* ବିଷାକ୍ତ ବଡ଼ ମାକଡ଼ସା ।
Tarboosh, Tarbouche, *n.* ଝୁମ୍ପାଲଗା ମୁସଲମାନୀ ଲାଲ ଟୋପି । [ଭିଳମ୍ବରେ ।
Tardily, *ad.* 1. ବିଳମ୍ବରେ; 2. ମନ୍ଦମନ୍ଦ; 3.
Tardiness, *n.* 1. ମନ୍ଥରପଣ; 2. ମନ୍ଥରତା ।
Tardy, *a.* 1. ମନ୍ଥର; 2. ଡିଲା; 3. ମନ୍ଦ; 4. ମନ୍ଥର; 5. ସାର୍ଘସୂତ୍ରୀ ।
Tare, (1) *n.* ଶୁଆ ଘାସ ।
Tare, (2) *n.* ଦ୍ରବ୍ୟର ଆଧାର ବା ମାଲ ନ ଥିବା ଗାଡ଼ି ଭାରର ଓଜନ ଧରଟ ।
Target, *n.* 1. କ୍ଷୁଦ୍ର ଢାଲ; 2. ନିଶାଣ; 3. ଲକ୍ଷ୍ୟ ।
Targum, *n.* କଲ୍‌ଡୀୟ ଭାଷାରେ ଲିଖିତ ଯିହୁଦୀମାନଙ୍କ ଧର୍ମଗ୍ରନ୍ଥର ସଟୀକ ଅନୁବାଦ ।
Tariff, *n.* 1. ବାଣିଜ୍ୟରେ ନିରୂପିତ ମାସୁଲର ତାଲିକା; 2. ମାଶୁଲ ।
Tarn, *n.* ପର୍ବତ ମଧ୍ୟସ୍ଥ କ୍ଷୁଦ୍ର ହ୍ରଦ ।
Tarnish, *v.t.* 1. କଳଙ୍କିତ-କ; 2. ମଳିନ-କ; 3. ଦୂଷିତ-କ ।—*v.i.* 1. କଳଙ୍କିତ-ହେ; 2. ନିସ୍ତେଜ-ହେ ।—*n.* 1. ଦାଗ; 2. କଳଙ୍କ ।

**Tarpaulin, Tarpauling**, *n*. 1. ଜଳପଟ ପ୍ରସ୍ତୁତ ମୋଟା ଲୁଗା, ତେରପାଲ; 2. ଉକ୍ତ ଲୁଗାରେ ତିଆରି ନାବିକର ଟୋପି; 3. (Coll.) ଜାହାଜୀ ।

**Tarry**, (1) *a*. 1. ଅଲକାତରା ସଦୃଶ; 2. ସଳଲସା ।

**Tarry**, (2) *v.i*. 1. ମନ୍ଥର-ହେ; 2. ମଠେଇ-ହେ; 3. ବିଳମ୍ବ-କ ।

**Tart**, (1) *n*. 1. ଖଟା, ଅମ୍ଳିଆ; 2. କଟୁ ।

**Tart**, (2) *n*. ମଇଦାଗୋଳାରେ ଫଳର ପୁର ଥିବା ଖାଦ୍ୟ ପିଠା ।

**Tartan**, *n*. ରଙ୍ଗିନ ଡୋରିଯୁକ୍ତ ପଶମୀ ଲୁଗା ।

**Tartar**, (1) *n*. 1. ମଦ୍ୟ ମଳର କ୍ଷାର; 2. ଦନ୍ତ ଶର୍କରା ।

**Tartar**, (2) *n*. 1. ତାତାର ଦେଶୀୟ ଲୋକ; 2. ରାଗୀ, ବଡ଼ ରଗୀ; 3. ଆକ୍ରମଣକାରୀଠାରୁ ଅଧିକ ବଳବାନ ଲୋକ ।

**Tartaric**, *a*. ମଦ୍ୟମଳର କ୍ଷାରରୁ ପ୍ରସ୍ତୁତ ।

**Tartarus**, *n*. ପାତାଳ, ଅଧୋଲୋକ ।

**Tartish**, *a*. ଅଳ୍ପଖଟା, ଈଷଦମ୍ଳ ।

**Tartlet**, *n*. ମଇଦାଗୋଳାରେ ଫଳ ପୁର ଥିବା ଅତି ସାନ ପିଠା ।

**Tartly**, *ad*. କଟୁଭାବେ ।

**Tartness**, *n*. 1. ଅମ୍ଳତ୍ୱ; 2. କଟୁତା ।

**Task**, *n*. 1. ପାଠର ନିରୂପିତ ଅଂଶ; 2. କର୍ମ; 3. ବାଙ୍କିଭାର; 4. ଶ୍ରମସାଧ୍ୟ କାର୍ଯ୍ୟ; 5. ଖଟଣି ।—*v.t*. 1. ବାଙ୍କିଭାର-ଦେ; 2. ଶ୍ରମସାଧ୍ୟ କାର୍ଯ୍ୟରେ ଖଟାଇବା ।—To take to task, ଅନୁଯୋଗ-କ, ଦୋଷୀ-କ ।

**Taskmaster**, *n*. କାର୍ଯ୍ୟର ତତ୍ତ୍ୱାବଧାରକ ।

**Taskwork**, *n*. 1. ନିରୂପିତ କାର୍ଯ୍ୟ; 2. ଠିକାକାମ ।

**Tassel**, *n*. ଝୁମ୍ପା, ଥୋପା ।—*v.t*. ଝୁମ୍ପା ଲଗାଇବା ।

**Tastable**, *a*. ଆସ୍ୱାଦନୀୟ ।

**Taste**, *v.t*. 1. ଆସ୍ୱାଦନ-କ; 2. ଚାଖିବା; 3. ଭୋଗ-କ; 4. ଅନୁଭବ-କ ।—*v.i*. 1. ସ୍ୱାଦ-ନେ, ସ୍ୱାଦଗ୍ରହଣ-କ; 2. ସ୍ୱାଦ-ଦେ; 3. ବୋଧ-ହେ ।—*n*. 1. ଆସ୍ୱାଦନ; 2. ସ୍ୱାଦ; 3. ରସନେନ୍ଦ୍ରିୟ; 4. ରୁଚି; 5. ବିଚକ୍ଷଣତା; 6. ପସନ୍ଦ ।—To one's taste, ରୁଚିକର ।

**Tasteful**, *a*. 1. ସ୍ୱାଦପୂର୍ଣ୍ଣ; 2. ରୁଚିସଙ୍ଗତ ।

**Tastefully**, *ad*. 1. ସୁସ୍ୱାଦୁଭାବେ; 2. ରୁଚିସଙ୍ଗତରୂପେ ।

**Tasteless**, *a*. 1. ବିସ୍ୱାଦ; 2. ପାଣିଆ; 3. ନୀରସ ।

**Tastelessness**, *n*. 1. ସ୍ୱାଦହୀନତା; 2. ନୀରସତା ।

**Taster**, *n*. ଆସ୍ୱାଦକ ।

**Tastily**, *ad*. 1. ସୁରୁଚିସମ୍ପନ୍ନଭାବେ; 2. ପରିପାଟୀ ପୂର୍ବକ ।

**Tasting**, *n*. ଆସ୍ୱାଦନ ।

**Tasty**, *a*. 1. ସୁସ୍ୱାଦୁ; 2. ରୁଚିସଙ୍ଗତ ।

**Tatar**, same as Tartar.

**Tatter**, *n*. ଚିରିକନା, ଛିଣ୍ଡାଲୁଗା, ନେକଡ଼ା ।

**Tattered**, *a*. 1. ଚିରିକନା ପିନ୍ଧିଥିବା; 2. ଛିଣ୍ଡା ।

**Tattle**, *n*. ଗପସପ ।—*v.i*. ଗପ-କ ।

**Tattler**, *n*. ଗପୁଡ଼ା ।

**Tattoo**, (1) *n*. ସୈନିକମାନେ ଶିବିରକୁ ଫେରିବା ପାଇଁ ସଙ୍କେତସୂଚକ ଢୋଲ ବା ତୂରୀବାଦ୍ୟ ।

**Tattoo**, (2) *v.t*. ଚିତା କୁଟାଇ ଶୋଭିତ-କ ।—*n*. ଦେହରେ କୁଟା ଚିତା ।

**Taught**, *pa. t.* and *pa. p.* of Teach.

**Taunt**, *v.t*. 1. ଉପହାସ-କ; 2. ଥଟ୍ଟା-କ ।—*n*. 1. ଉପହାସ; 2. ଥଟ୍ଟାକଥା ।

**Taunter**, *n*. ଉପହାସକାରୀ ।

**Taunting**, *a*. ଉପହାସାତ୍ମକ ।

**Tauntingly**, *ad*. ଉପହାସାତ୍ମକଭାବେ, ଉପହାସପୂର୍ବକ ।

**Taurian**, *a*. ବୃଷସମ୍ବନ୍ଧୀୟ ।

**Taurus**, *n*. ବୃଷରାଶି ।

**Taut**, *a*. 1. ଟାଣିହୋଇଥିବା, ଅତିଶୟଭାବେ ଲମ୍ବିତ; 2. ଠିକ୍‌ଠାକ୍‌ରୂପେ ପ୍ରସ୍ତୁତ । [ଯୁକ୍ତ ।

**Tautologic, Tautological**, *a*. ଅଯଥା ଦ୍ୱିରୁକ୍ତି-

**Tautologically**, *ad*. ଅଯଥା ଦ୍ୱିରୁକ୍ତିଯୁକ୍ତରୂପେ ।

**Tautologise**, *v.t*. ଅଯଥା ଦ୍ୱିରୁକ୍ତି-କ ।

**Tautology**, *n*. ଅଯଥା ଦ୍ୱିରୁକ୍ତି ।

**Tavern**, *n*. 1. ଶୁଣ୍ଡିଭାଟି; 2. ଚଟିଘର ।

**Taw**, *n*. ଖେଳିବା ଗୁଳି, ବାଟି ।—*v.t*. ଧଳା ଚମଡ଼ା ପ୍ରସ୍ତୁତ-କ ।

**Tawdrily**, *ad*. ଭଡ଼କିଆରୂପେ, ରଙ୍ଗିଲାରୂପେ ।

**Tawdry**, *a*. ଭଡ଼କିଆ, ରଙ୍ଗିଲା ।

**Tawny**, *a*. ପିଙ୍ଗଳବର୍ଣ୍ଣରଞ୍ଜିତ, ବାଦାମୀ ।

**Taws, Tawse**, *n*. ପିଲାଙ୍କୁ ପିଟିବାପାଇଁ କଟାକଟା ହୋଇଥିବା ଚର୍ମପଟି ।

**Tax**, *n*. 1. ରାଜସ୍ୱ, କର, ଖଜଣା; 2. ଟିକସ, ମାଶୁଲ, ଶୁଳ୍କ; 3. ଭାର, ଝୁଙ୍କା ।—*v.t*. 1. କର ବସାଇବା; 2. ରାଜସ୍ୱ ସକାଶେ ଦାମ ଦରଜ-କ; 3. ଭାରଗ୍ରସ୍ତ-କ; 4. ଅପବାଦିତ-କ ।

**Taxable**, *a*. 1. କରଯୋଗ୍ୟ; 2. ମାଶୁଲ ଦେବାଯୋଗ୍ୟ ।

**Taxation**, *n*. 1. କରନିରୂପଣ, ଶୁଳ୍କନିର୍ଦ୍ଧାରଣ; 2. କରସଂଗ୍ରହ ।

**Tax-free**, *a*. 1. ନିଷ୍କର; 2. ବେ-ମାଶୁଲ ।

**Tax-gatherer**, *n*. କରସଂଗ୍ରାହକ, ମାଶୁଲ ଆଦାୟକାରୀ ।

**Taxi**, *n*. ଭଡ଼ାଟିଆ ମୋଟର ଗାଡ଼ି ।

**Taxidermist**, *n*. ମୃତଜନ୍ତୁର ଚର୍ମ ଜୀବନ୍ତ ଅବସ୍ଥା ପରି ରକ୍ଷଣୋପଯୋଗୀ କରିବା ବ୍ୟବସାୟୀ ।

**Taxidermy**, *n*. ମୃତଜନ୍ତୁର ଚର୍ମ ଜୀବନ୍ତ ଅବସ୍ଥା ପରି ସଂରକ୍ଷଣ କରିବା ବିଦ୍ୟା ।

**Tax-payer**, *n*. କରଦାତା

**Tea**, *n*. 1. ଚା ପତ୍ର; 2. ଚା; 3. ଚା ଗଛ; 4. ଔଷଧୀୟ ଉଦ୍ଭିଦର ସିଝାଜଳ; 5. ମାଂସର କ୍ୱାଥ; 6. ଚା-ପାନ ।

**Teach**, *v.t.* 1. ଶିଖାଇବା; 2. ଶିକ୍ଷା-ଦେ; 3. ପଢ଼ା-ଇବା; 4. ପରାମର୍ଶ-ଦେ ।—*v.i.* ଶିକ୍ଷକତା-କର ।
**Teachable**, *a.* 1. ଶିକ୍ଷାଯୋଗ୍ୟ; 2. ଶିକ୍ଷଣୀୟ ।
**Teachableness**, *n.* ଶିକ୍ଷଣୀୟତା ।
**Teacher**, *n.* 1. ଶିକ୍ଷକ, ଗୁରୁ; 2. ଅଧ୍ୟାପକ ।
**Teaching**, *n.* 1. ଶିକ୍ଷାକୌଶଳ; 2. ଶିକ୍ଷା ।
**Tea-cup**, *n.* ଚା-ପିଆଲା ।
**Teak**, *n.* ସାଗୁଆନ ଗଛ ବା କାଠ ।
**Tea-kettle**, *n.* ଚା-ପାଣି ଫୁଟାଇବା କେଟଲି ।
**Teal**, *n.* ବଣିହଂସ ।
**Team**, *n.* 1. ଯୋଚି ହୋଇଥିବା ଏକ ଯୋଡ଼ା ବା ତତୋଧିକ ବଳଦ ବା ଘୋଡ଼ା; 2. ଖେଳାଳି ଦଳ ।
**Teamster**, *n.* ଯୋଚି ହୋଇଥିବା ବଳଦ ବା ଘୋଡ଼ାର ଚାଳକ ।
**Tea-party**, *n.* ଆମୋଦପ୍ରମୋଦ ନିମନ୍ତେ ଚା-ପାନରେ ସମ୍ମିଳିତ ସଭା ।
**Tea-pot**, *n.* ଚା-ଢାଳ, ଚା ପ୍ରସ୍ତୁତ କରିବା ପାତ୍ର ।
**Teapoy**, *n.* ତିନି ବା ତତୋଧିକ ପାଦୁକାବିଶିଷ୍ଟ ସାନ ମେଜ ।
**Tear**, (1) *n.* *tēr*, ଲୁହ, ଲୋତକ, ଅଶ୍ରୁବିନ୍ଦୁ, ଅଶ୍ରୁଜଳ ।
**Tear**, (2) *v.t.* *tār*, 1. ଚିରିପକାଇବା, ଫାଡ଼ିଦେବା; 2. ଟାଣିବା ।—*v.i.* ବେଗରେ ଧାଇଁବା; 2. କ୍ରୋଧରେ ଜଳି ଉଠିବା ।—To tear one's self away, ନିଜକୁ ଅନିଚ୍ଛାସତ୍ତ୍ୱେ ବାହାରିଯିବା । To tear the hair, ବାଳ ଛିଣ୍ଡାଇ ମରିବା । To tear up, 1. ଉତ୍ପାଟନ-କର; 2. ଖଣ୍ଡଖଣ୍ଡ-କର ।
**Tear-drop**, *n.* ଲୋତକବିନ୍ଦୁ, ଅଶ୍ରୁକଣା ।
**Tearer**, *n.* 1. ଯେ ବା ଯାହା ଚିରିପକାଏ; 2. (Slang) ବଡ଼ ପାଟିଆ ଲୋକ ।
**Tearful**, *a.* 1. ଅଶ୍ରୁପୂର୍ଣ୍ଣ, ସାଶ୍ରୁ; 2. ବିଳାପକାରୀ ।
**Tearfully**, *ad.* 1. ଅଶ୍ରୁପୂର୍ଣ୍ଣରୂପେ; 2. ଅଶ୍ରୁପୂର୍ଣ୍ଣ ଲୋଚନରେ ।
**Tearfulness**, *n.* ଅଶ୍ରୁପୂର୍ଣ୍ଣତା ।
**Tearing**, *a.* 1. ପ୍ରଚଣ୍ଡ, ଭୟଙ୍କର; 2. ଦ୍ରୁତଗାମୀ ।
**Tearless**, *n.* 1. ଅଶ୍ରୁହୀନ; 2. ନିର୍ଦ୍ଦୟ ।
**Tease**, *v.t.* 1. ପାନିଅଁଦ୍ୱାରା ପଶମ ସଫାକରିବା; 2. ଅଂଶୁ ଉଠାଇବା; 3. ଚିଡ଼ାଇବା, ବ୍ୟସ୍ତ-କର; 4. ଯନ୍ତ୍ରଣା-ଦେ ।—*n.* 1. ଚିଡ଼ାଇବା ଲୋକ; 2. ଯନ୍ତ୍ରଣା-ଦାତା ।
**Tea-service, Tea-set**, *n.* ଚା ଖାଇବାର ସାଜ-ସରଞ୍ଜାମ ।
**Teasing**, *a.* 1. ବିରକ୍ତିଜନକ; 2. ଯନ୍ତ୍ରଣାଦାୟକ ।
**Teasingly**, *ad.* 1. ବିରକ୍ତିଜନକରୂପେ; 2. ଯନ୍ତ୍ରଣା-ଦାୟକରୂପେ ।
**Tea-spoon**, *n.* ଚା ଚାମଚ ।
**Teat**, *n.* 1. ସ୍ତନାଗ୍ର, ଚୁଚୁକ; 2. ଶିଶୁର ଦୁଧପିଆ ବୋତଲର ରବର ମୁହଁ ।
**Tea-table**, *n.* ଚା ଖାଇବା ମେଜ ।

**Technic, Technical**, *a.* ପାରିଭାଷିକ; 2. ଶିଳ୍ପବିଦ୍ୟା ସମ୍ବନ୍ଧୀୟ; 3. ବ୍ୟାବହାରିକ ।
**Technicality**, *n.* 1. ପାରିଭାଷିକତ୍ୱ; 2. ଶିଳ୍ପବିଦ୍ୟା ସଂକ୍ରାନ୍ତ ବିଷୟ ।
**Technically**, *ad.* ପରିଭାଷାନୁସାରେ ।
**Technics**, *n.* (*pl.*) 1. କଳାବିଦ୍ୟା; 2. ପରିଭାଷା ।
**Technologic, Technological**, *a.* କଳା ବା ଶିଳ୍ପବିଦ୍ୟା ସମ୍ବନ୍ଧୀୟ ।
**Technologist**, *n.* କଳା ବା ଶିଳ୍ପବିଦ୍ୟାବେତ୍ତା ।
**Technology**, *n.* 1. କଳା ବା ଶିଳ୍ପବିଦ୍ୟା; 2. ପରି-ଭାଷା; 3. ଶିଳ୍ପଶାସ୍ତ୍ର ।
**Te deum**, *n.* ଖ୍ରୀଷ୍ଟଧର୍ମର ସ୍ତୋତ୍ରପ୍ରକାଶକ ଗୀତ ବିଶେଷ ।
**Tedious**, *a.* 1. କ୍ଳେଶକର; 2. ଲମ୍ବା ହେତୁରୁ କ୍ଳାନ୍ତିଜନକ; 3. ବିରକ୍ତିଜନକ; 4. ମନ୍ଥର ।
**Tediously**, *ad.* 1. କ୍ଳେଶକରରୂପେ; 2. ବିରକ୍ତି-ଜନକରୂପେ ।
**Tediousness**, *n.* 1. କ୍ଳେଶକରତା; 2. ବିରକ୍ତି-ଜନକତା ।
**Tedium**, *n.* 1. କ୍ଳାନ୍ତି; 2. ବିରକ୍ତିବୋଧ ।
**Tee**, *n.* Golf ଖେଳରେ ଗେଣ୍ଡୁ ଥୋଇବାର ବାଲିଗଦା ।
**Teem**, *v.i.* 1. ଫଳୋତ୍ପାଦନ-କର, ଫଳବତୀ-ହେ; 2. ଗର୍ଭବତୀ-ହେ; 3. ପରିପୂର୍ଣ୍ଣ-ହେ ।
**Teeming**, *a.* 1 ଫଳନ୍ତି; 2. ବହୁଫଳା ।
**Teens**, *n.* ତେରଠାରୁ ଉଣେଇଶ ଯାଏ ବର୍ଷସମୂହ ।
**Teeny**, *a.* ଅତିସାନ, ଖୁବ୍ ଛୋଟ ।
**Teeth**, See Tooth.
**Teething**, *n.* 1. ଶିଶୁର ଦାନ୍ତ ଉଠା; 2. ଦନ୍ତ ନିର୍ଗମନ ।
**Teetotaler**, *n.* ଆଦୌ ମଦ୍ୟପାନ ନ କରିବାର ପ୍ରତିଜ୍ଞାକାରୀ ।
**Teetotalism**, *n.* ସମ୍ପୂର୍ଣ୍ଣ ମଦ୍ୟପାନ ପରିବର୍ଜ୍ଜନ ମତ ।
**Tee-totum**, *n.* ଛଅପଟ ଏକପ୍ରକାର ଖେଳନା ।
**Tegmen**, *n.* 1. ଆଚ୍ଛାଦନୀ; 2. (Bot.) ବୀଜର ଅନ୍ତଃଆବରଣ; 3. (Anat.) କର୍ଣ୍ଣାଭ୍ୟନ୍ତର ପରଦା ।
**Tegument**, *n.* 1. ଆବରଣ; 2. ତ୍ୱକ୍ ।
**Telegram**, *n.* ତାରଖବର, ତାର-ସଂବାଦ ।
**Telegramic**, *a.* 1. ତାରଖବର ସମ୍ବନ୍ଧୀୟ; 2. ସଂକ୍ଷିପ୍ତ ।
**Telegraph**, *n.* ତାରଡାକ, ତାରଯନ୍ତ୍ର, ବିଦ୍ୟୁଦ୍‌ବାର୍ତ୍ତା-ବହ ।—*v.t.* ତାରଖବର ପଠାଇବା ।
**Telegrapher, Telegraphist**, *n.* ତାରଯନ୍ତ୍ର ଚାଳକ ।
**Telegraphic, Telegraphical**, *a.* 1. ତାରଖବର ସମ୍ବନ୍ଧୀୟ; 2. ତାରଡାକଯୋଗେ ପ୍ରେରିତ ।
**Telegraphically**, *ad.* 1. ତାରଡାକଦ୍ୱାରା; 2. ତାରଡାକରେ ।
**Telegraphy**, *n.* 1. ତାରଡାକକୌଶଳ; 2. ବିଦ୍ୟୁଦ୍-ବାର୍ତ୍ତାବହ । [ନୀୟ ।
**Teleologic, Teleological**, *a.* ମୀମାଂସାଶାସ୍ତ୍ର ସମ୍-

Teleology, *n.* ମୀମାଂସାଶାସ୍ତ୍ର ।

Telephone, *n.* ଦୂରକଥନଯନ୍ତ୍ର, 'ଟେଲିଫୋନ' ।—*v.t.* and *i.* ଦୂରକଥନଯନ୍ତ୍ର ଦ୍ୱାରା ସଂବାଦ ପ୍ରେରଣ-କ ।

Telescope, *n.* ଦୂରବୀକ୍ଷଣଯନ୍ତ୍ର, ଦୂର୍ବିନ, ଦୂରବୀଣ ।

Telescopic, Telescopical, *a.* 1. ଦୂରବୀକ୍ଷଣଯନ୍ତ୍ର ସମ୍ବନ୍ଧୀୟ; 2. ଦୂରବୀକ୍ଷଣଯନ୍ତ୍ରବତ୍; 3. କେବଳ ଦୂରବୀକ୍ଷଣଯନ୍ତ୍ରଦ୍ୱାରା ଦୃଶ୍ୟ ।

Tell, *v.t.* 1. ଗୋଟିଏ କରି ଗଣିବା; 2. ବର୍ଣ୍ଣନ-କ; 3. କହିବା; 4. ବ୍ୟକ୍ତ-କ; 5. ଜ୍ଞାପନ-କ; 6. ବୁଝିବା; 7. ବ୍ୟାଖ୍ୟା-କ ।—*v.i.* 1. ବିବରଣ ପ୍ରକାଶ-କ; 2. କାର୍ଯ୍ୟକର-ହେ; 3. ଗଳ୍ପ-କ; 4. ଛିଦ୍ର କହିବା ।—To tell off, 1. ସୈନ୍ୟଦଳର ସଂଖ୍ୟା-କ; 2. ଦଳରୁ ପୃଥକ୍ କରି କୌଣସି କାର୍ଯ୍ୟରେ ଲଗାଇବା ।

Tellable, *a.* କଥନୀୟ ।

Teller, *n.* 1. କଥକ; 2. ଗଣନାକାରୀ, ଗଣକ ।

Telling, *a.* ଫଳୋପଧାୟକ ।

Tellingly, *ad.* ଫଳୋପଧାୟକଭାବେ ।

Tell-tale, *n.* ଚୁଗୁଲିଆ, ଚୁଗୁଲିଖୋର୍ ।

Tellural, *a.* ଭୌମ ।

Telluric, *a.* ଭୂମିଜ ।

Telugu, *n.* ତେଲୁଗୁ ଭାଷା ।

Temerity, *n.* 1. ଦୁଃସାହସ; 2. ଅସାବଧାନତା ।

Temper, *v.t.* 1. ଉପଯୁକ୍ତ ମାତ୍ରାରେ ମିଶ୍ରିତ-କ; 2. ପ୍ରଶମିତ-କ; 3. ନରମ-କ; 4. (ଲୁହାକୁ) ସୁଶକ୍ତ-କ ।—*n.* 1. ଉପଯୁକ୍ତ ମାତ୍ରାରେ ମିଶ୍ରଣ; 2. (ଧାତୁର) ଗୁଣ; 3. ପ୍ରକୃତି; 4. ସ୍ୱଭାବ, ମେଜାଜ୍; 5. ଭାବ; 6. କ୍ରୋଧ; 7. ସୁଶୀଳତା ।

Temperament, *n.* 1. ସ୍ୱାଭାବିକ ପ୍ରକୃତି; 2. ଆଭ୍ୟନ୍ତରିକ ଗୁଣ; 3. ସ୍ୱଭାବ ।

Temperamental, *a.* ସ୍ୱାଭାବିକ ପ୍ରକୃତି ସମ୍ବନ୍ଧୀୟ ।

Temperance, *n.* 1. ପରିମିତ ଭୋଗ, ମିତାଚାର; 2. ପାନଭୋଜନାଦିରେ ସଂଯମ; 3. ମଦ୍ୟପାନରୁ ସମ୍ପୂର୍ଣ୍ଣ ନିବୃତ୍ତି ।—Temperance hotel, ଯେଉଁ ହୋଟେଲରେ ମଦ୍ୟ ବ୍ୟବହାର ହୁଏ ନାହିଁ । Temperance movement. ମାଦକଦ୍ରବ୍ୟ ବିରୁଦ୍ଧରେ ସାର୍ବଜନିକ ଆନ୍ଦୋଳନ । Temperance society, ମାଦକ ନିବାରଣୀ ସମିତି ।

Temperate, *a.* 1. ପରିମିତ, ସଂଯତ; 2. ଧୀର, ଶାନ୍ତ; 3. ନାତିଶୀତୋଷ୍ଣ, ସମ; 4. ମିତାଚାରୀ ।—Temperate zones, ସମମଣ୍ଡଳ ।

Temperately, *ad.* 1. ମିତାଚାରରୂପେ; 2. ଶାନ୍ତଭାବେ ।

Temperateness, *n.* ମିତାଚାରିତା ।

Temperature, *n.* 1. ଉଷ୍ଣାନୁଷ୍ଣତା; 2. ଶୀତୋଷ୍ଣଭାବ; 3. ତାପପରିମାଣ ।

Tempered, *a.* 1. ବିଶେଷଗୁଣବିଶିଷ୍ଟ; 2. ପାଣିଦିଆ (ଲୁହାତାର); 3. ସମ ।

Tempering, *n.* ସୁଶକ୍ତ କରିବା ପ୍ରକ୍ରିୟା ।

Tempest, *n.* 1. ଝଡ଼, ତୋଫାନ, ବତାସ, ଝଟିକା, ବାତ୍ୟା; 2. ଗଣ୍ଡଗୋଳ ।

Tempestuous, *a.* 1. ଝଟିକାମୟ, ବାତ୍ୟାକୁଳ; 2. ତୁମୁଳ ।

Tempestuously, *ad.* 1. ଝଟିକାମୟଭାବେ; 2. ତୁମୁଳଭାବେ ।

Tempestuousness, *n.* ଝଟିକାମୟତା ।

Templar, *n.* ଲଣ୍ଡନ ନଗରସ୍ଥ ଆଇନବ୍ୟବସାୟର ଅଧ୍ୟେତା ।—Good Templar, ଏକ ବିଶେଷ ମାଦକନିବାରଣୀ ସମିତିର ନୈତିକ ସଭ୍ୟ ।

Temple, (1) *n.* 1. ମନ୍ଦିର, ଦେବାଳୟ; 2. ଉପାସନାଳୟ; 3. ଲଣ୍ଡନ ନଗରସ୍ଥ ଆଇନବିଦ୍ୟାଳୟ ବିଶେଷ ।

Temple, (2) *n.* କପାଳର ପାର୍ଶ୍ୱଦ୍ୱୟ, ଖାନମୁଦ୍ରା ।

Temporal, (1) *a.* କପାଳର ପାର୍ଶ୍ୱଦ୍ୱୟ ସମ୍ବନ୍ଧୀୟ ।

Temporal, (2) *a.* 1. ଐହିକ; 2. ଲୌକିକ, ସାଂସାରିକ; 3. କାଳୀୟ ।

Temporally, *ad.* 1. ଐହିକଭାବେ; 2. ଲୌକିକଭାବେ ।

Temporarily, *ad.* 1. କ୍ଷଣିକଭାବେ; 2. ଅସ୍ଥାୟୀରୂପେ ।

Temporary, *a.* 1. କ୍ଷଣିକ; 2. ଅନିତ୍ୟ; 3. ଅସ୍ଥାୟୀ ।

Temporise, *v.t.* 1. ଟାଳମଟାଳ-କ; 2. ଅବସ୍ଥାକୁ ସମୟୋପଯୋଗୀ-କ; 3. ସମୟର ବଶବର୍ତ୍ତୀ ହୋଇ କାର୍ଯ୍ୟ-କ ।

Temporiser, *n.* 1. ସମୟସେବୀ ବ୍ୟକ୍ତି; 2. ଟାଳମଟାଳକାରୀ ଲୋକ ।

Tempt, *v.t.* 1. ପରୀକ୍ଷା-କ, ପରଖ-କ; 2. ପ୍ରଲୋଭିତ-କ; 3. କୁପ୍ରବୃତ୍ତି-ଦେ ।

Temptation, *n.* 1. ପରୀକ୍ଷା; 2. ପ୍ରଲୋଭନ ।

Tempter, *n.* ଦୁଷ୍ଟ ପରୀକ୍ଷକ, ଶୟତାନ ।

Tempting, *a.* 1. ପରୀକ୍ଷାଜନକ; 2. ପ୍ରଲୋଭନକାରକ; 3. ଲାଳସାଜନକ ।

Temptingly, *ad.* ଲାଳସାଜନକରୂପେ ।

Ten, *a.* ଦଶ, ଦଶସଂଖ୍ୟକ ।—*n.* ଦଶସଂଖ୍ୟା ।

Tenable, *a.* 1. ଧାର୍ଯ୍ୟ; 2. ଅଖଣ୍ଡନୀୟ ।

Tenacious, *a.* 1. ଧାରଣକ୍ଷମ; 2. ଟାଣ, ଦୃଢମନା ।

Tenaciously, *ad.* ଦୃଢମନାରୂପେ ।

Tenaciousness, Tenacity, *n.* 1. ଦୃଢତା; 2. ସଂଲଗ୍ନଶୀଳତା ।

Tenancy, *n.* 1. ପ୍ରଜାଧିକାର, ରୟତି ସ୍ୱତ୍ୱ; 2. ଭଡା ଦେବାନେବାର ଅଧିକାର ।

Tenant, *n.* 1. ପ୍ରଜା, ରୟତ; 2. ଭଡାଟିଆ ।—*v.t.* 1. ପ୍ରଜାସ୍ୱରୂପ ଅଧିକାର-କ; 2. ଭଡା-ନେ ।

Tenantable, *a.* 1. ଜୋତଯୋଗ୍ୟ; 2. ବାସଯୋଗ୍ୟ ।

Tenantless, *a.* 1. ପ୍ରଜାବିହୀନ; 2. ଅନଧିକୃତ ।

Tenantry, *n.* 1. ପ୍ରଜାବର୍ଗ; 2. ରୟତମାନେ ।

Tend, (1) *v.t.* 1. ରକ୍ଷା-କ; 2. ପାଳନ-କ; 3. ଯତ୍ନ-ନେ ।

**Tend,** (2) *v.i.* 1. ଏକପାଖକୁ ଢଳିବା; 2. ସହାୟତା-କ ।

**Tendency,** *n.* ପ୍ରବୃତ୍ତି, ପ୍ରବଣତା, ଝୁଙ୍କ ।

**Tender,** (1) *n.* 1. ସେବକ ବା ଜଳପଥ ନିଜକା ଆଣିବା ପ୍ରଭୃତି ବଡ଼ ଜାହାଜର ସହକାରୀ ସାନ ଜାହାଜ, ଯୋଗାଣିଆ ଜାହାଜ; 2. କୋଇଲା ଓ ଜଳ ଯୋଗାଇବାପାଇଁ ରେଲଗାଡ଼ିକୁ ଲାଗିଥିବା ଗାଡ଼ି ।

**Tender,** (2) *v.t.* 1. ଯାଚିବା; 2. ନିର୍ଦ୍ଦିଷ୍ଟ ମୂଲ୍ୟ ଓ ସମୟରେ ଯୋଗାଇବାର ଚୁକ୍ତି-କ ।

**Tender,** (3) *a.* 1. ନରମ, କୋମଳ; 2. ସୁକୁମାର; 3. ଭଙ୍ଗପ୍ରବଣ; 4. ଦୁର୍ବଳ; 5. କରୁଣ; 6. ଅନୁରକ୍ତ; 7. ବତ୍ସଳ; 8. କୋମଳ, କରୁଣ ।

**Tender-hearted,** *a.* 1. କୋମଳହୃଦୟ; 2. କରୁଣାବିଶିଷ୍ଟ ।

**Tenderling,** *n.* ସୁକୁମାର ପିଲା ।

**Tenderly,** *ad.* 1. କୋମଳଭାବେ; 2. ଅନୁରକ୍ତଭାବେ ।

**Tenderness,** *n.* 1. କରୁଣା; 2. ବାତ୍ସଲ୍ୟ; 3. ଅନୁରକ୍ତି ।

**Tendon,** *n.* ପେଶୀବନ୍ଧ, ଶିରା ।

**Tendril,** *n.* ଲତାତନ୍ତୁ ।

**Tenebrous, Tenebrose,** *a.* ତମିସ୍ରାଚ୍ଛନ୍ନ ।

**Tenement,** *n.* 1. ବାସଗୃହ; 2. ବହୁ ପରିବାର ଭଡ଼ାରେ ରହିବା ବାଟୀର ଭିନ୍ନ ଭିନ୍ନ କୋଠରୀ ।

**Tenemental,** *a.* ବାସୋପଯୋଗୀ ।

**Tenet,** *n.* ମୂଳକଥା, ସତ୍ୟ ବୋଲି ଅବଲମ୍ବିତ ମତ ।

**Tenfold,** *a.* 1. ଦଶଗୁଣ; 2. ଦଶପ୍ରସ୍ଥ ।

**Tennis,** *n.* ମଝିରେ ଜାଲ ବାନ୍ଧି ଉଭୟ ପାର୍ଶ୍ୱରୁ ଫେଣ୍ଡ ମାରିବା ଖେଳାବିଶେଷ ।

**Tenon,** *n.* ଖାପରେ ଦେଇ ଯୋଡ଼ିବାପାଇଁ କାଠର କଟା ଅଗ୍ରଭାଗ ।

**Tenor,** *n.* 1. ଅଭିପ୍ରାୟ; 2. ଧରଣ; 3. ପ୍ରାପ୍ତବୟସ୍କ ପୁରୁଷର ଉଚ୍ଚସ୍ୱର ।

**Tense,** (1) *n.* କାଳବାଚକ କ୍ରିୟାପଦ ।

**Tense,** (2) *a.* 1. ଦୃଢ଼; 2. କଠିନ ।

**Tensely,** *ad.* ଦୃଢ଼ଭାବେ ।

**Tenseness,** *n.* ଦୃଢ଼ାବସ୍ଥା ।

**Tensible, Tensile,** *a.* ପ୍ରସାରଣୀୟ, ବିସ୍ତାର୍ଯ୍ୟ ।

**Tension,** *n.* 1. ପ୍ରସାରଣ; 2. ପ୍ରସାରିତାବସ୍ଥା; 3. ଟଣାଟଣି; 4. ଅନ୍ତରର କଷାକଷି ।

**Tent,** *n.* 1. ତମ୍ବୁ, ଡେରା, ପଟକାସ; 2. ଘାଆରେ ଦେବା ସଳିତା ଭଳି ସନ୍ତା ।—*v.t.* ସନ୍ତା ଦେଇ ଖୋଲା ରଖିବା ।

**Tentacle,** *n.* କେତେକ କୀଟର ମୁଣ୍ଡରେ ଥିବା ସରୁ ସରୁ ଶୁଣ୍ଢ ।

**Tentative,** *a.* ପରୀକ୍ଷାମୂଳକ ।

**Tentatively,** *ad.* ପରୀକ୍ଷାଭାବେ ।

**Tented,** *a.* ତମ୍ବୁଦ୍ୱାରା ଆଚ୍ଛାଦିତ ।

**Tenter,** *n.* ଅଙ୍କୁଶୀ ଦ୍ୱାରା ବସ୍ତ୍ର ପ୍ରସାରିତ କରିବା ଯନ୍ତ୍ର ।

**Tenter-hook,** *n.* 1. ମୁନିଆ ଅଙ୍କୁଶୀ; 2. ଯନ୍ତ୍ରଣାଦାୟକ କୌଣସି ବସ୍ତୁ ।—To be on tenter-hooks, ସନ୍ଦେହରେ ଚିନ୍ତାକୁଳ-ହେ ।

**Tenth,** *a.* ଦଶମ ।—*n.* ଦଶମାଂଶ ।

**Tenthly,** *ad.* ଦଶମତଃ ।

**Tent-peg, Tent-pin,** *n.* ଡେରା ପକାଇବା ଖିଲା ।

**Tenuity,** *n.* 1. ସୂକ୍ଷ୍ମତା; 2. ତରଳତା ।

**Tenuous,** *a.* 1. ସୂକ୍ଷ୍ମ; 2. ତରଳ ।

**Tenure,** *n.* 1. ଭୋଗ; 2. ଭୋଗଦଖଲର ସର୍ତ୍ତ ।

**Tepefaction,** *n.* ଈଷଦୁଷ୍ଣକରଣ ।

**Tepefy,** *v.t.* ଈଷଦୁଷ୍ଣ-କ ।

**Tepid,** *a.* ଈଷଦୁଷ୍ଣ ।

**Tepidity, Tepidness,** *n.* ଈଷଦୁଷ୍ଣତା ।

**Teraphin,** *n.* (*pl.*) ଗୃହଦେବତାଗଣ ।

**Terebinth,** *n.* ତାର୍ପିନ ତେଲର ଗଛ ।

**Teredo,** *n.* କାଷ୍ଠକୀଟ ।

**Term,** *n.* 1. ନିର୍ଦ୍ଦିଷ୍ଟ କାଳ; 2. ବିଶ୍ୱବିଦ୍ୟାଳୟର ଶିକ୍ଷାଦେବା କାଳ; 3. ପର୍ଯ୍ୟନ୍ତ; 4. ଅଦାଲତର ବୈଠକର କାଳ; 5. ଖଜଣା ଦେବା ନିସ୍ଥିର ଦିନ; 6. ସର୍ତ୍ତ; 7. ପଦ, ଶବ୍ଦ; 8. ସଂଜ୍ଞା; 9. (Alg.) ରାଶିର ଅଂଶ ।—*v.t.* ସଂଜ୍ଞା-ଦେ, ନାମ ରଖିବା ।—To be on good or bad terms with, କାହାର ସହିତ ସଦ୍ଭାବ ଥିବା ଅସଦ୍ଭାବ ଥିବା । To bring to terms, ଚୁକ୍ତିରେ ସମ୍ମତ ହେବାକୁ ବାଧ୍ୟ କରାଇବା । To come to terms, 1. ଚୁକ୍ତିରେ ସମ୍ମତ-ହେ; 2. ବଶବର୍ତ୍ତୀ-ହେ ।

**Termagant,** *n.* କଳିହୁଡ଼ି ସ୍ତ୍ରୀ ।

**Terminable,** *a.* 1. ସୀମାବଦ୍ଧ ହେବା ଯୋଗ୍ୟ; 2. ସମାପନୀୟ ।

**Terminal,** *a.* 1. ଅଗ୍ରଭାଗରେ ଜାତ; 2. ଅନ୍ତିମ; 3. ବିଶ୍ୱବିଦ୍ୟାଳୟରେ ଶିକ୍ଷାଦେବା କାଳ ସମ୍ବନ୍ଧୀୟ, ତ୍ରୈମାସିକ ।

**Terminate,** *v.t.* 1. ସୀମାବଦ୍ଧ-କ; 2. ସୀମା-ଦ; 3. ଶେଷ-କ, ସମାପନ-କ ।—*v.i.* ସୀମାବଦ୍ଧ-ହେ; 2. ସମାପ୍ତ-ହେ ।

**Termination,** *n.* 1. ଶେଷକରଣ; 2. ସୀମା; 3. ଅନ୍ତ, ଶେଷ; 4. ଫଳ; 5. ଶବ୍ଦର ଅନ୍ତ୍ୟବର୍ଣ୍ଣ; 6. ପ୍ରତ୍ୟୟ; 7. ବରକ୍ତି ।

**Terminative,** *a.* 1. ସୀମାବଦ୍ଧକାରୀ; 2. ଚୂଡ଼ାନ୍ତ ।

**Terminology,** *n.* 1. ପରିଭାଷା; 2. ସଂଜ୍ଞାପ୍ରକରଣ ।

**Terminus,** *n.* 1. ଶେଷଭାଗ; 2. ଲୌହପଥର ଶେଷସୀମା ।

**Termitarium, Termitary,** *n.* ବଲ୍ମୀକର ଢିପା ।

**Termite,** *n.* ଧୂଳିଆ, ବଲ୍ମୀକ କୀଟ ।

**Tern,** *n.* ଗାଙ୍ଗଚିଲଠାରୁ ସାନ ଜାତିର ସାମୁଦ୍ରିକ ପକ୍ଷୀବିଶେଷ ।

**Ternary,** *a.* ତ୍ରୟାତ୍ମକ ।—*n.* ତ୍ରିସଂଖ୍ୟା ।

**Ternate,** *a.* 1. ତ୍ରିଗୁଣ; 2. ତ୍ରୟାବର୍ତ୍ତିତ ।

Terra, *n.* 1. ପୃଥିବୀ; 2. ମୃତ୍ତିକା ।

Terrace, *n.* 1. ପର୍ବତରେ କଟା ପାହାଚ; 2. ସମତଳ ଛାତ; 3. ଚବୁତରା ।

Terra-cotta, *n.* ବାଲୁକାମିଶ୍ରିତ ମୃତ୍ତିକା ଯହିଁରେ ମୂର୍ତ୍ତିଆଦି ଗଢ଼ାହେଲେ ପୋଡ଼ା ହୋଇ ଟାଣ କରାଯାଏ ।

Terra-firma, *n.* 1. ସ୍ଥଳଭାଗ; 2. ହାତଛଡ଼ା ନୁହେଁ ଭୂଭାଗ ।

Terrestrial, *a.* 1. ପାର୍ଥିବ; 2. ଐହିକ; 3. ଭୂଚର; 4. ଭୌମ ।—*n.* ପୃଥିବୀସ୍ଥ ପ୍ରାଣୀ ।

Terrible, *a.* 1. ଭୀଷଣ; 2. ଦାରୁଣ; 3. ଭୟାବହ ।

Terribleness, *n.* ଭୀଷଣତା ।

Terribly, *ad.* ଭୀଷଣରୂପେ ।

Terrier, *n.* ଗାତରେ ପଶି ଶିକାର କରିବା ଛୋଟ କୁକୁର ।

Terrific, *a.* 1. ତ୍ରାସଜନକ; 2. ପ୍ରଚଣ୍ଡ ।

Terrifically, *ad.* ତ୍ରାସଜନକରୂପେ ।

Terrify, *v.t.* 1. ତ୍ରାସ ଜନ୍ମାଇବା; 2. ଭୟ ଦେଖାଇବା; 3. ଶଙ୍କାକୁଳ-କ ।

Territorial, *a.* ରାଜ୍ୟ ସମ୍ବନ୍ଧୀୟ, ପ୍ରାନ୍ତୀୟ ।

Territorials, *n. pl.* ସ୍ୱଦେଶରକ୍ଷୀ ସୈନ୍ୟଦଳ ।

Territory, *n.* 1. ରାଜ୍ୟ, ମୁଲକ; 2. ବିସ୍ତୃତ ଭୂଖଣ୍ଡ ।

Terror, *n.* 1. ଘୋର ଭୟ, ତ୍ରାସ; 2. ଶଙ୍କା ।—King of terrors, ମୃତ୍ୟୁ । Reign of terror or The Terror, ଫରାସୀ ରାଷ୍ଟ୍ରବିପ୍ଳବ କାଳୀନ ସାଂଘାତିକ ଅତ୍ୟାଚାର ।

Terrorise, *v.t.* 1. ଶଙ୍କାକୁଳ-କ; 2. ଭୟ ଦେଖାଇ ଶାସନ-କ ।

Terrorism, *n.* 1. ଭୟାବହାବସ୍ଥା; 2. ଶାସନରେ ଭୟ ପ୍ରଦର୍ଶନ ।

Terrorist, *n.* ଭୟଦ୍ୱାରା ଶାସକ ।

Terror-smitten, Terror-striken, Terror-struck, *a.* 1. ତ୍ରସ୍ତବ୍ୟସ୍ତ; 2. ଭୟାଭିଭୂତ ।

Terse, *a.* 1. ସଂକ୍ଷିପ୍ତ; 2. ପରିପାଟୀଯୁକ୍ତ ।

Tersely, *ad.* ସଂକ୍ଷେପରେ, ସଂକ୍ଷେପତଃ ।

Terseness, *n.* ସଂକ୍ଷିପ୍ତତା ।

Tertian, *n.* *ter'shi-an*, ତ୍ର୍ୟାହିକ ।—*n.* ତ୍ର୍ୟାହିକ ଜ୍ୱର ।

Tertiary, *ter'shi-ar-i*, ତୃତୀୟ ସ୍ତରଯୁକ୍ତ ।

Tessellate, *v.t.* ନାନାରଙ୍ଗର ଚତୁଷ୍କୋଣ ପଥରରେ ନିର୍ମାଣ-କ ।

Tessellated, *a.* ନାନାରଙ୍ଗର ଚତୁଷ୍କୋଣ ପଥରରେ ନିର୍ମିତ ।

Test, *n.* 1. କୋଷ; 2. ପରୀକ୍ଷା; 3. କଷ୍ଟିପଥର; 4. (Chem.) ଉପାଦାନ ପରୀକ୍ଷାର୍ଥ ବ୍ୟବହୃତ ଦ୍ରବ୍ୟ; 5. ପ୍ରମାଣୋପାୟ ।—*v.t.* 1. ପରୀକ୍ଷା-କ; 2. କଷି ଦେଖିବା, ଯାଞ୍ଚ-କ ।

Testacea, *n.* (*pl.*) ଶକ୍ତ ଖୋଳପାବିଶିଷ୍ଟ ପ୍ରାଣୀସମୂହ ।

Testaceous, *a.* ଶକ୍ତ ଖୋଳପାବିଶିଷ୍ଟ ।

Testament, *n.* 1. ମୁମୂର୍ଷୁର ଦାନପତ୍ର, ଉଇଲପତ୍ର 2. ଧର୍ମପୁସ୍ତକର ପୁରାତନ ବା ନୂତନ ନିୟମ ।

Testamental, Testamentary, *a.* ଉଇଲପତ୍ର ସମ୍ବନ୍ଧୀୟ ବା ତଦ୍ୱାରା ଦତ୍ତ ।

Testate, *a.* ଉଇଲପତ୍ରକୃତ ।

Testator, *n.* ଉଇଲପତ୍ରକାରୀ ବ୍ୟକ୍ତି ।

Tester, *n.* ପଲଙ୍କଉପର ଚାନ୍ଦୁଆ ବା ଛତ ।

Testicle, *n.* ମୁଷ୍କ, ଅଣ୍ଡକୋଷ ।

Testicular, *a.* ଅଣ୍ଡକୋଷ ସମ୍ବନ୍ଧୀୟ ।

Testification, *n.* ସାକ୍ଷ୍ୟଦାନ ।

Testify, *v.i.* 1. ସାକ୍ଷ୍ୟ-ଦେ; 2. ହଲପ-କ ।—*v.t.* 1. ସାକ୍ଷ୍ୟ ଦେଇ ପ୍ରମାଣ-କ; 2. ଶପଥପୂର୍ବକ ସାବ୍ୟସ୍ତ-କ ।

Testily, *ad.* ଚିଡ଼ଚିଡ଼ିଆଭାବେ ।

Testimonial, *n.* 1. ପ୍ରଶଂସାପତ୍ର; 2. ସମ୍ମାନସୂଚକ ଉପହାର ।

Testimony, *n.* ସାକ୍ଷ୍ୟ; 2. ପ୍ରମାଣ; 3. ଯିହୁଦୀୟ ଧର୍ମ ନିୟମ; 4. ଖ୍ରୀଷ୍ଟୀୟ ଧର୍ମଶାସ୍ତ୍ର ।

Testiness, *n.* 1. ଚିଡ଼ଚିଡ଼ିଆ ଭାବ; 2. ଉଗ୍ରପ୍ରକୃତିକତା ।

Testing, *n.* 1. ପରୀକ୍ଷାକରଣ; 2. ଅଉଟିବାଦ୍ୱାରା ଶୋଧନ ।

Test-tube, *n.* ରାସାୟନିକ ପରୀକ୍ଷାର୍ଥ ନଳାକୃତି କାଚପାତ୍ର ।

Testy, *a.* 1. ଚିଡ଼ଚିଡ଼ିଆ, ରାଗୀ; 2. ଉଗ୍ରପ୍ରକୃତିକ ।

Tetanus, *n.* 1. ଦାନ୍ତଯାକପଡ଼ା; 2. ଧନୁଷ୍ଟଙ୍କାର ବାତ ।

Tête-á-tête, *n.* ଦୁଇଜଣଙ୍କର ପରସ୍ପର ଗୁପ୍ତ କଥୋପକଥନ ।—*a.* 1. ସମ୍ମୁଖାସମ୍ମୁଖୀ; 2. ଗୁପ୍ତ ।—*ad.* 1. ଗୁପ୍ତ କଥୋପକଥନରେ; 2. ମୁହାମୁହିଁଭାବେ ।

Tether, *n.* ପଶୁବନ୍ଧା ଦଉଡ଼ି ବା ଜଞ୍ଜିର, ପଘା ।—*v.t.* 1. ପଘାରେ ବାନ୍ଧିବା; 2. ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ଆବଦ୍ଧ ରଖିବା ।

Tetragon, *n.* ଚତୁଷ୍କୋଣ କ୍ଷେତ୍ର ।

Tetragonal, *a.* ଚତୁଷ୍କୋଣାକୃତି ।

Tetrahedron, *a.* ଚାରିପାଖେ ଚାରି ତ୍ରିଭୁଜ ଥିବା ଘନକ୍ଷେତ୍ର ।

Tetrameter, *n.* ଚାରି ଚରଣବିଶିଷ୍ଟ ପଦ୍ୟ ।

Tetrarch, *n.* ରୋମ ସାମ୍ରାଜ୍ୟରେ ପ୍ରଦେଶର ଚତୁର୍ଥାଂଶର ଶାସନକର୍ତ୍ତା ।

Tetrarchy, *n.* ପ୍ରଦେଶର ଚତୁର୍ଥାଂଶ ।

Tetrasyllabic, Tetrasyllabical, *a.* ଚାରିପଦାଂଶ ବିଶିଷ୍ଟ ।

Tetrasyllable, *n.* ଚାରିପଦାଂଶ ।

Tetter, *n.* ଚର୍ମରୋଗ ।

Teuton, *n.* ଜର୍ମାନଜାତୀୟ ଲୋକ ।

Toutonic, *a.* ଜର୍ମାନଜାତୀୟ ।

Text, *n.* 1. ଗ୍ରନ୍ଥକର୍ତ୍ତାର ମୂଳବଚନ; 2. ବ୍ୟାଖ୍ୟାର ମୂଳପାଠ; 3. ଧର୍ମପୁସ୍ତକର ମନୋନୀତ ପଦ ।

Text-book, *n.* 1. ବିଜ୍ଞାନର ମୂଳସୂତ୍ରଗ୍ରନ୍ଥ; 2. ଛାତ୍ରମାନଙ୍କ ପାଠ୍ୟପୁସ୍ତକ ।

Textile, *a.* 1. ବୁଣା, ତନ୍ତୁନିର୍ମିତ; 2. ବୟନଯୋଗ୍ୟ ।

Textual, *a.* 1. ମୂଳପାଠାନ୍ତର୍ଗତ; 2. ମୂଳପାଠ ସମ୍ବନ୍ଧୀୟ ।

Textualist, *n.* ମୂଳପାଠ କହିବାରେ ପଟୁବ୍ୟକ୍ତି ।

Textually, *ad.* ମୂଳପାଠାନୁସାରେ ।

Texture, *n.* 1. ବୁଣାଟ; 2. ବୟନଗତ ।

Thane, *n.* ପ୍ରାଚୀନ ଇଂଲଣ୍ଡର ଉଚ୍ଚ କୁଳୀନଠାରୁ କମ୍ ଶ୍ରେଣୀର ଲୋକ ।

Thank, *v.t.* 1. ଧନ୍ୟବାଦ-ଦେ; 2. କୃତଜ୍ଞତାଭାବ ପ୍ରକାଶ-କ ।—*n.* (usually in *pl.*) 1. ଧନ୍ୟବାଦ; 2. କୃତଜ୍ଞତା ପ୍ରକାଶକ ବଚନ; 3. ନମସ୍କାର ।

Thankful, *a.* 1. ଧନ୍ୟବାଦୀ; 2. କୃତଜ୍ଞ ।

Thankfully, *ad.* କୃତଜ୍ଞତା ସହକାରେ, କୃତଜ୍ଞଭାବେ ।

Thankfulness, *n.* କୃତଜ୍ଞତା ।

Thankless, *a.* 1. କୃତଘ୍ନ, ଅକୃତଜ୍ଞ; 2. ଧନ୍ୟବାଦ ରହିତ; 3. ଅପ୍ରୀତିକର ।

Thanksgiver, *n.* 1. ଧନ୍ୟବାଦଦାତା; 2. କୃତଜ୍ଞ ବ୍ୟକ୍ତି ।

Thanksgiving, *n.* 1. ଧନ୍ୟବାଦପ୍ରଦାନ; 2. କୃତଜ୍ଞତାସୂଚକ ପରମେଶ୍ୱରଙ୍କର ପ୍ରକାଶ୍ୟ ସ୍ତୁତିବାଦ ।

Thankworthy, *a.* ଧନ୍ୟବାଦାର୍ହ ।

That, *pron.* (*demon.*) ସେ, ସେହି, ତାହା, ତହି ।—(*rel.*) ଯେ, ଯାହା, ଯହିଁ ।—(*conj.*) 1. ଏଣୁ, ଏହେତୁ; 2. ଯେ ।—That is to say, ଅର୍ଥାତ୍, ଯଥା ।

Thatch, *v.t.* ଛାଇବା, ଛାଉଣି-କ ।—*n.* 1. ଛପର, ଚାଳ; 2. ବେଣା; 3. ନଡ଼ା; 4. ବଉଳା; 5. ତଣ୍ଡି ।

Thatcher, *n.* ଛାଉଣିଆ, ଛାଅଳି ।

Thatching, *n.* 1. ଛାଉଣି, ଛପରବନ୍ଧ; 2. ଛପରବନ୍ଧ ସରଞ୍ଜାମ ।

Thaumaturgy, *n.* 1. ଅଲୌକିକ କାର୍ଯ୍ୟସମ୍ପାଦନର କୌଶଳ; 2. ଇନ୍ଦ୍ରଜାଲ ।

Thaw, *v.i.* 1. (ବରଫ ପରି) ତରଳି ଯିବା; 2. ଉଷ୍ଣ ପାତ-ହେ ।—*v.t.* 1. ତରଳାଇବା: 2. ଉଷ୍ଣ-କ ।

The, (1) *demon. pron.* or *def. art*, ସେ, ସେହି ।

The, (2) *ad.* ଯେତେ........ସେତେ ।

Theatre, *n.* 1. ନାଟ୍ୟଶାଳା; 2. ରଙ୍ଗଭୂମି; 3. ବକ୍ତୃତାଳୟର ପ୍ରେକ୍ଷାଗୃହ; 4. କାର୍ଯ୍ୟକ୍ଷେତ୍ର; 5. ନାଟକାଭିନୟ ।

Theatric, Theatrical, *a.* 1. ନାଟ୍ୟଶାଳା ସମ୍ବନ୍ଧୀୟ; 2. ନାଟକୀୟ; 3. ଅଭିନେତୃବତ୍ ।

Theatricalise, *v.t.* and *i.* 1. ନାଟକାକାରରେ ପରିଣତ-କ; 2. ନାଟ୍ୟୋପଯୋଗୀ-କ ।

Theatrically, *ad.* 1. ନାଟକୀୟଭାବେ; 2. ନାଟ୍ୟୋଚିତରୂପେ ।

Theatricals, *n. pl.* 1. ନାଟ୍ୟ କ୍ରୀଡ଼ା; 2. ନାଟକାଭିନୟ ।

Thee, *pron.* ତୁମ୍ଭକୁ, ତୁମକୁ, ତୋତେ, ତତେ ।

Theft, *n.* 1. ଅପହରଣ କ୍ରିୟା; 2. ଚୋରି ।

Their, *poss. pron.* ସେମାନଙ୍କର ।

Theirs, *poss.* of they, ସେମାନଙ୍କର. ସେସମସ୍ତଙ୍କର ।

Theism, *n.* 1. ଆସ୍ତିକତା; 2. ଏକେଶ୍ୱରବାଦ ।

Theist, *n.* 1. ଆସ୍ତିକ; 2. ଏକେଶ୍ୱରବାଦୀ ।

Theistic, Theistical, *a.* ଆସ୍ତିକ ବା ଆସ୍ତିକତା ସମ୍ବନ୍ଧୀୟ ।

Them, *pron.* 1. ସେମାନଙ୍କୁ; 2. ସେସବୁକୁ ।

Theme, *n.* 1. ପ୍ରସଙ୍ଗ: 2. ତର୍କାର୍ଥ ପ୍ରସ୍ତାବିତ ବିଷୟ: 3. ସଂକ୍ଷିପ୍ତ ରଚନା; 4. ମୂଳ କ୍ରିୟାପଦ: 5. (Mus.) ନାନାଭଙ୍ଗିରେ ବାଦିତ ସଂଗୀତ ସ୍ୱର ।

Themselves, *pron. pl.* of himself, herself and itself, 1. ସେମାନେ ଆପେଆପେ, ସେମାନେ ନିଜେନିଜେ; 2. ସେମାନେ ନିଜନିଜକୁ ।

Then, *ad.* 1. ସେସମୟରେ, ସେତେବେଳେ; 2. ତହିଁରେ, ତହିଁଉତ୍ତାରେ; 3. ଅବିଳମ୍ବେ; 4. ଅନ୍ୟ ଏକ ସମୟରେ ।—*conj.* 1. ଅତଏବ, ଏଣୁକରି; 2. ଏପରିସ୍ଥଳେ, ତା ହେଲେ ।—*a.* ତତ୍କାଳୀନ ।—*n.* ପୂର୍ବ କଥିତ ସମୟ ।—Since then, ତଦବଧି । Then and there, ସେହିକ୍ଷଣି, ସଙ୍ଗେସଙ୍ଗେ । Till then, ସେ ପର୍ଯ୍ୟନ୍ତ ।

Thence, *ad.* 1. ସେହି ସମୟରୁ; 2. ସେଠାରୁ; 3. ସେଥିଲାଗି ।—Thence forward, *ad.* ତହିଁଠାବଧି, ତଦବଧି ।

Theocracy, *n.* 1. ଈଶ୍ୱର କର୍ତ୍ତୃକ ରାଜ୍ୟ ଶାସନ: 2. ଈଶ୍ୱରଶାସିତ ରାଜ୍ୟ ।

Theocrasy, *n.* 1. ବହୁଦେବ ପୂଜା; 2. ଧ୍ୟାନଯୋଗ ଦ୍ୱାରା ଈଶ୍ୱରଙ୍କଠାରେ ଲୟ ।

Theodicy, *n.* ପ୍ରକୃତିରେ ମନ୍ଦ ଥିଲେ ମଧ୍ୟ ଈଶ୍ୱରଙ୍କ ନ୍ୟାୟପରତାର ମତ ।

Theodolite, *n.* ଜରିପର କୋଣ ପରିମାପକ ଯନ୍ତ୍ର ।

Theogonist, *n.* ଦେବଗଣର ଉତ୍ପତ୍ତି ଲେଖକ ।

Theogony, *n.* ଦେବଗଣର ଉତ୍ପତ୍ତି, ଦେବତାଙ୍କର ଜନ୍ମବୃତ୍ତାନ୍ତ ।

Theologian, *n.* 1. ପରମାର୍ଥ ବିଦ୍ୟାବିତ୍ ବ୍ୟକ୍ତି; 2. ଧର୍ମତତ୍ତ୍ୱବିଷୟକ ଅଧ୍ୟାପକ ।

Theologic, Theological, *a.* ପରମାର୍ଥବିଦ୍ୟା ସମ୍ବନ୍ଧୀୟ ।

Theologise, *v.t.* ପରମାର୍ଥ ବିଦ୍ୟାରେ ସଙ୍ଗତ ଅର୍ଥ-ଦ ।

Theology, *n.* ଧର୍ମତତ୍ତ୍ୱ, ପରମାର୍ଥବିଦ୍ୟା ।

Theophany, *n.* 1. ମାନବପ୍ରତି ଈଶ୍ୱରଙ୍କର ଆବିର୍ଭାବ; 2. ଖ୍ରୀଷ୍ଟଙ୍କ ଅବତାର ଓ ଦ୍ୱିତୀୟ ଆଗମନ ।

Theorem, *n.* (Geom.) ଉପପାଦ୍ୟ ପ୍ରତିଜ୍ଞା ।

Theoretic, Theoretical, *a.* 1. ଔପପତ୍ତିକ; 2. ଅନୁମାନମୂଳକ ।

Theoretically, *ad.* 1. ଔପପତ୍ତିକଭାବେ; 2. ତର୍କଶାସ୍ତ୍ରଭାବେ ।

Theorise, *v.i.* 1. ଅନୁମାନ-କ; 2. ତର୍କ-କ ।

Theorist, *n.* ତର୍କପ୍ରିୟ ବ୍ୟକ୍ତି ।

Theory, *n.* 1. ଅନୁମାନିକ ମତ. 2. ବୈଜ୍ଞାନିକ ସୂତ୍ରର ବ୍ୟାଖ୍ୟା; 3. ତର୍କ ।

Theosophist, *n.* ବ୍ରହ୍ମଜ୍ଞାନବନ୍ତ ।

Theosophy, *n.* 1. ବ୍ରହ୍ମଜ୍ଞାନ; 2. ତତ୍ତ୍ୱବିଦ୍ୟା ।

Therapeutic, *a.* 1. ଚିକିତ୍ସାବିଦ୍ୟା ସମ୍ବନ୍ଧୀୟ; 2. ବ୍ୟାଧିନାଶକ ।

Therapeutically, *ad.* ଚିକିତ୍ସାବିଦ୍ୟାନୁସାରେ ।

Therapeutics, *n.* (*sing.*) 1. ଚିକିତ୍ସାବିଦ୍ୟା; 2. ଭେଷଜ୍ୟ ବିଜ୍ଞାନର ଅଙ୍ଗ ।

There, *ad.* ସେଠାରେ, ତତ୍ର ।

Thereabout, Thereabouts, *ad.* 1. ତନ୍ନିକଟେ; 2. ପ୍ରାୟତଃରେ ।

Thereafter, *ad.* 1. ତତ୍ପରେ, ତଦନନ୍ତର; 2. ତଦନୁସାରେ ।

Thereat, *ad.* 1. ତହିଁରେ, ସେଥିରେ; 2. ସେକାରଣରେ ।

Thereby, *ad.* 1. ତଦ୍ଦ୍ୱାରା; 2. ସେଥିପାଇଁ, ସେଥିହେତୁ, ତନ୍ନିମିତ୍ତ ।

Therefore, *ad.* 1. ତେଣୁକରି; 2. ସେଥିପାଇଁ, ସେଥିପାଇଁ, ତନ୍ନିମିତ୍ତ; 3. ସୁତରାଂ; 3. ଅତଏବ, ଏଣୁକରି ।

Therefrom, *ad.* ତହିଁରୁ, ତହୁଁ, ସେଥିହେତୁ ।

Therein, *ad.* 1. ତନ୍ମଧ୍ୟରେ, ତହିଁରେ; 2. ସେଠାରେ ।

Thereof, *ad.* 1. ତହିଁର; 2. ତଦ୍ବିଷୟକ ।

Thereon, *ad.* 1. ତତ୍କ୍ଷଣାତ୍; 2. ଏକ୍ଷଣି, ଏକ୍ଷଣେ ।

Thereto, Thereunto, *ad.* ସେଥିପ୍ରତି, ତତ୍ପ୍ରତି ।

Thereupon, *ad.* 1. ତହିଁରେ; 2. ସେଥିହେତୁ, ତନ୍ନିମିତ୍ତ; 3. ଅବିଳମ୍ବେ, ସେକ୍ଷଣି, ସେକ୍ଷଣେ ।

Therewith, *ad.* ତହିଁସଙ୍ଗେ, ତତ୍ସହିତ, ତତ୍ସହ ।

Therewithal, *ad.* 1. ତତ୍ସହିତ; 2. ତଦୁପରି ।

Theriatrica, *n.* ପଶୁଚିକିତ୍ସା ବିଦ୍ୟା ।

Thermal, *a.* 1. ଉତ୍ତାପସମ୍ବନ୍ଧୀୟ; 2. ଉଷ୍ଣ ।

Thermo-dynamics, *n.* ତାପବିଜ୍ଞାନ ।

Thermo-electricity, *n.* ଉତ୍ତାପର ତାଡିତ ।

Thermometer, *n.* ତାପମାନ ଯନ୍ତ୍ର ।

Thermometric, Thermometrical, *a.* ତାପମାନ ଯନ୍ତ୍ରସମ୍ବନ୍ଧୀୟ ବା ତାପମାନ ଯନ୍ତ୍ରଦ୍ୱାରା ସ୍ଥିରୀକୃତ ।

These, *pron. pl.* of this, 1. ଏହିସବୁ, ଏମାନ; 2. ଏମାନେ ।

Thesis, *n.* 1. ତର୍କାର୍ଥ ପ୍ରସ୍ତାବିତ ବିଷୟ; 2. ବିଶେଷ ପ୍ରସଙ୍ଗରେ ପ୍ରବନ୍ଧ ।

Theurgic, Theurgical, *a.* 1. ଇନ୍ଦ୍ରଜାଲ ସମ୍ବନ୍ଧୀୟ; 2. ତାନ୍ତ୍ରିକ ।

Theurgist, *n.* 1. ତାନ୍ତ୍ରିକ କ୍ରିୟାବେତ୍ତା; 2. ଐନ୍ଦ୍ରଜାଲିକ ।

Theurgy, *n.* ତାନ୍ତ୍ରିକ କ୍ରିୟା ।

Thew, *n.* (used chiefly in *pl.*) 1. ଶକ୍ତି, ବଳ; 2. ରଗ ।

Thewless, *a.* କ୍ଷୀଣ, ଦୁର୍ବଳ ।

Thewy, *a.* ବଳବନ୍ତ, ବଳିଷ୍ଠ ।

They, *pron. pl.* of he, she or it, 1. ସେମାନେ; 2. ସେସମସ୍ତ, ସେସବୁ ।

Thick, *a.* 1. ଘନ; 2. ବହଳ, ମୋଟା; 3. ଗାଢ଼; 4. ନିବିଡ଼, ସାନ୍ଦ୍ର, ଘୋର; 5. ଘୋଳିଆ, ଅବିଳ; 6. କୁହୁଡ଼ିଆ; 7. ସ୍ଥୂଳବୁଦ୍ଧି; 8. କଳାକାର୍ଣ୍ଣ, ଅଷ୍ଫୁଟ; 9. ଘାଞ୍ଚ; 10. ଘନିଷ୍ଠ; 11. ଅବିରତ, ନିରନ୍ତର; 12. (Collo.) ଘନିଷ୍ଠ ବନ୍ଧୁତାବିଶିଷ୍ଟ ।—*n.* 1. ସ୍ଥୂଳଭାଗ; 2. ସ୍ଥୂଳବୁଦ୍ଧି ଲୋକ ।—*ad.* 1. ଘନଭାବେ; 2. ବାରମ୍ବାର; 3. ଗାଢ଼ରୂପେ ।—To lay it on thick, ଅତିରିକ୍ତଭାବେ ତୋଷାମୋଦ ବା ପ୍ରଶଂସା-କ । Through thick and thin, 1. ସମସ୍ତ ବାଧାବିଘ୍ନ ସତ୍ତ୍ୱେ; 2. ଅଟଳଭାବେ ।

Thicken, *v.t.* 1. ଘନୀଭୂତ-କ; 2. ଦୃଢ଼-କ ।—*v.i.* ଘନୀଭୂତ-ହେ; 2. ଅସ୍ପଷ୍ଟ-ହେ; 3. କଳାକାର୍ଣ୍ଣ-ହେ, ଜଟିଳ-ହେ ।

Thicket, *n.* 1. ବହଳିଆ ବଣ; 2. ବୃନ୍ଦାବନ, ଗୁଳ୍ମକ ବଣ ।

Thick-headed, *a.* 1. ସ୍ଥୂଳବୁଦ୍ଧି, ମୋଟାବୁଦ୍ଧିଆ; 2. ନିର୍ବୋଧ ।

Thickish, *a.* ଅଳ୍ପ ମୋଟା, ସାମାନ୍ୟ ସ୍ଥୂଳ ।

Thickly, *ad.* ଘନଭାବେ, ନିବିଡ଼ଭାବେ ।

Thickness, *n.* 1. ମୋଟ, ସ୍ଥୂଳତା; 2. ବେଧ; 3. ଗାଢ଼ତ୍ୱ ।

Thick-set, *a.* 1. ଘାଞ୍ଚ୍ଲଗା, ଘନବେଷ୍ଟିତ; 2. ବାଙ୍ଗର ଓ ମୋଟା ।

Thick-skinned, *a.* 1. ସ୍ଥୂଳଚର୍ମବିଶିଷ୍ଟ; 2. ଅନନୁଭୂତରହିତ; 3. ମୋଟାବୁଦ୍ଧିଆ ।

Thick-skulled, *a.* 1. ନିର୍ବୋଧ; 2. ମୂର୍ଖ; 3. ସ୍ଥୂଳବୁଦ୍ଧି ।

Thief, *n.* 1. ଚୋର, ତସ୍କର; 2. ଅପହାରକ ।

Thieve, *v.i.* 1. ଚୋର-କ; 2. ଚୌର୍ଯ୍ୟବୃତ୍ତି-କ ।

Thievery, *n.* ଚୌର୍ଯ୍ୟବୃତ୍ତି ।

Thievish, *a.* 1. ଚୌର୍ଯ୍ୟାସକ୍ତ; 2. ଚୋରଠା; 3. ଗୋପନରେ କାର୍ଯ୍ୟକାରୀ; 4. ଧୂର୍ତ୍ତ ।

Thievishly, *ad.* 1. ଚୋରପରି; 2. ଧୂର୍ତ୍ତଭାବେ ।

Thievishness, *n.* 1. ଚୌର୍ଯ୍ୟବୃତ୍ତି; 2. ଚୋରସ୍ୱଭାବ ।

Thigh, *n.* ଉରୁଦେଶ, ଜାନୁର ଉର୍ଦ୍ଧ୍ୱଭାଗ ।

Thigh-bone, *n.* ଜଙ୍ଘହାଡ଼ ।

Thimble, *n.* ଅଙ୍ଗୁଷ୍ଠାନା, ସିଲାଇମୁଦି ।

Thimbleful, *n.* ଅଳ୍ପପରିମାଣ, ଟିକେ ।

Thin, *a.* 1. ପାତଳ; 2. ସରୁ; 3. କ୍ଷୀଣ, କୃଶ, ଦୁର୍ବଳ; 4. ସ୍ୱଚ୍ଛ; 5. ଅନିବିଡ଼, ବିରଳ; 6. ସୂକ୍ଷ୍ମ; 7. ଅସ୍ଥିର ।—*ad.* ବିରଳଭାବେ ।—*v.t.* 1. ପାତଳ-କ; 2. ସରୁ-କ; 3. ବିରଳ-କ ।—*v.i.* 1. ପାତଳ-ହେ; 2. କ୍ଷୀଣ-ହେ ।

Thine, *pron.* ତୁମ୍ଭର, ତୋହର, ତୋର ।

Thing, *n.* 1. ଅଚେତନ ପଦାର୍ଥ; 2. ବସ୍ତୁ, ଦ୍ରବ୍ୟ, ଜିନିଷ, ଚିଜ; 3. ବିଷୟ; 4. ସ୍ନେହ ବା ଘୃଣାସୂଚକ ଉପାଖ୍ୟ; 5. ବ୍ୟାପାର; 6. (*pl.*) ଲୁଗାପଟା, ଜିନିଷପତ୍ର ।—To do the handsome thing by, (ତାହାର ପ୍ରତି) ଉଦାରଭାବେ ବ୍ୟବହାର-କ । To know a thing or two, ଚତୁର-ହେ । To make a good thing of it, ତାହିଁରୁ ବିଶେଷ ଲାଭ-କ । The thing, ଯଥାର୍ଥ ବିଷୟ, ଠିକ୍ ମନୋମତ ବିଷୟ ।

Think, *v.i.* 1. ଭାବିବା; 2. ବୋଧ-କ; 3. ମନରେ ଧ୍ୟାନ ଚିନ୍ତା-କ; 4. ବିଚାର-କ; 5. ବିବେଚନା-କ; 6. ସଙ୍କଳ୍ପ-କ ।—*v.t.* 1. କଳ୍ପନା-କ; 2. ବିଚାର କରି ନିଷ୍ପତ୍ତି-କ; 3. ବିଶ୍ୱାସ-କ, ପ୍ରତ୍ୟୟ-କ ।—To think little of, ସାମାନ୍ୟ ଜ୍ଞାନ-କ । To think out, 1. କଳ୍ପନା-କ; 2. ଉଦ୍ଭାବନ-କ; 3. ଭାବି ସମାଧାନ-କ ।

Thinkable, *a.* 1. ଚିନ୍ତନୀୟ; 2. ବୋଧଗମ୍ୟ ।

Thinker, *n.* 1. ବିବେଚକ; 2. ଭାବୁକ ।

Thinking, *a.* ଚିନ୍ତାଶକ୍ତିବିଶିଷ୍ଟ, ଚିନ୍ତାଶୀଳ ।—*n.* 1. ଭାବନା; 2. ଚିନ୍ତନ ।

Thinkingly, *ad.* ଚିନ୍ତାଶୀଳଭାବେ ।

Thinly, *ad.* 1. ପାତଳଭାବେ; 2. ସୂକ୍ଷ୍ମରୂପେ ।

Thinness, *n.* 1. ସରୁତା; 2. କୃଶତା; 3. ବିରଳତା ।

Thinnish, *a.* 1. ଅନତିସ୍ଥୂଳ; 2. ଅଳ୍ପକୃଶ ।

Thin-skinned, *a.* 1. ପାତଳଚର୍ମବିଶିଷ୍ଟ; 2. ସହଜେ ଅଭିଭୂତ; 3. ଚିଡ଼ଚିଡ଼ିଆ ।

Third, *a.* ତୃତୀୟ ।—*n.* ତୃତୀୟାଂଶ ।—Third person in the Trinity, ପବିତ୍ରାତ୍ମା । Third person, ତୃତୀୟ ପୁରୁଷ ।

Thirdly, *ad.* ତୃତୀୟତଃ, ତୃତୀୟଥର ।

Third-rate, *a.* ତୃତୀୟଶ୍ରେଣୀୟ, ଅଧମ, ସୋମ୍ୟ ।

Thirst, *n.* 1. ଶୋଷ. ତୃଷା, ପାନେଚ୍ଛା, ପିପାସା; 2. ବ୍ୟାକୁଳତା, ଉତ୍କଣ୍ଠା; 3. ଲାଳସା ।—*v.i.* 1. ତୃଷିତ-ହେ, ପିପାସିତ-ହେ; 2. ଲାଳସୀ-ହେ, ଅତ୍ୟନ୍ତ ଉତ୍ସୁକ-ହେ ।

Thirstily, *ad.* 1. ତୃଷାତୁରଭାବେ, ତୃଷିତଭାବେ; 2. ଉତ୍କଣ୍ଠିତଭାବେ ।

Thirstiness, *n.* 1. ତୃଷାତୁରତା; 2. ଉତ୍କଣ୍ଠିତତା ।

Thirsty, *a.* 1. ତୃଷାତୁର, ପିପାସାର୍ତ୍ତ; 2. ଶୁଷ୍କ, ନୀରସ; 3. ଅତ୍ୟନ୍ତ ଲାଳାୟିତ ।

Thirteen, *a.* and *n.* 1. ତେର, ତ୍ରୟୋଦଶ; 2. ତେରସଂଖ୍ୟା (୧୩) ।

Thirteenth, *a.* and *n.* ତ୍ରୟୋଦଶ, ତେରର ପୂରକ ।

Thirtieth, *a.* ତ୍ରିଂଶତ୍ତମ, ତିରିଶର ପୂରକ ।—*n.* ତ୍ରିଂଶଭାଗରୁ ଏକଭାଗ ।

Thirty, *a.* and *n.* 1. ତିରିଶ, ତ୍ରିଂଶ, ତ୍ରିଂଶତ୍; 2. ତିରିଶସଂଖ୍ୟା (୩୦) ।

This, *pron.* and *a.* ଏ, ଏହା, ଏହି, ଏତଦ୍ ।—This day, ଆଜି, ଅଦ୍ୟ ।

Thistle, *n.* ଅଗସ୍ତଗଛ, କଣ୍ଟାକୁସୁମା ।

Thither, *ad.* ସେଆଡ଼କୁ, ସେଦିଗକୁ ।

Thitherward, *ad.* ସେଆଡ଼େ, ସେଦିଗରେ ।

Thole, *v.t.* ସହିବା, ଭୋଗ-କ ।—*v.i.* ସହିଷ୍ଣୁ-ହେ ।

Thong, *n.* ଚମଦଉଡ଼ି, ଚର୍ମବନ୍ଧନୀ ।

Thoracic, *a.* ବକ୍ଷଃସ୍ଥଳ ସମ୍ବନ୍ଧୀୟ ।

Thorax, *n.* ବକ୍ଷଃସ୍ଥଳ, ଛାତି ।

Thorn, *n.* 1. କଣ୍ଟା, କଣ୍ଟକ; 2. କଣ୍ଟାଗଛ; 3. ଯନ୍ତ୍ରଣାଦାୟକ ବିଷୟ ।—Thorn in the flesh, ନିରନ୍ତର ଦୁଃଖଦାୟକ ବିଷୟ ।

Thorn-apple, *n.* ଦୁଦୁରାଗଛ ବା ତାହାର ଫଳ ।

Thornless, *a.* 1. ଅକଣ୍ଟକ, କଣ୍ଟକହୀନ; 2. ନିଷ୍କଣ୍ଟକ ।

Thorny, *a.* 1. କଣ୍ଟକମୟ; 2. କଣ୍ଟକବହୁଳ; 3. କ୍ଲେଶକର; 4. ଯନ୍ତ୍ରଣାଦାୟକ ।

Thorough, *a.* 1. ଆଦ୍ୟନ୍ତ, ଆଗାଗୋଡ଼ା; 2. ସମ୍ପୂର୍ଣ୍ଣ. [ପୂର୍ଣ, ସମୁଦାୟ ।

Thoroughbred, *a.* ଅସଲଜାତୀୟ, ବିଶୁଦ୍ଧଜାତୀୟ ।—*n.* ବିଶୁଦ୍ଧ ଜାତୀୟ ଘୋଡ଼ା ପ୍ରଭୃତି ।

Thoroughfare, *n.* 1. ସର୍ବସାଧାରଣର ପଥ; 2. ଯିବାର ଅଧିକାର ।

Thorough-going, *a.* 1. ଆଦ୍ୟନ୍ତ; 2. ପାରଗାମୀ ।

Thoroughly, *ad.* ଆମୂଳଚୂଳ, ସମ୍ପୂର୍ଣ୍ଣରୂପେ ।

Thoroughness, *n.* ସମ୍ପୂର୍ଣ୍ଣ କାର୍ଯ୍ୟକାରିତା ।

Those, *pron. pl.* of That, 1. ସେମାନେ; 2. ସେମାନ, ସେସବୁ, ସେହିସବୁ, ସେସମସ୍ତ ।

Thou, *pron.* ତୁ, ତୁହି, ତୁମ୍ଭେ ।

Though, *conj.* 1. ଯଦି, ଯଦ୍ୟପି; 2. ହେଲେହେଁ ।

Thought, (1) *pa. t.* and *pa. p.* of Think.

Thought, (2) *n.* 1. ଚିନ୍ତନ, ମନନ; 2. ବିଚାରକରଣ; 3. ବିବେଚନା; 4. ବୋଧ; 5. ମନୋଭାବ; 6. କଳ୍ପନା; 7. ମତ; 8. ଧ୍ୟାନ; 9. ଅଭିପ୍ରାୟ; 10. ଭାବନା. ଚିନ୍ତା ।

Thoughtful, *a.* 1. ଚିନ୍ତାଶୀଳ; 2. ଭାବନାପୂର୍ଣ୍ଣ; 3. ସଚିନ୍ତ, ଚିନ୍ତିତ, ଭାବିତ, ଉଦ୍‌ବିଗ୍ନ; 4. ଧ୍ୟାନପରାୟଣ; 5. ମନୋଯୋଗୀ; 6. ବିବେଚକ, ବିଚାରଶୀଳ; 7. ଗଭୀର ଚିନ୍ତାବର୍ଦ୍ଧକ; 8. ଚିନ୍ତାକୁଳ ।

Thoughtfully, *ad.* 1. ଚିନ୍ତାଶୀଳଭାବେ; 2. ମନୋଯୋଗପୂର୍ବକ ।

Thoughtfulness, *n.* ଚିନ୍ତାଶୀଳତା ।

Thoughtless, *a.* 1. ଚିନ୍ତାଶୂନ୍ୟ; 2. ଅନବଧାନ; 3. ଅମନୋଯୋଗୀ; 4. ଅବିବେଚକ; 5. ନୀରସ ।

Thoughtlessly, *ad.* 1. ଚିନ୍ତାଶୂନ୍ୟଭାବେ; 2. ଅମନୋଯୋଗିରୂପେ ।

Thoughtlessness, *n.* 1. ଚିନ୍ତାଶୂନ୍ୟତା; 2. ଅମନୋଯୋଗିତା; 3. ଅବିବେଚକତା ।

Thousand, *a.* 1. ଦଶ ଶ, ହଜାର, ସହସ୍ର; 2. ବହୁସଂଖ୍ୟକ ।—*n.* 1. ହଜାରସଂଖ୍ୟା (୧୦୦୦); 2. ଅନେକ ସଂଖ୍ୟା ।—One in a thousand, ଅତି ବିରଳ. ଦୁର୍ଲଭ ।

Thousandfold, *a.* ସହସ୍ରଗୁଣ ।

Thousandth, *a.* 1. ସହସ୍ରତମ; 2. ବହୁସଂଖ୍ୟକ ବସ୍ତୁର ଶେଷୋକ୍ତ ।

Thraldom, Thralldom, *n.* 1. ଚାକରତ୍ୱ; 2. ପରାଧୀନତା ।

Thrall, *n.* 1. ଚାକର, ଗୋଲାମ; 2. କ୍ରୀତଦାସ; 3. ଦାସତ୍ୱ; 4. ଗିଧ। ଲଗିବା ପଟା ।—*v.t.* 1. ଗୋଲାମ -କ; 2. ସ୍ୱାଧୀନତା ହରଣ-କ ।

Thrash, Thresh, *v.t.* 1. ଶସ୍ୟ ମଳିବା, ଶସ୍ୟ ମର୍ଦ୍ଦନ -କ, ବେଙ୍ଗଲା ପକାଇବା; 2. ବାଡ଼ା ବାଜାଇବା; 3. ଗୁରୁ ପ୍ରହାର-କ ।

Thrasher, Thresher, *n.* ଯେ ଶସ୍ୟ ମଳେ ।

Thrashing, Threshing, *n.* ଧାନ୍ୟାଦ ମଳା, ଶସ୍ୟ-ମର୍ଦ୍ଦନ ।

Thrashing-floor, Threshing-floor, *n.* ଖଳା, ଶସ୍ୟ ଅମଳସ୍ଥାନ ।

Thrashing-machine, Thrashing-mill, *n.* ଶସ୍ୟ ଅମଳ କରିବା କଳ ।

Thread, *n.* 1. ସୂତା, ସୂତ, ତନ୍ତୁ; 2. ସ୍ୱର୍ଣ୍ଣରୌପ୍ୟାଦର ତାର; 3. ପେଚକଲେ ମୋଡ଼ିଏ ହୋଇ ଲାଗିଥିବା ଗଳାବ ।—*v.t.* 1. ସୂତା ପଳାଇବା; 2. ସଂକୀର୍ଣ୍ଣ ପଥରେ ପ୍ରବେଶ-କ; 3. ସୂତା ଲଗାଇବା ।—Thread of life, ଆୟୁଷ୍ମସୂତ୍ର । Lisle thread, ଫ୍ରାନ୍ସରେ ପାକଲବଲା ଏକପ୍ରକାର ସୂତା ।

Threadbare, *a.* 1. ଅଂଶୁହୀନ; 2. ପୁରୁଣା, ପଚିଥ; 3. ସୁପରିଚିତ ।

Thread-worms, *n.* (*pl.*) ଜନ୍ତ, କୃମି ।

Thready, *a.* 1. ସୂତାପରି, ସୂତବତ୍; 2. ସୂକ୍ଷ୍ମ; 3. ସୂତାପୂର୍ଣ୍ଣ, ସୂତମୟ ।

Threat, *n.* 1. ଧମକ; 2. ତର୍ଜ୍ଜନଗର୍ଜ୍ଜନ; 3. ଭୟ ପ୍ରଦର୍ଶନ ।

Threaten, *v.t.* 1. ଧମକାଇବା; 2. ତର୍ଜ୍ଜନଗର୍ଜ୍ଜନଦ୍ୱାରା ଭୟ ଦେଖାଇବା; 3. କରିବା ଦେଖାଇବା ।

Threatening, *a.* 1. ଭୟପ୍ରଦର୍ଶକ; 2. ଅଶଙ୍କା-ଜନକ ।

Threateningly, *ad.* 1. ଭୟପ୍ରଦର୍ଶକରୂପେ; 2. ଅଶଙ୍କାଜନକଭାବେ ।

Three, *a.* and *n.* 1. ତିନି, ତିନିଟା, ତ୍ରୟ; 2. ତିନି ସଂଖ୍ୟା (୩) ।

Threefold, *a.* 1. ତିନିଗୁଣ, ତିନିଗୁଣିଅ, ତ୍ରିଗୁଣିତ; 2. ତିନିପ୍ରକାରିଅ, ତ୍ରେଧ୍ୟ ।

Three-master, *n.* ତିନି ମାସ୍ତୁଲ ଥିବା ଜାହାଜ ।

Threepence, *n.* ତିନିପଣ। ମୂଲ୍ୟର ଇଂରାଜୀ ରୌପ୍ୟ-ମୁଦ୍ରା ବିଶେଷ ।

Threepenny, *a.* 1. ତିନିପଣ। ମୂଲ୍ୟର; 2. ଅଳ୍ପମୂଲ୍ୟର, ସାମାନ୍ୟ ।

Three-per-cents, *n.* ଶତକଡ଼ା ତିନି ହାରର ସରକାରୀ ଋଣ ।

Three-ply, *a.* 1. ତିନିଗୁଣିଅ, ତ୍ରିଗୁଣିତ; 2. ତିନିଥାକ ବିଶିଷ୍ଟ ।

Threescore, *a.* and *n.* ତିନିକୋଡ଼ି, ଷାଠିଏ ।

Three-sided, *a.* 1. ତ୍ରିପାର୍ଶ୍ୱବିଶିଷ୍ଟ; 2. ତ୍ରିଭୁଜ ।

Threshold, *n.* 1. ଏରୁଣ୍ଡି, ଦ୍ୱାରବନ୍ଧ; 2. ଦ୍ୱାର; 3. ପ୍ରବେଶ ଦ୍ୱାର; 4. ଆରମ୍ଭ ।

Threw, *pa. t.* of Throw.

Thrice, *ad.* 1. ତିନିଥର; 2. ତିନିଗୁଣ; 3. ଭୂରିଭୂରି ଥର ।

Thrift, *n.* 1. ମିତବ୍ୟୟ; 2. ବ୍ୟୟରେ ସାବଧାନତା; 3. ସୌଭାଗ୍ୟ, ସମୃଦ୍ଧି; 4. ଲାଭ ।

Thriftily, *ad.* ମିତବ୍ୟୟିରୂପେ, ହିସାବରେ ।

Thriftiness, *n.* 1. ମିତବ୍ୟୟିତା; 2. କୃପଣତା ।

Thriftless, *a.* 1. ଉଡ଼ାଣିଆ, ଅମିତବ୍ୟୟୀ; 2. ଅବର୍ଦ୍ଧିଷ୍ଣୁ ।

Thrifty, *a.* 1. ମିତବ୍ୟୟୀ, ପରିମିତବ୍ୟୟୀ; 2. ବର୍ଦ୍ଧିଷ୍ଣୁ ।

Thrill, *v.t.* 1. ବିଦ୍ଧ-କ; 2. ଅଦ୍ଭୁତ-କ ।—*v.i.* 1. ବିଦ୍ଧ-ହ; 2. ରୋମାଞ୍ଚିତ-ହ; 3. ଶରୀରେ ଉଠିବା; 4. ପୁଲକିତ-ହ ।—*n.* ପୁଲକ, ରୋମାଞ୍ଚ ।

Thrilling, *a.* 1. କୁତୂହଳକାରୀ; 2. ରୋମାଞ୍ଚକାରୀ ।

Thrillingly, *ad.* ରୋମାଞ୍ଚିତଭାବେ, ପୁଲକିତଭାବେ ।

Thrive, *v.i.* 1. ବର୍ଦ୍ଧିଷ୍ଣୁ-ହ; 2. ସମୃଦ୍ଧିଶାଳୀ-ହ; 3. କୃତକାର୍ଯ୍ୟ-ହ ।

Thriving, *a.* 1. ସମୃଦ୍ଧିଶାଳୀ; 2. ଉନ୍ନତ ।

Thrivingly, *ad.* 1. ସମୃଦ୍ଧିଶାଳିରୂପେ; 2. ବର୍ଦ୍ଧିଷ୍ଣୁ-ଭାବେ ।

Thro', Thro, same as Through.

Throat, *n.* 1. ତଣ୍ଟି, ଘୋଟି, କଣ୍ଠ; 2. ପାତ୍ରାଦିର ମୁହଁ ବା ଗଳଦେଶ; 3. କୌଣସି ବସ୍ତୁର ସଙ୍କୀର୍ଣ୍ଣାଂଶ ।—To cut one's own, or another's throat, ନିଜର ଅବା ଅନ୍ୟର ସର୍ବନାଶ ସାଧନ-କ । To give one the lie in his throat, କାହାକୁ ମୁହଁରେ ମିଥ୍ୟାର ଦୋଷାରୋପ-କ ।

Throaty, *a.* କଣ୍ଠ୍ୟ, କଣ୍ଠୋଚ୍ଚାରିତ ।

Throb, *v.i.* ଧଡ଼ଧଡ଼ ହ, ସ୍ପନ୍ଦିତ-ହ, ଧୁକ୍‌ଧୁକ୍-କ, ଧଡ଼ ପଡ଼ିବା ।—*n.* 1. ସ୍ପନ୍ଦନ; 2. ଧୁକ୍‌ଧୁକ୍ ।

Throe, *n.* ଅତ୍ୟନ୍ତ କ୍ଲେଶ, ବେଦନା; 2. ଯନ୍ତ୍ରଣା; 3. ପ୍ରସବ ବେଦନା ।—*v.i.* ଦାରୁଣ ଯନ୍ତ୍ରଣା ଭୋଗ-କ ।—*v.t.* ଦାରୁଣ ଯନ୍ତ୍ରଣାରେ ପକାଇବା ।

Throne, *n.* 1. ରାଜପାଟ, ରାଜସିଂହାସନ; 2. ପ୍ରଧାନ ଉଚ୍ଚାଧିକାରୀଙ୍କ ଧର୍ମାଧ୍ୟକ୍ଷଙ୍କ ଆସନ; 3. ରାଜଶକ୍ତି; 4. ରାଜପ୍ରତାପ ।—*v.t.* 1. ରାଜପାଟରେ ବସାଇବା, ରାଜ୍ୟାଭିଷେକ କରିବା; 2. ଉନ୍ନତ-କ ।—*v.i.* ରାଜପାଟରେ ବସିବା, ରାଜ୍ୟଲାଭ-ହ ।

Throng, *n.* 1. ଲୋକଭିଡ଼; 2. ଜନତା; 3. ଲୋକାରଣ୍ୟ; 4. ଜନସମୂହ ।—*v.t.* 1. ଭିଡ଼-କ; 2. ଜନାକୀର୍ଣ୍ଣ-କ; 3. ଠେଲାଠେଲି-କ ।—*v.i.* 1. ଭିଡ଼-ହ; 2. ଜୁଟ-ହ; 3. ଜନାକୀର୍ଣ୍ଣ-ହ ।

Throstle, *n.* ଚିହ୍ନିତ ବକ୍ଷବିଶିଷ୍ଟ ଏକପ୍ରକାର କଣ୍ଠସ୍ୱର ପକ୍ଷୀ ।

Throttle, *n.* ଶ୍ୱାସନଳୀ, ଗଳା, ଘଣ୍ଟି ।—*v.t.* 1. ଶ୍ୱାସରୁଦ୍ଧ-କ; 2. ଗଳା ଚିପି ଧରିବା; 3. କଳର ବାଷ୍ପନଳୀକୁ ବନ୍ଦ-କ ।—*v.i.* ଦ୍ୱାଶ୍ମି-ହେ, ଘରଘରଶ୍ୱାସ ଛାଡିବା ।

Through, *prep.* 1. ଏପାଖୁଁ ସେପାଖ; 2. ମଧ୍ୟଦେଇ, ଭିତର ଦେଇ; 3. କାରଣରେ; 4. ମଧ୍ୟରେ; 5. ଆଦ୍ୟନ୍ତ; 6. ଦ୍ୱାରା, ଦେଇ, ରେ, କର୍ତ୍ତୃକ; 7. ହେତୁରୁ ।—*ad.* 1. ଏ ପାଖରୁ ସେ ପାଖ ଯାଏ; 2. ଏକ ସୀମାରୁ ଅନ୍ୟ ସୀମାପର୍ଯ୍ୟନ୍ତ; 3. ଆମୂଳଚୂଳ ।—*a.* 1. ଅବାଧ; 2. ଯାତାୟାତ ସମାପକ ।—To be through, ସମାପ୍ତ-ହେ, ଶେଷ-ହେ ।

Through and through, *ad.* 1. ଉଭୟକୁ ଭେଦ; 2. ଆମୂଳଚୂଳ, ଆଦ୍ୟନ୍ତ ।

Throughout, *prep.* 1. ସୋଳଅଣାରେ, ସମ୍ପୂର୍ଣ୍ଣରୂପେ; 2. ସର୍ବତୋଭାବେ; 3. ଏ ମୁଣ୍ଡରୁ ସେ ମୁଣ୍ଡ ଯାଏ ।—*ad.* 1. ସର୍ବାଂଶେ; 2. ସର୍ବତ୍ର, ସବୁଆଡ଼େ, ସବୁସ୍ଥଳେ ।

Throve, *pa. t.* of Thrive.

Throw, *v.t.* 1. ଫୋପାଡ଼ି-ଦେ, ପକାଇବା, ନିକ୍ଷେପ-କ; 2. ପକାଇବା; 3. (କୁମ୍ଭାରପରି) ଚକରେ ଗଢ଼ିବା; 4. ସୂତାକାଟି-ପକାଇବା; 5. ପକାଇ ରଖିବା, ଯୁଗିତ ରଖିବା; 6. ପିନ୍ଧି ପକାଇବା; 7. ଚିତ କରି ପକାଇବା ।—*v.i.* 1. ନିକ୍ଷିପ୍ତ-ହେ; 2. ପଶା ଖେଳିବା ।—*n.* 1. ନିକ୍ଷେପଣ; 2. ଅକ୍ଷନିକ୍ଷେପ; 3. ନିକ୍ଷେପର ଦୂରତା ।—To throw away, 1. ହେଳାରେ ହରାଇବା; 2. ବୃଥା ବ୍ୟୟ-କ; 3. ପ୍ରତ୍ୟାଖ୍ୟାନ-କ । To throw back, 1. କଟୁ ଉତ୍ତର-ଦେ; 2. ପୂର୍ବ ପୁରୁଷ ସମ୍ବନ୍ଧୀୟ କୌଣସି ଦୋଷ ବା ଅବସ୍ଥା ପ୍ରାପ୍ତ-ହେ । To throw down, 1. ଭଗ୍ନ-କ; 2. ଅବନତ-କ । To throw light on, ସ୍ପଷ୍ଟ କରି-ଦେ । To throw off, 1. ବହିଷ୍କୃତ-କ; 2. (ଘୋଡ଼ା) ନ ମାନିବା; 3. ପରିତ୍ୟାଗ-କ; 4. ପୂର୍ବରୁ ନ ଭାବି ନ ଚିନ୍ତି ପ୍ରକାଶ-କ । To throw one's self into, ମନପ୍ରାଣ ଦେଇ ଲାଗିବା । To throw one's self on or upon, ଅନ୍ୟର ଅନୁଗ୍ରହ ଉପରେ ନିର୍ଭର-କ । To throw out, 1. ବହିଷ୍କୃତ-କ; 2. ପ୍ରତ୍ୟାଖ୍ୟାନ-କ; 3. ନିର୍ଗତ-କ; 4. ଅସାବଧାନତାପୂର୍ବକ କହିପକାଇବା; 5. ଗୋଳମାଳରେ ପକାଇବା; 6. ପଛକୁ ପକାଇବା । To throw over, ପରିତ୍ୟାଗ-କ, ଛାଡ଼ି-ଦେ । To throw up, 1. ଉପର ଉଠାଇବା; 2. ବାନ୍ତି କ-କ; 3. କର୍ମତ୍ୟାଗ-କ, ଇସ୍ତଫା-ଦେ; 4. ବାନ୍ତି-କ, ବମନ-କ । To throw out feelers, ଅନ୍ୟର ଅଭିପ୍ରାୟ ବୁଝିବା ପାଇଁ ଉପାୟ ଉଦ୍ଭାବିବା । To throw stones, ଅନ୍ୟର ଦୋଷ ଧରିବା । To throw oil upon the waters, ଶାନ୍ତ-କ, ସ୍ଥିର-କ ।

Thrown, (1) *pa. p.* of throw.

Thrown, (2) *a.* ମୋଡ଼ା, ବଳା, ଗୁଡ଼ା ।

Thrum, (1) *n.* 1. ତନ୍ତର ସୂତାବଳୀ; 2. ମୋଟା ସୂତା ।—*v.t.* 1. ଦଶୀ ଲଗାଇବା; 2. ଝାଲର ଲଗାଇବା ।

Thrum, (2) *v.i.* ଅଡ଼ାଳରେ ବା ସମସ୍ୱରରେ ବଜାଇବା ।—*n.* ସମସ୍ୱର ଧ୍ୱନି ।

Thrush, (1) *n.* ଏକଜାତୀୟ କଣ୍ଠ ସ୍ୱର ପକ୍ଷୀ ।

Thrush, (2) *n.* 1. ଘୋଡ଼ାର ପାଦଶୋଥ ରୋଗ; 2. ଶିଶୁମାନଙ୍କ ମୁଖର ଘାଆ, ଘାଉ ।

Thrust, *v.t.* 1. ସବଳେ ଧକ୍କା-ଦେ, ଠେଲି-ଦେ; 2. ଭେଦ-କ; 3. ଭୁଷି-ଦେ ।—*v.i.* 1. ସୂକ୍ଷ୍ମ ଶସ୍ତ୍ରଦ୍ୱାରା ଭୁଷିବା; 2. ଠେଲି ପଶିବା; 3. ଅନଧିକାରରେ ପଶିବା ।—*n.* 1. ସୂକ୍ଷ୍ମ ଶସ୍ତ୍ରଦ୍ୱାରା ଆଘାତ, ଭୁଷା; 2. ଆକ୍ରମଣ; 3. ଖିଲାଣର ଭୂଲମ୍ବଣ୍ଡର ଭାର ବା ଚାପ; 4. ଚୋଳ ବନ୍ଧ ।—To thrust aside, ଠେଲି ଫୋପାଡ଼ି-ଦେ; 2. ପ୍ରତ୍ୟାଖ୍ୟାନ-କ । To thrust one's self into, ବଳେବଳେ ଯାଇ ପ୍ରବେଶ-କ । To thrust out, ବଳପୂର୍ବକ ତଡ଼ି-ଦେ । To thrust upon, ଇଚ୍ଛାର ଅନିଚ୍ଛାରେ ଲଦି-ଦେ ।

Thud, *n.* 1. ଧୁମ୍ ଶବ୍ଦ; 2. ଭାରି ଶବ୍ଦ ।—*v.i.* ଧୁମ୍ ଶବ୍ଦ-କ ।

Thug, *n.* 1. ଠଗ, ବାଟମାରୁ; 2. ଗଳାକଟା ଡକାଇତ ।

Thuggee, Thuggery, Thuggism, *n.* ଠଗବୃତ୍ତି ।

Thumb, *n.* ବୁଢ଼ା ଅଙ୍ଗୁଠି, ବୃଦ୍ଧାଙ୍ଗୁଷ୍ଠ ।—*v.t.* 1. ଅନାଡ଼ିପରି ଧରିବା; 2. ଚିହ୍ନ ଲଗାଇ ମଳିନ-କ ।—*v.i.* ଅଙ୍ଗୁଳି ଲଗାଇବା, ହାତ-ଦେ ।—By rule of thumb, ଅଭିଜ୍ଞ ହିସାବରେ । Under one's thumb, ତାହାର ଅଧୀନ ।

Thumbed, *a.* 1. ବୃଦ୍ଧାଙ୍ଗୁଳିବିଶିଷ୍ଟ; 2. ବୃଦ୍ଧାଙ୍ଗୁଷ୍ଠ ଦ୍ୱାରା ଚିହ୍ନିତ ।

Thumb-mark, Thumb-impression, *n.* ବୁଢ଼ା ଅଙ୍ଗୁଠିର ଚିହ୍ନଚିହ୍ନ ।

Thumbscrew, *n.* ବୁଢ଼ାଙ୍ଗୁଠିରେ ଯନ୍ତ୍ରଣା ଦେବାର ପ୍ରାଚୀନକାଳୀନ ଏକପ୍ରକାର ଯନ୍ତ୍ର ।

Thump, *n.* ମୁଷ୍ଟ୍ୟାଘାତ, ବିଧା ।—*v.t.* ଭାରି ବସ୍ତୁଦ୍ୱାରା ଆଘାତ-କ ।—*v.i.* ସଶବ୍ଦେ ପତିତ-ହେ ।

Thunder, *n.* 1. ଘଡ଼ଘଡ଼ି, ମେଘଗର୍ଜନ; 2. ବଜ୍ର; 3. ଘୋରନାଦ; 4. ଭୟଙ୍କର ଧମକ ।—*v.i.* 1. ଘଡ଼ଘଡ଼ି ମାରିବା, ବଜ୍ରଧ୍ୱନି-ହେ; 2. ବଜ୍ରଧ୍ୱନିପରି ଶବ୍ଦ-ହେ ।—*v.t.* 1. ତର୍ଜନଗର୍ଜନ କରି କହିବା; 2. ଭୟଙ୍କର ଧମକ ଦେଖାଇବା ।

Thunder-bolt, *n.* 1. ବଜ୍ର, ଅଶନି, କୁଳିଶ; 2. ବଜ୍ରତୁଲ୍ୟ ଭୟଙ୍କର ବିଷୟ; 3. ଦୁର୍ଦ୍ଧର୍ଷ ବୀର; 4. ଧର୍ମମଣ୍ଡଳୀୟ ଅଭିସମ୍ପାତ ।

Thunder-clap, *n.* 1. ବଜ୍ରଧ୍ୱନି, ବଜ୍ରନିର୍ଘୋଷ; 2. ଚଡ଼ଚଡ଼ି ।

Thunder-cloud, *n.* ବଜ୍ରପୂର୍ଣ୍ଣ ମେଘ ।

Thunderer, *n.* ବଜ୍ରଧ୍ୱନିକାରକ ।

Thundering, *n.* 1. ବଜ୍ରପାତ; 2. ମେଘଗର୍ଜ୍ଜନ । —*a.* ଅତି ପ୍ରକାଣ୍ଡ । [ରୂପେ ।
Thunderingly, *ad.* 1. ପ୍ରକାଣ୍ଡରୂପେ; 2. ଭୟଙ୍କର-
Thunderless, *a.* ଘଡ଼ଘଡ଼ିରହିତ । [ଭୀଷଣ ।
Thunderous, *a.* 1. ବଜ୍ରଧ୍ୱନିତୁଲ୍ୟ ଶବ୍ଦକାରୀ; 2.
Thunderously, *ad.* ଭୀଷଣରୂପେ ।
Thunder-shower, *n.* ଘଡ଼ଘଡ଼ି ସହିତ ବୃଷ୍ଟି ।
Thunder-storm, *n.* ମେଘଗର୍ଜ୍ଜନ ସହିତ ଝଡ଼ ।
Thunder-struck, *a.* 1. ବଜ୍ରାହତ; 2. ଚମତ୍କୃତ, ବିସ୍ମିତ; 3. ସ୍ତବ୍ଧ, ସ୍ତମ୍ଭୀଭୂତ ।
Thursday, *n.* ଗୁରୁବାର, ବୃହସ୍ପତିବାର, ସପ୍ତାହର ପଞ୍ଚମ ଦିନ ।
Thus, *ad.* 1. ଏପରି, ଏହିରୂପେ, ଏହିମତେ; 2. ଏପର୍ଯ୍ୟନ୍ତ, ଏସରକ ।
Thuswise, *ad.* ଏହିପ୍ରକାରେ । [2. ଚାଟକଣା ।
Thwack, *v.t.* ବାଡ଼େଇବା ।—*n.* 1. ଶକ୍ତ ପ୍ରହାର;
Thwart, *a.* ଅଡ଼ାଅଡ଼ି, ପାଖାପାଖି ।—*v.t.* 1. ବାଧା -ଦେ; 2. ପ୍ରତିକୂଳାଚରଣ-କ; 3. ବିଫଳ-କ ।
Thy, *poss. a.* ତୁମ୍ଭର, ତୋହର, ତୋର, ତବ ।
Thyme, *n.* ଏକପ୍ରକାର ସୁଗନ୍ଧି ବୁଦାଗଛ ।
Thymy, *a.* ଉପରୋକ୍ତ ଗଛଦ୍ୱାରା ପୂର୍ଣ୍ଣ ବା ତଦ୍‌ଗନ୍ଧଯୁକ୍ତ ।
Thyroid, *a.* ଫଳକାକୃତ ।
Thyself *pron.* ସ୍ୱୟଂ ତୁମ୍ଭେ, ତୁମ୍ଭେ ନିଜେ ।
Tiara, *n.* 1. ଶିରୋଭୂଷଣ; 2. ଯିହୁଦୀୟ ମହାଯାଜକଙ୍କ ପାଗ; 3. ପୋପଙ୍କ ତିନ ମୁକୁଟ ।
Tiaraed, *a.* ଶିରୋଭୂଷଣଯୁକ୍ତ ।
Tibetan, *a.* ତିବ୍ବତ ଦେଶୀୟ ଲୋକ ବା ଭାଷା ସମ୍ବନ୍ଧୀୟ, ତିବ୍ବତୀୟ ।—*n.* ତିବ୍ବତଦେଶୀୟ ଲୋକ ବା ଭାଷା ।
Tibia, *n.* ଗୋଡ଼ଭଣ୍ଡାର ନଳୀହାଡ଼, ଜଙ୍ଘାସ୍ଥି ।
Tibial, *a.* 1. ଗୋଡ଼ଭଣ୍ଡାର ନଳୀହାଡ଼ ସମ୍ବନ୍ଧୀୟ; 2. ବଂଶୀ ସମ୍ବନ୍ଧୀୟ ।
Tic, *n.* 1. କେତେକ ପେଶୀର ସ୍ପନ୍ଦନ; 2. ମୁଖର ସ୍ପନ୍ଦନ ।
Tic-douloureux, *n.* ଅସହ୍ୟସ୍ପନ୍ଦନ, ମୁଖର ପକ୍ଷବ୍ୟାଧି ।
Tick, (1) *n.* କୁକୁର ମେଣ୍ଢା ପ୍ରଭୃତିର ଦେହରେ ଲାଗିବା ଟିକ ।
Tick, (2) *n.* ଗଦି ପ୍ରଭୃତିର ଖୋଳ ।
Tick, (3) *v.i.* ଟୁକ୍‌ଟୁକ୍ ଶବ୍ଦ-କ, ଘଣ୍ଟାଘଡ଼ିପରି ଶବ୍ଦ-କ ।—*n.* ଟୁକ୍‌ଟୁକ୍ ଶବ୍ଦ ।
Tick, (4) *v.i.* ଧାର-ଦେ ବା -ନେ ।—*n.* 1. ଧାର, କରଜ ।—To buy on tick, ବାକି ବା ବାକିଆ କରି କିଣିବା ।
Tick, (5) *v.i.* ଲଘୁସ୍ପର୍ଶ-କ ।—*n.* 1. ଲଘୁସ୍ପର୍ଶ; 2. ସାମାନ୍ୟ ଦାଗ । [ଟିକନ୍ କନା ।
Ticking, *n.* ଗଦିପ୍ରଭୃତିର ଖୋଳପାଇଁ ମୋଟା କନା,
Ticket, *n.* 1. ଟିକଟ୍; 2. ନିଦର୍ଶନପତ୍ର; 3. ଅନୁମତି କାର୍ଡ଼; 4. ନିର୍ବାଚନାର୍ଥ ଉପସ୍ଥାପିତ ପ୍ରାର୍ଥୀମାନଙ୍କ ତାଲିକା ।—*v.t.* ଟିକଟ୍ ଲଗାଇ ଚିହ୍ନିତ-କ ।—Season ticket, କେତେକ ଦିନବ୍ୟାପୀ ନିର୍ଦ୍ଦିଷ୍ଟ କାଳ ସକାଶେ ଟିକଟ ।—The ticket, ଅବିକଳ ଠିକ ବିଷୟ ବା ବସ୍ତୁ ।
Ticket-of-leave, *n.* ବନ୍ଦୀଲୋକର ସଚ୍ଚରିତ୍ରତା ହେତୁ ସ୍ୱେଚ୍ଛାକ୍ରମେ ଭ୍ରମଣର ଅନୁମତିପତ୍ର ।
Tickle, *v.t.* 1. କୁତୁକୁତାଇବା, କୁତୁକୁତୁ-କ; 2. ତୁଷ୍ଟ-କ ।—*v.i.* କୁତୁକୁତୁ ବା ସଲସଲ ବୋଧ-କ ।
Tickler, *n.* ଯେ କୁତୁକୁତୁ କରେ ।
Tickling, *n.* କୁତୁକୁତୁ, ସଲସଲ ।
Ticklish, *a.* 1. କୁତୁକୁତିଆ, କୁତୁକୁତୁଯୁକ୍ତ; 2. ସହଜେ ଅଭିଭୂତ; 3. ସୁକୁମାର; 4. ସଙ୍କଟମୟ ।
Tick-tack, *n.* ଟୁକ୍‌ଟୁକ୍ ଶବ୍ଦ; 2. ଟୁକ୍‌ଟାକ୍ ଖେଳ ।—*ad.* ଟୁକ୍‌ଟୁକ୍ ଶବ୍ଦରେ ।
Tidal, *a.* ଜୁଆରଭଟ୍ଟା ସମ୍ବନ୍ଧୀୟ ।
Tide, *n.* 1. ସମୟ, ବେଳା, ଋତୁ; 2. ସମୁଦ୍ରର ଜୁଆର ଭଟ୍ଟା; 3. ପ୍ରବାହ; 4. ଗତି; 5. ପକ୍ଷ; 6. ଅନ୍ଦୋଳନ ।—*v.t.* ସ୍ରୋତସହ ଚଳାଇବା ।—*v.i.* 1. ଜୁଆର ମାଡ଼ି ଆସିବା; 2. ଜୁଆର ଭଟ୍ଟା-ହେ ।—To tide over, ଅଳ୍ପ ସମୟପାଇଁ କୌଶଳକ୍ରମେ ବିପଦ ଅତିକ୍ରମ-କ ।
Tide-gate, *n.* 1. ଜୁଆରପାଣି ଆସିବା ମୁହାଣ ଯାହା ଜୁଆର ଅନ୍ତେ ବନ୍ଦ ହୋଇଯିବାରୁ ପାଣି ଫେରିପାରେ ନାହିଁ; 2. ପ୍ରବଳଭାବେ ଜୁଆର ମାଡ଼ିଆସିବା ସ୍ଥାନ ।
Tide-gauge, *n.* ଜୁଆରଭଟ୍ଟା ପରିମାଣ ନିର୍ଣ୍ଣୟର ଯନ୍ତ୍ର, ବେଳାଯନ୍ତ୍ର ।
Tideless, *a.* ଜୁଆରଭଟ୍ଟାହୀନ ।
Tides-man, Tide-waiter, *n.* 1. ଜାହାଜର ମାସୁଲ ଆଦାୟକାରୀ କର୍ମଚାରୀ; 2. ସ୍ୱମତ ବ୍ୟକ୍ତ କରିବା ପୂର୍ବେ ସାଧାରଣ ମତ ଜାଣିବାର ଅପେକ୍ଷାକାରୀ ।
Tide-table, *n.* ଜୁଆରଭଟ୍ଟାର ନିର୍ଦ୍ଦିଷ୍ଟ ସମୟ ତାଲିକା ।
Tide-way, *n.* ଜୁଆରପାଣି ପଶିବା ନାଳ ।
Tidily, *ad.* ପରିପାଟୀରୂପେ, ସୁନ୍ଦରରୂପେ ।
Tidiness, *n.* ପରିପାଟିତା, ପାରିପାଟ୍ୟ, ସୁବନ୍ଦୋବସ୍ତ ।
Tidings, *n. pl.* ସମ୍ବାଦ, ଖବର, ସମାଚାର, ବାର୍ତ୍ତା ।
Tidy, *a.* 1. ପରିପାଟିଯୁକ୍ତ; 2. ସଜ୍ଜିତ; 3. ଟିକିଏ ବେଶି ।—*n.* 1. ଚୌକି ପ୍ରଭୃତିର ଘଟାଟୋପ; 2. ପିଲାର ପୋଷାକ ଉପରେ ଦିଆହୋଇଥିବା ଛିଟ ଆବରଣ ।—*v.t.* 1. ପରିପାଟିଯୁକ୍ତ-କ; 2. ସଜ୍ଜିତ-କ ।
Tie, *v.t.* 1. ବାନ୍ଧିବା; 2. ସଂଯୁକ୍ତ-କ; 3. ବାଧିତ-କ, ବାଧ୍ୟ-କ; 4. (Mus.) ସ୍ୱରଜ୍ଞାପକ ଚିହ୍ନଦ୍ୱୟ ସଂଯୋଗ -କ; 5. ପରୀକ୍ଷାଦିରେ ଅନ୍ୟର ସହିତ ସମସଂଖ୍ୟା ପାଇବା; 6. ପଟା ଦେଇ ବାନ୍ଧିବା ।—*v.i.* ଖେଳରେ ହାରିଜିତିର ସମସଂଖ୍ୟା ପାଇବା ।—*n.* 1. ଗଣ୍ଠି; 2. ବନ୍ଧନ; 3. ଗଳାବନ୍ଧନୀ; 4. ଛିଡ଼ାହୋଇଥିବା କାଠ-ମାନଙ୍କରୁ ଏକଖଣ୍ଡ; 7. ଭୋଟ୍ ବା ଖେଳରେ ହାରଜିତର ସମସଂଖ୍ୟା; 8. (Mus.) ସ୍ୱରବୋଧକ ଚିହ୍ନଦ୍ୱୟ ସଂଯୋଜକ ଚିହ୍ନ ।—To play off a tie, ଖେଳରେ ହାର୍‌ଜିତର ସମସଂଖ୍ୟା ହେବାରୁ ପୁନର୍ବାର ଖେଳିବା ।

Tier, (1) *n*. 1. ବାନ୍ଧିବା ଲୋକ; 2. ପିଲାଙ୍କର ସାଗସ ।

Tier, (2) *n*. 1. *tēr*, ଧାଡ଼ି, ପଂକ୍ତି, ଶ୍ରେଣୀ; 2. ଉପର୍ଯ୍ୟୁ-ପରିସ୍ଥିତ ଧାଡ଼ିସକଳ ।

Tierce, *n*. 1. ପ୍ରାୟ ୧୬୮ ସେର ଧରୁବାଭଳି ପିପା; 2. ତାସର କନ୍ତ; 3. (Mus.) ଅଷ୍ଟସ୍ୱରର ତୃତୀୟାଂଶ; 4. ତରବାରି ଖେଳରେ ଖୋଞ୍ଚା ବା ଭୁଷା; 5. (Her.) ତ୍ରିବର୍ଣ୍ଣରଞ୍ଜିତ ଫଳକ ।

Tiff, *v.i.* ଝିଙ୍କ ସ୍ୱଭାବିତ-ହେ, ଚିଡ଼ଚିଡ଼-ହେ ।—*n*. 1. ଝଗଡ଼ା; 2. ଚିଡ଼ଚିଡ଼ା ଭାବ ।

Tiffin, *n*. ଜଳଖିଆ, ଜଳପାନ, ଜଳଯୋଗ ।

Tiger, *n*. ବାଘ, ବ୍ୟାଘ୍ର, ଶାର୍ଦ୍ଦୁଳ ।

Tiger-cat, *n*. ବଣ୍ଟାଶ, ବଣବିରାଡ଼ି, ବନମାର୍ଜାର ।

Tigerish, *a*. 1. ବାଘପରି, ବ୍ୟାଘ୍ରବତ୍; 2. କ୍ରୂର, ଭୟଙ୍କର ।

Tiger-lily, *n*. ଚୀନଦେଶୀୟ ଚିତ୍ରିତ ଲମ୍ବାକୃତ ପୁଷ୍ପ ବିଶେଷ ।

Tight, *a*. 1. କଷ୍, ଟାଣ, ଦୃଢ଼ବଦ୍ଧ; 2. ଦୃଢ଼, ଶକ୍ତ, କଠିନ; 3. ଅଶିଥିଳ; 4. ପଇସା କଉଡ଼ିରେ ଅଭାବ-ଗ୍ରସ୍ତ; 5. ଦୃଢ଼ରୂପେ ଅବୃତ; 6. ଦୁଷ୍ପ୍ରାପ୍ୟ; 7. (Coll.) କାଞ୍ଜି, କୃପଣ; 8. ମତୁଆ ।

Tighten, *v.t.* କଷି ଟାଣିବା, ଭିଡ଼ିବା ।

Tightener, *n*. 1. ଯେ ବା ଯାହା କଷି ଟାଣେ; 2. (Anat.) ପେଶୀର ଗ୍ରନ୍ଥି; 3. (Slang) ପେଟପୁର ଖାଦ୍ୟ ।

Tightly, *ad*. ଦୃଢ଼ ବା ଶକ୍ତରୂପେ, କଷାକଷି ।

Tightness, *n*. 1. କଷ୍ ବା ଟାଣ ଭାବ; 2. କୃପଣତା ।

Tights, *n. pl.* ଦେହରେ ଭିଡ଼ି ରହୁଥିବା ବାଜିକରର ରେଶମୀ ଗେଞ୍ଜି ।

Tilbury, *n*. ଦୁଇଜଣ ବସିବାଭଳି ଦୁଇଚକିଆ ଏକ-ଘୋଡ଼ାର ଗାଡ଼ି ।

Tile, *n*. 1. ଟାଇଲ୍, ଖପରଣି ଖପର, ପାତଳ ବଡ଼ ଇଟା; 2. ପାଣିନାଳ ବା ସୋଟରେ ବସିବା ନଳୀ; 3. (Slang) ନଳାକୃତ ଏକପ୍ରକାର ରେଶମୀ ଟୋପି ।—*v.t.* 1. ଟାଇଲ୍‌ଦ୍ୱାରା ଆଚ୍ଛାଦନ-କ; 2. ପାଣି ନାଳରେ ନଳୀ ବସାଇବା ।

Tiler, *n*. ଯେ ଟାଇଲ ତିଆରି କରେ ବା ବସାଏ ।

Tilery, *n*. ଟାଇଲ ତିଆରି ହେବାର ଜାଗା ।

Tiling, *n*. 1. ଖପରଛାଉଣି ଛାତ; 2. ସବୁ ରକମର ଟାଇଲ୍ ।

Till, (1) *n*. ଦୋକାନରେ ଟଙ୍କା ରଖିବା ବାକ୍ସ ବା ଦରାଜ ।

Till, (2) *prep.* ପର୍ଯ୍ୟନ୍ତ, ସୁଦ୍ଧା, ଯାଏ, ଅବଧି ।—*ad.* ସେପର୍ଯ୍ୟନ୍ତ, ଯଦବଧି ।

Till, (3) *v.t.* ଚଷ-କ, ଚଷିବା, ହଳ-କ, କର୍ଷଣ-କ ।

Tillabe, *a*. କୃଷିଯୋଗ୍ୟ, କର୍ଷଣୋପଯୋଗୀ ।

Tillage, *n*. 1. ଚାଷ, କର୍ଷଣ, କୃଷିକାର୍ଯ୍ୟ; 2. କର୍ଷିତ ଭୂମି, ଅବାଦୀ ଜମି ।

Tiller, *n*. ଚଷା, କୃଷକ ।

Tilling, *n*. ଚଷବାସ ।

Tilt, (1) *n*. ଗାଡ଼ିପ୍ରଭୃତିର ଘଟାଟୋପ; 2. ନୌକାଦିର ଛତୁଅ ।—*v.t.* ଛତୁଅ ଲଗାଇବା ।

Tilt, (2) *v.i.* 1. ଆକ୍ରମଣାର୍ଥ ଅଶ୍ୱାରୋହଣରେ ଧାବମାନ-ହେ; 2. ବର୍ଚ୍ଛାଦ୍ୱାରା ଯୁଦ୍ଧ-କ; 3. ଢଳି ପଡ଼ିବା ।—*v.t.* ବର୍ଚ୍ଛାଦ୍ୱାରା ଭୁଷିବା; 2. ଢଳାଣିଆ-କ; 3. ଏକ ପାଖ ଉଚ୍ଚକରି ଟେକିବା; 4. ବଡ଼ ହାତୁଡ଼ିଦ୍ୱାରା ପିଟି ଗଢ଼ିବା ।—*n*. ଭୁଷା, ଖେଞ୍ଚ; 2. ଅଶ୍ୱାରୋହଣପୂର୍ବକ ଶସ୍ତ୍ରକ୍ରୀଡ଼ା; 3. ଅଗଅଡ଼କୁ ନୁଆଁଣ, ଢଳେଇଭାଗକୁ ଅବନମନ ।

Tilt-hammer, *n*. 1. ବଡ଼ ଭାରୀ ହାତୁଡ଼ି; 2. ବଡ଼ ମୁଦ୍ଗର ।

Tilting, *n*. ଅଶ୍ୱାରୋହଣପୂର୍ବକ ଶସ୍ତ୍ରକ୍ରୀଡ଼ା ।

Tilt-yard, *n*. କ୍ରୀଡ଼ାନୁକାର୍ଯ୍ୟ ପ୍ରସ୍ତୁତ ସ୍ଥାନ ।

Timber, *n*. 1. ଗୃହ ନିର୍ମାଣୋପଯୋଗୀ କାଠ; 2. ଗଛର ଗଣ୍ଡି; 3. କାମିକା କାଠ, କାର୍ଯ୍ୟୋପଯୋଗୀ କାଠ; 4. କଡ଼ି ବରଗା ଖୁଣ୍ଟ ଯେଣି ପାଟିଆପ୍ରଭୃତି; 5. ଜାହାଜ ବା ଗୃହାଦିରେ ବ୍ୟବହୃତ ବଡ଼ କାଷ୍ଠଖଣ୍ଡ ।—*v.t.* କଡ଼ି ବରଗାପ୍ରଭୃତି ବସାଇ ନିର୍ମାଣ-କ ।

Timber-man, *n*. ଖଣିରେ ଦିଆଯାଇଥିବା କାଠସବୁର ପରିଦର୍ଶକ; 2. (U. S. A.) କାଠବ୍ୟବସାୟୀ ।

Timber-yard, *n*. କଡ଼ିକାଠର ଗୋଲା ।

Timbre, *n*. *tim'bėr*, ଯନ୍ତ୍ର ବା କଣ୍ଠଧ୍ୱନିର ସ୍ୱର ।

Timbrel, *n*. 1. ହିବ୍ରୁମାନଙ୍କ ତବଲ; 2. ଢାକ, ଖଞ୍ଜଣୀ ।

Time, *n*. 1. ବେଳ, ସମୟ; 2. କାଳ, ଯୁଗ; 3. ସୁଯୋଗ; 4. ଅବସର, ଅବକାଶ; 5. ଗତ କାଳ, ଅତୀତ ସମୟ; 6. ଜୀବନ କାଳ, ଆୟୁଃ; 7. ଥର, ବାର; 8. ବାଦ୍ୟର ତାଳ; 9. (Gramm.) କାଳ, ଲକାର; 10. ପ୍ରସବ ବେଦନାର ସମୟ ।—*v.t.* 1. ଠିକ୍ ସମୟରେ-କ; 2. ସମୟାନୁବର୍ତ୍ତୀ-କ; 3. ସ୍ୱରପାତ ତାଳ-ଦେ ।—*v.i.* ସମୟ ରଖିବା ।—At times, ସମୟେ ସମୟେ, କେବେ କେବେ । To be master of one's time, ସ୍ୱେଚ୍ଛାଧୀନ । Civil time, ସାଧାରଣରେ ପ୍ରଚଳିତ ସମୟ ଗଣନା । In time, ଯଥା ସମୟରେ । To kill time, ଅପେକ୍ଷାରେ ସମୟ କଟାଇବା । To lose time, 1. ବୃଥାରେ ସମୟ ବ୍ୟୟ-କ; 2. ବିଳମ୍ବ-କ । Mean time, ଦୁଇଟି ଘଡ଼ିମଧ୍ୟରେ ପ୍ରଭେଦ ସମୟର ହାରାହାରି । Solar time, ସୌର-ମାନ କାଳ । The time being, ଆପାତତଃ ।

Time-barred, *a*. ସମୟାତୀତ ହେବାଯୋଗୁ ତମାଦି ।

Time-bill, *n*. କାଳର ନିର୍ଘଣ୍ଟପତ୍ର ।

Time-book, *n*. କାର୍ଯ୍ୟକାରୀମାନଙ୍କ କାର୍ଯ୍ୟସମୟର ହିସାବ ବହି ।

Time-honoured, *a*. ଦୀର୍ଘପ୍ରଚଳିତ ହେବାରୁ ସମ୍ମାନିତ ।

Time-keeper, *n*. 1. ଘଡ଼ି; 2. କାର୍ଯ୍ୟକାରୀମାନଙ୍କ କାର୍ଯ୍ୟସମୟ ଲେଖି ରଖିବା କର୍ମଚାରୀ ।

Timeless, *a*. 1. ନିତ୍ୟ, ଶାଶ୍ୱତ; 2. ଅସାମୟିକ ।

**Timelessly**, *ad.* ଅକାଳରୂପେ ।
**Timeliness**, *n.* ସମୟୋପଯୋଗିତା ।
**Timely**, *a.* 1. ସାମୟିକ; 2. ସମୟୋପଯୋଗୀ । —*ad.* ଯଥାକାଳେ ।
**Timepiece**, *n.* ଘଣ୍ଟା, ଘୁଣ୍ଡଘଣ୍ଟା ।
**Time-server**, *n.* 1. ସମୟସେବୀ ଲୋକ, କାଳାନୁବର୍ତ୍ତୀ ଲୋକ; 2. ନିଜ ଇଷ୍ଟ କାର୍ଯ୍ୟ କରିବା ଲୋକ ।
**Time-serving**, *a.* 1. ଖଳ; 2. କାଳାନୁବର୍ତ୍ତୀ । —*n.* କାଳଧର୍ମାନୁସରଣ ।
**Time-table**, *n.* ସମୟ ତାଲିକା, କାଳନିର୍ଘଣ୍ଟ ପତ୍ର ।
**Time-work**, *n.* ଘଣ୍ଟାକାମ, ମଜୁରି କାମ ।
**Time-worn**, *a.* କାଳକ୍ଷୀଣ, ଜୀର୍ଣ୍ଣଶୀର୍ଣ୍ଣ ।
**Timid**, *a.* 1. ଭୀରୁ; 2. ଅସାହସିକ; 3. ଲାଜୁ ।
**Timidity**, *n.* 1. ଭୀରୁପଣ; 2. ସାହସହୀନତା ।
**Timidly**, *ad.* 1. ଡରିଡରି, ଭୀରୁଭାବରେ; 2. ଲାଜୁଭାବେ ।
**Timidness**, *n.* ଲାଜୁତା ।
**Timorous**, *a.* 1. ଭୟଯୁକ୍ତ; 2. ଭୟଶୀଳ ।
**Timorously**, *ad.* ଭୟଶୀଳରୂପେ ।
**Timorousness**, *n.* ଭୟଶୀଳତା ।
**Tin**, *n.* 1. ଟିଣଧାତୁ; 2. ଟଙ୍କା; 3. (Slang) ପଇସା କଉଡ଼ି; 4. ଟିଣନିର୍ମିତ ପାତ୍ରପାତ୍ର । —*a.* ଟିଣନିର୍ମିତ । —*v.t.* 1. ଟିଣଦ୍ୱାରା ଆବୃତ-କ; 2. କଳେଇ-କ ।
**Tincture**, *n.* 1. ବର୍ଣ୍ଣାଭାସ; 2. ଆସ୍ୱାଦ; 3. (Med.) ଅର୍କ, କ୍ୱାଥ; 4. ସାମାଂଶ, ଲେଶ । —*v.t.* ବର୍ଣ୍ଣାଭାସ-ଦେ; 2. ରଞ୍ଜିତ-କ; 3. ଲିପ୍ତ-କ ।
**Tinder**, *n.* ଚୋଲ ପ୍ରଭୃତି ଶୀଘ୍ର ନିଆଁ ଧରିବା ପଦାର୍ଥ ।
**Tinder-box**, *n.* ଚକମକି ବାକ୍ସ ।
**Tine**, *n.* କଣ୍ଟା ବା ହରିଣଶିଙ୍ଗର ଡେଳା ।
**Tinfoil**, *n.* ଟିଣର ପାତଳ ପତ୍ର । —*v.t.* ଟିଣର ପାତଳ ପତ୍ର ମଡ଼ାଇବା ।
**Tinge**, *v.t.* 1. ଈଷତ୍ ରଞ୍ଜିତ-କ; 2. ମିଶ୍ରିତ-କ ।
**Tingle**, *v.i.* 1. ଝିମ୍‌ଝିମ୍-ହେ; 2. କାନ ଝାଁଇଝାଁଇ-ହେ ।
**Tinker**, *n.* କଂସାରି, ଥଟାରି ।
**Tinkle**, *v.i.* 1. ଝଣଝଣ ଶବ୍ଦ-ହେ; 2. ଟିଣ୍‌ଟିଣ୍ ବାଜିବା । —*v.t.* ଟିଣ୍‌ଟିଣ୍ ବଜାଇବା ।
**Tinkling**, *n.* 1. ଟିଣ୍‌ଟିଣ୍ ଶବ୍ଦ; 2. ଝମ୍‌ଝମ୍ ଶବ୍ଦ ।
**Tinman, Tinner**. *n.* 1. ଟିଣକାରିଗର; 2. କଳେଇକର ।
**Tinsel**, *n.* 1. ଜରି ଜରି ଅଭ୍ରକ ପ୍ରଭୃତି ଚକଚକିଆ ଜିନିଷ; 2. ସାମାନ୍ୟ ମୂଲ୍ୟର ଉଜ୍ଜ୍ୱଳ ଦ୍ରବ୍ୟ । —*a.* ଚକଚକିଆ, ରଙ୍ଗିନ । —*v.t.* ଜରି ଜରି ପ୍ରଭୃତିଦ୍ୱାରା ସଜାଇବା ।
**Tin-smith**, *n.* ଟିଣ କାରିଗର, ଟିଣକାର ।
**Tint**, *n.* 1. ବର୍ଣ୍ଣର ଆଭା; 2. ଈଷତ୍ ରଙ୍ଗ । —*v.t.* ଈଷତ୍ ରଞ୍ଜିତ-କ ।
**Tintinnabulation**, *n.* ଘଣ୍ଟାର ଟେଣ୍‌ଟେଣ୍ ଶବ୍ଦ ।
**Tiny**, *a.* ଅତ୍ୟଳ୍ପ, ଛୋଟ ସାନ ।
**Tip**, (1) *n.* ଅଗ୍ରଭାଗ । —*v.t.* 1. ଚୂଳା ରଞ୍ଜିତ-କ; 2. ଯୋଜିତ-କ । —On the tip of the tongue, ଜିଭଅଗରେ, ଜିହ୍ୱାଗ୍ରେ ।
**Tip**, (2) *v.t.* 1. ଅଣେଇ-ଦେ, ଅଣେଇ ପକାଇବା, ଅବନତ-କ; 2. ବକଶିସ-ଦେ; 3. ବାଜି ରଖିବାସମ୍ବନ୍ଧେ ଗୁପ୍ତପରାମର୍ଶ-ଦେ; 4. କାନରେ କହିବା । —*v.i.* ଅଣେଇ-ହେ । —*n.* 1. ଅଳିଆ ଗଦା; 2. ବାଜି ରଖିବା ସମ୍ବନ୍ଧେ ଗୁପ୍ତପରାମର୍ଶ; 3. କାନକୁହା କଥା । —To tip over, ଉଲଟାଇ ପକାଇବା । To tip the scales, To tip the beam, ଓଜନର ନ୍ୟୂନତା ହେତୁରୁ ଉପରକୁ ଟେକି-ହେ । Straight tip, ବାଜି ରଖିବା ସମ୍ବନ୍ଧେ ଦୃଢ଼ ପରାମର୍ଶ ।
**Tip-cat**, *n.* ଗୁଡ଼ି ବା ଡାବଲପୁଅ ଖେଳ ।
**Tippet**, *n.* 1. ସଲୋମ ଚର୍ମର ସ୍କନ୍ଧାବରଣ; 2. ଧର୍ମୋପଦେଶକର ଏକପ୍ରକାର ଉତ୍ତରୀୟ ବସ୍ତ୍ର; 3. ପକ୍ଷି ଗଳାର ପୃଷ୍ଠଭାଗସ୍ଥ ଲମ୍ବ ଲୋମପଂକ୍ତି ।
**Tipping**, *n.* ନୁଆଣ, ଅବନତକରଣ, ଅବନମନ; 2. ବକଶିସ ପ୍ରଦାନର ଅଭ୍ୟାସ ।
**Tipple**, *v.i.* 1. ମଦ ଅଳ୍ପ କରି ପିଇବା; 2. ମଦରେ ଆସକ୍ତ-ହେ । —*v.t.* ଅତ୍ୟଧିକ ପରିମାଣରେ ପାନ-କ ।
**Tippler**, *n.* ମଦୁଆ ।
**Tipsily**, *ad.* ଅଧା ମଦୁଆପରି ।
**Tipsiness**, *n.* ଅଧାମଦୁଆର ଅବସ୍ଥା ।
**Tipster**, *n.* ବାଜି ରଖିବା ସମ୍ବନ୍ଧେ ଯେ ଗୁପ୍ତ ପରାମର୍ଶ ଦିଏ ।
**Tipsy**, *a.* ଅର୍ଦ୍ଧମତ୍ତ, ଅଧା ମଦୁଆ ।
**Tiptoe**, *n.* ପାଦାଙ୍ଗୁଳିର ଅଗ୍ରଭାଗ । —*v.i.* 1. ଟିପେଇ ଚାଲିବା; 2. ଗୁପ୍ତଭାବରେ ଚାଲିବା । —On the tiptoe of expectation, ଲୋଭ ଅପେକ୍ଷାରେ ଠିଆ-ହେବା ।
**Tiptop**, *n.* 1. ଚୂଡ଼ାନ୍ତ; 2. ସର୍ବଶ୍ରେଷ୍ଠତା । —*a.* ଶ୍ରେଷ୍ଠ, ସର୍ବୋତ୍କୃଷ୍ଟ । —*ad.* ସର୍ବୋତ୍କୃଷ୍ଟଭାବେ ।
**Tirade**, *n.* ଭର୍ତ୍ସନାପୂର୍ଣ୍ଣ ବକ୍ତୃତା ।
**Tire**, (1) *n.* ହାମ, ଚକର ହାଲ ।
**Tire**, (2) *n.* ଶିରୋଭୂଷଣ ।
**Tire**, (3) *v.t.* 1. କ୍ଲାନ୍ତ କରାଇବା; 2. ବିରକ୍ତ-କ । —*v.i.* 1. ଥକିଯିବା, କ୍ଲାନ୍ତ-ହେ; 2. ବିରକ୍ତ-ହେ ।
**Tired**, *a.* କ୍ଲାନ୍ତ, ଶ୍ରାନ୍ତ ।
**Tireless**, *a.* ଅକ୍ଲାନ୍ତ ।
**Tirelessly**, *ad.* ଅକ୍ଲାନ୍ତଭାବେ ।
**Tirelessness**, *n.* ଅକ୍ଲାନ୍ତତା, ଅକ୍ଲାନ୍ତି ।
**Tiresome**, *a.* 1. କ୍ଲାନ୍ତିକର, କ୍ଲେଶଦ; 2. ବିରକ୍ତିଜନକ ।
**Tissue**, *n.* 1. ଜରିରେ କାମକରା ଲୁଗା; 2. (Anat.) ଦୈହିକ ଉପାଦାନ; 3. ଅନୁକ୍ରମ ।
**Tissue-paper**, *n.* ଏକପ୍ରକାର ଅତିପାତଳ ଓ କୋମଳ କାଗଜ, ଟିସୁକାଗଜ ।
**Tit**, *n.* ଘୁଡ଼କାଣ୍ଡି, ଛୁଦ୍ରବେଶ୍ୟା । [ବାସ୍ତୁ, ଲକ୍ଷଣ ।
**Titan**, (1) **Titanic**, *a.* 1. ଅସୁରବ; 2. ପ୍ରକାଣ୍ଡ-

Titan, (2) *n.* ଅସୁର, ଦୈତ୍ୟ, ଦାନବ ।
Titbit, *n.* ଉତ୍ତମ ଦ୍ରବ୍ୟର କ୍ଷୁଦ୍ରାଂଶ ।
Tit for tat, *n.* ଯେପରି କର୍ମ ସେପରି ଫଳ, ଯଥାର୍ଥ ପ୍ରତିଶୋଧ ।
Tithable, *a.* 1. କରଯୋଗ୍ୟ; 2. ଦେୟ ।
Tithe, *n.* 1. ଦଶମାଂଶ; 2. ଯାଜକବୃନ୍ଦ ନିମନ୍ତେ ଦେୟ କର; 3. କୌଣସି ଦେୟ କର ।
Tithe-free, *a.* ନିଷ୍କର, କରମୁକ୍ତ ।
Tither, *n.* ଯାଜକବୃନ୍ଦ ନିମନ୍ତେ ଦେୟ କରର ସଂଗ୍ରାହକ ।
Tithing, *n.* ପୁରାତନ କାଳରେ ଦଶପର ଗୃହସ୍ଥ ଅଧ୍ୟୁଷିତ ପଲ୍ଲୀ ।
Tithing-man, *n.* ଉକ୍ତ ପଲ୍ଲୀର ପ୍ରଧାନ ବ୍ୟକ୍ତି ।
Titillate, *v.t.* କୁତୁକୁତୁ-କ ।
Titillation, *n.* 1. କୁତୁକୁତୁକରଣ; 2. ସୁଖକର ଅନୁଭବ ।
Titlark, *n.* ଏକପ୍ରକାର ଚଟକ ପକ୍ଷୀ ।
Title, *n.* 1. ନାମପତ୍ର; 2. ଶିରୋନାମା; 3. ଉପାଧି; 4. ସ୍ୱତ୍ୱାଧିକାର; 5. ସ୍ୱତ୍ୱ ଦଲିଲ ।—*v.t.* ପୁସ୍ତକରେ ନାମ ମୁଦ୍ରାଙ୍କିତ-କ ।
Titled, *a.* 1. ଉପାଧିଯୁକ୍ତ; 2. କୁଳୀନ ।
Title-deed, *n.* ଦଲିଲ ଦସ୍ତାବିଜ ।
Title-page, *n.* ଗ୍ରନ୍ଥର ଆଦ୍ୟପୃଷ୍ଠା, ନାମପତ୍ର ।
Titmouse, *n.* କୀଟଭକ୍ଷକ ଏକଜାତୀୟ କ୍ଷୁଦ୍ର ପକ୍ଷୀ ।
Titter, *v.i.* ଦାନ୍ତ ଚିପି ହସିବା ।—*n.* ଦାନ୍ତଚିପା ହସ ।
Tittle, *n.* 1. ବିନ୍ଦୁ, ମାତ୍ରା; 2. କଣମାତ୍ର ।
Tittle-tattle, *n.* ଗପସପ, ବାଜେ ଗପ ।
Titular, *a* 1. କେବଳ ନାମଧାରୀ; 2. ଉପାଧି ସମ୍ବନ୍ଧୀୟ ।—*n.* କେବଳ ନାମଧାରୀ ପଦସ୍ଥ ବ୍ୟକ୍ତି ।
Titulary, *a.* ପଦବୀ ସଂକ୍ରାନ୍ତ, ନାମାତ୍ମକ ।
To, *prep.* 1. ଆଡେ, ଅଡ଼କୁ; 2. ପ୍ରତି; 3. ପର୍ଯ୍ୟନ୍ତ; 4. ପକ୍ଷେ; 5. ନିମନ୍ତେ; 6. କୁ ।—*ad.* 1. ନିକଟକୁ; 2. ଅଗ୍ରକୁ ।—To take to wife, ଭାର୍ଯ୍ୟାରୂପେ ଗ୍ରହଣ-କ । To a nicety, ଅବିକଳ ଠିକ । To all intents and purposes, ପ୍ରକୃତରେ । To one's cost, ଚିର ଶିକ୍ଷାକର । To wit, ଅର୍ଥାତ୍ । To and fro, ଇତସ୍ତତଃ, ଏଆଡେ ସେଆଡେ ।
Toad, *n.* କଣ୍ଟକିଆ ବେଙ୍ଗ ।
Toad-eater, *n.* ନୀଚ ଚାଟୁକାର ।
Toad-eating, *n.* ନୀଚ ଚାଟୁକାରର ବ୍ୟବହାର ।
Toadstool, *n.* ବେଙ୍ଗ ଛତୁ ।
Toady, *n.* ଚାଟୁବାଦୀ ଲୋକ ।
Toadyish, *a.* ଚାଟୁବାଦ ସ୍ୱଭାବ ।
Toadyism, *n.* ଚାଟୁବାଦର ବ୍ୟବହାର ।
Toast, *v.t.* ନିଆଁରେ ସେକିବା ।—*v.i.* ଶୁଭକାମନାପୂର୍ବକ ପାନ-କ ।—*n.* 1. ସେକା ରୋଟି; 2. ପାଉଁ ରୋଟି ।
Toaster, (1) *n.* 1. ଯେ ରୋଟି ସେକେ; 2. ରୋଟି ସେକିବାର ଉପକରଣ ।
Toaster, (2) *n.* ଶୁଭକାମନାପୂର୍ବକ ପାନପ୍ରସ୍ତାବକ ।
Toasting-fork, Toasting-iron, *n.* ରୋଟି ସେକିବା ଲୁହାକାଠି ବା ଛଡ଼ ।
Toast-master, *n.* ଶୁଭକାମନାପୂର୍ବକ ପାନକାରୀର ପରିଚାଳକ ।
Tobacco, *n.* ଧୂମପତ୍ର, ତମାଖୁ, ନାଗପତ୍ର ।
Tobacconist, *n.* 1. ତମାଖୁ ବ୍ୟବସାୟୀ; 2. ଧୂମପତ୍ର କକାଳି ।
Tobacco-pipe, *n.* ତମାଖୁ ଚୁଙ୍ଗି ।
Tobacco-pouch, *n.* ତମାଖୁ ମୁଣି ।
Toboggan, *n.* ପାହାଡ଼ ଉପରୁ ବରଫରେ ଖସି ଆସିବାପାଇଁ ଚକ ନ ଥିବା ଏକପ୍ରକାର ଗାଡ଼ି ।—*v.i.* ଉକ୍ତ ଗାଡ଼ିରେ ଖସି ଆସିବା ।
Tocsin, *n.* ବିପଦସୂଚକ ବଡ଼ ଘଣ୍ଟା ବା ତାହାର ଧ୍ୱନି ।
Today, *n.* ଆଜି, ଅଦ୍ୟ, ଆଜିଦିନ ।
Toddle, *v.i.* ଶିଶୁ ପରି ଟଳମଳ ହୋଇ ଚାଲିବା ।—*n.* 1. ଶିଶୁର ଟଳମଳ ଚାଲି; 2. ବୁଲବୁଲ ।
Toddy, *n.* ତାଡ଼, ତାଳ ବା ଖଜୁରଗଛର ମାଦକ ରସ ।
To-do, *n.* ଧୁମ୍‌ଧାମ୍, ଲଣ୍ଡଭଣ୍ଡ, ବ୍ୟସ୍ତତା ।
Toe, *n.* 1. ପାଦାଙ୍ଗୁଳି; 2. ପଶୁଖୁରର ଅଗ୍ରଭାଗ ।—From top to toe, ତାଳୁରୁ ତଳିପା ଯାଏ ।
Toe-cap, *n.* ଯୋତା ନାକର ଅଗଖଣ୍ଡ ।
Toed, *a.* ପାଦାଙ୍ଗୁଳିବିଶିଷ୍ଟ ।
Toffee, Toffy, *n.* ଟାଣୁଆ ମିଠାଇ ।
Tog, *n.* (Slang) Generally in *pl.* ଲୁଗାପଟା ।—*v.t.* ଫିଟ୍‌ଫାଟ୍ କରି ପିନ୍ଧାଇବା ।
Toga, *n.* ରୋମୀୟ ଲୋକର ଉତ୍ତରୀୟ ବସ୍ତ୍ର ।
Together, *ad.* ଏକାଠି, ଏକତ୍ର; 2. ଏକସଙ୍ଗେ; 3. ମିଳିମିଶି ।—To lay heads together, ଏକତ୍ର ପରାମର୍ଶ-କ ।
Toil, (1) *n.* ଫାନ୍ଦ, ଜାଲ, ବାଗୁର ।
Toil, (2) *v.i.* କଠିନ ପରିଶ୍ରମ-କ ।—*n.* କଠିନ ପରିଶ୍ରମ, ମେହନତ ।
Toiler, *n.* କଠିନ ପରିଶ୍ରମୀ ଲୋକ, ମେହନ୍ତି ଲୋକ ।
Toilet, Toilette, *n.* 1. ଦେହକୁ ବେଶଭୂଷାରେ ସଜ୍ଜିତ କରିବାପାଇଁ ଦର୍ପଣଲଗା ମେଜ, ଶିଙ୍ଗାର ମେଜ; 2. ଶିଙ୍ଗାର ମେଜର ଆଚ୍ଛାଦନ; 3. ବେଶଭୂଷାର ଉପକରଣ ସକଳ; 4. ପରିଧାନର ରୀତି; 5. ବେଶଭୂଷା ।—To make one's toilet, ପରିଷ୍କାର ପରିଚ୍ଛନ୍ନ-ହେ ।
Toilet-cloth, Toilet-cover, *n.* ଶିଙ୍ଗାର ମେଜର ଆଚ୍ଛାଦନ ।
Toilet-glass, *n.* ଶିଙ୍ଗାର ମେଜର ଦର୍ପଣ ।
Toilet-set, Toilet-service, *n.* ବେଶଭୂଷାର ଉପକରଣସକଳ ।
Toilet-soap, *n.* ବାସନା ସାବୁନ, ସୁଗନ୍ଧ ସାବୁନ ।
Toilet-table, *n.* ଶିଙ୍ଗାର ମେଜ ।
Toilsome, *a.* ଶ୍ରମଜନକ, କ୍ଲାନ୍ତିକର ।
Toilsomely, *ad.* ଶ୍ରମଜନକଭାବେ ।

Toilsomeness, *n.* ଶ୍ରମଜନକତା ।

Toil-worn, *a.* ଶ୍ରମଜୀର୍ଣ୍ଣ ।

Token, *n.* 1. ଚିହ୍ନ; 2. ନିଦର୍ଶନ; 3. ଲକ୍ଷଣ; 4. ମିତ୍ରତାସ୍ମାରକ ବସ୍ତୁ ।

Tola, *n.* ତୋଲାଏ, ଭରି, ଏକଟଙ୍କାର ଓଜନ ।

Told, *pa. t.* and *pa. p.* of Tell.

Tolerable, *a.* 1. ସହ୍ୟ; 2. ମଧ୍ୟଭଳି; 3. ମନ୍ଦ ନୁହେ ।

Tolerableness, *n.* 1. ସହନୀୟତା; 2. ମଧ୍ୟମତା ।

Tolerably, *ad.* 1. ସହ୍ୟଭାବେ; 2. ମଧ୍ୟମ ପ୍ରକାରେ ।

Tolerance, *n.* 1. ସହନ; 2. ଉଦାରତା; 3. ସହିଷ୍ଣୁତା; 4. ପ୍ରଶ୍ରୟଦାନ ।

Tolerant, *a.* 1. ସହନଶୀଳ; 2. ଉଦାରମନା; 3. ପ୍ରଶ୍ରୟପ୍ରବଣ ।

Tolerate, *v.t.* 1. ସହିବା; 2. ବାରଣ ନ -କ; 3. ପ୍ରଶ୍ରୟ-ଦେ ।

Toleration, *n.* 1. ସହନ; 2. ଅନିବାରଣ; 3. ନ୍ୟୂନପକ୍ଷପ୍ରତି ଉଦାରତା, ଉପେକ୍ଷା ।

Toll, (1) *n.* ମାସୁଲ, ଶୁଳ୍କ ।

Toll, (2) *v.i.* ବୃହତ୍ ଘଣ୍ଟା ଧ୍ୱନିତ-ହେ ।—*v.t.* (ସଭା ବା ଶବ ଲଗା ଘଣ୍ଟା) ରହି ବଜାଇବା ।—*n.* ବୃହତ୍ ଘଣ୍ଟାର ଧ୍ୱନି ।

Tollage, *n.* 1. ମାସୁଲଦାନ; 2. ଅବଧାରିତ ମାସୁଲ ।

Tollbar, *n.* ମାସୁଲ ଆଦାୟ ନିମନ୍ତେ ବାଟରେ ପ୍ରସ୍ତୁତ ବାଡ ।

Tollbooth, *n.* 1. ମାସୁଲ ଆଦାୟ ନିମନ୍ତେ ଅସ୍ଥାୟୀ ଘର; 2. କାରାଗାର ।

Tollbridge, *n.* ଯେଉଁ ପୋଲଉପରେ ଗଲେ ମାସୁଲ ଦେବାକୁ ପଡେ ।

Tollgate, *n.* ମାସୁଲ ଆଦାୟ ନିମନ୍ତେ ବାଟ ଉପରେ ଥିବା ଫାଟକ ।

Tollhouse, *n.* ମାସୁଲ ଆଦାୟର ଘର ।

Tollman, *n.* ମାସୁଲ ଆଦାୟକାରୀ, ଶୁଳ୍କ ସଂଗ୍ରାହକ ।

Tomahwak, *n.* ଠାଣି ଫାର୍ଶା ପ୍ରଭୃତି ସଦୃଶ ଉତ୍ତର ଆମେରିକା ଦେଶୀୟ ଯୁଦ୍ଧାସ୍ତ୍ର ।—*v.t.* ଉକ୍ତ ଯୁଦ୍ଧାସ୍ତ୍ରରେ ଆଘାତ-କ ।

Tomato, *n.* ବିଲାତି ବାଇଗଣ ।

Tomb, *n.* 1. ସମାଧି; 2. ଶବ ପୋତିବା ସ୍ଥାନ ।

Tomboy, *n.* ଅଣ୍ଡିରଚଣ୍ଡୀ ବାଳିକା ।

Tombstone, *n.* 1. ସମାଧି ସ୍ତମ୍ଭ; 2. କବରର ନାମାଦି ଅଙ୍କିତ ପଥର ।

Tomcat, *n.* ଭୁଆ ବଗଡ ।

Tome, *n.* 1. ବୃହତ୍ ଗ୍ରନ୍ଥର ଏକ ଖଣ୍ଡ ବା ଭାଗ; 2. ଗ୍ରନ୍ଥ ।

Tomfool, *n.* 1. ଗଜମୂର୍ଖ; 2. ଭଣ୍ଡ ଲୋକ ।—*v.i.* ମୂର୍ଖବତ୍ ବ୍ୟବହାର-କ ।

Tomfoolery, *n.* 1. ଗଜମୂର୍ଖତା; 2. ହାସ୍ୟକର ବ୍ୟବହାର ।

Tomorrow, *n.* ଆସନ୍ତା କାଲି, ଆଗାମୀ ଦିନ ।—*ad.* ଆସନ୍ତା କାଲିକୁ ।

Tomtit, *n.* See Titmouse.

Tom-Tom, *n.* 1. ଢୋଲ, ଢୋଲକ; 2. କଂସାର ଘଣ୍ଟା ।

Ton, *n. tun*, 1. ୨୮ ମହଣ ଓଜନ ପରିମାଣ; 2. ଜାହାଜ ମଧ୍ୟରେ ୪୦ ଘନଫୁଟ ସ୍ଥାନ ।

Tone, *n.* 1. ସ୍ୱର; 2. ଶବ୍ଦ, ଧ୍ୱନି; 3. ସ୍ୱରର ଗୁଣ; 4. ଚିତ୍ରର ବର୍ଣ୍ଣସାମଞ୍ଜସ୍ୟ; 5. (Phot.) ଛାୟା ଚିତ୍ରର ରଙ୍ଗ; 6. (Gram.) ଉଚ୍ଚାରଣ; 7. ମନୋଭାବ; 8. ଶାରୀରିକ ସ୍ୱାସ୍ଥ୍ୟ ।—*v.t.* କଥିତ ସ୍ୱରରେ ଉଚ୍ଚାରଣ-କ; 2. ସ୍ୱରଯୁକ୍ତ-କ; 3. ରଙ୍ଗ ବଦଳାଇବା ।—To tone down, 1. ସ୍ୱର ହ୍ରାସ-କ; 2. କୋମଳ-କ; 3. ବର୍ଣ୍ଣର ଚାକଚକ୍ୟ ଊଣା-କ ।

Toned, *a.* ସ୍ୱରଯୁକ୍ତ, ସ୍ୱରବିଶିଷ୍ଟ ।

Toneless, *a.* ସ୍ୱରହୀନ ।

Tongs, *n. pl.* ସଣ୍ଡାଶୀ ।

Tongue, *n.* 1. ଜିଭ, ଜିହ୍ୱା, ରସନା; 2. ବାକ୍ଶକ୍ତି; 3. କହିବା ଢଙ୍ଗ; 4. ଭାଷା, ବୋଲି; 5. ଘଣ୍ଟାର ଲେଜାପ୍ରଭୃତି କୌଣସି ଜିହ୍ୱାକାର ବସ୍ତୁ; 6. ଅନ୍ତରୀପ ।

Tousil, *n.* ଜିହ୍ୱାମୂଳସ୍ଥ ମାଂସଗ୍ରନ୍ଥି ।

Tonsilitis, *n.* ଜିହ୍ୱାମୂଳସ୍ଥ ମାଂସଗ୍ରନ୍ଥିଦ୍ୱୟର ପ୍ରଦାହ ।

Tonsure, *n.* 1. ଶିରୋମୁଣ୍ଡନ; 2. ଯାଜକମାନଙ୍କ ମସ୍ତକର କେବଳ ମଧ୍ୟଭାଗ ମୁଣ୍ଡନ ।

Tonsured, *a.* ମସ୍ତକମଧ୍ୟଭାଗମୁଣ୍ଡିତ ।

Too, *ad.* 1. ମଧ୍ୟ, ସୁଦ୍ଧା, ବି; 2. ଅତିରିକ୍ତଭାବେ, ବେଶି; 3. ଅତି, ନିତାନ୍ତ ।

Took, *pa. t.* of Take.

Tool, *n.* 1. ହତିଆର, ଯନ୍ତ୍ର; 2. ହାତବାଣିଁ; 3. ଯନ୍ତ୍ରସ୍ୱରୂପ ବ୍ୟବହୃତ ବ୍ୟକ୍ତି ।—*v.t.* (ଯନ୍ତ୍ରଦ୍ୱାରା) ମୁଦ୍ରାଙ୍କିତ-କ ।

Toot, *v.t.* and *i.* ବଂଶୀ ବା ଶୃଙ୍ଗାଦିରେ ଥୁତୁ ଶବ୍ଦ-କ; 2. (ଶିଙ୍ଗା) ବଜାଇବା ।—*n.* ଶିଙ୍ଗାର ଥୁତୁ-ଶବ୍ଦ ।

Tooth, *n.* 1. ଦାନ୍ତ, ଦନ୍ତ, ଦଶନ; 2. ରୁଚି; 3. ଦନ୍ତାକୃତି ବସ୍ତୁ; 4. ଚକର ଦାନ୍ତ ।—*v.t.* ଦାନ୍ତଯୁକ୍ତ-କ ।—Tooth and nail, ସମ୍ପତକାମୂତ । A sweet tooth, ମିଷ୍ଟଦ୍ରବ୍ୟର ରୁଚି । In the teeth of, ପ୍ରତିବାଧାସତ୍ତ୍ୱେ । To show one's teeth, କାମୁଡ ଲୋଭାଇବା ।

Toothache, *n.* ଦାନ୍ତଟଣା, ଦନ୍ତଶୂଳ ।

Tooth-brush, *n.* ଦାନ୍ତକାଠି, ଦନ୍ତମାର୍ଜ୍ଜନୀ ।

Toothed, *a.* ଦାନ୍ତଲଗା ।

Toothful, *n.* ଢୋପାଏ ମଦ ।

Toothless, *a.* 1. ଦନ୍ତହୀନ; 2. ଘାକୁଅ

Toothpick, *n.* ଦାନ୍ତଖୁଣ୍ଟା ।

Toothpowder, *n.* ଦାନ୍ତଘଷା ମିସି ।

Toothsome, *a.* ରୁଚିକର, ଲାଳସାଜନକ ।

Toothy, *a.* 1. ଦାନ୍ତଯୁକ୍ତ; 2. ରୁଚିକର ।

Too-too, *a.* ଅତିରିକ୍ତ ପ୍ରେମପ୍ରକାଶକ ।

Top, (1) *n.* 1. ଉପରଭାଗ: 2. ଢାଙ୍କୁଣୀ, ଆଚ୍ଛାଦନୀ: 3. ଚାଳ; 4. ସର୍ବୋଚ୍ଚ ସ୍ଥାନ; 5. ଚୂଡ଼ା ।—*a.* 1. ସର୍ବୋପରିସ୍ଥ; 2. ସର୍ବୋତ୍କୃଷ୍ଟ; 3. ଉପରିସ୍ଥ ।—*v.t.* 1. (ବୃକ୍ଷାଦିର) ଅଗ କାଟିବା; 2. ଚଡ଼ାବଗାଷ୍ଟ-କ: 3. ଅତିକ୍ରମ-କ ।—*v.i.* ସର୍ବୋତ୍କୃଷ୍ଟ-ହେ ।

Top, (2) *n.* ନଟୁ ।

Topaz, *n.* 1. ପୀତମଣି. ପୁଷ୍ପରାଗମଣି; 2. ଜାହାଜର ତୋଷଲଖାନାରେ ପାଣି ଯୋଗାଉଥିବା ଲୋକ ।

Top-boots, *n.* ଲମ୍ବ ଓ ଗୋଲମୁହଁ ଥିବା ବୁଟ ଜୋତା ।

Top-dressing, *n.* ଭୂମିରେ ଦିଆହୋଇଥିବା ସାର ବା ଖତ ।

Tope, (1) *v.i.* ମଦୁଆଳ-ହେ ।

Tope, (2) *n.* ବୌଦ୍ଧମାନଙ୍କ ସମାଧି ସ୍ତୂପ ।

Tope, (3) *n.* ତୋଟା, ବାଗ, ମାଳ ।

Toper, *n.* ମଦୁଆଳ ।

Topgallant, *a.* ଉଚ୍ଚତର ମାସ୍ତୁଲ ବା ପାଲ ସମ୍ବନ୍ଧୀୟ ।

Top-heavy, *a.* 1. ମୁଣ୍ଡଭାରି; 2. ଅଧା ମଦୁଆଳ ।

Topic, *n.* 1. ପ୍ରସଙ୍ଗ; 2. ବିଷୟ, କଥା ।

Topical, *a.* 1. ସ୍ଥାନସମ୍ବନ୍ଧୀୟ; 2. ସ୍ଥାନୀୟ; 3. ପ୍ରାସଙ୍ଗିକ । ରୂପେ ।

Topically, *ad.* 1. ସ୍ଥାନୀୟଭାବେ; 2. ପ୍ରାସଙ୍ଗିକ-

Top-knot, *n.* 1. ଚୂଳ; 2. ମୁଣ୍ଡବାଳର ଗଣ୍ଠି, ଜୁଡ଼ା, ଖୋଷା ।

Topmast, *n.* ମାସ୍ତୁଲର ନିମ୍ନଭାଗର ଉପରସ୍ଥ ଭାଗ, ଦ୍ୱିତୀୟ ମାସ୍ତୁଲ ।

Topographer, *n.* 1. ସ୍ଥାନର ପ୍ରାକୃତିକ ଅବସ୍ଥା ବର୍ଣ୍ଣନାକାରୀ ବ୍ୟକ୍ତି; 2. ଦେଶର ଭୌଗୋଳିକ ବିବରଣ ବେତ୍ତା । [ସମ୍ବନ୍ଧୀୟ ।

Topographic, Topographical, *a.* ସ୍ଥାନବର୍ଣ୍ଣନା

Topography, *n.* 1. ସ୍ଥାନର ପ୍ରାକୃତିକ ଅବସ୍ଥା-ବର୍ଣ୍ଣନା; 2. ଦେଶର ଭୌଗୋଳିକ ବିବରଣ: 3. ସ୍ଥାନ-ବର୍ଣ୍ଣନା ନୈପୁଣ୍ୟ ।

Topping, *a.* ଅତ୍ୟୁତ୍ତମ, ସବୁଠାରୁ ଭଲ ।

Topple, *v.i.* 1. ଟଳିପଡିବା; 2. ତଳକୁ ପଡ଼ିଯିବା ।

Topsail, *n.* ଦ୍ୱିତୀୟ ମାସ୍ତୁଲର ପାଲ ।

Topsyturvy, *ad.* ଉଲଟପାଲଟଭାବେ, ବିପର୍ଯ୍ୟସ୍ତ-ଭାବେ ।—*a.* ଓଲଟା, ଉଲଟ ।

Topsyturvydom, *n.* ଓଲଟା ରାଜ୍ୟ, ଅରାଜକ ମୂଳକ ।

Toque, *n.* ସ୍ତ୍ରୀମାନଙ୍କ ଏକପ୍ରକାର ଟୋପି ।

Tor, *n.* ଟୁଙ୍ଗୁର ପାହାଡ, ମୁଣ୍ଡିଆ ।

Torah, *n.* ମୋଶାଲିଖିତ ବ୍ୟବସ୍ଥାଗ୍ରନ୍ଥ ।

Torch, *n.* ମଶାଲ, ଦେହୁଡି, ଉଲ୍କା ।

Torch-bearer, *n.* ମଶାଲଚି, ଦେହୁଡିଆ, ଉଲ୍କାବାହକ ।

Torch-light, *n.* ଦେହୁଡି ବା ମଶାଲ ଆଲୁଅ ।

Tore, *pa. t.* of Tear.

Torment, *n.* 1. ତୀବ୍ର ଯନ୍ତ୍ରଣା: 2. ଦାରୁଣ ବେଦନା ।—*v.t.* 1. ଯନ୍ତ୍ରଣା-ଦେ; 2. ଅତି କ୍ଲେଶ-ଦେ: 3. ଜାଳାଇବା ।

Tormenting, *a.* 1. ଯନ୍ତ୍ରଣାଦାୟକ: 2. କ୍ଲେଶକର ।

Tormentingly, *ad.* ଯନ୍ତ୍ରଣାଦାୟକରୂପେ ।

Tormentor, Tormenter, *n.* ଯନ୍ତ୍ରଣାଦାତା ।

Torn, *pa. p.* of Tear.

Tornado, *n.* ପ୍ରଚଣ୍ଡ ବାୟୁ, ଘୂର୍ଣ୍ଣି ବତାସ, ତୋଫାନ ।

Torpedo, *n.* 1. ଜାହାଜ ଭାଙ୍ଗିବା ନିମିତ୍ତ ଜଳମଧ୍ୟରେ ଗୁପ୍ତ ରଖିବା ଏକପ୍ରକାର ସ୍ଫୋଟକ ଯନ୍ତ୍ର: 2. ଏକପ୍ରକାର ମାଛ ଯେ ନିଜ ମୁଣ୍ଡରୁ ବହିର୍ଗତ ବିଦ୍ୟୁତ୍ ଶକ୍ତିରେ ଅନ୍ୟ ମାଛକୁ ମାରି ପକାଏ ।

Torpedo-boat, *n.* ଯେଉଁ କ୍ଷୁଦ୍ର ବାଷ୍ପୀୟ ପୋତରୁ "ଟର୍ପିଡୋ" ନିକ୍ଷେପ କରାଯାଏ ।

Torpid, *a.* 1. ଜଡ଼; 2. ନିଷ୍ପନ୍ଦ; 3. ସୁପ୍ତ ।

Torpidity, Torpitude, *n.* 1. ଜଡ଼ତ୍ୱ; 2. ସୁପ୍ତାବସ୍ଥା ।

Torpidly, *ad.* 1. ଜଡ଼ଭାବେ; 2. ନିଷ୍ପନ୍ଦରୂପେ ।

Torpidness, *n.* 1. ଜଡ଼ତା: 2. ସ୍ପନ୍ଦହୀନତା ।

Torpor, *n.* 1. ଅଚୈତନ୍ୟ: 2. ଜାଡ୍ୟ; 3. ନିଦ୍ରାଳୁତା ।

Torque, *n. tork*, ପ୍ରାଚୀନ ଯୁଗରେ ଗୁନ୍ଥା ଗଳା-ହାର, ଏକପ୍ରକାର ତୋପ ।

Torrent, *n.* 1. ସୁଅ; 2. ପ୍ରବଳ ସ୍ରୋତ, ପ୍ରବଳ ପ୍ରବାହ ।

Torrential, *a.* 1. ପ୍ରବଳ ସ୍ରୋତବହ; 2. ପ୍ରଚଣ୍ଡ ।

Torrid, *a.* 1. ଉଷ୍ଣ: 2. ଅତ୍ୟୁତପ୍ତ: 3. ଶୁଷ୍କ ।

Torrid zone, *n.* ଉଷ୍ଣ କଟିବନ୍ଧ, ଗ୍ରୀଷ୍ମମଣ୍ଡଳ ।

Torsion, *n.* ମୋଡ଼ନ ।

Torso, *n.* ମସ୍ତକ ଓ ଅଙ୍ଗପ୍ରତ୍ୟଙ୍ଗହୀନ ମୂର୍ତ୍ତି ।

Tortoise, *n.* କଇଁଛ, କଚ୍ଛପ, କୂର୍ମ ।

Tortoise-shell, *n.* କଇଁଛ ଖୋଳପା, କୂର୍ମପୃଷ୍ଠ ।—*a.* କୂର୍ମପୃଷ୍ଠରୁ ନିର୍ମିତ ।

Tortuous, *a.* 1. ବଙ୍କା: 2. କୁଟିଳ ।

Torture, *n.* 1. ଯନ୍ତ୍ରଣା ପ୍ରଦାନ: 2. ଅତିଶୟ ପୀଡ଼ନ ।—*v.t.* 1. ଅତିଶୟ ଯନ୍ତ୍ରଣା-ଦେ: 2. ବିକୃତ-କ ।

Torturer, *n.* ଯନ୍ତ୍ରଣାଦାତା ।

Torturingly, *a.* 1. ଯନ୍ତ୍ରଣା ପ୍ରଦାନପୂର୍ବକ; 2. ପୀଡ଼ାଦାୟକଭାବେ ।

Torturous, *a.* ଯନ୍ତ୍ରଣାପ୍ରଦ ।

Tory, *n.* ଇଂଲଣ୍ଡର ପ୍ରାଚୀନତତ୍ତ୍ୱ ରକ୍ଷଣଶୀଳ ଦଳର ଲୋକ ।

Toryism, *n.* ଉକ୍ତ ଦଳର ମୂଳମତ ।

Toss, *v.t.* 1. ଟେକି ଫୋପାଡ଼ି-ଦେ; 2. ଉପରକୁ ପକାଇବା; 3. (ମୁଣ୍ଡ) ଉପରକୁ ଝାଟିବା; 4. ଟଳମଳ-କ; 5. ଆନ୍ଦୋଳିତ-କ ।—*v.i.* 1. ଆନ୍ଦୋଳିତ-ହେ; 2. ବିଚଳିତ-ହେ; 3. ଛଟପଟ-ହେ ।—*n.* 1. ହଠାତ୍ ମସ୍ତକୋତ୍ତୋଳନ; 2. ପଣ ରଖି ମୁଦ୍ରାର ଉତ୍କ୍ଷେପଣ ।—To toss off, ଏକ ଢୋକରେ ପିଇଯିବା । To toss up, 1. ଅଧ୍ୟୁପରି ପକାଇବା; 2. ପଣ ରଖି ମୁଦ୍ରା ଉତ୍କ୍ଷିପ୍ତ-କ ।

Tossing, *n.* ହଠାତ୍ ଉତ୍ତୋଳନ ।

Toss-up, *n.* 1. ପଣ ରଖି ମୁଦ୍ରା ଉତ୍କ୍ଷେପଣ; 2. ଅଦୃଷ୍ଟର କଥା ।

Tost, *a.* a form of Tossed, *pa. p.* of Toss.

Tot, (1) *n.* 1. ବାଳ ଜନସ; 2. ଛୋଟ ପିଲାଟି ।

Tot, (2) *v.t.* ମୋଟ-କ, ଯୋଗ-କ ।

Total, *a.* ଯୋଗ, ମୋଟ, ସମସ୍ତ ।—*n.* ମୋଟ ସଂଖ୍ୟା, ଜମା, ସମଷ୍ଟି ।—*v.t.* ଯୋଗ-କ, ହିସାବ ମୋଟ-କ, ମିଶାଇବା ।

Totality, *n.* ସମଷ୍ଟି, ସମସ୍ତତା ।

Totally, *ad.* ସମ୍ପୂର୍ଣ୍ଣରୂପେ, ଷୋଳଅଣାରେ ।

Totem, *n.* ବର୍ବର ଗୋଷ୍ଠୀର ପ୍ରତୀକସ୍ୱରୂପ ପଶୁପକ୍ଷୀ ବା କୌଣସି ପ୍ରାକୃତିକ ବସ୍ତୁ ।

Totter, *v.i.* ଟଳିବା, ଟଳଟଳ-ହ ।

Tottering, *a.* ଟଳଟଳ, ପତନୋନ୍ମୁଖ ।

Totteringly, *ad.* ଟଳଟଳଭାବେ ।

Toucan, *n.* ଦକ୍ଷିଣ ଆମେରିକାର ଏକପ୍ରକାର ଲମ୍ବଥଣ୍ଟିଆ ଫଳଭୋଜୀ ପକ୍ଷୀ ।

Touch, *v.t.* 1. ଛୁଇଁବା, ସ୍ପର୍ଶ-କ; 2. ଲଗିବା; 3. ହାତ-ଦେ ।—*v.i.* 1. ଲାଗିବା, ସଂଲଗ୍ନ-ହ; 2. ଈଷତ୍ ଉଲ୍ଲେଖ-କ; 3. ଦାଗ ପାଇବା ।—*n.* 1. ସ୍ପର୍ଶନ; 2. ସଂସ୍ପର୍ଶ; 3. ସ୍ପର୍ଶବୋଧ; 4. ତୂଳିର ରେଖା; 5. ଚିହ୍ନମାତ୍ର, ଲେଶମାତ୍ର; 6. ସହାନୁଭୂତି ।—A near touch, ଅଳ୍ପକେ ରକ୍ଷା । To touch up, ସାମାନ୍ୟ ପରିବର୍ତ୍ତନଦ୍ୱାରା ଉତ୍ତମ କର-କ । To touch one to the quick, ମର୍ମ ଆଘାତ-କ ।

Touchable, *a.* ସ୍ପର୍ଶଯୋଗ୍ୟ, ସ୍ପୃଶ୍ୟ, ଛୁଇଁଆ ।

Touchability, *n.* ସ୍ପୃଶ୍ୟତ୍ୱ ।

Touchableness, *n.* ସ୍ପର୍ଶଯୋଗ୍ୟତା ।

Touch-and-go, *a.* 1. ଅନିଶ୍ଚିତଫଳ; 2. ସଙ୍କଟମୟ; 3. ଜଟିଳ ।

Touch-hole, *n.* ତୋପର ରଞ୍ଜକପାତ୍ର ।

Touchily, *ad.* ଚିଡ଼ଚିଡ଼ିଆଭାବେ ।

Touchiness, *n.* ଚିଡ଼ଚିଡ଼ିଆ ଭାବ ।

Touching, *n.* 1. ବିଷୟ ସମ୍ବନ୍ଧେ; 2. ହୃଦୟଗ୍ରାହୀ; 3. ହୃଦୟସ୍ପର୍ଶୀ ।

Touch-needle, *n.* କଷ୍ଟିପଥରରେ ସ୍ୱର୍ଣ୍ଣାଦି ପରୀକ୍ଷା କରିବା ସୂକ୍ଷ୍ମାଗ୍ର ସୂଚୀ ।

Touch-paper, *n.* ବାରୁଦ ଫୁଟାଇବା ନିମନ୍ତେ ଯବକ୍ଷାର-ଲିପ୍ତ ଏକପ୍ରକାର କାଗଜ ।

Touchstone, *n.* 1. କଷ୍ଟିପଥର, ନିକଷ; 2. ପରୀକ୍ଷାର ଉପାୟ ।

Touchwood, *n.* ସହଜେ ଜଳି ଉଠୁଥିବା ପଚିଲା କାଠ ବା ସୋଲ ।

Touchy, *a.* 1. ଚିଡ଼ଚିଡ଼ିଆ; 2. କ୍ଷଣକୋପୀ ।

Tough, *a. (er.)* 1. ଜେମଡ଼ା; 2. ଶକ୍ତ, ଦୃଢ଼, ଟାଣ; 3. କଷ୍ଟସାଧ୍ୟ ।—*n.* ଦୁର୍ଦ୍ଦମ ।

Toughen, *v.t.* and *i.* 1. ଜେମଡ଼ା-ହେ; 2. ଟାଣ-କ, ଦୃଢ଼-କ ।

Toughish, *a.* ଅଳ୍ପଟାଣ ।

Toughly, *ad.* ଦୃଢ଼ଭାବେ ।

Toughness, *n.* ଜେମଡ଼ାଭାବ ।

Tour, *n.* 1. ଭ୍ରମଣ, ପର୍ଯ୍ୟଟନ, ପରିଭ୍ରମଣ ।—*v.i.* ଭ୍ରମଣ-କ, ପରିଭ୍ରମଣ-କ ।

Tourist, *n.* ପର୍ଯ୍ୟଟକ, ଭ୍ରମଣକାରୀ, ପରିବ୍ରାଜକ ।

Tournament, *n.* 1. କ୍ରୀଡ଼ାଯୁଦ୍ଧ; 2. ଖେଳର ଏକ-ପ୍ରକାର ଖେଳ ଯହିଁରେ ଅନେକ ଖେଳାଳି ଖେଳରେ ଯୋଗ ଦେଉଥିବା ଲୋକମାନେ ବାହାରି ଯାଇ ଶେଷରେ ସର୍ବୋତ୍କୃଷ୍ଟ ବ୍ୟକ୍ତି ବା ଦଳ ରହନ୍ତି ।

Tourney, *n.* କ୍ରୀଡ଼ାଯୁଦ୍ଧ । [ବନ୍ଧନୀ ।

Tourniquet, *n.* ରକ୍ତସ୍ରାବ ପ୍ରତିରୋଧାର୍ଥ ଅତିଦୃଢ

Tousle, *v.t.* ଅଡ଼ୁଆଝଡ଼ୁଆ-କ ।

Tousy, *a.* 1. ଅଡ଼ୁଆଝଡ଼ୁଆ; 2. ରୁକ୍ଷ ।

Tout, *v.i.* 1. ଦଲାଲିଗିରି-କ, ଖଦେଡ଼ିବାକୁ ଯୋଗାଡ଼-କ; 2. ଲୁଚିଲୁଚି ଦେଖିବା-କ ।—*n.* ବାଜି ଘୋଡ଼ାର ଗୁଣାଗୁଣ ଅନୁସନ୍ଧାନକାରୀ ଲୋକ ।

Touter, *n.* ଦଲାଲ ।

Tow, *v.t.* ଦଉଡ଼ି ଲଗାଇ (ନୌକାଦି) ଟାଣିବା ।—*n.* ଛଣପଟ, ଶଣ ।

Towage, *n.* 1. ନୌକାଦି ଟାଣିବା କାର୍ଯ୍ୟ; 2. ନୌକାଦି ଟାଣିବାର ଖର୍ଚ୍ଚ ।

Toward, (1) Towards, *prep.* ଆଡ଼େ, ଅଭିମୁଖ, ଅଭିମୁଖେ ।—*ad.* ପ୍ରାୟ, ପାଖାପାଖି ।

Toward, (2) *a.* ଶିକ୍ଷାଗ୍ରହଣଶୀଳ ।

Towboat, *n.* 1. ଟଣା ନୌକା; 2. ଟାଣୁଥିବା ନୌକା ।

Towel, *n.* ଗାମୁଛା, ହାତମାର୍ଜନା, ତଉଲିଆ ।

Towel-horse, Towel-rack, *n.* ତଉଲିଆ ଶୁଖାଇବା ଅଲଗଣି ।

Towelling, *n.* ତଉଲିଆ ଥାନ ।

Tower, *n.* 1. ଚତୁଷ୍କୋଣ ବା ଗୋଲାକାର ଅତ୍ୟୁଚ୍ଚ ଦୀର୍ଘପ୍ରସ୍ଥ ଅଟ୍ଟାଳିକା, ବୁରୁଜ; 2. କୌଣସି ପ୍ରାସାଦର ସର୍ବୋଚ୍ଚ ଭାଗ; 3. ଦୁର୍ଗ ।—*v.i.* ଉଚ୍ଚ ହୋଇ ଉଠିବା ।—A tower of strength, ଆଶ୍ରୟଭୂମି । The tower of London, ଲଣ୍ଡନରେ ବନ୍ଦୀମାନଙ୍କ ପାଇଁ ଲଣ୍ଡନନଗରସ୍ଥ କାରାଗାର ।

Towered, *a.* ବୁରୁଜବିଶିଷ୍ଟ ।

Towering, *a.* 1. ଅତ୍ୟୁଚ୍ଚ, ଉତ୍ତୁଙ୍ଗ; 2. ଦାରୁଣ ।

Towing-path, Tow-path, *n.* କେନାଲ କୂଳର ବାଟ ।

Towline, *n.* ନୌକା ଟଣା ଦଉଡ଼ି ।

Town, *n.* 1. ସହର, ପୁର; 2. ସହରବାସୀ ।

Town-clerk, *n.* ସହରର ହିସାବରକ୍ଷକ ।

Town-council, *n.* ସହରର ପ୍ରବନ୍ଧ କାର୍ଯ୍ୟସଭା ।

Town-councillor, *n.* ସହରର ପ୍ରବନ୍ଧ କାର୍ଯ୍ୟ-ସଭାର ଜଣେ ସଭ୍ୟ ।

Town-crier, *n.* ଢେଣ୍ଡରାବାଲା, ସହରରେ ସମାଚାର ଘୋଷଣାକାରୀ ଲୋକ ।

**Townhall**, *n.* ସହରର ସାଧାରଣ ସଭାଗୃହ, ଟାଉନ୍‌ହଲ୍ ।
**Townhouse**, *n.* ମଫସଲବାସୀର ସହରରେ ଥିବା ଘର ।
**Townsfolk**, **Townspeople**, *n.* ନଗରବାସୀଗଣ, ସହରବାସୀମା ।
**Township**, *n.* 1. ସହରର ସୀମାନ୍ତର୍ଭୁକ୍ତ ସ୍ଥାନ; 2. ସହରର ଶାସନସଭା ।
**Townsman**, *n.* ସହରିଆ, ପୁରବାସୀ ।
**Town-talk**, *n.* ସହରର ଜନରବ, ବଜାର ଗପ ।
**Toxin**, **Toxine**, *n.* ପଶୁଦେହରୁ ପ୍ରାପ୍ତ ଏକପ୍ରକାର ବିଷ ।
**Toy**, *n.* 1. ଖେଳନା, କୀଡ଼ନକ; 2. ଅକିଞ୍ଚିତ୍କର ବସ୍ତୁ; 3. କେଳି ।—*v.i.* 1. ଖେଳିଲପରି ଅବହେଳାରେ କାର୍ଯ୍ୟ-କ; 2. କେଳି-କ ।
**Toyish**, *a.* 1. କୀଡ଼ାପରାୟଣ; 2. କେଳିପ୍ରିୟ ।
**Toyshop**, *n.* ଖେଳନା ଦୋକାନ ।
**Toysome**, *a.* କୀଡ଼ାରତ ।
**Trace**, (1) *n.* 1. ଦାଗ, ଚିହ୍ନ; 2. ଆକାର; 3. ପଦାଙ୍କ; 4. ଖୋଜ; 5. ଲେଶ ।—*v.t.* 1. ଚିହ୍ନଦ୍ୱାରା ଲକ୍ଷ୍ୟ କରିଥିବା-କ; 2. ଖୋଜ ଦେଖି ଖୋଜାଯିବା; 3. ପଛେ ଯିବା; 4. ଉଦ୍ଦେଶ ପାଇବା; 5. ନକ୍ସାର ସୀମାରେଖା ଟାଣିବା; 6. ସ୍ୱଚ୍ଛ କାଗଜ ଚିତ୍ରଉପରେ ରଖାଇ ପ୍ରତିକୃତି ଉତାରିବା ।
**Trace**, (2) *n.* ଗାଡ଼ିଟଣା ଚମଡ଼ା ।
**Traceable**, *a.* ଲକ୍ଷ୍ୟକରିବାଯୋଗ୍ୟ, ଅନୁସନ୍ଧେୟ ।
**Tracery**, *n.* ଝରକାରେ ଥିବା ପ୍ରସ୍ତରକାରୁକାର୍ଯ୍ୟ ।
**Trachea**, *n.* ଶ୍ୱାସନାଳୀ, କଣ୍ଠନାଳୀ ।
**Tracheal**, *a.* ଶ୍ୱାସନାଳୀସମ୍ବନ୍ଧୀୟ ।
**Tracheotomy**, *n.* ରୁଦ୍ଧ ଶ୍ୱାସନାଳୀରେ ଅସ୍ତ୍ରଚିକିତ୍ସାଦ୍ୱାରା ଛିଦ୍ରକରଣ ।
**Tracing**, *n.* 1. ଅନୁସନ୍ଧାନକରଣ; 2. ଚିତ୍ରଉପରେ ସ୍ୱଚ୍ଛ କାଗଜ ରଖାଇ ପ୍ରତିକୃତି ଉତ୍ତୋଳନ; 3. ଚିତ୍ରଉପରେ ସ୍ୱଚ୍ଛ କାଗଜ ରଖାଇ ଉତାରିବା ପ୍ରତିକୃତି ।
**Tracing-paper**, *n.* ଚିତ୍ରଉପରେ ରଖାଇ ନକଲ ଉତାରିବା ସ୍ୱଚ୍ଛକାଗଜ ।
**Track**, *v.t.* 1. ଚିହ୍ନ ଦେଖି ଅନୁସରଣ-କ; 2. ପଦାଙ୍କଦ୍ୱାରା ଅନୁଗମନ-କ ।—*n.* 1. ଚିହ୍ନ; 2. ପଦାଙ୍କ; 3. ପଥ; 4. ବାଟ; 5. ଦୌଡ଼ ସକାଶେ ନିର୍ଦ୍ଦିଷ୍ଟ ପଥ; 6. ଲୌହପଥ ।—To make tracks, ପଳାଇଯିବା । To make tracks for, ପଥ ପଛେ ଧାଇଁବା, କାହାପର ପଛେ ଛୁଟିବା । Off the track, 1. ପନ୍ଥାରୁ ବହିର୍ଭୂତ; 2. ଲୌହପଥର ବହିଃସ୍ଥ ।
**Trackless**, *a.* 1. ପଥଶୂନ୍ୟ; 2. ଅପଦଦଳିତ, ଜନଶୂନ୍ୟ ।
**Tract**, *n.* 1. ବିସ୍ତୃତ ଭୂଖଣ୍ଡ; 2. ପ୍ରଦେଶ, ଅଞ୍ଚଳ; 3. କ୍ଷୁଦ୍ର ପୁସ୍ତିକା ।
**Tractability**, *n.* 1. ଆଜ୍ଞାବହତା; 2. ବଶ୍ୟତା ।
**Tractable**, *a.* 1. ଆଜ୍ଞାବହ; 2. ବଶ୍ୟ; 3. ବଶ୍ୟ ।
**Tractarian**, *n.* ପୂର୍ବକାଳୀନ ଅନୁଷ୍ଠାନ ଭଜନରୀତିର ପ୍ରୋତ୍ସାହକ ଜନୈକ ପୁସ୍ତକଲେଖକ ।
**Tractate**, *n.* ପ୍ରବନ୍ଧ ।
**Tractile**, *a.* 1. ପ୍ରସାରଣୀୟ; 2. ତାନ୍ତବ ।
**Tractility**, *n.* 1. ପ୍ରସାରଣୀୟତା; 2. ତାନ୍ତବତା ।
**Traction**, *n.* ଆକର୍ଷଣ, ଟଣା, ଓଟାର ।
**Traction-engine**, *n.* ସଡ଼କରେ ଭାର ଟାଣିବାକୁ ନିଯୁକ୍ତ ହେବା କଳ ।
**Tractive**, *a.* ଟଣା ।
**Tractor**, *n.* ଯେ ବା ଯାହା ଟାଣେ ।
**Trade**, *n.* 1. ଲଦିଦିଆ; 2. ବାଣିଜ୍ୟ, ମହାଜନି ବେପାର; 3. ବ୍ୟବସାୟ; 4. କୌଣସି ଏକ ବ୍ୟବସାୟର ବଣିକ ସମ୍ପ୍ରଦାୟ ।—*v.t.* 1. କ୍ରୟବିକ୍ରୟ-କ; 2. ବାଣିଜ୍ୟ-କ; 3. କେବଳ ଟଙ୍କା ଅର୍ଥରେ କାରବାର-କ ।—*v.i.* ବ୍ୟବସାୟୀ-ହେ ।—To trade on, କୌଣସି ବିଷୟର ସୁବିଧା ନେ-କେ । Board of trade, ସରକାରୀ ବାଣିଜ୍ୟ ବିଭାଗ ।
**Trade-mark**, *n.* ବ୍ୟବସାୟିଗଣର ସ୍ୱତ୍ୱ ଚିହ୍ନ ।
**Trade-price**, *n.* ପାଇକାରୀ ଦର, ବେପାରୀ ଦର ।
**Trader**, *n.* ବଣିକ, ମହାଜନ, ବେପାରୀ ।
**Tradesman**, *n.* ଦୋକାନୀ, ବ୍ୟବସାୟୀ
**Trades-union**, **Trade-union**, *n.* ବଣିକସଙ୍ଘ ।
**Trade-wind**, *n.* ବାଣିଜ୍ୟ ବାୟୁ, ଅୟନ ବାୟୁ ।
**Trading**, *a.* ବାଣିଜ୍ୟ ସମ୍ବନ୍ଧୀୟ ।—*n.* କାରବାର ।
**Tradition**, *n.* ପରମ୍ପରାଗତ ଜନଶ୍ରୁତି, କିମ୍ବଦନ୍ତୀ ।
**Traditional**, **Traditionary**, *a.* 1. ପରମ୍ପରାଗତ; 2. ପୁରାଣୋକ୍ତ ।
**Traditionalism**, *n.* ପରମ୍ପରାଗତ ପ୍ରଥାରେ ଆନୁଗତ୍ୟ ।
**Traditionist**, *n.* ପରମ୍ପରାଗତ ପ୍ରଥାରେ ଅନୁରକ୍ତ ବ୍ୟକ୍ତି, କିମ୍ବଦନ୍ତୀବକ୍ତା ।
**Traduce**, *v.t.* 1. ମିଥ୍ୟାପବାଦ-କ; 2. ଅପବାଦ-କ, ଦୁର୍ନାମ-କ ।
**Traducement**, *n.* ଦୁର୍ନାମକରଣ ।
**Traducer**, *n.* 1. ମିଥ୍ୟାପବାଦକ; 2. ଦୁର୍ନାମକ ।
**Traffic**, *n.* 1. ଦ୍ରବ୍ୟ ବାଣିଜ୍ୟ, ବଜାର କାରବାର; 2. ରେଲପଥରେ ମାଲ ବା ଯାତ୍ରୀ ଯାତାୟାତ ।
**Trafficker**, *n.* ବ୍ୟବସାୟୀ ।
**Traffic-manager**, *n.* ରେଲୱେରେ ମାଲ ବା ଯାତ୍ରୀ ଯାତାୟାତ ସମ୍ବନ୍ଧୀୟ ପ୍ରଧାନ କର୍ମଚାରୀ ।
**Tragedian**, *n.* ଶୋକାନ୍ତ ନାଟକର ଅଭିନେତା
**Tragedy**, *n.* 1. ଶୋକାନ୍ତ ନାଟକ; 2. ଦୁର୍ଘଟଣା ।
**Tragic**, **Tragical**, *a.* 1. ଶୋକାନ୍ତ ନାଟକ ସମ୍ବନ୍ଧୀୟ; 2. ଶୋକାତ୍ମକ, କରୁଣରସପ୍ରଧାନ; 3. ଦୁର୍ଘଟନାମୟ ।
**Tragically**, *ad.* 1. ନାଟକୀୟ ଭାବରେ; 2. ଶୋକାବହଭାବରେ; 3. ଦୁର୍ଘଟଣାପୂର୍ଣ୍ଣଭାବରେ ।
**Tragic-comedy**, *n.* ଦୁଃଖସୁଖାତ୍ମକ ନାଟକ ।

Trail, *v.t.* 1. ଘୋଷାରିବା, ଭୂମିଉପରେ ଟାଣିବା; 2. ଓଟାରିବା ।—*v.i.* 1. ଲମ୍ବ ହୋଇ ଟଣା-ହେ; 2. ଲଟାଇ ମାଡିବା; 3. ମନ୍ଥରେ ଚାଲିବା ।—*n.* 1. ଖୋଜ ବା ପାଦଚିହ୍ନ; 2. ନକ୍ଷତ୍ରର ପୁଚ୍ଛଶିଖା; 3. ମଙ୍ଗା ବାଟ, ଗଳି ।

Trailer, *n.* 1. ଘୋଷାରିହୋଇ ଚାଲୁଥିବା ଗାଡି; 2. ଲତା ।

Trail-net, *n.* ଟଣା ଜାଲ ।

Train, *v.t.* 1. ଶିକ୍ଷିତ କରାଇବା; 2. ବଶରେ ଆଣିବା; 3. ପାଳନ-କ ।—*v.i.* 1. ବ୍ୟାୟାମ-କ; 2. ରେଲ-ଗାଡିରେ ଯାତ୍ରା-କ ।—*n.* ପରିଚ୍ଛଦର ଲମ୍ବିତ ପଶ୍ଚାଦ୍-ଭାଗ; 3. ଅନୁଚରବର୍ଗ; 4. ଅନୁକ୍ରମ; 5. ବାରୁଦର ଲହିରୀ; 6. ରେଲଗାଡି; 7. କନ୍ଦର୍ପ ଘାଉ ।

Trainable, *a.* ଶିକ୍ଷିତ ହେବା ଯୋଗ୍ୟ ।

Train-bearer, *n.* ପରିଚ୍ଛଦର ଲମ୍ବିତ ପଶ୍ଚାଦ୍ଭାଗର ବାହକ ।

Trained, *a.* 1. ଶିକ୍ଷିତ; 2. ବଶୀଭୂତ ।

Trainers, *n.* ଶିକ୍ଷାଦାତା ।

Training, *n.* 1. ଶିକ୍ଷାପ୍ରାପ୍ତି; 2. ବ୍ୟାୟାମକୀଡାଭ୍ୟାସ ।

Training-college, Training-school, *n.* ଗୁରୁ-ବିଦ୍ୟାଳୟ ।

Trait, *n.* *trā* or *trāt*, 1. ବ୍ୟକ୍ତିଗତ ଗୁଣ ବା ଚିହ୍ନ; 2. ସ୍ପର୍ଶମାତ୍ର ।

Traitor, *n.* 1. ରାଜଦ୍ରୋହୀ; 2. ବିଶ୍ୱାସଘାତକ ଲୋକ ।

Traitorous, *a.* 1. ରାଜଦ୍ରୋହପୂର୍ଣ୍ଣ; 2. ବିଶ୍ୱାସଘାତୀ ।

Traitorously, *ad.* 1. ରାଜଦ୍ରୋହରୂପେ; 2. ବିଶ୍ୱାସ-ଘାତକଭାବେ ।

Traitress, *n.* 1. ରାଜଦ୍ରୋହିଣୀ; 2. ବିଶ୍ୱାସଘାତିନୀ ।

Trajection, *n.* ଉତ୍କ୍ଷେପଣ ।

Trajectory, *n.* ଧନୁକାକାର ଗତିପଥ ।

Tram, *n.* ସଡକରେ ବସାହୋଇଥିବା ଲୁହାଧାରରେ ଚାଲିଚ ଯାଉଥିବାଳୁକ ଗାଡି ।

Tram-car, *n.* ଟ୍ରାମ୍‌ଗାଡି ।

Trammel, *n.* 1. ମାଛ ବା ଚଢେଇ ଧରିବା ଜାଲ; 2. ଦୁଲ୍କି ଚାଲ ଶିଖାଇବାପାଇଁ ଘୋଡାର ଅଗଗୋଡରେ ବନ୍ଧା ହୋଇଥିବା ଛନ୍ଦ; 3. ବନ୍ଧନ ।—*v.t.* ବେଢି-ଦେ ।

Tramp, *v.t.* ପାଦରେ ମାଡିବା ।—*v.i.* 1. ପାଦ-ଗତିରେ ଚାଲିବା; 2. ବାରବୁଲା-ହେ ।—*n.* 1. ପଦ-ବ୍ରଜରେ ଯାତ୍ରା; 2. ବାରବୁଲା ।

Trample, *v.t.* 1. ପାଦରେ ଦଳିବା, ଗୋଡତଳେ ମାଡିବା; 2. ଅବଜ୍ଞା-କ ।—*v.i.* ସବଳେ ମାଡି ଦଳି ଚାଲିଯିବା ।

Tram-road, Tramway, *n.* ଟ୍ରାମ୍‌ଗାଡି ଚାଲିବାପାଇଁ ଲୌହପଥ ।

Trance, *n.* 1. ସମ୍ମୋହନ, ସର୍ବ ଅଚୈତନ୍ୟ; 2. ମୋହନୀଦ୍ରା ।

Tranquil, *a.* 1. ଶାନ୍ତ, ପ୍ରଶାନ୍ତ; 2. ଧୀର ।

Tranquillisation, *n* ଶାନ୍ତକରଣ ।

Tranquillise, *v.t.* ଶାନ୍ତ-କ ।

Tranquillity, Tranquilness, *n.* 1. ଶାନ୍ତତା; 2. ନିରୁପଦ୍ରବତା ।

Tranquilly, *ad.* ଶାନ୍ତଭାବେ, ଧୀରଭାବେ ।

Transact, *v.t.* 1. ନିର୍ବାହ-କ; 2. ସାଧନ-କ ।—*v.i.* ସମ୍ପାଦନ-କ ।

Transaction, *n.* 1. କାର୍ଯ୍ୟନିର୍ବାହ; 2. କାର୍ଯ୍ୟ; 3. କାରବାର ।

Trans, Tran, *prep.* ପାର୍ଶ୍ୱାନ୍ତରସୂଚକ ଉପପଦ ।

Transcend, *v.t.* 1. ଅତିକ୍ରମ-କ; 2. ବଳିଯିବା ।

Transcendence, Transcendency, *n.* 1. ସର୍ବୋତ୍କୃଷ୍ଟତା; 2. ପରମତ୍ୱ ।

Transcendent, *a.* 1. ଅତିଶାୟକ; 2. ସର୍ବୋତ୍କୃଷ୍ଟ; 3. ସୀମାତୀତ; 4. ଜ୍ଞାନାତୀତ ।

Transcendental, *a.* 1. ସୀମାତୀତ; 2. ଅନନୁଭବ୍ୟ; 3. ଅସ୍ପଷ୍ଟ ।

Transcendentalism, *n.* 1. ଜ୍ଞାନାତୀତତ୍ୱ; 2. ଦର୍ଶନଶାସ୍ତ୍ରର ଜ୍ଞାନାଗମ୍ୟବାଦ ।

Transcribe, *v.t.* ଉତାରିବା, ନକଲ-କ, ପ୍ରତିଲିପି-କ ।

Transcriber, *n.* ପ୍ରତିଲିପିକର ।

Transcript, *n.* ପ୍ରତିଲିପି ।

Transcription, *n.* 1. ପ୍ରତିଲିପିକରଣ; 2. ପ୍ରତିଲିପି ।

Transept, *n.* କ୍ରୁଶାକୃତ ଭଜନାଳୟର ଭୁଜଦ୍ୱୟ ପାର୍ଶ୍ୱ ।

Transfer, *v.t.* 1. ହସ୍ତାନ୍ତର-କ; 2. ସ୍ଥାନାନ୍ତର-କ ।—*n.* 1. ସ୍ଥାନାନ୍ତରକରଣ; 2. ହସ୍ତାନ୍ତର; 3. ସ୍ଥାନା-ନ୍ତର; 4. ନକଲ ।

Transferable, Transferible, *a.* 1. ହସ୍ତାନ୍ତର-କରଣୀୟ; 2. ସ୍ଥାନାନ୍ତରଯୋଗ୍ୟ ।

Transfer-book, *n.* ହସ୍ତାନ୍ତରିତ ବିଷୟର ବହି ।

Transferee, *n.* ହସ୍ତାନ୍ତରିତ ବିଷୟର ଗ୍ରାହକ ।

Transference, *n.* 1. ହସ୍ତାନ୍ତରକରଣ; 2. ସ୍ଥାନା-ନ୍ତର ।

Transfer-paper, *n.* ନକଲ କରିବା କାଗଜ ।

Transfiguration, *n.* 1. ଅନ୍ୟମୂର୍ତ୍ତି ଧାରଣ; 2. ରୂପାନ୍ତର ।

Transfigure, *v.t.* ରୂପାନ୍ତର-କ ।

Transfigurement, *n.* 1. ରୂପାନ୍ତର; 2. ଖ୍ରୀଷ୍ଟଙ୍କ ଅନ୍ୟମୂର୍ତ୍ତି ଧାରଣର ସ୍ମରଣାର୍ଥ ଗୋଟିଏ ପର୍ବ ଦିନ ।

Transfix, *v.t.* ବିଦ୍ଧ-କ, ଭେଦ-କ ।

Transform, *v.t.* 1. ଭିନ୍ନରୂପ-କ; 2. ଅକୃତି ପରି-ବର୍ତ୍ତନ-କ; 3. ସ୍ୱଭାବ ବଦଳାଇବା; 4. ପରିଣତ-କ ।

Transformation, *n.* 1. ଭିନ୍ନରୂପ ଧାରଣ; 2. ସମ୍ପୂର୍ଣ୍ଣ ପରିବର୍ତ୍ତନ ।

Transformative, *a.* ରୂପପରିବର୍ତ୍ତକ ।

Transfuse, *v.t.* 1. ପାତ୍ରାନ୍ତରିତ-କ; 2. ଶିରାରେ (ରକ୍ତ) ପ୍ରବେଶ କରାଇବା ।

Transfuser, *n.* ଯେ ବା ଯାହା ପାତ୍ରାନ୍ତର କରେ ।

**Transfusible**, *a.* ପାତ୍ରାନ୍ତର ଯୋଗ୍ୟ ।

**Transfusion**, *n.* 1. ପାତ୍ରାନ୍ତରକରଣ; 2. ଶିରାରେ ରକ୍ତ ପ୍ରବେଶକରଣ ।

**Transfusive**, *a.* ପାତ୍ରାନ୍ତରକରଣ ସାଧକ ।

**Transgress**, *v.t.* 1. ସୀମାତିକ୍ରମ-କ; 2. ଆଜ୍ଞାଲଙ୍ଘନ-କ ।—*v.i.* ଅପରାଧ-କ, ପାପ-କ ।

**Transgressible**, *a.* 1. ଅତିକ୍ରମଣୀୟ; 2. ଲଙ୍ଘନୀୟ ।

**Transgression**, *n.* 1. ଆଜ୍ଞାଲଙ୍ଘନ; 2. ଅପରାଧ, ଦୋଷ । [କାରୀ ।

**Transgressor**, *n.* 1. ଅପରାଧୀ; 2. ଆଜ୍ଞା ଲଙ୍ଘନ-

**Tranship**, *v.t.* ଏକ ଜାହାଜରୁ ଅନ୍ୟ ଜାହାଜକୁ-ନେ ।—*v.i.* ଏକ ଜାହାଜ ବା ଗାଡ଼ିରୁ ଅନ୍ୟ ଜାହାଜ ବା ଗାଡ଼ିକୁ ଯିବା ।

**Transience**, **Transiency**, *n.* 1. ଅଚିରସ୍ଥାୟିତ୍ୱ; 2. ଅନିତ୍ୟତ୍ୱ; 3. କ୍ଷଣିକତ୍ୱ ।

**Transient**, *a.* 1. ଅଚିରସ୍ଥାୟୀ; 2. ଅନିତ୍ୟ; 3. କ୍ଷଣିକ ।

**Transiently**, *ad.* 1. ଅଚିରସ୍ଥାୟିଭାବେ: 2. ଅନିତ୍ୟଭାବେ; 3. କ୍ଷଣିକରୂପେ ।

**Transit**, *n.* 1. ସଞ୍ଚାର; 2. ମାଲର ଚାଲାଣ; 3. ସୂର୍ଯ୍ୟମଣ୍ଡଳ ଉପର ଦେଇ ଗ୍ରହର ଗତି ।

**Transit-duty**, *n.* ଯେଉଁ ଦେଶଦେଇ ବାଣିଜ୍ୟଦ୍ରବ୍ୟ ଚାଲାଣ ହୁଏ ସେହି ଦେଶକୁ ଦେୟ ମାଶୁଲ, ରାହାଦାରି ମାଶୁଲ ।

**Transit-instrument**, *n.* ସୂର୍ଯ୍ୟମଣ୍ଡଳୋପରି ଗ୍ରହଗତି ଦର୍ଶନାର୍ଥ ଦୂରବୀକ୍ଷଣ ଯନ୍ତ୍ର ।

**Transition**, *n.* 1. ଅବସ୍ଥାନ୍ତର; 2. ପରିବର୍ତ୍ତନ ।

**Transitional**, **Transitionary**, *a.* 1. ଅବସ୍ଥାନ୍ତର ସମ୍ବନ୍ଧୀୟ; 2. ପରିବର୍ତ୍ତନ ସମନ୍ୱିତ ।

**Transitive**, *a.* (Gram.) ସକର୍ମକ ।

**Transitorily**, *ad.* 1. ଅନିତ୍ୟଭାବେ, ନଶ୍ୱରଭାବେ: 2. ସ୍ୱଳ୍ପସ୍ଥାୟିରୂପେ ।

**Transitoriness**, *n.* 1. ଅନିତ୍ୟତା, ନଶ୍ୱରତା; 2. କ୍ଷଣଧ୍ୱଂସିତା ।

**Transitory**, *a.* 1. ଅନିତ୍ୟ, ନଶ୍ୱର; 2. ସ୍ୱଳ୍ପସ୍ଥାୟୀ; 3 କ୍ଷଣଧ୍ୱଂସୀ ।

**Translatable**, *a.* ଅନୁବାଦକରଣୀୟ, ଭାଷାନ୍ତରିତ ଯୋଗ୍ୟ ।

**Translate**, *v.t.* 1. ସ୍ଥାନାନ୍ତରିତ-କ; 2. ଭାଷାନ୍ତରିତ-କ, ଅନୁବାଦ-କ, ତର୍ଜମା-କ; 3. ପରିଣତ-କ ।

**Translated**, *a.* ଭାଷାନ୍ତରିତ, ଅନୁବାଦିତ ।

**Translation**, *n.* 1. ସ୍ଥାନାନ୍ତରିତ କରଣ; 2. ସଦେହରେ ସ୍ୱର୍ଗଗମନ; 3. ଭାଷାନ୍ତରକରଣ; 4. ଅନୁବାଦ, ତର୍ଜମା ।

**Translator**, *n.* ଅନୁବାଦକ, ତର୍ଜମାକାରୀ ।

**Transliterate**, *v.t.* ଅକ୍ଷରାନ୍ତରିତ-କ ।

**Transliteration**, *n.* ଅକ୍ଷରାନ୍ତରୀକରଣ ।

**Translucence**, **Translucency**, *n.* 1. ଈଷତ୍‌ସ୍ୱଚ୍ଛତା; 2. ବୈମଲ୍ୟ ।

**Translucent**, *a.* 1. ଈଷତ୍ ସ୍ୱଚ୍ଛ; 2. ବିମଳ ।

**Transmigrate**, *v.i.* 1. ଦେହାନ୍ତର ପ୍ରାପ୍ତ-ହେ; 2. ଦେଶାନ୍ତର ଗମନ-କ ।

**Transmigration**, *n.* 1. ଦେହାନ୍ତରପ୍ରାପ୍ତି; 2. ଯୋନିଭ୍ରମଣ ।

**Transmigratory**, *a.* ଦେଶାନ୍ତର ବା ଦେହାନ୍ତରପ୍ରାପ୍ତି ସମ୍ବନ୍ଧୀୟ ।

**Transmissibility**, *n.* 1. ପ୍ରେରଣୀୟତ୍ୱ; 2. ସ୍ଥାନାନ୍ତର କରଣୀୟତ୍ୱ ।

**Transmissible**, **Transmittible**, *a* 1. ପ୍ରେରଣୀୟ; 2. ହସ୍ତାନ୍ତର କରଣୀୟ; 3. ସଞ୍ଚାରଣୀୟ ।

**Transmission**, **Transmittal**, *n.* 1. ପ୍ରେରଣ; 2. ହସ୍ତାନ୍ତରକରଣ; 3. ସଞ୍ଚାରଣ ।

**Transmissive**, *a.* 1. ସଂକ୍ରାମିତ; 2. ସଞ୍ଚାରିତ ।

**Transmit**, *v.t.* 1. ପ୍ରେରଣ-କ; 2. ହସ୍ତାନ୍ତର-କ: 3. ସଂକ୍ରାମିତ-କ; 4. ସଞ୍ଚାରିତ-କ ।

**Transmitter**, *n.* 1. ଯେ ବା ଯାହା ସଞ୍ଚାରିତ କରେ: 2. ଟେଲିଗ୍ରାଫ ସମ୍ବାଦର ପ୍ରେରକ ଯନ୍ତ୍ର ।

**Transmutable**, *a.* 1. ଗୁଣାନ୍ତରିତକରଣୀୟ: 2. ଦାଖଲଖାରଜ ହେବାଯୋଗ୍ୟ ।

**Transmutation**, *n.* 1. ଗୁଣାନ୍ତରିତକରଣ; 2. ଦାଖଲଖାରଜ ।

**Transmute**, *v.t.* 1. ଗୁଣାନ୍ତରିତ-କ; 2. ପରିଣତ-କ; 3. ଦାଖଲଖାରଜ-କ ।

**Transom-window**, *n.* ଅଡ଼କାଠଦ୍ୱାରା ବିଭକ୍ତ ଝରକା ।

**Transparency**, *n.* 1. ସ୍ୱଚ୍ଛତା, ସ୍ଫଟିକପ୍ରଭା; 2. ନୈର୍ମଲ୍ୟ; 3. ଅନେକରେଖା ଈଷତ୍ ସ୍ୱଚ୍ଛ ଚିତ୍ର ।

**Transparent**, *a.* 1. ସ୍ୱଚ୍ଛ; 2. ନିର୍ମଳ; 3. ସ୍ଫଟିକପ୍ରଭ ।

**Transparently**, *ad.* 1. ସ୍ୱଚ୍ଛଭାବେ; 2. ନିର୍ମଳରୂପେ ।

**Transpire**, *v.t.* ଲୋମକୂପଦ୍ୱାରା ନିଃସାରିତ-କ ।—*v.i.* 1. ନିଃସୃତ-ହେ; 2. ବ୍ୟକ୍ତ-ହେ; 3. ଘଟିବା ।

**Transplant**, *v.t.* 1. ରୋଇବା; 2. ସ୍ଥାନାନ୍ତରିତ-କ ।

**Transplantable**, *a.* 1. ରୋଇବାଯୋଗ୍ୟ, ପ୍ରତିରୋପଣୀୟ: 2. ସ୍ଥାନାନ୍ତରିତକରଣୀୟ ।

**Transplantation**, *n.* ରୁଆ, ପ୍ରତିରୋପଣ ।

**Transplanter**, *n.* ରୁଆଳି, ପ୍ରତିରୋପକ ।

**Transport**, *v.t.* 1. ସ୍ଥାନାନ୍ତର କରିବା; 2. ଦୋଷଦେଇ ଦେଶାନ୍ତରିତ-କ, ଦାମିଲ-କ; 3. ଆହ୍ଲାଦରେ ମତ୍ତ-କ ।—*n.* 1. ସ୍ଥାନାନ୍ତରକରଣ; 2. ସୈନ୍ୟ ବା ବନ୍ଦୀମାନଙ୍କୁ ଦେଶାନ୍ତର ପ୍ରେରଣାର୍ଥ ଜାହାଜ; 3. ସୈନ୍ୟ ବା ସେମାନଙ୍କ ଜଳପଥର ଦେଶାନ୍ତର ପ୍ରେରଣ; 4. ମହୋଲ୍ଲାସ; 5. ସଭାବତା ।

**Transportable**, *a.* ଦେଶାନ୍ତରକରଣୀୟ ।

**Transportation**, *n.* 1. ସ୍ଥାନାନ୍ତରକରଣ; 2. ଦେଶାନ୍ତରପ୍ରେରଣ, ଦ୍ୱୀପାନ୍ତରପ୍ରେରଣ ।

**Transported**, *a.* ମହୋଲ୍ଲସିତ, ହର୍ଷୋନ୍ମତ୍ତ ।

**Transporting**, *a.* 1. ହର୍ଷୋନ୍ମାଦଜନକ; 2. ମନୋହର ।

Transposable, *a.* 1. ବିନିମୟ ଯୋଗ୍ୟ; 2. ଫେରଫାର କରିବାଯୋଗ୍ୟ ।

Transposal, *n.* 1. ସ୍ଥାନ ପରିବର୍ତ୍ତନ; 2. ଅନୁକ୍ରମ ପରିବର୍ତ୍ତନ ।

Transpose, *v.t.* 1. ବିନିମୟ-କର; 2. ଏକର ସ୍ଥାନରେ ଅନ୍ୟକୁ ରଖିବା; 3. ଫେରଫାର-କର ।

Transposition, *n.* ପରସ୍ପର ସ୍ଥାନ ବିନିମୟ; 2. କ୍ରମ-ପରିବର୍ତ୍ତନକରଣ ।

Transubstantiation, *n.* ରୋମାନକାଥଲିକ ମତାନୁଯାୟୀ ପ୍ରଭୁଙ୍କ ଭୋଜନରେ ରୋଟି ଓ ଦ୍ରାକ୍ଷାରସକୁ ଖ୍ରୀଷ୍ଟଙ୍କ ମାଂସ ଓ ରକ୍ତରେ ପରିବର୍ତ୍ତନ ।

Transverse, *a.* ତିର୍ଯ୍ୟକ୍, ଟେଢ଼ା ।—*ad.* ତିର୍ଯ୍ୟଗ୍‌ଭାବେ ।

Transversely, *ad.* ତିର୍ଯ୍ୟଗ୍‌ଭାବରେ, ଅଡ଼ାଅଡ଼ି ।

Trap, (1) *n.* 1. ପଶୁପକ୍ଷୀ ଧରିବା ଯନ୍ତ୍ର; 2. ଛଳ; 3. ନଳଭିତରେ ଥିବା କବାଟ; 4. ଦୁଇ ଚକିଆ ଛୋଟ ଘୋଡ଼ାଗାଡ଼ି ।—*v.t.* ଯନ୍ତ୍ରରେ ଧରିବା ।

Trap, (2) *v.t.* ଭୂଷିତ-କର ।—*n.* (*pl.*) ନିଜର ଲୁଗାପଟା ଓ ଜିନିଷପତ୍ର ।

Trap-door, *n.* ଗୁପ୍ତ ଦ୍ୱାର, ଛାତ ବା ଭୂମିତଳେ ଥିବା ଛୋଟ ଦ୍ୱାର ।

Trapes, *v.i.* ଅକାରଣରେ ବୁଲିବା ।

Trapezium, Trapeze, (1) *n.* 1. ବିଷମ ଚତୁର୍ଭୁଜ କ୍ଷେତ୍ର; 2. ମଣିବନ୍ଧର ଗୋଟିଏ ଅସ୍ଥି ।

Trapeze, (2) ବ୍ୟାୟାମର ଦୋଳନା, ଦୋଳିଦଣ୍ଡ ।

Trapezoid, *n.* ସମ୍ମୁଖବାହୁଦ୍ୱୟ ସମାନ୍ତରାଳ ବିଷମ-ଚତୁର୍ଭୁଜ କ୍ଷେତ୍ର ।

Trappings, *n.* (*pl.*) 1. ଅଶ୍ୱର ଭୂଷଣ; 2. ଜାକଜମକ ପୋଷାକ ।

Trash, *v.t.* (ଗଛକୁ) ଛାଟିବା ।—*n.* ତୁଚ୍ଛବସ୍ତୁ, ଛାଟୁଣି ।

Trashy, *a.* ଅକିଞ୍ଚିତ୍କର, ଅକର୍ମଣ୍ୟ ।

Travail, *n.* 1. ଅତ୍ୟନ୍ତ ପରିଶ୍ରମ; 2. କଷ୍ଟ; 3. ପ୍ରସବ ବେଦନା ।—*v.i.* 1. ଅତ୍ୟନ୍ତ ପରିଶ୍ରମ-କର; 2. ପ୍ରସବ ବେଦନା ଭୋଗ-କର ।

Travel, *v.i.* 1. ଗମନ-କର; 2. ପର୍ଯ୍ୟଟନ-କର; 3. ଯାତ୍ରା-କର ।—*v.t.* ପରିଭ୍ରମଣ-କର ।—*n.* 1. ଦେଶଭ୍ରମଣ; 2. ପର୍ଯ୍ୟଟନ; 3. ଯାତ୍ରା, 4. (*pl.*) ଭ୍ରମଣ ବୃତ୍ତାନ୍ତ ।

Travelled, *a.* ପର୍ଯ୍ୟଟନାଭିଜ୍ଞ ।

Traveller, *n.* 1. ପର୍ଯ୍ୟଟକ; 2. ବାଟୋଇ, ପଥିକ, ପାନ୍ଥ; 3. ବାଣିଜ୍ୟ ପ୍ରସାରଣାର୍ଥ ବଣିକମାନଙ୍କ ଦ୍ୱାରା ନିଯୁକ୍ତ ଭ୍ରମଣକାରୀ ।

Travelling, *a.* 1. ଭ୍ରମଣଶୀଳ; 2. ଯାତ୍ରା ସମ୍ପର୍କୀୟ ।

Travelling-allowance, *n.* 1. ରାସ୍ତାଖର୍ଚ୍ଚ; 2. ଖରଚ, ଭତା ।

Travelling-bag, *n.* ଯାତ୍ରୋପଯୋଗୀ ବ୍ୟାଗ୍ ବା ଥଳୀ ।

Travelling dress, *n.* ଯାତ୍ରୋପଯୋଗୀ ବସ୍ତ୍ର ।

Travel-stained, soiled, *a.* ପର୍ଯ୍ୟଟନ ହେତୁରୁ ମଳିନ ।

Traversable, *a.* 1. ଭ୍ରମ୍ୟ; 2. ମିଥ୍ୟାରୂପେ ପ୍ରତିପାଦ୍ୟ ।

Traverse, *v.t.* 1. କର୍ଣ୍ଣମାର୍ଗେ ଗତି-କର; 2. ଭ୍ରମଣ-କର; 3. ମିଥ୍ୟାପ୍ରତିପନ୍ନ-କର ।—*n.* କୋଣାକୋଣି ଭାବେ ସ୍ଥାପିତ କାଠ ପ୍ରଭୃତି ।

Traverse-table, *n.* ରେଳଗାଡ଼ି ଅଥବା ଲୌହପଥକୁ ଘୁଞ୍ଚାଇବା ନିମନ୍ତେ ଅଡ଼ଭାବେ ଚଳନୀୟ ମଞ୍ଚ ।

Travesty, *n.* ହାସ୍ୟାସ୍ପଦ ଅନୁକରଣ ।—*v.t.* ହାସ୍ୟାସ୍ପଦ ବିଷୟରେ ପରିଣତ-କର ।

Trawl, *v.i.* ମାଛ ଧରିବାପାଇଁ ଥୈଲାମୁହାଁ ଜାଲ ସମୁଦ୍ରତଳେ ଟାଣିବା ।—*v.t.* ଉକ୍ତ ଜାଲ ସମୁଦ୍ରତଳେ ପଡ଼ୁଥିବାବେଳେ ଟାଣିଧରିବା ।

Trawler, *n.* ଗଭୀର ସମୁଦ୍ରରେ ମାଛ ଧରିବା ଜାହାଜ ।

Tray, *n.* 1. ଥାଳି; 2. ଡାଲା ।

Treacherous, *a.* 1. ଶଠ; 2. ଅବିଶ୍ୱସ୍ତ; 3. ମାୟାବହୁଳ ।

Treacherously, *ad.* 1. ଶଠତାପୂର୍ବକ, ଶଠଭାବେ; 2. ଅବିଶ୍ୱସ୍ତଭାବେ ।

Treacherousness, *n.* 1. ଶଠତା; 2. ଅବିଶ୍ୱସ୍ତତା ।

Treachery, *n.* 1. ଶାଠ୍ୟ; 2. ପ୍ରତାରଣା ।

Treacle, *n.* 1. ଦ୍ରବଗୁଡ଼; 2. ଶିରା ।

Tread, *v.t.* and *i.* 1. ପଦାର୍ପଣ-କର; 2. ଗୋଡ଼ରେ ମଳିବା; 3. ପାଦରେ ଚଳିବା; 4. ପକ୍ଷୀ ପକ୍ଷିଣୀକୁ ମାଡ଼ି ବସିବା ।—To tread down, ମାଡ଼ିଦଳି ନଷ୍ଟ-କର । To tread in one's footsteps, or steps, ଅନୁସରଣ-କର । To tread on one's toes, ଅସନ୍ତୋଷ ଜନ୍ମାଇବା । To tread on or upon the heels of, କାହାର ପଛରେ ଗୋଡ଼ ଲଗାଇ ଚାଲିବା । To tread underfoot, 1. ଅବଜ୍ଞା-କର; 2. ନଷ୍ଟ-କର ।

Treadle, Treddle, *n.* 1. ପାଦଦ୍ୱାରା ଯନ୍ତ୍ରର ଚଳନୀୟ ଭାଗ ।—*v.i.* ପାଦଦ୍ୱାରା ଯନ୍ତ୍ର ଚଳାଇବା ।

Tread-mill, *n.* ଯେଉଁ କଳର ଚକକୁ ଗୋଡ଼ରେ ମାଡ଼ି ଚଳାଯାଏ ।

Tread-wheel, *n.* ଗୋଡ଼ରେ ମାଡ଼ି ଚଳାଇବା ଚକ ।

Treason, *n.* 1. ରାଜ୍ୟଶାସକର ପ୍ରତିକୂଳାଚରଣ; 2. ଶାଠ୍ୟ, ପ୍ରତାରଣା; 3. ରାଜଦ୍ରୋହ ।—Treason felony, ରାଜାଙ୍କୁ ସିଂହାସନଚ୍ୟୁତ କରିବା ଅପରାଧ । High treason, ଶାସନକର୍ତ୍ତୃପକ୍ଷମାନଙ୍କ ବିରୁଦ୍ଧେ କୃତ ଅପରାଧ । Petty treason, 1. ପତ୍ନୀକୃତ ପତିହତ୍ୟା; 2. ଦାସଦ୍ୱାରା କର୍ତ୍ତାର ହତ୍ୟା ।

Treasonable, *a.* 1. ରାଜ୍ୟଶାସକର ପ୍ରତିକୂଳାଚରଣ ସମ୍ବନ୍ଧୀୟ; 2. ରାଜଦ୍ରୋହାତ୍ମକ ।

Treasure, *n.* 1. ସଞ୍ଚିତ ଧନ; 2. ଧନ, ସମ୍ପଦ; 3. ବହୁମୂଲ୍ୟ ଦ୍ରବ୍ୟ, ନିଧି ।—*v.t.* 1. ସଞ୍ଚୟ-କର; 2. ଭବିଷ୍ୟତପାଇଁ ସଂଗ୍ରହ-କର; 3. ବହୁମୂଲ୍ୟ ଜ୍ଞାନ-କର ।

Treasure-chest, *n.* ଧନାଧାର, ବହୁମୂଲ୍ୟ ଦ୍ରବ୍ୟ ରଖିବା ସିନ୍ଦୁକ ।

**Treasure-house**, *n.* ଧନାଗାର, ଭଣ୍ଡାରଘର ।

**Treasurer**, *n.* 1. କୋଷାଧ୍ୟକ୍ଷ; 2. ଖଜଞ୍ଚି, ତହବିଲଦାର ।

**Treasurership**, *n.* କୋଷାଧ୍ୟକ୍ଷ ପଦ ।

**Treasure-trove**, *n.* ଅନଧିକୃତ ଗୁପ୍ତ ନିଧି, ପୋତାଧନ ।

**Treasury**, *n.* 1. ରାଜକୋଷ; 2. ଭଣ୍ଡାର, ଧନାଗାର; 3. ଖଜଣାଖାନା ।

**Treasury-bench**, *n.* ଇଂଲଣ୍ଡର ରାଜପ୍ରତିନିଧି ମହାସଭାରେ ସଭାପତିଙ୍କ ଦକ୍ଷିଣପାର୍ଶ୍ୱସ୍ଥ ଆସନର ପ୍ରଥମ ଧାଡ଼ି ।

**Treat**, *v.t.* 1. ବ୍ୟବହାର-କ, ଆଚରଣ-କ; 2. ଆଲୋଚନା-କ; 3. ଅତିଥିସତ୍କାର-କ, ତାହାକୁ ଖାଇବାକୁ ଦିଅଇବା; 4. ଚିକିତ୍ସା-କ ।—*v.i.* 1. ପ୍ରସଙ୍ଗ ସେନ କହିବା ବା ଲେଖିବା; 2. ସନ୍ଧି ପ୍ରସ୍ତାବ-କ; 3. ଭୋଜ -ଦେ ।—*n.* 1. ଅସାମାନ୍ୟ ଭୋଜ; 2. ଖୁଆଇବା ପାଳି; 3 ସୁଖାନୁଭବ ।

**Treating**, *n.* 1. ବ୍ୟବହାରକରଣ; 2. ଅତିଥିସତ୍କାର; 3. ପ୍ରତିନିଧି ନିର୍ବାଚନ କାଳରେ ଉତ୍କୋଚସ୍ୱରୂପ ଭୋଜନପାନାଦି ଦାନ ।

**Treatise**, *n.* 1. ଲିଖିତପ୍ରସଙ୍ଗ, ପ୍ରବନ୍ଧ; 2. ଗ୍ରନ୍ଥ ।

**Treatment**, *n.* 1. ଆଚରଣ; 2. ନିର୍ବାହ, ପରିଚାଳନ; 3. ବ୍ୟବହାର; 4. ପ୍ରାସଙ୍ଗିକ ଲିଖନ ବା କଥନ; 5. ଚିକିତ୍ସାପ୍ରଣାଳୀ ।

**Treaty**, *n.* ସନ୍ଧିପତ୍ର ।

**Treble**, *a.* 1. ତ୍ରିଗୁଣ, ତେହରା; 2. ଉଚ୍ଚସ୍ୱରଯୁକ୍ତ ।—*n.* ଉଚ୍ଚସ୍ୱର ।—*v.t.* ତ୍ରିଗୁଣ-କ ।—*v.i.* ତ୍ରିଗୁଣ-ହେ ।

**Trebly**, *n.* ତ୍ରିଗୁଣିତରୂପେ ।

**Treddle**, see Treadle.

**Tree**, *n.* 1. ଗଛ, ବୃକ୍ଷ, ପାଦପ; 2. କ୍ରୁଶଯନ୍ତ୍ର; 3. କାଠର ସ୍ତମ୍ଭ; 4. ବୃକ୍ଷସଦୃଶ ପଦାର୍ଥ ।—*v.t.* 1. ବୃକ୍ଷରେ ଆଶ୍ରୟ ନେବାକୁ ବାଧ୍ୟ କରାଇବା; 2. କାଠ ସ୍ତମ୍ଭରେ ଛପର-କ ।—*v.i.* ବୃକ୍ଷରେ ଆଶ୍ରୟ-ନେ ।—Family tree, ଆସିବାଦ୍ଧକରୂପେ ଲିଖିତ ବଂଶାବଳି ।—To be up a tree, ସଙ୍କଟାପନ୍ନ ହେବା ।

**Treeless**, *a.* ବୃକ୍ଷଶୂନ୍ୟ ।

**Tree-of-life**, *n.* ଅମୃତବୃକ୍ଷ ।

**Trefoil**, *n.* 1. ତ୍ରିପତ୍ର ଉଦ୍ଭିଦ; 2. (Arch.) ତ୍ରିପତ୍ର ଉଦ୍ଭିଦ ବା ତାହାର ଚିତ୍ରଚନ ଅନୁରୂପ କୌଣସି ଚିତ୍ରକାରୀ ।

**Trek**, *v.i.* 1. ଗାଡ଼ି ଟାଣିବା; 2. ବଳଦ ଗାଡ଼ିରେ ଯାତ୍ରା-କ ।—*n.* ଏକ ମୁକାମରୁ ଅନ୍ୟ ମୁକାମର ଦୂରତା ।

**Trellis** *n.* ଝାଞ୍ଜିର, ଜାଲି, ଝାଁପ୍‌ରେଲ ।

**Trellised**, *a.* 1. ଜାଲିଲଗା; 2. ଜାଫ୍‌ରେଲ ଆକାରରେ ଗଢ଼ା ।

**Tremble**, *v.i.* କମ୍ପିବା, କମ୍ପିତ-ହେ, ଥରଥର-ହେ ।—*n.* 1. କମ୍ପନ, ଥରଥର; 2. ରୋଗଜାତ କମ୍ପ ।

**Trembling**, *n.* କମ୍ପ ।—*p.a.* କମ୍ପବାନ ।

**Tremblingly**, *ad.* କମ୍ପିତଭାବେ, ଥରଥର ।

**Tremendous**, *a.* 1. ଘୋରତର; 2. ପ୍ରଚଣ୍ଡ; 3 ଅତିବଡ଼; 4. ଭୀଷଣ ।

**Tremendously**, *ad.* 1. ଘୋରତରଭାବେ; 2. ଭୀଷଣରୂପେ ।

**Tremendousness**, *n.* 1. ଘୋରତା; 2. ଭୀଷଣତା ।

**Tremor**, *n.* କମ୍ପନ, ଅବଶକମ୍ପ ।

**Tremorless**, *a.* ନିଷ୍କମ୍ପ ।

**Tremulant**, *a.* କମ୍ପବାନ ।

**Tremulous**, *a.* 1. କମ୍ପିତ; 2. ଭୟପ୍ରଦର୍ଶକ; 3. ଉଚ୍ଛ୍ୱାସକର ।

**Tremulously**, *ad.* କମ୍ପିତଭାବେ ।

**Trench**, *v.t.* ଖାତ କରି ଖୋଳିବା ।—*v.i.* ଅନଧିକାରପୂର୍ବକ ହସ୍ତକ୍ଷେପ-କ ।—*n.* ଖାତ, ଖନକ, ନାଳୀ ।

**Trenchancy**, *n.* ତୀବ୍ରତ୍ୱ ।

**Trenchant**, *a.* 1. ତୀକ୍ଷ୍ଣ, କଟୁ; 2. ତୀବ୍ର; 3. କଠିନ ।

**Trencher**, (1) *n.* 1. କାଠର ଥାଳୀ; 2. ଖାଦ୍ୟ; 3. ଭୋଜନାମୋଦ ।

**Trencher** (2) *n.* ଖନକ ଖୋଳାଳି ।

**Trencher-man**, *n.* ଖାଇବାବାଲା, ଭକ୍ଷକ ।

**Trench-plough**, *n.* ଗଭୀର କରି ଚଷିବା ଲଙ୍ଗଳ ।

**Trend**, *v.i.* ପ୍ରସୃତ-ହେ, ପ୍ରବଣ-ହେ ।—*n.* ପ୍ରବଣତା ।

**Trepan**, *n.* (Surg.) ଖପୁରି କାଟିବାନିମନ୍ତେ ଅସ୍ତ୍ରଚିକିତ୍ସକଙ୍କ ନଳାକୃତ କରତ, ଟ୍ରେପାନ ।—*v.t.* ଉକ୍ତ କରତଦ୍ୱାରା ଖପୁରିରୁ ଗୋଲାକାର ଖଣ୍ଡ କାଟିବା ।

**Trephine**, *n.* ଅଧୁନାତନ ଗଠନର ଟ୍ରେପାନ୍ ।

**Trepidation**, *n.* 1. ବ୍ୟସ୍ତତା; 2. ଶଙ୍କା, ଭୟ; 3. କମ୍ପ ।

**Trespass**, *v.i.* 1. ଅତିକ୍ରମ-କ; 2. ଗୃହ ବା ଭୂମିରେ ଅନଧିକାର ପ୍ରବେଶ-କ; 3. ଅପରାଧ-କ ।—*n.* 1. ଅନଧିକାର ପ୍ରବେଶ; 2. ଅପରାଧ ।

**Trespasser**, *n*, 1. ଅବୈଧ ପ୍ରବେଶକ; 2. ଅପରାଧୀ ।

**Trespass-offering**, *n.* ଦୋଷାର୍ଥକ ବଳି ।

**Tress**, *n.* 1. କେଶଗୁଚ୍ଛ; 2. ଜଳପି ବାଳ; 3. ବାଳର ଗୋଟିଏ ଲୁଞ୍ଚ ।—*pl.* କେଶଭାର ।

**Tressy**, *a.* 1. କେଶ ସମ୍ବନ୍ଧୀୟ; 2. କେଶଭାର ସଦୃଶ ।

**Trestle, Tressel**, *n.* 1. ମେଜର ଠେକ ଦିଆଯାଉଥିବା ଘୋଡ଼ାଗୋଡ଼ିଆ ପାୟା; 2. ପୋଲର ପାୟା ।

**Trestle-work**, *n.* ପୋଲର ପାୟାଶ୍ରେଣୀ ।

**Triable**, *a.* ବିଚାର୍ଯ୍ୟ ।

**Triad**, *n.* 1. ତ୍ରିତୟ, ତ୍ରୟ; 2. ତ୍ରିମୂର୍ତ୍ତି ।

**Trial**, *n.* 1. ପରୀକ୍ଷା; 2. ଦରଶ; 3. ପରୀକ୍ଷିତାବସ୍ଥା; 4. କଷ୍ଟ; 5. ପ୍ରଲୋଭନ; 6. ଅଦାଲତର ବିଚାର; 7. ଚେଷ୍ଟା; 8. ଉଦ୍ଧାର ତାପ ପରୀକ୍ଷାର୍ଥ ପ୍ରଥମେ ଚଳାଯିବା ଯାନ ।—Trial trip, ଜାହାଜାଦିର ପରୀକ୍ଷାର୍ଥ ପ୍ରଥମଚାଳନା । On trial, ପରୀକ୍ଷାଧୀନ । Under trial, ବିଚାରାଧୀନ ।

**Trialism**, *n* ମନୁଷ୍ୟଠାରେ ଦେହ ପ୍ରାଣ ଆତ୍ମା ଏହି ତିନି ପଦାର୍ଥ ଥିବାର ଯେଉଁ ମତ ।

**Triangle**, *n.* (Math.) 1. ତ୍ରିଭୁଜ, ତ୍ରିକୋଣ କ୍ଷେତ୍ର; 2. ଇସ୍ପାତନିର୍ମିତ ତ୍ରିଭୁଜାକାର ଏକପ୍ରକାର ବାଦ୍ୟଯନ୍ତ୍ର; 3. ଇଲ୍‌ପଟା ନାମକ ଦଣ୍ଡ:ଦବା ଓଳଗାଯ଼ା ଯନ୍ତ୍ର ।
**Triangled**, *a.* ତ୍ରିକୋଣବିଶିଷ୍ଟ ।
**Triangular**, *a.* ତିନିକୋଣିଆ ।
**Triangulate**, *v.t.* କେତେଗୁଡ଼ିଏ ତ୍ରିଭୁଜରେ ବିଭକ୍ତ କରି ମାପିବା ।
**Triangulation**, *n.* 1. କେତେଗୁଡ଼ିଏ ତ୍ରିଭୁଜରେ ବିଭକ୍ତ କରି ମାପକରଣ; 2. ତ୍ରିଭୁଜ ଶ୍ରେଣୀ ।
**Triarchy**, *n.* 1. ତିନିବ୍ୟକ୍ତିଙ୍କଦ୍ୱାରା ଶାସନ; 2. ତିନିବ୍ୟକ୍ତିଙ୍କଦ୍ୱାରା ଶାସିତ ଦେଶ ।
**Tribal**, *a.* ଗୋଷ୍ଠୀୟ, ବଂଶୀୟ ।
**Tribe**, *n.* 1. ଗୋଷ୍ଠୀ, କୁଳ, ବଂଶ; 2. ବର୍ଗ, ଜାତି ।
**Tribulation**, *n.* ଦାରୁଣଯନ୍ତ୍ରଣା, ମହାକ୍ଳେଶ ।
**Tribunal**, *n.* 1. ବିଚାରକ; 2. ବିଚାରାଳୟ, ଅଦାଲତ ।
**Tribune**, *n.* 1. ରୋମୀୟ ବିଚାରକର୍ତ୍ତା ବିଶେଷ; 2. ବକ୍ତୃତାମଞ୍ଚ ।
**Tributary**, *a.* 1. କରଦ; 2. ଅଧୀନ; 3. ସାହାଯ୍ୟକାରୀ ।—*n.* 1. କରଦରାଜା; 2. ଉପନଦୀ ।
**Tribute**, *n.* 1. ରାଜସ୍ୱ, ପେଶ୍‌କସ୍; 2. ସାଦରୋପହାର ।
**Trice**, *n.* ପଲକ, ନିମିଷ ।
**Tricentenary**, *n.* ତ୍ରିଶତାବ୍ଦୀ ।
**Trichord**, *a.* ତ୍ରିତନ୍ତ୍ରୀ ।
**Trick**, (1) *v.t.* 1. ବେଶଭୂଷା-କ; 2. ଭୂଷିତ-କ ।
**Trick**, (2) *n.* 1. ପ୍ରତାରଣା; 2. ଛଳ; 3. ଭେଲ୍କି; 4. ଦୋଷ; 5. ତାସ୍‌ଖେଳର ପତ୍ତା ।—*v.t.* 1. ଠକିବା; 2. ଫାଙ୍କି-ଦେ ।
**Tricker**, *n.* ଠକ, ପ୍ରବଞ୍ଚକ ।
**Trickery**, *n.* 1. ଠକାମି; 2. କୌଶଳ; 3. ଛଳପଣ; 4. ପ୍ରବଞ୍ଚନା ।
**Trickily**, *ad.* 1. ଠକପଣରେ; 2. ପ୍ରବଞ୍ଚକଭାବେ ।
**Trickiness**, *n.* ଠକାମି, ଧୂର୍ତ୍ତତା ।
**Trickish**, *a.* 1. ଛଳପ୍ରିୟ; 2. ଚଲାକ୍ ।
**Trickishly**, *ad.* 1. ଛଳକ୍ରମେ; 2. ପ୍ରବଞ୍ଚନାପୂର୍ବକ; 3. ଧୂର୍ତ୍ତପଣରେ ।
**Trickishness**, *n.* ଧୂର୍ତ୍ତତା, ଧୂର୍ତ୍ତପଣ ।
**Trickle**, *v.i.* କ୍ଷରିବା, କ୍ଷୀଣହୋଇ ବିନ୍ଦୁରୂପେ ଝରିବା ।
**Trickly**, *a.* କ୍ଷରିତ ।
**Trickster**, *n.* 1. ଭେଲ୍କି ଦେଖାଇବା ଲୋକ; 2. ଧପାବାଜ ।
**Tricksy**, *a.* 1. ଚୌପଲା; 2. ଚିତ୍ତଚଞ୍ଚଳକର୍ତ୍ତ, ପରିହାସଯୁକ୍ତ ।
**Tricky**, *a.* 1. ଚତୁର, ନିପୁଣ; 2. ଶଠ ।
**Tricolour**, **Tricolor**, *n.* ଫରାସୀମାନଙ୍କ ଜାତୀୟ ତ୍ରିବର୍ଣ୍ଣ ପତାକା ।
**Tricoloured**, *a.* ତ୍ରିବର୍ଣ୍ଣବିଶିଷ୍ଟ ।
**Tricycle**, *n.* ତିନିଚକିଆ ଟ୍ରାଇସାଇକେଲ ।—*v.i.* ତିନିଚକିଆ ଟ୍ରାଇସାଇକେଲରେ ଚଢ଼ି ବୁଲିବା ।
Trident, *n.* ତ୍ରିଶୂଳ, ତ୍ରିଶିର, ଚେଣ୍ଡା ।
Tried, *a.* 1. ପ୍ରମାଣିତ, ସାବ୍ୟସ୍ତ; 2. ପରୀକ୍ଷିତ ।
Triennial, *a.* 1. ତ୍ରିବର୍ଷସ୍ଥାୟୀ; 2. ତ୍ରୈବାର୍ଷିକ ।
Triennially, *ad.* ତିନିବର୍ଷ ଅନ୍ତରେ, ତ୍ରିବର୍ଷାନ୍ତେ ।
Trier, *n.* 1. ପରୀକ୍ଷାକାରୀ ଲୋକ; 2. କଷ୍ଟିପଥର ।
Trifle, *v.i.* 1. ଲଘୁଜ୍ଞାନ କରି କହିବା ବା କରିବା; 2. ଥଟ୍ଟା ପରିହାସ-କ; 3. ବୃଥାରେ ସମୟ ନଷ୍ଟ-କ ।—*n.* 1. ଲଘୁ ବିଷୟ; 2. ତୁଚ୍ଛବସ୍ତୁ; 3. ପଣ୍ଡାରେ ତିଆରି ଏକପ୍ରକାର ମିଷ୍ଟାନ୍ନ ।
Trifler, *n.* 1. ଚପଳଭାବେ କାର୍ଯ୍ୟକାରୀ; 2. ତୁଚ୍ଛକାରୀ ।
Trifling, *a.* 1. ତୁଚ୍ଛ; 2. ଲଘୁ, ଅକିଞ୍ଚିତ୍କର ।
Trifoliate, Trifoliated, *a.* ତ୍ରିପତ୍ରକ ।
Triform, Triformed, *a.* ତ୍ରିଆକାରବିଶିଷ୍ଟ ।
Trigamist, *n.* ତ୍ରିପତ୍ନୀକ ପୁରୁଷ ।
Trigamy, *n.* ତ୍ରିପତ୍ନୀକାବସ୍ଥା ।
Trigger, *n.* ବନ୍ଧୁକର ଟିପକଳ ବା ଘୋଡ଼ା ।
Triglot, *a.* ତ୍ରୈଭାଷିକ ।
Trigonometric, Trigonometrical, *a.* ତ୍ରିକୋଣମିତି ସମ୍ବନ୍ଧୀୟ ।
Trigonometry, *n.* ତ୍ରିକୋଣମିତି ।
Trihedral, *a.* ତ୍ରିସମବାହୁ ।
Trihedron, *n.* ସମତ୍ରିବାହୁକ୍ଷେତ୍ର ।
Trilateral, *a.* ତ୍ରିଭୁଜକ୍ଷେତ୍ରବତ୍, ତ୍ରିପାର୍ଶ୍ୱବିଶିଷ୍ଟ ।
Trilingual, Trilinguar, *a.* 1. ତ୍ରିଭାଷାବାଦୀ; 2. ତ୍ରିଭାଷାତ୍ମକ ।
Triliteral, *a.* ତ୍ର୍ୟକ୍ଷର, ତ୍ରିବର୍ଣ୍ଣାତ୍ମକ ।
Trill, *v.t.* and *i.* 1. ଗଳା ଥରାଇ ଗାଇବା; 2. କମ୍ପିତସ୍ୱରରେ ଉଚ୍ଚାରଣ-କ; 3. ସ୍ୱର କମ୍ପିବା ।—*n.* ସ୍ୱରକମ୍ପନ ।
Trillion, *n.* ଶତପରାର୍ଦ୍ଧ ସଂଖ୍ୟା, ଦଶଲକ୍ଷ କୋଟି ।
Trim, *a.* 1. ସୁବେଶ; 2. ସୁସଜ୍ଜିତ; 3. ଟିପ୍‌ଟପ୍ ।—*v.t.* 1. ସଜ୍ଜିତ-କ; 2. ଟିପ୍‌ଟପ୍-କ; 3. ଭୂଷିତ-କ; 4. କାଟଛାଣ୍ଟ-କ; 5. ନୌକାର ଦୁଇପାଖରେ ଭାର ସମାନ-କ; 6. ତିରସ୍କାର-କ; 7. ପ୍ରହାର-କ ।—*v.i.* ଉଭୟପକ୍ଷ ମଧ୍ୟରେ ଦୋଳାୟମାନ-ହେ ।
Trimeter, *n.* ତ୍ରିପଦବିଶିଷ୍ଟ ପଂକ୍ତି ।
Trimly, *ad.* ସୁସଜ୍ଜିତରୂପେ ।
Trimmer, *n.* 1. କାଟଛାଣ୍ଟ କରିବା ଲୋକ; 2. ଉଭୟ ପକ୍ଷରେ ଦୋଳାୟମାନ ବ୍ୟକ୍ତି, ଦୋ ନା ଦୋଚିଆ ଲୋକ; 3. କେବଳ ଉଣ୍ଡି କାର୍ଯ୍ୟକରିବା ଲୋକ ।
**Trimming**, *n.* 1. ଝାଲର, ଜରି; 2. ସଜ୍ଜା ।
**Trimness**, *n.* ସୁସଜ୍ଜିତର ଶୋଭା ।
**Trimonthly**, *a.* ତ୍ରୈମାସିକ ।
**Trimurti**, *n.* ତ୍ରିମୂର୍ତ୍ତି ।
**Trinitarian**, *a.* 1. ତ୍ରୈତବାଦସମ୍ବନ୍ଧୀୟ; 2. ତ୍ରିତ୍ୱବାଦ ସମ୍ବନ୍ଧୀୟ ।—*n.* ତ୍ରିତ୍ୱବାଦୀ ।
Trinitarianism, *n.* ତ୍ରିତ୍ୱବାଦ ମତ, ଖ୍ରୀଷ୍ଟଧର୍ମରେ ପିତା ପୁତ୍ର ପବିତ୍ରାତ୍ମା ଏକ ଈଶ୍ୱର ବୋଲି ଯେଉଁମତ ।

**Trinity**, *n.* ତ୍ରୈକତ୍ୱ, ଏକ ଈଶ୍ୱରରେ ତ୍ରିତ୍ୱ, ଏକରୁ ତିନି ତିନିରୁ ଏକ ଏହି ତ୍ର୍ୟାତ୍ମକ ଅବସ୍ଥା; 2. ଖ୍ରୀଷ୍ଟଧର୍ମରେ ପିତା ପୁତ୍ର ପବିତ୍ରାତ୍ମା।

**Trinity-Sunday**, *n.* ଖ୍ରୀଷ୍ଟଧର୍ମରେ ପିତା ପୁତ୍ର ପବିତ୍ରାତ୍ମା ସମ୍ବନ୍ଧୀୟ ବାର୍ଷିକ ଉତ୍ସବର ରବିବାର।

**Trinket**, *n.* 1. ସାମାନ୍ୟ ଅଳଙ୍କାର; 2. ଅଳ୍ପମୂଲ୍ୟର ଭୂଷଣ।

**Trinomial**, *a.* (Math.) ତିନିପଦପ୍ରମାଣ ଚିହ୍ନରେ ସଂଯୋଜିତ।

**Trio**, *n.* 1. ମିଳିତ ତିନିଜଣ, ବ୍ୟକ୍ତିତ୍ରୟ; 2. ଏକତ୍ରରେ ତିନି ଗାୟକର ଗାନ; 3. ବାଦ୍ୟତ୍ରୟର ମିଳିତ ସ୍ୱର।

**Trip**, *v.i.* 1. ନୃତ୍ୟପର ଶୀଘ୍ର ପାଦ ପକାଇ ଚାଲିବା; 2. ଝୁଣ୍ଟିବା; 3. ଭୁଲ-କ, ଭ୍ରମ-କ।—*v.t.* ଝୁଣ୍ଟାଇବା।—*n.* 1. ଅଳ୍ପଭ୍ରମଣ ବା ଯାତ୍ରା; 2. ଦ୍ରୁତ ପଦକ୍ଷେପ; 3. ପଦସ୍ଖଳନ, ଠୋକର।—To trip it on the light fantastic toe, ନୃତ୍ୟ-କ।

**Tripartite**, *a.* 1. ତ୍ରିଖଣ୍ଡିତ; 2. ତିନିପକ୍ଷରେ କୃତ।

**Tripe**, *n.* ପଶୁର ଅନ୍ତ୍ରବୁଜୁଳା।

**Triphthong**, *n.* ତିନି ସ୍ୱରବର୍ଣ୍ଣର ଏକତ୍ର ମିଳନ।

**Triple**, *a.* 1. ତିନିର ସମଷ୍ଟି, ତ୍ରୟ; 2. ତ୍ରିଗୁଣ, ତେହରା।—*v.t.* ତିନିଗୁଣ-କ।

**Triplet**, *n.* 1. ତ୍ରିପଦୀ ଶ୍ଳୋକ; 2. ସଙ୍ଗୀତ ଲେଖାରେ ଦୁଇସ୍ୱର ସ୍ଥଳରେ ତିନିସ୍ୱର; 3. ଏକକାଳୀନ ଜାତ ସନ୍ତାନତ୍ରୟରୁ ଏକ, ତେଯାଁଳା।

**Triplicate**, *a.* ତ୍ରିଗୁଣିତ।—*n.* ତୃତୀୟ ପ୍ରତିଲିପି।—*v.t.* ତ୍ରିଗୁଣିତ-କ।

**Triplication**, *n.* ତ୍ରିଗୁଣିତକରଣ।

**Tripod**, *n.* ତ୍ରିପଦୀ, ତିନିଗୋଡିଆ ଟିପାଇ।

**Tripos**, *n.* କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ଅନର୍ସର ସର୍ବୋଚ୍ଚ ପରୀକ୍ଷା ବା ତହିଁରେ ଉତ୍ତୀର୍ଣ୍ଣ ବ୍ୟକ୍ତିମାନଙ୍କ ନାମ ତାଲିକା।—Classical tripos examination, ଗ୍ରୀକ୍ ଓ ଲାଟିନ୍ ଭାଷାରେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ପରୀକ୍ଷା।

**Tripper**, *n.* 1. ଲଘୁବେଗରେ ଯାତ୍ରାକାରୀ; 2. ଅଳ୍ପସମୟ ନିମନ୍ତେ ଭ୍ରମଣକାରୀ।

**Tripping**, *n.* 1. ଦ୍ରୁତ ପଦକ୍ଷେପକରଣ; 2. ଠୋକର।

**Trippingly**, *ad.* ଦ୍ରୁତପଦରେ।

**Trisect**, *v.t.* ତ୍ରିସମଭାଗରେ ବିଭକ୍ତ-କ।

**Trisection**, *n.* ତ୍ରିସମଭାଗକରଣ।

**Trisulcate**, *a.* ତିନିକେନାଯୁକ୍ତ।

**Trisyllabic**, **Trisyllabical**, *a.* 1. ତ୍ରିପଦାଂଶଯୁକ୍ତ ପଦ ସମ୍ବନ୍ଧୀୟ; 2. ତ୍ରିପଦାଂଶବିଶିଷ୍ଟ।

**Trisyllable**, *n.* ତ୍ରିପଦାଂଶଯୁକ୍ତ ପଦ।

**Trite**, *a.* 1. ବହୁବ୍ୟବହୃତ; 2. ସାଧାରଣ; 3. ପୁରୁଣା।

**Tritely**, *ad.* ସାଧାରଣଭାବେ।

**Triteness**, *n.* ସାଧାରଣତ୍ୱ।

**Tritheism**, *n.* 1. ତ୍ରିଦେବବାଦ; 2. ଖ୍ରୀଷ୍ଟଧର୍ମରେ ପିତା ପୁତ୍ର ପବିତ୍ରାତ୍ମାଙ୍କୁ ଏକ ଈଶ୍ୱର ନୁହନ୍ତି ବୋଲି ଯେଉଁ ମତ।

**Triton**, *n.* ନେପଚ୍ୟୁନ୍ ନାମକ ଦେବତାଙ୍କ ଶଙ୍ଖବାଦକ।

**Triturate**, *v.t.* ମର୍ଦ୍ଦନ ବା ପେଷଣଦ୍ୱାରା ସୂକ୍ଷ୍ମଚୂର୍ଣ୍ଣ-କ।

**Triumph**, *n.* 1. ବିଜୟୋତ୍ସବ; 2. ଜୟୋଲ୍ଲାସ; 3. ଜୟ।—*v.i.* 1. ବିଜୟୋତ୍ସବ-କ; 2. ଜୟୋଲ୍ଲାସ ପ୍ରକାଶ-କ; 3. ଜୟଲାଭ-କ, ଜୟୀ-ହେ; 4. ଦର୍ପ-କ।

**Triumphal**, *a.* 1. ବିଜୟୋତ୍ସବ ସମ୍ବନ୍ଧୀୟ; 2. ଜୟସୂଚକ।

**Triumphant**, *a.* 1. ଜୟୋଲ୍ଲାସଯୁକ୍ତ; 2. ଜୟହେତୁ ଆନନ୍ଦପ୍ରକାଶକ; 3. ଜୟୀ।

**Triumphantly**, *ad.* 1. ଜୟୋଲ୍ଲାସ ସହକାରେ; 2. ଜୟଯୁକ୍ତଭାବେ।

**Triumphingly**, *ad.* ବିଜୟୀରୂପେ।

**Triumvirate**, *n.* ତ୍ରିଜନଶାସନ, ତ୍ର୍ୟାଧିପତ୍ୟ।

**Triune**, *a.* ତ୍ର୍ୟାତ୍ମକ।

**Trivet**, *n.* ହାଣ୍ଡିପ୍ରଭୃତି ରଖିବାପାଇଁ ତିନିଗୋଡିଆ ବେଠି।—Right as a trivet, 1. ତିନିଗୋଡିଆ ବେଠି ପରି ଅଟଳ; 2. ଏକେବାରେ ଠିକ୍।

**Trivial**, *a.* 1. ନଗଣ୍ୟ; 2. ଲଘୁ, ସାମାନ୍ୟ।

**Triviality**, *n.* 1. ନଗଣ୍ୟତ୍ୱ; 2. ଲଘୁତ୍ୱ; 3. ଅକିଞ୍ଚିତ୍କର ବିଷୟ।

**Trivially**, *ad.* ଲଘୁଭାବେ।

**Trivialness**, *n.* ନଗଣ୍ୟତା।

**Tri-weekly**, *a.* 1. ତ୍ରିସାପ୍ତାହିକ: 2. ସପ୍ତାହରେ ତିନିବାର ପ୍ରକାଶିତ ବା ଘଟିତ।

**Trochaic**, (1) *n.* ଏକ ଦୀର୍ଘ ଓ ଏକ ହ୍ରସ୍ୱଚରଣବିଶିଷ୍ଟ ଶ୍ଳୋକ।

**Trochaic**, (2) **Trochaical**, *a.* ଦ୍ୱିପଦାଂଶବିଶିଷ୍ଟ ଚରଣରେ ରଚିତ।

**Troche**, *n.* *trō'kē*, *trōch*, *trōk*, ଗୋଲାକୃତ ଔଷଧୀୟ ଟିକିଆ।

**Trochee**, *n.* *trō'kē*, ଦ୍ୱିପଦାଂଶବିଶିଷ୍ଟ ପଦ୍ୟର ଚରଣ।

**Trod**, **Trodden**, *pa. t.* and *pa. p.* of Tread.

**Troglodyte**, *n.* ଅସଭ୍ୟ ଗୁହାବାସୀ।

**Trojan**, *a.* 1. ପ୍ରାଚୀନ ଟ୍ରୟ ନଗରବାସୀ; 2. ଶୂରପୁରୁଷ।

**Troll**, *v.t.* ପ୍ରଫୁଲ୍ଲଚିତ୍ତରେ ଗାଇବା।

**Trolley**, **Trolly**, *n.* 1. ଟ୍ରାମଗାଡି ଚଳାଇବାପାଇଁ ଉପରସ୍ଥ ତାରରେ ଲାଗିଥିବା ଚକ; 2. ଲୌହପଥରେ ଚଳନ୍ତି ଠେଲାଗାଡି।

**Trollop**, *n.* ମଳିନ ଓ କୁବେଶା ସ୍ତ୍ରୀ।

**Trombone**, *n.* ଲମ୍ବ ଓ ସ୍ଲେଟ ବସାଯାଉଥିବା ନଳୀଯୁକ୍ତ ଏକପ୍ରକାର ତୂରୀ।

**Troop**, *n.* 1. ଜନତା; 2. ସମ୍ପ୍ରଦାୟ; 3. ସୈନ୍ୟଦଳ, ଷଷ୍ଟିସଂଖ୍ୟକ ଅଶ୍ୱାରୋହୀ ସେନା; 4. ଦଳ; 5. (*pl.*) ସେନା, ଫୌଜ।—*v.i.* 1. ଦଳବଦ୍ଧ-ହେ; 2. ଦଳବଦ୍ଧହୋଇ ଯାତ୍ରା-କ; 3. ଦ୍ରୁତ ଯାତ୍ରା-କ।—Trooping the colours, ଅଶ୍ୱାରୋହୀ ପ୍ରହରୀର ପତାକା ଦେବାକୁ ଯିବା ସମୟରେ ଏକପ୍ରକାର ସମାରୋହ ପଥ।

**Trooper**, *n*. 1. ଅଶ୍ୱାରୋହୀ ସୈନିକ; 2. ଅଶ୍ୱାରୋହୀ ସୈନିକର ପଦ; 3. ଅଶ୍ୱାରୋହୀ ସୈନ୍ୟବାହୀ ଜାହାଜ ।

**Troop-ship**, *n*. ସୈନ୍ୟବାହୀ ଜାହାଜ ।

**Trope**, *n*. *trōp*, (Rhet.) 1. ଅଳଙ୍କାରାର୍ଥେ ବାକ୍ୟର ମୂଳାର୍ଥ ପରିବର୍ତ୍ତନ; 2. ରୂପକ ବାକ୍ୟ ।

**Trophy**, *n*. 1. ଜୟ ଚିହ୍ନ; 2. ଶୀକାର ଚିହ୍ନ; 3. ସ୍ମାରକ ଚିହ୍ନ ।

**Tropic**, (1) *n*. 1. ଅୟନାନ୍ତ ବୃତ୍ତ; 2. (*pl.*) ଗ୍ରୀଷ୍ମ-ମଣ୍ଡଳ ।

**Tropic**, (2) **Tropical**, (1) *a*. 1. ଅୟନାନ୍ତ ବୃତ୍ତ ସମ୍ବନ୍ଧୀୟ, ଗ୍ରୀଷ୍ମମଣ୍ଡଳସଂକ୍ରାନ୍ତ; 2. ଗ୍ରୀଷ୍ମମଣ୍ଡଳସ୍ଥିତ ।

**Tropical**, (2) *a*. ରୂପକବାକ୍ୟମୟ ।

**Tropically**, *ad*. ରୂପକବାକ୍ୟପୂର୍ଣ୍ଣଭାବେ ।

**Trot**, *v.i.* 1. କଦମ ଚାଲିବା; 2. ଅଳ୍ପ ବେଗରେ ଦୌଡ଼ିବା ।—*v.t.* କଦମ୍ ଚଲାଇବା ।—*n*. କଦମଚାଲି ।—To trot out, ଜାହିର କରି ଦେଖାଇବା ।

**Troth**, *n*. 1. ସତ୍ୟ; 2. ନିର୍ଭର; 3. ବିଶ୍ୱାସ; 4. ବାଗ୍‌ଦାନ ।—*v.t.* ବାଗ୍‌ଦାନ-କ, ବଚନ-ଦେ ।—Plighted troth, ଅଙ୍ଗୀକୃତ ପ୍ରତିଜ୍ଞା ।

**Trotter**, *n*. 1. କଦମ୍ ଚାଲିବା ଘୋଡ଼ା; 2. ଛେଳି-ଆଦିର ଗୋଡ଼ନଳୀ, ଟାଙ୍କୁ ।

**Troubadour**, *n*. ପୂର୍ବକାଳୀନ ଆଦିରସାତ୍ମକ ଗାୟକ କବି ବିଶେଷ ।

**Trouble**, *v.t.* 1. ବ୍ୟସ୍ତ-କ, ଦିକ୍-କ, ବିରକ୍ତ-କ; 2. ବ୍ୟାକୁଳ-କ; 3. କ୍ଳେଶ-ଦେ, ଦୁଃଖ-ଦେ ।—*n*. 1. କ୍ଳେଶ, ଦୁଃଖ; 2. ପୀଡ଼ା; 3. ବ୍ୟାକୁଳତା, କ୍ଷୋଭ; 4. ଦୁର୍ଘଟଣା ।—To cast oil on troubled waters, ପ୍ରଶମିତ କରିବା ।

**Troublesome**, *a*. 1. ଦୁଃଖଦାୟକ, କ୍ଳେଶକର; 2. ବିରକ୍ତିଜନକ; 3. ଦିକ୍‌ଦାୟକ, ଜଞ୍ଜାଳିଆ ।

**Troublesomely**, *ad*. 1. କ୍ଳେଶକରଭାବେ; 2. ବିରକ୍ତିଜନକରୂପେ ।

**Troublesomeness**, *n*. 1. ବିରକ୍ତିଜନକତା; 2. ପୀଡ଼ାଜନକତା ।

**Troublous**, *a*. 1. କ୍ଳେଶପୂର୍ଣ୍ଣ; 2. ଅସ୍ଥିର, କ୍ଷୁବ୍ଧ; 3. ଗୋଳମାଳଯୁକ୍ତ ।

**Trough**, *n*. *trof*. 1. କାଠର କୁଣ୍ଡ; 2. ସମୁଦ୍ରର ଦୁଇ ତରଙ୍ଗମଧ୍ୟସ୍ଥ ଗୋଳ ।

**Trounce**, *v.t.* 1. ଖୁବ୍ ପ୍ରହାର-ଦେ; 2. ଶାସ୍ତି-ଦେ ।

**Troupe**, *n*. *troop*, ଯାତ୍ରାର ଦଳ, ନାଟ୍ୟ ସମ୍ପ୍ରଦାୟ ।

**Trousers**, *n. pl.* ପାଣ୍ଟଲୁନ୍, ଢିଲା ପାଇଜାମା ।

**Trousseau**, *n*. କନ୍ୟାର ବୈବାହିକ ବସନଭୂଷଣ ।

**Trout**, *n*. ଏକପ୍ରକାର ସୁସ୍ୱାଦୁ ନଦୀ ମାଛ ।

**Troutlet**, Troutling, *n*. ସାନ "ଟ୍ରାଉଟ୍" ମାଛ ।

**Trow**, *v.i.* ସତ୍ୟ ବୋଲି ମାନିବା ।

**Trowel**, *n*. 1. ରାଜମିସ୍ତ୍ରିର କରଣୀ, କର୍ଣ୍ଣିକ; 2. ଏକପ୍ରକାର ଖନତା ।—*v.t.* କରଣୀଦ୍ୱାରା ପଲସ୍ତର କାମ-କ । To lay on with a trowel, 1. ବହଳ କରି ଲଗାଇବା; 2. ଅତ୍ୟନ୍ତ ତୋଷାମୋଦ-କ ।

Trowsers, same as Trousers.

**Troy-weight**, *n*. ସୁବର୍ଣ୍ଣାଦି ତୌଲର ପରିମାଣ ।

**Truant**, *n*. ପାଠଶାଳାକୁ ନ ଯାଇ ଖେଳାବୁଲା କରିବା ଦୁଷ୍ଟ, ପାଠଚୋର ।—To play truant, ପାଠଶାଳାକୁ ନ ଯାଇ ଖେଳିବୁଲିବା ।

**Truce**, *n*. 1. ଉଭୟ ପକ୍ଷର ସମ୍ମତିକ୍ରମେ କ୍ଷଣିକ ଯୁଦ୍ଧବିରାମ; 2. ବିଶ୍ରାମ, ବିରତି ।—Truce of God, ଧର୍ମୋପାସନାର୍ଥ ଅଳ୍ପକାଳର ଯୁଦ୍ଧବିରାମ ।

**Truce-breaker**, *n*. ଯୁଦ୍ଧବିରାମର ସର୍ତ୍ତ ଲଙ୍ଘନକାରୀ ।

**Truck**, (1) *v.i.* ବୁଲି ବଦଳା, ଫେରି-କ ।—*n*. ନାନାବିଧ ଜିନିଷ, ଖରାପ ମାଲ ।

**Truck**, (2) *n*. 1. ରେଲଗାଡ଼ିର ମାଲଡବା; 2. ହାତରେ ଟଣା ବା ଠେଲା ଛୋଟଗାଡ଼ି ।

**Truckage**, *n*. ରେଲଗାଡ଼ିରେ ମାଲ ଚଳାଣିର ଭଡ଼ା ।

**Truckle**, *v.i.* ନୀଚଭାବେ ବଶୀଭୂତ-ହେ ।

**Truckle-bed**, *n*. ଚକଲଗା ଛୋଟ ପଲଙ୍କ ।

**Truculence**, Truculency, *n*. 1. ଅସଭ୍ୟତା; 2. ଭୀଷଣତ୍ୱ ।

**Truculent**, *a*. 1. ଭୀଷଣ; 2. ଅସଭ୍ୟ; 3. ନିଷ୍ଠୁର ।

**Truculently**, *ad*. 1. ଅସଭ୍ୟରୂପେ; 2. ଭୀଷଣରୂପେ ।

**Trudge**, *v.i.* 1. ପାଦଗତିରେ ଚାଲିବା; 2. କଷ୍ଟ ବା ଶ୍ରାନ୍ତିରେ ଚାଲିବା ।—*n*. ଥକା ଚାଲି ।

**True**, *a*. 1. ସତ୍ୟ; 2. ଯଥାର୍ଥ; 3. ନିଶ୍ଚିତ; 4. ସନ୍ନିଷ୍ଠ; 5. ପ୍ରକୃତ; 6. ଠିକ୍, ଅବିକଳ; 7. ଋଜୁ; 8. ସରଳ, ସୋଜା ।—*v.t.* ସରଳ-କ, ସୋଜା-କ ।

**True-born**, *a*. ଔରସ ।

**True-bred**, *a*. ଶିଷ୍ଟ, ଭଦ୍ର ।

**True-hearted**, *a*. ସରଳାନ୍ତଃକରଣ ।

**True-love**, *n*. ପ୍ରେମିକ ବା ପ୍ରେମିକା ।

**True-love-knot**, True-lover's-knot, *n*. ପ୍ରଣୟୀ ପ୍ରଣୟିନୀ ମଧ୍ୟରେ ପରସ୍ପର ପ୍ରତି ପ୍ରେମସୂଚକ ଦୁଶ୍ଛେଦ୍ୟ ସଙ୍କେତଗ୍ରନ୍ଥି ।

**Trueness**, *n*. 1. ଯଥାର୍ଥତା; 2. ସରଳତା; 3. ଅବିକଳତା; 4. ସତ୍ୟତା ।

**Truism**, *n*. ସ୍ୱତଃସିଦ୍ଧ ବାକ୍ୟ ।

**Truly**, *ad*. 1. ସତ୍ୟରୂପେ, ସତ୍ୟସତ୍ୟ; 2. ପ୍ରକୃତରେ; 3. ସୋଜାଭାବେ ।

**Trump**, (1) *v.t.* ଜାଲ୍ କରି ଉପସ୍ଥାପିତ-କ ।—To trump up, 1. ଜାଲ୍-କ; 2. ଏଣ୍ଡୁତେଣ୍ଡୁ ଆଣି ଜାଲ୍ ସଜାଇବା ।

**Trump**, (2) *n*. ତୂରୀ ।

**Trump**, (3) *n*. 1. ତାସ୍‌ଖେଳରେ ତୁରୁପ୍; 2. (Coll.) ବେଶ୍ ଲୋକ, ଅଚ୍ଛା ମନୁଷ୍ୟ ।—*v.i.* ତୁରୁପ ମାରିବା ।—*v.t.* ତୁରୁପ୍ କରି ନେବା ।

**Trumped-up**, *a*. 1. ଜାଲ୍‌କୃତ, ଗଢ଼ା; 2. ମାହା-ଳିଆ ।

**Trumpery**, *n*. 1. ଦେଖାଇବାର ତୁଚ୍ଛ ପଦାର୍ଥ; 2. ବାଜେ କଥା ।

**Trumpet**, *n.* 1. ତୂରୀ; 2. ରଣଶିଙ୍ଗା ।—*v.t.* 1. ତୂରୀ ବଜାଇ ଘୋଷଣା-କ; 2. ବିଖ୍ୟାତ-କ; 3. ପ୍ରଶଂସା-ବାଦ-କ, ଗୁଣ ଗାଇବା ।—*v.i.* ତୂରୀ ବଜାଇବା ।— To blow one's own trumpet, ଆତ୍ମପ୍ରଶଂସା-କ, ଆତ୍ମବଡ଼ାଇ-କ । Feast of trumpets, ଯିହୁଦୀୟମାନଙ୍କର ତୂରୀବାଦନ ଉତ୍ସବ ।
**Trumpeter**, *n.* 1. ତୂରୀବାଦକ; 2. ପ୍ରଶଂସାକାରୀ; 3. ଏକପ୍ରକାର ପାରା; 4. କେତେକ ଦେଶରେ ଜଙ୍ଗ-ଲୀୟ ଏକପ୍ରକାର ପକ୍ଷୀ ।
**Trumpet-flower**, *n.* ଧୂତୁରା ଫୁଲ ।
**Trumpet-tongued**, *a.* ଉଚ୍ଚନାଦୀ ।
**Truncal**, *a.* ଗଣ୍ଡି ସମ୍ବନ୍ଧୀୟ ।
**Truncate**, *v.t.* 1. ଅଗ୍ରଚ୍ଛେଦନ-କ; 2. ଖର୍ବ-କ ।
**Truncheon**, *n.* *trun'shun*, 1. ସେଲ ବାଡ଼ି; 2. ପଦସୂଚକ ଯଷ୍ଟି ।—*v.t.* ସେଲ ବାଡ଼ିରେ ପ୍ରହାର-କ ।
**Truncheoned**, *a.* ସେଲ ବାଡ଼ିଧାରୀ ।
**Trundle**, *v.t.* ଗଡ଼ାଇ ଚଳାଇବା ।—*v.i.* 1. ଗଡ଼ି ଯିବା; 2. ଧାଇଁ ଯିବା ।
**Trundle-bed**, *n.* ଚକଲଗା ପଲଙ୍କ ।
**Trunk**, *n.* 1. ଗଛର ଗଣ୍ଡି; 2. ଦେହର ଧଡ଼; 3. କୌଣସି ବସ୍ତୁର ପ୍ରଧାନ ଭାଗ; 4. ହସ୍ତିଶୁଣ୍ଢ, ଥୋର-ପାହାର; 5. ଯାତ୍ରିର ସିନ୍ଦୁକ, ଟିଣ ବାକ୍ସ ।—*a.* ପ୍ରଧାନ ।
**Trunked** *a.* ଗଣ୍ଡିଯୁକ୍ତ ।
**Trunk-line**, *n.* ଲୌହବର୍ତ୍ମର ପ୍ରଧାନ ପଥ ।
**Trunk-road**, *n.* ପ୍ରଧାନ ରାଜଦାଣ୍ଡ ।
**Truss**, *n.* 1. ଗାଲବନ୍ଧା; 2. ଛାତର ଭାର ବହିବା ପାଇଁ କାଷ୍ଠ ଖଣ୍ଡମାନ, ଯୋଡ଼; 3. ଅନ୍ତର୍ବୃଦ୍ଧି ରୋଗରେ ବ୍ୟବହୃତ ବନ୍ଧନୀ, ଟ୍ରସ୍ ।—*v.t.* 1. କଷି ବନ୍ଧା ବାନ୍ଧିବା; 2. ଟ୍ରସ୍ ବାନ୍ଧିବା; 3. କୁକୁଡ଼ାକୁ ପାକ କଲାବେଳେ ତା ଦେହରେ ଖିଲ୍ ମାରିବା ।
**Trust**, *n.* 1. ବିଶ୍ୱସ୍ତତା; 2. ପ୍ରତ୍ୟୟ; 3. ନିଶ୍ଚିତ ଅପେକ୍ଷା; 4. ନିର୍ଭର, ଆସ୍ଥା; 5. ଧାର, ଉଧାର; 6. ବିଶ୍ୱାସକର୍ମ; 7. ଜିମ୍ମା; 8. ନ୍ୟସ୍ତ ଧନ; 9. ବଣିକ ସମ୍ପ୍ରଦାୟ ।—*a.* ନ୍ୟସ୍ତ, ଜିମ୍ମାରେ ରକ୍ଷିତ ।—*v.t.* 1. ପ୍ରତ୍ୟୟ-କ; 2. ନିର୍ଭର-କ; 3. ଉଧାରରେ ବିକ୍ରୟ-କ; 4. ଜିମ୍ମାରେ ରଖିବା; 5. ଅପେକ୍ଷା-କ ।—*v.i.* ପ୍ରତ୍ୟୟକାରୀ-ହେ ।— Breach of trust, ନ୍ୟସ୍ତଧନ ସମ୍ବନ୍ଧେ ବିଶ୍ୱାସଭଙ୍ଗ । In trust, ଜିମ୍ମାରେ । On trust, ଉଧାରରେ, ବାକିରେ । To trust to a broken reed, ଛେଦ ନଳରେ ନିର୍ଭର-କ, ନିରର୍ଥକ ଆଶା-କ ।
**Trust-deed**, *n.* ଯେଉଁ ଦଲିଲରେ କୌଣସି ସମ୍ପତ୍ତି ଅନ୍ୟର ତତ୍ତ୍ୱାବଧାନରେ ରଖାଯାଏ ।
**Trustee**, *n.* ଜିମ୍ମାଦାର, ନ୍ୟସ୍ତଧନର ତତ୍ତ୍ୱାବଧାରକ ।
**Trustful**, *a.* 1. ପ୍ରତ୍ୟୟଶୀଳ, ସରଳ ବିଶ୍ୱାସୀ; 2. ବିଶ୍ୱାସ୍ୟ ।
**Trustfully**, *ad.* ପ୍ରତ୍ୟୟଶୀଳଭାବେ ।
**Trusting**, *a.* [illegible] ।
**Trustiness**, *n.* ବିଶ୍ୱସ୍ତତା ।
**Trustworthy**, *a.* ବିଶ୍ୱସନୀୟ ।
**Trusty**, *a.* 1. ସତ୍; 2. ବିଶ୍ୱସ୍ତ; 3. ସରଳ ।
**Truth**, *n.* 1. ତଥ୍ୟ, ସତ୍ୟତା; 2. ପ୍ରକୃତତା, ଯାଥାର୍ଥ୍ୟ; 3. ସତ୍ୟକଥା; 4. ଖ୍ରୀଷ୍ଟକୃତ ସୂତ୍ର ।—God's truth, ଏକାନ୍ତ ସତ୍ୟ । Gospel truth, ଅଟଳ ସତ୍ୟ । In truth, ବାସ୍ତବିକ । Of a truth, ସତ୍ୟରେ ।
**Truthful**, *a.* 1. ସତ୍ୟମୟ; 2. ସତ୍ୟାନୁଯାୟୀ; 3. ସତ୍ୟବାଦୀ; 4. ବିଶ୍ୱସନୀୟ ।
**Truthfully**, *ad.* 1. ସତ୍ୟବାଦପୂର୍ବକ; 2. ଯଥାର୍ଥରୂପେ ।
**Truthfulness**, *n.* ସତ୍ୟବାଦିତା ।
**Truthless**, *a.* ସତ୍ୟଶୂନ୍ୟ ।
**Try**, *v.t.* 1. ପରଖ-କ; 2. ପରୀକ୍ଷାଦ୍ୱାରା ଜାଣିବା; 3. ବିଶୁଦ୍ଧ-କ; 4. ବିଚାର-କ; 5. ଅନୁଭବ-କ; 6. ଚେଷ୍ଟା-କ; 7. ପୀଡ଼ାପୀଡ଼-କ ।—*v.i.* ଉଦ୍ୟୋଗ-କ, ଯତ୍ନ-କ ।—*n.* 1. ଚେଷ୍ଟା, ଯତ୍ନ; 2. Rugby football ଖେଳରେ ଏକ ଦଳରୁ କେହି ପେଣ୍ଡୁ ନେଇ ପିଠ ଭେଇଁ ବିପକ୍ଷ ଦଳର ଗୋଲରେ ଥୋଇଦେଲେ ଯେଉଁ ଅଙ୍କସଂଖ୍ୟା ପ୍ରାପ୍ତି ।— To try on, 1. ପରୀକ୍ଷାଭାବେ ପିନ୍ଧି ଦେଖିବା; 2. ଚେଷ୍ଟା-କ ।
**Tryable, Triable**, *a.* ଚେଷ୍ଟନୀୟ ।
**Trying**, *a.* 1. ପରୀକ୍ଷାକାରୀ; 2. କ୍ଲେଶଦାୟକ; 3. କଠିନ ।
**Try-square**, *n.* ବଢ଼ାଇର ମଟାମ ।
**Tryst**, *n.* 1. ସାକ୍ଷାତର ଅଙ୍ଗୀକାର; 2. ଭେଟିବାର ସଙ୍କେତ ସ୍ଥଳ; 3. ହାଟ ।—To bide tryst, ସଙ୍କେତ ସ୍ଥଳରେ ଅପେକ୍ଷା କରି ରହିବା ।
**Trysting-day**, *n.* ସାକ୍ଷାତର ନିରୂପିତ ଦିନ ।
**Trysting-place**, *n.* ସାକ୍ଷାତର ସଙ୍କେତ ସ୍ଥଳ ।
**Tsar**, *n.* ରୁଷଦେଶୀୟ ସମ୍ରାଟଙ୍କ ଉପାଧି ।
**Tsetse**, *n.* ଦକ୍ଷିଣ ଆଫ୍ରିକାର ପଶୁପ୍ରାଣନାଶକ ଏକପ୍ରକାର ବିଷାକ୍ତ ମକ୍ଷିକା ।
**Tub**, *n.* 1. କାଠକୁଣ୍ଡ; 2. ପିପା; 3. କଦର୍ଯ୍ୟ ନୌକା, କାଠୁଆ ।—*v.t.* 1. କାଠକୁଣ୍ଡରେ ବସାଇବା; 2. କାଠକୁଣ୍ଡରେ ଗାଧୋଇ-ଦେ ।—*v.i.* କାଠକୁଣ୍ଡରେ ଗାଧୋଇବା ।
**Tuba**, *n.* ଗାଢ଼ସ୍ୱରଯୁକ୍ତ ଏକପ୍ରକାର ତୂରୀସଦୃଶ ବାଦ୍ୟଯନ୍ତ୍ର ।
**Tubbing**, *n.* କାଠକୁଣ୍ଡରେ ଗାଧୁଆ ।
**Tubby**, *a.* ପିପାପରି ମୋଟା ।
**Tube**, *n.* 1. ନଳ, ଚୁଙ୍ଗୀ; 2. ପାଣି ଟାଣିବା ନଳା; 3. ପ୍ରକାଣ୍ଡ ନଳମଧ୍ୟଗାମୀ ରେଲଗାଡ଼ି ।—*v.t.* ନଳ ବସାଇବା ।
**Tuber**, *n.* କନ୍ଦମୂଳ ଆଳୁ ପ୍ରଭୃତିର ସ୍ଫୀତ ମୂଳ ।
**Tubercle**, *n.* 1. କ୍ଷୁଦ୍ର ସ୍ଫୀତମୂଳ; 2. କ୍ଷୁଦ୍ର ବ୍ରଣ; 3. ପଥର ଫୁଲ ।
**Tubercled**, *a.* ବ୍ରଣବିଶିଷ୍ଟ ।
**Tuberculosis**, *n.* କ୍ଷୟରୋଗ, ଯକ୍ଷ୍ମା ।

**Tuberous,** *a.* ବ୍ରଣମୟ ।
**Tuberose,** *n.* ସୁଗନ୍ଧଯୁକ୍ତ ଏକପ୍ରକାର ଶ୍ୱେତପୁଷ୍ପ ।
**Tubful,** *a.* ଟବାଏ ।
**Tubing,** *n.* 1. ନଳ ନିର୍ମାଣ; 2. ନଳ ତିଆରିର ସରଞ୍ଜାମ; 3. ରବର ନଳୀ ।
**Tubular,** *a.* ନଳାକୃତି ।
**Tubulate, Tubulated, Tubulous, Tubulose,** *a.* ନଳ ସଂଯୋଗରେ ନିର୍ମିତ, ନଳୀମୟ ।
**Tuck,** *v.t.* 1. ଭାଞ୍ଜ-କ; 2. ଗୋଞ୍ଜିବା; 3. ଶେଯଲୁଗା ଟେକିଟାକି ସଜାଡ଼-ଦେ; 4. (Slang) with *in*, ଭୋଜେ ଖାଇବା ।—*n.* 1. ଲୁଗାର ଭାଞ୍ଜ; 2. (Slang) ସୁଖାଦ୍ୟ ।
**Tucker,** *n.* ସ୍ତ୍ରୀଲୋକର ଏକପ୍ରକାର ବକ୍ଷ ଆଚ୍ଛାଦନ ।
**Tuck-shop,** *n.* (Slang) ମିଠାଇ ଦୋକାନ ।
**Tudor,** *a.* ଟୁଡର ରାଜବଂଶ ସମ୍ବନ୍ଧୀୟ ।
**Tuesday,** *n.* ମଙ୍ଗଳବାର, ସପ୍ତାହର ତୃତୀୟ ଦିବସ ।
**Tuft,** (1) *n.* ଘାସଚେକା ।
**Tuft,** (2) *n.* 1. ଗୁଚ୍ଛ, ଗୋଛା; 2. ଝୁମ୍ପା; 3. ବାଳଗଣ୍ଠି ।
**Tufted, Tufty,** *a.* 1. ଗୁଚ୍ଛିତ; 2. ଗଣ୍ଠି ବା ଝୁମ୍ପାବନ୍ଧା ।
**Tug,** *v.t.* ଟାଣିବା, ଓଟାରିବା ।—*n.* 1. ସଜୋରେ ଟଣା, ବଳରେ ଓଟରା; 2. ଅନ୍ୟ ନୌକାକୁ ଟାଣୁଥିବା ଧୂଆଁଜାହାଜ ।
**Tug-boat,** *n.* ଅନ୍ୟ ନୌକାକୁ ଟାଣୁଥିବା ଧୂଆଁଜାହାଜ ।
**Tug-of-war,** *n.* ଦୁଇଦଳର ଦଉଡ଼ି ଟଣାଟଣି ଖେଳ ।
**Tuition,** *n.* 1. ଅଧ୍ୟାପନ, ଶିକ୍ଷାଦାନ; 2. ଗୁରୁଦକ୍ଷିଣା ।
**Tuitionary,** *a.* ଅଧ୍ୟାପନ ସମ୍ବନ୍ଧୀୟ ।
**Tulip,** *n.* ବହୁବର୍ଣ୍ଣରଞ୍ଜିତ ଏକପ୍ରକାର ଘଣ୍ଟିଆକୃତି ପୁଷ୍ପ, [ଘଣ୍ଟିଫୁଲ ।
**Tulle,** *n.* ବିଶେଷତଃ ସ୍ତ୍ରୀମାନଙ୍କ ବସ୍ତ୍ର ଓ ଓଢ଼ଣି ନିମନ୍ତେ ବ୍ୟବହୃତ ଏକପ୍ରକାର ସୂକ୍ଷ୍ମ ରେଶମୀ ଲୁଗା ।
**Tumble,** *v.i.* 1. ପଡ଼ି ଯିବା; 2. ଅଚାନକ ହୋଇ ପଡ଼ିବା; 3. ଗଡ଼ିବା; 4. ପଲଟି ମାରିବା; 5. (ଦର) ଖସିବା ।—*v.t.* 1. ପକାଇ-ଦେ; 2. ଓଲଟାଇ ପକାଇବା; 3. ବିଶୃଙ୍ଖଳ-କ ।—To tumble to, (Slang) ବୁଝି-ନେ, ଠଉରାଇ-ନେ । To tumble up, ବିଛଣାରୁ ଉଠିବା ।
**Tumble-down,** *a.* ଜୀର୍ଣ୍ଣ, ଭଙ୍ଗା ।
**Tumbler,** *n.* 1. ବାଜିକର, ପଲଟି ମାରିବା ଲୋକ; 2. ବଡ଼ କାଚ ଗିଲାସ; 3. ଗୋଟଣି ପାରା ।
**Tumblerful,** *a.* ଗିଲାସେ ।
**Tumbling,** *n.* ପତନ ।
**Tumbly,** *a.* ଅବଡ଼ାଖାବଡ଼ା ।
**Tumbrel, Tumbril,** *n.* 1. ଦୁଇଚକିଆ ଶଗଡ଼ ଗାଡ଼ି; 2. ଫରାସୀ ବିପ୍ଳବ ସମୟରେ ଦଣ୍ଡିତ ଲୋକ-ମାନେ ଯେଉଁ ଗାଡ଼ିରେ ବଧସ୍ଥଳୀକୁ ନିଆଯାଉଥିଲେ ।
**Tumid,** *a.* 1. ସ୍ଫୀତ; 2. ପ୍ରଗଲ୍ଭ ।
**Tumour,** *n.* ଆବୁ, ଫୁଲା ।
**Tumult,** *n.* 1. କୋଳାହଳ, ଗୋଳଯୋଗ; 2. କ୍ଷୋଭ; 3. ଧୂମଧାମ ।

**Tumultuous,** *a.* 1. କୋଳାହଳପୂର୍ଣ୍ଣ; 2. କ୍ଷୁବ୍ଧ ।
**Tumultuously,** *ad.* 1. କୋଳାହଳପୂର୍ଣ୍ଣଭାବେ; 2. କ୍ଷୁବ୍ଧରୂପେ ।
**Tumultuousness,** *n.* 1. କୋଳାହଳପୂର୍ଣ୍ଣତା; 2. କ୍ଷୁବ୍ଧତା ।
**Tumulus,** *n.* ସମାଧିଉପରେ ଲଦା ମୃତ୍ତିକା ସ୍ତୂପ ।
**Tun,** *n.* ବଡ଼ ପିପା ।
**Tune,** *n.* 1. ସ୍ୱର, ସୁର; 2. ଗାନ; 3. ମେଳ ।—*v.t.* 1. ସ୍ୱର ବାନ୍ଧିବା; 2. ବଜାଇବା; 3. ସଙ୍ଗୀତ ଦ୍ୱାରା ଅର୍ଜ୍ଜନ-କ ।—To tune up, ବାଦ୍ୟ ବା ଗାନ ଆରମ୍ଭ-କ । In tune, ସ୍ୱର ମେଳରେ । Out of tune, ବେସୁରରେ । To the tune of, ମୋଟରେ ।
**Tuneful,** *a.* 1. ସୁସ୍ୱର, ମଧୁର; 2. ଗାନପ୍ରିୟ ।
**Tuneless,** *a.* 1. ବିସ୍ୱର, ଶ୍ରୁତିକଟୁ; 2. ନୀରବ ।
**Tuner,** *n.* 1. ବାଦ୍ୟର ସ୍ୱର ବାନ୍ଧିବା ବ୍ୟବସାୟୀ; 2. ବାଦକ ବା ଗାୟକ ।
**Tunic,** *n.* 1. ଅଙ୍ଗରଖା; 2. ସୈନିକର କୁର୍ତ୍ତା ।
**Tuning,** *n.* ସ୍ୱରବନ୍ଧନ ।
**Tuning-fork,** *n.* ଉଚ୍ଚସ୍ୱରଜ୍ଞାପକ ଦ୍ୱିଶାଖାବିଶିଷ୍ଟ ଏକପ୍ରକାର ଇସ୍ପାତ ଯନ୍ତ୍ର ।
**Tunnel,** *n.* 1. ପାହାଡ଼ ଭିତରେ ଦେଇ କଟା ପଥ; 2. ନଦୀର ନିମ୍ନସ୍ଥ ସୁଡ଼ଙ୍ଗ ପଥ; 3. ମୂଷା ପ୍ରଭୃତିର ଗାତ ।—*v.t.* 1. (ପାହାଡ଼) କାଟି ପଥ-କ; 2. (ସୁଡ଼ଙ୍ଗ) ଖୋଳିବା ।
**Tunny,** *n.* ଭୂମଧ୍ୟସାଗରସ୍ଥ ଏକପ୍ରକାର ବଡ଼ମାଛ ।
**Tup,** *n.* ଗାରଡ଼ି ।—*v.t.* and *i.* ମେଣ୍ଢାପରି ମୁଣ୍ଡିଆ ମାରିବା ।
**Turanian,** *a.* ତୁରାଣି ଜାତୀୟ ।
**Turban,** *n.* ପାଗ, ପଗଡ଼ ।
**Turbaned,** *a.* ପଗଡ଼ବନ୍ଧା ।
**Turbid,** *a.* ଗୋଳିଆ, ଆବିଳ, ପଙ୍କିଳ ।
**Turbidly,** *ad.* ପଙ୍କିଳରୂପେ ।
**Turbidness, Turbidity,** *n.* ଆବିଳତା, ପଙ୍କିଳତା ।
**Turbinate, Turbinated,** *a.* ଲଟୁଆକାରଯୁକ୍ତ, ଆବର୍ତ୍ତିତ ।
**Turbine,** *n.* ଦଣ୍ଡାୟମାନ ମେରୁଦଣ୍ଡଯୁକ୍ତ ଜଳଚାଳିତ ଚକ ।
**Turbot,** *n.* ଉତ୍ତର ସାଗରରେ ପ୍ରାପ୍ତ ଏକପ୍ରକାର ସୁସ୍ୱାଦୁ [ମାଛ ।
**Turbulence, Turbulency,** *n.* 1. ଗୋଳି; 2. ଦଙ୍ଗା ।
**Turbulent,** *a.* 1. ଦଙ୍ଗାବାଜ; 2. ଦଙ୍ଗାପ୍ରିୟ; 3. ଅଶାନ୍ତ; 4. ଗୋଳଯୋଗୋତ୍ପାଦକ ।
**Turbulently,** *ad.* 1. ଦଙ୍ଗାବାଜରୂପେ; 2. ଅଶାନ୍ତ-ଭାବେ ।
**Tureen,** *n.* ସୁରୁଆ ପରିବେଷଣ ପାତ୍ର ।
**Turf,** *n.* 1. ଘାସପଡ଼ିଆ; 2. ଘାସଚେକା ।—*v.t.* ଚେକା ଲଗାଇ-କ ।—The Turf, *n.* 1. ଘୋଡ଼ଦୌଡ଼ ପଡ଼ିଆ; 2. ଘୋଡ଼ଦୌଡ଼ ବ୍ୟବସାୟ ।

Turfy, *a.* 1. ଘାସମୟ; 2. ଘୋଡଦୌଡ ବ୍ୟବସାୟ ସମ୍ବନ୍ଧୀୟ ।
Turgescence, Turgescency, 1. ସ୍ଫୀତପ୍ରବଣତା; 2. ଶବ୍ଦାଡମ୍ବର ।
Turgescent, *a.* ସ୍ଫୀୟମାନ ।
Turgid, *a.* 1. ସ୍ଫୀତ; 2. ଶବ୍ଦାଡମ୍ବରବିଶିଷ୍ଟ ।
Turgidly, *ad.* ସ୍ଫୀତଭାବେ ।
Turk, *n.* ତୁରସ୍କଦେଶୀୟ ଲୋକ, ତୁରସ୍କ ଅଧିବାସୀ ।
Turkey, *n.* 1. ତୁରସ୍କଦେଶ; 2. ପେରୁ ।
Turkey-cock, *n.* ଅଣ୍ଡିରା ପେରୁ ।
Turkey-red, *n.* ପ୍ରଥମେ ତୁରସ୍କଦେଶରେ ପ୍ରସ୍ତୁତ ଏକ-ପ୍ରକାର ସର୍ବକାଳସ୍ଥାୟୀ ଲାଲରଙ୍ଗ ।
Turkish, *a.* ତୁରସ୍କ ଦେଶ ବା ଲୋକ ସମ୍ବନ୍ଧୀୟ ।
Turkish-bath, *n.* ସ୍ୱେଦନିଃସାରଣାର୍ଥ ଉଷ୍ଣବାୟୁପୂର୍ଣ୍ଣ ଏକପ୍ରକାର ସ୍ନାନାଗାରରେ ସ୍ନାନପ୍ରକ୍ରିୟା ।
Turmuric, *n.* ହଳଦୀ, ହରିଦ୍ରା ।
Turmoil, *n.* 1. ସଂକ୍ଷୋଭ; 2. ଗୋଳମାଳ; 3. ଉତ୍ପାତ ।
Turn, *v.i.* 1. ଘୂରିବା, ଘୂର୍ଣ୍ଣାୟମାନ-ହେ; 2. ନିର୍ଭର-କ; 3. ଉନ୍ମତ୍ତ-ହେ; 4. ଫେରିବା; 5. ପର୍ଯ୍ୟବସିତ-ହେ; 6. (ଦୁଧ) ଛିଣ୍ଡିଯିବା; 7. (ମୁଣ୍ଡ) ବୁଲାଇବା; 8. ପରିବର୍ତ୍ତିତ-ହେ ।—*v.t.* 1. ଘୂରାଇବା; 2. ଓଲଟାଇବା; 3. ପୁନର୍ଗଠନ-କ; 4. ଅନୁବାଦ-କ; 5. (ଦୁଧ) ଛିଣ୍ଡାଇବା; 6. ଅନ୍ୟ ଦିଗରେ ଗତି କରାଇବା, ଫେରାଇବା; 7. ବମନେଚ୍ଛା ଜନ୍ମାଇବା; 8. ପରିବର୍ତ୍ତିତ-କ; 9. କୁନ୍ଦିବା; 10. ବକ୍ରତା-କ ।—*n.* 1. ଘୂର୍ଣ୍ଣନ, ଆବର୍ତ୍ତନ; 2. ପରିବର୍ତ୍ତନ; 3. ପ୍ରବୃତ୍ତି; 4. ବୁଲାବୁଲି, ଅଳ୍ପଭ୍ରମଣ; 5. ରୋଗର ଉପକ୍ରମ ବା ବୃଦ୍ଧିକାଳ; 6. ପାଳି; 7. (Coll.) ଆଘାତ; 8. ସୁଯୋଗ ।—To turn about, ମୁଖକୁ ଫେରାଇବା । Turn about, Turn and turn about, ପାଳିକୁପାଳି । To turn a deaf ear to, କାନ ନ ପକାଇବା, ଅଗ୍ରାହ୍ୟ-କ । To turn adrift, ତ୍ୟାଗ-କ । To turn again, ଫେରି ଆସିବା । To turn against, ବିରୋଧୀ-ହେ । To turn an enemy's flank, line, or position, କୌଶଳରେ ଜିଣିବା । To turn around one's finger, ଆୟତ୍ତାଧୀନ-କ, ମୁଠାରେ ରଖିବା । To turn aside, 1. ବିପଥ କରାଇବା; 2. ମୁହଁ ଫେରାଇବା । To turn away, 1. କର୍ମଚ୍ୟୁତ-କ; 2. ମୁହଁ ବୁଲାଇ-ଦେ । To turn back, 1. ଫେରାଇ-ଦେ; 2. ଫେରି ଯିବା । To turn in, ଶୋଇବାକୁ ଯିବା । To turn into, 1. ପରିବର୍ତ୍ତିତ-ହେ; 2. ପରିଣତ-କ । To turn off, (ବାଷ୍ପୀକଳ ପ୍ରଭୃତିର) ସ୍ରୋତ ବନ୍ଦ-କ । To turn on, (ବାଷ୍ପୀକଳ ପ୍ରଭୃତିର) ସ୍ରୋତ ଫିଟାଇବା । To turn one's hand to, (କାର୍ଯ୍ୟରେ) ହାତ ଲଗାଇବା । To turn one's head, ଦର୍ପରେ ଫୁଲିଯିବା । To turn out, 1. ବାହାର କରି-ଦେ; 2. ଫଳରେ ଜଣାଯିବା; 3. ଧର୍ମଘଟ-କ; 4. ଶେଷ ହେବା । To turn over, 1. ଓଲଟି ପଡ଼ିବା; 2. ପକ୍ଷାନ୍ତର ଅବଲମ୍ବନ-କ; 3. ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବିକି ଶେଷ-କ; 4. ପତ୍ର ଓଲଟାଇବା । To turn the back, ପଳାଇ ଯିବା, ପୃଷ୍ଠଭଙ୍ଗ-ଦେ । To turn the back upon, ପିଠି ଦେଖାଇବା । To turn the edge of, ବକ୍ରତା-କ । To turn the scale, ଏକପାଖ ନୁଆଁଇ-କ । To turn the stomach, ବମନେଚ୍ଛୁ-କ । To turn to, 1. କାର୍ଯ୍ୟରେ ଲାଗିବା; 2. ପରିଣତ-ହେ । To turn up, 1. ଘଟିବା; 2. ଉପସ୍ଥିତ-ହେ; 3. ପୁସ୍ତକର ପତ୍ର ଓଲଟାଇ ଖୋଜିବା । To turn upside down, ଓଲଟି ପଡ଼ିବା ବା ପକାଇବା । By turns, ପାଳିକିପାଳି । Ill turn, ଅନିଷ୍ଟକର କାର୍ଯ୍ୟ । In turn, ପାଳିକ୍ରମେ । Not to turn a hair, ବାଳ ବଙ୍କା ନ ହେବା । On the turn, ପରିବର୍ତ୍ତନୋନ୍ମୁଖ । To serve a turn, କାମରେ ଆସିବା । To take one's turn, ନିଜ ପାଳି-କ । To take turns, ପାଳି ଅନୁସାରୀ କାର୍ଯ୍ୟ-କ । To a turn, ପୁରା ଠିକ୍ ।
Turn-coat, 1. ସ୍ୱପକ୍ଷତ୍ୟାଗୀ; 2. ସ୍ୱଧର୍ମତ୍ୟାଗୀ ।
Turner, *n.* କୁନ୍ଦକାର, କୁନ୍ଦାରୁ ।
Turnery, *n.* କୁନ୍ଦକାମ ।
Turning, *n.* 1. ବାଟର ମୋଡ, ବାଙ୍କ; 2. କୁନ୍ଦନ ।
Turning-point, *n.* ସନ୍ଧିସ୍ଥଳ ।
Turnip, *n.* 1. ଶାଲଗମ; 2. ଓଲକୋବି ।
Turnkey, *n.* କାରାଗାରର ଦ୍ୱାରରକ୍ଷକ, ବନ୍ଦପାଳ ।
Turn-out, *n.* 1. ବହିର୍ଗମନ; 2. ଧର୍ମଘଟ; 3. ଦର୍ଶକବୃନ୍ଦ; 4. ଗାଡିଘୋଡା ଓ ଚାକର ସାଜସଜ୍ଜା ।
Turnover, *a.* 1. ଫଳପୁର ଥିବା ଚଉଡ଼ା ମଣ୍ଡାପିଠା; 2. ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବିକ୍ରିର ମୋଟ ।
Turnpike, *n.* 1. ପଥମାଶୁଲ ଆଦାୟ ନିମନ୍ତେ ଗମନାଗମନ ରୋଧକ ଫାଟକ; 2. ରାଜଦାଣ୍ଡ ।
Turnpike-man, *n.* ପଥମାଶୁଲ ଆଦାୟକାରୀ କର୍ମଚାରୀ ।
Turnpike-road, *n.* ମାଶୁଲଦେୟ ରାଜଦାଣ୍ଡ ।
Turn-screw, *n.* ପେଚକସ୍ ।
Turn-table, *n.* ରେଳଗାଡ଼ି ଘୂରାଇବା ମଞ୍ଚ ।
Turnstile, *n.* ପଦାତିର ଗତିରୋଧକ ଘୂରା ଫାଟକ ।
Turpentine, *n.* 1. ତାରପିନ୍ ତେଲ; 2. ସର୍ଜରସ ।
Turpitude, *n.* 1. ଅଧମତା; 2. ଜଘନ୍ୟ ଦୁଷ୍ଟତା; 3. ଭ୍ରଷ୍ଟାଚରତା ।
Turquoise, *n.* ପାରସ୍ୟ ଦେଶର ନୀଳ-ହରିତ୍ ମଣି ବିଶେଷ ।
Turret, *n.* 1. ଚୂଡ଼ା; 2. ଗୁମ୍ବଜ ।
Turreted, *a.* 1. ଚୂଡ଼ାବିଶିଷ୍ଟ; 2. ଗୁମ୍ବଜାକୃତ ।
Turtle, *n.* କଚ୍ଛପ, କୂର୍ମ ।—Mock turtle, ବାଛୁରି ମୁଣ୍ଡର ସୁରୁଆ । To turn turtle, ନୌକା ସମ୍ପୂର୍ଣ୍ଣରୂପେ ଓଲଟି ପଡ଼ିବା ।
Turtle-dove, *n.* ଘୁଘୁପକ୍ଷୀ, କାପ୍ତା ।

**Turtle-shell**, *n.* କୂର୍ମପୃଷ୍ଠ, କଇଁଛଖୋଳପା ।

**Tuscan**, *a.* ଇଟାଲୀଦେଶର "ଟସ୍କନ" ଅଞ୍ଚଳର ଅଧିବାସି ସମ୍ବନ୍ଧୀୟ ।

**Tush**, *interj.* ଛିଃ ! ଦୂର୍ !

**Tusk**, *n.* ହାତୀ ବା ବରାହର ବଡ଼ ଦାନ୍ତ, ଦଂଷ୍ଟ୍ରା ।

**Tusked, Tusky**, *a.* ଦଂଷ୍ଟ୍ରାବିଶିଷ୍ଟ ।

**Tusker**, *n.* ଦନ୍ତୀହାତୀ ।

**Tussle**, *n.* ବଳରେ ଧରାଧରି ।—*v.i.* ବଳରେ ଧରାଧରି-ହେ ।

**Tut**, *interj.* ଛିଃ ! ଦୂର୍ !

**Tutelage**, *n.* 1. ଅଭିଭାବକତା; 2. ରକ୍ଷଣାବେକ୍ଷଣ ।

**Tutelar, Tutelary**, *a.* 1. ରକ୍ଷଣାବେକ୍ଷଣକାରୀ; 2. ଅଭିଭାବକୋଚିତ ।—Tutelary deity, ଇଷ୍ଟଦେବତା ।

**Tutor**, *n.* 1. ଅଭିଭାବକ; 2. ଶିକ୍ଷକ, ଅଧ୍ୟାପକ ।—*v.t.* ଅଧ୍ୟାପନ-କ ।

**Tutorage**, *n.* 1. ଶିକ୍ଷକତ୍ୱ; 2. ଅଧ୍ୟାପନା ।

**Tutorial**, *a.* 1. ଶିକ୍ଷକଙ୍କ; 2. ଅଧ୍ୟାପକ ସମ୍ବନ୍ଧୀୟ ।

**Tutorship**, *n.* ଶିକ୍ଷକଙ୍କ ପଦ ବା କାର୍ଯ୍ୟ ।

**Twaddle**, *v.i.* ବକିବା ।—*n.* ବାଜେକଥା ।

**Twaddler**, *n.* ଯେ ବକ୍‌ବକ୍ କରେ ।

**Twain**, *n.* 1. ଯୁଗଳ, ଯୁଗ୍ମ; 2. ଯୋଡ଼ା ।—In twain, ଦୁଇ ଭାଗରେ ।

**Twang**, *n.* 1. ଟଙ୍କାରଶବ୍ଦ; 2. ଅନୁନାସିକ ସ୍ୱର, ନାକସ୍ୱର ।—*v.i.* 1. ଟଙ୍କାରଶବ୍ଦ-କ; 2. ନାକସ୍ୱରରେ କହିବା ।—*v.t.* ଟଙ୍କାର-ଦେ ।

**Tweak**, *v.t.* 1. ଚିମୁଟିବା; 2. ମୋଡ଼ିବା ।—*n.* 1. ଚିମୁଟା; 2. ମୋଡ଼ା ।

**Tweed**, *n.* ଏକ ପ୍ରକାର ପଶମୀ ଟୁଇଲ୍ ଲୁଗା ।—*a.* ପଶମୀ ଟୁଇଲ୍ ଲୁଗାରେ ପ୍ରସ୍ତୁତ ।

**Tweedledum, Tweedledee**, *n.* ଅତି ସାମାନ୍ୟ ପାର୍ଥକ୍ୟ ପ୍ରକାଶକ ବାକ୍ୟଦ୍ୱୟ ।

**Tweezers**, *n.* (Sing.) 1. ସାନ ଚିମୁଟା; 2. ନାକୁଆଣୀ ।

**Twelfth**, *a.* ଦ୍ୱାଦଶ ।

**Twelfth-day, Twelfth-tide**, *n.* ଖ୍ରୀଷ୍ଟଙ୍କ ଜନ୍ମଦିନର ପରବର୍ତ୍ତୀ ଦ୍ୱାଦଶ ଦିନର ପର୍ବ ।

**Twelfth-night**, *n.* ଖ୍ରୀଷ୍ଟଙ୍କ ଜନ୍ମଦିନାନ୍ତର ଦ୍ୱାଦଶଦିନର ରାତ୍ରି ।

**Twelve**, *a.* ବାର, ଦ୍ୱାଦଶ ।—*n.* ବାର ସଂଖ୍ୟା ।—Twelve-mo, ଛପାର ବାରପୃଷ୍ଠାର ଫର୍ମା । The Twelve, ଖ୍ରୀଷ୍ଟଙ୍କ ଦ୍ୱାଦଶ ଶିଷ୍ୟ ।

**Twelve-month**, *n.* ବାରମାସ, ବର୍ଷେ ।

**Twentieth**, *a.* ବିଂଶ, ବିଂଶତିତମ ।—*n.* କୋଡ଼ିଏ ଅଂଶରୁ ଏକ ଅଂଶ ।

**Twenty**, *a.* କୋଡ଼ିଏ, ବିଂଶତି ।—*n.* କୋଡ଼ିଏ ସଂଖ୍ୟା ।

**Twice**, *ad.* 1. ଦୁଇବାର, ଦୁଇଥର; 2. ଦ୍ୱିଗୁଣ । At twice, ଦ୍ୱିତୀୟ ଥରରେ ।

**Twiceborn**, *a.* ଦ୍ୱିଜ ।

**Twice-told**, *a.* 1. ଦୁଇବାର କଥିତ; 2. ବହୁବ୍ୟବହୃତ ।

**Twiddle**, *v.t.* and *i.* ବୃଥାରେ ମୋଡ଼ାମୋଡ଼ି-କ ।—*n.* ଅଙ୍ଗୁଳିରେ ମୋଡ଼ାମୋଡ଼ି ।—To twiddle one's fingers, ଅଳସ୍ୟରେ ବସିବା ।

**Twig**, (1) *n.* 1. ପଲ୍ଲବ, ସାନଡାଳ, ପ୍ରଶାଖା; 2. (ବାଉଁଶ) କଣୀ; 3. ଜଳପ୍ରାପ୍ତି ଆଶାରେ କୂପାଦି ଖୋଳିବାର ସ୍ଥାନ ନିର୍ଦ୍ଦେଶ ପାଇଁ ବ୍ୟବହୃତ ଦୁଇଫେଙ୍କିଆ ଡାଳ ।

**Twig**, (2) *v.t.* (Slang) 1. ଭଲକରି ଦେଖିବା; 2. ବୁଝିବା ।—*v.i.* ବୁଝାଯିବା ।

**Twiggy**, *a.* ପଲ୍ଲବମୟ ।

**Twilight**, *n.* 1. ପ୍ରତ୍ୟୂଷ, ଉଷା; 2. ପ୍ରଦୋଷ; 3. ଗୋଧୂଳି ସମୟ; 4. ମାନ୍ଦ୍ୟପ୍ରକାଶ ।—*a.* 1. ଉଷା, କାଳୀନ; 2. ଅସ୍ପଷ୍ଟ ।

**Twill**, *n.* ଟୁଇଲ୍ ଲୁଗା, ତେର୍ଛାବୁଣା ଲୁଗା ।

**Twin**, *n* 1. ଯାଆଁଳା ପିଲା, ଯମଜ ସନ୍ତାନ; 2. ଯୋଡ଼ାଯୋଡ଼ିର ।—*a.* 1. ଯମଜ; 2. ଯୋଡ଼ାରୁ ଗୋଟିଏ; 3. ଅବିକଳ ସମାନ ।—*v.t.* and *i.* ଯାଆଁଳା ପ୍ରସବ-କ ।—The Twins, ମିଥୁନ ରାଶି ।

**Twin-born**, *a.* ଯୁଗ୍ମଜାତ ।

**Twine**, *n.* ସୂତୁଲି, ଶଣସୂତ; 2. ମୋଡ଼ା, ପାକଳ ।—*v.t.* 1. ବଳିବା, ମୋଡ଼ିବା; 2. ଗୁଡ଼ାଇବା; 3. ଜଡ଼ିତ-କ ।—*v.i.* ଜଡ଼ିତ-ହେ; 2. ଗୁଡ଼ାଇହୋଇ ମାଡ଼ିବା ।

**Twinge**, *v.t.* ହଠାତ୍ ଯନ୍ତ୍ରଣା-ଦେ ।—*v.i.* ସହସା ବେଦନାଗ୍ରସ୍ତ-ହେ, ଝନ୍‌ଝନ-ହେ ।—*n.* ସହସା ବେଦନା, ଝନ୍‌ଝନ୍ ।

**Twining**, *a.* ଲତାପରି ଗୁଡ଼ାଇ ହୋଇଥିବା ।

**Twinkle**, *v.i.* 1. ପଲକ ପଡ଼ିବା; 2. ଚକମକ-ହେ, ମିଞ୍ଜିମିଞ୍ଜି-ହେ । [ମିଞ୍ଜିମିଞ୍ଜି ।

**Twinkling**, *n.* 1. ନିମେଷମାତ୍ର, ଚକ୍ଷୁର ପଲକ; 2.

**Twirl**, *v.t.* 1. ଘୁରାଇବା, ବୁଲାଇବା; 2. ଦୁଇ ଟିପରେ ମୋଡ଼ିବା ।—*v.i.* 1. ଘୂରିବା, ବୁଲିବା; 2. ମୋଡ଼-ହେ ।—*n.* 1. ଘୂରଣ; 2. ମୋଡ଼ନ ।—To twirl one's thumbs, ନିକମା ହୋଇ ବସିବା ।

**Twist**, *v.t.* 1. ବଳିବା, ପାକ-ଦେ; 2. ମୋଡ଼ିବା; 3. ବକ୍ରାର୍ଥ-କ ।—*v.i.* ବଳି ହୋଇ ଏକତ୍ର-ହେ; 2. ମୋଡ଼-ହେ ।—*n.* 1. ମୋଡ଼ା; 2. ତମାଖୁର ବଳଡ଼, ବଳା ତମାଖୁ; 3. ଟାଣ ରେଶମୀ ସୂତା; 4. କୁପ୍ରବୃତ୍ତି ।

**Twisted**, *a.* ମୋଡ଼ିମୋଡ଼ି, ମୋଡ଼ିତ ।

**Twister**, *n.* 1. ଯେ ବା ଯାହା ମୋଡ଼େ; 2. "Cricket" ପ୍ରଭୃତି ଖେଳରେ ଘୂର୍ଣ୍ଣିଭାବରେ ଆସିବା ଗେଣ୍ଡୁ ।

**Twit**, *v.t.* ଦୋଷ ଦେଖାଇ ବ୍ୟଙ୍ଗ-କ ।

**Twitch**, *v.t.* ହଠାତ୍ ଓଟାରି-ନେ, ସହସା ଝିକି-ନେ, ଛଡ଼ାଇ-ନେ ।—*v.i.* ମଧ୍ୟେ ଚକ୍ରଭାବେ ଅଙ୍ଗ ଫରକ ଉଠିବା ।—*n.* ହଠାତ୍ ଝିକା ।

Twitter, *n.* 1. ଚିଁ ଚିଁ ଶବ୍ଦ; 2. ଥରଥର ।—*v.i.* 1. ଚିଁ ଚିଁ ଶବ୍ଦ-କ, ଘରଚଟିଆପରି ବୋବାଇବା; 2. ଥରଥର-ହେ ।

Twittering, *n.* 1. କମ୍ପନ; 2. ଅଶାନ୍ତ ଉତ୍ତେଜନା ।

Twittingly, *ad.* ବ୍ୟଙ୍ଗଭାବରେ ।

Two, *a.* ଦୁଇ, ଦ୍ୱୟ, ଦୁଇଟା ।—*n.* 1. ଦୁଇ ସଂଖ୍ୟା; 2. ଯୋଡ଼ାଏ ।—In two, ଦୁଇ ଭାଗରେ । To kill two birds with one stone, ଏକାବେଳକେ ଦୁଇଟି କାର୍ଯ୍ୟ-କ । Two strings to one's bow, କୌଣସି ଅଭିପ୍ରାୟ ସିଦ୍ଧ କରିବାପାଇଁ ଦୁଇଟି ଉପାୟ ।

Two-edged, *a.* ଦ୍ୱିଧାର ।

Two-fold, *a.* ଦ୍ୱିଗୁଣ, ଦୁଇଗୁଣ, ଦୋହରା ।

Two-handed, *a.* 1. ଦ୍ୱିକର; 2. ସମାନରୂପେ ଉଭୟ ହସ୍ତ ଚଳକ ।

Twopence, *n.* ଇଂଲଣ୍ଡୀୟ ଦୁଇଟା ପଇସା ।

Twopenny, *n.* 1. ଇଂଲଣ୍ଡୀୟ ଦୁଇପଇସା ମୂଲ୍ୟ; 2. ଅକିଞ୍ଚିତ୍କର, ତୁଚ୍ଛ ।

Tyburn, *n.* ଲଣ୍ଡନନଗରସ୍ଥ ବଧସ୍ଥଳୀ ।

Tympanal, Tympanic *a.* 1. ଢୋଲସଦୃଶ; 2. କର୍ଣ୍ଣକୁହରର ତ୍ୱକ୍ ସମ୍ବନ୍ଧୀୟ ।

Tympanitis, *n.* କର୍ଣ୍ଣକୁହରସ୍ଥ ତ୍ୱକ୍‌ର ପ୍ରଦାହ ।

Tympanum, *n.* (Anat.) କର୍ଣ୍ଣକୁହରର ତ୍ୱକ୍ ।

Type, *n.* 1. ଛାପାର ଅକ୍ଷର, ମୁଦ୍ରାକ୍ଷର; 2. ଆଦର୍ଶ; 3. ଆଦର୍ଶ, ନମୁନା ।—*v.t.* ଏକପ୍ରକାର ଲେଖା ଯନ୍ତ୍ରରେ ଛାପାକ୍ଷର ସଦୃଶ ଲେଖିବା ।—In type, ମୁଦ୍ରାଙ୍କନ ପାଇଁ ମୁଦ୍ରାକ୍ଷରରେ ବିନ୍ୟସ୍ତ ।

Type-cutter, *n.* ମୁଦ୍ରାକ୍ଷର ପ୍ରସ୍ତୁତହେବା ଛାଞ୍ଚର [କାରିଗର ।

Type-founder, *n.* ମୁଦ୍ରାକ୍ଷର ପ୍ରସ୍ତୁତକାରୀ ।

Type-foundry, *n.* ଅକ୍ଷର ଢାଳିବା କାରଖାନା ।

Type-setter, *n.* ଅକ୍ଷର ବିନ୍ୟାସକ ।

Typewrite, *v.i.* 1. 'ଟାଇପ୍‌ରାଇଟର' ଯନ୍ତ୍ରରେ ଲେଖା-ହେ; 2. 'ଟାଇପ୍‌ରାଇଟର' ଯନ୍ତ୍ରରେ ଲେଖିବାପାଇଁ ଅଭ୍ୟାସ-କ ।

Typewriter, *n.* ଛାପାକ୍ଷର ସଦୃଶ ଲେଖିହେବାର ଏକପ୍ରକାର ଲେଖାଯନ୍ତ୍ର, ଟାଇପ୍‌ରାଇଟର ।

Typewriting, *n.* 'ଟାଇପ୍‌ରାଇଟର' ଯନ୍ତ୍ରରେ ଲିଖନ ।

Typhoid, Typhoid Fever, *n.* ସାନ୍ନିପାତିକ ଜ୍ୱର ।

Typhoon, *n.* ଚୀନଦେଶର ଉପକୂଳବର୍ତ୍ତୀ ସାଗରସମ୍ଭୂତ ବାତ୍ୟା ।

Typhous, *a.* 'ଟାଇଫସ୍' ଜ୍ୱର ସମ୍ବନ୍ଧୀୟ ।

Typhus, *n.* ଅପରିଷ୍କାରତାଜନିତ ଏକପ୍ରକାର ସଂକ୍ରାମକ ଓ ସାଂଘାତିକ ଜ୍ୱର ।

Typical, *a.* 1. ଆଦର୍ଶସ୍ୱରୂପ; 2. ରୂପକ ।

Typically, *ad.* 1. ଆଦର୍ଶସ୍ୱରୂପେ; 2. ରୂପକଭାବେ ।

Typicalness, *n.* ରୂପକତା ।

Typify, *v.t.* 1. ଆଦର୍ଶସ୍ୱଭାବ ଦେଖାଇବା; 2. ପ୍ରତିରୂପ ଭାବ ପ୍ରକାଶ-କ ।

Typist, *n.* 'ଟାଇପ୍‌ରାଇଟର' ଯନ୍ତ୍ରର ଅଭ୍ୟସ୍ତକାରୀ ।

Typographer, *n.* ମୁଦ୍ରାକର ।

Typographical, *a.* ମୁଦ୍ରାଙ୍କନ ସମ୍ବନ୍ଧୀୟ ।

Typography, *n.* ମୁଦ୍ରାଙ୍କନ ବିଦ୍ୟା ।

Typology, *n.* ଧର୍ମଶାସ୍ତ୍ରୀୟ ଆଦର୍ଶ ତତ୍ତ୍ୱ ।

Tyrannic, Tyrannical, Tyrannous, *a.* 1. ଦୁଃଶାସକବତ୍; 2. ଉପଦ୍ରବକାରୀ, ଦୁର୍ଦ୍ଦାନ୍ତ; 3. ନିଷ୍ଠୁର ।

Tyrannically, Tyrannously, *ad.* 1. ପ୍ରଜାପୀଡ଼କଭାବେ; 2. ନିଷ୍ଠୁରଭାବେ ।

Tyrannicide, *n.* ଦୁଃଶାସକର ହତ୍ୟା ।

Tyrannise, *v.i.* 1. ଦୁଃଶାସକପରି ଅତ୍ୟାଚାର-କ; 2. ଅତ୍ୟାଚାରୀ-ହେ ।

Tyranny, *n.* 1. ପ୍ରଜାପୀଡ଼ନ; 2. ଦୌରାତ୍ମ୍ୟ ।

Tyrant, *n.* 1. ଦୁଃଶାସକ; 2. ଦୁରନ୍ତ ।

Tyrian, *a.* 1. ଟାୟାର ନଗର ସମ୍ବନ୍ଧୀୟ; 2. ଗାଢ଼ ବାଇଗଣି ରଙ୍ଗିଆ ।—*n.* ଟାୟାର ନଗର ନିବାସୀ ।

Tyro, Tiro, *n.* ଶିକ୍ଷାନବିଶ ।

Tzar, *n.* Same as Czar.

Tzarina, *n.* Same as Czarina.

# U.

U, ଇଂରାଜୀ ବର୍ଣ୍ଣମାଳାର ଏକବିଂଶାକ୍ଷର ଓ ପଞ୍ଚମ ସ୍ୱରବର୍ଣ୍ଣ ।

Ubiquitary, Ubiquitous, *a.* ସର୍ବବ୍ୟାପୀ, ସାର୍ବତ୍ରିକ ।

Ubiquity, *n.* ସର୍ବବ୍ୟାପିତ୍ୱ, ସର୍ବତ୍ର ବର୍ତ୍ତମାନତା ।

Udder, *n.* ଗୋରୁର ପହା ।

Ugh, *interj.* ଘୃଣାଭାବ ପ୍ରକାଶକ ଅବ୍ୟୟ, ଉଃ !

Uglify, *v.t.* କଦାକାର-କ ।

Uglily, *ad.* କଦାକାରରୂପେ, କୁତ୍ସିତଭାବେ ।

Ugliness, *n.* କଦାକାରତ୍ୱ, କୁତ୍ସିତତା, କୌରୂପ୍ୟ ।

Ugly, *a.* କଦାକାର, କୁତ୍ସିତ, ଅସୁନ୍ଦର ।—Ugly customer, ଭୟାନକ ଲୋକ ।

Uhlan, *n.* ପ୍ରୁସିଆ ଦେଶର ଅଶ୍ୱାରୋହୀ ସୈନ୍ୟ ।

Ukase, *n.* 1. ରୁଷ ସମ୍ରାଟଙ୍କ ଘୋଷଣାପତ୍ର; 2. ରାଜାଜ୍ଞା ।

Ulcer, *n.* ପୂଜପୂର ଘା, ଖପୁର ଘା ।

Ulcerate, *v.i.* ଖପୁର ଘା-ହେ, ପଜପୂର ଘାରେ ଘାଯୁକ୍ତ-ହେ ।

Ulceration, *n.* ଖପୁର ଘା ।

Ulcered, *a.* ଖପୁର ଘାଯୁକ୍ତ ।

Ulcerous, *a.* 1. ଖପୁର ଘା ସଦୃଶ; 2. ପୂଜପଚ ଘାରେ ଆକ୍ରାନ୍ତ ।

Ulna, *n.* କହୁଣୀର ଅଧୋଭାଗର ଅସ୍ଥିଦ୍ୱୟ ମଧ୍ୟରୁ ବୃହତ୍‌ଖଣ୍ଡ ।

Ulster, *n.* ସ୍ତ୍ରୀ ବା ପୁରୁଷର ପୋଷାକର ପିନ୍ଧିବା ଏକ-ପ୍ରକାର ଲମ୍ବା ଜାମା ।
Ulterior, *a.* 1. ଦୂରତର; 2. ପରବର୍ତ୍ତୀ, ଉତ୍ତର; 3. ଅପ୍ରତ୍ୟକ୍ଷ, ଇତର ।
Ulteriorly, *ad.* ଉତ୍ତରପକ୍ଷେ ।
Ultimate, *a.* 1. ଦୂରତମ; 2. ଅନ୍ତିମ, ଚରମ; ସର୍ବଶେଷ; 3. ଅବିଭାଜ୍ୟ ।
Ultimately, *ad.* ସର୍ବଶେଷେ, ଅନ୍ତେ ।
Ultimatum, *n.* ସନ୍ଧିର ଶେଷ ପ୍ରସ୍ତାବ ।
Ultimo, *a.* ଗତମାସର ।
Ultra, *a.* 1. ଉଦ୍‌ମାତ୍ରାତୀତ; 2. ଅଧିକ; 3. ଅତିରିକ୍ତ ।—*n.* ଉତ୍କଟ ମତାବଲମ୍ବୀ, ଧର୍ମୋନ୍ମତ୍ତ ।—Ultra vires, 1. ସାଧ୍ୟାତୀତ; 2. କ୍ଷମତାତୀତ ।
Ultraism, *n.* ଉତ୍କଟମତ ।
Ultramarine, *a.* ସମୁଦ୍ରପାରସ୍ଥିତ ।—*n.* ସୁନ୍ଦର ନୀଳବର୍ଣ୍ଣ ।
Ultramontane, *a.* ପର୍ବତପାରସ୍ଥିତ ।
Ultramundane, *a.* ଜଗଦ୍‌ବହିଃସ୍ଥ, ପୃଥିବୀ ବହିର୍ଗତ ।
Ululu, *n.* ହୁଳହୁଳି ।
Umbel, *n.* ଛତାକାର କୌଣସି ପୁଷ୍ପ ।
Umbelliferous, *a.* ଛତାକାର ପୁଷ୍ପୋତ୍ପାଦକ ।
Umber, *n.* ପାଟଳରଙ୍ଗ ବିଶେଷ ।
Umbilic, Umbilical, *a.* ନାଭିସମ୍ବନ୍ଧୀୟ ।—Umbilical cord, ଶିଶୁର ନାଭିସ୍ଥ ଫୁଲନାଡ଼ ।Umbilical region, ନାଭିଦେଶ ।
Umbilicus, *n.* ନାଭି ।
Umbra, *n.* ଗ୍ରହାଦିର ସୂଚ୍ୟଗ୍ର ଘୋର ଛାୟା ।
Umbrage, *n.* 1. ଅସନ୍ତୋଷ; 2. ବୃକ୍ଷର ଛାୟା ।
Umbrageous, *a.* ଛାୟାମୟ, ନିବିଡ଼ ।
Umbrageously, *ad.* ନିବିଡ଼ଭାବେ ।
Umbrella, *n.* ଛତା, ଛତ୍ର, ଆତପତ୍ର ।
Umbrose, *a.* ଛାୟାବହୁଳ ।
Umbrosity, *n.* ଛାୟାବହୁଳତ୍ୱ ।
Umpire, *n.* 1. ମଧ୍ୟସ୍ଥ; 2. ଖେଳର ମୀମାଂସକ; 3. ସାଲିସ୍ ।
Unabashed, *a.* 1. ଅଲଜ୍ଜିତ; 2. ନିର୍ଭୟ ।
Unabated, *a.* 1. ଅହ୍ରାସିତ; 2. ଅପ୍ରଶମିତ ।
Unable, *a.* ଅସମର୍ଥ, ଅକ୍ଷମ, ଅପାରଗ ।
Unaccented, *a* ଅନୁଦାତ୍ତ ।
Unacceptable, *a.* 1. ଅଗ୍ରହଣୀୟ; 2. ଅନୁପାଦେୟ ।
Unaccompanied, *a.* 1. ସଙ୍ଗରହିତ; 2. ଏକାକୀ ।
Unaccountable, *a.* 1. ବୋଧାଗମ୍ୟ, ଦୁର୍ଜ୍ଞେୟ; 2. ଦାୟିତ୍ୱଶୂନ୍ୟ ।
Unaccustomed, *a.* 1. ଅନଭ୍ୟସ୍ତ; 2. ଅବ୍ୟବହାର୍ଯ୍ୟ ।
Unacknowledged, *a.* 1. ଅସ୍ୱୀକୃତ; 2. ଅମାନିତ ।
Unacquainted, *a.* 1. ଅଜ୍ଞାତ; 2. ଅପରିଚିତ ।
Unacquired, *a.* 1. ଅଲବ୍ଧ; 2. ଅନର୍ଜିତ ।
Unadorned, *a.* ଅଭୂଷିତ, ଅନଳଙ୍କୃତ, ସାଦା ।
Unadulterate, Unadulterated, *a.* 1. ଅମିଶ୍ରିତ; 2. ଖାଣ୍ଟି ।
Unadvisable, *a.* 1. ଅବାଞ୍ଛନୀୟ; 2. ଅପରାମୃଶ୍ୟ ।
Unadvisedly, *ad.* ଅବାଞ୍ଛନୀୟରୂପେ ।
Unaffected, *a.* ଅକପଟ, ସ୍ୱଭାବତଃ ସରଳ, ଅବିକୃତ ।
Unaffectedly, *ad.* ଅକପଟଭାବେ, ଅବିକୃତରୂପେ ।
Unaffectedness, *n.* ସ୍ୱାଭାବିକତା, ଅବିକୃତତା ।
Unaided, *a.* 1. ଅପ୍ରାପ୍ତସାହାଯ୍ୟ; 2. ନିଃସହାୟ ।
Unalloyed, *a.* 1. ଅମିଶ୍ରିତ; 2. ବିଶୁଦ୍ଧ ।
Unalterable, *a.* 1. ଅପରିବର୍ତ୍ତନୀୟ; 2. ଅନ୍ୟଥା ଅକରଣୀୟ; 3. ଅଟଳ ।
Unaltered, *a.* ଅପରିବର୍ତ୍ତିତ ।
Unambiguous, *a.* ଦ୍ୱ୍ୟର୍ଥବର୍ଜିତ, ସ୍ପଷ୍ଟ ।
Unambitious, *a.* ଉଚ୍ଚାଭିଳାଷ ପରିଶୂନ୍ୟ ।
Unamiable, *a.* 1. ଅରୁଚିକର, ଅପ୍ରୀତିକର; 2. ଅପ୍ରେମୀ ।
Unanimity, *n.* ମତର ଐକ୍ୟ, ଐକମତ୍ୟ ।
Unanimous, *a.* 1. ଏକମନା; 2. ଏକମତ ।
Unanimously, *ad.* ଏକମତରେ ।
Unanswerable, *a.* 1. ଅପ୍ରତିବାଦନୀୟ, ଅଖଣ୍ଡନୀୟ; 2. ଯୁକ୍ତିସିଦ୍ଧ ।
Unanswered, *a.* 1. ଉତ୍ତର ଦିଆହୋଇ ନ ଥିବା; [2. ଅଖଣ୍ଡିତ ।
Unappalled, *a.* ଅଶଙ୍କିତ, ନିର୍ଭୀକ, ଅତ୍ରାସିତ ।
Unapprehensive, *a.* 1. ଅଭୀତ; 2. ଅସନ୍ଦିଗ୍ଧ ।
Unapproachable, *a.* 1. ଅନଭିଗମ୍ୟ; 2. ଅନାଲାପୀ ।
Unappropriated, *a.* 1. ଅନିୟୋଜିତ; 2. ଅନଧିକୃତ; 3. ଅସ୍ୱତ୍ୱ ।
Unapproved, *a.* 1. ଅନନୁମୋଦିତ; 2. ନାମଞ୍ଜୁର ।
Unapt, *a.* 1. ଅଦକ୍ଷ; 2. ଅନୁପଯୋଗୀ ।
Unarm, *v.t.* ନିରସ୍ତ୍ର-କ ।
Unarmed, *a.* ଅସ୍ତ୍ରରହିତ, ନିରସ୍ତ୍ର, ଅସଜ୍ଜିତ ।
Unascertainable, *a.* 1. ଅନିର୍ଦ୍ଧାର୍ଯ୍ୟ; 2. ଅଜ୍ଞାତବ୍ୟ ।
Unasked, *a.* 1. ଅଯାଚିତ; 2. ଅନାହୂତ, ଅନିମନ୍ତ୍ରିତ ।
Unaspiring, *a.* ଅନୁଚ୍ଚାଭିଳାଷ ।
Unassailable, *a.* 1. ଦୁରାକ୍ରମ୍ୟ; 3. ଅଖଣ୍ଡନୀୟ ।
Unassisted, *a.* ଅନୁପକୃତ, ସାହାଯ୍ୟଶୂନ୍ୟ ।
Unassuming, *a.* 1. ନିରହଙ୍କୃତ; 2. ବିନୀତ, ଅନୁଦ୍ଧତ ।
Unattached, *a.* ଅସଂଲଗ୍ନ, ବିଚ୍ଛିନ୍ନ ।
Unattainable, *a.* 1. ଅପ୍ରାପ୍ୟ, ଅଲଭ୍ୟ; 2. ଅଗମ୍ୟ ।
Unauthentic, *a.* ଅପ୍ରାମାଣିକ, କୃତ୍ରିମ ।
Unauthenticated, *a.* ଅପ୍ରମାଣିତ ।
Unauthorised, *a.* ଅନାଦିଷ୍ଟ, ଅନାଜ୍ଞପ୍ତ ।
Unavailable, *a.* ଅପ୍ରାପ୍ୟ ।
Unavailing, *a.* 1. ଅକର୍ମଣ୍ୟ; 2. ବୃଥା, ନିଷ୍ଫଳ ।
Unavoidable, *a.* 1. ଅନିବାର୍ଯ୍ୟ; 2. ଅପରିହାର୍ଯ୍ୟ; 3. ଅବଶ୍ୟମ୍ଭାବୀ ।
Unavoidableness, *n.* 1. ଅବଶ୍ୟମ୍ଭାବିତା; 2 ଅନିବାର୍ଯ୍ୟତା ।

Unavoidably, *ad.* ଅନିବାର୍ଯ୍ୟରୂପେ ।
Unaware, Unawares, *ad.* 1. ଅଜ୍ଞାତସାରରେ; 2. ଅନପେକ୍ଷିତଭାବେ, 3. ହଠାତ୍ ।—At unawares, ଅତର୍କିତଭାବେ, ହଠାତ୍ ।
Unbar, *v.t.* ଅର୍ଗଳମୁକ୍ତ-କ; 2. ଫିଟାଇବା ।
Unbathed, *a.* ଅଗାଧୁଆ, ଅସ୍ନାତ ।
Unbearable, *a.* ଅସହ୍ୟ ।
Unbearableness, *n.* ଅସହ୍ୟତା ।
Unbearably, *ad.* ଅସହ୍ୟଭାବେ ।
Unbecoming, *a.* ଅନୁଚିତ, ଅଭଦ୍ରୋଚିତ ।
Unbecomingly, *ad.* ଅଭଦ୍ରୋଚିତଭାବେ ।
Unbelief, *n.* 1. ଅପ୍ରତ୍ୟୟ, ଅବିଶ୍ୱାସ; 2. ନାସ୍ତିକ୍ୟବୁଦ୍ଧି, ପାଷଣ୍ଡତା ।
Unbeliever, *n.* 1. ଅବିଶ୍ୱାସୀ; 2. ନାସ୍ତିକ, ପାଷଣ୍ଡ ।
Unbelieving, *a.* 1. ଅବିଶ୍ୱାସକାରୀ; 2. ନାସ୍ତିକ ।
Unbelievingly, *ad.* ପାଷଣ୍ଡରୂପେ ।
Unbend, *v.t.* ସଳଖ-କ ।—*v.i.* ଅଳାଗୀ-ହେ ।
Unbending, *a.* 1. ଅନମ୍ର; 2. ଅଦମ୍ୟ; 3. ଦୃଢ଼, ଶକ୍ତ ।
Unbendingly, *ad.* ଦୃଢ଼ଭାବେ ।
Unbenign, *a.* ନିଷ୍ଠୁରଶୀଳ, ନିର୍ଦ୍ଦୟ ।
Unbiassed, *a.* ଅପକ୍ଷପାତୀ ।
Unbiassedly, *ad.* ଅପକ୍ଷପାତରୂପେ ।
Unbiassedness, *n.* ଅପକ୍ଷପାତତା ।
Unbid, Unbidden, *a.* 1 ଅନିମନ୍ତ୍ରିତ; 2. ଅନାଦିଷ୍ଟ ।
Unbind, *v.t.* ବନ୍ଧନମୁକ୍ତ-କ, ଫିଟାଇବା ।
Unblamable, *a.* 1. ନିର୍ଦ୍ଦୋଷ, ଅଦୂଷ୍ୟ; 2. ଅନିନ୍ଦ୍ୟ ।
Unbleached, *a.* ଅଧୌତ ।
Unblemished, *a.* 1. ଖୁଣରହିତ, ନିଖୁଣ, ଅକ୍ଷୁଣ୍ଣ; 2. ନିଷ୍କଳଙ୍କ ।
Unblown, *a.* 1. ଅପ୍ରଫୁଲ୍ଲ, ଅବିକଶିତ; 2. ଅଶବ୍ଦିତ, ଅଧ୍ମାତ ।
Unblushing, *a.* ନିର୍ଲଜ୍ଜ, ଲଜ୍ଜାରହିତ ।
Unbolt, *v.t.* (ହୁଡ଼ୁକା) ଫିଟାଇବା, (ଖିଲ) କାଢ଼ିବା ।
Unbolted, *a.* ଖିଲ୍‌ବିନା, ମେଲା ।
Unborn, *a.* 1. ଅଜାତ, ଅନୁତ୍ପନ୍ନ; 2. ଅବିଦ୍ୟମାନ ।
Unbosom, *v.t.* ମନ ଖୋଲି କହିବା, ହୃଦୟ ଭେଦ ପ୍ରକାଶ-କ ।
Unbought, *a.* ଅକ୍ରୀତ, ବିନାମୂଲ୍ୟରେ ପ୍ରାପ୍ତ ।
Unbounded, *a.* 1. ଅସୀମ; 2. ଅପରିମିତ; 3. ଅପାର ।
Unbred, *a.* 1. ଅଶିଷ୍ଟ; 2. ଅଶିକ୍ଷିତ; 3. ଅସଭ୍ୟ ।
Unbridle, *v.t.* 1. ଲଗାମମୁକ୍ତ-କ; 2. ଉଚ୍ଛୃଙ୍ଖଳ-କ ।
Unbridled, *a.* 1. ଅସଂଯତ, ଅଦମିତ, ଅନାୟତ୍ତ; 2. କାମାସକ୍ତ ।
Unbroken, *a.* 1. ଅଭଗ୍ନ; 2. ପୂର୍ବ ଅବଶୀଭୂତ; 3. ଅମଣା ।
Unbrotherly, *a.* ଭ୍ରାତାର ଅନୁପଯୁକ୍ତ ।
Unbuckle, *v.t.* 1. (ବକ୍‌ଲସ୍) ଫିଟାଇବା; 2. ବନ୍ଧନରୁ ଫିଟାଇବା ।
Unburden, *v.t.* 1. ଭାରମୁକ୍ତ-କ; 2. ଉଦ୍‌ବେଗଶୂନ୍ୟ-କ; 3. ମନର ଭାବ ବ୍ୟକ୍ତ-କ ।
Unburned, Unburnt, *a.* ଅପୋଡ଼ା, କଞ୍ଚା ।
Unbusiness-like, *a.* କାର୍ଯ୍ୟରେ ଅକୁଶଳ ।
Unbutton, *v.t.* ବୋତାମ ବା ଗଣ୍ଠି ଫିଟାଇବା ।
Uncalled for, *a.* 1. ଅନାବଶ୍ୟକ; 2. ଅତରକ୍ତ ।
Uncanny, *a.* 1. ଭୌତିକ; 2. ଅପ୍ରାକୃତିକ ।
Uncanonic, Uncanonical, *a.* ଅବୈଧ, ଅଶାସ୍ତ୍ରୀୟ ।
Uncared for, *a.* ଉପେକ୍ଷିତ, ଅରକ୍ଷିତ ।
Uncarpeted, *a.* ଗାଲିଚା ଅନାବୃତ ।
Uncart, *v.t.* ଶଗଡ଼ରୁ ବୋଝ ଓହ୍ଲାଇବା ।
Uncaused, *a.* 1. ଅନାଦିକାରଣ; 2. ସ୍ୱୟମ୍ଭୁ ।
Unceasing, *a.* ଅନବରତ, ଅବିରତ, ନିରନ୍ତର ।
Unceremonious, *a.* 1. ଅଶିଷ୍ଟାଚାର; 2. ଅବ୍ୟାବହାରିକ ।
Uncertain, *a.* 1. ସଂଶୟାପନ୍ନ, ସନ୍ଦେହଯୁକ୍ତ; 2. ଅନିଶ୍ଚିତ; 3. ଅସ୍ଥିର ।
Uncertainty, *n.* 1. ଅସ୍ଥିରତା; 2. ସଂଶୟ; 3. ଅନିଶ୍ଚୟତା ।
Unchallenged, *a.* ନିର୍ବିବାଦ, ଅପ୍ରତିଦ୍ୱନ୍ଦ୍ୱ ।
Unchangeable, *a.* 1. ଅପରିବର୍ତ୍ତନୀୟ, ଅଟଳ; 2. ଅବିକାରୀ ।
Unchanging, *a.* 1. ଅପରିବର୍ତ୍ତନଶୀଳ; 2. ନିତ୍ୟ ।
Uncharitable, *a.* 1. ଅନୁଦାର; 2. ରୂକ୍ଷ; 3. ସଂକୀର୍ଣ୍ଣମନା ।
Uncharitableness, *n.* 1. ଅନୁଦାରତା; 2. ମନର ସଂକୀର୍ଣ୍ଣତା ।
Unchartered, *a.* 1. ଅନିର୍ଦ୍ଦିଷ୍ଟ; 2. ଅସୀମ ।
Unchaste, *a.* 1. ଅସତୀ, ଅସାଧ୍ୱୀ; 2. ଅଜିତେନ୍ଦ୍ରିୟ ।
Unchastity, *n.* 1. ଅସତୀତ୍ୱ; 2. ଲାମ୍ପଟ୍ୟ ।
Unchecked, *a.* ଅନିବାରିତ, ଅପ୍ରତିହତ, ଅବାଧ ।
Unchristian, *a.* 1. ଅଖ୍ରୀଷ୍ଟୀୟ, ଖ୍ରୀଷ୍ଟଧର୍ମାନୁଚିତ; 2. ନିର୍ଦ୍ଦୟ ।
Unchurch, *v.t.* ଧର୍ମମଣ୍ଡଳୀରୁ ବହିଷ୍କୃତ-କ ।
Uncial, *a.* ଏକପ୍ରକାର ପୁରାତନ ବୃହଦକ୍ଷର ସମ୍ବନ୍ଧୀୟ ।—*n.* ଏକପ୍ରକାର ପୁରାତନ ବୃହଦକ୍ଷର ।
Unciform, *a.* ଅଙ୍କୁଶାକାର ।
Uncinal, Uncinate, *a.* ଅଙ୍କୁଶାଗ୍ରଯୁକ୍ତ ।
Uncircumcised, *a.* ଅସୁନ୍ନତ ।
Uncivil, *a.* 1. ଅନାଦରକାରୀ; 2. ଅଶିଷ୍ଟ, ଅସଭ୍ୟୋଚିତ ।
Uncivilised, *a.* ଅସଭ୍ୟ, ବର୍ବର ।
Uncivilly, *ad.* ଅଶିଷ୍ଟଭାବେ ।
Unclasp, *v.t.* 1. (ବନ୍ଧନଅଙ୍କୁଶି) ଫିଟାଇବା; 2. ଆଲିଙ୍ଗନମୁକ୍ତ-କ ।

Unclassable, *a.* ଅଶ୍ରେଣୀୟ ।

Uncle, *n.* 1. ମାମୁ, ମାତୁଳ; 2. ପିଉସା; 3. ମଉସା; 4. ପିତୃବ୍ୟ, କାକା, ଜେଠା; 5. (ପ୍ରେମ ଭାବରେ) ବୁଢା ମଉସା ।

Unclean, *a.* 1. ଅଶୁଚି; 2. ମଳିନ, ଅପରିଷ୍କୃତ ।

Uncleanliness, *n.* ଅପରିଷ୍କୃତତା ।

Uncleanly, *a.* ଅପବିତ୍ର ।

Uncleanness, *n.* ଅଶୁଚିତା ।

Unclothe, *v.t.* ନିବସ୍ତ୍ର-କ, ଉଲଗ୍ନ-କ ।

Unclothed, *a.* ନିବସ୍ତ୍ର, ଉଲଗ୍ନ ।

Uncock, *v.t.* 1. ବନ୍ଧୁକର ଘୋଡା ତଳକୁ-କ; 2. ଶୁଖିଲା ଘାସଗଦା ଖେଳାଇବା ।

Uncoil, *v.t.* 1. ବଳା ଫିଟାଇବା; 2. କୁଣ୍ଡଳ ଫିଟାଇବା ।

Uncoloured, *a.* 1. ଅରଞ୍ଜିତ; 2. ରଙ୍ଗହୀନ, ସାଦା ।

Uncombed, *a.* ଅକୁଣ୍ଡା, ଅପ୍ରସାଧିତ ।

Uncomely, *a.* ଅସୁନ୍ଦର, କୁଶ୍ରୀ ।

Uncomfortable, *a.* 1. ଅସୁଖୀ; 2. ଅସୁଖଦାୟକ, ଅନାରାମଜନକ ।

Uncomfortableness, *n.* ଅସୁଖିତା ।

Uncomfortably, *ad.* ଅସୁଖଦାୟକରୂପେ ।

Uncommon, *a.* ଅସାଧାରଣ, ଅସାମାନ୍ୟ, ଅପୂର୍ବ ।

Uncommonly, *ad.* ଅସାଧାରଣରୂପେ ।

Uncommonness, *n.* ଅସାଧାରଣତା ।

Uncompromising, *a.* 1. ସନ୍ଧି ବିଷୟରେ ଅସମ୍ମତ; 2. ଅମିଳନେଚ୍ଛୁ ।

Unconcern, *n.* ଅମନୋଯୋଗ, ଔଦାସୀନ୍ୟ, ଚିନ୍ତାଶୂନ୍ୟତା ।

Unconcerned, *a.* ଅମନୋଯୋଗୀ, ଉଦାସୀନ, ଚିନ୍ତାଶୂନ୍ୟ ।

Unconcernedly, *ad.* ଅମନୋଯୋଗିଭାବେ, ଚିନ୍ତାଶୂନ୍ୟଭାବେ ।

Unconditional, *a.* ବିନାସର୍ତ୍ତ, ନିରୁପାଧିକ ।

Unconditionally, *ad* ବିନାସର୍ତ୍ତରେ ।

Unconditioned, *a.* ଅନିୟନ୍ତ୍ରିତ, ସର୍ତ୍ତରହିତ ।

Unconfirmed, *a.* 1. ଅଦୃଢୀକୃତ; 2. ଅସମର୍ଥିତ ।

Uncongenial, *a.* 1. ଅରୁଚିକର; 2. ବିସଦୃଶ ।

Unconnected, *a.* 1. ଅସଂଲଗ୍ନ; 2. ଅସମ୍ବଦ୍ଧ ।

Unconquerable, *a.* 1. ଅପରାଜେୟ, ଅଜେୟ; 2. ଦୁର୍ଦ୍ଦମ୍ୟ ।

Unconscionable, *a.* 1. ଅଯଥାର୍ଥ; 2. ଅନିୟମିତ ।

Unconscionably, *ad.* ଅନିୟମିତରୂପେ ।

Unconscious, *a.* 1. ଅଚେତନ; 2. ଅଜ୍ଞାତ; 3. ସ୍ୱଜ୍ଞାନହୀନ ।

Unconsciously, *ad.* ଅଜ୍ଞାତସାରେ ।

Unconsciousness, *n.* ଅଚେତନତା ।

Unconstitutional, *a.* 1. ସ୍ଥାପିତ ଶାସନପ୍ରଣାଳୀବିରୁଦ୍ଧ; 2. ଅବୈଧ ।

Unconstrained, *a.* 1. ଅସଙ୍କୁଚିତ; 2. ଅବାଧିତ; 3. ସ୍ୱଚ୍ଛନ୍ଦ; 4. ପ୍ରକୃତସ୍ଥ ।

Uncontrollable, *a.* 1. ଅଦମ୍ୟ, ଅଶାସ୍ୟ; 2. ଅସାଧ୍ୟ ।

Unconverted, *a.* 1. ଅପରିବର୍ତ୍ତିତ; 2. ଅବିଶ୍ୱାସୀ ।

Uncountable, *a.* ଅଗଣନୀୟ, ଅଗଣ୍ୟ ।

Uncounted, *a.* ଅଗଣିତ ।

Uncouple, *v.t.* ଯୋଡ଼ା ଫିଟାଇବା, ଅସଂଯୁକ୍ତ-କ ।

Uncourteous, *a.* ଅଶିଷ୍ଟ, ଦୁଃଶୀଳ, ଢ଼ଁଅପ, ଗମାର ।

Uncourteously, *ad.* ଅଶିଷ୍ଟଭାବେ, ଢ଼ଁଅପଣରେ ।

Uncouth, *a.* ଅନାଡ଼ି, ବଣ୍ଡା, ଅପରୂପ ।

Uncovenanted, *a.* ନିୟମାନଧୀନ ।

Uncover, *v.t.* 1. ଢାଙ୍କୁଣୀ କାଢ଼ିବା; 2. ଉଦଘାଟନ-କ; 3. ଅନାବୃତ-କ; 4. ନଗ୍ନ-କ ।—*v.i.* ସମ୍ମାନାର୍ଥେ ଟୋପି କାଢ଼ିବା ।

Uncovered, *a.* ଅନାବୃତ, ଫୁଙ୍ଗୁଳା ।

Unction, *n.* 1. ତୈଳାକ୍ତକରଣ; 2. ଅଭିଷେକ; 3. ପବିତ୍ର ତୈଳ ।—Extreme unction, ମୁମୂର୍ଷୁ ଲୋକଙ୍କ ପ୍ରାର୍ଥନାପୂର୍ବକ ତୈଳମର୍ଦ୍ଦନ । To lay a flattering unction to the soul, ସୁଖସ୍ୱପ୍ନ ଦେଖି ଅନ୍ତରକୁ ତୃପ୍ତ-କ ।

Unctuous, *a.* 1. ତୈଳାକ୍ତ; 2. ସ୍ନିଗ୍ଧ; 3. ଅତ୍ୟନ୍ତ କୋମଳ ।

Uncultivable, *a.* କୃଷିକର୍ମାଯୋଗ୍ୟ ।

Uncultivated, *a.* ଅକର୍ଷିତ, ପତିତ ।

Uncut, *a.* ଅକଟା ।

Undated, *a.* ତାରିଖହୀନ ।

Undaunted, *a.* 1. ଅଶଙ୍କିତ; 2. ନିର୍ଭୀକ, ଅକୁତୋଭୟ ।

Undecayed, *a.* 1. ଅବିକୃତ; 2. ସଦ୍ୟ ।

Undeceive, *v.t.* ଭ୍ରମଶୂନ୍ୟ-କ, (ଭ୍ରମ) ଫିଟାଇ-ଦେ ।

Undecided, *a.* 1. ସଂଶୟଯୁକ୍ତ, ସନ୍ଦିଗ୍ଧ; 2. ଅମୀମାଂସିତ ।

Undeclinable, *a.* ଯାହାର ରୂପ ହୁଏ ନାହିଁ, ଅବ୍ୟୟ ।

Undefended, *a.* ପ୍ରତିବାଦହୀନ ।

Undefiled, *a.* ନିଷ୍କଳଙ୍କ, ନିର୍ମଳ ।

Undefinable, *a.* 1. ଅନିରୂପଣୀୟ; 2. ଅନିର୍ବଚନୀୟ ।

Undemonstrative, *a.* 1. ଅନୁଭବବୃନ୍ଦ ଅପ୍ରକାଶକ; 2. ଅନାଳାପୀ ।

Undeniable, *a.* ଅକାଟ୍ୟ, ନିଶ୍ଚିତ, ଅବଶ୍ୟ ସ୍ୱୀକାର୍ଯ୍ୟ ।

Undeniably, *ad.* ଅକାଟ୍ୟଭାବେ ।

Undenominational, *a.* ସାମ୍ପ୍ରଦାୟିକ ଭେଦଶୂନ୍ୟ ।

Undependable, *a.* 1. ଅନିର୍ଭରଣୀୟ; 2. ଅବିଶ୍ୱସନୀୟ ।

Under, *prep.* 1. ତଳେ, ନିମ୍ନେ; 2. ଊଣାରେ, ନ୍ୟୂନରେ; 3. ବଶରେ, ଅଧୀନରେ; 4. ସମୟମଧ୍ୟରେ ।—*ad.* ନ୍ୟୂନ ପରିମାଣେ ।—*a.* 1. ନିମ୍ନସ୍ଥ, ଅଧୋବର୍ତ୍ତୀ; 2. ବଶବର୍ତ୍ତୀ; 3. ଅଧୀନସ୍ଥ ।—Under age, ନାବାଳକ । Under arms, ସଶସ୍ତ୍ର ହୋଇ ଯୁଦ୍ଧାର୍ଥ ପ୍ରସ୍ତୁତ । To be under a cloud, ସନ୍ଦେହାଧୀନ-ହେ । Under fire, ଗୋଳାଗୁଳି ବର୍ଷଣ ମଧ୍ୟରେ । Under the breath, ଲଘୁ ସ୍ୱରରେ, ଚୁପ୍ । Under way, 1. ଚଳିତ; 2. ଯାତ୍ରାଗତ ।

Underbid, *v.t.* ଉପଯୁକ୍ତ ମୂଲ୍ୟରୁ ଊଣାରେ ଯାଚିବା ।
Underclothes, *n. pl.* ଅଧୋବାସ, ଭିତର ପିନ୍ଧା ବସ୍ତ୍ରାଦି ।
Undercurrent, *n.* 1. ଅଧଃସ୍ରୋତ; 2. ଭିତର ଭାବ ।
Undercut, *n.* ଗୋରୁର ପଞ୍ଜରତଳ ମାଂସ ।
Underdone, *a.* ଅଧସିଝା ।
Underestimate, *v.t.* 1. ନ୍ୟୂନ ମୂଲ୍ୟ ନିରୂପଣ-କ; 2. ଅଳ୍ପ ମଣିବା ।—*n.* ନ୍ୟୂନ ଅନୁମାନିତ ଗଣନା ।
Under-exposed, *a.* ଅଳ୍ପକାଳପାଇଁ ଅନାବୃତଭାବେ ସୂର୍ଯ୍ୟାଲୋକରେ ରକ୍ଷିତ ।
Underfeed, *v.t.* ନ୍ୟୂନଭାବରେ ଆହାର ଦେଉଥିବା ।
Undergarment, *n.* ଅନ୍ତର୍ବାସ, ଭିତରପିନ୍ଧା ବସ୍ତ୍ର ।
Undergird, *v.t.* ନିମ୍ନଭାଗରେ ବାନ୍ଧିବା ।
Undergo, *v.t.* 1. ସହ୍ୟ-କ; 2. ଭୋଗ-କ; 3. ଅନୁଭବ-କ ।
Undergraduate, *n.* ବିଶ୍ୱବିଦ୍ୟାଳୟର ଉପାଧି ଅପ୍ରାପ୍ତ ଛାତ୍ର । [ଭାବ ।
Underground, *a.* ଭୂତଳର ଅଧଃସ୍ଥ, ମାଟି ଭିତରେ
Undergrowth, *n.* ବୃକ୍ଷତଳେ ଉତ୍ପନ୍ନ ଗୁଳ୍ମାଦି ।
Underhand, *a.* 1. ଗୋପନୀୟ, ଗୁପ୍ତ; 2. ଶଠ ।—*ad.* 1. ଗୋପନରେ; 2. ଶଠତାପୂର୍ବକ ।
Underhanded, *a.* 1. ଗୋପନରେ ସାଧିତ; 2. ନ୍ୟୂନ ସଂଖ୍ୟକ ।
Underking, *n.* ଅଧୀନ ରାଜା ।
Underlie, *v.t.* and *i.* 1. ନିମ୍ନରେ ରହିବା; 2. ଭିତରେ ରହିବା; 3. ଦାୟୀ-ହେ ।
Underline, *v.t.* ରେଖାଙ୍କିତ-କ, ଶବ୍ଦତଳେ ରେଖା ଟାଣିବା ।
Underling, *n.* 1. ଛୋଟଲୋକ; 2. ତାବେଦାର, ଅଧୀନସ୍ଥ କର୍ମଚାରୀ ।
Undermentioned, *a.* ନିମ୍ନୋକ୍ତ, ତଳଲିଖିତ ।
Undermine, *v.t.* 1. ତଳେ ସୁଡ଼ଙ୍ଗ-କ; 2. ଗୋପନରେ ନଷ୍ଟ-କ ।
Undermost, *a.* ନିମ୍ନତମ, ସର୍ବାଧଃ ।
Underneath, *ad.* ନିମ୍ନରେ, ତଳେ, ଅଧୋଦେଶରେ ।—*prep.* ନିମ୍ନରୁ, ତଳକୁ ।
Underrate, *v.t.* 1. ଅଳ୍ପ ମୂଲ୍ୟ-କ; 2. ତୁଚ୍ଛଜ୍ଞାନ-କ ।—*n.* ଉଚିତ ମୂଲ୍ୟରୁ ଅଳ୍ପ ମୂଲ୍ୟ ।
Undersecretary, *n.* ନିମ୍ନତର ସମ୍ପାଦକ ।
Undersell, *v.t.* ଅନ୍ୟାପେକ୍ଷା ଅଳ୍ପ ମୂଲ୍ୟରେ ବିକିବା ।
Undersigned, *a.* ନିମ୍ନସ୍ୱାକ୍ଷରକାରୀ ।
Understand, *v.t.* 1. ବୁଝିପାରିବା; 2. ବୁଦ୍ଧିଗମ୍ୟ-କ ।—*v.i.* 1. ଜ୍ଞାତ-ହେ; 2. ଉହ୍ୟ ଥିବା ।
Understanding, *n.* 1. ବୁଦ୍ଧି; 2. ଧୀଶକ୍ତି; 3. ଅର୍ଥବୋଧ ଜ୍ଞାନ; 4. ମନର ମେଳ । [କହିବା ।
Understate, *v.t.* କମ କରି ବର୍ଣ୍ଣନା-କ, ଅସମ୍ପୂର୍ଣ୍ଣରୂପେ
Understood, *p.t.* and *pa. p.* of Understand.

Understudy, *n.* ଅଭିନେତାର ପ୍ରତିନିଧିରୂପେ ଶିକ୍ଷିତ ଅଭିନେତା ।
Undertake, *v.t.* 1. ଅଙ୍ଗୀକାର-କ; 2. ସ୍ୱୀକାର-କ; 3. ଭାର-ନେ, ଦାୟିତ୍ୱ-ନେ; 4. ଚେଷ୍ଟା-କ ।—*v.i.* ପ୍ରବୃତ୍ତ-ହେ, ପ୍ରତିଶ୍ରୁତ-ହେ ।
Undertaker, *n.* ସମାଧିକ୍ରିୟାକାର୍ଯ୍ୟ ବ୍ୟବସାୟୀ, ମୃତ ଲୋକର କବର କର୍ମ ଯେ କରନ୍ତି ।
Undertaking, *n.* 1. କର୍ମ, ବ୍ୟାପାର; 2. ଉଦ୍ୟମ, ଦୁଃସାଧ୍ୟକର୍ମ ।
Undertenant, *n.* ଶିକମି ରଇତ ।
Undertone, *n.* ଲଘୁସ୍ୱର ।
Undervalue, *v.t.* 1. ଅଳ୍ପ ମୂଲ୍ୟର ଜ୍ଞାନ-କ; 2. ସାମାନ୍ୟ ଜ୍ଞାନ-କ ।
Underwear, *n.* ଅଧୋବାସ ।
Underwent, *pa. t.* of Undergo.
Underwood, *n.* ଗୁଳ୍ମବଣ ।
Underwork, *v.t.* 1. ଊଣା ମୂଲରେ ସମାନ କାର୍ଯ୍ୟ-କ; 2. ଗୋପନରେ ନଷ୍ଟ-କ ।
Under-world, *n.* 1. ପାତାଳ; 2. ଭୂମଣ୍ଡଳର ଅନ୍ୟ ପାର୍ଶ୍ୱସ୍ଥ ଦେଶ; 3. ନୀଚ ଲୋକସମୂହ, ପତିତ ଜାତି ।
Underwrite, *v.t.* 1. ତଳେ ସ୍ୱାକ୍ଷର-କ; 2. ବୀମା ସ୍ୱାକ୍ଷର-କ ।—*v.i.* (ଜାହାଜର) କ୍ଷତିପୂରଣ କରିବାକୁ ଅଙ୍ଗୀକାର-କ ।
Underwriter, *n.* 1. ବୀମା ସ୍ୱାକ୍ଷରକାରୀ; 2. ଜାହାଜର କ୍ଷତିପୂରଣ ନିମନ୍ତେ ଚୁକ୍ତି କରିବା ବ୍ୟବସାୟୀ ।
Underwrought, *pa. t.* and *pa. p.* of Underwork.
Undeserved, *a.* 1. ଅପାତ୍ରେ ଅର୍ପିତ; 2. ଅନୁପଯୁକ୍ତ ।
Undeservedly, *ad.* ଯୋଗ୍ୟତାବହିର୍ଭୂତଭାବେ ।
Undeserving, *a.* ଅଯୋଗ୍ୟ, ଅକ୍ଷମ, ଅପାତ୍ର ।
Undesigned, *a.* ଅନଭିପ୍ରେତ ।
Undesignedly, *ad.* ଅନଭିପ୍ରେତଭାବେ ।
Undesigning, 1. ଅଧୂର୍ତ୍ତ; 2. ନିଷ୍କପଟ, ସରଳ ।
Undesirable, *a.* ଅବାଞ୍ଛନୀୟ ।
Undesirability, *n.* ଅବାଞ୍ଛନୀୟତ୍ୱ ।
Undesirably, *ad.* ଅବାଞ୍ଛନୀୟରୂପେ ।
Undetermined, *a.* 1. ଅନିର୍ଣ୍ଣୀତ, ଅନିଶ୍ଚିତ; 2. ଅନିର୍ଦ୍ଧାରିତ ।
Undeviating, *a.* 1. ଅବିଚଳିତ; 2. ସରଳ ।
Undigested, *a.* ଅଜୀର୍ଣ୍ଣ । [କର ।
Undignified, *a.* ଗୌରବହାନିଜନକ, ମର୍ଯ୍ୟାଦାହାନି-
Undiminished, *a.* ଅନ୍ୟୂନୀକୃତ ।
Undisciplined, *a.* 1. ଅଶାସିତ; 2. ଅଶିକ୍ଷିତ ।
Undisguised, *a.* 1. ଛଳରହିତ; 2. ସ୍ପଷ୍ଟ ।
Undismayed, *a.* ଅଶଙ୍କିତ, ଅଭୀରୁ ।
Undisputed, *a.* ନିର୍ବିବାଦ, ଅନାପତ୍ତିକ ।
Undistinguished, *a.* 1. ଅଚିହ୍ନିତ; 2. ଅପ୍ରସିଦ୍ଧ; 3. ସମ୍ଭ୍ରମହୀନ ।

Undisturbed, *a.* 1. ଅବ୍ୟାକୁଳ; 2. ଅକ୍ଷୁବ୍ଧ ।
Undivided, *a.* 1. ଅବିଭକ୍ତ, ଅଖଣ୍ଡିତ; 2. ଅବିଚ୍ଛିନ୍ନ ।
Undo, *v.t.* 1. ନଷ୍ଟ-କ; 2. ଉଲଟାଇ-ଦେ; 3. ବନ୍ଧନ-ମୁକ୍ତ-କ; 4. ଫିଟାଇବା; 5. ସୁଖାଭାବ ଲୋପ-କ ।
Undoing, *n.* ସର୍ବନାଶ ।
Undomesticated, *a.* 1. ଅପୋଷା; 2. ଗାର୍ହସ୍ଥ୍ୟରେ ଅଦକ୍ଷ ।
Undone, *a.* 1. ଅକୃତ; 2. ନଷ୍ଟ, ଉଚ୍ଛନ୍ନ ।
Undoubted, *a.* 1. ନିଃସନ୍ଦେହ; 2. ନିଶ୍ଚିତ ।
Undoubtedly, *ad.* 1. ନିଃସନ୍ଦେହରୂପେ; 2. ନିଶ୍ଚିତରୂପେ ।
Undress, *v.t.* ବିବସ୍ତ୍ର-କ, ଲଙ୍ଗଳା-କ ।—*v.i.* ଲୁଗା ଛାଡ଼ିବା ।—*n.* 1. ଢିଲା ପୋଷାକ; 2. କାର୍ଯ୍ୟରେ ନିଯୁକ୍ତ ନ ଥିବା ସମୟରେ ସୈନିକର ପିନ୍ଧିବା ଲୁଗା ।
Undue, *a.* ଅନୁଚିତ, ଅବୈଧ, ଅନ୍ୟାଯ୍ୟ ।
Undulate, *v.i.* କମ୍ପିତ-ହୁ, ତରଙ୍ଗାୟିତ-ହୁ ।
Undulation, *n.* ତରଙ୍ଗାୟିତ ଅବସ୍ଥା ।
Undulating, *a.* ତରଙ୍ଗାୟିତ ।
Undulatory, *a.* 1. ତରଙ୍ଗବତ୍; 2. ଆଲୋକବ୍ୟାଖ୍ୟା ସୂକ୍ଷ୍ମ ବାୟୁତରଙ୍ଗରେ ଆଘାତସମ୍ବନ୍ଧୀୟ ।
Unduly, *ad.* ଅଯଥାରୂପେ, ଅନୁଚିତଭାବେ, ଅନୁପଯୁକ୍ତରୂପେ ।
Undutiful, *a.* ଅବାଧ୍ୟ, ଅମାନ୍ୟକାରୀ, ଅନାଜ୍ଞାବର୍ତ୍ତୀ ।
Undying, *a.* ଅମର, ଅବିନଶ୍ୱର ।
Undyingly, *ad.* ଅବିନଶ୍ୱରଭାବେ ।
Unearned, *a.* ଅନୁପାର୍ଜିତ ।
Unearth, *v.t.* 1. ଗାତରୁ ବାହାର-କ; 2. ମାଟି ଖୋଳି ବାହାର-କ; 3. ଗୁପ୍ତାବସ୍ଥାରୁ ପ୍ରକାଶ-କ ।
Unearthly, *ad.* ଅଲୌକିକ, ଅପାର୍ଥିବ ।
Uneasiness, *n.* 1. ଅସୁଖାବସ୍ଥା; 2. ଉତ୍କଣ୍ଠା, ବ୍ୟାକୁଳତା ।
Uneasy, *a.* 1. ଅସୁଖୀ; 2. ବ୍ୟାକୁଳ, ଉତ୍କଣ୍ଠିତ ।
Uneatable, *a.* ଅଭକ୍ଷ୍ୟ, ଅଖାଦ୍ୟ । [ଅଦକ୍ଷ ।
Uneducated, *a.* 1. ଅଶିକ୍ଷିତ, ଅପାଠୁଆ; 2. ଅନୁ-
Unembarassed, *a.* ଅବିଚଳିତଚିତ୍ତ ।
Unemployed, *a.* ନିଷ୍କର୍ମା, ବେକମା ।
Unending, *a.* 1. ଅନନ୍ତ, ଅଶେଷ; 2. ଅସରନ୍ତି ।
Unendurable, *a.* ଅସହ୍ୟ ।
Unenviable, *a.* ଅବାଞ୍ଛନୀୟ, ଅପ୍ରାର୍ଥନୀୟ ।
Unenvied, *a.* ଅବାଞ୍ଛିତ ।
Unequal, *a.* 1. ଅସମାନ; 2. ବିଷମ; 3. ଅଯୋଗ୍ୟ; 4. ଅକ୍ଷମ ।
Unequalled, *a.* ଅତୁଳ, ଅନୁପମ ।
Unequally, *ad.* ବିଷମଭାବେ, ଅସମାନରୂପେ, ଉଣା-ଅଧିକରୂପେ ।
Unequivocal, *a.* 1. ଅସନ୍ଦିଗ୍ଧ; 2. ସୁସ୍ପଷ୍ଟ ।
Unerring, *a.* 1. ଅଭ୍ରାନ୍ତ, ଭ୍ରମଶୂନ୍ୟ; 2. ଅବ୍ୟର୍ଥ ।
Unerringly, *ad.* ଅଭ୍ରାନ୍ତରୂପେ ।
Uneven, *a.* ଉଚ୍ଚନୀଚ, ଅବଢ଼ାଖାବଢ଼ା, ଅସମତଳ, ବନ୍ଧୁର ।
Unevenly, *ad.* ଉଚ୍ଚନୀଚଭାବେ, ଅସମତଳରୂପେ ।
Unevenness, *n.* ଅସମତଳତା, ବନ୍ଧୁରତା ।
Unexamined, *a.* ଅପରୀକ୍ଷିତ ।
Unexampled, *a.* 1. ଅପୂର୍ବ; 2. ଅନୁପମ ।
Unexceptionable, *a.* ଅନିନ୍ଦନୀୟ, ଅନାପତ୍ତିଯୋଗ୍ୟ, ନିର୍ଦ୍ଦୋଷ, ଅନୁତ୍ତମ ।
Unexceptionableness, *n.* ଅନିନ୍ଦନୀୟତା ।
Unexceptionably, *ad.* ଅନିନ୍ଦନୀୟଭାବେ, ନିର୍ଦ୍ଦୋଷରୂପେ ।
Unexceptional, *a.* ସାଧାରଣ, ନିୟମିତ ।
Unexpected, *a.* ଅନପେକ୍ଷିତ, ହଠାତ୍ ଉପସ୍ଥିତ ।
Unexpectedly, *ad.* ଅନପେକ୍ଷିତଭାବେ ।
Unexpectedness, *n.* ଅନପେକ୍ଷିତତା ।
Unexperienced, *a.* ଅନୁଭବରହିତ ।
Unexpired, *a.* ଅନତୀତ ।
Unexplored, *a.* 1. ଅନନ୍ୱେଷିତ; 2. ଅନବେକ୍ଷିତ ।
Unexpressible, *a.* ଅକଥନୀୟ । [ତରୁଣ ।
Unfading, *a.* 1. ଅମ୍ଳାନ; 2. ଅକ୍ଷୟ; 3. ଚିର-
Unfailing, *a.* 1. ଅସରନ୍ତି; 2. ନିଶ୍ଚିତ; 3. ଅଶେଷ ।
Unfair, *a.* ଅଯଥାର୍ଥ, ଅନ୍ୟାୟ ।
Unfairly, *ad.* ଅଯଥାର୍ଥରୂପେ, ଅନ୍ୟାୟରେ ।
Unfairness, *n.* ଅଯଥାର୍ଥତା, ଅନ୍ୟାୟ ।
Unfaithful, *a.* 1. ଅବିଶ୍ୱସ୍ତ; 2. ଅସତ୍, ଅସାଧୁ ।
Unfaithfully, *ad.* ଅବିଶ୍ୱସ୍ତରୂପେ ।
Unfaithfulness, *n.* ଅବିଶ୍ୱସ୍ତତା ।
Unfaltering, *a.* 1. ଅବିଚଳିତ; 2. ସ୍ଥିରୋଚ୍ଚାରିତ ।
Unfamiliar, *a.* 1. ଅପରିଚିତ; 2. ଅଜ୍ଞାତ ।
Unfamiliarity, *n.* 1. ଅପରିଚିତତା; 2. ଅଜ୍ଞତା ।
Unfashionable, *a.* 1. ଅପ୍ରଚଳିତ, ଅବ୍ୟବହୃତ; 2. ବେଦସ୍ତୁର ।
Unfasten, *v.t.* ଫିଟାଇବା, ଖୋଲିବା, ବନ୍ଧନମୁକ୍ତ-କ ।
Unfatherly, *a.* ଅପିତୃଚିତ, ଅପିତୃବତ୍ ।
Unfathomable, *a.* ଅତଳସ୍ପର୍ଶ, ଅଗାଧ ।
Unfavourable, *a.* 1. ଅଶୁଭ; 2. ଅପ୍ରସନ୍ନ, ଅନନୁକୂଳ; 3. ବିପରୀତ ।
Unfeeling, *a.* 1. ନିର୍ଦ୍ଦୟ; 2. ଅପ୍ରେମୀ; 3. ନିଷ୍ଠୁର; 4. ଜଡ଼ସ୍ୱଭାବ; 5. ଅଚେତନ, ଜ୍ଞାନଶୂନ୍ୟ ।
Unfeelingly, *ad.* ନିର୍ଦ୍ଦୟଭାବେ ।
Unfeigned, *a.* ଅକୃତ୍ରିମ, ଅକପଟ, ପ୍ରକୃତ, ସତ୍ୟ ।
Unfelt, *a.* ଅନନୁଭୂତ, ଅନୁପଲବ୍ଧ ।
Unfetter, *v.t.* ଶୃଙ୍ଖଳମୁକ୍ତ-କ, ବେଡ଼ିରୁ ଫିଟାଇବା ।
Unfettered, *a.* ଅବଦ୍ଧ, ମୁକ୍ତ ।
Unfilial, *a.* ଅପୁତ୍ରୋଚିତ ।
Unfinished, *a.* 1. ଅସମ୍ପୂର୍ଣ୍ଣ, ଅସମାପ୍ତ; 2. ଅପକ୍ୱ ।
Unfit, *a.* 1. ଅନୁପଯୁକ୍ତ; 2. ଅନୁଚିତ; 3. ଅକ୍ଷମ; 4. ଅକର୍ମଣ୍ୟ ।—*v.t.* 1. ଅନୁପଯୁକ୍ତ-କ; 2. ଅକ୍ଷମ-କ ।

Unfitness, *n.* 1. ଅନୁପଯୁକ୍ତତା; 2. ଅକ୍ଷମତା; 3. ଦୌର୍ବଲ୍ୟତା ।
Unfixed, *a* 1. ଅବଦ୍ଧ; 2. ଚଳିତ ।
Unflagging, *a.* ଅକ୍ଲାନ୍ତ ।
Unfledged, *a.* 1. ଅଜାତପକ୍ଷ; 2. ଅପରିପକ୍ୱ ।
Unflinching, *a.* 1. ଅସଙ୍କୋଚଶୀଳ; 2. ଅଟଳ ।
Unfold, *v.t.* 1. ପ୍ରସାରିତ-କ, ଭାଙ୍ଗ ଫିଟାଇବା; 2. ପ୍ରକାଶ-କ; 3. ଫିଟାଇ କହିବା ।
Unforeseen, *a.* 1. ଅଦୃଷ୍ଟପୂର୍ବ, ଅଦେଖା; 2. ଅନପେକ୍ଷିତ ।
Unforgiving, *a.* ଅକ୍ଷମାକାରୀ, ନିର୍ଦ୍ଦୟ ।
Unformed, *a.* ଅନିର୍ମିତ, ଅଗଠିତ ।
Unfortunate, *a.* 1. ଅଭାଗା, ଦୁର୍ଭାଗା; 2. ହତ-ଭାଗ୍ୟ ।
Unfortunately, *ad.* ହତଭାଗ୍ୟରୂପେ ।
Unfounded, *a.* ଅମୂଳକ, ମିଥ୍ୟା ।
Unfrequented, *a.* ନିର୍ଜନ, ଜନଶୂନ୍ୟ ।
Unfriended, *a.* ମିତ୍ରହୀନ ।
Unfriendly, *a.* 1. ବିପକ୍ଷ, ବିଦ୍ୱେଷୀ; 2. ଅମିତ୍ର ।
Unfruitful, *a.* 1. ଅଫଳନ୍ତ, ବନ୍ଧ୍ୟା; 2. ଅନୁର୍ବର ।
Unfulfilled, *a.* 1. ଅସମ୍ପୂର୍ଣ୍ଣ; 2. ବିଫଳ ।
Unfurl, *v.t.* ପ୍ରସାରିତ-କ ।
Ungainly, *a.* 1. ଅବାଗ; 2. ଅଦକ୍ଷ; 3. କଦର୍ଯ୍ୟ ।
Ungenerous, *a.* 1. ଅନୁଦାର; 2. ଅବଦାନ୍ୟ, କୃପଣ, କାଞ୍ଜି ।
Ungenerously, *ad.* 1. ଅନୁଦାରଭାବେ; 2. କୃପଣ-ଭାବେ ।
Ungenial, *a.* 1. ଅନୁତ୍ପାଦକ; 2. ଅନନୁକୂଳ ।
Ungenteel, *a.* ଅସଭ୍ୟ, ଅଭଦ୍ର, ଅଶିଷ୍ଟ ।
Ungentlemanly, *a.* 1. ଅଭଦ୍ରୋଚିତ; 2. ଅଶିଷ୍ଟାଚାର ।
Ungird, *v.t.* 1. ସାଜମୁକ୍ତ-କ; 2. କଟିବନ୍ଧନରୁ ଫିଟାଇବା ।
Ungodliness, *n.* ଅଧାର୍ମିକତା, ପାଷଣ୍ଡତା ।
Ungodly, *a.* ଅଧାର୍ମିକ, ପାଷଣ୍ଡ ।
Ungovernable, *a.* 1. ଅଦମ୍ୟ; 2. ଦୁରନ୍ତ; 3. ଅଶାସନୀୟ, ଅବାଧ୍ୟ ।
Ungraceful, *a.* କୁଶ୍ରୀ, ଅସୁନ୍ଦର, କଦର୍ଯ୍ୟ ।
Ungracefully, *ad.* କୁଶ୍ରୀଭାବେ, କଦର୍ଯ୍ୟଭାବେ ।
Ungracious, *a.* 1. ଅପ୍ରସନ୍ନ; 2. କର୍କଶ ।
Ungraciously, *ad.* 1. ଅପ୍ରସନ୍ନଭାବେ; 2. କର୍କଶ-ଭାବେ ।
Ungraciousness, *n.* ଅପ୍ରସନ୍ନତା ।
Ungrammatical, *a.* ବ୍ୟାକରଣଦୁଷ୍ଟ, ଅସାଧୁ ।
Ungrateful, *a.* 1. କୃତଘ୍ନ; 2. ଅକୃତଜ୍ଞ, ଉପକାର ଅମାନକ ।
Ungratefully, *ad.* ଅକୃତଜ୍ଞଭାବେ ।
Ungratefulness, *n.* ଅକୃତଜ୍ଞତା ।
Ungrounded, *a.* ଅମୂଳକ, ଅପ୍ରମାଣିତ ।
Ungrudging *a.* ଅକାତର, ଅଜାର୍ଷ ।
Unguarded, *a.* 1. ଅରକ୍ଷିତ; 2. ଅଜାଗ୍ରତ, ଅସତର୍କ ।
Unguent, *n.* 1. ପ୍ରଲେପ; 2. ସୁଗନ୍ଧ ତୈଳ ।
Unguided, *a.* 1. ଅପଥପ୍ରଦର୍ଶିତ; 2. ଅଶିକ୍ଷିତ, ଅନୁପଦିଷ୍ଟ ।
Unguinous, *a.* ତୈଳାକ୍ତ ।
Ungulate, *a.* 1. ଖୁରାକୃତ; 2. ଖୁରଯୁକ୍ତ ।
Unhallowed, *a.* 1. ଅପବିତ୍ର, ଅଶୁଚି; 2. ଅକୃତୋ-ତ୍ସର୍ଗ ।
Unhandsome, *a.* 1. ଅସୁନ୍ଦର, କଦାକାର; 2. ଅନୁତ୍କୃଷ୍ଟ ।
Unhandy, *a.* 1. ଅଦକ୍ଷ, ଅପଟୁ; 2. ଅସୁବିଧାଜନକ ।
Unhappily, *ad.* ଦୁର୍ଭାଗ୍ୟବଶତଃ ।
Unhappiness, *n.* ହତଭାଗ୍ୟାବସ୍ଥା ।
Unhappy, *a.* 1. ଅସୁଖୀ, ନିରାନନ୍ଦ; 2. ହତଭାଗ୍ୟ ।
Unharmed, *a.* ଅକ୍ଷତ, ନିରାପଦ ।
Unharness, *v.t.* 1. ସଜ୍ଜାରହିତ-କ; 2. ନିରସ୍ତ୍ର-କ ।
Unhealthiness, *n.* 1. ଅସ୍ୱାସ୍ଥ୍ୟକରତା; 2. ରୁଗ୍ଣା-ବସ୍ଥା ।
Unhealthy, *a.* 1. ଅସ୍ୱାସ୍ଥ୍ୟକର, ପୀଡାଜନକ; 2. ରୁଗ୍ଣ, ରୋଗା, ଅସୁସ୍ଥ ।
Unheard, *a.* 1. ଅଶ୍ରୁତ, ଅଶୁଣା; 2. ଅଜଣା ।
Unheeded, *a.* 1. ଅମାନିତ, ଉପେକ୍ଷିତ; 2. ଅନ-ବହିତ ।
Unheedful, *a.* ଅମନୋଯୋଗୀ ।
Unheeding, *a.* 1. ଅମାନକ; 2. ଅସାବଧାନ ।
Unhesitating, *a.* ଅସନ୍ଦିଗ୍ଧ ।
Unhinge, *v.t.* ଚଳିତ-କ, ଅସ୍ଥିର-କ ।
Unholiness, *n.* 1. ଅପବିତ୍ରତା, ଅଶୁଚିତା; 2. ଅସାଧୁତା ।
Unholy, *a.* 1. ଅପବିତ୍ର, ଅଶୁଚି; 2. ଅସାଧୁ ।
Unhonoured, *a.* ଅସମ୍ମାନିତ ।
Unhorse, *v.t.* ଘୋଡାପିଠିରୁ ପକାଇ-ଦେ ।
Unhurt, *a.* ଅନାହତ, ଅକ୍ଷତ ।
Unhurtful, *a.* ଅନପକାରୀ, ଅକ୍ଷତିକର ।
Unicorn, *n.* 1. ଏକଶୃଙ୍ଗଯୁକ୍ତ କଳ୍ପିତ ଅଶ୍ୱ; 2. ଗଣ୍ଡାର ।
Uniform, *a.* 1. ସମାନ, ଏକବିଧ, ଏକରୂପ; 2. ସଙ୍ଗତ ।—*n.* 1. ତୁଲ୍ୟଛନ୍ଦ; 2. ସୈନ୍ୟର ବେଶଭୂଷା ।
Uniformity, *n.* 1. ସମରୂପତା; 2. ସାମ୍ୟ ।
Uniformly, *ad.* ସମଭାବରେ, ସମାନରୂପେ ।
Unify, *v.t.* ଏକୀଭୂତ-କ ।
Unimpaired, *a.* 1. ଅକ୍ଷୟିତ; 2. ଅବିକୃତ ।
Unimpeachable, *a.* 1. ଅପରିବାଦ୍ୟ, ଅକାଟ୍ୟ; 2. ନିର୍ଦ୍ଦୋଷ ।
Unimpeded, *a.* ନିର୍ବିଘ୍ନ ।
Unimportant, *a.* 1. ଅଗୁରୁତର, ସାମାନ୍ୟ; 2. ଅନାବଶ୍ୟକ ।
Uninflammable, *a.* ଅଜ୍ୱଳନୀୟ, ଅଦାହ୍ୟ ।

Uninformed, *a.* 1. ଅଜ୍ଞାପିତ; 2. ଅଶିକ୍ଷିତ, ଅପଣ୍ଡିତ ।

Uninhabitable, *a.* ବସତିର ଅଯୋଗ୍ୟ, ଅବାସ୍ୟେୟ ।

Uninhabited, *a.* ବସତିଶୂନ୍ୟ, ଜନଶୂନ୍ୟ ।

Uninitiated, *a.* 1. ଅଦୀକ୍ଷିତ; 2. ଅତି ଶିକ୍ଷାରହିତ ।

Uninjured, *a.* 1. ଅନାହତ; 2. ହାନିରହିତ ।

Uninspired, *a.* ଅଦୈବାବିଷ୍ଟ, ଅନନୁପ୍ରାଣିତ ।

Uninstructed, *a.* 1. ଅଶିକ୍ଷିତ, ଅନୁପଦିଷ୍ଟ; 2. ଅଜ୍ଞାନ ।

Uninsured, *a.* ଅବୀମାକୃତ, ବୀମା କିଆ ହୋଇ ନ ଥିବା ।

Unintelligible, *a.* ଅବୋଧ୍ୟ, ଅସ୍ପଷ୍ଟ ।

Unintentional, *a.* ଅନଭିପ୍ରେତ, ଅନିଚ୍ଛିତ, ଅଜ୍ଞାତସାର ।

Uninterested, *a.* 1. ଅନାସକ୍ତ; 2. ଅନାକୃଷ୍ଟ; 3. ଉଦାସୀନ ।

Uninteresting, *a.* ଅପ୍ରୀତିକର, ଅମନୋରଞ୍ଜକ ।

Uninterrupted, *a.* 1. ଅବିଶ୍ରାନ୍ତ; 2. ଅବାଧ; 3. ଅବିରତ ।

Uninvited, *a.* ଅନିମନ୍ତ୍ରିତ ।

Uninviting, *a.* 1. ଅମନୋହାର; 2. ଅରୁଚିକର ।

Union, *n.* 1. ସଂଯୋଗ; 2. ସମ୍ମିଳନ; 3. ଐକ୍ୟ, ମିଳନ; 4. ପରିଣୟ; 5. ସଙ୍ଘାୟତ; 6. ଦରିଦ୍ରାଶ୍ରମ ।—Union is strength, ଏକତାହିଁ ବଳ ।

Union-jack, *n.* ଗ୍ରେଟ ବ୍ରିଟେନ ଓ ଆୟର୍ଲାଣ୍ଡର ଜାତୀୟ ପତାକା ।

Unique, *a.* 1. ଅଦ୍ୱିତୀୟ, ଏକମାତ୍ର; 2. ଅତୁଲ୍ୟ ।

Unison, *n.* ସମସ୍ୱର, ଏକତାନ ।

Unisonance, *n.* ସମସ୍ୱରତା, ଏକତାନତା ।

Unit, *n.* 1. ଏକାଙ୍କ; 2. ଏକକ; 3. ନ୍ୟୂନତମ ପରିମାଣ ।

Unitarian, *n.* ଏକ ଈଶ୍ୱରରେ ବିଶ୍ୱାସ ସ୍ୱୀକାର କରିବା ବ୍ୟକ୍ତି ।

Unitarianism, *n.* ଏକ ଈଶ୍ୱରରେ ବିଶ୍ୱାସ ସ୍ୱୀ- [କାରର ମତ ।

Unitary, *a.* ଏକାତ୍ମକ ।

Unite, *v.t.* 1. ଏକ-କ; 2. ସଂଯୁକ୍ତ-କ; 3. ମିଳିତ-କ ।—*v.i.* 1. ଏକତ୍ରିତ-ହେ; 2. ସମ୍ମିଳିତଭାବେ କାର୍ଯ୍ୟ-କ ।

United, *a.* ସମ୍ମିଳିତ, ସଂଯୁକ୍ତ, ଏକୀଭୂତ ।

Unitedly, *ad.* ସମ୍ମିଳିତଭାବେ, ଏକତ୍ରେ ।

Unity, *n.* 1. ଐକ୍ୟ, ଏକତା; 2. ମେଳ ।

Univalve, *a.* ଏକ କପାଟିବିଶିଷ୍ଟ ।—*n.* ଏକ କପାଟି-ବିଶିଷ୍ଟ ଶମ୍ବୁକ ।

Universal, *a.* 1. ସାର୍ବତ୍ରିକ; 2. ବିଶ୍ୱଜନୀନ, ବିଶ୍ୱବ୍ୟାପୀ; 3. ସର୍ବମୟ; 4. ସାଧାରଣ ।

Universalism, *n.* ସାର୍ବଜନୀନ ମୁକ୍ତିବାଦ ।

Universalist, *n.* ସାର୍ବଜନୀନ ମୁକ୍ତିବାଦୀ ।

Universality, *n.* ସାର୍ବତ୍ରିକତ୍ୱ, ବିଶ୍ୱବ୍ୟାପକତ୍ୱ ।

Universally, *ad.* ସର୍ବତଃ, ବିଶ୍ୱବ୍ୟାପକଭାବେ ।

Universe, *n.* ବିଶ୍ୱ, ତ୍ରିଭୁବନ, ବ୍ରହ୍ମାଣ୍ଡ ।

University, *n.* ବିଶ୍ୱବିଦ୍ୟାଳୟ ।

Unjust, *a.* 1. ଅଯଥାର୍ଥ, ଅନ୍ୟାୟ; 2. ଅଧାର୍ମିକ; 3. ଅବିଶ୍ୱସ୍ତ ।

Unjustifiable, *a.* 1. ଅନ୍ୟାଯ୍ୟ, ନ୍ୟାୟାସଙ୍ଗତ; 2. ଶାସ୍ତ୍ରବିରୁଦ୍ଧ ।

Unjustly, *ad.* ଅନ୍ୟାୟରୂପେ ।

Unkempt, *a.* 1. ଅକୁଣ୍ଡା, ଅପରିଷ୍କୃତ; 2. ଅମାର୍ଜିତ; 3. ଅମସୃଣ ।

Unkind, *a.* 1. ନିର୍ଦ୍ଦୟ, ଅକରୁଣ, ଅକୃପ; 2. ଅପ୍ରେମୀ ।

Unkindliness, *n.* 1. ପ୍ରତିକୂଳତା, 2. ମନର କଠିନତା ।

Unkindly, *a.* 1. ଅକରୁଣାଶୀଳ; 2. କଠିନମନା; 3. ପ୍ରତିକୂଳ ।—*ad.* ପ୍ରତିକୂଳଭାବେ ।

Unkindness, *n.* 1. ନିର୍ଦ୍ଦୟତା, ଅକରୁଣତା, ଅକୃପା; 2. ଅପ୍ରେମ ।

Unkingly, *ad.* ଅରାଜୋଚିତ, ରାଜାର ଅଯୋଗ୍ୟ ।

Unknot, *v.t.* ଗ୍ରନ୍ଥିମୁକ୍ତ-କ ।

Unknowable, *a.* ଅଜ୍ଞେୟ ।

Unknowing, *a.* ଅଜ୍ଞାନ, ସ୍ଥୂଳବୁଦ୍ଧି ।

Unknowingly, *ad.* ଅଜ୍ଞାତସାରରେ, ନ ଜାଣି ।

Unknown, *a.* ଅଜ୍ଞାତ, ଅବିଦିତ ।

Unlade, *v.i.* ଜାହାଜରୁ ମାଲ ଉତାରିବା ।

Unlamented, *a.* ଅବିଲାପିତ, ଅଶୋଚିତ ।

Unlatch, *v.t.* କୁଞ୍ଚିକା ଫିଟାଇବା ।

Unlawful, *a.* 1. ଅବୈଧ, ବେଆଇନ; 2. ବ୍ୟବସ୍ଥା- [ବିରୁଦ୍ଧ ।

Unlawfully, *ad.* ଅବୈଧରୂପେ, ବେଆଇନରେ ।

Unlawfulness, *n.* ଅବୈଧତା, ବ୍ୟବସ୍ଥାବିରୁଦ୍ଧତା ।

Unlearn, *v.t.* ଭୁଲିଯିବା ।—*v.i.* ବିସ୍ମୃତ-ହେ ।

Unlearned, *a.* 1. ଅଶିକ୍ଷିତ; 2. ଅପଣ୍ଡିତ ।

Unless, *conj.* 1. ଯଦି ନ, ନୋହିଲେ; 2. ବିନା ।

Unlettered, *a.* ନିରକ୍ଷର, ମୂର୍ଖ ।

Unlicensed, *a.* ବିନାପଟ୍ଟା, ଅନୁମତି ଅପ୍ରାପ୍ତ ।

Unlike, *a.* ଅସଦୃଶ, ବିସଦୃଶ, ଅସମାନ ।—*ad.* ବିସଦୃଶରୂପେ ।

Unlikelihood, *n.* ଅସମ୍ଭାବନା ।

Unlikely, *ad.* ଅସମ୍ଭବ ।

Unlimited, *a.* 1. ନିଃସୀମ, ଅଶେଷ, ଅପରିମିତ; 2. ଅନାବଦ୍ଧ ।

Unload, *v.t.* ବୋଝାରୁ ଖାଲି-କ, ଭାରମୁକ୍ତ-କ ।

Unlock, *v.t.* 1. (ତାଲା) ଖୋଲିବା, (କୋଳପ) ଫିଟାଇବା; 2. ଉଦ୍‌ଘାଟିତ-କ; 3. (ଅର୍ଥ) ବ୍ୟାଖ୍ୟା-କ ।

Unloose, *v.t.* 1. ଶିଥିଳ-କ; 2. ବିମୁକ୍ତ-କ, ଫିଟାଇବା ।

Unlovely, *ad.* ଅପ୍ରୀତିକର, କୁତ୍ସିତ ।

Unluckily, *ad.* ଦୁର୍ଭାଗ୍ୟକ୍ରମେ ।

Unluckiness, *n.* ଭାଗ୍ୟହୀନତା, ଅଶୁଭତା ।

Unlucky, *a.* ଭାଗ୍ୟହୀନ, ଅଶୁଭ, ଅମଙ୍ଗଳ ।

Unmaidenly, *a.* ଅକୁମାରୀଉଚିତ, ଦୁଃଶୀଳା ।

Unmake, *v.t.* 1. ନଷ୍ଟ-କ; 2. ବିକୃତ-କ; 3. ଉଚ୍ଛେଦ-କ ।

Unman, *v.t.* 1. ହତାଶ-କ; 2. ପୁରୁଷତ୍ୱହୀନ-କ ।

Unmanageable, *a.* ଅଦମନୀୟ, ଅବାଧ୍ୟ, ଅନାୟତ୍ତ ।

Unmanliness, *n.* ପୁରୁଷର ଅଯୋଗ୍ୟତା, ସାହସହୀନତା ।

**Unmanly**, *a.* ପୁରୁଷର ଅଯୋଗ୍ୟ, ସାହସହୀନ ।
**Unmannerliness**, *n.* ଅସଭ୍ୟତା ।
**Unmannerly**, *a.* କୁବ୍ୟବହାରୀ, ଅସଭ୍ୟ ।—*ad.* ଅସଭ୍ୟରୂପେ ।
**Unmarked**, *a.* 1. ଅଚିହ୍ନିତ, ଲକ୍ଷଣରହିତ; 2. ଅନବଲୋକିତ ।
**Unmarried**, *a.* ଅବିବାହିତ, ଅନୂଢ଼, ବାଳୁଅ ।
**Unmask**, *v.t.* 1. ମୁଖା ମୁକ୍ତ-କ; 2. ଅନ୍ୟର ଛଳନା ଦେଖାଇ-ଦେ ।
**Unmatched**, *a.* ଅତୁଲ୍ୟ, ଅନୁପମ ।
**Unmeaning**, *a.* ଅର୍ଥହୀନ, ନିରର୍ଥକ ।
**Unmeasured**, *a.* ଅପରିମିତ, ଅସୀମ ।
**Unmerciful**, *a.* ନିର୍ଦ୍ଦୟ, ନିଷ୍ଠୁର ।
**Unmercifully**, *ad.* ନିର୍ଦ୍ଦୟଭାବେ ।
**Unmerited**, *a.* 1. ଅନୁପାର୍ଜ୍ଜିତ; 2. ଅପାତ୍ରେ ଅର୍ପିତ ।
**Unmindful**, *a.* ଅମନୋଯୋଗୀ ।
**Unmindfully**, *ad.* ଅମନୋଯୋଗିରୂପେ ।
**Unmistakable**, *a.* ଅଭ୍ରାନ୍ତ, ନିଶ୍ଚିତ ।
**Unmixed**, *a.* ଅମିଶ୍ରିତ ।
**Unmolested**, *a.* 1. ଅବାଧିତ; 2. ନିରୁପଦ୍ରବ ।
**Unmortgaged**, *a.* ବନ୍ଧକ ନ ଥିବା ।
**Unmounted**, *a.* 1. ଅନାରୂଢ଼; 2. ଅଜଡ଼ିତ, ଅଖଚିତ ।
**Unmoved**, *a.* 1. ଅବିଚଳିତ; 2. ଅଟଳ; 3. ଉଦାସୀନ; 4. ସୁସ୍ଥିର ।
**Unmuzzle**, *v.t.* ତୁଣ୍ଡିବନ୍ଧାରୁ ମୁକ୍ତ-କ ।
**Unnatural**, *a.* 1. ଅସ୍ୱାଭାବିକ; 2. ନିଷ୍ଠୁର ।
**Unnecessarily**, *ad.* ଅନାବଶ୍ୟକଭାବେ, ବୃଥାରେ ।
**Unnecessary**, *a.* ଅନାବଶ୍ୟକ, ବୃଥା ।
**Unnerve**, *v.t.* ଶକ୍ତିହୀନ-କ, ଦୁର୍ବଳ-କ ।
**Unnoticed**, *a.* ଅଲକ୍ଷିତ, ଅନବଲୋକିତ ।
**Unobservant**, *a.* ଅମନୋଯୋଗୀ, ଅନବହିତ ।
**Unobserved**, *a.* 1. ଅଦୃଷ୍ଟ; 2. ଅପ୍ରତିପାଳିତ ।
**Unobstructed**, *a.* ଅବାଧିତ, ଅବାରିତ ।
**Unobtrusive**, *a.* 1. ଧୃଷ୍ଟତାହୀନ; 2. ଅପ୍ରଗଲ୍ଭ; 3. ନମ୍ର ।
**Unoccupied**, *a.* 1. ଖାଲି, ଶୂନ୍ୟ, ଅନଧିଷ୍ଠିତ, ଅନଧ୍ୟୁଷିତ; 2. ଅନୁପଭୁକ୍ତ ।
**Unoffending**, *a.* 1. ଅହିଂସ୍ରକ; 2. ନିର୍ଦ୍ଦୋଷ ।
**Unopened**, *a.* 1. ଅଫିଟା, ମୁଦ୍ରିତ; 2. ଅବିକଶିତ ।
**Unopposed**, *a.* ଅପ୍ରତିରୋଧିତ ।
**Unordained**, *a.* 1. ଅପ୍ରାପ୍ତହସ୍ତାର୍ପଣ; 2. ଅନିୟୋଜିତ ।
**Unostentatious**, *a.* 1. ଅଗର୍ବ; 2. ନିରହଙ୍କାର; 3. ବାହ୍ୟାଡ଼ମ୍ବରର ଅପ୍ରିୟ ।
**Unpack**, *v.t.* 1. ଗଣ୍ଠିରୁ ଫିଟାଇବା; 2. ବୋଝ-ମୁକ୍ତ-କ ।
**Unpaid**, *a.* 1. ଅପରିଶୋଧିତ; 2. ଅବୈତନିକ; 3. ଅଦତ୍ତଶୁଳ୍କ ।
**Unpalatable**, *a.* ଅସେବ୍ୟ, ବିସ୍ୱାଦୁ, ଅତୃପ୍ତିକର ।
**Unparalleled**, *a.* 1. ଅଦ୍ୱିତୀୟ; 2. ଅନୁପମ, ଅତୁଲ୍ୟ ।
**Unpardonable**, *a.* ଅକ୍ଷମଣୀୟ, ଅମୋଚନୀୟ ।
**Unperceived**, *a* ଅଗୋଚର, ଅନନୁଭୂତ, ଅଦୃଷ୍ଟ ।
**Unperformed**, *a.* 1. ଅସମ୍ପାଦିତ; 2. ଅନଭିନୀତ ।
**Unphilosophical**, *a.* ଦର୍ଶନ ଶାସ୍ତ୍ରର ବିପରୀତ ବା ବିରୁଦ୍ଧ ।
**Unpleasant**, *a.* ଅତୁଷ୍ଟିକର, ଅପ୍ରୀତିକର, ଅସୁଖକର ।
**Unpleasantly**, *ad.* ଅତୁଷ୍ଟିକରଭାବେ, ଅସୁଖକରରୂପେ ।
**Unpleasantness**, *n.* 1. ଅତୁଷ୍ଟି; 2. ଅସୁଖକରତା ।
**Unpolished**, *a.* 1. ଅମାର୍ଜ୍ଜିତ; 2. ରୁକ୍ଷ; 3. ଅଶିଷ୍ଟ ।
**Unpolluted**, *a.* ଅଦୂଷିତ, ଶୁଦ୍ଧ, ଅନାବିଳ ।
**Unpopular**, *a.* ସାଧାରଣର ଅପ୍ରିୟ, ଅଲୋକପ୍ରିୟ ।
**Unpopularity**, *n.* ଅଲୋକପ୍ରିୟତ୍ୱ ।
**Unpractical**, *a.* ଅକର୍ମଣ୍ୟ, କ୍ଷୁଦ୍ର ବିଷୟରେ ଅମନୋଯୋଗୀ ।
**Unpractised**, *a.* 1. ଅନଭ୍ୟସ୍ତ; 2. ଅନଭିଜ୍ଞ; 3. ଅପ୍ରଚଳିତ ।
**Unprejudiced**, *a.* 1. ଅପକ୍ଷପାତ; 2. କୁସଂସ୍କାରରହିତ ।
**Unpremeditated**, *a.* ଅପୂର୍ବଚିନ୍ତିତ ।
**Unprepared**, *a.* ଅପ୍ରସ୍ତୁତ ।
**Unpretending**, *a.* ଅଗର୍ବବାଦୀ, ନମ୍ର ।
**Unpretentious**, *a.* 1. ଅଦାମ୍ଭିକ; 2. ବାହ୍ୟାଡ଼ମ୍ବରଶୂନ୍ୟ ।
**Unprincipled**, *a.* 1. ନ୍ୟାୟାନ୍ୟାୟ ବିଚାରଶୂନ୍ୟ; 2. ଅବ୍ୟବସ୍ଥିତମତି ।
**Unproductive**, *a.* ଅନୁତ୍ପାଦକ, ଅଫଳଦ ।
**Unprofessional**, *a.* 1. ବୃତ୍ତି ବହିର୍ଭୂତ; 2. ବ୍ୟବସାୟ ବିହୀନ ।
**Unprofitable**, *a.* 1. ଅଲାଭଜନକ, ଅନର୍ଥକ; 2. ଅନୁପକାରୀ ।
**Unprolific**, *a.* 1. ଅବହୁପ୍ରସବ; 2. ଅଳ୍ପଫଳା ।
**Unpronounceable**, *a.* ଅନୁଚ୍ଚାର୍ଯ୍ୟ ।
**Unpropitious**, *a.* 1. ଅଶୁଭ; 2. ଅପ୍ରସନ୍ନ, ଅନନୁକୂଳ ।
**Unprotected**, *a.* 1. ଅନାଶ୍ରିତ, ଅରକ୍ଷିତ; 2. ଅଭିଭାବକହୀନ ।
**Unproved**, *a.* ଅପ୍ରମାଣୀକୃତ ।
**Unprovided**, *a.* 1. ଅନାୟୋଜିତ; 2. ସମ୍ବଳହୀନ ।
**Unprovoked**, *a.* 1. କ୍ରୋଧକାରଣହୀନ; 2. ଅନୁତ୍ତେଜିତ ।
**Unpublished**, *a.* 1. ଅପ୍ରକାଶିତ; 2. ଗୁପ୍ତ ।
**Unpunctual**, *a.* ଅସମୟନିଷ୍ଠ, ଅସମୟାନୁବର୍ତ୍ତୀ ।
**Unpunished**, *a.* ଅଦଣ୍ଡିତ, ଅଶାସ୍ତିପ୍ରାପ୍ତ ।
**Unqualified**, *a.* 1. ଅନୁପଯୁକ୍ତ, ଅପଟୁ; 2. ଅବିଶେଷିତ; 3. ଅକ୍ଷମତାପନ୍ନ; 4. ସମ୍ପୂର୍ଣ୍ଣ ।

**Unquenchable**, *a.* ଅନିର୍ବାପଣୀୟ ।
**Unquestionable**, *a.* ଅସନ୍ଦିଗ୍ଧ, ନିଃସନ୍ଦେହ ।
**Unquiet**, *a.* ଅସ୍ଥିର, ଅଶାନ୍ତ, ଚଞ୍ଚଳ ।
**Unravel**, *v.t.* 1. ଅଗଣ୍ଠିତ-କ; 2. ଶିଥିଳ-କ; 3. ଭେଦ ଫିଟାଇବା ।
**Unread**, *a.* 1. ଅପଠିତ; 2. ଅଶିକ୍ଷିତ ।
**Unready**, *a.* 1. ଅପ୍ରସ୍ତୁତ, ଅନୁଦ୍ୟତ; 2. ଧୀର; 3. ଅଳସ ।
**Unreal**, *a.* 1. ଅବାସ୍ତବ, ଅସତ୍ୟ; 2. ଅଯଥାର୍ଥ; 3. ମାୟାମୟ, କଳ୍ପିତ ।
**Unreasonable**, *a.* 1. ଅସଙ୍ଗତ, ଅଯୌକ୍ତିକ; 2. ଅନ୍ୟାଯ୍ୟ; 3. ଅପରିମିତ ।
**Unreasonableness**, *n.* 1. ଅନ୍ୟାଯ୍ୟତା; 2. ଅପରିମିତତା ।
**Unreasonably**, *ad.* 1. ଅନ୍ୟାଯ୍ୟରୂପେ; 2. ଅପରିମିତଭାବେ ।
**Unreclaimed**, *a.* ଅଉଦ୍ଧାର, ଅବଶ ।
**Unrecorded**, *a.* ଅଲିପିବଦ୍ଧ ।
**Unredeemed**, *a.* ଅମୁକ୍ତ ।
**Unregenerate**, *a.* 1. ଅପୁନର୍ଜାତ; 2. ଦୁଷ୍ଟ ।
**Unregistered**, *a.* ଅରେଜେଷ୍ଟ୍ରିକୃତ, ତାଲିକାରେ ଅନୁକ୍ତ ।
**Unreliable**, *a.* 1. ଅବିଶ୍ୱାସଯୋଗ୍ୟ; 2. ଅବିଶ୍ୱସ୍ତ ।
**Unremitting**, *a.* ଅଶ୍ରାନ୍ତ, ଅନବରତ ।
**Unrepealed**, *a.* ରହିତ ନ ଥିବା, ରଦ୍ ହୋଇ ନ ଥିବା ।
**Unrepentant**, *a.* ଅନନୁତାପୀ, ଅନନୁତପ୍ତ ।
**Unrepresented**, *a.* ଅପ୍ରତିନିଧିତ, ପ୍ରତିନିଧିଶୂନ୍ୟ ।
**Unrequited**, *a.* ପ୍ରତିଫଳାପ୍ରାପ୍ତ, ଅପ୍ରତିଦତ୍ତ ।
**Unreserved**, *a.* 1. ଅକପଟ, ସରଳ; 2. ଅସଙ୍କୁଚିତ ।
**Unresisting**, *a.* ଅନିବାରକ, ଅପ୍ରତିରୋଧକ ।
**Unrest**, *n.* 1. ଅସ୍ଥିରତା; 2. ଉଦ୍ବେଗ ।
**Unrestored**, *a.* 1. ଅପ୍ରତ୍ୟର୍ପିତ; 2. ଅପୁନଃପ୍ରାପ୍ତ ।
**Unrestrained**, *a.* 1. ଅପ୍ରଶମିତ; 2. ଅସଂଯତ ।
**Unrestricted**, *a.* 1. ଅସଙ୍କୁଚିତ; 2. ଅନିର୍ବନ୍ଧ; 3. ଅପ୍ରତିବନ୍ଧ ।
**Unrevenged**, *a.* 1. ଅପ୍ରତିହିଂସିତ; 2. ପ୍ରତିଫଳାପ୍ରାପ୍ତ ।
**Unreverengeful**, *a.* 1. ଅପ୍ରତିହିଂସାପରାୟଣ; 2. କ୍ଷମାଶୀଳ ।
**Unrewarded**, *a.* ଅପୁରସ୍କୃତ ।
**Unrighteous**, *a.* ଅସାଧୁ, ଅଧାର୍ମିକ ।
**Unripe**, *a.* ଅପକ୍ୱ, କଞ୍ଚା ।
**Unrivalled**, *a.* 1. ଅନୁପମ; 2. ଅପ୍ରତିଦ୍ୱନ୍ଦ୍ୱୀ ।
**Unroll**, *v.t.* 1. ଗୁଡ଼ା ହୋଇଥିବା ବସ୍ତୁ ମେଲାଇବା; 2. ପ୍ରକାଶ-କ ।—*v.i.* ଗୁଡ଼ା ଫିଟିଯିବା ।
**Unromantic**, *a.* 1. ଅକୌତୂହଳୋଦ୍ଦୀପକ; 2. ଅକାଳ୍ପନିକ; 2. ଅନଳଙ୍କୃତ ।
**Unroof**, *v.t.* ଘରରୁ ଛାତ କାଢ଼ି ପକାଇବା ।
**Unruffled**, *a.* ଅଚଞ୍ଚଳ, ସୁସ୍ଥିର, ଅକ୍ଷୁବ୍ଧ ।
**Unruly**, *a.* 1. ଅବାଧ୍ୟ, ଅବଶ; 2. ଦୁଷ୍ଟ; 3. ଚଗଲା ।
**Unsaddle**, *v.t.* 1. ଘୋଡ଼ା ପିଠିରୁ ଜିନ୍ କାଢ଼ି ପକାଇବା; 2. ଘୋଡ଼ାରୁ ପକାଇ-ଦେ ।
**Unsafe**, *a.* ଅସୁରକ୍ଷିତ, ସଙ୍କଟାପନ୍ନ ।
**Unsafely**, *ad.* ଅସୁରକ୍ଷିତରୂପେ, ଅନିର୍ବିଘ୍ନରେ ।
**Unsaid**, *a.* ଅକଥିତ, ଅନୁକ୍ତ ।
**Unsalable, Unsaleable**, *a.* ଅବିକ୍ରେୟ ।
**Unsalaried**, *a.* ଅବେତନିକ ।
**Unsalvable**, *a.* ଅନୁଦ୍ଧରଣୀୟ ।
**Unsanctified**, *a.* ଅପବିତ୍ରୀକୃତ ।
**Unsatisfactorily**, *ad.* ଅସନ୍ତୋଷଜନକରୂପେ, ଅତୃପ୍ତିକରଭାବେ ।
**Unsatisfactory**, *a.* ଅସନ୍ତୋଷଜନକ, ଅତୃପ୍ତିକର ।
**Unsatisfied**, *a.* 1. ଅତୃପ୍ତ, ଅତୁଷ୍ଟ; 2. ଅସମ୍ପୂର୍ଣ୍ଣଭାବେ ଜ୍ଞାତ; 3. ଅପ୍ରତିଶୋଧିତ ।
**Unsavoury**, *a.* ବିସ୍ୱାଦ, ଅରୁଚିକର ।
**Unsay**, *v.t.* 1. କଥା ଉଲଟାଇବା; 2. ପ୍ରତ୍ୟାହାର-କ, କହିଥିବା କଥା ଅନ୍ୟଥା-କ ।
**Unscathed**, *a.* ସମ୍ପୂର୍ଣ୍ଣ ଅକ୍ଷତ ।
**Unschooled**, *a.* ଅଶିକ୍ଷିତ ।
**Unscrew**, *v.t.* 1. ପେଚ ଖୋଲିବା, ପେଚମୁକ୍ତ-କ; 2. ମୋଡ଼ି ଫିଟାଇବା ।
**Unscrupulous**, *a.* ଧର୍ମହୀନ, ପାମର ।
**Unseal**, *v.t.* ମୋହର ଚିହ୍ନ ଫିଟାଇବା, ମୁଦ ଖୋଲିବା ।
**Unsearchable**, *a.* 1. ବୋଧାଗମ୍ୟ; 2. ଅନନ୍ୱେଷଣୀୟ ।
**Unseasonable**, *a.* ଅସାମୟିକ, ଅକାଳିକ ।
**Unseasoned**, *a.* 1. ଅପକ୍ୱ; 2. ମସଲା ଅମିଶ୍ରିତ, ଫିକା ।
**Unseat**, *v.t.* ଆସନଚ୍ୟୁତ-କ, ପଦଚ୍ୟୁତ-କ ।
**Unsectarian**, *a.* 1. ଅସାମ୍ପ୍ରଦାୟିକ; 2. ସ୍ୱଧର୍ମଗୋଡ଼ାମିରହିତ; 3. ଉଦାର ।
**Unseemliness**, *n.* 1. ଅନୁଚିତତା; 2. ଅଭଦ୍ରତା ।
**Unseemly**, *a.* 1. ଅନୁଚିତ; 2. ଅସୁନ୍ଦର; 3. ଅଭଦ୍ର ।
**Unseen**, *a.* ଅଦେଖା, ଅଦୃଷ୍ଟ, ଅଲକ୍ଷିତ ।
**Unselfiish**, *a.* ନିଃସ୍ୱାର୍ଥ, ଅନାତ୍ମମୟ ।
**Unserviceable**, *a.* 1. ଅକାର୍ଯ୍ୟକର, ଅବ୍ୟବହାର୍ଯ୍ୟ; 2. ଖରାପ ।
**Unsettle**, *v.t.* 1. ଅସ୍ଥିର-କ, ବିଚଳିତ-କ; 2. ସନ୍ଦେହ ଜନ୍ମାଇବା ।—*v.i.* ଅନିଶ୍ଚିତ-ହେ ।
**Unsettled**, *a.* 1. ଅନିଶ୍ଚିତ, ଅନିର୍ଦ୍ଧାରିତ; 2. ବିଚଳିତ; 3. ବସବାସଶୂନ୍ୟ ।
**Unsex**, *v.t.* 1. ଜାତ୍ୟନ୍ତରରେ ପରିବର୍ତ୍ତିତ-କ; 2. ପୌରୁଷଶୂନ୍ୟ-କ; 3. କୋମଳତା ବିନଷ୍ଟ-କ ।
**Unshakable**, *a.* ଅକମ୍ପନୀୟ, ଅଟଳ ।
**Unshapely**, *a.* ବିକାର, କୁରୂପ ।
**Unsheathe**, *v.t.* କୋଷମୁକ୍ତ-କ, ଖାପରୁ ବାହାର-କ ।

Unsheltered, *a.* 1. ଆଶ୍ରୟହୀନ; 2. ନିରାଶ୍ରୟ ।
Unship, *v.t.* ଜାହାଜରୁ କାଢିବା ।
Unshod, *a.* 1. ପାଦୁକାହୀନ; 2. ନାଲବନ୍ଧା ହୋଇ ନ ଥିବା ।
Unshrinking, *a.* ଅକୁଣ୍ଠିତ ।
Unsightliness, *n.* କୁତ୍ସିତତା, କଦର୍ଯ୍ୟତା ।
Unsightly, *a.* 1. କୁତ୍ସିତ, କୁରୂପ; 2. କଦର୍ଯ୍ୟ ।
Unskilful, *a.* 1. ଅପଟୁ, ଅଦକ୍ଷ; 2. ଅନାଡ଼ି ।
Unskilfully, *ad.* ଅପଟୁଭାବେ, ଅଦକ୍ଷଭାବେ ।
Unskilfulness, *n.* ଅପଟୁତା, ଅଦକ୍ଷତା ।
Unskilled, *a.* 1. ଅଶିକ୍ଷିତ; 2. ଅନିପୁଣ । [ଚୂନ ।
Unslaked, *a.* 1. ପାଣିରେ ଅଭିଜା (ଚୂନ); 2. ଅନି-
Unsociable, *a.* ଅନାଳାପୀ, ଅସଙ୍ଗପ୍ରିୟ ।
Unsolicited, *a.* ଅପ୍ରାର୍ଥିତ, ଅଯାଚିତ ।
Unsolved, *a.* 1. ଅସମାହିତ; 2. ଅମୀମାଂସିତ ।
Unsophisticated, *a.* 1. ପ୍ରକୃତ; 2. ଅବିକୃତ; 3. ସରଳ; 4. ଅବକ୍ରବୁଦ୍ଧି ।
Unsought, *a.* 1. ଅଚେଷ୍ଟିତ; 2. ଅନନ୍ୱେଷିତ ।
Unsound, *a.* 1. ଅଦୃଢ଼; 2. ଦୋଷଯୁକ୍ତ, ଭ୍ରମଯୁକ୍ତ; 3. ପୋକଲ; 4. ଲଘୁ; 5. ଅଚଳିତ; 6. ଅସୁସ୍ଥ ।
Unsparing, *a.* 1. ମୁକ୍ତହସ୍ତ, ଉଦାର; 2. ପ୍ରଚୁର; 3. ଅକ୍ଷମାଶୀଳ, ଜା ଶ୍ଲେଭ ବନା ।
Unsparingly, *ad.* ପ୍ରଚୁରଭାବେ ।
Unspeakable, *a.* ଅକଥନୀୟ, ଅନିର୍ବଚନୀୟ ।
Unspent, *a.* 1. ଅବ୍ୟୟିତ; 2. ଅକ୍ଲାନ୍ତ, ଅକ୍ଷୀଣ ।
Unspoiled, *a.* ଅବିଘଟିତ, ଅବିକୃତ, ଅଭ୍ରଷ୍ଟ ।
Unspotted, *a.* ନିଷ୍କଳଙ୍କ, ନିର୍ଦ୍ଦୋଷ ।
Unstable, *a.* ଅସ୍ଥିର, ଚଞ୍ଚଳ, ଲଡ଼ବଡ଼ିଆ ।
Unstaid, *a.* ଅସ୍ଥିରମନା, ଚପଳ ।
Unstained, *a.* 1. ଦାଗହୀନ; 2. ଅରଞ୍ଜିତ ।
Unstamped, *a.* 1. ମୋହର ବା ଟିକଟ ମରା ହୋଇ ନ ଥିବା; 2. ସାଦା ।
Unstanched, *a.* ଅବିରତସ୍ରାବୀ, ଅନିରୁଦ୍ଧ ।
Unsteadily, *ad.* ଅସ୍ଥିରରୂପେ ।
Unsteadiness, *n.* ଅସ୍ଥିରତା ।
Unsteady, *a.* 1. ଅସ୍ଥିର; 2. ପରିବର୍ତ୍ତନୀୟ; 3. ଅଶକ୍ତ ।
Unstinted, *a.* 1. ଅପରିମିତ, ଅସୀମ; 2. ଅବାଧ ।
Unstop, *v.t.* 1. ଠିପି କାଢିବା; 2. ଫିଟାଇବା ।
Unstring, *v.t.* 1. ତାର ବା ଦଉଡ଼ି ଫିଟାଇବା, ଶିଥିଳ-କ; 2. ସୂତ୍ରହୀନ-କ ।
Unstudied, *a.* 1. ପୂର୍ବଚିନ୍ତାବିନା କୃତ; 2. ଅନଧୀତ ।
Unsubdued, *a.* ଅନାୟତ୍ତ, ଅଦମିତ ।
Unsubstantial, *a.* 1. ଅସାର, ଅବାସ୍ତବ; 2. ଅପ୍ରଚୁର ।
Unsuccessful, *a.* 1. ଅକୃତକାର୍ଯ୍ୟ, ବିଫଳ; 2. ଭାଗ୍ୟହୀନ ।
Unsuccessfully, *ad.* 1. ଅକୃତକାର୍ଯ୍ୟଭାବେ; 2. ଭାଗ୍ୟହୀନଭାବେ ।

Unsuitable, *a.* ଅନୁପଯୋଗୀ, ଅଯୋଗ୍ୟ ।
Unsuited, *a.* ଅନୁପଯୁକ୍ତ ।
Unsullied, *a.* ବିମଳ, ଅକଳଙ୍କିତ ।
Unsupported, *a.* ଅସମର୍ଥିତ, ଅପ୍ରମାଣିତ ।
Unsurpassable, *a.* 1. ଅନତିକ୍ରମଣୀୟ; 2. ଅନୁପମ ।
Unsuspected, *a.* 1. ଅସନ୍ଦିଗ୍ଧ; 2. ଅନନୁମେୟ ।
Unsuspecting, *a.* 1. ସଂଶୟଶୂନ୍ୟ, ନିଃସନ୍ଦେହ; 2. ନିଃଶଙ୍କ ।
Unswerving, *a.* 1. ଅଟଳ; 2. ଅକୁଟିଳ, ଅବକ୍ର ।
Unsympathetic, *a.* 1. ସହାନୁଭୂତିଶୂନ୍ୟ; 2. ନିର୍ଦ୍ଦୟ ।
Unsystematic, Unsystematical, *a.* 1. ପ୍ରଣାଳୀରହିତ; 2. ଯୁକ୍ତ୍ୟସଙ୍ଗତ ।
Untack, *v.t.* (ଟାକ) ଖୋଲିବା ।
Untainted, *a.* 1. ଅଦୂଷିତ, ବିମଳ; 2. ଅଭ୍ରଷ୍ଟ; 3. ଅସଂକ୍ରାମିତ ।
Untamable, *a.* 1. ଅଦମ୍ୟ; 2. ଅପୋଷଣୀୟ ।
Untamed, *a.* ଅପୋଷା, ଅବଶୀଭୂତ ।
Untarnished, *a.* ଅକଳଙ୍କିତ, ଅମଳିନ ।
Untasted, *a.* ଅନାସ୍ୱାଦିତ ।
Untaught, *a.* 1. ଅଶିକ୍ଷିତ, ଅନୁପଦିଷ୍ଟ; 2. ସ୍ୱାଭାବିକ ।
Untenable, *a.* 1. ଅଧାର୍ଯ୍ୟ; 2. ଖଣ୍ଡନୀୟ ।
Untenanted, *a.* 1. ଶୂନ୍ୟ, ଅଭଡାଟିଆ; 2. ରଇତହୀନ ।
Unthankful, *a.* ଅବାଞ୍ଛିତ, ଉପକାରସ୍ମାରକ, ଅଧନ୍ୟବାଦୀ ।
Unthankfully, *ad.* ଅଧନ୍ୟବାଦରୂପେ ।
Unthankfulness, *n.* ଅଧନ୍ୟବାଦତା ।
Unthinking, *a.* 1. ଚିନ୍ତାହୀନ; 2. ବୋଧହୀନ ।
Unthrifty, *a.* ଅସଞ୍ଚୟୀ, ଉଡ଼ାଣିଆ ।
Untidy, *a.* 1. ଅପରିଷ୍କାର, ଅପରିପାଟୀ; 2. ବିଶୃଙ୍ଖଳ ।
Untie, *v.t.* 1. ଗ୍ରନ୍ଥିମୁକ୍ତ-କ; 2. ବନ୍ଧନରୁ ଖୋଲିବା ।
Until, *prep.* ସରକ, ପର୍ଯ୍ୟନ୍ତ, ଅବଧି ।—*ad.* ସେଯାଏ, ସେଅବଧି, ଯେପର୍ଯ୍ୟନ୍ତ ।
Untilled, *a.* 1. ଅଚଷା, ଅକର୍ଷିତ; 2. ପଡ଼ିଆ ।
Untimely, *a.* 1. ଅକାଳୀନ, ଅସାମୟିକ; 2. ଅକାଳସମ୍ଭୂତ ।
Untiring, *a.* ଅକ୍ଳାନ୍ତ, ଅବିଶ୍ରାନ୍ତ ।
Untiringly, *ad.* ଅକ୍ଳାନ୍ତଭାବେ ।
Unto, *prep.* କୁ, ସରକ, ପ୍ରତି ।
Untold, *a.* 1. ଅକଥନୀୟ; 2. ଅବର୍ଣ୍ଣିତ; 3. ଅମିତ ।
Untouchable, *a.* ଅସ୍ପର୍ଶ୍ୟ, ଅଛୁଆଁ ।
Untouched, *a.* 1. ଅସ୍ପୃଷ୍ଟ; 2. ଅକ୍ଷୁଣ୍ଣ; 3. ଅବିମୁଗ୍ଧ ।
Untoward, *a.* 1. ଅବାଧ୍ୟ; 2. ଅନନୁକୂଳ; 3. ଅସୁବିଧାଜନକ ।
Untrained, *a.* 1. ଶିକ୍ଷାହୀନ; 2. ଅବିନୀତ ।
Untranslated, *a.* ଅନନୁବାଦିତ ।
Untravelled, *a.* ଅକୃତଭ୍ରମଣ, ଅପର୍ଯ୍ୟଟିତ ।
Untried, *a.* 1. ଅପରୀକ୍ଷିତ; 2. ନୂଆ; 3. ଅବିଚାରିତ ।

Untrimmed, *a.* 1. ଅସଜ୍ଜିତ; 2. ଅଛିନ୍ନ, ଅକଟା ।
Untrodden, *a.* 1. ଅପଦାର୍ପିତ, ଅମଡ଼ା; 2. ନୂତନ ।
Untroubled, *a.* 1. ପ୍ରଶାନ୍ତ, ସ୍ଥିର; 2. ଅକ୍ଷୁବ୍ଧ ।
Untrue, *a.* ଅସତ୍ୟ, ମିଥ୍ୟା ।
Untrustful, *a.* 1. ଅବିଶ୍ୱାସୀ; 2. ଅବିଶ୍ୱସନୀୟ ।
Untrustworthy, *a.* ଅବିଶ୍ୱସନୀୟ ।
Untruth, *n.* 1. ମିଥ୍ୟାକଥା; 2. ଅସତ୍ୟତା ।
Untruthful, *a.* ଅସତ୍ୟବାଦୀ, ମିଥ୍ୟୁକ ।
Untruthfulness, *n.* ଅସତ୍ୟବାଦିତା ।
Untutored, *a.* 1. ଅନୁପଦିଷ୍ଟ, ଗୁରୁହୀନ; 2. ଅପଟୁ ।
Untwine, Untwist, *v.t.* ପାକଲକୁ ଫିଟାଇବା ।—*v.i.* ପାକଲ ଫିଟିଯିବା ।
Unused, *a.* 1. ଅବ୍ୟବହୃତ, ଅପ୍ରଚଳିତ; 2. ଅନଭ୍ୟସ୍ତ ।
Unusual, *a.* 1. ଅସାଧାରଣ, ଅଲୌକିକ; 2. ଅନିୟମିତ ।
Unusually, *ad.* 1. ଅସାଧାରଣରୂପେ; 2. ଅନିୟମିତରୂପେ ।
Unutterable, *a.* 1. ଅବକ୍ତବ୍ୟ, ଅନିର୍ବଚନୀୟ; 2. ଅନୁଚ୍ଚାର୍ଯ୍ୟ ।
Unvanquished, *a.* ଅପରାଜିତ, ଅଜିତ । [ବାର ।
Unvaried, *a.* 1. ସମସ୍ୱଭାବପନ୍ନ, ଅପରିବର୍ତ୍ତିତ; 2. ଏକ-
Unvarnished, *a.* ବାର୍ଣ୍ଣିଶରହିତ, ଅରଞ୍ଜିତ, ସାଦାସିଧା ।
Unvarying, *a.* ଅପରିବର୍ତ୍ତନୀୟ, ଅବିକାରୀ ।
Unveil, *v.t.* 1. ଅନବଗୁଣ୍ଠିତ-କ; 2. ମୁକ୍ତାବରଣ-କ; 3. ବ୍ୟକ୍ତ-କ ।
Unwarily, *a.* ଅସତର୍କରୂପେ, ଅସାବଧାନତାପୂର୍ବକ ।
Unwarlike, *a.* 1. ଅସମରପ୍ରିୟ; 2. ଅସାମରିକ ।
Unwarned, *a.* ଅସତର୍କିତ ।
Unwarranted, *a.* 1. ଅନାଜ୍ଞପ୍ତ; 2. କ୍ଷମତାରହିତ; 3. ଅନିଶ୍ଚିତ; 4. ଅପ୍ରତିଜ୍ଞାତ ।
Unwary, *a.* ଅସତର୍କ ।
Unwashed, *a.* ଅଧୁଆ, ଅପରିଷ୍କୃତ ।
Unwatchful, *a.* ଅଜାଗ୍ରତ । [ଇଚ୍ଛୁ ।
Unweaned, *a.* 1. ସ୍ତନ୍ୟପୋଷ୍ୟ; 2. ଅବିଯୋଜିତ,
Unwearied, *a.* ଅକ୍ଳାନ୍ତ, ସଦୋଦ୍ୟୋଗୀ ।
Unwelcome, *a.* 1. ଅସ୍ୱାଗତ; 2. ଅପ୍ରୀତ, ଅବାଞ୍ଛିତ ।
Unwell, *a.* ଅସୁସ୍ଥ, ପୀଡ଼ିତ ।
Unwept, *a.* ଅଶୋଚିତ, ଅବିଳପିତ ।
Unwholesome, *a.* 1. ଅସ୍ୱାସ୍ଥ୍ୟକର, ରୋଗଜନକ; 2. ଅପଥ୍ୟ ।
Unwieldy, *a.* ଅବହନୀୟ, ପ୍ରକାଣ୍ଡ, ବଡ଼ ବଡ଼ ।
Unwilling, *a.* ଅନିଚ୍ଛୁକ, ଅସମ୍ମତ, କାତର ।
Unwillingly, *ad.* ଅନିଚ୍ଛାପୂର୍ବକ ।
Unwillingness, *n.* ଅନିଚ୍ଛୁକତା ।
Unwind, *v.t.* ଗୁଡ଼ାକୁ ଫିଟାଇବା ।—*v.i.* ଗୁଡ଼ା ଫିଟା-ଯିବା ।
Unwise, *a.* 1. ଅଜ୍ଞାନ, ନିର୍ବୋଧ; 2. ଅବିହିତ ।
Unwisely, *ad.* ଅବିହିତରୂପେ ।
Unwitting, *a.* ଅଜ୍ଞାତସାର ।
Unwittingly, *ad.* ଅଜ୍ଞାତସାରରେ ।
Unwonted, *a.* ଅସାଧାରଣ, ଅପ୍ରଚଳିତ ।
Unworldly, *a.* 1. ଅସାଂସାରିକ; 2. ଆଧ୍ୟାତ୍ମିକ ।
Unworthily, *ad.* ଅଯୋଗ୍ୟରୂପେ ।
Unworthiness, *n.* ଅଯୋଗ୍ୟତା ।
Unworthy, *a.* ଅଯୋଗ୍ୟ, ଅଭାଜନ ।
Unwounded, *a.* ଅନାହତ ।
Unwrap, *v.t.* ଗୁଡ଼ାକୁ ଫିଟାଇବା ।
Unwritten, *a.* 1. ଅଲିଖିତ, ଅଲେଖା; 2. ମୌଖିକ ।
Unyielding, *a.* 1. ଅନମ୍ର; 2. ଶକ୍ତ, ଟାଣ; 3. ଜେଣ୍ଡା ।
Unyoke, *v.t.* 1. ଯୁଆଳିମୁକ୍ତ-କ, ଯୁଆଳିରୁ ଫିଟାଇବା; 2. ବିଯୋଗ-କ ।
Up, *ad.* ଉପରେ, ଊର୍ଦ୍ଧ୍ୱରେ ।—*prep.* ଉପରକୁ ।—*a.* ଉଠାଣି ।—*n.* ସୌଭାଗ୍ୟାବସ୍ଥା ।—*interj.* ଉଠ ।—Up a tree, ବିପନ୍ନ । The game is up, ବାଜିମାତ୍, କଥା ସରିଲା । Ups and downs, ସୁଖଦୁଃଖ । Up *to*, ସହିତ, ପର୍ଯ୍ୟନ୍ତ । Up to date, 1. ଆଜିପର୍ଯ୍ୟନ୍ତ; 2. ଆଧୁନିକ । What's up? କଅଣ ହେଉଛି? To be up to, 1. ଆବଶ୍ୟକୀୟ କ୍ଷମତାବିଶିଷ୍ଟ -ହେ; 2. କୌଣସି ମନ୍ଦ ଅଭିପ୍ରାୟରେ ରହିବା ।
Up-and-down, *ad.* 1. ଉଚ୍ଚନୀଚ, ଖାଲଢିପ; 2. ଏଣେତେଣେ ।
Upanishad, *n.* ଉପନିଷଦ ।
Upas, *n.* ଜିଲ୍‌ପାରିଜ ଦ୍ୱୀପପୁଞ୍ଜସ୍ଥ ବିଷବୃକ୍ଷ ବିଶେଷ ।
Upbraid, *v.t.* ତିରସ୍କାର-କ, ଭର୍ତ୍ସନା-କ ।
Upbraiding, *n.* 1. ତିରସ୍କାରକରଣ; 2. ଭର୍ତ୍ସନା ।
Up-country, *ad.* ଦେଶ ମଧ୍ୟକୁ ।—*n.* ଦେଶର ମଧ୍ୟାଞ୍ଚଳ ।—*a.* ଉପକୂଳ ଦୂରବର୍ତ୍ତୀ ଦେଶୀୟ ।
Upheaval, *n.* 1. ଉତ୍ତୋଳନ; 2. ବିପ୍ଳବ ।
Uphill, *a.* 1. ଉଠାଣି; 2. କଷ୍ଟକର ।—*ad.* ବାଧାତି-କ୍ରମପୂର୍ବକ ।
Uphold, *v.t.* 1. ଟେକିଧରିବା, ଅବଲମ୍ବନ-ଦେ; 2. ସାହାଯ୍ୟ-କ ।
Upholster, *v.t.* ବୈଠକ ପ୍ରକୋଷ୍ଠରେ ତୂଳା ଭରି ଛିଟ-ଲୁଗା ମଡ଼ାଇବା ।
Upholsterer, *n.* ଗଦିକ ପର୍ଦ୍ଦା ପ୍ରଭୃତି ଘରର ସାଜ-ସରଞ୍ଜାମ ବିକେତା ।
Upholstery, *n.* ଘରର ସାଜସରଞ୍ଜାମ ।
Upland, *n.* ଉଚ୍ଚଭୂମି, ମାଳପ୍ରଦେଶ ।—*a.* 1. ଉଚ୍ଚ-ଭୂମିସ୍ଥ; 2. ମାଳପ୍ରଦେଶ ସମ୍ବନ୍ଧୀୟ ।
Uplift, *v.t.* ଉପରକୁ ଟେକିବା, ଊର୍ଦ୍ଧ୍ୱକୁ ଉଠାଇବା ।—*n.* 1. ଉତ୍ତୋଳନ; 2. ଉନ୍ନୟନ ।
Upon, *prep.* 1. ଉପରେ, ରେ; 2. ଉପରକୁ; 3. ସମ୍ମୁଖରେ ।—*ad.* ଉପରେ ।
Upper, (1) *a.* 1. ଉଚ୍ଚତର; 2. ଊର୍ଦ୍ଧ୍ୱସ୍ଥିତ; 3. ଶ୍ରେଷ୍ଠତର ।

**Upper**, (2) *n.* ଜୋତାର ଉପର ଭାଗ ।
**Upperhand**, *n.* 1. ଶ୍ରେଷ୍ଠତା; 2. ପ୍ରାଧାନ୍ୟ ।
**Uppermost**, **Upmost**, *a.* 1. ଉଚ୍ଚତମ; 2. ସର୍ବୋପରିସ୍ଥ ।—*ad.* ସର୍ବୋପରି ।
**Upper-story**, *n.* 1. ଉପର ମହଲା; 2. ମସ୍ତିଷ୍କ ।
**Uppish**, *a.* 1. ଗର୍ବିତ; 2. ଆତ୍ମାଭିମାନପ୍ରିୟ ।
**Upraise**, *v.t.* ଉପରକୁ ଉଠାଇବା ।
**Upright**, *a.* 1. ସରଳ; 2. Cଘ. ଦଣ୍ଡାୟମାନ; 3. ଯାଥାର୍ଥିକ ।
**Uprightly**, *ad.* 1. ସରଳଭାବେ; 2. ଯାଥାର୍ଥିକଭାବେ ।
**Uprightness**, *n.* 1. ସରଳତା; 2. ଯାଥାର୍ଥିକତା ।
**Uprising**, *n.* ରାଜଦ୍ରୋହ ।
**Uproar**, *n.* 1. କୋଳାହଳ; 2. ଗୋଳମାଳ ।
**Uproarious**, *n.* କୋଳାହଳପୂର୍ଣ୍ଣ ।
**Uproot**, *n.* ସମୂଳେ ଉପାଡିବା, ନିର୍ମୂଳ-କ ।
**Upset**, *v.t.* 1. ଓଲଟାଇ-ଦେ, ବିପର୍ଯ୍ୟସ୍ତ-କ; 2. ବ୍ୟାକୁଳ-କର ।—*v.i.* ବ୍ୟାକୁଳ-ହେ ।
**Upshot**, *n.* 1. ଶେଷଫଳ; 2. ପରିଣାମ ।
**Upside-down**, *ad.* ଓଲଟା କରି ।
**Upstairs**, *ad.* 1. ଉପର ମହଲାକୁ; 2. ଉପର ମହଲାରେ ।—*a.* ଉପର ମହଲା ସମ୍ବନ୍ଧୀୟ ।—*n.* ଉପର ମହଲା ।
**Upstart**, *a.* ନବ ଧନଶାଳୀ, ହଠାତ୍ ବାବୁ ।
**Upturn**, *v.t.* ଟେକି ଓଲଟାଇବା ।
**Upward**, (1) *a.* ଊର୍ଦ୍ଧ୍ୱାଭିମୁଖୀନ ।—Upward of, ଅଧିକ ବେଶି ।
**Upward**, (2) **Upwardly**, **Upwards**, *ad.* 1. ଉପରକୁ; 2. ଉପରେ, ଊର୍ଦ୍ଧ୍ୱରେ ।
**Urania**, *n.* ଜ୍ୟୋତିର୍ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ ।
**Urban**, *a.* 1. ନାଗରିକ; 2. ସହର ସମ୍ବନ୍ଧୀୟ ।
**Urbane**, *a.* ସଭ୍ୟ, ଶିଷ୍ଟ, ଭଦ୍ର ।
**Urbanely**, *ad.* ଭଦ୍ରଭାବେ, ଶିଷ୍ଟଭାବେ ।
**Urbanity**, *n.* 1. ଭଦ୍ରତା, ସୌଜନ୍ୟ; 2. ଶିଷ୍ଟାଚାର ।
**Urchin**, *n.* ଟୋକା ।
**Urdu**, *n.* ଉର୍ଦ୍ଦୁଭାଷା ।
**Ureter**, *n.* ମୂତ୍ରନଳୀ ।
**Urethra**, *n.* ମୂତ୍ରପଥ ।
**Urge**, *v.t.* 1. ଜିଦ୍-କ; 2. ପ୍ରବର୍ତ୍ତାଇବା; 3. ପୁନଃ ପୁନଃ ମାଗିବା; 4. ହକାରିବା; 5. ଉତ୍ସାହିତ-କ ।
**Urgency**, *n.* 1. ଜିଦ୍; 2. ପ୍ରବର୍ତ୍ତନା; 3. ଅତ୍ୟାବଶ୍ୟକତା ।
**Urgent**, *a.* 1. ଅତ୍ୟାବଶ୍ୟକ; 2. ବ୍ୟସ୍ତ ।
**Urgently**, *ad.* 1. ଅତ୍ୟାବଶ୍ୟକରୂପେ; 2. ବ୍ୟସ୍ତଭାବେ ।
**Urinal**, *a.* 1. ମୂତ୍ର ରଖିବା ପାତ୍ର; 2. ପ୍ରସ୍ରାବ କରିବା ସ୍ଥାନ ।
**Urinary**, *a.* 1. ପ୍ରସ୍ରାବ ସମ୍ବନ୍ଧୀୟ, ମୌତ୍ରିକ; 2. ମୂତ୍ରସଦୃଶ ।
**Urinate**, *v.i.* ପ୍ରସ୍ରାବ-କ, ମୂତ୍ର ତ୍ୟାଗ-କ ।
**Urine**, *n.* ପ୍ରସ୍ରାବ, ମୂତ୍ର ।
**Urn**, *n.* 1. ଏକପ୍ରକାର କଳଶ; 2. କୁମ୍ଭ; 3. ଚା ରଖିବା ପାତ୍ର ବିଶେଷ; 4. ଚିତାଭସ୍ମାଧାର ।
**Ursa**, *n.* ନକ୍ଷତ୍ରପୁଞ୍ଜ ବିଶେଷ ।—Ursa major, ସପ୍ତର୍ଷି ।
**Ursine**, *a.* ଭଲ୍ଲୁକସଦୃଶ ।
**Urticaria**, *n.* ଛାଉଫୁଟିପରି ଏକପ୍ରକାର ଚର୍ମରୋଗ ।
**Urticate**, *v.t.* ବିଛୁଆତି ଦ୍ୱାରା ଯନ୍ତ୍ରଣା-ଦେ ।
**Us**, *pro.* ଆମ୍ଭମାନଙ୍କୁ, ଆମ୍ଭ ସମସ୍ତଙ୍କୁ ।
**Usable**, *a.* 1. ବ୍ୟବହାରଯୋଗ୍ୟ; 2. ପ୍ରୟୋଜ୍ୟ; 3. କର୍ମଣ୍ୟ ।
**Usage**, *n.* 1. ଆଚରଣ; 2. ବ୍ୟବହାର; 3. ରୀତି, ଧାରା ।
**Use**, (1) *v.t.* *uz*, 1. ବ୍ୟବହାର-କ; 2. ଅଭ୍ୟାସ-କ; 3. ପ୍ରୟୋଗ-କ ।—*v.i.* ଅଭ୍ୟସ୍ତ-ହେ ।—To use up, ବ୍ୟବହାର କରି କ୍ଷୟ-କ ।
**Use**, (2) *n.* *ūs*, 1. ବ୍ୟବହାର; 2. ପ୍ରୟୋଗ; 3. ଉପକାରିତା; 4. ପ୍ରଥା; 5. ପ୍ରୟୋଜନ ।—Use and wont, ପ୍ରଚଳିତ ରୀତି । To have no use for (U.S.), ଭଲ ନ ପାଇବା । In use, ବ୍ୟବହୃତ, ପ୍ରଚଳିତ । Of no use, ଅକର୍ମଣ୍ୟ । Of use, ଉପକାରୀ । Out of use, ଅବ୍ୟବହୃତ ।
**Useful**, *a.* ଉପକାରୀ, ଦରକାରୀ, ପ୍ରୟୋଜନୀୟ ।
**Usefully**, *ad.* ଉପକାରକଭାବେ ।
**Usefulness**, *n.* ଉପକାରିତା ।
**Useless**, *a.* 1. ନିରର୍ଥକ; 2. ଅକର୍ମଣ୍ୟ; 3. ଅବ୍ୟବହାର୍ଯ୍ୟ ।
**Usher**, *n.* 1. ପ୍ରବେଶକ; 2. ବିଚାରାଳୟାଦିର ଦ୍ୱାରପାଳ; 3. ନିମ୍ନପଦସ୍ଥ ଶିକ୍ଷକ ।—*v.t.* ପ୍ରବେଶ କରାଇବା ।
**Usual**, *a.* 1. ରୀତିମତ; 2. ପ୍ରଚଳିତ; 3. ସଚରାଚର ।
**Usually**, *ad.* 1. ଧାରାମତେ; 2. ପ୍ରାୟ ସର୍ବଦା ।
**Usufruct**, *n.* 1. ଫଳଭୋଗାଧିକାର, ଉପସ୍ୱତ୍ୱ ଭୋଗ; 2. ଜୀବନସ୍ୱତ୍ୱ ।
**Usufructuary**, *a.* ଫଳଭୋଗାଧିକାର ସମ୍ବନ୍ଧୀୟ ।—*n.* ଉପସ୍ୱତ୍ୱ ଭୋଗାଧିକାରୀ ବ୍ୟକ୍ତି ।
**Usurer**, *n.* ସୁଧଖୋର, କୁସୀଦଜୀବୀ ।
**Usurious**, *a.* ସୁଧଲୋଭୀ, ଅଧିକ କୁସୀଦଗ୍ରାହୀ ।
**Usurp**, *v.t.* 1. ଅନଧିକାରରେ ବଳପୂର୍ବକ ଦଖଲ-କ; 2. ଅନ୍ୟାୟରେ ଅନ୍ୟର ପଦ କ୍ଷମତାଦି ଅଧିକାର-କ ।
**Usurpation**, *n.* ଅନଧିକାରରେ ବଳପୂର୍ବକ ଦଖଲକରଣ ।
**Usury**, *n.* ଅତିରିକ୍ତ ସୁଧ, ଅନ୍ୟାଯ୍ୟ କୁସୀଦ, ବ୍ୟାଜ ।
**Utensil**, *n.* ପାତ୍ରାଦି, ବାସନକୁସନ ।
**Uterine**, *a.* 1. ଗର୍ଭାଶୟ ସମ୍ବନ୍ଧୀୟ; 2. ଭିନ୍ନ ପିତୃଦ୍ୱାରା ଏକମାତୃଗର୍ଭଜାତ, ବୈପିତ୍ରେୟ ।
**Uterus**, *n.* ଗର୍ଭାଶୟ, ଜରାୟୁ ।
**Utilisation**, *n.* ବ୍ୟବହାରକରଣ ।
**Utilise**, *v.t.* ବ୍ୟବହାରରେ ଆଣିବା ।
**Utilitarian**, *a.* ହିତକର, ଲାଭଜନକ ।
**Utilitarianism**, *n.* ହିତବାଦ ।
**Utility**, *n.* 1. ଉପକାରିତା; 2. ଲାଭ, ହିତ; ପ୍ରୟୋଜନୀୟତା, ବ୍ୟବହାର୍ଯ୍ୟତା ।

Utmost, *a.* 1. ଯଥାସାଧ୍ୟ; 2. ଅତ୍ୟୁତ୍ତମ, ସର୍ବୋତ୍କୃଷ୍ଟ ।—*n.* ଚରମ ସୀମା ।
Utopian, *a.* 1. କାଳ୍ପନିକ; 2. କଳ୍ପିତ ସୁଖମୟ ସ୍ଥାନ ସମ୍ବନ୍ଧୀୟ, ସମସ୍ତଙ୍କ ସମ୍ବନ୍ଧୀୟ ।
Utter, (1) *a.* ନିତାନ୍ତ, ଅତ୍ୟନ୍ତ, ସମ୍ପୂର୍ଣ୍ଣ ।
Utter, (2) *v.t.* 1. ଉଚ୍ଚାରଣ-କ, ପ୍ରକାଶ-କ, କହିବା; 2. ପ୍ରଚଳିତ କରାଇବା ।
Utterable, *n.* 1. ଉଚ୍ଚାରଣୀୟ; 2. କଥନୀୟ ।
Utterance, *n.* 1. ଉଚ୍ଚାରଣ; 2. ବାକ୍ୟକଥନ; 3. ପ୍ରକାଶ ।
Uttering, *n.* ପ୍ରଚଳିତକରଣ ।
Utterly, *ad.* ସମ୍ପୂର୍ଣ୍ଣରୂପେ, ନିତାନ୍ତ । [ଶେଷପର୍ଯ୍ୟନ୍ତ ।
Uttermost, *a.* ସର୍ବଶେଷ, ଚୂଡ଼ାନ୍ତ ।—*n.* ପରକାଷ୍ଠା,
Uvula, *n.* ଉପଜିହ୍ୱା, ଘଣ୍ଟିକା ।
Uxorious, *a.* ସ୍ତ୍ରୈଣ, ସ୍ତ୍ରୀବଶ ।
Uxoriousness, *n.* ସ୍ତ୍ରୈଣତା ।

# V.

V, 1. ଇଂରାଜୀ ବର୍ଣ୍ଣମାଳାର ଦ୍ୱାବିଂଶାକ୍ଷର; 2. ରୋମୀୟ ଗଣନାନୁସାରେ ପାଞ୍ଚ ସଂଖ୍ୟାର ସଙ୍କେତ ।
Vacancy, *n.* 1. ଶୂନ୍ୟତା; 2. ଫାଙ୍କ, ଅବକାଶ; 3. ଆଳସ୍ୟ; 4. ଶୂନ୍ୟପଦ ।
Vacant, *a.* 1. ଖାଲି, ଶୂନ୍ୟ; 2. ଚିନ୍ତାବର୍ଜିତ; 3. ନିର୍ବୋଧ ।
Vacantly, *ad.* ନିର୍ବୋଧଭାବରେ ।
Vacate, *v.t.* 1. ସ୍ୱେଚ୍ଛାପୂର୍ବକ ତ୍ୟାଗ-କ; 2. ଶୂନ୍ୟ-କ ।
Vacation, *n.* 1. ସ୍ୱେଚ୍ଛାପୂର୍ବକ ତ୍ୟାଗକରଣ; 2. ଛୁଟି ସମୟ, ଅବସର କାଳ ।
Vaccinate, *v.t.* ଗୋବସନ୍ତ ବୀଜରେ ଟୀକା-ଦେ ।
Vaccination, *n.* ଗୋବସନ୍ତ ବୀଜରେ ଟୀକାଦାନ ।
Vaccinator, *n.* ଟୀକା ଦେବା ଲୋକ ।
Vaccine, *a.* 1. ଗୋବସନ୍ତ ସମ୍ବନ୍ଧୀୟ; 2. ଗବ୍ୟ (ଗୋଜାତ) ।—*n.* ଗୋବସନ୍ତ ବୀଜ ।
Vacillate, *v.i.* ଦୋଳାୟମାନ-ହେ, ଅସ୍ଥିର-ହେ ।
Vacillating, *a.* ଦୋଳାୟମାନ, ଅସ୍ଥିର ।
Vacillation, *n.* ଦୋଳାୟମାନ ଅବସ୍ଥା, ଅସ୍ଥିରଭାବ ।
Vacuity, *n.* ଶୂନ୍ୟଗର୍ଭତ୍ୱ ।
Vacuous, *a.* 1. ଶୂନ୍ୟ, ଖାଲି; 2. ଭାବହୀନ, ଭାବାପ୍ରକାଶକ ।
Vacuum, *n.* 1. ଶୂନ୍ୟସ୍ଥଳ; 2. ଅବକାଶ, ଅନ୍ତସ୍ଥଳ ।
Vade-mecum, *n.* ଚିକିତ୍ସାଦି ସମ୍ବନ୍ଧୀୟ ନିତ୍ୟ ବ୍ୟବହାର୍ଯ୍ୟ ପୁସ୍ତକ ।
Vagabond, *a.* ବୃଥା ଭ୍ରମଣକାରୀ, ବାସ ଅଭାବେ ବୁଲନ୍ତା ।—*n.* 1. ବାଉଣ୍ଡିଆ; 2. ଦୁଷ୍ଟଲୋକ ।
Vagabondish, *a.* ବାଉଣ୍ଡିଆପ୍ରାୟ ।
Vagabondism, *n.* ବାଉଣ୍ଡିଆପଣ ।
Vagary, *n.* 1. ଖିଆଲ, ଧୂନ; 2. ଚିତ୍ତର ଭ୍ରମ ।
Vagina, *n.* *vä-je-na*, (Anat.) ଯୋନିମାର୍ଗ ।
Vagrancy, *n.* 1. ଅନର୍ଥକ ଭ୍ରମଣ; 2. ଭିକ୍ଷାବୃତ୍ତି ।
Vagrant, *a.* 1. ଗୃହଶୂନ୍ୟ ଭ୍ରମଣକାରୀ; 2. ଅସ୍ଥିର, ଚଞ୍ଚଳ ।—*n.* 1. ବସବାସଶୂନ୍ୟ ଲୋକ; 2. ଭିକ୍ଷୁକ ।
Vague, *a.* 1. ଅନିଶ୍ଚିତ, ଅନିର୍ଦ୍ଦିଷ୍ଟ; 2. ଅସ୍ପଷ୍ଟ ।
Vaguely, *ad.* 1. ଅନିଶ୍ଚିତଭାବେ; 2. ଅସ୍ପଷ୍ଟରୂପେ ।
Vagueness, *n.* 1. ଅନିଶ୍ଚିତତା; 2. ଅସ୍ପଷ୍ଟତା ।
Vail, same as Veil.
Vain, *a.* 1. ବୃଥା, ନିଷ୍ଫଳ; 2. ଆତ୍ମଶ୍ଳାଘୀ, ଅଭିମାନୀ ।—In vain, ନିଷ୍ଫଳରେ, ବୃଥାରେ ।
Vainglorious, *a.* 1. ମିଥ୍ୟାଭିମାନୀ, ଆତ୍ମଶ୍ଳାଘୀ; 2. ଗର୍ବୀ ।
Vaingloriously, *ad.* 1. ମିଥ୍ୟାଭିମାନରୂପେ; 2. ଗର୍ବିତଭାବେ, ସଗର୍ବେ ।
Vaingloriousness, *n.* 1. ମିଥ୍ୟାଭିମାନତା; 2. ଗର୍ବିତା ।
Vainglory, *n.* ମିଥ୍ୟାଭିମାନ, ଆତ୍ମଗରିମା ।
Vainly, *ad.* 1. ବୃଥାରେ, ଅକାରଣେ; 2. ଆତ୍ମଶ୍ଳାଘିରୂପେ, ଅଭିମାନରୂପେ ।
Vaishnava, *n.* ବୈଷ୍ଣବ, ବିଷ୍ଣୁଉପାସକ ।
Vaisya, *n.* ବୈଶ୍ୟ ।
Vakeel, Vakil, *n.* ବଡ଼ ଓକିଲ ।
Valance, Valence, *n.* ପଲଙ୍କ ଛତିର ଝାଲର ।
Vale, *n.* (Poet.) 1. ପାହାଡ଼ ତଳ; 2. ଦୁଇ ପର୍ବତମଧ୍ୟସ୍ଥ ନିମ୍ନଭୂମି ।
Valediction, *n.* ପ୍ରସ୍ଥାନକାଳୀନ ବନ୍ଦନା, ଶୁଭ ବିଦାୟ ।
Valedictory, *a.* 1. ପ୍ରସ୍ଥାନକାଳୀନ ବନ୍ଦନା ସମ୍ବନ୍ଧୀୟ; 2. ଶୁଭବିଦାୟସୂଚକ ।
Valence, Valency, *n.* (Chem.) ଅଣୁର ଯୋଗ-ଶକ୍ତି ।
Valentine, *n.* ଫେବ୍ରୁଆରି ମାସ ୧୪ ତାରିଖରେ ନାୟକ ନାୟିକାର ପରସ୍ପର ପ୍ରେରିତ ପ୍ରେମଲିପି ବା ଉପହାର ।
Valerian, *n.* "ସର୍ବରୋଗ ନିବାରକ" ନାମରେ ଖ୍ୟାତ ଏକପ୍ରକାର ଔଷଧୀୟ ବୃକ୍ଷ ।—*a.* "ଭାଲ-ରିୟସ" ନାମଧାରୀ ବ୍ୟକ୍ତି ସମ୍ବନ୍ଧୀୟ ।
Valet, *n.* ଭୃତ୍ୟ, ପୋଷାକ ରକ୍ଷକ ଚାକର ।
Valetudinarian, Valetudinary, *a.* 1. ଅସ୍ୱାସ୍ଥ୍ୟ ସମ୍ବନ୍ଧୀୟ; 2. ରୁଗ୍ଣ; 3. ଦୁର୍ବଳ ।—*n.* ଚିରରୋଗୀ ।
Valetudinarianism, *n.* ଚିରରୁଗ୍ଣତା ।
Valhalla, *n.* 1. ଯୁଦ୍ଧହତ ବୀରମାନଙ୍କ ବାସାର୍ଥ ସ୍ୱର୍ଗଭୁବନ; 2. କୌଣସି ଜାତିର ବୀରମାନଙ୍କର ମୃତଦେହର ସମାଧି ମନ୍ଦିର ।
Valiant, *a.* 1. ବିକ୍ରମୀ, ପରାକ୍ରାନ୍ତ; 2. ସାହସିକ ।
Valiantly, *ad.* ନିର୍ଭୀକଭାବେ, ସାହସିକଭାବେ ।
Valiantness, *n.* ନିର୍ଭୀକତା ।

Valid, *a.* 1. ଦୃଢ଼; 2. ପ୍ରମାଣସିଦ୍ଧ; 3. ବଳବତ୍; 4. (Law) ବ୍ୟବସ୍ଥାସିଦ୍ଧ ।

Validate, *v.t.* 1. ଦୃଢ଼-କ; 2. ବଳବତ୍-କ; 3. ବ୍ୟବସ୍ଥାସିଦ୍ଧତ୍ୱ ପରୀକ୍ଷା-କ ।

Validity, *n.* 1. ଦୃଢ଼ତା; 2. ବଳବତ୍ତ୍ୱ; 3. ବ୍ୟବସ୍ଥାସିଦ୍ଧତ୍ୱ ।

Validly, *ad.* ବଳବତ୍ତ୍ୱ ରୂପେ ।

Valise, *n.* ପଥିକର ଚର୍ମଥଳୀ, ଚର୍ମପେଟରା । [ଭୂମି ।

Valley, *n.* ଉପତ୍ୟକା, ପର୍ବତଦ୍ୱୟ ମଧ୍ୟସ୍ଥ ନିମ୍ନ ସମତଳ

Valorous, *a.* ବିକ୍ରମୀ, ଶୂର, ନିର୍ଭୀକ ।

Valorously, *ad.* ବିକ୍ରମୀରୂପେ, ନିର୍ଭୀକଭାବେ ।

Valour, *n.* ବିକ୍ରମ, ଶୌର୍ଯ୍ୟ, ପରାକ୍ରମ ।

Valuable, *a.* 1. ବହୁମୂଲ୍ୟ, ମୂଲ୍ୟବାନ୍; 2. ଉପାଦେୟ; 3. ମାନ୍ୟାର୍ହ ।

Valuation, *n.* 1. ମୂଲ୍ୟନିରୂପଣ, ମୂଲ୍ୟନିର୍ଦ୍ଦେଶ; 2. ନିରୂପିତ ମୂଲ୍ୟ ।

Valuator, *n.* ମୂଲ୍ୟନିରୂପଣକାରୀ ।

Value, *n.* 1. ମୂଲ୍ୟ; 2. ଉପକାରିତା, ଗୁଣ; 3. ଉତ୍କର୍ଷ ।—*v.t.* 1. ମୂଲ୍ୟନିରୂପଣ-କ; 2. ପ୍ରିୟଜ୍ଞାନ-କ; ମୂଲ୍ୟବାନ୍ ମଣିବା; 3. ମାନ୍ୟ-କ ।—Value received, ଅର୍ଥର ପ୍ରାପ୍ତିସ୍ୱୀକାରସୂଚକ ଲେଖା । Good value, ଭଲ ଦର, ଯଥାର୍ଥ ମୂଲ୍ୟ ।

Valued, *a.* ଆଦରଣୀୟ, ସମ୍ମାନିତ ।

Valueless, *a.* 1. ମୂଲ୍ୟହୀନ; 2. ସାମାନ୍ୟ, ଗୁଣହୀନ ।

Valve, *n.* ଅନ୍ତର୍ଗମନ ସାଧକ ଓ ବହିର୍ଗମନ ରୋଧକ କବାଟି, କଳକପାଟି ।

Valved, *a.* କଳକପାଟିଯୁକ୍ତ ।

Vamp, *n.* ଜୋତାର ଉପର ଭାଗର ଚମଡ଼ା ।—*v.t.* 1. ଜୋତାର ଉପର ଭାଗର ଚମଡ଼ା ଲଗାଇବା; 2. (Mus.) ଗୀତ ସହିତ ବଜାଇବାପରେ ବାଦ୍ୟ ବଜାଇବା ।

Vampire, *n.* 1. ରକ୍ତଶୋଷକ କାଳ୍ପନିକ ପିଶାଚ; 2. ଅର୍ଥଶୋଷକ ।

Vampire-bat, *n.* ରକ୍ତଶୋଷକ ବାଦୁଡ଼ି ।

Vampirism, *n.* 1. ରକ୍ତଶୋଷଣ; 2. ଅର୍ଥଶୋଷଣ ।

Van, (1) *n.* 1. ପୁରୋବର୍ତ୍ତୀ ସୈନ୍ୟଦଳ; 2. ଆନ୍ଦୋଳନର ନେତୃଗଣ ।

Van, (2) *n.* 1. ପଣ୍ୟ ଶକଟ; 2. ରେଲଗାଡ଼ିର ମାଲ୍-ଡବା; 3. ରେଲଗାଡ଼ିର ଗାର୍ଡ ରହୁଥିବା ଡବା ।

Vandal, *n.* 1. ପୁରାକାଳୀନ ଏକ ଲୁଣ୍ଠନକାରୀ ଜାତି; 2. ଅସଭ୍ୟପ୍ରାୟ ଲୋକ; 3. ଧ୍ୱଂସକାରୀ ।—*a.* ଅସଭ୍ୟ ।

Vandalism, *n.* 1. ଶିଳ୍ପ ବା ସାହିତ୍ୟପ୍ରତି ଅତ୍ୟାଚାର; 2. ଶିଳ୍ପର ବିନାଶ ।

Vane, *n.* ବାୟୁପ୍ରବାହ ପ୍ରଦର୍ଶକ ଘୂର୍ଣ୍ଣାୟମାନ ଲୌହ ବା କାଷ୍ଠଖଣ୍ଡ ।

Vanguard, *n.* ସୈନ୍ୟର ଅଗ୍ରବର୍ତ୍ତୀ ଦଳ, ପୁରୋବର୍ତ୍ତୀ ସୈନ୍ୟବ୍ୟୂହ ।

Vanilla, *n.* ଆମ୍ବ ଗଛରେ ଲଗିଥିବା ଏକପ୍ରକାର ସୁଗନ୍ଧଯୁକ୍ତ ଲତା ।

Vanish, *v.i.* ଅନ୍ତର୍ହିତ-ହେ, ଅନ୍ତର୍ଦ୍ଧାନ-କ, ଉଭେଇ ଯିବା ।—Vanishing point, ଯେଉଁ ସ୍ଥାନରୁ କୌଣସି ବସ୍ତୁ ଅଦୃଶ୍ୟ ହୋଇଯାଏ ।

Vanity, *n.* 1. ଅସାରତା, ନିରର୍ଥକତା; 2. ଅହଙ୍କାର, ଆତ୍ମଶ୍ଳାଘା; 3. ବୃଥାଡମ୍ବର ।—Vanity fair, ଅସାର ସଂସାର, ମାୟାମେଳା ।

Vanquish, *v.t.* 1. ପରାସ୍ତ-କ, ପରାଜିତ-କ; 2. ତର୍କରେ ପରାସ୍ତ-କ, ନିରୁତ୍ତର-କ ।

Vanquishable, *a.* ପରାଜେୟ ।

Vanquisher, *n.* ବିଜେତା ।

Vantage, *n.* 1. ସୁବିଧା; 2. ପ୍ରାଧାନ୍ୟ ।

Vantage-ground, Vantage-point, *n.* 1. ଅଗ୍ରଭୂମି; 2. ସୁବିଧାଜନକ ସ୍ଥଳ । [ନିସ୍ତେଜ ।

Vapid, *a.* 1. ବିସ୍ୱାଦୁ, ପାଣିଚିଆ; 2. ନୀରସ; 3.

Vapidly, *ad.* 1. ନୀରସଭାବେ; 2. ନିସ୍ତେଜଭାବେ ।

Vapidness, Vapidity, *n.* 1. ନୀରସତା; 2. ନିସ୍ତେଜତା ।

Vaporise, *v.t.* ବାଷ୍ପରେ ପରିଣତ-କ ।—*v.i.* ବାଷ୍ପାକାରରେ ନିର୍ଗତ-ହେ, ଉଭେଇ ଯିବା ।

Vaporish, *a.* 1. ବାଷ୍ପମୟ; 2. ବିଷଣ୍ଣ; 3. ସ୍ୱଭାବତ ଚିଡ଼ଚିଡ଼ିଆ ।

Vaporous, Vaporose, *a.* 1. ବାଷ୍ପାକାର; 2. ଅସାର; 3. ବୃଥା କଳ୍ପନାଶୀଳ ।

Vapour, Vapor, *n.* 1. ବାଷ୍ପ, ବାମ୍ଫ; 2. ବାୟୁମଣ୍ଡଳସ୍ଥ ଜଳୀୟ ବାଷ୍ପ; 3. ଅସାର ବା ଅବାସ୍ତବ ବିଷୟ ।—*v.t.* 1. ବାଷ୍ପାକାରରେ ଉଡ଼ାଇ-ଦେ; 2. ଦର୍ପ କରି କହିବା ।

Vapours, *n. pl.* 1. ବାୟୁରୋଗ; 2. ରୋଗଜାତ ବିଷଣ୍ଣତା ।

Vapour-bath, *n.* ବାଷ୍ପସ୍ନାନ, ବାମ୍ଫଅଗ୍ନି ଗ୍ରହଣ ।

Vapourer, *n.* ବୃଥା ଦାମ୍ଭିକ ।

Vapoury, *a.* 1. ବାଷ୍ପପୂର୍ଣ୍ଣ; 2. ବାୟୁରୋଗାକ୍ରାନ୍ତ; 3. ସ୍ୱଭାବତ ଚିଡ଼ଚିଡ଼ିଆ ।

Variable, *a.* 1. ପରିବର୍ତ୍ତନୀୟ; 2. ପରିବର୍ତ୍ତନଶୀଳ; 3. ଚଞ୍ଚଳ, ଅସ୍ଥିର; 4. ଅନିର୍ଦ୍ଦିଷ୍ଟ ସଂଖ୍ୟାସୂଚକ ।—*n.* (Math.) 1. ହ୍ରାସବୃଦ୍ଧିଶୀଳ ସଂଖ୍ୟା; 2. ଅନିର୍ଦ୍ଦିଷ୍ଟ ସଂଖ୍ୟା; 3. ପରିବର୍ତ୍ତନଶୀଳ ବାୟୁ ।

Variability, *n.* ସ୍ୱୀୟ ବର୍ଗରୁ ଭିନ୍ନ ହେବା ପ୍ରବୃତ୍ତି ।

Variableness, *n.* ପରିବର୍ତ୍ତନଶୀଳତା ।

Variance, *n.* 1. ପରିବର୍ତ୍ତିତାବସ୍ଥା; 2. ବଦଳ; 3. ପରିବର୍ତ୍ତନ; 4. (Law) ପ୍ରଭେଦ; 5. ଅନୈକ୍ୟ, ମତଭେଦ ।—At variance, ବିପରୀତଭାବରେ, ଅମେଳରେ ।

Variant, *n.* 1. ଏକ ଶବ୍ଦର ଭିନ୍ନାକୃତି, ପରିବର୍ତ୍ତ; 2. ଭିନ୍ନାକାରରେ ବର୍ଣ୍ଣିତ କୌଣସି ବିବରଣ ।—*a.* ଭିନ୍ନ ।

Variation, *n.* 1. ବୈଲକ୍ଷଣ୍ୟ; 2. ବଦଳ, ପରିବର୍ତ୍ତ; 3. ଈଷତ୍ ପରିବର୍ତ୍ତନ; 4. ବ୍ୟତିକ୍ରମ; 5. (Gram.) ଶବ୍ଦର ଅନ୍ତ୍ୟବର୍ଣ୍ଣର ପରିବର୍ତ୍ତନ; 6. (Mus.) ପ୍ରକାରାନ୍ତର ।

Varicocele, *n.* ଶୁକ୍ରବାହୀର ବୃଦ୍ଧି ।

Varicose, Varicous, *a.* ସ୍ଫୀତ, ବର୍ଦ୍ଧିତ ।—Varicose veins, ସ୍ଫୀତ ଶିରା ।

Varied, *a.* 1. ବିବିଧ; 2. ବହୁଳ ।

Variegate, *v.t.* ବହୁଳ ରଙ୍ଗରେ ରଞ୍ଜିତ-କ, ଚିତ୍ରବିଚିତ୍ର-କ ।

Variegated, *a.* ବହୁବର୍ଣ୍ଣରଞ୍ଜିତ, ଚିତ୍ରବିଚିତ୍ର, ଚିତ୍ରିତ ।

Variegation, *n.* ବର୍ଣ୍ଣବୈଚିତ୍ର୍ୟ ।

Variety, *n.* 1. ବହୁବିଧତ୍ୱ; 2. ପ୍ରଭେଦ; 3. ବୈଷମ୍ୟ; 4. ପ୍ରକାର ।

Variola, *n.* ଧଳାବସନ୍ତ ।

Varioloid, *a.* ବସନ୍ତସଦୃଶ ।

Various, *a.* 1. ନାନାପ୍ରକାର, ବିବିଧ, ବହୁଳ; 2. ଭେଦଭେଦ; 3. ଚିତ୍ରିତ ।

Variously, *ad.* ନାନାରୂପେ, ବିବିଧରୂପେ ।

Varlet, *n.* 1. ଅନୁଚର, ଭୃତ୍ୟ; 2. ନୀଚ ଲୋକ ।

Varnish, *v.t.* 1. ବାର୍ଣ୍ଣିସ୍ ଲଗାଇବା, ଲେପନ-କ; 2. (ବୃଥା) ରଞ୍ଜିତ-କ ।—*n.* 1. ବାର୍ଣ୍ଣିସ, ଲେପନ; 2. ଉଜ୍ଜ୍ୱଳତ୍ୱ ।

Varuna, *n.* ବରୁଣ ଦେବ ।

Vary, *v.t.* 1. ଭିନ୍ନ-କ, ନାନାବିଧ-କ; 2 ପରିବର୍ତ୍ତନ-କ; 3. (Mus.) ସ୍ୱର ପ୍ରକାରାନ୍ତର-କ ।—*v.i.* 1. ଭିନ୍ନ-ହେ; 2. ପରିବର୍ତ୍ତିତ-ହେ; 3. (Math.) କ୍ରମଶଃ ହ୍ରାସବୃଦ୍ଧି ପାଇବା ।

Vascular, *a.* 1. ନାଡୀର ଜଳ ସମ୍ବନ୍ଧୀୟ; 2. ନାଡୀର ଜଳଦ୍ୱାରା ପୂର୍ଣ୍ଣ; 3. ଶିରାମୟ ।

Vascularity, *n.* ଶିରାମୟତ୍ୱ ।

Vase, *n.* 1. ଅଳଙ୍କୃତ ପାତ୍ର; 2. ଫୁଲଦାନୀ, ପୁଷ୍ପାଧାର; 3. ସ୍ତମ୍ଭ ଶୋଭାକର କଳସ ।

Vaseline, *n.* ଏକପ୍ରକାର ପାତଳା ଲେପଦ୍ରବ୍ୟ ।

Vassal, *n.* 1. ଜମିଦାରର ପ୍ରଜା; 2. ଅନୁଗତବ୍ୟକ୍ତି; 3. ଭୃତ୍ୟ, କିଙ୍କର ।

Vassalage, *n.* 1 ଅଧୀନତ୍ୱ; 2. ଦାସତ୍ୱ ।

Vast, *a.* 1. ପ୍ରକାଣ୍ଡ, ବିସ୍ତୀର୍ଣ୍ଣ; 2. ବିଶାଳ, ବୃହତ୍ ।—*n.* ବୃହତ୍ତ୍ୱ ।

Vastly, *ad.* 1. ବୃହତ୍ ରୂପେ; 2. ଅତ୍ୟନ୍ତ ।

Vastness, *n.* 1. ବିଶାଳତା; 2. ବିପୁଳତା ।

Vat, *n.* ବୃହତ୍ କୁଣ୍ଡ, ଟୋକେଇ, ହୌଜ ।

Vatican, *n.* 1. ପୋପଙ୍କ ପ୍ରାସାଦ; 2. ପୋପଙ୍କ କ୍ଷମତା ।

Vaticide, *n.* 1. ଭବିଷ୍ୟଦ୍‌ବକ୍ତୃହତ୍ୟା; 2. ଭବିଷ୍ୟଦ୍‌ବକ୍ତୃହନ୍ତା ।

Vaticination, *n.* ଭବିଷ୍ୟଦ୍‌ବାଣୀ ।

Vaudeville, *n.* ହାସ୍ୟସଙ୍ଗୀତ ମିଶ୍ରିତ ଅଭିନୟ ।

Vault, *n.* 1. ଖିଲାଣାବୃତ ସ୍ଥଳ; 2. ଗମ୍ବୁଜ; 3. ଭୂଗର୍ଭସ୍ଥ ପ୍ରକୋଷ୍ଠ; 4. ଗମ୍ବୁଜାକୃତ ଶବାଳୟ; 5. ଲମ୍ଫ, ଡିଆଁ, କୁଦା ।—*v.t.* ଖିଲାଣ-କ ।—*v.i.* 1. ଲମ୍ଫ ପ୍ରଦାନ-କ; 2. ଉଚ୍ଚ ବେଢ଼ ଡେଇଁବା ।

Vaulted, *a.* 1. ଖିଲାଣଯୁକ୍ତ; 2. ଭୂଗର୍ଭସ୍ଥ ପ୍ରକୋଷ୍ଠବିଶିଷ୍ଟ ।

Vaulter, *n.* 1. ଉଚ୍ଚ ବେଢ଼ ଡେଇଁବା ଲୋକ; 2. ଲମ୍ଫକାରୀ ।

Vaulting-horse, *n.* ଉଚ୍ଚ ବେଢ଼ ଡେଇଁବା ନିମନ୍ତେ ବ୍ୟାୟାମଶାଳାରେ ରକ୍ଷିତ କାଠଘୋଡ଼ା ।

Vaunt, *v.i.* 1. ଅହଙ୍କାର-କ, ଦର୍ପ-କ; 2. ବଡ଼ାଇ-କ ।—*n.* ଅହଙ୍କାର, ଆତ୍ମଶ୍ଳାଘା ।

Vaunter, *n.* ଅହଙ୍କାରୀ ବ୍ୟକ୍ତି, ବଡ଼ାଇ କରିବା ଲୋକ ।

Vaunting, *n.* ଅହଙ୍କାରକରଣ ।

Vauntingly, *ad.* ଅହଙ୍କାରପୂର୍ବକ, ଆତ୍ମଶ୍ଳାଘାପୂର୍ବକ ।

Veal, *n.* ବାଛୁରି ମାଂସ ।

Vealy, *a.* 1. ବାଛୁରି ବା ବାଛୁରି ମାଂସତୁଲ୍ୟ; 2. ଅପରିପକ୍ୱ ।

Vector, *n.* (Math.) ଦିଗ୍‌ଯୁକ୍ତ ସ୍ଥିତ ଓ ଦୈର୍ଘ୍ୟବିଶିଷ୍ଟ ସରଳରେଖା ।

Veda, *n.* ବେଦ ।

Vedanta, *n.* ବେଦାନ୍ତ ।

Veer, *v.i.* 1. ଦିଗ ପରିବର୍ତ୍ତନ-କ; 2. ପରିବର୍ତ୍ତିତ-ହେ; 3. ମତାନ୍ତର-ହେ; 4. ଅସ୍ଥିର-ହେ ।—*v.t.* ଫେରାଇବା ।

Vegetable, *n.* 1. ଉଦ୍ଭିଦ; 2. ପରିବା, ଶାକସବ୍‌ଜି ।—Vegetable kingdom, ଉଦ୍ଭିଦଜଗତ୍ । Vegetable marrow, ପଣସାକାର ଏକପ୍ରକାର ଫଳ । Vegetable physiology, ଉଦ୍ଭିଦଦେହରେ ଜୀବପ୍ରକ୍ରିୟାର ବିଚାର ।

Vegetal, *a.* ଉଦ୍ଭିଦପ୍ରକୃତିକ, ଔଦ୍ଭିଦ ।

Vegetarian, *a.* 1. ଶାକାହାରୀ ସମ୍ବନ୍ଧୀୟ; 2. ଶାକାନ୍ନ ବିଷୟକ ।—*n.* ଶାକାହାରୀ ବା ଫଳାହାରୀ ବ୍ୟକ୍ତି ।

Vegetarianism, *n.* ଶାକାହାରବାଦ, ଫଳାହାରବାଦ ।

Vegetate, *v.i.* 1. ଉଦ୍ଭିଦତୁଲ୍ୟ ବର୍ଦ୍ଧିତ-ହେ; 2. ଅଙ୍କୁରିତ-ହେ; 3. କଳୁଷଦେଶରେ କାଳ କାଟିବା ।

Vegetation, *n.* 1. ବୃକ୍ଷାଦିର ବୃଦ୍ଧି; 2. ଉଦ୍ଭିଦର ବର୍ଦ୍ଧନଶୀଳତା; 3. ବୃକ୍ଷସମୂହ ।

Vegetative, *a.* 1. ବୃକ୍ଷାଦିର ବର୍ଦ୍ଧନଶୀଳ; 2. ଶରୀରର ସ୍ୱାଭାବିକ କ୍ରିୟା ସମ୍ବନ୍ଧୀୟ; 3. ଅଙ୍କୁରଣଶୀଳ ।

Vehemence, Vehemency, *n.* 1. ଉଗ୍ରତା; 2. ପ୍ରଚଣ୍ଡତା; 3. ଅତ୍ୟୁତ୍ସାହ; 4. ତୀବ୍ରତା ।

Vehement, *a.* 1. ପ୍ରଚଣ୍ଡ; 2. ଉଗ୍ର; 3. ଅତ୍ୟୁତ୍ସାହୀ; 4. ତୀବ୍ର ।

Vehemently, *ad.* 1. ପ୍ରଚଣ୍ଡଭାବେ; 2. ଉଗ୍ରପଣରେ; 3. ତୀବ୍ରଭାବେ ।

Vehicle, *n.* 1. ଯାନ, ବାହନ, ଗାଡ଼ି; 2. (Med.) ଅନୁପାନ; 3. (Paint.) ରଙ୍ଗରେ ମିଶାଇବା ଦ୍ରବ୍ୟ ।

Vehicular, Vehiculary, *a.* 1. ଯାନବାହନ ସମ୍ବନ୍ଧୀୟ; 2. ଯାନବାହନରୂପକ କାର୍ଯ୍ୟସାଧକ ।

Veil, *n.* 1. ପର୍ଦ୍ଦା, ବଚ୍ଛେଦବସ୍ତ୍ର; 2. ଓଢ଼ଣା, ଅବଗୁଣ୍ଠନ, ଘୋମଟା; 3. ଆବରଣ ।—*v.t.* 1. ଅବଗୁଣ୍ଠନଦ୍ୱାରା ଆଚ୍ଛନ୍ନ-କର; 2. ଆବୃତ-କର; 3. ଗୋପନ-କର ।—To take the veil, ବ୍ରହ୍ମଚାରିଣୀ-ହେ ।

Veiling, *n.* 1. ଅବଗୁଣ୍ଠନ ଦ୍ୱାରା ଆବରଣ; 2. ଓଢ଼ଣା; 3. ଓଢ଼ଣା ପ୍ରସ୍ତୁତ ହେବାର ଲୁଗା ।

Veilless, *a.* ଅବଗୁଣ୍ଠନହୀନ ।

Vein, *n.* 1. ଶିରା; 2. କାଠ ଦେଖାର ଗଠନ; 3. (Bot.) ପତ୍ରର ଶିରା ବା ପଞ୍ଜର; 4. ପ୍ରସ୍ତରରେ ଥିବା ଧାତୁରେଖା; 5. ଚିନ୍ତାସ୍ରୋତ; 6. ଝୋକ; 7. ମାନସିକ ଭାବ ।—*v.t.* ରେଖାଦ୍ୱାରା ଅଙ୍କିତ-କର ।

Veined, *a.* 1. ଶିରାମୟ; 2. ଚିତ୍ରିତ; 3. (Bot.) ପତ୍ରପରି ଶିରାବିଶିଷ୍ଟ ।

Veinous, Veiny, *a.* ଶିରାଯୁକ୍ତ ।

Veldt, Veld, *n.* ଦକ୍ଷିଣ ଆଫ୍ରିକାର ତୃଣମୟ ପ୍ରାନ୍ତର ।

Vellicate, *v.t.* and *i.* ସ୍ଫୁରିତ-ହେ ।

Vellum, *n.* ଲେଖାର୍ଥ ପ୍ରସ୍ତୁତ ପଶୁଚର୍ମ ।

Velocipede, *n.* ଆରୋହୀର ପାଦଦ୍ୱାରା ଚଳାଇବାର ପୁରାକାଳୀନ ଦୁଇଚକିଆ ଗାଡ଼ି ।

Velocity, *n.* 1. ବେଗ; 2. ଦ୍ରୁତଗତି, ଶୀଘ୍ରତା; 3. ଗତିର ହାର ।—Initial velocity, ଆରମ୍ଭ ସମୟରେ ଗତିର ହାର ।

Velure, Velours, *n.* 1. ମଖମଲପରି ରେଶମୀ ଲୁଗା; 2. କନାଟୋପି ସାଫ କରିବା ନିମନ୍ତେ ମଖମଲ ପୁଟୁଳା ।

Velvet, *n.* ମଖମଲ ।—*a.* 1. ମଖମଲନିର୍ମିତ; 2. ମଖମଲପରି କୋମଳ ।

Velveteen, *n.* ସୂତାନିର୍ମିତ ଏକପ୍ରକାର ମଖମଲ ।

Velveting, *n.* 1. ମଖମଲର ଉପର ଅଂଶ; 2. (Pl.) ମଖମଲର ଜିନିଷ ।

Velvety, *a.* 1. ମଖମଲରେ ତିଆରି; 2. ମଖମଲସଦୃଶ; 3. କୋମଳ; 4. ମସୃଣ ।

Venal, (1) *a.* 1. ବିକ୍ରେୟ, ପଣ୍ୟ; 2. କ୍ରେୟ; 3. ବେତନଗ୍ରାହୀ; 4. ଅର୍ଥପରବଶ ।

Venal, (2) *a.* 1. ଶିରାସମ୍ବନ୍ଧୀୟ; 2. ଶିରାସ୍ଥ ।

Venality, *n.* 1. ଅର୍ଥପ୍ରୀତି; 2. ଘୁଷୁଖିଆପଣ, ଲାଞ୍ଚଖିଆପଣ; 3. ବେଶ୍ୟାବୃତ୍ତି ।

Vend, *v.t.* ବିକ୍ରୟ-କର ।

Vendee, *n.* କ୍ରେତା, ଖରିଦଦାର ।

Vender, Vendor, *n.* ବିକ୍ରେତା ।

Vendetta, *n.* କୌଳିକ ପ୍ରତିହିଂସା ।

Vendible, *a.* ବିକ୍ରେୟ ।

Veneer, *v.t.* 1. ମୂଲ୍ୟବାନ କାଠର ଅତି ସୂକ୍ଷ୍ମ ପଟା ମଡ଼ାଇବା; 2. ମଣ୍ଡିତ-କର; 3. ବହିର୍ଭାଗରେ ସୁନ୍ଦରତା ଜନ୍ମାଇବା ।—*n.* 1. ମୂଲ୍ୟବାନ କାଠର ଅତି ସୂକ୍ଷ୍ମ ପଟା; 2. ବାହାରର ସୁନ୍ଦରତା ।

Veneering, *n.* 1. ମୂଲ୍ୟବାନ କାଠର ଅତି ସୂକ୍ଷ୍ମ ପଟା ମଡ଼ାଇବା କର୍ମ; 2. ମୂଲ୍ୟବାନ କାଠର ଅତି ସୂକ୍ଷ୍ମ ପଟା ।

Venerable, *a.* 1. ମାନନୀୟ; 2. ପୂଜନୀୟ, ଭକ୍ତିଭାଜନ, ଶ୍ରଦ୍ଧେୟ; 3. ପ୍ରାଚୀନ; 4. ଆର୍ଯ୍ୟ ।

Venerableness, *n.* 1. ପୂଜନୀୟତା; 2. ପ୍ରାଚୀନତା ।

Venerably, *ad.* ଶ୍ରଦ୍ଧେୟଭାବେ, ପୂଜନୀୟଭାବେ ।

Venerate, *v.t.* 1. ପୂଜା-କର; 2. ଶ୍ରଦ୍ଧା-କର; 3. ସମ୍ମାନ-କର, ଆଦର-କର ।

Veneration, *n.* 1. ପୂଜା; 2. ଶ୍ରଦ୍ଧା; 3. ସମ୍ମାନ, ସମାଦର ।

Veneral, *a.* 1. ଶୃଙ୍ଗାର ସମ୍ବନ୍ଧୀୟ, ରତିବିଷୟକ; 2. ଉପଦଂଶ ସମ୍ବନ୍ଧୀୟ ।

Venesection, *n.* ରକ୍ତମୋକ୍ଷଣ ।

Venetian, *a.* "ଭେନିସ୍" ନଗର ସମ୍ବନ୍ଧୀୟ ।—*n.* 1. "ଭେନିସ୍" ନଗରର ଅଧିବାସୀ; 2. ଝିଡ଼କର ଝିଲିମିଲି ।

Venetian-blind, *n.* ଉପରକୁ ଉଠାଯାଇ ପାରୁଥିବା ସିଡ଼ାବନ୍ଧା ଏକପ୍ରକାର ଝିଲିମିଲି ।

Vengeance, *n.* ସମୁଚିତ ଦଣ୍ଡ, ପ୍ରତିଫଳ ।—With a vengeance, (Coll.) 1. ସଜୋରରେ; 2. ଅତ୍ୟଧିକରୂପେ ।

Vengeful, *a.* ପ୍ରତିହିଂସାପରାୟଣ; 2. ପ୍ରତିଫଳଦାୟକ ।

Venial, *a.* 1. କ୍ଷମାଯୋଗ୍ୟ, କ୍ଷନ୍ତବ୍ୟ, ମାର୍ଜନୀୟ; 2. ସାମାନ୍ୟ, ଲଘୁ ।

Venially, *ad.* 1. ମାର୍ଜନୀୟଭାବେ; 2. ଲଘୁଭାବେ ।

Venialness, Veniality, *n.* 1. ମାର୍ଜନୀୟତା; 2. ଲଘୁତ୍ୱ ।

Venison, *n.* 1. ମୃଗମାଂସ; 2. ମୃଗୟାମାଂସ ।

Venom, *n.* 1. ମାରାତ୍ମକ ତରଳଦ୍ରବ୍ୟ; 2. ବିଷ, ଗରଳ; 3. ଅହନ୍ତା; 4. ଦ୍ୱେଷ ।

Venomous, *a.* 1. ବିଷଧର; 2. ଅହନ୍ତାବିଶିଷ୍ଟ; 3. ଅନିଷ୍ଟଚେଷ୍ଟକ ।

Venomously, *ad.* 1. ବିଷଧରଭାବେ; 2. ଅନିଷ୍ଟଚେଷ୍ଟକରୂପେ ।

Venomousness, *n.* 1. ବିଷଧରତା; 2. ଅନିଷ୍ଟଚେଷ୍ଟକତ୍ୱ ।

Venose, *a.* ଶିରାବିଶିଷ୍ଟ ।

Venous, *a.* 1. ଶିରାସଂକ୍ରାନ୍ତ; 2. ଶିରାବିଶିଷ୍ଟ ।

Vent, (1) *n.* 1. ଛିଦ୍ର; 2. ଧୂଆଁକଳର ବାଟ; 3. ନିର୍ଗମନ, ନିଃସରଣ; 4. ପ୍ରକାଶ; 5. ପକ୍ଷୀ ଓ ମତ୍ସ୍ୟର ମଳଦ୍ୱାର ।—*v.t.* 1. ନିର୍ଗମନାର୍ଥ ଛିଦ୍ର-କର; 2. ନିର୍ଗତ-କର; 3. ପ୍ରକାଶ-କର; 4. (କ୍ରୋଧାଦି) ଢାଳି-ଦେ ।—Give vent to, ମନର ଭାବ ପ୍ରକାଶ କରି-ଦେ ।

Vent, (2) *n.* ପଶୁର ଗନ୍ଧ, ବାସନା ।

Vent, (3) *n.* ବିକ୍ରୟକରଣ ।

Ventilate, *v.t.* 1. ବିଞ୍ଚିବା; 2. ବାୟୁରେ ପରିଷ୍କାର-କର; 3. ତର୍କାଧୀନ-କର; 4. ପ୍ରକାଶ-କର ।

**Ventilation**, *n.* 1. ବାୟୁ ସଞ୍ଚାଳନ; 2. ବାୟୁର ଗମନାଗମନ; 3. ପ୍ରକାଶ୍ୟ ଆଲୋଚନା ।

**Ventilator**, *n.* 1. ବାୟୁ ଗମନାଗମନର ନଳ; 2. ଯେଉଁ ଯନ୍ତ୍ରଦ୍ୱାରା ଦୂଷିତ ବାୟୁ ନିଃସାରିତ ହୋଇ ନିର୍ମଳ ବାୟୁ ସଞ୍ଚାରିତ ହୁଏ ।

**Ventral**, *a.* ଜଠର ସମ୍ପର୍କୀୟ ।

**Ventricle**, *n.* 1. ହୃତ୍ପ୍ରକୋଷ୍ଠ; 2. ମସ୍ତିଷ୍କ କୂପ ।

**Ventricose, Ventricous**, *a.* ଲମ୍ବୋଦର ।

**Ventriloquise**, *v.i.* ମୁଖ ବନ୍ଦ ରଖି କଥା କହିବା ।

**Ventriloquism**, *n.* ମୁଖ ବନ୍ଦ ରଖି କଥା କହିବା କୌଶଳ, ଗାଲୁଡ଼ିବାଦ ।

**Ventriloquist**, *n.* ମୁଖ ବନ୍ଦ ରଖି କଥା କହିବାରେ ଅଭ୍ୟସ୍ତ ଲୋକ, ଉଦରବାଦୀ, ଗାଲୁଡ଼ିବାଦୀ ।

**Venture**, *n.* 1. ବିପଦଜନକ କାର୍ଯ୍ୟ; 2. ସଙ୍କଟ; 3. ସାହସିକ କାର୍ଯ୍ୟ ।—*v.t.* 1. ବିପଦଜନକରେ ବାଜି ରଖିବା; 2. ସଙ୍କଟାପନ୍ନ-କ ।—*v.i.* 1. ସଙ୍କଟାପନ୍ନ-ହ; 2. ସାହସିକ-ହ ।—To venture on, upon, ସାହସ ବାନ୍ଧି କୌଣସି କାର୍ଯ୍ୟରେ ପ୍ରବୃତ୍ତ-ହ । At a venture, ହୁଏତ ହୋଇ ପାରେ ଏହି ଆଶାରେ । Nothing venture nothing have, ସାହସ ନ କଲେ କିଛି ମିଳେ ନାହିଁ ।

**Venturous, Venturesome**, *a.* 1. ସାହସିକ; 2. ଦୁଃସାହସିକ; 3. କପାଳ ଠୋକା ।

**Venue**, *n.* (Law) ଯେଉଁ ଅଞ୍ଚଳରେ ଅପରାଧ ଘଟିଛି ବୋଲି ଧରାଯାଏ ।—Change of venue, ମକଦ୍ଦମାରେ ଅଦାଲତର ପରିବର୍ତ୍ତନ ।—To lay the venue, କେଉଁ ସ୍ଥାନରେ ବିଚାର ହେବ ବୋଲି ସ୍ଥିର-କ ।

**Venus**, *n.* (Roman Myth.) 1. ରତିଦେବୀ; 2. ରତିପ୍ରିୟା; 3. ଶୁକ୍ରଗ୍ରହ ।

**Veracious**, *a.* 1. ସତ୍ୟ; 2. ସତ୍, ସତ୍ୟବାଦୀ ।

**Veraciously**, *ad.* ସତ୍ୟରୂପେ ।

**Veracity**, *n.* 1. ସତ୍ୟନିଷ୍ଠା; 2. ସତ୍ୟବାଦିତା; 3. ସତ୍ୟତା ।

**Veranda, Verandah**, *n.* ବାରଣ୍ଡା, ପିଣ୍ଡା ।

**Verb**, *n.* (Gram.) କ୍ରିୟାପଦ ।

**Verbal**, *a.* 1. ବାଚନିକ, ମୌଖିକ; 2. ପଦାନୁପଦ; 3. ଅକ୍ଷରଗତ; 4. କ୍ରିୟାବାଚକ ।—*n.* କ୍ରିୟାବାଚକ ବିଶେଷ୍ୟ ।—Verbal definition, ଅକ୍ଷରଗତ ବ୍ୟାଖ୍ୟା । Verbal inspiration, ଧର୍ମଶାସ୍ତ୍ରର ପ୍ରତ୍ୟେକ ପଦ ଈଶ୍ୱରଙ୍କ ଦ୍ୱାରା ରଚିତ ବୋଲି ଯେଉଁ ମତ ।

**Verbalism**, *n.* ଶବ୍ଦ ବାହୁଲ୍ୟ ।

**Verbalist**, *n.* ଶବ୍ଦପଣ୍ଡିତ ।

**Verbally** *ad.* 1. ଅକ୍ଷରଗତଭାବେ; 2. ମୌଖିକରୂପେ ।

**Verbatim**, *ad.* ପଦାନୁପଦ, ପଦଶଃ ।

**Verbena**, *n.* ଏକପ୍ରକାର ସୁଗନ୍ଧଯୁକ୍ତ ବୃକ୍ଷ ।

**Verbiage**, *n.* ବାକ୍ବାହୁଲ୍ୟ, ପ୍ରଗଲ୍ଭତା ।

**Verbose**; *a.* ବାକ୍ବହୁଳ ।

**Verbosely**, *ad.* ବାକ୍ବହୁଳଭାବେ ।

**Verboseness, Verbosity**, *n.* 1. ବାକ୍ବିସ୍ତାର; 2. ବହୁପଦ ପ୍ରୟୋଗ ।

**Verdancy**, *n.* ତୃଣମୟତା ।

**Verdant**, *a.* 1. ତୃଣମୟ; 2. ହରିଦ୍ବର୍ଣ୍ଣ, ଶାଦ୍ୱଳ; 3. ଅଜ୍ଞ ।

**Verdict**, *n.* 1. ଜୁରିର ରାୟ; 2. ବିଚାର ନିଷ୍ପତ୍ତି, ମୀମାଂସା; 3. ସିଦ୍ଧାନ୍ତ ବିଷୟ ।—Open verdict, ଶବ ପରୀକ୍ଷାପରେ ହତ୍ୟାକାରୀଙ୍କୁ ନିର୍ଦ୍ଦେଶ କରି ନ ପାରି ହତ୍ୟା ହୋଇଅଛି ବୋଲି ଯେଉଁ ରାୟ । Special verdict, ଯେଉଁ ରାୟରେ ବିଶେଷ ଦୋଷ ନିର୍ଦ୍ଧାରିତ ହୋଇଥାଏ ।

**Verdigris**, *n.* 1. ତାମ୍ରମଳ; 2. ପିତଳର କଳଙ୍କ; 3. ତାମ୍ରମଳରୁ ପ୍ରସ୍ତୁତ ନୀଳ-ହରିଦ୍ବର୍ଣ୍ଣ ।

**Verdure**, *n.* 1. ନବତୃଣପଲ୍ଲବ; 2. ହରିତ୍ ।

**Verge**, (1) *n.* 1. ସୀମା, ପ୍ରାନ୍ତ, କିନାର; 2. ଶାସନାଧିକାରସୂଚକ ଦଣ୍ଡ; 3. ଦିଗ୍ମଣ୍ଡଳ ।

**Verge**, (2) *v.i.* 1. ନତ-ହ; 2. ଢାଳୁ-ହ; 3. ପ୍ରବୃତ୍ତ-ହ; 4. ନିକଟବର୍ତ୍ତୀ-ହ ।—On the verge of ruin, ପତନୋନ୍ମୁଖ ।

**Verger**, *n.* 1. ଦଣ୍ଡଧାରୀ; 2. ପ୍ରଧାନ ଭଜନାଳୟର ତତ୍ତ୍ୱାବଧାରକ କର୍ମଚାରୀ ।

**Veriest**, *ad.* ଅତ୍ୟାଶ୍ଚର୍ଯ୍ୟରୂପେ, ଅତ୍ୟଧିକରେ ।

**Verifiable**, *a.* ସତ୍ୟନିରୂପଣଯୋଗ୍ୟ, ପ୍ରମାଣକରଣୀୟ ।

**Verification**, *n.* 1. ସତ୍ୟନିରୂପଣ; 2. ଯାଥାର୍ଥ୍ୟ ପ୍ରତିପାଦନ ।

**Verify**, *v.t.* 1. ସତ୍ୟ ପ୍ରମାଣ-କ; 2. ସତ୍ୟନିରୂପଣ-କ; 3. ଯାଥାର୍ଥ୍ୟ ପ୍ରତିପାଦନ-କ ।

**Verily**, *ad.* 1. ସତ୍ୟତଃ; 2. ବାସ୍ତବିକ; 3. ନିଶ୍ଚୟ ।

**Verisimilar**, *a.* 1. ସତ୍ୟବତ୍ ପ୍ରତୀୟମାନ; 2. ସମ୍ଭାବନୀୟ ।

**Verisimilitude**, *n.* 1. ସମ୍ଭାବନୀୟତା; 2. ସତ୍ୟସାଦୃଶ୍ୟ ।

**Veritable**, *a.* 1. ପ୍ରକୃତ; 2. ଯଥାର୍ଥ; 3. ଅସଲ ।

**Veritably**, *ad.* 1. ପ୍ରକୃତରୂପେ; 2. ଯଥାର୍ଥରେ ।

**Verity**, *n.* 1. ପ୍ରକୃତତା; 2. ଯାଥାର୍ଥ୍ୟ; 3. ସତ୍ୟତା ।—Of a verity, ନିଶ୍ଚୟ ।

**Vermes**, *n. pl.* ଜୀବ ଜାତୀୟ କୀଟଶ୍ରେଣୀ ।

**Vermicelli**, *n.* ସିମାଇ ।

**Vermicular, Vermiculate, Vermiculated**, *a* 1. ଜୀବ ସମ୍ବନ୍ଧୀୟ; 2. ଜୀବସଦୃଶ ।

**Vermiculate**, *v.t.* ଜୀବପଥର ନ୍ୟାୟ କାରୁକାର୍ଯ୍ୟ-କ ।

**Vermiform**, *a.* ଜୀବ ଆକୃତିବିଶିଷ୍ଟ ।

**Vermifuge**, *n.* (Med.) କୃମିନାଶକ ଔଷଧ ।

**Vermilion**, *n.* ସିନ୍ଦୂରପରି ଏକପ୍ରକାର ଗାଢ ଲାଲରଙ୍ଗ, ହିଙ୍ଗୁଳ ।

**Vermin**, *n.* (Sing. and Pl.) 1. ପୋକଯୋକ, ଜୀବପ୍ରକୃତ; 2. ମୂଷାପ୍ରଭୃତି କ୍ଷତିକର ଜନ୍ତୁ ।

**Verminous**, *a.* 1. ପୋକଯୋକପୂର୍ଣ୍ଣ; 2. କୃମିଭରା; 3. ମଣାପରି କ୍ଷତିକର ।

Vermivorous, *a.* କୀଟଭୁକ୍ । [ଭାଷା ।
Vernacular, *a.* ସ୍ୱଦେଶୀୟ ।—*n.* ମାତୃଭାଷା, ଦେଶର
Vernal, *a.* 1. ବସନ୍ତକାଳୀନ, ବାସନ୍ତିକ; 2. ଯୌବନ-କାଳ ସମ୍ବନ୍ଧୀୟ ।—Vernal equinox, ବିଷୁବ, ସମ-ରାତ୍ରିଦିନକାଳ ।
Vernation, *n.* ମୁକୁଳାବସ୍ଥାରେ ପତ୍ରବିନ୍ୟାସ ପ୍ରଣାଳୀ ।
Versant, *a.* ବକ୍ର । [ବର୍ତ୍ତନୀୟ ।
Versatile, *a.* 1. ଚଞ୍ଚଳ; 2. ସର୍ବଦକ୍ଷ; 3. ପରି-
Versatilely, *ad.* ସର୍ବଦକ୍ଷଭାବେ ।
Versatileness, Versatility, *n.* 1. ସର୍ବଦକ୍ଷତା; 2. ପରିବର୍ତ୍ତନୀୟତ୍ୱ ।
Verse, *n.* 1. କବିତାର ପଦ, ଚରଣ; 2. କାବ୍ୟ, ପଦ୍ୟ; 3. ଶ୍ଳୋକ; 4. (ଧର୍ମପୁସ୍ତକର) ପଦ ।
Verse-monger, *n.* ସାମାନ୍ୟ କବି ।
Versed, *a.* 1. ନିପୁଣ; 2. କୁଶଳ; 3. ବିଦିତ ।
Versicle, *n.* କ୍ଷୁଦ୍ର କବିତା ।
Versification, *n.* 1. ଶ୍ଳୋକରଚନା, ଛନ୍ଦବିନ୍ୟାସ; 2. କବିତାରଚନ ବିଦ୍ୟା ।
Versify, *v.i.* କବିତା ରଚନା-କ, ପଦ୍ୟ-କ । [ବର୍ଣ୍ଣନା ।
Version, *n.* 1. ଭାଷାନ୍ତର; 2. ଅନୁବାଦ, ତର୍ଜମା; 3.
Versus, *prep.* 1. ବିରୁଦ୍ଧେ; 2. ବନାମ ।
Vertebra, *n.* ମେରୁଦଣ୍ଡର ଗ୍ରନ୍ଥି, କଶେରୁ ।
Vertebral, *a.* କଶେରୁ ସମ୍ବନ୍ଧୀୟ ।
Vertebrata, *n. pl.* ପୃଷ୍ଠାସ୍ଥିବିଶିଷ୍ଟ ଜୀବଶ୍ରେଣୀ ।
Vertebrate, Vertebrated, *a.* 1. ପୃଷ୍ଠାସ୍ଥିବିଶିଷ୍ଟ; 2. ଗ୍ରନ୍ଥିଯୁକ୍ତ ।—*n.* ପୃଷ୍ଠାସ୍ଥିବିଶିଷ୍ଟ ଜୀବ ।
Vertex, *n.* 1. ଶିଖା; 2. ସୂଚ୍ୟାକାର ଘନକ୍ଷେତ୍ରର ଅଗ୍ର-ଭାଗ; 3. (Astron.) ମଧ୍ୟାହ୍ନ ସୂର୍ଯ୍ୟସ୍ଥଳ; 4. (Anat.) ଶୀର୍ଷ ।
Vertical, *a.* 1. ମୁଣ୍ଡର ଊର୍ଦ୍ଧ୍ୱସ୍ଥିତ; 2. ଠିଆ, ଦଣ୍ଡାୟ-ମାନ ।—Vertical angles, ପରସ୍ପରକୁ କାଟୁଥିବା ଦୁଇ ସରଳରେଖାର ବିପରୀତ କୋଣଦ୍ୱୟ । Vertical circle, ଯେଉଁ ବୃତ୍ତ ମସ୍ତକୋର୍ଦ୍ଧ୍ୱ ଓ ପାଦୋଧଃ ବିନ୍ଦୁ ସ୍ପର୍ଶ କରି ଅବସ୍ଥାନ କରେ ।
Vertically, *ad.* ଊର୍ଦ୍ଧ୍ୱାଧୋଭାବେ, ଲମ୍ବମାନ ହୋଇ ।
Vertigo, *n.* ମୁଣ୍ଡବୁଲା, ଶିରଃକମ୍ପ, ଘୂର୍ଣ୍ଣରୋଗ ।
Verve, *n.* 1. ଉତ୍ସାହ, 2. ସ୍ଫୂର୍ତ୍ତି; 3. ତେଜ ।
Very, *a.* ସତ୍ୟ, ପ୍ରକୃତ ।—*ad.* ଅତି, ଅତିଶୟ, ଅତ୍ୟନ୍ତ, ଭାରି ।—In very deed, ନିଶ୍ଚିତରୂପେ ।
Vesicle, *n.* 1. କ୍ଷୁଦ୍ର ସ୍ଫୋଟକ, ବୁଦ୍‌ବୁଦ; 2. ବାୟୁ-କୋଷ ।
Vesper, *n.* 1. ସାନ୍ଧ୍ୟ ନକ୍ଷତ୍ର; 2. ସାୟଂକାଳ; 3. (Pl.) ସନ୍ଧ୍ୟାକାଳୀନ ଉପାସନା ।
Vessel, *n.* 1. ପାତ୍ର, ଆଧାର; 2. ଜାହାଜ; 3. ନାଳୀ ।—The weaker vessel, (Coll.) ଅବଳା ନାରୀ ।
Vest, *n.* 1. ବାନିୟାନ୍, ଗେଞ୍ଜି; 2. ଅଙ୍ଗରଖା ବିଶେଷ, ଫତେଇ ।—*v.t.* 1. ଲୁଗା ପିନ୍ଧାଇବା; 2. ନ୍ୟସ୍ତ-କ; 3. ଅମାନତ-କ, ଗଚ୍ଛିତ-କ ।—*v.i.* ଅଧିକାରୀ-ହେ ।
Vestal, *a.* ସତୀ, ପବିତ୍ରା ।—*n.* ରୋମୀୟ ଧର୍ମାନୁମୋଦିତ ସତୀକନ୍ୟା ।
Vested, *a.* 1. ପରିହିତ; 2. ସ୍ଥାୟୀ ।
Vestibule, *n.* 1. ପ୍ରାଙ୍ଗଣ; 2. ଦ୍ୱାରର ବରଣ୍ଡା, ବାରଣ୍ଡା, ଅଳିନ୍ଦ; 3. ଅଭ୍ୟନ୍ତରସ୍ଥ କର୍ଣ୍ଣର ବିବର ।
Vestige, *n.* 1. ଚିହ୍ନ; 2. ଲେଶ: 3. (Biol.) ପୂର୍ବ ବ୍ୟବହୃତ ଅଙ୍ଗର ନିଦର୍ଶନ ।
Vestment, *n.* 1. ପରିଚ୍ଛଦ, ପୋଷାକ; 2. (Pl.) ପୁରୋହିତଙ୍କ ପରିଚ୍ଛଦ ।
Vestry, *n.* 1. ଭଜନାଳୟର ପରିଚ୍ଛଦାଗାର; 2. ଭଜନୀୟ ମଣ୍ଡଳୀରେ କରଦାତାମାନଙ୍କର କାର୍ଯ୍ୟସଭା ।
Vesture, *n.* 1. ବସ୍ତ୍ର, ପରିଚ୍ଛଦ; 2. ଆବରଣ ।—*v.t.* ବସ୍ତ୍ରାବୃତ-କ, ପରିଚ୍ଛଦ ପରିଧାନ କରାଇବା ।
Vet, *n.* (Coll.) ପଶୁଡାକ୍ତର ।
Vetch, *n.* 1. କୁହୁଗଛ; 2. ଶୁଁଆ ।
Vetchy, *a.* ଶୁଁଆପୂର୍ଣ୍ଣ ।
Veteran, *a.* 1. ପ୍ରାଚୀନ; 2. ପ୍ରବୀଣ, ଦକ୍ଷ ।—*n.* ପ୍ରାଚୀନ ଯୋଦ୍ଧା, ବୃଦ୍ଧ ସୈନିକ ।
Veterinary, *a.* 1. ପଶୁଚିକିତ୍ସା ସମ୍ବନ୍ଧୀୟ ।—*n.* ପଶୁଚିକିତ୍ସକ ।
Veto, *n.* ବାରଣ, ନିଷେଧ ।—*v.t.* 1. ବାରଣ-କ; 2. ମତ ନ-ଦେ । [-କ, ବ୍ୟସ୍ତ-କ ।
Vex, *v.t.* 1. ବିରକ୍ତ-କ; 2. ଯନ୍ତ୍ରଣା-ଦେ; 3. ଦିକ୍‌ଦାର
Vexation, *n.* 1. ବିରକ୍ତି; 2. ଯନ୍ତ୍ରଣା; 3. ମନର ଜ୍ୱାଳା; 4. ଦିକ୍‌ଦାରି । [ଯନ୍ତ୍ରଣାପୂର୍ଣ୍ଣ ।
Vexatious, *a.* 1. ବିରକ୍ତିକର; 2. ବ୍ୟସ୍ତକାରୀ; 3.
Vexatiously, *ad.* ବିରକ୍ତିକରଭାବେ ।
Vexatiousness, *n.* ବିରକ୍ତିକରତା ।
Vexed, *a.* 1. ତର୍କପୂର୍ଣ୍ଣ; 2. ବିରକ୍ତ ।
Via, *n.* ବାଟ, ପଥ ।—Via London, ଲଣ୍ଡନ ବାଟେ, ଲଣ୍ଡନ ବାଟ ଦେଇ । Via dolarosa, ଦୁଃଖପୂର୍ଣ୍ଣ ପଥ । Via media, ମଧ୍ୟମ ବାଟ ।
Viaduct, *n.* 1. ଜଳ ବା ଉପତ୍ୟକା ପାର ହେବା ନିମନ୍ତେ ସୁଦୃଢ଼ ସେତୁ; 2. ପ୍ରସ୍ତରନିର୍ମିତ ଅତିବଡ଼ ପୋଲ ।
Vial, *n.* ଶିଶି ।—To pour out vials of wrath, କ୍ରୋଧାଗ୍ନି ବର୍ଷଣ-କ ।
Viand, *n.* ଭକ୍ଷ୍ୟ, ଖାଦ୍ୟ, ଭୋଜ୍ୟଦ୍ରବ୍ୟ ।
Viaticum, *n.* 1. ରୋମୀୟମାନଙ୍କର ପାଥେୟ; 2. ମୁମୂର୍ଷୁମାନଙ୍କୁ ଦିଆଯାଉଥିବା ପ୍ରଭୁଭୋଜ ।
Vibrate, *v.i.* 1. ଦୋଳାୟମାନ-ହେ; 2. ହଲିବା; 3. ଦୋହଲିବା ।—*v.t.* 1. ହଲାଇବା; 2. ଦୋହ-ଲାଇବା ।
Vibration, *n.* 1. ଦୋଳନ; 2. ସ୍ପନ୍ଦନ; 3. ହଲା ।
Vicar, *n.* 1. ପ୍ରତିନିଧି; 2. ଭଜନୀୟ ମଣ୍ଡଳୀର ବେତନ-ଭୋଗୀ ଧର୍ମୋପଦେଶକ ।
Vicarage, *n.* ଉକ୍ତ ଧର୍ମୋପଦେଶକଙ୍କ ଗୃହ । [ପ୍ରାପ୍ତ ।
Vicarious, *a.* 1. ପ୍ରତିନିଧିସ୍ୱରୂପ; 2. ପରନିମନ୍ତେ

Vice, (1) *n.* ଜିନିଷ ଧରିବାପାଇଁ ମେଜରେ ଲଗା ହୋଇଥିବା ଯନ୍ତ୍ରବିଶେଷ ।

Vice, (2) *n.* ଦୋଷ, ଅନାଚାର, କୁଅଭ୍ୟାସ, ବ୍ୟସନ ।

Vice, (3) *prep.* 1. ଅନ୍ୟ ପରିବର୍ତ୍ତେ, ସ୍ଥଳେ; 2. ପ୍ରତିନିଧିତ୍ୱ ସୂଚକ ଉପସର୍ଗ ।

Vice-admiral, *n.* ନୌସେନାର ଦ୍ୱିତୀୟ ଅଧ୍ୟକ୍ଷ ।

Vice-chairman, *n.* ପ୍ରତିନିଧି ସଭାପତି ।

Vice-chancellor, *n.* ବିଶ୍ୱବିଦ୍ୟାଳୟର ଉପାଧ୍ୟକ୍ଷ ।

Vicegerent, *n.* 1. ଅନ୍ୟଠାରୁ କ୍ଷମତାପ୍ରାପ୍ତ ବ୍ୟକ୍ତି; 2. ପ୍ରତିନିଧି, ନାଏବ ।

Vice-president, *n.* ସହକାରୀ ସଭାପତି ।

Viceregal, *a.* ରାଜପ୍ରତିନିଧି ସମ୍ବନ୍ଧୀୟ ।

Viceregent, *n.* ରାଜପ୍ରତିନିଧି ।

Viceroy, *n.* ରାଜପ୍ରତିନିଧି, ବଡ଼ଲାଟ ।

Viceroyship, *n.* ବଡ଼ଲାଟଙ୍କ ପଦ ବା ଅଧିକାର ।

Vice-versa, *ad.* ବିପରୀତଭାବେ, ଓଲଟାଭାବେ ।

Vicinity, *n.* 1. ସମୀପ; 2. ସାନ୍ନିଧ୍ୟ, ନୈକଟ୍ୟ ।

Vicious, *a* ଦୁଷ୍ଟ, ବ୍ୟସନୀ, ଅନାଚାରୀ ।

Viciously, *ad.* ଅନାଚାରଭାବେ ।

Vicissitude, *n.* 1. ଭାଗ୍ୟ ବିପର୍ଯ୍ୟୟ; 2. ପରିବର୍ତ୍ତନ, ବଦଳ ।

Victim, *n.* 1. ବଳି, ବୋଦା; 2. ବଳୀପର ପାତ୍ର; 3. ଅନ୍ୟାୟରେ ବଞ୍ଚିତ ବ୍ୟକ୍ତି; 4. ଯନ୍ତ୍ରଣାଭୋଗୀ ଲୋକ ।

Victimise, *v.t.* 1. ବଳିଷ୍ଠ-କ; 2. ପ୍ରତାରଣା-କ ।

Victor, *n.* ଜେତା, ବିଜୟୀ ।

Victoria, *n.* ଟିଟନ୍ ଗାଡ଼ି ଅପେକ୍ଷା ବଡ଼ ଏକପ୍ରକାର ଘୋଡ଼ା ଚାରିଚକିଆ ଗାଡ଼ି ।

Victorian, *a.* ମହାରାଣୀ ଭିକ୍ଟୋରିଆଙ୍କ ରାଜତ୍ୱ ସମ୍ବନ୍ଧୀୟ ।

Victorious, *a.* 1. ଜୟ ସମ୍ବନ୍ଧୀୟ; 2. ଜୟଯୁକ୍ତ; 3. ଜୟସୂଚକ ।

Victoriously, *ad.* ଜୟଯୁକ୍ତରୂପେ, ଜୟକାରଭାବେ ।

Victory, *a.* 1. ଜୟ, ବିଜୟ; 2. କାର୍ଯ୍ୟସିଦ୍ଧି ।

Victual, *v.t. vit'l,* ଅହାର ଯୋଗାଇବା, ଖାଦ୍ୟଦ୍ରବ୍ୟ ଅଯୋଜନ କର-ଦେ ।—*n.* (Generally Pl.) 1. ଖାଦ୍ୟଦ୍ରବ୍ୟ, ଅହାର, ଭକ୍ଷ୍ୟ; 2. ରସଦ ।

Victualler, *n.* ଖାଦ୍ୟଦ୍ରବ୍ୟ ଯୋଗାଇବା ଲୋକ ।—Licensed Victualler, ମଦ ବିକିବା ପାଇଁ କ୍ଷମତାପ୍ରାପ୍ତ ପାନ୍ଥଶାଳାକର୍ତ୍ତା ।

Vide, *vi'de,* (Imperative) ଦେଖ ।

Videlicet, *ad.* Generally "Viz.," ଯଥା, ଅର୍ଥାତ୍ ।

Vie, *v.i.* ପ୍ରତିଦ୍ୱନ୍ଦ୍ୱୀ-ହେ, ପ୍ରତିଯୋଗିତା-କ ।

View, *n.* 1. ଦର୍ଶନ; 2. ଦୃଶ୍ୟ; 3. ଦୃଷ୍ଟିପଥ; 4. ପରିଦର୍ଶନ; 5. (ସ୍ଥାନର) ଚିତ୍ର; 6. ଭାବ; 7. ମତ ।—*v.t.* 1. ଦର୍ଶନ-କ; 2. ଅବଲୋକନ-କ; 3. ପ୍ରେକ୍ଷଣ-କ ।—In view of, ଯୋଗୁ । On view, ଜନସାଧାରଣଙ୍କ ଅବଲୋକନାର୍ଥ ରକ୍ଷିତ । To take a bird's eye view of, ପକ୍ଷୀବତ୍ ଦର୍ଶନ-କ, ଉପରୁ ଦେଖିବା ।

View-point, *n.* ଦର୍ଶକର ଠିଆ ହେବା ସ୍ଥାନ ।

Vigil, *n.* 1. ଜାଗରଣ; 2. ଉତ୍ସବର ପୂର୍ବବର୍ତ୍ତୀ ରାତି ।

Vigilance, *n.* 1. ଜାଗ୍ରତାବସ୍ଥା; 2. ସତର୍କତା; 3. ସାବଧାନତା ।—Vigilance Committee, ଦୋଷ ଧରିବା ନିମନ୍ତେ ଜନସାଧାରଣଙ୍କ ଦ୍ୱାରା ନିଯୁକ୍ତ କମିଟୀ ।

Vigilant, *a.* 1. ଜାଗରୂକ; 2. ସତର୍କ; 3. ସାବଧାନ ।

Vigilantly, *ad.* ସତର୍କଭାବେ, ସାବଧାନରେ ।

Vignette, *n.* 1. ପୁସ୍ତକାଦିର ଛବିର ଚତୁଃପାର୍ଶ୍ୱସ୍ଥ ଲତାପତ୍ର; 2. ଚତୁଃପାର୍ଶ୍ୱ କ୍ରମଶଃ ଫିକା ହେଉଥିବା ଫଟୋଚିତ୍ର ।—*v.t.* ଚତୁଃପାର୍ଶ୍ୱ କ୍ରମଶଃ ଫିକା ହେଉଥିବା ଫଟୋଚିତ୍ରରୂପ ତିଆରିବା ।

Vigorous, *a.* 1. ପ୍ରବଳ, ବଳିଷ୍ଠ; 2 ତେଜସ୍ୱୀ; 3. ଶକ୍ତିଶାଳୀ ।

Vigorously, *ad.* ପ୍ରବଳରୂପେ ।

Vigour, *n.* 1. ବଳ; 2. ତେଜ; 3. ସାମର୍ଥ୍ୟ; 4. ଶକ୍ତି ।

Viking, *n.* ଉତ୍ତର ୟୁରୋପୀୟ ପୂର୍ବକାଳୀନ ସମୁଦ୍ର ଦସ୍ୟୁ ।

Vile, *a.* 1. ପାମର, ଅଧମ, ଦୁଷ୍ଟ; 2. ଦୂଷିତ, ଜଘନ୍ୟ ।

Vilely, *ad.* ଜଘନ୍ୟଭାବେ ।

Vileness, *n.* 1. ଅଧମତା; 2. ଜଘନ୍ୟତା ।

Vilification, *n.* ଦୁର୍ନାମକରଣ ।

Vilify, *v.t.* ଅପଯଶଯୁକ୍ତ-କ, ଦୁର୍ନାମ-ଦେ ।

Villa, *n.* ଗ୍ରାମ୍ୟ ବାଟୀ, ପଲ୍ଲୀଭବନ ।

Village, *n.* ଗ୍ରାମ, ପଲ୍ଲୀ, ଗାଁ, ସାହି, ପାଟଣା ।

Villager, *n.* ଗ୍ରାମବାସୀ, ପାଲ୍ଲୀ ଲୋକ ।

Villain, *n.* 1. ପାଜି, ଦୁର୍ଜନ, ବଦ୍‌ମାସ, ଚଣ୍ଡାଳ; 2. ପୂର୍ବକାଳୀନ ଭୃତ୍ୟ ।

Villainous, *a.* ଦୁଷ୍ଟ, ବଦ୍‌ମାସ, ପାପିଷ୍ଠ ।

Villainy, *n.* 1. ପାଜିପଣ, ଦୁଷ୍ଟତା; 2. ଜଘନ୍ୟ ପାପ ।

Vim, *n.* (Slang) ଶକ୍ତି, ଜୋର ।

Vina, *n.* ବୀଣା ।

Vincible, *a.* ଜେୟ, ପରାଭବନୀୟ ।

Vindicate, *v.t.* 1. ଅଧିକାର ସପ୍ରମାଣ-କ; 2. ଯାଥାର୍ଥ୍ୟ ପ୍ରତିପାଦନ-କ; 3. ବଳପୂର୍ବକ ସମର୍ଥନ-କ; 4. ଦୋଷ ଖଣ୍ଡନ-କ ।

Vindication, 1. *n.* ଯାଥାର୍ଥ୍ୟ ପ୍ରତିପାଦନ; 2. ବଳପୂର୍ବକ ସମର୍ଥନ; 3. ଦୋଷଖଣ୍ଡନ ।

Vindicatory, *a.* 1. ଦୋଷଖଣ୍ଡନକାରୀ; 2. ପ୍ରତିଫଳଦାୟକ ।

Vindicative, *a.* ପ୍ରତିହିଂସାପରାୟଣ, ବୈରସାଧନତତ୍ପର ।

Vindictiveness, *n.* ପ୍ରତିହିଂସାପରାୟଣତା, ବୈରସାଧନତତ୍ପରତା ।

Vine, *n.* ଦ୍ରାକ୍ଷାଲତା, ଅଙ୍ଗୁରଗଛ ।

Vinegar, *n.* ସିର୍କା, ଅମ୍ଳରସ । *v.t.* ସିର୍କା-ଦେ ।

Vineyard, *n.* ଦ୍ରାକ୍ଷାକ୍ଷେତ୍ର ।

Vinous, *a.* ମଦ୍ୟସମ୍ବନ୍ଧୀୟ, ଦ୍ରାକ୍ଷାମଦର ସଦୃଶ ।

Vint, *v.t.* ମଦର ପ୍ରସ୍ତୁତ-କ ।

**Vintage**, *n.* 1. ଦ୍ରାକ୍ଷାସଂଗ୍ରହ; 2. ଦ୍ରାକ୍ଷାର ଫସଲ; 3. ଦ୍ରାକ୍ଷାସଂଗ୍ରହ କାଳ; 4. ଦ୍ରାକ୍ଷାମଦ୍ୟ ।
**Vintner**, *n.* ମଦ୍ୟ ବିକ୍ରେତା ।
**Viol**, *n.* ସାରଙ୍ଗୀ ସଦୃଶ ବାଦ୍ୟଯନ୍ତ୍ର ।
**Violate**, *v.t.* 1. ଭଙ୍ଗ-କ; 2. ବଳାତ୍କାର-କ; 3. ଅପବିତ୍ର-କ; 4. ଲଙ୍ଘନ-କ ।
**Violation**, *n.* 1. ଲଙ୍ଘନ; 2. ବଳାତ୍କାର ।
**Violence**, *n.* 1. ଅତ୍ୟାଚାର, ଉପଦ୍ରବ, ଦୌରାତ୍ମ୍ୟ; 2. ପ୍ରଚଣ୍ଡତା ।
**Violent**, *a.* 1. ପ୍ରଚଣ୍ଡ; 2. ଉଗ୍ର; 3. ଅତ୍ୟାଚାରୀ; 4. ଆବେଗପୂର୍ଣ୍ଣ; 5. ଅସ୍ୱାଭାବିକ ।—Violent death, ଅପମୃତ୍ୟୁ ।
**Violently**, *ad.* 1. ପ୍ରଚଣ୍ଡରୂପେ; 2. ଅତ୍ୟାଚାରରୂପେ ।
**Violet**, *n.* 1. ଏକପ୍ରକାର ସୁଗନ୍ଧି ନୀଳ-ଲୋହିତ କ୍ଷୁଦ୍ର ପୁଷ୍ପ; 2. ନୀଳ-ଲୋହିତ ବର୍ଣ୍ଣ ।—*a.* ନୀଳ-ଲୋହିତ ।
**Violin**, *n.* ବେହେଲା ।
**Violin-bow**, *n.* ବେହେଲାର କମାଣି ।
**Violincello**, *n.* ଅଣ୍ଟୁ ମଧ୍ୟରେ ରଖି ବଜାଇବା ବୃହତ୍ ବେହେଲା ।
**Violinist**, *n.* ବେହେଲା ବାଦକ ।
**Viper**, *n.* 1. ବିଷଧର ସର୍ପ; 2. ଖଳ ।—To nourish a viper in one's bosom, ଖଳ ଲୋକକୁ ପ୍ରଶ୍ରୟ-ଦେ, ଦୁଧ କଦଳୀ ଦେଇ ସାପ ପୋଷିବା ।
**Viperous**, *a.* 1. ବିଷଧର; 2. ହିଂସ୍ରକ ।
**Virago**, *n.* 1. ଅଣ୍ଡିରଚଣ୍ଡୀ, ଉଗ୍ରଚଣ୍ଡୀ; 2. କଳିହୁଡ଼ୀ ସ୍ତ୍ରୀ ।
**Virgin**, *n.* 1. କୁମାରୀ, ଅକ୍ଷତା ସ୍ତ୍ରୀ; 2. ଯୀଶୁଙ୍କ ମାତାର ପ୍ରତିମୂର୍ତ୍ତି; 3. (Astron.) କନ୍ୟାରାଶି ।—*a.* 1. କୁମାରୀଉଚିତ; 2. ସାଧ୍ୱୀ; 3. ନୂତନ; 4. ନିର୍ମଳ ।—The Virgin, ଯୀଶୁଙ୍କ ମାତା ମରିୟମ । Virgin soil, ଅକର୍ଷିତ ଭୂମି ।
**Virginal**, (1) *a.* କୁମାରୀବତ୍ ।
**Virginal**, (2) *n.* ପୂର୍ବକାଳୀନ ଚୌକୋଣିଆ ଚାବିବିଶିଷ୍ଟ ବାଦ୍ୟଯନ୍ତ୍ର ।
**Virginhood, Virginity**, *n.* କୁମାରୀତ୍ୱ, ଅକ୍ଷତାବସ୍ଥା ।
**Virgo**, *n.* କନ୍ୟାରାଶି ।
**Virile**, *a.* 1. ପୁଂବତ୍; 2. ପୌରୁଷିକ; 3. ବଳବାନ୍ ।
**Virility**, *n.* 1. ପୌରୁଷ; 2. ଜନନଶକ୍ତି; 3. ମନୁଷ୍ୟତ୍ୱ ।
**Virtu**, *n.* 1. ଶିଳ୍ପ ଓ ଚିତ୍ରକଳାଦିରେ ଅନୁରାଗ; 2. ଅନୁରାଗରେ ରକ୍ଷିତ ପ୍ରାଚୀନ କାରୁକାର୍ଯ୍ୟାଦି ।
**Virtual**, *a.* ଫଳତଃ ସତ୍ୟ ।
**Virtually**, *ad.* ଫଳତଃ, ଯଥାର୍ଥରେ ।
**Virtue**, *n.* 1. ନୈତିକତା; 2. ଗୁଣ; 3. ସତୀତ୍ୱ; 4. ସଦ୍ଗୁଣ; 5. ଶକ୍ତି ।—By virtue of, ତାହାର ବଳରେ । To make a virtue of a necessity, ବାଧ୍ୟ ହୋଇ କର୍ତ୍ତବ୍ୟ କାର୍ଯ୍ୟ ଆନନ୍ଦରେ ସମ୍ପାଦନ-କ ।
**Virtuoso**, *n.* ଶିଳ୍ପ ଓ ଚିତ୍ରକଳାଦିରେ ସୁଦକ୍ଷ ବ୍ୟକ୍ତି ।
**Virtuous**, *a.* 1. ଗୁଣବାନ୍; 2. ନିର୍ଦ୍ଦୋଷ; 3. ଧାର୍ମିକ; 4. କର୍ତ୍ତବ୍ୟଶୀଳ; 5. ସତୀ, ପତିବ୍ରତା ।
**Virtuously**, *ad.* ଗୁଣବାନ୍‌ରୂପେ, ଧାର୍ମିକଭାବେ ।
**Virulence**, *n.* 1. ଗରଳପୂର୍ଣ୍ଣତା 2. କ୍ଷତକାରକତା ।
**Virulent**, *a.* 1. ଗରଳପୂର୍ଣ୍ଣ; 2. ସାଂଘାତିକ; 3. କ୍ଷତକାରକ; 4. ଶତ୍ରୁଭାବପୂର୍ଣ୍ଣ ।
**Virulently** *ad.* ସାଂଘାତିକରୂପେ, କ୍ଷତକରଭାବେ ।
**Virus**, *n.* 1. ଗରଳ; 2. ସ୍ପର୍ଶାକ୍ରାମକ ବିଷ; 3. କ୍ଷତକର ବିଷୟ ।
**Visage**, *n.* 1. ବଦନ, ଆନନ; 2. ଚେହେରା ।
**Vis-à-vis**, *ad.* *vēz'-a-vē'*, ମୁହାମୁହିଁ ହୋଇ ।
**Viscera**, *n.* ଅନ୍ତ୍ର, ଅନ୍ତୁଡ଼ି ।
**Viscid**, *a.* ଅଠାଳିଆ ।
**Viscount**, *n.* ଇଙ୍ଗ୍ଲଣ୍ଡୀୟ (Earl) ଅର୍ଲଙ୍କ ଅନନ୍ତରବର୍ତ୍ତୀ କୁଳୀନଙ୍କ ଉପାଧି ।
**Viscous**, *a.* ଚଟଚଟିଆ ।
**Visé**, *n.* *ve-zā*, ଦେଶଭ୍ରମଣକ୍ଷମତାପତ୍ର ଦେଖିସାରିବାରେ କର୍ମଚାରୀଙ୍କ ସ୍ୱାକ୍ଷରକରଣ ।
**Vishnu**, *n* ବିଷ୍ଣୁଦେବ ।
**Visibility**, *n.* 1. ଦୃଶ୍ୟମାନତା; 2. ସୁସ୍ପଷ୍ଟତା ।
**Visible**, *a.* 1. ଦୃଶ୍ୟମାନ; 2. ସୁସ୍ପଷ୍ଟ, ପ୍ରତ୍ୟକ୍ଷ ।
**Visibly**, *ad.* 1. ଦୃଶ୍ୟମାନଭାବେ; 2. ପ୍ରତ୍ୟକ୍ଷରୂପେ ।
**Vision**, *n.* 1. ଦର୍ଶନେନ୍ଦ୍ରିୟ; 2. ଦୃଷ୍ଟି; 3. ସ୍ୱପ୍ନଦର୍ଶନ; 4. ଐଶିକ ପ୍ରତ୍ୟାଦେଶ; 5. ଛାୟା; 6. କାଳ୍ପନିକ ବସ୍ତୁ ।—*v.t.* ସ୍ୱପ୍ନରେ ଦେଖିବା ।—Beatific vision, ଆନନ୍ଦମୟ ସ୍ୱର୍ଗୀୟଦର୍ଶନ ।
**Visionary**, *a.* 1. ସଦା ସ୍ୱପ୍ନଦର୍ଶୀ; 2. କାଳ୍ପନିକ; 3. ଅମୂଳକ, ଅବାସ୍ତବ ।—*n.* 1. ସଦା ସ୍ୱପ୍ନଦର୍ଶୀ ବ୍ୟକ୍ତି; 2. ଖିଆଲି ଲୋକ ।
**Visit**, *v.t.* 1. ଦେଖିବାକୁ ଯିବା, ପରିଦର୍ଶନ-କ; 2. ସାକ୍ଷାତ-କ; 3. (Bible) ପ୍ରତିଫଳ-ଦେ ।—*v.i.* ପରସ୍ପରର ଘରକୁ ଯିବାଆସିବା-କ ।—*n.* 1. ସାକ୍ଷାତ; 2. ପରିଦର୍ଶନ ।
**Visitant**, *n.* ଅଭ୍ୟାଗତ ବ୍ୟକ୍ତି ।
**Visitation**, *n.* 1. ସାକ୍ଷାତକରଣ; 2. ପ୍ରତିଫଳଦାନ; 3. ଦୈବାନୁଗ୍ରହ ବା ନିଗ୍ରହ ।
**Visiting**, *n.* 1. ପରିଦର୍ଶନ; 2. ସାକ୍ଷାତକରଣ ।—Visiting card, ସାକ୍ଷାତ୍‌କରଣାର୍ଥ ନାମ ଲିଖିତ ହୋଇଥିବା କାର୍ଡ ।
**Visitor**, *n.* 1. ସାକ୍ଷାତକାରୀ; 2. ଅଭ୍ୟାଗତ; 3. ପରିଦର୍ଶକ ।
**Visor**, *n.* ଶିରସ୍ତ୍ରାଣର ମୁଖାଚ୍ଛାଦନ ଭାଗ ।
**Vista**, *n.* 1. ଉଭୟପାର୍ଶ୍ୱସ୍ଥ ବୃକ୍ଷଶ୍ରେଣୀର ମଧ୍ୟସ୍ଥିତ ଦୃଶ୍ୟ; 2. ସୁଦୂରବର୍ତ୍ତୀ ଦୃଶ୍ୟ ।
**Visual**, *a.* 1. ଦୃଷ୍ଟିସମ୍ବନ୍ଧୀୟ; 2. ଚାକ୍ଷୁଷ; 3. ଦର୍ଶନେନ୍ଦ୍ରିୟ ବର୍ଦ୍ଧକ ।
**Visualise**, *v.t.* 1. ଚିତ୍ର ବନାଇବା; 2. ଦୃଷ୍ଟିଗୋଚର-କ ।—*v.i.* ଅଭ୍ୟୁଦିତ-ହେ ।
**Vital**, *a.* 1. ଜୀବନସଂକ୍ରାନ୍ତ; 2. ଜୀବନଦାୟକ; 3. ଅତ୍ୟାବଶ୍ୟକ ।—Vital force, ଜୀବନୀଶକ୍ତି ।

Vitalisation, *n.* ସଜୀବକରଣ ।

Vitalise, *v.t.* 1. ସଜୀବ-କ; 2. ଜୀବନୀଶକ୍ତି-ଦେ, ସତେଜ-କ ।

Vitality, *n.* 1. ପ୍ରାଣମୂଳ; 2. ଜୀବନୀଶକ୍ତି; 3. ସଜୀବତ୍ୱ; 4. ତେଜ । [ସ୍ୱଭେ ।

Vitally, *ad.* 1. ପ୍ରାଣାଧାରରୂପେ; 2. ଅବଶ୍ୟମ୍-

Vitals, *n. pl.* 1. ଜୀବନଯନ୍ତ୍ର; 2. ମର୍ମସ୍ଥାନ ।—To eat into the vitals of, ଅନ୍ତଃସାରଶୂନ୍ୟ କରି ପକାଇବା ।

Vitiate, *v.t.* 1. ଦୂଷିତ-କ; 2. ଭ୍ରଷ୍ଟ-କ; 3. କଳଙ୍କିତ -କ; 4. ବ୍ୟାଘାତ-ଦେ ।

Vitiation, *n.* ଦୂଷିତକରଣ ।

Vitreous, *a.* 1. କାଚମୟ; 2. କାଚନିର୍ମିତ; 3. କାଚବତ୍ ।

Vitrify, *v.t.* କାଚରେ ପରିଣତ-କ ।—*v.i.* କାଚରେ ପରିଣତ-ହେ ।

Vitriol, *n.* ତୁତିଆ, ମହୁରିବିଷ ।—Oil of vitriol, ଗନ୍ଧକିଅ ଗନ୍ଧକାମ୍ଳ । [ଗାଳି-ଦେ ।

Vituperate, *v.t.* 1. ଦୋଷୀ-କ; 2. ତିରସ୍କାର-କ.

Vituperation, *n.* 1. ତିରସ୍କାର; 2. ଗାଳି ।

Vituperative, *a.* 1. ତିରସ୍କାରପୂର୍ଣ୍ଣ; 2. ନିନ୍ଦାସୂଚକ ।

Vivacious, *a.* 1. ସଜୀବ; 2. ସତେଜ; 3. ଉତ୍ଫୁଲ୍ଲ; 4. ଲୀଳାପୂର୍ଣ୍ଣ ।

Vivaciously, *ad.* 1. ସଜୀବଭାବେ; 2. ଉତ୍ଫୁଲ୍ଲରୂପେ ।

Vivacity, *n.* 1. ସଜୀବତ୍ୱ; 2. ଉତ୍ଫୁଲ୍ଲତା; 3. ଫୁର୍ତ୍ତି ।

Viva voce, *a.* ମୌଖିକ ।

Vivid, *a.* 1. ଜୀବନ୍ତ; 2. ଉଜ୍ଜ୍ୱଳ, ସତେଜ; 3. ଜ୍ୱଳନ୍ତ ।

Vividly, *ad.* 1. ଉଜ୍ଜ୍ୱଳରୂପେ; 2. ଜୀବନ୍ତଭାବେ ।

Vividness, *n.* 1. ଉଜ୍ଜ୍ୱଳତା; 2. ଜୀବନ୍ତଭାବ ।

Vivify, *v.t.* 1. ସତେଜ-କ; 2. ସଜୀବ-କ ।

Viviparous, *a.* ଜରାୟୁଜ ।

Vivisection, *n.* ସଜୀବ ଜନ୍ତୁର ଅଙ୍ଗଚ୍ଛେଦ, ଜୀବଚ୍ଛେଦ ।

Vivisector, *n.* ଜୀବଚ୍ଛେଦକାରୀ ବ୍ୟକ୍ତି ।

Vixen, *n.* 1. ମାଈକୋକିଶିଆଳି; 2. କଳିହୁଡ଼ୀ ସ୍ତ୍ରୀ ।

Viz, *ad.* ଯଥା, ଅର୍ଥାତ୍ ।

Vizir, Vizier, *n.* ତୁରସ୍କଦେଶର ପ୍ରଧାନମନ୍ତ୍ରୀ, ଉଜୀର ।

Vocable, *n.* 1. ସ୍ୱରବର୍ଣ୍ଣ; 2. ଶବ୍ଦ; 3. ନାମ ।

Vocabulary, *n.* 1. ଶବ୍ଦକୋଷ; 2. ଅଭିଧାନ ।

Vocal, *a.* 1. ଧ୍ୱନିଯୁକ୍ତ; 2. ସ୍ୱରୋତ୍ପନ୍ନ; 3. ବାଚିକ; 4. ଉଚ୍ଚାରିତ ।—Vocal chords, ବାକ୍‌ତନ୍ତ୍ରୀ ।

Vocalise, *v.t.* 1. ସ୍ୱରରେ ପରିଣତ-କ; 2. ସ୍ୱରବର୍ଣ୍ଣ-ଯୁକ୍ତ-କ ।

Vocalist, *n.* ଗାୟକ ।

Vocation, *n.* 1. ଆହ୍ୱାନ; 2. କର୍ମ; 3. ବ୍ୟବସାୟ ।

Vocative, *a.* ସମ୍ବୋଧନ କାରକ ସମ୍ବନ୍ଧୀୟ ।—*n.* ସମ୍ବୋଧନ କାରକ ।

Vociferate, *v.i.* ଚିତ୍କାର-କ ।—*v.t.* ଉଚ୍ଚୈଃସ୍ୱରରେ କହିବା ।

Vociferation, *n.* 1. ଚିତ୍କାରକରଣ; 2. ହଟ୍ଟଗୋଳ ।

Vociferous, *a.* ଚିତ୍କାରକାରୀ, ଉଚ୍ଚରବକାରୀ ।

Vociferously, *ad.* ଉଚ୍ଚସ୍ୱରରେ ।

Vodka, *n.* ରାଇଧାନରୁ ପ୍ରସ୍ତୁତ ସୁରା ।

Vogue, *n.* 1. ପ୍ରଥା, ପ୍ରଚଳନ; 2. ବ୍ୟବହାର; 3. ଚଳନ ।—To be in vogue, ପ୍ରଚଳିତ-ହେ ।

Voice, *n.* 1. କଣ୍ଠସ୍ୱର, ଧ୍ୱନି; 2. ରବ; 3. ମତ; 4. ମତପ୍ରକାଶ; 5. (Gram.) ବାଚ୍ୟ ।—*v.t.* 1. ଉଚ୍ଚାରଣ-କ; 2. ପ୍ରକାଶ-କ; 3. ସ୍ୱର ମିଳାଇବା ।—At the top of one's voice, ଉଚ୍ଚସ୍ୱରରେ । With one voice, ଏକବାକ୍ୟରେ ।

Voiceful, *a.* ଧ୍ୱନିଯୁକ୍ତ । [ଶୂନ୍ୟ ।

Voiceless, *a.* 1. ଧ୍ୱନିରହିତ; 2. ମତପ୍ରକାଶର କ୍ଷମତା-

Void, *a.* 1. ଶୂନ୍ୟ, ଖାଲି; 2. ବ୍ୟର୍ଥ, ରଦ୍ଦ; 3. ରହିତ ।—*n.* 1. ଶୂନ୍ୟସ୍ଥାନ; 2. ଆକାଶ, ମହାଶୂନ୍ୟ ।—To make void, ରଦ୍ଦ-କ ।

Voidable, *a.* ପରିତ୍ୟାଜ୍ୟ ।

Volatile, *a.* 1. ବାଷ୍ପବତ୍ ଉଡ଼ନ୍ତା; 2. ଚଳଚିତ୍ତ; 3. ପରିବର୍ତ୍ତନଶୀଳ ।

Volcanic, *a.* 1. ଆଗ୍ନେୟଗିରି ସମ୍ବନ୍ଧୀୟ; 2. ଆଗ୍ନେୟ-ଗିରିରୁ ଜାତ ।

Volcano, *n.* ଆଗ୍ନେୟଗିରି ।

Volition, *n.* 1. ସଂକଳ୍ପକରଣ; 2. ମନସ୍ଥକରଣ; 3. ଇଚ୍ଛାଶକ୍ତି; 4. ସ୍ଥିରକରଣଶକ୍ତି ।

Volitional, *a.* ଇଚ୍ଛାଶକ୍ତି ସମ୍ବନ୍ଧୀୟ ।

Volley, *n.* 1. ବହୁସଂଖ୍ୟକ ଗୁଳିର ଯୁଗପତ୍ ନିକ୍ଷେପ; 2. ଏକାଥରକେ ଅନେକ ବନ୍ଧୁକ ମାରଣ; 3. ଏକା-ବେଳକେ ବନ୍ଧୁକଧ୍ୱନି; 4. "Tennis" ଖେଳରେ ଗେଣ୍ଡୁକୁ ତଳେ ପଡ଼ିବାକୁ ନ ଦେଇ ଉପରେ ମାରଣ ।—*v.t.* 1. ଏକାଥରକେ ଅନେକ ବନ୍ଧୁକ ଫୁଟାଇବା; 2. "Tennis" ଖେଳରେ ଗେଣ୍ଡୁକୁ ତଳେ ପଡ଼ିବାକୁ ନ ଦେଇ ଉପରେ ମାରିବା ।

Volt, (1) *n.* ବୈଦ୍ୟୁତିକ ଶକ୍ତିର ନ୍ୟୂନତମ ପରିମାଣ ।

Volt, (2) *n.* ଘୋଡ଼ାର ବର୍ତ୍ତୁଳାକାର ଗତି ।

Volubility, *n.* 1. ବାଚାଳତା; 2. ବାକ୍‌ପଟୁତା ।

Voluble, *a.* 1. ବାଚାଳ, ବକୁଆ; 2. ବାକ୍‌ପଟୁ ।

Volume, *n.* 1. ଗ୍ରନ୍ଥଖଣ୍ଡ, ଖଣ୍ଡ; 2. ପୁସ୍ତକର ଭାଗ; 3. ବହୁପରିମାଣ; 4. ଘନଫଳ; 5. ଆୟତନ; 6. ସ୍ୱରର ପୂର୍ଣ୍ଣତା ।—To speak volumes, ଅନେକ ଭାବ ବ୍ୟକ୍ତ-କ ।

Voluminous, *a.* 1. ଅନେକ ଖଣ୍ଡବିଶିଷ୍ଟ; 2. ବହୁ ପରିମାଣଯୁକ୍ତ; 3. ଅନେକ ପୁସ୍ତକ ରଚନାକାରୀ; 4. ଅନେକ ପୁସ୍ତକ ପୂର୍ଣ୍ଣକାରକ । [ପରିମାଣତ୍ୱ ।

Voluminousness, Voluminosity, *n.* ବହୁ-

Voluntarily, *ad.* ସ୍ୱଚ୍ଛନ୍ଦରେ, ସ୍ୱେଚ୍ଛାପୂର୍ବକ ।

Voluntary, *a.* 1. ଇଚ୍ଛାସମ୍ଭୂତ; 2. ସ୍ୱେଚ୍ଛାଧୀନ, ସ୍ୱଚ୍ଛନ୍ଦ; 3. ସ୍ୱାଧୀନ; 4. ଅଭିପ୍ରେତ ।—*n.* ବାଦକର ସ୍ୱେଚ୍ଛାଧୀନ ବାଦନ ।

**Voluntaryism**, *n.* କେବଳ ସ୍ୱଚ୍ଛନ୍ଦ ଦାନଦ୍ୱାରା ଧର୍ମମଣ୍ଡଳୀର ବ୍ୟୟଭାର ବହନ ପ୍ରଣାଳୀ ।

**Volunteer**, *n.* 1. ସ୍ୱେଚ୍ଛାସେବକ; 2. ସ୍ଥାୟୀ ସେନାଦଳ ବ୍ୟତୀତ ସ୍ୱେଚ୍ଛା ସୈନ୍ୟ ।—*a.* ସ୍ୱେଚ୍ଛାସେବୀ ।—*v.t.* ସ୍ୱେଚ୍ଛାପୂର୍ବକ ଯାଚିବା ।—*v.i.* ସ୍ୱେଚ୍ଛା ସେବକ ବା ସୈନ୍ୟ-ହେ । [ଲମ୍ପଟ ।

**Voluptuary**, *n.* 1. ଭୋଗବିଳାସୀ ଲୋକ; 2.

**Voluptuous**, *a.* 1. ଭୋଗବିଳାସୀ; 2. ଇନ୍ଦ୍ରିୟସେବୀ; 3. କାମପ୍ରବୋଧକ, ଉଲ୍ଲାସକାରୀ ।

**Voluptuousness**, *n.* 1. ଭୋଗବିଳାସିତା; 2. ଇନ୍ଦ୍ରିୟସେବା ।

**Volute**, *n.* ଏକପ୍ରକାର ପେଞ୍ଚାଳ ଶାମୁକା ।

**Vomit**, *v.t.* and *i.* ବମନ-କ, ଉଦ୍ଗାର-କ ।—*n.* 1. ବମନ; 2. ବମନକାରକ ଔଷଧ ।

**Vomiting**, *n.* 1. ବମନକରଣ, ଉଦ୍ଗିରଣ; 2. ବମନ ।

**Voracious**, *a.* 1. ବହୁଖାଦୀ; 2. ଉଦରମ୍ଭରି, ପେଟୁକ; 3. ସର୍ବଭୁକ୍ । [ସର୍ବେ ।

**Voraciously**, *ad.* 1. ସର୍ବଭୁକ୍‌ରୂପେ; 2. ପେଟୁକ-

**Voracity**, *n.* 1. ସର୍ବଭୁକ୍ତ୍ୱ; 2. ଉଦରମ୍ଭରିତ୍ୱ ।

**Vortex**, *n.* ଆବର୍ତ୍ତ, ଘୂର୍ଣ୍ଣିଜଳ ।

**Votary**, *a.* ଉତ୍ସର୍ଗୀକୃତ ।—*n.* ଉପାସକ ।

**Vote**, *n.* 1. ମତପ୍ରକାଶ; 2. ସମ୍ମତ ଚିହ୍ନ; 3. ଅଧିକାଂଶଙ୍କ ଦ୍ୱାରା ସ୍ଥିରୀକୃତ ବିଷୟ; 4. ଜନାଭିପ୍ରାୟ, ଲୋକମତ ।—*v.i.* ସମ୍ମତ ଚିହ୍ନ ପ୍ରକାଶ-କ ।—*v.t.* 1. ଅଧିକାଂଶ ଦ୍ୱାରା ନିର୍ବାଚନ-କ; 2. ଅଧିକାଂଶ ଦ୍ୱାରା ସ୍ଥିର-କ ।—Casting vote, ଦୁଇପକ୍ଷ ସମାନ ହେବାରୁ ସଭାପତିଙ୍କ ଦ୍ୱିତୀୟ ମତଦାନ । To put to the vote, ସମ୍ମିଳିତ ଅଧିକାଂଶଙ୍କ ମତ ଜାଣିବା ନିମନ୍ତେ କୌଣସି ବିଷୟ ଉପସ୍ଥାପନ-କ । [ଲୋକ ।

**Voter**, *n.* ମତଦାତା, ମତଦେବାର ଅଧିକାରପ୍ରାପ୍ତ

**Voting**, *a.* ମତପ୍ରଦାନ ସମ୍ବନ୍ଧୀୟ ।

**Votive**, *a.* 1. ବ୍ରତପାଳନାର୍ଥ ଦତ୍ତ; 2. ମାନତ ।

**Vouch**, *v.t.* 1. ସାକ୍ଷ୍ୟ-ଦେ, ପ୍ରମାଣ-ଦେ; 2. ନିଶ୍ଚୟ କରି କହିବା ।—*v.i.* 1. ପାଉତି ଦେଖାଇବା; 2. ସାକ୍ଷୀ-ହେ ।

**Voucher**, *n.* 1. ପାଉତି, ରସିଦ୍; 2. ସାକ୍ଷୀ, ପ୍ରମାଣଦାତା ।

**Vouchsafe**, *v.t.* 1. ଅନୁଗ୍ରହରେ ପ୍ରଦାନ-କ; 2. ଦାୟିତ୍ୱପୂର୍ଣ୍ଣ ପ୍ରତିଜ୍ଞା-ଦେ ।—*v.i.* ପ୍ରସନ୍ନ-ହେ ।

**Vow**, *n.* 1. ବ୍ରତ, ମାନତ; 2. ଧର୍ମତଃ ପ୍ରତିଜ୍ଞା ।—*v.t.* 1. ମାନତ-କ, ବ୍ରତ-କ; 2. ଧର୍ମତଃ ପ୍ରତିଜ୍ଞା-କ ।—*v.i.* ବ୍ରତାଧୀନ-ହେ ।—Vow of silence, ମୌନବ୍ରତ ।

**Vowel**, *n.* ସ୍ୱରବର୍ଣ୍ଣ, ସ୍ୱର, ସ୍ୱୟଂ ଉଚ୍ଚାର୍ଯ୍ୟାକ୍ଷର ।—*a.* 1. ସ୍ୱରବର୍ଣ୍ଣ ସମ୍ବନ୍ଧୀୟ; 2. ବାଚନିକ ।—Vowel points, ସ୍ୱରବର୍ଣ୍ଣସୂଚକ ଚିହ୍ନ । Long vowel, ଦୀର୍ଘସ୍ୱର । Short vowel, ହ୍ରସ୍ୱସ୍ୱର ।

**Voyage**, *n.* ଜଳଯାତ୍ରା, ସମୁଦ୍ରଯାତ୍ରା ।—*v.i.* ଜଳଯାତ୍ରା-କ ।—*v.t.* ଭ୍ରମଣ-କ ।

**Voyager**, *n.* ଜଳଯାତ୍ରୀ ।

**Vulcan**, *n.* ରୋମୀୟ ଅଗ୍ନିଦେବତା ।

**Vulcanise**, *v.t.* ତାପ ପ୍ରୟୋଗରେ ଗନ୍ଧକ ମିଶ୍ରିତ-କ ।

**Vulcanite**, *n.* ଶିଙ୍ଗ ପରି ଏକପ୍ରକାର କଳାପଦାର୍ଥ ଯହିଁରେ ପାନିଆ ପ୍ରଭୃତି ତିଆରି ହୁଏ ।

**Vulgar**, *a.* 1. ସାଧାରଣ; 2. ଇତର; 3. ଅସଭ୍ୟ, ଗେଉଁଲା; 4. ଅଶ୍ଳୀଳ ।—Vulgar tongue ଚଳିତ ଭାଷା ।

**Vulgarity**, *n.* ଇତରତ୍ୱ, ଅସଭ୍ୟତା ।

**Vulgarly**, *ad.* 1. ଇତରଭାବେ; 2. ଗେଉଁଲାପଣରେ ।

**Vulgate**, *n.* ସାଧୁ ଜେରୋମଙ୍କ ଦ୍ୱାରା ଲାଟିନଭାଷାରେ ଅନୁବାଦିତ ଧର୍ମପୁସ୍ତକ ।

**Vulnerable**, *a.* 1. ଭେଦ୍ୟ; 2. ଆକ୍ରମଣୀୟ; 3. କ୍ଷତଯୋଗ୍ୟ ।

**Vulpine**, *a.* 1. କୋକି ସମ୍ବନ୍ଧୀୟ; 2. କୋକିସଦୃଶ; 3. ଧୂର୍ତ୍ତ ।

**Vulture**, *n.* ଶାଗୁଣା, ଗୃଧ୍ର, ଶକୁନ ।

**Vulturine**, **Vulturish**, **Vulturous**, *a.* 1. ଶାଗୁଣାସଦୃଶ; 2. ସର୍ବଖାଦୀ ।

**Vulva**, *n.* ଯୋନି ।

**Vying**, *pre. p.* of Vie.

# W.

**W**, ଇଂରାଜୀ ବର୍ଣ୍ଣମାଳାର ତ୍ରୟୋବିଂଶତମାକ୍ଷର ।

**Wabble**, **Wobble**, *v.t.* ଦୋହଲାଇବା ।—*v.i.* 1. ଦୋହଲିବା; 2. ଅସ୍ଥିର-ହେ ।

**Wabbly**, **Wobbly**, *a.* 1. ଦୋଳାୟମାନ, ଦୋଦୁଲ୍ୟମାନ; 2. ଟଳଟଳ, ଟଳମଳ ।

**Wad**, *n.* 1. ଜିନିଷପତ୍ର ଚେପି ରଖିବାପାଇଁ ପାଳବଣ୍ଡା; 2. ବନ୍ଧୁକରେ ପୂରି ଅଟକାଇବା ଚିପି ।

**Wadding**, *n.* 1. ବନ୍ଧୁକର ବଣ୍ଡି; 2. ବହଳ କରିବାପାଇଁ ଭିତରେ ପୂରାଇବା ଦ୍ରବ୍ୟ ।

**Waddle**, *v.i.* ହଂସପରି ଚାଲିବା, ହଲି ଦୋହଲି ଚାଲିବା ।—*n.* ହଂସଗତି ।

**Wade**, *v.i.* 1. ପାଣିରେ ପଶି ଚାଲିବା; 2. କଷ୍ଟରେ ଅଗ୍ରସର-ହେ ।

**Wadi**, **Wady**, *n.* 1. ଶୁଷ୍କ ନାଳ; 2. ଜଳପ୍ରବାହିତ ଉପତ୍ୟକା ।

**Wafer**, *n.* 1. ପ୍ରଭୁଙ୍କ ଭୋଜ ନିମିତ୍ତ ପ୍ରସ୍ତୁତ ପାଉଁରୁଟି ମଇଦାର ପତଳା ଚକ୍ତି; 2. ଚିଠି ବନ୍ଦ କରିବାର ଚକ୍ତି ଟିକଲି ।

**Wafery**, *a.* ଚକ୍ତି ଟିକଲିସଦୃଶ ।

**Waft**, *v.t.* 1. ପବନରେ ବହାଇବା, ଉଡାଇ-ଦେ; 2. ଭସାଇ-ଦେ ।—*v.i.* ଭାସମାନ-ହେ ।—*n.* 1. ପତାକା ଦ୍ୱାରା ସଙ୍କେତ; 2. ଡେଣା ବଡାଣ; 3. ଗନ୍ଧର ଝଟକା ।

**Wag,** (1) *v.t.* 1. ହଲାଇବା ।—*v.i.* ହଲିବା ।

**Wag,** (2) *n.* ଥଟ୍ଟାବାଜ, କୌତୁକ ଲୋକ, ସୁରସିକ ।

**Wage,** *v.t.* ଚଳାଇବା ।—*v.i.* ଲଗିବା ।—*n.* ମୂଲ, ଦରମାହା, ବେତନ ।—To wage war, ଯୁଦ୍ଧ-କ ।

**Wager,** *n.* ପଣ, ବାଜି ।—*v.t.* ବାଜି ରଖିବା ।—*v.i.* ପଣ ବାନ୍ଧିବା ।

**Wagerer,** *n.* ବାଜି ରଖିବା ଲୋକ ।

**Wages,** *n.* pl. (Used as sing.) ବର୍ତ୍ତନ, ବେତନ, ଦରମାହା ।—Living wage, ଜୀବନଯାତ୍ରା ଚଳିବା ଭଳି ମୂଲ ।

**Waggish,** *a.* ଥଟ୍ଟାବାଜ୍‌ପରି, କୌତୁକପ୍ରିୟ ।

**Waggle,** *v.t.* ହଲାଇବା ।—*v.i.* ହଲିବା ।

**Wagon, Waggon,** *n.* 1. ବୋଝ ବହିବା ଚାରିଚକିଆ ଶଗଡଗାଡ଼ି; 2. ମାଲଗାଡ଼ି ।

**Wagoner, Waggoner,** *n.* ଶଗଡିଆ ।

**Wagonette,** *n.* ଛ ବା ଆଠ ଜଣ ବସିବା ଭଳି ଚାରିଚକିଆ ଘୋଡା ଗାଡ଼ି ।

**Wagtail,** *n.* ଖଞ୍ଜନପକ୍ଷୀ ।

**Waif,** *n.* 1. ଛତର; 2. ବାଉଳିଆ ଜନ୍ତୁ; 3. ଭସା ଛତର ।—Waifs and strays, ଯେଉଁମାନଙ୍କର ଠିକ୍‌ଣା ନାହିଁ ।

**Wail,** *v.t.* and *i.* 1. ହାହାକାର-କ; 2. ରଡ଼ ପକାଇବା, ବିଳାପ-କ ।—*n.* ବିଳାପ, ହାହାକାର, କ୍ରନ୍ଦନ ।

**Wailing,** *n.* ବିଳପନ, ରୋଦନ ।

**Wain,** *n.* ପୂର୍ବକାଳୀନ ଚାରିଚକିଆ ଶଗଡ଼ ।—The lesser wain, କ୍ଷୁଦ୍ର ସପ୍ତର୍ଷି ନକ୍ଷତ୍ରମଣ୍ଡଳ ।

**Wainscot,** *n.* କୋଠରୀ କାନ୍ଥରେ ପଟାବନ୍ଧ ।—*v.t.* କୋଠରୀ କାନ୍ଥରେ ପଟା ମଢ଼ାଇବା ।

**Wainscoting, Wainscotting,** *n.* 1. କାନ୍ଥରେ ପଟାବନ୍ଧକରଣ; 2. କାନ୍ଥରେ ମଢ଼ାଇବା ପଟା ।

**Waist,** *n.* କଟିଦେଶ, ଅଣ୍ଟା ।

**Waistband,** *n.* କଟିବନ୍ଧନୀ, କମରବନ୍ଧ ।

**Waistcoat,** *n.* ଅଙ୍ଗରଖା ବିଶେଷ, ଫତେଇ ।

**Wait,** *v.t.* and *i.* 1. ରହିବା; 2. ଅପେକ୍ଷା-କ; 3. ସେବା-କ; 4. ବିଳମ୍ବ-କ; 5. ଉହାଡ଼ରେ ଛକି ବସିବା ।—*n.* 1. ବିଳମ୍ବ; 2. (Pl.) ବଡ଼ଦିନର ପୂର୍ବରାତ୍ରରେ ଭ୍ରମଣକାରୀ ବାଦ୍ୟକଦଳ ।—To wait upon, on, ସେବା-କ । To lie in wait, ଉହାଡ଼ରେ ଛକିବସିବା ।

**Waiter,** *n.* 1. ସେବକ, ଖିଦ୍‌ମତଗାର, ଖାଦ୍ୟ ପରଷିବା ଚାକର; 2. ଥାଳୀ ବା ତଦ୍ରୂପ ପାତ୍ର ।

**Waiting,** *n.* 1. ଅପେକ୍ଷାକରଣ; 2. ସେବା ।

**Waiting-maid,-woman,** *n.* ପରିଚାରିକା ।

**Waiting-room,** *n.* ଅପେକ୍ଷକାରୀର ବସିବା ଘର ।

**Waitress,** *n.* ଖାଦ୍ୟପରିବେଷିକା ।

**Waive,** *v.t.* ଛାଡ଼-ଦେ, ପରିତ୍ୟାଗ-କ ।

**Waiver,** *n.* ଦାବୀଛଡ଼, ପରିତ୍ୟାଗ ।

**Wake,** (1), *v.i.* 1. ନିଦରୁ ଉଠିବା, ଜାଗି ଉଠିବା; 2. ଅନିଦ୍ର ରହିବା; 3. ସଚେତ ହୋଇ ରହିବା ।—*v.t.* 1. ନିଦରୁ ଉଠାଇବା; 2. ସଜାଗ-କ; 3. ଉତ୍ସାହ-ଦେ ।

**Wake** (2), *n.* ଜାହାଜର ଗତଚିହ୍ନ ।—In the wake of, ପଛେ୨ ।

**Wakeful,** *a.* 1. ଜାଗ୍ରତ, ଜାଗରୂକ; 2. ସଚେତ, ସାବଧାନ; 3. ଉନ୍ନିଦ୍ର ।

**Wakefully,** *ad.* ଜାଗ୍ରତଭାବେ ।

**Wakefulness,** *n.* 1. ଜାଗ୍ରତାବସ୍ଥା; 2. ନିଦ୍ରାଭାବ ।

**Waken,** *v.t.* and *i.* 1. ଜାଗରିତ-କ, ନିଦରୁ ଉଠାଇବା; 2. ଜାଗରିତ-ହେ ।

**Wakening,** *n.* ଜାଗରଣ ।

**Wale,** *n.* ଡୋରା, ପ୍ରହାର ଚିହ୍ନ ।

**Waler,** *n.* ଅଷ୍ଟ୍ରେଲିଆ ଦେଶରୁ ଆଣିତ ଘୋଡା ।

**Walk,** *v.i.* 1. ଚାଲିବା, ପଦବ୍ରଜରେ ଗମନ-କ; 2. ଆଚରଣ-କ; 3. ବୁଲିବା ।—*v.t.* ଚଳାଇବା, ବୁଲାଇବା ।—*n.* 1. ଚାଲି; 2. ପଦକ୍ଷେପ; 3. ପଦବ୍ରଜେ ଗମନ; 4. ଚାଲିବା ବାଟ; 5. ବୁଲିବା ସ୍ଥାନ; 6. ପଥ, ରାସ୍ତା; 7. ଆଚରଣ; 8. କାର୍ଯ୍ୟକ୍ଷେତ୍ର; 9 ଫେରିବାଲାର ବୁଲି ବିକିବା ବାଟ ।—To walk into (Coll.), 1. ଖୁବ ପିଟିବା; 2. ତିରସ୍କାର-କ; 3. ଖାଦ୍ୟାଦି ଗିଳି-ପକାଇବା ।—To walk the chalk, chalk-mark, ଖଡ଼ିଗାର ଅନୁଯାୟୀ ଚାଲିବା । To walk the hospitals, ଚିକିତ୍ସାଳୟର ବିଦ୍ୟାର୍ଥୀ-ହେ । To walk with, ପ୍ରଣୟିନୀରୂପେ ସଙ୍ଗରେ ଚାଲିବା ।

**Walkable,** *a.* ଚାଲିବାଯୋଗ୍ୟ ।

**Walker,** *n.* ଚାଲିବା ଲୋକ ।

**Walking,** *n.* ଚଳନ, ପଦବ୍ରଜେ ଗମନ ।

**Walking-dress,** *n.* ଭ୍ରମଣକାଳୀନ ପରିଚ୍ଛଦ ।

**Walking-stick,** *n* ହାତ ବାଡ଼ି ।

**Walk-over,** *n.* 1. ବାଜିଦୌଡ଼ରେ ପ୍ରତିଯୋଗୀ ନ ଥିବାରୁ ଚାଲି ଧାବନଭୂମିକୁ ଅତିକ୍ରମକରଣ; 2. ସହଜ ଜୟଲାଭ ।

**Wall,** *n.* 1. କାନ୍ଥ, ଦେଓ‌ଆଲ; 2. ପ୍ରାଚୀର, ପାଚେରି, ଗଡ଼ଦେବାଲ; 3. ଆଶ୍ରୟ ।—*v.t.* ପ୍ରାଚୀରଦ୍ୱାରା ବେଷ୍ଟନ-କ ।—To drive to the wall, କୋଣଠେସା-କ । To go to the wall, ହାରି ଯିବା । To hang by the wall, ଅବ୍ୟବହୃତ ରହିବା ।

**Walla, Wallah,** *n.* ବାଲା ଯଥା "ରୁପାବାଲା" ଇତ୍ୟାଦି ।

**Wallet,** *n.* 1. ଝୁଲି; 2. ଥଳିଆ; 3. ପକେଟ ବହି; [4. ମୁଣି ।

**Wall-eye,** *n.* 1. ଚିଲଅକ୍ଷି; 2. ଚକ୍ଷୁରୋଗ ।

**Wall-eyed,** *a.* ବିଗଡ଼ ଅକ୍ଷିଆ, ଚିଲଅକ୍ଷିଆ ।

**Wall-flower,** *n.* 1. ପୁରୁଣା କାନ୍ଥରେ ଜନ୍ମୁଥିବା ସୁଗନ୍ଧଯୁକ୍ତ ହଳଦିଆ ପୁଷ୍ପ ବିଶେଷ; 2. ନାଚିବା ସମୟରେ ଯେଉଁ ରମଣୀ ଯୋଡ଼ା ନ ପାଇବାରୁ କାନ୍ଥ ପାଖରେ ବସିଥାଏ ।

**Wall-fruit,** *n.* କାନ୍ଥରେ ଲଗା ହୋଇଥିବା ଫଳବୃକ୍ଷ ।

**Wallop,** *v.t.* ଖୁବ୍ ପିଟିବା ।

**Wallow,** *v.i.* 1. ପଙ୍କରେ ଗଡ଼ାଗଡ଼ି-କ, ବାଲୁଅରେ ଲୋଟିବା; 2. ପାପପଙ୍କରେ ମଗ୍ନ-ହେ ।

**Wall-paper**, *n.* କାନ୍ଥରେ ମଡ଼ାଇବାର ରଙ୍ଗ କାଗଜ ।
**Walnut**, *n.* ଅକ୍ଷୋଟ ଫଳ ଓ ତହିଁର ବୃକ୍ଷ ବା କାଠ ।
**Walrus**, *n.* ଦୁଇ ବଡ଼ଦାନ୍ତବିଶିଷ୍ଟ ଏକପ୍ରକାର ସାମୁଦ୍ରିକ ଜନ୍ତୁ ।
**Waltz**, *n.* 1. ଏକପ୍ରକାର ଇଉରୋପୀୟ ନୃତ୍ୟ ଯହିଁରେ ଦୁଇ୨ ଜଣ ଧରାଧରି ହୋଇ ଘୂରି୨ ନାଚନ୍ତି; 2. ଉକ୍ତ ନୃତ୍ୟର ବାଦ୍ୟ ।
**Wan**, *a.* 1. କ୍ଷୀଣ; 2. ବିବର୍ଣ୍ଣ; 3. ପାଣ୍ଡୁବର୍ଣ୍ଣ, ଫିକା; 4. କ୍ଲାନ୍ତ; 5. ନିସ୍ତେଜ ।—*v.i.* ପାଣ୍ଡୁବର୍ଣ୍ଣ-ହେ ।
**Wand**, *n.* 1. ଲମ୍ବ ଓ ସରୁ କାଠ; 2. ଯାଦୁକରର ଯଷ୍ଟି, ଇନ୍ଦ୍ରଜାଲିକର ମୋହନଦଣ୍ଡ ।
**Wander**, *v.i.* 1. ଇତସ୍ତତଃ ଭ୍ରମଣ-କ; 2. ପଥ ଛାଡ଼ି ବୁଲିବା; 3. ପ୍ରସଙ୍ଗ ଛାଡ଼ି କଥା କହିବା; 4. ପ୍ରଳାପୀ-ହେ ।
**Wanderer**, *n.* 1. ଭ୍ରମଣକାରୀ ବ୍ୟକ୍ତି, ବୁଲିବା ଲୋକ; 2. ବିପଥଗାମୀ । [ଭ୍ରମଣକାରୀ ।
**Wandering**, *n.* 1. ଭ୍ରମଣ; 2. ବିପଥଗମନ ।—*a.*
**Wanderoo**, *n.* ଭାରତର ପଶ୍ଚିମ ଉପକୂଳରେ ଦୃଷ୍ଟ ଏକପ୍ରକାର ବାନର ।
**Wane**, *v.i.* 1. ହ୍ରାସ-ହେ, କ୍ଷୟ ପାଇବା; 2. ଅବସନ୍ନ-ହେ; 3. କଳାକ୍ଷୟ-ହେ ।—*n.* ହ୍ରାସ, କ୍ଷୟ ।
**Wanly**, *ad.* କ୍ଲାନ୍ତଭାବେ, ନିସ୍ତେଜଭାବେ ।
**Wanness**, *n.* 1. ପାଣ୍ଡୁବର୍ଣ୍ଣତା; 2. ବିବର୍ଣ୍ଣତା ।
**Want**, *n.* 1. ଅଭାବ; 2. ଅଳ୍ପତା; 3. ଦରିଦ୍ରତା; 4. ପ୍ରୟୋଜନ ।—*v.t.* 1. ଲୋଡ଼ିବା, ଚାହିଁବା, ଆବଶ୍ୟକ-କ; 2. ଆକାଂକ୍ଷା-କ ।—*v.i.* 1. ଊଣା ପଡ଼ିବା, ଅକୁଲାନ-ହେ; 2. ଅଭାବଗ୍ରସ୍ତ-ହେ ।
**Wanted**, *a.* 1. ଅବଶ୍ୟଂକାରିତ; 2. ଲୋଡ଼ା; 3. ଅନୁସନ୍ଧିତ ।
**Wanting**, *a.* ନ୍ୟୂନ, ଊଣା, ଅଭାବଗ୍ରସ୍ତ ।
**Wanton**, *a.* 1. ଚପଳ; 2. କ୍ରୀଡ଼ାସକ୍ତ; 3. ଅନର୍ଥକ; 4. କାମୁକ; 5. ଭ୍ରଷ୍ଟ ।—*n.* ଭ୍ରଷ୍ଟା ସ୍ତ୍ରୀ, ପୁଂଶ୍ଚଳୀ, ବିଟପୀ ।
**Wantonly**, *ad.* 1. କାମୁକଭାବେ; 2. ଅକାରଣେ; 3. ଯଥେଚ୍ଛାପୂର୍ବକ ।
**Wantonness**, *n.* ବିଟପୀତା ।
**War**, *n.* 1. ଯୁଦ୍ଧ, ସମର, ବିଗ୍ରହ, ସଂଗ୍ରାମ, ରଣ; 2. ଯୁଦ୍ଧବିଦ୍ୟା ।—*v.i.* ଯୁଦ୍ଧ-କ, ସଂଗ୍ରାମ-କ, ରଣ-କ ।—War to the knife, ଆମରଣ ସଂଗ୍ରାମ ।
**Warble**, *v.t.* and *i.* 1. ସୁଗାନ-କ, କୂଜନ-କ, କଳରବ-କ; 2. କମ୍ପିତସ୍ୱରରେ ଗାଇବା ।
**Warbler**, *n.* 1. ଗାୟକ; 2. ସୁକଣ୍ଠ ପକ୍ଷୀ ।
**War-cry**, *n.* ରଣହୁଙ୍କାର, ସିଂହନାଦ ।
**Ward**, *v.t.* 1. ରକ୍ଷା-କ; 2. ନିବାରଣ-କ; 3. ଚୌକି-ଦେ ।—*n.* 1. ଚୌକି, ପହରା; 2. ଅଧୀନସ୍ଥ ନାବାଳକ; 3. ସହରର ଅଂଶ; 4. ଚିକିତ୍ସାଳୟର ବିଭାଗ; 5. ତାଲାର ରେଖ; 6. କାରାଗାର; 7. ଅସ୍ତ୍ରାଘାତ ନିବାରଣ ।

**War-dance**, *n.* ରଣରଙ୍ଗ, ଅସଭ୍ୟ ଜାତିର ରଣନୃତ୍ୟ ।
**Warden**, *n.* 1. ରକ୍ଷକ; 2. ଇଂଲଣ୍ଡୀୟ କେତେକ ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ; 3. କାରାଗାରର ତତ୍ତ୍ୱାବଧାୟକ ।
**Wardenship**, *n.* 1. ବିଦ୍ୟାଳୟର ଅଧ୍ୟକ୍ଷଙ୍କ ପଦ; 2. ରକ୍ଷକତା ।
**Warder**, *n.* 1. ଦ୍ୱାର ପ୍ରହରୀ; 2. ଉଚ୍ଚକର୍ମଚାରୀର କ୍ଷମତାସୂଚକ ଦଣ୍ଡ ।
**Wardrobe**, *n.* 1. ବସ୍ତ୍ରାଗାର; 2. ପରିଚ୍ଛଦ ସମୁଦାୟ ।
**Ward-room**, *n.* 1. ଯୁଦ୍ଧଜାହାଜସ୍ଥ ସୈନିକ କର୍ମଚାରୀମାନଙ୍କ ଖାଇବା କୋଠରୀ; 2. ସହରସ୍ଥ କୌଣସି ବିଭାଗର ସଭାଗୃହ । [ନାବାଳକତ୍ୱ ।
**Wardship**, *n.* 1. ଅଭିଭାବକ ପଦ; 2. ଅଧୀନସ୍ଥ
**Ware**, *n.* (Used generally in pl.) 1. ବାଣିଜ୍ୟ ଦ୍ରବ୍ୟ; 2. ବିକ୍ରେୟ ସାମଗ୍ରୀ; 3. ମାଲ ।
**Warehouse**, *n.* ବିକ୍ରେୟ ଦ୍ରବ୍ୟାଗାର, ଗୋଦାମ ।—*v.i.* ଗୋଦାମରେ ରଖିବା ।
**Warfare**, *n.* 1. ସଂଗ୍ରାମ; 2. ସାମରିକ ଜୀବନ ।
**War-horse**, *n.* ଯୁଦ୍ଧ ଘୋଡ଼ା, ସମରାଶ୍ୱ ।
**Warily**, *ad.* ସତର୍କଭାବେ, ସାବଧାନରେ ।
**Wariness**, *n.* 1. ସତର୍କତା, ସାବଧାନତା; 2. ପରିଣାମଦର୍ଶିତା ।
**Warlike**, *a.* 1. ରଣପ୍ରିୟ; 2. ଯୁଦ୍ଧସମ୍ବନ୍ଧୀୟ; 3. ଯୋଦ୍ଧୃବତ୍; 4. ସମରକୁଶଳ ।
**Warm**, *a.* 1. ଈଷଦୁଷ୍ଣ, ତପ୍ତ, ଅଳ୍ପ ଗରମ; 2. ଉଗ୍ର, ରାଗୀ; 3. ଅନୁରକ୍ତ, ଘନିଷ୍ଠ; 4. ସୋତ୍ସାହ, ଅଗ୍ରହାନ୍ୱିତ ।—*v.t.* 1. ଉଷ୍ଣ-କ, ତପ୍ତ-କ; 2. ଉତ୍ତେଜିତ-କ ।—*v.i.* 1. ଉଷ୍ଣ-ହେ; 2. ଉତ୍ସାହୀ-ହେ ।
**Warm-blooded**, *a.* 1. ଉଷ୍ଣଶୋଣିତବିଶିଷ୍ଟ; 2. ଉଦାରମନା; 3. କ୍ରୋଧଶୀଳ ।
**Warm-hearted**, *a.* 1. ପ୍ରୀତିପୂର୍ଣ୍ଣ; 2. ସ୍ନେହମୟ; 3. ହୃଦୟବାନ ।
**Warmly**, *ad.* ଅଗ୍ରହାନ୍ୱିତଭାବେ, ସୋତ୍ସାହରେ ।
**Warmness** *n.* ଉଷ୍ଣତା । [3. ଉଗ୍ରତା ।
**Warmth**, *n.* 1. ଈଷଦୁଷ୍ଣତାପ; 2. ଉତ୍ସାହ, ଆଗ୍ରହ;
**Warn**, *v.t.* 1. ଆଗରୁ ଚେତାଇବା, ପୂର୍ବରୁ ସାବଧାନ-କ; 2. ମୃଦୁଭାବେ ଅନୁଯୋଗ-କ ।
**Warning**, *n.* 1. ଚେତନାଦାୟକ ବାକ୍ୟ; 2. ସତର୍କୀକରଣ; 3. ପ୍ରତ୍ୟାଦେଶ ।
**War-office**, *n.* ଯୁଦ୍ଧବିଗ୍ରହ ନିର୍ବାହାର୍ଥ ଇଂଲଣ୍ଡରେ ଥିବା କାର୍ଯ୍ୟାଳୟ ।
**Warp**, *v.t.* 1. ମୋଡ଼-ଦେ, ବଙ୍କାଇ-ଦେ; 2. ବିକୃତ-କ; 3. ଟାଣି ଓଟାଇ (ଜାହାଜକୁ) ସ୍ଥାନାନ୍ତରିତ-କ; 4. ପଟୁ ପକାଇ ଉର୍ବର-କ ।—*v.i.* 1. ବଙ୍କା-ହେ, ତେଢ଼ା ହୋଇଯିବା; 2. ବିକୃତ-ହେ ।—*n.* 1. ପଟୁ; 2. ତନ୍ତର ଟଣାସୂତା, ବସ୍ତ୍ରର ଲମ୍ବତନ୍ତୁ; 3. ନୌକା ଟାଣିବା ରଜ୍ଜୁ ।—Warp and woof, 1. ତନ୍ତର ଲୁଣ୍ଡି ଓ ପଡ଼ଅଣ; 2. ମୌଳିକ ବିଷୟ ।

Warped, *a.* 1. ବଙ୍କା, ଟେଢ଼ା; 2. ବକ୍ର ।

Warrant, *v.t.* 1. ନିଶ୍ଚିତବୋଧ ଜନ୍ମାଇବା; 2. ନିର୍ଦ୍ଦେଶ-କ; 3. କ୍ଷତିରୁ ରକ୍ଷାର ଆଶ୍ୱାସ-ଦେ; 4. କ୍ଷମତା-ଦେ; 5. ନିଶ୍ଚୟ କରି କହିବା ।—*n.* 1. କ୍ଷମତାପତ୍ର; 2. ହୁକୁମନାମା, ପରୁଆନା; 3. ଜାମିନ୍ ।—Warrant of arrest, ଗ୍ରେପ୍ତାର କରିବାର ପରୁଆନା । Warrant of attachment, ଜବତ୍ କରିବାର ହୁକୁମନାମା ।

Warrantable, *a.* 1. କ୍ଷମତାଧୀନ; 2. ପ୍ରମାଣଯୋଗ୍ୟ; 3. ଅବଧ୍ୟ ।

Warranted, *a.* ଦାୟିତ୍ୱପୂର୍ଣ୍ଣ ପ୍ରତିଜ୍ଞାଦ୍ୱାରା ନିଶ୍ଚିତ ।

Warrantee, *n.* ପରୁଆନାର ଗ୍ରହୀତା ।

Warranter, Warrantor, *n.* କ୍ଷମତାଦାତା ।

Warranty, *n.* 1. ଏକରାରନାମା; 2. କ୍ଷତିପୂରଣର ପ୍ରତିଜ୍ଞା; 3. ଦଲିଲ ।—Special warranty, କୌଣସି ନିର୍ଦ୍ଦିଷ୍ଟ ଦାବି ବିରୁଦ୍ଧ ହୁକୁମନାମା ।

Warren, *n.* 1. ଖରଗୋଶମାନଙ୍କ ରହିବା ଗାତ; 2. କେତେକ ବନ୍ୟ ପଶୁପକ୍ଷୀର ପାଳନ ସ୍ଥାନ ।

Warrior, *n.* 1. ଯୋଦ୍ଧା; 2. ଯୁଦ୍ଧ ସୈନିକ ।

War-ship, *n.* ଯୁଦ୍ଧଜାହାଜ, ରଣତରୀ ।

War-song, *n.* ରଣଗୀତ ।

Wart, *n.* 1. ଆଞ୍ଚୁଳ; 2. ଗଛର ଅବୁ ।

Warty, *a.* 1. ଆଞ୍ଚୁଳବିଶିଷ୍ଟ; 2. ଅବୁଯୁକ୍ତ, ଅବୁଆ ।

War-wearied, War-worn, *a.* ରଣକ୍ଲାନ୍ତ ।

War-whoop, *n.* ଅସଭ୍ୟମାନଙ୍କର ଯୁଦ୍ଧ ହୁଙ୍କାର ।

Wary, *a.* ସତର୍କ, ସାବଧାନ, ବିଚକ୍ଷଣ ।

Was, used as *pa. t.* of Be.

Wash, *v.t.* 1. ଧୋଇବା, ପ୍ରକ୍ଷାଳନ-କ; 2. କାଚିବା; 3. ପ୍ଳାବିତ-କ; 4. ଧୋଇ ନେଇଯିବା; 5. ପାତଳ-ଭାବେ ଲେପନ-କ ।—*v.i.* 1. ସ୍ନାନ-କ; 2. ଧୋଇ-ହେ; 3. ଲୁଗା କାଚିବା ।—*n.* 1. ସ୍ନାନ; 2. ପ୍ରକ୍ଷାଳନ; 3. ଧୁଆଘର; 4. କୂଳରେ ଲହଡ଼ିର ଧକ୍କା; 5. ଜାହାଜ ପଛର ଘୂର୍ଣ୍ଣୋତ୍ଥିତ ଲହଡ଼ି; 6. ଘୁଷୁରର ପାଣିଆ ଆହାର; 7. ଅଗଭୀର ସମୁଦ୍ର ଶାଖା; 8. ଜଳଖଣ୍ଡ, ଝିଲ; 9. ପ୍ରକ୍ଷାଳନାର୍ଥକ ଔଷଧ; 10. ପାତଳଭାବ ଲେପନ ।—To wash one's dirty linen in public, ଘର କଥା ବାହାରେ ପକାଇବା, ହାଟ ମଝିରେ ହାଣ୍ଡି ଭାଙ୍ଗିବା ।

Washable, *a.* ପ୍ରକ୍ଷାଳନୀୟ, ଧୋଇବାଯୋଗ୍ୟ ।

Wash-basin, Wash-bowl, Washhand basin, *n.* ହାତ ମୁହଁ ଧୋଇବା ଚିଲମଚି ।

Wash-board, *n.* 1. ଲୁଗା କାଚିବା ପଟା; 2. ଜାହାଜର ପାର୍ଶ୍ୱଧାରରେ ଜଳପ୍ରବେଶ ନିବାରଣାର୍ଥକ ପଟା; 3. ଘର ଧୋଇବେଳେ ପାଣିଛିଟା ନ ପଡ଼ିବା ପାଇଁ କାନ୍ଥ ମୂଳରେ ଦିଆଯିବା ପଟା ।

Washer, *n.* 1. ଧୌତକାରକ; 2. ପ୍ରକ୍ଷାଳନ ଯନ୍ତ୍ର; 3. ପେଚ ଦୃଢ଼ କରିବା ପାଇଁ ଦିଆଯିବା ଚକ୍ତି ।

Washerman, *n.* ଧୋବା, ରଜକ ।

Washerwoman, *n.* ଧୋବଣୀ, ରଜକୀ । [ଶାଳା ।

Wash-house, Washing-house, *n.* ଧୁଆଘର-

Washing, *n.* ଧୌତକରଣ । [ବା ବସ୍ତୁ ।

Wash-out, *n.* 1. ଧୋଇଗଲା ମାଟି; 2. ଅକର୍ମଣ୍ୟ ବ୍ୟକ୍ତି

Wash-stand, Washhand stand, *n.* ହାତ ମୁହଁ ଧୋଇବା ମେଜ ।

Wash-up, *n.* ସମ୍ପୂର୍ଣ୍ଣ ପରିଷ୍କାରକରଣ ।

Washy, *a.* ଜଳବତ୍, ପାଣିଆ ।

Wasp, *n.* ବିରୁଡ଼ି, ବୋଳୁଅ ।—A wasp's nest, ଅନେକ ଶତ୍ରୁଥିବା ସ୍ଥଳ । [ଖିଟଖିଟିଆ ।

Waspish, Waspy, *a.* 1. ବିରୁଡ଼ିମୁହାଁ; 2.

Waspishness, *n.* ଖିଟଖିଟିଆଭାବ ।

Wassail, *n.* 1. ସୁରାପାନର ଆମୋଦ; 2. ମଦ୍ୟମିଶ୍ରିତ ପଣା ।—*v.i.* ସୁରାପାନପୂର୍ବକ ଆନନ୍ଦୋତ୍ସବ-କ ।

Waste, *a.* 1. ଉଜାଡ଼, ଉଚ୍ଛିନ୍ନ; 2. ଅକର୍ଷିତ, ପଡ଼ିଆ; 3. ଅକର୍ମଣ୍ୟ ।—*v.t.* 1. ଧ୍ୱଂସ-କ, ନଷ୍ଟ-କ, ଉଚ୍ଛିନ୍ନ-କ; 2. ଅପବ୍ୟୟ-କ; 3. କ୍ଷୟ-କ ।—*v.i.* 1. ହ୍ରାସ-ହେ, ନିଃଶେଷ-ହେ; 2. କ୍ଷୟପାଇବା ।—*n.* 1. ଅପଚୟ; 2. ଅପବ୍ୟୟ; 3. ଅଇଣ୍ଠା, ଉଚ୍ଛିଷ୍ଟ; 4. ଧ୍ୱଂସ; 5. ଅଚଷା ଜମି; 6. ମରୁଭୂମି; 7. ଛିଣ୍ଡା କାଗଜାଦି ।—Waste lands, ପଡ଼ିଆ ଭୂମି, ଅନାବାଦୀ ଜମି । Waste of waters, ସୁବିସ୍ତୀର୍ଣ୍ଣ ଜଳରାଶି । To run to waste, ଅବ୍ୟବହାର୍ଯ୍ୟ ହୋଇଯିବା । Utilisation of waste products, ଅକର୍ମଣ୍ୟ ଦ୍ରବ୍ୟକୁ କର୍ମଣ୍ୟକରଣ ।

Waste-basket, Wastepaper-basket, *n.* ରଦ୍ଦି କାଗଜ ପକାଇ ରଖିବା ଟୋକାଇ ।

Wasteful, *a.* 1. ଅପଚୟପୂର୍ଣ୍ଣ; 2. କ୍ଷତିକର, ଧ୍ୱଂସକର; 3. ଅପବ୍ୟୟୀ, ଉଡ଼ାଣିଆ । [ଭାବେ ।

Wastefully, *ad.* 1. ଅପବ୍ୟୟିଭାବେ; 2. କ୍ଷତିକର-

Wastefulness, *n.* 1. ଅପବ୍ୟୟିତା; 2. କ୍ଷତିକରତା ।

Waste-gate, *n.* ଉଚ୍ଛୁଳା ଜଳ ନିର୍ଗମନର ଦ୍ୱାର ।

Wastepaper, *n.* ରଦ୍ଦି କାଗଜ, ବାଜେ କାଗଜ ।

Waste-pipe, *n.* ମଇଳାପାଣି ବାହାର ଯିବାର ନଳ ।

Waster, *n.* 1. ଉଡ଼ାଣିଆ ଲୋକ; 2. କ୍ଷତିକର ବ୍ୟକ୍ତି ବା ବସ୍ତୁ । [କ୍ଷୀଣକାରୀ ।

Wasting, *a.* 1. ଧ୍ୱଂସକାରୀ; 2. କ୍ଷୟକାରୀ; 3. ବଳ

Wastrel, *n.* 1. ଅକର୍ମଣ୍ୟ ବସ୍ତୁ; 2. ଅରକ୍ଷିତ ପିଲା; 3. ଲମ୍ପଟ ।

Watch, *n.* 1. ସତର୍କଭାବେ ଦର୍ଶନ, ପହରା; 2. ପ୍ରହରୀ, ରକ୍ଷକ; 3. (ପକେଟରେ ରହିବା ଭଳି) ଘଣ୍ଟା, ଜେବ-ଘଣ୍ଟା; 4. ପହରା ଦେବା କାମ; 5. ରାତିର ପ୍ରହର, ଯାମ; 6. ନାବିକମାନଙ୍କର ପହରା ଦେବା ସମୟ; 7. ନାବିକମାନଙ୍କ ମଧ୍ୟରେ ପ୍ରହରୀଦଳ ।—*v.i.* 1. ସତର୍କଭାବେ ଦୃଷ୍ଟି ରଖିବା; 2. ପହରା-ଦେ; 3. ରାତିରେ ସେପିକୁ ଜଗି ରହିବା; 4. ଅପେକ୍ଷା-କ, ଚାହିଁ ରହିବା ।—*v.t.* 1. ଜଗିବା; 2. ନଜରରେ ରଖିବା ।—Watch and ward, ନିରନ୍ତର ଜାଗରଣ ।

**Watchcase**, *n*. ୱାଚ୍‌ଘଡ଼ିର ଖୋଳ ।

**Watch-dog**, *n*. ପହରା ଦେବା କୁକୁର ।

**Watcher**, *n*. 1. ଦର୍ଶକ; 2. ରାତ୍ରିଜାଗରଣକାରୀ ।

**Watchful**, *a*. 1. ସତର୍କ; 2. ଜାଗ୍ରତ, ସାବଧାନ; 3. ମନୋଯୋଗୀ ।

**Watchfully**, *ad*. 1. ସତର୍କଭାବେ; 2. ଜାଗ୍ରତଭାବେ ।

**Watchfulness**, *n*. 1. ସତର୍କତା; 2. ଜାଗରଣ, ଉଜାଗର ।

**Watch-house**, *n*. 1. ପହରା ଘର; 2. ଥାନା, ଫାଣ୍ଡି ।

**Watch-key**, *n* ୱାଚ୍‌ଘଡ଼ିର ଚାବି ।

**Watch-maker**, *n*. ୱାଚ୍‌ଘଡ଼ିର ନିର୍ମାଣକାରୀ, ଘଡ଼ି-କାରୀ ।

**Watchman**, *n*. 1. ଚୌକିଦାର, ଦଣ୍ଡପାଣି; 2 ପ୍ରହରୀ ।

**Watch-night**, *n*. (ଡିସେମ୍ବର ୩୧ ତାରିଖର) ଉଜାଗର ରାତ୍ରି ।

**Watch-tower**, *n*. ପହରା ଦେବା ବୁରୁଜ ।

**Watchword**, *n*. 1. ପ୍ରହରୀମାନଙ୍କ ସଙ୍କେତବାକ୍ୟ; 2. ଦଳର ଉତ୍ସାହଜନକ ସମ୍ଭାଷ ।

**Water**, *n*. 1. ପାଣି, ଜଳ, ବାରି, ନୀର; 2. ସମୁଦ୍ରାଦି ଜଳାଶୟ; 3. ଅଶ୍ରୁ, ଲୋତକ; 4. ମୁଖର ଲାଳ; 5. ରକ୍ତ-ଜଳ; 6. ମୂତ୍ର; 7. ହୀରକାଦିର ଜ୍ୟୋତିଃ; 8. (Pl.) ତରଙ୍ଗମାଳା ।—*v.t.* 1. ଓଦା-କ, ଆର୍ଦ୍ର-କ, ଜଳସିକ୍ତ-କ; 2. ଜଳ ଯୋଗାଇବା; 3 ପ୍ଲାବିତ-କ; 4. ପାଣି ପିଆଇବା; 5. ଜଳମିଶ୍ରିତ-କ; 6. ଯୌଥ ବ୍ୟବସାୟରେ ମୂଳଧନ ନ ବଢ଼ିଲେ ଅଂଶୀ ସଂଖ୍ୟା ବୃଦ୍ଧି-କ ।—*v.i.* 1. (ଚକ୍ଷୁ) ଜଳପୂର୍ଣ୍ଣ-ହେ; 2. (ପାଟିରୁ) ପାଣି ବୋହିବା; 3. ଜଳ ଗ୍ରହଣ-କ ।—Water of life, ଅମୃତ ଜଳ । Aerated water, ସୋଡାପାଣି ପ୍ରଭୃତି । Above water, ଦୁଃଖମଗ୍ନ ନ ହେବା । A fish out of water, ଅସ୍ଥାନରେ ଥିବା ଲୋକ । First water, ସର୍ବୋତ୍କୃଷ୍ଟ, ଅତ୍ୟୁଜ୍ଜ୍ୱଳ । To hold water, ଅକ୍ଷୁଣ୍ଣ ଥିବା; 2. ସଂଭାବ୍ୟ-ହେ । Like water, ପାଣି ବହିଗଲା ପରି । To make the mouth water, ଲାଳାୟିତ-କ । To make water, ପ୍ରସ୍ରାବ-କ । To throw cold water on, ନିରୁତ୍ସାହ-କ । Soft water, କ୍ଷାରବର୍ଜ୍ୟ ଜଳ । To tread water, ଚକ୍ରଚାପର ଗୋଡ଼ ଚଳାଇବା ଦ୍ୱାରା ପାଣିରେ ଠିଆ-ହେ ।

**Water-barrel**, *n*. ପାଣି ରଖିବା ପିପା ।

**Water-cart**, *n*. ସଡ଼କରେ ପାଣି ଛିଞ୍ଚିବା ଗାଡ଼ି ।

**Water-clock**, *n*. ଜଳଘଟିକା ।

**Water-closet**, *n*. 1. ପାଣିକଳ ଥିବା ମଳତ୍ୟାଗ କୋଠରି; 2. ପାଇଖାନା ।

**Water-colour**, *n*. 1. ଜଳରେ ମିଶ୍ରଣୀୟ ରଙ୍ଗ; 2. ଜଳଚିତ୍ର ।

**Watercourse**, *n*. ଜଳପ୍ରଣାଳୀ, ପାଣିମାହାଳ ।

**Water-craft**, *n*. ଜଳସ୍ଥ ନୌକାସମୂହ ।

**Water-crane**, *n*. ରେଲ୍‌ଗାଡ଼ିରେ ପାଣି ଦେବା ବଙ୍କା ନଳ ।

**Water-cress**, *n*. ହାଲିମ ଓ ଛୁନ୍‌ଛୁନିଆ ପ୍ରଭୃତି ଜଳଜ ଶାଗ ।

**Water-cure**, *n*. ଜଳରେ ସ୍ନାନଦ୍ୱାରା ଚିକିତ୍ସା ।

**Water-dog**, *n*. 1. ପାଣିରେ ପହଁର ଶିକାର କରିବା କୁକୁର; 2. (Coll.) ବୁଢ଼ା ନାଉର ।

**Watered**, *a*. 1. ଜଳସିକ୍ତ; 2. ତରଙ୍ଗାୟିତ ରେଖା-ଚିହ୍ନିତ ।

**Water-elivator**, *n*. 1. ପାଣି ଉଠାଇବା ଯନ୍ତ୍ର; 2. ଜଳଚାଳିତ ଉତ୍ତୋଳକ ଯନ୍ତ୍ର ।

**Water-engine**, *n*. 1. ପାଣି ଉଠାଇବା କଳ; 2. ନିଆଁ ଲିଭାଇବା ପାଣିକଳ ।

**Waterfall**, *n*. ଜଳପ୍ରପାତ ।

**Water-fowl**, *n*. ଜଳଚର ପକ୍ଷୀ ।

**Water-gate**, *n*. ନାଳ ପ୍ରଭୃତିରେ ଥିବା ଜଳରୋଧକ କବାଟ ।

**Water-gauge, Water-gage**, *n*. ଜଳ ପରିମାପକ ଯନ୍ତ୍ର ।

**Water-god**, *n*. ଜଳଦେବତା ।

**Water-guard**, *n*. ଜଳପୁଲିସ୍ ।

**Watering**, *n*. 1. ଜଳସେଚନ; 2. ତରଙ୍ଗାୟିତ ରେଖାଦ୍ୱାରା ଚିହ୍ନନ ।

**Watering-place**, *n*. 1. ପଶ୍ୱାଦି ପାଣି ପିଇବା ସ୍ଥାନ; 2. ସମୁଦ୍ର ତଟସ୍ଥ ନଗର ଯେଉଁ ସ୍ଥାନକୁ ଲୋକେ ସ୍ନାନ କରିବାକୁ ଯାନ୍ତି; 3. ପୋତ ନାବାଦିକ ଜଳପ୍ରାପ୍ତି ସ୍ଥାନ ।

**Watering-trough**, *n*. ପଶ୍ୱାଦିର ପାନାର୍ଥ ଜଳକୁଣ୍ଡ ବା ଚୌବଚ୍ଚା ।

**Waterish**, *a*. 1. ଜଳବତ୍, ପାଣିଆ; 2. ଜଳମୟ; 3. ପାତଳ ।

**Water-level**, *n*. 1. ସ୍ଥିର ଜଳର ସମତଳ; 2. ସମତଳ ବୋଲି ଦେଖାଇବା ଜଳପୂରିତ ଯନ୍ତ୍ର ।

**Water-lily**, *n*. ପଦ୍ମ, କଇଁ ପ୍ରଭୃତି ଜଳଜ ପୁଷ୍ପ ।

**Water-line**, *n*. ଜାହାଜର ଯେଉଁ ଜାଗା ପର୍ଯ୍ୟନ୍ତ ପାଣି ଉଠେ ।

**Water-logged**, *a*. ଜଳ ପ୍ରବେଶ ହେତୁରୁ ଅଚଳ (ଜାହାଜାଦି) ।

**Waterman**, *n*. 1. ନାଉରିଆ, ମାଝି; 2. ପାଟିଆ ।

**Water-mark**, *n*. 1. ନଦୀ ବା କୂଅରେ ପାଣି ଉଠିବା ଚିହ୍ନ; 2. କାଗଜ ତିଆରବେଳେ ଦିଆଯାଇଥିବା ଅଭ୍ୟନ୍ତରୀଣ ଚିହ୍ନ ।

**Water-melon**, *n*. ତରଭୁଜ, ଖରଭୁଜ ।

**Water-meter**, *n*. ଜଳମାପକ ଯନ୍ତ୍ର ।

**Water-mill**, *n*. ଜଳସ୍ରୋତ ଦ୍ୱାରା ଚାଳିତ-ଯନ୍ତ୍ର ।

**Water-pipe**, *n*. ଜଳନଳ ।

**Water-pot**, *n*. କଳସି, ଜଳପାତ୍ର ।

**Waterproof**, *a*. ଜଳଦ୍ୱାରା ଅଭେଦ୍ୟ ।—*n*. ବର୍ଷାତି ଲୁଗା ।

**Waterproofing**, *n*. 1. ଜଳାଭେଦ୍ୟକରଣ; 2. ଜଳାଭେଦ୍ୟକରଣର ଉପକରଣ ।

Water-ram, *n.* ଜଳସ୍ରୋତଦ୍ୱାରା ଚାଳିତ ପମ୍ପ୍ କଳ ।
Water-rate, *n.* ପାଣିକର, ଜଳର ଟିକସ ।
Watershed, *n.* 1. ଦୁଇ ନଦୀ ପ୍ରବାହ ମଧ୍ୟସ୍ଥିତ ପର୍ବତ ସୀମା; 2. ବହୁନଦୀ ଉତ୍ପନ୍ନ ହୋଇଥିବା ଦେଶ ।
Water-side, *n.* 1. ନଦୀକୂଳ; 2. ସମୁଦ୍ର ତଟ ।
Waterspout, *n.* ଜଳସ୍ତମ୍ଭ ।
Water-supply, *n.* ଜଳର ଆୟୋଜନ, ଜଳ ସରବରାହ ।
Water-tight, *a.* 1. ଜଳାଭେଦ୍ୟ; 2. ଜଳ ଅକ୍ଷରଣୀୟ, ଯହିଁରୁ ଜଳ ବାହାରି ଯାଇ ନ ପାରେ ।
Water-way, *n.* ଜଳପ୍ରଣାଳୀ ।
Waterwheel, *n.* 1. ଜଳଚାଳିତ ଚକ୍ର; 2. ପାଣି ଉଠାଇବା ଚକ ।
Waterworks, *n. pl.* 1. ଜଳ ଯୋଗାଇବା କଳ ପ୍ରଭୃତି; 2. (Slang) ଅନର୍ଥକ ଲୋତକ ବର୍ଷଣ ।
Watery, *a.* 1. ଜଳୀୟ, ଜଳମୟ; 2. ପାଣିଆ; 3. ପାତଳ ।
Wattle, *n.* 1. ଝାଞ୍ଜିର, ପଞ୍ଜର; 2. ବାଉଁଶ କଣି; କୁକୁଟ ଓ ପେରୁର ଗଳକମ୍ବଳ ।
Waul, Wawl, *v.t.* ବିଡ଼ାଳପରି ବୋବାଇବା ।
Wave, *n.* 1. ଢେଉ, ଲହରୀ, ତରଙ୍ଗ, ଊର୍ମି; 2. କଲ୍ଲୋଳ; 3. ପ୍ଲାବନ; 4. ଇଙ୍ଗିତାର୍ଥ ହସ୍ତସଞ୍ଚାଳନ । —*v.i.* 1. ଆନ୍ଦୋଳିତ-ହେ; 2. ଦୋଳାୟମାନ-ହେ; 3. ହଲିବା ।—*v.t.* ଇଙ୍ଗିତାର୍ଥ ସଞ୍ଚାଳନ-କ ।
Waved, *a.* 1. ତରଙ୍ଗାୟିତ; 2. ଦୋଳିତ ।
Waveless, *a.* ତରଙ୍ଗହୀନ, ସ୍ଥିର ।
Wavelet, *n.* କ୍ଷୁଦ୍ର ତରଙ୍ଗ, ସାନଢେଉ ।
Wave-offering, *n.* ୟିହୁଦୀମାନଙ୍କ ମଧ୍ୟରେ ପୂଜାରେ ପ୍ରଚଳିତ ଦୋଳନୀୟ ନୈବେଦ୍ୟ ।
Waver, *v.i.* 1. ସନ୍ଦେହଚିତ୍ତ-ହେ, ଦ୍ୱିମନା-ହେ; 2. ଦୋଳାୟମାନ-ହେ ।
Waverer, *n.* ସନ୍ଦେହାପନ୍ନ ବ୍ୟକ୍ତି ।
Wavering, *a.* ଅସ୍ଥିର, ଦୋମନା ।
Wavy, *a.* 1. ତରଙ୍ଗମୟ; 2. ତରଙ୍ଗାୟିତ, ଉଚ୍ଚନୀଚ ।
Wax, (1) *n.* 1. ମହମ, ସିଠା; 2. କାନ ପୂଜ; 3. ତାଉ, ରାଗ ।—*v.t.* ମହମ ଲଗାଇବା ।
Wax, (2) *v.i.* ବୃଦ୍ଧି ପାଇବା ।—To wax old, 1. ବୁଢ଼ା ହୋଇ ଯିବା; 2. ଜୀର୍ଣ୍ଣଶୀର୍ଣ୍ଣ ହୋଇ ଯିବା ।
**Wax-cloth**, *n.* ମହମଜାମା ଲୁଗା ।
**Waxen**, *a.* 1. ମହମନିର୍ମିତ; 2. ମହମତୁଲ୍ୟ ।
**Waxwork**, *n.* ମହମ ପିତୁଳା ପ୍ରଭୃତି ।
**Waxy**, *a.* 1. ମହମ ସଦୃଶ; 2. ନରମ; 3 ଅଠାଳିଆ ।
Way, *n.* 1. ବାଟ, ମାର୍ଗ, ପଥ; 2. ଦୂରତ୍ୱ; 3. ଦିଗ; 4. ଧାରା, ରୀତି, ପଦ୍ଧତି; 5. ଉପାୟ; 6. (Naut.) ପୋତାଦିର ଅଗ୍ରଗାମୀ ଗତି ।—Ways and means, ଅର୍ଥ ଉପାୟ । By the way, (କଥା ବର୍ତ୍ତୀ) ହିଁ ମନେ ପଡ଼ିଲା । To go the way of all the earth, ପରଲୋକ ଗମନ-କ । In a small way, ସାମାନ୍ୟ ଭାବରେ । In the way, 1. ପଥ ମଧ୍ୟରେ; 2. ସମ୍ମୁଖସ୍ଥ ବାଧାସ୍ୱରୂପେ । To lead the way ପଥ ପ୍ରଦର୍ଶକ-ହେ । To make one's way, 1, ଠେଲି ପେଲି ଅଗ୍ରସର-ହେ; 2. ସ୍ୱଚେଷ୍ଟା ଦ୍ୱାରା ସଂସାରରେ ଉନ୍ନତ-କ, ନିଜ ଶିଙ୍ଗରେ ମାଟି ଖୋଳିବା । To make way, ବାଟ ଛାଡ଼-ଦେ । To put one's self out of the way, ଅନ୍ୟ ନିମନ୍ତେ କଷ୍ଟ ସ୍ୱୀକାର -କ । The Way, ପରିତ୍ରାଣ ପଥ ।
Way-bill, *n.* ରେଲ୍ ଡବାରେ ପଠାଯାଉଥିବା ମାଲର ତାଲିକା ।
Wayfarer, *n.* ପଥିକ, ବାଟୋଇ, ଯାତ୍ରୀ ।
Wayfaring, *a.* ପରିଭ୍ରମଣକାରୀ ।
Waylay, *v.i.* 1. ବାଟ ଓଗାଳି ବସିବା; 2. ବାଟରେ ଲୁଚି ବସିବା ।
Wayless, *a.* ପଥଶୂନ୍ୟ ।
Way-mark, Way-post, *n.* ପଥ ଦେଖାଇବା ସ୍ତମ୍ଭ ।
Way-side, *n.* ପଥପାର୍ଶ୍ୱ ।—*a.* ପଥପାର୍ଶ୍ୱସ୍ଥ ।
Wayward, *a.* ଅବାଧ୍ୟ, ଅମାନିଆ, ମଗର ।
Waywardly, *ad.* ଅବାଧ୍ୟଭାବେ ।
Waywardness, *n.* ଅବାଧ୍ୟତା ।
Wayworn, *a.* ପଥଶ୍ରାନ୍ତ ।
We, *pron. pl.* of *I.* ଆମ୍ଭେମାନେ, ଆମ୍ଭେ ସମସ୍ତେ ।
Weak, *a.* 1. ଦୁର୍ବଳ; 2. ଅଶକ୍ତ, ବଳହୀନ; 3. ଅସୁସ୍ଥ; 4. କ୍ଷୀଣମନା; 5. ଅଜବାୟୀ; 6. ପାତଳ; 7. ଅଳ୍ପ ସାରଯୁକ୍ତ; 8. ଅପ୍ରଭାନ୍ତ; 9. (Gram.) ନିୟମିତରୂପେ ରୂପ ବଦଳାଉଥିବା; 10. ମାନ୍ଦା ।—Weaker sex, ନାରୀଜାତି । Weak side or point, ଚରିତ୍ର ଦୁର୍ବଳତା ।
Weaken, *v.t.* 1. ଦୁର୍ବଳ-କ; 2. କ୍ଷୀଣ-କ ।—*v.i.* 1. ଦୁର୍ବଳ-ହେ; 2. ହ୍ରାସ ପାଇବା ।
Weak-eyed, *a.* କ୍ଷୀଣଦୃଷ୍ଟି ।
Weakling, *n.* ଦୁର୍ବଳ ପ୍ରାଣୀ ।
Weakly, *a.* 1. ନିର୍ଜୀବଅ, ଧଡ଼ଅ; 2. ଅଙ୍ଗକ୍ଷୀଣ ।—*ad.* 1. ଦୁର୍ବଳଭାବେ; 2. କ୍ଷୀଣରୂପେ ।
Weak-minded, *a.* 1. କ୍ଷୀଣମନା; 2. ଅଜବାୟୀ ।
Weakness, *n.* 1. ଦୁର୍ବଳତା; 2. ଅସୁସ୍ଥାବସ୍ଥା ।
Weal, *n.* 1. ସୁସ୍ଥାବସ୍ଥା; 2. ମଙ୍ଗଳ, କୁଶଳ, ହିତ ।—The public, general, or common weal, ସାଧାରଣଙ୍କ ମଙ୍ଗଳ । Weal and woe, ସୁଖଦୁଃଖ, ଶୁଭାଶୁଭ ।
Weald, *n.* 1. ବନଭୂମି; 2. ପ୍ରାନ୍ତର ।
Wealth, *n.* 1. ଧନସମ୍ପତ୍ତି; 2. ବିଭବ ।
Wealthiness, *n.* ବିଭବଶାଳିତା ।
Wealthy, *a.* 1. ଧନବାନ, ଧନୀ; 2. ବିଭବଶାଳୀ ।
Wean, *v.t.* 1. ସ୍ତନତ୍ୟାଗ କରାଇବା, ଦୁଧ ଛଡ଼ାଇବା; 2. ଅଭ୍ୟାସ ଛଡ଼ାଇବା ।

Weapon, *n.* 1. ଯୁଦ୍ଧାସ୍ତ୍ର, ଆୟୁଧ, 2. ଅସ୍ତ୍ର; 3. ଶସ୍ତ୍ର ।
Weaponed, *a.* ସଶସ୍ତ୍ର ।
Weaponless, *a.* ଅସ୍ତ୍ରଶସ୍ତ୍ରହୀନ ।
Wear, *v.t.* 1. ପିନ୍ଧିବା, ପରିଧାନ-କ; 2. ପ୍ରକଟିତ-କ, ଦେଖାଇବା; 3. କ୍ଷୟ-କ; 4. ଘର୍ଷଣଦ୍ୱାରା ଜୀର୍ଣ୍ଣ-କ । —*v.i.* 1. କ୍ଷୟ ପାଇବା; 2. ବହୁକାଳରେ ଟିକିବା, ଦୀର୍ଘସ୍ଥାୟୀ-ହ; 3. କ୍ରମେ ଅବସନ୍ନ ପ୍ରାପ୍ତ-ହ ।—*n.* 1. ପରିଧାନ; 2. ବ୍ୟବହାର, କାରବାର; 3. ଜୀର୍ଣ୍ଣାବସ୍ଥା । —Wear and tear, ବ୍ୟବହାରଜନିତ କ୍ଷୟ । To wear away, କ୍ରମେ କ୍ଷୟ-କ ବା ପାଇବା । To wear off, 1. ଘଷର ହୋଇଯିବା; 2. କ୍ଷୟଦ୍ୱାରା ଲୁଂଶୀଭୂତ-ହ; 3. କ୍ରମେ ହ୍ରାସପ୍ରାପ୍ତ-ହ । To wear out, 1. ଜୀର୍ଣ୍ଣ-କ ବା -ହ; 2. କ୍ଳାନ୍ତ-କ ବା -ହ ।
Wearable, *a.* ପିନ୍ଧିବାଯୋଗ୍ୟ, ପରିଧେୟ ।
Wearer, *n.* ପରିଧାରକ ।
Wearied, *a.* କ୍ଳାନ୍ତଶ୍ରାନ୍ତ, ଅବସନ୍ନ ।
Wearily, *ad.* କ୍ଳାନ୍ତଭାବେ ।
Weariness, *n.* କ୍ଳାନ୍ତି, ଅବସନ୍ନତା ।
Wearing, *a.* ପରିଧେୟ, ପିନ୍ଧିବାର, ପିନ୍ଧା ।—*n.* କ୍ଷୟ ।
Wearisome, *a.* 1. କ୍ଳାନ୍ତିକର; 2. କ୍ଳେଶଦ, କଷ୍ଟଦାୟକ ।
Weary, *a.* 1. କ୍ଳାନ୍ତ, ଶ୍ରାନ୍ତ; 2. ବିରକ୍ତ ।—*v.t.* 1. କ୍ଳାନ୍ତ-କ, ଶ୍ରାନ୍ତ-କ, ଅବସନ୍ନ-କ; 2. ବିରକ୍ତ-କ, ଉପଦାହ-କ ।—To weary out, 1. ଅତି କ୍ଳାନ୍ତ-କ; 2. ଅଭିଭୂତ-କ ।
Weasel, *n.* ନେଉଳ ଜାତୀୟ ଏକପ୍ରକାର ଜନ୍ତୁ ।
Weather, *n.* ପାଗ, ଜଳବାୟୁର ଅବସ୍ଥା, କାଳ ବା ଋତୁ ।—*v t.* 1. ଖରବର୍ଷା ଖୁଆଇବା; 2. ଝଡ଼ ଆଦିରେ ପାର ହୋଇଯିବା ।—To weather the storm, ବିପଦ ଅତିକ୍ରମ-କ । To keep one's weather eye open, 1. ସତର୍କ-ହ; 2. ପ୍ରତ୍ୟୁତ୍ପନ୍ନମତି-ହ । Stress of weather, ପ୍ରଚଣ୍ଡ ବାୟୁ, ଝଡ଼ର ପ୍ରାବଲ୍ୟ ।
Weather-beaten, *a.* ଝଡ଼ରେ ବିକୃତ, ବାତାହତ ।
Weather-bound, *a.* 1. ପାଗହେତୁ ବାହାରିବାକୁ ଅସମର୍ଥ; 2. ଝଡ଼ହେତୁ ବିଳମ୍ବିତ ।
Weather-cock, *n.* 1. ବାୟୁପ୍ରଦର୍ଶନୀ; 2. ଅବ୍ୟବସ୍ଥିତ ଲୋକ ।
Weathered, *a.* (Archit.) 1. ବର୍ଷାପାଣି ବହିଯିବା-ପାଇଁ କ୍ରମନିମ୍ନ; 2. (Geol.) ଖରବର୍ଷାଦ୍ୱାରା ବିକୃତ ।
Weather-gage, *n* 1. ଅନ୍ୟଠାରୁ କୌଣସି ଏକ ଜାହାଜର ବାୟୁର ସୁବିଧା; 2. ସୁବିଧାର ସ୍ଥାନ ।
Weather-glass, *n.* 1. ବୃଷ୍ଟ୍ୟାଦି ବୋଧକ ଯନ୍ତ୍ର; 2. ବାୟୁମାନ ଯନ୍ତ୍ର ।
Weather-proof, *a.* ଜଳବାୟୁ ସହ୍ୟ କରିବାକୁ ସକ୍ଷମ ।
Weather-side, *n.* ବାୟୁ ଅଭିମୁଖୀନ ଦିଗ ।
Weather-wise, *a.* ପାଣିପବନର ଅବସ୍ଥା ନିରୂପଣରେ ଅଭିଜ୍ଞ ।
Weather-worn, *a.* ବୃଷ୍ଟିବାତାହତ, ପାଣିପବନ ପାଇବାଦ୍ୱାରା ଜୀର୍ଣ୍ଣ ।
Weave, *v.t.* 1. ବୁଣିବା, ବୟନ-କ; 2. ଲୁଗା ବୁଣିବା; 3. ରଚନା-କ ।
Weaver, *n.* ତନ୍ତି, ତନ୍ତୁବାୟ ।
Weaver-bird, *n.* ବାୟାଚଢ଼େଇ ।
Weaving, *n.* ଲୁଗାବୁଣା ବ୍ୟବସାୟ ।
Web, *n.* 1. ବୁଣାଟ; 2. ଜାଲକର୍ମ; 3. ବୁଢ଼ିଆଣି ଜାଲ; 4. ଫାନ୍ଦ; 5. ଅଙ୍ଗୁଳି ଯୋଜକ ଚର୍ମ; 6. ଅକ୍ଷି ପଟଳ, ଛାନି; 7. ଜଳଚର ପକ୍ଷିମାନଙ୍କ,ନଖସଂଲଗ୍ନ ଚର୍ମ ।
Webbed, *a.* ଲିପ୍ତପାଦ ।
Web-foot, *n.* ପରଦାଯୁକ୍ତ ପାଦାଙ୍ଗୁଷ୍ଠ ।
Web-footed, *a.* ଜାଲପାଦ, ଲିପ୍ତପାଦ, ହଂସପରି ଯୁକ୍ତପାଦବିଶିଷ୍ଟ ।
Wed, *v.t.* ବିବାହ-କ, ବିଭା-କ, ପାଣିଗ୍ରହଣ-କ; 2. ବିବାହ-ଦେ; 3. ଅବିଚ୍ଛେଦ୍ୟରୂପେ ସଂଯୁକ୍ତ-କ ।
Wedded, *a.* 1. ବିବାହିତ, ପରିଣୀତ; 2. ବୈବାହିକ; 3. ଦୃଢ଼ସଂଯୁକ୍ତ ।
Wedding, *n.* 1. ବିବାହ, ପରିଣୟ; 2. ବିଭାଘର, ବିବାହୋତ୍ସବ; 3. ବିବାହାନୁଷ୍ଠାନ ।—Silver wedding, ୨୫ ବର୍ଷସ୍ଥାୟୀ ବିବାହର ଦାମ୍ପତ୍ୟ ଉତ୍ସବ । Golden wedding, ୫୦ ବର୍ଷସ୍ଥାୟୀ ବିବାହର ଦାମ୍ପତ୍ୟ ଉତ୍ସବ । Diamond wedding, ୬୦ ବର୍ଷସ୍ଥାୟୀ ବିବାହର ଦାମ୍ପତ୍ୟ ଉତ୍ସବ ।
Wedding-cake, *n.* ବିବାହ ପିଷ୍ଟକ ।
Wedding-feast, *n.* ବିବାହ ଭୋଜ ।
Wedding-garment, *n.* ବିବାହ ବସ୍ତ୍ର ।
Wedding-ring, *n.* ବିବାହ ମୁଦ୍ରିକା ।
Wedge, *n.* 1. କାଷ୍ଠାଦି ଚିରିବା କୀଳ, ଗୋଜ, ଖିଲକ; 2. ଧାତୁପିଣ୍ଡ ।—*v.t.* 1. କୀଳାଦ୍ୱାରା ଫଟାଇବା; 2. ଚାପି ରଖିବା; 3. କୀଳାଦ୍ୱାରା ଅଣ୍ଟିବା । —*v.i.* ଠେଲିପେଲି ଯିବା ।—The thin end of the wedge, କୌଣସି ଗୁରୁତର ବ୍ୟାପାରର କ୍ଷୀଣାରମ୍ଭ ।
Wedge-shaped, *a.* କୀଳକାକୃତି ।
Wedgewise, *ad.* କୀଳକରୂପେ ।
Wedlock, *n.* 1. ପରିଣୟ; 2. ଦାମ୍ପତ୍ୟାବସ୍ଥା । —To break wedlock, ବ୍ୟଭିଚାର-କ ।
Wednesday, *wenz'dā*, *n.* ବୁଧବାର, ସପ୍ତାହର ଚତୁର୍ଥ ଦିବସ ।
Wee, *n.* ଅଳ୍ପକାଳ ।—*a.* ଅତିକ୍ଷୁଦ୍ର ।
Weed, *n.* 1. ବଣଘାସ, ଅରମା, ଘାସକଟାଳ; 2. (Coll.) ପିକା ।—*v.t.* 1. ଅରମା ସଫା-କ; 2. କ୍ଷତିକାରକ ବିଷୟ ଦୂର-କ ।
Weeds, *n. pl.* ବିଧବାର ଶୋକବସ୍ତ୍ର ।
Weedgrown, *a.* ଘାସମୟ, ଅରମା ।
Weedy, *a.* 1. ବଣଘାସପୂର୍ଣ୍ଣ; 2. ଘାସମୟ; 3. ଅକର୍ମଣ୍ୟ ।

Week, *n.* 1. ହପ୍ତା, ସପ୍ତାହ, ସାତଦିନ; 2. ସପ୍ତାହର କୌଣସି କାର୍ଯ୍ୟ ଦିବସ।—Week about, ହପ୍ତାକୁହପ୍ତା। A prophetic week, ସପ୍ତବର୍ଷ। A week of Sundays, (Coll.) 1. ସାତ ସପ୍ତାହ; 2. ଅନେକ ଦିନ। Feast of weeks, ଯିହୁଦୀମାନଙ୍କ ସପ୍ତ ସାପ୍ତାହିକ ଉତ୍ସବ। Great week, Holy week, Passion week, ପ୍ରଭୁ ଯିଶୁ ଖ୍ରୀଷ୍ଟଙ୍କ ପୁନରୁତ୍ଥାନର ପୂର୍ବ ସପ୍ତାହ। This day week, ଅଠର ଦିନ।

Weekday, *n.* ରବିବାର ଭିନ୍ନ ଅନ୍ୟ ଦିବସ।

Weekly, *a.* ସାପ୍ତାହିକ, ସପ୍ତାହ ଅନ୍ତର।—*ad.* ସପ୍ତାହରେ ଥରେ।—*n.* ସାପ୍ତାହିକ ପତ୍ରିକା।

Weel, *n.* ମାଛ ଧରିବା ଯନ୍ତ୍ର।

Ween, *v.i.* ବୋଧ-କର, ଭାବିବା।

Weep, *v.i.* 1. କନ୍ଦନ-କର, ରୋଦନ-କର; 2. ଅଶ୍ରୁପାତ ଦ୍ୱାରା ବଳାପ-କର; 3. ବାରିବର୍ଷଣ-କର; 4. ଶାଖା ଅବନତ-କର।—*v.t.* ଅଶ୍ରୁପାତ-କର।

Weeper, *n.* 1. ରୋଦନକାରୀ, କନ୍ଦନକାରୀ; 2. ଟୋପିରେ ଲଗା ଶୋକସୂଚକ କଳା କପଡ଼ା; 3. ବିଧବାମାନଙ୍କର ଶୋକସୂଚକ ଓଢ଼ଣା।

Weeping, *a.* 1. କନ୍ଦନଶୀଳ; 2. ରୋଦନମାନ।—*n.* ରୋଦନ, କନ୍ଦନ।

Weeping-willow, *n.* ବାଇଶୀ ବୃକ୍ଷ।

Weevil, *n.* ପୁଲଲିଅ ପୋକ, ଉଙ୍କୁଣିଅ ପୋକ।

Weft, *n.* ପଡ଼ଅଣ ସୂତା, ଭରଣି ସୂତ।

Weigh, *v.t.* 1. ଓଜନ-କର, ତୌଳିବା; 2. (ଲଙ୍ଗର) ଟାଣି ଉଠାଇବା; 3. ବିବେଚନା-କର; 4. ଗୁରୁତର ମଣିବା; 5. ଅବନମିତ-କର।—*v.i.* 1. ଓଜନ-ହେ; 2. ଗୁରୁତର-ହେ; 3. ଅଭାରରେ ଚାପି-ହେ; 4. (ଲଙ୍ଗର ଉଠାଇ) ଯିବାକୁ ବାହାରିବା।—To weigh down, 1. ଏକପାଶ ଭାରି-କର; 2. ଅବନମିତ-କର।—To weigh in, ଘୋଡ଼ଦୌଡ଼ ପୂର୍ବେ ସବାରର ଓଜନ-କର।

Weighable, *a.* ତୁଲନୀୟ, ଓଜନ ହେବା ଯୋଗ୍ୟ।

Weighage, *n.* ଓଜନ ଦସ୍ତୁର, ପାଉଣେସୀ, କୟାଲି।

Weigher, *n.* 1. ଓଜନକାରୀ; 2. ଓଜନର ପରୀକ୍ଷାର୍ଥ ନିଯୁକ୍ତ କର୍ମଚାରୀ।

Weighing, *n.* ତୌଲ, ଓଜନ।

Weight, *n.* 1. ଭାର, ଓଜନ; 2. ଓଜନର ପରିମାଣ; 3. ବଟଖରା; 4. ଚାପ; 5. ଗୁରୁତ୍ୱ।—Added weight, ଅତିରିକ୍ତ ଭାର।

Weightly, *ad.* 1. ଭାରଗ୍ରସ୍ତରୂପେ; 2. ଗୁରୁତ୍ୱରେ।

Weightiness, *n.* 1. ଭାରଗ୍ରସ୍ତତା; 2. ଗୁରୁତ୍ୱରେ।

Weighty, *a.* 1. ଭାରି, ଭାରୀ; 2. ଗୁରୁତର।

Weir, Wear, *wer, n.* 1. ନଦୀ ମଧ୍ୟସ୍ଥିତ ବନ୍ଧ; 2. ଜଳ ଯୋଗାଇବା ଅଣ୍ଟିକଟ; 3. ମାଛପାଣ।

Weird, *a.* 1. ଅପାର୍ଥିବ; 2. ଅଲୌକିକ; 3. ଡାଆଣି ସମ୍ବନ୍ଧୀୟ।—The weird Sisters, ଭାଗ୍ୟଦେବୀ ଅଦୃଷ୍ଟ ଦେବୀ।

Welaway. Same as Welladay, Wellaway.

Welcome, *a.* 1. ଆଦରରେ ଗୃହୀତ; 2. ସ୍ୱାଗତ; 3. ଆନନ୍ଦଦାୟକ।—*n.* 1. ଶୁଭ ଆଗମନ, ଅଭ୍ୟର୍ଥନା; 2. ସ୍ୱାଗତ ସମ୍ଭାଷଣ; 3. ଅଭିନନ୍ଦନ।—*v.t.* 1. ଶୁଭ ଆଗମନ-କର, ଅଭ୍ୟର୍ଥନା-କର; ସମ୍ଭାଷଣ-କର।—*interj.* ଆସିବା ହେଉନ୍ତୁ।—To bid a welcome, ସ୍ୱାଗତ ସମ୍ଭାଷଣ-କର।

Welcomer, *n.* ଅଭ୍ୟର୍ଥନାକାରୀ ବ୍ୟକ୍ତି।

Weld, *v.t.* 1. ତପ୍ତ କରି ଲୌହ ଆଦି ଯୋଡ଼ିବା; 2. ମିଶାଇ ଯୋଡ଼ିବା।—*v.i.* ଯୋଡ଼-ହେ।—*n.* ଲୌହାଦିର ଯୋଡ଼।

Welder, *n.* ଲୌହାଦି ଯେ ଯୋଡ଼େ ସେ ଲୋକ।

Welfare, *n.* 1. ମଙ୍ଗଳ, ଶୁଭ; 2. କୁଶଳ, ଅଭ୍ୟୁଦୟ।

Welkin, *n.* ଗଗନମଣ୍ଡଳ, ଆକାଶ।

Well (1), *n.* 1. କୂପ, କୂଅ, ବାଉଁଶ; 2. ଉତ୍ସ, ଝରଣା; 3. ଜାହାଜସ୍ଥ ପମ୍ପକଳ ଚାରିପାଖରେ ଥିବା ଘେରା ସ୍ଥାନ; 4. ଘୂରିଆ ସୋପାନଶ୍ରେଣୀର ମଧ୍ୟବର୍ତ୍ତୀ ସ୍ଥାନ; 5. କୂପବତ୍ ଗର୍ତ୍ତ।—*v.i.* ଉତ୍ସାରିତ-ହେ, ଭୂମିରୁ ନିଃସୃତ-ହେ।—The wells, ଧାତୁଦ୍ରବ୍ୟପୂର୍ଣ୍ଣ ନିର୍ଝରି ଥିବା ସ୍ଥାନ।

Well (2), *a.* 1. ଭଲ, କୁଶଳ; 2. ସୌଭାଗ୍ୟଶାଳୀ; 3. ଅନୁକୂଳ, ସୁସ୍ଥ।—*ad.* 1. ଭଲରୂପେ, ଉତ୍ତମରୂପେ; 2. ନ୍ୟାୟରେ; 3. ଭଲ, ଅଚ୍ଛା।—Well done, 1. ଭଲ ହେଲା, ବେଶ୍ ହେଲା; 2. ଭଲ ରନ୍ଧା। Well enough, ମନ୍ଦ ନୁହେ, ଚଳିଯିବ ଭଳି। Well off, ଭଲ ଅବସ୍ଥାପନ୍ନ। Well up, (Coll.) ଅଭିଜ୍ଞ। Just as well, 1. ଭଲ; 2. ଅଧିକ ଭଲ।

Welladay, Wellaway, *interj.* ହାୟ! ଅହୋ!

Well-acquainted, *a.* ସୁପରିଚିତ।

Well-appointed, *a.* ସୁସଜ୍ଜିତ।

Well-behaved, *a.* ସୁଶୀଳ, ବିନୀତ।

Well-being, *n.* ମଙ୍ଗଳ, ସୁଖାବସ୍ଥା।

Well-born, *a.* ସଦ୍‌ବଂଶଜାତ, ଭଦ୍ର।

Well-bred, *a.* ଶିଷ୍ଟ, ସଭ୍ୟ।

Well-disposed, *a.* 1. ସୁମତିବିଶିଷ୍ଟ, ଶାନ୍ତ; 2. ଅନୁରକ୍ତ।

Well-doer, *n.* 1. ସତ୍‌କର୍ମକାରୀ; 2. ସୁଜନ।

Well-earned, *a.* ଯଥୋପାର୍ଜିତ।

Well-favoured, *a.* ସୁଦୃଶ୍ୟ, ସୁନ୍ଦର, ରୂପବନ୍ତ।

Well-fed, *a.* ପରିପୁଷ୍ଟ।

Well-founded, *a.* 1. ନ୍ୟାୟସଙ୍ଗତ; 2. ସମୂଳକ।

Well-grounded, 1. ସୁସମ୍ବନ୍ଧୀୟ; 2. ସୁଶିକ୍ଷିତ।

Well-head, *n.* ଉତ୍ସ।

Well-informed, *a.* 1. ଅଭିଜ୍ଞ, ସୁବିଦିତ; 2. ସୁପଣ୍ଡିତ।

Well-intentioned, *a.* ସଦଭିପ୍ରାୟଯୁକ୍ତ।

Well-known, *a.* 1. ସମ୍ପୂର୍ଣ୍ଣରୂପେ ଜ୍ଞାତ; 2. ସୁବିଖ୍ୟାତ; 3. ପ୍ରଖ୍ୟାତିବିଶିଷ୍ଟ।

Well-mannered, *a.* 1. ଶିଷ୍ଟ; 2. ବାଧ୍ୟ ।

Well-meaning, *a.* ସଦାଶୟ, ମଙ୍ଗଳାକାଙ୍କ୍ଷୀ ।

Well-meant, ସୁଅଭିପ୍ରେତ ।

Well-nigh, *ad.* ପ୍ରାୟ, ପାଖାପାଖି ।

Well-ordered, *a.* ସୁବ୍ୟବସ୍ଥିତ ।

Well-read, *a.* ସ୍ୱାଧ୍ୟାୟସମ୍ପନ୍ନ, ସୁପଣ୍ଡିତ ।

Well-regulated, *a.* ସୁପରିଚାଳିତ ।

Well-set, *a.* 1. ସୁଗଠିତ; 2. ସୁସଂଯୋଜିତ ।

Well-sinker, *n.* କୂପଖନକ ।

Well-sinking, *n.* କୂପଖନନ ।

Well-spoken, *a.* 1. ସୁକଥିତ; 2. ସୁବାଗ୍ମୀ ।

Well-spring, *n.* 1. ପ୍ରସ୍ରବଣ; 2. ଜଳାକର ।

Well-timed, *a.* 1. କାଳୋପଯୋଗୀ; 2. ଯଥାସମୟାନୁବର୍ତ୍ତୀ ।

Well-to-do, *a.* ଅବସ୍ଥାପନ୍ନ, ସଙ୍ଗତିସମ୍ପନ୍ନ ।

Well-wisher, *n.* ଶୁଭାକାଂକ୍ଷୀ ବ୍ୟକ୍ତି ।

Well-worn, *a.* ଜୀର୍ଣ୍ଣଶୀର୍ଣ୍ଣ ।

Welsh, *a.* ଉଏଲ୍ସ ଦେଶ ବା ତନ୍ନିବାସି ସମ୍ବନ୍ଧୀୟ ।—*n. pl.* ଉଏଲ୍ସ ଦେଶ ନିବାସିଗଣ ।—*sing.* ଉଏଲ୍ସ ଦେଶର ଭାଷା ।

Welsh-rabbit, *n.* ଭଜା ରୋଟୀ ଉପରେ ଥିବା ତରଳ ପନୀର ।

Welt, *n.* 1. ଜୋତାର ତଳା ଓ ଯାକ ମଧ୍ୟରେ ଥିବା ଚମଡା; 2. ଧଡ, ବେଣ ।—*v.t.* ଧଡ ବା ବେଣ ସିଲାଇ-କ ।

Welter, *v.i.* 1. ଲଟପଟ-ହେ, ଗଡାଗଡି-ହେ; 2. କାଦୁଅରେ ଲୋଟିବା ।—*n.* 1. ଲଟପଟ; 2. ପଙ୍କରେ ଲୁଣ୍ଠନ ।

Wen, *n.* ଅବୁ, ମାଂସବୃଦ୍ଧି ।

Wench, *n.* 1. ଟୋକୀ; 2. ଦାସୀ, ଚାକରାଣୀ; 3. ବେଶ୍ୟା ।

Wend, (1) *v.i.* 1. ଯିବା, ଗମନ-କ; 2. ତିର୍ଯ୍ୟଗ୍ଭାବେ (ବାଟ) ପଡିଥିବା ।—To wend one's way, ନିଜେ ଯିବା ।

Wend (2), *n.* ୟୁରୋପୀୟମାନଙ୍କ ମଧ୍ୟରେ ଏକ ଜାତିର ନାମ ।

Went, properly *pa. t.* of Wend, but now used as *pa. t.* of Go.

Wept, *pa. t.* and *pa. p.* of Weep.

Were, *v.i.* the *pl.* of Was, used as *pa. t.* of Be.

Wesleyan, *a.* ଯନ୍ ଉଏସ୍ଲୀକର୍ତ୍ତୃକ ପ୍ରଚଳିତ ଧର୍ମମତ ସମ୍ବନ୍ଧୀୟ ।—*n.* ଉକ୍ତ ଧର୍ମମତାବଲମ୍ବୀ ।

Wesleyanism, *n.* ଯନ୍ ଉଏସ୍ଲୀକର୍ତ୍ତୃକ ପ୍ରଚଳିତ ଧର୍ମମତ ।

West, *n.* 1. ପଶ୍ଚିମ, ପଶ୍ଚିମଦିଗ, ସୂର୍ଯ୍ୟାସ୍ତଦିଗ; 2. ୟୁରୋପ ପ୍ରଭୃତି ପାଶ୍ଚାତ୍ୟ ଦେଶ ।—*a.* 1. ପଶ୍ଚିମଦିଗସ୍ଥ; 2. ପାଶ୍ଚାତ୍ୟ ।—*ad.* 1. ପଶ୍ଚିମଦିଗରେ; 2. ପଶ୍ଚିମଦିଗକୁ ।

Westerly, *a.* 1. ପଶ୍ଚିମସ୍ଥ; 2. ପଶ୍ଚିମା ।—*ad.* ପଶ୍ଚିମାଭିମୁଖେ ।

Western, *a.* 1. ପଶ୍ଚିମଦିଗସ୍ଥିତ; 2. ପାଶ୍ଚାତ୍ୟ; 3. ପଶ୍ଚିମଦେଶୀୟ; 4. ପଶ୍ଚିମାଭିମୁଖଗାମୀ ।

Westerner, *n.* ପାଶ୍ଚାତ୍ୟ ଲୋକ ।

Westernmost, *a.* ସର୍ବପଶ୍ଚିମଦିଗସ୍ଥ ।

Westward, *a.* and *ad.* ପଶ୍ଚିମଅଡକୁ; 2. ପଶ୍ଚିମଭାଗେ ।

Wet, *a.* 1. ଓଦା, ଭିଜା, ତିନ୍ତା, ଜଳଯୁକ୍ତ, ଆର୍ଦ୍ର; 2. ବୃଷ୍ଟିମୟ, ସବର୍ଷଣ; 3. ମଦ ବିକ୍ରୟାର୍ଥ ଅନୁମତିପ୍ରାପ୍ତ ।—*n.* 1. ଆର୍ଦ୍ରତା; 2. ବୃଷ୍ଟି; 3. ମଦ୍ୟର ଏକ ଢୋକ; 4. ମତ୍ତତା ।—*v.t.* 1. ଓଦା-କ, ଭିଜାଇବା, ତିନ୍ତାଇବା; 2. ଜଳସିକ୍ତ-କ; 3. ପାନକ୍ରିୟା ଦ୍ୱାରା ଅନୁଷ୍ଠାନ-କ । A wet blanket, ଉତ୍ସାହଭଙ୍ଗକାରୀ ବ୍ୟକ୍ତି । To wet one's whistle, ଟିକିଏ ମଦ ଖାଇବା ।

Wet-dock, *n.* ଜାହାଜର ସର୍ବଦା ସଞ୍ଚାଳନଯୋଗ୍ୟ ଘେରା ।

Wether, *n.* ଖାସୀ ମେଣ୍ଢା ।

Wetness, *n.* ଓଦାଳିଆ, ଆର୍ଦ୍ରତା, ସିକ୍ତତା ।

Wet-nuse, *n.* ଧାଈ, ଉପମାତା ।

Wettish, *a.* ଅଳ୍ପଓଦା, ଅର୍ଦ୍ଧସିକ୍ତ ।

Wey, *n.* ଇଂଲଣ୍ଡୀୟ ଏକ ମାପ ଅର୍ଥାତ୍ ଲୋମର ୧୮ ସେର ଜମା ଶସ୍ୟର ପ୍ରାୟ ୩୬ ମହଣ ।

Whack, *v.t.* ଜୋରରେ ମାରିବା, ଶବ୍ଦ ହେବା ଭଳି ପିଟିବା ।—*n.* ଗୁରୁ ଆଘାତ, ପ୍ରହାର ।

Whale, *n.* ତିମିମାଛ ।—*v.i.* ତିମିମାଛ ଧରିବା ।—Bull whale, ବଡ ଅଣ୍ଡିରା ତିମି ।

Whalebone, *n.* 1. ତିମିମାଛର ଉପରପାଟିରୁ ପ୍ରାପ୍ତ ଶିଙ୍ଗପରି ଟାଣ ପଦାର୍ଥ; 2. ଉକ୍ତ ପଦାର୍ଥର ପାତଳ ଲମ୍ବଖଣ୍ଡ ।

Whaler, Whaleship, *n.* ତିମିମାଛ ଧରିବା ଲୋକ ବା ଜାହାଜ ।

Whaling, *a.* ତିମି ଧରିବାରେ ବ୍ୟବହୃତ ।

Wharf, *n.* ଜିନିଷ ଲଦିବା ବା ଓହ୍ଲାଇବା ଘାଟ ।

Wharfage, *n.* 1. ଘାଟ ମାସୁଲ; 2. ଘାଟରେ ନୌକା ରହିବା ଜାଗା ।

Wharfinger, *n.* 1. ଘାଟର ମାଲିକ; 2. ଘାଟର ପଟ୍ଟାଦାର ।

What, *a.* 1. କି, କେଉଁ; 2. କେତେ, କେଡେ ।—*interrog. pron.* କଅଣ? କିସ? କେତେ? —*rel. pron.* ଯେ କୌଣସି, ଯାହା.........ତାହା, .ତାହା.........ଯାହା ।—What else, ଆଉ କଅଣ? What if, ଯଦିବା । What of, ସେଥିରେ କଅଣ?

What's what, କି କି? କଅଣ କଅଣ?

Whatever, Whate'er, *pron.* ଯାହାକିଛି, ଯେକୌଣସି ।

Whatnot, *n.* ସାନ ସାନ ଶୌଖିନ ଜିନିଷ ରଖିବା ନିମନ୍ତେ ଖୋଲା ଆଲମାରୀ ।

Whatsoever, Whatsoe'er, *a.* ଯେକୌଣସି ପ୍ରକାର, ଯାହାକିଛି ହେଉନା କାହିଁକି ।

Wheal, *n.* ଫୋଟକା, ପ୍ରହାର ଚିହ୍ନ ।—*v.t.* ପ୍ରହାର କରି ଫୋଟକା ବସାଇ-ଦେ ।

Wheat, *n.* ଗହମ, ଗୋଧୂମ । —Wheat-ear stich, ଛୁଞ୍ଚି କାମରେ ଏକପ୍ରକାର ସୁନ୍ଦର ଟାଙ୍କ ।

Wheaten, *a.* ଗହମରୁ ପ୍ରସ୍ତୁତ

Wheedle, *v.t.* 1. ଖୁସାମଦ କରିବା, ଭୁଲାଇବା; 2. ତୋଷାମୋଦ-କର ।

Wheedler, *n.* ଯେ ଖୁସାମଦ କରେ ।

Wheel, *n.* 1. ଚକ, ଚକ୍ର; 2. ଯନ୍ତ୍ରଚକ; 3. (Coll.) ଯାନଗାଡ଼ି; 4. ଚରଖା; 5. ଅପରାଧୀଙ୍କୁ ଯନ୍ତ୍ରଣାଦାୟକ ଏକପ୍ରକାର ଯନ୍ତ୍ର; 6. ଚକ୍ରଗତି ।—*v.t.* 1. ଘୂରାଇବା; 2. ଚକ୍ରଯୁକ୍ତ ଯାନରେ ବହନ-କର; 3. ଫେରାଇବା ।—*v.i.* 1. ଘୂରିବା; 2. ଗଡ଼ି ଯିବା; 3. ଫେରି ପଡ଼ିବା; 4. ଚକ୍ରାକାରରେ ଗତି-କର; 5. (Coll.) ଶୁଗଡ଼ିରେ ଯିବା ।—Wheels within wheels, ଜଟିଳ ବ୍ୟାପାର । To break a butterfly upon the wheel, 1. ମଶା ମାରିବାକୁ ତୋପ ଯୋଖିବା; 2. ସାମାନ୍ୟ ଦୋଷରେ ଗୁରୁତର ଦଣ୍ଡ-ଦେ ।

Wheel-barrow, *n.* ଏକଚକିଆ ହାତଠେଲା ଗାଡ଼ି ।

Wheeled, *a.* ଚକ୍ରବିଶିଷ୍ଟ ।

Wheeler, *n.* 1. ଗାଡ଼ିର ଚକ ନିକଟରେ ଯୋଚା ଘୋଡ଼ା; 2. ଚକ୍ରନିର୍ମାତା । [ଗାଡ଼ିରେ ଗମନ ।

Wheeling, *n.* 1. ଚକ୍ରଯୁକ୍ତ ଯାନରେ ଭ୍ରମଣ; 2. ଚକ୍ର-

Wheelman, *n.* 1. ଚକ୍ରଦ୍ୱାରା ଜାହାଜର ଗତି ବୁଲାଉଥିବା ଲୋକ; 2. ଶଗଡ଼ଗାଡ଼ିର ଚାଳକ ।

Wheel-tax, *n.* (Coll.) ଗାଡ଼ି ଟିକସ ।

Wheelwright, *n.* ଚକକାର, ଚକ୍ରନିର୍ମାଣ ବ୍ୟବସାୟୀ ।

Wheely, *a.* ଚକ୍ରବତ୍ ।

Wheeze, *v.i.* 1. ସାଁ ସାଁ ନିଶ୍ୱାସ ମାରିବା; 2. କଷ୍ଟଶ୍ୱାସ -କର ।—*n.* ସାଁ ସାଁ ଶବ୍ଦ । [ବିନାଶ-କର ।

Whelm, *v.t.* 1. ମଗ୍ନ-କର; 2. ଅଭିଭୂତ-କର; 3.

Whelp, *n.* 1. ସିଂହାଦିର ଶାବକ; 2. କୁକୁର ଛୁଆ; 3. ଢେଣ୍ଡିଆ ଟୋକା ।

When, *ad.* and *conj.* 1. କେବେ, କେତେବେଳେ; 2. ଯେବେ, ଯେତେବେଳେ; 3. ତତ୍ପରେ; 4. ଯେକୌଣସି ସ୍ଥଳେ ।

Whence, *ad.* and *conj.* 1. କାହୁଁ, କୌଠାରୁ, କେଉଁଠାରୁ; 2. ଏଣୁକରି, ସେଥିହେତୁ; 3. ଯେଉଁଠାରୁ, ଯହୁଁ ।

Whencesoever, *conj.* ଯେକୌଣସି ସ୍ଥାନ ବା କାରଣରୁ ।

Whenever, Whene'er, *conj.* ଯେତେବେଳେ, ଯେକୌଣସି ସମୟରେ ।

Where, *ad.* and *conj.* 1. କୋଉଠି, କେଉଁଠାରେ, କାହିଁ; 2. କେଉଁଠାକୁ, କୋଉଠିକି; 3. ଯୋଉଠି, ଯେଉଁଠାରେ, ଯହିଁ ।

Whereabout, Whereabouts, *ad.* and *conj.* 1. କେଉଁଆଡ଼େ, କାହିଁରେ; 2. କାହା ନିକଟରେ ।—*n.* 1. ଠିକଣା; 2. ବର୍ତ୍ତମାନ ସ୍ଥାନ, ହାଲ ସାକିନ (। ହା । ସା ।) ।

Wereas, *conj.* 1. ଯେହେତୁ; 2. ପକ୍ଷାନ୍ତରରେ; 3. କିନ୍ତୁ; 4. ବାସ୍ତବିକ ।

Whereat, *ad.* 1. କାହିଁରେ; 2. ଯହିଁରେ, ତହିଁରେ ।

Whereby, *ad.* and *conj.* 1. ଯଦ୍ୱାରା; 2. ତଦ୍ୱାରା; 3. ଯହିଁରେ; 4. ତହିଁରେ ।

Wherefore, *ad* and *conj.* 1. କେଉଁକାରଣରୁ, କିହେତୁ, କାହିଁକି, କିପାଁ; 2. ଏଣୁକରି, ଅତଏବ ।—*n.* କାରଣ ।

Wherefrom, *ad.* and *conj.* ଯହୁଁ, ଯହିଁରୁ ।

Wherein, *ad.* and *conj.* ଯହିଁରେ, କାହିଁରେ ।

Whereof, *ad.* 1. ଯହିଁରୁ; 2. ଯହିଁର, ଯାହାର ।

Wereon, *ad.* 1. ଯହିଁରେ; 2. କାହିଁରେ ।

Whereso, Wheresoe'er, Wheresoever, *ad.* ଯେଉଁ ସ୍ଥାନରେ ହେଉ, ଯେକୌଣସି ସ୍ଥାନରେ ।

Whereto, *ad.* କିପର୍ଯ୍ୟନ୍ତ, କେତେଦୂର ।

Whereunto, *ad.* 1. କିପର୍ଯ୍ୟନ୍ତ; 2. କାହାନିମନ୍ତେ କି ସକାଶେ; 3. କି ଉଦ୍ଦେଶ୍ୟରେ ।

Whereupon, *ad.* 1. ଯହିଁରେ; 2. ତହିଁରେ; 3. ତଦନନ୍ତର; 4. ସେଥିହେତୁରୁ । [ଯୋଉଠି ।

Where'er, Wherever, *ad.* ଯେକୌଣସି ସ୍ଥାନରେ,

Wherewith, Wherewithal, *ad.* 1. ଯଦ୍ୱାରା, ଯହିଁରେ; 2. କାହିଁରେ ?—The wherewith, The wherewithal, ଆବଶ୍ୟକୀୟ ବସ୍ତୁ ।

Wherry, *n.* ଅଳ୍ପ ଭାରର ଓ ହାଲୁକା ଡଙ୍ଗା, ଡଙ୍ଗୀ ।,

Wherryman, *n.* ଡଙ୍ଗୀର ମାଝି ।

Whet, *v.t.* ଶାଣ-ଦେ, ପଜାଇବା; 2. ଉତ୍ତେଜିତ-କର; 3. କ୍ଷୁଧା ବୃଦ୍ଧି କରାଇବା ।

Whetstone, *n.* ଶାଣପଥର ।

Whether, *interrog.* and *rel. pron.* 1. ଦୁଇ ମଧ୍ୟରୁ କେଉଁଟା ? ; 2. ଦୁଇ ମଧ୍ୟରୁ ଯେଉଁଟା ।—*conj.* କି ନା ।—Whether or no (Coll.) ଯାହାହେଉ ପଛକେ, ନିଶ୍ଚେ । [ଯଥା ଓଃ !

Whew, Wheugh, *interj.* ବିସ୍ମୟସୂଚକ ଅବ୍ୟୟ

Whey, *n.* ଛେନାପାଣି ।

Wheyey, Wheyish, *a.* 1. ଛେନାପାଣିରେ ପ୍ରସ୍ତୁତ; 2. ଛେନାପାଣି ଭଳିଆ ।

Which, *interrog. pron.* 1. କେଉଁ; 2. ଯେ, ଯାହା, ଯେଉଁ; 3. ଯେଉଁସବୁ ।—Which is which ? କେଉଁଟି କଅଣ ?

Whichever, Whichsoever, *pron.* 1. ଯେଉଁଟା; 2. ଯେକୌଣସିଟା ।

Whiff, *n.* 1. ଫୁତ୍କାର; 2. ଧୂମଝାପ; 3. ବାୟୁ-ବେଗ; 4. ବାୟୁପ୍ରବାହିତ ଗନ୍ଧ; 4. ଅଳ୍ପଭାରବାହିତ ହାଲୁକା ଡଙ୍ଗା ।

Whig, *n.* ପୂର୍ବକାଳରେ ଇଂଲଣ୍ଡର ରାଜନୈତିକ ଉଦାର-ମତର ଦଳର ନାମ ଯେ ବର୍ତ୍ତମାନ "Liberal" ନାମରେ କଥିତ ।

While, *n.* 1. କିଛିକାଳ, କିଛିସମୟ; 2. ସାଧିତ ଶ୍ରମ ।—*ad.* 1. ଯେତେବେଳେ; 2. ଯାବତ୍, ଯଦବଧି, ଯେପର୍ଯ୍ୟନ୍ତ ।—To while away the time, କିଛି ସମୟ କଟାଇବା । Every once in a while, କେବେ୨, ସମୟେ୨ । Worth while, ପୋଷାଇବା ଭଳି, ସାର୍ଥକ ।

Whilom, Whilome, *ad.* ପୂର୍ବେ, ଏକଦା ।

Whilst, *conj.* ଯେଉଁସମୟରେ ।

Whim, *n.* 1. ଅକସ୍ମାତ୍ ବାସନା; 2. ଖିଆଲ ।

Whimmy, Whimsical, *a.* 1. ଖାମଖିଆଲି, ଖିଆଲବାଜ୍; 2. ଅସମ୍ଭବ କଳ୍ପନାକାରୀ ।

Whimper, *v.i.* ଧକାଇବା ।—*n.* ସରୁ୨ କାନ୍ଦ ।—To be on the whimper, କାନ୍ଦିବାଭଳି-ହେ ।

Whimpering, *n.* ସରୁ୨ କାନ୍ଦ ।

Whimsically, *ad.* ଖାମଖିଆଲି, ଖିଆଲବାଜରେ ।

Whine, *v.i.* 1. ଗୁଣୁ୨ କରି କାନ୍ଦିବା, ନାକରେ କାନ୍ଦିବା; 2. କାପୁରୁଷ ପରି ଅତୁଷ୍ଟି ପ୍ରକାଶ-କ ।—*n.* ଗୁଣୁ୨ କାନ୍ଦ, ନାକିସ୍ୱର କାନ୍ଦ ।

Whinny, *v.i.* ହ୍ରେଷାରବ-କ, ଘୋଡା ପରି ଶବ୍ଦ-କ ।—*n.* ହ୍ରେଷାରବ, ହିଁ୨ ଶବ୍ଦ ।

Whip, *n.* 1. ଚାବୁକ, କଶା; 2. କଚୁଆନ, ସାରଥୀ; 3. ବ୍ୟବସ୍ଥାପକ ସଭାର ସଭ୍ୟରେ ସ୍ୱଦଳସ୍ଥ ଲୋକଙ୍କୁ ଆଣି ଉପସ୍ଥିତ କରାଇବା ନିମନ୍ତେ ନିଯୁକ୍ତ ବ୍ୟକ୍ତି ।—*v.t.* 1. ଚାବୁକ ମାରିବା, କଶାଘାତ-କ; 2. ବଦ୍ ଘ-କ; 3. ଫେଣ୍ଟିବା; 4. ହଠାତ୍ କାଢିପକାଇବା ।—*v.i.* ଝଟିତ ଯିବା, ଝପଟି ଯିବା ।

Whipcord, *n.* ଚାବୁକ ଦଉଡି । [ସୁବିଧା ।

Whip-hand, *n.* 1. ଚାବୁକ ମାରିବା ହାତ; 2.

Whip-handle, *n.* 1. ଚାବୁକର ବେଣ୍ଟ; 2. ସୁବିଧା ।

Whiplash, *n.* କଶାଗ୍ର ।

Whipper, *n.* କଶାଘାତକାରୀ ଲୋକ ।

Whipper-snapper, *n.* ବୃଥା ଗର୍ବୀ ଲୋକ ।

Whipping, *n.* 1. କଶାଘାତ, ବେତ୍ରାଘାତ; 2. ହାର, ପରାଜୟ ।

Whipping-post, *n.* 1. ଅପରାଧୀ ଯେଉଁ ଖୁଣ୍ଟରେ ବନ୍ଧାଯାଇ ପ୍ରହାରିତ ହୁଏ; 2. କଶାଘାତ ଶାସ୍ତି, ଗାଲପଟା ।

Whip-saw, *n.* କାଠ ଗଣ୍ଡିକୁ ଲମ୍ବରେ ଚିରିବାପାଇଁ ଫାରମଲଗା ବଡ କରତ ।—*v.t.* ଉକ୍ତ କରତରେ ଚିରିବା ।

Whip-snake, *n.* ଏକଜାତିର ସରୁ ସାପ ।

Whir, *n.* ଦ୍ରୁତଘୂର୍ଣ୍ଣନ ଶବ୍ଦ ।—*v.i.* ସଶବ୍ଦେ ଘୂର୍ଣ୍ଣିତ-ହେ ।

Whirl, *n.* ଦ୍ରୁତଘୂର୍ଣ୍ଣନ ।—*v.i.* ଦ୍ରୁତବେଗରେ ଘୂରିବା ।—*v.t.* 1. ଘୂରାଇବା; 2. ପାକ-ଦେ; 3. ରଥଯାନରେ ଦ୍ରୁତବେଗେ ନେଇଯିବା ।

Whirligig, *n.* 1. କୌତୁକାର୍ଥ ଘୂରଣି କଳ; 2. ଚକ୍ରବତ୍ ଶୀଘ୍ର ଘୂରୁଥିବା କୌଣସି ବସ୍ତୁ ।

Whirling-dervish, *n.* ଘୂରିପଡୁଥିବା ଏକଶ୍ରେଣୀର ତୁରସ୍କଦେଶୀୟ ଫକିର ।

Whirlpool, *n.* ଆବର୍ତ୍ତ, ଘୂର୍ଣ୍ଣିଜଳ ।

Whirlwind, *n.* ଘୂର୍ଣ୍ଣିବତାସ, ବାତାବର୍ତ୍ତ ।

Whisk, *v.t.* ଝାଡିବା ।—*v.i.* ଦ୍ରୁତବେଗେ ଯିବା ।—*n.* 1. ଲଞ୍ଜାଦିର ହଲହଲ; 2. ସାନ କୁଞ୍ଚ; 3. ଅଣ୍ଡା ଆଦି ଫେଣ୍ଟିବା ଯନ୍ତ୍ର ।

Whisker, *n.* 1. ଗାଲମୁଞ୍ଛ; 2. ବିରାଡିର ନିଶ ।

Whisky, Whiskey, *n.* ସୁରା, ଏକପ୍ରକାର କଡା ମଦ ।

Whisper, *v.t.* and *i.* 1. ଫୁସ୍୨ କରି କହିବା, ଫୁସୁରୁ୨-ହେ, କାନରେ କହିବା; 2. ଗୁପ୍ତରେ ମନ୍ତ୍ରଣା-କ ।—*n.* 1. ଫୁସ୍୨ କଥନ; 2. ଗୋପନୀୟ ସଙ୍କେତ; 3. ପତ୍ରର ମର୍ମର ଶବ୍ଦ ।

Whisperer, *n.* 1. ଫୁସ୍୨ କରି କହିବା ଲୋକ; 2. କର୍ଣ୍ଣେଜପ ।

Whispering, *n.* 1. ଫୁସ୍୨ କଥନ; 2. କୁଟିଳ ବାକ୍ୟ ।—*a.* ମର୍ମର ଶବ୍ଦକାରକ ।—Whispering gallery, କୌଣସି୨ ବୃହତ୍ ଗୃହର ଯେଉଁ ଅଂଶରେ ଫୁସ୍୨ କରି କଥା କହିଲେହେଁ ତାହା ଦୂରଅନ୍ତରରୁ ଶୁଭେ ।

Whisperingly, *ad.* 1. ମର୍ମର ଶବ୍ଦକାରକରୂପେ; 2. ଫୁସ୍୨ କରି ।

Whist, (1) *a.* ନୀରବ ।—*interj.* ଚୁପ୍ ! ଶୁଣ୍ !

Whist, (2) *n.* ଏକପ୍ରକାର ତାସ୍‌ଖେଳ ଯହିଁରେ ଦୁଇ-ଦଳ ହୋଇ ଚାରିଜଣ ଖେଳନ୍ତି ।

Whistle, *v.i.* 1. ସୁଟି ମାରିବା; 2. ଶୀଶ୍-କ; 3. ସୁନାଦ-କ; 4. ସାଇଁ୨ ଶବ୍ଦ-କ ।—*v.t.* ସୁଟି ମାରି ଡାକିବା ।—*n.* 1. ଶୀଶ୍; 2. ସୁଟି ।—To whistle down the wind, ବୃଥାରେ କଥା କହିବା । To whistle for, 1. ସୁଟିମାରି ଡାକିବା; 2. ବୃଥାରେ ଅପେକ୍ଷା-କ । To wet one's whistle, (Coll.) ଗିଲାସେ ମଦ ପିଇବା ।

Whistler, *n.* 1. ସୁଟିମାରିବା ଲୋକ; 2. ଗାୟକ ପକ୍ଷୀ ।

Whistling, *n.* ସୁଟିମରା ।

Whit, *n.* 1. ଲେଶ, ତିଳ, ବିନ୍ଦୁ; 2. ଟିକିଏ ।—Every whit, ସର୍ବାଂଶେ । No whit, ଲେଶମାତ୍ର ନୁହେ ।

White, *a.* 1. ଧଳା, ଧବଳ, ଶ୍ୱେତ, ଶୁକ୍ଳ; 2. ଫିକା, ଶୁଭ୍ର; 3. ରଙ୍ଗହୀନ; 4. ଅତି ସରଳ ।—*n.* 1. ଧଳା-ରଙ୍ଗ, ଶ୍ୱେତବର୍ଣ୍ଣ; 2. ଗୋରାଜାତି; 3. ଚକ୍ଷୁର ଶୁଭ୍ର-ଅଂଶ; 4. ଅଣ୍ଡାର ଧଳା ।—*n. pl.* ଶ୍ୱେତ ପ୍ରଦର ।—In black and white, 1. ଲେଖାରେ; 2. ଛପା କାଗଜ ଓ କଳା ରଙ୍ଗରେ ।

White-ant, *n.* ଉଈ ।

White-bear, *n.* ଶ୍ୱେତ ଭଲ୍ଲୁକ ।

White-faced, *a.* ଶୁଷ୍କମୁହାଁ ।

White-heat, *n.* ତାପର ଉଚ୍ଚ ପରମାଣ ।

White-hot, *a.* ଅତି ତପ୍ତ ।

Whitelead, *n.* ରଙ୍ଗକର୍ମର ସଫେଦା ।

White-lie, *n.* ଯାହା ସମ୍ପୂର୍ଣ୍ଣ ସତ୍ୟ ନୁହେ ।

Whiten, *v.t.* 1. ଧଳା-କ, ସଫେଦ-କ, ଶୁକ୍ଳବର୍ଣ୍ଣ-କ; 2. ଧୋଲଇ-କ ।—*v.i.* 1. ଧଳା-ହେ; 2. ମୁଖ ବିବର୍ଣ୍ଣ-ହେ ।

Whiteness, *n.* 1. ଶୁଭ୍ରତା; 2. ବିବର୍ଣ୍ଣତା ।

Whitesmith, *n.* ଟିଣ କାରିଗର ।

Whitewash, *n.* 1. କଳିଚୂନ; 2. ସଫେଦ କାମ; 3. କୃତ୍ରିମ ସୌନ୍ଦର୍ଯ୍ୟ ।—*v.t.* 1. ଚୂନ ଲଗାଇବା; 2. ବାହାର ଭାଗ ସୁନ୍ଦର-କ ।

Whitewasher, *n.* ଚୂନ ଲଗାଇବା ମିସ୍ତ୍ରି ।

White-wine, *n.* ରଙ୍ଗହୀନ ମଦ୍ୟ ।

Whither, *ad.* 1. କେଉଁଆଡ଼େ, କେଉଁ ସ୍ଥାନକୁ; 2. ଯେଉଁଆଡ଼େ ।—No whither, କେଉଁଆଡ଼କୁ ନୁହେ ।

Whithersoever, *ad.* ଯେକୌଣସି ସ୍ଥାନରେ ।

Whitish, *a.* ଅଳ୍ପ ଧଳା, କିଛି ଶୁଭ୍ର, ଶେତାଇ, ପାଣ୍ଡୁର ।

Whitlow, *n.* କଣକଣା ।

Witsun, *a.* ପବିତ୍ରାତ୍ମା ଦତ୍ତ ହେବାର ସ୍ମରଣାର୍ଥକ ଉତ୍ସବ ସମ୍ବନ୍ଧୀୟ ।

Whitsunday, *n.* ପବିତ୍ରାତ୍ମା ଦତ୍ତ ହେବାର ସ୍ମରଣାର୍ଥକ ଅର୍ଥାତ୍ 'ଇଷ୍ଟର' ଠାରୁ ସପ୍ତଦିନାନ୍ତର ରବିବାର ।

Whitsuntide, *n.* ଉକ୍ତ ରବିବାରଠାରୁ ସପ୍ତାହବ୍ୟାପୀ କାଳ ।

Whittle, *v.t.* ଛୁରିଦ୍ୱାରା ଚାଞ୍ଛିବା ।

Whiz, *v.i.* ସୁଁ ବା ଶନ୍ ଶବ୍ଦ-କ ।—*n.* ବାଣ ବା ଗୁଳି ଛୁଟିବାର ଶବ୍ଦ ।

Whizzing, *n.* ସୁଁ ବା ଶନ୍ ଶବ୍ଦ ।

Whizzingly, *ad.* ସୁଁ ଶବ୍ଦ କରି ।

Who, *pron.* 1. କିଏ, କିଏସେ; 2. ଯେ, ଯେଉଁଲୋକ ।—Who but he, ତାଙ୍କଛଡ଼ା ଆଉ କିଏ? କେବଳ ସେ । As who should say, କିଏ ଯେପରି କହି ଦେଲା ।

Whoever, *pron.* 1. ଯେକେହି; 2. ଯେ ହେଉ ।

Whole, *a.* 1. ସୁସ୍ଥ; 2. ଅକ୍ଷତ; 3. ସମସ୍ତ, ସମୁଦାୟ; 4. ସକଳ, ସମସ୍ତ; 5. ଦୃଢ଼ ।—*n.* 1. ସମସ୍ତଟା, ସମୁଦାୟଟା; 2. ସମଷ୍ଟି ।—Whole number, ପୂର୍ଣ୍ଣସଂଖ୍ୟା । Upon, on, the whole, ସ୍ଥୂଳତଃ, ମୋଟରେ । With whole skin, ଅକ୍ଷତରୂପେ, ଅଖଣ୍ଡରୂପେ ।

Whole-hearted, Whole-souled, *a.* 1. ଉଦାରମନା; 2. ସମ୍ପୂର୍ଣ୍ଣ ହୃଦୟ ସହିତ ।

Whole-length, *a.* ଆପାଦମସ୍ତକ ପୂର୍ଣ୍ଣ ।

Wholeness, *n.* ସୁସ୍ଥତା ।

Wholesale, *n.* ମୋଟ ଦରରେ ବିକ୍ରୟ, ପାଇକାରୀ ବିକ୍ରି ।

Whole-skinned, *a.* ଅକ୍ଷତ ।

Wholesome, *a.* 1. ସ୍ୱାସ୍ଥ୍ୟକର, ସୁପଥ୍ୟ; 2. ସୁସ୍ଥ; 3. ହିତକର ।

Wholesomely, *ad.* 1. ସ୍ୱାସ୍ଥ୍ୟକରଭାବେ; 2. ହିତକର-[ଭାବେ ।

Wholesomeness, *n.* 1. ସ୍ୱାସ୍ଥ୍ୟଜନକତା; 2. ହିତକରତା ।

Wholly, *ad.* ସର୍ବତୋଭାବେ, ସମ୍ପୂର୍ଣ୍ଣରୂପେ, ନିତାନ୍ତ ।

Whom, *pron.* objective case of who.

Whomever, Whomsoever, *pron.* objective case of whoever, whosoever.

Whoop, *n.* ହୁଙ୍କାର ଶବ୍ଦ, ଚିତ୍କାର ଧ୍ୱନି ।—*v.i.* ହୁଙ୍କାର ଶବ୍ଦ-କ, ଘୋର ଚିତ୍କାର-କ ।

Whooping-cough, Hooping-cough, *n.* ପିଲାମାନଙ୍କ ହାଙ୍କିହେବା କାଶ, ଉହାସ ।

Whore, *n.* ବେଶ୍ୟା, ଦାସୀ, ବାରାଙ୍ଗନା ।—*v.i.* ବେଶ୍ୟାବୃତ୍ତି-କ ।

Whoredom, *n.* 1. ବେଶ୍ୟାଗମନ; 2. ପ୍ରତିମାପୂଜା ।

Whoremonger, *n.* 1. ଲମ୍ପଟ; 2. କୁଟ୍ଟିଣୀ ବା କୁଟ୍ଟଣୀ ।

Whorish, *a.* 1. ଲମ୍ପଟ; 2. ଭ୍ରଷ୍ଟା ।

Whorl, *n.* ଏକ ବୃନ୍ତରୁ ବୃତ୍ତାକାରରେ ଜାତ ପତ୍ରଚୟ ।

Whorled, *a.* ବୃତ୍ତାକାରରେ ଜାତ ପତ୍ରଚୟ ବିଶିଷ୍ଟ ।

Whortleberry, *n.* ଇଙ୍ଗ୍ଲଣ୍ଡୀୟ ଏକପ୍ରକାର ଛୋଟ କୋଳି ।

Whose, *pron.* 1. ଯାହାର, ଯାହାଙ୍କର; 2. ଯେଉଁମାନଙ୍କର; 3. କାହାର ? 4. କେଉଁମାନଙ୍କର ?

Whoso, Whosoever, *indef. rel. pron.* ଯେ କେହି, ଯେ କୌଣସି ଲୋକ ।

Why, *ad.* 1. କାହିଁକି ? କିପାଇଁ ? କିନିମନ୍ତେ ? 2. ଯେଉଁ କାରଣରୁ ।—The cause why, The reason why, ତହିଁର କାରଣ । The why and wherefore, ସମସ୍ତ କାରଣ ।

Wick, (1) *n.* ଶଳିତା, ବଳିତା, ପଲିତା, ବତି ।

Wick, (2) *a.* ଚଞ୍ଚଳ, ଜୀବନ୍ତ ।

Wicked, *a.* 1. ଦୁଷ୍ଟ, ଦୁରାତ୍ମା, ପାପିଷ୍ଠ; 2. ଚପଳ ।—The wicked one, ଶୟତାନ ।

Wickedly, *ad.* ଦୁଷ୍ଟପଣରେ, ପାପିଷ୍ଠଭାବେ ।

Wickedness, *n.* ଦୁଷ୍ଟତା, ପାପିଷ୍ଠତା ।

Wicker, *n.* କାଉଁଚ, କାଉଁଶ ।—*a.* କାଉଁଚବୁଣା, ବେତବୁଣା ।

Wickered, *a.* 1. କାଉଁଚ ବା ବେତବୁଣା; 2. କାଉଁଚ ବା ବେତରେ ଆବୃତ ।

Wickerwork, *n.* କାଉଁଚ ବା ବେତବୁଣା କାମ ।

Wicket, *n.* 1. କ୍ଷୁଦ୍ରଦ୍ୱାର; 2. "Cricket" ଖେଳରେ ପୋତା ହୋଇଥିବା କାଠ ମଧ୍ୟରୁ ଗୋଟାଏ; 3. "Cricket" ଖେଳରେ ପେଣ୍ଡୁ ମାରିବା ଲୋକ ଯେତେ ସମୟ ଖେଳେ; 4. "Cricket" ଖେଳରେ ପେଣ୍ଡୁମାରିବା ଓ ଫୋପାଡ଼ିବା ବ୍ୟକ୍ତିଦ୍ୱୟଙ୍କର ମଧ୍ୟବର୍ତ୍ତୀ ଭୂମି ।

**Wide**, *a.* 1. ବିସ୍ତୀର୍ଣ୍ଣ; 2. ଚଉଡ଼ା, ପ୍ରଶସ୍ତ; 3. ଦୂରଗାମୀ ।—*n.* 1. ବିସ୍ତାର; 2. "Cricket" ଖେଳରେ ଗେଣ୍ଡୁ ଫୋପାଡ଼ିବା ସମୟରେ ଯେଉଁ ଗେଣ୍ଡୁ ଲକ୍ଷ୍ୟଗାମୀ ନୁହେଁ ।—*ad.* 1. ବିସ୍ତୀର୍ଣ୍ଣଭାବେ; 2. ଦୂରରେ ।—Far and wide, 1. ବହୁଦୂର ପର୍ଯ୍ୟନ୍ତ; 2. ଚତୁର୍ଦ୍ଦିଗେ । The wide world over, ସୁବିସ୍ତୀର୍ଣ୍ଣ ଜଗତରେ । Wide as the poles asunder, 1. ଏକ ମେରୁ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ଯେତେ ଦୂର; 2. ଆକାଶ ପାତାଳ ପ୍ରଭେଦ । Wide of the mark, 1. ଲକ୍ଷ୍ୟରୁ ଦୂରବର୍ତ୍ତୀ; 2. ଅସତ୍ୟ ।

**Wide-awake**, *a.* 1. ଜାଗ୍ରତ, ସତର୍କ; 2. ଚତୁର ।

**Widely**, *ad.* 1. ବିସ୍ତାରିତରୂପେ; 2. ବହୁଦୂର ପର୍ଯ୍ୟନ୍ତ ।

**Widen**, *v.t.* and *i.* 1. ବିସ୍ତାର-କ; 2. ଚଉଡ଼ା-କ; 3. ବିସ୍ତୃତ-ହେ, ପ୍ରଶସ୍ତ-ହେ ।

**Wide-spread**, *a.* ଚତୁର୍ଦ୍ଦିଗେ ବିସ୍ତୃତ, ସୁଦୂରବ୍ୟାପ୍ତ ।

**Widgeon, Wigeon**, *n.* ଏକପ୍ରକାର ଜଳ ବତକ ।

**Widow**, *n.* ବିଧବା, ରଣ୍ଡ, ସ୍ୱାମିହୀନା ସ୍ତ୍ରୀ ।—*v.t.* 1. ବିଧବା-କ; 2. ପ୍ରିୟ ପଦାର୍ଥରୁ ବଞ୍ଚିତ-କ ।—Widow's weeds, ବିଧବାର ଶୋକବସ୍ତ୍ର ।

**Widower**, *n.* ମୃତଦାର ।

**Widowhood**, *n.* ବିଧବାବସ୍ଥା, ବୈଧବ୍ୟ ।

**Widow-hunter**, *n.* ଯେ ଲୋକ ଧନବତୀ ବିଧବାକୁ ବିବାହ କରିବାକୁ ଖୋଜେ ।

**Width**, *n.* ଓସାର, ଚଉଡ଼ା, ପ୍ରଶସ୍ତତା, ଆୟତନ ।

**Wield**, *v.t.* 1. ବ୍ୟବହାର-କ; 2. ଚଳାଇବା, ପ୍ରୟୋଗ-କ ।—To wield the sceptre, ରାଜଦଣ୍ଡ ଧରିବା, ଶାସନଭାର ଚଳାଇବା ।

**Wieldy**, *a.* 1. ବହନୀୟ; 2. ପରିଚାଳନୀୟ ।

**Wife**, *n.* ଭାର୍ଯ୍ୟା, ସ୍ତ୍ରୀ, ଜାୟା, ପତ୍ନୀ ।—To give to wife, ବିବାହ-ଦେ । To take to wife, ଭାର୍ଯ୍ୟାରୂପେ ଗ୍ରହଣ-କ, ବିବାହ-କ ।

**Wifehood**, *n.* ପତ୍ନୀତ୍ୱ ।

**Wifeless**, *a.* ପତ୍ନୀହୀନ । [ଅନୁରୂପ ।

**Wife-like, Wifely**, *a.* 1. ଭାର୍ଯ୍ୟୋଚିତ; 2. ପତ୍ନୀର

**Wig**, (1) *n.* 1. ପରଚୁଲ, ଛଦ୍ମକେଶ; 2. ବିଚାରପତି ।

**Wig**, (2) *v.t.* ଭର୍ତ୍ସନା-କ ।

**Wigged**, *a.* ପରଚୁଲ ପିନ୍ଧା, ଛଦ୍ମକେଶ ପରିହିତ ।

**Wight**, *n.* 1. କ୍ଷୁଦ୍ର ଜନ; 2. ସାମାନ୍ୟ ପ୍ରାଣୀ ।

**Wigwag**, *v.i.* 1. ଦୁଲାଇବା ହଲାଇବା; 2. ପତାକା ହଲାଇ ସଙ୍କେତ-କ । [କୁଟୀର ।

**Wigwam**, *n.* ଆମେରିକାର ଆଦିମ ନିବାସିମାନଙ୍କ

**Wild**, *a.* 1. ବନ୍ୟ, ଜଙ୍ଗଲୀ; 2. ଅପୋଷା; 3. ଅବାଧ୍ୟ; 4. ଅସଭ୍ୟ; 5. ଉନ୍ମତ୍ତ; 6. ପ୍ରବଳ, ପ୍ରଚଣ୍ଡ; 7. ଉଦ୍ଭଟ; 8. ଲମ୍ପଟ; 9. ଲକ୍ଷ୍ୟହୀନଗାମୀ ।—*n.* ବଣ, ଜଙ୍ଗଲ, ପ୍ରାନ୍ତର ।—Wild shot, ଲକ୍ଷ୍ୟହୀନ ଗୁଳିକ୍ଷେପ; To run wild, 1. ଅବାଧ୍ୟଭାବେ ଚଳିବା; 2. ଲମ୍ପଟାଚାର-ହେ; 3. ଅରମା ହୋଇଯିବା । To sow wild oats, ଇନ୍ଦ୍ରିୟ ସେବାରେ କାଳହରଣ-କ ।

**Wild-cat**, *n.* ବନବିଡ଼ାଳ ।

**Wilderness**, *n.* ଅରଣ୍ୟ, ପ୍ରାନ୍ତର, ଜନଶୂନ୍ୟ ପ୍ରଦେଶ ।

**Wild-fire**, *n.* ଏକପ୍ରକାର ଅତି ଦହନଶୀଳ ପଦାର୍ଥ ।

**Wild-land**, *n.* ଅକର୍ଷିତ ଜମି, ପତିତ ଭୂମି ।

**Wildly**, *ad.* 1. ପ୍ରଚଣ୍ଡରୂପେ; 2. ଅନିୟମିତଭାବେ, ଅସ୍ତବ୍ୟସ୍ତଭାବେ; 3. ଲକ୍ଷ୍ୟହୀନଭାବେ ।

**Wildness**, *n.* 1. ବନ୍ୟତା; 2. ଅସଭ୍ୟତା; 3. ଉନ୍ମତ୍ତ ଭାବ; 4. ପାଗଳପଣ ।

**Wile**, *n.* 1. ଚତୁରୀ; 2. ଛଳପୂର୍ଣ୍ଣ କୌଶଳ ।—*v.t.* 1. ଠକିବା; 2. ପ୍ରଲୁବ୍ଧ କରିବା; 3. ସୁଖରେ (କାଳ) କାଟିବା ।

**Wileful**, *a.* ଛଳପୂର୍ଣ୍ଣ ।

**Wilful**, *a.* 1. ସ୍ୱେଚ୍ଛାକୃତ; 2. ଅବାଧ୍ୟ, ଜିଦ୍ଖୋର ।

**Wilfully**, *ad.* 1. ସ୍ୱେଚ୍ଛାପୂର୍ବକ; 2. ଅବାଧ୍ୟରୂପେ ।

**Wilfulness**, *n.* 1. ସ୍ୱେଚ୍ଛାଚାରିତା; 2. ଅବାଧ୍ୟତା ।

**Wiliness**, *n.* ଚାତୁର୍ଯ୍ୟପୂର୍ଣ୍ଣ ଶଠତା ।

**Will**, *n.* 1. ଇଚ୍ଛାବୃତ୍ତି; 2. ଇଚ୍ଛାଶକ୍ତି; 3. ପ୍ରବୃତ୍ତି; 4. ଇଚ୍ଛା; 5. ସଙ୍କଳ୍ପ; 6. ଆଦେଶ; 7. ମୃତ୍ୟୁକାଳୀନ ଦାନପତ୍ର, ଉଇଲ୍‌ନାମା ।—*v.i.* 1. ଇଚ୍ଛା-କ; 2. ସଙ୍କଳ୍ପ-କ; 3. ଅଭିପ୍ରାୟ-କ ।—*v.t.* 1. ବାଞ୍ଛା-କ; 2. ମନସ୍ଥ-କ; 3. ଆଦେଶ-କ; 4. ଉଇଲ୍‌ନାମା ଦ୍ୱାରା ଦାନ-କ ।

—At will, ଇଚ୍ଛାରେ, ଇଚ୍ଛାନୁସାରେ । Conjoint, Joint, will, ଦୁଇଜଣଙ୍କର ମିଳିତ ଉଇଲ୍‌ନାମା । To have one's will, ଅଭୀଷ୍ଟ ବସ୍ତୁ ପ୍ରାପ୍ତ-ହେ । Good will, ସଦିଚ୍ଛା, ଶୁଭଚିନ୍ତା । Ill will, ଅନିଷ୍ଟ ସାଧନେଚ୍ଛା, ଅପଚିନ୍ତା । Tenant at will, ପାହି ରଇତ । With a will, ଆଗ୍ରହସହକାରେ, ଇଚ୍ଛାପୂର୍ବକ । To work one's will, ଅଭୀଷ୍ଟ ସାଧନ-କ । Good will of a business, ବ୍ୟବସାୟର ପ୍ରସାର ବା ଖ୍ୟାତି ।

**Willed**, *a.* 1. ଇଚ୍ଛାଯୁକ୍ତ; 2. ପରେଚ୍ଛାଧୀନ ।

**Willer**, ଇଚ୍ଛୁକ ବ୍ୟକ୍ତି ।

**Willing**, *a.* 1. ଇଚ୍ଛୁକ, ରାଜି, ସମ୍ମତ; 2. ସ୍ୱତଃପ୍ରବୃତ୍ତ ।

**Willingly**, *ad.* ଇଚ୍ଛୁକଭାବେ, ସମ୍ମତିକ୍ରମେ ।

**Willingness**, *n.* 1. ଇଚ୍ଛୁକତା, ସମ୍ମତି; 2. ରୁଚି ।

**Will-o-the-wisp**, *n.* ଆଲେଆ ନିଆଁ ।

**Willow**, *n.* ଜଳସ୍ରୋତ ନିକଟରେ ଉତ୍ପନ୍ନ ହେଉଥିବା ଏକପ୍ରକାର ବୃକ୍ଷ ଓ ତାହାର କମନୀୟ କାଷ୍ଠ ।

**Will-power**, *n.* ଇଚ୍ଛାଶକ୍ତିର ବଳ ।

**Will-worship**, *n.* ସ୍ୱେଚ୍ଛାକୃତ ପୂଜା ।

**Willy-nilly**, *ad.* ଇଚ୍ଛା ଥାଉ ବା ନ ଥାଉ ।

**Wilt** (1), *v.i.* ମ୍ଳାନ-ହେ, ନିସ୍ତେଜ-ହେ ।—*v.t.* ମ୍ଳାନ-କ, ନିସ୍ତେଜ-କ ।

**Wilt** (2), 2nd *pers. sing.* of will.

**Wily**, *a.* ଧୂର୍ତ୍ତ, ଶଠ, ଚତୁର ।

**Wimple**, *n.* ସନ୍ନ୍ୟାସୀନୀ ଧର୍ମଯାଜିକାମାନଙ୍କର ମସ୍ତକ ଗାଲ ଓ ଗଳା ଆଚ୍ଛାଦକ ବସ୍ତ୍ର ।

Win, *v.t.* 1. ପରାଜ୍-କ; 2. ଜିତିବା; 3. ସ୍ୱପକ୍ଷରେ ଆଣିବା ।—*v.i.* 1. ଜୟଲାଭ-କ; 2. ଅନୁଗ୍ରହ ଲାଭ-କ ।—To win by a head, ଅଳ୍ପରେ ଜିଣିବା । To win in a canter, ଅନାୟାସେ ଜିଣିବା । To win on, upon, 1. ଶାନ୍ତଭାବରେ ବଢ଼ି ଯିବା; 2. କ୍ରମେ ଅଧିକ ଗ୍ରହଣୀୟ-ହେ । To win *or* gain one's spurs, ଆପଣା ଗୁଣରେ ଯଶୋଲାଭ-କ ।

Wince, *v.i.* 1. ସଙ୍କୁଚିତ ହୋଇ ହଟିଯିବା; 2. ଅଧୀର-ହେ, ଛଟପଟ-ହେ ।

Winch, *n.* 1. କଳର ଚକର ବକ୍ରାକୃତ ବେଣ୍ଟ, ଚରଖାର ବେଣ୍ଟ; 2. ଭାରଦ୍ରବ୍ୟ ଟେକିବା କଳ ।

Wind, (1) *n. wind.* (poet. *wīnd*) 1. ପବନ, ବାୟୁ, ବତାସ; 2. ନିଶ୍ୱାସ; 3. ପେଟଫମ୍ପା; 4. ଗନ୍ଧ, ଖବର । —*v.t.* 1. ଆଘାତ ଦ୍ୱାରା ଶ୍ୱାସରୋଧ-କ, ବେଦମ୍-କ; 2. ନିଶ୍ୱାସ ମାରିବାକୁ ସମର୍ଥ-ହେ ।—A capful of wind, ଅଳ୍ପ ବତାସ । Before the wind, ବାୟୁ ଦ୍ୱାରା ଚାଳିତ । Between wind and water, 1. ଜାହାଜର ଯେଉଁ ଭାଗ ଜଳରେ ବୁଡୁଥାଏ ଓ ଉଠୁଥାଏ; 2. ଅକ୍ଷମଣୀୟ ସ୍ଥଳ । Down the wind, ବାୟୁର ଅନୁକୂଳେ । To get one's wind, ଶ୍ୱାସପ୍ରଶ୍ୱାସ କିମ୍ବା ପୁନଃପ୍ରାପ୍ତ-ହେ । To get to windward of, ସୁବିଧାସ୍ଥାନ ପାଇବା । To get wind of, ଖବର ପାଇବା, ସମ୍ବାଦ ପାଇବା । To get the wind up, 1. କ୍ରୁଦ୍ଧ-ହେ; 2. ଭୀତ-ହେ । How the wind blows *or* lies, 1. ପବନ କେଉଁ ଦିଗରୁ ବହୁଛି; 2. ବର୍ତ୍ତମାନ ଅବସ୍ଥା କେଉଁପରି ଅଛି । In the wind, କିଛି ଜଣାଯାଇ ନାହିଁ କିନ୍ତୁ ଗୁଜବ ଉଠିଛି । In the wind's eye, In the teeth of the wind, ବାୟୁର ପ୍ରତିକୂଳେ । Second wind, ଦୌଡ଼ରେ ଦମ୍ ଫାଟିଗଲାପରେ ପୁନର୍ବାର ଆସୁଥିବା ନୂଆ ଦମ୍ । To sow the wind and reap the whirlwind, ଅଳ୍ପ ଦୋଷ କରି ଅତି କଠିନ ପ୍ରତିଫଳ ପାଇବା ।

Wind, (2), *v.t. wind.* 1. ଗୁଡ଼ାଇବା; 2. ମୋଡ଼ିବା, ପାକଳ-କ; 3. କୁଣ୍ଡଳି କରି ରଖିବା; 4. କଳଦ୍ୱାରା ଉଠାଇବା; 5. ବେଷ୍ଟନ-କ ।—*v.i.* 1. ବକ୍ରଗତିରେ ଯିବା; 2. ବଳି-ହେ; 3. ଗୁଡ଼ାଇ-ହେ ।—To wind up, 1. ଶେଷ-କ; 2. ସମାପ୍ତ-କ; 3. କୌଣସି ବ୍ୟବସାୟ ଉଠାଇ-ଦେ; 4. ଶେଷ ନିଷ୍ପତ୍ତି-କ ।

Windage, *n.* 1. କମାଣର ଓ ତାହାର ଗୋଳାର ଛିଦ୍ର ଅସ୍ତ୍ରତର ତାରତମ୍ୟ; 2. ଗୋଳାର ପଥରେ ବାୟୁର ପ୍ରଭାବ ।

Windbag, *n.* ଜଳ୍ପକ ।

Wind-bound, *a.* ପ୍ରତିକୂଳ ବାୟୁ ହେତୁରୁ ସ୍ଥଗିତ ।

Wind-dropsy, *n.* ପେଟଫମ୍ପା ।

Wind-egg, *n.* 1. କାଚ ଅଣ୍ଡା; 2. ବାଞ୍ଝିଅ ଅଣ୍ଡା ।

Winder, *n.* ଯେ ବା ଯାହା ମୋଡ଼େ, ମୋଡ଼କ ।

Windfall, *n.* 1. ପବନରେ ଝଡ଼ିଥିବା ଫଳ; 2. ଅପ୍ରତ୍ୟାଶିତଭାବେ ଲବ୍ଧ ଧନ ।

Wind-gauge, *n.* ବାୟୁର ବେଗ ପରିମାପକ ଯନ୍ତ୍ର ।

Windiness, *n.* 1. ବାୟୁପୂର୍ଣ୍ଣତା; 2. ସ୍ଫୀତ, ଫମ୍ପା ।

Winding, *a.* 1. ବକ୍ର, କୁଟିଳ, ବେଷ୍ଟିତ; 2. ପାକଳ । —*n.* ମୋଡ଼, ବାଙ୍କ ।

Winding-sheet, *n.* ଶବାଚ୍ଛାଦନ, ଚିତାବସ୍ତ୍ର ।

Wind-instrument, *n.* ବାୟୁବାଦନ ବାଦ୍ୟଯନ୍ତ୍ର ।

Windlass, *n.* ଭାରଦ୍ରବ୍ୟ ଟେକିବା ଚରଖି କଳ ।

Windmill, *n.* ବାୟୁଚାଳିତ କଳ ।

Window, *n.* ଝରକା, ଖିଡ଼କି, ବାତାୟନ ।—Windows of heaven, ଆକାଶର ଦ୍ୱାର, ମେଘ ମୁଖ ।

Windpipe, *n.* ଶ୍ୱାସନାଳୀ, ନିଶ୍ୱାସର ପଥ ।

Wind-up, *n.* ପରିସମାପ୍ତି, ଶେଷ । [ପ୍ରତିକୂଳ ।

Windward, *ad.* ବାୟୁର ପ୍ରତିକୂଳେ ।—*a.* ବାୟୁର

Windy, *a.* 1. ପବନପୂର୍ଣ୍ଣ, ଝଡ଼ବାତମୟ, ବତାସିଆ; 2. ବାୟୁରୋଗଗ୍ରସ୍ତ, ବାତୁଆ ।

Wine, *n.* 1. ଦ୍ରାକ୍ଷାଫଳର ରସ; 2. ମଦ୍ୟ, ମଦ ।—Adam's wine, ଜଳ । Spirits of wine, ସୁରାସାର ।

Wine-bibber, *n.* ମଦ୍ୟପାୟୀ ଲୋକ ।

Wine-cask, *n.* ମଦ ପିପା ।

Wine-cellar, ଭୂଗର୍ଭସ୍ଥ ମଦଗୋଦାମ ।

Wine-glass, *n.* ମଦ ପିଇବା ଗିଲାସ ।

Wine-merchant, *n.* ମଦ ବିକ୍ରେତା ।

Wine-skin, *n.* ଦ୍ରାକ୍ଷାରସ କୁମ୍ପା ।

Wing, *n.* 1. ଡେଣା, ପକ୍ଷା, ପକ୍ଷ; 2. ସୈନ୍ୟର ପାର୍ଶ୍ୱଦଳ; 3. ବଡ଼ ଘରର ପାର୍ଶ୍ୱଭାଗ ।—*v.t.* 1. ପକ୍ଷଯୁକ୍ତ-କ; 2. ଉଡ଼ିବାକୁ ସକ୍ଷମ କରାଇବା; 3. ଦ୍ରୁତଗାମୀ କରାଇବା; 4. ବଡ଼ ଘରପାର୍ଶ୍ୱସ୍ଥ ଗୃହ ନିର୍ମାଣ-କ; 5. ଭଗ୍ନପକ୍ଷ-କ ।—*v.i.* ଉଡ଼ି ଯିବା ।—To lend wings to, ଦ୍ରୁତଗତି କରାଇବା । To make *or* take wing, ପ୍ରସ୍ଥାନ-କ । On *or* upon the wing, 1. ଉଡ଼ନ୍ତ; 2. ଚଳିତାବସ୍ଥାରେ; 3. ପ୍ରସ୍ଥାନୋନ୍ମୁଖ । On the wings of the wind, ବାୟୁ ବେଗରେ । Under one's wing, 1. ଆଶ୍ରୟରେ; 2. ତତ୍ତ୍ୱାବଧାନରେ ।

Winged, *a.* 1. ଡେଣାଯୁକ୍ତ, ପକ୍ଷବିଶିଷ୍ଟ; 2. ଦ୍ରୁତ; 3. ଭଗ୍ନପକ୍ଷ; 4. ଉଚ୍ଚ ।

Wingless, *a.* ପକ୍ଷହୀନ ।

Wing-shot, *n.* 1. ଉଡ଼ନ୍ତା ପକ୍ଷୀକୁ ମାରଣ; 2. ଉଡ଼ନ୍ତା ପକ୍ଷୀକୁ ମାରିବା ଲୋକ ।

Wink, *v.i.* 1. ଆଖି ଠାରିବା; 2. ପଲକ ପଡ଼ିବା; 3. ଦେଖି ନ ଦେଖିବା; 4. ମିଟିମିଟି-କ, ମିଞ୍ଜି-ହେ ।—*v.t.* ଇଙ୍ଗିତ-କ, ଆଖିରେ ଠାରିବା ।—*n.* 1. ଆଖି ମିଟିମିଟିକରଣ; 2. ଆଖିଠାର, ଇଙ୍ଗିତ ।—Forty winks, (Coll.) କ୍ଷଣିକ ନିଦ୍ରା । To tip one the wink, ଆଖିଠାର ମାରି ସତର୍କ କରାଇବା ।

Winking, *n.* 1. ପଲକ; 2. ଆଖି ମିଟିମିଟିକରଣ ।—Like winking (Slang), ଖୁବ୍ ଜଲଦ, ଅତିଶୀଘ୍ର

**Winner**, *n.* 1. ଜେତା; 2. ପ୍ରତିଯୋଗିତାରେ ଜୟୀ ।
**Winning**, *a.* 1. ମନୋହର; 2. ଚିତ୍ତାକର୍ଷକ ।
**Winningpost**, *n.* ବାଜି ଖୁଣ୍ଟ ।
**Winnings**, *n. pl.* ଜୁଆ ଖେଳରେ ଲବ୍ଧ ଧନ ।
**Winnow**, *v.t.* ପାଛୁଡ଼ିବା, (ଶସ୍ୟ) ଝାଡ଼ିବା, କୁଲା ମାରିବା ।—*v.i.* ଧାନରୁ ଅଗାଡ଼ି ପାଛୁଡ଼ିବା ।—*n.* କୁଲା ।
**Winnowing-fan**, *n.* କୁଲା, ସୂର୍ପ । [ହର ।
**Winsome**, *a.* 1. ପ୍ରଫୁଲ୍ଲ; 2. ତୁଷ୍ଟିକର; 3. ମନୋ-
**Winsomely**, *ad.* ମନୋହରରୂପେ ।
**Winsomeness**, *n.* ମନୋହାରିତା ।
**Winter**, *n.* ଶୀତକାଳ, ହିମଋତୁ, ଜାଡ଼ଦିନ ।—*v.t.* ଶୀତକାଳରେ ଆହାର ଯୋଗାଇବା ।—*v.i.* ଶୀତକାଳ କଟାଇବା ।—*a.* 1. ଶୀତକାଳୀନ; 2. ହୈମ ।
**Winter-quarters**, *n. pl.* 1. ସେନାଦଳର ଶୀତକାଳୀନ ଅଡ୍ଡା; 2. ଶୀତାବାସ ।
**Winterly, Wintery, Wintry**, *a.* 1. ଶୀତୋପଯୁକ୍ତ; 2. ଶୀତକାଳ ସଦୃଶ; 3. ଝଟିକାଯୁକ୍ତ ।
**Wipe**, *v.t.* 1. ପୋଛିବା; 2. ମାର୍ଜନ-କ; 3. (Coll.) ପିଟିବା ।—*n.* 1. ପୋଛପୋଛି, ମାର୍ଜନା; 2. (Slang) ରୁମାଲ; 3. ମାଡ଼ ।—To wipe off old scores, 1. ବହୁକାଳର ଦେଣା ପରିଶୋଧ-କ; 2. ବହୁକାଳପରେ ପରିଶୋଧ-ନେ । To wipe away, ପୋଛି-ଦେ । To wipe off, ପରିଶୋଧ-କ । To wipe out, 1. ପୋଛି ନଷ୍ଟ-କ; 2. ଧ୍ୱଂସ-କ ।
**Wiper**, *n.* 1. ଝାଡ଼ନ, ମାର୍ଜନୀ; 2. ପରିଷ୍କାରକ ।
**Wiping**, *n.* 1. ପୋଛପୋଛି, ମାର୍ଜନା; 2. ପ୍ରହାର ।
**Wire**, *n.* 1. ତାର, ତନ୍ତୁ; 2. ତାରଖବର ।—*a.* ତାରଘଟିତ ।—*v.t.* 1. ତାର ଦ୍ୱାରା ବାନ୍ଧିବା; 2. ତାରଯୁକ୍ତ-କ; 3. ତାର ଯୋଗେ ସମ୍ବାଦ ପଠାଇବା ।—*v.i.* ତାରଖବରେ ପଠାଇବା, ତାର-କ ।—To wire away *or* in, ସତେଜରେ କାର୍ଯ୍ୟ-କ ।
**Wire-draw**, *v.t.* ଟାଣି ତାର-କ । [ଜାଲ ।
**Wire-gauze**, *n.* ଅତି ସୂକ୍ଷ୍ମ ଛିଦ୍ରବିଶିଷ୍ଟ ତାରବୁଣା
**Wire-netting**, *n.* ତାରବୁଣା ଜାଲ ।
**Wire-puller**, *n.* ଅଲକ୍ଷ୍ୟରେ କାର୍ଯ୍ୟଚାଳକ ।
**Wirework**, *n.* ତାରକାମ ।
**Wiry**, *a.* 1. ତାରନିର୍ମିତ; 2. ଅରଗୁର ଓ ନମନୀୟ; 3. ସରୁ ଓ ବଳିଷ୍ଠ । [ପାଣ୍ଡିତ୍ୟ ।
**Wisdom**, *n.* 1. ଜ୍ଞାନ, ବିଜ୍ଞତା, ଧୀ; 2. ବିଚାର; 3.
**Wisdom-tooth**, *n.* ଜ୍ଞାନଦନ୍ତ ।
**Wise**, (1), *a.* 1. ବିଜ୍ଞ; 2. ପରିଣାମଦର୍ଶୀ; 3. ପ୍ରବୀଣ; 4. ଧାର୍ମିକ ।
**Wise** (2), *n.* ପ୍ରକାର, ଧାରା, ରୂପ ।—In any wise, ଯେ କୌଣସି ପ୍ରକାରେ । In no wise, କୌଣସି ପ୍ରକାରେ ନୁହେ । On this wise, ଏହି ପ୍ରକାରେ ।

**Wiseacre**, *n.* ଜ୍ଞାନାଭିମାନୀ ଲୋକ ।
**Wisely**, *ad.* 1. ଜ୍ଞାନରୂପେ, ସୁବିବେଚନାପୂର୍ବକ; 2. ପ୍ରବୀଣଭାବେ ।
**Wish**, *v.i.* 1. ବାଞ୍ଛା-ହେ; 2. ଅଭିଳାଷୀ-ହେ; 3. ଲାଳାୟିତ-ହେ ।—*v.t.* 1. ବାଞ୍ଛା-କ, କାମନା-କ, ଲୋଡ଼ିବା; 2. କାମନା-କ; 3. ମାଗିବା ।—*n.* ବାଞ୍ଛା, କାମନା, ଅଭିଳାଷ, ମାନସ ।—The wish is father to the thought, ବାଞ୍ଛା ବୋଧର ଉତ୍ପାଦକ ଅଟେ । Wishing cap, କାମ ଶିରସ୍ତ୍ରାଣ (ଅର୍ଥାତ୍ ଯେଉଁ ଟୋପି ପିନ୍ଧି ଯାହା ମାଗିବ ତାହା ମିଳିବ) ।
**Wishable**, *a.* ବାଞ୍ଛନୀୟ ।
**Wisher**, *n.* 1. ବାଞ୍ଛାକାରୀ; 2. ପ୍ରାର୍ଥୀ, କାମୀ ।
**Wishful**, *a.* କାମନାକାରୀ, ଆକାଂକ୍ଷୀ, ବ୍ୟଗ୍ର ।
**Wishfully**, *ad.* 1. ଅଭିଳାଷପୂର୍ବକ, ବାଞ୍ଛାରେ; 2. ସକାମଭାବେ ।
**Wishy-washy**, *a.* 1. ପାଣିଆ, ପାତଳା; 2. ନୀରସ ।
**Wisp**, *n.* 1. ଲୁଣ୍ଡା; 2. ଗୋଛା; 3. (କେଶ) ଝୁଟ; 4. ଝାଡ଼ୁଣି; 5. ଗୋରୁର ଏକପ୍ରକାର ପାଦରୋଗ ।
**Wistaria**, *n.* ସୁନ୍ଦର ଫୁଲର ଏକପ୍ରକାର ଗଛ ।
**Wistful**, *a.* 1. ଚିନ୍ତାଶୀଳ; 2. ବ୍ୟଗ୍ର, ଉତ୍ସୁକ ।
**Wistfully**, *ad.* 1. ଚିନ୍ତାଶୀଳଭାବେ; 2. ଉତ୍ସାହରୂପେ; 3. ସତୃଷ୍ଣଭାବେ ।
**Wistfulness**, *n.* 1. ଚିନ୍ତାଶୀଳତା; 2. ବ୍ୟଗ୍ରତା ।
**Wit** (1), *v.t.* and *i.* ଜ୍ଞାତ ହବା ।—To wit, ଅର୍ଥାତ୍ ।
**Wit**, (2) *n.* 1. ବୁଦ୍ଧିଶୁଦ୍ଧି; 2. ଜ୍ଞାନ; 3. ବିଚାର; 4. ହାସ୍ୟୋଦ୍ଦୀପକ କହିବା ଗୁଣ; 5. (Pl.) ଉପସ୍ଥିତ ବୁଦ୍ଧି ।—To be at one's wit's end, ବୁଦ୍ଧି ନ ଦିଶିବା, କିଂକର୍ତ୍ତବ୍ୟବିମୂଢ଼-ହେ । To live by one's wits, କୌଣସି ନିର୍ଦ୍ଦିଷ୍ଟ ଜୀବିକା ଅବଲମ୍ବନ ନ କରି ନାନା ଫିକରରେ ବଞ୍ଚିବା । The five wits, ପଞ୍ଚେନ୍ଦ୍ରିୟ । Mother wit, ସ୍ୱାଭାବିକ ବୁଦ୍ଧିଶୁଦ୍ଧି ।
**Wit**, (3), *n.* ହାସ୍ୟୋଦ୍ଦୀପକକାରୀ ବ୍ୟକ୍ତି, ରସିକ ।
**Witch**, *n.* ଡାଆଣୀ, ଡାକିନୀ ।
**Witchcraft**, *n.* 1. ଡାଆଣୀ ବିଦ୍ୟା; 2. ଜାଦୁଗିରି, ଗୁଣିଆଗିରି ।
**Witchery**, *n.* 1. ଗୁଣିଆଗିରି; 2. ମୋହନଶକ୍ତି ।
**Witching**, *a.* 1. ଡାଆଣିଆ; 2. ମୋହକାରୀ । The witching hour, ଅର୍ଦ୍ଧରାତ୍ର । [ସଭା ।
**Witenagemot**, *n.* ଇଂଲଣ୍ଡୀୟ ପ୍ରାଚୀନ ବ୍ୟବସ୍ଥାପକ
**With**, *prep.* 1. ସହିତ, ସଙ୍ଗେ, ସହ, ସହକାରେ; 2. ଦ୍ୱାରା, ଦେଇ ।—With that, ତହିଁରେ । With child, ଗର୍ଭବତୀ । With open arms, ସ୍ନେହଭାବେ । With the lark, ଅତି ପ୍ରତ୍ୟୁଷରେ ।
**Withal**, *ad.* 1. ତତ୍ସଙ୍ଗେ; 2. ତଦ୍ରୂପ; 3. ଅଧିକ ମଧ୍ୟ, ବିଶେଷତଃ ।
**Withdraw**, *v.t.* ଫେରାଇ-ନେ, ପ୍ରତ୍ୟାହାର-କ ।—*v.i.* 1. ପ୍ରସ୍ଥାନ-କ; 2. ହଟିଯିବା ।

Withdrawal, Withdrawment, *n.* 1. ପ୍ରତ୍ୟାହରଣ; 2. ପ୍ରସ୍ଥାନ ।

Withe, Withy, *n.* ନମ୍ର ବେତ, ବାନ୍ଧିବା ଦଉଡ଼ି ।

Wither, *v.i.* 1. ମଉଳିବା, ମ୍ଳାନ-ହେ, ଶୁଖି ଯିବା; 2. କ୍ଷୀଣ-ହେ; 3. କ୍ଷୟ-ହେ ।—*v.t.* 1. ଶୁଷ୍କ-କ; 2. ନଷ୍ଟ-କ ।

Withered, *a.* ମଉଳିଲା, ଶୁଷ୍କ ।

Withering, *a.* 1. ଧ୍ୱଂସକାରୀ; 2. ଦହନକାରୀ ।

Withers, *n. pl.* ଘୋଡ଼ାର ବେକ ଓ ପଛପିଠିର ସନ୍ଧିସ୍ଥାନ ।

Wither-wrung, *a.* ଉପରୋକ୍ତ ସନ୍ଧିସ୍ଥାନରେ ଆଘାତପ୍ରାପ୍ତ ।

Withhold, *v.t.* 1. ଅଟକ-କ; 2. ସଂଯତ-କ; 3. ନ-ଦେ ।

Within, *prep.* and *ad.* ଭିତରେ, ଅନ୍ତରରେ, ମଧ୍ୟରେ ।—Within call *or* hail, ଡାକେ ଅନ୍ତର ମଧ୍ୟରେ ।

Without, *prep.* and *ad.* 1. ବାହାରେ, ବହିର୍ଦ୍ଦେଶରେ, ବହିର୍ଭାଗରେ; 2. ବ୍ୟତିରେକେ, ବିନା, ବ୍ୟତୀତ, ଛଡ଼ା ।—*conj.* ଯଦି ନ ।—Without distinction, ନିର୍ବିଶେଷେ ; From without, ବହିର୍ଦ୍ଦେଶରୁ ।

Withstand, *v.t.* ପ୍ରତିରୋଧ-କ, ବାଧା-ଦେ, ନିବାରଣ-କ ।

Witless, *a.* ବୁଦ୍ଧିହୀନ, ନିର୍ବୋଧ ।

Witlessly, *ad.* ନିର୍ବୋଧଭାବେ ।

Witlessness, *n.* ନିର୍ବୋଧତା ।

Witling, *n.* 1. କ୍ଷୁଦ୍ରବୁଦ୍ଧି ଲୋକ; 2. ଜ୍ଞାନାଭିମାନୀ ବ୍ୟକ୍ତି ।

Witness, *n.* 1. ସାକ୍ଷ୍ୟ, ପ୍ରମାଣ; 2. ସାକ୍ଷୀ, ଦ୍ରଷ୍ଟା ।—*v.t.* 1. ପ୍ରତ୍ୟକ୍ଷରେ ଦେଖିବା; 2. ସାକ୍ଷ୍ୟ-ଦେ, ପ୍ରମାଣ-କ ।—*v.i.* ସାକ୍ଷୀ-ହେ, ଦ୍ରଷ୍ଟା-ହେ ।—An eye witness, ପ୍ରତ୍ୟକ୍ଷରେ ଦେଖିବା ଲୋକ ।

Witness-box, *n.* ଅଦାଲତର ବିଚାରକ ନିକଟରେ ସାକ୍ଷୀ ଠିଆହେବାର ସ୍ଥାନ ।

Witted, *a.* ବୁଦ୍ଧିବିଶିଷ୍ଟ ।

Witticism, *n.* 1. ହାସ୍ୟୋଦ୍ଦୀପକ ବାକ୍ୟ; 2. ରସିକ କଥା ।

Wittily, *ad.* 1. ହାସ୍ୟୋଦ୍ଦୀପକ ବାକ୍ୟରେ; 2. ରସିକତାରେ ।

Wittingly, *ad.* ଜାଣି, ଜ୍ଞାତସାରରେ ।

Witty, *a.* 1. ହାସ୍ୟୋଦ୍ଦୀପକ; 2. ସୁଚତୁର ।

Wizard, *n.* 1. କୁହୁକ ଲୋକ, ମାୟାବୀ; 2. ଜାଦୁକର ।

Wizardly, *ad.* କୁହୁକପରି ।

Wizen, Wizened, *a.* 1. ଶୁଷ୍କ; 2. କୃଶ; 3. କ୍ଷୀଣ ।—Wizened faced, ଶୁଷ୍କଚର୍ମମୁଖବିଶିଷ୍ଟ ।

Woe, Wo, *n.* 1. ସନ୍ତାପ; 2. ମହାଦୁଃଖ; 3. ଅଭିଶାପ; 4. ଦୁଃଖସୂଚକ ଅବ୍ୟୟ ଯଥା ହାୟ୍ ।—In weal and woe, ସମ୍ପଦରେ ବା ବିପଦରେ ।

Woebegone, *a.* ଦୁଃଖାଭିଭୂତ ।

Woeful, Woful, Woesome, *a.* 1. ଦୁଃଖିତ; 2. ସନ୍ତାପଜନକ; 3. ଶୋକପୂର୍ଣ୍ଣ ।

Woefully, Wofully, *ad.* 1. ଦୁଃଖିତଭାବରେ; 2. ଶୋଚନୀୟ ଭାବେ ।

Woefulness, Wofulness, *n.* 1. ସନ୍ତାପଜନକତା; 2. ଶୋକପୂର୍ଣ୍ଣତା ।

Wold, *n.* ପ୍ରାନ୍ତର, ପଡ଼ିଆ ।

Wolf, *n.* ବୃକ, ବାଘ, ହେଣ୍ଡଲା ।—To cry wolf, ମିଛ ଭୟରେ ଲୋକଙ୍କ ନିକଟରେ ଚିତ୍କାର-କ । A wolf in sheep's clothing, ଛଦ୍ମବେଶୀ ଶତ୍ରୁ । To keep the wolf from the door, ଦୁର୍ଭିକ୍ଷ ପ୍ରତିରୋଧ-କ ।

Wolf-dog, *n.* ମେଣ୍ଢାଙ୍କୁ ବୃକର ଆକ୍ରମଣରୁ ରକ୍ଷା କରିବା କୁକୁର ।

Wolfish, Wolvish, *a.* 1. ବୃକସଦୃଶ; 2. ହିଂସ୍ର ।

Woman, *n.* 1. ସ୍ତ୍ରୀଲୋକ, ନାରୀ, ଜାୟା; 2. ସ୍ତ୍ରୀ ଜାତି; 3. ପରିଚାରିକା ।—Woman of the world, ଲୌକିକ ଜ୍ଞାନସମ୍ପନ୍ନା ନାରୀ । Women's rights, ନାରୀର ଓ ସ୍ତ୍ରୀ ସମାନାଧିକାର ବିଷୟକ ଆନ୍ଦୋଳନ । To play the woman, ଦୁର୍ବଳତା ପ୍ରକାଶ-କ ।

Womanhood, *n.* 1. ସ୍ତ୍ରୀର ପ୍ରାପ୍ତବୟସ୍କାବସ୍ଥା ; 2. ସ୍ତ୍ରୀତ୍ୱ, ନାରୀତ୍ୱ; 3. ସ୍ତ୍ରୀ ସ୍ୱଭାବ; 4. ନାରୀବର୍ଗ ।

Womanish, *a.* 1. ସ୍ତ୍ରୀବତ୍; 2. ସ୍ତ୍ରୈଣ; 3. ନାରୀସୁଲଭ; 4. ଅତି ମୃଦୁ ।

Womankind, Womenkind, *n.* ସ୍ତ୍ରୀଜାତି, ନାରୀସମୂହ ।

Woman-like, *a.* ସ୍ତ୍ରୀସଦୃଶ ।

Womanly, *a.* 1. ସ୍ତ୍ରୀବତ୍; 2. ନାରୀ-ଉଚିତ; 3. ସ୍ତ୍ରୀସ୍ୱଭାବ ।—*ad.* ସ୍ତ୍ରୀଭାବରେ ।

Womb, *n.* 1. ଗର୍ଭ, ଗର୍ଭାଶୟ, ଜରାୟୁ; 2. ପେଟ, ଉଦର; 3. ଅଭ୍ୟନ୍ତର ।

Wombat, *n.* ଭଲ୍ଲୁକ ପରି ଅଷ୍ଟ୍ରେଲିଆ ଦେଶର ଏକ-ପ୍ରକାର ଥଳିଧାରୀ ଜନ୍ତୁ ।

Won, *pa. t.* and *pa. p.* of Win.

Wonder, *n.* 1. ଆଶ୍ଚର୍ଯ୍ୟବୋଧ; 2. ଚମତ୍କାର; 3. ଅଦ୍ଭୁତ ବସ୍ତୁ ।—*v.i.* 1. ଆଶ୍ଚର୍ଯ୍ୟାନ୍ୱିତ-ହେ; 2. ବିସ୍ମିତ-ହେ; 3. ସନ୍ଦେହ ଅନୁମାନ-କ; 4. କୌତୂହଳ ପଡ଼ିବା ।—The seven wonders of the world, ପୃଥିବୀର ସାତୋଟି ଆଶ୍ଚର୍ଯ୍ୟଜନକ ବସ୍ତୁ ଯଥା (୧) ମିଶରଦେଶର ଫାରାଓ ସମାଧି ସ୍ତୂପ, (୨) ବାବିଲ ଦେଶରେ ଶୂନ୍ୟ ଉଦ୍ୟାନରେ ଝୁଲା ଉଦ୍ୟାନ, (୩) ଏଫିସ ନଗରରେ ଡାୟନା ଦେବୀର ମନ୍ଦିର, (୪) ଅଲିମ୍ପିଆ ନଗରରେ ଜିଉସ୍‌ଙ୍କ ଗଜଦନ୍ତନିର୍ମିତ ମୂର୍ତ୍ତି, (୫) ହାଲିକାର୍ଣ୍ଣାସସ୍ ନଗରର ସମାଧି ମନ୍ଦିର, (୬) ରୋଡ୍ସ ଦ୍ୱୀପର ପ୍ରକାଣ୍ଡ ମୂର୍ତ୍ତି ଓ (୭) ଆଲେକ୍‌ଜାଣ୍ଡ୍ରିଆରେ ଆଲୋକସ୍ତମ୍ଭ । Nine day's wonder, ଯେଉଁ ବିଷୟ କେତେ ଦିନ ପାଇଁ ଆଶ୍ଚର୍ଯ୍ୟଜନକ ବୋଧ ହୁଏ । No wonder, ଆଶ୍ଚର୍ଯ୍ୟର ବିଷୟ ନୁହେଁ ।

**Wonderful**, *a.* 1. ଚମତ୍କୃତ; 2. ବିସ୍ମୟକର, ଆଶ୍ଚର୍ଯ୍ୟଜନକ; 3. ଅପୂର୍ବ । [ଭାବେ ।
**Wonderfully**, *ad.* 1. ଆଶ୍ଚର୍ଯ୍ୟପ୍ରକାରେ; 2. ଚମତ୍କୃତ-
**Wonderland**, *n.* ଅଦ୍ଭୁତ ଦେଶ ।
**Wonderment**, *n.* ଆଶ୍ଚର୍ଯ୍ୟବୋଧ, ବିସ୍ମୟ ।
**Wonder-struck, Wonder-stricken**, *a.* ଅଚମ୍ଭିତ, ଚମତ୍କୃତ, ଆଶ୍ଚର୍ଯ୍ୟାନ୍ୱିତ, ବିସ୍ମୟାପନ୍ନ । [କର ।
**Wonder-worker**, *n.* 1. ଆଶ୍ଚର୍ଯ୍ୟ କର୍ମକାରୀ; 2. ଯାଦୁ-
**Wonderous**, *a.* ଅଦ୍ଭୁତ, ବିସ୍ମୟକର ।
**Wonderously**, *ad.* ଅଦ୍ଭୁତରୂପେ ।
**Wont**, *a.* ଅଭ୍ୟସ୍ତ ।—*v.i.* ଅଭ୍ୟସ୍ତ-ହେ ।—*n.* ବ୍ୟବହାର, ଚାଲି, ରୀତି ।
**Won't**, shortened form of Will not.
**Wonted**, *a.* ଅଭିମତ ।
**Woo**, *v.t.* 1. ପ୍ରଣୟ ପ୍ରାର୍ଥନା-କ; 2. ବିବାହାର୍ଥ ଉପାସନା-କ ।—*v.i.* 1. ପ୍ରଣୟ-କ; 2. ବିବାହାର୍ଥ ପ୍ରାଣଚେଷ୍ଟା-କ ।
**Wood**, *n.* 1. କାଠ, କାଷ୍ଠ; 2. ବନ, ଅରଣ୍ୟ ।—*v.t.* 1. କାଠ ଯୋଗାଇବା; 2. କାଠପଟା ଦ୍ୱାରା ଆଚ୍ଛାଦନ-କ; 3. ବନରେ ପଳାୟନ-କ ।—Out of the wood, ବିପଦରୁ ଉଦ୍ଧାରପ୍ରାପ୍ତ ।
**Wood-apple**, *n.* କଇଥ ବୃକ୍ଷ ଅବା ତାହାର ଫଳ ।
**Woodbine, Woodbind**, *n.* ସୁଗନ୍ଧ ପୁଷ୍ପଯୁକ୍ତ ଲତା ବିଶେଷ ।
**Wood-carving**, *n.* 1. କାଷ୍ଠଖୋଦନ; 2. କାଠର କାରୁକାର୍ଯ୍ୟ ।
**Wood-coal**, *n.* କାଠ କୋଇଲା, ଅଙ୍ଗାର ।
**Woodcraft**, *n.* 1. ଶିକାରନୈପୁଣ୍ୟ; 2. ବନବିଜ୍ଞାନ ।
**Woodcut**, *n.* ମୁଦ୍ରାଙ୍କନାର୍ଥ କାଠର ଖଣ୍ଡ ବା ତହିଁରୁ ଉତ୍ତୋଳିତ ଚିତ୍ର ।
**Wood-cutter**, *n.* 1. କାଠକାଟିବା ବ୍ୟବସାୟୀ, କାଠ-କଟାଳି; 2. କାଷ୍ଠଖୋଦନ ବ୍ୟବସାୟୀ ।
**Wood-cutting**, *n.* 1. କାଠ କାଟିବା ବ୍ୟବସାୟ; 2. କାଷ୍ଠଖୋଦନ ବ୍ୟବସାୟ ।
**Wooded**, *a.* 1. ବନମୟ, ବନାଚ୍ଛନ୍ନ; 2. କାଷ୍ଠାଚ୍ଛାଦିତ ।
**Wooden**, *a.* 1. କାଠତିଆରି, କାଷ୍ଠନିର୍ମିତ; 2. କଠିନ; 3. ମୂଢ, ଅନାଡ଼ୀ । [ପ୍ରସ୍ତୁତକାରୀ ।
**Wood-engraver**, *n.* ମୁଦ୍ରାଙ୍କନାର୍ଥ କାଠର ଖଣ୍ଡ
**Wood-engraving**, *n.* 1. ମୁଦ୍ରାଙ୍କନାର୍ଥ କାଠର ଖଣ୍ଡ ପ୍ରସ୍ତୁତ କରିବା; 2. କାଠ ଖଣ୍ଡରୁ ଉତ୍ତୋଳିତ ଚିତ୍ର ।
**Wooden-head**, *n.* ନିର୍ବୋଧ ଲୋକ, ମୂର୍ଖ ।
**Woodenness**, *n.* 1. କାଠର ଗୁଣ; 2. ନିସ୍ତେଜତା; 3. ଅନାଡ଼ିପଣ ।
**Wood-fibre**, *n.* କାଠର ସୂତା, କାଷ୍ଠତନ୍ତୁ ।
**Wood-god**, *n.* ବନଦେବତା ।
**Wood-honey**, *n.* ବଣମହୁ, ବନ୍ୟ ମଧୁ । [ଗୋଦାମ ।
**Wood-house**, *n.* କାଠ ରଖିବା ଘର, କାଠ ରହିବା
**Woodland**, *n.* ବନଭୂମି, ବୃକ୍ଷାଚ୍ଛାଦିତ ପ୍ରଦେଶ ।
**Woodlark**, *n.* ବନ ଜଙ୍ଗଲରେ ରହୁଥିବା ଭରତପକ୍ଷୀ ।
**Woodman**, *n.* 1. କାଠ କଟାଳି; 2. ବନରକ୍ଷକ; 3. ବ୍ୟାଧ ।
**Wood-nymph**, *n.* ବନଦେବୀ ।
**Wood-oil**, *n.* କାଠ ତେଲ ।
**Woodpecker**, *n.* କାଠଠୋକରା, କାଠହଣା ପକ୍ଷୀ ।
**Wood-pigeon**, *n.* ବନକପୋତ, ହରଡ ଚଢ଼ାଇ ।
**Woodshed**, *n.* କାଠଶାଳା ।
**Woodsman**, *n.* 1. ବ୍ୟବସାୟାର୍ଥ ବନବାସୀ କାଠ କଟାଳି; 2. ବ୍ୟାଧ ।
**Wood-tar**, *n.* କାଷ୍ଠରୁ ପ୍ରସ୍ତୁତ ଅଲକାତରା ।
**Woodwork**, *n.* କାଠକାମ ।
**Woodworm**, *n.* କାଠପୋକ । [3. ବନ୍ୟ ।
**Woody**, *a.* 1. ବନମୟ, ବୃକ୍ଷାବୃତ; 2. ବନ ସମ୍ବନ୍ଧୀୟ:
**Wooer**, *n.* ପ୍ରଣୟକାଂକ୍ଷୀ, ସ୍ତ୍ରୀ ଉପାସକ ।
**Woof**, *n.* ପଡ଼ିଆଣ, ଭରଣିସୂତା ।
**Wooingly**, *ad.* ପ୍ରଣୟୀଭାବେ ।
**Wool**, *n.* 1. ମେଷଲୋମ, ପଶମ, ଊର୍ଣ୍ଣା; 2. ବହଳିଆ କୁଞ୍ଚିତ ବାଳ ।—Great cry and little wool, ବହୁ ଆରମ୍ଭେ ଲଘୁ କ୍ରିୟା ।
**Wool-comber**, *n.* ଲୋମ ସଜାଇବା ବ୍ୟବସାୟୀ ।
**Wool-gathering**, *n.* ବୃଥା କଳ୍ପନା ।—*a.* 1. ସ୍ୱପ୍ନବତ୍; 2. ଅମନୋଯୋଗୀ ।—To go a wool-gathering, 1. ବୃଥାରେ କଳ୍ପନା ପରିଚାଳନ-କ; 2. ଅମନୋଯୋଗୀ-ହେ ।
**Wool-grower**, *n.* ପଶମ ନିମନ୍ତେ ମେଷପାଳନକାରୀ ।
**Woollen**, *a.* ପଶମୀ, ଲୋମନିର୍ମିତ, ଊର୍ଣ୍ଣାମୟ ।—*n.* ପଶମୀ ଲୁଗା । [ଊର୍ଣ୍ଣାବୃତ ।
**Woolly**, *a.* 1. ପଶମୀ; 2. ପଶମ ସଦୃଶ; 3. ଲୋମଶ,
**Woolman**, *n.* ପଶମ ବ୍ୟବସାୟୀ । [ପଶମ ଗାଣ୍ଠି ।
**Wool-pack**, *n.* ପକ୍କାଲର ପ୍ରାୟ • ମହଣ ଓଜନର
**Wool-sack**, *n.* ଇଂଲଣ୍ଡୀୟ ମହାସଭାର ପ୍ରଧାନ ଅଧ୍ୟକ୍ଷଙ୍କ ଊର୍ଣ୍ଣାସନ ।
**Word**, *n.* 1. ଶବ୍ଦ; 2. କଥା, ବାକ୍ୟ, ବଚନ; 3. ଉକ୍ତି; 4. ବାର୍ତ୍ତା, ସମ୍ବାଦ; 5. ପ୍ରତିଜ୍ଞା, ଅଙ୍ଗୀକାର; 6. ପ୍ରହରୀମାନଙ୍କ ସଙ୍କେତ ଶବ୍ଦ; 7. (*pl.*) ବାଦାନୁବାଦ ।—*v.t.* ଉପଯୁକ୍ତ ଶବ୍ଦ ଲଗାଇ ପ୍ରକାଶ-କ ।—Word for word, ଅକ୍ଷରେ୨ । To break one's word, ପ୍ରତିଜ୍ଞା ଲଙ୍ଘନ-କ । By word of mouth, ମୌଖିକଭାବେ । Good word, ପ୍ରଶଂସା ବାକ୍ୟ । Hard words, ସକ୍ରୋଧ ବାକ୍ୟ । To have a word with, ଅଳ୍ପ କଥାବାର୍ତ୍ତା-କ । To have words with, ବାଦାନୁବାଦ-କ । In a word, In one word, ସଂକ୍ଷେପରେ, ଗୋଟିଏ କଥାରେ କହିବାକୁ ଗଲେ । In word, କେବଳ କଥାରେ । To pass one's word, ପ୍ରତିଜ୍ଞା-କ । The Word, 1. ଧର୍ମଶାସ୍ତ୍ର, ବାଇବଲ; 2. ଯୀଶୁ ଖ୍ରୀଷ୍ଟ । A man of few words, ମିତଭାଷୀ ଲୋକ ।

Wordbook, *n*. 1. ଶବ୍ଦସଂଗ୍ରହ; 2. ଶବ୍ଦକୋଷ ।
Word-bound, *a*. ବଚନବଦ୍ଧ, ଅଙ୍ଗୀକାରବଦ୍ଧ ।
Word-building, *n*. ଶବ୍ଦଯୋଜନା, ଶବ୍ଦରଚନା ।
Worded, *a*. ବାକ୍ୟରେ ପ୍ରକାଶିତ ।
Wording, *n*. 1. ବାକ୍ୟରେ କଥନ; 2. କହିବାର ପ୍ରଣାଳୀ ।
Word-memory, *n*. ଅର୍ଥହୀନ ଶବ୍ଦର ସ୍ମୃତି ।
Word-painter, *n*. ସୁନ୍ଦର ଶବ୍ଦ ବର୍ଣ୍ଣନାକାରୀ ।
Word-painting, *n*. ଶବ୍ଦଦ୍ୱାରା ଚିତ୍ରାଙ୍କନ, ସୁନ୍ଦର ଶବ୍ଦବର୍ଣ୍ଣନା ।
Word-picture, *n*. ଶବ୍ଦଦ୍ୱାରା ପ୍ରତିଫଳିତ ଚିତ୍ର, ସୁବର୍ଣ୍ଣନା ।
Wordy, *a*. 1. ବାକ୍ୟବହୁଳ; 2. ବାଚାଳ ।
Wore, *pa. t.* of Wear.
Work, *n*. 1. କାର୍ଯ୍ୟ, ପରିଶ୍ରମ; 2. କ୍ରିୟା, 3. ସୃଷ୍ଟକର୍ମ; 4. କାର୍ଯ୍ୟର ଫଳ; 5. ସାହିତ୍ୟ ବିଷୟକ ରଚନା; 6. ପୁସ୍ତକ, ଗ୍ରନ୍ଥ; 7. (*pl.*) କାରଖାନା; 8. (ସେନା) ଗଡ଼; 9. ସୂଚୀ ପ୍ରଭୃତି ଶିଳ୍ପର କାର୍ଯ୍ୟ ।—*v.i.* 1. କାମ-କ, କାର୍ଯ୍ୟ-କ, କର୍ମ-କ; 2. କାର୍ଯ୍ୟ ଚଳାଇ-କ; 3. କାର୍ଯ୍ୟରେ ଲାଗିବା; 4. ପରିଶ୍ରମ-କ; 5. ଫଳୋତ୍ପାଦନ-କ; 6. ଫେଣେଇ ଉଠିବା; 7. ଶିଳ୍ପକର୍ମ-କ ।—*v.t.* 1. କରିବା; 2. ଖଟାଇବା, କାର୍ଯ୍ୟ କରାଇବା; 3. ଚଳାଇ-କ; 4. ସମ୍ପାଦନ-କ; 5. ଫେଣେଇବା; 6. ସୂଚୀକର୍ମ ଦ୍ୱାରା ରଞ୍ଜିତ-କ ।—A work of art, 1. ଶିଳ୍ପକାର୍ଯ୍ୟ; 2. କଳାକାର୍ଯ୍ୟ; 3. ଚିତ୍ରକରର ଚିତ୍ର । To work double tides, ଦ୍ୱିଗୁଣ କାର୍ଯ୍ୟ-କ । To work in, 1. ମିଶ୍ରିତ-କ; 2. ପ୍ରବେଶିତ-କ । To work into, 1. କ୍ରମେ ମିଶ୍ରିତ-କ; 2. ପରିଣତ-କ । To work off, 1. ଦୂର-କେ; 2. ମୁଦ୍ରିତ-କ । To work on or upon, 1. କାର୍ଯ୍ୟରେ ଲାଗି ରହିବା; 2. ଉତ୍ତେଜିତ-କ; 3. ପ୍ରଭାବିତ-କ । To work out, 1. ପରିଶ୍ରମ କରି ସାଧନ-କ; 2. (ଋଣ) ଶୁଝାଇବା; 3. ନିଃଶେଷିତ-କ; 4. ସମାଧାନ-କ । To work up, 1. ଉତ୍ତେଜିତ-କ; 2. କାରଣ ନେଇ ବହୁ ଯୋଗାଡ଼ ଗଠନ-କ । Board of works, ସରକାରୀ ପୂର୍ତ୍ତକାର୍ଯ୍ୟ କାର୍ଯ୍ୟକର ପରିଚାଳକ ସଭା । To have one's work cut out, 1. କାହାର କାର୍ଯ୍ୟ ନିରୂପିତ-ହେ; 2. କଷ୍ଟକର କାର୍ଯ୍ୟର ସମ୍ମୁଖୀନ-ହେ । To be out of work, କାର୍ଯ୍ୟଶୂନ୍ୟ-ହେ । To set to work, 1. କାର୍ଯ୍ୟରେ ନିଯୁକ୍ତ-କ; 2. କାର୍ଯ୍ୟାରମ୍ଭ-କ ।
Workability, Workableness, *n*. ଚଳନୀୟତ୍ୱ, ସମ୍ପାଦନୀୟତ୍ୱ ।
Workable, *a*. ଚଳନୀୟ, ସମ୍ପାଦନୀୟ, କରଣୀୟ ।
Workaday, *a*. 1. କାର୍ଯ୍ୟଦିବସୀୟ; 2. ଶ୍ରମଶୀଳ ।
Work-bag,-basket,-box, *n*. ସ୍ତ୍ରୀମାନଙ୍କ କାର୍ଯ୍ୟ-ସୂଚି ବା ଚୋଙ୍ଗେଇ ବା ବାକ୍ସ ।
Work-day, *n*. କାର୍ଯ୍ୟଦିବସ ।
Worker, *n*. 1. କର୍ମକାରୀ, କାର୍ଯ୍ୟକାରକ; 2. ଶ୍ରମିକ ।
Workfellow, *n*. ସାଥୀ କର୍ମକାରୀ ।
Workgirl, *n*. କର୍ମକାରିଣୀ ଯୁବତୀ ।
Workhouse, *n*. 1. କାରଖାନା; 2. ଯେଉଁ ଶାଳାରେ ଦରିଦ୍ରମାନଙ୍କୁ କାର୍ଯ୍ୟ ଦେଇ ସରକାର ପାଳନ କରନ୍ତି ।
Working, *n*. 1. କାର୍ଯ୍ୟକରଣ; 2. ଫେଣେଇଉଠା; 3. (*pl.*) ଖଣିର ଯେଉଁ ସ୍ଥଳରେ କାମ ଲାଗିଥାଏ ।—*a*. 1. ଶ୍ରମସମ୍ବନ୍ଧୀୟ; 2. କାର୍ଯ୍ୟକାରକ ।
Working-class, *n*. ଶ୍ରମିକ ଶ୍ରେଣୀ ।
Working-day, *n*. 1. ରବିବାର ଓ ଛୁଟିଦିନ ଭିନ୍ନ ଅନ୍ୟ ଦିନ; 2. ଦିବସର ଯେତେ ଘଣ୍ଟା କାମ କରାଯାଏ ।
Workman, Workingman, *n*. 1. ଶ୍ରମଜୀବୀ; 2. ଶିଳ୍ପୀ, କାରିଗର ।
Workman-like, *a*. 1. କାରିଗରର ଉପଯୁକ୍ତ; 2. ସୁସମ୍ପନ୍ନ ।
Workmanly, *a*. କାରିଗରର ଉପଯୁକ୍ତ, ଶିଳ୍ପକୌଶଳିତ ।—*ad*. 1. ନିପୁଣଭାବେ; 2. କାରିଗରର ଉପଯୁକ୍ତରୂପେ ।
Workmanship, *n*. 1. କାରିଗରି, ଶିଳ୍ପ କୌଶଳ; 2. କାରୁକାର୍ଯ୍ୟ ।
Workshop, *n*. କାରଖାନା, କର୍ମାଳୟ ।
Workroom, *n*. କାର୍ଯ୍ୟଗୃହ ।
Work-woman, *n*. ଶ୍ରମଜୀବିନୀ, କାରଖାନାରେ କାର୍ଯ୍ୟକାରିଣୀ ।
World, *n*. 1. ପୃଥିବୀ, ଭୂମଣ୍ଡଳ, ଜଗତ୍, ମର୍ତ୍ତ୍ୟ; 2. ବିଶ୍ୱ, ବ୍ରହ୍ମାଣ୍ଡ, ସଂସାର; 3. ଇହଲୋକ; 4. ବର୍ତ୍ତମାନ ଯୁଗ; 5. ଜନ୍ତୁସମୂହ; 6. ମାନବସମାଜ; 7. ଜନସାଧାରଣ; 8. ସାଂସାରିକ ଜୀବନ; 9. ଜୀବନବ୍ୟାପାର; 10. ବହୁତ ଭାଗ; 11. ଅତ୍ୟଧିକ ପରିମାଣ; 12. କାଳ ।—A man of the world, ବିଷୟାସକ୍ତ ପୁରୁଷ, ସାଂସାରିକ ବିଷୟରେ ଅଭିଜ୍ଞ ଲୋକ । A woman of the world, ବିଷୟାସକ୍ତା ସ୍ତ୍ରୀ, ସାଂସାରିକ ବିଷୟରେ ଅଭିଜ୍ଞା ସ୍ତ୍ରୀ । All the world and his wife (Coll.), ସମସ୍ତେହିଁ । To carry the world before one, ସବୁ ବାଧାବିଘ୍ନ ଏଡ଼ାଇ କୃତକାର୍ଯ୍ୟ-ହେ । For all the world, 1. ଠିକ୍‌ରୂପେ; 2. ସମ୍ପୂର୍ଣ୍ଣରୂପେ; 3. କାହିଁରେ ହେବା । The new world, ନୂତନ ମହାଦ୍ୱୀପ, ଉତ୍ତର ଓ ଦକ୍ଷିଣ ଆମେରିକା । The old world, ପୁରାତନ ମହାଦ୍ୱୀପ, ୟୁରୋପ ଆଫ୍ରିକା ଓ ଏସିଆ ମହାଦେଶତ୍ରୟ । The other world, ପରଲୋକ । The whole world, 1. ବିଶ୍ୱବ୍ରହ୍ମାଣ୍ଡ; 2. ଜଗତ୍ସକଳ । The world's end, 1. ଅତି ଦୂରବର୍ତ୍ତୀ ପ୍ରଦେଶ; 2. ପୃଥିବୀର ଶେଷ ସୀମା; 3. ଜଗତର ଅନ୍ତ । To be all the world to one another, ପରସ୍ପରର ସର୍ବସ୍ୱ-ହେ ।
Worldliness, *n*. ସାଂସାରିକତା, ବୈଷୟିକତା ।
Worldling, *n*. 1. ସଂସାରର କୀଟ, ଘୋର ସଂସାରୀ; 2. ଧନ ସେବକ ।

Worldly, *a.* 1. ସାଂସାରିକ, ବିଷୟୀ; 2. ଐହିକ, ଲୌକିକ, ପାର୍ଥିବ ।
Worldly-minded, *a.* ସାଂସାରିକ ବିଷୟରେ ଅନୁରକ୍ତ, ବିଷୟାସକ୍ତ ।
Worldly-wisdom, *n.* ବୈଷୟିକ ଜ୍ଞାନ ।
Worldly-wise, *a.* 1. ସଂସାରଜ୍ଞ; 2. ବିଷୟ କର୍ମରେ ଚତୁର ।
World-old, *a.* ଅତି ପ୍ରାଚୀନ ।
Worm, *n.* 1. ପୋକ, କୀଟ, କୃମି, କୀଟ; 2. ସର୍ପାଦ; 3. ଅଧମ ଲୋକ; 4. ପେଚର ମୋଡ଼ମୋଡ଼ିଆ ଖଞ୍ଜ; 5. (*pl.*) କୃମି ରୋଗ ।—*v.i.* ଧୀରେ ଓ ଗୋପନରେ ଯାଇ-ବା ।—*v.t.* 1. ଧୀରେ ଓ ଗୋପନରେ ସାଧନ-କ; 2. ଫୁସଲାଇ କ୍ରମେ ବାହାର-କ; 3. ପୋକ ଛଡାଇ -ଦେ ।—To worm one's self into, କ୍ରମଶଃ କୌଶଳରେ ପ୍ରବେଶ-କ । To worm out, ଧୀରେ ବାହାର-କ ।
Worm-eaten, *n.* 1. ପୋକକଟା, କୀଟଦଷ୍ଟ; 2. ଜୀର୍ଣ୍ଣ ।
Worm-eating, *a.* କୀଟଖାଦକ ।
Wormed, *a.* କୀଟବିଦ୍ଧ, ପୋକକଟା ।
Worm-fever, *n.* କୃମିଜ୍ୱର ।
Worm-powder, *n.* କୃମିନାଶକ ଔଷଧ ।
Wormwood, *n.* 1. ନାଗଦଅଣା; 2. ତିକ୍ତ ଦ୍ରବ୍ୟ ।
Wormy, *a.* 1. ପୋକପରି, କୀଟ ସଦୃଶ; 2. ନୀଚମନା; 3. କୀଟପୂର୍ଣ୍ଣ; 4. କୃମିମୟ ।
Worn, *pa. p.* of Wear ।—Worn to a skeleton, ଅସ୍ଥିଚର୍ମସାର ।
Worn-out, *a.* ଜୀର୍ଣ୍ଣଶୀର୍ଣ୍ଣ, ଅକର୍ମଣ୍ୟ । [ଦାଏ ।
Worrier *n.* ଯେ ଦରଦାର ବା ଉତ୍ପୀଡ଼ନ କରେ, ବ୍ୟସ୍ତ-
Worrisome, *a.* ବ୍ୟସ୍ତକାରକ, କ୍ଲେଶଜନକ ।
Worry, *v.t.* 1. ଦନ୍ତଦ୍ୱାରା କାମୁଡ଼ିବା; 2. କ୍ଲେଶ-ଦେ; 3. ବ୍ୟସ୍ତ-କ; 4. ଉତ୍ପୀଡ଼ନ-କ ।—*v.i.* 1. ବ୍ୟସ୍ତ-ହେ, ଲଣ୍ଡଭଣ୍ଡ-ହେ; 2. ଚରକ୍ତ-ହେ ।—*n.* 1. କାମୁଡ଼ା; 2. କ୍ଲେଶ; 3. ଚରକ୍ତ ।—To worry along, କଷ୍ଟସୃଷ୍ଟେ ଚଳିବା ।
Worrying, *a.* କ୍ଲେଶଦାୟକ, ବିରକ୍ତିକର ।
Worryingly, *ad.* କ୍ଲେଶଦାୟକରୂପେ ।
Worse, *a.* (used as *comp.* of *Bad*), 1. ଅଧିକ ମନ୍ଦ, ମନ୍ଦତର; 2. ଅଧିକ ପୀଡ଼ିତ ।—The worse, ଅଧିକତର ମନ୍ଦ ବିଷୟ । The worse for liquor, ମଦ୍ୟପାନାବସ୍ଥା ।
Worsen, *v.i.* ଅଧିକ ପୀଡ଼ିତ-ହେ ।—*v.t.* ଅଧିକତର ମନ୍ଦ-କ, ଅଧିକ ଖରାପ-କ ।
Worship, *n.* 1. ଭଜନା, ଆରାଧନା, ପୂଜା, ଅର୍ଚ୍ଚନା; 2. ଆଦର; 3. "ହୁଜୁର" "ଧର୍ମାବତାର" ପ୍ରଭୃତି ସମ୍ମାନସୂଚକ ଉପାଧି ।—*v.t.* 1. ଆଦର-କ; 2. ସମ୍ମାନ-କ; 3. ପୂଜା-କ; 4. ଭଜନା-କ; 5. ଦେବତୁଲ୍ୟ ମଣିବା ।—*v.i.* ପୂଜା-କ, ସେବା-କ ।—House *or* Place of worship, ଭଜନାଳୟ, ଧର୍ମମନ୍ଦିର ।

Worshipable, Worshipful, *a.* ପୂଜନୀୟ, ମାନନୀୟ ।
Worshipless, *a.* 1. ଅପୂଜା; 2. ପୂଜକଶୂନ୍ୟ ।
Worshipper, *n.* 1. ପୂଜକ, ଅର୍ଚ୍ଚକ; 2. ସେବକ, ଭକ୍ତ; 3. ପୂଜାରୀ ।
Worst, *a.* 1. ଅତି ଦୁଷ୍ଟ; 2. ଅତ୍ୟନ୍ତ ମନ୍ଦ, ମନ୍ଦତମ ।—*n.* ସର୍ବାପେକ୍ଷା ମନ୍ଦାବସ୍ଥା, ମନ୍ଦତମ ଅବସ୍ଥା ।—*v.t.* ପରାଜୟ-କ, ପରାଭୂତ-କ, ପରାସ୍ତ-କ ।—To get *or* have the worst of it, ପରାସ୍ତ-ହେ, ହାରିଯିବା । If the worst comes to the worst, ସର୍ବାପେକ୍ଷା ମନ୍ଦ ଘଟିଲେ ମଧ୍ୟ ।
Worsted, *n.* ଉର୍ଣ୍ଣସୂତ୍ର, ପଶମୀ ସୂତା ।—*a.* ପଶମରେ ପ୍ରସ୍ତୁତ ।
Worsted-wok, *n.* ଉର୍ଣ୍ଣାସୂତ୍ରଦ୍ୱାରା ସୂଚୀକର୍ମ ।
Wort, (1) *n.* କୋବିଜାତୀୟ ଏକପ୍ରକାର ଗଛ ।
Wort, (2) *n.* 1. ଯବରସ; 2. ପ୍ରସ୍ତୁତ ହେଉଥିବା ମଦ୍ୟ ।
Worth, *n.* 1. ମୂଲ୍ୟ; 2. ସମ୍ପତ୍ତି; 3. ଗୁଣ, ଯୋଗ୍ୟତା; 4. ଦର, ଭାଉ; 5. ଶ୍ରେଷ୍ଠତା; 6. ଗୁରୁତ୍ୱ ।—*a.* 1. ମୂଲ୍ୟବାନ୍, ମୂଲ୍ୟର; 2. ଗୁଣବନ୍ତ; 3. ଯୋଗ୍ୟ ।
Worthily, *ad.* ଉପଯୁକ୍ତରୂପେ, ଯୋଗ୍ୟରୂପେ ।
Worthiness, *n.* 1. ଉପଯୁକ୍ତତା, ଯୋଗ୍ୟତା; 2. ଗୁଣବତ୍ତ୍ୱ ।
Worthless, *a.* ମୂଲ୍ୟହୀନ, ଅକର୍ମଣ୍ୟ, ନୀଚଜ; 2. ଅପଦାର୍ଥ ।
Worthlessly, *ad.* ଅକର୍ମଣ୍ୟରୂପେ ।
Worthlessness, *n.* ଅକର୍ମଣ୍ୟତା ।
Worthy, *a.* 1. ଯୋଗ୍ୟ, ଅର୍ହ; 2. ଗୁଣବାନ୍; 3. ଉପଯୁକ୍ତ; 4. ମାନ୍ୟ ।—*n.* 1. ଗୁଣବାନ୍ ବ୍ୟକ୍ତି; 2. ସୁବିଖ୍ୟାତ ଲୋକ ।
Wot, *v.t.* ଜାଣିବା, ଜ୍ଞାତ-ହେ ।
Would, *pa. t.* of Will.
Would-be, *a.* 1. ଅଭିବାଞ୍ଛିତ; 2. ଚେଷ୍ଟିତ; 3. ଭଣ୍ଡାମୀଯୁକ୍ତ ।—*n.* ଛଦ୍ମବେଶଧାରୀ ଲୋକ ।
Wound, (1) *wound*, *pa. t.* and *pa. p.* of Wind.
Wound, (2) *n.* *woond*, 1. ଘା, କ୍ଷତ, ଆଘାତ ।—*v.t.* 1. କ୍ଷତ-କ; 2. ଆଘାତ-କ ।
Woundable, *a.* ଆଘାତଯୋଗ୍ୟ ।
Wounded, *a.* ଆହତ, ଆଘାତପ୍ରାପ୍ତ ।
Woundless, *a.* 1. ଅକ୍ଷତ, ଅନାହତ; 2. କ୍ଷତାକ୍ଷମ; 3. ନିରୀହ ।
Wove, Woven, *pa. t.* and *pa. p.* of Weave.
Wrack, Rack, *n.* 1. ସମୁଦ୍ର ଶୈବାଳ; 2. ଉପକୂଳରେ ଭାସିଆସିଥିବା ଜାହାଜ ଭଗ୍ନାଂଶ; 3. ଧ୍ୱଂସ, ସର୍ବନାଶ ।
Wraith, *n.* 1. ପ୍ରେତାତ୍ମା; 2. ଭୂତ ।
Wrangle, *v.i.* 1. ତେଣ୍ଡା-କ; 2. ବିବାଦ-କ; 3. କଳହ-କ ।—*n.* 1. ତେଣ୍ଡା; 2. ବିବାଦ; 3. କଳହ ।

Wrangler, *n.* 1. ବିବାଦକାରୀ; 2. କଳହକାରୀ; 3. "Cambridge" ବିଶ୍ୱବିଦ୍ୟାଳୟର ଗଣିତବିଦ୍ୟାରେ ପ୍ରଥମଶ୍ରେଣୀରେ ପରୀକ୍ଷୋତ୍ତୀର୍ଣ୍ଣ ବ୍ୟକ୍ତି ।
Wrangling, *n.* ବିବାଦକରଣ ।
Wrap, (1) *v.t.* 1. ଗୁଡ଼ାଇବା; 2. ଘୋଡ଼ାଇବା ।—*n.* ଶାଲ, ଚଦର, ଘୋଡ଼ଣୀ ।—Wrapped up in, 1. ଗୁଡ଼ାହୋଇଥିବା, ଜଡିତ; 2. ନିବିଷ୍ଟଚିତ୍ତ, ତନ୍ମୟ; 3. ଅନ୍ତର୍ଗତ ।
Wrap, (2) same as Rap.
Wrappage, *n.* 1. ଘୋଡାଇବା କ୍ରିୟା; 2. ଗୁଡାଇବା ପାଇଁ ବ୍ୟବହୃତ ଜିନିଷ ।
Wrapper, *n.* 1. ଆଚ୍ଛାଦନକାରୀ; 2. ଘୋଡଣୀ, ଚଦର ।
Wrapping, *n.* 1. ଗୁଡାଇବା କାର୍ଯ୍ୟ; 2. ଗୁଡାଇବା ପାଇଁ ବ୍ୟବହୃତ ଜିନିଷ ।
Wrath, *n.* 1. ପ୍ରଚଣ୍ଡ କ୍ରୋଧ; 2. କୋପ; 3. ଉତ୍ତାପ ।
Wrathful, *a.* 1. କ୍ରୋଧାନ୍ଧ; 2. କୋପାନ୍ୱିତ; 3. କୋପୋଦ୍ଦୀପ୍ତ; 4. କ୍ରୋଧପ୍ରକାଶକ ।
Wrathfully, *ad.* 1. କ୍ରୋଧାନ୍ଧଭାବେ; 2. କୋପୋଦ୍ଦୀପ୍ତଭାବେ ।
Wrathfulness, *n.* କ୍ରୋଧାନ୍ଧତା ।
Wreak, *v.t.* 1. କ୍ଷେପଣ-କ; 2. ପ୍ରତିଫଳ-ଦେ ।—To wreak vengeance, ବୈର ସାଧନ-କ ।
Wreath, *n.* 1. ଶିରୋଭୂଷଣ ମାଳା; 2. ପୁଷ୍ପମାଳା, ହାର ।
Wreathe, *v.t.* 1. ମୋଡିବା; 2. ଗୁନ୍ଥିବା; 3. ବେଷ୍ଟନ-କ ।—*v.i.* ମାଳା ଗୁନ୍ଥିବା ।
Wreck, *n.* 1. ବିନାଶ; 2. ଜାହାଜର ନାଶ; 3. ଭଗ୍ନ ଜାହାଜର ଖଣ୍ଡବିଖଣ୍ଡ; 4. ଭଗ୍ନାବଶେଷ ।—*v.t.* 1. ନାଶ-କ; 2. (ଜାହାଜ) ଧ୍ୱଂସ-କ ।—*v.i.* 1. ଭଗ୍ନ-ହେ; 2. (ଜାହାଜ) ଭଗ୍ନ-ହେ ।
Wreckage, *a.* 1. ବିନାଶକରଣ; 2. ଭଗ୍ନାବଶେଷ ।
Wrecker, *n.* ଲୁଣ୍ଠନାର୍ଥ ଜାହାଜ ଭଗ୍ନକାରୀ; 2. ବିନାଶକାରୀ; 3. ଭଗ୍ନ ଜାହାଜର ଦ୍ରବ୍ୟାଦି ଉଦ୍ଧରଣକାରୀ ।
Wreck-master, *n.* ଭଗ୍ନୋନ୍ମୁଖ ଜାହାଜର ସଂରକ୍ଷକ ।
Wren, *n.* ଏକ ଜାତୀୟ କ୍ଷୁଦ୍ର କଣ୍ଟକ ପକ୍ଷୀ, ଟିକ୍‌ଟିକାଇ ।
Wrench, *v.t.* ଟାଣି ମୋଡିବା; 2. ବଳେ ଟାଣି-ନେ; 3. ଭାଙ୍ଗି ପକାଇବା; 4. ମଚକ-ଦେ ।—*n.* 1. ବଳେ ମୋଡା; 2. ମୋଡଣୀ, ରେଞ୍ଚ ।
Wrest, *v.t.* 1. ବଳପୂର୍ବକ ମୋଡି ଛଡାଇ-ନେ; 2. ପ୍ରକୃତ ଅର୍ଥରୁ ବିକୃତ-କ ।—*n.* 1. ବଳେ ମୋଡା; 2. ତାରଯନ୍ତ୍ର ବାଦ୍ୟଯନ୍ତ୍ରର ଚାବି ।
Wrestle, *v.i.* 1. ମଲ୍ଲଯୁଦ୍ଧ-କ, କୁସ୍ତି-କ; 2. ପ୍ରତିଯୋଗିତା-କ ।—*n.* 1. କୁସ୍ତିକରଣ; 2. ମଲ୍ଲଯୁଦ୍ଧ ।
Wrestler, *n.* ମଲ୍ଲ, ପହଲ୍‌ମାନ ।
Wrestling, *n.* କୁସ୍ତି, ମଲ୍ଲଯୁଦ୍ଧ ।
Wretch, *n.* 1. ହତଭାଗ୍ୟ ଲୋକ, ଅଭାଗା; 2. ଦୁର୍ବୃତ୍ତ, ପାପୀ; 3. ଅଧମ ଲୋକ ।
Wretched, *a.* 1. ଅଭାଗା, ଦୁର୍ଭାଗ୍ୟ; 2. ଅସୁଖୀ; 3. ନୀଚ, ହୀନ; 4. ଖରାପ, ଜଘନ୍ୟ । [ଭାବେ ।
Wretchedly, *ad.* 1. ଜଘନ୍ୟଭାବେ; 2. ଦୁର୍ଭାଗ୍ୟ-
Wretchedness, *n.* 1. ଦୁରବସ୍ଥା; 2. ହୀନାବସ୍ଥା ।
Wriggle, *v.i.* 1. ଛଟପଟ-ହେ; 2. ସାପ ପରି ଗଡିବା; 3. ବକ୍ର ବ୍ୟବହାର-କ ।
Wriggler, *n.* 1. ଯେ ଛଟପଟ ହୁଏ; 2. ବକ୍ର ବ୍ୟବହାରକାରୀ ।
Wright, *n.* କର୍ମକାରୀ, ଶିଳ୍ପୀ ।
Wring, *v.t.* 1. ମୋଡିବା; 2. ଚିପୁଡିବା; 3. ଯନ୍ତ୍ରଣା-ଦେ, ପୀଡା-ଦେ; 4. ବଳପୂର୍ବକ-ନେ, ଜବରଦସ୍ତିରେ-ନେ ।—*v.i.* 1. ମୋଡ-ହେ; 2. ସଙ୍କୁଚିତ-ହେ ।—To wring from, ଜବରଦସ୍ତିରେ-ନେ । To wring off, ମୋଡି ଛିଣ୍ଡାଇବା । To wring out, ଭଲଭାବେ ଚିପୁଡିବା । To wring the hands, ହାତ ମଳିବା ହାତ ଦୁଃଖ ପ୍ରକାଶ-କ ।
Wringer, *n.* 1. ଯେ ଲୋକ ଲୁଗାକୁ ଚିପୁଡେ; 2. ଲୁଗା ଚିପୁଡିବା କଳ ।
Wrinkle, (1) *n.* (Coll.) 1. ଗୁପ୍ତ ପରାମର୍ଶ; 2. ଉପକାରକ ଜାଣିବା କଥା ।
Wrinkle, (2), *n.* 1. କୁଞ୍ଚନ; 2. କୁଞ୍ଚିତ ମାଂସ, ବଳି ।—*v.t.* କୁଞ୍ଚିତ-କ ।—*v.i.* ଭାଙ୍ଗ ହୋଇଯିବା, କୁଞ୍ଚିତ-ହେ ।
Wrinkly, *a.* 1. କୁଞ୍ଚନପୂର୍ଣ୍ଣ; 2. କୁଞ୍ଚନାଧୀନ ।
Wrist, *n.* ମଣିବନ୍ଧ, ହାତର କବ୍ଜା ।
Wristband, *n.* କମିଜର ହାତବନ୍ଧ ।
Wristlet, *n.* 1. କବ୍ଜାରେ ବାନ୍ଧିବା ପଟା; 2. ବାଲା ।
Wristshot, *n.* "Golf" ଖେଳରେ ହାତ ଉପରକୁ ନ ଟେକି ମଣିବନ୍ଧ ହାତ ଚଳେଇ ବଲ ପାଶ୍ୱ ଫଳକ ।
Writ, *n.* 1. ଲେଖା; 2. ଅଦାଲତର ଆଜ୍ଞାପତ୍ର; 3. ଦଲିଲ ।—Holy Writ, ଧର୍ମପୁସ୍ତକ, ବାଇବଲ ଶାସ୍ତ୍ର ।—To serve a writ on, ଅଦାଲତର ଆଜ୍ଞାପତ୍ର ଜାରି-କ ।
Write, *v.t.* 1. ଲେଖିବା, ଛାପି-କ; 2. ରଚନା-କ; 3. ଅଙ୍କିତ-କ ।—*v.i.* 1. ସମ୍ବାଦ ଲେଖିବା; 2. ପୁସ୍ତକ ରଚନା-କ; 3. ମୋହରିର ବା କରଣି କାର୍ଯ୍ୟ-କ ।—To write down, 1. ଲେଖି ରଖିବା; 2. ଲେଖାଦ୍ୱାରା ନିନ୍ଦାବାଦ-କ । To write off, ହିସାବ ଖାତାରୁ କାଟ-ଦେ । To write out, ଅବିକଳ-କ, ଲେଖି ପକାଇବା । To write up, ସମାଲୋଚନାରେ ପ୍ରଶଂସା-କ ।
Writer, *n.* 1. ଲେଖକ, ଛାପିକର; 2. କରଣି, ମୋହରିର; 3. ଗ୍ରନ୍ଥକାର, ରଚକ ।
Writership, *n.* କରଣିଗିରି, ମୋହରିରଗିରି ।
Writhe, *v.t.* and *i.* ଛଟପଟ-କ, ଧଡପଡ-କ, ଛଟ-ମୋଡ-ହେ ।
Writing, *n.* 1. ଲିଖନ; 2. ହସ୍ତାକ୍ଷର; 3. ରଚନା ।
Writing-book, *n.* ଲିଖନ ବହି, ହସ୍ତାକ୍ଷର ଖାତା ।

Writing-desk, *n.* ଲିଖନାର୍ଥ ଢାଲୁ ଡେସ୍କ୍ ।
Writing-master, *n.* ଲେଖନ ଶିକ୍ଷକ ।
Writing-table, *n.* ଲେଖିବା ମେଜ ।
Written, *a.* ଲିଖିତ, ଲିପିବଦ୍ଧ ।
Wrong, *a.* 1. ମନ୍ଦ; 2. ଅନ୍ୟାଯ୍ୟ; 3. ଅନୁଚିତ; 4 ଭୁଲ, ଅଶୁଦ୍ଧ ।—*n.* 1. ଅନ୍ୟାୟ; 2. ଦୋଷ; 3. ଅପକାର, କ୍ଷତି; 4. ଭ୍ରମ ।—*ad.* ଭୁଲରେ, ଭ୍ରମରେ ।—*v.t.* 1. ଅନ୍ୟାୟ-କ; 2. ଅତ୍ୟାଚାର-କ; 3. ଅପକାର-କ, କ୍ଷତି-କ ।—In the wrong, 1. ଭ୍ରମରେ; 2. ଅନ୍ୟାୟରେ । To go wrong, 1. ବିପଥ ଯିବା, ବିକୃତ-ହେ; 2. ବିପଥଗାମୀ-ହେ । To put in the wrong, ଦୋଷି ପରି ଦେଖାଇବା ।
Wrong-doer, *n.* 1. କୁକର୍ମକାରୀ; 2. ଅପକାରକ ।
Wrong-doing, *n.* 1. କୁକର୍ମ; 2. ଅପକାର ।
Wrongful, *a.* 1. ମନ୍ଦ, ଅନ୍ୟାଯ୍ୟ; 2. ଅବୈଧ; 3. ଅନିଷ୍ଟକାରକ ।
Wrongfully, *ad.* 1. ଅନ୍ୟାୟରୂପେ; 2. ଅନିଷ୍ଟକର- [ରୂପେ ।
Wrongfulness, *n.* ଅନ୍ୟାଯ୍ୟତା ।
Wrong-headed, *a.* 1. ଏକଗୁଁୟା; 2. ବିପରୀତ-ବୁଦ୍ଧି ।
Wrongly, *ad.* 1. ଭ୍ରମକ୍ରମେ, ଭୁଲରେ; 2. ଅନ୍ୟାୟରେ ।
Wrote, *pa. t.* of Write.
Wroth, *a.* କ୍ରୋଧାନ୍ଧ ।
Wrought, *pa. t.* and *pa. p.* of Work.—*a.* 1. କୃତ, ନିର୍ମିତ; 2. ବ୍ୟାକୁଳୀକୃତ ।
Wrought-iron, *n.* ପିଟାଲୁହା, ପାତସହ ଲୌହ ।
Wrung, *pa. t.* and *pa. p.* of Wring.
Wry, *a.* 1. ବଙ୍କ, ବଙ୍କା, ତେଢା; 2. ବିକୃତ ।—To make a wry face *or* mouth, ମୁହଁ ବଙ୍କା କର-ବେ ।
Wry-neck, *n.* 1. ବକ୍ରଗ୍ରୀବା; 2. କାଠହଣା ଜାତୀୟ ଏକପ୍ରକାର କ୍ଷୁଦ୍ର ପକ୍ଷୀ ।
Wryness, *n.* ବକ୍ରତା, ତେର୍ଛାଭାବ ।
Wyvern, *n.* (Her.) ଦ୍ୱିପାଦବିଶିଷ୍ଟ ଡ୍ରାଗନ ଜନ୍ତୁ-ବିଶେଷ ।

# X.

X, 1. ଇଂରାଜୀ ବର୍ଣ୍ଣମାଳାର ଚତୁର୍ବିଂଶାକ୍ଷର; 2. ରୋମୀୟ ଗଣନାନୁସାରେ ଦଶ ସଂଖ୍ୟାର ସଙ୍କେତ; 3. (Math.) ଗ୍ରାହ୍ୟ ପରିମାଣ ।
Xantheine, *zan'the-in*, Xanthin, *n.* କେତେକ ପୁଷ୍ପର ପୀତାଭ ।
Xanthic, *a.* ପୀତାଭ, ବାସନ୍ତି ।
Xanthoma, *n. zan-tho'ma*, ଅକ୍ଷି ପତାରେ ହେଉଥିବା ପୀତବର୍ଣ୍ଣ ଦାଗ ଫୁଲଯୁକ୍ତ ଚର୍ମରୋଗ ।
Xanthous, *a. zan'thus*, ପୀତାଭ ।
Xebec, *n. zē'bek*, ଆଫ୍ରିକା ଦେଶରେ ବ୍ୟବହୃତ ତିନିମାସ୍ତୁଲବିଶିଷ୍ଟ ଏକପ୍ରକାର କ୍ଷୁଦ୍ର ଜାହାଜ ।
Xenial, *a. zē'ni-al*, ଅତିଥିସେବା ସମ୍ବନ୍ଧୀୟ ।
Xenium, *n. zē'ni-um*, 1. ଭେଟି; 2. ଉପଢୌକନ ।
Xenodocheum, *n. zēnodok'ēum*, ଗ୍ରୀକଦେଶୀୟ ଅତିଥିଶାଳା ।
Xenodochy, *n. zē'nod'o-ki*, ଅତିଥିସେବା ।
Xerantic, *a. ze-ran'tik*, ଶୁଷ୍କକାରକ ।
Xerasia, *n. zē-rā'si-a*, ରୁକ୍ଷକାରକ କେଶରୋଗ ।
Xian. *a.* (short form of Christian), ଖ୍ରୀଷ୍ଟୀୟ, ଖ୍ରୀଷ୍ଟିୟାନ୍ ।
Xmas. *n.* (short form of Christmas), ବଡ଼ଦିନ, ଖ୍ରୀଷ୍ଟଙ୍କ ଜନ୍ମୋପଲକ୍ଷେ ପର୍ବ ।
X-rays, *n. pl.* ଯେଉଁ କିରଣଦ୍ୱାରା ଶରୀରର ଅଭ୍ୟନ୍ତରସ୍ଥ ବସ୍ତୁ ପରିଦୃଷ୍ଟ ହୁଏ ।
Xylography, *n. zi-log'ra-fi*, କାଷ୍ଠ ଖୋଦନ-ବିଦ୍ୟା ।
Xylonite, *n.* ହାତୀଦାନ୍ତ ସଦୃଶ ଏକପ୍ରକାର ଶକ୍ତ ପଣ୍ୟ- [ଦ୍ରବ୍ୟ ।
Xylophagous, *a. zī-lof'a-gus*, କାଷ୍ଠଭୁକ୍ ।
Xylophone, *n. zī'lō-fōn*, ପରସ୍ପର କ୍ଷୁଦ୍ର ବୃହତ୍ କାଷ୍ଠଖଣ୍ଡଯୁକ୍ତ ଓ ଆଘାତଦ୍ୱାରା ବାଦନୀୟ ଏକପ୍ରକାର ବାଦ୍ୟଯନ୍ତ୍ର ।
Xyst, *n. zist*, ବ୍ୟାୟାମ ଶିକ୍ଷାକାରୀମାନଙ୍କ ସାଧନାଶାଳା ।
Xyster, *n. zis'ter*, ଅସ୍ଥି ଘର୍ଷଣ ନିମନ୍ତେ ଚିକିତ୍ସକଙ୍କ ଅସ୍ତ୍ରବିଶେଷ ।

# Y.

Y, ଇଂରାଜୀବର୍ଣ୍ଣମାଳାର ପଞ୍ଚବିଂଶାକ୍ଷର ।
Yacht, *n. yot*, 1. ଦ୍ରୁତଗାମୀ ଓ ସୁଦୃଶ୍ୟ ପାଲଯୁକ୍ତ ନୌକା; 2. କେଳି ପୋତ; 3. ରାଜକୀୟ ତରୀ ।—*v.i.* ଉକ୍ତ ନୌକାରେ ଯାତ୍ରା-କ ।
Yachter, *n.* କେଳିପୋତର ନାବିକ ।
Yachting, *n.* ଉକ୍ତ ନୌକାର ଅଧିକାର ବା ଚଳାଇବା ।
Yahoo, *n.* 1. "Gulliver's Travels" ନାମକ ଉପାଖ୍ୟାନରେ ବର୍ଣ୍ଣିତ ମାନବରୂପ ଓ ପଶୁର ପ୍ରକୃତିବିଶିଷ୍ଟ ପ୍ରାଣୀ; 2. ଜଘନ୍ୟ ଲୋକ ।
Yahveh, *n.* ଯିହୁଦୀ ଭାଷାରେ ଈଶ୍ୱରଙ୍କର ନାମ, ଯିହୋବା ।
Yak, *n.* ତିବ୍ବତ ଦେଶୀୟ ଚମର ଗୋରୁ ।

**Yam**, *n.* ଦେଶୀ ଆଳୁ, ଗ୍ରାମ୍ୟ ଆଳୁ ।
**Yama**, *n.* ଯମଦେବ, ମୃତ୍ୟୁଦେବ ।
**Yankee**, *n.* 1. ଆମେରିକାର "New England" ପ୍ରଦେଶର ଲୋକ; 2. ଆମେରିକାବାସୀ ।
**Yankeedom**, *n.* ୟାଙ୍କିମାନଙ୍କ ଦେଶ ଅର୍ଥାତ୍ ଆମେରିକା ।
**Yankeeism**, *n.* ୟାଙ୍କିମାନଙ୍କ ଆଚାରବ୍ୟବହାର ।
**Yard**, (1) *n.* 1. ଏକଗଜ, ତିନିହାତ, ଛତିଶ ଇଞ୍ଚ ଦୈର୍ଘ୍ୟ ପରିମାଣ; 2. ପାଲ ଧରିବା ପାଇଁ ମାସ୍ତୁଲରେ ଥିବା ଆଡ଼ବାଡ଼ ଦଣ୍ଡ, ପାଲଦଣ୍ଡ ।
**Yard** (2), *n.* 1. ପଡ଼ିଆ, ପ୍ରାଙ୍ଗଣ; 2. କୌଣସି ଜିନି-ଷର ବେଶି କାରବାର ଜାଗା *e.g.* "*Brick-yard.*"
**Yardage**, *n.* 1. ଷ୍ଟେସନ ଜାଗାରେ କାରବାର ବା ଜିନି-ଷିଷ ରଖିବା; 2. ଷ୍ଟେସନରେ ଗୋରୁଙ୍କ ରୋକିବାରେ ପଡ଼ ସଢ଼ୁଥାରେ ମୂଲ ।
**Yard-arm**, *n.* ପାଲଦଣ୍ଡର ଅର୍ଦ୍ଧାଂଶ ।
**Yardman**, *n.* 1. ଷ୍ଟେସନର ପଡ଼ିଆରେ କାମ କରୁ-ଥିବା ମନୁଷ୍ୟ; 2. ଷ୍ଟେସନରେ ରେଲ୍‌ଗାଡ଼ି ଯୋଡ଼ିବା ଲୋକ ।
**Yardstick, Yardwand**, *n.* ଗଜଦଣ୍ଡ ।
**Yarn**, *n.* 1. ଚରଖାରେ କଟା ସୂତା; 2. ଦଉଡ଼ିର ପାକଲ ଫିଟ; 3. ନାବିକର ଗପ ଗଳ୍ପ; 4. କାହାଣି ।—*v.t.* କାହାଣି କହିବା ।
**Yashmak**, *n.* ମହମ୍ମଦୀୟ ମହିଳାମାନଙ୍କ ବୁରଖାବିଶିଷ୍ଟ ମୁଖାବରଣ ଯହିଁରେ କେବଳ ଚକ୍ଷୁଦ୍ୱୟ ବାହାରକୁ ଦେଖାଯାଏ ।
**Yaw**, *v.i.* 1. ଟଳମଳଭାବେ ଗତି-କ; 2. (Naut.) ବଙ୍କପଥରେ ଯିବା ।—*n.* ବଙ୍କପଥ ।
**Yawl**, *n.* 1. ଜାହାଜର କ୍ଷୁଦ୍ର ନୌକା; 2. ଏକପ୍ରକାର ମାଛଧରା ସାନ ନୌକା; 3. ଦୁଇମାସ୍ତୁଲବିଶିଷ୍ଟ ସାନ ଜାହାଜ ।
**Yawn**, *v.i.* 1. ହାଇ ମାରିବା, ଜୃମ୍ଭଣ-କ; 2. ଆଁ-କ, ମୁଖବ୍ୟାଦାନ-କ ।—*n.* 1. ହାଇ, ଜୃମ୍ଭା; 2. ଆଁ ।
**Yawning**, *a.* 1. ମେଲାମୁହାଁ; 2. ନିଦ୍ରାଳୁ, ତନ୍ଦ୍ରାଳୁ ।—*n.* 1. ହାଇମାରି; 2. ମୁଖବ୍ୟାଦାନକରଣ ।
**Yawningly**, *ad.* ତନ୍ଦ୍ରାଳୁଭାବେ ।
**Yclept, Ycleped**, *pa. p.* ନାମରେ ପରିଚିତ ।
**Ye**, *pron.* (*the nom. pl. of the 2nd person.*) ତୁମ୍ଭେମାନେ । [ଭୂଲ ମତ ।
**Yea**, *ad.* ହଁ, ସତ, ଅବଶ୍ୟ ।—*a.* ସତ୍ୟ ।—*n.* ସମ୍-
**Year**, *n.* 1. ବର୍ଷ, ବତ୍ସର, ସନ, ସାଲ୍, ଅବ୍ଦ; 2. ବାରମାସ ବା ୩୬୫ ଦିବସବ୍ୟାପୀ କାଳ ।—*pl.* ଆୟୁ, ବୟସ, ବୃଦ୍ଧକାଳ ।—Years of discretion, ସାବାଳକତ୍ୱ । Calendar, Civil, *or* Legal year, ବାରମାସବ୍ୟାପୀ କାଳ । Year of Grace *or* of our Lord, ଖ୍ରୀଷ୍ଟାବ୍ଦ ।
**Year-book**, *n.* ବାର୍ଷିକ ବିବରଣୀ ସମ୍ବଳିତ ବର୍ଷକୁ ବର୍ଷ ପ୍ରକାଶିତ ଗ୍ରନ୍ଥ ।

**Yearling**, *n.* ଏକବର୍ଷ ବୟସ୍କ ଜନ୍ତୁ ।—*a.* ଏକବର୍ଷୀୟ ।
**Yearlong**, *a.* ବର୍ଷବ୍ୟାପୀ ।
**Yearly**, *a.* 1. ବାର୍ଷିକ, ବାତ୍ସରିକ; 2. ବର୍ଷସ୍ଥାୟୀ ।—*ad.* 1. ବର୍ଷକେ ଥରେ; 2. ବର୍ଷକୁ ବର୍ଷ ।
**Yearn**, (1) *v.t.* and *i.* 1. ସ୍ପୃହା-କ; 2. ବ୍ୟାକୁଳ-ହେ, ଉତ୍କଣ୍ଠିତ-ହେ, ବ୍ୟଗ୍ର-ହେ ।
**Yearn**, (2) *v.i.* (ଦୁଧ) ଛେନିଯିବା ।
**Yearning**, (1) *n.* 1. ସ୍ପୃହା, ଆକାଂକ୍ଷା, ଲାଳସା; 2. ବାତ୍ସଲ୍ୟ ।—*a.* ଉତ୍ସୁକ । [ଅନ୍ତଃସ୍ଥିତ ।
**Yearning**, (2) *n.* ଦୁଧ ଛେନାକରିବା ପାଇଁ ବାଛୁରିର
**Yearningly**, *ad.* 1. ସ୍ପୃହାରେ, ବ୍ୟଗ୍ରଭାବେ; 2. ବାତ୍ସଲ୍ୟପୂର୍ବକ ।
**Yeast**, *n.* 1. ଖମୀର; 2. ମଦ୍ୟମଣ୍ଡ ବା ଫେଣ ।
**Yeastiness**, *n.* ଖମୀରମୟତା ।
**Yeasty**, *a.* 1. ଖମୀରଯୁକ୍ତ; 2. ଫେଣମୟ ।
**Yelk**, same as Yolk.
**Yell**, *v.i.* ବଡ଼ପାଟି-କ, ଅତ୍ୟନ୍ତ ଚିତ୍କାର-କ ।—*n.* ବଡ଼ପାଟି, ଅତ୍ୟନ୍ତ ଚିତ୍କାର ।
**Yellow**, *a.* ପୀତ, ହଳଦିଆ ।—*n.* ପୀତବର୍ଣ୍ଣ, ହଳଦିଆରଙ୍ଗ ।—*v.t.* ପୀତବର୍ଣ୍ଣ-କ, ହଳଦିଆ-କ ।
**Yellow-bird**, *n.* ହଳଦିବସନ୍ତ ପକ୍ଷୀ ।
**Yellow-boy**, *n.* ସ୍ୱର୍ଣ୍ଣମୁଦ୍ରା ।
**Yellow-fever**, *n.* ଏକପ୍ରକାର ପିତ୍ତଜ୍ୱର ।
**Yellow-flag**, *n.* ସଂକ୍ରାମକ ରୋଗର ଅସ୍ତିତ୍ୱସୂଚକ ଉତ୍ତୋଳିତ ପୀତବର୍ଣ୍ଣ ପତାକା ।
**Yellow-hammer**, *n.* ହଳଦିଆ ଓ କଳାବର୍ଣ୍ଣର ରଞ୍ଜିତ ଏକପ୍ରକାର ପକ୍ଷୀ ।
**Yellowish**, *a.* ଫିକା ହଳଦିଆ, ଅଳ୍ପ ପୀତାଭ ।
**Yellowishness**, *n.* ଈଷତ୍ ପୀତତା ।
**Yellowy**, *a.* ଈଷତ୍ ପୀତ ।
**Yellow-ochre**, *n.* ଗୋପୀ ମୃତ୍ତିକା ।
**Yelp**, *v.i.* ସାନ କୁକୁରପରି ଭୁକିବା, କେଁ-କ ।—*n.* କୁକୁରଛୁଆର ରବ ।
**Yen**, *n.* ପ୍ରାୟ ୨ ଟଙ୍କା ମୂଲ୍ୟର ଜାପାନ୍ ଦେଶୀୟ ପ୍ରଧାନ ପ୍ରଚଳିତ ମୁଦ୍ରା ।
**Yeoman**, *n.* 1. ଇଂଲଣ୍ଡୀୟ ସାଧାରଣ କୃଷକ; 2. ଇଂଲଣ୍ଡୀୟ ଅସ୍ଥାୟୀ ଅଶ୍ୱାରୋହୀ ସୈନିକ ।—Yeoman's service, କଳକତ୍ ସାହାଯ୍ୟ ।
**Yeomanly**, *a.* 1. ଇଂଲଣ୍ଡୀୟ ସାଧାରଣ କୃଷକ ଶ୍ରେଣୀୟ; 2. ନମ୍ର ଓ ସତ୍ ।
**Yeomanry**, *n.* ଇଂଲଣ୍ଡୀୟ ଅସ୍ଥାୟୀ ଅଶ୍ୱାରୋହୀ ସୈନ୍ୟବର୍ଗ ।
**Yes**, *ad.* ହଁ, ଆଜ୍ଞା, ଠିକ୍ ।
**Yesterday**, *n.* ଗତ କାଲି, ଗତ ଦିନ ।—*ad.* ଗତ କାଲିରେ, କାଲି ।
**Yesternight**, *n.* ଗତ ରାତ୍ରି ।
**Yet**, *ad.* and *conj.* 1. ତଥାପି, ତଥାଚ, ତେବେ ହେଁ; 2. ଏପର୍ଯ୍ୟନ୍ତ, ଏଯାଏ, ଏବେ ସୁଦ୍ଧା ।

Yew, *n.* ଏକପ୍ରକାର ଚିରହରିତ୍ ଓ ଫଳଜନକ ବୃକ୍ଷ ବା ତହିଁର କାଷ୍ଠ, ହାର୍ଣ୍ଣିକର ।

Yield, *v.t.* 1. ତ୍ୟାଗ-କ, ଛାଡ଼-ଦେ; 2. ସମର୍ପି-ଦେ; 3. ଫଳ-ଦେ; 4. ଉତ୍ପନ୍ନ-କ; 5. ସ୍ୱୀକାର-କ ।—*v.i.* 1. ବଶବର୍ତ୍ତୀ-ହେ; 2. ସ୍ୱୀକୃତ-ହେ; 3. କ୍ଷାନ୍ତ-ହେ ।—*n.* 1. ଉତ୍ପନ୍ନ ଦ୍ରବ୍ୟ; 2. ଫସଲ ।—To yield up the ghost, ପ୍ରାଣ ତ୍ୟାଗ କରିବା । To yield the palm to, (କାହାରିକୁ) ନିଜଠାରୁ ଶ୍ରେଷ୍ଠ ବୋଲି ସ୍ୱୀକାର କରିବା ।

Yieldable, *a.* 1. ଉତ୍ପାଦନକ୍ଷମ; 2. ବଶ୍ୟ ।

Yieldableness, *n.* 1. ଉତ୍ପାଦନକ୍ଷମତା; 2. ବଶ୍ୟତା ।

Yielding, *a.* 1. ବଶ୍ୟତା ସ୍ୱୀକାରକାରୀ, ବଶୀଭୂତ; 2. ଅନୁକୂଳ ।

Yieldingly, *ad.* 1. ବଶୀଭୂତଭାବେ; 2. ଅନୁକୂଳଭାବେ ।

Yieldingness, *n.* 1. ବଶ୍ୟତା; 2. ଅନୁକୂଳତା ।

Yoga, *n.* ଯୋଗସାଧନ ।

Yogi, *n.* ଯୋଗୀ ।

Yojana, Yojan, *n.* ଯୋଜନ, ଚତୁଃକ୍ରୋଶ ଦୂରତ୍ୱ ।

Yoke, *n.* 1. ଯୁଆଳି; 2. ଯୁଗ୍ମ, ଯୋଡ଼ା; 3. ଅଧୀନତାର ଚିହ୍ନ; 4. ଦାସତ୍ୱ ।—*v.t.* 1. ଯୁଆଳିରେ ଯୋଚିବା, ଯୁକ୍ତ-କ; 3. ଦାସତ୍ୱ ଶୃଙ୍ଖଳରେ ବାନ୍ଧିବା ।

Yoke-fellow, Yoke-mate, *n.* 1. ସଙ୍ଗୀ; 2. ସହକାରୀ ।

Yolke, Yolk, *n.* ଅଣ୍ଡାର କେଶର, ଡିମ୍ବର ପୀତାଂଶ ।

Yolked, *a.* ଅଣ୍ଡାକେଶରଯୁକ୍ତ ।

Yolky, *a.* ଅଣ୍ଡାକେଶର ପରି ।

Yon, Yonder, *ad.* ସେଠି, ସେଆଡ଼େ ।—*a.* 1. ଦୃଶ୍ୟମାନ; 2. ସମ୍ମୁଖସ୍ଥ ।

Yore, *n.* ପୂର୍ବକାଳ, ପ୍ରାଚୀନ ସମୟ ।—Of yore, ପୂର୍ବକାଳେ, ପ୍ରାଚୀନ ସମୟରେ ।

You, *pron.* 1. ତୁ, ତୁମ୍ଭେ, ଆପଣ; 2. ତୁମ୍ଭେମାନେ; 3. ତୋତେ, ତୁମ୍ଭକୁ, ଆପଣଙ୍କୁ; 4. ତୁମ୍ଭମାନଙ୍କୁ, ଆପଣମାନଙ୍କୁ ।

Young, *a.* 1. ଅଳ୍ପ ବୟସ୍କ, ବାଳ, ତରୁଣ; 2. କନିଷ୍ଠ; 3. ଯୌବନ, ଯୁବା; 4. ସାନ; 5. ଅନଭିଜ୍ଞ ।—*n.* ଛୁଆ, ପିଲା, ଶାବକ, ବତ୍ସ ।—Young blood, ନବଶକ୍ତି । With young, ଗର୍ଭବତୀ ।

Younger, *a.* ଦୁଇର ମଧ୍ୟରେ ସାନ ।

Youngest, *a.* ସବୁଠାରୁ ସାନ, କନିଷ୍ଠ ।

Youngish, *a.* ଅଳ୍ପବୟସ୍କ, ବାଳକବତ୍ ।

Youngling, *n.* ପିଲା, ଛୁଆ ।

Youngster, *n.* ବାଳକ, ଟୋକା, କିଶୋର ।

Your, *pron.* 1. ତୋର, ତୋହର, ତୁମ୍ଭର, ଆପଣଙ୍କର; 2. ତୁମ୍ଭମାନଙ୍କର, ଆପଣମାନଙ୍କର ।

Yours, *pron.* ତୁମ୍ଭର ।—You and yours, ତୁମ୍ଭେ ଓ ତୁମ୍ଭର ଧନଜନାଦି ।—Yours of yesterday, ତୁମ୍ଭର କାଲିର ଚିଠି ।

Yourself, *pron.* 1. ସ୍ୱୟଂ, ନିଜେ; 2. ଆପଣାକୁ, ନିଜକୁ ।

Yourselves, *pron. pl.* of Yourself.

Youth, *n.* 1. ଯୌବନାବସ୍ଥା; 2. ବାଲ୍ୟାବସ୍ଥା; 3. ଯୁବକ, ଲେଣ୍ଡା; 4. ଯୁବାବର୍ଗ ।

Youthful, *a.* 1. ଯୌବନ କାଳୀନ; 2. ବାଲ୍ୟୋପଯୋଗୀ; 3. ନବୀନ, ନବ; 4. ଦୃପ୍ତ; 5. ସତେଜ ।

Youthfulness, *a.* 1. ନବୀନତା, ତରୁଣତା; 2. ଯୌବନାବସ୍ଥା ।

Y-track, *n.* ଘୁରିବା ମଞ୍ଚା ନ ଥିବା ସ୍ଥଳେ ରେଲ୍‌ଗାଡ଼ିର ଇଞ୍ଜିନ୍ ବୁଲାଇବା ପାଇଁ "Y" ଆକୃତିର ଲୌହବର୍ତ୍ତ୍ମ ।

Yuga, Yug, *n.* ଯୁଗ ।

Yule, *n.* ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମୋତ୍ସବ ।

Yule-log, *n.* ଖ୍ରୀଷ୍ଟଙ୍କ ଜନ୍ମୋତ୍ସବ ସମୟରେ ଗୃହରେ ଜାଳିବା ପାଇଁ ବଣରୁ ଆଣାଯାଇଥିବା କାଠ ମୁଣ୍ଡିଆ ।

Yuletide, *n.* ଖ୍ରୀଷ୍ଟଙ୍କ ଜନ୍ମୋତ୍ସବ ସମୟ ।

## Z.

Z, ଇଂରାଜୀ ବର୍ଣ୍ଣମାଳାର ଷଡ଼ବିଂଶତିତମ ବା ଶେଷାକ୍ଷର ।

Zabian. Same as Sabian.

Zamindar. Same as Zemindar.

Zany, *n.* ଭଣ୍ଡ, ମସ୍କରା, ବିଦୂଷକ ।

Zanyism, *n.* ମସ୍କରାମି, ବିଦୂଷକପଣ ।

Zeal, *n.* 1. ଉତ୍ସାହ, ଔତ୍ସୁକ୍ୟ, ଆଗ୍ରହ; 2. ବ୍ୟଗ୍ରତା; 3. ଉଦ୍ୟୋଗ ।

Zealless, *a.* ଉତ୍ସାହହୀନ ।

Zealot, *n.* 1. ଉତ୍ସାହୀ ଲୋକ; 2. ଉଦ୍ୟୋଗୀ ଲୋକ; 3. ଦୃଢ଼ମତାବଲମ୍ବୀ ।

Zealous, *a.* 1. ଉତ୍ସୁକ, ଆଗ୍ରହାନ୍ୱିତ; 2. ଉଦ୍ୟୋଗୀ; 3. ବ୍ୟଗ୍ର ।

Zealously, *ad.* ଉତ୍ସାହପୂର୍ବକ, ବ୍ୟଗ୍ରଭାବେ ।

Zealousness, *n.* ଉତ୍ସାହିତା, ଆଗ୍ରହଶୀଳତା ।

Zebra, *n.* ଗାରଗାରିଆ ବଣଘୋଡ଼ା ।

Zebu, *n.* 1. ଭାରତୀୟ ଗୋରୁ; 2. ଶିବୋଦ୍ଦେଶେ ଉତ୍ସର୍ଗୀକୃତ ଷଣ୍ଢ ।

Zedoary, *n.* ବଣ ଆଦା ।

Zemindar, *n.* ଜମିଦାର ।

Zemindary, *n.* ଜମିଦାରୀ ।

Zenana, *n.* ଜେନାନା, ଅନ୍ତଃପୁର ।—Zenana Mission, ମହିଳାମାନଙ୍କ ନିମନ୍ତେ ମିଶନ ବାର୍ତ୍ତା ।

Zend, *n.* ସଂସ୍କୃତ ତୁଲ୍ୟ ପାରସ୍ୟର ପ୍ରାଚୀନ ଭାଷା ।

Zend-Avesta, *n.* ପାରସିମାନଙ୍କ ଧର୍ମପୁସ୍ତକ ।

Zenith, *n.* 1. ମଧ୍ୟାହ୍ନ ସୂର୍ଯ୍ୟସ୍ଥଳ; 2. ମସ୍ତକୋର୍ଦ୍ଧ୍ୱ ନଭୋବିନ୍ଦୁ; 3. ଉଚ୍ଚସୀମା ।

**Zealite**, *n*. ଦ୍ୱିଭଗ୍ ଶ୍ରେଣୀୟ ଧାତୁପୁଞ୍ଜ ।

**Zephyr**, *n*. 1. ପଶ୍ଚିମବାୟୁ, ସ୍ନିଗ୍ଧସମୀର; 2. ଉପବୃଷ୍ଟ ବାୟୁ; 3. ମୃଦୁଳ ସମୀର ।

**Zero**, *n*. 1. ଶୂନ, ଶୂନ୍ୟ; 2. ପରମାଣ ଶୂନ୍ୟତା, ଅ-ବସ୍ତୁ; 3. ତାପମାନ ଯନ୍ତ୍ରର ଆଦ୍ୟବିନ୍ଦୁ ।

**Zest**, *n*. 1. ରୁଚିଜନକ ବସ୍ତୁ; 2. ରୁଚି; 3. ସୁସ୍ୱାଦ ।

**Zeus**, *n*. ଗ୍ରୀସ୍ ଦେଶର ପ୍ରଧାନ ଦେବତା ।

**Zibet**, *n*. କଟାସ ।

**Zigzag**. *n*. ବାଙ୍କ ।—*a*. 1. ବଙ୍କା, ବକ୍ର: 2. ବନ୍ଧୁର ।—*v.t*. (ପଥ) ବକ୍ର-କ ।—*v.i*. ବକ୍ରଗତିରେ ଯିବା, ଏଙ୍କାବଙ୍କା ଚାଲିବା ।

**Zigzaggy**, *a*. ଅତି ବଙ୍କା ।

**Zinc**, *n*. ଦସ୍ତା ।—*v.t*. ଦସ୍ତା ଦେଇ ଆବୃତ-କ ।

**Zincography**, *n*. ମୁଦ୍ରାଙ୍କନାର୍ଥ ଦସ୍ତାପତ୍ରର ଉପରେ ଖୋଦନ ପ୍ରକ୍ରିୟା ।

**Zion**, *n*. 1. ଯିରୂଶାଲମ ନଗର; 2. ଇସ୍ରାଏଲ ବଂଶରେ ଈଶ୍ୱରକର୍ତ୍ତୃକ ରାଜ୍ୟଶାସନ; 3. ଖ୍ରୀଷ୍ଟୀୟ ମଣ୍ଡଳୀ; 4. ସ୍ୱର୍ଗ ।

**Zionward**, *ad*. 1. ଯିରୂଶାଲମ ଅଭିମୁଖେ; 2. ସ୍ୱର୍ଗପ୍ରତି ।

**Zodiac**, *n*. ରାଶିଚକ୍ର, ଜ୍ୟୋତିଶ୍ଚକ୍ର ।—The signs of the Zodiac, ମୀନମେଷାଦି ଦ୍ୱାଦଶ ରାଶି ।

**Zodiacal**, *a*. ରାଶିଚକ୍ର ସମ୍ବନ୍ଧୀୟ ।

**Zoic**, *a*. 1. ଜୀବଜନ୍ତୁ ସମ୍ବନ୍ଧୀୟ; 2. ପ୍ରସ୍ତରୀଭୂତ ଭୂଗର୍ଭସ୍ଥ ପଦାର୍ଥରେ ପୂର୍ବ ସଜୀବତ୍ୱ ପ୍ରମାପକ ।

**Zonal**, *a*. 1. କଟିବନ୍ଧ ସଦୃଶ; 2. କଟିବନ୍ଧ ଶ୍ରେଣୀଯୁକ୍ତ ।

**Zone**, *n*. 1. ମେଖଳ, କଟିବନ୍ଧ; 2. ପୃଥିବୀ ଉପରେ କଳ୍ପିତ ପଞ୍ଚ କଟିବନ୍ଧ ମଧ୍ୟରୁ ଏକ ଅର୍ଥାତ୍ ସମ ବା ଶୀତ ବା ଉଷ୍ଣ କଟିବନ୍ଧ ।

**Zoned**, *a*. କଟିବନ୍ଧବେଷ୍ଟିତ ।

**Zoo**, *n*. ଚିଡ଼ିଆଖାନା, ଜନ୍ତୁଶାଳା ।

**Zoogeography**, *n*. *zō-ō-jē-og′ra-fi*, ଭୂପୃଷ୍ଠୋପରି ବିବିଧ ଜନ୍ତୁମାନଙ୍କ ଅବସ୍ଥାନର ବର୍ଣ୍ଣନ ।

**Zoolatry**, *n*. ଜନ୍ତୁ ପୂଜା ।

**Zoological**, *a*. ଜୀବବିଜ୍ଞାନ ସମ୍ବନ୍ଧୀୟ ।

**Zoological gardens**, *n*. ଚିଡ଼ିଆଖାନା, ପଶୁବାଟିକା ।

**Zoologist**, *n*. ଜୀବବିଜ୍ଞାନବେତ୍ତା ।

**Zoology**, *n*. ଜୀବବିଜ୍ଞାନ, ଜାନ୍ତବ ବିଦ୍ୟା ।

**Zoomancy**, *n*. *zō′ō-man-ci*, ଜୀବଜନ୍ତୁର ଗତ୍ୟାଦି ଦର୍ଶନରେ ଭବିଷ୍ୟତ୍ କଥନ ।

**Zoophyte**, *n*. ଉଦ୍ଭିଦଧର୍ମକ ନୀଚ ଜୀବଶ୍ରେଣୀ ।

**Zootechny**, *n*. ଜୀବଜନ୍ତୁର ଉତ୍ପାଦନ ଓ ପୋଷଣ ବିଜ୍ଞାନ ।

**Zootomy**, *n*. 1. ଜୀବଦେହ ବ୍ୟବଚ୍ଛେଦ; 2. ତୁଳନାତ୍ମକ ଶବଚ୍ଛେଦ ବିଜ୍ଞାନ ।

**Zounds**, *interj*. 1. ରେ ଦୁଷ୍ଟ! 2. ଓହୋ! ଓଃ!

**Zulu**, *n*. ଦକ୍ଷିଣ ଆଫ୍ରିକାବାସୀ ଦୀର୍ଘକାୟ ଓ ବୁଦ୍ଧିମାନ୍ ଜାତିବିଶେଷ ।—*a*. ଉକ୍ତ ଜାତି ବା ତାହାର ଭାଷା ସମ୍ବନ୍ଧୀୟ ।

**Zygon**, *n*. ମସ୍ତିଷ୍କର "H" ଅକ୍ଷରାକୃତି ଛିଦ୍ରର ସଂଯୋଜକ ଅସ୍ଥିଖଣ୍ଡ ।

**Zylonite**, *n*. Same as Xylonite.

**Zyme**, *n*. 1. ଫେଣ ଉଠିଲା ପରି ସଂବୃଦ୍ଧି; 2. ରୋଗର ବୀଜାଣୁ ।

**Zymotic**, *a*. 1. ଫେଣବତ୍ ସଂବୃଦ୍ଧି ସମ୍ବନ୍ଧୀୟ; 2. ବୀଜାଣୁବୃଦ୍ଧି ଦ୍ୱାରା ଉତ୍ପନ୍ନ ।—Zymotic disease, ବୀଜାଣୁ ବୃଦ୍ଧିଦ୍ୱାରା ଉତ୍ପନ୍ନ ରୋଗ ।

# ADDENDA AND CORRIGENDA.

Page.

60 *under* "Bit" 9. add ଫଳା ।

61 *under* "Blameless" for ନିରପରାଧା read ନିରପରାଧ ।

74 *under* "Breve" the sign । ‿ । should be ॥ ‿ ॥

102 *after* "Chorography" insert "Chortle," *v.t.* ବାହାଦୁରିର ସହ ହିଁ ହିଁ କରି ହସିବା ।

109 *under* "Club" 3 for ଇସ୍କାପନ read ଚିଡ଼ିତନ । The names of the cards are—clubs ଚିଡ଼ିତନ, spades ଇସ୍କାପନ୍, hearts ପାନ and diamonds ଟିକଣ or ରୁଇତନ୍ ।

136 *after* "Cough" insert "*n.*"

218 *for* "Eclude" read "Exclude."

233 *under* "Fell" for କଷ୍ଟର read କଷ୍ଟୁର ।

233 *after* "Fellness" add "Felloe."—See "Felly" *n.*

*under* "Felly" *after* ପୁଠି, add ପଟ ।

267 *for* "Galiry" read "Glairy."

276 *under* "Greengrocer" add ପସାରି ।

278 *under* "Group" 2. for ସମବାୟ read ମିଳନ ।

321 *under* "Indignant" for "*n.*" read "*a.*"

326 *under* "Information" *after* ଅନୁଭବାନ insert 2. and alter following numbers accordingly.

339 *after* "Invidiousness" insert—

Invigilate, *v.t.* ପରୀକ୍ଷାର୍ଥୀମାନଙ୍କ ପ୍ରତି ପରୀକ୍ଷା ସମୟରେ ପ୍ରହରୀଗିରି-କ ।

Invigilator, *n.* ପରୀକ୍ଷାର୍ଥୀମାନଙ୍କ ପ୍ରତି ଜାଗ୍ରତ ପ୍ରହରୀ ।

435 *after* "Offing" insert—

Offscouring, *n.* 1. ଘଷାଘଷିର ମଳି, ମଳାମଳର ମଇଳା; 2. ଅବମର୍ଦ୍ଦନ, ଓଳସ; 3. ହେୟପଦାର୍ଥ ।

Offset, *n.* 1. ମୂଳ ମୂଳ ଦାମ୍; 2. ଢୁଆଁ, ଗଣ୍ଡା; 3. କରଡ଼ ବାଙ୍କିରେ ଲମ୍ବ ରେଖା ।—*v.t.* ମୂଳମୂଳରୂପେ ଥୋଇବା ।

Offshoot, *n.* ଢୁଆଁ, ଗଣ୍ଡା ଶାଖା ।

Offside, *n.* 1. ଗାଡ଼ି ଚାଳକର ଡାହାଣ ପାଖ; 2. ଦୂର ପାର୍ଶ୍ୱ ।

Offspring, *n.* 1. ସନ୍ତାନ ସନ୍ତତି; 2. ଉତ୍ପନ୍ନ ।

461 *under* "Peddle" 1. for ପଦାଥମାନ read ପଦାର୍ଥମାନ ।

491 *under* "Practical man" omit "1."

520 *under* "Ravel" *v.t.* insert—1. ଅଝୁରା-କ and change numbers accordingly.

521 *place* "Rearward" *after* "Rearrange," and "Reargue" *after* "Rear-guard."

531 *under* "Renegade" in 2. for "ବ୍ୟକ୍ତ" read ବ୍ୟକ୍ତି ।

*after* "Renewal" insert Rennet, *n.* ଦୁଧ ଛେଣାଇବା ପାଇଁ ବ୍ୟବହୃତ ବାଛୁରର ଅନ୍ତ୍ରରସ

537 *under* "Revenge" *v.i.* insert ଦାଉ ସାଧିବା ।

557 *under* "Searchable" 2. for ଅନ୍ୱେଷଣାୟ read ଅନ୍ୱେଷଣୀୟ ।

559 *under* "Self" 3., for ସ୍ୱାର୍ଥପରଲା read ସ୍ୱାର୍ଥପରତା ।

616 *under* "Therefore" for second 3. read 4.

625 *under* "Topography" 3, put hyphen for comma after ସ୍ଥାନ ।

626 *under* "Tate" for ପଟଳାସ୍ read ପଟଳାସ୍ and for ପଶୁପକ୍ଷୀର read ପଶୁପକ୍ଷୀଙ୍କ ।

"Touch" *v.i.* 2., for ଲାଗ୍ read ଲାଗ ।

"Toughen" 2., for ଦୃଢ଼-କ read ଦୃଢ଼-କ ।

"Towage" 1., for ନୌକାକ read ନୌକାଦ ।

Page.

627 *under* "Traceable" for ଅନୁସନ୍ଧେଯ read ଅନୁସନ୍ଧେୟ ।

"Trade" *v.i.* for ବ୍ୟବପାୟୀ-ହେ read ବ୍ୟବସାୟୀ-ହେ ।

627 *under* "Traduce" *v.t.* for -ବ in each case read -ବେ ।

629 *under* "Transit-instrument" for ଦୂରବକ୍ଷଣ read ଦୂରବୀକ୍ଷଣ ।

"Translator" for ଉର୍ଜମାକାର read ତର୍ଜମାକାର ।

"Transparent" 3 for ସ୍ଫୁଟିକପତ୍ର read ସ୍ଫଟିକପତ୍ର ।

630 *under* "Petty Treason" 1., for ପତ୍ୟାକୃତ read ପତ୍ୟାକୃତ ।

631 *under* "Family tree" for ବଂଶାବଳି read ବଂଶାବଳୀ ।

632 *under* "Triangle," "Triangulate," and "Triangulation" for ତ୍ରିଭଜ read ତ୍ରିଭୁଜ ।

"Trick, (2)" 3., for ଭେଲ୍କା read ଭେଲ୍କି ।

"Trickle" for କ୍ଷୀଣସ୍ରୋତରୁପେ read କ୍ଷୀଣସ୍ରୋତରୂପେ ।

"Triglot" for ବୈର୍ଭାଷିକ read ତ୍ରୈଭାଷିକ ।

"Trilateral" for ତ୍ରିଭଜ କ୍ଷେତ୍ରବତ୍ read ତ୍ରିଭୁଜ କ୍ଷେତ୍ରବତ୍ ।

"Trimly" for ସୁସଜ୍ଜିତରୁପେ read ସୁସଜ୍ଜିତରୂପେ ।

633 *under* "Triple" *v.t.* for ତ୍ରିଗଣ-କ read ତ୍ରିଗୁଣ-କ ।

"Troop" last line, for ସାମାବେଶ read ସମାବେଶ ।

634 *under* "Tropically" for ରୂପକଭାବ, ପର୍ଣ୍ଣରୂପେ read ରୂପକଭାବ, ପୂର୍ଣ୍ଣରୂପେ ।

"Troublous" 1. for କେଶପର୍ଣ୍ଣ read କ୍ଲେଶପୂର୍ଣ୍ଣ ।

636 *under* "Tug-of-war" for ଦୌଡ଼ି read ଦଉଡ଼ ।

"Turbulently" for କଳହକାପରୂପେ read କଳହକାରରୂପେ ।

637 *for* "Turmuric" read "Turmeric."

*under* "Turreted" 2. for ଗୁମ୍ବକାକୃତ read ଗୁମ୍ବଜାକୃତ ।

638 *under* "Twain" 1. for ଯଗଳ read ଯୁଗଳ ।

674 "Wind" *v.t.* for "*wind*" read "*wīnd.*"

679 *for* "Worsted-wok" read "Worsted-work."